# BUREAU'S

# ENGLISH ORIYA DICTIONARY

ORISSA STATE BUREAU OF TEXT BOOK PREPARATION AND PRODUCTION

# BUREAU'S

# ENGLISH-ORIYA DICTIONARY

## *Board of Compilers*

Prof. Trilochan Mishra
Dr. Dolagobinda Sastri
Dr. Sarat Chandra Pradhan
Dr. Hemant Kumar Das
Sri Nrusingh Kumar Rath
Dr. Bauribandhu Kar
Dr. Babaji Pattanayak
Dr. Khagendranath Mallick
Prof. Janaki Ballabha Mohanty
Dr. Basudeb Nanda
Dr. Suresh Chandra Nanda
Dr. Prafulla Kumar Tripathy
Smt. Pramila Mishra
Sri Prasanna Kumar Sahoo
Dr. Gopinath Mohapatra
Dr. Sudhir Chandra Mohanty
Dr. Bijay Kumar Das

## *Board of Editors*

Prof. Trilochan Mishra
Dr. Basudeb Nanda
Prof. Janaki Ballabha Mohanty
Dr. Subhendu Kumar Mund

## *Chief Co-Ordinator*

Dr. Subhendu Kumar Mund

*Published by :*

**Orissa State Bureau of Text Book Preparation and Production**
**BHUBANESWAR**

Digitized by srujanika@gmail.com

Published by :
The Orissa State Bureau of Text Book Preparation and Production, Bhubaneswar, Orissa, India

First Edition : 2000/5000 copies
Publication No. : 15/2000

© Reserved by the Orissa State Bureau of Text Book Preparation and Production, Bhubaneswar. No part of this publication may be reproduced in any form without the prior written permission of the publisher.

Type setting : Radharaman Offset, Cuttack - 753002

Printer : Radharaman Graphics, Cuttack - 753002

**Price :** 125.00 (Rupees One Hundred Twenthy Five only)

Digitized by srujanika@gmail.com

# FOREWORD

Bureau's English–Oriya Dictionary is the result of sincere and ceaseless effort of some of the best brains of Orissa who have made their disctinctive marks in the field of literary, linguistic and lexicographical studies. This dictionary, I am pretty sure, will be immensely useful to students, scholars, translators and general readers as well. The number of Anglo-Oriya dictionaries, published so far, have been of great help to readers, but **Bureau's English–Oriya** dictionary will go a step forward as it contains over 30,000 words along with synonyms and uses.

I take this opportunity to express my deep sense of gratitude to the compilers, editors, printers and officers and staff of the Bureau without whose help this dictionary would not have seen the light of the day.

Any suggestion for improvement of this work will be gratefully accepted.

K.C.Mishra

**(Dr. K.C. Mishra)**
DIRECTOR

Digitized by srujanika@gmail.com

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥା ଆନୁକୂଲ୍ୟରେ ସୂର୍ଯ୍ୟାଲୋକ ଦେଖିବାକୁ ଯାଉଥିବା ଏହି ଇଂରାଜୀ-ଓଡ଼ିଆ ଅଭିଧାନ ସହିତ ମୋର ସଂପୃକ୍ତି ମୋ'ପାଇଁ ଅତୀବ ଆକସ୍ମିକ ଏବଂ ଅପ୍ରତ୍ୟାଶିତ ଏକ ଘଟଣା । ଆମର ଖଣ୍ଡିଏ ଭଲ ଇଂରାଜୀ-ଓଡ଼ିଆ ଅଭିଧାନ ନାହିଁ ବୋଲି ମୁଁ ନିଜେ ଯେଉଁ ଅଭାବ ବୋଧ କରୁଥିଲି, ତାହାର ପରିପୂରଣ ନିମନ୍ତେ ମୁଁ ଯେ ନିଜେ ଏକ ଅକିଞ୍ଚିତ୍କର ମାଧ୍ୟମ ହେବି, ଏହା ଥିଲା ମୋର କଳ୍ପନାତୀତ ।

ପ୍ରଥମ ଥର ପାଇଁ ଅଭିଧାନ ପ୍ରଣୟନର ଆନ୍ତର୍ଜାତିକ ପଦ୍ଧତି ଏହି ଅଭିଧାନରେ ଅନୁସୃତ ହୋଇଛି; ଏବଂ ସେହି ଆଭିଧାନିକ ମାନଦଣ୍ଡ ରକ୍ଷା କରିବାପାଇଁ ଯଥାଶକ୍ତି ଉଦ୍ୟମ କରାଯାଇଛି । ଏହି ଅଭିଧାନ ବୋଧହୁଏ ଏଯାବତ୍ ପ୍ରକାଶିତ ଏତାଦୃଶ ଅଭିଧାନଗୁଡ଼ିକ ମଧ୍ୟରେ ସର୍ବବୃହତ୍ । ଏଥିରେ ୪୦,୦୦୦ରୁ ଉର୍ଦ୍ଧ୍ୱ ଶବ୍ଦ ସଂକଳିତ ହୋଇଛି ଏବଂ ଅନେକ ସଦ୍ୟତମ ଶବ୍ଦ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଶବ୍ଦଗୁଡ଼ିକର (ଆବଶ୍ୟକତାନୁଯାୟୀ) ଅଭିଧାଗତ, ବ୍ୟଂଜନାଗତ, ଲକ୍ଷଣାଗତ, ବ୍ୟାକରଣଗତପ୍ରଭୃତି ବ୍ୟାଖ୍ୟା ଯଥାସମ୍ଭବ ବୋଧଗମ୍ୟ, ଚଳନ୍ତି ଭାଷାରେ ପ୍ରଦାନ କରାଯାଇଅଛି । ଅଧିକନ୍ତୁ, ଏହି ଅଭିଧାନର ଓଡିଆ ପାଠରେ ଓଡିଶାର ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ମୌଳିକ ଶବ୍ଦସମ୍ଭାରର ସଦୁପଯୋଗ କରାଯାଇଅଛି । ଉଦାହରଣ ସ୍ୱରୂପ, ମାନକ ଓଡିଆଭାଷାରେ ଇଂରାଜୀ 'balloon' ଶବ୍ଦ ବେଲୁନ୍ ଭାବରେ ହିଁ ବ୍ୟବହାର କରାଯାଇଥାଏ , କିନ୍ତୁ ପଶ୍ଚିମ ଓଡିଶାରେ ଏହାର ପ୍ରତିଶବ୍ଦ ଭାବେ 'ଫୁକା' ପ୍ରଚଳିତ । ତେଣୁ balloonର ଅର୍ଥଭାବରେ 'ବେଲୁନ୍' ସହ 'ଫୁକା' ମଧ୍ୟ ଦିଆଯାଇଛି । ଏହାଫଳରେ, ମୋର ବିଶ୍ୱାସ, ଅଭିଧାନଟିର ମୌଳିକ ଉଦ୍ଦେଶ୍ୟ ସାଧିତ ହେବା ସାଙ୍ଗେସାଙ୍ଗେ ଓଡିଆଭାଷାର ଶବ୍ଦସମ୍ଭାର ସମୃଦ୍ଧତର ହେବ ।

ଅଭିଧାନ ପ୍ରସ୍ତୁତିବେଳେ ଏହାକୁ ସମାଜର ସବୁ ସ୍ତର ନିମନ୍ତେ ଉପଯୋଗୀ କରିବାପାଇଁ ଆମେ ମନୋଯୋଗୀ ହୋଇଛୁ । ଓଡିଶାର ଅଗଣିତ ଛାତ୍ରଛାତ୍ରୀ ଏହି ଅଭିଧାନଦ୍ୱାରା ବିଶେଷ ଉପକୃତ ହେବେ ବୋଲି ଆମର ବିଶ୍ୱାସ । ଆବଶ୍ୟକତାନୁସାରେ ପ୍ରତ୍ୟେକ ଶବ୍ଦରେ ପଦ ବର୍ଗୀକରଣ ଅନୁକ୍ରମେ ବ୍ୟବହାର, ବ୍ୟାକରଣଗତ ସୂଚନା, କଥିତ ଭାଷାରେ ପ୍ରୟୋଗପ୍ରଭୃତି ବିସ୍ତୃତ ଭାବରେ ପ୍ରଦାନ କରାଯାଇଥିବାରୁ, ମୋର ବିଶ୍ୱାସ, ବ୍ୟବହାରକାରୀ ପକ୍ଷରେ ଉପଯୋଗୀ ତଥା ଜ୍ଞାତବ୍ୟ ସବିଶେଷ ତଥ୍ୟ ପ୍ରଦାନ କରିବାରେ ଏହି ଅଭିଧାନ ସମର୍ଥ ହେବ ।

ଏଭଳି ଏକ ଅଭିଧାନ ପ୍ରଣୟନ ଏକ ଦୁରୂହ କାର୍ଯ୍ୟ । ଅନେକ ବାଧାବିଘ୍ନ ମଧ୍ୟଦେଇ ଶେଷରେ ଏହା ପ୍ରକାଶଲାଭ କରୁଛି । ଏହି ମହତ୍କାର୍ଯ୍ୟର ଅୟମାରମ୍ଭ କରିଥିବା ମୋର ପ୍ରଣମ୍ୟ ବିଦ୍ୱାନ୍‌ଗଣ ଆଜି ସ୍ମରଣୀୟ ।

Digitized by srujanika@gmail.com

ମୋର ପ୍ରିୟ ଛାତ୍ର ତଥା ଗବେଷକ ଅଧ୍ୟାପକ ବିଶ୍ୱଜିତ୍ ତ୍ରିପାଠୀ ଏହି କାର୍ଯ୍ୟର ପ୍ରାରମ୍ଭରୁ ସମାପନପର୍ଯ୍ୟନ୍ତ ନିରଳସ ଏବଂ ଉତ୍ସର୍ଗୀକୃତ ଭାବରେ ସହଯୋଗ କରିଥିବାରୁ ସେ ମୋର ଧନ୍ୟବାଦାର୍ହ ।

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଏବଂ ପ୍ରକାଶନ ସଂସ୍ଥାର ତଦାନୀନ୍ତନ ନିର୍ଦ୍ଦେଶକ ପ୍ରଫେସର୍ ଡଃ ଜିତେନ୍ଦ୍ରିୟ ନାରାୟଣ ମହାନ୍ତି ମୋତେ ଏହି କାର୍ଯ୍ୟ ସଂପାଦନ ନିମନ୍ତେ ଯୋଗ୍ୟ ମନେ କରିଥିବାରୁ ସେ ମୋର ଆନ୍ତରିକ କୃତଜ୍ଞତାର ପାତ୍ର । ସେ ଏବଂ ତାଙ୍କ ପରବର୍ତ୍ତୀ ନିର୍ଦ୍ଦେଶକଗଣ, ପ୍ରଫେସର୍ ଗୋପାଳ ଘୋଷ, ପ୍ରଫେସର୍ ଡଃ ଗିରିଜା ପ୍ରସାଦ ଆଚାର୍ଯ୍ୟ ଏବଂ ପ୍ରଫେସର୍ କୃଷ୍ଣ ଚନ୍ଦ୍ର ମିଶ୍ରଙ୍କର ସଶ୍ରଦ୍ଧ ପ୍ରେରଣା ମୋତେ ସବୁବେଳେ କର୍ମତତ୍ପର କରିଛି । ସଂସ୍ଥାର ସଚିବ ଶ୍ରୀ ଅହମଦ୍, ସହାୟକ ନିର୍ଦ୍ଦେଶକ ଯତୀନ୍ ବାବୁ, ଉତ୍ପାଦନ ଅଧିକାରୀ ଜେନା ବାବୁ, ବିରାଜ ବାବୁ ତଥା ଅନ୍ୟମାନେ ମୋତେ ସର୍ବଦା ଉତ୍ସାହ ପ୍ରଦାନ କରିଛନ୍ତି । ରାଧାରମଣ ପ୍ରେସ୍‌ର କର୍ତ୍ତୃପକ୍ଷ ଦୀର୍ଘକାଳଧରି ଧୈର୍ଯ୍ୟର ସହ ଏଭଳି ଏକ କାର୍ଯ୍ୟକୁ ଆଗେଇ ନେଇଥିବାରୁ ଧନ୍ୟବାଦର ପାତ୍ର । ଏଇ ଅଭିଧାନର ନେପଥ୍ୟ ବିଦ୍ଧାଣି ଶ୍ରୀମାନ୍ ଜାହ୍ନବି ଶେଖର ମହାନ୍ତି (ଡି.ଟି.ପି. ମୁଦ୍ରାକର)ର କର୍ମକୁଶଳତା ଏବଂ ନିଷ୍ଠା ପ୍ରଶଂସନୀୟ । ଜାହ୍ନବୀର ଆନ୍ତରିକ ସହଯୋଗ ବ୍ୟତିରେକେ ଏହି କାର୍ଯ୍ୟ ସଫଳ ହୋଇ ନ ଥାନ୍ତା ।

ମୋର ସମସ୍ତ କାର୍ଯ୍ୟର ପ୍ରେରଣାସ୍ୱରୂପିଣୀ ମୋର ସହଧର୍ମିଣୀ ପ୍ରଣତି ଏବଂ ମୋର ସନ୍ତାନଗଣ, ରାଜା, ଆକାଶ ଏବଂ ବର୍ଷା ପ୍ରତିମୁହୂର୍ତ୍ତରେ ମୋର ଆତ୍ମବିଶ୍ୱାସ ଦୃଢ଼ କରିଛନ୍ତି । ପ୍ରତ୍ୟେକ ବର୍ଣ୍ଣର ସଂପାଦନା ବା ପ୍ରୁଫ୍ ସଂଶୋଧନ ପରେ ମୋତେ ଅଭିନନ୍ଦନ ଜଣାଇ ମୋର ନୈତିକ-ଶକ୍ତି ବୃଦ୍ଧି କରିଛନ୍ତି । ମୋ' ପରିବାରର ଅକୁଣ୍ଠ ସହଯୋଗ ଏବଂ ସର୍ବ-କ୍ଷମା ମିଳି ନ ଥିଲେ ହୁଏତ ମୁଁ ଭାଙ୍ଗି ପଡ଼ିଥାନ୍ତି ।

ଏ ସମସ୍ତେ ମୋର ଗଭୀର କୃତଜ୍ଞତାର ପାତ୍ର ।

ସୀମିତ ସମୟ ଏବଂ ପରିସର ମଧ୍ୟରେ ଏଭଳି ଏକ ବିଶାଳକାୟ ଅଭିଧାନ ସଂକଳନ, ସଂପାଦନା ତଥା ପ୍ରୁଫ୍ ସଂଶୋଧନ କାର୍ଯ୍ୟ ସଂପାଦନ କରାଯାଇଥିବାରୁ ମୋର ଅଜ୍ଞାତରେ ଭୁଲଭଟକା ରହିଯାଇଥାଇପାରେ । ବିଜ୍ଞ ବ୍ୟବହାରକାରୀଗଣ ତାହା କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିଲେ ପରବର୍ତ୍ତୀ ସଂସ୍କରଣରେ ସେଗୁଡ଼ିକ ସଂଶୋଧିତ ହୋଇପାରିବ ।

ଓଡ଼ିଶାର ଅଗଣିତ ବ୍ୟବହାରକାରୀ ଯଦି ଏହି ଅଭିଧାନଦ୍ୱାରା ଉପକୃତ ହୁଅନ୍ତି, ଆମମାନଙ୍କର ଶ୍ରମସାର୍ଥକ ହେବ ।

ଗୋପେନ୍ଦ୍ର ମୁଣ୍ଡ

Digitized by srujanika@gmail.com

# ଏହି ଅଭିଧାନ ବ୍ୟବହାର ସଂପର୍କରେ ସୂଚନା

ଏହି ଅଭିଧାନ ପ୍ରସ୍ତୁତିବେଳେ ଆନ୍ତର୍ଜାତିକ ପଦ୍ଧତି ଅନୁସରଣ କରିବାପାଇଁ ଯଥାସାଧ୍ୟ ଉଦ୍ୟମ କରାଯାଇଛି । ବ୍ୟବହାରକାରୀଙ୍କ ସୁବିଧା ନିମନ୍ତେ କେତୋଟି ସୂଚନା ନିମ୍ନରେ ପ୍ରଦତ୍ତ ହେଲା :

୧. ପ୍ରତ୍ୟେକ ଶବ୍ଦ ପରେ ପରେ ତାହାର ପଦ-ବର୍ଗୀକରଣ ଦର୍ଶାଯାଇଛି (ଯଥା, **snake** ବି.);

୨. ଏକାଧିକ ବର୍ଗରେ ବ୍ୟବହାର କରାଯାଉଥିବା ଶବ୍ଦଗୁଡିକର ବିଭିନ୍ନ ବର୍ଗ ପ୍ରାଧାନ୍ୟ ଅନୁକ୍ରମରେ ସନ୍ନିବେଶିତ କରାଯାଇଛି । ଉଦା, **snake** ଶବ୍ଦଟି ଯେହେତୁ ବିଶେଷ୍ୟ ପଦ ଭାବରେ ପ୍ରଧାନତଃ ବ୍ୟବହୃତ, ବିଶେଷ୍ୟ ଭାବରେ ପ୍ରଥମେ ତା'ର ଅର୍ଥପ୍ରଭୃତି ପ୍ରଦାନ କରାଯାଇଛି (**snake** 1. ବି. ସାପ,...; 2. କ୍ରି. ସର୍ପିଳ ଗତିରେ ଯିବା । )।

୩. ଶବ୍ଦର ଏକାଧିକ ପ୍ରଚଳିତ ଅର୍ଥ ଥିଲେ ସେଗୁଡ଼ିକ ମଧ୍ୟ ଚଳନ୍ତି ବ୍ୟବହାରର ପ୍ରାଧାନ୍ୟ ଅନୁକ୍ରମରେ ଦିଆଯାଇଛି ।

୪. ଅନେକ ଅସୁବିଧାଜନକ ଶବ୍ଦର ଉଚ୍ଚାରଣ ବଂଧନୀ ମଧ୍ୟରେ ଦିଆଯାଇଅଛି (ଯଥା, *xerography* (ଜିରଗ୍ରାଫି) ବି...) ।

୫. ଶବ୍ଦର ଏକବଚନ/ ବହୁବଚନ ବ୍ୟବହାର ମଧ୍ୟ ଆବଶ୍ୟକସ୍ଥଳେ (ବିଶେ. ସ୍ୱାଭାବିକଭାବେ –s, –es ଯୁକ୍ତ ହୋଇ ନ ଥିବା ସ୍ଥଳେ) ଦର୍ଶାଇ ଦିଆଯାଇଛି (ଯଥା, **spectrum** ବି. ବ.ବ. spectra)

୬. ଆମେରିକୀୟ ବ୍ୟବହାରର ବନାନ ବ୍ୟତିକ୍ରମ ପାଠର ଆଦ୍ୟରୁ ଉଲ୍ଲେଖ କରାଯାଇଅଛି (ଯଥା, **syrup** ବି. *ଆମେ.* sirup....) ।

୭. ଅନେକ ସ୍ଥଳରେ କ୍ରିୟାପଦର ଅତୀତ କାଳ ତଥା ଅତୀତକାଳୀନ କ୍ରିୟାଜନିତ ଶବ୍ଦର ରୂପ ପ୍ରଦାନ କରାଯାଇଛି, ଯଥା, **wear** 1. *କ୍ରି.* (*ଅ.କା.* wore, *ଅ.କ୍ରି.ଜ.ପ.* worn) ।

୮. ଶବ୍ଦର କୌଣସି ନିର୍ଦ୍ଦିଷ୍ଟ ବିଷୟ/ଶାସ୍ତ୍ର/ବିଜ୍ଞାନ ପ୍ରଭୃତି ସହ ସଂପୃକ୍ତି ଥିଲେ ତାହା ଆରମ୍ଭରୁ ସୂଚିତ କରାଯାଇଅଛି (ଯଥା, **wicket** ବି. କ୍ରିକେଟ୍...)

୯. କୌଣସି ଶବ୍ଦର ଏକାଧିକ ବନାନ ପ୍ରଚଳିତ ଥିଲେ ସେଗୁଡ଼ିକ/ତାହା ଦର୍ଶାଇ ଦିଆଯାଇଛି, ଯଥା, **yuck** *ଅନ୍ତ.* (yuk ମଧ୍ୟ)... ।

୧୦. ଶବ୍ଦର ପଦାନୁକ୍ରମେ ବ୍ୟବହାର ଉଲ୍ଲେଖ କରିବାପରେ ସଂପୃକ୍ତ ଶବ୍ଦକୁ ନେଇ ପ୍ରଚଳିତ ବିଭିନ୍ନ ବାକ୍ୟାଂଶ, ରୂଢ଼ି ପ୍ରୟୋଗ ପ୍ରଭୃତି ବର୍ଣ୍ଣାନୁକ୍ରମେ ପ୍ରଦତ୍ତ ହୋଇଛି ।

୧୧. ଆବଶ୍ୟକ ସ୍ଥଳେ ଶବ୍ଦର ପାଠ ଶେଷରେ ଶବ୍ଦଟିର ଅନ୍ୟାନ୍ୟ ପଦରେ ବ୍ୟୁତ୍ପାଦିତ ରୂପାନ୍ତର ଦର୍ଶାଇ ଦିଆଯାଇଛି (ଯଥା, **lyrical** ବିଂ...; କ୍ରି.ବିଂ. lyrically)।

୧୨. ଅଣ-ଇଂରାଜୀ ଶବ୍ଦଗୁଡ଼ିକୁ ଇଟାଲିକ୍ସ୍‌ରେ ମୁଦ୍ରଣ କରାଯାଇଛି ଏବଂ ପାଠଶେଷରେ ବଂଧନୀମଧ୍ୟରେ ମୂଳଭାଷାର ସୂଚନା ଦିଆଯାଇଅଛି ।

୧୩. ସମରୂପ କିନ୍ତୁ ଭିନ୍ନାର୍ଥବୋଧକ ଶବ୍ଦଗୁଡ଼ିକୁ ସ୍ୱତଂତ୍ରଭାବରେ ଦିଆଯାଇଅଛି ।

Digitized by srujanika@gmail.com

# ବ୍ୟବହୃତ ସଂକ୍ଷେପଣ

# Abbreviations used in the Dictionary

| | |
|---|---|
| *ଅ.* | ଅବ୍ୟୟପଦ (preposition) |
| *ଅ.କା.* | ଅତୀତ କାଳ (past tense) |
| *ଅ.କ୍ରି.* | ଅକର୍ମକ କ୍ରିୟା (intransitive verb) |
| ଅ.କ୍ରି.ଜ.ପ. | ଅତୀତକାଳୀନ କ୍ରିୟାଜନିତ ପଦ (past participle) |
| *ଅନ୍ତ.* | ଅନ୍ତର୍ନିକ୍ଷେପ (interjection) |
| *ଅପ.* | ଅପମାନଜନକ (offensive) |
| *ଅବ.* | ଅବଜ୍ଞାସୂଚକ (derogatory) |
| *ଅଷ୍ଟ୍ରେ.* | ଅଷ୍ଟ୍ରେଲୀୟ (Australian) |
| *ଆଇ.* | ଆଇରିଶ୍ (Irish) |
| *ଆଳ.* | ଆଳଂକାରିକ (rhetorical) |
| *ଆମେ.* | ଆମେରିକୀୟ (American) |
| *ଇ.* | ଇସ୍‌ଲାମ୍ ଧର୍ମ |
| *ଇଂ.* | ଇଂଲଣ୍ଡ, ଇଂଲିଶ୍ |
| *ଇଟା.* | ଇଟାଲୀୟ |
| *ଇତି.* | ଇତିହାସ ସମ୍ବନ୍ଧିତ |
| *ଉଦା.* | ଉଦାହରଣ |
| *ଉ.ପ.* | ଉପପଦ |
| *ଉ.ଭା.* | ଉପଭାଷା (dialect) |
| *ଏ.ବ.* | ଏକବଚନ (singular number) |
| *ଔପ.* | ଔପଚାରିକ (formal) |
| *କ.ଭା.* | କଥିତ ଭାଷା (colloquial) |
| *କାବ୍ୟ.* | କାବ୍ୟିକ ପ୍ରୟୋଗ (poetical) |

| | |
|---|---|
| *କେଥ.* | ରୋମାନ୍ କେଥଲିକ୍ ଚର୍ଚ୍ଚ (Roman Catholic Church) |
| *କ୍ରି.* | କ୍ରିୟା (verb) |
| *କ୍ରି.ଜ.ପ.* | କ୍ରିୟାଜନିତ ପଦ |
| *କ୍ରି.ବିଂ.* | କ୍ରିୟା ବିଶେଷଣ (adverb) |
| *ଖ୍ରୀ.* | ଖ୍ରୀଷ୍ଟଧର୍ମ (Christianity) |
| *ଜ.* | ଜର୍ମାନ୍ (German) |
| *ଜା.* | ଜାତିଗତ (racial) |
| *ଜା. ଅପ.* | ଜାତିଗତ ଅପମାନସୂଚକ (racially offensive) |
| *ଜ୍ୟା.* | ଜ୍ୟାମିତି (Geometry) |
| *ଜ୍ୟୋ.* | ଜ୍ୟୋତିର୍ବିଜ୍ଞାନ (Astronomy) |
| *ଗଣିତ* | ଗଣିତ ଶାସ୍ତ୍ର (Mathematics) |
| *ଗୁଣ.* | ଗୁଣବାଚକ (attributive) |
| *ଗ୍ରୀ.* | ଗ୍ରୀକ୍ (Greek) |
| *ତର୍କ* | ତର୍କ ଶାସ୍ତ୍ର (Logic) |
| *ଦ.* | ଦର୍ଶନ ଶାସ୍ତ୍ର (Philosophy) |
| *ଦ୍ର.* | ଦ୍ରଷ୍ଟବ୍ୟ (see) |
| *ଧର୍ମ* | ଧର୍ମଶାସ୍ତ୍ର (religion, theology) |
| *ପଦାର୍ଥ* | ପଦାର୍ଥ ବିଜ୍ଞାନ (Physics) |
| *ପ.ପ୍ର.* | ପଶ୍ଚାତ୍ ପ୍ରୟୋଗ (suffix) |
| *ପରି* | ପରିହାସବ୍ୟଂଜକ (jocular) |

Digitized by srujanika@gmail.com

| | |
|---|---|
| *ପୁ* | ପୁରାଣ (mythology) |
| *ପୁଂ.* | ପୁଂଲିଙ୍ଗ (masculine gender) |
| *ପୂ.ପ୍ର.* | ପୂର୍ବ ପ୍ରୟୋଗ (prefix) |
| *ପ୍ର.* | ପ୍ରତୀକ (symbol) |
| *ପ୍ରାଣୀ* | ପ୍ରାଣୀ ବିଜ୍ଞାନ (Zoology) |
| *ପ୍ରା.ପ୍ର.* | ପ୍ରାଚୀନ ପ୍ରୟୋଗ (archaic) |
| *ଫ.* | ଫରାସୀ (French) |
| *ଫଟୋ.* | ଫଟୋଗ୍ରାଫି (photography) |
| *ବ.ବ.* | ବହୁ ବଚନ (plural number) |
| *ବି.* | ବିଶେଷ୍ୟ (noun) |
| *ବିଂ.* | ବିଶେଷଣ (adjective) |
| *ବିକ.* | ବିକଳ୍ପ (variant) |
| *ବିଶେ.* | ବିଶେଷତଃ (especially) |
| *ବୈ.* | ବୈଜ୍ଞାନିକ (scientific) |
| *ବ୍ୟା.* | ବ୍ୟାକରଣ (grammar) |
| *ବ୍ୟୁ.* | ବ୍ୟୁତ୍ପତ୍ତି |
| *ଭା.* | ଭାରତ, ଭାରତୀୟ |
| *ଭାଷା* | ଭାଷାତତ୍ତ୍ୱ (Linguistics) |
| *ଭୂ.* | ଭୂଗୋଳ/ ଭୂତତ୍ତ୍ୱ (Geography/ Geology) |
| *ମନ.* | ମନସ୍ତତ୍ତ୍ୱ (Psychology) |
| *ମୂ.* | ମୂଳତଃ (originally) |
| *ରସା.* | ରସାୟନ ବିଜ୍ଞାନ (Chemistry) |
| *ଲା.* | ଲାଟିନ୍ (Latin) |
| *ଲାଉ.ପ.* | ଉପପଦ |
| *ଲାକ୍ଷ.* | ଲାକ୍ଷଣିକ (figurative) |
| *ସ.* | ସର୍ବନାମ (pronoun) |
| *ସଂ.* | ସଂଯୁକ୍ତଭାବରେ (combination, combining) |
| *ସଂଶ.* | ସଂକ୍ଷେପଣ (abbreviation, contraction) |
| *ସଂଯୋ.* | ସଂଯୋଜକ (conjunction) |
| *ସ.କ୍ରି.* | ସକର୍ମକ କ୍ରିୟା (transitive verb) |
| *ସମ୍ବନ୍ଧ.* | ସମ୍ବନ୍ଧସୂଚକ (possessive) |
| *ସହ. କ୍ରି.* | ସହଯୋଗୀ (ସହାୟକ) କ୍ରିୟା (auxiliary verb) |
| *ସ୍କଟ୍* | ସ୍କଟିଶ୍ (Scottish) |
| *ସ୍ୱ.* | ସ୍ୱତ୍ୱାଧିକାର ମୂଳକ ପଦ (Proprietary term) |
| *ସା.* | ସାଧାରଣତଃ (usually, generally) |
| *ସା. ଏ.ବ.* | ସାଧାରଣତଃ ଏକବଚନ |
| *ସା. ବ.ବ.* | ସାଧାରଣତଃ ବହୁବଚନ |
| *ସାହି.* | ସାହିତ୍ୟିକ (literary) |
| *ସୀ.ପ୍ର.* | ସୀମିତ ପ୍ରୟୋଗ (slang) |
| *ସ୍ତ୍ରୀ.* | ସ୍ତ୍ରୀ ଲିଙ୍ଗ (feminine gender) |
| *ହି.* | ହିନ୍ଦୀ |

●●●

Digitized by srujanika@gmail.com

# Aa

**A,a**[1] ଇଂରାଜୀ ବର୍ଣ୍ଣମାଳାର ପ୍ରଥମ ବର୍ଣ୍ଣ; ( ବ.ବ. As ବା A's); **A1** ସର୍ବପ୍ରଥମ, ଉଚ୍ଚକୋଟୀର।

**a**[2]**,an** 1. ସାଧାରଣ ନାମବୋଧକ ଶବ୍ଦ ପୂର୍ବରେ ଗୋଟିକୁ ବୁଝାଇବା ପାଇଁ ବ୍ୟବହୃତ ହୁଏ (a book, a cow, an orange); 2. ଏକ, ଗୋଟିଏ, କୌଣସି, ଯେ କୌଣସି; 3. ପ୍ରତ୍ୟେକ (A horse is an animal); 4. ଏହିପରି ଜଣେ (a Judas, a Daniel); 5. ସମାନ (all of a size, of an age).

**a**[3] *ଅ.* ରେ (ashore, now-a-days); କୁ (a-hunting); ପ୍ରତି (five rupees a kg.).

**a–** *ଉ.ପ.* ନିଷେଧାର୍ଥକ, ବିପରୀତାର୍ଥ ବୋଧକ ଅବ୍ୟୟ (a-moral).

**ab–** 1. *ଅ.* ରୁ, ଠାରୁ (*ab initio* ଆରମ୍ଭରୁ); 2. *ଉ.ପ.* ନିଷେଧାର୍ଥକ ଅବ୍ୟୟ (abnormal ଅସ୍ୱାଭାବିକ)। (ଲା.)

**aback** *କ୍ରି.ବିଂ.* ପଛରେ, ପଶ୍ଚାତରେ, ପଶ୍ଚାଦ୍ଦିଗକୁ; be taken aback ଆଚମ୍ବିତ ହେବା, ଚକିତ ହେବା, ଘାବରେଇ ଯିବା।

**abacus** ବି. ଅଙ୍କ ଗଣନା ଶିଖାଇବା ଲାଗି ତାରରେ ଗୁନ୍ଥା ଗୋଟି ଲାଗିଥିବା ଫ୍ରେମ ସଦୃଶ ଉପକରଣ; ସ୍ତମ୍ଭର ଉପରିଭାଗ।

**abaft** 1. *କ୍ରି.ବିଂ.* ଜାହାଜର ପଛରେ ବା ପଛ ଆଡକୁ; 2. *ଅ.* ପଛପଟ।

**abandon** 1. *ସ.କ୍ରି.* ପରିତ୍ୟାଗ କରିବା; 2. ବି. ସ୍ୱଚ୍ଛନ୍ଦ ବା ମନଇଚ୍ଛା (ଆଚରଣ); ଆଚରଣଗତ ଉଚ୍ଛୃଙ୍ଖଳତା।

**abandoned** ବିଂ. ପରିତ୍ୟକ୍ତ (ବ୍ୟକ୍ତି/ଅଭ୍ୟାସ), ଉଚ୍ଛୃଙ୍ଖଳ, ନୀଚ ପ୍ରକୃତି ବିଶିଷ୍ଟ, ଭ୍ରଷ୍ଟ; abandoned claim ପରିତ୍ୟକ୍ତ ଦାବି; abandonee ବି. ତ୍ୟାଗ ବିଷୟର ଉପଭୋକ୍ତା; abandoner ବି. ତ୍ୟାଗକର୍ତ୍ତା; abandonment ବି. ପରିତ୍ୟାଗ, ଆଚରଣଗତ ଉଚ୍ଛୃଙ୍ଖଳତା।

***ab ante*** ପୂର୍ବରେ। *(ଲା.)*

**abase** *ସ.କ୍ରି.* ନୀଚ, ନିମ୍ନ ବା ନତ କରିବା; ତଳକୁ ଖସାଇବା (ବ୍ୟକ୍ତି ବିଶେଷଙ୍କୁ); ଅପମାନିତ କରିବା, ସମ୍ମାନହାନି କରାଇବା।

**abashed** *କ୍ରି.ଜ.ବିଂ* ଲଜ୍ଜିତ, ଅପ୍ରସ୍ତୁତ।

**abate** *ସ.କ୍ରି.* ନ୍ୟୂନ ବା ଲଘୁ କରିବା, କମାଇବା, ବାଦ୍ ଦେବା, ଉପଶମ କରିବା, ନିବାରଣ କରିବା; *ଅ.କ୍ରି.* ବଳରେ ଊଣା ହେବା, ହ୍ରାସ ହେବା; abate a claim ଦାବି ଛାଡ଼ କରିବା; abate a litigation ମୋକଦ୍ଦମା ଫଇସଲା କରିବା; abate a nuisance ଉତ୍ପାତ ଉପଶମ କରିବା।

**abatement** ବି. କମାଇବା, ଉପଶମନ, ହ୍ରାସ କରଣ; abatement of rent କର କମାଇବା।

**abattoir** ବି. ପଶୁ ହତ୍ୟାଶାଳା, କଂସାଇଖାନା।

**abbacy** ବି. ମଠ ବା ଧର୍ମଶାଳାର ଅଧିପତିତ୍ୱ, ମହନ୍ତର ଗୌରବ, ଅଧିକାର ବା କ୍ଷମତା।

**abbe** ବି. ଫ୍ରାନ୍ସ ଦେଶର ଖ୍ରୀଷ୍ଟୀୟ ଧର୍ମଯାଜକ ବା ପୁରୋହିତ।

**abbess** ବି. ଧର୍ମଯାଜିକାମାନଙ୍କ ଆଶ୍ରମର ଅଧକ୍ଷା, ମଠାଧିକାରିଣୀ (ଖ୍ରୀଷ୍ଟୀୟ)।

**abbey** ବି. ମଠ, ଆଶ୍ରମ, ବିହାର (ଖ୍ରୀଷ୍ଟୀୟ); ସନ୍ନ୍ୟାସୀ ବା ସନ୍ନ୍ୟାସୀ ଗୋଷ୍ଠୀ; ପୂର୍ବରୁ ମଠ ଭାବେ ବ୍ୟବହୃତ ହେଉଥିବା ଗୀର୍ଜା।

**abbot** ବି. ମଠ, ଧର୍ମଶାଳା ବା ଆଶ୍ରମର ଅଧକ୍ଷ, ମହନ୍ତ (ଖ୍ରୀଷ୍ଟୀୟ)।

**abbreviate** *ସ.କ୍ରି.* ସଂକ୍ଷେପ କରିବା (ଶବ୍ଦ, ଗଳ୍ପ, ଆଖ୍ୟାନ ପ୍ରଭୃତିକୁ); abbreviation ବି. ସଂକ୍ଷେପଣ, ସଂକ୍ଷିପ୍ତୀକରଣ (ଶବ୍ଦ, ଗଳ୍ପ, ଆଖ୍ୟାନ ପ୍ରଭୃତିର)।

**ABC** ବର୍ଣ୍ଣମାଳା, କୌଣସି ବିଷୟର ପ୍ରାଥମିକ ଅଂଶ ବା ଜ୍ଞାନ, ମୌଳିକ ଜ୍ଞାନ।

**abdicate** *କ୍ରି.* ସ୍ୱେଚ୍ଛାରେ ଅଧିକାର ପରିତ୍ୟାଗ କରିବା, ପଦ, ସ୍ୱତ୍ୱ ବା ସିଂହାସନ ସ୍ୱେଚ୍ଛାରେ ଛାଡିଦେବା; abdication ବି. ସ୍ୱେଚ୍ଛାରେ ଅଧିକାର ପରିତ୍ୟାଗ; abdicator ବି. ସ୍ୱେଚ୍ଛାରେ ଅଧିକାର ତ୍ୟାଗକାରୀ।

**abdomen** ବି. ତଳିପେଟ; ନାଭିର ଠିକ୍ ତଳ ଅଂଶ, ଯେଉଁ ଅଂଶରେ ପାକସ୍ଥଳୀ, କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ର ଆଦି ଥାଏ; abdominal ବିଂ. ତଳିପେଟ ସମ୍ବନ୍ଧୀୟ।

Digitized by srujanika@gmail.com

**abduct** କ୍ରି. ବଳପୂର୍ବକ କିମ୍ବା ଅପକୌଶଳ ଦ୍ୱାରା ଅପହରଣ କରିବା; (ସ୍ତ୍ରୀ, ବାଳକ ପ୍ରଭୃତିଙ୍କୁ) ଭୁଲାଇ କରି ନେବା; abduction ବି. ବଳାତ୍କାର ଅପହରଣ; abductor ବି. ବଳାତ୍କାର ଅପହରଣକାରୀ।

**abeam** କ୍ରି.ବିଂ. ଜାହାଜର ଦୈର୍ଘ୍ୟ ସହ ଲମ୍ବ ଭାବରେ (ଜଳଯାତ୍ରା ସମ୍ବନ୍ଧୀୟ)।

**abed** କ୍ରି.ବିଂ. ଶେଯ ଉପରେ, ବିଛଣାରେ।

**aberrant** ବିଂ. ବିପଥଗାମୀ, ଅସଦାଚାରୀ, ନିୟମ ଲଂଘନକାରୀ।

**aberration** ବି. ବିପଥଗମନ, ନୈତିକ ସ୍ଖଳନ ବା ବିଚ୍ୟୁତି; ଗ୍ରହ ନକ୍ଷତ୍ରାଦିର ସ୍ଥାନଚ୍ୟୁତି, କିରଣ କେନ୍ଦ୍ରରୁ ଦୃଷ୍ଟିବିଚ୍ୟୁତି (ଦୃଷ୍ଟି ବିଜ୍ଞାନ)।

**abet** ସ.କ୍ରି. ଅସତ୍ କାର୍ଯ୍ୟ ବା କୁକାର୍ଯ୍ୟ କରିବାକୁ ସାହାଯ୍ୟ କରିବା ବା ପ୍ରବର୍ତ୍ତାଇବା; abetment ବି. ମନ୍ଦ କାର୍ଯ୍ୟ ପାଇଁ ପ୍ରବର୍ତ୍ତନା; abettor ବି. ଅପରାଧରେ ସହାୟକ (ଆଇନ)।

***ab extra*** ବାହ୍ୟତଃ। (*ଲା.*)

**abeyance** ବି. କିଛି କାଳ ପାଇଁ ସ୍ଥଗିତାବସ୍ଥା, ମୁଲତବି (ଆଇନ)।

**abhor** ସ.କ୍ରି. ଅତିଶୟ ଘୃଣା କରିବା, ବିରକ୍ତି ପୋଷଣ କରିବା।

**abhorrence** ବି. ଅତ୍ୟନ୍ତ ଘୃଣା ବା ବିରକ୍ତି।

**abhorrent** ବିଂ. ଘୃଣାକାରୀ, ଘୃଣାଯୁକ୍ତ, ଘୃଣ୍ୟ, ରୁଚିବିରୁଦ୍ଧ।

**abide** କ୍ରି. ସ୍ୱୀକାର କରିବା ବା ମାନିବା, ସହ୍ୟ କରିବା, ସୁଯୋଗ ଅପେକ୍ଷା କରିବା; ବାସ କରିବା, ଅଟଳ ଭାବରେ ରହିବା; abide by ପାଳନ କରିବା।

**abiding** ବିଂ. ସ୍ଥାୟୀ, ସ୍ଥିର।

**ability** ବି. ସାମର୍ଥ୍ୟ (ଶାରୀରିକ, ମାନସିକ ବା ଆର୍ଥିକ); abilities ଦକ୍ଷତା, ଧୀଶକ୍ତି।

**abject** ବିଂ. ନୀଚ, ଘୃଣ୍ୟ, ହେୟ, ନିକୃଷ୍ଟ, ଅଧମ, ତୁଚ୍ଛ; abjectness ବି. ନୀଚ ବା ନିକୃଷ୍ଟ ଅବସ୍ଥା।

**abjure** ସ.କ୍ରି. ଶପଥ ପୂର୍ବକ ପରିତ୍ୟାଗ ବା ଅସ୍ୱୀକାର କରିବା, ପୂର୍ବ କଥାର ଅନ୍ୟଥା କରିବା; ଅ.କ୍ରି. ଶପଥ ପୂର୍ବକ ଚିରକାଳ ନିମନ୍ତେ ରାଜ୍ୟ ବା ଅଧିକାର ତ୍ୟାଗ କରିବା।

**ablative** ବି. ଅପାଦାନ କାରକ (ବ୍ୟା.)।

**ablaut** ବି. ସଂପର୍କିତ ଶବ୍ଦାବଳୀରେ ସ୍ୱରବର୍ଣ୍ଣର ପରିବର୍ତ୍ତନ ଉଦା. (sing, sang, sung, song).

**ablaze** ବିଂ.କ୍ରି.ବିଂ. ଜ୍ୱଳନ୍ତ, ଜଳୁଥିବା; ଅତିଶୟ ଉତ୍ତେଜିତ ଅବସ୍ଥାରେ ଥିବା।

**able** ବିଂ. ସମର୍ଥ, ସକ୍ଷମ, ଯୋଗ୍ୟ, ଉପଯୁକ୍ତ, ଦକ୍ଷ, କର୍ମନିପୁଣ, ଚତୁର, ଧୀଶକ୍ତିସଂପନ୍ନ, ପରାକ୍ରମୀ।

**ablution** ବି. ଆନୁଷ୍ଠାନିକ ସ୍ନାନ, ପ୍ରକ୍ଷାଳନ (ହସ୍ତ, ସ୍ଥାନ ଓ ପାତ୍ରାଦିର); ସ୍ନାନ, ଗାତ୍ରମାର୍ଜନ।

**ably** ବିଂ. ଦକ୍ଷତା ସହିତ, ନିପୁଣ ଭାବରେ।

**abnegate** ସ.କ୍ରି. ଅସ୍ୱୀକାର କରିବା, ତ୍ୟାଗ କରିବା, ପ୍ରତ୍ୟାଖ୍ୟାନ କରିବା (ସୁଖ ବା ଅଧିକାର)।

**abnegation** ବି. ଅସ୍ୱୀକୃତି; ପ୍ରତ୍ୟାଖ୍ୟାନ (ମତବାଦର)।

**abnormal** ବିଂ. ଅସ୍ୱାଭାବିକ, ଅସାମାନ୍ୟ, ଅନିୟମିତ; abnormality ବି. ଅସ୍ୱାଭାବିକତା, ସାଧାରଣତାର ବ୍ୟତିକ୍ରମ।

**aboard** *କ୍ରି.ବିଂ./ଅ.* ଜାହାଜ, ନୌକା, ଉଡାଜାହାଜ ବା ରେଳଗାଡି ଉପରେ ବା ଭିତରକୁ, ପାଖାପାଖି।

**abode**[1] ବି. ନିବାସ ସ୍ଥାନ, ବାସଗୃହ, ବସା।

**abode**[2] କ୍ରି. abide ର ଅ.କା. ଦ୍ରୁ: abide.

**abolish** ସ.କ୍ରି. ଲୋପ କରିବା, ଉଠାଇ ଦେବା (ପ୍ରଥା, ସଂସ୍ଥା ପ୍ରଭୃତି), ଉଚ୍ଛେଦ କରିବା।

**abolition** ବି. ବିଲୋପନ, ଉଚ୍ଛେଦ ସାଧନ।

**abolitionist** ବି. ବିଲୋପପନ୍ଥୀ (ବିଶେଷତଃ ଦାସତ୍ୱ ପ୍ରଥା, ଫାଶୀ ଦଣ୍ଡ ପ୍ରଭୃତିର)।

**A-bomb** ବି. ଆଣବିକ ବୋମା।

**abominable** ବିଂ. ଘୃଣାର ପାତ୍ର ବା ଘୃଣ୍ୟ, ଜଘନ୍ୟ; abominable weather ଅତି ଖରାପ ପାଗ।

**abominate** ସ.କ୍ରି. ଅତ୍ୟନ୍ତ ଘୃଣା କରିବା; ନାପସନ୍ଦ କରିବା।

**aboriginal** 1. ବିଂ. ଆଦିମ, ଆରମ୍ଭରୁ ରହିଥିବା, ଆଦିମ କାଳୀନ; 2. ବି. ଆଦିମ ଅଧିବାସୀ।

**aborigines** ବି. ବ.ବ. କୌଣସି ଦେଶର ଆଦିମ ଅଧିବାସୀଗଣ।

**abort** ଅ.କ୍ରି. ଗର୍ଭପାତ କରିବା, ଗର୍ଭସ୍ରାବ ହେବା, ଅସଫଳ କରିବା।

Digitized by srujanika@gmail.com

**abortion** ବି. ଗର୍ଭପାତ, ଗର୍ଭସ୍ରାବ, ଅକାଳ ପ୍ରସବ; ନିଷ୍ଫଳତା ।

**abortive** ବିଂ. ନିଷ୍ଫଳ, ଅକାଳ ଜାତ; ଅପରିଣତ ।

**abound** ଅ.କ୍ରି. ପର୍ଯ୍ୟାପ୍ତ ବା ପ୍ରଚୁର ହେବା ।

**about** 1. ଅ. ବିଷୟରେ, ସଂପର୍କରେ; ନିକଟରେ, ବେଢ଼ି କରି; 2. କ୍ରି.ବିଂ. ଚତୁର୍ଦ୍ଦିଗରେ, ଇତସ୍ତତଃ ବା ଏଠାରେ ସେଠାରେ; 3. ପ୍ରାୟ (ସାମାନ୍ୟ ଭଣା ଅର୍ଥରେ); about turn ସଂପୂର୍ଣ୍ଣ ବିପରୀତ ଦିଗକୁ ମୋଡ଼ ବା ଘୂରିବା; be about to କୌଣସି କାର୍ଯ୍ୟ କରିବାକୁ ଯିବା ।

**above** 1. ଅ. ଉପରେ, ଅଗ୍ରେ, ଟପିକରି, ଅଧିକ, ଉର୍ଦ୍ଧ୍ୱରେ (ସନ୍ଦେହ, ନୀଚତା ଓ ଲୋଭ ପ୍ରଭୃତିର); 2. କ୍ରି.ବିଂ. ଉଚ୍ଚସ୍ଥାନରେ, ଉର୍ଦ୍ଧ୍ୱରେ; 3. ବିଂ. ପୂର୍ବସୂଚିତ, ଉପର୍ଯ୍ୟୁକ୍ତ; above board ପ୍ରକାଶ୍ୟ ବା ଖୋଲା ଖୋଲି ଭାବରେ; above oneself ଉଦ୍ଧତ, ଦାମ୍ଭିକ ।

**abracadabra** ବି. କୁହୁକ ସୂତ୍ର ବା ମନ୍ତ୍ର; ଦ୍ରୁତ ଉଚ୍ଚାରିତ ଦୁର୍ବୋଧ ଅର୍ଥହୀନ କଥା ।

**abrade** ସ.କ୍ରି. ଚାଞ୍ଛିବା, ଘଷିବା, କ୍ଷୟ କରିବା; ଚାପି ଘଷିବା ଦ୍ୱାରା ଚର୍ମ ପ୍ରଭୃତିକୁ ଛିଣ୍ଡାଇ ଦେବା ।

**abrasion** ବି. ମାର୍ଜନ ବା ଘର୍ଷଣ କାର୍ଯ୍ୟ, କ୍ଷୟୀକରଣ, ଘର୍ଷଣଜନିତ ଚର୍ମକ୍ଷୟ ବା କ୍ଷତ, ଅପଘର୍ଷଣ ।

**abrasive** 1. ବିଂ. ଘଷି ବା ରଗଡ଼ି ଚିକ୍କଣ କରିବା ପାଇଁ ସମର୍ଥ, ରୁକ୍ଷ ଓ ଅପମାନଜନକ; 2. ବି. କ୍ଷୟକାରୀ, ଅପଘର୍ଷୀ, ଘଷିବା ପାଇଁ ବ୍ୟବହୃତ ହେଉଥିବା ଚୂର୍ଣ୍ଣ ବିଶେଷ ।

**abreaction** ବି. ଖୋଲାଖୋଲି ପ୍ରକାଶ, ପୂର୍ବରୁ ଚାପି ରଖିଥିବା ଭାବର ପରିପ୍ରକାଶ ।

**abreast** କ୍ରି.ବିଂ. ପାଖକୁ ପାଖ ଏବଂ ସମଗତି ବା ସମାନ ଅଭିମୁଖରେ; keep abreast of time ସମୟ ସହିତ ସମତାଳରେ ଗତି କରିବା ।

**abridge** ସ.କ୍ରି. ଛୋଟ କରିବା; ସଂକ୍ଷିପ୍ତ କରିବା (ପୁସ୍ତକ ପ୍ରଭୃତି); abridgement ବି. ସଂକ୍ଷେପଣ, ସଂକ୍ଷିପ୍ତୀକରଣ, ସଂକ୍ଷିପ୍ତସାର ।

**abroad** କ୍ରି.ବିଂ. ବିଦେଶରେ ବା ବିଦେଶକୁ; ବ୍ୟାପକ ଭାବରେ, ଚତୁର୍ଦ୍ଦିଗରେ; ଘରର ବାହାରେ; ବ୍ୟାପକ ଭାବରେ ପ୍ରଚାରିତ ହେଉଥିବା (ଗୁଜବ, ସମ୍ବାଦ ପ୍ରଭୃତି) ।

**abrogate** ସ.କ୍ରି. ରଦ୍ଦ କରିବା (ଆଇନ, ପ୍ରଥା ପ୍ରଭୃତି), ନିରାକରଣ କରିବା; abrogation ବି. ନିରାକରଣ, ବିଲୋପ ସାଧନ ।

**abrupt** ବିଂ. ଆକସ୍ମିକ, ସହସା, ଅସଂଲଗ୍ନ ବା ଖାପଛଡ଼ା (ଚିନ୍ତାଧାରା, ଲେଖିବା ଓ କହିବା ସମ୍ପର୍କରେ); ଅସମାନ (ଭୂତଳ); ରୂଢ଼, ଅଶିଷ୍ଟ (ବ୍ୟବହାର); abruptly କ୍ରି.ବିଂ. ସହସା ।

**abscess** ବି. ବ୍ରଣ, ବଥ, ଫୋଟକା ।

**abscissa** ବି. (ଗଣିତ) ଭୁଜ, ଅନୁପ୍ରସ୍ଥ ଅକ୍ଷରେଖାକୁ ଲମ୍ବ ଭାବରେ ଛେଦ କରୁଥିବା ଅନ୍ୟତମ ସ୍ଥାନାଙ୍କ ରେଖା ।

**abscission** ବି. କର୍ତ୍ତନ; ଏକ ପ୍ରକାର ବାକ୍ୟାଳଙ୍କାର ଯହିଁରେ ବକ୍ତା ଇପ୍ସିତ ଶବ୍ଦଟି ବ୍ୟବହାର ନ କରି ହଠାତ୍ ବାକ୍ୟଟି ବନ୍ଦ କରିଦିଅନ୍ତି ।

**abscond** ଅ.କ୍ରି. ଆଇନକୁ ଏଡିବା ପାଇଁ ଶୀଘ୍ର ଆତ୍ମଗୋପନ କରିବା ବା ଲୁଚି ପଳାଇବା (ବିଶେଷତଃ କୌଣସି କୁକାର୍ଯ୍ୟ କରିଥିବା ହେତୁ); ଫେରାର ହେବା; absconder ବି. ଫେରାର ଆସାମୀ, ପଳାତକ ।

**abseil** 1. ବି. ତୁଙ୍ଗ ପର୍ବତଶୃଙ୍ଗ ଉପରୁ ଦଉଡି ସାହାଯ୍ୟରେ ଏକପ୍ରକାର ଅବତରଣ ପ୍ରଣାଳୀ; 2. ଅ.କ୍ରି. ଦୁରାରୋହ ପର୍ବତ ଉପରୁ ଦଉଡି ସାହାଯ୍ୟରେ ଓହ୍ଲାଇବା ।

**absence** ବି. ଅନୁପସ୍ଥିତି, (ନିର୍ଦ୍ଦିଷ୍ଟ ସମୟରେ କୌଣସି ବ୍ୟକ୍ତି ବା ବସ୍ତୁର) ଅଭାବ; absence of mind ଅନ୍ୟମନସ୍କତା ।

**absent** 1. ବିଂ. ଅନୁପସ୍ଥିତ; 2. କ୍ରି. ଅନୁପସ୍ଥିତ ହେବା ।

**absentee** ବି. ଅନୁପସ୍ଥିତ ବ୍ୟକ୍ତି ଯେ ସ୍ୱଦେଶରେ ବା ସ୍ୱକର୍ମରେ ରହେ ନାହିଁ ।

**absenteeism** ବି. କାର୍ଯ୍ୟରୁ ଅନୁପସ୍ଥିତ ରହିବାର କୁଅଭ୍ୟାସ ।

**absently** କ୍ରି.ବିଂ. ଅନ୍ୟମନସ୍କ ଭାବରେ, ଅମନୋଯୋଗପୂର୍ବକ; absent minded ବିଂ. ଅନ୍ୟମନସ୍କ, ଅନ୍ୟମନା ।

**absinth** ବି. (ସା. absinthe) ତିକ୍ତ ରସ-ବିଶିଷ୍ଟ ଔଷଧି ଗଛ; ତହିଁରୁ ପ୍ରସ୍ତୁତ ସବୁଜରଙ୍ଗର ସୁରାସାର ପାନୀୟ ବିଶେଷ ।

**absolute** ବିଂ. ସଂପୂର୍ଣ୍ଣ, ଅବିମିଶ୍ର, ନିରଙ୍କୁଶ (majority, power, right, title); ବାହ୍ୟ

Digitized by srujanika@gmail.com

ଉପରେ ନିର୍ଭର କରୁନଥିବା, ନିଶ୍ଚିତ, ପ୍ରକୃତ, ଚୂଡ଼ାନ୍ତ ବା ପକ୍କା; ଯଥେଚ୍ଛାଚାରୀ (ଶାସକ); ବାକ୍ୟ ମଧ୍ୟରେ ସ୍ୱତନ୍ତ୍ର ଭାବରେ ସ୍ଥିତ (ବ୍ୟା.); absolute alcohol ଅବିମିଶ୍ର ସୁରାସାର; absolute conveyance ସମ୍ପୂର୍ଣ୍ଣ ହସ୍ତାନ୍ତରୀ-କରଣ, ସମ୍ପୂର୍ଣ୍ଣ ମାଲିକାନା (ସ୍ୱତ୍ୱ) ହସ୍ତାନ୍ତର କରିବା ଦଲିଲ (ଆଇନ); absolute discretion ସମ୍ପୂର୍ଣ୍ଣ (ନିରଙ୍କୁଶ) ବିବେକାଧିକାର; absolute estate ପୂର୍ଣ୍ଣାଧିକାର ସମ୍ପଦ।

**absolutely** କ୍ରି.ବିଂ. ସଂପୂର୍ଣ୍ଣ ଭାବରେ, ବିନା ସର୍ତ୍ତରେ, ନିଶ୍ଚିତ ଭାବରେ, ଚୂଡ଼ାନ୍ତ ରୂପେ; *କ.ଭା.* (କୌଣସି ପ୍ରଶ୍ନର ଉତ୍ତର ଦେବା ବା ମତାମତ ଦେବା ପ୍ରସଙ୍ଗରେ) ହଁ ବା ସେହିପରି।

**absolution** ବି. ପାପ ବା ଦୁଷ୍କର୍ମ ପାଇଁ ଔପଚାରିକ କ୍ଷମା; ନିର୍ମୁକ୍ତି।

**absolutism** ବି. ସ୍ୱେଚ୍ଛାଚାରୀ ବା ନିରଙ୍କୁଶ ଭାବରେ ରାଜ୍ୟ ଶାସନ ରୀତି; absolutist ବି. ସ୍ୱେଚ୍ଛାଚାରୀ ବା ନିରଙ୍କୁଶବାଦୀ (ଶାସକ)।

**absolve** *ସ.କ୍ରି.* ଦୋଷ ବା ପାପରୁ କ୍ଷମା ବା ମୁକ୍ତିଦେବା; (ଋଣ, ଦାୟିତ୍ୱ, କର୍ତ୍ତବ୍ୟରୁ), ଅବ୍ୟାହତି ଦେବା।

**absorb** *ସ.କ୍ରି.* ଶୋଷିନେବା, ଆକର୍ଷଣ କରିବା (ଉତ୍ତାପ ଓ ଜଳ ପ୍ରଭୃତି); ସଂପୂର୍ଣ୍ଣ ଭାବରେ ନିମଗ୍ନ ବା ଅଭିନିବିଷ୍ଟ କରିବା (ଜ୍ଞାନ); ଲାଘବ କରିବା (ଅସୁବିଧା, ଆଘାତ ଜନିତ କଷ୍ଟ); ଅନ୍ତର୍ଭୁକ୍ତ କରିବା।

**absorbent** 1. ବିଂ. ଶୋଷଣଶକ୍ତିସଂପନ୍ନ; 2. ବି. ଶୋଷକ ପଦାର୍ଥ; absorbing ବିଂ ଅତି ଚିତ୍ତାକର୍ଷକ, ଅତ୍ୟନ୍ତ ହୃଦୟଗ୍ରାହୀ, ଅଭିନିବିଷ୍ଟକାରୀ।

**absorption** ବି. ଶୋଷଣ, (ଆଲୋକ, ଉତ୍ତାପ ପ୍ରଭୃତିର) ପରିଶୋଷଣ; ସଂପୂର୍ଣ୍ଣ ମନୋନିବେଶ; ଅନ୍ତର୍ଭୁକ୍ତି।

**abstain** *ଅ.କ୍ରି.* କ୍ଷାନ୍ତ ହେବା, ନିରସ୍ତ ହେବା, ନିବୃତ୍ତ ହେବା।

**abstemious** ବିଂ. ପାନ ଭୋଜନାଦିରେ ସଂଯମୀ ବା ମିତାହାରୀ; ମିତାଚାରୀ।

**abstention** ବି. ବିରତି, ନିବୃତ୍ତି (ବିଶେଷତଃ ଭୋଟ ଦେବାରୁ), କ୍ଷାନ୍ତି।

**abstinence** ବି. ପାନାହାର ଓ ସୁଖ ଭୋଗାଦିରେ ସଂଯମ ବା ମିତାଚାର।

**abstract** 1. ବିଂ. ଚିନ୍ତା ବା ତତ୍ତ୍ୱମୂଳକ; ସୂକ୍ଷ୍ମ, ଅସ୍ପଷ୍ଟ, ସଂକ୍ଷିପ୍ତ (ବିଲ୍, ବଜେଟ୍, ପ୍ରଭୃତି); ଅମୂର୍ତ୍ତ (ଧାରଣା, ସଂଖ୍ୟା); 2. କ୍ରି. ପୃଥକ୍ କରିବା, ସଂକ୍ଷିପ୍ତ କରିବା, ଆକର୍ଷଣ କରିବା; 3. ବି. ସଂକ୍ଷିପ୍ତ ସାର ବା ସାରାଂଶ, ସଂକ୍ଷିପ୍ତ ବିବରଣ; 4. abstract noun ଗୁଣ/ଭାବ ବାଚକ ବିଶେଷ୍ୟ (ବ୍ୟା.)।

**abstracted** ବିଂ. ବସ୍ତୁ ନିରପେକ୍ଷ, ବିଷୟ କିଂବା ବସ୍ତୁରୁ ସ୍ୱତନ୍ତ୍ରୀଭୂତ; ଅନ୍ୟମନସ୍କ।

**abstraction** ବି. ନିଷ୍କର୍ଷଣ; ଅମୂର୍ତ୍ତଭାବ; ସୂକ୍ଷ୍ମ ଧାରଣା।

**abstruse** ବିଂ. କଠିନ, ଗୂଢ଼, ଦୁର୍ବୋଧ୍ୟ, ଅସ୍ପଷ୍ଟ।

**absurd** ବିଂ. ଉଦ୍‌ଭଟ; ଅସଙ୍ଗତ; ଅଯୌକ୍ତିକ; ହାସ୍ୟାସ୍ପଦ, ଅର୍ଥହୀନ।

**abundance** ବି. ପ୍ରାଚୁର୍ଯ୍ୟ, ଆବଶ୍ୟକତାରୁ ବହୁତ ବେଶୀ (ସମ୍ପଦ, ଖାଦ୍ୟ ପ୍ରଭୃତି)।

**abundant** ବିଂ. ପ୍ରଚୁର, ବହୁଳ।

**abuse** 1. *ସ.କ୍ରି.* ଅପବ୍ୟବହାର ବା ଅସଦ୍ ବ୍ୟବହାର କରିବା; ଗାଳି ଦେବା; ନିୟମ ଭଙ୍ଗ କରିବା; 2. ବି. ଅପବ୍ୟବହାର (କ୍ଷମତା, ଅଧିକାର, ନିୟମକାନୁନ୍); ତିରସ୍କାର; ବଦଭ୍ୟାସ।

**abusive** ବିଂ. କଟୂକ୍ତିପୂର୍ଣ୍ଣ, ଗାଳିସୂଚକ (ଭାଷା), କୁବାକ୍ୟ।

**abut** କ୍ରି. ସୀମାବର୍ତ୍ତୀ ହେବା (ଅନ୍ୟ ଜମିର); ନିକଟବର୍ତ୍ତୀ ହେବା (ଅନ୍ୟ ଗୃହର)।

**abutment** ବି. ପୋଲ, ସେତୁ ବା ତୋରଣ ପ୍ରଭୃତିର ପାର୍ଶ୍ୱାବଲମ୍ବନ ସ୍ତମ୍ଭ ବା ପାହିଆ ଯାହା ଉପରେ ଖିଲାଣ ରହିଥାଏ; ଅବଲମ୍ବ ଓ ଅବଲମ୍ବିତ ପଦାର୍ଥର ସଂଯୋଗ ସ୍ଥଳ; abuttal ବି. ଶେଷ ସୀମା (ଜମିର); ପ୍ରତିସ୍ପର୍ଶ।

**abysmal** ବିଂ. ଅତ୍ୟଧିକ ଖରାପ ବା ଅତ୍ୟନ୍ତ ନିକୃଷ୍ଟ ଧରଣର; ଗଭୀର, ଘୋର, ଚରମ (ଖରାପ ଅର୍ଥରେ); abysmal ignorance ଚରମ ଅଜ୍ଞତା।

**abyss** ବି. ଅମାପ ଗଭୀରତା; ଅତି ଗଭୀର ଗର୍ତ୍ତ।

**AC** *ସଂଖ.* Alternate Current ଏକାନ୍ତରିତ ବା ପ୍ରତ୍ୟାବର୍ତ୍ତୀ ତଡ଼ିତ୍ ପ୍ରବାହ।

**a/c** (ଏକାଉଣ୍ଟ) ହିସାବ।

**-ac** ଶବ୍ଦର ଶେଷରେ ଯୁକ୍ତ ପ୍ରତ୍ୟୟ ବିଶେଷ; ବିଶେଷଣ ଗଠନ ପାଇଁ (cardiac), ବିଶେଷ୍ୟ ଗଠନ ପାଇଁ (maniac).

**Ac** *ସଂ* ଆକ୍ଟିନିଅମ୍ (Actinium).

Digitized by srujanika@gmail.com

**acacia** ବି. ହଳଦିଆ ବା ଧଳାରଙ୍ଗର ଫୁଲଯୁକ୍ତ ବୃକ୍ଷବିଶେଷ ଯହିଁରୁ ଅଠା ଉତ୍ପନ୍ନ ହୁଏ, ବାବୁଲ ଜାତୀୟ ଗଛ।

**academic** 1. ବିଂ. ବିଦ୍ୟା ବିଷୟକ ବା ଶିକ୍ଷା ସମ୍ବନ୍ଧୀୟ; ତାତ୍ତ୍ୱିକ (ଆଲୋଚନା, ଆଗ୍ରହ); 2. ବି. ଅକାଦମି ବା ଶିକ୍ଷାନୁଷ୍ଠାନର ସଦସ୍ୟ; Academic Council ବିଦ୍ୱଦ୍ ପରିଷଦ, ବିଦ୍ୟା ପରିଷଦ (ବିଶ୍ୱ ବିଦ୍ୟାଳୟର); academic qualification ଶିକ୍ଷାଗତ ଯୋଗ୍ୟତା; academic session/ year ଶିକ୍ଷାବର୍ଷ, ବିଦ୍ୟାବର୍ଷ।

**academy** ବି. ବିଦ୍ୟାଳୟ, ଶିକ୍ଷା ପ୍ରତିଷ୍ଠାନ, କୌଣସି ବିଶିଷ୍ଟ ବିଦ୍ୟାରେ ପ୍ରଶିକ୍ଷଣ ଦେବାର ସ୍ଥାନ (ମିଲିଟାରୀ ଏକାଡେମି); କଳା, ଦର୍ଶନ ବା ସାହିତ୍ୟାଦି ଚର୍ଚ୍ଚାର ସ୍ଥାନ ବା ଅନୁଷ୍ଠାନ (ସାହିତ୍ୟ ଏକାଡେମି) (ପ୍ଲେଟୋଙ୍କ ପ୍ରତିଷ୍ଠିତ ଗ୍ରୀକ 'ଅକାଦେମିଆ'ର ନାମାନୁସାରେ)।

**acanthus** ବି. କଣ୍ଟାଳିଆ ପତ୍ରବିଶିଷ୍ଟ ଔଷଧି ଜାତୀୟ ଉଦ୍ଭିଦ ବିଶେଷ।

**accede** *ଅ.କ୍ରି.* କାର୍ଯ୍ୟଭାର ଗ୍ରହଣ କରିବା; ରାଜ୍ୟ, ସିଂହାସନ ବା ଉଚ୍ଚପଦ ଲାଭ କରିବା; ରାଜି ହେବା; ସମ୍ମତି ଦେବା; (କୌଣସି ଅନୁରୋଧ, ପ୍ରସ୍ତାବ ଓ ମତପାଇଁ) କୌଣସି ଦଳରେ ଯୋଗ ଦେବା, ସମ୍ମିଳିତ ହେବା; acceding states ସମ୍ମିଳିତ ରାଜ୍ୟସମୂହ।

**accelerate** *ସ.କ୍ରି.* ତ୍ୱରାନ୍ୱିତ କରିବା, ବେଗ ବୃଦ୍ଧି କରିବା, ନିର୍ଦ୍ଧାରିତ ସମୟ ପୂର୍ବରୁ ସଂଘଟିତ ହେବା; acceleration ବି. ତ୍ୱରଣ।

**accelerator** ବି. ବେଗବୃଦ୍ଧିକାରୀ ଯନ୍ତ୍ର, ମୋଟର ଗାଡ଼ି ଆଦି ଇଞ୍ଜିନରେ ଗତି ବଢ଼ାଇବା ସକାଶେ ପ୍ରଯୁକ୍ତ ଯନ୍ତ୍ରାଂଶ।

**accent** 1. ବି. ପଦ ଉଚ୍ଚାରଣର ବିଶିଷ୍ଟ ଭଙ୍ଗୀ, ସ୍ୱରପାତ ବା ସ୍ୱରାଘାତ; ପଦାଂଶରେ ଦିଆଯାଉଥିବା ଗୁରୁତ୍ୱ ସୂଚକ ଚିହ୍ନ ('); 2. *ସ.କ୍ରି.* ଯଥାରୀତି ବା ଆବଶ୍ୟକମତେ ଶ୍ୱାସାଘାତ ଦେଇ ଶବ୍ଦ ଉଚ୍ଚାରଣ କରିବା, ସ୍ୱରାଘାତ ସହ ଉଚ୍ଚାରଣ କରିବା।

**accentuate** *ସ.କ୍ରି.* (କୌଣସି ଶବ୍ଦ ବା ମାତ୍ରାକୁ) ଯଥା ସ୍ଥାନରେ ଗୁରୁତ୍ୱ ଦେଇ ଉଚ୍ଚାରଣ କରିବା; (କୌଣସି ବିଷୟକୁ) ପ୍ରାଧାନ୍ୟ ଦେଇ ସୁସ୍ପଷ୍ଟ କରାଇବା ବା ସାମନାକୁ ଆଣିବା।

**accept** *ସ.କ୍ରି.* ଗ୍ରହଣ କରିବା, ଅନୁମୋଦନ କରିବା, ସ୍ୱୀକାର କରିବା (ପ୍ରଦତ୍ତ ବସ୍ତୁକୁ)।

**acceptable** ବିଂ. ଗ୍ରହଣୀୟ, ସ୍ୱାଗତଯୋଗ୍ୟ, ସନ୍ତୋଷଜନକ, ଚଳନୀୟ।

**acceptance** ବି. ପ୍ରାପ୍ତି ସ୍ୱୀକାର, ସ୍ୱୀକୃତି, ଅନୁମୋଦନ, (ବ୍ୟକ୍ତି/ବସ୍ତୁର) ସାଦର ଗ୍ରହଣ।

**access** 1. ବି. ନିକଟ ଆଗମନ ବା ସମୀପବର୍ତ୍ତିତା, ସାନ୍ନିଧ୍ୟଲାଭ, ପ୍ରବେଶ ପଥ ବା ଦ୍ୱାର; ପ୍ରବେଶର ଉପାୟ ବା ଅଧିକାର; ଅତ୍ୟନ୍ତ (ଭାବପ୍ରବଣତାଦିରେ) ଉଚ୍ଛ୍ୱାସ; 2. *ସ.କ୍ରି.* କମ୍ପ୍ୟୁଟରରୁ (ତଥ୍ୟ) ସଂଗ୍ରହ କରିବା; 3. access time କମ୍ପ୍ୟୁଟରରୁ ତଥ୍ୟ ସଂଗ୍ରହ କରିବା ସମୟ।

**accessary** *ଦ୍ର.* accessory

**accessible** ବିଂ. ସୁଗମ, ସୁଲଭ, ପ୍ରବେଶ-ଯୋଗ୍ୟ, ପହଞ୍ଚିବା ପାଇଁ ବା ପାଇବା ପାଇଁ ସମର୍ଥ।

**accession** 1. ବି. ରାଜ୍ୟ, ପଦ ବା ଅବସ୍ଥା ପ୍ରଭୃତି ପ୍ରାପ୍ତି; ସଂଯୋଗ; 2. କ୍ରି. ଲାଇବ୍ରେରୀ ବା ମ୍ୟୁଜିୟମ୍‌କୁ ଆସିଥିବା ନୂଆବହି ବା ବସ୍ତୁକୁ ଲିପିବଦ୍ଧ ବା ନଥିଭୁକ୍ତ କରିବା।

**accessory** 1. ବି. ଅଧିକ ବା ଅତିରିକ୍ତ ବସ୍ତୁ, ସହକାରୀ; ସାହାଯ୍ୟକାରୀ (ବିଶେଷତଃ ଅବୈଧ ବା ବେଆଇନ କାର୍ଯ୍ୟରେ) ବା ଭାଗୀଦାର; କ୍ଷୁଦ୍ର ସଂଯୋଜନ ବା ଯନ୍ତ୍ରାଂଶ; 2. ବିଂ. ଅତିରିକ୍ତ; ଗୌଣ, ସହାୟକ; ପରିହାରଯୋଗ୍ୟ।

**accidence** ବି. (*ବ୍ୟା.*) ଶବ୍ଦର ବିଭକ୍ତି ପ୍ରକରଣ, ଶବ୍ଦରୂପର ପରିବର୍ତ୍ତନ ସଂପର୍କୀୟ ନିୟମ।

**accident** ବି. ଆକସ୍ମିକ ବା ଅପ୍ରତ୍ୟାଶିତ ଘଟଣା, (ସାଧାରଣତଃ) ଦୁର୍ଭାଗ୍ୟଜନକ ଘଟଣା, ଅଭିପ୍ରାୟ- ବିହୀନ କାର୍ଯ୍ୟ; ଦୈବ ଘଟଣା, ବିପତ୍ତି।

**accidental** ବିଂ. ଆକସ୍ମିକ, ଦୈବଘଟିତ, ଅପ୍ରତ୍ୟାଶିତ।

**acclaim** 1. *ସ.କ୍ରି.* ଅଭ୍ୟର୍ଥନା କରିବା, ଉଚ୍ଚ ସ୍ୱରରେ ସ୍ୱାଗତ କରିବା, ଜୟଧ୍ୱନି କରିବା, ଅଭିନନ୍ଦିତ କରିବା; 2. ବି. ଜୟଧ୍ୱନି, ଅଭିନନ୍ଦନ।

**acclamation** ବି. ଉଲ୍ଲସିତ ସମର୍ଥନ, ବ୍ୟକ୍ତିକୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଜୟଧ୍ୱନି, ସାଧୁବାଦ ବା ସ୍ୱାଗତିକା।

**acclimatize** *ସ.କ୍ରି.* ନୂତନ ଜଳବାୟୁ ବା ପରିସ୍ଥିତିରେ ଚଳିବାକୁ ଅଭ୍ୟାସ କରିବା ବା ଚଳିଯିବା।

**acclivity** ବି. (ପର୍ବତ ପ୍ରଭୃତିର) କ୍ରମୋନ୍ନତ ଅଂଶ।

Digitized by srujanika@gmail.com

**accolade** ବି. ପ୍ରଶଂସାପତ୍ର ପ୍ରଦାନ; ବୀରତ୍ୱ ଉପାଧି ପ୍ରଦାନ କରିବା ପାଇଁ ଖଡ୍ଗସ୍ପର୍ଶ ।

**accommodate** ସ.କ୍ରି. ବାସସ୍ଥାନ ଯୋଗାଇ ଦେବା ବା ବ୍ୟବସ୍ଥା କରିବା; ଖାଦ୍ୟ, ଅର୍ଥ, ବାସସ୍ଥାନ, ଶଯ୍ୟା ପ୍ରଭୃତି ଯୋଗାଇ ଦେବା; ଉପଯୋଗୀ କରାଇବା, ମେଳ ଖୁଆଇବା, କଳହ ମୀମାଂସା କରିବା, ସମନ୍ୱୟ ସାଧନ କରିବା ।

**accommodating** ବିଂ. ଅନ୍ୟକୁ ଅନୁଗୃହୀତ କରୁଥିବା, ଅନ୍ୟ ସହିତ ନିଜକୁ ସହଜରେ ଖାପଖୁଆଇ ଚଳିପାରିବାକୁ ସମର୍ଥ ବା ଇଚ୍ଛୁକ, ଅନ୍ୟର ଅସୁବିଧା ସମ୍ଭାଳିନେବା ପାଇଁ ପ୍ରସ୍ତୁତ ।

**accommodation** ବି. ବାସସ୍ଥାନର ବ୍ୟବସ୍ଥା, ସୁବିଧାଜନକ ବ୍ୟବସ୍ଥା (ଖାଦ୍ୟ, ପାନୀୟ, ବାସସ୍ଥାନାଦିର) ।

**accompaniment** ବି. ସହଯୋଗିତା; ଗୀତ, ନୃତ୍ୟ ବା ଅଭିନୟ ପାଇଁ ଆବଶ୍ୟକ ବାଦ୍ୟାଦି ଆନୁଷଙ୍ଗିକ ଉପକରଣ; accompanist ବି. ଗାୟକ ସହ ଯେଉଁ ବ୍ୟକ୍ତି ବାଦ୍ୟ ବଜାଏ ।

**accompany** ସ.କ୍ରି. ସଙ୍ଗରେ ଯିବା, ସାଙ୍ଗରେ ରହିବା, ଦୁଇ ବା ତତୋଽଧିକ ବସ୍ତୁର ଏକତ୍ର ସମାବେଶ କରିବା; (ସଂଗୀତ) ଗାୟକ ବା ଅନ୍ୟ ବାଦକ ସହ ବାଦ୍ୟ ବଜାଇବା ।

**accomplice** ବି. ଅପରାଧରେ ସହାୟକ ବ୍ୟକ୍ତି; ଯେ ଜାଣିଥିବା ଅନ୍ୟର ଅପରାଧକୁ ଗୋପନୀୟ ରଖେ ।

**accomplish** ସ.କ୍ରି. (କାର୍ଯ୍ୟ/କର୍ତ୍ତବ୍ୟ/ଦାୟିତ୍ୱ) ଶେଷ କରିବା, ସଂପାଦନ କରିବା ।

**accomplished** ବିଂ. ଚତୁର, ସୁଦକ୍ଷ, କଳା/ସଂଗୀତ/ ବାକ୍ୟାଳାପାଦି ସାମାଜିକ ଗୁଣାବଳୀ-ସଂପନ୍ନ, ସୁଶିକ୍ଷିତ, ସୁସମ୍ପନ୍ନ ।

**accomplishment** ବି.ସମାପ୍ତି, ପୂରଣ; କଳା, ସଙ୍ଗୀତ, ନୃତ୍ୟ, ଆଚରଣ ପ୍ରଭୃତି ସଦ୍‌ଗୁଣ ।

**accord** 1. କ୍ରି. ଦେବା, ମଞ୍ଜୁର କରିବା, ମେଳ ଖାଇବା, ଉପଯୋଗୀ ହେବା, ସହମତ ହେବା; 2. ବି. ଚୁକ୍ତି ପତ୍ର, ରାଜିନାମା (ଦୁଇ ଦେଶ ମଧ୍ୟରେ); ସମ୍ମତି, ସମନ୍ୱୟ; of one's own accord ନିଜ ଇଚ୍ଛା ଅନୁସାରେ; with one accord ସର୍ବସମ୍ମତିକ୍ରମେ ।

**accordance** ବି. ଐକ୍ୟ, ମେଳ; in accordance with ଅନୁସାରେ, ଅନୁଯାୟୀ; accordant ବିଂ. ।

**according** କ୍ରି.ବିଂ. according as ଅନୁସାରେ, ପରିମାଣରେ; according to ଅନୁସାରେ, ଅନୁଯାୟୀ ।

**accordingly** କ୍ରି.ବିଂ. ତଦନୁସାରେ, ଏଣୁ, ଉକ୍ତ ପରିସ୍ଥିତି ଦୃଷ୍ଟିରୁ ।

**accordion** ବି. ଏକ ପ୍ରକାର ବାୟୁତାଡ଼ିତ ସ୍ୱର ଯନ୍ତ୍ର ।

**accost** ସ.କ୍ରି. ପ୍ରଥମେ ସମ୍ଭାଷଣ କରିବା, (କାହା ପାଖକୁ ଯାଇ) ପ୍ରଥମେ କଥା ଆରମ୍ଭ କରିବା; (ଗଣିକା) ଆଦ୍ୟ ସମ୍ଭାଷଣ କରିବା ।

**account** 1. ବି. ବିବରଣ, ବିଶଦ ବର୍ଣ୍ଣନା, ବିବୃତି, ଲିଖିତ ହିସାବ, ଆୟ ବ୍ୟୟର ହିସାବ ତାଲିକା; 2. କ୍ରି. ଗଣନା କରିବା; 3. account for କାରଣ ସ୍ୱରୂପ ବୁଝାଇବା, ଆୟବ୍ୟୟର ହିସାବ ବୁଝାଇବା, (ଶିକାର) ମାରିବା/ଗୁଳି କରିବା; ବିବେଚନା କରିବା, ବିଚାରିବା ।

**accountable** ବିଂ. ଦାୟୀ, କୈଫିୟତଯୋଗ୍ୟ ।

**accountant** ବି. (ବୃତ୍ତିଗତ) ହିସାବ ରକ୍ଷକ, ହିସାବ ଲେଖକ, ହିସାବବିତ୍, ଖାଜାଞ୍ଚି ।

**accoutrements** ବି. ବ.ବ. ଅସ୍ତ୍ରଶସ୍ତ୍ର ଓ ପୋଷାକ ବ୍ୟତୀତ ସୈନିକ/ଯୋଦ୍ଧାର ଅନ୍ୟାନ୍ୟ ଆଭରଣ ।

**accredit** ସ.କ୍ରି. ବିଶ୍ୱାସ ସ୍ଥାପନ କରିବା; ପ୍ରମାଣ ପତ୍ର ସହ ରାଷ୍ଟ୍ରଦୂତ ବା ରାଜଦୂତ ଭାବରେ (କୌଣସି ବ୍ୟକ୍ତିକୁ) ପଠାଇବା; ବିଶ୍ୱାସଯୋଗ୍ୟ କରିବା; କୌଣସି ବିଷୟରେ କ୍ଷମତା ଦେବା ।

**accredited** ବିଂ. ବିଧିବଦ୍ଧଭାବରେ ସ୍ୱୀକୃତ, ସର୍ବଜନାନୁମୋଦିତ (ବିଶ୍ୱାସ ବା ମତ); ବିଶ୍ୱାସ୍ୟ, କ୍ଷମତାପ୍ରାପ୍ତ ।

**accrescence** ବି. କ୍ରମବୃଦ୍ଧି ।

**accrescent** ବିଂ. ବର୍ଦ୍ଧନଶୀଳ, କ୍ରମବର୍ଦ୍ଧିଷ୍ଣୁ ।

**accretion** ବି. ସ୍ୱାଭାବିକ ଭାବରେ ଅଥବା ଅନ୍ୟ ବସ୍ତୁର ମିଶ୍ରଣ ସାହାଯ୍ୟରେ ଅଭିବୃଦ୍ଧି, କ୍ରମବର୍ଦ୍ଧନ ।

**accrue** ଅ.କ୍ରି. ସ୍ୱାଭାବିକ ଭାବରେ ଅଭିବର୍ଦ୍ଧିତ ହେବା, (ସୁଧ ବା କଳନ୍ତର ଜମା ହେବା); ଉପୂନ ହେବା ।

**accumbent** ବିଂ. ଶାୟିତ ଅବସ୍ଥାରେ, ଭୂମିସଂଲଗ୍ନ ।

**accumulate** କ୍ରି. ସଂଖ୍ୟା ବା ପରିମାଣରେ ବୃଦ୍ଧିଲାଭ କରିବା, ଏକତ୍ର ସମ୍ମିଳିତ ହେବା, ଜମା କରିବା, ସଞ୍ଚୟ କରିବା ବା ସଞ୍ଚିତ ହେବା, ଏକତ୍ର କରିବା ବା ଏକତ୍ର ହେବା ।

Digitized by srujanika@gmail.com

**accumulation** ବି. ସ୍ତୂପୀକରଣ, ସଂଗ୍ରହ, ସଞ୍ଚୟ।
**accumulative** ବିଂ. ପୁଞ୍ଜୀଭୂତ ସଞ୍ଚୟ।
**accumulator** ବି. ମୋଟରଗାଡିର ଶକ୍ତି ସଞ୍ଚୟକାରୀ ଯନ୍ତ୍ର; ଶକ୍ତି ସଞ୍ଚାଳନକାରୀ ଯନ୍ତ୍ର; କମ୍ପ୍ୟୁଟରରେ ସଂଖ୍ୟାଗୁଡିକୁ ଗଚ୍ଛିତ କରି ମିଶ୍ରଣ କରାଇବାର ପ୍ରଣାଳୀ; ସଞ୍ଚୟକାରୀ ବ୍ୟକ୍ତି ବା ପଦାର୍ଥ।
**accuracy** ବି. ଭ୍ରମଶୂନ୍ୟତା, ଯାଥାର୍ଥ୍ୟ, ସଠିକତା।
**accurate** ବିଂ. ଠିକ, ନିର୍ଭୁଲ, ଯଥାର୍ଥ।
**accursed** ବିଂ. ଅଭିଶପ୍ତ, ଘୃଣ୍ୟ, ଅଭିଶାପଗ୍ରସ୍ତ।
**accusation** ବି. ଦୋଷାରୋପ, ଅଭିଯୋଗ, ଅପବାଦ।
**accusative** 1. ବି. *ବ୍ୟା.* କର୍ମକାରକ 2. ବିଂ. ସକର୍ମକ କ୍ରିୟା ବା ଅବ୍ୟୟର କର୍ମ ନିରୂପକ।
**accusatory** ବିଂ. ଅଭିଯୋଗାତ୍ମକ, ଅପବାଦ-ମୂଳକ।
**accuse** *ସ.କ୍ରି.* ଦୋଷ ଦେବା, ଦୋଷୀ କରିବା, କାହା ବିରୋଧରେ ଅଭିଯୋଗ ଆଣିବା, ଅପବାଦ ଦେବା।
**accustom** *ସ.କ୍ରି.* ଅଭ୍ୟାସ କରାଇବା, ଅଭ୍ୟସ୍ତ ହେବା।
**accustomed** ବିଂ. ପ୍ରଚଳିତ, ଅଭ୍ୟସ୍ତ।
**ace** 1. ବି. ତାସର ଟୀକା; ପଶା କାଠିର ପୁଅ 2. ବିଂ. ଯେ କୌଣସି କାର୍ଯ୍ୟରେ ଅତ୍ୟନ୍ତ କୁଶଳ/ପ୍ରଥମ ଶ୍ରେଣୀଭୁକ୍ତ (ସାଧାରଣତଃ ଉଡ଼ାଜାହାଜ ବା ମଟରଗାଡ଼ି ଚାଳକ); within an ace of death ଅଳ୍ପକେ ରକ୍ଷା ପାଇଯିବା।
**acephalous** ବିଂ. ମସ୍ତକହୀନ, ଶୀର୍ଷବିହୀନ, (ଇଂରାଜୀ ଛନ୍ଦ ସମ୍ପର୍କରେ) ଆଦ୍ୟ ଗୁରୁମାତ୍ରାବିହୀନ।
**acerbic** ବିଂ. ରୁକ୍ଷ, କଟୁ, ତୀକ୍ଷ୍ଣ (ଭାଷା/ମିଜାଜ)।
**acerbity** ବି. ରୁକ୍ଷତା, ତୀକ୍ଷ୍ଣତା।
**acetate** ବି. ଆସେଟିକ୍ ଅମ୍ଳଯୁକ୍ତ ଲବଣ, ଉକ୍ତ ପଦାର୍ଥରୁ ପ୍ରସ୍ତୁତ କୃତ୍ରିମ ସିଲ୍‌କ ବା ରେଶମ।
**acetic** ବିଂ. ଅମ୍ଳାତ୍ମକ, ଅମ୍ଳବିଶିଷ୍ଟ, ସିର୍କା ଜାତୀୟ।
**acetone** ବି. ଜୈବ ଯୌଗିକ ଉପାଦାନ ଗୁଡ଼ିକୁ ଦ୍ରବୀଭୂତ କରୁଥିବା ଏକ ପ୍ରକାର ରଙ୍ଗହୀନ ଉଦ୍‌ବାୟୀ ତରଳ ପଦାର୍ଥ।
**acetylene** ବି. ଉଜ୍ଜ୍ୱଳ ଆଲୋକପ୍ରଦ ରଙ୍ଗବିହୀନ ଜ୍ୱଳମାନ ଗ୍ୟାସ୍ (ଧାତବ ବସ୍ତୁର ଝଳାଇ କରିବା ପାଇଁ ବ୍ୟବହୃତ)।
**ache** 1. ବି. ଦୀର୍ଘ ସମୟ ଧରି ରହୁଥିବା ବେଦନା, ବ୍ୟଥା, ଯନ୍ତ୍ରଣା, ମାନସିକ ଯନ୍ତ୍ରଣା; 2. *ଅ.କ୍ରି.* ବଥେଇବା, ଯନ୍ତ୍ରଣା ଦେବା।
**achieve** *ସ.କ୍ରି.* ପରିଶ୍ରମ କରି ସଫଳ ହେବା, (କାର୍ଯ୍ୟ) ସାଧନ କରିବା, ଲକ୍ଷ୍ୟ ହାସଲ କରିବା, ସମ୍ପାଦନ କରିବା।
**achievement** ବି. ସଫଳ ସଂପାଦନ, ମହତ୍ କାର୍ଯ୍ୟ ସାଧନ, କୃତିତ୍ୱପୂର୍ଣ୍ଣ କାର୍ଯ୍ୟ।
**Achilles' heel** ଦୁର୍ବଳତମ ସ୍ଥାନ ବା ବିଷୟ; ମୃତ୍ୟୁଭେଦର ବିଷୟ; ମରମ ବା ଗୁପ୍ତ କଥା, (ଟ୍ରୋଜାନ୍ ଯୁଦ୍ଧରେ ନିହତ ଗ୍ରୀକ ବୀର ଏକିଲିସ୍‌ଙ୍କ ନାମାନୁସାରେ)।
**achromatic** ବିଂ. ବର୍ଣ୍ଣହୀନ, ମୌଳିକ ରଙ୍ଗରେ ବିଭକ୍ତ ନ ହୋଇ ଆଲୋକ ବିକୀରଣ କରିପାରୁଥିବା।
**achy** ବିଂ. ଯନ୍ତ୍ରଣାଦାୟକ, ବ୍ୟଥାପ୍ରଦ।
**acicular** ସୂଚ୍ୟାକାର, ଛୁଞ୍ଚିପରି ତୀକ୍ଷ୍ଣ।
**acid** 1. ବି. ଅମ୍ଳ, ଏକ ପ୍ରକାର ରାସାୟନିକ ଦ୍ରାବକ 2. ବିଂ. ଆମ୍ବିଳା, ଅମ୍ଳଯୁକ୍ତ।
**acidosis** ବି. ଶରୀରସ୍ଥ ରକ୍ତ ବା ତନ୍ତୁ ମାନଙ୍କର ଅତ୍ୟଧିକ ପରିମାଣର ଅମ୍ଳଗୁଣଯୁକ୍ତ ଅବସ୍ଥା।
**acidulate** *ସ.କ୍ରି.* ଅମ୍ଳଯୁକ୍ତ କରିବା, ଆମ୍ବିଳା କରିବା।
**acidulous** ବିଂ. ଖଟାଳିଆ।
**ack–ack** *କ.ଭା.* 1. ବିଂ. ବିମାନ-ବିଧ୍ୱଂସୀ 2. ବି. ବିମାନବିଧ୍ୱଂସୀ କମାଣ।
**acknowledge** *ସ.କ୍ରି.* ସତ୍ୟଭାବେ ସ୍ୱୀକାର କରିବା, ପ୍ରାପ୍ତି ସ୍ୱୀକାର କରିବା, ମାନିନେବା (ଦୋଷ, ତ୍ରୁଟି); ଗୁଣ ସ୍ୱୀକାର କରିବା; କୌଣସି ବ୍ୟକ୍ତିକୁ ଚିହ୍ନିପାରିବାର ସୂଚନା ଦେବା।
**acknowledgement** ବି. (କୌଣସି ବସ୍ତୁର) ଅସ୍ତିତ୍ୱ ସ୍ୱୀକାର, ପ୍ରାପ୍ତି ସ୍ୱୀକାର, ପ୍ରାପ୍ତି ସ୍ୱୀକାରର ରସିଦ, ଧନ୍ୟବାଦ ଜ୍ଞାପନ।
**acme** ବି. ଶୀର୍ଷ, ଚରମ ଉନ୍ନତି, ପରାକାଷ୍ଠା।
**acne** ବି. ମୁଖବ୍ରଣ।
**acolyte** ବି. ଧର୍ମଯାଜକଙ୍କର କାର୍ଯ୍ୟରେ ସାହାଯ୍ୟ କରୁଥିବା ଗୀର୍ଜାର ଅଧସ୍ତନ କର୍ମଚାରୀ, ସହକାରୀ, ନବିଶ୍।

Digitized by srujanika@gmail.com

**aconite** ବି. ଏକ ପ୍ରକାର ବିଷାକ୍ତ ଉଦ୍ଭିଦ, ତହିଁରୁ ପ୍ରସ୍ତୁତ ଅର୍କ ବା ଔଷଧ ।

**acorn** ବି. ଓକ୍ ବୃକ୍ଷର ଫଳ, ମଞ୍ଜି ।

**acoustic** ବିଂ. ଶ୍ରବଣଶକ୍ତି ସମ୍ବନ୍ଧୀୟ, ଧ୍ୱନିସଂକ୍ରାନ୍ତ ।

**acoustics** ବି. 1. ବ.ବ. ପ୍ରେକ୍ଷାଳୟ/ବଡ଼ ପ୍ରକୋଷ୍ଠ ପ୍ରଭୃତିରେ ଗୀତ, ବକ୍ତୃତା ପ୍ରଭୃତି ଉତ୍ତମରୂପେ ଶୁଣିପାରିବାର ବ୍ୟବସ୍ଥା; 2. ଏ.ବ. ଧ୍ୱନି ବା ନାଦ ବିଦ୍ୟା, ଶ୍ରୁତି ବିଜ୍ଞାନ ।

**acquaint** ସ.କ୍ରି. ଜଣାଇ ଦେବା, ଅବଗତ କରାଇବା, ପରିଚିତ କରାଇବା; be acquainted with (ବ୍ୟକ୍ତି ବା ବସ୍ତୁକୁ) ସାମାନ୍ୟ ଭାବରେ ଜାଣିବା ।

**acquaintance** ବି. ପରିଚୟ; ପରିଚିତ ବ୍ୟକ୍ତି; ସାମାନ୍ୟ ଜ୍ଞାନ ।

**acquiesce** ଅ.କ୍ରି. ମୌନ ସମ୍ମତି ଜଣାଇବା (ଇଚ୍ଛା ଅନିଚ୍ଛା ସତ୍ତ୍ୱେ), ପରୋକ୍ଷ ସମ୍ମତି ଦେବା, ବିନା ଆପତ୍ତିରେ ରାଜି ହେବା ।

**acquire** ସ.କ୍ରି. ନିଜେ ଓ ନିଜ ପାଇଁ ଲାଭ କରିବା, ଅର୍ଜନକରିବା (ଧନ, ଜ୍ଞାନ, ଖ୍ୟାତିପ୍ରଭୃତି) ।

**acquirement** ବି. ମାନସିକ ସଂପ୍ରାପ୍ତି (ବିଦ୍ୟା, ଜ୍ଞାନ, ଗୁଣ); ଉପାର୍ଜନ ।

**acquisition** ବି. ଉପାର୍ଜନ, ଉପାର୍ଜିତ ବସ୍ତୁ ।

**acquisitive** ବିଂ. ଅଧିକାର କରିବା ପାଇଁ ତତ୍ପର, ଅର୍ଜନେଚ୍ଛୁ ।

**acquit** ସ.କ୍ରି. (କୌଣସି ବ୍ୟକ୍ତିକୁ) ନିର୍ଦ୍ଦୋଷ ଘୋଷଣା କରିବା, ଖଲାସ କରିଦେବା, ନିର୍ଦ୍ଦୋଷରେ ମୁକ୍ତି ଦେବା; acquit oneself ଦାୟିତ୍ୱ ତୁଲାଇବା, ନିଜର ଆଚରଣ ଦେଖାଇବା ।

**acquittal** ବି. ବିଚାର ଦ୍ୱାରା ଦୋଷ ବା ଅଭିଯୋଗରୁ ମୁକ୍ତି; ଖଲାସ; ଅବ୍ୟାହତି; ଦାୟିତ୍ୱ ସଂପାଦନ ।

**acquittance** ବି. ପ୍ରାପ୍ତି ସୂଚକ ରସିଦ; ଋଣ ମୁକ୍ତି, ଋଣ ପରିଶୋଧ ।

**acre** ବି. ଏକର (ଜମିର ପରିମାଣ); ୪୮୪୦ ବର୍ଗଗଜ ବା (୦.୪୦୫ ହେକ୍ଟର) ପ୍ରାୟ ୪୦୦୦ ବର୍ଗ ମିଟର ପରିମିତ ଜମି ।

**acreage** ବି. କୌଣସି ସ୍ଥାନରେ ଯେତେ ଏକର ଜମି ଥାଏ ତାହାର ପରିମାପ ।

**acrid** ବିଂ. ତୀବ୍ର, କଟୁ ସ୍ୱାଦ ବା ଗନ୍ଧ ବିଶିଷ୍ଟ, କର୍କଶ, ରୁକ୍ଷ, ତୀକ୍ଷ୍ଣ (ବ୍ୟବହାର ବା ମିଜାଜ) ।

**acrimonious** ବିଂ. ରୁକ୍ଷ, ତିକ୍ତ, କଟୁ, (ଭାଷା, କଳହ, ବାଦାନୁବାଦ) ।

**acrobat** ବି. ବିଭିନ୍ନ ପ୍ରକାର ଶାରୀରିକ କୌଶଳ ବା ଖେଳ କରୁଥିବା ବ୍ୟକ୍ତି ।

**acrobatics** ବି.ବ.ବ. ଶାରୀରିକ ବ୍ୟାୟାମ ଜନିତ କ୍ରୀଡ଼ା କୌଶଳ ସମୂହ; ଏ.ବ. ଉକ୍ତ କ୍ରୀଡ଼ା ସମୂହର ସଂପାଦନ ବା ପ୍ରଦର୍ଶନ ।

**acronym** ବି. କେତେଗୁଡ଼ିଏ ପଦର ପ୍ରଥମ ବର୍ଣ୍ଣ ଗୁଡ଼ିକୁ ନେଇ ଯେଉଁ ନାମର ସୃଷ୍ଟି କରାଯାଏ ଉଦା. NASA = National Aeronautics and Space Administration.

**acropolis** ବି. ନଗରର ଦୁର୍ଗ, ପ୍ରାଚୀନ ଗ୍ରୀସର ନଗରୀ (ବିଶେଷତଃ ଏଥେନ୍ସର) ଦୁର୍ଗ; ପ୍ରଧାନ ସୁରକ୍ଷିତ ଅଂଚଳ ।

**across** 1. ଅ. ଏ ପାଖରୁ ସେପାଖ (across the bridge); ଆରପାଖରେ (just across the street); ଛକି କାଟିଲା ପରି (the cat across her lap); ଆଡ଼ ଭାବରେ, ମଧ୍ୟ ଦେଇ, ଉପରରେ; 2. କ୍ରି.ବିଂ. ବିଭିନ୍ନ କ୍ରିୟା ପଦସହ ଅବ୍ୟୟ ଅର୍ଥରେ ବ୍ୟବହୃତ (swim across, come across).

**acrostic** ବି. ଶବ୍ଦ ଧନ୍ଦା; ଯେଉଁ କବିତାରେ ପ୍ରତ୍ୟେକ ଧାଡ଼ିର ଆଦ୍ୟ କିମ୍ବା ଆଦ୍ୟ ଓ ପ୍ରାନ୍ତ ଅକ୍ଷର ଦ୍ୱାରା ଶବ୍ଦାବଳୀ ରଚିତ ହୋଇଥାଏ ।

**acrylic** 1. ବି. ପୋଷାକ ପ୍ରଭୃତି ତିଆରିରେ ବ୍ୟବହୃତ ହେଉଥିବା ଏକ ପ୍ରକାର ସୂକ୍ଷ୍ମ ତନ୍ତୁ, ଏକ ପ୍ରକାର ସ୍ୱଚ୍ଛ ରଙ୍ଗବିହୀନ ପ୍ଲାଷ୍ଟିକ୍ (କଳକାରଖାନା ମାନଙ୍କରେ ବିଶେଷ ଭାବରେ ବ୍ୟବହୃତ); 2. ବିଂ. ଏକ୍ରିଲିକ ଅମ୍ଳ ପ୍ରସୂତ ପଲିମର ଦ୍ୱାରା ନିର୍ମିତ ତନ୍ତୁ ସମ୍ବନ୍ଧୀୟ; 3. ଏକ୍ରିଲିକଏସିଡ୍ ।

**act** 1. ବି. କାର୍ଯ୍ୟ, କୀର୍ତ୍ତି, କରୁଥିବା ଅବସ୍ଥା (caught in act); (ନାଟକର) ଅଙ୍କ, ଅଭିନୟ, ଆଇନ୍; act of God ଦୈବ ଘଟଣା; 2. କ୍ରି. କାର୍ଯ୍ୟ କରିବା; act for (ବ୍ୟକ୍ତିର) ପ୍ରତିନିଧିତ୍ୱ କରିବା; act on advice ଉପଦେଶ ଅନୁସାରେ କାର୍ଯ୍ୟ କରିବା ।

**acting** 1. ବିଂ. ଅନ୍ୟ ଜଣଙ୍କର କାର୍ଯ୍ୟ କିଛି ସମୟ ପାଇଁ ତୁଲାଇଥିବା (the acting headmaster); ବଦଳିଆ; ଅସ୍ଥାୟୀ ଭାବେ କାର୍ଯ୍ୟକାରୀ 2. ବି. ଅଭିନୟ କୌଶଳ ।

Digitized by srujanika@gmail.com

**actinium** ବି. ପିଚ୍‌ବ୍ଲେଣ୍ଡ (ତଥା ୟୁରାନିୟମ ଅକ୍ସାଇଡ୍) ରେ ଥିବା ରେଡ଼ିଓ ଏକ୍ଟିଭ ଉପାଦାନ।

**action** ବି. କାର୍ଯ୍ୟ, ଆଚରଣ, ଗତିବିଧି, ଗୋଟିଏ ବସ୍ତୁର ଅନ୍ୟ ବସ୍ତୁ ଉପରେ ପ୍ରଭାବ ବା ପ୍ରତିକ୍ରିୟା, କୃତକର୍ମ; ଯୁଦ୍ଧ (killed in action); ପିଆନୋ, ବନ୍ଧୁକ ଓ ଅନ୍ୟାନ୍ୟ କେତେକ ଯନ୍ତ୍ରପାତିର ଗଠନ ଶୈଳୀ; ଶରୀର ଚାଳନା ରୀତି (of a horse when jumping, of an athlete); ଆଇନ୍ ସଙ୍ଗତ କାର୍ଯ୍ୟାନୁଷ୍ଠାନ ବା ମକଦ୍ଦମା; action stations ଯୁଦ୍ଧ ପାଇଁ ପ୍ରସ୍ତୁତ ସୈନ୍ୟମାନଙ୍କର ସଜ୍ଜୀକରଣ; out of action ଅଚଳ।

**actionable** ବିଂ. ମକଦ୍ଦମା ବା ଆଇନସଙ୍ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଗ୍ୟ, ଅଭିଯୋଗ ପାଇଁ ପ୍ରଶସ୍ତ।

**activate** ସ.କ୍ରି. ସକ୍ରିୟ କରିବା; ରେଡିଓ ଏକ୍ଟିଭ୍ କରିବା।

**active** ବିଂ. କର୍ମଠ, କାର୍ଯ୍ୟକ୍ଷମ, କ୍ରିୟାଶୀଳ, ଉଦ୍ୟମୀ, ନିରଳସ, ସ୍ଫୂର୍ତ୍ତିଶୀଳ, ଗତିଶୀଳ; on active service ଯୁଦ୍ଧରେ ନିଯୁକ୍ତ, କର୍ତ୍ତବ୍ୟରତ; active voice କର୍ତ୍ତୃବାଚ୍ୟ; under active consideration ବିଚାରାଧୀନ।

**activist** ବି. ରାଜନୈତିକ କାର୍ଯ୍ୟକଳାପରେ ସକ୍ରିୟ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି।

**activity** ବି. କାର୍ଯ୍ୟକଳାପ, କର୍ମଠତା, ଉଦ୍ୟମଶୀଳତା।

**actor** ବି. ଅଭିନେତା।

**actual** ବିଂ. ବାସ୍ତବ, ପ୍ରକୃତ, ଯଥାର୍ଥ।

**actuality** ବି. ବାସ୍ତବତା, ଯଥାର୍ଥତା।

**actually** କ୍ରି.ବିଂ. ପ୍ରକୃତରେ, ବାସ୍ତବରେ, ଯଥାର୍ଥରେ।

**actuary** ବି. ପରିସଂଖ୍ୟାନ ବିଶେଷଜ୍ଞ-ବିଶେଷତଃ ଜନ୍ମ-ମୃତ୍ୟୁ ହାର ଓ ଜୀବନ ବୀମା ସଂକ୍ରାନ୍ତରେ; actuarial ବିଂ. ତତ୍ ସଂକ୍ରାନ୍ତୀୟ।

**actuate** ସ.କ୍ରି. ଗତିଶୀଳ କରାଇବା; (କୌଣସି ଯନ୍ତ୍ରକୁ) କ୍ରିୟାଶୀଳ କରାଇବା, ଉଦ୍‌ବୁଦ୍ଧ କରିବା, କାର୍ଯ୍ୟ କରିବାପାଇଁ ପ୍ରୋତ୍ସାହିତ କରିବା।

**acuity** ବି. ପ୍ରଖରତା, ତୀକ୍ଷ୍ଣତା।

**acumen** ବି. ବୁଦ୍ଧିର ତୀକ୍ଷ୍ଣତା, ବିଚକ୍ଷଣତା, ସୂକ୍ଷ୍ମଦର୍ଶିତା।

**acupuncture** ବି. ସୂକ୍ଷ୍ମ ଛୁଞ୍ଚଦ୍ୱାରା ଶରୀରର ବିଭିନ୍ନ ତନ୍ତୁକୁ ଫୋଡ଼ିବା ପ୍ରକ୍ରିୟା-ମୂଳକ ଚିକିତ୍ସାପ୍ରଣାଳୀ।

**acute** ବିଂ. (ଇନ୍ଦ୍ରିୟ, ଜ୍ଞାନ ଓ ବୁଦ୍ଧି ସଂବନ୍ଧୀୟ) ତୀକ୍ଷ୍ଣ, ଚଞ୍ଚଳ, କ୍ଷିପ୍ର; (ରୋଗ) ସାଂଘାତିକ ଓ ଅତ୍ୟନ୍ତ ଯନ୍ତ୍ରଣା ଦାୟକ, ସଂକଟାପନ୍ନ; (ଶବ୍ଦ) ଉଚ୍ଚ, ତୀବ୍ର, କର୍କଶ; acute angle ସୂକ୍ଷ୍ମକୋଣ/୯୦°ରୁ କମ୍ କୋଣ; acute accent ବା ସ୍ୱରବର୍ଣ୍ଣ ଉପରେ ଦିଆଯାଇଥିବା ଗୁଣ ବା ମାତ୍ରାସୂଚକ ଚିହ୍ନ।

**–acy** ପ.ପ୍ର. ବିଶେଷଣରୁ ଗୁଣ ବା ଅବସ୍ଥା ସୂଚକ ବିଶେଷ୍ୟ ଗଠନ ନିମନ୍ତେ ବ୍ୟବହୃତ; ଯଥା. accuracy, lunacy, magistracy.

**ad** ବି. ସଂକ୍ଷ advertisement ବିଜ୍ଞାପନ।

**ad–** ଉ.ପ. ଶବ୍ଦ ପୂର୍ବରେ ବ୍ୟବହୃତ: ଗତି, ଦିଗକୁ, ସଂଲଗ୍ନତା, ପରିବର୍ତ୍ତନ, ମିଶ୍ରଣ, ବୃଦ୍ଧି ପ୍ରଭୃତିକୁ ସୂଚାଏ।

**A.D.** ସଂକ୍ଷ. ଲାଟିନ୍ Anno Domini (ପ୍ରଭୁଙ୍କ ବର୍ଷରେ)ର ସଂକ୍ଷେପଣ, ଖ୍ରୀଷ୍ଟାବ୍ଦ।

**adage** ବି. ପ୍ରାଚୀନ ସୁଭାଷିତ, ପ୍ରବାଦ ବାକ୍ୟ, ରୂଢ଼ି ବାକ୍ୟ।

**adagio** (ସଂଗୀତ) 1. ବିଂ. କ୍ରି.ବିଂ. ବିଳମ୍ବିତ ସ୍ୱରରେ; ଧୀରେ ଧୀରେ; 2. ବି. ବିଳମ୍ବିତ; ଧୀର ମୂର୍ଚ୍ଛନା।

**Adam** ବି. ଆଦି ମାନବ, ପ୍ରଥମ ସୃଷ୍ଟ ମନୁଷ୍ୟ; Adam's apple ଗଳ ଘଣ୍ଟିକା; not know person from Adam ତାହା ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ।

**adamant** 1. ବିଂ. ଅତି କଠିନ, ଦୃଢ଼, ଅବିଚଳିତ 2. ବି. ଦୁର୍ଭେଦ୍ୟ ଟାଣ ପଥର ବା ପଦାର୍ଥ।

**adapt** ସ.କ୍ରି. ନୂତନ ଆବଶ୍ୟକତା, ପରିସ୍ଥିତି ପ୍ରଭୃତିରେ କୌଣସି ବସ୍ତୁକୁ ଉପଯୋଗୀ ବା ବ୍ୟବହାରଯୋଗ୍ୟ କରାଇବା; (ପୁସ୍ତକ ବା ପାଠ୍ୟ ବସ୍ତୁକୁ) ପରିବର୍ତ୍ତନ ବା କାଟଛାଣ୍ଟ କରିବା; adapt oneself ନିଜକୁ ଖାପ ଖୁଆଇ ଚଳିବା; ବିଂ. adaptable; ବି. adaptation.

**adaptor** ବି. କୌଣସି ଯନ୍ତ୍ରାଂଶକୁ ଉପଯୋଗୀ କରିବା ପ୍ରଣାଳୀ; ବିଭିନ୍ନ ବୈଦ୍ୟୁତିକ ପ୍ଲଗ୍‌କୁ ଗୋଟିଏ ସକେଟରେ ଯୋଡ଼ିବା ପାଇଁ ବ୍ୟବହୃତ ଯନ୍ତ୍ରାଂଶ।

Digitized by srujanika@gmail.com

**add** କ୍ରି. ଯୋଗ କରିବା, ମିଶାଇବା, ସଂଯୋଗ କରିବା, ଏକାଧିକ ବସ୍ତୁକୁ ଏକତ୍ର କରିବା, ବୃଦ୍ଧି କରିବା; ଆହୁରି ଅଧିକ କହିବା ।

**addendum** ବି. ପରିଶିଷ୍ଟ, ପୁସ୍ତକର ଶେଷରେ ପ୍ରଦତ୍ତ ଅତିରିକ୍ତ ବିଷୟ ।

**adder** ବି. ଏକ ପ୍ରକାର ଛୋଟ ବିଷଧର ସର୍ପ; ୟୁରୋପ ଓ ଆମେରିକାର ଏକ ପ୍ରକାର ବିଷଧର ସର୍ପ ।

**addict** ବି. ହାନିକାରକ ଅଭ୍ୟାସରେ, ବିଶେଷତଃ ନିଶାଦ୍ରବ୍ୟ, ଔଷଧ ପ୍ରଭୃତିରେ ଆସକ୍ତ ବ୍ୟକ୍ତି, ଅମଲୀ ।

**addicted** ବିଂ. (କୌଣସି କ୍ଷତିକାରକ) ଅଭ୍ୟାସରେ (ବିଶେଷତଃ ନିଶାଦ୍ରବ୍ୟ, ଔଷଧ) ଆସକ୍ତ ବ୍ୟକ୍ତି ।

**addiction** ବି. ଅତ୍ୟନ୍ତ ଆସକ୍ତି (ନିଶାଦ୍ରବ୍ୟ, ହାନିକାରକ ଔଷଧ ପ୍ରଭୃତିରେ); ଏତାଦୃଶ ଆସକ୍ତ ଅବସ୍ଥା ।

**addictive** ବିଂ. ହାନିକାରକ ଆସକ୍ତି ଜାତ କରୁଥିବା ।

**addition** ବି. ମିଶ୍ରଣ, ଯୋଗ, ସମଷ୍ଟି, ସଂଯୋଗ, ବୃଦ୍ଧି ।

**additional** ବିଂ. ଅଧିକା, ଅତିରିକ୍ତ ।

**additive** 1. ବି. ମିଶା ଯାଉଥିବା ଦ୍ରବ୍ୟ, ବିଶେଷତଃ ନିର୍ଦ୍ଦିଷ୍ଟ ଗୁଣବିଶିଷ୍ଟ; 2. ବିଂ. ମିଶ୍ରଣ ସଂକ୍ରାନ୍ତୀୟ ।

**addle** ସ.କ୍ରି. ଗୋଳିଆ ବା ଆବିଳ କରିବା ।

**addled** ବିଂ. (ଅଣ୍ଡା ସଂପର୍କରେ) କାଞ୍ଜିଆ ହୋଇଯାଇଥିବା; ପଚିଯାଇଥିବା; **addle headed** ବିଂ. ମୋଟାବୁଦ୍ଧିଆ, ମଥା ପାଗଳ ।

**address** 1. ବି. ପତ୍ରାଦି ବିନିମୟ ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତିର ବା ସଂସ୍ଥାର ଅବସ୍ଥାନ ସଂପର୍କିତ ବିଶେଷ ବିବରଣୀ, ଠିକଣା; ଶିରୋନାମା; ଭାଷଣ; ସୂଚିତ ବସ୍ତୁର ଅବସ୍ଥିତି ନିର୍ଦ୍ଦେଶ କରୁଥିବା କମ୍ପ୍ୟୁଟର ଅଂଶବିଶେଷ; 2. ସ.କ୍ରି. (ଚିଠି, ପାର୍ଶଲ ପ୍ରଭୃତି ଉପରେ) ଠିକଣା ଲେଖିବା. କାହାକୁ ଲକ୍ଷ୍ୟକରି କହିବା ବା ଲେଖିବା, ଅନ୍ୟର ଦୃଷ୍ଟି ଆକର୍ଷଣ କରିବା; (ଗୋଲ୍ଫ ଖେଳରେ ବଲ୍‌କୁ) ଲକ୍ଷ୍ୟକରିବା ।

**addressee** ବି. ଯେଉଁ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଚିଠି ଇତ୍ୟାଦି ଲେଖା ଯାଏ ବା ପଠାଯାଏ, ପତ୍ରପ୍ରାପକ ।

**Addressograph** ବି. ଲଫାପା ଉପରେ ଠିକଣା ଛାପିବା ଯନ୍ତ୍ର ।

**adduce** ସ.କ୍ରି. ପ୍ରମାଣ ବା ଉଦାହରଣ ସ୍ୱରୂପ ଉଦ୍ଧାର କରିବା, ଉପସ୍ଥାପନ କରିବା; **adducible** ବିଂ. ଉପସ୍ଥାପନଯୋଗ୍ୟ ।

**adenoids** ବି.ବ.ବ. ନାକର ପଛ ଅଂଶ ଓ ଗଳାର ମଧ୍ୟବର୍ତ୍ତୀ ବଢ଼ିଯାଇଥିବା ତନ୍ତୁସମୂହ, ଯାହା ସାଧାରଣତଃ ନିଃଶ୍ୱାସ ନେବାରେ ବାଧା ସୃଷ୍ଟି କରେ ।

**adept** 1. ବିଂ. (କୌଣସି କାର୍ଯ୍ୟରେ) ସଂପୂର୍ଣ୍ଣ ଦକ୍ଷ ବା ପାରଙ୍ଗମ, କୁଶଳୀ; 2. ବି. ପ୍ରବୀଣ, ଦକ୍ଷ ବା କୁଶଳୀ ବ୍ୟକ୍ତି ।

**adequate** ବିଂ. ଆବଶ୍ୟକତା ଅନୁସାରେ ଯଥେଷ୍ଟ (ଗୁଣ ବା ପରିମାଣରେ), ପର୍ଯ୍ୟାପ୍ତ, ବି. adequacy.

**adhere** ଅ.କ୍ରି. ସମର୍ଥନ କରିବା ବା ସାହାଯ୍ୟ କରିବା (ବ୍ୟକ୍ତି ବା ମତକୁ); (କୌଣସି ଗୋଷ୍ଠୀ ବା ଦଳସହ) ମିଳିତ ହୋଇ ରହିବା ବା ବନ୍ଧୁତା କରିବା; ନିୟମ ଅନୁସାରେ କାର୍ଯ୍ୟ କରିବା, ଚଳିବା, ସର୍ତ୍ତକୁ ମାନିବା, (କୌଣସି ବସ୍ତୁ ସହ) ଲାଗି ରହିବା; ଦୃଢ଼ ଭାବରେ ସଂଲଗ୍ନ ହେବା ।

**adherent** 1. ବି. ସମର୍ଥନକାରୀ, ଅନୁରକ୍ତ ବ୍ୟକ୍ତି ବା ଅନୁରାଗୀ (କୌଣସି ଦଳ ବା ମତର); 2. ବିଂ. ଅନୁରକ୍ତ, ଜଡିତ, ସଂଯୁକ୍ତ, **adherence** ବି. ଆନୁଗତ୍ୟ, ସଂଲଗ୍ନତା ।

**adhesion** ବି. ସଂଲଗ୍ନତା, ପ୍ରଦାହ ଫଳରେ ଶରୀରସ୍ଥ ତନ୍ତୁ ମାନଙ୍କର ଅସ୍ୱାଭାବିକ ଯୋଡି ହୋଇଯିବା ।

**adhesive** 1. ବିଂ. ଅଠାଳିଆ, ଦୃଢ଼ ଭାବରେ ଲାଗି ରହିବା ଗୁଣଯୁକ୍ତ; ସଂଲଗ୍ନ, ସଂଶ୍ଳିଷ୍ଟ, ଲାଗିଥିବା; 2. ବି.ଅଠାଳିଆ ବସ୍ତୁ, ଅଠା ପଟି ।

***ad hoc*** ଏହି ଉଦ୍ଦେଶ୍ୟରେ । *(ଲା.)*

**adieu** *ଅ.ଓ.ବି.* ବିଦାୟ, ବିଦାୟ ସମ୍ଭାଷଣ; bid adieu ବିଦାୟ ନେବା/ଦେବା ।

***ad infinitum*** ସୀମାତୀତ ଭାବରେ, ଚିରକାଳ ପାଇଁ । *(ଲା.)*

**adipose** ବି. ପୃଥୁଳ, ମେଦବହୁଳ ।

**adjacent** ବିଂ. ନିକଟବର୍ତ୍ତୀ, ସନ୍ନିହିତ, ପାର୍ଶ୍ୱବର୍ତ୍ତୀ ।

**adjective** ବି. (ବ୍ୟା.) ବିଶେଷଣ; adjectival ବିଂ. ବିଶେଷଣ ସଂକ୍ରାନ୍ତୀୟ ।

Digitized by srujanika@gmail.com

**adjoin** ସ.କ୍ରି. ପରବର୍ତ୍ତୀ ହୋଇ ସଂଯୁକ୍ତ ହେବା ବା କରିବା, ଲଗାଲଗି ହେବା ।

**adjourn** କ୍ରି. କିଛି କାଳ ପାଇଁ ସ୍ଥଗିତ କରିବା (ସଭା ବା ଆଲୋଚନା); ମୁଲତବି ରଖିବା, ସଭାର ସ୍ଥାନ ପରିବର୍ତ୍ତନ କରିବା; adjournment ବି. ମୁଲତବି, ସ୍ଥଗିତୀକରଣ; adjournment motion ମୁଲତବୀ ପ୍ରସ୍ତାବ; adjournment petition ମହଲତ ଦରଖାସ୍ତ ।

**adjudge** ସ.କ୍ରି. ବିଚାର କରି ନିଷ୍ପତ୍ତି କରିଦେବା, ରାୟଦେବା, ବିଚାର ପରେ ସିଦ୍ଧାନ୍ତ କରିବା; ସ୍ଥିର କରିବା ।

**adjudicate** କ୍ରି. (ନ୍ୟାୟାଳୟ, ବିଚାରାଳୟ, ପ୍ରତିଯୋଗିତା ପ୍ରଭୃତିରେ) ବିଚାରକର କାର୍ଯ୍ୟ ତୁଲାଇବା, ରାୟ ଦେବା, ନିଷ୍ପତ୍ତି ଜଣାଇବା; adjudicator ବି. ଉକ୍ତ ପ୍ରକାର ବିଚାର ବା ନିଷ୍ପତ୍ତିକାରୀ; adjudication ବି. ବିଚାର ଗ୍ରହଣ, ନିଷ୍ପତ୍ତୀକରଣ ।

**adjunct** ବି. ସଂଯୁକ୍ତ ପଦାର୍ଥ, ଅନୁଲଗ୍ନ ଅଂଶ; *ବ୍ୟା.* ଗୁଣବାଚକ ବା ବିବର୍ଦ୍ଧକ ପଦ ।

**adjure** ସ.କ୍ରି. ଅଭିଯୋଗ କରିବା, ଆନୁଷ୍ଠାନିକ ଭାବରେ ଅନୁରୋଧ କରିବା (କୌଣସି କାର୍ଯ୍ୟ କରିବାପାଇଁ) ।

**adjust** କ୍ରି. ସମନ୍ୱୟ ସାଧନ କରିବା, ବ୍ୟବସ୍ଥା ବା ବନ୍ଦୋବସ୍ତ କରିବା, ଯଥୋପଯୁକ୍ତ ଭାବେ ରଖିବା, ଠିକ୍ ଭାବରେ ସଜାଇବା, ନିୟମିତ କରିବା, ଆବଶ୍ୟକତା ବା ଉଦ୍ଦେଶ୍ୟ ଅନୁସାରେ ଉପଯୋଗୀ କରାଇବା, ସମାଧାନ କରିବା; adjust oneself ନିଜକୁ ଖାପ ଖୁଆଇ ଚଳାଇବା (ପରିବର୍ତ୍ତିତ ପରିସ୍ଥିତିରେ); adjustment ବି.ସମନ୍ୱୟ ।

**adjutant** ବି. ଉଚ୍ଚ ସାମରିକ କର୍ମକର୍ତ୍ତାଙ୍କର ପ୍ରଶାସନିକ ସହକାରୀ, ସହାୟକ; adjutant (bird) ହାଡ଼ଗିଳା ଚଢ଼େଇ ।

**ad lib** 1. କ୍ରି. ଅପ୍ରସ୍ତୁତ ଅବସ୍ଥାରେ କହିବା, ବିନା ପ୍ରସ୍ତୁତିରେ ତାତ୍କାଳିକ ପରିସ୍ଥିତିରେ କାମ ଚଳାଇନେବା; (ନାଟକ, କବିତା ପ୍ରଭୃତିର ଅଂଶ) ତୁରନ୍ତ ରଚନା କରି ଆବୃତ୍ତି ବା ଅଭିନୟ କରିବା; 2. ବିଂ. ତାତ୍କ୍ଷଣିକ; ବିନା ପ୍ରସ୍ତୁତୀକୃତ; 3. କ୍ରି.ବିଂ. ଖୁସି ଅନୁସାରେ, ଯଥେଚ୍ଛ ।

**administer** କ୍ରି. ପରିଚାଳନା କରିବା (ସଂପତ୍ତି, କାର୍ଯ୍ୟାଳୟ ପ୍ରଭୃତି); ତତ୍ତ୍ୱନେବା; କାର୍ଯ୍ୟ ନିର୍ବାହ କରିବା, ପ୍ରଶାସନ କରିବା, ଯୋଗାଇ ଦେବା ବା ପ୍ରୟୋଗ କରିବା (ଔଷଧ ବା ଚିକିତ୍ସା ପଦ୍ଧତି); (ନିନ୍ଦା ବା ଗାଳି) ଦେବା; ବ୍ୟବସ୍ଥା କରିବା, ଶପଥ ପାଠ କରାଇବା ।

**administrate** କ୍ରି. ପ୍ରଶାସକଙ୍କର କାର୍ଯ୍ୟ ନିର୍ବାହ କରିବା, ପରିଚାଳନା କରିବା ।

**administration** ବି. ପ୍ରଶାସନ (ସାଧାରଣତଃ ଜନସାଧାରଣଙ୍କ ବିଷୟ); ସରକାର ବା ଶାସକ ମଣ୍ଡଳୀ; (ଚିକିତ୍ସା, ଔଷଧ, ନ୍ୟାୟ ବିଚାର ପ୍ରଭୃତିର) ବ୍ୟବସ୍ଥା ବା ବନ୍ଦୋବସ୍ତ ।

**administrative** ବିଂ. ପ୍ରଶାସନିକ, ଶାସନ ସଂପର୍କୀୟ ।

**administrator** ବି. ପ୍ରଶାସକ ।

**admirable** ବିଂ. ପ୍ରଶଂସନୀୟ, ଉତ୍କୃଷ୍ଟ ।

**admiral** ବି. ପ୍ରଧାନ ନୌସେନାଧ୍ୟକ୍ଷ, ଉଚ୍ଚ ପଦସ୍ଥ ନୌବାହିନୀ କର୍ମକର୍ତ୍ତା; Admiral of the Fleet ରଣପୋତାଧ୍ୟକ୍ଷ; Vice-Admiral ଉପ-ରଣପୋତାଧ୍ୟକ୍ଷ; Rear-Admiral ଅନୁରଣପୋତାଧ୍ୟକ୍ଷ ।

**Admiralty** ବି. (Admiralty Board) ରଣପୋତ ସଚିବ ମଣ୍ଡଳୀ, ରାଜ୍ୟ ନୌସେନା ବାହିନୀର ପ୍ରଶାସକ ମଣ୍ଡଳୀ, ପ୍ରଶାସନ ବିଭାଗ ।

**admiration** ବି. ପ୍ରଶଂସା, ଶ୍ରଦ୍ଧା, ସନ୍ତୋଷ, ବିସ୍ମୟ ମିଶ୍ରିତ ପ୍ରଶଂସା ।

**admire** ସ.କ୍ରି. ପ୍ରଶଂସା କରିବା, ତାରିଫ କରିବା, ସମର୍ଥନସୂଚକ ଶ୍ରଦ୍ଧା କରିବା, ସମ୍ମାନ ପ୍ରଦର୍ଶନ କରିବା, ସନ୍ତୋଷ ପ୍ରକାଶ କରିବା ।

**admirer** ବି. ପ୍ରଶଂସକ, ସମର୍ଥକ ।

**admiring** ବିଂ. ପ୍ରଶଂସା ପ୍ରଦର୍ଶନ ବା ପ୍ରଶଂସା ଅନୁଭବ କରୁଥିବା, ପ୍ରଶଂସାସୂଚକ ।

**admissible** ବିଂ. ବିଚାର ବା ଗ୍ରହଣ ଯୋଗ୍ୟ (ଚିନ୍ତାଧାରା ପ୍ରଭୃତି); ଆଇନାନୁଗତ (ଦୃଷ୍ଟାନ୍ତ); ଗ୍ରହଣୀୟ ।

**admission** ବି. ସ୍ୱୀକାର (ବିଷୟ ବା ଦୋଷର); ସ୍ୱୀକାରୋକ୍ତି; ପ୍ରବେଶ, ପ୍ରବେଶାନୁମତି; ପ୍ରବେଶ ନିମିତ୍ତ ପ୍ରଦତ୍ତ ମାହାସୁଲ ବା ଶୁଳ୍କ ।

**admit** କ୍ରି. ସତ୍ୟ ବୋଲି ସ୍ୱୀକାର କରିବା, କୌଣସି ବସ୍ତୁ ବା ତଥ୍ୟକୁ ତାହା [illegible] ମାନିନେବା, (କାର୍ଯ୍ୟ ବା ଦୋଷ ପ୍ରଭୃତିକୁ) ମାନିଯିବା; ପ୍ରବେଶ କରାଇବା, ସ୍ଥାନ ଯୋଗାଇବା; ଗ୍ରହଣ କରିବା (ପ୍ରମାଣ, ବିବୃତି, ଅଭିଯୋଗ ପ୍ରଭୃତି); ଶ୍ରେଣୀ ବା ଗୃହାଦିରେ ପ୍ରବେଶ ନିମନ୍ତେ ଅନୁମତି ଦେବା;

Digitized by srujanika@gmail.com

ସୁବିଧା ସୁଯୋଗ ଦେବା; admit of ସମ୍ଭାବ୍ୟ ରୂପେ ଗ୍ରହଣ କରିବା, ଅବକାଶ ରହିବା (ସନ୍ଦେହ)।

**admittance** ବି. ପ୍ରବେଶ, ପ୍ରବେଶାନୁମତି (କୌଣସି ସ୍ଥାନକୁ)।

**admittedly** କ୍ରି.ବିଂ. ସ୍ୱୀକୃତ ଭାବରେ, ସ୍ୱତଃ।

**admixture** ବି. ମିଶ୍ରିତ (ବିଶେଷତଃ ଗୌଣ) ଉପାଦାନ; ମିଶ୍ରଣ।

**admonish** ସ.କ୍ରି. ସାମାନ୍ୟ ଭାବେ ତିରସ୍କାର କରିବା, ଉପଦେଶ ଦେବା, (କୌଣସି କାର୍ଯ୍ୟ କରିବା ପାଇଁ) ମନେ ପକାଇ ଦେବା, ସାବଧାନ କରିବା, ମୃଦୁ ଭର୍ତ୍ସନା କରିବା; admonishment ବି. ସତର୍କୀକରଣ।

**admonition** ବି. ମୃଦୁ ଭର୍ତ୍ସନା, ସତର୍କ ବାଣୀ; ଠିକ୍ ଓ ଭୁଲ ସମ୍ପର୍କରେ ଉପଦେଶ ବାଣୀ।

***ad nauseam*** ଅତ୍ୟଧିକ ପରିମାଣରେ, ବିରକ୍ତି ଜାତ ହେବା ପର୍ଯ୍ୟନ୍ତ। *(ଲା.)*

**ado** ବି. ପାଟିତୁଣ୍ଡ ବା ହୋ ହଲ୍ଲା, ଗୋଳମାଳ, ଗଣ୍ଡଗୋଳ, ଆଡ଼ମ୍ବର, କାର୍ଯ୍ୟବ୍ୟସ୍ତତା।

**adobe** ବି. ଖରାରେ ଶୁଖୁଥିବା ଅପୋଡ଼ା ଇଟା।

**adolescent** 1. ବିଂ. କିଶୋର ବା କିଶୋରୀ, ପୌଗଣ୍ଡ; 2. ଉକ୍ତ ବୟସର ଲୋକ; adolescence ବି. ବାଲ୍ୟକାଳ ଓ ଯୌବନର ମଧ୍ୟବର୍ତ୍ତୀ ଅବସ୍ଥା, ଯୌବନର ପ୍ରାରମ୍ଭାବସ୍ଥା, କୈଶୋର।

**adopt** ସ.କ୍ରି. ପୋଷ୍ୟପୁତ୍ର ବା ଉତ୍ତରାଧିକାରୀ ଭାବରେ ଗ୍ରହଣ କରିବା; (କୌଣସି ପନ୍ଥା) ଗ୍ରହଣ କରିବା, ଅବଲମ୍ବନ କରିବା ବା ବାଛିନେବା; (ଅନ୍ୟ ବ୍ୟକ୍ତିର ଭାବଧାରା) ନିଜର କରିନେବା; କାର୍ଯ୍ୟାଳୟ ପାଇଁ ପ୍ରାର୍ଥୀ ବାଛିବା; (ରାସ୍ତାଦିର) ସଂରକ୍ଷଣ ଦାୟିତ୍ୱ ହାତକୁ ନେବା; ଅନୁମୋଦନ କରିବା (ବିବରଣୀ ବା ହିସାବ) ପ୍ରଭୃତି; adoption ବି. ପୋଷ୍ୟପୁତ୍ର ବା ଦାୟାଦ ଗ୍ରହଣ; ଗ୍ରହଣ, ଅବଲମ୍ବନ।

**adoptive** ବିଂ. ଗ୍ରହଣଯୋଗ୍ୟ; ପୋଷ୍ୟପୁତ୍ର ଗ୍ରହଣକାରୀ (ପିତା)।

**adorable** ବିଂ. ପ୍ରଶଂସା ପାତ୍ର ବା ପ୍ରଶଂସନୀୟ, ପୂଜନୀୟ, ଆରାଧ୍ୟ ବା ଉପାସ୍ୟ, ସୁଖକର; ମୁଗ୍ଧକାରୀ, ଆନନ୍ଦଦାୟକ।

**adore** ସ.କ୍ରି. ସମ୍ମାନ ଓ ଗଭୀର ଶ୍ରଦ୍ଧାର ସହ ଭକ୍ତି କରିବା, ପୂଜା କରିବା, ଅତିଶୟ ଭଲ ପାଇବା।

**adorer** ବି. ଅତ୍ୟନ୍ତ ପ୍ରଶଂସକ, ପୂଜକ, ଉପାସକ, ଭକ୍ତ।

**adorn** ସ.କ୍ରି. ସୌନ୍ଦର୍ଯ୍ୟ ବଢ଼ାଇବା, ସଜାଇବା, ଅଳଙ୍କୃତ କରିବା ବା ହେବା, ବିଭୂଷିତ କରିବା ବା ହେବା; ବି. adornment.

**adrenal** ବିଂ. ମୂତ୍ରାଶୟର ନିକଟବର୍ତ୍ତୀ; adrenal gland ମୂତ୍ରାଶୟ ନିକଟବର୍ତ୍ତୀ ଗ୍ରନ୍ଥି।

**adrenalin** (ବି.କ. adrenaline) ବି. ଆଡ୍ରିନାଲ୍ ଗ୍ରନ୍ଥିରୁ କ୍ଷରିତ ହେଉଥିବା ଉଦ୍ଦୀପନା ସୃଷ୍ଟିକାରୀ ହରମୋନ୍ ବା ଗ୍ରନ୍ଥିରସ; ଉଦ୍ଦୀପକ ଗ୍ରନ୍ଥିରସ।

**adrift** କ୍ରି.ବିଂ. ଓ ବିଂ. ପରିସ୍ଥିତର ଚାପରେ ଏଣେ ତେଣେ ଚାଲି ଯାଉଥିବା *କ.ଭା.* ଖରାପ ଭାବରେ, ବିପଥଗାମୀ, ଢ଼ୁଗୁଳା।

**adroit** ବିଂ. ନିପୁଣ, ଦକ୍ଷ, କୁଶଳ।

**adsorb** ସ.କ୍ରି. ଅଧିଶୋଷଣ କରିବା।

**adulation** ବି. ନିମ୍ନସ୍ତରର ଖୋସାମତି ବା ଚାଟୁକ୍ତି।

**adult** ବିଂ. 1. ପ୍ରାପ୍ତବୟସ୍କ; 2. ବି. ବୟସ୍କ ବ୍ୟକ୍ତି; adulthood ବି. ଉକ୍ତ ଅବସ୍ଥା।

**adulterate** ସ.କ୍ରି. (ବିଶେଷତଃ ଖାଦ୍ୟ ପଦାର୍ଥରେ) ଅନ୍ୟାନ୍ୟ ପଦାର୍ଥ ମିଶାଇ ନିକୃଷ୍ଟ ମାନର କରିଦେବା, ଅପମିଶ୍ରଣ କରିବା, ଦୂଷିତ କରିବା; adulteration ବି. ଅପମିଶ୍ରଣ।

**adulterer** ବି. ଅପମିଶ୍ରଣକାରୀ ବ୍ୟକ୍ତି, ପରସ୍ତ୍ରୀଗାମୀ ପୁରୁଷ; ସ୍ତ୍ରୀ adultress ବି. ବ୍ୟଭିଚାରିଣୀ।

**adulterous** ବିଂ. ବ୍ୟଭିଚାରୀ, ଅପମିଶ୍ରିତ।

**adultery** ବି. ବ୍ୟଭିଚାର, ବିବାହିତ ପୁରୁଷ ବା ସ୍ତ୍ରୀର ଅନ୍ୟ ସ୍ତ୍ରୀ ବା ପୁରୁଷ ସହ ଇଚ୍ଛାକୃତ ଯୌନସଂପର୍କ ସ୍ଥାପନ।

**adumbrate** ସ.କ୍ରି. ସାମାନ୍ୟ ସୂଚନା ଦେବା, ସ୍ଥୂଳ ରୂପରେ ବର୍ଣ୍ଣନା କରିବା, ଛାୟାପାତ କରିବା; ବି. adumbration.

**advance** 1. କ୍ରି. ଆଗକୁ ଯିବା ବା ଆସିବା, ଅଗ୍ରଗତି କରିବା, ଉନ୍ନତି କରିବା; ଆଗତୁରା ଟଙ୍କା ଦେବା, ଧାର ଦେବା, ଋଣ ବା ଦାନ କରିବା, ସାହାଯ୍ୟ କରିବା; (କୌଣସି ବ୍ୟକ୍ତିର) ବହୁଭାବକୁ ଓ ଯୋଜନାକୁ ଉତ୍ସାହିତ କରିବା, ଦାବି ବା ପ୍ରସ୍ତାବ ଉପସ୍ଥାପିତ କରିବା, ମୂଲ୍ୟ

Digitized by srujanika@gmail.com

ବୃଦ୍ଧି କରିବା, ଘଟଣାବଳୀକୁ ଆଗେଇ ଦେବା; 2. ବି. ଅଗ୍ରଗତି, ଉନ୍ନତି; ଋଣ; ଅଗ୍ରିମ ଟଙ୍କା ପ୍ରଦାନ; (ବ୍ୟକ୍ତିକୁ) କାମଭାବ ପ୍ରଦର୍ଶନ; ମୂଲ୍ୟ ବୃଦ୍ଧି; in advance ଅଗ୍ରିମ, ଆଗତୁରା।

**advancement** ବି. ବ୍ୟକ୍ତି ବା ଯୋଜନାଦିର ଉନ୍ନତି, ଉତ୍କର୍ଷ।

**advantage** 1. ବି. ଅନୁକୂଳ ବା ହିତକାରୀ ପରିସ୍ଥିତି; କୌଣସି (ବ୍ୟକ୍ତିର) ନିର୍ଦ୍ଦିଷ୍ଟ ବିଷୟରେ ବା କ୍ଷେତ୍ରରେ ପ୍ରାଧାନ୍ୟ, ଉତ୍କର୍ଷ; ଟେନିସ୍ ଖେଳରେ ଡ୍ୟୁସ୍ (deuce)ରେ ପରବର୍ତ୍ତୀ ପଏଣ୍ଟ; 2. ସ.କ୍ରି. ବ୍ୟକ୍ତି ବା ଯୋଜନାକୁ ସୁଯୋଗ ବା ସୁବିଧା ଦେବା, ଲାଭଜନକ ହେବା; ବିଂ. advantageous.

**Advent** ବି. ଖ୍ରୀଷ୍ଟ ଜନ୍ମର ପୂର୍ବବର୍ତ୍ତୀ ସମୟ; ଖ୍ରୀଷ୍ଟଙ୍କର ଆଗମନ ବା ଆବିର୍ଭାବ; advent ବିଶିଷ୍ଟ ବା ପ୍ରଧାନ (ବ୍ୟକ୍ତି ବା ଘଟଣା)ର ଆଗମନ ବା ଉପସ୍ଥିତି।

**Adventist** ବି. ଯୀଶୁଖ୍ରୀଷ୍ଟଙ୍କର ପୁନର୍ଜନ୍ମ ଲାଭ ବା ପୁନରାଗମନରେ ବିଶ୍ୱାସ କରୁଥିବା ଗୋଷ୍ଠୀର ସଭ୍ୟ ବା ବ୍ୟକ୍ତି।

**adventitious** ବିଂ. ଆକସ୍ମିକ, ସାମୟିକ, ବହିରାଗତ, ଆଗନ୍ତୁକ, ବହିଃମିଶ୍ରିତ, ବାହ୍ୟ, ଅପ୍ରତ୍ୟାଶିତ; (ପ୍ରାଣୀ ବିଜ୍ଞାନ) ଅସ୍ୱାଭାବିକ ସ୍ଥାନରେ ଜାତ ହେଉଥିବା, ଅସ୍ଥାନିକ।

**adventure** 1. ବି. ଅସ୍ୱାଭାବିକ ଓ ଚମକପ୍ରଦ ଅନୁଭୂତି, ଦୁଃସାହସିକ କାର୍ଯ୍ୟ ବା ପ୍ରବୃତ୍ତି; 2. ଅ.କ୍ରି. ଦୁଃସାହସ କରିବା, ଦୁଃସାହସିକ କାର୍ଯ୍ୟ କରିବାରେ ଲିପ୍ତ ହେବା।

**adventurer** ବି. ଦୁଃସାହସୀ; ଭାଗ୍ୟାନ୍ୱେଷୀ ବ୍ୟକ୍ତି; ସ୍ୱାର୍ଥ ହାସଲ ପାଇଁ ଯେ କୌଣସି ପ୍ରକାର ବିପଦ ବରଣ କରିବାକୁ ପ୍ରସ୍ତୁତ ଥିବା ବ୍ୟକ୍ତି; ଅର୍ଥାନ୍ୱେଷୀ ବା ସାହସିକ ବ୍ୟବସାୟୀ; ସ୍ତ୍ରୀ adventuress.

**adventurous** ବିଂ. ଦୁଃସାହସିକ, ଦୁଃସାହସୀ, ବିପଦ ବା ଉତ୍ତେଜନାପୂର୍ଣ୍ଣ।

**adverb** ବି. (ବ୍ୟା.) କ୍ରିୟା ବିଶେଷଣ; ବିଂ. adverbial.

**adversary** ବି. ଶତ୍ରୁ, ବିପକ୍ଷ ବ୍ୟକ୍ତି, ପ୍ରତିପକ୍ଷ।

**adverse** ବିଂ. ପ୍ରତିକୂଳ, ବିରୁଦ୍ଧ, କ୍ଷତିକାରକ।

**adversity** ବି. ଦୁର୍ଭାଗ୍ୟ, ଦୁରବସ୍ଥା।

**advert** ଅ.କ୍ରି. ମନୋଯୋଗ ଆକର୍ଷଣ କରିବା; ଲେଖିବା, ବା କହିବା ବେଳେ (କୌଣସି ବିଷୟରେ) ସୂଚନା ଦେବା।

**advertise** କ୍ରି. ବିଜ୍ଞାପନ ଦେବା, ପ୍ରଚାର କରିବା; (ଖବର କାଗଜ ପ୍ରଭୃତିରେ) ଘୋଷଣା କରିବା, ସର୍ବ ସାଧାରଣଙ୍କୁ ଜଣାଇ ଦେବା, (କୌଣସି ପଦାର୍ଥର) ବିକ୍ରୟ ବୃଦ୍ଧି ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ତାହାର ପ୍ରଶଂସା ଓ ବର୍ଣ୍ଣନା କରିବା।

**advertisement** ବି. (ଜନ ସାଧାରଣଙ୍କ ନିମନ୍ତେ) ମାଲ ପ୍ରଭୃତି ବିକ୍ରୟ ପାଇଁ ଘୋଷଣା, ବିଜ୍ଞାପନ, ପ୍ରଚାର।

**advice** ବି. ଭବିଷ୍ୟଦ୍ କର୍ମପନ୍ଥା ସମ୍ପର୍କରେ ମତାମତ, ଉପଦେଶ, ପରାମର୍ଶ, ବାଣିଜ୍ୟିକ କାରବାର ପାଇଁ ବିଜ୍ଞପ୍ତି।

**advisable** ବିଂ. ପରାମର୍ଶଯୋଗ୍ୟ, ବିଜ୍ଞୋଚିତ, ସମୀଚୀନ, ବାଞ୍ଛନୀୟ।

**advise** କ୍ରି. ଉପଦେଶ ଦେବା, ସୁପାରିଶ କରିବା, ପରାମର୍ଶ ଦେବା; (ବ୍ୟାବସାୟିକ) ଜଣାଇବା, ଘୋଷଣା କରିବା, ପରାମର୍ଶ ବା ମନ୍ତ୍ରଣା ଦେବା।

**advisedly** କ୍ରି.ବିଂ. ଜାଣିଶୁଣି ବା ଇଚ୍ଛାକୃତ ଭାବରେ, ବିବେଚନା ପୂର୍ବକ।

**adviser** ବି. ଉପଦେଷ୍ଟା (ବିଶେଷତଃ ସେଥିପାଇଁ ନିଯୁକ୍ତ)।

**advisory** ବିଂ. ପରାମର୍ଶ ଦେବା ପାଇଁ ନିଯୁକ୍ତ, ମନ୍ତ୍ରଣା ପ୍ରଦାନ କରିବାକୁ ସମର୍ଥ; advisory council/ board ଉପଦେଷ୍ଟା ପରିଷଦ୍/ ମଣ୍ଡଳୀ।

**advocacy** ବି. ଓକିଲାତି, ପକ୍ଷସମର୍ଥନ।

**advocate** 1. ବି. ଅଧିବକ୍ତା ବା ଓକିଲ, ପକ୍ଷ-ସମର୍ଥକ, ନ୍ୟାୟାଳୟରେ ଏହିପରି କାର୍ଯ୍ୟଦ୍ୱାରା ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି; advocate general ମହାଧିବକ୍ତା, ସର୍ବ ପ୍ରଧାନ ସରକାରୀ ଓକିଲ; 2. ସ.କ୍ରି. ପକ୍ଷ ସମର୍ଥନ କରିବା, ସପକ୍ଷରେ ଯୁକ୍ତି ବା ଓକିଲାତି କରିବା।

**adze** ବି. କାଠ ଚାଞ୍ଛି ସମାନ କରିବା ପାଇଁ ବ୍ୟବହୃତ ବଢ଼େଇର ହତିଆର; ବାରିସି।

**aegis** ବି. ସୁରକ୍ଷା, ଆଶ୍ରୟ, ସହାୟ; under the aegis of ପୃଷ୍ଠପୋଷକତା ବା ସହାୟତାରେ; ଗ୍ରୀକ୍ ପୁରାଣ ବର୍ଣ୍ଣିତ ଦେବରାଜ ଜିଅସ୍ ବା ଦେବୀ ଏଥେନାଙ୍କର ଢାଲ aigisର ନାମାନୁସାରେ।

Digitized by srujanika@gmail.com

**aeolian** ବିଂ. ବାୟୁତାଡ଼ିତ ସୁଷିର (ବାଦ୍ୟ); aeolian harp ତନ୍ତ୍ରୀ ଯୁକ୍ତ ବାଦ୍ୟ ଯନ୍ତ୍ର, ବାୟୁ ଯୋଗରେ ସଂଗୀତ ଧ୍ୱନି ସୃଷ୍ଟି କରୁଥିବା ଖେଳନା (ଗ୍ରୀକ୍ ପୁରାଣର ବାୟୁ ଦେବତା Aeolusଙ୍କ ନାମାନୁସାରେ)।

**aeon** ବି. ଯୁଗ, ବହୁ ଦୀର୍ଘ କାଳ।

**aerate** ସ.କ୍ରି. ଜଳୀୟ ପଦାର୍ଥକୁ ଅଙ୍ଗାରକାମ୍ଳ ବାଷ୍ପ ଯୁକ୍ତ କରିବା, ପବନରେ ଶୋଧନ କରିବା; ବାୟୁ ପୂର୍ଣ୍ଣ କରିବା।

**aerial** 1. ବିଂ. ବାୟବୀୟ, ବାୟୁମଣ୍ଡଳସ୍ଥ, ବାୟୁ ସଦୃଶ; 2. ବି. ବେତାର ତରଙ୍ଗ ଗ୍ରହଣ ଓ ପ୍ରେରଣ ପାଇଁ ବ୍ୟବହୃତ ଧାତୁନିର୍ମିତ ବାଡ଼ି ବା ତାର।

**aerie** ଦ୍ର. eyrie.

**aero–** ଉ.ପ. ବାୟୁ ବା ବାୟୁଯାନ ସମ୍ପର୍କିତ (aero-craft); ଦ୍ର. aircraft.

**aerobatics** 1. ବି.ବ.ବ. ନିପୁଣ ଚାଳକଙ୍କ ଦ୍ୱାରା ଆକାଶମାର୍ଗରେ ବିମାନର ଚାଳନା କୌଶଳ ପ୍ରଦର୍ଶନ; ବ୍ୟୋମଯାନ ଚାଳନାର ଖେଳ; 2. ଏ.ବ. ଉଡ଼ାଜାହାଜ ଖେଳ ପ୍ରଦର୍ଶନ।

**aerobics** ବି.ବ.ବ. ଅଧିକ ଅମ୍ଳଜାନ ଗ୍ରହଣ କରିବା ପାଇଁ ଦୈହିକ ବ୍ୟାୟାମ।

**aerodrome** ବି. ବିମାନ ଘାଟୀ, ବିମାନ ବନ୍ଦର, ଉଡ଼ା ଜାହାଜ ଓହ୍ଲାଇବା ପାଇଁ ପ୍ରସ୍ତୁତ ପଡ଼ିଆ।

**aerodynamics** ବି. ବାୟୁର ଗତି ସମ୍ବନ୍ଧୀୟ ବିଜ୍ଞାନ, ବାୟୁ ପ୍ରବାହର ଶକ୍ତି ସମ୍ବନ୍ଧୀୟ ଶାସ୍ତ୍ର।

**aerofoil** ବି. ଉଡ଼ାଜାହାଜର ପକ୍ଷ ଓ ଲାଞ୍ଜ ପ୍ରଭୃତି ବକ୍ରତଳ ବିଶିଷ୍ଟ ଯନ୍ତ୍ରାଂଶ ଯାହା ଉଡ଼ାଜାହାଜକୁ ଉପରକୁ ଉଠିବାରେ ସାହାଯ୍ୟ କରେ।

**aerogram** ବି. ବେତାର ସମ୍ବାଦ।

**aerology** ବି. ବାୟୁବିଜ୍ଞାନ।

**aeronaut** ବି. ବୈମାନିକ, ଆକାଶ ପର୍ଯ୍ୟଟକ, ବିମାନ ବିହାରୀ; aeornautics ବି. ବିମାନ ଚାଳନ ବିଦ୍ୟା, ବ୍ୟୋମଯାନ ବିଦ୍ୟା।

**aeroplane** ବି. ଉଡ଼ାଜାହାଜ।

**aerosol** ବି. ବାୟୁଚାପ ଯୋଗେ ତରଳ ପଦାର୍ଥକୁ ସୂକ୍ଷ୍ମ କଣିକା ରୂପେ ପ୍ରକ୍ଷେପ କରିବା ଯନ୍ତ୍ର।

**aerospace** ବି. ଅନ୍ତରୀକ୍ଷ; ପୃଥିବୀର ବାୟୁମଣ୍ଡଳ ବାହାରେ ଥିବା ମଣ୍ଡଳ।

**aesthete** ବି. ସୌନ୍ଦର୍ଯ୍ୟାନୁରାଗୀ ବା ସୌନ୍ଦର୍ଯ୍ୟ-ତତ୍ତ୍ୱବିତ୍ ବ୍ୟକ୍ତି (କଳା ପ୍ରକୃତିର)।

**aesthetic** ବିଂ. ସୌନ୍ଦର୍ଯ୍ୟ ରୁଚିବୋଧକ (ପ୍ରକୃତି, କଳା ଓ ସାହିତ୍ୟର), ସୌନ୍ଦର୍ଯ୍ୟ ରୁଚି ସଂପନ୍ନ।

**aestheticism** ବି. ସୌନ୍ଦର୍ଯ୍ୟବୋଧ, ଊନବିଂଶ ଶତାବ୍ଦୀର ଇଂଲଣ୍ଡ ଓ ପାଶ୍ଚାତ୍ୟ ଜଗତରେ ସୂତ୍ରପାତ ହୋଇଥିବା ସାହିତ୍ୟ ଓ କଳା କ୍ଷେତ୍ରରେ ଏକ ସୌନ୍ଦର୍ଯ୍ୟଭିତ୍ତିକ ଆନ୍ଦୋଳନ; ସୌନ୍ଦର୍ଯ୍ୟବାଦ, ସୌନ୍ଦର୍ଯ୍ୟାନୁରାଗ।

**aesthetics** ବି. ନନ୍ଦନତତ୍ତ୍ୱ, ସୌନ୍ଦର୍ଯ୍ୟତତ୍ତ୍ୱ, କାନ୍ତ ବିଦ୍ୟା।

**aether** ଦ୍ର. ether.

**aetiology** ବି. ରୋଗର କାରଣ ବା କାରଣ ଗୁଡ଼ିକର ଅଧ୍ୟୟନ; ରୋଗର କାରଣ ନିର୍ଦ୍ଦେଶ ସଂପର୍କୀୟ ବିଜ୍ଞାନ।

**afar** କ୍ରି.ବିଂ. ଦୂରରେ/ଦୂରକୁ; from afar ଦୂରରୁ।

**affable** ବିଂ. ଶିଷ୍ଟ, ନମ୍ର ସ୍ୱଭାବ ବିଶିଷ୍ଟ; ବନ୍ଧୁଭାବାପନ୍ନ, ମିଷ୍ଟଭାଷୀ, ଆଳାପୀ।

**affair** ବି. କାର୍ଯ୍ୟକଳାପ, ବ୍ୟାପାର, ବିଷୟ; ପ୍ରେମ ସଂପର୍କ (love-affair); ବ.ବ. ବିଷୟ; କାର୍ଯ୍ୟ (state affairs)

**affect** ସ.କ୍ରି. (ଭଲ/ମନ୍ଦ) ପ୍ରଭାବ ପକାଇବା; ପ୍ରତିକ୍ରିୟା ସୃଷ୍ଟି କରିବା; (ରୋଗ) ଆକ୍ରମଣ କରିବା; ମନକୁ ବାଧିବା, ମନ ଉପରେ ଚାପ ପକାଇବା; ପ୍ରଭାବିତ କରିବା; ଛଳନା କରିବା; ବ୍ୟବହାର କରିବା; ଭଲ ପାଇବା, ପସନ୍ଦ କରିବା; ଅଭିଭୂତ କରିବା, ଅନୁକରଣ କରିବା।

**affectation** ବି. ଛଳନା, କୃତ୍ରିମ ବ୍ୟବହାର ବା ଆଚରଣ/ଭଣ୍ଡାମି।

**affected** ବିଂ. କୃତ୍ରିମ; ଅସ୍ୱାଭାବିକ; ଛଳନାପୂର୍ଣ୍ଣ।

**affection** ବି. ସ୍ନେହ, ଅନୁରାଗ, ମମତା, ଶୁଭେଚ୍ଛା; ରୋଗ, ପୀଡ଼ା।

**affectionate** ବିଂ. ସ୍ନେହୀ, ଅନୁରାଗପୂର୍ଣ୍ଣ, ଅନୁରାଗୀ, ବତ୍ସଳ।

**afferent** ବିଂ. (ଶୋଣିତ, ସ୍ନାୟୁ ଇତ୍ୟାଦି ସଂପର୍କରେ) ଅନ୍ତର୍ମୁଖୀ; ଅନ୍ତର୍ବାହୀ।

**affiance** ସ.କ୍ରି. ବିବାହ ପାଇଁ ପ୍ରତିଶ୍ରୁତି ଦେବା ବା ବାଗ୍‌ଦତ୍ତ ହେବା।

**affidavit** ବି. ସାକ୍ଷ୍ୟ ପ୍ରମାଣରେ ବ୍ୟବହାର ପାଇଁ ଶପଥ ପତ୍ର; ସତ୍ୟପାଠ (ଆଇନଗତ ବା ବୈଧାନିକ); ହଲପ୍‌ନାମା।

Digitized by srujanika@gmail.com

**affiliate** 1. ସ.କ୍ରି. ଅଙ୍ଗୀଭୂତ କରିବା, ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରିବା; ସମାଜ ବା ଗୋଷ୍ଠୀଭୁକ୍ତ କରିବା; କୌଣସି ଅନୁଷ୍ଠାନ ବା ସଂଘର ସଭ୍ୟ ହେବା, ସଂଘସହ ସାମିଲ ହେବା; 2. ବି. ଅନୁଷ୍ଠାନଭୁକ୍ତ ବା ସାମିଲ ବ୍ୟକ୍ତି ପ୍ରଭୃତି ।

**affiliation** ବି. ଅନ୍ତର୍ଭୁକ୍ତି, ଅଙ୍ଗୀକରଣ; affiliation order ଜାରଜ ସନ୍ତାନର ପିତୃତ୍ୱ ସ୍ୱୀକାର ବା ଭରଣ ପୋଷଣ ପାଇଁ ନିର୍ଦ୍ଦେଶ ।

**affinity** ବି. ସାଦୃଶ୍ୟ, ଜ୍ଞାତିତ୍ୱ; ଶାରୀରିକ ଗଠନ, ଚାରିତ୍ରିକ ବା ସ୍ୱଭାବଗତ ସମତା ଦ୍ୱାରା ସୃଷ୍ଟ ସଂପର୍କ, ମିଳନ, ଐକ୍ୟ; ନିକଟ ସଂପର୍କ; (ରାସାୟନିକ) ଏକ ବସ୍ତୁର ଅନ୍ୟ ବସ୍ତୁ ସହିତ ମିଶିଯିବାର ପ୍ରବୃତ୍ତି, ଆକର୍ଷଣ ।

**affirm** କ୍ରି. ନିଶ୍ଚିତ ବା ଦୃଢ଼ ଭାବରେ କହିବା; ବିଚାରାଳୟରେ ଶପଥ କରି କହିବା ।

**affirmation** ବି. (କୌଣସି ବିଷୟର ସତ୍ୟତା ସମ୍ବନ୍ଧରେ) ଦୃଢ଼ ଭାବରେ କଥନ, ଦୃଢ଼ୀକରଣ, ବିଶେଷତଃ ଶପଥ ପାଠ ପୂର୍ବକ ଜବାନବନ୍ଦୀ ଦେବା ।

**affirmative** ବିଂ. ନିଶ୍ଚୟାତ୍ମକ; କୌଣସି ବିଷୟ, ବସ୍ତୁ, ପଦାର୍ଥର ଅସ୍ତିତ୍ୱ ସୂଚକ; ସ୍ୱୀକୃତି ବାଚକ ।

**affix** 1. ସ.କ୍ରି. ସଂଯୋଗ କରିବା, ଲଗାଇବା; 2. ବି. *(ବ୍ୟା.)* ପ୍ରତ୍ୟୟ, ମୂଳଶବ୍ଦ ବା ଧାତୁର ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ପ୍ରତ୍ୟୟ (ଉପସର୍ଗ/ ବିଭକ୍ତି) ।

**afflict** ସ.କ୍ରି. ମାନସିକ, ଶାରୀରିକ ଯନ୍ତ୍ରଣା ପ୍ରଦାନ କରିବା ।

**affliction** ବି. ଶାରୀରିକ/ ମାନସିକ ଯନ୍ତ୍ରଣା, ବ୍ୟଥା; ଦୁଃଖ; ଦୁର୍ଦ୍ଦଶାଦାୟକ ଅବସ୍ଥା ।

**affluence** ବି. ଧନସଂପତ୍ତିର ପ୍ରାଚୁର୍ଯ୍ୟ; ଐଶ୍ୱର୍ଯ୍ୟ, ବିଭବ; ଅତ୍ୟନ୍ତ ସମୃଦ୍ଧି ।

**affluent** 1. ବିଂ. ସମୃଦ୍ଧ, ସମ୍ପତ୍ତିଶାଳୀ, ପ୍ରଚୁର; ବୈଷୟିକ ଉନ୍ନତିକାମୀ (ସମାଜ); ସ୍ୱଚ୍ଛନ୍ଦରେ ପ୍ରବହମାନ; 2. ବି. ଉପନଦୀ/ଝରଣା (ଅନ୍ୟ ନଦୀକୁ ପ୍ରବାହିତ ହେଉଥିବା) ।

**afford** ସ.କ୍ରି. (ସାଧାରଣତଃ can, be able ସହ ବ୍ୟବହୃତ) ଯଥେଷ୍ଟ ଅର୍ଥ, ସାମର୍ଥ୍ୟ ଓ ସମୟ ଦେଇପାରିବା; (ଖର୍ଚ୍ଚ କରିବାକୁ ବା କୌଣସି କାର୍ଯ୍ୟ କରିବା ପାଇଁ) ସକ୍ଷମ ହେବା, କୌଣସି କାର୍ଯ୍ୟରେ ଦାୟିତ୍ୱ ବହନ କରିବାକୁ ସମର୍ଥ ହେବା; ବ୍ୟବସ୍ଥା କରିବା, ପୋଷଣ କରିବାକୁ ସମର୍ଥ ହେବା; ଦେବା ।

**afforest** ସ.କ୍ରି. ଅରଣ୍ୟରେ ପରିଣତ କରିବା; (ମାଟିରେ) ବୃକ୍ଷ ରୋପଣ କରିବା, afforestation ବି. ବନୀକରଣ ।

**affray** ବି. ସର୍ବ ସାଧାରଣ ସ୍ଥାନରେ ଯୁଦ୍ଧ, ଦଙ୍ଗା ହଙ୍ଗାମା ଓ ଗଣ୍ଡଗୋଳ ପ୍ରଭୃତି ଦ୍ୱାରା ଶାନ୍ତିଭଙ୍ଗ; କଳହ ଓ ମରାମରି ।

**affront** 1. ବି. ପ୍ରତ୍ୟକ୍ଷ ଅପମାନ; ପ୍ରକାଶ୍ୟ ଅମର୍ଯ୍ୟାଦା; 2. ସ.କ୍ରି. ପ୍ରକାଶ୍ୟରେ ଅପମାନିତ କରିବା, ଅପଦସ୍ତ କରିବା, ହଇରାଣ କରିବା, ଅସୁବିଧାରେ ପକାଇବା ।

**Afghan** 1. ବି. ଆଫଗାନିସ୍ଥାନର ଅଧିବାସୀ/ ନାଗରିକ, ସେହି ଦେଶର ଭାଷା; afghan ଉଲରେ ତିଆରି ଏକ ପ୍ରକାର କମ୍ବଳ ଓ ଚାଦର; 2. ବିଂ. ଆଫଗାନିସ୍ଥାନ ସମ୍ବନ୍ଧୀୟ; 3. Afghan hound ଲମ୍ବା ଲମ୍ବା ରେଶମୀ ଲୋମ ଥିବା ଶିକାରୀ କୁକୁର ।

**afield** କ୍ରି.ବିଂ. ପଡ଼ିଆରେ, ପଡିଆ ଆଡ଼କୁ; ଘରଠାରୁ ଦୂରରେ, ଦୂରକୁ ।

**afire** କ୍ରି.ବିଂ. ଅଗ୍ନିଦଗ୍ଧ; ଜଳୁଥିବା ଅବସ୍ଥାରେ ।

**aflame** କ୍ରି.ବିଂ. ଓ ବିଂ. ପ୍ରଜ୍ୱଳିତ ଅବସ୍ଥାରେ; ଉତ୍ତେଜିତ ଭାବରେ; ଅଗ୍ନିଶିଖା ସଦୃଶ ଲାଲବର୍ଣ୍ଣ ।

**afloat** କ୍ରି.ବିଂ. ଓ ବିଂ. ଭାସମାନ (ଜଳରେ/ ବାୟୁରେ); ପ୍ରଚଳିତ/ ପ୍ରଚାରିତ ।

**afoot** କ୍ରି.ବିଂ. ପଦବ୍ରଜରେ, ଚାଲିଚାଲି ଚାଲୁଥିବା ଅବସ୍ଥାରେ; ଅଗ୍ରସର ହେଉଥିବା ।

**afore** କ୍ରି.ବିଂ. ସମ୍ମୁଖରେ; ପୂର୍ବରୁ; (ସାମୁଦ୍ରିକ) ଆଗରେ, ଉଦା. afore the mast.

**afore–** ପୂ.ପ୍ର. ଉଦା. aforethought ପୂର୍ବ ପରିକଳ୍ପିତ; aforesaid ପୂର୍ବୋକ୍ତ, aforementioned ପୂର୍ବୋକ୍ତ ।

***a fortiori*** କ୍ରି.ବିଂ. ଗୃହୀତ ହୋଇଥିବା ନିଷ୍ପତ୍ତି ଅପେକ୍ଷା ଅଧିକ ଚାଣୁଆ କାରଣ, ଯୁକ୍ତି ସହିତ । *(ଲା.)*

**afraid** ବିଂ. ଭୀତ, ତ୍ରସ୍ତ, ଶଙ୍କିତ; be afraid ଆଶଙ୍କା କରିବା, ମନେ ହେବା, ଦୁଃଖିତ ହେବା ।

**afresh** କ୍ରି.ବିଂ. ନୂତନ ଭାବରେ; ପୁନରାୟ ।

Digitized by srujanika@gmail.com

**African** 1. ବି. ଆଫ୍ରିକା ଦେଶବାସୀ (ବିଶେଷତଃ କୃଷ୍ଣକାୟ ନିଗ୍ରୋ); 2. ବିଂ. ଆଫ୍ରିକା ଦେଶ ସମ୍ବନ୍ଧୀୟ।

**Afrikaans** ବି. ଡଚ୍ ଭାଷାରୁ ନିଷ୍ପନ୍ନ ଦକ୍ଷିଣ-ଆଫ୍ରିକୀୟ ଭାଷା।

**Afro–American** 1. ବିଂ. ଆମେରିକୀୟ ନିଗ୍ରୋ ଓ ସେମାନଙ୍କର ସଂସ୍କୃତି ସମ୍ବନ୍ଧୀୟ; 2. ବି. ଆମେରିକାର କୃଷ୍ଣକାୟ ନିଗ୍ରୋ।

**aft** କ୍ରି.ବିଂ. ପଛରେ, ଜାହାଜ ବା ଉଡ଼ାଜାହାଜର ପଶ୍ଚାଦ୍‌ଭାଗରେ ବା ପଶ୍ଚାଦ୍ ଭାଗକୁ।

**after** 1. ଅ. (ନିର୍ଦ୍ଦିଷ୍ଟ ସମୟର) ପରେ, ପରବର୍ତ୍ତୀ କାଳରେ; (କ୍ରମ ଅନୁଯାୟୀ) ପରେ, ପଛରେ; ଅନ୍ବେଷଣରେ, ଉଦ୍ଦେଶ୍ୟରେ (after wealth); ସମ୍ବନ୍ଧରେ (he asked after you); ଅନୁସାରେ, ଅନୁଯାୟୀ (named after him); 2. କ୍ରି.ବିଂ. ପରେ, ପଛରେ; 3. ବିଂ. ପରବର୍ତ୍ତୀ (after year); 4. after all ସବୁ ସତ୍ତ୍ୱେ; day after day ପ୍ରତିଦିନ ବା ଏକାଦିକ୍ରମେ ବହୁଦିନ; one after another ଜଣକ ପରେ ଜଣେ ବା ଜଣ ଜଣ ହୋଇ; look after ତତ୍ତ୍ୱ ନେବା, ଯତ୍ନ କରିବା; take after (କାହାରି) ସଦୃଶ ହେବା; after–care ରୋଗ ଭୋଗର ପରବର୍ତ୍ତୀ କାଳୀନ ସେବା, ଉତ୍ତର ପରିଚର୍ଯ୍ୟା; after-effect (ପ୍ରାଥମିକ ଫଳାଫଳ ପରେ) ବିଳମ୍ବିତ ବା ପରବର୍ତ୍ତୀ ଫଳାଫଳ; after one's own heart ନିଜର ଇଚ୍ଛା ବା ଅନୁରକ୍ତି ଅନୁଯାୟୀ।

**afterbirth** ବି. ଗର୍ଭସ୍ଥ ଫୁଲ ବା ଭ୍ରୂଣ ଆଚ୍ଛାଦନ (ଯାହା ପ୍ରସବ ପରେ ଜରାୟୁରୁ ବହିର୍ଗତ ହୁଏ)।

**afterlife** ବି. ମୃତ୍ୟୁ ପରେ ଜୀବନ, ପରକାଳ; ଜୀବନର ଶେଷଭାଗ, ଅନ୍ତିମ ଜୀବନ।

**aftermath** ବି. ପରବର୍ତ୍ତୀ ଫଳାଫଳ; ପରିଣତି; କଟା ହେବା ପରେ କଅଁଳିଥିବା ନୂଆ ଘାସ।

**aftermost** ବିଂ. ସର୍ବଶେଷ, ସର୍ବାପେକ୍ଷା ଅଧିକ ଦୂରବର୍ତ୍ତୀ।

**afternoon** ବି. ଅପରାହ୍ନ।

**afterpiece** ବି. ପରିଶିଷ୍ଟ ନାଟକ, ନାଟକର ଶେଷରେ ଅଭିନୀତ ପ୍ରହସନ।

**afterthought** ବି.ପରବର୍ତ୍ତୀ ଚିନ୍ତା ବା ଅନୁଚିନ୍ତା, ପଛବୁଦ୍ଧି, ପରେ ଭାବିଚିନ୍ତି କିଛି ଅଧିକା କହିବା, ପୁନର୍ବିଚାର, ଉତ୍ତର ଚିନ୍ତନ।

**afterwards** କ୍ରି.ବିଂ. ପରେ; ପରବର୍ତ୍ତୀ ସମୟରେ; ପରିଶେଷରେ।

**Ag** ପ୍ର. ରୌପ୍ୟ; Argentum. *(ଲା.)*

**again** କ୍ରି.ବିଂ. ପୁନର୍ବାର, ଆଉ ଥରେ; ଯଥା-ପୂର୍ବ; ପୁନଶ୍ଚ।

**against** ଅ. ବିରୋଧରେ, ସଂଘର୍ଷରେ, ଲାଗିକରି ବା ସଂସ୍ପର୍ଶରେ; ବିପରୀତ ଦିଗରେ ବା ପ୍ରତିକୂଳରେ; ଅଭିମୁଖରେ, ବିପକ୍ଷରେ; ତୁଳନାରେ।

**agape** କ୍ରି.ବିଂ. ଆଁ କରି, ପାଟି ମେଲାକରି, ଅବାକ ହୋଇ।

**agate** ବି. ରଙ୍ଗୀନ ପଟାଳିଆ ଏକ ପ୍ରକାର ଶକ୍ତ ମୂଲ୍ୟବାନ ପଥର; ମଣି ବିଶେଷ, ଗନ୍ଧର୍ବ ମଣି, ଗୋମେଦ ବା ସୁଲେମାନ ପଥର।

**age** 1. ବି. ବୟସ, ଆୟୁ; *(କ.ଭା.)* ଦୀର୍ଘକାଳ, ଅନେକ ଦିନ ବ.ବ. ages; ଯୁଗ - ଐତିହାସିକ ବା ଉଲ୍ଲେଖଯୋଗ୍ୟ ସ୍ୱତନ୍ତ୍ର କାଳ - (stone age, atomic age, golden age); ଜୀବନର ଶେଷଭାଗ ବା ବାର୍ଦ୍ଧକ୍ୟ (old age); 2. କ୍ରି. ବୃଦ୍ଧ ହୋଇଯିବା, ବାର୍ଦ୍ଧକ୍ୟର ଲକ୍ଷଣମାନ ଦେଖାଇବା; ageing କ୍ରମଶଃ ବୃଦ୍ଧ ହେଉଥିବା; under age ନିର୍ଧାର୍ଯ୍ୟ ବୟସରୁ କମ୍, ନାବାଳିକ୍।

**–age** ପ.ପ୍ର. ନିମ୍ନଲିଖିତ ଅର୍ଥ ବୁଝାଉଥିବା ବିଶେଷ୍ୟ ପଦ ସୃଷ୍ଟି କରେ - (କ) କାର୍ଯ୍ୟ, ଅବସ୍ଥା, ଉଦା. breakage, (ଖ) ସମଷ୍ଟି, ସଂଖ୍ୟା, ଉଦା. mileage; (ଗ) ମୂଲ୍ୟ, ଉଦା. postage; (ଘ) ଫଳ/ପରିଣତି, ଉଦା. wastage (ଙ) ସ୍ଥାନ, ଆଶ୍ରୟସ୍ଥଳ, ଉଦା. orphanage.

**aged** ବିଂ. ବୟସ୍କ (ବ୍ୟକ୍ତି), ବୃଦ୍ଧ।

**ageless** ବିଂ. ଚିରନ୍ତନ, ଚିରକୁମାର, କାଳ ଦ୍ୱାରା କବଳିତ ହୋଇ ନ ଥିବା।

**agelong** ବିଂ, ଦୀର୍ଘକାଳ ସ୍ଥାୟୀ, ସମୟାନୁକ୍ରମେ ଚାଲି ଆସିଥିବା; ବହୁକାଳରୁ ପ୍ରଚଳିତ।

**agency** ବି. (ବାଣିଜ୍ୟ ବ୍ୟବସାୟରେ) ପ୍ରତିନିଧିତ୍ୱ, ପ୍ରତିନିଧିଙ୍କର କାର୍ଯ୍ୟାଳୟ ବା କର୍ମସ୍ଥଳ; ପ୍ରତିନିଧିଙ୍କର କର୍ତ୍ତୃତ୍ୱାଧୀନ ଅଞ୍ଚଳ; ମାଲ ଅଞ୍ଚଳ; ସହାୟକଶକ୍ତି (କାହାର ବା କୌଣସି ଜିନିଷର)।

**agenda** ବି.ବ.ବ. (ଏ.ବ. agendum) କାର୍ଯ୍ୟକ୍ରମ ତାଲିକା, ସୂଚୀ, ସଭା, ସମିତିର ସୂଚୀ।

**agent** ବି. କର୍ମନିର୍ବାହକ ପ୍ରତିନିଧି; ଦୂତ, କର୍ତ୍ତା, କାରପଟଦାର; କାର୍ଯ୍ୟକାରୀ ଶକ୍ତି ବା କର୍ତ୍ତୃତ୍ୱ ଶକ୍ତି; କୌଣସି କ୍ରିୟା ଉତ୍ପାଦକ ଦ୍ରବ୍ୟ (ବିଜ୍ଞାନ)।

Digitized by srujanika@gmail.com

**agent provocateur** ସନ୍ଦେହଜନକ ଅପରାଧୀ ବା ଦୋଷୀ ମାନଙ୍କୁ ପୁଣି ବାହାରେ କୌଣସି ଅପରାଧ କରିବା ପାଇଁ ପ୍ରବର୍ତ୍ତାଇ ତାଙ୍କୁ ଧରିବା ପାଇଁ ନିଯୁକ୍ତ ଥିବା ବ୍ୟକ୍ତି, ପ୍ରରୋଚନାକାରୀ, ଗୋଏନ୍ଦା, ଗୁପ୍ତଚର। *(ଫ.)*

**age-old** ବିଂ. ବହୁକାଳ ପର୍ଯ୍ୟନ୍ତ, ବହୁକାଳରୁ ଚଳି ଆସିଥିବା ବା ତିଷ୍ଠି ରହଥିବା।

**agglomerate** 1. କ୍ରି. ଜମା କରିବା; ଏକତ୍ରକରି ପିଣ୍ଡୀକୃତ କରିବା, ଜମାଟ ହେବା; 2. ବି. ଅଗ୍ନ୍ୟୁତ୍ପାତଜନିତ ତରଳ ଲାଭାର ଜଡ଼ପିଣ୍ଡ; 3. ବିଂ. ପିଣ୍ଡୀକୃତ; ବି. agglomeration.

**agglutinate** କ୍ରି. ଅଠାରେ ସଂଯୋଗ କରିବା ବା ଯୋଡ଼ିଦେବା/ଯୋଡ଼ିହେବା; agglutinative ବିଂ. ସଂଯୋଗ କରଣକ୍ଷମ, (ଭାଷା ବିଜ୍ଞାନ) ଶବ୍ଦ ଗୁଡିକୁ ଏକତ୍ରିତ କରି ତାହାର ଆକାର ଓ ଅର୍ଥରେ ପରିବର୍ତ୍ତନ ନ କରି ଗଠିତ ପଦ ସୃଷ୍ଟିକାରକ ବି. agglutination.

**aggrandize** ସ.କ୍ରି. (ବ୍ୟକ୍ତି ବା ରାଜ୍ୟର) କ୍ଷମତା, ପଦବୀ, ଧନସଂପତ୍ତି, ସମ୍ମାନ, ପ୍ରାଧାନ୍ୟ ପ୍ରଭୃତି ବୃଦ୍ଧି କରିବା; ବୃଦ୍ଧି ହେଉଥିବା ପରି ମନେ ହେବା; ବି. aggrandizement; self-aggrandizement ଆତ୍ମ ପ୍ରସାର, ସ୍ୱାର୍ଥ ସାଧନ।

**aggravate** ସ.କ୍ରି. 1. ଗୁରୁତର କରିବା, ବଢ଼ାଇବା (ରୋଗ/ଅପରାଧ); ଅଧିକ ଖରାପ କରିବା ବା ପରିସ୍ଥିତିକୁ ତୀବ୍ର କରିବା; (ଯନ୍ତ୍ରଣା) ବଢ଼ାଇବା, ଅଧିକ କଷ୍ଟକର କରିବା; 2. କ.ଭା. (ବ୍ୟକ୍ତିକୁ) ବିରକ୍ତ ବା ଉତ୍‌କ୍ଷିପ୍ତ କରିବା; କୁପିତ କରିବା।

**aggregate** 1. ବି. ସର୍ବମୋଟ, ସମଷ୍ଟି; କଂକ୍ରିଟ୍ ନିମନ୍ତେ ସିମେଣ୍ଟ ସହ ମିଶ୍ରିତ ଭଙ୍ଗା ଇଟା, ଗୋଡି ପ୍ରଭୃତି ଦ୍ରବ୍ୟ ବା ଧାତୁର ଏକତ୍ରିତ ଗଦା/ସମଷ୍ଟି; 2. ବିଂ. ଏକତ୍ରିତ, ସମଷ୍ଟିଗତ, ସର୍ବମୋଟ; 3. କ୍ରି. ସଂଗ୍ରହ କରିବା, ଏକତ୍ର କରିବା ବା ହେବା, କ.ଭା. ଯୋଗ କରିବା; ବ୍ୟକ୍ତି ବିଶେଷକୁ ଏକତାବଦ୍ଧ କରିବା; 4. in the aggregate ମୋଟରେ, ସମଷ୍ଟି ଭାବରେ, ସମୁଦାୟ; aggregation ବି. ଏକତ୍ରୀକରଣ, ସମଷ୍ଟି।

**aggression** ବି. ପ୍ରଥମେ ଆକ୍ରମଣ; ବିନା ଉତ୍ତେଜନା ବା କାରଣରେ ଆକ୍ରମଣ; ବଳପୂର୍ବକ ବିରୋଧ ବା ଯୁଦ୍ଧର ଆରମ୍ଭ; ଅହେତୁକ ଆକ୍ରମଣ; ବିରୋଧାତ୍ମକ କାର୍ଯ୍ୟ; ବିପକ୍ଷୀୟ ଆଚରଣ ବା ପ୍ରତିକୂଳାତ୍ମକ ଭାବନା।

**aggressive** ବିଂ. ଆକ୍ରମଣଶୀଳ, କଳହପ୍ରିୟ; ଉଗ୍ର, ଅନ୍ୟାୟ ଆକ୍ରମଣକାରୀ; ନିଜକୁ ଜାହିର କରୁଥିବା।

**aggressor** ବି. ଅନ୍ୟାୟରେ ପ୍ରଥମେ ଆକ୍ରମଣକାରୀ (ବ୍ୟକ୍ତି/ଦେଶ); ପ୍ରଥମେ ବିରୋଧକାରୀ।

**aggrieved** ବିଂ. ଦୁଃଖିତ, କ୍ଷୁବ୍ଧ, ଅପମାନିତ, ବ୍ୟଥିତ।

**aggro** *ସାଂ.ପ୍ର.* ସଂଖ୍ୟାଲଘୁ ସଂପ୍ରଦାୟ ଉପରେ ଚଢ଼ାଉ, ଯୁବଗୋଷ୍ଠୀ ଦ୍ୱାରା ଅନ୍ୟ ଗୋଷ୍ଠୀ ଉପରେ ଅଯଥା ଆକ୍ରମଣ, ବଳପୂର୍ବକ ଚଢ଼ାଉ।

**aghast** ବିଂ. ବିସ୍ମିତ; ଅକସ୍ମାତ୍ ଭୟ, ଘୃଣା ବା ତ୍ରାସରେ ହତବୁଦ୍ଧି ବା ଅଭିଭୂତ।

**agile** ବିଂ. ଚଞ୍ଚଳ, କ୍ଷିପ୍ର, ଚପଳ, କର୍ମତତ୍ପର, ସ୍ଫୁର୍ତ୍ତିଶୀଳ, ଚଟୁଳ; ବି. agility.

**agitate** କ୍ରି. (ତରଳ ପଦାର୍ଥକୁ) ହଲାଇବା, ମନ୍ଥନ କରିବା; (ଭାବନା, ମନ ଓ ବ୍ୟକ୍ତିକୁ) ଉତ୍ତେଜିତ କରିବା, ବ୍ୟାକୁଳ କରିବା, ଆଲୋଡନ କରିବା; ଅସ୍ଥିର କରିବା, ଉଦ୍‌ବିଗ୍ନ କରିବା; ଉତ୍ତେଜନାମୂଳକ ତର୍କ ବା ବାଦାନୁବାଦ କରିବା, (ଜନ ସାଧାରଣଙ୍କ ସ୍ୱାର୍ଥ ନିମିତ୍ତ ବା ବିରୋଧରେ) ଆନ୍ଦୋଳନ କରିବା, ଉତ୍ତେଜନା ସୃଷ୍ଟି କରିବା, ଗୋଳମାଳ ସୃଷ୍ଟି କରିବା।

**agitation** ବି. ମନ୍ଥନ; ଆଲୋଡ଼ନ, ଆନ୍ଦୋଳନ, ଉତ୍ତେଜନାମୂଳକ ତର୍କ ଓ ବାଦାନୁବାଦ; ମାନସିକ ଉତ୍ତେଜନା, ବିକ୍ଷୋଭ, କମ୍ପନ, ଅସ୍ଥିରତା, ବ୍ୟାକୁଳତା, ଉଦ୍‌ବେଗ, ଅସ୍ୱସ୍ତି; (ସାମାଜିକ ଓ ରାଜନୈତିକ) ଅସ୍ଥିରତା ସୃଷ୍ଟିକାରୀ ଆଲୋଚନା।

**agitator** ବି. ଆନ୍ଦୋଳନକାରୀ, ବିପ୍ଳବୀ, ବିକ୍ଷୋଭକାରୀ, ଉତ୍ତେଜନା ସୃଷ୍ଟିକାରୀ; ଆଲୋଡ଼କ ଯନ୍ତ୍ର (ଯାହାଦ୍ୱାରା କମ୍ପନ ବା ମନ୍ଥନ କରାଯାଏ)।

**aglow** କ୍ରି.ବିଂ. ଉଜ୍ଜ୍ୱଳ, ଦୀପ୍ତିମାନ୍।

**agnail** ବି. ନଖରୋଗ ବିଶେଷ।

**agnate** ବିଂ. ସଗୋତ୍ର, ପିତୃ କୁଳାନୁଯାୟୀ (ସଂପର୍କ)।

**agnostic** ବି. ଅଜ୍ଞେୟବାଦୀ, ଭୌତିକ ବିଷୟ ବ୍ୟତୀତ ଈଶ୍ୱର ବା ପରଲୋକ ସମ୍ବନ୍ଧରେ ମନୁଷ୍ୟର ଜ୍ଞାନଶକ୍ତି ସୀମିତ ବୋଲି ବିଶ୍ୱାସ କରୁଥିବା ବ୍ୟକ୍ତି; ବି. agnosticism.

Digitized by srujanika@gmail.com

**ago** କ୍ରି.ବିଂ. ପୂର୍ବେ, (ଅତୀତରେ ଏକ ନିର୍ଦ୍ଦିଷ୍ଟ ସମୟଠାରୁ ସମୟଗଣନା ନିର୍ଦ୍ଦେଶ କରିବାରେ ବ୍ୟବହୃତ)।

**agog** କ୍ରି.ବିଂ. ବ୍ୟଗ୍ରତାର୍ ସହିତ, ଆକୁଳ ଭାବରେ, ଉତ୍ସୁକତାର ସହ, ଆଗ୍ରହ ସହକାରେ।

**agonize** କ୍ରି. ଅତ୍ୟନ୍ତ ପୀଡ଼ା ବା ଯନ୍ତ୍ରଣା ଦେବା; ମାନସିକ ଦୁଃଖ ଓ ଯନ୍ତ୍ରଣାରେ କ୍ଲିଷ୍ଟ ହେବା ବ୍ୟଥିତ ହେବା, ତୀବ୍ର ବେଦନାରେ ଛଟପଟ ହେବା।

**agonized** ବିଂ. ବ୍ୟଥିତ, ଅତ୍ୟଧିକ ମାନସିକ ଯନ୍ତ୍ରଣାରେ ପୀଡ଼ିତ।

**agony** ବି. ଅତ୍ୟଧିକ (ମାନସିକ/ଶାରୀରିକ) ଯନ୍ତ୍ରଣା, ତୀବ୍ର ବେଦନା, ଦୁଃସହ ବା ଦାରୁଣ ଯନ୍ତ୍ରଣା।

**agoraphobia** ବି. ନିର୍ଜନ ବା ନିଛାଟିଆ ଓ ଖୋଲା ସ୍ଥାନରେ ଯିବା ସମୟରେ ଜାତ ହେଉଥିବା ଅତିଶୟ ଭୟ।

**agrarian** 1. ବିଂ. ଜମି ବା ତାହାର ଫସଲ ସମ୍ବନ୍ଧୀୟ, କୃଷି ସମ୍ବନ୍ଧୀୟ, ଜମିଜମା ସଂକ୍ରାନ୍ତୀୟ; 2. ବି. ଭୂସଂପତ୍ତି ପୁନର୍ବଣ୍ଟନର ପକ୍ଷପାତୀ/ ସମର୍ଥକ।

**agree** କ୍ରି. ସମ୍ମତ ହେବା, ଏକମତ ହେବା, (କୌଣସି ପ୍ରସ୍ତାବ ବା କାର୍ଯ୍ୟରେ) ରାଜି ହେବା, ହଁ କରିବା; (ବ୍ୟକ୍ତି/ବିଷୟ ସହ) ମିଳିମିଶି ଚଳିବା, ଖାପ ଖୁଆଇବା; ଅନୁମୋଦନ କରିବା; ଖାପ ଖାଇବା ବା ଉପଯୋଗୀ ହେବା।

**agreeable** ବିଂ. ମନୋଜ୍ଞ, ସୁଖକର; ସମ୍ମତ, (କାର୍ଯ୍ୟ/କାର୍ଯ୍ୟ କରିବା) ପାଇଁ ରାଜି; ଉପଯୋଗୀ।

**agreement** ବି. ରାଜିନାମା, ପାରସ୍ପରିକ ବୁଝାମଣା; ନିୟମ ପତ୍ର, ଚୁକ୍ତି ପତ୍ର; ସମ୍ମତି, ମତର ଐକ୍ୟ ବା ମେଳ, ଚୁକ୍ତି; ଏକରାରନାମା; ବ୍ୟାକରଣରେ ବଚନ, ପୁରୁଷ ପ୍ରଭୃତିର କ୍ରିୟା ସହିତ ସମନ୍ୱୟ।

**agriculture** ବି. କୃଷି; କୃଷି ଓ ପଶୁପାଳନ; କୃଷିବିଦ୍ୟା।

**agronomy** ବି. ମୃତ୍ତିକା ସଂରକ୍ଷଣ ଓ ଶସ୍ୟ ଉତ୍ପାଦନ ସମ୍ବନ୍ଧୀୟ ବିଦ୍ୟା ବା ବିଜ୍ଞାନ।

**aground** କ୍ରି.ବିଂ. ଅଳ୍ପ ଗଭୀର ପାଣିର ଭୂତଳ ଉପରେ/ ପର୍ଯ୍ୟନ୍ତ।

**ague** ବି. ମେଲେରିଆ ଜାତୀୟ ଜ୍ୱର, କମ୍ପ ବା ପାଳି ଜ୍ୱର।

**ah** ଅ. ଆଶ୍ଚର୍ଯ୍ୟ, ଯନ୍ତ୍ରଣା, ବିଳାପ, ବିସ୍ମୟ, ପ୍ରଶଂସା ବା ଆନନ୍ଦ ଇତ୍ୟାଦି ପ୍ରକାଶ କରୁଥିବା ଅବ୍ୟୟ ପଦ, ଯଥା - ହାୟ, ଆହା, ଛି ପ୍ରଭୃତି।

**aha** ଅ. ବିଜୟ ଓ ବିସ୍ମୟ ସୂଚକ ଶବ୍ଦ।

**ahead** କ୍ରି.ବିଂ. ଆଗରେ (ସ୍ଥାନ ବା ସମୟର), ଆହୁରି ଆଗରେ, ଆଗେ ଆଗେ, ପୁରୋଭାଗରେ; ଅଧିକ ଦୂରରେ; go ahead ଉନ୍ନତି କରିବା (ବିଶେଷତଃ ସାମାଜିକ କ୍ଷେତ୍ରରେ)।

**ahem** ଅ. ଅନ୍ୟର ଦୃଷ୍ଟି/ମନୋଯୋଗ ଆକର୍ଷଣ କରିବା ନିମନ୍ତେ ଓ କଥା କହିବା ମଝିରେ କ୍ଷଣିକ ବିରତି ପୂରଣ କରିବା ପାଇଁ ବ୍ୟବହୃତ ଶବ୍ଦ।

**ahoy** ଅ. (ଜାହାଜ ଓ ନାବିକ ସମ୍ବନ୍ଧୀୟ) ସଙ୍କେତ ଦେବା ବା ସ୍ୱାଗତ ଆହ୍ୱାନ ପାଇଁ ବ୍ୟବହୃତ ନାବିକର ଡାକ ବିଶେଷ।

**aid** 1. ବି. ସାହାଯ୍ୟ; ସାହାଯ୍ୟକାରୀ ବା ସହାୟକ; ସହାୟତା ଉଦା. first aid, legal aid, deaf aid; visual aids ଶିକ୍ଷାଦାନ ପାଇଁ ବ୍ୟବହୃତ ଚିତ୍ରାଦି; 2. ସ.କ୍ରି. (ବ୍ୟକ୍ତିକୁ) ସାହାଯ୍ୟ କରିବା, ଉତ୍ସାହିତ କରିବା, ସହାୟତା କରିବା।

**AID** ସଂଣ; artificial insemination by donor.

**aide** ବି. aide-de-camp ସେନାପତି/ ସୈନ୍ୟାଧିପତିଙ୍କର ସହଚର; ସହକାରୀ, ପାର୍ଶ୍ୱଚର।

**aide-de-camp** ବି. (ବ.ବ. aides-de-camp) ଉପରିସ୍ଥ କର୍ମଚାରୀଙ୍କର ସହାୟକ/ ସହକାରୀ, ବରିଷ୍ଠ ଅଧିକାରୀଙ୍କର ଆଜ୍ଞାବହ।

**AIDS** ସଂଣ. acquired immune deficiency syndrome ପ୍ରତିରୋଧ ଶକ୍ତି ବିଲୋପ ଜନିତ ଆଧୁନିକ ରୋଗ ବିଶେଷ।

**ail** କ୍ରି. ଅସୁସ୍ଥ ହେବା (ଶାରୀରିକ ବା ମାନସିକ); କଷ୍ଟ ପାଇବା, ପୀଡ଼ିତ ହେବା, ବ୍ୟଥିତ ହେବା; (*ପ୍ରା.ପ୍ର.* କର୍ତ୍ତୃବାଚ୍ୟସ୍ଥ ପ୍ରଶ୍ନବାଚକ ବାକ୍ୟରେ) ଉଦା. What can ail thee, knight-at arms? --- Keats.

**ailing** ବିଂ. ଅସୁସ୍ଥ, ପୀଡ଼ିତ, ଦୁର୍ବଳ ସ୍ୱାସ୍ଥ୍ୟଯୁକ୍ତ, ରୁଗ୍ଣ, ବହୁକାଳ ପୀଡ଼ିତ ଥିବା।

**ailment** ବି. (ବିଶେଷତଃ ସ୍ୱଳ୍ପ) ଅସୁସ୍ଥତା, ପୀଡ଼ା।

**aim** 1. କ୍ରି. ଲକ୍ଷ୍ୟ କରିବା, (କୌଣସି ପଦାର୍ଥ ବା ପ୍ରାଣୀପ୍ରତି ଅସ୍ତ୍ରାଦି) ଲକ୍ଷ୍ୟ କରିବା, କ୍ଷେପଣ କରିବା; ଅଭିପ୍ରାୟ ରଖି କହିବା, ଅଭିପ୍ରାୟ ରଖିବା, ମନସ୍ଥ କରିବା, (କୌଣସି କାର୍ଯ୍ୟ ସାଧନ ପାଇଁ) ମନସ୍ଥକରି ବା ଲକ୍ଷ୍ୟରଖି ଚେଷ୍ଟା କରିବା; କୌଣସି

Digitized by srujanika@gmail.com

ବସ୍ତୁ ଆଡ଼େ ବନ୍ଧୁକ ଲକ୍ଷ୍ୟ କରିବା, ଲକ୍ଷ୍ୟ କରି ଫିଙ୍ଗିବା, 2. ବି. ଲକ୍ଷ୍ୟ, ଅଭିପ୍ରାୟ, (ଲକ୍ଷ୍ୟର ସହ ଅସ୍ତ୍ରାଦି) କ୍ଷେପଣ, ଅଭିପ୍ରେତ ବା ଇପ୍‌ସିତ ବସ୍ତୁ ବା ବିଷୟ; ତାତ୍ପର୍ଯ୍ୟ।

**aimless** ବିଂ. ଲକ୍ଷ୍ୟବିହୀନ, ଉଦ୍ଦେଶ୍ୟହୀନ, ଅଭିପ୍ରାୟରହିତ।

**ain't** *କ.ଭା.* am not ବା have notର ସଂକ୍ଷିପ୍ତ ରୂପ।

**air** ବି. ବାୟୁ, ମୃଦୁ ପବନ, ବାୟୁ ମଣ୍ଡଳ; ଶୂନ୍ୟ, ଆକାଶ; ପ୍ରକାଶ, ପ୍ରଚାର; (ସଂଗୀତ) ସ୍ୱର; ଚାଲିଚଳନ, ହାବଭାବ; ବ.ବ. କୃତ୍ରିମ ଭାବଭଙ୍ଗୀ, ଗର୍ବସୂଚକ ଭଙ୍ଗୀ ବା ବଡ଼େଇ; 2. *ସ.କ୍ରି.* (ପ୍ରକୋଷ୍ଠ ବା ଲୁଗାପଟା) ପବନରେ ଖୋଲି ରଖିବା; ବାୟୁ ଗମନାଗମନ କରାଇବା; ବ୍ୟଞ୍ଜନ କରିବା, ଶୁଖାଇବା, ମୁକ୍ତ ବାୟୁକୁ ଯିବା; (ମତ/ଅଭିଯୋଗ ବା ମତବାଦ) ବ୍ୟକ୍ତ କରିବା; ପ୍ରଚାର କରିବା, ପ୍ରକାଶ କରିବା।

**airborne** ବିଂ ବାୟୁ ବାହିତ (ରୋଗ); ଭୂମିରୁ ଊର୍ଦ୍ଧ୍ୱକୁ ଉଠିବା ପରେ ଶୂନ୍ୟଗାମୀ (ଯାନ)।

**airbus** ବି. ବସ୍‌ପରି ଆକାଶରେ ଚଳାଚଳ କରୁଥିବା ଯାନ, ବଡ଼ ଉଡ଼ାଜାହାଜ।

**airconditioning** ବି. ଶୀତତାପ ନିୟନ୍ତ୍ରଣ, ବାତାନୁକୂଳନ; **air conditioned** ବାତାନୁକୂଳ, ଶୀତତାପ ନିୟନ୍ତ୍ରିତ।

**aircraft** ବି. ଉଡ଼ାଜାହାଜ, ଯେ କୌଣସି ଉଡ଼ିପାରୁଥିବା ଯାନ, ବିମାନ; ବ.ବ. aircraft.

**airfield** ବି. ଉଡ଼ାଜାହାଜ ପଡ଼ିଆ, ଉଡାଜାହାଜ ଅବତରଣ କ୍ଷେତ୍ର।

**airgun** ବି. ବାୟୁଚାପ ଚାଳିତ ବନ୍ଧୁକ, ହାୱା ବନ୍ଧୁକ।

**airless** ବିଂ. ବାୟୁଶୂନ୍ୟ; ସ୍ଥିର, ନିର୍ବାତ।

**airlift** 1. ବି. (ବିଶେଷତଃ ଜରୁରୀ ପରିସ୍ଥିତିରେ) ବିମାନ ଦ୍ୱାରା ଯୋଗାଇ ଦିଆଯାଉଥିବା ଦ୍ରବ୍ୟ; 2. *ସ.କ୍ରି.* ଉକ୍ତ ରୀତିରେ ପରିବହନ କରିବା।

**airline** ବି. ସର୍ବସାଧାରଣ ବିମାନ ଚଳାଚଳ ନିଗମ ବା ବ୍ୟବସ୍ଥା।

**airlock** ବି. ନଳୀ ଭିତରେ ବାୟୁ ଫୋଟକା ରହିବା କିଂବା ବାୟୁପୂର୍ଣ୍ଣ ହୋଇଯିବା ଫଳରେ ତରଳ ପଦାର୍ଥର ପ୍ରବାହ ବନ୍ଦ ହୋଇଯିବା ଅବସ୍ଥା।

**airmail** ବି. ବିମାନ-ଡାକ।

**airman** ବି. ବିମାନଚାଳକ, ବୈମାନିକ ଓ ଅନ୍ୟାନ୍ୟ କର୍ମଚାରୀ।

**airport** ବି. ବିମାନ ଘାଟୀ।

**air raid** ବି. ବିମାନ ଆକ୍ରମଣ (ବୋମାବର୍ଷଣ ଦ୍ୱାରା)।

**airscrew** ବି. ଉଡାଜାହାଜକୁ ଆଗକୁ ଠେଲିନେବା ପାଇଁ ବ୍ୟବହୃତ ଘୂର୍ଣ୍ଣନ ଚକ୍ର।

**airship** ବି. ବାୟୁଠାରୁ ହାଲୁକା ଉଡ଼ାଜାହାଜ।

**airsick** ବିଂ. ଉଡ଼ାଜାହାଜରେ ଉଡ଼ିବା ହେତୁ ବମନାଦି ଅସୁସ୍ଥତାଗ୍ରସ୍ତ; ବି. airsickness.

**airspace** ବି. ଦେଶର ସୀମା ଉପରେ ଥିବା ବାୟୁମଣ୍ଡଳ, ଆକାଶ ସୀମା।

**airstrip** ବି. ଆକସ୍ମିକ ପରିସ୍ଥିତିରେ ଉଡ଼ାଜାହାଜର ବ୍ୟବହାରପାଇଁ ନିର୍ମିତ ସଂକୀର୍ଣ୍ଣ ପଥ।

**airtight** ବିଂ. ବାୟୁରୋଧକ, (ପ୍ରକୋଷ୍ଠ ପ୍ରଭୃତି) ଯହିଁରେ ପବନ ପଶିପାରେ ନାହିଁ।

**airway** ବି. ବିମାନ ପଥ; ବ.ବ. airways ଯାତ୍ରୀ ବା ମାଲବାହୀ ଉଡାଜାହାଜ ନିଗମ।

**airwoman** ବି. ବିମାନ ଚାଳିକା ବା ବିମାନର ଯେ କୌଣସି ମହିଳା କର୍ମଚାରୀ, ବୈମାନିକା।

**airworthy** ବିଂ. ଉଡ଼ିବା ଯୋଗ୍ୟ (ଉଡାଜାହାଜ ସମ୍ପର୍କିତ), ଉଡ଼ାଣ ଯୋଗ୍ୟ।

**airy** ବିଂ. ବାୟବୀୟ, ବାୟୁ ସଦୃଶ, ବାୟୁ ସେବିତ, ବାୟୁପରି ହାଲୁକା, ନିରର୍ଥକ, ପ୍ରଫୁଲ୍ଲ।

**aisle** ବି. ସ୍ତମ୍ଭାବଳି ଦ୍ୱାରା ମୁଖ୍ୟ ପ୍ରକୋଷ୍ଠରୁ ପୃଥକୀକୃତ ଗୀର୍ଜାର ପାର୍ଶ୍ୱ ଦେଶ; ଦୁଇପାଖରେ ଥିବା ଆସନର ମଧ୍ୟବର୍ତ୍ତୀ ସଂକୀର୍ଣ୍ଣ ରାସ୍ତା।

**ajar** 1. କ୍ରି.ବିଂ. ଦରମେଲା ଅବସ୍ଥାରେ; 2. ଈଷତ୍ ଉନ୍ମୁକ୍ତ, ଅଧାଖୋଲା।

**akimbo** କ୍ରି.ବିଂ. କମରରେ ହାତଦେଇ କହୁଣି ବଙ୍କାଇ।

**akin** ବିଂ. ସମଜାତୀୟ, ଅନୁରୂପ, ଘନିଷ୍ଠ ସମ୍ପର୍କ ବିଶିଷ୍ଟ, ରକ୍ତସଂପର୍କୀୟ, ସଗୋତ୍ର।

**–al** *ପ.ପ୍ର.* ଇକ, ଈୟ ଆଦି ପ୍ରତ୍ୟୟ ବ୍ୟଞ୍ଜକ; ବିଂ. postal, tropical; ବି. removal, acquittal

**Al** *ପ୍ର.* aluminium ଆଲୁମିନିୟମ୍।

**alabaster** 1. ବି. ଅଳଙ୍କାର ପ୍ରଭୃତିରେ ବ୍ୟବହୃତ ହେଉଥିବା ଶୁଭ୍ର ଈଷତ୍ ସ୍ୱଚ୍ଛ ପ୍ରସ୍ତର ବିଶେଷ; 2. ବିଂ. ଉକ୍ତ ପ୍ରସ୍ତର ସଦୃଶ ଶୁକ୍ଳ ବର୍ଣ୍ଣ ବିଶିଷ୍ଟ ଓ ମସୃଣ।

Digitized by srujanika@gmail.com

**alacrity** ବି. ଚଞ୍ଚଳତା, ତତ୍ପରତା, ଆଗ୍ରହ, ଉତ୍ସୁକତା, ସ୍ଫୂର୍ତ୍ତି।

**Aladdin's cave** ଧନସଂପତ୍ତିର ଅସରନ୍ତି ଭଣ୍ଡାର (ଆରବ୍ୟ କାହାଣୀର ଚରିତ୍ର ଆଲାଦିନର ନାମାନୁଯାୟୀ)।

**a la mode** ବା. ପ୍ରଚଳିତ ରୀତି/ପଦ୍ଧତି, ସୌଖୀନ। *(ଫ.)*

**alarm** 1. ବି. ସତର୍କ ବାଣୀ, ସତର୍କ ଧ୍ୱନି ବା ଘଣ୍ଟି, ବିପଦ ସଙ୍କେତ, ଆକସ୍ମିକ ତ୍ରାସ, ଶଙ୍କା; 2. ସ.କ୍ରି. ବିପଦ ସମ୍ବନ୍ଧରେ ସତର୍କ କରିଦେବା, ଆତଙ୍କିତ କରିବା, ଅସ୍ଥିର କରିବା, ଡରାଇବା।

**alarmist** ବି. ଅଯଥା ଆତଙ୍କ ସୃଷ୍ଟିକାରୀ।

**alas** ଅ. ହାୟ; ଦୁଃଖ ବା ବିପତ୍ତି ସୂଚକ ଅଭିବ୍ୟକ୍ତି।

**alb** ବି. ଖ୍ରୀଷ୍ଟୀୟ ଧର୍ମଯାଜକଙ୍କ ଦ୍ୱାରା ପରିହିତ ଆପାଦ ଲମ୍ବିତ ଧଳାରଙ୍ଗର ପୋଷାକ।

**albatross** ବି. ଦୀର୍ଘ ପକ୍ଷବିଶିଷ୍ଟ ସାମୁଦ୍ରିକ ପକ୍ଷୀ ବିଶେଷ (ପ୍ରଶାନ୍ତ ଓ ଦକ୍ଷିଣ ମହାସାଗରୀୟ ଅଞ୍ଚଳରେ ଦୃଶ୍ୟମାନ)।

**albeit** ଅ. ଯଦ୍ୟପି, ଯଦିଓ, ଯଦିଚ।

**albino** ବି. ଜନ୍ମଗତ ବର୍ଣ୍ଣ କଣିକାର ଅଭାବ ହେତୁ ଅସ୍ୱାଭାବିକ ଭାବରେ ଶ୍ୱେତକାୟ ଓ ପାଟଳ ବର୍ଣ୍ଣ ଚକ୍ଷୁବିଶିଷ୍ଟ ବ୍ୟକ୍ତି ବା ଜନ୍ତୁ; ଅସ୍ୱାଭାବିକ ରଙ୍ଗ ବିଶିଷ୍ଟ ଉଦ୍ଭିଦ।

**album** ବି. ଆଲେଖ୍ୟ ସଂଚୟ ପୁସ୍ତିକା, ଫଟୋ ବା ଡ଼ାକଟିକଟ ଇତ୍ୟାଦି ରଖିବା ବହି।

**albumen** ବି. ଅଣ୍ଡା ଭିତରର ଧଳା ଅଂଶ; ମଞ୍ଜି ସମୂହର ଔପାଦାନିକ ଅଂଶ।

**albumin** ବି. ଜଳରେ ଦ୍ରବଣୀୟ ଏକପ୍ରକାର ପୁଷ୍ଟିସାର (ଅଣ୍ଡାର ଧଳା ଅଂଶ, ଦୁଗ୍ଧ, ରକ୍ତ ଓ କେତେକ ବୃକ୍ଷ ଲତାରେ ନିହିତ)।

**alchemy** ବି. ଆଧୁନିକ ରସାୟନ ବିଜ୍ଞାନର ପୂର୍ବତନ ମଧ୍ୟଯୁଗୀୟ ରସାୟନ ଶାସ୍ତ୍ର (ବିଶେଷତଃ କେତେକ ନିକୃଷ୍ଟ ଧାତୁକୁ ସୁବର୍ଣ୍ଣରେ ପରିଣତ କରିବାର ପଦ୍ଧତି ବିଷୟକ)।

**alcohol** ବି. ସୁରାସାର, ବର୍ଣ୍ଣହୀନ ବାଷ୍ପୀଭବନଯୋଗ୍ୟ ତରଳ ପଦାର୍ଥ ବିଶେଷ; ମଦ୍ୟରେ ଥିବା ନିଶାକାରକ ଉପାଦାନ, ମଦ୍ୟସାର ବିଶିଷ୍ଟ କୌଣସି ପାନୀୟ, ଇନ୍ଧନ ଓ ଦ୍ରାବକ ଭାବରେ ମଧ ବ୍ୟବହୃତ ହେଉଥିବା ମଦଜାତୀୟ ପାନୀୟ।

**alcoholic** 1. ବିଂ. ସୁରାସାର ସମ୍ବନ୍ଧୀୟ, ଆଲକୋହଲ ଦ୍ୱାରା ପ୍ରସ୍ତୁତ, ଏହା ଯୁକ୍ତ ବା ସଦୃଶ; 2. ବି. ମଦୁଆ, ମଦଡି।

**alcoholism** ବି. ଅତ୍ୟଧିକ ନିଶାଦ୍ରବ୍ୟ/ମାଦକ ଦ୍ରବ୍ୟ ଅଭ୍ୟାସ, ତଜ୍ଜନିତ ଅସୁସ୍ଥତା ବା ରୁଗ୍‌ଣାବସ୍ଥା।

**alcove** ବି. କାନ୍ଥରେ ଥିବା ଠଣା; ବଡ଼ କୋଠରୀ ସଂଲଗ୍ନ କ୍ଷୁଦ୍ର ପ୍ରକୋଷ୍ଠ; ଉଦ୍ୟାନସ୍ଥ ନିକୁଞ୍ଜ।

**aldehyde** ବି. ସୁରାସାରରୁ ପ୍ରସ୍ତୁତ ବାଷ୍ପୀଭବନଯୋଗ୍ୟ ତରଳ ପଦାର୍ଥ ବିଶେଷ (ରସାୟନ)।

**alder** ବି. ବୃକ୍ଷ ବିଶେଷ।

**alderman** ବି. ମେୟରଙ୍କ ପରବର୍ତ୍ତୀ ପଦସ୍ଥ କର୍ମଚାରୀ ବା ଉପନଗରପାଳ (ଇଂଲଣ୍ଡର କାଉଣ୍ଟି ପରିଚାଳନା ସମ୍ପର୍କିତ)।

**ale** ବି. ଫିକା ରଙ୍ଗର ଏକ ପ୍ରକାର ମଦ (ବିଅର ଜାତୀୟ), ଯବସୁରା।

**aleatory** ବିଂ. ଦୈବବାଦୀ, ସୁଯୋଗ ବା ଭାଗ୍ୟ ଉପରେ ନିର୍ଭରଶୀଳ।

**alembic** ବି. ପରିସ୍ରବଣ ବା ବିଶୁଦ୍ଧ କରିବା ପାଇଁ ପୂର୍ବେ ବ୍ୟବହାର କରାଯାଉଥିବା ଯନ୍ତ୍ର ବିଶେଷ।

**alert** 1. ବିଂ. ସତର୍କ, ଜାଗ୍ରତ, ଉଦ୍ୟମୀ, ଚଞ୍ଚଳ, ହୁସିଆର; 2. ବି. ସତର୍କ ହେବାପାଇଁ ଆହ୍ୱାନ, ସତର୍କ ଘଣ୍ଟି, ବିପଦ ସଙ୍କେତ; 3. ସ.କ୍ରି. ସତର୍କ କରିବା/ହେବା।

**alexandrine** 1. ବି. ଛଅ ଚରଣ ବିଶିଷ୍ଟ ଦ୍ୱିମାତ୍ରିକ ପଶ୍ଚାଦ୍‌ଘାତ ଛନ୍ଦ ବିଶେଷ (ଇଂରାଜି ଛନ୍ଦ); 2. ବିଂ. ଏତାଦୃଶ ଛନ୍ଦ ବିଶିଷ୍ଟ।

**alfalfa** ବି. ଗୋଖାଦ୍ୟ ଉପଯୋଗୀ ତ୍ରିପତ୍ର ତୃଣ ବିଶେଷ।

**alfresco** ବିଂ.ଓ କ୍ରି.ବିଂ. ମୁକ୍ତ ବାୟୁରେ, ଖୋଲା ଜାଗାରେ।

**alga** ବି. (ସାଧାରଣତଃ ବ.ବ. algae [ଏଲ୍‌ଜି] ରୂପରେ ବ୍ୟବହୃତ) ଫୁଲ ଫୁଟୁ ନଥିବା ବୃନ୍ତହୀନ ଏକପ୍ରକାର ଜଳଜ ଉଦ୍ଭିଦ, ସାମୁଦ୍ରିକ ଦଳ ବିଶେଷ।

**algebra** ବି. ବୀଜ ଗଣିତ; ପରିମାଣ ବା ସଂଖ୍ୟା ସ୍ଥାନରେ ଅକ୍ଷର ବ୍ୟବହୃତ ହେଉଥିବା ଗାଣିତିକ ପଦ୍ଧତି।

**algorithm** ବି. (ଯାନ୍ତ୍ରିକ) ଗଣନା ନିମନ୍ତେ ପ୍ରଯୁକ୍ତ ପ୍ରଣାଳୀ ବା ନିୟମ।

**alias** 1. କ୍ରି.ବିଂ. ଓରଫ୍, ବନାମ; 2. ବି. ଉପନାମ, ଅନ୍ୟ ନାମ।

**alibi** ବି. ଅପରାଧ ଘଟିଥିବା ସମୟରେ (ଅଭିଯୁକ୍ତ ବ୍ୟକ୍ତିର) ଅନୁପସ୍ଥିତି, ସ୍ଥାନାନ୍ତରରେ ଥିବାର ଦାବୀନାମା।

Digitized by srujanika@gmail.com

**alien** 1. ବି. ବିଦେଶୀ, ଅପରିଚିତ ବ୍ୟକ୍ତି, ବିଜାତୀୟ ବ୍ୟକ୍ତି; 2. ବିଂ. ଅନ୍ୟ ବ୍ୟକ୍ତି, ସ୍ଥାନ ବା ବସ୍ତୁ ସମ୍ବନ୍ଧୀୟ, ଭିନ୍ନ ପ୍ରକୃତିର, ବିଦେଶୀୟ; ପରସ୍ପର ବିରୋଧୀ, ଅସଙ୍ଗତ, ପ୍ରତିକୂଳ।

**alienable** ବିଂ. ହସ୍ତାନ୍ତର କରଣୀୟ, ସ୍ୱତ୍ୱତ୍ୟାଗ ଯୋଗ୍ୟ।

**alienate** ସ.କ୍ରି. ବନ୍ଧୁତା ହରାଇବା, ଶତ୍ରୁତା ସୃଷ୍ଟି କରିବା, ସ୍ନେହରୁ ବଞ୍ଚିତ ବା ବିଚ୍ଛିନ୍ନ କରିବା, (ସଂପତ୍ତି ପ୍ରଭୃତିର) ସ୍ୱତ୍ୱ ହସ୍ତାନ୍ତର କରିବା; ମନାନ୍ତର କରିବା।

**alight**[1] ବିଂ. ପ୍ରଜ୍ୱଳିତ, ଜ୍ୱଳନ୍ତ, ଉଜ୍ଜ୍ୱଳ, ପ୍ରସନ୍ନ, ଉଦ୍‌ଭାସିତ।

**alight**[2] ଅ.କ୍ରି. ଓହ୍ଲାଇବା, ଅବତରଣ କରିବା (ଯାନରୁ); (ଆକାଶରୁ) ପୃଥିବୀକୁ ଆସିବା, (ପକ୍ଷୀ) ଉଡ଼ିଆସି ବସିବା।

**align** ସ.କ୍ରି. ଯଥାସ୍ଥାନରେ ଧାଡ଼ିକରି ରଖିବା, ସମପର୍ଯ୍ୟାୟଭୁକ୍ତ କରିବା/ହେବା; ଏକ ସରଳ ରେଖାରେ ରହିବା; ଗୋଷ୍ଠୀଭୁକ୍ତ ହେବା; ସମନ୍ୱୟ ସାଧନ କରିବା, ସଜାଇ ରଖିବା।

**alike** 1. ବିଂ. ସଦୃଶ, ସମାନ, ତୁଲ୍ୟ, ଅନୁରୂପ; 2. କ୍ରି.ବିଂ. ସମାନ ଭାବରେ, ଏକା ପ୍ରକାରେ।

**alimentary** ବିଂ. ଖାଦ୍ୟ ବା ପୁଷ୍ଟି ସମ୍ବନ୍ଧୀୟ, ପଚନ ପ୍ରକ୍ରିୟା ସଂପର୍କୀୟ।

**alimony** ବି. ବିବାହ ବିଚ୍ଛେଦ ପରେ ଆଇନ ଅନୁସାରେ (ପୂର୍ବ) ସ୍ୱାମୀଠାରୁ ସ୍ତ୍ରୀର ପ୍ରାପ୍ୟ ଆର୍ଥିକ ଭତ୍ତା, ନିର୍ବାହ ବ୍ୟୟ।

**aliphatic** ବିଂ. ଚର୍ବି ଜାତୀୟ।

**aliquot** 1. ବିଂ. ସମଭାଜକ; 2. ବି. କୌଣସି ବସ୍ତୁର ସମବିଭକ୍ତ ଅଂଶ।

**alive** ବିଂ. ଜୀବିତ, ଜୀବନ୍ତ; କର୍ମଠ, ସଜାଗ, ସଜୀବ, ସଂବେଦନଶୀଳ (ପରିସ୍ଥିତି/ଚିନ୍ତାଧାରା ପ୍ରତି); (ଲୋକ/ଜିନିଷରେ) ଭରପୂର, (ଜୀବନ୍ତ ଓ ଚଞ୍ଚଳ ପଦାର୍ଥରେ) ପରିପୂର୍ଣ୍ଣ।

**alkali** ବି. କ୍ଷାର, ରାସାୟନିକ ଦ୍ରବ୍ୟ ବିଶେଷ ଯାହା ଅମ୍ଳକୁ ନିର୍ଗୁଣ କରେ; alkaline ବିଂ. କ୍ଷାରଧର୍ମୀ।

**alkaloid** ବି. ଯବକ୍ଷାରଜାନ ବିଶିଷ୍ଟ ଉଦ୍ଭିଜ୍ଜ ମୌଳିକ ପଦାର୍ଥ ବିଶେଷ।

**all** 1. ବିଂ. ସମସ୍ତ (ପରିମାଣ), ସମଗ୍ର, ସମୁଦାୟ, ସକଳ, ସବୁ, ଯଥା ସମ୍ଭବ, (with all speed); ସମସ୍ତ ପ୍ରକାରର; ସମସ୍ତେ (ବ୍ୟକ୍ତି), ସର୍ବୋଚ୍ଚ; 2. ବି. ସମସ୍ତେ, ସକଳ, ସମସ୍ତ ବସ୍ତୁ ବା ବ୍ୟକ୍ତି; 3. କ୍ରି.ବିଂ. ସମ୍ପୂର୍ଣ୍ଣ ରୂପେ, ସର୍ବତୋଭାବେ।

**Allah** ବି. ଆଲ୍ଲା, ମୁସଲମାନ ସମ୍ପ୍ରଦାୟ ଉପାସିତ ଏକମାତ୍ର ଈଶ୍ୱରଙ୍କର ପ୍ରତିଶବ୍ଦ, ଆରବୀ ଭାଷାରେ ପରମେଶ୍ୱରଙ୍କର ନାମ।

**allay** ସ.କ୍ରି. (ଭୟ, ସନ୍ଦେହ, ଉଦ୍‌ବେଗ ପ୍ରଭୃତି) ଉପଶମ କରିବା, ଲାଘବ କରିବା; ଶାନ୍ତ କରିବା, ଦମନ କରିବା।

**allegation** ବି. ଅଭିଯୋଗ, ଆରୋପ।

**allege** ସ.କ୍ରି. ଅଭିଯୋଗ କରିବା, ଆରୋପ ଲଗାଇବା; ଦୃଢ଼ ଭାବରେ କହିବା; ଆତ୍ମପକ୍ଷ ସମର୍ଥନ ପାଇଁ ଯୁକ୍ତି ବା ଓଜର ଦର୍ଶାଇବା।

**allegedly** କ୍ରି.ବିଂ. ଅଭିଯୋଗ ଅନୁଯାୟୀ, ଜନଶ୍ରୁତିରେ।

**allegiance** ବି. ଆନୁଗତ୍ୟ, ନିଷ୍ଠା, ସମର୍ଥନ; (ଶାସକ, ଦେଶ, ବ୍ୟକ୍ତି ବିଶେଷ, ଆଦର୍ଶ ପ୍ରତି) ବିଶ୍ୱସ୍ତତା।

**allegorical** ବିଂ. ରୂପକାତ୍ମକ, ଲକ୍ଷଣାମୂଳକ।

**allegorize** ସ.କ୍ରି. ରୂପକ ବା ପ୍ରତୀକ ସାହାଯ୍ୟରେ ବୟାନ କରିବା।

**allegory** ବି. ରୂପକ କଥା; ପ୍ରତୀକାତ୍ମକ ଗଳ୍ପ ଛଳରେ କୌଣସି ବିଷୟର ଅବତାରଣା; ଉପଦେଶପୂର୍ଣ୍ଣ ଗଳ୍ପ ବା ବିବରଣ।

**allegro** 1. କ୍ରି.ବିଂ. (ସଂଗୀତ) କ୍ଷିପ୍ର ଗତିରେ ଓ ପ୍ରାଞ୍ଜଳ ଭାବରେ; ଚଞ୍ଚଳ ଓ ସତେଜତାର ସହ (ପରିବେଷିତ ହେଉଥିବା); 2. ବି.ବ.ବ. allegros ଉକ୍ତ ରୀତିରେ କରାଯାଉଥିବା ବାଦ୍ୟ/ସ୍ୱରର ଆରୋହ-ଅବରୋହ।

**alleluia** 1. ଅ. ଈଶ୍ୱରସ୍ତୁତ୍ୟର୍ଥକ ଶବ୍ଦ, ଜୟ ଈଶ୍ୱରଙ୍କର ଜୟ; 2. ବି. ଈଶ୍ୱର ବନ୍ଦନା, (ହିବ୍ରୁ/ଗ୍ରୀକ hallelujah).

**allergic** ବିଂ. ଅକାରଣ ବିରକ୍ତି/ଘୃଣା ପ୍ରରୋଚକ, ବିକାରଜନକ; ଅସ୍ୱସ୍ତିକର, ପ୍ରତିକ୍ରିୟାଶୀଳ।

**allergy** ବି. କେତେକ ବସ୍ତୁ (ବିଶେଷତଃ ଖାଦ୍ୟ ପଦାର୍ଥ), ପରିବେଶ ଅଥବା ବ୍ୟକ୍ତି ପ୍ରତି ତୀବ୍ର ଅହେତୁକ ଶାରୀରିକ ପ୍ରତିକ୍ରିୟା ଓ ବିକାର।

**alleviate** ସ.କ୍ରି. (ପୀଡ଼ା, ଯନ୍ତ୍ରଣା, ଦୁଃଖାଦି) ଲଘୁ କରିବା, ଉପଶମ କରିବା, ହ୍ରାସ କରିବା; alleviation ବି. ଉପଶମ, ହ୍ରାସ।

Digitized by srujanika@gmail.com

**alleviator** ବି. ଉପଶମକାରକ।

**alley** ବି. ସଂକୀର୍ଣ୍ଣ ଗଳି, ଅନ୍ଧଗଳି, ଦୁଇ ଧାଡ଼ିରେ ଥିବା ଅଟ୍ଟାଳିକା ମଧ୍ୟରେ ବା ଅଟ୍ଟାଳିକା ପଛରେ ଥିବା ସଂକୀର୍ଣ୍ଣ ଗଳି; ଉଦ୍ୟାନର ବୃକ୍ଷଛାୟାଶ୍ରିତ ପଥ ବା ଉଦ୍ୟାନ ପଥ; (କ୍ରିକେଟ) ବୋଲିଂ କରିବାର ପଥ।

**alliance** ବି. ସହଯୋଗ କରିବା ପାଇଁ ମୈତ୍ରୀ ବା ରାଜିନାମା; (ବିଶେଷତଃ ଚୁକ୍ତି ଜରିଆରେ ରାଷ୍ଟ୍ର ମଧ୍ୟରେ ବା ବିବାହ ମାଧ୍ୟମରେ ପରିବାର ମଧ୍ୟରେ) ମୈତ୍ରୀବନ୍ଧନ।

**allied** ବିଂ. ମୈତ୍ରୀ-ସୂତ୍ରରେ ଆବଦ୍ଧ; ବନ୍ଧୁଭାବାପନ୍ନ, ପରସ୍ପର ସଂପୃକ୍ତ, ନିକଟ ସଂପର୍କଯୁକ୍ତ।

**alligator** ବି. ଏକ ଜାତୀୟ ବୃହଦାକାର (ଥଣ୍ଡିଆ) କୁମ୍ଭୀର (ଆମେରିକା ଓ ଚୀନରେ ପରିଦୃଷ୍ଟ)।

**alliterate** *ଅ.କ୍ରି.* ଅନୁପ୍ରାସ ହେବା, ଏକ ବ୍ୟଞ୍ଜନ ବର୍ଣ୍ଣର ପୁନରାବୃତ୍ତି ଘଟିବା।

**alliteration** ବି. ଅନୁପ୍ରାସ; ବାକ୍ୟ ବା ବାକ୍ୟାଂଶରେ ଏକ ଅକ୍ଷର ବା ଧ୍ୱନିର ପୁନରାବୃତ୍ତି, ଉଦା. meandering with a mazy motion

**allocate** *ସ.କ୍ରି.* ବିଭାଗ ବଣ୍ଟନ କରିବା; (ବ୍ୟକ୍ତି/ଉଦ୍ଦେଶ୍ୟ ପ୍ରତି) ଅଂଶ ବା ଭାଗ ନିର୍ଦ୍ଦିଷ୍ଟ କରିଦେବା; ଯଥା ସ୍ଥାନରେ ସ୍ଥାପନ କରିବା, (ସମୟ ଓ ସାମର୍ଥ୍ୟ) ଯଥାରୀତି ବିନିଯୋଗ କରିବା; allocation ବି. ବଣ୍ଟନ, ବଣ୍ଟୁଆରା।

**allot** *ସ.କ୍ରି.* ବଣ୍ଟନ କରିବା, ଅଂଶାନୁସାରେ ବାଣ୍ଟିବା; (ଦାୟିତ୍ୱ ବା କାର୍ଯ୍ୟ) ନିର୍ଦ୍ଦିଷ୍ଟ କରିବା।

**allotment** ବି. ବଣ୍ଟନ, ବିଭାଗୀକରଣ, ନିର୍ଦ୍ଦିଷ୍ଟ ଅଂଶ ବିଭାଜନ, କୃଷିକର୍ମ ନିମିତ୍ତ ପ୍ରଦତ୍ତ ରାଷ୍ଟ୍ରାୟତ୍ତ ଭୂମିଖଣ୍ଡ।

**allotropy** ବି. ସମାନ ଉତ୍ତାପରେ କୌଣସି ରାସାୟନିକ ଦ୍ରବ୍ୟର ବିଭିନ୍ନ ରୂପରେ ଅବସ୍ଥିତି (ଯଥା- ଅକ୍ସିଜେନ ଓ ଓଜୋନ୍)।

**allow** *କ୍ରି.* ଅନୁମତି ଦେବା, (ବସ୍ତୁ ବା ବ୍ୟକ୍ତିକୁ କିଛି କରିବାକୁ) ସମ୍ମତି ଦେବା, ସ୍ୱୀକାର କରିବା, ମଞ୍ଜୁର କରିବା; (ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦେବା ପାଇଁ) ସ୍ଥିରକରିବା; allow for ବିବେଚନାକରିବା।

**allowance** ବି. ଭତ୍ତା, କୌଣସି ଖର୍ଚ୍ଚ ତୁଲାଇବା ନିମନ୍ତେ ପ୍ରଦତ୍ତ ଅର୍ଥ; ଛାଡ଼, କାଟ ବା ଦସ୍ତୁରି; ବିବେଚନା।

**alloy** ବି. ମିଶ୍ର ଧାତୁ; ଖାଦ; ଉତ୍କୃଷ୍ଟ ଧାତୁ ସହିତ ମିଶ୍ରିତ ନିକୃଷ୍ଟ ଧାତୁ; ଭଲ ମନ୍ଦର ମିଶ୍ରଣ।

**all right** ବିଂ. ସନ୍ତୋଷଜନକ, ନିରାପଦ ଓ ସୁସ୍ଥ, ଭଲ ଅବସ୍ଥାରେ, ସନ୍ତୋଷ ଜନକ ଭାବରେ; ଯଥେଷ୍ଟିତ।

**allspice** ବି. ଗୋଲମରିଚ୍ ଭଳି ମସଲା ଭାବରେ ବ୍ୟବହୃତ ଏକ ପ୍ରକାର ସୁଗନ୍ଧିଯୁକ୍ତ କଟୁ ମରିଚ୍।

**allude** *ଅ.କ୍ରି.* ପରୋକ୍ଷ ଭାବରେ ଉଲ୍ଲେଖ କରିବା; ପ୍ରସଙ୍ଗ କ୍ରମେ ଉଲ୍ଲେଖ କରିବା; ଉଦ୍ଦେଶ୍ୟ ରଖି କହିବା; ସୂଚାଇବା।

**allure** *ସ.କ୍ରି.* ପ୍ରଲୋଭିତ କରିବା, ଲୋଭ ଦେଖାଇ ଆକର୍ଷଣ କରିବା, ଭୁଲାଇ ନେବା, ଫୁସଲାଇ ନେବା।

**allusion** ବି. ପରୋକ୍ଷ ଉଲ୍ଲେଖ; ପ୍ରାସଙ୍ଗିକ ଉଲ୍ଲେଖ; ପରୋକ୍ଷ ସୂଚନା; allusive ବିଂ. ପ୍ରସଙ୍ଗକ୍ରମେ ସୂଚିତ।

**alluvial** ବିଂ. ପଟୁପଡ଼ିଥିବା, ନଦୀଦ୍ୱାରା ଆନୀତ ମୃତ୍ତିକା ସମ୍ବନ୍ଧୀୟ ବା ତାହାର ଗୁଣ ଯୁକ୍ତ, ଢେଉ ବା ସ୍ରୋତ ଦ୍ୱାରା ସଞ୍ଚିତ, ପଟୁ ନିର୍ମିତ।

**alluvium** ବି.ବ.ବ. alluvia ନଦୀ ବାହିତ ପଟୁ, (ନଦୀ ସ୍ରୋତ ବା ବନ୍ୟା ଦ୍ୱାରା) ଉଚ୍ଚଭୂମିରୁ ଆନୀତ ମାଟି, ନଦୀ ପଠାରେ ସଞ୍ଚିତ ମାଟି ଓ ପଙ୍କ ପ୍ରଭୃତି।

**ally** 1. ବି. ସହଯୋଗ ପାଇଁ ଆନୁଷ୍ଠାନିକ ଭାବରେ ସମ୍ମିଳିତ ବ୍ୟକ୍ତି, ରାଷ୍ଟ୍ର ବା ଶାସକ ବର୍ଗ; ମିତ୍ରଶକ୍ତି, ମିତ୍ରରାଷ୍ଟ୍ର, ସହାୟକ ବନ୍ଧୁ; 2. *ସ.କ୍ରି.* (ବିବାହ ଓ ସନ୍ଧି ପ୍ରଭୃତି ଦ୍ୱାରା) ସମ୍ବନ୍ଧ ସ୍ଥାପନ କରିବା, ସଂଯୁକ୍ତ କରିବା, ମେଳ କରିବା।

**Alma Mater** ଶିକ୍ଷାଲାଭ କରିଥିବା ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ।

**almanac** ବି. ପଞ୍ଜିକା, ପାଞ୍ଜି; ଦିନମାସ ପ୍ରଭୃତି ନିର୍ଦ୍ଦେଶକ ତାଲିକା।

**almighty** ବିଂ. ସର୍ବଶକ୍ତିମାନ୍, ବହୁତ ବଡ଼।

**almond** ବି. ବାଦାମ ଫଳର ଶସ, ଉକ୍ତ ଗଛ।

**almoner** ବି. ଚିକିତ୍ସାଳୟ ସହିତ ସଂପୃକ୍ତ ସେଚ୍ଛାସେବୀ, ସତ୍ରଦ୍ରବ୍ୟ ବିତରଣକାରୀ।

**almost** *କ୍ରି.ବିଂ.* ଅଧିକାଂଶ, ପ୍ରାୟଶଃ, ପ୍ରାୟ।

**alms** ବି. ଭିକ୍ଷା, ଦାନ, ଦରିଦ୍ର ଲୋକମାନଙ୍କୁ ପ୍ରଦତ୍ତ ଅର୍ଥ ବା ଖାଦ୍ୟ।

**almshouse** ବି. ଦରିଦ୍ରାଶ୍ରମ।

Digitized by srujanika@gmail.com

**aloe** ବି. ଘିକୁଆଁରି ଗଛ, ଏକ ପ୍ରକାର ଔଷଧି ବୃକ୍ଷ, ଉକ୍ତ ବୃକ୍ଷର ତିକ୍ତ ରସରୁ ପ୍ରସ୍ତୁତ ବିରେଚକ ଔଷଧ।

**aloft** କ୍ରି.ବିଂ. ଊର୍ଦ୍ଧ୍ୱରେ; ଜାହାଜର ମାସ୍ତୁଲ ବା ପାଲ ଦଉଡ଼ି ଉପରେ।

**alone** 1. ବିଂ. ଏକା, ଏକାକୀ, ଏକୁଟିଆ, ଏକଲା (କାହାରି ସାହାଯ୍ୟ, ସହଯୋଗ ବିନା); 2. କ୍ରି.ବିଂ.ପୃଥକଭାବରେ; କେବଳ, ସ୍ୱତନ୍ତ୍ର ଭାବରେ।

**along** 1. କ୍ରି.ବିଂ. ଆଗେ ଆଗେ, ଆଗକୁ ଆଗକୁ, ଏ ମୁଣ୍ଡରୁ ସେମୁଣ୍ଡ (ଲମ୍ବ ଭାବରେ); 2. *ଅ.* ଦୀର୍ଘରେ, ଲମ୍ବ ଭାବରେ, ପାଖରେ, all along ମୂଳରୁ; along with ଏହା ସହିତ।

**alongshore** କ୍ରି.ବିଂ. କୂଳର କଡ଼େ କଡ଼େ ବା ପାଖେ ପାଖେ; କୂଳରେ ପାଖରେ (ସ୍ଥିତ)।

**alongside** 1. କ୍ରି.ବିଂ. ପାଖରେ ବା ପାଖକୁ; କଡ଼ରେ ବା କଡ଼କୁ, ପାର୍ଶ୍ୱଦେଇ; (ଜାହାଜର) ପାଖେ ପାଖେ; 2. *ଅ.* ପାର୍ଶ୍ୱର ନିକଟରେ, ସମାନ୍ତରାଳ ଭାବରେ।

**aloof** 1. ବିଂ. ନିଃସଂପର୍କ, ଅସଂପୃକ୍ତ, ସହାନୁଭୂତି-ହୀନ, କରଛଡ଼ା; 2. କ୍ରି.ବିଂ. ଅଲଗା ହୋଇ, ଅଳ୍ପଦୂରରେ, ପୃଥକ୍ ଭାବରେ, ତଫାତ୍ ହୋଇ।

**aloud** କ୍ରି.ବିଂ. ଉଚ୍ଚ ସ୍ୱରରେ; ଶୁଣାଯିବା ସ୍ୱରରେ, ବଡ଼ ପାଟିରେ।

**alp** ବି. ପର୍ବତ ଶୃଙ୍ଗ the Alps ବ.ବ. (ବିଶେଷତଃ ସୁଇଜରଲାଣ୍ଡ ଓ ତାର ପାଖାପାଖି ଦେଶ ଗୁଡ଼ିକର); (ସୁଜରଲାଣ୍ଡରେ) ପର୍ବତ ସନ୍ନିକଟ ସବୁଜ ଚାରଣ ଭୂମି।

**alpaca** ବି. ଦକ୍ଷିଣ ଆମେରିକାର ଏକ ପ୍ରକାର ମେଷ ଜାତୀୟ ପ୍ରାଣୀ; ଉକ୍ତ ପ୍ରାଣୀର ଲୋମରୁ ପ୍ରସ୍ତୁତ ବସ୍ତ୍ର, ଏହାର ଲୋମ ବା ପଶମ।

**alpha** ବି. ଗ୍ରୀକ୍ ବର୍ଣ୍ଣମାଳାର ପ୍ରଥମ ଅକ୍ଷର (A ସଦୃଶ); Alpha and Omega ଆଦ୍ୟ ପ୍ରାନ୍ତ; alpha particle ବିକିରକ (radio active) ପଦାର୍ଥରୁ ନିର୍ଗତ ହିଲିୟମ୍ କଣା।

**alphabet** ବି.ବର୍ଣ୍ଣମାଳା; ବିଂ. alphabetical.

**alphanumeric** ବିଂ. ଉଭୟ ବର୍ଣ୍ଣମାଳା ଓ ସଂଖ୍ୟାର ପ୍ରତୀକ ଥାଇ।

**Alpine** 1. ବିଂ. ଆଲ୍‌ପସ୍ ପର୍ବତ ମାଳା କିମ୍ବା ଅନ୍ୟ ଉଚ୍ଚ ପର୍ବତ ସମୂହ ସମ୍ବନ୍ଧୀୟ; 2. ବି. ଉକ୍ତ ପାର୍ବତ୍ୟ ଅଞ୍ଚଳର ଉଦ୍ଭିଦ।

**already** କ୍ରି.ବିଂ. ଏହା ପୂର୍ବରୁ, ଏଥି ମଧ୍ୟରେ, ପୂର୍ବରୁ।

**alright** ALL RIGHT ର ବିକଳ୍ପ; ସଂପୂର୍ଣ୍ଣ ଠିକ୍; ବହୁତ ଆଚ୍ଛା, ବେଶ୍।

**Alsatian** ବି. ଗଧିଆ ସଦୃଶ ଏକ ପ୍ରକାଣ୍ଡକାୟ କୁକୁର (ଆଲଶେସ୍ ଅଞ୍ଚଳରୁ ଉଦ୍ଭୂତ)।

**also** କ୍ରି.ବିଂ. ଅଧିକନ୍ତୁ; ପୁନଶ୍ଚ; ମଧ୍ୟ, ଆହୁରି।

**altar** ବି. ବେଦୀ।

**alter** କ୍ରି. ପରିବର୍ତ୍ତନ କରିବା, ବଦଳାଇବା (ଆକୃତି, ଗଢ଼ଣ, ଅବସ୍ଥିତି ଓ ପ୍ରକୃତି ପ୍ରଭୃତିକୁ)।

**altercate** *ଅ.*କ୍ରି. ବିବାଦ କରିବା, ବାଗ୍‌ଯୁଦ୍ଧ କରିବା, ବିତଣ୍ଡା କରିବା, ବୋଲାବୋଲି ହେବା; altercation ବି. ବିତଣ୍ଡା, ବିତର୍କ।

***alter ego*** ଅନ୍ତରଙ୍ଗ ବନ୍ଧୁ; କାହାରି ବ୍ୟକ୍ତିତ୍ୱର ଅପର ଦିଗ। *(ଲା.)*

**alternate** 1. ବିଂ. ଏକାନ୍ତର; ପାଳିକରି, ପର୍ଯ୍ୟାୟକ୍ରମିକ; (ଦୁଇ ପ୍ରକାରର ବସ୍ତୁ ମଧ୍ୟରେ), ଗୋଟିଏ ପରେ ଅନ୍ୟଟି - ଏହିପରି କ୍ରମାଗତ ଭାବରେ; 2. କ୍ରି. ପାଳି ଅନୁସାରେ ଘଟିବା, ପର୍ଯ୍ୟାୟକ୍ରମେ କରିବା ବା ହେବା; ଅଦଳ ବଦଳ କରିବା ବା ହେବା; alternate angles ଏକାନ୍ତର କୋଣ; alternating current ନିୟମିତ ବ୍ୟବଧାନରେ ଗତି ପରିବର୍ତ୍ତନ କରୁଥିବା ତଡ଼ିତ୍ ପ୍ରବାହ, ପ୍ରତ୍ୟାବର୍ତ୍ତୀ ତଡ଼ିତ୍ ପ୍ରବାହ।

**alternative** 1. ବିଂ. ପର୍ଯ୍ୟାୟକ୍ରମ ସୂଚକ, ବୈକଳ୍ପିକ; 2. ବି. (ଦୁଇଟି ମଧ୍ୟରୁ) ଗୋଟିକର ନିର୍ବାଚନ, ଅନ୍ୟତର ଉପାୟ, ବିକଳ୍ପ।

**alternator** ବି. ପ୍ରତ୍ୟାବର୍ତ୍ତୀ ତଡ଼ିତ୍ ସ୍ରୋତ ଉତ୍ପାଦକ ଯନ୍ତ୍ର (dynamo).

**although** *ଅ.* ହେଲେ ହେଁ; ଯଦ୍ୟପି, ଯଦିଓ।

**altimeter** ବି. ଉଚ୍ଚତା ପରିମାପକ ଯନ୍ତ୍ର (ସମୁଦ୍ର ପତ୍ତନରୁ ଉଚ୍ଚତା ମାପିବା ନିମିତ୍ତ)।

**altitude** ବି. ଉଚ୍ଚତା (ସମୁଦ୍ର ପତ୍ତନରୁ ଊର୍ଦ୍ଧ୍ୱସ୍ଥ ବସ୍ତୁର); ଚକ୍ରବାଳର ଊର୍ଦ୍ଧ୍ୱସ୍ଥିତ (ଜ୍ୟୋତିଷ ମଣ୍ଡଳୀର) ଉଚ୍ଚ ସ୍ଥାନ।

**alto** ବି. ନିମ୍ନସ୍ୱରରେ ବୋଲୁଥିବା ଗାୟିକା, କିମ୍ବା ସର୍ବୋଚ୍ଚ ସ୍ୱରରେ ବୋଲୁଥିବା ଗାୟକ, ବାଦ୍ୟରେ ଦ୍ୱିତୀୟ ବା ତୃତୀୟ ଉଚ୍ଚ ସ୍ୱର।

**altogether** କ୍ରି.ବିଂ. ସଂପୂର୍ଣ୍ଣରୂପେ, ସର୍ବମୋଟ, ଏକାଥରକେ, ସର୍ବତୋଭାବେ, ମୋଟ ଉପରେ।

Digitized by srujanika@gmail.com

**altruism** ବି. ଅନ୍ୟକୁ ସମ୍ମାନ ଦେବାର ନୀତିଗତ ଆଦର୍ଶ; ଅନ୍ୟର ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଧ୍ୟାନ ଦେବା ନୀତି, ନିଃସ୍ୱାର୍ଥତା; ପରହିତୈଷିତା।

**alum** ବି. ଫିଟ୍‌କିରି।

**alumina** ବି. ଆଲୁମିନିୟମ ଅକ୍ସାଇଡ୍।

**aluminium** ବି. ଶୁକ୍ଳବର୍ଣ୍ଣର ହାଲୁକା କଳଙ୍କି ଲାଗୁ ନଥିବା ଧାତୁ ବିଶେଷ।

**aluminize** ସ.କ୍ରି. ଆଲୁମିନିୟମର ଆସ୍ତରଣ ଦେବା।

**aluminum** ବି. ବିକ. ALUMINIUM ଆଲୁମିନିୟମ୍।

**alumnus** ବି.ବ.ବ. alumni କୌଣସି ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବା ଛାତ୍ରୀ, ଉପାଧିଧାରୀ ଛାତ୍ର ବା ଛାତ୍ରୀ।

**always** କ୍ରି.ବିଂ. ସବୁବେଳେ, ସତତ, ସର୍ବଦା, ନିରନ୍ତର, ଚିରକାଳ।

**am** କ୍ରି. be ର ପ୍ରଥମ ପୁରୁଷ, ଏକ ବଚନ, ବର୍ତ୍ତମାନ କାଳର କ୍ରିୟାରୂପ; ଅଟେ, ଅଛି; I am.

**a.m.** ସଂଶ. ପୂର୍ବାହ୍ନ (ରାତ୍ରି ୧୨ ଘଣ୍ଟା ପରଠାରୁ ପରବର୍ତ୍ତୀ ୧୨ଟାର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ସମୟସୂଚକ ଚିହ୍ନ)।

**amalgam** ବି. ମିଶ୍ରଣ, ମିଶ୍ରିତ ଧାତୁ; ପାରଦ ଜାରିତ ଧାତୁ ସହିତ ଅନ୍ୟଧାତୁର ମିଶ୍ରଣ।

**amalgamate** କ୍ରି. ମିଶାଇ ଦେବା, ଏକତ୍ର କରିଦେବା, ମିଳିତ ହେବା; ଧାତୁ ସହ ପାରଦ ମିଶାଇବା; amalgamation ବି. ଏକୀକରଣ, ମିଶ୍ରଣ।

**amanuensis** ବି. (ବ.ବ. ses) ଶୁଣିକରି ଯେ ଲେଖେ ବା ଶ୍ରୁତି ଲେଖକ, ଅନୁଲିପିକାର।

**amaranth** ବି. ଅମ୍ଳାନ ପୁଷ୍ପ, ଏକ ପ୍ରକାର ରକ୍ତାଭ କଳ୍ପିକଳ୍ପିତ ପୁଷ୍ପ; love-lies-bleeding ଶ୍ରେଣୀର ଫୁଲ ଗଛ।

**amaryllis** ବି. ଲିଲି ଫୁଲ ପରି ଫୁଲ ଫୁଟୁଥିବା ସ୍ଫୀତମୂଳ ଫୁଲ ଗଛ।

**amass** ସ.କ୍ରି. ଏକାଠି ଗଦା ବା ଜମା କରିବା, ସ୍ତୂପୀକୃତ କରିବା, (ଧନ ପ୍ରଭୃତି) ସଂଗ୍ରହକରି ଜମାକରିବା।

**amateur** ବି. ପେଷା ବା ଅର୍ଥୋପାର୍ଜନ ଉଦ୍ଦେଶ୍ୟ ନରଖି, କେବଳ ଅବସର ବିନୋଦନ ପାଇଁ କ୍ରୀଡ଼ାଦି କଳାତ୍ମକ ବିଦ୍ୟାରେ ମନୋନିବେଶ କରୁଥିବା ବା ନିଯୁକ୍ତ ରହୁଥିବା ବ୍ୟକ୍ତି; ସୌଖୀନ (କଳାକାର କ୍ରୀଡ଼ାବିତ୍ ଇତ୍ୟାଦି) ଅନଭିଜ୍ଞ, ପେଶାଦାରୀ-ଦକ୍ଷତା-ବିହୀନ ବ୍ୟକ୍ତି।

**amateurish** ବିଂ. କଳାଦି ବିଦ୍ୟାରେ ସୌଖୀନ; କମ୍ ଦକ୍ଷତା ସଂପନ୍ନ; ଅପରିପକ୍ୱ, ଅଦକ୍ଷ।

**amatory** ବିଂ. ପ୍ରେମ (ବିଶେଷତଃ ଇନ୍ଦ୍ରିୟଜ) ସମ୍ବନ୍ଧୀୟ, କାମୋଦ୍ଦୀପକ, ପ୍ରେମ ବିଷୟକ।

**amaze** ସ.କ୍ରି. ବିସ୍ମୟାଭିଭୂତ ହେବା/କରିବା, ଅତିଶୟ ବିସ୍ମିତ କରିବା, ଅବାକ୍ କରିବା, ହତବୁଦ୍ଧି ହେବା; amazement ବି. ଅତ୍ୟଧିକ ବିସ୍ମୟ।

**amazon** ବି. ବିଶାଳକାୟା ବଳବତୀ ସ୍ତ୍ରୀଲୋକ ବା ମଲ୍ଲଯୁଦ୍ଧକାରିଣୀ; Amazon ପ୍ରାଚୀନ ଗ୍ରୀକ ଐତିହାସିକ ହେରୋଡଟସ୍ ବର୍ଣ୍ଣିତ ସିଥିଆ ଦେଶର ରଣପ୍ରିୟା ରମଣୀ।

**ambassador** ବି. ରାଷ୍ଟ୍ରଦୂତ, ରାଷ୍ଟ୍ର ପ୍ରତିନିଧି; ambassadorial ବିଂ. ରାଷ୍ଟ୍ରଦୂତ ସମ୍ବନ୍ଧୀୟ।

**amber** 1. ବି. ଅଳଙ୍କାରାଦିରେ ବ୍ୟବହୃତ ହେଉଥିବା ଏକ ପ୍ରକାର କଠିନ ପ୍ରସ୍ତରୀଭୂତ ହଳଦିଆ ରଙ୍ଗର ପଦାର୍ଥ; ଉକ୍ତ ପଦାର୍ଥର ରଙ୍ଗ; ରାସ୍ତାରେ ଯାନବାହନ ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ହଳଦିଆ ରଙ୍ଗର ଆଲୋକ; 2. ବିଂ. ଉକ୍ତ ପଦାର୍ଥରେ ପ୍ରସ୍ତୁତ ବା ସେହି ରଙ୍ଗ ବିଶିଷ୍ଟ।

**ambidextrous** ବିଂ. ଉଭୟ ହସ୍ତ ପ୍ରବୀଣ, ଉଭୟ ହସ୍ତରେ ସମାନ ଭାବରେ କାର୍ଯ୍ୟ କରିପାରୁଥିବା।

**ambience** ବି. ପାରିପାର୍ଶ୍ୱିକ ଅବସ୍ଥା, ପରିବେଶ।

**ambient** ବିଂ. ବେଷ୍ଟନକାରୀ।

**ambiguous** ବିଂ. ଅନେକାର୍ଥକ, ଦ୍ୱ୍ୟର୍ଥକ; ଅନିଶ୍ଚିତାର୍ଥକ; ସନ୍ଦେହଜନକ, ଅନିଶ୍ଚିତ, ଅସ୍ପଷ୍ଟ।

**ambit** ବି. ପରିଧି, ସୀମା, ପରିସର।

**ambition** ବି. ଉଚ୍ଚାକାଂକ୍ଷା, ଉଚ୍ଚାଭିଳାଷ; ଉନ୍ନତି, ଖ୍ୟାତି ବା ଅନ୍ୟାନ୍ୟ ଲକ୍ଷ୍ୟ ପୂରଣ ପାଇଁ ଆକାଂକ୍ଷା; ଲକ୍ଷ୍ୟ।

**ambitious** ବିଂ. ଉଚ୍ଚାଭିଳାଷୀ, ଉଚ୍ଚ ଆକାଂକ୍ଷା ବିଶିଷ୍ଟ; ଆୟାସସାଧ୍ୟ (ଯୋଜନା)।

**ambivalence** ବି. ଏକ ବସ୍ତୁ ବା ବ୍ୟକ୍ତି ପ୍ରତି ଦୁଇଟି ବିରୋଧୀ ମତ ବା ଭାବନା ପୋଷଣ କରୁଥିବା ଅବସ୍ଥା (କୌଣସି ଲୋକର)।

**amble** 1. ଅ.କ୍ରି. (ଘୋଡ଼ାର) କଦମ ଚାଲିବା, ଏକ ପାର୍ଶ୍ୱସ୍ଥ ଦୁଇ ପାଦକୁ ପର୍ଯ୍ୟାୟ କ୍ରମେ ଉତ୍ତୋଳନ କରି ଚାଲିବା; ସ୍ୱଚ୍ଛନ୍ଦ ଗତିରେ ଚାଲିବା; 2. ବି. (ଘୋଡ଼ାର) କଦମ ଚାଲି; ସ୍ୱଚ୍ଛନ୍ଦ ଗତି।

Digitized by srujanika@gmail.com

**ambrosia** ବି. ସୁଧା, ଅମୃତ (ପୁରାଣ ଅନୁଯାୟୀ ଦେବତାମାନଙ୍କର ଖାଦ୍ୟ); ସୁସ୍ୱାଦୁ, ତୃପ୍ତିକର ଓ ସୁଗନ୍ଧିଯୁକ୍ତ ବସ୍ତୁ ବା ପଦାର୍ଥ।

**ambulance** ବି. ରୋଗୀ ବା ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ବୋହି ନେବା ଗାଡ଼ି; ସୈନ୍ୟମାନଙ୍କର ସେବାଶୁଶ୍ରୂଷା ପାଇଁ ଭ୍ରାମ୍ୟମାଣ ଚିକିତ୍ସାଳୟ।

**ambulatory** 1. ବିଂ. ଚଳନ୍ତି, ଭ୍ରାମ୍ୟମାଣ; 2. ବି. ଲତା ମଣ୍ଡିତ ତୋରଣ, ସ୍ତମ୍ଭଯୁକ୍ତ ପଥ, ଆବୃତ ପଥ ବା ତୋରଣ।

**ambuscade, ambush** 1. ବି. ଗୁପ୍ତରେ ରହି ଅତର୍କିତ ଆକ୍ରମଣ; ହଠାତ୍ ଆକ୍ରମଣ ପାଇଁ ଗୁପ୍ତ ଭାବରେ ସଂସ୍ଥିତି ବା ଗୁପ୍ତ ସଂସ୍ଥାନ; ଗୁପ୍ତ ସୈନ୍ୟ ସମାବେଶ 2. ସ.କ୍ରି. ଆକ୍ରମଣ ପାଇଁ ଗୋପନ ସ୍ଥାନରେ ଲୁଚି ରହିବା ବା ଲୁଚାଇ ରଖିବା; ଗୋପନ ସ୍ଥାନରୁ ଅତର୍କିତ ଭାବରେ ଆକ୍ରମଣ କରିବା।

**ameliorate** କ୍ରି. ସୁଧୁରିବା/ସୁଧାରିବା, ଆହୁରି ଭଲ କରିବା/ହେବା; ବି. amelioration.

**amen** ଅ. ତାହା ହିଁ ହେଉ, ତଥାସ୍ତୁ (ବିଶେଷତଃ ପ୍ରାର୍ଥନା ଶେଷରେ); ଈଶ୍ୱରଙ୍କ ଇଚ୍ଛା ପୂରଣ ହେଉ, ସ୍ୱସ୍ତି।

**amenable** ବିଂ. ବାଧ୍ୟ, ବଶ୍ୟ, ସହଜରେ ପରିଚାଳିତ ହେବା ଯୋଗ୍ୟ (କର୍ତ୍ତୃତ୍ୱ ବା ଯୁକ୍ତି ପ୍ରଭୃତି ପ୍ରତି); ଦାୟୀ ହେବାର ଯୋଗ୍ୟ (ଆଇନ୍ ଅନୁଯାୟୀ)।

**amend** ସ.କ୍ରି. ତ୍ରୁଟି ସଂଶୋଧନ କରିବା (ଦଲିଲ ପ୍ରଭୃତିରେ); ସାମାନ୍ୟ ବା ଆବଶ୍ୟକ ପରିବର୍ତ୍ତନ କରିବା, ସୁଧାରିବା।

**amendment** ବି. ମୂଳର ସଂଶୋଧନ, (ଦଲିଲ/ ପ୍ରମାଣ ପତ୍ରରେ) ସମାନ୍ୟ ପରିବର୍ତ୍ତନ, ସଂଯୋଗ, (ପ୍ରସ୍ତାବର) ଅଦଳବଦଳ।

**amends** ବି. ପ୍ରତିକାର; make amends for କ୍ଷତିପୂରଣ କରିବା।

**amenity** ବି. ପ୍ରାୟଶଃ ବ.ବ. ସୁଖସ୍ୱାଚ୍ଛନ୍ଦ୍ୟ; (ସ୍ଥାନ, ପରିବେଶ, ଉପକରଣ ଇତ୍ୟାଦିରେ) ସୁବିଧା; ଜୀବନର ଆବଶ୍ୟକ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରଦାୟକ ସାମଗ୍ରୀ।

**American** 1. ବିଂ. ମାର୍କିନ, ଆମେରିକୀୟ, ଆମେରିକାର ନାଗରିକ; 2. ବି. ଆମେରିକାରେ କଥିତ ଇଂରାଜି ଭାଷା; କ୍ରି. ize.

**Americanism** ବି. ଯୁକ୍ତରାଷ୍ଟ୍ର ଆମେରିକାରେ ବହୁଳଭାବରେ ବ୍ୟବହୃତ ବା ତହିଁରୁ ସମ୍ଭୂତ ଶବ୍ଦ, ପଦ, ବାକ୍ୟାଂଶ, ଭାବ ଓ ଉଚ୍ଚାରଣ।

**americium** ବି. କୃତ୍ରିମ ତେଜସ୍କ୍ରିୟ ଧାତବ ଉପାଦାନ ବିଶେଷ।

**amethyst** ବି. ପଦ୍ମରାଗ ମଣି, ପିଙ୍ଗଳ ବା ବାଇଗଣୀ ରଙ୍ଗର ମଣି ବିଶେଷ।

**amiable** ବିଂ. ମେଳାପୀ, ଅମାୟିକ, ବନ୍ଧୁଭାବାପନ୍ନ ଓ ମାଧୁର୍ଯ୍ୟଗୁଣବିଶିଷ୍ଟ।

**amicable** ବିଂ. ମିତ୍ରଭାବାପନ୍ନ; ଆପୋଷ ବା ପରସ୍ପର ସମ୍ମତ, ସୌହାର୍ଦ୍ଦ୍ୟପୂର୍ଣ୍ଣ।

**amid** ଅ. ମଧ୍ୟରେ, ମଝିରେ, ଭିତରେ; amidstର ଭିନ୍ନ ରୂପ।

**amino acid** ଏମୋନିଆରୁ ଜାତ ପୁଷ୍ଟିସାରରେ ଥିବା ଜୈବ ଅମ୍ଳ।

**amir** ବି. ବିଭିନ୍ନ ମୁସଲମାନ ଶାସକଙ୍କର ପଦବୀ; ସମ୍ମାନସୂଚକ ଉପାଧି (ଆରବ୍ୟ)।

**amiss** 1. ବିଂ. ବିଶୃଙ୍ଖଳ; ଭ୍ରମାତ୍ମକ, ଭୁଲ; 2. କ୍ରି.ବିଂ. ଭୁଲ ଭାବରେ; ଖରାପ ଭାବରେ; ଅସଙ୍ଗତ ଭାବରେ; 3. take amiss ଅପମାନିତ ବୋଧ କରିବା, କ୍ଷୁଣ୍ଣ ହେବା।

**amity** ବି. ବନ୍ଧୁତା, ଐକ୍ୟ, ସୌହାର୍ଦ୍ଦ୍ୟ; (ଭିନ୍ନ ଭିନ୍ନ ରାଜ୍ୟ ମଧ୍ୟରେ) ମିତ୍ରଭାବ, ସନ୍ଧି।

**ammeter** ବି. ତଡ଼ିତ୍ ପ୍ରବାହ ପରିମାପକ ଯନ୍ତ୍ର।

**ammonia** ବି. ତୀବ୍ର ଆଲ୍‌କାଲିନ୍ ପ୍ରତିକ୍ରିୟାଯୁକ୍ତ ତିକ୍ତ ଗ୍ୟାସ୍ ବିଶେଷ; ତୀବ୍ର ଗନ୍ଧଯୁକ୍ତ ଏକ ପ୍ରକାର ଗ୍ୟାସ୍।

**ammunition** ବି. ଗୋଳା ବାରୁଦ ଆଦି କ୍ଷେପଣୀୟ ଯୁଦ୍ଧ ସାମଗ୍ରୀ (ତୋପ ଓ ବନ୍ଧୁକ ସାହାଯ୍ୟରେ)।

**amnesia** ବି. ସ୍ମରଣ ଶକ୍ତି ଲୋପ, ସ୍ମୃତିଭ୍ରଂଶ।

**amnesty** ବି. ସର୍ବ ସାଧାରଣରେ କ୍ଷମା (ବିଶେଷତଃ ରାଜନୈତିକ ଅପରାଧ ପାଇଁ); ସରକାର ବା ଶାସକ ପ୍ରଦତ୍ତ ବ୍ୟାପକ କ୍ଷମା।

**amnion** ବି. (ବ.ବ. amnia) ଭ୍ରୂଣକୁ ଆବୃତ କରୁଥିବା ଆଭ୍ୟନ୍ତରୀଣ ଝିଲ୍ଲୀ।

**amoeba** ବି. ପ୍ରତିମୁହୂର୍ତ୍ତରେ ଆକାର ପରିବର୍ତ୍ତନ କରୁଥିବା କ୍ଷୁଦ୍ରାତିକ୍ଷୁଦ୍ର ଏକକୋଷୀୟ ଜୀବ ବିଶେଷ (ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖାଯାଏ)।

**amok** କ୍ରି.ବିଂ. ଉତ୍କ୍ଷିପ୍ତ ଓ କ୍ରୋଧାନ୍ଧ ଭାବରେ ଦୌଡୁଥିବା (run amok).

Digitized by srujanika@gmail.com

**among** *ଅ.* ଗହଣରେ, ମଧ୍ୟରେ, ପରିବେଷ୍ଟିତ ଅବସ୍ଥାରେ, ପରସ୍ପର ମଧ୍ୟରେ ।
**amongst** AMONG ର ରୂପାନ୍ତର ।
**amoral** ବିଂ. ଅନୈତିକ, ନୀତିବର୍ଜିତ ।
**amorous** ବିଂ. କାମୁକ, କାମୋଦ୍ଦୀପକ, କାମସୂଚକ, ଯୌନୋତ୍ତେଜକ ।
**amorphous** ବିଂ. ଆକାର ବା ଆକୃତିହୀନ, ସ୍ୱଷ୍ଟରୂପ ନେଇ ନ ଥିବା; ଅସ୍ପଷ୍ଟ, ଅନିବନ୍ଧୀ, ଅସ୍ଫଟିକାକାର ।
**amount** 1. ବିଂ. (ସଂଖ୍ୟା, ପରିମାଣ, ମାତ୍ରା, ପ୍ରଭୃତିର) ସମଷ୍ଟି; 2. *ଅ.କ୍ରି.* ସଂଖ୍ୟା ଓ ଆକାର ପ୍ରଭୃତିରେ ସମାନ ହେବା, ସର୍ବମୋଟ ହେବା; ଗଣ୍ୟ ହେବା ।
**amour** ବି. ପ୍ରଣୟ (ବିଶେଷତଃ ଗୋପନୀୟ) ।
**amp.** *ସଂକ୍ଷି.* ampere *ଦ୍ର.* ।
**ampere** ବି. ବିଦ୍ୟୁତ୍ ପ୍ରବାହ ମାପର ଏକକ ।
**ampersand** ବି. ଇଂରାଜୀରେ 'ଏବଂ' (and) ର '&' ଚିହ୍ନ; and per se and ର ଅପଭ୍ରଂଶ ।
**amphibian** 1. ବିଂ. ଜଳ ଓ ସ୍ଥଳ ଉଭୟରେ ବାସ କରିପାରୁଥିବା ପ୍ରାଣୀ; ଉଭୟଚର; 2. ବି. ଉଭୟଚର ଶ୍ରେଣୀୟ ପ୍ରାଣୀ; ଜଳ ଓ ସ୍ଥଳ ଉଭୟରେ ଗତି କରିପାରୁଥିବା ଯାନ ।
**amphibious** ବିଂ. ଉଭୟଚର (ଜଳ ଓ ସ୍ଥଳ); ଜଳ ଭାଗରୁ ସ୍ଥଳ ଭାଗକୁ ଆସିଥିବା ସାମରିକ ବାହିନୀ ସଂପର୍କୀୟ ।
**amphitheatre** ବି. ଉପବୃତ୍ତାକାର ଅଥବା ବୃତ୍ତାକାର ଉନ୍ମୁକ୍ତ ରଙ୍ଗଭୂମି, ଯାହାର ମଧ୍ୟସ୍ଥଳକୁ ବେଢ଼ି ସୋପାନ ସ୍ତରରେ ଆସନ ସଜ୍ଜିତ ଥାଏ ।
**ample** ବିଂ. ପ୍ରଚୁର, ବ୍ୟାପକ, ପର୍ଯ୍ୟାପ୍ତ, ଯଥେଷ୍ଟ ବା ଯଥେଷ୍ଟରୁ ଅଧିକ; ପ୍ରଶସ୍ତ, ବିରାଟ ବା ବଳିଷ୍ଠ (ବ୍ୟକ୍ତି ସଂପର୍କରେ) ।
**amplifier** ବି. ଡାକବାଜି ଯନ୍ତ୍ର, ଧ୍ୱନି ବିବର୍ଦ୍ଧକ ଯନ୍ତ୍ର, ମାଇକ୍ ।
**amplify** କ୍ରି. ଜୋର ବଢ଼ାଇବା (ଶବ୍ଦ କିଂବା ବୈଦ୍ୟୁତିକ ସଂକେତର); ସଂପ୍ରସାରିତ କରିବା, ବିଶଦ ବର୍ଣ୍ଣନା କରିବା, ବିଶେଷ ବିବରଣ ସଂଯୋଗ କରିବା (ଗଳ୍ପ, ବର୍ଣ୍ଣନା ପ୍ରଭୃତିରେ) ।
**amplitude** ବି. ପ୍ରାଚୁର୍ଯ୍ୟ, ବାହୁଲ୍ୟ, ପ୍ରଶସ୍ତତା, ବିସ୍ତାର, ବିସ୍ତୃତି; ପ୍ରତ୍ୟାବର୍ତ୍ତୀ ଧାରା (alternating current); ଦୋଳନର ହାରାହାରି ମାନରୁ ସର୍ବାଧିକ ଦୂରତ୍ୱ ।
**ampoule** ବି. ଇଞ୍ଜେକସନ୍ ନିମନ୍ତେ ଦ୍ରାବକ ପୂର୍ଣ୍ଣ କ୍ଷୁଦ୍ର ରୁଦ୍ଧପାତ୍ର; ଇଞ୍ଜେକସନ୍ ପାଇଁ ବ୍ୟବହୃତ କ୍ଷୁଦ୍ର ଆବଦ୍ଧ ଶିଶି ବା କାଚ ପାତ୍ର ।
**amputate** *ସ.କ୍ରି.* ଛେଦନ କରିବା (ଶରୀରର ରୋଗଗ୍ରସ୍ତ ବା ଆଘାତ ପ୍ରାପ୍ତ ଅଙ୍ଗ ପ୍ରତ୍ୟଙ୍ଗ); ଅଙ୍ଗ ଛେଦନ କରିବା; amputation ବି. ଅଙ୍ଗଚ୍ଛେଦ ।
**amuck** AMOKର ଅନ୍ୟରୂପ ।
**amulet** ବି. ତାବିଜ ବା କବଚ; ରକ୍ଷା କବଚ; ମନ୍ତ୍ରପୂତ ତେନ୍ଦୁରିଆ ।
**amuse** *ସ.କ୍ରି.* ମନୋରଞ୍ଜନ କରିବା, ଆମୋଦିତ କରିବା, ଚିତ୍ତ ବିନୋଦନ କରିବା ।
**amusement** ବି. ମନୋରଞ୍ଜନ, ଆମୋଦ-ପ୍ରମୋଦ, ଚିତ୍ତବିନୋଦନ; ଚିତ୍ତବିନୋଦକ ବସ୍ତୁ ।
**an** A[2] ଦେଖ ।
**–an** *ପ.ପ୍ର.* ଅଧିବାସୀ ବା ଶ୍ରେଣୀଭୁକ୍ତ ଅର୍ଥ ବା ଭାବରେ ବିଶେଷଣ ଓ ବିଶେଷ୍ୟ ପଦ ସୃଷ୍ଟିକରେ ଯଥା - Roman.
**Anabaptist** ବି. ବୟସ୍କମାନଙ୍କ ପାଇଁ ବୁଡ଼ନ ଦ୍ୱାରା ଦୀକ୍ଷା ଗ୍ରହଣର ପକ୍ଷପାତୀ ବା ସମର୍ଥକ ଖ୍ରୀଷ୍ଟୀୟ ଯାଜକଗୋଷ୍ଠୀ ।
**anabolism** ବି. ପଶୁ ଓ ଉଦ୍ଭିଦଠାରେ ଜୀବନ୍ତ ତନ୍ତୁ ସୃଷ୍ଟି କରୁଥିବା ଜଟିଳ ବସ୍ତୁଗୁଡ଼ିକର ସମନ୍ୱୟ ।
**anachronism** ବି. ପୂର୍ବବର୍ତ୍ତୀ ପ୍ରଥା, ରୀତି ବା ଘଟଣାକୁ ପରବର୍ତ୍ତୀକାଳ ସମ୍ପର୍କରେ ଆରୋପ; କାଳଗତ ଅସଙ୍ଗତି ।
**anachronistic** ବିଂ. ସମୟ ବିଚାରରୁ ଅସଙ୍ଗତ ।
**anaconda** ବି. ଦକ୍ଷିଣ ଆମେରିକାର ବୃହଦ୍‌କାୟ ଗ୍ରୀଷ୍ମମଣ୍ଡଳୀୟ ସର୍ପ ବିଶେଷ ।
**anaemia** ବି. ରକ୍ତହୀନତା, ରକ୍ତରେ ହିମୋଗ୍ଲୋବିନ୍ ଓ ଲୋହିତ କଣିକାର ନ୍ୟୂନତା ।
**anaemic** ବିଂ. ରକ୍ତହୀନ, ରକ୍ତହୀନତା ରୋଗଗ୍ରସ୍ତ ।
**anaesthesia** ବି. ନିଶ୍ଚେତନା, କୃତ୍ରିମ ଉପାୟରେ କୃତ ସାମୟିକ ଚେତନାଶୂନ୍ୟତା ବା ସଂଜ୍ଞାହୀନତା ।
**anaesthetic** 1. ବି. ନିଶ୍ଚେତକ, ଅନୁଭବ ଶକ୍ତି ନାଶକ (ଔଷଧ/ବାଷ୍ପ); 2. ବିଂ. ଚେତନା ନାଶକ, ଅନୁଭବଶକ୍ତି ନାଶ ସମ୍ବନ୍ଧୀୟ ।

Digitized by srujanika@gmail.com

**anaesthetist** ବି. ନିଶ୍ଚେତନ ବିଶେଷଜ୍ଞ/ ପ୍ରୟୋଗକାରୀ।
**anaesthetize** *ସ.କ୍ରି.* ଔଷଧ ପ୍ରୟୋଗ କରି ଚେତନା ବା ଅନୁଭବ ଶକ୍ତି ନାଶ କରିବା, ସଂଜ୍ଞାହୀନ କରିବା।
**anagram** ବି. ବର୍ଣ୍ଣ ବିପର୍ଯ୍ୟୟ, ବିଭିନ୍ନ ବର୍ଣ୍ଣକୁ ବିପର୍ଯ୍ୟସ୍ତ କରି ନୂତନ ପଦ ଗଠନ କ୍ରମ।
**anal** ବିଂ. ମଳଦ୍ୱାର ସମ୍ବନ୍ଧୀୟ।
**analgesia** ବି. ଯନ୍ତ୍ରଣାହୀନତା, କଷ୍ଟଶୂନ୍ୟତା; କଷ୍ଟଶୂନ୍ୟ ବୋଧ ଅବସ୍ଥା।
**analgesic** 1. ବି. ଯନ୍ତ୍ରଣା ନିରୋଧକ ଔଷଧ; 2. ବିଂ. ବେଦନାନିବାରକ।
**analog** *ଆମେ.* ANALOGUE.
**analogize** *କ୍ରି.* ସାଦୃଶ୍ୟ ବା ଉପମା ଦ୍ୱାରା ବ୍ୟାଖ୍ୟା ବା ଉପସ୍ଥାପନ କରିବା; ଅନୁରୂପତା ଦେଖାଇବା।
**analogous** ବିଂ. ସଦୃଶ, ତୁଲ୍ୟ, ତୁଳନୀୟ, ଉପମେୟ।
**analogue** ବି. ସଦୃଶ ବସ୍ତୁ; analogue computer ସଂଖ୍ୟା ପ୍ରକାଶ କରିବା ପାଇଁ ଭୋଲଟେଜ୍ ପ୍ରଭୃତି ବ୍ୟବହାର କରୁଥିବା କମ୍ପ୍ୟୁଟର।
**analogy** ବି. ଅନୁରୂପ ଅଥବା ଆଂଶିକ ସାଦୃଶ୍ୟ; ସମତା, ତୁଳନା; ସମଜାତୀୟ ଉଦାହରଣ ଦ୍ୱାରା ପ୍ରତିପାଦନ; ଏକ ପଦର ବା ଅନେକ ପଦର ଅନୁକରଣରେ ଅନୁରୂପ ପଦାବଳୀ ପ୍ରସ୍ତୁତ କରିବା।
**analogical** ବିଂ. ସାଦୃଶ୍ୟ ବୋଧକ, ସାଦୃଶ୍ୟ ସୂଚକ।
**analyse** *ସ.କ୍ରି.* ବିଶ୍ଳେଷଣ କରିବା; ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷାକରି ଦେଖିବା, ବାକ୍ୟର ଅଂଶଗୁଡ଼ିକୁ ପୃଥକ୍ ପୃଥକ୍ କରି ପରସ୍ପରର ସଂପର୍କ ଦେଖାଇବା *ବ୍ୟା. ଆମେ.* analyze.
**analysis** ବି. ବିଶ୍ଳେଷଣ, ପୁଙ୍ଖାନୁପୁଙ୍ଖ ପରୀକ୍ଷା; ବାକ୍ୟ ବିଶ୍ଳେଷଣ *ବ୍ୟା.*; ରାସାୟନିକ ଉପାଦାନର ବିଶ୍ଳେଷଣ।
**analyst** ବି. (ରାସାୟନିକ ପ୍ରକ୍ରିୟାରେ) ବିଶ୍ଳେଷଣକାରୀ।
**analytic** ବିଂ. ବିଶ୍ଳେଷଣାତ୍ମକ।
**analytical** ବିଂ. ବିଶ୍ଳେଷଣ ସମ୍ବନ୍ଧୀୟ; ବିଶ୍ଳେଷଣ -ମୂଳକ, ବିଶ୍ଳିଷ୍ଟ ବା ଅଲଗା ଅଲଗା ପଦ ସମନ୍ୱିତ (ଭାଷା)।
**anapaest** ବି. ଏକ ପ୍ରକାର ଛନ୍ଦ ଯହିଁରେ ପ୍ରଥମ ଦୁଇ ମାତ୍ରା ଲଘୁ ଓ ଶେଷ ମାତ୍ରା ଗୁରୁ (ପାଶ୍ଚାତ୍ୟ ଛନ୍ଦଶାସ୍ତ୍ର)।
**anarchism** ବି. ଅରାଜକତା; ରାଷ୍ଟ୍ରବିପ୍ଳବ; ଅରାଜକତାବାଦ ବା ସରକାର; କର୍ତ୍ତୃତ୍ୱ ଓ ଆଇନ୍ ପ୍ରଭୃତି ସମସ୍ତ ବିଧି ବ୍ୟବସ୍ଥାର ଲୋପହୋଇ ସଂପୂର୍ଣ୍ଣ ବ୍ୟକ୍ତି ସ୍ୱାଧୀନତାରେ ବିଶ୍ୱାସ।
**anarchist** ବି. ରାଷ୍ଟ୍ର ବିପ୍ଳବୀ, ବିପ୍ଳବର ଉତ୍ତେଜକ ବା ପ୍ରଚାରକ; ରାଜନୈତିକ ବିଧିବ୍ୟବସ୍ଥାକୁ ଧ୍ୱଂସ କରିବାରେ ପ୍ରବୃତ୍ତ ବ୍ୟକ୍ତି।
**anarchy** ବି. ରାଜନୈତିକ ବିଶୃଙ୍ଖଳା, ଅରାଜକତା।
**anathema** ବି. ଘୃଣ୍ୟ ବସ୍ତୁ; ଅଭିଶାପ, ଧର୍ମଯାଜକ ମାନଙ୍କ ଦ୍ୱାରା ପ୍ରଦତ୍ତ ଅଭିଶାପ।
**anathematize** *ସ.କ୍ରି.* ଅଭିଶାପ ଦେବା।
**anatomy** ବି. ଶରୀର ବିଜ୍ଞାନ; (ପ୍ରାଣୀ ଓ ଉଦ୍ଭିଦର) ଦେହ ଗଠନ ବିଦ୍ୟା।
**anatomical** ବିଂ. ଶରୀର ବିଜ୍ଞାନ ସମ୍ବନ୍ଧୀୟ।
**anatomist** ବି. ଶରୀରବିଜ୍ଞାନବିତ୍।
**anatomize** *କ୍ରି.* ବ୍ୟବଚ୍ଛେଦ କରିବା।
**–ance** *ପ.ପ୍ର.* ଗୁଣ, ଅବସ୍ଥା ବା କ୍ରିୟା ପ୍ରଭୃତି ବୁଝାଉଥିବା ବିଶେଷ୍ୟ ପଦ ସୃଷ୍ଟିକରେ; ଉଦା. arrogance, resemblance, assistance.
**ancestor** ବି. ପୂର୍ବପୁରୁଷ।
**ancestral** ବିଂ. ପୈତୃକ, ପୂର୍ବପୁରୁଷ ସମ୍ବନ୍ଧୀୟ।
**ancestry** ବି. ପୂର୍ବପୁରୁଷ ଶ୍ରେଣୀ, ପୂର୍ବପୁରୁଷ ବଂଶାବଳୀ, ବଂଶପରମ୍ପରା; (ପ୍ରାଚୀନ) ବଂଶ ପରିଚୟ।
**anchor** 1. ବି. ନଙ୍ଗର୍ (ନୌକା ବା ଜାହାଜର); *(ଲାକ୍ଷ.)* ଆଶ୍ରୟ ବା ଆଶ୍ରୟ ସ୍ଥଳ; ସ୍ଥିରକ; 2. *କ୍ରି.* ନଙ୍ଗର ପକାଇବା ବା ନଙ୍ଗରବନ୍ଧ ହେବା, ଦୃଢ଼ରୂପେ ଆବଦ୍ଧ କରିବା।
**anchorage** ବି. ନଙ୍ଗର ପକାଇବା ସ୍ଥାନ; ଶୁଳ୍କ ବା କିଳାପୋତା ମାହାସୁଲ।
**anchorite** ବି. ସଂସାରତ୍ୟାଗୀ ବ୍ୟକ୍ତି, ସନ୍ନ୍ୟାସୀ, ତାପସ; anchoress ବି. ସନ୍ନ୍ୟାସିନୀ।
**ancient** ବିଂ. ପ୍ରାଚୀନ, ପୁରାତନ; the ancients ପୁରାତନ ଯୁଗର ବ୍ୟକ୍ତି ସମୂହ, ପ୍ରାଚୀନ କାଳର ସଭ୍ୟଜାତି ସମୂହ।
**ancillary** ବିଂ. ସହାୟକ, ଅଧୀନ।

Digitized by srujanika@gmail.com

**–ancy** *ପ.ପ୍ର.* ଗୁଣ ଓ ଅବସ୍ଥା ବୁଝାଉଥିବା ବିଶେଷ୍ୟପଦ ସୃଷ୍ଟିକରେ; ଯଥା- constancy, infancy.

**and** ସଂଯୋଜକ ଅ. ଏବଂ, ଓ।

**androgynous** ବିଂ. ଉଭୟଲିଙ୍ଗୀ (ମାନବ, ପଶୁ ବା ଉଦ୍ଭିଦ)।

**anecdotal** ବିଂ. ଆଖ୍ୟାନ ଭାବରେ ଲିଖିତ ବା କଥିତ।

**anecdote** ବି. କୌଣସି ଚିତ୍ତାକର୍ଷକ ବା ଆମୋଦ ଦାୟକ ଘଟଣାର ସଂକ୍ଷିପ୍ତ ବିବରଣୀ; ଆଖ୍ୟାନ, କାହାଣୀ।

**anemia** ANAEMIAର ଆମେରିକୀୟ ରୂପାନ୍ତର।

**anemometer** ବି. ବାୟୁର ବେଗ ପରିମାପକ ଯନ୍ତ୍ର।

**anemone** ବି. ପିଆଲା ଆକୃତିର ଧଳା, ନାଲି ବା ବାଇଗଣୀ ରଙ୍ଗର ଫୁଲ ବିଶିଷ୍ଟ ବନ୍ୟ-ଉଦ୍ଭିଦ ବିଶେଷ।

**aneroid** 1. ବି. ବାୟୁଚାପ ପରିମାପକ ଯନ୍ତ୍ର ବିଶେଷ; 2. ତତ୍ ସଂପର୍କୀୟ।

**anesthesia** ANAESTHESIA ର ଆମେରିକୀୟ ରୂପ।

**aneurysm** ବି. ଧମନୀର ଅତ୍ୟଧିକ ସ୍ଫୀତି।

**anew** *କ୍ରି.ବିଂ.* ପୁଣିଥରେ, ପୁନର୍ବାର; ନୂତନ ରୂପେ।

**angel** ବି. ଦେବଦୂତ, ସ୍ୱର୍ଗୀୟ ଦୂତ (ପକ୍ଷଯୁକ୍ତ ନରାକୃତିବିଶିଷ୍ଟ); ସତ୍ ସୁନ୍ଦର ଓ ପୂର୍ବକାଳୀନ ପବିତ୍ର ବ୍ୟକ୍ତି; ସ୍ୱର୍ଣ୍ଣମୁଦ୍ରା ବିଶେଷ।

**angelic** ବିଂ. ଦେବଦୂତ ତୁଲ୍ୟ ବା ସଂକ୍ରାନ୍ତ।

**anger** 1. ବି. କ୍ରୋଧ; ବିରକ୍ତି, ଅତ୍ୟଧିକ ବିରକ୍ତି, ରୋଷ; 2. *ସ.କ୍ରି.* କ୍ରୁଦ୍ଧ କରାଇବା, ରୋଷ ଜନ୍ମାଇବା।

**angina** ବି. *ସଂଶ.* angina pectoris ହୃତ୍‌ପିଣ୍ଡକୁ ଯଥେଷ୍ଟ ରକ୍ତ ସଞ୍ଚାଳିତ ନ ହେବା ଫଳରେ ପରିଶ୍ରମଜନିତ ବକ୍ଷ ଯନ୍ତ୍ରଣା।

**angle**[1] 1. ବି. କୋଣ (ଜ୍ୟାମିତି); 2. *କ୍ରି.* ତୀର୍ଯ୍ୟକ୍ ଭାବରେ ସ୍ଥାପିତ କରିବା ବା ଗତି କରିବା; ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣରୁ ଉପସ୍ଥାପନ ବା ପରିବେଷଣ କରିବା; angle of vision ଦୃଷ୍ଟିକୋଣ।

**angle**[2] *ଅ.କ୍ରି.* ବନ୍‌ଶୀ ପକାଇ ମାଛ ଧରିବା, କୌଶଳ କ୍ରମେ ଉଦ୍ଦେଶ୍ୟ ସାଧନ କରିବା।

**angler** ବି. ବନ୍‌ଶୀ ସାହାଯ୍ୟରେ ମାଛ ଧରିବା ଲୋକ।

**Angles** ବି. ବ.ବ. ଖ୍ରୀଷ୍ଟୀୟ ୫ମ ଶତକରେ ଜର୍ମାନୀରୁ ଯାଇ ବ୍ରିଟେନ୍‌ର ପୂର୍ବାଞ୍ଚଳରେ ବସତି ସ୍ଥାପନ କରିଥିବା ଜନଗୋଷ୍ଠୀ।

**Anglican** 1. ବିଂ. ଇଂଲଣ୍ଡର ଚର୍ଚ୍ଚସମ୍ବନ୍ଧୀୟ ବା ଚର୍ଚ୍ଚର ଅନ୍ତର୍ଭୁକ୍ତ; 2. ବି. ଇଂଲଣ୍ଡର ଧର୍ମମଣ୍ଡଳର/ଚର୍ଚ୍ଚର ସଭ୍ୟ।

**Anglicism** ବି. ଇଂରାଜୀ ଶବ୍ଦର ବୈଶିଷ୍ଟ୍ୟ, ଇଂରାଜୀ ରୀତି ନୀତି।

**Anglicize** *ସ.କ୍ରି.* ଆକାର ପ୍ରକାର ଚରିତ୍ରାଦିରେ ଇଂରାଜୀ ଲୋକ ପରି କରିବା।

**Anglo–** *ଉ.ପ.* ଇଂରାଜୀ ବା ଇଂରେଜ ଜାତୀୟ; ଉଦା. Anglo Indian.

**Anglophile** ବି. ଇଂଲଣ୍ଡ ଦେଶ ଓ ଇଂରେଜ ଜାତିର ସ୍ତାବକ ବା ପ୍ରଶଂସକ।

**angora** ବି. ଆଙ୍ଗୋରା ଛେଳି ବା ଠେକୁଆର ଲୋମରୁ ପ୍ରସ୍ତୁତ କପଡ଼ା; ଦୀର୍ଘ ଲୋମଯୁକ୍ତ ବିରାଡ଼ି, ଛେଳି ଓ ଠେକୁଆ ବିଶେଷ।

**angry** ବିଂ. କ୍ରୁଦ୍ଧ, କୁପିତ; (କ୍ଷତ ପ୍ରଭୃତି ସଂପର୍କରେ) ପ୍ରଦାହ ଯୁକ୍ତ, ଯନ୍ତ୍ରଣାଦାୟକ; *କ୍ରି.ବିଂ.* angrily.

**angstrom** ବି. ତରଙ୍ଗ ପରିମାପକ ଏକକ ଏକ ମିଟରର ଏକ ହଜାର କୋଟି ଭାଗରୁ ଏକ ଭାଗ।

**anguish** ବି. ତୀବ୍ର ମାନସିକ ବେଦନା; ମନସ୍ତାପ।

**angular** ବିଂ. କୋଣ ବିଶିଷ୍ଟ; (ବ୍ୟକ୍ତି) ତୀକ୍ଷ୍ଣାଗ୍ର ବିଶିଷ୍ଟ ଶାରୀରିକ ଗଠନ ଯୁକ୍ତ ବା ହାଡୁଆ।

**angularity** ବି. ଆଡବାଗିଆ ଗୁଣ, କୌଣିକତା।

**anhydrous** ବିଂ. (ରସାୟନ) ଜଳଶୂନ୍ୟ, ବିଶେଷତଃ ସ୍ଫଟୀକରଣ ପରେ।

**aniline** ବି. ରଙ୍ଗ କରିବା ପାଇଁ ବ୍ୟବହୃତ ହେଉଥିବା ଆଲକାତରା (coal-tar) ରୁ ପ୍ରସ୍ତୁତ ଏକ ପ୍ରକାର ତୈଳାକ୍ତ ତରଳ ପଦାର୍ଥ।

**animadvert** *ଅ.କ୍ରି.* ସମାଲୋଚନା କରିବା; ଭର୍ତ୍ସନା କରିବା।

**animal** 1. ବି. ପ୍ରାଣୀ, ଜୀବ; ପଶୁତୁଲ୍ୟ ବ୍ୟକ୍ତି, ଜନ୍ତୁ; 2. ବିଂ. ପଶୁ ପରି ବା ପଶୁ ସମ୍ବନ୍ଧୀୟ; ପାଶବିକ, ଶାରୀରିକ ବା ଇନ୍ଦ୍ରିୟ ସମ୍ବନ୍ଧୀୟ।

**animalcule** ବି. କୀଟାଣୁ; ଜୀବାଣୁ, ଆଣୁବୀକ୍ଷଣିକ ଜୀବ।

**animalism** ବି. ପଶୁତ୍ୱ, ଇନ୍ଦ୍ରିୟପରାୟଣତା, ମନୁଷ୍ୟ କେବଳ ଏକ ପଶୁ - ଏହି ମତବାଦ ବା ବିଶ୍ୱାସ।

Digitized by srujanika@gmail.com

**animality** ବି. ଜୀବଜଗତ; ପଶୁ ପ୍ରକୃତି।
**animalize** ସ.କ୍ରି. ପଶୁବତ୍ କରିବା; ଇନ୍ଦ୍ରିୟାସକ୍ତ କରିବା।
**animate** 1. ବିଂ. ଜୀବନ୍ତ, ସତେଜ, ପ୍ରାଣବନ୍ତ; 2. ସ.କ୍ରି. ସଜୀବ କରିବା; ଉଜ୍ଜୀବିତ କରିବା, ଉଦ୍‌ବୁଦ୍ଧ କରିବା।
**animated** ବିଂ. ପ୍ରାଣବନ୍ତ; ସତେଜ; ସଜୀବ ଗୁଣ ବିଶିଷ୍ଟ।
**animation** ବି. ସଜୀବତା, ପ୍ରଫୁଲ୍ଲତା; (ଚଳଚ୍ଚିତ୍ର ପ୍ରଭୃତି) ଆଲୋକଚିତ୍ର ମାଧ୍ୟମରେ ଚିତ୍ର ବା କଣ୍ଢେଇ ଗୁଡ଼ିକର କ୍ରମିକସଜ୍ଜା ଦ୍ୱାରା ଗତିଶୀଳତାର ଭ୍ରାନ୍ତି ସୃଷ୍ଟି କରିବା।
**animism** ବି. ସର୍ବପ୍ରାଣବାଦ; ଜଡ଼ଚେତନାଦି ପ୍ରତ୍ୟେକ ବସ୍ତୁରେ ଜୀବସତ୍ତା ଥିବାରେ ବିଶ୍ୱାସ; ବି. animist ବିଂ. animistic.
**animosity** ବି. ବିଦ୍ୱେଷ, ଶତ୍ରୁତା, ହିଂସାଭାବ।
**animus** ବି. ବିରୂପତା, ବିଦ୍ୱେଷ ପ୍ରଦର୍ଶନ।
**anion** ବି. ଋଣାତ୍ମକ ପ୍ରବାହ ଯୁକ୍ତ ଆୟନ (ion).
**anise** ବି. ପାନମଧୁରୀ ବା ପାନ ମହୁରୀ ଗଛ।
**aniseed** ବି. ପାନ ମହୁରୀ।
**ankle** ବି. ପାଦର ଗଣ୍ଠି, ବଳାଗଣ୍ଠି।
**anklet** ବି. ବଳାଗଣ୍ଠି ପାଇଁ ଅଳଙ୍କାର ବା ଆଭରଣ।
**ankylosis** ବି. ଗଣ୍ଠି ବାତ।
**annalist** ବି. ଇତିବୃତ୍ତ ଲେଖକ, କାଳକ୍ରମିକ ବିବରଣ ଲେଖକ।
**annals** ବାର୍ଷିକ ବିବରଣୀ; ଐତିହାସିକ ବିବରଣ।
**anneal** ସ.କ୍ରି. ଟାଣ କରିବା ନିମନ୍ତେ (ଧାତୁ ବା କାଚ୍‌କୁ) ଆବଶ୍ୟକ ଉତ୍ତାପ ଦେଇ ଧୀରେ ଧୀରେ ଶୀତଳ କରିବା।
**annelid** ବି. ଛିନ୍ନାଂଶ-ଜୀବୀ କୀଟ ବିଶେଷ ଯଥା- ଜିଆ ବା କେଞ୍ଚୁଆ।
**annex** ସ.କ୍ରି. ପରିଶିଷ୍ଟ ରୂପରେ ସଂଯୋଗ କରିବା; ଅନ୍ୟର ରାଜ୍ୟ ବା ଅଞ୍ଚଳକୁ ଅଧିକାର କରି ନିଜ ଅଞ୍ଚଳରେ ସାମିଲ କରିଦେବା; ବି. annexation.
**annexe** ବି. ଅନୁବନ୍ଧ (ଗୃହ, ଦଲିଲ ଆଦିର); ସଂଲଗ୍ନ ଗୃହ।
**annihilate** ସ.କ୍ରି. ବିଲୋପ ସାଧନ କରିବା, ସଂପୂର୍ଣ୍ଣରୂପେ ଧ୍ୱଂସ କରିବା; ମୂଳୋତ୍ପାଟନ କରିବା; ବି. annihilation.
**anniversary** ବି. ବାର୍ଷିକୀ, ବାର୍ଷିକ ଉତ୍ସବ ବା ଉତ୍ସବର ଦିନ, ସାମ୍ବତ୍ସରିକ ଦିବସ।
**Anno Domini (A.D.)** କ୍ରି.ବିଂ. ଖ୍ରୀଷ୍ଟାବ୍ଦରେ।
**annotate** ସ.କ୍ରି. ବ୍ୟାଖ୍ୟା, ଟୀକା ବା ଭାଷ୍ୟ କରିବା।
**announce** ସ.କ୍ରି. ଘୋଷଣା କରିବା, (କାହାରି ଉପସ୍ଥିତି ବା ଆସନ୍ନ କାର୍ଯ୍ୟକ୍ରମ) ଜ୍ଞାପନ କରିବା; ବି. announcement ଉଦ୍‌ଘୋଷଣା।
**announcer** ବି. ଉଦ୍‌ଘୋଷକ।
**annoy** ସ.କ୍ରି. ସାମାନ୍ୟ କ୍ରୋଧଯୁକ୍ତ କରିବା; ବିରକ୍ତ କରିବା; ଚିଡ଼ାଇବା; ବି. annoyance.
**annuity** ବି. ବାର୍ଷିକ ଭତ୍ତା; ବାର୍ଷିକ ଦେୟ ଅର୍ଥ; ବାର୍ଷିକ ସ୍ଥିରୀକୃତ ଆୟ ନିମନ୍ତେ ପୁଞ୍ଜି ଲଗାଣ।
**annul** ସ.କ୍ରି. ବାତିଲକରିବା, ରଦ୍ଦ କରିବା, ଅକାମୀ ବୋଲି ଘୋଷଣା କରିବା; ଉଚ୍ଛେଦ କରିବା, ରହିତ କରିବା; annulment ବି. ବାତିଲ, ରଦ୍ଦ, ବିଲୋପ।
**annular** ବିଂ. ମୁଦ୍ରିକାକୃତି; ବଳୟାକାର; annular eclipse ବଳୟାକୃତି ସୂର୍ଯ୍ୟୋପରାଗ।
**annulate** ବିଂ. ବଳୟ ଦ୍ୱାରା ନିର୍ମିତ ବା ବଳୟ ଚିହ୍ନିତ।
**Annunciation** ବି. ଘୋଷଣା, ବିଶେଷତଃ ଗାବ୍ରିୟେଲ୍ ଦ୍ୱାରା ମେରୀଙ୍କୁ ଅବତାର ଗ୍ରହଣ ବିଷୟକ; ଅବତାର ଘୋଷଣା ପର୍ବ; ମାର୍ଚ୍ଚ ୨୫ ତାରିଖ।
**anode** ବି. ଏନୋଡ, ବୈଦ୍ୟୁତିକ ଧନମେରୁ।
**anodize** ବି. ଏନୋଡୀକରଣ।
**anodyne** 1. ବିଂ. ବେଦନାହର; ପ୍ରଶମକ (ଔଷଧ); 2. ବି. ବେଦନାହର ଔଷଧ ବା ପରିସ୍ଥିତି।
**anoint** ସ.କ୍ରି. ତୈଳ ବା ମଲମ ପ୍ରୟୋଗ କରିବା (ବିଶେଷତଃ ଧାର୍ମିକ କୃତ୍ୟ ଆଦିରେ); ଲେପନ କରିବା ବା ବୋଳିବା।
**anomalous** ବିଂ. ବ୍ୟତିକ୍ରମ ହୋଇଥିବା, ସାଧାରଣ ନିୟମ ବହିର୍ଭୂତ, ଅନିୟମିତ; ଅସ୍ୱାଭାବିକ।
**anomaly** ବି. ବ୍ୟତିକ୍ରମ, ଅସଙ୍ଗତି, ଅସ୍ୱାଭାବିକତା।
**anomy** ବି. (ବିକଳ୍ପ anomie); ସାଧାରଣ ସାମାଜିକ ବା ନୈତିକ ମାନର ଅଭାବ; ବିଂ. anomic.

Digitized by srujanika@gmail.com

**anon** *ପ୍ରା.ପ୍ର.* କ୍ରି.ବିଂ. ଶୀଘ୍ର, ଅଳ୍ପ ସମୟ ଭିତରେ, ଏବିକ୍ଷଣି, ଅବିଳମ୍ବେ; ever and anon ମଝିରେ ମଝିରେ।

**anonymity** ବି. ଅଜ୍ଞାତନାମ ଅବସ୍ଥା, ନାମବିହୀନତା।

**anonymous** ବିଂ. ବେନାମୀ, ନାମବିହୀନ, ଅଜ୍ଞାତ ନାମଧେୟ।

**anorexia** ବି. ଅଗ୍ନିମାନ୍ଦ୍ୟ, କ୍ଷୁଧାହୀନତା (ପୁରାତନ ରୋଗ ହେତୁ)।

**another** ବିଂ. ଅନ୍ୟ, ଭିନ୍ନ, ଅପର, ଆଉ ଏକ; ଅନ୍ୟ କେହି ବା କିଛି, ଆଉ ଜଣେ।

**answer** 1. *ସ.କ୍ରି.* ଉତ୍ତର ଦେବା, ପ୍ରଶ୍ନର ଚାପରେ କିଛି କହିବା; 2. ବି. ବିବୃତି, ସମସ୍ୟାର ସମାଧାନ, ଉତ୍ତର, ଜବାବ୍, ମୀମାଂସା; 3. answer back ମୁହଁ ଉପରେ ଜବାବ ଦେବା।

**answerable** ବିଂ. ଦାୟୀ (ବ୍ୟକ୍ତି ବା ବସ୍ତୁ ପାଇଁ), ଉତ୍ତରଦାୟୀ, ଉତ୍ତରଯୋଗ୍ୟ; answer for ଦାୟୀ ହେବା, ଦୋଷ ମୁଣ୍ଡେଇବା, ଫଳ ଭୋଗିବା, ଦୁଃଖ ଭୋଗିବା; answer the door କିଏ କଅଣ ଚାହୁଁଛି ତାହା ଦେଖିବାକୁ ଯିବା; answer to କାର୍ଯ୍ୟକାରୀ ହେବା, ଫଳ ଦେଖାଇବା; answer to a description ବର୍ଣ୍ଣନାର ଅନୁରୂପ ହେବା।

**ant** ବି. ପିମ୍ପୁଡ଼ି, ପିପୀଲିକା; white ant ଉଈ।

**-ant** *ପ.ପ୍ର.* କାର୍ଯ୍ୟ ବା ଅବସ୍ଥା ସୂଚକ ବିଶେଷଣ (repentant, expectant) ବା ପ୍ରଯୋଜକ ବିଶେଷ୍ୟ ପଦ (assistant consultant) ଗଠନ ପାଇଁ ବ୍ୟବହୃତ ପ୍ରତ୍ୟୟ।

**antacid** 1. ବିଂ. ଅମ୍ଳତ୍ୱ ପ୍ରତିରୋଧକ ବା ପ୍ରତିଷେଧକ; 2. ବି. ଉକ୍ତ ଜାତୀୟ ଦ୍ରବ୍ୟ।

**antagonism** ବି. ସକ୍ରିୟ ପ୍ରତିଦ୍ୱନ୍ଦ୍ୱିତା, ବିରୋଧ, ଶତ୍ରୁତା, ପ୍ରତିପକ୍ଷତା।

**antagonist** ବି. ପ୍ରତିପକ୍ଷ, ପ୍ରତିଦ୍ୱନ୍ଦ୍ୱୀ, ବିପକ୍ଷ।

**antagonistic** ବିଂ. ବିରୋଧୀ, ପ୍ରତିକୂଳ, ବିରୋଧାତ୍ମକ।

**antagonize** *ସ.କ୍ରି.* ଶତ୍ରୁତା ଉଦ୍ରେକ କରିବା ବା ଶତ୍ରୁଭାବାପନ୍ନ କରିବା, ବିରୋଧ କରିବା।

**Antarctic** ବିଂ. ଦକ୍ଷିଣ ମେରୁ ଅଞ୍ଚଳ ସମ୍ବନ୍ଧୀୟ; Antarctic Circle ଉକ୍ତ ମଣ୍ଡଳକୁ ବେଷ୍ଟନ କରି ୬୬.୩୩' ଦକ୍ଷିଣ ଅକ୍ଷାଂଶ ରେଖା।

**ante-** *ଉ.ପ.* ପ୍ରାକ୍, ପୂର୍ବବର୍ତ୍ତୀ।

**ant-eater** ବି. ପିପୀଲିକାଭୁକ୍; ପିମ୍ପୁଡ଼ି ଭୋଜୀ ସ୍ତନନ୍ଧୟ ପ୍ରାଣୀ।

**antecedent** 1. ବି. ପୂର୍ବବର୍ତ୍ତୀ ବିଷୟ, ବସ୍ତୁ ବା ଅବସ୍ଥା; ପରବର୍ତ୍ତୀ ବାକ୍ୟଖଣ୍ଡ ସହିତ ସଂପୃକ୍ତ ପୂର୍ବପଦ ବା ବାକ୍ୟାଂଶ; ବ.ବ. ବ୍ୟକ୍ତି ବିଷୟରେ ପୂର୍ବ ଇତିହାସ, ପୂର୍ବ ଚରିତ୍ର; 2. ବିଂ ପୂର୍ବବର୍ତ୍ତୀ।

**antechamber** ବି. ଉପକକ୍ଷ, ମୁଖ୍ୟ ପ୍ରକୋଷ୍ଠକୁ ପ୍ରବେଶ କରିବା କୋଠରୀ, ପାର୍ଶ୍ୱସ୍ଥ କକ୍ଷ; ସଂଲଗ୍ନ କୋଠରୀ।

**antedate** *ସ.କ୍ରି.* ନିର୍ଦ୍ଦିଷ୍ଟ ସମୟର ପୂର୍ବବର୍ତ୍ତୀ ହେବା, ପ୍ରକୃତ ତାରିଖର ପିଛିଲା ତାରିଖ ପକାଇବା।

**antediluvian** ବିଂ. ମହାପ୍ଲାବନର ପୂର୍ବବର୍ତ୍ତୀ କାଳ ସମ୍ପର୍କୀୟ; ମାନ୍ଧାତା ଯୁଗର; *କ.ଭା.* ଅତି ପୁରୁଣା ବା ମରହଟ୍ଟୀ।

**antelope** ବି. କୃଷ୍ଣସାର ମୃଗ; ଆଫ୍ରିକା ଦେଶୀୟ ମୃଗ ବିଶେଷ।

**antenatal** ବିଂ. ଜନ୍ମର ପୂର୍ବବର୍ତ୍ତୀ; ଗର୍ଭାବସ୍ଥା ସଂପର୍କୀୟ।

**antenna** ବି. ଶୃଙ୍ଗିକା, କୀଟ ପତଙ୍ଗ କଙ୍କଡ଼ା ପ୍ରଭୃତିର ମୁଣ୍ଡରେ ଥିବା ଶୃଙ୍ଗ ଦୁଇଟିରୁ ଗୋଟିଏ; ବ.ବ. antennae ବେତାର ଓ ଦୂରଦର୍ଶନ ପ୍ରଭୃତିର ଏରିଏଲ।

**antepenultimate** ବିଂ. ଶେଷ ଦୁଇଟିର ପୂର୍ବବର୍ତ୍ତୀ।

**anterior** ବିଂ. ପୂର୍ବବର୍ତ୍ତୀ, ଅଗ୍ରବର୍ତ୍ତୀ; ସମ୍ମୁଖର ନିକଟବର୍ତ୍ତୀ।

**ante-room** ବି. ମୁଖ୍ୟ ପ୍ରକୋଷ୍ଠର ପ୍ରବେଶ ପଥରେ ଥିବା କ୍ଷୁଦ୍ର ପ୍ରକୋଷ୍ଠ।

**anthem** ବି. ଜାତୀୟ ଗୌରବ ପ୍ରଖ୍ୟାପକ ସଂଗୀତ, ସମବେତ ସଂଗୀତ; (ଧର୍ମ ପୁସ୍ତକରୁ ଗୃହୀତ ଓ ଦେବାଳୟ ବା ଭଜନାଳୟରେ ବ୍ୟବହୃତ) ଭଜନ ବା ସ୍ତୁତି ସଙ୍ଗୀତ; National Anthem ଜାତୀୟ ସଙ୍ଗୀତ।

**anther** ବି. ପରାଗ କୋଷର ଅଗ୍ରଭାଗ, ଯହିଁରେ ପୁଷ୍ପରେଣୁ ସଞ୍ଚିତ ଥାଏ; antheroid ବିଂ. ଉକ୍ତ ଅଗ୍ରଭାଗ ସଦୃଶ।

**anthill** ବି. ବଲ୍ମୀକ, ଉଈ ହୁଙ୍କା।

**anthology** ବି. ସାହିତ୍ୟ ସଂଚୟନ ସଂକଳନ (ବିଶେଷତଃ କବିତା ଓ ଗୀତର); ବି. anthologist ସଂକଳୟିତା।

Digitized by srujanika@gmail.com

**anthracite** ବି. ଧୂମହୀନ ଭାବେ ଜଳୁଥିବା ଏକପ୍ରକାର ଟାଣ କୋଇଲା ।
**anthrax** ବି. ଗୋଜାତୀୟ ପ୍ରାଣୀଙ୍କଠାରେ ହେଉଥିବା ରୋଗ ବିଶେଷ ଯାହା ମନୁଷ୍ୟକୁ ସଂକ୍ରମିତ ହୋଇପାରେ ।
**anthropocentric** ବିଂ. ମନୁଷ୍ୟକୁ ସୃଷ୍ଟିର କେନ୍ଦ୍ର ରୂପେ ସ୍ୱୀକାର କରୁଥିବା ।
**anthropoid** 1. ବିଂ. ମାନବାକୃତି; 2. ବି. ମାନବାକୃତି ବାନର, (ସିମ୍ପାଞ୍ଜି, ଗରିଲା ପ୍ରଭୃତି) ।
**anthropology** ବି. ନୃତତ୍ତ୍ୱ, ମାନବ ଜାତିର ଅଧ୍ୟୟନ ବିଶେଷତଃ ସମାଜ ଓ ସାମାଜିକତା ସଂପର୍କୀୟ; anthropological ବିଂ. ନୃତତ୍ତ୍ୱ ସମ୍ବନ୍ଧୀୟ; anthropologist ବି. ନୃତତ୍ତ୍ୱବିତ୍ ।
**anthropomorphism** ବି. ଦେବତା, ପ୍ରାଣୀ ଓ ବସ୍ତୁ ମାନଙ୍କୁ ମନୁଷ୍ୟ ରୂପରେ ପରିକଳ୍ପନା; ବିଂ. anthropomorphic; anthropomorphous ନରରୂପୀ ।
**anti–** ଉ.ପ. ବିରୋଧସୂଚକ ଉପପଦ; 2. ବି. ବିରୋଧୀ ।
**anti–aircraft** ବିଂ. ଶତ୍ରୁର ବାୟୁଯାନ ଧ୍ୱଂସକାରୀ (କମାଣ ବା କ୍ଷେପଣାସ୍ତ୍ର) ।
**antibiotic** 1. ବି. ବେକ୍ଟିରିଆ ଓ ତତ୍ ସଦୃଶ ଜୀବାଣୁ ମାନଙ୍କର କ୍ଷୟ ବା ବିନାଶ ସାଧନକାରୀ ପଦାର୍ଥ; 2. ବିଂ. ଉକ୍ତ କାର୍ଯ୍ୟ ସାଧନକ୍ଷମ ।
**antibody** ବି. ଶରୀରସ୍ଥ ପୁଷ୍ଟିସାର ଯାହା ଆଣ୍ଟିଜେନ ପ୍ରଭାବରେ ଉତ୍ପନ୍ନ ହୋଇ ତାହାରହିଁ ପ୍ରତିଷେଧକ ରୂପେ କାର୍ଯ୍ୟକରେ ।
**antic** ବି. ନିର୍ବୋଧ ବ୍ୟବହାର; ଭଣ୍ଡାମି, ଉଦ୍‌ଭଟ ଭାବଭଙ୍ଗୀ, ନିର୍ବୋଧ ଆଚରଣ ।
**antichrist** ବି. ଖ୍ରୀଷ୍ଟଙ୍କ ବିରୋଧୀ; antichristian ଖ୍ରୀଷ୍ଟିୟାନ ବିରୋଧୀ ।
**anticipate** ସ.କ୍ରି. ପୂର୍ବରୁ ଅନୁମାନ କରିବା, ପୂର୍ବରୁ ଆଶା କରିବା, ଧରି ନେବା; ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବ୍ୟବହାର କରିବା; କୌଣସି ବିଷୟ ଅନ୍ୟ କେହି କରିବା ଆଗରୁ କରିବା, ପୂର୍ବରୁ ଆବଶ୍ୟକତା ବୁଝି ସମାଦନ କରିବା; anticipation ବି. ଆଶା, ପ୍ରତ୍ୟାଶା, ଅନୁମାନ, ଅପେକ୍ଷା; anticipatory ବିଂ. ଅପେକ୍ଷାକାରୀ, ପ୍ରତ୍ୟାଶା ମୂଳକ, ପୂର୍ବରୁ ଆବଶ୍ୟକତା ଅନୁଭବ କରି କରାଯାଇଥିବା ।
**anticlerical** ବିଂ. ଖ୍ରୀଷ୍ଟୀୟ ଧର୍ମଯାଜକ ବା ପୁରୋହିତର ପ୍ରଭାବ ପ୍ରତିରୋଧକାରୀ ।
**anticlimax** ବି. ଗୁରୁ ଭାବର ଲଘୁ ଉପସଂହାର; ଛନ୍ଦ ପତନ; ରସାପକର୍ଷ, ଶବ୍ଦମାନଙ୍କ ଗୁରୁତ୍ୱର କ୍ରମାବତରଣ ସୂଚକ ଅଳଙ୍କାର ।
**anticlockwise** ବିଂ./କ୍ରି.ବିଂ. ଘଣ୍ଟା କଣ୍ଟା ସ୍ୱାଭାବିକ ଭାବେ ଚାଲୁଥିବା କ୍ରମର ବିପରୀତ ଦିଗଗାମୀ ।
**anticyclone** ବି. ନିର୍ମଳ ପାଗ ସୃଷ୍ଟିକରୁଥିବା ବାୟୁ ପ୍ରବାହ (ଝଂଜା ପାଗର ବିପରୀତ) ।
**antidote** ବି. ବିଷଘ୍ନ, ପ୍ରତିବିଷ, ଅଗଦ; ଅଶ୍ୱସ୍ତି ନିବାରକ ।
**antifreeze** ବି. ମଟର ଗାଡ଼ିର ରେଡ଼ିଏଟର୍ ଭିତରେ ଥିବା ଜଳରେ ମିଶାଯାଉଥିବା ପଦାର୍ଥ, ଯାହା ଜଳକୁ ଘନୀଭୂତ ହେବାକୁ ଦିଏ ନାହିଁ ।
**antigen** ବି. ବାହ୍ୟ ବିଷାକ୍ତ ବସ୍ତୁ ଯାହା ଶରୀରରେ ଏଣ୍ଟିବଡି ସୃଷ୍ଟିକରେ, ପ୍ରତିଜନ ।
**anti–hero** ବି. ପ୍ରତିନାୟକ, ଯାହାଠାରେ ମୁଖ୍ୟ ନାୟକର ପରଂପରାସିଦ୍ଧ ଗୁଣାବଳୀ ନ ଥାଏ ।
**antihistamine** ବି. ହିଷ୍ଟାମିନ୍‌ର ପ୍ରଭାବ ନିବାରକ ଦ୍ରବ୍ୟ ।
**antiknock** ବି. ଅକାଳ ଦହନର ନିରୋଧ ପାଇଁ ମଟର ଗାଡି ଇନ୍ଧନରେ ମିଶା ଯାଉଥିବା ଦ୍ରବ୍ୟ ।
**antimony** ବି. ରୂପା ସଦୃଶ ଏକ ଧାତୁ ।
**antinomian** 1. ବିଂ. ଖ୍ରୀଷ୍ଟିୟାନ୍‌ମାନେ ନୈତିକ ନିୟମ ପାଳନ କରିବାରୁ ମୁକ୍ତ, ଏପରି ବିଶ୍ୱାସ ସଂପର୍କୀୟ; 2. ବି. ଏପରି ବିଶ୍ୱାସ ଧାରଣ କରିବା ବ୍ୟକ୍ତି ।
**antinomy** ବି. ସମାନ ଭାବେ ଯୁକ୍ତିଯୁକ୍ତ ଦୁଇଟି ଆଇନ ବା ସିଦ୍ଧାନ୍ତ ମଧ୍ୟରେ ବିରୋଧ ।
**antinovel** ବି. ପରଂପରାସିଦ୍ଧ ଆଙ୍ଗିକକୁ ପରିହାର କରାଯାଇଥିବା ଉପନ୍ୟାସ, ପ୍ରତିଉପନ୍ୟାସ ।
**antipathy** ବି. ତୀବ୍ର ଘୃଣା; ବିଂ. antipathetic.
**antiperspirant** ବି. ସ୍ୱେଦନ-ନିବାରକ ପଦାର୍ଥ ।
**antiphlogistic** ବିଂ. ପ୍ରଦାହନିରୋଧକ, ଔଷଧ ।
**antiphon** ବି. ଦୁଇଦଳ ଦ୍ୱାରା ପର୍ଯ୍ୟାୟକ୍ରମେ ଗାନ କରାଯାଉଥିବା ଭଜନ ବା ସ୍ତୋତ୍ର; ବିଂ antiphonal
**antipodes** ବି. ବ.ବ. ପୃଥିବୀ ପୃଷ୍ଠରେ ସମ୍ପୂର୍ଣ୍ଣ ବିପରୀତ ଭାବେ ଅବସ୍ଥିତ ସ୍ଥଳଦ୍ୱୟ (ଯଥା- ଅଷ୍ଟ୍ରେଲିଆ ଓ ୟୁରୋପ); ବିଂ. antipodal.

Digitized by srujanika@gmail.com

**antipyretic** 1. ବି. ଜ୍ୱର-ପ୍ରଶମନକାରୀ ଔଷଧ; 2. ବିଂ. ଜ୍ୱର ଲାଘବ କରୁଥିବା ।

**antiquarian** ବି. ପୁରାତନ ଓ ଦୁଷ୍ପ୍ରାପ୍ୟ ବସ୍ତୁ, ପୁସ୍ତକ ପ୍ରଭୃତି ସଂପର୍କୀୟ କିମ୍ବା ସେଗୁଡ଼ିକୁ କାରବାର କରୁଥିବା ।

**antiquary** ବି. ପ୍ରାଚୀନ କାଳର ଦୁଷ୍ପ୍ରାପ୍ୟ ଦ୍ରବ୍ୟର ସଂଗ୍ରାହକ ବା ତତ୍ତ୍ୱାନୁସନ୍ଧିତ୍ସୁ ବ୍ୟକ୍ତି ବା ଛାତ୍ର ।

**antiquated** ବିଂ. ଅପ୍ରଚଳିତ; ଅତି ପୁରୁଣା, ପୁରୁଣାକାଳିଆ, ମରହଟ୍ଟୀ ।

**antique** 1. ବି. ପୁରାକାଳୀନ, ଅତି ପ୍ରାଚୀନ, ପୁରାତନ, ପ୍ରାଚୀନ ଢଙ୍ଗବିଶିଷ୍ଟ; ଅପ୍ରଚଳିତ ମହାର୍ଘ କଳାପୂର୍ଣ୍ଣ ଦ୍ରବ୍ୟ; 2. ବିଂ. ଅତି ପ୍ରଚୀନ କାଳର, ପ୍ରାଚୀନତମ ରୁଚିସମ୍ମତ ।

**antiquity** ବି. ସୁଦୂର ଅତୀତ ମଧ୍ୟଯୁଗର ପୂର୍ବକାଳୀନ; antiquities ବ.ବ. ପ୍ରାଚୀନ କାଳର ଅବଶେଷ ।

**antirrhinum** ବି. ପୁଷ୍ପ ବିଶେଷ (ସ୍ନାପଡ୍ରାଗନ୍ ଫୁଲ) ।

**antiscorbutic** 1. ବିଂ. ସ୍କର୍ଭି ରୋଗକୁ ଭଲ କରୁଥିବା; 2. ବି. ସ୍କର୍ଭି ରୋଗର ପ୍ରତିଷେଧକ ଔଷଧ ।

**anti–Semitic** ବିଂ. ଇହୁଦୀ ସମ୍ପ୍ରଦାୟ ପ୍ରତି ଶତ୍ରୁତା ଆଚରଣକାରୀ, ଇହୁଦୀ ମତ ବିରୁଦ୍ଧର ପ୍ରତିକୂଳ ଧାରଣା ପୋଷକ; ବି. **anti–Semitism.**

**antiseptic** 1. ବିଂ. କ୍ଷୟକାରୀ ବେକ୍ଟେରିଆ ଜନିତ ପଚନ ନିରୋଧକ; 2. ବି. ଉକ୍ତ ଗୁଣସଂପନ୍ନ ଔଷଧ ।

**antiserum** ବି. ଅଧିକ ଏଣ୍ଟିବଡି ଉପାଦାନ ବିଶିଷ୍ଟ ସିରମ୍ ବା ରକ୍ତ ମଣ୍ଡ ।

**antisocial** ବିଂ.ଅସାମାଜିକ, ପ୍ରଚଳିତ ସାମାଜିକ ରୀତିର ବିରୋଧୀ ।

**antistatic** ବିଂ. ସ୍ଥିତିଶୀଳ ବିଦ୍ୟୁତ୍ ପ୍ରବାହର ପ୍ରତିଘାତକ ।

**antithesis** ବି. ସିଧାସଳଖ ଭାବେ ବିପରୀତ; ବିପରୀତତା, ବିରୋଧ ଅଳଙ୍କାର; ବ.ବ. antitheses; ବିଂ. antithetical.

**antitoxin** ବି. ଉଦ୍‌ଭିଦ୍‌ଜ ବା ଜାନ୍ତବ ବିଷର ପ୍ରତିରୋଧକ ।

**antitrades** ବି. ବ.ବ. ବାଣିଜ୍ୟ ବାୟୁର ପ୍ରତିକୂଳରେ ଓ ଊର୍ଦ୍ଧ୍ୱରେ ପ୍ରବାହିତ ବାୟୁ ।

**antler** ବି. ମୃଗର ଶାଖାନ୍ୱିତ ଶୃଙ୍ଗ ।

**antonym** ବି. ବିପରୀତାର୍ଥ ବୋଧକ ଶବ୍ଦ ।

**anus** ବି. ଗୁହ୍ୟଦ୍ୱାର, ମଳଦ୍ୱାର ।

**anvil** ବି. ଲେହି, କମାର ଯେଉଁ ଲୁହା ପିଣ୍ଡ ଉପରେ ତାତିଲା ଲୁହା ରଖି ହାତୁଡ଼ିରେ ପିଟେ ।

**anxiety** ବି. ଉଦ୍‌ବେଗ, ଉତ୍କଣ୍ଠା; ଦୁଶ୍ଚିନ୍ତା, ଅଧୀରତା ।

**anxious** ବିଂ. ଉଦ୍‌ବିଗ୍ନ, ଉତ୍କଣ୍ଠିତ, ବ୍ୟାକୁଳ, ଆଗ୍ରହାନ୍ୱିତ, ଅଧୀର ।

**any** 1. ବିଂ. ଯେ କୌଣସି, ଯେ କେହି, କୌଣସି, କେହି, କିଛି (ପରିମାଣ); 2. ସ. କେହି ଜଣେ, କୌଣସି ସଂଖ୍ୟା ବା ପରିମାଣ; 3. କ୍ରି.ବିଂ. (ପ୍ରାୟଶଃ ନିଷେଧାର୍ଥକ ଓ ପ୍ରଶ୍ନବୋଧକ ବାକ୍ୟରେ) ଆଦୌ, କିଛି ମାତ୍ରାରେ- Is it any good ?

**anybody** ବି./ସ. ଯେ କେହି; ପ୍ରସିଦ୍ଧ ଲୋକ- Is he anybody ?

**anyhow** କ୍ରି.ବିଂ. ଯେ କୌଣସି ପ୍ରକାର; ଯେ କୌଣସି ଉପାୟରେ; ଯେପରି ସେପରି ହେଉ ।

**anyone** ବି. ଯେ କେହି, ଯେ କୌଣସି ଲୋକ ।

**anything** ବି./ସ. ଯେ କୌଣସି ବସ୍ତୁ; ଯାହା କିଛି ।

**anyway** କ୍ରି.ବିଂ. ଯେ କୌଣସି ପ୍ରକାର ବା ଉପାୟରେ; ଯେପରି ହେଉ ।

**anywhere** 1. କ୍ରି.ବିଂ. ଯେ କୌଣସି ସ୍ଥାନରେ ବା ସ୍ଥାନକୁ; 2. ସ. ଯେ କୌଣସି ସ୍ଥାନ- anywhere will do.

**aorta** ବି. ହୃଦୟର ବାମ ଅଳିନ୍ଦରୁ ଶୁଦ୍ଧରକ୍ତ ସଞ୍ଚାଳିକା ନଳୀ; ବିଂ. aortic.

**apace** କ୍ରି.ବିଂ. ଦ୍ରୁତ ଗତିରେ, ଶୀଘ୍ର ।

**apart** କ୍ରି.ବିଂ. ପୃଥକ୍ ଭାବରେ, ଅଲଗା ଅଲଗା ହୋଇ; ଖଣ୍ଡ ଖଣ୍ଡ କରି ବା ଭାଗ ଭାଗ କରି; ଏକ ପାଖରେ; ଦୂରକୁ ବା ଦୂରରେ; apart from ଛଡା, ବ୍ୟତୀତ, ଏତଦ୍‌ଭିନ୍ନ; ବି. apartness.

**apartheid** ବି. ବର୍ଣ୍ଣ-ବୈଷମ୍ୟ (ବିଶେଷତଃ ଦକ୍ଷିଣ ଆଫ୍ରିକାରେ); ଜାତି (race) ଭେଦନୀତି ।

**apartment** ବି. ପ୍ରକୋଷ୍ଠ, କୋଠରୀ, କକ୍ଷ, (ବ.ବ.) କୋଠରୀର ସମଷ୍ଟି; inner apartment ଅନ୍ତଃପୁର ।

**apathy** ବି. ଉଦାସୀନତା, ନିସ୍ପୃହତା, ଆଗ୍ରହ ଶୂନ୍ୟତା; ବିଂ. apathetic.

Digitized by srujanika@gmail.com

**ape** 1. ବି. ବାନର ବିଶେଷତଃ ଲାଙ୍ଗୁଳ ବିହୀନ (ଗରିଲା, ସିମ୍ପାଞ୍ଜି, ଓରାଙ୍ଗ ଉଟାଙ୍ଗ, ଗିବନ୍ ଆଦି); 2. ସ.କ୍ରି. ନିର୍ବୋଧଭାବେ ଅନୁକରଣ କରିବା, ନକଲ କରିବା।

**ape-man** ଅଧୁନା ବିଲୁପ୍ତ-ପ୍ରାୟ ବାନର ଓ ମନୁଷ୍ୟର ମଧ୍ୟବର୍ତ୍ତୀ ପ୍ରାଣୀ।

**aperient** 1. ବିଂ. ମୃଦୁ ବିରେଚକ, ଜୁଲାପ୍; 2. ବି. ବିରେଚକ ଔଷଧ।

**aperitif** ବି. ଭୋଜନ ପୂର୍ବରୁ ପାନୀୟ ମଦ୍ୟ, କ୍ଷୁଧାବର୍ଦ୍ଧକ ପାନୀୟ।

**aperture** ବି. ଫଟୋ ଉଠାଇବା ଯନ୍ତ୍ର ବା କେମେରା ଭିତରକୁ ଆଲୁଅ ପଶିବାର ରନ୍ଧ୍ର (ଯାହାର ଆକାର ନିୟନ୍ତ୍ରଣ କରାଯାଇ ପାରେ)।

**apery** ବି. ଅନୁକରଣ, ବାନର ସୁଲଭ ଆଚରଣ।

**apex** ବି. ଚୂଡ଼ା, ଶୀର୍ଷ, ଅଗ୍ର, ଶିରୋବିନ୍ଦୁ, କୋଣର ଶୀର୍ଷ ବିନ୍ଦୁ। ବ.ବ. apexes.

**aphasia** ବି. ମସ୍ତିଷ୍କର ଆଘାତ ହେତୁ ଘଟିଥିବା ବାକ୍‌ଶକ୍ତି ବା ବୋଧଶକ୍ତିର ଆଂଶିକ ବା ସମ୍ପୂର୍ଣ୍ଣ ବିଲୋପ।

**aphid** ବି. ଚାରା ଗଛ ବା ଉଦ୍‌ଭିଦକୁ ଆକ୍ରମଣ କରି ନଷ୍ଟ କରୁଥିବା କ୍ଷୁଦ୍ରକୀଟ; ସବୁଜକୀଟ।

**aphonia** ବି. ବାକ୍‌ଶକ୍ତିଲୋପ ବା ବାକ୍‌ଶକ୍ତି-ହୀନତା।

**aphorism** ବି. ସଂକ୍ଷିପ୍ତ ନୀତି ବାକ୍ୟ, ପ୍ରବାଦ; ସୂତ୍ର; କାରିକା, ସଂଜ୍ଞା।

**aphrodisiac** 1. ବିଂ. କାମୋଦ୍ଦୀପକ; 2. ବି. କାମୋଦ୍ଦୀପକ ଭେଷଜ।

**apiary** ବି. ମହୁମାଛି ରଖିବାର ବା ପାଳିବାର ସ୍ଥାନ; apiarist ବି. ମହୁମାଛି ପାଳନକାରୀ।

**apical** ବିଂ. ଶୀର୍ଷ ବା ଚୂଡ଼ା ସମ୍ବନ୍ଧୀୟ; ଶୀର୍ଷରେ, ଶୀର୍ଷସ୍ଥ।

**apiculture** ବି. ମହୁମାଛି ଚାଷ; ମଧୁମକ୍ଷିକା ପାଳନ।

**apiculturist** ବି. ମହୁମାଛି ପାଳନ ବିଶେଷଜ୍ଞ।

**apiece** କ୍ରି.ବିଂ. ପ୍ରତ୍ୟେକର ଅଂଶ ଅନୁଯାୟୀ; ଭିନ୍ନ ଭିନ୍ନ ଭାବେ।

**apish** ବିଂ. ବାନର ତୁଲ୍ୟ ଅନୁକରଣ ପ୍ରିୟ; ନିର୍ବୋଧ ନକଲିଆ।

**aplomb** ବି. ଆତ୍ମବିଶ୍ୱାସ; ଦୃଢ଼ ପ୍ରତ୍ୟୟ।

**apocalypse** ବି. ବିଶ୍ୱର ଭବିଷ୍ୟତ୍ ସମ୍ପର୍କରେ ଦୈବବାଣୀ (ବିଶେଷତଃ ବାଇବେଲ୍‌ର ନିଉ ଟେଷ୍ଟାମେଣ୍ଟରେ ସେଣ୍ଟ ଜନ୍‌ଙ୍କୁ ଦିଆ ଯାଇଥିବା); the Apocalypse ନିଉ ଟେଷ୍ଟାମେଣ୍ଟର ଶେଷ ଖଣ୍ଡ, ଯହିଁରେ ସେଣ୍ଟ୍ ଜନଙ୍କ ପ୍ରତି ଦୈବବାଣୀ ବର୍ଣ୍ଣିତ ହୋଇଛି। ବିଂ. apocalyptic.

**apocrypha** ବି. ବ.ବ. ଖାଣ୍ଟି ବା ମୌଳିକ ରୂପେ ଅସ୍ୱୀକୃତ ଲେଖା (ବିଶେଷତଃ ବାଇବେଲ୍‌ସ୍ଥିତ ଓଲ୍ଡ ଟେଷ୍ଟାମେଣ୍ଟର କେତେକ ଖଣ୍ଡ, ଯାହା ମୂଳ ହିବ୍ରୁ ବାଇବେଲ୍‌ରେ ନ ଥିଲା)।

**apocryphal** ବିଂ. ମୌଳିକ ଭାବେ ଅସ୍ୱୀକୃତ, ଯାହାର ପ୍ରାମାଣିକତା ସନ୍ଦେହଜନକ।

**apogee** ବି. ଚରମ ଲକ୍ଷ୍ୟସ୍ଥଳ; ପରାକାଷ୍ଠା; ଚନ୍ଦ୍ରର କକ୍ଷରେ ପୃଥିବୀଠାରୁ ଦୂରତମ ସ୍ଥଳ।

**apolitical** ବିଂ. ରାଜନୀତିରେ ଅସମ୍ପୃକ୍ତ ବା ଅନାଗ୍ରହୀ।

**apologetic** ବିଂ. ତ୍ରୁଟି ସ୍ୱୀକାର କରୁଥିବା; ଅନୁଶୋଚନା ପ୍ରକାଶ କରୁଥିବା; କ୍ଷମା ମାଗୁଥିବା।

**apologetics** ବି. ବ.ବ. ଯୁକ୍ତିଦ୍ୱାରା ଆତ୍ମପକ୍ଷ ସମର୍ଥନ (ଖ୍ରୀଷ୍ଟଧର୍ମରେ)।

**apologia** ବି. ଆତ୍ମପକ୍ଷ ସମର୍ଥନ (ମତବାଦ ବା ଚରିତ୍ର ସମ୍ବନ୍ଧରେ)।

**apologist** ବି. ଯୁକ୍ତିଦ୍ୱାରା ନିଜ ବିଶ୍ୱାସ ବା ଚରିତ୍ର ସମ୍ପର୍କରେ ଆତ୍ମପକ୍ଷ ସମର୍ଥନକାରୀ।

**apologize** ଅ.କ୍ରି. ଦୁଃଖ ପ୍ରକାଶ କରିବା; କ୍ଷମା ମାଗି ନେବା।

**apologue** ବି. ନୀତି ଗଳ୍ପ, ନୀତି କଥା।

**apology** ବି. ଦୁଃଖ ପ୍ରକାଶ, କ୍ଷମା ଯାଚନା; apology for (ମୂଳ ବସ୍ତୁ ପାଇଁ) ନୀରସ ଜିନିଷର ଉପଯୋଗ।

**apophthegm** ବି. ସଂକ୍ଷିପ୍ତ ବା ସାରଗର୍ଭକ ଉକ୍ତି।

**apoplectic** ବିଂ. ସନ୍ନ୍ୟାସ ବା ମୃଗୀ ରୋଗ ଦ୍ୱାରା ଆକ୍ରାନ୍ତ ବା ଆକ୍ରାନ୍ତ ହେବାର ସମ୍ଭାବନା ଥିବା; ଉକ୍ତ ରୋଗ ସମ୍ବନ୍ଧୀୟ; ଉକ୍ତ ରୋଗ ଉତ୍ପାଦକ।

**apoplexy** ବି. ସନ୍ନ୍ୟାସ ବା ମୃଗୀ ରୋଗ।

**apostasy** ବି. ପୂର୍ବ ମତବାଦ ବିଶେଷତଃ ଧର୍ମ ବିଶ୍ୱାସକୁ ବର୍ଜନ କରିବା, ସ୍ୱପକ୍ଷ ତ୍ୟାଗ କରିବା।

**apostate** ବି. ପୂର୍ବାଚରିତ ବିଶ୍ୱାସକୁ ବର୍ଜନ କରିବା ବ୍ୟକ୍ତି; ଅ.କ୍ରି. apostatize.

**a posteriori** କାର୍ଯ୍ୟରୁ କାରଣକୁ ବିଚାର ରୀତିରେ, କାର୍ଯ୍ୟରୁ କାରଣକୁ ଅନୁମାନ କରି।

Digitized by srujanika@gmail.com

**apostle** ବି. ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରେରିତ ଦ୍ୱାଦଶ ଶିଷ୍ୟ ମଧ୍ୟରୁ ଯେ କୌଣସି ବ୍ୟକ୍ତି; ଧର୍ମ ପ୍ରଚାରକ ବା ଧର୍ମ ସଂସ୍କାରକ; ବିଂ. apostolic; apostolic succession ଦ୍ୱାଦଶ ମୁଖ୍ୟ ଶିଷ୍ୟ ମାନଙ୍କ ଠାରୁ ପୋପ ଓ ଧର୍ମଯାଜକ ମାନଙ୍କ ଭିତରେ ନିରବଚ୍ଛିନ୍ନ ଧର୍ମୀୟ କର୍ତ୍ତୃତ୍ୱ।

**apostrophe** ବି. 1. ବର୍ଣ୍ଣଲୋପର, ସଂଖ୍ୟା ଲୋପର ବା ସମ୍ବନ୍ଧ ପଦର ଚିହ୍ନ (') ଉଦା. can't, '85 (1985), boy's, boys'; 2. ଅଦୃଶ୍ୟ ବ୍ୟକ୍ତି ବା ବସ୍ତୁକୁ ଉଦ୍‌ବୋଧନ (ଅଳଙ୍କାର ଶାସ୍ତ୍ର)।

**apostrophize** ସ.କ୍ରି. ଅଦୃଶ୍ୟ ପ୍ରତି ଉଦ୍‌ବୋଧନ କରିବା, ଅଳଙ୍କାର ମାଧ୍ୟମରେ ସମ୍ବୋଧନ କରିବା।

**apothecary** ବି. (ପ୍ରାଚୀନ) ଭେଷଜ ରସାୟନବିତ୍; ପୂର୍ବକାଳରେ ଚିକିତ୍ସକର ସହାୟକ।

**apotheosis** ବି. ଦେବତାର ସ୍ଥାନକୁ ଉନ୍ନୟନ, ଦେବତ୍ୱ ଆରୋପଣ, ଗୌରବ ମଣ୍ଡନ; ଦେବ-ମୂଳକ ଆଦର୍ଶ।

**apotheosize** ସ.କ୍ରି. ଦେବତାରେ ପରିଣତ କରିବା; ଗୌରବମଣ୍ଡିତ କରିବା।

**appal** ସ.କ୍ରି. ସ୍ତମ୍ଭିତ କରିବା; ଭୀତିଗ୍ରସ୍ତ କରିବା, ଆତଙ୍କିତ କରିବା।

**appalling** ବିଂ. ଭୟାବହ, ଭୀତିପ୍ରଦ, ସ୍ତମ୍ଭନକାରୀ।

**apparatus** ବି. (ବିଶେଷ ପ୍ରକାର କାର୍ଯ୍ୟର ସମ୍ପାଦନ ପାଇଁ ବିଶେଷ ପ୍ରକାର) ଉପକରଣ ବିଶେଷତଃ ବୈଜ୍ଞାନିକ ବା ପ୍ରାୟୋଗିକ ଯନ୍ତ୍ରପାତି; ସ୍ୱତନ୍ତ୍ର କ୍ରିୟାଶୀଳ ଅବୟବ ଉଦା. digestive apparatus.

**apparel** ବି. *ପ୍ରା.ପ୍ର.* ପରିଚ୍ଛଦ, ପୋଷାକ; ବିଂ. apparelled.

**apparent** ବିଂ. ସହଜରେ ଦୃଷ୍ଟ ବା ବୋଧଗମ୍ୟ, ସ୍ପଷ୍ଟ, ପ୍ରତ୍ୟକ୍ଷ, ଆପାତ ପ୍ରତୀୟମାନ; କ୍ରି.ବିଂ. apparently.

**apparition** ବି. ନାଟକୀୟ ବା ଉଲ୍ଲେଖନୀୟ ଆବିର୍ଭାବ; ପ୍ରେତ ମୂର୍ତ୍ତି; ଛାୟା ରୂପ।

**appeal** 1. ବି. ଆକୁଳ ପ୍ରାର୍ଥନା; ସନିର୍ବନ୍ଧ ଅନୁରୋଧ, ସାନୁନୟ ନିବେଦନ; ଉଚ୍ଚତର ଅଦାଲତକୁ ପୁନର୍ବିଚାର ନିମନ୍ତେ ପ୍ରାର୍ଥନା, ଅପିଲ; 2. ଅ.କ୍ରି. ମୀମାଂସା କରିବାକୁ ଅନୁରୋଧ କରିବା; ସନିର୍ବନ୍ଧ ଅନୁରୋଧ କରିବା; ଆବେଦନ ଜଣାଇବା (ଆଇନଗତ); ହୃଦୟଗ୍ରାହୀ ହେବା; 3. appealing ମର୍ମସ୍ପର୍ଶୀ, ହୃଦୟସ୍ପର୍ଶୀ।

**appear** ଅ.କ୍ରି. ଦୃଶ୍ୟ ହେବା; ସୂଚନା ଦେବା, ପ୍ରକାଶିତ ହେବା, ଉପସ୍ଥିତ ବା ହାଜର ହେବା; ପ୍ରତିନିଧିତ୍ୱ କରିବା; ମାଲୁମ ପଡ଼ିବା।

**appearance** ବି. ଆବିର୍ଭାବ; ଦୃଷ୍ଟିଗୋଚରତା, ଉପସ୍ଥିତି; ଚେହେରା; ସାଦୃଶ୍ୟ; ଆଭାସ (ଦର୍ଶନ ଶାସ୍ତ୍ର); keep up appearances ଛଳନା କରିବା।

**appease** ସ.କ୍ରି. ତୋଷଣ କରିବା; ପ୍ରଶମିତ କରିବା ବା ବୋଧ କରାଇବା; ଶାନ୍ତ କରିବା; ବି. appeasement.

**appellant** 1. ବି. ଅପିଲକାରୀ, ଉଚ୍ଚ ଅଦାଲତରେ ପୁନର୍ବିଚାର ପ୍ରାର୍ଥୀ; 2. ବିଂ. ଅପିଲ୍ ସମ୍ବନ୍ଧୀୟ; ଆବେଦନକାରୀ।

**appellate** ବି. ପୁନର୍ବିଚାର ସଂକ୍ରାନ୍ତ ଅପିଲ ଗ୍ରହଣ କାରୀ (ନ୍ୟାୟାଳୟ ବା କର୍ତ୍ତୃପକ୍ଷ)।

**appellation** ବି. ନାମ; ଅଭିଜ୍ଞାନ; ପଦବୀ, ସଂଜ୍ଞା।

**append** ସ.କ୍ରି. ପରେ ବା ଶେଷରେ ଯୋଡ଼ିବା (ବିଶେଷତଃ ଦଲିଲ୍, ଲେଖା ପ୍ରଭୃତିରେ)।

**appendage** ବି. ସଂଯୁକ୍ତ ଅଂଶ।

**appendectomy** ବି. ଶଲ୍ୟ ଚିକିତ୍ସା ଦ୍ୱାରା ଉପାନ୍ତର ବହିଷ୍କରଣ।

**appendicitis** ବି. ଉପାନ୍ତପ୍ରଦାହ।

**appendix** ବି. ପରିଶିଷ୍ଟ; ପେଟ ଭିତରେ ଥିବା ବୃହଦ୍ ଅନ୍ତ୍ରସଂଲଗ୍ନ ଉଦ୍‌ଗତ ଅଂଶ ବିଶେଷ; ଉପାନ୍ତ; ବ.ବ. appendices.

**appertain** ଅ.କ୍ରି. ମାଲିକାନାଭୁକ୍ତ ହେବା; ସାମିଲ୍ ହେବା; ସଂପୃକ୍ତ ହେବା।

**appetence** ବି. କାମନା, ଇଚ୍ଛା, ସ୍ପୃହା; ବିଂ. appetent.

**appetite** ବି. ସ୍ୱାଭାବିକ ଇଚ୍ଛା ବା ଆସକ୍ତି (ବିଶେଷତଃ ଖାଦ୍ୟ ବା ଆନନ୍ଦ ପାଇଁ); ଇଚ୍ଛା, ରୁଚି, କ୍ଷୁଧା; ବିଂ. appetitive.

**appetizer** ବି. ଭୋଜନ ପୂର୍ବରୁ କ୍ଷୁଧାବର୍ଦ୍ଧକ ରୁଚିକର ପାନୀୟ।

**appetizing** ବିଂ. (ଖାଦ୍ୟ ସଂପର୍କରେ) କ୍ଷୁଧାବର୍ଦ୍ଧକ, ରୁଚିକର।

**applaud** ସ.କ୍ରି. କରତାଳି ଦ୍ୱାରା ବା ଅନ୍ୟ କୌଣସି ଉଚ୍ଚ ଶବ୍ଦଦ୍ୱାରା ଦୃଢ଼ ସମର୍ଥନ ବା

Digitized by srujanika@gmail.com

ପ୍ରଶଂସା ଜଣାଇବା, ସଦର୍ପ ଧ୍ୱନିଦ୍ୱାରା ପ୍ରଶଂସା ଜ୍ଞାପନ କରିବା ।

**applause** ବି. ଜୟଜୟକାର, (କରତାଳି ସହ) ପ୍ରଶଂସା ଘୋଷ; ଆନ୍ତରିକ ସମର୍ଥନ ।

**apple** ବି. ସେଓ; ଆତ ସଦୃଶ ରସାଳ ସରୁ ଚୋପା ଥିବା ଫଳ-ପାଚିଲେ ହଳଦିଆ ବା ଈଷତ୍ ଲାଲ୍; apple of discord କଳହର ମଞ୍ଜି; apple of the eye ନୟନ ପିତୁଳା ।

**appliance** ବି. ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ବ୍ୟବହୃତ ଯନ୍ତ୍ର ବା ଉପକରଣ; ସାଧନ ।

**applicable** ବିଂ. ଉପଯୋଗୀ; ପ୍ରଯୁଜ୍ୟ; ଉପଯୁକ୍ତ ।

**applicant** ବି. ପ୍ରାର୍ଥୀ, ଆବେଦନକାରୀ, ଦରଖାସ୍ତକାରୀ ।

**application** ବି. ଦରଖାସ୍ତ, ଆବେଦନ, ଲିଖିତ ବା ମୌଖିକ ଅନୁରୋଧ; ପ୍ରୟୋଗ, ବ୍ୟବହାର; ପ୍ରତିପାଦିତ ବସ୍ତୁ; ଅଧ୍ୟବସାୟ, ଅଭିନିବେଶ; ଯାଥାର୍ଥ୍ୟ ।

**applicator** ବି. ମଲମ ପ୍ରଲେପକ; ଚର୍ମ ବା ଅନ୍ୟ ସ୍ଥାନରେ ମଲମ ପ୍ରୟୋଗ କରିବାର ମାଧ୍ୟମ ।

**applied** ବିଂ. ପ୍ରଯୁକ୍ତ; ପ୍ରାୟୋଗିକ (ମତବାଦ ବା ଜ୍ଞାନ ବିଷୟରେ) ।

**applique** ବି. କନାର କାରୁକାର୍ଯ୍ୟ (ଉଦା. ଚାନ୍ଦୁଆ, ଛତ୍ର, ତରାସ ଆଦି) ।

**apply** ସ.କ୍ରି. ଆବେଦନ କରିବା, ଆନୁଷ୍ଠାନିକ ଅନୁରୋଧ କରିବା (କୌଣସି ବସ୍ତୁ ବା ନିଯୁକ୍ତି ପାଇଁ); ଲଗାଇବା, (ମଲମ ପ୍ରଭୃତି) ପ୍ରୟୋଗ କରିବା; ବ୍ୟବହାର କରିବା (କୌଣସି ଉଦ୍ଦେଶ୍ୟରେ); ଲାଗୁ ହେବା ।

**appoint** ସ.କ୍ରି. ନିଯୁକ୍ତି ଦେବା; (ସ୍ଥାନ ବା ସମୟ) ନିର୍ଦ୍ଦିଷ୍ଟ କରିବା; (ପୂର୍ବରୁ) ସ୍ଥିର କରି ରଖିବା; appointee ବି. ନିଯୁକ୍ତି ପ୍ରାପ୍ତ ବ୍ୟକ୍ତି ।

**appointment** ବି. ନିଯୁକ୍ତି (କର୍ମ, ଚାକିରୀ ପ୍ରଭୃତିରେ); କାହା ସହିତ ସାକ୍ଷାତ ପାଇଁ ସମୟ ଓ ସ୍ଥାନର ବ୍ୟବସ୍ଥା; ବ.ବ. ସାଜସଜ୍ଜା ।

**apportion** ସ.କ୍ରି. ଅଂଶ ଅନୁସାରେ ବାଣ୍ଟି ଦେବା; ବାଣ୍ଟିକୁଣ୍ଟି ନେବା ।

**apportionment** ବି. ଅଂଶୀକରଣ, ବଣ୍ଟନ, ବାଣ୍ଟକୁଣ୍ଟ ।

**apposite** ବିଂ. ଉପଯୁକ୍ତ, ଯଥାଯଥ; ଯୋଗ୍ୟ, ସଙ୍ଗତ, ଠିକ୍; ଖାଣ୍ଟି *କ.ଭା.; appositely* କ୍ରି.ବିଂ. ସଙ୍ଗତଭାବେ ।

**apposition** ବି. ଏକ ବିଶେଷ୍ୟ ସହିତ ଅନ୍ୟ ବିଶେଷ୍ୟ ପଦର ସମୀକରଣ (ବ୍ୟାକରଣରେ) ଉଦା. Akbar *the Great*, my friend *Hari*.

**appraisal** ବି. ଯୋଗ୍ୟତା ନିର୍ଦ୍ଧାରଣ, ମୂଲ୍ୟାୟନ ।

**appraise** ସ.କ୍ରି. ମୂଲ୍ୟ ନିରୂପଣ କରିବା ।

**appreciable** ବିଂ. (ଗୁଣ ବା ବସ୍ତୁ ସମ୍ପର୍କରେ) ଶ୍ଲାଘ୍ୟ; ଯଥେଷ୍ଟ; ଉଲ୍ଲେଖଯୋଗ୍ୟ ।

**appreciate** 1. ସ.କ୍ରି. ପସନ୍ଦ କରିବା, ଗୁଣ ଗ୍ରହଣ କରିବା, ମୂଲ୍ୟ ବା ଉତ୍କର୍ଷ ଯଥୋଚିତ ରୂପେ ଉପଲବ୍ଧି କରିବା; ଉପଭୋଗ କରିବା; 2. ଅ.କ୍ରି. ଦର ବଢ଼ିଯିବା; (ଉଦା. This land has appreciated lately).

**appreciation** ବି. ପସନ୍ଦ, ଯଥୋଚିତ ଗୁଣ ଗ୍ରହଣ; ଉପଭୋଗ; ମୂଲ୍ୟ ନିର୍ଦ୍ଧାରଣ; ଦରବୃଦ୍ଧି; ସମଜ୍ଦାରୀ ।

**appreciative** ବିଂ. (ବ୍ୟକ୍ତି ସମ୍ବନ୍ଧରେ) ଗୁଣଗ୍ରାହୀ, ଯଥାର୍ଥ ମୂଲ୍ୟ ଅନୁଭବକାରୀ ।

**appreciatory** ବିଂ. (ମନ୍ତବ୍ୟ ଆଦି ସମ୍ପର୍କରେ) ସମଝ୍ଦାରୀ, ପ୍ରଶଂସାସୂଚକ ।

**apprehend** ସ.କ୍ରି. ଗିରଫ କରିବା, ଧରିବା; ବୁଝିବା, ହୃଦୟଙ୍ଗମ କରିବା; ଆଶଙ୍କା କରିବା ।

**apprehension** ବି. ଗିରଫଦାରି; ଧରିବା କାର୍ଯ୍ୟ; ଆଶଙ୍କା; ବୋଧଶକ୍ତି, ଧାରଣା ।

**apprehensive** ବିଂ. ଆଶଙ୍କାନ୍ୱିତ, ଶଙ୍କିତ, ଉଦ୍‌ବିଗ୍ନ ।

**apprentice** 1. ବି. ଶିକ୍ଷାନବିସ୍ (ପ୍ରୟୋଗ ବିଦ୍ୟା ଓ ବୃତ୍ତି ସମ୍ପର୍କରେ); 2. ସ.କ୍ରି. ଶିକ୍ଷାନବିସ୍ କରାଇବା; ବି. apprenticeship.

**apprise** ସ.କ୍ରି. ଜଣାଇବା, ସମ୍ବାଦ ଦେବା, ଖବର ଦେବା ।

**approach** 1. ସ.କ୍ରି. ନିକଟବର୍ତ୍ତୀ ହେବା (ସ୍ଥାନ ବା ସମୟର); ନିକଟକୁ ଯିବା, ପାଖାପାଖି ହେବା; (କାର୍ଯ୍ୟରେ) ପ୍ରବୃତ୍ତ ହେବା, ପାଖକୁ ଯାଇ କହିବା କିମ୍ବା ଅନୁରୋଧ କରିବା; 2. ବି. ଆଗମନ, ପ୍ରବେଶ ପଥ, ଦ୍ୱାରା, ଆରମ୍ଭ (ଲକ୍ଷଣାର୍ଥରେ) ।

**approachable** ବିଂ. ହାତପାହାନ୍ତା, ଅନାୟାସଗମ୍ୟ, ସୁହୃଦ୍‌ଭାବାପନ୍ନ ।

**approbation** ବି. ଅନୁମୋଦନ, ସମର୍ଥନ ।

**appropriate** 1. ସ.କ୍ରି. ସ୍ୱାର୍ଥରେ ବିନିଯୋଗ କରିବା, ଆତ୍ମସାତ୍ କରିବା, ବିଶେଷ ଲକ୍ଷ୍ୟରେ

Digitized by srujanika@gmail.com

ପୁଞ୍ଜି ଲଗାଣ କରିବା, ଉପଯୋଗୀ କରିବା; 2. ବିଂ. ଯୁକ୍ତିଯୁକ୍ତ, ସଙ୍ଗତ; appropriateness ବି. ଯଥୋପଯୁକ୍ତତା; appropriation ବି. ଆତ୍ମସାତ୍‌କରଣ, (ବିଶେଷ ଉଦ୍ଦେଶ୍ୟରେ); ପୁଞ୍ଜି ଲଗାଣ; ଉକ୍ତଭାବେ ଲଗାଣ ପୁଞ୍ଜି ।

**approval** ବି. ଅନୁମୋଦନ, ଅନୁକୂଳ ମତ, ସମ୍ମତି ।

**approve** କ୍ରି. ଅନୁମୋଦନ କରିବା, ମଞ୍ଜୁରି ଦେବା; approve of ଅନୁକୂଳ ମତ ଦେବା ବା ପୋଷଣ କରିବା ।

**approved** ବିଂ. ଅନୁମୋଦିତ, ମଞ୍ଜୁରିପ୍ରାପ୍ତ ।

**approver** ବି. ରାଜସାକ୍ଷୀ ।

**approximate** 1. ବିଂ. ପ୍ରାୟ ପାଖାପାଖି; ଆନୁମାନିକ, ପ୍ରାୟ ଠିକ୍; 2. କ୍ରି. ନିକଟବର୍ତ୍ତୀ ହେବା; approximately କ୍ରି.ବିଂ. ପ୍ରାୟ, ପାଖାପାଖି, ସ୍ଥୂଳତଃ, ଆନୁମାନିକ ଭାବେ; approximation ବି. ନିକଟ ଗମନ, ପ୍ରାୟ ପାଖାପାଖି ଜିନିଷ; (ଗଣିତରେ) ଆସନ୍ନ ରାଶି ।

**appurtenance** ବି. ବ.ବ. ସଂଶ୍ଳିଷ୍ଟ ପଦାର୍ଥ, ଚଳନ୍ତି ସ୍ୱତ୍ୱ, ଆନୁଷଙ୍ଗିକ ଦ୍ରବ୍ୟ; ବିଂ. appurtenant.

**apricot** ବି. ଆଖିରୋଟ୍; ପିଚ୍ ଓ କୋଳିଜାତୀୟ ନାରଙ୍ଗୀ ରଙ୍ଗର ଗୋଲାକାର ଏକ ପ୍ରକାର ଫଳ; ସେହି ଗଛ, ସେହି ରଙ୍ଗ ।

**April** ବିଂ. ଇଂରେଜି ବର୍ଷର ଚତୁର୍ଥ ମାସ; April fool ଅପ୍ରେଲ୍ ମାସର ପ୍ରଥମ ତାରିଖରେ କୌତୁକରେ ହାସ୍ୟାସ୍ପଦ କରାଯିବା ବ୍ୟକ୍ତି ।

**a priori** 1. କ୍ରି.ବିଂ. ଅବରୋହ ପ୍ରଣାଳୀରେ; 2. ବିଂ. କାରଣରୁ କାର୍ଯ୍ୟ- ଏହି କ୍ରମ ଅନୁଯାୟୀ (ବିଚାର); କାରଣ ଦୃଷ୍ଟିରୁ କାର୍ଯ୍ୟ ସମ୍ବନ୍ଧୀୟ, ପୂର୍ବସିଦ୍ଧ, ସହଜାତ; ଯେଉଁ ଜ୍ଞାନ ଅଭିଜ୍ଞାନ ଉପରେ ନିର୍ଭର କରେ ନାହିଁ ଅଥଚ ମନରେ ସ୍ୱତଃ ଉଦ୍ଭବିତ ହୁଏ । *(ଲା.)*

**apron** ବିଂ. ପରିଚ୍ଛଦ ରକ୍ଷାକାରୀ ବହିର୍ବାସ (ପ୍ରୟୋଗଶାଳା, ରୋଷେଇଘର ପ୍ରଭୃତିରେ ବ୍ୟବହୃତ); tied to apron strings ପଣତ କାନିରେ ବନ୍ଧା (mother's ମାଆର) ।

**apropos** 1. ବିଂ. ପ୍ରାସଙ୍ଗିକ, ଉପଯୁକ୍ତ; 2. କ୍ରି.ବିଂ. ପ୍ରସଙ୍ଗକ୍ରମେ; ସଙ୍ଗତ ଭାବେ; apropos of ପ୍ରସଙ୍ଗରେ ।

**apt** ବିଂ. ଉପଯୁକ୍ତ, ଯଥାର୍ଥ, (ସ୍ଥାନ, କାଳ ବା ଅବସ୍ଥାର) ଉପଯୋଗୀ, ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ (ଉଦା. apt pupil); ବି. aptness; କ୍ରି.ବିଂ. aptly.

**aptitude** ବି. ପ୍ରବଣତା, ଦକ୍ଷତା, (ବିଶେଷତଃ କୌଣସି ବିଷୟରେ) ।

**aqua** ସଂଶ. AQUAMARINE ଜଳ । *(ଲା.)*

**aqua fortis** ବି. ନାଇଟ୍ରିକ୍ ଏସିଡ୍‌ର ପ୍ରାଚୀନ ନାମ ।

**aqualung** ବି. ସହଜରେ ବହନଯୋଗ୍ୟ, ଗଭୀର ଜଳରେ ନିଃଶ୍ୱାସ ନେବା ପାଇଁ ବ୍ୟବହୃତ ଯନ୍ତ୍ର ।

**aquamarine** ବି. ନୀଳାଭ-ସବୁଜ ବର୍ଣ୍ଣର ବେରିଲ୍ ନାମକ ମୂଲ୍ୟବାନ୍ ମଣି-ପ୍ରସ୍ତର; ଉକ୍ତ ରଙ୍ଗ ।

**aquaplane** ବି. ଯନ୍ତ୍ରଚାଳିତ ଟଣାବୋଟ୍ ଦ୍ୱାରା ବାହିତ ଜଳଯାନ ।

**aqua regia** ବି. ସୁନାକୁ ତରଳାଇବା ପାଇଁ ବ୍ୟବହୃତ ନାଇଟ୍ରିକ୍ ଏସିଡ୍ ଓ ହାଇଡ୍ରୋକ୍ଲୋରିକ୍ ଏସିଡ୍‌ର ମିଶ୍ରଣ ।

**aquarelle** ବି. ତରଳ ସ୍ୱଚ୍ଛ ଜଳ-ରଙ୍ଗରେ ଚିତ୍ରାଙ୍କନ ।

**aquarium** ବି. ଜଳଜ ଉଦ୍ଭିଦ ବା ପ୍ରାଣୀ ରଖିବାର କାଚ ନିର୍ମିତ ଜଳାଧାର; ବ.ବ. aquariums.

**Aquarius** ବି. କୁମ୍ଭ ରାଶି - ରାଶିଚକ୍ରର ଏକାଦଶ ରାଶି ।

**aquatic** 1. ବିଂ. ଜଳ ସମ୍ବନ୍ଧୀୟ, ଜଳଜାତ; 2. ବି. ଜଳଜ ଉଦ୍ଭିଦ ବା ପ୍ରାଣୀ; aquatics ବି. ବ. ଜଳକ୍ରୀଡ଼ା (water polo ପ୍ରଭୃତି) ।

**aquatint** ବି. ଜଳରଙ୍ଗ (water colour) ସଦୃଶ ମୁଦ୍ରଣ ।

**aqua vitae** ବି. କଡ଼ା ମଦ, ଶକ୍ତିଶାଳୀ ସୁରାସାର (ବିଶେଷତଃ ବ୍ରାଣ୍ଡି) ।

**aqueduct** ବି. ଜଳ ନିଷ୍କାସନ ନିମନ୍ତେ ପ୍ରସ୍ତୁତ ଉଚ୍ଚପୋଳ ।

**aqueous** ବିଂ. ଜଳମୟ, ଜଳ ସଦୃଶ; (ଭୂତତ୍ତ୍ୱ) ଜଳୋଦ୍ଭୂତ ।

**aquiline** ବି. ଈଗଲ୍ ପକ୍ଷୀ ସମ୍ବନ୍ଧୀୟ ବା ସଦୃଶ; (ନାକ ସମ୍ପର୍କରେ) ଈଗଲ୍ ପକ୍ଷୀ ଚଞ୍ଚୁ ପରି ବକ୍ରାଗ୍ର ।

**Ar.** ସଂଶ. ARGON ଦ୍ର. ।

**Arab** 1. ବି. ସେମିଟିକ୍ ଗୋଷ୍ଠୀୟ ଯାଉଦୀ ଆରବ ଓ ସନ୍ନିହିତ ରାଜ୍ୟର ଅଧିବାସୀ; 2. ବିଂ. ସେହି ଦେଶଜାତ (ଅଶ୍ୱ) ।

Digitized by srujanika@gmail.com

**arabesque** ବି. (ଅଳଙ୍କରଣ ସମ୍ପର୍କରେ) ପ୍ରାରମ୍ଭିକ ରୂପେ ମୁସଲମାନ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ କାଳ୍ପନିକ ଛନ୍ଦାୟିତ ଲତା ପତ୍ର ଆଦିର ଚିତ୍ର; ଉକ୍ତ ଶୈଳୀର ଚିତ୍ରକଳା; (ସଙ୍ଗୀତରେ) ଅନୁରୂପ ଶୈଳୀ, ବେଲେ ନୃତ୍ୟରେ ନର୍ତ୍ତକୀର ବିଶିଷ୍ଟ ଭଙ୍ଗୀ।

**Arabian** 1. ବିଂ. ଆରବ୍ୟ, ଆରବ ସମ୍ବନ୍ଧୀୟ (ଦେଶ ବା ଜାତି ସଂପୃକ୍ତ); 2. ବି. ଆରବ ଦେଶବାସୀ।

**Arabic** ବି. ଆରବ ଦେଶବାସୀଙ୍କର ଭାଷା ବା ସାହିତ୍ୟ, ଆରବୀ।

**arable** 1. ବିଂ. (ଭୂମି ସମ୍ବନ୍ଧରେ) କର୍ଷଣ ବା ଶସ୍ୟ ଉତ୍ପାଦନ ଯୋଗ୍ୟ; 2. ବି. ଏହି ପ୍ରକାର ଭୂମି।

**arachnid** ବି. ବୁଢ଼ିଆଣୀ ବା କଙ୍କଡ଼ା ବିଛା ଜାତୀୟ ଜୀବ।

**arak** ବି. ସୁରାସାର, ବିଶେଷତଃ କୋକୋ ବା ଚାଉଳରୁ ପ୍ରସ୍ତୁତ; ଦେଶୀ ମଦ, ଚାଉଳି, ହାଣ୍ଡିଆ (ଦ୍ର. arrack).

**Aramaic** ବି. ସେମିଟିକ୍ ପରିବାର ଭୁକ୍ତ ଭାଷା, ସିରିଆର ଏହି ଭାଷା ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରୁ ନିକଟ ପ୍ରାଚ୍ୟ ଦେଶରେ ରାଷ୍ଟ୍ରଭାଷାରୂପେ ପ୍ରଚଳିତ ଥିଲା।

**arbiter** ବି. ମଧ୍ୟସ୍ଥ, ସାଲିସ୍ ବା ପଞ୍ଚାୟତ ନିଷ୍ପତ୍ତିକାରୀ।

**arbitral** ବିଂ. ନିଷ୍ପତ୍ତି ସମ୍ବନ୍ଧୀୟ, ନିଷ୍ପତ୍ତି ଜନିତ।

**arbitrary** ବିଂ. ସ୍ୱେଚ୍ଛାଚାରୀ, ଇଚ୍ଛାନୁଯାୟୀ, ମନମୁଖୀ।

**arbitrate** ସ.କ୍ରି. ମଧ୍ୟସ୍ଥତା କରିବା, ସାଲିସ୍ ଦ୍ୱାରା ନିଷ୍ପତ୍ତି କରିବା।

**arbitration** ବି. ମଧ୍ୟସ୍ଥ ସାହାଯ୍ୟରେ ନିଷ୍ପତ୍ତି।

**arbitrator** ବି. ମଧ୍ୟସ୍ଥ।

**arbor**[1] ବି. ଅକ୍ଷ; ଯାହାକୁ କେନ୍ଦ୍ର କରି ଚକ ଘୂରେ।

**arbor**[2] ARBOUR ର ଆମେରିକୀୟ ରୂପ।

**arboraceous** ବିଂ. ଗଛ ପରି, ଜଙ୍ଗଲ ପରି ଘଞ୍ଚ।

**arboreal** ବିଂ. ବୃକ୍ଷ ସମ୍ବନ୍ଧୀୟ, ବୃକ୍ଷ ସଂପୃକ୍ତ, ବୃକ୍ଷବାସୀ।

**arborescent** ବିଂ. ଆକୃତିରେ ବୃକ୍ଷତୁଲ୍ୟ।

**arboretum** ବି. (ଉଦ୍‌ଭିଦ ବିଜ୍ଞାନର ଗବେଷଣାର୍ଥ ନିର୍ମିତ) ବୃକ୍ଷୋଦ୍ୟାନ (ବ.ବ. arboreta).

**arboriculture** ବି. ବୃକ୍ଷ ଓ ଗୁଳ୍ମ ଚାଷ ବା ରକ୍ଷଣ।

**arbour** ବି. ଘଞ୍ଚ ବୃକ୍ଷଲତାର କୁଞ୍ଜ; ନିକୁଞ୍ଜ।

**arc** 1. ବି. ବୃତ୍ତଚାପ, ଜ୍ୟା, ପରିଧିର ଅଂଶ, ବୈଦ୍ୟୁତିକ ଦୀପ୍ତି; 2. ଅ.କ୍ରି. ଚାପ ସଦୃଶ ଗତି କରିବା; arc lamp ଏହିପ୍ରକାର ଚାପ ବ୍ୟବହାର ଦ୍ୱାରା ଜ୍ୟୋତି ବିକୀରଣକାରୀ ଲେମ୍ପ।

**arcade** ବି. ଉଭୟ ପାର୍ଶ୍ୱରେ ଦୋକାନ ଥାଇ ଛାତ ଦ୍ୱାରା ଆବୃତ ଚଲାପଥ; ତୋରଣ ଶ୍ରେଣୀ।

**Arcadian** 1. ବିଂ. ଗ୍ରୀସ୍ ଦେଶ ଅନ୍ତର୍ଗତ ଆର୍କେଡିଆ ଅଞ୍ଚଳ ସମ୍ପର୍କୀୟ; ଆଦର୍ଶ ଭାବେ ସରଳ ଓ ଶାନ୍ତିପୂର୍ଣ୍ଣ, ଗ୍ରାମ୍ୟ; 2. ବି. ଆଦର୍ଶ ପଲ୍ଲୀବାସୀ।

**arcane** ବିଂ. ରହସ୍ୟମୟ, ଗୋପନୀୟ, ଅଳ୍ପ ଲୋକଙ୍କର ବୋଧଗମ୍ୟ।

**arch** 1. ବି. (ଦ୍ୱାର-ଝରକା-ପୋଲ ପ୍ରଭୃତିରେ) ଅର୍ଦ୍ଧ ଗୋଲାକୃତି ଖିଲାଣ, ଖିଲାଣ ଆକୃତିର ଯେ କୌଣସି ବକ୍ରାଂଶ; 2. କ୍ରି. ଖିଲାଣ କରିବା, ଅର୍ଦ୍ଧ ଗୋଲାକୃତି କରିବା, ବଙ୍କେଇବା; ଖିଲାଣ ଆକୃତିରେ ସଂଯୁକ୍ତ କରିବା।

**arch–** ଉ.ପ. ପ୍ରଧାନ, ମୁଖ୍ୟ, (ଉଦା: arch-bishop), ଅତି ଦୁରନ୍ତ (ଉଦା. arch enemy).

**Archaean** 1. ବିଂ. ଭୂତତ୍ତ୍ୱ ଅନୁଯାୟୀ ପ୍ରାଚୀନତମ କାଳ ସମ୍ବନ୍ଧୀୟ; 2. ବି. ଏହି ସମୟ।

**archaeology** ବି. ପ୍ରତ୍ନତତ୍ତ୍ୱ, ପୁରାତତ୍ତ୍ୱ, ପ୍ରାଚୀନତମ ଜନ ଗୋଷ୍ଠୀର ଅଧ୍ୟୟନ ବିଶେଷତଃ ଭୌତିକ ଅବଶେଷର; ବୈଜ୍ଞାନିକ ଖନନ ମାଧ୍ୟମରେ ପ୍ରାଚୀନ ଧ୍ୱଂସାବଶେଷର ଗବେଷଣା; archaeological ବିଂ. ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ; archaeologist ବି. ପ୍ରତ୍ନତତ୍ତ୍ୱବିତ୍।

**archaic** ବିଂ. ଅତି ପ୍ରାଚୀନ, ପୁରାତନ, ଅପ୍ରଚଳିତ; (ଭାଷା ସମ୍ପର୍କରେ) ଅଧୁନା ଅପ୍ରଚଳିତ; ପ୍ରାଚୀନ ଧାରଣା ବିଶିଷ୍ଟ; ସଂସ୍କୃତିର ପ୍ରାଥମିକ ସ୍ତର।

**archaism** ବି. ପୁରାତନ ଶବ୍ଦ ବା ବାକ୍ୟାଂଶ; ଭାଷା ଓ କଳାରେ ପୁରାତନ ପ୍ରୟୋଗ।

**archangel** ବି. ପଦ ମର୍ଯ୍ୟାଦାରେ ଉଚ୍ଚ ଶ୍ରେଣୀର ଦେବଦୂତ।

**archbishop** ବି. ପ୍ରଦେଶସ୍ଥ ପ୍ରଧାନ ଧର୍ମଯାଜକ (ଖ୍ରୀଷ୍ଟ ସମ୍ପ୍ରଦାୟର)।

**archbishopric** ବି. ପ୍ରାଦେଶିକ ଧର୍ମଯାଜକଙ୍କର କାର୍ଯ୍ୟାଳୟ ବା ଅଞ୍ଚଳ।

Digitized by srujanika@gmail.com

**archdeacon** ବି. ବିଶପ୍‌ଙ୍କ ପରବର୍ତ୍ତୀ ଅଧସ୍ତନ ଆଚାର୍ଯ୍ୟ ।

**archdeaconry** ବି. ଆର୍ଚ୍ଚ ଡିକନ୍‌ଙ୍କର କାର୍ଯ୍ୟାଳୟ ବା ବାସଭବନ ।

**archdiocese** ବି. ମୁଖ୍ୟ ବିଶପଙ୍କ ଅଧୀନରେ ଥିବା ପରିସର ବା ଅଂଚ୍ଳ ।

**archduchy** ବିଂ. ମୁଖ୍ୟ ଡିଉକଙ୍କ ଅଧୀନରେ ଥିବା ପ୍ରଦେଶ ।

**archduke** ବି. ମୁଖ୍ୟ ଡିଉକ୍; ଅଷ୍ଟ୍ରିଆ ସମ୍ରାଟଙ୍କର ପୁଅଙ୍କର ଉପାଧି ।

**archeology** (ଆମେ. ବିକଳ୍ପ) ଦ୍ର. ARCHAEOLOGY

**archer** ବି. ତୀରନ୍ଦାଜ, ଧାନୁକୀ ।

**archery** ବି. ଧନୁର୍ବିଦ୍ୟା, ତୀରନ୍ଦାଜି ।

**archetype** ବି. ମୂଳ ଆଦର୍ଶ; ଭାବରୂପ (ଯାହା ବସ୍ତୁ ବା ରୂପର ମୂଳାଧାର); ସଙ୍କେତାତ୍ମକ ଆଖ୍ୟାୟିକା (ମିଥ୍‌ର ମୂଳାଧାର); ବିଂ. archetypal.

**arch-fiend** ବି. ଶଇତାନ୍ ।

**archiepiscopal** ବିଂ. ମୁଖ୍ୟ ବିଶପ୍ ବା ସମ୍ପୃକ୍ତ କାର୍ଯ୍ୟାଳୟ ସମ୍ବନ୍ଧୀୟ ।

**archipelago** ବି. କ୍ଷୁଦ୍ର ଦ୍ୱୀପପୁଞ୍ଜ, ବହୁ ଦ୍ୱୀପ ସମନ୍ୱିତ ।

**architect** ବି. ସ୍ଥପତି, ବାସ୍ତୁବିଦ୍ୟାବିତ୍ ।

**architectonic** ବିଂ. (ନିର୍ମାଣ ସମ୍ପର୍କରେ) ବାସ୍ତୁକଳାସମ୍ମତ; ଗଠନମୂଳକ, ଜ୍ଞାନର ପଦ୍ଧତୀକରଣ ମୂଳକ ।

**architecture** ବି. ସ୍ଥପତି ବିଦ୍ୟା, ସ୍ଥାପତ୍ୟ, ଶିଳ୍ପକଳା, ଗୃହନିର୍ମାଣ ବିଦ୍ୟା, ବାସ୍ତୁ ଶିଳ୍ପ ।

**architrave** ବି. ସ୍ତମ୍ଭ ଉପରେ ଭୂମିସହ ସମାନ୍ତରାଳଭାବେ ଉପରେ ସ୍ଥାପିତ କଡ଼ି ।

**archive** ବି. ସରକାରୀ ନଥିପତ୍ର ଥିବା ସ୍ଥାନ, ମହାଫିଜ୍‌ଖାନା, ଅଭିଲେଖାଗାର ।

**archivist** ବି. ଅଭିଲେଖାଗାରର ଅଧକ୍ଷ ।

**archway** ବି. ଖିଲାଣ; ପ୍ରବେଶ ଦ୍ୱାର ବା ପଥ ।

**Arctic** ବିଂ. ଉତ୍ତର ମେରୁ ନିକଟବର୍ତ୍ତୀ ଅଞ୍ଚଳ ସମ୍ବନ୍ଧୀୟ, ଅତ୍ୟନ୍ତ ଥଣ୍ଡା ବା ଶୀତଳ; Arctic Circle ବି. ସୁମେରୁ ବୃତ୍ତ; ଉକ୍ତ ବୃତ୍ତ ମଧ୍ୟସ୍ଥ ଅଞ୍ଚଳ ।

**ardent** ବିଂ. ସାନୁନୟ, ଉତ୍ସାହୀ, ଆବେଗପୂର୍ଣ୍ଣ; ଜ୍ୱଳନ୍ତ; ବି. ardency; ardently କ୍ରି.ବିଂ. ସାନୁନୟ, ବ୍ୟଗ୍ରତା ସହ ।

**ardour** ବି. (ଆମେ. ardor) ଉତ୍ସାହ, ଆଗ୍ରହ, ବ୍ୟଗ୍ରତା ।

**arduous** ବିଂ. କଷ୍ଟସାଧ, କଠିନ, ଦୁଃସାଧ, ଶ୍ରମ ସାପେକ୍ଷ; କ୍ରି.ବିଂ. arduously.

**area** ବି. କ୍ଷେତ୍ର, କ୍ଷେତ୍ରଫଳ; ଭୂମିର ମୋଟ ପରିମାଣ; ସମତଳ ଭୂମି ବା ଆବଦ୍ଧ ଭୂମି, ଅଞ୍ଚଳ; (କୌଣସି) କର୍ମ ପରିସର; ଗୃହର ସମ୍ମୁଖସ୍ଥ ଭୂମି ।

**areca** ବି. ଗୁଆ ବା ତାଳଜାତୀୟ ଗଛ; arecanut ବି. ଗୁଆ, ସୁପାରି ।

**arena** ବି. ବୃତ୍ତାକାର ରଙ୍ଗଭୂମି, କ୍ରୀଡ଼ାଭୂମି, ବୃତ୍ତାକାର ରଙ୍ଗଭୂମିର ମଧ୍ୟସ୍ଥଳୀ; *(ଲାକ୍ଷ.)* ଯେ କୌଣସି ପ୍ରତିଯୋଗିତାର ବା ବିବାଦର କ୍ଷେତ୍ର/କର୍ମସ୍ଥଳୀ ।

**areola** ବି. (ବ.ବ. areolae) ସ୍ତନବୃନ୍ତର ଚତୁଃପାର୍ଶ୍ୱସ୍ଥ ବର୍ଣ୍ଣିଳ ବୃତ୍ତାକାର ଅଂଶ ।

**arete** ବି. ତୀକ୍ଷ୍ଣ ପର୍ବତମାଳା ।

**argent** 1. ବି. ରୌପ୍ୟ; 2. ବିଂ. ରଜତଧବଳ, ଶୁଭ୍ର ବର୍ଣ୍ଣ ।

**argon** ବି. ପ୍ରାୟ ନିଷ୍କ୍ରିୟ ବାଷ୍ପାକୃତି ମୌଳିକ ଉପାଦାନ ।

**argosy** ବି. ବିଶାଳ ବାଣିଜ୍ୟ ପୋତ (କାବ୍ୟିକ ପ୍ରୟୋଗ) ।

**argot** ବି. ଦଳବିଶେଷର ସାଙ୍କେତିକ ଭାଷା (ବିଶେଷତଃ ଅପରାଧୀମାନଙ୍କର) ।

**argue** ସ.କ୍ରି. ତର୍କ ବିତର୍କ ଦ୍ୱାରା ଭାବ ବିନିମୟ କରିବା; ପ୍ରମାଣ କରିବା, ତର୍କଦ୍ୱାରା ଦର୍ଶାଇବା; ଯୁକ୍ତି କରିବା; ପ୍ରବର୍ତ୍ତାଇବା; arguable; ବିଂ. ତର୍କଯୋଗ୍ୟ, ତର୍କଣୀୟ, ଅସମାହିତ; କ୍ରି.ବିଂ. arguably.

**argument** ବି. ଯୁକ୍ତି, ତର୍କ ବିତର୍କ, ବାଦାନୁବାଦ, ଆଲୋଚ୍ୟ ବିଷୟର ସଂକ୍ଷିପ୍ତସାର; argumentation ବି. ସୁଶୃଙ୍ଖଳ ବାଦାନୁବାଦ, ରୀତିସଙ୍ଗତ ତର୍କବିତର୍କ; argumentative ବିଂ. ଯୁକ୍ତି ସମ୍ବନ୍ଧୀୟ, ତର୍କପ୍ରିୟ ।

**Argus** ବି. ସତର୍କ ପ୍ରହରୀ (ଗ୍ରୀକ୍ ଅସୁର Argos ର ନାମାନୁସାରେ) ।

**arid** ବିଂ. (ମୃତ୍ତିକା) ଶୁଷ୍କ, ନୀରସ; ବି. aridity.

**Aries** ବି. ମେଷ ରାଶି, ରାଶିଚକ୍ରର ପ୍ରଥମ ରାଶି ।

**aright** କ୍ରି.ବିଂ. ଯଥୋଚିତ ରୂପେ, ସଙ୍ଗତ ରୂପେ, ଠିକ୍ ଭାବରେ ।

Digitized by srujanika@gmail.com

**arise** *ଅ.କ୍ରି.* ଗାତ୍ରୋତ୍ଥାନ କରିବା, ଜାଗ୍ରତ ହେବା, ଉଠିବା, ଦେଖାଦେବା, ଉଦ୍ଭବ ହେବା।
**aristocracy** ବି. ଅଭିଜାତ ସମ୍ପ୍ରଦାୟ, ସମ୍ଭ୍ରାନ୍ତ ଗୋଷ୍ଠୀ; ଅଭିଜାତତନ୍ତ୍ର; ଅଭିଜାତ ସମ୍ପ୍ରଦାୟ ଦ୍ୱାରା ଶାସିତ ରାଷ୍ଟ୍ର।
**aristocrat** ବି. ଅଭିଜାତ ସମ୍ପ୍ରଦାୟର ଲୋକ, ସମ୍ଭ୍ରାନ୍ତ; କୁଳୀନ (ବ୍ୟକ୍ତି)।
**aristocratic** ବିଂ. ଅଭିଜାତ ଗୋଷ୍ଠୀ ସମ୍ବନ୍ଧୀୟ, ଅଭିଜାତ, ସମ୍ଭ୍ରାନ୍ତ, କୁଳୀନ।
**Aristotelian** 1. ବିଂ. ଏରିଷ୍ଟଟଲ୍ କିଂବା ତାଙ୍କର ଦର୍ଶନ ସମ୍ବନ୍ଧୀୟ; 2. ବି. ଏରିଷ୍ଟଟଲ- ଙ୍କର ଶିଷ୍ୟ ବା ଅନୁଗାମୀ।
**arithmetic** ବି. ସଂଖ୍ୟା ବିଜ୍ଞାନ, ପାଟୀ ଗଣିତ।
**arithmetician** ବି. ପାଟୀ ଗଣିତ ବିଶାରଦ, ସଂଖ୍ୟା ବିଜ୍ଞାନୀ; arithmetic progre-ssion ଗାଣିତିକ ପ୍ରଗତି; ବି. arithmetical.
**ark** ବି. ପ୍ରଳୟ ପ୍ଲାବନ କାଳରେ ଯେଉଁ ପୋତରେ ନୋଆ (Noah) ନିଜ ପରିବାର ତଥା ପ୍ରାଣୀଜଗତର ପ୍ରତ୍ୟେକ ଜାତିର ଯୁଗଳ ପ୍ରାଣୀ ସହିତ ନିଜ ପ୍ରାଣ ରକ୍ଷା କରିଥିଲେ (ବାଇବେଲ୍); ଏହାର ଅନୁକୃତିମୂଳକ ଖେଳନା ପୋତ।
**arm** 1. ବି. ବାହୁ, କୋଟ, କାମିଜର ହାତ; ଚଉକିର ହାତ; *(ସା.ବ.ବ.)* ଅସ୍ତ୍ରଶସ୍ତ୍ର, ସୈନ୍ୟବିଭାଗର ଅଂଶ (ପଦାତିକ, ଗୋଲନ୍ଦାଜ ଆଦି); 2. କ୍ରି. ଯୁଦ୍ଧ ପ୍ରଭୃତି ପାଇଁ ନିଜକୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରିବା; arms race ଯୁଦ୍ଧକାଳିକ ଅସ୍ତ୍ରଶସ୍ତ୍ରର ପ୍ରତିଦ୍ୱନ୍ଦ୍ୱିତା; take up arms ଯୁଦ୍ଧରେ ପଶିବା (ଭାଗ ନେବା); up in arms ସଫଳ ପ୍ରତିରୋଧକାରୀ।
**armada** ବି. ରଣପୋତମାଳା; Spanish Armada ଇଂଲଣ୍ଡ ଆକ୍ରମଣକାରୀ ସ୍ପେନ ଦେଶୀୟ ରଣପୋତ ସମୂହ (ଖ୍ରୀ. ୧୫୮୮)।
**armadillo** ବି. ଗାତକରି ବାସ କରୁଥିବା ଆମେରିକୀୟ ସ୍ତନ୍ୟପାୟୀ ପ୍ରାଣୀ ବିଶେଷ।
**Armageddon** ବି. ଚରମ ସଂଘର୍ଷ; ବ୍ୟାପକ ସଂଘର୍ଷ।
**armament** ବି. *(ସା.ବ.ବ)* ଅସ୍ତ୍ରଶସ୍ତ୍ର, ସେନାବାହିନୀର ଯୁଦ୍ଧ ସମ୍ଭାର, ଯୁଦ୍ଧ ପାଇଁ ପ୍ରସ୍ତୁତ ସେନାବାହିନୀ।
**armature** ବି. ଡାଇନାମୋ(dynamo)ର ତାରଗୁଡ଼ା ଅଂଶବିଶେଷ।
**armchair** ବି. ବାହୁ ରଖିବା ପାଇଁ ସୁବିଧା ଥିବା ପଛକୁ ଢ଼ଳିଥିବା ଚଉକି, ଆରାମ ଚଉକି।
**armful** ବି. ବାହୁ ଘେରରେ ଧରିପାରୁଥିବା ପରିମାଣ।
**armistice** ବି. ସନ୍ଧି, ଯୁଦ୍ଧବିରତି, ସାମୟିକ ଯୁଦ୍ଧ ବିରତି।
**armlet** ବି. ବାହାସୂତା, ବାହୁଟି (ଅଳଙ୍କାର)।
**armorial** ବିଂ. ବୀରତ୍ୱ ପାଇଁ ପାଇଥିବା ଚିହ୍ନ ସମ୍ବନ୍ଧୀୟ।
**armour** ବି. ବର୍ମ, ସାଞ୍ଜୁ, ଆତ୍ମରକ୍ଷାର୍ଥ ଯୁଦ୍ଧସାଜ; ଯୁଦ୍ଧ ଜାହାଜ, ରେଲ୍‌ଗାଡ଼ି, ଟେଙ୍କ, ମଟର ଗାଡ଼ି ପ୍ରଭୃତି ପାଇଁ ନିର୍ମିତ ଇସ୍ପାତର ଆବରଣ।
**armoured** ବିଂ. ବର୍ମାବୃତ; ବର୍ମାଚ୍ଛାଦିତ; ଇସ୍ପାତ ଆବରଣାବୃତ; ଯୁଦ୍ଧ ସାମଗ୍ରୀ ଦ୍ୱାରା ସଜ୍ଜିତ।
**armourer** ବି. ଅସ୍ତ୍ରଶସ୍ତ୍ର ଓ ବର୍ମ ନିର୍ମାଣକାରୀ।
**armoury** ବି. ଅସ୍ତ୍ରାଗାର, ଅସ୍ତ୍ରଶାଳା।
**armpit** ବି. କାଖ।
**army** ବି. ସେନା ବାହିନୀ, ସ୍ଥଳ ସେନା, କୌଣସି ବିଶେଷ କାର୍ଯ୍ୟ ଲକ୍ଷ୍ୟରେ ସଂଗଠିତ ଲୋକଦଳ; ବିରାଟ ଦଳ।
**arnica** ବି. ହଳଦିଆ ଫୁଲ ବିଶିଷ୍ଟ ବୃକ୍ଷ ବିଶେଷ; ତହିଁରୁ ପ୍ରସ୍ତୁତ ଔଷଧ।
**aroma** ବି. ସୌରଭ, ସୁଗନ୍ଧ, ସୁରଭି, ସୂକ୍ଷ୍ମ ସ୍ୱତଃ ବିକଶିତ ଗୁଣ।
**aromatic** ବିଂ ସୁଗନ୍ଧଯୁକ୍ତ, ସୁରଭିତ, ସୁବାସିତ।
**aromatize** ସ.କ୍ରି. ସୁବାସିତ କରିବା।
**arose** କ୍ରି. arise ର *ଅ.କା.*।
**around** 1. *ଅ.* ଚାରିପାଖେ, ଚତୁର୍ଦ୍ଦିଗରେ, ସର୍ବତ୍ର, ଏଠାରେ ସେଠାରେ; 2. କ୍ରି.ବିଂ. ଚାରିପାଖରେ, ଚାରିଆଡ଼େ।
**arouse** *ସ.କ୍ରି./ଅ.କ୍ରି.* ନିଦରୁ ଉଠାଇବା, ଜାଗ୍ରତ କରିବା, ଉଦ୍ରେକ କରିବା, ଉଦ୍‌ବୁଦ୍ଧ କରିବା।
**arrack** ବି. ତାଡ଼ି, ଚାଉଳି, ଦେଶୀମଦ, ହାଣ୍ଡିଆ।
**arraign** ସ.କ୍ରି. ଅଭିଯୋଗ କରିବା, ଦୋଷାରୋପ କରିବା, ବିଚାର ପାଇଁ ଅଦାଲତରେ ହାଜିର କରିବା; arraignment ବି. ଅଭିଯୋଗ ଆନୟନ, ଦୋଷାରୋପଣ, ଅଭିଯୋଗ।
**arrange** *ସ.କ୍ରି./ଅ.କ୍ରି.* ସଜାଇବା, ନିର୍ଦ୍ଦିଷ୍ଟ କ୍ରମରେ ରଖିବା, ବର୍ଗଭୁକ୍ତ କରିବା, ଶ୍ରେଣୀବଦ୍ଧ କରିବା, ବ୍ୟବସ୍ଥା କରିବା; ନିର୍ଦ୍ଦେଶ ଦେବା; (ସଙ୍ଗୀତରେ) ସଙ୍ଗତ କରିବା।

Digitized by srujanika@gmail.com

**arrangement** ବି. ବନ୍ଦୋବସ୍ତ, ବ୍ୟବସ୍ଥା, ସଜ୍ଜା, ସୁଶୃଙ୍ଖଳ ବିନ୍ୟାସ, ଆୟୋଜନ।

**arrant** ବିଂ. (ମନ୍ଦ ଅର୍ଥରେ) ଖାଣ୍ଟି, ପକ୍କା, କୁଖ୍ୟାତ, ଡାହା (ମିଛ) କ୍ରି.ବିଂ. arrantly.

**arras** ବି. ଗୃହସଜ୍ଜାରେ ବ୍ୟବହୃତ ଚିତ୍ରିତ ବସ୍ତ୍ର, ବସ୍ତ୍ରରେ ପ୍ରସ୍ତୁତ ଝୁଲା ପରଦା।

**array** 1. ବି. ବିନ୍ୟାସ, ବ୍ୟୂହ (ସେନା), ପରିଚ୍ଛଦ, ପୋଷାକ; 2. ସ.କ୍ରି. ସଜ୍ଜିତ କରିବା, ବିନ୍ୟାସ କରିବା, ସୁଶୃଙ୍ଖଳ ଭାବେ ରଖିବା; ସୈନ୍ୟ ସଜାଇବା, ବ୍ୟୂହ ରଚନା କରିବା।

**arrears** ବି.ବ.ବ. ଅସମ୍ପୂର୍ଣ୍ଣ କାର୍ଯ୍ୟ, ବାକିଥିବା କାମ, ଋଣର ଅପରିଶୋଧିତ ଅଂଶ, ଅବଶିଷ୍ଟ ଦେୟ।

**arrest** 1. ସ.କ୍ରି. ଗିରଫ କରିବା (ଆଇନ୍ ବଳରେ); ଅଟକାଇବା, ବାଧାଦେବା; ଦୃଷ୍ଟି ବା ମନୋଯୋଗ ଆକର୍ଷଣ କରିବା 2. ବି. ଗିରଫଦାରୀ, ଅଟକ, ଗତିରୋଧ।

**arrester** ବି. ପଡ଼ିଆରେ ଉଡ଼ାଜାହାଜ ଓହ୍ଲାଇବା ପରେ ତାର ଗତିକୁ ଧୀର କରିବାର ଯନ୍ତ୍ର ବା କଳ।

**arris** ବି. ଦୁଇଟି ଭିନ୍ନ ପ୍ରସ୍ଥ ବା ତଳ ଏକତ୍ର ମିଳିତ ହେବା ଦ୍ୱାରା ଗଠିତ ଦୃଶ୍ୟମାନ ସରୁ ଧାର।

**arrival** ବି. ପ୍ରବେଶ, ଆଗମନ, ଉପସ୍ଥିତି, ଆଗତ ବ୍ୟକ୍ତି ବା ବସ୍ତୁ।

**arrive** ଅ.କ୍ରି. କୌଣସି ସ୍ଥାନରେ ପହଞ୍ଚିବା, ଯାତ୍ରା ଶେଷରେ ପହଞ୍ଚିବା; ସିଦ୍ଧାନ୍ତରେ ଉପନୀତ ହେବା।

***arriviste*** ବି. ଦୃଢ଼ ସଙ୍କଳ୍ପ ନେଇ, ମରିପଡ଼ି ଆଗେଇବା ବା ଧସେଇ ପଶିବା ବ୍ୟକ୍ତି। *(ଫ.)*

**arrogant** ବିଂ. ଉଦ୍ଧତ, ଅହଙ୍କାରୀ, ଦାମ୍ଭିକ; ବି. arrogance, arrogancy କ୍ରି.ବିଂ. arrogantly.

**arrogate** ସ.କ୍ରି. ଅନଧିକାର ସତ୍ତ୍ୱେ ଜୋର୍ ଜବରଦସ୍ତି ଦାବି କରିବା, ନିଜର ବୋଲି ଦାବି କରିବା, ଅନ୍ୟାୟଭାବେ ଆରୋପ ଲଗାଇବା (ଅନ୍ୟ ପ୍ରତି); ବି. arrogation.

**arrow** ବି. ଶର, ବାଣ, ତୀର।

**arrowhead** ବି. ତୀରର ମୂନ, ତୀରାକୃତି ପତ୍ରବିଶିଷ୍ଟ ଜଳଜ ଉଦ୍‌ଭିଦ।

**arrowroot** ବି. 1. ଶ୍ୱେତସାରମୟ ପଦାର୍ଥବିଶେଷ; 2. ଏହି ଦ୍ରବ୍ୟ ଯେଉଁ ଉଦ୍‌ଭିଦର ଚେରରୁ ଉତ୍ପନ୍ନ ହୁଏ।

**arse** ବି. ନିତମ୍ବ *ଗା.ପ୍ର.।*

**arsenal** ବି. ଅସ୍ତ୍ରାଗାର, ଅସ୍ତ୍ରଶସ୍ତ୍ରର କାରଖାନା ବା ଗୋଦାମ।

**arsenic** 1. ବି. ରଜତ ବର୍ଣ୍ଣର ଧାତୁବତ୍ ଉପାଦାନ; (ସାଧାରଣ ପ୍ରୟୋଗରେ) ଶଙ୍ଖୁଆ ବିଷ; 2. ବିଂ. ଶଙ୍ଖୁଆ ବିଷଘଟିତ।

**arson** ବି. ଗୃହଦାହ ଅପରାଧ, ବେଆଇନ୍ ଭାବେ ଅନ୍ୟର ଘରେ ବା ଜିନିଷ ପତ୍ରରେ ନିଆଁ ଲଗାଇବା କର୍ମ; arsonist ବି. ଗୃହଦାହକାରୀ।

**art** ବି. କଳା; ମାନବୀୟ ସୃଜନୀ ଶକ୍ତି ବା ତାହାର ପ୍ରୟୋଗ; ଭାବର ଅଭିବ୍ୟକ୍ତି ପାଇଁ ଅନୁକୃତିମୂଳକ କଳ୍ପନା ପ୍ରସୂତ କାରୁକୃତି, ଯଥା:- ଚିତ୍ରଣ, ସ୍ଥାପତ୍ୟ, ସଙ୍ଗୀତ, କାବ୍ୟ ପ୍ରଭୃତି; ସୃଜନ ପ୍ରବଣତାର ରମ୍ୟ ପରିପ୍ରକାଶ (ବିଜ୍ଞାନ ଓ ପ୍ରୟୋଗ ବିଦ୍ୟାଠାରୁ ଭିନ୍ନ); କଳ୍ପନା ଆଧାରିତ କୃତି ବା ଶିଳ୍ପ; ବ.ବ. arts ବିଦ୍ୟାର ବିଭିନ୍ନ ବିଭାଗ ଗୁଡ଼ିକ (ଯଥା- ସାହିତ୍ୟ, ଇତିହାସ, ଗଣିତ ପ୍ରଭୃତି); ଚାଲାକି, କୌଶଳ, ଧୂର୍ତ୍ତତା, ଛଳ।

**artefact** ବି. ମନୁଷ୍ୟକୃତ ବସ୍ତୁ, ବିଶେଷତଃ ପ୍ରତ୍ନତତ୍ତ୍ୱ ପାଇଁ ଉପଯୋଗୀ ଉପକରଣ।

**arterial** ବିଂ. ଧମନୀ ସମ୍ବନ୍ଧୀୟ ବା ଧମନୀ ସଦୃଶ, (ରାସ୍ତା ସମ୍ପର୍କରେ) ମୁଖ୍ୟ, ପ୍ରଶସ୍ତ।

**arteriosclerosis** ବି. ଧମନୀର ଅନମନୀୟ ଅବସ୍ଥା (ରୋଗ ବିଶେଷ)।

**artery** ବି. ଧମନୀ, ରକ୍ତବାହୀ ନାଡ଼ି; (ଲକ୍ଷଣାର୍ଥରେ) ମୁଖ୍ୟ ରାଜପଥ, ରେଳପଥ ବା ନଦୀପଥ।

**artesian well** ବି. ଆର୍ଟେସୀୟ କୂପ, ଯେଉଁ କୂଅର ପାଣି ଲମ୍ବ ଭାବରେ କରାଯାଇଥିବା ଗର୍ତ୍ତ ଦେଇ ସ୍ୱାଭାବିକ ଚାପ ବଳରେ ତଳ ସ୍ତରରୁ ଉପରକୁ ଉଠେ।

**artful** ବିଂ. ଧୂର୍ତ୍ତ, କୌଶଳୀ, ପ୍ରତାରକ।

**arthritis** ବି. ଗଣ୍ଠିର ପ୍ରଦାହ, ଗଣ୍ଠିବାତ।

**arthropod** ବି. ଖଣ୍ଡିତ ବିଶିଷ୍ଟ ପଦ ଓ ବିଭକ୍ତ ଶରୀର ବିଶିଷ୍ଟ କୀଟ ପତଙ୍ଗାଦି ଜୀବ (ଯଥା - ଝିଣ୍ଟିକା, ବୁଢ଼ିଆଣୀ, ଜନ୍ଦା ପ୍ରଭୃତି)।

**artichoke** ବି. ଥିସଲ୍ (thistle) ଗଛ ପରି ଏକ ଉଦ୍ଭିଦ; ଏହି ଗଛର ଭକ୍ଷଣୀୟ ଅଂଶ।

**article** 1. ବି. ଜିନିଷ, ଦ୍ରବ୍ୟ, ସାମଗ୍ରୀ; (ଆଇନ୍‌ରେ) ଦଫା ବା ଧାରା, ପୃଥକ୍ ଅଂଶ, ନିୟମ, ସର୍ତ୍ତ; (ସମ୍ବାଦ ପତ୍ରରେ) ପ୍ରବନ୍ଧ, ଲେଖା; ବ୍ୟା. ପଦବିଶେଷ (the, a, an) definite

Digitized by srujanika@gmail.com

article 'the', indefinite article 'a', 'an'; 2. କ୍ରି. (ଚୁକ୍ତି ପ୍ରଭୃତିର) ଦଫା ଆକାରରେ ଉଲ୍ଲେଖ କରିବା; ଶିକ୍ଷା ନବିସ୍ ଭାବେ ଚୁକ୍ତି ପତ୍ରଦ୍ୱାରା ଆବଦ୍ଧ ହେବା (ଆଇନ ବ୍ୟବସାୟ)।

**articular** ବିଂ. ଖଞ୍ଜା ବା ଗଣ୍ଠି ସମ୍ବନ୍ଧୀୟ।

**articulate** 1. ସ.କ୍ରି. ସରଳ ଓ ପ୍ରାଞ୍ଜଳ ଭାବରେ ନିଜକୁ ପ୍ରକାଶ କରିବାରେ ସମର୍ଥ ହେବା; ସ୍ପଷ୍ଟ ଭାବରେ ଉଚ୍ଚାରଣ କରିବା; ଗଣ୍ଠିକୁ ଗଣ୍ଠି ଯୋଡ଼ିବା; 2. ଅ.କ୍ରି. ସ୍ପଷ୍ଟ ଭାବେ କହିବା, ଗଣ୍ଠିକୁ ଗଣ୍ଠି ଯୋଗ କରିବା ବା ସେହିରୂପେ ବିଭକ୍ତ କରିବା; 3. ବିଂ. ବ୍ୟକ୍ତ, ସ୍ପଷ୍ଟଭାବେ ଉଚ୍ଚାରିତ।

**articulation** ବି. ଉଚ୍ଚାରଣ ଭଙ୍ଗୀ, ସ୍ପଷ୍ଟ ଉଚ୍ଚାରଣ; ଗ୍ରନ୍ଥି ସାହାଯ୍ୟରେ ସଂଯୋଜନ, ଗ୍ରନ୍ଥନ, ଗ୍ରନ୍ଥନ ରୀତି।

**artifact** ଦ୍ର. artefact.

**artifice** ବି. ଚାତୁରୀ, କୌଶଳ, ଚାଲାକି, ଫନ୍ଦି।

**artificer** ବି. କାରିଗର, ଶିଳ୍ପକାର; ସ୍ଥଳ ସେନା ବା ନୌସେନା ବାହିନୀରେ ନିଯୁକ୍ତ କୁଶଳୀ କାରିଗର।

**artificial** ବିଂ. କୃତ୍ରିମ, ଅପ୍ରାକୃତିକ, ନକଲି, ଆନ୍ତରିକତାହୀନ; artificially କ୍ରି.ବିଂ. କୃତ୍ରିମ ଭାବେ; artificiality ବି. କୃତ୍ରିମତା; artificial insemination କୃତ୍ରିମ ପ୍ରଜନନ; artificial respiration କୃତ୍ରିମ ଶ୍ୱାସକ୍ରିୟା।

**artillery** ବି. ବୃହତ୍ ବା ବିଶାଳ କମାଣ, ବଡ଼ ତୋପ; ଗୋଲନ୍ଦାଜ ବାହିନୀ, ବି. artillerist artillery man ଗୋଲନ୍ଦାଜ ସୈନ୍ୟ।

**artisan** ବି. କାରିଗର, ହସ୍ତଶିଳ୍ପୀ।

**artist** ବି. ଚାରୁକଳା ବା ସୁକୁମାର କଳାବିତ୍; ଚାରୁଶିଳ୍ପୀ, କଳାକାର, ଶିଳ୍ପୀ, ସୁଦକ୍ଷ ଶିଳ୍ପୀ।

**artiste** ବି. ପେଷାଦାର ବିନୋଦ-ଶିଳ୍ପୀ ଯଥା- ଗାୟକ, ନର୍ତ୍ତକ ଆଦି।

**artistic,** ବିଂ. କଳା ବା କଳାକାର ସମ୍ପର୍କିତ, କଳାତ୍ମକ, କଳାମୟ, ଶିଳ୍ପୀ-ସୁଲଭ, ସୁରୁଚିପୂର୍ଣ୍ଣ, କାରୁକାର୍ଯ୍ୟପୂର୍ଣ୍ଣ, ସୌନ୍ଦର୍ଯ୍ୟଦୃଷ୍ଟିସମ୍ପନ୍ନ; କ୍ରି.ବିଂ. artistically.

**artistry** ବି. ଶିଳ୍ପନୈପୁଣ୍ୟ, କଳାକୌଶଳ, ଶିଳ୍ପସୌନ୍ଦର୍ଯ୍ୟ।

**artless** ବିଂ. ଅକପଟ, ଛଳନାବିହୀନ, ସ୍ୱାଭାବିକ, ପ୍ରାକୃତିକ; ଯାହା କଳାରୁ ପ୍ରସୃତ ନୁହେଁ, ଅମାର୍ଜିତ, ଅସୁନ୍ଦର।

**art nouveau** ବିଂ. ଊନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରଚଳିତ ଅଳଙ୍କୃତିପୂର୍ଣ୍ଣ କଳାଶୈଳୀ।

**arty** ବିଂ. କ.ଭା. ବୃଥା ଆଡ଼ମ୍ବରପୂର୍ଣ୍ଣ ଓ ଅପ୍ରାକୃତିକ ଭାବରେ କଳାମୟ।

**arum** ବି. ଓଲ, ସାରୁ ପ୍ରଭୃତି ଶ୍ରେଣୀୟ ଉଦ୍‌ଭିଦ।

**–ary** ପ୍ରତ୍ୟୟ, 'ସମ୍ଭୃକ୍ତ ବା ସମ୍ପର୍କିତ' ଅର୍ଥ ବୁଝାଏ। ଉଦା. dictionary, dispensary, constabulary, etc.

**Aryan** 1. ବି. ଆର୍ଯ୍ୟ; 2. ବିଂ. ଆର୍ଯ୍ୟ ଜାତି ବା ଆର୍ଯ୍ୟ ଭାଷା ସମ୍ବନ୍ଧୀୟ।

**as**[1.] 1. କ୍ରି.ବିଂ. ସମାନ ରୂପେ, ଅନୁରୂପ, ଏକାପରି, ଯେପରି, ସେହିପରି, ଯଥା, ଯେପରି କି, ଯେତେବେଳେ; ଯେହେତୁ, କାରଣ; 2. ସ. ଯେକି, ଯାହାକି (relative pronoun) 3. as from (ନିର୍ଦ୍ଦିଷ୍ଟ ତାରିଖ) ଠାରୁ as if (or though) ଯେପରି, ସତେ ଯେପରି, as it were କହିବାକୁ ଗଲେ, ଯେପରି କି; as to ବିଷୟରେ, ସମ୍ବନ୍ଧରେ; as well ଯଥାର୍ଥରେ; as well (as) ଆହୁରି ମଧ୍ୟ; as yet ଏ ପର୍ଯ୍ୟନ୍ତ, ଏ ଯାବତ୍।

**as**[2.] ବି. (ବ.ବ. asses) ପ୍ରାଚୀନ ରୋମରେ ପ୍ରଚଳିତ ତାମ୍ରମୁଦ୍ରା।

**As** ପ୍ର. arsenic ଆର୍ସେନିକ।

**asafoetida** ବି. ହେଙ୍ଗୁ।

**asbestos** ବି. ଆଜ୍‌ବେଷ୍ଟସ୍ ତନ୍ତୁଯୁକ୍ତ ଖଣିଜ ପଦାର୍ଥ ବିଶେଷ ଯାହା ଅଦାହ୍ୟ ହାଲୁକା ପ୍ରଚ୍ଛଦ ରୂପେ ବ୍ୟବହୃତ ହୁଏ ଯଥା:- ପାଣି ନଳ, ଛାତର ଚଦର ପ୍ରଭୃତି।

**ascend** କ୍ରି. ଆରୋହଣ କରିବା, ଉପରକୁ ଉଠିବା, ଚଢ଼ିବା, ଉଠାଣିଆ ହେବା।

**ascendancy/ascendency** ବି. ଆରୋହ, ପ୍ରାଧାନ୍ୟ, ପ୍ରତିପତ୍ତି, ପ୍ରଭୁତା।

**ascendant/ascendent** 1. ବିଂ. ଉଠାଣିଆ, ଶୀର୍ଷଗାମୀ, ପ୍ରଭାବଶାଳୀ, (ଜ୍ୟୋତିର୍ବି..) ତୁଙ୍ଗୀ, 2. ବି. ତୁଙ୍ଗସ୍ଥାନ, ଉନ୍ନତି in the ascendant ତୁଙ୍ଗସ୍ଥ।

**ascension** ବି. ଆରୋହଣ, ଉତ୍ତରଣ ବିଶେଷତଃ ଯୀଶୁଖ୍ରୀଷ୍ଟଙ୍କର ସ୍ୱର୍ଗାରୋହଣ।

**ascent** ବି. ଆରୋହଣ, ଊର୍ଦ୍ଧ୍ୱଗତି, କ୍ରମୋନ୍ନତି, (ଜମିର) ଉଠାଣି ପଥ, ପାହାଚ ମାନ (ପାଦ୍ୟ.. ଶ୍ରେଣୀ)।

Digitized by srujanika@gmail.com

**ascertain** ସ.କ୍ରି. (ପରୀକ୍ଷାଦ୍ୱାରା) ନିର୍ଦ୍ଧାରଣ କରିବା, ନିଶ୍ଚିତ ରୂପେ ନିରୂପଣ ବା ନିର୍ଣ୍ଣୟ କରିବା; ବିଂ. ascertainable; ବି. ascertainment.

**ascetic** 1. ବିଂ. ଆତ୍ମତ୍ୟାଗୀ, କଠୋର ସଂଯମୀ, ଭୋଗ-ବିରକ୍ତ, 2. ବି. ସନ୍ନ୍ୟାସୀ, ଯୋଗୀ, କୃଚ୍ଛ୍ର ସାଧକ।

**asceticism** ବି. ସନ୍ନ୍ୟାସ ବ୍ରତ, କଠୋର ତପସ୍ୟା, ବୈରାଗ୍ୟ, କୃଚ୍ଛ୍ର ସାଧନ।

**ascorbic acid** ବି. ଭିଟାମିନ୍ "ସି" ଯାହା ସ୍କର୍ଭିରୋଗ ପ୍ରତିରୋଧ କରେ।

**ascribe** ସ.କ୍ରି. ଆରୋପ କରିବା, କାରଣ ବୋଲି କହିବା; କାହାର ବୋଲି କହିବା ବା ବିଚାରିବା ବିଂ. ascribable ବି. ascription.

**asepsis** ବି. ଅପଚନୀୟତା, ପଚନମୁକ୍ତତା (କ୍ଷତରେ); ଅସ୍ତ୍ର ଚିକିତ୍ସାରେ ପ୍ରଯୁକ୍ତ ପଚନ ନିରୋଧକ ପଦ୍ଧତି।

**aseptic** ବିଂ. ପୂଜଶୂନ୍ୟ, ଅପଚନୀୟ, ପଚନମୁକ୍ତ, ଯାହା ବିଷାକ୍ତ ବୀଜାଣୁ (ବେକ୍ଟେରିଆ) ଶୂନ୍ୟ।

**asexual** ବିଂ. କାମଶକ୍ତିହୀନ; (ପ୍ରଜନନ ସମ୍ପର୍କରେ) ଅଯୌନ।

**ash**[1] ବି. ପାଉଁଶ, ଭସ୍ମସ୍ତୂପ, ଭସ୍ମାବଶେଷ, (ଲକ୍ଷଣାର୍ଥରେ) ଚିତାଭସ୍ମ; Ashes ବି. ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ କ୍ରିକେଟ୍ ଟେଷ୍ଟ୍ ପ୍ରତିଯୋଗିତାରେ ଜୟର ପ୍ରତୀକ ଟ୍ରଫି।

**ash**[2] ବି. ଧୂସର ବର୍ଣ୍ଣର ବକଳବିଶିଷ୍ଟ ବୃକ୍ଷ ବିଶେଷ।

**ashamed** ବିଂ. ଲଜ୍ଜିତ, ଲଜ୍ଜାବଶତଃ ଇତସ୍ତତଃ ବା କୁଣ୍ଠିତ।

**ashbin** ବି. ଅଳିଆ ଜମା କରିବାର ଢୋଲ, ପାତ୍ର।

**ashen** ବିଂ. ପାଉଁଶ ପରି ଧୂସର ବା ମଇଳା ରଙ୍ଗର।

**Ashkenazi** ବି. ବ.ବ. Askenazim; ପ୍ରାଚ୍ୟ ୟୁରୋପ ଦେଶୀୟ ଇହୁଦୀ।

**ashlar** ବି. ଚାରିକୋଣିଆ ପଚଡ଼ା ପଥର (ସିଧା କାନ୍ଥରେ ଖଞ୍ଜାଯାଏ)।

**ashore** କ୍ରି.ବିଂ. କୂଳରେ ବା ତୀରରେ, ତଟରେ, କୂଳକୁ, କୂଳ ଆଡ଼କୁ।

**ashram** ବି. ଆଶ୍ରମ; ତପସ୍ୟାଚରଣ ପାଇଁ ବନରେ, ନଦୀ/ଝରଣା କୂଳରେ ନିର୍ମିତ କୁଟୀର।

**ashtray** ବି. ଏଶ୍-ଟ୍ରେ, ଭସ୍ମଦାନୀ।

**ashy** ବିଂ. ପାଉଁଶ ପରି, ପାଂଶୁ ମଣ୍ଡିତ।

**Asia** ବି. ଏସିଆ ମହାଦେଶ।

**Asian** 1. ବି. ଏସିଆର ଅଧିବାସୀ, 2. ବିଂ. ଏସିଆ ଦେଶ ସମ୍ବନ୍ଧୀୟ।

**Asiatic** ବିଂ. ଏସିଆ ଦେଶ ସମ୍ବନ୍ଧୀୟ ବା ଏସିଆର ଅଧିବାସୀ ସମ୍ବନ୍ଧୀୟ (ସାଧାରଣତଃ ଭୌଗୋଳିକ ପ୍ରସଙ୍ଗରେ ବ୍ୟବହୃତ)।

**aside** 1. କ୍ରି.ବିଂ. ଅଲଗା କରି, ଅଲଗା ହୋଇ, ପାଖେଇ କରି, ଏକ ପାଖକୁ; (ନାଟକରେ) ସ୍ୱଗତଃ, ଜନାନ୍ତିକେ, ଗୋପନରେ; 2. ବି. ସ୍ୱଗତୋକ୍ତି।

**asinine** ବିଂ. ଗଧ ସଦୃଶ, ନିର୍ବୋଧ, ଅବାଗିଆ; ବି. asininity.

**ask** କ୍ରି. ପଚାରିବା, ପ୍ରଶ୍ନ କରିବା, (କାହାକୁ ବା କାହା ସମ୍ପର୍କରେ) ଅନୁସନ୍ଧାନ କରିବା, ମାଗିବା (ପାଇବା ପାଇଁ), ଦେଖାଇ ଦେବା ବା କହିଦେବା ପାଇଁ ଚାହିଁବା, ନିମନ୍ତ୍ରଣ କରିବା; ask after କାହା ସମ୍ବନ୍ଧରେ ବୁଝିବା; ask for ମାଗିବା (ଟଙ୍କା); ଅନୁରୋଧ କରିବା।

**askance** କ୍ରି.ବିଂ. ବକ୍ର ଦୃଷ୍ଟିରେ, କଟାକ୍ଷ କରି, ଆଡ଼ ଚାହାଣିରେ; look askance at ସନ୍ଦେହ ଚକ୍ଷୁରେ ଦେଖିବା।

**askew** 1. କ୍ରି.ବିଂ. ବଙ୍କେଇ କରି, ପାଖେଇ କରି 2. ବିଂ. ତୀର୍ଯ୍ୟକ୍, ବକ୍ର।

**aslant** କ୍ରି.ବିଂ. ବକ୍ର ଭାବରେ, ତୀର୍ଯ୍ୟକ୍ ଭାବେ।

**asleep** 1. ବିଂ. ନିଦ୍ରିତ, ସଂଜ୍ଞାହୀନ, ଅନୁଭୂତିହୀନ (ଅଙ୍ଗପ୍ରତ୍ୟଙ୍ଗ); 2. କ୍ରି.ବିଂ. ସୁପ୍ତ ଅବସ୍ଥାରେ ବା ଅବସ୍ଥାକୁ।

**asocial** ବିଂ. ଅସାମାଜିକ, ମିଳିମିଶା କରୁ ନ ଥିବା; କ.ଭା. ଅବିଚାରୀ।

**asp** ବିଂ. ଆଫ୍ରିକା ଓ ଦକ୍ଷିଣ ୟୁରୋପ ମହାଦେଶର ଏକ ଅତିକ୍ଷୁଦ୍ର ବିଷଧର ସର୍ପ।

**asparagus** ବି. ଲିଲି ଜାତୀୟ ଉଦ୍‌ଭିଦ, ଶତମୂଳୀ, ଶତାବରୀ ଶାଗ।

**aspect** ବି. ଦୃଶ୍ୟ, ଦୃଷ୍ଟି, ଆକୃତି, ଚେହେରା, ଦୃଷ୍ଟିକୋଣ, ଲକ୍ଷଣ (ଯାହାଦ୍ୱାରା କୌଣସି ବିଷୟର ବିଚାର କରାଯାଏ); ସୌଧର (ଗୃହର) ଦୃଶ୍ୟମାନ ପାର୍ଶ୍ୱ; ଗ୍ରହମାନଙ୍କର ଆପେକ୍ଷିକ ଅବସ୍ଥିତି (ଜ୍ୟୋତିର୍ବିଦ୍ୟା); ବ୍ୟା. କ୍ରିୟାରୂପର କାଳବାଚକ ବିଭିନ୍ନ ଅର୍ଥ ଯଥା- goes, is going, etc.

**aspen** ବି. ପୋପ୍‌ଲାର୍ ଜାତୀୟ ଗଛ, କମ୍ପମାନ ପତ୍ର ବିଶିଷ୍ଟ ଗଛ।

Digitized by srujanika@gmail.com

**asperity** ବି. (ଉତ୍ତାପ ସମ୍ପର୍କରେ) ଅତି ଥଣ୍ଡା, ଭୀଷଣ ଶୈତ୍ୟ; (ସ୍ୱର ସଂପର୍କରେ) କଟୁତା, କର୍କଶତା, ଉଗ୍ରତା. He spoke with asperity.

**aspersion** ଅପବାଦ, ନିନ୍ଦା, ମିଥ୍ୟା ରଟନା; asperse ଅ.କ୍ରି. ଅପଯଶ ଦେବା, ଦୁର୍ନାମ କରିବା, କୁତ୍ସା ରଟନା କରିବା।

**asphalt** 1. ବି. ବିଟୁମେନ୍, ପେଟ୍ରୋଲିଅମ୍‌ଜାତ ଆଲକାତରା ସଦୃଶ ଏକ ପ୍ରକାର ଅଠାଳିଆ ଖଣିଜ ପଦାର୍ଥ, (ବାଲି ବା ଭଙ୍ଗା ଗୋଡ଼ି ସହିତ ମିଶାଇ ଏହାକୁ ଏକ ଆସ୍ତରଣ ରୂପେ ବ୍ୟବହାର କରାଯାଏ।); 2. ସ.କ୍ରି. ଉକ୍ତ ପଦାର୍ଥ ଦ୍ୱାରା ଆବୃତ କରିବା।

**asphodel** ବି. ଲିଲି ବା କଇଁ ଜାତୀୟ ଉଦ୍ଭିଦ, (କବିତାରେ) ପାରିଜାତ ପୁଷ୍ପ।

**asphyxia** ବି. ଶ୍ୱାସରୋଧ, ମୂର୍ଚ୍ଛା।

**asphyxiate** ସ.କ୍ରି. ଶ୍ୱାସରୋଧ କରିବା ବା ହେବା।

**aspic** ବି. ଜେଲିରେ ମାଛ, ମାଂସ ବା ଅଣ୍ଡାର ସ୍ୱାଦୁଗନ୍ଧ।

**aspirant** 1. ବି. ଉଚ୍ଚାଭିଳାଷୀ, ଉନ୍ନତ ପଦ ଲାଳସୀ ବ୍ୟକ୍ତି; 2. ବିଂ. ଉଚ୍ଚାଭିଳାଷୀ।

**aspirate** 1. ବି. 'ହ୍' ମିଶ୍ରିତ ବ୍ୟଞ୍ଜନ ବର୍ଣ୍ଣ (ଖ୍, ଘ୍ ଆଦି); ମହାପ୍ରାଣ ବର୍ଣ୍ଣ; 2. ବିଂ. ମହାପ୍ରାଣ ବର୍ଗୀୟ; 3. କ୍ରି. 'ହ୍' ସଂବଳିତ ଉଚ୍ଚାରଣ କରିବା।

**aspiration** ବି. ଉଚ୍ଚ ଅଭିଳାଷ, ଉଚ୍ଚ ଆକାଙ୍କ୍ଷା; ମହାପ୍ରାଣ ଉଚ୍ଚାରଣ।

**aspirator** ବି. ତରଳ ପଦାର୍ଥ ନିଷ୍କାସନ ଯନ୍ତ୍ର।

**aspire** ଅ.କ୍ରି. ଉଚ୍ଚ ଆକାଙ୍କ୍ଷା ପୋଷଣ କରିବା, ଉଚ୍ଚ ଅଭିଳାଷ କରିବା; aspiring ବିଂ. ଉଚ୍ଚାଭିଳାଷୀ, ଉଚ୍ଚାକାଂକ୍ଷୀ; କ୍ରି.ବିଂ. aspiringly.

**aspirin** ବି. ବେଦନା ଓ ଜ୍ୱର ଉପଶମକାରୀ ଔଷଧ ବିଶେଷ।

**ass** ବି. ଗଧ, ନିର୍ବୋଧ ବ୍ୟକ୍ତି।

**assail** ସ.କ୍ରି. ଆକ୍ରମଣ କରିବା, ଚଢ଼ାଉ କରିବା; (ଶାରୀରିକ ବା ବାଚିକ) ନିନ୍ଦା, ସମାଲୋଚନା, ପ୍ରଶ୍ନବାଣଦ୍ୱାରା ବିପକ୍ଷକୁ (ପ୍ରତିପକ୍ଷକୁ) ବିବ୍ରତ କରିବା; assailable ବିଂ. ଆକ୍ରମଣୀୟ, ନିନ୍ଦନୀୟ; assailant ବି. ଆକ୍ରମଣକାରୀ।

**assassin** ବି. ଆତତାୟୀ, ପ୍ରସିଦ୍ଧ ବ୍ୟକ୍ତିର ଗୁପ୍ତ ଘାତକ (ଧାର୍ମିକ ଓ ରାଜନୈତିକ ଉଦ୍ଦେଶ୍ୟ ମୂଳକ)।

**assassinate** ସ.କ୍ରି. ରାଜନୈତିକ ଓ ଧାର୍ମିକ ନେତାଙ୍କର ଷଡ଼ଯନ୍ତ୍ରମୂଳକ ହତ୍ୟା କରିବା assassination ବି. ଗୁପ୍ତ ହତ୍ୟା; assassinator ବି. ଗୁପ୍ତ ଘାତକ, ଆତତାୟୀ।

**assault** 1. ବି. ଆକସ୍ମିକ ଓ ପ୍ରବଳ ଆକ୍ରମଣ (ଶାରୀରିକ ବା ବାଚିକ), ମାରପିଟ, ଦଙ୍ଗା-ହାଙ୍ଗାମା, ଚଢ଼ାଉ; 2. ସ.କ୍ରି. ଆକ୍ରମଣ କରିବା; assault and battery (ଆଇନ୍ କ୍ଷେତ୍ରରେ) ବ୍ୟକ୍ତି ଉପରେ ବାସ୍ତବିକ କ୍ଷତିକାରକ ଆକ୍ରମଣ।

**assay** 1. ବି. ଧାତୁପିଣ୍ଡର ଉପାଦାନ ଓ ଗୁଣ ନିର୍ଣ୍ଣୟ ଉଦ୍ଦେଶ୍ୟରେ ପରୀକ୍ଷଣ 2. କ୍ରି. (ଧାତୁର) ପରୀକ୍ଷା କରିବା; କୌଣସି ଦୁଃସାଧ କର୍ମ କରିବାକୁ ଯତ୍ନଶୀଳ ହେବା।

**assemblage** ବି. ଏକତ୍ରୀକରଣ; ଗୋଷ୍ଠୀ, ଜନସମାଗମ; ବ୍ୟକ୍ତି ବା ବସ୍ତୁ ସମୂହର ସମ୍ପ୍ରଦାୟ ବା ସମାବେଶ; (କଳ, ଯନ୍ତ୍ର ସମ୍ପର୍କରେ) ବିଭିନ୍ନ ଅଂଶକୁ ଯଥା ସ୍ଥାନରେ ସଂଯୋଗ ଦ୍ୱାରା ଏକତ୍ରୀକରଣ।

**assemble** କ୍ରି. ଏକତ୍ର କରିବା, ସମବେତ ହେବା, ସମ୍ମିଳିତ ହେବା, (କଳ ବା ଯନ୍ତ୍ର ସମ୍ପର୍କରେ) ବିଭିନ୍ନ ଅଂଶକୁ ଯଥା ସ୍ଥାନରେ ଯୋଡ଼ି ଏକତ୍ର କରିବା।

**assembly** ବି. ସଭା, ସମ୍ମେଳନ, ଜନସଂଘ, ବିଧାନସଭା; assembly chamber ସଭାଗୃହ; unlawful assembly ବେଆଇନ୍ ଘୋଷିତ ଜନତା; legislative assembly ବିଧାନସଭା।

**assent** 1. ବି. ସମ୍ମତି, ସ୍ୱୀକାର (ଅଫିସ୍ ସମ୍ପର୍କିତ); 2. କ୍ରି. ସମ୍ମତି ଦେବା, (ପ୍ରସ୍ତାବରେ) ସହମତ ହେବା; ବି. assenter.

**assert** ସ.କ୍ରି. ସ୍ପଷ୍ଟକରି ବା ଦୃଢ଼ ଭାବରେ ଘୋଷଣା କରିବା, କୌଣସି କଥା ବା ଦାବି ଉପରେ ଜୋର ଦେବା; assert oneself ନିଜପାଇଁ ସ୍ୱୀକୃତି ଦାବି କରିବା; ବି. asserter.

**assertion** ବି. ଦମ୍ଭୋକ୍ତି, ଦୃଢ଼ ଘୋଷଣା, ନିଶ୍ଚିତ କଥନ, ଦାବି।

**assertive** ବିଂ. ନିଶ୍ଚିତ, ଦୃଢ଼, ନିଶ୍ଚୟାତ୍ମକ; ଦୃଢ଼ ଘୋଷଣାକାରୀ; କ୍ରି.ବିଂ. assertively; ବି. assertiveness.

Digitized by srujanika@gmail.com

**assess** ସ.କ୍ରି. ମୂଲ୍ୟ ବା ପରିମାଣ ନିର୍ଦ୍ଧାରଣ କରିବା, ଟିକସ ବସାଇବା ପାଇଁ ସମ୍ପତ୍ତିର ମୂଲ୍ୟ ନିରୂପଣ କରିବା; ଆୟର ପରିମାଣ ନିରୂପଣ କରିବା, କରଧାର୍ଯ୍ୟ କରିବା; assessable ବିଂ. କର ନିର୍ଦ୍ଧାରଣଯୋଗ୍ୟ; assessment ବି. ମୂଲ ବା କର ନିର୍ଦ୍ଧାରଣ; assessee ବି. ଯାହାର କର ନିର୍ଦ୍ଧାରିତ ହୁଏ।

**assessor** ବି. କର ନିର୍ଦ୍ଧାରକ; (ବିଚାରଳୟରେ) ପରାମର୍ଶଦାତା ; ବିଚାର ସହାୟକ।

**asset** ବି. ମୂଲ୍ୟବାନ ଜିନିଷ ବା ସଂପଦ, ପ୍ରୟୋଜନୀୟ ଗୁଣ ବା ବ୍ୟକ୍ତି; ସା.ବ.ବ. assets ଦାୟ; ଋଣ ବାବଦକୁ ମଞ୍ଜୁରା ହେବା ଯୋଗ୍ୟ ମୂଲ୍ୟବାନ୍ ସମ୍ପତ୍ତି; ଅଧିକାରଭୁକ୍ତ ସମଗ୍ର ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତି।

**asseverate** ସ.କ୍ରି. ନିଶ୍ଚୟ କରି (ବା ଶପଥ ପୂର୍ବକ) କହିବା ବି. asseveration.

**assiduity** ବି. ପ୍ରଗାଢ଼ ପରିଶ୍ରମ, ଅଧ୍ୟବସାୟ, ଅଭିନିବେଶ।

**assiduous** ବିଂ. କଠିନ ପରିଶ୍ରମୀ, ଅଧ୍ୟବସାୟୀ।

**assign** ସ.କ୍ରି. (କାହାକୁ) ଦାୟିତ୍ୱ ବା ଅଂଶ ହିସାବରେ (କୌଣସି ଉଦ୍ଦେଶ୍ୟରେ) ନ୍ୟସ୍ତ କରିବା; ନିରୂପଣ ବା ସ୍ଥିର କରିବା, କୌଣସି କର୍ମପାଇଁ ନିଯୁକ୍ତ କରିବା; (କୌଣସି ସମୟକୁ) ଆରୋପିତ କରିବା; ଆନୁଷ୍ଠାନିକ ଭାବେ (ସମ୍ପତ୍ତି ସ୍ୱତ୍ୱ ପ୍ରଭୃତି) ହସ୍ତାନ୍ତର କରିବା; assigner (assignor) ବି. ନ୍ୟସ୍ତକାରୀ, (ଆଇନ) ନ୍ୟାସକ।

**assignation** ବି. ମିଳିତ ହେବାର ସମୟ ଓ ସ୍ଥାନ ନିର୍ଦ୍ଧାରଣ, ବିଶେଷତଃ ପ୍ରେମିକ ପ୍ରେମିକାର।

**assignee** ବି. ଯାହାଠାରେ କୌଣସି ସମ୍ପତ୍ତି, ସ୍ୱତ୍ୱ ବା ଦାୟିତ୍ୱ ନ୍ୟସ୍ତ କରାଯାଏ (ଆଇନ)।

**assignment** ବି. ହସ୍ତାନ୍ତରୀକରଣ, ନିର୍ଦ୍ଦିଷ୍ଟକରଣ; ଆଇନ ସମ୍ମତ ହସ୍ତାନ୍ତର; ନିରୂପିତ ବସ୍ତୁ, ଦାୟିତ୍ୱ ବା କାର୍ଯ୍ୟ।

**assimilate** କ୍ରି. (ଖାଦ୍ୟ ସମ୍ପର୍କରେ) ପରିପାକ ହୋଇ ଦେହରେ ସମ୍ପୂର୍ଣ୍ଣ ମିଶିଯିବା; ହଜମ କରିବା ବା ନେବା; ନିଜସ୍ୱ କରିବା ବା ହେବା; (ବ୍ୟକ୍ତିର) ଗୋଷ୍ଠୀରେ ସାମିଲ ହେବା, (ଚିନ୍ତା, ଧାରଣା) ମୌଳିକ ଅନୁଭୂତିରେ ପରିଣତ ହେବା, ନିଜର ବା ଆପଣାର କରିନେବା; (ଧ୍ୱନି ସମ୍ପର୍କରେ) ଅନୁରୂପ ବା ସମାନ ହେବା; assimilation ବି. ପରିପାକ, ସମ୍ପୂର୍ଣ୍ଣ ଗ୍ରହଣ, ନିଜସ୍ୱକରଣ. ସଦୃଶୀକରଣ; assimilable ବିଂ. ପରିପାକ-ଯୋଗ୍ୟ, ସଦୃଶ ପଦାର୍ଥରେ ପରିବର୍ତ୍ତନକ୍ଷମ; ବି. assimilator; ବିଂ. assimilative.

**assist** କ୍ରି. ସାହାଯ୍ୟ କରିବା, ସହଯୋଗ ଦେବା; ସହାୟକ ହେବା, (ଉତ୍ସବ ପ୍ରଭୃତିରେ) ଉପସ୍ଥିତ ହେବା, ଯୋଗଦେବା; ବି. assistance.

**assistant** ବି./ବିଂ. ସହାୟକ, ସହକାରୀ, ସାହାଯ୍ୟକାରୀ।

**assizes** ବି. ବ.ବ. ଇଂଲଣ୍ଡର କାଉଣ୍ଟି ମାନଙ୍କରେ ଦେୱାନୀ ଓ ଫୌଜଦାରୀ ମୋକଦ୍ଦମାର ବିଚାର ନିମନ୍ତେ ଅଦାଲତର ନିୟମିତ ଅଧିବେଶନ ମାନ।

**associate** 1. ସ.କ୍ରି. ମିଳାମିଶା କରିବା, ସାଙ୍ଗ ହେବା, ଏକତ୍ର ହେବା, ବନ୍ଧୁ ଭାବରେ ମିଳିତ ହେବା, ସହଯୋଗ କରିବା; 2. ବିଂ. ସଂଯୁକ୍ତ, ସମ୍ମିଳିତ, ସଂପୃକ୍ତ, ସହଯୋଗୀ; 3. ବି. ସହଯୋଗୀ ସଦସ୍ୟ, ବନ୍ଧୁ, ସଙ୍ଗୀ, ଅଂଶୀଦାର, ସହକର୍ମୀ, ସମିତିର ଅଧସ୍ତନ ସଦସ୍ୟ; associative ବିଂ. ସମ୍ପର୍କଯୋଗ୍ୟ, ସମ୍ମେଳନ ଯୋଗ୍ୟ।

**association** ବି. ସାଧାରଣ ଉଦ୍ଦେଶ୍ୟ ନେଇ ଗଠିତ ସମିତି ବା ସଂସ୍ଥା; ସାହଚର୍ଯ୍ୟ, ସମ୍ବନ୍ଧ ବା ସମ୍ପର୍କ, ଭାବର ମେଳ, (ମନରେ) ଏକ ଭାବ ସହିତ ଅନ୍ୟଭାବର ସଂପର୍କ; Association football ସାଧାରଣତଃ ପ୍ରଚଳିତ ଫୁଟ୍‌ବଲ ଖେଳ।

**assonance** ବି. ଦୁଇ ମାତ୍ରା (syllable) ମଧ୍ୟରେ ଧ୍ୱନି ସାଦୃଶ୍ୟ; କେବଳ ସ୍ୱର ଧ୍ୱନି ବା ବ୍ୟଞ୍ଜନ ଧ୍ୱନି ଉପରେ ଆଧାରିତ ଯତିପାତ, ଉଦା. sonn*et* ଓ porr*idge*; ki*lled* ଓ co*ld*; ବିଂ. assonant.

**assort** କ୍ରି. ବର୍ଗୀକରଣ କରିବା, ଶ୍ରେଣୀ ଅନୁଯାୟୀ ସଜାଇବା ବା ପୃଥକ୍ କରିବା।

**assorted** ବିଂ. ବିଭିନ୍ନ ଶ୍ରେଣୀର ମିଶ୍ରିତ; ପାଞ୍ଚମିଶାଳୀ (ଜିନିଷ); ଶ୍ରେଣୀରେ ସଜ୍ଜିତ, ପୃଥକୀକୃତ. ବିଭକ୍ତ।

**assortment** ବି. ଶ୍ରେଣୀ ବିଭାଗ, ସଜ୍ଜିତ ପଦାର୍ଥ ସମୂହ; ବିଭିନ୍ନ ପ୍ରକାର ଜିନିଷର ସମଷ୍ଟି।

**assuage** ସ.କ୍ରି. (ଦୁଃଖ, ଯନ୍ତ୍ରଣା ପ୍ରଭୃତି) ପ୍ରଶମିତ କରିବା, ଉପଶମ କରିବା, ଶାନ୍ତ କରିବା;

Digitized by srujanika@gmail.com

କମାଇବା; (କ୍ଷୁଧା) ନିବାରଣ କରିବା; assuagement ବି. ପ୍ରଶମନ।

**assume** ସ.କ୍ରି. ସତ୍ୟବୋଲି ଧରିନେବା, ଗ୍ରହଣ କରିବା; ଭାର ଗ୍ରହଣ କରିବା, କ୍ଷମତା ଅଧିକାର କରିବା; ଛଳନା କରିବା।

**assuming** ବିଂ. ଦାମ୍ଭିକ, ଅହଙ୍କାରୀ।

**assumption** ବି. ଅନୁମାନ, ଭାରଗ୍ରହଣ, ଅଧିକାର; ଛଳନା, ଅନ୍ୟାୟ ଦାବି, ଧାରଣା, ଅନୁମାନ, ପ୍ରମାଣ ବିନା ସ୍ୱୀକାର, କଳ୍ପିତ ବସ୍ତୁ; କୁମାରୀ ମେରୀଙ୍କୁ ସଶରୀରରେ ସ୍ୱର୍ଗକୁ ବୋହିନେବା।

**assurance** ବି. ଦୃଢ଼ କଥନ, ଟାଣ ଜବାବ୍, ଭରସା, ଦାୟିତ୍ୱ, ସ୍ୱୀକୃତି, ପ୍ରତ୍ୟୟ, ଆତ୍ମବିଶ୍ୱାସ, ନିଶ୍ଚିତତା; ଜୀବନ ବୀମା।

**assure** ସ.କ୍ରି. ନିଶ୍ଚିତ କରି କହିବା, ଭରସା ଦେବା, ଦାୟିତ୍ୱ ସ୍ୱୀକୃତି ଦେବା, ଦୃଢ଼ ଜବାବ୍ ଦେବା, ବିଶ୍ୱାସ ଜନ୍ମାଇବା, ଆଶ୍ୱାସନା ଦେବା।

**assured** ବିଂ. ନିଶ୍ଚିତ, ଆଶ୍ୱସ୍ତ, ଅଙ୍ଗୀକୃତ, ବୀମାକୃତ।

**assuredly** କ୍ରି.ବିଂ. ନିଶ୍ଚିତ ରୂପେ, ବିନା ଦ୍ୱିଧାରେ, ଅସନ୍ଦିଗ୍ଧ ଭାବରେ।

**astatine** ବି. କୃତ୍ରିମ ତେଜସ୍କ୍ରିୟ ଉପାଦାନ ବିଶେଷ।

**aster** ବି. ରଙ୍ଗୀନ୍ ଉଦ୍ୟାନ ପୁଷ୍ପ ବିଶେଷ (ଡେଇଁଜି ଫୁଲ ପରି)।

**asterisk** 1. ବି. ତାରକା ଚିହ୍ନ; 2. ସ.କ୍ରି. ତାରା ଚିହ୍ନ ଦେବା।

**astern** କ୍ରି.ବିଂ. ଜାହାଜ ବା ଉଡାଜାହାଜ ପଛରେ ବା ପଛ ଆଡ଼କୁ।

**asteroid** ବିଂ. ସୂର୍ଯ୍ୟର ପାଖରେ ଥିବା ମୁଖ୍ୟତଃ ମଙ୍ଗଳ ଓ ବୃହସ୍ପତିର କକ୍ଷପଥ ଭିତରେ ସଂଚଳନଶୀଳ କ୍ଷୁଦ୍ର ଗ୍ରହମାନଙ୍କ ଭିତରୁ କେହି ଗ୍ରହ (ବା ଉପଗ୍ରହ); ତାରାମାଛ।

**asthma** ବି. ଶ୍ୱାସରୋଗ।

**asthmatic** 1. ବିଂ. ଶ୍ୱାସରୋଗଗ୍ରସ୍ତ, ଶ୍ୱାସରୋଗ ସଂକ୍ରାନ୍ତ ବା ଜନିତ; 2. ବି. ଶ୍ୱାସରୋଗୀ।

**astigmatism** ବି. ଆଖିପିତୁଳା ବା ଦୃଷ୍ଟିଜନିତ ଦୋଷ ଯହିଁରେ କୌଣସି ବିନ୍ଦୁରୁ ପଡ଼ିଥିବା ଆଲୁଅ ରେଖା ରୂପେ ପ୍ରତିଭାତ ହୁଏ; ଅବିନ୍ଦୁକତ୍ୱ।

**astir** କ୍ରି.ବିଂ. ଗତିଶୀଳ ଅବସ୍ଥାରେ, ଉତ୍ତେଜିତ ଥିବାବେଳେ, ଶଯ୍ୟାତ୍ୟାଗପରେ, ଶୋଇ ନଥିବା।

**astonish** ସ.କ୍ରି. ଆଶ୍ଚର୍ଯ୍ୟାନ୍ୱିତ କରିବା, ଗଭୀର ଭାବେ ବିସ୍ମିତ ହେବା, ଅବାକ୍ କରିବା, ସ୍ତମ୍ଭୀଭୂତ ହେବା; astonishment ବି. ଗଭୀର ବିସ୍ମୟ; କ୍ରି.ବିଂ. astonishingly.

**astound** ସ.କ୍ରି. ଅତି ବିସ୍ମିତ କରିବା, ହତବୁଦ୍ଧି କରିବା; astounding ବିଂ. ଅତୀବ ବିସ୍ମୟକର; କ୍ରି.ବିଂ. astoundingly.

**astraddle** 1. କ୍ରି.ବିଂ. ଗୋଡ଼ ଫରକଟାଇ ଠିଆ ହେବା ବା ବସିବା ଅବସ୍ଥାରେ; 2. ବିଂ. ଫରକଟା ଠିଆ ବା ବସା।

**astral** ବିଂ. ନକ୍ଷତ୍ରଖଚିତ, ନକ୍ଷତ୍ରଘଟିତ।

**astray** କ୍ରି.ବିଂ. ବିପଥରେ, କୁପଥରେ।

**astride** କ୍ରି.ବିଂ.ଅ. (ଘୋଡ଼ାରେ ଚଢ଼ିଲା ପରି) ଦୁଇ ପାଖକୁ ପାଦ ମେଲାଇ, ପାର୍ଶ୍ୱବିକ୍ଷିପ୍ତ ପାଦରେ।

**astringent** 1. ବିଂ.ଧାରକ; ସଙ୍କୋଚକ; କଷାୟ (ଶରୀରର ତନ୍ତୁକୁ ସଙ୍କୁଚିତ କରି ରକ୍ତକ୍ଷରଣ ବନ୍ଦ ହେବାରେ ସାହାଯ୍ୟ କରେ); 2. ବି. ସଙ୍କୋଚକ ବା ଧାରକ (ଔଷଧ)।

**astrolabe** ବି. ଯେଉଁ ଯନ୍ତ୍ର ସାହାଯ୍ୟରେ ତାରାମାନଙ୍କର ଉଚ୍ଚତା ମପାଯାଏ।

**astrologer** ବି. ଜ୍ୟୋତିଷୀ, ମନୁଷ୍ୟର ଦୈନନ୍ଦିନ ଜୀବନରେ ପ୍ରଭାବ ପକାଉଥିବା ଗ୍ରହନକ୍ଷତ୍ର ବିଜ୍ଞାନ ଜାଣିଥିବା ଜ୍ୟୋତିଷୀ; ଫଳିତ ଜ୍ୟୋତିଷରେ ଅଭିଜ୍ଞ ବ୍ୟକ୍ତି, ଗଣକ, ଦୈବଜ୍ଞ।

**astrology** ବି. ଫଳିତ ଜ୍ୟୋତିଷ, ଜ୍ୟୋତିର୍ବିଦ୍ୟା, ଗ୍ରହ ନକ୍ଷତ୍ରର ଅବସ୍ଥିତି ଦେଖି ଭବିଷ୍ୟତ ଶୁଭାଶୁଭ ଗଣନା; astrological ବିଂ. ଫଳିତ ଜ୍ୟୋତିଷଶାସ୍ତ୍ର ସମ୍ବନ୍ଧୀୟ।

**astronaut** ବି. ଅନ୍ତରୀକ୍ଷଯାତ୍ରୀ, ମହାକାଶ ଯାତ୍ରୀ।

**astronautics** ବି. ଅନ୍ତରୀକ୍ଷଯାତ୍ରାବିଜ୍ଞାନ।

**astronomer** ବି. ଜ୍ୟୋତିର୍ବିଜ୍ଞାନୀ।

**astronomical** ବିଂ. ଗଣିତ ଜ୍ୟୋତିଷ ବା ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ; ବିରାଟ, ବିଶାଳ।

**astronomy** ବି. ଗଣିତ ଜ୍ୟୋତିଷ, ଖଗୋଳ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ।

**astrophysics** ବି. ଗ୍ରହନକ୍ଷତ୍ର ବିଷୟକ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନର ଅନୁଶୀଳନ, ଜ୍ୟୋତିର୍ପଦାର୍ଥ ବିଜ୍ଞାନ; ବି. astrophysicist; ବିଂ. astrophysical.

Digitized by srujanika@gmail.com

**astute** ବିଂ. ଚତୁର, ସୂକ୍ଷ୍ମବୁଦ୍ଧିସମ୍ପନ୍ନ, ଧୂର୍ତ୍ତ; କ୍ରି.ବିଂ. astutely; ବି. astuteness.

**asunder** କ୍ରି.ବିଂ. ପୃଥକ୍ ଭାବରେ, ବିଭକ୍ତ ଅବସ୍ଥାରେ, ଖଣ୍ଡ ଖଣ୍ଡ କରି ।

**asylum** ବି. ଆଶ୍ରୟ ଭବନ, ନିରାପଦ ସ୍ଥଳ; (ଅତୀତରେ ଅପରାଧୀମାନଙ୍କ ପାଇଁ) ଶରଣାଳୟ, ଆଶ୍ରମ; political asylum ରାଜନୈତିକ ପଳାତକ ମାନଙ୍କ ପାଇଁ ଅନ୍ୟ ରାଷ୍ଟ୍ରରେ ଆଶ୍ରୟ ପ୍ରଦାନ; lunatic asylum ପାଗଳାଖାନା ।

**asymmetry** ବି. ଅସାମଞ୍ଜସ୍ୟ; asymmetric (al) ବିଂ. ଅସମଞ୍ଜସ ।

**at** ଅ. 1. ସ୍ଥାନ ବା ଅବସ୍ଥିତିସୂଚକ (at school); ଅବସ୍ଥା ଓ କାର୍ଯ୍ୟସୂଚକ (at work), ସମୟ ସୂଚକ (at 3 o'clock); ମୂଲ୍ୟ ବା ପରିମାଣ ସୂଚକ (sell at Rs. 5/– each); ସହିତ ବା ସମ୍ପର୍କସୂଚକ (good at cricket) 2. ଗତି ବା ଲକ୍ଷ୍ୟ ସୂଚକ (aim at the target) 3. (not) at all ଆଦୌ, ମୋଟେନୁହେଁ; at home (କୌଣସି ବିଷୟରେ) ଦକ୍ଷ, ସ୍ୱଚ୍ଛନ୍ଦରେ; at once ତତ୍‌କ୍ଷଣାତ୍; at it କର୍ମ-ନିରତ; at that ସେହିଠାରେ ।

**atavism** ବି. ପୁରୁଷାନୁକ୍ରମିକ ବିଶେଷତ୍ୱ ବା ପିତା-ମାତା ଅପେକ୍ଷା ଅତୀତ ପୂର୍ବପୁରୁଷ ମାନଙ୍କ ସହିତ ସାଦୃଶ୍ୟ; (ପୁରୁଷାନୁକ୍ରମିକ ବିବର୍ତ୍ତନରେ) ପୂର୍ବତନ ଅବସ୍ଥାକୁ ପ୍ରତ୍ୟାବର୍ତ୍ତନ ।

**ataxia** ବି. ନିଜର ଆୟତ୍ତରେ ଅଙ୍ଗପ୍ରତ୍ୟଙ୍ଗକୁ ଚଳାଇବାର ଅସାମର୍ଥ୍ୟ ।

**ate** କ୍ରି. ଖାଇଥିଲା (eat ର ଅତୀତକାଳ) ।

**–ate** ପ୍ରତ୍ୟୟ; ଏହି ପ୍ରତ୍ୟୟ ଯୋଗରେ "ସମର୍ଥ" ଅର୍ଥରେ ବିଶେଷଣ ପଦ ତିଆରି କରାଯାଏ ଉଦା. affectionate; ପ୍ରତିଷ୍ଠା, କାର୍ଯ୍ୟ, ବା ପଦବୀ ସୂଚକ ବିଶେଷ୍ୟ ପଦ, ଉଦା. doctorate.

**atelier** ବି. ପ୍ରୟୋଗଶାଳା, ଚିତ୍ରକରର ଚିତ୍ରଶାଳା ।

**atheism** ବି. ନିରୀଶ୍ୱରବାଦ, ନାସ୍ତିକତା; atheist ବି. ନାସ୍ତିକ, ନିରୀଶ୍ୱରବାଦୀ; atheistic ବିଂ. ନାସ୍ତିକତା ସମ୍ବନ୍ଧୀୟ; କ୍ରି.ବିଂ. atheistically.

**atherosclerosis** ବି. ଧମନୀ ବା [illegible] ନାଡ଼ିରେ ଚର୍ବି ଜମି ଧମନୀ ଶକ୍ତ ହେ[illegible]ଗ ।

**athirst** ବିଂ. ତୃଷାର୍ତ୍ତ, ପିପାସିତ; ଆଗ୍ରହୀ, ବ୍ୟଗ୍ର, ବ୍ୟାକୁଳ, ଉତ୍ସୁକ ।

**athlete** ବି. ଖେଳାଳୀ, କ୍ରୀଡାବିତ୍, କ୍ରୀଡ଼ାକୁଶଳ ବ୍ୟକ୍ତି, କ୍ରୀଡ଼ା ପ୍ରତିଯୋଗୀ, ବ୍ୟାୟାମ ବିଶାରଦ; athlete's foot ଫଙ୍ଗସ ଜନିତ ପାଦର ରୋଗ ବିଶେଷ ।

**athletic** ବିଂ. ବ୍ୟାୟାମ ସମ୍ବନ୍ଧୀୟ, ବ୍ୟାୟାମ ବିଶାରଦ ବ୍ୟକ୍ତି ସମ୍ବନ୍ଧୀୟ; ବି. athleticism.

**athletics** ବି.ବ.ବ. ଦଉଡ଼, ଡିଆଁ ପ୍ରଭୃତି କ୍ରୀଡା ସମ୍ବଳିତ ପ୍ରତିଯୋଗିତା, ପ୍ରତିଯୋଗିତାମୂଳକ କ୍ରୀଡ଼ା କସରତ୍ ।

**–ation** ପ୍ରତ୍ୟୟ; ଏହି ପ୍ରତ୍ୟୟ ଯୋଗରେ କ୍ରିୟାର କାର୍ଯ୍ୟକାରିତା ଥିବା ବିଶେଷ୍ୟ ପଦ ତିଆରି ହୁଏ ଏବଂ ଧାତୁରୁ ବିଶେଷ୍ୟ ପଦ ନିଷ୍ପନ୍ନ ହୁଏ, ଉଦା. creation.

**atlas** ବି. 1. ଭୂଚିତ୍ରାବଳୀ, ମାନଚିତ୍ରାବଳୀ, ଉପରିଭାଗସ୍ଥ (ପ୍ରାଚୀନ ଗ୍ରୀକ୍ ପୁରାଣ ଅନୁସାରେ ପୃଥିବୀକୁ ନିଜ କାନ୍ଧରେ ବହନ କରିଥିବା ଏହି ନାମଧାରୀ ଟାଇଟାନ୍‌ର ନାମ ଅନୁଯାୟୀ); 2. ଗ୍ରୀବାସ୍ଥିତ ମେରୁଦଣ୍ଡର ଉପରିଭାଗସ୍ଥ ଅସ୍ଥିବିଶେଷ ।

**atmosphere** ବି. ଆବହମଣ୍ଡଳ, ବାୟୁମଣ୍ଡଳ, ବାତାବରଣ, ଆବହାୱା; (ଲକ୍ଷଣାର୍ଥରେ) ପାରିପାର୍ଶ୍ୱିକ ଅବସ୍ଥା ବା ପ୍ରଭାବ, ପରିସ୍ଥିତି; ମାନସିକ ବା ନୈତିକ ପରିବେଶ ।

**atmospheric(al)** ବିଂ. ବାୟବ୍ୟ, ବାୟୁମଣ୍ଡଳ ସଂକ୍ରାନ୍ତ ବା ତା ଉପରେ ନିର୍ଭର କରୁଥିବା ।

**atmospherics** ବି.ବ.ବ. ଆବହମଣ୍ଡଳରେ ବୈଦ୍ୟୁତିକ ପ୍ରତିବନ୍ଧକ; ତଦ୍ୱାରା ବେତାର ପ୍ରେରଣରେ ବ୍ୟାଘାତ ।

**atoll** ବି. ଉପହ୍ରଦ (lagoon) କୁ ବେଷ୍ଟନ କରିଥିବା ବଳୟାକୃତି ପ୍ରବାଳ ପ୍ରାଚୀର ।

**atom** ବି. ଅଣୁ, ପରମାଣୁ; ଆଣବିକ ଶକ୍ତିର ମୂଳ ଉତ୍ସ; କ୍ଷୁଦ୍ରତମ ପଦାର୍ଥ; atom bomb ଦ୍ର. atomic (bomb).

**atomic** ବିଂ. ଆଣବିକ, ଅଣୁସମ୍ବନ୍ଧୀୟ, ଅଣୁର ଶକ୍ତି ପ୍ରୟୋଗକାରୀ; atomic bomb ଆଣବିକ ବୋମା, ପରମାଣୁ ଶକ୍ତିର ବିସ୍ଫୁରଣ ହେତୁ ଯାହାର ଧ୍ୱଂସକାରୀ ପ୍ରଚଣ୍ଡ ଶକ୍ତି ପଲକ ମାତ୍ରେ ବାହାରିଥାଏ; atomic energy ଆଣବିକ ଶକ୍ତି; atomic number, atomic theory ସମସ୍ତ ବସ୍ତୁ ଅଣୁ ଉପାଦାନରେ ଗଠିତ - ଏହି ତତ୍ତ୍ୱ; atomic weight ପରମାଣୁ ଭାର ।

Digitized by srujanika@gmail.com

**atomise** *ସ.କ୍ରି.* (କିଛିକୁ) କ୍ଷୁଦ୍ରାତିକ୍ଷୁଦ୍ରତମ ଅଂଶରେ ବିଭକ୍ତ କରିବା, ପରମାଣୁରେ ପରିଣତ କରିବା।

**atomizer** ବି. ତରଳ ପଦାର୍ଥକୁ ସୂକ୍ଷ୍ମତମ କଣିକାରେ ପରିଣତ କରି ଛିଞ୍ଚିବାର ଉପକରଣ ବା ଯନ୍ତ୍ର।

**atonal** ବିଂ. (ସଙ୍ଗୀତ) ନିର୍ଦ୍ଦିଷ୍ଟ ସ୍ୱରଗ୍ରାମରେ ପଡୁ ନ ଥିବା; ବି. atonality.

**atone** *ଅ.କ୍ରି.* (ଦୋଷ ବା ଭୁଲ ପାଇଁ) ପ୍ରତିକାର କରିବା; (ପାପ ନିମିତ୍ତ) ପ୍ରାୟଶ୍ଚିତ କରିବା; (ହାନି ପାଇଁ) କ୍ଷତିପୂରଣ କରିବା।

**atonement** ବି. ପ୍ରାୟଶ୍ଚିତ, ଅନୁତାପ, କ୍ଷତିପୂରଣ; Atonement ମାନବ ସମାଜକୁ ପାପରୁ ପରିତ୍ରାଣ କରିବାକୁ ଯୀଶୁଖ୍ରୀଷ୍ଟଙ୍କର ଦୁଃଖ ଓ ମୃତ୍ୟୁବରଣ।

**atrocious** ବିଂ. ନିଷ୍ଠୁର, ନିର୍ଦ୍ଦୟ, ବର୍ବର, ନୃଶଂସ, ଅମାନୁଷିକ, ପୈଶାଚିକ, ଅତି ମନ୍ଦ ବା ହୀନ; *କ୍ରି.ବିଂ.* atrociously.

**atrocity** ବି. ନିଷ୍ଠୁରତା, ବର୍ବରତା, ନୃଶଂସତା, ଅତି ନିଷ୍ଠୁର କର୍ମ।

**atrophy** 1. ବି. କୃଶତା, ଶୀର୍ଣ୍ଣତା, ପୁଷ୍ଟିକର ଖାଦ୍ୟ ଅଭାବରୁ କ୍ରମଶଃ କୃଶତା ପ୍ରାପ୍ତି; 2. *ସ.କ୍ରି.* ଶରୀରକୁ କ୍ଷୀଣ କରିବା, କ୍ରମଶଃ ଶୀର୍ଣ୍ଣ ହେବା, ଦୁର୍ବଳ ହେବା।

**atropin(e)** ବି. ଧଳା ରଙ୍ଗର ଦାନାଦାର ବିଷ, ଧାତୁରା ଜାତୀୟ ଏକ ଗଛ (Atropa bella-donna).

**attach** *କ୍ରି.* ସଂଲଗ୍ନ କରିବା, ଯୋଡ଼ିବା, ସାମିଲ କରିବା, ସଂଲଗ୍ନ ଥିବା, ଆରୋପ କରିବା; ଆଇନ୍‌ରେ କ୍ରୋକ୍ (ଜବତ୍) କରିବା, ଆଇନ୍ ବଳରେ ଦଖଲକୁ ନେବା, ଗିରଫ କରିବା; attached ବିଂ. ସଂଯୁକ୍ତ, ସଂଲଗ୍ନ, ଅନ୍ତର୍ଭୁକ୍ତ, ଅନୁରକ୍ତ, ଆସକ୍ତ; attachment ବି. ସଂଯୋଗ, ଆସକ୍ତି, ଅନୁରକ୍ତି, ସ୍ନେହ, ଅନୁରାଗ, ମମତା, ବନ୍ଧୁତା; attachable ବିଂ. ସଂଯୋଜ୍ୟ।

**attache** ବି. ବିଶେଷ ଦାୟିତ୍ୱସମ୍ପନ୍ନ ଦୂତାବାସର ସହକାରୀ କର୍ମକର୍ତ୍ତା, ରାଷ୍ଟ୍ରଦୂତଙ୍କର ସହକାରୀ ବା ସହଚର; attache case କାଗଜ ବା ମୂଲ୍ୟବାନ୍ ଦଲିଲ୍ ନେବା ଆଣିବାରେ ବ୍ୟବହୃତ ଚାରିକୋଣିଆ ଛୋଟ ହାତ ବାକ୍ସ।

**attachment** ବି. ମମତା, ଅନୁରକ୍ତି, ଆସକ୍ତି, ଅନୁରାଗ, ସ୍ନେହ, ବନ୍ଧୁତା; ସଂଲଗ୍ନ ବସ୍ତୁ; ଆଇନ୍ ଅନୁସାରେ କ୍ରୋକ୍ ବା ଜବତ୍।

**attack** 1. *କ୍ରି.* ଆକ୍ରମଣ କରିବା, ନିନ୍ଦା କରିବା, ସମାଲୋଚନା କରିବା; (ରୋଗ) ଆକ୍ରମଣ କରିବା; ଦୃଢ଼ ଭାବେ କାର୍ଯ୍ୟ ଆରମ୍ଭ କରିବା, (ଧାତୁକୁ) କ୍ଷୟ କରିବା; (ଖେଳରେ) ଜିତିବାକୁ ଦୃଢ଼ ଚେଷ୍ଟା କରିବା; 2. ବି. ଆକ୍ରମଣ।

**attain** *କ୍ରି.* ପହଞ୍ଚିବା, ପ୍ରବେଶ କରିବା, ପଦାର୍ପଣ କରିବା, ସମ୍ପାଦନ କରିବା, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା; attainable ବିଂ. ପ୍ରାପ୍ୟ, ଲଭ୍ୟ, ଗମ୍ୟ।

**attainment** ବି. ପ୍ରାପ୍ତି, ଲାଭ, ଅର୍ଜନ, ବ୍ୟୁତ୍ପତ୍ତି, ଅର୍ଜିତ ବିଦ୍ୟା, ଗୁଣ ବା ଯୋଗ୍ୟତା।

**attar** ବି. ଅତର; ଗୋଲାପ ପାଖୁଡ଼ାରୁ ପ୍ରସ୍ତୁତ ସୁବାସିତ ଅର୍କ।

**attempt** 1. *ସ.କ୍ରି.* ଯତ୍ନ କରିବା, ଚେଷ୍ଟା କରିବା, ଉଦ୍ୟମ କରିବା, ଆୟୋଜନ କରିବା; 2. ବି. ଯତ୍ନ, ଉଦ୍ୟମ, ଚେଷ୍ଟା।

**attend** *ସ.କ୍ରି./ଅ.କ୍ରି.* ଉପସ୍ଥିତ ହେବା, ଯୋଗ ଦେବା, ସେବା ପାଇଁ ପାଖରେ ଥିବା, ମନୋଯୋଗ ଦେବା, ସାଙ୍ଗରେ ଯିବା; attend on or upon ପରିଚର୍ଯ୍ୟା କରିବା।

**attendance** ବି. ଉପସ୍ଥିତି, ହାଜିରା, ସେବା ଶୁଶ୍ରୂଷା।

**attendant** ବି./ବିଂ. ସେବକ, ଅନୁଚର, ସହଚର।

**attention** ବି. ମନୋଯୋଗ, ଅଭିନିବେଶ, ଯତ୍ନ, ସାବଧାନ ଅବସ୍ଥା, ଭଦ୍ରବ୍ୟବହାର, ସମାଦର, ବିବେକାନୁମୋଦିତ ବିଚାର।

**attentive** ବିଂ. ମନୋଯୋଗୀ, ସତର୍କ, ଯତ୍ନବାନ୍, ଅନ୍ୟକୁ ସାହାଯ୍ୟ କରିବାକୁ ଆଗ୍ରହଶୀଳ।

**attenuate** *ସ.କ୍ରି.* କୃଶ ବା କ୍ଷୀଣ କରିବା; ସୂକ୍ଷ୍ମତର ଅଂଶରେ ବିଭକ୍ତ କରିବା; ମୂଲ୍ୟ ବା ଶକ୍ତିର ହ୍ରାସ କରିବା; attenuation ବି. ହ୍ରାସକରଣ।

**attest** *କ୍ରି.* ପ୍ରକୃତ ସତ୍ୟ ବୋଲି କହିବା କିମ୍ବା ଘୋଷଣା କରିବା, ସତ୍ୟ ପ୍ରମାଣ କରିବା; ସାକ୍ଷୀରୂପେ ନିଜକୁ ଉପସ୍ଥାପିତ କରିବା; attestation ବି. ସାକ୍ଷ୍ୟ, ସାକ୍ଷ୍ୟ ଦାନ, ପ୍ରମାଣ; ସାକ୍ଷୀରୂପେ ପ୍ରାମାଣିକ ସ୍ୱାକ୍ଷର।

Digitized by srujanika@gmail.com

**attic** ବି. ପ୍ରାସାଦର ଉଚ୍ଚତମ ମହଲା, ସେଠାରେ ଥିବା ଏକମାତ୍ର ପ୍ରକୋଷ୍ଠ।

**Attic** 1. ବିଂ. ଏଥେନ୍ସ ବା ଆଟିକା ନଗର ସମ୍ବନ୍ଧୀୟ, ସେଠାରେ ଚଳୁଥିବା ଉପଭାଷା ସମ୍ବନ୍ଧୀୟ, ସୁରୁଚି ସମ୍ପନ୍ନ; 2. ବି. ଆଟିକା ନଗରର ଭାଷା ଯାହା ଗ୍ରୀକ ଗଦ୍ୟରେ ବହୁଳ ଭାବରେ ବ୍ୟବହୃତ; Attic purity ଭାଷାର ବିଶେଷ ବିଶୁଦ୍ଧତା ବା ଅବିମିଶ୍ରତା।

**attire** ବି. ପୋଷାକ, ପରିଚ୍ଛଦ, ସ୍ଥାନାନୁକୂଳ ବେଶଭୂଷା।

**attired** ବିଂ. ବେଶ ପରିହିତ, ବିଶେଷତଃ ରୁଚିପୂର୍ଣ୍ଣ ଓ ଆନୁଷ୍ଠାନିକ।

**attitude** ବି. ଭଙ୍ଗୀ, ହାବଭାବ, ଅଙ୍ଗଭଙ୍ଗୀ, ଦୃଷ୍ଟିଭଙ୍ଗୀ, ମନୋବୃତ୍ତି, ମନୋଭାବ, ଦୃଷ୍ଟିକୋଣ।

**attitudinize** ଅ.କ୍ରି. କୃତ୍ରିମ ଭଙ୍ଗୀ ପ୍ରକାଶ କରିବା; ଛଳନା ପୂର୍ଣ୍ଣ ଭାବେ କହିବା, ଲେଖିବା ବା ବ୍ୟବହାର କରିବା।

**attorney** ବି. ବ୍ୟବସାୟ କିମ୍ବା ଆଇନ୍ ସଂକ୍ରାନ୍ତ ବିଷୟରେ ପ୍ରତିନିଧିତ୍ୱ କରିବା ପାଇଁ କ୍ଷମତା ପ୍ରାପ୍ତ ବ୍ୟକ୍ତି, ଆଇନ୍ ଅନୁମୋଦିତ ପ୍ରତିନିଧି; ଓକିଲ, ବ୍ୟବହାରଜୀବୀ; Attorney General ଉଚ୍ଚତମ ପଦସ୍ଥ ଓକିଲ ଯାହାଙ୍କର ନିଯୁକ୍ତି ସରକାରୀ କାର୍ଯ୍ୟ ନିର୍ବାହ ପାଇଁ ସରକାରଙ୍କ ପକ୍ଷରୁ କରାଯାଏ।

**attract** ସ.କ୍ରି. ଆକର୍ଷଣ କରିବା, ମନ ହରଣ କରିବା, ପ୍ରଲୁବ୍ଧ କରିବା, ଦୃଷ୍ଟି ଆକର୍ଷଣ କରିବା।

**attraction** ବି. ଆକର୍ଷଣ, ଆକର୍ଷଣୀଶକ୍ତି, ପ୍ରଲୋଭନ।

**attractive** ବିଂ. ଆକର୍ଷଣକାରୀ, ଲୋଭନୀୟ, ଚିତ୍ତାକର୍ଷକ, ରୁଚିକର, ମନୋହାରୀ।

**attribute** 1. ସ.କ୍ରି. ବ୍ୟକ୍ତି ବା ବସ୍ତୁର ଗୁଣ ବା ବିଶେଷତ୍ୱ ରୂପେ ଗଣ୍ୟ କରିବା; 2. ବି. ବ୍ୟକ୍ତି ବା ବସ୍ତୁର ସ୍ୱାଭାବିକ ଧର୍ମ ବା ଗୁଣ, ବ୍ୟକ୍ତିର ପଦମର୍ଯ୍ୟାଦା ବା ବିଶେଷତ୍ୱ ସୂଚକ ଚିହ୍ନ; 3. attribute to (କାହାପ୍ରତି) ଆରୋପ କରିବା; (କୌଣସି ବସ୍ତୁକୁ) କାରଣ ରୂପେ ନେବା; ବି. attribution.

**attributive** ବିଂ./ବି. ଗୁଣ ସମ୍ବନ୍ଧୀୟ, ଗୁଣବାଚକ; ସମ୍ପୃକ୍ତ ବିଶେଷ୍ୟ ପୂର୍ବରୁ ବସୁଥିବା ବିଶେଷଣ ପଦ (ବ୍ୟାକରଣରେ) ଉଦା. the tall man (the man is tall ନୁହେଁ)।

**attrition** ବି. ଘର୍ଷଣ, କ୍ଷୟସାଧନ, ଘର୍ଷଣ ଜନିତ କ୍ଷୟପ୍ରାପ୍ତି (ଘଷି ହୋଇ ଘୋରି ଯିବା)।

**attune** ସ.କ୍ରି. ସମନ୍ୱିତ କରିବା; (ସଙ୍ଗୀତରେ) ସ୍ୱର ବାନ୍ଧିବା, ସମସ୍ୱର କରିବା।

**atypical** ବିଂ. କୌଣସି ଶ୍ରେଣୀ, ଗୋଷ୍ଠୀ ବା ପ୍ରକାରର ବହିର୍ଭୂତ।

**Au** ସଂ aurum ସ୍ୱର୍ଣ୍ଣ।

**auburn** ବିଂ. ସ୍ୱର୍ଣ୍ଣାଭ, ପୀତାଭ-ଶ୍ୱେତବର୍ଣ୍ଣ (କେଶ ସମ୍ପର୍କରେ)।

**auction** 1. ବି. ନିଲାମ, ସର୍ବସାଧାରଣ ସ୍ଥାନରେ ସର୍ବୋଚ୍ଚ ଦାମ ଦେବା ଲୋକକୁ ବିକ୍ରୀ; 2. ସ.କ୍ରି. ନିଲାମରେ ବିକ୍ରି କରିବା; auction bridge, ଏକ ପ୍ରକାର ବ୍ରିଜ୍ ଖେଳ; Dutch auction ଏକ ପ୍ରକାର ନିଲାମ ଯେଉଁଥିରେ ନିଲାମ କର୍ତ୍ତା ପ୍ରଥମେ ସର୍ବୋଚ୍ଚ ମୂଲ୍ୟର ଡାକ ଦେଇ ନିଲାମରେ କିଣିଲା ଗ୍ରାହକ ମିଳିବା ପର୍ଯ୍ୟନ୍ତ କ୍ରମଶଃ ତଳକୁ ତଳ ଦର ଖସାଏ।

**auctioneer** ବି. ନିଲାମ କର୍ତ୍ତା, ନିଲାମ ଦ୍ୱାରା ବିକ୍ରୟକାରୀ।

**audacious** ବିଂ. ଦୁଃସାହସୀ, ଧୃଷ୍ଟ, ଦାମ୍ଭିକ, ସ୍ପର୍ଦ୍ଧାଶୀଳ, ନିର୍ଲଜ୍ଜ; audacity ବି. ସ୍ପର୍ଦ୍ଧା, ଧୃଷ୍ଟତା, ଦୁଃସାହସ।

**audible** ବିଂ. ଶ୍ରାବ୍ୟ, ଶ୍ରବଣଯୋଗ୍ୟ, ଶ୍ରୁତିଗୋଚର, ଯାହା ଶୁଣା ଯାଇ ପାରେ।

**audience** ବି. ଶ୍ରୋତୃବର୍ଗ, ଦର୍ଶକ ମଣ୍ଡଳୀ/ସମାଜ; ଆନୁଷ୍ଠାନିକ ସାକ୍ଷାତ୍କାର।

**audio** ବି.ସଂ. ଶବ୍ଦ ବା ଶବ୍ଦର ପୁନରାବୃତ୍ତି; (ଯୌଗିକ ଶବ୍ଦରେ) ତତ୍ ସମ୍ବନ୍ଧୀୟ; audio frequency, audio typist, etc.; audio-visual education ଆଖି-କାନ ମାଧ୍ୟମରେ ଶିକ୍ଷା।

**audit** 1. ବି. ଅଫିସ୍ ସରୀୟ ହିସାବ ପତ୍ରର ସମୀକ୍ଷଣ ବା ପରୀକ୍ଷା; 2. ସ.କ୍ରି. ଉକ୍ତ ସମୀକ୍ଷା କରିବା।

**audition** 1. ବି. ଅଭିନେତା ବା ଗାୟକର ଯୋଗ୍ୟତା ବିବେଚନା ପାଇଁ ପରୀକ୍ଷା, ଶ୍ରବଣ ଶକ୍ତି; 2. ସ.କ୍ରି. ଏପରି ପରୀକ୍ଷା କରିବା।

**auditor** ବି. ସରକାରୀ ବା ବେସରକାରୀ ଖର୍ଚ୍ଚପତ୍ରର ଅନୁମୋଦିତ ହିସାବ ଯାଞ୍ଚକାରୀ; ଶ୍ରୋତା।

Digitized by srujanika@gmail.com

**auditorium** ବି. ଦର୍ଶକବୃନ୍ଦ ପାଇଁ ନାଟ୍ୟଶାଳାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନ;. ପ୍ରେକ୍ଷାଗାର, ପ୍ରେକ୍ଷାଳୟ; ବ.ବ. auditoriums.

**auditory** ବିଂ. ଶ୍ରବଣେନ୍ଦ୍ରିୟ ସମ୍ବନ୍ଧୀୟ।

**Augean** ବିଂ. ଆବର୍ଜନାଭରା, ମଇଳା ପୂର୍ଣ୍ଣ (ଗ୍ରୀସ୍ ରାଜା Augeasଙ୍କର ଆବର୍ଜନାଭରା ବିରାଟ ଘୋଡ଼ାଶାଳକୁ Hercules ନଦୀର ଜଳପ୍ଲାବନ ଦ୍ୱାରା ଦିନକରେ ସଫା କରିଥିଲେ); Augean stable *(ଲାକ୍ଷ.)* ଝଞ୍ଜାଳଭରା ବ୍ୟାପାର।

**auger** ବି. ବଢ଼େଇର ଭଅଁର, ଅଗର।

**aught** ବି. (ପ୍ରା.ପ୍ର.) କୌଣସି ଜିନିଷ, ଯାହା କିଛି।

**augment** 1. *ସ.କ୍ରି.* ବଢ଼ାଇବା, ବର୍ଦ୍ଧିତ କରିବା; 2. ବି. ଗ୍ରୀକ୍ ଓ ସଂସ୍କୃତ ଭାଷାରେ ଅତୀତ କାଳରେ କ୍ରିୟା ପୂର୍ବରେ ବ୍ୟବହୃତ ସ୍ୱରବର୍ଣ୍ଣ, ଉଦା - ଅକଥୟତ୍; augmentation ବି. ବର୍ଦ୍ଧନ, ସଂଯୋଗ।

**augmentative** ବି/ବିଂ. ବର୍ଦ୍ଧିଷ୍ଣୁ, ବର୍ଦ୍ଧନକ୍ଷମ।

**augur** 1. ବି. ପ୍ରାଚୀନ ରୋମର ଗଣକ, ଦୈବଜ୍ଞ, ଭବିଷ୍ୟତ୍ ବକ୍ତା, (ଶକୁନ ଦେଖି) ଭାଗ୍ୟ ଗଣନାକାରୀ; 2. *କ୍ରି.* ଭବିଷ୍ୟତ୍ ଗଣନା କରିବା, ଶୁଭ ବା ଅଶୁଭ ସଙ୍କେତ ରୂପେ କାର୍ଯ୍ୟ କରିବା।

**augury** ବି. କାକ ଚରିତ୍ର ବା ଶାକୁନ ବିଦ୍ୟା; augural ବିଂ. ଶାକୁନ ବିଦ୍ୟା ସଂକ୍ରାନ୍ତ।

**August**[1.] ବି. ଇଂରାଜୀ ବର୍ଷର ଅଷ୍ଟମ ମାସ-"ଶ୍ରାବଣ-ଭାଦ୍ର"।

**august**[2.] ବିଂ. ସମ୍ମାନାସ୍ପଦ, ମହିମାନ୍ୱିତ।

**Augustan** ବିଂ. ଲାଟିନ୍ ସାହିତ୍ୟର ଚରମ ଉନ୍ନତି କାଳ ଯେତେବେଳେ ସମ୍ରାଟ୍ ଅଗଷ୍ଟସ୍ ରାଜତ୍ୱ କରୁଥିଲେ (31 B.C. to 14 A.D.).

**aunt** ବି. ବାପା ବା ମାଆର ଭଉଣୀ ବା ଭଉଣୀ ତୁଲ୍ୟ ଅର୍ଥାତ୍ ପିଉସୀ, ମାଉସୀ, ଦେଢ଼େଇ, ଖୁଡୀ, ମାଇଁ ପ୍ରଭୃତି।

**aunty** ବି. (ବା auntie) aunt ର ବିକଳ୍ପ *(କ.ଭା.)*।

**aura** ବି. କୌଣସି ବ୍ୟକ୍ତି ବା ବସ୍ତୁରୁ ବିଚ୍ଛୁରିତ ଆଭା ବା ଦୀପ୍ତି, ସୂକ୍ଷ୍ମତେଜ।

**aural** ବିଂ. ବାୟୁ ସମ୍ବନ୍ଧୀୟ; କର୍ଣ୍ଣ ସମ୍ବନ୍ଧୀୟ, ଶ୍ରବଣ ସମ୍ଭୂତ।

**aureate** ବିଂ. ସୁନେଲି, ତେଜୀୟାନ୍, ଚକ୍‌ଚକ୍।

**aureola** ବି.କ. aureole ବି. ଦେବତାମାନଙ୍କର ମୁଖମଣ୍ଡଳ ଚତୁଃପାର୍ଶ୍ୱସ୍ଥ ଜ୍ୟୋତିର୍ମୟ ଆଭା; ଚନ୍ଦ୍ରମଣ୍ଡଳ, ସୂର୍ଯ୍ୟବଳୟ।

***au revoir*** ପୁନର୍ଦର୍ଶନାୟ, ବିଦାୟ। *(ଫ୍ର.)*

**auricle** ବି. କର୍ଣ୍ଣର ବହିର୍ଭାଗ; ହୃତ୍‌ପିଣ୍ଡର ଉପରିଭାଗସ୍ଥ ଦୁଇ ରନ୍ଧ୍ର ଭିତରୁ ଗୋଟିଏ।

**auricular** ବିଂ. କର୍ଣ୍ଣ ସମ୍ବନ୍ଧୀୟ, କାନରେ କାନରେ ଗୋପନରେ କଥିତ; ଗୋପନୀୟ, ଗୁପ୍ତ; କର୍ଣ୍ଣାକୃତିବିଶିଷ୍ଟ।

**auriferous** ବିଂ. ସ୍ୱର୍ଣ୍ଣଗର୍ଭ, ସ୍ୱର୍ଣ୍ଣ ଉତ୍ପାଦକ।

**aurora borealis** ବି. ଉତ୍ତର-ମେରୁ ଜ୍ୟୋତି; aurora australis ବି. ଦକ୍ଷିଣ-ମେରୁ ଜ୍ୟୋତି।

**auscultation** ବି. ଫୁସଫୁସ, ହୃଦୟର ସ୍ପନ୍ଦନ ପ୍ରଭୃତି ଶରୀର ଅଭ୍ୟନ୍ତରସ୍ଥ ଧ୍ୱନି ଶୁଣି ରୋଗ ନିର୍ଣ୍ଣୟ (ଚିକିତ୍ସା ପାଇଁ)।

**auspice** ବି. ଭାବୀ ଶୁଭାଶୁଭର ସୂଚନା; ବ.ବ. auspices ପୃଷ୍ଠପୋଷକତା, ଆନୁକୂଲ୍ୟ।

**auspicious** ବିଂ. ଅନୁକୂଳ, ସୌଭାଗ୍ୟକର, ଶୁଭ ସୂଚକ, ମଙ୍ଗଳସୂଚକ।

**Aussie** ବି./ବିଂ. (ସଂଶ) ଅଷ୍ଟ୍ରେଲିଆ ଦେଶୀୟ, ଅଷ୍ଟ୍ରେଲିଆବାସୀ।

**austere** ବିଂ. କଠୋର, କଡ଼ା, ନିରାଟ ସରଳ, ବାହୁଲ୍ୟବର୍ଜିତ, ନୀତି ନିୟମରେ କଟକଣାକାରୀ।

**austerity** ବି. କଠୋରତା, କୃଚ୍ଛ୍ର ସଂଯମ, କର୍କଶତା, ଆତ୍ମନିଗ୍ରହ, ବୈରାଗ୍ୟ, ସନ୍ନ୍ୟାସ।

**austral** ବିଂ. ଦକ୍ଷିଣ; ଅଷ୍ଟ୍ରେଲିଆ ଦେଶର ଅଧିବାସୀ; ଅଷ୍ଟ୍ରେଲେସୀୟ।

**Australasian** ବି./ବିଂ. ଅଷ୍ଟ୍ରେଲେସୀୟ, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ନିଉଗିନି ଆଦି ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ସମ୍ପର୍କୀୟ।

**Australian** 1. ବିଂ. ଅଷ୍ଟ୍ରେଲିଆ ଦେଶର; 2. ବି. ଅଷ୍ଟ୍ରେଲିଆ ଦେଶବାସୀ/ଅଧିବାସୀ।

**autarchy** ବି. ସ୍ୱେଚ୍ଛାଚାର, ସ୍ୱୈରତନ୍ତ୍ର।

**autarky** ବି. ଅର୍ଥନୈତିକ ସ୍ୱୟଂସମ୍ପୂର୍ଣ୍ଣତା ବା ସ୍ୱୟଂସମ୍ପନ୍ନତା।

**authentic** ବିଂ. ଖାଣ୍ଟି, ପ୍ରକୃତ, ଯଥାର୍ଥ, ବିଶ୍ୱାସଯୋଗ୍ୟ (ସତ୍ୟ), ପ୍ରମାଣସିଦ୍ଧ, ପ୍ରାମାଣିକ, ଅସଲି, ଜାଲ୍ ହୋଇ ନ ଥିବା; authenticity ବି. ସତ୍ୟତା, ଅକୃତ୍ରିମତା, ପ୍ରାମାଣିକତା।

Digitized by srujanika@gmail.com

**authenticate** ସ.କ୍ରି. ଖାଣ୍ଟି, ପ୍ରକୃତ ବା ଅସଲି ବୋଲି ପ୍ରମାଣିତ କରିବା, ସତ୍ୟ ପ୍ରତିପନ୍ନ କରିବା, ସାବ୍ୟସ୍ତ କରିବା।

**author** ବି. ଗ୍ରନ୍ଥକର୍ତ୍ତା, ଲେଖକ, ରଚୟିତା, ସ୍ରଷ୍ଟା, ଆରମ୍ଭକର୍ତ୍ତା।

**authoritarian** 1. ବିଂ. ପ୍ରଭୁତ୍ୱ ପରାୟଣ; 2. ବି. ପ୍ରଭୁତ୍ୱ ପରାୟଣ ବ୍ୟକ୍ତି।

**authoritative** ବିଂ. ପ୍ରଭୁତ୍ୱ ବ୍ୟଞ୍ଜକ, ଶାସନ ସୂଚକ, ଦୃଢ଼ତାପୂର୍ଣ୍ଣ, ନ୍ୟାୟସଙ୍ଗତ, ନିର୍ଭରଯୋଗ୍ୟ, ପ୍ରାମାଣିକ।

**authority** ବି. କ୍ଷମତା, ପ୍ରଭୁତ୍ୱ, ହସ୍ତାନ୍ତରିତ ଅଧିକାର, କର୍ତ୍ତୃପକ୍ଷ, ନଜିର, ପ୍ରମାଣ, ଆପ୍ତବାକ୍ୟ; ବ.ବ. ଉଚ୍ଚ କର୍ତ୍ତୃପକ୍ଷ, ଶାସକ ମଣ୍ଡଳୀ, ପ୍ରାଧିକାରୀ, ବିଶେଷଜ୍ଞ।

**authorize** ସ.କ୍ରି. କ୍ଷମତା ଅର୍ପଣ କରିବା, କ୍ଷମତା ସମ୍ପନ୍ନ କରିବା, ଅଧିକାର ଦେବା; Authorized Version ବି. ବାଇବେଲ୍‌ର ଇଂରେଜି ଅନୁବାଦ (ପ୍ରଥମ ଜେମ୍‌ସ୍ ୧୬୧୧ଖ୍ରୀ.ଅ.ରେ ଦେଇଥିବା ଅନୁମତି ଫଳରେ କୃତ); ବି. authorization.

**authorship** ବି. ପୁସ୍ତକର ମୂଳ ସୃଷ୍ଟି, ଗ୍ରନ୍ଥକର୍ତ୍ତାର ବୃତ୍ତି, ଗ୍ରନ୍ଥକାରତ୍ୱ।

**auto–** ବି. (କ.ଭା.) automobile ସଂଶ. ଅଟୋମୋବାଇଲ୍; ବ.ବ. autos.

**auto** ସଂ. ସ୍ୱୟଂଚାଳିତ, ସ୍ୱାତନ୍ତ୍ର୍ୟ ବିଶିଷ୍ଟ।

**autobiography** ବି. ଆତ୍ମଚରିତ, ଆତ୍ମଜୀବନୀ; ବି. autobiographer; ବିଂ. autobiographical.

**autochthonous** ବିଂ. ଦେଶୀୟ, ସ୍ୱଦେଶୀ, ଆଦିମ।

**autoclave** ବି. ସ୍ୱୟଂବିଶୋଧକ ପାତ୍ର ଯେଉଁଥିରେ ଉଚ୍ଚ ଚାପର ବାଷ୍ପ ପ୍ରୟୋଗ ଦ୍ୱାରା ଶଲ୍ୟ ଚିକିତ୍ସା, ପ୍ରଭୃତିରେ ସରଞ୍ଜାମକୁ ଜୀବାଣୁମୁକ୍ତ କରାଯାଏ।

**autocracy** ବି. ସ୍ୱୈରତନ୍ତ୍ର, ନିରଙ୍କୁଶ ଶାସନ, ଏକଚ୍ଛତ୍ରବାଦ, ଏକନାୟକତ୍ୱ; autocrat ବି. ସ୍ୱେଚ୍ଛାଚାରୀ ଶାସକ, ନିରଙ୍କୁଶ ଶାସକ; autocratic ବିଂ. ନିରଙ୍କୁଶ, ଯଥେଚ୍ଛାଚାରୀ।

**autocross** ବି. ଆବୁଡ଼ାଖାବୁଡ଼ା ରାସ୍ତାରେ ମଟରଗାଡ଼ି ଦଉଡ଼।

**Autocue** ବି. କେମେରା ପାର୍ଶ୍ୱସ୍ଥ ଉପକରଣ ଯେଉଁଠାରୁ ଟେଲିଭିଜନର ଘୋଷକ/ ପାଠକ ଲେଖା ବା ସମ୍ବାଦ ପଢ଼େ।

**autograph** 1. ବି. ସ୍ୱାକ୍ଷର, ସ୍ୱହସ୍ତଲିପି, ଗ୍ରନ୍ଥକର୍ତ୍ତାଙ୍କର ସ୍ୱହସ୍ତ ଲିଖିତ ପାଣ୍ଡୁଲିପି; 2. ସ.କ୍ରି. ନିଜ ହାତରେ ବା ଶିଳା ମୁଦ୍ରଣରେ (ଲିଥୋଗ୍ରାଫ୍‌ରେ) ନକଲ କରିବା।

**automat** ବି. (ମେସିନ୍) କଳଦ୍ୱାରା ଖାଦ୍ୟ ପଦାର୍ଥ ବିତରକ ହୋଟେଲ ବା ଭୋଜନାଳୟ; (ଆମେ.) ପଇସା ଗଳାଇ ସୁଇଚ୍ ଟିପିଲେ ବାଞ୍ଛିତ ଦ୍ରବ୍ୟ ବାହାରୁଥିବା କଳ।

**automate** ସ.କ୍ରି. ସ୍ୱୟଂଚାଳିତ ଯନ୍ତ୍ର ସାହାଯ୍ୟରେ କର୍ମ ସମ୍ପାଦନ କରିବା।

**automatic** ବି. ସ୍ୱୟଂଚାଳିତ, ସ୍ୱୟଂକ୍ରିୟ; କ୍ରି.ବିଂ. automatically.

**automation** ବି. ସ୍ୱୟଂ ସଚଳ ଯନ୍ତ୍ର ସହାୟତାରେ ବା ସ୍ୱୟଂଚାଳିତ ଯାନ୍ତ୍ରିକ ପଦ୍ଧତିରେ ମାଲ ଉତ୍ପାଦନ; ମାନବ ଶକ୍ତି ପରିବର୍ତ୍ତେ ସ୍ୱୟଂଚାଳିତ ଯନ୍ତ୍ରର ବ୍ୟବହାର।

**automatism** ବି. ସ୍ୱୟଂଚଳନ ଶକ୍ତି; ଅନଭିପ୍ରେତ ବା ଅନିଚ୍ଛାକୃତ କର୍ମ।

**automaton** ବି. ସ୍ୱୟଂଚଳନ କଳ; ଯେଉଁ ଲୋକ ନିଜର ଭାବିବାର ଯୋଗ୍ୟତା ନ ଥାଇ ଯନ୍ତ୍ର ପରି କାର୍ଯ୍ୟ କରେ।

**automobile** ବି. ମଟର ଗାଡ଼ି, ସ୍ୱୟଂ ଗତିଶୀଳ ଗାଡ଼ି।

**automotive** ବିଂ. ମୋଟର ଗାଡ଼ି ସମ୍ପର୍କିତ।

**autonomous** ବିଂ. ସ୍ୱୟଂଶାସିତ, ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିବା।

**autonomy** ବି. ସ୍ୱାୟତ୍ତ ଶାସନ ଅଧିକାର, ସ୍ୱତନ୍ତ୍ର୍ୟ ରାଜନୈତିକ ସ୍ୱାଧୀନତା।

**autopilot** ବି. ସ୍ୱୟଂକ୍ରିୟ ଚାଳକ।

**autopsy** ବି. ଶବ ପରୀକ୍ଷା, ମୃତଦେହରେ ଆଇନ ସହାୟକ ପରୀକ୍ଷା।

**auto–suggestion** ବି. ଅବଚେତନ ଅବସ୍ଥାରେ ଜଣେ ବ୍ୟକ୍ତିର ନିଜପ୍ରତି ସୂଚନା, ଆଭାସ ବା ପ୍ରଭାବ।

**autumn** ବି. ଶରତ ଋତୁ, ଶରତ କାଳ (ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ବ୍ୟାପୀ) ବିଂ. autumnal.

**auxiliary** 1. ବିଂ. ସାହାଯ୍ୟକାରୀ, ବା ସହାୟକ (ସ୍ଥାୟୀ ଓ ନିୟମିତ ନୁହେଁ); 2. ବି. ଯୁଦ୍ଧ ବେଳେ ବୈଦେଶିକ ମିତ୍ର ଶକ୍ତିର ସେନା (ସକ୍ରିୟ) ବ୍ୟା. ସହାୟକ କ୍ରିୟା।

Digitized by srujanika@gmail.com

**avail** 1. କ୍ରି. କାମରେ ଉପଯୋଗ ହେବା, ଉପକାର କରିବା, କାମରେ ଆସିବା ବା ଲାଗିବା, ସାହାଯ୍ୟ କରିବା; avail oneself of ସୁଯୋଗ ବ୍ୟବହାର କରିବା; 2. ବି. ସୁବିଧା, ବ୍ୟବହାର, ଉପକାର ।

**available** ବିଂ. ପ୍ରାପ୍ତବ୍ୟ, ଉପଲବ୍ଧ, ଯାହା ମିଳିପାରିବ ।

**avalanche** ବିଂ. ପାହାଡ଼ରୁ ଖସୁଥିବା ବିଶାଳ ଆକୃତିର ବରଫ, ପଥର ଖଣ୍ଡ ପ୍ରଭୃତି ।

**avant-garde** 1. ବି. ନବୀନ ପଦ୍ଧତିର ଅଗ୍ରଗାମୀ ସଂସ୍କାରକ ଦଳ (ବିଶେଷ କରି କଳା ବା ସାହିତ୍ୟ କ୍ଷେତ୍ରରେ); 2. ବିଂ. ନବୀନ, ପ୍ରଗତିପନ୍ଥୀ ।

**avarice** ବି. ଅର୍ଥଲିପ୍ସା, ଲୋଭ, ଅତିରିକ୍ତ ଧନ ଲୋଲୁପତା; avaricious ବିଂ. ଅର୍ଥଲୋଭୀ, ଅର୍ଥଲିପ୍ସୁ ।

**avatar** ବି. ଅବତାର, ହିନ୍ଦୁ ମତରେ ଭଗବାନଙ୍କର ଶରୀରଧାରୀରୂପେ ମର୍ତ୍ତ୍ୟରେ ଅବତରଣ ।

**Ave** (Ave Maria ର ସଂଶ.) ବି. କୁମାରୀ ମେରୀଙ୍କୁ ପ୍ରାର୍ଥନା ।

**avenge** ସ.କ୍ରି. ପ୍ରତିଶୋଧ ନେବା, ପ୍ରତିହିଂସା ସାଧନ କରିବା, ପ୍ରତିଫଳ ଦେବା; be avenged (କୌଣସି ଅନ୍ୟାୟର ପ୍ରତିକାର ନିମନ୍ତେ) ପ୍ରତିଶୋଧ ନେବା, ପ୍ରତିହିଂସା ମେଣ୍ଟାଇବା; avenger ବି. ପ୍ରତିଶୋଧ ଗ୍ରହଣକାରୀ ।

**avenue** ବି. ଦୁଇପାର୍ଶ୍ୱରେ ବୃକ୍ଷଶୋଭିତ ରାଜପଥ, ବୀଥି, ବୀଥିକା, ମଣ୍ଡିତ ପଥ; (ଲକ୍ଷଣାର୍ଥରେ) ଉପାୟ, ପନ୍ଥା ।

**aver** ସ.କ୍ରି. ସତ୍ୟ ବୋଲି ଦମୋକ୍ତିରେ ଘୋଷଣା କରିବା, ନିଶ୍ଚିତ ଘୋଷଣା; averment ବି. ଦୃଢ଼ ଘୋଷଣା, ଦୃଢ଼ କଥନ ।

**average** ବି.ବିଂ. ହାରାହାରି ମୂଲ୍ୟ ବା ପରିମାଣ; ମୋଟାମୋଟି; (ଗଣିତ) ମାଧ୍ୟମାନ; ସ.କ୍ରି. ମୋଟାମୋଟି (ପରିମାଣ) ହେବା ।

**averse** ବିଂ. ବିମୁଖ, ପରାଙ୍ମୁଖ, ବିରକ୍ତ, ଅନିଚ୍ଛୁକ, ପ୍ରତିକୂଳ ।

**aversion** ବି. ବିମୁଖତା, ବିରକ୍ତି, ଘୃଣା, ଅନିଚ୍ଛା, ଘୃଣାର ପାତ୍ର ।

**avert** ସ.କ୍ରି. ନିବାରଣ କରିବା, ବାଧା ଦେବା, ଦୂର କରିବା, ପ୍ରତିନିବୃତ୍ତ କରିବା (ଦୃଷ୍ଟି, ଚିନ୍ତା ପ୍ରଭୃତି) ।

**Avesta** ବି. (ସଂଶ. Zend Avesta) ପାର୍ସୀ ମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ।

**aviary** ବି. ପକ୍ଷୀନିବାସ, ପକ୍ଷୀଶାଳା ।

**aviation** ବି. ବିମାନ ଚାଳନ ବିଦ୍ୟା, ବିମାନ ଚାଳନା କୌଶଳ, ବିମାନ ଚାଳନ ।

**aviator** ବି. ବୈମାନିକ, ବିମାନଚାଳକ ।

**avid** ବିଂ. ବ୍ୟଗ୍ର, ବ୍ୟାକୁଳ, ଆଗ୍ରହୀ, ଲୋଲୁପ; avidity ବି. ଲାଳସା, ଲୋଲୁପତା, ଉଦଗ୍ର କାମନା ।

**avionics** ବି. ଏ.ବ. ବିମାନ ଚାଳନରେ ପ୍ରଯୁଜ୍ୟ ଇଲେକ୍ଟ୍ରୋନିକ୍ ବିଜ୍ଞାନ ।

**avocation** ବି. ମୁଖ୍ୟ କର୍ତ୍ତବ୍ୟ ସହିତ ଥିବା ଗୌଣ କର୍ମ, ସୌଖୀନ କାମ, ବୃତ୍ତି ବା ବ୍ୟବସାୟ ।

**avoid** ସ.କ୍ରି. ପରିହାର କରିବା, ଦୂରେଇଯିବା, ଏଡ଼ିବା, (ସଂସର୍ଗ) ପରିତ୍ୟାଗ କରିବା; avoidance ବି. ପରିହାର, ବର୍ଜନ, ନିଷ୍କୃତି, ତ୍ୟାଗ, ଦୂରୀକରଣ ।

**avoirdupois** ବି. ସାତହଜାର ଗ୍ରେନ୍ (grain) ବା ଷୋହଳ ଆଉନ୍ସ (ounce) ବା ଏକ ପାଉଣ୍ଡ (pound) ଉପରେ ଆଧାରିତ ମାପ ପ୍ରଣାଳୀ ।

**avow** ସ.କ୍ରି. ମାନିଯିବା, ସ୍ୱୀକାର କରିବା, ପ୍ରକାଶ୍ୟରେ ଘୋଷଣା କରିବା; avowal ବି. ଅକପଟ ସ୍ୱୀକୃତି, ସ୍ପଷ୍ଟ ସ୍ୱୀକାର, ସ୍ପଷ୍ଟ ଘୋଷଣା ।

**avuncular** ବିଂ. (ବ୍ୟବହାରରେ) କକା, କକେଇ, ମାମୁଁ, ମଉସା ପ୍ରଭୃତି ସଦୃଶ ।

**await** ସ.କ୍ରି. (କାହାକୁ, କୌଣସି ଜିନିଷକୁ) ପ୍ରତୀକ୍ଷା କରିବା, ଅପେକ୍ଷା କରିବା; awaited ବିଂ. ଅପେକ୍ଷିତ, ଆସନ୍ନ ।

**awake** 1. କ୍ରି. ନିଦରୁ ଉଠାଇବା, ଜାଗ୍ରତ ହେବା, ସକ୍ରିୟ ହେବା, ଅନୁପ୍ରାଣିତ ହେବା; 2. ବିଂ. ଜାଗ୍ରତ, ଜାଗରିତ, ଅନିଦ୍ରିତ ।

**awaken** ସ.କ୍ରି. ଜାଗ୍ରତ କରିବା, ଉଠାଇବା ।

**award** 1. ସ.କ୍ରି. ମଞ୍ଜୁର କରିବା; (ପୁରସ୍କାର, ପଦବୀ ପ୍ରଭୃତି) ପ୍ରଦାନ କରିବା; (ବିଚାରର) ରାୟ ଦେବା; (ବିଚାରର ସିଦ୍ଧାନ୍ତ) ଜାରୀ କରିବା; 2. ବି. ପୁରସ୍କାର, ନିଷ୍ପତ୍ତି, ବା ସିଦ୍ଧାନ୍ତ ।

**aware** ବିଂ. ଅବଗତ, ବିଦିତ, ଜ୍ଞାତ ।

**awash** ବିଂ. ଜଳ ସ୍ତରରେ ଥିବାରୁ ବହିଯିବା ।

**away** କ୍ରି.ବିଂ. ଦୂରରେ, ଦୂରକୁ, ଦୂର ସ୍ଥାନକୁ, ଅନ୍ୟ ଦିଗରେ ।

Digitized by srujanika@gmail.com

**awe** 1. ବି. ଭକ୍ତି ବା ଭୟ ମିଶ୍ରିତ ବିସ୍ମୟ ବା ପ୍ରଶଂସା; 2. *ସ.କ୍ରି.* ଭକ୍ତି ବା ଭୟ ମିଶ୍ରିତ ବିସ୍ମୟରେ ଅଭିଭୂତ କରିବା ।

**awesome** ବିଂ. ଭୀତିଜନକ, ଭୟାନକ, ଭୟଙ୍କର, ଭୀତିଉତ୍ପାଦକ; awe-struck ବିଂ. ଭୀତିଗ୍ରସ୍ତ, ଭୟରେ ଅଭିଭୂତ ।

**awful** ବିଂ. ଭୀତିଜନକ, ଭୟାନକ, *କ.ଭା.* ଅତ୍ୟଧିକ, ଉତ୍କଟ, ଭୀଷଣ, (ଖରାପ ଅର୍ଥରେ) ।

**awfully** *କ୍ରି.ବିଂ.* ଭୀତିଜନକ ଭାବରେ, *କ.ଭା.* ଅତି ଖରାପ ଭାବରେ ।

**awhile** *କ୍ରି.ବିଂ.* କ୍ଷଣିକ ନିମନ୍ତେ, କିଛି ସମୟ ଲାଗି ।

**awkward** ବିଂ. ଅଖାଡୁଆ, ଅସୁବିଧାଜନକ, କଷ୍ଟସାଧ୍ୟ, କଦର୍ଯ୍ୟ ।

**awl** ବି. ତୁର୍ପଣ, ଫୋଡ଼ଣୀ, ଚମଡ଼ା କଣା କରିବାର ଉପକରଣ ।

**awn** ବି. ବାର୍ଲି ପ୍ରଭୃତି ଶସ୍ୟର ଚଷ୍ଟ, ଖୋଳପା, ବୋଡି ।

**awning** ବି. ଚାନ୍ଦୁଆ, ଛାମୁଣ୍ଡିଆ ।

**awoke, awoken** *କ୍ରି.* awake ର *ଅ.କା.* *ଓ ଅ.କ୍ରି.ଇ.ପ.* ।

**awry** 1. *କ୍ରି.ବିଂ.* ବକ୍ର ବା କୁଟିଳ ଭାବରେ; ଭ୍ରାନ୍ତ ଭାବେ; 2. ବିଂ. ବଙ୍କା ।

**axe** 1. ବି. ଟାଙ୍ଗିଆ, କୁରାଢ଼ୀ; 2. *ସ.କ୍ରି.* କୁରାଢ଼ୀ ଦ୍ୱାରା ଛେଦନ କରିବା, ହାଣିବା ।

**axial** ବିଂ. ଅକ୍ଷରୂପୀ ବା ଅକ୍ଷର ଚତୁର୍ପାର୍ଶ୍ୱସ୍ଥ ।

**axil** ବି. ଡାଳ ଓ ପତ୍ରର ମଧ୍ୟବର୍ତ୍ତୀ ଉପରିସ୍ଥ କୋଣ ।

**axilla** ବି. ବାହୁମୂଳ, କାଖ ।

**axiom** ବି. ସ୍ୱତଃସିଦ୍ଧ; ସ୍ୱତଃସିଦ୍ଧ ସତ୍ୟ, ସ୍ୱତଃ ପ୍ରକାଶମାନ ବା ପ୍ରମାଣିତ ସତ୍ୟ; ପ୍ରାମାଣିକ ତଥ୍ୟ; ବିଂ. axiomatic.

**axis** ବି.( ବ.ବ. axes) ମେରୁ ଦଣ୍ଡ ବା ଅକ୍ଷ, କୌଣସି ବୁଲୁଥିବା ପଦାର୍ଥର ମଧ୍ୟବର୍ତ୍ତୀ କେନ୍ଦ୍ରିତ ଅକ୍ଷଦଣ୍ଡ; the Axis ଜର୍ମାନୀ, ଜାପାନ ଓ ଇଟାଲୀର ମିଳିତ ଶକ୍ତି (୧୯୩୯ - ୧୯୪୫ ଯୁଦ୍ଧ) ।

**axle** ବି. ଅକ୍ଷ, ଅକ୍ଷଦଣ୍ଡ (ଯାହାର ଚାରିପାଖେ ଥିବା ଚକ୍ର ଅସମ୍ପୃକ୍ତଭାବେ ବା ଅକ୍ଷଦଣ୍ଡ ସମ୍ମିଳିତ ଭାବେ ଘୁରେ) ।

**ayah** ବି. ଆୟା, ପରିଚାରିକା ।

**ayatollah** ବି. ଆୟାତୋଲ୍ଲା, ପାରସ୍ୟ ବା ଇରାନ୍‌ର ସିହା ସମ୍ପ୍ରଦାୟର ପ୍ରଧାନ ଧର୍ମଗୁରୁ ।

**aye**[1] 1. *କ୍ରି.ବିଂ.* "ହଁ"ର ପ୍ରାଚୀନ ରୂପ; 2. ବି. ଆଜ୍ଞାସୂଚକ ଉତ୍ତର ବା ଭୋଟ୍ ।

**aye**[2] *କ୍ରି.ବିଂ. ପ୍ରା.ପ୍ର.* ସର୍ବଦା, ସବୁବେଳେ, କେବଳ for aye ବାକ୍ୟାଂଶରେ ପ୍ରଯୁକ୍ତ ।

**azimuth** ବି. ଚକ୍ରବାଳ; ଉତ୍ତରରୁ ଦକ୍ଷିଣକୁ ବିସ୍ତୃତ ଦିଗ୍‌ବଳୟର ବକ୍ରରେଖା ।

**Aztec** 1. ବି. ୧୫୧୯ ଖ୍ରୀଷ୍ଟାବ୍ଦରେ କୋର୍ଟିସ୍(Cortes)ଙ୍କର ବିଜୟ ପର୍ଯ୍ୟନ୍ତ ପ୍ରତିପତ୍ତିଶାଳୀ ବା ପ୍ରଭାବଶାଳୀ ସ୍ଥାନୀୟ ମେକ୍ସିକୋ ଦେଶର ଅଧିବାସୀଗଣ, ସେମାନଙ୍କର ଭାଷା; 2. ବିଂ. ତତ୍ ସଂପର୍କିତ ।

**azure** 1. ବିଂ. ଆକାଶ ପରି ନୀଳ; 2. ବି. ଆକାଶର ନୀଳିମା, ହାଲୁକା ନୀଳରଙ୍ଗ, ନିର୍ମଳ ଆକାଶ ।

Digitized by srujanika@gmail.com

# Bb

**B,b** ଇଂରାଜୀ ବର୍ଣ୍ଣମାଳାର ଦ୍ୱିତୀୟ ଅକ୍ଷର ।

**B** ପ୍ର. boron.

**B.A.** *ସଂକ୍ଷି.* ବେଚଲର ଅଫ୍ ଆର୍ଟ୍‌ସ୍ ।

**Ba** ପ୍ର. barium.

**baa** 1. ବି. ମେଣ୍ଢାର ରଡ଼ି ବା ବୋବାଳି; 2. *ଅ.କ୍ରି.* (ମେଣ୍ଢା) ବୋବାଇବା, ମେଣ୍ଢାପରି ରଡ଼ କରିବା ।

**babble** 1. କ୍ରି. (ଶିଶୁ ପରି) ଦରୋଟି କହିବା, ଅସ୍ପଷ୍ଟ ବା ଅବୋଧ ଭାବେ କହିବା, ଅଯଥା ଅଧିକ କଥା କହିବା, ବକ୍ ବକ୍ ହେବା, ନିର୍ବୋଧ ପରି କହି ପକାଇବା; (ନଦୀ) କୁଳୁକୁଳୁ ଶବ୍ଦରେ ବହିଯିବା; 2. ବି. ଶିଶୁର ଦରୋଟି କଥା, ନଦୀର କୁଳୁକୁଳୁ ଧ୍ୱନି ।

**babe** ବି. ଶିଶୁ (baby), ଦୁଗ୍ଧପୋଷ୍ୟ ବାଳକ ବା ବାଳିକା, ନିରୀହ ବା ଅସହାୟ ବ୍ୟକ୍ତି; ଆମେ. ଯୁବତୀ ।

**babel** ବି. ବହୁ ଭାଷାମିଶ୍ରିତ କୋଳାହଳ, ବିଶୃଙ୍ଖଳାର ଦୃଶ୍ୟ, ବିଭ୍ରାଟ ।

**baboon** ବି. କୁକୁରର ଥୋମଣି ପରି ଥୋମଣି ବିଶିଷ୍ଟ ଆଫ୍ରିକୀୟ ବା ଆରବୀୟ ବିଶାଳକାୟ ବାନର ।

**baby** 1. ବି. ଶିଶୁ, ଶିଶୁ ପରି ଆଚରଣ କରୁଥିବା ବ୍ୟକ୍ତି, ପରିବାରର ସର୍ବନିମ୍ନ ବୟସର ସଭ୍ୟ; କୌଣସି ଶ୍ରେଣୀର ସାନ ପଦାର୍ଥ, ଉଦା. baby car; ଅତି ଅଳ୍ପ ବୟସ୍କ ପଶୁ; ପ୍ରେୟସୀ *କ.ଭା.*; 2. କ୍ରି. (କାହାକୁ) ଶିଶୁ ପରି ବ୍ୟବହାର କରିବା; ପ୍ରଶ୍ରୟ ଦେବା ବା ଗେହ୍ଲା କରିବା; Baby Buggy ପିଲା ପାଇଁ ଠେଲାଚୌକି; baby-sit କ୍ରି. ବାପା ମାଁର ଅନୁପସ୍ଥିତି ସମୟରେ ପିଲାକୁ ଜଗିବା; ବି. baby-sitter.

**baccalaureate** ବି. ବିଶ୍ୱବିଦ୍ୟାଳୟର "ବେଚଲର" ଉପାଧି ।

**bacchanal** 1. ବି. ଗ୍ରୀକ୍ ମଦ୍ୟ-ଦେବତା ବେକସ୍‌ଙ୍କର ପୂଜକ ବା ଭକ୍ତ, ମଦ୍ୟପାନରେ ମତ୍ତ ବିଳାସ; ଆମୋଦ ପ୍ରମୋଦ; 2. ବିଂ. ବେକସ୍ ସମ୍ପର୍କୀୟ, ଉନ୍ମତ୍ତ ।

**Bacchanalia** ବି.ବ.ବ. ବେକସ୍‌ଙ୍କର ରୋମୀୟ ଉତ୍ସବ, ମଦ୍ୟପାନରେ ମତ୍ତ ବିଳାସ ।

**bacchant** ବି. ବେକସ୍‌ଙ୍କର ଅନୁଗାମୀ ଭକ୍ତ ବା ପୁରୋହିତ, ମଦ୍ୟପାନରେ ପ୍ରମତ୍ତ ବିଳାସୀ ବା ଆମୋଦପ୍ରମୋଦକାରୀ ।

**bacchic** ବିଂ. = bacchanal.

**bachelor** ବି. ଅବିବାହିତ ଯୁବକ, କୁମାର; ବିଶ୍ୱବିଦ୍ୟାଳୟର ପ୍ରଥମ ଉପାଧିଧାରୀ ବ୍ୟକ୍ତି; bachelor flat ଏକାକୀ ରହୁଥିବା ବ୍ୟକ୍ତି ଲାଗି ସୁବିଧାଜନକ ଫ୍ଲାଟ୍; bachelor girl ଅବିବାହିତା ଯୁବତୀ ଯେ ସ୍ୱାଧୀନ ଜୀବନ ବିତାଏ; ବି. bachelorhood.

**bacillus** ବି. (ବ.ବ. bacilli) କାଠି ଆକୃତିର ଏକ ବେକ୍ଟେରିଅସ୍, ବିଶେଷତଃ ରୋଗ ଉତ୍ପାଦନକାରୀ; ବିଂ. bacillary.

**back** 1. ବି. ପିଠି ବା ପୃଷ୍ଠଭାଗ (ମନୁଷ୍ୟ ବା ପଶୁର), ଦେହର କାନ୍ଧରୁ ନିତମ୍ବ ପର୍ଯ୍ୟନ୍ତ ଅଂଶ; ସମ୍ମୁଖର ବିପରୀତ ପାଖ ବା ପୃଷ୍ଠାଂଶ; ପଛପାଖ, ଫୁଟ୍‌ବଲ୍ ଖେଳରେ ପଛପାଖ ଖେଳାଳି, ଗୋଲର ନିକଟବର୍ତ୍ତୀ; 2. ବିଂ. ପଛ ପଟରେ ଥିବା; 3. କ୍ରି.ବିଂ. ପଛକୁ, ପଛ ଆଡ଼କୁ, ଦୂରରେ, ଫେରସ୍ତ ଭାବରେ; 4. କ୍ରି. ସମର୍ଥନ କରିବା, ପୃଷ୍ଠପୋଷକତା କରିବା, ପଛକୁ ଚାଳିବା; back-bencher ବିଂ. ପାର୍ଲିଆ- ମେଣ୍ଟର ଉଚ୍ଚ ପଦବୀ ବିହୀନ ସଭ୍ୟ; back door ଦୁରଭିସନ୍ଧି ବିଶିଷ୍ଟ (ନୀତି); back down ଦାବୀ ପ୍ରତ୍ୟାହାର କରିବା; back number ପତ୍ରିକାର ପୁରୁଣା ସଂଖ୍ୟା; back out କ୍ରି. ଚୁକ୍ତି ବା ସ୍ୱୀକୃତି ପ୍ରତ୍ୟାହାର କରିବା; back-pedal କ୍ରି. ପୂର୍ବ ପଥରେ ଫେରିବା, ପୂର୍ବ ମତର ପରିବର୍ତ୍ତନ କରିବା; back room ଯେଉଁ ସ୍ଥାନରେ ଗୁପ୍ତ କର୍ମ ସାଧିତ ହୁଏ; back seat ନିମ୍ନ ସ୍ଥାନ ବା ସ୍ତର; back-seat driver ଉପଦେଶ ଦେବାକୁ ଆଗ୍ରହୀ ଅଥଚ ଦାୟିତ୍ୱହୀନ; back stairs backdoor; back-to-back (ଦୁଇଧାଡ଼ି ଘରର) ପଛକୁ ପଛ; back up ନୈତିକ ସମର୍ଥନ ଦେବା; behind person's back (କାହାର) ଅଜ୍ଞାତ ସାରରେ; go back on ପଛେଇ ଯିବା (ପ୍ରତିଶ୍ରୁତିରୁ) ।

**backbite** ସ.କ୍ରି. କୁତ୍ସା ରଟନା କରିବା, ଚୁଗୁଲି କରିବା ।

Digitized by srujanika@gmail.com

**backblocks** ବି.ବ.ବ. ସୁଦୂର ଅଭ୍ୟନ୍ତରସ୍ଥ ଜମି ।
**backbone** ବି. ମେରୁଦଣ୍ଡ; ମୂଳପିଣ୍ଡ, ଚରିତ୍ରର ଦୃଢ଼ତା ବା ଦୃଢ଼ ମନୋବଳ, ନୈତିକ ଦୃଢ଼ତା ।
**backchat** ବି.କ.ଭା. ଧୃଷ୍ଟ ଚାତୁର୍ଯ୍ୟପୂର୍ଣ୍ଣ ପରିହାସ ।
**backcloth** ବି. ମଞ୍ଚରେ ମୁଖ୍ୟ ଦୃଶ୍ୟ ରୂପେ ସ୍ଥାୟୀ ଭାବେ ରହିଥିବା ଚିତ୍ରିତ ପଟ ।
**backdate** ସ.କ୍ରି. ସଠିକ୍ ତାରିଖରୁ ପିଛିଲା ତାରିଖ ଦେବା, ଅତୀତରୁ କାର୍ଯ୍ୟକାରୀ କରିବା ।
**backdrop** ବି. = backcloth.
**backfire** କ୍ରି. କରିଥିବା ଲୋକର ଲେଉଟି କ୍ଷତି କରିବା; ସିଲିଣ୍ଡର ବା ନିର୍ଗତ ନଳୀରେ ଅସମୟରେ ଗ୍ୟାସ୍‌ର ବିସ୍ଫୋରଣ (ଇଞ୍ଜିନ୍‌ରେ) ।
**backgammon** ବି. କାଠି ଗଡ଼ାଇବା ଦ୍ୱାରା ଗୋଟି ଚଳାଇ ଦୁଇଟି ବୋର୍ଡରେ ଖେଳା ଯାଉଥିବା ଏକ ଖେଳ ।
**background** ବି. ପଟ୍ଟଭୂମି, ପୃଷ୍ଠଭୂମି ।
**backhand** ବି. ପଛହାତିଆ; ଟେନିସ୍ ଖେଳର ଖେଳାଳିର ହାତ ଲେଉଟାଇ ବଲ୍ ମାରିବା କାର୍ଯ୍ୟ ।
**backhanded** ବିଂ. ପଛହାତିଆ (ଟେନିସ୍ ବଲ୍ ମାରିବା), ଅସ୍ପଷ୍ଟ, ଝାପ୍‌ସା, ଅନିଶ୍ଚିତାର୍ଥକ, ସନ୍ଦିଗ୍ଧ ।
**backhander** ବି. ପଛହାତିଆ ମାଡ଼ (ଟେନିସ ପ୍ରଭୃତି ଖେଳରେ); *ସା.ପ୍ର.* ଘୁସ୍, ଲାଞ୍ଚ ।
**backing** ବି. ସାହାଯ୍ୟ, ସହାୟ, ସହାୟତା, ଅବଲମ୍ବନ, ପୃଷ୍ଠପୋଷକତା; ପପ୍ ଗାୟକ ପାଇଁ ଯାନ୍ତ୍ରିକ ସଂଗତ ।
**backlash** ବି. ଅତ୍ୟଧିକ ବା ଆଖିଦୃଶିଆ ପ୍ରତିକ୍ରିୟା ।
**backlog** ବି. ଅସମାପ୍ତ କାର୍ଯ୍ୟର ବାକି ଥିବା ଅଂଶ, ବକେୟା ।
**backpack** ବି. ଫିତାରେ ଦୁଇ ହାତ ଗଳାଇ ପିଠିରେ ଝୁଲାଇବା ଥଳି ।
**backside** ବି. ନିତମ୍ବଦ୍ୱୟ ।
**backslide** ଅ.କ୍ରି. ଭୁଲ ବାଟକୁ ଫେରିବା, ନୀତିରୁ ବିଚ୍ୟୁତ ହେବା, ସତ୍ ଓ ନ୍ୟାୟ ପଥରୁ ବିଚଳିତ ହେବା ।
**backspace** ଅ.କ୍ରି. ଟାଇପ୍ କଲାବେଳେ ଟାଇପ୍ ରାଇଟରର ବହନ ଦଣ୍ଡକୁ ପଛକୁ ଫେରାଇବା ।
**backspin** ବି. (ବଲର) ପଛକୁ ଘୂରିବା ।
**backstage** ବିଂ./କ୍ରି.ବିଂ. ଦୃଶ୍ୟର ଅନ୍ତରାଳସ୍ଥ ବା ଅନ୍ତରାଳରେ, ନେପଥ୍ୟସ୍ଥ ବା ନେପଥ୍ୟରେ ।
**backstroke** ବି. ପିଠିଆ ପହଁରାରେ ପହଁରିବା-ବାଲାର ହାତର ଚାପ ।
**backtrack** ସ.କ୍ରି. ଆସିଥିବା ରାସ୍ତାରେ ପୁଣି ଫେରିଯିବାର ବ୍ୟବସ୍ଥା କରିବା (backpedal).
**backward** 1. କ୍ରି.ବିଂ. (backwards ମଧ୍ୟ) ପଛରେ, ପଛକୁ, ସାଧାରଣ କ୍ରମର ବିପରୀତ ଭାବରେ, ଅତୀତକୁ; 2. ବିଂ. ପଛୁଆ, ବିଳମ୍ବିତ, ଦୁର୍ବଳମନା, ଇତସ୍ତତଃ; ବି. backwardness.
**backwash** ବି. ନୌକା ବା ଜାହାଜର ଜଳରେ ଅଗ୍ରଗତି ହେତୁରୁ ଜଳର ପଶ୍ଚାଦ୍ ଆଲୋଡ଼ନ, ପ୍ରତିଘାତ, ପ୍ରତିକ୍ରିୟା ।
**backwater** ବି. ଝରଣାରୁ ନିର୍ଗତ ହୋଇ ସ୍ଥିର ରହିଯାଇଥିବା ଗାଡ଼ିଆର ପାଣି; କର୍ମୋଦ୍ୟୋଗ ବା ଚିନ୍ତା କ୍ଷେତ୍ରର ବହୁ ଦୂରବର୍ତ୍ତୀ ସ୍ଥଳ ।
**backwoods** ବି.ବ.ବ. ନଗରଠାରୁ ଦୂରବର୍ତ୍ତୀ ଅମାର୍ଜିତ ବନସ୍ଥଳୀ, ସୁଦୂରବର୍ତ୍ତୀ ଅଞ୍ଚଳ ।
**bacon** ବିଂ. ଶୂକରର ଲବଣାକ୍ତ ଅଥବା ଧୂମଶୁଷ୍କ ପାର୍ଶ୍ୱମାଂସ ।
**bacteriology** ବି. ଜୀବାଣୁତତ୍ତ୍ୱ, ବେକ୍ଟେରିଆ-ଜୀବାଣୁ ବିଜ୍ଞାନ (ଔଷଧ କ୍ଷେତ୍ରରେ) ।
**bacterium** ବି. ବ.ବ. bacteria ଏକକୋଷୀ ଜୀବାଣୁ ବିଶେଷ (ଅଧିକାଂଶ ରୋଗ ଉତ୍ପାଦନକାରୀ); ବିଂ. bacterial.
**bad** 1. ବିଂ. ଖରାପ, ମନ୍ଦ, ନିକୃଷ୍ଟ, ତ୍ରୁଟିଯୁକ୍ତ, ଅପ୍ରଚୁର; ଅସ୍ୱସ୍ତିକର, ଅନାଦରଣୀୟ (bad news); କ୍ଷତିକାରକ, ଅସତ୍, ଦୁର୍ବିନୀତ (bad man); ପର୍ଯ୍ୟୁଷିତ, ତୁଚ୍ଛ, ପୀଡ଼ିତ, ଅକାମୀ (bad cheque); 2. ବି. ଦୁର୍ଭାଗ୍ୟ; ଯାହା ମନ୍ଦ ବା ଅସନ୍ତୋଷଜନକ; 3. bad blood ଅସଦ୍‌ଭାବ; bad debt ବୁଡ଼ି ଯାଉଥିବା ଋଣ; bad egg ଅସତ୍ ବ୍ୟକ୍ତି; not bad *କ.ଭା.* ମନ୍ଦନୁହେଁ, ଚଳନୀୟ; too bad *କ.ଭା.* ଦୁର୍ଭାଗ୍ୟଜନକ; 4. take the bad with the good ସୁଖ ଦୁଃଖ ସମଭାବରେ ସହିବା; go to the bad ନଷ୍ଟ ହେବା, କ୍ଷତିଗ୍ରସ୍ତ ହେବା ।
**bade** କ୍ରି. bid କ୍ରିୟାର ଅତୀତ କାଳର ରୂପ ।
**badge** ବି. ପ୍ରତୀକ ଚିହ୍ନ, ପରିଚୟପ୍ରଦ ଚିହ୍ନ, ସଙ୍କେତ, ତକମା; ଯୋଗ୍ୟତା ବା ଅବସ୍ଥା ସୂଚକ ଚିହ୍ନ ।

Digitized by srujanika@gmail.com

**badger** 1. ବି. ଧୂସର ବର୍ଣ୍ଣର ସ୍ତନ୍ୟପାୟୀ ବନ୍ୟଜନ୍ତୁ ବିଶେଷ; 2. ସ.କ୍ରି. ବିରକ୍ତ କରିବା, ତଙ୍ଗ୍ କରିବା।

***badinage*** ବି. ପରିହାସ ବାକ୍ୟ, ବନ୍ଧୁଜନୋଚିତ ଥଟ୍ଟା ବା କୌତୁକ। *(ଫ.)*

**badly** କ୍ରି.ବିଂ. ମନ୍ଦ ରୀତିରେ, ଅତି ବେଶି; ଗୁରୁତର ଭାବରେ, ବିପଦ୍‌ଜନକ ରୂପେ।

**badminton** ବି. ବେଡ୍‌ମିଣ୍ଟନ୍ (ଖେଳ)।

**baffle** 1. ସ.କ୍ରି. କିଂକର୍ତ୍ତବ୍ୟବିମୂଢ଼ କରିବା; ବ୍ୟର୍ଥ କରିବା, ବାଧା ଦେବା, ଦୁର୍ବୋଧ୍ୟ ହେବା; 2. ବି. ଜଳ ପ୍ରବାହ ବା ଶବ୍ଦ ତରଙ୍ଗ ପ୍ରତିରୋଧକ ବସ୍ତୁ; bafflement ବି. ବନ୍ଧ।

**bag** 1. ବି. ବେଗ୍, ଉପର ମୁହଁ ଖୋଲା ଦ୍ରବ୍ୟଧାରଣ କରୁଥିବା ଥଳି, ମୁଣି; 2. ସ.କ୍ରି. ସଂଗ୍ରହ କରିବା; ଶିକାର କରିବା; ବିଂ. bagful.

**bagatelle** ବି. କ୍ୟାରମ ସଦୃଶ ଏକ ବୋର୍ଡ଼ ଜାତୀୟ ଖେଳ।

**baggage** ବି. ଗଣ୍ଠିଲି, ଭ୍ରମଣକାରୀର ମାଲମତା, ସେନା ବିଭାଗର ନିଆଅଣା ହେଉଥିବା ଉପକରଣ।

**baggy** ବିଂ. ଢ଼ିଲା, ଶିଥିଳ, ଲୋଳିତ।

**bagman** ବିଂ. ବୁଲାବିକାଳୀ, ଭ୍ରାମ୍ୟମାଣ ବିକ୍ରେତା।

**bagpipe** ବି. ଏକ ପ୍ରକାର ମୁଖବାଦ୍ୟ ଯନ୍ତ୍ର।

**bah** ଅ. ଘୃଣା ବା ବିରକ୍ତି ସୂଚକ ଅବ୍ୟୟ।

**bail**[1] 1. ବି. ଜାମିନ୍, ଜାମିନ୍‌ଦାର, ଅଭିଯୋଗର ବିଚାରବେଳେ ପୁଣି ଫେରି ଉପସ୍ଥିତ ହେବାକୁ ଆସାମୀ ପ୍ରତି ଦିଆଯାଇଥିବା ନିରାପତ୍ତା, ସୁବିଧା ବା ସୁଯୋଗ; ଅଭିଯୁକ୍ତ ବନ୍ଦୀ ସ୍ତରରୁ କାରାଗାରରୁ ବାହାରିବାର ସୁଯୋଗ; 2. ସ.କ୍ରି. ଜାମିନରେ ଛାଡ଼ିବା; 3. on bail ଜାମିନରେ ଛାଡ଼ ପାଇଥିବା।

**bail**[2] ବି. କ୍ରିକେଟ ଖେଳରେ ଉଇକେଟ ଉପରେ ଯେଉଁ କାଠି ରଖାଯାଏ; ଟାଇପ ରାଇଟର କାଗଜ ଧରିବା ପାଇଁ ବ୍ୟବହୃତ ଦଣ୍ଡ; ଘୋଡ଼ାଶାଳରେ ଘୋଡ଼ାଗୁଡ଼ିକୁ ଅଲଗା ରଖିବା ପାଇଁ ବ୍ୟବହୃତ ଅର୍ଗଳ।

**bail**[3]. bale କ୍ରି. ନାଆ ଭିତରେ ପଶୁଥିବା ପାଣିକୁ ବାହାର କରିବା (ଛେଦେଇବା); bale out ଉଡ଼ାଜାହାଜରୁ ଆକାଶ-ଛତା ସାହାଯ୍ୟରେ ତଳକୁ ଡେଇଁ ପଡ଼ିବା।

**bailey** ବି. ଦୁର୍ଗର ବହିଃ ପ୍ରାଚୀର।

**Bailey** (bridge) ପୂର୍ବ ନିର୍ମିତ ଅଂଶମାନଙ୍କୁ ଖଞ୍ଜି ନିର୍ମାଣ କରାଯାଇଥିବା ପୋଲ ଯାହା ସୈନ୍ୟ ଚାଳନା ବେଳେ ହଠାତ୍ ନିର୍ମାଣ କରିଦେଇ ହୁଏ।

**bailiff** ବି. ସେରିଫ୍‌ଙ୍କର ଅଧସ୍ତନ କର୍ମଚାରୀ, ଭୂସମ୍ପତ୍ତିର ତତ୍ତ୍ୱାବଧାରକ।

**bain–marie** ବି. ତାତିଲା ପାଣି ରହିଥିବା ବଡ଼ ପାତ୍ର ଯହିଁରେ କଡ଼େଇରେ ରନ୍ଧା ପଦାର୍ଥ ଥୋଇ ଧୀରେ ଧୀରେ ତତାଯାଏ।

**bairn** ବି. ଶିଶୁ (ସ୍କଟ୍‌ଲେଣ୍ଡ)।

**bait** 1. ସ.କ୍ରି. ହଇରାଣ କରିବା, ବିରକ୍ତ ବା ମାନସିକ ପୀଡ଼ିତ କରିବା; ଉପସ୍ଥିତ ଦ୍ରବ୍ୟ ସାହାଯ୍ୟରେ ପ୍ରଲୋଭିତ କରିବା, ଖାଦ୍ୟ ଦେଖାଇ ଶିକାରକୁ ଲୁବ୍ଧ କରିବା, ଥୋପ ଦେବା; 2. ବି. ଥୋପ, ପ୍ରଲୋଭନ।

**baize** ବି. ସବୁଜ ରଙ୍ଗର ମୋଟା ପଶମ ବସ୍ତ୍ର, ଘୋଡ଼ାଇ ହେବାର ଲୋମଶ ବସ୍ତ୍ର।

**bake** କ୍ରି. ସେକିବା, ଉତ୍ତାପ ଦ୍ୱାରା ଶୁଖାଇ ରାନ୍ଧିବା; ଇଟା, ଖପର ପ୍ରଭୃତି ପୋଡ଼ିବା; bake house ରୁଟି ସେକା ସ୍ଥାନ; baking powder ପାଉରୁଟି ଫୁଲାଇବା ପାଇଁ ବ୍ୟବହୃତ ପାଉଡ଼ର।

**bakelite** ବି. ଫର୍ମେଲ୍‌ଡିହାଇଡ଼୍, ଫେନଲ୍ ପ୍ରଭୃତି ମିଶ୍ରଣରେ ତିଆରି ପ୍ଲାଷ୍ଟିକ୍।

**baker** ବି. ପାଉରୁଟିବାଲା, ପାଉରୁଟିକୁ ସେକି ବିକିବା ଲୋକ; baker's dozen ତେରଗୋଟ।

**bakery** ବି. ପାଉରୁଟି ତିଆରି ଭାଟି, ପାଉରୁଟିକୁ ସେକିବାର ବା ବିକିବାର ସ୍ଥାନ।

**baksheesh** ବି. ବକ୍‌ଶିସ୍। *(ପା.)*

**Balaclava** ବି. (ମୁହଁ ଖୋଲା ରଖି) ମଥା ଓ ଗଳାକୁ ସମ୍ପୂର୍ଣ୍ଣ ଘୋଡ଼ାଉଥିବା ପଶମର ଟୋପି।

**balance** 1. ବି. ତରାଜୁ, ନିକିତି, ତୁଳା ଦଣ୍ଡ; ଜମା ଓ ଖରଚରେ ସମତୁଲ ହିସାବ; ଭାରସାମ୍ୟ, ସାମଞ୍ଜସ୍ୟ, ସ୍ଥିରତା, ଅବଶେଷ, ବଳକା, ବାକି; 2. କ୍ରି. ସମତୁଲ କରିବା, ତୁଳନା କରିବା; 3. balance of payment (କୌଣସି ଦେଶରୁ ଅନ୍ୟ ଦେଶକୁ) ଦେୟ ଓ ପ୍ରାପ୍ୟର ବ୍ୟବଧାନ; balance of power ପରସ୍ପର ପ୍ରତିଯୋଗୀ ରାଷ୍ଟ୍ର ସମୂହ ମଧ୍ୟରେ ଶକ୍ତି ସନ୍ତୁଳନ; balance of trade ବାଣିଜ୍ୟିକ ଉଦ୍‌ବୃତ୍ତି; balance sheet ଜମାଖର୍ଚ୍ଚ ଫର୍ଦ୍ଦ; balance wheel ଘଣ୍ଟାର ଗତିବେଗ ନିୟାମକ ଚକ୍ର।

**balcony** ବି. ଉପର ମହଲାର ଘେରା ବାରଣ୍ଡା।

Digitized by srujanika@gmail.com

**bald** ବିଂ. ଚନ୍ଦା, କେଶହୀନ; bald hill ଟାଙ୍ଗର, ମୁଣ୍ଡିଆ ।

**balderdash** ବି. ବାଜେ କଥା ବା ଲେଖା, ନିରର୍ଥକ ପ୍ରଳାପ ।

**bale** 1. ବି. ଗାଣ୍ଠି, ବଣ୍ଡିଲ; 2. କ୍ରି. ଗାଣ୍ଠି ଆକାରରେ ବାନ୍ଧିବା ।

**baleful** ବିଂ. ଧ୍ୱଂସକାରୀ, ଦୁଃଖଜନକ, ଦୁଃଖଭରା, ଅନିଷ୍ଟକର, ଅମଙ୍ଗଳ ।

**balk** 1. କ୍ରି. ହତାଶ କରିବା, ହତୋତ୍ସାହ କରିବା, ଯିବାକୁ ଦୋଦୋପାଞ୍ଚ ହେବା; 2. ବି. ବାଧା, ବିଘ୍ନ, ପ୍ରତିବନ୍ଧକ ।

**Balkan** ବିଂ. ଦକ୍ଷିଣ ପୂର୍ବ ଇଉରୋପରେ ଅବସ୍ଥିତ ଯୁଗୋସ୍ଲାଭିଆ, ରୁମାନିଆ, ବୁଲ୍‌ଗେରିଆ, ଓ ଗ୍ରୀସ୍ ପ୍ରଭୃତି ଦେଶ ସମ୍ପର୍କୀୟ, ଏ ଦେଶମାନଙ୍କର ଅଧିବାସୀ ସମ୍ପର୍କୀୟ ।

**ball**[1] 1. ବି. ବଲ, ବର୍ତ୍ତୁଳାକାର ଖେଳନା, ଗୋଲକ, ପେଣ୍ଡୁ, କନ୍ଦୁକ, ବନ୍ଧୁକର ଗୁଳି; eye ball ଆଖି ଗୋଲକ, ଚକ୍ଷୁର ମଣି; 2. ball–bearing ଯେଉଁ ଗୋଲକ ମାନଙ୍କ ଉପରେ ଚକ ଚାଲେ; ball–point (pen) ଗୋଲକ ମୁଖା କଲମ; balls–up *ସା.ପ୍ର.* ବିଭ୍ରାଟ; have the balls at one's feet ସୁଯୋଗ ଆସିବା; on the ball *କ.ଭା.* ଜାଗ୍ରତ, ସଜାଗ; play ball ସହଯୋଗ କରିବା ।

**ball**[2] ବି. ଏକ ପ୍ରକାର ସାମାଜିକ ନୃତ୍ୟ, ମଉଜ ମଜଲିସ୍‌ର ସମୟ; ball–room (ଏହି) ନୃତ୍ୟକକ୍ଷ ।

**ballad** ବି. ଗାଥା କବିତା, ଲୋକଗାଥା, ଲୋକ ସଙ୍ଗୀତ, ଆଖ୍ୟାନମୂଳକ କ୍ଷୁଦ୍ର କବିତା ।

**ballade** ବି. ଶେଷରେ ଘୋଷା ଥାଇ ତିନି ବା ତତୋଽଧିକ ପଦ ବିଶିଷ୍ଟ ଏକ ବିଶେଷ ପ୍ରକାରର କବିତା ।

**balladry** ବି. ଗାଥା କବିତା ।

**ballast** ବି. ଖାଲି ନୌକା ବା ବେଲୁନ-ଯାନକୁ ସ୍ଥିର ରଖିବା ସକାଶେ ଭିତରେ ଯେଉଁ ଓଜନିଆ ଜିନିଷ ବୋଝେଇ କରାଯାଏ; ଭାରସାମ୍ୟ ରକ୍ଷାକାରୀ ବେଦରକାରୀ ଓଜନିଆ ପଦାର୍ଥ ।

**ballcock** ବି. ପାଣି ପାତ୍ରର ଭାଲ୍‌ଭକୁ ନିୟନ୍ତ୍ରଣ କରୁଥିବା ବାହୁଦଣ୍ଡ ଯୁକ୍ତ ଭାସମାନ ଗୋଲକ ।

**ballerina** ବି. ବେଲେ ନର୍ତ୍ତକୀ ।

**ballet** ବି. ବେଲେ; ନୃତ୍ୟନାଟିକା ।

**balletomane** ବି. ବେଲେ-ପ୍ରେମୀ ।

**ballista** ବି. ବଡ଼ ବଡ଼ ପଥର ଖଣ୍ଡ ଆଦି ନିକ୍ଷେପ କରିବା ପାଇଁ ପ୍ରାଚୀନ କାଳରେ ଯୁଦ୍ଧରେ ବ୍ୟବହୃତ ଯନ୍ତ୍ର ବିଶେଷ ।

**ballistic** ବିଂ. ପ୍ରକ୍ଷେପଣ ସମ୍ବନ୍ଧୀୟ; ballistic missile କ୍ଷେପଣାସ୍ତ୍ର, ପ୍ରକ୍ଷେପାସ୍ତ୍ର (ଯାହା ନିୟନ୍ତ୍ରିତ ଭାବରେ ଚାଳିତ ହୋଇ ମାଧ୍ୟାକର୍ଷଣ ଶକ୍ତିଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନରେ ପଡ଼ିପାରେ) ।

**ballistics** ବିଂ. *ସା.* ଏ.ବ. ପ୍ରାକ୍ଷେପିକୀ ଅସ୍ତ୍ରବିଜ୍ଞାନ ।

**balloon** 1. ବି. ଫୁକା, ବେଲୁନ୍; 2. କ୍ରି. ବେଲୁନ୍ ପରି ଫୁଲିବା; ବେଲୁନ୍‌ରେ ଭ୍ରମଣ କରିବା; 3. balloonist ବି. ବେଲୁନ ନିର୍ମାତା ବା ଚାଳକ ।

**ballot** ବି. ମତପତ୍ର, ଭୋଟ କାଗଜ; ballot–box ବି. ମତ ପେଟିକା, ଭୋଟ ବାକ୍ସ ।

**ballyhoo** ବି. କଳିରୋଳ, ଧୁମ୍‌ଧାମ୍, ଅତିବିଜ୍ଞାପନ ।

**balm** ବି. ମଲମ, ବୃକ୍ଷ ବିଶେଷରୁ ପ୍ରସ୍ତୁତ ସୁଗନ୍ଧିଯୁକ୍ତ ବେଦନା ନାଶକ ଔଷଧ; balmy ବିଂ. ସୁଗନ୍ଧିଯୁକ୍ତ; ମୃଦୁ ପୀଡ଼ା ନାଶକ; *(ଅପ.)* ନିର୍ବୋଧ, ଆତପାଗଳା ।

**balsa** ବି. ଏକ ପ୍ରକାର ହାଲୁକା ଶକ୍ତ କାଠ ବା ତାର ଗଛ ।

**balsam** ବି. ସୁଗନ୍ଧିଯୁକ୍ତ ବୃକ୍ଷ, ଲତା ବା ଗୁଳ୍ମ, ଉକ୍ତ ବୃକ୍ଷରୁ ବାହାରୁଥିବା ଅଠା, ମଲମ; ଔଷଧୀୟ ପ୍ରଲେପ; ଏକ ପ୍ରକାର ଫୁଲଗଛ ।

**baluster** ବି. କ୍ଷୁଦ୍ର ସ୍ତମ୍ଭ, ସିଡ଼ିର ଛୋଟ ଖମ୍ବ ।

**balustrade** ବି. କ୍ଷୁଦ୍ର ସ୍ତମ୍ଭ ଶ୍ରେଣୀ ଉପରେ ସ୍ଥାପିତ ଧାରଣୀ ବା ରେଲିଂ ।

**bamboo** ବି. ବାଉଁଶ ।

**bamboozle** କ୍ରି.*କ.ଭା.* ପ୍ରତାରଣା କରିବା, ଠକିବା, ରହସ୍ୟାବୃତ କରିବା; ବି. bamboozlement.

**ban** 1. କ୍ରି. ମନା ବା ନିଷେଧ କରିବା, କଟକଣା ଜାରି କରିବା; 2. ବି. ନିଷେଧାଜ୍ଞା ।

**banal** ବିଂ. ନଗଣ୍ୟ, ସାଧାରଣ, ସାମାନ୍ୟ; ବି. banality.

**banana** ବି. କଦଳୀ ଗଛ ଓ ଫଳ, banana republic ବୈଦେଶିକ ମୁଦ୍ରା ଉପରେ ନିର୍ଭରଶୀଳ କ୍ଷୁଦ୍ର ଦେଶ ।

Digitized by srujanika@gmail.com

**band** 1. ବି. ବନ୍ଧନୀ ବା ବେଷ୍ଟନୀ, ପଟି, ଫିତା, ବାଦକଦଳ; ଦଳ (ଲୋକ, ପଶୁ ପ୍ରଭୃତିର); ରେଡିଓର ଶବ୍ଦ ତରଙ୍ଗର ଦୂରତ୍ୱ; 2. କ୍ରି. ସଂଘବଦ୍ଧ ବା ଦଳଭୁକ୍ତ କରିବା।

**bandage** 1. ବି. କ୍ଷତ ବା ଆଘାତ ସ୍ଥାନରେ ବାନ୍ଧିବା ପାଇଁ ପଟି; 2. କ୍ରି. ପଟି ବାନ୍ଧିବା।

**bandanna** ବି. ବଡ଼ ଆକାରର ଚିତ୍ରିତ ବା ରଙ୍ଗୀନ ରୁମାଲ।

**bandbox** ବି. ଟୋପି ପ୍ରଭୃତି ହାଲୁକା ଜିନିଷ ରଖିବା ପାଇଁ କାଗଜ ପଟିର ବାକ୍ସ।

**bandeau** ବି. ବ.ବ. bandeaux; ମୁଣ୍ଡରେ ବାନ୍ଧିବା ଫିତା, ଫିତା।

**banderole** ବି. ସରୁ, ଲମ୍ବା ପତାକା ଯାହାର ଅଗ୍ରଭାଗ ସୂକ୍ଷ୍ମ ନ ହୋଇ ବିଭକ୍ତ ରୂପେ ଥାଏ, ଏକ ପ୍ରକାର ପତାକା।

**bandicoot** ବି. ଏକ ପ୍ରକାର ବଡ଼ ମୂଷା।

**bandit** ବି. ଦସ୍ୟୁ, ଡକାଏତ୍ (ଯେ ପଥିକ ମାନଙ୍କୁ ଆକ୍ରମଣ କରେ)।

**bandmaster** ବି. ବାଦକ ଦଳର ପରିଚାଳକ।

**bandoleer** (bandolier ମଧ୍ୟ); ବି. ଯେଉଁ କମରପଟିରେ ବନ୍ଧୁକ ଗୁଳି ରଖିବା ପାଇଁ ଖୋପ ଥାଏ।

**bandsman** ବି. ବାଦକ ଦଳର ସଦସ୍ୟ।

**bandstand** ବି. ବାଦକ ବୃନ୍ଦ ପାଇଁ ନିର୍ମିତ ଉନ୍ମୁକ୍ତ ମଞ୍ଚ।

**bandwagon** ବି. ବାଦକ ଦଳ ପାଇଁ ଉଦ୍ଦିଷ୍ଟ ଗାଡ଼ି (ବିଶେଷତଃ ଶୋଭାଯାତ୍ରା ସମୟରେ); climb (or jump) on the bandwagon କୌଣସି ଜନପ୍ରିୟ ବା ସଫଳ କାର୍ଯ୍ୟରେ ଯୋଗଦେବା।

**bandy**1. ସ.କ୍ରି. (କାହା ସହିତ) କଥା କଟାକଟି କରିବା, ଗୁଜବ ଉଠାଇବା।

**bandy**2. 1. ବିଂ.ବକ୍ର; 2. ବକ୍ରାଗ୍ର ଯଷ୍ଟି (ଖେଳରେ ବ୍ୟବହୃତ) bandy-legged ବକ୍ର ପଦବିଶିଷ୍ଟ, ପେଙ୍ଗା।

**bane** ବି. 1. ସର୍ବନାଶ ବା ତାହାର କାରଣ; ବିଷ (କେବଳ ratsbane).

**bang** 1. କ୍ରି. ସଶବ୍ଦେ ଆଘାତ କରିବା, ଉଚ୍ଚ ଶବ୍ଦ କରିବା, ଧକ୍କା ଖାଇବା; 2. ବି. ଆଘାତ ବା ବିସ୍ଫୋରଣର ଶବ୍ଦ; 3. କ୍ରି.ବିଂ. ସଶବ୍ଦରେ, ଜୋର କରି, ଉଦା. went bang.

**banger** ବି. ଫଟକା, ବାଣ।

**bangle** ବି. ଚୁଡ଼ି।

**banian** ବି.ବଟବୃକ୍ଷ, ବରଗଛ; ଗେଞ୍ଜି, ଫତେଇ।

**banish** କ୍ରି. ନିର୍ବାସନ ଦଣ୍ଡ ଦେବା, ପରିତ୍ୟାଗ କରିବା, ଦୂର କରିବା (ମନରୁ); ବି. banishment.

**banister** (ସା.ବ.ବ. ରେ) ବି. ପାହାଚ କଡ଼ରେ ଲାଗିଥିବା ବାଡ଼ା ଉପର ଧାରଣା, ସୋପାନ ସ୍ତମ୍ଭ।

**banjo** ବି. ତନ୍ତ୍ରୀଯୁକ୍ତ ବାଦ୍ୟ ଯନ୍ତ୍ର ବିଶେଷ, ବେଞ୍ଜୋ; banjoist ବି. ବେଞ୍ଜୋ ବାଦକ।

**bank** 1. ବି. ତଟ (ନଦୀର), ଧନାଗାର, ବେଙ୍କ୍; ଏକ ଧାଡ଼ିରେ ସଜ୍ଜିତ ସମାନ ଜିନିଷ; 2. କ୍ରି. ବେଙ୍କ୍‌ରେ ଧନ ଜମା ଦେବା।

**banker** ବି. ମହାଜନ, ବେଙ୍କର ମାଲିକ ବା ଅଂଶୀଦାର।

**banking** ବିଂ. ବେଙ୍କର କାରବାର, ଟଙ୍କା ଜମା ରଖିବା ଓ ଧାର ଦେବା ପ୍ରଭୃତି।

**banknote** ବି. କେନ୍ଦ୍ରୀୟ ବେଙ୍କରୁ ଅର୍ଥପ୍ରଦାନ ପାଇଁ ପ୍ରତିଶ୍ରୁତିପତ୍ର, ନୋଟ୍।

**bankrupt** 1. ବିଂ. ଦେବାଳିଆ, ବଞ୍ଚିତ (ସଦ୍‌ଗୁଣରୁ); 2. ବି. ଦେବାଳିଆ ବ୍ୟକ୍ତି; bankruptcy ବି. ଦେବାଳିଆ ଅବସ୍ଥା।

**banner** ବି. ରାଜ୍ୟ, ଦେଶ ବା ସୈନ୍ୟ ଦଳର ପତାକା, ଧ୍ୱଜା, ଶୋଭାଯାତ୍ରା ସମୟରେ ବ୍ୟବହୃତ ଦୁଇଟି ଦଣ୍ଡ ଉପରେ ଝୁଲା ଯାଉଥିବା ପ୍ରତୀକ ଯୁକ୍ତ ପତାକା।

**bannister** ଦ୍ର. banister.

**banns** ବି.ବ.ବ. ଗୀର୍ଜାରେ ପ୍ରସ୍ତାବିତ ବିବାହର ଘୋଷଣା (ସା. ତିନିବାର)।

**banquet** 1. ବି. ଭୁରିଭୋଜନ, ବକ୍ତୃତାଦି ସହ ସାଂଧ ଭୋଜି, ବଡ଼ ଧରଣର ଭୋଜି; 2. କ୍ରି. ଭୋଜି ଦେବା ବା ଭୋଜିରେ ଯୋଗ ଦେବା।

**banshee** ବି. ଭୂତୁଣୀ (ଯାହାର ବିଳାପ ଘରେ କେହି ମରିବାର ଅଶୁଭ ସୂଚନା ଦିଏ)।

**bantam** ବି. ଏକ ପ୍ରକାର ଗୃହପାଳିତ କୁକୁଡ଼ା; କ୍ଷୁଦ୍ରକାୟ କିନ୍ତୁ ଦୃଢ଼ମନା ବ୍ୟକ୍ତି।

**bantamweight** ବି. ମୁଷ୍ଟିଯୁଦ୍ଧ ପ୍ରଭୃତିରେ ଅଂଶଗ୍ରହଣକାରୀ ପ୍ରତିଯୋଗୀ ନିମନ୍ତେ ୫୪ କିଲୋଗ୍ରାମ ମଧ୍ୟରେ ଓଜନ।

Digitized by srujanika@gmail.com

**banter** 1. କ୍ରି. ବିଦ୍ରୂପ କରିବା, ପରିହାସ ଦ୍ୱାରା ଉତ୍ୟକ୍ତ ବା ବିରକ୍ତ କରିବା; 2. ବି. କୌତୁକ, ପରିହାସ, ବିଦ୍ରୂପ, ବ୍ୟଙ୍ଗ।

**Bantu** 1. ବି. ଦକ୍ଷିଣ ଓ ମଧ୍ୟ ଆଫ୍ରିକାର ଅଧିବାସୀ ନିଗ୍ରୋ ସଂପ୍ରଦାୟ, ସେମାନଙ୍କର ଭାଷା; 2. ବିଂ. ଉକ୍ତ ସଂପ୍ରଦାୟ ବା ସେମାନଙ୍କର ଭାଷା ସମ୍ବନ୍ଧୀୟ।

**Bantustan** ବି. ବାଣ୍ଟୁମାନଙ୍କର ବାସଭୂମି।

**banyan** ଦ୍ର. banian.

**baobab** ବି. ଏକ ପ୍ରକାର ବିଶାଳ ଆଫ୍ରିକୀୟ ବୃକ୍ଷ ଓ ତାହାର ଫଳ।

**bap** ବି. କୋମଳ, ଚେପ୍ଟା ରୁଟିର ରୋଲ୍।

**baptism** ବି. ଢ଼ୁବନ, ଖ୍ରୀଷ୍ଟଧର୍ମରେ ଦୀକ୍ଷା, ଖ୍ରୀଷ୍ଟ ଧର୍ମ ଅନୁସାରେ ଜଳରେ ଅବଗାହନ ବା ଜଳ ସିଞ୍ଚନ ଓ ନାମ କରଣ; baptism of fire ସୈନ୍ୟମାନଙ୍କର ଯୁଦ୍ଧ କରିବାର ପ୍ରଥମ ଅଭିଜ୍ଞତା; ବିଂ. baptismal.

**baptist** ବି. ଖ୍ରୀଷ୍ଟଧର୍ମର ଦୀକ୍ଷାଗୁରୁ।

**baptistery** ବି. ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହେବା ନିମନ୍ତେ ଅବଗାହନ ବା ଢ଼ୁବନ ସ୍ଥାନ; ଅବଗାହନ କୁଣ୍ଡ।

**baptize** କ୍ରି. ନାମକରଣ କରିବା, ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରିବା।

**bar** 1. ବି. ଅର୍ଗଳ, ଶଳାକା; ଲମ୍ବା ଓ କଠିନ ଖଣ୍ଡ ବା ପିଣ୍ଡ (ଲୁହା, ସୁନା, ସାବୁନ ଇତ୍ୟାଦି); ପ୍ରତିବନ୍ଧକ, ବାଧା; ଠିପିଖୋଲା ମଦ ଦୋକାନ; ବିଚାରାଳୟରେ ବନ୍ଦୀମାନଙ୍କ ପାଇଁ ସଂରକ୍ଷିତ ସ୍ଥାନ; ସାଂଗୀତିକ ତାଳର ଭାଗଚିହ୍ନ; 2. କ୍ରି. ରୁଦ୍ଧ କରିବା, କିଳିଣୀ ଲଗାଇ ବନ୍ଦ କରିବା; ବାଧା ଦେବା; ନିଷେଧ କରିବା; ବାଦ୍ ଦେବା (ବିଚାରରୁ); 3. ଅ. ବ୍ୟତୀତ (barring) be called to the Bar ବେରିଷ୍ଟର ଭାବେ ଯୋଗ ଦେବା; behind bars ଜେଲରେ ଆବଦ୍ଧ।

**barathea** ବି. ଏକ ପ୍ରକାର ସୂକ୍ଷ୍ମ ପଶମ ବସ୍ତ୍ର।

**barb** 1. ବି. ପଛ ଆଡ଼କୁ ମୋଡ଼ି ହୋଇଥିବା ତୀର ବା ମାଛ ଧରା କଣ୍ଟାର ମୁନ; କ୍ଷତିକାରକ ମନ୍ତବ୍ୟ; 2. ସ.କ୍ରି. (ତୀରକୁ) ମୁନ ଯୁକ୍ତ କରିବା; 3. barbed wire ଯୋଡ଼ା କଣ୍ଟା ତାର (ବାଡ଼ ପାଇଁ ବ୍ୟବହୃତ)।

**barbarian** 1. ବିଂ. ଅସଭ୍ୟ, ବର୍ବର; 2. ବି. ଆଦିମ ଅସଭ୍ୟ ସଂପ୍ରଦାୟର ଲୋକ; ନିଷ୍ଠୁର ବ୍ୟକ୍ତି।

**barbaric** ବି. ବର୍ବରୋଚିତ, ନୃଶଂସ।

**barbarism** ବି. ଅସଭ୍ୟ ଅବସ୍ଥା, ବର୍ବରତା, ଅସଂସ୍କୃତ କାର୍ଯ୍ୟ ବା ଅବସ୍ଥା; ଅଶ୍ଳୀଳ ଭାଷା ବ୍ୟବହାର ବା ଭଙ୍ଗୀ ପ୍ରଦର୍ଶନ।

**barbarity** ବି. ବର୍ବରୋଚିତ ନିଷ୍ଠୁରତା, ନିର୍ଦ୍ଦୟ ଆଚରଣ।

**barbarous** ବିଂ. ନିଷ୍ଠୁର, ଅସଭ୍ୟ, ଅମାର୍ଜିତ।

**barbecue** 1. ବି. ମାଂସ ବା ଅନ୍ୟ ଖାଦ୍ୟଦ୍ରବ୍ୟ ପୋଡ଼ିବା ପାଇଁ ଧାତୁ ନିର୍ମିତ ଛାଞ୍ଚ; ମୁକ୍ତାକାଶ ଭୋଜନ ଉତ୍ସବ; ପୋଡ଼ିକରି ତିଆରି ହୋଇଥିବା ଖାଦ୍ୟ; 2. ସ.କ୍ରି. ଉକ୍ତ ପ୍ରଣାଳୀରେ ରନ୍ଧନ କରିବା।

**barbel** ବି. କେତେକ ପ୍ରକାର ମାଛଙ୍କ ମୁହଁରେ ଲାଗିଥିବା ଶୁଣ୍ଢବତ୍ ତନ୍ତୁ; ଏହି ପ୍ରକାର ମିଠାଜଳ ମାଛ ବିଶେଷ।

**barbell** ବି. ବାର୍ବେଲ, ବ୍ୟାୟାମ ପାଇଁ ଓଜନ ଉଠାଇବା ସକାଶେ ବ୍ୟବହୃତ ଭାରଦଣ୍ଡ।

**barber** ବି. ନାପିତ, ବାରିକ, ଭଣ୍ଡାରି।

**barberry** ବି. ଏକ ପ୍ରକାର କଣ୍ଟାଳିଆ କୋଳି, ହଳଦିଆ ଫୁଲ ଫୁଟୁଥିବା ସେଇ ଗଛ।

**barbican** ବି. ତୋରଣ ବା ସେତୁ ଉପରେ ଅବସ୍ଥିତ ପହରା ଦେବା ସ୍ଥାନ।

**barbiturate** ବି. ଏକ ପ୍ରକାର ପ୍ରଶମକ ବା ନିଦ ଔଷଧ।

**barbituric acid** ବି. ପ୍ରଶମକ, ଏକ ପ୍ରକାର ଅମ୍ଳ ଯହିଁରୁ ବାର୍ବିଟ୍ୟୁରେଟ୍ ପ୍ରସ୍ତୁତ ହୁଏ।

**bard** ବିଂ. ଚାରଣ କବି, କବି (କେଲ୍‌ଟିକ କବି); ବିଂ. bardic.

**bare** 1. ବିଂ. ଫୁଙ୍ଗୁଳା, ନଗ୍ନ, ଅନାବୃତ, ଖାଲି, ନିରଳଙ୍କାର; ଯତ୍‌ସମାନ୍ୟ, ନ୍ୟୂନତମ; 2. ସ.କ୍ରି. ଅନାବୃତ କରିବା, ଉଦ୍‌ଘାଟିତ କରିବା; 3. lay bare ଖୋଲି ଦେବା, ପ୍ରକାଶ କରିଦେବା।

**bareback** ବିଂ./କ୍ରି.ବିଂ. ଜିନ୍ ଲାଗି ନଥିବା ଘୋଡ଼ା ପିଠିରେ, ବିନା ସାଜରେ।

**barefaced** ବିଂ. ନିର୍ଲଜ୍ଜ, ଧୃଷ୍ଟ, ଉଦ୍ଧତ।

**barefoot** (barefooted) ବିଂ./କ୍ରି.ବିଂ. ନଗ୍ନ ପାଦରେ, ଖାଲି ପାଦରେ।

Digitized by srujanika@gmail.com

**bareheaded** ବିଂ./କ୍ରି.ବିଂ. ଅନାବୃତ ମସ୍ତକରେ ।

**barely** କ୍ରି.ବିଂ. କ୍ୱଚିତ୍, ଅତିକମ, ପ୍ରାୟ ନଥିବା ଭଳି, ଅତି ସାମାନ୍ୟ ଭାବରେ ।

**bargain** 1. ବି. କ୍ରୟ-ବିକ୍ରୟ ସଂପର୍କୀୟ ଚୁକ୍ତି, ପ୍ରକୃତ ମୂଲ୍ୟାପେକ୍ଷା ଅଳ୍ପ ମୂଲ୍ୟରେ କିଣା ହୋଇଥିବା ଦ୍ରବ୍ୟ, ଖରିଦଦାରର ସୁବିଧାନୁଯାୟୀ ପ୍ରାପ୍ତ ବସ୍ତୁ; 2. କ୍ରି. ମୂଲେଇବା ।

**barge** 1. ବି. ବିରାଟ ନୌକା, ମାଲବାହୀ ବଡ଼ ଡଙ୍ଗା, ପ୍ରମୋଦ-ତରୀ; 2. *ଅ.କ୍ରି.* ଶିଥିଳ ଭାବେ ଗତି କରିବା, ହଠାତ୍ ପଶି ଆସିବା ।

**bargee** ବି. ବଡ଼ ବଡ଼ ନୌକାର ଚାଳକ ।

**baritone** ବି. ପୁରୁଷ କଣ୍ଠର ବିଶିଷ୍ଟ ସ୍ୱର ।

**barium** ବି. ଶ୍ୱେତ ଧାତୁ ଘଟିତ ରାସାୟନିକ ବସ୍ତୁ; barium meal ପାକସ୍ଥଳୀ, ଅନ୍ତ୍ର ପ୍ରଭୃତିର ଏକ୍ସରେ ଗ୍ରହଣ ପାଇଁ ଖାଇବାକୁ ଦିଆଯାଉଥିବା ମିଶ୍ରଣ ।

**bark**[1] 1. ବି. ଗଛର ବକଳ, ଛେଲି; 2. *ସ.କ୍ରି.* ଗଛର ବଲ୍କଳ ବା ଚୋପା ଛଡ଼ାଇବା ।

**bark**[2] 1. କ୍ରି. ଭୁକିବା (କୁକୁର, ଶିଆଳ ସଂପର୍କରେ); 2. ବି. କୁକୁର ଭୁକା, କ୍ରୋଧରେ ଗର୍ଜନ ।

**barker** ବି. ନିଲାମ ସ୍ଥଳର ଦଲାଲ ।

**barley** ବି. ବାର୍ଲି, ଏକ ପ୍ରକାର ଖାଦ୍ୟ ଶସ୍ୟ ।

**barm** ବି. ପଚାଇ ମଦ, ତାଡ଼ି ପ୍ରଭୃତିର ଉପରେ ଜମିଥିବା ଫେଣ; barmy ବିଂ. ଫେନିଳ ।

**barman** ବି. ମଦ୍ୟଶାଳାର ମଦ୍ୟ ପରିବେଷଣକାରୀ; barmaid ବି. ମଦ୍ୟଶାଳାର ମଦ୍ୟ ପରିବେଷଣକାରିଣୀ ।

**barn** ବି. ଖଳା, ଶସ୍ୟାଗାର ।

**barnacle** ବି. ଏକ ପ୍ରକାର ଜଳଜୀବ, ଗେଣ୍ଡା ।

**barnstorm** କ୍ରି. ରାଜନୈତିକ ପ୍ରଚାର ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳ ଗସ୍ତ କରିବା ।

**barnyard** ବି. ଖଳାର ଆଖପାଖ ଅଞ୍ଚଳ ।

**barograph** ବି. ଏକ ପ୍ରକାର ବେରୋମିଟର୍ ଯହିଁରେ ଚାପ ଲିପିବଦ୍ଧ ହେବାର ବ୍ୟବସ୍ଥା ଥାଏ ।

**barometer** ବି. ବାୟୁ ଚାପମାନ ଯନ୍ତ୍ର ।

**baron** ବି. ଇଂଲଣ୍ଡର ନିମ୍ନତମ ଅଭିଜାତ ବର୍ଗୀୟ ବ୍ୟକ୍ତି, ବେରନ୍, ବିଶିଷ୍ଟ ବ୍ୟବସାୟୀ ।

**baroness** ବି. ବେରନ୍‌ଙ୍କ ସ୍ତ୍ରୀ ବା ବେରନ୍ ଉପାଧି ପ୍ରାପ୍ତ ମହିଳା ।

**baronet** ବି. ଇଂଲଣ୍ଡର ସର୍ବନିମ୍ନ ସଂଭ୍ରାନ୍ତ ବଂଶୀୟ ବ୍ୟକ୍ତି; baronetcy ବି. ।

**barony** ବି. ବେରନ୍‌ଙ୍କ ପଦବୀ ଓ ଇଲାକା ।

**baroque** ବି. ୧୭ଶ ଓ ୧୮ଶ ଶତାବ୍ଦୀର ୟୁରୋପରେ ପ୍ରଚଳିତ ଆଳଙ୍କାରିକ ସ୍ଥାପତ୍ୟ ଓ ସଂଗୀତ ଶୈଳୀ ବା ପଦ୍ଧତି ।

**barque** ବି. ଏକ ପ୍ରକାର ନୌକା ।

**barrack**[1] ବି. ସେନାନିବାସ, ଛାଉଣି ।

**barrack**[2] କ୍ରି. ଖେଳାଳି ବା ବକ୍ତାଙ୍କ ପ୍ରତି ପ୍ରତିକ୍ରିୟାଜ୍ଞାପକ ଚିତ୍କାର କରିବା ।

**barrage** ବି. ଗୋଳାବର୍ଷଣ, ଘନଘନ ସମାଲୋଚନା, ତୁହାକୁ ତୁହାକୁ ପ୍ରଶ୍ନ; ନଦୀ ଉପରେ କୃତ୍ରିମ ବନ୍ଧ ।

**barratry** ବି. ଜାହାଜର କର୍ମଚାରୀଙ୍କ ଦ୍ୱାରା ହେଉଥିବା ଠକେଇ ବା ଅବ୍ୟବସ୍ଥା ।

**barrel** ବି. ପିଂପା, ବନ୍ଧୁକର ନଳୀ ।

**barren** ବିଂ. ବଂଧ୍ୟା, ବାଂଝ, ଅନୁର୍ବର, ଅଫଳନ୍ତି; ବି. barrenness.

**barricade** 1. ବି. ଶତ୍ରୁର ଆଗମନ ନିବାରଣାର୍ଥେ ନିର୍ମିତ ଅସ୍ଥାୟୀ ପ୍ରତିରୋଧକ, ରାସ୍ତା ଅବରୋଧ କରିବା ପାଇଁ ତିଆରି ପ୍ରତିବନ୍ଧକ, ପ୍ରତିବନ୍ଧକ, ଅର୍ଗଳି, ବାଧା; 2. *ସ.କ୍ରି.* ପ୍ରତିବନ୍ଧକ ଦ୍ୱାରା ବାଧାଦେବା ।

**barrier** ବି. ପ୍ରତିବନ୍ଧକ, ବାଧା ।

**barrister** ବି. ଉଚ୍ଚ ନ୍ୟାୟାଳୟରେ ଓକିଲାତି କରିବା ପାଇଁ ଅଧିକାରପ୍ରାପ୍ତ ଆଇନଜ୍ଞ ।

**barrow**[1] ବି. ଦୁଇ ଚକିଆ ଠେଲା ଗାଡ଼ି ।

**barrow**[2] ବି. ପ୍ରାଚୀନ ସମାଧି ସ୍ଥଳ ଉପରିସ୍ଥ ମୃତ୍ତିକା ସ୍ତୂପ ।

**barter** 1. କ୍ରି. ବସ୍ତୁ ବିନିମୟ କରିବା; 2. ବି. (ମୁଦ୍ରାର ବ୍ୟବହାର ବଦଳରେ) ବସ୍ତୁ ବିନିମୟ ଦ୍ୱାରା ବ୍ୟବସାୟ ।

**baryon** ବି. ଓଜନିଆ ମୌଳିକ ଅଣୁ ବିଶେଷ ।

**baryta** ବି. ବେରିଅମ୍ ଅକ୍ସାଇଡ୍ ବା ହାଇଡ୍ରକ୍ସାଇଡ୍ ।

**basal** ବିଂ. ତଳ ସମ୍ବନ୍ଧୀୟ; ତଳେ ।

**basalt** ବି. ଆଗ୍ନେୟଗିରିଜାତ କୃଷ୍ଣ ଶିଳା; ବିଂ. basiltic.

**base**[1] 1. ବି. ଭିତ୍ତି, ନିଅଁ, ପୁନାଦି, ନିମ୍ନତମ ଅଂଶ, ଆରମ୍ଭ ସ୍ଥଳ, ମୌଳିକ ଉପାଦାନ, ସୈନ୍ୟ

Digitized by srujanika@gmail.com

ଶିବିର ବା ଛାଉଣି; 2. କ୍ରି. ପ୍ରତିଷ୍ଠା କରିବା, ଭିତ୍ତି ସ୍ଥାପନ କରିବା, ନିର୍ଭର କରିବା।

**base**[2] ବିଂ. ସ୍ୱାର୍ଥପର, ନୀଚ, ଜଘନ୍ୟ, ଭୀରୁ, ଅଧମ (ବ୍ୟକ୍ତି); ତୁଚ୍ଛ, ନଗଣ୍ୟ (ବସ୍ତୁ)।

**baseball** ବି. ବେଟ୍ ଓ ବଲ୍ ଦ୍ୱାରା ଏକ ପ୍ରକାର ଖେଳ (ଆମେ.)।

**baseless** ବିଂ. ଭିତ୍ତିହୀନ, ଅମୂଳକ।

**baseline** ବି. ଭିତ୍ତି-ରେଖା, ଟେନିସ୍ ଖେଳର ସୀମାନ୍ତ ରେଖା।

**basement** ବି. ଅଟ୍ଟାଳିକାର ସର୍ବନିମ୍ନତଳ, ଅଟ୍ଟାଳିକାର ଭୂଗର୍ଭସ୍ଥ ଗୃହ।

**bash** କ୍ରି. ପ୍ରଚଣ୍ଡ ଆଘାତ କରିବା।

**bashful** ବିଂ. ଲାଜକୁରା, ଚୁପ୍‌ଚାପ୍।

**basic** ବିଂ. ମୌଳିକ, ଭିତ୍ତିସମ୍ବନ୍ଧୀୟ।

**BASIC** ବି. ସୁପ୍ରଚଳିତ ଇଂଲିଶ ଶବ୍ଦ ବ୍ୟବହାର କରାଯାଉଥିବା କଂପ୍ୟୁଟର୍ ଭାଷା।

**basil** ବି. ତୁଳସୀ ଗଛ।

**basilica** ବି. ପ୍ରାଚୀନ ରୋମର ବିଶାଳ ବିଚାର ବା ସଭାକକ୍ଷ, ଗୀର୍ଜାର ସେହି ପ୍ରକାର ଘର।

**basilisk** ବି. ଏକ ପ୍ରକାର ପୁରାଣ ବର୍ଣ୍ଣିତ କାଳ୍ପନିକ ସରୀସୃପ ବା ସର୍ପ, ଯାହାର ନିଶ୍ୱାସ ଓ ଦୃଷ୍ଟିରେ ଚତୁର୍ଦ୍ଦିଗ ଜଳିପୋଡ଼ି ଯାଏ; ତୁଳିଆ ଝିଟିପିଟି।

**basin** ବି. ପ୍ରଶସ୍ତ ଗୋଲାକାର ଉନ୍ମୁକ୍ତ ଜଳପାତ୍ର, ନଦୀର ଅବବାହିକା।

**basis** ବି. ଭିତ୍ତି, ମୂଳ, ପ୍ରଧାନ ଉପାଦାନ, ମୂଳସୂତ୍ର; ବ.ବ. bases.

**bask** କ୍ରି. ଖରା ବା ନିଆଁ ପୁଆଁଇବା, ରୌଦ୍ର ସେବନ କରିବା; basking shark ପାଣି ଅତଡ଼ାରେ ଶୋଇଥିବା ମଗର।

**basket** ବି. ଟୋକେଇ, ଚାଙ୍ଗୁଡ଼ି, ଝୁଡ଼ି; ଝୁଡ଼ିରେ ଧରିବା ପରିମାଣ; ବାସ୍କେଟ୍ ବଲ୍ ଖେଳରେ ଗୋଲ; basket ball ବି. ବାସ୍କେଟ୍ ବଲ୍, ଏକ ପ୍ରକାର ବଲ୍ ଖେଳ।

**basketry** ବି. ବେତ ଆଦି ଦ୍ୱାରା ବୁଣିବା ବା ସେହି ଜାତୀୟ କାର୍ଯ୍ୟ।

**basketwork** ବି. ବେତବୁଣା କାମ, ଝୁଡ଼ି ପରି ବୁଣା ଯାଉଥିବା କାର୍ଯ୍ୟ।

**bas-relief** ବି. ଯେଉଁ ଭାସ୍କର୍ଯ୍ୟ ଶିଳ୍ପରେ ଚିତ୍ର ଗୁଡ଼ିକ ପଟ୍ଟଭୂମିଠାରୁ ସାମାନ୍ୟ ଉଚ୍ଚରେ ଖୋଦନ କରାଯାଇଥାଏ।

**bass**[1] ବି. ଉଦାରା, ସଂଗୀତର ନିମ୍ନତମ ସ୍ୱର, ଏହି ସ୍ୱରର ଗାୟକ, ଅନୁଚ୍ଚ ସ୍ୱର।

**bass**[2] ବି. ଏକ ପ୍ରକାର ମାଛ।

**bass**[3] ବି. ବୃକ୍ଷର ଭିତର ବଲ୍କଲରୁ ଜାତ ତନ୍ତୁ।

**basset** ବି. ଲମ୍ବା ଶରୀର ଓ କ୍ଷୁଦ୍ର ପାଦ ବିଶିଷ୍ଟ ଏକ ପ୍ରକାର ଶିକାରୀ କୁକୁର (basset hound); basset-horn ବି. ଶିଂଘା।

**bassinet** ବି. ଆଚ୍ଛାଦନ ଯୁକ୍ତ ଦୋଳି ବା ଝୁଲା।

**basso** ବି. ଅନୁଚ୍ଚ ସ୍ୱର, ଅନୁଚ୍ଚ ସ୍ୱରର ଗାୟକ।

**bassoon** ବି. ଅନୁଚ୍ଚ ସ୍ୱର ଉତ୍ପାଦକ ଏକ ପ୍ରକାର ବାଦ୍ୟ ଯନ୍ତ୍ର।

**bastard** 1. ବି. ଅବୈଧ ସନ୍ତାନ, ଜାରଜ ସନ୍ତାନ; 2. ବିଂ. ବର୍ଣ୍ଣସଙ୍କର; ମିଶ୍ରିତ, (ପଦାର୍ଥ ସଂପର୍କରେ) କୃତ୍ରିମ, ନକଲି, ମିଶାମିଶି; bastardy ବି. ଜାରଜତ୍ୱ।

**bastardize** ସ.କ୍ରି. ଜାରଜ ବୋଲି ଘୋଷଣା କରିବା।

**baste**[1] କ୍ରି. ସେକିବା ବେଳେ ଚର୍ବି ଦେଇ ମାଂସକୁ ତୈଳାକ୍ତ କରିବା, ବାଡ଼େଇବା, ପିଟିବା।

**baste**[2] ସ.କ୍ରି. ଛଡ଼ାଛଡ଼ି କରି ଅସ୍ଥାୟୀଭାବେ ସିଲାଇ କରିବା, ଟାଙ୍କା ସିଲାଇ କରିବା।

**bastinado** ବି. ତଳିପାକୁ ଠେଙ୍ଗୁଣିରେ ପିଟି ଦଣ୍ଡଦେବା।

**bastion** ବି. ଦୁର୍ଗ ପ୍ରାଚୀରର ପଦାକୁ ବାହାରିଥିବା ଅଂଶ, ବୁରୁଜ; (ଲାକ୍ଷ.) ରକ୍ଷା କବଚ।

**bat**[1] 1. ବି. ବେଟ୍, କ୍ରିକେଟ ପ୍ରଭୃତି ଖେଳରେ ବ୍ୟବହୃତ କାଠ ପଟା, ବଲ୍ଲା; 2. କ୍ରି. ସେଥିରେ ପ୍ରହାର କରିବା।

**bat**[2] ବି. ବାଦୁଡ଼ି।

**bat**[3] କ୍ରି. କ.ଭା. କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବା [କେବଳ not (or never) bat an eyelidରେ]।

**batch** ବି. ଦଳ, ସମୂହ, ଗୁଚ୍ଛ।

**bated** ବିଂ. ଅତ୍ୟନ୍ତ ଉତ୍କଣ୍ଠା ସହିତ (କେବଳ with bated breath ରେ ପ୍ରଯୁକ୍ତ)।

**bath** 1. ବି. ସ୍ନାନ, ଗାତ୍ର ଧୌତ କରଣ, ସ୍ନାନାଗାର, ଗାଧୁଆ କୁଣ୍ଡ; 2. କ୍ରି. ସ୍ନାନ କରିବା, ଗାତ୍ର ଧୌତ କରିବା; 3. bath cube (salts) ସ୍ନାନ ଜଳକୁ ସୁବାସିତ କରିବା ଲାଗି ବ୍ୟବହୃତ ପଦାର୍ଥ।

Digitized by srujanika@gmail.com

**bath bun** ବି. ଏକ ପ୍ରକାର ମସଲା ଦିଆ ଗୋଲ କେକ୍।
**bathe** କ୍ରି. ଗାଧୋଇବା, ସ୍ନାନ କରାଇବା, ଗାଧୋଇ ଦେବା, ଜଳ ଦ୍ୱାରା ଧୋଇବା।
**bathos** ବି. ଭାବର କ୍ରମାବନତିପୂର୍ଣ୍ଣ କାବ୍ୟାଳଂକାର ବିଶେଷ; ରସାପକର୍ଷ।
**bathrobe** ବି. ସ୍ନାନ ବସ୍ତ୍ର।
**bathyscaphe** ବି. ଗଭୀର ସମୁଦ୍ରରେ ବୁଡ଼ାଳି ନିମିତ୍ତ ନାବିକ ଚାଳିତ ଛୋଟ ଜାହାଜ।
**bathysphere** ବି. ଗଭୀର ସମୁଦ୍ର ପର୍ଯ୍ୟବେକ୍ଷଣ ନିମିତ୍ତ ଜାହାଜ।
**batik** ବି. ବାଟିକ୍, ମହମ ସାହାଯ୍ୟରେ ବସ୍ତ୍ରକୁ ରଂଗରେ ଛାପିବାର ପଦ୍ଧତି, ଉକ୍ତ ପ୍ରକାର ବସ୍ତ୍ର।
**batiste** ବି. ଏକ ପ୍ରକାର ସୂକ୍ଷ୍ମ କାର୍ପାସ ବସ୍ତ୍ର।
**batman** ବି. ସେନାବାହିନୀର ଉଚ୍ଚ କର୍ମକର୍ତ୍ତାଙ୍କର ଭୃତ୍ୟ।
**baton** ବି. ଦଣ୍ଡ, ଛୋଟ ଲାଠି; ସଂଗୀତ ନିର୍ଦ୍ଦେଶକ ହାତରେ ଧରି ଇଙ୍ଗିତ ଦେଉଥିବା ଦଣ୍ଡ।
**batrachian** 1. ବିଂ. ବେଙ୍ଗ ଜାତୀୟ ଉଭୟଚର ସମ୍ପର୍କୀୟ; 2. ବି. ଏହି ଜାତୀୟ ପ୍ରାଣୀ।
**batsman** ବି. (କ୍ରିକେଟ୍ ଖେଳର) ବେଟ୍ କରିବା ବ୍ୟକ୍ତି, ବଲ୍ଲାବାଜ୍।
**battalion** ବି. ବହୁ ସଂଖ୍ୟକ ସୈନ୍ୟ, ସେନା; ସମ ଉଦ୍ଦେଶ୍ୟ ଯୋଗୁଁ ଏକତ୍ରିତ ଲୋକଦଳ।
**batten** 1. ବି. ଲମ୍ବା କାଠପଟା ବା ବତାର କାମଡା 2. କ୍ରି. ଅଧିକ ଖୁଆଇବା, ଅନ୍ୟର ଖର୍ଚ୍ଚରେ ଚଳିବା।
**batter** 1. କ୍ରି. ପୁନଃପୁନଃ ସଜୋରରେ ଆଘାତ କରିବା; ଆଘାତ ଦ୍ୱାରା ବିକୃତ କରିବା; ଖଣ୍ଡ ବିଖଣ୍ଡ କରିବା; 2. ବି. ରନ୍ଧନ ଉଦ୍ଦେଶ୍ୟରେ ମଇଦା, ଅଣ୍ଡା, କ୍ଷୀର ଇତ୍ୟାଦିର ମିଶ୍ରଣ; battering ram ମେଣ୍ଢା ମୁଖିଆ ଲୌହ ମୁଦ୍‌ଗର (ଦୁର୍ଗର ପ୍ରାଚୀର ଭାଙ୍ଗିବା ଲାଗି ବ୍ୟବହୃତ)।
**battery** ବି. ସ୍ଥାନାନ୍ତର ଯୋଗ୍ୟ ତଡ଼ିତ୍-ଉତ୍ପାଦକ କୋଷ, (ବେଟେରୀ); ଉଚ୍ଚ ସ୍ଥାନରେ ସୁସଜ୍ଜିତ ଭାବେ ରଖାଯାଇଥିବା କମାଣ ଶ୍ରେଣୀ।
**battle** 1. ବି. ଦୀର୍ଘକାଳ ବ୍ୟାପୀ ଯୁଦ୍ଧ, ପ୍ରତିଯୋଗିତା, ସାଫଲ୍ୟ; 2. ଅ.କ୍ରି. ଲଢ଼ାଇ କରିବା; 3. battle cruiser ସାଧାରଣ ରଣପୋତ ଠାରୁ ଦ୍ରୁତତର ଅସ୍ତ୍ରସଜ୍ଜିତ ରଣତରୀ; battle cry ଯୁଦ୍ଧକାଳୀନ ସ୍ଲୋଗାନ୍ ବା ଧ୍ୱନି।
**battleaxe** ବି. ଟାଙ୍ଗିଆ, ଫାର୍ଶା।
**battledore** ବି. ଏକ ପ୍ରକାର ହାଲୁକା ବେଟ୍।
**battledress** ବି. ସୈନିକର ଦୈନନ୍ଦିନ ବସ୍ତ୍ର।
**battlefield** ବି. ଯୁଦ୍ଧକ୍ଷେତ୍ର।
**battlement** ବି. ଗୁଳି ଚଳାଇବା ପାଇଁ ଦୁର୍ଗ ପ୍ରାଚୀର ଉପରିସ୍ଥ ଫାଙ୍କଯୁକ୍ତ ସ୍ଥାନ।
**battleship** ବି. ଯୁଦ୍ଧ ଜାହାଜ, ରଣତରୀ।
**batty** ବିଂ. ଆଡ଼ବାୟା, ଅସ୍ଥିର ବୁଦ୍ଧି।
**bauble** ବି. ସୁଦୃଶ୍ୟ ତୁଚ୍ଛ ଜିନିଷ।
**baulk** କ୍ରି. =balk.
**bauxite** ବି. ବକ୍‌ସାଇଟ୍, କାଦୁଆ ଖଣିଜ ପଦାର୍ଥ; ଆଲୁମିନିୟମ୍‌ର ମୁଖ୍ୟ ଉପାଦାନ।
**bawd** ବି. କୁଟଣୀ, ଭାଡୁଆ, ବେଶ୍ୟାଳୟର ପରିଚାଳିକା।
**bawdy** 1. ବିଂ. ଅଶ୍ଳୀଳ, ଅଶ୍ଳୀଳ ହାସ ପରିହାସ ପୂର୍ଣ୍ଣ; 2. ବି. ଅଶ୍ଳୀଳ କଥାଭାଷା ବା ଲେଖା; 3. ବି. bawdy-house ବେଶ୍ୟାଳୟ।
**bawl** କ୍ରି. ଚିତ୍କାର କରିବା, ଉଚ୍ଚ ସ୍ୱରରେ କ୍ରନ୍ଦନ କରିବା; bawl out ତିରସ୍କାର କରିବା।
**bay**[1.] ବି. ଉପସାଗର।
**bay**[2.] ବି. ସ୍ତମ୍ଭ ବା ଖୁଣ୍ଟ ଦ୍ୱାରା ଚିହ୍ନିତ ଗୃହର ପ୍ରଧାନ ଅଂଶ; bay window ବାହାରକୁ ବାହାରିଥିବା ଝରକା।
**bay**[3.] କ୍ରି. ଭୁକିବା; at bay ଆତ୍ମରକ୍ଷାରେ ଉପାୟହୀନ।
**bay**[4.] 1. ବି. ଏକ ପ୍ରକାର ସବୁଜ ପତ୍ର ନିର୍ମିତ ଜୟମାଲ୍ୟ; bay-leaf ତେଜପତ୍ର; 2. ବିଂ. ବାଦାମୀ ବର୍ଣ୍ଣଯୁକ୍ତ (ଘୋଡା ସଂପର୍କୀୟ)।
**bayonet** 1. ବି. ବନ୍ଧୁକର ସଙ୍ଗୀନ; 2. ସ.କ୍ରି. ସଙ୍ଗୀନରେ ଭୂଷିବା।
**bazaar** ବି. ବଜାର, ହାଟ।
**bazooka** ବି. ଟ୍ୟାଙ୍କ-ବିଧ୍ୱଂସୀ କମାଣ କ୍ଷେପଣକ।
**BBC** ସଂଶ. ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍।
**BC** ସଂଶ. ଖ୍ରୀଷ୍ଟ ପୂର୍ବ, ବ୍ରିଟିଶ୍ କଲମ୍ବିଆ।
**BD** ସଂଶ. ବେଚ୍‌ଲର୍ ଅଫ୍ ଡିଭିନିଟି।
**bdellium** ବି. ଝୁଣା, ଗୁଗୁଳ।
**be-** କ୍ରି. ହେବା; *ଅ.କା.* was/ were.
**be** ଉ.ପ. ଏହା ପଦର ପୂର୍ବରେ ଯୁକ୍ତ ହୋଇ କ୍ରିୟାପଦ ଗଠିତ ହୁଏ, ଯଥା- bemoan, benumb ଇତ୍ୟାଦି।
**Be** *ପ୍ର.* ବେରିଲିୟମ୍ beryllium.

Digitized by srujanika@gmail.com

**beach** 1. ବି.ସମୁଦ୍ର କୂଳ, ଉପକୂଳ; ବାଲୁକାମୟ ବା କଙ୍କରିଳ ବେଳାଭୂମି; 2. ସ.କ୍ରି. ନୌକାକୁ କୂଳରେ ଲଗାଇବା।

**beachcomber** ବି. ସମୁଦ୍ର କୂଳର ବାରବୁଲା ଲୋକ।

**beacon** 1. ବି. ଉଚ୍ଚ ସ୍ଥାନରେ ସ୍ଥାପିତ ଆଲୋକ ସଙ୍କେତ; ଯେ କୌଣସି ସଙ୍କେତ ବା ସାବଧାନି; 2. କ୍ରି. ଆଲୋକ ସଙ୍କେତ ଜ୍ଞାପନ କରିବା।

**bead** 1. ବି. ଗୁନ୍ଥିବା ପାଇଁ ଛିଦ୍ର ଥାଇ ଗୋଲି; ଗୁଟି (ଗୋଟି); ଜପମାଳା; 2. କ୍ରି. ଏକତ୍ର ଗୁନ୍ଥିବା।

**beading** ବି. ଗୁଟି ଗୁନ୍ଥ ପରି ଖୋଦାଇ କରିବା ବା ସେହି ଆକୃତିରେ ଛାଞ୍ଚରେ ତିଆରି କରିବା।

**beadle** ବି. ଗୀର୍ଜାଘର ଓ କଲେଜ ଇତ୍ୟାଦିରେ ନିଯୁକ୍ତ ଆନୁଷ୍ଠାନିକ ତଳିଆ କର୍ମଚାରୀ।

**beady** ବିଂ. କ୍ଷୁଦ୍ର ବର୍ତ୍ତୁଳାକାର ଏବଂ ଉଜ୍ଜ୍ୱଳ; ଗୋଟି ସଦୃଶ।

**beagle** ବି. ଅଳ୍ପ ଲୋମ ବିଶିଷ୍ଟ ଓ ଛୋଟିଆ ଠେକୁଆ-ଶିକାରୀ କୁକୁର।

**beak** ବି. ଥଣ୍ଟ, ଚଞ୍ଚୁ।

**beaker** ବି. ବୈଜ୍ଞାନିକ ପରୀକ୍ଷା ପାଇଁ ବ୍ୟବହୃତ ଏକ ପ୍ରକାର କାଚ ପାତ୍ର, ପାନ ପାତ୍ର।

**beam** 1. ବି. କଡ଼ିକାଠ, କିରଣରେଖା, ଆଲୋକଧାରା, ରେଡିଓ ବା ରାଡାର ଯନ୍ତ୍ରର ସଙ୍କେତ; 2. କ୍ରି. ଆଲୋକ ବିକୀରଣ କରିବା; ଉଜ୍ଜ୍ୱଳ ଦିଶିବା; ହାସ୍ୟ ଭାବରେ ଦୀପ୍ତ ହେବା।

**bean** ବି. ଶିମ୍ବ ଜାତୀୟ ଲତା ଓ ତାହାର ଫଳ; ବିନ୍, (କଫି ଗଛର) ମଞ୍ଜି; bean stalk ବିନ୍ ଲତା।

**bean feast** ବି. ଉତ୍ସବ; ଶ୍ରମିକ ମାନଙ୍କର ବାର୍ଷିକ ଭୋଜନୋତ୍ସବ।

**beano** ବି. ସାମାଜିକ ମିଳନ, ଉତ୍ସବ।

**bear**[1] (*ଅ.କା* bore) କ୍ରି. ଧରିବା, ବୋହିବା, ସହିବା, ପୋଷିବା, ପ୍ରସବ କରିବା, ଉତ୍ପାଦନ କରିବା, ଉପଯୁକ୍ତ ହେବା, ଧାରଣା କରିବା; bear down ତଳକୁ ଚାପଦେବା; bear on (or upon) ସଂପର୍କିତ ହେବା; bear out ପ୍ରତିପାଦନ କରିବା; bear with ସହ୍ୟ କରିବା।

**bear**[2] ବି. ଭାଲୁ; bear-hug ଗାଢ଼ ଆଲିଙ୍ଗନ; Great Bear, Little Bear ଉତ୍ତର ମେରୁ ନିକଟସ୍ଥ ଦୁଇଟି ସ୍ୱତନ୍ତ୍ର ନକ୍ଷତ୍ର ପୁଞ୍ଜ।

**bearable** ବିଂ. ସହନୀୟ, ସହ୍ୟ।

**beard** ବି. ଦାଢ଼ି।

**bearer** ବି. ଧାରକ, ବାହକ, ପତ୍ର ବାହକ, (ଅଭିଯାନ ସମୟରେ) ଉପକରଣ ବାହକ, ବାହକ କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତି।

**beargarden** ବି. କୋଳାହଳମୟ ସ୍ଥାନ ବା ଗଣ୍ଡଗୋଳିଆ ପରିବେଶ।

**bearing** ବି.ଆଚରଣ, ସମ୍ବନ୍ଧ, ବାହ୍ୟ ବ୍ୟବହାର, ସହିବା କ୍ଷମତା, ସଂପର୍କ, (ଯନ୍ତ୍ରର ଘୂର୍ଣ୍ଣାୟମାନ ଅଂଶକୁ) ଧରି ରଖିବା ପାଇଁ ଶକ୍ତ ଯନ୍ତ୍ରାଂଶ; ବ.ବ. (କାହାର) ସ୍ଥିତି ସଂପର୍କୀୟ ଜ୍ଞାନ।

**bearish** ବିଂ. ଭାଲୁଭଳି; ରୁକ୍ଷ, ନିଷ୍ଠୁର, ବଦ୍ ମିଜାଜୀ।

**bearskin** ବି. ଭାଲୁ ଚମଡ଼ା, ସେଥିରେ ତିଆରି କମ୍ବଳାଦି; ଇଂଲଣ୍ଡର ରାଜପ୍ରହରୀ ମାନଙ୍କର ପରିଧେୟ ଲମ୍ବାକିଆ ରୁମରୁମିଆ ଟୋପି।

**beast** ବି. ବନ୍ୟପଶୁ, ଚତୁଷ୍ପଦ ବନ୍ୟପ୍ରାଣୀ, ଅସଭ୍ୟ ବ୍ୟକ୍ତି; beastly ବିଂ.ପଶୁତୁଲ୍ୟ, ବର୍ବର।

**beat** *ଅ.କା.* beat 1. କ୍ରି. ବାରମ୍ବାର ଆଘାତ ବା ପ୍ରହାର କରିବା, ପିଟିବା, ବାଡ଼େଇବା, ପରାଜିତ କରିବା, ଖଟ୍ ଖଟ୍ କରିବା, ଦୁକ୍ ଦୁକ୍ ହେବା; 2. ବି. ବାରମ୍ବାର ଆଘାତ ଯୋଗୁ ଉତ୍ପନ୍ନ ହେଉଥିବା ଶବ୍ଦ ବା ଧ୍ୱନି, ସାଙ୍ଗୀତିକ ତାଳ, ପହରାବାଲା ଦାୟିତ୍ୱରେ ଥିବା ଅଞ୍ଚଳ; 3. ବିଂ. କ୍ଳାନ୍ତ, ପରିଶ୍ରାନ୍ତ; beat about the bush ଅନ୍ଧାରରେ ବାଡ଼ି ବୁଲାଇବା।

**beaten** ବିଂ. ଆହତ, ତାଡ଼ିତ, ସରଳୀକୃତ; beaten track ଚଲାପଥ।

**beater** ବି. ପ୍ରହାର ବା ଆଘାତ କରିବା ପାଇଁ ବ୍ୟବହୃତ ଉପକରଣ, ପିଟଣା; ଶିକାର ବେଳେ ଜନ୍ତୁ ଖେଦିବା ପାଇଁ ନିଯୁକ୍ତ ବ୍ୟକ୍ତି।

**beatific** ବିଂ. ଆନନ୍ଦମୟ, ମଙ୍ଗଳମୟ।

**beatify** କ୍ରି. ସୁଖୀ କରିବା, (ରୋମାନ୍ କେଥଲିକ୍ ଗୀର୍ଜାରେ) ମୃତ ବ୍ୟକ୍ତିର ସ୍ୱର୍ଗସୁଖ ଲାଭ ଘୋଷଣା କରିବା।

**beatitude** ବି. ସ୍ୱର୍ଗୀୟ ସୁଖ, ବ୍ରହ୍ମାନନ୍ଦ, ତୁରୀୟ ଅବସ୍ଥା; ବ.ବ. ଯୀଶୁଙ୍କ ଆଶୀର୍ବାଦ।

**beatnik** ବି. 'ବୀଟ୍' ସଙ୍ଗୀତ ଗୋଷ୍ଠୀ ସଭ୍ୟ।

**beau** ବି. ଫୁଲ ବାବୁ, ସୌଖୀନ ଯୁବକ, ପ୍ରେମିକ।

**Beaufort scale** ବି. ବାୟୁର ବେଗ ନିର୍ଦ୍ଧାରକ ଏକ ପ୍ରକାର ମାନଦଣ୍ଡ।

Digitized by srujanika@gmail.com

**beauteous** ବିଂ. (ସାହିତ୍ୟିକ ପ୍ରୟୋଗ) ସୁନ୍ଦର, ମନୋହର।

**beautician** ବି. ଯେଉଁବ୍ୟକ୍ତି ସ୍ତ୍ରୀ ଲୋକଙ୍କର କେଶବିନ୍ୟାସ ଓ ମୁଖସଜ୍ଜା ଇତ୍ୟାଦି କରେ, ସୌନ୍ଦର୍ଯ୍ୟ ଉପଚାରରେ ଯେ ଦକ୍ଷ, ପ୍ରସାଧକ।

**beautiful** ବିଂ. ସୁନ୍ଦର; ମନ, କର୍ଣ୍ଣ ଓ ନୟନ-ପ୍ରୀତିକର, ରୁଚିକର।

**beautify** କ୍ରି. ସୁନ୍ଦର କରିବା, ମଣ୍ଡନ କରିବା; beautification ବି. ସୌନ୍ଦର୍ଯ୍ୟ ସାଧନ।

**beauty** ବି.ସୌନ୍ଦର୍ଯ୍ୟ, ସୁଷମା, ପ୍ରୀତିକର ଆକାର ବା ବର୍ଣ୍ଣ, ଏହାର ଅଧିକାରୀ; beauty parlour ନାରୀମାନଙ୍କ ପାଇଁ ପ୍ରସାଧନ କୋଠରୀ; beauty queen ପ୍ରତିଯୋଗିତାରେ ନିର୍ବାଚିତ ଶ୍ରେଷ୍ଠ ସୁନ୍ଦରୀ; beauty spot ପ୍ରାକୃତିକ ସୌନ୍ଦର୍ଯ୍ୟମୟ ସ୍ଥଳ, ନାରୀ ମୁଖର (ସୌନ୍ଦର୍ଯ୍ୟ ବର୍ଦ୍ଧକ) ତିଳ ଚିହ୍ନ।

**beaver**[1.] ବି. ଏକ ପ୍ରକାର ଉଭୟଚର କୋମଳ ଲୋମବିଶିଷ୍ଟ ଚତୁଷ୍ପଦ କୃନ୍ତନକାରୀ ପ୍ରାଣୀ।

**beaver**[2.] ବି. ଲୁହାଟୋପି ପାଇଁ ଥୋଡ଼ିପିଠା।

**becalm** କ୍ରି. ଶାନ୍ତ କରିବା, ନିଶ୍ଚଳ କରିବା; (ଜାହାଜକୁ) ବାତ ପ୍ରବାହରୁ ଦୂରେଇ ନେବା।

**became** BECOME କ୍ରିୟାର ଅତୀତ କାଳ।

**because** *ଅ.* କାରଣ, ଯେହେତୁ; because of ହେତୁରୁ।

**beck**[1.] ବି. ହାତ ବା ଆଙ୍ଗୁଠି ସଞ୍ଚାଳନ ଦ୍ୱାରା ଇଙ୍ଗିତ, ଇଶାରା, ଆଦେଶ, ଠାର; କେବଳ at the beck and call of ରେ ପ୍ରଯୁକ୍ତ।

**beck**[2.] ବି. ପାହାଡ଼ୀଝର, ଗିରି ନିର୍ଝର।

**beckon** କ୍ରି. ନୀରବରେ ସଂକେତ ଦେବା, ଇଙ୍ଗିତ କରିବା, ଠାରିବା।

**become** *ଅ.କ୍ରି.* ଘଟିବା, ହେବା, ପରିଣତ ହେବା; *ସ.କ୍ରି.* ଉପଯୋଗୀ ହେବା, ମାନିବା; (the dress becomes her).

**becquerel** ବି. *ସା.ପ୍ର.* ତେଜସ୍କ୍ରିୟ ଅଣୁ ବିକିରଣ ଶକ୍ତିର ଏକକ।

**bed** 1. ବି. ଖଟ, ଶଯ୍ୟା; ଉଦ୍ୟାନ କିଆରୀ; ନଦୀ, ହ୍ରଦ ବା ସମୁଦ୍ରର ତଳଦେଶ ଶଯ୍ୟା 2. କ୍ରି. ଶୋଇବାକୁ ଯିବା; ଯୌନ ସଂପର୍କ ସ୍ଥାପନ କରିବା; bed fellow ଶଯ୍ୟାସାଥୀ।

**bedaub** କ୍ରି. ଲେପନ କରିବା, ମଖାଇବା।

**bedazzle** କ୍ରି. ଝଲସାଇବା, ବିଭ୍ରାନ୍ତ କରିବା।

**bedclothes** ବି. ବିଛଣାଚାଦର, ତକିଆ, କମ୍ବଳ ଇତ୍ୟାଦି ଶେଯରେ ବ୍ୟବହାର୍ଯ୍ୟ ଉପକରଣ।

**bedding** ବି. ତକିଆ, ବିଛଣା ଚାଦର, କମ୍ବଳ ଇତ୍ୟାଦି; ଶଯ୍ୟା ଉପକରଣ।

**bedeck** କ୍ରି. ସଜାଇବା, ବିଭୂଷିତ କରିବା।

**bedevil** କ୍ରି. ବିପର୍ଯ୍ୟସ୍ତ କରିବା, ଉତ୍ପୀଡ଼ନ କରିବା; ବି. bedevilment.

**bedim** କ୍ରି. ନିଷ୍ପ୍ରଭ କରିବା।

**bedizen** କ୍ରି. ଜାକଜମକ ଭାବେ ସଜାଇବା।

**bedlam** ବି. ବିଶୃଙ୍ଖଳ ବା ବିପର୍ଯ୍ୟସ୍ତ ଅବସ୍ଥା, ପାଗଳା ଗାରଦ।

**Bedlington terrier** ବି. ଏକ ଜାତୀୟ ଖେଳୁଆଡ଼ କୁକୁର।

**bedouin** ବି. ଆରବ ଦେଶର ଯାଯାବର ଜାତି, ବେଦୁଇନ୍, ଯାଯାବର।

**bedpan** ବି. ଶଯ୍ୟାଶାୟୀ ଅବସ୍ଥାରେ ମଳମୂତ୍ର ତ୍ୟାଗ ପାଇଁ ବ୍ୟବହୃତ ପାତ୍ର।

**bedpost** ବି. ଖଟ ବା ପଲଙ୍କର ଖୁରା।

**bedraggled** ବିଂ. ଅପରିଷ୍କୃତ, (ପୋଷାକ ପରିଚ୍ଛଦ ସଂପର୍କରେ) ଲୋଚାକୋଚା।

**bedridden** ବିଂ. (ବାର୍ଦ୍ଧକ୍ୟ ବା ରୋଗ ହେତୁ) ଶଯ୍ୟାଶାୟୀ।

**bedrock** ବି. ଭୂତଳସ୍ଥିତ ଶକ୍ତ ପ୍ରସ୍ତର, ମୂଳ ଭିତ୍ତି।

**bedroom** ବି. ଶୋଇବା ଘର, ଶୟନ ପ୍ରକୋଷ୍ଠ।

**bedside** ବି. ଶଯ୍ୟା ପାର୍ଶ୍ୱ।

**bed–sitting–room** ବି. ଶୋଇବା ଓ ବସାଉଠା କରିବା ପାଇଁ ବ୍ୟବହୃତ କୋଠରୀ (*କ.ଭା.* bed–sitter).

**bedsore** ବି. ଶଯ୍ୟାକ୍ଷତ, ଶେଯରେ ପଡ଼ି ପଡ଼ି ଅଙ୍ଗରେ ଜାତ କ୍ଷତ।

**bedspread** ବି. ନ ଶୋଇବା ଅବସ୍ଥାରେ ଖଟରେ ପାରିବା ଚାଦର।

**bedstead** ବି. ଖଟ, ପଲଙ୍କ।

**beduin** ଦ୍ର. BEDOUIN.

**bee** ବି. ମହୁମାଛି; କର୍ମତତ୍ପର ବ୍ୟକ୍ତି।

**Beeb** *ଅପ.*ବି. BBC.

**beech** ବି. ବିଚ୍ ନାମକ ବୃକ୍ଷ ବିଶେଷ, ସେହି ଗଛର କାଠ।

Digitized by srujanika@gmail.com

**beechmast** ବି. ବିଚ୍ (ବୃକ୍ଷର) ଫଳ।
**beef** 1. ବି. ଗୋମାଂସ; କ.ଭା. ମାନୁଷୀ ଶକ୍ତି, ମାଂସପେଶୀ; 2. ସ.କ୍ରି. ଅଭିଯୋଗ ବାଢ଼ିବା; beafsteak ଭାଜିବା ପାଇଁ ଉଦ୍ଦିଷ୍ଟ ମୋଟା ଗୋ-ମାଂସ ଖଣ୍ଡ; beaf tea ଗୋମାଂସର ସୁରୁଆ।
**beefeater** ବି. ଲଣ୍ଡନ ଟାୱାର୍ ରାଜରକ୍ଷୀ।
**beefy** ବିଂ. ଗୋମ୍ମାଂସ ତୁଲ୍ୟ, ମାଂସଳ।
**beehive** ବି. ମହୁଫେଣା, ମହୁବାକ୍ସ।
**beeline** ବି. ସରଳ ରେଖା, ସିଧାସଳଖ ରାସ୍ତା।
**Beelzebub** ବି. ସଇତାନ (ବାଇବେଲ କଥିତ ଈଶ୍ୱରଙ୍କର ବିରୋଧୀ)।
**been** be କ୍ରିୟା ପଦର *ଅ.କ୍ରି.କ.ପ.*।
**beer** ବି. ବିଅର୍, ଏକ ପ୍ରକାର ଯବ ସୁରା. ବାର୍ଲିରୁ ପ୍ରସ୍ତୁତ ପାନୀୟ।
**beery** ବିଂ. ବିଅର୍ ତୁଲ୍ୟ, ଯବସୁରା ସମ୍ବନ୍ଧୀୟ।
**beeswax** ବି. ମହମ, ମହଣ।
**beeswing** ବି. ପୁରୁଣା ପୋର୍ଟ ମଦ ଉପରେ ପଡ଼ି ଥିବା ସର।
**beet** ବି. ବୀଟ୍ ନାମକ ଉଦ୍ଭିଦ ବିଶେଷ, (ଗାଜର ବା ମୂଳା ଜାତୀୟ କନ୍ଦ ଫଳ ବିଶେଷ)।
**beetle**[1] ବି. ଗୋବର ପୋକ, କାଚ଼ଣ୍ଡା ପୋକ।
**beetle**[2] ବି. ହାତୁଡ଼ି, ପିଟଣା।
**beetle**[3] 1. ବିଂ. ଆଗକୁ ବାହାରିଥିବା; 2. *ଅ.କ୍ରି.* ଆଗକୁ ବାହାରିବା।
**befall** କ୍ରି. ଘଟିବା।
**befit** କ୍ରି. ଉପଯୋଗୀ ହେବା, ଯଥାଯୋଗ୍ୟ ହେବା, ଖାପ ଖାଇବା।
**befog** କ୍ରି. ଅସ୍ପଷ୍ଟ କରିବା; befogged ବିଂ. ବୁଦ୍ଧିଭ୍ରଷ୍ଟ, ବିହ୍ୱଳ।
**before** ଅ. ସମ୍ମୁଖରେ, ପୂର୍ବେ, ଆଗରେ।
**beforehand** କ୍ରି.ବିଂ. ଆଗତୁରା।
**befriend** କ୍ରି. ମିତ୍ରତା ଆଚ଼ରଣ କରିବା, ସାଙ୍ଗ ହେବା, ସଙ୍ଗୀ ହେବା।
**befuddle** କ୍ରି. ବିଭ୍ରାନ୍ତ କରିବା, ନିଶାଦ୍ୱାରା ଆଚ୍ଛନ୍ନ କରିବା।
**beg** କ୍ରି. ମାଗିବା, ଭିକ୍ଷା କରିବା, ଅନୁଗ୍ରହ ଚାହିଁବା, ଅନୁନୟ ଓ ବିନୟ ସହକାରେ କହିବା, ଅନୁମତି ଚାହିଁବା, ଯାଚ଼ଞ୍ଚା କରିବା; beg off ଅବ୍ୟାହତି ନେବା; beg the question ସୈଦ୍ଧାନ୍ତିକ ସତ୍ୟକୁ ମୂଳରୁ ଧରିନେବା; go begging (ସମସ୍ତଙ୍କ ପାଇଁ) ଅଦରକାରୀ ହେବା।
**began** begin କ୍ରିୟା ପଦ *ଅ.କା.*।
**beget** କ୍ରି. ସୃଷ୍ଟି କରିବା, ଉତ୍ପନ୍ନ କରିବା।
**beggar** 1. ବି. ଭିକ୍ଷୁକ, ଭିକାରୀ, ନିଃସ୍ୱ; 2. beggar description ବର୍ଣ୍ଣନାତୀତ ହେବା; 3. beggarly ବିଂ. ଦୀନ, ଅଧମ।
**begin** କ୍ରି. ଆରମ୍ଭ କରିବା ବା ହେବା, ସୂତ୍ରପାତ କରିବା।
**beginner** ବି. ଯେଉଁବ୍ୟକ୍ତି କୌଣସି କୌଶଳ ବା ବିଦ୍ୟା ଶିକ୍ଷାରମ୍ଭ କରିଥାଏ, ଶିକ୍ଷାନବିଶ।
**beginning** ବି. ଆରମ୍ଭ, ମୂଳ, ଉତ୍ସ; beginning of the end ପରିଣାମର (ବିଶେଷତଃ ଅଶୁଭ) ପ୍ରଥମ ସ୍ପଷ୍ଟ ସୂଚ଼ନା।
**begone** ଅ. ଏହିକ୍ଷଣି ଚାଲିଯାଅ, ଦୂର୍ ହ, ଯା ପଳା; ଦ୍ରଃ. be gone.
**begonia** ବି. ଉଜ୍ଜ୍ୱଳ ପୁଷ୍ପ ବିଶିଷ୍ଟ ଏକ ପ୍ରକାର ଗଛ।
**begot, begotten** **BEGET** କ୍ରିୟା ପଦର *ଅ.କା./ ଅ.କ୍ରି.କ.ପ।*
**begrudge** କ୍ରି. ଈର୍ଷାନ୍ୱିତ ହେବା, ଦ୍ୱେଷ କରିବା।
**beguile** କ୍ରି. (କୌଶଳରେ) ପ୍ରତାରଣା କରିବା, ଭୁର୍ଡ଼ାଇବା, ଠକାଇବା, ବଞ୍ଚିତ କରିବା।
**begum** ବି. ବେଗମ, ମୁସଲମାନ ସଂପ୍ରଦାୟ ବା ଧର୍ମରେ ସମ୍ଭ୍ରାନ୍ତ ବିବାହିତା ମହିଳାଙ୍କର ପଦବୀ।
**begun** begin କ୍ରିୟା ପଦର *ଅ.କ୍ରି.କ.ପ.*।
**behalf** ବି. ପକ୍ଷ, ତରଫ, (ଏବେ କେବଳ on behalf of କିମ୍ବା one's behalf ରୂପେ ବ୍ୟବହୃତ) କାହାର ସ୍ୱାର୍ଥରେ ବା ପ୍ରତିନିଧି ରୂପେ।
**behave** କ୍ରି. ଆଚରଣ କରିବା, ବ୍ୟବହାର କରିବା।
**behaviour** ବି. ଆଚରଣ, ଚାଲିଚଳଣ, ହାବଭାବ।
**behavioural** ବିଂ. ବ୍ୟବହାରିକ, ଆଚରଣ-ସଂପର୍କିତ।
**behaviourism** ବି. ଆଚରଣ ଅଧ୍ୟୟନ ବିଦ୍ୟା; ବ୍ୟବହାରବାଦ।
**behead** କ୍ରି. ମୁଣ୍ଡକାଟ କରିବା, ଶିରଚ୍ଛେଦନ କରିବା।
**beheld** କ୍ରି. BEHOLDର ଅତୀତ କାଳ।

Digitized by srujanika@gmail.com

**behemoth** ବି. ପ୍ରକାଣ୍ଡ ଜୀବ ବା ବସ୍ତୁ।
**behest** ବି. ଆଦେଶ, ଅନୁଜ୍ଞା, ଅନୁନୟ।
**behind** 1. କ୍ରି.ବିଂ. ପଛରେ, ପଶ୍ଚାତରେ, ଅତୀତରେ, ଅପର ପାର୍ଶ୍ୱରେ; 2. ଅ. ପଛକୁ, ପଛରେ; 3. ବି. କ.ଭା. ପିଚା, ନିତମ୍ବ; 4. behind time ବିଳମ୍ବରେ।
**behindhand** କ୍ରି.ବିଂ. ପଛୁଆ, ଅଚଳ, ମରହଟ୍ଟି।
**behold** କ୍ରି. ଅବଲୋକନ କରିବା, ଅନେଇବା।
**beholden** ବିଂ. ବାଧିତ।
**behove** ସ.କ୍ରି. ଉପଯୁକ୍ତ ହେବା।
**beige** 1. ବିଂ. ପୀତାଭ ବାଦାମୀ ବର୍ଣ୍ଣର; 2. ବି. ସେହି ରଙ୍ଗ।
**being** ବି. ସ୍ଥିତି, ଅସ୍ତିତ୍ୱ, ଅବସ୍ଥିତି; human being ମଣିଷ, ବ୍ୟକ୍ତି।
**bejewelled** ବିଂ. ରତ୍ନଖଚିତ; ମଣିଭୂଷିତ।
**belabour** ସ.କ୍ରି. ଶାରୀରିକ ଆଘାତ କରିବା କିମ୍ବା କଥାରେ ଗଞ୍ଜଣା ଦେବା।
**belated** ବିଂ. ବିଳମ୍ବରେ ଆଗତ।
**belay** 1. କ୍ରି. କାଠିରେ ଦଉଡ଼ି ଗୁଡ଼ାଇବା; 2. ବି. ଦଉଡ଼ିରେ ଗୁଡ଼ା।
**belch** କ୍ରି. ହାକୁଟି ମାରିବା, ଏଉଡ଼ି ମାରିବା, ଢକାର ମାରିବା, ଧୂମ ଉଦ୍‌ଗୀରଣ କରିବା।
**beleaguer** କ୍ରି. ଅବରୋଧ କରିବା, ଛେକିବା, ହଇରାଣ ବା ବିବ୍ରତ କରିବା।
**belfry** ବି. ଘଣ୍ଟାଘର, ଗୀର୍ଜାର ଘଣ୍ଟାଘର।
**Belial** ବି. ସଇତାନ (ବାଇବେଲ କଳ୍ପିତ)।
**belie** ସ.କ୍ରି. ମିଥ୍ୟା ସାବ୍ୟସ୍ତ କରିବା; (ପ୍ରତିଜ୍ଞା, ଆଶା) ପୂରଣରେ ପଶ୍ଚାତ୍‌ପଦ ହେବା।
**belief** ବି. ବିଶ୍ୱାସ, ଧର୍ମବିଶ୍ୱାସ, ପ୍ରତ୍ୟୟ।
**believe** କ୍ରି. ବିଶ୍ୱାସ କରିବା, ପ୍ରତ୍ୟୟ କରିବା, ଆସ୍ଥା ରଖିବା।
**belittle** ସ.କ୍ରି. ଛୋଟ କରିବା, ହେୟ ପ୍ରତିପନ୍ନ କରିବା।
**bell** 1. ବି. ଘଣ୍ଟା, ଘଣ୍ଟି; 2. ସ.କ୍ରି. ଘଣ୍ଟା ବାନ୍ଧିବା; 3. bell-bottomed (ପାଇଜାମା ସଂପର୍କରେ) ଆଣ୍ଠୁ ତଳକୁ ଚଉଡ଼ା ହୋଇଥିବା; bell the cat ବିପଜ୍ଜନକ କାର୍ଯ୍ୟ କରିବା; bell jar ଆବରଣାର୍ଥେ ଘଣ୍ଟାକୃତି କାଚ୍‌ପାତ୍ର; bell metal କଂସା।
**belladonna** ବି. ଦୁଦୁରା ଜାତୀୟ ବିଷାକ୍ତ ଗୁଳ୍ମ, ସେଥିରୁ ପ୍ରସ୍ତୁତ ଔଷଧ।
**belle** ବି. ସୁନ୍ଦରୀ ତରୁଣୀ (BEAU ର ସ୍ତ୍ରୀଲିଙ୍ଗ)।
***belles-lettres*** ବି.ବ.ବ. ସାହିତ୍ୟିକ ଗୁଣଯୁକ୍ତ ଲେଖା, ରମ୍ୟ ରଚନା।
**bellicose** ବିଂ ଯୁଦ୍ଧପ୍ରିୟ, ସମର ବିଳାସୀ।
**belligerence** (bellegerency ମଧ୍ୟ) ବି. ବିବଦମାନ ଆଚରଣ, କଳହପ୍ରବଣତା, ଯୁଦ୍ଧ ପ୍ରୀତି।
**belligerent** ବିଂ. ଯୁଦ୍ଧ ବା କଳହରତ, ବିବାଦଶୀଳ।
**bellow** 1. କ୍ରି. (ଷଣ୍ଢ) ଗର୍ଜନ କରିବା, ଗଭୀର ଓ ଉଚ୍ଚ ଶବ୍ଦ କରିବା; 2. ବି. (ଷଣ୍ଢ) ଗର୍ଜନ, ସେହିପରି ବୋବାଳି।
**bellows** ବି. ବ.ବ. କମାର ଯନ୍ତା, ଭସ୍ତ୍ରା, କମାର ଶାଳରେ ନିଆଁ ଜଳାଇ ରଖିବା ପାଇଁ ବ୍ୟବହୃତ ବାୟୁ ପ୍ରେରକ ଉପକରଣ।
**belly** 1. ବି. ଉଦର, ପେଟ; 2. କ୍ରି. ଫୁଲିବା; belly-ache ବି./କ୍ରି. ଉଦର ପୀଡ଼ା।
**bellyful** ବି. ପେଟ ଭର୍ତ୍ତି, ପେଟ ପୂରା।
**belong** ଅ.କ୍ରି. 1. (belong to) ଅଧିକାରଭୁକ୍ତ ହେବା, ଅଂଶଭୁକ୍ତ ହେବା, ଅଧିବାସୀ ହୋଇ ରହିବା; 2. (କୌଣସି) ପରିବେଶ, ସ୍ଥାନ ବା ଅବସ୍ଥାର ଯୋଗ୍ୟ ହେବା; belongings ବି. ବ.ବ. ଅସ୍ଥାବର ଦ୍ରବ୍ୟାଦି, ଜିନିଷ ପତ୍ର।
**beloved** 1. ବିଂ. ଅତି ପ୍ରିୟ, 2. ବି. ପ୍ରିୟଜନ।
**below** 1. କ୍ରି.ବିଂ. ନିମ୍ନରେ, ତଳେ; 2. ଅ. (କାହା ବା କୌଣସି ବସ୍ତୁର) ତଳକୁ।
**belt** ବି. ମେଖଳା, କମର ପଟି, ବେଲ୍‌ଟ, ପ୍ରଶସ୍ତ ଅଞ୍ଚଳ; below the belt ଅନ୍ୟାୟରେ।
**beluga** ବି. ଏକ ପ୍ରକାର ମାଛ; ତାହାର ଶୁଖୁଆ ମଞ୍ଜି।
**belvedere** ବି. ଉଚ୍ଚ ସ୍ଥାନରେ ଅବସ୍ଥିତ ଗ୍ରୀଷ୍ମାବାସ, ଭୂଦୃଶ୍ୟ ଦେଖିବା ପାଇଁ ନିର୍ମିତ ଉଚ୍ଚ ସ୍ଥାନ।
**bemoan** କ୍ରି.ବିଳାପ କରିବା, ବିଳପିବା, ଆକ୍ଷେପ କରିବା।
**bemuse** ସ.କ୍ରି. ହତବୁଦ୍ଧି କରିବା।
**bench** ବି. ଲମ୍ବା କାଷ୍ଠାସନ; ବିଚାର ପୀଠ, ବିଚାରାସନ, ବିଚାରକ-ସମ୍ପ୍ରଦାୟ, ବେଞ୍ଚ୍।

Digitized by srujanika@gmail.com

**bencher** ବି. ଇଂଲଣ୍ଡର ଆଇନ-ଶିକ୍ଷାଳୟର ବରିଷ୍ଠ ସଦସ୍ୟ।
**bench-mark** ବି. ଅମିନମାନଙ୍କ ଦ୍ୱାରା ବ୍ୟବହୃତ ଏକ ସଂକେତ।
**bend**[1] 1. କ୍ରି. ବଙ୍କେଇବା, ନୁଆଁଇବା; 2. ବି. ବକ୍ରତା, ବାଙ୍କ।
**bend**[2] ବି. ଏକ ପ୍ରକାର ଗଣ୍ଠି।
**bender** ବି. *ଅପ.* ଉନ୍ମତ୍ତ ମଦ୍ୟପାନୋତ୍ସବ, ପ୍ରଚୁର ମଦ୍ୟପାନ।
**beneath** *କ୍ରି.ବିଂ./ଅ.* ତଳେ, ନିମ୍ନରେ, ନ୍ୟୂନ, ଅଯୋଗ୍ୟ।
**benedictine** ବିଂ. ସେଣ୍ଟ ବେନିଡିକ୍ଟଙ୍କ ଅନୁଗାମୀ ସନ୍ନ୍ୟାସୀ ବା ସନ୍ନ୍ୟାସିନୀ।
**benediction** ବି. ଆଶୀର୍ବାଦ, ସ୍ୱସ୍ତିବଚନ।
**benefaction** ବି. ଦାନ, ଉପକାର, ହିତ ସାଧନ।
**benefactor** ବି. ଦାତା, ପୃଷ୍ଠପୋଷକ; ସ୍ତ୍ରୀ. benefactress.
**benefice** ବି. ଧର୍ମଯାଜକଙ୍କ ବୃତ୍ତି ବା ଆୟ।
**beneficent** ବିଂ. ଉପକାରୀ, ଦୟାଳୁ; beneficence ବି. ବଦାନ୍ୟତା, ହିତ ସାଧନ।
**beneficial** ବିଂ. ଉପକାରକ, ହିତକର; *କ୍ରି.ବିଂ.* beneficially.
**beneficiary** ବି. ଦାନଗ୍ରାହୀ, ହିତାଧିକାରୀ।
**benefit** 1. ବି. ଉପକାର, ସୁବିଧା, ଲାଭ; 2. କ୍ରି. ଉପକାର କରିବା, (କାହାଠାରୁ ବା ଦ୍ୱାରା) ଉପକୃତ ହେବା; 3. benefit of the doubt ସନ୍ଦେହଜନକ ହେଲେ ମଧ୍ୟ ନିର୍ଦୋଷ ଘୋଷିତ ହେବାର ସୁଯୋଗ।
**benevolent** ବିଂ. ହିତୈଷୀ, ସଦୟ ଏବଂ ଉପକାରୀ; ବି. benevolence.
**Bengali** 1. ବି. ବଙ୍ଗାଳୀ, ବଙ୍ଗଦେଶୀୟ ବ୍ୟକ୍ତି ବା ଭାଷା; 2. ବିଂ. ବଙ୍ଗଦେଶର।
**benighted** ବିଂ. ତମସାଚ୍ଛନ୍ନ; ମାନସିକ ବା ନୈତିକ ଅଜ୍ଞତାରେ ଆଚ୍ଛନ୍ନ।
**benign** ବିଂ. ପ୍ରସନ୍ନ, ହିତକର, ମୃଦୁ; (ରୋଗ) ସାଂଘାତିକ ନୁହେଁ।
**benignant** ବିଂ. ସଦୟ, ସ୍ୱାସ୍ଥ୍ୟକର, ହିତକର।
**benignity** ବି. ସହୃଦୟତା।
**bent** 1. ବିଂ. ବକ୍ର, ବଙ୍କା, ତେଢ଼ା; 2. ବି. ଝୁଙ୍କ ବା ପ୍ରବଣତା, ଇଚ୍ଛା, ମନର ଗତି; 3. bent on ଦୃଢ଼ନିଶ୍ଚିତ।
**Benthamism** ବି. ବହୁଜନ ସୁଖାୟ ନୀତି, ଦାର୍ଶନିକ ବେନ୍ଥାମଙ୍କ ନୀତି ଉପରେ ପ୍ରତିଷ୍ଠିତ।
**bentwood** ବି. ଆସବାବ ନିର୍ମାଣ ନିମିତ୍ତ କୃତ୍ରିମ ଉପାୟରେ ବଙ୍କାଯାଇଥିବା କାଠ।
**benumb** କ୍ରି. ଅବଶ ବା ନିଶ୍ଚେତନ କରିବା।
**benzene** ବି. ଆଲକାତରା-ଉତ୍ପନ୍ନ ଏକ ପ୍ରକାର ତରଳ ପଦାର୍ଥ।
**benzine** ବି. ପେଟ୍ରୋଲିୟମ୍-ଜାତ ପରିଷ୍କାରକ ଦ୍ରବଣ ବିଶେଷ, ବେଞ୍ଜିନ୍।
**benzoin** ବି ସୁଗନ୍ଧି ଦ୍ରବ୍ୟ ବିଶେଷ, ଗୁଗ୍‌ଗୁଳ; ବିଂ. benzoic.
**benzol** ବି. ଅଶୋଧିତ ବେଞ୍ଜିନ୍।
**bequeath** କ୍ରି. ଉଇଲ୍ ବା ଇଚ୍ଛାପତ୍ର ଦ୍ୱାରା ନିଜର ସମ୍ପତ୍ତିକୁ ଅନ୍ତିମ କାଳରେ ଅନ୍ୟକୁ (ପରବର୍ତ୍ତୀ ବଂଶଧରକୁ) ଅର୍ପଣ କରିବା।
**bequest** ବି. ଇଚ୍ଛାପତ୍ର ଦ୍ୱାରା ପ୍ରଦତ୍ତ ବସ୍ତୁ।
**berate** କ୍ରି. ତୀବ୍ର ଭର୍ତ୍ସନା କରିବା, ଗାଳି ଦେବା।
**Berber** ବି. ଉତ୍ତର ଆଫ୍ରିକାର ଆଦିମ ଜାତି ବିଶେଷ, ସେମାନଙ୍କର ଭାଷା।
***berceuse*** ବି. ନାନାବାୟା ଗୀତ। *(ଫ.)*
***bereave*** ସ.କ୍ରି. (ମୁଖ୍ୟତଃ ଅ.କା. ଓ *ଅ.କ୍ରି.କ.ପ*) ହରାଇବା, ବଞ୍ଚିତ ହେବା ବା କରିବା; bereaved ବିଂ. ବିୟୋଗବିଧୁର, ଶୋକସନ୍ତପ୍ତ; bereavement ବି. ପ୍ରିୟଜନ ବିଚ୍ଛେଦ, ସ୍ୱଜନ ବିୟୋଗ, ଶୋକ ସନ୍ତପ୍ତ ଅବସ୍ଥା।
**bereft** ବିଂ. ବଞ୍ଚିତ।
**beret** ବି. ବେରେ, ଏକ ପ୍ରକାର ଗୋଲ ଟୋପି।
**berg** ବି. = iceberg ବିଶାଳ ବରଫ ଖଣ୍ଡ ବା ପାହାଡ଼।
**bergamot**[1] ବି. ଲେମ୍ବୁ ଜାତୀୟ ଫଳରୁ ପ୍ରସ୍ତୁତ ଏକ ପ୍ରକାର ସୁଗନ୍ଧି; ସୁଗନ୍ଧିତ ପତ୍ର ବିଶିଷ୍ଟ ଗୁଳ୍ମବିଶେଷ।
**bergamot**[2] ବି. ଏକ ପ୍ରକାର ଫଳ।
**beriberi** ବି. ବେରିବେରି ନାମକ ଗ୍ରୀଷ୍ମ ମଣ୍ଡଳୀୟ ଖାଦ୍ୟସାର ଅଭାବ ଜନିତ ଏକ ପ୍ରକାର ରୋଗ।
**berk** *ଅପ.ବି.* ଓଲୁ, ଗଧ, ନିର୍ବୋଧ ବ୍ୟକ୍ତି।
**Bermuda shorts** ବି. ଆଣ୍ଠୁ-ସ୍ପର୍ଶୀ ହାଫ୍ ପ୍ୟାଣ୍ଟ।
**berry** ବି. କୋଳି, କ୍ଷୁଦ୍ର ଗୋଲାକୃତି ମଞ୍ଜି ଥିବା ରସାଳ ଫଳ।

Digitized by srujanika@gmail.com

**berserk** ବିଂ. ଉନ୍ମତ୍ତ, ହିତାହିତ ଜ୍ଞାନ ଶୂନ୍ୟ; go berserk ଆତ୍ମସଂଯମ ହରାଇବା, ପାଗଳ-ପ୍ରାୟ ହେବା ।

**berth** ବି. ଜାହାଜ ବା ରେଳ ବଗିରେ ଶୋଇବା ସ୍ଥାନ; ବନ୍ଦରରେ ଜାହାଜ ଅଟକିବା ସ୍ଥାନ; କର୍ମନିଯୁକ୍ତି ।

**beryl** ବି. ପାନ୍ନା, ବିଦ୍ରୁମ ସଦୃଶ ସବୁଜ ବର୍ଣ୍ଣର ମଣି ।

**beseech** କ୍ରି. ଅନୁନୟ କରିବା, ମିନତି କରିବା ।

**beset** କ୍ରି. ବାରମ୍ବାର ଆକ୍ରମଣ ବା ହଇରାଣ କରିବା, ବେଷ୍ଟନ କରିବା, ଘେରିବା ।

**beside** ଅ. ପାର୍ଶ୍ୱରେ, ନିକଟରେ, ତୁଳନାରେ beside oneself (କ୍ରୋଧ ବା ଦୁଶ୍ଚିନ୍ତାରେ) ଆତ୍ମହରା ।

**besides** ଅ./କ୍ରି.ବିଂ. ଅଧିକନ୍ତୁ, ଏହା ଛଡ଼ା, ଆହୁରି ମଧ୍ୟ ।

**besiege** କ୍ରି. ଅବରୋଧ କରିବା, ଭିଡ଼ ଜମାଇବା, ବାରମ୍ବାର ଅନୁରୋଧ ଦ୍ୱାରା ହଇରାଣ କରିବା ।

**besmirch** କ୍ରି. ମଳିନ କରିବା, ବିବର୍ଣ୍ଣ କରିବା, ସମ୍ମାନହାନି କରିବା ।

**besom** ବି. ଏକ ପ୍ରକାର ଝାଡୁ ।

**besot** କ୍ରି. ମତ୍ତ କରିବା, ହତବୁଦ୍ଧି କରିବା ।

**bespangle** କ୍ରି. ଚୁମ୍କି ଲଗାଇ ସଜାଇବା ।

**bespatter** କ୍ରି. ଚାରିଆଡ଼େ ବିଞ୍ଚିବା; ଗାଳି ଦେବା ।

**bespeak** କ୍ରି. ଆଗତୁରା ନିଯୁକ୍ତି ଦେବା, ଦ୍ରବ୍ୟାଦି ଫରମାସ କରିବା; ସୂଚନା ଦେବା; ସାକ୍ଷୀହେବା ।

**bespectacled** ବିଂ. ଚଷମା-ପରିହିତ, ଚଷମା-ପିନ୍ଧା ।

**bespoke** ବିଂ. ଆଗତୁରା ଆଦେଶ ଦେଇ କରାହୋଇଥିବା ।

**best** ବିଂ. ସର୍ବୋତ୍କୃଷ୍ଟ, ସର୍ବଶ୍ରେଷ୍ଠ, ଚରମୋତ୍କର୍ଷ, ସର୍ବୋତ୍ତମ; at best ଖୁବ ବେଶୀରେ; best man ବିବାହ ସମୟରେ ବରର ପ୍ରଧାନ ସହଚର; do one's best ଯଥାସାଧ୍ୟ କରିବା; make the best of ଯଥାସାଧ୍ୟ ଉପଯୋଗ କରିବା ।

**bestial** ବିଂ. ଜୀବଜନ୍ତୁ ବିଷୟକ; ଅସଭ୍ୟ, ବର୍ବର ।

**bestiary** ବି. ଜୀବଜନ୍ତୁ ବିଷୟକ ମଧ୍ୟଯୁଗୀୟ ଶାସ୍ତ୍ର ।

**bestir** କ୍ରି. ଉତ୍ତେଜିତ ବା ଜାଗ୍ରତ କରିବା ।

**bestow** କ୍ରି. ଅଧିକାର ବା ବସ୍ତୁ ଦାନ କରିବା ।

**bestrew** କ୍ରି. ଚତୁର୍ଦ୍ଦିଗ ବିଛାଡ଼ିବା ।

**bestride** କ୍ରି. ଉଭୟ ଆଡ଼କୁ ଗୋଡ଼ ଲମ୍ବାଇ ବସିବା ।

**bet** 1. ବି. ବାଜି, ସର୍ତ୍ତ 2. କ୍ରି. ବାଜି ମାରିବା ।

**beta** ବି. ଗ୍ରୀକ୍ ବର୍ଣ୍ଣମାଳାର ଦ୍ୱିତୀୟ ଅକ୍ଷର ।

**betake** କ୍ରି. ଯିବା; ଆଶ୍ରୟ ଗ୍ରହଣ କରିବା ।

**betel** ବି. ପାନ, ତାମ୍ବୁଳ ।

***bete noire*** ନିର୍ଦ୍ଦିଷ୍ଟ ଭାବେ ନାପସନ୍ଦ କରାଯାଉଥିବା ବ୍ୟକ୍ତି ବା ବସ୍ତୁ । *(ଫ.)*

**bethink** କ୍ରି. ସ୍ମରଣ କରିବା, ମନେ ପକାଇବା ।

**betide** କ୍ରି. ଘଟିବା, ସଂଘଟିତ ହେବା ।

**betimes** କ୍ରି.ବିଂ. (କାବ୍ୟ) ସୁସମୟରେ, ସଅଳ, ଯଥା ସମୟରେ ।

**betoken** କ୍ରି. ସଙ୍କେତ କରିବା, ସୂଚନା ଦେବା, ସୂଚାଇବା ।

**betray** କ୍ରି. ବିଶ୍ୱାସଘାତକତା କରିବା, ଶତ୍ରୁକୁ ସାହାଯ୍ୟ କରିବା, ଧରା ପକାଇବା, ପ୍ରତାରଣା ମୂଳକ କାର୍ଯ୍ୟ କରିବା; betrayal ବି. ବିଶ୍ୱାସ-ଘାତକତା; betrayer ବି. ବିଶ୍ୱାସଘାତକ ।

**betroth** କ୍ରି. ବାଗ୍‌ଦାନ କରିବା, ବିବାହ ସ୍ଥିର କରିବା; betrothal ବି. ବାଗ୍‌ଦାନ, ବାଗ୍‌ଦାନ ଉତ୍ସବ; betrothed ବିଂ.ବି. ବାଗଦତ୍ତ ।

**better** 1. ବିଂ. (ଦୁଇଟି ବ୍ୟକ୍ତି ବା ବସ୍ତୁର ତୁଳନା ବେଳେ) ଅଧିକ ଭଲ, ଅପେକ୍ଷାକୃତ ଭାବେ ଭଲ; 2. କ୍ରି.ବିଂ. ଅଧିକତର ଉନ୍ନତ ବା ସନ୍ତୋଷ ଜନକ ଭାବେ; 3. କ୍ରି. ଉନ୍ନତ କରିବା; 4. ବି. ଦୁଇଟି ଭିତରେ ଅଧିକ ଭଲ ବସ୍ତୁ ବା ବ୍ୟକ୍ତି; better half କ.ଭା. ସ୍ତ୍ରୀ (କ୍ୱଚିତ୍ ସ୍ୱାମୀ ମଧ୍ୟ); get the better of (ଅନ୍ୟକୁ ପଛରେ ପକାଇ) ସୁଯୋଗ ହାସଲ କରିବା; one's betters (କାହାପକ୍ଷରେ) ଗୁରୁଜନ ବା ଅଭିଜ୍ଞତର ବ୍ୟକ୍ତିଗଣ ।

**betterment** ବି. ଶ୍ରେଷ୍ଠତର କରିବା, ଉନ୍ନତି ।

**betting-shop** ବି. ବାଜି ପକାଇବା ସ୍ଥାନ ।

**between** 1. ଅ.କ୍ରି.ବିଂ. (ଦୁଇ ବ୍ୟକ୍ତି ବା ବସ୍ତୁ) ମଧ୍ୟରେ; (ସ୍ଥାନ, ସମୟ ପରିମାଣ ସଂପର୍କରେ ଦୁଇଟି) ମଧ୍ୟରେ ବା ଅନ୍ତର୍ବର୍ତ୍ତୀ; (ଦୁଇ ବା ତତୋଧିକ ମଧ୍ୟରେ) ପରସ୍ପର; 2. between ourselves (*or* you and me) ଗୋପନରେ; in between ମଧ୍ୟବର୍ତ୍ତୀ ।

Digitized by srujanika@gmail.com

**betwixt** *ଦ୍ର.* BETWEEN.
**bevel** ବି. ବଢ଼େଇ ଓ ରାଜମିସ୍ତ୍ରୀମାନଙ୍କ ଦ୍ୱାରା ବ୍ୟବହୃତ କୋଣମାପକ ଉପକରଣ।
**beverage** ବି. ତରଳ ପାନୀୟ।
**bevy** ବି. ଦଳ (ନାରୀ, ହରିଣ, ପକ୍ଷୀ ଇତ୍ୟାଦି)।
**bewail** *କ୍ରି.* ଶୋକ କରିବା, ବିଳାପ କରିବା, ଦୁଃଖ ପ୍ରକାଶ କରିବା।
**beware** *କ୍ରି.* ସତର୍କ ବା ସାବଧାନ ହେବା ବା କରିବା।
**bewilder** *କ୍ରି.* ହତବୁଦ୍ଧି କରିବା, କିଂକର୍ତ୍ତବ୍ୟବିମୂଢ଼ କରିବା; bewildered ବିଂ. କିଂକର୍ତ୍ତବ୍ୟବିମୂଢ଼; ବି. bewilderment.
**bewitch** *କ୍ରି.* ମୋହିତ କରିବା, ମନ୍ତ୍ରମୁଗ୍ଧ କରିବା, ଯାଦୁ କରିବା।
**beyond** 1. *ଅ.* ଅପର ପାଖରେ, (ସମୟ ସଂପର୍କରେ) ପରେ, ବାହାରେ; 2. *କ୍ରି.ବିଂ.* ଦୂରରେ; ତହିଁରୁ ବେଶୀ, ଅତୀତ; 3. ବି. ମୃତ୍ୟୁର ପରବର୍ତ୍ତୀ ଅଜ୍ଞାତ ଅବସ୍ଥା; the back of beyond ସବୁଠାରୁ ଦୂରବର୍ତ୍ତୀ ସ୍ଥାନ।
**bezel** ବି. ନିହଣ ବା ବଟାଳିର ଧାର, ମଣିର କଟା ହୋଇଥିବା ପାଖ, କାଚ ବା ମଣି ସଜାଇ ରଖିବା ଖୋପ।
**bezique** ବି. ଏକ ପ୍ରକାର ଦୁଇଜଣିଆ ତାସଖେଳ।
**b.f.** *ସଂଖ.* bloody fool ବ୍ଲଡିଫୁଲ।
**B.F.** *ସଂଖ.* brought forward ପରପୃଷ୍ଠାରୁ ଆନୀତ।
**bhang** ବି. ଭାରତୀୟ ନିଶାଦ୍ରବ୍ୟ ଭାଙ୍ଗ।
**bi–** *ଉ.ପ.* ଦ୍ୱି, ଦୁଇ, ଉଦା. bicycle, bi–weekly.
**Bi** *ପ୍ର.* ବିସ୍‌ମଥ୍ Bismuth.
**biannual** ବିଂ. ଅର୍ଦ୍ଧ-ବାର୍ଷିକ, ଷାଣ୍ମାସିକ।
**bias** 1. ବି. ପକ୍ଷପାତିତ୍ୱ, ପୂର୍ବାଗ୍ରହ, ତାର୍ଯ୍ୟକ ରେଖା, ଝୁଙ୍କ, ପ୍ରବଣତା, ଆସକ୍ତି; 2. *କ୍ରି.* ପକ୍ଷପାତିତା କରିବା।
**bib** ବି. ଖାଇବା ବେଳେ ଶିଶୁର ଚିବୁକ ତଳେ ବନ୍ଧା ହେଉଥିବା ବକ୍ଷ ଆଚ୍ଛାଦକ ବସ୍ତ୍ର।
**bib–cock** ବି. ବଙ୍କାମୁହଁଥିବା ପାଣି ନଳ।
**Bible** ବି. ଖ୍ରୀଷ୍ଟିଆନ ମାନଙ୍କର ଧର୍ମଗ୍ରନ୍ଥ।
**bibliography** ବି. ପୁସ୍ତକ ତାଲିକା, ଗ୍ରନ୍ଥସୂଚୀ, କୌଣସି ନିର୍ଦ୍ଦିଷ୍ଟ ଲେଖକ ବା ବିଷୟ ସଂପର୍କିତ ପୁସ୍ତକାବଳୀର ବିବରଣୀ; ବି. bibliographer; ବିଂ. bibliographical.
**bibliophile** ବି. ପୁସ୍ତକପ୍ରେମୀ, ଗ୍ରନ୍ଥ ସଂଗ୍ରାହକ।
**bibulous** ବିଂ. ପାନାସକ୍ତ, ମଦ୍ୟପାୟୀ।
**bicameral** ବିଂ. ଦ୍ୱି-କକ୍ଷ, ଦ୍ୱି-ପ୍ରକୋଷ୍ଠୀୟ, ଦୁଇଟି ବିଧାନ ସଭା ସମନ୍ୱିତ।
**bicarbonate** ବି. ଦ୍ୱି-ଅଙ୍ଗାରକ ରାସାୟନିକ ପଦାର୍ଥ, ଯଥା- ଖାଇବା ସୋଡ଼ା।
**bicentenary** ବି. ଦ୍ୱି-ଶତବାର୍ଷିକ ଉତ୍ସବ।
**bicentennial** ବିଂ. ଦ୍ୱି-ଶତବର୍ଷୀୟ।
**biceps** ବି. ବାହୁର ସଙ୍କୋଚନ ପ୍ରସାରଣ ସହାୟକ ଦ୍ୱି-ଶିର ମାଂସପେଶୀ।
**bicker** *କ୍ରି.* କଳି କରିବା, ଛୋଟ କାରଣରୁ କଳହ କରିବା।
**bicuspid** ବିଂ. ଦ୍ୱିସୂକ୍ଷ୍ମାଗ୍ରବିଶିଷ୍ଟ; ଦ୍ୱି-ମୁଖୀ (ଦାନ୍ତ)।
**bicycle** ବି. ସାଇକଲ, ଦୁଇ ଚକିଆ ଗାଡ଼ି।
**bid** 1. *କ୍ରି.* ଆଦେଶ ଦେବା, ଡରଗିବା, ନିଲାମ ଡାକିବା; ବିଦାୟ ଦେବା (bid adieu) 2. ବି. ନିଲାମ ଡାକ, ଆଦେଶ; 3. bid fair to ଆଶାର ସୂଚନା ଦେବା; make a bid for ପାଇବାକୁ ଚେଷ୍ଟା କରିବା।
**biddable** ବିଂ. ବାଧ୍ୟ, ଅନୁଗତ।
**bidding** ବି. ଆଦେଶ, ଅନୁରୋଧ, ନିମନ୍ତ୍ରଣ, ନିଲାମ ଡାକ।
**biddy** ବି. *ଅପ.* ବୟସ୍କା ମହିଳା।
**bide** *ସ.କ୍ରି.* ସୁବିଧା ବା ସୁଯୋଗର ପ୍ରତୀକ୍ଷା କରିବା (କେବଳ bide one's timeରେ)।
**bidet** ବି. ଶୌଚାସନ; ଦୁଇ ପାଖକୁ ଗୋଡ଼ ଲମ୍ବାଇ ବସି ଜନନାଙ୍ଗ ଧୋଇବା ପାଇଁ ଆସନ।
**biennial** 1. ବିଂ. ଦ୍ୱିବାର୍ଷିକ, ଦ୍ୱିବର୍ଷସ୍ଥାୟୀ, 2. ବି. ଦୁଇବର୍ଷସ୍ଥାୟୀ ଉଦ୍‌ଭିଦ।
**bier** ବି. ଶବାଧାର ବହନ ସକାଶେ ଯାନ, ଶବଯାନ।
**biff** 1. ବି. ମାଡ଼, ଆଘାତ 2. *ସ.କ୍ରି.* ମାଡ଼ ଦେବା (କାହାକୁ)।
**bifid** ବିଂ. ଦ୍ୱିଧା ବିଭକ୍ତ।
**bifocal** ବିଂ. ଦୁଇ ରକମର ଦୃଷ୍ଟିଶକ୍ତି ପାଇଁ ଦୁଇଖଣ୍ଡ ଲେନ୍‌ସ୍ ବିଶିଷ୍ଟ (ଚଷମା)।
**bifurcate** *କ୍ରି.* ଦୁଇ ଭାଗ କରିବା, ଦ୍ୱିଶାଖାରେ ବିଭକ୍ତ କରିବା।
**big** 1. ବିଂ. ବଡ଼, ବୃହତ୍, ଗୁରୁତ୍ୱପୂର୍ଣ୍ଣ, ସ୍ଫୀତ, ଉଦାର, ମହତ୍ 2. *କ୍ରି.ବିଂ.* ବଡ଼ ଭାବରେ ଉଦା. think big; 3. Big Brother

Digitized by srujanika@gmail.com

ଆପାତ ହିତାକାଙ୍କ୍ଷୀ (ଦେଖାଣିଆ); ସ୍ୱୈରାଚାରୀ ବ୍ୟକ୍ତି ବା ରାଷ୍ଟ୍ର; in a big way ଉତ୍ସାହର ସହିତ ଏବଂ ବହୁତ; big-head ଦାମ୍ଭିକ ବ୍ୟକ୍ତି; big shot ବଡ଼ଲୋକ।

**bigamy** ବି. ଏକ ସମୟରେ ଦୁଇ ପତି ବା ପତ୍ନୀ ଗ୍ରହଣ, ଦ୍ୱିବିବାହ, ଏକ ପତି ବା ପତ୍ନୀ ଥାଇ ଅପର ବିବାହ; ବିଂ. bigamous; ବି. bigamist.

**bight** ବି. ସମୁଦ୍ର ତଟର ବାଙ୍କ, କ୍ଷୁଦ୍ର ଉପସାଗର; ରସିର ଫାଶ।

**bigot** ବି. ଧର୍ମାନ୍ଧ ବା ମତାନ୍ଧ ବ୍ୟକ୍ତି; bigotry ବି. ଧର୍ମାନ୍ଧତା।

**bigwig** ବି. ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି, ନେତୃସ୍ଥାନୀୟ ବ୍ୟକ୍ତି, ବଡ଼ଲୋକ।

***bijou*** *1.* ବି. ରତ୍ନ; 2. ବିଂ. କ୍ଷୁଦ୍ର ଓ ମନୋହର।

**bike** 1. ବି. *କ.ଭା.* ସାଇକଲ, ମୋଟର ସାଇକଲ; 2. *ଅ.କ୍ରି.* ସାଇକଲ ବା ମୋଟର ସାଇକଲ ଚଳାଇବା।

**bikini** ବି. ନାରୀ ମାନଙ୍କର ପରିଧେୟ ସଂକ୍ଷିପ୍ତ ସ୍ନାନ-ବସ୍ତ୍ର।

**bilateral** ବିଂ. ଦ୍ୱିପାକ୍ଷିକ, ଉଭୟ ପକ୍ଷୀୟ।

**bile** ବି. ପିତ୍ତରସ; କଡ଼ା ମିଜାସ।

**bilge** ବି. ଜାହାଜର ତଳଦେଶର ପ୍ରଶସ୍ତତମ ଅଂଶ।

**biliary** ବିଂ. ପିତ୍ତ-ସମ୍ବନ୍ଧୀୟ।

**bilingual** ବିଂ. ଦ୍ୱିଭାଷିକ, ଦୁଇଟି ଭାଷାରେ ଲିଖିତ, ଦ୍ୱିଭାଷୀ।

**bilious** ବିଂ. ପିତ୍ତାଧିକ୍ୟଜନିତ; କ୍ରୋଧୀ; ବଦ୍‌ମିଜାଜୀ।

**bilk** *ସ.କ୍ରି.* ପଇସା:ପତ୍ର ଫାଙ୍କିବା, ଠକିବା।

**bill**[1] 1. ବି. ବିଲ୍, ପ୍ରସ୍ତାବିତ ଆଇନର ପାଣ୍ଡୁଲିପି ବା ଖସଡ଼ା, ବିଧେୟକ, ପ୍ରଚାର ପତ୍ର, ବିଜ୍ଞପ୍ତି; 2. *ସ.କ୍ରି.* ଟଙ୍କା ପଇସାର ହିସାବ ବା ବିଲ୍ କରିବା, ଖସଡ଼ା ଆକାରରେ ପ୍ରସ୍ତୁତ କରିବା, ହିସାବରେ ଦରଜ କରିବା; 3. bill of exchange ବିନିମୟ ପତ୍ର, ହୁଣ୍ଡି; bill of fare ଖାଦ୍ୟ ତାଲିକା, ମେନୁ; bill of lading ବିଲଟି, ଜାହାଜରେ ବୋଝାଇ କରାଯାଇଥିବା ମାଲର ରସିଦ୍; bill of health କୌଣସି ରୋଗ ନ ଥିବାର ପ୍ରମାଣ ପତ୍ର।

**bill**[2] ବି. ପକ୍ଷୀ ଚଞ୍ଚୁ, ଥଣ୍ଟ।

**bill**[3] ବି. (ଇତି.) ଏକ ପ୍ରକାର ବକ୍ରାଗ୍ର ଅସ୍ତ୍ର।

**billboard** ବି. ବିଜ୍ଞାପନ ଫଳକ।

**billet**[1] ବି. ସୈନ୍ୟମାନଙ୍କୁ ରହିବା ସ୍ଥାନ ଦେବା ପାଇଁ ଆଦେଶ, ସୈନ୍ୟ ମାନଙ୍କ ଅସ୍ଥାୟୀ ନିବାସ; କାମ ନିଯୁକ୍ତି।

**billet**[2] ବି. ମୋଟା ଜାଳେଣି କାଠଗଣ୍ଡି, ଧାତବଖଣ୍ଡ।

**billet-doux** ବି. ପ୍ରେମପତ୍ର।

**billhook** ବି. ଏକ ପ୍ରକାର ଦା।

**billiards** ବି. ଟେବୁଲ ଉପରେ ତିନୋଟି ବଲ ଓ ଖଣ୍ଡେ ବାଡ଼ି ସାହାଯ୍ୟରେ ଖେଳା ଯାଉଥିବା ଏକ ପ୍ରକାର ଖେଳ।

**billion** ବିଂ. ଓ ବି. (ଇଂଲଣ୍ଡରେ) ଲକ୍ଷକୋଟି ବା ୧,୦୦୦,୦୦୦,୦୦୦,୦୦୦ (ଆମେରିକାରେ) ଶତ କୋଟି ବା ୧୦୦,୦୦,୦୦,୦୦୦।

**billow** ବି. ବିଶାଳ ତରଙ୍ଗ।

**billposter** ବି. ବିଜ୍ଞାପନ ଫଳକରେ ପ୍ରାଚୀରପତ୍ର ଲଗାଉଥିବା ବ୍ୟକ୍ତି।

**billy** ବି. ଢ଼ାଙ୍କୁଣି-ଯୁକ୍ତ ରନ୍ଧନ ପାତ୍ର ବିଶେଷ।

**billy-goat** ବି. ଅଣ୍ଡିରା ଛେଳି, ଛାଗ।

**bimetallic** ବିଂ. ଦୁଇଟି ଧାତୁରେ ବା ସେମାନଙ୍କ ମିଶ୍ରଣରେ ନିର୍ମିତ।

**bin** ବି. ଜିନିଷ ପତ୍ର ରଖିବା ସକାଶେ ବଡ଼ ଆଧାର, ବଡ଼ ବାକ୍ସ; ଦ୍ର. dustbin.

**binary** ବିଂ. ଦ୍ୱିଭାଗ ସମନ୍ୱିତକୁ ଭିତ୍ତିରୂପେ ଗ୍ରହଣ କରୁଥିବା ଗାଣିତିକ ପଦ୍ଧତି।

**binaural** ବିଂ. ଦୁଇକାନ ଦ୍ୱାରା ବ୍ୟବହୃତ।

**bind** 1. କ୍ରି. ବାନ୍ଧିବା, ଏକତ୍ର ଧରି ରଖିବା, ଆଇନାନୁଯାୟୀ କରିବାକୁ ବାଧ କରିବା, ଆବଦ୍ଧ କରିବା; 2. ବି. *ଅପ.* ବିରକ୍ତିକର କାର୍ଯ୍ୟ।

**binder** ବି. ଦପ୍ତରୀ, ବହି-ବନ୍ଧାଳୀ, ଶସ୍ୟ କାଟି ବାନ୍ଧିବାର ଯନ୍ତ୍ର।

**bindery** ବି. ବହି-ବନ୍ଧାଳୀର କର୍ମଶାଳା।

**binding** 1. ବି. ବନ୍ଧେଇ, ବାନ୍ଧିବା ଉପକରଣ ଯଥା- ମଲାଟ, ଅଠା ଇତ୍ୟାଦି; 2. ବିଂ. ଅବଶ୍ୟ-ପାଳନୀୟ।

**bindweed** ବି. ଗୁଡ଼ାଇ ହୋଇ ମାଡ଼ୁଥିବା ଏକ ପ୍ରକାର ଲତା।

**bine** ବି. ଲତାର ପ୍ରଶାଖା।

**binge** ବି. *ଅପ.* ମଦ୍ୟପାନୋତ୍ସବ, ପ୍ରଚୁର ମଦ୍ୟପାନ।

Digitized by srujanika@gmail.com

**bingo** ବି. ଏକ ପ୍ରକାର ଖେଳ।
**binnacle** ବି. ଜାହାଜର କମ୍ପାସ ବା ଦିଗବାରେଣୀ ଯନ୍ତ୍ର ରଖିବାର ଆଧାର।
**binocular** ବି.*ସା.*ବ.ବ. ଦୂରବୀକ୍ଷଣ, ଦୁଇ ଆଖି ଲଗାଇ ଦୂରକୁ ଦେଖିବା ପାଇଁ ବ୍ୟବହୃତ ଏକ ପ୍ରକାର ଯନ୍ତ୍ର।
**binomial** ବିଂ. ଦୁଇ ନାମ ବା ଶବ୍ଦଯୁକ୍ତ, ଦ୍ୱିପଦ, (ବୀଜଗଣିତ) ଦ୍ୱିରାଶିକ, binomial theorem ବୀଜ ଗଣିତର ଏକ ଉପପାଦ୍ୟ।
**bint** ବି. *କ.ଭା.* ଟୋକି, ମାଇକିନା।
**bio–** *ଉ.ପ.* ଜୀବନ ସମ୍ବନ୍ଧୀୟ।
**biochemistry** ବି. ଜୀବ ରସାୟନ ଶାସ୍ତ୍ର, ରସାୟନ ଶାସ୍ତ୍ରର ଯେଉଁ ବିଭାଗ ଜୀବ ଓ ଉଦ୍ଭିଦ ମାନଙ୍କ ସମ୍ବନ୍ଧରେ ଆଲୋଚନା କରେ।
**biodegradable** ବିଂ. ବେକ୍ଟେରିଆ ଦ୍ୱାରା କ୍ଷୟଶୀଳ।
**bioengineering** ବି. ଜୈବ-ନିର୍ମାଣ ବିଦ୍ୟା।
**biogenesis** ବି. ଜୀବରୁ ଜୀବ ସୃଷ୍ଟି ତତ୍ତ୍ୱ।
**biography** ବି. ଜୀବନ ଚରିତ, ଜୀବନୀ; biographer ବି. ଜୀବନୀ ଲେଖକ; biographee ଯାହାଙ୍କର ଜୀବନ ଚରିତ ଲେଖା ଯାଇଅଛି ସେହି ବ୍ୟକ୍ତି।
**biological** ବିଂ. ଜୀବବିଜ୍ଞାନ ସମ୍ବନ୍ଧୀୟ, ଜୀବାଣୁ-ଘଟିତ।
**biology** ବି. ଜୀବବିଦ୍ୟା, ଜୀବ ବିଜ୍ଞାନ, ପ୍ରାଣୀ ବିଜ୍ଞାନ।
**bionic** ବିଂ. ବିଦ୍ୟୁତ୍-ଚାଳିତ ଅଙ୍ଗ ପ୍ରତ୍ୟଙ୍ଗ ସମନ୍ୱିତ, ତଜ୍ଜନିତ ଅତିମାନବୀୟ ଶକ୍ତି।
**biophysics** ବି. ଜୈବ-ପଦାର୍ଥ ବିଜ୍ଞାନ।
**biopsy** ବି. ଶରୀରରୁ କର୍ତ୍ତିତ ତନ୍ତୁ ପରୀକ୍ଷଣ ଦ୍ୱାରା ରୋଗନିର୍ଣ୍ଣୟ ପଦ୍ଧତି।
**biorhythm** ବି. ଜୈବ-ଛନ୍ଦ।
**biosphere** ବି. ଜୈବ-ସ୍ତର, ଭୂପୃଷ୍ଠର ଯେଉଁ ସ୍ତର ଓ ପରିବେଶରେ ଜୀବନ ଧାରଣ ସମ୍ଭବ।
**biotic** ବିଂ. ଜୀବ ଓ ପ୍ରାଣ ସମ୍ବନ୍ଧୀୟ।
**biotin** ବି. ଶରୀର ବୃଦ୍ଧିର ସହାୟକ ଏକ ଜାତୀୟ ଭିଟାମିନ୍ ବା ଜୀବନିକା।
**bipartisan** ବିଂ. ଦୁଇଦଳ ସମ୍ବନ୍ଧୀୟ।
**bipartite** ବିଂ. ଦୁଇଅଂଶ ବିଶିଷ୍ଟ, ଦୁଇଦଳିଆ।
**biped** 1. ବି. ଦ୍ୱିପଦ ଜନ୍ତୁ; 2. ବିଂ. ଦୁଇ ଗୋଡ଼ିଆ।
**biplane** ବି. ଦୁଇହଳ ପକ୍ଷଯୁକ୍ତ ବ୍ୟୋମଯାନ।
**bipolar** ବିଂ. ଦୁଇମେରୁ ସମନ୍ୱିତ।
**birch** 1. ବି. ଉତ୍ତର ଦେଶୀୟ ଆରଣ୍ୟକ ବୃକ୍ଷ ବିଶେଷ, ଭୂର୍ଜବୃକ୍ଷ; 2. *କ୍ରି.* ବାଡ଼ି ଲାଠିଦ୍ୱାରା ବାଡେଇବା।
**bird** ବି. ପକ୍ଷୀ, ଚଢ଼େଇ, bird in the hand ଧ୍ରୁବ ବସ୍ତୁ; ନିଶ୍ଚିତ ପଦାର୍ଥ; bird of paradise ଅତି ସୁନ୍ଦର ପକ୍ଷବିଶିଷ୍ଟ ପକ୍ଷୀ; bird of passage ସ୍ଥାନାନ୍ତରଗାମୀ ପକ୍ଷୀ, ସେହି ଧରଣର ଲୋକ; bird's eye view ବିହଙ୍ଗାବଲୋକନ; ସାଧାରଣ ବା ସ୍ଥୂଳ ଦର୍ଶନ (ଉପରୁ ଉଡ଼ନ୍ତା ପକ୍ଷୀ ଯେପରି ଦେଖେ); birds of a feather ଏକ ପ୍ରକୃତିର ଲୋକ ସମୂହ; kill two birds with one stone ଗୋଟିଏ କାମରେ ଏକାଧିକ ଫଳ ଲାଭ କରିବା।
**birdie** ବି. ପକ୍ଷୀ ଶାବକ, ଚିଆଁ, (ଶିଶୁମାନଙ୍କ ପାଇଁ) ଚଢ଼େଇର ନାଁ।
**birdlime** ବି. ପକ୍ଷୀ ଧରିବା ପାଇଁ କାଠି ଅଗରେ ବ୍ୟବହୃତ ଅଠା।
**birdseed** ବି. ପକ୍ଷୀମାନଙ୍କ ପାଇଁ ଖାଦ୍ୟ-ମଞ୍ଜି।
**biretta** ବି. ଧର୍ମଯାଜକଙ୍କ କଳା, ଚାରିକୋଣିଆ ଟୋପି।
**birth** ବି. ଜନ୍ମ, ଆରମ୍ଭ, ଉତ୍ପତ୍ତି; birthday ବି. ଜନ୍ମଦିନ; birthmark ବି. ଜନ୍ମ ସମୟରୁ ଦେହରେ ଥିବା ନାଲି ବା କଳାଯାଇ ପ୍ରଭୃତି ଚିହ୍ନ; birthplace ବି. ଜନ୍ମସ୍ଥାନ; birth-rate ଜନ୍ମହାର; birthright ବି. ଜନ୍ମଗତ ଅଧିକାର; give birth to ପ୍ରସବ କରିବା।
**biscuit** ବି. ବିସ୍କୁଟ।
**bisect** *ସ.କ୍ରି.* ସମଦ୍ୱିଖଣ୍ଡିତ କରିବା; bisection ବି. ସମଦ୍ୱିଖଣ୍ଡ କରଣ; bisector ବିଂ. ସମଦ୍ୱିଖଣ୍ଡକ (ରେଖା)।
**bisexual** ବିଂ. ଉଭୟ ଲିଙ୍ଗୀ ପ୍ରତି ସମାନ ଯୌନାକର୍ଷିତ; ଉଭୟଲିଙ୍ଗୀ (ଜୀବ)।
**bishop** ବି. ଖ୍ରୀଷ୍ଟଧର୍ମର ଉଚ୍ଚପଦସ୍ଥ ଧର୍ମଯାଜକ।
**bishopric** ବି. ଧର୍ମଯାଜକଙ୍କ ପଦ ବା ଅଞ୍ଚଳ।
**bismuth** ବି. ଧାତୁବିଶେଷ।
**bison** ବି. ଆମେରିକାର ଏକ ଜାତୀୟ ବନ୍ୟ ମହିଷ।
**bisque** ବି. କେତେକ ଖେଳରେ ଖେଳାଳିଙ୍କୁ ଦିଆଯାଉଥିବା ସୁଯୋଗ।

Digitized by srujanika@gmail.com

**bistre** ବି ପୋଡ଼ାକାଠରୁ ତିଆରି ଏକ ପ୍ରକାର ରଙ୍ଗ।

**bistro** ବି. ଛୋଟ ମଦ୍ୟଶାଳା ବା ଭୋଜନାଳୟ।

**bit**[1] ବି. କ୍ଷୁଦ୍ର ଅଂଶ; ଟୁକୁରା, ଘୋଡ଼ା ପାଟିରେ ରହୁଥିବା ଲଗାମର ଲୁହାଖଣ୍ଡ; bit by bit ଧୀରେ ଧୀରେ; not a bit ଆଦୌ ନୁହେଁ; do one's bit (ଯେତେ କ୍ଷୁଦ୍ର ହେଲେହେଁ) ନିଜର କର୍ତ୍ତବ୍ୟାଂଶ ସଂପାଦନ କରିବା; take the bit between one's teeth ଖସି ପଳାଇବା, ଲଗାମଛଡ଼ା ହେବା।

**bit**[2] ବି. କମ୍ପ୍ୟୁଟରରେ ବ୍ୟବହୃତ ସୂଚନା-ଏକକ।

**bit**[3] BITE ର ଅତୀତକାଳ।

**bitch** 1. ବି. ମାଈ କୁକୁର, କୁତି; ମାଈ ଶିଆଳ ବା ଗଧିଆ; କଳିହୁଡୀ ସ୍ତ୍ରୀଲୋକ; 2. କ୍ରି. ଅଭିଯୋଗ କରିବା।

**bitchy** ବିଂ. ବଦ୍‌ମିଜାଜୀ ସ୍ତ୍ରୀ।

**bite** 1. କ୍ରି. କାମୁଡ଼ିବା, ଚୋବେଇବା; 2. ବି. କାମୁଡ଼ା; bite the dust ଭୂପତିତ ହେବା; bite one's head କ୍ରୁଦ୍ଧ ପ୍ରତିକ୍ରିୟା ପ୍ରକାଶ କରିବା।

**bitter** ବିଂ. ତିକ୍ତ, ପିତା (ସ୍ୱାଦ), ଉଗ୍ର, କଷ୍ଟଦାୟକ; କ୍ରି.ବିଂ. bitterly ବି. bitte-rness.

**bittern** ବି. ବଗଜାତୀୟ ପକ୍ଷୀବିଶେଷ।

**bitty** ବିଂ. ଛୋଟଛୋଟ ଟୁକୁରା ଦ୍ୱାରା ନିର୍ମିତ।

**bitumen** ବି. ପେଟ୍ରୋଲିୟମ୍‌ରୁ ପ୍ରାପ୍ତ ଆଲକାତରା ସଦୃଶ କଳା ବା ବାଦାମୀ ରଙ୍ଗର ଏକ ମିଶ୍ରଣ, ଜତୁକୀ।

**bituminous** ବିଂ. ବିଟୁମିନ୍-ବତ୍, ଜତୁକୀ-ବତ୍।

**bivalve** 1. ବିଂ. ଦ୍ୱିପୁଟକ; ଦୁଇଫାଳିଆ; 2. ବି. ଶାମୁକା ଜାତୀୟ ଜୀବ।

**bivouac** ବି. ଉନ୍ମୁକ୍ତ ଅସ୍ଥାୟୀ ନିବାସ, ବିଶେଷତଃ (ତମ୍ବୁ ଇତ୍ୟାଦି ନ ପୋତି) ସୈନ୍ୟମାନଙ୍କ ପାଇଁ।

**biz** ବି. କ.ଭା. ସଂଶ. ବ୍ୟବସାୟ।

**bizarre** ବିଂ. ଅଦ୍ଭୁତ, ଉଦ୍‌ଭଟ, କିମ୍ଭୂତକିମାକାର।

**Bk** ପ୍ର. berkelium ବର୍କେଲିଅମ୍।

**blab** କ୍ରି. ବକର୍ ବକର୍ ହେବା, ଏଣୁତେଣୁ ଗପିବା; ଅସାବଧାନ ଓ ଦାୟିତ୍ୱହୀନ କଥୋପକଥନ କରିବା।

**black** 1. ବିଂ. କଳା, ଆଲୋକ ପ୍ରତିଫଳନରେ ଅକ୍ଷମ, କୃଷ୍ଣବର୍ଣ୍ଣ, କୃଷ୍ଣକାୟ, ଅନ୍ଧକାରମୟ; Black ନିଗ୍ରୋ ଜାତୀୟ; 2. ବି. କୃଷ୍ଣବର୍ଣ୍ଣ, କଳାରଙ୍ଗ; 3. କ୍ରି. କଳା କରିବା; ଜିନିଷ ପତ୍ର 'କଳା' ବୋଲି ଘୋଷଣା କରିବା; 4. Black and blue ଆଘାତ ବା ଖଣ୍ଡିଆ ଖାବରା; black and white ଲେଖା ବା ଛପା; black art ମନ୍ତ୍ରତନ୍ତ୍ର, ହଟ୍‌ଚମଟ ବିଦ୍ୟା; black box ଉଡ଼ା ଜାହାଜରେ ବ୍ୟବହୃତ ଗତିବେଗ ଲିପିବଦ୍ଧ କରିବା ଯନ୍ତ୍ର; black market କଳା ବଜାର; black out ନିଷ୍ପ୍ରଦୀପ ପ୍ରକ୍ରିୟା; black pepper ଗୋଲ ମରିଚ; black sheep ଦଳର ନିନ୍ଦିତ ବ୍ୟକ୍ତି, କୁଳାଙ୍ଗାର; black spot ବିପଜ୍ଜନକ ସ୍ଥାନ।

**blackamoor** ବି. କୃଷ୍ଣକାୟ ବ୍ୟକ୍ତି, ନିଗ୍ରୋ।

**blackball** ସ.କ୍ରି. ପ୍ରତ୍ୟାଖ୍ୟାନ କରିବା।

**blackberry** ବି. ଏକ ପ୍ରକାର କଳାରଙ୍ଗର କୋଳି।

**blackbird** ବି. ୟୁରୋପୀୟ କଳାରଙ୍ଗର ଗାୟକ ପକ୍ଷୀ।

**blackboard** ବି. କଳାପଟା।

**blacken** କ୍ରି. କଳା ବୋଳିବା, ଦୁର୍ନାମ ରଟିବା।

**blackguard** 1. ବି. ଖଳ ନାୟକ, ଦୁଷ୍ଟ, ଅଶ୍ଳୀଳ-ଭାଷୀ (ଲୋକ); 2. କ୍ରି. (କାହାକୁ) ଦୁଷ୍ଟ ବା ଖଳ ଭାବରେ ଚିତ୍ରଣ କରିବା, (କାହା ସଂପର୍କରେ) ଅଶ୍ଳୀଳ ଭାଷା ପ୍ରୟୋଗ କରିବା।

**blackhead** ବି. କଳା ଟିକ ଚିହ୍ନ; କଳା-ମୁଣ୍ଡିଆ ପକ୍ଷୀ।

**blacking** ବି. କଳା ପାଲିଶ୍ (ଜୋତା ପାଇଁ ବ୍ୟବହୃତ)।

**blacklead** ବି. ଗ୍ରାଫାଇଟ୍, ସୀସା।

**blackleg** ବି. ଧର୍ମଘଟ ଇତ୍ୟାଦିରେ ଯୋଗ ଦେଇ ନ ଥିବା ବ୍ୟକ୍ତି, ହରତାଳ ଭଙ୍ଗା, ଗୋଠ ଖଣ୍ଡିଆ।

**blacklist** 1. ବି. ଅପରାଧୀ ଓ ସନ୍ଦେହ ଭାଜନ ଲୋକଙ୍କର ତାଲିକା, ଦୋଷୀ ତାଲିକା; 2. କ୍ରି. ଦୋଷୀ ତାଲିକା ଅନ୍ତର୍ଭୁକ୍ତ କରିବା।

**blackmail** 1. ସ.କ୍ରି. ଭୟ ଦେଖାଇ ଅର୍ଥ ଆଦାୟ କରିବା, 2. ବି. ଭୟ ଦେଖାଇ ଅର୍ଥ ଆଦାୟ; ବି. blackmailer.

Digitized by srujanika@gmail.com

**blackshirt** ବି. ଫାସୀବାଦୀ ଅନୁଷ୍ଠାନର ସଭ୍ୟ ।
**blacksmith** ବି. କମାର, ଲୁହୁରା ।
**blackthorn** ବି. ଏକ ପ୍ରକାର କଣ୍ଟାଳିଆ ଗୁଳ୍ମ ।
**bladder** ବି. ଫୁଲିପାରୁଥିବା ଥଳି; ମୂତ୍ରାଶୟ ।
**blade** ବି. ଛୁରୀର ଦାଢ଼, ଧାରୁଆ ପାଖ, ଘାସ ବା ତୃଣର ଦାଢ଼, ପତ୍ର, ଫଳକ ।
**blain** ବି. ଫୁଲା ଘା ।
**blame** 1. ସ.କ୍ରି. ଦୋଷାରୋପ କରିବା, ଦୋଷ ଦେବା, ନିନ୍ଦା କରିବା; 2. ବି. ନିନ୍ଦାବାଦ, ଦୋଷାରୋପ; ବିଂ. blameable, blameworthy.
**blanch** କ୍ରି. ଧଳା କରିବା, ଧଉଳେଇବା ।
**blancmange** ବି. କ୍ଷୀର ଏବଂ ସୁଗନ୍ଧିତ କର୍ନଫ୍ଲୋର ଦ୍ୱାରା ପ୍ରସ୍ତୁତ ଏକ ପ୍ରକାର ଜେଲି ।
**bland** ବିଂ. ବଚନ ଓ ଆଚରଣରେ ଭଦ୍ର ଓ ନମ୍ର; ସ୍ୱାଦହୀନ ।
**blandish** ସ.କ୍ରି. ତୋଷାମଦ କରିବା; blandishment ବି. ଚାଟୁବାକ୍ୟ, ଖୋସାମତ ।
**blank** ବିଂ. ଅଲିଖିତ ବା ଅମୁଦ୍ରିତ, ସାଦା, ଫାଙ୍କା, ଭାବହୀନ, ଉଦାସ; blank cheque ପରିମାଣ ଲେଖା ନ ଥାଇ ଦିଆଯାଉଥିବା ଚେକ; blank shot/ fire ଫାଙ୍କା ଗୁଳି ଚାଳନା; blank verse ଅମିତ୍ରାକ୍ଷର ଛନ୍ଦ ।
**blanket** 1. ବି. କମ୍ବଳ, ଆବରଣ; 2. କ୍ରି. ଆବୃତ କରିବା, ଦବେଇ ଦେବା ।
**blare** 1. କ୍ରି. ତୂର୍ଯ୍ୟନାଦ ପରି ଧ୍ୱନି କରିବା; 2. ବି. ଉଚ୍ଚ ସ୍ୱର ।
**blarney** ବି. ତୁଷ୍ଟି ବଚନ, ସାରହୀନ ତୋଷାମଦିଆ କଥା ।
**blase** ବିଂ. ବିରକ୍ତ ଓ ଉଦାସୀନ, ବିଶେଷତଃ ଅତି ପରିଚୟ ହେତୁ, ଯଥା- blase attitude.
**blaspheme** କ୍ରି. ଅସମ୍ମାନଜନକ ଓ ନିନ୍ଦା ସୂଚକ କଥା କହିବା, ଈଶ୍ୱର ନିନ୍ଦା କରିବା ।
**blasphemy** ବି. ଈଶ୍ୱର ନିନ୍ଦା, ସନ୍ଥବ୍ୟକ୍ତି ଓ ପବିତ୍ର ବସ୍ତୁର ନିନ୍ଦା ।
**blast** 1. ବି. ବିସ୍ଫୋଟ, ବିସ୍ଫୋଟ-ଜନିତ ସଞ୍ଚାରିତ ବାୟୁପ୍ରବାହ, ପ୍ରବଳ ପବନ; ହଠାତ୍ ଗାଳି ବା ସମାଲୋଚନା; 2. କ୍ରି. ବିସ୍ଫୋରଣ ଘଟାଇବା, ସେହି ପ୍ରକାର ଶବ୍ଦ ସୃଷ୍ଟି କରିବା, ଛିନ୍ନଛତ୍ର କରିବା; blast furnace ଲୌହ ତରଳାଇବା ଚୁଲ୍ଲୀ, ଯହିଁରେ ଗରମ ପବନ ଅନୁପ୍ରବିଷ୍ଟ କରାଇ ନିଆଁକୁ ଅଧିକ ଉତ୍ତାପମୟ କରାଯାଏ; blast off ରକେଟ ବା ଅନ୍ତରୀକ୍ଷ ଯାନ ଉପରକୁ ଛାଡ଼ିବା ।
**blasted** 1. ବିଂ. ଅଭିଶପ୍ତ, ବିରକ୍ତି କାରକ; 2. କ୍ରି.ବିଂ. ଅତିଶୟ (ଉଦା. blasted cold).
**blatant** ବିଂ. ନିର୍ଲଜ୍ଜ, ସ୍ପଷ୍ଟ ଉଦ୍‌ଘୋଷିତ ।
**blather** କ୍ରି. ଅର୍ଥହୀନ ବକ୍‌ବକ୍ ହେବା ।
**blaze**[1.] 1. ବି. ଉଜ୍ଜ୍ୱଳ ଅଗ୍ନିଶିଖା, ନାଟକୀୟ ଆବେଗ ପ୍ରକାଶ, ଚମତ୍କାର ପ୍ରଦର୍ଶନ, 2. କ୍ରି. ଜଳିବା; blaze away ଅହରହ ଗୁଳି ବର୍ଷଣ କରିବା, କୌଣସି କାମରେ ଲାଗି ରହିବା ।
**blaze**[2.] 1. ବି. ପଶୁ ମୁହଁର ଧଳା ଚିହ୍ନ; ଗଛର ବଲ୍କଳରେ ଅଙ୍କିତ ପଥ-ସୂଚକ ସଙ୍କେତ; 2. କ୍ରି. ରାସ୍ତା, ଗଛ ପ୍ରଭୃତିକୁ ଚିହ୍ନିତ କରିବା; 3. blaze a trail ଅନ୍ୟମାନଙ୍କ ପାଇଁ ରାସ୍ତା ଦେଖାଇବା ।
**blaze**[3.] କ୍ରି. ଘୋଷଣା କରିବା ।
**blazer** ବି. ହାଲୁକା ଜେକେଟ୍, କୌଣସି ଟିମ, ବାହିନୀ, କ୍ଲବ ପ୍ରଭୃତିର ସୂଚକ ରିବନ୍, ବେଜ୍ ଥାଇ ।
**blazon** 1. ବି. ଗୌରବ ବା ବଂଶ ମର୍ଯ୍ୟାଦା ସୂଚକ ଚିହ୍ନ; 2. ସ.କ୍ରି. ଘୋଷଣା କରିବା, ବଂଶ ମର୍ଯ୍ୟାଦା ସୂଚକ ଚିହ୍ନ ଆଙ୍କିବା ବା ବର୍ଣ୍ଣନା କରିବା; ବି. blazonment, blazonry.
**bleach** କ୍ରି. ସୂର୍ଯ୍ୟାଲୋକ ଅଥବା ରାସାୟନିକ ଦ୍ରବ୍ୟ ପ୍ରୟୋଗ ଯୋଗୁଁ ଧଳା ହେବା ବା କରିବା, ଧୋଲେଇ କରିବା, ବିରଞ୍ଜନ କରିବା; bleaching powder ବିଶୋଧକ ରୂପେ ବ୍ୟବହୃତ ଚୂନର କ୍ଲୋରାଇଡ୍ ।
**bleak** ବିଂ. ଅନାବୃତ, ବାୟୁ-ତାଡ଼ିତ, ଜନଶୂନ୍ୟ, ନିରାନନ୍ଦମୟ, ନିରୁତ୍ସାହଜନକ ।
**bleary** ବିଂ. ଅସ୍ପଷ୍ଟ; ଝାପସା ।
**bleat** 1. କ୍ରି. (ଛେଳି) ମେଁ ମେଁ କରିବା; କ୍ଷୀଣ ସ୍ୱରରେ କଥା କହିବା; 2. ବି. ଛେଳିର ବା ଛେଳିପରି ଡାକ ।
**bleed** କ୍ରି. ରକ୍ତ ବୋହିବା, ରକ୍ତ କ୍ଷରଣ ହେବା; କୌଣସି ଉଦ୍ଦେଶ୍ୟ ସକାଶେ ପ୍ରାଣପାତ କରିବା; ବିମର୍ଷ ହେବା; କ.ଭା. ଅର୍ଥ ଆଦାୟ କରିବା, ରସ କାଢ଼ିବା; (*ଅ.କା./ ଅ.କ୍ରି.ଜ.ପ.* bled).
**bleeder** ବି. ସାମାନ୍ୟ କ୍ଷତ ଯୋଗୁଁ ଯେଉଁ ବ୍ୟକ୍ତିର ପ୍ରଚୁର ରକ୍ତ କ୍ଷରଣ ହୁଏ ।

Digitized by srujanika@gmail.com

**bleeding** 1. ବି. ରକ୍ତସ୍ରାବ; 2. ବିଂ.*ଗା.ପ୍ର.* ବିରକ୍ତି ବା ନାପସନ୍ଦଭାବ ପ୍ରକାଶକ।

**bleep** 1. *ଅ.କ୍ରି.* ଘନ ଘନ ତୀବ୍ର ଧ୍ୱନି ବାହାର କରିବା; 2. ବି. ଉକ୍ତ ଧ୍ୱନି।

**blemish** 1. ବି. ଦୋଷ, କଳଙ୍କ; 2. କ୍ରି. ସୌନ୍ଦର୍ଯ୍ୟହାନି କରିବା।

**blench** *ପ୍ରା.ପ୍ର.* କ୍ରି. ଭୟହେତୁ ପଛଘୁଞ୍ଚା ଦେବା।

**blend** 1. କ୍ରି. ବିଭିନ୍ନ ପଦାର୍ଥ ଏକାଠି ମିଶାଇବା; 2. ବି. ମିଶ୍ରଣ।

**blende** ବି. ଜିଙ୍କ୍ ସଲଫାଇଡ୍।

**blender** ବି. ତରଳ ବା ହାଲୁକା ଖାଦ୍ୟର ମିଶ୍ରଣ ସକାଶେ ବ୍ୟବହୃତ ଉପକରଣ, ମିଶ୍ରକ।

**bless** *ସ.କ୍ରି.* ଆଶୀର୍ବାଦ କରିବା, ଦୈବୀ କଲ୍ୟାଣ ଆବାହନ କରିବା; bless me ବିସ୍ମୟ ସୂଚକ ଅବ୍ୟୟ; bless you ସ୍ନେହ/ ସହାନୁଭୂତି ସୂଚକ ଅବ୍ୟୟ।

**blessed** ବିଂ. ସୌଭାଗ୍ୟଶାଳୀ, ପବିତ୍ର।

**blessing** ବି. ଆଶୀର୍ବାଦ, ଈଶ୍ୱରୀୟ କରୁଣା ସକାଶେ ପ୍ରାର୍ଥନା।

**blether** *ଦ୍ର.* BLATHER.

**blew** BLOW କ୍ରିୟା ପଦର ଅତୀତକାଳ।

**blight** 1. ବି. ଉଦ୍ଭିଦ ରୋଗ ବିଶେଷ, ଉକ୍ତ ରୋଗ ସୃଷ୍ଟିକାରୀ କୀଟ; କ୍ଷତିକାରକ ବା ଧ୍ୱଂସକାରୀ ତତ୍ତ୍ୱ; ଅବହେଳିତ ସହରାଞ୍ଚଳ; 2. କ୍ରି. କ୍ଷତି କରିବା, ନଷ୍ଟ କରିବା।

**blighter** ବି.*କ.ଭା.* ଘୃଣାର୍ହ ବ୍ୟକ୍ତି, ବିରକ୍ତିକର ବ୍ୟକ୍ତି।

**Blighty** ବି. *ଅପ.* (ବାହାରେ ସେବାକର୍ମର ଅବସାନ ପରେ ଇଂଲଣ୍ଡ ଫେରୁଥିବା ଲୋକଙ୍କର) ସ୍ୱଦେଶ; ବିଲାତି।

**blimey** *ଅ.* ଆଶ୍ଚର୍ଯ୍ୟଭାବ ବା ହତାଶଭାବର ସୂଚକ (ସଂଶ. God *blind me.*).

**blimp** ବି. ଏକ ପ୍ରକାର ଛୋଟ ଉଡ଼ାଜାହାଜ, ଚଳଚ୍ଚିତ୍ର ଉତ୍ତୋଳନ କ୍ୟାମେରାରେ ବ୍ୟବହୃତ ଧ୍ୱନି-ନିରୋଧକ ଆବରଣ।

**blind** 1. ବିଂ. ଅନ୍ଧ, ଯୁକ୍ତିହୀନ; ଉପଯୁକ୍ତ ଜ୍ଞାନ, ବୁଦ୍ଧି ଓ ସୂଚନାବିହୀନ; 2. କ୍ରି. ଦୃଷ୍ଟି ବିହୀନ କରିବା, ଉଜ୍ଜ୍ୱଳ ଆଲୋକ ଦ୍ୱାରା ଦୃଷ୍ଟିରୋଧ କରିବା, ହତବୁଦ୍ଧି କରିବା; 3. ବି. ଆଲୋକ ନିରୋଧକ ପର୍ଦ୍ଦା; blind alley ଅନ୍ଧଗଳି (ଏକ ପଟରେ ବନ୍ଦଥିବା); blind spot ଆଖି ପର୍ଦ୍ଦାରେ ଥିବା ଦୃଷ୍ଟିଶକ୍ତି ରହିତ ଏକ ବିନ୍ଦୁ, ଯେଉଁ ସ୍ଥାନକୁ ଜଣେ ଲକ୍ଷ୍ୟ କରିପାରେ ନାହିଁ; କ୍ରି.ବିଂ. blindly.

**blindfold** 1. ବିଂ.ଅନ୍ଧପୁତୁଳି ଯୋଗୁଁ ଦେଖିବାକୁ ଅକ୍ଷମ, ଅନ୍ଧ ପୁତୁଳି ବନ୍ଧା; 2. ବି. ଅନ୍ଧପୁତୁଳି, ଆଖି ଘୋଡ଼ାଇବା ବସ୍ତୁ ବା ବସ୍ତ୍ର।

**blind–man's buff** ବି. ଆଖିରେ ପଟିବାନ୍ଧି ଅନ୍ଧବତ୍ ଖେଳ।

**blindworm** ବି. ଏକ ଧରଣର କେଞ୍ଚୁଆ।

**blink** 1. କ୍ରି. ଆଖି ମିଟିକା ମାରିବା; 2. ବି. କ୍ରମାନ୍ୱୟରେ ଆଲୁଅ ଜଳିବା ଓ ଲିଭିବା।

**blinker** ବି. ଘୋଡ଼ାର ଅନ୍ଧପଟି।

**blinking** ବିଂ. ସାମାନ୍ୟ ଅସନ୍ତୁଷ୍ଟ।

**blip** ବି. ରାଡାର ପରଦାରେ କ୍ଷୁଦ୍ରଚିହ୍ନ ବା ଧ୍ୱନି।

**bliss** ବି. ପରମ ସୁଖ, ପରମାନନ୍ଦ।

**blister** ବି. ଫୋଟକା, ଫୁଟ୍କି।

**blithe** ବିଂ. ପ୍ରଫୁଲ୍ଲ, ଆନନ୍ଦିତ, ହୃଷ୍ଟ।

**blithering** ବିଂ.*କ.ଭା.* ଏଣ୍ତେଣ୍ତ ବାଜେ କଥା କହୁଥିବା (ବ୍ୟକ୍ତି)।

**blithesome** ବିଂ. ପ୍ରଫୁଲ୍ଲ, ଆନନ୍ଦିତ।

**B.Litt** *ସଂଶ.* ବେଚଲର୍ ଅଫ୍ ଲେଟର୍ସ ଉପାଧି।

**blitz** 1. ବି. ହଠାତ୍ ଆକ୍ରମଣ, ୧୯୪୦ରେ ବ୍ରିଟେନ୍ ଉପରେ ଜର୍ମାନମାନଙ୍କର ଆକାଶୀ ଆକ୍ରମଣ; 2. କ୍ରି. ପ୍ରଚଣ୍ଡଭାବେ ଆକ୍ରମଣ କରିବା।

**blitzkrieg** ବି. ଦ୍ରୁତ ଜୟଲାଭ ଉଦ୍ଦେଶ୍ୟରେ ପ୍ରଚଣ୍ଡ ଆକ୍ରମଣ।

**blizzard** ବି. ଭୟଙ୍କର ତୁଷାର ଝଡ଼।

**bloat** କ୍ରି. ସ୍ଫୀତ କରିବା ବା ହେବା, ଫୁଲିବା, ଫୁଲାଇବା।

**bloated** ବିଂ.ସ୍ଫୀତ, ମୋଟା ଓ ବଡ଼।

**bloater** ବି. ଲୁଣଦିଆ ଏକ ପ୍ରକାର ମାଛ।

**blob** ବି. ଛୋଟ ବୁନ୍ଦାଏ; ଦାଗ, ଚିହ୍ନ।

**bloc** ବି. ଗୋଷ୍ଠୀ।

**block** 1. ବି. ବଡ଼ କାଠ ବା ପଥର ଖଣ୍ଡ, ଗୃହପୁଞ୍ଜ, ବିଶେଷ କାର୍ଯ୍ୟରେ ବ୍ୟବହୃତ ବଡ଼ ଅଟ୍ଟାଳିକାର ଅଂଶ; ମୁଦ୍ରଣ କାର୍ଯ୍ୟ ପାଇଁ ବ୍ୟବହୃତ କାଠ ବା ଧାତୁର ଚିତ୍ର ଫଳକ; ବହୁ ପଦାର୍ଥର ଏକତ୍ର ସମାବେଶ; ବାଡ଼ ବା ପ୍ରତିବନ୍ଧକ; *ପ୍ରା.ପ୍ର.* ମୁଣ୍ଡକାଟ ପାଇଁ ବ୍ୟବହୃତ କାଠ ବା ପଥର ଖଣ୍ଡ; 2. କ୍ରି. ପଥରୋଧ କରିବା, ଆଗୁଳିବା

Digitized by srujanika@gmail.com

block letter ଛଡ଼ା ଛଡ଼ା ବଡ଼ ହରଫର ଅକ୍ଷର; block up ଆବଦ୍ଧ କରିବା ।
**blockade** ବି. ଅବରୋଧ ।
**blockage** ବି. ଅବରୁଦ୍ଧ ଅବସ୍ଥା ।
**block-buster** ବି. ଅତ୍ୟନ୍ତ ଶକ୍ତିଶାଳୀ ବସ୍ତୁ, ଧ୍ୱଂସକ୍ଷମ ବୋମା ।
**blockhead** ବି. ଓଲୁ, ମୂର୍ଖ, ମୋଟା ବୁଦ୍ଧିଆ ।
**blockhouse** ବି. ସିମେଣ୍ଟ ନିର୍ମିତ ଆଶ୍ରୟ ଘର, କାଷ୍ଠ ନିର୍ମିତ କ୍ଷୁଦ୍ର ଦୁର୍ଗ ।
**bloke** ବି. *କ.ଭା.* ଲୋକ, ମଣିଷ ।
**blond** ବିଂ ଗୌରବର୍ଣ୍ଣ, କନ୍ଦରା କେଶଧାରୀ ।
**blood** 1. ବି. ରକ୍ତ, ବଂଶ, ତେଜସ୍ୱିତା, 2. *ସ.କ୍ରି.* (କୁକୁରକୁ) ରକ୍ତର ପ୍ରଥମ ସ୍ୱାଦ ଦେବା; (କାହାକୁ) କୌଣସି କାର୍ଯ୍ୟରେ ପ୍ରଥମ ପ୍ରବେଶ କରାଇବା; 3. blood-and-thunder ମେଲୋଡ୍ରାମା; blood bank ରକ୍ତ ଭଣ୍ଡାର; blood count ଅଣୁବୀକ୍ଷଣ ସାହାଯ୍ୟରେ ରକ୍ତର ଉପାଦାନ ପରୀକ୍ଷା; blood-poisoning ବିସର୍ପ ରୋଗ ବିଶେଷ; blood-pressure ରକ୍ତଚାପ; blood relation ରକ୍ତ ସମ୍ପର୍କ; blood-vessel ଶିରା, ଧମନୀ, କୌଶିକ ପ୍ରଭୃତି ଶରୀରର ରକ୍ତବାହୀ ଅଂଶ; in cold blood ଥଣ୍ଡା ମିଜାଜରେ ।
**bloodhound** ବି. ଏକ ଜାତୀୟ ତୀବ୍ର ଘ୍ରାଣ ଶକ୍ତି ସମ୍ପନ୍ନ କୁକୁର ।
**bloodless** ବିଂ ରକ୍ତହୀନ, ଶେତା ।
**bloodshed** ବି. ରକ୍ତପାତ, ହାଣକାଟ ।
**bloodshot** ବିଂ. ରକ୍ତାଭ (ଚକ୍ଷୁ) ।
**bloodstream** ବି. ରକ୍ତସ୍ରୋତ, ରକ୍ତ ପ୍ରବାହ ।
**bloodsucker** ବି. ରକ୍ତଶୋଷକ, ଜୋକ ।
**bloodthirsty** ବିଂ. ରକ୍ତପିପାସୁ, ରକ୍ତ ଲୋଲୁପ ।
**bloody** 1. ବିଂ. ରକ୍ତାକ୍ତ, ନୃଶଂସ, ଜଘନ୍ୟ; bloody-minded ବିଂ. *କ.ଭା.* ସ୍ୱେଚ୍ଛାକୃତ ଭାବେ ଅସହଯୋଗୀ, ଜାଣିଶୁଣି ଅବାଗିଆ; 2. *କ୍ରି.ବିଂ. ଅପ.* ଅତିଶୟ (bloody nasty); 3. *କ୍ରି.* ରକ୍ତରଞ୍ଜିତ କରିବା ।
**bloom** 1. ବି. ଫୁଲ, ପୁଷ୍ପ, ପ୍ରାପ୍ତାବସ୍ଥା, ତାଜାପଣ, ଦୀପ୍ତି, ପ୍ରସ୍ଫୁଟନ; 2. *କ୍ରି.* ଫୁଟିବା, ପ୍ରସ୍ଫୁଟିତ ହେବା ।
**bloomer** ବି. ଫୁଟୁଥିବା ଫୁଲ; *କ.ଭା.* ଗୁରୁତର ଭୁଲ ବା ପ୍ରମାଦ ।
**bloomers** ବି. ସ୍ତ୍ରୀଲୋକଙ୍କର ଆଣ୍ଠୁ-ସ୍ପର୍ଶୀ ଟ୍ରାଉଜର୍ସ, (Mrs. A. Bloomer ଏହାକୁ ପ୍ରଚଳିତ କରିଥିବାରୁ ଏ ନାମ ପଡ଼ି ଯାଇଛି); *କ.ଭା.* ନିକର ।
**blooming** ବି./କ୍ରି.ବି. ପ୍ରସ୍ଫୁଟିତ ଅବସ୍ଥା; *ସା.ପ୍ର.* ସାମାନ୍ୟ ବିରକ୍ତି ।
**blossom** 1. ବି. ଫୁଲ ବା ଫୁଲ ପେଣ୍ଡା; 2. *କ୍ରି.* ପ୍ରସ୍ଫୁଟିତ ହେବା, ଫୁଟିବା ।
**blot** 1. ବି. କଳଙ୍କ, ଦାଗ, ନିନ୍ଦନୀୟ କାର୍ଯ୍ୟ ବା ଗୁଣ; 2. *କ୍ରି.* ଶୋଷିନେବା, ଚାପିବା; blotting paper ଶୋଷକ କାଗଜ ।
**blotch** ବି. ଚର୍ମରେ ଫୁଲା ବା ବିବର୍ଣ୍ଣଦାଗ, ଚିହ୍ନ ।
**blotter** ବି. ଚପା କାଗଜ, ଶୋଷକ (କାଗଜ) ।
**blotto** *ସା.ପ୍ର.* ବିଂ. ଅତ୍ୟନ୍ତ ମାତାଲ ।
**blouse** ବି. ନାରୀ ମାନଙ୍କର ପରିଧେୟ ଊର୍ଦ୍ଧ୍ୱାଂଶ ଆବରଣୀ ପୋଷାକ, ବ୍ଲାଉଜ୍ ।
**blow**[1.] *କ୍ରି.* ଫୁଙ୍କିବା; ବହିବା (ପବନ); ଧଇଁସଇଁ ହେବା; (ବଂଶୀ, ମହୁରୀ ପ୍ରଭୃତି) ବଜେଇବା; ଫାଟିଯିବା; ବିସ୍ଫୋରିତ ହେବା; *(ଅପ.)* ତରତର ହୋଇ ଚାଲିଯିବା; ଉନ୍ମୋଚିତ କରିଦେବା (ରହସ୍ୟ); ଶୋଧିବା; (ପଇସା) ଉଡେଇବା; (ସୁଯୋଗ) ନଷ୍ଟ କରିଦେବା; 2. ବି. ଫୁଙ୍କା, ବାୟୁପ୍ରବାହ; blow hot and cold ଦୁଇ ପ୍ରକାର କଥା କହିବା, ନରମ ଗରମ ଉଭୟ ହେବା; blow one's own trumpet ଫୁଟାଣି କରିବା, ନିଜ ଗୁଣ ନିଜେ ଗାଇ ବୁଲିବା; blow one's top କ୍ରୋଧରେ ଫାଟି ପଡିବା; blow out ଲିଭାଇ ଦେବା (ନିଆଁ); blow-up ବି. ବିସ୍ଫୋରଣ; *କ.ଭା.* ପରିବର୍ଦ୍ଧିତ ଫଟୋ ।
**blow**[2.] 2. ବି. ହାତ ବା ଅସ୍ତ୍ରଦ୍ୱାରା ଆଘାତ ।
**blower** ବି. ଫୁଙ୍କନଳୀ; *ଅପ.* ଟେଲିଫୋନ୍ ।
**blowfly** ବି. ଏକ ଜାତୀୟ ମାଛି ।
**blowlamp** ବି. ତୀବ୍ର ଅଗ୍ନିଶିଖା ପ୍ରୟୋଗାର୍ଥ ଫୁଙ୍କଦୀପ ।
**blowpipe** ବି. ଫୁତ୍‌ଶିଖା ପ୍ରୟୋଗାର୍ଥ ଫୁଙ୍କନଳୀ ।
**blowy** ବିଂ. ପବନ ବୋହୁଥିବା (ଅବସ୍ଥା) ହାୱାଦାର ।
**blowzy** ବିଂ. ଅପରିଚ୍ଛନ୍ନ, ମଳିନ, କର୍କଶ ।
**blub** *କ୍ରି.* ସକେଇ କାନ୍ଦିବା ।

Digitized by srujanika@gmail.com

**blubber** 1. ବି. ତିମିମାଛର ଚର୍ବି; 2. କ୍ରି. ସକେଇ କାନ୍ଦିବା; 3. ବିଂ. ଫୁଲିଥିବା, ମୋଟା ।

**bludgeon** 1. ବି. ଏକପାଖ ଭାରୀ ହୋଇଥିବା ମୋଟା ବାଡ଼ି, ମୁଗୁର; 2. କ୍ରି. ମୁଗୁର ଦ୍ୱାରା ଆଘାତ କରିବା; ଜବରଦସ୍ତି କରିବା ।

**blue** 1. ବିଂ. ନୀଳ, ନେଳିଆ, ଦୁଃଖିତ; ଅଶ୍ଳୀଳ (blue film); 2. ବି. ନୀଳବର୍ଣ୍ଣ ବା ନୀଳବର୍ଣ୍ଣର ବସ୍ତୁ; ବ.ବ. ଉଦାସୀନତା; 3. blue baby ହୃଦ୍ ଦୁର୍ବଳତା ଯୋଗୁଁ ଜନ୍ମାବସ୍ଥାରେ ନୀଳବର୍ଣ୍ଣ ଶିଶୁ; blue blood ଜନ୍ମଗତ ଆଭିଜାତ୍ୟ; once in a blue moon କେବେ କେମିତି; out of the blue ଅପ୍ରତ୍ୟାଶିତ ଭାବରେ ।

**bluebell** ବି. ଏକ ପ୍ରକାର ନୀଳ, ଘଣ୍ଟି ଆକୃତିର ଫୁଲ ।

**bluebottle** ବି. ଏକ ପ୍ରକାର ମାଛି ।

**blueprint** ବି. ନୀଳ ପୃଷ୍ଠଭୂମିରେ ଆଲୋକଚିତ୍ର ଦ୍ୱାରା (ଘର ପ୍ରଭୃତିର) ନକ୍ସା, ପକ୍କାନକ୍ସା ।

**bluestocking** ବି. ବୁଦ୍ଧିମତୀ ବା ସାହିତ୍ୟ-ପ୍ରାଣା ମହିଳା ।

**bluff**[1] 1. କ୍ରି. ଧପ୍ପାଦେବା, ଭୁରୁଡ଼ି ମାରିବା, ପୁଡ଼ି ମାରିବା, ଫାଙ୍କିବା, ପବନ ମାରିବା; 2. ବି. ଭୁରୁଡ଼ି, ଧପ୍ପା ।

**bluff**[2] 1. ବିଂ. (ଭୂଭାଗ ସଂପର୍କରେ) ତୀଖ ଧାରଥିବା ପାହାଡ଼, ସିଧା ଓ ଉଚ୍ଚ; (ଲୋକ ସଂପର୍କରେ) ରୁକ୍ଷ ଓ ସରଳ; 2. ବି. ତୀଖଢାଗା ।

**bluish** ବିଂ. ନେଳିଆ, ନୀଳାଭ ।

**blunder** 1. ବି. ଗୁରୁତର ଭ୍ରମ; 2. କ୍ରି. ଗୁରୁତର ଭ୍ରମ କରିବା ।

**blunderbuss** ବି. ଏକ ପ୍ରକାର ପୁରୁଣା କାଳିଆ ବନ୍ଧୁକ ।

**blunt** 1. ବିଂ. ଅଦାରୁଆ, ବୁଥା, ଦଣ୍ଡରା, ରୁକ୍ଷ, କର୍କଶ ଅଥଚ ସ୍ପଷ୍ଟବାଦୀ; 2. କ୍ରି. ଧାରହୀନ କରିବା ।

**blur** 1. କ୍ରି. ଅନ୍ଧାରୁଆ କରିବା, ଝାପ୍ସା କରିବା, ଅସ୍ପଷ୍ଟ ହେବା; 2. ବି. କଳଙ୍କ ।

**blurb** ବି. ପ୍ରଚ୍ଛଦରେ ମୁଦ୍ରିତ ପୁସ୍ତକ ବିଷୟକ ବିବରଣୀ ।

**blurt** କ୍ରି. ବକିବା, କହିପକାଇବା ।

**blush** 1. କ୍ରି. ଲଜ୍ଜାରକ୍ତ ହେବା, ନାଲି ପଡିଯିବା, ଲାଜେଇବା; 2. ବି. ରକ୍ତିମା, ଗୋଲାପ ପରି ଆଭା, ଲଜ୍ଜାରେ ମୁହଁ ଲାଲ ପଡ଼ିବା, ଲଜ୍ଜାରୁଣ ।

**bluster** 1. *ଅ.କ୍ରି.* (ପବନ ବା ଢେଉ ସଂପର୍କରେ) ସୁ ସୁ କରି ପ୍ରବଳ ଭାବେ ବହିବା; (ବ୍ୟକ୍ତି ସଂପର୍କରେ) ତର୍ଜନ ଗର୍ଜନ କରିବା; 2. ବି. ଦମ୍ଭୋକ୍ତି, ଧମକ, ଆସ୍ଫାଳନ ।

**BM** *ସଂଶ.* ବେଚଲର୍ ଅଫ୍ ମେଡିସିନ୍, ବ୍ରିଟିଶ୍ ମ୍ୟୁଜିଅମ୍ ।

**B. Mus.** *ସଂଶ.* ବେଚ୍‌ଲର୍ ଅଫ୍ ମ୍ୟୁଜିକ୍ ।

**BO** *ସଂଶ. କ.ଭା.* ବଡି ଓଡର, ଶରୀରର ଗନ୍ଧ ।

**boa** ବି. ଅଜଗର ସାପ, ବୋଡ଼ାସାପ ।

**boar** ବି. ଅଣ୍ଡିରା ବନ୍ୟ ଶୂକର, ବାର୍ହା ।

**board** 1. ବି. ପଟା, ବିଶେଷ ଉଦ୍ଦେଶ୍ୟରେ ବ୍ୟବହୃତ ପଟା, ତକ୍ତା; ମଣ୍ଡଳୀ, ସମିତି, ପରିଷଦ; ଭୋଜନ, ନିୟମିତ ଭାବରେ ବ୍ୟବହୃତ ଖାଦ୍ୟ; 2. କ୍ରି. ଜାହାଜ, ଉଡ଼ାଜାହାଜ ପ୍ରଭୃତିରେ ଚଢ଼ିବା; ପଟାଦ୍ୱାରା ଅବୃତ କରିବା; ଦୈନିକ ଖାଦ୍ୟ ଯୋଗାଇବା ବା ଗ୍ରହଣ କରିବା; 3. boarding-house ରହିବା ଓ ଖାଇବାର ସ୍ଥାନ; boarding-school ରହିବା ଓ ଖାଇବାର ବ୍ୟବସ୍ଥା କରୁଥିବା ବିଦ୍ୟାଳୟ; on board (the ship) ଜାହାଜରେ ଯିବା ।

**boarder** ବି. ଛାତ୍ରାବାସର ଅନ୍ତେବାସୀ; ଜାହାଜରେ ଯାଉଥିବା ବ୍ୟକ୍ତି, ବିଶେଷତଃ ଶତ୍ରୁ ।

**boardroom** ବି. କମ୍ପାନୀ ନିର୍ଦ୍ଦେଶକମାନଙ୍କର ନିୟମିତ ବୈଠକ ପ୍ରକୋଷ୍ଠ ।

**boast** 1. ବି. ଆତ୍ମ-ପ୍ରଶଂସା; 2. କ୍ରି. ଆତ୍ମ-ପ୍ରଶଂସା କରିବା; ବି. boaster.

**boastful** ବିଂ. ଅହଂକାରୀ; ବି. boastfulness.

**boat** ବି. ନୌକା, ଡଙ୍ଗା; in the same boat (ଅନ୍ୟସହ) ଏକା ଦଶା ଭୋଗ କରିବା; boat-house ନୌକା ରହିବା ଘର; boating ନୌକା ଚାଳନା; boat race ନୌକାଦୌଡ଼; burn one's boat ଫେରିବା ବାଟ ନିଜେ ବନ୍ଦ କରିଦେବା ।

**boater** ବି. ଏକ ପ୍ରକାର ଟୋପି ।

**boatman** ବି. ନାଉରି, ଡଙ୍ଗାବାଲା ।

**boatswain** ବି. ଜାହାଜର କର୍ମଚାରୀ ଯେ ପାଲ ପ୍ରଭୃତିର ତତ୍ତ୍ୱାବଧାନ କରେ ଓ ତୁଙ୍ଗା ବଜାଇ ଅନ୍ୟ କର୍ମଚାରୀମାନଙ୍କୁ କାମପାଇଁ ଡାକଦିଏ ।

**bob**[1] କ୍ରି. ଡେଇଁବା, କେଶ ଛୋଟ କରି କାଟିବା ।

**bob**[2] ବି. ପୂର୍ବେ ପ୍ରଚଳିତ ଶିଲିଂ ମୁଦ୍ରା ।

Digitized by srujanika@gmail.com

**bob**[3] ବି. (କେବଳ bob's your uncleରେ ବ୍ୟବହୃତ); ସମାପ୍ତି ଘୋଷଣା ।

**bobbin** ବି. ସୂତାକଣ୍ଡା, ଯେଉଁ ନଳି ଉପରେ ସୂତା ଗୁଡ଼ିଆ ହୁଏ, ସିଲେଇ ମେସିନ୍‌ରେ ସୂତା ଗୁଡ଼ିଆ ହେବାପାଇଁ ବ୍ୟବହୃତ ନଳି ।

**bobby** ବି. *କ.ଭା.* ପୋଲିସ୍ କର୍ମଚାରୀ ।

**bobtail** ବି. ବାଳକାଟି ଛୋଟ କରାଯାଇଥିବା ଘୋଡ଼ା ବା କୁକୁରର ଲାଙ୍ଗୁଳର ଅଗ୍ରଭାଗ ।

**bodice** ବି. ସ୍ତ୍ରୀଲୋକମାନେ ଅଣ୍ଟା ଉପରକୁ ପିନ୍ଧୁଥିବା ଅନ୍ତର୍ବାସ ।

**bodily** 1. ବିଂ. ଶାରୀରିକ 2. *କ୍ରି.ବିଂ.* ସଦେହରେ, ସମ୍ପୂର୍ଣ୍ଣରୂପେ, ଶରୀର ସମ୍ବନ୍ଧୀୟ ।

**bodkin** ବି. ତାମଣ, ବଡ଼ଛୁଞ୍ଚ ।

**body** 1. ବି. ଦେହ, ଶରୀର, ଗଣ୍ଡି, ମସ୍ତକ ବ୍ୟତୀତ ମନୁଷ୍ୟ ବା ପ୍ରାଣୀ ଶରୀରର ଅବଶିଷ୍ଟାଂଶ; କୌଣସି ଜିନିଷର ବିଶେଷ ଅଂଶ; କେତେ ବ୍ୟକ୍ତିଙ୍କର ଦଳ; ବ୍ୟକ୍ତି, ରାଶି, ପରିମାଣ, 2. *କ୍ରି.* ରୂପଦେବା; 3. body-blow ଭୀଷଣ ପରିଣତି; body-building ବ୍ୟାୟାମ ଦ୍ୱାରା ମାଂସପେଶୀର ସୁଗଠନ; body odour ଶରୀର ଗନ୍ଧ; body politic ରାଜନୈତିକ ସମିତି, ଜାତି ବା ରାଷ୍ଟ୍ର; body stocking ସ୍ତ୍ରୀଲୋକର ସର୍ବାଙ୍ଗ ଅନ୍ତର୍ବାସ; in a body ସମସ୍ତେ ଏକତ୍ର, ଦଳବଦ୍ଧ ଭାବରେ; keep body and soul together ବଞ୍ଚି ରହିବା ପାଇଁ ସଂଗ୍ରାମ କରିବା ।

**bodyguard** ବି. ସମ୍ମାନିତ ବ୍ୟକ୍ତିଙ୍କର ଅଙ୍ଗରକ୍ଷୀ ।

**Boer** ବି. ଦକ୍ଷିଣ ଆଫ୍ରିକାର ଓଲନ୍ଦାଜ ବଂଶୋଦ୍ଭବ ।

**boffin** ବି.*କ.ଭା.* ବିଜ୍ଞାନ ଗବେଷଣାରତ ବ୍ୟକ୍ତି ।

**bog** 1. ବି. ପଙ୍କୁଆ ଭୂମି; 2. *ଅ.କ୍ରି.* କାଦୁଅରେ ପୋତି ଦେବା; 3. boggy ବିଂ. କର୍ଦ୍ଦମାକ୍ତ ।

**bogey**[1] (bogie ମଧ୍ୟ) ବି. 1. ଗୋଲଫ୍ ଖେଳରେ ଗୋଟିଏ ଷ୍ଟ୍ରୋକ୍; କାଳ୍ପନିକ ଖେଳାଳି ।

**bogey**[2], **bogy** ବି. ଭୂତ, ଅଶରୀର; ଭୟର କାରଣ ।

**bogey**[3] ବି. ଅଜ୍ଞାତ ବ୍ୟୋମଯାନ ।

**boggle** *ଅ.କ୍ରି.* ଭୟରେ ଚମକି ପଡ଼ିବା, ଦ୍ୱିଧାଗ୍ରସ୍ତ ହେବା; ବୋକା ପରି ଅନାଇ ରହିବା ।

**bogie** ବି. ଇଞ୍ଜିନ ଦ୍ୱାରା ଟଣା ଯାଉଥିବା ଚକଲଗା ଗାଡ଼ି, ଠେଲାଗାଡ଼ି, ରେଳଡବା ।

**bogus** ବିଂ. ନକଲି, କୃତ୍ରିମ, ମିଥ୍ୟା, ବାଜେ, କାଳ୍ପନିକ ।

**bogyman** ବି. ଭୟ ବା ଅସୁବିଧା ସୃଷ୍ଟି କରୁଥିବା ବ୍ୟକ୍ତି ।

**Bohemian** 1. ବିଂ. ମୁକ୍ତ ବିଚାର ସମ୍ପନ୍ନ, ଆମୋଦପ୍ରିୟ, ବହିମିୟା ଅଞ୍ଚଳର ଅଧିବାସୀ; 2. ବି. ଏହି ପ୍ରକୃତିର ଲୋକ, ବି. bohemianism ଏହି ପ୍ରକାର ଦୃଷ୍ଟିଭଙ୍ଗୀ ।

**boil**[1] 1. *କ୍ରି.* ତରଳ ପଦାର୍ଥ ଗରମ ହୋଇ ଫୁଟିବା, ତାତିଲାରୁ ବୁଦ୍‌ବୁଦ୍ ବାହାରିବା, ସିଝିବା, ରନ୍ଧାହେବା; ଉତ୍ତେଜିତ ହେବା, ରାଗିଯିବା; 2. ବି. ସ୍ଫୁଟନ; ସ୍ଫୁଟନାଙ୍କ; boil down to (ଏହି) ସାରାଂଶରେ ପରିଣତ ହେବା; boiling point ସ୍ଫୁଟନାଙ୍କ, ଯେଉଁ ତାପମାନରେ କୌଣସି ତରଳ ପଦାର୍ଥ ଫୁଟିବାକୁ ଆରମ୍ଭ କରେ; boil over ଉତୁରି ପଡ଼ିବା ।

**boil**[2] ବି. ଚମ ଉପରେ ଫୁଲିଥିବା ପୂଜପୂର୍ଣ୍ଣ କୌଣସି କ୍ଷତ, ବଥ, ବ୍ରଣ ।

**boiler** ବି. ଇଞ୍ଜିନ୍ ବା କୌଣସି ଯନ୍ତ୍ରର ଯେଉଁ ଅଂଶରେ ଉଷ୍ମବାଷ୍ପ ପ୍ରସ୍ତୁତ ହୁଏ; ଗରମ ଜଳ ରଖିବା ପାତ୍ର, ସିଝାଇବା ପାଇଁ ବ୍ୟବହୃତ ପାତ୍ର ।

**boiling** 1. ବିଂ ଅତ୍ୟନ୍ତ ଉତ୍ତପ୍ତ; 2. ବି. ଜଳରେ ସିଝା ରନ୍ଧନ ।

**boisterous** ବିଂ. ପ୍ରଚଣ୍ଡ, ଝଡଯୁକ୍ତ, କୋଳାହଳପୂର୍ଣ୍ଣ, ଗୋଳମାଳିଆ, ଗର୍ଜ୍ଜନପୂର୍ଣ୍ଣ ।

**bold** ବି. ସାହସୀ, ନିର୍ଭୀକ, ଆତ୍ମପ୍ରତ୍ୟୟପୂର୍ଣ୍ଣ, ସୁସ୍ପଷ୍ଟ ।

**bole** ବି. ଗଛର ଗଣ୍ଡି ।

**bolero** ବି. ସ୍ପେନ୍ ଦେଶୀୟ ନୃତ୍ୟ କିମ୍ବା ସଂଗୀତ; ସ୍ତ୍ରୀଲୋକଙ୍କର ଜାମା ବା ଜାକେଟ୍ ।

**boll** ବି. କପା ବା ଛଣ ପଟର ଗୋଲାକାର ବୀଜକୋଷ ।

**bollard** ବି. ରାସ୍ତାରେ, ବିଶେଷତଃ ଛକ ଉପରେ ଥିବା ଛୋଟଖୁଣ୍ଟି, ଡଙ୍ଗା ବା ଜାହାଜରୁ ମାଲ ଉତାରିବା କିମ୍ବା ଡଙ୍ଗା ବା ଜାହାଜରେ ମାଲ ବୋଝାଇ କରିବା ବେଳେ ଜାହାଜକୁ ବା ଡଙ୍ଗାକୁ ବାନ୍ଧିରଖିଥିବା ଖୁଣ୍ଟି ।

**boloney** *ଅପ.* ବି. ଅର୍ଥହୀନତା ।

**Bolshevik** 1. ବି. ଯେକୌଣସି ଉଗ୍ର ବିପ୍ଳବବାଦୀ, ୧୯୧୮ର ରୁଷ ବିପ୍ଳବପରେ କ୍ଷମତା ଅଧିକାର କରିଥିବା ସାମ୍ୟବାଦୀ ଦଳର

Digitized by srujanika@gmail.com

ସଭ୍ୟ, ରୁଷିଆର ଶ୍ରମିକ ଓ କୃଷକମାନଙ୍କର ଏକଛତ୍ର ଶାସନ ସମର୍ଥନକାରୀ ବ୍ୟକ୍ତି; 2. ବିଂ. ବଲ୍‌ସେଭିକୀୟ, ସାମ୍ୟବାଦୀ; 3. Bolshevism ବି. ବିପ୍ଳବବାଦ; Bolshevist ବି. ସାମ୍ୟବାଦୀ ।

**Bolshie** *ଅପ.* ବିଂ. ଅଖାଡୁଆ, ଅଳ୍ପକେ ରାଗି ଉଠୁଥିବା, ଅସହଯୋଗୀ, ବାମପନ୍ଥୀ ।

**bolster** 1. ବି. ଲମ୍ବା ତକିଆ; ଗଦି ବା ଠେସ; 2. *କ୍ରି.* ତକିଆ ଦ୍ୱାରା ଠେସ ଦେବା; ସାହାଯ୍ୟ କରିବା ।

**bolt**[1.] 1. ବି. କିଳିଣୀ, ଅର୍ଗଳ; ଦୁଆର କିଳିବା ମୋଟା ଲୁହା କଣ୍ଟା; ବଜ୍ର ବା ବିଦ୍ୟୁତ୍; ତୀର; 2. *କ୍ରି.* ଦ୍ୱାର ବା ଝରକା କିଳିଣୀ ଦ୍ୱାରା ବନ୍ଦ କରିବା; ଟକ୍ ଟକ୍ କରି ଗିଳିଦେବା, ତରତର ହୋଇ ଖାଇଦେବା; ସ୍ଥାନ ଛାଡ଼ି ଚାଲିଯିବା, ଅମାନିଆ ହୋଇ ପଳାଇଯିବା, କାହାକୁ ଘରଭିତରେ ରଖି ବା ବାହାର କରିଦେଇ ଦ୍ୱାର ଝରକା ବନ୍ଦ କରିଦେବା; 3. bolt from the blue ବିନା ମେଘରେ ବଜ୍ରପାତ; bolt–hole *(ଲାକ୍ଷ.)* ପଳାୟନର ମାର୍ଗ; bolt upright ସମ୍ପୂର୍ଣ୍ଣ ସିଧା; shoot one's bolt ଯଥାସାଧ ଉଦ୍ୟମ କରିବା ।

**bolt**[2.] *ସ.କ୍ରି.* ଅନୁସନ୍ଧାନ କରିବା ।

**bolus** ବି. ପିଣ୍ଡ; ଔଷଧର ପିଣ୍ଡାକୃତି ଗୁଟିକା ।

**bomb** 1. ବି. ବୋମା, ତୋପ କିମ୍ବା ହାତରେ ଫିଙ୍ଗା ଯାଉଥିବା ଗୋଳା; 2. *କ୍ରି.* ବୋମା ପକାଇବା; ଆଣବିକ କିମ୍ବା ଉଦ୍‌ଯାନ ବୋମାଦ୍ୱାରା ଆକ୍ରମଣ କରିବା; 3. like a bomb *କ.ଭା.* ସଫଳ ଭାବରେ; bomb–proof ବିଂ. ଗୋଳାଦ୍ୱାରା ଅଭେଦ୍ୟ ।

**bombard** *ସ.କ୍ରି.* ଗୋଳା ବା ବନ୍ଧୁକ ଦ୍ୱାରା ଆକ୍ରମଣ କରିବା; ପ୍ରଶ୍ନବାଣ ଦ୍ୱାରା ବ୍ୟତିବ୍ୟସ୍ତ କରିବା; bombardment ବି. ଗୋଳାବର୍ଷଣ ।

**bombardier** ବି. ଗୋଳା ନିକ୍ଷେପକାରୀ ସୈନିକ, ଗୋଲନ୍ଦାଜ୍ ବାହିନୀର ଅଧସ୍ତନ କର୍ମଚାରୀ ।

**bombast** ବି. ଶବ୍ଦାଡ଼ମ୍ବର, ଅତିଭାଷଣ, ଲମ୍ବାଚୌଡ଼ା କଥା, ଦର୍ପୋକ୍ତି; bombastic ବିଂ. କଠିନ, ଦୁର୍ବୋଧ ଶବ୍ଦଯୁକ୍ତ ।

**Bombay duck** ବି. ସ୍ୱାଦ୍ୟ ଶୁଖିଲା ମାଛ ।

**bombazine** ବି. ରେଶମ ବା ତୁଳା ମିଶିଥିବା ବା ଖାଣ୍ଟି ପଶମ ଲୁଗା ।

**bomber** ବି. ବୋମା ବର୍ଷଣକାରୀ ଉଡ଼ାଜାହାଜ, ବୋମା ନିକ୍ଷେପକାରୀ ବ୍ୟକ୍ତି ।

**bombshell** ବି. ବୋମା, ଗଭୀର ବିସ୍ମୟ ବା ନୈରାଶ୍ୟ ।

**bona fide** ସଚ୍ଚା, ପ୍ରକୃତ, ଆନ୍ତରିକ, ଯଥାର୍ଥ ।

**bonanza** ବି. ଧନ ବା ସମ୍ପତ୍ତି ଲାଭର ଉତ୍ସ ।

**bon–bon** ବି. ମିଷ୍ଟାନ୍ନ, ଚିନିରେ ତିଆରି ହାତୀ ଘୋଡ଼ା ଆଦି ।

**bond** 1. ବି. ଯେଉଁ ଶକ୍ତି ଏକତ୍ର ବନ୍ଧନ କରେ; ଚୁକ୍ତି ବା ଅଙ୍ଗୀକାର ପତ୍ର, ସରକାରୀ ଋଣପତ୍ର; (ବନ୍ଧୁତ୍ୱ ସମ୍ପର୍କରେ) ବନ୍ଧନ; 2. *କ୍ରି.* ଏକତ୍ର ବାନ୍ଧିବା, ଏକ ସୂତ୍ରରେ ବାନ୍ଧିବା; 3. bond paper ଉଚ୍ଚ ମାନର କାଗଜ; in bond ଶୁଳ୍କ ଦିଆଯିବା ପର୍ଯ୍ୟନ୍ତ ପଣ୍ୟାଗାରରେ ବନ୍ଧନଥିବା ପଣ୍ୟଦ୍ରବ୍ୟ ।

**bondage** ବି. ଦାସତ୍ୱ ବନ୍ଧନ, ବନ୍ଦିତ୍ୱ, ଅଧୀନତା ।

**bonded** ବିଂ. (ଶୁଳ୍କ ସମ୍ବନ୍ଧରେ) ବନ୍ଧକ ଥିବା, ଚୁକ୍ତିଦ୍ୱାରା ଆବଦ୍ଧ; bonded warehouse ଶୁଳ୍କ ଦିଆ ହୋଇ ନଥିବା ପଣ୍ୟ ରକ୍ଷଣ ନିମନ୍ତେ ପଣ୍ୟାଗାର; bonded labour ବେଠିଆ ।

**bondman, bondsman** ବି. ଗୋତି, ଗୋତିଶ୍ରମିକ ।

**bone** 1. ବି. ହାଡ଼, ଅସ୍ଥି; ବ.ବ. ବସ୍ତୁର ଦରକାରୀ ଅଂଶ; 2. *କ୍ରି.* ହାଡ଼ ବାହାର କରିନେବା; 3. bone china ହାଡ଼ଭସ୍ମ ସହିତ ଚିନାମାଟି ମିଶାଯାଇ ପ୍ରସ୍ତୁତ ଚିନାମାଟି ଦ୍ରବ୍ୟ; bone–dry ସମ୍ପୂର୍ଣ୍ଣ ଶୁଷ୍କ; bone idle ଅତ୍ୟନ୍ତ ଅଳସୁଆ; bone of contention ବିତର୍କର ବିଷୟ; bone–shaker ଦଦରା ସାଇକେଲ କିମ୍ବା ମୋଟର; make no bones about ଅସୁବିଧା ସୃଷ୍ଟି ନ କରି ସ୍ୱୀକାର କରିଯିବା ।

**bonfire** ବି. ଅଗ୍ନ୍ୟୁତ୍ସବ, ଅଗିଜଳା; Bonfire Night ନଭେମ୍ବର ୫ ।

**bongo** ବି. ବୋଙ୍ଗୋ, ତାଳବାଦ୍ୟ ବିଶେଷ ।

***bonhomie*** ବି. ଉତ୍ତମ ପ୍ରକୃତି, ସୌଜନ୍ୟ । *(ଫ.)*

**bonkers** ବିଂ. *ଅପ.* ଅପ୍ରକୃତିସ୍ଥ, ଆଡ଼ବାୟା ।

**bonnet** ବି. ସ୍ତ୍ରୀ ଓ ଶିଶୁମାନଙ୍କର ଏକ ପ୍ରକାର ଟୋପି; ମଟର ଇଂଜିନ୍‌ର ଢ଼ାଙ୍କୁଣି ।

Digitized by srujanika@gmail.com

**bonny** ବିଂ. ସୁନ୍ଦର, ସୁଶ୍ରୀ, ସୁସ୍ଥ, ଆନନ୍ଦଦାୟକ।

**bonsai** ବି. ବାମନ ବୃକ୍ଷ, (ବୃକ୍ଷର) ବାମନୀକରଣ ପଦ୍ଧତି।

**bonus** ବି. ବୋନସ୍, ନ୍ୟାଯ୍ୟ ପାଉଣା ସହିତ ପ୍ରାପ୍ୟ ଅତିରିକ୍ତ ଲାଭାଂଶ।

***bon voyage*** ଶୁଭକାମନା ସହ ବିଦାୟ, ଯାତ୍ରା ଶୁଭ ହେବାର କାମନା। *(ଫ.)*

**bony** ବିଂ. ହାଡୁଆ, ଅସ୍ଥି-କଙ୍କାଳସାର; ବି. boniness.

**boo, booh** 1. *ଅ.* ଘୃଣା ଓ ଅସମର୍ଥନ ସୂଚକ ଅବ୍ୟୟ; 2. *କ୍ରି.* ଏହି ପ୍ରକାର ଶବ୍ଦ କରିବା।

**boob** ବି. ବାଳେ ଭୁଲ, ନିର୍ବୋଧବ୍ୟକ୍ତି, *ଅପ.* ନାରୀର ସ୍ତନ।

**booby** ବି. ନିର୍ବୋଧ ବ୍ୟକ୍ତି; booby prize ପ୍ରତିଯୋଗିତାର ଶେଷ ବ୍ୟକ୍ତିକୁ ଦିଆଯାଉଥିବା ପୁରସ୍କାର; booby trap ବ୍ୟକ୍ତିର ଅଜାଣତରେ ଖାପଟରେ ପକାଇବା ନିମନ୍ତେ ବ୍ୟବସ୍ଥା।

**boodle** ବି.*ସା.ପ୍ର.* ଅବୈଧ ଉପାୟରେ ଅର୍ଜିତ ଧନ (ଲାଞ୍ଚ)।

**book** 1. ବି. ବହି, ପୁସ୍ତକ, ଖାତା; ଭାଗ ବା ଖଣ୍ଡ; ବ୍ୟବସାୟ ଗତ ହିସାବ, ଟେଲିଫୋନ ନିର୍ଦ୍ଦେଶିକା; ଟିକେଟ ପ୍ରଭୃତିର ଖେଦା; 2. *କ୍ରି.* ବହି ବା ହିସାବ ଖାତାରେ ଲେଖିବା, ତାଲିକା ଭୁକ୍ତ କରିବା, ପୂର୍ବରୁ ସ୍ଥାନସଂରକ୍ଷଣ କରିବା, ଅଭିଯୋଗ କରିବା; book club ସଭ୍ୟମାନଙ୍କୁ ନିର୍ଦ୍ଦିଷ୍ଟ ନୀତି ନିୟମ ମଧ୍ୟରେ ପୁସ୍ତକ ଯୋଗାଉଥିବା ସଂସ୍ଥା; book-end ବହି ଥାକର ଶେଷରେ ଥିବା ଠେକ; book in ହୋଟେଲରେ ଆଗମନ ଲିପିବଦ୍ଧ କରିବା; book-plate ବହି ମଲାଟର ଭିତର ପାଖରେ ମାଲିକର ନାମ ଲେଖା କାଗଜ ଖଣ୍ଡ; book token ବହି କିଣିବା ନିମନ୍ତେ ଏକ ପ୍ରକାର ରସିଦ୍; bring to book କୈଫିୟତ ତଲବ କରିବା; by the book ନିୟମାନୁସାରେ; in person's good (or bad) books ଜଣକର ସୁନଜର ବା କୁନଜରରେ ଥିବା; the good Book ବାଇବେଲ।

**bookbinder** ବି. ବହି ବନ୍ଧାଳୀ, ଦପ୍ତରୀ।

**bookcase** ବି. ବହି ରଖିବା ନିମନ୍ତେ ଥାକ ଯୁକ୍ତ ଆଲମାରୀ।

**bookie** ବି.*କ.ଭା.* bookmaker ଦ୍ର.।

**bookish** ବିଂ. ପୁସ୍ତକପ୍ରିୟ; ପୁସ୍ତକ-ସର୍ବସ୍ୱ।

**bookkeeper** ବି. ହିସାବ ରକ୍ଷକ, ପାଞ୍ଜିଆ କରଣ; bookkeeping ହିସାବ ରଖିବା ବିଦ୍ୟା।

**booklet** ବି. ପୁସ୍ତିକା।

**bookmaker** ବି. ପେଷାଦାର ବାଜି ପକାଇବା ଲୋକ।

**bookmark** ବି. ପଢ଼ିବା ସମୟରେ ବହିରେ ନିର୍ଦ୍ଦିଷ୍ଟ ଜାଗାପାଇଁ ଦିଆଯାଉଥିବା କାଗଜଖଣ୍ଡ ବା ଚମଡ଼ା ଖଣ୍ଡର ଚିହ୍ନ।

**bookseller** ବି. ପୁସ୍ତକ ବିକ୍ରେତା, ପୁସ୍ତକ ବ୍ୟବସାୟୀ।

**bookshop** ବି. ବହି ଦୋକାନ।

**bookstall** ବି. ରାସ୍ତା, ବଜାର, ଷ୍ଟେସନ୍ ପ୍ରଭୃତିରେ ଖୋଲାଯାଇଥିବା ପୁସ୍ତକ ଦୋକାନ।

**bookworm** ବି. ଗ୍ରନ୍ଥକୀଟ, କାଗଜ ଖାଉଥିବା କୀଟ, ପୁସ୍ତକ ଅଧ୍ୟୟନ ପାଇଁ ଅତିରିକ୍ତ ଆଗ୍ରହୀ ବ୍ୟକ୍ତି।

**boom**[1.] ବି. ଏକ ପ୍ରକାର ଗମ୍ଭୀର ଶବ୍ଦ।

**boom**[2.] 1. ବି.ବାଣିଜ୍ୟ ବ୍ୟବସାୟର ସମୃଦ୍ଧିକାଳ; 2. *କ୍ରି.* ସମୃଦ୍ଧ ବା କୃତକାର୍ଯ୍ୟ ହେବା; ପ୍ରସିଦ୍ଧି ଲାଭ କରିବା।

**boom**[3.] ବି. ଜାହାଜର ପାଲ ବାନ୍ଧି ଅଟକାଇବା ପାଇଁ ଏକ ପାଖରେ ଥିବା ଉଚ୍ଚ ଖୁଣ୍ଟ, ମାଇକ୍ରୋଫୋନ୍।

**boomerang** 1. ବି. ବୁମେରାଙ୍ଗ, ଅଷ୍ଟ୍ରେଲିଆର ଆଦିମ ଅଧିବାସୀମାନଙ୍କ ଅସ୍ତ୍ର (ଏହା ଲକ୍ଷ୍ୟସ୍ଥଳରେ ବାଜି ପ୍ରେରକ ନିକଟକୁ ଫେରି ଆସେ); ଯେଉଁ ପ୍ରସ୍ତାବ ପ୍ରସ୍ତାବକାରୀର ବିପକ୍ଷରେ ଯାଏ; 2. *କ୍ରି.* ପ୍ରେରକ ଉପରକୁ ଲେଉଟିବା।

**boon** ବି. ବର, ଅନୁଗ୍ରହ, ଆଶୀର୍ବାଦ।

**boor** ବି. ଅମାର୍ଜିତ, ଅଶିଷ୍ଟ ବ୍ୟକ୍ତି, ବିଂ. boorish.

**boost** 1. *ସ.କ୍ରି.* ପ୍ରତିଷ୍ଠା ବା ମାନ ବଢ଼ାଇବା (କାହାର ବା କେଉଁ ବସ୍ତୁର); 2. ବି. ବର୍ଦ୍ଧନ।

**booster** ବି. ଶକ୍ତି ବଢ଼ାଇବାର ଉପାଦାନ, ଶକ୍ତି ବର୍ଦ୍ଧକ ଯନ୍ତ୍ରାଂଶ।

**boot** 1. ବି. ବଳାଗଣ୍ଠି ପର୍ଯ୍ୟନ୍ତ ଆବୃତ କରୁଥିବା ଯୋତା, ମୋଟରରେ ଜିନିଷ ପତ୍ର ରଖାଯିବା

Digitized by srujanika@gmail.com

ନିମନ୍ତେ ସ୍ଥାନ, 2. *ସ.କ୍ରି.* ଗୋଇଠା ମାରିବା; ପ୍ରତ୍ୟାଖ୍ୟାନ କରିବା; 3. put the boot in ନିର୍ଦ୍ଦୟ ଭାବରେ ଗୋଇଠା ମାରିବା; ବ୍ୟକ୍ତି ବିରୋଧରେ ଯୋଜନାବଦ୍ଧ ଭାବରେ ପ୍ରବୃତ୍ତ ହେବା; to boot ତାହା ସାଙ୍ଗରେ; ଅଧିକନ୍ତୁ।

**bootee** ବି. ଶିଶୁମାନଙ୍କ ପାଇଁ ନରମ ଯୋତା।

**booth** ବି. ଚାଳିଘର, ହାଟ ବା ମେଳା ପ୍ରଭୃତିର ଅସ୍ଥାୟୀ ଘର; ପଲା, ବିଶେଷ ଉଦ୍ଦେଶ୍ୟରେ ନିର୍ମିତ ଅସ୍ଥାୟୀ ଘର; polling booth ଭୋଟଗ୍ରହଣ କେନ୍ଦ୍ର।

**bootleg** ବିଂ. ଅବୈଧ, ଚୋରା।

**bootlegger** ବି. ମଦର ଚୋରା କାରବାରୀ।

**bootless** ବିଂ. ଅଦରକାରୀ, ଲାଭହୀନ, ନିଷ୍ଫଳ।

**bootlicker** ବି. ତୋଷାମଦ୍‌କାରୀ, ପଦଲେହନ କାରୀ।

**booty** ବି. ଲୁଣ୍ଠିତ ଦ୍ରବ୍ୟ, ଯୁଦ୍ଧଲବ୍ଧ ଦ୍ରବ୍ୟ, ପୁରସ୍କାର, ଲାଭ।

**booze** 1. ବି.*କ.ଭା.* ମଦ୍ୟ, ମଦ୍ୟପାନ, 2. *ଅ.କ୍ରି.* ପ୍ରଚୁର ମଦ୍ୟପାନ କରିବା।

**boozer** ବି.*କ.ଭା.* ମଦ୍ୟପ, ମଦଖଟି।

**boracic** ବିଂ. ଟାଙ୍ଗଣା ସମ୍ପର୍କୀୟ; boracic acid ବୋରିକ୍ ଏସିଡ୍, ଟାଙ୍ଗଣା, ସୋହାଗା।

**borax** ବି. ଟାଙ୍ଗଣା, ସୋହାଗା।

**Bordeaux** ବି. ଦ.ପ. ଫ୍ରାନ୍ସର ବଦଡରେ ପ୍ରସ୍ତୁତ ଧଳା କିମ୍ବା ନାଲି ମଦ।

**border** 1. ବି. ଧାର, ପ୍ରାନ୍ତ, ସୀମା; ଦୁଇଟି ରାଜ୍ୟକୁ ପୃଥକ କରୁଥିବା ରେଖା; ଲୁଗାର ଚିତ୍ରିତ ଧଡ଼ି; 2. *ସ.କ୍ରି./ଅ.କ୍ରି.* ଧଡ଼ି ଲଗାଇବା, ସୀମାବଦ୍ଧ କରିବା।

**borderer** ବି. ସୀମାନ୍ତ ଅଞ୍ଚଳର ଅଧିବାସୀ।

**borderland** ବି. ସୀମାନ୍ତ ଅଞ୍ଚଳ, ଦୁଇ ଦେଶର ମଧ୍ୟବର୍ତ୍ତୀ ସ୍ଥାନ; ଦୁଇ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟବର୍ତ୍ତୀ ଅବସ୍ଥା; ବିତର୍କର ବିଷୟ।

**borderline** 1. ବି. ସୀମାରେଖା, ପରିସୀମା ନିର୍ଦ୍ଦେଶକ ରେଖା; 2. ବିଂ. ଏହି ରେଖାସ୍ଥ; ଗ୍ରହଣଯୋଗ୍ୟ ମାତ୍ର।

**bore**[1] 1. କ୍ରି. ଘୂରାଯାଉଥିବା ଉପକରଣ ଦ୍ୱାରା କଣା କରିବା; 2. ବି. ବନ୍ଧୁକ, ଇଞ୍ଜିନ୍‌ର ସିଲିଣ୍ଡରର ନଳୀ, ଏହାର ଆୟତନ ବା ବ୍ୟାସ।

**bore**[2] 1. କ୍ରି. ବିରକ୍ତି ବା କ୍ଳାନ୍ତିବୋଧ କରିବା, ବିରକ୍ତ କରିବା; 2. ବି. ବିରକ୍ତିକର ବ୍ୟକ୍ତି ବା ବସ୍ତୁ।

**bore**[3] ବି. ମୁହାଣ ଦେଇ ପ୍ରବଳ ଜୁଆର ସ୍ରୋତ ନଦୀରେ ପଶିବା।

**bore**[4] BEARର *ଅ.କା.*।

**boredom** ବି. ବିରକ୍ତି, ବିରକ୍ତିକର ବା କ୍ଳାନ୍ତିପ୍ରଦ ଅବସ୍ଥା।

**boric acid** ବି. ଟାଙ୍ଗଣାରୁ ଉତ୍ପନ୍ନ ଅମ୍ଳ।

**born** ବିଂ. ଜାତ, ଜାତହେବା ଫଳରେ ବିଦ୍ୟମାନ; ସ୍ୱାଭାବିକ ଗୁଣ ବା ଯୋଗ୍ୟତା (born leader); କୌଣସି କାର୍ଯ୍ୟ ନିମନ୍ତେ ଅଭିପ୍ରେତ (born to lead men); ଜନ୍ମସୂତ୍ରରେ ମର୍ଯ୍ୟାଦାପ୍ରାପ୍ତ (French-born); born of ଜନ୍ମ ସୂତ୍ରରେ।

**borne** 1. BEARର *ଅ.କ୍ରି.ଇ.ପ.* ବାହିତ, 'ବହନ' କରାଯାଇଥିବା ଅର୍ଥରେ ଉପସର୍ଗଯୁକ୍ତ (airborne).

**boron** ବି. ଏକ ଅଧାତବ କଠିନ ଉପାଦାନ।

**borough** ବି. *(ଇତି.)* ମ୍ୟୁନିସିପାଲିଟି ବା କର୍ପୋରେସନ ଥିବା ସହର ବା ନଗର; ଇଂଲଣ୍ଡର ଲୋକ ସଭାକୁ ସଭ୍ୟ ପ୍ରେରଣର କ୍ଷମତାପ୍ରାପ୍ତ ସହର।

**borrow** *କ୍ରି.* ଋଣ କରିବା, ଧାର କରିବା; ଫେରାଇ ଦେବାକୁ ସ୍ୱୀକୃତ ହୋଇ ସାମୟିକ ଅଧିକାର କରିବା; ଉକ୍ତ ରୀତିରେ ଅର୍ଥ ଗ୍ରହଣ କରିବା; ଅନ୍ୟ ଦ୍ୱାରା ସୃଷ୍ଟ (ଉଦ୍‌ଭାବନ, ଭାବ ପ୍ରଭୃତି) ବିଷୟକୁ ବ୍ୟବହାର କରିବା।

**Borstal** ବି. ବାଳ ଅପରାଧୀ ମାନଙ୍କର ସଂଶୋଧନ ଓ ପ୍ରଶିକ୍ଷଣ ଲାଗି ଅନୁଷ୍ଠାନ।

**bortsch** ବି. ରୁଷୀୟ ବୀଟ୍ ଏବଂ କୋବିଝୋଳ।

**borzoi** ବି. ଅପ୍ରଶସ୍ତ ମୁଣ୍ଡ ଏବଂ ରୁମ୍ବଲୁମିଆ ଦେହଥିବା ବିରାଟକାୟ ହାଉଣ୍ଡ ଜାତୀୟ କୁକୁର।

**bosh** ବି. *ଅପ.* ନିରର୍ଥକ ବାକ୍ୟ, ବାଜେ କଥା।

**bos'n** *ସଂଶ.ଦ୍ର.* BOATSWAIN.

**bosom** ବି. ଅନ୍ତର, ଅଭ୍ୟନ୍ତର, ଅନ୍ତଃକରଣ, ହୃଦୟ, ବକ୍ଷସ୍ଥଳ, ବକ୍ଷ (ନାରୀର); ଦୁଇ ବାହୁର ବେଷ୍ଟନ ଦ୍ୱାରା ଗଠିତ ଅଂଶ, ବକ୍ଷସ୍ଥଳକୁ ଆବୃତ କରୁଥିବା ପୋଷାକର ଅଂଶ; bosom friend ଅନ୍ତରଙ୍ଗ ବନ୍ଧୁ।

**boss**[1] *କ.ଭା.* 1. ବି. ହାକିମ, କର୍ତ୍ତା, ପ୍ରଭୁ, କର୍ତ୍ତୃପକ୍ଷ, ମୁନିବ, ପରିଚାଳକ; 2. କ୍ରି. ହୁକୁମ ଦେବା, ନିୟନ୍ତ୍ରଣ କରିବା।

**boss**[2] ବି. ଢାଲ ପ୍ରଭୃତିରେ ଉପରକୁ ଉଚ୍ଚ ହୋଇ ଉଠିଥିବା ଅଂଶ, ଉଦ୍‌ଗତ ଫୁଲ ବା ଅଳଙ୍କାର।

Digitized by srujanika@gmail.com

**boss–eyed** ବିଂ. ଟେରା, କଣା, କୁଟିଳ ।

**bossy** ବିଂ. ହାକିମୀ, ବି. bossiness.

**botany** ବି. ଉଦ୍‌ଭିଦ ବିଦ୍ୟା, botanical ବିଂ. ଉଦ୍‌ଭିଦ ବିଦ୍ୟା ସମ୍ପର୍କୀୟ, botanist ବି. ଉଦ୍‌ଭିଦବିତ୍ ।

**botch** 1. ବି. ଠକେଇ କାମ, କୁସମ୍ପନ୍ନ କର୍ମ, ଅସୁନ୍ଦର ଭାବେ ତାଳି ପକାଇବା; ଖରାପ ଭାବେ ମରାମତି କରିବା; 2. ସ.କ୍ରି. ଉକ୍ତ ରୀତିରେ କାର୍ଯ୍ୟ ସମ୍ପାଦନ କରିବା ।

**both** 1. ବିଂ.ସ. ଉଭୟ, ଉଭୟେ, ଦ୍ୱୟ; 2. କ୍ରି.ବିଂ. ଉଭୟ କ୍ଷେତ୍ରରେ (ସତ), ଉଦା. both the girl and her brother are singers; are both in Bombay and famous.

**bother** 1. କ୍ରି. ବିରକ୍ତ କରିବା, ବ୍ୟତିବ୍ୟସ୍ତ କରିବା, ହଇରାଣ କରିବା; କଷ୍ଟ ସ୍ୱୀକାର କରିବା (କୌଣସି କାମ କରିବାକୁ), ସମ୍ପୃକ୍ତ ହେବା; 2. ବି. ବିରକ୍ତିକର ବା ଉଦ୍‌ବେଗ ଜନକ ବସ୍ତୁ ବା ବ୍ୟକ୍ତି ।

**botheration** ବି. ବିରକ୍ତି, ବିରକ୍ତିର କାରଣ, ହଇରାଣ ।

**bothersome** ବିଂ. ବିରକ୍ତିକର, ବିରକ୍ତିଜନକ, କଷ୍ଟଦାୟକ ।

**bo–tree** ବି. ଅଶ୍ୱତ୍ଥ ଗଛ, ବୌଦ୍ଧଧର୍ମାବଲମ୍ବୀଙ୍କର ପବିତ୍ର ବୋଧିଦ୍ରୁମ ।

**bottle** 1. ବି. ବୋତଲ, ବଡ଼ ଶିଶି, କାଚ କିମ୍ବା ପ୍ଲାଷ୍ଟିକ ତିଆରି ତରଳ ବସ୍ତୁ ରଖାଯାଉଥିବା ଆଧାର; ବୋତଲରେ ଥିବା ପଦାର୍ଥର ପରିମାଣ, ଶିଶୁ ଯେଉଁ ବୋତଲରେ ଦୁଧପିଏ; ଅପ. ସାହସ; 2. ସ.କ୍ରି. ବୋତଲରେ ସାଇତି ରଖିବା, ଲାକ୍ଷ. ସଂଯତ କରିବା; 3. bottle–green ବିଂ. ଗାଢ଼ ସବୁଜ ବର୍ଣ୍ଣ; bottle-neck ସଂକୀର୍ଣ୍ଣ ପଥ ଯେଉଁଠି ଯାତାୟାତ, ଉତ୍ପାଦନ କାର୍ଯ୍ୟର ଅଗ୍ରଗତି ପ୍ରଭୃତି ବାଧାପ୍ରାପ୍ତ ହୁଏ; bottle-party ଯେଉଁ ଭୋଜିକୁ ଅତିଥିମାନେ ନିଜ ନିଜର ପାନୀୟ ବୋତଲ ସହ ଆସନ୍ତି; hit the bottle ଅପ. ନିଶାଗ୍ରସ୍ତ ହେବା ।

**bottom** 1. ବି. କୌଣସି ପଦାର୍ଥର ନିମ୍ନତମ ଅଂଶ, ତଳ ଦେଶ; ନିତମ୍ବ; ମୂଳକାରଣ, ଭିତ୍ତି, ଉତ୍ପତ୍ତି, ଅପେକ୍ଷାକୃତ କମ୍ ସମ୍ମାନଜନକ ସ୍ଥାନ; ସମୁଦ୍ର ବା ହ୍ରଦର ନିମ୍ନଭାଗ; ପାଣିରେ ବୁଡ଼ିଥିବା ଜାହାଜର ଅଂଶ; ମୌଳିକ ସ୍ୱଭାବ; ଚୌକିର ଆସନ; 2. ବିଂ. ସର୍ବନିମ୍ନ, ଶେଷ; 3. କ୍ରି. ନିମ୍ନଭାଗ ଯୋଗାଇ ଦେବା, ନିମ୍ନାଂଶକୁ ସ୍ପର୍ଶ କରିବା, ସର୍ବନିମ୍ନ ଅଂଶରେ ଉପନୀତ ହେବା; 4. at bottom ପ୍ରକୃତପକ୍ଷେ, ମୂଳତଃ; be at the bottom of ମୂଳ କାରଣ ହେବା; bottom drawer ସ୍ତ୍ରୀଲୋକମାନଙ୍କର ପୋଷାକ (ବିବାହ ନିମନ୍ତେ) ରଖାଯାଇଥିବା ସ୍ଥାନ; bottoms up ଏକାଥରକେ ଗ୍ଲାସର ପାନୀୟ ଶେଷ କରିଦେବା ନିମନ୍ତେ ଆହ୍ୱାନ; get to the bottom ପ୍ରକୃତ କାରଣ ଅନୁସନ୍ଧାନ କରିବା ।

**bottomless** ବିଂ. ଅତଳ, ଅଶେଷ ।

**botulism** ବି. ଅନୁପଯୁକ୍ତଭାବେ ସଂରକ୍ଷିତ ଖାଦ୍ୟଦ୍ରବ୍ୟ ବେକ୍ଟେରିଆ ଦ୍ୱାରା ବିଷାକ୍ତ ହେବା ।

**boucle** ବି. ଏକପ୍ରକାର ସୂତା କପଡ଼ା ।

**boudoir** ବି. ସ୍ତ୍ରୀଲୋକର ନିଭୃତ କକ୍ଷ ।

**bougainvillaea** ବି. କାଗଜି ଫୁଲ ଗଛ ବା ଫୁଲ ।

**bough** ବି. ବୃକ୍ଷର ମୁଖ୍ୟ ଡାଳ ମଧ୍ୟରୁ ଅନ୍ୟତମ ।

**bought** BUY ର ଅତୀତକାଳର କ୍ରିୟାପଦ ।

**bouillon** ବି. ପତଳା ସ୍ୱଚ୍ଛ ଝୋଳ ।

**boulder** ବି. ପଥର କିମ୍ବା ବା ବଡ଼ ଢେଲା; ପାଣିପବନରେ ଚିକ୍କଣ ହୋଇଥିବା ପଥରଖଣ୍ଡ ।

**boulevard** ବି. ପ୍ରଶସ୍ତ ବୃକ୍ଷ- ଛାୟାଚ୍ଛନ୍ନ ପଥ, ପ୍ରଶସ୍ତ ରାସ୍ତା ।

**bounce** 1. ଅ.କ୍ରି. ଧକ୍କା ଖାଇ ଉପରକୁ ଉଠିବା, ଉଲ୍ଲମ୍ଫନ କରିବା, ହଠାତ୍ ଡେଇଁ ଉଠିବା (ପେଣ୍ଡୁ ପ୍ରଭୃତି ଭୂଇଁରେ ଆଘାତ କଲେ); ଟଙ୍କା ଗଚ୍ଛିତ ନଥିବାହେତୁ ବ୍ୟାଙ୍କ ଫେରାଇ ଦେବା (ଚେକ୍ ପ୍ରଭୃତି); ଶବ୍ଦକରି ଭିତରକୁ ବା ବାହାରକୁ ଧାଇଁବା; 2. ବି. ପ୍ରତିହତ ହୋଇ ଉପରକୁ ଉଠିବାର ଶକ୍ତି, ବଡେଇ, ଆସ୍ଫାଳନ, ଶକ୍ତି (ସୀ.ପ୍ର.) ।

**bouncer** ବି. କ୍ରିକେଟ୍ ଖେଳର ବମ୍ପର, କ୍ରିକେଟ୍ ଖେଳରେ ତଳେ ଆଘାତ କରି ଉର୍ଦ୍ଧ୍ୱକୁ ଉଠୁଥିବା ବଲ; ଅପ. ଅବାଞ୍ଛିତଲୋକଙ୍କୁ ରାତ୍ରି କ୍ଲବଗୃହ ପ୍ରଭୃତିରୁ ବହିଷ୍କୃତ କରିବା ଲାଗି ନିୟୋଜିତ ବ୍ୟକ୍ତି ।

**bouncing** ବିଂ. ଆକାରରେ ବଡ଼ ଓ ସ୍ୱାସ୍ଥ୍ୟବାନ୍ (ସା. ଶିଶୁ) ।

**bound**[1] 1. ଅ.କ୍ରି. ଲମ୍ଫଦେବା, ଡେଇଁବା, ଡେଇଁଡେଇଁ ଯିବା; 2. ବି. ଡିଆଁ, ଲମ୍ଫ ।

Digitized by srujanika@gmail.com

**bound**[2] 1. ବି. ସୀମା, ସରହଦ; ବ.ବ. ସୀମାବଦ୍ଧତା, ନିଷେଧାଦେଶ; 2. କ୍ରି. ସୀମାରେଖା ନିର୍ଦ୍ଦିଷ୍ଟ କରିଦେବା; out of bounds ନିଷିଦ୍ଧାଞ୍ଚଳ।

**bound**[3] ବିଂ. (କୌଣସି ସ୍ଥାନକୁ) ବାହାରିବା ବା ଯିବାକୁ ଆରମ୍ଭ କରିବା; ନିର୍ଦ୍ଦିଷ୍ଟ ଦିଗରେ ଗତି କରିବା (eastbound).

**bound**[4] ବିଂ. ବାଧହୋଇ ବା ଆଇନ ବା କର୍ତ୍ତବ୍ୟ ଦୃଷ୍ଟିରୁ; ସୁନିଶ୍ଚିତ (bound to fail); ବନ୍ଧାହୋଇଥିବା; bound up with ନିବିଡ ଭାବରେ ସଂଯୁକ୍ତ ବା ନିବିଡ ସହଯୋଗିତା।

**boundary** ବି. ସୀମାରେଖା, ଚୌହଦୀ; କ୍ରିକେଟ୍ ପଡ଼ିଆର ସୀମା, ବଲ୍ ଯାହାକୁ ଛୁଇଁ ବା ଡେଇଁ ଅତିକ୍ରମ କଲେ ଯଥାକ୍ରମେ ୪ କିମ୍ବା ୬ ରନ୍ ମିଳେ।

**bounden** *ପ୍ରା.ପ୍ର.* ବିଂ. ଅବଶ୍ୟ କରଣୀୟ; BINDର *ଅ.କ୍ରି.ଜ.ପ।*

**boundless** ବିଂ. ଅସୀମ।

**bounteous** ବିଂ. ଅଯାଚିତଭାବେ ଅର୍ପିତ।

**bountiful** ବିଂ. ଅକୃପଣ ଦାନଶୀଳ।

**bounty** ବି. ଦାନଶୀଳତା, ଦାନ, ପାରିତୋଷିକ, ପୁରସ୍କାର ଦେବାରେ ଉଦାରତା।

**bouquet** (ବୁକେ) ବି.ପୁଷ୍ପଗୁଚ୍ଛ; ମଦ୍ୟର ସୁବାସ; ପ୍ରଶଂସା, ସମ୍ମାନ; bouquet garni ସୁବାସ ଉତ୍ପାଦନ ଲାଗି ବିବିଧ ଚେରମୂଳି ଥିବା ଛୋଟପୁଡ଼ା ବା ଥଳୀ।

**bourbon** ବି. *ଆମେ.* ମକା ଏବଂ ରାଏରୁ ପ୍ରସ୍ତୁତ ମାର୍କିନ ଦେଶୀୟ ମଦ୍ୟ।

**bourgeois** (ବୁର୍ଜୁଆ) 1. ବିଂ. ମଧ୍ୟବିତ୍ତ ମନୋବୃତ୍ତି ବା ତତ୍‌ସମ୍ପର୍କୀୟ, ପାରମ୍ପରିକ, ବସ୍ତୁବାଦୀ; 2. ବି. ମଧ୍ୟବିତ୍ତ ଶ୍ରେଣୀର।

**bourgeoisie** ବି. ମଧ୍ୟବିତ୍ତ ସଂପ୍ରଦାୟ।

**bourn** ବି. କ୍ଷୁଦ୍ରଝରଣା, ନିର୍ଝରିଣୀ।

**bourse** ବି. ପେରିସ୍‌ର ଟଙ୍କା ବଜାର।

**bout** ବି. କାମର ପର୍ଯ୍ୟାୟ ବା ପାଳି, ରୋଗାକ୍ରମଣ; ବକ୍ସିଙ୍ଗ ବା କୁସ୍ତି ପ୍ରତିଯୋଗିତା।

**boutique** (ବୁଟିକ୍) ବି. ସୌଖୀନ୍, ପୋଷାକ ଓ ପଦାର୍ଥ ବିକ୍ରିହେଉଥିବା ଛୋଟ ଦୋକାନ ବା ସେଥିପାଇଁ ନିର୍ଦ୍ଦିଷ୍ଟ ସ୍ଥାନ।

**bouzouki** ବି. ଗ୍ରୀସ୍‌ର ମେଣ୍ଡୋଲିନ୍ ଭଳି ବାଦ୍ୟଯନ୍ତ୍ର, ଏଥିରେ ତାର ଥାଏ ଏବଂ ଏହାର ବେକ ଅଂଶଟି ବେଶ ସରୁ ଓ ଲମ୍ବା।

**bovine** ବିଂ. ଗୋଜାତୀୟ, ଗୋ ସଦୃଶ; ନିର୍ବୋଧ, ନିରୀହ।

**bow**[1] 1. ବି. ଧନୁ, ବେହେଲା ପ୍ରଭୃତି ବାଦ୍ୟଯନ୍ତ୍ରର ଛଡ଼, ଧନୁ ଆକୃତିର ଯେ କୌଣସି ପଦାର୍ଥ; ଫିତାର ଗଣ୍ଠି, ଗଳାବନ୍ଧ; bow legged ବକ୍ର ପାଦଯୁକ୍ତ; bow-window ଅର୍ଦ୍ଧଚନ୍ଦ୍ରାକୃତି ବାତାୟନ।

**bow**[2] 1. କ୍ରି. ନମସ୍କାର ବା ସମ୍ମତି ଲାଗି ମୁଣ୍ଡ ବା ଦେହ ନୁଆଁଇବା, ନତମସ୍ତକ ହେବା, ଅବନତ ହେବା, ବଶ୍ୟତା ସ୍ୱୀକାର କରିବା; 2. ବି.ଏତାଦୃଶ କାର୍ଯ୍ୟ 3. bow and scrape ବିନୀତ ହେବା; bow out ଆନୁଷ୍ଠାନିକ ଭାବେ ନିଷ୍କ୍ରାନ୍ତ ହେବା; take a bow ପ୍ରଶସ୍ତି ସ୍ୱୀକାର କରିବା।

**bow**[3] ବି. ନୌକା, ଜାହାଜ, ବା ଉଡ଼ାଜାହାଜର ସମ୍ମୁଖ ଭାଗ।

**bowdlerize** କ୍ରି. ପୁସ୍ତକର ଆପତ୍ତିଜନକ ଅଂଶ ଦୂର କରିଦେବା; bowdlerization ବି. ଏତାଦୃଶ କାର୍ଯ୍ୟ।

**bowel** ବି. ପାକସ୍ଥଳୀର ନିମ୍ନସ୍ଥ ଅନ୍ତନଳୀ, ଅନ୍ତ୍ର।

**bower** ବି. କୁଞ୍ଜ, ଲତାମଣ୍ଡପ, ଉଦ୍ୟାନମଧ୍ୟସ୍ଥ ଗ୍ରୀଷ୍ମାବାସ, (କାବ୍ୟ) ଭିତର ଘର; bower-bird ଅଷ୍ଟ୍ରେଲୀୟ ପକ୍ଷୀ ବିଶେଷ; bowery ବିଂ. ଘନଛାୟା ବିଶିଷ୍ଟ।

**bowl**[1] ବି. ଗୋଲାକୃତି ପାତ୍ର, ଡାଟିଆ, ବେଲା, ଚାମଚର ଖାଲୁଆ ଅଂଶ, ଚିଲମ୍‌ର ଯେଉଁ ଅଂଶରେ ତମାଖୁ ଦିଆଯାଏ।

**bowl**[2] 1. ବି. ଓଜନିଆ କଠିନ କାଠପେଣ୍ଡୁ; ବୋଲସ୍ ଖେଳରେ ବ୍ୟବହୃତ କାଠରେ ତିଆରି ପେଣ୍ଡୁ; 2. *ସ.କ୍ରି.* କ୍ରିକେଟ୍ ଖେଳରେ ବେଟ୍‌ଧାରୀ ନିକଟକୁ ପେଣ୍ଡୁଦେବା, ଉକ୍ତ ପେଣ୍ଡୁଦ୍ୱାରା ଉଇକେଟ୍‌କୁ ସ୍ପର୍ଶ କରାଇ ବେଟ୍‌ଧାରୀକୁ ଆଉଟ୍ କରାଇବା; ବାଉଲ୍ ଖେଳିବା; ଗାଡ଼ିରେ ଦ୍ରୁତ ଗତିରେ ଯିବା; bowling green ଖେଳ ପାଇଁ ବ୍ୟବହୃତ ତୃଣାଚ୍ଛାଦିତ ସମତଳ ପଡ଼ିଆ; bowl over ପରାସ୍ତ କରିବା, *କ.ଭା.* ବିସ୍ମିତ ହେବା, କ୍ଳାନ୍ତହେବା।

**bowler**[1] ବି. ବୋଲର, କ୍ରିକେଟ୍ ଖେଳର ପେଣ୍ଡୁ କ୍ଷେପକ।

**bowler**[2] ବି. ଏକଜାତୀୟ କଳା ରଙ୍ଗର ଟୋପି।

**bowline** ବି. ଜାହାଜର ପାଲଟଣା ଦଉଡ଼ି।

Digitized by srujanika@gmail.com

**bowsprit** ବି. ପାଲଟଣା ଶକ୍ତ ଖୁଣ୍ଟି ।

**box**[1.] 1. ବି. ବାକ୍ସ, ସିନ୍ଦୁକ, ବାକ୍ସ ଭିତରର ବସ୍ତୁ, ଅଲଗା ପ୍ରକୋଷ୍ଠ; ଚିର ସବୁଜ ଏକ ପ୍ରକାର ଗଛ ଓ ଏହାର କାଠ; ଗାଡ଼ି ଚାଳକର ବସିବା ସ୍ଥାନ, 'ନାଟ୍ୟଶାଳା କିମ୍ବା କୌଣସି ଆମୋଦ ପ୍ରମୋଦ ସ୍ଥାନରେ ସଂରକ୍ଷିତ ସ୍ଥାନ, କ୍ଷୁଦ୍ର କୁଟୀର, କାଷ୍ଠ ନିର୍ମିତ ଆଶ୍ରୟ ସ୍ଥଳ, ପହରା ବାଲାର ଆଶ୍ରୟ ସ୍ଥଳ, ଅଦାଲତରେ ସାକ୍ଷୀର କାଠଗଡ଼ା, ବିଶେଷ ଜିନିଷ ପାଇଁ ସଂରକ୍ଷିତ ବାକ୍ସ, *କ.ଭା.* ଟେଲିଭିଜନ; 2. *କ୍ରି.* ବାକ୍ସରେ ରଖିବା ବା ବାକ୍ସ ବ୍ୟବସ୍ଥା କରିବା, box in (up) ଆବଦ୍ଧ କରିବା, ଗତି ସଂଯତ କରିବା; box junction ଖାଲିଥିବା ରାସ୍ତାରେ ଗାଡ଼ି ଯିବାଲାଗି ହଳଦିଆ ଗାର ଦ୍ୱାରା ଚିହ୍ନିତ ଅଂଶ; box number ସମ୍ବାଦପତ୍ର କାର୍ଯ୍ୟାଳୟରେ ବାକ୍ସକୁ ଚିହ୍ନିତ କରୁଥିବା ନମ୍ବର; box office ଥିଏଟର ପ୍ରଭୃତିର ଟିକେଟ ଘର; box-room ବାକ୍ସ ପ୍ରଭୃତି ରଖିବା ଘର ।

**box**[2.] 1. *କ୍ରି.* ଦସ୍ତାନା ପିନ୍ଧି ମୁଷ୍ଟିଯୁଦ୍ଧ କରିବା, ଚଟକଣା ବା ଗୁଷି ମାରିବା; 2. ବି. କଠିନ ଚଟକଣା, ବିଶେଷତଃ କାନମୁଣ୍ଡାରେ ।

**box**[3.] ବି. ଚିର ହରିତ୍ ବୃକ୍ଷ ବିଶେଷ; box wood ଏହି ଗଛର କାଠ ।

**boxer** ବି. ମୁଷ୍ଟିଯୋଦ୍ଧା, ଏକଜାତୀୟ କୁକୁର; ଚୀନ ଦେଶୀୟ ଜାତୀୟବାଦୀ ଗୁପ୍ତ ସମିତିର ସଦସ୍ୟ; Boxer Rebellion ଚୀନ ଦେଶରେ ୧୯୦୦ ଖ୍ରୀଷ୍ଟାବ୍ଦରେ ଘଟିତ ବିଦେଶୀ ବିରୋଧରେ ବିଦ୍ରୋହ ।

**boxing** ବି. ମୁଷ୍ଟିଯୁଦ୍ଧ; boxing glove ମୁଷ୍ଟିପାଇଁ ବ୍ୟବହୃତ ଦସ୍ତାନା ।

**Boxing Day** ବଡ଼ ଦିନର ପରବର୍ତ୍ତୀ ପ୍ରଥମ ଦିନ ।

**boy** ବି. ବାଳକ, ତରୁଣ, ସେବକ, ଭୃତ୍ୟ; boy-friend ବାଳିକା ବା ନାରୀର ନିୟମିତ ପୁରୁଷ ବନ୍ଧୁ; boyhood. ବି. ବାଳକାବସ୍ଥା; boyish ବିଂ. ବାଳକ ସୁଲଭ ।

**boycott** 1. *ସ.କ୍ରି.* ବାସନ୍ଦ କରିବା, ସମାଜଚ୍ୟୁତ କରିବା, ଏକ ଘରିକିଆ କରିବା, ଦଳବଦ୍ଧ ଭାବେ ବ୍ୟକ୍ତି କୌଣସି, ଗୋଷ୍ଠୀ ବା ଦେଶ ସହିତ ସାମାଜିକ ବା ବାଣିଜ୍ୟିକ ସମ୍ପର୍କ ତ୍ୟାଗ କରିବା; ବିଦେଶୀ ବସ୍ତୁ ବ୍ୟବହାରରୁ ବିରତ ରହିବା, 2. ବି. ଏତାଦୃଶ ବାସନ୍ଦ ବା ବର୍ଜନ ।

**bra** ବି. ବ୍ରା, ବକ୍ଷବନ୍ଧନୀ, ନାରୀମାନଙ୍କର ବକ୍ଷପାଇଁ ଅନ୍ତର୍ବାସ ।

**brace** 1. ବି. ବନ୍ଧନୀ ବା ପଟି ଯାହା ଦୃଢ଼କରି ବା କସି କରି ବାନ୍ଧି ରଖେ; ଯେଉଁ ଫିତା ସାହାଯ୍ୟରେ ପ୍ୟାଣ୍ଟକୁ କାନ୍ଧରେ ଝୁଲାଇ ରଖାଯାଏ, ଦାନ୍ତକୁ ସିଧା ରଖିବା ପାଇଁ ବ୍ୟବହୃତ ତାର; ଯୁଗଳ; ପାଲ ସଳଖିବା ଲାଗି ବନ୍ଦରରେ ଲାଗିଥିବା ଦଉଡ଼ି, ମୁଦ୍ରଣରେ ବ୍ୟବହୃତ ସାଙ୍କେତିକ ଚିହ୍ନ, 2. *ସ.କ୍ରି.* ଦୃଢ଼ ଭାବରେ ବାନ୍ଧିବା ବା ବାନ୍ଧି ଏକତ୍ର କରିବା, ଦୃଢ଼ତା ଆଣିଦେବା; ଆଶ୍ରୟ ଦେବା; 3. brace and bit ବଢ଼େଇର ଭଅଁର ବା ଫୋଡ଼ଣୀ; brace oneself (or brace up) କଠିନ କାର୍ଯ୍ୟ ବା ନବୋଦ୍ୟମ ପାଇଁ ପ୍ରସ୍ତୁତ ହେବା ।

**bracelet** ବି. ବଳୟ, କଙ୍କଣ, ଚୁଡ଼ୀ; *ଅପ.* ହାତକଡ଼ି ।

**bracken** ବି. ବିରାଟ ଫର୍ଣ୍ଣ ଗୁଳ୍ମ ।

**bracket** 1. ବି. ଆଲଣା, କାନ୍ଥରେ ଜିନିଷ ରଖିବାର ଅଡ଼ା; ବନ୍ଧନୀଚିହ୍ନ; 2. *ସ.କ୍ରି.* ଶବ୍ଦ, ସଂଖ୍ୟା ପ୍ରଭୃତିକୁ ବନ୍ଧନୀଭୁକ୍ତ କରିବା, ଗୋଟିଏ ଶ୍ରେଣୀଭୁକ୍ତ କରିବା ।

**brackish** ବିଂ. ସାମାନ୍ୟ ଲବଣାକ୍ତ ।

**bract** ବି. ଫୁଲଡ଼େମ୍ଫର ତଳେ ଥିବା ଛୋଟ ପତ୍ର ।

**brad** ବି. ମୁଣ୍ଡଥିବା ଛୋଟ ସରୁ କଣ୍ଟା ।

**bradawl** ବି. ଭଅଁର, ଫୋଡ଼ଣୀ ଯନ୍ତ୍ର ।

**brae** ବି. ପାହାଡ଼ ଗଡ଼ାଣି, ପାହାଡ ତଳି ।

**brag** 1. *ସ.କ୍ରି.* ବଡ଼ାଇ କରିବା, ବୃଥା ଗର୍ବ ପ୍ରକାଶ କରିବା, ଦର୍ପ ପ୍ରକାଶ କରିବା; 2. ବି. ଏତାଦୃଶ କଥା, ଏକପ୍ରକାର ତାସ ଖେଳ ।

**braggart** ବି. ଦାମ୍ଭିକ, ଅହଙ୍କାରୀ, ଅଯଥା ବଡ଼ିମା ପ୍ରକାଶକାରୀ ବ୍ୟକ୍ତି ।

**Brahma** ବି. ବ୍ରହ୍ମା, ସୃଷ୍ଟିକର୍ତ୍ତା ।

**brahmin** ବି. ବ୍ରାହ୍ମଣ, ହିନ୍ଦୁ ସମ୍ପ୍ରଦାୟର ପୁରୋହିତ ଗୋଷ୍ଠୀର ବ୍ୟକ୍ତି; brahminic ବିଂ. ବ୍ରାହ୍ମଣ୍ୟ; brahminism ବି.ବ୍ରାହ୍ମଣ୍ୟ-ଧର୍ମ ।

**braid** 1. *କ୍ରି.* କେଶ କିମ୍ବା ରେଶମ ସୂତା ପ୍ରଭୃତିର ଝାଲର କରିବା; ବେଣୀ ପକାଇବା, ବେଣୀ ବାନ୍ଧିବା; 2. ବି. ବେଣୀ ।

Digitized by srujanika@gmail.com

**Braille** 1. ବି. ଅନ୍ଧମାନଙ୍କ ନିମନ୍ତେ ବ୍ରେଲଙ୍କ ଦ୍ୱାରା ଆବିଷ୍କୃତ ଲିପିମାଳା ଯାହାର ଉଦ୍‌ଥିତାଂଶକୁ ଆଙ୍ଗୁଠିରେ ଚିପଦ୍ୱାରା ସ୍ପର୍ଶକରି ପଢ଼ାଯାଏ। 2. କ୍ରି. ଏତାଦୃଶ ରୀତିରେ ଲେଖିବା।

**brain** 1. ବି. ମସ୍ତିଷ, ମଗଜ; ଅନୁଭୂତି, ଚିନ୍ତା ଓ ଭାବନାର କେନ୍ଦ୍ର; ବୁଦ୍ଧିମାନ୍ ବ୍ୟକ୍ତି, ଯେ ବହୁ ଜଟିଳ ଯୋଜନା କରିପାରନ୍ତି, ବୁଦ୍ଧିମତ୍ତା; ମସ୍ତିଷ ଭଳି କାର୍ଯ୍ୟ କରୁଥିବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ର; 2. କ୍ରି. ମସ୍ତକରେ କଠିନ ଆଘାତ କରିବା; brain-child ମାନସିକ ଚିନ୍ତା ପ୍ରସୂତ ପରିକଳ୍ପନା; brain-drain ବିଦେଶଯାତ୍ରା ଦ୍ୱାରା ଦେଶରେ ବୁଦ୍ଧିଜୀବୀ, କୁଶଳୀ କାରିଗର ପ୍ରଭୃତିଙ୍କର ଅଭାବ; brain trust ସଙ୍ଗେ ସଙ୍ଗେ ପ୍ରଶ୍ନର ଉତ୍ତର ଦେଉଥିବା ଦଳେ ବ୍ୟକ୍ତି; on the brain ଚିନ୍ତାରେ ମଗ୍ନ।

**brainless** ବିଂ. ନିର୍ବୋଧ, ବୁଦ୍ଧିହୀନ।

**brainpower** ବି. ବୁଦ୍ଧିମତ୍ତା, ମାନସିକ ଶକ୍ତି।

**brainstorm** ବି. ଘୋର ମାନସିକ ଅଶାନ୍ତି, ମାନସିକ ବିଶୃଙ୍ଖଳା।

**brainwash** କ୍ରି. ବ୍ୟକ୍ତି ମାନସରୁ ବଦ୍ଧମୂଳ ବିଶ୍ୱାସର ଅପସାରଣ ଘଟାଇ ବିଧିବଦ୍ଧଭାବେ ନୂତନ ଭାବଧାରା ଆରୋପଣ; ବି. brain-washing.

**brainwave** ବି. ସହସା ଆତ୍ମପ୍ରକାଶ କରିଥିବା ନୂତନ ଭାବ, ମସ୍ତିଷରେ ବୈଦ୍ୟୁତିକ ଉଦ୍ଦୀପନା।

**brainy** ବିଂ. ବୁଦ୍ଧିଆ, ବୌଦ୍ଧିକତାରେ ସୁଚତୁର ବା ସକ୍ରିୟ।

**braise** କ୍ରି. ବନ୍ଦ ପାତ୍ରରେ ଅଳ୍ପପାଣି ଦ୍ୱାରା ମାଂସପ୍ରଭୃତିକୁ ସିଝାଇବା।

**brake**[1] 1. ବି. ଗାଡ଼ିର ଗତି ରୋଧକ ଯନ୍ତ୍ର; 2. କ୍ରି. ଏହାଦ୍ୱାରା ଗାଡ଼ିର ଗତିରୋଧ କରିବା; 3. brake drum ଚକର ସିଲିଣ୍ଡର, ଯାହା ଉପରେ ବ୍ରେକ ରବର ଚାପଦିଏ; brake-horsepower ଇଞ୍ଜିନର ଗତିରୋଧ ପାଇଁ ଆବଶ୍ୟକ ଶକ୍ତିରୁ ଇଞ୍ଜିନର ଶକ୍ତି ପରିମାପ; brake shoe ବ୍ରେକ୍‌ରେ ବ୍ୟବହୃତ ବଙ୍କା ରବର ଖଣ୍ଡ।

**brake**[2] 1. ବି. ଛଣ ବାଡେଇବା ବା ସଫା କରିବା ଉପକରଣ; 2. କ୍ରି. ଛଣପଟ ପ୍ରଭୃତିକୁ ପିଟି ଦଳିବା।

**brake**[3] ବି. ବୁଦୁବୁଦିକିଆ ଜଙ୍ଗଲ, ମନାରୀ।

**bramble** ବି. ବ୍ଲେକ୍ ବେରୀଭଳି କଣ୍ଟକିତ ବଣ୍ୟଗୁଳ୍ମ, ବିଂ. brambly.

**brambling** ବି. କ୍ଷୁଦ୍ର, ଉଜ୍ଜ୍ୱଳ ବର୍ଣ୍ଣ ବିଶିଷ୍ଟ ଗାନକାରୀ ପକ୍ଷୀ ବିଶେଷ।

**bran** ବି. ଚୋକଡ଼।

**branch** 1. ବି. ବୃକ୍ଷଶାଖା, ଶାଖା, ଛୋଟଡାଳ, ନଦୀପଥ, କିମ୍ବା ରେଳରାସ୍ତାର ବିସ୍ତାର; ବଡ଼ ବ୍ୟବସାୟ ପ୍ରତିଷ୍ଠାନ ପ୍ରଭୃତିର ସ୍ଥାନୀୟ କାର୍ଯ୍ୟାଳୟ; 2. କ୍ରି. ମୂଳ ଅଂଶରୁ ପୃଥକ୍ ଶାଖାରେ ବିଭକ୍ତ ହୋଇଯିବା; 3. branch out ଶାଖା ମେଲିବା; କାର୍ଯ୍ୟକ୍ଷେତ୍ର ବା ଅଭିରୁଚି ସଂପ୍ରସାରିତ ହେବା।

**brand** 1. ବି. ନିଆଁଖୁଣ୍ଟା ବା ତାତିଲା ଲୁହାରେ ଦିଆଯାଇଥିବା ଚିଆଁ; ବ୍ୟବସାୟୀର ସ୍ୱତନ୍ତ୍ର ଚିହ୍ନ, ଛାପ; ବିଶେଷ ବସ୍ତୁ, ଅସମ୍ମାନର ଚିହ୍ନ, କଳଙ୍କ; ମଶାଲ (କାବ୍ୟିକ); 2. କ୍ରି. ବ୍ୟବସାୟିକ ଚିହ୍ନ ପ୍ରଦାନ କରିବା, କଳଙ୍କିତ କରିବା; 3. brand new ଅରଖ ନୂଆ।

**brandish** ସ.କ୍ରି. ବାଡ଼ି, ମୁଦ୍‌ଗର, ତରବାରୀ ପ୍ରଭୃତି ବୁଲାଇ ଖେଳ ଦେଖାଇବା ବା ଭୟ ଦେଖାଇବା।

**brandy** ବି. ତୀବ୍ର ସୁରା, ଏକ ଜାତୀୟ ମଦ୍ୟ।

**brash** ବିଂ. ଦୃଢ଼ ଭାବରେ ଆପଣା ମତ ଉପସ୍ଥାପିତ କରୁଥିବା ବ୍ୟକ୍ତି, ଅଧୀର; ବି. brashness.

**brass** 1. ବି. ପିତଳ, ସମୂହ ଭାବରେ ପିତଳ ପ୍ରସ୍ତୁତ ଉପକରଣ, ତାଳ, ଝାଂଜ ପ୍ରଭୃତି ବାଦ୍ୟଯନ୍ତ୍ର; ପଇସାପତ୍ର; 2. ବିଂ. ପିତଳ ତିଆରି; 3. brass band ପିତଳ ନିର୍ମିତ ବାଦ୍ୟଯନ୍ତ୍ର ସମୂହ; brass hat କ.ଭା. ମୁଖ୍ୟବ୍ୟକ୍ତି, ଉଚ୍ଚ ରାଜ କର୍ମଚାରୀ; brass rubbing ସ୍ମରଣୀୟ ପିତଳ ଫଳକର ଛାଞ୍ଚ ନେବାଲାଗି ତାହା ଉପରେ କାଗଜ ଘଷିବା ପ୍ରକ୍ରିୟା; brass tacks କ.ଭା. ଚିକିନିଖି।

**brasserie** ବି. ଯେଉଁ ରେସ୍ତୋରାଁରେ ଖାଦ୍ୟ ସହିତ ବିଅର ମଦ୍ୟ ମିଳେ।

**brassica** ବି. ଓଲ କୋବି ଜାତୀୟ ପରିବା।

**brassiere** ବି. ସ୍ତ୍ରୀଲୋକଙ୍କର କାଞ୍ଚୁଲା।

**brassy** ବିଂ. ଦେଖାଣିଆ, ଛଳନାପରାୟଣ, ଅଧୀର, ନିର୍ଲଜ୍ଜ, ପିତଳ ସଦୃଶ।

**brat** ବି. ଶିଶୁ, ବିଶେଷତଃ ଅବାଗିଆ (ଅବଜ୍ଞାରେ)।

Digitized by srujanika@gmail.com

**bravado** ବି. ବାହାଦୁରୀ ବା ସାହସିକତା ପ୍ରଦର୍ଶନ।

**brave** 1. ବିଂ. ସାହସୀ, ବୀର, ନିର୍ଭୀକ, ପ୍ରଶଂସନୀୟ, ଉତ୍ସାହୀ; 2. *ସ.କ୍ରି.* ସାହସ ସହିତ ସମ୍ମୁଖୀନ ହେବା, bravery ବି. ସାହସିକତା।

**bravo**[1.] ବି. ଭଡ଼ାଟିଆ ଗୁଣ୍ଡା ବା ଘାତକ।

**bravo**[2.] ବି. ସାବାସ୍, ବାହାବା।

**bravura** ବି. ଚମତ୍କାର କ୍ରୀଡ଼ାକୌତୁକ ପ୍ରଦର୍ଶନ, ଶୈଳୀପୂର୍ଣ୍ଣ ସଙ୍ଗୀତ।

**brawl** 1. ବି. ହଟଗୋଳ, ତକରାଳ, ଝଗଡା, 2. *ଅ.କ୍ରି.* ପାଟିକରି କଳି କରିବା; କଳକଳ ଶବ୍ଦରେ ପ୍ରବାହିତ ହେବା।

**brawn** ବି. ଶାରୀରିକ ବଳ, ମାଂସପେଶୀ; ଜେଲି ରୂପେ ପ୍ରସ୍ତୁତ ଶୂକର ମୁଣ୍ଡର ମାଂସ; ବିଂ. brawny.

**bray** 1. ବି. ଗଧ ବୋବାଇବା ଶବ୍ଦ; କର୍କଶ ଶବ୍ଦ, କର୍କଶ ଚିତ୍କାର; ତାସ୍‌ର ଗଧଖେଳ; 2. କ୍ରି. ଗଧ ବୋବାଇବା, ଗଧଭଳି ସ୍ୱର କରିବା।

**braze** *ସ.କ୍ରି.* ପିତ୍ତଳ ଏବଂ ଦସ୍ତାର ଯୌଗିକ ଦ୍ୱାରା ଝୁଆଣି କରିବା।

**brazen** ବିଂ. ପିତ୍ତଳରେ ତିଆରି, ପିତ୍ତଳ ସମ୍ବନ୍ଧରେ, ପିତ୍ତଳ ପରି; ନିର୍ଲ୍ଲଜ, କର୍କଶ ସ୍ୱର ବା ମଳିନ ବର୍ଣ୍ଣ; brazen-faced ବିଂ. ନିଲଠା; 2. *ସ.କ୍ରି.* କେବଳ brazen it out ନିଲଠା ପଣି ହେବା।

**brazier**[1.] ବି. ଜଳନ୍ତା ନିଆଁ ରଖିବା ପାତ୍ର।

**brazier**[2.] ବି. ଉଠେଇ, ପିତଳ କାରିଗର, କଂସାରି।

**breach** 1. ବି. ନିୟମ, ଆଇନ୍, ଶାନ୍ତି, ଚୁକ୍ତି ପ୍ରଭୃତି ଭଙ୍ଗ; କଳି, ସମ୍ପର୍କଚ୍ୟୁତି; ଘାଇ, ଫାଟ; 2. କ୍ରି. ବାଟ ଭାଙ୍ଗିବା, ଫାଟକରିବା; breach of the peace ଶାନ୍ତି ଭଙ୍ଗ; breach of promise ବିବାହ ବା ନିର୍ବନ୍ଧ ଭାଙ୍ଗିଦେବା; breach of trust ପ୍ରତିଶ୍ରୁତି ବା ଶପଥ ଭଙ୍ଗ; step in to the breach ବିପତ୍ତିରେ ଦାୟିତ୍ୱ ଗ୍ରହଣ।

**bread** ବି. ଗହମର ଅଟାର ରୁଟି, ସାଧାରଣ ଖାଦ୍ୟ, bread and butter ବ୍ୟକ୍ତିର ଗ୍ରାସାଚ୍ଛାଦନର ବିଷୟ; on the breadline କୌଣସି ମତେ ଚଳିବା ଭଳି ଅବସ୍ଥା।

**breadboard** ବି. ପାଉରୁଟି କାଟିବା ପାଇଁ ପଟା ବା ଟେବୁଲ; ଇଲେକ୍ଟ୍ରିକ୍‌ବୃତ୍ତର ପରୀକ୍ଷାମୂଳକ ପ୍ରତିମାନ ପ୍ରସ୍ତୁତି ପାଇଁ ବ୍ୟବହୃତ ଟେବୁଲ।

**breadcrumbs** ବି. ରନ୍ଧନ ପାଇଁ ପ୍ରସ୍ତୁତ ରୁଟିଗୁଣ୍ଡ।

**breadth** ବି. ଓସାର, ପ୍ରସ୍ଥ; କୁସଂସ୍କାର ବା ଅସହିଷ୍ଣୁତାରୁ ମୁକ୍ତି।

**breadwinner** ବି. ପରିବାରର ଉପାର୍ଜନକାରୀ ବ୍ୟକ୍ତି।

**break** 1. *ସ.କ୍ରି. ଓ ଅ.କ୍ରି.* ଭାଙ୍ଗିବା, ଭାଙ୍ଗିଦେବା, ଆଘାତକରି ଖଣ୍ଡ ଖଣ୍ଡ କରିବା, ଛିଣ୍ଡାଇ ଦେବା, ଫଟାଇ ଦେବା, ଅକାମୀ କରିଦେବା/ ହୋଇଯିବା, (ଶରୀରର ଅଂଶ) ସ୍ଥାନଚ୍ୟୁତ ହେବା; ବାଧା ସୃଷ୍ଟିକରିବା; (କାର୍ଯ୍ୟରୁ) ସାମୟିକ ବିରତ ହେବା (break journey, break for tea); (ପ୍ରତିଜ୍ଞା ରକ୍ଷାରେ) ଅସମର୍ଥ ହେବା; (ବିଦ୍ୟୁତ୍ ସଂଯୋଗ) ଛିନ୍ନ ହେବା/ କରିବା; ଅକାମୀ କରିବା, ନଷ୍ଟ କରିବା; (ରେକର୍ଡ) ଭାଙ୍ଗିବା; (ଅଭ୍ୟାସ) ବଦଳାଇବା; (ବ୍ୟକ୍ତି, ସଂଘର୍ଷ, ବିଦ୍ରୋହ) ଦବାଇବା; ଖବର ଆଦି ପ୍ରକାଶ ପାଇବା (the story broke); (ଦିନ) ଆରମ୍ଭ ହେବା; (ସ୍ୱର, ପାଗ) ବଦଳିବା; ଭାଙ୍ଗି ପଳାଇବା (break from jail); 2. ବି. ଭଙ୍ଗ, ଯେଉଁ ଅବସ୍ଥାରେ ବସ୍ତୁଟି ଭାଙ୍ଗିଯାଏ; ସାମୟିକ ବିରତି; ଶୂନ୍ୟସ୍ଥାନ; ମଧ୍ୟାନ୍ତର କାର୍ଯ୍ୟରୁ ସାମୟିକ ବିରତି; 3. *କ.ଭା.* bad break ଦୁର୍ଭାଗ୍ୟ; break away ସ୍ୱତନ୍ତ୍ର ହୋଇଯିବା, ଅଲଗା ହୋଇଯିବା; break the back of କାର୍ଯ୍ୟର କଠିନତମ ବୃହତ୍ ଅଂଶ ସମାପ୍ତ କରିବା; break down ଯାନ୍ତ୍ରିକ ଗଣ୍ଡଗୋଳ, ସ୍ୱାସ୍ଥ୍ୟହାନି, ଆତ୍ମ-ନିୟନ୍ତ୍ରଣର ଅଭାବ, ଭାଙ୍ଗି ପଡିବା; ଧ୍ୱଂସ ପାଇବା, ତଛନଛ ହୋଇଯିବା; break even କାରବାରରେ ଲାଭ କିମ୍ବା କ୍ଷତି ନ କରିବା; break in ଜବରଦସ୍ତି ପ୍ରବେଶ କରିବା; breaking-point କ୍ଳାନ୍ତିକର ମୁହୂର୍ତ୍ତ, ମାନସିକ ଦ୍ୱନ୍ଦ୍ୱର ଚରମକ୍ଷଣ, ଯେଉଁଠି ବ୍ୟକ୍ତି ଭାଙ୍ଗିପଡେ; break into ଜବରଦସ୍ତି ପ୍ରବେଶ, ହଠାତ୍ ମଝିରେ ଆରମ୍ଭ କରିବା; break off ଭାଙ୍ଗି ଅଲଗା ହୋଇଯିବା, ସମାପ୍ତ ହେବା, କଥାବାର୍ତ୍ତା ବନ୍ଦ କରିବା; break open

Digitized by srujanika@gmail.com

ଜବରଦସ୍ତ ଖୋଲିବା; break out ପଳାୟନ (ବନ୍ଦୀଶାଳାରୁ), ଆବଦ୍ଧ ଅବସ୍ଥାରୁ ମୁକ୍ତି, (ଯୁଦ୍ଧ ପ୍ରଭୃତି) ଘଟିତ ହେବା; (ମହାମାରୀ) ବ୍ୟାପିବା; ଆଶ୍ଚର୍ଯ୍ୟ ହେବା; break up ଖଣ୍ଡ ଖଣ୍ଡ କରି ଭାଙ୍ଗିବା, ସ୍କୁଲ ସମୟ ଶେଷ ହେବା, ନିବୃତ୍ତ ହେବା, ବନ୍ଧୁତ୍ୱ ଭାଙ୍ଗିଯିବା; break wind ଅଧୋବାୟୁ ତ୍ୟାଗ କରିବା।

**breakable** 1. ବିଂ. ଭଙ୍ଗ ପ୍ରବଣ, ଭଙ୍ଗୁର; 2. ବି. (*ସା.* ବ.ବରେ)ଭଙ୍ଗୁର ବସ୍ତୁ।

**breakage** ବି. ଭାଙ୍ଗିଯିବା ଦ୍ୱାରା କ୍ଷତି, ପଦାର୍ଥର ଭଙ୍ଗାସ୍ଥାନ ବା ଖଣ୍ଡ।

**breakaway** 1. ବି. ଦୂରେଇ ଯିବା, ପୃଥକ୍ ହେବା; 2. ବିଂ. ପୃଥକୀକୃତ।

**breakdown** ବି. ଅଚଳ ହେବା; ମାନସିକ ସ୍ୱାସ୍ଥ୍ୟହାନି; (ଯନ୍ତ୍ର, ସ୍ୱାସ୍ଥ୍ୟ) ଅଚଳ ଅବସ୍ଥା।

**breaker** ବି. କୂଳରେ ବା ପଥରରେ ପିଟିହୋଇ ଭାଙ୍ଗି ପଡୁଥିବା ଢେଉ।

**breakfast** ବି. ପ୍ରାତରାଶ, ପ୍ରାତଃ ଭୋଜନ।

**breakneck** ବିଂ. ବିପଜ୍ଜନକ ବା ଅସଂଯତ ଭାବରେ ତୀବ୍ର (ଗତି)।

**breakthrough** ବି. ଉଲ୍ଲେଖ୍ୟ ଆବିଷ୍କାର ବା ଅଗ୍ରଗତି; ବାଧାବିଘ୍ନ ଏଡ଼ିବା।

**breakup** ବି. ବିଶ୍ଳେଷଣ, ବିଭାଜନ, ଉଚ୍ଛେଦ।

**breakwater** ବି. ଢେଉ ରୋଧକ ବନ୍ଧ ବା ପ୍ରାଚୀର।

**breast** 1. ବି. ବକ୍ଷସ୍ଥଳ, ଛାତି; ସ୍ତନ, ଇତର ପ୍ରାଣୀଙ୍କର ଅନୁରୂପ ଅଂଶ; 2. କ୍ରି. ସାମ୍ନା କରିବା; ପାହାଡ଼ର ଶୀର୍ଷରେ ପହଞ୍ଚିବା; 3. breast-feed ସ୍ତନ୍ୟପାୟୀ ଶିଶୁକୁ ସ୍ତନ୍ୟ ପିଆଇବା; breast-stroke ପାଣିରେ ଛାତି ଲଗାଇ ପହଁରିବା; make a clean breast ସମ୍ପୂର୍ଣ୍ଣ ଭାବେ ଦୋଷ ସ୍ୱୀକାର କରିବା।

**breastbone** ବି. ବକ୍ଷସ୍ଥଳର ସରୁ ଚେପ୍ଟା ଅସ୍ଥି।

**breastplate** ବି. ଉରସ୍ତ୍ରାଣ।

**breastwork** ବି. ଆତ୍ମରକ୍ଷା ନିମନ୍ତେ ଆବକ୍ଷ ପ୍ରାଚୀର ବା ପାରାପେଟ୍।

**breath** ବି. ନିଃଶ୍ୱାସ, ଶ୍ୱାସପ୍ରଶ୍ୱାସ, ଦମ୍; breath test ରକ୍ତରେ ମଦର ପରିମାଣ ସ୍ଥିର କରିବା ନିମନ୍ତେ ପରୀକ୍ଷା; catch one's breath (ବିସ୍ମୟରେ) ରୁଦ୍ଧଶ୍ୱାସ ହେବା; hold one's breath ଶ୍ୱାସକୁ ସାମୟିକ ରୋଧ କରିବା; out of breath ଅଣନିଃଶ୍ୱାସୀ ହୋଇଯିବା (କ୍ଲାନ୍ତି ବଶତଃ); save one's breath କିଛି କହିବା ନିରର୍ଥକ ମନେକରି ସମ୍ପୂର୍ଣ୍ଣ ନୀରବ ରହିବା; take one's breath away ଅତି ବିସ୍ମିତ ବା ଆନନ୍ଦିତ ହେବା; under one's breath ଚୁପ୍‌ଚୁପ୍ କରି।

**breathe** କ୍ରି. ନିଃଶ୍ୱାସ ଗ୍ରହଣ କରିବା ଓ ପ୍ରଶ୍ୱାସ ତ୍ୟାଗ କରିବା; ଜୀବିତ ରହିବା; ଫୁସ୍‌ଫୁସ୍ କରି କହିବା, ନିଃଶ୍ୱାସ ବା ବିଶ୍ରାମ ପାଇଁ ସାମୟିକ ବିରାମ; breathe again ଭୟମୁକ୍ତ ହେବା; breathing space ନିଃଶ୍ୱାସ ନେବାକୁ ସମୟ, ଫୁରୁସତ; ଉଦ୍ୟମରୁ ନିବୃତ୍ତ ହେବାର ସୁଯୋଗ।

**breather** ବି. ସ୍ୱଳ୍ପ ବିରାମ; ଦମ୍ ମାରିବା ପାଇଁ ସାମୟିକ ବିରତି।

**breathless** ବି. ଅଣନିଃଶ୍ୱାସୀ, ନିସ୍ପନ୍ଦ (ଦୁଃଖ ବା ବିସ୍ମୟ ହେତୁ); ନିଶ୍ଚଳ।

**breathtaking** ବିଂ. ଦର୍ଶନୀୟ, ଉତ୍ତେଜନାପୂର୍ଣ୍ଣ।

**bred** (BREED ର ଅତୀତ କାଳ) ଜାତ, ପୁଷ୍ଟ।

**breech** ବି. ବନ୍ଧୁକର ପଛପାଖ; (ବ.ବ) ଆଣ୍ଠୁତଳକୁ ସରୁଆ ହୋଇଥିବା ଏକ ପ୍ରକାର ପାଇଜାମା; breech birth ପାଦ ଆଗୁ ଜନ୍ମ ହୋଇଥିବା।

**breed** କ୍ରି. ପ୍ରସବ କରିବା, ସନ୍ତାନ ପାଳନ କରିବା, ପଶୁବଳ ରଖିବା ବା ବଢ଼ାଇବା, ବିସ୍ତାର କରିବା, ବଂଶବୃଦ୍ଧି କରିବା।

**breeding** ବି. ସନ୍ତାନର ଲାଳନପାଳନ, ଉତ୍ପାଦନ, ପ୍ରଜନନ ଗୁଣାବଳୀ।

**breeze**[1.] ବି. ମୃଦୁମନ୍ଦ ବାୟୁ; *ସା.ପ୍ର.* ସହଜ କାମ; କଳି।

**breeze**[2.] ଛୋଟ ଛୋଟ ଅଙ୍ଗାର ଖଣ୍ଡ; breeze block ଅଙ୍ଗାର, ବାଲି ଓ ସିମେଣ୍ଟରେ ତିଆରି ଫଳକ।

**breezy** ବିଂ. ମୃଦୁବାୟୁ ହିଲ୍ଲୋଳିତ, ପ୍ରସନ୍ନ, ଲଘୁହୃଦୟ।

**Bren** ବି. ହାଲ୍‌କା ମେସିନ୍‌ଗନ୍।

**brent** ବି. ଏକପ୍ରକାର କ୍ଷୁଦ୍ର ବନ୍ୟହଂସ।

**brethren** ବି. brother ର ପ୍ରାଚୀନ ବହୁବଚନ, ଭାଇମାନେ।

Digitized by srujanika@gmail.com

**Breton** ବି. ବ୍ରିଟାନୀର ଅଧିବାସୀ, ତାହାର ଭାଷା ।
**breve** ବି. ଲଘୁ ଉଚ୍ଚାରିତ ସ୍ୱର ବର୍ଣ୍ଣ ଉପରେ ଦିଆ ଯାଇଥିବା ଚିହ୍ନ( ) ।
**breviary** ବି. ରୋମାନ କେଥଲିକ୍ ସମ୍ପ୍ରଦାୟର ସ୍ତୋତ୍ରପୁସ୍ତକ ।
**brevity** ବି. ସଂକ୍ଷିପ୍ତତା, ସ୍ୱଳ୍ପତା ।
**brew** 1. ସ.କ୍ରି. ସୁରା ପ୍ରସ୍ତୁତ କରିବା, ପାନୀୟ ପ୍ରସ୍ତୁତ କରିବା; କୌଶଳ କରିବା; ଘଟାଇବା; ଏକତ୍ର କରିବା; ଭୟଭୀତ କରାଇବା; 2. ବି. ଯବସୁରା, ମଦ୍ୟ, ପାନୀୟ ।
**brewery** ବି. ମଦଭାଟି ।
**briar** brierର ବିକ. ।
**bribe** 1. ବି. ଉତ୍କୋଚ, ଲାଞ୍ଚ, ଘୁଷ; 2. କ୍ରି. ଲାଞ୍ଚଦେବା, ଲାଞ୍ଚଦ୍ୱାରା ବଶୀଭୂତ କରିବା; bribery ବି. ଉତ୍କୋଚଦାନ ବା ଗ୍ରହଣ ।
**bric–a–brac** ବି. ଶସ୍ତା ଦରର ଅଳଙ୍କାର ପ୍ରଭୃତି ।
**brick** 1. ବି. ଇଟା, ଇଟା ଆକୃତିର ଯେକୌଣସି ଜିନିଷ, ଶିଶୁର ଖେଳଣା; *(ଅପ.)* ବିଶ୍ୱସ୍ତ ବା ସଦୟ ବ୍ୟକ୍ତି; 2. ସ.କ୍ରି. ଇଟାରେ ଗାନ୍ଥିବା ।
**brickbat** ବି. ଇଟାଖଣ୍ଡ; ନିନ୍ଦା ସୂଚକ ମନ୍ତବ୍ୟ ।
**bricklayer** ବି. ଇଟା ଖଞ୍ଜିବାବାଲା, ରାଜମିସ୍ତ୍ରୀ ।
**brickwork** ବି. ଇଟାଗାନ୍ଥୁଣୀ ।
**bridal** ବିଂ. କନ୍ୟା ବା ବିବାହ ସମ୍ପର୍କୀୟ ।
**bride** ବି. କନ୍ୟା, ନବବଧୂ ।
**bridegroom** ବି. ବର, ନବବିବାହିତ ।
**bridesmaid** ବି. କନ୍ୟାର ଅନୂଢ଼ା ସହଚରୀ; (bridemaid ମଧ୍ୟ) ।
**bridge**[1] 1. ବି. ସେତୁ, ପୋଲ, ଶଙ୍ଘ; ଦୁଇଟି ବସ୍ତୁକୁ ଯୋଗକରୁଥିବା ପଦାର୍ଥ; ନାକର ଉପର ଅଂଶ; ବେହେଲାର ତାର ଟଣାଯାଉଥିବା କାଠଖଣ୍ଡ; ପଟା-ଟଟାଣ ଉପରେ ଜାହାଜ କର୍ମଚାରୀଙ୍କର ସ୍ଥାନ ବିଶେଷ, ନକଲି ଦାନ୍ତ; 2. ସ.କ୍ରି. ଯୋଡ଼ିବା, ସମ୍ପର୍କିତ କରିବା; bridging loan ଗୋଟିଏ ପଦାର୍ଥର କିଣାବିକା ସମୟ ମଧ୍ୟରେ ନିଆଯାଉଥିବା ସାମୟିକ ଋଣ ।
**bridge**[2] ବି. ବ୍ରିଜ୍, ଏକ ପ୍ରକାର ତାସ୍‌ଖେଳ ।
**bridgehead** ବି. ସେତୁମୁଖ; ନଦୀର ଅନ୍ୟ ପାର୍ଶ୍ୱରେ ସମବେତ ଶତ୍ରୁ ସେନାର ଆସ୍ଥାନ ।
**bridle** 1. ବି. ଲଗାମ; 2. ସ.କ୍ରି. ଘୋଡାମୁହଁରେ ଲଗାମ ଖଞ୍ଜିବା; ନିୟନ୍ତ୍ରଣ କରିବା; 3.
**bridlepath** ବି. ଅଶ୍ୱାରୋହଣର ଉପଯୋଗୀ ପଥ ।
**Brie** ବି. ଏକ ଜାତୀୟ ଛେନା ।
**brief** 1. ବିଂ. ସଂକ୍ଷିପ୍ତ; 2. ବି. ମୋକଦ୍ଦମାର କାଗଜପତ୍ର, (ଓକିଲଙ୍କ ପାଇଁ) ମୋକଦ୍ଦମାର ସଂକ୍ଷିପ୍ତ ସୂଚନା ଥିବା କାଗଜପତ୍ର; ବ.ବ. briefs ଜଙ୍ଘିଆ; 3. ସ.କ୍ରି. କୌଣସି ବିଷୟରେ ସୂଚନା ଯୋଗାଇବା; 4. hold no brief for କାହାରି ପକ୍ଷ ସମର୍ଥନ ନ କରିବା; briefly କ୍ରି.ବିଂ. ସଂକ୍ଷେପରେ ।
**briefcase** ବି. କାଗଜପତ୍ର ରଖିବା ପାଇଁ ଛୋଟ ସୁଟ୍‌କେଶ ।
**brier**[1] ବି. ବନ୍ୟ-ଗୋଲାପ; କଣ୍ଟକିତ ଗୁଳ୍ମ ବିଶେଷ ।
**brier**[2] ବି. ହ୍ୱାଇଟ୍ ହିଥ୍ ନାମକ ଏକ ପ୍ରକାର ଗଛ, ଏହାର ଚେରର କାଠରୁ ତମାଖୁ ପାଇପ୍ ତିଆରି ହୁଏ, ଏହି କାଠର ପାଇପ୍ ।
**brig** ବି. ଦୁଇମାସ୍ତୁଲଯୁକ୍ତ ପୋତ ।
**brigade** 1. ବି. ସୈନ୍ୟ ମଣ୍ଡଳ (ଡ଼ିଭିଜନ୍)ର ଅନ୍ତର୍ଗତ ଏକ ଦଳ ସୈନ୍ୟ; ସୈନ୍ୟବାହିନୀ; ବିଶେଷ ଉଦ୍ଦେଶ୍ୟରେ ଗଠିତ ହୋଇଥିବା ଦଳ; fire brigade ନିଆଁ ଲିଭାଳି ଦଳ; 2. କ୍ରି. ସୈନ୍ୟ ଦଳ ରଚନା କରିବା ।
**brigadier** ବି. ବ୍ରିଗେଡିୟର; ବାହିନୀପତି ।
**brigand** ବି. ଡକାଏତ, ଦସ୍ୟୁବୃତ୍ତି ଦ୍ୱାରା ଜୀବିକା ନିର୍ବାହ କରୁଥିବା ଦଳର ବ୍ୟକ୍ତି; brigandage ବି. ଲୁଣ୍ଠନ; ଦସ୍ୟୁବୃତ୍ତି ।
**brigantine** ବି. ଦୁଇମାସ୍ତୁଲ ବିଶିଷ୍ଟ କ୍ଷୁଦ୍ର ପୋତ ।
**bright** ବିଂ. ଉଜ୍ଜ୍ୱଳ, ଦୀପ୍ତ, ସୁସ୍ପଷ୍ଟ, ବୁଦ୍ଧିମାନ୍, ପ୍ରତିଭାଯୁକ୍ତ, ପ୍ରଫୁଲ୍ଲ ।
**brighten** କ୍ରି. ଉଜ୍ଜ୍ୱଳ କରିବା ବା ହେବା ।
**Bright's disease** ବି. ମୂତ୍ରାଶୟ ଜନିତ ରୋଗ ।
**brill** ବି. ଏକଜାତୀୟ ୟୁରୋପୀୟ ମତ୍ସ୍ୟ ।
**brilliant** 1. ବିଂ. ଉଜ୍ଜ୍ୱଳ, ଦୀପ୍ତ, ବୁଦ୍ଧିମାନ, ପ୍ରତିଭାଦୀପ୍ତ, ଦେଖାଣିଆ, 2. ବି. ସୂକ୍ଷ୍ମଭାବରେ କଟା ଯାଇଥିବା ହୀରା, brilliance, brilliancy ବି. ଦୀପ୍ତି, ଧୀମତ୍ତା ।
**brim** 1. ବି. ପାତ୍ରର ଧାର, ଟୋପିର ଧାର ବା ଆଗକୁ ବାହାରି ପଡ଼ିଥିବା ଅଂଶ; 2. କ୍ରି. ଧାର ପର୍ଯ୍ୟନ୍ତ ପୂର୍ଣ୍ଣ ହେବା ।
**brimstone** ବି. *ପ୍ରା.ପ୍ର.* ଗନ୍ଧକ ।

Digitized by srujanika@gmail.com

**brindled** ବିଂ. ଛଡଛଡକା, ଚିତ୍ରବିଚିତ୍ର, କବରାଚିତରା ।
**brine** ବି. ଲବଣାମ୍ବୁ; ଅଶ୍ରୁ (କବିତାରେ); ସମୁଦ୍ରଜଳ ।
**bring** *ସ.କ୍ରି* ଆଣିବା, ବହନ କରିବା, ସଂଗ୍ରହ କରିବା, ଉପସ୍ଥିତ କରାଇବା; ଘଟାଇବା, ଉତ୍ପନ୍ନ କରିବା, ଅଣାଇବା: bring about ଘଟାଇବା; bring and buy କିଣାବିକା କରିବା; bring back ସ୍ମରଣ କରାଇଦେବା; bring down କମାଇ ଦେବା; bring down the house ଅଭୂତପୂର୍ବ ଜନସମର୍ଥନ ଲାଭ କରିବା; bring forth ପ୍ରସବ କରିବା; bring forward ଉପସ୍ଥାପିତ କରିବା; bring home to ବିଶ୍ୱାସ କରାଇବା, ପ୍ରମାଣ କରିବା; bring in ପରିଚିତ କରାଇବା, ଉତ୍ପାଦନ କରାଇବା; bring on ଘଟାଇବା; bring out ପ୍ରକାଶ କରିବା; bring over ନିଜ ପକ୍ଷକୁ ଆଣିବା; bring round ସଚେତ କରାଇବା, ପ୍ରବର୍ତ୍ତାଇବା; bring through ସାହାଯ୍ୟ କରିବା, ପୀଡ଼ିତ ବ୍ୟକ୍ତିର ଜୀବନ ରକ୍ଷା କରିବା, bring to ସଚେତ କରାଇବା, ଜାହାଜର ଗତି ବନ୍ଦ କରାଇବା; bring up ଶିଶୁକୁ ବଢ଼ାଇବା, ବାନ୍ତି କରିବା, ଦୃଷ୍ଟି ଆକର୍ଷଣ କରିବା, ହଠାତ୍ ବନ୍ଦ କରି ଦେବା ।
**brinjal** ବି. ବାଇଗଣ ।
**brink** ବି. ତୀର, ଧାର, ପ୍ରାନ୍ତ; ସୀମାରେଖା; on the brink of ସନ୍ନିକଟ (ଜୟ, ସଫଳତା, ପରାଜୟ, ଧ୍ୱଂସ ଆଦିର); ପ୍ରାୟ ସର୍ବନାଶ ବା ଧ୍ୱଂସର ନିକଟ ।
**brinkmanship** ବି. କୌଣସି ବିପଜ୍ଜନକ ପନ୍ଥାକୁ ଏହାର ଶେଷ ସୀମାରେଖା ପର୍ଯ୍ୟନ୍ତ ଅନୁସରଣ କରିବାର କୌଶଳ ବା ନୀତି ।
**briny** ବିଂ ଲବଣାକ୍ତ, ସାମୁଦ୍ରିକ ।
**brio** ବି. ଶକ୍ତିମତ୍ତା, ଉଚ୍ଛଳତା ।
**briquette** ବି. କୋଇଲା ଗୁଣ୍ଡ ସାହାଯ୍ୟରେ ପ୍ରସ୍ତୁତ ଇଟାକୃତିର କାଙ୍କେଣି ।
**brisk** 1. ବିଂ. ଦ୍ରୁତ, ତତ୍ପର, ଶକ୍ତିଶାଳୀ, ସତେଜ, ଚଞ୍ଚଳ, 2. *କ୍ରି./ସ.କ୍ରି.* ସତେଜ କରିବା; *କ୍ରି.ବିଂ.* briskly; ବି. briskness.
**brisket** ବି. ପଶୁର ବକ୍ଷସ୍ଥଳ; ବେକତଳ ସଂଲଗ୍ନ ଆଗ ଦୁଇଗୋଡ଼ ମଧ୍ୟସ୍ଥ ମାଂସ ।
**brisling** ବି. କ୍ଷୁଦ୍ର ହେରିଂ ମତ୍ସ୍ୟ ।
**bristle** 1. ବି. ଘୁଷୁରି ବା ବାର୍‌ହାର ବାଳ ପରି ଟାଆଁସା ବାଳ (ଯାହା ତୂଳୀରେ ବ୍ୟବହାର କରାଯାଏ); 2. *କ୍ରି.* ରୋମ ଟାଙ୍କୁରି ଉଠିବା, ରୋମକୁ ଟାଙ୍କୁରାଇବା; ରାଗିବା; 3. bristle with ପ୍ରଚୁର ପରିମାଣରେ ରହିବା ।
**bristly** ବିଂ. ଟାଆଁସା ରୋମରେ ପୂର୍ଣ୍ଣ; କଣ୍ଟକିତ ।
**Britannia** ବି. ବ୍ରିଟେନ୍‌ର ମୂର୍ତ୍ତିମତୀ ଦେବୀ, ଯେକି ଶିରସ୍ତ୍ରାଣ, ବକ୍ଷସ୍ତ୍ରାଣ, ତଥା ଧନୁ ପ୍ରଭୃତି ଧରିଥାନ୍ତି; Britannia metal ଟିଣ, ତମ୍ବା ପ୍ରଭୃତି ଦ୍ୱାରା ପ୍ରସ୍ତୁତ ଶୁଭ୍ରବର୍ଣ୍ଣର ଧାତୁ ବିଶେଷ ।
**Britannic** ବିଂ. ବ୍ରିଟେନ୍ ସମ୍ପର୍କୀୟ ।
**Briticism** ବି. ବ୍ରିଟେନ୍‌ରେ ବ୍ୟବହୃତ ବାକ୍ ବୈଶିଷ୍ଟ୍ୟ (ଆମେରିକାରେ ଯାହାର ପ୍ରୟୋଗ ନାହିଁ) ।
**British** ବିଂ. ବ୍ରିଟେନ୍ ବା ତାହାର ଅଧିବାସୀ ସମ୍ପର୍କୀୟ, ସେଠାରୁ ଆଗତ ।
**Briton** ବି. ରୋମୀୟ ଆକ୍ରମଣ ପ୍ରାକ୍କାଳରେ ଦକ୍ଷିଣ ବ୍ରିଟେନ୍‌ର ଅଧିବାସୀ; ବ୍ରିଟେନ୍‌ର ଅଧିବାସୀ ।
**brittle** ବିଂ. ଭଙ୍ଗୁର, ଯାହା ସହଜରେ ଭାଙ୍ଗେ; *କ୍ରି.ବିଂ.* brittlely.
**broach** 1. ବି. ଫୋଡ଼ଣୀ, ତାମ୍ପଣ; 2. *ସ.କ୍ରି.* ଆଲୋଚନା ଆରମ୍ଭ କରିବା; (ମଦ୍ୟପିପା ପ୍ରଭୃତି) ଫୋଡ଼ଣୀରେ ଫୁଟାଇବା; ଖୋଲି ବ୍ୟବହାର କରିବା; broach-spire ପାରାପେଟ ନଥାଇ ଚତୁଷ୍କୋଣ ଗମ୍ବୁଜ ଉପରକୁ ଉଠିଥିବା ଗୀର୍ଜା, ମନ୍ଦିର ପ୍ରଭୃତିର ଅଷ୍ଟଭୁଜ ଚୂଡ଼ା ।
**broad** 1. ବିଂ. ଓସାରିଆ, ପ୍ରଶସ୍ତ, ବିସ୍ତୀର୍ଣ୍ଣ, ପ୍ରସାରିତ, ବ୍ୟାପକ, ଦୃଢ଼, ସ୍ପଷ୍ଟ, ଉଦାର, ଧୈର୍ଯ୍ୟଶୀଳ, ମୁଖ୍ୟ; 2. *ବି.ଅ.ପ.* ସ୍ତ୍ରୀଲୋକ; 3. broad bean ବି. ଏକ ଜାତୀୟ ବିନ୍; broad-minded ବିଂ. ସହନଶୀଳ, ଉଦାର; the Broads ବି. ପୂର୍ବ ଏଙ୍ଗ୍ଲିଆ ଅଞ୍ଚଳରେ ନଦୀଗୁଡ଼ିକ ପ୍ରସାରିତ ହେବା ଫଳରେ ଗଢ଼ି ଉଠିଥିବା ମଧୁର ଜଳପୂର୍ଣ୍ଣ ସ୍ଥାନ; broadly *କ୍ରି.ବିଂ.* ମୋଟାମୋଟି. ସାଧାରଣ ଭାବରେ ।
**broadcast** 1. ବି. ବେତାର ଦ୍ୱାରା ପ୍ରସାରଣ, 2. *କ୍ରି.* ଚତୁର୍ଦ୍ଦିଗକୁ ପ୍ରେରଣ କରିବା, ଘୋଷଣା କରିବା, ଚାରିଆଡ଼ ଛାଡ଼ି ଛାଡ଼ି ବୁଣିବା (ମଂଜି ପ୍ରଭୃତି);. *ଅ.କା./ ଅ.କ୍ରି.ଭ.ପ.* broadcast.
**broadcasting** ବି. ବେତାର ଦ୍ୱାରା ପ୍ରସାରଣ ।

Digitized by srujanika@gmail.com

**broadcloth** ବି. ସୂତା, ପଶମ କିମ୍ବା ରେଶମ ଦ୍ୱାରା ପ୍ରସ୍ତୁତ ନରମ ବସ୍ତ୍ର ।
**broadloom** ବିଂ. ଚଉଡ଼ା ବାଗେ ବୁଣାଯାଇଥିବା ।
**broadsheet** ବି. ଗୋଟିଏ ପଟେ ଛାପା ଯାଇଥିବା ବଡ଼ କାଗଜ ଖଣ୍ଡ ।
**broadside** ବି. ଜାହାଜର ଏକପାଖ; ଯୁଦ୍ଧ ଜାହାଜର ଏକପାଖରେ ରଖାଯାଇଥିବା ତୋପରୁ ଏକକାଳୀନ ଗୋଳା ନିକ୍ଷେପ; ଭୟଙ୍କର ବାଚନିକ ଆକ୍ରମଣ ।
**broadsword** ବି. ଓସାରିଆ ଖଣ୍ଡା, ଚଉଡ଼ା ଧାରଥିବା ତରବାରୀ ।
**brocade** 1. ବି. ଜରିଲୁଗା, ସୁନାରୂପା ଜରି ଦ୍ୱାରା ବୁଣାଯାଇଥିବା ଲୁଗା (ଯାହାର ନକ୍ସା ସବୁ ଉପରକୁ ଉଠି ଥାଏ), ବୁଟାଦାର ଲୁଗା; 2. କ୍ରି. ଏହି ପ୍ରକାର ବୁଣା ଦ୍ୱାରା ବସ୍ତ୍ରକୁ ସୁଶୋଭିତ କରିବା ।
**broccoli** ବି. ଏକଜାତୀୟ ଇଷତ୍ ଶାଗୁଆ ଫୁଲକୋବି ।
**brochure** ବି. ତଥ୍ୟ ପୁସ୍ତିକା ।
**broderie anglaise** ଧଳାକନା ଉପରେ ସୂଚୀ କାର୍ଯ୍ୟ ।
**brogue** ବି. ଶକ୍ତ ଚମଡ଼ାରେ ନିର୍ମିତ (ସା. ସୁଶୋଭିତ) ଜୋତା; ଆୟାର୍‌ଲେଣ୍ଡର ପ୍ରାଦେଶିକ ଉଚ୍ଚାରଣ ଭଙ୍ଗି ।
**broil** 1. କ୍ରି. ନିଆଁରେ ସେକିବା (ମାଂସ ପ୍ରଭୃତି), ଉତ୍ତପ୍ତ କରିବା ବା ହେବା; 2. ବି. କଳହ, ଚକରାଳ, ଗଣ୍ଡଗୋଳ, ଝଗଡ଼ା ।
**broiler** ବି. ମାଂସ ସକାଶେ ପାଳିତ କୁକୁଡ଼ା ଛୁଆ ।
**broke** 1. କ୍ରି. BREAKର ଅତୀତକାଳ; 2. ବିଂ. *(କ.ଭା.)* ଦେବାଳିଆ, ନିଃସ୍ୱ ।
**broken** BREAKର *ଅ.କ୍ରି.କ.ପ.* ବିଂ. ଭଙ୍ଗା, ହତାଶ, ଦୁର୍ବଳ, ଅସମର୍ଥ, ପରାଜିତ; ଦରଖଣ୍ଡିଆ (ଭାଷା); broken-down ଅକାମୀ, ଅଚଳ; broken-hearted ଭଗ୍ନହୃଦୟ, ଶୋକାଭିଭୂତ; broken home ପିତା ବା ମାତା ନଥିବା ପରିବାର (ଛାଡ଼ପତ୍ର ଦ୍ୱାରା ଯେଉଁ ପରିବାରର ସ୍ୱାମୀ ବା ସ୍ତ୍ରୀ ଅଲଗା ରହନ୍ତି); broken reed ବିଶ୍ୱାସ ହରାଇଥିବା ବ୍ୟକ୍ତି ।
**broker** ବି. ଦଲାଲ, ମଧ୍ୟସ୍ଥ ।
**brokerage** ବି. ଦଲାଲି, ଦସ୍ତୁରୀ ।
**brolly** ବି. *କ.ଭା.* ଛତା ।
**bromide** ବି. ବ୍ରୋମିନ୍ ଘଟିତ ସ୍ନାୟୁର ଶାନ୍ତି ପ୍ରଦାୟକ ଔଷଧ ବିଶେଷ ।
**bromine** ବି. ତରଳ ବିଷାକ୍ତ ପଦାର୍ଥ, ଔଷଧରେ ବ୍ୟବହୃତ ହୁଏ ।
**bronchial** ବିଂ. ଶ୍ୱାସନଳୀ ସମ୍ବନ୍ଧୀୟ ।
**bronchitis** ବି. ଶ୍ୱାସନଳୀର ପ୍ରଦାହ, ଶ୍ଳେଷ୍ମ ଓ କାଶରୋଗ ।
**bronchus** ବ.ବ. bronchi; ବିଂ. ଫୁସ୍‌ଫୁସ୍‌କୁ ସଂଯୋଗ କରୁଥିବା ଦୁଇ ଶ୍ୱାସନଳୀ ମଧ୍ୟରୁ ଗୋଟିଏ ।
**bronco** ବି. ପଶ୍ଚିମ ଆମେରିକାର ବନ୍ୟ କିମ୍ବା କିଛି ମାତ୍ରାରେ ପୋଷା ମାନିବା ଘୋଡ଼ା ।
**brontosaurus** . ବି. ତୃଣଭୋଜୀ ବିରାଟ ଡାଇନୋସାର୍ (ସରୀସୃପ) ।
**bronze** 1. ବି. ତମ୍ବା ଓ ଟିଣ ମିଶ୍ରିତ ଧାତୁ; ଏହାର ବାଦାମୀ ରଙ୍ଗ, ବ୍ରୋଞ୍ଜ ନିର୍ମିତବସ୍ତୁ (କଳାକୃତି); 2. ବିଂ. ବ୍ରୋଞ୍ଜଦ୍ୱାରା କିମ୍ବା ବ୍ରୋଞ୍ଜ ରଙ୍ଗରେ ପ୍ରସ୍ତୁତ; 3. Bronze Age ଯେଉଁଯୁଗରେ ଅସ୍ତ୍ରଶସ୍ତ୍ରାଦି ବ୍ରୋଞ୍ଜଦ୍ୱାରା ପ୍ରସ୍ତୁତ ହେଉଥିଲା; bronze medal ତୃତୀୟ ପୁରସ୍କାର ରୂପେ ପ୍ରଦତ୍ତ ପଦକ ।
**brooch** ବି. ବସ୍ତ୍ର ଶୃଙ୍ଖଳିତ କରିବାକୁ ସ୍ତ୍ରୀଲୋକମାନଙ୍କ ଦ୍ୱାରା ବ୍ୟବହୃତ ଏକ ପ୍ରକାର ଅଳଙ୍କାର ଯୁକ୍ତ ପିନ୍ ।
**brood** 1. ବି. ଏକ ସମୟରେ ଜାତ ପକ୍ଷୀ ଶାବକ, ଏକ ବଂଶର ସନ୍ତାନ ସନ୍ତତି; 2. *ଅ.କ୍ରି.* ବିଷଣ୍ଣ ହୋଇ ଚିନ୍ତା କରିବା; ଡିମ୍ବ ଉଷୁମାଇବା ।
**broody** ବି. ଡିମ୍ବ ଉଷୁମେଇବା ପାଇଁ ପ୍ରସ୍ତୁତ; ବିଷଣ୍ଣ, ବିମର୍ଷ ।
**brook**[1.] ବି. କ୍ଷୁଦ୍ର ଝରଣା ।
**brook**[2.] *ସ.କ୍ରି.* ସହ୍ୟ କରିବା ।
**broom** ବି. ଝାଡ଼ୁ, ଝାଡ଼ୁଣୀ, ସମ୍ମାର୍ଜନୀ, ହଳଦିଆ ଫୁଲଥିବା ଗୁଳ୍ମ; new broom ନବ ନିଯୁକ୍ତ ଉତ୍ସାହୀ ବ୍ୟକ୍ତି ।
**broomstick** ବି. ସମ୍ମାର୍ଜନୀ ଦଣ୍ଡ ।
**Bros.** *ସଂଶ.* Brothers ବିଶେଷତଃ ବ୍ୟବସାୟ ପ୍ରତିଷ୍ଠାନର ନାମରେ ବ୍ୟବହୃତ ।
**broth** ବି. କେବଳ ପାଣିରେ ସିଝା ଯାଇଥିବା ମାଛ ବା ମାଂସର ପତଳା ଝୋଳ, ସୁରୁଆ ।

Digitized by srujanika@gmail.com

**brothel** ବି. ବେଶ୍ୟାଳୟ।

**brother** ବି. ସହୋଦର ଭାଇ, ଅନ୍ତରଙ୍ଗ ବନ୍ଧୁ, ସମଧର୍ମାବଲମ୍ବୀ ବ୍ୟକ୍ତି, ଯେ କୌଣସି ଧର୍ମ ସମ୍ପ୍ରଦାୟର ସମାନୁଗାମୀ (ଗୁରୁଭାଇ); brother-in-law ଶଳା, ଭିଣେଇ, ଦିଅର ଇତ୍ୟାଦି; ବିଂ. brotherly.

**brotherhood** ବି. ଭ୍ରାତୃତ୍ୱ, ବନ୍ଧୁତ୍ୱ, ଏକ ଉଦ୍ଦେଶ୍ୟରେ ଗଠିତ ସମ୍ପ୍ରଦାୟ ବା ସମାଜ।

**brougham** ବି. ଚାରି ଚକିଆ ଗାଡ଼ି (ଏହାକୁ ଘୋଡ଼ା ଟାଣେ ଓ ଆଗକୁ ଥିବା ଉଚ୍ଚ ସିଟ୍‌ରେ ଏହାର ଚାଳକ ବସେ); ମୋଟର ଗାଡ଼ି, ଯାହାର ଚାଳକର ସିଟ୍ ଗାଡ଼ି ବାହାରେ ଆଗକୁ ଥାଏ।

**brought** *କ୍ରି.* BRINGର ଅତୀତକାଳ।

**brow** ବି. ଭ୍ରୂଲତା, କପାଳ, ଲଲାଟ; ପର୍ବତଶୀର୍ଷ, ପାହାଡ଼ର ଉପରଭାଗ।

**browbeat** *ସ.କ୍ରି.* ଭ୍ରୁକୁଟି କରି, ଆଖି ଦେଖାଇ, ଭୟ ଦେଖାଇ ବା ଧମକ୍ ଦେଇ ଦବାଇବା।

**brown** 1. ବିଂ. ବାଦାମୀ, ପିଙ୍ଗଳ, କହରା, କସରା, ସେକାରୁଟି ରଙ୍ଗର; 2. ବି. ଉକ୍ତବର୍ଣ୍ଣ; 3. *କ୍ରି.* ବାଦାମୀ ବର୍ଣ୍ଣ ହେବା; 4. browned off *କ.ଭା.* ଭଗ୍ନ ହୃଦୟ, ବିରକ୍ତ; brown study ଅନ୍ୟମନସ୍କତା, ଜାଗ୍ରତସ୍ୱପ୍ନ, କଳ୍ପନା-ବିଳାସ; brown sugar ପରିଷ୍କୃତ ହୋଇ ନଥିବା ଚିନି, *ସା.ପ୍ର.* ଡ୍ରଗରୂପେ ବ୍ୟବହୃତ ଶଙ୍ଖୁଆ ଜାତିର ବିଷ।

**Brownie** ବି. କନିଷ୍ଠ ଦିଗ୍‌ଦର୍ଶକ, ଲୋକ କଥାରେ ବର୍ଣ୍ଣିତ ଉପକାରୀ ପ୍ରେତଯୋନି ଯେ ଘରେ ରହି ବିଭିନ୍ନ କାମରେ ସାହାଯ୍ୟ କରେ।

**browning** ବି. ବାଦାମୀ ଅଟା; ଝୋଳକୁ ରଙ୍ଗ କରିବା ପାଇଁ ବ୍ୟବହୃତ ମସଲା; ଏକ ପ୍ରକାର ସ୍ୱୟଂଚାଳିତ ପିସ୍ତଲ।

**browse** *କ୍ରି.* ମନ ଖୁସିରେ ଏଠୁସେଠୁ ପଢ଼ିବା; ଡାଳ, ପତ୍ର, ଘାସ ପ୍ରଭୃତି ଖାଇବା।

**brucellosis** ବି. ଜୀବାଣୁ ଦ୍ୱାରା ହେଉଥିବା ସଂକ୍ରାମକ ରୋଗ (ଯାହା ପଶୁମାନଙ୍କର ଗର୍ଭପାତ ଘଟାଏ)।

**bruise** 1. ବି. ଆଘାତ ଦ୍ୱାରା ସୃଷ୍ଟ ଦଳିତ କ୍ଷତ, ଏଥିରେ ଚମ କଟି ନ ଯାଇ ମାଂସର ବିବର୍ଣ୍ଣତା ଦେଖାଯାଏ; 2. *କ୍ରି.* ଉପରେ ଆଘାତ ଦ୍ୱାରା କ୍ଷତ କରିବା; ମାନସିକ କ୍ଷତିଗ୍ରସ୍ତ କରିବା।

**bruiser** ବି. ମଲ୍ଲଯୋଦ୍ଧା, ବଳଶାଳୀ ବ୍ୟକ୍ତି।

**bruit** *ପ୍ରା.ପ୍ର.* 1. ବି. କୋଳାହଳ, ଜନରବ, ଚାରିଆଡ଼େ ପ୍ରଚାରିତ ସମ୍ବାଦ; 2. *ସ.କ୍ରି.* ଜନରବ ଘଟାଇବା, ଚାରିଆଡ଼େ ପ୍ରଚାର କରିବା।

**brunch** ବି. *କ.ଭା.* ପ୍ରାତରାଶ ଓ ମଧ୍ୟାହ୍ନ ଆହାର ଉଭୟର ଏକତ୍ରୀକରଣ।

**brunette** ବି. ଘନ ବାଦାମୀବର୍ଣ୍ଣର କେଶ ଥିବା ନାରୀ।

**brunt** ବି. ଆକ୍ରମଣର ପ୍ରଥମ ପ୍ରଭାବ, ଆଘାତ, ଧକ୍କା।

**brush** 1. ବି. ତୂଳି, ବ୍ରୁଶ, କେଶ ବା ପୋଷାକ ମାର୍ଜନୀ, ଝାଡ଼ଣ, ଅପ୍ରୀତିକର ଗଣ୍ଡଗୋଳ, କୋକିଶିଆଳିର ଝଙ୍କାଳିଆ ଲାଞ୍ଜ; 2. *କ୍ରି.* ଝାଡୁରେ ଓଳାଇବା, ପରିଷ୍କାର କରିବା; brush aside ଅଳ୍ପ କଥାରେ ବିଦାୟ ଦେବା; brush-off ସହସା ବିଦାୟ ଦେବା; brush up ପରିଷ୍କାର କରିବା, (ଜ୍ଞାନର) ପୂର୍ବାବସ୍ଥା ଫେରାଇ ଆଣିବା।

**brushwood** ବି. ବୁଦାଳିଆ ଜଙ୍ଗଲ, ପତରା ଜଙ୍ଗଲ।

**brushwork** ବି. ଚିତ୍ର କରିବା ନିମନ୍ତେ ତୂଳି ଚାଳନା; ଚିତ୍ରକରର ସଂପୃକ୍ତ ଶୈଳୀ।

**brusque** ବିଂ. ରୁକ୍ଷ, ଅଶିଷ୍ଟ, ଅଭଦ୍ର; କର୍କଶ ଓ ଆକସ୍ମିକ ବ୍ୟବହାର ବିଶିଷ୍ଟ।

**Brussels sprouts** ବି. ଅତିକ୍ଷୁଦ୍ର ବନ୍ଧାକୋବି ବିଶେଷ।

**brutal** ବିଂ. ପାଶବିକ, ନୃଶଂସ, ଅମାନୁଷିକ; brutality ବି. ପାଶବିକତା।

**brutalize** *ସ.କ୍ରି.* ନୃଶଂସ କରିବା।

**brute** 1. ବି. ପଶୁ; ବିଚାରହୀନ ପ୍ରାଣୀ; ଅବିବେକୀ, ଯୁକ୍ତିହୀନ, ନିଷ୍ଠୁର, ନିର୍ମମ; 2. ବିଂ. ଯୁକ୍ତିହୀନ, ଅବିବେକୀ, ପଶୁବତ୍; ବିଂ. brutish.

**bryony** ବି. ଏକଜାତୀୟ ଲତା।

**B.S.** *ସଂଶ.* British Standard; Bachelor of Surgery.

**B.Sc.** *ସଂଶ.* Bachelor of Science.

**BSI** *ସଂଶ.* British Standards Institution.

**BST** *ସଂଶ.* British Summer Time.

**Bt.** *ସଂଶ.* Baronet.

**bubble** ବି. ବୁଦ୍‌ବୁଦ୍, ପାଣିଫୋଟକା, ଅସାର କଳ୍ପନା, କାଳ୍ପନିକ ପ୍ରସ୍ତାବ, ଶଠତାପୂର୍ଣ୍ଣ ପ୍ରସ୍ତାବ;

Digitized by srujanika@gmail.com

bubble and squeak ରନ୍ଧାଯାଇଥିବା, କେକ୍ ସହିତ ଭଜା ହୋଇଥିବା ଥଣ୍ଡା ପରିବା; bubble bath ବୁଦ୍‌ବୁଦ୍ ପୂର୍ଣ୍ଣ ପାଣିରେ ସ୍ନାନ; bubble car ଛୋଟ ମଟର ଗାଡ଼ି; bubble gum ଏକ ଜାତୀୟ ଚର୍ବ୍ୟ ଗମ୍ ଯହିଁରୁ ଫୋଟକା ବାହାର କରାଯାଏ; bubbler ବି. ପ୍ରବଞ୍ଚକ।

**bubbly** ବିଂ. ବୁଦ୍‌ବୁଦ୍‌ପୂର୍ଣ୍ଣ।

**bubo** ବି. ବାଗୀ, କାଖଗୁଲି।

**bubonic** ବିଂ. ବାଗୀ ପୀଡ଼ିତ।

**buccaneer** ବି. ଜଳଦସ୍ୟୁ।

**buck** 1. ବି. ହରିଣ, ଠେକୁଆ, କୃଷ୍ଣସାର; *ଗ୍ରା.ପ୍ର.* ବେଶଭୂଷାପ୍ରିୟ ସୌଖୀନ୍ ବ୍ୟକ୍ତି; 2. *ଅ.କ୍ରି.* ପିଠି ବଙ୍କାଇ ଲମ୍ଫଦେବା (ଅଶ୍ୱ ସମ୍ପର୍କରେ) ଏବଂ ଆରୋହୀକୁ ତଳକୁ ପକାଇ ଦେବା; ବାଧାଦେବା, ଆପତ୍ତି କରିବା; buck up ଉତ୍ସାହିତ କରିବା, ଅଧିକ କ୍ଷିପ୍ର ହେବା; pass the buck ଦାୟିତ୍ୱ ଖସାଇବା।

**bucket** 1. ବି. ବାଲ୍‌ଟି, ବାଲ୍‌ଟିଏ ପରିମାଣ; 2. *ସ.କ୍ରି.* ଅତି ଦ୍ରୁତ ଗତିରେ ଚାଲିଯିବା; 3. kick the bucket *ଗ୍ରା.ପ୍ର.* ଇହଲୀଳା ସମ୍ବରଣ କରିବା।

**buckle** 1. ବି. ପୋଷାକ ବା ଜୋତା ପ୍ରଭୃତିକୁ ବାନ୍ଧି ରଖିବା ପାଇଁ ବ୍ୟବହୃତ ମୁଦିଆ ବା ବନ୍ଧନୀ; 2. *ସ.କ୍ରି.* ସଂଯୋଜନୀ ଦ୍ୱାରା ଲଗାଇବା; buckle down to ଆଗ୍ରହରେ କାମରେ ଲାଗି ପଡ଼ିବା।

**buckler** ବି. ଛୋଟ ଗୋଲାକୃତି ଢାଲ।

**buckram** ବି. ମଣ୍ଡଦିଆ ମୋଟା ଟାଣ କନା।

**buckshee** 1. ବିଂ./କ୍ରି.ବିଂ. ମାଗଣାରେ; 2. ବି. ବକ୍‌ସିସ୍।

**buckshot** ବି. ହରିଣ ଶିକାରରେ ବ୍ୟବହୃତ ଗୁଳି।

**buckskin** ବି. ଶକ୍ତ ଅଥଚ କୋମଳ ହୋଇଥିବା ମୃଗଚର୍ମ।

**buckthorn** ବି. କଣ୍ଟେଇ କୋଳି ବୁଦା।

**buckwheat** ବି. ଘୋଡା ଏବଂ କୁକୁଡ଼ାର ଖାଦ୍ୟରୂପେ ବ୍ୟବହୃତ ହେଉଥିବା ଏକ ଜାତୀୟ ଗହମ।

**bucolic** 1. ବିଂ. ଗ୍ରାମ୍ୟ, ପଲ୍ଲୀଜୀବନ ସମ୍ପର୍କୀୟ; 2. ବି. ମେଷ ପାଳନ ସମ୍ବନ୍ଧୀୟ କବିତା, ଚାରଣ ସଙ୍ଗୀତ, ପଲ୍ଲୀ ଗୀତି।

**bud** 1. ବି. କଢ଼, କୋରକ, ମୁକୁଳ, ଅଙ୍କୁର; 2. *କ୍ରି.* କଢ଼ି ଧରିବା, ବଢ଼ିବାକୁ ଆରମ୍ଭ କରିବା; buddding ବିଂ. ଫୁଟନ୍ତା; ସ୍ଫୁଟନୋନ୍ମୁଖ; 3. nip in the bud ମୂଳରୁ ବିନାଶ କରିବା।

**Buddha** ବି. ବୌଦ୍ଧଧର୍ମର ପ୍ରଚାରକ ଗୌତମ ବୁଦ୍ଧ (ଖ୍ରୀଷ୍ଟ ପୂର୍ବ ପଞ୍ଚମ ଶତାବ୍ଦୀ)।

**Buddhism** ବି. ବୌଦ୍ଧଧର୍ମ; Buddhistic ବିଂ. ବୌଦ୍ଧଧର୍ମ ସମ୍ପର୍କୀୟ; Buddhist ବି. ବୌଦ୍ଧଧର୍ମାବଲମ୍ବୀ ବ୍ୟକ୍ତି।

**buddy** ବି.*କ.ଭା.* ବନ୍ଧୁ, ସାଥି।

**budge** *ସ.କ୍ରି.* ସାମାନ୍ୟ ଘୁଞ୍ଚିବା, ଅପସରି ଯିବା, ମତ ପରିବର୍ତ୍ତନ କରିବା।

**budgerigar** ବି. ଶୁଆ ଜାତୀୟ ଅଷ୍ଟ୍ରେଲୀୟ ଗୃହପାଳିତ ପକ୍ଷୀ।

**budget** 1. ବି. ବାର୍ଷିକ ଆୟବ୍ୟୟର ହିସାବ, ଗୋଟିଏ ଦେଶର ଆୟ ଏବଂ ବ୍ୟୟର ହିସାବ, ଖର୍ଚ୍ଚପାଇଁ ମିଳୁଥିବା ଟଙ୍କାର ପରିମାଣ, ବଜେଟ; 2. *ସ.କ୍ରି.* ଆୟବ୍ୟୟ ଧାର୍ଯ୍ୟ କରିବା; 3. budgetary ବିଂ. ବଜେଟ୍ ସଂକ୍ରାନ୍ତ।

**budgie** ବି. ଅଷ୍ଟ୍ରେଲୀୟ ପକ୍ଷୀ ବିଶେଷ; budgerigarର କଥିତ ରୂପ।

**buff** 1. ବି. ମଇଁଷି ବା ବଳଦର କୋମଳ ହୋଇଥିବା ମସୃଣ ଚର୍ମ; ଉତ୍ସାହୀ ବ୍ୟକ୍ତି; 2. *ସ.କ୍ରି.* ନରମ ବା ପାଲିସ୍ କରିବା; 3. in the buff ଉଲଗ୍ନ।

**buffalo** ବି. ମହିଷ, ମଇଁଷି।

**buffer**[1] ବି. ଧକ୍କା ନିବାରକଯନ୍ତ୍ର ଯାହା ରେଳଇଞ୍ଜିନ୍‌ରେ ବ୍ୟବହୃତ ହୁଏ; buffer State ଦୁଇ ବିରାଟ ଦେଶ ମଧ୍ୟବର୍ତ୍ତୀ କ୍ଷୁଦ୍ରଦେଶ, ନିରପେକ୍ଷ ଦେଶ।

**buffer**[2] ବି. *ଗ୍ରା.ପ୍ର.* ଲୋକ; ବୃଦ୍ଧ, କର୍ମକୁଣ୍ଠ ବ୍ୟକ୍ତି।

**buffet**[1] ବି. ଯେଉଁ ସ୍ଥାନରେ ହାଲ୍‌କା ଖାଦ୍ୟ କିଣାଯାଇ ଖିଆଯାଇ ପାରେ; ଯେଉଁ ଭୋଜିରେ ଅତିଥିମାନେ ସ୍ୱୟଂ ନିଜେ ନିଜକୁ ପରିବେଷଣ କରନ୍ତି; ବାସନ ପ୍ରଭୃତି ରଖିବାର ଥାକ; buffet car ରେଳଡବା-ଯେଉଁଠି ଖାଦ୍ୟ ମିଳେ।

**buffet**[2] 1. ବି. ଆଘାତ (ହସ୍ତ ବା ମୁଷ୍ଟିଦ୍ୱାରା); 2. *କ୍ରି.* (ହସ୍ତ ବା ମୁଷ୍ଟିଦ୍ୱାରା) ଆଘାତ କରିବା।

**buffoon** 1. ବି. ବିଦୂଷକ, ଭାଣ୍ଡ, 2. *ସ.କ୍ରି.* ବିଦୂଷକ ପରି ରହସ୍ୟ କରିବା; 3. buffoonery ବି. ଭାଣ୍ଡାମି।

Digitized by srujanika@gmail.com

**bug** ବି. ଛାରପୋକ, ଓଡଶ, ଯେକୌଣସି କ୍ଷୁଦ୍ର କୀଟ; *କ.ଭା.* ଜୀବାଣୁ; *ସା.ପ୍ର.* ଲୁକ୍କାୟିତ ଡାକବାଜି ଉପକରଣ।

**bugbear** ବି. ଅମୂଳକ ଆଶଙ୍କା; ବିରକ୍ତିର କାରଣ, ମାନସିକ ଉଦ୍‌ବେଗ, କାଳ୍ପନିକ ଆତଙ୍କପ୍ରଦ ମୂର୍ତ୍ତି।

**bugger** 1. ବି. ସମଲିଙ୍ଗୀ ଯୌନ ସଂପର୍କକାରୀ; 2. *କ୍ରି.* ଉକ୍ତ ସଂପର୍କ କରିବା; 3. *ଅ.* (ଘୃଣା ଓ ଭର୍ତ୍ସନା ସୂଚକ) ଘୃଣ୍ୟ ମାନସିକ ଅବସାଦ ଗ୍ରସ୍ତ ବ୍ୟକ୍ତି।

**buggy** ବି. ବଗି ବା ଘୋଡା (ଟଣା) ଗାଡ଼ି ଯାହାକୁ ଗୋଟିଏ ବା ଦୁଇଟି ଘୋଡା ଟାଣନ୍ତି; ଛୋଟ, ମଜବୁତ ମଟରଗାଡ଼ି।

**bugle**[1] 1. ବି. ପିତଳରେ ତିଆରି ଏକ ପ୍ରକାର ତୂରୀ, ବିଗୁଲ; 2. *କ୍ରି.* ତୂରୀ ବଜାଇବା, ତୂରୀ ବାଦନ ଦ୍ୱାରା ଆହ୍ୱାନ କରିବା।

**bugle**[2] ବି. ଉଦ୍‌ଭିଦ ବିଶେଷ; ବ.ବ. ପୋଷାକରେ ଭୂଷଣ ସ୍ୱରୂପ ବ୍ୟବହୃତ କାଚର ମାଳି।

**bugler** ବି. ତୂରୀ ବାଦକ, ବିଗୁଲ୍ ବଜାଳୀ।

**buhl** ବି. କଇଁଛ ଖୋଳ ଏବଂ ପିତଳର ଉତ୍କୀର୍ଣ୍ଣ କଳାକୃତି।

**build**[1] *ସ.କ୍ରି.* (ଗୃହାଦି) ନିର୍ମାଣ କରିବା, ଗଠନ କରିବା, ଆସ୍ତେ ଆସ୍ତେ ଗଢ଼ିବା, ପ୍ରତିଷ୍ଠା କରିବା, 2. ବି. ଗଠନ ପ୍ରକ୍ରିୟା (ଗୃହାଦିର); ଗଢ଼ଣ (ଶାରୀରିକ); 3. build on ନିର୍ଭର କରିବା, ଆସ୍ଥା ରଖିବା build up ଧୀରେ ଧୀରେ ପ୍ରତିଷ୍ଠା କରିବା, ଧୀରେ ଧୀରେ ଲକ୍ଷ୍ୟ ପଥରେ ଆଗେଇଯିବା।

**builder** ବି.ନିର୍ମାତା, ନିର୍ମାଣକାରୀ, ଗଠନକାରୀ।

**building** ବି. କୋଠା, ଅଟ୍ଟାଳିକା; building society ଗୃହ ନିର୍ମାଣ କରି ବିକ୍ରିକରିବା ସମିତି।

**bulb** ବି. ପିଆଜ ପ୍ରଭୃତିର ମୂଳ ସଦୃଶ ଗୋଲାକୃତି ମୂଳ, ସ୍ଫୀତମୂଳ; ବୈଦ୍ୟୁତିକ ଆଲୋକର ଆଧାର, ଗୋଲାକୃତି ପଦାର୍ଥ; ବଲ୍‌ବ୍।

**bulbous** ବିଂ. ପିଆଜର ମୂଳପରି ଗୋଲାକୃତି ବିଶିଷ୍ଟ, ସ୍ଫୀତ।

**bulge** 1. ବି.ସ୍ଫୀତ, ଫୁଲା, ଅନିୟମିତ ସ୍ଫୀତାଂଶ; 2. *ସ.କ୍ରି.* ଫୁଲି କରି ବାହାରକୁ ଉଠିବା; bulgy ବିଂ. ସ୍ଫୀତ।

**bulk** ବି. ପରିମାଣ, ଆୟତନ, ଆକାର, ବିଶେଷତଃ ବଡ଼ ଆକାର, ବହୁ ପରିମାଣରେ; bulk buying ବହୁ ପରିମାଣରେ କ୍ରୟ।

**bulkhead** ବି. ପାଣି ଜାହାଜ ବା ଉଡ଼ାଜାହାଜର କୋଠରୀକୁ ବିଭାଜନ କରୁଥିବା କାଠର ପଟା।

**bulky** ବିଂ. ପୃଥୁଳ, ସ୍ଥୂଳ, ବୃହଦାକୃତି।

**bull**[1] 1. ବି. ଷଣ୍ଢ, ଅଣ୍ଡିରା ହାତୀ, ତିମି ଓ ଅନ୍ୟ ବୃହଦାକାର ପ୍ରାଣୀ; ବୃଷରାଶି; 2. ବିଂ. ଷଣ୍ଢପରି (ଉଦା. bull neck); 3. bull calf ଅଣ୍ଡିରା ବାଛୁରୀ, bull-headed ଅବାଧ, ଅମାନିଆ; bull in a china shop ଦାୟିତ୍ୱହୀନ ବ୍ୟକ୍ତି, bull market ଅଂଶ ମୂଲ୍ୟରେ ବୃଦ୍ଧି ହେଉଥିବା ବଜାର; bull-nosed ଗୋଲ ଧାର ବିଶିଷ୍ଟ; bull-terrier ଦୋମିଶା କୁକୁର; take the bull by the horns ନିର୍ଭୀକ ଭାବେ ବିଷମ ପରିସ୍ଥିତିର ସମ୍ମୁଖୀନ ହେବା; John Bull ଇଂରେଜ ଜାତିର ବିଶେଷ ନାମ।

**bull**[2] ବି. ପୋପ୍‌ଙ୍କର ଅନୁଶାସନ ବା ଆଦେଶ ପତ୍ର।

**bull**[3] ବି.ଅସମ୍ବଦ୍ଧୋକ୍ତି, ବାଜେକାମ, କୌତୁକପ୍ରଦ ଭାଷାଭ୍ରମ।

**bulldog** ବି.ଏକ ଜାତୀୟ ବିରାଟକାୟ ଶକ୍ତିଶାଳୀ ସାହସୀ କୁକୁର; ଦୁଃସାହସୀ ବ୍ୟକ୍ତି।

**bulldoze** *ସ.କ୍ରି.* ବୁଲଡୋଜର ଦ୍ୱାରା ପରିଷ୍କାର କରିବା, ବଳପୂର୍ବକ ନିଜର ବାଟ କରିନେବା।

**bulldozer** ବି. ଉଚ୍ଚନୀଚ ଭୂମିକୁ ସମ କରିବାର ଭାରୀ ଯନ୍ତ୍ର।

**bullet** ବି. ଗୁଳି, ସୀସାରେ ତିଆରି ସାନଗୁଳି; bullet-proof ବିଂ. ଗୁଳିଦ୍ୱାରା ଅଭେଦ୍ୟ।

**bulletin** ବି. ମୁଦ୍ରିତ ସରକାରୀ ଇସ୍ତାହାର, ସରକାରୀ ଘୋଷଣା, ବିବରଣୀ ପତ୍ର।

**bullfight** ବି. ଏକ ପ୍ରକାର ଖେଳ ଯହିଁରେ ଯୋଦ୍ଧା ଷଣ୍ଢ ସହିତ ଲଢ଼ି ତାହାକୁ ମାରେ (ବିଶେଷତଃ ସ୍ପେନ୍ ଦେଶରେ)।

**bullfinch** ବି. ଟାଣ ଥଣ୍ଟ ଏବଂ ସୁଦୃଶ୍ୟ ପରଥିବା ଗାନକାରୀ ପକ୍ଷୀବିଶେଷ।

**bullfrog** ବି. ବିରାଟକାୟ ଆମେରିକୀୟ ବେଙ୍ଗ, ଅତି ଉଚ୍ଚସ୍ୱରରେ ବୋବାଏ; ଦର୍ଦ୍ଦୁର।

**bullion** ବି. ମୁଦ୍ରାରେ ପରିଣତ ହୋଇ ନଥିବା ସୁନା ବା ରୂପାର ଇଟାପିଣ୍ଡ।

Digitized by srujanika@gmail.com

**bullock** ବି. ବଳଦ।
**bullring** ବି. ଯେଉଁ ଖୋଲାସ୍ଥାନରେ ଷଣ୍ଢ ଲଢ଼େଇ ହୁଏ।
**bull's-eye** ବି. ଲକ୍ଷ୍ୟର କେନ୍ଦ୍ର, ଗୋଲାକୃତି ଗବାକ୍ଷ, ଗୋଲାକୃତି ଲଣ୍ଠନ ବା କାଚ।
**bully**[1.] 1. ବି. ବଳପ୍ରୟୋଗ କରି ବା ଧମକ ଦେଇ ଯେ ଅନ୍ୟକୁ ଡରାଏ; 2. କ୍ରି. ଭୟଭୀତ କରାଇ ନିର୍ଯ୍ୟାତନ କରିବା; 3. *ଅ. ସା.ପ୍ର.* ପ୍ରଶଂସା ସୂଚକ (bully for you).
**bully**[2.] ବି. ହକି ଖେଳର ଆରମ୍ଭ, ଦୁଇ ପ୍ରତିଦ୍ୱନ୍ଦ୍ୱୀ ଏଥିରେ ତିନିଥର ନିଜ ବାଡ଼ିରେ ଅପରର ବାଡ଼ିକୁ ଆଘାତ କରନ୍ତି ଏବଂ ତାହାପରେ ବଲ୍ ପଛରେ ଯାଆନ୍ତି।
**bully**[3.] ଟିଣରେ ବନ୍ଦ ଥିବା ଗୋମାଂସ।
**bulrush** ବି. କାଣ୍ଡଶର, ନଳ ତୃଣ।
**bulwark** ବି. ଦୁର୍ଗ, ଆତ୍ମରକ୍ଷାର ସ୍ଥଳ, ମାଟିବନ୍ଧ, ପ୍ରାଚୀର, ବ.ବ. ଜାହାଜ; ପଟାତଳର ଚତୁର୍ଦ୍ଦିଗସ୍ଥ ପ୍ରାଚୀର; ଆତ୍ମରକ୍ଷାର ଉପାୟ।
**bum**[1.] *ଅପ.* ପିଚା।
**bum**[2.] 1. ବି. *ସା.ପ୍ର.* ଅଳସୁଆ, ଅକର୍ମଣ୍ୟ ବ୍ୟକ୍ତି; 2. କ୍ରି. ଅଳସୁଆ ହୋଇ ଏଣେ ତେଣେ ବୁଲିବା; 3. ବିଂ. ନିକୃଷ୍ଟ; bumbailiff ବି. ସେରିଫଙ୍କର କର୍ମଚାରୀ ଯେ ଗିରଫଦାର କରେ; bum-boat ବି. ଜାହାଜ ନିକଟକୁ ଖାଦ୍ୟ ସାମଗ୍ରୀ ନେଇଯିବା ନୌକା।
**bumble** କ୍ରି. ନିର୍ବୋଧ ଭାବେ କାର୍ଯ୍ୟ କରିବା, ତ୍ରୁଟି କରିବା।
**bumble-bee** ବି. ବଡ଼ ମହୁମାଛି, ବାଘୁଆ ମହୁମାଛି।
**bumf** ବି. *ସା.ପ୍ର.* କାଗଜ ପତ୍ର, ନଥି।
**bump** 1. *ସ.କ୍ରି.* ବାଡ଼େଇ ହେବା, ଧକ୍କା ଲାଗିବା, ଆଘାତ କରିବା; 2. ବି. ଆଘାତ ଜନିତ କ୍ଷତି, ଦୁଇଟି ବସ୍ତୁର ସଂଘର୍ଷ; 3. bump into ହଠାତ୍ ଦେଖା ହୋଇଯିବା, bump off *ସା.ପ୍ର.* ହତ୍ୟା, bump up ବୃଦ୍ଧି।
**bumper** ବି. ପ୍ରଚୁର, ଆଶାତୀତ, ଅଧିକ (ଉଦା. bumper crop); ଧକ୍କା ନିରୋଧକ ଦଣ୍ଡ (ମଟର ଗାଡ଼ିରେ); ଉପରକୁ ଉଠିଥିବା ବଲ୍ (କ୍ରିକେଟ୍ ଖେଳରେ)।
**bumpkin** ବି. ଶିଷ୍ଟାଚାର ଅନଭ୍ୟସ୍ତ ଗାଉଁଲି ଲୋକ।
**bumptious** ବିଂ. ଆତ୍ମଶ୍ଳାଘାପୂର୍ଣ୍ଣ, ଗର୍ବିତ, ଆତ୍ମଗର୍ବସ୍ଫୀତ, ବିରକ୍ତିକରଭାବେ ଅହଙ୍କାରୀ।
**bun** ବି. ଶୁଷ୍କ ଫଳମିଶ୍ରିତ ପିଠା, ଗୋଲାକୃତି କେଶଗୁଚ୍ଛ; bun-fight ଚା ଆସର।
**bunch** 1. ବି. ପେଛା, ପେଣ୍ଡା, ଗୁଚ୍ଛ, ଥୋଲା, ସଂଗ୍ରହ; ଦଳ; 2. *ସ.କ୍ରି.* ପେଛା କରିବା, ପେଛାହେବା; 3. bunchy ବିଂ. ଗୁଚ୍ଛମୟ, ପେଣ୍ଡାକୃତି।
**bundle** 1. ବି. ପୁଟୁଳି, ଗଣ୍ଠିଲି, ବୋଝଟା, ବୁଜୁଳା, ବିଡ଼ା; 2. *ସ.କ୍ରି.* ବଣ୍ଡିଲ୍ ବାନ୍ଧିବା, ବୋଝଟା ବାନ୍ଧିବା, ଅଭଦ୍ର ପରି ଚାଲିଯିବା।
**bung** 1. ବି. ବୋତଲ ଠିପି; 2. *ସ.କ୍ରି.* ପିପା ମୁହଁ ବନ୍ଦ କରିବା, ଠିପି ଲଗାଇବା।
**bungalow** ବି. ବଙ୍ଗଳା; ବାରଣ୍ଡା ବିଶିଷ୍ଟ ଏକ ମହଲା ଘର, ଭ୍ରମଣକାରୀ ବା ସରକାରୀ ପରିଦର୍ଶକମାନଙ୍କ ନିମନ୍ତେ ନିର୍ମିତ ଗୃହ।
**bungle** 1. *ଅ.କ୍ରି.* କଦର୍ଯ୍ୟ ଭାବେ ସମ୍ପାଦନ କରିବା, ଗୋଳମାଳ କରିବା, ବିଶୃଙ୍ଖଳ ଭାବେ କରିବା, ଠିକ୍ ଭାବେ କରି ନ ଜାଣିବା; ନଷ୍ଟ କରିଦେବା; 2. ବି. ଗୋଳମାଳିଆ କାମ।
**bunion** ବି. ପାଦବ୍ରଣ, ପାଦର ବୃଦ୍ଧାଙ୍ଗୁଳିରେ ଦରଜ ଥିବା ଫୁଲା।
**bunk**[1.] ବି. କାନ୍ଥ ସଂଲଗ୍ନ ସଂକୀର୍ଣ୍ଣ ଶଯ୍ୟା, ଜାହାଜ ବା ରେଲ୍‌ଗାଡିରେ ଶୋଇବାର ସ୍ଥାନ; bunk-bed ଏହି ଭଳି ଦୁଇ ବା ତିନୋଟି ଉପର ଉପର ଶଯ୍ୟା।
**bunk**[2.] ବି. *ସା.ପ୍ର.* ନିର୍ବୋଧତା।
**bunk**[3.] ବି. ଶୀଘ୍ର ପଳାଇଯିବା (କେବଳ do a bunk).
**bunker** ବି. (ଜାହାଜରେ) ଜାଳେଣି ରଖିବା ସ୍ଥାନ, ଭୂଗର୍ଭସ୍ଥ ଆଶ୍ରୟସ୍ଥଳ; ଗୋଲ୍‌ଫ ଖେଳରେ ଖେଳାଳିକୁ ବାଧା ଦେଉଥିବା ଭଳି ଗାତ ବା ଖାଇ, ପ୍ରତିବନ୍ଧକ।
**bunkum** ବି. ଫମ୍ପା, ଲମ୍ବାଚଉଡ଼ା କଥା, ବାଜେ କଥା।
**bunny** ବି. ଠେକୁଆର ସର୍ବଜନାଦୃତ ନାମ।
**Bunsen burner** ବି. ଗବେଷଣାଗାରରେ ବ୍ୟବହୃତ ଗ୍ୟାସ୍ ଜଳାଇବା ଉପକରଣ, ଉତ୍ତାପ ସୃଷ୍ଟି ନିମନ୍ତେ ବ୍ୟବହୃତ; ବୁନ୍‌ସେନ ଜ୍ୱାଳକ।
**bunting** ବି. ପତାକା ଏବଂ ଅନ୍ୟାନ୍ୟ ସାଜସଜ୍ଜା କଳା ଦା ବସ୍ତ୍ର, ସାନ ପତାକା; କ୍ଷୁଦ୍ରପକ୍ଷୀ ବିଶେଷ।

Digitized by srujanika@gmail.com

**buoy** 1. ବି. ନୌଚାଳନର ଗତିପଥ ପ୍ରଦର୍ଶକ, ନଙ୍ଗର କରାହୋଇଥିବା ଭାସମାନ ହଣ୍ଡା; 2. ସ.କ୍ରି. ଭାସମାନ ହଣ୍ଡାଦ୍ୱାରା ଚିହ୍ନିତ କରିବା; 3. buoy up ଉତ୍ସାହିତ କରିବା।

**buoyant** ବିଂ. ଭାସମାନ, ଭାସିବାଯୋଗ୍ୟ, ପ୍ଲବନଶୀଳ; ଉତ୍‌ଫୁଲ୍ଲ, ପ୍ରଫୁଲ୍ଲ, ହାଲୁକା; buoyancy ବି. ଆପେକ୍ଷିକ ଲଘୁତା, ତରଳ ପଦାର୍ଥର ଊର୍ଦ୍ଧ୍ୱଚାପ।

**bur** ବି. ବୀଜର କଣ୍ଟକମୟ ଆବରଣ, କଣ୍ଟକିତ ବୀଜକୋଷ (ଗୁରୁଚିଆ ପ୍ରଭୃତି); ନଛୋଡ଼ବନ୍ଧା ଲୋକ।

**burble** ଅ.କ୍ରି. ଗୁଣୁଗୁଣୁ ଶବ୍ଦକରିବା, ଅସ୍ଫୁଟ ସ୍ୱରରେ କଥା କହିବା।

**burbot** ବି. ବର୍ଷୌରା ବା ତୋଡ଼ି ଜାତୀୟ ମାଛ।

**burden** 1. ବି. ବୋଝ, ଭାର; ଭାରିବୋଝ, ଦାୟିତ୍ୱ, ଅସହ୍ୟ କର୍ମଭାର; ଗୀତର ଶେଷ ଧାଡ଼ି, ଘୋଷା; 2. ସ.କ୍ରି. ଭାରଗ୍ରସ୍ତ କରିବା, ଦାୟିତ୍ୱ ଲଦି ଦେବା; 3. burden of proof ପ୍ରମାଣ କରିବା ଦାୟିତ୍ୱ।

**burdock** ବି. କଣ୍ଟାଳିଆ ଫୁଲଯୁକ୍ତ ଉଦ୍‌ଭିଦ।

**bureau** ବି.ବ.ବ. bureaux/ bureaus ଦରାଜ ଥିବା ଲେଖା-ଟେବୁଲ, ବ୍ୟବସାୟୀ କାର୍ଯ୍ୟାଳୟ, ସରକାରୀ ଅଫିସ୍, ମଣ୍ଡଳ, ଦପ୍ତର।

**bureaucracy** ବି. ଅମଲାତନ୍ତ୍ର, ବିଭାଗୀୟ ଅଧକ୍ଷମାନଙ୍କ ଦ୍ୱାରା ପରିଚାଳିତ ଶାସନ।

**bureaucrat** ବି. ଅମଲାତନ୍ତ୍ର କର୍ମଚାରୀ, ସରକାରୀ କର୍ମଚାରୀ; bureaucratic ବିଂ. ଅମଲାତନ୍ତ୍ରୀୟ; କ୍ରି.ବିଂ. bureaucratically.

**burette** ବି. (ଆମେ. buret) ରାସାୟନିକ ପରୀକ୍ଷାରେ ତରଳପଦାର୍ଥ ମାପିବା ନିମନ୍ତେ ବ୍ୟବହୃତ ଅଂଶାଙ୍କିତ କାଚନଳୀ।

**burgee** ବି. ତ୍ରିକୋଣ ପତାକା।

**burgeon** 1. ବି. ମୁକୁଳ, କଢ଼ି, ଅଙ୍କୁର; 2. ଅ.କ୍ରି. ଅଙ୍କୁରିତ ହେବା, ମୁକୁଳିତ ହେବା, ବଢ଼ିବା।

**burgess** ବି. ନାଗରିକ, ପୌରଜନ।

**burgh** ବି. ମହାସଭାକୁ ପ୍ରତିନିଧି ପଠାଇବା ନିମନ୍ତେ ଅଧିକାରପ୍ରାପ୍ତ ସ୍କଟ୍‌ଲାଣ୍ଡ ଦେଶୀୟ ନଗର।

**burgher** ବି. ନାଗରିକ, ବିଶେଷତଃ ବିଦେଶୀ ସହରର।

**burglar** ବି. ସିନ୍ଧିଆଳ ଚୋର, ଚୋର; burglary ବି. ସିନ୍ଧି, ଚୋରି।

**burgle** ସ.କ୍ରି. ସିନ୍ଧି ବା ଚୋରିକରିବା।

**burgomaster** ବି. ହଲାଣ୍ଡ ବା ଫ୍ଲେଣ୍ଡର୍ସର ପ୍ରଧାନ ନାଗରିକ, ବିଚାରପତି ବା ମେୟର।

**burgundy** ବି. ଫ୍ରାନ୍ସର ବର୍ଗାଣ୍ଡି ଅଞ୍ଚଳର ଲାଲ୍ ବା ଧଳା ମଦ।

**burial** ବି. କବର ଦେବା କାର୍ଯ୍ୟ, ସମାଧିଦେବା କାର୍ଯ୍ୟ, ଏହି ପ୍ରକାର ଅନ୍ତ୍ୟେଷ୍ଟିକ୍ରିୟା; burial case କଫିନ୍; burial ground ସମାଧିସ୍ଥଳ; burial service ଅନ୍ତ୍ୟେଷ୍ଟିକ୍ରିୟା; buried in oblivion ବିସ୍ମୃତି ଗର୍ଭରେ ବିଲୀନ।

**burin** ବି. ସୂକ୍ଷ୍ମାଗ୍ର ବଟାଳି, ତାମ୍ରଖୋଦନ ନିମନ୍ତେ ବ୍ୟବହୃତ ଯନ୍ତ୍ର।

**burlesque** 1. ବି. ପ୍ରହସନ; ହାସ୍ୟୋଦ୍ଦୀପକ ରଚନା, ନାଟକୀୟ ଲାଳିକା, ବ୍ୟଙ୍ଗଚିତ୍ର, ମନୋରଂଜନ କାର୍ଯ୍ୟକ୍ରମ; 2. ବିଂ. ହାସ୍ୟୋଦ୍ଦୀପକ, ହାସ୍ୟୋଦ୍ଦୀପକ ଭାବେ ଅନୁକରଣକାରୀ।

**burly** ବିଂ. ସ୍ଥୂଳକାୟ, ବଳିଷ୍ଠ, ସୁଗଠିତ; ଗୋଳମାଳପ୍ରିୟ।

**burn** 1. କ୍ରି. ପୋଡ଼ିବା, ଜାଳିବା, ଅଗ୍ନିଦଗ୍ଧ ହୋଇ ଆଘାତ ପ୍ରାପ୍ତ ହେବା; ଜାଳେଣି ରୂପେ ବ୍ୟବହୃତ ହେବା, ଅଗ୍ନିଦଗ୍ଧ ହୋଇ ଶକ୍ତ ହେବା, ଅଗ୍ନି ଦଗ୍ଧ ହୋଇ ମୃତ୍ୟୁବରଣ କରିବା; ଉତ୍ତପ୍ତହେବା, କ୍ରୋଧାନ୍ୱିତ ହେବା, ଉତ୍ତେଜିତ ହେବା; 2. ବି. ଦାହଜନିତ କ୍ଷତ, ପୋଡ଼ା ଘା, ଜ୍ୱାଳା; burn one's boats ନିଜକୁ ନିରୁପାୟ କରି ଉତ୍ସର୍ଗ କରିଦେବା; burn the candle at both ends ସମସ୍ତ ଶକ୍ତି ନିଃଶେଷ କରିଦେବା; burn down ଜାଳି ଭସ୍ମୀଭୂତ କରିବା; burn one's fingers ଅପରିଣାମଦର୍ଶିତା ନିମନ୍ତେ ନିଜେ ଦଣ୍ଡ ଭୋଗିବା; burning-glass ସୂର୍ଯ୍ୟତାପଦ୍ୱାରା ଅଗ୍ନିସୃଷ୍ଟି କରିବା ନିମନ୍ତେ ବ୍ୟବହୃତ ଲେନ୍ସ; burn the midnight oil ବହୁ ରାତି ପର୍ଯ୍ୟନ୍ତ ଲେଖାପଢ଼ା କାମ କରିବା; burnt offering ଆହୁତି।

**burner** ବି. ଜ୍ୱାଳକ, ଦାହକ, ଚୁଲୀ ବା ଦୀପର ଯେଉଁ ଅଂଶରୁ ଅଗ୍ନି ଶିଖା ବାହାରେ, ବତୀମୁହଁ।

Digitized by srujanika@gmail.com

**burning** 1. ବି. ଦହନ; 2. ବିଂ. ଉତ୍ତପ୍ତଭାବେ ଆଲୋଚିତ, ମହତ୍ତ୍ୱପୂର୍ଣ୍ଣ ।
**burnish** ସ.କ୍ରି. ମାଜି ଚକ୍‌ଚକ୍ କରିବା, ପାଲିସ୍ କରିବା ।
**burnous** ବି. ଆରବୀ ବହିର୍ବାସ ।
**burp** କ୍ରି. କ.ଭା ବାନ୍ତି କରିବା, ଓକାଳିବା ।
**burr** ବି. ଶୀଘ୍ର ଘୂରୁଥିବା ଯନ୍ତ୍ରର କର୍କଶ ଶବ୍ଦ ।
**burrow** 1. ବି. ଗର୍ତ୍ତ, ବିବର; କୋକିଶିଆଳି, ଠେକୁଆ ପ୍ରଭୃତି କରିଥିବା ଗାତ; 2. କ୍ରି. ଭୂଇଁରେ ଗାତକରିବା, କୌଣସି କାର୍ଯ୍ୟରେ ଅଧ୍ୟବସାୟ ସହ ଲାଗିବା; ଖୋଜିବା; ଅନୁସନ୍ଧାନ କରିବା ।
**bursar** ବି. କଲେଜ ପ୍ରଭୃତିର କୋଷାଧ୍ୟକ୍ଷ ।
**bursary** ବି. କୋଷାଧ୍ୟକ୍ଷର କାର୍ଯ୍ୟ; ଛାତ୍ରମାନଙ୍କୁ ଦିଆଯାଉଥିବା ବୃତ୍ତି ।
**burst** କ୍ରି. (ଅ.କା./ ଅ.କ୍ରି.କ.ପ. burst) ଫଟାଇଦେବା, ବଳପୂର୍ବକ ଭାଙ୍ଗିଦେବା; ନାଟକୀୟ ଭାବରେ ପ୍ରବେଶ ବା ପ୍ରସ୍ଥାନ କରିବା; ହଠାତ୍ ନିଜର ମନ୍ତବ୍ୟ ଦେବା; ହଠାତ୍ ଆସିବା; ଅତର୍କିତ ଭାବରେ, ଖୁବ୍ ଜୋର୍‌ରେ ବା ହଠାତ୍ କ୍ରୁଦ୍ଧ ସ୍ୱରରେ କହିବାକୁ ଆରମ୍ଭ କରିବା; ଉତ୍ତେଜିତ ହେବା, ଛିନ୍ନବିଚ୍ଛିନ୍ନ ହେବା, ଏଣେ ତେଣେ ବିକ୍ଷିପ୍ତ ହେବା; burst into ଅତର୍କିତ ଭାବେ କରି ପକାଇବା (କାନ୍ଦିବା, ହସିବା ଆଦି); burst out ହଠାତ୍ ଆରମ୍ଭ କରିବା ।
**burton** ବି. (କେବଳ go for a burtonରେ) ମରିଯାଅ, ଧ୍ୱଂସ ହୋଇ ଯାଅ, ହଜିଯାଅ ।
**bury** ସ.କ୍ରି. କବର ଦେବା, ସମାଧିଦେବା, ଭୂଇଁତଳେ ପୋତିବା; ଭୂଇଁତଳେ ଲୁଚାଇବା, ଘୋଡ଼ାଇଦେବା, ଅଦୃଶ୍ୟ କରିଦେବା; ଗଭୀର ଭାବରେ ସମ୍ପୃକ୍ତ ହୋଇ ପଡ଼ିବା; bury the hatchet ବିବାଦର ଅବସାନ ଘଟାଇବା ।
**bus** ସଂକ୍ଷି. OMNIBUS ବି. ଯାତ୍ରୀବାହୀ ବଡ଼ ମଟର ଗାଡ଼ି; bus lane ବସଯାତ୍ରା ନିମନ୍ତେ ରାସ୍ତାର ଚିହ୍ନିତ ଅଂଶ; bus-stop ବସ ରହିବା ସ୍ଥାନ ।
**busby** ବି. ସୈନ୍ୟ ବିଭାଗରେ ବ୍ୟବହୃତ ଲୋମର ବଡ଼ ଟୋପି ।
**bush**[1] ବି. ବୁଦା, ଗୁଳ୍ମ, ଗୁଳ୍ମପୂର୍ଣ୍ଣ ଅକର୍ଷିତ ବନଭୂମି, ଛୋଟ ଜଙ୍ଗଲ; bush-baby ଆଫ୍ରିକାର ଗଛ-ଚଢ଼ାଳି ଲେମୁର୍; bush telegraph ତୁଣ୍ଡବାଇଦରେ ପ୍ରଚାର, ସମ୍ବାଦର ଦ୍ରୁତ ପ୍ରସାର ।
**bush**[2] ବି. ଯନ୍ତ୍ରପାତିର ରନ୍ଧ୍ରରେ ବ୍ୟବହୃତ ଧାତବ ଉପକରଣ ।
**bushel** ବି. ଶସ୍ୟ ଓ ଫଳପ୍ରଭୃତିର ପରିମାଣ ବିଶେଷ (ପ୍ରାୟ ୮ ଗେଲନ୍ = ୩୬.୪ ଲିଟର) ।
**bushman** ବି. ଅଷ୍ଟ୍ରେଲିଆର ଅଧିବାସୀ; (Bushman) ଦ. ଆଫ୍ରିକାର ଆଦିମ ଅଧିବାସୀ ବା ସେମାନଙ୍କର ଭାଷା ।
**bushy** ବି. ଝଙ୍କାଳିଆ, ବହୁବୁଦାଯୁକ୍ତ, ଗୁଳ୍ମାବୃତ ।
**business** ବିଂ. ନିୟମିତ କାର୍ଯ୍ୟ ବା ବୃତ୍ତି; କର୍ତ୍ତବ୍ୟ, ଦାୟିତ୍ୱ, ଗୁରୁତ୍ୱପୂର୍ଣ୍ଣ କ୍ରିୟାକଳାପ, ବ୍ୟବସାୟ, ବାଣିଜ୍ୟ, ବେପାର, ବ୍ୟବସାୟ ପ୍ରତିଷ୍ଠାନ; businessman ବି. ବ୍ୟବସାୟୀ; mind one's own business ଅନ୍ୟ କାହାରି ବ୍ୟାପାରରେ ହସ୍ତକ୍ଷେପ ନ କରି ନିଜ କଥା ନିଜେ ବୁଝିବା ।
**businesslike** ବିଂ. ବେପାରୀବୁଦ୍ଧିସମ୍ପନ୍ନ, ବ୍ୟବସାୟୀ ଗୁଣ ବିଶିଷ୍ଟ, କୁଶଳୀ, ସୁଶୃଙ୍ଖଳ, ନିୟମାବଦ୍ଧ ।
**busker** ବି. ଭ୍ରାମ୍ୟମାଣ ଅଭିନେତା, ପଥପାର୍ଶ୍ୱ-ଗାୟକ ।
**bust**[1] 1. କ୍ରି. (bustର ଅ.କା.), ଭାଙ୍ଗିଯିବା, ଫାଟିଯିବା, ହଠାତ୍ ବନ୍ଦ ହୋଇଯିବା; 2. ବିଂ. ଭଙ୍ଗା, ଫଟା, ଦେବାଳିଆ; 3. ବି. ଆକସ୍ମିକ (ବିଶେଷତଃ ଆର୍ଥିକ) ଅବନତି ।
**bust**[2] ବି. ଆବକ୍ଷମୂର୍ତ୍ତି, ମସ୍ତକଠାରୁ କଟିପର୍ଯ୍ୟନ୍ତ ଦେହାଂଶ ।
**bustard** ବି. ବିରାଟକାୟ ଦ୍ରୁତଗତିଶୀଳ ପକ୍ଷୀ ବିଶେଷ ।
**bustle** 1. ସ.କ୍ରି. କାର୍ଯ୍ୟବ୍ୟସ୍ତ ଥିଲାପରି ଦେଖାଇହେବା, ଦୌଡ଼ ଧାପଡ଼ କରିବା, ବ୍ୟସ୍ତହୋଇ ଯିବା ଆସିବା କରିବା; 2. ବି. ଦୌଡ଼ଧାପଡ଼, ଗହଳ ।
**busy** ବିଂ. କାର୍ଯ୍ୟବ୍ୟସ୍ତ, ଅଧ୍ୟବସାୟୀ, କାର୍ଯ୍ୟରତ, ନିରଳସ, ବହୁକାର୍ଯ୍ୟରେ ସମ୍ପୃକ୍ତ, କର୍ମମୁଖର, ବ୍ୟସ୍ତତାପୂର୍ଣ୍ଣ ।
**busybody** ବି. ଅନ୍ୟର କାର୍ଯ୍ୟରେ ଅଯଥା ହସ୍ତକ୍ଷେପକାରୀ, ଯେ ଉପରେ ପଡ଼ି ଅନ୍ୟର କାର୍ଯ୍ୟରେ ବ୍ୟସ୍ତ ରହେ ।

Digitized by srujanika@gmail.com

**but** 1. *ସଂଯୋ.* କିନ୍ତୁ, ତଥାପି, କେବଳ, ମାତ୍ର, ତା'ନ ହୋଇନଥିଲେ; 2. *ଅ.* ବ୍ୟତୀତ, ତା'ଛଡ଼ା (but for you; last but one); 3. *କ୍ରି.ବିଂ.* କେବଳ, ମାତ୍ର (he is but a student); 4. *କ୍ରି.* (କେବଳ but me no buts) ଆପତ୍ତି କରନାହିଁ; 5. *ବି.* ଆପତ୍ତି (ifs and buts); but that (or what) ତା'ଛଡା ବା ବ୍ୟତୀତ ।

**butane** ବି. ତରଳ ଜାଳେଣି ରୂପେ ବ୍ୟବହୃତ ପାରାଫିନ୍ ଜାତୀୟ ହାଇଡ୍ରୋକାର୍ବନ ।

**butch** ବିଂ. ପୌରୁଷ ବ୍ୟଂଜକ, କଠୋରଦର୍ଶନ ।

**butcher** 1. ବି. କଂସାଇ, ଯେ ପଶୁହତ୍ୟା କରି ମାଂସ ବିକ୍ରିକରେ, ନୃଶଂସ ବ୍ୟକ୍ତି; 2. *ସ.କ୍ରି.* ପଶୁହତ୍ୟା କରିବା; ଅଯଥା ବା ନିଷ୍ଠୁରଭାବେ ହତ୍ୟାକରିବା ।

**butchery** ବିଂ. ନିର୍ବିଚାର ହତ୍ୟାକାଣ୍ଡ, କଂସାଇ ବ୍ୟବସାୟ ।

**butler** ବି. ଗୃହର ପ୍ରଧାନ (ପୁରୁଷ) ଭୃତ୍ୟ, ରନ୍ଧନ ଉପକରଣ ଓ ମଦ୍ୟଶାଳା ଦାୟିତ୍ୱରେ ଥିବା ବ୍ୟକ୍ତି ।

**butt**[1.] ବି. ବେଣ୍ଟ, ହତିଆର ବା ଯନ୍ତ୍ରପାତିର ସ୍ଥୂଳାଗ୍ର, ବନ୍ଧୁକର କୁନ୍ଦା, ସିଗାରେଟ୍‌ର ଶେଷାଂଶ; ଥଟା ।

**butt**[2.] ବି. ପରିହାସର ପାତ୍ର ।

**butt**[3.] *ସ.କ୍ରି./ଅ.କ୍ରି.* ମୁଣ୍ଡ ଲଢ଼ାଇ (ଛେଳି ମେଣ୍ଢା ଯେପରି କରନ୍ତି) ବାଡ଼େଇ ହେବା; butt in କଥାବାର୍ତ୍ତାରେ ବାଧାଦେବା; ହସ୍ତକ୍ଷେପ କରିବା ।

**butter** 1. ବି. ଲହୁଣୀ, ନବନୀତ; 2. *ସ.କ୍ରି.* ଲହୁଣୀ ଲଗାଇବା; butter up *କ.ଭା.* ତେଲ ମାରିବା ।

**buttercup** ବି. ପିଆଲା ଆକୃତିର ପୀତପୁଷ୍ପଯୁକ୍ତ ଏକପ୍ରକାର ବନ୍ୟ ଉଦ୍ଭିଦ ।

**butterfly** ବି. ପ୍ରଜାପତି; ସୌଖୀନ ଲୋକ; butterfly stroke ସନ୍ତରଣର ଏକ ଭଙ୍ଗୀ, ଯହିଁରେ ଦୁଇହାତକୁ ଏକ ସଙ୍ଗରେ ଉଠାଇ ଆଗକୁ ପ୍ରସାରିତ କରାଯାଏ ।

**buttermilk** ବି. ଘୋଳଦହି, ମହି, ଚହ୍ଲା ।

**butterscotch** ବି. ଲହୁଣୀ ଓ ଖଣ୍ଡସାରିରେ ପ୍ରସ୍ତୁତ ଭଙ୍ଗୁର ମିଷ୍ଟାନ୍ନ ବିଶେଷ ।

**buttery**[1.] ବିଂ. ଲହୁଣୀ ସଦୃଶ ବା ଲହୁଣୀ ଯୁକ୍ତ ।

**buttery**[2.] ବି. କଲେଜ ପ୍ରଭୃତିର ଭଣ୍ଡାର ଘର ।

**buttock** ବି. *(ସା. ବ.ବ)* ନିତମ୍ବ, ପିଚା; ପଶୁର ପଛପାଖ ।

**button** 1. ବି. ବୋତାମ, ବିଦ୍ୟୁତ୍‌ଚାଳିତ ଯନ୍ତ୍ର ବା ଘଣ୍ଟିର ଟିପା ବୋତାମ୍; 2. *ସ.କ୍ରି.* ବୋତାମ ଦ୍ୱାରା ବନ୍ଦ କରିବା ।

**buttonhole** ବି. ବୋତାମ ଘର, କୋଟ ପ୍ରଭୃତିର ଲେପେଲ୍, ଫୁଲ ରଖିବା ପାଇଁ ଛିଦ୍ର; button hook ବି. ବୋତାମ ଆଙ୍କୁଡ଼ି ।

**buttress** 1. ବି. କାନ୍ଥକୁ ଲାଗିକରି ଗଢ଼ାହୋଇଥିବା ଠେସ; ଅବଲମ୍ବନ ବା ସହାୟକ ବସ୍ତୁ କିମ୍ବା ବ୍ୟକ୍ତି; 2. *ସ.କ୍ରି.* ଠେସ ଲଗାଇବା, ସାହାଯ୍ୟ ଦେବା, ଉତ୍ସାହିତ କରିବା ।

**buxom** ବି. ପୁଷ୍ଟାଙ୍ଗୀ, ସ୍ୱାସ୍ଥ୍ୟବତୀ ମହିଳା ।

**buy** 1. *ସ.କ୍ରି.* ( *ଅ.କା./ଅ.କ୍ରି.ଜ.ପ.* bought) କିଣିବା, କ୍ରୟକରିବା, ଅର୍ଥ ବଦଳରେ ପାଇବା; ଲାଞ୍ଚଦେବା; *ଅପ.* ବିଶ୍ୱାସ କରିବା, ସତ୍ୟ ରୂପେ ଗ୍ରହଣ କରିବା; 2. ବି. କ୍ରୟ, କ୍ରୀତବସ୍ତୁ; 3. buy in ସାମଗ୍ରିକ ହିସାବରେ ଖର୍ଦ୍ଦି କରିବା; buy it *ସା.ପ୍ର.* ନିହତ ହେବା; buy off ଅର୍ଥଦେଇ ମୁକ୍ତି ଲାଭ କରିବା, ଉତ୍କୋଚ ଦେଇ ବଶୀଭୂତ କରିବା; buy out ଅର୍ଥ ବଦଳରେ ମାଲିକାନା ଲାଭ କରିବା; buy up ଯାବତୀୟ ସାମଗ୍ରୀ କିଣି ପକାଇବା ।

**buyer** ବି. କ୍ରେତା, ବଡ଼ ଦୋକାନ ନିମନ୍ତେ ଜିନିଷ ପତ୍ର ଖର୍ଦ୍ଦି କରିବାକୁ ନିଯୁକ୍ତ ବ୍ୟକ୍ତି, buyer's market କ୍ରେତା ନିମନ୍ତେ ଅନୁକୂଳ ବାଣିଜ୍ୟିକ ସୁଯୋଗ ।

**buzz** 1. *କ୍ରି.* ମହୁମାଛି ଭଳି ଗୁଣୁଗୁଣୁ କରିବା; 2. ବି. ଗୁଞ୍ଜନ, ମହୁମାଛିର ଗୁଣୁଗୁଣୁ ଶବ୍ଦ; ଉତ୍ତେଜନାପୂର୍ଣ୍ଣ ପରିବେଶ, ଟେଲିଫୋନ ଓ ଏକପ୍ରକାର କଲିଂ ବେଲର ଶବ୍ଦ ।

**buzzard** ବି. ବାଜଜାତୀୟ ଶିକାରୀ ପକ୍ଷୀ ।

**buzzer** ବି. ଗୁଣୁଗୁଣୁ ଶବ୍ଦ ସୃଷ୍ଟିକାରୀ ବୈଦ୍ୟୁତିକ ଯନ୍ତ୍ର (ସଙ୍କେତ ପ୍ରେରଣ ନିମନ୍ତେ ବ୍ୟବହୃତ); ଘଣ୍ଟି ।

**bwana** ବି. ପ୍ରଭୁ, ମାଲିକ (ଆଫ୍ରିକୀୟ ସମ୍ବୋଧନ) ।

**by** 1. *ଅ.* ନିକଟରେ, ପାଖରେ, ପାଖକୁ; ମଧଦେଇ, ବାଟଦେଇ; ଏକ ପାଖରୁ ଅନ୍ୟ ପାଖକୁ, ଉପେକ୍ଷା କରି, ଦ୍ୱାରା, ଯଥାଶୀଘ୍ର,

Digitized by srujanika@gmail.com

ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ; ମତାନୁସାରେ, ପାଖକୁ ଲାଗି, ପାଖଦେଇ; ଅଧୀନସ୍ଥ, ଗୌଣ; 2. କ୍ରି.ବିଂ. ନିକଟରେ, ପାର୍ଶ୍ୱରେ (stand by); 3. by and by କ୍ରମେ; ଅନତିବିଳମ୍ବେ; by and large ମୋଟାମୋଟି ଭାବରେ, by the by ପ୍ରସଙ୍ଗ କ୍ରମେ, ଘଟଣା କ୍ରମେ; by one self ଏକାକୀ, ବିନା ସାହାଯ୍ୟରେ।

**bye**[1.] ବି. କ୍ରିକେଟ ଖେଳରେ ବଲ୍ ବେଟ୍‌ରେ ନବାଜି ସଂଗ୍ରହ ହେଉଥିବା ରନ୍; ଖେଳରେ ଏକ ଖେଳାଳିର ସ୍ଥାନ, ଯେକି ଜିତିବା ଭଳି ଦ୍ୱିତୀୟ ପ୍ରତିଯୋଗିତାରେ ଗୃହୀତ ହୁଏ।

**bye**[2.] ଅବ୍ୟ ବିଦାୟ; (bye–bye ମଧ୍ୟ)।

**by–election** ବି. ଉପନିର୍ବାଚନ।

**bygone** ବିଂ.ଅତୀତ, ଅତୀତ ସଂକ୍ରାନ୍ତ, ଗତକଥା; let bygones be bygones ଗତସ୍ୟ ଶୋଚନା ନାସ୍ତି।

**by–law** ବି. ଉପବିଧି, ସ୍ଥାନୀୟ ନିୟମ; (bye–law ମଧ୍ୟ)।

**by–lane** ବି. ଶାଖାଗଳି, ପାର୍ଶ୍ୱଗଳି, ଛୋଟଗଳି।

**byline** ବି. ଖବର କାଗଜରେ ପ୍ରବନ୍ଧ ଲେଖକଙ୍କର ନାମ ଯେଉଁଠି ଲେଖାଥାଏ; ଗୌଣକାର୍ଯ୍ୟ।

**bypass** 1. ବି. ପାର୍ଶ୍ୱପଥ, ଉପ ବାଟ; 2. କ୍ରି. ଆଡ଼େଇ ଯିବା, ଏଡାଇ ଯିବା।

**bypath** ବି. ଉପପଥ, ନିକାଞ୍ଚନ ରାସ୍ତା।

**by–play** ବି. ନାଟକର ଅଳ୍ପ ଗୁରୁତ୍ୱପୂର୍ଣ୍ଣ ସଂଳାପହୀନ ଅଂଶ।

**by–product** ବି. ଉପଜାତ, ପ୍ରଧାନ ଜିନିଷର ଉତ୍ପନ୍ନ ସମୟରେ ଅନ୍ୟ ଯାହା ଉତ୍ପନ୍ନ ହୁଏ।

**byre** ବି. ଗାଈ ଗୁହାଳ।

**by–road** ବି. ଉପପଥ।

**byssinosis** ବି. ସୂତାକଳର ଧୂଳି ନାକବାଟେ ଶରୀରକୁ ଯିବା ଫଳରେ ସୃଷ୍ଟ ଫୁସ୍‌ଫୁସ୍‌ର ରୋଗ।

**bystander** ବି.ଦର୍ଶକ, ଦେଖଣାହାରୀ, ପାଖରେ ଠିଆ ହୋଇଥିବା ଲୋକ।

**by–street** ବି. ଉପପଥ, ନିଭୃତ ପଥ।

**byte** ବି. କମ୍ପ୍ୟୁଟରର ଦ୍ୱୈତ ସଂଖ୍ୟା ବିଶିଷ୍ଟ ଶ୍ରେଣୀ।

**byway** ବି. ଘରୋଇ ପଥ, ପାର୍ଶ୍ୱପଥ; ସାଧାରଣ କାର୍ଯ୍ୟ କଳାପ।

**byword** ବି. ପ୍ରବାଦ, ପ୍ରଚଳିତ କଥା; ଉଦାହରଣ ରୂପେ ଉଦ୍ଧୃତ ବ୍ୟକ୍ତି ବା ବସ୍ତୁ।

**Byzantine** 1. ବିଂ. ରୋମ ସାମ୍ରାଜ୍ୟର ବାଇଜାନ୍‌ଟିୟମ୍ ସମ୍ପର୍କୀୟ, ପୂର୍ବରୋମ ସାମ୍ରାଜ୍ୟର କଳା, ସ୍ଥାପତ୍ୟ ସମ୍ପର୍କୀୟ; ଦୃଢ଼, ଗୁପ୍ତହସ୍ତ; 2. ବି. ବାଇଜାନ୍‌ଟିୟମ୍‌ର ଅଧିବାସୀ; ବି. Byzantinism.

Digitized by srujanika@gmail.com

# Cc

**C,c.** ଇଂରାଜୀ ବର୍ଣ୍ଣମାଳାର ତୃତୀୟ ଅକ୍ଷର; ସଙ୍ଗୀତ/ ସ୍ୱର ଗ୍ରାମର ପ୍ରଥମ ସ୍ୱର; ରୋମୀୟ ଶତକ (୧୦୦)ର *ସଂଣ.*; ସେଣ୍ଟିଗ୍ରେଡ୍, ସେଣ୍ଟ, ସେଣ୍ଟିମିଟରର *ସଂ*; ବୀଜଗଣିତର ତୃତୀୟ ଜ୍ଞାତ ବସ୍ତୁ; ସେଲସିୟସ୍‌ର *ସଂଣ.*; କାର୍‌ବନର *ସଂଣ.*।

**cab** ବି. ଘୋଡ଼ା ବା ମଟର ଚାଳିତ ଦୁଇ ଚକିଆ ବା ଚାରିଚକିଆ ଭଡ଼ା ଗାଡ଼ି; cabman ଏହି ଗାଡ଼ିର ଚାଳକ।

**cabal** ବି. ଗୁପ୍ତସମିତି, ରାଜନୈତିକ ଷଡ଼ଯନ୍ତ୍ର।

**cabaret** ବି. ନୃତ୍ୟଗୀତର ବ୍ୟବସ୍ଥା ଥିବା ରାତ୍ରିକ୍ଲବ ବା ଭୋଜନାଳୟ; ସେହିନୃତ୍ୟ।

**cabbage** ବି. ବନ୍ଧାକୋବି; *କ.ଭା.* କର୍ମକୁଣ୍ଠ, ଅନାଗ୍ରହୀ ବ୍ୟକ୍ତି।

**cabbie, cabby** ବି. ଭଡ଼ାଗାଡ଼ିର ଚାଳକ।

**cabin** ବି. କାଷ୍ଠନିର୍ମିତ କ୍ଷୁଦ୍ରକକ୍ଷ, ଜାହାଜ ବା ଉଡ଼ାଜାହାଜର କକ୍ଷ, ଚାଳକର କକ୍ଷ; cabin boy ଜାହାଜର ପରିଚାରକ; cabin cruiser କେବିନ ଥିବା ବିରାଟ ଇଞ୍ଜିନ୍ ଚାଳିତ ନୌକା।

**cabinet** ବି. ଦରାଜ, ଥାକ ଯୁକ୍ତ ଆଲମାରୀ; ଟେଲିଭିଜନ୍, ରେଡ଼ିଓ ପ୍ରଭୃତି ରଖିବା ନିମନ୍ତେ କାଠ ତିଆରି ବାକ୍ସ; ମନ୍ତ୍ରୀମଣ୍ଡଳ, ମନ୍ତ୍ରୀପରିଷଦ।

**cable** ବି. ଶକ୍ତ ଦଉଡ଼ି, ଶିକୁଳି ବା ତାର; ବିଦ୍ୟୁତ ବା ସମ୍ବାଦ ପ୍ରେରଣ ନିମନ୍ତେ ବ୍ୟବହୃତ ଆଚ୍ଛାଦିତ ତାର; ନଙ୍ଗର ଦଉଡ଼ି; ସମୁଦ୍ରଗର୍ଭସ୍ଥ ତାର ଦ୍ୱାରା ସମ୍ବାଦ ପ୍ରେରଣ।

**cable–car** ବି. ପର୍ବତରୁ ପର୍ବତକୁ ଯିବା ନିମନ୍ତେ ବୈଦ୍ୟୁତିକ ତାର ଦ୍ୱାରା ଚାଳିତ ଗାଡ଼ି; cable stitch ତାର ଭଳି ମୋଡ଼ି ହୋଇଥିବା ସିଲାଇ; cable television ତାର ଦ୍ୱାରା ଟେଲିଭିଜନ୍ କାର୍ଯ୍ୟକ୍ରମର ପ୍ରସାରଣ।

**cablegram** ବି. ସମୁଦ୍ର ଗର୍ଭସ୍ଥ ତାର ଦ୍ୱାରା ପ୍ରେରିତ ବାର୍ତ୍ତା।

**caboodle** ବି. ସମୁଦାୟ; in the whole caboodle ସମୁଦାୟ ଭାବରେ।

**caboose** ବି. ଜାହାଜର ରନ୍ଧନଶାଳା।

**cabriolet** ବି. ଦୁଇଚକିଆ ଏକ ଘୋଡ଼ାଚାଳିତ ଆଚ୍ଛାଦନଯୁକ୍ତ ହାଲୁକା ଗାଡ଼ି। *(ଫ.)*

**cacao** ବି. ଦକ୍ଷିଣ ଆମେରିକା ଓ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜରେ ଦେଖାଯାଉଥିବା ବୃକ୍ଷ, ଏହାର ମଞ୍ଜିରୁ କୋକୋ ଓ ଚକୋଲେଟ୍ ପ୍ରସ୍ତୁତ ହୁଏ, ସେହି ବୃକ୍ଷର ମଞ୍ଜି।

**cachalot** ବି. ଏକଜାତୀୟ ତିମିମାଛ।

**cache** ବି. ଗୁପ୍ତଧନ ଭଣ୍ଡାର, ଅସ୍ତ୍ରଶସ୍ତ୍ର ଓ ଖାଦ୍ୟ ଦ୍ରବ୍ୟ ରଖିବାର ଗୁପ୍ତସ୍ଥାନ।

**cachet** ବି. ସିଲ୍ ବା ମୋହର; ସମ୍ମାନ; ଔଷଧର ଛୋଟ କ୍ୟାପ୍‌ସୁଲ; ଖାଣ୍ଟିଜିନିଷର ବୈଶିଷ୍ଟ୍ୟ ସୂଚକ ଚିହ୍ନ।

**cack–handed** ବିଂ. ବାଉଁଆ, ଅସ୍ୱସ୍ତିକର, ଗୋଳମାଳିଆ।

**cackle** 1. ବି. ମାଈ କୁକୁଡ଼ାର ଡାକ; ଉଚ୍ଚହାସ୍ୟ; 2. *କ୍ରି.* ଏହିପରି ରବ କରିବା; ହାସ୍ୟରୋଳ କରିବା; 3. cut the cackle *କ.ଭା.* ଏବେ ପ୍ରସ୍ତୁତ ବିଷୟକୁ ଆସ।

**cacography** ବି. କଦର୍ଯ୍ୟ ଲେଖା ବା ବର୍ଣ୍ଣାଶୁଦ୍ଧି।

**cacology** ବି. ବ୍ୟାକରଣ ବା ଉଚ୍ଚାରଣ ଅଶୁଦ୍ଧି।

**cacophony** ବି. ଶ୍ରୁତିକଟୁତା, ସ୍ୱରବୈଷମ୍ୟ; cacophonous ବିଂ. ଶ୍ରୁତିକଟୁ।

**cactus** ବି. ନାଗଫେଣି, ସିଝୁଜାତୀୟ ପତ୍ରହୀନ ରସାଳ କଣ୍ଟାଯୁକ୍ତ ଗୁଳ୍ମ।

**cad** ବି. ନୀଚ, ଅଶିଷ୍ଟ ବ୍ୟକ୍ତି, ସମ୍ମାନହୀନ ବ୍ୟକ୍ତି, ନିତାନ୍ତ ଅସାଧୁ ବ୍ୟକ୍ତି।

**cadaver** ବି. ଶବ, ମୃତଶରୀର (ଡାକ୍ତରୀ ବିଦ୍ୟାରେ)।

**cadaverous** ବିଂ. ମୃତତୁଲ୍ୟ, ବିକଟ, ଭୟଙ୍କର, ଅତିକୁତ୍ସିତ।

**caddie** 1. ବି. ଗୋଲଫ୍ ଖେଳାଳିର ଅନୁଚର, 2. *କ୍ରି.* ସେହି କାର୍ଯ୍ୟ କରିବା।

**caddis–fly** ଜଳନିକଟରେ ରହୁଥିବା ଚାରିପକ୍ଷ ଯୁକ୍ତ ପତଙ୍ଗ ବିଶେଷ।

**caddy** ବି. ଚା ରଖିବାର ଛୋଟବାକ୍ସ।

**cadence** ବି. ସ୍ୱରର ଆରୋହ ଓ ଅବରୋହ, ସ୍ୱର ଲହର, ସ୍ୱରକମ୍ପନ, ଲୟ ବା ମୂର୍ଚ୍ଛନା।

**cadet** ବି. ସମର ଶିକ୍ଷାର୍ଥୀ; ସେନା, ପୋଲିସ୍ ପ୍ରଭୃତି ବାହିନୀରେ ଶିକ୍ଷାନବିଶ ଥିବା ବ୍ୟକ୍ତି।

Digitized by srujanika@gmail.com

**cadge** ସ.କ୍ରି. ଭିକ୍ଷାମାଗିବା, ଭିକ୍ଷା ମାଗି ବୁଲିବା; cadger ବି. ଫେରିବାଲା, ଅନ୍ୟର ଗଳଗ୍ରହ।

**cadi** ବି. କାଜି, ମୁସଲମାନ ବିଚାରକ।

**cadmium** ବି. ଏକ ନୀଳାଭ ଧାତୁ, ଦେଖିବାକୁ ଟିଣପରି।

**cadre** ବି. କର୍ମଚାରୀଗୋଷ୍ଠୀ; ବର୍ଗ, ଶ୍ରେଣୀ, ପଦବୀ; କମ୍ୟୁନିଷ୍ଟ ଦେଶମାନଙ୍କରେ ସକ୍ରିୟ ରାଜନୈତିକ ଦଳ।

**Caesar** ବି. ରୋମୀୟ ସମ୍ରାଟମାନଙ୍କର ଉପାଧି; ଏକଛତ୍ରବାଦୀ, ସ୍ୱେଚ୍ଛାଚାରୀ।

**Caesarean** ବିଂ. ଅସ୍ତ୍ରୋପଚାର ଦ୍ୱାରା ଜାତ (ଏହି ପ୍ରକାରେ ପ୍ରସୂତ Julius Caesarଙ୍କର ନାମାନୁସାରେ)।

**caesium** ବି. ରଜତ-ଶୁଭ୍ର ଓ କୋମଳ ଧାତବ ଉପାଦାନ ବିଶେଷ।

**caesura** ବି. କବିତାର ସାମୟିକ ବିରାମ ସ୍ଥଳ।

**cafe** ବି. କଫିପାନଶାଳା; ଛୋଟ ରେଷ୍ଟୁରାଣ୍ଟ।

**cafeteria** ବି. ଯେଉଁ ଭୋଜନାଳୟରେ ଗ୍ରାହକ ନିଜେ ନିଜକୁ ପରିବେଷଣ କରେ।

**caffeine** ବି. ଚା ପତ୍ର ଏବଂ କଫିମଞ୍ଜିରୁ ମିଳୁଥିବା ଉତ୍ତେଜକ ପଦାର୍ଥ।

**caftan** ବି. ସ୍ତ୍ରୀ ଲୋକର ଲମ୍ବା ଢିଲାପୋଷାକ; (ନିକଟ ପ୍ରାଚ୍ୟ ଦେଶମାନଙ୍କରେ ବ୍ୟବହୃତ)।

**cage** 1. ବି. ପିଞ୍ଜରା, ଖଣିରେ ବ୍ୟବହୃତ ପିଞ୍ଜରା ତୁଲ୍ୟ ବାକ୍ସ; ବନ୍ଦୀଶାଳା; 2. କ୍ରି. ବନ୍ଦୀ କରିବା; caging ପିଞ୍ଜରାବଦ୍ଧ।

**cagey** ବିଂ. କ.ଭା. ସାବଧାନୀ ଓ ଚୁପଚାପ୍ ଧରଣର (ବ୍ୟକ୍ତି)।

**cagoule** ବି. ଆଣ୍ଠୁପର୍ଯ୍ୟନ୍ତ ପଡୁଥିବା ପତଳା ଜଳନିରୋଧକ ବର୍ଷାତି।

**Cain** ବି. ହତ୍ୟାକାରୀ, ଭ୍ରାତୃହନ୍ତା;· ଆଦାମ୍ ଓ ଇଭ୍‌ଙ୍କର ପ୍ରଥମ ସନ୍ତାନ।

**Cainozoic** 1. ବିଂ. ତୃତୀୟ ଭୂତାତ୍ତ୍ୱିକ ଯୁଗ ସଂପର୍କୀୟ; 2. ବି. ସେହି ଯୁଗ।

**cairn** ବି. ସ୍ମୃତିଫଳକ।

**cairngorm** ବି. ହଳଦିଆ-ରତ୍ନ (ପ୍ରସ୍ତର)।

**caisson** ବି. ବୃହତ୍ ଜଳନିରୋଧକ ବାକ୍ସ ବା କୋଠରୀ- ଏଥିରେ ଶ୍ରମିକମାନେ ରହି ପାଣି ଭିତରେ କାମ କରନ୍ତି।

**caitiff** ପ୍ରା.ପ୍ର. 1. ବି. ଘୃଣ୍ୟ ବ୍ୟକ୍ତି, ଭୀରୁ ଲୋକ; 2. ବିଂ. ଘୃଣିତ, ନୀଚ।

**cajole** ସ.କ୍ରି ଫୁସୁଲାଇବା, ତୋଷାମୋଦଦ୍ୱାରା ଭୁଲାଇ ପ୍ରବର୍ତ୍ତାଇବା; ବି. cajolery.

**cake** ବି. ମଇଦା, ଲହୁଣୀ, ଅଣ୍ଡା ଓ ଚିନି ପ୍ରଭୃତି ମିଶାଇ ଏହାକୁ ବିଶେଷଭାବରେ ସେକିବାଦ୍ୱାରା ପ୍ରସ୍ତୁତ ଏକପ୍ରକାର ପିଠା, କେକ୍; ସେହି ଆକୃତିରେ ପ୍ରସ୍ତୁତ ଅନ୍ୟ ପଦାର୍ଥ (cake of soap); have one's cake and eat it ରଖିବା ଏବଂ ଖାଇବାର ଦୁଇ ବିପରୀତ କାର୍ଯ୍ୟ; like hot cakes ଦ୍ରୁତଗତିରେ; pieces of cake କ.ଭା. ସୁଲଭ, ସହଜଲଭ୍ୟ ବସ୍ତୁ।

**calabash** ବି. ମାର୍କିନ୍ ଦେଶର ଲାଉ ଜାତୀୟ ଏକ ଫଳ, ଏହାର ଶୁଷ୍କଖୋଳ, ବା ତୁମ୍ବି (ତରଳ ପଦାର୍ଥ ରଖିବା ସକାଶେ ବ୍ୟବହୃତ)।

**calamine** ବି. ଜିଙ୍କ୍ କାର୍ବନେଟ୍ ବା ଅକ୍ସାଇଡ୍ ଘଟିତ ଏକ ଗୋଲାପୀ ରଙ୍ଗର ଚୂର୍ଣ୍ଣ, ଏଥିରେ ପ୍ରସ୍ତୁତ ତରଳ ପ୍ରସାଧନୀ ଚର୍ମ ପାଇଁ ବ୍ୟବହୃତ ହୁଏ।

**calamity** ବି. ଗୁରୁତର ବିପଦ, ଦୁର୍ବିପାକ, ଦୁର୍ଘଟଣା, ବିପଜ୍ଜନକ ପରିଣତି; calamitous ବିଂ.।

**calcareous** ବିଂ. କାଲ୍‌ସିୟମ୍ କାର୍ବୋନେଟ ଯୁକ୍ତ।

**calcify** ସ.କ୍ରି. ଚୂନରେ ପରିଣତ କରିବା ବା ହେବା; ବି. *calcification.*

***calcine*** ସ.କ୍ରି. ଉତ୍ତାପ ଦ୍ୱାରା ଚୂର୍ଣ୍ଣରେ ପରିଣତ କରିବା, calcination ବି. ଚୂର୍ଣ୍ଣୀକରଣ, ଭସ୍ମୀକରଣ।

**calcium** ବି. କ୍ୟାଲସିଅମ୍ ଚୂର୍ଣ୍ଣସାର; calcium chloride ଚୂନ ଘଟିତ ରାସାୟନିକ ଉପାଦାନ ବିଶେଷ।

**calculate** ସ.କ୍ରି. ଗଣନା କରିବା, ଗଣନାଦ୍ୱାରା ସ୍ଥିର କରିବା, ହିସାବ କରିବା; ନିରୂପଣ କରିବା; ଯୋଜନା କରିବା; ବିଚାର କରିବା, ବିଶ୍ୱାସ କରିବା; calculable ବିଂ. ଗଣନୀୟ, ହିସାବ ଯୋଗ୍ୟ; calculated ବିଂ. ହିସାବ ଅନୁଯାୟୀ, ମପାଚୁପା; calculating ବିଂ. ଚତୁର, ଧୂର୍ତ୍ତ, ଯୋଜନାକାରୀ; calculation ବି. ଗଣନା, ହିସାବ, ଅଟକଳ, ସଯତ୍ନବିଚାର; calculator ବି. ସ୍ୱୟଂକ୍ରିୟ ହିସାବ ଯନ୍ତ୍ର।

**calculus** ବି. 1. ଉଚ୍ଚଗଣିତ ବିଦ୍ୟାର ଏକବିଭାଗ; କଳନ; 2. ପଥୁରୀରୋଗ, ଅଶ୍ମରୀ ରୋଗ (ଚିକିତ୍ସାବିଦ୍ୟା)।

Digitized by srujanika@gmail.com

**caldron** ବି. ଧାତୁ ନିର୍ମିତ କରେଇ; cauldron ବିକଳ୍ପ ।
**Caledonian** 1. ବିଂ. ସ୍କଟଲେଣ୍ଡର; 2. ବି. ସ୍କଟଲେଣ୍ଡର ଅଧିବାସୀ ।
**calendar** 1. ବି. ମାସ ଓ ଦିନସୂଚୀ, ଦିନମାସ ପ୍ରଭୃତି ନିର୍ଦ୍ଦେଶକ ତାଲିକା, ଦିନପଞ୍ଜି; 2. ସ.କ୍ରି. ତାଲିକାଭୁକ୍ତ କରିବା, ସଜାଇ ବିଶ୍ଳେଷଣ କରି ସୂଚୀପତ୍ରଭୁକ୍ତ କରିବା; ବିଶେଷ ଘଟଣା ବା ତାରିଖକୁ ଚିହ୍ନିତ କରିବା ।
**calender** 1. ବି. ଲୁଗା ବା କାଗଜକୁ ଉଜ୍ଜ୍ୱଳ କରିବା ନିମନ୍ତେ ବ୍ୟବହୃତ ଯନ୍ତ୍ର; 2. ବି. ଫକୀର, ମୁସଲମାନ ସନ୍ନ୍ୟାସୀ, କଲନ୍ଦର ।
**calends** ବି.ବ.ବ. ରୋମୀୟ ପ୍ରତି ମାସର ପ୍ରଥମ ଦିବସ ।
**calf**[1] ବି.ବ.ବ. calves ବାଛୁରୀ; ହରିଣ, ହାତୀ, ତିମି ପ୍ରଭୃତିଙ୍କର ଶାବକ; ନିର୍ବୋଧ ବ୍ୟକ୍ତି, କମଣ ହୋଇଥିବା ବାଛୁରୀ ଚମଡ଼ା; calf-love ଅପରିଣତ ବୟସର ପ୍ରେମ ବା ଆସକ୍ତି ।
**calf**[2] ବି. ଗୋଡ଼ର ମାଂସଳ ପେଣ୍ଡା; ବ.ବ calves.
**calfskin** ବି. ଯୋତା ପ୍ରସ୍ତୁତିରେ ଏବଂ ବହି ବନ୍ଧାରେ ବ୍ୟବହୃତ ବାଛୁରୀ ଚମଡ଼ା ।
**calibrate** ସ.କ୍ରି. ସ୍କେଲ ସାହାଯ୍ୟରେ ମାପିବା; କୌଣସି ଯନ୍ତ୍ରର ମାପକୁ ସ୍ୱୀକୃତ ମାପ ସହିତ ମିଳାଇବା; ଶକ୍ତି ନିରୂପଣ କରିବା; ଯୋଗ୍ୟତା ସ୍ଥିର କରିବା ।
**calibre** ବି. ତୋପ, ବନ୍ଧୁକ ନଳୀର ଆଭ୍ୟନ୍ତରୀଣ ବ୍ୟାସ; ମନ ବା ଚରିତ୍ରର ଶକ୍ତି, ଦୃଢ଼ତା, ଯୋଗ୍ୟତା, ପ୍ରାଧାନ୍ୟ, ବିକଳ୍ପ caliber.
**calices** ବି.ଏ.ବ calix (calyx).
**calico** 1. ବି. ଶ୍ୱେତ କାର୍ପାସ ବସ୍ତ୍ର, ଛାପା କାର୍ପାସ; 2. ବିଂ. କାଲିକୋର; ଚିତ୍ରବିଚିତ୍ର, ବର୍ଣ୍ଣାଢ୍ୟ ଛିଟ ।
**californium** ବିଂ. କୃତ୍ରିମ ତେଜସ୍କ୍ରିୟ ଧାତବ ବସ୍ତୁ ।
**caliph** ବି. ଖଲିଫା, ମୁସଲମାନ ଶାସକ ମାନଙ୍କର ଉପାଧି; caliphate ବି. ଖଲିଫାଙ୍କର ରାଜତ୍ୱ, ପଦ ବା ଅଧିକାର, ବିକଳ୍ପ calif.
**calix** ବି. ପୁଷ୍ପକୋଷ, ପିଆଲାତୁଲ୍ୟ ଅଙ୍ଗ, ବିକଳ୍ପ calyx.
**calk** *ଆମେ. ଦ୍ର.* caulk.
**call** 1. ସ.କ୍ରି. ପାଟିକରିବା, କାନ୍ଦିବା, ଉଚ୍ଚସ୍ୱରରେ ଡାକିବା, ଆହ୍ୱାନ କରିବା, ଆଦେଶଦେବା, ନିମନ୍ତ୍ରଣ କରିବା, ଦୃଷ୍ଟିକୁ ଆଣିବା, ନିଦରୁ ଉଠାଇବା, ନାମରେ ଡାକିବା, ଯୋଗାଯୋଗ କରିବା, ଟେଲିଫୋନ୍‌ରେ କଥାବାର୍ତ୍ତା କରିବା, ସାକ୍ଷାତ୍ କରିବାକୁ ଯିବା, ଆବଶ୍ୟକ କରିବା, ଦାବି କରିବା, ମଗାଇବା, କୈଫିୟତ୍ ମାଗିବା; 2. ବି. ଡାକ, ଉଚ୍ଚଚିତ୍କାର, କୌଣସି ସ୍ଥାନକୁ ଅଳ୍ପ ସମୟ ପାଇଁ ଗମନ, ଡାକରା, ନିମନ୍ତ୍ରଣ, ଆକର୍ଷଣ, ଆହ୍ୱାନ; call-box ଟେଲିଫୋନ ବାକ୍ସ; call for ଦାବି କରିବା, ଯାଇ ନେଇଆସିବା; call-girl ବେଶ୍ୟା; call in ପ୍ରତ୍ୟାହାର କରିବା, ପରାମର୍ଶ ମାଗିବା, ସାକ୍ଷାତ୍ କରିବାକୁ ଆସିବା; call off ରହିତ କରାଇବା, ବନ୍ଦ କରିବା; call on (upon) ଅନୁରୋଧ କରିବା, ଅନୁନୟ କରିବା, ସାକ୍ଷାତ କରିବା; call out ପାଟିକରି ଡାକିବା, ଆଦେଶ ଦେବା; call up ଟେଲିଫୋନ୍ କରିବା, ମନେ ପକେଇବା, ସାମରିକ କାର୍ଯ୍ୟ ନିମନ୍ତେ ଆହ୍ୱାନ କରିବା; on call ଦରକାର ବେଳେ ଖୋଜି ପାଇବା; pay a call ସାମୟିକ ସାକ୍ଷାତ୍‌କାର ନିମନ୍ତେ ଯିବା, *କ.ଭା.* ପାଇଖାନାକୁ ଯିବା ।
**caller** ବି. ଯେ ଡାକନ୍ତି, ଯେ ସାକ୍ଷାତ୍ କରିବାକୁ ଆସନ୍ତି କିମ୍ବା ଟେଲିଫୋନ୍‌ରେ ଡାକନ୍ତି ।
**calligrahy** ବି. ସୁନ୍ଦର ହସ୍ତଲିପି; calligrapher ବି. ହସ୍ତଲିପିକ; calligraphic ବିଂ. ହସ୍ତଲିପି ସମ୍ବନ୍ଧୀୟ ।
**calling** ବି. ବୃତ୍ତି, ବ୍ୟବସାୟ ।
**calliper** ବି.ବ.ବ. callipers ଭଙ୍ଗା ବା ଦୁର୍ବଳ ଗୋଡ଼ ନିମନ୍ତେ ବ୍ୟବହୃତ ଧାତୁନିର୍ମିତ ଠେକ; ବ୍ୟାସ ମାପିବା ଯନ୍ତ୍ର ।
**callisthenics** ବି.ବ.ବ. ଶାରୀରିକ ଶକ୍ତି ଏବଂ ଲାବଣ୍ୟ ବୃଦ୍ଧି ନିମନ୍ତେ କରାଯାଉଥିବା ବ୍ୟାୟାମ ।
**callosity** ବି. ଚର୍ମର ଅସ୍ୱାଭାବିକ କଠିନତା, ବିଣ୍ଡି ।
**callous** ବିଂ. ଅନାସକ୍ତ, କଠିନ, ନିର୍ମମ, ଚର୍ମର ସ୍ପର୍ଶହୀନତା, ଅନ୍ୟର ଦୁଃଖରେ ହୃଦୟହୀନ ।
**callow** ବିଂ. ଅନଭିଜ୍ଞ, ଅର୍ବାଚୀନ, ଅପ୍ରବୀଣ, ଅଜାତପକ୍ଷ, ଅଜାତଶ୍ମଶ୍ରୁ ।
**callus** ବି. ଚର୍ମର କଠିନ ହୋଇ ଯାଇଥିବା ଅଂଶ, ବିଣ୍ଡି ।

Digitized by srujanika@gmail.com

**calm** 1. ବିଂ. ନିଥର, ଶାନ୍ତ, ନୀରବ, ନିର୍ବାତ, ଅନୁତ୍ତେଜିତ, ଆତ୍ମସ୍ଥ, ନିଶ୍ଚଳ; 2. ବି. ଉକ୍ତ ଅବସ୍ଥା; 3. *କ୍ରି.* ଶାନ୍ତ କରାଇବା; 4. calm down ଚୁପ୍ କରାଇବା ବା ହେବା।

**calomel** ବି. ପାରଦ ଘଟିତ ଔଷଧବିଶେଷ, ରସକର୍ପୂର।

**Calor gas** ତରଳ ବୁଟେନ୍ ପ୍ରଭୃତି ଗ୍ୟାସ, ଘରେ ବ୍ୟବହାର ପାଇଁ ସିଲିଣ୍ଡରରେ ରକ୍ଷିତ।

**calorie** ବି. ତାପର ଏକକ; ଦୈହିକ ତାପ, ତାପାଙ୍କ, ଖାଦ୍ୟମୂଲ୍ୟ; ବିକଳ୍ପ calory.

**calorific** ବିଂ. ତାପଜନକ (ଶକ୍ତି)।

**calorimeter** ବି. ତାପାଙ୍କ ମାପକ ଯନ୍ତ୍ର।

**calumniate** *ସ.କ୍ରି.* ଦୁର୍ନାମ କରିବା, ମିଥ୍ୟାପବାଦ ରଟନା କରିବା, କୁତ୍ସା ରଟନା କରିବା।

**calumny** ବି. ଅପବାଦ, କଳଙ୍କାରୋପଣ, calumnious ବିଂ. ଅପବାଦସୂଚକ।

**Calvary** ବି. ଖ୍ରୀଷ୍ଟଙ୍କୁ ଯେଉଁଠାରେ ହତ୍ୟା କରାଯାଇଥିଲା, କ୍ରୁଶବିଦ୍ଧ ଅବସ୍ଥାର ପ୍ରଦର୍ଶନ।

**calve** *ସ.କ୍ରି.* ଗାଈ ବା ମଇଁଷି ଶାବକ ପ୍ରସବ କରିବା; calves ବି. calfର ବ.ବ.।

**Calvinism** ବି. ପ୍ରସିଦ୍ଧ ଧର୍ମସଂସ୍କାରକ କାଲ୍ଭିନ୍‌ଙ୍କର ଭବିତବ୍ୟତା ସମ୍ପର୍କୀୟ ତତ୍ତ୍ୱ, ପୂର୍ବଜନ୍ମାର୍ଜିତ ଭାଗ୍ୟବାଦୀ ତତ୍ତ୍ୱ।

**calx** ବି.ଧାତୁମଳ, ଚୂନ ବା ଚକ୍; ବ.ବ. calces.

**calypso** ବି. ପଶ୍ଚିମ ଭାରତୀୟ ସଙ୍ଗୀତ।

**calyx** ବି. ପୁଷ୍ପକୋଷ, ବୃତି; ବିକଳ୍ପ calix.

**camaraderie** ବି. ଭ୍ରାତୃଭାବ, ପାରସ୍ପରିକ ଶ୍ରଦ୍ଧା, ବନ୍ଧୁତ୍ୱ ଓ ବିଶ୍ୱାସ।

**Cambrian** ବି./ବିଂ. କାମ୍ବ୍ରିଆ ବା ୱେଲ୍ସ୍ ଦେଶବାସୀ।

**Cambric** ବି. ଏକ ପ୍ରକାର ସୂକ୍ଷ୍ମ ଛଣଜାତ (ଲିନେନ୍) ଅଥବା କାର୍ପାସ ବସ୍ତ୍ର।

**Cambridge blue** ବି. ହାଲ୍କା ନୀଳରଙ୍ଗ।

**came** COMEର *ଅ.କା.*।

**camel** ବି. ଓଟ; ଆରବୀୟ ଓଟର ଗୋଟିଏ ଏବଂ ବ୍ୟାକ୍ଟ୍ରିଅ ଓଟର ଦୁଇଟି କୁଜଥାଏ।

**camellia** ବି. ବିରାଟ ପୁଷ୍ପଯୁକ୍ତ ଏକ ଚିରହରିତ୍ ଗୁଳ୍ମ ଏହା ଚୀନ ଓ ଜାପାନରେ ଦେଖାଯାଏ।

**cameo** ବି. ଯେଉଁ ମୂଲ୍ୟବାନ୍ ପ୍ରସ୍ତର ବା ମଣି ଉପରେ ଚିତ୍ର ଖୋଦିତ ହୋଇଥାଏ; କ୍ଷୁଦ୍ର ବର୍ଣ୍ଣନାତ୍ମକ ରେଖାଚିତ୍ର କିମ୍ବା ଦୃଶ୍ୟାଭିନୟ।

**camera** ବି. କେମେରା, ଫଟୋ ଉଠାଇବା ଯନ୍ତ୍ର; in camera ଗୋପନରେ, ଖାସ୍ ପ୍ରକୋଷ୍ଠରେ।

**cameraman** ବି. ଫଟୋ ଉଠାଳି, ଫଟୋ ଉଠାଇବା ଯାହାଙ୍କର ପେଷା।

**camomile** ବି. ଔଷଧୀ ଗୁଳ୍ମ ବିଶେଷ।

**camouflage** ବି. ଛଦ୍ମାବରଣ, ତୋପ ଓ ଜାହାଜ ପ୍ରଭୃତିକୁ ଶତ୍ରୁ ଦୃଷ୍ଟିରୁ ଲୁଚାଇ ରଖିବା ନିମନ୍ତେ ବିଭିନ୍ନ ରଙ୍ଗର କୃତ୍ରିମ ଆବରଣ, କୌଣସି ବିଷୟରେ ନ ଜଣାଇବା ପାଇଁ ବ୍ୟବସ୍ଥା।

**camp**[1.] 1. ବି. ସୈନ୍ୟ ଛାଉଣୀ, ଶିବିର, ଅସ୍ଥାୟୀ କୁଟୀର ବା ତମ୍ବୁ; 2. *ଅ.କ୍ରି.* ତମ୍ବୁ ପକାଇବା, ତମ୍ବୁରେ ବାସ କରିବା; camp-bed ଖଟିଆଖଟ; camp-follower ସୈନ୍ୟ ଶିବିରର ଅସାମରିକ କର୍ମଚାରୀ, ଏକମତାବଲମ୍ବୀ ବହୁ ବ୍ୟକ୍ତିଙ୍କର ସମଷ୍ଟି।

**camp**[2.] ବିଂ. କ୍ଷତିଗ୍ରସ୍ତ, ପୌରୁଷହୀନ, ଅତିରଞ୍ଜିତ, ସମଲିଙ୍ଗ ପ୍ରଣୟୀ।

**campaign** 1. ବି. ଅଭିଯାନ, କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ସାମରିକ କାର୍ଯ୍ୟକଳାପ; ସୁଶୃଙ୍ଖଳ ଯୁଦ୍ଧ; 2. *ସ.କ୍ରି.* ଅଭିଯାନ କରିବା, ଆନ୍ଦୋଳନ କରିବା।

**campanile** ବି. ଘଣ୍ଟାଘର।

**campanology** ବି. ଘଣ୍ଟାଶବ୍ଦର ତାତ୍ତ୍ୱିକ ଅଧ୍ୟୟନ; ବି. campanologist.

**campanula** ବି. ଘଣ୍ଟାକୃତି ନୀଳ ବା ଶୁଭ୍ର ପୁଷ୍ପଯୁକ୍ତ ଗୁଳ୍ମ ବିଶେଷ।

**camphor** ବି. କର୍ପୂର; camphorated ବିଂ. କର୍ପୂରଯୁକ୍ତ।

**campion** ବି. ବନ୍ୟପୁଷ୍ପବୃକ୍ଷ ବିଶେଷ।

**campsite** ବି. ଶିବିର ସ୍ଥାପନର ସ୍ଥାନ।

**campus** ବି. ସ୍କୁଲ, ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟର ପରିସର।

**can**[1.] *କ୍ରି.* ପାରିବା, ସମର୍ଥହେବା; ଜ୍ଞାନଥିବା, ଅଧିକାର ଥିବା, ଅନୁମତିପ୍ରାପ୍ତ ହେବା; *ଅ.କା.* could.

**can**[2.] ବି. ତରଳ ପଦାର୍ଥ ସଂରକ୍ଷଣ ନିମନ୍ତେ ଧାତବ ପାତ୍ର (ଯଥା ଟିଣ); *ଗା.ପ୍ର.* ବନ୍ଦୀଶାଳା; canned music ରେକର୍ଡ କରାଯାଇଥିବା ସଙ୍ଗୀତ; carry the can ଦାୟିତ୍ୱ ବହନ କରିବା।

**Canadian** ବି. କାନାଡାର ଅଧିବାସୀ।

Digitized by srujanika@gmail.com

**canal** ବି. ଜଳସେଚନ ନିମନ୍ତେ ଖୋଳାଯାଇଥିବା କୃତ୍ରିମ ନାଳ; ଶରୀର ବା ଉଦ୍ଭିଦ ମଧ୍ୟସ୍ଥ ତରଳ ପଦାର୍ଥବାହୀ ନଳୀ, କେନାଲ।

**canalize** କ୍ରି. ନାଳରେ ପରିଣତ କରିବା, ବାଟ ଦେଖାଇବା।

**canape** ବି. କ୍ଷୁଦ୍ର ରୁଟି ବା ପିଠା ବିଶେଷ।

**canard** ବି. କଳ୍ପିତ ଗୁଜବ ବା ଜନରବ।

**canary** ବି. ହରିଦ୍ରାଭ ପକ୍ଷଯୁକ୍ତ ଗାୟକ ପକ୍ଷୀ, କ୍ୟାନେରୀ ଦ୍ୱୀପରୁ ଆନୀତ ମିଠା ମଦ।

**canasta** ବି. ଦୁଇମୁଠା ତାସ୍ ସାହାଯ୍ୟରେ ଖେଳାଯାଉଥିବା ଖେଳ।

**cancan** ବି. ସ୍ତ୍ରୀଲୋକମାନଙ୍କର ବର୍ଣ୍ଣାଢ୍ୟ ନୃତ୍ୟ।

**cancel** କ୍ରି. କାଟିଦେବା, ନିବୃତ୍ତ କରିବା, ବାତିଲ କରିବା, ଅଚଳ ବୋଲି ଚିହ୍ନିତ କରିବା, ରଦ୍ଦ କରିବା, ରହିତ କରିବା, ପ୍ରତ୍ୟାହାର କରିନେବା; cancel out ପ୍ରଭାବହୀନ କରିବା; cacellation ବି. ରଦ୍ଦକରଣ।

**cancer** ବି. କର୍କଟ ରୋଗ, ଏହି ରୋଗ ଜନିତ ଆବୁ; କୁପ୍ରଭାବ, ଦୁର୍ନୀତି; Cancer କର୍କଟ ରାଶି; the Tropic of Cancer କର୍କଟ କ୍ରାନ୍ତି; ବିଂ. cancerous.

**candelabrum** ବି. ସୁନ୍ଦର ବହୁଶାଖା ବିଶିଷ୍ଟ ଦୀପାଧାର, ପିଲିସଜ ଝାଡ; ବ.ବ. candelabra.

**candid** ବିଂ. ସାଧୁ, ଅକପଟ, ସ୍ପଷ୍ଟବାଦୀ, ନିରପେକ୍ଷ।

**candidate** ବି. ପ୍ରାର୍ଥୀ, ପରୀକ୍ଷାର୍ଥୀ, ଉମିଦ୍‌ବାର ବା ନିର୍ବାଚନ ପ୍ରାର୍ଥୀ; candidature ବି. ପ୍ରାର୍ଥିତ୍ୱ।

**candle** ବି. ମହମବତୀ, can not hold a candle to କାହାଠାରୁ ଅକ୍ଷମ, ଅଧମ; not worth the candle କରିବାର ଅଯୋଗ୍ୟ।

**Candlemas** ବି. କୁମାରୀ ମେରୀଙ୍କ ପବିତ୍ରଭୋଜି ଉତ୍ସବ, ଯେଉଁଠି ମହମବତୀକୁ ଆଶୀର୍ବାଦ କରାଯାଏ, ଖ୍ରୀଷ୍ଟ ସମାଜର ଦୀପାବଳୀ।

**candlepower** ବି. ଆଲୋକ ପରିମାପର ନିମ୍ନତମ ପରିମାଣ; ବତୀ କ୍ଷମତା (ପଦାର୍ଥ ବିଜ୍ଞାନ)।

**candlestick** ବି. ଦୀପାଧାର, ମହମବତୀ ଜଳାଇ ରଖିବାର ଆଧାର।

**candlewick** ବି. ମହମ ବତୀର ସଳିତା।

**candour** ବି. ସରଳତା, ଋଜୁତା, ନିରୀହତା, ସ୍ପଷ୍ଟବାଦିତା, ନିରପେକ୍ଷତା।

**candy** 1. ବି. ମିଶ୍ରି, ମିଷ୍ଟାନ୍ନ ବିଶେଷ; 2. ସ.କ୍ରି. ଚିନିରସରେ ପାକ କରି ସଂରକ୍ଷିତ କରିବା; candy-floss କାଠି ଚାରିପଟେ ଲାଗିଥିବା ଚିନିର ଫୁଲା ମିଠାଇ; candy-stripe ଧଳା ଏବଂ ଅନ୍ୟ ରଙ୍ଗର ଗାର।

**candytuft** ବି.ଧଳା, ଗୋଲାପୀ, ନାଲି ଫୁଲଯୁକ୍ତ ଗଛ।

**cane** ବି. ବେତ, ହାତବାଡ଼ି, ବେତ୍ରାଘାତ, ଚୌକି ପ୍ରଭୃତିର ବେତବୁଣା; cane-sugar ଆଖୁରୁ ଜାତ ଚିନି।

**canine** ବିଂ. ଶ୍ୱାନ ସମ୍ବନ୍ଧୀୟ, ଶ୍ୱାନ ପ୍ରକୃତି ବିଶିଷ୍ଟ, ଶ୍ୱାନ ସଦୃଶ; canine tooth ଶ୍ୱାନଦନ୍ତ।

**canister** ବି. ଚା ବାକ୍ସ, ଚା ଡବା, କାନିସ୍ତର, ତମାଖୁଡବା, ଗୁଳିପୂର୍ଣ୍ଣ ଚୋଟା, ଲୁହବୁହା ଗ୍ୟାସ୍ ରହୁଥିବା ସିଲିଣ୍ଡର।

**canker** 1. ବି. ବୃକ୍ଷ ଲତାର କ୍ଷୟକାରୀ ରୋଗ, ପଶୁମାନଙ୍କର ନାଳୀଘା ଜନିତ ରୋଗ; ଦୁର୍ନୀତି ଜନିତ ପ୍ରଭାବ, ଦୁର୍ନୀତି, ପଚାସଢ଼ା; 2. କ୍ରି. ଏତଜ୍ଜନିତ କ୍ଷୟ ଘଟାଇବା; cankerous ବିଂ. କ୍ଷୟକାରକ।

**canna** ବି. ଉଜ୍ଜ୍ୱଳ ରଙ୍ଗର ପୁଷ୍ପ ବିଶିଷ୍ଟ ଗ୍ରୀଷ୍ମମଣ୍ଡଳୀୟ ଉଦ୍ଭିଦ ବିଶେଷ; କଳାବତୀ ବା ଜୟା।

**cannabis** ବି. ଗଞ୍ଜେଇ ଗଛ, ଗଞ୍ଜେଇ।

**cannery** ବି. ଖାଦ୍ୟସଂରକ୍ଷଣ କାରଖାନା।

**cannibal** ବି. ସ୍ୱଜାତିର ମାଂସଖାଦକ ପ୍ରାଣୀ, ନରମାଂସଭୁକ୍; cannibalism ବି. ନରମାଂସ ଭକ୍ଷଣ; cannibalistic ବିଂ. ନରମାଂସଭୋଜୀ।

**cannibalize** କ୍ରି . ଗୋଟିଏ ଯନ୍ତ୍ରକୁ ଅନ୍ୟ ଯନ୍ତ୍ରର ଯନ୍ତ୍ରାଂଶ ପାଇଁ ବ୍ୟବହାର କରିବା।

**cannon** 1. ବି. କମାଣ, ତୋପ; ବିଲିୟାର୍ଡ ଖେଳରେ ଖେଳାଳିର ବଲ୍‌ଦ୍ୱାରା ଦୁଇ ବଲ୍‌ର ସଂଘର୍ଷ; ଦୁଇ ଶକ୍ତିର ସଂଘର୍ଷ; 2. ଅ.କ୍ରି. ତୀବ୍ର ସଂଘର୍ଷ କରିବା; cannon-ball ତୋପରୁ ଛଡା ଯାଉଥିବା ବିଶାଳ ଧାତବ ଗୋଳା; cannon-fodder ମଣିଷ, ଯେ କି ଯୁଦ୍ଧରେ ପ୍ରାଣବଳିର ଉପକରଣ ମାତ୍ର।

**cannonade** ବି. କ୍ରମାଗତ ପ୍ରଚଣ୍ଡ ଗୋଳାବର୍ଷଣ, ତୋପଦ୍ୱାରା ଆକ୍ରମଣ।

Digitized by srujanika@gmail.com

**canny** ବିଂ. ଚତୁର, ବିଚକ୍ଷଣ, ସାବଧାନ, ସତର୍କ, ଧୂର୍ତ୍ତ, ବିଷୟବୁଦ୍ଧି ସମ୍ପନ୍ନ; cannily କ୍ରି.ବିଂ. ବିଚକ୍ଷଣ ଭାବରେ; canniness ବି. ଚାତୁର୍ଯ୍ୟ।

**canoe** 1. ବି. ଛୋଟ ହାଲୁକା ଡଙ୍ଗା, କାଠୁଆ, 2. କ୍ରି. ଡଙ୍ଗାରେ ଯିବା; canoeist ବି. ଉକ୍ତ ନୌଚାଳକ।

**canon** ବି. ନୀତି ବା ବିଧି (ଶାସ୍ତ୍ରୀୟ ବା ଧର୍ମୀୟ), ସିଦ୍ଧାନ୍ତ, ବ୍ୟବସ୍ଥା, ପ୍ରାମାଣିକ ଧର୍ମଗ୍ରନ୍ଥ ସଂଗ୍ରହ (ଖ୍ରୀଷ୍ଟୀୟ), ଖ୍ରୀଷ୍ଟୀୟ ନିୟମ ବା ଅନୁଶାସନ; (ସଙ୍ଗୀତ) ଗାନର ସମଧର୍ମୀ ଅଂଶ ବିଶେଷ।

**canon** canyonର ବିକଳ୍ପ।

**canonical** ବିଂ. ଶାସ୍ତ୍ରାନୁମୋଦିତ, ଧର୍ମସମ୍ପ୍ରଦାୟ ଦ୍ୱାରା ଗୃହୀତ, ନିୟମିତ, ଯାଜକୀୟ; canonist ବି. (ଧର୍ମୀୟ) ବିଧିବିଶେଷଜ୍ଞ।

**canonize** କ୍ରି. ଆନୁଷ୍ଠାନିକଭାବେ ସନ୍ଥ ବା ସିଦ୍ଧପୁରୁଷରୂପେ ଗ୍ରହଣ କରିବା; ବି. canonization.

**canopy** 1. ବି. ଚାନ୍ଦୁଆ, ଚନ୍ଦ୍ରାତପ; (ଲାକ୍ଷ.) ଆକାଶ, ଊର୍ଦ୍ଧ୍ୱ ଆବରଣ, ବିତାନ; 2. ସ.କ୍ରି. ଚାନ୍ଦୁଆ ଟାଣିବା ବା ଲଗାଇବା।

**cant** 1. ବି. ଶବ୍ଦାଡ଼ମ୍ବର, ଭାଣ, କପଟ ବଚନ, ଛଳ, କପଟତା; କୌଣସି ଗୋଷ୍ଠୀର ପ୍ରଚଳିତ ବିଶିଷ୍ଟ ଶବ୍ଦାବଳୀ; ଅବତଳ ଭୂମି; 2. କ୍ରି. ଉକ୍ତ ପ୍ରକାର ଶବ୍ଦର ପ୍ରୟୋଗ କରିବା।

**can't** cannotର ସଂଖ।

**Cantab** (cantabrigianର ସଂଖ.) କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ସମ୍ପର୍କୀୟ।

**cantabile** 1. କ୍ରି.ବିଂ. ସାବଲୀଳ ଶୈଳୀରେ (ସଙ୍ଗୀତ); 2. ବି. ତଦନୁରୂପ ପରିବେଷିତ ଅଂଶ।

**Cantabrigian** ବି.ବିଂ. କେମ୍ବ୍ରିଜ୍ ବାସୀ, କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ସଦସ୍ୟ।

**cantaloup/ cantaloupe** ବି. ସରୁ ଶିରା ବିଶିଷ୍ଟ ଏକ ପ୍ରକାର ତରଭୁଜ।

**cantankerous** ବିଂ. କ୍ରୋଧୀ, କଳିହୁଡ଼ା, ମନ୍ଦ ପ୍ରକୃତିର।

**cantata** ବି. ଗାଇବା ପାଇଁ ଉଦ୍ଦିଷ୍ଟ ବର୍ଣ୍ଣନାତ୍ମକ କିମ୍ବା ଆଖ୍ୟାନ ମୂଳକ କ୍ଷୁଦ୍ର ରଚନା।

**canteen** ବି. କାର୍ଯ୍ୟାଳୟ, କାରଖାନା ବା ସେନା ନିବାସ ସଂଲଗ୍ନ କ୍ଷୁଦ୍ର ଭୋଜନାଳୟ; ବିଭାଗୀୟ ସୁଲଭ ମୂଲ୍ୟର ଦୋକାନ; ଛୁରି କଣ୍ଟା ଓଗେର ରଖିବାଲାଗି ବାକ୍ସ; ସୈନିକର ଜଳପାତ୍ର।

**canter** 1. ବି. ଘୋଡ଼ାର କଦମି ଚାଲି; 2. କ୍ରି. ଘୋଡାକୁ ଧୀରେ ଚଲାଇବା ବା ଘୋଡା ଧୀରେ ଚାଲିବା।

**canticle** ବି. ଖ୍ରୀଷ୍ଟିଆନ୍‌ମାନଙ୍କର ପ୍ରାର୍ଥନା ପୁସ୍ତକରେ ସନ୍ନିବେଶିତ ସ୍ତୋତ୍ର ବା ସଙ୍ଗୀତ।

**cantilever** ବି. ନାଗଦନ୍ତ, କାନ୍ଥରୁ ବାହାରି ଥିବା କଡ଼ି ବା ପାହିଆ ପ୍ରଭୃତି ଯାହା ଉପରେ ପଦାକୁ ବଢ଼ିଥିବା ଛାତର ଅଂଶ ନିର୍ଭର କରେ; cantilever bridge ଉଭୟ ପାର୍ଶ୍ୱର ପାହିଆ ଉପରେ ନିର୍ଭର କରୁଥିବା ପୋଲ।

**canto** ବି. ସର୍ଗ; ଦୀର୍ଘ କାବ୍ୟର ବିଭାଗ; ବ.ବ. cantos.

**canton** 1. ବି. କୌଣସି ଦେଶର (ବିଶେଷତଃ ସ୍ୱିଜରଲାଣ୍ଡ) ଶାସନ ତାନ୍ତ୍ରିକ ଉପମଣ୍ଡଳ; 2. ସ.କ୍ରି. ସୈନ୍ୟମାନଙ୍କୁ ସେମାନଙ୍କ ବାସସ୍ଥାନରେ ରଖିବା।

**cantonment** ବି. ସେନାଛାଉଣୀ, ଭାରତ ବର୍ଷର ସ୍ଥାୟୀ ସେନାନିବାସ (ସହର)।

**cantor** ବି. ବୃନ୍ଦ ଗାନର ମୁଖ୍ୟ ଗାୟକ।

**canvas** 1. ବି. ମୋଟା ଓ ଖାପି କନା, ସାଧାରଣତଃ ଜାହାଜର ପାଲ, ତମ୍ବୁ, ତୈଳଚିତ୍ର ଲାଗି ବ୍ୟବହୃତ; 2. ସ.କ୍ରି. ମୋଟା କନାରେ ଆବୃତ କରିବା।

**canvass** 1. ସ.କ୍ରି. ମତଭିକ୍ଷା କରିବା, ଭୋଟ ଦାତାଙ୍କୁ ଭୋଟପାଇଁ ନିବେଦନ କରିବା, ପ୍ରଚାର କରିବା, ମତ ନିର୍ଣ୍ଣୟ କରିବା; 2. ବି. ଭୋଟଦାତାଙ୍କୁ ନିବେଦନ।

**canyon** ବି. ଗିରିଖାତ।

**cap** 1. ବି. ଟୋପି, ବୃତ୍ତିବିଶେଷର ପରିଚାୟକ ପଗଡି ପ୍ରଭୃତି; ଠିପି; 2. ସ.କ୍ରି. ଶିରୋଭାଗକୁ ଆବୃତ କରିବା; ସମ୍ମାନସୂଚକ ଟୋପି ପିନ୍ଧାଇବା।

**capability** ବି. ସାମର୍ଥ୍ୟ, ଦକ୍ଷତା, ଅନ୍ତର୍ନିହିତ ଶକ୍ତି।

**capable** ବିଂ. ସମର୍ଥ, ଦକ୍ଷ, ପାରିବାର, ପ୍ରବଣ।

**capacious** ବିଂ. ପ୍ରଶସ୍ତ, ବିସ୍ତୀର୍ଣ୍ଣ।

**capacitance** ବି. ବିଦ୍ୟୁତ୍ ଶକ୍ତି ଧାରଣ କ୍ଷମତା।

**capacitate** କ୍ରି. ଉପଯୋଗୀ କରିବା, ଉପଯୁକ୍ତ କରିବା।

Digitized by srujanika@gmail.com

**capacitor** ବି. ବିଦ୍ୟୁତ୍‌ଶକ୍ତି ଧାରଣକ୍ଷମ ଉପକରଣ ।

**capacity** ବି. ଧାରଣ ଶକ୍ତି, ଧାରଣ ଗ୍ରହଣ, ଅନୁଭବ ବା ଉତ୍ପାଦନ କରିବାର କ୍ଷମତା; ମାନସିକ ଶକ୍ତି, ବୈଧାନିକ ଦକ୍ଷତା ।

**cap-a-pie** କ୍ରି.ବିଂ. ଆପାଦ ମସ୍ତକ ।

**caparison** 1. ବି. ଘୋଡ଼ାର ସାଜ, ଉପକରଣ; 2. ସ.କ୍ରି. ବିଭୂଷିତ କରିବା ।

**cape** ବି. ଅନ୍ତରୀପ, ହାତ ନଥିବା ଢିଲା କୁର୍ତ୍ତା ।

**caper** 1. କ୍ରି. ଲମ୍ଫଦେବା, ଝମ୍ପେଇହେବା; 2. ବି. ଉଲ୍ଲସିତ ଲମ୍ଫଝମ୍ପ, ତାମସା ।

**capillarity** ବି. କୈଶିକ ଆକର୍ଷଣ ଓ ବିକର୍ଷଣ ।

**capillary** 1. ବିଂ. କୈଶିକ (ନାଡ଼ୀ, ନଳ ପ୍ରଭୃତି), କେଶବତ୍ ସୂକ୍ଷ୍ମ ବା ସରୁ; 2. ବି. ସୂକ୍ଷ୍ମ ଛିଦ୍ରବିଶିଷ୍ଟ ନଳ, ଧମନୀ ଓ ଶିରାକୁ ସଂଯୋଗ କରୁଥିବା ନାଡ଼ୀ ।

**capital** ବି. ରାଜଧାନୀ; ମୂଳଧନ ବା ପୁଞ୍ଜି; (ରୋମୀୟ ବର୍ଣ୍ଣମାଳାର) ବଡ଼ ଅକ୍ଷର; ସ୍ତମ୍ଭର ଅଗ୍ରଭାଗ, ଅତି ପ୍ରୟୋଜନୀୟ ଦ୍ରବ୍ୟ; 2. ବିଂ. ମସ୍ତକ ସମ୍ବନ୍ଧୀୟ, ମୃତ୍ୟୁଦଣ୍ଡ ଯୋଗ୍ୟ (ଅପରାଧ); ମୁଖ୍ୟ, ପ୍ରଧାନ, କ୍ଷତିକାରକ; capital gain ସମ୍ପତ୍ତି ବିକ୍ରୟ ବା ପୁଞ୍ଜି ଲଗାଣରୁ ଲାଭ; capital levy ଧନକର; capital sum ମୋଟ ପ୍ରାପ୍ୟ (ବିଶେଷତଃ ବୀମା କରିଥିବା ବ୍ୟକ୍ତିର); capital transfer tax ଦାନ ବା ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଧନପାଇଁ କର ।

**capitalism** ବି. ପୁଞ୍ଜିବାଦ, ଧନତନ୍ତ୍ରବାଦ ।

**capitalist** ବି. ପୁଞ୍ଜିପତି, ଧନୀ, ପୁଞ୍ଜୀବାଦରେ ବିଶ୍ୱାସୀ; capitalistic ବିଂ. ପୁଞ୍ଜିବାଦ ସମ୍ପର୍କୀୟ ।

**capitalize** କ୍ରି. ମୂଳ ଧନରେ ପରିଣତ କରିବା, ବଡ଼ ପୁଞ୍ଜି ଲଗାଇବା; ଲାଭ ଉଠାଇବା; ଅକ୍ଷରରେ ଲେଖିବା ।

**capitation** ବି. ମୁଣ୍ଡପିଛା ଶୁଳ୍କ ବା କର ।

**capitulate** କ୍ରି. ସର୍ତ୍ତାଧୀନଭାବେ ଆତ୍ମସମର୍ପଣ କରିବା; capitulation. ବି. ଆତ୍ମ ସମର୍ପଣ ଚୁକ୍ତିର ସର୍ତ୍ତାବଳୀ ।

**capon** ବି. ପୋଷା ଖାସି କୁକୁଡ଼ା ।

**caprice** ବି. ଖିଆଲ, ମନୋଭାବ ବା ଆଚରଣର ଅହେତୁକ ପରିବର୍ତ୍ତନ ।

**capricious** ବିଂ. ଖାମଖିଆଲୀ, ସ୍ୱେଚ୍ଛାଚରିତ୍ର ।

**Capricorn** ବି. ମକର ରାଶି; Tropic of Capricorn ମକର କ୍ରାନ୍ତି (ବିଷୁବ ରେଖାର ୨୩.୪୫ ଡିଗ୍ରୀ ଦକ୍ଷିଣରେ ଅବସ୍ଥିତ ଅୟନାନ୍ତ ବୃତ୍ତ) ।

**capriole** 1. ବି. ମଣ ହୋଇଥିବା ଘୋଡ଼ାର ଲମ୍ଫ ପ୍ରଦାନ; 2. ଅ.କ୍ରି. ଉକ୍ତ ପ୍ରକାରେ ଲମ୍ଫ ପ୍ରଦାନ କରିବା ।

**capsicum** ବି. ବଡ଼, ସାଧାରଣତଃ ପରିବା ରୂପେ ବ୍ୟବହୃତ ସିମଲା ଲଙ୍କାମରିଚ ।

**capsize** କ୍ରି. ଏକକଡ଼ିଆ ହେବା, ବୁଡ଼ିଯିବା (ଡଙ୍ଗା) ।

**capstan** କ୍ରି. ଜାହାଜରେ ନଙ୍ଗର ରଖିବା ଶିକୁଳି ଗୁଡ଼ାଇବାଲାଗି ଥିବା ଘୂର୍ଣ୍ଣାୟମାନ ସ୍ତମ୍ଭକ ।

**capsule** 1. ବି. ଔଷଧ ସମ୍ବଳିତ ଓ ଗିଳିବା ପାଇଁ ଉପଯୁକ୍ତ କ୍ଷୁଦ୍ର ଜିଲେଟିନ୍ ନିର୍ମିତ (ସହଜ ଦ୍ରବଣୀୟ) କୋଷ; ବୀଜକୋଷ; ବ୍ୟୋମଯାନରୁ ବିଚ୍ୟୁତିକ୍ଷମ ଅଂଶ ବିଶେଷ; 2. ବିଂ. ସଙ୍କୁଚିତ, ସଂକ୍ଷିପ୍ତ, ଘନୀଭୂତ ।

**capsulize** କ୍ରି. ସଂକ୍ଷିପ୍ତ ରୂପରେ (ସୂଚନାଦି) ଉପସ୍ଥାପନ କରିବା ।

**Capt.** ସଂକ୍ଷି. Captain.

**captain** 1. ବି. ପ୍ରଧାନ, ନେତା, ସାମରିକ ବା ନୌବିଭାଗର କର୍ମଚାରୀ, କପ୍ତାନ, ଖେଳାଳି ଦଳର ଅଧିନାୟକ, ପୋତାଧ୍ୟକ୍ଷ; 2. କ୍ରି. ମୁଖ୍ୟ ହେବା, ଅଧକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିବା; ବି. captaincy

**caption** 1. ବି. ଅଧ୍ୟାୟ ବା ରଚନାର ଶିରୋନାମା, ଚଳଚ୍ଚିତ୍ର ବା ଦୂରଦର୍ଶନରେ ବ୍ୟବହୃତ ଶୀର୍ଷକଲିପି, ଚିତ୍ର ବା ବ୍ୟଙ୍ଗଚିତ୍ର ପ୍ରଭୃତିର ବର୍ଣ୍ଣନାତ୍ମକ ଶୀର୍ଷଲିପି; 2. କ୍ରି. ଶୀର୍ଷକ ଯୁକ୍ତକରିବା ।

**captious** ବିଂ. ଛିଦ୍ରାନ୍ବେଷୀ, ଅଭିଯୋଗପ୍ରବଣ ।

**captivate** ସ.କ୍ରି. ମୁଗ୍ଧକରିବା, ରୂପ ଅଥବା ସ୍ନେହରେ ଅଭିଭୂତ କରିବା; ବି. captivation.

**captive** 1. ବି. ଯୁଦ୍ଧବନ୍ଦୀ; ଆବଦ୍ଧ ହୋଇଥିବା ବ୍ୟକ୍ତି ଅଥବା ପ୍ରାଣୀ; 2. ବିଂ. ଆବଦ୍ଧ, ବନ୍ଦୀକୃତ; 3. captivity ବି. ଦାସତ୍ୱ ।

**captor** ବି. ଯେ ବନ୍ଦୀ କରେ; ବଳପୂର୍ବକ ଯେ ଦଖଲ କରେ ।

Digitized by srujanika@gmail.com

**capture** 1. କ୍ରି. ବନ୍ଦୀ କରିବା, ଦଖଲ୍ କରିବା, କରଗତ କରିବା, ଅଧିକାରକୁ ଆଣିବା, ବଳ ବା କୌଶଳ ଦ୍ୱାରା ଆୟତ୍ତ କରିବା; 2. ବି. ଗିରଫଦାରୀ; ବଳପୂର୍ବକ ଦଖଲ୍।

**capuchin** ଫ୍ରାନ୍‌ସିସ୍‌କାନ୍ ସମ୍ପ୍ରଦାୟର ସନ୍ନ୍ୟାସୀ, ମୁକୁଟ ଥିବା ମାଙ୍କଡ଼ ବା ପାରା।

**car** ବି. ଚକଲଗା ଯାନ, ବିଶେଷତଃ ମୋଟର ଗାଡ଼ି, ରଥ, ଗାଡ଼ି।

**carafe** ବି. କାଚ ତିଆରି ଜଳପାତ୍ର ଅଥବା ମଦ୍ୟପାତ୍ର।

**caramel** ବି. ରଙ୍ଗ ଓ ସ୍ୱାଦ ପାଇଁ ବ୍ୟବହୃତ ପୋଡ଼ା ଚିନି ବା ସିରା, ଏକପ୍ରକାର ମିଠେଇ।

**carapace** ବି. କଇଁଛ ଖୋଳପା।

**carat** ବି. ମୂଲ୍ୟବାନ ପଥର ଓଜନ କରିବାର ଏକକ (୨୦୦ ମି:ଗ୍ରା:); ସୁନାର ବିଶୁଦ୍ଧତା ପରଖିବା ପାଇଁ (ବିଶୁଦ୍ଧ ସୁନା= ୨୪ କେରେଟ୍), ମାପର ଏକକ।

**caravan** ବି. ବାସୋପଯୋଗୀ ଚକଲଗା ବଡ଼ ଗାଡ଼ି, ଏକତ୍ର ଭ୍ରମଣକାରୀ (ମୁଖ୍ୟତଃ ମରୁଭୂମିରେ) ବଣିକ ଦଳ, ପର୍ଯ୍ୟଟକ ଦଳ।

**caravanserai** ବି. ମରୁଯାତ୍ରୀ ଦଳର ଡେରାଘର, ପଥିକମାନଙ୍କର ସରାଇ, ପାନ୍ଥଶାଳା।

**caravel** ବି. କ୍ଷୁଦ୍ର ହାଲୁକା ଦ୍ରୁତଗମନଶୀଳ ଜାହାଜ।

**carbide** ବି. ଅଙ୍ଗାରର (କାର୍ବନର) ଉପାଦାନ ବିଶେଷ।

**carbine** ବି. ଅଶ୍ୱାରୋହୀ ସୈନ୍ୟମାନଙ୍କ ଦ୍ୱାରା ବ୍ୟବହାର୍ଯ୍ୟ ଛୋଟ ବନ୍ଧୁକ।

**carbohydrate** ବି. ଶ୍ୱେତସାର ଓ ଶର୍କରା ଜାତୀୟ ପଦାର୍ଥ ଯାହା ଶରୀରକୁ ଶକ୍ତି ଯୋଗାଏ।

**carbolic acid** ବି. ଫିନୋଲ, ଏକ ପ୍ରକାର ଜୀବାଣୁ ନାଶକ ଦ୍ରବଣ।

**carbon** ବି. ଅଙ୍ଗାରକ; carbon copy ବି. କାର୍ବନ୍ କାଗଜ ସାହାଯ୍ୟରେ ପ୍ରସ୍ତୁତ ପ୍ରତି; carbon dating ରେଡ଼ିଓ କାର୍ବନ୍‌ର କ୍ଷୟ ଅନୁସାରେ କୌଣସି ବସ୍ତୁର କାଳ ନିର୍ଣ୍ଣୟ।

**carbonaceous** ବିଂ. ଅଙ୍ଗାରବିଶିଷ୍ଟ, କୋଇଲା ସମ୍ବନ୍ଧୀୟ ବା ସଦୃଶ।

**carbonate** 1. ବି. ଅଙ୍ଗାରାମ୍ଳ ଦ୍ୱାରା ପ୍ରସ୍ତୁତ ଲବଣ, ପ୍ରାଙ୍ଗାରାୟ; 2. କ୍ରି. ଅଙ୍ଗାରାମ୍ଳଯୁକ୍ତ କରିବା, ଅଙ୍ଗାରାମ୍ଳଯୁକ୍ତ ଦ୍ରବରେ ପରିଣତ କରିବା।

**carbonic** ବିଂ. ଅଙ୍ଗାର ସମ୍ବନ୍ଧୀୟ।

**carboniferous** 1. ବିଂ. ଅଙ୍ଗାରୋତ୍ପାଦକ; 2. ବି.ପ୍ରଚୁର ଅଙ୍ଗାର ଉତ୍ପାଦିତ ହୋଇଥିବା ଯୁଗ।

**carbonize** କ୍ରି. ଅଙ୍ଗାରରେ ପରିଣତ କରିବା, ଅଙ୍ଗାର ଦ୍ୱାରା ଆବୃତ କରିବା; ବି. carbonization.

**carborundum** ବି. ଅଙ୍ଗାରକ ଓ ସିଲିକନ୍ ଘଟିତ ଯୌଗିକ ପଦାର୍ଥ।

**carboy** ବି. ବୃହତ୍ ଗୋଲାକାର କାଚ ପାତ୍ର।

**carbuncle** ବି. ବହୁମୁଖୀ ବ୍ରଣ, ପଠା; ପଦ୍ମରାଗ ମଣି।

**carburation** ବି. ଇନ୍ଧନ ତୈଳ ସହିତ ବାୟୁ ମିଶାଇବା ପ୍ରକ୍ରିୟା।

**carburettor** ବି. ତୈଳ ଚାଳିତ ଇଞ୍ଜିନ୍ ଭିତରେ ବାୟୁ ସହିତ ସୂକ୍ଷ୍ମ ଇନ୍ଧନ ତୈଳ କଣିକା ମିଶାଇବା ଲାଗି ଯାନ୍ତ୍ରିକ ଉପକରଣ।

**carcass** ବି. ପଶୁର ମୃତଦେହ, (ଅନାଦର ଅର୍ଥରେ) ମନୁଷ୍ୟର ଜୀବିତ ଅଥବା ମୃତଦେହ, କଙ୍କାଳ; ଅନାବଶ୍ୟକ ଅବଶିଷ୍ଟ।

**carcinogen** ବି. କର୍କଟ ରୋଗ ଉତ୍ପାଦକ ପଦାର୍ଥ; ବିଂ. carcinogenic.

**carcinoma** ବି. କର୍କଟ ବ୍ୟାଧିଗ୍ରସ୍ତ ଆବୁ।

**card** 1. ବି. ତାସ, ମୋଟା କାଗଜ (ଲିଖନ ବା ମୁଦ୍ରଣ ଉପଯୋଗୀ) କାଗଜ ଖଣ୍ଡ, ଉଦା. ପୋଷ୍ଟକାର୍ଡ, ନିମନ୍ତ୍ରଣ ପତ୍ର, ଇତ୍ୟାଦି; 2. କ୍ରି. ଦନ୍ତକଳରେ ପାନିଆ ଚାଳନ କରିବା, ସୁଆଁଇବା; ପିଞ୍ଜିବା (ପଶମ, ତୂଳା ପ୍ରଭୃତି); card-game ତାସଖେଳ; play one's cards well ବିବେଚନା କରି କାର୍ଯ୍ୟ କରିବା; put one's cards on the table ନିଜର ସାମର୍ଥ୍ୟ ଓ ଉଦ୍ଦେଶ୍ୟ ସୂଚାଇ ଦେବା।

**cardamom** ବି. ଅଲେଇଚ।

**cardboard** ବି. ବୁଢ଼ାପଟା, ଏକ ପ୍ରକାର ଶକ୍ତ ଓ ମୋଟା କାଗଜ (ବାକ୍‌ସ ପ୍ରଭୃତି ତିଆରି ପାଇଁ ବ୍ୟବହୃତ)।

**cardiac** ବିଂ. ହୃତ୍‌ପିଣ୍ଡ ସମ୍ବନ୍ଧୀୟ, ହୃଦ୍‌ଜନିତ।

**cardigan** ବି. ବୁଣା ହୋଇଥିବା ପଶମର ଏକ ପ୍ରକାର କୁର୍ତ୍ତା ବା ଜେକେଟ୍।

**cardinal** 1. ବିଂ. ମୌଳିକ, ପ୍ରଧାନ; ଗାଢ଼ ଲାଲବର୍ଣ୍ଣ ବିଶିଷ୍ଟ; 2. ବି. ପୋପଙ୍କ ମନ୍ତ୍ରଣା ସଭାର ସମ୍ମାନିତ ସଦସ୍ୟ; cardinal numbers

Digitized by srujanika@gmail.com

୧,୨,୩ ପ୍ରଭୃତି ଅଙ୍କବାଚକ ସଂଖ୍ୟା; cadinal points ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଆଦି କମ୍ପାସର୍ ଚାରିଗୋଟି ମୁଖ୍ୟ ବିନ୍ଦୁ; cardinal virtues ନ୍ୟାୟପରାୟଣତା, ବିଜ୍ଞତା, ସଂଯମ, ଧୈର୍ଯ୍ୟ, ବିଶ୍ୱାସ, ଆଶା, ଦୟାଳୁତା ଗୁଣ ସମୂହ।

**cardiogram** ବି. ହୃତ୍‌ସ୍ପନ୍ଦ ପରିମାପକ ଲେଖ।

**cardiograph** ବି. ହୃତ୍‌ସ୍ପନ୍ଦନ ପରିମାପକ ଯାନ୍ତ୍ରିକ ଉପକରଣ।

**cardiology** ବି. ହୃତ୍-ଚିକିତ୍ସା ବିଜ୍ଞାନ; cardiologist ଉକ୍ତ ଚିକିତ୍ସା ବିଶେଷଜ୍ଞ।

**cardio-vascular** ବିଂ. ହୃତପିଣ୍ଡ ଓ ରକ୍ତବାହୀ ନାଡ଼ି ସମ୍ବନ୍ଧୀୟ।

**care** 1. ବି. ଉଦ୍‌ବେଗ, ଚିନ୍ତା, ଦୁଶ୍ଚିନ୍ତା; ଗଭୀର ମନୋଯୋଗ, ସତର୍କତା, ତତ୍ତ୍ୱାବଧାନ, ଯତ୍ନ, ଖାତିର; 2. କ୍ରି. ଯତ୍ନଶୀଳ ହେବା, ଉଦ୍‌ବେଗ ବୋଧକରିବା; care of ଠିକଣାରେ; take care ସାବଧାନ ହେବା, ଅବହେଳା ନ କରିବା; take care of ଯତ୍ନନେବା, ବ୍ୟବସ୍ଥା କରିବା।

**careen** କ୍ରି. ମରାମତି ସକାଶେ ଜାହାଜକୁ ଏକ ପାଖକୁ ଅଣେଇବା, ଗୋଟିଏ ପାର୍ଶ୍ୱକୁ ଢ଼ଳିବା।

**career** 1. ବି. ବୃତ୍ତି, ପେଷା, ଜୀବିକାନିର୍ବାହ ଉପାୟ; ଜୀବନର ଗତି, ଜୀବନ ଚରିତ; 2. *ଅ.କ୍ରି.* ଉଦ୍ଦେଶ୍ୟବିହୀନ ଭାବେ ବା ପଥଭ୍ରଷ୍ଟ ହୋଇ ବୁଲିବା।

**careerist** ବି. ଜୀବନରେ ମୁଖ୍ୟତଃ ନିଜର ବ୍ୟକ୍ତିଗତ ସାଫଲ୍ୟ ସକାଶେ ଉଦ୍ୟମୀ ବ୍ୟକ୍ତି।

**carefree** ବିଂ. ଉଦ୍‌ବେଗହୀନ, ଦାୟିତ୍ୱମୁକ୍ତ, ଅବିକ୍ଷୁବ୍ଧ।

**careful** ବିଂ. ଯତ୍ନଶୀଳ, ଯତ୍ନସୂଚକ; ମନୋଯୋଗୀ, ସାବଧାନ, ହିସାବୀ; କ୍ରି.ବିଂ. carefully.

**careless** ବିଂ. ଯତ୍ନହୀନ, ଅସାବଧାନ, ଅମନୋଯୋଗୀ, ଉଦାସୀନ, ଫୁଲାଫାଙ୍କିଆ, ଚିନ୍ତାହୀନ।

**caress** 1. ସ.କ୍ରି. ସସ୍ନେହ ଛୁଇଁବା ବା ହାତ ବୁଲାଇବା, ଚୁମାଦେବା, ସୋହାଗ ବା ଗେଲ କରିବା; 2. ବି. ସାଦର ସ୍ପର୍ଶ, ସୋହାଗ, ଚୁମା, ଚୁମ୍ବନ।

**caret** ବି. ସାଙ୍କେତିକ ଚିହ୍ନବିଶେଷ; ମୁଦ୍ରିତ ବା ଲିଖିତ ବିଷୟରେ ଅଧିକ ପାଠ୍ୟ ସାମଗ୍ରୀ ସଂଯୋଗ ସୂଚକ କାକପଦଚିହ୍ନ ( )।

**caretaker** 1. ବି. ଗୃହ ପ୍ରଭୃତିର ତତ୍ତ୍ୱାବଧାରକ; 2. ବିଂ. ସାମୟିକ କ୍ଷମତା ପ୍ରାପ୍ତ (ପଦାଧିକାରୀ)।

**careworn** ବିଂ. ଚିନ୍ତାକ୍ଲିଷ୍ଟ, ଉଦ୍‌ବେଗପୂର୍ଣ୍ଣ।

**cargo** ବି. ଜାହାଜ ବା ବ୍ୟୋମଯାନରେ ପରିବାହିତ ମାଲ।

**Carib** ବି. କ୍ୟାରିବିଆନ୍ ଓ ତାହାର ନିକଟବର୍ତ୍ତୀ ସମୁଦ୍ର କୂଳର ଆଦିମ ଅଧିବାସୀ; ସେମାନଙ୍କର ଭାଷା।

**Caribbean** ବିଂ. କ୍ୟାରିବିଆନ୍ ସମ୍ବନ୍ଧୀୟ।

**caribou** ବି. ଉତ୍ତର ଆମେରିକାର ଏକ ପ୍ରକାର ହରିଣ।

**caricature** 1. ବି. ବ୍ୟକ୍ତିମାନଙ୍କର ବ୍ୟଙ୍ଗାତ୍ମକ ଉପସ୍ଥାପନ, ବ୍ୟଙ୍ଗଚିତ୍ର, ବର୍ଣ୍ଣନା ବା ଅଭିନୟ, ଅତିରଞ୍ଜନ ଦ୍ୱାରା ହାସ୍ୟୋଦ୍ଦୀପକ ବିକୃତ ଅନୁକରଣ; 2. କ୍ରି. ଅପରର ଅନୁକରଣ ପୂର୍ବକ ବ୍ୟଙ୍ଗାତ୍ମକ ଚିତ୍ରଣ ବା ଅଭିନୟ କରିବା; caricaturist ବି. ବ୍ୟଙ୍ଗାତ୍ମକ ଅଭିନୟକାରୀ ବା ଚିତ୍ରକାର।

**caries** ବି. ଅସ୍ଥି ବା ଦନ୍ତର କ୍ଷୟରୋଗ; **carious** ବିଂ. କ୍ଷୟପ୍ରାପ୍ତ।

**carillon** ବି. ଘଣ୍ଟି-ମାଳାର ବାଦନ ଧ୍ୱନି।

**carminative** 1. ବି. ପାକସ୍ଥଳୀର ବାୟୁନାଶକ ଔଷଧ; 2. ବିଂ. ବାୟୁନାଶକ।

**carmine** ବି.ବିଂ. ଉଜ୍ଜ୍ୱଳ ଲାଲ ରଙ୍ଗ(ର)।

**carnage** ବି. ବ୍ୟାପକ ହତ୍ୟା ବିଶେଷତଃ ଯୁଦ୍ଧରେ, ଏକ ସମୟରେ ବହୁବ୍ୟକ୍ତିଙ୍କର ହତ୍ୟା, ନର ସଂହାର।

**carnal** ବିଂ. ରକ୍ତମାଂସର ଶରୀର ସମ୍ବନ୍ଧୀୟ, ଇନ୍ଦ୍ରିୟ ସମ୍ବନ୍ଧୀୟ; କାମାସକ୍ତ, ପାଶବ, ଯୌନ; ଐହିକ, ଜାଗତିକ; ବି. carnality.

**carnation** ବି. ହାଲୁକା ଗୋଲାପୀ ରଙ୍ଗର ସୁଗନ୍ଧ ଫୁଲ ବିଶେଷ।

**carnet** ବି. ସୀମାନ୍ତ ଅତିକ୍ରମ ଲାଗି ଯାନବାହନ ନେବାର ଅନୁମତି।

**carnival** ବି. ମେଳା, ମଉଜ ମଜଲିସ୍।

**carnivore** ବି. ମାଂସାଶୀ ଜନ୍ତୁ, ଶିକାରୀ ପଶୁ ଓ ଉଦ୍ଭିଦ।

**carnivorous** ବିଂ. ମାଂସାଶୀ।

**carol** 1. ବି. ଆନନ୍ଦ ଗୀତି, ଖ୍ରିସ୍ମାସ ଭକ୍ତି ସଙ୍ଗୀତ; 2. କ୍ରି. ଭକ୍ତିସଙ୍ଗୀତ ଗାନ କରିବା।

Digitized by srujanika@gmail.com

**carotid** 1. ବିଂ. ଗଳାର ଦୁଇ ପାଖରେ ଥିବା ମସ୍ତକକୁ ରକ୍ତବାହୀ ଧମନୀ ସମ୍ବନ୍ଧୀୟ; 2. ବି. ରକ୍ତ ଧମନୀ ।

**carouse** 1. କ୍ରି. ହୋ ହଲ୍ଲା କରି ପ୍ରୀତି ଭୋଜନ ଓ ମଦ୍ୟପାନରେ ଯୋଗଦେବା, ପ୍ରଚୁର ପରିମାଣ ମଦ୍ୟପାନ କରିବା; 2. ବି. ଏତାଦୃଶ ସମାବେଶ; **carousal** ପାନୋତ୍ସବ ।

**carousel** ବି. ଚକୋଇଘିରୀ ଖେଳ; ଘୂର୍ଣ୍ଣାୟମାନ ପରିବହନ ବାକ୍ସ ।

**carp** 1. ବି. ପୁଷ୍କରିଣୀ ବା ସ୍ୱଚ୍ଛଜଳରେ ବଢୁଥିବା ମାଛ, ରୋହି ଜାତୀୟ (ରୋହି, ଭାକୁର, ପୋହଳା, ମିରିଗାଲି ପ୍ରଭୃତି) ମାଛ; 2. କ୍ରି. ଛିଦ୍ରାନ୍ବେଷଣ କରିବା, ଖୁଣିବା, ଦୋଷ ଦେଖାଇବା ।

**carpal** ବିଂ. କଟିଟି ହାଡ଼ ବା ମଣିବନ୍ଧ ସମ୍ବନ୍ଧୀୟ ।

**carpenter** 1. ବି. ବଢ଼େଇ, କାଠ କାରିଗର ବା ମିସ୍ତ୍ରୀ; 2. କ୍ରି. ବଢ଼େଇ କାର୍ଯ୍ୟ ସମ୍ପାଦନ କରିବା; **carpentry** ବି. ବଢ଼େଇ କାର୍ଯ୍ୟ ।

**carpet** 1. ବି. ଗାଲିଚା, ମୋଟା ଆବରଣ; 2. କ୍ରି. ଗାଲିଚା ବିଛାଇବା ।

**carport** ବି. କାର୍ ରଖିବା ସ୍ଥାନ, ଚାରି ପାଖରେ ଖୋଲା ଓ ଉପରେ ଛାତଥିବା କାର୍ ରଖିବା ଜାଗା ।

**carpus** ବି. ମଣିବନ୍ଧ ଓ ହାତକୁ ଯୋଡୁଥିବା କ୍ଷୁଦ୍ର ଅସ୍ଥି ସମୂହ; କଟ୍ଟି, କବ୍ଜି ।

**carriage** ବି. ଚାରିଗୋଟି ଚକଥିବା ଘୋଡାଟଣା ଗାଡ଼ି; ଯାତ୍ରୀବାହୀ ରେଳଗାଡ଼ି; ମାସୁଲ, ବହନ ମୂଲ୍ୟ ।

**carriageway** ବି. ଗାଡ଼ିଯିବା ଲାଗି ରାସ୍ତାର ନିର୍ଦ୍ଦିଷ୍ଟ ଅଂଶ ।

**carrier** ବି. ବାହକ, ସାଇକେଲର ପଛଅଂଶ ଯେଉଁଠି ମାଲ ବା ଜିନିଷ ବୁହାଯାଏ; ଯେଉଁବ୍ୟକ୍ତି ବା ଜନ୍ତୁ ରୋଗଜୀବାଣୁ ବହନ କରିଥାଏ; **carrier bag** ବଜାର ସଉଦା ପାଇଁ କାଗଜ ବା ପ୍ଲାଷ୍ଟିକ୍ ଥଳି; **carrier pigeon** ପତ୍ରବାହକ ପାରା; **carrier wave** ସଙ୍କେତବାହୀ ଉଚ୍ଚଫ୍ରିକ୍ୱେନସି ବିଦ୍ୟୁତ୍ ଚୁମ୍ବକୀୟ; ତରଙ୍ଗପ୍ରବାହ ।

**carrion** ବି. ଦୂଷିତ ମାଂସ, ସଢ଼ାମାଂସ; ଦୂଷିତ, ଅଥବା ଘୃଣ୍ୟ ପଦାର୍ଥ ।

**carrot** ବି. ଗାଜର ।

**carry** କ୍ରି. ବହନ କରିବା, ସ୍ୱପକ୍ଷକୁ ଆଣିବା; ନିଜ ପାଖରେ ରଖିବା (ଅର୍ଥ ଆଦି), ପ୍ରସାରିତ କରିବା, ଚଳାଇବା; ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା; carry away ଦୂରକରିବା, ଉଦ୍‌ବୁଦ୍ଧ କରିବା; ଆତ୍ମସଂଯମ ହରାଇବା; carry-cot ଶିଶୁପାଇଁ ହାତରେ ନେଇ ଯିବାଭଳି ଖଟ; carry the day ଜୟଯୁକ୍ତ ବା ସଫଳ ହେବା; carry forward ପୂର୍ବପୃଷ୍ଠାର ମୋଟ ହିସାବ ନୂତନ ପୃଷ୍ଠା ଆରମ୍ଭରେ ଲେଖିବା; carry off ବଳପୂର୍ବକ ନେଇଯିବା; carry on କ୍ରମାଗତ ଚଳାଇବା; carry out ନିର୍ବାହ କରିବା, କାର୍ଯ୍ୟରେ ପରିଣତ କରିବା; carry over ଆଗକୁ ନେବା, ନୂତନ ପୃଷ୍ଠା ଆରମ୍ଭରେ ପୂର୍ବର ମୋଟ ହିସାବ ଲେଖିବା, ମୁଲତବି କରିବା; carry through ସଫଳତା ସହିତ କାର୍ଯ୍ୟ ସମ୍ପାଦନ କରିବା; carry weight ଗୁରୁତ୍ୱ ବହନ କରିବା ।

**cart** 1. ବି. ଦୁଇ ବା ଚାରିଚକିଆ ଘୋଡ଼ା ବା ଗୋରୁଗାଡ଼ି (ଜିନିଷ ପତ୍ର ବୋହିବା ଲାଗି); ହାତଟଣା ହାଲୁକା ଗାଡ଼ି, ଶଗଡ଼; 2. କ୍ରି. ଗାଡ଼ିରେ ଜିନିଷ ପତ୍ର ନେବା; 3. cart-horse ବଳିଷ୍ଠ ଶରୀରର ଘୋଡ଼ା; cart-wheel ଚକ, ଓସାରିଆ ଟୋପି; cart-wright ଗାଡ଼ି ନିର୍ମାତା; in the cart ସଙ୍କଟାପନ୍ନ; put the cart before the horse କାର୍ଯ୍ୟରେ ଚିରାଚରିତ କ୍ରମ ବା ପର୍ଯ୍ୟାୟ ପରିବର୍ତ୍ତନ କରିବା ।

***carte blanche*** (ଅଲେଖା କାଗଜ) କୌଣସି ବ୍ୟକ୍ତିକୁ ଦିଆଯାଉଥିବା ପୂର୍ଣ୍ଣ ଓ ଇଚ୍ଛାନୁଯାୟୀ କ୍ଷମତା । *(ଫ.)*

**cartel** ବି. ମୂଲ୍ୟ ନିୟନ୍ତ୍ରଣ ସକାଶେ ଗଠିତ ବ୍ୟବସାୟୀ ବା ଉତ୍ପାଦକମାନଙ୍କର ସଂଘ ।

**Cartesian** 1. ବିଂ. ଡେକାର୍ଟେ (Descartes) ଓ ତାଙ୍କର ଦର୍ଶନ ସମ୍ବନ୍ଧୀୟ; 2. ବି. ଡେକାର୍ଟେଙ୍କର ଅନୁଗାମୀ ।

**cartilage** ବି. ଉପାସ୍ଥି, କୋମଳାସ୍ଥି ।

**cartography** ବି. ମାନଚିତ୍ର ଅଙ୍କନ ବିଦ୍ୟା, ମାନଚିତ୍ର କଳା; cartographer ବିଂ. ମାନଚିତ୍ର ଅଙ୍କନକାରୀ; cartographic ବି. ମାନଚିତ୍ର ଅଙ୍କନ ସମ୍ବନ୍ଧୀୟ ।

**carton** ବି. ମୋଟା କାଗଜରେ ତିଆରି ହାଲୁକା ପେଡ଼ି ବା ଆଧାର ।

**cartoon** 1. ବି. ବ୍ୟଙ୍ଗଚିତ୍ର; 2. ସ.କ୍ରି. ବ୍ୟଙ୍ଗଚିତ୍ର ଆଙ୍କିବା; cartoonist ବି. ବ୍ୟଙ୍ଗଚିତ୍ରକାର ।

Digitized by srujanika@gmail.com

**cartridge** ବି. ଗୁଳି ରଖିବା ଆଧାର, କାର୍ଟ୍ରିଜ, ବନ୍ଧୁକର ଟୋଟା; cartridge paper ଏକ ପ୍ରକାର ମୋଟା ଟାଣ କାଗଜ (ଯାହା ଦରଖାସ୍ତ ଓ ଦଲିଲ ଲେଖା ପ୍ରଭୃତିରେ ବ୍ୟବହୃତ ହୁଏ)।

**carve** କ୍ରି. କଠିନ ପଦାର୍ଥରେ (ଅକ୍ଷର, ନକ୍ସା, ମୂର୍ତ୍ତି ପ୍ରଭୃତି) ଖୋଦେଇ କରିବା, କାଟି କାଟି ଗଠନ କରିବା; ଖାଇବା ଟେବୁଲରେ, ଖାଇବା ସକାଶେ (ମାଂସ ଆଦି) ଛୁରିରେ କାଟି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ କରିବା; carve out ବଡ଼ ଜିନିଷରୁ ଛୋଟ ଅଂଶ ପ୍ରସ୍ତୁତ କରିବା; ନିଜ ପାଇଁ (ପ୍ରତିଷ୍ଠା, ଖ୍ୟାତି) ଅର୍ଜନ କରିବା; carve up ଖଣ୍ଡଖଣ୍ଡରେ ବିଭକ୍ତ କରିବା; carver ବି. କଠିନ ପଦାର୍ଥ ଖୋଦନକାରୀ।

**carvel** ବି. ହାଲୁକା ଡଙ୍ଗା।

**carving** ବି. ଖୋଦିତ କଳାତ୍ମକ ବସ୍ତୁ।

**Casanova** ବି. ଅନେକ ପ୍ରେମ-ବ୍ୟାପାର ସହ ଜଡ଼ିତ କୁଖ୍ୟାତ ବ୍ୟକ୍ତି।

**cascade** 1. ବି. କ୍ଷୁଦ୍ର ଜଳ ପ୍ରପାତ, ପ୍ରପାତ ସଦୃଶ ସଜ୍ଜିତ ବସ୍ତୁ ସମୂହ; 2. କ୍ରି. ପ୍ରପାତ ସଦୃଶ ପଡ଼ିବା।

**case** 1. ବି. ଘଟଣା, ମାମଲା, ବ୍ୟାପାର, ଅବସ୍ଥା, ମକଦ୍ଦମା, ତଦନ୍ତ ବା ଘଟଣାର ବିବରଣୀ; କାରକ (ବ୍ୟା.); ଆବରଣ, ଆଧାର କୋଷ, ଖାପ, ଛୋଟ ଆଲମାରି (ବହି କଣ୍ଢେଇ ପ୍ରଭୃତି ସଜାଇ ରଖିବା ପାଇଁ), ମୁଦ୍ରାଳୟରେ ଅକ୍ଷର ବା ଟାଇପ୍ ରଖିବା ତାଲା; 2. କ୍ରି. ଆବୃତ ରଖିବା, ବାକ୍ସ ବା ଖୋଳରେ ରଖିବା; case history କୌଣସି ବ୍ୟକ୍ତିର ଚିକିତ୍ସା ନିମନ୍ତେ ସଂଗୃହୀତ ବିବରଣ; case-law କୌଣସି ମୋକଦ୍ଦମାର ବିଚାରଦ୍ୱାରା ପ୍ରତିପାଦିତ ଆଇନ; in any case ଯାହା ହେଉନା କାହିଁକି; in case ଏପରି ହେଲେ, ଯଦି; 3. case-harden ଉପରିଭାଗକୁ କଠିନ କରିବା; lower case (ରୋମୀୟ ବର୍ଣ୍ଣମାଳାର) ଛୋଟ ହରଫ।

**casemate** ବି. ଗୁଳି ବା ତୋପ ଫୁଟାଇବା ପାଇଁ ଦୁର୍ଗ ପ୍ରାଚୀରସ୍ଥ ଛିଦ୍ରଯୁକ୍ତ କ୍ଷୁଦ୍ର କକ୍ଷ; ଯୁଦ୍ଧ ଜାହାଜରେ ତୋପ ରଖିବା ଲାଗି ବର୍ମାବୃତ ସ୍ଥାନ।

**casement** ବି. ଦ୍ୱାର ପରି ଖୋଲୁଥିବା ଝରକା, ଗବାକ୍ଷଦ୍ୱାର।

**casework** ବି. ବ୍ୟକ୍ତିର ପରିବାରର ଓ ପୃଷ୍ଠଭୂମି ସଂପର୍କିତ ସାମାଜିକ କର୍ମ।

**cash** ବି. ନଗଦ ଟଙ୍କା, କିଣିବାବେଳେ ପ୍ରଦତ୍ତ ସମସ୍ତ ଦେୟ; ଧାତୁ ମୁଦ୍ରା ବା କାଗଜ ରୂପରେ ଟଙ୍କା; ଧନ।

**cashew** ବି. କାଜୁ ବାଦାମ, ଲଙ୍କାଆମ୍ବ ବା ଭେଲୁଆଁ ଗଛ।

**cashier** 1. ବି. କୋଷାଧ୍ୟକ୍ଷ, ଖାଜାଞ୍ଚି; 2. କ୍ରି. ଚାକିରିରୁ ବହିଷ୍କାର କରିବା।

**cashmere** ବି. କାଶ୍ମିରୀ ଶାଲ୍, ସୂକ୍ଷ୍ମ କାଶ୍ମିରୀ ପଶମ।

**casing** ବି. ସଂରକ୍ଷକ ବା ଆବରଣକାରୀ ବସ୍ତୁ, ଖୋଳ।

**casino** ବି.ବ.ବ. casionos ପ୍ରମୋଦ ଭବନ, ଜୁଆ ଖେଳିବା ଗୃହ।

**cask** ବି. ତରଳ ଜିନିଷ ରଖିବା ପାତ୍ର, ମଦପିପା।

**casket** ବି. ମୂଲ୍ୟବାନ ବସ୍ତୁ ଆଦି ରଖିବା ପାଇଁ କାରୁକାର୍ଯ୍ୟଯୁକ୍ତ ଛୋଟ ପେଡ଼ି, ମଞ୍ଜୁଷା; ଆମେ. ଶବାଧାର ବା କଫିନ୍।

**Cassandra** ବି. ଅଶୁଭର ଭବିଷ୍ୟତ ବକ୍ତା।

**cassata** ବି. ଫଳ ଓ ମଞ୍ଜିମିଶା ଆଇସକ୍ରିମ୍ କେକ୍।

**cassava** ବି. ଗ୍ରୀଷ୍ମ ପ୍ରଧାନ ଦେଶର ଏକପ୍ରକାର ଉଦ୍ଭିଦ, ଏହାର ମୂଳରୁ ଆରାରୁଟ ଜାତୀୟ ପଦାର୍ଥ ମିଳେ।

**casserole** 1. ବି. ଆବରଣଯୁକ୍ତ ପାତ୍ର, ଏଥିରେ ଖାଦ୍ୟ ରନ୍ଧାହୁଏ ଓ ବଢ଼ାଯାଏ; ଏହି ପାତ୍ରରେ ରନ୍ଧାହୋଇଥିବା ଖାଦ୍ୟ ସାମଗ୍ରୀ; 2. କ୍ରି. ଏତାଦୃଶ ପାତ୍ରରେ ରାନ୍ଧିବା।

**cassette** ବି. ଚିତ୍ର ବା ଧ୍ୱନି-ଧାରକ ଫିତାର ଆଧାର; କେସେଟ୍।।

**cassia** ବି. ନିକୃଷ୍ଟ କିସମର ଡାଲଚିନି; ତେଜପତ୍ର ଜାତୀୟ ଗଛ।

**cassock** ବି. ଖ୍ରୀଷ୍ଟୀୟ ଯାଜକଙ୍କ ପରିଧେୟ ବସ୍ତ୍ର ବିଶେଷ, ଲମ୍ବା ଢ଼ିଲା ପୋଷାକ।

**cassowary** ବି. ଏମୁ ଜାତୀୟ ପକ୍ଷୀ ବିଶେଷ।

**cast** 1. ବି. ନିକ୍ଷେପ, ଚଳଚ୍ଚିତ୍ର ଅଥବା ନାଟକର ପାତ୍ରପାତ୍ରୀ; ଛାଞ୍ଚରେ ନିର୍ମାଣ; 2. କ୍ରି. ବଳପୂର୍ବକ ଫିଙ୍ଗିବା, ଗଢ଼ିବା, ଛାଞ୍ଚରେ ଢାଳିବା; ନାଟକର ଚରିତ୍ରମାନଙ୍କୁ ବାଛିବା; ନିର୍ଦ୍ଦିଷ୍ଟ ରୂପରେ ସଜାଡ଼ିବା;

Digitized by srujanika@gmail.com

**cast about (around) for** ଖୋଜି ବୁଲିବା; **cast adrift** ଭାସି ବୁଲିବା; **cast down** ହତାଶ ହେବା; **casting vote** ଦୁଇ ବିରୋଧୀ ପକ୍ଷର ଭୋଟ ସମାନ ହେଲେ ଜୟପରାଜୟାର୍ଥ ସଭାପତିଙ୍କ ଭୋଟାଧିକାର; **cast iron** (ମିଶ୍ରିତ) ଲୁହା; **cast off** ପରିତ୍ୟାଗ କରିବା ।

**castanet** ବି. କାଠ ବା ହାତୀଦାନ୍ତ ପ୍ରଭୃତିରେ ତିଆରି କରତାଳ ଜାତୀୟ ବାଦ୍ୟଯନ୍ତ୍ର (ସ୍ପେନ ଦେଶର ନୃତ୍ୟକାଳରେ ବ୍ୟବହୃତ) ।

**castaway** ବି. ବୁଡ଼ିଯାଇଥିବା ଜାହାଜରୁ ରକ୍ଷା ପାଇଥିବା ବ୍ୟକ୍ତି; ସମାଜଚ୍ୟୁତ ବା ପରିତ୍ୟକ୍ତ ବ୍ୟକ୍ତି; ବୋଧ ପରିତ୍ୟକ୍ତ ।

**caste** ବି. ଭାରତବର୍ଷର ବର୍ଣ୍ଣ ବା ଜାତି, ହିନ୍ଦୁମାନଙ୍କର ବଂଶାନୁକ୍ରମିକ ସାମାଜିକ ଶ୍ରେଣୀ ।

**casteism** ବି. ଜାତିପ୍ରଥା, ଜାତିବାଦ ।

**castellated** ବିଂ. ଦୁର୍ଗ ପରି ପ୍ରାଚୀର ଓ ବୁରୁଜ ସମନ୍ୱିତ ।

**castigate** କ୍ରି. ଗାଳିଦେବା, ତିରସ୍କାର କରିବା ବା ଦଣ୍ଡିବା; **castigation** ବି. ତିରସ୍କାର ।

**casting** ବି. ଛାଞ୍ଚ, ଢଳେଇ ।

**castle** ବି. ଦୁର୍ଗ, ଗଡ଼, ମହଲ ।

**castor** ବି. 1. ଆସବାବପତ୍ର ତଳେ ବା ଗୋଡ଼ରେ ଲାଗିଥିବା ଛୋଟ ଚକ; 2. ଅତର ପ୍ରଭୃତି ଛିଦ୍ର ଥିବା ବାଟି; 3. ଜଡ଼ା ଗଛ ଓ ମଞ୍ଜି; **castor sugar** ସରୁଦାନା ବିଶିଷ୍ଟ ଧଳାଚିନି ।

**castor oil** ବି. ଜଡ଼ାତେଲ ।

**castrate** କ୍ରି. ମୁଷ୍କଚ୍ଛେଦନ ବା ଖାସି କରିବା, ଶକ୍ତିହୀନ କରିବା ।

**castrato** ବି. ସ୍ତ୍ରୀ ଭଳି କୋମଳ କଣ୍ଠ ସ୍ୱର ରକ୍ଷାର୍ଥ ଯେଉଁ ପୁରୁଷର ବାଲ୍ୟାବସ୍ଥାରେ ମୁଷ୍କଚ୍ଛେଦନ କରାହୋଇଥାଏ ।

**casual** ବିଂ. ଆକସ୍ମିକ, ଅପ୍ରତ୍ୟାଶିତ, ନୈମିତ୍ତିକ, ସାଧାରଣ, ବେଖାତିର୍, ସାମୟିକ, ଅନିଶ୍ଚିତ; **casually** କ୍ରି.ବିଂ. ।

**casualty** ବି. ଆକସ୍ମିକ ଦୁର୍ଘଟଣା, ଆହତ ବ୍ୟକ୍ତି, ଯୁଦ୍ଧରେ ଆହତ ବା ନିହତ ବ୍ୟକ୍ତିଗଣ; ହଜିଯାଇଥିବା ବା ନଷ୍ଟ ହୋଇଥିବା ପଦାର୍ଥ; **casualty department (ward)** ହସ୍ପିଟାଲର ଆକସ୍ମିକ ଦୁର୍ଘଟଣା ଚିକିତ୍ସା ବିଭାଗ ।

**casuist** ବି. କୂଟ ତାର୍କିକ, ଧର୍ମାଧର୍ମବିଚାରକ; ବି. **casuistry**.

**cat** ବି. ବିରେଇ, ବିଲାଡ଼ି, ମାର୍ଜାର; ଲ.ଭା. ଈର୍ଷାପରାୟଣା, କଳହପ୍ରିୟା ନାରୀ; **cat-and-dog life** କଳହମୟ ଜୀବନ; **cat's-eye** ବୈଦୁର୍ଯ୍ୟ ମଣି; **cat's pad** ଝାଙ୍କୁରିଆ ବାଡ଼ି, (ଲକ୍ଷଣାର୍ଥରେ) ଯେଉଁ ବ୍ୟକ୍ତିକୁ କାର୍ଯ୍ୟସାଧନ ପାଇଁ ବ୍ୟବହାର କରାଯାଏ; **let the cat out of the bag** ରହସ୍ୟ ପଦାରେ ପକାଇ ଦେବା; **like a cat on hot bricks** ଅତିଶୟ ଉତ୍ତେଜିତ; **rain cats and dogs** ମୂଷଳ ଧାରାରେ ବୃଷ୍ଟି ହେବା ।

**cata-** ଉ.ପ. ନିମ୍ନସ୍ଥ, ଭ୍ରମାତ୍ମକ ।

**catabolism** ବି. ଶରୀରର ଅପଚୟ ।

**catachresis** ବି. ଅଶୁଦ୍ଧ ଶବ୍ଦ ପ୍ରୟୋଗ, ଅପପ୍ରୟୋଗ ।

**cataclysm** ବି. ମହାପ୍ଲାବନ, ପ୍ରଳୟ, ଆକସ୍ମିକ ଭୟାବହ ପରିବର୍ତ୍ତନ ।

**catacomb** ବି. ଭୂଗର୍ଭସ୍ଥ ସମାଧିକ୍ଷେତ୍ର ।

**catafalque** ବି. ବିଶିଷ୍ଟ ବ୍ୟକ୍ତିଙ୍କର ଶବାଧାର ରଖାଯାଇଥିବା କାଠଚାଙ୍ଗ, ଶବମଞ୍ଚ ।

**Catalan** ବିଂ. ସ୍ପେନ୍ ସ୍ଥିତ କାଟାଲୋନିଆର ଅଧିବାସୀ ଏବଂ ଭାଷା ।

**catalepsy** ବି. ମୂର୍ଚ୍ଛାରୋଗ, ଅପସ୍ମାର ରୋଗ; ବିଂ. **cataleptic**.

**catalogue** 1. ବି. ତାଲିକା, ବସ୍ତୁ ସୂଚୀ; 2. କ୍ରି. ତାଲିକା ପ୍ରସ୍ତୁତ କରିବା, ତାଲିକା ଭୁକ୍ତ କରିବା ।

**catalpa** ବି. ଏକପ୍ରକାର ଫୁଲ ଗଛ ।

**catalyse (yze)** କ୍ରି. ଉଦ୍‌ପ୍ରେରଣ କରିବା ।

**catalysis** ବି. ଅନୁଘଟନ; ବସ୍ତୁ ନିଜେ ଅପରିବର୍ତ୍ତିତ ରହି ଅନ୍ୟ ବସ୍ତୁର ରାସାୟନିକ ପରିବର୍ତ୍ତନରେ ସହାୟକ ହେବା ବା ପ୍ରକ୍ରିୟା; ଉଦ୍‌ପ୍ରେରଣ; ବିଂ. **catalytic**.

**catalyst** ବି. ଉଦ୍‌ପ୍ରେରକ ।

**catamaran** ବି. ଭେଳା, ଡଙ୍ଗା, କାଠଭେଳା, ଯୋଡ଼ିନୌକା ।

**catamite** ବି. ସମଲୈଙ୍ଗିକ ସଂପର୍କରେ ନିଷ୍କ୍ରିୟ ସହଯୋଗୀ ।

**catapult** 1. ବି. ଗୋଡ଼ି ବନ୍ଧୁକ, ଗୁଲେଲ୍, ବାଟୁଳି ଖଡ଼ା, ଜାହାଜ ଉପରୁ ଓ ବ୍ୟୋମଯାନ ପ୍ରଭୃତିରୁ ନିଷ୍କ୍ରମଣ ଲାଗି ଯାନ୍ତ୍ରିକ ବ୍ୟବସ୍ଥା; 2. କ୍ରି. ଉକ୍ତ ପଦ୍ଧତିରେ ନିଷ୍କ୍ରାନ୍ତ ହେବା; ଖୁବ୍‌ବେଗରେ ଫୋପାଡ଼ିବା ।

Digitized by srujanika@gmail.com

**cataract** ବି. ବଡ଼ ଜଳପ୍ରପାତ; ଆଖିରେ ପରଳ ରୋଗ, ମୋତିଆ ବିନ୍ଦୁ।

**catarrh** ବି. ସର୍ଦ୍ଦିରୋଗ, ଇସମ୍।

**catastroshe** ବି. ଆକସ୍ମିକ ମହାଦୁର୍ଘଟଣା, ମହାବିପତ୍ତି, ବିଧ୍ୱଂସ।

**catatonia** ବି. ସାମୟିକ ମୂର୍ଚ୍ଛା ଓ ହିଂସ୍ରଭାବ ଲକ୍ଷଣଯୁକ୍ତ ସିଜୋଫ୍ରେନିଆ ବା ବ୍ୟକ୍ତିତ୍ୱ- ବିଭାଜନ ରୋଗ, ଏକ ପ୍ରକାର ମାନସିକ ବ୍ୟାଧି।

**catcall** 1. ବି. ସିଟି ବା ଶୁଶୁରି, ଅସନ୍ତୋଷ-ଜ୍ଞାପକ ମୁଖ ଧ୍ୱନି; 2. *କ୍ରି.* ଅସନ୍ତୋଷ ଜ୍ଞାପକ ମୁଖ ଧ୍ୱନି କରିବା।

**catch** 1. *କ୍ରି.* (*ଅ.କା./ ଅ.କ୍ରି.କ.ପ* caught) ଧରିବା; (ଅର୍ଥ) ବୁଝିବା, ଉପଲବ୍ଧି କରିବା; (କାହାକୁ) ଅନୁସରଣ ପୂର୍ବକ ଧରି ପକାଇବା; (କୌଣସି ଦ୍ରବ୍ୟକୁ) ତଳେ ପଡ଼ିବା ପୂର୍ବରୁ ଧରିନେବା; ଛିନିବା, ରୋଗ ଟାଣି ଆଣିବା catch a cold; 2. ବି. ଧରିବା କାମ, ଯାହା ଧରାଯାଏ; catch–all ସମସ୍ତ ଜିନିଷ ଭରିବା ଥଳି; catch fire ନିଆଁ ଲାଗିଯିବା; catch hold of ସ୍ୱହସ୍ତରେ ଧରିବା; catch out ଖୋଜି ବାହାର କରିବା; ବି. (କ୍ରିକେଟ୍) ବଲ୍ ହାତରେ ଧରିବା ଦ୍ୱାରା ବ୍ୟାଟ୍ସ୍‌ମ୍ୟାନର ଆଉଟ୍ ହେବା; catch –phrase ବହୁଳ ପ୍ରଚାରିତ ବାକ୍ୟାଂଶ; catch up (with) ବାକି କାମସାରି କାହା ସହିତ ସମସ୍ତରକୁ ଆସିବା।

**catching** ବି. ଆକର୍ଷଣୀୟ, ସଂକ୍ରାମକ।

**catchment** ବି. ବୃଷ୍ଟିପାତର ସମଷ୍ଟି, catchment area ଅଧିତ୍ୟକା, ଯେଉଁଅଂଚଳରେ ବୃଷ୍ଟିପାତର ଜଳ ନଦୀକୁ ବହିଯାଏ; ଯେଉଁ ଅଞ୍ଚଳରୁ ବ୍ୟକ୍ତି ବିଦ୍ୟାଳୟ ଓ ଚିକିତ୍ସାଳୟ ପ୍ରଭୃତିକୁ ଆସନ୍ତି।

**catchpenny** ବିଂ. ପଇସାଟଣା, ମୁଖ୍ୟତଃ ଶୀଘ୍ର ବିକ୍ରୀ ଲାଗି ଉଦ୍ଦିଷ୍ଟ (ଉପର ଚିକ୍କଣ) ବାହ୍ୟ ଆକର୍ଷଣଯୁକ୍ତ।

**catch–22** ବି.କ.ଭା. ଏଭଳି ଏକ ସମସ୍ୟା ଯହିଁରୁ ନିସ୍ତାର ନାହିଁ।

**catchweight** ବିଂ. ଓଜନ-ନିରପେକ୍ଷ।

**catchword** ବି. ବହୁଳ ବ୍ୟବହୃତ ଶବ୍ଦ ବା ବାକ୍ୟାଂଶ, ଆକର୍ଷଣୀୟ ଶବ୍ଦ।

**catchy** ବିଂ. ଚିତ୍ତାକର୍ଷକ, ଯାହା ସହଜରେ ମନେ ରହେ।

**catechism** ବି. ପ୍ରଶ୍ନୋତ୍ତର ମାଧମରେ ଏକ ଧର୍ମ ତତ୍ତ୍ୱର ସାରାଂଶ, ପ୍ରଶ୍ନାବଳୀ।

**catechist** ବି. ଧର୍ମଗୁରୁ, ପ୍ରଶ୍ନୋତ୍ତର ଦ୍ୱାରା ଶିକ୍ଷା ଦେଉଥିବା ବ୍ୟକ୍ତି, ଧର୍ମୋପଦେଷ୍ଟା।

**catechize** *କ୍ରି.* ପ୍ରଶ୍ନୋତ୍ତର ଦ୍ୱାରା ଶିଖାଇବା।

**catechumen** ବି. ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ (ତୁବନ୍ ପୂର୍ବରୁ) ଯାହାକୁ ପ୍ରାଥମିକ ଧର୍ମଶିକ୍ଷା ଦିଆଯାଏ, ଖ୍ରୀଷ୍ଟୀୟ ଧର୍ମଶାସ୍ତ୍ରରେ ପ୍ରଥମ ଶିକ୍ଷାର୍ଥୀ।

**categorical** ବିଂ. ନିଃସର୍ତ୍ତ, ନିରପେକ୍ଷ, ସୁଚିନ୍ତିତ, ନିଶ୍ଚିତ, ସ୍ପଷ୍ଟ, ସମଗ୍ର; ବାହ୍ୟ; *କ୍ରି.ବିଂ.* categorically

**categorize** *ସ.କ୍ରି.* ଶ୍ରେଣୀଭୁକ୍ତ କରିବା ବି. categorization.

**category** ବି. ବସ୍ତୁ ବା ଭାବ ପ୍ରଭୃତିର ଶ୍ରେଣୀ, ଜାତି, ବର୍ଗ, ବିଭାଗ।

**cater** *କ୍ରି.* ଖାଦ୍ୟ ଯୋଗାଇବା, ଆମୋଦଦାୟକ ବିଷୟ ଓ ଭୋଜ୍ୟଦ୍ରବ୍ୟାଦି ସରବରାହ କରିବା।

**caterer** ବି. ଖାଦ୍ୟଦ୍ରବ୍ୟ ସରବରାହକାରୀ।

**caterpillar** ବି. ସଁବାଳୁଆ, ଭାଲୁପୋକ।

**caterwaul** *କ୍ରି.* ବିଲେଇ ପରି ଚିତ୍କାର କରିବା।

**catfish** ବି. ଏକପ୍ରକାର ମାଛ।

**catgut** ବି. ଏକପ୍ରକାର ଟାଣ ତନ୍ତୁ, ବାଦ୍ୟଯନ୍ତ୍ର ତିଆରି ଓ ଶରୀରର କ୍ଷତ ସିଲେଇ ପାଇଁ ସାଧାରଣତଃ ବ୍ୟବହୃତ ଚର୍ମ ସୂତ୍ର।

**catharsis** ବି. ବିରେଚନ; ନାଟକାଦି କଳାକୃତିରେ ଆବେଗ-ମୁକ୍ତି; cathartic ବିଂ. ବିରେଚକ, ପରିଷ୍କାରକ।

**cathedral** ବି. ବିଶପ୍‌ଙ୍କ ଅଧୀନସ୍ଥ ମୁଖ୍ୟ ଗାର୍ଜାଘର।

**Catherine wheel** ବି. ଚକ୍ରିବାଣ।

**catheter** ବି. ଶରୀର ମଧ୍ୟରୁ କୃତ୍ରିମ ଉପାୟରେ ତରଳ ପଦାର୍ଥ ନିଷ୍କାସକ ନଳ ବିଶେଷ, ମୂତ୍ର ନିଷ୍କାସକ ଯନ୍ତ୍ର-ନଳୀ; *କ୍ରି.* catheterize.

**cathode** ବି. ଋଣାତ୍ମକ ତଡ଼ିତ୍-ଦଣ୍ଡ, ଋଣ ବିଦ୍ୟୁତ୍ ଅଗ୍ର, ଋଣାଗ୍ର।

**catholic** ବିଂ. ସାର୍ବଜନୀନ, ଉଦାରମନା; Catholic ରୋମାନ କେଥଲିକ୍; catholicism ବି. ଉଦାରତା।

**cation** ବି. କେଟ୍ ଆୟନ୍, ଧନାୟନ।

Digitized by srujanika@gmail.com

**catkin** ବି. ଉଇଲୋ, ହେଜେଲ୍ ଇତ୍ୟାଦି ଗଛର କ୍ଷୁଦ୍ର କୋମଳ ଝୁଲନ୍ତ ଫୁଲପେଣ୍ଡା, ବିଲେଇ ଲାଞ୍ଜ ପରି ଝୁଲୁଥିବା ଫୁଲ ପେଣ୍ଡା।

**catnap** 1. ବି. ଛୋଟ ନିଦ, 2. କ୍ରି. ସ୍ୱଳ୍ପ ନିଦ୍ରାଗ୍ରସ୍ତ ହେବା।

**catsuit** ବି. ବେକରୁ ପାଦ ପର୍ଯ୍ୟନ୍ତ ପୋଷାକ।

**cattle** ବି. ଗୋରୁ, ଗାଈ ବଳଦ ଇତ୍ୟାଦି ଗୃହପାଳିତ ପଶୁ; cattle grid ଗାଈ ଗୋରୁ ନଯାଇ ପାରିବା ଭଳି ଖାଲ ଉପରେ ହୋଇଥିବା ନିର୍ମାଣ ବ୍ୟବସ୍ଥା।

**catty** ବିଂ. ବିଲେଇ ପରି, ଚାଲାକ୍, ଈର୍ଷାପରାୟଣ।

**catwalk** ବି. ସଂକୀର୍ଣ୍ଣ ଚଲାବାଟ।

**Caucasian** ବିଂ. ଗୋରା ଚର୍ମ ବିଶିଷ୍ଟ କକେସୀୟ ମାନବ ଜାତି।

**Caucasoid** ବିଂ. କକେସୀୟ ମାନବଜାତି ସମ୍ବନ୍ଧୀୟ।

**caucus** ବି. ଉଦ୍ଦେଶ୍ୟ ସାଧନବ୍ରତୀ କୌଣସି ରାଜନୈତିକ ଦଳର ସ୍ଥାନୀୟ କ୍ଷୁଦ୍ର ସମିତି ବା ଗୋଷ୍ଠୀ; ଗୋଷ୍ଠୀ ବା ଦଳର ବୈଠକ।

**caudal** ବିଂ. ଲାଞ୍ଜ ସମ୍ବନ୍ଧୀୟ, ଲାଞ୍ଜ ସଦୃଶ, ଶରୀରର ପଶ୍ଚାତ୍ ଭାଗ ସମ୍ବନ୍ଧୀୟ, ପୁଚ୍ଛ ସମ୍ବନ୍ଧୀୟ।

**caudate** ବି. ଲାଞ୍ଜ ବିଶିଷ୍ଟ; ପୁଚ୍ଛ ବିଶିଷ୍ଟ।

**caught** CATCHର *ଅ.କା./ ଅ.କ୍ରି.ଜ.ପ. କ୍ରି.* ଧୃତ, ଧରାପଡ଼ିଥିବା।

**caul** ବି. ଗର୍ଭଝିଲ୍ଲି।

**cauldron** ବି. କରେଇ।

**cauliflower** ବି. ଫୁଲକୋବି।

**caulk** କ୍ରି. ଜଳରୋଧ କରିବା ସକାଶେ ଜାହାଜର ତଳପଟ ଛିଦ୍ର ବନ୍ଦ କରିବା।

**causal** ବିଂ. କାର୍ଯ୍ୟ-କାରଣ ସମ୍ବନ୍ଧୀୟ; କ୍ରି.ବିଂ. causally.

**causality** ବି. ହେତୁବାଦ, କାରଣତତ୍ତ୍ୱ।

**causation** ବି. କାର୍ଯ୍ୟ-କାରଣ ସମ୍ବନ୍ଧ, ସଂଘଟଣ, କାର୍ଯ୍ୟୋତ୍ପାଦନ।

**causative** ବିଂ. କାରଣ-ସୂଚକ, କାରଣାତ୍ମକ।

**cause** 1. ବି. କାରଣ, ଯୁକ୍ତି, ଉଦ୍ଦେଶ୍ୟ, ହେତୁ, ନିମିତ୍ତ; 2. କ୍ରି. ଘଟାଇବା, କାରଣ ହେବା, ତିଆରି କରିବା।

***cause celebre*** ଅତ୍ୟନ୍ତ ଆଗ୍ରହ ସୃଷ୍ଟିକାରୀ ମୋକଦ୍ଦମା। *(ଫ.)*

***causerie*** ବି. ସାହିତ୍ୟ ବିଷୟକ, ଅନୌପଚାରିକ ରଚନା ବା ଭାଷଣ। *(ଫ.)*

**causeway** ବି. ନିମ୍ନ ଆର୍ଦ୍ରଭୂମି ଉପରିସ୍ଥ ଉଚ୍ଚରାସ୍ତା, ବନ୍ଧରାସ୍ତା, ଘୋଷରା।

**caustic** 1. ବିଂ. ଦାହିକାଶକ୍ତିସମ୍ପନ୍ନ, ଦାହକ, କ୍ଷୟକାରକ; ତୀବ୍ର, ମର୍ମାନ୍ତିକ, ବ୍ୟଙ୍ଗାତ୍ମକ; 2. ବି. ଦାହକ ବା କ୍ଷୟକାରକ ପଦାର୍ଥ।

**cauterize** କ୍ରି. ରୋଗାକ୍ରାନ୍ତ ସ୍ଥାନକୁ କଷ୍ଟିକ ସୋଡା ବା ଉତ୍ତପ୍ତ ଲୌହ ଦଣ୍ଡଦ୍ୱାରା ପୋଡ଼ିବା, ଆଁକିବା, ଚେଙ୍କଦେବା, ଚଡ଼ୁ ବା ଚିହ୍ନଦେବା।

**caution** 1. ବି. ସାବଧାନତା, ପରିଣାମଦର୍ଶିତା, ସତର୍କତା; 2. କ୍ରି. ସତର୍କ କରିବା।

**cautionary** ବିଂ. ସତର୍କତା ମୂଳକ।

**cautious** ବିଂ. ସାବଧାନ, ହୁସିଆର, ସତର୍କ।

**cavalcade** ବି. ଅଶ୍ୱାରୋହୀ ଅଥବା ମଟର ଗାଡ଼ିମାନଙ୍କ ଦୀର୍ଘଧାଡ଼ି; ଶୋଭାଯାତ୍ରା।

**cavalier** ବି. ଶିଷ୍ଟାଚାରୀ ଭଦ୍ରଲୋକ, ସାମନ୍ତ ଅଶ୍ୱାରୋହୀ ସୈନିକ ବା ବୀରପୁରୁଷ।

**cavalry** ବି. ଅଶ୍ୱାରୋହୀ ସୈନ୍ୟବାହିନୀ।

**cave** 1. ବି. ଗୁମ୍ଫା, ଗୁହା, ଗହ୍ୱର; 2. କ୍ରି. ଗହ୍ୱର ଅନୁସନ୍ଧାନ କରିବା; cave in ପ୍ରତିରୋଧ ପ୍ରତ୍ୟାହାର କରିବା, ପ୍ରତିରୋଧ ଯୋଗୁଁ ସାଲିଶ କରିବା।

**caveat** ବି. ସତର୍କବାଣୀ; (ଆଇନ୍) ମକଦ୍ଦମା ସ୍ଥଗିତ ରଖିବା ସକାଶେ ଆଇନସମ୍ମତ ବିଜ୍ଞାପନ ବା ବିଜ୍ଞପ୍ତି, ନିଷେଧାଜ୍ଞା।

**caveman** ବି. ଗିରିଗୁହାବାସୀ ପ୍ରାଗୈତିହାସିକ ମନୁଷ୍ୟ।

**cavendish** ବି. ଓଦାଳିଆ, ଚିପା ଓ ଖଣ୍ଡ ଆକାରରେ ରଖାଯାଇଥିବା ତମାଖୁ।

**cavern** ବି. ବଡ଼ଗୁମ୍ଫା, ଭୂଗର୍ଭସ୍ଥିତ ଗୁମ୍ଫା, ଭୂଗହ୍ୱର।

**caviare** ବି. ଲବଣାକ୍ତ ବଡ଼ ମାଛର ମଞ୍ଜି।

**cavil** 1. କ୍ରି. ତୁଚ୍ଛ ଆପତ୍ତି କରିବା, ଖୁଣିବା, ଦୋଷ ଦେଖିବା; 2. ବି. ସାମାନ୍ୟ ଆପତ୍ତି।

**cavity** ବି. କଣା, ଗହ୍ୱର, ଛିଦ୍ର।

**cavort** କ୍ରି. ଡିଆଁ ଦଉଡ଼ା କରିବା, ଧାଇଁଯାଇ ଡେଇଁବା, ଉଦ୍ଦାମଭାବେ ଡେଇଁବା।

**caw** ବି. କୁଆର କା କା ଶବ୍ଦ।

**cayenne** (cayenne pepper) ବି. ରାଗୁଆ ଲାଲ ଲଙ୍କା।

Digitized by srujanika@gmail.com

**cayman** ବି. ଏକ ପ୍ରକାର ଆମେରିକୀୟ କୁମ୍ଭୀର।

**CBE** ସଂଶ. Commander (of the order) of the British Empire.

**CBI** ସଂଶ. Criminal Bureau of Investigation.

**Cd** ସଂଶ. cadmium.

**Ce** ସଂଶ. cerium.

**cease** 1. କ୍ରି. ଶେଷହେବା, ବନ୍ଦହେବା, କ୍ଷାନ୍ତହେବା, ତ୍ୟାଗ କରିବା; 2. ବି. ବିରାମ, ବିରତି, ଉଦା. without cease; cease-fire ବି. ଯୁଦ୍ଧ ଅବସାନସୂଚକ ସଙ୍କେତ।

**ceaseless** ବିଂ. ଅନ୍ତହୀନ, ଅବିରାମ, ଅବିରତ।

**cedar** ବି. ଚିରହରିତ୍ ବୃକ୍ଷ ବିଶେଷ, ଏହାର କାଠ, ଦେବଦାରୁ।

**cede** ସ.କ୍ରି. ସମର୍ପଣ କରିବା, ପରିତ୍ୟାଗ କରିବା।

**cedilla** ବି. 'ଶ' ଧ୍ୱନିସୂଚକ ଚିହ୍ନ, ପ୍ରଧାନତଃ ଫ୍ରେଞ୍ଚ ଭାଷାର 'C' ଅକ୍ଷର ତଳେ ବ୍ୟବହୃତ।

**ceilidh** ବି. ସଙ୍ଗୀତ ବା ନୃତ୍ୟର ଅଣଆନୁଷ୍ଠାନିକ ଆସର।

**ceiling** ବି. ଛାତର ଭିତର ପାଖ, ଛାତତଳ, ସର୍ବୋଚ୍ଚ ସୀମା।

**celandine** ବି. ଛୋଟ ହଳଦିଆ ରଙ୍ଗର ଫୁଲଥିବା ଅନାବନା ଜାତୀୟ ଗଛ, ସେହି ଫୁଲ।

**celebrant** ବି. ପୁରୋହିତ, ଧର୍ମାନୁଷ୍ଠାନର ମୁଖ୍ୟକର୍ତ୍ତା, ବିଶେଷତଃ ଖ୍ରୀଷ୍ଟୀୟ ୟୁକାରିଷ୍ଟ ଉତ୍ସବର।

**celebrate** ସ.କ୍ରି. ଉତ୍ସବାଦି ପାଳନ କରିବା, ଆନନ୍ଦୋତ୍ସବ ପାଳନ କରିବା, ଗୁଣକୀର୍ତ୍ତନ କରିବା।

**celebrated** ବିଂ. ଜଣାଶୁଣା, ପ୍ରସିଦ୍ଧ, ଯଶସ୍ୱୀ, ପ୍ରଖ୍ୟାତ।

**celebrity** ବି. ଜଣାଶୁଣା ବ୍ୟକ୍ତି, ପ୍ରସିଦ୍ଧ ବ୍ୟକ୍ତି, ପ୍ରଖ୍ୟାତ ଓ ଯଶସ୍ୱୀ; ଖ୍ୟାତି, ପ୍ରସିଦ୍ଧି।

**celerity** ବି. *ପ୍ରା.ପ୍ର.* ବେଗ, କ୍ଷିପ୍ରତା।

**celery** ବି. ଶାକବିଶେଷ।

**celesta** ବି. ଏକ ପ୍ରକାର ବାଦ୍ୟଯନ୍ତ୍ର।

**celestial** ବିଂ. ଆକାଶ ସମ୍ବନ୍ଧୀୟ, ସ୍ୱର୍ଗୀୟ, ଅତ୍ୟନ୍ତ ସୁନ୍ଦର, ନିଖୁଣ, ସର୍ବାଙ୍ଗସୁନ୍ଦର, ନୈସର୍ଗିକ, ଦିବ୍ୟ; celestial equator ପୃଥିବୀର ଅକ୍ଷରେଖା ସହିତ ଲମ୍ବଭାବରେ କଳ୍ପିତ ଆକାଶମଣ୍ଡଳୀୟ ବିଷୁବ ବୃତ୍ତ।

**celibate** 1. ବିଂ. ବ୍ରହ୍ମଚର୍ଯ୍ୟ ବ୍ରତଧାରୀ, ଚିରକୁମାର, ଅବିବାହିତ, ଅନୂଢ଼; 2. ବି. ଅବିବାହିତ ବ୍ୟକ୍ତି; celibacy ବି. କୌମାର୍ଯ୍ୟ, ଅବିବାହିତ ଅବସ୍ଥା।

**cell** ବି. ସାନ କୋଠରୀ, କକ୍ଷ, କାରାଗାର/ମଠର କକ୍ଷ।

**cellar** ବି. ଭୂଗର୍ଭ କୋଠରୀ, ଭୂଗର୍ଭସ୍ଥ ଭଣ୍ଡାର, ସୁରାଭଣ୍ଡ।

**cello** ବି. ବେହେଲା ଜାତୀୟ ବାଦ୍ୟଯନ୍ତ୍ର ବିଶେଷ; cellist ବି. ଉକ୍ତ ଯନ୍ତ୍ରର ବାଦକ।

**Cellophane** ବି. ଏକ ପ୍ରକାର ସ୍ୱଚ୍ଛ କାଗଜ।

**cellular** ବିଂ. କୋଷପୂର୍ଣ୍ଣ, ରନ୍ଧ୍ରଯୁକ୍ତ, ଭ୍ରାମ୍ୟମାଣ ବେତାର ବା ଟେଲିଫୋନ୍ ସଂଯୋଗ (cellular phone).

**cellule** ବି. କ୍ଷୁଦ୍ର ଜୀବକୋଷ ଅଥବା ଛିଦ୍ର।

**celluloid** ବି. କର୍ପୂର ଓ ସେଲୁଲୋଜ୍ ନାଇଟ୍ରେଟ୍‌ରୁ ନିର୍ମିତ ଏକ ପ୍ରକାର ପ୍ଲାଷ୍ଟିକ ଦ୍ରବ୍ୟ, ଏଥିରୁ ଚଳଚ୍ଚିତ୍ର ଓ ରଞ୍ଜନ ରଶ୍ମି ଫିଲ୍ମ ପ୍ରସ୍ତୁତ ହୁଏ।

**cellulose** ବି. ଉଦ୍ଭିଦମାନଙ୍କ କୋଷପ୍ରାଚୀରର ପ୍ରଧାନ ଉପାଦାନ, ଏକ ପ୍ରକାର ତନ୍ତୁଜାତୀୟ ପଦାର୍ଥ; ସେଲୁଲୋଜ୍ ଘଟିତ ଦ୍ରବଣ ସାହାଯ୍ୟରେ ପ୍ରସ୍ତୁତ ରଙ୍ଗ।

**Celsius** ବିଂ. ତାପପରିମାପ ସମ୍ବନ୍ଧୀୟ (ଯହିଁରେ ଜଳର ଘନାଙ୍କ ୦° ଓ ସ୍ଫୁଟନାଙ୍କ ୧୦୦°)।

**Celt** ବି. ପଶ୍ଚିମ ଇଉରୋପର ୱେଲସ୍, ଆଇରିସ୍ ପ୍ରଭୃତି ପ୍ରାଚୀନ ଆର୍ଯ୍ୟ ଜାତି।

**Celtic** ବିଂ. କେଲ୍ଟ-ଜାତୀୟ।

**cement** 1. ବି. ସିମେଣ୍ଟ, ଗୃହନିର୍ମାଣ ଉପକରଣ, ସଂଯୋଜକ ପଦାର୍ଥ; ବଜ୍ରଚୂର୍ଣ୍ଣ; 2. କ୍ରି. ସିମେଣ୍ଟ ଦ୍ୱାରା ଯୋଡ଼ିବା, ଦୃଢ଼ଭାବେ ସଂଯୋଗ କରିବା, ଦୃଢ଼ୀଭୂତ କରିବା।

**cemetery** ବି. କବରଭୂମି, ସମାଧିକ୍ଷେତ୍ର।

**cenotaph** ବି. ଅନ୍ୟତ୍ର କବରସ୍ଥ ବ୍ୟକ୍ତି ସକାଶେ ନିର୍ମିତ ସମାଧିବଦ୍ ସ୍ମୃତିସ୍ତମ୍ଭ, ଶୂନ୍ୟ ସମାଧି, ଚୈତ୍ୟ, ସ୍ମାରକ।

**censer** ବି. ଧୂପଦାନି, ଧୂପାଧାର, ଧୂପାଳୀ।

**censor** 1. ବି. ପ୍ରକାଶନ ପୂର୍ବରୁ ସମ୍ବାଦ ପତ୍ର, ପୁସ୍ତକ, ନାଟକ, ଚଳଚ୍ଚିତ୍ର ଇତ୍ୟାଦିରେ ଅନ୍ତର୍ଭୁକ୍ତ ଆପତ୍ତିଜନକ ବିଷୟର ପରୀକ୍ଷକ ବା ବିଚାରକ, ନିୟନ୍ତ୍ରକ; 2. ସ.କ୍ରି. ନିୟନ୍ତ୍ରକରୂପେ କାର୍ଯ୍ୟ କରିବା, ଆପତ୍ତିଜନକ ଅଂଶ ବାଦଦେବା; 3. ବି. censorship; ବିଂ. censorial.

Digitized by srujanika@gmail.com

**censorious** ବିଂ. ନିନ୍ଦାସୂଚକ, କଟୁ ସମାଲୋଚନା ଧର୍ମୀ ।

**censure** 1. ବି. ନିନ୍ଦା, ତିରସ୍କାର, ଭର୍ତ୍ସନା; 2. ସ.କ୍ରି. କଟୁ ସମାଲୋଚନା କରିବା, ନିନ୍ଦା କରିବା ।

**census** ବି. ଜନଗଣନା, ସମଜାତୀୟ ବସ୍ତୁମାନଙ୍କର ଗଣନା ।

**cent** ବି. ଶତ, ଶହ; 'ଡଲାର' ଅଥବା ମେଟ୍ରିକ୍ ମୁଦ୍ରାର ଏକ ଶତାଂଶ ।

**centaur** ବି. ଗ୍ରୀକ୍ ପୁରାଣବର୍ଣ୍ଣିତ ମନୁଷ୍ୟର ମୁଖ ଓ ବାହୁ ଏବଂ ଅଶ୍ୱର ଦେହ ପଦ ବିଶିଷ୍ଟ ପ୍ରାଣୀ, କିନ୍ନର ।

**centenarian** 1. ବିଂ. ଶତାୟୁ; 2. ବି. ଶତବର୍ଷୀୟ ବ୍ୟକ୍ତି ।

**centennial** 1. ବିଂ. ଶତବାର୍ଷିକ, ଶତବର୍ଷୀୟ; 2. ବି. ଶତବାର୍ଷିକୀ ।

**centesimal** ବିଂ. ଶତାଂଶୀୟ, ଶତତମାଂଶ ।

**centi–** ଉ.ପ. ଏକ ଶତାଂଶ ।

**centigrade** ବିଂ. ଶତସଂଖ୍ୟକ ମାତ୍ରା ବା ଡିଗ୍ରୀରେ ବିଭକ୍ତ, ଶତାଂଶିକ ।

**centigram** ବି. ମେଟ୍ରିକ୍ ପ୍ରଣାଳୀରେ ଓଜନର ଏକକ, ଏକଗ୍ରାମର ୧/୧୦୦ ।

**centilitre** ବି. ତରଳୀୟ ପଦାର୍ଥର ମେଟ୍ରିକ ଘନମାପର ଏକକ, ଏକ ଲିଟରର ୧/୧୦୦ ।

**centimetre** ବି. ମେଟ୍ରିକ ପ୍ରଣାଳୀରେ ଦୂରତ୍ୱ ମାପର ଏକକ, ୧/୧୦୦ ମିଟର ।

**centipede** ବି. ବହୁପଦ ବିଶିଷ୍ଟ ବିଛାଜାତୀୟ ଜୀବ, ସରଳିଆ ।

**central** ବିଂ. କେନ୍ଦ୍ରୀୟ, କେନ୍ଦ୍ରଠାରୁ, ମୁଖ୍ୟ, ଗୁରୁତ୍ୱପୂର୍ଣ୍ଣ, ମୌଳିକ; centrally କ୍ରି.ବିଂ. କେନ୍ଦ୍ରରେ, କୈନ୍ଦ୍ରିକ ଭାବରେ ।

**centralism** ବି. କେନ୍ଦ୍ରୀକରଣ ବ୍ୟବସ୍ଥା, କେନ୍ଦ୍ରୀୟ ଶାସନ ବ୍ୟବସ୍ଥା ।

**centralize** କ୍ରି. କେନ୍ଦ୍ରୀଭୂତ କରିବା (ବିଶେଷତଃ ଶାସନ କ୍ଷମତା), କେନ୍ଦ୍ରୀଭୂତ ଶାସନାଧୀନ କରିବା; ବି. centralisation.

**centre** 1. ବି. କେନ୍ଦ୍ର, କେନ୍ଦ୍ରବିନ୍ଦୁ; ମୁଖ୍ୟସ୍ଥାନ (ସହରର, କ୍ରୟ-ବିକ୍ରୟର); ମଧ୍ୟବର୍ତ୍ତୀ ସ୍ଥାନ ବା ଅଞ୍ଚଳ (ରେଖାବୃତ୍ତ ପ୍ରଭୃତିର); ଘୂର୍ଣ୍ଣନର ଅକ୍ଷବିନ୍ଦୁ, ମଧ୍ୟବର୍ତ୍ତୀ ଖେଳାଳି; 2. ବିଂ. କେନ୍ଦ୍ରସ୍ଥ, କେନ୍ଦ୍ର ସମ୍ପର୍କୀୟ; 3. କ୍ରି. କେନ୍ଦ୍ରୀଭୂତ କରିବା; centre forward (or half) ଖେଳରେ ଅଗ୍ରଧାଡି ବା ତାହାର ପଛ ଧାଡ଼ି)ର ମଧ୍ୟବର୍ତ୍ତୀ ଖେଳାଳି; centre of gravity ମାଧ୍ୟାକର୍ଷଣ ବିନ୍ଦୁ; centrepiece ପଦକ, ମଧ୍ୟମଣି ବା ମଧ୍ୟରେ ଥିବା ଉତ୍କର୍ଷ ବସ୍ତୁ ।

**centric** ବିଂ. କେନ୍ଦ୍ରସ୍ଥିତ, କେନ୍ଦ୍ର ନିକଟସ୍ଥ; ବିଂ. centrical; କ୍ରି.ବିଂ. centically.

**centrifugal** ବିଂ. କେନ୍ଦ୍ରାପସାରୀ, କେନ୍ଦ୍ରାତିଗ, କେନ୍ଦ୍ରତ୍ୟାଗୀ, କେନ୍ଦ୍ରବିମୁଖ ।

**centrifuge** ବି. କେନ୍ଦ୍ରାତିଗ ଶକ୍ତିଚାଳିତ ଘୂର୍ଣ୍ଣନଶୀଳ ଯନ୍ତ୍ର, ଯାହାଦ୍ୱାରା ତରଳ ଓ କଠିନ ପଦାର୍ଥକୁ ଅଲଗା କରାଯାଏ ।

**centripetal** ବିଂ. କେନ୍ଦ୍ରାଭିମୁଖୀ, କେନ୍ଦ୍ରଗାମୀ ।

**centrist** ବି. ମଧ୍ୟମପନ୍ଥୀ ରାଜନୈତିକ ମତବାଦୀ ବ୍ୟକ୍ତି; ବି. centrism.

**centurion** ବି. ପ୍ରାଚୀନ ରୋମୀୟ ସୈନ୍ୟଦଳର ଏକଶହ ସୈନ୍ୟଙ୍କ ଅଧିନାୟକ ।

**century** ବି. ଶତାବ୍ଦୀ, (ଖ୍ରୀଷ୍ଟଜନ୍ମଠାରୁ ଆରମ୍ଭ କରି) ଶହେବର୍ଷ (ବିଂଶ ଶତାବ୍ଦୀ ୧୯୦୧-୨୦୦୦); କ୍ରିକେଟ୍ ଖେଳରେ ଗୋଟିଏ ଇନିଂସ୍‌ରେ ବେଟ୍‌ସ୍‌ମ୍ୟାନ ଦ୍ୱାରା ହାସଲ ହେଉଥିବା ଏକଶହ ରନ୍ ।

**cephalic** ବିଂ. ମସ୍ତକସ୍ଥିତ, ଶିରସ୍ଥ, ଶିର ସମ୍ବନ୍ଧୀୟ ।

**cephalopod** ବି. କଠିନ ଖୋଳପା ବିଶିଷ୍ଟ ଓ ବହୁସଂଖ୍ୟକ ପାଦସଦୃଶ ଶୀର୍ଷବିଶିଷ୍ଟ ପ୍ରାଣୀ (ଯଥା, ଅକ୍ଟୋପାଶ) ।

**ceramic** 1. ବିଂ. ପୋଡା ମାଟିର (ପୋର୍ସିଲେନ ପ୍ରଭୃତି) ଶିଳ୍ପ ସମ୍ବନ୍ଧୀୟ; 2. ପୋଡାମାଟିର ସାମଗ୍ରୀ ।

**ceramics** ବି. ପୋଡା ମାଟିର ପାତ୍ର, ଉକ୍ତ ନିର୍ମାଣ କଳା ।

**cereal** ବି. ଶସ୍ୟ, ଖାଦ୍ୟଶସ୍ୟ ।

**cerebellum** ବି. ଖପୁରୀର ପଛ ପାଖରେ ଥିବା ମସ୍ତିଷ୍କର କ୍ଷୁଦ୍ରାଂଶ, ଅନୁମସ୍ତିଷ୍କ ।

**cerebral** ବିଂ. ମସ୍ତିଷ୍କ ସମ୍ବନ୍ଧୀୟ, ବୌଦ୍ଧିକ ।

**cerebration** ବି. ମସ୍ତିଷ୍କର କ୍ରିୟା ।

**cerebro–spinal** ବିଂ. ମସ୍ତିଷ୍କ ଓ ମେରୁଦଣ୍ଡ ସମ୍ବନ୍ଧୀୟ ।

**cerebrum** ବି. ଖପୁରୀର ଆଗଆଡ଼େ ଥିବା ମସ୍ତିଷ୍କର ବୃହଦଂଶ ବା ପ୍ରଧାନ ଅଂଶ, ପ୍ର-ମସ୍ତିଷ୍କ ।

Digitized by srujanika@gmail.com

**ceremonial** 1. ବିଂ ଆନୁଷ୍ଠାନିକ, ଉତ୍ସବ ସମ୍ପର୍କୀୟ, ଔପଚାରିକ; 2. ବି. ଆନୁଷ୍ଠାନିକ ବିଧି 3. କ୍ରି.ବିଂ. ceremonially.

**ceremonious** ବିଂ. ଔପଚାରିକ, (ରକ୍ଷଣଶୀଳ ଭାବରେ) ଆଚାର ଅନୁଷ୍ଠାନ ପୂର୍ଣ୍ଣ, ଆନୁଷ୍ଠାନିକ, ବିଧିପୂର୍ଣ୍ଣ।

**ceremony** ବି. ଉତ୍ସବ, ଲୌକିକତା, ଅନୁଷ୍ଠାନ (ଯଜ୍ଞ, ଉତ୍ସବ, ପୂଜା ପ୍ରଭୃତି)।

**cerise** ବିଂ./ବି. ଫିକା, ସ୍ୱଚ୍ଛ ଲାଲ (ରଙ୍ଗ)।

**cerium** ବି. ଧୂସର ଧାତବ ଉପାଦାନ ବିଶେଷ।

**cert** ବି. ସା.ପ୍ର. ନିଶ୍ଚିତତା, ଉଦା. dead cert.

**certain** ବିଂ. ନିଶ୍ଚିତ, ଧ୍ରୁବ, ନିଃସନ୍ଦେହ, ନିର୍ଭରଯୋଗ୍ୟ; କୌଣସି ଏକ ଅନିର୍ଦ୍ଦିଷ୍ଟ, ଉଦା. a certain person; କିୟତ୍ ପରିମିତ; କେତେକ; for cetain ନିଃସନ୍ଦେହରେ।

**certainly** କ୍ରି.ବିଂ. ନିଶ୍ଚିତ ରୂପେ, ନିଃସନ୍ଦେହ ଭାବରେ, ନିଶ୍ଚୟ, ଜରୁର୍।

**certainty** ବି. ନୈଶ୍ଚିତ୍ୟ, ନିଶ୍ଚୟତା।

**certificate** ବି. ପ୍ରମାଣପତ୍ର, ପ୍ରଶଂସାପତ୍ର, ନିଦର୍ଶନ ପତ୍ର।

**certify** କ୍ରି. ଲିଖିତ ଭାବେ ଘୋଷଣା କରିବା; ପରୀକ୍ଷା କରି ଲେଖିବା ବା କହିବା; ପ୍ରମାଣ କରିବା; ନିଶ୍ଚୟ କରି କହିବା, ସତ୍ୟବୋଲି ଜଣାଇବା; certification ବି. ପ୍ରମାଣୀକରଣ; certifiable ବିଂ. ପ୍ରମାଣଯୋଗ୍ୟ।

**certitude** ବି. ନିଶ୍ଚୟତା, ନିଃସନ୍ଦେହ ଭାବ।

**cerulean** ବିଂ.ଆକାଶୀ ନୀଳ (ବର୍ଣ୍ଣ), ଆସମାନି (ନୀଳ) ରଙ୍ଗ।

**cervix** ବି. ବ.ବ cervices ଗ୍ରୀବା, ବେକଭଳି ଆକୃତି ବିଶିଷ୍ଟ, ବିଶେଷତଃ ଗର୍ଭାଶୟର ଗଳା; ବିଂ. cervical.

**cessation** ବି. ବିରାମ, ନିବୃତ୍ତି, ବିରତି, କ୍ଷାନ୍ତି, ଅବସାନ, ସମାପ୍ତି, ଅନ୍ତ।

**cession** ବି.ସମର୍ପଣ (ରାଜ୍ୟ ପ୍ରଭୃତି) ସ୍ୱତ୍ୱତ୍ୟାଗ, ହସ୍ତାନ୍ତରୀକରଣ, ଅର୍ପଣ।

**cesspit** (cesspool) ବି. ସାମୟିକ ମଇଳା ପାଣି ଓ ତରଳ ଆବର୍ଜନା ଜମା ହେବା ନିମନ୍ତେ ପ୍ରସ୍ତୁତ ଆବୃତ ଖାତ, ମଳକୁଣ୍ଡ।

**cetacean** ବି. ତିମି ପ୍ରଭୃତି ସାମୁଦ୍ରିକ ସ୍ତନ୍ୟପାୟୀ ଜାତୀୟ ଜୀବ।

**cetane** ବି. ପେଟ୍ରୋଲିୟମ୍‌ରୁ ପ୍ରାପ୍ତ ପାରାଫିନ୍ ଜାତୀୟ ଜଳୀୟ ଅଙ୍ଗାରକ।

**cf.** ସଂଶ. compare ତୁଳନା କର।

**chaconne** ବି. ଏକ ପ୍ରକାର ସଙ୍ଗୀତ ଓ ନୃତ୍ୟ।

**chafe** 1. ସ.କ୍ରି. ଘଷିବା; ଉଷ୍ଣତା ବା ଚେତା ଫେରାଇ ଆଣିବା; ଘର୍ଷଣ ଦ୍ୱାରା ଗରମ ବା କ୍ଷୟ କରିବା; ଘଷିବା ଦ୍ୱାରା ଘା କରିବା ବା ହେବା; ଉତ୍ତେଜିତ ବା ବିରକ୍ତ କରିବା ବା ହେବା; ବିରକ୍ତିବା; 2. ବି. ଘର୍ଷଣ ଜନିତ କ୍ଷତ; chafing dish ଖାଦ୍ୟ ଗରମ ରଖିବା ପାଇଁ ବ୍ୟବହୃତ ପାତ୍ର।

**chafer** ବି. ଏକ ପ୍ରକାର ଗୋବର ପୋକ।

**chaff** 1. ବି. ତଷ୍ଣ, ଭୁସି, ଅଗାଡ଼ି, ଚୋକଡ଼, କଟାଘାସ ବା ନଡ଼ା; ମୂଲ୍ୟହୀନ ବସ୍ତୁ; 2. କ୍ରି. ଚିଡ଼ାଇବା, ଖେଡାରେ ଚିଡ଼ାଇବା।

**chaffer** କ୍ରି. ମୂଲେଇବା, ଦର ଦସ୍ତୁର କରିବା।

**chaffinch** ବି. ଏକ ପ୍ରକାର ଗାୟକ ପକ୍ଷୀ।

**chagrin** 1. ବି. ଘୋର ନୈରାଶ୍ୟ ବା ବିରକ୍ତି ବୋଧ; ସନ୍ତାପ, କ୍ଷୋଭ; 2. କ୍ରି. କ୍ଷୁବ୍ଧ କରିବା, ମନରେ ଘୋର ଦୁଃଖ ବା ବିରକ୍ତି ଜନ୍ମାଇବା।

**chain** 1. ବି. ଶୃଙ୍ଖଳ, ଶିକୁଳି, ଜଞ୍ଜିର, ମାଳ, ହାର; ସନ୍ନିହିତ ବସ୍ତୁମାନଙ୍କର ସମାବେଶ, ଏକତ୍ର ଗ୍ରଥିତ ବା ସଂଲଗ୍ନ ବସ୍ତୁ ସମୂହ; ଶୃଙ୍ଖଳିତ କରିବା ଶକ୍ତି; ଜରିବ କଡ଼ି (୬୬ଫୁଟ ଦୀର୍ଘ); 2. କ୍ରି. ଶିକୁଳିରେ ବାନ୍ଧିବା, ଆବଦ୍ଧ କରିବା, ଅଟକାଇବା; 3. chain-gang ଏକତ୍ର ଶିକୁଳିରେ ଆବଦ୍ଧ କଏଦୀ ଦଳ; 4. chain-mail ଜଞ୍ଜିର ନିର୍ମିତ ସାଞ୍ଜୁ ବା ବର୍ମ; 5. chain-man ଜରିବ ଟଣାଳୀ; 6. chain reaction ଶୃଙ୍ଖଳା ପ୍ରତିକ୍ରିୟା (ରାସାୟନିକ ବା ଆଣବିକ) ଯହିଁରେ ଏକ ପ୍ରତିକ୍ରିୟାରୁ ଅନ୍ୟ ପ୍ରତିକ୍ରିୟା ସଂଘଟିତ ହୁଏ; 7. chain rule ବହୁରାଶିକ ନିୟମ (ପାଟୀଗଣିତ); 8. chain-smoke ଘନ ଘନ ଧୂମପାନ କରିବା; 9. chain stitch ଚେନ ବା ବଖିଆ ସିଲାଇ।

**chair** 1. ବି. ଚଉକି, ଆସନ, କାଷ୍ଠାସନ, ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପଦ, ସଭାରେ ସଭାପତିଙ୍କ ସ୍ଥାନ; 2. ସ.କ୍ରି. ଗୁରୁତ୍ୱପୂର୍ଣ୍ଣ ପଦରେ ଆସୀନ ହେବା, ସଭାରେ ଅଧ୍ୟକ୍ଷତା କରିବା; 3. take the chair ସଭାପତି ହେବା।

Digitized by srujanika@gmail.com

**chairman** ବି. ସଭାପତି, ଅଧ୍ୟକ୍ଷ, ମୁଖ୍ୟ; chair- person ଅଧ୍ୟକ୍ଷ (ଉଭୟ ଲିଙ୍ଗ)।

**chaise** ବି. ଜଣେ ବା ଦୁଇଜଣ ବସିବା ଭଳି ହାଲୁକା ଗାଡ଼ି।

***chaise longue*** ବି. ଅଳ୍ପ ଉଚ୍ଚତା ବିଶିଷ୍ଟ ଲମ୍ବାଳିଆ ଆରାମ ଚଉକି। *(ଫ.)*

**chalcedony** ବି. ବହୁପ୍ରକାର ବିଶିଷ୍ଟ ଏକ ଶ୍ରେଣୀର ସ୍ଫଟିକ ମଣି।

**chalet** ବି. ସ୍ବିଜରଲାଣ୍ଡର କାଠ ତିଆରି ପାର୍ବତ୍ୟ କୁଟୀର; ସେହି ଧରଣର ଘର।

**chalice** ବି. ପାତ୍ର ବିଶେଷ, ଚଷକ, ପାନପାତ୍ର।

**chalk** 1. ବି. ଖଡ଼ି, ଫୁଲଖଡ଼ି, ଲେଖିବା ଓ ଚିତ୍ରଆଙ୍କିବା ପାଇଁ ବ୍ୟବହୃତ ଚକ୍‌କାଠି; 2. *ସ.କ୍ରି.* ନିର୍ଦ୍ଦେଶ କରିବା, ଲେଖିବା, ଖଡିଦ୍ୱାରା ଘଷିବା; chalk up ଲିପିବଦ୍ଧ କରିବା; 3. ବିଂ. chalky; ବି. chalkiness.

**challenge** 1. ବି. ପ୍ରତିଦ୍ୱନ୍ଦ୍ୱିତା ଲାଗି ଆହ୍ୱାନ ବା ଡାକରା; କୌଣସି ବିଷୟ ପ୍ରମାଣିତ କରିବା ପାଇଁ ଦାବି; କଠିନ କର୍ତ୍ତବ୍ୟ; 2. *ସ.କ୍ରି.* ପ୍ରତିଦ୍ୱନ୍ଦ୍ୱିତା ଲାଗି ଆହ୍ୱାନ ଦେବା; ଆପତ୍ତି କରିବା; ଅସ୍ୱୀକାର କରିବା; challengeable ବିଂ. ଆପତ୍ତି କରିବା ଯୋଗ୍ୟ।

**challenging** ବିଂ. ଆହ୍ୱାନମୂଳକ, ଉଦ୍ଦୀପକ।

**chalybeate** ବିଂ. ଲୌହ-ଲବଣ-ଗର୍ଭିତ (ପାଣି ଇତ୍ୟାଦି)।

**chamber** ବି. କକ୍ଷ, ପ୍ରକୋଷ୍ଠ, ବିଚାରପତିଙ୍କ ଖାସ କାମରା; ସଂଗଠନ, (ରାଜନୈତିକ ଦଳ, ବଣିକ ମଣ୍ଡଳ ପ୍ରଭୃତିର) ସଭାଗୃହ।

**chamberlain** ବି. ରାଜକୀୟ ବା ସମ୍ଭ୍ରାନ୍ତ ବଂଶୀୟ ଗୃହସ୍ଥଳୀର ତତ୍ତ୍ୱାବଧାରକ ବା କର୍ମଚାରୀ, ନିଗମର କୋଷାଧ୍ୟକ୍ଷ।

**chambermaid** ବି. ଶୟନକକ୍ଷ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ନିଯୁକ୍ତ ପରିଚାରିକା।

**chameleon** ବି. ଏଣ୍ଡୁଅ (ଯେ ପରିବେଶ ଅନୁଯାୟୀ ଦେହର ରଙ୍ଗ ବଦଳାଇ ଦେଇପାରେ), ଝେଣ୍ଟା, ବହୁରୂପୀ; *ଲାକ୍ଷ.* ବହୁରୂପୀ ବ୍ୟକ୍ତି।

**chamois** ବି. ୟୁରୋପ ଓ ଏସିଆ ମହାଦେଶରେ ପରିଦୃଷ୍ଟ ପାର୍ବତ୍ୟ କୃଷ୍ଣସାର ହରିଣ ବିଶେଷ; ସମ୍ବର, ଛେଳି, ମେଣ୍ଢା ଓ ହରିଣ ପ୍ରଭୃତିଙ୍କ ନରମ ଚମଡ଼ା।

**chamomile** ବି. ଔଷଧ ପାଇଁ ବ୍ୟବହୃତ ଏକ ପ୍ରକାର ସୁଗନ୍ଧ ଗଛ ଓ ତାହାର ଫୁଲ।

**champ** 1. *କ୍ରି.* ଶବ୍ଦକରି ବା ସଜୋରରେ ଚୋବାଇବା; 2. ବି. ସେହି ପ୍ରକାର ଚୋବାଇବାର ଶବ୍ଦ।

**champagne** ବି. (ଉଜ୍ଜ୍ୱଳ ଶ୍ୱେତ ବର୍ଣ୍ଣର) ମଦ୍ୟ ବିଶେଷ, ଶେମ୍ପେନ୍ (ଫ୍ରାନ୍ସ ଦେଶର ନାମକ ଜିଲ୍ଲାର ନାମାନୁସାରେ)।

**champion** 1. ବି. ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ସଫଳକାମୀ ବ୍ୟକ୍ତି, ବିଜୟୀ ମଲ୍ଲ ବା ବୀର, ଅଧିଜେତା; 2. *କ୍ରି.* ସମର୍ଥନ କରିବା (କୌଣସି ଆଦର୍ଶକୁ); ଦୃଢ଼ ପୃଷ୍ଠପୋଷକତା କରିବା; ଦୁର୍ବଳର ସହାୟକ ହେବା।

**championship** ବି. ବିଜୟନିର୍ଦ୍ଧାରକ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ବିଜୟ ହାସଲ କରିଥିବା ଅବସ୍ଥା।

**chance** 1. ବି. ସମ୍ଭାବନା, ଆକସ୍ମିକ ଘଟଣା, କାକତାଳୀୟ ଘଟଣା, ଦୈବ ଘଟଣା; ଅଦୃଷ୍ଟ, ଭାଗ୍ୟ, ଦୈବ ସୁଯୋଗ, ମଉକା; 2. ବିଂ. ଆକସ୍ମିକ, ଦୈବ; 3. *କ୍ରି.* ଦୈବାତ୍ ଘଟିବା, ସୁଯୋଗ ପାଇବା; 4. by chance ଆକସ୍ମିକ ଭାବରେ, ଦୈବାତ୍; chance on (upon) ଦୈବାତ୍ ଦେଖିବା, ଭେଟିବା; stand a chance ସଫଳ ହେବାର ସମ୍ଭାବନା ରହିବା; take a chance ଥରେ ଚେଷ୍ଟା କରି ଦେଖିବା; take one's chance ଭାଗ୍ୟ ଉପରେ ନିର୍ଭର କରିବା।

**chancel** ବି. ଗୀର୍ଜାଘର ବେଦୀର ନିକଟସ୍ଥ ଅଂଶ; chancellery ବି. ଚାନ୍‌ସେଲରଙ୍କ ଦପ୍ତର।

**chancellor** ବି. ରାଷ୍ଟ୍ରର ବା ବିଚାର ବିଭାଗର ଅଧ୍ୟକ୍ଷ; ବିଶ୍ୱବିଦ୍ୟାଳୟର କୁଳପତି; ପଶ୍ଚିମ ଜର୍ମାନୀ ଓ ଅଷ୍ଟ୍ରିଆର ପ୍ରଧାନ ମନ୍ତ୍ରୀଙ୍କ ପଦବୀ; Chancellor of the Exchequer ଇଂଲଣ୍ଡର ଅର୍ଥମନ୍ତ୍ରୀଙ୍କ ପଦବୀ।

**chancery** ବି. (ଇଂଲଣ୍ଡରେ) ସର୍ବୋଚ୍ଚ ନ୍ୟାୟାଳୟର ବିଚାର ବିଭାଗ; ନଥିପତ୍ରାଦିର ଦପ୍ତର।

**chandelier** ବି. ଦୋଳାୟମାନ ଦୀପାଧାର, ଝୁଲନ୍ତା ବତି ଝାଡ଼।

**chandler** ବି. ଜାହାଜ ପାଇଁ ଆବଶ୍ୟକ ଦ୍ରବ୍ୟ ବିକ୍ରେତା, ମହମବତୀ ବିକ୍ରେତା।

**change** 1. *କ୍ରି.* ବଦଳାଇବା, ପରିବର୍ତ୍ତନ କରିବା, ବିନିମୟ କରିବା; 2. ବି. ପରିବର୍ତ୍ତନ, ବଦଳ, ଖୁଚୁରା (ପଇସା), ରେଜା, ଛିଟିଆ, ଚିଲ୍ଲର;

Digitized by srujanika@gmail.com

change over ଏକ ବ୍ୟବସ୍ଥାରୁ ଅନ୍ୟତମ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା; ବି. changeful ପରିବର୍ତ୍ତନଶୀଳ, changeless ଅପରିବର୍ତ୍ତିତ; କ୍ରି.ବିଂ. changefully.

**changeable** ବିଂ. ପରିବର୍ତ୍ତନଶୀଳ, ପରିବର୍ତ୍ତନକ୍ଷମ।

**changeling** ବି. ପରୀମାନଙ୍କ ଦ୍ୱାରା ବଦଳାଇ ଦିଆଯାଉଥିବା ଶିଶୁ, ବଦଳ ଶିଶୁ।

**channel** 1. ବି. ପୟଃ ପ୍ରଣାଳୀ, ପାଣିମାହାରା, ସୁନାବ୍ୟ ଜଳପଥ; ଦୁଇ ସମୁଦ୍ରକୁ ଯୋଗ କରୁଥିବା ଜଳମାର୍ଗ (ପ୍ରଣାଳୀ ଅପେକ୍ଷା ବିସ୍ତୀର୍ଣ୍ଣତର); ବେତାର ଓ ଦୂରଦର୍ଶନରେ ବ୍ୟବହୃତ ବ୍ୟାଣ୍ଡ; 2. ସ.କ୍ରି. ଜଳପଥ ସୃଷ୍ଟି କରିବା; ପରିଚାଳନା କରିବା।.

**chant** 1. କ୍ରି. ଗାଇବା, ମନ୍ତ୍ରବତ୍ ଉଚ୍ଚାରଣ କରିବା, ସ୍ତୁତି କରିବା; 2. ବି. ଭଜନ ଗୀତ, ଛନ୍ଦ ନଥିବା ପଂକ୍ତିର ସାଂଗୀତିକ ଉଚ୍ଚାରଣ।

**chanticleer** ବି. ଗୃହପାଳିତ କୁକୁଡ଼ା, ଗଳ୍ପମାନଙ୍କରେ ବ୍ୟବହୃତ କୁକୁଡ଼ାର ସମ୍ମାନଜନକ ନାମ।

**chantry** ବି. ପ୍ରାର୍ଥନା ମନ୍ଦିର, ଭଜନ ମନ୍ଦିର।

**chanty** ବି.କ. shanty ବି. ଜାହାଜରେ ନିଯୁକ୍ତ କର୍ମୀମାନଙ୍କର ଚିତ୍କାର ବା ସମବେତ ସଙ୍ଗୀତ।

**chaos** 1. ବି. ବିଶୃଙ୍ଖଳା, ବିଭ୍ରାଟ, ଅବ୍ୟବସ୍ଥା, ସୃଷ୍ଟି ଆରମ୍ଭ ହେବା ପୂର୍ବରୁ ଅବସ୍ଥିତ ଶୂନ୍ୟସ୍ଥାନ; 2. ବିଂ. chaotic; କ୍ରି.ବିଂ. chaotically.

**chap**[1] ବି. କ.ଭା. ଟୋକା, ଲୋକ।

**chap**[2] ବି. ଦାଢ଼ମାଢ଼ି, ହନୁ, ଗଣ୍ଡଦେଶ; chap-fallen ବିମର୍ଷ, ନିସ୍ତେଜ।

**chap**[3] 1. ବି. ଚର୍ମରେ ଫାଟ (ଶୀତରୁ); 2. କ୍ରି. ଫଟାଇବା, ଫାଟିବା।

**chapatti** (chapati) [ହିନ୍ଦୀ] ବି. ଚପାତି, ସାଧାରଣ ହାତ ତିଆରି ରୁଟି (ଖମୀର ମିଶାଯାଇ ନ ଥିବା)।

**chapel** ବି. ଭଜନାଳୟ, ପ୍ରାର୍ଥନାଳୟ (ଖ୍ରୀଷ୍ଟୀୟ)।

**chaperon** 1. ବି. ସାମାଜିକ ଅନୁଷ୍ଠାନମାନଙ୍କରେ ଯୋଗ ଦେଉଥିବା ଅବିବାହିତ ଯୁବତୀମାନଙ୍କର ବୟସ୍କା ବିବାହିତା ସହଚରୀ; 2. କ୍ରି. ବୟସ୍କା ସହଚରୀରୂପେ କାର୍ଯ୍ୟ କରିବା।

**chaplain** ବି. ପୁରୋହିତ; ବ୍ୟକ୍ତିଗତ ଭଜନାଳୟ, ଅନୁଷ୍ଠାନ, ଜାହାଜ, ସେନାଛାଉଣୀ ପ୍ରଭୃତିରେ ନିଯୁକ୍ତ ପୁରୋହିତ (ଖ୍ରୀଷ୍ଟୀୟ); ବି. chaplaincy.

**chaplet** ବି. ଫୁଲର ମାଳ (ମୁକୁଟ ରୂପେ ପରିହିତ); ଜପମାଳା।

**chapman** ବି. ଫେରିବାଲା।

**chappie** ବି. କ.ଭା. = chap.

**chapter** ବି. ଅଧ୍ୟାୟ, ପରିଚ୍ଛେଦ, ସମୟର ଏକାଂଶ; ଯାଜକ ସମିତି; chapter and verse ଅବିକଳ ଓ ବିଶଦ ଭାବରେ; chapter of accidents କ୍ରମାନ୍ୱୟରେ ସଂଘଟିତ ଦୁର୍ଘଟଣାବଳୀ।

**char** କ୍ରି. ପୋଡ଼ିଯାଇ କଳା ହେବା, ଅଙ୍ଗାରରେ ପରିଣତ ହେବା।

**charabanc** ବି. ମୋଟର ଗାଡ଼ିର ପ୍ରାରମ୍ଭିକ ରୂପ।

**character** ବି. ଚରିତ୍ର, ବିଶେଷତା, ଜାତି ବା ବ୍ୟକ୍ତିର ବୈଶିଷ୍ଟ୍ୟ; ଅକ୍ଷର ବା ବର୍ଣ୍ଣ; ଗୁଣ, ଲକ୍ଷଣ, ସ୍ୱରୂପ, ସ୍ୱଭାବ; ସୁପରିଚିତ ବ୍ୟକ୍ତି, ବିଶେଷ ଗୁଣସମ୍ପନ୍ନ ବ୍ୟକ୍ତି; ଉପନ୍ୟାସ ବା ନାଟକର ପାତ୍ରପାତ୍ରୀ।

**characteristic** 1. ବିଂ. ବୈଶିଷ୍ଟ୍ୟମୂଳକ, ସ୍ୱାଭାବିକ, ସ୍ୱଭାବସିଦ୍ଧ; 2. ବି. ଲକ୍ଷଣ, ବିଶିଷ୍ଟତା, କ୍ରି.ବିଂ. characteristically.

**characterize** କ୍ରି. ବୈଶିଷ୍ଟ୍ୟ ବର୍ଣ୍ଣନା କରିବା; ଚରିତ୍ର ଚିତ୍ରଣ କରିବା; characterization ବି. ଚରିତ୍ର ଚିତ୍ରଣ।

**charade** ବି. ଶବ୍ଦ-ପ୍ରହେଳିକା, ଢଗ, ଢେକାଳି; ବ.ବ. ଉଦ୍‌ଭଟ ଛଳନା।

**charcoal** ବି. କାଠ-କୋଇଲା, ଅଙ୍ଗାର।

**charge** 1. ବି. ମୂଲ୍ୟ, ବିନିମୟ ମୂଲ୍ୟ, ଖର୍ଚ୍ଚ; ଅଭିଯୋଗ, ଦୋଷାରୋପ; ନିର୍ଦ୍ଦେଶ, ଆହ୍ୱାନ, ତତ୍ତ୍ୱାବଧାନ, ମାର୍ଫତ୍, ଦାୟିତ୍ୱ, କର୍ତ୍ତବ୍ୟ, ଯତ୍ନ; କାର୍ଯ୍ୟଭାର, ପଦଭାର, ଆକ୍ରମଣ; ବୈଦ୍ୟୁତିକ ଶକ୍ତି; 2. ସ.କ୍ରି. ମୂଲ୍ୟ ବା ଖର୍ଚ୍ଚ ଦାବି କରିବା, ଅଭିଯୋଗ କରିବା, ଦୋଷାରୋପ କରିବା, ଦ୍ରୁତ ବେଗରେ ଆକ୍ରମଣ କରିବା; ନିର୍ଦ୍ଦେଶ ଦେବା; ବନ୍ଧୁକ ପ୍ରଭୃତିରେ ବାରୁଦ ଭରିବା, ବୈଦ୍ୟୁତିକ ଶକ୍ତି ବହାଇବା; in charge ମାରଫତଦାର; take charge ଦାୟିତ୍ୱ ବା କାର୍ଯ୍ୟଭାର ଗ୍ରହଣ

Digitized by srujanika@gmail.com

କରିବା; chargeable ବି. ଦୋଷାରୋପ ଯୋଗ୍ୟ, ଅର୍ଥଦାବି ଯୋଗ୍ୟ ।

**charge d' affaires** ବି. ଛୋଟ ଦେଶକୁ ପ୍ରେରିତ ରାଷ୍ଟ୍ରଦୂତ, ସହକାରୀ ରାଷ୍ଟ୍ରଦୂତ । *(ଫ.)*

***charger*** ବି. ପଦାତିକ ବାହିନୀର ଘୋଡ଼ା, ବେଟେରିକୁ କର୍ମକ୍ଷମ କରିବା ଯାନ୍ତ୍ରିକ ଉପକରଣ ।

**chariot** ବି. ଦୁଇଚକିଆ ଘୋଡ଼ାଗାଡ଼ି, ପ୍ରାଚୀନ କାଳରେ ଯୁଦ୍ଧରେ ଓ ଦ୍ରୁତଯାତ୍ରା ପାଇଁ ବ୍ୟବହୃତ ରଥ ।

**charioteer** ବି. ରଥଚାଳକ, ସାରଥୀ ।

**charisma** ବି. ଦିବ୍ୟ ପ୍ରତିଭା, ଅନୁଗତ ବ୍ୟକ୍ତିକୁ ଉଦ୍‌ବୁଦ୍ଧ କରିବା ସାମର୍ଥ୍ୟ; ବିଂ. charismatic.

**charitable** ବିଂ. ଦାତବ୍ୟ, ଦାନ ସମ୍ବନ୍ଧୀୟ, ବଦାନ୍ୟ, ଦାନଶୀଳ, ପରୋପକାରୀ; charitable dispensary ଦାତବ୍ୟ ଚିକିତ୍ସାଳୟ; କ୍ରି.ବିଂ. charitably.

**charity** ବି. ଦାନଶୀଳତା, ବଦାନ୍ୟତା, ଉଦାରତା, ହିତୈଷଣା, ପ୍ରୟୋଜନାର୍ଥୀମାନଙ୍କ ସାହାଯ୍ୟ ଲାଗି ସାହାଯ୍ୟକାରୀ ଅନୁଷ୍ଠାନ, ଅନ୍ୟମାନଙ୍କ ପ୍ରତି ସଦିଚ୍ଛା ।

**charlady** ବି. ଗୃହ ବା ଦପ୍ତର ସଫା ରଖିବା ପାଇଁ ନିଯୁକ୍ତ ଚାକରାଣୀ ।

**charlatan** ବି. ପ୍ରତାରକ, ଛଳନାକାରୀ, ବାହାପିଆ, ପୁଡ଼ିବାଲ୍; ଶଠବୈଦ୍ୟ; ବି. charlatanism.

**charlock** ବି. ସୋରିଷ ଜାତୀୟ ତୃଣ ।

**charlotte** ବି. ଏକ ପ୍ରକାର ପୁଡ଼ିଂ ବା ପିଠା ।

**charm** 1. ବି. ମୋହିନୀ ଶକ୍ତି, ରମଣୀୟତା, ଆକର୍ଷଣ; ଯାଦୁମନ୍ତ୍ର, କବଚ, ମନ୍ତ୍ରିତ ତେଇଁରିଆ, କୁହୁକ, ମନ୍ତ୍ରଶକ୍ତି ବିଶିଷ୍ଟ ବାକ୍ୟ, କ୍ରିୟା ବା ଦ୍ରବ୍ୟ; 2. *ଅ.କ୍ରି.* ମୁଗ୍ଧ କରିବା, ଆକର୍ଷଣ କରିବା, ମନ୍ତ୍ରମୁଗ୍ଧ କରିବା; 3. charmer ବି. ଯାଦୁକର ।

**charming** ବିଂ. ମନୋହର, ରମଣୀୟ, ମନୋମୁଗ୍ଧକର ।

**charnel-house** ବି. ଯେଉଁ ସ୍ଥାନରେ ମୃତବ୍ୟକ୍ତିମାନଙ୍କର ଶବ ବା ଅସ୍ଥି ରଖାଯାଏ, ଶବାଗାର ।

**chart** 1. ବି. ନାବିକ ଓ ବୈମାନିକମାନଙ୍କ ଦ୍ୱାରା ବ୍ୟବହୃତ ମାନଚିତ୍ର; ତାଲିକା, ନକ୍ସା, ରେଖାଚିତ୍ର; 2. *ସ.କ୍ରି.* ମାନଚିତ୍ର ପ୍ରସ୍ତୁତ କରିବା; ତାଲିକା ବା ନକ୍ସା କରିବା ।

**charter** 1. ବି. ଦଲିଲ୍, ସନନ୍ଦ, ବିଶେଷାଧିକାର, ଅଧିକାର ପତ୍ର, ଶାସନ ପତ୍ର, ଜାହାଜ ବା ଉଡ଼ାଜାହାଜ ବ୍ୟବହାର କରିବା ସକାଶେ ଅନୁମତି ପତ୍ର; 2. *ସ.କ୍ରି.* ବିଶେଷାଧିକାର ନିମନ୍ତେ ଅନୁମତି ଦେବା, ବ୍ୟବହାର ନିମନ୍ତେ କୌଣସି ଯାନ ଭଡାରେ ନେବା; 3. chartered accountant, engineer, librarian ସରକାରୀ ସନନ୍ଦ ଦ୍ୱାରା ସ୍ୱୀକୃତ ସମ୍ପୃକ୍ତ ବୃତ୍ତିଜୀବୀ ମଣ୍ଡଳୀର ସଭ୍ୟ; charter of demands ଦାବିପତ୍ର; charter flight ନିର୍ଦ୍ଦିଷ୍ଟ ମାର୍ଗରେ ଉଡ଼ନ ପାଇଁ ଅନୁମୋଦିତ ଉଡାଜାହାଜର ଯାତ୍ରା ।

**Chartist** ବି. *(ଇତି.)* ୧୮୩୭-୮ରେ ସଂଘଟିତ ବିଲାତର ସାମାଜିକ ଓ ନିର୍ବାଚନ ପଦ୍ଧତି ସଂସ୍କାର ଆନ୍ଦୋଳନର ସମର୍ଥକ; ବି. Chartism.

**chartreuse** ବି. ଈଷତ୍ ସବୁଜ ବା ହଳଦିଆ ରଙ୍ଗର ଏକ ପ୍ରକାର ମଦ୍ୟ ।

**charwoman** *ଦ୍ର.* charlady.

**chary** ବିଂ. ସତର୍କ, ସାବଧାନ, ଅନିଚ୍ଛୁକ, କୁଣ୍ଠିତ ।

**Charybdis** ବି. (ଇଟାଲୀ ଓ ସିସିଲିର ମଧ୍ୟବର୍ତ୍ତୀ ଏକ ଜଳାବର୍ତ୍ତର ନାମ) ଅନତିକ୍ରମ୍ୟ ସଙ୍କଟ; ଉଦା. between Scylla and Charybdis ଉଭୟପଟେ ସଂକଟ ।

**chase** 1. କ୍ରି. ପଶ୍ଚାଦ୍‌ଧାବନ କରିବା, ଗୋଡ଼ାଇବା, ତଡ଼ିବା, ଘଉଡ଼ାଇବା; *ସ.କ୍ରି.* (ଧାତୁ) ଖୋଦାଇ କରିବା; 2. ବି. ଅନୁଧାବନ, ମୃଗୟାଭୂମି; ଶିକାରର ବସ୍ତୁ, ଧାତୁ ଖୋଦାଇ, ମୁଦ୍ରଣାଳୟରେ ସଜ୍ଜିତ ଟାଇପ୍ ଗୁଡ଼ିକ ଯେଉଁ ଧାତୁନିର୍ମିତ ଆଧାର ବା ଫ୍ରେମ୍‌ରେ ରଖାଯାଏ ।

**chaser** ବି. ପଶ୍ଚାଦ୍‌ଧାବକ ଘୋଡ଼ା, ଅନୁଧାବକ ।

**chasm** (କାଜ୍‌ମ୍) ବି. ଗହ୍ୱର, ବିବର, ଫାଟ; (ଲକ୍ଷଣାର୍ଥରେ) ମନୋମାଳିନ୍ୟ, ବ୍ୟବଧାନ ।

**chassis** ବି. ମୋଟର ଗାଡ଼ି ଇତ୍ୟାଦିର ମୂଳ ଅବୟବ; ମୂଳ ଆଧାର ବା ପିଣ୍ଡ ।

**chaste** ବିଂ. ପବିତ୍ର, ପୁଣ୍ୟବାନ୍, ଶୁଦ୍ଧ, ଖାଣ୍ଟି, କାମଜ ଦୋଷଶୂନ୍ୟ, ଜିତେନ୍ଦ୍ରିୟ; (ସ୍ତ୍ରୀ ପକ୍ଷରେ) ସତୀ, ସାଧ୍ୱୀ, ଆଡମ୍ବର ରହିତ; (ଭାଷାଶୈଳୀ ସମ୍ବନ୍ଧରେ) ବିଶୁଦ୍ଧ ବା ଦୋଷ ବର୍ଜିତ, ସରଳ, ଅନଳଂକୃତ ।

Digitized by srujanika@gmail.com

**chasten** କ୍ରି. ଶାସ୍ତିଦ୍ୱାରା ସଂଶୋଧନ କରିବା, ମାର୍ଜିତ ବା ସଂଯତ କରିବା।

**chastise** କ୍ରି. ଦଣ୍ଡିବା, ଶାସ୍ତିଦେବା, ବିଶେଷତଃ ପ୍ରହାରଦ୍ୱାରା ଶାସନ କରିବା; ବି. chastisement.

**chastity** ବି. ଶୁଦ୍ଧତା, ସତୀତ୍ୱ, ଯୌନ ସମ୍ପର୍କବିହୀନତା, ନିର୍ଦ୍ଦୋଷତା; (ଭାଷାଶୈଳୀର) ସରଳତା।

**chasuble** ବି. ଢିଲା ବହିର୍ବାସ (ଉପାସନା ସମୟରେ ଖ୍ରୀଷ୍ଟୀୟ ଯାଜକମାନଙ୍କ ଦ୍ୱାରା ପରିହିତ)।

**chat** 1. ବି. ଖୁସିଗପ, ଗପସପ; 2. କ୍ରି. ଖୁସିଗପ କରିବା।

**chateau** ବି. ଫ୍ରାନ୍ସ ଦେଶର ପଲ୍ଲୀ ନିବାସ।

**chatelaine** ବି. ଗୃହର ମାଲିକାଣୀ, ଗୃହକର୍ତ୍ତ୍ରୀ; ଚାବିଲେଞ୍ଛା ରଖିବାପାଇଁ ସ୍ତ୍ରୀଲୋକମାନଙ୍କର ଅଣ୍ଟାସୂତାରେ ଲାଗିଥିବା ଜଞ୍ଜିର।

**chattel (chattels)** ବି. ଅସ୍ଥାବର ସମ୍ପତ୍ତି।

**chatter** 1. କ୍ରି. ବକ୍ ବକ୍ କରିବା, ଚଞ୍ଚଳ, ଅନବରତ ନିର୍ବୋଧଭାବେ ବା ଏଣୁତେଣୁ ବକିବା; (ପକ୍ଷୀ ସମ୍ପର୍କରେ) କଳରବ କରିବା; (ଦାନ୍ତ ସମ୍ପର୍କରେ) ଠକ୍ ଠକ୍ ବାଜିବା; 2. ବି. ବୃଥା ବା ବାଜେ କଥା, ବକ୍ ବକ୍।

**chatterbox** ବି. ବାଚାଳ, ବାବଦୁକ, କୁହାଳିଆ।

**chauffeur** (ଶୋଫର୍) ବି. ଘରୋଇ ବା ଭଡ଼ାଟିଆ ମୋଟର ଗାଡ଼ିର ଚାଳକ।

**chauvinism** ବି. ଅତିରିକ୍ତ ଅଥବା ଉଗ୍ର ଦେଶପ୍ରେମ, କୌଣସି ଆଦର୍ଶ କିମ୍ବା ଗୋଷ୍ଠୀର ଅତିରିକ୍ତ ବା ଅଯଥା ଆଖିବୁଜା ସମର୍ଥନ।

**cheap** 1. ବିଂ. ସୁଲଭ, ଶସ୍ତା, ଉପଯୋଗିତା ତୁଳନାରେ କମ ମୂଲ୍ୟରେ ମିଳୁଥିବା; ନିକୃଷ୍ଟ ଗୁଣସମ୍ପନ୍ନ, ତୁଚ୍ଛ, ବାଜେ; 2. କ୍ରି.ବିଂ. ଶସ୍ତାରେ, ଅନାୟାସରେ; 3. on the cheap ଶସ୍ତାରେ।

**cheapen** କ୍ରି. ଶସ୍ତା କରିବା ବା ହେବା, ଅବମୂଲ୍ୟାୟନ କରିବା, ଦର କମିବା ବା କମାଇବା।

**cheapjack** 1. ବି. ନିକୃଷ୍ଟ ଦ୍ରବ୍ୟକୁ ଶସ୍ତାରେ ବିକୁଥିବା ଲୋକ; 2. ବିଂ. ନିକୃଷ୍ଟ।

**cheat** 1. କ୍ରି. ପ୍ରତାରଣା କରିବା, ଠକିବା; 2. ବି. ପ୍ରତାରକ, ଠକ; ଶଠତା, ପ୍ରତାରଣା।

**check** 1. ବି. ଆକସ୍ମିକ ଗତିରୋଧ ବା ଗତିହ୍ରାସ, ବିରତି, ଦାବନ, ପ୍ରତିରୋଧକ ବସ୍ତୁ ବା ବ୍ୟକ୍ତି; ଯାଞ୍ଚ, କ୍ଷୁଦ୍ର ବର୍ଗାକାର ଚିତ୍ରର ନକ୍ସା ବା ସେହି ଢାଞ୍ଚାର କପଡ଼ା, ଭୋଜନାଳୟର ବିଲ୍, ଶତରଞ୍ଜ ଖେଳରେ କିସ୍ତିମାତ୍; 2. କ୍ରି. ଗତି ବନ୍ଦ ବା ହ୍ରାସ କରିବା, ସଂଯତ କରିବା, (କ୍ଷମତା) ସଙ୍କୁଚିତ କରିବା, ଦବେଇବା, ପରଖ କରିବା, ମିଳାଇ ଚିହ୍ନଦେବା, ଯାଞ୍ଚ କରିବା; check in/ out ହୋଟେଲ, ଉଡ଼ାଜାହାଜ ଘାଟି ପ୍ରଭୃତି ସ୍ଥାନରେ ପହଞ୍ଚିବା/ ସେଠାରୁ ଛାଡ଼ିବା; check–up ବି. ପୁଙ୍ଖାନୁପୁଙ୍ଖ ଡାକ୍ତରୀ ପରୀକ୍ଷା।

**checked** ବିଂ. କ୍ଷୁଦ୍ର ବର୍ଗାକାର ଚିତ୍ରର ନକ୍ସା ବିଶିଷ୍ଟ, ଚକିକଟା ହୋଇଥିବା।

**checker** ବି. ନିରୀକ୍ଷକ, ଯାଞ୍ଚକାରୀ।

**checkmate** 1. ବି. ଶତରଞ୍ଜ ବା ଚେସ୍ ଖେଳରେ କିସ୍ତିମାତ୍; 2. କ୍ରି. କାର୍ଯ୍ୟ ବା ନଷ୍ଟ କରିଦେବା।

**cheek** 1. ବି. ଗାଲ, କପୋଳ, ଗଣ୍ଡଦେଶ; ଧୃଷ୍ଟତା, ଉଦ୍ଧତ ଭାଷଣ; ଦୃଢ଼ ଆତ୍ମବିଶ୍ୱାସ; 2. ସ.କ୍ରି. ଉଦ୍ଧତ ଭାବରେ କହିବା; 3. cheek bone ଆଖିତଳର ହାଡ଼।

**cheeky** ବିଂ. ଉଦ୍ଧତ, ଧୃଷ୍ଟ; କ୍ରି.ବିଂ. cheekily; ବି. cheekiness.

**cheep** 1. ବି. ପକ୍ଷୀଶାବକର କ୍ଷୀଣ ଚିଁ ଚିଁ ଶବ୍ଦ; 2. ଅ.କ୍ରି. ସେହିପରି ଶବ୍ଦ କରିବା।

**cheer** 1. ବି. ଆନନ୍ଦ ଓ ଉତ୍ସାହ ସୂଚକ ଜୟଧ୍ୱନି; 2. କ୍ରି. ଆନନ୍ଦ ଧ୍ୱନି କରିବା, ଉତ୍ସାହ ବା ଆଶ୍ୱାସନା ଦେବା, ଆନନ୍ଦିତ କରିବା; cheer up ଖୁସିହେବା ବା କରାଇବା, ଜୟଧ୍ୱନିରେ ଉତ୍ସାହିତ କରିବା।

**cheerful** ବିଂ. ପ୍ରଫୁଲ୍ଲ, ଆନନ୍ଦିତ, ପ୍ରସନ୍ନ, ଉତ୍ସାହପୂର୍ଣ୍ଣ।

**cheerio** ଅନ୍ତ ଜ.ଭା. ବିଦାୟ ସମୟରେ ଅଥବା ମଦ୍ୟପାନ ପୂର୍ବରୁ ଉଚ୍ଚାରିତ ଶୁଭେଚ୍ଛାଜ୍ଞାପକ ଧ୍ୱନି।

**cheerless** ବିଂ. ନିରାନନ୍ଦ, ମ୍ଳାନ, ବିଷଣ୍ଣ।

**cheery** ବିଂ. ପ୍ରଫୁଲ୍ଲ, ଉତ୍‌ଫୁଲ୍ଲ, ଖୁସିଆଳ; କ୍ରି.ବିଂ. cheerily; ବି. cheeriness.

**cheese** ବି. ଛେନା, ପନିର; cheese it ବନ୍ଦ କରନ୍ତୁ; cheesed off ବିରକ୍ତ ଓ ଅବସାଦଗ୍ରସ୍ତ; cheese–paring ନୀଚ, କୃପଣ।

**cheeseburger** ବି. ଛେନାଯୁକ୍ତ [illegible] ବର୍ଗର।

**cheesecake** ବି. ମିଠା ଦହିଦିଆ କେକ୍।

**cheesecloth** ବି. ପତଳା ଚିଲିକୁଆ କପଡ଼ା।

**cheetah** ବି. ଚିତାବାଘ।

Digitized by srujanika@gmail.com

**chef** ବି. ମୁଖ୍ୟପାଚକ।
**Chelsea bun** ବି. ଏକ ପ୍ରକାର ଫଳ ମିଶ୍ରିତ ବନ୍ ବା ମିଠା ପାଉଁରୁଟି।
**chemical** 1. ବିଂ. ରାସାୟନିକ; 2. ବି. ରସାୟନରେ ବ୍ୟବହୃତ ବା ତହିଁରୁ ପ୍ରାପ୍ତ ପଦାର୍ଥ, ରାସାୟନିକ ଦ୍ରବ୍ୟ; chemical engineering ରସାୟନ ବିଜ୍ଞାନର ଔଦ୍ୟୋଗିକ ପ୍ରୟୋଗ; chemical warfare ବିଷାକ୍ତ ଗ୍ୟାସ୍ ଓ ଅନ୍ୟାନ୍ୟ ଧ୍ୱଂସକାରୀ ରାସାୟନିକ ଦ୍ୱାରା ଯୁଦ୍ଧ।
**chemise** ବି. ସ୍ତ୍ରୀମାନଙ୍କର ପରିଧେୟ ଢିଲା ଅନ୍ତର୍ବାସ, ଶେମିଜ୍।
**chemist** ବି. (ରସାୟନ) ଔଷଧ ବିକ୍ରେତା; ରସାୟନବିତ୍।
**chemistry** ବି. ରସାୟନ ବିଜ୍ଞାନ, ରସାୟନ ଶାସ୍ତ୍ର।
**chenille** ବି. ଭେଲଭେଟ୍ ସୂତା; ତହିଁରୁ ପ୍ରସ୍ତୁତ ଚଦର।
**cheque** ବି. ବ୍ୟାଙ୍କରେ ଗଚ୍ଛିତ ଟଙ୍କା କାଢ଼ିବାପାଇଁ ବ୍ୟାଙ୍କକୁ ଦିଆଯାଉଥିବା ଲିଖିତ ଚିଠା, ଚେକ୍, ଧନାଦେଶ ପତ୍ର; bearer cheque ବାହକ ଚେକ୍; cheque book (ବ୍ୟାଙ୍କଦ୍ୱାରା ପ୍ରଦତ୍ତ) ଛପା ଚେକ୍‌ବହି; cross cheque ରେଖାଙ୍କିତ ଚେକ୍; order cheque ଦରାଦା ଚେକ୍।
**chequer** 1. ବି. ବର୍ଗାକାର ଚିତ୍ରର ଢାଞ୍ଚା, ସାଧାରଣତଃ ଏକାନ୍ତର ବର୍ଗ ଗୁଡ଼ିକୁ ଭିନ୍ନ ରଙ୍ଗରେ ଚିତ୍ରିତ କରାଯାଇଥାଏ; 2. କ୍ରି. ବର୍ଗାକାର ଛକ ଦ୍ୱାରା ଚିତ୍ରିତ କରିବା, ଚିତ୍ର ବିଚିତ୍ର କରିବା।
**cherish** କ୍ରି. ଲାଳନ ପାଳନ କରିବା, ସସ୍ନେହ ବ୍ୟବହାର କରିବା, ମନରେ ରଖିବା (ଆଶା, ଅନୁଭବ, ସ୍ମୃତିଆଦି) ଯତ୍ନନେବା।
**cheroot** ବି. ପିକା, ଚୁରୁଟ୍।
**cherry** 1. ବି. ଏକ ପ୍ରକାର ଛୋଟ ଗୋଲାକାର କୋଳି ଜାତୀୟ ଫଳ; ସେହି ଗଛ ଓ କାଠ; ଚେରି 2. ବିଂ. ଫିକା ନାଲିରଙ୍ଗ (ଚେରିର ରଙ୍ଗ)।
**cherub** ବ.ବ. cherubim ବି. ଦେବଦୂତ; ନିରୀହ ଓ ସୁନ୍ଦର ଶିଶୁ, ପକ୍ଷଯୁକ୍ତ ଶିଶୁର ଚିତ୍ର ବିଂ. cherubic.
**chervil** ବି. ଏକ ପ୍ରକାର ଶାଗ ଜାତୀୟ ଉଦ୍ଭିଦ।
**Cheshire** ବି. ଏକ ପ୍ରକାର ଛେନା; like a Cheshire cat ଖିର ଓ ଚତୁର, ଚଳପାଚିରେ (ଘୃଣା ବା ଉପହାସ ଜନିତ) ବିସ୍ତାରିତ ଦନ୍ତବିକ୍ଷିଷ୍ଟ।
**chess** ବି. ଶତରଞ୍ଜ ଖେଳ।
**chessboard** ବି. ଶତରଞ୍ଜ ଖେଳର ଚିତ୍ରିତ ପଟି; chess-man ଶତରଞ୍ଜ ଖେଳର ଗୋଟି।
**chest** ବି. ସିନ୍ଦୁକ, ବକ୍ଷସ୍ଥଳ, ଛାତି; chest of drawer ଟଣା ଡାଲା ବିଶିଷ୍ଟ ଆସବାବ, ଦରାଜ୍।
**chesterfield** ବି. ଉଭୟ ଆସନ ଓ ପିଠିପଟେ ଗଦିଥିବା ଏକ ପ୍ରକାର ସୋଫା।
**chestnut** 1. ବି. ଏକପ୍ରକାର ପିଙ୍ଗଳ ବର୍ଣ୍ଣର ବାଦାମ, ସେହିଗଛ ଓ କାଠ, ପିଙ୍ଗଳବର୍ଣ୍ଣ, (ଲକ୍ଷଣାର୍ଥରେ) ଗତାନୁଗତିକ କୌତୁକ ବା ଖେଳ; 2. ବିଂ. ପିଙ୍ଗଳବର୍ଣ୍ଣର।
**cheval-glass** ବି. ଉଚ୍ଚ ଦର୍ପଣ।
**chevalier** ବି. ଅଶ୍ୱାରୋହୀ ବୀରପୁରୁଷ। *(ପ୍ର.)*
**cheviot** ବି. ଏକ ଜାତୀୟ ଘନ ଲୋମଯୁକ୍ତ ମେଣ୍ଢା; ଏହି ମେଣ୍ଢାର ଲୋମରୁ ପ୍ରସ୍ତୁତ ପଶମ ବା ପଶମ କପଡ଼ା।
**chevron** ବି. ପରିହିତ ପୋଷାକରେ ସଂଯୁକ୍ତ ଇଂରାଜୀ V ଆକାରର ରେଖାଙ୍କନ ବା ଚିହ୍ନ (କର୍ମଚାରୀର ପଦବୀ ବା କାର୍ଯ୍ୟକାଳର ସୂଚକ)।
**chew** କ୍ରି. ଚୋବାଇବା, ଚର୍ବଣ କରିବା; *(ଲାକ୍ଷ.)* ଆଲୋଚନା କରିବା, ଚିନ୍ତା କରିବା; chew the cud ରୋମନ୍ଥନ କରିବା।
**chewing-gum** ବି. ମିଷ୍ଟ ଓ ସୁବାସଯୁକ୍ତ ଚର୍ବ୍ୟ ଅଠାଳିଆ ପଦାର୍ଥ ବିଶେଷ।
**chewy** ବିଂ. ଚର୍ବଣଯୋଗ୍ୟ।
**Chianti** ବି. ଇଟାଲୀ ଦେଶର ଏକ ପ୍ରକାର ଲାଲ ମଦ।
**chiaroscuro** ବି. ଚିତ୍ରାଙ୍କନରେ ଛାଇ ଆଲୁଅର ବ୍ୟବହାର, ସାହିତ୍ୟରେ ବୈପରୀତ୍ୟର ବ୍ୟବହାର।
**chic** 1. ବି. ମାର୍ଜିତ ରୀତି, (ପରିଧାନ ସମ୍ପର୍କରେ) ବେଶ ପରିପାଟି; 2. ବିଂ. ମାର୍ଜିତ।
**chicane** 1. କ୍ରି. ଛଳ-ଚାତୁରୀ ପ୍ରୟୋଗ କରିବା, ଭଣ୍ଡିବା, ଠକିବା; 2. ବି. ଛଳନା, ଚାତୁରୀ; ମୋଟର ଯିବା ରାସ୍ତାରେ କୃତ୍ରିମ ପଥରୋଧ।
**chicanery** ବି. ଛଳ-ଚାତୁରୀ, କୁତର୍କ, ପ୍ରବଞ୍ଚନା।
**chick** ବି. ପକ୍ଷୀଶାବକ, ଚିଆଁ, *ଗା.ପ୍ର.* ତରୁଣୀ।
**chicken** ବି. ଅଳ୍ପଦିନର କୁକୁଡ଼ା, କୁକୁଡ଼ା ମାଂସ; chicken-feed କୁକୁଡ଼ା ଖାଦ୍ୟ; chicken-

Digitized by srujanika@gmail.com

-hearted ଭୀରୁ; chicken-pox ପାଣିବସନ୍ତ।

**chick-pea** ବି. ଏକ ପ୍ରକାର ଛୋଟ ଆକାରର ମଟର ଚଣା।

**chickweed** ବି. ଏକ ପ୍ରକାର ଦଳ।

**chicle** ବି. ଏକ ପ୍ରକାର ବୃକ୍ଷର ରସ (ଚୁଇଙ୍ଗ ଗମ୍‌ର ମୁଖ୍ୟ ଉପାଦାନରୂପେ ବ୍ୟବହୃତ)।

**chicory** ବି. ଏକ ପ୍ରକାର ଉଦ୍‌ଭିଦ; ଏହାର ମୂଳକୁ ଭାଜି ଗୁଣ୍ଡକରି କଫିସହ ଅଥବା କଫି ପରିବର୍ତ୍ତେ ବ୍ୟବହାର କରାଯାଏ।

**chide** କ୍ରି. ଭର୍ତ୍ସନା କରିବା, ଗାଳିଦେବା, ତିରସ୍କାର କରିବା।

**chief** 1. ବିଂ. ପ୍ରଧାନ, ମୁଖ୍ୟ; ପଦ, ପ୍ରଭାବ, ଗୁରୁତ୍ୱ ପ୍ରଭୃତିରେ ପ୍ରଥମ; 2. ବି. ନେତା ବା ଶାସକ, ଗୋଷ୍ଠୀର ମୁଖ୍ୟ, ଦଳପତି; ବିଭାଗ ମୁଖ୍ୟ, ସର୍ବୋଚ୍ଚ କର୍ମଚାରୀ; Chief of Staff ସେନାବାହିନୀ ବା ଅନ୍ୟତମ ସେବାସଂସ୍ଥାର ମୁଖ୍ୟ।

**chiefly** କ୍ରି.ବିଂ. ପ୍ରଧାନତଃ, ମୁଖ୍ୟତଃ।

**chieftain** ବି. ନେତା, ନାୟକ, ସର୍ଦ୍ଦାର, ଗୋଷ୍ଠୀପତି।

**chiffchaff** ବି. ଏକ ପ୍ରକାର ପକ୍ଷୀ।

**chiffon** (ସିଫନ୍) ବି. ଏକ ପ୍ରକାର ପତଳା ସ୍ୱଚ୍ଛ ବସ୍ତ୍ର।

**chigger** ଦ୍ର. chigoe.

**chignon** ବି. କବରୀ, ଖୋଷା, ଜୁଡ଼ା।

**chigoe** ବି. ଏକ ପ୍ରକାର ଗ୍ରୀଷ୍ମ ମଣ୍ଡଳୀୟ ମାଛି।

**chilblain** ବି. ଶୈତ୍ୟର ପ୍ରକୋପରେ ହାତ ବା ପାଦରେ ହୋଇଥିବା ଫୁଲା, ଶୀତଫୁଲା।

**child** ବି. ଶିଶୁ, ସନ୍ତାନ, ପିଲା, ଛୁଆ, ବୟଃପ୍ରାପ୍ତି ପୂର୍ବର ପୁଅ ବା ଝିଅ; *(ଲାକ୍ଷ.)* ଶିଷ୍ୟ, ଅନୁଗାମୀ; child-minder ପିଲା ଜଗାଳି; child's play ସହଜ କାମ; with child ଗର୍ଭବତୀ।

**childbirth** ବି. ସନ୍ତାନପ୍ରସବ ପ୍ରକ୍ରିୟା।

**childhood** ବି. ଶୈଶବ କାଳ, ପିଲାଦିନ, ବାଲ୍ୟାବସ୍ଥା।

**childish** ବିଂ. ପିଲାଳିଆ, ଅପରିପକ୍ୱ, ଅଳ୍ପବୁଦ୍ଧି।

**childlike** ବିଂ. ଶିଶୁ ସୁଲଭ, ନିରୀହ, ସରଳ।

**chili** ଦ୍ର. chilli.

**chill** 1. ବି. ଶୀତ, ଜାଡ଼, ଦୈହିକ ଉତ୍ତାପର ହ୍ରାସ; 2. କ୍ରି. ଶୀତଳ ହେବା, ଶୀତଳ କରାଇବା, ନିସ୍ତେଜ ଅଥବା ଶିଥିଳ ହେବା, ତରଳ ବସ୍ତୁକୁ ଥଣ୍ଡା କରି ଘନୀଭୂତ କରିବା, ଶୀତଳ ଅବସ୍ଥାରେ ରଖିବା; ବିଂ. chilly.

**chilli** ବି. ଶୁଖିଲା ଲଙ୍କା ମରିଚ।

**chilly** ବିଂ. ଅସ୍ୱସ୍ତିକର ଥଣ୍ଡା, ଶୀତପ୍ରବଣତା, ଆବେଗଶୂନ୍ୟ, ବନ୍ଧୁହୀନ।

**chime** 1. ବି. ଘଣ୍ଟାଧ୍ୱନି, ଘଣ୍ଟାନାଦ; 2. କ୍ରି. ଘଣ୍ଟା ଧ୍ୱନିତ ହେବା; *(ଲାକ୍ଷ.)* ସହମତ ହେବା; chime in ସଙ୍ଗତି ସହ ଯୋଗଦେବା।

**chimera** ବି. ଗ୍ରୀକ୍ ପୁରାଣ ବର୍ଣ୍ଣିତ ଏକ ଦୈତ୍ୟ (ଯାହାର ସିଂହମୁଣ୍ଡ, ଛାଗଳ ଶରୀର ଓ ସର୍ପ ପୁଚ୍ଛ); ଅସଂଗତ କଳ୍ପନା; ବିଂ. chimeric(al).

**chimney** ବି. ଧୂଆଁ ନଳୀ, ଚିମ୍‌ନି; chimney--sweep ଚିମ୍‌ନି ଭିତରୁ କଳା ଓ ଅଳିଆ ପରିଷ୍କାର କରିବା ବ୍ୟକ୍ତି।

**chimp** (ସଂକ୍ଷିପ୍ତ chimpanzee) ବି. ସିମାଞ୍ଜି।

**chimpanzee** ବି. ଆଫ୍ରିକା ଦେଶର କ୍ଷୁଦ୍ରକାୟ ବାନର ବିଶେଷ, ସିମାଞ୍ଜି।

**chin** ବି. ଚିବୁକ, ଥୋଡ଼ି; keep one's chin up ପ୍ରଫୁଲ୍ଲତା ରକ୍ଷା କରିବା।

**china** ବି. ଚୀନାମାଟିର ବାସନ; bull in a china shop ଯେ ସମସ୍ତ ବ୍ୟବସ୍ଥା ଭାଙ୍ଗିଚୁରି ଦିଏ ବା ଲଣ୍ଡଭଣ୍ଡ କରେ; china clay କେଓଲିନ୍।

**Chinaman** ବି. ଚୀନ ଦେଶର ଲୋକ; (କ୍ରିକେଟ୍ ଖେଳରେ) ବାଁହାତି ବୋଲର ପକାଉଥିବା ଅଫ୍‌ବ୍ରେକ ବା ଗୁଗ୍‌ଲି।

**chine** 1. ବି. ମେରୁଦଣ୍ଡ, ମେରୁଦଣ୍ଡ ସଂଲଗ୍ନ ମାଂସ, ଶଇଳ ଗିରି ସଙ୍କଟ; 2. କ୍ରି. ମୃତ ପଶୁକୁ ପିଠି ହାଡ଼ରୁ କାଟିବା, ମେରୁଦଣ୍ଡ ଭାଙ୍ଗିଦେବା।

**Chinese** 1. ବି. ଚୀନ ଦେଶର ଲୋକ, ଚୀନଭାଷା, 2. ବିଂ. ଚୀନ ଦେଶ ବା ଭାଷା ସମ୍ବନ୍ଧୀୟ; 3. Chinese lantern କାଗଜ ନିର୍ମିତ ସଙ୍କୋଚନଶୀଳ ଲଣ୍ଠନ ବା ବତୀ।

**chink** 1. ବି. ସଂକୀର୍ଣ୍ଣ ଛିଦ୍ର, ଫାଟ, ଠନ୍ ଠନ୍ ଶବ୍ଦ (କାଚ ଅଥବା ମୁଦ୍ରା ଜନିତ); 2. କ୍ରି. ଠନ୍ ଠନ୍ ଶବ୍ଦ କରିବା।

**chinless** ବିଂ. ଦୁର୍ବଳ ଚରିତ୍ର।

**chinoiserie** ବି. ଚୀନ ଦେଶୀୟ ଶୈଳୀ ଅନୁକରଣ (ଆସବାବ ପତ୍ର ଓ ଗୃହସଜ୍ଜାରେ); ଉକ୍ତ ଶୈଳୀରେ ନିର୍ମିତ ଉପକରଣ।

Digitized by srujanika@gmail.com

**chintz** ବି. ଛିଟ କନା, ନାନାବର୍ଣ୍ଣର ଚିତ୍ର-ବିଚିତ୍ର କନା ।

**cintzy** ବିଂ. ଛିଟ କନାପରି; ଅତି ଉଜ୍ଜ୍ୱଳ ଓ ଶସ୍ତା ।

**chip** 1. କ୍ରି. ଟିକିଟିକି କରି କାଟିବା ବା ଭାଙ୍ଗିବା; 2. ବି. କ୍ଷୁଦ୍ର ଖଣ୍ଡ, ଆଳୁପ୍ରଭୃତି ପତଳା ଖଣ୍ଡ ବା ଚିପ୍ସ୍; chip off the old block ପିତୃତୁଲ୍ୟ ସନ୍ତାନ (ଚାରିତ୍ରିକ ଦୃଷ୍ଟିରେ) ।

**chipboard** ବି. ଛୋଟ ଛୋଟ କାଠଖଣ୍ଡକୁ ଚାପ ଦେଇ ନିର୍ମିତ ପଟା ।

**chipmunk** ବି. ଆମେରିକାର ଏକପ୍ରକାର ଗୁଣ୍ଡୁଚି ।

**chipolata** ବି. ମସଲାଯୁକ୍ତ ସସେଜ୍ ।

**Chippendale** ବି: ଅଷ୍ଟାଦଶ ଶତାବ୍ଦୀର ଆଳଙ୍କାରିକ ଆସବାବ ନିର୍ମାଣ ଶୈଳୀ (୧୮ଶ ଶତାବ୍ଦୀର ଆସବାବ ତିଆରିରେ ଦକ୍ଷ କାରିଗର ଚିପେନ୍‌ଡେଲଙ୍କ ନାମାନୁଯାୟୀ) ।

**chiro–** (ଯୌଗିକ ଶବ୍ଦର ପୂର୍ବପଦ) ହସ୍ତ ।

**chirography** ବି. ହସ୍ତଲିପି ବା ତାହାର ଅନୁଶୀଳନ ।

**chiromancy** ବି. ହସ୍ତରେଖା ବିଦ୍ୟା, ହସ୍ତରେଖା ବିଚାର କରି ଭାଗ୍ୟଗଣନା, ସାମୁଦ୍ରିକ ବିଦ୍ୟା ।

**chiropody** ବି. ପାଦ ଓ ପାଦରୋଗ ଚିକିତ୍ସା; ବି. chiropodist.

**chiropractic** ବି. ମେରୁଦଣ୍ଡ ମାଧ୍ୟମରେ ରୋଗ ଚିକିତ୍ସା; chiropractor ବି. ଉକ୍ତ ଚିକିତ୍ସକ ।

**chirp** 1. ବି. ଚିଁଚିଁ ମିଚିମିଚି ଶବ୍ଦ, ପକ୍ଷୀର କଳରବ, ଝିଣ୍ଟିକା ବା ଝିଙ୍କାରୀର ଶବ୍ଦ, 2. କ୍ରି. ଏହି ପ୍ରକାର ଶବ୍ଦ କରିବା; ମଧୁର ସ୍ୱରରେ କଥା କହିବା ।

**chirpy** ବିଂ. କ.ଭା. ପ୍ରଫୁଲ୍ଲ; କ୍ରି.ବିଂ. chirpily, ବି. chirpiness.

**chirrup** 1. କ୍ରି. ମୁହୁର୍ମୁହୁ ଚିଚିର୍‌ମିଚିର୍ କରିବା; 2. ବି. କଳରବ ଶ୍ରେଣୀ ।

**chisel** 1. ବି. ବଟାଳୀ, ନିହାଣ, ଛେଣି; 2. କ୍ରି. ବଟାଳୀ ବା ନିହାଣରେ କାଟିବା ବା କାଟି ରୂପ ଦେବା ।

**chit**[1] ବି. ଚିରକୁଟ, ଚିଠା ।

**chit**[2] ବି. ସାନ ଛୁଆ, କ୍ଷୁଦ୍ରକାୟ ଯୁବତୀ (ଅପକୃଷ୍ଟ ଅର୍ଥରେ) ଯଥା. chit of a girl.

**chit–chat** ବି. ବାଜେ ଗପ, ଖୁସି ଗପ, ଏଣୁ ତେଣୁ କଥାବାର୍ତ୍ତା ।

**chivalrous** ବିଂ. ମଧ୍ୟଯୁଗର 'ନାଇଟ୍' ବା ବୀର ସମ୍ପ୍ରଦାୟର ରୀତିସମ୍ମତ; ସାହସୀ, ବୀର, ସମ୍ଭ୍ରାନ୍ତ, ଦୁର୍ବଳ ଓ ନାରୀମାନଙ୍କ ପ୍ରତି ସଂବେଦନଶୀଳ ।

**chivalry** ବି. ଶିଷ୍ଟତା ଓ ସମ୍ଭ୍ରମ; ଶୌର୍ଯ୍ୟ, ଦୁର୍ବଳମାନଙ୍କ ପ୍ରତି ସଂବେଦନଶୀଳତା; ମଧ୍ୟଯୁଗୀୟ 'ନାଇଟ୍' ସୁଲଭ ରୀତି ଓ ତାହାର ଧର୍ମୀୟ, ନୈତିକ ତଥା ସାମାଜିକ ବିଧି; ବିଂ. chivalric.

**chive** ବି. ପିଆଜ ଜାତୀୟ ଏକ ଉଦ୍‌ଭିଦ ।

**chivvy** ସ.କ୍ରି. ହଇରାଣ କରିବା ।

**chloral** ବି. ପ୍ରଶମକ ଓ ପୀଡ଼ା ନାଶକ ଔଷଧ ରୂପେ ବ୍ୟବହୃତ ଧଳା ଚୂର୍ଣ୍ଣ ଜାତୀୟ ଯୌଗିକ ପଦାର୍ଥ (କ୍ଲୋରଲ୍ ହାଇଡ୍ରେଟ୍) ।

**chloride** ବି. କ୍ଲୋରିନ୍ ଘଟିତ ଯୌଗିକ ରାସାୟନିକ (ବିଶୋଧନ ଓ ସଫା କରିବା ପାଇଁ ବ୍ୟବହୃତ) ।

**chlorinate** କ୍ରି. କ୍ଲୋରିନ୍ ସଂଯୋଗ କରିବା (ବିଶେଷତଃ ଜଳର ବିଶୋଧନ ନିମନ୍ତେ); ବି. chlorination.

**chlorine** ବି. କ୍ଲୋରିନ୍ ବାଷ୍ପ ।

**chloroform** 1. ବି. ତରଳ, ବର୍ଣ୍ଣହୀନ ରାସାୟନିକ ଯାହାର ବାଷ୍ପ ନିଶ୍ଚେତକ ରୂପେ ବ୍ୟବହୃତ ହୁଏ; 2. ସ.କ୍ରି. ଏହା ପ୍ରୟୋଗ କରି ନିଶ୍ଚେତନ କରିବା ।

**chlorophyll** ବି. ପତ୍ର ହରିତ୍, ପତ୍ରର ସବୁଜ କଣିକା ।

**choc** ବି. କ.ଭା. ସଂଶ. ଚକୋଲେଟ୍; choc–-bar, choc–ice ବି. ଚକ୍‌ଲେଟ୍ ଆବରଣ ମଧ୍ୟସ୍ଥ ଆଇସ୍‌କ୍ରିମ୍ ।

**chock** ବି. ଚକର ଘୂର୍ଣ୍ଣନ ଅଟକାଇବା ଉପକରଣ, ଖୀଳ ।

**chocolate** ବି. କୋକୋ ମଞ୍ଜିର ଗୁଣ୍ଡରୁ ପ୍ରସ୍ତୁତ ମିଠାଇ, ଚକୋଲେଟ୍ ।

**choice** 1. ବି. ପସନ୍ଦ, ମନୋନୟନ, ନିର୍ବାଚନ, ବାଛିବା କାର୍ଯ୍ୟ, ଅଭିରୁଚି; ମନୋନୀତ ବ୍ୟକ୍ତି ବା ବସ୍ତୁ; 2. ବିଂ. ଉତ୍କୃଷ୍ଟ, ବଛାବଛି ।

**choir** ବି. ଗାୟକ ଦଳ, ବିଶେଷତଃ ଗୀର୍ଜାର; ଉକ୍ତ ଗାୟକମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ।

Digitized by srujanika@gmail.com

**choirboy** ବି. ଗାୟକ ପିଲା (ଗୀର୍ଜାର ଗାୟକ ଦଳର)।

**choke** 1. କ୍ରି. ଶ୍ୱାସରୋଧ ହେବା ବା ଶ୍ୱାସରୁଦ୍ଧ କରିବା, ଆବେଗରେ କଣ୍ଠରୋଧ କରିବା ବା କଣ୍ଠରୁଦ୍ଧ ହେବା, (ଆବେଗ) ଦମନ କରିବା, ଅବରୋଧ ବା ସଂକୀର୍ଣ୍ଣ କରିବା; 2. ବି. ମଟର ଗାଡ଼ିର କାର୍ବୁରେଟରରେ ପେଟ୍ରୋଲ ଇଞ୍ଜିନ୍‌କୁ ବାୟୁ ପ୍ରବାହ ନିୟନ୍ତ୍ରଣ କରିବା ନିମିତ୍ତ କପାଟିକା ବା ଭାଲ୍‌ଭ୍; ବିଦ୍ୟୁତ୍ ପ୍ରବାହର କମ ବେଶୀ ରୋକିବା ନିମନ୍ତେ ବ୍ୟବହୃତ ଉପକରଣ; 3. choke back (ଆବେଗ) ସଂଯମନ କରିବା; choke down କଷ୍ଟରେ ଗିଳିବା, ଢୋକିବା; choke up (ନଳୀ ବା ରନ୍ଧ୍ର) ଆଂଶିକ ବା ପୂରା ବନ୍ଦ କରିବା।

**choker** ବି. ଉଚ୍ଚ କଲର୍, କଣ୍ଠବନ୍ଧ ହାର।

**choler** ବି. ପ୍ରା.ପ୍ର. ପିତ୍ତ, କ୍ରୋଧ, ଚିଡ଼ା ସ୍ୱଭାବ।

**cholera** ବି. ହଇଜା, ବିସୂଚିକା, ଓଲାଉଠା।

**choleric** ବିଂ. ରାଗୀ, କ୍ରୋଧୀ, ଚିଡ଼ିଆ, କ୍ଷଣକୋପୀ।

**cholesterol** ବି. ଶରୀରସ୍ଥ କୋଷରେ ଜମୁଥିବା ଏକ ଜୈବପଦାର୍ଥ ଯାହା ଧମନୀର ଅଭ୍ୟନ୍ତରକୁ ସଂକୀର୍ଣ୍ଣ କରି ରକ୍ତ ପ୍ରବାହର ଗତିରୋଧ କରେ।

**choose** କ୍ରି. ଅ.କା. chose ବାଛିବା, ନିର୍ବାଚନ କରିବା, ଉପଯୁକ୍ତ ବିଚାରିବା, ପସନ୍ଦ କରିବା, ମନୋନୀତ କରିବା।

**choosy** ବିଂ. ଯେ ମନ ମୁତାବକ ବାଛିଥାଏ, ସାଧାରଣ ବସ୍ତୁରେ ଅସନ୍ତୁଷ୍ଟ; ବି. choosiness.

**chop** 1. କ୍ରି. ଚିକିଟିକି କରି କାଟିବା, କାଟିବା ଭଳି ସଜୋରେ ଆଘାତ କରିବା, ବଲକୁ ଆଡ଼ ବାଗେ ମାରିବା; 2. ବି. କଟା ମାଂସଖଣ୍ଡ, କାଟିବା ସକାଶେ ଆଘାତ; 3. ବି. ବ.ବ. ମନୁଷ୍ୟ ଓ ଜୀବଜନ୍ତୁର ତଳ ବା ଉପର ପାଟିର ହାଡ଼; 4. chop and change କ୍ରି. ଇତସ୍ତତଃ ହେବା, ସ୍ଥିର ଅବସ୍ଥାରେ ନ ରହିବା, ଘନ ଘନ ପରିବର୍ତ୍ତିତ ହେବା।

**chopper** ବି. ଛେଦନ ଯନ୍ତ୍ର, ମାଂସ କାଟିବା ହତିଆର; ହେଲିକୋପ୍ଟର।

**choppy** ବିଂ. ଛୋଟ ଛୋଟ ଢେଉଦ୍ୱାରା ଆବୃତ; ଅଶାନ୍ତ (ସମୁଦ୍ର)।

**chopsticks** ବି. ବ.ବ. ଚୀନ ଓ ଜାପାନ ଦେଶବାସୀଙ୍କ ଦ୍ୱାରା ଖାଇବା ସକାଶେ ବ୍ୟବହୃତ ଦୁଇଟି କାଠି।

**chop-suey** ବି. ମାଂସ, ଚାଉଳ ଓ ପରିବା ମିଶ୍ରିତ ଚୀନ ଦେଶୀୟ ଖାଦ୍ୟ।

**choral** ବିଂ. ଗୀର୍ଜାର ଗାୟକ ଦଳ ସମ୍ବନ୍ଧୀୟ ବା ସମବେତ ସଙ୍ଗୀତ ସମ୍ବନ୍ଧୀୟ।

**chorale** ସମବେତ ସ୍ତୁତି।

**chord** ବି. ବାଦ୍ୟଯନ୍ତ୍ରର ତନ୍ତ୍ରୀ ବା ତାର, ଐକ୍ୟତାନ, ସ୍ୱରସଙ୍ଗୀତ; (ଜ୍ୟାମିତି) ଜ୍ୟା।

**chore** ବି. ବିବିଧ କାର୍ଯ୍ୟ, ପୁନଃପୌନିକ ବା ବିରକ୍ତିକର କାର୍ଯ୍ୟ; ଗୃହସ୍ଥଳୀ କାର୍ଯ୍ୟ।

**choreograph** ସ.କ୍ରି. ଗୀତ ଓ ନୃତ୍ୟର ସଜ୍ଜା ବା ସମାବେଶ ପ୍ରସ୍ତୁତ କରିବା।

**choreography** ବି. ଗୀତ ଓ ନୃତ୍ୟର ସଜ୍ଜା ବା ସମାବେଶ ପ୍ରକ୍ରିୟା; choreographer. ବି. ଯେ ଏହି କାର୍ଯ୍ୟକରେ; ବିଂ. choreographic.

**chorister** ବି. ସମବେତ ସଙ୍ଗୀତର ଗାୟକ।

**chortle** 1. ବି. ଆନନ୍ଦସୂଚକ ଉଚ୍ଚହାସ୍ୟ ଧ୍ୱନି; 2. କ୍ରି. ଉକ୍ତ ଧ୍ୱନି କରିବା।

**chorus** ବି. ବୃନ୍ଦଗାନ, ସମବେତ ଗାନ।

**chose** CHOOSEର ଅ.କା.।

**chosen** CHOOSEର ଅ.କ୍ରି.କ.ପ.।

**chough** ବି. ଏକ ଧରଣର କୁଆ, ଯାହାର ପାଦର ରଙ୍ଗ ଲାଲ।

**chow** ବି. ଚାଉ, ଖାଦ୍ୟ ବିଶେଷ (ଚୀନ ଦେଶୀୟ); ଲମ୍ବକେଶଯୁକ୍ତ କୁକୁର ବିଶେଷ।

**chrism** ବି. ପବିତ୍ର ତୈଳ; ଅଭିମନ୍ତ୍ରିତ ତୈଳ; ଆନୁଷ୍ଠାନିକ ତୈଳ-ନିଷେକ।

**Christ** ବି. ଯୀଶୁଖ୍ରୀଷ୍ଟ।

**christen** କ୍ରି. ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା, (ଶିଶୁର) ନାମକରଣ କରିବା।

**Christendom** ବି. ଖ୍ରୀଷ୍ଟଧର୍ମାବଲମ୍ବୀ ଦେଶ ସମୂହ; ସମସ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀ ସମାଜ।

**Christian** ବି. ଖ୍ରୀଷ୍ଟଧର୍ମାବଲମ୍ବୀ; Christian era ଖ୍ରୀଷ୍ଟାବ୍ଦ; Christian name ଦୀକ୍ଷା ଗ୍ରହଣ ସମୟରେ ଯେଉଁ ନାମ ଦିଆ ଯାଇଥାଏ; ବଂଶସୂଚକ ଉପାଧିର ପୂର୍ବବର୍ତ୍ତୀ ନାମ।

**Christianity** ବି. ଖ୍ରୀଷ୍ଟଧର୍ମ; ଖ୍ରୀଷ୍ଟିଆନ୍ ଗୁଣାବଳୀ।

**Christmas** ବି. ଖ୍ରୀଷ୍ଟଜନ୍ମୋତ୍ସବ, ବଡ଼ଦିନ ପର୍ବ; Christmas Day ୨୫ ଡିସେମ୍ବର; Christmas Eve ୨୪ ଡିସେମ୍ବର; Christmas

Digitized by srujanika@gmail.com

tree ବଡ଼ଦିନ ପର୍ବ ସକାଶେ ଆଲୋକମାଳାରେ ସଜ୍ଜିତ ସବୁଜ ବୃକ୍ଷ; ବିଂ. Christmass.

**chromatic** ବିଂ. ବର୍ଣ୍ଣ ସମ୍ବନ୍ଧୀୟ, ବର୍ଣ୍ଣବିଶିଷ୍ଟ।

**chromatin** ବି. ଜୀବକୋଷର ଉପାଦାନ ବିଶେଷ।

**chromatography** ବି. ବର୍ଣ୍ଣ-ଶୋଷକ ମାଧ୍ୟମରେ ପୃଥକୀକରଣ ପ୍ରକ୍ରିୟା।

**chrome** ବି. କ୍ରୋମିଅମ୍‌ରୁ ଉତ୍ପାଦିତ ଏକ ପ୍ରକାର ହଳଦିଆ ରଙ୍ଗ।

**chromite** ବି. ଏକ ପ୍ରକାର ଖଣିଜ ଦ୍ରବ୍ୟ, କ୍ରୋମାଇଟ୍।

**chromium** ବି. ଏକ ପ୍ରକାର ଧାତୁ, କ୍ରୋମିଅମ୍।

**chromosome** ବି. ପ୍ରାଣୀ ଓ ଉଦ୍ଭିଦର ଜୀବକୋଷସ୍ଥ ନିଉକ୍ଲିୟସ୍ ମଧ୍ୟରେ ଯୁଗଳ ରୂପରେ ଥିବା ସୂତ୍ର ବା ଦଣ୍ଡ ସଦୃଶ କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁ, ପିତ୍ରୀୟସୂତ୍ର।

**chronic** ବିଂ. ଦୀର୍ଘକାଳ ସ୍ଥାୟୀ, ପୁରାତନ; ଖରାପ, କଷ୍ଟଦାୟକ; କ୍ରି.ବିଂ. chronically; ବି. chronicity.

**chronicle** ବି. ଘଟଣା ପଞ୍ଜୀ, ଇତିବୃତ୍ତ, କାଳାନୁକ୍ରମିକ ଲିଖିତ ବିବରଣୀ।

**chronological** ବିଂ. ଘଟଣାନୁକ୍ରମିକ, ସମୟାନୁକ୍ରମିକ।

**chronology** ବି. ଘଟଣାକ୍ରମ, କାଳ ନିରୂପଣ ବିଦ୍ୟା।

**chronometer** ବି. ସମୟ ପରିମାପକ ଯନ୍ତ୍ର, ଏକ ପ୍ରକାର ଘଡ଼ି।

**chrysalis** ବି. ପ୍ରଜାପତି ପ୍ରଭୃତି କୀଟ ପତଙ୍ଗମାନଙ୍କର ପକ୍ଷୋଦ୍‌ଗମର ପୂର୍ବାବସ୍ଥା; କୋଷା ବା ଗୁଟିକା।

**chrysanthemum** ବି. ଚନ୍ଦ୍ରମଲ୍ଲିକା ଗଛ ଓ ଫୁଲ, ସେବତୀ।

**chrysoberyl** ବି. ଏକ ପ୍ରକାର ମୂଲ୍ୟବାନ ପୀତ-ହରିତ୍ ରତ୍ନ।

**chrysolite** ବି. ଗୋମେଦ ମଣି, ପୀତ-ହରିତ ବର୍ଣ୍ଣ ବିଶିଷ୍ଟ ବହୁମୂଲ୍ୟ ପ୍ରସ୍ତର।

**chrysoprase** ବି. ସବୁଜ ବର୍ଣ୍ଣ ବିଶିଷ୍ଟ ଏକ ପ୍ରକାର ମଣି।

**chub** ବି. ଏକ ପ୍ରକାର ମଧୁର ଜଳର ମାଛ।

**chubby** ବିଂ. ହୃଷ୍ଟପୁଷ୍ଟ, ଗୋଲଗାଲ।

**chuck** 1. କ୍ରି. ଫିଙ୍ଗିବା, ବେଖାତିର ଭାବରେ ଫୋପାଡ଼ିବା, ଗେଲରେ ଥୋଡ଼ି ଛୁଇଁବା; 2. ବି. ସକୌତୁକ ସ୍ପର୍ଶ; 3. the chuck *ସା.ପ୍ର.* ବରଖାସ୍ତ; chuck out *ସ.କ୍ରି.* କୌଣସି ସ୍ଥାନରୁ କାହାକୁ ବାହାର କରିବା; 4. ବି. କୁନ୍ଦ ଯନ୍ତ୍ରର ଏକ ଅଂଶ; 5. ପ୍ରିୟେ।

**chuckle** ବି. ମୃଦୁହସ; chuckle headed ନିର୍ବୋଧ।

**chuff** *ଅ.କ୍ରି.* (ଇଞ୍ଜିନ ଆଦି) ଧ୍ୱନି ସହ କ୍ରିୟାଶୀଳ ହେବା।

**chuffed** ବିଂ. *ସା.ପ୍ର.* ଆନନ୍ଦିତ।

**chug** ବି. ଧୀରେ ଚାଲୁଥିବାବେଳେ ଇଞ୍ଜିନର ବିସ୍ଫୋରଣ ସଦୃଶ ଧ୍ୱନିର ପୁନରାବୃତ୍ତି; କ୍ରି. ଏପରି ଧ୍ୱନି ପୂର୍ବକ ଯାତ୍ରା କରିବା।

**chukker (chukka)** ବି. ପୋଲୋ ଖେଳରେ ପରିମିତ ସମୟ।

**chum** *କ.ଭା.* 1. ବି. ଅନ୍ତରଙ୍ଗ ବନ୍ଧୁ, ସଖା; 2. କ୍ରି. ଅନ୍ୟସହ ଗୃହରେ ବାସ କରିବା।

**chummy** ବିଂ. *କ.ଭା.* ବନ୍ଧୁତ୍ୱପୂର୍ଣ୍ଣ।

**chump** ବି. ଛୋଟ ମୋଟ କାଠଖଣ୍ଡ, କାଠ ଟୁକୁରା; *କ.ଭା.* ନିର୍ବୋଧ ବ୍ୟକ୍ତି।

**chunk** ବି. ଖଣ୍ଡ, ଟୁକୁରା।

**chunky** ବିଂ. କାଷ୍ଠଖଣ୍ଡବତ୍, ମୋଟାଳିଆ।

**chunter** କ୍ରି. *କ.ଭା.* ମନେ ମନେ ଗୁଣୁଗୁଣୁ କରି ଆପତ୍ତି ଅଭିଯୋଗ କରିବା।

**chupatty** ବି. ଚପାତି, ରୁଟି [ହିନ୍ଦୀ]।

**church** ବି. ଗୀର୍ଜାଘର, ଖ୍ରୀଷ୍ଟିଆନ୍‌ମାନଙ୍କର ପୂଜାଗୃହ।

**churchgoer** ବି. ଯେଉଁ ବ୍ୟକ୍ତି ନିୟମିତ ରୂପେ ଗୀର୍ଜାଘରକୁ ଯାଏ।

**churchman** ବି. ପାଦ୍ରୀ।

**churchyard** ବି. ଗୀର୍ଜା ଚତୁଃପାର୍ଶ୍ୱସ୍ଥ ପ୍ରାଚୀର ବେଷ୍ଟିତ କବର ଦିଆହେଉଥିବା ସ୍ଥାନ।

**churl** ବି. ଅଶିକ୍ଷିତ; ଭଦ୍ରତା ସମ୍ବନ୍ଧରେ ଅଜ୍ଞ, (ପ୍ରାଚୀନ) କୃଷକ; ବିଂ. churlish.

**churn** 1. ବି. ଦୁଧକୁ ମନ୍ଥି ଲହୁଣୀ କାଢ଼ିବା ଯନ୍ତ୍ର, ଖୁଆ; 2. କ୍ରି. ଦୁଧ ବା ଦହି ମନ୍ଥିବା; 3. churn out ଅଧିକ ପରିମାଣରେ ଉତ୍ପାଦନ କରିବା; churn up ତୀବ୍ର ଭାବରେ ଆଲୋଡ଼ନ କରିବା।

Digitized by srujanika@gmail.com

**chute** ବି. ଗଡ଼ାଣିଆ ନାଳ, କୌଣସି ପଦାର୍ଥକୁ ଉପରୁ ତଳକୁ ଖସାଇବା ପଥ; parachute ପାରାଶୁଟ୍।

**chutney** ବି. ଚଟଣି; ଲଙ୍କା ଓ ମସଲା ଦିଆ ମୁଖରୋଚକ ଖାଦ୍ୟ [ହିନ୍ଦୀ]।

**chyle** ବି. ପାକସ୍ଥଳୀରେ ହଜମ ହୋଇଥିବା ଖାଦ୍ୟ ଉପରେ ପାଚକରସ ଓ ପିତ୍ତର ପ୍ରତିକ୍ରିୟା ଫଳରେ ସୃଷ୍ଟ ଧଳାରସ ବିଶେଷ।

**chyme** ବି. ପାକସ୍ଥଳୀରେ ପରିପାକ ହୋଇଥିବା ଖାଦ୍ୟରୁ ପ୍ରସ୍ତୁତ ଅମ୍ଳଯୁକ୍ତ ମଣ୍ଡ।

**CIA** ସଂଣ. Central Intelligence Agency କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା (ଆମେ.)।

**cicada** ବି. ଝିଙ୍କାରୀ, ସୁସ୍ୱରରେ ଝଙ୍କାର ସୃଷ୍ଟି କରିପାରୁଥିବା ସ୍ୱଚ୍ଛଡେଣାଯୁକ୍ତ ପତଙ୍ଗ ବିଶେଷ।

**cicatrice** ବି. କ୍ଷତର ଆରୋଗ୍ୟ ପରେ ରହିଥିବା ଦାଗ, ବୃକ୍ଷର ବକ୍କଳରେ କ୍ଷତ ଚିହ୍ନ।

**cicerone** ବି.(ବ.ବ. ciceroni) ପ୍ରାଚୀନ (ଐତିହାସିକ) ସ୍ଥାନ ପରିଦର୍ଶନ କରୁଥିବା ଦେଖଣାହାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସହାୟକ ପ୍ରଦର୍ଶକ (ରୋମୀୟ ରାଷ୍ଟ୍ରନୀତିଜ୍ଞ ସିସିରୋଙ୍କ ନାମାନୁସାରେ)।

**CID** ସଂଣ. Criminal Investigation Department ଅପରାଧ ଅନୁସନ୍ଧାନ ବିଭାଗ।

**–cide** ପ.ପ୍ର. ହତ୍ୟା ବା ହତ୍ୟାକାରୀ ବୁଝାଉଥିବା ପ୍ରତ୍ୟୟ, ଉଦା. homicide.

**cider** ବି. ସେଓ ରସରୁ ପ୍ରସ୍ତୁତ ପାନୀୟ।

**cigar** ବି. ଧୂଆଁ ପତ୍ରର ସାନ୍ଦ୍ରଭାବେ ଲମ୍ବ ଆକାରରେ ଗୁଡ଼ା ହୋଇଥିବା ପିକା; (ଧୂମପାନ ନିମିତ୍ତ) ଚୁରୁଟ୍।

**cigarette** ବି. ସିଗାରେଟ୍, କାଗଜରେ ବନ୍ଧା ହୋଇଥିବା କର୍ତ୍ତିତ ଧୂଆଁ ପତ୍ରର ଛୋଟ ପିକା।

**cilium** ବି.(ବ.ବ. cilia) ଆଖିପତାର ଲୋମ, ପକ୍ଷ୍ମ, ପତଙ୍ଗର ଡେଣା ବା ପତ୍ରର ଧାରରେ ଥିବା କେଶାକୃତି ବିଶିଷ୍ଟ ପଦାର୍ଥ।

**cinch** ବି. ସାଂ.ପ୍ର ନିଶ୍ଚିତତା, ନିଶ୍ଚିତବସ୍ତୁ, ସହଜ କାମ।

**cinchona** ବି. ସିଙ୍କୋନା ନାମକ ଚିରସବୁଜ ବୃକ୍ଷ ବା ଗୁଳ୍ମ ଯାହାର ବକଳରୁ କୁଇନାଇନ୍ ଜାତୀୟ ଔଷଧ ତିଆରି କରାଯାଏ।

**cincture** ବି. ମେଖଳା, ବେଲ୍ଟ୍ (ଅଣ୍ଟାବନ୍ଧା)।

**cinder** ବି. ଅଙ୍ଗାର; ବ.ବ. ପାଉଁଶ।

**Cinderella** ବି. ବ୍ୟକ୍ତି ବା ବସ୍ତୁ ଯାହାର ଗୁଣ ଗରିମା ଓ ସୌନ୍ଦର୍ଯ୍ୟ ସାଧାରଣରେ ଅସ୍ୱୀକୃତ ବା ଉପେକ୍ଷିତ; ପାଶ୍ଚାତ୍ୟ ରୂପକଥାର କୁମାରୀ ଚରିତ୍ର ବିଶେଷ।

**cine–** ଉପ. ସିନେମା ସମ୍ବନ୍ଧୀୟ।

**cinema** ବି. ଯେଉଁ ମଞ୍ଚରେ ଚଳଚ୍ଚିତ୍ର ପ୍ରଦର୍ଶନ ହୁଏ, ସିନେମା, କଳା ବା ବ୍ୟବସାୟ ଭିତ୍ତିରେ ଚଳଚ୍ଚିତ୍ର ନିର୍ମାଣ; ବିଂ. cinematic.

**cinematograph** ବି.ଚଳଚ୍ଚିତ୍ର ପ୍ରଦର୍ଶନର ଯନ୍ତ୍ର, ଚଳଚ୍ଚିତ୍ର ପ୍ରକ୍ଷେପକ।

**cinematography** ବି. ଚଳଚ୍ଚିତ୍ର ପ୍ରସ୍ତୁତ କରିବାର ଆନୁଷଙ୍ଗିକ କୌଶଳ, ଚଳଚ୍ଚିତ୍ରବିଦ୍ୟା, ଚଳଚ୍ଚିତ୍ର ବିଜ୍ଞାନ।

**cinerary** ବିଂ. ଚିତାଭସ୍ମ ରଖାଯାଇଥିବା ପାତ୍ର ସମ୍ବନ୍ଧୀୟ; ଭସ୍ମସମ୍ବନ୍ଧୀୟ।

**cinnabar** ବି. ପାରଦ-ଗନ୍ଧକ ସମ୍ମିଶ୍ରିତ ରକ୍ତାଭ ବସ୍ତୁ; ଧାତବ ସିନ୍ଦୂର; ହିଙ୍ଗୁଳ, ଲାଲପକ୍ଷଯୁକ୍ତ କୀଟ/ ପତଙ୍ଗ।

**cinnamon** ବି. ଡାଳଚିନି, ଗୁଡ଼ତ୍ୱକ; ପୀତାଭ ବାଦାମୀ ରଙ୍ଗ ବିଶେଷ।

**cinque** ବି. ତାସ୍ ବା ପଶାକାଠିରୁ ସୂଚିତ ହେଉଥିବା ପାଞ୍ଚ ସଂଖ୍ୟକ ଦାନ, ପଞ୍ଚା।

**cipher** 1. ବି. ଗୁପ୍ତଲିଖନ, ଠାରଲିପି, ଗାଣିତିକ ଶୂନ୍ୟ, ଅଦରକାରୀ ବସ୍ତୁ ବା ଅପଦାର୍ଥ ବ୍ୟକ୍ତି; 2. କ୍ରି. ଗୁପ୍ତ ଭାବରେ ବା ଠାରରେ ଲେଖିବା ବା ତାହାର ବ୍ୟାଖ୍ୟା କରିବା।

***circa*** ଅ. (କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ବା ତାରିଖର) ପାଖାପାଖି; ମୋଟାମୋଟି। (ଲା.)

**circadian** ବିଂ.ଦୈନିକ ଥରେ ଲେଖାଏଁ ଘଟୁଥିବା ବିଷୟ ସଂକ୍ରାନ୍ତୀୟ।

**circle** 1. ବି. ବୃତ୍ତ, ବୃତ୍ତାକାର ଆବେଷ୍ଟନୀ, ବର୍ତ୍ତୁଳାକାର ରଙ୍ଗମଞ୍ଚ, ଘେର; 2. କ୍ରି. ପ୍ରଦକ୍ଷିଣ କରିବା, ଜିଢ଼ିରିବା, ଚାରିପଟେ ଘୂରି ଆସିବା।

**circlet** ବି. କ୍ଷୁଦ୍ରବୃତ୍ତ ବା ମଣ୍ଡଳ, ଗୋଲାକାର ବେଷ୍ଟନୀ; ମସ୍ତକ, କଣ୍ଠ ଓ ବାହୁରେ ପିନ୍ଧାଯାଉଥିବା ବଳୟାକୃତି ଅଳଙ୍କାର।

**circuit** ବି. କୌଣସି ଅଞ୍ଚଳ ବା କ୍ଷେତ୍ରର ପରିସୀମା; ବିଦ୍ୟୁତ୍ ପ୍ରବାହ ପଥ, ଯେଉଁ ଯନ୍ତ୍ରରେ ତଡ଼ିତ୍ ପ୍ରବାହ ଗତି କରେ; ଜିଲ୍ଲା ମଧ୍ୟରେ

Digitized by srujanika@gmail.com

ବିଭିନ୍ନ ସ୍ଥାନରେ ବିଚାର କରିବା ପାଇଁ ବିଚାରକମାନଙ୍କର ଗତିପଥ; ଏକକ ପରିଚାଳନା-ଧୀନ ଚଳଚ୍ଚିତ୍ର, ରଙ୍ଗମଞ୍ଚ ପ୍ରଭୃତି, ମୋଟରଚାଳନା ପଥ, ଖେଳ ଆଦିର କାର୍ଯ୍ୟ ନିର୍ଘଣ୍ଟ।

**circuit court** ଭ୍ରାମ୍ୟମାଣ ବିଚାରାଳୟ; circuit house ଗସ୍ତକାରୀ ସରକାରୀ କର୍ମଚାରୀମାନଙ୍କ ପାଇଁ ରହଣି ଘର।

**circuitous** ବିଂ. ଚକ୍ରାକାର ବୁଲେଇ ବୁଲେଇ ଯାଇଥିବା (ପଥ); ପରୋକ୍ଷ।

**circuitry** ବି. ତଡ଼ିତ୍‌ପ୍ରବାହ ଚକ୍ରର ପ୍ରଣାଳୀ।

**circular** 1. ବିଂ. ବୃତ୍ତାକାର, ବର୍ତ୍ତୁଳ ପଥରେ ଗତି କରୁଥିବା; 2. ବି. ବହୁଲୋକଙ୍କ ପାଇଁ ଆଦେଶ ପତ୍ର, ପ୍ରଚାର ପତ୍ର; circular saw କାଠ କାଟିବା ପାଇଁ ବ୍ୟବହୃତ ଘୂର୍ଣ୍ଣାୟମାନ କରତ।

**circularize** ସ.କ୍ରି. ଆଦେଶ ପତ୍ର ପଠାଇବା, ପ୍ରଚାର କରାଇବା।

**circulate** କ୍ରି. ପ୍ରଚାର କରିବା, ପ୍ରଚାରିତ ହେବା; ବି. circulator.

**circulation** ବି. ପ୍ରଚାର, ବିସ୍ତାର, ସଞ୍ଚାଳନ (ରକ୍ତ) ପ୍ରଚଳନ (ମୁଦ୍ରା, ନୋଟ); ପ୍ରବହନ (ବାୟୁ); ପ୍ରସାର, କାଟ୍‌ତି (ସମ୍ବାଦପତ୍ର, ପୁସ୍ତକ) out of circulation ପ୍ରଚଳନ ରହିତ।

**circulatory** ବିଂ. ସଂଚରଣଶୀଳ।

**circum–** ଉପ. ପାଖାପାଖି, ମୋଟାମୋଟି।

**circumambient** ବିଂ. ପରିବେଷ୍ଟନକାରୀ।

**circumambulate** କ୍ରି. ପ୍ରଦକ୍ଷିଣ କରିବା, ଚତୁର୍ଦ୍ଦିଗରେ ଘୂରିବା, ବି. circumambulation.

**circumcise** ସ.କ୍ରି. ଲିଙ୍ଗାଗ୍ରଚର୍ମ ଛେଦନ କରିବା, ସୁନ୍ନତ୍ କରିବା; circumcision ବି. ଲିଙ୍ଗାଗ୍ରଚର୍ମଛେଦନ, ଖତନା।

**circumference** ବି. ପରିଧି, ମଣ୍ଡଳ, ବେଷ୍ଟନୀରେଖା; circumferential ବିଂ. ପରିଧିଗତ, ମଣ୍ଡଳୀୟ।

**circumflex** ବି./ବିଂ. ହ୍ରସ୍ୱଦୀର୍ଘ ଉଚ୍ଚାରଣ ସୂଚିତ କରିବା ନିମନ୍ତେ ଇଂରାଜୀ ବର୍ଣ୍ଣମାଳାର ସ୍ୱରବର୍ଣ୍ଣ ଉପରେ ଦିଆଯାଉଥିବା ଚିହ୍ନ ( )।

**circumlocution** ବି. ବାଗାଡ଼ମ୍ବର, ବୁଲାଇ କହିବା କାର୍ଯ୍ୟ; circumlocutory ବିଂ. ବୁଲାଣିଆ (କଥା)।

**circumnavigate** ସ.କ୍ରି. ଜଳପଥରେ ଚତୁର୍ଦ୍ଦିଗ ପରିଭ୍ରମଣ କରିବା, ଜଳପଥରେ ଭୂପ୍ରଦକ୍ଷିଣ କରିବା; circumnavigation ବି. ଜଳପଥରେ ପ୍ରଦକ୍ଷିଣ।

**circumscribe** ସ.କ୍ରି. ଚତୁଷ୍ପାର୍ଶ୍ୱ ବେଷ୍ଟନ କରିବା, ରେଖାଦ୍ୱାରା ଚତୁର୍ଦ୍ଦିଗ ସୀମାବଦ୍ଧ କରିବା, ସୀମାବଦ୍ଧ କରିବା; ଚାରିପଟେ ଘେରିବା; circumscription ବି. ସୀମା ନିର୍ଦ୍ଧାରଣ।

**circumspect** ବିଂ. ସାବଧାନ, ସତର୍କ, ହୁସିଆର, ଦୂରଦର୍ଶୀ; circumspection ବି. ସତର୍କତା; ବିଂ. circumspective.

**circumstance** ବି. ଘଟଣା, ବ୍ୟାପାର, ବୃତ୍ତାନ୍ତ, ବିଷୟ; circumstances (ବ.ବ.) ଅବସ୍ଥା, ପରିସ୍ଥିତି; in (or under) the circumstances ଏହି ସବୁ କାରଣରୁ; in (or under) no circumstances ମୋଟେ ନୁହେଁ, ଯାହା ଘଟୁ ପଛକେ।

**circumstantial** ବିଂ. ସବିଶେଷ, ସବିସ୍ତର, ପୁଙ୍ଖାନୁପୁଙ୍ଖ, ପ୍ରାସଙ୍ଗିକ, ଘଟଣା ବା ଅବସ୍ଥା ସମ୍ଭୂତ, ପରିସ୍ଥିତି ସମ୍ପର୍କୀୟ (ପ୍ରମାଣ); ପରୋକ୍ଷ (ପ୍ରମାଣ)।

**circumstantiate** ସ.କ୍ରି. ସଠିକ୍ ବର୍ଣ୍ଣନା କରିବା, ପରିସ୍ଥିତି ଦ୍ୱାରା ପ୍ରମାଣ କରିବା।

**circumvent** ସ.କ୍ରି. ଠକିଦେବା, ପ୍ରତାରଣା କରିବା, ବୁଦ୍ଧିରେ ବଳାଇଯିବା, (କୌଣସି ଯୋଜନା) କାର୍ଯ୍ୟକାରୀ କରିବାରେ ବାଧାଦେବା; circumvention ବି. ପ୍ରତାରଣା, ବାଧା।

**circus** ବି. ବ୍ୟାୟାମ କୌଶଳ, କସରତ ଓ ମନୋରଞ୍ଜନ ସହିତ ନାନା ପ୍ରକାର ଜୀବଜନ୍ତୁଙ୍କର ଖେଳ ପ୍ରଦର୍ଶନ ନିମନ୍ତେ ଆୟୋଜିତ ଭ୍ରାମ୍ୟମାଣ ଖେଳ ପ୍ରଦର୍ଶନୀ, ସର୍କସ୍; ଜ.ଭା. ଏକ ଉଦ୍ଦେଶ୍ୟରେ ମିଳିତ ହୋଇଥିବା ଜନତା, ସହର ମଧ୍ୟସ୍ଥ ଖୋଲାସ୍ଥାନ, ଯେଉଁଠି ରାସ୍ତା ସବୁ ମିଳିତ ହୋଇଥାଚି; କ୍ରୀଡ଼ା କୌଶଳ ପ୍ରଦର୍ଶନ ନିମନ୍ତେ ଖୋଲା ସ୍ଥାନ।

**cirque** ବି. ପର୍ବତ ବା ଉପତ୍ୟକା ପାର୍ଶ୍ୱସ୍ଥ ଗଭୀର ପାତ୍ରାକୃତି ଖାତ।

**cirrhosis** (ସିରୋସିସ୍) ବି. ଯକୃତ୍‌ର ପୁରାତନ ରୋଗ, ବିଶେଷତଃ ଅତ୍ୟଧିକ ମଦ୍ୟପାନ ଜନିତ।

**cirriped** ବି. ସାମୁଦ୍ରିକ ଶାମୁକା ବିଶେଷ।

Digitized by srujanika@gmail.com

**cirrus** ବି. ( ବ.ବ. cirri) ବିକ୍ଷିପ୍ତ ତୁଳାରାଶି ତୁଲ୍ୟ ମେଘ, ଅଳକ ମେଘ; (ଇତାର) ଆକର୍ଷି।
**cisalpine** ବିଂ. ଆଲ୍ପସ ପର୍ବତମାଳାର ଦକ୍ଷିଣ ପାର୍ଶ୍ୱସ୍ଥ।
**Cistercian** 1. ବି. ଖ୍ରୀଷ୍ଟଧର୍ମାନ୍ତର୍ଗତ ଏକ ବିଶିଷ୍ଟ ସମ୍ପ୍ରଦାୟର ଯାଜକ ବା ଯାଜିକା; 2. ବିଂ. ଏହିମାନଙ୍କ ସମ୍ବନ୍ଧୀୟ।
**cistern** ବି. ପାଣିକୁଣ୍ଡ, ଜଳାଧାର।
**citadel** ବି. ନଗର ମଧ୍ୟସ୍ଥ ବା ପାର୍ଶ୍ୱସ୍ଥ ଉଚ୍ଚ ଦୁର୍ଗ, ନଗରକୁ ରକ୍ଷା କରୁଥିବା ଦୁର୍ଗ; ଆଶ୍ରୟସ୍ଥଳ, ନିରାପଦ ସ୍ଥାନ।
**citation** ବି. ଉଲ୍ଲେଖ, ଉଦ୍ଧୃତ ଅନୁଚ୍ଛେଦ ବା ଅଂଶ; ପୁରସ୍କାରର କାରଣ ବର୍ଣ୍ଣିତ ହୋଇଥିବା ଘୋଷଣାପତ୍ର, ସରକାରୀ ଘୋଷଣା।
**cite** ସ.କ୍ରି. ଉଲ୍ଲେଖ କରିବା, ଦର୍ଶାଇବା, ଉଦ୍ଧାର କରିବା, ବିଚାରାଳୟରେ ଉପସ୍ଥିତ ହେବା ନିମନ୍ତେ ତଲବ୍ କରିବା; ପ୍ରମାଣ ସ୍ୱରୂପ ଦେଖାଇବା।
**citizen** ବି. ନାଗରିକ, ଅଧିବାସୀ, ନାଗରିକ ଅଧିକାର ପ୍ରାପ୍ତ ବିଦେଶୀ; citizenship/ citizenry ବି. ନାଗରିକତ୍ୱ।
**citrate** ବି. ସାଇଟ୍ରିକ୍ ଏସିଡ୍‌ର କ୍ଷାର, ଜମ୍ବୀରାମ୍ଳରୁ ନିଷ୍ପନ୍ନ କ୍ଷାର ବା ଲବଣ।
**citric** ବିଂ. ଜମ୍ବୀର ସମ୍ବନ୍ଧୀୟ, ଜମ୍ବୀର ଜାତୀୟ ଫଳାଦିରୁ ନିଷ୍ପନ୍ନ; citric acid ଲେମ୍ବୁରସ ପ୍ରଭୃତିରେ ଥିବା ଅମ୍ଳବିଶେଷ।
**citron** ବି. ଜମ୍ବୀର, ବଡ଼ କାଗଜି; ଏହି ଗଛ।
**citronella** ବି. ସୁଗନ୍ଧି ତୈଳ ବିଶେଷ; ଦକ୍ଷିଣ ଏସିଆର ତୃଣ ବିଶେଷ, ଯେଉଁଥିରୁ ଏହା ପ୍ରାପ୍ତ ହୁଏ।
**citrus** ବି. ଲେମ୍ବୁ, କମଳା ଜାତୀୟ ବୃକ୍ଷ ବିଶେଷ, ଏହାର ଫଳ।
**city** ବି. ନଗର, ମହାନଗର; the city ବିଶେଷ ଅର୍ଥରେ ଲଣ୍ଡନ; city fathers ପୌରପାଳ, ପୌରପ୍ରତିଷ୍ଠାନର ଅଧିକାରୀବର୍ଗ; city-state ନଗର, ଯାହା ରାଜ୍ୟଭଳି ସ୍ୱାଧୀନ।
**civet** ବି. ଗନ୍ଧମାର୍ଜାର, ଖଟାଶ, ଖାଳିଆପତନି, କଟାସ ଜାତୀୟ ଜୀବ, ଏହା ଦେହରୁ ଜାତ କସ୍ତୁରୀ ସଦୃଶ ମୃଦୁମନ୍ଦ ଗନ୍ଧଯୁକ୍ତ ପଦାର୍ଥ।
**civic** ବିଂ. ପୌର, ନାଗରିକ, ନଗର ବା ନାଗରିକ ଅଧିକାର ସମ୍ବନ୍ଧୀୟ; civic centre ନଗରର ଯେଉଁ ଅଂଶରେ ପୌରକାର୍ଯ୍ୟାଳୟାଦି ଅବସ୍ଥିତ।
**civics** ବି. ନଗର ବିଜ୍ଞାନ, ପୌର ବିଜ୍ଞାନ।
**civil** ବିଂ. ପୌରଜନ ସମ୍ବନ୍ଧୀୟ, ନାଗରିକ, ସାମାଜିକ, ଅସାମରିକ, ନମ୍ର, ବିନୀତ, ଭଦ୍ର; ଦେଓ୍ୱାନୀ ବା ନାଗରିକ ଅଧିକାର ସମ୍ବନ୍ଧୀୟ (ଆଇନ); civil defence ବିମାନ ଆକ୍ରମଣ ସମୟରେ ନାଗରିକ ସୁରକ୍ଷା ନିମନ୍ତେ ଗଠିତ ଅନୁଷ୍ଠାନ; civil disobedience ଆଇନ୍ ଅମାନ୍ୟ; civil engineer ପୌର ଯନ୍ତ୍ରୀ, ରେଳପଥ, ରାସ୍ତାଘାଟ, ଗୃହାଦିର ନିର୍ମାଣକାରୀ ଯନ୍ତ୍ରୀ; civil liberty ନାଗରିକ ଅଧିକାର, civil list ଉଚ୍ଚପଦାସ୍ଥ କର୍ମଚାରୀମାନଙ୍କର ତାଲିକା, ରାଜାଙ୍କର ଗୃହଖର୍ଚ୍ଚ ସମ୍ପର୍କୀୟ ପାର୍ଲିଆମେଣ୍ଟ ଦ୍ୱାରା ପ୍ରଦତ୍ତ ବାର୍ଷିକ ଅନୁଦାନ; civil marriage ଆଇନ ସମ୍ମତ ବିବାହ, ରେଜିଷ୍ଟ୍ରି ବିବାହ; civil rights ସାମାଜିକ ଅଧିକାର; civil servant ବେସାମରିକ ସରକାରୀ କର୍ମଚାରୀ; civil service ଏହି ଧରଣର ଚାକିରୀ; civil surgeon ପୌର ଚିକିତ୍ସକ, civil war ଗୃହଯୁଦ୍ଧ।
**civilian** 1. ବି. ବେସାମରିକ (ନାଗରିକ/ କର୍ମଚାରୀ); 2. ବିଂ. ବେସାମରିକ।
**civility** ବି. ଶିଷ୍ଟତା, ସୌଜନ୍ୟ, ଭଦ୍ରତା, ନମ୍ରତା।
**civilization** ବି. ସଭ୍ୟତା; ସମସ୍ତ ସଭ୍ୟଜାତି ବା ଜଗତ୍; ସଂସ୍କୃତିର ପରିଚାୟକ ଅତୀତର କୌଣସି ସଭ୍ୟ ଜାତି।
**civilize** ସ.କ୍ରି. ସୁସଭ୍ୟ କରିବା; ସଦ୍ ବ୍ୟବହାର ପ୍ରଭୃତିରେ ସୁଶିକ୍ଷିତ କରିବା; ଜ୍ଞାନାଲୋକରେ ଆଲୋକିତ କରିବା, ସୁସଂସ୍କୃତ ବା ସୁଶିକ୍ଷିତ କରିବା।
**clack** 1. କ୍ରି. ଠକ୍ ଠକ୍ ଶବ୍ଦ କରିବା; 2. ବି. ଏହି ଧରଣର ଶବ୍ଦ।
**clad** ବିଂ. ପୋଷାକ ପରିହିତ; cladding ବି. ପଲସ୍ତରା।
**cladistics** ବି. ବର୍ଗୀୟ ଗୁଣାବଳୀର ବିଶ୍ଳେଷଣଦ୍ୱାରା ପ୍ରାଣୀଜାତିମାନଙ୍କର ସମ୍ପର୍କ ଅଧ୍ୟୟନ।
**claim** 1. ସ.କ୍ରି. ସ୍ୱତ୍ୱ ବା ଅଧିକାର ରୂପେ ଦାବି କରିବା; (ଯୋଗ୍ୟତା, ଜ୍ଞାନ ପୁରସ୍କାର) ପ୍ରଭୃତି ପାଇଁ ଅଧିକାର ସାବ୍ୟସ୍ତ କରିବା; 2. ବି. ଦାବି, ଅଧିକାର, ପ୍ରାପ୍ୟ।
**claimant** ବି. ଦାବିଦାର।

Digitized by srujanika@gmail.com

**clairvoyance** ବି. ଇନ୍ଦ୍ରିୟାତୀତ ବସ୍ତୁ ବା ଦର୍ଶନ ଶକ୍ତି; ଗଭୀର ଅନ୍ତର୍ଦୃଷ୍ଟି, ଦିବ୍ୟଦୃଷ୍ଟି, ଭବିଷ୍ୟତ ଦୃଷ୍ଟି; clairvoyant ବି./ବିଂ. ଇନ୍ଦ୍ରିୟାତୀତ ବସ୍ତୁ ଓ ଭବିଷ୍ୟତ୍ ଦ୍ରଷ୍ଟା, ଦିବ୍ୟଦ୍ରଷ୍ଟା, ଦିବ୍ୟଦର୍ଶନ ସମ୍ପର୍କୀୟ।

**clam** 1. ବି. ଖାଦ୍ୟଯୋଗ୍ୟ କଠିନ ଆବରଣ ଯୁକ୍ତ ଜଳଚର ଜୀବ (କଙ୍କଡ଼ା ପ୍ରଭୃତି); 2. *ଅ.କ୍ରି.* ଏମାନଙ୍କୁ ଖୋଜିବା; 3. clam up *(ଆମେ.)* କଥା କହିବାକୁ ମନା କରିବା।

**clamber** 1. *ଅ.କ୍ରି.* ହାତ ଓ ପାଦରେ ଭରାଦେଇ କଷ୍ଟରେ ଆରୋହଣ କରିବା; 2. ବି. ଦୁର୍ଗମ ଆରୋହଣ।

**clammy** ବିଂ. ଆର୍ଦ୍ର ଓ ଅଠାଳିଆ।

**clamour** 1. ବି. ହଲ୍ଲା, ପାଟିତୁଣ୍ଡ, ଚିତ୍କାର; ପ୍ରତିବାଦ, ଦାବି; 2. କ୍ରି. ଏହି ଭଳି ପାଟିତୁଣ୍ଡ କରିବା, clamorous ବିଂ. ଚିତ୍କାରକାରୀ, ହଲ୍ଲାକାରୀ।

**clamp**[1.] 1. ବି. ଲୁହାର ପତ୍ର ବା କାଠର ଖିଲ ଯାହାଦ୍ୱାରା ଏକାଧିକ ପଦାର୍ଥକୁ ଦୃଢ଼ଭାବରେ ସଂଯୁକ୍ତ କରି ରଖାଯାଏ; 2. ସ.କ୍ରି. ଲୁହାପାତ ଦ୍ୱାରା ଏକାଧିକ ପଦାର୍ଥକୁ ସଂଯୁକ୍ତ କରି ରଖିବା; 3. clamp down (on) କଡ଼ାକଡ଼ି ନଜର ରଖିବା; ଚପାଇ ରଖିବା।

**clamp**[2.] ବି. ପୋଡ଼ାହେବା ପାଇଁ ଗଦାହୋଇଥିବା ଇଟା; ମାଟି କିମ୍ବା କୁଟାଗଦା ଭିତରେ ସାଇତା ଯାଇଥିବା ଆଳୁ ପ୍ରଭୃତି।

**clan** ବି. ଏକ ପୂର୍ବପୁରୁଷରୁ ଉଦ୍‌ଭୂତ ପରିବାର ବର୍ଗ; ଜ୍ଞାତି, ସଗୋତ୍ର ପରିବାର ବର୍ଗ, କୁଳ, ବଂଶ, ଗୋଷ୍ଠୀ; clannish ବିଂ. କୁଳ ବା ଗୋଷ୍ଠୀପ୍ରିୟ, ସମଗୋଷ୍ଠୀବଦ୍ଧ; clansman ବି. ଜ୍ଞାତି କୁଟୁମ୍ବ।

**clandestine** ବିଂ. ଗୁପ୍ତ, ପ୍ରଚ୍ଛନ୍ନ, ଅବୈଧଭାବେ କୃତ ବା ସମ୍ପନ୍ନ।

**clang** 1. ବି. ଉଚ୍ଚ ଠଣ୍ ଠଣ୍ ଶବ୍ଦ, ଘଣ୍ଟି ବା ଘଣ୍ଟା ବାଜିବା ଶବ୍ଦ; 2. *ଅ.କ୍ରି.* ଏହିଭଳି ଶବ୍ଦ କରାଇବା ବା ହେବା।

**clanger** ବି. *ସା.ପ୍ର.* ଭୁଲ, ତ୍ରୁଟି।

**clangour** ବି. ତୀବ୍ର କର୍କଶ ଶବ୍ଦ, ଉଚ୍ଚ ଓ ଦୀର୍ଘ ଠଣ୍ ଠଣ୍ ଶବ୍ଦ; clangorous ବିଂ. ଠଣ୍ ଠଣ୍ ଶବ୍ଦକାରୀ।

**clank** 1. ବି. ଧାତବ ଶବ୍ଦ, ଝଣ୍ ଝଣ୍ ଶବ୍ଦ; 2. କ୍ରି. ଏହିଭଳି ଶବ୍ଦ କରାଇବା ବା କରିବା।

**clap**[1.] 1. କ୍ରି. ତାଳିମାରିବା; 2. ବି. ତାଳିମାରିବା କାର୍ଯ୍ୟ; ମେଘ ଗର୍ଜନ, ବଜ୍ର ନିର୍ଘୋଷ, ବିସ୍ଫୋରଣ; 3. clap on the back ପିଠି ଥାପୁଡ଼ାଇ ଉତ୍ସାହଦେବା; clapped out *ସା.ପ୍ର.* କ୍ଳାନ୍ତ, ଥକାମରା।

**clap**[2.] *ସା.ପ୍ର.* ବି. ଯୌନରୋଗ, ପ୍ରମେହରୋଗ।

**clapper** ବି. ଘଣ୍ଟା ବା ଘଣ୍ଟିର ତାଡ଼ନୀ, କରତାଳି ଦାତା; clapper board ଚଳଚ୍ଚିତ୍ରରେ ଛବି ତଥା ଶବ୍ଦର ସଂହତି ନିମନ୍ତେ ପ୍ରଯୁକ୍ତ ଉପାୟ; like the clappers ଅତ୍ୟନ୍ତ କ୍ଷିପ୍ର ବା କଷ୍ଟସାଧ।

**claptrap** ବି. ପ୍ରଶଂସା ଲାଭ ନିମନ୍ତେ ଫନ୍ଦି, କୌଶଳ ବା ଚାତୁରୀପୂର୍ଣ୍ଣ କଥା।

**claque** ବି. ଭଡ଼ାଟିଆ ପ୍ରଶଂସାକାରୀ (ମଞ୍ଚରେ)।

**claret** ବି. ରକ୍ତବର୍ଣ୍ଣର ମଦ୍ୟ ବିଶେଷ। *(ଫ.)*

**clarify** କ୍ରି. ପରିଷ୍କାର କରିବା, ଭଲ ଭାବରେ ବୁଝାଇ ଦେବା; ଶୋଧନ କରିବା, ସ୍ୱଚ୍ଛ, ନିର୍ମଳ ବା ଉଜ୍ଜ୍ୱଳ କରିବା; clarification ବି. ପରିଷ୍କରଣ, ଶୋଧନ, ସ୍ପଷ୍ଟୀକରଣ।

**clarinet** ବି. କାଷ୍ଠନିର୍ମିତ ବଂଶୀ ବିଶେଷ, ବାଦ୍ୟ ଯନ୍ତ୍ର ବିଶେଷ; clarinettist ବି. ଏହାର ବାଦକ।

**clarion** ବି. ଶିଙ୍ଗା, ତୂରୀ, ଭେରୀ, ତୂରୀନିନାଦ, ଉଦ୍‌ବୋଧନକାରୀ ଧ୍ୱନି।

**clarity** ବି. ସ୍ପଷ୍ଟତା, ନିର୍ମଳତା, ସ୍ୱଚ୍ଛତା।

**clash** 1. ବି. ଅସ୍ତ୍ରାଦିର ଆଘାତ ଜନିତ ଶବ୍ଦ, ଧାତବ ପଦାର୍ଥର ସଂଘାତ ଶବ୍ଦ; ସଂଘର୍ଷ, ବିରୋଧ, ମତାନୈକ୍ୟ; 2. କ୍ରି. ଆଘାତ ଜନିତ ଶବ୍ଦ କରିବା ବା ହେବା, ସଂଘର୍ଷ କରିବା, ବାଡ଼େଇ ହେବା, ଧକ୍କା ଲାଗିବା; ମତଦ୍ୱୈଧ ଘଟିବା।

**clasp** 1. ବି. ଦୁଇଟି ଜିନିଷକୁ ଅଟକାଇ ରଖିବା ନିମନ୍ତେ ବ୍ୟବହୃତ ବନ୍ଧନୀ ବା ଆଙ୍କୁଶି; କରମର୍ଦ୍ଦନ 2. *ସ.କ୍ରି.* ବନ୍ଧନୀ ଦ୍ୱାରା ଆବଦ୍ଧ କରିବା; ଦୃଢ଼ ଭାବରେ ଆଲିଙ୍ଗନ କରିବା ବା କୋଳାଗ୍ରତ କରିବା; 3. clasp-knife ଚାକୁ, ଭାଙ୍ଗି-ହେଉଥିବା ଛୁରୀ।

**class** 1. ବି. ବର୍ଗ, ଜାତି, ପ୍ରାଣୀ ବା ପଦାର୍ଥର ଶ୍ରେଣୀ; ପ୍ରକାର, ବିଭାଗ; ଏକ ଶିକ୍ଷକଙ୍କ ଦ୍ୱାରା

Digitized by srujanika@gmail.com

ଶିକ୍ଷା ପାଉଥିବା ଛାତ୍ରବୃନ୍ଦ; ବିଦ୍ୟାଳୟର ଶ୍ରେଣୀ; 2. *ସ.କ୍ରି.* ଶ୍ରେଣୀଭୁକ୍ତ କରିବା, ସଜାଇବା, 3. class-conscious ସାମାଜିକ ସ୍ତର ସମ୍ବନ୍ଧରେ ସଚେତନ, ଶ୍ରେଣୀ ସଚେତନ; in a class of (on) its (one's) own ଅତୁଳନୀୟ।

**classic** 1. *ବିଂ.* ସର୍ବସମ୍ମତିକ୍ରମେ ଉତ୍କୃଷ୍ଟ, ସର୍ବୋତ୍କୃଷ୍ଟ, ଅନନ୍ୟ, ବିଶେଷ ସ୍ୱାତନ୍ତ୍ର୍ୟ ସମ୍ପନ୍ନ; ଗ୍ରୀକ୍ ଏବଂ ରୋମର ପ୍ରାଚୀନ କଳା, ସାହିତ୍ୟ, ବା ସମଶ୍ରେଣୀୟ ପ୍ରାଚୀନ ସାହିତ୍ୟ; ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ; 2. *ବି.* ଉତ୍କୃଷ୍ଟ ସାହିତ୍ୟିକ କୃତି ବା ଲେଖକ; *ବ.ବ.* ପ୍ରାଚୀନ ଗ୍ରୀକ୍ ଓ ଲାଟିନ୍ ଭାଷାର ଅଧ୍ୟୟନ।

**classical** *ବିଂ.* ପ୍ରାଚୀନ ଗ୍ରୀକ୍ ଓ ଲାଟିନ୍ ସାହିତ୍ୟ ସମ୍ପର୍କୀୟ, (ଭାଷା) ପ୍ରାଚୀନ ସାହିତ୍ୟିକମାନଙ୍କ ଦ୍ୱାରା ବ୍ୟବହୃତ ଶୈଳୀ, (ସଙ୍ଗୀତ) ଉଚ୍ଚକୋଟୀର, ପାରମ୍ପରିକ, ସ୍ୱତନ୍ତ୍ର ଶୈଳୀର, ଶାସ୍ତ୍ରୀୟ ଏବଂ ସଂହତ ଶୈଳୀର; *ବି.* classicality; *କ୍ରି.ବିଂ.* classically.

**classicism** *ବି.* ଉଚ୍ଚକୋଟୀର ରଚନା ରୀତିର ଅନୁକରଣ; ପ୍ରାଚୀନ ଗ୍ରୀକ୍ ଓ ଲାଟିନ୍ ବାକ୍ୟରୀତି; classicist *ବି.* ଏହି ଶୈଳୀର ଲେଖକ ବା ଅନୁସରୀ।

**classify** *ସ.କ୍ରି.* ଶ୍ରେଣୀ ବିଭାଗ କରିବା, ଶ୍ରେଣୀ ଅନୁଯାୟୀ ସଜାଇ ଦେବା, ଶ୍ରେଣୀ ନିର୍ଣ୍ଣୟ କରିବା; classification *ବି.* ଶ୍ରେଣୀ ବିଭାଗୀକରଣ, ବର୍ଗୀକରଣ।

**classroom** *ବି.* ଶ୍ରେଣୀକକ୍ଷ, ଶ୍ରେଣୀଗୃହ।

**classy** *କ.ଭା.* *ବିଂ.* ଉଚ୍ଚକୋଟୀର, ଅନନ୍ୟ।

**clatter** 1. *ବି.* ଖଡ଼ଖଡ଼ଶବ୍ଦ, ଘଡ଼ଘଡ଼ ଶବ୍ଦ, ବହୁ ଲୋକଙ୍କର କଥାବାର୍ତ୍ତା ଶବ୍ଦ; 2. *ଅ.କ୍ରି.* ଖଡ଼ଖାଡ଼ ଶବ୍ଦ କରାଇବା ବା ହେବା।

**clause** *ବି.ବ୍ୟା* ଖଣ୍ଡବାକ୍ୟ, ବାକ୍ୟାଂଶ, ଉପବାକ୍ୟ; ଦଲିଲ୍ ବା ଚୁକ୍ତିପତ୍ର ପ୍ରଭୃତିରେ ଦଫା, ସର୍ତ୍ତ, ଧାରା; clause by clause ଦଫାଓ୍ୱାରି ଭାବେ; *ବିଂ.* clausal.

**claustrophobia** *ବି.* ଆବଦ୍ଧ ସ୍ଥାନ ପ୍ରତି ଅତ୍ୟଧିକ ଆତଙ୍କ; claustrophobic *ବିଂ.* ଏହି ଧରଣର ଲୋକ।

**clavichord** *ବି.* ସୁମଧୁର ସ୍ୱରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ।

**clavicle** *ବି.* କଣ୍ଠାସ୍ଥି।

**claw** 1. *ବି.* ପଶୁ ବା ପକ୍ଷୀର ନଖ, ପଂଝା; ପଂଝା ସଦୃଶ ଯେ କୌଣସି ପଦାର୍ଥ; କଙ୍କଡ଼ା, ଚିଙ୍ଗୁଡ଼ି ପ୍ରଭୃତିର ସଣ୍ଢୁଆସି ସଦୃଶ ଗୋଡ଼; ନଖାକୃତି ଯନ୍ତ୍ର; 2. *ସ.କ୍ରି.* ନଖଦ୍ୱାରା ବିଦୀର୍ଣ୍ଣ କରିବା, ରାମ୍ପୁଡ଼ିବା, ପଂଝାଦ୍ୱାରା ଧରିବା; claw back ଧୀରେ ଧୀରେ ପୂର୍ବାବସ୍ଥା ପ୍ରାପ୍ତ ହେବା; claw-hammer ଏକ ମୁହଁଚିରା ହାତୁଡ଼ି (କଣ୍ଟା ପ୍ରଭୃତି କାଢ଼ିବା ନିମନ୍ତେ) ⊢

**clay** *ବି.* ମାଟି, କାଦୁଅ, ଚିକିଟା ମାଟି (ଇଟା, ପାତ୍ର ପ୍ରଭୃତି ତିଆରି ନିମନ୍ତେ ଉପଯୋଗୀ) ନରଦେହର ସାରାଂଶ।

**claymore** *ବି.* ଦୁଇଧାର ବିଶିଷ୍ଟ ସ୍କଟ୍‌ଲେଣ୍ଡୀୟ ଚଉଡ଼ା ଖଣ୍ଡା।

**clean** 1. *ବିଂ.* ପରିଷ୍କୃତ, ନିର୍ମଳ, ଅବ୍ୟବହୃତ; ନିଷ୍କଳଙ୍କ, ନିର୍ଦ୍ଦୋଷ, ନିଷ୍ପାପ, ଶୁଦ୍ଧ, ପବିତ୍ର, ନୀରୋଗ; ସମ୍ପୂର୍ଣ୍ଣ, ସ୍ପଷ୍ଟ, ସୁଗଠିତ, ରୁଚିପୂର୍ଣ୍ଣ, ଅଶ୍ଳୀଳତାମୁକ୍ତ; 2. *କ୍ରି.ବିଂ.* ସମ୍ପୂର୍ଣ୍ଣ ଭାବରେ, ସହଜରେ; 3. *କ୍ରି.* ସଫା କରାଇବା, ବା ହେବା; 4. *ବି.* ପରିଷ୍କରଣ ପ୍ରକ୍ରିୟା; 5. clean--cut ସୁନିର୍ଦ୍ଦିଷ୍ଟ ରୂପରେଖ ବିଶିଷ୍ଟ, ସୁସ୍ପଷ୍ଟ; clean- out ସମ୍ପୂର୍ଣ୍ଣ ଭାବରେ ସଫା କରିବା; clean- -shaven ନିଶଦାଢ଼ି କାଟି ସମ୍ପୂର୍ଣ୍ଣରୂପେ କ୍ଷୌର ହେବା; clean sheet ପୂର୍ବଦୋଷରୁ ମୁକ୍ତି; clean up ଆବର୍ଜନା ମୁକ୍ତ କରିବା, ନୈତିକତା ଫେରାଇ ଆଣିବା; come clean *କ.ଭା.* ସ୍ୱୀକାର କରିବା; make a clean breast of ସମ୍ପୂର୍ଣ୍ଣ ସ୍ୱୀକାର କରିବା; ଦୋଷ ମାନିଯିବା।

**cleaner** *ବି.* ଝାଡୁଦାର, ପରିଷ୍କାରକାରୀ ବ୍ୟକ୍ତି; ଲୁଗାପଟା ସଫା କରିବା ଅନୁଷ୍ଠାନ; ପରିଷ୍କରଣର ଉପକରଣ ବା ମାଧ୍ୟମ; take to the cleaners *ସା.ପ୍ର.* ଠକାଇବା, ଟଙ୍କା ଛଡ଼ାଇନେବା, ନିନ୍ଦା କରିବା।

**cleanly** 1. *କ୍ରି.ବିଂ.* ନିର୍ମଳ ଭାବରେ; 2. *ବିଂ.* ପରିଚ୍ଛନ୍ନ ଅଭ୍ୟାସ ଯୁକ୍ତ; cleanliness *ବି.* ପରିଚ୍ଛନ୍ନତା।

**cleanse** *ସ.କ୍ରି.* ନିର୍ମଳ କରିବା, ବିଶୁଦ୍ଧ କରିବା।

**clear** 1. *ବିଂ.* ସ୍ୱଚ୍ଛ, ଉଜ୍ଜ୍ୱଳ, ପରିଷ୍କାର, ନିର୍ମଳ, ସୁବୋଧ, ସରଳ, ସ୍ପଷ୍ଟ, ସନ୍ଦେହମୁକ୍ତ, ବିଶଦ; ବାଧା, ପ୍ରତିବନ୍ଧକ ବା ବିପଦଶୂନ୍ୟ ଯିବାକୁ ନିରାପଦ, ଅବାରିତ, ଅବାଧ, ମୁକ୍ତ, ସମ୍ପୂର୍ଣ୍ଣ,

Digitized by srujanika@gmail.com

ଶୁଦ୍ଧ, ନିର୍ଦ୍ଦୋଷ; 2. କ୍ରି.ବିଂ. ପରିଷ୍କାର ଭାବରେ, ସମ୍ପୂର୍ଣ୍ଣ ଭାବରେ ଦୂରତ୍ୱ ରକ୍ଷାକରି, ଯୋଗାଯୋଗ ନଥାଇ; 3. କ୍ରିଂ. ପରିଷ୍କାର ହେବା ବା କରାଇବା; ବାଧାହୀନ କରାଇବା, ସନ୍ଦେହ ମୁକ୍ତ ହେବା ବା କରାଇବା; ନିର୍ଦ୍ଦୋଷ ପ୍ରମାଣ କରିବା ବା ହେବା; ବିଶେଷ କାର୍ଯ୍ୟ ନିମନ୍ତେ ଅନୁମୋଦନ କରିବା; ସ୍ୱଚ୍ଛନ୍ଦ ଭାବରେ ଅତିକ୍ରମ କରିବା; ବ୍ୟବସାୟରେ ଲାଭ କରିବା; 4. clear the air ସନ୍ଦେହ ବା ଆଶଙ୍କା ଦୂର କରିବା; clear away ସମ୍ପୂର୍ଣ୍ଣ ମୁକ୍ତ ହେବା, ଅଦୃଶ୍ୟ ହେବା; clear–cut ସୁସ୍ପଷ୍ଟ, clear the decks କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ହେବା; clear off ଚାଲିଯିବା, ମୁକ୍ତହେବା, ସ୍ଥାନତ୍ୟାଗ କରିବା, ଋଣପରିଶୋଧ କରିବା, clear out ଖାଲି କରିବା, ଦୂର କରିବା, ଚାଲିଯିବା; clear–sighted ଦୂରଦୃଷ୍ଟିଯୁକ୍ତ, clear up ସମାଧାନ କରିବା (ସମସ୍ୟା ପ୍ରଭୃତି); clear thing with (କାହାଠାରୁ) ଅନୁମୋଦନ ଲାଭ କରିବା; in the clear ସନ୍ଦେହମୁକ୍ତ; 5. clearing–house ହୁଣ୍ଡି ବିନିମୟ ସ୍ଥାନ, ହିସାବ ନିକାଶ ସ୍ଥାନ; clearing bank ହୁଣ୍ଡି ବିନିମୟ ନିମନ୍ତେ ସ୍ଥାପିତ ବଡ଼ ବ୍ୟାଙ୍କ।

**clearance** ବି. ନିଷ୍କାସନ, ପରିଷରଣ, ଅନୁମୋଦନ।

**clearing** ବି. ଜଙ୍ଗଲ ମଧ୍ୟରେ ଚାଷ ନିମନ୍ତେ ପରିଷ୍କାର କରାଯାଇଥିବା ଭୂମିଖଣ୍ଡ।

**clearway** ବି. (ମୋଟର ରାସ୍ତା ଭିନ୍ନ) ମୁଖ୍ୟରାସ୍ତା, ଯେଉଁଠି ଯାନାଦି ଅବାଧରେ ଯାଇପାରେ।

**cleat** ବି. କାଠ ବା ଲୁହାର ଦଣ୍ଡା ବା କଡ଼ା, କୀଳା।

**cleavage** ବି. ନାରୀ ବକ୍ଷୋଜ ମଧ୍ୟସ୍ଥ ଅବନମିତ ସ୍ଥାନ; ବିଭାଗ; ଖଣ୍ଡ ଖଣ୍ଡ କରଣ, ଯେଉଁ ଉପାୟରେ ଖଣ୍ଡ ବିଖଣ୍ଡ କରାଯାଏ।

**cleave**[1] କ୍ରି. ଛୁରୀ ପ୍ରଭୃତିଦ୍ୱାରା ଖଣ୍ଡ ଖଣ୍ଡ କରିବା, ଫଟାଇବା, ଚିରିବା।

**cleave**[2] 1. କ୍ରି. *ପ୍ରା.ପ୍ର.* ଲାଖି ରହିବା; ଦୃଢ଼ ଭାବରେ ସଂଲଗ୍ନ ହେବା।

**cleaver** ବି. କଂସେଇର ଛୁରୀ, କଟାରୀ।

**clef** ବି. ଦଣ୍ଡଦ୍ୱାରା ସଂଗୀତର ଆରୋହ ଅବରୋହ ପ୍ରଭୃତିର ସାଙ୍କେତିକ ସୂଚନା।

**cleft**[1] ବିଂ. ଫଟା, ଆଂଶିକ ବିଭକ୍ତ; cleft palate ଜନ୍ମରୁ ତାଳୁଖଣ୍ଡିଆ।

**cleft**[2] ବି. ଫାଟ।

**clematis** ବି. ଶୁଭ୍ର, ରକ୍ତ ବର୍ଣ୍ଣ ବା ଗୋଲାପୀ ପୁଷ୍ପଯୁକ୍ତ ଲତା ବିଶେଷ।

**clement** ବିଂ. ମୃଦୁ (ଜଳବାୟୁ); କ୍ଷମାଶୀଳ, ଦୟାଳୁ; clemency ବି. ନମ୍ରତା, କରୁଣା, ଦୟା।

**clench** 1. ସ.କ୍ରି. (ଦାନ୍ତ, ଆଙ୍ଗୁଠି ମୁଠି), ଦୃଢ଼ଭାବରେ, ଜୋର୍‌ରେ ଚିପି ଧରିବା; କଣ୍ଟାଦ୍ୱାରା ଆଣ୍ଡିବା; 2. ବି. *ପ୍ରା.ପ୍ର.* ଦୃଢ଼ ଧାରଣ, ଦୃଢ଼ବନ୍ଧନ।

**clerestory** ବି. ବଡ଼ ଗୀର୍ଜାର ଉପରଧାଡ଼ିର ଝର୍କା।

**clergy** ବି. ଖ୍ରୀଷ୍ଟୀୟ ଧର୍ମଯାଜକମଣ୍ଡଳୀ।

**clergyman** ବି. ଖ୍ରୀଷ୍ଟୀୟ ଧର୍ମଯାଜକ।

**cleric** ବି. ଖ୍ରୀଷ୍ଟୀୟ ଧର୍ମଯାଜକ।

**clerical** ବିଂ. ଯାଜକୀୟ, ପୁରୋହିତ ସଂକ୍ରାନ୍ତ; କିରାଣୀ ସଂପର୍କୀୟ; clerical collar ପିଠି ପଟରୁ ବନ୍ଧାଯାଉଥିବା ସିଧା ଧଳା କଲର୍।

**clerihew** ବି. ଦୁଇପାଦର ଛନ୍ଦୋବଦ୍ଧ ହାସ୍ୟରସାତ୍ମକ ଜୀବନୀ କବିତା।

**clerk** 1. ବି. କିରାଣୀ, ଲିପିକ, ବ୍ୟାଙ୍କ୍ ବା ଅଫିସରେ ହିସାବ ଓ କାଗଜାତ୍ ରଖିବା ପାଇଁ ନିଯୁକ୍ତ ବ୍ୟକ୍ତି, ଗୀର୍ଜାର କର୍ମଚାରୀ ବିଶେଷ; 2. କ୍ରି. କିରାଣୀ ରୂପେ କାର୍ଯ୍ୟ କରିବା; 3. clerk of (the) works କୋଠାବାଡ଼ି ନିର୍ମାଣ କାର୍ଯ୍ୟରତ ଓଭରସିୟର; 4. clerkly ବିଂ. ପାଣ୍ଡିତ୍ୟପୂର୍ଣ୍ଣ; 5. clerkship ବି. କିରାଣିଗିରି।

**clever** ବିଂ. ଚତୁର, ବିଚକ୍ଷଣ, ବୁଦ୍ଧିମାନ୍, ଦକ୍ଷ, ନିପୁଣ।

**clew** 1. ବି. ଜାହାଜ ପାଲର ନିମ୍ନଭାଗର କୋଣ, ସୂତା ଗୁଳି; 2. ସ.କ୍ରି. ପାଲ ଖସାଇବା *ପ୍ରା.ପ୍ର.*।

**cliche** ବି. ଘଷରା କଥା, ସାହିତ୍ୟରେ ବହୁ ବ୍ୟବହୃତ ବାକ୍ୟ; ନରମ ଧାତୁ ନିର୍ମିତ ଛାଞ୍ଚ।

**click** 1. ବି. ଟିକ୍ ଟିକ୍ ଶବ୍ଦ, ଯନ୍ତ୍ରାଂଶସ୍ଥ ଧାରକ; ସଫଳତା ହାସଲ; 2. କ୍ରି. ଏହି ଭଳି ଶବ୍ଦ କରାଇବା; ସ୍ପଷ୍ଟ ବା ସୁବୋଧ ହେବା; କୃତକାର୍ଯ୍ୟ ହେବା; ବନ୍ଧୁତା ସ୍ଥାପନ କରିବା।

Digitized by srujanika@gmail.com

**client** ବି. ମହକିଲ, ଗ୍ରାହକ।
**clientele** ବି. ମହକିଲ ବା ଗ୍ରାହକମଣ୍ଡଳୀ।
**cliff** ବି. ସମୁଦ୍ରଧାରସ୍ଥିତ ଉଚ୍ଚ ପଥରର ଶୃଙ୍ଗ ବା ସଳଖ ପାଖ; cliff-hanger ଉତ୍କଣ୍ଠା, ସଂଶୟ ଓ ଦ୍ୱନ୍ଦ୍ୱପୂର୍ଣ୍ଣ ଗଳ୍ପ; cliff-hanging ସଂଶୟପୂର୍ଣ୍ଣ।
**climacteric** ବି. ଶାରୀରିକ ଶକ୍ତି ହ୍ରାସ ପାଇବାକୁ ଆରମ୍ଭ କରୁଥିବା ଜୀବନର ସଂଧିକାଳ।
**climate** ବି. ଜଳବାୟୁ, ଅବହାଓ୍ୱା; climatic ବିଂ. ଜଳବାୟୁ ସମ୍ବନ୍ଧୀୟ; କ୍ରି.ବିଂ. climatically.
**climax** 1. ବି. ଚରମ ଅବସ୍ଥା, ଶୀର୍ଷବିନ୍ଦୁ, ଚରମ ଉତ୍କର୍ଷ, ପରାକାଷ୍ଠା; ଭାବାରୋହ (ନାଟକ, ଗଳ୍ପ ଆଦିରେ); 2. କ୍ରି. ଚରମସୀମା ପ୍ରାପ୍ତ ହେବା।
**climb** 1. କ୍ରି. ଆରୋହଣ କରିବା, ଚଢ଼ିବା, (ଲତାସମ୍ପର୍କରେ) ଲଟେଇବା ବା ମାଡ଼ିବା, ନିଜଚେଷ୍ଟାରେ ସାମାଜିକ ପ୍ରତିଷ୍ଠା ଲାଭ କରିବା; 2. ବି. ଆରୋହଣ; 3. climb down ଅବତରଣ କରିବା, ଓହ୍ଲାଇବା, ନିଜ ଝୁଙ୍କରୁ ଖସି ଆସିବା; climbing-frame ପିଲାମାନଙ୍କ ଚଢ଼ିବା ପାଇଁ ସିଡ଼ି ଭଳି ଖେଳ ଉପକରଣ।
**climber** ବି. ପର୍ବତାରୋହୀ; ଲତା; ସାମାଜିକ ପ୍ରତିଷ୍ଠାଲିପ୍ସୁ ବ୍ୟକ୍ତି।
**clime** ବି. ଦେଶ, ଅଂଚଳ, ଜଳବାୟୁ।
**clinch** 1. କ୍ରି. ବଜ୍ରମୁଷ୍ଟିରେ ଧାରଣ କରିବା, ଯୁକ୍ତି ତର୍କର ମୀମାଂସା କରିବା; ଆଲିଙ୍ଗନ କରିବା, ଧରି ରଖିବା (କଣ୍ଟା ଦ୍ୱାରା କାଠ ପ୍ରଭୃତି); 2. ବି. ଦୃଢ଼ଭାବରେ ଧାରଣ ବା ଆଲିଙ୍ଗନ।
**clincher** ବି. ଯୁକ୍ତିତର୍କରେ ମୀମାଂସା ସୂଚକ ସିଦ୍ଧାନ୍ତ।
**cling** ଅ.କ୍ରି. ଲାଗିରହିବା, ସଂଲଗ୍ନ ହେବା, ଲଟକିବା, କାବୁଡ଼ିଧରିବା, ଯୋଡ଼ିହୋଇ ରହିବା, ପାଖ ନ ଛାଡ଼ିବା; ବିଶ୍ୱସ୍ତ ହୋଇ ରହିବା; cling to ଦୃଢ଼ଭାବରେ ଲାଗିରହିବା, ଛାଡ଼ିବାକୁ ରାଜି ନ ହେବା।
**clinic** ବି. ରୋଗ ପରୀକ୍ଷା, ଚିକିତ୍ସା ଓ ପରାମର୍ଶ ପାଇଁ ବେସରକାରୀ ଡାକ୍ତରଖାନା, ଘରୋଇ ଚିକିତ୍ସାଳୟ; ରୋଗୀର ଶଯ୍ୟା ପାର୍ଶ୍ୱରେ ଚିକିତ୍ସା ସମ୍ବନ୍ଧରେ ଶିକ୍ଷାଦାନ, ନିଦାନିକ ଶିକ୍ଷଣ।
**clinical** ବିଂ. ରୋଗୀ ଚିକିତ୍ସା ସମ୍ବନ୍ଧୀୟ ନିର୍ବିକାର।
**clink**[1] 1. ବି. ଝଣଝଣ ଶବ୍ଦ; 2. କ୍ରି. ଏହି ଧରଣର ଶବ୍ଦ କରିବା।
**clink**[2] ସା.ପ୍ର. ବନ୍ଦୀଶାଳା, ଜେଲ୍।
**clinker** ବି. ଅତ୍ୟଧିକ ଅଗ୍ନିତାପରେ ଏକତ୍ର ଲାଗିଯାଇ ଥିବା ଇଟା, ଝାମା ଇଟା; ଧାତୁ, ଲାଭା ପିଣ୍ଡ, କଠିନ ଅଙ୍ଗାର।
**clinker-built** ବିଂ. (ନୌକା ସମ୍ପର୍କରେ) ବାହାର ପଟର ତକ୍ତା ତଳମୁହାଁ ଏବଂ କଣ୍ଟା ସାହାଯ୍ୟରେ ବାଡ଼ିଆ ହୋଇଥିବା।
**clip**[1] 1. ବି. ଚିପୁଣୀ, କ୍ଲିପ୍; 2. ସ. କ୍ରି. ଚିପୁଣୀରେ ଚାପିଧରିବା, ଅଟକାଇ ରଖିବା।
**clip**[2] 1. ସ.କ୍ରି. ବାଳ ପ୍ରଭୃତି କଇଞ୍ଚିରେ କାଟିବା, ବାଳ ଛାଟିବା; ମେଣ୍ଢାର ଲୋମ କାଟିବା; ଜୋର୍‌ରେ ଆଘାତ କରିବା, ଅକ୍ଷର ବା ଶବ୍ଦ ବାଦ୍ ଦେବା, ଟିକେଟ୍‌ରୁ କତୁରୀ ସାହାଯ୍ୟରେ କିଛି ଅଂଶ ବାଦ୍‌ଦେବା; ସମ୍ବାଦପତ୍ରର ଅଂଶ କାଟି ରଖିବା, ଅପହରଣ କରିବା; 2. ବି. କର୍ତ୍ତନ, କଠିନ ଆଘାତ, ଚଳଚ୍ଚିତ୍ରର ଅଂଶ; କ.ଭା. ଗତି, ବିଶେଷତଃ କ୍ଷିପ୍ରଗତି।
**clipboard** ବି. କାଗଜ ଖଣ୍ଡ ଅଟକାଇ ରଖିବା ପାଇଁ କ୍ଲିପ୍ ଲଗାଯାଇଥିବା ମୋଟା ପଟା।
**clipper** ବି. କ୍ଷିପ୍ରଗାମୀ ଜାହାଜ; ବ.ବ. ବାଳକାଟିବା ଯନ୍ତ୍ର, କଇଞ୍ଚି ବା କତୁରୀ।
**clipping** ବି. ଚଳଚ୍ଚିତ୍ର ବା ସମ୍ବାଦ ପତ୍ରରୁ କର୍ତ୍ତିତ ଅଂଶ।
**clique** ବି. ଏକ କ୍ଷୁଦ୍ର ଦଳ, ସଂକୀର୍ଣ୍ଣ ଗୋଷ୍ଠୀ; ବିଂ. cliquish.
**clitoris** ବି. ସ୍ତ୍ରୀ-ଜନନେନ୍ଦ୍ରିୟର ଉପରିଭାଗସ୍ଥ ଉନ୍ନତ ଅଂଶ, ଭଗାଙ୍କୁର।
**cloak** 1. ବି. କାନ୍ଧରୁ ଝୁଲୁଥିବା ଏକପ୍ରକାର ଢ଼ିଲା ଜାମା ବା ପୋଷାକ; 2. କ୍ରି. ଏହାଦ୍ୱାରା ଘୋଡ଼ାଇଦେବା, ଲୁଚାଇବା, ଛଦ୍ମବେଶ କରିବା; cloak-and-dagger ଚକ୍ରାନ୍ତ ଏବଂ ଗୁପ୍ତଚର ବୃତ୍ତି ସମ୍ପର୍କିତ; under the cloak of ଛଳନାତ୍ମକ ଭାବରେ।
**cloakroom** ବି. ଟୋପି, ଛତା, କୋଟ୍ ପ୍ରଭୃତି ରଖିବା ନିମନ୍ତେ ଉଦ୍ଦିଷ୍ଟ କୋଠରୀ; (ଶିଷ୍ଟ ପ୍ରୟୋଗ) ଶୌଚାଳୟ।
**clobber**[1] ସ.କ୍ରି. ସା.ପ୍ର. କ୍ରମାଗତଭାବେ ଆଘାତ କରିବା, ମାରିବା, ପରାସ୍ତ କରିବା; ତୀବ୍ର ସମାଲୋଚନା କରିବା।

Digitized by srujanika@gmail.com

**clobber**[2] ବି. *ସା.ପ୍ର.* ପୋଷାକପତ୍ର, ବ୍ୟକ୍ତିଗତ ଜିନିଷପତ୍ର ।

**cloche** ବି. ଚାରା ଉପରେ ଦିଆଯାଉଥିବା କ୍ଷୁଦ୍ର ଘୋଡ଼ଣି, ନାରୀମାନଙ୍କର ଘଣ୍ଟାକୃତି ଟୋପି ।

**clock**[1] ବି. ବଡ଼ କଳଘଣ୍ଟା, ସମୟ ପରିମାପକ ଯନ୍ତ୍ର, ଗତିବେଗ ନିର୍ଣ୍ଣାୟକଯନ୍ତ୍ର; round the clock ଦିନରାତି, ସବୁବେଳେ ।

**clock**[2] ବି. ମୋଜା ଉପରେ ସୁନ୍ଦର ସିଲାଇ କାମ ।

**clockwise** ବିଂ./କ୍ରି.ବିଂ. ଘଣ୍ଟା କଣ୍ଟାର ଗତିଅନୁସାରୀ ।

**clockwork** ବି. ଘଣ୍ଟାକଳ, ସ୍ପ୍ରିଙ୍ଗଦିଆ କଳ ସଦୃଶ ଯନ୍ତ୍ର; like clockwork ସୁଶୃଙ୍ଖଳ ଭାବରେ, କୌଣସି ବ୍ୟତିକ୍ରମ ନ ହୋଇ ।

**clod** ବି. ମାଟିପିଣ୍ଡୁଳା, ମାଟି ।

**cloddish** ବିଂ. ନିର୍ବୋଧ, ଜଡ଼ିକ ।

**clodhoppers** ବି. *କ.ଭା.* ବୃହଦାକାର ଭାରି ଯୋତା ।

**clog** 1. ବି. କାଠତଳି ବିଶିଷ୍ଟ ଯୋତା; ଜଟିଳତା; 2. କ୍ରି. ବ୍ୟାଘାତ ଘଟାଇବା, ଗତିରୋଧ କରିବା ।

**cloister** 1. ବି. ମଠ, ଆଶ୍ରମ, ସନ୍ନ୍ୟାସୀ ମାନଙ୍କ ଧର୍ମଚିନ୍ତା ପାଇଁ ନିଭୃତସ୍ଥାନ, ଆବୃତ ପଥ ବା ତୋରଣ; 2. *ସ.କ୍ରି.* ନିଭୃତ ସ୍ଥାନରେ ରହିବା; 3. cloistral ବିଂ. ମଠସମ୍ବନ୍ଧୀୟ, ନିଭୃତ ।

**cloistered** ବିଂ. ଆଶ୍ରମସ୍ଥ, ନିଭୃତ, ମଠ ସମ୍ବନ୍ଧୀୟ ।

**clone** 1. ବି. ଗୋଟିଏ ପ୍ରଜାତିଠାରୁ ଉତ୍ପନ୍ନ ଗୁଳ୍ମ ବା ପ୍ରାଣୀ; 2. *ସ.କ୍ରି.* ଏହିଭଳି ସୃଷ୍ଟି କରାଇବା ।

**clonk** 1. ବି. ଗମ୍ଭୀର ଶବ୍ଦ; 2. କ୍ରି. ଏହିଭଳି ଶବ୍ଦ କରିବା, ଆଘାତ ଦେବା ।

**close**[1] 1. ବି. ନିକଟବର୍ତ୍ତୀ, ଅନ୍ତରଙ୍ଗ, ଅତିପରିଚିତ, ନିକଟସମ୍ପର୍କୀୟ; ଗହଳ, ସଂହତ, ଦୃଢ଼, ଘନିଷ୍ଠ (ସମ୍ପର୍କ); ଖୁନ୍ଦି ଖାନ୍ଦି (ଲେଖା, ବୁଣା ପ୍ରଭୃତି); ସୂକ୍ଷ୍ମ, ପୁଙ୍ଖାନୁପୁଙ୍ଖ; ନିର୍ବାତ, ନିରୁଦ୍ଧ (ବାୟୁ ସମ୍ପର୍କରେ); ରାଢ଼; ଗୁପ୍ତ, ଲୁକ୍କାୟିତ; 2. କ୍ରି.ବିଂ. ନିକଟବର୍ତ୍ତୀ ଭାବରେ, ଅଳ୍ପ ବ୍ୟବଧାନରେ; 3. ବି. ଆବଦ୍ଧ ସ୍ଥାନ, ଗୋଟିଏ ପଟେ ବନ୍ଦ ହୋଇଥିବା ରାସ୍ତା, ସ୍କୁଲ, ଖେଳପଡ଼ିଆ ବା ଗୀର୍ଜାର ଚୌହଦୀ; 4. at close quarters ଅତ୍ୟନ୍ତ ନିକଟବର୍ତ୍ତୀ; close call or close shave ଚିକ୍କଣ କ୍ଷୌର; close season ଶିକାରର ନିଷିଦ୍ଧ ସମୟ; close-up ନିକଟରୁ ନିଆଯାଉଥିବା ଫଟୋ ।

**close**[2] 1. କ୍ରି. ବନ୍ଦ କରିବା, ବନ୍ଦହେବା, ସମାପ୍ତ କରିବା; ଦିନର କାର୍ଯ୍ୟ ଶେଷ କରିବା, ମିଳିତ ହେବା, ନିକଟବର୍ତ୍ତୀ ହେବା; 2. ବି. ପରିସମାପ୍ତି, ଶେଷ; 3. closed book ଯେଉଁ ବିଷୟ ଜଣେ ବୁଝିପାରେ ନାହିଁ; close down ଦୋକାନ, କାରଖାନା ପ୍ରଭୃତି ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେବା, close in ଘେରାଉ କରିବା, ନିକଟବର୍ତ୍ତୀ ହୋଇ ପରିବେଷ୍ଟନ କରାଇବା, (ଦିନ ସମ୍ପର୍କରେ) କ୍ରମଶଃ ଶେଷ ହୋଇ ଆସିବା; close up ନିକଟବର୍ତ୍ତୀ ହେବା, ସାମୟିକ ଭାବରେ ବନ୍ଦ କରିବା, ବାଧା ଦେବା; close with ଦରଦସ୍ତୁର କରିବା, ଯୁଦ୍ଧ ଆରମ୍ଭ କରିବା; closing-time (ଦୋକାନ ପ୍ରଭୃତି) ବନ୍ଦ ହେବାର ସମୟ ।

**closet** 1. ବି. ଛୋଟ କକ୍ଷ ବା ଆଲମିରା; ପାଣିଘର; 2. *ସ.କ୍ରି.* ନିର୍ଜନ କକ୍ଷରେ ଆଲୋଚନା ବା ଅଧ୍ୟୟନ ନିମନ୍ତେ ମିଳିତ ହେବା ।

**closure** 1. ବି. ବନ୍ଦକରଣ, ଶେଷ, ତର୍କ ପ୍ରଭୃତିର ପରିସମାପ୍ତି; 2. *ସ.କ୍ରି.* ବିତର୍କ ପରିସମାପ୍ତ କରାଇବା ।

**clot** 1. ବି. ଘନୀଭୂତ ରକ୍ତ ବା ତରଳପଦାର୍ଥ; 2. କ୍ରି. ଘନୀଭୂତ କରିବା ବା ହେବା; 3. clotted cream ଘନୀଭୂତ ସର; 4. clotted hair ଜଟା ।

**cloth** ବି. ଲୁଗା, ବସ୍ତ୍ର, ପୋଷାକ, ତୁଳା ବା ପଶମକୁ ବୁଣାଯାଇ ବା ଚପାଯାଇ ତିଆରି ଜନା; the cloth ଧର୍ମଯାଜକ ଗୋଷ୍ଠୀ (ଖ୍ରୀଷ୍ଟୀୟ) ।

**clothe** *ସ.କ୍ରି.* ପୋଷାକ ପିନ୍ଧାଇବା, ବସ୍ତ୍ର ଯୋଗାଇବା, ବସ୍ତ୍ରଦ୍ୱାରା ଆଚ୍ଛାଦନ କରିବା; clothed/ clad ବିଂ. ପୋଷାକ ପରିହିତ ।

**clothes** ବି. ବ.ବ. ପୋଷାକ ସବୁ, ଲୁଗାପଟା, ଶଯ୍ୟାବସ୍ତ୍ର; clothes-horse ଲୁଗାପଟା ଶୁଖାଇବା ପାଇଁ ଅଲଗୁଣି; clothes-line ଲୁଗାପାଟା ଶୁଖାଇବା ପାଇଁ ତାର ବା ଦଉଡି; clothes peg ଦଉଡ଼ି ସହିତ ପୋଷାକ ସଂଲଗ୍ନ କରି ରଖିବା ନିମନ୍ତେ ବ୍ୟବହୃତ ଚାପୁଣୀ ।

**clothier** ବି. ପୁରୁଷମାନଙ୍କର ପୋଷାକ ବିକ୍ରେତା ।

**clothing** ବି. ଲୁଗାପଟା, ପୋଷାକ ପରିଚ୍ଛଦ ।

Digitized by srujanika@gmail.com

**cloud** 1. ବି. ମେଘ, ଧୂମ ବା ଧୂଳିପଟଳ; ଗତିଶୀଳ କୀଟ, ପତଙ୍ଗ; ବିଷାଦ, ସନ୍ଦେହ, ସଂଶୟ; 2. *କ୍ରି.* ମେଘାଚ୍ଛନ୍ନ କରିବା, ବିଷଣ୍ଣ କରିବା, ତିମିରାଚ୍ଛନ୍ନ ବା ବିଷାଦିତ କରିବା; 3. cloud chamber ବାଷ୍ପ ସାହାଯ୍ୟରେ ଏକ୍ସ-ରେ, ଗାମା-ରେ ପ୍ରଭୃତିର ଗତି ନିର୍ଦ୍ଧାରଣ; cloud cuckoo-land ଆଦର୍ଶ କାଳ୍ପନିକ ସ୍ଥାନ; cloud–hopping ମେଘାନ୍ତରାଳରେ ଉଡ଼ାଜାହାଜର ଗୋପନ ଗତି; under a cloud ସନ୍ଦେହରେ ରହିବା, ଅନୁଗ୍ରହରୁ ବଞ୍ଚିତ ହେବା; with one's head in the clouds ଦିବାସ୍ୱପ୍ନ ଦେଖୁଥିବା।

**cloudburst** ବି. ଆକସ୍ମିକ ପ୍ରଚଣ୍ଡ ଝଡ଼ବର୍ଷା।

**cloudy** ବିଂ. ମେଘାଚ୍ଛନ୍ନ, ତିମିରାଚ୍ଛନ୍ନ, ଅସ୍ୱଚ୍ଛ, ଆବିଳ; cloudiness ବି. ମେଘାଚ୍ଛନ୍ନତା।

**clout** 1. ବି. ପ୍ରଚଣ୍ଡ ଆଘାତ, ପ୍ରଭାବ; ବସ୍ତ୍ର, ଛିଣ୍ଡାକନା; 2. *ସ.କ୍ରି.* ଜୋରରେ ଆଘାତ କରିବା।

**clove** ବି. ଲବଙ୍ଗ ଗଛ; ରସୁଣର କୋଳା।

**clove CLEAVE**ର *ଅ.କା.।*

**clove hitch** ଦଉଡ଼ି ଯୋଡ଼ିବା ପାଇଁ ଏକ ପ୍ରକାର ଗଣ୍ଠି ବା ଫାଶ।

**cloven** ବିଂ. ଖଣ୍ଡିତ, ଆଂଶିକ, ବିଭକ୍ତ; cloven hoof ବିଭକ୍ତ ଖୁରା, (ଗୋ-ମେଷାଦି ପଶୁଙ୍କର)।

**clover** ବି. ପଶୁ ଖାଦ୍ୟୋପଯୋଗୀ ତ୍ରିପତ୍ର ବିଶିଷ୍ଟ ତୃଣ ବିଶେଷ।

**clown** 1. ବି. ବିଦୂଷକ, ରହସିଆ ଲୋକ, ସର୍କସ ବା ମଞ୍ଚରେ ହାସ୍ୟୋଦ୍ଦୀପକ ଅଭିନୟକାରୀ; 2. *ଅ.କ୍ରି.* ବିଦୂଷକ ତୁଲ୍ୟ ବ୍ୟବହାର କରିବା।

**cloy** *ସ.କ୍ରି.* କ୍ଲାନ୍ତି ଅନୁଭବ କରିବା (ପ୍ରାଚୁର୍ଯ୍ୟ ବା ଆଧିକ୍ୟରୁ)।

**club** 1. ବି. ଗଦା, ଚିଡ଼ିତନ (ତାସ୍), ଗୋଲ୍ଫ ଖେଳରେ ବ୍ୟବହୃତ ଦଣ୍ଡ; କ୍ଲବ, ସମିତି, କ୍ଲବଘର; 2. *କ୍ରି.* ଗଦାରେ ଆଘାତ କରିବା, ସାଧାରଣ ଉଦ୍ଦେଶ୍ୟରେ ଏକଜୁଟ କରାଇବା ବା ହେବା; 3. club-foot ବିକୃତ ପଦ; club-root କୋବିର ରୋଗ ବିଶେଷ।

**clubbable** ବିଂ. ମେଳାପୀ, ସମିତିର ସଭ୍ୟପଦ ନିମନ୍ତେ ଉପଯୁକ୍ତ।

**clubhouse** ବି. ସମିତି ନିମନ୍ତେ ବ୍ୟବହୃତ ଗୃହ।

**cluck** 1. ବି. କୁକୁଡ଼ା ସଦୃଶ କଣ୍ଠଧ୍ୱନି; 2. *ଅ.କ୍ରି.* ଏହି ପ୍ରକାର ଧ୍ୱନି କରିବା।

**clue** 1. ବି. ରହସ୍ୟ ଉଦ୍‌ଘାଟନର ସୂତ୍ର, ଖିଅ, ଅନୁସନ୍ଧାନର ପନ୍ଥା, ଶବ୍ଦ ଧନ୍ଦାରେ ପ୍ରଯୁକ୍ତ ଶବ୍ଦ ନିମନ୍ତେ ସୂଚନା; 2. *ସ.କ୍ରି.* ଅନୁସନ୍ଧାନର ସୂତ୍ର ଯୋଗାଇବା।

**clueless** ବିଂ. *କ.ଭା.* ବୋକା, ମୂର୍ଖ।

**clump** 1. ବି. ଗୁଚ୍ଛ, ପୁଞ୍ଜ ବା ବୁଦା; 2. *କ୍ରି.* ଦୁମ୍ ଦୁମ୍ କରି ଚାଲିବା, ପୁଞ୍ଜୀଭୂତ ହେବା; ବୁଦା ଆକାରରେ ରଖିବା।

**clumsy** ବିଂ. ଅବାଗିଆ, ବେଢ଼ଙ୍ଗିଆ, କଦର୍ଯ୍ୟ, ଦକ୍ଷତାହୀନ, ଅନିପୁଣ।

**clung** clingର *ଅ.କା.।*

**cluster** 1. ବି. ପେଣ୍ଡା, ଥୋଲା, ଗୁଚ୍ଛ, ଦଳ, ଗୋଠ, ସ୍ତବକ, ପୁଞ୍ଜ; 2. *କ୍ରି.* ଥୋଲା ବା ପେଣ୍ଡାହେବା, ଏକତ୍ରିତ ହେବା, ପୁଞ୍ଜୀଭୂତ କରାଇବା, ଗୁଚ୍ଛବଦ୍ଧ କରିବା।

**clutch**[1] 1. *କ୍ରି.* ଦୃଢ଼ ଭାବରେ ଧରିବା, ଉତ୍ସାହର ସହିତ ବା ବ୍ୟଗ୍ରଭାବେ ଧରିବା, ଛଡ଼ାଇ ନେବା, ଝାମ୍ପିନେବା; 2. ବି. ଦୃଢ଼ମୁଷ୍ଟି, ହାତମୁଠା, ଦୃଢ଼ଧାରଣ, କବଳ, (ମୋଟର ଗାଡ଼ିରେ) ଯନ୍ତ୍ରାଂଶ ବିଶେଷ।

**clutch**[2] ବି. ଏକ ସମୟରେ ଜାତ କୁକୁଡ଼ା ଛୁଆସବୁ, ଫୁଟାଇବା ନିମନ୍ତେ ଅଣ୍ଡାସବୁ।

**clutter** 1. ବି. (ବସ୍ତୁ) ବିଶୃଙ୍ଖଳ ସମାବେଶ, ଗୋଳମାଳିଆ ଅବସ୍ଥା; 2. *ସ.କ୍ରି.* ଗୋଳମାଳ କରି ବୁଲିବା, ଅପରିଚ୍ଛନ୍ନ ଓ ବିଶୃଙ୍ଖଳ କରିବା।

**cm** *ସଂଶ.* centimetre.

**co–** *ପୂ.ପ୍ର.* ମିଳିତ, ପାରସ୍ପରିକ, ସାଧାରଣ ପ୍ରଭୃତି ବିଶେଷ ଶବ୍ଦର ପୂର୍ବରୁ ଯୁକ୍ତ ଉପସର୍ଗ, ଉଦା. coauthor, cooperate.

**c/o** *ସଂଶ.* care of ମାର୍ଫତ୍।

**CO** *ସଂଶ.* Commanding Officer.

**Co** *ସଂଶ.* company, county.

**Co.** *ପ୍ର.* cobalt.

**coach** 1. ବି. ଦୂରଗାମୀ ଯାତ୍ରୀବାହୀ ମୋଟର ବସ୍, ରେଳବଗି, ଘୋଡ଼ାଗାଡ଼ି; କ୍ରୀଡ଼ାଶିକ୍ଷକ, ଗୃହଶିକ୍ଷକ, 2. *ସ.କ୍ରି.* ପ୍ରଶିକ୍ଷଣଦେବା, ତାଲିମ କରିବା।

**coachwork** ବି. ରେଳବଗି ବା ମଟର ଗାଡ଼ିର ଶରୀରାଂଶ ପ୍ରସ୍ତୁତୀକରଣ।

Digitized by srujanika@gmail.com

**coagulate** *କ୍ରି.* (ତରଳ ପଦାର୍ଥ) ଜମାଟ ବାନ୍ଧିବା, ବସିଯିବା (ଦହି ପ୍ରଭୃତି); coagulant *ବି.* ଘନୀଭବନ ଯୋଗ୍ୟ; coagulation *ବି.* ଘନୀକରଣ, ଘନୀଭବନ ।

**coal** 1. *ବି.* ପଥର କୋଇଲା, ଜାଳେଣି କୋଇଲା; 2. *କ୍ରି.* କୋଇଲା ଯୋଗାଇବା ବା ଦେବା; 3. coalface ଖଣି ଭିତରୁ ଦେଖାଯାଉଥିବା କୋଇଲାର ଉପର ସ୍ତର; coal gas କୋଇଲା ବାଷ୍ପ; coal-scuttle ଘରୋଇ ବ୍ୟବହାର ନିମନ୍ତେ କୋଇଲା ରଖାଯାଉଥିବା ଆଧାର; (carry) coals to Newcastle ତେଲିଆ ମୁଣ୍ଡରେ ତେଲଦେବା; coal tar ଆଲକାତ୍ରା, ରାଳ ।

**coalesce** *ଅ.କ୍ରି.* ମିଳନ ଦ୍ୱାରା ଏକୀକୃତ ହେବା; coalescence *ବି.* ଯୋଗ, ମିଳନ; *ବିଂ.* coalescent.

**coalfield** *ବି.* କୋଇଲା ଖଣି ଅଞ୍ଚଳ ।

**coalition** *ବି.* ଏକତ୍ରୀକରଣ, ମିତ୍ରତା ବା ମିଳନ, ରାଜନୈତିକ ଦଳମାନଙ୍କର ସାମୟିକ ମିଳନ ।

**coaming** *ବି.* ପାଣି ପଶିବା ରୋକିବା ନିମନ୍ତେ ଜାହାଜର ପଟାତନ ଉପରେ ଉଠାଯାଇଥିବା ଉଚ୍ଚ ଧାର ।

**coarse** *ବିଂ.* ମୋଟା, ଖଦଡ଼ିଆ, ନିକୃଷ୍ଟ, ଅମାର୍ଜିତ, କର୍କଶ, ରୁକ୍ଷ; ଅଭଦ୍ର, ସାଧାରଣ, (ଭାଷା ସମ୍ପର୍କରେ) ଅଶ୍ଳୀଳ; coarse fish ସାମନ୍ ଏବଂ ଟ୍ରଟ୍ ମାଛ ବ୍ୟତୀତ ଅନ୍ୟ ମିଠାମାଛ ।

**coarsen** *କ୍ରି.* ମୋଟା କରିବା ବା ହେବା, ଅମାର୍ଜିତ କରିବା ବା ହେବା ।

**coast** 1. *ବି.* ସମୁଦ୍ର ଉପକୂଳ, ବେଳା, ସାଗରତୀର; 2. *ଅ.କ୍ରି.* ସମୁଦ୍ର କୂଳେ କୂଳେ ଜାହାଜରେ ଯିବା, କୂଳେ କୂଳେ ଜାହାଜ ଚଳାଇବା, ଶକ୍ତି ପ୍ରୟୋଗ ନକରି ଧୀରେ ଧୀରେ ପାହାଡ଼ ତଳକୁ ଗଡ଼ିଯିବା; coastal *ବିଂ.* ଉପକୂଳ ଅଞ୍ଚଳୀୟ ।

**coaster** *ବି.* ଉପକୂଳବାହୀ ଜାହାଜ; ଗ୍ଲାସ ବା ବୋତଲ ରଖିବା ନିମନ୍ତେ ବ୍ୟବହୃତ ଛୋଟଥାଳି ବା ଟ୍ରେ ।

**coastguard** *ବି.* ତଟରକ୍ଷୀ ।

**coastline** *ବି.* ତଟରେଖା ।

**coat** 1. *ବି.* କୋଟ୍, କୁର୍ତ୍ତା, ପଶୁ ଶରୀରର ଲୋମ ଆବରଣ, ରଙ୍ଗର ପ୍ରଲେପ; 2. *ସ.କ୍ରି.* ଆଚ୍ଛାଦନ କରିବା, ଲେପ ଦେବା, ବୋଳିବା; coat of arms ମୌଳିକ ଚିହ୍ନ, ବର୍ମୋପରି ବ୍ୟବହୃତ ମର୍ଯ୍ୟାଦା ସୂଚକ ଚିହ୍ନ; coat of mail ବର୍ମ, ସାଞ୍ଜୁ ।

**coating** *ବି.* ଆଚ୍ଛାଦନ, ପ୍ରଲେପ, ବହିରାସ୍ତରଣ, କୋଟ୍ କନା ।

**co-author** *ବି.* 1. ସହଲେଖକ; 2. *ସ.କ୍ରି.* ସହ-ଲେଖକ ହେବା ।

**coax** *ସ.କ୍ରି.* ମଧୁର କଥା କହି ପ୍ରବର୍ତ୍ତାଇବା, ଚାଟୁବାକ୍ୟ ପ୍ରୟୋଗ କରିବା, ପ୍ରଲୋଭିତ କରିବା ।

**coaxial** *ବିଂ.* ଏକ ଅକ୍ଷଯୁକ୍ତ, ସମାକ୍ଷୀୟ (ବିଦ୍ୟୁତ୍ ତାର ସମ୍ପର୍କରେ) ।

**cob** *ବି.* ବର୍ତ୍ତୁଳାକାର ପଦାର୍ଥ, ମୁଣ୍ଡା, କ୍ଷୁଦ୍ର ପଦ-ବିଶିଷ୍ଟ ବଳବାନ୍ ଅଶ୍ୱ; ବଡ଼ ଆକାରର ହେଜେଲନଟ; ପୁଂରାଜହଂସ; ଗୋଲାକୃତି ପାଉଁରୁଟି ।

**cobalt** *ବି.* ଧଳା ରଙ୍ଗର ଧାତୁ ବିଶେଷ, ଏଥିରୁ ପ୍ରସ୍ତୁତ ଗାଢ ନୀଳରଙ୍ଗ ।

**cobble**[1] 1. *ବି.* ଗୋଲାକୃତି ପଥର ଖଣ୍ଡ, ଉପଳ, ବାଲିଗରଡା; 2. *କ୍ରି.* ଗୋଡି ପକାଇ ରାସ୍ତା ତିଆରି କରିବା ।

**cobble**[2] *ସ.କ୍ରି.* ଜୋତା ମରାମତି କରିବା ବା ତାଳି ପକାଇବା ।

**cobbler** *ବି.* ମୋଚି; ବରଫ ଚିନି ଓ ଲେମ୍ବୁ ମିଶ୍ରିତ ମଦ୍ୟ ।

**COBOL** *ବି.* ବାଣିଜ୍ୟରେ ବ୍ୟବହୃତ କମ୍ପ୍ୟୁଟରର ଭାଷା ।

**cobra** *ବି.* ନାଗ ବା ଗୋଖର ସାପ ।

**cobweb** *ବି.* ବୁଢ଼ିଆଣୀ ବସା ବା ଜାଲ ।

**coca** *ବି.* ଦକ୍ଷିଣ ଆମେରିକୀୟ ଗୁଳ୍ମ ବିଶେଷ, ଯାହାର ପତ୍ରକୁ ଉତ୍ତେଜକରୂପେ ଖିଆଯାଏ ।

**cocaine** *ବି.* କୋକାଗଛରୁ ପ୍ରସ୍ତୁତ ଔଷଧ, ଯାହାକୁ ନିଶ୍ଚେତକ ଅଥବା ଉଦ୍ଦୀପକ ଭାବରେ ବ୍ୟବହାର କରାଯାଏ ।

**coccyx** *ବି.* ମେରୁଦଣ୍ଡର ନିମ୍ନସ୍ଥ ତ୍ରିଭୁଜାକାର ଅସ୍ଥି ।

**cochineal** *ବି.* ଲାଲରଙ୍ଗ ବିଶେଷ, ଏକ ପ୍ରକାର କୀଟ ଯାହାର ଶୁଷ୍କ ଶରୀରରୁ ଏହା ପ୍ରସ୍ତୁତ ହୁଏ ।

**cock**[1] 1. *ବି.* ଅଣ୍ଡିରା କୁକୁଡ଼ା, ଅଣ୍ଡିରା ପକ୍ଷୀ; *ଗ୍ରା.ପ୍ର.* ନିର୍ବୋଧ; ବନ୍ଧୁକ ଘୋଡିଆ, ନଳମୁଖ, ଠିପି; ପୁଂଜନନେନ୍ଦ୍ରିୟ; 2. *ସ.କ୍ରି.* ଠିଆକରି

Digitized by srujanika@gmail.com

ରଖିବା, ସିଧାକରି ରଖିବା, ବନ୍ଧୁକ ଘୋଡ଼ିଆ ଉଠାଇବା ବା ଟାଣିବା; at half cock ଆଂଶିକ ଭାବେ ପ୍ରସ୍ତୁତ; cocked hat ତିନିକୋଣିଆ ଟୋପି; knock into a cocked hat ସମ୍ପୂର୍ଣ୍ଣ ପରାଜିତ କରିବା; cock-a- doodle-doo- କୁକୁଡ଼ାର ଡାକ; cock-and-bull story ଗୁଳିଖଟି ଗଳ୍ପ; cock- crow ପ୍ରଭାତ; cock-eyed *କ.ଭା.* ବକ୍ରଦୃଷ୍ଟି, କୁଟିଳ, ଧୂର୍ତ୍ତ; cock-fight କୁକୁଡ଼ା ଲଢେଇ।

**cock**[2] ବି. ଛୋଟ ତ୍ରିକୋଣାକାର କୁଟା ବା ନଡ଼ାଗଦା।

**cockade** ବି. ଟୋପିରେ ଦିଆ ଯାଇଥିବା ଚିହ୍ନ ବା ଫିତା।

**cockatoo** ବି. କାକତୁଆ।

**cockchafer** ବି. ଗୋବର ପୋକ।

**cocker/ cocker spaniel** ବି. ଏକ ପ୍ରକାର ଛୋଟ କୁକୁର।

**cockerel** ବି. କୁକୁଡ଼ା ଛିଆଁ।

**cockle** ବି. ଏକପ୍ରକାର ଖାଦ୍ୟଯୋଗ୍ୟ ଶାମୁକା, ଏହାର ଖୋଳ; ଅଗଭୀର କ୍ଷୁଦ୍ର ନୌକା।

**cockney** 1. ବି. ଏକ ବିଶିଷ୍ଟ ଉପଭାଷା ବ୍ୟବହାରକାରୀ ଲଣ୍ଡନବାସୀ, ସେମାନଙ୍କର ଭାଷା; 2. ବିଂ. ପୂର୍ବ ଲଣ୍ଡନବାସୀ ସମ୍ବନ୍ଧୀୟ, ଏମାନଙ୍କର ଭାଷା ଓ ବ୍ୟବହାର ସମ୍ବନ୍ଧୀୟ।

**cockpit** ବି. ଉଡ଼ାଜାହାଜ ବା ମଟର ଗାଡ଼ିର ଚାଳକ ବସିବାର ସ୍ଥାନ; ରଣାଙ୍ଗନ, କୁକୁଟ ଯୁଦ୍ଧର ସ୍ଥାନ।

**cockroach** ବି. ଅସରପା।

**cockscomb** ବି. କୁକୁଡ଼ା ମୁଣ୍ଡର ଚୂଳ, କୁକୁଡ଼ା ଜଟ।

**cocksure** ବିଂ. ସୁନିଶ୍ଚିତ, ନିଃସନ୍ଦେହ, ଆତ୍ମପ୍ରତ୍ୟୟସମ୍ପନ୍ନ (ସର୍ବଯୁକ୍ତ)।

**cocktail** ବି. ବିଭିନ୍ନ ମଦ୍ୟ ମିଶ୍ରିତ ପାନୀୟ, ବିଭିନ୍ନ ଫଳ ରସର ମିଶ୍ରଣ।

**cocky** ବିଂ. ଉଦ୍ଧତ, ଦୁର୍ବିନୀତ।

**coco** ବି. ନାରିକେଳ ଜାତୀୟ ବୃକ୍ଷ।

**cocoa** ବି. କୋକୋ ଗଛର ମଞ୍ଜି, ଏହି ମଞ୍ଜିରୁ ପ୍ରସ୍ତୁତ ଚୂର୍ଣ୍ଣ, ଏଥିରୁ ପ୍ରସ୍ତୁତ ପାନୀୟ; cocoa bean କୋକୋ ମଞ୍ଜି; cocoa butter ଏଥିରୁ ପ୍ରସ୍ତୁତ ସ୍ନେହସାର ପଦାର୍ଥ।

**coconut** ବି. ନଡ଼ିଆ, ନାରିକେଳ; coconut matting ନଡ଼ିଆ କତାରୁ ପ୍ରସ୍ତୁତ ପଟି।

**cocoon** 1. ବି. ରେଶମ ପୋକର କୋଷା; 2. ସ.କ୍ରି. ଏଥିରେ ଆବୃତ୍ତ କରିବା।

**cod**[1] ବି. କଡ୍ ନାମକ ସାମୁଦ୍ରିକ ମତ୍ସ୍ୟ, cod--liver oil କଡ୍ ମାଛର ଯକୃତ୍‌ରୁ ପ୍ରସ୍ତୁତ ବଳକାରକ ତୈଳ।

**cod**[2] *ଗ୍ରା.ପ୍ର.* 1. ବି. ଭାଳିକା; 2. *କ୍ରି.* ବ୍ୟଙ୍ଗ କରିବା।

**cod**[3] ବି. *ଗ୍ରା.ପ୍ର.* ନିର୍ବୋଧ।

**coda** ବି. ବେଲେ ନୃତ୍ୟର ଶେଷାଂଶ, ସ୍ୱତନ୍ତ୍ର ଏବଂ ବିସ୍ତୃତ ସଙ୍ଗୀତାଂଶ।

**coddle** ସ.କ୍ରି. ଅତି ଆଦର କରିବା, ପ୍ରଶ୍ରୟ ଦେବା, ରୁଗ୍ଣ ମନେକରି ଯତ୍ନକରିବା, ଅତିଶୟ ଯତ୍ନ କରିବା; ସାମାନ୍ୟ ସିଝାଇବା (ଅଣ୍ଡା ପ୍ରଭୃତି)।

**code** 1. ବି. ଗୋପନ ବାର୍ତ୍ତାରେ ବ୍ୟବହୃତ ଶବ୍ଦାବଳୀ, ସାଙ୍କେତିକ ଶବ୍ଦ, ସଙ୍କେତାବଳୀ; କମ୍ପ୍ୟୁଟର ପରିଚାଳନାରେ ବ୍ୟବହୃତ ସାଙ୍କେତିକ ନିୟମାବଳୀ; ସୁନିର୍ଦ୍ଦିଷ୍ଟ ନିୟମାବଳୀ; 2. ସ.କ୍ରି. ନିୟମବଦ୍ଧ କରିବା।

**codeine** ବି. ଅଫିମରୁ ପ୍ରାପ୍ତ ନିଶ୍ଚେତନ ଗୁଣବିଶିଷ୍ଟ ପଦାର୍ଥ।

**codex** ବି. ପୁସ୍ତିକାକାରରେ ପ୍ରାଚୀନ ଲେଖା, ଔଷଧ ସମ୍ପର୍କୀୟ ସୂଚନାର ସଂଗ୍ରହ।

**codger** ବି. *କ.ଭା.* ଅପରିଚିତ ବ୍ୟକ୍ତି।

**codicil** ବି. ଉଇଲ୍ ବା ଇଚ୍ଛାପତ୍ରର ପରିଶିଷ୍ଟ।

**codify** କ୍ରି. ନିୟମାବଦ୍ଧ କରିବା; codification ବି. ନିୟମାବଦ୍ଧକରଣ।

**codling**[1] ବି. ଏକ ଜାତୀୟ ଆତ ବା ସେଓଫଳ; ପତଙ୍ଗବିଶେଷ।

**codling**[2] ବି. ଛୋଟ କଡ୍‌ମାଛ।

**codpiece** ବି. *ଇତି.* ପୁରୁଷ ପିନ୍ଧୁଥିବା ପ୍ୟାଣ୍ଟର ନିମ୍ନାଂଶରେ ଥିବା କ୍ଷୁଦ୍ରଥଳୀ ବା ପକେଟ୍ ଭଳି ଅଂଶ।

**coeducation** ବି. ଯୁବକ ଯୁବତୀଙ୍କ ଏକତ୍ର ଶିକ୍ଷା, ସହଶିକ୍ଷା।

**coefficient** ବି. ସହଯୋଗୀ ବ୍ୟକ୍ତି ବା ବସ୍ତୁ; (ଗଣିତ) ଗୁଣାଙ୍କ, ସୂଚକ; (ପଦାର୍ଥ ବିଦ୍ୟା) ଗୁଣକ ବା ବସ୍ତୁ ଧର୍ମ ପରିମାପକ।

**coelenterate** ବି. ସାମୁଦ୍ରିକ ପ୍ରାଣୀ ବିଶେଷ।

Digitized by srujanika@gmail.com

**coequal** ବିଂ./ବି. ସମତୁଲ୍ୟ, ସମପଦସ୍ଥ, ସମସ୍କନ୍ଧ।

**coerce** ସ.କ୍ରି. ବାଧ୍ୟ କରିବା, ବଳ ପ୍ରୟୋଗ କରିବା; coercible ବିଂ. ଦମନୀୟ; coercion ବି. ଦମନ, ବଳପ୍ରୟୋଗ।

**coeval** 1. ବିଂ. ସମବୟସ୍କ, ସମକାଳୀନ, ସମସାମୟିକ; 2. ବି. ସମବୟସ୍କ ବ୍ୟକ୍ତି, ସମସାମୟିକ ବ୍ୟକ୍ତି।

**coexist** ଅ.କ୍ରି. ଏକସଙ୍ଗେ ବା ଏକ ସମୟରେ ରହିବା, ଯୁଗପତ୍ ଅବସ୍ଥାନ କରିବା।

**coexistence** ବି. ସହାବସ୍ଥାନ; peaceful coexistence ଶାନ୍ତିପୂର୍ଣ୍ଣ ସହାବସ୍ଥାନ; coexistent ବିଂ. ସମକାଳରେ ବିଦ୍ୟମାନ।

**coextensive** ବିଂ. ସମବ୍ୟାପକ।

**coffee** ବି. କଫି ମଞ୍ଜିରୁ ପ୍ରସ୍ତୁତ ଉଷ୍ଣ ପାନୀୟ, ଏହାର ମଞ୍ଜି ବା ଗୁଳ୍ମ, ଏହି ମଞ୍ଜିର ଚୂର୍ଣ୍ଣ; cofee bar କଫି ଓ ଅନ୍ୟ ଜଳଖିଆ ଦୋକାନ; coffee-break ଜଳଖିଆ ପାଇଁ କାର୍ଯ୍ୟରୁ ସାମୟିକ ବିରତି।

**coffer** ବି. ବହୁମୂଲ୍ୟ ଜିନିଷ ରଖିବାର ସିନ୍ଦୁକ, ଖଜଣାଖାନା, ଧନାଗାର।

**coffin** 1. ବି.ଶବାଧାର; 2. ସ.କ୍ରି.ଶବାଧାରରେ ରଖିବା।

**cog** ବି. ଚକର ଦାନ୍ତ, ଅନୁଷ୍ଠାନର ଗୁରୁତ୍ୱହୀନ ସଭ୍ୟ; cog-wheel ଦାନ୍ତ ବିଶିଷ୍ଟ ଚକ।

**cogent** ବିଂ. ଯୁକ୍ତିଯୁକ୍ତ, ଅକାଟ୍ୟ, ଦୃଢ଼ବୋଧକାରୀ, ଦୃଢ଼ ବିଶ୍ୱାସଯୋଗ୍ୟ; cogency ବି. ଦୃଢ଼ତା, ଯୁକ୍ତିଯୁକ୍ତତା।

**cogitate** କ୍ରି. ଗଭୀରଭାବେ ଚିନ୍ତା କରିବା, ଧ୍ୟାନ କରିବା, ବିଚାରିବା; cogitation ବି. ଧ୍ୟାନ, ଚିନ୍ତା, ବିଚାର; cogitative ବିଂ. ଚିନ୍ତାଶୀଳ, ଧ୍ୟାନପରାୟଣ।

**cognac** ବି. ଫରାସୀ ଦେଶୀୟ ଉତ୍କୃଷ୍ଟ ମଦ୍ୟ।

**cognate** 1. ବିଂ. ସଗୋତ୍ର, ସମଜାତୀୟ, ଏକଜାତୀୟ; (ଶବ୍ଦ ସମ୍ପର୍କରେ) ସମଭାଷା ପରିବାରର, ସମଧାତୁରୁ ବ୍ୟୁତ୍ପନ୍ନ; 2. ବି. ଜ୍ଞାତି, ସଗୋତ୍ର; 3. cognate object ଧାତୁବୋଧକ କର୍ମ (ଉଦା. He dreamt a dream)।

**cognition** ବି. ଅବଗତି, ଜ୍ଞାନ, ଧାରଣାଶକ୍ତି; cognitional ବିଂ.ଜ୍ଞାନ ସମ୍ବନ୍ଧୀୟ; cognitive ବିଂ. ଜ୍ଞାନାତ୍ମକ, ଜ୍ଞାନଶକ୍ତିସମ୍ପନ୍ନ।

**cognizance** ବି. ଜ୍ଞାନ, ଅବଗତି, ଅବଧାରଣ, ପରିଚୟ, ସ୍ୱଷ୍ଟ ଉପାୟ, ପରିଚୟସୂଚକ ଚିହ୍ନ।

**cognizant** ବିଂ.ଜ୍ଞାତ, ଅବଗତ; cognizable ବିଂ. ଧର୍ତ୍ତବ୍ୟ (ଅପରାଧ)।

**cognomen** ବି. ଡାକନାମ, ଉପନାମ, ସଂଜ୍ଞା, ବଂଶୀୟ ଉପାଧି।

**cohabit** ଅ.କ୍ରି. ସ୍ୱାମୀ ସ୍ତ୍ରୀ ରୂପରେ ସହବାସ କରିବା (ସାଧାରଣତଃ ଅବିବାହିତ ଅବସ୍ଥାରେ); cohabitation ବି. ସହବାସ।

**cohere** ଅ.କ୍ରି. ଲାଗିରହିବା, ଯୁକ୍ତହେବା, ସମ୍ମିଳିତ ହୋଇ ରହିବା; (ଯୁକ୍ତି ସମ୍ପର୍କରେ) ଯୁକ୍ତିଯୁକ୍ତ ଅଥବା ସଙ୍ଗତ ହେବା।

**coherent** ବିଂ.ସଂଯୁକ୍ତ, ପରସ୍ପର ସମ୍ବଦ୍ଧ, ସଙ୍ଗତ, ସ୍ପଷ୍ଟ, ବୋଧଗମ୍ୟ; coherence ବି. ସଙ୍ଗତି।

**cohesion** ବି. ସଂଯୋଗ, ସଂଯୋଜନ, ସଂଲଗ୍ନତା, ସଂଶକ୍ତି, ସଙ୍ଗତି; cohesive ବିଂ. ସଂଯୋଗକାରୀ, ସଂଯୋଜକ।

**cohort** ବି. ରୋମୀୟ ସୈନ୍ୟଦଳ, ଦଳେ ଯୋଦ୍ଧା, ଏକତ୍ରିତ ହୋଇଥିବା ଦଳେ ଲୋକ।

**coif** ବି. ଇତି. ଏକ ପ୍ରକାର ଟୋପି।

***coiffeur*** ବି. କେଶସଜ୍ଜାକାରୀ। *(ଫ.)*

***coiffure*** ବି. କେଶବିନ୍ୟାସ। *(ଫ.)*

**coign** ବି. କୋଣିଆ ଜାଗା, କୋଣସ୍ଥାନ; coign of vantage ସୁବିଧାଜନକ ସ୍ଥାନ।

**coil** 1. କ୍ରି. (ଦଉଡି, ତାର, ବା ସର୍ପ ପ୍ରଭୃତି) ଗୁଡାଇବା, କୁଣ୍ଡଳୀ କରିବା, ମଣ୍ଡଳାକୃତି କରିବା; 2. ବି. ଗୋଲାକୃତି, କୁଣ୍ଡଳୀ, କୁଣ୍ଡଳୀକୃତ ତାର ବା ଦୌଡି, ବୈଦ୍ୟୁତିକ ଶକ୍ତି ପ୍ରବାହଯୋଗ୍ୟ କୁଣ୍ଡଳୀକୃତ ତାର।

**coin** 1. ବି. ମୁଦ୍ରା, ଟଙ୍କାପଇସା ପ୍ରଭୃତି; 2. ସ.କ୍ରି. ଧାତୁକୁ ମୁଦ୍ରାରେ ପରିଣତ କରିବା, (ଶବ୍ଦ) ଉଦ୍ଭାବନ କରିବା, ନୂଆ ତିଆରି କରିବା, ସୃଷ୍ଟି କରିବା, ନୂତନ ଶବ୍ଦ ସୃଷ୍ଟି କରିବା; coin money ସହଜରେ ଟଙ୍କା ପଇସା ପାଇବା; false coin ଅଚଳ ମୁଦ୍ରା; pay person in his own coin ଯେସାକୁ ତେସା କରିବା, ଉପଯୁକ୍ତ ପ୍ରତିଶୋଧ ନେବା, ତୁଲ୍ୟ ବ୍ୟବହାର କରିବା।

**coinage** ବି. ମୁଦ୍ରା ନିର୍ମାଣ, ଏହି ପ୍ରକ୍ରିୟା; ପ୍ରଚଳିତ ମୁଦ୍ରା; ନୂତନ ଶବ୍ଦ, ଏହାର ଗଠନ ବା ଉଦ୍ଭାବନ।

Digitized by srujanika@gmail.com

**coincide** *ଅ.କ୍ରି.* ଠିକ୍ ମିଳିଯିବା, ମେଳ ଖାଇବା, ଗୋଟିଏ ସମୟରେ ଘଟିବା; ଏକମତ ହେବା, ସମାନ ଜାଗା ଅଧିକାର କରିବା।

**coincidence** ବି. ମେଳ, ଐକ୍ୟ, ସମାନସ୍ଥାନ ଅଧିକାର, ସଂଯୋଗ, ଆକସ୍ମିକ ସଂଘଟନ।

**coincident** ବିଂ. ମେଳଯୁକ୍ତ, ସମକାଳରେ ଘଟିତ, ସମାନ ବିନ୍ଦୁରେ ମିଳିତ।

**coincidental** ବିଂ. ମେଳଯୁକ୍ତ, ଅନୁଯାୟୀ, ସମକାଳରେ ଘଟିତ; କ୍ରି.ବିଂ. conicidentally.

**coir** ବି. ନଡ଼ିଆ କତା।

**coition** ବି. ମୈଥୁନ, ସହବାସ; ବିଂ. coital.

**coitus** ବି. ରତିକ୍ରିୟା।

**coke** 1. ବି. ଜାଳେଣି କୋଇଲା; କୋକେନ୍; 2. *ସ.କ୍ରି.* କୋଇଲାକୁ ଜାଳେଣିରେ ରୂପାନ୍ତରିତ କରିବା।

**col** ବି. ପର୍ବତ ଶ୍ରେଣୀ ମଧ୍ୟସ୍ଥ ଫାଙ୍କ ବା ଗିରିସଙ୍କଟ।

**Col** *ସଂ.* Colonel.

**col.** *ସଂ.* column.

**cola** ବି. ପଶ୍ଚିମ ଆଫ୍ରିକୀୟ ବୃକ୍ଷ, ଏହାର ବୀଜ (ଏହାର ସାର ଟନିକ୍ ରୂପେ ବ୍ୟବହୃତ ହୁଏ), ଏହି ଉପାଦାନ ସାହାଯ୍ୟରେ ପ୍ରସ୍ତୁତ ପାନୀୟ।

**colander** ବି. (ରୋଷେଇରେ ବ୍ୟବହୃତ) ଛାଙ୍କୁଣୀ, ଜାଲିଚଟୁ ଯହିଁରେ ତରଳ ପଦାର୍ଥ ଛଣାଯାଏ।

**cold** 1. ବିଂ. ଥଣ୍ଡା, ଶୀତଳ, ଶୀତ, ହେମାଳ; ନିସ୍ତେଜ, ମୃତ; ଆଦର, ଆଗ୍ରହ ବା ଉତ୍ସାହଶୂନ୍ୟ, ପ୍ରତିକୂଳ, ଉଦାସୀନ, ଅବିଚଳିତ; 2. ବି. ଶୈତ୍ୟ, ଉତ୍ତାପହୀନତା, ଥଣ୍ଡା, ସର୍ଦ୍ଦି, ଶ୍ଳେଷ୍ମା; cold--blooded (ମତ୍ସ୍ୟ ସମ୍ପର୍କରେ) ଶୀତଳ ରକ୍ତ ବିଶିଷ୍ଟ; ନିଷ୍ଠୁର, ନିର୍ଦ୍ଦୟ; cold comfort ଆନ୍ତରିକ ସାନ୍ତ୍ୱନା; cold cream ଚର୍ମ ପରିଷ୍କରଣ ନିମନ୍ତେ ବ୍ୟବହୃତ ଥଣ୍ଡା ମଲମ; cold frame ଛୋଟ ଚାରା ଲଗାଇବା ପାଇଁ ଥଣ୍ଡା ରହିପାରୁଥିବା ଧାରକ; cold-shoulder ଅନୁରାଗଶୂନ୍ୟତା, ଉଦାସୀନତା; cold storage ଶୀତଳ ଭଣ୍ଡାର; cold sweat ଭୟ ବା ରୁଗ୍ଣତାଜନିତ ସ୍ୱେଦାଗମ; cold war ଶୀତଳ ଯୁଦ୍ଧ, get (or have) cold feet ଭୟଭୀତ ହେବା; leave one cold ଅନ୍ୟକୁ ପ୍ରଭାବିତ କରି ନ ପାରିବା; out in the cold ଅବହେଳିତ; throw (or pour) cold water on ନିରୁତ୍ସାହ କରିବା, ଭଙ୍ଗାଙ୍ଗିଦେବା।

**cole** ବି. ବନ୍ଧାକୋବି।

**coleopterous** ବିଂ. ଗୋବର ପୋକ ଜାତୀୟ ପୋକମାନଙ୍କ ସମ୍ପର୍କରେ।

**coleslaw** ବି. ବନ୍ଧାକୋବିର ସାଲାଡ୍।

**colic** ବି. ପେଟମରା, ଉଦରଶୂଳ, ବାୟୁଶୂଳ; ବିଂ. colicky.

**colitis** ବି. ବୃହଦାନ୍ତ୍ରର ପ୍ରଦାହ।

**collaborate** *ଅ.କ୍ରି.* ଅନ୍ୟ ସହିତ ମିଶି ସହଯୋଗ କରିବା; ସହଯୋଗ କରିବା, ବିଶେଷତଃ ସାହିତ୍ୟ ଓ କଳା ଅନୁଶୀଳନରେ ସହଯୋଗୀ ହେବା, ଶତ୍ରୁ ସହିତ ସହଯୋଗ କରିବା; collaboration ବି. ସହଯୋଗ, ମିଳିତ ଉଦ୍ୟମ; collaborator ବି. ସହଯୋଗୀ।

**collage** ବି. ବିଭିନ୍ନ ବସ୍ତୁକୁ ଅଠା ସାହାଯ୍ୟରେ ଏକ ପୃଷ୍ଠଭୂମିରେ ବିନ୍ୟାସ କରାଯାଇ ତିଆରି କଳାକୃତି ବା ଏହାର ପ୍ରକାର।

**collagen** ବି. ପଶୁମାଂସ ତଥା ଅସ୍ଥିରୁ ମିଳୁଥିବା ପୁଷ୍ଟିସାର ବା ପ୍ରୋଟିନ୍।

**collapse** 1. ବି. ପୁରାପୁରି ଭାଙ୍ଗି ପଡ଼ିବା, ଭାଙ୍ଗିଯିବା ଅବସ୍ଥା, ପୂର୍ଣ୍ଣ ପତନ, ପୂର୍ଣ୍ଣ ବ୍ୟର୍ଥତା, ଶାରୀରିକ ବା ମାନସିକ ବିପର୍ଯ୍ୟୟ; 2. *ଅ.କ୍ରି.* ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିବା ବା ନଷ୍ଟ ହୋଇଯିବା, ଅବସନ୍ନ ହେବା, ଜୀବନୀଶକ୍ତି ଲୋପ ପାଇବା, ସନ୍ନିପାତ ହେବା; 3. collapsible ବିଂ. ଭଙ୍ଗାହୋଇ ଅଳ୍ପସ୍ଥାନରେ ରହି ପାରିବା ଭଳି ପ୍ରସ୍ତୁତ।

**collar** 1. ବି. ଗଳାବନ୍ଧ, (ଜାମାର) କଲାର୍, ପୋଷା ଜନ୍ତୁର ଗଳା ବନ୍ଧନୀ, ନଳ ଯୋଡିବା ନିମନ୍ତେ ବା ଯନ୍ତ୍ରାଂଶ ସଂଯୋଗ ନିମନ୍ତେ ବ୍ୟବହୃତ ମୁଦିଆ; 2. *ଅ.କ୍ରି.* ଗଳାବନ୍ଧ ଧରିବା ବା ବେକ ଧରିବା; ଗିରଫ୍ କରିବା; collar-bone ବି. କଣ୍ଠାସ୍ଥି।

**collate** *ସ.କ୍ରି.* ପୁଙ୍ଖାନୁପୁଙ୍ଖରୂପେ ମିଳାଇ ଦେଖିବା, ତୁଳନା କରିବା (ପାଠ୍ୟ ସମ୍ପର୍କରେ), ସଂଗ୍ରହ କରି ସଜାଇ ରଖିବା, ସଙ୍କଳନ କରିବା; collator ବି. ଏହିଭଳି ସଂଗ୍ରାହକ ବା ସଂକଳକ।

**collateral** 1. ବିଂ. ପାର୍ଶ୍ୱସ୍ଥ, ପାର୍ଶ୍ୱବର୍ତ୍ତୀ, ଲଗାଲଗି, ସମାନ୍ତରାଳ, ଗୌଣ, ଆନୁଷଙ୍ଗିକ;

Digitized by srujanika@gmail.com

2. ବି. ଜ୍ଞାତି, ସଗୋତ୍ର, ସପିଣ୍ଡ; 3. collateral security ଅତିରିକ୍ତ ଜାମିନ୍ ।

**collation** ବି. ତୁଳନା, ସଂକଳନ; ଲଘୁଆହାର ।

**colleague** ବି. ସହଯୋଗୀ, ସହକାରୀ, ସହକର୍ମୀ (କର୍ମକ୍ଷେତ୍ରରେ) ।

**collect**[1.] କ୍ରି. ସଂଗ୍ରହ କରିବା, ଏକତ୍ର କରିବା, ଜମା କରିବା, (ଟଙ୍କା ପ୍ରଭୃତି) ଆଦାୟ କରିବା; ପ୍ରକୃତିସ୍ଥ ହେବା, ଭାବନାକୁ କେନ୍ଦ୍ରୀଭୂତ କରିବା, ବିଚଳିତ ନ ହେବା ।

**collect**[2.] ବି. ଏଂଗ୍ଲିକାନ୍ କିମ୍ବା ରୋମାନ୍ କେଥଲିକ୍ ଚର୍ଚ୍ଚର ସଂକ୍ଷିପ୍ତ ପ୍ରାର୍ଥନା ।

**collection** ବି. ସଂଗ୍ରହ, ଆଦାୟ, ଚାନ୍ଦା, ସଞ୍ଚୟନ (ସାହିତ୍ୟ ସମ୍ପର୍କରେ); ସଂଗୃହୀତ ବସ୍ତୁ ।

**collective** 1. ବିଂ. ସମବେତ, ମିଳିତ, ଏକତ୍ରୀକୃତ, ସାମୂହିକ, ଯୌଥ, ସାଧାରଣ; 2. ବି. ଯୌଥ କୃଷିକ୍ଷେତ୍ର, (ବ୍ୟାକରଣ) ସମଷ୍ଟିବାଚକ ବିଶେଷ୍ୟ; 3. collective bargaining ଶ୍ରମିକ ସଂଘଦ୍ୱାରା ମଜୁରୀ ସମ୍ପର୍କରେ କଥାବାର୍ତ୍ତା କରିବା; collective farm ଯୌଥ କୃଷିକ୍ଷେତ୍ର; collective noun ସମଷ୍ଟିବାଚକ ବିଶେଷ୍ୟ (ଉଦା. cattle, flock, troop ପ୍ରଭୃତି); collective ownership ସର୍ବସାଧାରଣଙ୍କ ଉପକାର ନିମନ୍ତେ ସାମୂହିକ ମାଲିକାନାସ୍ୱତ୍ୱ ।

**collectivism** ବି. (ସାମ୍ୟବାଦୀ ମତବାଦ) ଜମି ଓ ଶିଳ୍ପରେ ସମୂହ ମାଲିକାନା ସ୍ୱତ୍ୱ; collectivist ବି. ସାମ୍ୟବାଦୀ ବା ପୂର୍ବୋକ୍ତ ମତବାଦୀ ।

**collector** ବି. ସଂଗ୍ରାହକ, (କର ପ୍ରଭୃତିର) ଆଦାୟକାରୀ; collector's item (or piece) ସଂଗ୍ରାହକ ନିମନ୍ତେ ଆକର୍ଷଣୀୟ ବସ୍ତୁ; District Collector ଜିଲ୍ଲାଧିକାରୀ, (ରାଜସ୍ୱ ସଂଗ୍ରହ ଓ ପ୍ରଶାସନ ନିମନ୍ତେ) ଜିଲ୍ଲାର ପ୍ରଧାନ ରାଜକର୍ମଚାରୀ ।

**college** ବି. ମହାବିଦ୍ୟାଳୟ, ଉଚ୍ଚଶିକ୍ଷାୟତନ, ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶିକ୍ଷକ ଓ ଛାତ୍ରମାନଙ୍କର ସଂଗଠନ, କୌଣସି ବିଶେଷ କାର୍ଯ୍ୟ ନିମନ୍ତେ ଗଠିତ ସଂଘ ।

**collegian** ବି. କଲେଜଛାତ୍ର ।

**collegiate** ବିଂ. କଲେଜ ସମ୍ପୃକ୍ତ ବା କଲେଜ ଧାଞ୍ଚରେ ଗଠିତ ।

**collide** ଅ.କ୍ରି. ଧକ୍କା ଲାଗିବା, ସଂଘର୍ଷ ଘଟାଇବା ।

**collie** ବି. ମେଷ ପାଳକର କୁକୁର ।

**collier** ବି. କୋଇଲା ଖଣିର ଶ୍ରମିକ, କୋଇଲା ବାହୀ ଜାହାଜ, ଏହାର ନାବିକ ।

**colliery** ବି. କୋଇଲା ଖଣି ।

**collinear** ବିଂ. ଏକ ସରଳରେଖାଭୁକ୍ତ ।

**collision** ବି. ଧକ୍କା, ଚଳମାନ ଦୁଇଟି ବସ୍ତୁର ତୀବ୍ର ସଂଘର୍ଷ; ଭିନ୍ନ ସ୍ୱାର୍ଥର ସଂଘର୍ଷ; collision course ଯେଉଁ କାର୍ଯ୍ୟପନ୍ଥାରେ ସଂଘର୍ଷ ଅନିବାର୍ଯ୍ୟ ।

**collocate** ସ.କ୍ରି. ଏକତ୍ର ବା ପାଖାପାଖି ସ୍ଥାପନ କରିବା, ବିନ୍ୟାସ କରିବା; collocation ବି. ସଂସ୍ଥାପନ, ଯୋଜନା, ବିନ୍ୟାସ ।

**colloid** ବି. ଅଠାଳିଆ ପଦାର୍ଥ, ତରଳ ପଦାର୍ଥ ଯାହାର ଉପାଦାନ ସ୍ଫଟିକ ନହୋଇ କଣା ରୂପରେ ଥାଏ, କଲିଲ (ରସାୟନ) ।

**collop** ବି. ମାଂସଖଣ୍ଡ ।

**colloquial** ବିଂ. କଥିତ ବା ଚଳିତ ଭାଷାରେ ବ୍ୟବହୃତ, ଦୈନନ୍ଦିନ କଥା ବାର୍ତ୍ତାରେ ବ୍ୟବହୃତ, ଆନୁଷ୍ଠାନିକ ସାଧୁଭାଷା ନୁହେଁ ।

**colloquialism** ବି. କଥିତ ଭାଷାର ରୀତି, କଥିତ ଭାଷାର ପ୍ରୟୋଗ ।

**colloquium** ବି. ଶିକ୍ଷଣୀୟ ପାଠଚକ୍ର ବା ବୈଠକ ।

**colloquy** ବି. କଥୋପକଥନ, କଥାବାର୍ତ୍ତା ।

**collusion** ବି. ପ୍ରତାରଣା ନିମନ୍ତେ ଗୁପ୍ତମନ୍ତ୍ରଣା ବା ସହଯୋଗ; collusive ବିଂ. ପ୍ରତାରଣାପୂର୍ଣ୍ଣ, ଷଡ଼ଯନ୍ତ୍ରମୂଳକ ।

**collywobbles** ବି. ବ.ବ. କ.ଭା. ପାକସ୍ଥଳୀରେ ଯନ୍ତ୍ରଣା, ଆତଙ୍କିତ ମନୋଭାବ ।

**cologne** ବି. ଇଉଡିକଲୋନ୍ ବା ତଜ୍ଜାତୀୟ ସୁବାସିତ ଅତର ।

**colon**[1.] ବି. ବିରାମ ଚିହ୍ନ (:) ।

**colon**[2.] ବି. ସ୍ଥୂଳାନ୍ତ୍ର, ବୃହଦନ୍ତ୍ରର ନିମ୍ନାଂଶ ।

**colonel** ବି. କର୍ଣ୍ଣେଲ, ସୈନ୍ୟଦଳର ବ୍ରିଗେଡିଅରଙ୍କ ଅଧସ୍ତନ ପଦାଧିକାରୀ; colonelcy ବି. ସେନାଧିକାରୀଙ୍କ ପଦ ।

**colonial** 1. ବିଂ. ଔପନିବେଶିକ; 2. ବି. ଉପନିବେଶବାସୀ ।

**colonialism** ବି. ଉପନିବେଶବାଦ, ଉପନିବେଶ ଗୁଡ଼ିକର ଶୋଷଣ ନୀତି ।

Digitized by srujanika@gmail.com

**colonist** ବି. ଔପନିବେଶିକ, ଉପନିବେଶବାସୀ ।

**colonize** ସ.କ୍ରି. ଉପନିବେଶ ସ୍ଥାପନ କରିବା, ଉପନିବେଶରେ ବାସ କରିବା; colonization ବି. ଉପନିବେଶ ସ୍ଥାପନ ।

**colonnade** ବି. ସ୍ତମ୍ଭଶ୍ରେଣୀ (ବିଶେଷତଃ ଛାତକୁ ଧରି ରଖିଥିବା); ତରୁଶ୍ରେଣୀ ।

**colony** ବି. ଉପନିବେଶ, ଏକ ନୂତନ ଦେଶରେ ବସତି ସ୍ଥାପନ କରି ସ୍ୱଦେଶର ପୂର୍ଣ୍ଣ ବା ଆଂଶିକ କର୍ତ୍ତୃତ୍ୱ ସ୍ୱୀକାର କରୁଥିବା ଦଳ ବା ଗୋଷ୍ଠୀ, ସେମାନଙ୍କର ଅଧିକୃତ ଅଞ୍ଚଳ, ସମଜାତୀୟତା ଅଥବା ବ୍ୟବସାୟ ଅନ୍ତର୍ଭୁକ୍ତ ଦଳ, ସହରାନ୍ତର୍ଗତ ସେମାନଙ୍କର ବସତି ଅଞ୍ଚଳ, ଏକତ୍ର ବାସ କରୁଥିବା ପଶୁପକ୍ଷୀର ଦଳ ।

**colophon** ବି. ପୁସ୍ତକ ବା ପାଣ୍ଡୁଲିପିର ନାମପତ୍ରରେ ଲିଖିତ ଲେଖକ/ ପ୍ରକାଶକଙ୍କର ନାମ, ପ୍ରକାଶନର ସ୍ଥାନ, ସମୟ ପ୍ରଭୃତି ।

**color** ବି. colourର ଆମେରିକୀୟ ରୂପ ।

**Colorado beetle** ହଳଦିଆ ଏବଂ କଳା ଗୋବରପୋକ (ଏମାନଙ୍କର ଅଣ୍ଡା ଆଳୁଚାଷର କ୍ଷତିକାରକ) ।

**coloration** ବି. ରଙ୍ଗବିନ୍ୟାସ, ବର୍ଣ୍ଣସଜ୍ଜା ।

**coloratura** ବି. କଣ୍ଠ ସଙ୍ଗୀତରେ ସ୍ୱରର ସୁଶ୍ରାବ୍ୟ ଅଳଙ୍କରଣ ।

**colossal** ବିଂ. ଅତିବୃହତ୍, ପ୍ରକାଣ୍ଡ, ବିଶାଳ (ରୋଡ୍ସ୍ ଦ୍ୱୀପସ୍ଥ କଲୋସସ୍ ନାମକ ବିରାଟ ମୂର୍ତ୍ତିର ନାମାନୁସାରେ) ।

**colossus** ବି. ବିଶାଳ ମୂର୍ତ୍ତି, ଜୀବନ୍ତ ଆକାର ଅପେକ୍ଷା ବଡ଼ ମୂର୍ତ୍ତି, ଯେ କୌଣସି ବିରାଟ ବ୍ୟକ୍ତି ବା ପଦାର୍ଥ ।

**colostomy** ବି. ମଳ ନିଷ୍କାସନ ନିମନ୍ତେ ଅସ୍ଥାୟୀ ମାର୍ଗ ପ୍ରସ୍ତୁତ ନିମିତ୍ତ ମଳାଶୟର ଅସ୍ତ୍ରୋପଚାର ।

**colour** 1. ବି. (ଦୃଶ୍ୟମାନ) ବର୍ଣ୍ଣ, ରଙ୍ଗ, ଚିତ୍ରକର ଦ୍ୱାରା ବ୍ୟବହୃତ ରଙ୍ଗ ବା ରଞ୍ଜକ ଦ୍ରବ୍ୟ; (ଦେହର) ବର୍ଣ୍ଣ, (ମୁଖମଣ୍ଡଳର) ପାଟଳିମା ବା ରକ୍ତିମାଭ ବର୍ଣ୍ଣ; ଆଭାସ, ରଞ୍ଜକ (ସତ୍ୟ, ମିଥ୍ୟା, କପଟତା, ଛଳନା, ପ୍ରଭୃତିର); colours ବ.ବ. ସତ୍ୟ ବା ବାସ୍ତବତାର ଆଭାସ; ଖେଳାଳିଙ୍କ ପାଇଁ ମନୋନୀତ ନିର୍ଦ୍ଦିଷ୍ଟ ରଙ୍ଗର ପୋଷାକ, ରିବନ୍ ପ୍ରଭୃତି; ପତାକା, ନିଶାଣ (ସୈନ୍ୟଦଳର); ଗୁଣ, ଭାବ (ସାହିତ୍ୟ ଓ ସଙ୍ଗୀତ ସମ୍ପର୍କରେ); 2. କ୍ରି. ରଙ୍ଗଦେବା, ଚିତ୍ରକରିବା; ଗୋପନ କରିବା, ମିଥ୍ୟା ବର୍ଣ୍ଣନା କରିବା, ଅତିରଞ୍ଜିତ କରିବା, କେତେକାଂଶରେ ପରିବର୍ତ୍ତିତ କରିବା, ରଞ୍ଜିତ ହେବା; 3. colour-bar ଶ୍ୱେତାଙ୍ଗ ଏବଂ କୃଷ୍ଣକାୟମାନଙ୍କ ମଧ୍ୟରେ ବୈଷମ୍ୟ; colour-blind ବର୍ଣ୍ଣାନ୍ଧ, କେତେକ ରଙ୍ଗ ଚିହ୍ନିବାକୁ ଅକ୍ଷମ; colour-sergeant ପଦାତିକ ବାହିନୀର ବରିଷ୍ଠ ସର୍ଜେଣ୍ଟ; nail one's colours to the mast ପରାଜୟ ସ୍ୱୀକାର କରିବାକୁ ରାଜି ନ ହେବା; primary colours ଲାଲ, ସବୁଜ, ବାଇଗଣୀ ପ୍ରଭୃତି ପ୍ରାଥମିକ ରଙ୍ଗ; secondary colours ଦୁଇ ମୁଖ୍ୟ ରଙ୍ଗର ମିଶ୍ରଣ; show one's true colours ନିଜର ପ୍ରକୃତ ରୂପ ଦେଖାଇବା; under false colours ମିଥ୍ୟାରୂପରେ, କପଟତାପୂର୍ଣ୍ଣ; with flying colours ଅତ୍ୟନ୍ତ ସଫଳ ଭାବରେ ।

**colourable** ବିଂ. ଆପାତରମ୍ୟ, ଆପାତ ସୁନ୍ଦର, କିନ୍ତୁ ମିଥ୍ୟା, ଅଚଳ ।

**colouration** ବି. colorationର ବିକଳ୍ପ ।

**coloured** 1. ବିଂ. ରଙ୍ଗୀନ୍, ଚିତ୍ରିତ, ନିଗ୍ରୋ ଜାତୀୟ; 2. ବି. ନିଗ୍ରୋ; Coloured (ଦ. ଆଫ୍ରିକା) ଶ୍ୱେତାଙ୍ଗ ଏବଂ ଅଣଶ୍ୱେତାଙ୍ଗ ଦମ୍ପତିଙ୍କ ସନ୍ତାନ ।

**colourful** ବିଂ. ରଙ୍ଗୀନ୍, ଜୀବନ୍ତ, ବର୍ଣ୍ଣାଢ୍ୟ, ଆକର୍ଷଣୀୟ ।

**colouring** ବି. ରଙ୍ଗଦେବା ପ୍ରଣାଳୀ, ରଞ୍ଜନ, ବାହ୍ୟରୂପ, ମୁଖସୌଷ୍ଠବ ।

**colourless** ବିଂ. ରଙ୍ଗହୀନ, ବିବର୍ଣ୍ଣ, ଆକର୍ଷଣହୀନ ।

**colposcopy** ବି. ସ୍ତ୍ରୀଜନନେନ୍ଦ୍ରିୟ ତଥା ଜରାୟୁଦ୍ୱାରର ଡାକ୍ତରୀ ପରୀକ୍ଷା; colposcope ଏହି ପରୀକ୍ଷା ପାଇଁ ଯନ୍ତ୍ର ।

**colt** ବି. ଅଣ୍ଡିରା ଘୋଡ଼ାଛୁଆ, ଅନିପୁଣ ଖେଳାଳି ।

**colter** ବି. coulterର ବିକଳ୍ପ (ଆମେ.) ।

**columbine** ବି. ବାଇଗଣୀ ପୁଷ୍ପ ବିଶିଷ୍ଟ ଉଦ୍ଭିଦ ।

**column** ବି. ସ୍ତମ୍ଭ, ସ୍ତମ୍ଭାକୃତିପଦାର୍ଥ, ବହି ବା ସମ୍ବାଦ ପତ୍ରର ଉପରୁ ତଳକୁ ଲେଖାଯାଇଥିବା ଅକ୍ଷର ଧାଡ଼ି, ସ୍ତମ୍ଭ; ଏକପ୍ରକାର ସୈନ୍ୟ ସଜ୍ଜା, ସୈନ୍ୟଶ୍ରେଣୀ; ବିଂ. columnar.

**columnist** ବି. ସମ୍ବାଦ ପତ୍ରରେ କୌଣସି ନିର୍ଦ୍ଦିଷ୍ଟ ସ୍ତମ୍ଭରେ ନିୟମିତ ଲେଖୁଥିବା ବ୍ୟକ୍ତି ।

**coma** ବି. ଅଚେତନ ଅବସ୍ଥା, ମୂର୍ଚ୍ଛା ।

Digitized by srujanika@gmail.com

**comatose** ବିଂ. ଅଚେତନ ଅବସ୍ଥାଗ୍ରସ୍ତ, ନିଦ୍ରାମଗ୍ନ, ତନ୍ଦ୍ରାତୁର ।

**comb** 1. ବି. ପାନିଆ, କଙ୍କତିକା; ମହୁଫେଣା, ଯନ୍ତ୍ରର ଏହି ଧରଣର ଅଂଶ; କୁକୁଡ଼ା ଚୂଳ; 2. ସ.କ୍ରି. ପାନିଆ ଦ୍ୱାରା କୁଣ୍ଡାଇବା, ସଫା କରିବା, ତନ୍ନ ତନ୍ନ କରି ଖୋଜିବା; comb out ପାନିଆ ଦ୍ୱାରା ସଫା କରିବା ।

**combat** 1. ବି. ଯୁଦ୍ଧ, ଦ୍ୱନ୍ଦ୍ୱ, ଲଢାଇ, ବିବାଦ, ସଂଘର୍ଷବୃତ୍ତି; 2. କ୍ରି. ଯୁଦ୍ଧ କରିବା, ବିବାଦ କରିବା, ବାଧାଦେବା, ପ୍ରତିରୋଧ କରିବା ।

**combatant** 1. ବି. ଯୋଦ୍ଧା, ପ୍ରତିଦ୍ୱନ୍ଦ୍ୱୀ, ମଲ୍ଲ; 2. ବିଂ. ଯୁଦ୍ଧକାମୀ, ଯୁଦ୍ଧପ୍ରବଣ, ଯୁଦ୍ଧରତ, ଯୁଦ୍ଧପାଇଁ ଆଗ୍ରହୀ ।

**combative** ବିଂ. ଯୁଦ୍ଧପ୍ରିୟ, କଳହପ୍ରିୟ ।

**combe** ବି. coombର ବିକଳ୍ପରୂପ ।

**combination** ବି. ସଂଯୋଗ, ସଂହତି, ମିଳନ, ବ୍ୟକ୍ତି ବା ପଦାର୍ଥ ମଧ୍ୟରେ ମେଳ, ଉକ୍ତ ଅବସ୍ଥା, ସଂଖ୍ୟା କିମ୍ବା ଅକ୍ଷରର ସମାବେଶ ଯାହାଦ୍ୱାରା ଏକ ପ୍ରକାର ତାଲା ଖୋଲାଯାଇ ପାରେ; ସାଇକ୍ଲ କାର ସଂଲଗ୍ନ ମୋଟର ଗାଡ଼ି; ବ.ବ. ଏକାଧାରେ ଶରୀର ଓ ପାଦକୁ ଆଚ୍ଛାଦନ କରିବା ପାଇଁ ପ୍ରସ୍ତୁତ ଅଧୋବସ୍ତ୍ର; combination lock ନିର୍ଦ୍ଦିଷ୍ଟ ଉପାୟରେ ଖୋଲୁଥିବା ତାଲା ।

**combine** 1. କ୍ରି. ଯୋଗ କରିବା, ସଂଯୁକ୍ତ କରିବା, ଏକତ୍ର କରିବା, ସମ୍ମିଳିତ କରିବା, ସହଯୋଗ କରିବା, ମିଳାଇବା; combining form ସଂଯୋଜକ ଶବ୍ଦାବଳୀ, 2. ବ୍ୟବସାୟ ପାଇଁ ବ୍ୟକ୍ତି ବା ଅନୁଷ୍ଠାନମାନଙ୍କର ସଂଘ; combine harvester କାଟିବା ଓ ଅମଳ କାର୍ଯ୍ୟ ସମ୍ପାଦନ କରୁଥିବା ଯନ୍ତ୍ର ।

**combings** ବି. ପାନିଆ ବା ବ୍ରସ୍‌ଦ୍ୱାରା ଛାଡ଼ିଦିଆଯାଉଥିବା ଉପୁଡ଼ା ବାଳ ସମୂହ ।

**combustible** 1. ବିଂ. ଦାହ୍ୟ, ଜ୍ୱଳନଶୀଳ; 2. ବି. ଦାହ୍ୟ ପଦାର୍ଥ; combustibility ବି. ଦହନଶୀଳତା ।

**combustion** ବି. ଦହନ, ରାସାୟନିକ ମିଶ୍ରଣରୁ ଜାତ ଆଲୋକ ଓ ଉତ୍ତାପ, ଦାହ ।

**come** କ୍ରି. ଆସିବା, ନିକଟବର୍ତ୍ତୀ ହେବା, ପହଞ୍ଚିବା, ଉପନୀତ ହେବା, ଦେଖାଯିବା; ସମାନ ହେବା, ମୋଟହେବା, ସ୍ଥାନପାଇବା, ନିର୍ଦ୍ଦିଷ୍ଟ ହେବା, ଘଟିବା, ଫଳସ୍ୱରୂପ ହେବା, ଉପଲବ୍ଧ ହେବା, ଦୃଷ୍ଟି ବା ଜ୍ଞାନ ଗୋଚର ହେବା; ବ୍ୟବହାର ବା ଆଚରଣ କରିବା; come about ଘଟିବା; come across ହଠାତ୍ ଦେଖିବା, ଭେଟିବା; come again ପୁନର୍ବାର ଚେଷ୍ଟା କରିବା; come along ଅଗ୍ରସର ହେବା, ତ୍ୱରାନ୍ୱିତ ହେବା; come at ପହଞ୍ଚିବା, ଆକ୍ରମଣ କରିବା; come away ପ୍ରସ୍ଥାନ କରିବା, ଚାଲିଯିବା; come back ଫେରି ଆସିବା, ବିରତ ହେବା, ମନେପଡ଼ିଯିବା, ପୂର୍ବାବସ୍ଥାକୁ ଫେରି ଆସିବା; come between ମଝିରେ ଆସି ପଡ଼ିବା, ଅଲଗା କରିଦେବା; come by ପାଇବା, ସାକ୍ଷାତ୍ ନିମନ୍ତେ ଆସିବା; come down ଅବରୋହଣ କରିବା, କମିଯିବା, ଶସ୍ତା ହେବା, ପରଂପରାର ଉତ୍ତରାଧିକାରୀ ହେବା, ନିଷ୍ପତ୍ତି କରିବା; come down ଧନ, ସମ୍ମାନ ହରେଇବା, come down on ତୀବ୍ର ସମାଲୋଚନା କରିବା, ଭର୍ତ୍ସନା କରିବା, ଦଣ୍ଡଦେବା, come down with (ରୋଗ) ଭୋଗିବାକୁ ଆରମ୍ଭ କରିବା; come forward ଆଗକୁ ଆସିବା, ସମ୍ମୁଖରେ ଉପସ୍ଥିତ ହେବା; come-hither ନିମନ୍ତ୍ରଣ ସୂଚକ ଆହ୍ୱାନ; come home to ଘରକୁ ଫେରିବା, ମନକୁ ପାଇବା, ହୃଦ୍‌ବୋଧ ହେବା; come in ପ୍ରବେଶ କରିବା, ଦୌଡ଼ରେ ନିର୍ଦ୍ଦିଷ୍ଟ ସ୍ଥାନ ଅଧିକାର କରିବା; come in for ନିଜର ଅଂଶ ସ୍ୱରୂପ ପାଇବା; come into ପ୍ରବେଶ କରିବା, ଉତ୍ତରାଧିକାର ସୂତ୍ରରେ ପାଇବା; come of age ସାବାଳକ ହେବା, ପ୍ରାପ୍ତବୟସ୍କ ହେବା; come off ବିଚ୍ଛିନ୍ନ ହେବା, ଘଟିବା, ହେବା; come on ଅଗ୍ରସର ହେବା, ଆରମ୍ଭ କରିବା ବା ହେବା, ମଞ୍ଚରେ ଉପସ୍ଥିତ ହେବା, (ଶୀଘ୍ର ଆସ, ମୋ ପଛେ ପଛେ ଆସ, ମୁଁ ଯାହା କହୁଛି କର-ଇତ୍ୟାଦି); come out ପ୍ରକାଶିତ ହେବା (ପୁସ୍ତକ ଆଦି), ଜଣା ପଡ଼ିଯିବା (ବିଷୟ ଆଦି), ପ୍ରକାଶ ପାଇବା, ଫଟୋରେ ସ୍ପଷ୍ଟ ଦେଖାଯିବା, (ଦାଗ ଇତ୍ୟାଦି) ଦୂର ହୋଇଯିବା, ପରୀକ୍ଷାରେ ନିର୍ଦ୍ଦିଷ୍ଟ ଫଳ ପାଇବା; come out with କହିବା, ପ୍ରକାଶ କରିଦେବା; come over ଦୂରରୁ ଆସିବା ବା ବହୁ ବାଧା ଅତିକ୍ରମ କରି ଆସିବା, ମତ ବା ପକ୍ଷ ପରିବର୍ତ୍ତନ କରିବା; come round ଆରୋଗ୍ୟ ଲାଭ କରିବା, ସାକ୍ଷାତ ନିମନ୍ତେ ଆସିବା, ଅନ୍ୟ ମତରେ

Digitized by srujanika@gmail.com

ପରିବର୍ତ୍ତିତ ହେବା; come to ମରାମରି ବା ହାତାହାତି ହେବା, ସଚେତ ହେବା, ସମାନ ହେବା; come to nothing ଅସଫଳ ହେବା, ଅକୃତକାର୍ଯ୍ୟ ହେବା, ଅବଶେଷରେ କିଛି ନପାଇବା; come to one's senses ପ୍ରକୃତିସ୍ଥ ହେବା, ଆତ୍ମ-ସଚେତନ ହେବା; come true ସତ୍ୟ ହେବା, come up ଉଠିବା, ଆଲୋଚିତ ବା ସୂଚିତ ହେବା; come up against ସମ୍ମୁଖୀନ ହେବା, ପ୍ରତିରୋଧର ସାମ୍ନା କରିବା; come upon ଆକସ୍ମିକ ଭାବରେ ଭେଟିବା, ହଠାତ୍ ଆକ୍ରମଣ କରିବା; come up to ପହଂଚିବା, ସମାନହେବା; come up with ଉପସ୍ଥିତହେବା, ଉତ୍ପାଦନ କରିବା ପଛରୁ ଯାଇ ଭେଟିବା।

**Comecon** ବି. କମ୍ୟୁନିଷ୍ଟ ରାଜ୍ୟ ଗୁଡ଼ିକର ଅର୍ଥନୈତିକ ସଂଘ।

**comedian** ବି. ହାସ୍ୟାଭିନେତା।

**comedy** ବି. ମିଳନାନ୍ତକ ବା ସୁଖାନ୍ତ ନାଟକ, ବାସ୍ତବ ଜୀବନର ଆନନ୍ଦଦାୟକ କାର୍ଯ୍ୟ, ହାସ୍ୟରସ, କୌତୁକାବହ ବିଷୟ।

**comely** ବିଂ. ସୁଶ୍ରୀ, ସୁନ୍ଦର, ସୁଦର୍ଶନ, କମନୀୟ।

**comeliness** ବି. ସୌନ୍ଦର୍ଯ୍ୟ, କମନୀୟ ରୂପ।

**comer** ବି. ଯେ ଆସେ; all comers ଯେକୌଣସି ଆବେଦନକାରୀ, ଆହ୍ୱାନର ପ୍ରତ୍ୟାହ୍ୱାନକାରୀ ପ୍ରଭୃତି।

**comestibles** ବି. ବ.ବ. ଖାଦ୍ୟଦ୍ରବ୍ୟ ସବୁ।

**comet** ବି. ଧୂମକେତୁ, ଲଂଜାତାରା।

**comfit** ବି. *ପ୍ରା.ପ୍ର.* କୋଳି ବା ଫଳମିଶା ମିଠାଇ, ଚିନିରେ ସଂରକ୍ଷିତ ଫଳ ବା ମୋରବ୍ବା।

**comfort** 1. ବି. ଶାରୀରିକ ବା ମାନସିକ ସୁସ୍ଥତା, ସ୍ୱାଚ୍ଛନ୍ଦ୍ୟ, ଆରାମ; ଦୁଃଖ ଓ ଶୋକରୁ ନିଷ୍କୃତି; ସୁବିଧା, ସାନ୍ତ୍ୱନା, ଯେଉଁ ବ୍ୟକ୍ତି ବା ବସ୍ତୁଠାରୁ ଏହା ମିଳେ; 2. କ୍ରି. ସାନ୍ତ୍ୱନା ଦେବା, ପ୍ରଫୁଲ୍ଲ କରାଇବା।

**comfortable** ବିଂ. ଆରାମଦାୟକ, ସୁଖଦାୟକ, ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ; ଆଶ୍ୱସ୍ତ, ଯନ୍ତ୍ରଣା ଏବଂ କାଠିନ୍ୟ ପ୍ରଭୃତିରୁ ମୁକ୍ତ; ଯଥେଷ୍ଟ ପ୍ରଶଂସନୀୟ; କ୍ରି.ବିଂ. comfortably.

**comforter** ବି. ସାନ୍ତ୍ୱନା ଦାନକାରୀ, ପଶମ ତିଆରି ଶିରୋବେଷ୍ଟିନୀ, ଗଳାବନ୍ଧନୀ; the Comforter ପବିତ୍ର ଆତ୍ମା (the Holy Spirit).

**comfy** ବିଂ. *କ.ଭା.* ଆରାମପ୍ରଦ।

**comic** 1. ବିଂ. ହାସ୍ୟରସ ସଂପୃକ୍ତ, ସୁଖାନ୍ତ ନାଟକ ସମ୍ବନ୍ଧୀୟ, ହାସ୍ୟୋଦ୍ଦୀପକ, କୌତୁକିଆ; 2. ବି. ହାସ୍ୟାଭିନେତା, ଚିତ୍ରସମନ୍ୱିତ ସମ୍ବାଦ ପତ୍ର; 3. comic strip ସମ୍ବାଦପତ୍ରରେ ଦାହାରୁଥିବା ହାସ୍ୟରସାତ୍ମକ ସାହସିକ ଚିତ୍ର-କାହାଣୀର ରେଖାଚିତ୍ର; 4. comical ବିଂ. ହାସ୍ୟୋଦ୍ଦୀପକ; comically କ୍ରି.ବିଂ. ହାସ୍ୟୋଦ୍ଦୀପକ ଭାବରେ।

**coming** 1. ବିଂ. ଆଗାମୀ, ଆସନ୍ତା; 2. ବି. ଆଗମନ।

**comity** ବି. ଶିଷ୍ଟତା, ସୌଜନ୍ୟ, ବନ୍ଧୁତା, ରାଷ୍ଟ୍ର ସଂଘ; comity of nations ଆନ୍ତର୍ଜାତିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ୱୀକୃତି।

**comma** ବି. ବାକ୍ୟର ଅଂଶ ମଧ୍ୟରେ ସ୍ୱଳ୍ପ ବିରତି ସୂଚକ ଚିହ୍ନ (,), କମା।

**command** 1. କ୍ରି. ଅଦେଶ ବା ଆଜ୍ଞାଦେବା, ହୁକୁମ୍ କରିବା, ଶାସନ କରିବା, ନିୟନ୍ତ୍ରଣ କରିବା, ଆୟତ୍ତାଧୀନ କରିବା, ପାଇପାରିବା, ବ୍ୟବହାର କରିପାରିବା, ଅଧିକାରରେ ରଖିବା, ପ୍ରାଧାନ୍ୟ ବିସ୍ତାର କରିବା; 2. ବି. ଆଦେଶ, ଆଜ୍ଞା, ହୁକୁମ୍, କ୍ଷମତା ପ୍ରୟୋଗ, ପ୍ରଭୁତ୍ୱ, ଶାସନ, ଦକ୍ଷତା, ନିୟନ୍ତ୍ରଣ କ୍ଷମତା; Command Paper ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଉପସ୍ଥାପିତ ରାଜକୀୟ ଆଦେଶପତ୍ର command perfo-remance ରାଜାନୁରୋଧରେ ପ୍ରଦର୍ଶିତ ଚଳଚ୍ଚିତ୍ର ବା ଦୃଶ୍ୟାଭିନୟ ପ୍ରଭୃତି।

**commandant** ବି. ସାମରିକ ଶିକ୍ଷାନୁଷ୍ଠାନ ବା ଯୁଦ୍ଧବନ୍ଦୀ ଶିବିରର ଅଧିନାୟକ।

**commandeer** ସ. କ୍ରି. ସାମରିକ ଉଦ୍ଦେଶ୍ୟରେ ସାଧାରଣ ସମ୍ପତ୍ତିକୁ ବାଧ୍ୟାତ୍ମ କରିବା, ବଳପୂର୍ବକ ଅଧିକାର କରିବା।

**commander** ବି. କେପ୍ଟେନଙ୍କ ଅଧସ୍ତନ ନୌବିଭାଗର କର୍ମଚାରୀ; commander in chief ସେନାଧ୍ୟକ୍ଷ, ପ୍ରଧାନ ସେନାପତି।

**commanding** ବିଂ. ଦୃଷ୍ଟି ଆକର୍ଷଣକାରୀ, ସମୁଚ୍ଚ ବା ପ୍ରଭାବଶାଳୀ।

**commandment** ବି. ଆଦେଶ, ଦୈବବିଧି, ଦୈବାଜ୍ଞା, ଉପଦେଶ, ଅନୁଶାସନ; Ten Commandments ମୋଜେସ୍‌ଙ୍କୁ ଈଶ୍ୱରଙ୍କ ପ୍ରଦତ୍ତ ଦଶ ଅନୁଶାସନ।

Digitized by srujanika@gmail.com

**commando** ବି. (ବ.ବ. commandos) ସୁରକ୍ଷା/ଅଭିଯାନ ନିମନ୍ତେ ଗଠିତ ଭଳଟର ଦୁଃସାହସୀ ସୈନ୍ୟଦଳ, ଏହି ଦଳର ସଭ୍ୟ।

**commemorate** ସ.କ୍ରି. ସ୍ମୃତିରକ୍ଷା କରିବା, ମନେ ରଖିବା ନିମନ୍ତେ ଉତ୍ସବାଦି ଅନୁଷ୍ଠାନ କରିବା; commemoration ବି. ସ୍ମାରକୀ ଉତ୍ସବ; commemorative ବିଂ. ସ୍ମାରକୀ।

**commence** କ୍ରି. ଆରମ୍ଭ ହେବା।

**commencement** ବି. ଆରମ୍ଭ; ଉପାଧି ପ୍ରଦାନ ଉତ୍ସବ।

**commend** ସ.କ୍ରି. ପ୍ରଶଂସାକରିବା, ସୁପାରିଶ୍ କରିବା, ବିଶ୍ୱାସ ଜନ୍ମାଇବା, ଅଙ୍ଗୀକାର କରିବା; commendation ବି. ପ୍ରଶଂସା; commendatory ବିଂ. ପ୍ରଶଂସାସୂଚକ।

**commendable** ବିଂ. ପ୍ରଶଂସନୀୟ।

**commensurable** ବିଂ. ସମମାନ ବା ସମପରିମାଣ ବିଶିଷ୍ଟ, ସମାନୁପାତିକ, ସମପରିମେୟ।

**commensurate** ବିଂ. ସମାନ, ସମାନୁପାତିକ, ଅନୁରୂପ।

**comment** 1. ବି. ଟୀକା, ଟିପ୍ପଣୀ, ସମାଲୋଚନା, ମନ୍ତବ୍ୟ; 2. କ୍ରି. ଟୀକା ବା ଟିପ୍ପଣୀ କରିବା, ମନ୍ତବ୍ୟ ଦେବା, ନିଜର ମତ ପ୍ରକାଶ କରିବା; 3. no comment କୌଣସି ବିଷୟରେ ମନ୍ତବ୍ୟ ପ୍ରକାଶରୁ ବିରତ ରହିବା।

**commentary** ବି. ଭାଷ୍ୟ, ବ୍ୟାଖ୍ୟା ବା ସମାଲୋଚନା ପୁସ୍ତକ, ଟୀକା, ଧାରାବିବରଣୀ।

**commentate** କ୍ରି. ଟିପ୍ପଣୀ ବା ବ୍ୟାଖ୍ୟା ପ୍ରଦାନକାରୀଭାବେ କାର୍ଯ୍ୟ କରିବା।

**commentator** ବି. ଭାଷ୍ୟକାର, ଟୀକାକାର, ଧାରାବିବରଣୀ ପ୍ରଦାନକାରୀ।

**commerce** ବି. କ୍ରୟ-ବିକ୍ରୟ; ବ୍ୟାଙ୍କ ବୀମାକରଣ ଆଦି ସହିତ ସମସ୍ତ ପ୍ରକାର ବ୍ୟବସାୟ ବାଣିଜ୍ୟ।

**commercial** 1. ବିଂ. ବାଣିଜ୍ୟ ସମ୍ବନ୍ଧୀୟ, ମୁଖ୍ୟତଃ ଆର୍ଥିକ ଲାଭ ସମ୍ପର୍କୀୟ, (ବେତାର ପ୍ରଚାର ସମ୍ପର୍କରେ) ଆର୍ଥିକ ଲାଭ ଉଦ୍ଦେଶ୍ୟରେ ପ୍ରଚାରିତ ବିଜ୍ଞାପନ ସମ୍ବନ୍ଧୀୟ, (ରାସାୟନିକ ସମ୍ପର୍କରେ) ଅବିଶୁଦ୍ଧ; 2. ବି. ପ୍ରଚାରିତ ବିଜ୍ଞାପନ; commercial art ବିଜ୍ଞାପନ... ...ବହୃତ କଳା-ଶୈଳୀ; commercial traveller ପଣ୍ୟବରାଦ ସଂଗ୍ରହ ନିମିତ୍ତ ଅନୁଷ୍ଠାନର ଭ୍ରାମ୍ୟମାଣ ପ୍ରତିନିଧି।

**commercialism** ବି. ବାଣିଜ୍ୟିକ ଦୃଷ୍ଟିଭଙ୍ଗୀ।

**commercialize** କ୍ରି. ଲାଭଜନକ ବ୍ୟବସାୟରେ ପରିଣତ କରିବା, ଲାଭ ଉଠାଇବା; ବି. commercialization.

**commination** ବି. ଦୈବ ଅଭିଶାପ, ଦୈବ-କୋପଦୃଷ୍ଟି; comminatory ବିଂ. ଦୈବ ଅଭିଶାପସୂଚକ।

**commingle** କ୍ରି. ମିଶାଇବା ବା ମିଶିବା।

**comminute** ସ.କ୍ରି. ଭଲ ଭାବରେ ଗୁଣ୍ଡକରି ଚୂରିବା, ପେଷିବା; କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ କରିବା; comminution ବି. ଚୂର୍ଣ୍ଣୀକରଣ।

**commiserate** କ୍ରି. ସମବେଦନା ପ୍ରକାଶ କରିବା, ସହାନୁଭୂତି ପ୍ରକାଶ କରିବା; commiseration ବି. ସମବେଦନା, ସହାନୁଭୂତି, ଅନୁକମ୍ପା, ଦୟା; commiserative ବିଂ. ସମବେଦନାସୂଚକ।

**commissar** ବି. ରୁଷୀୟ ସରକାରୀ ବିଭାଗର ପ୍ରଧାନ କର୍ମଚାରୀ।

**commissariat** ବି. ସୈନ୍ୟ ବିଭାଗର ରସଦ୍ (ଖାଦ୍ୟାଦି) ଯୋଗାଣ ବିଭାଗ, ରୁଷୀୟ ସରକାରୀ ବିଭାଗ।

**commissary** ବି. ପ୍ରତିନିଧି ବା ଭାରପ୍ରାପ୍ତ କର୍ମଚାରୀ, ଆମେରିକୀୟ ସୈନ୍ୟ ବିଭାଗକୁ ଖାଦ୍ୟାଦି ଯୋଗାଇବାର ଭଣ୍ଡାର, ଆମେରିକୀୟ ଚଳଚ୍ଚିତ୍ର ଷ୍ଟୁଡ଼ିଓର ରେସ୍ତୋରାଁ; ବିଂ. commissarial.

**commission** 1. ବି. କୌଣସି କାର୍ଯ୍ୟ ନିମନ୍ତେ କର୍ତ୍ତୃତ୍ୱ ପ୍ରଦାନ, ଏହିପରି ପ୍ରଦତ୍ତ କାର୍ଯ୍ୟଭାର, ସେହିଭଳି ବ୍ୟକ୍ତିଙ୍କର କର୍ତ୍ତୃତ୍ୱ ବା ହୁକୁମନାମା; ନିର୍ଦ୍ଦିଷ୍ଟ କର୍ମ ସମ୍ପାଦନ ନିମନ୍ତେ ଗଠିତ କାର୍ଯ୍ୟନିର୍ବାହିକା ମଣ୍ଡଳୀ, କମିଶନ; ସୈନ୍ୟବିଭାଗର ଉଚ୍ଚ ପଦାଧିକାରୀର କ୍ଷମତା; କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କୁ ଦିଆଯାଉଥିବା ବେତନ ବା ଦସ୍ତୁରୀ; ସମ୍ପାଦନ (କାର୍ଯ୍ୟ); 2. ସ.କ୍ରି. ହୁକୁମନାମା ଦ୍ୱାରା କ୍ଷମତା ପ୍ରଦାନ କରିବା (କୌଣସି କାର୍ଯ୍ୟ ପାଇଁ), ନିଯୁକ୍ତି ଦେବା, ଜାହାଜର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେବା, ଜାହାଜକୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରିବା; ମେସିନକୁ କାର୍ଯ୍ୟକ୍ଷମ କରିବା; 3. commisson -agent ପେଶାଦାର

Digitized by srujanika@gmail.com

ପ୍ରତିନିଧି ବା ବାଜି ବ୍ୟବସାୟୀ in or out of commission (ଜାହାଜ ସମ୍ପର୍କରେ) ବ୍ୟବହାର ଉପଯୋଗୀ ବା ଅନ୍ୟଥା ହେବା ।

**commissionaire** ବି. ସିନେମା, ଥିଏଟର ପ୍ରଭୃତିର ପ୍ରବେଶ ଦ୍ୱାରରେ ଥିବା ପୋଷାକଧାରୀ କର୍ମଚାରୀ ।

**commissioner** ବି. କମିଶନର ସଦସ୍ୟ, ଜିଲ୍ଲା ବା ବିଭାଗୀୟ ସ୍ତରରେ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଉଚ୍ଚ କର୍ମଚାରୀ, ଭାରପ୍ରାପ୍ତ ବ୍ୟକ୍ତି; Commissioner for Oaths ଏଫିଡେଭିଟ ବା ସତ୍ୟପାଠ କରାଇବା ନିମନ୍ତେ କ୍ଷମତାପ୍ରାପ୍ତ କର୍ମଚାରୀ ।

**commissure** ବି. ଦୁଇ ଅସ୍ଥିର ସଂଯୋଗସ୍ଥଳୀ ।

**commit** କ୍ରି. (ଅପରାଧ, ଦୋଷ) କରିବା, ନିରାପଦରେ ରଖିବା ବା ରୋଗମୁକ୍ତ କରିବା ଲାଗି ସମର୍ପଣ କରିବା, ନ୍ୟସ୍ତ କରିବା, କୌଣସି କାର୍ଯ୍ୟ କରିବାକୁ ଜବାବ୍ କରିବା, ପ୍ରତିଶ୍ରୁତି ଦେବା; ଲୋକକୁ ଜେଲ ପଠାଇବା, କାର୍ଯ୍ୟରେ ଜଡ଼ିତ ହୋଇଯିବା, (କୌଣସି ଲକ୍ଷ୍ୟରେ) ନିଜକୁ ଉତ୍ସର୍ଗ କରିଦେବା; commit to memory ମନେରଖିବା, ମୁଖସ୍ଥ କରିବା; commit to paper (or writing) ଲିପିବଦ୍ଧ କରିବା ।

**commitment** ବି. ସମର୍ପଣ, ସୁପର୍ଦ, ଦାୟିତ୍ୱ ଗ୍ରହଣ, ଅଙ୍ଗୀକାର, ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ବା ଉଦ୍ଦେଶ୍ୟ ଲାଗି ଆତ୍ମୋତ୍ସର୍ଗ ।

**committal** ବି. ଜବାବ, ପ୍ରତିଶ୍ରୁତି, ବନ୍ଦୀଶାଳାକୁ ପ୍ରେରଣ ।

**committed** ବିଂ. ଉତ୍ସର୍ଗୀକୃତ ।

**committee** ବି. ସମିତି, କାର୍ଯ୍ୟ ନିର୍ବାହିକା ସଭା, କମିଟି; standing committee ସ୍ଥାୟୀ ସମିତି ।

**commode** ବି. ମଳମୂତ୍ର ତ୍ୟାଗର ପାତ୍ର, ଡ୍ରୟାର ଯୁକ୍ତ ଆଲମାରୀ ।

**commodious** ବିଂ. ପ୍ରଶସ୍ତ, ସୁବିଧାଜନକ, ଉପଯୁକ୍ତ ।

**commodity** ବି. ସାମଗ୍ରୀ, ପଣ୍ୟଦ୍ରବ୍ୟ ।

**commodore** ବି. ନୌସେନାଧିନାୟକ (ରିଅର ଆଡମିରାଲଙ୍କ ଅବ୍ୟବହିତ ଅଧସ୍ତନ) ।

**common** 1. ବିଂ. ସାଧାରଣ, ବହୁଲୋକଙ୍କ ଦ୍ୱାରା ବ୍ୟବହୃତ, ସର୍ବସାଧାରଣ, ସାର୍ବଜନୀନ, ସର୍ବତ୍ର ଦୃଷ୍ଟ, ସଚରାଚର ଦୃଷ୍ଟ, ବ୍ୟାପକ, ପୁନଃପୁନଃ ସଂଘଟିତ; (ପଦାର୍ଥ ସମ୍ପର୍କରେ) ନିକୃଷ୍ଟ, ଶସ୍ତା, ଖରାପ; ସାଧାରଣ (ବ୍ୟକ୍ତି ସମ୍ପର୍କରେ); ଇତର, ନୀଚ, [illegible]; (ବ୍ୟାକରଣ-ବିଶେଷ୍ୟ ସମ୍ପର୍କରେ) ଜାତି ବାଚକ, (ଲିଙ୍ଗ ସମ୍ପର୍କରେ) ପୁଂ ବା ସ୍ତ୍ରୀଲିଙ୍ଗ ବାଚକ ବ୍ୟକ୍ତି, (ଗଣିତରେ) ସାଧାରଣ ଗୁଣିତକ; 2. ବି. ସର୍ବସାଧାରଣ ଭୂମି, ଅନାବାଦୀ, ଗୋଚର ଜମି; common ground ଯେଉଁ ବ୍ୟାପାରରେ ବିବଦମାନ ଦୁଇପକ୍ଷ ଏକମତ ହୋଇଯାଆନ୍ତି; common law ରୀତି ଓ ପ୍ରଥାନିର୍ଭର ଅଲିଖିତ ଆଇନ୍; common-law husband, wife ପାରମ୍ପରିକ ବିବାହ ବ୍ୟତୀତ ଆଇନ୍ ସ୍ୱୀକୃତ ସ୍ୱାମୀ-ସ୍ତ୍ରୀ; Common Market ୟୁରୋପୀୟ ଅର୍ଥନୈତିକ ସଂଘ; common room ମହାବିଦ୍ୟାଳୟରେ ଛାତ୍ର ବା ଶିକ୍ଷକମାନଙ୍କର ଅବସର ବିନୋଦନ କକ୍ଷ; common sense କାଣ୍ଡଜ୍ଞାନ, ବିଷୟବୁଦ୍ଧି, ଦୈନନ୍ଦିନ ବିଷୟରେ ଉତ୍ତମ ବ୍ୟାବହାରିକ ଜ୍ଞାନ; in common ସମ୍ମିଳିତ ଭାବରେ, ସାମୂହିକ ଭାବରେ ବ୍ୟବହୃତ ।

**commonality** ବି. ସାଧାରଣ ଘଟଣା ।

**commonalty** ବି. ସର୍ବ ସାଧାରଣ ।

**commoner** ବି. ସାଧାରଣ ବ୍ୟକ୍ତି, ମହାବିଦ୍ୟାଳୟରୁ ଆର୍ଥିକ ସାହାଯ୍ୟ ପାଉ ନଥିବା ଛାତ୍ର ।

**commonly** କ୍ରି.ବିଂ. ସାଧାରଣତଃ, ପ୍ରାୟତଃ ।

**commonplace** 1. ବିଂ. ଅତିସାଧାରଣ, ସଚରାଚର ପରିଦୃଷ୍ଟ ବା ବ୍ୟବହୃତ, ନୂତନତ୍ୱ ବିହୀନ, ସାଧାରଣ ମନ୍ତବ୍ୟ; 2. ବି. ସାଧାରଣ ଘଟଣା ବା ବିଷୟ, ବୈଶିଷ୍ଟ୍ୟହୀନ ବା ମୌଳିକତା ବିହୀନ ବିଷୟ ।

**commons** ବି. ବ.ବ. ସାଧାରଣ ଲୋକେ; Commons ବିଲାତର House of Commons (ଲୋକସଭା) ।

**commonsensical** ବିଂ. ସାଧାରଣ ବୁଦ୍ଧିବିଶିଷ୍ଟ ।

**commonwealth** ବି. ସ୍ୱାଧୀନ ରାଜ୍ୟ ବା ଗୋଷ୍ଠୀ, ସାଧାରଣତନ୍ତ୍ର ବା ଗଣତାନ୍ତ୍ରିକ ରାଜ୍ୟ, ସାଧାରଣତନ୍ତ୍ର ରାଷ୍ଟ୍ରମଣ୍ଡଳ, ରାଜ୍ୟଗୋଷ୍ଠୀ; the Commonwealth ବ୍ରିଟିଶ୍ ଜନତଂତ୍ର (୧୬୪୯-୬୦); the (British) Commonwealth ବ୍ରିଟେନର ପୂର୍ବତନ ଉପନିବେଶ

Digitized by srujanika@gmail.com

ଏବଂ ବର୍ତ୍ତମାନ ସ୍ୱାଧୀନ ରାଷ୍ଟ୍ରଗୁଡ଼ିକ ସହ ଏହାର ମିଳିତ ସଂଘ; Commonwealth Day ମାର୍ଚ୍ଚ ମାସର ଦ୍ୱିତୀୟ ସୋମବାରରେ ପାଳିତ ରାଜ୍ୟ ଗୋଷ୍ଠୀ ଦିବସ ।

**commotion** ବି. ଆନ୍ଦୋଳନ, ଉତ୍ତେଜନା, ହଇଚଇ, ଗଣ୍ଡଗୋଳ, ବିଭ୍ରାଟ, ହୁଲସ୍ଥୁଲ ।

**communal** ବିଂ. ସାମ୍ପ୍ରଦାୟିକ, ସମ୍ପ୍ରଦାୟ ମଧ୍ୟରେ ସର୍ବସାଧାରଣ; communally କ୍ରି.ବିଂ. ସାମ୍ପ୍ରଦାୟିକ ଭାବରେ ।

**commune**[1] ବି. ଏକତ୍ର ସହାବସ୍ଥାନ କରୁଥିବା ଭିନ୍ନ ପରିବାରର ଲୋକ ସମୂହ, ଫ୍ରାନ୍ସ ଏବଂ ଅନ୍ୟ ୟୁରୋପୀୟ ଦେଶରେ ଶାସନ ସଂକ୍ରାନ୍ତ କ୍ଷୁଦ୍ରବିଭାଗ ।

**commune**[2] *ଅ.କ୍ରି.* ଆଦାନ ପ୍ରଦାନ କରିବା (ମାନସିକ ବା ଆଧ୍ୟାତ୍ମିକ ସ୍ତରରେ); ଅନ୍ତରଙ୍ଗତା ଅନୁଭବ କରିବା ।

**communicable** ବିଂ. ଜଣାଇବା ଯୋଗ୍ୟ, ବିନିମୟ ଯୋଗ୍ୟ, ସଂକ୍ରାମକ ।

**communicant** ବି. ସମ୍ବାଦପ୍ରଦାନକାରୀ, ଦୈବ ସାଯୁଜ୍ୟ ଲାଭକାରୀ (ଖ୍ରୀଷ୍ଟୀୟ) ।

**communicate** କ୍ରି. ସମ୍ବାଦଦେବା, ସଂକ୍ରମଣ କରିବା (ମତ, ଉତ୍ତାପ, ଗତି, ରୋଗ ଇତ୍ୟାଦି), ସମ୍ବାଦ ପ୍ରେରଣରେ ସଫଳ ହେବା, ସଂଯୁକ୍ତ ହେବା (ଦ୍ୱାର ପ୍ରଭୃତିଦ୍ୱାରା); ଦିବ୍ୟଚେତନା ଲାଭ କରିବା ।

**communication** ବି. ସମ୍ବାଦ ପ୍ରଦାନ, ପ୍ରେରଣ ବା ବିନିମୟ; ଭାବର ଆଦାନ ପ୍ରଦାନ, ସାମାଜିକ ସମ୍ପର୍କ, ଚିଠିପତ୍ରର ଆଦାନପ୍ରଦାନ, ଯାତାୟତ ସୁବିଧା, ରୋଗର ସଂକ୍ରମଣ; communication cord ବିପଦ ସମୟରେ ଟ୍ରେନ୍ ବନ୍ଦ କରାଇବା ନିମନ୍ତେ ବ୍ୟବହୃତ ବିପଦ ଶିକୁଳୀ ।

**communicative** ବିଂ. ଆଳାପୀ, କଥାବାର୍ତ୍ତା କରିବାକୁ ପ୍ରସ୍ତୁତ, ସମ୍ବାଦ ଦେବା ନିମନ୍ତେ ପ୍ରସ୍ତୁତ ।

**communion** ବି. ସଖ୍ୟ, ସମଭାବ ଓ ବିଶ୍ୱାସପୋଷଣ, ପରସ୍ପର ଘନିଷ୍ଠ ସମ୍ପର୍କ, ଭାବର ଆଦାନ ପ୍ରଦାନ, ସହଯୋଗ, ଗୀର୍ଜାର ସଦସ୍ୟମାନଙ୍କ ସହ ପାରସ୍ପରିକ ସମ୍ପର୍କ; (Holy) Communion ଇଉକେରିଷ୍ଟ ଉତ୍ସବ ଓ ତନ୍ମଧ୍ୟରେ ଯୋଗଦାନ; communion of saints ଅତୀତ ଓ ବର୍ତ୍ତମାନର ଖ୍ରୀଷ୍ଟୀୟ ସୌହାର୍ଦ୍ଦ ।

**communique** ବି. ସରକାରୀ ଇସ୍ତାହାର ।

**communism** ବି. ସାମ୍ୟବାଦ, ଏହି ବ୍ୟବସ୍ଥାନୁଯାୟୀ ସମସ୍ତ ସମ୍ପତ୍ତିକୁ ସର୍ବସାଧାରଣଙ୍କର ଏବଂ ସମାଜର ପ୍ରତ୍ୟେକ ବ୍ୟକ୍ତି ସାମୂହିକ ମଙ୍ଗଳ ପାଇଁ କାର୍ଯ୍ୟ କରିଥାନ୍ତି, ଏହି ମତବାଦକୁ ସମର୍ଥନ କରୁଥିବା ଦଳ ବା ଆନ୍ଦୋଳନ ।

**communist** ବି. ସାମ୍ୟବାଦୀ, ଏହି ଦଳର ସଦସ୍ୟ, ଏହି ମତବାଦର ସମର୍ଥକ; communistic ବିଂ. ସାମ୍ୟବାଦ ସମ୍ବନ୍ଧୀୟ ।

**community** ବି. ଗୋଷ୍ଠୀ, ସମାଜ, ରାଜ୍ୟର ଏକସ୍ଥାନରେ ବାସ କରୁଥିବା ଜନସାଧାରଣ; ଏକ ଧର୍ମ, ଜାତି ବା ବୃତ୍ତିସମ୍ପନ୍ନ ଦଳ, ଗୋଷ୍ଠୀ; ସଖ୍ୟ, ସମ ଅବସ୍ଥା, ସମବେତ ଅଧିକାର ବା ଦାୟିତ୍ୱ; community centre ଜନସାଧାରଣଙ୍କର ଶିକ୍ଷାଗତ, ସାମାଜିକ ତଥା ଅବସର ବିନୋଦନ କେନ୍ଦ୍ର; Community Development Project ଗୋଷ୍ଠୀ ଉନ୍ନୟନ ଯୋଜନା; community home ବାଳ ଅପରାଧୀମାନଙ୍କର ଥଇଥାନ କେନ୍ଦ୍ର; community singing ସମବେତ ଗାନ ।

**commute** କ୍ରି. ଚାକିରୀ ସ୍ଥଳକୁ ଦୈନନ୍ଦିନ ରେଳ, ମଟର ଯୋଗେ ଯିବା; ବିନିମୟ କରିବା, ପରିବର୍ତ୍ତନ କରିବା (ଅର୍ଥ ଗ୍ରହଣ ପଦ୍ଧତିର); (ଦଣ୍ଡ) ବଦଳାଇବା; commutation ବି. ବିନିମୟ, ପରିବର୍ତ୍ତନ, ଦଣ୍ଡର ହ୍ରାସ କରଣ ।

**commuter** ବି. ଦୈନନ୍ଦିନ ଯିବା ଆସିବା କରୁଥିବା ଚାକିରୀଜୀବୀ ।

**compact**[1] 1. ବିଂ. ଘନ, ସାନ୍ଦ୍ର, ଦୃଢ଼, ପରସ୍ପର ସଂଲଗ୍ନ, ସଂହତ, ସଂକ୍ଷିପ୍ତ; 2. *ସ.କ୍ରି.* ଘନୀଭୂତ କରିବା, ଦୃଢ଼ୀଭୂତ କରିବା, ପରସ୍ପର ସଂଲଗ୍ନ କରିବା; 3. ବି. ପ୍ରସାଧନ ସାମଗ୍ରୀ ରଖିବା ଲାଗି ଛୋଟ ଡବା ।

**compact**[2] ବି. ରାଜିନାମା, ଚୁକ୍ତି, ବୁଝାମଣା, ଅଙ୍ଗୀକାର ।

**companion** ବି. ସାଥୀ, ସଙ୍ଗୀ, ସହଚର; ସଦା ପ୍ରୟୋଜନୀୟ ବହି, ହାତବହି, ସହାୟକ ଗ୍ରନ୍ଥ; companion-way ଜାହାଜ ପଟାତଳ ଉପରୁ କୋଠରୀକୁ ଯିବାର ପାହାଚ ।

**companionable** ବିଂ. ମେଳାପୀ, ସାମାଜିକ, ବନ୍ଧୁଭାବାପନ୍ନ; କ୍ରି.ବିଂ. companionably.

Digitized by srujanika@gmail.com

**companionship** ବି. ସାହଚର୍ଯ୍ୟ, ବନ୍ଧୁବତ୍ସଳତା ।

**company** ବି. ଦଳ, ଯୌଥକାରବାର, ବ୍ୟବସାୟୀ ଦଳ; ସଙ୍ଗ, ସାହଚର୍ଯ୍ୟ, ସଂସର୍ଗ; ସମବେତ ଅତିଥି, ଦର୍ଶକ; ପଦାତିକ ସୈନ୍ୟଦଳ; ଅଭିନେତା ମଣ୍ଡଳୀ; in company with ସାଙ୍ଗରେ, keep (person) company ସାହଚର୍ଯ୍ୟ ଦେବା, part company ବିଚ୍ଛିନ୍ନ ହେବା, ଛାଡ଼ି ଚାଲିଯିବା ।

**comparable** ବିଂ. ତୁଳନୀୟ, ତୁଳନାଯୋଗ୍ୟ, ଉପମେୟ; comparability ବି. ତୁଳନାତ୍ମକତା ।

**comparative** 1. ବିଂ. ତୁଳନାତ୍ମକ, ଆପେକ୍ଷିକ, ତୁଳନାକୃତ; 2. ବି. (ବ୍ୟାକରଣ) ଉତ୍କର୍ଷ ବା ଅପକର୍ଷ-ବାଚକ; comparative adjective ତୁଳନାତ୍ମକ ବିଶେଷଣ; comparative degree ଉଚ୍ଚତର ମାନ ।

**compare** 1. କ୍ରି. ଦୁଇଟି ବିଷୟକୁ ମିଳାଇ ଦେଖିବା, ମୁକାବିଲା କରିବା, ତୁଳନା କରିବା, ଉପମା ଦେବା, (ବ୍ୟାକରଣରେ) ବିଶେଷଣ ଓ କ୍ରିୟା ବିଶେଷଣରେ ଉଚ୍ଚମାନ ପରିବର୍ତ୍ତନ କରିବା; 2. ବି. ତୁଳନା, ଉପମା; compare notes ମତ ବା ଭାବ ବିନିମୟ କରିବା ।

**comparison** ବି. ତୁଳନା; bear comparison ତୁଳନାଯୋଗ୍ୟ ହେବା; beyond comparison ଉଚ୍ଚ ଗୁଣଯୋଗୁ ତୁଳନାତୀତ; degrees of comparison ଉତ୍କର୍ଷ ବା ଅପକର୍ଷ ବାଚକ ମାନ (ବିଶେଷଣ ଓ କ୍ରିୟା ବିଶେଷଣର) ।

**compartment** ବି. ସ୍ୱତନ୍ତ୍ର ଭାଗ ବା ଅଂଶ, ରେଳଗାଡ଼ିର କୋଠରୀ, ଡବା ବା ଜାହାଜର ଜଳନିରୁଦ୍ଧ ଅଂଶ ।

**compartmental** ବିଂ. ସ୍ୱତନ୍ତ୍ର ଭାଗ ବା ଅଂଶରେ ବିଭକ୍ତ; compartmental examination ପରିପୂରକ ପରୀକ୍ଷା ।

**compartmentalize** ସ.କ୍ରି. ବିଭାଗ କରିବା, ଅଂଶରେ ବିଭକ୍ତ କରିବା ।

**compass** ବି. ଚୁମ୍ବକ ସାହାଯ୍ୟରେ ଉତ୍ତର ଦିଗ ନିର୍ଦ୍ଦେଶକ ଯନ୍ତ୍ର; ପରିଧି, ପରିସର, ସୀମା, ବେଷ୍ଟିତ ସ୍ଥାନ; ବୃତ୍ତ ଅଙ୍କନ କରିବାର ଓ ଦୂରତ୍ୱ ମାପିବାର ଯନ୍ତ୍ର, କଣ୍ଠସ୍ୱର ବା ବାଦ୍ୟଯନ୍ତ୍ର ଧ୍ୱନିର ପରିସର; ସୁବିଧା ସୁଯୋଗ (ଉଦା. beyond my compass).

**compassion** ବି. କରୁଣା, ଦୟା, ପରଦୁଃଖ କାତରତା, ସମବେଦନା ।

**compassionate** ବିଂ. ପରଦୁଃଖକାତର, କୃପାଳୁ; compassionate leave କରୁଣା ଜନିତ ଛୁଟି (ମୃତ୍ୟୁ ପ୍ରଭୃତି ଉପଲକ୍ଷେ) ।

**compatible** ବିଂ. ସହସ୍ଥିତି-ଯୋଗ୍ୟ, ସୁସଂଗତ, ଏକତ୍ର ବ୍ୟବହାର ଯୋଗ୍ୟ; ପରସ୍ପର ସହନଶୀଳ (ଉପକରଣ ପ୍ରସଙ୍ଗରେ); compatibility ବି. ସୁସଙ୍ଗତି ।

**compatriot** ବି. ସ୍ୱଦେଶବାସୀ ।

**compeer** ବି. ସମପଦସ୍ଥ ବ୍ୟକ୍ତି, ସମତୁଲ୍ୟ ବ୍ୟକ୍ତି, ବନ୍ଧୁ ।

**compel** କ୍ରି. ବାଧ କରିବା, ବଳପୂର୍ବକ ପ୍ରବର୍ତ୍ତାଇବା ।

**compelling** ବିଂ. ଅତିଶୟ ଆଗ୍ରହାନ୍ୱିତ, ବାଧତାମୂଳକ ।

**compendious** ବିଂ. ବିଶଦ ଅଥଚ ସଂକ୍ଷିପ୍ତ, ଯଥାଯଥ ।

**compendium** ବି.( ବ.ବ. compendia) ସଂକ୍ଷିପ୍ତସାର, ସଂକ୍ଷିପ୍ତ ବିବରଣ ।

**compensate** କ୍ରି. କ୍ଷତିପୂରଣ କରିବା, ସ୍ଥାନ ପୂରଣ କରିବା; compensatory ବିଂ. କ୍ଷତି ପୂରକ ।

**compensation** ବି. କ୍ଷତିପୂରଣ, କ୍ଷତିପୂରଣ ନିମନ୍ତେ ଯାହା ଦିଆଯାଏ ।

**compere** 1. ବି. ଯେଉଁ ବ୍ୟକ୍ତି ମଞ୍ଚ ପ୍ରଭୃତିରେ ବିଚିତ୍ରା କାର୍ଯ୍ୟକ୍ରମର କଳାକାରମାନଙ୍କୁ ଉପସ୍ଥାପିତ କରନ୍ତି; 2. ସ.କ୍ରି. ଏହି କାମ କରିବା ।

**compete** କ୍ରି. ପ୍ରତିଯୋଗିତା କରିବା, ପ୍ରତିଦ୍ୱନ୍ଦ୍ୱୀ ହେବା ।

**competence, competency** ବି. ଯୋଗ୍ୟତା, ଦକ୍ଷତା, ଶକ୍ତି, ଆଇନ୍ ଗତ ଦକ୍ଷତା, ଜୀବନ ଧାରଣ ଲାଗି ଆବଶ୍ୟକ ଉପାୟର ଉପାଦେୟତା ।

**competent** ବିଂ. ଦକ୍ଷ, ଯୋଗ୍ୟ, କର୍ମକୁଶଳ, ଆବଶ୍ୟକ ଯୋଗ୍ୟତା ବା ଜ୍ଞାନ ସମ୍ପନ୍ନ ।

**competition** ବି. ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଜ୍ଞାନ ବା ଶକ୍ତିର ପ୍ରତିଯୋଗୀ ।

Digitized by srujanika@gmail.com

**competitive** ବିଂ. ପ୍ରତିଯୋଗିତାମୂଳକ ।
**competitor** ବି. ପ୍ରତିଯୋଗୀ, ପ୍ରତିଦ୍ୱନ୍ଦ୍ୱୀ, ବ୍ୟବସାୟ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱୀ ।
**compile** ସ.କ୍ରି. ସଙ୍କଳନ କରିବା, ସଂଗ୍ରହ କରିବା ।
**compilation** ବି. ସଙ୍କଳନ, ସଂଗ୍ରହ, ସଙ୍କଳିତ ପୁସ୍ତକ ।
**compiler** ବି. ସଂକଳକ ।
**complacent** ବିଂ. ଆତ୍ମତୃପ୍ତ, ପ୍ରସନ୍ନ, ତୁଷ୍ଟ; complacence, complacency ବି. ଆତ୍ମତୃପ୍ତି, ଆତ୍ମସନ୍ତୋଷ ।
**complain** ଅ.କ୍ରି. ଆପତ୍ତି କରିବା, ଅସନ୍ତୋଷ ପ୍ରକାଶ କରିବା, ଅଭିଯୋଗ କରିବା, ଦୋଷ ଦେଖାଇବା; complain of ପୀଡ଼ିତ ବୋଲି ପ୍ରକାଶ କରିବା ।
**complainant** ବି. ଆପତ୍ତିକାରୀ, ମୁଦେଇ, ବାଦୀ ।
**complaint** ବି. ଅଭିଯୋଗ, ଆପତ୍ତି, ଅସନ୍ତୋଷ ପ୍ରକାଶ ।
**complaisant** ବିଂ. ଶିଷ୍ଟ, ଭଦ୍ର, ବିନୟୀ, ଅନ୍ୟକୁ ସନ୍ତୁଷ୍ଟ କରିବାକୁ ଇଚ୍ଛୁକ; complaisance ବି. ସୌଜନ୍ୟ, ଶିଷ୍ଟତା ।
**complement** 1. ବି. ଅନୁପୂରକ, ପୂର୍ଣ୍ଣସଂଖ୍ୟା, (ବ୍ୟାକରଣ) ଅନୁପୂରକ ଶବ୍ଦ; 2. ସ.କ୍ରି. ଅଭାବ ପୂରଣ କରିବା, ଅନୁପୂରକ ଭାବେ କାର୍ଯ୍ୟ କରିବା ।
**complementary** ବିଂ. ପରିପୂରକ, ପରସ୍ପରକୁ ସମର୍ଥନ କରୁଥିବା ।
**complete** 1. ବିଂ. ସମ୍ପୂର୍ଣ୍ଣ, ସମଗ୍ର, ପୁଙ୍ଖାନୁପୁଙ୍ଖ, ସମାପ୍ତ, ସମ୍ପନ୍ନ; 2. ସ.କ୍ରି. ସମ୍ପୂର୍ଣ୍ଣ କରିବା, ଶେଷ କରିବା; 3. complete with ଆବଶ୍ୟକ ଉପାଦାନ ସହ; 4. completion ବି. ସମ୍ପାଦନ, ସମାପ୍ତି ।
**complex** 1. ବିଂ. ଜଟିଳ, ଦୁର୍ବୋଧ; ମିଶ୍ର, ବିଭିନ୍ନ ଅଂଶରେ ଗଠିତ; 2. ବି. ଯୌଗିକ ବସ୍ତୁ; ଅବଦମିତ ଭାବରାଜି ଯାହା ଅସ୍ୱାଭାବିକ ଆଚରଣ ବା ମାନସିକ ସ୍ଥିତିର କାରଣ; complexity ବି. ଜଟିଳତା, ଦୁର୍ବୋଧତା ।
**complexion** ବି. ଦେହର ସ୍ୱାଭାବିକ ବର୍ଣ୍ଣ, ଚର୍ମର କାନ୍ତି, ପ୍ରକୃତ ଚେହେରା (ବିଶେଷତଃ ମୁଖର) ।
**compliance** ବି. ପାଳନ, ସମ୍ମତି, ସ୍ୱୀକାର, ଆଦେଶ ପାଳନ, ଅନୁରୋଧ ରକ୍ଷା, ତାମିଲ; in compliance with ଅନୁସାରେ ।
**compliant** ବିଂ. ବିନୟୀ, ବାଧ୍ୟ, ଅନୁରୋଧ ବା ଆଦେଶ ରକ୍ଷାକାରୀ ।
**complicate** ସ.କ୍ରି. ଜଟିଳ କରିବା, ବିଷମ କରିବା, ଜଡ଼ିତ ହେବା ।
**complicated** ବିଂ. ଜଟିଳ, ଦୁର୍ବୋଧ, ଦୁରୂହ ।
**complication** ବି. ଜଟିଳତା, ବିଶୃଙ୍ଖଳା ।
**complicity** ବି. ଦୁଷ୍କର୍ମଲିପ୍ତତା ।
**compliment** 1. ବି. ପ୍ରଶଂସା ବା ଆଦର ପ୍ରକାଶ, ଅଭିନନ୍ଦନ, ପ୍ରଶସ୍ତି, ସମ୍ମାନ, ଉପହାର; 2. ସ.କ୍ରି. ପ୍ରଶଂସା ବା ସମ୍ମାନ ପ୍ରଦର୍ଶନ କରିବା, ଅଭିନନ୍ଦନ ଜଣାଇବା ।
**complimentary** ବିଂ. ପ୍ରଶଂସା, ସମ୍ମାନ ବା ଆଦର ସୂଚକ, ବିନାମୂଲ୍ୟରେ ପ୍ରଦତ୍ତ ।
**comply** କ୍ରି. ଅନୁରୋଧ ବା ଆଦେଶାନୁସାରେ କାର୍ଯ୍ୟ କରିବା ।
**component** 1. ବିଂ. ପୂର୍ଣ୍ଣ ଏକକର ଅଂଶବିଶେଷ, 2. ବି. ମିଶ୍ର ପଦାର୍ଥର ଉପାଦାନ, ଅଙ୍ଗ, ଅଂଶ ।
**comport** କ୍ରି. ବ୍ୟବହାର ଦେଖାଇବା, ଆଚରଣ କରିବା; comport with ଖାପ୍ ଖାଇଯିବା, ଉପଯୁକ୍ତ ହେବା ।
**compose** କ୍ରି. ସଙ୍ଗୀତ ବା ଲେଖା ରଚନା କରିବା ବା ସ୍ୱରଦେବା; ଗଠନ କରିବା, ସଜାଇବା, ଗଢ଼ିବା; (ମୁଦ୍ରଣରେ) ଛାପିବା ପାଇଁ ଅକ୍ଷର ସଜାଇବା; ସୁନ୍ଦର ଭାବେ ସଜାଇବା; ଶାନ୍ତ ହେବା ।
**composed** ବିଂ. ଶାନ୍ତ, ଧୀର, ସ୍ଥିର, ଆତ୍ମସମାହିତ; composedly କ୍ରି.ବିଂ. ଧୀର ସ୍ଥିର ଭାବରେ ।
**composer** ବି. ରଚୟିତା (ବିଶେଷତଃ ସଙ୍ଗୀତର) ।
**composite** 1. ବିଂ. ମିଶ୍ରିତ, ଯୌଗିକ, ବିଭିନ୍ନ ପ୍ରକାର ନିର୍ମାଣ ଶୈଳୀର ମିଶ୍ରଣ ସୂଚକ; 2. ବି. ମିଶ୍ରପଦାର୍ଥ, ମିଶ୍ରିତ ବସ୍ତୁ ।
**composition** ବି. ରଚନା, ପ୍ରଣୟନ, ମିଶ୍ରଣ, ସଂଯୋଗ, ନିର୍ମାଣ, ଗଠନ; (ସଙ୍ଗୀତ) ସ୍ୱର ସଂଯୋଜନା, ସାଲିସ୍, ରଫା; ବିଂ. compositional.

Digitized by srujanika@gmail.com

**compositor** ବି. ମୁଦ୍ରଣ ନିମନ୍ତେ ବିନ୍ୟାସକାରୀ ।

**compost** 1. ବି. ପଚାସାର, ଖତ; 2. କ୍ରି. ଜମିରେ ଉକ୍ତ ସାରଦେବା ।

**composure** ବି. ଶାନ୍ତଭାବ, ମନର ପ୍ରଶାନ୍ତ ଅବସ୍ଥା ।

**compote** ବି. ମୋରବ୍ବା ।

**compound**[1.] 1. କ୍ରି. ମିଶାଇବା, ଏକତ୍ର କରିବା, ଜଟିଳ କରିବା, ବିଭିନ୍ନ ଉପାଦାନକୁ ସଂଯୋଗ କରିବା, ବଢ଼ାଇବା, (ବିବାଦ) ଆପୋଷ ନିଷ୍ପତ୍ତି କରିବା, ରଫା କରିବା; 2. ବି. ବିଭିନ୍ନ ଉପାଦାନରେ ଗଠିତ ଯୌଗିକ ପଦାର୍ଥ, ଯୌଗିକ ଶବ୍ଦ; 3. ବିଂ. ମିଶ୍ରିତ; compound fracture ଜଟିଳ ଅସ୍ଥିଭଙ୍ଗ; compound interest ଚକ୍ରବୃଦ୍ଧି ହାରରେ ସୁଧ; compound sentence ଏକାଧିକ ଉଦ୍ଦେଶ୍ୟ ଓ ବିଧେୟ ଥିବା ଯୌଗିକ ବାକ୍ୟ ।

**compound**[2.] ବି. ହତା, ପରିସର, ଚୌହଦୀ (ଚାରିପଟେ ପାଚେରି ବା ବାଡ ଥାଇ) ।

**comprehend** ସ.କ୍ରି. ଭଲଭାବରେ ବୁଝିପାରିବା, ମନରେ ଧାରଣା କରିବା, ଅନ୍ତର୍ଭୁକ୍ତ କରିବା ।

**comprehensible** ବିଂ. ବୋଧଗମ୍ୟ, ବୋଧ୍ୟ ।

**comprehension** ବି. ବୋଧଶକ୍ତି, କାର୍ଯ୍ୟ ଅନ୍ତର୍ଭୁକ୍ତ ।

**comprehensive** 1. ବିଂ. ବ୍ୟାପକ, ବିସ୍ତୀର୍ଣ୍ଣ; 2. ବି. ମାଧ୍ୟମିକ ସ୍କୁଲ ଏଥିରେ ଛାତ୍ରମାନଙ୍କର ସାଧାରଣ ବୋଧଶକ୍ତି ବଢ଼ାଇବା ନିମନ୍ତେ ପାଠ୍ୟକ୍ରମର ବ୍ୟବସ୍ଥା ଥାଏ ।

**compress** 1. ସ.କ୍ରି. ସଙ୍କୁଚିତ କରିବା, ଚିପୁଡ଼ିବା, ଚାପଦେବା, ଛୋଟ କରିବା; 2. ବି. ସଙ୍କୋଚନ, ସଂକ୍ଷେପଣ; ପ୍ରବାହ ନିରାକରଣ ପଟି; compressible ବିଂ. ସଙ୍କୋଚନଶୀଳ ।

**compression** ବି. ସଙ୍କୋଚନ ।

**compressor** ବି. ବାୟୁ ବା ଅନ୍ୟ ଗ୍ୟାସ୍ ସଙ୍କୋଚନ ନିମନ୍ତେ ବ୍ୟବହୃତ ଯନ୍ତ୍ର ।

**comprise** ସ.କ୍ରି. ଅନ୍ତର୍ଭୁକ୍ତ କରିବା, ଅନ୍ତର୍ଗତ କରିବା, ଧାରଣ କରିବା, ଗଠିତ ହେବା ।

**compromise** 1. ବି. ସାଲିସ୍, ରଫା, ଆପୋଷ ନିଷ୍ପତ୍ତି; 2. କ୍ରି. ଆପୋଷ ନିଷ୍ପତ୍ତି କରିବା, ରଫା କରିବା; ବିପଦ୍‌ଗ୍ରସ୍ତ କରିବା, ସଙ୍କଟାପନ୍ନ କରିବା, ଅପଦସ୍ଥ କରିବା ।

**comptroller** ବି. (ଅର୍ଥନୈତିକ) ନିୟନ୍ତ୍ରକ; ଦ୍ରଷ୍ଟବ୍ୟ controller.

**compulsion** ବି. ବାଧ୍ୟବାଧକତା, ବଳପ୍ରୟୋଗ, ଜବରଦସ୍ତି ।

**compulsive** ବିଂ. ବାଧ୍ୟକାରୀ, ବାଧ୍ୟକରଣକ୍ଷମ ।

**compulsory** ବିଂ. ବାଧ୍ୟତାମୂଳକ, ଅବଶ୍ୟ ପାଳନୀୟ, ଅବଶ୍ୟ କର୍ତ୍ତବ୍ୟ ।

**compunction** ବି. ବିବେକର ତାଡ଼ନା, ଦୁଃଖ ବା ଦ୍ୱିଧାଭାବ, ଅନୁଶୋଚନା ।

**compute** କ୍ରି. ଗଣନା କରିବା, ସଂଖ୍ୟାନିର୍ଣ୍ଣୟ କରିବା, କମ୍ପ୍ୟୁଟର ବ୍ୟବହାର କରିବା; computation ବି. ସଂଗଣନ ।

**computer** ବି. ସଂଗଣକ, ଗଣନା ପ୍ରଭୃତି ନିମନ୍ତେ ବ୍ୟବହୃତ ଇଲେକ୍ଟ୍ରୋନିକ୍ ଯନ୍ତ୍ର, କଂପ୍ୟୁଟର ।

**computerize** ସ.କ୍ରି. କମ୍ପ୍ୟୁଟର ଦ୍ୱାରା ପ୍ରସ୍ତୁତ କରିବା, ସମ୍ପାଦନ କରିବା; ବି. computerization.

**comrade** ବି. ସାଥୀ, ସଙ୍ଗୀ, ସହଚର; କମ୍ୟୁନିଷ୍ଟ ସାଥୀ; comradeship ବି. ବନ୍ଧୁତ୍ୱ ।

**con**[1.] ସ.କ୍ରି. ଅଧ୍ୟୟନ କରିବା, ମୁଖସ୍ଥ କରିବା; ଜାହାଜ ଚଳାଇବାକୁ ନିର୍ଦ୍ଦେଶ ଦେବା ।

**con**[2.] 1. କ୍ରି.ବି. ଉପ. ସପକ୍ଷରେ ବା ବିପକ୍ଷରେ, (contraର ସଂଶ); 2. pros and cons ସପକ୍ଷ ଓ ବିପକ୍ଷରେ (ଯୁକ୍ତି); 3. ବି. ଦଣ୍ଡିତ ବ୍ୟକ୍ତି (convict).

**concatenate** ସ.କ୍ରି. ଏକାଠି ସଂଯୁକ୍ତ କରିବା ।

**concave** ବିଂ. ଅନ୍ତର୍ବର୍ତ୍ତୁଳ, ଅବତଳ; concavity ବି. ଅନ୍ତର୍ବର୍ତ୍ତୁଳତା ।

**conceal** ସ.କ୍ରି. ଲୁଚାଇବା, ଗୁପ୍ତ ରଖିବା, ଗୋପନ କରିବା; concealment ବି. ସଂଗୋପନ, ଗୋପନୀୟତା ।

**concede** ସ.କ୍ରି. ମଞ୍ଜୁର କରିବା, ସତ୍ୟ ବୋଲି ମାନିନେବା, (ସୁବିଧା, ଅଧିକାର) ଦେବା, ସମର୍ପଣ କରିବା, ଛାଡ଼ିଦେବା, ପରାଜୟ ସ୍ୱୀକାର କରିବା ।

**conceit** ବି. ଆତ୍ମବଡ଼ିମା, ଆତ୍ମ-ଅଭିମାନ, ଅହମିକା, ସୁଦୂରପ୍ରସାରୀ ଉପମା (କବିତାରେ) ।

**conceited** ବିଂ. ଆତ୍ମାଭିମାନୀ, ବୃଥାଗର୍ବୀ ।

Digitized by srujanika@gmail.com

**conceivable** ବିଂ. ଧାରଣାଯୋଗ୍ୟ, ବୋଧଗମ୍ୟ, ଚିନ୍ତନୀୟ; କ୍ରି.ବିଂ. conceivably.

**conceive** ସ.କ୍ରି. ଗର୍ଭବତୀ ହେବା, ମନରେ ଧାରଣା କରିବା, ଚିନ୍ତା କରିବା, କଳ୍ପନା କରିବା ।

**concentrate** 1. କ୍ରି. କେନ୍ଦ୍ରୀଭୂତ କରିବା, ଏକାଗ୍ର କରିବା, ଏକସ୍ଥାନରେ ସମବେତ କରିବା, ଘନୀଭୂତ କରିବା, (ତରଳ ପଦାର୍ଥକୁ) ଗାଢ଼ କରିବା; 2. ବି. ଘନୀଭୂତ ପଦାର୍ଥ ।

**concentrated** ବିଂ. ଘନୀଭୂତ, ଗାଢ଼, କେନ୍ଦ୍ରୀଭୂତ ।

**concentration** ବି. କେନ୍ଦ୍ରୀକରଣ, ମନର ଏକାଗ୍ରତା, ଅଭିନିବେଶ; concentration camp ବନ୍ଦୀଶିବିର ।

**concentric** ବିଂ.ଏକକେନ୍ଦ୍ର ବିଶିଷ୍ଟ, ସମକେନ୍ଦ୍ରିକ; କ୍ରି.ବିଂ. concentrically.

**concept** ବି. ଧାରଣା, ମନର ସାଧାରଣ ଭାବ ବା ମତ, ଅବବୋଧ ।

**conception** ବି.ଗର୍ଭଧାରଣ; ଧାରଣା, ଭାବନା, କଳ୍ପନା; ବିଂ. conceptional; conceptive ବିଂ. ଧାରଣାକ୍ଷମ, ଧାରଣା ସମ୍ବନ୍ଧୀୟ ।

**conceptual** ବିଂ. ମାନସିକ ଧାରଣା ସମ୍ବନ୍ଧୀୟ; ଅବଧାରିତ; କ୍ରି.ବିଂ. conceptually.

**conceptualize** ସ.କ୍ରି. ଧାରଣା ପୋଷଣ କରିବା ।

**concern** 1. ସ.କ୍ରି. ସମ୍ବନ୍ଧ ରଖିବା, ସମ୍ପର୍କ ରଖିବା, ସଂପୃକ୍ତ କରିବା, ଗୁରୁତ୍ୱପୂର୍ଣ୍ଣ ହେବା, ସଂଶ୍ଳିଷ୍ଟ ହେବା; ଉଦ୍‌ବିଗ୍ନ ହେବା ବା କରିବା, ଅସୁଖୀ କରିବା; 2. ବି. ସମ୍ବନ୍ଧ, ସମ୍ପର୍କ, ସଂପୃକ୍ତ ବିଷୟ, କାର୍ଯ୍ୟ, ଉଦ୍‌ବିଗ୍ନତା; ବ୍ୟବସାୟ ସଂସ୍ଥା, ବେପାର, ବ୍ୟବସାୟ; 3. be concerned in ଅଂଶ ଗ୍ରହଣ କରିବା; concern oneself ଆଗ୍ରହୀ ହେବା ବା ଉଦ୍‌ବିଗ୍ନତା ଅନୁଭବ କରିବା; 4. concernment ବି. ଉଦ୍‌ବିଗ୍ନତା ।

**concerned** ବିଂ. ଉଦ୍‌ବିଗ୍ନ, ସଂପୃକ୍ତ; କ୍ରି.ବିଂ. concernedly; ବି. concernedness.

**concerning** ଅ. ସମ୍ବନ୍ଧରେ, ସମ୍ପର୍କରେ ।

**concert** ବି. ବାଦ୍ୟବୃନ୍ଦ; ଗୀତ ଓ ବାଦ୍ୟର ମିଳନ, ଐକ୍ୟତାନ ସଂଗୀତ ବା ବାଦ୍ୟ, ଐକ୍ୟ, ମେଳ, ସଂଗଠନ, ପରାମର୍ଶ, ରାଜିନାମା, ମିଳିତ କାର୍ଯ୍ୟ ।

**concerted** ବିଂ. ସମ୍ମିଳିତ, ବହୁଲୋକଙ୍କ ଦ୍ୱାରା ପୂର୍ବରୁ ପରିକଳ୍ପିତ, ସହଯୋଗ ଦ୍ୱାରା କୃତ ।

**concerto** ବି. ଏକକବାଦ୍ୟ ଓ ଅର୍କେଷ୍ଟ୍ରା ନିମନ୍ତେ ସୁରସଂଯୋଜନା ।

**concession** ବି. ଅର୍ପଣ, ତ୍ୟାଗ, ଅନୁଗ୍ରହ, ଛାଡ଼, ରିହାତି; ଖଣିଜ ଉତ୍ତୋଳନ ନିମନ୍ତେ ବା ବ୍ୟବସାୟ ନିମନ୍ତେ ଛାଡ, କେତେକଙ୍କ ପାଇଁ ଦ୍ରବ୍ୟ ମୂଲ୍ୟରେ ରିହାତି; ବିଂ. concessionary.

**concessionaire** ବି.ଛାଡ଼ ବା ରିହାତି ପାଉଥିବା ବ୍ୟକ୍ତି ।

**conch** ବି. ଶଙ୍ଖ, ବଜାଇବା ଶଙ୍ଖ ।

**conchology** ବି. ଶାମୁକା ବା ଶଙ୍ଖତତ୍ତ୍ୱ ।

**concierge** ବି. ଦ୍ୱାରରକ୍ଷକ ।

**conciliate** ସ.କ୍ରି. ସଦିଚ୍ଛା, ସମର୍ଥନ ବା ବନ୍ଧୁତ୍ୱ ଲାଭ କରିବା; ନିଜପ୍ରତି ଅନୁକୂଳ କରାଇବା, ବିଦ୍ୱେଷ ଦୂର କରାଇ ନିଜ ଆଡକୁ ଟାଣିବା, ପ୍ରସନ୍ନ କରାଇବା, ଶାନ୍ତ କରାଇବା ।

**conciliation** ବି. ଶାନ୍ତକରଣ, ପ୍ରଶମନ ।

**conciliatory** ବିଂ. ମିଳନସାଧକ, ଶାନ୍ତିଜନକ, ବନ୍ଧୁଭାବାପନ୍ନ ।

**concise** ବିଂ. ସଂକ୍ଷିପ୍ତ (ଭାଷଣ, ରଚନା ଓ ଶୈଳୀ ସମ୍ପର୍କରେ); ବି. concision.

**conclave** ବି. ଯେଉଁ ଗୃହରେ ପୋପ୍ ନିର୍ବାଚନ ନିମନ୍ତେ ଯାଜକ ବୃନ୍ଦ ସମବେତ ହୁଅନ୍ତି; ଘରୋଇ ପରାମର୍ଶ ସଭା ।

**conclude** ବି. ଶେଷ କରିବା, ସମାପ୍ତ ବା ଉପସଂହାର କରିବା ।

**conclusion** ବି. ଶେଷ, ସମାପ୍ତି, ଉପସଂହାର, ସିଦ୍ଧାନ୍ତ; in conclusion ଶେଷରେ, ଅବଶେଷରେ, ଉପସଂହାରରେ ।

**conclusive** ବିଂ. ନିଃସନ୍ଦିଗ୍ଧ, ପ୍ରତ୍ୟୟଜନକ, ଚୂଡ଼ାନ୍ତ ।

**concoct** ସ.କ୍ରି. ମନରୁ ଗଢ଼ିବା, ଉଦ୍‌ଭାବନ କରିବା, ମିଥ୍ୟା ରଚନା କରିବା, ଫାନ୍ଦିବା, ନାନାଦ୍ରବ୍ୟ ମିଶ୍ରଣରେ ପ୍ରସ୍ତୁତ କରିବା; ବି. concoction.

**concomitant** 1. ବିଂ. ଆନୁଷଙ୍ଗିକ; 2. ବି. ଆନୁଷଙ୍ଗିକତା ବସ୍ତୁ concomitance.

Digitized by srujanika@gmail.com

**concord** ବି. ଐକ୍ୟ, ମିଳନ, ରାଜିନାମା; (ବ୍ୟାକରଣରେ) ପୁରୁଷ, ବଚନ, କାଳ ପ୍ରଭୃତିରେ ସଂପୃକ୍ତ ଶବ୍ଦମାନଙ୍କର ରାଜିନାମା; concordant ବିଂ. ଐକ୍ୟବିଶିଷ୍ଟ।

**concordance** ବି. ଐକ୍ୟ, ମେଳ, ଅକ୍ଷରାନୁସାରୀ ଶବ୍ଦ ଅନୁକ୍ରମଣୀ (ଯାହା ଲେଖକମାନଙ୍କ ଦ୍ୱାରା ବ୍ୟବହୃତ ହୁଏ)।

**concordat** ବି. ଗୀର୍ଜା ଏବଂ ରାଷ୍ଟ୍ର ମଧ୍ୟରେ ହୋଇଥିବା ସରକାରୀ ରାଜିନାମା।

**concourse** ବି. ଜନତା, ଲୋକଗହଳି, ମିଳନ ବା ସଙ୍ଗମସ୍ଥଳ।

**concrete** 1. ବି. କଂକ୍ରିଟ; ବାଲି ଓ ଗୋଡ଼ି ସହିତ ସିମେଣ୍ଟର ମିଶ୍ରଣ (ଗୃହନିର୍ମାଣରେ ବ୍ୟବହୃତ); 2. ବିଂ. ବାସ୍ତବ, ନିର୍ଦ୍ଦିଷ୍ଟ, ସବିଶେଷ, ପ୍ରମୂର୍ତ୍ତ; 3. କ୍ରି. କଂକ୍ରିଟ୍ ବିଛାଇବା; 4. concrete music ରେକର୍ଡ଼ରୁ ପ୍ରସ୍ତୁତ ସଂଗୀତ।

**concretion** ବି. କଠିନ ପିଣ୍ଡୀକୃତ ପଦାର୍ଥ, ଘନୀଭବନ।

**concubine** ବି. ଉପପତ୍ନୀ, ରକ୍ଷିତା; concubinage ବି. ଉପପତ୍ନୀତ୍ୱ।

**concupiscence** ବି. ଅତ୍ୟଧିକ କାମ ସ୍ପୃହା; concupiscent ବିଂ. କାମୁକ; ଇନ୍ଦ୍ରିୟାସକ୍ତ।

**concur** କ୍ରି. ଏକମତ ହେବା, ସମ୍ମତ ହେବା, ଏକତ୍ର ଘଟିବା, ଏକ ବିନ୍ଦୁରେ ମିଳିତ ହେବା।

**concurrence** ବି. ସମ୍ମତି, ଐକ୍ୟ, ସମକାଳିକ ସଂଘଟନ।

**concurrent** ବିଂ. ଏକ ସମୟରେ ବିଦ୍ୟମାନ, ମିଳିତ, ଏକଦିଗାଭିମୁଖୀ।

**concuss** ସ.କ୍ରି. ମସ୍ତିଷ୍କରେ ଆଘାତଦେବା।

**concussion** ବି. ଭାରି ଆଘାତରେ ମସ୍ତିଷ୍କ କ୍ଷତିଗ୍ରସ୍ତ ହେବା।

**condemn** କ୍ରି. ନିନ୍ଦା କରିବା, ଦୋଷ ଦେବା, ଭୁଲ ବା ଅନ୍ୟାୟ ବୋଲି କହିବା, ଅପରାଧୀ ସାବ୍ୟସ୍ତ କରିବା, ଦଣ୍ଡଦେବା, ବ୍ୟବହାର ବା ବାସର ଅଯୋଗ୍ୟ ବୋଲି ଘୋଷଣା କରିବା; ବି. condemnation ବିଂ. condemnatory.

**condensation** ବି. ଘନୀକରଣ, ଘନୀଭବନ, ସଂକୋଚନ, ସଂକ୍ଷିପ୍ତୀକରଣ।

**condense** କ୍ରି. ଘନୀଭୂତ କରିବା, ଗାଢ଼ କରିବା, ଘନୀଭୂତ ହେବା, ସଂକ୍ଷିପ୍ତ ଭାବରେ ପ୍ରକାଶ କରିବା; condensed milk ଘନୀଭୂତ ମିଷ୍ଟ ଦୁଗ୍ଧ।

**condenser** ବି. ଘନୀକରଣ ନିମନ୍ତେ ବ୍ୟବହୃତ ଯନ୍ତ୍ରପାତି।

**condescend** କ୍ରି. (କୌଣସି କର୍ମ କରି) ବାଧିତ କରାଇବା, ସୌଜନ୍ୟ ଦେଖାଇବା; ସଦୟ ବ୍ୟବହାର କରିବା।

**condescending** ବିଂ. ନିମ୍ନସ୍ଥ ପ୍ରତି ସଦୟ ବ୍ୟବହାର, ପୃଷ୍ଠପୋଷକତା, ଅନୁଗ୍ରହ।

**condescension** ବି. ନିମ୍ନସ୍ଥ ବ୍ୟକ୍ତି ମାନଙ୍କ ପ୍ରତି ଶିଷ୍ଟତା ପ୍ରଦର୍ଶନ, ପୃଷ୍ଠପୋଷକ ବ୍ୟବହାର।

**condign** ବିଂ. (ଦଣ୍ଡ ବା ପ୍ରତିଶୋଧ ସମ୍ପର୍କରେ) କଠୋର ଓ ଉପଯୁକ୍ତ।

**condiment** ବି. (ତରକାରୀର) ମସଲା, ଆଚାର।

**condition** 1. ବି. ଅବସ୍ଥା, ଦଶା, ଗୁଣ, ପରିସ୍ଥିତି, ସର୍ତ୍ତ, ନିୟମ; 2. ସ.କ୍ରି. ନିୟନ୍ତ୍ରଣ କରିବା, ଚାଳିତ କରିବା, ସ୍ଥିର କରିବା, ସୀମାବଦ୍ଧ କରିବା, ଉପଯୁକ୍ତ ଅବସ୍ଥାରେ ରଖିବା, ଭଲରେ ରଖିବା; 3. in (or out of) condition ଭଲ ବା ମନ୍ଦ (ସ୍ୱାସ୍ଥ୍ୟ)ରେ ରହିବା; on condition that ଏହି ସର୍ତ୍ତରେ ଯେ; conditioned reflex କୃତ୍ରିମ ଉଦ୍ଦୀପକ ପ୍ରତି ପରୋକ୍ଷ ପ୍ରତିକ୍ରିୟା, ପ୍ରସୀମିତ ପ୍ରତିବର୍ତ୍ତ (ମନସ୍ତତ୍ତ୍ୱ)।

**conditional** ବିଂ. ସର୍ତ୍ତମୂଳକ, ସାପେକ୍ଷ, କ୍ରି.ବିଂ. conditionally.

**condole** କ୍ରି. ଶୋକପ୍ରକାଶ କରିବା, ଅନ୍ୟର ଦୁଃଖରେ ଦୁଃଖ ପ୍ରକାଶ କରିବା, ସମବେଦନା ପ୍ରକାଶ କରିବା; condolence ବି. ଶୋକପ୍ରକାଶ, ସହାନୁଭୂତି।

**condom** ବି. କଣ୍ଡୋମ, ଜନ୍ମନିରୋଧର ସାଧନ।

**condominium** ବି. ଯୌଥଶାସନ, ଦୁଇ ବା ତତୋଽଧିକ ରାଷ୍ଟ୍ରର ନିୟନ୍ତ୍ରଣରେ କୌଣସି ରାଷ୍ଟ୍ରର ଶାସନ ପରିଚାଳନା।

**condone** ସ.କ୍ରି. କ୍ଷମାଦେବା, ମାଫକରିବା, ଛାଡ଼ ଦେବା, ଦୋଷ ନ ଧରିବା; ବି. condonation.

**condor** ବି. ଦକ୍ଷିଣ ଆମେରିକାର ବିରାଟ ଶାଗୁଣା।

**conduce** ଅ.କ୍ରି. ଫଳାଗମରେ ସାହାଯ୍ୟ କରିବା, ଅନୁକୂଳ ବା ସହାୟକ ହେବା; ବି. conducive.

Digitized by srujanika@gmail.com

**conduct** ବି. ଆଚରଣ, ବ୍ୟବହାର (ଏହାର ନୈତିକ ଦିଗ); ପରିଚାଳନା (ବ୍ୟବସାୟ, ଯୁଦ୍ଧ); 2. କ୍ରି. ବାଟଦେଖାଇବା, ପଥନିର୍ଦ୍ଦେଶ କରିବା, (ବ୍ୟବସାୟ) ପରିଚାଳନା କରିବା, ତାପ ବା ବିଦ୍ୟୁତ୍ ସଞ୍ଚାଳନ କରିବା; 3. conduct oneself ଆଚରଣ କରିବା।

**conductance** ବି. ବିଦ୍ୟୁତ ପରିବହନ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶକ୍ତି।

**conduction** ବି. ଉତ୍ତାପ ବା ବିଦ୍ୟୁତ୍ ଶକ୍ତିର ସଂଚାଳନ; ପରିବହନ।

**conductive** ବିଂ. ସଂଚାଳନ ଗୁଣବିଶିଷ୍ଟ, ଚାଳନକ୍ଷମ, ପରିବାହୀ; conductivity ବି. ତାପ ବା ବିଦ୍ୟୁତ୍ ପରିଚାଳନ ଶକ୍ତି।

**conductor** ବି. ସମବେତ ବାଦ୍ୟ ଓ ସଂଗୀତର ପରିଚାଳକ; ମଟରରେ ଯେ ଭଡ଼ା ଆଦାୟ କରନ୍ତି; ବିଦ୍ୟୁତ୍ ପ୍ରବାହକ ବସ୍ତୁ।

**conduit** ବି. ପୟଃ ପ୍ରଣାଳୀ, ତରଳ ପଦାର୍ଥ ବହନକାରୀ ନଳ; ବିଦ୍ୟୁତ୍ ତାର ଘୋଡ଼ାଇବା ନିମନ୍ତେ ବ୍ୟବହୃତ ନଳ।

**cone** ବି. ଶଙ୍କୁ, କୋନ୍; ବର୍ତ୍ତୁଳାକୃତି, ସୂକ୍ଷ୍ମାଗ୍ର ଘନକ୍ଷେତ୍ର; ପାଇନ୍ ବା ତିମିରି ଜାତୀୟ ଶୁଖିଲା ଫଳ, ଆଇସ୍ କ୍ରିମ୍।

**coney** ବିକ. cony.

**confabulate** କ୍ରି. ଗଳ୍ପ କରିବା, ଖୁସିଗପ କରିବା; confabulation ବି. କଥାଭାଷା, ଖୁସିଗପ।

**confection** ବି. ମିଠେଇ, ବିଭିନ୍ନ ପ୍ରକାର ମିଠା ଜିନିଷ, ମିଷ୍ଟାନ୍ନ, କେକ୍।

**confectioner** ବି. ଗୁଡ଼ିଆ, ମିଷ୍ଟାନ୍ନ ପ୍ରସ୍ତୁତକାରୀ ଓ ବିକ୍ରେତା।

**confectionery** ବି. ମିଠାଇ, ମିଠାଇ ଦୋକାନ।

**confederacy** ବି. ପାରସ୍ପରିକ ସାହାଯ୍ୟ ନିମନ୍ତେ ମିତ୍ରତା, ସନ୍ଧି, ଐକ୍ୟ, ବିଶେଷ ଉଦ୍ଦେଶ୍ୟରେ ଗଠିତ ରାଜ୍ୟ ସମୂହର ସଂଘ।

**confederate** 1. ବିଂ. ମିଳିତ; 2. ବି. (ଖରାପ ଉଦ୍ଦେଶ୍ୟରେ) ମୈତ୍ରୀବନ୍ଧ, ଦୁଷ୍କର୍ମର ସହଯୋଗୀ, ରାଜ୍ୟସଂଘର ସମର୍ଥକ; 3. କ୍ରି. ସଂଧିସୂତ୍ରରେ ଆବଦ୍ଧ କରିବା; ବିଶେଷ ଉଦ୍ଦେଶ୍ୟରେ ଏକତ୍ର ହେବା; 4. Confederate States ଯୁକ୍ତରାଜ୍ୟରୁ ୧୮୬୦-୬୧ ରେ ବାହାରି ଯାଇଥିବା ରାଜ୍ୟ ସମୂହ।

**confederation** ବି. ମୈତ୍ରୀ, ମିଳନ; ରାଷ୍ଟ୍ର ସମୂହର ସ୍ଥାୟୀ ସଂଘ।

**confer** କ୍ରି. ପ୍ରଦାନ କରିବା, ସମର୍ପଣ କରିବା, ଏକତ୍ର ଅଧିବେଶନ ବା ପରାମର୍ଶ କରିବା; ବିଂ. conferable.

**conference** ବି. ସମ୍ମିଳନୀ, ଅଧିବେଶନ, ପରାମର୍ଶ ସଭା।

**conferment** ବି. ଉପାଧି ପ୍ରଦାନ।

**confess** କ୍ରି. ସ୍ୱୀକାର କରିବା, ପ୍ରକାଶ କରିବା, ଦ୍ୱିଧାପୂର୍ଣ୍ଣ ଭାବରେ ଦୋଷ ବା ପାପ ସ୍ୱୀକାର କରିବା, (ଯାଜକଙ୍କ ନିକଟରେ) ପାପ ପ୍ରକାଶ କରିବା; କ୍ରି.ବିଂ. confessedly.

**confession** ବି. ପାପ ବା ଅପରାଧ ସ୍ୱୀକାର, ପୁରୋହିତଙ୍କ ନିକଟରେ ପାପ ଘୋଷଣା, ଧାର୍ମିକ ବିଶ୍ୱାସ ବା ନୀତିର ଘୋଷଣା।

**confessional** 1. ବି. ଗୀର୍ଜାରେ ଯାଜକଙ୍କ ବସିବା ସ୍ଥାନ (ଯେଉଁଠୁ ସେ ସ୍ୱୀକାରୋକ୍ତି ଶୁଣନ୍ତି); 2. ବିଂ. ସ୍ୱୀକାର ସମ୍ପର୍କରେ।

**confessor** ବି. ଯେଉଁ ଯାଜକ ପାପୀର ସ୍ୱୀକାରୋକ୍ତି ଶୁଣି ତାକୁ ପରାମର୍ଶ ଦିଅନ୍ତି; ଖ୍ରୀଷ୍ଟଧର୍ମ ବିଶ୍ୱାସୀ।

**confetti** ବି. ବିବାହ ପରେ ଅତିଥିମାନଙ୍କ ଦ୍ୱାରା ବର କନ୍ୟାଙ୍କ ଉପରକୁ ଯେଉଁ ରଙ୍ଗୀନ୍ କାଗଜ ଖଣ୍ଡମାନ ଫିଙ୍ଗାଯାଏ।

**confidant** ବି. ବିଶ୍ୱସ୍ତ, ଅନ୍ତରଙ୍ଗ, ବିଶ୍ୱାସୀ।

**confide** କ୍ରି. ପୂର୍ଣ୍ଣମାତ୍ରାରେ ବିଶ୍ୱାସ କରିବା, ନିର୍ଭର କରିବା, ଗୁପ୍ତକଥା ପ୍ରକାଶ କରିବା, ବିଶ୍ୱାସ ପୂର୍ବକ ନ୍ୟସ୍ତ କରିବା; confide in (କାହାକୁ) ବିଶ୍ୱାସରେ କହିବା।

**confidence** ବି. ଦୃଢ଼ ବିଶ୍ୱାସ, ଆସ୍ଥା, ଆତ୍ମପ୍ରତ୍ୟୟ, ସାହସିକତା, ଭରସା, ନିର୍ଭରଶୀଳତା, ଗୁପ୍ତକଥା; confidence man ବିଶ୍ୱାସ ଜଗାଇ ଠକିଥିବା ବ୍ୟକ୍ତି; confidence trick ବିଶ୍ୱାସ ଜନ୍ମାଇ ଠକିବା, ଠକାମୀ କୌଶଳ ସାହାଯ୍ୟରେ ଠକିବା; in confidence ଗୋପନୀୟ ଭାବରେ, ବିଶ୍ୱାସରେ; in person's confidence କାହାର ବିଶ୍ୱାସ ଭାଜନ ହେବା take into one's confidence ବିଶ୍ୱାସ କରିବା, ଗୋପନ କଥା କହିବା।

Digitized by srujanika@gmail.com

**confident** ବିଂ. ପ୍ରତ୍ୟୟସମ୍ପନ୍ନ, ନିଶ୍ଚିତ, ନିଃସନ୍ଦିଗ୍ଧ, ସାହସୀ।
**confidential** ବିଂ. ଗୋପନୀୟ (ଲେଖା ବା କଥା), ଗୁପ୍ତ, ଗୁପ୍ତକାର୍ଯ୍ୟ ପାଇଁ ଭାରପ୍ରାପ୍ତ, ବିଶ୍ବସ୍ତ, ବିଶ୍ବାସ ଭାଜନ; *କ୍ରି.ବିଂ.* confidentially *ବି.* confidentiality.
**configuration** ବି. ବାହ୍ୟ ଗଠନ ବା ଆକାର, ବହିରାକୃତି, ସଜ୍ଜୀକରଣ ପଦ୍ଧତି।
**confine** 1. *ସ.କ୍ରି.* ସୀମାବଦ୍ଧ କରିବା, ସୀମିତ କରିବା, ବନ୍ଦୀ କରିବା, ଅବରୋଧ କରିବା; 2. ବ.ବ. ସୀମା, ପ୍ରାନ୍ତ; be confined ସୂତିକାଗାରରେ ଆବଦ୍ଧ ରହିବା (ପ୍ରସବ ନିମନ୍ତେ)।
**confinement** ବି.ଆବଦ୍ଧ ଅବସ୍ଥା, ପ୍ରସବାବସ୍ଥା, କାରାବାସ।
**confirm** *ସ.କ୍ରି.* ଦୃଢ଼ କରିବା, ନିଶ୍ଚିତ କରିବା, ସତ୍ୟତା ପ୍ରମାଣ କରିବା, ସମର୍ଥନ କରିବା, ଅନୁମୋଦନ କରିବା, ସ୍ଥାୟୀ କରିବା; (ଖ୍ରୀଷ୍ଟ ଧର୍ମରେ) ପୂର୍ଣ୍ଣଦୀକ୍ଷା ଗ୍ରହଣ କରିବା; confirmative ବିଂ. ସମର୍ଥକ, ଦୃଢ଼ୀକରଣକ୍ଷମ; confirmatory ବିଂ. ପୋଷକ, ସମର୍ଥନ କାରକ।
**confirmation** ବି. ଦୃଢ଼ୀକରଣ, ସମର୍ଥନ, ଅନୁମୋଦନ, ସ୍ଥାୟୀକରଣ; ଖ୍ରୀଷ୍ଟଧର୍ମରେ ଦୀକ୍ଷା ଉତ୍ସବ।
**confirmed** ବିଂ. (କୌଣସି ଅଭ୍ୟାସ ବା ଅବସ୍ଥାରେ) ଦୃଢ଼ ଭାବରେ ଅଭ୍ୟସ୍ତ; ସ୍ଥାୟୀ, ଦୃଢ଼, ପକ୍କା।
**confiscate** *ସ.କ୍ରି.* କ୍ଷମତା ବଳରେ ବାଜ୍ୟାପ୍ତି କରିବା, ଜବତ୍ କରିନେବା, ସରକାରଙ୍କ ଦଖଲକୁ ଆଣିବା; confiscation ବି. ବାଜ୍ୟାପ୍ତିକରଣ।
**conflagration** ବି. ପ୍ରଳୟ ଅଗ୍ନି, ଭୀଷଣ ଅଗ୍ନିକାଣ୍ଡ, ଦାବାଗ୍ନି।
**conflate** *ସ.କ୍ରି.* ଏକତ୍ର ମିଶାଇବା, ମୂଳଗ୍ରନ୍ଥର ପାଠ ଓ ପାଠାନ୍ତରକୁ ମିଳାଇ ଏକ କରିବା; ବି. conflation.
**conflict** 1. ବି. ବିବାଦ, ଦ୍ୱନ୍ଦ୍ୱ, ଯୁଦ୍ଧ, କଳହ, ସଂଘର୍ଷ, ମତାନୈକ୍ୟ; 2. *ଅ.କ୍ରି.* (କୌଣସି ବ୍ୟକ୍ତି ସହିତ) ବିରୋଧ, କଳହ ବା ସଂଘର୍ଷ କରିବା, ମତଦ୍ୱୈଧ ହେବା।
**confluence** ବି. ଦୁଇ ନଦୀର ସଙ୍ଗମ ସ୍ଥଳ, ଜନ ସମାଗମ।
**confluent** 1. ବିଂ. ଏକତ୍ର ପ୍ରବାହିତ, ସମ୍ମିଳିତ; 2. ବି. ଅନ୍ୟ ଏକ ନଦୀ ସହିତ ମିଳିତ ହୋଇଥିବା ନଦୀ।
**conform** *କ୍ରି.* ଅନୁରୂପ କରିବା ବା ହେବା, ଉପଯୋଗୀ କରିବା ବା ହେବା, ସଦୃଶ କରିବା, ରୀତିନୀତି ମାନି ଚଳିବା; conform to (or with) ଅନୁରୂପ ହେବା, ଅନୁବର୍ତ୍ତୀ ହେବା ବା ସମ୍ମତ ହେବା।
**conformable** ବିଂ. ଅନୁରୂପ, ସଦୃଶ ଅନୁଯାୟୀ, ଅନୁବର୍ତ୍ତୀ।
**conformation** ବି. ଆକାର, ଗଠନ, ଗଠନ ପ୍ରଣାଳୀ।
**conformist** ବି. ପ୍ରତିଷ୍ଠିତ ଆଚରଣ ବିଧି ଅନୁସରଣକାରୀ, ପରମ୍ପରାବାଦୀ; ଇଂଲଣ୍ଡର ଚର୍ଚ୍ଚ (ଧର୍ମ ସମାଜ) ଅନୁମୋଦିତ ଉପାସନା ବିଧି ଅନୁସରଣକାରୀ; ବି. conformism.
**conformity** ବି. ପ୍ରତିଷ୍ଠିତ ପରମ୍ପରାର ଅନୁସରଣ, ଐକ୍ୟ, ସମତା, ସଙ୍ଗତି, ଉପଯୋଗିତା।
**confound** *ସ.କ୍ରି.* ବିଶୃଙ୍ଖଳ କରିବା, ବିଭ୍ରାନ୍ତ କରିବା, ବାଉଳା କରିବା, ଘାବରେଇ ଦେବା, ହତବୁଦ୍ଧି କରିବା, ଅବଶ କରିଦେବା, ପରାସ୍ତ କରିବା, ବ୍ୟର୍ଥ କରିବା।
**confounded** ବିଂ. କିଂକର୍ତ୍ତବ୍ୟବିମୂଢ଼, ହତବୁଦ୍ଧି, ବାଉଳା; *କ.ଭା.* ଅଭିଶପ୍ତ, ନରକଯୋଗ୍ୟ।
**confrere** ବି. ସହକର୍ମୀ, ସମବ୍ୟବସାୟୀ। *(ଫ., ଭା.)*
**confront** *ସ.କ୍ରି.* ମୁହାଁମୁହିଁ ଭେଟିବା, ବିପଦ ବା ବିରୋଧର ସମ୍ମୁଖୀନ ହେବା, ବିପରୀତ ଦିଗରେ ବା ଆଗରେ ଠିଆ କରିବା; ସାହସର ସହିତ ସମ୍ମୁଖୀନ ହେବା; ପ୍ରତିରୋଧ କରିବା; ବି. confrontation.
**Confucian** ବିଂ. କନଫୁସିୟସ୍‌ଙ୍କ ଦର୍ଶନ ସମର୍ଥକୀୟ; ବି. Confucianism.
**confuse** *ସ.କ୍ରି.* ଗୋଳିଆମିଶା କରିବା, ବିଶୃଙ୍ଖଳ କରିବା, ବିଭ୍ରାନ୍ତ କରିବା, ପାର୍ଥକ୍ୟ ବାରି ନପାରିବା, ଅପ୍ରତିଭ କରିବା, ଅବଶ କରିଦେବା; *କ୍ରି.ବିଂ.* confusedly.

Digitized by srujanika@gmail.com

**confusion** ବି. ବିଶୃଙ୍ଖଳା, ଗୋଳିଆମିଶା, ବିଭ୍ରମ; ଉକ୍ତ କ୍ରିୟା ବା ଅବସ୍ଥା ।

**confute** ସ.କ୍ରି. ତର୍କଦ୍ୱାରା ମିଥ୍ୟା ପ୍ରମାଣ କରିବା, ଖଣ୍ଡନ କରିବା; ବି. confutation.

**conge** ବି.ଅଣ ଆନୁଷ୍ଠାନିକ ପଦଚ୍ୟୁତି ବା ଖାରଜ, ବିଦାୟ ଗ୍ରହଣ, ଛୁଟି । *(ଫ., ଲା.)*

**congeal** କ୍ରି. ଥଣ୍ଡାଯୋଗେ ଘନୀଭୂତ କରିବା, ଟାଣ ବା ଗାଢ଼ କରିବା, ଜମାଟ ବାନ୍ଧିବା ବା ବନ୍ଧାଇବା; ବି. congelation.

**congener** ବି. ସମଜାତୀୟ ବସ୍ତୁ ବା ବ୍ୟକ୍ତି ।

**congenial** ବିଂ. ସମପ୍ରକୃତି ଓ ସମରୁଚି ହେତୁ ସୁଖକର, ଉପଯୋଗୀ, ଅନୁକୂଳ, ମନୋମତ; ବି. congeniality; କ୍ରି.ବିଂ. congenially.

**congenital** ବିଂ. (ରୋଗପ୍ରକୃତି) ଜନ୍ମଗତ, ସହଜାତ; କ୍ରି.ବିଂ. congenitally.

**conger** ବି. ବୃହତ୍ ସାମୁଦ୍ରିକ କୋଚିଆ ସଦୃଶ ମତ୍ସ୍ୟ ବିଶେଷ ।

**congeries** ବି. ବ.ବ. ସ୍ତୂପ, ରାଶି, ବିଶୃଙ୍ଖଳିତ ସମଷ୍ଟି ।

**congest** ସ.କ୍ରି. ଏକତ୍ର କରିବା, ଜନାକୀର୍ଣ୍ଣ କରିବା ।

**congestion** ବି. ଜନାକୀର୍ଣ୍ଣତା, ଭିଡ଼, ରକ୍ତ ସଞ୍ଚାଳନରେ ଅବରୋଧ ।

**conglomerate** 1. ବିଂ. ପିଣ୍ଡୀକୃତ, ସ୍ତୂପୀକୃତ; 2. ବି. ସ୍ତୂପୀକୃତ ପିଣ୍ଡ, କ୍ଷୁଦ୍ର ଅନୁଷ୍ଠାନମାନଙ୍କର ସମବାୟ; 3. କ୍ରି. ପିଣ୍ଡରେ ପରିଣତ କରିବା, ଏକତ୍ର କରିବା; ବି. conglomeration

**congratulate** ସ.କ୍ରି. ଅଭିନନ୍ଦନ ଜଣାଇବା, ଅନ୍ୟର ମଙ୍ଗଳ ବା ସୌଭାଗ୍ୟରେ ପ୍ରସନ୍ନତା ଜ୍ଞାପନ କରିବା; congratulate oneself ନିଜକୁ ଭାଗ୍ୟବାନ୍ ମଣିବା; ବିଂ.congratulatory.

**congratulation** ବି. ଅଭିନନ୍ଦନ, ଆନନ୍ଦ ଜ୍ଞାପନ ।

**congregate** କ୍ରି. (ଏକ ସ୍ଥାନରେ ଓ ଏକ ସମୟରେ) ଜମାକରିବା, ସମବେତ କରିବା ।

**congregation** ବି. ପରିଷଦ୍, ଧର୍ମସଭା, ପୂଜା ବା ଉପାସନା ନିମନ୍ତେ ସମ୍ମିଳିତ ଜନମଣ୍ଡଳୀ; ନିୟମିତ ଭାବରେ ଏକ ନିର୍ଦ୍ଦିଷ୍ଟ ଗୀର୍ଜାରେ ଉପସ୍ଥିତ ହେଉଥିବା ଜନମଣ୍ଡଳୀ; ଜନସମାଗମ; congregational ବିଂ. ପୂଜା ବା ଉପାସନା ନିମନ୍ତେ ସମ୍ମିଳିତ ଜନମଣ୍ଡଳୀ ସମ୍ବନ୍ଧୀୟ, ସାମୂହିକ ।

**Congregationalism** ବି. ଖ୍ରୀଷ୍ଟୀୟ ଉପାସନା ମଣ୍ଡଳୀର ବ୍ୟବସ୍ଥା ବିଶେଷ; ଯହିଁରେ ଗୀର୍ଜା ଗୁଡ଼ିକ ସ୍ୱୟଂଶାସିତ; ବି. congregationalist.

**congress** ବି. ସଂସଦ, ମହାସଭା, ଆଲୋଚନା ନିମିତ୍ତ ପ୍ରତିନିଧିସଭା; ଯୁକ୍ତରାଷ୍ଟ୍ର ଆମେରିକାର ବ୍ୟବସ୍ଥା ପରିଷଦ; Indian National Congress ଭାରତୀୟ ଜାତୀୟ କଂଗ୍ରେସ୍; congressional ବିଂ. ମହାସଭା ସମ୍ବନ୍ଧୀୟ ।

**congruent** ବିଂ. ଅନୁରୂପ, ସର୍ବସମ, ଉପଯୋଗୀ, ସଙ୍ଗତ; ବି. congruence, congruency; congruous ବିଂ. ସୁସଙ୍ଗତ, ଉପଯୋଗୀ; congruity ବି. ଉପଯୋଗିତା ।

**conic** ବିଂ. ଶଙ୍କୁସମ୍ବନ୍ଧୀୟ; conical ବିଂ. ଶଙ୍କୁ ଆକୃତି ବିଶିଷ୍ଟ ।

**conifer** ବି. ଦେବଦାରୁ ବା ପାଇନ୍ ଜାତୀୟ ଶଙ୍କୁ ଆକୃତି ବିଶିଷ୍ଟ ବୃକ୍ଷ; ବିଂ. coniferous.

**conjectural** ବିଂ. ଆନୁମାନିକ, ଅନୁମେୟ, ଅନୁମାନସିଦ୍ଧ ।

**conjecture** 1. ବି. ଅନୁମାନ, ଅନ୍ଦାଜ, ଅନୁମାନୋକ୍ତି, ଅସମ୍ପୂର୍ଣ୍ଣ ଭିତ୍ତି ଉପରେ ମତ ପ୍ରତିଷ୍ଠା; 2. କ୍ରି. ଅନୁମାନ କରିବା, ଅନ୍ଦାଜ କରିବା ।

**conjoin** କ୍ରି. ସଂଯୋଗ କରିବା, ମିଶ୍ରଣ କରିବା ।

**conjoint** ବିଂ. ସଂଯୁକ୍ତ, ମିଳିତ ।

**conjugal** ବିଂ. ବୈବାହିକ, ବିବାହ ସମ୍ବନ୍ଧୀୟ, ଦାମ୍ପତ୍ୟ; କ୍ରି.ବିଂ. conjugally.

**conjugate** କ୍ରି. (ବ୍ୟା.) ଧାତୁରୂପ କରିବା; ମିଳାଇବା, ଏକତ୍ର କରିବା, ସଂଯୋଗ କରିବା; 2. ବିଂ. ମିଳିତ, ସଂଯୁକ୍ତ; 3. ବି. କୃଦନ୍ତ, ଧାତୁ ନିଷ୍ପନ୍ନ ଶବ୍ଦ; conjugation *(ବ୍ୟା.)* ବି. ଧାତୁରୂପକରଣ ।

**conjunct** ବିଂ. ସଂଯୁକ୍ତ, ମିଳିତ, ସମ୍ମିଳିତ ।

**conjunction** ବି. ସଂଯୋଗ, ମିଳନ, (ବ୍ୟା.) ସଂଯୋଜକ ଅବ୍ୟୟ; ଦୁଇଟି ନକ୍ଷତ୍ରଜ୍ୟୋତିଷ୍କଙ୍କର ଆପାତପ୍ରତୀୟମାନ ସାମୀପ୍ୟ; ଘଟଣା ବା ଅବସ୍ଥାମାନଙ୍କର ସମନ୍ୱୟ ।

**conjunctiva** ବି. ଚକ୍ଷୁ ମଧ୍ୟସ୍ଥ ଶ୍ଳେଷ୍ମିକ ଝିଲ୍ଲି ।

**conjunctive** ବିଂ. ସଂଯୋଜକ, (ବ୍ୟା.) ସଂଯୋଜକ ଅବ୍ୟୟ ।

Digitized by srujanika@gmail.com

**conjunctivitis** ବି. ଆଖିଧରିବା ରୋଗ, ଚକ୍ଷୁ ମଧ୍ୟସ୍ଥ ଶ୍ଳେଷ୍ମିକ ଝିଲ୍ଲୀର ପ୍ରଦାହ।

**conjuncture** ବି. ଘଟଣାବଳୀର ସଂଯୋଗ; ସନ୍ଧିସ୍ଥଳ; ଅବସ୍ଥା।

**conjure** କ୍ରି. ଯାଦୁବିଦ୍ୟା, କୁହୁକ ବା ହଟଚମଟ ଦେଖାଇବା, ଇନ୍ଦ୍ରଜାଲ ବା ହସ୍ତକୌଶଳ ଦେଖାଇବା; conjure up ଶୂନ୍ୟରୁ ଉତ୍ପାଦନ କରିବା (ଯାଦୁବିଦ୍ୟା ଦ୍ୱାରା)।

**conjurer, conjuror** ବି. ଯାଦୁକର, ଐନ୍ଦ୍ରଜାଲିକ।

**conk** କ୍ରି. କ.ଭା. ଅଚଳ ହୋଇ ପଡିବା, ଅତ୍ୟନ୍ତ କ୍ଳାନ୍ତ ବା ଅବସନ୍ନ ହୋଇ ନିସ୍ତେଜ ହେବା, ମରିବା; *ସା.ପ୍ର.* ମସ୍ତକରେ ଆଘାତ କରିବା।

**connect** କ୍ରି. ଯୋଗ କରିବା, ବା ଯୁକ୍ତହେବା, ମେଳ କରିବା, ସମ୍ପର୍କ ସ୍ଥାପନ କରିବା, ନିର୍ଦ୍ଦିଷ୍ଟ ସ୍ଥାନରେ ଅନ୍ୟ ରେଳଗାଡ଼ି ସହିତ ସଂଯୋଗ ସ୍ଥାପନ କରିବା, ଭାବର ଆଦାନ ପ୍ରଦାନ ନିମନ୍ତେ (ଟେଲିଫୋନ୍) ସଂଯୋଗ କରିବା; *ଚ.ଭା.* ଆଘାତ ଦ୍ୱାରା ଲକ୍ଷ୍ୟସ୍ଥଳ ଭେଦ କରିବା; connecting-rod ବି. ଇଞ୍ଜିନ୍‌ର ମଧ୍ୟସ୍ଥ ପିଷ୍ଟନ୍ ଓ କ୍ରାଙ୍କ୍‌ପିନ୍‌ର ସଂଯୋଗକାରୀ ଲୌହଦଣ୍ଡ; connected ବି°. ସଂଯୁକ୍ତ (ସାମାଜିକ ସମ୍ପର୍କ ବିଶିଷ୍ଟ)।

**connection, connexion** ବି. ଯୋଗ, ମେଳ, ସମ୍ବନ୍ଧ, ସମ୍ପର୍କ, କୁଟୁମ୍ବିତା, ସଂଯୋଜକ ଅଂଶ ବା ପଦାର୍ଥ, ସଂଯୋଗକାରୀ ବସ୍, ରେଳଗାଡ଼ି ଇତ୍ୟାଦି।

**connective** ବି°. ସଂଯୋଗକାରୀ, ସଂଯୋଜକ।

**connector** ବି. ସଂଯୋଜକ ବା ସଂଯୋଗକାରୀ ପଦାର୍ଥ।

**conning-tower** ବି. ଯୁଦ୍ଧଜାହାଜର ଅସ୍ତ୍ର ସଜ୍ଜିତ ଚାଳକ କକ୍ଷ, ବୁଡ଼ାଜାହାଜରେ ଥିବା ପେରିସ୍କୋପ ସଜ୍ଜିତ ସ୍ଥାନ।

**connive** (connive at) ଅ.କ୍ରି. ଦୋଷପ୍ରତି ଜାଣିଶୁଣି ଆଖି ବୁଜିଦେବା, ପରୋକ୍ଷରେ ପ୍ରଶ୍ରୟ ଦେବା; ବି. connivance.

**connoisseur** ବି. ଲଳିତ କଳାର ନିପୁଣ ଗ୍ରାହକ, ସୂକ୍ଷ୍ମରୁଚି ସମ୍ପନ୍ନ ବ୍ୟକ୍ତି।

**connote** ସ.କ୍ରି. ଶବ୍ଦର ଆକ୍ଷରିକ ଅର୍ଥ ଅତିରିକ୍ତ ଅର୍ଥ ବା ଗୁଣର ଆଭାସ ଦେବା; ସୂଚନା କରିବା, ଅର୍ଥ ପ୍ରକାଶ କରିବା; ବି. connotation; ବି°. connotative.

**connubial** ବି°. ବୈବାହିକ, ଦାମ୍ପତ୍ୟ ଘଟିତ।

**conquer** କ୍ରି. ଯୁଦ୍ଧ ଜୟକରିବା, ଜିଣିବା, ଚେଷ୍ଟାଦ୍ୱାରା ବିଜୟ ଲାଭ କରିବା, ସାମରିକ ଭାବରେ ଦମନ କରିବା; ବି. conqueror.

**conquest** ବି. ଜୟ, ବିଜୟ, ବିଜିତ ରାଜ୍ୟ ବା ସ୍ଥାନ; ବିଜିତ ବସ୍ତୁ; ଯେଉଁ ବ୍ୟକ୍ତିର ଅନୁଗ୍ରହ ବା ଅନୁରାଗ ଲାଭ କରାଯାଇଛି।

**consanguineous** ବି°. ରକ୍ତସମ୍ପର୍କବିଶିଷ୍ଟ; ସମଗୋତ୍ର, ଏକବଂଶଜ; ବି. consanguinity.

**conscience** ବି. ବିବେକ, ନ୍ୟାୟାନ୍ୟାୟ ସମ୍ବନ୍ଧୀୟ ନୈତିକ ଜ୍ଞାନ, ହିତାହିତ ଜ୍ଞାନ, ଧର୍ମବୁଦ୍ଧି; conscience money ବିବେକ ପ୍ରଣୋଦିତ ଅର୍ଥ ପରିଶୋଧ; conscience-stricken ବିବେକ-ତାଡ଼ିତ; in all conscience ନ୍ୟାୟତଃ, ଧର୍ମତଃ, ବିବେକତଃ।

**conscientious** ବି°. ଶୁଦ୍ଧାନ୍ତଃକରଣ, ବିବେକବାନ୍, ନ୍ୟାୟପରାୟଣ; conscientious objector ବିବେକ ତାଡ଼ନାରେ ଯେ ସାମରିକ କାର୍ଯ୍ୟକୁ ପ୍ରତିବାଦ କରେ।

**conscious** 1. ବି°. ସଚେତନ, ଅବଗତ, ଆତ୍ମଜ୍ଞାନସମ୍ପନ୍ନ, ସଚେତନମନା; 2. ବି. ଚୈତନ୍ୟ, ସଂବିତ୍।

**consciousness** ବି. ସଚେତନତା; ଚେତନା, (ବ୍ୟକ୍ତିର) ସାମଗ୍ରିକ ଚିନ୍ତା ଓ ଅନୁଭୂତି।

**conscript** 1. ସ.କ୍ରି. ବାଧ୍ୟତାମୂଳକ ଭାବରେ ସୈନ୍ୟ ବିଭାଗରେ ଭର୍ତ୍ତି କରିବା; 2. ବି. ବାଧ୍ୟତାମୂଳକ ଭାବରେ ସୈନ୍ୟ ଶ୍ରେଣୀଭୁକ୍ତ ବ୍ୟକ୍ତି; ବି. conscription.

**consecrate** ସ.କ୍ରି. ପବିତ୍ର କରିବା ବା ପବିତ୍ର ବୋଲି ଘୋଷଣା କରିବା; ଅଭିମନ୍ତ୍ରିତ କରିବା, ପ୍ରୋକ୍ଷଣ କରିବା, ଧାର୍ମିକ ବା ଦେବତାଙ୍କ ଉଦ୍ଦେଶ୍ୟରେ ଔପଚାରିକ ରୂପରେ ଉତ୍ସର୍ଗ କରିବା; ବି. consecration.

**consecutive** ବି°. ନିରନ୍ତର, ଅବିରତ; କ୍ରମିକ, ଲାଗିଲାଗି, ଧାରାବାହିକ, ନିରବଚ୍ଛିନ୍ନ, କ୍ରମବିଶିଷ୍ଟ (ବ୍ୟା.) ପରିଣାମବ୍ୟଞ୍ଜକ।

**consensus** ବି. ମତାନୁକୂଳ୍ୟ, ମତୈକ୍ୟ, ଅଧିକସଂଖ୍ୟକ ମତ; ଭର୍ତ୍ସନାଭି।

Digitized by srujanika@gmail.com

**consent** 1. ଅ.କ୍ରି. କୌଣସି ବିଷୟପ୍ରତି ସମ୍ମତି ବା ସ୍ୱୀକୃତି ପ୍ରକାଶ କରିବା, ସମ୍ମତ ହେବା, ରାଜି ହେବା, ଏକମତ ହେବା; 2. ବି. ସ୍ୱେଚ୍ଛା ସମ୍ମତି, ସ୍ୱୀକୃତି, ଅନୁମୋଦନ, ଅନୁମତି; age of consent ଆଇନ ଅନୁଯାୟୀ ଦୈହିକ ସହବାସ ଉପଯୁକ୍ତ ବୟସ।

**consequence** ବି. ଶେଷ, ପରିଣାମ, ଉପଯୁକ୍ତ କାରଣର ସଂଗତ ପରିଣତି କିଂବା ସଫଳ ପରିଣାମ, ଗୁରୁତ୍ୱ, ମହତ୍ତ୍ୱ; in consequence ଫଳସ୍ୱରୂପ; take the consequences ନିଜ କାର୍ଯ୍ୟର ପରିଣାମକୁ ମାନିନେବା।

**consequent** 1. ବିଂ. ଆନୁଷଙ୍ଗିକ, ଅନୁବର୍ତ୍ତୀ, ଅନୁସାରୀ, ନ୍ୟାୟସଙ୍ଗତ, ପରିଣାମ ସ୍ୱରୂପ ଆଗତ; 2. ବି. କୌଣସି ବିଷୟର ଅନୁବର୍ତ୍ତୀ ଅନ୍ୟ ବିଷୟ; ପରବର୍ତ୍ତୀ ଘଟନା; ଅବଶ୍ୟମ୍ଭାବୀ ଫଳ।

**consequential** ବିଂ. ଆନୁଷଙ୍ଗିକ; ପରୋକ୍ଷରେ ସଂଘଟିତ (ବ୍ୟକ୍ତି ବା ଆଚରଣ ସମ୍ବନ୍ଧରେ)।

**conservancy** ବି. ନଦୀ ଓ ବନ୍ଦର ପ୍ରଭୃତିର ନିୟନ୍ତ୍ରଣକାରୀ ସମିତି ବା ସଂଘ, ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ସମ୍ପୃକ୍ତ ସମିତି ବା ସଂସ୍ଥା।

**conservation** ବି. ସଂରକ୍ଷଣ, ବିଶେଷତଃ ପ୍ରାକୃତିକ ପରିବେଶର ସଂରକ୍ଷଣ ବା କ୍ଷୟନିବାରଣ; conservation of energy ଶକ୍ତି ସଂରକ୍ଷଣ (ତତ୍ତ୍ୱ); conservationist ବି. ପରିବେଶ ସଂରକ୍ଷଣର ସମର୍ଥକ।

**conservative** 1. ବିଂ. ସଂରକ୍ଷଣ ଅଭିମୁଖୀ, ରକ୍ଷଣଶୀଳ; ମତ, ରୁଚି ଇତ୍ୟାଦିରେ ଦ୍ରୁତ ପରିବର୍ତ୍ତନର ବିରୋଧୀ; 2. ବି. ରକ୍ଷଣଶୀଳ ବ୍ୟକ୍ତି, ରକ୍ଷଣଶୀଳ ଦଳର ସଦସ୍ୟ ବା ସମର୍ଥକ।

***conservatoire*** ବି. (ସାଧାରଣତଃ ଇଉରୋପୀୟ) ସଂଗୀତ କିମ୍ବା ଅନ୍ୟାନ୍ୟ କଳାର ବିଦ୍ୟାଳୟ। *(ଫ., ଇ.)*

**conservator** ବି. (ବନ) ସଂରକ୍ଷକ।

**conservatory** ବି. ଉଦ୍ଭିଦ ସଂରକ୍ଷଣାଗାର, ସବୁଜ ଘର।

**conserve** 1. ସ.କ୍ରି. ଭବିଷ୍ୟତ ବ୍ୟବହାର ନିମନ୍ତେ କ୍ଷୟକ୍ଷତି ଆଦିରୁ ନିରାପଦରେ ରଖିବା; ସୁରକ୍ଷିତ ରଖିବା, ସଂରକ୍ଷଣ କରିବା; 2. ବି. ଶର୍କରା ରସରେ ରଖାଯାଇଥିବା ଫଳ ପ୍ରଭୃତି।

**consider** ସ.କ୍ରି. ବିଚାର କରିବା, କୌଣସି ସିଦ୍ଧାନ୍ତରେ ଉପନୀତ ହେବାପାଇଁ ମନ କରିବା, ଚିନ୍ତା କରିବା, ପ୍ରଣିଧାନ କରିବା; ଗଣନା କରିବା, ବିବେଚନା କରିବା; କୌଣସି କାର୍ଯ୍ୟବିଧି, ଦାବି, ପ୍ରାର୍ଥୀ ଇତ୍ୟାଦିଙ୍କ ଗୁଣ ପରୀକ୍ଷା କରିବା, ମତ ପ୍ରକାଶ କରିବା; considerable ବିଂ. ଯଥେଷ୍ଟ, ଅନଳ୍ପ; ପରିମାଣ ବା ବିସ୍ତାରରେ ବହୁତ; ବିଚାରଯୋଗ୍ୟ; ପ୍ରଧାନ, ଗୁରୁତ୍ୱପୂର୍ଣ୍ଣ; considerate ବି. ବିଚାରବନ୍ତ, ଅନ୍ୟର ଭଲମନ୍ଦ ପ୍ରତି ମନୋଯୋଗୀ; consideration ବି. ସଯତ୍ନ ବିଚାର; ବିବେଚନା, ସ୍ଥିରଚିନ୍ତା, ମନୋଯୋଗ; ବିଚାରର ବିଷୟ; କ୍ଷତିପୂରଣ; ଜରସମନ; ପାରିତୋଷିକ; in consideration of ଦୃଷ୍ଟେ, ବିବେଚନା କରି, ହେତୁରୁ; take into consideration ବିଚାର ବା ବିବେଚନା କରିବା, କୋହଳ ବିଚାର କରିବା; under consideration ବିଚାରାଧୀନ।

**considering** ଅ. ବିଚାର କରି, ଦୃଷ୍ଟେ।

**consign** ସ.କ୍ରି. ହସ୍ତାନ୍ତର କରିବା, ଅର୍ପଣ କରିବା, ନ୍ୟସ୍ତ କରିବା, ଜିମ୍ମା କରିବା; (ରେଳ ବା ଜାହାଜ ଯୋଗେ) ମାଲ ପ୍ରେରଣ କରିବା; consignee ବି. ଯେଉଁ ବ୍ୟକ୍ତିନିକଟକୁ ମାଲ ପଠାଯାଏ, ମାଲ ପ୍ରାପକ; consignor ବି. ମାଲପ୍ରେରକ, ଯେଉଁ ବ୍ୟକ୍ତି ମାଲ ପଠାଏ।

**consignment** ବି. ମାଲପ୍ରେରଣ, ମାଲ ଚାଲାଣ, ପ୍ରେରିତ ମାଲ।

**consist** ଅ.କ୍ରି. ଗଠିତ ହେବା, ସାରାଂଶ ବା ବିଶେଷତ୍ୱ ନିହିତ ରହିବା, (କୌଣସି ବିଷୟ ପ୍ରତି) ସଙ୍ଗତ ବା ଅନୁକୂଳ ହେବା।

**consistency** ବି. ଗାଢ଼ତ୍ୱ, ଘନତ୍ୱ, (ବହଳିଆ ତରଳ ବସ୍ତୁର); ସଙ୍ଗତି।

**consistent** ବିଂ. ଅନୁକୂଳ, ସଙ୍ଗତ; କୌଣସି ବ୍ୟକ୍ତିର ଚିନ୍ତା ବା କାର୍ଯ୍ୟନୀତି ପ୍ରତି ନିଷ୍ଠା।

**consistory** ବି. ରୋମାନ୍ କେଥଲିକ୍ ସମ୍ପ୍ରଦାୟର ଉଚ୍ଚପଦସ୍ଥ ସଭ୍ୟମାନଙ୍କର ସଭା ବା ପରିଷଦ୍, ଧର୍ମଯାଜକ ଓ କେଥଲିକ୍ ସଭ୍ୟମାନଙ୍କର ସଭା।

**consolation** ବି. ଆଶ୍ୱାସନା, ସାନ୍ତ୍ୱନା ପ୍ରଦାନ, ପ୍ରବୋଧନା; consolation prize ଅଳ୍ପକେ ପୁରସ୍କାର ହରାଇଥିବା ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ପୁରସ୍କାର; ବିଂ. consolatory.

Digitized by srujanika@gmail.com

**console**[1.] ସ.କ୍ରି. ସାନ୍ତ୍ୱନା ଦେବା, ପ୍ରବୋଧନା ଦେବା, ଦୁଃଖ ଶୋକ ବା ହତାଶାରେ ଆଶ୍ୱାସନା ଦେବା।

**console**[2.] ବି. ଥାକକୁ ଧରି ରଖିବା ପାଇଁ ବ୍ରାକେଟ୍, ନାଗଦନ୍ତକ, ରେଡ଼ିଓ ସେଟ୍ ଆଦି ରଖିବା ପାଇଁ ନିର୍ମିତ ବାକ୍ସ; ଚାବି ଇତ୍ୟାଦି ସହିତ ସିନ୍ଦୁକ।

**consolidate** କ୍ରି. ଶକ୍ତ କରିବା, କଠିନ କରିବା, ଦୃଢ଼ କରିବା; (ରାଜ୍ୟ, କମ୍ପାନୀ, ଋଣ ଆଦି) ମିଶାଇ ଗୋଟିଏ ସମଷ୍ଟିଭୁକ୍ତ କରିବା; ଶକ୍ତ, ଦୃଢ଼ ବା କଠିନ ହେବା; ବି. consolidation; consolidator.

**consols** ବି. ବ.ବ. ବିଲାତ ସରକାରଙ୍କ ଋଣର ନିଦର୍ଶନ ପତ୍ର।

**consomme** ବି. ସ୍ୱଚ୍ଛ ମାଂସଝୋଳ।

**consonance** ବି. ସଙ୍ଗତି, ସାମଞ୍ଜସ୍ୟ, ମେଳ।

**consonant** 1. ବି. ବ୍ୟଞ୍ଜନ ବର୍ଣ୍ଣ; 2. ବିଂ. ଅନୁରୂପ, ସଙ୍ଗତ; 3. ବିଂ. consonantal.

**consort**[1.] 1. ବି. ସ୍ୱାମୀ ବା ସ୍ତ୍ରୀ (ବିଶେଷତଃ ଶାସକଙ୍କ); ସହଯୋଗୀ ପୋତ ବା ଜାହଜ; 2. ଅ.କ୍ରି. କୌଣସି ବ୍ୟକ୍ତି ସଙ୍ଗେ ମିଶିବା ବା ସାଥୀହେବା, ସଙ୍ଗତ ହେବା।

**consort**[2.] ବି. ସଙ୍ଗୀତଜ୍ଞଦଳ ବା ବାଦ୍ୟଯନ୍ତ୍ର ସମୂହ।

**consortium** ବି. (ବ.ବ. consortia) ସଂଘ (ବିଶେଷତଃ ବିଭିନ୍ନ ବ୍ୟବସାୟୀ ଗୋଷ୍ଠୀଙ୍କ)।

**conspectus** ବି. ସାଧାରଣ ଦୃଷ୍ଟି, ସ୍ଥୂଳ ସର୍ବେକ୍ଷଣ; ସଂକ୍ଷିପ୍ତସାର, ସାରସଂଗ୍ରହ।

**conspicuous** ବିଂ. ସୁସ୍ପଷ୍ଟ, ପରିଦୃଶ୍ୟମାନ, ଚିତ୍ତାକର୍ଷକ; ପ୍ରଣିଧାନଯୋଗ୍ୟ, ବିବେଚନା ଯୋଗ୍ୟ।

**conspiracy** ବି. ଷଡ଼ଯନ୍ତ୍ର, ଚକ୍ରାନ୍ତ, ଆଇନ ବିରୁଦ୍ଧ ସମାବେଶ ବା ମନ୍ତ୍ରଣା; conspiracy of silence କିଛି ନ କହିବାକୁ ରାଜିହେବା।

**conspirator** ବି. ଷଡ଼ଯନ୍ତ୍ରକାରୀ, କୁଚକ୍ରୀ; ବିଂ. conspiratorial.

**conspire** ଅ.କ୍ରି. ଷଡ଼ଯନ୍ତ୍ର କରିବା, ଚକ୍ରାନ୍ତ କରିବା, ନିୟମ ବିରୁଦ୍ଧ ଭାବେ ବା କ୍ଷତିକାରକ ଅଭିପ୍ରାୟରେ ଗୁପ୍ତଭାବରେ ମିଳିତ ହେବା, ଏକତ୍ର କାର୍ଯ୍ୟ କରୁଥିବା ପରି ବୋଧ ହେବା; ।

**constable** ବି. କନେଷ୍ଟବଳ, ପୋଲିସ୍ ବିଭାଗର ନିମ୍ନତମ କର୍ମଚାରୀ, ସିପାହୀ, ଶାନ୍ତିରକ୍ଷକ; ରାଜଭବନର ମୁଖ୍ୟ କର୍ମଚାରୀ।

**constabulary** ବି. ପୋଲିସ୍ ଫଉଜ, ପୋଲିସ୍ ବାହିନୀ।

**constancy** ବି. ଅପରିବର୍ତ୍ତନୀୟତା, ନିର୍ଭରଶୀଳତା, ବିଶ୍ୱସ୍ତତା।

**constant** 1. ବିଂ. ଅପରିବର୍ତ୍ତିତ, ଅବିରତ ସଂଘଟିତ, ନିର୍ଭରଯୋଗ୍ୟ, ବିଶ୍ୱସ୍ତ; 2. ବି. ଯାହାର ପରିବର୍ତ୍ତନ ହୁଏନାହିଁ, ଧ୍ରୁବାଙ୍କ-ପରିମାଣ ବା ସଂଖ୍ୟାର ଅପରିବର୍ତ୍ତିତ ମୂଲ୍ୟ (ଗଣିତ ଓ ପଦାର୍ଥ ବିଜ୍ଞାନରେ); କ୍ରି.ବିଂ. constantly.

**constellation** ବି. ସ୍ଥିର ନକ୍ଷତ୍ରପୁଞ୍ଜ; ତାରାପୁଞ୍ଜ, ବିଶିଷ୍ଟ ବା ପ୍ରଧାନ ବ୍ୟକ୍ତିମାନଙ୍କର ସମାବେଶ।

**consternation** ବି. ବିସ୍ମୟ ଓ ସନ୍ତ୍ରାସରୁ ସଂଜାତ ବ୍ୟାକୁଳତା।

**constipate** ସ.କ୍ରି. କୋଷ୍ଠବଦ୍ଧ କରିବା, ମଳବଦ୍ଧ କରିବା; constipation ବି. କୋଷ୍ଠବଦ୍ଧତା, କୋଷ୍ଠକାଠିନ୍ୟ।

**constituency** ବି. ପ୍ରତିନିଧି ନିର୍ବାଚନକାରୀ ଭୋଟଦାତାଙ୍କ ଗୋଷ୍ଠୀ, ନିର୍ବାଚନମଣ୍ଡଳୀ ବା କ୍ଷେତ୍ର।

**constituent** 1. ବିଂ. ଉତ୍ପାଦକ, ଉପାଦାନଭୂତ, ଔପାଦାନିକ; ପୂର୍ଣ୍ଣତା ଗଠନକାରୀ, ଅତ୍ୟାବଶ୍ୟକ; ଦେଶର ଶାସନ ବିଧାନ ପ୍ରଣୟନ ବା ସଂଶୋଧନ ନିମନ୍ତେ ଅଧିକାର ପ୍ରାପ୍ତ; 2. ବି. ଉପାଦାନର ଅଂଶ; ନିର୍ବାଚନମଣ୍ଡଳୀର ସଦସ୍ୟ।

**constitute** ସ.କ୍ରି. ନିର୍ମାଣ ବା ଗଠନ କରିବା; ରଚନା କରିବା, ନିଯୁକ୍ତ କରିବା, ପ୍ରତିଷ୍ଠା କରିବା, ଅଧିକାର ବଳରେ ସ୍ଥାପନ କରିବା ବା ବସାଇବା।

**constitution** ବି. ସ୍ୱଭାବ, ଅବସ୍ଥା, ଦଶା, ସ୍ଥିତି, ସ୍ୱରୂପ, ନିର୍ମାଣ, ସଂସ୍ଥିତି, ବିଧାନ, ସମ୍ବିଧାନ; ସଂସ୍ଥାପନ, ଦେହର ଅବସ୍ଥା (ସ୍ୱାସ୍ଥ୍ୟ ଓ ବଳ ସମ୍ପର୍କରେ)।

**constitutional** 1. ବିଂ. ସାମ୍ବିଧାନିକ, ସମ୍ବିଧାନାନୁସାରୀ, ବୈଧାନିକ, ବିଧାନସମ୍ମତ, ଦେଶର ଶାସନ ପ୍ରଣାଳୀ ସମ୍ମତ; 2. ସ୍ୱାସ୍ଥ୍ୟପାଇଁ ନିୟମିତ ଭ୍ରମଣ; ବି. constitutionality.

**constitutive** ବିଂ. ଗଠନକ୍ଷମ; ଔପାଦାନିକ, ଅତ୍ୟାବଶ୍ୟକ।

**constrain** ସ.କ୍ରି. ଜୋର ଜବରଦସ୍ତି କରିବା, ବାଧ୍ୟକରିବା, ଜୋର୍ କରିବା, ଚାପ ପକାଇବା।

**constraint** ବି. ବଳାତ୍କାର, ଜୋରଜବରଦସ୍ତି, ବାଧ୍ୟବାଧକତା; ବିବ୍ରତ ଅବସ୍ଥା, ଆତ୍ମ ସଂଯମ।

Digitized by srujanika@gmail.com

**constrict** ସ.କ୍ରି. ସଙ୍କୋଚନ କରିବା, ଆକୁଞ୍ଚନ କରିବା; constriction ବି. ସଙ୍କୋଚନ, ଆକୁଞ୍ଚନ; constrictive ବିଂ. ସଙ୍କୋଚନ-କାରୀ।

**constrictor** ବି. ସଙ୍କୋଚନକାରୀ ମାଂସପେଶୀ; ନିଜ ଶରୀରର ସଙ୍କୋଚନ ଦ୍ୱାରା ଯେଉଁ ସାପ ପ୍ରାଣୀକୁ ହତ୍ୟାକରେ।

**construct** ସ.କ୍ରି. ନିର୍ମାଣ କରିବା, ଗଠନ ବା ରଚନା କରିବା, ଶବ୍ଦବିନ୍ୟାସ କରିବା; constructor ବି. ସଂଗଠକ, ନିର୍ମାଣକାରୀ, ଗଠନକାରୀ।

**construction** ବି. ନିର୍ମାଣ, ଗଠନ, ରଚନା, ନିର୍ମାଣ ପ୍ରଣାଳୀ, ନିର୍ମିତ ବସ୍ତୁ, ଗୃହ ପ୍ରଭୃତି; ଶବ୍ଦବିନ୍ୟାସ; ଅର୍ଥ, ବାଖ୍ୟା।

**constructive** ବିଂ. ରଚନାତ୍ମକ, ଗଠନମୂଳକ, ସହାୟକ।

**construe** ସ.କ୍ରି. ଅର୍ଥ ବ୍ୟାଖ୍ୟା କରିବା, ବୁଝାଇବା, ଶବ୍ଦବିନ୍ୟାସ କରିବା, ଶବ୍ଦକୁ ଶବ୍ଦ ମିଳାଇ ଅନୁବାଦ କରିବା, ଅନ୍ୱୟ କରିବା (ବାକ୍ୟର)।

**consubstantial** ବିଂ. ଏକଜାତୀୟ, ସଜାତୀୟ, ଏକମୂର୍ତ୍ତି, ସମଭାବାପନ୍ନ, ସମସ୍ୱଭାବର।

**consubstantiation** ବି. ଲୁଥରଙ୍କ ଧର୍ମମତ ବିଶେଷ, ଏହି ମତାନୁସାରେ ରୁଟି ଓ ମଦ୍ୟରେ ପ୍ରଭୁଙ୍କର ରକ୍ତ ଓ ମାଂସ ସମାନ ଭାବରେ ବିଦ୍ୟମାନ ବୋଲି ମନେ କରାଯାଇଥାଏ।

**consul** ବି. ରୋମୀୟ ପ୍ରଧାନ ବ୍ୟକ୍ତିବିଶେଷ; ପ୍ରାଚୀନ ରୋମ୍‌ର ପ୍ରତିବର୍ଷ ନିର୍ବାଚିତ ହେଉଥିବା ବିଚାରପତି; ବିଦେଶରେ ଅବସ୍ଥାପିତ ହେଉଥିବା ରାଜପ୍ରତିନିଧି; ବିଂ. consular; ବି. consula-rship; consulate ବି. ଉକ୍ତ ରାଜପ୍ରତିନିଧିଙ୍କର ପଦ ବା ଅଧିକାର ବା କାର୍ଯ୍ୟାଳୟ।

**consult** ସ.କ୍ରି. ପରାମର୍ଶ କରିବା ବା ନେବା, ମତନେବା, କୌଣସି ପୁସ୍ତକ ବା ଅଭିଧାନ ଦେଖିବା; (ଅନ୍ୟମାନଙ୍କ ସହିତ) ବିଚାର ଆଲୋଚନା କରିବା।

**consultant** ବି. ପରାମର୍ଶଦାତା (ବିଶେଷତଃ ଚିକିତ୍ସାରେ); ବି. consultancy.

**consultation** ବି. ପରାମର୍ଶ, ମନ୍ତ୍ରଣା, ବିଚାର; ପରାମର୍ଶ।

**consultative** ବିଂ. ପରାମର୍ଶ ବା ଆଲୋଚନାମୂଳକ।

**consume** ସ.କ୍ରି. ଭୋଜନ ବା ପାନ କରିବା, ବ୍ୟବହାର ପୂର୍ବକ ଶେଷ କରିଦେବା ବା କ୍ଷୟ କରିବା; ଧ୍ୱଂସ କରିବା, ଈର୍ଷାଆଦିରେ ପରିପୂର୍ଣ୍ଣ ବା ଅଭିଭୂତ ହେବା; consumable ବିଂ. ବ୍ୟବହାର୍ଯ୍ୟ, ବ୍ୟବହାରଯୋଗ୍ୟ।

**consumer** ବି. ଉପଭୋକ୍ତା, ଖାଉଟି; consu-mer research ଖାଉଟିମାନଙ୍କର ଚାହିଦା ଓ ମତାମତର ଅଧ୍ୟୟନ।

**consumerism** ବି. ଖାଉଟି ବା ଉପଭୋକ୍ତା-ମାନଙ୍କର ସ୍ୱାର୍ଥର ସଂରକ୍ଷଣ ବା ଉନ୍ନତି ବିଧାନ।

**consummate** 1. ବିଂ. ସମ୍ପୂର୍ଣ୍ଣ, ପୂର୍ଣ୍ଣାଙ୍ଗ, ସର୍ବାଙ୍ଗସୁନ୍ଦର, ପକ୍କା, ନିପୁଣ; 2. ସ.କ୍ରି. ପୂର୍ଣ୍ଣକରିବା, ସମ୍ପନ୍ନ କରିବା, ଶେଷ କରିବା, ପକ୍କା କରିବା; consummation ବି. ପୂର୍ଣ୍ଣତା, ଚରମୋତ୍କର୍ଷ, ବୈବାହିକ ପୂର୍ଣ୍ଣତା ଚରମ ଦକ୍ଷତା।

**consumption** ବି. କ୍ଷୟ, କ୍ରୟ ଓ ଉପଯୋଗ, ସମ୍ପୂର୍ଣ୍ଣରୂପେ ବ୍ୟବହାର ବା ଖର୍ଚ୍ଚ, ବ୍ୟବହୃତ ବସ୍ତୁର ପରିଣାମ, କ୍ଷୟରୋଗ, ଯକ୍ଷ୍ମା, କ୍ଷୟକାଶ।

**consumptive** 1. ବିଂ. କ୍ଷୟ ବା ଉପଯୋଗ ସମ୍ବନ୍ଧୀୟ, କ୍ଷୟରୋଗଗ୍ରସ୍ତ; 2. ବି. କ୍ଷୟରୋଗପୀଡ଼ିତ ବ୍ୟକ୍ତି, କ୍ଷୟରୋଗୀ।

**contact** 1. ବି. ସ୍ପର୍ଶ, ସଂସ୍ପର୍ଶ, ସମ୍ପର୍କ, ସଂଯୋଗ; ତଡ଼ିତ୍ ପ୍ରବାହର ଯୋଗ ସ୍ଥାପନ; ସମ୍ପର୍କସ୍ଥାପନ; କଥୋପକଥନ; ଯେଉଁବ୍ୟକ୍ତି ସହିତ ସମ୍ପର୍କ ସ୍ଥାପନ କରାଯାଏ, ରୋଗସଂକ୍ରାମକ ବ୍ୟକ୍ତି; 2. କ୍ରି. ଯୋଗ ସ୍ଥାପନ କରିବା, ସମ୍ପର୍କ ସ୍ଥାପନ କରିବା, କଥାବାର୍ତ୍ତା କରିବା, ସମ୍ପର୍କରେ ଆସିବା; contact lens ସ୍ପର୍ଶକାଚ, ଏହି ପ୍ଲାଷ୍ଟିକ କାଚକୁ ଦୃଷ୍ଟିଦୋଷ ନିରାକରଣ ନିମନ୍ତେ ଆଖିରେ ସ୍ଥାପନ କରାଯାଏ।

**contagion** ବି. ସ୍ପର୍ଶ ସଞ୍ଚାର, ସ୍ପର୍ଶଦ୍ୱାରା ରୋଗ ସଂକ୍ରମଣ, ସଂକ୍ରାମକ ରୋଗ।

**contagious** ବିଂ. ସ୍ପର୍ଶସଞ୍ଚାରୀ, ସଂସ୍ପର୍ଶଜ, ସଂକ୍ରାମକ, ଛୁଆଁ।

**contain** ସ.କ୍ରି. ଧାରଣ କରିବା, ଗ୍ରହଣ କରିବା, ଅନ୍ତର୍ଭୁକ୍ତ କରିବା, ଅନ୍ତର୍ଗତ କରିବା, ସୀମା ଭିତରେ ରଖିବା; ଭାବାବେଗକୁ ସଂଯତ କରିବା ବା ଦମନ କରିବା, ଆବଦ୍ଧ କରିବା; ଗତି

Digitized by srujanika@gmail.com

ବା ବିସ୍ତାରକୁ ନିକ୍ଷିଦ୍ଧ କରିବା; ସମାନ ହେବା; ଉତ୍ପାଦକ ଦ୍ୱାରା (ଭାଗଶେଷ ବିନା) ବିଭାଜ୍ୟ ହେବା।

**container** ବି. ଧାରକ, ଆଧାର, ଆଧାରପାତ୍ର, ବିଶେଷଦ୍ରବ୍ୟ ରଖିବା ବା ମାଲ ପରିବହନ ପାଇଁ ବ୍ୟବହୃତ ବାକ୍ସ ବା ପେଟି।

**containerize** ସ.କ୍ରି. ବାକ୍ସ ବା ପେଟିରେ ମାଲ ରଖିବା, ଏପରି ବାକ୍ସ ବା ପେଟିରେ ମାଲ ପ୍ରେରଣ କରିବା; ବି. containerization.

**containment** ବି. ରକ୍ଷକ କାର୍ଯ୍ୟ, ଶତ୍ରୁ ରାଷ୍ଟ୍ରର ବିସ୍ତାର ବା ପ୍ରଭାବ-ପ୍ରତିଷେଧକ ନୀତି।

**contaminate** ସ.କ୍ରି. କଳୁଷିତ କରିବା, ଦୂଷିତ କରିବା, ସଂକ୍ରମିତ କରିବା, ସ୍ପର୍ଶ ବା ମିଶ୍ରଣ ଦ୍ୱାରା ବିଶୁଦ୍ଧତା ନଷ୍ଟ କରିବା, ତେଜସ୍କ୍ରିୟ ଉପାଦାନ ଦ୍ୱାରା ପ୍ରଦୂଷିତ କରିବା; contaminant ବି. ପ୍ରଦୂଷକ ବସ୍ତୁ; contamination ବି. ସଂକ୍ରାମକତା, ଦୂଷିତକରଣ; contaminator ବି. ସଂକ୍ରାମକ ବସ୍ତୁ।

**contemn** ସ.କ୍ରି. ଅବଜ୍ଞା କରିବା, ଅବମାନନା କରିବା, ଘୃଣା କରିବା, ତୁଚ୍ଛଜ୍ଞାନ କରିବା।

**contemplate** ସ.କ୍ରି. ଧ୍ୟାନ କରିବା, ମନରେ ଚିନ୍ତା ବା ବିଚାର କରିବା, ଅନୁଧ୍ୟାନ କରିବା, ମନପ୍ରାଣ ଦେଇ ଦେଖିବା ବା ଭାବିବା, ମନସ୍ଥ କରିବା, ଅଭିନିବେଶ ସହକାରେ ଚିନ୍ତା କରିବା; ବି. contemplation.

**contemplative** 1. ବିଂ. ଧ୍ୟାନଶୀଳ, ଚିନ୍ତାମଗ୍ନ; 2. ବି. ଧର୍ମୀୟ ଚିନ୍ତାରେ ନିମଗ୍ନ ବ୍ୟକ୍ତି।

**contemporaneous** ବିଂ. ସମକାଳୀନ, ସମସାମୟିକ; ବି. contemporaneity.

**contemporary** 1. ବିଂ. ସମସାମୟିକ, ସମକାଳୀନ, ସମାନବୟସ୍କ, ସାଂପ୍ରତିକ (ଶୈଳୀ, ସାହିତ୍ୟ ଓ କଳା); 2. ବି. ସମକାଳୀନ ବ୍ୟକ୍ତି ବା ବସ୍ତୁ।

**contempt** ବି. ଘୃଣା, ଅସମ୍ମାନ, ଅବମାନନା, ତାଚ୍ଛଲ୍ୟ; contempt of court ଅଦାଲତ ପ୍ରତି ଅସମ୍ମାନ ଅଥବା ଏହାର ନିର୍ଦ୍ଦେଶର ଅବମାନନା।

**contemptible** ବିଂ. ଘୃଣ୍ୟ, ଅବମାନନା-ଯୋଗ୍ୟ, ନିନ୍ଦନୀୟ, ଗର୍ହିତ; କ୍ରି.ବିଂ. contemptibly.

**contemptuous** ବିଂ. ଘୃଣାଜନକ, ଘୃଣା-ବ୍ୟଞ୍ଜକ, ତାଚ୍ଛଲ୍ୟସୂଚକ, ଅବଜ୍ଞାସୂଚକ।

**contend** କ୍ରି. ଯୁଦ୍ଧ ବା ପ୍ରତିଦ୍ୱନ୍ଦ୍ୱିତା କରିବା, କଳହ କରିବା; ପ୍ରାଣପଣେ ଚେଷ୍ଟା କରିବା; ବିରୋଧ କରିବା, ତର୍କବିତର୍କ କରିବା; ଦୃଢ଼ ଭାବରେ ପ୍ରତିଷ୍ଠା ବା ଘୋଷଣା କରିବା।

**content**[1] ବି. ଅନ୍ତର୍ନିହିତ ବସ୍ତୁ (ପାତ୍ର, ଗ୍ରନ୍ଥ, ଗୃହ ପ୍ରଭୃତିର), ଆଧେୟ, ଧାରଣଶକ୍ତି, ବିଷୟବସ୍ତୁ; ବ.ବ. ପୁସ୍ତକ ବା ଚିଠିର ବିଷୟବସ୍ତୁ, ପୁସ୍ତକର ସୂଚୀପତ୍ର।

**content**[2] 1. ବିଂ. ସନ୍ତୁଷ୍ଟ, ପରିତୁଷ୍ଟ, ଅଳ୍ପାକାଂକ୍ଷୀ, ଶାନ୍ତ, ରାଜି; 2. ବି. ସନ୍ତୋଷ, ତୁଷ୍ଟ ଅବସ୍ଥା; 3. ସ.କ୍ରି. ସନ୍ତୁଷ୍ଟ କରିବା, ତୃପ୍ତ କରିବା, ତୁଷ୍ଟିସାଧନ କରିବା; to one's heart's content ମନବୋଧ କରି।

**contented** ବିଂ. ସନ୍ତୁଷ୍ଟ, ପରିତୃପ୍ତ, ଧୃତିମାନ୍ ବା ଧୈର୍ଯ୍ୟବାନ୍; contented with (ଏଥିରେ) ସନ୍ତୁଷ୍ଟ ରହିବା ପାଇଁ ଇଚ୍ଛୁକ।

**contention** ବି. କଳହ, ବିଗ୍ରହ, ବିରୋଧ, ବିବାଦ, ବାଦାନୁବାଦ, ବିବଦମାନ ବିଷୟ।

**contentious** ବିଂ. କଳହକାରୀ, ବିବାଦୀୟ, ବିତର୍କଣୀୟ।

**contentment** ବି. ସନ୍ତୋଷ, ତୃପ୍ତି, ସନ୍ତୋଷାବସ୍ଥା।

**conterminous** ବିଂ. ସନ୍ନିହିତ, ଏକ ପରିସୀମା ଅନ୍ତର୍ଭୁକ୍ତ।

**contest** 1. ବି. ସଂଗ୍ରାମ, କଳହ, ବିରୋଧ, ବିବାଦ, ପ୍ରତିରୋଧ, ପ୍ରତିଯୋଗିତା, ବାଗ୍‌ଯୁଦ୍ଧ, ତର୍କବିତର୍କ; 2. କ୍ରି. ସଂଗ୍ରାମ କରିବା, କଳହ କରିବା, ବିରୋଧ କରିବା, ପ୍ରତିଯୋଗିତା କରିବା, ଆପତ୍ତି ଉଠାଇବା; (ନିର୍ବାଚନରେ) ପ୍ରତିଦ୍ୱନ୍ଦ୍ୱିତା କରିବା।

**contestant** ବି. ପ୍ରତିଯୋଗୀ, ପ୍ରତିଦ୍ୱନ୍ଦ୍ୱୀ।

**context** ବି. ପ୍ରସଙ୍ଗ, ପୂର୍ବାପର ସଙ୍ଗତି, ପରିପ୍ରେକ୍ଷୀ; out of context ସଙ୍ଗତିବିହୀନ; ବିଂ. contextual

**contiguous** ବିଂ. ସମୀପ, ଆସନ୍ନ, ପରବର୍ତ୍ତୀ, ଉପାନ୍ତ, ସନ୍ନିହିତ; ବି. contiguity.

**continence** ବି. ସଂଯମ, ଆତ୍ମସଂଯମ, ଜିତେନ୍ଦ୍ରିୟତ୍ୱ।

Digitized by srujanika@gmail.com

**continent** 1. ବି. ମହାଦେଶ, ବୃହତ୍ ଭୂଭାଗ; 2. ବିଂ. ସଂଯତ, ସଂଯତେନ୍ଦ୍ରିୟ; ଜିତେନ୍ଦ୍ରିୟ, ଊର୍ଦ୍ଧ୍ୱରେତା; ମିତାଚାରୀ, ଧାର୍ମିକ; the Continent ବ୍ରିଟିଶ୍ ଦ୍ୱୀପପୁଞ୍ଜ ବ୍ୟତୀତ ୟୁରୋପର ପ୍ରଧାନ ଭୂଭାଗ।

**continental** ବିଂ. ମହାଦେଶୀୟ, ମହାଦେଶ ସମ୍ବନ୍ଧୀୟ, ମହାଦେଶ ଲକ୍ଷଣ ବିଶିଷ୍ଟ; Continental breakfast କଫି ଓ ପାଉଁରୁଟି ପ୍ରଭୃତିର ହାଲୁକା ପ୍ରାତଃ ଭୋଜନ; continental shelf ମହାଦେଶର ସୀମାନିର୍ଦ୍ଦେଶକ ଅଗଭୀର ସମୁଦ୍ର ଶଯ୍ୟା।

**contingency** ବି. ସମ୍ଭାବ୍ୟ ପରିସ୍ଥିତି, ସମ୍ଭାବ୍ୟ ଘଟଣା ବା ଅବସ୍ଥା, ଅଜ୍ଞାତ ବା ଅଦୃଷ୍ଟ ବ୍ୟାପାର, ଆକସ୍ମିକ ଘଟଣା ଆନୁଷଙ୍ଗିକ ଖର୍ଚ୍ଚ।

**contingent** 1. ବିଂ. ଆକସ୍ମିକ, ଅନିଶ୍ଚିତ, ସମ୍ଭାବ୍ୟ; 2. ବି. ଏକ ବୃହତ୍ତର ସେନା ବା ତରୀ ସମୁଦାୟର ଅଙ୍ଗୀଭୂତ ସୈନ୍ୟଦଳ ବା ଜାହାଜ ଶ୍ରେଣୀ।

**continual** ବିଂ. ନିରନ୍ତର ବା କ୍ରମାଗତ ଘଟୁଥିବା, ସତତ, ଅବିରତ; କ୍ରି.ବିଂ. continually.

**continuance** ବି. ଅବିରତ ସ୍ଥିତି, ଅବଧି।

**continuation** ବି. କ୍ରମାନୁବୃତ୍ତି, ନିରବଚ୍ଛିନ୍ନ କ୍ରମ, ଧାରାବାହିକତା, ବିସ୍ତୃତି, କ୍ରମାଗତ ଚଳନ ବା ପ୍ରଚଳନ।

**continue** କ୍ରି. କ୍ରମାଗତ ଭାବରେ ଚଳାଇବା, କୌଣସି କାର୍ଯ୍ୟକୁ କରିଯିବା, ଚାଲୁରଖିବା, ବିସ୍ତାର କରିବା, ପ୍ରବର୍ତ୍ତନ କରିବା, ଦୀର୍ଘ କରିବା, ଦୀର୍ଘ ହେବା।

**continuity** ବି. ଧାରାବାହିକତା, ସଂଲଗ୍ନତା, ଅଖଣ୍ଡତା, ନିରବଚ୍ଛିନ୍ନତା, ଚଳଚ୍ଚିତ୍ରର ବିଶଦ ଦୃଶ୍ୟାବଳୀ, ବେତାରରେ ପ୍ରସାରିତ ଦୁଇ ବା ତତୋଽଧିକ କାର୍ଯ୍ୟାବଳୀର ସଂଯୋଗ।

**continuous** ବିଂ. ନିରନ୍ତର, ଅବିରତ, ଧାରାବାହିକ, କ୍ରମାଗତ, ନିରବଚ୍ଛିନ୍ନ।

**continuum** ବି. ଅନବଚ୍ଛେଦ ବ୍ୟାପାର, ବିଷୟ ବା ବସ୍ତୁ।

**contort** ସ.କ୍ରି. ମୋଡ଼ିବା, ଆକୁଞ୍ଚିତ କରିବା, ସାଧାରଣ ଆକୃତିକୁ ବିକୃତ କରିବା; ବି. contortion.

**contortionist** ବି. ଶରୀର ଆକୁଞ୍ଚିତ କରି ଖେଳ ଦେଖାଉଥିବା ଖେଳାଳି ବା ବାଜିକର।

**contour** 1. ବି. ବାହ୍ୟରେଖା, ମାନଚିତ୍ରରେ ସମାନ ଉଚ୍ଚତାବିଶିଷ୍ଟ ଦୁଇଟି ବିନ୍ଦୁର ସଂଯୋଗକାରୀ ରେଖା, କୌଣସି ଚିତ୍ର ବା ନକ୍ସାର ବିଭିନ୍ନ ରଙ୍ଗରେ ରଞ୍ଜିତ ଅଂଶଗୁଡ଼ିକର ପୃଥକ୍ କାରକ ରେଖା; 2. ସ.କ୍ରି. ବାହ୍ୟରେଖା ବା ସୀମାରେଖା ଦ୍ୱାରା ଚିହ୍ନିତ କରିବା।

**contra–** ବୈପରୀତ୍ୟ ବା ବିରୋଧସୂଚକ ପୂର୍ବ ପ୍ରତ୍ୟୟ।

**contraband** 1. ବି. ବେଆଇନ୍ ବା ଅବୈଧ ଭାବରେ ବାହାରୁ ସଂଗୃହୀତ ବା ବାହାରକୁ ପ୍ରେରିତ ମାଲ୍; ବେଆଇନ୍ ବା ଅବୈଧ କାରବାର, ନିଷିଦ୍ଧ ବାଣିଜ୍ୟ, ବେଆଇନ୍ ବା ଅବୈଧ ଆମଦାନୀ କିମ୍ବା ରପ୍ତାନୀ; 2. ବିଂ. ଆମଦାନୀ ବା ରପ୍ତାନୀ ନିମନ୍ତେ ନିଷିଦ୍ଧ; ବେଆଇନ୍ ଭାବରେ ବାହାରୁ ସଂଗୃହୀତ ବା ବାହାରକୁ ପ୍ରେରିତ।

**contraception** ବି. ଗର୍ଭନିରୋଧ, ଗର୍ଭନିରୋଧକ ଦ୍ରବ୍ୟ କିମ୍ବା ଔଷଧର ବ୍ୟବହାର।

**contraceptive** 1. ବିଂ. ଗର୍ଭନିରୋଧକ; 2. ବି. ଗର୍ଭନିରୋଧକ ଉପାୟ ବା ଔଷଧ।

**contract** 1. ବି. ଆଇନ୍ ଦ୍ୱାରା ଅନୁମୋଦନୀୟ ଲିଖିତ ବା କଥିତ ଚୁକ୍ତିପତ୍ର; ଏକରାରନାମା; 2. ସ.କ୍ରି. କ୍ଷୁଦ୍ର ବା ସଙ୍କୁଚିତ କରିବା, ଚୁକ୍ତି କରିବା; ବିବାହ, ଋଣ ଆଦି ସ୍ଥିର କରିବା; (ରୋଗ ପ୍ରଭୃତି) ଅର୍ଜନ କରିବା; ମାଂସପେଶୀ, କପାଳକୁ ଭ୍ରୂଲତା ପ୍ରଭୃତି ଆକୁଞ୍ଚିତ କରିବା; ବ୍ୟା. ସମ୍ମିଶ୍ରଣ ବା ଶବ୍ଦାଂଶ ବିଲୋପ ପୂର୍ବକ ଶବ୍ଦସଂକ୍ଷେପଣ କରିବା; ଉଦା. cann't; ଚୁକ୍ତିଦ୍ୱାରା ବିବାହ ଆଦି କାର୍ଯ୍ୟର ବ୍ୟବସ୍ଥା କରିବା; contract bridge ଏକ ପ୍ରକାର ବ୍ରିଜ (ତାସ) ଖେଳ।

**contractable** ବିଂ. (ରୋଗ ପ୍ରଭୃତି) ସଂକ୍ରମଣୀୟ।

**cobtractible** ବିଂ. ସଙ୍କୋଚନୀୟ ବା ସଙ୍କୋଚନ ଯୋଗ୍ୟ, ସଂକ୍ଷେପଣୀୟ।

**contractile** ବିଂ. ସଙ୍କୋଚକ, ସଙ୍କୋଚନଶୀଳ, ସଙ୍କୋଚନକ୍ଷମ; ବି. contractility.

**contraction** ବି. ସଙ୍କୋଚନ, ସଂକ୍ଷେପଣ, କ୍ଷୁଦ୍ରୀକରଣ, ଶବ୍ଦ ସଂକ୍ଷେପଣ।

Digitized by srujanika@gmail.com

**contractor** ବି. ଠିକାଦାର, (ଗୃହାଦି ନିର୍ମାଣ ନିମନ୍ତେ) କଣ୍ଟ୍ରାକ୍ଟର, କାର୍ଯ୍ୟ ସମ୍ପାଦନ ଲାଗି ଚୁକ୍ତିବଦ୍ଧ ବ୍ୟକ୍ତି ।

**contractual** ବିଂ. ଠିକାଦିଆ, ଚୁକ୍ତି ସମ୍ବନ୍ଧୀୟ ବା ବିଷୟକ; କ୍ରି.ବିଂ. contractually.

**contradict** ସ.କ୍ରି. ପ୍ରତିବାଦ ବା ବିରୋଧ କରିବା, ଖଣ୍ଡନ କରିବା, ଅସ୍ୱୀକାର କରିବା; ବି. contradiction; ବିଂ. contradictory.

**contradistinction** ବି. ତୁଳନାଦ୍ୱାରା ଗୁଣବୈଶିଷ୍ଟ୍ୟ ବା ଗୁଣଭେଦ ପ୍ରଦର୍ଶନ; ବୈସାଦୃଶ୍ୟ ।

**contraflow** ବି. ରାସ୍ତାରେ ଦୁଇପଟ ଯାନବାହନ ପ୍ରବାହ; ପ୍ରତିଷ୍ଠିତ ବା ସାଧାରଣ ଧାରାଠାରୁ ଭିନ୍ନ ପ୍ରଭାବ (ପରମ୍ପରା) ।

**contralto** ବି. ସ୍ତ୍ରୀଲୋକମାନଙ୍କର ନିମ୍ନ ସ୍ୱରଗ୍ରାମ; ନିମ୍ନ ସ୍ୱରଗ୍ରାମର ଗାୟିକା ।

**contraption** ବି. ବିଚିତ୍ର ବା ଅସାଧାରଣ ଗୁଣବିଶିଷ୍ଟ ଯନ୍ତ୍ର ବା କୌଶଳ ।

**contrapuntal** ବିଂ. ସଙ୍ଗୀତର ନିର୍ଦ୍ଦିଷ୍ଟ ସ୍ୱର ସହିତ ସମ୍ପୃକ୍ତ ଆନୁଷଙ୍ଗିକ ସ୍ୱର ସମ୍ବନ୍ଧୀୟ; କ୍ରି.ବିଂ. contrapuntally.

**contrariwise** କ୍ରି.ବିଂ. ପକ୍ଷାନ୍ତରରେ, ବିପରୀତକ୍ରମେ, ବିକୃତଭାବେ ।

**contrary** 1. ବିଂ. (ପ୍ରବୃତ୍ତି ବା ଲକ୍ଷ୍ୟରେ) ବିପରୀତ, ଓଲଟା, ବିରୋଧକାରୀ, ବିରୋଧୀ, ବିକୃତ, ପ୍ରତିକୂଳ, ବିପରୀତ ଗୁଣସମ୍ପନ୍ନ, ଏକଜିଦିଆ; 2. ବି. କୌଣସି ବ୍ୟକ୍ତି ବା ବସ୍ତୁର ବିପରୀତ; 3. କ୍ରି.ବିଂ. ବିପରୀତକ୍ରମେ ବା ବିପରୀତମତେ, ଅନ୍ୟ ପକ୍ଷରେ; on the contrary ପକ୍ଷାନ୍ତରରେ, ଅପର ପକ୍ଷରେ, to the contrary ବିରୋଧରେ, ପ୍ରତିକୂଳରେ ।

**contrast** 1. ବି. ଲକ୍ଷଣୀୟ ପ୍ରଭେଦ-ପ୍ରଦର୍ଶକ ତୁଳନା ବା ସନ୍ନିକରଣ; ଏହିପରି ଭାବରେ ପ୍ରଦର୍ଶିତ ପ୍ରଭେଦ ବା ବୈଶିଷ୍ଟ୍ୟ; ପ୍ରଣିଧେୟ ବା ଉଲ୍ଲେଖନୀୟ ଭାବରେ ଭିନ୍ନଗୁଣବିଶିଷ୍ଟ ବ୍ୟକ୍ତି ବା ବସ୍ତୁ; ବୈପରୀତ୍ୟ; ଫଟୋଗ୍ରାଫ ବା ଦୂରଦର୍ଶନ ଚିତ୍ରରେ ଅନ୍ଧକାର ଓ ଆଲୋକ ପ୍ରଦର୍ଶନ ମଧ୍ୟରେ ପ୍ରଭେଦର ମାତ୍ରା; 2. ସ.କ୍ରି. ତୁଳନାଦ୍ୱାରା କୌଣସି ବ୍ୟକ୍ତି ବା ବସ୍ତୁର ବୈଷମ୍ୟ ପ୍ରଦର୍ଶନ କରିବା, ପ୍ରଭେଦ ପ୍ରଦର୍ଶନ ନିମନ୍ତେ ବିପରୀତ କ୍ରମରେ ରଖିବା, ତୁଳନାରେ ପ୍ରଭେଦ ଦେଖାଇବା ।

**contravene** ସ.କ୍ରି. ଲଂଘନ ବା ପ୍ରତିରୋଧ କରିବା (ଆଇନ୍); ଖଣ୍ଡନ କରିବା, ବିରୋଧ କରିବା; ବି. contravention.

**contretemps** ବି. ଦୁର୍ଭାଗ୍ୟଜନକ ଘଟଣା, ଅପ୍ରତ୍ୟାଶିତ ଦୁର୍ଘଟଣା ।

**contribute** କ୍ରି. ଅନ୍ୟମାନଙ୍କ ସହିତ ସାର୍ବଜନୀନ ପାଣ୍ଠିକୁ ଦାନ କରିବା, (ଅନ୍ୟମାନଙ୍କ ସହ) ପ୍ରକାଶନାର୍ଥ ରଚନା ବା ଲେଖା ଯୋଗାଇବା; contribute to ସାହାଯ୍ୟ କରିବା, କାରଣ ସ୍ୱରୂପ ହେବା, ଚାନ୍ଦା ଦେବା; ବି. contributor.

**contribution** ବି. ଦାନ, ଅଂଶହିସାବରେ ଦାନ, ଚାନ୍ଦାଦେବା; ଉକ୍ତକାର୍ଯ୍ୟ, ଦତ୍ତବସ୍ତୁ ।

**contributory** ବିଂ. ସାହାଯ୍ୟକାରୀ, ସହାୟକ ।

**contrite** ବିଂ. ଅନୁତପ୍ତ, ଅନୁଶୋଚନାକାରୀ, ପଶ୍ଚାତାପିତ; ବି. contrition.

**contrivance** ବି. ପରିକଳ୍ପିତ ବସ୍ତୁ, ପରିକଳ୍ପନା କାର୍ଯ୍ୟ, ଅଭିସନ୍ଧି, କୌଶଳ, ଫିକର ।

**contrive** ସ.କ୍ରି. ପାଞ୍ଚିବା, କୌଶଳ କରିବା, ଉପାୟ କରିବା ।

**control** 1. ବି. ନିର୍ଦ୍ଦେଶନା ନିୟନ୍ତ୍ରଣ କ୍ଷମତା, ଆତ୍ମସଂଯମ, କର୍ତ୍ତୃତ୍ୱ, ନିୟନ୍ତ୍ରଣ କରିବା ଉପାୟ, ଯନ୍ତ୍ରକୁ ନିୟନ୍ତ୍ରିତ କରିବାପାଇଁ ବ୍ୟବହୃତ ସୁଇଚ୍ ଆଦି, ଯେଉଁ ସ୍ଥାନରୁ ନିୟନ୍ତ୍ରଣ ବା ପରୀକ୍ଷା କରାଯାଏ; 2. ସ.କ୍ରି. ଦମନ କରିବା, ନିୟନ୍ତ୍ରଣ କରିବା, ଆୟତ୍ତ କରିବା, ସଂଯତ କରିବା; control tower ବିମାନ ବନ୍ଦରରେ ଅବସ୍ଥିତ ଉଚ୍ଚ ଅଟ୍ଟାଳିକା ଯେଉଁଠାରୁ ଉଡ଼ାଜାହାଜର ଗତିବିଧି ନିୟନ୍ତ୍ରଣ କରାଯାଏ; ବିଂ. controllable.

**controller** ବି. ନିୟନ୍ତ୍ରକ, ନିୟନ୍ତ୍ରଣକାରୀ; ହିସାବ ପରୀକ୍ଷକ ।

**controversial** ବିଂ. ବାଦାନୁବାଦପୂର୍ଣ୍ଣ, ବିବାଦୀୟ, ବିତର୍କିତ ।

**controversy** ବି. ଦୀର୍ଘ ତର୍କବିତର୍କ ବା ବାଦବିବାଦ ।

**controvert** ସ.କ୍ରି. ବିବାଦ କରିବା, ଅସ୍ୱୀକାର କରିବା, ଖଣ୍ଡନ କରିବା ।

**contumacy** ବି. ଆଦେଶ ମାନିବାକୁ ବା କାର୍ଯ୍ୟକାରୀ କରିବାକୁ ଦୃଢ଼ ପ୍ରତ୍ୟାଖ୍ୟାନ, ଅବାଧ୍ୟତା; ବିଂ. contumacious.

Digitized by srujanika@gmail.com

**contumely** ବି. ଅପମାନସୂଚକ ଭାଷା ବା ବ୍ୟବହାର, ଅଶିଷ୍ଟାଚାର; ବିଂ. contumelious.

**contuse** ସ.କ୍ରି. ଆଘାତ କରିବା; ଖଣ୍ଡିଆ ଖାବରା କରିବା; ବି. contusion.

**conundrum** ବି. ଢଗ, ପ୍ରହେଳିକା।

**conurbation** ବି. ବିସ୍ତୃତ ନଗରାଞ୍ଚଳ ବା ସହରାଞ୍ଚଳ, ଉପାନ୍ତ ଅଞ୍ଚଳ।

**convalesce** କ୍ରି. ରୋଗରୁ ଆରୋଗ୍ୟ ପରେ ପୁନଃ ସ୍ୱାସ୍ଥ୍ୟଲାଭ କରିବା।

**convalescent** 1. ବିଂ. ରୋଗରୁ କ୍ରମଶଃ ଆରୋଗ୍ୟ ଲାଭ କରୁଥିବା, ସ୍ୱାସ୍ଥ୍ୟଲାଭୋନ୍ମୁଖ; 2. ବି. ଆରୋଗ୍ୟୋନ୍ମୁଖ ବ୍ୟକ୍ତି; ବି. convalescence.

**convection** ବି. ପରିଚଳନ, ଉତ୍ତପ୍ତ ଦ୍ରବ୍ୟର ସଞ୍ଚାଳନ ଦ୍ୱାରା ଉତ୍ତାପ ପ୍ରସାରଣ।

**convector** ବି. ଉଷ୍ଣବାୟୁ ପ୍ରସାରଣ କରୁଥିବା ଯନ୍ତ୍ର।

**convene** କ୍ରି. ସଭାସମିତି ପ୍ରଭୃତି ଡାକିବା ବା ଯୋଗାଡ଼ କରିବା; ଆହ୍ୱାନ କରିବା; ସମବେତ ହେବା, ଏକତ୍ର ହେବା; convener ବି. ଆବାହକ

**convenience** ବି. ସୁବିଧା, ସୁଯୋଗ, ଉପଯୋଗିତା, ବାଧାବିଘ୍ନରୁ ମୁକ୍ତି, ସ୍ୱାଚ୍ଛନ୍ଦ୍ୟ; ଅବସର, ସୁଖସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା, ଉପକାରୀ ଦ୍ରବ୍ୟ ବା ବସ୍ତୁ, ସାର୍ବଜନୀନ ଶୌଚାଳୟ; convenience food ସ୍ୱଚ୍ଛ ବ୍ୟବସ୍ଥାରେ ପ୍ରସ୍ତୁତ ହୋଇପାରୁଥିବା ଖାଦ୍ୟ।

**convenient** ବିଂ. ସୁବିଧାଜନକ, ଉପଯୋଗୀ, ସ୍ୱଚ୍ଛନ୍ଦ, ବାଧାବିଘ୍ନ-ବିମୁକ୍ତ, ଉପଯୁକ୍ତ ସମୟ ବା ସ୍ଥାନରେ ଉପଲବ୍ଧ।

**convent** ବି. (ଖ୍ରୀଷ୍ଟୀୟ) ସନ୍ନ୍ୟାସିନୀମାନଙ୍କର ଧାର୍ମିକ ସଂସ୍ଥା, ଏମାନଙ୍କର ଆବାସ ସ୍ଥଳ।

**conventicle** ବି. ଭିନ୍ନ ଧର୍ମମତାବଲମ୍ବୀମାନଙ୍କର ଗୁପ୍ତ ସଭା।

**convention** ବି.ଆନୁଷ୍ଠାନିକ ସଭା ବା ସମ୍ମିଳନୀ; ଆନୁଷ୍ଠାନିକ ଚୁକ୍ତି ବା ସନ୍ଧି; ସମାଜର ବହୁସଂଖ୍ୟକ ସଭ୍ୟଙ୍କ ସମ୍ମତିକ୍ରମେ ସାମାଜିକ ଆଚରଣ ସମ୍ପର୍କରେ ନିଷ୍ପତ୍ତି; ପ୍ରଥାସମ୍ମତ ଆଚରଣ।

**conventional** ବିଂ. ସାମାଜିକ ପ୍ରଥାସମ୍ମତ, ପରମ୍ପରାନୁମୋଦିତ, ପ୍ରଚଳିତ, ଗତାନୁଗତିକ, ସାମାଜିକ ରୀତିନୀତି ସମର୍ଥିତ; ସର୍ବସମ୍ମତ; conventionalism ବି. ଗତାନୁଗତିକତା, ପାରମ୍ପରିକତା; conventionality ବି. ପ୍ରଥାନୁସାରିତା; -ize ସ.କ୍ରି. ପ୍ରଥାନୁମୋଦିତ କରିବା, ପାରମ୍ପରିକ ନୀତିର ଅନ୍ତର୍ଭୁକ୍ତ କରିବା; conventionally କ୍ରି.ବିଂ. ପ୍ରଚଳିତ ପ୍ରଥାନୁସାରେ।

**converge** ଅ.କ୍ରି. ଏକବିନ୍ଦୁର ଅଭିମୁଖୀ ହେବା; convergence ବି. ଏକାଭିମୁଖିତା, ଏକ କେନ୍ଦ୍ରାଭିମୁଖତା; convergent ବିଂ. ଏକକେନ୍ଦ୍ରାଭିମୁଖୀ, ଏକ ବିନ୍ଦୁ ପ୍ରତି ଅଭିମୁଖୀ।

**conversant** ବିଂ. ସୁପରିଚିତ; (କୌଣସି ବିଷୟରେ) ଅଭିଜ୍ଞ; କୁଶଳ।

**conversation** ବି. ଆଳାପ, କଥୋପକଥନ।

**conversational** ବିଂ. କଥୋପକଥନ ସମ୍ବନ୍ଧୀୟ, ସାଧାରଣ କଥାବାର୍ତ୍ତାରେ ବ୍ୟବହୃତ; conversationally କ୍ରି.ବିଂ. କଥୋପକଥନ କ୍ରମେ।

**conversationalist** ବି.କଥୋପକଥନପ୍ରିୟ ବା କଥୋପକଥନ ପଟୁ ବ୍ୟକ୍ତି।

**converse**[1] ଅ.କ୍ରି. କୌଣସି ବ୍ୟକ୍ତି ସହିତ କଥୋପକଥନ ବା କଥାବାର୍ତ୍ତା କରିବା।

**converse**[2] 1. ବିଂ. ବିପରୀତ, ବିରୋଧୀ, ବିରୁଦ୍ଧ, ପ୍ରତିକୂଳ; 2. ବି. ବିପରୀତ କଥନ, ଉକ୍ତି ବା ପ୍ରତିଜ୍ଞାର ବିଲୋମ; 3. କ୍ରି.ବିଂ. conversely.

**conversion** ବି. (ବିଶେଷତଃ ବିଶ୍ୱାସ ବା ଧର୍ମର) ପରିବର୍ତ୍ତନ; ଭାବାନ୍ତର ପ୍ରାପ୍ତି, ଅନ୍ୟଥାକରଣ, ରୂପାନ୍ତର, ଧର୍ମାନ୍ତରଣ।

**convert** 1. ସ.କ୍ରି. ପରିବର୍ତ୍ତନ କରିବା, ରୂପାନ୍ତର କରିବା; ଅନ୍ୟ ଧର୍ମରେ ଦୀକ୍ଷିତ କରିବା; ବ୍ୟକ୍ତିର ବିଶ୍ୱାସ ମତବାଦ ଓ ଦଳ ଇତ୍ୟାଦିର ପରିବର୍ତ୍ତନ କରାଇବା, ଅର୍ଥ ଇତ୍ୟାଦିକୁ ଭିନ୍ନ ଦେଶର ପ୍ରଚଳିତ ମୁଦ୍ରାରେ ପରିଣତ କରିବା, ନୂତନ ଉଦ୍ଦେଶ୍ୟରେ ପ୍ରାସାଦ ପ୍ରଭୃତିର ଗଠନମୂଳକ ପରିବର୍ତ୍ତନ କରିବା; (ରଗ୍‌ବି ଖେଳରେ) ଜୟାଙ୍କ ବା ଗୋଲ୍ ସମ୍ପୂର୍ଣ୍ଣ କରିବା; 2. ବି. ଧର୍ମାନ୍ତର ଗ୍ରହଣକାରୀ ବ୍ୟକ୍ତି।

**convertible** 1. ବିଂ. ପରିବର୍ତ୍ତନୀୟ, ପରିବର୍ତ୍ତନକ୍ଷମ; 2. ବି. ଚଳତି ହେଉଥିବା ବା ଅଲଗା କରି ହେଉଥିବା ଛାତବିଶିଷ୍ଟ ମୋଟରଗାଡ଼ି; 3. ବି. convertibility.

Digitized by srujanika@gmail.com

**convex** ବିଂ. ଉତ୍ତଳ, ବହିର୍ବର୍ତ୍ତୁଳ, କଇଁଛପିଠିଆ; ବି. convexity ବହିର୍ବର୍ତ୍ତୁଳତା ।

**convey** ସ.କ୍ରି. (ମାଲ ବା ଯାତ୍ରୀ ଆଦି) ବହନ ବା ପରିବହନ କରିବା; ଭାବ ବା ଅର୍ଥ ପ୍ରକୃତି ବ୍ୟକ୍ତ କରିବା; ପଠାଇବା; ଧନସମ୍ପତ୍ତିର ଆଇନ୍‌ସଙ୍ଗତ ଅଧିକାରକୁ ହସ୍ତାନ୍ତର କରିବା; (ଶବ୍ଦ ଇତ୍ୟାଦି) ପ୍ରସାରଣ କରିବା ।

**conveyance** ବି. ପରିବହନ, ପ୍ରେରଣ; ପରିବହନର ସାଧନ ବା ଉପାୟ, ଯାନବାହନ; ସମ୍ପତ୍ତିର ଆଇନସଙ୍ଗତ ହସ୍ତାନ୍ତର; ଉକ୍ତ ହସ୍ତାନ୍ତର ସୂଚକ ଦଲିଲ୍ ବା କବଲା ।

**conveyancer** ବି. ସମ୍ପତ୍ତିର ଆଇନ ସଙ୍ଗତ ହସ୍ତାନ୍ତରକାରୀ, ଦଲିଲ୍ ବା କବଲା ଲେଖକ; ବି. conveyancing.

**conveyer, conveyor** ବି. ବାହକ, ବାହକ ବ୍ୟକ୍ତି ବା ବସ୍ତୁ; conveyor belt କାରଖାନାଦିରେ ମାଲ ନେବାଲାଗି ବ୍ୟବହୃତ ନିରନ୍ତର ଗତିଶୀଳ ବେଲ୍‌ଟ ବା ଫିତା ।

**convict** 1. ସ.କ୍ରି. ଦୋଷୀ ବୋଲି ପ୍ରମାଣିତ କରିବା; ବିଚାର ଦ୍ୱାରା ଅପରାଧୀ ବୋଲି ସାବ୍ୟସ୍ତ କରିବା; 2. ବି. ଦଣ୍ଡିତ ଅପରାଧୀ, କଏଦୀ, ବନ୍ଦୀ, ସଜାପ୍ରାପ୍ତ ଆସାମୀ ।

**conviction** ବି. ଦୋଷୀସାବ୍ୟସ୍ତୀକରଣ, ଦଣ୍ଡାଦେଶ; ପ୍ରମାଣଲବ୍ଧ ଦୃଢ଼ବିଶ୍ୱାସ, ଦୃଢ଼ ପ୍ରତ୍ୟୟ, ହୃଦ୍‌ବୋଧ ।

**convince** ସ.କ୍ରି. ପ୍ରମାଣ ଦ୍ୱାରା ଦୃଢ଼ ବିଶ୍ୱାସ ଜନ୍ମାଇବା, ହୃଦ୍‌ବୋଧ କରାଇବା; convincible ବିଂ. ବିଶ୍ୱାସଯୋଗ୍ୟ ।

**convivial** ବିଂ.ପ୍ରସନ୍ନ, ପ୍ରଫୁଲ୍ଲ, ଅମୋଦପ୍ରମୋଦ ପ୍ରିୟ, ମନମଉଜିଆ; ବି. conviviality.

**convocation** ବି. ଆହ୍ୱାନ, ଆହୂତ ସଭା; ଇଂଲଣ୍ଡର ପାଦ୍ରୀମାନଙ୍କର ପ୍ରାଦେଶିକ ସଂସଦ; ବିଶ୍ୱବିଦ୍ୟାଳୟ ସଦସ୍ୟମାନଙ୍କ ବିଧାନ ସଭା; ବିଶ୍ୱବିଦ୍ୟାଳୟର ଉପାଧି ବିତରଣ ସଭା, ସମାବର୍ତ୍ତନ ଉତ୍ସବ; convocational ବିଂ. ଉକ୍ତ ଉତ୍ସବ ସମ୍ବନ୍ଧୀୟ ।

**convoke** ସ.କ୍ରି. ଏକତ୍ର ହେବାପାଇଁ ଡାକିବା, ସମବେତ ହେବା ନିମନ୍ତେ ଆହ୍ୱାନ କରିବା, ସଭାର ବୈଠକ ଆହ୍ୱାନ କରିବା ।

**convoluted** ବି. ଗୁଡାଇ ହୋଇଥିବା, ଜଟିଳ ।

**convolution** ବି. ଗୁଡ଼ାଇବା କାର୍ଯ୍ୟ; କୁଣ୍ଡଳୀ କରିବା କାର୍ଯ୍ୟ; କୁଣ୍ଡଳୀକରଣ, ମଣ୍ଡଳାକୃତି, ଜଟିଳତା; ମସ୍ତିଷ୍କର ନିମ୍ନସ୍ତରରେ ଥିବା ଜଟିଳ ଭାଙ୍ଗ ।

**convolvulus** ବି. ଏକ ପ୍ରକାର ଲତା; ଧଳା ଏବଂ ଗୋଲାପୀ ରଙ୍ଗର ଫୁଲବିଶିଷ୍ଟ ଏକ ଜାତୀୟ ଲତା ।

**convoy** 1. ସ.କ୍ରି. ରକ୍ଷୀରୂପେ ସହଗମନ କରିବା; 2. ବି. ସୁରକ୍ଷା, ସୁରକ୍ଷିତ ଅବସ୍ଥା, ଏକତ୍ର ଭ୍ରମଣକାରୀ ବା ରକ୍ଷୀ ପରିବେଷ୍ଟିତ ଜାହାଜ ବା ଯାନବାହନ ସମୂହ ।

**convulse** ସ.କ୍ରି. ତୁମୁଳ ବିକ୍ଷୋଭଦ୍ୱାରା ବିକ୍ଷୁବ୍ଧ କରିବା; ଆନ୍ଦୋଳିତ କରିବା, ଆଲୋଡ଼ିତ କରିବା; ଅନିୟନ୍ତ୍ରିତ ହାସ୍ୟରୋଳ ସୃଷ୍ଟି କରିବା ।

**convulsive** ବିଂ. ବିକ୍ଷୋଭକାରୀ, ବିକ୍ଷୋଭଜନକ, ଆନ୍ଦୋଳନକାରୀ, ଆଲୋଡ଼ନକାରୀ ।

**convulsion** ବି. ମାଂସପେଶୀମାନଙ୍କର ସ୍ୱତଃଜାତ ଆକୁଞ୍ଚନଯୋଗେ ଶରୀରର ବା ଅଙ୍ଗପ୍ରତ୍ୟଙ୍ଗମାନଙ୍କର ଅନିୟମିତ ପ୍ରବଳ ଗତି; ତୁମୁଳ ଆନ୍ଦୋଳନ, ଅନିୟନ୍ତ୍ରିତ ହାସ୍ୟରୋଳ ।

**cony** ବି. ଠେକୁଆ, ଏହାର ଲୋମ ।

**coo** 1. ବି. ପାରା ବା କପୋତର କୋମଳ ଅସ୍ପଷ୍ଟ ରବ, ପାରାର ଘୁମୁରିବା ଶବ୍ଦ; 2. ଅ.କ୍ରି. ପାରା ଘୁମୁରିବା ଭଳି ଶବ୍ଦ କରିବା, କୋମଳ ଓ ଅସ୍ପଷ୍ଟ ସ୍ୱରରେ ସୁଆଗିଆ କଥା କହିବା; 3. ବିସ୍ମୟସୂଚକ ଅବ୍ୟୟ, ବିସ୍ମୟ ବା ଅବିଶ୍ୱାସ ଆଦିର ଅଭିବ୍ୟକ୍ତିସୂଚକ ଶବ୍ଦ ।

**cook** 1. ସ.କ୍ରି. ଉତ୍ତାପଦ୍ୱାରା ଖାଦ୍ୟ ପ୍ରସ୍ତୁତ କରିବା, ରନ୍ଧନ କରିବା; ହିସାବ ଆଦିକୁ ଭୁଲ ବା ପରିବର୍ତ୍ତିତ କରିଦେବା; 2. ବି. (ବିଶେଷତଃ ପେଶା ବା ଧନ୍ଦାମୂଳକ ଭାବରେ କିମ୍ବା ସ୍ୱତନ୍ତ୍ର ଭାବେ ନିଯୁକ୍ତ) ରାନ୍ଧୁଣିଆ, ପାଚକ ।

**cooker** ବି. ରନ୍ଧନ ଯନ୍ତ୍ର, ରନ୍ଧନ ଚୁଲି, ରନ୍ଧନଯୋଗ୍ୟ ଫଳ ।

**cookery** ବି. ରନ୍ଧନବିଦ୍ୟା, ରନ୍ଧନକଳା, ପାକପ୍ରଣାଳୀ, ରନ୍ଧନାଭ୍ୟାସ ।

**cookie** ବି. ଏକ ପ୍ରକାର ମିଠା ବିସ୍କୁଟ ।

**cool** 1. ବିଂ. ନିମ୍ନତାପ ବିଶିଷ୍ଟ, ଥଣ୍ଡା, ନିୟମିତ ଭାବରେ ଶୀତଳ, ଶୀତଳତାସୂଚକ ବା ସାଧକ;

Digitized by srujanika@gmail.com

ପ୍ରଶାନ୍ତ, ଅନୁତ୍ତେଜିତ, ସଂଯତଚିତ୍ତ; ଉଦାସୀନ, ସାଧାରଣ ଶିଷ୍ଟାଚାର ପ୍ରତି ଅମନୋଯୋଗୀ; 2. ବି. ଶୀତଳତା, ଶୀତଳବାୟୁ ବା ସ୍ଥାନ, ମନର ପ୍ରଶାନ୍ତ ଅବସ୍ଥା, ଧୈର୍ଯ୍ୟ, ଔଦାସୀନ୍ୟ; 3. କ୍ରି. ଶୀତଳ ବା ଥଣ୍ଡା କରିବା ବା ହେବା।

**coolant** ବି. ଇଞ୍ଜିନ୍‌ରୁ ଉତ୍ତାପ ଦୂର କରିବା ନିମନ୍ତେ ବ୍ୟବହୃତ ତରଳ ଦ୍ରବ୍ୟ ବିଶେଷ।

**cooler** ବି. ଥଣ୍ଡା କରାଇବା ପାତ୍ର; ଶୀତଳକାରକ ଯନ୍ତ୍ର।

**coolie** ବି. କୁଲି, ଶ୍ରମିକ, ମଜୁରିଆ।

**coomb** ବି. ପର୍ବତ ପାର୍ଶ୍ୱବର୍ତ୍ତୀ ଉପତ୍ୟକା; ଉପକୂଳରୁ ଉତ୍‌ଥିତ କ୍ଷୁଦ୍ର ଉପତ୍ୟକା।

**coop** 1. ବି. କୁକୁଡ଼ା ପ୍ରଭୃତି ରଖିବା ନିମନ୍ତେ ପିଞ୍ଜରା ବା ଘର; 2. ସ.କ୍ରି. କୁକୁଡ଼ା ପ୍ରଭୃତିଙ୍କୁ ପିଞ୍ଜରାବଦ୍ଧ କରିବା, (ବ୍ୟକ୍ତିଙ୍କୁ) ଆବଦ୍ଧ ବା ବନ୍ଦୀ କରିବା।

**co-op** ବି. କ.ଭା. ସମବାୟ ସମିତି ବା ଦୋକାନ।

**cooper** ବି. ପିପା, କୁଣ୍ଡ ପ୍ରଭୃତିର ନିର୍ମାତା ବା ମରାମତ କରିବା ବ୍ୟକ୍ତି।

**cooperate** କ୍ରି. (କୌଣସି ବ୍ୟକ୍ତି ସହିତ) କାର୍ଯ୍ୟରେ ସହଯୋଗ କରିବା; ଅନ୍ୟମାନଙ୍କ ସଙ୍ଗେ ମିଶି କାମ କରିବା।

**cooperation** ବି. ସହଯୋଗ; ସମବାୟ, ଯୌଥ କାରବାର ବା ବ୍ୟବସାୟ।

**cooperator** ବି. ସହଯୋଗୀ ବ୍ୟକ୍ତି।

**cooperative** 1. ବିଂ. ସମବାୟ ସମ୍ବନ୍ଧୀୟ, ସହଯୋଗ ମୂଳକ, ଯୌଥ, ସହଯୋଗ କରିବାକୁ ଇଚ୍ଛୁକ; 2. ବି. ସମବାୟ ଗୃହ, ସମିତି ବା ବ୍ୟବସାୟ।

**co-opt** ସ.କ୍ରି. କୌଣସି ସଭା ବା ସମିତି ନିମନ୍ତେ ଉକ୍ତ ସଭାର ବର୍ତ୍ତମାନ ସଭ୍ୟମାନଙ୍କ ଦ୍ୱାରା ମନୋନୟନକ୍ରମେ ନୂତନ ସଭ୍ୟ ନିଯୁକ୍ତ କରିବା, co-optation, co-option ବି. ପୂର୍ବୋକ୍ତ ନିୟମାନୁସାରେ ନୂତନ ସଭ୍ୟନିଯୁକ୍ତି ବା ଅତିରିକ୍ତ ସଭ୍ୟଗ୍ରହଣ, co-optive ବିଂ. ପୂର୍ବୋକ୍ତ ପ୍ରକାରେ ନିଯୁକ୍ତିମୂଳକ ବା ନିର୍ବାଚନମୂଳକ।

**coordinate** 1. ବିଂ. ଶ୍ରେଣୀ, ପଦ, ଗୁରୁତ୍ୱ ବା ମହତ୍ତ୍ୱ ଦୃଷ୍ଟିରୁ ସମାନ (ବିଶେଷତଃ ଯୌଗିକ ବାକ୍ୟର ଅଂଶସମ୍ବନ୍ଧୀୟ); ସମାନ ଉପାଦାନ ବା ଜିନିଷରେ ଗଠିତ; 2. ବି. ସମାନ ବିଷୟ; (ଗଣିତ ଶାସ୍ତ୍ର) କୌଣସି ବିନ୍ଦୁ ରେଖା ବା ସମତଳର ଅବସ୍ଥିତି ନିର୍ଦ୍ଧାରଣରେ ବ୍ୟବହୃତ ଉଚ୍ଚତା ପଦ୍ଧତି; ବ.ବ. ସ୍ତ୍ରୀମାନଙ୍କ ପୋଷାକ ପରିଚ୍ଛଦ ସହ ମିଶିଯାଉଥିବା ଦ୍ରବ୍ୟ ବିଶେଷ; 3. ସ.କ୍ରି. ସମାନ, ତୁଲ୍ୟ ବା ସମପଦସ୍ଥ କରିବା, ବିଭିନ୍ନ ଅଂଶ, ଗତି ଇତ୍ୟାଦିକୁ ସୁସଂବଦ୍ଧ କରିବା; ଅଙ୍ଗପ୍ରତ୍ୟଙ୍ଗ ଅଂଶ ଇତ୍ୟାଦିକୁ ଏକତ୍ର ବା ଶୃଙ୍ଖଳିତ ଭାବରେ କାର୍ଯ୍ୟ କରାଇବା; ବି. coordination; ବିଂ. coordinative; ବି. coordinator.

**coot** ବି. କପାଳରେ କଠିନ ଧଳା ପଟି ଥିବା ଜଳଚର ପକ୍ଷୀ; କ.ଭା. ନିର୍ବୋଧ ବ୍ୟକ୍ତି।

**cop** ଗ୍ରା.ପ୍ର. 1. ବି. ପୋଲିସ୍; ଗିରଫଦାରୀ; 2. ସ.କ୍ରି. ଅପରାଧୀକୁ ଧରିବା ବା ଗିରଫ କରିବା; ଗ୍ରହଣ କରିବା, ପାଇବା; ନେବା, ଆଦେଶ ଦେବା, ସହନ କରିବା; cop it ବିପଦ ମୁଣ୍ଡାଇବା; cop out ଏଡ଼ାଇ ଦେବା।

**copal** ବି. ବାର୍ନିଶ୍ ନିମନ୍ତେ ବ୍ୟବହୃତ ଝୁଣା ବା ଲାଖଜାତୀୟ ପଦାର୍ଥ।

**copartner** ବି. ଅଂଶୀଦାର, ଭାଗୀଦାର, ସହଯୋଗୀ; copartnership ବି. ଅଂଶୀଦାରିତ୍ୱ।

**cope**[1] ଅ.କ୍ରି. କୌଣସି ବିଷୟରେ ଫଳପ୍ରଦ ଭାବରେ କହିବା, ଲେଖିବା ବା ଦୃଢ଼ ଚେଷ୍ଟା ଚଳାଇବା; (କଥିତ) ସଫଳତାର ସହିତ ଚଳାଇବା।

**cope**[2] 1. ବି. ଉତ୍ସବ ଓ ଶୋଭାଯାତ୍ରାମାନଙ୍କରେ ଧର୍ମଯାଜକମାନଙ୍କର ପରିଧେୟ ଦୀର୍ଘ ପୋଷାକ; 2. କ୍ରି. ଉକ୍ତ ପୋଷାକ ଦ୍ୱାରା ଆଚ୍ଛାଦନ କରିବା।

**copeck** ବି. ରୁଷଦେଶୀୟ ମୁଦ୍ରା, ଏକ ରୁବ୍‌ଲର ଏକଶତାଂଶ।

**Copernican** ବିଂ. ବିଖ୍ୟାତ ଗ୍ରହବିଜ୍ଞାନ ବିଶାରଦ କପରନିକସ୍‌ଙ୍କ ମତ ବା ସିଦ୍ଧାନ୍ତ ସମ୍ବନ୍ଧୀୟ; ପୃଥିବୀ ସମେତ ସମସ୍ତ ଗ୍ରହ ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ଘୂରୁଛନ୍ତି ବୋଲି ସେ ପ୍ରଥମେ ମତ ପ୍ରକାଶ କରିଥିଲେ।

**copier** ବି. (ବିଶେଷତଃ ଦଲିଲ୍ ବା କବଲାର) ନକଲକାରୀ ବ୍ୟକ୍ତି ବା ଯନ୍ତ୍ର।

**copilot** ବି. ଉଡ଼ାଜାହାଜର ସହଚାଳକ ବା ଦ୍ୱିତୀୟ ଚାଳକ।

Digitized by srujanika@gmail.com

**coping** ବି. କାନ୍ଥର ଅଗ୍ରଭାଗର ଗଡ଼ାଣିଆ ଅଂଶର ରାଜମିସ୍ତ୍ରୀ କାମ।

**coping saw** ବି. କାଠକୁ ବକ୍ରଭାଗରେ କାଟିବା ପାଇଁ ବ୍ୟବହୃତ 'D' ଆକୃତି ବିଶିଷ୍ଟ କରତ।

**copious** ବିଂ. ପ୍ରଚୁର, ବହୁତ, ବହୁ ଉତ୍ପାଦନକାରୀ।

**copper** 1. ବି. ତମ୍ବା, ତାମ୍ରମୁଦ୍ରା, ସିଝାଇବା ନିମନ୍ତେ ବ୍ୟବହୃତ ଧାତୁପାତ୍ର (ବିଶେଷତଃ ଲଣ୍ଡ୍ରିମାନଙ୍କରେ); ପୋଲିସ୍ ବାଲା; 2. ବିଂ. ତମ୍ବା ତିଆରି ବା ତମ୍ବାରଙ୍ଗ ବିଶିଷ୍ଟ।

**copperhead** ବି. ତାମ୍ରରଙ୍ଗ ମୁଣ୍ଡବିଶିଷ୍ଟ ଆମେରିକା ବା ଅଷ୍ଟ୍ରେଲିଆର ଏକ ପ୍ରକାର ବିଷାକ୍ତ ସର୍ପ।

**copperplate** ବି. ମୂର୍ତ୍ତି ବା ଛବି ପ୍ରଭୃତି ଖୋଦିବା ପାଇଁ ବ୍ୟବହୃତ ପାଲିଶ୍ ତମ୍ବାପଟା; ତାମ୍ରଫଳକ, ତାମ୍ରଫଳକରୁ ଗୃହୀତ ମୁଦ୍ରଣ; ହସ୍ତାକ୍ଷରର ସୁନ୍ଦର ଶୈଳୀ।

**coppice** ବି. ଛୋଟ ଗଛ ଓ ବୁଦାଥିବା ଜଙ୍ଗଲିଆ ସ୍ଥାନ।

**copra** ବି. ଶୁଖିଲା ନଡ଼ିଆ ଶସ, ନଡିଆ ପାଡି, ଖୁରୁଡ଼।

**copse** (coppiceର ସଂଶ.); ବି. ବନଖଣ୍ଡ।

**copula** ବି. ବ୍ୟା. ସଂଯୋଜକ ଶବ୍ଦ [ବିଶେଷତଃ ଉଦ୍ଦେଶ୍ୟ ଓ ବିଧେୟକୁ ସଂଯୋଗ କରୁଥିବା 'ହେବା', 'ରହିବା' ବା 'ଥିବା' କ୍ରିୟା (verb 'to be') ର ଅଂଶ ବିଶେଷ]; ସଂଯୋଜକ ପଦାର୍ଥ ବା ବନ୍ଧନୀ।

**copulate** 1. ଅ.କ୍ରି. ସଙ୍ଗମ କରିବା, ମୈଥୁନ କ୍ରିୟା ସମ୍ପାଦନ କରିବା; 2. ବି. copulation.

**copy** 1. ବି. ପ୍ରତିରୂପ, ଲିଖିତାଂଶର ନକଲ ବା ପ୍ରତିଲିପି; ପୁସ୍ତକ ବା ପତ୍ରିକା ପ୍ରଭୃତିର ନମୁନା; ମୁଦ୍ରିତ ବା ଛପା ହେବାକୁ ଥିବା ବିଷୟ; ସମ୍ବାଦପତ୍ରର ପ୍ରବନ୍ଧ ନିମନ୍ତେ ଉଦ୍ଦିଷ୍ଟ ବିଷୟବସ୍ତୁ; ବିଜ୍ଞାପନ ପ୍ରକରଣ; 2. ସ.କ୍ରି. ନକଲ କରିବା, ଅନୁକରଣ କରିବା, ଏକାପରି କରିବା।

**copybook** 1. ବି. ଶିକ୍ଷାର୍ଥୀମାନଙ୍କ ଅନୁକରଣ ଲାଗି ଆଦର୍ଶ ହସ୍ତଲିପି ପୁସ୍ତକ, ଖାତା; 2. ବିଂ. ଜୀର୍ଣ୍ଣ ଭାବରେ ପ୍ରଥାସମ୍ମତ; ଆଦର୍ଶସ୍ଥାନୀୟ; ଅନୁକରଣୀୟ।

**copyhold** ବି. ଜମିସମ୍ବନ୍ଧୀୟ ରେକର୍ଡ ବା ପଟ୍ଟା; ଭୂମ୍ୟଧିକାର, ଉକ୍ତ ନିୟମାନୁସାରେ ଅଧିକୃତ ଜମି।

**copyist** ବି. ନକଲକାରୀ, ପ୍ରତିଲିପିକାର, ଅନୁକରଣକାରୀ।

**copyright** 1. ବି. ପୁସ୍ତକ ବା ଗ୍ରନ୍ଥ ପ୍ରଭୃତିର ସ୍ୱତ୍ୱ; କୌଣସି ପୁସ୍ତକ ବା ଗ୍ରନ୍ଥର ମୁଦ୍ରଣ, ପ୍ରକାଶନ ପ୍ରଭୃତି ଉପରେ ଗ୍ରନ୍ଥକାର, ମୁଦ୍ରକ ବା ପ୍ରକାଶକର ସ୍ୱତନ୍ତ୍ର ଆଇନ୍ ସଙ୍ଗତ ଅଧିକାର; 2. ବିଂ. ଗ୍ରନ୍ଥସ୍ୱତ୍ୱ ଆଇନ୍ ବଳରେ ସଂରକ୍ଷିତ; 3. ସ.କ୍ରି. ଗ୍ରନ୍ଥସ୍ୱତ୍ୱ ରକ୍ଷା କରିବା।

**coquette** 1. ବି. ପୁରୁଷକୁ ଆକୃଷ୍ଟ କରିବା ପାଇଁ ଚେଷ୍ଟିତା ନାରୀ ବା ବାଳିକା; 2. ସ.କ୍ରି. ହାବଭାବ ବା ରଙ୍ଗରସ ଦ୍ୱାରା ଚିତ୍ତ ଆକର୍ଷଣ କରିବା; coquettish ବିଂ. ମନମୁଗ୍ଧକାରିଣୀ; coquetry ବି. ହାବଭାବ ଦ୍ୱାରା ପୁରୁଷର ମନ ଆକର୍ଷଣ କରିବା ଗୁଣ।

**cor** ଅ. ବିସ୍ମୟ, ଆଶ୍ଚର୍ଯ୍ୟ, କ୍ରୋଧାଦି ସୂଚକ ଅବ୍ୟୟ।

**coracle** ବି. ଜଳରୋଧକ ଦ୍ରବ୍ୟରେ ଆଚ୍ଛାଦିତ ବାଉଁଶ ତିଆରି କ୍ଷୁଦ୍ର ନୌକା।

**coral** 1. ବି. ପ୍ରବାଳ, ପୋହଳା; 2. ବିଂ. ପ୍ରବାଳନିର୍ମିତ, ପ୍ରବାଳ ସଦୃଶ, ପ୍ରବାଳ ରଙ୍ଗ ବିଶିଷ୍ଟ, ଲାଲ୍ ବା ଗୋଲାପୀ।

**coralline** 1. ବିଂ. ପ୍ରବାଳ ସମ୍ବନ୍ଧୀୟ, ପ୍ରବାଳତୁଲ୍ୟ, ପ୍ରବାଳ ମିଶ୍ରିତ; 2. ବି. ଏକ ପ୍ରକାର ସାମୁଦ୍ରିକ ଘାସ।

**corbel** ବି. କାନ୍ଥରୁ ବାହାରିଥିବା ପ୍ରସ୍ତର ବା କାଷ୍ଠର ଥାକ; ବିଂ. corbelled.

**corbie** ବି. ଡାମରା କାଉ।

**cord** 1. ବି. ଦଉଡ଼ି; ଶରୀରସ୍ଥ ରଜ୍ଜୁ ସଦୃଶ ପଦାର୍ଥ, ମଖମଲଭାଙ୍ଗ ସଦୃଶ ପ୍ରସ୍ତୁତ କାର୍ପାସ ବସ୍ତ୍ର, ବ.ବ. ଉକ୍ତ ବସ୍ତ୍ରରେ ନିର୍ମିତ ପାଇଜାମା; ଅପରିବାହକ ପଦାର୍ଥଦ୍ୱାରା ଆଚ୍ଛାଦିତ ବିଦ୍ୟୁତ୍ ତାର; କାଠର ମାପ (ସାଧାରଣତଃ ପ୍ରାୟ ୧୨୮ ଘନଫୁଟ); 2. ସ.କ୍ରି. ରଜ୍ଜୁଦ୍ୱାରା ସୁରକ୍ଷିତ କରିବା।

**cordial** 1. ବିଂ. ହାର୍ଦ୍ଦିକ, ଆନ୍ତରିକ, ଶୁଦ୍ଧ, ନିଷ୍କପଟ, ସ୍ନେହପୂର୍ଣ୍ଣ, ମିତ୍ରୋଚିତ; 2. ବି. ଫଳସୁଗନ୍ଧିତ ପାନୀୟ ଦ୍ରବ୍ୟ; ବି. cordiality; କ୍ରି.ବିଂ. cordially.

**cordite** ବି. ରଜ୍ଜୁ ସଦୃଶ ଧୂମହୀନ ବିସ୍ଫୋରକ ଦ୍ରବ୍ୟ।

**cordon** 1. ବି. ଜନତା ନିମନ୍ତେ ନିଷିଦ୍ଧ ପୋଲିସ୍ ସୈନ୍ୟ ବା ପ୍ରହରୀମାନଙ୍କର ପଂକ୍ତି ବା ଘେର;

Digitized by srujanika@gmail.com

ସମ୍ମାନସୂଚକ ଭୂଷଣ ରୂପେ ବ୍ୟବହୃତ ରଜ୍ଜୁ ବା ଫିତା; ଏକମାତ୍ର କାଣ୍ଡରୂପେ ବର୍ଦ୍ଧିତ ଫଳବୃକ୍ଷ ବିଶେଷ; 2. *ସ.କ୍ରି.* ପୋଲିସ୍ ପ୍ରଭୃତିଙ୍କ ଘେର ଦ୍ୱାରା ଆବଦ୍ଧ ବା ପୃଥକ୍ କରିବା ।

**cordon bleu** *ବି.* ଉଚ୍ଚତମ ଶ୍ରେଣୀର ରନ୍ଧନ ବା ରାନ୍ଧୁଣିଆ ।

**corduroy** *ବି.* ଭାଙ୍ଗ ଯୁକ୍ତ ମୋଟା କାର୍ପାସ ବସ୍ତ୍ର, *ବ.ବ.* ଉକ୍ତ ବସ୍ତ୍ରର ପୋଷାକ ।

**core** 1. *ବି.* କେତେକ ଫଳର ବୀଜଧାରକ କଠିନ ଆଭ୍ୟନ୍ତରୀଣ ଅଂଶ; ବସ୍ତୁର କେନ୍ଦ୍ରବର୍ତ୍ତୀ ବା ସର୍ବପ୍ରଧାନ ଅଂଶ; ଅନ୍ତଃସ୍ଥଳ; ପୃଥିବୀର କୈନ୍ଦ୍ରିକ ଅଞ୍ଚଳ, ଆଣବିକ ଶକ୍ତି-ଉତ୍ପାଦକ ଯନ୍ତ୍ରର ପରମାଣୁ ବିଭାଜନକାରୀ ଅଂଶବିଶେଷ; କମ୍ପ୍ୟୁଟରସ୍ଥ ଗଠନ ପ୍ରଣାଳୀର ଏକକ; ବୈଦ୍ୟୁତିକ ତାରର ଆଭ୍ୟନ୍ତରୀଣ ସୀମା; ଚୁମ୍ବକ ବା ବୈଦ୍ୟୁତିକ ଶକ୍ତି ଉତ୍ପାଦକ ଯନ୍ତ୍ରର କେନ୍ଦ୍ରନିର୍ମାଣକାରୀ କୋମଳ ଲୌହଖଣ୍ଡ; 2. *ସ.କ୍ରି.* ଆଭ୍ୟନ୍ତରୀଣ ପଦାର୍ଥ ବାହାର କରିଦେବା ।

**coreopsis** *ବି.* ଉଦ୍ଭିଦ ବିଶେଷ, ଏହାର ଫୁଲ ଡେଇଜିଫୁଲ ସଦୃଶ ସାଧାରଣତଃ ପୀତ ରଙ୍ଗ ।

**co–respondent** *ବି.* ଛାଡ଼ପତ୍ର ମୋକଦ୍ଦମାରେ ପ୍ରତିବାଦିନୀ ସ୍ତ୍ରୀ ସହ ବ୍ୟଭିଚାର ଦୋଷରେ ଅଭିଯୁକ୍ତ ପୁରୁଷ ।

**corgi** *ବି.* କୋକିଶିଆଳିର ମୁଣ୍ଡ ପରି ମୁଣ୍ଡ ଓ ଛୋଟ ଛୋଟ ଗୋଡ଼ଥିବା ୱେଲ୍‌ଶ୍ ଜାତୀୟ କୁକୁର ।

**coriander** *ବି.* ଧନିଆଗଛ, ଧନିଆ ।

**Corinthian** 1. *ବିଂ.* ଦକ୍ଷିଣ ଗ୍ରୀସ୍‌ସ୍ଥ ପ୍ରାଚୀନ କରିନ୍ଥ୍ ନଗର ସମ୍ବନ୍ଧୀୟ; 2. *ବି.* ବିଶେଷତଃ ରୋମାନ୍‌ମାନଙ୍କ ଦ୍ୱାରା ବ୍ୟବହୃତ ଗ୍ରୀସ୍ ଦେଶ ବା ପ୍ରାଚୀନ କରିନ୍ଥ୍ ନଗରର ସ୍ଥାପତ୍ୟ ରୀତି ।

**cork** 1. *ବି.* ଦକ୍ଷିଣ ଇଉରୋପରେ ଜାତ କର୍କ (ଏକଜାତୀୟ ଓକ୍) ବୃକ୍ଷର ବକଳ; ହାଲୁକା ଓ ଈଷତ୍ ବାଦାମୀ ରଙ୍ଗର ଦ୍ରବ୍ୟବିଶେଷ, କର୍କ ବା ତଜ୍ଜାତୀୟ ଦ୍ରବ୍ୟରେ ନିର୍ମିତ ବୋତଲ ଠିପି; 2. *ସ.କ୍ରି.* ବନ୍ଦ କରିବା ବା ଅବରୋଧ କରିବା; ଅନୁଭୂତି, ଭାବ ପ୍ରଭୃତିକୁ ନିୟନ୍ତ୍ରଣାଧୀନ କରିବା ।

**corkage** *ବି.* (ବିଶେଷତଃ ଅନ୍ୟସ୍ଥାନରୁ ଆନୀତ) ମଦ୍ୟର ପରିବେଷଣ ନିମନ୍ତେ ଭୋଜନାଳୟ ପକ୍ଷରୁ ପାଉଣା ଦାବି ।

**corked** *ବିଂ.* କର୍କ ବା ଠିପିଦ୍ୱାରା ବନ୍ଦ (ମଦ ବୋତଲ); ଠିପି ଯୋଗେ ଦୂଷିତ ବା କ୍ଷୟପ୍ରାପ୍ତ ।

**corker** *ବି.* *ଗ୍ରା.ପ୍ର.* ଅତ୍ୟନ୍ତ ସୁନ୍ଦର ବ୍ୟକ୍ତି ବା ବସ୍ତୁ ।

**corking** *ବିଂ.* *ଗ୍ରା.ପ୍ର.* ଆଶ୍ଚର୍ଯ୍ୟଜନକ ଭାବରେ ବୃହତ୍ ବା ଉତ୍କୃଷ୍ଟ; ଅଦ୍ଭୁତ ଭାବରେ ପ୍ରକାଣ୍ଡ ବା ଦୀପ୍ତିମାନ୍ ।

**corkscrew** 1. *ବି.* ବୋତଲରୁ ଠିପି ବାହାର କରିବା ଲାଗି ବର୍ତ୍ତୁଳାକାର ପେଞ୍ଚ ବା ଲୌହ ଉପକରଣ; ବର୍ତ୍ତୁଳାକାର ବସ୍ତୁ; 2. *ସ.କ୍ରି.* ମୋଡ଼ିବା ।

**corm** *ବି.* କେତେକ ଉଦ୍ଭିଦର ଭୂମିତଳସ୍ଥ ଗୋଲାକୃତି କାଣ୍ଡ, *ଛଦା.* ଓଲ ।

**cormorant** *ବି.* ବୃହତ୍, କୃଷ୍ଣକାୟ ଓ ବହୁଭୋଜୀ ସାମୁଦ୍ରିକ ପକ୍ଷୀ ବିଶେଷ; ପେଟୁ ବ୍ୟକ୍ତି ।

**corn**[1] *ବି.* ଅମଳ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଖାଦ୍ୟଶସ୍ୟ (ଯଥା- ଗହମ, ଯବ ବା ମକା ପ୍ରଭୃତି); ଖାଦ୍ୟଶସ୍ୟ ବା ବୀଜ; *କ.ଭା.* ନୀରସ ଓ ଜୀର୍ଣ୍ଣଶୀର୍ଣ୍ଣ ବସ୍ତୁ; ଘଷରା ଜିନିଷ ।

**corn**[2] *ବି.* ଚର୍ମ ଉପରସ୍ଥ କିମ୍ବା ପାଦର ବିଣ୍ଡି; ମାଛ ଆଖିଆ; to tread on one's corns କାହା ମନରେ କଷ୍ଟଦେବା ।

**corncrake** *ବି.* ବିରକ୍ତିକର ଓ କର୍କଶ ସ୍ୱର ବିଶିଷ୍ଟ ପକ୍ଷୀ ବିଶେଷ ।

**cornea** *ବି.* କନୀନିକା ମଣ୍ଡଳ, ଚକ୍ଷୁ ତାରାର ଆଚ୍ଛାଦନକାରୀ ସ୍ୱଚ୍ଛପଟଳ; *ବିଂ.* corneal.

**corned** *ବିଂ.* ଲବଣ ବା ଲବଣାକ୍ତ ଜଳରେ ସୁରକ୍ଷିତ ।

**cornel** *ବି.* (କଠିନ କାଠର) ବୃକ୍ଷ ବିଶେଷ ।

**cornelian** *ବି.* ଈଷତ୍ ଲାଲ୍‌ରଙ୍ଗର ବହୁମୂଲ୍ୟ ପ୍ରସ୍ତର ବିଶେଷ ।

**cornelian cherry** *ବି.* ଇଉରୋପୀୟ କୋଳିବୃକ୍ଷ ବିଶେଷ ।

**corner** 1. *ବି.* କୋଣ, କଣ, ଏକକେନ୍ଦ୍ରାଭିମୁଖୀ ସରଳରେଖା ବା ସୀମାରେଖା ଦ୍ୱୟର ମିଳନସ୍ଥଳ; ଦୁଇଟି ଗଳିରାସ୍ତାର ମିଳନ ସ୍ଥଳୀରୁ ଉଦ୍ଭୂତ କୋଣ; କୋଠରୀର ଦୁଇ ବାହୁର ମିଳନ ଯୋଗେ ଗଠିତ ଆଭ୍ୟନ୍ତରୀଣ ସ୍ଥଳ; ଲୁକ୍କାୟିତ ବା ନିଭୃତ ସ୍ଥାନ; ଦୂରବର୍ତ୍ତୀ ପ୍ରଦେଶ, ଅଞ୍ଚଳ ବା ଦିଗ; ଉପଲବ୍ଧ ସମୁଦାୟ ଜିନିଷ ପତ୍ର କିଣିନେବା କାର୍ଯ୍ୟ, ମଲ୍ଲଯୁଦ୍ଧ

Digitized by srujanika@gmail.com

ପ୍ରତିଦ୍ୱନ୍ଦ୍ୱୀର ଅବସ୍ଥାନ ସ୍ଥଳୀ; ଫୁଟ୍‌ବଲ୍ ବା ହକି ଖେଳରେ ଖେଳ ପଡ଼ିଆରେ କୋଣରୁ ପେଣ୍ଡୁ ନିକ୍ଷେପଣ; 2. କ୍ରି. (ବ୍ୟକ୍ତିକୁ) ବିଷମ ବା କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ପକାଇବା; ଜିନିଷପତ୍ର କ୍ରୟରେ ସମସ୍ୟା ସୃଷ୍ଟି କରିବା; କୋଣ ପାର୍ଶ୍ୱରେ ଗାଡ଼ି ବୁଲିବା; cornerstone ଖିଲାଣର କୀଳକ ପ୍ରସ୍ତର ଖଣ୍ଡ; ଭିତ୍ତିପ୍ରସ୍ତର, (ଲକ୍ଷଣାର୍ଥରେ) ଅପରିହାର୍ଯ୍ୟ ବା ଭିତ୍ତି ସଦୃଶ ଅଂଶ; tight corner ବିଷମ ବା ବିପଦପୂର୍ଣ୍ଣ ଅବସ୍ଥା; turn the corner ରାସ୍ତାର କୋଣ ପାର ହୋଇ ଅନ୍ୟରାସ୍ତାକୁ ଯିବା; (ଲକ୍ଷଣାର୍ଥରେ) ସଂକଟ ପାରହେବା ।

**cornet** ବି. ପିତଳ ନିର୍ମିତ ତୂରୀ ସଦୃଶ, ମାତ୍ର ତାହାଠାରୁ କ୍ଷୁଦ୍ରାକାର ଓ ଚଉଡ଼ା ବାଦ୍ୟଯନ୍ତ୍ର ବିଶେଷ, ଶଙ୍କୁ ଆକୃତି ବିଶିଷ୍ଟ ଆଇସ୍‌କ୍ରିମ୍‌ର ଧାରକ ।

**cornettist, cornetist** ବି. କର୍ଣ୍ଣେଟ୍ ବାଦକ ।

**cornflakes** ବି. ବ.ବ. ପ୍ରାତଃ ଭୋଜନ ନିମନ୍ତେ ମକାଗୁଣ୍ଡରେ ପ୍ରସ୍ତୁତ ଛୋଟ ଛୋଟ ଖଣ୍ଡ ।

**cornflour** ବି. ମକା, ଚାଉଳ ପ୍ରଭୃତିରୁ ସୂକ୍ଷ୍ମ ଭାବରେ ପେଷା ଯାଇଥିବା ଗୁଣ୍ଡ ବା ଚୂର୍ଣ୍ଣ ।

**cornflower** ବି. ଶସ୍ୟକ୍ଷେତ୍ରମାନଙ୍କରେ ପ୍ରଚୁର ମାତ୍ରାରେ ବଢୁଥିବା ଉଦ୍ଭିଦ ବିଶେଷ, ଏଥିରେ ବିଶେଷ କରି ନେଳିଆ ରଙ୍ଗର ଫୁଲ ଫୁଟେ ।

**cornice** ବି. ଘରକାନ୍ଥରେ ଅଗ୍ରଭାଗର ଶୋଭାବର୍ଦ୍ଧକ କାରିଗରୀ କାମ, କାର୍ନିସ୍ ।

**cornucopia** ବି. ପୁଷ୍ପଫଳ ଶସ୍ୟ ପରିପୂର୍ଣ୍ଣ ସମୃଦ୍ଧିର ନିଦର୍ଶନ; ପ୍ରାଚୁର୍ଯ୍ୟ ।

**corny** ବିଂ. କ.ଭା. ମାମୁଲି; ଅଳ୍ପରହସିଆ, ଭାବପ୍ରବଣ; ପୁରୁଣା ଫେଶନ୍ ବା ଢଙ୍ଗବିଶିଷ୍ଟ; କ୍ରି.ବିଂ. cornily ବି. corniness.

**corolla** ବି. (ଫୁଲର) ଦଳମଣ୍ଡଳ, ଦଳାବର୍ତ୍ତ ।

**corollary** ବି. ପ୍ରମାଣିତ ଗୋଟିଏ ସିଦ୍ଧାନ୍ତ ଅନୁଯାୟୀ ଅନ୍ୟ ଏକ ପ୍ରତିଜ୍ଞା ବା ଅନୁମାନ; ଅନୁସିଦ୍ଧାନ୍ତ, କୌଣସି ବିଷୟର ସ୍ୱାଭାବିକ ପରିଣାମ ବା ଫଳ ।

**corona** ବି. ସୂର୍ଯ୍ୟ ବା ଚନ୍ଦ୍ର ଚତୁର୍ଦ୍ଦିଗସ୍ଥ କ୍ଷୁଦ୍ର ଆଲୋକ ମଣ୍ଡଳ; ପୂର୍ଣ୍ଣ ସୂର୍ଯ୍ୟପରାଗ ସମୟରେ ଶୁକ୍ଳ ଆଲୋକ ବଳୟ ରୂପେ ପରିଦୃଷ୍ଟ ସୂର୍ଯ୍ୟଙ୍କର ଗ୍ୟାସୀୟ ଆବରଣ; ଶରୀରର ବିଭିନ୍ନ ମୁକୁଟାକୃତି ଅଂଶଗୁଡ଼ିକ ମଧ୍ୟରୁ ଯେ କୌଣସି ଗୋଟିଏ ଅଂଶ; ପୁଷ୍ପଭାଣ୍ଡର ଭିତର ପାର୍ଶ୍ୱ ବା ବୀଜର ଅଗ୍ରଭାଗ ସହିତ ସଂଲଗ୍ନ ପୁଷ୍ପର ଅଂଶବିଶେଷ; ବିଦ୍ୟୁତ୍ ପରିବାହକ ଚତୁର୍ଦ୍ଦିଗସ୍ଥ ଦୀପ୍ତି; ବିଂ. coronal.

**coronach** ବି. ଶୋକ-ସଙ୍ଗୀତ ।

**coronary** 1. ବିଂ. ହୃତପିଣ୍ଡକୁ ରକ୍ତ ଯୋଗାଉଥିବା ଧମନୀ ସମ୍ବନ୍ଧୀୟ; 2. ବି. ରକ୍ତବାହୀ ଧମନୀରେ ରକ୍ତାବରୋଧ; coronary thrombosis ବି. ରକ୍ତବାହୀ ଧମନୀରେ ଘନୀଭୂତ ରକ୍ତାବରୋଧ ।

**coronation** ବି. ରାଜ୍ୟାଭିଷେକ, ରାଜମୁକୁଟ ପରିଧାନ ଉତ୍ସବ ।

**coroner** ବି. ହିଂସା ବା ଦୁର୍ଘଟନା ଜନିତ ଅପମୃତ୍ୟୁର କାରଣ ଏବଂ ଭୂମିତଳେ ପ୍ରୋଥିତ ଧନର ଅନୁସନ୍ଧାନକାରୀ କର୍ମଚାରୀ ।

**coronet** ବି. କ୍ଷୁଦ୍ର ମୁକୁଟ; ମସ୍ତକ ପରିଚ୍ଛଦରୂପେ ପରିହିତ ମଣିପଟି ।

**corpora** (corpus ର ବହୁବଚନ) ବି. କୌଣସି ରଚନା ବା ରଚନା ପ୍ରଭୃତିର ସଙ୍କଳନ ସମୂହ ।

**corporal**[1] ବି. ସର୍ଜେଣ୍ଟଙ୍କ ଠିକ୍ ଅଧସ୍ତନ, ଭାରପ୍ରାପ୍ତ ପଦାତିକ ସେନା ବା ବାୟୁସେନାର କର୍ମଚାରୀ ।

**corporal**[2] ବିଂ. ଶାରୀରିକ, ଦୈହିକ; ବି. corporality.

**corporal punishment** ବି. ବେତ୍ରାଘାତ, ପ୍ରହାର ପ୍ରଭୃତି ଶାରୀରିକ ଦଣ୍ଡ ।

**corporate** ବିଂ. ଆଇନ୍ ଅନୁଯାୟୀ ସଂଘବଦ୍ଧ, ଦଳବଦ୍ଧ ବା ସମ୍ମିଳିତ; ଯୌଥ; ଦଳ ସମ୍ବନ୍ଧୀୟ ବା କୌଣସି ଦଳର ଅନ୍ତର୍ଭୁକ୍ତ ।

**corporation** ବି. ବ୍ୟବସାୟ ପ୍ରତିଷ୍ଠାନରେ ବା ସହର ନଗରର ପୌର କର୍ତ୍ତୃପକ୍ଷଙ୍କ ଅଧୀନରେ କାର୍ଯ୍ୟ କରିବାକୁ ଆଇନ୍ ସଙ୍ଗତ ଭାବରେ କ୍ଷମତାପ୍ରାପ୍ତ ସଂଘ ବା ଦଳ; ନିଗମ; କ.ଭା. ତଳିପେଟର ବିସ୍ତାର ବା ବୃଦ୍ଧି ।

**corporative** ବିଂ. ପୂର୍ବୋକ୍ତ ସଂଘ ସମ୍ବନ୍ଧୀୟ ବା ଦଳସମ୍ବନ୍ଧୀୟ, (ବିଶେଷତଃ ନିଯୋକ୍ତା ଏବଂ ନିଯୁକ୍ତ କର୍ମଚାରୀମାନଙ୍କର ସଂଘଦ୍ୱାରା ବା ସଂଘରେ) ନିୟନ୍ତ୍ରିତ ବା ସଞ୍ଚାଳିତ ।

**corporeal** ବିଂ. ଶାରୀରିକ, ଦୈହିକ, ସ୍ଥୂଳ, ଭୌତିକ; ବି. corporeality; କ୍ରି.ବିଂ. corporeally.

**corps** ବି. ସୈନ୍ୟବାହିନୀ ବା ବିଭାଗ; ବିଶେଷ କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତିମାନଙ୍କର ସଂଗଠିତ ଦଳ ।

Digitized by srujanika@gmail.com

***corps de ballet*** ବି. ନର୍ତ୍ତକଦଳ । *(ଫ.)*

***corps diplomatique*** ବି. କୂଟନୀତିଜ୍ଞ ଦଳ ।

**corpse** ବି. ମନୁଷ୍ୟର ମୃତ ଶରୀର, ଶବ ।

**corpulent** ବିଂ. ସ୍ଥୂଳକାୟ, ମୋଟା; corpulence ବି. ସ୍ଥୂଳକାୟତ୍ୱ ।

**corpus** ବି. ଲେଖା, ରଚନା ବା ପାଠର ସଂଗ୍ରହ, (ପୁସ୍ତକର) ପାଠ୍ୟାଂଶ ।

**corpuscle** ବି. ଶରୀରର ଅଣୁକୋଷ, (ବିଶେଷତଃ ବ.ବ) ମେରୁଦଣ୍ଡ ବିଶିଷ୍ଟ ପ୍ରାଣୀମାନଙ୍କର ରକ୍ତସ୍ଥ ଲୋହିତ ବା ଶ୍ୱେତରକ୍ତ କଣିକା ।

**corral** 1. ବି. ବନ୍ୟଜନ୍ତୁ, ଗୋମହିଷାଦି ପଶୁ କିମ୍ବା ଅଶ୍ୱ ପ୍ରଭୃତିଙ୍କ ରହିବା ନିମନ୍ତେ ନିର୍ମିତ ଅଟେଇ ବା ଖୁଆଡ଼; 2. *ସ.କ୍ରି.* ଅଟେଇ ବା ଖୁଆଡ଼ରେ ଆବଦ୍ଧ କରିବା, ଘେରାଉ କରିବା ।

**correct** 1. ବିଂ. ସଠିକ୍, ନିର୍ଭୁଲ, ଯଥାର୍ଥ; (ଆଚରଣ ସମ୍ବନ୍ଧୀୟ) ଉପଯୁକ୍ତ, ଉଚିତ, ଶୁଦ୍ଧ, ପ୍ରଥାସମ୍ମତ; 2. *ସ.କ୍ରି.* ଭୁଲ୍ ଠିକ୍ କରିବା, ସଂଶୋଧନ କରିବା ବା ଶୁଦ୍ଧ କରିବା, ଭୁଲ୍ ଚିହ୍ନିତ କରିବା, ଅଶୁଦ୍ଧି ସ୍ଥଳରେ ଶୁଦ୍ଧି ସନ୍ନିବେଶ କରିବା; ଅନିଷ୍ଟକାରୀ ପ୍ରବୃତ୍ତି ପ୍ରଭୃତିର ପ୍ରତିରୋଧ କରିବା, ଦୋଷୀ ବ୍ୟକ୍ତିର ଦୋଷ ଦର୍ଶାଇ ତାହାକୁ ତିରସ୍କାର କରିବା ବା ଦଣ୍ଡଦେବା, ନିର୍ଦ୍ଦିଷ୍ଟ ମାନ ସମ୍ପନ୍ନ କରିବା; 2. ବି. corrector.

**correction** ବି. ସଂଶୋଧନ, ଭ୍ରମଶୁଦ୍ଧି; ଶାସ୍ତି, ଦୋଷ ଦୂରୀକରଣ, ଉନ୍ନତିସାଧନ; ସଂଶୋଧିତ ବିଷୟ ।

**correctitude** ବି. ଜ୍ଞାତ ଭାବରେ ଯଥାର୍ଥ ବ୍ୟବହାର, ସଚେତନ ସମୁଚିତ ଆଚରଣ ।

**corrective** 1. ବିଂ. ସଂଶୋଧନକ୍ଷମ, ଅନିଷ୍ଟକାରୀ ବିଷୟର ପ୍ରତିରୋଧକ୍ଷମ, ସଂଶୋଧନ ଶକ୍ତିସମ୍ପନ୍ନ, ସଂଶୋଧନକାରକ; 2. ବି. ସଂଶୋଧକ, ସଂଶୋଧନକାରକ ଉପାୟ ବା ପଦକ୍ଷେପ ।

**correlate** 1. *କ୍ରି.* ପରସ୍ପର ସମ୍ବନ୍ଧଯୁକ୍ତ ବା ନିର୍ଭରଶୀଳ କରିବା ବା ହେବା; 2. ବି. ପରସ୍ପର ସଂପୃକ୍ତ ବା ଅନୁପୂରକ ଦୁଇ ବସ୍ତୁର କୌଣସି ଏକ; ବି. correlation.

**correlative** ବିଂ. ପରସ୍ପର ସମ୍ବନ୍ଧଯୁକ୍ତ; *ବ୍ୟା.* (ଶବ୍ଦ ସମ୍ବନ୍ଧୀୟ) ପରସ୍ପର ଅନୁକୂଳ ଏବଂ ନିୟମିତ ଭାବରେ ଏକତ୍ର ବ୍ୟବହୃତ; correlativity ବି. ପରସ୍ପର ସମ୍ବନ୍ଧଯୁକ୍ତତା, ପରସ୍ପରାନୁକୂଳତା ।

**correspond** *ଅ.କ୍ରି.* (କୌଣସି ବ୍ୟକ୍ତି, ବସ୍ତୁ ବା ବିଷୟ ପ୍ରତି) ଅନୁକୂଳ ହେବା, ଖାପଖାଇବା; ମିଳିଯାଉଥିବା, ଉପଯୋଗୀ ହେବା, ଅନୁରୂପ ବା ଅନୁସାରୀ ହେବା; ସମ୍ପର୍କ ରଖିବା, (କୌଣସି ବ୍ୟକ୍ତି ସହିତ) ଚିଠିପତ୍ର ଯୋଗେ ଭାବର ଆଦାନ ପ୍ରଦାନ କରିବା ।

**correspondence** ବି. ଅନୁକୂଳତା, ସଦୃଶତା, ଅନୁରୂପତା; ଚିଠିପତ୍ର ଦ୍ୱାରା ଭାବର ଆଦାନ ପ୍ରଦାନ, ପ୍ରେରିତ ବା ଗୃହୀତ ପତ୍ରାବଳୀ ।

**correspondence course** ବି. ପତ୍ର ବିନିମୟ ପାଠ୍ୟକ୍ରମ ।

**correspondent** ବି. ନିୟମିତ ପତ୍ରଲେଖକ, ନିର୍ଦ୍ଦିଷ୍ଟ ବିଷୟରେ ନିୟମିତ ଭାବରେ ଲେଖିବା ପାଇଁ ସମ୍ବାଦପତ୍ର ଦ୍ୱାରା ନିଯୁକ୍ତ ବ୍ୟକ୍ତିବିଶେଷ; ସମାଚାର ଲେଖକ, ସମ୍ବାଦଦାତା ।

**corridor** ବି. କୋଠରୀ ସମ୍ମୁଖସ୍ଥ ଦୀର୍ଘ ବାରଣ୍ଡା, ଅଳିନ୍ଦ, ରେଳଗାଡ଼ି ମଧ୍ୟସ୍ଥ ପ୍ରବେଶ ଦ୍ୱାର; ଏକ ଦେଶରୁ ଅନ୍ୟ ଦେଶ ମଧ୍ୟରେ ବିସ୍ତୃତ ସଂକୀର୍ଣ୍ଣ ଅଂଶ; ବିଦେଶ ଉପରେ ଉଡ଼ାଜାହାଜର ନିର୍ଦ୍ଦିଷ୍ଟ ଆକାଶ ପଥ ।

**corrie** ବି. ପର୍ବତ ପାର୍ଶ୍ୱବର୍ତ୍ତୀ ଗୋଲାକାର ଗର୍ତ୍ତ ।

**corrigendum** ବି. ବ.ବ corrigenda ପୁସ୍ତକସ୍ଥ ସଂଶୋଧନୀୟ ବିଷୟ, ଶୁଦ୍ଧିପତ୍ର ।

**corrigible** ବିଂ. ସଂଶୋଧନୀୟ, ସଂଶୋଧନ ଯୋଗ୍ୟ; *କ୍ରି.ବିଂ.* corrigibly.

**corroborate** 1. *ସ.କ୍ରି.* ସମର୍ଥନ କରିବା, ପୋଷକତା କରିବା, ଦୃଢ଼ କରିବା, ପ୍ରମାଣିତ କରିବା; 2. ବି. corroboration; 3. ବିଂ. corroborative.

**corroborator** ବି. ସମର୍ଥକ, ଅନୁମୋଦକ, ପ୍ରମାଣକାରକ ।

**corroboratory** ବିଂ. ପୋଷକ, ସମର୍ଥନକ୍ଷମ, ପ୍ରମାଣକ୍ଷମ ।

**corrode** *ସ.କ୍ରି.* କ୍ରମେ କ୍ରମେ କ୍ଷୟ ବା ଧ୍ୱଂସ କରିବା; *ଅ.କ୍ରି.* ବିଶେଷତଃ ରାସାୟନିକ ପ୍ରକ୍ରିୟା ଦ୍ୱାରା କ୍ଷୟପ୍ରାପ୍ତ ହେବା, ଜୀର୍ଣ୍ଣଶୀର୍ଣ୍ଣ ହେବା ।

**corrosion** ବି. ଧ୍ୱଂସ, ଅବକ୍ଷୟ, କ୍ଷୟପ୍ରାପ୍ତ ଅଂଶ ବା ଦ୍ରବ୍ୟ; corrosive ବିଂ. କ୍ଷୟକାରୀ ।

Digitized by srujanika@gmail.com

**corrugate** 1. ସ.କ୍ରି. କୁଞ୍ଚିତ କରିବା, ତରଙ୍ଗାୟିତ କରିବା; 2. ବି. corrugation.

**corrupt** 1. ବିଂ. ଦୁର୍ନୀତିଗ୍ରସ୍ତ, ନୀତିଭ୍ରଷ୍ଟ, ଦୁଷ୍ଟ, ଦୂଷିତ, ଭ୍ରଷ୍ଟ, ଉତ୍କୋଚ ବା ଲାଞ୍ଚ ଦ୍ୱାରା ପ୍ରଭାବିତ; 2. କ୍ରି. ଦୂଷିତ କରିବା ବା ହେବା, ନୀତିଭ୍ରଷ୍ଟ କରିବା ବା ହେବା; corruption ବି. ଭ୍ରଷ୍ଟାଚାର; corruptive ବିଂ. ଦୁର୍ନୀତିଗ୍ରସ୍ତ।

**corruptible** ବିଂ. ଦୂଷଣୀୟ, ନିନ୍ଦନୀୟ, ନୈତିକ ସ୍ଖଳନଯୋଗ୍ୟ, ଉତ୍କୋଚ ଗ୍ରହଣ କରିବାକୁ ଇଚ୍ଛୁକ।

**corsair** ବି. ଜଳଦସ୍ୟୁର ଜାହାଜ ବା ଜଳଦସ୍ୟୁ।

**corselette** ବି. ନାରୀମାନଙ୍କ ଦେହର କସ୍ ଜାମା, ବଡିଶ୍ ସହିତ ପ୍ରସ୍ତୁତ ପିନ୍ଧିବା ପାଇଁ ପୋଷାକ।

**corset** ବି. ସ୍ତ୍ରୀମାନଙ୍କ ଦେହର କାଞ୍ଚୁଲା ବା ବଡିଶ୍, ସ୍ତ୍ରୀପରିଧେୟ ଅନ୍ତର୍ବାସ।

**corslet** ବି. ଶରୀରର ଆଚ୍ଛାଦନକାରୀ କସ୍ ଜାମା; (ଇତି.) ସାଞ୍ଜୁ, ଉରସ୍ତ୍ରାଣ।

**cortege** ବି. (ବିଶେଷତଃ ଶବ ସଂସ୍କାର ନିମନ୍ତେ ଉଦ୍ଦିଷ୍ଟ) ଶୋଭାଯାତ୍ରା।

**cortex** (ବ.ବ cortices) ବି. ମୂତ୍ରାଶ୍ରୟ ବା ଶରୀରର ଅନ୍ୟ କୌଣସି ଅଙ୍ଗର ବାହ୍ୟାବରଣ, ମସ୍ତିଷ୍କର ବାହ୍ୟ ଧୂସର ବସ୍ତୁ; ବିଂ. cortical, corticated.

**cortisone** ବି. ପ୍ରଦାହ ଏବଂ ସୂକ୍ଷ୍ମଗ୍ରାହିତା (ଏଲର୍ଜି) ରୋଗର ପ୍ରତିକାର ଲାଗି ଔଷଧ ସ୍ୱରୂପ ବ୍ୟବହୃତ ହର୍ମୋନ ବା ଗ୍ରନ୍ଥୀରସ।

**corundum** ବି. ଘର୍ଷକରୂପେ ବ୍ୟବହୃତ ଏକ ପ୍ରକାର ଅତି କଠିନ ସ୍ଫଟିକୀକୃତ ଆଲୁମିନା।

**coruscate** ଅ.କ୍ରି. ଝଲସିବା, ଝଟକିବା, ଚକ୍‌ଚକ୍ କରିବା; ବି. coruscation.

**corvette** ବି. ରକ୍ଷୀରୂପେ ଅନୁଗମନକାରୀ କ୍ଷୁଦ୍ରନୌକା ବା ଜାହାଜ; (ଇତି.) ଏକ ପଂକ୍ତି ବନ୍ଧୁକ ସହିତ ଲାଇ ପଟାତନବିଶିଷ୍ଟ ଯୁଦ୍ଧ ଜାହାଜ।

**corymb** ବି. ଲମ୍ବାକାଣ୍ଡ ଉପରେ ବାହାରିଥିବା ଚେପ୍‌ଟା ଅଗ୍ରଭାଗ ବିଶିଷ୍ଟ ପୁଷ୍ପଗୁଚ୍ଛ।

**cos** ସଂଶ. cosine.

**cosine** ବି. (ସମକୋଣୀ ତ୍ରିଭୁଜରେ) କର୍ଣ୍ଣ ପ୍ରତି ସୂକ୍ଷ୍ମକୋଣ ସନ୍ନିହିତ ବାହୁର ଅନୁପାତ।

**cosmetic** 1. ବିଂ. ଚର୍ମ, କେଶ ଆଦିର ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ପରିକଳ୍ପିତ ପ୍ରସାଧନ; *(ଲାକ୍ଷ.)* ବାହ୍ୟରୂପର ଉନ୍ନତିକର ବା କଲ୍ୟାଣକର; ସାଧାରଣ ଚେହେରାର ଅନୁକରଣକାରୀ ବା ପରିବର୍ଦ୍ଧନକାରୀ; 2. ବି. (ବିଶେଷତଃ ମୁଖ ନିମନ୍ତେ) ଲାବଣ୍ୟବର୍ଦ୍ଧକ ବା କାନ୍ତିବର୍ଦ୍ଧକ ଉପକରଣ; ଅଙ୍ଗରାଗ; 3. କ୍ରି.ବିଂ. cosmetically.

**cosmic** ବିଂ. ବିଶ୍ୱସମ୍ବନ୍ଧୀୟ, ବିଶ୍ୱବ୍ୟବସ୍ଥା ସମ୍ବନ୍ଧୀୟ।

**cosmogony** ବି. ବିଶ୍ୱୋତ୍ପତ୍ତି ସୃଷ୍ଟିତତ୍ତ୍ୱ, ଜଗତର ସୃଷ୍ଟିପ୍ରକ୍ରିୟା।

**cosmology** ବି. ସୃଷ୍ଟିତତ୍ତ୍ୱ ବା ସୃଷ୍ଟିବିଜ୍ଞାନ, ବିଶ୍ୱ ବିଜ୍ଞାନ; cosmological ବିଂ. ଉକ୍ତ ବିଜ୍ଞାନ ସମ୍ବନ୍ଧୀୟ; cosmologist ବି. ଉକ୍ତ ବିଜ୍ଞାନବିତ୍।

**cosmonaut** ବି. ରୁଷଦେଶୀୟ ଆକାଶଚାରୀ।

**cosmopolitan** 1. ବିଂ. ପୃଥିବୀର ବହୁଦେଶ ସହ ସମ୍ପୃକ୍ତ; ସାର୍ବଜନୀନ, ସାର୍ବଭୌମିକ; ଜାତୀୟ ପକ୍ଷପାତ ରହିତ; 2. ବି. ବିଶ୍ୱନାଗରିକ, ସବୁଦେଶକୁ ନିଜର ଦେଶରୂପେ ମନେ କରୁଥିବା ବ୍ୟକ୍ତି; 3. ବି. cosmopolitanism.

**cosmos** 1. ବି. ସୁବ୍ୟବସ୍ଥିତ ବିଶ୍ୱବ୍ରହ୍ମାଣ୍ଡ; 2. ବି. ଗୋଲାପୀ, ଧଳା ବା ନୀଳଲୋହିତ ରଙ୍ଗର ଫୁଲବିଶିଷ୍ଟ ଉଦ୍ଭିଦ।

**Cossack** ବି. ଅଶ୍ୱାରୋହୀରୂପେ ପ୍ରସିଦ୍ଧ ଦକ୍ଷିଣ ରୁଷିଆ ନିବାସୀ ଏକ ଗୋଷ୍ଠୀ।

**cosset** ସ.କ୍ରି. ପ୍ରଶ୍ରୟ ଦେବା, ଗେଲବସର କରିବା।

**cost** 1. ସ.କ୍ରି. (ମୁଦ୍ରା ପରିମାଣ) ମୂଲ୍ୟରେ ମିଳିବା; ମୂଲ୍ୟ ପଡ଼ିବା; କ୍ଷତି ବା ହାନି ଘଟାଇବା, ମୂଲ୍ୟ ନିର୍ଦ୍ଧାରଣ ବା ଅଟକଳ କରିବା; 2. ବି. ବ୍ୟୟ, ମୂଲ୍ୟ; କ୍ଷତି ବା ତ୍ୟାଗ; ବ.ବ ରେ ବି. ଆଇନଗତ ବା ବିଧିମୂଳକ ବ୍ୟୟ; **at all costs** ଯାହାପଡୁ ବା ଘଟୁ ପଛକେ; cost-effective ମୂଲ୍ୟ ଅନୁସାରେ ଉପଯୋଗୀ; cost of living ମୌଳିକ ଉପଜୀବ୍ୟ ବସ୍ତୁର ମୂଲ୍ୟସୂଚୀ; cost price କିଣାମୂଲ୍ୟ; prime cost ଉତ୍ପାଦନ ଖର୍ଚ୍ଚ।

**costal** ବିଂ. ପଞ୍ଜରାହାଡ଼ ସମ୍ବନ୍ଧୀୟ।

**coster, costermonger** ବି. ଫଳ, ପନିପରିବା ଇତ୍ୟାଦିର ଭ୍ରାମ୍ୟମାଣ ବିକ୍ରେତା ବା ବୁଲା ବିକାଳି।

**costive** ବିଂ. କୋଷ୍ଠବଦ୍ଧ, ଝାଡ଼ା ସଫା ନ ହେଉଥିବା।

Digitized by srujanika@gmail.com

**costly** ବିଂ. ବହୁମୂଲ୍ୟ, ମହାର୍ଘ; ବି. costliness.

**costume** 1. ବି. ନିର୍ଦ୍ଦିଷ୍ଟ ସ୍ଥାନ ବା ସମୟ ଉପଯୋଗୀ ଆନୁଷଙ୍ଗିକ ପରିଚ୍ଛଦ ବା ପୋଷାକ; ବିଶେଷ କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ ପୋଷାକ ପରିଚ୍ଛଦ; ଅଭିନେତାଙ୍କର ଅଭିନୟ ପାଇଁ ନିର୍ଦ୍ଦିଷ୍ଟ ପୋଷାକ; 2. *ସ.କ୍ରି.* ପୋଷାକ ଯୋଗାଇବା।

**costumier** ବି. ପୋଷାକ ପରିଚ୍ଛଦର ନିର୍ମାତା ବା ବ୍ୟବସାୟୀ।

**cosy** 1. ବିଂ. ଆରାମଦାୟକ ଓ ଉଷ୍ମ; ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ, ସୁଖକର; 2. ବି. ଚା' କିମ୍ବା ସିଝା ଅଣ୍ଡାର ଉଷ୍ମତା ରକ୍ଷାକାରୀ ଆବରଣ; କ୍ରି.ବିଂ. cosily ବି. cosiness.

**cot**[1] ବି. ଖଟ, ଶିଶୁର ଦାନ୍ଦୋଳା ବା ଝୁଲାଶଯ୍ୟା; ଛୋଟ, ହାଲୁକା ଶେଯ; cot-death ସୁପ୍ତ ଶିଶୁର ଅଜ୍ଞାତ କାରଣରୁ ମୃତ୍ୟୁ।

**cot**[2] ବି. କ୍ଷୁଦ୍ର ଆଶ୍ରୟସ୍ଥଳ, (କାବ୍ୟ) କୁଟୀର।

**cote** ବି. ପଶୁ ବା ପକ୍ଷୀମାନଙ୍କର ଆଶ୍ରୟସ୍ଥଳୀ।

**coterie** ବି. ସାମାଜିକ, ସାହିତ୍ୟିକ ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଗଠିତ ସଂଘ ବା ଗୋଷ୍ଠୀ।

**cottage** ବି. କୁଟୀର, ପଲ୍ଲୀଗୃହ, କ୍ଷୁଦ୍ର ଓ ନିରାଡ଼ମ୍ବର ଗୃହ।

**cottage industry** ବି. କୁଟୀରଶିଳ୍ପ।

**cottager** ବି. କୁଟୀରବାସୀ।

**cottar, cotter**[1] କୁଟୀର ବ୍ୟବହାର କରୁଥିବା କୃଷିକ୍ଷେତ୍ର ଶ୍ରମିକ।

**cotter**[2] ବି. ଯନ୍ତ୍ରର ବିଭିନ୍ନ ଭାଗକୁ କଷି ରଖିବା ପାଇଁ ବ୍ୟବହୃତ ବୋଲ୍ଟ ବା ପେଚ; cotter pin ଏଥି ନିମନ୍ତେ ବ୍ୟବହୃତ କଣ୍ଟା।

**cotton** ବି. କାର୍ପାସ, ତୁଳାରୁ ପ୍ରସ୍ତୁତ ସୂତା ବା ଲୁଗା।

**cotyledon** ବି. ବୀଜପତ୍ର, ଉଦ୍ଭିଦର ସର୍ବପ୍ରଥମ ଅଙ୍କୁରିତ ପତ୍ର।

**couch** 1. ବି. ଆଉଜି ବସିବା ନିମନ୍ତେ ବ୍ୟବହୃତ ଶଯ୍ୟାତୁଲ୍ୟ ଆସନ, ସୋଫା, ଶଯ୍ୟା ବା ବିଶ୍ରାମ ସ୍ଥାନ; ଏକ ପ୍ରକାର ଘାସ, ଏହାର ଚେରଗୁଡ଼ିକ ଲମ୍ବ ଓ ଲଟାଇ ହୋଇଥାଏ; 2. କ୍ରି. ବିଶେଷ ପ୍ରକାର ଶବ୍ଦ ମାଧ୍ୟମରେ ଅଭିବ୍ୟକ୍ତ କରିବା; ଶଯ୍ୟାରେ ଶୋଇବା ବା ଶୁଆଇଦେବା; ଆକ୍ରମଣ ନିମନ୍ତେ ବର୍ଚ୍ଛା ଡକୁଆ କରିବା।

**couchette** ବି. ଶଯ୍ୟାରୂପେ ପରିବର୍ତ୍ତନ ଯୋଗ୍ୟ ଆସନବିଶିଷ୍ଟ ରେଳଗାଡ଼ିର ଡବା, ଉକ୍ତ ଡବାସ୍ଥ ଶଯ୍ୟା।

**cough** 1. ବି. କାଶ, କାଶରୋଗ, କାଶିବା କାର୍ଯ୍ୟ ବା ଶବ୍ଦ; 2. *ଅ.କ୍ରି.* କାଶିବା, କାଶିବା ଭଳି ଶବ୍ଦ କରିବା; *ସା.ପ୍ର.* ସ୍ୱୀକାର କରିବା; cough mixture କଫ ନିଃସରଣ ଓ କାଶ ପ୍ରଶମନକାରୀ ଔଷଧ; cough up କାଶିକରି କଫ ବାହାର କରିବା, କାଶୁ କାଶୁ କହିବା।

**could** (ସହାୟକ କ୍ରିୟା) 'can' *ଅ.କା.* ପାରିଲି, ପାରିଲୁ ବା ପାରିଲେ ଇତ୍ୟାଦି କିମ୍ବା ସମର୍ଥ ହେଲା, ହେଲୁ ବା ହେଲେ ପ୍ରଭୃତି ଅର୍ଥରେ ବ୍ୟବହୃତ।

**couldn't** *କ.ଭା.* =could not; 'could'ର ନିଷେଧାର୍ଥକ ବା ନାସ୍ତିବାଚକ ଅଭିବ୍ୟକ୍ତି।

**coulomb** ବି. ବିଦ୍ୟୁତ୍‌ପ୍ରବାହର ଏକକ।

**coulter** ବି. ଲଙ୍ଗଳର ଫାଳ ବା ଲୁହା, କଷନା।

**council** ବି. ପରାମର୍ଶଦାତା ବା ଉପଦେଷ୍ଟା ପରିଷଦ; ବିଚାରକ୍ଷମ ବା ପ୍ରଶାସନକ୍ଷମ ସମିତି; ଏହାର ସଭା ବା ବୈଠକ; ରାଷ୍ଟ୍ର ସହର ବା ନଗର ପ୍ରଭୃତିର ସ୍ଥାନୀୟ ପ୍ରଶାସକ ବା ପରିଚାଳକ ସଂଘ।

**councillor** ବି. (ବିଶେଷତଃ ସ୍ଥାନୀୟ) ପରିଷଦର ସଦସ୍ୟ ବା ସଭ୍ୟ।

**counsel** 1. ବି. ପରାମର୍ଶ, ଉପଦେଶ, ମନ୍ତ୍ରଣା, ଆଲୋଚନା; ବାରିଷ୍ଟର ଆଦି ଆଇନ୍ ପରାମର୍ଶଦାତା, ଆଇନ୍ ପରାମର୍ଶଦାତା ଦଳ; 2. *ସ.କ୍ରି.* (ବ୍ୟକ୍ତିକୁ) ପରାମର୍ଶ ଦେବା, (ପ୍ରଗତି ବା କାର୍ଯ୍ୟ) ସୁପାରିଶ କରିବା।

**counsellor** ବି. ପରାମର୍ଶଦାତା, ଉପଦେଷ୍ଟା, ବାରିଷ୍ଟର, ଓକିଲ।

**count**[1] 1. *ସ.କ୍ରି.* ବସ୍ତୁ ବା ଜିନିଷର ସଂଖ୍ୟା ସ୍ଥିର କରିବା, ଗଣନା କରିବା, କ୍ରମାନୁସାରେ ସଂଖ୍ୟା ଉଚ୍ଚାରଣ କରିବା; ହିସାବ ଗଣନା ବା ବିଚାରର ଅନ୍ତର୍ଭୁକ୍ତ କରିବା, ନିର୍ଦ୍ଦିଷ୍ଟ ମୂଲ୍ୟ ବା ପ୍ରତିଷ୍ଠା ପାଇବା, ଆଦର ବା ସମ୍ମାନ କରିବା, ବିଚାର କରିବା, ମାନିବା; *ଅ.କ୍ରି.* ଗଣ୍ୟହେବା, ପରିଗଣିତ ହେବା, ମୂଲ୍ୟ ଥିବା; 2. ବି. ଗଣନା, ହିସାବ, ପୂର୍ଣ୍ଣ ପରିମାଣ, ଆଇନ୍‌ଗତ ଅଭିଯୋଗ

Digitized by srujanika@gmail.com

ପତ୍ରର ଅନ୍ତର୍ଭୁକ୍ତ ପ୍ରତ୍ୟେକ ଅଭିଯୋଗ; count on (କାହା ଉପରେ) ନିର୍ଭର କରିବା, ଆଶା କରିବା ।

**count**[2] ବି. ଇଂଲଣ୍ଡର ଅର୍ଲ୍ ପଦଧାରୀ ସମ୍ଭ୍ରାନ୍ତ ବ୍ୟକ୍ତି ସହିତ ସମାନ ୟୁରୋପୀୟ ଭଦ୍ରବ୍ୟକ୍ତିଙ୍କର ପଦବୀ ।

**countdown** ବି. ବିଶେଷତଃ ରକେଟ୍ ଇତ୍ୟାଦିର ଉତ୍କ୍ଷେପଣ ପୂର୍ବରୁ ଉପରୁ ତଳକୁ '୦' (ଶୂନ୍ୟ) ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକର ପଶ୍ଚାଦ୍‌ଗଣନା ।

**countenance** 1. ବି. ମୁଖର ଅଭିବ୍ୟକ୍ତି, ମୁଖ, ମୁଖମଣ୍ଡଳ, ମୁଖର ଭାବ, ଚେହେରା; ନୈତିକ ସମର୍ଥନ ବା ଅନୁମୋଦନ; 2. *ସ.କ୍ରି.* କାର୍ଯ୍ୟକୁ ଅନୁମୋଦନ କରିବା; ବ୍ୟକ୍ତିକୁ ଉତ୍ସାହ ଦେବା ବା ପ୍ରଥାକୁ ଉପେକ୍ଷା କରିବା ।

**counter**[1] ବି. ଗ୍ରାହକମାନଙ୍କ ସହିତ ବ୍ୟବସାୟ କାରବାର ପରିଚାଳନା ନିମନ୍ତେ ଦୋକାନ ପ୍ରଭୃତିରୁ ବାହାରିଥିବା ମେଜ; ଟେବୁଲ୍ ଖେଳରେ ଅଙ୍କଗଣନା ପାଇଁ ବ୍ୟବହୃତ କ୍ଷୁଦ୍ର ଚକତି; ମୁଦ୍ରାର ନିଦର୍ଶନ ବା ପ୍ରତୀକ, ଗଣନାର ସାଧନ ବା ଉପାୟ ।

**counter**[2] 1. *ସ.କ୍ରି.* ପ୍ରତିରୋଧ କରିବା, ପ୍ରତିବାଦ କରିବା, ବିରକ୍ତିକର ପଦକ୍ଷେପ ଦ୍ୱାରା ବ୍ୟକ୍ତିର ଚେଷ୍ଟାକୁ ବିଫଳ କରିବା, ହତାଶ କରିବା; ମୁଷ୍ଟିଯୁଦ୍ଧରେ ପ୍ରତ୍ୟାଘାତ କରିବା; 2. *ଅ.କ୍ରି.* ପ୍ରତିରୋଧ ପାଇଁ ସମ୍ମୁଖୀନ ହେବା; 3. *କ୍ରିଂ.ବିଂ.* ବିପରୀତ ଦିଗରେ, ବିପରୀତ ରୀତିରେ; 4. ବି. ପ୍ରତିକ୍ରିୟା ବା ପ୍ରତ୍ୟାଘାତ, ବିପରୀତ ଉଦ୍ୟମ ବା ପଦକ୍ଷେପ; ଜୋତା ବା ବୁଟ୍‌ର ଗୋଇଠି ଚତୁର୍ପାର୍ଶ୍ୱବର୍ତ୍ତୀ କଠିନ ଅଂଶ; ଜାହାଜର ପଶ୍ଚାଦ୍‌ଭାଗର ବକ୍ରାଂଶ ।

**counter–** *ପୂ.ପ୍ର.* ଏହା ପ୍ରତିକ୍ରିୟା, ପ୍ରତିଶୋଧ, ପ୍ରତିକୂଳତା, ବୈପରୀତ୍ୟ, ପ୍ରତିଦ୍ୱନ୍ଦ୍ୱିତା, ବିନିମୟ, ଆନୁକୂଲ୍ୟ ଆଦିର ସୂଚନା ନିମନ୍ତେ ବିଶେଷ୍ୟ, ବିଶେଷଣ, କ୍ରିୟା ଓ କ୍ରିୟାବିଶେଷଣର ପୂର୍ବରେ ସଂଯୁକ୍ତ ହୋଇ ନୂତନ ଶବ୍ଦ ଗଠନ ନିମନ୍ତେ ବ୍ୟବହୃତ ହୁଏ, *ଯଥା-* counteraction, counter-attack, counterpart.

**counteract** *ସ.କ୍ରି.* ବିପରୀତ କାର୍ଯ୍ୟ ବା ପ୍ରତିକ୍ରିୟା ଦ୍ୱାରା ବ୍ୟର୍ଥ ବା ନିଷ୍ଫଳ କରିବା, ବିପରୀତ କାର୍ଯ୍ୟଦ୍ୱାରା ପ୍ରତିରୋଧକରିବା ।

**counteraction** ବି. ପ୍ରତିକ୍ରିୟା, ବିପରୀତ କାର୍ଯ୍ୟ ।

**counteractive** ବିଂ. ପ୍ରତିକ୍ରିୟାଶୀଳ, ପ୍ରତିରୋଧକ ।

**counter–attack** 1. ବି. ପ୍ରତ୍ୟାକ୍ରମଣ; 2. *ସ.କ୍ରି.* ପାଲଟା ଆକ୍ରମଣ କରିବା ।

**counterbalance** 1. ବି. ଭାରସାମ୍ୟ, ସମଭାର, ପାସଙ୍ଗ, ଶକ୍ତିସାମଞ୍ଜସ୍ୟ; 2. *ସ.କ୍ରି.* ତରାଜୁର ବିପରୀତ ଭାଗରେ ସମାନ ଓଜନର ଜିନିଷ ପକାଇ ସମତୁଲ କରିବା; ବିପରୀତ ଶକ୍ତି ବା ପ୍ରଭାବଦ୍ୱାରା କୌଣସି ଶକ୍ତି ବା ପ୍ରଭାବକୁ ବ୍ୟର୍ଥ କରିବା ।

**counterclaim** ବି. ଓଲଟ ଦାବି, ଦାବିର ବିପରୀତ ଦାବି ।

**counter–clockwise** 1. ବିଂ. ଘଣ୍ଟାର ବିପରୀତ ଗତି ଅନୁସାରୀ, ବାମାବର୍ତ୍ତୀ; 2. *କ୍ରି.ବିଂ.* ଘଣ୍ଟାର ବିପରୀତ ଗତି ଅନୁସାରେ, ବାମାବର୍ତ୍ତ ଭାବରେ ।

**counter–espionage** ବି. ଶତ୍ରୁର ଗୁପ୍ତ ଅନୁସନ୍ଧାନକୁ ବ୍ୟର୍ଥ କରିବାକୁ ଗୃହୀତ ଗୁପ୍ତଚରୀୟ କର୍ମପନ୍ଥା ।

**counterfeit** 1. ବିଂ. ନକଲି, ଜାଲ, ପ୍ରତାରଣା ନିମନ୍ତେ ନକଲି ବା ନିକୃଷ୍ଟ ବସ୍ତୁରେ ନିର୍ମିତ; ଅଶୁଦ୍ଧ; 2. ବି. ନକଲି ଜିନିଷ; 3. *ସ.କ୍ରି.* ପ୍ରତାରଣା ନିମନ୍ତେ ନିକୃଷ୍ଟ ବସ୍ତୁ ନିର୍ମାଣ କରିବା, ଜାଲ୍ କରିବା ।

**counterfoil** ବି. ମୁଣ୍ଡାଚେକ୍, ମୁଣ୍ଡା ରସିଦ୍; ପ୍ରତିପତ୍ର ।

**counter–intelligence** ବି. ଶତ୍ରୁର ଗୁପ୍ତଚର କାର୍ଯ୍ୟର ପ୍ରତିରୋଧ କରିବା ନିମନ୍ତେ ଗୃହୀତ କାର୍ଯ୍ୟପନ୍ଥା ।

**countermand** 1. *ସ.କ୍ରି.* ପୂର୍ବ ଆଦେଶର ଖଣ୍ଡନ ବା ପ୍ରତ୍ୟାହାର ନିମନ୍ତେ ନୂତନ ଆଦେଶ ଦେବା; ନୂତନ ଆଦେଶ ଦ୍ୱାରା ପୂର୍ବ ଆଦେଶକୁ ପ୍ରତ୍ୟାହାର କରିନେବା; 2. ବି. ପୂର୍ବାଦେଶ ରଦ୍ଦକାରୀ ନୂତନ ଆଦେଶ ।

**countermarch** 1. ବି. ବିପରୀତ ଦିଗରେ ଯାତ୍ରା ବା ଅଭିଯାନ; ପ୍ରତ୍ୟଭିଯାନ, ପ୍ରତିଯାତ୍ରା, ପ୍ରତ୍ୟାବର୍ତ୍ତନ; 2. କ୍ରି. ପ୍ରତ୍ୟାବର୍ତ୍ତନ ବା ପ୍ରତିଯାତ୍ରା କରିବା ।

Digitized by srujanika@gmail.com

**countermeasure** ବି. ବିପଦ ବା ଧମକକୁ ବିଫଳ କରିବା ନିମନ୍ତେ ଗୃହୀତ କାର୍ଯ୍ୟପନ୍ଥା ।

**counterpane** ବି. ଶଯ୍ୟା ଆସ୍ତରଣ, ଶଯ୍ୟାର ଆବରଣ ।

**counterpart** ବି. ସମରୂପ ବ୍ୟକ୍ତି ବା ବସ୍ତୁ, ସ୍ୱାଭାବିକ ଭାବରେ ପରସ୍ପର ପୂରକ ବ୍ୟକ୍ତି ବା ବସ୍ତୁ; ପ୍ରତିରୂପ, ନକଲ ।

**counterpoint** ବି. ସଂଗୀତରେ ଯୁଗପତ୍ ଏକାଧିକ ସ୍ୱର କିମ୍ବା ଅଂଶର ସୁସମନ୍ୱୟ, ଏକ ସ୍ୱର ବା ଅଂଶ ସହିତ ଅନ୍ୟସ୍ୱର ବା ଅଂଶର ମିଳନ ।

**counterpoise** 1. ବି. ସମଭାର; ସମଶକ୍ତି, ପାସଙ୍ଗ; ସମାନ ଓଜନ ଥିବା ଦୁଇ ପଦାର୍ଥ ବା ଶକ୍ତି; ଦୁଇଟି ସମାନ ଓଜନ ବା ସମାନ ଶକ୍ତିଦ୍ୱାରା ପରସ୍ପର ସନ୍ତୁଳନ ବା ଓଜନ; 2. *ସ.କ୍ରି.* ସମାନ ଭାର ବା ସମଭାର କରିବା; କ୍ଷତିପୂରଣ କରିବା; ସମାନ ଶକ୍ତିସହ ପ୍ରତିଦ୍ୱନ୍ଦ୍ୱିତା ବା ପ୍ରତିଯୋଗିତା କରିବା ।

**counter-productive** ବିଂ. ବାଞ୍ଛିତ ଫଳର ବିପରୀତ ଫଳବିଶିଷ୍ଟ ।

**counter-revolution** ବି. ପୂର୍ବ ବିପ୍ଳବର ଫଳାଫଳକୁ ପ୍ରତିହତ ବା ବିପରୀତମୁଖୀ କରୁଥିବା ବିପ୍ଳବ, ପ୍ରତିବିପ୍ଳବ ।

**countersign** 1. *ସ.କ୍ରି.* (ଅନ୍ୟ ବ୍ୟକ୍ତିଦ୍ୱାରା ସ୍ୱାକ୍ଷରିତ ଦଲିଲ୍‌ର ସମର୍ଥନ ବା ପ୍ରମାଣୀକରଣ ନିମନ୍ତେ) ଅତିରିକ୍ତ ସ୍ୱାକ୍ଷର ବା ଦସ୍ତଖତ କରିବା; ପ୍ରତିସ୍ୱାକ୍ଷର କରିବା; 2. ବି. ପ୍ରହରୀର ଆହ୍ୱାନ ପ୍ରତି ଉତ୍ତରସୂଚକ ଶବ୍ଦ ବା ବାକ୍ୟ, ପରିଚୟ, ଚିହ୍ନ; 3. countersignature ବି. ପ୍ରତିସ୍ୱାକ୍ଷର ।

**counter-tenor** ବି. ଉଚ୍ଚକଣ୍ଠରେ ଶୁଦ୍ଧ ସ୍ୱର ଗାନକାରୀ ପୁରୁଷ, ଉକ୍ତ ବ୍ୟକ୍ତିଙ୍କ ଗାନ ।

**countervail** *ସ.କ୍ରି.* (କୌଣସି ବ୍ୟକ୍ତିର ବିରୁଦ୍ଧରେ) ସମାନ ଶକ୍ତି ପ୍ରୟୋଗ କରିବା, ସମାନ ଶକ୍ତି ସହ ପ୍ରତିରୋଧ ବା ବିପରୀତ କାର୍ଯ୍ୟ କରିବା ।

**counterweight** ବି. ସମାନ ଓଜନ ବିଶିଷ୍ଟ ବସ୍ତୁ, ସମଭାର ।

**countess** ବି. କାଉଣ୍ଟଙ୍କ ପତ୍ନୀ ବା ବିଧବା, ଅର୍ଲଙ୍କ ପତ୍ନୀ ବା ବିଧବା; କାଉଣ୍ଟ ବା ଅର୍ଲପଦଧାରିଣୀ ମହିଳା ।

**countrified** ବିଂ. ଚେହେରା ଓ ଆଚରଣରେ ଗ୍ରାମୀଣ ବା ଗାଉଁଲି ।

**country** ବି. ଦେଶ, ରାଷ୍ଟ୍ର, କୌଣସି ଜାତିର ଜନ୍ମଭୂମି; ଅଞ୍ଚଳ, ଗ୍ରାମ, ମଫସଲ, ଜନପଦ; go to the country ପାର୍ଲାମେଣ୍ଟ ବା ସଂସଦକୁ ଭାଙ୍ଗିଦେଇ ସାନି ନିର୍ବାଚନ କରାଇବା ।

**countryman** ବି. ଦେଶବାସୀ, ପଲ୍ଲୀବାସୀ, ଗ୍ରାମୀଣ ବ୍ୟକ୍ତି, ମଫସଲୀ ଲୋକ; countrywoman ବି. ଦେଶବାସିନୀ, ଗ୍ରାମ ବା ପଲ୍ଲୀବାସିନୀ ।

**countryside** ବି. ପଲ୍ଲୀ ଅଞ୍ଚଳ, ପଲ୍ଲୀସନ୍ନିହିତ ଭୂଭାଗ, ଗ୍ରାମାଞ୍ଚଳ ।

**country-wide** ବିଂ. ରାଷ୍ଟ୍ର ବା ଦେଶବ୍ୟାପୀ ।

**county** ବି. (ଗ୍ରେଟ୍ ବ୍ରିଟେନ ଓ ଆୟର୍ଲେଣ୍ଡର) ପ୍ରଦେଶ ବା ରାଜନୈତିକ ବିଭାଗ ।

**coup** ବି. ସଫଳ ଆଘାତ ବା ଉଦ୍ୟମ; *coup d' etat*ର ସଂଶ. ।

***coup de grace*** ବି. ଅନ୍ତିମ ଆଘାତ । *(ଫ.)*

***coup d' etat*** ବି. ସହସା ବଳପ୍ରୟୋଗ ଦ୍ୱାରା ସରକାରର ଆକସ୍ମିକ ପରିବର୍ତ୍ତନ ।

**coupe**[1] ବି. ଢାଲୁ ଆସନ ବା ଶଯ୍ୟା ଥାଇ ଦୁଇଦ୍ୱାର ବିଶିଷ୍ଟ ଆବଦ୍ଧ ଯାନ ।

**couple** 1. ବି. ଦମ୍ପତି, ପୁରୁଷ ଓ ସ୍ତ୍ରୀ; ଯୋଡ଼ା, ଯୁଗ୍ମ; ନର୍ତ୍ତକ ବା ନର୍ତ୍ତକୀ ଯୁଗଳ; 2. *ସ.କ୍ରି.* ସଂଯୋଗ କରିବା; ସହବାସ କରିବା ।

**couplet** ବି. ଛନ୍ଦୋବଦ୍ଧ କବିତାରେ ମିତ୍ରାକ୍ଷର ପଂକ୍ତିଯୁଗଳ, ଦୁଇପାଦବିଶିଷ୍ଟ ମିତ୍ରାକ୍ଷର ପଦ ।

**coupling** ବି. ଦୁଇଟି ରେଳଡବା ବା ଯନ୍ତ୍ରପାତିର ସଂଯୋଗକାରୀ ଶିକୁଳି ।

**coupon** ବି. କୁପନ୍, ନିର୍ଦ୍ଦିଷ୍ଟ ଜିନିଷର ସୁବିଧାପ୍ରାପ୍ତି ସୂଚକ ନିଦର୍ଶନ ପତ୍ର, ପ୍ରତିଯୋଗିତାଦି ନିମନ୍ତେ ବିଜ୍ଞାପନ ପ୍ରଭୃତିରୁ କର୍ତ୍ତନଯୋଗ୍ୟ ମୁଦ୍ରିତ ଦରଖାସ୍ତ ଫର୍ମ୍ ବା ଆବେଦନ ପତ୍ର; ଚିରକୁଟ୍ ବା ଟିକେଟ୍ ।

**courage** ବି. ସାହସ, ଶୌର୍ଯ୍ୟ, ନିର୍ଭୀକତା, ସାହସୀ ଚିତ୍ତବୃତ୍ତି ବା ମନୋଭାବ; have the courage of one's convictions ନିଜର ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରିବାର ସାହସ ରଖିବା ।

**courageous** ବିଂ. ସାହସୀ, ନିର୍ଭୀକ ।

**courier** ବି. ସ୍ୱତନ୍ତ୍ର ବାର୍ତ୍ତାବହ; ଭ୍ରମଣକାରୀ ଦଳଙ୍କ ପରିଚାଳନା ତଥା ସହାୟତା ନିମନ୍ତେ ନିଯୁକ୍ତ ବ୍ୟକ୍ତି ।

**course** 1. ବି. ଦେଶକାଳର ଅଗ୍ରଗତି, ପ୍ରଗତି; ନଦୀନାଳ ପ୍ରଭୃତିର ଗତିପଥ; ଘଟଣାବଳୀର

Digitized by srujanika@gmail.com

କ୍ରମବିକାଶ; ଦିଗ; ଶୃଙ୍ଖଳା, ପର୍ଯ୍ୟାୟ, କ୍ରମ; ଆଚରଣ ବା କାର୍ଯ୍ୟର ଧାରା ବା ପ୍ରଣାଳୀ; ବ୍ୟବସ୍ଥା, ପାଠ୍ୟକ୍ରମ; ଭୋଜନର ପ୍ରତ୍ୟେକ କ୍ରମବଦ୍ଧ ବା ନିୟମିତ ଭାଗ; ଭେଷଜ ଚିକିତ୍ସାର ଅନୁକ୍ରମ; ଗୃହନିର୍ମାଣରେ ଇଟା ବା ପଥରର ସ୍ତର ବା ଲଦା; 2. *ସ.କ୍ରି.* ଠେକୁଆ ଶିକାର ପାଇଁ ଶିକାରୀ କୁକୁର ଲଗାଇବା; *ଅ.କ୍ରି.* ଅପ୍ରତିହତ ଭାବରେ ଗତି କରିବା ବା ବହିଯିବା; in course of କ୍ରମ ବା ପର୍ଯ୍ୟାୟରେ; in due course ଯଥାସମୟରେ; of course ଅବଶ୍ୟ, ନିଶ୍ଚୟ।

**courser** ବି. ଏସିଆ ଓ ଆଫ୍ରିକାର ଏକ ଜାତୀୟ ଦ୍ରୁତଗାମୀ ପକ୍ଷୀ; (କାବ୍ୟ) ଦ୍ରୁତଗାମୀ ଅଶ୍ୱ।

**court** 1. ବି. ଅଗଣା, ଗୃହପରିବେଷ୍ଟିତ ପ୍ରାଙ୍ଗଣ; କ୍ରୀଡ଼ା ଉଦ୍ଦେଶ୍ୟରେ ଆବଦ୍ଧ ଓ ଚିହ୍ନିତ ସ୍ଥାନ; ରାଜଦରବାର, ରାଜପରିବାର ଓ ପାରିଷଦ ବର୍ଗ; ବିଚାରାଳୟ, ଅଦାଲତର ଅଧିବେଶନ, ଅଦାଲତର ବିଚାରପତିବୃନ୍ଦ; 2. *ସ.କ୍ରି.* ଖୋସାମତ ବା ବିଶେଷ ମନୋଯୋଗ ସହକାରେ ବ୍ୟବହାର କରିବା; ପ୍ରେମ ବା ଅନୁଗ୍ରହ ଖୋଜିବା; (ଜନପ୍ରିୟତା, ଶାନ୍ତି ପ୍ରଭୃତି) କରିବାକୁ ଚେଷ୍ଟା କରିବା; 3. court of law ବିଚାରାଳୟ; court martial ସେନାବାହିନୀର ଆଇନ ଅନୁସାରେ ଅଭିଯୁକ୍ତ ସୈନିକର ବିଚାର; out of court କଚେରୀକୁ ନ ଯାଇ ଆପୋଷ ମିଳାମିଶା; ବିଚାର ଅଯୋଗ୍ୟ; pay court to ଅନୁଗ୍ରହ ଲାଭାର୍ଥେ ଖୁସାମତ କରିବା; put out of court ବିଚାର କରିବାକୁ ଅସ୍ୱୀକାର କରିବା।

**courteous** ବିଂ. ଭଦ୍ର, ଶିଷ୍ଟ, ବିଚାରବନ୍ତ, ବିବେକୀ।

**courtesan** ବି. ଧନୀକ ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କର ଉପଭୋଗ୍ୟା, ବେଶ୍ୟା।

**courtesy** ବି. ସୌଜନ୍ୟ, ଭଦ୍ରତା, ଶିଷ୍ଟତା।

**courtier** ବି. ରାଜା ବା ସମ୍ରାଟଙ୍କର ସଭାସଦ୍, ରାଜପାରିଷଦ।

**courtly** ବିଂ. ବ୍ୟବହାରରେ ଶିଷ୍ଟ ଓ ନିର୍ମଳ, ଭଦ୍ର, ବିନୀତ।

**courtship** ବି. ବିବାହ ପୂର୍ବରୁ ମନୋମତ ପତି ବା ପତ୍ନୀର ପ୍ରେମପ୍ରାର୍ଥନା, ପୂର୍ବରାଗ, ପୂର୍ବାନୁରାଗକାଳ।

**courtyard** ବି. କାନ୍ଥ ବା କୋଠାମାନଙ୍କ ଦ୍ୱାରା ସୀମାବଦ୍ଧ ସ୍ଥାନ, ପ୍ରାଙ୍ଗଣ, ଅଗଣା।

**cousin** ବି. କକେଇ, ଦଦେଇ, ପିଉସା, ମଉସା ବା ମାମୁଁଙ୍କ ପୁଅ (ଭାଇ) ବା ଝିଅ (ଭଉଣୀ), ସହୋଦର, ସହୋଦରା ଭିନ୍ନ ଭାଇଭଉଣୀ।

**cousinly** ବିଂ. ଭାଇଭଉଣୀ ସଦୃଶ ବା ସମ୍ପର୍କ ବିଶିଷ୍ଟ।

**couture** ବି. ଉତ୍କୃଷ୍ଟ ସୌଖୀନ ପୋଷାକ ପରିଚ୍ଛଦର ପରିକଳ୍ପନା ଓ ପ୍ରସ୍ତୁତି।

**couturier** ବି. ସୌଖୀନ ପୋଷାକ ପରିଚ୍ଛଦର ପରିକଳ୍ପନାକାରୀ ବା ପ୍ରସ୍ତୁତକର୍ତ୍ତା।

**couturiere** ବି. ସୌଖୀନ ପୋଷାକ ପରିଚ୍ଛଦର ନକ୍ସାକାରିଣୀ ବା ପ୍ରସ୍ତୁତ କାରିଣୀ।

**cove** 1. ବି. କ୍ଷୁଦ୍ର ଉପସାଗର, ସାଗର ଶାଖା, ଖାଡ଼ି, ଉପକୂଳର ପ୍ରବେଶଦ୍ୱାର; ନିର୍ଜନ ଆଶ୍ରୟସ୍ଥଳ; ଛାତ ଓ କାନ୍ଥର ବକ୍ରପୃଷ୍ଠ ସଂଯୋଗ ସ୍ଥଳ; ବକ୍ରପୃଷ୍ଠ ଖିଲାଣ; 2. *ସ.କ୍ରି.* ଖିଲାଣ ତିଆରି କରିବା, ଭିତର ଆଡ଼କୁ ଢାଲୁ ବା ଗଡ଼ାଣିଆ କରିବା; 3. *କ.ଭା.* ବି. ବ୍ୟକ୍ତି, ମନୁଷ୍ୟ।

**covenant** 1. ବି. ଆନୁଷ୍ଠାନିକ ଚୁକ୍ତି, ଅଙ୍ଗୀକାର, ନିୟମ, ଆଇନଗତ ଚୁକ୍ତି, ବାଇବେଲ ଲିଖିତ ଇହୁଦୀମାନଙ୍କ ପ୍ରତି ଈଶ୍ୱରଙ୍କ ଅନୁଗ୍ରହ ଚୁକ୍ତି; 2. *ସ.କ୍ରି.* ଆଇନଗତ ଚୁକ୍ତି ବା ଅଙ୍ଗୀକାର କରିବା।

**cover** 1. *ସ.କ୍ରି.* ଘୋଡ଼ାଇବା ବା ଲୁଚାଇବା, ସୁରକ୍ଷିତ କରିବା; ପୋଷାକ ପରିଚ୍ଛଦ ଦ୍ୱାରା ଆଚ୍ଛାଦିତ କରିବା; ଅନ୍ତର୍ଭୁକ୍ତ କରିବା; ଯିବା ବା ଭ୍ରମଣ କରିବା; ବ୍ୟୟପାଇଁ ଯଥେଷ୍ଟ ହେବା; 2. ବି. ଆବରଣ, ମଲାଟ, ଖୋଳ, ପର୍ଦ୍ଦା, ଅବଗୁଣ୍ଠନ, ଛଦ୍ମବେଶ, ଛଳନା, ଆଶ୍ରୟ; covering letter କୌଣସି ବିଷୟକୁ ଉପସ୍ଥାପିତ କରିବା ପାଇଁ ଲିଖିତ ପତ୍ର; cover-point କ୍ରିକେଟ୍ ଖେଳର ସ୍ଥାନ ବିଶେଷ; cover up ଜିନିଷ ବା ଘଟଣା ଲୁଚାଇବା ବା ଗୁପ୍ତ ରଖିବା; cover-up ବି. ଘଟଣା-ସଂଗୋପନ; take cover ଆଶ୍ରୟ ଖୋଜିବା; under cover ଗୋପନରେ; ଖରାବର୍ଷାଦି ପାଗରୁ ଆଶ୍ରୟପ୍ରାପ୍ତ; under cover of ସୁରକ୍ଷିତ ବା ଲୁକାୟିତ ହୋଇ, ଗୋପପରେ।

**coverage** ବି. ଲବ୍ଧ କ୍ଷେତ୍ରଫଳ ବା ପରିମାଣ; ସମ୍ବାଦପତ୍ର ଇତ୍ୟାଦିରେ ଘଟଣା ଇତ୍ୟାଦିର ବିବରଣ ପ୍ରଦାନ।

Digitized by srujanika@gmail.com

**coverall** ବି. ଯାହା ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦନ କରେ; ସମଗ୍ର ଶରୀରର ଆଚ୍ଛାଦନକାରୀ ଲମ୍ବ ପୋଷାକ।

**coverlet** ବି. ବିଛଣା ଚଦର।

**covert** 1. ବିଂ. ଗୁପ୍ତ, ଲୁକ୍କାୟିତ, ଅପ୍ରକାଶିତ; 2. ବି. ଗୁପ୍ତସ୍ଥାନ, ଆଶ୍ରୟସ୍ଥାନ, ଯେଉଁ ଜଙ୍ଗଲ ବୁଦାରେ ଶିକାର ଆଶ୍ରୟ ନିଏ; ପକ୍ଷୀର ପଖ ବା ପୁଚ୍ଛ।

**covet** ସ.କ୍ରି. (ଅନ୍ୟର ଜିନିଷକୁ) ଲୋଭ, ଲାଳସା ବା ଈର୍ଷା କରିବା।

**covetous** ବିଂ. ଲୋଭୀ, ଲୋଲୁପ, ଲାଳସାପୂର୍ଣ୍ଣ।

**covey** ବି. ଏକତ୍ର ଉଡୁଥିବା (ତିତିର) ପକ୍ଷୀର ଦଳ; ଲୋକମାନଙ୍କର କ୍ଷୁଦ୍ରଦଳ।

**cow**[1.] ବି. ଗାଈ; ମାଈହାତୀ, ଗଣ୍ଡା, ତିମି ପ୍ରଭୃତି; (କ.ଭା. ଅବଜ୍ଞାସୂଚକ) ସ୍ତ୍ରୀଲୋକ; cow calf ମାଈ ବାଛୁରୀ; cowdung ଗୋବର; cow-lick କେଶଗୁଚ୍ଛ; cow-pat ଘଷି।

**cow**[2.] ସ.କ୍ରି. ଭୀତ ବା ତ୍ରସ୍ତ କରିବା; ଦବେଇ ଦେବା।

**coward** ବି. ଭୀରୁବ୍ୟକ୍ତି, କାପୁରୁଷ।

**cowardice** ବି. ଭୀରୁତା, କାପୁରୁଷତା।

**cowardly** ବିଂ. ଭୀରୁଜନୋଚିତ, ସାହସହୀନ।

**cowbell** ବି. ଗାଈର ଗଳାଘଣ୍ଟି।

**cowboy** ବି. ଗାଈଜଗା ପିଲା, ଗୋମହିଷାଦି ପଶୁଙ୍କ ରକ୍ଷକ ବା ପାଳକ ବ୍ୟକ୍ତି।

**cowcatcher** ବି. ଗାଡ଼ିର ଇଞ୍ଜିନ୍ ଆଗରେ ଲାଗିଥିବା ରାସ୍ତାପରିଷ୍କାରକ ଯନ୍ତ୍ର।

**cower** ଅ.କ୍ରି. ଶୀତ, ଭୟ, ଦୈନ୍ୟ ବା ଲଜ୍ଜାରେ ଜାକିଜୁକି ହୋଇ ବସିବା।

**cowherd** ବି. ଗାଈ ଚରିଆ।

**cowhide** ବି. ଗୋଚର୍ମ।

**cowl** ବି. ସନ୍ୟାସୀଙ୍କର ମସ୍ତକାବରଣ, ଉକ୍ତ ଆବରଣ ଯୁକ୍ତ ପରିଚ୍ଛଦ, ଧୂମନଳୀର ଢାଙ୍କୁଣି।

**cowling** ବି. ଗାଡ଼ି ବା ଉଡ଼ାଜାହାଜର ଇଂଜିନ୍‌ର ଆଚ୍ଛାଦନ, ଯାହାକୁ ସହଜରେ ପୃଥକ୍ କରିହୁଏ।

**co-worker** ବି. ସହକର୍ମୀ, ସହଯୋଗୀ।

**cowpox** ବି. ଗୋବସନ୍ତ।

**cowrie** ବି. କଉଡ଼ି।

**cowslip** ବି. ଏକ ପ୍ରକାର ବନ୍ୟ ଉଦ୍ଭିଦ, ଏଥିରେ ଛୋଟଛୋଟ ହଳଦିଆ ଫୁଲ ଫୁଟେ।

**cox** 1. ବି. କର୍ଣ୍ଣଧାର, ମାଝି (ବିଶେଷତଃ ଦୌଡ଼ ପ୍ରତିଯୋଗୀ ନୌକାର); 2. ଅ.କ୍ରି. କର୍ଣ୍ଣଧାର ବା ମାଝିରୂପେ କାର୍ଯ୍ୟ କରିବା।

**coxcomb** ବି. ଆତ୍ମାଭିମାନୀ, ଦେଖାଇ ହେବା ବ୍ୟକ୍ତି; ମଧ୍ୟଯୁଗୀୟ ବିଦୂଷକଙ୍କ ଟୋପି।

**coxcombry** ବି. ଆତ୍ମାଭିମାନ, ଦେଖାଣିଆ ଢଙ୍ଗ।

**coxswain** 1. ବି. କର୍ଣ୍ଣଧାର, ନୌକାର ମାଝି; କ୍ଷୁଦ୍ର ଜାହାଜରେ ନିଯୁକ୍ତ ବୟୋବୃଦ୍ଧ ଅପ୍ରଧାନ ଅଧିକାରୀ; 2. ଅ.କ୍ରି. କର୍ଣ୍ଣଧାର ବା ମାଝିରୂପେ କାର୍ଯ୍ୟ କରିବା।

**coy** ବିଂ. (ଇଚ୍ଛାକୃତ) ଲଜ୍ଜାଶୀଳ ବା ଲାଜକୁଳା; କପଟପୂର୍ଣ୍ଣ ଭାବରେ ବିନୀତ।

**cozen** ସ.କ୍ରି. ଠକିବା, ପ୍ରତାରଣା କରିବା; ବି. cozenage.

**cozy** 'cosy'ର ଆମେରିକୀୟ ରୂପ।

**crab** 1. ବି. କଙ୍କଡ଼ା; କର୍କଟ ରାଶି; 2. ସ.କ୍ରି. କ.ଭା. ପ୍ରତିକୂଳ ସମାଲୋଚନା କରିବା; ଦୂଷିତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବା; catch a crab, crab-apple ବି. ଏକ ପ୍ରକାର ବନ୍ୟ ଆତ; crab-tree ବି. ଉକ୍ତ ବୃକ୍ଷ; crab-louse ଚମ ଉକୁଣୀ।

**crabbed** ବିଂ. ଚିଡ଼ା, କ୍ରୋଧୀ, ରୁକ୍ଷ, କର୍କଶ; (ଲିଖନ) ଅସ୍ପଷ୍ଟ, ଦୁଷ୍ପାଠ୍ୟ।

**crabby** 1. ବିଂ. ବିଷଣ୍ଣ, ଚିଡ଼ିଚିଡ଼ା; କ୍ରି.ବିଂ. crabbily; ବି. crabbiness.

**crabwise** କ୍ରି.ବିଂ. (କଙ୍କଡ଼ା ପରି) ପଛୁଆ, ଆଡ଼ ବାଗରେ।

**crack** 1. ବି. ଆକସ୍ମିକ କର୍କଶ ବିସ୍ଫୋରକ ଶବ୍ଦ, କର୍କଶ ଆଘାତ, ବନ୍ଧୁକ ବା ବାଣ ପ୍ରଭୃତିର ଫୁଟିବା ଶବ୍ଦ; ଫାଟ, ଛିଦ୍ର; ଥଟ୍ଟା, ପରିହାସ; ସା.ପ୍ର. ପାଗଳା; 2. କ୍ରି. ଫଟେଇବା; ବିଦୀର୍ଣ୍ଣ କରିବା, ଆଘାତ ବା ଠୋକର ଦ୍ୱାରା ଫଟେଇବା, (ସମସ୍ୟାର) ସମାଧାନ ବାହାର କରିବା, ଥଟ୍ଟା କରିବା, ଫାଟିବା, କର୍କଶ ହେବା, ସ୍ୱର ହଠାତ୍ ଭାଙ୍ଗିଯିବା, ସ୍ୱର କର୍କଶ ହେବା; crack a bottle ବୋତଲ ଖୋଲି ମଦ୍ୟପାନ କରିବା; crack-brained ଆଡ଼ବାଯା; crack of dawn ପ୍ରତ୍ୟୁଷ।

**cracker** ବି. ଏକ ପ୍ରକାର ଆତସବାଜୀ; ଏକ ପ୍ରକାର ପତଳା ଖାସ୍ତା ବିସ୍କୁଟ।

Digitized by srujanika@gmail.com

**crackle** 1. ବି. ଜଳନ୍ତା କାଠର ଶବ୍ଦ ପରି ଚଡ଼ଚଡ଼ ବା ଫଟ୍‌ଫଟ୍ ଶବ୍ଦ; 2. *ଅ.କ୍ରି.* ଚଡ଼ଚଡ଼ ବା ଫଟ୍‌ଫଟ୍ ଶବ୍ଦ କରିବା।

**crackling** ବି. ଘୁଷୁରି ମାଂସ ଭଜାର ଖାସ୍ତା ପତଳା ଖଣ୍ଡ।

**cracknel** ବି. ଏକ ପ୍ରକାର ହାଲୁକା ଖାସ୍ତା ବିସ୍କୁଟ।

**crackpot** *କ.ଭା.* *1.* ବିଂ. ଖାମ୍‌ଖିଆଲି, ବ୍ୟାବହାରିକ ଜ୍ଞାନବିହୀନ; 2. ବି. ଖାମ୍‌ଖିଆଲି ବ୍ୟକ୍ତି।

**cradle** 1. ବି. ଶିଶୁର ଶେଯ ବା ଦୋଳି; କୌଣସି ବିଷୟର ଉତ୍ପତ୍ତିସ୍ଥଳ (ଉଦା. cradle of art, of civilization); 2. *ସ.କ୍ରି.* ଦୋଳିରେ ରଖିବା ବା ଆଶ୍ରୟ ଦେବା, ଦୋଳିରେ ଶୁଆଇବା।

**craft** 1. ବି. କାରିଗରୀ, ହାତକାମ, ଶିଳ୍ପବିଦ୍ୟା, ବିଶେଷ କୌଶଳ ବା ଶିଳ୍ପକଳା; ଧୂର୍ତ୍ତତା, ଚତୁରତା, ଶଠତା; ଛୋଟନୌକା ବା ଜାହାଜ, ଉଡ଼ାଜାହାଜ ବା ବ୍ୟୋମଯାନ; 2. *ସ.କ୍ରି. ପ୍ରା.ପ୍ର.* କୌଶଳପୂର୍ଣ୍ଣ ଭାବରେ ନିର୍ମାଣ କରିବା।

**craftsman** ବି. କାରିଗର, ଶିଳ୍ପୀ; ବି. craftsmanship.

**crafty** ବିଂ. ଚତୁର, କୌଶଳୀ, ଉଦ୍ଭାବନକ୍ଷମ; *କ୍ରି.ବିଂ.* craftily; ବି. craftiness.

**crag** ବି. ତୀଖ ବନ୍ଧୁର ପାହାଡ଼; ବିଂ. craggy.

**cram** *ସ.କ୍ରି.* ବଳପୂର୍ବକ ପ୍ରବେଶ କରାଇବା; ଅତିରିକ୍ତ ପରିମାଣରେ ଖୁଆଇ ଦେବା; (ନବୁଝି) ମୁଖସ୍ଥ କରିବା ବା ଘୋଷି ପକାଇବା।

**cramp** 1. ବି. ମାଂସପେଶୀର ଆକସ୍ମିକ କ୍ଳେଶଦାୟକ ଆକୁଞ୍ଚନ; ବାକୁଲା; କାଠ, ପଥର ପ୍ରଭୃତିର ସଂଯୋଜକ ବକ୍ରାଗ୍ର କୀଳକ ବା ଚାପୁଆଣି; 2. *ସ.କ୍ରି.* ଉକ୍ତ ଲୌହଖଣ୍ଡରେ ଆବଦ୍ଧ କରିବା, ସଂକୀର୍ଣ୍ଣ ଭାବରେ ସୀମାବଦ୍ଧ କରିବା; cramp person's style କୌଣସି ବ୍ୟକ୍ତିକୁ ସ୍ୱାଧୀନ ଭାବରେ ବା ଯଥାସାଧ କାର୍ଯ୍ୟ କରିବାରୁ ନିବୃତ୍ତ କରିବା।

**cramped** ବିଂ. (ସ୍ଥାନ ସମ୍ପର୍କରେ) ଅତି ସଂକୀର୍ଣ୍ଣ; (ହସ୍ତଲିଖନ ବିଷୟରେ) କ୍ଷୁଦ୍ର ଏବଂ ସଂଲଗ୍ନ ଅକ୍ଷର ବିଶିଷ୍ଟ।

**crampon** ବି. ବରଫ ଉପରେ ଆରୋହଣ ନିମନ୍ତେ ଜୋତାର ତଳେ ଲଗାଯାଇଥିବା କଣ୍ଟାଯୁକ୍ତ ଲୁହାର ପାତ।

**cranberry** ବି. ଛୋଟ ଲାଲ ରଙ୍ଗର ଖଟା କୋଳି, ଏହାର ଗଛ।

**crane** 1. ବି. ଭାରୀ ଜିନିଷକୁ ଉଠାଇବା ନିମନ୍ତେ 'କ୍ରେନ୍' ନାମକ ଯନ୍ତ୍ର, ଉତ୍ତୋଳନକାରୀ ଯନ୍ତ୍ର; ଲମ୍ବାଗୋଡ଼ ବେକ ଓ ଥଣ୍ଟଥିବା ସାରସ ଜାତୀୟ ପକ୍ଷୀ, ବଗ, କ୍ରୌଞ୍ଚ; 2. *କ୍ରି.* କୌଣସି ଜିନିଷ ଦେଖିବାକୁ ବେକ ଲମ୍ବାଇବା ବା ବିସ୍ତାର କରିବା; 3. crane-fly ଲମ୍ବା ଗୋଡ଼ ଓ ଦୁଇଡେଣା ବିଶିଷ୍ଟ ପତଙ୍ଗ।

**cranium** ବି. ବ.ବ. crania ବି. କରୋଟି, ଖପୁରୀ, ମସ୍ତିଷ୍କକୁ ଆବଦ୍ଧ କରିଥିବା ଅସ୍ଥିସମୂହ; ବିଂ.cranial; craniology ବି.କରୋଟି ତତ୍ତ୍ୱ।

**crank** 1. ବି. ଅକ୍ଷର ଅଂଶ ବା ଦଣ୍ଡ ଯାହାଦ୍ୱାରା ଘୂର୍ଣ୍ଣନ ପ୍ରକ୍ରିୟା ସାଧିତ ହୁଏ; ବକ୍ରାକାର ଜିନିଷ; ଆଡ଼ବାୟା ଲୋକ; 2. *କ୍ରି.* କ୍ରାଙ୍କ ବୁଲାଇ ଚଳାଇବା; crank up *କ୍ରି.* କ୍ରାଙ୍କକୁ ବୁଲାଇ ମୋଟର ଗାଡ଼ି ଇଞ୍ଜିନ୍‌କୁ ଗତିଶୀଳ କରିବା।

**crankcase** ବି. କ୍ରାଙ୍କ୍‌ଦଣ୍ଡକୁ ଆବଦ୍ଧ କରିଥିବା ଖୋଳ ବା ଢ଼ାଙ୍କୁଣି।

**crankpin** ବି. ଯେଉଁ ପିନ୍ ସାହାଯ୍ୟରେ କ୍ରାଙ୍କ୍ ସହ ସଂଯୋଜକ ଦଣ୍ଡ ସଂଲଗ୍ନ ହୋଇଥାଏ।

**crankshaft** ବି. କ୍ରାଙ୍କ୍‌ଦ୍ୱାରା ଚାଳିତ ଅକ୍ଷଦଣ୍ଡ।

**cranky** ବିଂ. ବକ୍ର, ଅସ୍ଥିର ମସ୍ତିଷ୍କ, ଆଡ଼ବାୟା, ଖିଟଖିଟିଆ; *କ୍ରି.ବିଂ.* crankily; ବି. cranki-ness.

**cranny** ବି.ଫାଟ, ରନ୍ଧ୍ର, ଛିଦ୍ର; ବିଂ.crannied.

**crap** ଗ୍ରା. 1. ବି. ମଳ, ଜଞ୍ଜାଳିଆ ପଦାର୍ଥ, ଅସାର ଜିନିଷ; ନିରର୍ଥକ କଥା; 2. *ସ.କ୍ରି.* ମଳ ତ୍ୟାଗ କରିବା; crappy ବିଂ. ଅସାର, ନିରର୍ଥକ।

**crape** ବି. କ୍ରେପ୍, ସାଧାରଣତଃ କଳା କୁଞ୍ଚିତ ରେଶମ କପଡ଼ା (ବିଶେଷତଃ ଶୋକବସ୍ତ୍ର ରୂପେ ବ୍ୟବହୃତ)।

**crapulent** ବିଂ. ଅମିତାଚାର ହେତୁ ରୋଗଗ୍ରସ୍ତ, ଅମିତାଚାରୀ; ବି. crapulence; ବିଂ. crapulous.

**crash**[1] 1. ବି. ଦୁଇଟି ପଦାର୍ଥର ଆକସ୍ମିକ ଆଘାତଜନିତ ଶବ୍ଦ; କୌଣସି ଭାରୀ ଜିନିଷ ପଡ଼ିବା ବା ଭାଙ୍ଗିବାର ଶବ୍ଦ, ଉଚ୍ଚ ଶବ୍ଦର ବିସ୍ଫୋରଣ; (ସରକାର ବା ବ୍ୟବସାୟର) ଆକସ୍ମିକ ପତନ; 2. ବିଂ. ଦ୍ରୁତ ଭାବରେ

Digitized by srujanika@gmail.com

ବା ଜରୁରୀ ଭାବରେ କରାଯାଇଥିବା; ଉଦା. crash programme; 3. କ୍ରି. ବଳପୂର୍ବକ ଗତି କରିବା, କାହା ସହିତ ଖୁବ୍ ଜୋରରେ ଧକ୍କା ଖାଇବା; ପ୍ରଚଣ୍ଡ ଶବ୍ଦକରି ତଳେ ପଡ଼ିବା; (ଉଡ଼ାଜାହାଜ ବା ଚାଳକ) ଆକସ୍ମିକ ଭାବରେ ଭୂପତିତ ବା ସମୁଦ୍ର ପତିତ ହେବା; ଆର୍ଥିକ ଦୁର୍ଗତି ଘଟିବା; କ.ଭା. ଦଳ, ସଭା ପ୍ରଭୃତିରେ ଅନାହୂତ ଭାବରେ ପ୍ରବେଶ କରିବା ବା ଅଂଶଗ୍ରହଣ କରିବା; 4. କ୍ରି.ବିଂ. ପ୍ରଚଣ୍ଡ ଶବ୍ଦ ସହିତ; 5. **crash-dive** ଅ.କ୍ରି. (ବୁଡ଼ା ଜାହାଜ) ଆପଦ୍ କାଳରେ ହଠାତ୍ ବୁଡ଼ ମାରିବା, (ଉଡ଼ାଜାହାଜ) ଅବଲମ୍ବନ କରି ଚୂର୍ଣ୍ଣ ବିଚୂର୍ଣ୍ଣ ହେବା; **crash-helmet** ଜାହାଜ ବଳପୂର୍ବକ ଖସି ପଡ଼ିବା ସମୟରେ ଆଘାତରୁ ମୁଣ୍ଡକୁ ରକ୍ଷା କରିବା ନିମନ୍ତେ ପରିଧେୟ ଶିରସ୍ତ୍ରାଣ; **crash-land** (ଉଡ଼ାଜାହାଜ ବା ଏହାର ଚାଳକ) ଆପଦ୍ କାଳରେ ବା ଜରୁରୀ ଅବସ୍ଥାରେ ଭୂତଳରେ ଅବତରଣ କରିବା ।

**crash**[2] ବି. ମୋଟା ସାଦା କାର୍ପାସ୍ ବସ୍ତ୍ର ।

**crashing** ବିଂ. କ.ଭା. ଅତି ପ୍ରଭାବଶାଳୀ, ଅତି ପ୍ରବଳ ।

**crass** ବିଂ. ଅତି ନିର୍ବୋଧ ।

**crate** 1. ବି. ଅଣଓସାରିଆ କାଠ ପଟାର ବାକ୍ସ (ଏଥିରେ ଭଙ୍ଗପ୍ରବଣ ଜିନିଷ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଯାଏ); ଗ୍ରା.ପ୍ର. ପୁରୁଣା ଉଡ଼ାଜାହାଜ ବା ମଟରଗାଡ଼ି; 2. କ୍ରି. ଡବା ବା ବାକ୍ସରେ ଜିନିଷ ରଖିବା ।

**crater** ବି. ଆଗ୍ନେୟ ଗିରିର ମୁଖ, (ବୋମା ବିସ୍ଫୋରଣ ଫଳରେ ସୃଷ୍ଟ) ପାତ୍ରାକୃତି ଗହ୍ୱର ।

**cravat** ବି. ଛୋଟ ଭଳଗୀୟ ବା ଗଳାବନ୍ଧ ।

**crave** ସ.କ୍ରି. ବିଶେଷରୂପେ କାମନା ବା ବାଞ୍ଛା କରିବା, ବିନୀତ ଭାବରେ ପ୍ରାର୍ଥନା କରିବା, ଅନୁନୟ କରିବା ।

**craven** 1. ବିଂ. ଭୀରୁ, କାପୁରୁଷ, ତେଜହୀନ, ନିସ୍ତେଜ; 2. ବି. ଭୀରୁ ବା ସାହସହୀନ ବ୍ୟକ୍ତି ।

**craving** ବି. ବଳବତୀ ଇଚ୍ଛା, ପ୍ରଗାଢ଼ ଲାଳସା ବା ବାସନା ।

**craw** ବି. ପକ୍ଷୀ ବା ପତଙ୍ଗର ଗଳଗହ୍ୱର; stick in one's craw ଗ୍ରହଣଯୋଗ୍ୟ ନ ହେବା ।

**crawfish** ବି. ମେରୁଦଣ୍ଡ ବିଶିଷ୍ଟ ବୃହତ୍ ସାମୁଦ୍ରିକ ଚିଙ୍ଗୁଡ଼ି ।

**crawl** 1. କ୍ରି. ଘୁଷୁରି ଘୁଷୁରି ଯିବା. ଗୁରୁଣ୍ଡି ଗୁରୁଣ୍ଡି ଯିବା; ଧୀରେ ଧୀରେ ମନ୍ଥର ଗତିରେ ଯିବା; କ.ଭା. ଆହ୍ଲାଦିତ ବା ପୂର୍ଣ୍ଣହେବା; ଦାସୋଚିତ ଆଚରଣ କରି କୌଣସି ବ୍ୟକ୍ତିର ଅନୁଗ୍ରହ ଲୋଡ଼ିବା; 2. ବି. ଗୁରୁଣ୍ଡିବା କାର୍ଯ୍ୟ, ଧୀର ବା ମନ୍ଥର ଗମନ; ଉଚ୍ଚଗତିବିଶିଷ୍ଟ ସନ୍ତରଣର ଆଘାତ ।

**crayfish** ବି. ଛୋଟ ଚିଙ୍ଗୁଡ଼ିଜାତୀୟ ମଧୁର ଜଳଜ ମାଛ, ମେରୁଦଣ୍ଡ ବିଶିଷ୍ଟ ସାମୁଦ୍ରିକ ଚିଙ୍ଗୁଡ଼ି ବିଶେଷ (crawfish).

**crayon** 1. ବି. ଚିତ୍ରାଙ୍କନରେ ବ୍ୟବହୃତ ରଙ୍ଗୀନ ମହମର ଖଡ଼ି ବା ପେନ୍ସିଲ; 2. ସ.କ୍ରି. ଉକ୍ତ ପେନ୍ସିଲରେ ଚିତ୍ରାଙ୍କନ ବା ଚିତ୍ର ରଙ୍ଗ କରିବା ।

**craze** 1. ବି. ଝୁଙ୍କ; ଖିଆଲ; ଅତ୍ୟଧିକ କିନ୍ତୁ ସାମୟିକ ଆଗ୍ରହ, ଆଗ୍ରହର ବସ୍ତୁ; 2. ସ.କ୍ରି. ଅତି ଉତ୍ସାହିତ ବା ଉତ୍ତେଜିତ କରିବା, ପାଗଳ କରିଦେବା ।

**crazy** ବିଂ. ପାଗଳ, ନିର୍ବୋଧ, ଅର୍ଥହୀନ; କ.ଭା. ଅତି ଉତ୍ସୁକ (କୌଣସି ବିଷୟରେ), (କୋଠାବାଡ଼ି ପ୍ରଭୃତି ସମ୍ପର୍କରେ) ଟଳମଳ, ପତନୋନ୍ମୁଖ; କ୍ରି.ବିଂ. crazily; ବି. craziness.

**creak** 1. ବି. କବାଟ ପ୍ରଭୃତିର କେଁ କେଁ ବା କଚ୍‌କଚ୍ ଶବ୍ଦ; 2. ଅ.କ୍ରି. କେଁ କେଁ ବା କଚ୍‌କଚ୍ ଶବ୍ଦ କରିବା; ଶୋଚନୀୟ ଅବସ୍ଥା ପ୍ରାପ୍ତ ହେବା; ବିଂ. creaky.

**cream** 1. ବିଂ. ଦୁଧସର, ସରର ପୀତମିଶ୍ରିତ ଶୁଭ୍ରବର୍ଣ୍ଣ; ସରତୁଲ୍ୟ ପ୍ରସ୍ତୁତ ପ୍ରଲେପ; ସର ବିଶିଷ୍ଟ ବା ସର ପରି ଦେଖାଯାଉଥିବା ଖାଦ୍ୟ; କୌଣସି ଜିନିଷର ଉତ୍କୃଷ୍ଟ ଅଂଶ, ସାରଭାଗ (ଉଦା. the cream of the society ସମାଜର ଶ୍ରେଷ୍ଠ ବ୍ୟକ୍ତିବୃନ୍ଦ); ସର ସଦୃଶ ଅଙ୍ଗରାଗ ବିଶେଷ; 2. କ୍ରି. ଦୁଧରେ ସର ପଡ଼ିବା, ସରବହୁଳ ବା ସର ସଦୃଶ କରିବା; (ଚର୍ମରେ) କାନ୍ତିବର୍ଦ୍ଧକ ଅଙ୍ଗରାଗ ଲେପ କରିବା; ସର ତିଆରି କରିବା, (ଦୁଗ୍ଧରୁ ସର ବାହାର କରିବା; 3. cream cheese ସର ଓ ଦୁଧରୁ ତିଆରି ନରମ ଛେନା; cream off ଆବଶ୍ୟକ ବା ଉତ୍କୃଷ୍ଟ ଅଂଶ ବାହାର କରିନେବା; cream of tartar ଔଷଧ ପାଇଁ ବ୍ୟବହୃତ ଶୁଦ୍ଧ ଟାଟାର୍ ।

Digitized by srujanika@gmail.com

**creamery** ବି. ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥର ପ୍ରସ୍ତୁତି ବା ବ୍ୟବସାୟ ସ୍ଥଳୀ।

**creamy** ବିଂ. ସରସଦୃଶ, ସରପୂର୍ଣ୍ଣ, ସରବହୁଳ; *କ୍ରି.ବିଂ.* creamily; *ବି.* creaminess.

**crease** 1. ବି. ଭାଙ୍ଗରେଖା, ଭାଙ୍ଗଚିହ୍ନ ବା ଭାଙ୍ଗଦାଗ; କ୍ରିକେଟ୍ ଖେଳରେ ପେଣ୍ଡୁନିକ୍ଷେପକାରୀ ଓ ବ୍ୟାଟ୍‌ଧାରୀର ଅବସ୍ଥିତି ନିର୍ଣ୍ଣୟ କରୁଥିବା ରେଖା; 2. *କ୍ରି.* (ପୋଷାକ ପ୍ରଭୃତିରେ) ଭାଙ୍ଗ ପକାଇବା ବା ପଡ଼ିବା।

**create** *କ୍ରି.* ସୃଷ୍ଟି କରିବା, ସର୍ଜନା କରିବା, ନିର୍ମାଣ କରିବା, ଉତ୍ପାଦନ କରିବା, ଉଦ୍ଭାବନ କରିବା; (ବ୍ୟକ୍ତିକୁ) ନୂତନ ପଦ ବା ଉପାଧି ଦେବା; *ସା.ପ୍ର.* କୋଳାହଳ କରିବା; ତିଳକୁ ତାଳ କରି ଚହଳ ସୃଷ୍ଟି କରିବା।

**creation** ବି. ସୃଷ୍ଟି, ଈଶ୍ୱରଙ୍କର ସୃଷ୍ଟି, ସୃଷ୍ଟବସ୍ତୁ, ମନୁଷ୍ୟ ବୁଦ୍ଧିସୃଷ୍ଟ ପଦାର୍ଥ; the Creation ଜଗତ୍‌ର ସୃଷ୍ଟି, ସଂସାର, ଜଗତ୍।

**creative** ବିଂ. ସୃଷ୍ଟିସମ୍ବନ୍ଧୀୟ, ରଚନାତ୍ମକ, ସୃଜନଶକ୍ତିସମ୍ପନ୍ନ, ଉଦ୍ଭାବନ-ଶକ୍ତିସମ୍ପନ୍ନ, କଳ୍ପନା-ପ୍ରବଣ; creativity ବି. ସୃଜନ-ଉଦ୍ଭାବନ-କଳ୍ପନା ପ୍ରବଣତା।

**creator** ବି. ସ୍ରଷ୍ଟା; the Creator ସୃଷ୍ଟିକର୍ତ୍ତା, ଈଶ୍ୱର।

**creature** ବି. ସୃଷ୍ଟବସ୍ତୁ, ବିଶେଷତଃ ଅଧୀନ ବା ଆଶ୍ରିତ ବ୍ୟକ୍ତି; creature comforts ଶରୀରର ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ଆବଶ୍ୟକ ପଦାର୍ଥ, ଯଥା- ଖାଦ୍ୟ, ବସ୍ତ୍ର, ଆଶ୍ରୟ ପ୍ରଭୃତି।

**creche** ବି. ଦିନରେ ଶିଶୁମାନଙ୍କୁ ଜଗାରଖା କରିବାର ନର୍ସରୀ।

**credence** ବି. ବିଶ୍ୱାସ, ପ୍ରତ୍ୟୟ; ଯୀଶୁଖ୍ରୀଷ୍ଟଙ୍କର ନିଜ ଶିଷ୍ୟମାନଙ୍କ ସହ ଶେଷନୈଶ୍ୟ ଭୋଜନ ଉତ୍ସବରେ ବ୍ୟବହୃତ ପବିତ୍ର, ଛୋଟ ଟେବୁଲ।

**credentials** ବ.ବ. ବି. ପରିଚୟ ପତ୍ର, କୃତିତ୍ୱ ବା ବିଶ୍ୱସ୍ତତାର ନିଦର୍ଶନ।

**credibility** ବି. ବିଶ୍ୱସ୍ତତା, ବିଶ୍ୱସନୀୟତା; credibility gap କଥିତ ଉକ୍ତି ଓ ପ୍ରକୃତ ସତ୍ୟ ମଧ୍ୟରେ ଥିବା ପ୍ରତୀୟମାନ ପ୍ରଭେଦ।

**credible** ବିଂ. ବିଶ୍ୱସନୀୟ, ବିଶ୍ୱାସଯୋଗ୍ୟ।

**credit** 1. ବି. ବିଶ୍ୱାସ, ଆସ୍ଥା, ପ୍ରତ୍ୟୟ, ବ୍ୟକ୍ତିଠାରେ ବା ତାହାର କଥା ବା କାର୍ଯ୍ୟରେ ଆସ୍ଥା; ଖ୍ୟାତି, ପତିଆରା ବା ଉଚ୍ଚ ସମ୍ମାନର ଉତ୍ସ, ସ୍ୱୀକୃତି ବା ପ୍ରତିପତ୍ତି; କୌଣସି ବ୍ୟକ୍ତିର ଅବଦାନ ବା ମହତ୍ତ୍ୱର ସ୍ୱୀକାର; ଟଙ୍କାପଇସା ଦେଣନେଣରେ ଜବାବରକ୍ଷା ବିଷୟରେ ବ୍ୟକ୍ତି ଉପରେ ବିଶ୍ୱାସ; ବ୍ୟକ୍ତିର ଆର୍ଥିକ ସ୍ଥିତି; ବ୍ୟକ୍ତିର ବେଙ୍କରେ ଥିବା ଜମାଟଙ୍କା; ଧାର ବା କାଳିରେ ବିକ୍ରି, ବାକି, କାଳି; 2. *ସ.କ୍ରି.* ବିଶ୍ୱାସ କରିବା, ସତ୍ୟ ବା ବିଶ୍ୱାସର ଯୋଗ୍ୟ ବୋଲି ଗ୍ରହଣ କରିବା; ହିସାବ ବହିର 'ଜମା' ବିବରଣ ଭୁକ୍ତ କରିବା; ବାହାଦୁରୀ ଦେବା; credit card କାଳିରେ ଜିନିଷ ପତ୍ର କିଣିବା ପାଇଁ ଅଧିକାରପ୍ରଦ କାର୍ଡ଼; give person credit for/ credit person with (କାହାକୁ କୌଣସି ବିଷୟରେ) ସାବାସି ବା ବାହାଦୁରୀ ଦେବା; on credit ଉଧାର, କାଳି ବା ବାକିରେ; to one's credit (କାହାର) ସପକ୍ଷରେ।

**creditable** ବିଂ. ପ୍ରଶଂସନୀୟ, ଶ୍ଲାଘ୍ୟ; *କ୍ରି.ବିଂ.* creditably.

**creditor** ବି. ଋଣଦାତା, ମହାଜନ।

**credo** ବି. (ବ.ବ.credos) ଧର୍ମମତ, ପ୍ରଚାରିତ ନୀତି।

**credulity** ବି. ଆଶୁବିଶ୍ୱାସ ପ୍ରବଣତା, ସରଳ ବିଶ୍ୱାସ।

**credulous** ବିଂ. ସରଳ ବିଶ୍ୱାସୀ, ସହଜରେ ପ୍ରତାରିତ ହେବା ଯୋଗ୍ୟ।

**creed** ବି. ଧର୍ମମତ, ପ୍ରଚାରିତ ମତ ବା ନୀତି; ବିଂ. creedal.

**creek** ବି. ଉପସାଗର, ସ୍ଥଳଭାଗ ମଧ୍ୟକୁ ମାଡ଼ିଯାଇଥିବା ସାଗରର ଅଂଶ, ଖାଡ଼ି; ନଦୀର କ୍ଷୁଦ୍ରଶାଖା; ଉପନଦୀ (ଆମେ.)।

**creel** ବି. କେଉଟର ଖାଲୋଇ।

**creep** 1. *ଅ.କ୍ରି.* ଗୁରୁଣ୍ଡିବା, ଛାତିରେ ଭରାଦେଇ ସରୀସୃପପରି ଯିବା, ସାବଧାନତା ସହକାରେ ବା ଧୀରେଧୀରେ ଯିବା; (ଉଦ୍ଭିଦ ସମ୍ପର୍କରେ) ମାଡ଼ିବା, ଲଟେଇବା; ଭୟାଦି କାରଣରୁ କମ୍ପନ ଅନୁଭବ କରିବା; କ୍ରମ-ବିକାଶ ଲାଭ କରିବା; 2. ବି. ଧୀରଗତି, ସଙ୍କୋଚନ, ଦାବିବା ଫଳରେ ଧାତବ୍ୟ ଦ୍ରବ୍ୟର ଆକୃତିରେ ସଂଘଟିତ କ୍ରମିକ ପରିବର୍ତ୍ତନ; *କ.ଭା.* ବିରକ୍ତିକର ବ୍ୟକ୍ତି the creeps; *କ.ଭା.* ଭୟଜନିତ କମ୍ପନ ବା ସ୍ନାୟୁ ସଙ୍କୋଚନ।

**creeper** ବି. ଲତା; ଘୁଷୁରି ଘୁଷୁରି ଯାଉଥିବା ବ୍ୟକ୍ତି ବା ମାଡ଼ି ଯାଉଥିବା ବସ୍ତୁ; *ସା.ପ୍ର.* କୋମଳ ଗୋଇଠି ଥିବା ଯୋତା।

Digitized by srujanika@gmail.com

**creepy** ବିଂ. ରୋମାଞ୍ଚକର, ଆତଙ୍କଜନକ, ଉକ୍ତ ଅନୁଭବବିଶିଷ୍ଟ; କ୍ରି.ବିଂ. creepily; ବି. creepiness.

**creepy-crawly** ବି. କ.ଭା. ଘୁଷୁରି ଘୁଷୁରି ଯାଉଥିବା କ୍ଷୁଦ୍ର ପତଙ୍ଗ ବିଶେଷ।

**cremate** ସ.କ୍ରି. ଶବଦାହ କରିବା; ବି. cremation.

**crematorium** (ବ.ବ. crematoria) ଶବଦାହର ସ୍ଥାନ, ଶ୍ମଶାନ।

**crematory** ବିଂ. ଶବଦାହ ସମ୍ବନ୍ଧୀୟ, ଶ୍ମଶାନ।

**crenellated** ବିଂ. (ବନ୍ଧୁକ ବା ତୋପ ମାରିବା ନିମନ୍ତେ) ଛିଦ୍ରଯୁକ୍ତ ଦୁର୍ଗପ୍ରାଚୀର ବିଶିଷ୍ଟ; ବି. crenellation.

**Creole** 1. ବି. ୱେଷ୍ଟ୍ ଇଣ୍ଡିଜ୍ ଦ୍ୱୀପପୁଞ୍ଜ କିମ୍ବା ମଧ୍ୟ ବା ଦକ୍ଷିଣ ଆମେରିକା ନିବାସୀ ଇଉରୋପୀୟ ବଂଶଧର; ଦକ୍ଷିଣ ଆମେରିକା ନିବାସୀ ଫରାସୀମାନଙ୍କ ଶ୍ୱେତାଙ୍ଗ ବଂଶଧର; ଇଉରୋପୀୟ ଓ ନିଗ୍ରୋଙ୍କ ମିଶ୍ରଣଜାତ ବ୍ୟକ୍ତି; ଉକ୍ତ ଅଞ୍ଚଳମାନଙ୍କରେ କଥିତ ଭାଷା; 2. ବିଂ. କ୍ରିଓଲ ସମ୍ବନ୍ଧୀୟ।

**creosote** 1. ବି. ଆଲକାତରାରୁ ପରିସ୍ରୁତ କଡ଼ାଗନ୍ଧମିଶା ବାଦାମୀ ତେଲ, କାଠ ସୁରକ୍ଷିତ ରଖିବାରେ ଏହା ବ୍ୟବହୃତ ହୁଏ, କୀଟନାଶକ ତୈଳାକ୍ତ ପଦାର୍ଥ; 2. ସ.କ୍ରି. ଉକ୍ତ ତୈଳଦ୍ୱାରା ଉପଚାର କରିବା।

**crepe** ବି. ତରଙ୍ଗାୟିତ ରେଶମ ବା କାର୍ପାସ ବସ୍ତ୍ର; ଯୋତାର ତଳ ଭାଗ ପ୍ରଭୃତିରେ ବ୍ୟବହୃତ ହେଉଥିବା ତରଙ୍ଗାୟିତ ରବର ଖଣ୍ଡ; crepe paper ଏହି ପ୍ରକାର କାଗଜ।

**crepitate** ଅ.କ୍ରି. ଚଡ଼ଚଡ଼ ବା ଫଟଫଟ ଶବ୍ଦ କରିବା; ବି. crepitation.

**crept** 'creep' କ୍ରିୟାର ଅ.କା. ଓ ଅ.କ୍ରି.କ.ପ.।

**crepuscular** ବିଂ. ଗୋଧୂଳି ସମ୍ବନ୍ଧୀୟ, ଅସ୍ପଷ୍ଟ, ନିଷ୍ପ୍ରଭ; (ପ୍ରାଣୀମାନଙ୍କ ସମ୍ପର୍କରେ) ଗୋଧୂଳିବେଳେ, ପ୍ରଦୋଷବେଳେ।

**crescendo** 1. କ୍ରି.ବିଂ. କ୍ରମବର୍ଦ୍ଧମାନ ସ୍ୱର ସହିତ; 2. ବି. (ବ.ବ crescendos) ସଙ୍ଗୀତରେ କ୍ରମବର୍ଦ୍ଧମାନ ସ୍ୱର; (ଲକ୍ଷଣାର୍ଥରେ) ଚରମ ସୀମା ଆଡ଼କୁ ପ୍ରଗତି।

**crescent** 1. ବି. ବର୍ଦ୍ଧିଷ୍ଣୁ ଚନ୍ଦ୍ର, ବାଳଚନ୍ଦ୍ର, ତୁର୍କୀ ବା ମୁସଲମାନ୍‌ମାନଙ୍କର ପ୍ରତୀକ; ବାଳଚନ୍ଦ୍ରାକୃତି ଯେ କୌଣସି ପଦାର୍ଥ; 2. ବିଂ. ବାଳଚନ୍ଦ୍ରାକୃତି, କ୍ରମବର୍ଦ୍ଧିଷ୍ଣୁ।

**cress** ବି. କଟୁ ଓ ଖାଦ୍ୟଯୋଗ୍ୟ ପତ୍ର ବିଶିଷ୍ଟ ବିଭିନ୍ନ ଛୋଟଗଛ।

**crest** 1. ବି. ପକ୍ଷୀ ବା ପ୍ରାଣୀର ମସ୍ତକଚୂଳ; ମୁକୁଟ, ଶିରସ୍ତ୍ରାଣ ପ୍ରଭୃତିର ଉପରିସ୍ଥ ପକ୍ଷଗୁଚ୍ଛ; ପର୍ବତ ଶିଖର, ଛାତର ଅଗ୍ରଭାଗ, ତରଙ୍ଗର ଉପରିସ୍ଥ ଫେଣର କୁଞ୍ଚନ; 2. କ୍ରି. ଚୂଳଯୁକ୍ତ କରିବା, ଚୂଳ ବା ମୁକୁଟ ଦ୍ୱାରା ଭୂଷିତ କରିବା, ଶିଖରରେ ପହଞ୍ଚିବା।

**crestfallen** ବିଂ. ବିଷଣ୍ଣ, ଲଜ୍ଜିତ, ଅପ୍ରତିଭ।

**cretaceous** ବିଂ. ଖଡ଼ି (ଚକ୍) ସଦୃଶ; ଖଡ଼ିମୟ।

**cretin** ବି. ଥାଇରଏଡ଼ ଗ୍ରନ୍ଥିର ରସାଭାବ ବା ରୋଗଯୋଗୁ ଗଳଗଣ୍ଡ ରୋଗଗ୍ରସ୍ତ ବିକଳାଙ୍ଗ ଓ ନିର୍ବୋଧ ବ୍ୟକ୍ତି; କ.ଭା. ନିର୍ବୋଧ ବ୍ୟକ୍ତି; ବି. cretinism; ବିଂ. cretinous.

**cretonne** ବି. ଚୌକି ପ୍ରଭୃତିର ଆଚ୍ଛାଦନ ସ୍ୱରୂପ ବ୍ୟବହୃତ ଛିଟ ଲୁଗା।

**crevasse** ବି. ତୁଷାରସ୍ରୋତ ବା ଗ୍ଲେସିଅର ମଧ୍ୟବର୍ତ୍ତୀ ଗଭୀର ଖୋଲା ଫାଟ।

**crevice** ବି. (କାନ୍ଥ, ପଥର ପ୍ରଭୃତିରେ) ଫାଟ, ଫାଙ୍କ।

**crew** ବି. ଉଡ଼ାଜାହାଜ, ବୁଡ଼ାଜାହାଜ ବା ନୌକାର ନାବିକଦଳ; ଜାହାଜର କର୍ମଚାରୀବର୍ଗ; ଏକତ୍ର କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ଦଳ; crew cut ପୋଛିକରି ବା ଛୋଟକରି କେଶକର୍ତ୍ତନ; crew neck (ପୁଲ ଓଭରର) ଗୋଲ ଗଳା।

**crewel** ବି. ସୂଚୀକାମରେ ବ୍ୟବହୃତ ଏକପ୍ରକାର ପଶମ ସୂତା।

**crib** 1. ବି. ପ୍ରାଣୀମାନଙ୍କ ପାଇଁ କାଷ୍ଠନିର୍ମିତ ଖାଦ୍ୟପାତ୍ର ବା କୁଣ୍ଡ; ଶିଶୁର ଶଯ୍ୟା ବା ଖଟ; ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କ ମଧ୍ୟରେ ଏକପ୍ରକାର ତାସ୍ ଖେଳ; କ.ଭା. ଅନ୍ୟଜଣଙ୍କର ରଚନା ପ୍ରଭୃତିର ନିଜ ନାମରେ ଅପପ୍ରୟୋଗ; ଛାତ୍ରମାନଙ୍କ ବ୍ୟବହାର ନିମନ୍ତେ ଆକ୍ଷରିକ ଅନୁବାଦ; 2. ସ.କ୍ରି. ପିଞ୍ଜରାବଦ୍ଧ କରିବା; ଅନ୍ୟର ରଚନାକୁ ନିଜର ବୋଲି କହି ବ୍ୟବହାର କରିବା; ଅନ୍ୟାୟସଙ୍ଗତ ଭାବରେ ବା ସ୍ୱୀକାରୋକ୍ତି ବିନା ଅନ୍ୟର ଲେଖାକୁ ନକଲ କରିବା।

**cribbage** ବି. ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କ ମଧ୍ୟରେ ଏକ ପ୍ରକାର ତାସ୍ ଖେଳ।

Digitized by srujanika@gmail.com

**crick** 1. ବି. ରକା; ଆକସ୍ମିକ ଯନ୍ତ୍ରଣା ହେତୁ ଗ୍ରୀବା ବା ପୃଷ୍ଠର ସଙ୍କୋଚନ; 2. ରକା ପଶିବା ।

**cricket**[1] ବି. କ୍ରିକେଟ୍ ଖେଳ, ଦଣ୍ଡ-କନ୍ଦୁକ ଖେଳ ।

**cricket**[2] ବି. ଝିଙ୍କାରି; ଝିଲ୍ଲୀ ।

**cricketer** ବି. କ୍ରିକେଟ୍ ଖେଳାଳି ।

**crier** ବି. ଚିତ୍କାରକାରୀ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସରକାରୀ ଆଦେଶର ଘୋଷଣାକାରୀ ।

**crikey** *ଗା.ପ୍ର.* ବିସ୍ମୟସୂଚକ ଅବ୍ୟୟ ।

**crime** ବି. ଆଇନ୍ ସମ୍ମତ ଦଣ୍ଡନୀୟ ଅପରାଧ, ଦୁଷ୍କର୍ମ, ସାମୂହିକ ଭାବରେ ଉକ୍ତ କର୍ମ ।

**criminal** 1. ବି. ଅପରାଧୀ ବ୍ୟକ୍ତି; 2. ବିଂ. ଅପରାଧ ସମ୍ବନ୍ଧୀୟ, ଅପରାଧାତ୍ମକ, ବେଆଇନ୍, ଫୌଜଦାରୀ; ବି. criminality; *କ୍ରି.ବିଂ.* criminally.

**criminology** ବି. ଅପରାଧର ବୈଜ୍ଞାନିକ ଅଧ୍ୟୟନ; ଅପରାଧବିଜ୍ଞାନ; criminologist ବି. ଅପରାଧ ବିଜ୍ଞାନ ବିଶେଷଜ୍ଞ ।

**crimp** 1. *ସ.କ୍ରି.* କୁଞ୍ଚିତ କରିବା, ଭାଙ୍ଗ କରିବା, (କେଶକୁ) ତରଙ୍ଗାୟିତ କରିବା; 2. ବି. କୁଞ୍ଚିତ ପଦାର୍ଥ ।

**crimson** 1. ବିଂ. (ସାମାନ୍ୟ ନୀଳ ମିଶ୍ରିତ) ଗାଢ଼ଲାଲ; 2. ବି. ଈଷତ୍ ନୀଳମିଶ୍ରିତ ଗାଢ଼ ଲାଲବର୍ଣ୍ଣ; ରକ୍ତବର୍ଣ୍ଣ, ଅଳତା ବର୍ଣ୍ଣ ।

**cringe** *ଅ.କ୍ରି.* ଭୟରେ ସଙ୍କୁଚିତ ହୋଇ ପଛକୁ ଘୁଞ୍ଚିଯିବା, ଭୟରେ ଜାକିଜୁକି ହୋଇ ବସିବା ବା ଠିଆହେବା; ଆଜ୍ଞାକାରୀ ବା ବିନୀତ ଭାବରେ ବ୍ୟବହାର କରିବା ।

**crinkle** 1. ବି. କୁଞ୍ଚନ, ଭାଙ୍ଗ; 2. *କ୍ରି.* କୁଞ୍ଚିତ କରିବା, ଭାଙ୍ଗ କରିବା ବା ପଡ଼ିବା ।

**crinoline** ବି. ସ୍ତ୍ରୀଲୋକମାନଙ୍କର ଘାଗରା, ପେଟିକୋଟ ଆଦିରେ ଅସ୍ତର ଭାବରେ ବ୍ୟବହୃତ ମୋଟା କପଡ଼ା ।

**cripple** 1. ବି. ପଙ୍ଗୁ, ଛୋଟା ଲୋକ, ଖଞ୍ଜ; 2. *ସ.କ୍ରି.* (କୌଣସି ବ୍ୟକ୍ତିକୁ) ଛୋଟା ବା ପଙ୍ଗୁ କରିଦେବା, ଅସମର୍ଥ କରିବା, ଦୁର୍ବଳ କରିବା; ସାଂଘାତିକ ଭାବରେ କ୍ଷତି କରିବା ।

**crisis** ( ବ.ବ. crises) ବି. ସଂକଟ, ସନ୍ଧିସ୍ଥଳ, ବିପତ୍ତି ବା ବଡ଼ ବାଧାବିଘ୍ନର ସମୟ ।

**crisp** 1. ବିଂ. ଶୁଷ୍କ କିନ୍ତୁ ଭଙ୍ଗପ୍ରବଣ, ଟାଣ ଓ ମୁସମୁସିଆ, ଖାସା; ସୁଖପ୍ରଦ (ବାୟୁ); ଜୀବନ୍ତ (ଶୈଳୀ); କଡ଼ା (କାଗଜ); ଘନ ଭାବରେ କୁଞ୍ଚିତ (କେଶ); 2. ବି. ପତଳା ଭଜା ବିଲାତିଆଳୁ ଖଣ୍ଡ; 3. *କ୍ରି.* ଟାଣ ଓ ମୁସମୁସିଆ କରିବା; ବିଂ. crispy.

**crispbread** ବି. ଏକପ୍ରକାର ପତଳା ମୁସମୁସିଆ ବିସ୍କୁଟ ।

**criss–cross** 1. ବି. ଛକଚିହ୍ନର ପେଟର୍ଣ୍ଣ; 2. ବିଂ. ଛକଚିହ୍ନିତ, ଛକଚିତ୍ରିତ; 3. *କ୍ରି.ବିଂ.* ଛକ ଆକାରରେ; 4. *କ୍ରି.* କୋଣାକୋଣି ଛକ ଆକାରରେ ବିପରୀତ ଦିଗରେ ଚିହ୍ନିତ କରିବା ବା ଗତି କରିବା ।

**criterion** ( ବ.ବ. criteria) ମାନଦଣ୍ଡ, ନୀତି ବା ମାନ ଯାହାଦ୍ୱାରା କୌଣସି ବସ୍ତୁକୁ ବିଚାର କରାଯାଏ ।

**critic** ବି. (ସାହିତ୍ୟ, କଳା ବା ସଂଗୀତର) ସମାଲୋଚକ ବା ଗୁଣଦୋଷ ବିଚାରକ ।

**critical** ବିଂ. ସମାଲୋଚନା ସମ୍ବନ୍ଧୀୟ, ସମାଲୋଚନାମୂଳକ; ଦୋଷଦର୍ଶୀ, ସଂକଟମୟ, ବିପତ୍ତିସଂକୁଳ, ଉଦ୍‌ବେଗଜନକ, ଗୁରୁତର; ଏକ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ଗତିଶୀଳ; *କ୍ରି.ବିଂ.* critically.

**criticism** ବି. ସମାଲୋଚନା, ଦୋଷଗୁଣ ବିଚାର, ନିନ୍ଦା, ସମାଲୋଚନାମୂଳକ ପ୍ରବନ୍ଧ ବା ମନ୍ତବ୍ୟ; ସାହିତ୍ୟ, ଶିଳ୍ପକଳା ପ୍ରଭୃତିର ରସାସ୍ୱାଦର ଭାଷାରୂପ ।

**criticize** *ସ.କ୍ରି.* ସମାଲୋଚନା କରିବା, ଦୋଷଗୁଣ ଦେଖାଇବା, ନିନ୍ଦା କରିବା, ଆଲୋଚନା କରିବା ।

**critique** ବି. ସମାଲୋଚନାମୂଳକ ପ୍ରବନ୍ଧ ବା ବିଶ୍ଳେଷଣ, ସମାଲୋଚନା ।

**croak** 1. ବି. ଡାମରାକାଉ ବା ବେଙ୍ଗର ଅତି କର୍କଶ ରବ; 2. *ଅ.କ୍ରି.* ସେହିପରି ରବ କରିବା ।

**crochet** 1. ବି. ବକ୍ରାଗ୍ରସୂଚି ବା କ୍ରୁଶକଣ୍ଟାଦ୍ୱାରା ବୁଣା ହୋଇଥିବା କାର୍ଯ୍ୟ; 2. *ସ.କ୍ରି.* ବକ୍ରାଗ୍ରସୂଚୀ ବା କ୍ରୁଶଦ୍ୱାରା ବୁଣିବା ।

**crock**[1] ବି. *କ.ଭା.* ଅକ୍ଷମ ବା ଅକର୍ମଣ୍ୟ ବ୍ୟକ୍ତି; ଜୀର୍ଣ୍ଣଯାନ, ଜାହାଜ ପ୍ରଭୃତି ।

**crock**[2] ବି. ମାଠିଆ, ହାଣ୍ଡି, ଆଟିକା ପ୍ରଭୃତି ମାଟିର ପାତ୍ର; ଉକ୍ତ ପାତ୍ରର ଭଗ୍ନାଂଶ ।

**crockery** ବି. ମୃଣ୍ମୟ ବା ଚିନାମାଟିର ପାତ୍ର ସବୁ ।

Digitized by srujanika@gmail.com

**crocodile** ବି. କୁମ୍ଭୀର, କୁମ୍ଭୀର ଚମଡ଼ା; *କ.ଭା.* ଦୁଇ-ଦୁଇ ଜଣ କରି ଚାଲୁଥିବା ସ୍କୁଲପିଲା ପ୍ରଭୃତିଙ୍କ ପଂକ୍ତି; crocodile tears ଛଳରୋଦନ, କୁମ୍ଭୀର କାନ୍ଦଣା।

**crocus** ବି. ଏକ ପ୍ରକାର ବସନ୍ତକାଳୀନ ଫୁଲ (ଭୂଇଁଚମ୍ପା ଜାତୀୟ), ଉକ୍ତ ଗଛ।

**Croesus** ବି. ଅତି ଧନୀ ବ୍ୟକ୍ତି; (ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀର ଲିଡିଆ ଦେଶର ଅତି ଧନଶାଳୀ ରାଜାଙ୍କ ନାମାନୁସାରେ)।

**croft** 1. ବି. ବାସଭବନ ନିକଟବର୍ତ୍ତୀ କୃଷିକର୍ମ ଉପଯୋଗୀ କ୍ଷୁଦ୍ର ଉଦ୍ୟାନ; 2. *ଅ.କ୍ରି.* ଉକ୍ତ ପ୍ରକାର ଜମି ପଟ୍ଟା ନେଇ ଆବାଦ କରିବା, ଉକ୍ତ ଜମିରେ ବାସ କରିବା; ବି. crofter.

**crone** ବି. ଜୀର୍ଣ୍ଣଶୀର୍ଣ୍ଣ ବୃଦ୍ଧା।

**crony** ବି. ଘନିଷ୍ଠ ବା ଅନ୍ତରଙ୍ଗ ବନ୍ଧୁ, ସୁହୃଦ୍।

**crook** 1. ବି. ମେଷପାଳକ ବା ବିଶପଙ୍କର ଆଙ୍କୁଡ଼ିଯୁକ୍ତ ବାଡ଼ି; ବଙ୍କା ଜିନିଷ; ବାଙ୍କ; *କ.ଭା.* ବଦମାସ୍, ଜୁଆଚୋର, ଦାଗୀ ଅପରାଧୀ; 2. *କ୍ରି.* ବଙ୍କା କରିବା, ବଙ୍କେଇବା।

**crooked** ବିଂ. ବକ୍ର, କୁଟିଳ; *କ.ଭା.* ଅସାଧୁ, କପଟୀ।

**croon** 1. *ଅ.କ୍ରି.* ଗୁଣୁଗୁଣୁ ଶବ୍ଦ କରିବା, ଭାବାପନ୍ନ ହୋଇ ଗୁଣୁଗୁଣୁ ସ୍ୱରରେ ଗୀତ ଗାଇବା; 2. ବି. ଗୁଣୁଗୁଣୁ ଗାନ।

**crop** 1. ବି. ଶସ୍ୟ, ଫସଲ, ସଂଗୃହୀତ ଶସ୍ୟ, ଉତ୍ପନ୍ନ ସମୁଦାୟ ଉତ୍ପାଦନ; ଛୋଟ ଛୋଟ କଟାବାଳ; ପକ୍ଷୀର ଗଳଗହ୍ୱର; 2. *ସ.କ୍ରି.* (ଶସ୍ୟ) କାଟିବା ବା ସଂଗ୍ରହ କରିବା, (କେଶ) ଛୋଟ ଛୋଟ କରି କାଟିବା; (ମଞ୍ଜି) ବୁଣିବା; (ଜମି) ଫସଲରେ ଭରିଯିବା; crop-eared କାନକଟା (ଜନ୍ତୁ), crop up ଦୈବାତ୍ ଘଟିବା, ଉଦ୍‌ଭବ ହେବା।

**cropper** ବି. ଶସ୍ୟ ଉତ୍ପାଦକ ଉଦ୍ଭିଦ।

**croquet** 1. ବି. କାଠପେଣ୍ଡୁ ଓ ହାତୁଡ଼ିର ଖେଳ; 2. *ସ.କ୍ରି.* ନିଜର ପେଣ୍ଡୁଦ୍ୱାରା ବିପରୀତ ପକ୍ଷର ପେଣ୍ଡୁକୁ ବଳପ୍ରୟୋଗ ପୂର୍ବକ ଠେଲିଦେବା।

**croquette** ବି. ପାଉଁରୁଟି ସହିତ ଆଳୁ, ମାଂସ ପ୍ରଭୃତିର ରୋଲ୍।

**crore** ବି. (ଗଣିତ) ଏକ କୋଟି।

**crosier** ବି. ବିଶପଙ୍କ ପଦର ପ୍ରତୀକ ସ୍ୱରୂପ ବ୍ୟବହୃତ ବକ୍ର ଦଣ୍ଡ।

**cross** 1. ବି. ପ୍ରାଚୀନ ରୋମ୍ ପ୍ରଭୃତି ରାଜ୍ୟରେ ମୃତ୍ୟୁଦଣ୍ଡ ପାଇଁ ବ୍ୟବହୃତ ହେଉଥିବା ଛକ ଆକୃତି ବିଶିଷ୍ଟ ଖମ୍ବ; ଖ୍ରୀଷ୍ଟଧର୍ମର ପ୍ରତୀକ ବା ନିଦର୍ଶନ, କ୍ରୁଶ ଆକୃତିର ପଦକ ବା ଭୂଷଣ ଯାହା ବ୍ୟକ୍ତିର ବୀରତ୍ୱ ନିମନ୍ତେ ପୁରସ୍କାର ସ୍ୱରୂପ ପ୍ରଦତ୍ତ ହୁଏ; ଛକ ବା ଚତୁଷ୍ପଥ; (ଲକ୍ଷଣାର୍ଥରେ) ଯନ୍ତ୍ରଣା, ଦୁଃଖ, କଷ୍ଟ, କ୍ଳେଶ, ଦୁର୍ଭାଗ୍ୟ; ଦୁଇ ଜାତିର ମିଶ୍ରଣ, ସଙ୍କର; 2. ବିଂ. (ବ୍ୟକ୍ତି ସମ୍ପର୍କରେ) କ୍ରୋଧୀ, ରାଗୀ, ଚିଡ଼ଚିଡ଼ା, କ୍ରୁଦ୍ଧ; ଛକ ଆକୃତି ବିଶିଷ୍ଟ, ପରସ୍ପର ଛେଦନକାରୀ; ବିପରୀତ, ପ୍ରତିକୂଳ; 3. *ସ.କ୍ରି.* (ସଡକ, ନଦୀ, ସମୁଦ୍ର, ଅଞ୍ଚଳ, ପ୍ରଭୃତି) ପାର କରିବା; କ୍ରୁଶଚିହ୍ନ ଦେବା; ଛକଦେଇ କାଟିଦେବା, (ଚେକ୍‌ରେ) ସମାନ୍ତରାଳ ରେଖାଦେବା; the Cross ଯେଉଁ କ୍ରୁଶରେ ବିଦ୍ଧ ହୋଇ ଯୀଶୁ ପ୍ରାଣତ୍ୟାଗ କରିଥିଲେ; ଖ୍ରୀଷ୍ଟଧର୍ମ; be at cross purposes ପରସ୍ପରକୁ ଭୁଲ ବୁଝିବା, ପରସ୍ପର ସହିତ କଳହ ବା ସଂଘର୍ଷ କରିବା; cross-breed 1. ବି. ଖଚର, ପ୍ରାଣୀ ବା ଉଦ୍ଭିଦର ସଙ୍କର ବା ମିଶ୍ରିତ ଜାତି; 2. *ସ.କ୍ରି.* ସଙ୍କର ବା ମିଶ୍ରଜାତି ଉତ୍ପାଦନ; cross-check ବି./କ୍ରି. ଏକାନ୍ତର ପଦ୍ଧତିରେ ଯାଞ୍ଚ କରିନେବା; cross-country ରାସ୍ତା ଅନୁସରଣ ନକରି ପ୍ରାନ୍ତର ମଧ୍ୟଭାଗଦେଇ ଏକପଟରୁ ଆରପଟ; cross-cut ଜମି ମଧ୍ୟରେ ଆଡ଼ାଆଡ଼ି (କର୍ଣ୍ଣଭାବରେ ପ୍ରସ୍ତୁତ) ରାସ୍ତା; cross-examination କୂଟପ୍ରଶ୍ନ, ଜେରା; cross-fertilization ବି. (ଉଦ୍‌ଭିଦ) ପରାଗ ସଂଗମ; (ଜନ୍ତୁ) ପରିନିଷେକୀକରଣ; କ୍ରି. cross-fertilize; cross-grained ବିଂ. (କାଠ) ବିପରୀତଗାମୀ ଶିରା ବିଶିଷ୍ଟ, (ବ୍ୟକ୍ତି) ଅବୁଝା, କ୍ରୋଧୀ; cross one's heart ଆନ୍ତରିକତାର ନିଦର୍ଶନ ଦେଖାଇବା; cross--legged ବିଂ. ଚକା ଆସୀନ ହୋଇ; cross multiplication ବଜ୍ରଗୁଣନ; cross one's mind ମନରେ ଉଦିତ ହେବା; cross out (ତାଲିକାରୁ) କାଟିଦେବା; cross purpose ବିରୁଦ୍ଧ ଅଭିପ୍ରାୟ; cross-question ପ୍ରତିପ୍ରଶ୍ନ, ଜେରା; cross-reference ପ୍ରତିନିର୍ଦ୍ଦେଶ, ବହିର ଏକ ଅଂଶରୁ ଅନ୍ୟ ଅଂଶ ସହିତ ତୁଳନା କରିବା ନିମନ୍ତେ ଉଲ୍ଲେଖ କରିବା; cross--section କୌଣସି ପଦାର୍ଥର ଦୈର୍ଘ୍ୟ ସହିତ

Digitized by srujanika@gmail.com

ସମକୋଣ କରି କଟାଯାଇଥବା ଅଂଶ, ଆଡ଼କାଟ; cross-stitch ଛକି ସିଲାଇ, ଆଡ଼ସିଲାଇ; cross-talk ଆଡ଼ ଉକ୍ତି (ରସିକତା ପୂର୍ଣ୍ଣ), (ସଂବାଦ ସଂକ୍ରମଣରେ) ଏକ ମାଧମରୁ ଅନ୍ୟଏକ ମାଧମକୁ ଅନାବଶ୍ୟକ ସଙ୍କେତ ପ୍ରେରଣ।

**crossbar** ବି. ଆଡ଼ିକାଠ।

**crossbill** ବି. ଏକଜାତୀୟ ପକ୍ଷୀ।

**crossbow** ବି. ମଧ୍ୟଯୁଗରେ ବ୍ୟବହୃତ ଏକପ୍ରକାର ଧନୁ।

**crossfire** ବି. ଏକ ସମୟରେ ବିଭିନ୍ନ ଦିଗରୁ ଗୋଳାବର୍ଷଣ, ହଠାତ ବିଭିନ୍ନ ଦିଗରୁ ପ୍ରତିବାଦ ଓ ପ୍ରଶ୍ନ।

**crossing** ବି. ଛକ ଜାଗା, ଚୌକ।

**crossroad** ବି. ଦୁଇଟି ରାସ୍ତାର ପରସ୍ପର ଛେଦନସ୍ଥଳ; at the crossroads ନିଷ୍ପତ୍ତି ଓ କାର୍ଯ୍ୟପନ୍ଥା ସ୍ଥିରୀକରଣର ସ୍ଥଳ।

**crosswise** *କ୍ରି.ବିଂ.* (crossways ମଧ) ଛକ ପକାଇଲା ପରି, ତରଛା ତେରଛି ଭାବରେ।

**crossword** ବି. ଶବ୍ଦଧନ୍ଦା।

**crotch** ବି. ଯେଉଁ ସ୍ଥାନରେ ଶରୀର ବା ପୋଷାକ ପ୍ରଭୃତିର ଗୋଡ଼ ଦୁଇଭାଗରେ ବିଭକ୍ତ ହୋଇଥାଏ।

**crotchet** ବି. ସଙ୍ଗୀତର ସ୍ୱରବିଶେଷ, ଉକ୍ତ ସ୍ୱରସୂଚକ ଚିହ୍ନ।

**crotchety** ବିଂ. ଚିଡ଼ିଚିଡ଼ା, କଳହପ୍ରିୟ।

**croton** ବି. ଜୟପାଳ ଗଛ, ଶୋଭନୀୟ ପତ୍ରଯୁକ୍ତ ଗଛ, କ୍ରୋଟନ।

**crouch** 1. *ଅ.କ୍ରି.* ଛାତି ଆଡ଼କୁ ଆଣ୍ଠୁଭାଙ୍ଗି ନଇଁ ପଡ଼ିବା, ଜାକିଜୁକି ହୋଇ ବସିବା, ଉକ୍ତ ସ୍ଥିତିରେ ରହିବା; 2. ବି. ଜାକିଜୁକି ହୋଇ ବସିବା ଅବସ୍ଥା।

**croup** 1. ବି. ଶିଶୁମାନଙ୍କର ଦୁଃସହ କାଶ ସହିତ ଗଳନାଳୀର ପ୍ରଦାହ ଓ ଶ୍ୱାସକଷ୍ଟ; 2. ବି. ଅଶ୍ୱର ପଶ୍ଚାଦ୍‌ଭାଗ।

**croupier** ବି. ଜୁଆଖେଳରେ ତତ୍ତ୍ୱାବଧାରକ ବ୍ୟକ୍ତି, ଯେ ଖେଳାଳିମାନଙ୍କଠାରୁ ଟଙ୍କାପଇସା ଲେଣ ଦେଣ କରନ୍ତି।

**crow** 1. ବି. କାଉ, ସେହି ଜାତୀୟ ପକ୍ଷୀ; କାକ ବା କୁକ୍କୁଟର ରବ, ଶିଶୁର ଉଚ୍ଚ କର୍କଶ ଧ୍ୱନି; 2. *ଅ.କ୍ରି.* (କାଉ ବା କୁକୁଡ଼ା) ବୋବାଇବା, (ଶିଶୁ) ଉଚ୍ଚ ସ୍ୱରରେ ରଡ଼ି କରିବା, (ବ୍ୟକ୍ତି) ସନ୍ତୋଷ ଓ ଉଲ୍ଲାସ ପ୍ରକାଶ କରିବା; as the crow flies ଏକ ସରଳ ରେଖାରେ; crow's foot ଆଖି ପତାର ବାହାରପଟ କୋଣମାନଙ୍କର କୁଞ୍ଚିତ ଅବସ୍ଥା।

**crowbar** ବି. ଶାବଳ।

**crowd** 1. ବି. ଜନତା, ଜନସମାଗମ, ଲୋକଗହଳି, ଭିଡ଼, ବିଶୃଙ୍ଖଳିତ ଭାବରେ ସମାବିଷ୍ଟ ଜନ ସମଷ୍ଟି; ଦର୍ଶକବର୍ଗ; *କ.ଭା.* ଦଳ, ସମଷ୍ଟି; 2. କ୍ରି. (ଲୋକ) ଗହଳି ବା ଭିଡ଼ କରିବା, ([illegible] ଦ୍ୱାରା) ଅତ୍ୟଧିକ ଭାବରେ ପୂର୍ଣ୍ଣ crowded ବିଂ. ଜନପୂର୍ଣ୍ଣ।

**crown** 1. ବି. ମୁକୁଟ, କିରୀଟ, ମଣିମୁକ୍ତାଖଚିତ ରାଜମୁକୁଟ; ରାଜଶକ୍ତି; ବିଜୟର ନିଦର୍ଶନ ଶିରୋମାଲ୍ୟ, ଉଦ୍ୟମର ପୁରସ୍କାର; ଚେଷ୍ଟାର ଚରମୋତ୍କର୍ଷ, ପରିସମାପ୍ତି; କୌଣସି ପଦାର୍ଥର ଅଗ୍ରଭାଗ, ଚୂଳ ବା ଚୂଡ଼ା; ବିଲାତର ରୌପ୍ୟମୁଦ୍ରା; 2. *ସ.କ୍ରି.* ରାଜମୁକୁଟ ପିନ୍ଧାଇବା, ମୁକୁଟ ଦ୍ୱାରା ପରିଶୋଭିତ କରିବା, ଅଭିଷେକ କରାଇବା; Crown Colony ରାଜାଙ୍କର ପ୍ରତ୍ୟକ୍ଷ ଶାସନାଧୀନ ଉପନିବେଶ; Crown Prince ଯୁବରାଜ; Crown Princess ଯୁବରାଜଙ୍କର ସ୍ତ୍ରୀ, ସାମ୍ରାଜ୍ୟର ଉତ୍ତରାଧିକାରିଣୀ।

**crozier** *ଦ୍ର.* crosier.

**crucial** ବିଂ. ସୈଦ୍ଧାନ୍ତିକ, ସିଦ୍ଧାନ୍ତମୂଳକ, ସଂକଟପୂର୍ଣ୍ଣ, *କ.ଭା.* ଅତି ଗୁରୁତ୍ୱପୂର୍ଣ୍ଣ।

**crucible** ବି. ଧାତୁ ତରଳାଇବା ନିମନ୍ତେ ବ୍ୟବହୃତ ପାତ୍ର; କୋଇ, ମୁଚି; *(ଲାକ୍ଷ.)* ଅତି କଠୋର ପରୀକ୍ଷା।

**cruciferous** ବିଂ. ଛକ ଆକାରରେ ଚାରି ସମାନ ପାଖୁଡ଼ା ବିଶିଷ୍ଟ (ଫୁଲ), ଉଦା. ସୋରିଷ ଫୁଲ।

**crucifix** ବି. ଯୀଶୁଖ୍ରୀଷ୍ଟଙ୍କର ପ୍ରତିମୂର୍ତ୍ତି ସହିତ କ୍ରୁଶର ନମୁନା।

**crucifixion** ବି. କ୍ରୁଶବିଦ୍ଧୀକରଣ ବା କ୍ରୁଶବିଦ୍ଧାବସ୍ଥା; the Crucifixion ଯୀଶୁଙ୍କର କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ।

**cruciform** ବିଂ. କ୍ରୁଶ ଆକୃତି ବିଶିଷ୍ଟ।

**crucify** *ସ.କ୍ରି.* କ୍ରୁଶବିଦ୍ଧ କରି ମୃତ୍ୟୁ ଘଟାଇବା; ପୀଡ଼ା ବା କ୍ଲେଶଦେବା; ତର୍କ ବିତର୍କ ପ୍ରଭୃତି ଦ୍ୱାରା ଅନିଷ୍ଟ ସାଧନ କରିବା।

**crude** ବିଂ. ପ୍ରାକୃତିକ ବା ସ୍ୱାଭାବିକ ଅବସ୍ଥା; ଅଶୋଧିତ, ଅପରିଷ୍କୃତ, ଅମାର୍ଜିତ, ରୁଚିହୀନ; ବି. crudity.

Digitized by srujanika@gmail.com

**cruel** ବିଂ. ନିଷ୍ଠୁର, ନିର୍ଦ୍ଦୟ, ନୃଶଂସ; ଅନ୍ୟର ଦୁଃଖରେ ଉଦାସୀନ ବା ଆନନ୍ଦିତ, ପରପୀଡ଼କ; *କ୍ରି.ବିଂ.* cruelly; ବି. cruelty.

**cruet** ବି. ଶିର୍କା, ତେଲ, ଆଚାର ପ୍ରଭୃତି ରଖିବାର ଛୋଟ ଶିଶି ବା ବୋତଲ, ଉକ୍ତ ବୋତଲ ଓ ଲୁଣ, ମରିଚ ପ୍ରଭୃତି ରଖିବା ପାଇଁ ଉଦ୍ଦିଷ୍ଟ ବଙ୍ଗଠି।

**cruise** 1. *ଅ.କ୍ରି.* ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳ ବିନା ଜଳଯାତ୍ରା କରିବା ବା ବିଭିନ୍ନ ସ୍ଥାନ ପର୍ଯ୍ୟଟନ କରିବା; (ମଟରଗାଡ଼ି ବା ଉଡ଼ାଜାହାଜ ସମ୍ପର୍କରେ) ପରିମିତ ବେଗରେ ଭ୍ରମଣ ବା ଯାତ୍ରା କରିବା; (ଯାନ ବା ଚାଳକ ସମ୍ପର୍କରେ) ନିର୍ଦ୍ଦିଷ୍ଟ ଲକ୍ଷ୍ୟବିନା, ବିଶେଷତଃ ଧୀର ଗତିରେ ଭ୍ରମଣ କରିବା; 2. ବି. ପ୍ରମୋଦ ପର୍ଯ୍ୟଟନ, ଲକ୍ଷ୍ୟହୀନ ଜଳଯାତ୍ରା।

**cruiser** ବି. କ୍ଷିପ୍ରଗତିବିଶିଷ୍ଟ ଓ ଯୁଦ୍ଧ ଉପକରଣ ସମ୍ବଳିତ ଯୁଦ୍ଧଜାହାଜ; cruiser weight ମୁଷ୍ଟି ଓ ମଲ୍ଲଯୁଦ୍ଧରେ ୮୧ କିଲୋଗ୍ରାମ ବା ତାହାଠାରୁ କମ ଓଜନର ପ୍ରତିଯୋଗୀ।

**crumb** 1. ବି. (ବିଶେଷତଃ ରୁଟିର) ଛୋଟ ଟୁକୁରା ବା ଖଣ୍ଡ, ରୁଟି ଭିତରର କୋମଳ ଅଂଶ, କ୍ଷୁଦ୍ରାଂଶ ବା କ୍ଷୁଦ୍ରକଣା; 2. *ସ.କ୍ରି.* ରୁଟି ଟୁକୁରା ବା ଖଣ୍ଡ ଖଣ୍ଡ କରିବା, ରୁଟିଖଣ୍ଡ ଦ୍ୱାରା ପୂର୍ଣ୍ଣ କରିବା; ବିଂ. crumby.

**crumble** 1. *କ୍ରି.* (କ୍ଷମତା ବା ମାନସମ୍ମାନ ପ୍ରଭୃତି) ଭୁଷୁଡ଼ି ପଡ଼ିବା, ଖଣ୍ଡଖଣ୍ଡ ହୋଇଯିବା; ଧୀରେ ଧୀରେ କ୍ଷୟପ୍ରାପ୍ତ ହେବା; 2. ବି. ରନ୍ଧା ଫଳର ବ୍ୟଞ୍ଜନ; crumbly ବିଂ. ଭଙ୍ଗପ୍ରବଣ, କ୍ଷୟଶୀଳ।

**crumbs** *ଅ.* ଭୟ ବା ବିସ୍ମୟସୂଚକ ଅବ୍ୟୟ।

**crummy** ବିଂ. *ସା.ପ୍ର.* ଅପରିଷ୍କୃତ, ନିକୃଷ୍ଟ; ମୂଲ୍ୟହୀନ; ବି. crumminess.

**crumpet** ବି. ଏକ ପ୍ରକାର ଚେପ୍ଟା କୋମଳ ପିଠା, ଲହୁଣୀ ସହିତ ଏହା ଖିଆଯାଏ; *ସା.ପ୍ର.* ମୁଣ୍ଡ; ଆକର୍ଷଣୀୟା ନାରୀ।

**crumple** *କ୍ରି.* ଲୋଚାକୋଚା ହେବା; କୁଞ୍ଚିତ କରିବା, ଭାଙ୍ଗି ପଡ଼ିବା।

**crunch** 1. *କ୍ରି.* କଡ଼କଡ଼ କରି ଚୋବାଇବା; ପାଦତଳେ କଙ୍କର ବା ଶୁଖିଲା ବରଫ ପ୍ରଭୃତି ଗୁଣ୍ଡ କରିବା; 2. ବି. କଡ଼କଡ଼ ବା କଡ଼ମଡ଼ ଶବ୍ଦ; 3. *କ.ଭା.* କୌଣସି ସିଦ୍ଧାନ୍ତ ମୂଳକ ବା ସୈଦ୍ଧାନ୍ତିକ ଘଟଣା।

**crupper** ବି. ଘୋଡ଼ାର ଜିନ୍ ବନ୍ଧାରେ ବ୍ୟବହୃତ ଚମଡ଼ା ଫିତା।

**crusade** 1. ବି. ମୁସଲମାନ୍‌ମାନଙ୍କ ହସ୍ତରୁ ପବିତ୍ର ତୀର୍ଥସ୍ଥାନ ଜେରୁଜେଲମ୍‌ର ଉଦ୍ଧାର ନିମନ୍ତେ ମଧ୍ୟଯୁଗରେ ଇଉରୋପୀୟମାନଙ୍କ ରଣାଭିଯାନ; ଧର୍ମଯୁଦ୍ଧ, କୌଣସି ଉଦ୍ଦେଶ୍ୟ ସାଧନ ଲାଗି ସାହସିକ ଅଭିଯାନ ବା ଆନ୍ଦୋଳନ; 2. *କ୍ରି.* ଧର୍ମଯୁଦ୍ଧରେ ଯୋଗଦେବା ବା ନିୟୋଜିତ ହେବା।

**cruse** *ପ୍ରା.ପ୍ର.* ମାଟିର ବାସନ ବା ପାତ୍ର।

**crush** 1. *ସ.କ୍ରି.* ପେଷିବା, ଚାପିବା, ରଗଡ଼ିବା, ବାଟିବା, ଚୂର୍ଣ୍ଣ କରିବା, ଭାଙ୍ଗ କରିବା; ଦମନ କରିବା, ବଶୀଭୂତ କରିବା, ସମ୍ପୂର୍ଣ୍ଣ ଭାବରେ ପରାସ୍ତ ବା ଅଧୀନ କରିବା; 2. ବି. ପେଷଣ, ଦମନ, ବଶୀକରଣ; ଜନତା, ଜନଗହଳି, ଭିଡ଼, ପେଷାଫଳରେ ରସରୁ ତିଆରି ଏକ ପାନୀୟ; *ସା.ପ୍ର.* ବୁଦ୍ଧିଭ୍ରଂଶ, ମୋହ।

**crust** 1. ବି. ପାଉଁରୁଟିର କଠିନ ବାହାର ଅଂଶ, ଖୋଳ; ବହିରାବରଣ, ପୃଥିବୀର ପ୍ରସ୍ତରମୟ ପୃଷ୍ଠ, ଭୂପୃଷ୍ଠ, ମଦ ବୋତଲରେ ତଳେ ଜମିଥିବା ଅଂଶ; *ସା.ପ୍ର.* ଔଦ୍ଧତ୍ୟ, ଧୃଷ୍ଟତା, ନିର୍ଲଜ୍ଜତା; 2. *କ୍ରି.* ଖୋଳ ବା ଆବରଣ ଦ୍ୱାରା ଆଚ୍ଛାଦିତ କରିବା; ଖୋଳ ବା ଆବରଣ ଦ୍ୱାରା ଆଚ୍ଛାଦିତ ହେବା।

**crustacean** 1. ବି. କଙ୍କଡ଼ା, ଚିଙ୍ଗୁଡ଼ିମାଛ ଆଦି କଠିନ ଆବରଣ-ଯୁକ୍ତ ଜଳଚର ପ୍ରାଣୀ; 2. ବିଂ. କଠିନ ଆବରଣ ବିଶିଷ୍ଟ।

**crusty** ବିଂ. କଠିନ ପୃଷ୍ଠ ବା ଆବରଣ ବିଶିଷ୍ଟ; କୋପପ୍ରବଣ, ଚିଡ଼ଚିଡ଼ା; crustily *କ୍ରି.ବିଂ.* କ୍ରୋଧ ପ୍ରବଣଭାବରେ; ବି. crustiness.

**crutch** ବି. ଖଞ୍ଜ ବା ଛୋଟା ଲୋକର ଆଶ୍ରୟ ଦଣ୍ଡ, ଆଶାବାଡ଼ି, ଆଶ୍ରା, ଢିରା।

**crux** (ବ.ବ. cruces) ବି. ସିଦ୍ଧାନ୍ତମୂଳକ ବା ସୈଦ୍ଧାନ୍ତିକ ବିନ୍ଦୁ; ସମସ୍ୟାର ଜଟିଳ ଅଂଶ ବା ଗଣ୍ଠିସ୍ଥଳ।

**cry** 1. *ଅ.କ୍ରି.* ଯନ୍ତ୍ରଣା, ଦୁଃଖ, ଆନନ୍ଦ ପ୍ରଭୃତିର ଅଭିବ୍ୟକ୍ତି ବା ସାହାଯ୍ୟ ପାଇଁ, ପ୍ରାର୍ଥନା ନିମନ୍ତେ ଉଚ୍ଚ ବା କର୍କଶ ଶବ୍ଦ କରିବା, ଚିତ୍କାର କରିବା; ଲୁହ ଗଡ଼ାଇବା, କାନ୍ଦିବା, ବିଳାପ କରିବା; ଉଚ୍ଚସ୍ୱରରେ ଘୋଷଣା କରିବା, ପ୍ରଚାର କରିବା, ବିଜ୍ଞାପନ ଦେବା; (ପଶୁପକ୍ଷୀ ପ୍ରଭୃତି) ବୋବାଇବା; 2. ବି. ଯନ୍ତ୍ରଣା, ଦୁଃଖ, ଭୟ,

Digitized by srujanika@gmail.com

ଆନନ୍ଦ ପ୍ରଭୃତିର ଉଚ୍ଚ ଅସ୍ପଷ୍ଟ ଉଚ୍ଚାରଣ; ଉଚ୍ଚ ଚିତ୍କାର, ଉଚ୍ଚଡାକ, ଉଚ୍ଚଧ୍ୱନି, ଉଚ୍ଚଘୋଷଣା; କ୍ରନ୍ଦନ, ବିଳାପ; ଜରୁରୀ ପ୍ରାର୍ଥନା ବା ସନିର୍ବନ୍ଧ ଅନୁରୋଧ; ଆନ୍ଦୋଳନାତ୍ମକ ଆହ୍ୱାନ, ଫେରିବାଲାଙ୍କର ଗଳିଡାକ; ପଶୁପକ୍ଷୀଙ୍କର ଧ୍ୱନି ବା ଡାକ; 3. cry-baby ସହଜରେ ବା ବିନା କାରଣରେ ଯେଉଁଲୋକ କାନ୍ଦି ପକାଏ; cry down ନିରୁତ୍ସାହିତ କରିବା; cry off ପ୍ରତିଜ୍ଞା ବା ପ୍ରତିଶ୍ରୁତି ପ୍ରତ୍ୟାହାର କରିନେବା; cry up ପ୍ରଶଂସା କରିବା; cry wolf ବିପଦ ପଡ଼ିଛି ବୋଲି ମିଛରେ ପାଟି କରିବା; in full cry ଏକାନ୍ତ ପଶ୍ଚାତ୍ ଧାବନ କରି; 4. a far cry ସମ୍ପୂର୍ଣ୍ଣ ଅସଂପୃକ୍ତ, ସୁଦୂରପରାହତ; hue and cry ହୋ ହଲ୍ଲା; much cry little wool ବହ୍ୱାରମ୍ଭେ ଲଘୁକ୍ରିୟା।

**crying** ବିଂ. (ଅନ୍ୟାୟ ସମ୍ପର୍କରେ) ଅତି ଗର୍ହିତ; ସାଂଘାତିକ; ପ୍ରତିକାର ଦାବି କରୁଥିବା।

**cryogenics** ବି. ପଦାର୍ଥ ବିଜ୍ଞାନର ଏକ ବିଭାଗ, ଏଥିରେ ଅତି ନିମ୍ନ ଉତ୍ତାପ ଏବଂ ତାହାର ପ୍ରଭାବ ବିଷୟରେ ଅଧ୍ୟୟନ ହୋଇଥାଏ।

**crypt** ବି. ଗୀର୍ଜାର ନିମ୍ନବର୍ତ୍ତୀ ସମାଧିସ୍ଥଳ ରୂପେ ବ୍ୟବହୃତ ଗୃହ।

**cryptic** ବିଂ. ଗୁପ୍ତ; ରହସ୍ୟମୟ; ନିଗୂଢ଼ ଅର୍ଥସମ୍ପନ୍ନ; କ୍ରି.ବିଂ. cryptically.

**cryptogam** ବି. ଅପୁଷ୍ପକ ଓ ଅବୀଜକ ଉଦ୍ଭିଦ (ଉଦା. ଫର୍ଣ୍ଣ, ଶିଉଳି, ଛତୁ ଆଦି)।

**cryptogram** ବି. ସାଙ୍କେତିକ ଅକ୍ଷରରେ ଲିଖିତ ବିଷୟ; ସଙ୍କେତ ଲିଖନ।

**cryptography** ବି. ସଙ୍କେତ ଲିଖନ କଳା; cryptographer ବି. ସଙ୍କେତ ଲିପିକ; ବିଂ. cryptographic.

**crystal** 1. ବି. ରଙ୍ଗହୀନ ସ୍ୱଚ୍ଛଧାତୁ; ସ୍ଫଟିକ; ଉତ୍କୃଷ୍ଟ ସ୍ୱଚ୍ଛକାଚ, ସ୍ଫଟିକ ପରି ସ୍ୱଚ୍ଛ ପଦାର୍ଥ; 2. ବିଂ. ସ୍ଫଟିକ ସ୍ୱଚ୍ଛ, ସ୍ଫଟିକ ନିର୍ମିତ; crystal-gazing ସ୍ଫଟିକ ଉପରେ ଦୃଷ୍ଟି ନିବଦ୍ଧ କରି ଭ୍ରମ-ଦୃଶ୍ୟ ଦେଖିବା; crystal clear ସ୍ଫଟିକ ପରି ସ୍ୱଚ୍ଛ।

**crystalline** ବିଂ. ସ୍ଫଟିକ ନିର୍ମିତ, ସ୍ଫଟିକବତ୍, ସ୍ଫଟିକ ସ୍ୱଚ୍ଛ, ଅତି ସ୍ୱଚ୍ଛ, ସ୍ଫଟିକର ଗଠନ ଓ ଆକାର ବିଶିଷ୍ଟ।

**crystallinity** ବି. (ସ୍ଫଟିକର) ସ୍ୱଚ୍ଛତା।

**crystallize** 1. କ୍ରି. ସ୍ଫଟିକାକାର କରିବା; ସ୍ଫଟିକରେ ପରିଣତ କରିବା, (ଧାରଣା ବା ଯୋଜନା) ନିର୍ଦ୍ଦିଷ୍ଟ ବା ସ୍ପଷ୍ଟହେବା; crystallized fruit ମୋରବ୍ବା; crystallization ବି. ସ୍ଫଟିକୀକରଣ; ସ୍ପଷ୍ଟୀକରଣ; ନିର୍ଦ୍ଦିଷ୍ଟ ରୂପ ଗ୍ରହଣ; ସ୍ୱଚ୍ଛୀକରଣ।

**crystallography** ବି. ସ୍ଫଟିକ ବିଦ୍ୟା, ସ୍ଫଟିକ ଗଠନ ବିଜ୍ଞାନ; ବି. crystallographer.

**crystalloid** ବି. ସ୍ଫଟିକ ସଦୃଶ ଗଠିତ ପଦାର୍ଥ।

**cub** 1. ବି. ସିଂହ, ଭାଲୁ, ବିଲୁଆ ପ୍ରଭୃତିଙ୍କ ଶାବକ; ଅସଦାଚାରୀ ଯୁବକ; କ.ଭା. ଅନଭିଜ୍ଞ ସମ୍ବାଦଦାତା; 2. କ୍ରି. ଜନ୍ମାଇବା, ଉପଜାତ କରିବା; କୋକିଶିଆଳି ଛୁଆ ଶିକାର କରିବା।

**cubby-hole** ବି. ସଂକୀର୍ଣ୍ଣ ସ୍ଥାନ; ଅତି ସାନ କୋଠରୀ।

**cube** 1. ବି. ଘନକ୍ଷେତ୍ର, ଛଅଗୋଟି ସମାନ ବର୍ଗକ୍ଷେତ୍ରରେ ଆଧାରିତ ଘନବସ୍ତୁ; ଏହି ଆକାରର ବସ୍ତୁଖଣ୍ଡ; ସଂଖ୍ୟାର ବର୍ଗଦ୍ୱାରା ଗୁଣିତ ଗୁଣଫଳ; 2. ସ.କ୍ରି. ସଂଖ୍ୟାର ଘନଫଳ ନିର୍ଣ୍ଣୟ କରିବା, ଖାଦ୍ୟ ପଦାର୍ଥକୁ କ୍ୟୁବ୍ ଆକାରରେ କାଟିବା।

**cubic** ବିଂ. ଘନାକୃତି, ତିନିଗୋଟି ଆୟାମ (ଦୈର୍ଘ୍ୟ, ପ୍ରସ୍ଥ, ବେଧ) ଯୁକ୍ତ।

**cubical** ବିଂ. ଘନ ସମ୍ପର୍କୀୟ, ଘନକ୍ଷେତ୍ର ସମ୍ବନ୍ଧୀୟ, ଘନାକୃତି ବିଶିଷ୍ଟ।

**cubicle** ବି. ସ୍ୱତନ୍ତ୍ର ଛୋଟ ଶୋଇବା ଘର; ଏକାନ୍ତ ବ୍ୟବହାରଯୋଗ୍ୟ ଆବେଷ୍ଟିତ ସ୍ଥାନ।

**cubism** ବି. ଏକ ପ୍ରକାର ଚିତ୍ରକଳା; ଜ୍ୟାମିତିକ ଆକାର ମାଧ୍ୟମରେ ଅଭିବ୍ୟକ୍ତ କରୁଥିବା ଏକ ବିଶିଷ୍ଟ ଚିତ୍ରଶୈଳୀ।

**cubit** ବି. ଏକ ହାତ ଲମ୍ବ ମାପ।

**cuboid** ବିଂ. ଘନକ୍ଷେତ୍ର ସଦୃଶ।

**cuckold** 1. ବି. ଯୌନ ବ୍ୟଭିଚାରିଣୀର ସ୍ୱାମୀ; 2. ସ.କ୍ରି. ଏହିପରି ପ୍ରତାରିତ କରିବା।

**cuckoo** ବି. କୋଇଲି; ସା.ପ୍ର. ନିର୍ବୋଧ, ପାଗଳ।

**cucumber** ବି. କାକୁଡ଼ି।

**cud** 1. ବି. ରୋମନ୍ଥିତ ଖାଦ୍ୟ; 2. କ୍ରି. ନିବିଷ୍ଟମନରେ ଚିନ୍ତା କରିବା, ସ୍ମୃତିଚାରଣ କରିବା।

**cuddle** କ୍ରି. ଗେଲ କରିବା, କୁଣ୍ଢାଇ ଧରି ଆଦର କରିବା, କୁଣ୍ଢାକୁଣ୍ଢି ହେବା, ଏହିପରି ଶୋଇବା; ବିଂ. cuddlesome, cuddly.

**cudgel** 1. ବି. ନାତିଦୀର୍ଘ ସ୍ଥୂଳ ଯଷ୍ଟି (ଆୟୁଧ ରୂପେ ବ୍ୟବହୃତ); 2. ସ.କ୍ରି. ତଦ୍ରୂପ ଆୟୁଧରେ

Digitized by srujanika@gmail.com

ଆଘାତ କରିବା; cudgel one's brains ସମସ୍ୟାର ସମାଧାନ ପାଇଁ ଗଭୀର ଚିନ୍ତା କରିବା; **take up the cudgels for** ପ୍ରତିରକ୍ଷା ପାଇଁ ପ୍ରବଳ ଉଦ୍ୟମ କରିବା।

**cue**[1.] 1. ବି. ଆଭାସ, ସୂଚନା, ଅଭିନେତାର ଦ୍ୱାରା ବକ୍ତବ୍ୟର ଶେଷ ଶବ୍ଦ (ପରବର୍ତ୍ତୀ ଅଭିନେତାର ସଂଳାପ ଆରମ୍ଭ ସୂଚକ); 2. ସ.କ୍ରି. ସୂଚନା ଦେବା; 3. cue in ସମ୍ବାଦ ଦେବା।

**cue**[2.] ବି. ବିଲିଆର୍ଡ ଖେଳରେ ବ୍ୟବହୃତ ବାଡ଼ି।

**cuff**[1.] ବି. ପୁରା କାମିଜ୍‌ର ଆସ୍ତିନର ଶେଷ ଭାଗ, କଟିଚିର ଆବେଷ୍ଟନ; cuff-link ଆସ୍ତିନ ବୋତାମ; off the cuff ବିନା ପ୍ରସ୍ତୁତିରେ।

**cuff**[2.] 1. ସ.କ୍ରି. ବିଧା ବା ଚାପୁଡ଼ା ମାରିବା; 2. ବି. ବିଧା, ଚାପୁଡ଼ା।

**cuirass** ବି. ଉରସ୍ତ୍ରାଣ ଓ ପୃଷ୍ଠବର୍ମ।

**cuisine** ବି. ରନ୍ଧନ ରୀତି ବା ପ୍ରଣାଳୀ, ପାକବିଧି।

**cul-de-sac** ବି. ଅନ୍ଧଗଳି, ଅମୁହାଁ ରାସ୍ତା।

**culinary** ବିଂ. ରନ୍ଧନ ସମ୍ପର୍କୀୟ, ରନ୍ଧନ ନିମିତ୍ତ।

**cull** 1. ସ.କ୍ରି. ସଂଗ୍ରହ କରିବା (ପୁଷ୍ପ ପ୍ରଭୃତି); ବାଛିବା, ପଶୁମାନଙ୍କୁ ଦଳରୁ ବାଛିନେବା ଓ ବଧ କରିବା (ଅଧିକ ଥିବା ପ୍ରାଣୀଙ୍କୁ); 2. ବି. ସଂଗୃହୀତ ପ୍ରାଣୀ।

**culminate** କ୍ରି. ଶୀର୍ଷ ବିନ୍ଦୁରେ ପହଞ୍ଚିବା; culmination ବି. ଚରମ ଅବସ୍ଥା।

**culottes** ବି. ବ.ବ. ନାରୀମାନଙ୍କ ଏକ ପ୍ରକାର ସ୍କର୍ଟ।

**culpable** ବିଂ. ଅପରାଧଜନକ, ଦଣ୍ଡନୀୟ; ବି. culpability; କ୍ରି.ବିଂ. culpably.

**culprit** ବି. ଦୋଷୀ, ଆସାମୀ ବା ଅଭିଯୁକ୍ତ ବ୍ୟକ୍ତି।

**cult** ବି. ପୂଜା ଉପାସନା ଦ୍ୱାରା ସୂଚିତ ଧର୍ମ ସମ୍ପ୍ରଦାୟ, ଧର୍ମମତ।

**cultivate** କ୍ରି. ଚାଷ କରିବା, ଶସ୍ୟ ଉତ୍ପାଦନ କରିବା; ମନର ବିକାଶ ପାଇଁ ଯତ୍ନବାନ ହେବା; ପରିଚୟ ଦୃଢ଼ କରିବା; ବନ୍ଧୁତା ଅର୍ଜନ କରିବା; ବି. cultivation.

**cultivator** ବି. ଚାଷୀ; ଭୂମି କର୍ଷଣ ଯନ୍ତ୍ର; କର୍ଷଣକାରୀ ବା କୃଷକ।

**culture** 1. ବି. ସଂସ୍କୃତି, କଳା ଓ ମାନବିକ କୃତିତ୍ୱର ମାର୍ଜିତ ଅବବୋଧ; କୌଣସି ଏକ କାଳ ବା ଜାତିର ସଭ୍ୟତା ଓ ପରମ୍ପରା; ଯତ୍ନ ଓ ସାଧନା ଦ୍ୱାରା ବିକାଶ ସାଧନ, ବୃକ୍ଷପାଳନ, ମହୁମାଛି ଓ ଖୋଷା ପୋକ ଆଦିର ପୋଷଣ, ପରୀକ୍ଷା ପାଇଁ ଜୀବାଣୁ ବର୍ଦ୍ଧନ; 2. ସ.କ୍ରି. ଉନ୍ନତି ସାଧନ କରିବା; ପରୀକ୍ଷା ପାଇଁ ଜୀବାଣୁ ବର୍ଦ୍ଧନ କରିବା।

**cultured** ବିଂ. ସଂସ୍କୃତିସମ୍ପନ୍ନ; cultured pearl ଶାମୁକା ଗର୍ଭରେ କୃତ୍ରିମ ଉପାୟରେ ଯେଉଁ ମୁକ୍ତା ସୃଷ୍ଟି ହୋଇଥାଏ।

**culvert** ବି. ରାସ୍ତା ମଝିରେ ପାଣିଯିବା ଲାଗି ମାଟିତଳେ ନିର୍ମିତ ପ୍ରଣାଳୀ।

**cum** ଅ. 'ସହିତ' ବା 'ଯୁକ୍ତ' ଅର୍ଥବୋଧକ; ଉଦା. dining-cum-drawing room.

**cumber** ସ.କ୍ରି. ବାଧା ଅସୁବିଧା ସୃଷ୍ଟି କରିବା।

**cumbersome** ବିଂ. ଆକାର ଅଥବା ଓଜନ ଦୃଷ୍ଟିରୁ ଅସୁବିଧା ଜନକ, ବାଧାପ୍ରଦ।

**cumin** ବି. ଜୀରା, ଜୀରାଗଛ।

**cummerbund** ବି. କମରବନ୍ଧ, କମରପଟି।

**cumulate** କ୍ରି. ଗଦେଇବା, ଜମେଇବା (ତାଲିକା ପ୍ରଭୃତିରେ) ଯୋଗ କରିବା; ବି. cumulation.

**cumulative** ବିଂ. କ୍ରମବର୍ଦ୍ଧିଷ୍ଣୁ, ଥରକୁ ଥର ସଂଯୋଗ ଫଳରେ ପରିମାଣ ଓ ବଳରେ ଅଭିବୃଦ୍ଧିପ୍ରାପ୍ତ।

**cumulus** ବି.( ବ.ବ. cumuli) ଗୋଲାକୃତି ବିଶିଷ୍ଟ ମେଘ, ଏହା ଆକାଶ ସୀମାର ତଳ ଦେଶରେ ପୁଞ୍ଜୀଭୂତ ହୁଏ।

**cuneiform** 1. ବିଂ. କୀଳକାକୃତି; 2. ଏହି ଆକୃତିର ଲେଖା (ପ୍ରାଚୀନ ବେବିଲୋନିଆର ଲିପି)।

**cunning** 1. ବି. ଚାଲାକି, ଧୂର୍ତ୍ତତା; 2. ବିଂ. ଧୂର୍ତ୍ତ, ଚାଲାକ, କୌଶଳୀ।

**cunt** ବି.ଗ୍ରା. ନାରୀ ଜନନେନ୍ଦ୍ରିୟ; ବୋକା ବା ବିରକ୍ତିକର ବ୍ୟକ୍ତି।

**cup** 1. ବି. କପ୍, ପାନପାତ୍ର, ଏଥିରେ ଥିବା ପାନୀୟ; କପ୍ ସଦୃଶ ପଦାର୍ଥ, ସୁବାସଯୁକ୍ତ ମଦ୍ୟ; କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ପ୍ରଦତ୍ତ ଅଳଂକୃତ ପାତ୍ର; ବ୍ୟକ୍ତିର ଭାଗ୍ୟ; 2. ସ.କ୍ରି. ଦୁଇହାତକୁ କପ୍‌ଭଳି କରିବା; Cup Final କପ୍ ପାଇବା ଲାଗି ହେଉଥିବା ଫୁଟ୍‌ବଲ ପ୍ରଭୃତି ଖେଳର ଚୂଡ଼ାନ୍ତ ପ୍ରତିଯୋଗିତା।

Digitized by srujanika@gmail.com

**cupboard** 1. ବି. ଜିନିଷ ରଖିବା ଲାଗି ଥାକ ଓ ଦ୍ୱାରଥିବା କାଠ ଆଲମାରୀ; cupboard love ଲାଭ ଆଶାରେ ପ୍ରେମର ଛଳନା, କାର୍ଯ୍ୟଘେନା ପ୍ରୀତି ।

**cupid** ବି. ରୋମୀୟ ପୁରାଣ ବର୍ଣ୍ଣିତ ପ୍ରେମର ଦେବତା; ପକ୍ଷଯୁକ୍ତ, ନଗ୍ନ ଓ ଧନୁଶରଧାରୀ ବାଳକ ରୂପେ ଚିତ୍ରିତ ।

**cupidity** ବି. ଲାଭ ଲାଳସା ।

**cupola** ବି. ଛାତ ଉପରିସ୍ଥ କ୍ଷୁଦ୍ର ଗମ୍ବୁଜ; ଧାତୁ ତରଳାଇବା ଚୁଲି; ବନ୍ଧୁକ ଚାଳନା ଲାଗି ଜାହାଜ ବା ଦୁର୍ଗରେ ଘୂର୍ଣ୍ଣାୟମାନ କ୍ଷୁଦ୍ର ସ୍ତମ୍ଭ ।

**cupreous** ବିଂ. ତମ୍ବାଳିଆ ବା ତମ୍ବା ସମ୍ବନ୍ଧୀୟ ।

**cupric** ବିଂ. ତମ୍ବା ସମ୍ବନ୍ଧୀୟ ।

**cupro–nickel** ବି. ତମ୍ବା ଓ ନିକେଲର ଏକ ମିଶ୍ରଧାତୁ ।

**cur** ବି. ନିକୃଷ୍ଟ ବା ଅଦରକାରୀ କୁକୁର; ନିନ୍ଦନୀୟ ବ୍ୟକ୍ତି ।

**curable** ବିଂ. ଉପଶମଯୋଗ୍ୟ, ଚିକିତ୍ସାଯୋଗ୍ୟ ।

**curacao** ବି. କମଳା ଚୋପାର ବାସନାଯୁକ୍ତ ମଦ ।

**curacy** ବି. ଧର୍ମଯାଜକଙ୍କ ଅଧସ୍ତନଙ୍କ କାର୍ଯ୍ୟାଳୟ ।

**curate** ବି. ପଲ୍ଲୀ ଧର୍ମଯାଜକଙ୍କ ସହାୟକ ।

**curative** 1. ବିଂ. ଦ୍ରୁତ ଆରୋଗ୍ୟକ୍ଷମ ବା ଆରୋଗ୍ୟକାରୀ; 2. ବି. ଆରୋଗ୍ୟକାରୀ ପଦାର୍ଥ ।

**curator** ବି. ସଂଗ୍ରହାଳୟ ଦାୟିତ୍ୱରେ ଥିବା ବ୍ୟକ୍ତି, ସଂଗ୍ରହାଳୟର ତତ୍ତ୍ୱାବଧାରକ ।

**curb** 1. ବି. ପ୍ରତିରୋଧ, ପ୍ରତିବନ୍ଧକ, ଘୋଡ଼ାର ଲଗାମ ରଜ୍ଜୁରେ ଲାଗିଥିବା ଲୁହାଖଣ୍ଡ (ଏହା ଘୋଡ଼ା ପାଟି ଭିତରେ ଥାଏ) ଯାହାଦ୍ୱାରା ଘୋଡ଼ାକୁ ରୋକାଯାଏ; 2. ସ.କ୍ରି. ରୋକିବା, ସଂଯତ କରିବା, ଦବାଇବା, ନିୟନ୍ତ୍ରଣ କରିବା ।

**curd** ବି. ଦହି ।

**curdle** କ୍ରି. ଦହିରେ ପରିଣତ ହେବା, ଶୀତଳତା ଯୋଗୁଁ ଜମାଟ ବାନ୍ଧିବା; make one's blood curdle ଭୟରେ ରକ୍ତ ଜମାଟ ବାନ୍ଧିବା, ଅତ୍ୟନ୍ତ ଭୟଯୁକ୍ତ କରାଇବା ।

**cure** 1. ସ.କ୍ରି. ସ୍ୱାସ୍ଥ୍ୟଲାଭ କରିବା, ରୋଗମୁକ୍ତ କରିବା; ଅମଙ୍ଗଳ ପ୍ରଭୃତିକୁ ଦୂର କରିବା; ଫଳ, ମାଂସ ପ୍ରଭୃତିକୁ ସଂରକ୍ଷଣ କରିବା; ରବରକୁ ଶକ୍ତ ଓ ଛିଦ୍ରରହିତ କରିବା; 2. ବି. ଆରୋଗ୍ୟକାରୀ ପଦାର୍ଥ, ସ୍ୱାସ୍ଥ୍ୟଲାଭ, ନିରାମୟ ଲାଗି ବ୍ୟବସ୍ଥା ।

**curette** 1. ବି. ଅସ୍ତ୍ର ଚିକିତ୍ସକ ଚାଞ୍ଛିବାଲାଗି ବ୍ୟବହାର କରୁଥିବା କ୍ଷୁଦ୍ର ଯାନ୍ତ୍ରିକ ଉପକରଣ; 2. ସ.କ୍ରି. ଏହି ଉପକରଣରେ ଚାଞ୍ଛିବା ।

**curfew** ବି. ଜନସାଧାରଣଙ୍କୁ ଘର ଭିତରେ ରହିବା ଲାଗି ସତର୍କତାମୂଳକ ସଙ୍କେତ ବା ସେହି ଉଦ୍ଦେଶ୍ୟରେ ନିରୂପିତ ସମୟ; (ଇତି.) ସନ୍ଧ୍ୟାରେ ଅଗ୍ନିନିର୍ବାପନ ଲାଗି ସତର୍କତାମୂଳକ ସଙ୍କେତ ।

**curio** ବି. ଅସାଧାରଣ ବା ଦୁର୍ଲ୍ଲଭ ବସ୍ତୁ ।

**curiosity** ବି. କୌତୁହଳ, ଜାଣିବା ଲାଗି ବଳବତୀ ଇଚ୍ଛା, ଅନୁସନ୍ଧିତ୍ସା; ଅପୂର୍ବ ଓ ଦୁର୍ଲ୍ଲଭ ବସ୍ତୁ ।

**curious** ବିଂ. କୌତୁହଳୀ, ଅନୁସନ୍ଧିତ୍ସୁ; ବିଚିତ୍ର, ବିସ୍ମୟଜନକ ।

**curium** ବି. ରେଡିୟମ ସମ୍ବନ୍ଧୀୟ କୃତ୍ରିମ ଧାତବ ମୌଳିକ ଉପାଦାନ (ବୈଜ୍ଞାନିକ କ୍ୟୁରୀ ଦମ୍ପତିଙ୍କ ନାମାନୁସାରେ) ।

**curl** 1. କ୍ରି. କୁଞ୍ଚିତ ବା ବକ୍ରଭାବେ ଯିବା, ମୋଡିମୋଡି ହୋଇ ଗତି କରିବା; 2. ବି. କୁଞ୍ଚିତ କେଶଗୁଚ୍ଛ; ଭିତର ଆଡକୁ କୁଞ୍ଚିତ ବା ମୋଡି ହୋଇଥିବା ପଦାର୍ଥ, କୁଞ୍ଚିତ ଗତି; curl up ଆଣ୍ଠୁକୁ ଉପରକୁ ଟେକି ବସିବା ବା ଶୋଇବା, (ଲାକ୍ଷ.) ଲଜ୍ଜା ଭୟ ପ୍ରଭୃତି ଯୋଗୁ ଆକୁଞ୍ଚିତ ହେବା ।

**curler** ବି. କେଶ କୁଞ୍ଚ କରିବା ଯନ୍ତ୍ର ।

**curlew** ବି. ବଗଜାତୀୟ ପକ୍ଷୀ, କ୍ରୌଞ୍ଚ ।

**curlicue** ବି. କୁଞ୍ଚକରି ସଜାଇବା, କୁଞ୍ଚିତ ସଜ୍ଜୀକରଣ ।

**curling** ବି. ବରଫ ଉପରେ ଖେଳାଯାଉଥିବା ଏକ ପ୍ରକାର କ୍ରୀଡ଼ା ।

**curly** ବିଂ. କୁଞ୍ଚିତ, ତରଙ୍ଗାୟିତ ।

**curmudgeon** ବି. କଦର୍ଯ୍ୟ ମିଜାଜଯୁକ୍ତ ଲୋକ ।

**currant** ବି. କିସ୍‌ମିସ୍; କଳା, ନାଲି ବା ଧଳା କୋଳି; ଏହିପରି କୋଳିବୁଦା ।

**currency** ବି. ସାଧାରଣରେ ବ୍ୟବହାର; ପ୍ରଚଳନ, ପ୍ରଚଳିତ ମୁଦ୍ରା ।

**current** 1. ବିଂ. ପ୍ରଚଳିତ, ପ୍ରବାହିତ, ସର୍ବସମ୍ମତ, ସାଧାରଣ କଥିତ; 2. ବି. ବିଦ୍ୟୁତ୍ ପ୍ରବାହ, ବାୟୁ ଓ ଜଳର ପ୍ରବାହ, ସ୍ରୋତ, ଗତି; current account (ବ୍ୟାଙ୍କରେ) ଚାଲୁ

Digitized by srujanika@gmail.com

ହିସାବ ଯହିଁରୁ ବିନା ନୋଟିସ୍‌ରେ ଅଧିକ ପରିମାଣର ଟଙ୍କା ମଧ୍ଯ ଉଠାଯାଇପାରେ।

**currently** କ୍ରି.ବି°. ବର୍ତ୍ତମାନ ସମୟରେ।

**curriculum** କ୍ରି. (ବ.ବ. curricula) ପାଠ୍ୟକ୍ରମ; curriculum vitae (କୌଣସି ବ୍ୟକ୍ତିର) ଅତୀତ ଘଟଣାବଳୀ।

**curry** 1. ବି. ତରକାରୀ, ବ୍ୟଞ୍ଜନ; 2. ସ.କ୍ରି. ବ୍ୟଞ୍ଜନ ପ୍ରସ୍ତୁତ କରିବା; 3. curry powder ରନ୍ଧନ ମସଲା ଚୂର୍ଣ୍ଣ; 4. curry-comb ଘୋଡ଼ାମାନଙ୍କ ଦେହ ଘଷା ପାନିଆ; curry favour ତୋଷାମୋଦ ପୂର୍ବକ ଅନୁକମ୍ପା ପ୍ରାର୍ଥନା କରିବା।

**curse** 1. ବି. ଅଭିଶାପ, ଅଭିସମ୍ପାତ; ଅଭିସମ୍ପାତର ଅମଙ୍ଗଳପ୍ରଦ ପରିଣତି; 2. କ୍ରି. ଅଭିଶାପ ଦେବା।

**cursed** ବି°. ଅଭିଶପ୍ତ।

**cursive** ବି°. ଅକ୍ଷରମାନଙ୍କୁ ପରସ୍ପର ସଂଲଗ୍ନ କରି ଲିଖିତ, ଛଟା (ଲେଖା)।

**cursor** ବି. ସ୍ଲାଇଡ୍-ରୁଲର ଅଂଶୀଭୂତ ଅତି ସୂକ୍ଷ୍ମ ସ୍ୱଚ୍ଛ ସ୍ଲାଇଡ୍।

**cursory** ବି°. ଉପର ଠାଉରିଆ, ତ୍ୱରିତ; କ୍ରି.ବି°. cursorily.

**curt** ବି°. ଲକ୍ଷଣୀୟ ଭାବରେ ବା ରୂକ୍ଷଭାବରେ ସଂକ୍ଷିପ୍ତ।

**curtail** ସ.କ୍ରି. କମାଇ ଦେବା, ସଂକ୍ଷେପ କରିବା; curtailment ବି. ସଂକ୍ଷେପଣ, ହ୍ରାସ ବିଧାନ।

**curtain** 1. ବି. ପରଦା, ଯବନିକା; 2. ସ.କ୍ରି. ପରଦା ଲଗାଇବା, 3. curtain-call ପରଦା ପତନ ପରେ ଅଭିନେତା ଅଭିନେତ୍ରୀମାନଙ୍କୁ ସୌଜନ୍ୟ ପ୍ରଦର୍ଶନ ନିମନ୍ତେ ମଞ୍ଚକୁ ଆସିବାକୁ ଦର୍ଶକ ମଣ୍ଡଳୀର ଅନୁରୋଧ; curtain raiser ମୁଖ୍ୟ ନାଟକ ପୂର୍ବରୁ ଅଭିନୀତ ପ୍ରଦର୍ଶନ; curtain-wall ଦୁଇଟି ଗମ୍ବୁଜକୁ ସଂଲଗ୍ନ ଦୃଢ଼ କାନ୍ଥ।

**curtilage** ବି. ବାସଗୃହ ଚତୁର୍ପାର୍ଶ୍ୱବର୍ତ୍ତୀ ସୀମାବଦ୍ଧ ଅଞ୍ଚଳ, ଚୌହଦୀ।

**curtsy** 1. ବି. (ନାରୀର) ନତଜାନୁ ହୋଇ ସମ୍ମାନ ପ୍ରଦର୍ଶନ; 2. ଅ.କ୍ରି. ଏହିପରି ସମ୍ମାନ ପ୍ରଦର୍ଶନ କରିବା।

**curvaceous** ବି°. କ.ଭା. ଅଙ୍ଗସୌଷ୍ଠବଯୁକ୍ତ (ନାରୀର)।

**curvature** ବି. ବକ୍ରିମା, ଆନତି।

**curve** 1. ବି. ବାଙ୍କ, ବକ୍ର ରେଖା ବା ଆକୃତି, ଗ୍ରାଫ ଉପରେ ଅଙ୍କିତ ବକ୍ରରେଖା; 2. କ୍ରି. ବଙ୍କେଇବା।

**curvet** 1. ବି. ଅଳ୍ପ ଉଚ୍ଚକୁ ଘୋଡ଼ାର ଡେଇଁବା ବା ପ୍ଲୁତ ଗତି, ଘୋଡ଼ାର ଦୁଲ୍‌କି ଚାଲି; 2. ଅ.କ୍ରି. (ଘୋଡ଼ା) ଏହିପରି ଚାଲିବା।

**curvilinear** ବି°. ବକ୍ରରେଖା ସମ୍ପନ୍ନ।

**cushion** 1. ବି. ନରମ ଗଦି; ବିଲିଆର୍ଡ଼ ଟେବୁଲ୍‌ର ଯେଉଁ ପାଖରୁ ବଲ୍ ବାଜିଲେ ଫେରିଆସେ; 2. ସ.କ୍ରି. ନରମ ଗଦିରେ ଆଚ୍ଛାଦନ କରିବା, ପ୍ରତିକୂଳ ପ୍ରଭାବକୁ ହାଲୁକା କରିଦେବା।

**cushy** ବି°. କ.ଭା. ଆରାମପ୍ରଦ; ସହଜ ଓ ମୋଟା ଦରମା ମିଳୁଥିବା (ଚାକିରୀ)।

**cusp** ବି. ଦୁଇ ବକ୍ରରେଖାର ମିଳନ ବିନ୍ଦୁ, ଉଦା. ବଙ୍କା ଜହ୍ନର ଯେ କୌଣସି ପାର୍ଶ୍ୱସ୍ଥ ଶୀର୍ଷବିନ୍ଦୁ।

**cuss** କ.ଭା. 1. ବି. ଅବାଗିଆ ଲୋକ; ଅଭିସଂପାତ; 2. କ୍ରି. ଅଭିଶାପ ଦେବା।

**cussed** କ.ଭା.ବି°. ଅବାଗିଆ ଓ ଏକଜିଦିଆ।

**custard** ବି. ଦୁଧ, ଚିନି ଓ ଅଣ୍ଡାର ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟ ବିଶେଷ; custard apple ବଢ଼ିଅଳ, ଆତ।

**custodian** ବି. ତତ୍ତ୍ୱାବଧାରକ, ନ୍ୟାସୀ, ମାରଫତ୍‌ଦାର, ଅଭିଭାବକ।

**custody** ବି. ଜିମା, ମାରଫତ୍, ତତ୍ତ୍ୱାବଧାନ, ବନ୍ଦୀ ଅବସ୍ଥା; take into custody ହାଜତ୍‌ରେ ବନ୍ଦୀ ରଖିବା; costodial ବି°. ତତ୍ତ୍ୱାବଧାରିତ।

**custom** ବି. ପ୍ରଥା, ଦେଶାଚାର, ବ୍ୟବସାୟରେ ପୃଷ୍ଠପୋଷକତା, ଆମଦାନୀ ଦ୍ରବ୍ୟପାଇଁ ଶୁଳ୍କ।

**customary** ବି°. ପ୍ରଥାନୁମୋଦିତ; କ୍ରି.ବି°. customarily.

**customer** ବି. ଗ୍ରାହକ, କ୍ରେତା।

**cut** 1. କ୍ରି. କାଟିବା, ଛେଦନ କରିବା; ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବା; କମାଇବା ବା ହ୍ରାସକରିବା; କାଟିକରି ଭିନ୍ନ ରୂପଦେବା, ବ୍ୟକ୍ତିକୁ ଅପରିଚିତ ପରି ବ୍ୟବହାର କରିବା; 2. ବି. କର୍ତ୍ତନ ବା ଛେଦ; ଛେଦ ଜନିତ କ୍ଷତ; ହ୍ରାସ; (ବିଜୁଳିର) କାଟ; (ନାଟକ ପ୍ରଭୃତିରୁ ଅଂଶ) ବାଦ; କ୍ରିକେଟ୍ ବଲ୍‌ରେ ଆଘାତ; ବ୍ୟକ୍ତିପ୍ରତି ଅପରିଚିତ ପରି ବ୍ୟବହାର; a cut above ଆଖିଦୃଶିଆ ଭାବେ ଉତ୍କୃଷ୍ଟ; cut and dried

Digitized by srujanika@gmail.com

ପୂର୍ବରୁ ପ୍ରସ୍ତୁତ ବା ସମ୍ପନ୍ନ; cut and thrust ବାଦାନୁବାଦ; cut back ବି. କମାଇବା; cut-both ways ଉଭୟ ପକ୍ଷର ଯୁକ୍ତି ବାଢ଼ିବା; cut corners ଅସମାପ୍ତ ଭାବେ କର୍ମସମ୍ପାଦନ କରିବା; cut down କମାଇବା, cut in ମଝିରେ ବାଧାଦେବା; cut no ice ସା.ପ୍ର. ପ୍ରଭାବହୀନ ହେବା; cut off ହଠାତ ବନ୍ଦ କରିଦେବା; ମଝିରେ ବାଧାଦେବା; cut off ବି. ବସ୍ତୁର ଛିନ୍ନହେବା ବିନ୍ଦୁ, ଗତିରୋଧର ଉପାୟ; cut out କାଟି ବାହାର କରିବା, କାଟି ତିଆରି କରିବା; ବାଦଦେବା, ପୂର୍ଣ୍ଣାଙ୍ଗ ବସ୍ତୁରୁ କିୟଂଦଂଶ ବାଦଦେବା; ନିଷ୍କ୍ରିୟ ହେବା; ଉପଯୋଗୀ ହେବା; cut-out ବି. କର୍ତ୍ତିତ ବସ୍ତୁ; ଆପଣା ଛାଏଁ ବିଚ୍ଛିନ୍ନ ହେବାର ବ୍ୟବସ୍ଥା; ବ୍ୟବହାର ପରେ ଗ୍ୟାସର ନିଷ୍କାସନ; cut-rate ହ୍ରାସ ମୂଲ୍ୟରେ ଲବ୍ଧ; cut a tooth ମାଢ଼ିରୁ ଦାନ୍ତ ଗଜେଇବା; (cut one's teeth on ନୂଆ ଅଭିଜ୍ଞତା ଲାଭ କରିବା); cut up ଛୋଟ ଛୋଟ ଖଣ୍ଡକରି କାଟିବା; cut up rough କ୍ରୋଧ ବା ବିରକ୍ତି ପ୍ରଦର୍ଶନ କରିବା ପ୍ରା.ପ୍ର. cut-purse ଗଣ୍ଠିକଟା, ପକେଟମାର।

**cutaneous** ବିଂ. ଚର୍ମ ସମ୍ବନ୍ଧୀୟ।

**cute** ବିଂ. କ.ଭା. ଚତୁର, ତୀକ୍ଷଣବୁଦ୍ଧି ସମ୍ପନ୍ନ; ସୁନ୍ଦର, ଆକର୍ଷଣୀୟ।

**cuticle** ବି. ନଖ ଦସି।

**cutis** ବି. ମଜ୍ଜିଚର୍ମ ତଳେ ଥିବା ପ୍ରକୃତ ଚର୍ମ।

**cutlass** ବି. କ୍ଷୁଦ୍ର ଈଷତ୍ ବକ୍ର ତରବାରୀ।

**cutlery** ବି. ଖାଇବା ପାଇଁ ବ୍ୟବହୃତ କଣ୍ଟା ଓ ଛୁରୀ ପ୍ରଭୃତି ଉପକରଣ।

**cutlet** ବି. ଭଜାମାଂସ ଖଣ୍ଡ।

**cutter** ବି. ଦରଜୀ କର୍ତ୍ତନକାରୀ; ଏକ ମାସ୍ତୁଲ ବିଶିଷ୍ଟ ଜାହାଜ।

**cutthroat** 1. ବି. ଘାତକ, ଲମ୍ବା ହାତ ବିଶିଷ୍ଟ କ୍ଷୁର; 2. ବିଂ. ମାରାତ୍ମକ, ତୀକ୍ଷ୍ଣକଟା (ପ୍ରତିଯୋଗିତା)।

**cutting** ବି. ଖବର କାଗଜରୁ କଟା ଯାଉଥିବା ବିବରଣୀ; ଗଛରୁ ଚାରା ସକାଶେ କଟାଅଂଶ; ରେଲରାସ୍ତା ପାଇଁ ଉଚ୍ଚ ଭୂମିକୁ କଟାଯାଇ ପ୍ରସ୍ତୁତ ନାଳ ସଦୃଶ ପଥ।

**cuttlefish** ବି. ଦଶବାହୁ ସାମୁଦ୍ରିକ ଜୀବ ବିଶେଷ।

**cutwater** ବି. ଜାହାଜର ସମ୍ମୁଖ ଅଂଶ।

**cyanic** ବିଂ. ଅତି ଉତ୍କଟ ବିଷବାଷ୍ପ (ସ୍ୟାନୋଜେନ୍) ଯୁକ୍ତ।

**cyanide** ବି. ଉତ୍କଟ ବିଷଦ୍ରବ୍ୟ ବିଶେଷ, ସ୍ୱର୍ଣ୍ଣ ଓ ରୌପ୍ୟ ନିଷ୍କାସନରେ ବ୍ୟବହୃତ।

**cyanosis** ବି. ରକ୍ତରେ ଅମ୍ଳଜାନ ଅଭାବରୁ ଚର୍ମ ନୀଳବର୍ଣ୍ଣ ହେବା।

**cybernetics** ବି. ପ୍ରାଣୀଶରୀର ଓ ଯନ୍ତ୍ରରେ ନିୟନ୍ତ୍ରଣ ଓ କ୍ରିୟା ସଂକ୍ରମଣ ପଦ୍ଧତି ବିଷୟକ ବିଜ୍ଞାନ।

**cyclamate** ବି. କୃତ୍ରିମ ମଧୁରକାରକ ଦ୍ରବ୍ୟ।

**cyclamen** ବି. ଏକ ପ୍ରକାର ଧଳା ଓ ନାଲିଫୁଲ ଫୁଟୁଥିବା ଗଛ।

**cycle** 1. ବି. ଆବର୍ତ୍ତିତ ଘଟଣା ବା କାଳ-ଚକ୍ର; ସାଇକେଲ (ଯାନ); ଏକ ଆବର୍ତ୍ତନ ପାଇଁ ଆବଶ୍ୟକ ସମୟ; ପୁନରାବର୍ତ୍ତିତ ଘଟଣା ବା ଅବସ୍ଥାବଳୀ; ଏକ ବିଷୟକ କବିତା ସମୂହ; 2. ସ.କ୍ରି. ସାଇକେଲ ଚଳାଇବା ବା ଚଢ଼ିବା।

**cyclic** ବିଂ. ସମୟାନୁକ୍ରମିକ, ବୃତ୍ତାନୁକ୍ରମିକ; ଅଣୁ ଉପାଦାନ ଦ୍ୱାରା ଗଠିତ ବଳୟ (ରସାୟନ)।

**cyclist** ବି. ସାଇକେଲ ଚଢ଼ାଳୀ।

**cyclone** ବି. ଘୂର୍ଣ୍ଣିବାତ୍ୟା, ଲଘୁଚାପ ଯୋଗୁ କେନ୍ଦ୍ରାଭିମୁଖୀ ଘୂର୍ଣ୍ଣିତ ବାୟୁ, ନିର୍ଦ୍ଦିଷ୍ଟ ପରିଧି ବ୍ୟାପ୍ତ ପ୍ରବଳ ଝଡ; cyclonic ବିଂ. ବତାସିଆ, ତୋଫାନୀ।

**Cyclopean** ବିଂ. (ଗ୍ରୀକ୍ ପୁରାଣ ବର୍ଣ୍ଣିତ ଏକ ଆଖି ବିଶିଷ୍ଟ ଅସୁର ସଦୃଶ) ଅସମାନ ବୃହତ୍ ବସ୍ତୁଖଣ୍ଡରେ ଗଠିତ।

**cyclostyle** 1. ବି. ଷ୍ଟେନସିଲ ଲେଖାରୁ ପ୍ରତିଲିପି ପ୍ରସ୍ତୁତି ଲାଗି ଯାନ୍ତ୍ରିକ ଉପକରଣ; 2. ସ.କ୍ରି. ଏହିପରି ମୁଦ୍ରଣ ବା ନକଲ କରିବା।

**cyclotron** ବି. ଚୁମ୍ବକୀୟ କ୍ଷେତ୍ରରେ ଶକ୍ତି ଚାଳିତ ପରମାଣୁର ଦ୍ରୁତୀକରଣ ପାଇଁ ବ୍ୟବହୃତ ଉପକରଣ।

**cygnet** ବି. ହଂସ ଶାବକ।

**cylinder** ବି. ବୃତ୍ତାକାର ପରିଧି ବିଶିଷ୍ଟ ସଳଖ ନିବା ପଦାର୍ଥ ଅଥବା ଏହିପରି ପୋଲାନଳୀ; cylindrical ବିଂ. ଏତାଦୃଶ ଆକୃତି ବିଶିଷ୍ଟ।

**cymbal** ବି. ପଟେ ଝାଞ୍ଜ; ବି. cymbalist.

**cyme** ବି. ଗୋଟିଏ ପୁଷ୍ପ ଶୀର୍ଷରେ ଥିବା ପୁଷ୍ପଗୁଚ୍ଛ।

Digitized by srujanika@gmail.com

**Cymric** ବିଂ. ଓ୍ୱେଲସ୍ ଦେଶୀୟ ।

**cynic** ବି. ମନୁଷ୍ୟର ସାଧୁତା ବା ଭଲ ପଣିଆ ସଂପର୍କରେ ଆସ୍ଥାହୀନ ବ୍ୟକ୍ତି; ବିଳାସବିମୁଖ ପ୍ରାଚୀନ ଗ୍ରୀକ ଦାର୍ଶନିକ ସମ୍ପ୍ରଦାୟଭୁକ୍ତ ବ୍ୟକ୍ତି; cynically କ୍ରି.ବିଂ. ସଂଶୟାନ୍ୱିତ ଭାବରେ; cynicism ବି. ବ୍ୟସନ ବିମୁଖତା, ସଂଶୟୀ ଭାବ ।

**cynosure** ବି. ସର୍ବଦୃଷ୍ଟିର କେନ୍ଦ୍ରସ୍ଥଳ; ସର୍ବଜନ ପ୍ରଶଂସାର କେନ୍ଦ୍ରବିନ୍ଦୁ; ଶ୍ୱାନପୁଚ୍ଛ ସଦୃଶ ନକ୍ଷତ୍ର ମଣ୍ଡଳ; ଲଘୁ ସପ୍ତର୍ଷି ମଣ୍ଡଳ ।

**cypher** ଦ୍ର. cipher.

**cypress** ବି. ଗାଢ଼ ସବୁଜ ପତ୍ର ବିଶିଷ୍ଟ କୋଣଶୀର୍ଷ ବୃକ୍ଷ ବିଶେଷ (ଶୋକର ପ୍ରତୀକ) ।

**Cypriot** ବି. ସାଇପ୍ରସ୍‌ର ଅଧିବାସୀ ବା ଭାଷା ।

**Cyrillic** ବିଂ. ରୁଷ୍ ଦେଶର ଋଚିବାଦୀଚର୍ଚ୍ଚର ଅନୁଗାମୀମାନଙ୍କ ଦ୍ୱାରା ବ୍ୟବହୃତ ସ୍ଲାଭୋନିକ ଭାଷା ସମୂହର ବର୍ଣ୍ଣମାଳା ସଂକ୍ରାନ୍ତ ।

**cyst** ବି. କୋଷିକା, ସିଷ୍ଟ, ଦେହର ଅଭ୍ୟନ୍ତରରୁ ନିଃସୃତ ଦୂଷିତ ପଦାର୍ଥ ସଂଚିତ ହେଉଥିବା ଥଳି ବା କୋଷ ।

**cystic** ବିଂ. ସିଷ୍ଟ ସମ୍ବନ୍ଧୀୟ, ମୂତ୍ରାଶୟ ସମ୍ବନ୍ଧୀୟ ।

**cystitis** ବି. ମୂତ୍ରାଶୟ ପ୍ରଦାହ ।

**cytology** ବି. ଜୀବକୋଷ ବିଜ୍ଞାନ; କୋଷିକା ଅନୁଧ୍ୟାନ ।

**cytoplasm** ବି. ଜୀବକୋଷରେ ଥିବା ଏକ ପ୍ରକାର ପଦାର୍ଥ; କୋଷିକା ଜୀବଦ୍ରବ୍ୟ, କୋଷିକା ଦ୍ରବ ।

**czar, tsar, tzar** ପୂର୍ବତନ ରୁଷ ସମ୍ରାଟଙ୍କର ଉପାଧି ।

**Czech** 1. ବି. ଚେକୋସ୍ଲୋଭାକିଆ ବା ବୋହେମିଆର ଅଧିବାସୀ ବା ଭାଷା; 2. ବିଂ. ବୋହେମିଆ ବା ଚେକୋସ୍ଲୋଭାକିଆ ସମ୍ବନ୍ଧୀୟ ।

**Czechoslovakian** 1. ବି. ଚେକୋସ୍ଲୋଭାକିଆର ଅଧିବାସୀ; 2. ବିଂ. ଚେକୋସ୍ଲୋଭାକିଆ ସମ୍ବନ୍ଧୀୟ ।

Digitized by srujanika@gmail.com

# Dd

**D, d** ବି. ଇଂରାଜୀ ବର୍ଣ୍ଣମାଳାର ଚତୁର୍ଥ ଅକ୍ଷର।

**dab**[1] 1. କ୍ରି. ମୃଦୁସ୍ପର୍ଶ, ସଞ୍ଜ, ତୂଳୀ ବା ରଙ୍ଗଦ୍ୱାରା ଲଘୁସ୍ପର୍ଶ କରିବା; 2. ବି. ମୃଦୁସ୍ପର୍ଶ, ମୃଦୁ ଆଘାତ; ରଙ୍ଗର ପ୍ରଲେପ, *ସା.ପ୍ର.* ଚିପଚିହ୍ନ; 2. *କ.ଭା.* ପ୍ରବୀଣ dab hand ସିଦ୍ଧହସ୍ତ।

**dab**[2] ବି. ଚେପ୍ଟା ମାଛ ବିଶେଷ।

**dabble** *ଅ.କ୍ରି./ସ.କ୍ରି.* ଅନଧିକାର ଚର୍ଚ୍ଚା କରିବା, ଉପରଠାଉରିଆଭାବେ କାମ କରିବା; ଅଗଭୀର ପାଣିରେ ଗୋଡ଼ହାତ ପିଟି ଖେଳିବା; ଭିଜାଇବା; ତୁହାକୁ ତୁହା ଓଦା କରିବା; **dabbler** ବି. ଅନଧିକାର ଚର୍ଚ୍ଚାକାରୀ; ପାଣିରେ ଖେଳୁଥିବା ବ୍ୟକ୍ତି; ଅନାଗ୍ରହୀ କର୍ମୀ।

**dachshund** ବି. ଛୋଟ ଗୋଡ ଓ ଲମ୍ବା ଦେହ ବିଶିଷ୍ଟ ଏକ ଜାତୀୟ କୁକୁର।

**dactyl** ବି. ଇଂରାଜୀ କବିତା ଛନ୍ଦର ତିନିମାତ୍ରାବିଶିଷ୍ଟ ଏକ ପାଦ, ଯାହାର ପ୍ରଥମ ମାତ୍ରାଟି ଗୁରୁ ଓ ଅନ୍ୟ ଦୁଇଟି ଲଘୁ; ବିଂ. dactylic.

**dad** *କ.ଭା.* ବାପା, ବାବା।

**Dada** ବି. କଳା ଓ ସାହିତ୍ୟରେ ପରମ୍ପରା ବିରୋଧୀ ବିଂଶ ଶତାବ୍ଦୀର ଏକ ଆନ୍ତର୍ଜାତିକ ଆନ୍ଦୋଳନ; Dadaism ବି. ଉକ୍ତ ମତବାଦ।

**daddy** ବି. *କ.ଭା.* ବାପା, ପ୍ରାଚୀନତମ ବା ମୁଖ୍ୟତମ ବ୍ୟକ୍ତି ବା ପଦାର୍ଥ।

**dado** ବି. ଚଟାଣ ଉପରୁ ଅଳ୍ପ ଉଚ୍ଚ ପର୍ଯ୍ୟନ୍ତ ବାରି ହେଉଥିବା କାନ୍ଥର ନିମ୍ନାଂଶ, ସ୍ତମ୍ଭର ମୂଳଦୁଆ, ସ୍ତମ୍ଭବେଦୀର ନିମ୍ନାଂଶ।

**daemon** ବି. ଦୈତ୍ୟ, ଅସୁର।

**daffodil** ବି. ବସନ୍ତ କାଳରେ ବିଲାତରେ ଫୁଟୁଥିବା ଏକ ଜାତୀୟ କନ୍ଦଜ ଉଦ୍ଭିଦର ହଳଦିଆ ଫୁଲ।

**daft** ବିଂ. *କ.ଭା.* ନିର୍ବୋଧ, ବୋକା, ବା ଆଡ଼ବାୟା (ଲୋକ)।

**dagger** ବି. କଟାରୀ, ଭୁଷା ଛୁରୀ, ଛୁରିକା; at daggers drawn ତୀବ୍ର ଭାବରେ ଶତ୍ରୁଭାବାପନ୍ନ; look daggers at କ୍ରୋଧାନ୍ୱିତ ଦୃଷ୍ଟିରେ ଚାହିଁବା।

**dago** ବି. ସା.ପ୍ର. ଅବ. ବିଦେଶୀ, ବିଶେଷତଃ ସ୍ପେନ, ପର୍ତ୍ତୁଗାଲ୍ ବା ଇଟାଲୀର ଅଧିବାସୀ।

**dahlia** ବି. ଉଦ୍ଭିଦ, ବିଶେଷତଃ ହଳଦିଆ ବର୍ଣ୍ଣସମ୍ପନ୍ନ ଏକ ଜାତିର ଉଦ୍ୟାନ ଫୁଲ, ଡାଲିଆ ଫୁଲ ବା ଗଛ।

**Dail (Eireann)** ବି. ଆୟାର୍‌ଲେଣ୍ଡର ପାର୍ଲିଆମେଣ୍ଟର ଲୋକସଭା।

**daily** 1. ବିଂ. ଦୈନିକ, ପ୍ରତ୍ୟହ, ଦୈନନ୍ଦିନ; 2. କ୍ରି.ବିଂ. ପ୍ରତ୍ୟହ; 3. ବି. ଦୈନିକ ସମ୍ବାଦପତ୍ର; daily bread ଦୈନିକ ଖୋରାକି, ରୋଜି ରୁଟି।

**dainty** 1. ବିଂ. କମନୀୟା, ସୁନ୍ଦରୀ; (ଖାଦ୍ୟ ସମ୍ପର୍କରେ) ରୁଚିକର, ମୁଖରୋଚକ; 2. ବି. ପରିଚ୍ଛନ୍ନ ଓ ସୁରୁଚିସମ୍ପନ୍ନ ବ୍ୟକ୍ତି; ସୁଖାଦ୍ୟ, ରୁଚିକର ଖାଦ୍ୟ; କ୍ରି.ବିଂ. daintily.

**dairy** ବି. ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତି ଓ ସରବରାହ କେନ୍ଦ୍ର; dairy farm ବି. ଦୁଗ୍ଧ ଉତ୍ପାଦନ କେନ୍ଦ୍ର।

**dairyman** ବି. ଦୁଗ୍ଧବ୍ୟବସାୟୀ; *(ସ୍ତ୍ରୀ.)* dairymaid.

**dais** ବି. ସଭାମଞ୍ଚ।

**daisy** ବି. ଧଳା ପାଖୁଡ଼ା ବିଶିଷ୍ଟ (ମଝିରେ ହଳଦିଆ) ଏକ ପ୍ରକାର ଛୋଟ ୟୁରୋପୀୟ ବାସନ୍ତୀ ପୁଷ୍ପ।

**Dalai Lama** ବି. ଦଲାଇ ଲାମା, ତିବ୍ବତର ଧର୍ମଗୁରୁ ଓ ଶାସନକର୍ତ୍ତା।

**dale** ବି. ଉପତ୍ୟକା।

**dally** *ଅ.କ୍ରି.* ବିଳମ୍ବ କରିବା; ରଙ୍ଗରସରେ ସମୟ ବିତାଇବା; ସମୟ ନଷ୍ଟ କରିବା; ବି. dalliance ବୃଥା କାଳକ୍ଷେପ, ଅଯଥା ବିଳମ୍ବ, ରସିକତା।

**Dalmatian** 1. ବି. ଧଳା ଦେହରେ କଳା ଛିଟ ବିଶିଷ୍ଟ ଏକ ଜାତୀୟ କୁକୁର; 2. ବିଂ. ଡାଲମେସିୟା (ଯୁଗୋସ୍ଲାଭିଆ) ଅନ୍ତର୍ଗତ।

**dam** 1. ବି. ଜଳ ପ୍ରବାହର ପ୍ରତିରୋଧକ ବନ୍ଧ; ଚତୁଷ୍ପଦ ପ୍ରାଣୀଙ୍କର ଜନ୍ମଦାତ୍ରୀ; 2. *ସ.କ୍ରି.* ପ୍ରତିରୋଧ କରିବା, ବନ୍ଧଦ୍ୱାରା ଆବଦ୍ଧ କରିବା।

**damage** 1. ବି. ନଷ୍ଟ, କ୍ଷତି, ହାନି, କ୍ଷୟକ୍ଷତି ପାଇଁ ଆର୍ଥିକ କ୍ଷତିପୂରଣ; 2. *ସ.କ୍ରି.* କ୍ଷତିସାଧନ କରିବା, ଅନିଷ୍ଟ ସାଧନ କରିବା; 3. ବିଂ. damageable.

**damascene** *ସ.କ୍ରି.* କୌଣସି ଧାତୁକୁ ସୁନା ବା ରୂପାପାତ ଦ୍ୱାରା ଖଚିତ କରିବା।

Digitized by srujanika@gmail.com

**damask** 1. ବି. ଉନ୍ନତ ଲତାପୁଷ୍ପ ଶୋଭିତ ରେଶମ, ବୁଟିଦାର ଲୁଗା, ଝିଲିମିଲି କରୁଥିବା ବସ୍ତ୍ର; 2. ବିଂ. ଡାମସ୍କସ୍‌ର ଗୋଲାପ ପରି ରଙ୍ଗ, ଲାଲ୍ ବା ପାଟଳ ରଙ୍ଗ।

**dame** ବି. ସମ୍ଭ୍ରାନ୍ତ ମହିଳା, ଗୃହକର୍ତ୍ତ୍ରୀ, ନାଇଟ୍ କମାଣ୍ଡର ଉପାଧି ପାଇଥିବା ବୀର ରମଣୀ।

**damn** 1. *ସ.କ୍ରି.* ଘୃଣା କରିବା, ଦୋଷ ଦେବା; ଅଭିସମ୍ପାତ କରିବା; ନାକଚ କରିବା; 2. ବି. ଶାପବାଣୀ, ନଗଣ୍ୟ ବା ନାମମାତ୍ର ମୂଲ୍ୟ; 3. *କ୍ରି.ବିଂ.* ବିଂ. *କ.ଭା.* ଅଭିଶପ୍ତ, ଘୃଣିତ 4. *ଅ.* ନୈରାଶ୍ୟ ଓ ବିରକ୍ତିସୂଚକ।

**damnable** ବିଂ. ଘୃଣ୍ୟ, ନିନ୍ଦନୀୟ, ନାରକୀୟ।

**damnation** ବି. ପାରଲୌକିକ ଅନନ୍ତ ଶାସ୍ତି, ନରକବାସ।

**damned** 1. ବିଂ. ଘୃଣିତ, ନିର୍ଯ୍ୟାତିତ, ନରକ ଗତି ପ୍ରାପ୍ତ; 2. *କ୍ରି.ବିଂ.* ଅତିମାତ୍ରାରେ।

**damp** 1. ବି. ସନ୍ତସନ୍ତିଆ; ବିଂ. ଆର୍ଦ୍ର; 2. *ସ.କ୍ରି.* ଆର୍ଦ୍ର କରିବା, ଶକ୍ତି ଓ ତାଜା-ଗୁଣ ହରଣ କରିବା; ସ୍ପନ୍ଦନ ହ୍ରାସ କରିବା, ଲଦ୍‌ପଡିଆ ଓ ନିସ୍ତେଜ କରିବା।

**damper** ବି. ଗାଡିରେ ବ୍ୟବହୃତ ଧକ୍କା ଓ ଶବ୍ଦ ନିରୋଧକ ଯନ୍ତ୍ର, ହତୋତ୍ସାହୀ ବ୍ୟକ୍ତି; ଉତ୍ତେଜନାହୀନ ମଦ, ଅବସାଦକ (ଖାଦ୍ୟ); ଚୁଲିର ଜ୍ବଳନ କ୍ରିୟା ନିୟନ୍ତ୍ରକ ଧାତୁର ଫଳକ।

**damsel** ବି. ଅବିବାହିତ ଝିଅ, କୁମାରୀ, ତରୁଣୀ।

**damson** ବି. ଏକ ପ୍ରକାର ଘନ ଲାଲ କୋଳି, ସେହି ରଙ୍ଗ; ଉକ୍ତ ବୃକ୍ଷ।

**dan** ବି. ଜୁଡୋ ପ୍ରଭୃତିରେ ଉପାଧି ବା ପାରଦର୍ଶିତା।

**dance** 1. ବି. ନାଚ, ନାଟ; 2. *ଅ.କ୍ରି.* ନାଚିବା; dance attendance (on person) କାହାର ଅନୁଗତ ବା ଆଜ୍ଞାକାରୀ ହୋଇ ରହିବା; lead person a dance କାହାକୁ ନିର୍ଯ୍ୟାତିତ କରିବା; dancer ବି. ନର୍ତ୍ତକ, ନର୍ତ୍ତକୀ।

**dandelion** ବି. ପୀତ ପୁଷ୍ପ ଓ ଦନ୍ତୁରିତ ପତ୍ର ବିଶିଷ୍ଟ ବନ୍ୟ ଉଦ୍ଭିଦ।

**dander** *କ.ଭା.* ବି. ରାଗ, କ୍ରୋଧ।

**dandle** *ସ.କ୍ରି.* ଖେଳ କରିବା, ଶିଶୁକୁ କାଖରେ ବା କୋଳରେ ଧରି ନଚାଇବା।

**dandruff** ବି. ମୁଣ୍ଡର କେଶ ତଳେ ଥିବା ମଳା ଚମ, ରୂପି।

**dandy** ବି. ଅତ୍ୟନ୍ତ ପ୍ରସନ୍ନ ଦିଶୁଥିବା ଲୋକ, ଫୁଲ୍‌ବାବୁ; *କ.ଭା.* ଉତ୍କୃଷ୍ଟ ବସ୍ତୁ।

**Dane** ବି. ଦୀନାମାର, ଡେନ୍‌ମାର୍କର ଅଧିବାସୀ।

**danger** ବି. ବିପଦ, ସଙ୍କଟ।

**dangerous** ବିଂ. ବିପଦସଙ୍କୁଳ, ବିପଦପୂର୍ଣ୍ଣ।

**dangle** *ସ.କ୍ରି.* ଦୋହଲିବା, ଓହଳିବା, ଢ଼ିଲାରେ ଲଟକିବା; ହଲାଇବା।

**Danish** 1. ବିଂ. ଡେନ୍‌ମାର୍କ ଓ ଏହାର ଅଧିବାସୀମାନଙ୍କ ସମ୍ବନ୍ଧୀୟ; 2. ବି. ଡେନମାର୍କର ଭାଷା।

**dank** ବିଂ. ଓଦା, ଭିଜା, ସନ୍ତସନ୍ତିଆ।

**daphne** ବି. ଏକ ପ୍ରକାର ଫୁଲର ଲତା।

**dapper** ବିଂ. ପରିଷ୍କାର, ପରିଚ୍ଛନ୍ନ (ବେଶଭୂଷାରେ); ପ୍ରସନ୍ନ।

**dapple** *ସ.କ୍ରି.* ଛଉ ଛଉକା ଚିତ୍ର ବିଚିତ୍ର କରିବା; ବିଂ. dappled.

**Darby and Joan** ପରସ୍ପର ପ୍ରତି ବିଶ୍ୱସ୍ତ ବୃଦ୍ଧ ଦମ୍ପତି।

**dare** *ସ.କ୍ରି.* ବିପଦର ସମ୍ମୁଖୀନ ହେବା, ସାହସ ବାନ୍ଧିବା।

**daredevil** ବି. ଦୁଃସାହସିକ ବ୍ୟକ୍ତି, ବେପରୁଆ ଲୋକ।

**daring** 1. ବିଂ. ସାହସୀ, ନିର୍ଭୀକ; କ୍ଷତି ସହିବାକୁ ପ୍ରସ୍ତୁତ; 2. ବି. ସାହସ।

**dariole** ବି. ଛୋଟ ପାତ୍ରରେ ପରିବେଷିତ ସୁସ୍ୱାଦୁ ଖାଦ୍ୟ।

**dark** 1. ବିଂ. ଅନ୍ଧାର, କଳା, ଆଲୋକହୀନ; ବାଦାମୀ ବା କୃଷ୍ଣକାୟ, ବିଷଣ୍ଣ, ଗୂଢ଼, ରହସ୍ୟପୂର୍ଣ୍ଣ; ନିଷ୍ପିଷ୍ଟ; *ପ୍ରା.ପ୍ର.* ମୂର୍ଖ; 2. ବି. ଆଲୋକର ଅଭାବ, ଜ୍ଞାନହୀନତା, ଅନ୍ଧକାରମୟ ସ୍ଥାନ; 3. after dark ସନ୍ଧ୍ୟାପରେ; Dark Ages ମଧ୍ୟଯୁଗର ପୂର୍ବବର୍ତ୍ତୀ କାଳ (୫ମରୁ ୧୦ମ ଶତାବ୍ଦୀ); dark horse ଅପ୍ରତ୍ୟାଶିତ ସଫଳ ପ୍ରତିଯୋଗୀ; darkroom ଆଲୋକ ଚିତ୍ର ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ଆଲୋକବର୍ଜିତ ପ୍ରକୋଷ୍ଠ; in the dark ସମ୍ପୂର୍ଣ୍ଣ ଅଜ୍ଞାନ, ଅନ୍ଧକାରରେ।

**darken** *କ୍ରି.* ଅନ୍ଧକାର କରିବା ବା ହେବା।

**darkness** ବି. ଆଲୋକର ଅଭାବ, ଅନ୍ଧକାର; ଦୁର୍ବୃତ୍ତତା।

Digitized by srujanika@gmail.com

**darling** 1. ବି. ପ୍ରିୟତମ ବା ପ୍ରିୟତମା; ପ୍ରିୟପାତ୍ର, 2. ବିଂ. ପ୍ରିୟ, ମୂଲ୍ୟବାନ୍।

**darn** 1. ସ.କ୍ରି. ରଫୁ କରିବା; 2. ରଫୁ ହୋଇଥିବା ସ୍ଥାନ।

**darnel** ବି. କ୍ଷେତର ଅନାବନା ଘାସ।

**darning** ବି. ରଫୁକାମ।

**dart** 1. ବି. ଛୋଟବର୍ଚ୍ଛା ବା ଶେଳ, ଦଂଶନକାରୀ ଜୀବର ଲାଙ୍ଗୁଡ଼; ତୀର; ଏକ ପ୍ରକାର ଖେଳ; 2. କ୍ରି. ଶେଳ ନିକ୍ଷେପ କରିବା; ସହସା ଦୃଷ୍ଟିପାତ କରିବା; ଦ୍ରୁତ ଗତିରେ ଚାଲିଯିବା।

**dartboard** ବି. ଡାର୍ଟ୍ ଖେଳର ବୃତ୍ତାକାର ଲକ୍ଷ୍ୟସ୍ଥଳ।

**Darwinian** ବିଂ. ଡାରଉଇନଙ୍କ ବିବର୍ତ୍ତନବାଦ ସମ୍ବନ୍ଧୀୟ; Darwinism ବି. ଡାରଉଇନଙ୍କ ମତବାଦ।

**dash** 1. କ୍ରି. ଦ୍ରୁତ ଗତିରେ ବା ବେଗରେ ଧାଇଁଯିବା; ଆଘାତ କରିବା, ଆଘାତ ଦ୍ୱାରା ଖଣ୍ଡ ବିଖଣ୍ଡ କରିବା, ଧକ୍କା ମାରିବା; ନିକ୍ଷେପ କରିବା, ବ୍ୟର୍ଥ ବା ବିଫଳ କରିବା, ନିସ୍ତେଜ କରିବା; 2. ବି. ଦ୍ରୁତ ଧାବନ, ଆକ୍ରମଣ, ଆକସ୍ମିକ ଅଗ୍ରଗତି, ସାହସ, ବଳ ଓ ଶକ୍ତି; 3. cut a dash ନିଜର ଦକ୍ଷତା; dash off ତରବରରେ ଲେଖି ପକାଇବା; dashboard ଯାନ ସମ୍ମୁଖସ୍ଥ ବାକ୍ସ ଭଳି ସ୍ଥାନ।

**dashing** ବିଂ. ସାହସୀ, ଶକ୍ତିମାନ୍, ବେପରୁଆ।

**dastardly** ବିଂ. ଭୀରୁ ଭାବରେ, କାପୁରୁଷୋଚିତ।

**data** ବି. (ଏ.ବ. datum) ଦତ୍ତ ବିଷୟ, ଉପଲବ୍ଧ ବିଷୟ ଯହିଁରୁ ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼େ; data processing ଦତ୍ତ ବିଷୟ ଅନୁଶୀଳନ ପାଇଁ ସ୍ୱୟଂକ୍ରିୟ ପଦ୍ଧତି।

**database** ବି. ସଂଗଣକ (କମ୍ପ୍ୟୁଟର)ରେ ବ୍ୟବହାର ପାଇଁ ଶୃଙ୍ଖଳିତଭାବେ ରକ୍ଷିତ ସ୍ୱୀକୃତ ବିଷୟ।

**datable** ବିଂ. ସନ, ତାରିଖ ନିର୍ଦ୍ଧାରଣ ଉପଯୋଗୀ।

**date**[1] 1. ବି. ତାରିଖ (ମାସର ଦିନ); ଦିନ, ମାସ; ବର୍ଷ ନିର୍ଣ୍ଣାୟକ ସୂଚନା; ରଚନା ବା ଘଟଣାର କାଳ; *କ.ଭା.* ପ୍ରେମିକ ପ୍ରେମିକାଙ୍କ ସାକ୍ଷାତର ସମୟ; 2. କ୍ରି. ତାରିଖ ଦେବା, ନିର୍ଦ୍ଦିଷ୍ଟ କାଳରେ ଘଟିଥିବା; 3. date line ବି. ଗ୍ରୀନଉଇଚ୍‌ଠାରୁ ୧୮୦° ଦୂରତ୍ୱରେ ଥିବା ଦ୍ରାଘିମା ରେଖା, ଏହାର ପୂର୍ବ ଓ ପଶ୍ଚିମ ପାର୍ଶ୍ୱସ୍ଥ ସ୍ଥାନର ତାରିଖ ମଧ୍ୟରେ ଏକ ଦିନ ବ୍ୟବଧାନ ହୁଏ; date-stamp ତାରିଖ ନିର୍ଣ୍ଣାୟକ ମୋହର; out of date ପୁରୁଣା କାଳିଆ, ଅଚଳ; up to date ପ୍ରଚଳିତ କାଳ ଉପଯୋଗୀ; to date ଏ ଯାବତ।

**date**[2] ବି. ଖଜୁର, ଖଜୁରୀକୋଳି ବା ଗଛ।

**dative** ବି. ସମ୍ପ୍ରଦାନ କାରକ (*ବ୍ୟା.* ବ୍ୟକ୍ତିବାଚକ କର୍ମ ଓ ଗ୍ରହଣକାରୀ କର୍ମ ସମ୍ପର୍କୀୟ)।

**datum** ବି. (ବ.ବ. data) ଗୃହୀତ ସତ୍ୟ, ସାମଗ୍ରୀ।

**daub** 1. *ସ.କ୍ରି.* ଚିତ୍ରପାଇଁ ଲେପନ କରିବା, ବୋଳିବା, ଅସୁନ୍ଦର ଭାବେ ଛବିରେ ରଙ୍ଗଦେବା; 2. ବି. ବୋଳାଯାଇଥିବା ପ୍ଲାଷ୍ଟର ବା ରଙ୍ଗ; ଲେପନ, ଅସୁନ୍ଦର ଚିତ୍ରଣ।

**daughter** ବି. ଝିଅ, କନ୍ୟା; daughter-in-law ବୋହୂ, ପୁତ୍ରବଧୂ।

**daunt** *ସ.କ୍ରି.* ଦବେଇବା, ଭୟ କରେଇବା।

**dauntless** ବିଂ. ସାହସୀ, ନିର୍ଭୀକ।

**dauphin** ବି. *ଇତି.* ଫରାସୀ ଯୁବରାଜଙ୍କ ପୁରୁଣା ଉପାଧି।

**davenport** ବି. ଏକ ପ୍ରକାର ଲେଖିବା ଓ ବସିବାର ମେଜ।

**davit** ବି. ଜାହାଜରେ ଲାଗିଥିବା ଉତ୍ତୋଳକ ଯନ୍ତ୍ର, କ୍ରେନ।

**Davy lamp** ବି. ଖଣିରେ ବ୍ୟବହୃତ ନିରାପଦ ବତୀ (ଉଦ୍‌ଭାବକ ଡେଭିଙ୍କ ନାମାନୁଯାୟୀ)।

**daw** ବି. ଡାମରା କୁଆ ଜାତୀୟ ପକ୍ଷୀ।

**dawdle** *ସ.କ୍ରି.* କାଳକ୍ଷେପଣ କରିବା, ଅଯଥାରେ ସମୟ କଟାଇବା; ଧୀରେ ଧୀରେ ଯିବା।

**dawn** 1. ବି. ଭୋର, ପ୍ରତ୍ୟୁଷ, ଉଷାକାଳ; ଉନ୍ମେଷ, ଆରମ୍ଭ; 2. *ଅ.କ୍ରି.* ପ୍ରଭାତ ହେବା, ସ୍ପଷ୍ଟହେବା, ଆରମ୍ଭ ହେବା; 3. dawn chorus ପ୍ରତ୍ୟୁଷର (ବିହଗ) କୂଜନ।

**day** 1. ବି. ଦିନ, ଦିବସ, ଚବିଶ ଘଣ୍ଟା ପରିମିତ ସମୟ; 2. day boy (girl) ଘରେ ରହି ଶିକ୍ଷାଲାଭ କରିବାକୁ ଅନୁମତି ପ୍ରାପ୍ତ ଛାତ୍ର/ଛାତ୍ରୀ; day-dream ଦିବାସ୍ୱପ୍ନ, ଅଳୀକ ଭାବନା; day in, day out ଅନବରତ; day school

Digitized by srujanika@gmail.com

ଅଣ-ଆବାସିକ ବିଦ୍ୟାଳୟ; day-to-day ବିଂ ପ୍ରତିଦିନ, ଦୈନନ୍ଦିନ, ନିୟମିତ।

**daybreak** ବି. ସକାଳ, ପ୍ରଭାତ।

**daylight** ବି. ଦିବାଲୋକ, ସୂର୍ଯ୍ୟାଲୋକ, ପ୍ରତ୍ୟକ୍ଷ ଜ୍ଞାନ।

**daytime** ବି. ଦିନବେଳା।

**daze** 1. ସ.କ୍ରି. ହତବାକ୍ କରିବା, ବିଭ୍ରାଟ କରିବା; ଆଖି ଝଲସାଇଦେବା, ବୁଦ୍ଧିବଣା କରିବା, ସ୍ତବ୍ଧ କରିବା; 2. ବି. ଏପରି ଅବସ୍ଥା।

**dazzle** 1. କ୍ରି. ଅତି ଉଜ୍ଜ୍ୱଳ ଆଲୁଅରେ ଆଖି ଝଲସାଇବା, ଝଲସିଯିବା; ଅପୂର୍ବ ସୌନ୍ଦର୍ଯ୍ୟରେ ମୁଗ୍ଧ କରିବା; 2. ବି. ଆଖି ଝଲସାଇ ଦେବା ଆଲୋକ।

**dB** ସଂଶ. decibel ଶବ୍ଦ ଶକ୍ତିର ଏକକ।

**DDT.** ବି. ସଂଶ. ବିଶୋଧନ ପାଇଁ ବ୍ୟବହୃତ ସାମଗ୍ରୀ।

**de–** *ପୂ.ପ୍ର.* ଗତି ବାଚକ, ପୂର୍ଣ୍ଣତ୍ୱବୋଧକ ଓ ବିପରୀତ ଅର୍ଥ ପ୍ରକାଶକ; ଉଦା. descend, denude, demoralize.

**deacon** ବି. ବିଶପ୍‌ଙ୍କ ଅଧସ୍ତନ ଧର୍ମଯାଜକ।

**deactivate** *ସ.କ୍ରି.* ପ୍ରତିକ୍ରିୟାଶୀଳତାର ହ୍ରାସ ଘଟାଇବା, ଶକ୍ତିହୀନ କରିବା।

**dead** 1. ବିଂ. ମୃତ, କ.ଭା. ଅବସନ୍ନ, ଅବଶ ବା ଚେତନାଶକ୍ତି ରହିତ, (ଭାଷା ସମ୍ପର୍କରେ) ଅପ୍ରଚଳିତ; ଅକାମୀ, ମନ୍ଦୀଭୂତ, ଅନୁର୍ବର, ନିଃଶବ୍ଦ; ପୂରାପୂରି (ବନ୍ଦ); 2. ବି. ନିସ୍ତବ୍ଧ ସମୟ (ରାତି); 3. the dead ମୃତ ବ୍ୟକ୍ତି (ସମୂହ); dead account ଚାଲୁ ନଥିବା ହିସାବ; dead-and-alive ନିସ୍ପୃହ, ନିସ୍ତେଜ; dead end ଅନ୍ଧ ଗଳିର ଶେଷ; dead language ଅପ୍ରଚଳିତ ଭାଷା; dead letter ଅଚଳ ଚିଠି, ଅଜ୍ଞାତ ପ୍ରାପକଙ୍କୁ ପତ୍ର; dead march ଶବ ଶୋଭାଯାତ୍ରା; deadpan ଅଭିବ୍ୟକ୍ତି ରହିତ; dead shot ଅବ୍ୟର୍ଥ ଲକ୍ଷ୍ୟ; dead weight ଅତିରିକ୍ତ ବୋଝ; dead wood *(ଲାକ୍ଷ.)* ଅଦରକାରୀ ମଣିଷ, ଅନାବଶ୍ୟକ ଦ୍ରବ୍ୟ।

**deaden** ସ.କ୍ରି. ନିର୍ଜୀବ ହେବା, ମ୍ଳାନ ହେବା।

**deadline** ବି. ଚରମ ସମୟ ସୀମା।

**deadlock** 1. ବି. ଅଚଳ ଅବସ୍ଥା; 2. କ୍ରି. ଉକ୍ତ ଅବସ୍ଥା ସୃଷ୍ଟି କରିବା।

**deadly** ବିଂ. ମାରାତ୍ମକ, ଶୋଚନୀୟ, ସାଂଘାତିକ।

**deaf** ବିଂ. କାଲ (ସମ୍ପୂର୍ଣ୍ଣ ବା ଆଂଶିକ), ଭର୍ଣ୍ଣରା; ଉଦାସୀନ; the deaf ବଧିର ବ୍ୟକ୍ତି (ଗଣ); turn a deaf ear କଥା କାନକୁ ନ ନେବା।

**deafen** ସ.କ୍ରି. କାନ ଅତଡା ପକାଇବା।

**deafening** ବିଂ. କାନ ଅତଡା ପକାଇବା ଭଳି ଅତି ଉଚ୍ଚ (ସ୍ୱର)।

**deal** 1. କ୍ରି. (*ଅ.କା.* dealt) ଅନେକଙ୍କ ମଧ୍ୟରେ ବିତରଣ କରିବା; (ତାସ୍) ଖେଳାଳିଙ୍କ ମଧ୍ୟରେ ବାଣ୍ଟିବା; ଅଂଶ ନିରୂପଣ କରିବା, ଶାସନ କରିବା; ଦେବା, ଆଚରଣ କରିବା; 2. ବି. ଆଚରଣ, ବଣ୍ଟନ; *କ.ଭା.* ବ୍ୟବସାୟିକ ଚୁକ୍ତି; deal in କାରବାର କରିବା; deal with ସମ୍ପର୍କ ରଖିବା, ବ୍ୟବସାୟିକ ସମ୍ବନ୍ଧ ରଖିବା, ଶାସନ କରିବା, ବ୍ୟବହାର ଦେଖାଇବା; (କୌଣସି ବିଷୟ) ଆଲୋଚନା କରିବା; raw (or rough) deal କଠୋର ବା ଅନ୍ୟାୟ ଆଚରଣ।

**dealer** ବି. ବ୍ୟବସାୟୀ, ବେପାରୀ, ତାସ ବଣ୍ଟାଳୀ।

**dealings** ବି.ବ.ବ. ଅନ୍ୟପ୍ରତି ବ୍ୟବହାର; କାରବାର।

**dean** ବି. ବିଭାଗୀୟ ଅଧକ୍ଷ, ଖ୍ରୀଷ୍ଟ ଧର୍ମର ଆଚାର୍ଯ୍ୟ।

**deanery** ବି. ଡିନ୍‌ଙ୍କ କାର୍ଯ୍ୟାଳୟ।

**dear** 1. ବି. ପ୍ରିୟ, ପ୍ରେମାସ୍ପଦ, ପ୍ରିୟତମ (ସମ୍ବୋଧନରେ); 2. ବିଂ. ପ୍ରିୟ, ମୂଲ୍ୟବାନ, ଆକାଙ୍କ୍ଷିତ, ଗଭୀର ଭାବେ ଅନୁଭୂତ, ଦାମିକା; 3. କ୍ରି.ବିଂ. ଅଧିକ ମୂଲ୍ୟରେ।

**dearth** ବି. ଦୁଷ୍ପ୍ରାପ୍ୟତା, ଅନଟନ, (ବିଶେଷତଃ ଖାଦ୍ୟ ପଦାର୍ଥର)।

**death** ବି. ମରଣ, ମୃତ୍ୟୁ; at death's door ମୃତ୍ୟୁର ନିକଟ; death certificate ବ୍ୟକ୍ତିର ମୃତ୍ୟୁର କାରଣ, କାଳ ଓ ସ୍ଥାନ ସମ୍ପର୍କୀୟ ଆଫିସିଆଲ ବିବରଣୀ; death duty ବ୍ୟକ୍ତିର ମୃତ୍ୟୁପରେ ତାର ସମ୍ପତ୍ତି ଉପରେ ଧାର୍ଯ୍ୟ ହୋଇଥିବା ଟିକସ; death-mask ବ୍ୟକ୍ତିର ମୃତ୍ୟୁପରେ ନିଆଯାଇଥିବା ମୁହଁର ଛାଞ୍ଚ; death penalty ମୃତ୍ୟୁଦଣ୍ଡ; death rate ମୃତ୍ୟୁହାର (ଏକବର୍ଷ ମଧ୍ୟରେ ଏକ ହଜାର ବ୍ୟକ୍ତିଙ୍କ ମଧ୍ୟରୁ); death-trap ବିପଦ୍‌ଜନକ ସ୍ଥାନ ବା ଯାନ ପ୍ରଭୃତି; death-wish ନିଜର ବା ଅନ୍ୟର ମୃତ୍ୟୁପାଇଁ ଅଭିଳାଷ (ସାଧାରଣତଃ

Digitized by srujanika@gmail.com

ଅବଚେତନ ମନରେ); put to death ହତ୍ୟା କରିବା ବା ନିହତ ହେବା; sure as death ସୁନିଶ୍ଚିତ।

**deathbed** ବି. ମୃତ୍ୟୁଶଯ୍ୟା, ଶେଷ ଅବସ୍ଥା।

**deathly** 1. ବିଂ. ମୃତ୍ୟୁ ସୂଚକ, ମୃତବତ୍; 2. କ୍ରି.ବିଂ. ମଲାପରି।

**debacle** ବି. ଆକସ୍ମିକ ପତନ; ଘୋର ପରାଜୟ ବା ବ୍ୟର୍ଥତା।

**debar** ସ.କ୍ରି. ବାଦଦେବା, ବଞ୍ଚିତ କରିବା।

**debark** ସ.କ୍ରି. ଜାହାଜରୁ ଓହ୍ଲାଇବା; ବି. debarkation.

**debase** ସ.କ୍ରି. ନିକୃଷ୍ଟ କରିବା, ହୀନ କରିବା, ବିକୃତ କରିବା; ଧାତୁ ପ୍ରଭୃତିରେ ଖାଦ ମିଶାଇବା; ବି. debasement.

**debatable** ବି. ତର୍କଯୋଗ୍ୟ, ବିବାଦପୂର୍ଣ୍ଣ।

**debate** 1. କ୍ରି. ତର୍କବିତର୍କ, ବାଦାନୁବାଦ ବା (ବିଷୟ) ବିଭିନ୍ନ ଦିଗରୁ ଆଲୋଚନା କରିବା; 2. ବି. ଆନୁଷ୍ଠାନିକ ଆଲୋଚନା (ଏକ ନିର୍ଦ୍ଦିଷ୍ଟ ବିଷୟରେ)।

**debauch** 1. ସ.କ୍ରି. ଚରିତ୍ର ଭ୍ରଷ୍ଟ କରିବା, ସତ୍‌ପଥଚ୍ୟୁତ କରିବା, ବିପଥଗାମୀ କରିବା; 2. ବି. ବ୍ୟଭିଚାର, ଲମ୍ପଟତା; ଲମ୍ପଟ।

**debauchery** ବି. ଲମ୍ପଟତା, ବ୍ୟଭିଚାର।

**debenture** ବି. କରଜ ସ୍ୱୀକାର ପତ୍ର (ଏହାଦ୍ୱାରା କମ୍ପାନୀ ଋଣ ସ୍ୱୀକାରପୂର୍ବକ ଏହାର ସୁଧ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଦେବାକୁ ସ୍ୱୀକୃତିବଦ୍ଧ ହୋଇଥାନ୍ତି)।

**debilitate** ସ.କ୍ରି. ଶକ୍ତିହୀନ କରିବା, ଦୁର୍ବଳ କରିବା।

**debility** ବି. ଦୁର୍ବଳତା (ସ୍ୱାସ୍ଥ୍ୟର)।

**debit** 1. ବି. ଲିଖିତ ଋଣର ହିସାବ ଫର୍ଦ୍ଦ, ହିସାବ ବହିର ଖର୍ଚ୍ଚ ପୃଷ୍ଠା ବା ସ୍ତମ୍ଭ; 2. ସ.କ୍ରି. ହିସାବ ବହିର ଖର୍ଚ୍ଚ ସ୍ତମ୍ଭ ବା ପୃଷ୍ଠାରେ ଲେଖିବା।

**debonair** ବିଂ. ଶିଷ୍ଟ, ଅମାୟିକ, ପ୍ରଫୁଲ୍ଲ।

**debouch** କ୍ରି. (ନଦୀ/ ସୈନ୍ୟଦଳ) ଅରଣ୍ୟ ଓ ପଥୁରିଆ ସ୍ଥାନରୁ ବାହାରିବା; ବୃହତ୍ତର ପରିସରରେ ହଜିଯିବା (ସମୁଦ୍ର ବା ରାସ୍ତାର ଛକରେ)।

**debrief** ସ.କ୍ରି. କାର୍ଯ୍ୟଶେଷ ହେବା ସମ୍ପର୍କରେ ପଚାରି ବୁଝିବା (ବିଶେଷତଃ ଉଡାଜାହାଜ ଚାଳକ ପ୍ରଭୃତିଙ୍କୁ)।

**debris** (ଡେବ୍‌ରି) ବି. ବିକ୍ଷିପ୍ତ ହୋଇ ପଡ଼ିଥିବା ଭଙ୍ଗାରୁଜା ଜିନିଷ।

**debt** ବି. ଦେଣା, କରଜ, ଋଣ; debt of honour ବିନା ଦଲିଲରେ ବିଶ୍ୱାସର ସହିତ ଦିଆଯାଉଥିବା ଋଣ (ଆଇନାନୁଯାୟୀ ଯାହା ଆଦାୟ କରିହେବ ନାହିଁ)।

**debtor** ବି. ଖାତକ, ଋଣଗ୍ରହଣକାରୀ।

**debug** ସ.କ୍ରି. ଛାରପୋକ ଦୂର କରିବା।

**debunk** ସ.କ୍ରି. କ.ଭା. ବ୍ୟକ୍ତି ବା ଅନୁଷ୍ଠାନର ଦେଖାଣିଆ ସୁନାମର ମିଥ୍ୟା ଆବରଣ ଖୋଲିଦେବା।

**debut** (ଡେବ୍ୟୁ) ବି. ପ୍ରଥମ ଉପସ୍ଥିତି, ଆରମ୍ଭ।

**debutante** ବି. ଯେଉଁ ତରୁଣୀ ପ୍ରଥମେ ସାଧାରଣ କର୍ମକ୍ଷେତ୍ର ବା ମଞ୍ଚରେ ଅବତୀର୍ଣ୍ଣ ହୁଅନ୍ତି।

**Dec.** ସଂଶ. ଡିସେମ୍ବର।

**deca–** ସଂ. ଦଶ ସଂଖ୍ୟକ, ଦଶବିଧ।

**decade** ବି. ଦଶନ୍ଧି, ଦଶବର୍ଷ ପରିମିତ ସମୟ।

**decadence** ବି. ଅବକ୍ଷୟ, ଅଧୋଗତି, ଅବନତି (ସାଧାରଣତଃ ଜାତି, ସାହିତ୍ୟ, କଳା ସମ୍ପର୍କରେ)।

**decadent** ବିଂ. କ୍ଷୟଶୀଳ, ଅବନତ, ଅଧୋପତିତ।

**decaffeinated** ବିଂ. ଯହିଁରୁ ଅହିତକର କେଫିନ ସମ୍ପୂର୍ଣ୍ଣ ବା ଆଂଶିକ ଅପସାରିତ।

**decagon** ବି. ଦଶଭୁଜ କ୍ଷେତ୍ର; ବିଂ. decagonal.

**decagram** ବି. ମେଟ୍ରିକ ମାପରେ ଦଶଗ୍ରାମ।

**decalitre** ବି. ଦଶଲିଟରବିଶିଷ୍ଟ ମେଟ୍ରିକ ପ୍ରଣାଳୀର ମାପ।

**Decalogue** ବି. ଖ୍ରୀଷ୍ଟ ଧର୍ମର ଦଶଆଜ୍ଞା।

**decametre** ବି. ଦଶ ମିଟର ଲମ୍ବ ବିଶିଷ୍ଟ (ମେଟ୍ରିକ ମାପର)।

**decamp** କ୍ରି. କ୍ୟାମ୍ପ ବା ଅସ୍ଥାୟୀ ଆବାସକୁ ଛାଡି ବା ଭାଙ୍ଗି ଚାଲିଯିବା; ଆତ୍ମଗୋପନ କରିବା।

**decanal** ବିଂ. ଖ୍ରୀଷ୍ଟଧର୍ମର ଅଧ୍ୟକ୍ଷ (ଡିନ୍)ଙ୍କ ସମ୍ବନ୍ଧୀୟ; ଡିନ୍‌ଙ୍କର କିମ୍ବା ବୃନ୍ଦଗାନର ଦକ୍ଷିଣ ପାର୍ଶ୍ୱସ୍ଥ।

**decant** ସ.କ୍ରି. ମଦ ପ୍ରଭୃତି ତରଳ ପଦାର୍ଥକୁ ଅନ୍ୟପାତ୍ରକୁ ଢାଳିବା (ତଳେ ବସି ଯାଇଥିବା ପଦାର୍ଥକୁ ନ ଢାଳି)।

Digitized by srujanika@gmail.com

**decanter** ବି. କାଚ ଠିପିଥିବା ମଦ୍ୟ ବା ସ୍ପିରିଟ୍ ବୋତଲ।

**decapitate** ସ.କ୍ରି. ମୁଣ୍ଡକାଟ କରିବା।

**decapitation** ବି. ମୁଣ୍ଡକାଟ, ଶିରଚ୍ଛେଦ।

**decapod** ବି. ଦଶଗୋଡ଼ଧାରୀ କଙ୍କଡ଼ା ଜାତୀୟ ଜୀବ।

**decarbonize** ସ.କ୍ରି. ଅଙ୍ଗାରକ ଶୂନ୍ୟ କରିବା; (ଇଞ୍ଜିନ୍ ପ୍ରଭୃତିରୁ) ଅଙ୍ଗାରକ ଅପସାରଣ କରିବା।

**decathlon** ବି. କ୍ରୀଡ଼ା ପ୍ରତିଯୋଗିତା, ଯହିଁରେ ଏହାର ସମସ୍ତ ଦଶଗୋଟି ପ୍ରତିଯୋଗିତାରେ କ୍ରୀଡ଼ାବିତ୍ ଭାଗ ନେଇଥାଏ।

**decay** 1. ସ.କ୍ରି. ପଚିଯିବା, କ୍ରମଶଃ କ୍ଷୟ ପ୍ରାପ୍ତ ହେବା; (ଗୁଣ, ଶକ୍ତି ସଂପଦ ଓ ସୌନ୍ଦର୍ଯ୍ୟରେ) ହୀନବଳ ହେବା; 2. ବି. ପଚିଯିବା ଅବସ୍ଥା; ଗୁଣ ଓ ସ୍ୱାସ୍ଥ୍ୟର ଅବନତି, ରେଡିଓ ଏକ୍ଟିଭ ପରିବର୍ତ୍ତନ।

**decease** 1. ବି. ମୃତ୍ୟୁ; 2. କ୍ରି. ମୃତ୍ୟୁଲାଭ କରିବା।

**deceased** 1. ବିଂ. ମୃତ; 2. ବି. (ସଦ୍ୟ) ମୃତବ୍ୟକ୍ତି।

**deceit** ବି. ପ୍ରବଞ୍ଚନା, ଅସଦ୍ ଉପାୟ, ଶଠତା, ପ୍ରତାରଣା ମନୋବୃତ୍ତି; ବିଂ. deceitful.

**deceive** ସ.କ୍ରି. ମିଥ୍ୟାକୁ ସତ୍ୟବୋଲି ବିଶ୍ୱାସ ଜନ୍ମାଇବା; ଉଦ୍ଦେଶ୍ୟମୂଳକଭାବେ ବିଭ୍ରାନ୍ତ କରିବା; ପ୍ରତାରଣା କରିବା; ବିଶ୍ୱାସଘାତକ ହେବା।

**decelerate** କ୍ରି. ଗତି କମାଇବା, ବେଗ ନିୟନ୍ତ୍ରଣ କରିବା; ବି. deceleration.

**December** ବି. ଇଂରାଜୀ ବର୍ଷର ଦ୍ୱାଦଶତମ ବା ଶେଷ ମାସ; ରୋମାନ ବର୍ଷର ୧୦ମ ମାସ।

**decency** ବି. ଯଥାଯଥ ସୁରୁଚିସମ୍ପନ୍ନ ବ୍ୟବହାର; ଶୋଭନୀୟତା, ଶାଳୀନତା।

**decennial** ବିଂ. ଦଶବର୍ଷୀୟ, ଦଶବର୍ଷବ୍ୟାପୀ, ପ୍ରତି ଦଶ ବର୍ଷରେ ଥରେ ଘଟୁଥିବା।

**decent** ବିଂ. ସୁନ୍ଦର, ରୁଚିକର, ମାର୍ଜିତ, ରୁଚିସମ୍ପନ୍ନ, ସମ୍ମାନାସ୍ପଦ; ପସନ୍ଦଯୋଗ୍ୟ, ଗ୍ରହଣୀୟ; କ.ଭା. ଦୟାଳୁ, ଉପକାରୀ।

**decentralize** କ୍ରି. ବିକେନ୍ଦ୍ରୀକରଣ କରିବା, କେନ୍ଦ୍ରରୁ ଆଣିବା; କେନ୍ଦ୍ର ଶାସନରୁ ସ୍ଥାନୀୟ ଶାସନ କ୍ଷେତ୍ରକୁ ବଦଳି କରିବା; ବି. decentralization.

**deception** ବି. ପ୍ରତାରଣା, ଯାହା ପ୍ରତାରିତ କରେ।

**deceptive** ବିଂ. ପ୍ରତାରଣାପ୍ରବଣ, ବିଭ୍ରାନ୍ତିକର।

**deci–** ସଂ. ଏକ ଦଶମାଂଶ।

**decibel** ବି. ଧ୍ୱନି ଓ ବିଦ୍ୟୁତ ମାପର ଏକକ।

**decide** ସ.କ୍ରି. ସ୍ଥିର କରିବା, ନିଷ୍ପତ୍ତି କରିବା।

**decided** ବିଂ. ନିଶ୍ଚିତ, ସ୍ପଷ୍ଟ।

**decidedly** କ୍ରି.ବିଂ. ନିଶ୍ଚିତ ରୂପରେ, ନିଃସନ୍ଦେହରେ, ଅନସ୍ୱୀକାର୍ଯ୍ୟ ଭାବରେ।

**decider** ବି. ପୂର୍ବ ପ୍ରତିଯୋଗିତାରେ ସମାନ କୃତିତ୍ୱ ଅର୍ଜ୍ଜନ କରିଥିବା ପ୍ରତିଯୋଗୀଙ୍କ ସଫଳତାମାନ ନିଷ୍ପତ୍ତି ଲାଗି କ୍ରୀଡ଼ା ବା ଦୌଡ଼।

**deciduous** ବିଂ. ପ୍ରତିବର୍ଷ ପତ୍ରଝଡ଼ା ଦେଉଥିବା (ଗଛ); ସାମୟିକ ଖସି ପଡୁଥିବା (ପତ୍ର, ଶିଙ୍ଗ, ଆଦି)।

**decigram, decigramme** ବି. ମେଟ୍ରିକ ଓଜନର ଏକ ଗ୍ରାମର ଦଶଭାଗରୁ ଏକ ଭାଗ।

**decilitre** ବି. ଲିଟରର ଦଶ ଭାଗରୁ ଭାଗେ।

**decimal** ବିଂ. ଦଶମିକ; decimal system ବି. ଦଶମିକ ଓଜନ ଓ ମାପ ପ୍ରଣାଳୀ।

**decimalize** ସ.କ୍ରି. ଦଶମିକ ଭଗ୍ନାଂଶରେ ରୂପାନ୍ତରିତ କରିବା।

**decimate** ସ.କ୍ରି. ଦଶଭାଗରୁ ଭାଗେ ନଷ୍ଟକରିବା, ପ୍ରତି ଦଶଜଣରେ ଜଣକୁ ଦଣ୍ଡସ୍ୱରୂପ ନିହତ କରିବା; ଜନଶୂନ୍ୟ କରିବା, ଧ୍ୱଂସ କରିବା; ବି. decimation.

**decimetre** ବି. ମିଟରର ଏକ ଦଶମାଂଶ।

**decipher** ସ.କ୍ରି. ସାଙ୍କେତିକ ଲିପି ବା ଗୂଢ଼ରୂପେ ଲିଖିତ ଲେଖାର ଅର୍ଥ ବାହାର କରିବା; ଅର୍ଥ ନିରୂପଣ କରିବା।

**decision** ବି. ସିଦ୍ଧାନ୍ତ, ନିଷ୍ପତ୍ତି, ମୀମାଂସା, ରାୟ।

**decisive** ବିଂ. ନିଷ୍ପତ୍ତିମୂଳକ, ସିଦ୍ଧାନ୍ତାତ୍ମକ, ନିର୍ଣ୍ଣୟାତ୍ମକ, ଚୂଡ଼ାନ୍ତ।

**deck** 1. ବି. ପୋତର ପଟାତଳ, ପୋତର ଉପରିଭାଗ; 2. ସ.କ୍ରି. ପଟାତଳ ବିଶିଷ୍ଟ କରିବା; ଶୋଭିତ କରିବା, ମିଶ୍ରିତ କରିବା; deck chair ସହଜରେ ନିଆଯାଇ ପାରୁଥିବା ଓ ଭାଙ୍ଗିହୋଇ ପାରୁଥିବା ହାଲୁକା ଚଉକି; 3. decker ସଂ. ନିର୍ଦ୍ଦିଷ୍ଟ ସଂଖ୍ୟକ ପଟାତଳ ବିଶିଷ୍ଟ, ଉଦା. double-decker bus.

Digitized by srujanika@gmail.com

**declaim** କ୍ରି. ଆଳଙ୍କାରିକ ଭଙ୍ଗୀରେ ବାଗାଡମ୍ବର ଦେଖାଇ କହିବା; ଭାଷଣ ପ୍ରସ୍ତୁତ କରିବା; ଦୋଷାରୋପ କରିବା; ବି. declamation; ବିଂ. declamatory.

**declaration** ବି. ଘୋଷଣା, ପ୍ରଚାର।

**declare** ସ.କ୍ରି. ଘୋଷଣା କରିବା, ଜଣାଇ ଦେବା, ଜୋରଦେଇ କହିବା, ଅଧିକାର ସମ୍ପର୍କରେ ସ୍ୱୀକାରୋକ୍ତି କରିବା; ବିଂ. declarative.

**declension** ବି.ବ୍ୟା. ଶବ୍ଦରୂପ, ବିଶେଷ୍ୟର ବିଭିନ୍ନରୂପ; ଅବନତି, ଅଧଃପତନ।

**declination** ବି. ନତ ଅବସ୍ଥା, ଅଧୋଗତି; ନକ୍ଷତ୍ରମାନଙ୍କର ଦୂରତ୍ୱ; ପ୍ରକୃତ ଉତ୍ତର ଦିଗଠାରୁ କମ୍ପାସ ସୂଚୀର ବିଚ୍ୟୁତି; ବିଂ. declinational.

**decline** 1. କ୍ରି. କ୍ରମଶଃ ଖରାପ ଆଡକୁ ଗତି କରିବା, ଶକ୍ତିହ୍ରାସ ହେବା, କମିବା; ସମ୍ମାନର ସହ ପ୍ରତ୍ୟାଖ୍ୟାନ କରିବା, ସ୍ୱୀକୃତି ନ ଦେବା, ରାଜି ନ ହେବା; ତଳକୁ ଗଡାଣିଆ ହେବା, ଝୁଙ୍କି ପଡ଼ିବା; ବ୍ୟା. ଶବ୍ଦରୂପ କରିବା; 2. ବି. କ୍ଷୟ, ହ୍ରାସ, ଅବନତି, ଅଧୋପତନ, ଧ୍ୱଂସ।

**declivity** ବି. କ୍ରମନିମ୍ନ ସ୍ଥାନ, ଢାଲୁସ୍ଥାନ।

**declutch** ଅ.କ୍ରି. ମଟରର କ୍ଲଚ୍‌କୁ ନିଷ୍କ୍ରିୟ କରିବା।

**decoction** ବି. ନିର୍ଯ୍ୟାସ ପ୍ରସ୍ତୁତି କରଣ, ନିର୍ଯ୍ୟାସ, କ୍ୱାଥ।

**decode** ସ.କ୍ରି. ସାଙ୍କେତିକ ବାର୍ତ୍ତାକୁ ବୋଧ ଭାଷାରେ ରୂପାନ୍ତରିତ କରିବା।

**decoke** ସ.କ୍ରି. ଅଙ୍ଗାରକ ନିଷ୍କାସନ କରିବା।

**decompose** ସ.କ୍ରି. ପଚିଯିବା, କ୍ଷୟହେବା; ମୌଳିକ ପଦାର୍ଥମାନଙ୍କୁ ପୃଥକ୍ କରିବା; ବି. decomposition.

**decompress** ସ.କ୍ରି. ଚାପରୁ ମୁକ୍ତ କରିବା।

**decompression** ବି. ଚାପମୁକ୍ତି, ବାୟୁର ଚାପକୁ କ୍ରମଶଃ କମାଇବା; decompression chamber ଉକ୍ତ ପ୍ରକ୍ରିୟା ନିମନ୍ତେ ଆବଦ୍ଧ ସ୍ଥଳ।

**decongestant** ବି. ରକ୍ତ, କଫ ପ୍ରଭୃତିର ଅସ୍ୱାଭାବିକ ସଂଚୟ ନିରାକରଣ ପାଇଁ ଡାକ୍ତରୀ ଔଷଧ।

**decontaminate** ସ.କ୍ରି. (ବିଶେଷତଃ ତେଜସ୍କ୍ରିୟ ପଦାର୍ଥ ଜନିତ) ସଂକ୍ରମଣରୁ ମୁକ୍ତ କରିବା; ବି. decontamination.

**decor** ବି. ସଜ୍ଜା (ମଞ୍ଚ ବା ଗୃହର)।

**decorate** ସ.କ୍ରି. ସଜାଇବା, ଶୋଭିତ କରିବା, ଆଭୂଷଣର କାର୍ଯ୍ୟ କରିବା, ପଦକ ବା ମେଡ଼ାଲ ପ୍ରଭୃତି ଦ୍ୱାରା ଭୂଷିତ କରିବା; ବିଂ. decorative.

**decoration** ବି. ମଣ୍ଡନ, ସାଜସଜ୍ଜା, ଆଭୂଷଣ (ପଦକ ପ୍ରଭୃତି); ବ.ବ. ପତାକା ସମୂହ (ଉତ୍ସବ ଉପଲକ୍ଷେ ବ୍ୟବହୃତ)।

**decorator** ବିଂ. ମଣ୍ଡନକାରୀ, ସଜେଇବା ବାଲା।

**decorous** ବିଂ. ଶିଷ୍ଟାଚାରଯୁକ୍ତ, ସୁରୁଚିପୂର୍ଣ୍ଣ।

**decorum** ବି. ସୌଜନ୍ୟ, ଶିଷ୍ଟତା, ମର୍ଯ୍ୟାଦା।

**decoy** 1. ବି. ଥୋପ ହିସାବରେ ବ୍ୟବହୃତ ପଦାର୍ଥ ବା ଜନ୍ତୁ, ପ୍ରଲୋଭନ; 2. ସ.କ୍ରି. ଥୋପ ଦ୍ୱାରା ପ୍ରଲୋଭିତ କରିବା।

**decrease** 1. କ୍ରି. କମାଇବା, ହ୍ରାସ କରିବା, କମିଯିବା, ନ୍ୟୂନ ହେବା; 2. ବି. ହ୍ରାସ, ନ୍ୟୂନତା, କ୍ଷୟ।

**decree** 1. ବି. ଡିକ୍ରୀ, ହାକିମଙ୍କ ନିର୍ଦ୍ଦେଶ, ହୁକୁମ, ବିଚାରପତିଙ୍କ ଆଜ୍ଞା; 2. ସ.କ୍ରି. ଆଦେଶ ଦେବା; 3. decree nisi ଛାଡପତ୍ର ପାଇଁ ଅସ୍ଥାୟୀ ଆଦେଶ।

**decrepit** ବିଂ. ଜରାଗ୍ରସ୍ତ, ବାର୍ଦ୍ଧକ୍ୟ ହେତୁ ଦୁର୍ବଳ, ଜରାଜୀର୍ଣ୍ଣ; ବି. decripitude.

**decretal** ବି. ପୋପଙ୍କ ହୁକୁମନାମା।

**decry** ସ.କ୍ରି. ପସନ୍ଦ ନ କରିବା, ନିନ୍ଦା କରିବା, ଗୁରୁତ୍ୱ ନ ଦେବା।

**dedicate** ସ.କ୍ରି. ଉତ୍ସର୍ଗ କରିବା; (ବ୍ୟକ୍ତିକୁ କିମ୍ବା କୌଣସି ଉଦ୍ଦେଶ୍ୟରେ) ସମର୍ପଣ କରିବା; dedicatee ବି. ଯାହାଙ୍କୁ ଉତ୍ସର୍ଗିତ ହୁଏ; dedicator ବି. ଉତ୍ସର୍ଗକର୍ତ୍ତା; dedicatory ବିଂ. ଉତ୍ସର୍ଗ ସମ୍ବନ୍ଧୀୟ।

**dedication** ବି. ଉତ୍ସର୍ଗ, ସମର୍ପଣ, ଉତ୍ସର୍ଗ ପତ୍ର।

**deduce** ସ.କ୍ରି. ପ୍ରଦତ୍ତ ବିଷୟରୁ ସିଦ୍ଧାନ୍ତକୁ ଯିବା; ତାର୍କିକ ଯୁକ୍ତିଦ୍ୱାରା ସିଦ୍ଧାନ୍ତରେ ପହଞ୍ଚିବା, ଅନୁମାନ କରିବା।

**deduct** ସ.କ୍ରି. ବିୟୋଗ କରିବା; ବାଦ୍‌ଦେବା, ବିଯୁକ୍ତ କରିବା।

**deductible** ବିଂ. ବାଦ୍‌ଯୋଗ୍ୟ, ବିଯୁକ୍ତି ଯୋଗ୍ୟ।

**deduction** ବି. ବିୟୋଗ, ବିୟୋଗ, କାଟ, ଅବରୋହମୂଳକ ସିଦ୍ଧାନ୍ତ।

Digitized by srujanika@gmail.com

**deductive** ବିଂ. ଅବରୋହାତ୍ମକ, ଅନୁମାନଭିତ୍ତିକ।

**deed** ବି. କାର୍ଯ୍ୟ, କର୍ମ; ଦଲିଲ, deed -box ଦଲିଲ ପ୍ରଭୃତି ରଖିବା ଲାଗି ମଜଭୁତ ବାକ୍ସ; deed of covenant; ଆୟକରରୁ ଅବ୍ୟାହତି ନିମନ୍ତେ ବାର୍ଷିକ ଦାନପାଇଁ ଚୁକ୍ତି; deed of gift ଦାନପତ୍ର; sale deed ବିକ୍ରୟ କବଲା।

**deem** ସ.କ୍ରି. ବିଶ୍ୱାସ କରିବା, ବିଚାର କରିବା, ବିବେଚନା କରିବା।

**deep** 1. ବିଂ. ଅଗାଧ, ଗଭୀର, ଅତ୍ୟଧିକ, ଗୂଢ଼; 2. ବି. ଗଭୀର ସ୍ଥାନ, ଅବସ୍ଥା, କ୍ରିକେଟ ଖେଳରେ କ୍ଷେତ୍ର ରକ୍ଷକ ପାଇଁ ଏକ ବିଶିଷ୍ଟ ସ୍ଥାନ; 3. କ୍ରି.ବିଂ. ଗଭୀର ଭାବରେ; deep-fry କଡ଼ାଭଜା; deep-laid ସୁପରିକଳ୍ପିତ ଓ ଗୁପ୍ତ; deep-rooted ବିଂ.ବଦ୍ଧମୂଳ, ଦୃଢ଼; in deep water ଅସୁବିଧା ମଧ୍ୟରେ; go off the deep end କ୍ରୋଧ ବା ଆବେଗ ପ୍ରକାଶ କରିବା।

**deepen** ସ.କ୍ରି. ଗହୀର କରିବା ବା ହେବା।

**deep-freeze** 1. ବି. ଯାନ୍ତ୍ରିକ ହିମ ଭଣ୍ଡାର; 2. ସ.କ୍ରି. ହିମ ଭଣ୍ଡାରରେ ସାଇତି ରଖିବା।

**deer** ବି. ( ବ.ବ. deer) ମୃଗ, ହରିଣ।

**deerskin** ବି. ହରିଣ ଛାଲ, ଅଜିନ।

**deface** ସ.କ୍ରି. ବିରୂପ କରିବା, ଅସ୍ପଷ୍ଟ କରିଦେବା।

**de facto** ବି. କାର୍ଯ୍ୟତଃ, ବସ୍ତୁତଃ (ଅଧିକାର ସମ୍ମତ ହେଉ ବା ନହେଉ)।

**defalcate** ସ.କ୍ରି. ଗଚ୍ଛିତ ସମ୍ପତ୍ତିକୁ ଆତ୍ମସାତ୍ କରିବା; ତହବିଲ ତୋଷରଫ କରିବା; ବି. defalcator.

**defalcation** ବି. ତହବିଲ ତୋଷରଫ।

**defame** ସ.କ୍ରି. ମାନହାନି କରିବା, ନିନ୍ଦା କରିବା, ଅପମାନ କରିବା; ବି. defamation ବିଂ. defamatory.

**default** 1. ବି. ଅର୍ଥ ପରିଶୋଧ କିମ୍ବା କୌଣସି କାର୍ଯ୍ୟ ସମ୍ପାଦନରେ ତ୍ରୁଟି ବା ଅବହେଳା; ନିର୍ଦ୍ଦିଷ୍ଟ ସମୟରେ କର୍ତ୍ତବ୍ୟ ସମ୍ପାଦନରେ ଅସାମର୍ଥ୍ୟ; 2. ଅ.କ୍ରି. ଉକ୍ତ କାର୍ଯ୍ୟ କରିବା; 3. go by default ଅନୁପସ୍ଥିତ ରହିବା, ଗରହାଜିର ହେତୁ କାର୍ଯ୍ୟ ବିଫଳ ହେବା; in default of ଅନୁପସ୍ଥିତି ଜନିତ ତ୍ରୁଟି ଯୋଗୁ।

**defaulter** ବି. ତ୍ରୁଟିକାରୀ, ବାକିଦାର; ଗରହାଜର ବ୍ୟକ୍ତି।

**defeat** 1. ବି. ପରାଜୟ; 2. କ୍ରି. ପରାଜିତ କରିବା।

**defeatist** ବିଂ. ପରାଜୟ ମନୋଭାବଯୁକ୍ତ; ବି. defeatism.

**defecate** କ୍ରି. ମଳତ୍ୟାଗ କରିବା, ବି. defecation.

**defect** 1. ବି. ତ୍ରୁଟି, ଦୋଷ; 2. ଅ.କ୍ରି. ଦେଶ, ଦଳ ବା ପକ୍ଷ ତ୍ୟାଗ କରିବା।

**defection** ବି. ଦଳତ୍ୟାଗ, କର୍ତ୍ତବ୍ୟ ସ୍ଖଳନ; ପକ୍ଷ ବିଚ୍ୟୁତି; defector ବି. ଦଳତ୍ୟାଗୀ।

**defective** ବିଂ. ଦୋଷପୂର୍ଣ୍ଣ, ତ୍ରୁଟିଯୁକ୍ତ।

**defence** ବି. ପ୍ରତିରକ୍ଷା, ଦେଶରକ୍ଷା, ଆତ୍ମପକ୍ଷ ସମର୍ଥନ; (ଆଇନ୍) ପ୍ରତିବାଦୀ ପକ୍ଷରୁ ଆତ୍ମପକ୍ଷ ସମର୍ଥକ ଜବାବ, (ଖେଳରେ) ଆକ୍ରମଣ ପ୍ରତିରୋଧକାରୀ ଖେଳାଳି; ବ.ବ. ଦୁର୍ଗ ପ୍ରାଚୀର ପ୍ରଭୃତି; defence mechanism ଶରୀରର ରୋଗ ପ୍ରତିରୋଧକ ଶକ୍ତି।

**defend** 1. କ୍ରି. ଆକ୍ରମଣରୁ ରକ୍ଷା କରିବା; ଯୁକ୍ତିଦ୍ୱାରା ସମର୍ଥନ କରିବା; ସପକ୍ଷରେ ଲେଖିବା ବା କହିବା; ଅଦାଲତରେ ପ୍ରତିବାଦୀର ପକ୍ଷ ସମର୍ଥନ କରିବା; 2. ବିଂ. defender.

**defendant** ବି. ପ୍ରତିବାଦୀ।

**defensible** ବିଂ. ସମର୍ଥନ ଯୋଗ୍ୟ; ବି. defensibility; କ୍ରି.ବିଂ. defensibly.

**defensive** ବିଂ. ସମର୍ଥନ ଯୋଗ୍ୟ, ପ୍ରତିରକ୍ଷା-ମୂଳକ; on the defensive ପ୍ରତିରକ୍ଷାତ୍ମକ ଅବସ୍ଥାରେ।

**defer**[1.] ସ.କ୍ରି. ସ୍ଥଗିତ ରଖିବା, ଅନ୍ୟଦିନକୁ ଧାର୍ଯ୍ୟ କରିବା, ମୁଲତବୀ ରଖିବା; deferred payment କିସ୍ତି ଅନୁସାରେ ବସ୍ତୁର ମୂଲ୍ୟ ପରିଶୋଧ; deferred shares ସର୍ବନିମ୍ନ ସୁଧ ମିଳୁଥିବା ଶେୟାର ବା ଅଂଶ।

**defer** ଅ.କ୍ରି. ଅନ୍ୟର ମତକୁ ସମ୍ମାନ ଦେବା।

**deference** ବି. ସମ୍ମାନ, ସମ୍ଭ୍ରମ, ମତାନୁବର୍ତ୍ତିତା।

**deferential** ବିଂ. ସମ୍ମାନସୂଚକ; କ୍ରି.ବିଂ. deferentially.

**defiance** ବି. ଅବମାନନା, ଆସ୍ପର୍ଦ୍ଧା, ଅବାଧ୍ୟତା।

**defiant** ବିଂ. ଉକ୍ତ ଭାବ ପ୍ରଦର୍ଶନ କାରୀ।

**deficiency** ବି. ଅଭାବ, ଅପୂର୍ଣ୍ଣତା।

Digitized by srujanika@gmail.com

**deficiency disease** ଅପୁଷ୍ଟତାଜନିତ ରୋଗ।
**deficient** ବିଂ. କେତେକ ଆବଶ୍ୟକ ବିଷୟରେ ନ୍ୟୂନ, ଦୋଷଯୁକ୍ତ, ଅପୂର୍ଣ୍ଣ।
**deficit** ବି. ଅଭାବ, ନ୍ୟୂନ, ନିଅଣ୍ଟ, ଉଣା।
**defile**[1.] 1. ବି. ସଂକୀର୍ଣ୍ଣ ଗିରିପଥ; 2. *ଅ.କ୍ରି.* ପଂକ୍ତିରେ ଯାତ୍ରା କରିବା।
**defile**[2.] *ସ.କ୍ରି.* କଳୁଷିତ କରିବା, ଦୂଷିତ କରିବା, ଅପରିଷ୍କାର କରିବା; ବି. defilement.
**define** *ସ.କ୍ରି.* ସଂଜ୍ଞା ନିରୂପଣ କରିବା, ନିର୍ଦ୍ଦିଷ୍ଟ ଅର୍ଥ ନିରୂପଣ କରିବା; ବ୍ୟାଖ୍ୟା କରିବା; ସ୍ପଷ୍ଟ ଭାବରେ ଚତୁଃସୀମା ନିର୍ଦ୍ଧାରଣ କରିବା; ରୂପରେଖ ଦେଖାଇ ଦେବା।
**definite** ବିଂ. ନିର୍ଦ୍ଦିଷ୍ଟ, ନିଶ୍ଚିତ, ଠିକ୍; definite article *ବ୍ୟା.* 'the'.
**definition** ବି. ସଂଜ୍ଞା, ତାତ୍ତ୍ୱିକ ଭାଷାରେ ଶବ୍ଦ ପ୍ରକୃତିର ସୁନିର୍ଦ୍ଦିଷ୍ଟ ଅର୍ଥ ନିରୂପଣ।
**definitive** ବିଂ. ଚୂଡ଼ାନ୍ତ, ଶେଷ, ନିର୍ଣ୍ଣାୟକ।
**deflate** *ସ.କ୍ରି.* ଫୁଟ୍‌ବଲ୍, ବେଲୁନ ପ୍ରଭୃତିରୁ ବାୟୁ ବାହାର କରିନେବା; ପ୍ରତ୍ୟୟହାନି ଘଟାଇବା; ମୁଦ୍ରାସ୍ଫୀତି ହ୍ରାସ କରିବା।
**deflation** ବି. ବାୟୁ ଚାପ ନିଷ୍କାସନ; ମୁଦ୍ରାସ୍ଫୀତି କମାଇବା ଲାଗି ପ୍ରଚଳିତ ମୁଦ୍ରାରାଶି ପରିମାଣକୁ ହ୍ରାସ କରିବା; ବିଂ. deflationary.
**deflect** କ୍ରି. ସିଧାରାସ୍ତାରୁ ବଙ୍କେଇବା; ପଥସ୍ଖଳିତ ହେବା; ବି. deflection/ deflexion ସ୍ଖଳନ; ବି. deflector.
**deflower** *ସ.କ୍ରି.* ବୃକ୍ଷକୁ ପୁଷ୍ପହୀନ କରିବା; ସୌନ୍ଦର୍ଯ୍ୟ ନଷ୍ଟ କରିବା, କୌମାର୍ଯ୍ୟ ହରଣ କରିବା।
**defoliate** *ସ.କ୍ରି.* ପତ୍ରରହିତ କରିବା।
**defoliant** ବି. ପତ୍ରହୀନତା, ପତ୍ରରହିତ; defol ation ପତ୍ରବିଚ୍ୟୁତି।
**deform** *ସ.କ୍ରି.* ବିକୃତ କରିବା, କଦାକାର କରିବା; deformation ବି. ଅଙ୍ଗବୈକଲ୍ୟ।
**deformed** ବିଂ. ବିକଳାଙ୍ଗ, ବିରୂପ।
**deformity** ବି. ବିକୃତ ଅଙ୍ଗ, ଅଙ୍ଗହୀନତା।
**defraud** *ସ.କ୍ରି.* ଠକିବା, ପ୍ରତାରଣା କରିବା।
**defray** *ସ.କ୍ରି.* ଖର୍ଚ୍ଚ ଚଳେଇବା; ଅର୍ଥ ଯୋଗାଇବା, ବି. defrayal.
**defrost** *ସ.କ୍ରି.* ଫ୍ରିଜ୍‌ରୁ ବରଫ ନିଷ୍କାସନ କରିବା।
**deft** ବିଂ. ଦକ୍ଷ, ନିପୁଣ, ଚତୁର।
**defunct** ବିଂ. ବିଲୁପ୍ତ, ନିଷ୍କ୍ରିୟ, ମୃତ।
**defuse** କ୍ରି. ବିସ୍ଫୋରକକୁ ନିଷ୍କ୍ରିୟ କରିଦେବା, ଫିଉଜ୍ କାଢ଼ିଦେବା, ଆସନ୍ନ ସଙ୍କଟ ଜନିତ ଉଦ୍‌ବେଗ କମାଇବା।
**defy** *ସ.କ୍ରି.* ଆଦେଶ ଅମାନ୍ୟ କରିବା, ବେଖାତିର କରିବା।
**degenerate** 1. ବିଂ. ଅପକୃଷ୍ଟ ଅବସ୍ଥା ପ୍ରାପ୍ତ, ଅପଜାତ, ସ୍ୱାଭାବିକ ଗୁଣଭ୍ରଷ୍ଟ; 2. ବି. ଅପକୃଷ୍ଟ ବ୍ୟକ୍ତି ବା ପ୍ରାଣୀ; 3. *ଅ.କ୍ରି.* ଅପକୃଷ୍ଟ ହେବା; degeneracy ବି. ଅପକୃଷ୍ଟତା।
**degeneration** ବି. ଅଧୋପତନ, ଶାରୀରିକ ତନ୍ତୁର ବୈକଲ୍ୟ।
**degrade** *ସ.କ୍ରି.* ଉଚ୍ଚ ପଦରୁ ନିମ୍ନପଦକୁ ଖସାଇ ଦେବା; ମାନହାନି ଘଟାଇବା; ବି. degradation.
**degrading** ବିଂ. ଅପମାନସୂଚକ, ଆତ୍ମମର୍ଯ୍ୟାଦା ହାନିକର।
**degree** ବି. ମାତ୍ରା, ଆପେକ୍ଷିକ ପରିମାଣ; କୋଣ ପରିମାପକ ଏକକ; ଉତ୍ତାପ ପରିମାପକ ଏକକ; ବିଶ୍ୱବିଦ୍ୟାଳୟର ଉପାଧି; ସାମାଜିକ ସ୍ତର; by degrees କ୍ରମେ କ୍ରମେ; comparative degree ଦୁଇ ବସ୍ତୁର ତୁଳନାତ୍ମକ ଉତ୍କର୍ଷ; superlative degree ଦୁଇରୁ ଅଧିକ ବସ୍ତୁ ମଧ୍ୟରେ ସର୍ବୋତ୍କୃଷ୍ଟ ପ୍ରତିପାଦକ।
**dehumanize** *ସ.କ୍ରି.* ମାନବିକତାହୀନ କରିବା, ମାନବିକ ଗୁଣ ହରାଇବା; ବ୍ୟକ୍ତି-ନିରପେକ୍ଷ କରିବା।
**dehydrate** *ସ.କ୍ରି.* ବୈଜ୍ଞାନିକ ଉପାୟରେ ଜଳଶୂନ୍ୟ କରିବା କିମ୍ବା ପ୍ରାକୃତିକ କାରଣରୁ ଜଳଶୂନ୍ୟ ହେବା; ବି. dehydration.
**de–ice** *ସ.କ୍ରି.* ବରଫ ଅପସାରଣ କରିବା।
**deify** *ସ.କ୍ରି.* ଦେବତା ପରି ସମ୍ମାନ କରିବା, ଦେବତ୍ୱ ଆରୋପ କରିବା; ବି. deification.
**deign** କ୍ରି. ଉପଯୁକ୍ତ ମଣିବା, ରାଜିହେବା (କୌଣସି କାର୍ଯ୍ୟ କରିବାକୁ)।
**deism** ବି. ବିଶ୍ୱାସ ଯୋଗୁଁ ଦେବତାଙ୍କ ଅସ୍ତିତ୍ୱ ସଂପର୍କରେ ଆସ୍ଥା।
**deity** ବି. ଦେବତା, ଦେବୀ।
**deject** *ସ.କ୍ରି.* ଦବେଇଦେବା, ପରିହାର କରିବା; dejection ବି. ହତାଶ, ନିରାନନ୍ଦ।
***de jure*** ବିଂ. ନ୍ୟାୟତଃ, ନ୍ୟାୟସମ୍ମତ। *(ଲା.)*

Digitized by srujanika@gmail.com

**dekko** ବି. *ସା.ପ୍ର.* ଦେଖୋ (ହିନ୍ଦୀ), ଦେଖ।

**delay** *ସ.କ୍ରି.* ସ୍ଥଗିତ ରଖିବା, ବିଳମ୍ବ କରିବା, ମୁଲତବୀ ରଖିବା; 2. ବି. ବିଳମ୍ବିତ କାର୍ଯ୍ୟ ବା ପ୍ରକ୍ରିୟା; ନିଷ୍କ୍ରିୟ ହେବା ଯୋଗୁଁ ଅପଚୟ ହୋଇଥିବା ସମୟ; delayed-action ବିଂ. ବିଳମ୍ବିତ କାର୍ଯ୍ୟ।

**delectable** ବିଂ. ଆମୋଦଦାୟକ, ପ୍ରୀତିକର; କ୍ରି.ବିଂ. delectably.

**delectation** ବି. ଆନନ୍ଦ, ହର୍ଷ।

**delegate** 1. ବି. ନିର୍ବାଚିତ ପ୍ରତିନିଧି, କ୍ଷମତାପ୍ରାପ୍ତ ବ୍ୟକ୍ତି; 2. *ସ.କ୍ରି.* ପ୍ରତିନିଧିଭାବେ ନିଯୁକ୍ତ କରିବା।

**delegation** ବି. ପ୍ରତିନିଧି ନିଯୁକ୍ତି, ପ୍ରତିନିଧି ମଣ୍ଡଳୀ।

**delete** *ସ.କ୍ରି.* ବାଦ୍ ଦେବା, କାଟିଦେବା, ଉଠାଇଦେବା; ବି. deletion.

**deleterious** ବିଂ. ଦେହ ଓ ମନପକ୍ଷେ କ୍ଷତିକାରକ।

**delft** ବି. ହଲାଣ୍ଡର ଡେଲ୍‌ଫ୍ଟଠାରେ ତିଆରି ଚକ୍‌ଚକ୍ କରୁଥିବା ନୀଳବର୍ଣ୍ଣର ମୃତ୍ ପାତ୍ର।

**deliberate** 1. ବିଂ. ଉଦ୍ଦେଶ୍ୟମୂଳକ, ସଂପୂର୍ଣ୍ଣ ବିଚାରସମ୍ମତ, ଧୀର ଓ ଯତ୍ନ ପୂର୍ବକ; 2. କ୍ରି. ଯତ୍ନପୂର୍ବକ ଭାବିବା, ପରାମର୍ଶ ଗ୍ରହଣ କରିବା।

**deliberation** ବି. ସୁବିବେଚନ, ଅନୁଶୀଳନ।

**deliberative** ବିଂ. ବିଚାର ସଂପର୍କୀୟ, ବିଚାରକ୍ଷମ।

**delicacy** ବି. କମନୀୟତା, ସୌକୁମାର୍ଯ୍ୟ, ମନୋମତ ଖାଦ୍ୟ।

**delicate** ବିଂ. ସୁଶୋଭନ, ଅତି କମନୀୟ, ସୁକୋମଳ, କାଠିନ୍ୟ ରହିତ; ଅସୁସ୍ଥତାପ୍ରବଣ, ଯତ୍ନସାପେକ୍ଷ।

**delicatessen** ବି. ଦୋକାନର ପ୍ରସ୍ତୁତ ସ୍ୱାଦୁକର ଖାଦ୍ୟ, ସ୍ୱାଦୁଯୁକ୍ତ ଖାଦ୍ୟ ପ୍ରସ୍ତୁତ କରୁଥିବାର ଦୋକାନ।

**delicious** ବିଂ. ସୁସ୍ୱାଦୁ ଓ ସୁଗନ୍ଧଯୁକ୍ତ, ଅତ୍ୟନ୍ତ ରୁଚିକର।

**delight** 1. ବି. ପ୍ରମୋଦ, ଉଲ୍ଲାସ, ଆନନ୍ଦଦାୟକ ବସ୍ତୁ; 2. କ୍ରି. ଅତ୍ୟନ୍ତ ଆନନ୍ଦ ଦେବା ବା ପାଇବା; delightful ବିଂ. delightfully କ୍ରି.ବିଂ.।

**delimit** *ସ.କ୍ରି.* ସୀମାଧାର୍ଯ୍ୟ କରିବା, ସୀମା ଠିକ୍ କରିବା; ବି. delimitation.

**delineate** କ୍ରି. ଅଙ୍କନ ବା ବର୍ଣ୍ଣନା ସାହାଯ୍ୟରେ ଦର୍ଶାଇବା; delineation ବି. ବର୍ଣ୍ଣନା, ଚିତ୍ର ଅଙ୍କନ; delineator ବି.ବର୍ଣ୍ଣନାକାରୀ, ଚିତ୍ରକର।

**delinquent** 1. ବି. କର୍ତ୍ତବ୍ୟରେ ଅବହେଳାକାରୀ; ଅପରାଧୀ ବ୍ୟକ୍ତି; 2. ବିଂ. କର୍ତ୍ତବ୍ୟରେ ଅବହେଳାକାରୀ ଦୋଷ; 3. delinquency ବି. ଦୁଷ୍କର୍ମ; କର୍ତ୍ତବ୍ୟରେ ଅବହେଳା।

**deliquesce** 1. *ସ.କ୍ରି.* ତରଳିଯିବା, ପାଣି ହୋଇଯିବା, ବାୟୁରୁ ଜଳୀୟ ବାଷ୍ପ ଶୋଷଣ କରି ଦ୍ରବୀଭୂତ ହେବା।

**deliquescence** ବି. ଦ୍ରବଣ, ଦ୍ରବୀକରଣ; ବିଂ. deliquescent.

**delirious** ବିଂ. ପ୍ରଳାପଯୁକ୍ତ, ବିକାରଗ୍ରସ୍ତ, ଉତ୍ତେଜିତ, ଉନ୍ମତ୍ତ।

**delirium** ବି. ରୋଗ ବା ଚିତ୍ତବିକାର ଜନିତ ପ୍ରଳାପ, ମତିଭ୍ରମ ବଶତଃ ଭ୍ରାନ୍ତି ଓ ପ୍ରଳାପ; delirium tremens ଦୀର୍ଘ କାଳ ସୁରାପାନ ଜନିତ ଏକ ପ୍ରକାର ଚିତ୍ତବିକାର ଓ କମ୍ପନ।

**deliver** *ସ.କ୍ରି.* ଉଦ୍ଧାର କରିବା, ପତ୍ର ବା ପଦାର୍ଥ ଯଥା ସ୍ଥାନରେ ବିତରଣ କରିବା, ରକ୍ଷା କରିବା, ମୁକ୍ତ କରିବା, ଅଧିକାର ସମର୍ପଣ କରିବା, ଅନ୍ୟକୁ ହସ୍ତାନ୍ତର କରିବା; ପ୍ରଦାନ କରିବା (ଭାଷଣ ବା ଉପଦେଶ), ପ୍ରସବ କରିବା, ପ୍ରସବ କାର୍ଯ୍ୟରେ ସହାୟତା କରିବା; be delivered of ଜନ୍ମ ଦେବା।

**deliverence** ବି. ମୁକ୍ତି, ପରିତ୍ରାଣ, ଉଦ୍ଧାର।

**delivery** ବି. ସନ୍ତାନ ପ୍ରସବ, ବକ୍ତୃତା ଦେବା ପ୍ରଣାଳୀ, ସାମୟିକ ବଣ୍ଟନ (ପତ୍ର ବା ପଦାର୍ଥର)।

**delouse** *ସ.କ୍ରି.* ଉକୁଣୀ ନାଶ କରିବା।

**Delphic** ବିଂ. ପ୍ରାଚୀନ ଗ୍ରୀସ୍ ଦେଶୀୟ ଡେଲ୍‌ଫି ନଗରସ୍ଥ ଦିବ୍ୟବାଣୀ-ଘୋଷକ ସମ୍ପର୍କରେ; ରହସ୍ୟମୟ।

**delta** ବି. ଗ୍ରୀକ୍ ବର୍ଣ୍ଣମାଳାର ଚତୁର୍ଥ ଅକ୍ଷର; ନଦୀ ମୁହାଁଣର ତ୍ରିକୋଣଭୂମି ଅଞ୍ଚଳ।

**delude** *ସ.କ୍ରି.* ଛଳନା କରିବା, ଠକିବା, ପ୍ରତାରଣା କରିବା।

**deluge** 1. ବି. ଜଳ ପ୍ଲାବନ, ପ୍ରଳୟ, ଅତିବୃଷ୍ଟି, ବଡ଼ ବଢ଼ି, ଆତିଶଯ୍ୟ; 2. କ୍ରି. ବନ୍ୟା ପ୍ଲାବିତ ହେବା।

Digitized by srujanika@gmail.com

**delusion** ବି. ଭ୍ରାନ୍ତ ଧାରଣା, ଭ୍ରାନ୍ତି, ବୃଥା ଆଶା ।
**de luxe** ବିଂ. ଉତ୍କୃଷ୍ଟ କୋଟୀର, ଅତି ଭଲ, ପ୍ରଚୁର ।
**delve** କ୍ରି. ଅନୁସନ୍ଧାନ କରିବା (ପୁସ୍ତକରୁ); *ପ୍ରା.ପ୍ର.* ଖୋଳିବା, ତାଡ଼ିବା ।
**demagnetize** *ସ.କ୍ରି.* ଚୁମ୍ବକୀୟ ଶକ୍ତି ନାଶ କରିବା; ବି. demagnetization.
**demagogue,** *ଆମେ.* demagog ବି. ଜନସାଧାରଣଙ୍କ ଇଚ୍ଛା ବା କୁସଂସ୍କାରକୁ ସମର୍ଥନ କରୁଥିବା ରାଜନୈତିକ ବିପ୍ଳବୀ; ବିଂ. demago- gic; demagogy ବି. ବଣ୍ଡାଗିରି ।
**demand** 1. ବି. ଦାବି; 2. *ସ.କ୍ରି.* ଦାବି କରିବା, ଆବଶ୍ୟକ ହେବା; 3. in demand ବହୁ ପ୍ରତ୍ୟାଶିତ; 4. on demand ଲୋଡ଼ିବା ମାତ୍ରେ ।
**demanding** ବିଂ. ବହୁ ପ୍ରଯତ୍ନ ବା ଦକ୍ଷତା ସାପେକ୍ଷ, ଅନେକ ଦାବି ବାଢୁଥିବା ।
**demarcation** ବି. ସୀମାଧାର୍ଯ୍ୟ, ସୀମା ନିରୂପଣ ।
**demean** କ୍ରି. ମର୍ଯ୍ୟାଦା ହାନି କରିବା ।
**demeanour** ବି. ଆଚରଣ, ବ୍ୟବହାର, ହାବଭାବ ।
**demented** ବିଂ. ପାଗଳ, ଉନ୍ମତ୍ତ, ବିକୃତମସ୍ତିଷ୍କ ।
**dementia** ବି. ପାଗଳାମି, ମସ୍ତିଷ୍କର ରୋଗ ବା ଆଘାତ ଯୋଗୁଁ ବୁଦ୍ଧିନାଶ ।
**demerara** ବି. ନବାତ, ଖଣ୍ଡସାରି, ଡେମେରାରା ଦେଶର ନାମ ଅନୁଯାୟୀ ।
**demerit** ବି. ଦୋଷ, ଦୁର୍ଗୁଣ ।
**demesne** ବି. ଜମିଦାରଙ୍କ ଘର ଓ ରହିବା ଅଞ୍ଚଳ; ଅଟାଳିକା ସଂଲଗ୍ନ ଭୂମି ।
**demi–** *ପୂ.ପ୍ର.* ଅର୍ଦ୍ଧ
**demigod** ବି. ଉପଦେବତା, ଦେବ ଗୁଣଯୁକ୍ତ ମାନବ, ଦେବ ଦେବୀ ଓ ନଶ୍ୱର ପ୍ରାଣୀଙ୍କ ସନ୍ତାନ ।
**demilitarize** *ସ.କ୍ରି.* ମିଲିଟାରୀ ସେନା ବାହିନୀ ଅପସାରଣ କରିବା; ବି. demilitarization.
**demise** 1. ବି. ମୃତ୍ୟୁ, ଛଳାପତ୍ର ଦ୍ୱାରା ଜମିବାଡ଼ି ହସ୍ତାନ୍ତର; 2. *ସ.କ୍ରି.* ଜମିବାଡ଼ି ହସ୍ତାନ୍ତର କରିବା ।
**demisemiquaver** ବି. ସଙ୍ଗୀତର ସ୍ୱର ବିଶେଷ ।
**demist** *ସ.କ୍ରି.* କୁହୁଡ଼ି ବା କାକର ପରିଷ୍କାର କରିବା (ଗାଡ଼ିକାଚ, ଝରକା ପ୍ରଭୃତିରୁ) ।
**demo** 1. ବି. (ବ.ବ. demos); 2. *କ.ଭା.* ରାଜନୈତିକ ବିକ୍ଷୋଭ ପ୍ରଦର୍ଶନ ।
**demob** *ସଂଶ. ଦ୍ର.* demobilize.
**demobilize** *ସ.କ୍ରି.* ସାମରିକ ଚାକିରୀରୁ ଅବ୍ୟାହତି ଦେବା; ବି. demobilization.
**democracy** ବି. ପ୍ରଜାତନ୍ତ୍ର, ଗଣତନ୍ତ୍ର, ସାଧାରଣତନ୍ତ୍ର ।
**democrat** ବି. ଗଣତନ୍ତ୍ରପ୍ରେମୀ, ଗଣତନ୍ତ୍ରବାଦୀ ।
**democratic** ବିଂ. ଗଣତାନ୍ତ୍ରିକ, ଗଣତନ୍ତ୍ର ବିଷୟକ, ଗଣତନ୍ତ୍ର ସମ୍ବନ୍ଧୀୟ; *କ୍ରି.ବିଂ.* democratically *ସ.କ୍ରି.* democratize.
**demodulation** ବି. ଆଲୋଡ଼ିତ ଶବ୍ଦତରଙ୍ଗରୁ ସଙ୍କେତ ଗ୍ରହଣର ପ୍ରକ୍ରିୟା ।
**demography** ବି. ଜନ୍ମ, ମୃତ୍ୟୁ ରୋଗ ପ୍ରଭୃତିର ପରିସଂଖ୍ୟାନାତ୍ମକ ଅନୁଶୀଳନ; ବିଂ. demo- graphic *କ୍ରି.ବିଂ.* demograhically.
**demolish** *ସ.କ୍ରି.* (ଘର ପ୍ରଭୃତି) ଭାଙ୍ଗିଦେବା, ନଷ୍ଟକରିଦେବା; ମତବାଦକୁ ଖଣ୍ଡନ କରିବା, ଅନୁଷ୍ଠାନକୁ ଭାଙ୍ଗିଦେବା; ବି. demolition.
**demon** ବି. ଅସୁର, ଦାନବ, ଅପଦେବତା, ଦୈତ୍ୟ, ନିଷ୍ଠୁର ବ୍ୟକ୍ତି; ବିଂ. demonic.
**demonetize** *ସ.କ୍ରି.* ଧାତବ ମୁଦ୍ରାର ପ୍ରଚଳନ ରହିତ କରିବା ।
**demoniac** 1. ବିଂ. ଆସୁରିକ, ପୈଶାଚିକ, ଉନ୍ମତ୍ତ; 2. ବି. ଦାନବ ସଦୃଶ ବ୍ୟକ୍ତି; ବିଂ. demoniacal.
**demonolatry** ବି. ଭୂତପୂଜା, ଭୂତ ଆରାଧନା ।
**demonology** ବି. ଭୂତବିଦ୍ୟା, ପ୍ରେତତତ୍ତ୍ୱ ।
**demonstrable** ବିଂ. ପ୍ରତିପାଦନୀୟ, ପ୍ରଦର୍ଶନୀୟ; *କ୍ରି.ବିଂ.* demonstrably.
**demonstrate** *ସ.କ୍ରି.* ଭଲକରି ଦେଖାଇବା, ଦୃଷ୍ଟାନ୍ତସହ ପ୍ରମାଣ କରିବା ବା ବୁଝାଇଦେବା, ଯୁକ୍ତିଯୁକ୍ତ ଭାବେ ସତ୍ୟତା ପ୍ରତିପାଦନ କରିବା, ଜନବିକ୍ଷୋଭରେ ଯୋଗଦେବା ।
**demonstration** ବି. ପ୍ରଦର୍ଶନ, ସନ୍ଦେହଶୂନ୍ୟ ପ୍ରମାଣ ପ୍ରତିପାଦନ, ସମୂହ ମତ ପ୍ରକାଶ (ସଭା ସମିତି ବା ସାମରିକ ଶକ୍ତି ପ୍ରଦର୍ଶନ ମାଧମରେ) ।
**demonstrative** ବିଂ. ପ୍ରଦର୍ଶକ, ନିର୍ଦ୍ଦେଶକ, ପ୍ରାମାଣିକ; *ବ୍ୟା.* this, that ପ୍ରଭୃତି ।
**demonstrator** ବି. ଦୃଷ୍ଟାନ୍ତ ସହ ଶିକ୍ଷା ଦେଉଥିବା ବ୍ୟକ୍ତି, (ବିଜ୍ଞାନ ପରୀକ୍ଷା ଗାରରେ) ବିଜ୍ଞାନ ଅଧାପନା କରୁଥିବା ଶିକ୍ଷକଙ୍କ ସହାୟକ ।

Digitized by srujanika@gmail.com

**demoralize** *ସ.କ୍ରି.* ନୀତିଭ୍ରଷ୍ଟ କରିବା, ବିପଥଗାମୀ କରିବା; ଟାଣପଣ ଭାଙ୍ଗିଦେବା, ନିରୁତ୍ସାହିତ କରିବା; ବି. demoralization.

**demos** ବି. ଜନସାଧାରଣ।

**demote** *ସ.କ୍ରି.* ପଦବୀ ବା ଶ୍ରେଣୀରୁ ଖସାଇ ଦେବା, ନିମ୍ନତର ପଦାବନତି ଘଟାଇବା; ବି. demotion.

**demotic** 1. ବିଂ. ଲୋକପ୍ରିୟ, ସାଧାରଣ ଲୋକସମ୍ବନ୍ଧୀୟ; (ଭାଷା ସଂପର୍କରେ) ଜନପ୍ରିୟ ଓ ସରଳୀକୃତ; 2. ବି. ନିତ୍ୟ ବ୍ୟବହାର୍ଯ୍ୟ ଆଧୁନିକ ଗ୍ରୀକ ଭାଷା; ପୁରାତନ ମିଶରୀୟ ଲିଖନ ପ୍ରଣାଳୀ।

**demur** 1. *ଅ.କ୍ରି.* ଆପତ୍ତି କରିବା, ଅରାଜି ହେବା; 2. ବି. ଦ୍ୱିଧା; without demur ବିନା ଆପତ୍ତି ବା ଦ୍ୱିଧାରେ।

**demure** ବିଂ. ବିନୟୀ, ଗମ୍ଭୀର, ବା ଦେଖିବାକୁ ଶିଷ୍ଟାଚାରୀ।

**demurrage** ବି. ଜାହାଜ, ରେଳଗାଡ଼ି ଦ୍ୱାରା ପରିବାହିତ ମାଲ ଅତିରିକ୍ତ ସମୟ ଅଟକି ରହିବା ହେତୁ ଦେୟ ବିଳମ୍ବ ଶୁଳ୍କ।

**demurrer** ବି. ପ୍ରତିବାଦୀ ପକ୍ଷର ଯୁକ୍ତିର ପ୍ରାସଙ୍ଗିକତା ସମ୍ବନ୍ଧରେ ଆଇନଗତ ଆପତ୍ତି।

**demy** ବି. ଡିମାଇ, କାଗଜର ଆକାର ବିଶେଷ ପ୍ରାୟ 21"x16".

**den** ବି. ପଶୁର ଗୁମ୍ଫା, ପାପ ବା ଅପରାଧ ସ୍ଥଳୀ; କ୍ଷୁଦ୍ର ଅଧ୍ୟୟନ ପ୍ରକୋଷ୍ଠ *ପ୍ରା.ପ୍ର.*।

**denarius** ବି. ରୋମଦେଶର ପୁରୁଣା ରୂପାଟଙ୍କା ବ.ବ. denarii.

**denary** ବିଂ. ଦଶମିକ।

**denationalize** *ସ.କ୍ରି.* (ଶିଳ୍ପ, ଅନୁଷ୍ଠାନ ପ୍ରଭୃତି) ଜାତୀୟ ଅଧିକାରରୁ ଘରୋଇ ଅଧିକାରକୁ ସ୍ଥାନାନ୍ତରିତ କରିବା; ବି. denationaliza-tion.

**denature** *ସ.କ୍ରି.* ଗୁଣ ବା ପ୍ରକୃତି ବଦଳାଇବା; (ସୁରାସମ୍ପର୍କରେ) ପାନ ନିମନ୍ତେ ଅନୁପଯୋଗୀ କରିବା।

**dendrochronology** ବି. ବୃକ୍ଷର ବାର୍ଷିକ ଅଭିବୃଦ୍ଧି ବିଷୟକ ବିଦ୍ୟା।

**dendrology** ବି. ବୃକ୍ଷବିଜ୍ଞାନ, ବୃକ୍ଷର ପ୍ରାକୃତିକ ଇତିହାସ; dendrologist ବି. ଉକ୍ତ ବିଦ୍ୟାରେ ବିଶେଷଜ୍ଞ।

**dene** ବି. ସଂକୀର୍ଣ୍ଣ ବୃକ୍ଷବହୁଳ ଉପତ୍ୟକା।

**dengue** ବି. ଠେଙ୍ଗାଜ୍ୱର, ଡେଙ୍ଗୁଜ୍ୱର, ଦେହର ଗ୍ରନ୍ଥିମାନଙ୍କର ପ୍ରଦାହଜନିତ ଏହି ବେଦନାଦାୟକ ଜ୍ୱର ଗ୍ରୀଷ୍ମମଣ୍ଡଳରେ ଦେଖାଯାଏ।

**deniable** ବିଂ. ଅସ୍ୱୀକାର୍ଯ୍ୟ, ପ୍ରତ୍ୟାଖ୍ୟାନଯୋଗ୍ୟ।

**denial** ବି. ଅସ୍ୱୀକୃତି, ଅନୁରୋଧ ବା ଇଚ୍ଛାର ପ୍ରତ୍ୟାଖ୍ୟାନ, ସତ୍ୟତା ବା ସ୍ଥିତିର ଅସ୍ୱୀକାର।

**denier** ବି. ଅସ୍ୱୀକାର କରିବା ଲୋକ, ପ୍ରତିବାଦକାରୀ; ରେଶମ, ନାଇଲନ୍ ପ୍ରଭୃତିର ଗୁଣବତ୍ତା ସୂଚକ ଏକକ।

**denigrate** *ସ.କ୍ରି.* ଖ୍ୟାତିରେ କଳଙ୍କ ବୋଳିଦେବା; ଅପମାନିତ କରିବା, ଅପବାଦ ଦେବା; ବି. denigration, denigrator.

**denim** ବି. ଟୁଇଲ କପଡ଼ା ଯାହା ବହିର୍ବାସ ନିମନ୍ତେ ବ୍ୟବହୃତ ହୁଏ।

**denizen** ବି. ବାସିନ୍ଦା, ଅଧିବାସୀ, ବସବାସ ପାଇଁ ଅନୁମତି ପ୍ରାପ୍ତ ବୈଦେଶିକ; ଗୃହୀତ ବୈଦେଶିକ ଶବ୍ଦ, ପ୍ରାଣୀ ବା ଉଦ୍ଭିଦ।

**denominate** *ସ.କ୍ରି.* ଅଭିହିତ କରିବା, ନାଁ ଦେବା।

**denomination** ବି. ନାମକରଣ, ଉପାଧି; ଧର୍ମୀୟ ସଂପ୍ରଦାୟ; ଓଜନ, ଦୈର୍ଘ୍ୟ ଓ ମୁଦ୍ରାର ପରିମାପକ ଏକକ, ଉଦା. coins of small denomination.

**denominational** ବିଂ. ଧର୍ମୀୟ ସଂପ୍ରଦାୟ ସମ୍ବନ୍ଧୀୟ।

**denominator** ବି. (ଗଣିତ) ଭଗ୍ନାଂଶ ରେଖାର ତଳସଂଖ୍ୟା ବା ହର, ଭାଜକ least (or lowest) common denominator ଭଗ୍ନାଂଶ ଶ୍ରେଣୀର ହରଗୁଡ଼ିକର ଲ.ସା.ଗୁ.।

**denote** *ସ.କ୍ରି.* (ବ୍ୟକ୍ତି ବା ବସ୍ତୁକୁ) ନାମିତ କରିବା, ଚିହ୍ନିତ କରିବା, ସୂଚିତ କରିବା, ବୁଝାଇବା।

**denotation** ବି. ନିର୍ଦ୍ଦେଶନା, ଚିହ୍ନଟକରଣ, (ତର୍କଶାସ୍ତ୍ର) ବିଶେଷାଭିଧାନ, ବ୍ୟକ୍ତାର୍ଥ, ସଂଖ୍ୟାବାଚନ, ପଦାର୍ଥ ସୂଚନ।

**denouement** (ଡିନୁମା) ବି. ଉପନ୍ୟାସ, ନାଟକ ପ୍ରଭୃତିର କଥାବସ୍ତୁର ଉଦ୍‌ଘାଟନ ପର୍ଯ୍ୟାୟ-ଏହା କଥାବସ୍ତୁର ଶୀର୍ଷ ବା ଚୂଡ଼ାନ୍ତ ଅବସ୍ଥା ଓ ପରିଣତିର ମଧ୍ୟବର୍ତ୍ତୀ ଅଂଶ।

Digitized by srujanika@gmail.com

**denounce** *ସ.କ୍ରି.* ବିରୁଦ୍ଧରେ କହିବା, ପ୍ରକାଶ୍ୟରେ ଅଭିଯୋଗ କରିବା, ଦୋଷାରୋପ କରିବା, (ସନ୍ଧି ବା ଚୁକ୍ତିର) ଅବସାନ ଘୋଷଣା କରିବା।

***de novo*** *କ୍ରି.ବି.* ପୁଣିଥରେ, ନୂଆକରି। *(ଲା.)*

**dense** *ବି°.* ଘଞ୍ଚ, ନିବିଡ଼, ଏକତ୍ର ସମାବିଷ୍ଟ; ସ୍ଥୂଳବୁଦ୍ଧି; *କ୍ରି.ବି°.* densely.

**density** *ବି.* ଗାଢ଼ତା, ସାନ୍ଦ୍ରତା, ଘନତ୍ୱ, ଆଲୋକଚିତ୍ରର ଅସ୍ୱଚ୍ଛତା।

**dent** 1. *ବି.* (ଚାପ ବା ଆଘାତ ଦ୍ୱାରା କୋମଳ ପଦାର୍ଥ ପୃଷ୍ଠରେ ଉତ୍ପନ୍ନ) ଖାଲ ବା ଟୋଲା; 2. *ସ.କ୍ରି.* ଚାପଦ୍ୱାରା ଖାଲ ବା ଟୋଲା କରିବା।

**dental** 1. *ବି°.* ଦନ୍ତ୍ୟ (ଜିହ୍ୱାଗ୍ର ଓ ଦନ୍ତ ସାହାଯ୍ୟରେ ଉଚ୍ଚାରିତ ବ୍ୟଞ୍ଜନ ବର୍ଣ୍ଣ); ଦନ୍ତ ବିଷୟକ; 2. *ବି.* ଦନ୍ତ୍ୟ ବର୍ଣ୍ଣ, dental surgeon ଦନ୍ତ ଚିକିତ୍ସକ।

**dentate** *ବି°.* ଦନ୍ତପରି, ଦନ୍ତୁରିତ।

**dentifrice** *ବି.* ଦାନ୍ତଘଷା ପେଷ୍ଟ, ଚୂର୍ଣ୍ଣ ଆଦି।

**dentine** *ବି.* କଠିନ ତନ୍ତୁ ଯହିଁରୁ ଦନ୍ତ ନିର୍ମିତ।

**dentist** *ବି.* ଦନ୍ତଚିକିତ୍ସକ; ଦନ୍ତ ଚିକିତ୍ସା, ଦନ୍ତ ଉତ୍ପାଟନ ଓ କୃତ୍ରିମ ଦନ୍ତ ସଂଯୋଜନ ବିଶେଷଜ୍ଞ।

**dentition** *ବି.* ଦନ୍ତବିନ୍ୟାସ, ଦନ୍ତୋଦ୍‌ଗମ।

**denture** *ବି.* କୃତ୍ରିମ ଦନ୍ତ ପଂକ୍ତି।

**denude** *ସ.କ୍ରି.* ନଗ୍ନକରିବା; ଆବରଣ, ସଂପତ୍ତି ଆଦିର କ୍ଷୟ କରିବା; denudation *ବି.* ନଗ୍ନୀକରଣ, ଭୂପୃଷ୍ଠର ଅବକ୍ଷୟ।

**denunciation** *ବି.* ନିନ୍ଦାବାଦ, ସନ୍ଧି ବା ଚୁକ୍ତିର ଅବସାନ ଘୋଷଣା,ଦୋଷାରୋପ; *ବି.* denunciator, *ବି°.* denunciatory.

**deny** *ସ.କ୍ରି.* ଏପରି ନୁହେଁ ବା ମିଥ୍ୟା ବୋଲି କହିବା, ପ୍ରତ୍ୟାଖ୍ୟାନ ବା ଅସ୍ୱୀକାର କରିବା, ମନା କରିବା; deny oneself ସଂଯମ ଆଚରଣ କରିବା।

**deodar** *ବି.* ଦେବଦାରୁ ବୃକ୍ଷ।

**deodorant** 1. *ବି°.* ଦୁର୍ଗନ୍ଧନାଶକ; 2. *ବି.* ଗନ୍ଧନାଶକ ପଦାର୍ଥ।

**deodorize** *ସ.କ୍ରି.* ଗନ୍ଧନାଶ କରିବା, ଦୁର୍ଗନ୍ଧ ଦୂର କରିବା; *ବି.* deodorization.

**depart** *କ୍ରି.* ଚାଲିଯିବା, ପ୍ରସ୍ଥାନ କରିବା, (ରେଳ, ବସ୍ ଆଦି) ଛାଡ଼ିବା, (ପ୍ରଚଳିତ ପ୍ରଥା, ନିୟମରୁ) ବହିର୍ଭୂତହେବା; depart this life ପ୍ରାଣ ତ୍ୟାଗ କରିବା।

**departed** *ବି°.* ପରଲୋକଗତ, ଲୋକାନ୍ତରିତ, the departed *ବି.* ମୃତ ବ୍ୟକ୍ତି (ସମୂହ)।

**department** *ବି.* ବୃହତ୍ତର ସଂସ୍ଥାର ଅଂଶ ବିଶେଷ, ବିଭାଗ (ପ୍ରଶାସନ ବିଶ୍ୱବିଦ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ପ୍ରଭୃତିର); department store ବହୁବିଧ ସାମଗ୍ରୀ ଯୋଗାଉଥିବା ଦୋକାନ; *ବି°.* departmental.

**departure** *ବି.* ବ୍ୟତିକ୍ରମ, ପ୍ରସ୍ଥାନ, (ରେଳ, ଉଡ଼ାଜାହାଜ ଆଦିର) ଯାତ୍ରା, କୌଣସି କର୍ମପନ୍ଥା ବା ଚିନ୍ତାଧାରାରୁ ବ୍ୟତିକ୍ରମ।

**depend** *କ୍ରି.* ନିର୍ଭରକରିବା, ଅବଲମ୍ବନ କରିବା, ଆସ୍ଥା ସ୍ଥାପନ କରିବା।

**dependable** *ବି°.* ବିଶ୍ୱାସଯୋଗ୍ୟ, ନିର୍ଭରଶୀଳ; *ବି.* dependability.

**dependant** *ବି.* ଆଶ୍ରିତ ବା ପାଳିତ ବ୍ୟକ୍ତି, ନିର୍ଭରଶୀଳ ବ୍ୟକ୍ତି।

**dependence** *ବି.* ଆସ୍ଥା, ନିର୍ଭରତା, ନିର୍ଭରଶୀଳ ଅବସ୍ଥା।

**dependency** *ବି.* ଅନ୍ୟଦ୍ୱାରା ଶାସିତ ରାଜ୍ୟ ବା ପ୍ରଦେଶ।

**dependent** *ବି°.* ନିର୍ଭରଶୀଳ, ପାଳିତ; କୌଣସିବସ୍ତୁ (ଯଥା ଔଷଧ) ବିନା ଚଳିବାକୁ ଅସମର୍ଥ; *ବ୍ୟା.* (ଖଣ୍ଡବାକ୍ୟ, ବାକ୍ୟାଂଶ ଓ ଶବ୍ଦ ସଂପର୍କରେ) ସାପେକ୍ଷ ସଂପର୍କ ବିଶିଷ୍ଟ।

**depict** *ସ.କ୍ରି.* ବର୍ଣ୍ଣନା ବା ଚିତ୍ରଣ ସାହାଯ୍ୟରେ ଉପସ୍ଥାପିତ କରିବା, ଚିତ୍ରଣ କରିବା, ବର୍ଣ୍ଣନା କରିବା; *ବି.* depiction.

**depilate** *ସ.କ୍ରି.* ଲୋମନଷ୍ଟ କରିବା; *ବି.* depilation.

**depilatory** *ବି°.* ଲୋମନାଶକ।

**deplete** *ସ.କ୍ରି.* ଶୂନ୍ୟକରିବା, ନିଃଶେଷ କରିବା, ସଂଖ୍ୟା ବା ପରିମାଣ ହ୍ରାସ କରିବା; *ବି.* depletion.

**deplorable** *ବି°.* ଦୁଃଖଦାୟକ, ପରିତାପଜନକ, ଶୋଚନୀୟ, ସାଂଘାତିକ; *କ୍ରି.ବି°.* deplorably.

**deplore** *ସ.କ୍ରି.* ଦୁଃଖ କରିବା; ଖେଦ ବା ଶୋକ ପ୍ରକାଶ କରିବା; ପରିତାପ କରିବା।

Digitized by srujanika@gmail.com

**deploy** ସ.କ୍ରି. (ସୈନ୍ୟଦଳକୁ) ଶ୍ରେଣୀରୁ କାଢ଼ି ପଂକ୍ତିରେ ସଜାଇବା, (ସୈନ୍ୟ) ମୁତାୟନ କରିବା; (ସୈନ୍ୟ, ଶକ୍ତି, ଯୁକ୍ତି ଆଦି) ସଫଳ ରୂପେ ଖଟାଇବା ।

**deployment** ବି. ବ୍ୟୂହ, ସେନାଛାଉଣୀ ।

**deponent** ବି. ଶପଥ ପୂର୍ବକ ସାକ୍ଷ୍ୟଦାନକାରୀ; (ଗ୍ରୀକ୍, ଲାଟିନ ଭାଷାରେ) ଏକ ପ୍ରକାର କ୍ରିୟା ଯାହାର ରୂପ କର୍ମବାଚ୍ୟର ମାତ୍ର ଅର୍ଥ କର୍ତ୍ତୃବାଚ୍ୟ ପରି ।

**depopulate** ସ.କ୍ରି. ଜନସଂଖ୍ୟା କମାଇବା, ଜନଶୂନ୍ୟ କରିବା; ବି. depopulation.

**deport** ସ.କ୍ରି. ନିର୍ବାସିତ କରିବା, ଦେଶାନ୍ତର କରିବା; ବ୍ୟବହାର ଦେଖାଇବା, ଆଚରଣ କରିବା ।

**deportation** ବି. ନିର୍ବାସନ (ଅବାଞ୍ଛିତ ବ୍ୟକ୍ତିର), ଦେଶାନ୍ତରୀକରଣ ।

**deportee** ବି. ଦେଶାନ୍ତରିତ ବ୍ୟକ୍ତି ।

**deportment** ବି. ଆଚରଣ, ରୀତିନୀତି, ହାବଭାବ ।

**depose** ସ.କ୍ରି. ଗାଦିଚ୍ୟୁତ କରିବା, କ୍ଷମତାରୁ ଅନ୍ତର କରିବା; ଶପଥ ଗ୍ରହଣ କରି ସାକ୍ଷ୍ୟଦେବା ।

**deposit** 1. ବି. ଜମା, ବ୍ୟାଙ୍କରେ ଗଚ୍ଛିତ ଅର୍ଥ; କୌଣସି ଉଦ୍ଦେଶ୍ୟରେ ରକ୍ଷିତ ରାଶି ବା ଅମାନତ; ଜମି ଯାଇଥିବା ବା ସ୍ତରୀଭୂତ ପଦାର୍ଥ, ତଳାଣି; ପ୍ରାକୃତିକ ଉପାୟରେ ସଞ୍ଚିତ ବସ୍ତୁ; 2. ସ.କ୍ରି. ଜମା ଦେବା, ଗଚ୍ଛିତ ରଖିବା; 3. deposit account ବ୍ୟାଙ୍କ ଜମା ଖାତା; security deposit ଜାମିନ ଜମା, ଅମାନତ୍ ।

**depositary** ବି. ଯାହା ନିକଟରେ ଜିନିଷ ପତ୍ର ଗଚ୍ଛିତ ରଖାଯାଏ, ନ୍ୟାସୀ ।

**deposition** ବି. ଗାଦିଚ୍ୟୁତୀକରଣ, ସାକ୍ଷ୍ୟ ପ୍ରଦାନ; ଜମାନବନ୍ଦୀ, ବିବୃତି ।

**depositor** ବି. ଜମାକାରୀ ।

**depository** ବି. ଗନ୍ତାଘର, ଭଣ୍ଡାର ।

**depot** ବି. ଯୁଦ୍ଧ ଉପକରଣ ରଖିବା ଗୋଦାମ, ସେନାଦଳର ମୁଖ୍ୟ ରହଣି ସ୍ଥାନ; ମାଲଗୋଦାମ, ଯେଉଁଠାରୁ ମାଲ ଯାନ ପ୍ରଭୃତି ଦ୍ୱାରା ପଠାଯାଏ; ଆଡ଼ତ୍ ବା ଡିପୁ, ଭଣ୍ଡାର ଘର ।

**deprave** ସ.କ୍ରି. ଚରିତ୍ର ନଷ୍ଟ କରିବା, ଦୂଷିତ କରିବା, ସ୍ଖଳନ ଘଟାଇବା ।

**depravity** ବି. ନୈତିକତାହାନି, ସ୍ଖଳନ, ବଦମାସି ।

**deprecate** ସ.କ୍ରି. ଅପସନ୍ଦ କରିବା, ନିନ୍ଦା କରିବା, (ଅମଙ୍ଗଳ) ଏଡ଼ାଇବାକୁ ପ୍ରାର୍ଥନା କରିବା; ବି. deprecation; ବିଂ. deprecatory.

**depreciate** କ୍ରି. ମୂଲ୍ୟ ବା କ୍ରୟଶକ୍ତି ହ୍ରାସ କରିବା; ହତାଦର କରିବା, ଲଘୁ ମନେ କରିବା ।

**depreciation** ବି. (କାଳକ୍ରମେ ଓ ବ୍ୟବହାର ଯୋଗୁଁ) ମୂଲ୍ୟହ୍ରାସ, ଏଥି ନିମନ୍ତେ କରାଯାଇଥିବା ବ୍ୟବସ୍ଥା; ଅପକର୍ଷ ।

**depreciatory** ବିଂ. ମୂଲ୍ୟହ୍ରାସକାରୀ ।

**depredation** ବି. (ସ.ବ.ବରେ) ଧ୍ୱଂସ, ଲୁଣ୍ଠନ ।

**depress** ସ.କ୍ରି. ଉତ୍ସାହ ହରାଇବା, ଦୁଃଖିତ କରିବା, ଅବସନ୍ନ କରିବା, ମନ ଭାଙ୍ଗିଦେବା; (ବ୍ୟବସାୟ ବାଣିଜ୍ୟ ସଂପର୍କରେ) କାରବାର କମାଇଦେବା; depressed area ଆର୍ଥିକ ଅବନତି କ୍ଷେତ୍ର ।

**depressant** 1. ବି. ଅବସାଦକାରୀ (ଔଷଧ, ପ୍ରଭାବ); 2. ବିଂ. ଅବସାଦକାରୀ ବସ୍ତୁ ।

**depression** ବି. ବିଷାଦ, ଅବସାଦ; ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ମାନ୍ଦା ଅବସ୍ଥା; (ଜଳବାୟୁ ସଂପର୍କରେ) ଲଘୁଚାପ ।

**depressive** 1. ବିଂ. ବିଷାଦପୂର୍ଣ୍ଣ, ମାନସିକ ଦୁର୍ବଳତାକାରୀ; 2. ବି. ମାନସିକ ଦୁର୍ବଳତାଗ୍ରସ୍ତ ବ୍ୟକ୍ତି ।

**deprivation** ବି. ବଞ୍ଚିତକରଣ, ବାଞ୍ଛିତବସ୍ତୁର ହାନି ।

**deprive** ସ.କ୍ରି. ବଞ୍ଚିତ କରିବା; (ବ୍ୟବହାର ବା ଉପଭୋଗରୁ) କାଢ଼ିନେବା; deprived child ସ୍ୱାଭାବିକ ଗୃହଜୀବନରୁ ବଞ୍ଚିତ ଶିଶୁ; ବି. deprival.

**Dept.** ସଂଶ. ବିଭାଗ ।

**depth** ବି. ଗଭୀରତା, ଉପରୁ ତଳକୁ କିମ୍ବା (ଜଳ ରାଶିର) ପୃଷ୍ଠ ଦେଶରୁ ତଳଦେଶକୁ ବ୍ୟବଧାନର ମାପ; ପ୍ରଗାଢ଼ତା, ସୂକ୍ଷ୍ମତା; depths ବ.ବ. ଅନ୍ତରତମ ପ୍ରଦେଶ; depth charge ବୁଡ଼ା ଜାହାଜ ବିଧ୍ୱଂସ ପାଇଁ ପିଙ୍ଗା ଯାଇ ପାଣି ଭିତରେ ଫୁଟୁଥିବା ବୋମା; in-depth ବିଂ. ପୁଙ୍ଖାନୁପୁଙ୍ଖ; out of one's depths ଅଥଳ; ସାଧ୍ୟ ବହିର୍ଭୂତ କାର୍ଯ୍ୟ ।

Digitized by srujanika@gmail.com

**deputation** ବି. ପ୍ରତିନିଧି ପ୍ରେରଣ, ପ୍ରତିନିଧି ଦଳ।

**depute** ସ.କ୍ରି. ପ୍ରତିନିଧି ପଠାଇବା, ପ୍ରତିନିଧିରୂପେ ନିଯୁକ୍ତ କରିବା।

**deputize** ସ.କ୍ରି. ପ୍ରତିନିଧିରୂପେ କାର୍ଯ୍ୟ କରିବା।

**deputy** ବି. ପ୍ରତିନିଧି।

**derail** ସ.କ୍ରି. (ରେଳ) ଲୌହ ଧାରଣାରୁ ଖସିଯିବା; ବି. derailment.

**derange** ସ.କ୍ରି. ବିଶୃଙ୍ଖଳ କରିବା, ପାଗଳ କରିବା, ବିଗାଡ଼ି ଦେବା; ବି. derangenent.

**Derby** ବି. ବିଲାତର ସୁବିଖ୍ୟାତ ଘୋଡ଼ାଦୌଡ଼।

**derelict** 1. ବିଂ. ପରିତ୍ୟକ୍ତ, ଅକାମୀ ହେତୁ ବର୍ଜିତ; 2. ବି. ପରିତ୍ୟକ୍ତ ସଂପତ୍ତି (ଯଥା ଜାହାଜ); ସମାଜ ପରିତ୍ୟକ୍ତ ବ୍ୟକ୍ତି।

**dereliction** ବି. ବର୍ଜନ ବା ବର୍ଜିତ ଅବସ୍ଥା; କର୍ତ୍ତବ୍ୟରେ ଅବହେଳା।

**derestrict** ସ.କ୍ରି. (ଯାନାଦିର ବେଗସୀମା ସଂକ୍ରାନ୍ତ) ନିୟନ୍ତ୍ରଣର ବିଲୋପ କରିବା।

**deride** ସ.କ୍ରି. ପରିହାସ ବା ବିଦ୍ରୂପ କରିବା; ଘୃଣା ଦୃଷ୍ଟିରେ ଦେଖିବା।

**derisive** ବିଂ. ବିଦ୍ରୂପାତ୍ମକ, ଉପହାସମୂଳକ।

**derisory** ବିଂ. ଉପହାସଯୋଗ୍ୟ, ବିଦ୍ରୂପବ୍ୟଞ୍ଜକ; ଗୁରୁତ୍ୱପୂର୍ଣ୍ଣ ବିଚାର ନିମନ୍ତେ ନଗଣ୍ୟ।

**derivation** ବି. ମୂଳ ଶବ୍ଦ ବ୍ୟୁତ୍ପତ୍ତି, ବ୍ୟୁତ୍ପତ୍ତି ନିର୍ଣ୍ଣୟ।

**derivative** 1. ବିଂ.ମୂଳବସ୍ତୁରୁ ଉଦ୍ଭୂତ (ମୌଳିକ ନୁହେଁ), ବ୍ୟୁତ୍ପନ୍ନ, ବ୍ୟୁତ୍ପତ୍ତିସିଦ୍ଧ; 2. ବ୍ୟୁତ୍ପନ୍ନ ଶବ୍ଦ, ଅନ୍ୟବସ୍ତୁରୁ ଉଦ୍ଭୂତ ବସ୍ତୁ।

**derive** ସ.କ୍ରି. ମୂଳବସ୍ତୁରୁ ଲାଭ କରିବା; ମୂଳସୂତ୍ର ପାଇବା; ନିଷ୍ପନ୍ନ ହେବା।

**dermatitis** ବି. ଚର୍ମର ପ୍ରଦାହ।

**dermatology** ବି. ଚର୍ମବିଜ୍ଞାନ, ଚର୍ମତତ୍ତ୍ୱ; ବି. dermatologist

**dermis** ବି. ମଳିଚର୍ମର ତଳସ୍ତର, ଭିତର ଚମ।

**derogate** ଅ.କ୍ରି. (ଯୋଗ୍ୟତା, ଅଧିକାର ପ୍ରଭୃତିର) ହ୍ରାସ ହେବା; ମୂଲ୍ୟ କମିଯିବା, ହୀନ ହୋଇଯିବା; derogation ବି. ହ୍ରାସକରଣ, ହୀନତ୍ୱ ପ୍ରତିପାଦନ।

**derogatory** ବିଂ ଅପବାଦ ସୂଚକ, ମର୍ଯ୍ୟାଦା ହାନିକର, କ୍ଷତିକାରକ।

**derrick** ବି. ଭାର ଟେକିବା ଯନ୍ତ୍ର, ଭାରିଜିନିଷ ଉଠାଇବା ଯନ୍ତ୍ର।

**derring–do** ବି. (ସାହିତ୍ୟ କିମ୍ବା କଳାରେ) ସାହସିକ ପଦକ୍ଷେପ; ଦୁଃସାହସିକ ଚେଷ୍ଟା।

**derris** ବି. ନିରକ୍ଷ ମଣ୍ଡଳୀୟ ଲଟେଇବା ଉଦ୍ଭିଦ; ଏହାର ମୂଳର ଚୂର୍ଣ୍ଣରୁ ପ୍ରସ୍ତୁତ ପୋକମରା ଔଷଧ।

**dervish** ବି. ଦରବେଶ, ଏକ ଶ୍ରେଣୀର ଫକୀର, ମୁସଲମାନ ଧର୍ମ ସଂପ୍ରଦାୟର ସଦସ୍ୟ, ଏମାନେ ନିଷ୍ଠା ଓ ଦାରିଦ୍ର୍ୟରେ ବ୍ରତୀ।

**desalinate** ସ.କ୍ରି. ଲବଣରହିତ କରିବା, (ସମୁଦ୍ର ପାଣିରୁ) ଲୁଣ କାଢ଼ି ନେବା; ବି. desalination

**descant** 1. ବି. ତାନ, ସ୍ୱର, ଗାନ; 2. ଅ.କ୍ରି. ଦୀର୍ଘ ଆଲୋଚନା କରିବା।

**descend** ସ.କ୍ରି. ଖସିଯିବା, ଅବତରଣ କରିବା, ନିମ୍ନାଭିମୁଖୀ ହେବା; be descended from ଜାତ ହେବା।

**descendant** ବି. ଉତ୍ତରାଧିକାରୀ, ବଂଶଧର।

**descent** ବି. ଅବତରଣ, ଅବରୋହଣ; ଖସିବା ସ୍ଥାନ, ବଂଶାନୁକ୍ରମ; ଆକସ୍ମିକ ଆକ୍ରମଣ; ଅଧୋପତନ, ପତନ।

**describe** ସ.କ୍ରି. ବର୍ଣ୍ଣନା କରିବା, ଅଙ୍କନ କରିବା।

**description** ବି. ବର୍ଣ୍ଣନା; ଶ୍ରେଣୀ ବା ପ୍ରକାର।

**descriptive** ବିଂ. ବର୍ଣ୍ଣନାମୂଳକ, ବର୍ଣ୍ଣନାତ୍ମକ।

**descry** ସ.କ୍ରି. (ଦୂରରୁ) ଦେଖି ପାରିବା।

**desecrate** ସ.କ୍ରି. ଅପବିତ୍ର କରିବା, ପବିତ୍ରତା ନଷ୍ଟ କରିବା; ବି. desecration ଅପବିତ୍ର କରଣ; ବି. desecrator.

**desegregate** ସ.କ୍ରି. ବର୍ଣ୍ଣବିଭେଦ ଲୋପ କରିବା।

**desert**[1] କ୍ରି. ତ୍ୟାଗକରିବା, ବର୍ଜନ କରିବା, ଛାଡ଼ି ଚାଲିଯିବା; ବି. desertion.

**desert**[2] 1. ବି. ମରୁଭୂମି; 2. ବିଂ. ନିର୍ଜନ, ଅନୁର୍ବର।

**desert**[3] ବି. ଗୁଣ ବା କାର୍ଯ୍ୟାନୁଯାୟୀ ଫଳ, ଯଥା ପୁରସ୍କାର ବା ଦଣ୍ଡ।

**deserve** ସ.କ୍ରି. ଅର୍ଜନ କରିବା (ଗୁଣ ବା ଆଚରଣ ଦ୍ୱାରା), ଉପଯୁକ୍ତ ବିବେଚିତ ହେବା।

**deservedly** କ୍ରି.ବିଂ. ନ୍ୟାୟସଙ୍ଗତ ଭାବରେ, ଉଚିତ ରୂପରେ।

**deserving** ବିଂ. ଯୋଗ୍ୟ, ଉପଯୁକ୍ତ।

Digitized by srujanika@gmail.com

**deshabille** ବି. ବସ୍ତ୍ର ନଥିବା ପରି ଅବସ୍ଥା; ଅଯତ୍ନ ବା ଆଂଶିକଭାବରେ ପୋଷାକ ପିନ୍ଧିଥିବା ଅବସ୍ଥା । *(ଫ.)*

**desiccate** *ସ.କ୍ରି.* ଆର୍ଦ୍ରତା ଅପସାରଣ କରିବା, ସେହି ଉପାୟରେ ଶୁଖାଇବା; desiccation ବି. ଆର୍ଦ୍ରତା ଶୁଷ୍କୀକରଣ; desiccator ବି. ଶୁଷଣ ଯନ୍ତ୍ର ।

**desideratum** ବି. ବ.ବ. desiderata ଅତ୍ୟାବଶ୍ୟକ ବସ୍ତୁ (ଯାହା ନାହିଁ ମାତ୍ର ଆବଶ୍ୟକ ବା ସ୍ପୃହଣୀୟ) ।

**design** 1. ବି. ନକ୍ସା, ଢାଞ୍ଚା, ରୈଖିକ ଚିତ୍ର; ପରିକଳ୍ପନା, ଅଭିସନ୍ଧି; 2. କ୍ରି. ନକ୍ସା ତିଆରି କରିବା, କୌଣସି ଢାଞ୍ଚାରେ ପ୍ରସ୍ତୁତ କରିବା, ଉଦ୍ଦେଶ୍ୟ ବା ଅଭିସନ୍ଧି ରଖିବା; 3. by design ଉଦ୍ଦେଶ୍ୟମୂଳକ ଭାବରେ; have designs on (ଅମଙ୍ଗଳ କାର୍ଯ୍ୟପାଇଁ) ଚକ୍ରାନ୍ତ କରିବା ।

**designate** 1. *ସ.କ୍ରି.* ନିର୍ଦ୍ଦିଷ୍ଟ କରିବା, ଚିହ୍ନିତ କରିବା, ନାମିତ ବା ସୂଚିତ କରିବା; 2. ବିଂ. (ବ୍ୟକ୍ତି ସଂପର୍କରେ) ମନୋନୀତ ବା ନିଯୁକ୍ତିପ୍ରାପ୍ତ ଅଥଚ ଏ ଯାବତ୍ ପଦଗ୍ରହଣ କରି ନଥିବା ।

**designation** ବି. ନିଯୁକ୍ତି, ପଦବୀ, ନାମ, ଉପାଧି ।

**designedly** *କ୍ରି.ବିଂ.* ଉଦ୍ଦେଶ୍ୟମୂଳକ ଭାବେ ।

**designer** ବି. ନକ୍ସାକାରୀ (ପୋଷାକ ପରିଚ୍ଛଦ ବା ପ୍ରସ୍ତୁତ ସାମଗ୍ରୀ ମାନଙ୍କର) ।

**designing** ବିଂ. ଧୂର୍ତ୍ତ, ଚକ୍ରାନ୍ତକାରୀ, ଚତୁର ମନ୍ତ୍ରଣାକାରୀ ।

**desirable** ବିଂ. ବାଞ୍ଛନୀୟ, ସ୍ପୃହଣୀୟ, କାମ୍ୟ, ଗ୍ରହଣୀୟ ।

**desire** 1. *ସ.କ୍ରି.* ଇଚ୍ଛାକରିବା, ଅଭିଳାଷ କରିବା, କାମନା କରିବା, ଚାହିଁବା; 2. ବି. ଇଚ୍ଛା, ଅଭିଳାଷ, ଅନୁରୋଧ; 3. leaves much to be desired ନିଖୁଣ ନୁହେଁ ।

**desirous** ବିଂ. ଅଭିଳାଷୀ, ଇଚ୍ଛୁକ, ପାଇବାକୁ ଚାହୁଁଥିବା ।

**desist** କ୍ରି. ନିବୃତ୍ତ ହେବା, କ୍ଷାନ୍ତ ହେବା ।

**desk** ବି. ମେଜ, ଡେସ୍କ ।

**desolate** 1. ବିଂ. ନିର୍ଜନ, ଏକାକୀ, ପରିତ୍ୟକ୍ତ, ବସତିବିହୀନ, ଅନୁର୍ବର, ଶୋଚନୀୟ; 2. *ସ.କ୍ରି.* ଜନଶୂନ୍ୟ କରିବା, ଛାରଖାର କରିବା, ବିଧ୍ୱସ୍ତ କରିବା ।

**desolation** ବି. ଜନଶୂନ୍ୟ ବା ଅନୁର୍ବର ଅବସ୍ଥା, ଲୋକମାନଙ୍କ ଦ୍ୱାରା ପରିତ୍ୟକ୍ତ ଅବସ୍ଥା, ନିର୍ଜନତା, ବିଧ୍ୱସ୍ତ ଅବସ୍ଥା; ଦୁଃଖ, ଶୋଚନୀୟତା ।

**despair** 1. ବି. ନୈରାଶ୍ୟ, ଯାହା ଏପରି ଅବସ୍ଥା ସୃଷ୍ଟିକରେ; 2. *ଅ.କ୍ରି.* ସମସ୍ତ ଆଶା ହରାଇବା ।

**despatch** 1. *ସ.କ୍ରି.* ନିର୍ଦ୍ଦିଷ୍ଟ ସ୍ଥାନକୁ ପଠାଇବା, କ୍ଷିପ୍ର ଭାବରେ ଶେଷ କରିବା, ହତ୍ୟା କରିବା; 2. ବି. କ୍ଷିପ୍ର ସଂପାଦନ, ପ୍ରେରିତ ପଦାର୍ଥ ବିଶେଷତଃ ସରକାରୀ ଅଭିଲେଖ, ବାର୍ତ୍ତା, ବିବରଣୀ, ସଂବାଦ ଆଦି ।

**desperado** ବି. ବ.ବ. desperadoes ହିତାହିତଜ୍ଞାନଶୂନ୍ୟ ବ୍ୟକ୍ତି, ବିଶେଷତଃ ଅପରାଧୀ ।

**desperate** ବିଂ. ହତାଶ, ପ୍ରାଣମୂର୍ଚ୍ଛା (ଉଦ୍ୟମ), ସାଂଘାତିକ (ଅବସ୍ଥା), ନୈରାଶ୍ୟ ହେତୁ ହିତାହିତ ଜ୍ଞାନଶୂନ୍ୟ, ହତାଶାରୁ କ୍ରୁଦ୍ଧ ବା ଆଇନଭଙ୍ଗକାରୀ ।

**desperation** ବିଂ. ଜୀବନ ମରଣ ଅବସ୍ଥା, ଆଶାଶୂନ୍ୟ ଅବସ୍ଥା, ନିରାଶାକ୍ଷତା ।

**despicable** ବିଂ. ଘୃଣ୍ୟ, ନୀଚ, ଜଘନ୍ୟ ।

**despise** *ସ. କ୍ରି.* ନୀଚ ଦୃଷ୍ଟିରେ ଦେଖିବା, ଘୃଣା କରିବା ।

**despite** 1. *ଅ.* ସତ୍ତ୍ୱେ; 2. ବି. *ସାହି.* ଘୃଣା, ଈର୍ଷା, ଦ୍ୱେଷ ।

**despoil** *ସ.କ୍ରି.* ଜବରଦସ୍ତି ଲୁଣ୍ଠନ କରିବା, ବଳପୂର୍ବକ ନେଇଯିବା, ଲୁଣ୍ଠନ କରିବା; ବି. despoliation.

**despondent** ବିଂ. ହତାଶ, ବିଷଣ୍ଣ, ନିରାଶ; ବି. despondency.

**despot** ବି. ସ୍ୱେଚ୍ଛାଚାରୀ ଶାସନକର୍ତ୍ତା ।

**despotic** ବିଂ. ଉତ୍ପୀଡ଼କ, ସ୍ୱେଚ୍ଛାଚାରୀ; *କ୍ରି.ବିଂ.* despotically.

**despotism** ବି. ସ୍ୱେଚ୍ଛାଚାରିତା, ସ୍ୱୈରାଚାରୀର ଶାସନ, ସ୍ୱୈରତନ୍ତ୍ର ।

**dessert** ବି. ଭୋଜନ ଶେଷରେ ପରିବେଷିତ ମିଠାଜିନିଷ ଓ ଫଳର ସାମଗ୍ରୀ ।

**dessertspoon** ବି. ମିଠା ଓ ଫଳ ସାମଗ୍ରୀ ଆହାର ପାଇଁ ବ୍ୟବହୃତ ଚାମୁଚ (ଏହାର ଆକାର ଟେବୁଲ ଚାମୁଚ ଓ ଚା ଚାମୁଚର ମଧ୍ୟବର୍ତ୍ତୀ) ।

**destination** ବି. (ବ୍ୟକ୍ତି ସଂପର୍କରେ) ଗନ୍ତବ୍ୟସ୍ଥଳ, (ବସ୍ତୁ ବା ମାଲ୍ ସଂପର୍କରେ) ପ୍ରାପ୍ୟ ସ୍ଥାନ, ଉଦ୍ଦିଷ୍ଟ ସ୍ଥାନ ।

Digitized by srujanika@gmail.com

**destine** ସ.କ୍ରି. ଭବିଷ୍ୟତ ମାର୍ଗ ସ୍ଥିର କରିବା, ପୂର୍ବରୁ ନିର୍ଦ୍ଧାରିତ କରିବା।

**destiny** ବି. ଭାଗ୍ୟ, ଅଦୃଷ୍ଟ, ନିୟତି।

**destitute** ବିଂ. ଦୁଃସ୍ଥ, ସମ୍ବଳହୀନ, ନିରାଶ୍ରୟ; ବି. destitution.

**destroy** ସ.କ୍ରି. ଧ୍ୱଂସ କରିବା, ନଷ୍ଟ କରିବା, ଲୋପ କରିବା, ଅଚଳ କରିଦେବା, ବ୍ୟର୍ଥ କରିବା; ହତ୍ୟା କରିବା।

**destroyer** ବି. ଧ୍ୱଂସକାରୀ, ବିନାଶକର୍ତ୍ତା, ଅନ୍ୟାନ୍ୟ ଜାହାଜର ମାର୍ଗ ଦର୍ଶନକାରୀ ଅସ୍ତ୍ରଶସ୍ତ୍ର ସଜ୍ଜିତ ରଣପୋତ।

**destruct** 1. କ୍ରି. (ନିଜର ଉପକରଣ), ଜ୍ଞାତସାରରେ ଧ୍ୱଂସ କରିବା, ସେହିଭାବରେ ଧ୍ୱଂସ ପାଇବା; 2. ବି. ଧ୍ୱଂସ ପ୍ରକ୍ରିୟା; destructible ବିଂ. ବିନାଶ ଉପଯୋଗୀ।

**destruction** ବି. ଧ୍ୱଂସ ସାଧନ, ଧ୍ୱଂସର କାରଣ।

**destructive** ବିଂ. ବିନାଶକାରୀ, କ୍ଷତିକାରକ; ଧ୍ୱଂସୋନ୍ମୁଖ; ନକାରାତ୍ମକ।

**desuetude** ବି. ଅପ୍ରଚଳିତ ଅବସ୍ଥା।

**desultory** ବିଂ. ଏକ ବିଷୟରୁ ଅନ୍ୟ ବିଷୟକୁ ପରିବର୍ତ୍ତନାତ୍ମକ, ଅସଂଲଗ୍ନ, ବିଶୃଙ୍ଖଳ, ଅସଂପୃକ୍ତ।

**detach** ସ.କ୍ରି. ବିଚ୍ଛିନ୍ନ କରିବା; ନିଯୁକ୍ତ କରିବା; ସୈନ୍ୟଦଳର ଏକ ଅଂଶକୁ ସ୍ୱତନ୍ତ୍ର କାର୍ଯ୍ୟରେ ପଠାଇବା।

**detached** ବିଂ. ସ୍ୱତନ୍ତ୍ର, ପୃଥକୀକୃତ; ନିରପେକ୍ଷ; ଆବେଗଶୂନ୍ୟ, ଅପ୍ରଭାବିତ (ମତ)।

**detachment** ବି. ପୃଥକୀକରଣ, ବିଚ୍ଛିନ୍ନ ଅବସ୍ଥା; ଆବେଗଶୂନ୍ୟତା, ନିରପେକ୍ଷତା, ବୈରାଗ୍ୟ; ସ୍ୱତନ୍ତ୍ର କାର୍ଯ୍ୟରେ ନିଯୁକ୍ତ ସୈନ୍ୟଦଳ।

**detail** 1. ବି. ବିସ୍ତୃତ ବା ବିଶଦ ବିବରଣ, ଗୃହ ଆଦିର ସୂକ୍ଷ୍ମାଂଶ; ଚିତ୍ର ଆଦିର ଅଂଶ; କ୍ଷୁଦ୍ର ସାମରିକ ଦଳ; 2. ସ.କ୍ରି. ସବିଶେଷ ବର୍ଣ୍ଣନା କରିବା, ବିଶେଷ କାର୍ଯ୍ୟପାଇଁ ନିଯୁକ୍ତ କରିବା; 3. in detail ବିସ୍ତୃତ ଭାବରେ, ପୁଙ୍ଖାନୁପୁଙ୍ଖରୂପେ।

**detailed** ବିଂ. ସୁବିସ୍ତୃତ, ବିସ୍ତୃତରୂପେ ବର୍ଣ୍ଣିତ।

**detain** ସ. କ୍ରି. ଅଟକାଇ ରଖିବା, ବିଳମ୍ବ ଘଟାଇବା।

**detainee** ବି. ଅଟକବନ୍ଦୀ (ଲୋକ)।

**detect** କ୍ରି. ଖୋଜି ବାହାର କରିବା, ଦୋଷୀ ବା ଦୋଷତ୍ରୁଟିକୁ ବାହାର କରିବା; detector ବି. ଗୁପ୍ତ ଅନୁସନ୍ଧାନକାରୀ ବ୍ୟକ୍ତି ବା ଉପକରଣ।

**detection** ବି. ଅନୁସନ୍ଧାନ ଦ୍ୱାରା ବାହାରକରିବା ବା ବାହାରିବା କାର୍ଯ୍ୟ; ଗୋଇନ୍ଦାର କାର୍ଯ୍ୟ।

**detective** ବିଂ. ଅପରାଧ ଅନୁସନ୍ଧାନରତ ବ୍ୟକ୍ତି (ବିଶେଷତଃ ପୁଲିସ ବିଭାଗସ୍ଥ), ଗୋଇନ୍ଦା।

***detente*** ବି. ରାଷ୍ଟ୍ରରାଷ୍ଟ୍ର ମଧ୍ୟରେ ଥିବା କଠୋର ସଂପର୍କର ହ୍ରାସକରଣ। *(ଫ.)*

**detention** ବି. ଅଟକ, ଅବରୋଧ; (ବିଦ୍ୟାଳୟରେ ଛାତ୍ରକୁ) ନିର୍ଦ୍ଧାରିତ ସମୟପରେ ଦଣ୍ଡସ୍ୱରୂପ ଅଟକାଇ ରଖିବା; detention centre ବାଳ ଅପରାଧୀମାନଙ୍କର ଅଟକ ସ୍ଥାନ।

**deter** ସ.କ୍ରି. ବାଧାଦେବା, ନିବୃତ୍ତ କରିବା; ବି. determent.

**detergent** ବି. ବିଶୋଧକ, ସିନ୍ଥେଟିକ ପଦାର୍ଥ ଯାହାକୁ ପାଣିରେ ମିଶାଇ ପରିଷ୍କରଣ ବା ବିଶୋଧନ ନିମନ୍ତେ ବ୍ୟବହାର କରାଯାଏ।

**deteriorate** ସ. କ୍ରି. ଖରାପ ହେବା, ଖରାପ ଆଡ଼କୁ ଗତି କରିବା।

**deterioration** ବି. ଅଧୋଗତି, ଅବନତି।

**determinant** 1. ବିଂ. ନିର୍ଦ୍ଧାରକ, ଅବଧାରକ, ନିଶ୍ଚାୟକ; 2. ବି. ଉକ୍ତ ପ୍ରକାର କାରଣ।

**determinate** ବିଂ. ସୀମିତ, ନିର୍ଦ୍ଧାରିତ, ନିର୍ଦ୍ଦିଷ୍ଟ ପରିସରବିଶିଷ୍ଟ।

**determination** ବି. (କୌଣସି ବିଷୟରେ) ଦୃଢ଼ତା, ଦୃଢ଼ ପ୍ରତିଜ୍ଞା, ସଂକଳ୍ପ, ନିଷ୍ପତ୍ତି ନେବାର ଅବସ୍ଥା।

**determine** କ୍ରି. ଠିକ୍ ରୂପେ ନିରୂପଣ କରିବା, ନିର୍ଣ୍ଣୟ କରିବା, ଅବଧାରଣ କରିବା, ସଂକଳ୍ପ କରିବା, ନିଷ୍ପତ୍ତି କରିବା, ସ୍ଥିର କରିବା; be determined ସଂକଳ୍ପବଦ୍ଧ ହେବା।

**determined** ବିଂ. ବଦ୍ଧପରିକର, ଦୃଢ଼; କ୍ରି.ବିଂ. determinedly.

**determinism** ବି. ମନୁଷ୍ୟର କର୍ମ ସ୍ୱନିୟନ୍ତ୍ରିତ ନୁହେଁ, ଏହା ତାହାର ଇଚ୍ଛା ଉପରେ ବହିଃଶକ୍ତିର ପରୋକ୍ଷ ପ୍ରଭାବ ଦ୍ୱାରା ନିର୍ଦ୍ଧାରିତ- ଏହି ମତବାଦ।

**deterrent** 1. ବିଂ. ହତୋତ୍ସାହକାରୀ, ନିବୃତ୍ତିକାରକ; 2. ବି. ନିବୃତ୍ତିକାରୀ ବସ୍ତୁ।

**detest** ସ.କ୍ରି. ଅତି ଘୃଣା କରିବା; ବି. detestation.

**detestable** ବିଂ. ଅପ୍ରୀତିକର; ଘୃଣ୍ୟ।

**dethrone** ସ.କ୍ରି. ଗାଦିଚ୍ୟୁତ କରିବା, ବି. dethronement.

Digitized by srujanika@gmail.com

**detonate** ସ.କ୍ରି. ପ୍ରଚଣ୍ଡ ଶବ୍ଦ କରି ଫୁଟିବା, ପ୍ରଚଣ୍ଡ ବିସ୍ଫୋରଣ କରାଇବା; ବି. detonation.

**detonator** ବି. ବିସ୍ଫୋରକ ଫୁଟାଇବାର ସାଧନ।

**detour** ବି. ସରଳ ବା ନିର୍ଦ୍ଦିଷ୍ଟ ପଥରୁ ବାଙ୍କିଥିବା ବୁଲାଣି ରାସ୍ତା, ବକ୍ର ପଥ, ବାଙ୍କ।

**detract** କ୍ରି. ହ୍ରାସ କରିବା, କମାଇବା; detract from ସମ୍ମାନ ହାନି କରିବା; ବି. detraction, detractor.

**detriment** ବି. ହାନି, ଅପଚୟ, କ୍ଷତି; ବିଂ detrimental.

**detritus** ବି. କଠିନ ବସ୍ତୁରୁ କ୍ଷୟିତ ଅଂଶ।

**deuce**[1] 1. ବି. ପଶାକାଠିର ଯୁଗ; ତାସର ଦୁଇ ବା ଦୁକା; ଟେନିସ୍ ଖେଳରେ ଉଭୟ ଖେଳାଳିଙ୍କର ୪୦ ପଏଣ୍ଟ, ଯାହାପରେ ଜିତିବା ସକାଶେ ପରପର ୨ଟି ପଏଣ୍ଟ ପାଇବା ଆବଶ୍ୟକ।

**deuce**[2] ବି. ଦୁର୍ଦ୍ଦଶା; ଶୟତାନ।

***deus ex machina*** ବି. ଅଲୌକିକ ଶକ୍ତି ବା ଘଟଣା (ବିଶେଷତଃ ନାଟକ ବା ଉପନ୍ୟାସରେ ଯେଉଁଠି ଘଟଣାର ସମାଧାନ ଅସମ୍ଭବ, ସେଠାରେ ଏହାଦ୍ୱାରା ସମାଧାନ କରାଯାଏ)।

**devalue** ସ.କ୍ରି. ମୂଲ୍ୟ କମାଇବା, ଅନ୍ୟ ମୁଦ୍ରା ବା ସୁନା ଅନୁପାତରେ କୌଣସି ମୁଦ୍ରାର ମୂଲ୍ୟ ହ୍ରାସ କରିବା; ବି. devaluation.

**devastate** ସ.କ୍ରି. ଛାରଖାର କରିଦେବା, ଉଜାଡ଼ି ଦେବା, ନଷ୍ଟ କରିଦେବା; ବି. devastation.

**devastating** ପ୍ରଚଣ୍ଡ, ମାରାତ୍ମକ।

**develop** ସ.କ୍ରି. ବିକାଶ କରିବା, ବୃଦ୍ଧି ବା ଉନ୍ନତି ସାଧନ କରିବା; ସକ୍ରିୟ, ଦୃଶ୍ୟମାନ ଅଥବା ପରିପକ୍ୱ ଅବସ୍ଥାକୁ ଆଣିବା; (ଜମିର) ଉନ୍ନୟନ କରିବା; (ରୋଗ ସଂପର୍କରେ) ଉପକ୍ରମ ବଢ଼ିଯିବା; (ଆଲୋକଚିତ୍ର) ପରିସ୍ଫୁଟ କରିବା; developing country ବିକାଶଶୀଳ ଦେଶ।

**development** ବି. ବିକାଶ, କ୍ରମବୃଦ୍ଧି, ଉନ୍ନତି, ବିକାଶଶୀଳ ଅବସ୍ଥା; development area ଯେଉଁସ୍ଥାନରେ ବେକାର ସମସ୍ୟା ନିରାକରଣ ପାଇଁ ନୂତନ ଶିଳ୍ପର ପ୍ରତିଷ୍ଠା କରାଯାଏ; ବିଂ developmental.

**deviant** 1. ବିଂ ବିଚ୍ୟୁତ 2. ବି. ପଥଭ୍ରଷ୍ଟ (ବ୍ୟକ୍ତି), ବିଚ୍ୟୁତ (ବସ୍ତୁ); deviance ବି. ବ୍ୟତିକ୍ରମ।

**deviate** କ୍ରି. ସାଧାରଣ ପଥରୁ ଅପସାରିତ ହେବା, ଦିଗଭ୍ରାନ୍ତ ବା ସ୍ଖଳିତ ହେବା।

**deviation** ବି. ଅପସାରଣ, ସ୍ୱୀକୃତ ରାଜନୈତିକ ମତବାଦରୁ ଦୂରେଇ ଯିବା, ବିଚ୍ୟୁତି।

**device** ବି. ଫିକର, ସାଧନ, ଉପାୟ, କୌଶଳ, ଫନ୍ଦି, ଚିହ୍ନ, ଢାଲ ଉପରେ ବ୍ୟବହୃତ କୁଳଚିହ୍ନ।

**devil** 1. ବି. 'ମନ୍ଦ'ର ଅନ୍ତିମ ସତ୍ତା, ଶୟତାନ (the Devil); ଭୂତ, ପିଶାଚ, ବେତାଳ, ଅପଦେବତା; ପାଜି, ନୃଶଂସ, ଅପକର୍ମରେ ନିପୁଣ; ବିରକ୍ତି ଓ ବିସ୍ମୟ ସୂଚକ ଶବ୍ଦ; ଭଡ଼ାଟିଆ ଲେଖକ, ସହକାରୀ ଓକିଲ; 2. ସ.କ୍ରି. ମସଲା ଦେଇ ରନ୍ଧନ କରିବା, ଲେଖକ ବା ଓକିଲଙ୍କର ସହକାରୀ ରୂପେ କାର୍ଯ୍ୟ କରିବା; 3. between the devil and the deep blue sea ଦୁଇ ସଂକଟ ମଧ୍ୟବର୍ତ୍ତୀ, devil-may-care ବେପରୁଆ ଓ ଖୁସି; devil's advocate ଯେ ନିଜ ବିରୁଦ୍ଧରେ ଯୁକ୍ତି କରି ପ୍ରତିପାଦ୍ୟ ବିଷୟ ପରୀକ୍ଷା କରେ; the devil to pay ଆସନ୍ନ ବିପଦର ଆଶଙ୍କା; give the Devil his due ମନ୍ଦଲୋକର କୌଣସି ସଦ୍‌ଗୁଣ ଥିଲେ ତାହା ସ୍ୱୀକାର କରିବା; play the devil with (କାହାର) ସର୍ବନାଶ କରିବା।

**devilish** ବିଂ ପାପାତ୍ମା ସମ୍ବନ୍ଧୀୟ, ପୈଶାଚିକ, ଅନିଷ୍ଟକାରୀ।

**devilment** ବି. ଅନିଷ୍ଟ, ପୈଶାଚିକତା।

**devilry** ବି. ଶୟତାନୀ, ଗୁଣିଗାରଡ଼ି।

**devious** ବିଂ ଅସାଧୁ, ବକ୍ର, କୁଟିଳ।

**devise** ସ. କ୍ରି. କଳ୍ପନା କରିବା, ଉଦ୍ଭାବନ କରିବା; (ଆଇନ୍) ଇଚ୍ଛାପତ୍ର ଦ୍ୱାରା ଦାନ କରିବା।

**devoid** ବିଂ ବିରହିତ, ଶୂନ୍ୟ।

**devolution** ବି. ଭାରାର୍ପଣ, କେନ୍ଦ୍ରସରକାରଙ୍କ ଠାରୁ ରାଜ୍ୟ ବା ସ୍ଥାନୀୟ ସରକାରଙ୍କୁ କ୍ଷମତା ହସ୍ତାନ୍ତର।

**devolve** ସ.କ୍ରି. ଜଣକଠାରୁ ଅନ୍ୟଜଣକୁ ଯିବା ବା ପଠାଇବା, ଉତ୍ତରାଧିକାରୀଭାବରେ ପାଇବା ବା ହସ୍ତାନ୍ତର କରିବା।

**devote** ସ.କ୍ରି. କୌଣସି କାର୍ଯ୍ୟ ବା ଉଦ୍ଦେଶ୍ୟରେ ନିଜକୁ ସମର୍ପଣ କରିବା, ମନୋନିବେଶ କରିବା।

**devoted** ବିଂ ବିଶ୍ୱସ୍ତ, ଅନୁରକ୍ତ।

**devotee** ବି. ଭକ୍ତ, ଉପାସକ।

Digitized by srujanika@gmail.com

**devotion** ବି. ଭକ୍ତି, ଅନୁରକ୍ତି, ବିଶ୍ୱସ୍ତର ଭାବ, ଧର୍ମୀୟ ଉପାସନା; ବ.ବ. ପ୍ରାର୍ଥନା; ବିଂ. devotional.

**devour** ସ.କ୍ରି. ଗିଳି ପକାଇବା, ଭୋକରେ ଖାଇବା; (ଅଗ୍ନି ସଂପର୍କରେ) ସଂପୂର୍ଣ୍ଣ ଧ୍ୱଂସ କରିବା; (ପଠନ ସଂପର୍କରେ) ଅତି ଶୀଘ୍ର ଶେଷ କରିବା ।

**devout** ବିଂ. ଭକ୍ତିନିଷ୍ଠ, ଧର୍ମପରାୟଣ, ଆନ୍ତରିକ ।

**dew** ବି. ଶିଶିର, ହିମ, କାକର; dew-point ହିମାଙ୍କ, dew-pond ଅଗଭୀର ଗାଡ଼ିଆ; dewy ବିଂ. ଶିଶିରଭିଜା, ଶିଶିର ସଦୃଶ ।

**dewberry** ବିଂ. ଏକ ପ୍ରକାର ନୀଳଫଳ ।

**dewdrop** ବି. ଶିଶିର ବିନ୍ଦୁ ।

**dewlap** ବି. ଗଳକମ୍ବଳ (ପଶୁର) ।

**dexter** ବିଂ. ଢାଲ ବା ଅନୁଷ୍ଠାନର ପ୍ରତୀକ ପ୍ରଭୃତିର ଦକ୍ଷିଣପାର୍ଶ୍ୱ (ଦର୍ଶକ ପକ୍ଷରେ ବାମ ପାର୍ଶ୍ୱ) ସମ୍ବନ୍ଧୀୟ ।

**dexterity** ବି. ଦକ୍ଷତା, (ହସ୍ତ କର୍ମରେ) ନିପୁଣତା; ମାନସିକ ତତ୍ପରତା, ଚତୁରତା ।

**dexterous, dextrous** ବିଂ. ନିପୁଣ, ଦକ୍ଷ, ଚତୁର ।

**dextrose** ବି. ଦ୍ରାକ୍ଷାଶର୍କରା ।

**dg.** ସଂଶ. decigram ଏକ ଗ୍ରାମର ଦଶମାଂଶ ।

**dharma** ବି. ଧର୍ମ, ସଂସ୍କୃତି, ଭାରତରେ ସାମାଜିକ ରୀତିନୀତି, ସଦାଚାର; ବୌଦ୍ଧଧର୍ମର ସତ୍ୟ, ହିନ୍ଦୁ ନୈତିକ ବିଚାର ।

**dhoti** ବି. ଧୋତି, ହିନ୍ଦୁ ପୁରୁଷମାନଙ୍କର ପାରମ୍ପରିକ ପରିଧାନ ।

**dhow** ବି. ଆରବ ସାଗରର କ୍ଷୁଦ୍ରପୋତ ।

**di–**[1] ପୂ.ପ୍ର. 'ଦୁଇ' ବା 'ଯୁଗ୍ମ' ଅର୍ଥରେ ବ୍ୟବହୃତ, ଉଦା. diatomic, dichromatic.

**di**[2] (dis)– ପୂ.ପ୍ର. ବିରୋଧାର୍ଥକ, ଉଦା. diverge, divest.

**dia** ପୂ.ପ୍ର. ପୃଥକକାରୀ, ଅତିକ୍ରମକାରୀ ପ୍ରଭୃତି ଅର୍ଥସୂଚକ (ସ୍ୱରବର୍ଣ୍ଣ ପୂର୍ବରୁ di–) ।

**diabetes** ବି. ବହୁମୂତ୍ର ବା ମଧୁମେହ ରୋଗ ।

**diabetic** 1. ବିଂ. ବହୁମୂତ୍ର ସମ୍ବନ୍ଧୀୟ, 2. ବି. ବହୁମୂତ୍ର ରୋଗଗ୍ରସ୍ତ ।

**diabolic, diabolical** ବିଂ. ପୈଶାଚିକ, ଦାନବୀୟ, ଅମାନୁଷିକ, ନୃଶଂସ, ନାରକୀୟ; diabolically କ୍ରି.ବିଂ. ପୈଶାଚିକ ଭାବରେ ।

**diabolism** ବି. ପୈଶାଚିକ ସ୍ୱଭାବ ବା ଆଚରଣ, ଯାଦୁବିଦ୍ୟା, ପିଶାଚ ପୂଜା, ଗୁଣିଗାରେଡ଼ି ।

**diachronic** ବିଂ. କୌଣସି ବିଷୟର ଐତିହାସିକ ବିକାଶକ୍ରମ ସମ୍ପର୍କିତ: କ୍ରି.ବିଂ. diachronically.

**diaconal** ବିଂ. ଖ୍ରୀଷ୍ଟୀୟ ଯାଜକ (ଡିକନ୍) ସମ୍ପର୍କୀୟ ।

**diaconate** ବି. ଖ୍ରୀଷ୍ଟୀୟ ଯାଜକ (ଡିକନ୍)ଙ୍କର ପଦ, ଉକ୍ତ ଯାଜକ ଗୋଷ୍ଠୀ ।

**diacritical** ବିଂ. ପ୍ରଭେଦକ, ବିଭେଦସୂଚକ; diacritical mark (or sign) ଅକ୍ଷରର ଉଚ୍ଚାରଣ ସୂଚକ ବା ଏହାର ଧ୍ୱନି-ମାନ ସୂଚକ ଚିହ୍ନ ।

**diadem** ବି. ରାଜମୁକୁଟ, ସାର୍ବଭୌମତ୍ୱ ।

**diaeresis** ବି. (ବ.ବ. diaereses) ସନ୍ନିହିତ ଦୁଇ ସ୍ୱରବର୍ଣ୍ଣକୁ ପୃଥକ୍ ଭାବେ ଉଚ୍ଚାରଣ କରିବା ନିମନ୍ତେ ସ୍ୱରବର୍ଣ୍ଣ ଉପରେ ଦିଆଯାଇଥିବା ଚିହ୍ନ ।

**diagnose** ସ. କ୍ରି. ନିରୂପଣ କରିବା (ରୋଗ, ଯାନ୍ତ୍ରିକ ତ୍ରୁଟି ଇତ୍ୟାଦି); ଲକ୍ଷଣ ଦେଖି ରୋଗ ନିର୍ଣ୍ଣୟ କରିବା ।

**diagnosis** ବି. ରୋଗ ନିରୂପଣ (ଲକ୍ଷଣ ଦ୍ୱାରା), ରୋଗର ନିଦାନ; ଯାନ୍ତ୍ରିକ ତ୍ରୁଟିର କାରଣ ନିରୂପଣ ।

**diagnostic** 1. ବିଂ. ରୋଗ ବା ତ୍ରୁଟି ନିର୍ଣ୍ଣାୟକ; 2. ବି. ଲକ୍ଷଣ (ରୋଗର); diagnostician ବି. ରୋଗନିଦାନକାରୀ ।

**diagonal** 1. ବିଂ. ପରସ୍ପର ବିପରୀତକୋଣ ଦ୍ୱୟର ସଂଲଗ୍ନ କାରକ; ତୀର୍ଯ୍ୟକ୍ ଭାବେ ସ୍ଥିତ; 2. ବି. କର୍ଣ୍ଣ, ପ୍ରତୀପକୋଣଦ୍ୱୟର ସଂଯୋଜକ ସରଳରେଖା; diagonally କ୍ରି.ବିଂ. କର୍ଣ୍ଣ-ଭାବରେ ।

**diagram** ବି. ନକ୍ସା, ଚିତ୍ର, ରେଖାଚିତ୍ର; ବିଂ. diagramatic.

**dial** 1. ବି. ଘଣ୍ଟାରେ ଅଙ୍କ ଲିଖିତ ହୋଇଥିବା ଫଳକ, ଶଙ୍କୁପଟ୍ଟ, ଏହି ଧରଣର ଫଳକ ଯେଉଁଥିରେ ଅଙ୍କ ଲିଖିତ ହୋଇଥାଏ ଏବଂ କଣ୍ଟାମଧ ଥାଏ; ଟେଲିଫୋନ୍‌ରେ ଘୂର୍ଣ୍ଣନଶୀଳ

Digitized by srujanika@gmail.com

ଚକ୍ରପଟ, ରେଡ଼ିଓ ଏବଂ ଟେଲିଭିଜନ ଯନ୍ତ୍ରର ଶଙ୍କୁପଟ ଯହିଁରେ ସ୍ଥାନପ୍ରଭୃତିର ସୂଚନା ଥାଏ; 2. କ୍ରି. ଫଳକ ବା ଶଙ୍କୁପଟ ନିୟନ୍ତ୍ରଣ କରିବା, ଚକ୍ର ପଟ ଘୂରାଇ ଟେଲିଫୋନ୍‌ରେ ଯୋଗାଯୋଗ କରିବା; sun dial ସୂର୍ଯ୍ୟଘଡ଼ି ।

**dialect** ବି. ଉପଭାଷା, ସ୍ଥାନୀୟ ଭାଷା, କୌଣସି ବିଶେଷ ଶ୍ରେଣୀ ବା ସମ୍ପ୍ରଦାୟର ଭାଷା; dialectal ବିଂ. ଉପଭାଷା ସମ୍ବନ୍ଧୀୟ ।

**dialectic** ବି. ସତ୍ୟାନୁସନ୍ଧାନ ନିମନ୍ତେ ପ୍ରଶ୍ନୋତ୍ତର ଛଳରେ ତାର୍କିକ ଆଲୋଚନା; ତର୍କ କୌଶଳ; dialectical ବିଂ. ତର୍କବିଦ୍ୟା ସମ୍ବନ୍ଧୀୟ, ଦ୍ୱନ୍ଦ୍ୱମୂଳକ; dialectic materialism ଦ୍ୱନ୍ଦ୍ୱମୂଳକ ଜଡ଼ବାଦ ।

**dialogue** ବି. କଥୋପକଥନ, ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କମଧ୍ୟରେ ବଚନିକା, ସଂଳାପ ।

**dialysis** ବି. ଯନ୍ତ୍ର ସାହାଯ୍ୟରେ ରକ୍ତ ପରିଷରଣ, ଝିଲ୍ଲୀବିଶ୍ଳେଷଣ, ଅପୋହନ; dialyser ବି. ଅପୋହକ, ବିଶ୍ଳେଷକ ଝିଲ୍ଲୀ ।

**diamante** ବିଂ. ଚକମକିଆ ପଦାର୍ଥ ବା ଝିକିମିକି ଦ୍ୱାରା ସଜ୍ଜିତ ।

**diameter** ବି. ବୃତ୍ତର ବ୍ୟାସ, ବୃତ୍ତର କେନ୍ଦ୍ର ମଧ୍ୟଦେଇ ପରିଧିକୁ ଦୁଇପଟେ ସ୍ପର୍ଶ କରୁଥିବା ସରଳରେଖା ।

**diametrical** ବିଂ. ବ୍ୟାସରେଖା ସମ୍ବନ୍ଧୀୟ; ସମ୍ପୂର୍ଣ୍ଣ ବିପରୀତ; ସିଧାସଳଖ; କ୍ରି.ବିଂ. diametrically.

**diamond** ବି. ହୀରା, ହୀରକ; ରମ୍ବସ୍, ରମ୍ବସାକୃତି ବସ୍ତୁ, ତାସ୍‌ଖେଳର ଠିକିରି; diamond jubilee/ wedding ହୀରକ (ଷଷ୍ଠୀ କିମ୍ବା ପଞ୍ଚସପ୍ତତିତମ) ଜୟନ୍ତୀ/ ବିବାହ ବାର୍ଷିକୀ ।

**dianthus** ବି. ପୁଷ୍ପଗୁଳ୍ମ ବିଶେଷ ।

**diapason** ବି. (ସଙ୍ଗୀତ) ସ୍ୱର ସମନ୍ୱୟ, ସମ୍ପୂର୍ଣ୍ଣ ସ୍ୱରଗ୍ରାମ ।

**diaper** ବି. ଫୁଲପକା କାର୍ପାସ ବା ଶଣ ବସ୍ତ୍ର, ଛୋଟ ତଉଲିଆ, ଶିଶୁମାନଙ୍କ କୌପୁନି ।

**diaphanous** ବିଂ. ସ୍ୱଚ୍ଛ, ନିର୍ମଳ, ସ୍ଫଟିକ ସଦୃଶ; (ବସ୍ତ୍ର ସମ୍ପର୍କରେ) ହାଲ୍‌କା ଏବଂ ନରମ ।

**diaphragm** ବି. ଉଦର ଓ ବକ୍ଷ ବିଭେଦକ ପେଶୀ, ମଧ୍ୟଚ୍ଛଦା; ଜନ୍ମନିୟଂତ୍ରଣ ନିମନ୍ତେ ପର୍ଦ୍ଦାରୂପେ ବ୍ୟବହୃତ ପତଳାବସ୍ତୁ, ଗୋଲାକୃତି ରନ୍ଧ୍ରଯୁକ୍ତ କେତେକ ଯନ୍ତ୍ରମଧ୍ୟସ୍ଥ ପର୍ଦ୍ଦା ବିଂ. diaphragmatic.

**diarist** ବି. ଦିନପଞ୍ଜିକାର ।

**diarrhoea** ବି. ଉଦରାମୟ, ଅତିରିକ୍ତ ତରଳ ଝାଡ଼ା, ଅଜୀର୍ଣ୍ଣ ଝାଡ଼ା ।

**Diaspora** ବି. ୫୩୮ ଖ୍ରୀ.ପୂ.ରେ ନିର୍ବାସିତ ଇହୁଦୀଗଣ; diaspora ବି. ଦେଶାନ୍ତରଣ; ବିଂ. diasporic.

**diary** ବି. ଦିନପଞ୍ଜି, ଡାଏରୀ, ରୋଜନାମାଚା ।

**diastase** ବି. ଶ୍ୱେତସାରକୁ ଶର୍କରାରେ ପରିଣତ କରୁଥିବା ହଜମର ସହାୟକ ପାଚକରସ ।

**diastole** ବି. ହୃତ୍‌ପିଣ୍ଡ ଓ ଧମନୀର ସଂପ୍ରସାରଣ, ବିଂ. diastolic.

**diatomic** ବିଂ. ଦ୍ୱି–ପରମାଣୁବିଶିଷ୍ଟ ।

**diatribe** ବି. ଗାଳିଯୁକ୍ତ ସମାଲୋଚନା; ଜୋର୍‌ଦାର ବାଚନିକ ଆକ୍ରମଣ ।

**dibble** 1. ବି. କୋଡ଼ି; ଗଛ ବା ମଞ୍ଜିଲଗାଇବା ପାଇଁ ବ୍ୟବହୃତ ହତିଆର; 2. ବି. ଖଣତି ଦ୍ୱାରା ଗାତ ଖୋଳି ମଂଜି ପୋତିବା ।

**dice** 1. ବି. ପଶାଖେଳ; ଖେଳର ଗୋଟି; 2. କ୍ରି. ପଶାଖେଳିବା; କାଟି ଖଣ୍ଡ ଖଣ୍ଡ କରିବା; no dice *ସା.ପ୍ର.* ସଫଳତାର ସମ୍ଭାବନା ହୀନ ।

**dicey** *ସା.ପ୍ର.* ବିଂ.ବିପଦପୂର୍ଣ୍ଣ, ଅବିଶ୍ୱାସ ଯୋଗ୍ୟ ।

**dichotomy** ବି. ଦୁଇ ଶ୍ରେଣୀ ବା ଅଂଶରେ ବିଭାଜନ ।

**dichromatic** ବିଂ. ଦ୍ୱିବର୍ଣ୍ଣ, ଦୁଇ ବା ତିନିଟି ମୁଖ୍ୟ ରଂଗ ଗ୍ରହଣଯୋଗ୍ୟ ଦୃଷ୍ଟିଶକ୍ତି ବିଶିଷ୍ଟ ।

**dick** ବି. *ସା.ପ୍ର.* detective ଗୋଏନ୍ଦା ।

**dickens** ବି. *କ.ଭା.* ଶୟତାନ ।

**Dickensian** ବି. ଇଂଲିଶ୍ ଔପନ୍ୟାସିକ ଡିକେନ୍ସଙ୍କ କୃତି ସମ୍ବନ୍ଧୀୟ ।

**dicker** କ୍ରି. ଦରଦାମ ବା ମୁଲଚାଲ କରିବା ।

**dicotyledon** ବି. ଦ୍ୱିପର୍ଣ୍ଣିକ ପୁଷ୍ପବୃକ୍ଷ; dicotyledonous ବିଂ. ଦ୍ୱିପର୍ଣ୍ଣିକ ।

**dicta** ଦ୍ର. dictum.

**Dictaphone** ବି. ଯେଉଁ ଯନ୍ତ୍ରରେ ଭବିଷ୍ୟତ୍ ନିମନ୍ତେ ବକ୍ତବ୍ୟ ରେକର୍ଡ୍ ସଂକେତିତ ହୋଇ ରହେ ।

Digitized by srujanika@gmail.com

**dictate** 1. କ୍ରି. ଉଚ୍ଚସ୍ୱରରେ ପଢ଼ିବା ବା ଡାକିବା (ଲେଖିବା ପାଇଁ); ଆଦେଶ ଦେବା, କର୍ତ୍ତୃତ୍ୱ ଜାହିର୍ କରିବା; 2. ବି. ଆଦେଶ, ନିର୍ଦ୍ଦେଶ; 3. dictation ବି. ଶ୍ରୁତଲିଖନ, ଲିଖିତ ବିଷୟକୁ ଉଚ୍ଚସ୍ୱରରେ କଥନ।

**dictator** ବି. ଏକଛତ୍ର ଶାସକ, ଅସୀମ କ୍ଷମତାପ୍ରାପ୍ତ ବ୍ୟକ୍ତି, dictatorship ବି. ଏକଛତ୍ର ଶାସକତ୍ୱ।

**dictatorial** ବିଂ. ଏକଛତ୍ର ଶାସକ ସମ୍ବନ୍ଧୀୟ ବା ସଦୃଶ; ସ୍ୱେଚ୍ଛାଚାରୀ, ଉଦ୍ଧତ।

**diction** ବି. ବାଗ୍‌ବିନ୍ୟାସ, ଶବ୍ଦାବଳୀ, ସଂଗୀତର ଶୈଳୀ, ଲେଖନ ବା କଥନରେ ବ୍ୟବହୃତ ଶବ୍ଦଶୈଳୀ।

**dictionary** ବି. ଅଭିଧାନ, ଶବ୍ଦକୋଷ।

**dictum** ବି. (ବ.ବ. dicta) ଉକ୍ତି, ବଚନ, ସୂକ୍ତି।

**did** do କ୍ରିୟାର *ଅ.କା.* ରୂପ।

**didactic** ବିଂ. ଉପଦେଶାତ୍ମକ, ନୀତିଗର୍ଭିକ; ବି. didacticism.

**diddle** *କ୍ରି. କ.ଭା.* ଠକିବା, ପ୍ରତାରଣା କରିବା; diddler ବି. ଠକ, ପ୍ରତାରକ।

**didn't** did notର କଥିତ ରୂପ।

**die**[1] *କ୍ରି.* ମରିବା, ପ୍ରାଣତ୍ୟାଗ କରିବା; ଅଦୃଶ୍ୟ ହେବା, ଅସ୍ପଷ୍ଟ ହୋଇଯିବା; (ଅଗ୍ନି ସମ୍ପର୍କରେ) ଲିଭିଯିବା, ହ୍ରାସ ପାଇବା, ନିସ୍ତେଜ ହେବା; ବିଶେଷ ଭାବରେ କାମନା କରିବା, ଶେଷ ହୋଇ ଆସିବା, କ୍ଳାନ୍ତ ହୋଇ ପଡ଼ିବା; die away ଦୁର୍ବଳ ହୋଇଯିବା, କ୍ରମଶଃ ବିଲୀନ ହୋଇ ଶେଷ ଅବସ୍ଥାରେ ପହଞ୍ଚିବା; die back ଉଦ୍‌ଭିଦ ସମ୍ପର୍କରେ) ଅଗଆଡୁ ଶୁଖିଆସିବା; die down କ୍ରମଶଃ ଶକ୍ତିହୀନ ହୋଇଯିବା; die-hard ବି. ମରହଟି ବା ଜିଦ୍‌ଖୋର ବ୍ୟକ୍ତି; die out ନିଶ୍ଚିହ୍ନ ହେବା, ଲୋପ ପାଇବା; never say die ଧୈର୍ଯ୍ୟଧର, ସାହସ ବଜାୟ ରଖ।

**die**[2] ବି. ପଶାକାଠି; ମୁଦ୍ରାପ୍ରଭୃତିର ଚାପଦେବା ଛାଞ୍ଚ, ନିର୍ଦ୍ଦିଷ୍ଟ ଆକାରରେ କୌଣସି ବସ୍ତୁକୁ କାଟିବା ବିଧି; die-casting ଧାତୁ ଛାଞ୍ଚରୁ ନିର୍ଦ୍ଦିଷ୍ଟ ବସ୍ତୁ ଉଠାଇବା ପ୍ରଣାଳୀ; the die is cast ଯାହା ହେବାର ହୋଇଯାଇଛି; die-sinker ମୋହର ଖୋଦନକାରୀ; die-stamping କାଗଜ ପ୍ରଭୃତିରେ ମୋହର ଦେବା, straight as a die ଅତ୍ୟନ୍ତ ସଳଖ, ସାଧୁ ପ୍ରକୃତି।

**dielectric** 1. ବିଂ. ବୈଦ୍ୟୁତିକ ଶକ୍ତିର ଅପରିବାହୀ; 2. ବି. ଯେଉଁ ଅପରିବାହୀ ପଦାର୍ଥ ଭିତର ଦେଇ ବିଦ୍ୟୁତ୍ ଶକ୍ତି ପରିବାହିତ ହୁଏ।

**dieresis** *ଦ୍ର.* diaeresis

**diesel** ବି. (diesel engine) ଇଂଜିନ୍ ବିଶେଷ, ଏହାଦ୍ୱାରା ଚାଳିତ ଯାନ; diesel-electric ଏହା ଦ୍ୱାରା ଚାଳିତ ଜେନେରେଟର୍‌ରୁ ଉତ୍ପାଦିତ ବିଦ୍ୟୁତ୍‌ଶକ୍ତି ଚାଳିତ ଯାନ; diesel oil ଡିଜେଲ ଇଂଜିନ୍ ପାଇଁ ବ୍ୟବହୃତ ଗୁରୁ ପେଟ୍ରୋଲିୟମ ଜାତୀୟ।

**diet**[1] 1. ବି. ପଥ୍ୟ, ଆହାର, ଖାଦ୍ୟ; 2. କ୍ରି. ପଥ୍ୟରେ ରହିବା, ପଥ୍ୟ ଗ୍ରହଣ କରିବା; ଓଜନ କମାଇବା ନିମନ୍ତେ ଲଘୁଖାଦ୍ୟ ଗ୍ରହଣ କରିବା; dietary ବିଂ. ପଥ୍ୟ ବା ଆହାର ସମ୍ବନ୍ଧୀୟ।

**diet**[2] ବି. ୟୁରୋପର କେତେକ ଦେଶରେ ପ୍ରଧାନ ଜାତୀୟ ମହାସଭା, ବ୍ୟବସ୍ଥାପକସଭା।

**dietetic** ବି. ପଥ୍ୟ ବା ପୁଷ୍ଟି ସମ୍ପର୍କୀୟ।

**dietetics** ବି. ବ.ବ. ପଥ୍ୟର ନିୟମାବଳୀ, ପଥ୍ୟ ବିଜ୍ଞାନ।

**dietitian** ବିଜ. ବି. ପଥ୍ୟ ବିଜ୍ଞାନୀ; dietician.

**differ** *ଅ.କ୍ରି.* ପ୍ରଭେଦ ହେବା, ଅମେଳ ହେବା, ବିଭିନ୍ନ ହେବା, ମତପାର୍ଥକ୍ୟ ପୋଷଣ କରିବା।

**difference** ବି. ପ୍ରଭେଦ, ବିଭିନ୍ନତା, ବୈସାଦୃଶ୍ୟ, ମତପାର୍ଥକ୍ୟ, ମତଭେଦ; ବିୟୋଗ ଫଳ, ଅନ୍ତର ଫଳ, ବିବାଦ, କଳହ; make all the difference ମୁଖ୍ୟ ବା ତାତ୍ପର୍ଯ୍ୟ-ପୂର୍ଣ୍ଣହେବା; split the difference ଦୁଇ ପରିମାଣର ସାଧାରଣ ମାନ ନେବା।

**different** ବି. ପୃଥକ୍, ଭିନ୍ନ, ସ୍ୱତନ୍ତ୍ର; ଅନ୍ୟ ପ୍ରକୃତି ଅକାର ବା ଗୁଣର।

**differential** 1. ବିଂ. ବିଶେଷକ, ପ୍ରଭେଦକ, ବୈଶିଷ୍ଟ୍ୟ ସୂଚକ, ପାର୍ଥକ୍ୟ ସୂଚକ, ଗଣିତର କ୍ଷୁଦ୍ରତମ ସଂଖ୍ୟା ବା ଅନ୍ତର ସମ୍ବନ୍ଧୀୟ; 2. ବି. ଶିଳ୍ପପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ଥିବା ମଜୁରୀଗତ ପାର୍ଥକ୍ୟ, ଶିଳ୍ପ ପ୍ରତିଷ୍ଠାନର ବିଭିନ୍ନ କର୍ମଚାରୀ ମାନଙ୍କ ମଧ୍ୟରେ ଥିବା ମଜୁରୀଗତ ପାର୍ଥକ୍ୟ;

Digitized by srujanika@gmail.com

ମଟର ଗାଡ଼ିର ପଛ ଚକ ଦୁଇଟି ଅନ୍ୟ ଗତିରେ ଘୂରିବା ନିମିତ୍ତ ଗିଅର; differential calculus ଉଚ୍ଚ ଗଣିତ ଶାସ୍ତ୍ରର ଏକ ଶାଖା, ଅନ୍ତର କଳନ।

**differentiate** *ସ.କ୍ରି.* ପାର୍ଥକ୍ୟ ଦେଖାଇବା, ପୃଥକ କରିବା, ଭିନ୍ନଶ୍ରେଣୀଭୁକ୍ତ କରିବା; differentiation *ବି.* ପ୍ରଭେଦକରଣ।

**difficult** *ବିଂ.* କଠିନ, କଷ୍ଟସାଧ, କଷ୍ଟକର, ଦୁଷ୍କର, ଦୁର୍ବୋଧ, ଦୁରୂହ।

**difficulty** *ବି.* ଅସୁବିଧା, କାଠିନ୍ୟ, ବାଧା, ପ୍ରତିବନ୍ଧକ, ଦୁର୍ବୋଧତା, ପଇସାପତ୍ର ଅଭାବ, ହଇରାଣ।

**diffident** *ବିଂ.* ଆତ୍ମପ୍ରତ୍ୟୟହୀନ, ଅତ୍ୟନ୍ତ ନମ୍ର ଓ ନୀରବ; diffidence *ବି.* ଆତ୍ମପ୍ରତ୍ୟୟ-ହୀନତା, ସଂଶୟ।

**diffract** *କ୍ରି.* (ଆଲୋକରଶ୍ମି) ଭାଙ୍ଗିଦେବା, ବିଭିନ୍ନ ଅଂଶରେ ପୃଥକ୍ କରିଦେବା; *ବି.* diffraction; diffractive *ବିଂ.* ବ୍ୟବର୍ତ୍ତିତ।

**diffuse** 1. *ବିଂ.* ବିସ୍ତୃତ, ବ୍ୟାପ୍ତ, ବିକ୍ଷିପ୍ତ; 2. *କ୍ରି.* ବିସ୍ତାର କରିବା, ପ୍ରଚାର କରିବା, ବିସ୍ତୃତ କରିବା; 3. diffusible *ବିଂ.* ବିସ୍ତାରକ୍ଷମ, ପରିବ୍ୟାପ୍ତହେବା ଯୋଗ୍ୟ; diffusive *ବିଂ.* ବ୍ୟାପକ, ବ୍ୟାପ୍ତ, ପ୍ରସାରଣଶୀଳ।

**diffusion** *ବି.* ବିସ୍ତାର, ବ୍ୟାପ୍ତି, ପ୍ରସାର; (ତରଳପଦାର୍ଥର) ମିଶ୍ରଣ।

**dig** 1. *କ୍ରି.* ଖୋଳିବା, ଖନନ କରିବା, କୋଦାଳ ଧରି କାମ କରିବା, ଗାତ ଖୋଳି ବାହାର କରିବା; ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟ ନିମନ୍ତେ ଖନନ କରିବା; ଗବେଷଣା କରିବା, କଠୋର ପରିଶ୍ରମ କରି ବାହାର କରିବା; *ସା.ପ୍ର.* ବୁଝିବା, ଅଭିଜ୍ଞତା ଲାଭ କରିବା; ପ୍ରଶଂସା କରିବା; 2. *ବି.* ଖନନ, ପ୍ରତ୍ନତାତ୍ତ୍ୱିକ ଖନନ; ବିଦ୍ରୂପାତ୍ମକ ମନ୍ତବ୍ୟ; 3. dig one's heels (or toes) in ଜିଦ୍‌ଧରି ବସିବା, ମାନିବାକୁ ରାଜି ନ ହେବା; dig in ଖୋଳି ପୋତିଦେବା, *କ.ଭା.* ଖାଇବାକୁ ଆରମ୍ଭ କରିବା ବା ଉତ୍ସାହିତ ହୋଇ କାମ କରିବା; dig oneself in ଟ୍ରେଞ୍ଚ ବା ଗାତ ଖୋଳିବା (ଆତ୍ମରକ୍ଷା ନିମନ୍ତେ); ନିଜର ସ୍ଥିତି ଦୃଢ଼ କରିବା; dig out (or up) ଖୋଳି ବାହାର କରିବା।

**digest** 1. *କ୍ରି.* ହଜମ କରିବା, ଜୀର୍ଣ୍ଣ କରିବା, ମାନସିକତା ଦୃଷ୍ଟିରୁ ହୃଦୟଙ୍ଗମ କରିପାରିବା, ସାରାଂଶ ବାହାର କରିବା; 2. *ବି.* (ଆଇନ୍ ସଂକ୍ରାନ୍ତୀୟ) ବିଧିବଦ୍ଧ ସାରାଂଶ; ସାମ୍ପ୍ରତିକ ସମ୍ବାଦ ବା ସାହିତ୍ୟର ନିୟମିତ ସାରାଂଶ; digestible *ବିଂ.* ହଜମ ହେବା ଯୋଗ୍ୟ।

**digestion** *ବି.* ପରିପାକ, ଜୀର୍ଣ୍ଣ ଶକ୍ତି।

**digestive** 1. *ବିଂ.* ପରିପାକ କ୍ରିୟା ସମ୍ବନ୍ଧୀୟ; 2. *ବି.* ଜୀର୍ଣ୍ଣକାରକ, ହଜମୀ।

**digger** *ବି.* ଖନନକାରୀ, ଖନନ ଯନ୍ତ୍ର; *କ.ଭା.* ଅଷ୍ଟ୍ରେଲିଆ ବା ନିଉଜିଲାଣ୍ଡ ଅଧିବାସୀ।

**digit** *ବି.* ଶୂନ୍ୟରୁ ୯ ପର୍ଯ୍ୟନ୍ତ ସଂଖ୍ୟା; ଗୋଡ଼ ବା ହାତ ଆଙ୍ଗୁଠି।

**digital** *ବିଂ.* ସଂଖ୍ୟା ସମ୍ବନ୍ଧୀୟ, ଅଙ୍ଗୁଳି ସମ୍ପର୍କୀୟ; digital clock ସଂଖ୍ୟା ଦ୍ୱାରା ସମୟ ଚିହ୍ନାଉଥିବା ଘଣ୍ଟା; digital computer ସଂଖ୍ୟାଦ୍ୱାରା ପ୍ରସ୍ତୁତ ବିବରଣୀ ଅନୁସରଣ କରୁଥିବା କମ୍ପ୍ୟୁଟର୍।

**digitalis** *ବି.* ହୃତ୍‌ପିଣ୍ଡର ଉତ୍ତେଜକ ଔଷଧ ବିଶେଷ।

**dignified** *ବିଂ.* ମର୍ଯ୍ୟାଦାସମ୍ପନ୍ନ, ସମ୍ମାନିତ, ମହତ୍।

**dignify** *ସ.କ୍ରି.* ମର୍ଯ୍ୟାଦା ସମ୍ପନ୍ନ କରିବା, ଗୌରବାନ୍ୱିତ କରିବା, ସମ୍ମାନ ପ୍ରଦର୍ଶନ କରିବା।

**dignitary** *ବି.* ଉଚ୍ଚପଦସ୍ଥ ସମ୍ଭ୍ରାନ୍ତ ବ୍ୟକ୍ତି, ବିଶେଷତଃ ଧର୍ମଯାଜକୀୟ ପଦାଧିକାରୀ।

**dignity** *ବି.* ମର୍ଯ୍ୟାଦା, ସମ୍ମାନ, ଗରିମା, ଗୌରବ; beneath one's dignity ମର୍ଯ୍ୟାଦାହାନିକର, ପଦମର୍ଯ୍ୟାଦାର ଅନୁପଯୁକ୍ତ; stand on one's dignity ମର୍ଯ୍ୟାଦାର ସହ ଅର୍ଜିତ ହେବା ନିମନ୍ତେ ବାଧ କରିବା।

**digraph** *ବି.* ଦୁଇ ବର୍ଣ୍ଣର ସଂଯୋଗ (ଯହିଁରୁ ଗୋଟିଏ ସ୍ୱର ଉତ୍ପନ୍ନ ହୁଏ), ଯଥା ch, ph, ea ଇତ୍ୟାଦି।

**digress** *ସ.କ୍ରି.* ମୂଳପଥରୁ ସାମୟିକ ଭାବରେ ବିଚ୍ୟୁତ ହେବା (ବକ୍ତୃତାରେ କିମ୍ବା ଲେଖାରେ); digression *ବି.* ମୂଳ ବିଷୟ ପରିବର୍ତ୍ତେ ଅବାନ୍ତର ବିଷୟର ଉତ୍‌ଥାପନ।

**dike** 1. *ବି.* ବନ୍ୟାପ୍ରତିରୋଧ ନିମନ୍ତେ ଦୀର୍ଘବନ୍ଧ; ଖାଇ, ପଥର ବା ଘାସ ଥାଇ ମାଟିର ପ୍ରାଚୀର; 2. *କ୍ରି.* ବଂଧ ବାନ୍ଧିବା, ବନ୍ଧଦ୍ୱାରା ସୁରକ୍ଷିତ କରିବା, ବନ୍ଧ ପକାଇବା।

Digitized by srujanika@gmail.com

**diktat** ବି. ନିର୍ଦ୍ଦିଷ୍ଟ ବକ୍ତବ୍ୟ, ନିର୍ଦ୍ଦେଶନାମା ।
**dilapidated** ବିଂ. ଧ୍ୱଂସପ୍ରାପ୍ତ, ଭଗ୍ନ, ଶୋଚନୀୟ ।
**dilapidation** ବି. ଧ୍ୱଂସସାଧନ, ଜୀର୍ଣ୍ଣାବସ୍ଥା, ଧ୍ୱଂସ ।
**dilatation** ବି. ପ୍ରସାରଣ; ଅସ୍ତ୍ରୋପଚାର ନିମନ୍ତେ ପ୍ରତ୍ୟଙ୍ଗର ଗ୍ରୀବା (ବିଶେଷତଃ ଜରାୟୁର ଗ୍ରୀବା) ପ୍ରସାରଣ ।
**dilate** କ୍ରି. ପ୍ରସାରିତ କରିବା, ବିସ୍ତାର କରିବା, ବିସ୍ତୃତ ହେବା; dilation ବି. ପ୍ରସାରଣ ।
**dilatory** ବିଂ. ମନ୍ଥର, ବିଳମ୍ବକାରୀ ।
**dilemma** ବି. ଦ୍ୱନ୍ଦ୍ୱ, ଉଭୟ ସଂକଟ ।
**dilettante** ବି. (ବ.ବ. dilettanti/ dilettantes) ସ୍ୱଳ୍ପଜ୍ଞାନ ଥାଇ ଚର୍ଚ୍ଚା, ପଲ୍ଲବଗ୍ରାହୀ ।
**diligence** ବି. ଅଧ୍ୟବସାୟ, ଅଭିନିବେଶ, ପରିଶ୍ରମ ।
**diligent** ବିଂ. ପରିଶ୍ରମୀ, ଉଦ୍‌ଯୋଗୀ, ଅଧ୍ୟବସାୟୀ; କ୍ରି.ବିଂ. diligently.
**dill** ବି. ହଳଦିଆ ଫୁଲ ଏବଂ ସୁଗନ୍ଧିତ ପତ୍ର ଓ ମଞ୍ଜି ବିଶିଷ୍ଟ ଗୁଳ୍ମ (ଆଚାରରେ ବ୍ୟବହୃତ) ।
**dilly–dally** କ୍ରି. କ.ଭା. ଟାଳଟୁଳ କରିବା, ଗଡ଼ାଇବା, ବୃଥା ସମୟ ନଷ୍ଟ କରିବା ।
**dilute** 1. ସ.କ୍ରି. ପାଣି ମିଶାଇ ଅଧିକ ତରଳ କରିବା, ଗୁଣହ୍ରାସ କରିବା; 2. ବିଂ. ତରଳ, ମିଶ୍ରିତ; dilution ବି. ଗୁଣ ହ୍ରାସ କରଣ, ମିଶ୍ରଣ, ତରଳୀକୃତ ପଦାର୍ଥ ।
**diluvial** ବିଂ. ଜଳପ୍ଲାବନ ବା ବନ୍ୟା ସମ୍ପର୍କୀୟ ।
**dim** 1. ବିଂ. ଅସ୍ପଷ୍ଟ, ଅନୁଜ୍ଜ୍ୱଳ, ନିଷ୍ପ୍ରଭ, ମଳିନ; କ.ଭା. ନିର୍ବୋଧ; 2. କ୍ରି. ଅସ୍ପଷ୍ଟ କରିବା ବା ହେବା, ମଳିନ କରିବା ବା ହେବା; dim- wit କ.ଭା. ନିର୍ବୋଧ ବ୍ୟକ୍ତି; take a dim view of କ.ଭା. ପସନ୍ଦ ବା ସମର୍ଥନ ନ କରିବା ।
**dime** ବି. ଯୁକ୍ତରାଷ୍ଟ୍ର ଆମେରିକାରେ ବ୍ୟବହୃତ ଦଶ ସେଣ୍ଟ ମୂଲ୍ୟର ମୁଦ୍ରା, ଡଲାର୍‌ର ଏକଦଶମାଂଶ ।
**dimension** ବି. ପରିସର, ଆକାର, ଆୟତନ, ଘନତ୍ୱ; ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାର ପରିମାଣ; dimensional ବିଂ. ଆୟତନ ସମ୍ବନ୍ଧୀୟ ।
**diminish** କ୍ରି. ହ୍ରାସ କରିବା, ନ୍ୟୂନ କରିବା, ସମ୍ମାନହାନି କରାଇବା ।
**diminuendo** 1. କ୍ରି.ବିଂ. ସଂଗୀତରେ ସ୍ୱରର କ୍ରମିକ ହ୍ରାସ ସମ୍ପର୍କିତ; 2. ବି. ଉକ୍ତ ଭଙ୍ଗୀରେ ଗାନ କରାହେବା ଅଂଶ ।
**diminution** ବି. ହ୍ରାସ, ନ୍ୟୂନୀକରଣ, କ୍ଷୟ, ଅବନତି ।
**diminutive** 1. ବିଂ. ଅତିକ୍ଷୁଦ୍ର; କ୍ଷୁଦ୍ରତା ବାଚକ; 2. ବି. କ୍ଷୁଦ୍ରତାବାଚକ ଶବ୍ଦ ।
**dimple** 1. ବି. ହସିଲା କିମ୍ବା ବିଶେଷ ଭଙ୍ଗୀରେ କଥା କହିଲାବେଳେ ଗାଲରେ ପରିଦୃଷ୍ଟ କ୍ଷୁଦ୍ର ବର୍ତ୍ତୁଳାକୃତି କୁଞ୍ଚନ; 2. କ୍ରି.ବି. ଚିବୁକରେ କୁଂଚନ ବା ଖାଲ ସୃଷ୍ଟି ହେବା ।
**din** 1. ବି. କୋଳାହଳ, ବହୁଜନ ସମାବେଶ ଜନିତ ଦୀର୍ଘସ୍ଥାୟୀ ଶବ୍ଦ, ଗୋଳମାଳ; 2. ସ.କ୍ରି. ନଷ୍ଟ କରିଦେବା; ବାରମ୍ବାର କହି ଜଣାଇ ଦେବା ।
**dinar** ବି. ଦିନାର୍; ମଧ୍ୟପ୍ରାଚ୍ୟ, ଉତ୍ତର ଆଫ୍ରିକା ଏବଂ ଯୁଗୋସ୍ଲାଭିଆ ପ୍ରଭୃତି ଦେଶର ମୁଦ୍ରାବିଶେଷ ।
**dine** କ୍ରି. ଭୋଜନ କରିବା, ରାତ୍ରିଭୋଜନ କରିବା ବା ଦେବା; dine out ବାହାରେ ଖାଇବା; dining -car ରେଳଗାଡ଼ିର ଭୋଜନକକ୍ଷ ରୂପେ ବ୍ୟବହୃତ ଡବା; dining–room ଭୋଜନକକ୍ଷ ।
**diner** ବି. ଭୋଜନକାରୀ, ଭୋଜନ ନିମନ୍ତେ ନିମନ୍ତ୍ରିତ ବ୍ୟକ୍ତି, କ୍ଷୁଦ୍ର ଭୋଜନକକ୍ଷ ।
**ding–dong** 1. ବି. ଠଣଠଣ ଶବ୍ଦ, ଘଣ୍ଟାଧ୍ୱନି; 2. ବିଂ. (ପ୍ରତିଯୋଗିତା ସମ୍ପର୍କରେ) ଯେଉଁଥିରେ ପ୍ରତ୍ୟେକ ପ୍ରତିଯୋଗୀ ଥରଥର କରି ସୁଯୋଗ ପାଆନ୍ତି; 3. କ୍ରି.ବିଂ. ପୂରା ଦମ୍‌ରେ, ଖୁବ ଜୋର୍‌ରେ ।
**dinghy** ବି. ଛୋଟ ନୌକା, ଡଙ୍ଗା ।
**dingle** ବି. ଗଭୀର ଜଙ୍ଗଲାକୀର୍ଣ୍ଣ ଉପତ୍ୟକା ।
**dingo** ବି.(ବ.ବ. dingoes) ବନ୍ୟ କିମ୍ବା ଅର୍ଦ୍ଧପାଳିତ ଅଷ୍ଟ୍ରେଲୀୟ କୁକୁର ।
**dingy** ବିଂ. ବିବର୍ଣ୍ଣ, ଅପରିଚ୍ଛନ୍ନ, ମଳିନ; କ୍ରି.ବିଂ. dingily; dinginess ବି. ଅପରିଚ୍ଛନ୍ନତା ।
**dinky** ବିଂ. କ.ଭା. ପରିଚ୍ଛନ୍ନ, ଆକର୍ଷଣୀୟ, କ୍ଷୁଦ୍ର, ସୁନ୍ଦର ।
**dinner** ବି. ଦିନର ପ୍ରଧାନଭୋଜନ, ମଧ୍ୟାହ୍ନ ବା ରାତ୍ରିଭୋଜନ; ବ୍ୟକ୍ତି ବିଶେଷଙ୍କ ପାଇଁ ଉଦ୍ଦିଷ୍ଟ ଭୋଜନ ବ୍ୟବସ୍ଥା; dinner jacket

Digitized by srujanika@gmail.com

ପୁରୁଷମାନଙ୍କର ହାତକଟା କଳାକୋଟ, ଯାହା ସାନ୍ଧ୍ୟପୋଷାକ ରୂପେ ପିନ୍ଧାଯାଏ ।

**dinosaur** ବି. ଲୋପପାଇଥିବା ପ୍ରାଚୀନ ବୃହତ୍‌କାୟ ସରୀସୃପ ।

**dint** 1. ବି. ଆଘାତ, ପ୍ରହାର; 2. କ୍ରି. ଆଘାତର ଚିହ୍ନ କରିବା; 3. by dint of ବଳରେ, ପ୍ରଭାବରୁ ।

**diocese** ବି. ଖ୍ରୀଷ୍ଟଧର୍ମାଧକ୍ଷଙ୍କ ଅଧିକାରଭୁକ୍ତ ସ୍ଥାନ; diocesan ବି. ଏହି ସ୍ଥାନର ଶାସନ ସମ୍ପର୍କୀୟ ।

**diode** ବି. ଦୁଇଟି ବିଦ୍ୟୁତ୍ ଅଗ୍ରବିଶିଷ୍ଟ ତାପ ଆୟନୀୟ କପାଟିକା (thermionic valve).

**Dionysus** ବି. ଗ୍ରୀକ୍ ମାନଙ୍କର ସୁରା ଓ ଆମୋଦପ୍ରମୋଦର ଦେବତା; Dionysian ବିଂ. ଉଦ୍ଦାମ, କାମୁକ, ଅସଂଯତ ।

**dioptre** ବି. ଲେନ୍ସର ପ୍ରତିସରଣ ଶକ୍ତିର ଏକକ ।

**diorama** ବି. ଛିଦ୍ରପଥ ଦେଇ ଆଲୋକିତ ଚିତ୍ର ପ୍ରଦର୍ଶନ, ଏଥିରେ ଚିତ୍ରର ଦୈର୍ଘ୍ୟ ପ୍ରସ୍ଥ ସହ ବେଧ ମଧ୍ୟ ସୂଚିତ ହୁଏ; ଏକ ପ୍ରକାର ଚିତ୍ରଣ ଯହିଁରେ ଆଲୋକର ବର୍ଣ୍ଣ ଓ ତରଙ୍ଗ ସୂର୍ଯ୍ୟୋଦୟ ଭଳି ଦେଖାଯାଏ ।

**dioxide** ବି. ଯେଉଁ ଅମ୍ଳଜାନ ଜାରିତ ଧାତୁରେ ଦୁଇ ସମାନ ଭାଗ ଅମ୍ଳଜାନ ଓ ଏକ ଭାଗ ଧାତୁଥାଏ ।

**dip** 1. କ୍ରି. ତରଳପଦାର୍ଥରେ ବୁଡ଼ାଇବା, ବୁଡ଼ାଇ ଉଠାଇବା, ଏହିଭଳି ସୂତା ରଙ୍ଗାଇବା; ପାଣିରେ ବୁଡ଼ି ଉଠିବା, ତଳକୁ ଚାଲିଯିବା, ନୂଆଁଇ ପୁଣି ଉଠାଇବା, ଯାନର ପ୍ରଧାନ ଆଲୋକର ନିମ୍ନସ୍ଥ ସ୍ୱଚ୍ଛଜ୍ୟୋତିସମ୍ପନ୍ନ ଆଲୋକ, ଯାହା ଚକ୍ଷୁ ଝଲସାଇବାରୁ ରକ୍ଷାକରେ; ଗଡ଼ାଣିଆ; 2. ବି. ନିମଜ୍ଜନ; ତରଳପଦାର୍ଥ ଯେଉଁଥିରେ କିଛି ବୁଡ଼ାଯାଏ, *କ.ଭା.* ସମୁଦ୍ରସ୍ନାନ, ଗଡ଼ାଣି, ଢାଲୁ; ଖାଇବା ପୂର୍ବରୁ ଖାଦ୍ୟପଦାର୍ଥକୁ ବୁଡ଼ା ଯାଇଥିବା ଚଟଣି ବିଶେଷ; 3. dip-stick ତରଳ ପଦାର୍ଥର ଗଭୀରତା ମାପିବା ନିମନ୍ତେ ବ୍ୟବହୃତ ଦଣ୍ଡ, dip-switch ଯାନର ସ୍ୱଚ୍ଛ ଜ୍ୟୋତିସମ୍ପନ୍ନ ଆଲୋକ ନିୟନ୍ତ୍ରକ ସୁଇଚ୍ ।

**Dip. Ed.** *ସଂଶ.* Diploma in Education ଡିପ୍ଲୋମା ଇନ୍ ଏଡୁକେଶନ୍ ।

**diphtheria** ବି. ଗଳଝିଲ୍ଲୀର ପ୍ରଦାହ ସମେତ ଏକ ପ୍ରକାର କଣ୍ଠରୋଗ; ରୋହିଣୀ ରୋଗ ।

**diphthong** ବି. ଯୁକ୍ତସ୍ୱର, ଦ୍ୱିସ୍ୱର, ଉଦା. coin, loud, toy; ବିଂ. diphthongal.

**diploma** ବି. ଉପାଧିପତ୍ର, ଉପାଖ୍ୟା, ସ୍ନାତକ ବା ତଦୂର୍ଦ୍ଧ୍ୱ ସ୍ତରୀୟ ସାର୍ଟିଫିକେଟ୍ ।

**diplomacy** ବି. କୂଟନୀତି, ଦେଶ ଦେଶ ମଧ୍ୟରେ ସମ୍ପର୍କର ପରିଚାଳନା, ରାଜନୈତିକ କୌଶଳ ।

**diplomat** ବି. କୂଟନୈତିଜ୍ଞ, ରାଜନୀତିକୁଶଳ ବ୍ୟକ୍ତି, କୌଶଳୀ ବ୍ୟକ୍ତି ।

**diplomatic** ବିଂ. କୁଟ ରାଜନୀତି ସଂକ୍ରାନ୍ତ, କୂଟନୈତିକ, କୌଶଳୀ; diplomatic immunity ଦେଶର ବାହାରେ ନିଯୁକ୍ତ କୂଟନୀତିଜ୍ଞମାନଙ୍କ ପାଇଁ ବନ୍ଦୀହେବା ଏବଂ ଶୁଳ୍କ ଦେବା ପ୍ରଭୃତିରୁ ଅବ୍ୟାହତି; diplomatic service ଦେଶର ପ୍ରତିନିଧିତ୍ୱ କରିବା ନିମନ୍ତେ ବାହାର ଦେଶରେ ନିଯୁକ୍ତ କୂଟନୈତିକ ସେବାଦଳ ।

**diplomatist** ବି. କୂଟନୀତିଜ୍ଞ, କୌଶଳୀ ।

**dipper** ବି. ଆକାଶରୁ ପାଣି ଭିତରକୁ ଝାମ୍ପି ମାରୁଥିବା ଗାଙ୍ଗୋଇ ଜାତୀୟ ପକ୍ଷୀ; ଯାନରେ ବ୍ୟବହୃତ ସ୍ତିମିତ ଆଲୋକ ।

**dipso** ବି. ( ବ.ବ. dipsos) ମଦ୍ୟପାନ ନିମନ୍ତେ ଅଦମ୍ୟ ଇଚ୍ଛାସମ୍ପନ୍ନ ବ୍ୟକ୍ତି ।

**dipsomania** ବି. ମଦ୍ୟପାନ ନିମନ୍ତେ ଅଦମ୍ୟ ଇଚ୍ଛା; dipsomaniac ବି. ପାନାସକ୍ତ ବ୍ୟକ୍ତି ।

**dipterous** ବି. ଦୁଇଡେଣା ଥିବା ପତଙ୍ଗ ।

**diptych** ବି. ଏକ ପ୍ରକାର ଚିତ୍ର, ଏହା ଦୁଇଟି ସଂଲଗ୍ନ ଫଳକରେ ଅଙ୍କା ଯାଇଥାଏ ଏବଂ ବହିର ପୃଷ୍ଠାପରି ଖୋଲେ ।

**dire** ବିଂ. ଭୟଙ୍କର, ଦାରୁଣ, ଘୋର, ଅତିଶୟ ।

**direct** 1. ବିଂ. ସିଧାସଳଖ, ସରଳ, ପ୍ରତ୍ୟକ୍ଷ, ସ୍ପଷ୍ଟ, ଅକପଟ; ମୂଳବଂଶୋଦ୍ଭବ, ସମ୍ପୂର୍ଣ୍ଣ; 2. କ୍ରି.ବିଂ. ପ୍ରତ୍ୟକ୍ଷ ବା ସିଧା ସଳଖ ଭାବରେ, ଅନ୍ୟକୌଣସି ଆଡ଼େ ନ ଯାଇ; 3. *ସ.କ୍ରି.* ନିୟନ୍ତ୍ରଣ କରିବା, ଗତି ପରିଚାଳନା କରିବା, କାର୍ଯ୍ୟ ନିମନ୍ତେ ଆଦେଶ ଦେବା, ନିର୍ଦ୍ଦେଶ ଦେବା, ଉପଦେଷ୍ଟା ରୂପରେ ଦିଗ୍‌ଦର୍ଶନ ଦେବା, ବାଟ ଦେଖାଇବା; ଚିଠି ପତ୍ରାଦି ବାଣ୍ଟିବା ସମ୍ପର୍କରେ ସୂଚନା ଦେବା; ନାଟକ, ଚଳଚ୍ଚିତ୍ର ପ୍ରଭୃତିର ନିର୍ଦ୍ଦେଶନା ଦେବା; 4. direct action ପ୍ରତ୍ୟକ୍ଷ

Digitized by srujanika@gmail.com

କାର୍ଯ୍ୟାନୁଷ୍ଠାନ; direct current ଏକମୁଖୀ ବିଦ୍ୟୁତ୍‌ପ୍ରବାହ; direct-grant school ସରକାରଙ୍କଠାରୁ ସିଧା ଅନୁଦାନ ପାଉଥିବା ବିଦ୍ୟାଳୟ; direct speech *ବ୍ୟା.* କର୍ତ୍ତୃବାଚ୍ୟ; ଜଣକର ବକ୍ତବ୍ୟର ସିଧାସଳଖ ଉଦ୍ଧାର; direct tax ପ୍ରତ୍ୟକ୍ଷକର (ଯଥା ଆୟକର)।

**direction** *ବି.* ତତ୍ତ୍ୱାବଧାନ, ପରିଚାଳନା, ନିର୍ଦ୍ଦେଶନା, ଆଦେଶ; ଲକ୍ଷ୍ୟ, ଗତି, ଦିଗ, ଭ୍ରମଣପଥ।

**directional** *ବିଂ.* ଦିଗ ନିର୍ଦ୍ଦେଶ ସୂଚକ; ଗୋଟିଏ ଦିଗରୁ ବା ଦିଗକୁ ବେତାର ବାର୍ତ୍ତା ପ୍ରାପ୍ତି ବା ପ୍ରେରଣ।

**directive** 1. *ବି* ସାଧାରଣ ନିର୍ଦ୍ଦେଶ ବା ଉପଦେଶ; 2. *ବିଂ.* ଉପଦେଶମୂଳକ, ନିର୍ଦ୍ଦେଶାତ୍ମକ।

**directly** *କ୍ରି.ବିଂ.* ସିଧା, ସୂକ୍ଷ୍ମ ବା ପ୍ରତ୍ୟକ୍ଷ ଭାବରେ; ଯଥାଶୀଘ୍ର, ବିଳମ୍ବ ନ କରି।

**director** *ବି.* ପରିଚାଳକ, ଅଧ୍ୟକ୍ଷ; (ସିନେମା ବା ନାଟକର) ନିର୍ଦ୍ଦେଶକ; କୌଣସି ଯୌଥ କାରବାରର ପରିଚାଳକ; ଆଧାତ୍ମିକ ଦିଗ୍‌ଦର୍ଶକ; directorial *ବିଂ.* ନିର୍ଦ୍ଦେଶନା ସମ୍ପର୍କୀୟ; directorship *ବି.* ନିର୍ଦ୍ଦେଶକତ୍ୱ; directress *ବି.* ଅଧ୍ୟକ୍ଷା।

**directorate** *ବି.* ନିର୍ଦ୍ଦେଶାଳୟ; ପରିଚାଳନା ବୋର୍ଡ଼ (ସଞ୍ଚାଳକବର୍ଗ)।

**directory** *ବି.* ଟେଲିଫୋନ୍ ଗ୍ରାହକ ମାନଙ୍କର ବିବରଣୀ ସମ୍ବଳିତ ପୁସ୍ତିକା; ଜ୍ଞାତବ୍ୟ ବା ବିବରଣୀ ପତ୍ରିକା।

**dirge** *ବି.* ମୃତକର ବିୟୋଗରେ ଧୀରଗତି ବିଶିଷ୍ଟ ଶୋକାତ୍ମକ ସଂଗୀତ, ଶୋକ ସଂଗୀତ।

**dirigible** 1. *ବିଂ.* ପରିଚାଳନୀୟ, ବାହନୀୟ; 2. *ବି.* ଯେଉଁ ବିମାନ ବା ବେଲୁନ୍‌କୁ ଇଚ୍ଛାନୁଯାୟୀ ଆକାଶରେ ଚଳାଯାଇ ପାରେ।

**dirk** *ବି.* ଏକପ୍ରକାର ଛୁରିକା।

**dirndl** *ବି.* ନାରୀମାନଙ୍କର ଅଣ୍ଟାଚିପା ସ୍କାର୍ଟ୍।

**dirt** *ବି.* ମଇଳା, ଆବର୍ଜ୍ଜନା, ମାଟି, ଅଶ୍ଳୀଳ କଥା, ଅପରିଚ୍ଛନ୍ନତା; dirtcheap *କ.ଭା.* ଅତ୍ୟନ୍ତ ଶସ୍ତା; dirt-track ମାଟି ପ୍ରସ୍ତୁତ ଚଉଡ଼ା ରାସ୍ତା; do person dirt *ବା.ପ୍ର.* କ୍ଷତି ବା ଅପମାନିତ କରିବା, treat person like dirt ଦୁର୍ବ୍ୟବହାର କରିବା।

**dirty** 1. *ବିଂ.* ଅପରିଷ୍କୃତ, ମଇଳାଭରି, ଅଶ୍ଳୀଳ, କଳୁଷିତ, ଅପ୍ରୀତିକର; (ପାଗ ସମ୍ପର୍କରେ) ମେଘୁଆ ବା ତୋଫାନିଆ; (ରଙ୍ଗ ସମ୍ପର୍କରେ) ଅସ୍ପଷ୍ଟ; 2. *କ୍ରି.* ମଇଳା ବା ମଳିନ କରିବା; 3. dirtily *କ୍ରି.ବିଂ.* ମଳିନ ଭାବରେ; dirty look *କ.ଭା.* ବିରକ୍ତିପୂର୍ଣ୍ଣ ଦୃଷ୍ଟି; dirty money ଅନ୍ୟାୟ ବା ମଇଳା କାର୍ଯ୍ୟ କରାଇବା ନିମନ୍ତେ ପ୍ରଦତ୍ତ ଅର୍ଥ; dirty word ଅଶ୍ଳୀଳ ଶବ୍ଦ, ବର୍ଜ୍ଜ୍ୟ ଶବ୍ଦ ; do the dirty on ହୀନ କୌଶଳ ଅବଲମ୍ବନ କରିବା; *କ୍ରି.ବିଂ.* dirtily; dirtiness *ବି.* ଅପରିଚ୍ଛନ୍ନତା।

**dis-** *ପୂ.ପ୍ର.* ବିପରୀତାର୍ଥ ବୋଧକ, ଉଦା. disapproval, disadvantage; ସଂପୂର୍ଣ୍ଣତା ସୂଚକ. ଉଦା. dissolve, dispose.

**disability** *ବି.* ଅସାମର୍ଥ୍ୟ, ଅକ୍ଷମତା, ଅପାରଗତା।

**disable** *ସ.କ୍ରି.* ଅକ୍ଷମ ବା ଅସମର୍ଥ କରିବା, ଅକର୍ମଣ୍ୟ କରିବା, ଅଯୋଗ୍ୟ କରିବା, ପଙ୍ଗୁ କରିବା; disablement *ବି.* ଅଙ୍ଗହାନି।

**disabled** *ବିଂ.* ପଙ୍ଗୁ, ଅକର୍ମଣ୍ୟ, ଅକ୍ଷମ।

**disabuse** *ସ.କ୍ରି.* ଭ୍ରାନ୍ତି ଦୂର କରିବା, ଭ୍ରମମୁକ୍ତ କରିବା।

**disadvantage** 1. *ବି.* ଅସୁବିଧା, ପ୍ରତିକୂଳ ଅବସ୍ଥା, ଅନ୍ୟର ସମ୍ମାନହାନି ବା ଅପକାର; 2. *କ୍ରି.* ଅସୁବିଧାରେ ପକାଇବା; disadvantageous *ବିଂ.* ଅସୁବିଧା ଜନକ, ପ୍ରତିକୂଳ, disadvantaged *ବିଂ.* ପ୍ରତିକୂଳ ଅବସ୍ଥାରେ।

**disaffected** *ବିଂ.* ଅସନ୍ତୁଷ୍ଟ, ବିଦ୍ରୋହୀ, ଅନନୁଗତ; *ବି.* disaffection.

**disagree** *ଅ.କ୍ରି.* ଅସମ୍ମତ ହେବା, ଭିନ୍ନମତ ପୋଷଣ କରିବା, ଖାପ ନ ଖାଇବା; disagree with ଭିନ୍ନମତ ପୋଷଣ କରିବା, ଦେହରେ ନ ଯିବା; disagreement *ବି.* ମତାନୈକ୍ୟ, ମତଭେଦ, ମତାନ୍ତର।

**disagreeable** *ବିଂ.* ଅପ୍ରୀତିକର, ବିରକ୍ତିକର, ଅନୁପଯୋଗୀ; ଚିଡ଼ିଚିଡ଼ା।

**disallow** *ସ.କ୍ରି.* ନାମଞ୍ଜୁର କରିବା, ଅନୁମତି ନ ଦେବା, ନିଷେଧ କରିବା, ଠିକ୍ ବା ଉପଯୁକ୍ତ ବୋଲି ସ୍ୱୀକାର ନ କରିବା।

**disappear** *ଅ.କ୍ରି.* ଅଦୃଶ୍ୟ ହେବା, ଅନ୍ତର୍ଦ୍ଧାନ ହେବା, ଲୁଚିଯିବା, ତିରୋହିତ ହେବା; disappearance *ବି.* ଅନ୍ତର୍ଦ୍ଧାନ, ତିରୋଧାନ।

Digitized by srujanika@gmail.com

**disappoint** ସ. କ୍ରି. ହତାଶ କରିବା, ଆଶାଭଙ୍ଗ କରିବା, ନିରାଶ କରିବା ।

**disappointment** ବି. ନୈରାଶ୍ୟ, ନିରାଶକାରୀ ବ୍ୟକ୍ତି ବା ନୈରାଶ୍ୟଜନିତ ବସ୍ତୁ ବା ଘଟଣା ।

**disapprobation** ବି. ଅନନୁମୋଦନ, ପ୍ରତିକୂଳମତ, ନିନ୍ଦା, ଅଶ୍ରଦ୍ଧା, ଘୃଣା ।

**disapprove** କ୍ରି. ଅନୁମୋଦନ ନ କରିବା, ପ୍ରତିକୂଳ ମତ ଦେବା, ନାମଞ୍ଜୁର କରିବା, ଅଗ୍ରାହ୍ୟ କରିବା; disapproval ବି. ଅନନୁମୋଦନ, ନାପସନ୍ଦ ।

**disarm** କ୍ରି. ନିରସ୍ତ୍ର କରିବା, ଅସ୍ତ୍ରଛଡ଼ାଇ ନେବା; ଅରକ୍ଷିତ ଅବସ୍ଥାକୁ ଆଣିବା; ଦମନ କରିବା; ସନ୍ଦେହ ମୋଚନ କରିବା; ଶତ୍ରୁଭାବ ଦୂର କରିବା ।

**disarmament** ବି. ନିରସ୍ତ୍ରୀକରଣ ।

**disarrange** ସ.କ୍ରି. ବିଶୃଙ୍ଖଳ କରିବା, ଅବିନ୍ୟସ୍ତ କରିବା; disarrangement ବି. ବିଶୃଙ୍ଖଳା ।

**disarray** 1. ବି. ବିଶୃଙ୍ଖଳା; 2. ସ.କ୍ରି. ବିଶୃଙ୍ଖଳ କରିବା ।

**disassociate** କ୍ରି.ଦ୍ର. dissociate.

**disaster** ବି. ବିପତ୍ତି, ଦୁର୍ଘଟଣା, ବିପର୍ଯ୍ୟୟ, ସଂପୂର୍ଣ୍ଣ କ୍ଷତି; disastrous ବିଂ. ବିପଦପୂର୍ଣ୍ଣ, ବିପଜ୍ଜନକ, ଦୁର୍ଭାଗ୍ୟପୂର୍ଣ୍ଣ, ଦୁଃଖକର ।

**disavow** ସ.କ୍ରି. ଅସ୍ୱୀକାର କରିବା, ଦାୟିତ୍ୱ ଏଡ଼ାଇବା; disavowal ବି. ଅସ୍ୱୀକାର ।

**disband** କ୍ରି. (ଦଳ ସଂପର୍କରେ) ଦଳ ଭାଙ୍ଗିଦେବା; ଅବ୍ୟାହତି ଦେବା; ବି. disbandment.

**disbar** ସ.କ୍ରି. (ବାରିଷ୍ଟର ବା ଓକିଲଙ୍କ) ଓକିଲାତି କରିବାର ଅଧିକାରରୁ ବଞ୍ଚିତ ବା ବହିଷ୍କାର କରିବା; ବି. disbarment.

**disbelieve** ସ.କ୍ରି. ଅବିଶ୍ୱାସ କରିବା, ପ୍ରତ୍ୟୟ ନ ଯିବା, ସନ୍ଦେହ ପ୍ରକାଶ କରିବା ।

**disburden** ସ.କ୍ରି. ଭାରମୁକ୍ତ କରିବା, ବୋଝ ଖଲାସ କରିବା ।

**disburse** ସ.କ୍ରି. ବ୍ୟୟ କରିବା, ଖର୍ଚ୍ଚ କରିବା, ବାଣ୍ଟିବା; disbursememnt ବି. ବ୍ୟୟକରଣ, ବ୍ୟୟିତ ଅର୍ଥ; disbursal ବି. ବଣ୍ଟନ ।

**disc** ବି. ଚକ୍ର, ଚକି, ଗୋଲାକାର ବସ୍ତୁର ସମତଳ ଉପର ଭାଗ, ଗ୍ରାମୋଫୋନ ରେକର୍ଡ଼ ।

**discard** 1. ସ.କ୍ରି. ତ୍ୟାଗ କରିବା, ଆଡ଼େଇ ଦେବା, ପ୍ରତ୍ୟାଖ୍ୟାନ କରିବା; 2. ବି. ପରିତ୍ୟାଗ, ପରିତ୍ୟକ୍ତ ବସ୍ତୁ ।

**discern** ସ.କ୍ରି. ଦୃଷ୍ଟି ବା ବୁଦ୍ଧିଦ୍ୱାରା ଜାଣି ପାରିବା, ପ୍ରଭେଦ ବାରି ପାରିବା ।

**discerning** ବିଂ. ଅନ୍ତର୍ଦୃଷ୍ଟି ବା ବିଚାରଶକ୍ତି ସମ୍ପନ୍ନ ।

**discernment** ବି. ସୂକ୍ଷ୍ମ ବିଚାର ବୁଦ୍ଧି; ଅନ୍ତର୍ଦୃଷ୍ଟି ।

**discharge** 1. କ୍ରି. ପଦଚ୍ୟୁତ କରିବା, ବରଖାସ୍ତ କରିବା, ବିଦାୟ ଦେବା, (କାର୍ଯ୍ୟ) ସମ୍ପାଦନ କରିବା, ନିଷ୍କୃତି ଦେବା; ମୁକ୍ତି ଦେବା (ବନ୍ଦୀ ପ୍ରଭୃତିଙ୍କୁ), ଯିବାକୁ ଅନୁମତି ଦେବା (ରୋଗୀ ପ୍ରଭୃତିଙ୍କୁ), ଋଣମୁକ୍ତ କରିବା; ଫୁଟାଇବା (ବନ୍ଧୁକ); ତଡ଼ିତ୍ ଶକ୍ତି ନିଃସରଣ କରିବା; (ଜାହାଜରୁ) ମାଲ ଖଲାସ କରିବା; 2. ବି. ଭାରାବତରଣ, ଭାରମୋଚନ, ଦାୟିତ୍ୱରୁ ମୁକ୍ତି, ଦୋଷରୁ ମୁକ୍ତିଲାଭ, ଏଥି ନିମନ୍ତେ ପ୍ରମାଣ ପତ୍ର, ତଡ଼ିତ୍ ଶକ୍ତିର ନିଃସରଣ, କାର୍ଯ୍ୟ ସମ୍ପାଦନ, ଋଣ ପରିଶୋଧ ।

**disciple** ବି. ଶିଷ୍ୟ, ଛାତ୍ର, ଅନୁବର୍ତ୍ତୀ, ଭକ୍ତ; ଖ୍ରୀଷ୍ଟଙ୍କର ଉପାସକ ।

**disciplinarian** ବି. ଶୃଙ୍ଖଳା ରକ୍ଷାକାରୀ ବା ଶୃଙ୍ଖଳାରେ ବିଶ୍ୱାସୀ ।

**disciplinary** ବିଂ. ଶୃଖଳାଗତ, ଶୃଙ୍ଖଳା ସମ୍ବନ୍ଧୀୟ ।

**discipline** 1. ବି. ନୈତିକ ଓ ମାନସିକ ଶିକ୍ଷା, ସଂଯମ, ଅନୁଶାସନ, ଶୃଙ୍ଖଳା, ଶାସ୍ତି, ଶିକ୍ଷା ଓ ଜ୍ଞାନର ବିଭାଗ, ଆଚରଣ ବିଧି; 2. ସ.କ୍ରି. ଶୃଙ୍ଖଳା ସମ୍ବନ୍ଧରେ ଶିକ୍ଷାଦେବା, ନିୟମାଧୀନ କରିବା, ଦଣ୍ଡଦେବା ।

**disclaim** ସ.କ୍ରି. ଦାବି ପରିହାର କରିବା, ନିଜର ନୁହେଁ ବୋଲି କହିବା, ଅସ୍ୱୀକାର କରିବା, ଦାୟିତ୍ୱ ଏଡ଼ାଇଯିବା ।

**disclaimer** ବି. ଦାବିପରିତ୍ୟାଗ ଘୋଷଣା; ସ୍ୱତ୍ୱତ୍ୟାଗ, ଦାବି ପରିତ୍ୟାଗକାରୀ ।

**disclose** ସ.କ୍ରି. ପ୍ରକାଶ କରିବା, ଉନ୍ମୋଚନ କରିବା, ଦେଖାଇ ଦେବା; ବି. disclosure.

**disco** ବି. (ବ.ବ. discos) ସଂକ୍ଷି. discotheque କ୍ରି. ଡିସ୍କୋ ସଙ୍ଗୀତରେ ନୃତ୍ୟ କରିବା ।

**discolour** କ୍ରି. ବିବର୍ଣ୍ଣ କରିବା ବା ରଙ୍ଗ ବଦଳାଇ ଦେବା, ଦାଗଯୁକ୍ତ କରିବା; ବି. discoloration.

**discomfit** ସ.କ୍ରି. ଅପ୍ରସ୍ତୁତ କରିବା, ବ୍ୟର୍ଥ କରିବା, ପଣ୍ଡ କରିବା; ନୈରାଶ୍ୟ ଜର୍ଜରିତ କରିବା ।

Digitized by srujanika@gmail.com

**discomfort** 1. ବି. ଆରାମର ଅଭାବ, ଅସୁବିଧା, ଯାହା ଅସୁବିଧା କରାଏ; 2. କ୍ରି. ଅସୁବିଧା ଘଟାଇବା ।

**discompose** ସ.କ୍ରି. ମନକୁ ଆନ୍ଦୋଳିତ କରିବା, ବିକ୍ଷୁବ୍ଧ କରିବା, ବ୍ୟାକୁଳ କରିବା; discomposure ବି. ଆଲୋଡ଼ନ, (ମାନସିକ) ଅସ୍ଥିରତା, ଉଦ୍‌ବେଗ ।

**disconcert** ସ.କ୍ରି. ଆତ୍ମପ୍ରତ୍ୟୟ ନଷ୍ଟ କରିବା, ମାନସିକ ଅଶାନ୍ତି ଘଟାଇବା ।

**disconnect** ସ.କ୍ରି. ପୃଥକ୍ କରିବା, ସଂଯୋଗ ଛିନ୍ନ କରିବା; ବି. disconnection.

**disconnected** ବିଂ. ବିଚ୍ଛିନ୍ନ, ଅସଂଲଗ୍ନ (ବିଶେଷତଃ ରଚନା ଓ ଭାଷଣରେ) ।

**disconsolate** ବିଂ. ଅତିଦୁଃଖିତ, ଶୋକାକୁଳ, ବିଷାଦଗ୍ରସ୍ତ ।

**discontent** 1. ବି. ଅସନ୍ତୋଷ, ଅଭିଯୋଗ, ଅଶାନ୍ତି; 2. ସ.କ୍ରି. ଅସନ୍ତୁଷ୍ଟ କରିବା; ବି. discontentment.

**discontented** ବିଂ. ଅସନ୍ତୁଷ୍ଟ, ଅତୃପ୍ତ ।

**discontinue** କ୍ରି ଛାଡ଼ିଦେବା, ପରିତ୍ୟାଗ କରିବା, ବନ୍ଦ କରିବା ବା କରାଇବା, ସ୍ଥଗିତ କରିବା; ବି. discontinuance.

**discontinuous** ବିଂ. ବିଚ୍ଛିନ୍ନ, କ୍ରମହୀନ, (ସ୍ଥାନକାଳ ସଂପର୍କରେ) ସବିରାମ; ବି. discontinuity.

**discord** ବି. ଅନୈକ୍ୟ, ଅସଙ୍ଗତି, ଅମେଳ, ସଂଘର୍ଷ, ଶ୍ରୁତିକଟୁ ଧ୍ୱନି ।

**discordant** ବିଂ. ବେସୁରା, ଅସମଞ୍ଜସ, ବିଷମ, କର୍କଶ, ଶ୍ରୁତିକଟୁ; ବି. discordance.

**discotheque** ବି. ନୃତ୍ୟଶାଳା ।

**discount** 1. ବି. ଛାଡ଼, ରିହାତି, ଦସ୍ତୁରୀ; 2. ସ.କ୍ରି. ଆଂଶିକ ବା ସମ୍ପୂର୍ଣ୍ଣ ରୂପରେ ଅସମ୍ମାନ କରିବା, ଅଗ୍ରାହ୍ୟ କରିବା, ରିହାତି ଦେଇ ହୁଣ୍ଡି ଭଙ୍ଗାଇଦେବା, ମୂଲ୍ୟହ୍ରାସ କରିବା; at a discount ନ୍ୟାଯ୍ୟ ମୂଲ୍ୟରୁ କମ୍‌ରେ ।

**discountenance** ସ.କ୍ରି. ଅନୁମୋଦନ କରିବାକୁ ଅସ୍ୱୀକାର କରିବା, ହତୋତ୍ସାହ କରିବା ।

**discourage** ସ.କ୍ରି. ହତୋତ୍ସାହ କରିବା, ନାପସନ୍ଦ କରିବା, ପ୍ରଶ୍ରୟ ନ ଦେବା, ନିବର୍ତ୍ତାଇବା; ବି. discouragement

**discourse** 1. ବି. କଥୋପକଥନ, ଭାଷଣ, ବ୍ୟାଖ୍ୟାନ, 2. ଅ.କ୍ରି. କଥୋପକଥନ କରିବା, ଆଲୋଚନା କରିବା, ବ୍ୟାଖ୍ୟା କରିବା, ବକ୍ତୃତା ଦେବା ।

**discourteous** ବିଂ. ଅଶିଷ୍ଟ, ସୌଜନ୍ୟହୀନ; ବି. discourtesy.

**discover** ସ.କ୍ରି. ଆବିଷ୍କାର କରିବା, ବାହାର କରିବା, ଲୋକଦୃଷ୍ଟିକୁ ଆଣିବା, ଚେଷ୍ଟା କରି ବା ଦୈବବଶତଃ କୌଣସି ବିଷୟ ଜାଣିବା ବା ଖୋଜି ପାଇବା ।

**discovery** ବି. ଆବିଷ୍କାର, ଆବିଷ୍କୃତ ବିଷୟ ବା ବସ୍ତୁ ।

**discredit** 1. ସ.କ୍ରି. ସୁନାମ ନଷ୍ଟ କରିବା, ଦୁର୍ନାମ କରିବା, ଅଖ୍ୟାତି କରିବା, ଅବିଶ୍ୱାସ କରିବା; 2. ବି. ଅପଯଶ, ଦୁର୍ନାମ, ଅଖ୍ୟାତି ।

**discreditable** ବିଂ. ଲଜ୍ଜାଜନକ, ଅଖ୍ୟାତିକର, କ୍ରି.ବିଂ. discreditably.

**discreect** ବିଂ. (କଥା ଓ କାମରେ) ସତର୍କ, ଜଗିରଖି, ବିଚାରଶୀଳ, ବିଜ୍ଞ ।

**discrepancy** ବି. ଅନୈକ୍ୟ, ଅମେଳ, ପାର୍ଥକ୍ୟ; discrepant ବିଂ. ସଂଗତିହୀନ, ସାମଞ୍ଜସ୍ୟହୀନ ।

**discrete** ବିଂ. ପୃଥକ୍, ସ୍ୱତନ୍ତ୍ର, ଅସଂଲଗ୍ନ ।

**discretion** ବି. ସଦ୍‌ବିବେଚନା, ବିଜ୍ଞତା, ବିଚାର, ପରିଣାମଦର୍ଶିତା, ନିଜ ବିଚାର ଅନୁସାରେ କାର୍ଯ୍ୟ କରିବାର ସ୍ୱାଧୀନତା ବା ଅଧିକାର; discretionary ବିଂ. ଇଚ୍ଛାଧୀନ, ବିବେଚନାଧୀନ, ଅବାରିତ ।

**discriminate** କ୍ରି. ପ୍ରଭେଦ ଦେଖାଇବା ବା କରିବା, ପୃଥକ୍ ବ୍ୟବହାର ଦେଖାଇବା ବା କରିବା; discrimination ବି. ପାତର ଅନ୍ତର ବିଚାର, ପ୍ରଭେଦ, ବିଭେଦ; ବିଂ. discriminatory.

**discriminating** ବିଂ. ବିବେଚନା ସଂପନ୍ନ, ସୂକ୍ଷ୍ମଦୃଷ୍ଟି ସଂପନ୍ନ ।

**discursive** ବିଂ. ଏକ ବିଷୟରୁ ବିଷୟାନ୍ତରଗାମୀ, ମୂଳ ବିଷୟକୁ ଛାଡ଼ି ଅପ୍ରାସଂଗିକ ବିଷୟ ଅବତାରଣ କରୁଥିବା ।

**discus** ବି. ଡିସ୍‌କସ୍; ଚକ୍ରାକାର ଖେଳ ସରଞ୍ଜାମ, ଏହାର ମଝି ମୋଟା ଓ ଧାର ପତଳା ।

Digitized by srujanika@gmail.com

**discuss** ସ.କ୍ରି. ଆଲୋଚନା କରିବା, ବାଦାନୁବାଦ କରିବା, ବିଚାର କରିବା; ବି. discussion.

**disdain** 1. ସ.କ୍ରି. ଘୃଣାକରିବା, ତୁଚ୍ଛ ମନେକରିବା, ଅବଜ୍ଞା କରିବା; 2. ବି. ଅବଜ୍ଞା, ଘୃଣା; disdainful ବିଂ. ଅବଜ୍ଞାପୂର୍ଣ୍ଣ, ଘୃଣାସୂଚକ; କ୍ରି.ବିଂ. disdainfully.

**disease** ବି. ରୋଗ, ବ୍ୟାଧି, ଶାରୀରିକ ବା ମାନସିକ ଅସୁସ୍ଥତା।

**diseased** ବିଂ. ରୁଗ୍ଣ, ବ୍ୟାଧିଗ୍ରସ୍ତ, ବିକୃତ।

**disembark** କ୍ରି. ଜାହାଜ ବା ଉଡ଼ାଜାହାଜରୁ ବା ବିମାନଘାଟୀରେ ଅବତରଣ କରିବା ବା କରାଇବା, ଓହ୍ଲାଇବା; disembarkation ବି. ଅବତରଣ।

**disembarass** ସ. କ୍ରି. ଜଟିଳ ବା ଅପ୍ରୀତିକର ଅବସ୍ଥାରୁ ମୁକ୍ତ କରିବା, ହଇରାଣରୁ ରକ୍ଷା କରିବା; ବି. disembarassment.

**disembody** ସ.କ୍ରି. (ଆତ୍ମାକୁ) ଦେହମୁକ୍ତ କରିବା, ଦେହରୁ ଅଲଗା କରିବା, ପ୍ରମୂର୍ତ୍ତ ଅବସ୍ଥାରୁ ଅମୂର୍ତ୍ତ ଅବସ୍ଥାକୁ ଆଣିବା; disembodiment ବି. ଦେହମୁକ୍ତ ଅବସ୍ଥା।

**disembowel** ସ.କ୍ରି. ଅନ୍ତ ବାହାର କରିବା; disembowelment ବି. ଅନ୍ତ୍ରାପସାରଣ।

**disenchant** ସ.କ୍ରି. ମନ୍ତ୍ରପ୍ରଭାବରୁ ମୁକ୍ତ କରିବା, ଗୁଣିଗାରେଡ଼ି ଛଡ଼ାଇବା, ମୋହ ଦୂରକରିବା; disenchantment ବି. ମୋହବିମୋଚନ, ମୋହମୁକ୍ତି।

**disencumber** ସ.କ୍ରି. ଭାର ବା ଦାୟିତ୍ୱରୁ ମୁକ୍ତ କରିବା।

**disengage** କ୍ରି. ବିଚ୍ଛିନ୍ନ ବା ପୃଥକ୍ କରିବା, ବନ୍ଧନମୁକ୍ତ କରିବା; ଶିଥିଳ କରିବା, ଉଦାସୀନ ହେବା, ବାଗ୍‌ଦାନ ରହିତ କରିବା; ବି. disengagement.

**disengaged** ବିଂ. ଅବସରପ୍ରାପ୍ତ, ଅସଂପୃକ୍ତ, ଉଦାସୀନ।

**disentangle** କ୍ରି. ଗ୍ରନ୍ଥିମୋଚନ କରିବା, ଜଡ଼ିତ ଅବସ୍ଥାରୁ ମୁକ୍ତ କରିବା, ଗୋଳମାଳରୁ ମୁକ୍ତ କରିବା; ବି. disentanglement.

**disestablish** ସ.କ୍ରି. କୌଣସି ପ୍ରତିଷ୍ଠାନକୁ ଭାଙ୍ଗିଦେବା, ଧର୍ମ ସଂଘ ସହିତ ସରକାରୀ ସମ୍ପର୍କ ତୁଟାଇ ଦେବା; ବି. disestablishment.

**disfavour** 1. ବି. ଅନନୁଗ୍ରହ, ବିରାଗ, ଅନାଦର, ଅଶ୍ରଦ୍ଧା; 2. କ୍ରି. ଅନାଦର ବା ଅଶ୍ରଦ୍ଧା କରିବା।

**disfigure** ସ.କ୍ରି. ବିରୂପ ବା ବିକୃତ କରିବା, ସୌନ୍ଦର୍ଯ୍ୟ ନଷ୍ଟ କରିବା; ବି. disfigurement.

**disfranchise** ସ.କ୍ରି. ନାଗରିକ ଅଧିକାରରୁ ବଂଚିତ କରିବା, ଭୋଟାଧିକାର ବା ନିର୍ବାଚନ କ୍ଷମତାରୁ ରହିତ କରିବା; disfranchisement ବି. ନାଗରିକ ଅଧିକାର ଉଚ୍ଛେଦ।

**disgorge** ସ.କ୍ରି. ଉଦ୍‌ଗୀରଣ କରିବା, ବମନ କରିବା।

**disgrace** 1. ବି. କଳଙ୍କ, ଅଖ୍ୟାତି, ନିନ୍ଦା, ଲଜ୍ଜା, ଅପମାନ, ଅସମ୍ମାନ, ଲାଞ୍ଛନା; 2. ସ.କ୍ରି. ଲାଞ୍ଛିତକରିବା, ଅପମାନ ଦେବା, ଲଜ୍ଜାଦେବା, ନାଁ ପକାଇବା।

**disgraceful** ବିଂ. ଲଜ୍ଜାଜନକ, ଅପମାନଜନକ, ମର୍ଯ୍ୟାଦାହାନିକର।

**disgruntle** ସ.କ୍ରି. ହତାଶ, ଅସନ୍ତୁଷ୍ଟ ବା ବିରକ୍ତ କରିବା; disgruntled ବିଂ. ଅଭିମାନଭରା ନୈରାଶ୍ୟ ଜର୍ଜରିତ।

**disguise** 1. ସ.କ୍ରି. ଛଦ୍ମବେଶ ଧାରଣ କରିବା, ଚିହ୍ନା ନ ପଡ଼ିବା, ଲୁଚିବା, ଢାକିବା; 2. ବି. କପଟବେଶ, ଛଦ୍ମବେଶ ବା ଛଦ୍ମ ଅବସ୍ଥା।

**disgust** 1. ବି. ବିରକ୍ତି, ନୈରାଶ୍ୟ, ବିରାଗ, ଅସନ୍ତୋଷ; 2. ସ.କ୍ରି. ବିରକ୍ତ କରିବା, ବିରକ୍ତି ଜନ୍ମାଇବା।

**dish** 1. ବି. ଥାଳି, ଥାଳିଆ; ତରକାରୀ ପ୍ରଭୃତି ଯେ କୌଣସି ଖାଦ୍ୟ; ବ.ବ. ଅଇଁଠା ବାସନ; କ.ଭା. ସୁନ୍ଦରୀ ଯୁବତୀ, 2. କ୍ରି. ଥାଳିଭଳି ରୂପଦେବା; କ.ଭା. ପରାସ୍ତ କରିବା, ବିଫଳ କରିବା, ବୁଦ୍ଧିରେ ଅତିକ୍ରମ କରିଯିବା; dish out ଯଦୃଚ୍ଛା ବିତରଣ କରିବା; dish up ଥାଳିରେ ପରିବେଷଣ ନିମନ୍ତେ ଖାଦ୍ୟ ରଖିବା; dish–water ବାସନ ଧୁଆଯାଇଥିବା ପାଣି।

**dishabille** ବି. deshabille ଦ୍ର.।

**disharmony** ବି.ଅନୈକ୍ୟ, ଅମେଳ, ବିରୋଧ, ସ୍ୱରବୈଷମ୍ୟ; ବିଂ. disharmonious.

**dishcloth** ବି. ବାସନ କୁସନ ପୋଛିବା ପାଇଁ ବ୍ୟବହୃତ କନା।

**dishearten** ସ.କ୍ରି. ହତୋତ୍ସାହ କରିବା, ଆଶାଭଙ୍ଗ କରିବା, ନିରୁତ୍ସାହିତ କରିବା; ବି. disheartenment.

Digitized by srujanika@gmail.com

**dishevelled** ବି°. ମୁକୁଳା ହୋଇଥିବା, ଆଲୁଳାୟିତ, ବିଶୃଙ୍ଖଳ ବା ଅପରିଚ୍ଛନ୍ନ; ବି. dishevelment.

**dishonest** ବି°. ଅସାଧୁ, ଠକ; ବି. dishonesty.

**dishonour** 1. ବି. ଅସମ୍ମାନ, ଲଜ୍ଜା ବା ନିନ୍ଦା; 2. ସ.କ୍ରି. ଅପମାନ ଦେବା, ମର୍ଯ୍ୟାଦାହାନି କରିବା, କଳଙ୍କିତ କରିବା, ଗ୍ରହଣ କରିବାକୁ ବା ମୂଲ୍ୟ ଦେବାକୁ ମନାକରିବା (ଚେକ୍ ପ୍ରଭୃତି)।

**dishonourable** ବି°. ଲଜ୍ଜାଜନକ, ଅପମାନଜନକ, ନିନ୍ଦନୀୟ, କ୍ରି.ବି°. dishonourably.

**dishwasher** ବି. ବାସନ ଧୁଆ ଯନ୍ତ୍ର।

**dishy** ବି°.କ.ଭା. ଅତ୍ୟନ୍ତ ଆକର୍ଷଣୀୟ।

**disillusion** 1. ସ.କ୍ରି. ଭ୍ରାନ୍ତି ଦୂର କରିବା, ମୋହମୁକ୍ତ କରିବା; 2. ବି. ମୋହମୁକ୍ତି, ଭ୍ରାନ୍ତି ଅପନୋଦନ; ବି. disillusionment.

**disincentive** ବି. ସୁଚିନ୍ତିତ କାର୍ଯ୍ୟ ପ୍ରଣାଳୀକୁ ନିରୁତ୍ସାହିତ କରୁଥିବା ବିଷୟ ବା ଉପାଦାନ।

**disincline** ସ.କ୍ରି. ବିତୃଷ୍ଣା ଜନ୍ମାଇବା, ବିମୁଖ କରାଇବା, ବୀତଶ୍ରଦ୍ଧ କରିବା; ବି. disinclination.

**disinfect** ସ.କ୍ରି. ବିଶୋଧନ କରିବା, ଜୀବାଣୁମୁକ୍ତ କରିବା; ବି. disinfection.

**disinfectant** 1. ବି°. ବିଶୋଧକ ବା ସେହି ଗୁଣଯୁକ୍ତ; 2. ବି. ବିଶୋଧକ ପଦାର୍ଥ।

**disinflation** ବି. ମୁଦ୍ରାସ୍ଫୀତି ନିବାରଣର ଉପାୟ।

**disingenuous** ବି°. ଆନ୍ତରିକତାବିହୀନ, କପଟୀ।

**disinherit** ସ.କ୍ରି. ପୈତୃକ ସମ୍ପତ୍ତିରୁ ବଂଚିତ କରିବା, ଉତ୍ତରାଧିକାରୀ ନ କରିବା; ବି. disinheritance.

**disintegrate** ସ.କ୍ରି. ଖଣ୍ଡଖଣ୍ଡ କରି ଦେବା, ମୂଳ ଉପାଦାନରେ ପରିଣତ କରିବା, ଚୂର୍ଣ୍ଣୀଭୂତ କରିବା, ବିଚ୍ଛିନ୍ନ ବା ସଂଗତିହୀନ କରିବା; disintegration ବି. ଭଙ୍ଗ, ବିଘଟନ; disintegrator ବି. ବିଘଟନକାରୀ।

**disinter** ସ.କ୍ରି. କବର ବା ସମାଧିରୁ ମୃତଦେହ କାଢ଼ିବା, ଶବ ଉତ୍ତୋଳନ କରିବା।

**disinterest** ବି. ନିରପେକ୍ଷତା; , ଅସଂପୃକ୍ତି।

**disinterested** ବି°. ନିଃସ୍ୱାର୍ଥ, ଅପକ୍ଷପାତୀ, ଅସମ୍ପୃକ୍ତ।

**disjoin** ସ.କ୍ରି. ବିଯୁକ୍ତ ବା ବିଚ୍ଛିନ୍ନ କରିବା, ପୃଥକ୍ କରିବା।

**disjoint** ସ.କ୍ରି. ଗ୍ରନ୍ଥିଚ୍ୟୁତ କରିବା, ଗଣ୍ଠି ଛଡ଼ାଇବା, ଗଣ୍ଠି ପାଖରୁ ଖଣ୍ଡ ଖଣ୍ଡ କରିବା; କର୍ମରେ ବାଧା ସୃଷ୍ଟି କରିବା।

**disjointed** ବି°. ଗ୍ରନ୍ଥିଚ୍ୟୁତ, ଅସଂଲଗ୍ନ, ଅସମ୍ପୃକ୍ତ।

**disjunction** ବି. ବିଭାଗ, ଅସଂଯୋଗ, ପୃଥକତ୍ୱ, ବିଚ୍ଛିନ୍ନତା।

**disjunctive** ବି°. ବିଭାଜକ; ବ୍ୟା. ବୈକଳ୍ପିକ, ବିଯୋଜକ (ଅବ୍ୟୟ)।

**disk** discର ଭିନ୍ନ.।

**dislike** 1. ବି. ଘୃଣା, ବିରକ୍ତି, ବିରାଗ; 2. କ୍ରି. ଅପସନ୍ଦ କରିବା, ଘୃଣାକରିବା, ବିରାଗ ପ୍ରକାଶ କରିବା।

**dislocate** ସ.କ୍ରି. ଗ୍ରନ୍ଥିଚ୍ୟୁତ କିରବା, ସ୍ଥାନଚ୍ୟୁତ କରିବା, ବାଧାଦେବା; dislocation ବି. ସ୍ଥାନଚ୍ୟୁତି।

**dislodge** ସ.କ୍ରି. ସ୍ଥାନଚ୍ୟୁତ କରିବା, ବାସଚ୍ୟୁତ କରିବା; ବି. dislodgement.

**disloyal** ବି°. ଅବିଶ୍ୱସ୍ତ, ଆନୁଗତ୍ୟହୀ[illegible] କ୍ରି.ବି°. disloyally; ବି. disloyalty.

**dismal** ବି°. ବିଷାଦପୂର୍ଣ୍ଣ, ଭୀଷଣ[illegible]ନ୍ଧକାର, ଦୁଃଖପୂର୍ଣ୍ଣ, ଭୟଙ୍କର।

**dismantle** ସ.କ୍ରି. ଭାଙ୍ଗିଦେବା, ଖଣ୍ଡ ଖଣ୍ଡ କରିଦେବା, ଆସବାବପତ୍ର କାଢ଼ିନେବା।

**dismay** 1. ବି. ନୈରାଶ୍ୟ ବା ଉତ୍ସାହହୀନତା; 2. ସ.କ୍ରି. ଉତ୍ସାହହୀନ କରିବା, ଆତଙ୍କିତ କରିବା, ହତାଶ କରିବା।

**dismember** ସ.କ୍ରି. ଖଣ୍ଡ ବିଖଣ୍ଡ କରିବା, ଅଙ୍ଗଚ୍ଛେଦ କରିବା, ଦେଶ ବିଭାଗ କରିବା।

**dismiss** ସ.କ୍ରି. କର୍ମଚ୍ୟୁତ କରିବା, ବରଖାସ୍ତ କରିବା, ବିଦାୟ କରିଦେବା, ଛୁଟି କରିଦେବା; (ମୋକଦ୍ଦମା) ଖାରଜ କରିବା; dismissal ବି. ବରଖାସ୍ତ; ପଦଚ୍ୟୁତି; ଖାରଜ; ବି°. dismissive.

**dismount** କ୍ରି. ଘୋଡ଼ା ବା ଗାଡ଼ିରୁ ଓହ୍ଲାଇବା, ଅବତରଣ କରିବା।

Digitized by srujanika@gmail.com

**disobedient** ବିଂ. ଅବାଧ, ଅମାନିଆ, ବିଦ୍ରୋହୀ; ବି. disobedience.

**disobey** କ୍ରି. ନ ମାନିବା, (ଆଦେଶ ପ୍ରଭୃତି) ପାଳନ ନ କରିବା, ଅମାନ୍ୟ କରିବା।

**disoblige** ସ.କ୍ରି. ଅନୁରୋଧ ରକ୍ଷା ନ କରିବା, ଅସନ୍ତୁଷ୍ଟ ବା ବିରକ୍ତ କରିବା।

**disorder** 1. ବି. ବିଶୃଙ୍ଖଳା, ଅବ୍ୟବସ୍ଥା, ଗୋଳମାଳ, ଦଙ୍ଗା, ବ୍ୟତିକ୍ରମ, ଗଣ୍ଡଗୋଳ, ପୀଡ଼ା, ରୋଗ; 2. ସ.କ୍ରି. ବିଶୃଙ୍ଖଳ କରିବା, ବେବନ୍ଦୋବସ୍ତ କରିବା।

**disorderly** ବିଂ. ବିଶୃଙ୍ଖଳ, ଅପରିପାଟୀ, ଅପରିଚ୍ଛନ୍ନ, ବେଆଇନ୍, ଗୋଳମାଳିଆ।

**disorganize** ସ.କ୍ରି. ବିପର୍ଯ୍ୟସ୍ତ କରିବା, ଅବ୍ୟବସ୍ଥିତ କରିବା, ଅସ୍ତବ୍ୟସ୍ତ କରିବା, ଭାଙ୍ଗିଦେବା; disorganization ବି. ବିଶୃଙ୍ଖଳା, ଅବ୍ୟବସ୍ଥା।

**disorient** ଦ୍ର. disorientate.

**disorientate** ସ.କ୍ରି. (ବ୍ୟକ୍ତିର ଆଚରଣ ସମ୍ପର୍କରେ) ସନ୍ଦେହ ପ୍ରକାଶ କରିବା ବା ଭ୍ରମରେ ପଡ଼ିଯିବା।

**disown** ସ.କ୍ରି. ସ୍ୱୀକାର ନ କରିବା, ପ୍ରତ୍ୟାଖ୍ୟାନ କରିବା, ସମ୍ପର୍କ ଅସ୍ୱୀକାର କରିବା।

**disparage** ସ.କ୍ରି. ମର୍ଯ୍ୟାଦାହାନି କରିବା, ନିନ୍ଦାକରିବା, ଅବଜ୍ଞା କରିବା; disparagement ବି. ଅପମାନ, ଅନାଦର।

**disparate** ବିଂ. ଅସମାନ, ବିଷମ, ବିପରୀତ, ଅସଂପୃକ୍ତ।

**disparity** ବି. ଅସମାନତା, ବୈଷମ୍ୟ, ତାରତମ୍ୟ, ପାର୍ଥକ୍ୟ।

**dispassionate** ବିଂ. ଅନାସକ୍ତ, ବୀତରାଗ, ବୀତସ୍ପୃହ, ନିରପେକ୍ଷ, ଆବେଗଶୂନ୍ୟ।

**dispatch** 1. ସ.କ୍ରି. ପ୍ରେରଣ କରିବା, ମାରିବା ନିମନ୍ତେ ଶେଷ ଆଘାତ ହାଣିବା, ଶୀଘ୍ର ଶେଷ କରିବା ବା କାମ ସାରିଦେବା; 2. ବି. ପ୍ରେରଣ, କ୍ଷିପ୍ରତା, ପାରଙ୍ଗମତା, ଲିଖିତ ଆଦେଶ (ସରକାରୀ), ବାର୍ତ୍ତା, ଖବରକାଗଜ ପ୍ରତିଷ୍ଠାନକୁ ପଠାଯାଇଥିବା ସମ୍ବାଦ; dispatch-box ସରକାରୀ କାଗଜପତ୍ର ନିଆଅଣା କରିବା ନିମନ୍ତେ ବ୍ୟବହୃତ ବାକ୍ସ; dispatch rider ମୋଟର ସାଇକେଲ ଆରୋହୀ ସରକାରୀ ବାର୍ତ୍ତାବହ।

**dispel** ସ.କ୍ରି. ଦୂରକରିବା, ବିତାଡ଼ିତ କରିବା, ଛିନ୍ନଭିନ୍ନ କରିବା, ଅପନୋଦନ କରିବା।

**dispensable** ବିଂ. ପରିହାର୍ଯ୍ୟ, ପରିତ୍ୟାଜ୍ୟ, ଅନାବଶ୍ୟକ।

**dispensary** ବି. ଡାକ୍ତରଖାନା, ଔଷଧାଳୟ, ଔଷଧ ଦୋକାନ।

**dispensation** ବିଂ. ବିତରଣ, ଦଣ୍ଡମୁକ୍ତି ବିଧାନ, ପରିଚାଳନ; ଛାଡ଼, ଅବ୍ୟାହତି।

**dispense** କ୍ରି. ବିତରଣ କରିବା, ବାଣ୍ଟିଦେବା, ବ୍ୟବସ୍ଥାନୁଯାୟୀ ଔଷଧ ପ୍ରସ୍ତୁତ କରି ବଣ୍ଟନ କରିବା; dispense with ଛାଡ଼ିଦେବା, ଅପ୍ରୟୋଜନୀୟ ମନେ କରିବା।

**dispenser** ବି. ଔଷଧ ପ୍ରସ୍ତୁତକାରୀ; ବଣ୍ଟନ ଯନ୍ତ୍ର।

**disperse** କ୍ରି. ବିକ୍ଷିପ୍ତ କରିବା, ଚାରିଆଡ଼କୁ ଖେଳାଇ ଦେବା, ବିଭିନ୍ନ ସ୍ଥାନରେ ରଖାଇବା, ପୃଥକ୍ କରିବା (ଧଳା ଆଲୋକକୁ ସପ୍ତରଙ୍ଗରେ) dispersal ବି. ବିକ୍ଷେପଣ, ବିସ୍ତାର, ବିକିରଣ; dispersive ବିଂ. ବିକ୍ଷିପ୍ତକାରୀ।

**dispersion** ବି. ବିକ୍ଷେପ, ବିକିରଣ, ଛିନ୍ନଭିନ୍ନ କରଣ।

**dispirit** ସ.କ୍ରି. ହତୋତ୍ସାହ କରିବା, ଦବାଇଦେବା, ଅବସନ୍ନ କରିଦେବା।

**displace** କ୍ରି. ସ୍ଥାନଚ୍ୟୁତ କରିବା, ବାହାର କରିଦେବା, ପଦଚ୍ୟୁତ କରିବା; displaced person ବାସଚ୍ୟୁତ ଲୋକ (ଯୁଦ୍ଧ, ଦେଶବିଭାଗ ଜନିତ)।

**displacement** ବି. ସ୍ଥାନଚ୍ୟୁତି; ଭାସମାନ କଠିନ ପଦାର୍ଥଦ୍ୱାରା ତରଳ ପଦାର୍ଥର ସ୍ଥାନାନ୍ତରୀକରଣ (ଜାହାଜର ଓଜନ ନିରୂପଣ କରିବାର ପ୍ରକ୍ରିୟା ବିଶେଷ)।

**display** 1. କ୍ରି. ପ୍ରଦର୍ଶନ କରିବା, ଦେଖାଇବା, ପ୍ରକାଶ କରିବା, ଆତ୍ମପ୍ରକାଶ ନିମନ୍ତେ ଅନୁମତି ଦେବା; 2. ବି. ପ୍ରଦର୍ଶନୀ, ପ୍ରକାଶ, ପ୍ରକଟନ।

**displease** ସ.କ୍ରି. ଅସନ୍ତୁଷ୍ଟ ବା ବିରକ୍ତ କରିବା, ଅପ୍ରତିଭ କରିବା।

**displeasure** ବି. ଅସନ୍ତୋଷ, ରୋଷ, କ୍ରୋଧ, ବିରକ୍ତି।

**disport** ସ.କ୍ରି. କ୍ରୀଡ଼ାକୌତୁକ କରିବା, ଆମୋଦିତ କରିବା, ମଜା କରିବା।

**disposable** 1. ବିଂ. ସୁବିନ୍ୟସ୍ତ, ହସ୍ତାନ୍ତର ଯୋଗ୍ୟ (କର୍ତ୍ତୃତ୍ୱର); ବ୍ୟବହାର ପରେ ଫିଙ୍ଗାଯିବା ନିମନ୍ତେ ପ୍ରସ୍ତୁତ ହୋଇଥିବା; 2. ବି. ବ୍ୟବହାର ପରେ ଫିଙ୍ଗାଯିବା ବସ୍ତୁ, ହସ୍ତାନ୍ତରଯୋଗ୍ୟ ବସ୍ତୁ।

Digitized by srujanika@gmail.com

**disposal** ବି. କର୍ତ୍ତୃତ୍ୱ, ଅଧିକାର; at one's disposal କର୍ତ୍ତୃତ୍ୱାଧୀନରେ, ବିନିଯୋଗ କରିବାର ଅଧିକାରରେ।

**dispose** କ୍ରି. ଯଥାସ୍ଥାନରେ ସନ୍ନିବେଶିତ କରିବା ବା ସଜାଇବା, ବିନ୍ୟାସ କରିବା; ଉନ୍ମୁଖ କରାଇବା, ପ୍ରବଣ କରାଇବା ବା ଇଚ୍ଛୁକ କରାଇବା; ବିଧାନ କରାଇବା, ନିୟନ୍ତ୍ରିତ କରିବା, ପରିଚାଳନ କରିବା; dispose of ବିକ୍ରୟ କରିବା, ହସ୍ତାନ୍ତର କରିବା, ଶେଷ କରିବା, ନିଷ୍କୃତି ପାଇବା, ଯୁକ୍ତି ଖଣ୍ଡନ କରିବା, ଅଯୌକ୍ତିକ ପ୍ରତିପାଦନ କରିବା।

**disposition** ବି. ସ୍ୱଭାବ, ପ୍ରକୃତି, ମିଜାଜ; ବିନ୍ୟାସ, ସନ୍ନିବେଶ; ନିୟନ୍ତ୍ରଣ, ପରିଚାଳନ; ସ୍ୱାଭାବିକ ପ୍ରବୃତ୍ତି, ଆସକ୍ତି, ପ୍ରବଣତା।

**dispossess** ସ.କ୍ରି. ଅଧିକାରଚ୍ୟୁତ କରିବା, ବେଦଖଲ କରିବା, ସ୍ୱତ୍ୱ ହରଣ କରିବା; ବି. dispossession.

**disproof** ବି. ଅପ୍ରମାଣ, ଖଣ୍ଡନ।

**disproportion** ବି. ଅନୁପାତର ଅଭାବ, ବୈଷମ୍ୟ, ଅସଙ୍ଗତି।

**disproportionate** ବିଂ. ଅନୁପାତବିହୀନ, ଅସମାନ, ଖୁବ ବଡ଼ ବା ସାନ।

**disprove** ସ.କ୍ରି. ଅପ୍ରମାଣ କରିବା, ଖଣ୍ଡନ କରିବା, ମିଥ୍ୟା ବୋଲି ପ୍ରମାଣ କରିବା।

**disputable** ବିଂ. ବିବାଦୀୟ, ବିଚାର୍ଯ୍ୟ, ଅନିଶ୍ଚିତ।

**disputant** ବି. ବିବାଦକାରୀ, ତାର୍କିକ।

**disputation** ବି. ବାଦପ୍ରତିବାଦ, ତର୍କ, ବାଦାନୁବାଦ, ବାଗ୍‌ବିତଣ୍ଡା।

**disputatious** ବିଂ. ତର୍କପ୍ରିୟ।

**dispute** 1. କ୍ରି. ବିବାଦ କରିବା, ତର୍କବିତର୍କ କରିବା, ଆଲୋଚନା କରିବା, କଳହ କରିବା, ବୈଧତା ସମ୍ପର୍କରେ ପ୍ରଶ୍ନ ଉଠାଇବା, ପ୍ରତିବାଦ କରିବା, ବିଜୟ ନିମନ୍ତେ ସଂଘର୍ଷ କରିବା; 2. ବି. ବିବାଦ, ତର୍କବିତର୍କ, କଳହ, ମତପାର୍ଥକ୍ୟ; in dispute ବାଦାନୁବାଦ ସ୍ତରରେ ଥିବା।

**disqualify** ସ.କ୍ରି. ଅନୁପଯୁକ୍ତ କରିବା, ଅଯୋଗ୍ୟ କରିବା, ପ୍ରତିଯୋଗିତାରୁ ବଂଚିତ ହେବା; disqualification ବି. ଦୋଷତ୍ରୁଟି, ଅଯୋଗ୍ୟତା, ଗୁଣାଭାବ।

**disquiet** 1. ବି. ଅସ୍ଥିରତା, ଉଦ୍‌ବେଗ; 2. ସ.କ୍ରି. ଉଦ୍‌ବିଗ୍ନ ବା ଅସ୍ଥିର କରିବା।

**disquietude** ବି. ଅଶାନ୍ତ ଅବସ୍ଥା।

**disquisition** ବି. ବିସ୍ତୃତ ବା ସୁଦୀର୍ଘ ଆଲୋଚନା, ଗବେଷଣାନିବନ୍ଧ ବା ଭାଷଣ।

**disregard** 1. ସ.କ୍ରି. ଅବଜ୍ଞା କରିବା, ଉପେକ୍ଷା କରିବା, ଅବହେଳା କରିବା ବା ଅସମ୍ମାନ କରିବା; 2. ବି. ଅବଜ୍ଞା, ଉପେକ୍ଷା, ଅନାଦର, ଅସମ୍ମାନ।

**disrepair** ବି. ବେମରାମତ ଅବସ୍ଥା, ଭଗ୍ନାବସ୍ଥା।

**disreputable** ବିଂ. ନିନ୍ଦନୀୟ, ଅଖ୍ୟାତିଜନକ, କୁଖ୍ୟାତ; disreputably କ୍ରି.ବିଂ. ଅସମ୍ମାନଜନକ ଭାବରେ।

**disrepute** ବି. ଅଖ୍ୟାତି, ଅ...ଶ, ନିନ୍ଦା।

**disrespect** ବି. ଅସମ୍ମାନ, ଅଶ୍ରଦ୍ଧା, ଅଭଦ୍ରତା, ଅଶିଷ୍ଟତା; disrespectful ବିଂ. ଶ୍ରଦ୍ଧାହୀନ, ଅଶିଷ୍ଟ; disrespectfully କ୍ରି.ବିଂ. ଶ୍ରଦ୍ଧାହୀନ ଭାବରେ।

**disrobe** କ୍ରି. ବିବସ୍ତ୍ର କରିବା, ବିବସନ କରିବା ବା ହେବା।

**disrupt** ସ.କ୍ରି. ଭାଙ୍ଗିଦେବା, ଏକତା ନଷ୍ଟ କରିବା, ପୃଥକ୍ କରିବା; disruption ବି. ବିଦାରଣ, ଭଙ୍ଗ, ବିଚ୍ଛେଦନ; disruptive ବିଂ. ବିଦାରଣଶୀଳ, ବିଚ୍ଛେଦନକାରୀ।

**dissatisfacton** ବି. ଅସନ୍ତୋଷ, ବିରକ୍ତି।

**dissatisfy** ସ.କ୍ରି. ଅସନ୍ତୁଷ୍ଟ କରିବା, ସନ୍ତୁଷ୍ଟ କରି ନ ପାରିବା।

**dissect** ସ.କ୍ରି. (ଶବ) ବ୍ୟବଚ୍ଛେଦ କରିବା; ପରୀକ୍ଷା ନିମନ୍ତେ କାଟି ଖଣ୍ଡ ଖଣ୍ଡ କରିବା; dissection ବି. ବ୍ୟବଚ୍ଛେଦ; dissector ବି. ବ୍ୟବଚ୍ଛେଦକ।

**dissemble** କ୍ରି. ଆତ୍ମଗୋପନ କରିବା, ଛଦ୍ମବେଶ ଧାରଣ କରିବା, ଲୁଚାଇବା; ଭଣ୍ଡାମି କରିବା, କପଟତା କରିବା।

**disseminate** ସ.କ୍ରି. ବିସ୍ତାର କରିବା, ବୁଣିବା, ବିକୀର୍ଣ୍ଣ କରିବା, ବ୍ୟାପ୍ତ କରିବା; dissemination ବି. ପ୍ରଚାର, ବିସ୍ତାର, ବପନ; disseminator ବି. ପ୍ରଚାରକ, ବପନକାରୀ।

**dissension** ବି. ବିବାଦ, କଳହ, ମତଭେଦ।

**dissent** 1. ଅ.କ୍ରି. ଭିନ୍ନମତ ପୋଷଣ କରିବା, ସମ୍ମତିଦେବାକୁ ଅସ୍ୱୀକାର କରିବା; 2. ବି. ମତଭେଦ, ଭିନ୍ନମତତା।

Digitized by srujanika@gmail.com

**dissenter** ବି. ଭିନ୍ନମତାବଲମ୍ବୀ, ଇଂଲଣ୍ଡରେ ଖ୍ରୀଷ୍ଟୀୟ ଧର୍ମସଂଘରୁ ବିଚ୍ଛିନ୍ନ ବ୍ୟକ୍ତି।

**dissentient** 1. ବିଂ. ଭିନ୍ନମତାବଲମ୍ବୀ, ଅସମ୍ମତ; 2. ବି. ଭିନ୍ନମତାବଲମ୍ବୀ ବ୍ୟକ୍ତି, ବିରୁଦ୍ଧବାଦୀ ବ୍ୟକ୍ତି।

**dissertation** ବି. ବିଶ୍ୱବିଦ୍ୟାଳୟର ଉଚ୍ଚତର ଉପାଧି ନିମନ୍ତେ ଲିଖିତ ମହାନିବନ୍ଧ।

**disservice** ବି. ଅପକାର, କ୍ଷତି, ଅନିଷ୍ଟ।

**dissident** 1. ବିଂ. ବିରୁଦ୍ଧମତାବଲମ୍ବୀ, ଭିନ୍ନମତବାଦୀ, ଅସନ୍ତୁଷ୍ଟ; 2. ବି. ଅସନ୍ତୁଷ୍ଟ ବ୍ୟକ୍ତି; dissidence ବି. ମତବିରୋଧ, ମତଭେଦ।

**dissimilar** ବିଂ. ଅସମ, ଅସଦୃଶ, ଭିନ୍ନ; dissimilarity ବି. ଅସମତା, ଅସାମ୍ୟ।

**dissimulate** କ୍ରି. ଛଳନା କରିବା, ପ୍ରବଞ୍ଚନା ବା ପ୍ରତାରଣା କରିବା; dissimulation ବି. ଛଳନା, କପଟତା।

**dissipate** କ୍ରି. ଦୂର କରିବା, ତଡ଼ିଦେବା, ବିକ୍ଷିପ୍ତ କରିବା, ବିତାଡ଼ିତ କରିବା।

**dissipated** ବିଂ. ଲମ୍ପଟ, ବିଳାସୀ, ପାନାସକ୍ତ।

**dissipation** ବି. (ଭୟ, ସନ୍ଦେହ, ଅନ୍ଧକାର) ଦୂରୀକରଣ; ବୃଥା ଆମୋଦପ୍ରମୋଦ, ଲାମ୍ପଟ୍ୟ।

**dissociate** କ୍ରି. ଅଲଗା କରିବା, ପୃଥକ୍ କରିବା, ସମ୍ପର୍କ ଛିନ୍ନ କରିବା; dissociate oneself from ସମ୍ପର୍କ ଛିନ୍ନ କରିବା; dissociation ବି. ବିଯୋଜନ, ପୃଥକ୍ କରଣ; ବିଂ. dissociative.

**dissoluble** ବିଂ. ବିଯୋଜ୍ୟ, ବିଲୟଯୋଗ୍ୟ।

**dissolute** ବିଂ. ଲମ୍ପଟ, କାମାସକ୍ତ, ଇନ୍ଦ୍ରିୟ ପରାୟଣ।

**dissolution** ବି. ବିଚ୍ଛେଦ, ସନ୍ଧି ବା ବିବାହ ପ୍ରଭୃତିର ଭଙ୍ଗ, ସଭା ବା ସଂଘର ଭଙ୍ଗ, ନିର୍ବାଚନ ପୂର୍ବରୁ ବୈଧାନିକ ସଂସଦର ପରିସମାପ୍ତି; ବିନାଶ, ଧ୍ୱଂସ, ଦ୍ରବଣ।

**dissolve** କ୍ରି. ଭାଙ୍ଗିଦେବା, ଚୂର୍ଣ୍ଣକରିବା, ଦ୍ରବ କରିବା, ଦ୍ରବୀଭୂତ ହେବା, ବିଲୀନ ହେବା; (ସଭା ପ୍ରଭୃତି) ଭଙ୍ଗ କରିବା, (ବିବାହ ପ୍ରଭୃତି) ରଦ୍ଦ କରିବା; dissolve into ପରିଣତ ହେବା (ଉଦା. ଅଶ୍ରୁ ବା ଅଟ୍ଟହାସ୍ୟରେ)।

**dissonant** ବିଂ. ବେସୁରା, କର୍କଶ, ଶ୍ରୁତିକଟୁ; dissonance ବି. ସ୍ୱରର ଅମେଳ ଅବସ୍ଥା।

**dissuade** ସ.କ୍ରି. ନିବର୍ତ୍ତାଇବା, ପ୍ରତିକୂଳ ପରାମର୍ଶ ଦେବା; ବି. dissuasion ନିବର୍ତ୍ତନା; ବିଂ. dissuasive.

**dissyllable** ଦ୍ରଷ୍ଟ. disyllable ବି. ଦୁଇ ସିଲେବ୍‌ଲ ବିଶିଷ୍ଟ ପଦ, ଦ୍ୱିମାତ୍ରିକ ପଦ; ବିଂ. disyllabic.

**distaff** ବି. ସୂତାକଟାରେ ବ୍ୟବହୃତ ଏକ ଉପକରଣ; distaff side ପରିବାରର ସ୍ତ୍ରୀ ପକ୍ଷ।

**distance** 1. ବି. ଦୂରତା, ବ୍ୟବଧାନ, ଦୂରବର୍ତ୍ତୀ ସ୍ଥାନ; 2. ସ.କ୍ରି. ପଛରେ ପକାଇଯିବା, ଦୌଡ଼ରେ ବହୁ ପଛରେ ପକାଇ ଦେବା; at a distance ବହୁ ଦୂରରେ, ନିକଟରେ ନୁହେଁ; keep at a distance ଘନିଷ୍ଠତା ନ ରଖିବା, ଦୂରେଇ ରଖିବା, keep one's distance ଦୂରେଇ ରହିବା।

**distant** ବିଂ. ଦୂର, ଦୂରବର୍ତ୍ତୀ, ଦୂରସ୍ଥ, ଘନିଷ୍ଠତାଶୂନ୍ୟ, ଅନୁରାଗଶୂନ୍ୟ।

**distaste** ବି. ବିସ୍ୱାଦ, ଅରୁଚି, ବିତୃଷ୍ଣା, ଘୃଣା।

**distasteful** ବିଂ. ଅରୁଚିକର, ଅପ୍ରୀତିକର, ବିରକ୍ତିକର।

**distemper**[1] 1. ବି. କୁକୁର ପ୍ରଭୃତି ପ୍ରାଣୀମାନଙ୍କର ଏକପ୍ରକାର ରୋଗ; 2. କ୍ରି. *ପ୍ରା.ପ୍ର.* ମିଜାସ୍ ବିଗାଡ଼ି ଦେବା, ଚିତ୍ତ ବିକ୍ଷିପ୍ତ କରିବା।

**distemper**[2] 1. ବି. କାନ୍ଥ ପ୍ରାଇ ଏକ ପ୍ରକାର ରଙ୍ଗ; 2. ସ.କ୍ରି. ଏହି ରଙ୍ଗରେ ରଙ୍ଗାଇବା।

**distend** କ୍ରି. ସ୍ଫୀତ କରାଇବା, ଫୁଲାଇବା; distensible ବିଂ. ପ୍ରସାରଣୀୟ; distension ବି. ପ୍ରସାରଣ।

**distich** ବି. ଦ୍ୱିଚରଣ ବିଶିଷ୍ଟ ଶ୍ଳୋକ ବା କବିତା।

**distil** ସ.କ୍ରି. ବିନ୍ଦୁ ବିନ୍ଦୁ ହୋଇ କ୍ଷରିତ ହେବା, ବିଶୁଦ୍ଧ କରିବା, ବିଶୋଧନ କରିବା, ସୁରାସାର ବା ପୁଷ୍ପସାର ବାହାର କରିବା, ପାତନ କରିବା; distillation ବି. ପରିସ୍ରବଣ, ପାତନ।

**distiller** ବି. ପରିସ୍ରବଣକାରୀ, ସୁରା ପ୍ରସ୍ତୁତକାରୀ।

**distillery** ବି. ମଦ କାରଖାନା ବା ମଦ ଭାଟି।

**distinct** ବିଂ. ପୃଥକ୍, ସ୍ୱତନ୍ତ୍ର, ଭିନ୍ନ, ସ୍ପଷ୍ଟ, ପ୍ରାଞ୍ଜଳ, ଅଭ୍ରାନ୍ତ।

Digitized by srujanika@gmail.com

**distinction** ବି. ଭେଦ, ପାର୍ଥକ୍ୟ, ପାର୍ଥକ୍ୟସୂଚକ ଚିହ୍ନ, ବୈଶିଷ୍ଟ୍ୟ, ସୁଖ୍ୟାତି, ପ୍ରତିଷ୍ଠା, ଗୌରବ, ସମ୍ମାନର ଚିହ୍ନ।

**distinctive** ବିଂ. ପାର୍ଥକ୍ୟସୂଚକ।

**distinguish** କ୍ରି. ପ୍ରଭେଦ ଦେଖାଇବା, ପାର୍ଥକ୍ୟ ନିରୂପଣ କରିବା, ଚିହ୍ନାଇବା; ପ୍ରଭେଦ ବା ପାର୍ଥକ୍ୟ ଜାଣିପାରିବା, ନିର୍ଣ୍ଣୟ କରିବା ବା ଦେଖାଇବା, ବିଖ୍ୟାତ କରିବା, ଖ୍ୟାତିସମ୍ପନ୍ନ କରିବା।

**distinguished** ବିଂ. ପ୍ରସିଦ୍ଧ, ଲବ୍ଧପ୍ରତିଷ୍ଠ, ପ୍ରଖ୍ୟାତ, ଖ୍ୟାତନାମା।

**distort** ସ.କ୍ରି. ବିକୃତ କରିବା, ବିରୂପ କରିବା, ବିକୃତ ଅର୍ଥ କରିବା; distortion ବି. ବିକୃତ କରଣ, ମିଥ୍ୟାବର୍ଣ୍ଣନ।

**distract** ସ.କ୍ରି. ଅନ୍ୟଆଡ଼କୁ ନେଇଯିବା, ବା ଆକର୍ଷଣ କରିବା, ଅନ୍ୟମନସ୍କ କରିବା, ହତବୁଦ୍ଧି କରିବା, ବିଭ୍ରାନ୍ତ କରିବା।

**distraction** ବି. ଅନ୍ୟମନସ୍କତା, ଚିତ୍ତବିକ୍ଷେପ, ଚିତ୍ତବିକ୍ଷେପକ ବିଷୟ, ମନୋଯୋଗ ବା ଅଭିନିବେଶର ଅନ୍ତରାୟ, ଆମୋଦପ୍ରମୋଦ, ଚିତ୍ତବିଭ୍ରମ ବା ବିଷାଦ।

**distrain** ଅ.କ୍ରି. ଋଣ ପରିଶୋଧ ନିମନ୍ତେ ସମ୍ପତ୍ତି କୋରଖ କରିବା।

**distraint** ବି. କୋରଖ ବା କ୍ରୋକ୍।

***distrait*** ବିଂ. ବିବ୍ରତ; ଅନ୍ୟମନସ୍କ। *(ଫ.)*

**distraught** ବିଂ. ବିକ୍ଷିପ୍ତ, ଅନ୍ୟମନସ୍କ, ବିଷାଦିତ।

**distress** 1. ବି. ଅତ୍ୟଧିକ ଦୁଃଖ, କ୍ଲେଶ ବା ଯନ୍ତ୍ରଣା; ଅସହାୟ ଅବସ୍ଥା, ଦାରିଦ୍ର୍ୟ, ଦୈନ୍ୟ; 2. ସ.କ୍ରି. ଯନ୍ତ୍ରଣା ବା ଦୁଃଖ ଦେବା, ଅସୁଖୀ କରିବା; 3. distressful ବିଂ. ଦୁଃଖପୂର୍ଣ୍ଣ, ଦୁଃଖଜନକ।

**distressed** ବିଂ. ବିପନ୍ନ, ଦୁର୍ଦ୍ଦଶାଗ୍ରସ୍ତ; distressed area ଦାରିଦ୍ର୍ୟ ଏବଂ ଦୁର୍ଦ୍ଦଶାଗ୍ରସ୍ତ ଅଞ୍ଚଳ।

**distribute** ସ.କ୍ରି. ବଣ୍ଟନ କରିବା, ବିସ୍ତାର କରିବା, ବିକ୍ଷିପ୍ତ କରିବା, ବିଭିନ୍ନ ସ୍ଥାନରେ ରଖିବା, ସଜାଡ଼ିରଖିବା, ଶ୍ରେଣୀ ବିଭାଗ କରିବା; ବି. distribution.

**distributive** 1. ବିଂ. ବିଭାଜକ, ବିତରଣାତ୍ମକ, ବିତରଣ ସମ୍ବନ୍ଧୀୟ; (ବ୍ୟାକରଣ ଓ ତର୍କଶାସ୍ତ୍ର) ବିଭାଗାତ୍ମକ; 2. ବି.ବ୍ୟା. ବିଭାଗାତ୍ମକ ଶବ୍ଦ (ଯଥା: each, neither, every).

**distributor** ବି. ବିତରଣକାରୀ, ମୁଖ୍ୟ ପରିବେଷକ।

**district** ବି. ଜିଲ୍ଲା, ପ୍ରଗଣା, ଅଂଚଳ; district nurse ଘରେ ରୋଗୀମାନଙ୍କର ସେବା କରୁଥିବା ସ୍ଥାନୀୟ ସେବିକା।

**distrust** 1. ବି. ଅବିଶ୍ୱାସ, ସନ୍ଦେହ; 2. ସ.କ୍ରି. ଅବିଶ୍ୱାସ କରିବା, distrustful ବିଂ. ଅବିଶ୍ୱାସପୂର୍ଣ୍ଣ।

**disturb** ସ.କ୍ରି. ବାଧାଦେବା, ଗୋଳମାଳ କରିବା, ନୀରବତା ଭଙ୍ଗ କରିବା, ବିରକ୍ତ କରିବା, ଉଦ୍‌ବିଗ୍ନ କରିବା, ବ୍ୟାକୁଳ କରିବା, ବିଚଳିତ କରିବା, ମାନସିକତା ଦୃଷ୍ଟିରୁ ଅବ୍ୟବସ୍ଥିତ ହେବା।

**disturbance** ବି. ଗୋଳମାଳ, ଗଣ୍ଡଗୋଳ, ଅଶାନ୍ତି, ବାଧା, ଉପଦ୍ରବ, ଉଦ୍‌ବେଗ, ବିକ୍ଷୋଭ।

**disunion** ବି. ବିଚ୍ଛେଦ, ମତଭେଦ, ଅନୈକ୍ୟ।

**disunite** କ୍ରି. ବିଭକ୍ତ କରିବା, ବିଚ୍ଛିନ୍ନ କରିବା ବା ହେବା, ଅଲଗା ହେବା।

**disuse** 1. ସ.କ୍ରି. ବ୍ୟବହାର ବନ୍ଦ କରିବା; 2. ବି. ଅବ୍ୟବହାର, ଅପ୍ରଚଳନ।

**disyllable** ବି.ଦ୍ର. dissyllable.

**ditch** 1. ବି. ଖାତ, ପରିଖା, ନାଳ; 2. କ୍ରି. ଘାଇ, ପରିଖା ପ୍ରଭୃତି ମରାମତି କରିବା; ଖାଇ ବା ପରିଖା ଦ୍ୱାରା ଘେରାଇବା; ଖାଇ ବା ଖାତ ଖୋଳିବା, ଉଡ଼ାଜାହାଜ ପ୍ରଭୃତି ବାଧ ହୋଇ ସମୁଦ୍ର ଉପରେ ଓହ୍ଲାଇବା; ଗା.ପ୍ର. ପରିତ୍ୟାଗ କରିବା, ଛାଡ଼ିଦେବା; ପରାସ୍ତ କରିବା, ନିରାଶ କରିବା; dull as ditch-water ଅତ୍ୟନ୍ତ ନିର୍ବୋଧ ବା ନୀରସ।

**dither** 1. କ୍ରି. ଥରିବା, କମ୍ପିବା, ହତଚକିତ ହୋଇ ପଡ଼ିବା; 2. ବି. କମ୍ପନ, ବ୍ୟଗ୍ରତା।

**dithyramb** ବି. ପ୍ରାଚୀନ ଗ୍ରୀକ୍ ସମୂହ ସଙ୍ଗୀତ; ଅବେଗପୂର୍ଣ୍ଣ କବିତା, ଭାଷଣ ବା ଲେଖା।

**ditto** ବି. ପୂର୍ବୋକ୍ତ ବିଷୟ, ଏକା ବିଷୟ; dittomark (,,) ଏହି ଚିହ୍ନ।

**ditty** ବି. କ୍ଷୁଦ୍ର ସରଳ କବିତା ବା ସଂଗୀତ।

**diuretic** 1. ବିଂ. ମୂତ୍ର ବର୍ଦ୍ଧକ; 2. ବି. ମୂତ୍ର ବର୍ଦ୍ଧକ ଔଷଧ।

**diurnal** ବିଂ. ଦିନ ସମ୍ବନ୍ଧୀୟ; ପ୍ରତ୍ୟହ, ଏକଦିନ ବ୍ୟାପୀ।

**diva** ବି. ସୁପ୍ରସିଦ୍ଧ ଗାୟିକା।

Digitized by srujanika@gmail.com

**divan** ବି. ବାଡ଼ା ନ ଥିବା ଅଣ୍ଟ ଉଚ୍ଚା ବିଶିଷ୍ଟ ପଲଙ୍କ ବା ଆସନ।

**dive** 1. କ୍ରି. ପାଣିରେ ବୁଡ଼ିବା, (ଉଡ଼ାଜାହାଜ ସମ୍ପର୍କରେ) ତଳକୁ ମୁହଁ କରି ତୀବ୍ରଗତିରେ ଖସିବା, (ବୁଡ଼ାଜାହାଜ ସମ୍ପର୍କରେ) ହଠାତ୍ ଅଦୃଶ୍ୟ ହୋଇଯିବା, ବୁଡ଼ିଯିବା, ହଠାତ୍ ଛୁଟିଯିବା; ପକେଟ୍‌ରେ ହାତପୁରାଇବା; 2. ବି. ନିମଜ୍ଜନ, ସହସା ଦୃଷ୍ଟିରୁ ଅନ୍ତର୍ଦ୍ଧାନ; କ.ଭା. ପକେଟମାର୍, ଅଖ୍ୟାତସ୍ଥାନ, ମଦଖଟି; dive-bomb ଉଡ଼ାଜାହାଜରୁ ବୋମା ନିକ୍ଷେପଣ; diving-bell ବୁଡ଼ାଳିକୁ ଗଭୀର ଜଳମଧକୁ ଓହ୍ଲାଇ ଦେବାର ଖୋଲା ବୋତାମ ବିଶିଷ୍ଟ ଉପକରଣ ବିଶେଷ; diving-suit ବୁଡ଼ାଳିମାନଙ୍କର ପରିଧାନ।

**diver** ବି. ବୁଡ଼ାଳି; ଏକପ୍ରକାର ଜଳଚରପକ୍ଷୀ।

**diverge** *ଅ.କ୍ରି.* ଏକ ସାଧାରଣ ବିନ୍ଦୁରୁ ବିଭିନ୍ନ ଦିଗକୁ ପ୍ରସାରିତ ହେବା, ବିଭିନ୍ନ ଦିଗରେ ଯିବା, ଅଲଗା ହେବା; divergence ବି. ପ୍ରସାରଣ ପ୍ରବଣତା, ପାର୍ଥକ୍ୟ; divergent ବିଂ. ଦୂରପ୍ରସାରଣଶୀଳ; ବିଭିନ୍ନ ଦିଗଗାମୀ।

**divers** ବିଂ. *ପ୍ରା.ପ୍ର.* କେତେକ, ବିଭିନ୍ନ।

**diverse** ବିଂ. ବିଭିନ୍ନ ପ୍ରକାରର, ଭିନ୍ନଭିନ୍ନ।

**diversify** *ସ.କ୍ରି.* ବିଭିନ୍ନରୂପ କରିବା, ବିଚିତ୍ର କରିବା, ମୂଳଧନକୁ ବିଭିନ୍ନ ବ୍ୟବସାୟରେ ଲଗାଇବା; ବି. diversification.

**diversion** ବି. ଅନ୍ୟଦିଗକୁ ଗତି ପରିବର୍ତ୍ତନ, ଅପସାରଣ; ଯାହାର ଗତି ବା ଦିଗ ପରିବର୍ତ୍ତିତ ହୋଇଥାଏ; ଚିତ୍ତବିନୋଦନ, ଆମୋଦ ପ୍ରମୋଦ, କ୍ରୀଡ଼ାକୌତୁକ; ସାମୟିକ ଭାବରେ ରାସ୍ତାବନ୍ଦ ଥିବା ବେଳେ ଯାନ ବାହାନ ଚଳାଚଳ ପାଇଁ ବ୍ୟବହୃତ ଅନ୍ୟ ରାସ୍ତା; ବିଂ. diversionary.

**diversity** ବି. ବିଭିନ୍ନତା, ଅନୈକ୍ୟ, ଅସାଦୃଶ୍ୟ, ପ୍ରଭେଦ।

**divert** *ସ.କ୍ରି.* ଅନ୍ୟଆଡ଼କୁ ନେଇଯିବା, ଗତିପଥ ବଦଳାଇବା, ମୂଳପଥରୁ ଅପସାରଣ କରିବା, ଏକ ବିଷୟରୁ ବିଷୟାନ୍ତରକୁ ମନ ଫେରାଇ ନେବା, ଚିତ୍ତ ବିନୋଦନ କରିବା।

**divest** *ସ.କ୍ରି.* କାଢ଼ିନେବା, ବିଚ୍ୟୁତ କରିବା, ବଂଚିତ କରିବା, ବିବସ୍ତ୍ର କରିବା।

**divide** *ସ.କ୍ରି.* ଭାଗ ଭାଗ କରିବା, ପୃଥକ୍ କରିବା, ବିଚ୍ଛିନ୍ନ କରିବା, ବାଣ୍ଟିଦେବା, ବିତରଣ କରିବା, ଶ୍ରେଣୀବଦ୍ଧ କରିବା, ମତଭେଦ ଘଟାଇବା, (ଗଣିତ) ଭାଗ କରିବା, ହରଣ କରିବା, 2. ବି. ଦୁଇଭିନ୍ନ ଜଳସ୍ରୋତର ବିଭାଜକ; (ଲକ୍ଷଣାର୍ଥରେ) ଛେଦକ; ବିଭାଜକ ରେଖା।

**dividend** ବି. ଲାଭାଂଶ, ଅଂଶୀଦାରର ପ୍ରାପ୍ୟ ଲାଭାଂଶ, (ଗଣିତ) ଭାଜ୍ୟ।

**divider** ବି. ବିଭାଜକ, ବଣ୍ଟନକାରୀ, ବ.ବ. ରେଖା ବିଭାଜକ ଯନ୍ତ୍ର, କମ୍ପାସ।

**divination** ବି. ଦୈବଶକ୍ତି ବା ମନ୍ତ୍ରଶକ୍ତି ବଳରେ ଭବିଷ୍ୟତ୍ କଥନ, ସଠିକ୍ ଅନୁମାନ।

**divine** 1. ବିଂ. ଐଶ୍ୱରିକ, ଐଶୀ, ଦୈବ, ସ୍ୱର୍ଗୀୟ, ଈଶ୍ୱର ସଦୃଶ ବା ତାହାଙ୍କଠାରୁ ପ୍ରାପ୍ତ; ସର୍ବୋତ୍କୃଷ୍ଟ ଆନନ୍ଦଦାୟକ; 2. ବି. ଧର୍ମଶାସ୍ତ୍ରଜ୍ଞ, ଯାଜକ; 3. କ୍ରି. ଅନ୍ତର୍ଦୃଷ୍ଟି ସାହାଯ୍ୟରେ ଆବିଷ୍କାର କରିବା, ଦୂରଦୃଷ୍ଟି ବଳରେ ଜାଣିବା; ଅନୁମାନ କରିବା; divining-rod ଭୂଗର୍ଭସ୍ଥ ଜଳ ବା ଧାତୁର ଅନୁସନ୍ଧାନକାରୀ ମାନେ ଯେଉଁ ବିଶେଷ ଦଣ୍ଡ ବ୍ୟବହାର କରନ୍ତି।

**diviner** ବି. ଭବିଷ୍ୟତ୍ ବକ୍ତା, ଗଣକ।

**divinity** ବି. ଈଶ୍ୱରତ୍ୱ, ଦେବତ୍ୱ, ପରମପୁରୁଷ, ଦେବତା, ଧର୍ମତତ୍ତ୍ୱ।

**divisible** ବିଂ. ବିଭାଜ୍ୟ; divisibility ବି. ବିଭାଜ୍ୟତା।

**division** ବି. ବିଭାଜନ, ବିଭାଗ କରଣ, ଭେଦ, ବିରୋଧ, ମତାନ୍ତର, (ପାର୍ଲିଆମେଣ୍ଟରେ) ଭୋଟ ଗଣନା ନିମନ୍ତେ ସଭ୍ୟମାନଙ୍କର ବିଭାଗ କରଣ; ଶାସନ ବା ସଂସ୍ଥାର ମୁଖ୍ୟ ବିଭାଗ; ସୈନ୍ୟଦଳ; division sign ହରଣ ଚିହ୍ନ (÷)।

**divisive** ବିଂ. ବିଭାଗାତ୍ମକ, ଭିନ୍ନମତାନୁସାରୀ, ବିଭେଦକାରୀ।

**divisor** ବି. (ଗଣିତ) ଭାଜକ।

**divorce** 1. ବି. ବିବାହ ବିଚ୍ଛେଦ, ଛାଡ଼ପତ୍ର, ସମ୍ପର୍କର ଅବସାନ; 2. *ସ.କ୍ରି.* ଛାଡ଼ପତ୍ର ଦେବା, ବିବାହ ବିଚ୍ଛେଦ କରିବା; ବିଚ୍ଛିନ୍ନ କରିବା, ଅଲଗା କରିବା।

**divorcee** ବି. ଛାଡ଼ପତ୍ର ପାଇଥିବା ପୁରୁଷ ବା ସ୍ତ୍ରୀ।

**divulge** *ସ.କ୍ରି.* ଗୁପ୍ତକଥା ପ୍ରକାଶ କରିବା, ପ୍ରଚାର କରିବା; ବି. divulgence.

**divvy** 1. ବି. *କ.ଭା.* ଲାଭାଂଶ; 2. *କ୍ରି.*-up ବାଣ୍ଟିନେବା।

Digitized by srujanika@gmail.com

**Dixie**[1] ବି. ଆମେରିକାର ଦକ୍ଷିଣ ରାଜ୍ୟ ସମୂହ।
**dixie**[2] ବି. ବୃହତ୍ ଲୌହ ପାତ୍ର (କ୍ୟାମ୍ପରେ ବ୍ୟବହୃତ), ଡେକ୍‌ଚି।
**Dixieland** ବି. ଏକପ୍ରକାର ଆଧୁନିକ ଜାଜ୍ ସଂଗୀତ।
**DIY** *ସଂଶ.* do-it-yourself ନିଜେ କର।
**dizzy** 1. ବିଂ. ଘୂର୍ଣ୍ଣିତ, ବିଚଳିତ, ବିଭ୍ରାନ୍ତ, ଅସ୍ଥିର; 2. *ସ.କ୍ରି.* ଅସ୍ଥିର ବା ବିଭ୍ରାନ୍ତ କରାଇବା; ମୁଣ୍ଡ ବୁଲାଇବା; ବି. dizziness.
**dl.** *ସଂଶ.* decilitre (s).
**D-layer** ବି. ଆୟନୋସ୍ଫିଅରର ନିମ୍ନତମ ସ୍ତର।
**D.Litt.** *ସଂଶ.* ଡକ୍ଟର ଅଫ୍ ଲେଟର୍ସ୍ Doctor of Letters.
**dm.** *ସଂଶ.* decimetre(s).
**D.Mus.** *ସଂଶ.* Doctor of Music ଡକ୍ଟର୍ ଅଫ୍ ମ୍ୟୁଜିକ୍।
**DNA** *ସଂଶ.* deoxyribonucleic acid.
**D-notice** ବି. ନିରାପତ୍ତା ଦୃଷ୍ଟିରୁ କୌଣସି ବିଷୟରେ ସମ୍ବାଦ ପ୍ରକାଶ ନ କରିବା ନିମନ୍ତେ ସମ୍ପାଦକଙ୍କୁ ସରକାରୀ ଅନୁରୋଧ।
**do**[1] (*ଏ.ବ.* does; *ଅ.କା.* did; *ଅ.କ୍ରି.ଜ.ପ.* done) 1. *ସ.କ୍ରି.* କରିବା, ସମ୍ପାଦନ କରିବା, ପାଳନ କରିବା; ଶେଷ କରିବା; କୃତିତ୍ୱ ଅର୍ଜନ କରିବା, ସମାପ୍ତ କରିବା, ଉତ୍ପାଦନ କରିବା, ତିଆରି କରିବା, ବାହାର କରିବା, ଯୋଗାଇ ଦେବା, ନ୍ୟସ୍ତ କରିବା, ଅନୁମତି ଦେବା, ସମ୍ପର୍କ ସ୍ଥାପନ କରିବା, ସଜାଇବା, କାମ କରିବା, କାମରେ ବ୍ୟସ୍ତ ରହିବା, ସମାଧାନ କରିବା, ଅଂଶଗ୍ରହଣ କରିବା; ଅଭିନୟ କରିବା, ସନ୍ତୁଷ୍ଟ ହେବା, ଯୋଗ୍ୟ ହେବା; *କ.ଭା.* ଖାଦ୍ୟ ଯୋଗାଇ ଦେବା, ରନ୍ଧନ କରିବା, ସୁସିଦ୍ଧ ହେବା; ଭାଷାନ୍ତର କରିବା; ଯାତ୍ରା କରିବା, ଦୃଶ୍ୟ ଦେଖିବା; *ସା.ପ୍ର.* ଠକିବା, ପ୍ରତାରଣା କରିବା, ଅପହରଣ କରିବା; ଦୋଷୀ ସାବ୍ୟସ୍ତ କରିବା, ଅଭିଯୁକ୍ତ କରିବା, ଜେଲଦଣ୍ଡ ଦେବା, କ୍ଲାନ୍ତ ହେବା, ପରାସ୍ତ କରିବା, ଧ୍ୱଂସ କରିବା, ହତ୍ୟା କରିବା; 2. *ଅ.କ୍ରି.* କରିବା; ଅଗ୍ରସର ହେବା, ଆଚରଣ କରିବା, ଚଳିବା, ଉନ୍ନତି କରିବା, ଗ୍ରହଣ ଯୋଗ୍ୟ ହେବା, ଯଥେଷ୍ଟ ହେବା, କାମ ଚଳିବା; 3. *ସ.କ୍ରି.* ସହାୟକ କ୍ରିୟା *Do* you know? I *did* go but he wasn't there; 4. be done with ସମ୍ପର୍କ ବା କାର୍ଯ୍ୟ ଶେଷ କରିବା; do away with ଦୂର କରିବା, ଅବ୍ୟାହତି ପାଇବା, ହତ୍ୟା କରିବା; do down *କ.ଭା.* ପରାସ୍ତ କରିବା, ଠକିବା, ପ୍ରତାରଣା କରିବା; do for ଚଳିଯିବା, ଉପଯୋଗୀ ହେବା; *କ.ଭା.* ନଷ୍ଟ କରିବା, ଧ୍ୱଂସ ବା ହତ୍ୟା କରିବା, ଘରର ଦେଖାଚାହାଁ କରିବା; do-gooder ଅବାଞ୍ଛିତ ଓ ଅବାସ୍ତବ ଭାବରେ ଯେ ଅନ୍ୟମାନଙ୍କର ଭଲ କରିବାକୁ ଚାହାଁନ୍ତି; do in *ସା.ପ୍ର.* ଧ୍ୱଂସ କରିବା, ହତ୍ୟା କରିବା; *କ.ଭା.* କ୍ଲାନ୍ତ କରିବା; do-it-yourself ବିଂ. ଓ ବି. (ଘରେ) ନିଜେ କରିବାକୁ ଥିବା (କାମ); do justice to ନ୍ୟାୟୋଚିତ ବ୍ୟବହାର କରିବା, ସମୁଚିତ ରୂପେ କରିବା; do or die ଜୀବନ ପଣ କରିବା; do out (ଘର) ସଜାଇବା ବା ସଫା କରିବା; do over *ସା.ପ୍ର.* ଆକ୍ରମଣ କରିବା, ବାଡେଇବା; do something for (to) *କ.ଭା.* ଗୁଣ ବା ମାନ ବୃଦ୍ଧି କରାଇବା; do up ସଜାଇ ରଖିବା, ବାନ୍ଧିବା; do with ବ୍ୟବହାର କରିବା (What shall I do with this?); do without କୌଣସି ବ୍ୟକ୍ତି ବା ବସ୍ତୁ ବିନା ଚଳିଯିବା; have done with ଶେଷ କରି ସାରିବା; to do with ସମ୍ପର୍କରେ, ସମ୍ବନ୍ଧରେ (What has that to do with it?).
**do**[2] ବି. (ବ.ବ. dos ବା do's) ବିସ୍ତୃତ ଘଟଣା, ଭୋଜିସଭା; *କ.ଭା.* ପ୍ରତାରଣା dos and don'ts ଆଚରଣ ବିଧି; fair dos ଭଲ ଅଂଶ।
**do**[3] ବି. ବିକ. doh ସ୍ୱରସପ୍ତକର ପ୍ରଥମ ଧ୍ୱନି, 'ସା'।
**do**[4] *ସଂଶ.* ditto ଏକନ।
**Dobermann pinscher** ଜର୍ମାନ୍ ଦେଶୀୟ ବଡ଼ କୁକୁର ବିଶେଷ।
**doc** ବି.*କ.ଭା.* doctor *ସଂଶ.*।
**docile** ବିଂ. ବାଧ୍ୟ, ବଶ୍ୟ, ସୁଶାସ୍ୟ; ବି. docility.
**dock**[1] 1. ବି. ପୋତାଶ୍ରୟ, ପୋତ ନିର୍ମାଣ ଓ ମରାମତି କ୍ଷେତ୍ର, ଜାହାଜରେ ମାଲ ଲଦନ ବା ଖଲାସ ସ୍ଥାନ; 2. କ୍ରି. ପୋତାଶ୍ରୟକୁ ଆଣିବା ବା ଆସିବା; ମହାକାଶରେ ଦୁଇ ମହାକାଶ ଯାନକୁ ଏକତ୍ର ସଂଯୋଗ କରିବା; in dock

Digitized by srujanika@gmail.com

କ.ଭା. ଡାକ୍ତରଖାନାରେ; (ଯାନ ବାହନ) ମରାମତି ନିମନ୍ତେ ଦିଆ ହୋଇଥିବା।

**dock**[2.] ବି. ବିଚାରାଳୟରେ ଆସାମୀ ପାଇଁ ନିର୍ମିତ କାଠଗଡ଼ା।

**dock**[3.] *ସ.କ୍ରି.* (ପଶୁ ଲାଙ୍ଗୁଳର ଅଗ୍ରଭାଗ) କାଟି ଛୋଟ କରିବା, ମଜୁରୀ କମାଇ ଦେବା।

**docker** ବି. ଜାହାଜରେ ମାଲ୍ ଖଲାସ କିମ୍ବା ବୋଝେଇ ନିମନ୍ତେ ନିଯୁକ୍ତ ଶ୍ରମିକ, ଖଲାସୀ।

**docket** 1. ବି. ଚିଠି ବା ଦଲିଲ୍ ପ୍ରଭୃତିର ତାଲିକା, କୌଣସି ପଦାର୍ଥ ଉପରେ ଦିଆଯାଇଥିବା ଲେବଲ୍; 2. *ସ.କ୍ରି.* ଟିକେଟ୍ ବା ଲେବଲ୍ ଦ୍ୱାରା ଚିହ୍ନିତ କରିବା।

**dockland** ବି. ପୋତାଶ୍ରୟ ନିକଟସ୍ଥ ଅଞ୍ଚଳ।

**dockyard** ବି. ଜାହାଜ ନିର୍ମାଣ ଏବଂ ମରାମତି ସ୍ଥାନ।

**doctor** 1. ବି. ଡାକ୍ତର, ଚିକିତ୍ସକ; କୌଣସି ବିଷୟରେ ଗବେଷଣା ନିମନ୍ତେ ପ୍ରଦତ୍ତ ଉପାଧିଧାରୀ (Ph.D., D. Sc. ପ୍ରଭୃତି); 2. *କ୍ରି.* ଚିକିତ୍ସା କରିବା, (ପଶୁ ପ୍ରଭୃତିଙ୍କୁ) ଖାସି କରିବା; ମରାମତି କରିବା; ଜାଲ ହିସାବ ବା ପ୍ରମାଣ ପ୍ରସ୍ତୁତ କରିବା।

**doctoral** ବିଂ. ବିଶ୍ୱବିଦ୍ୟାଳୟର ଡକ୍ଟର ଡିଗ୍ରୀ ସମ୍ପର୍କୀୟ।

**doctorate** ବି. ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଉପାଧି।

**doctrinaire** 1. ବି. ଦେଶକାଳପାତ୍ର ବିବେଚନା ନ କରି ଯେ ନୀତି ପ୍ରୟୋଗ କରେ; ତତ୍ତ୍ୱବାଦୀ; 2. ବିଂ. ଅବାସ୍ତବବାଦୀ, ତତ୍ତ୍ୱବାଦୀ।

**doctrine** ବି. ତତ୍ତ୍ୱ, ମତବାଦ, ସିଦ୍ଧାନ୍ତ, (ରାଜନୀତି, ଦର୍ଶନ, ବିଜ୍ଞାନ ବା ଧର୍ମ ସମ୍ପର୍କୀୟ) ଏହି ବିଶ୍ୱାସ ବା ନୀତି।

**document** 1. ବି. ଦଲିଲ୍; 2. *ସ.କ୍ରି.* ଦଲିଲ୍ ଦ୍ୱାରା ପ୍ରମାଣ କରିବା, ତଥ୍ୟ ଯୋଗାଇବା; documentation ବି. ଦଲିଲ ବା ତଥ୍ୟ ସଂଗ୍ରହ ବା ପ୍ରୟୋଗ।

**documentary** 1. ବିଂ. ପ୍ରାମାଣିକ ଦଲିଲ୍ ସମ୍ବନ୍ଧୀୟ; 2. ବି. ପ୍ରାମାଣିକ ଗୁରୁତ୍ୱପୂର୍ଣ୍ଣ ଘଟଣାର ଚିତ୍ର ସମ୍ବଳିତ ଚଳଚ୍ଚିତ୍ର।

**dodder**[1.] *ଅ.କ୍ରି.* ବାର୍ଦ୍ଧକ୍ୟହେତୁ ଥରିବା, ଥରି ଥରି ଚାଲିବା; ବି. dodderer; ବିଂ. doddery.

**dodder**[2.] ବି. ସୂତାଭଳି ସରୁ ପରାଙ୍ଗପୁଷ୍ଟ ନିର୍ମୂଳୀ ଜାତୀୟ ଲତା।

**dodecagon** ବି. ଦ୍ୱାଦଶଭୁଜ ବା କୋଣ ବିଶିଷ୍ଟ କ୍ଷେତ୍ର।

**dodecahedron** ବି. ଦ୍ୱାଦଶ ଭୁଜ ବିଶିଷ୍ଟ ଘନକ୍ଷେତ୍ର।

**dodge** 1. *କ୍ରି.* ଏକ ପାଖରୁ ଅନ୍ୟପାଖକୁ ଶୀଘ୍ର ଚାଲିଯିବା, ଆକ୍ରମଣକୁ କୌଶଳର ସହିତ ଏଡ଼ାଇବା; 2. ବି. ଏକପାଖରୁ ଅନ୍ୟପାଖକୁ କୌଶଳର ସହ ଗତି ପରିବର୍ତ୍ତନ କରି ଏଡ଼ିବା କାର୍ଯ୍ୟ, ଚତୁରତା ବା କୌଶଳ।

**dodgem** ବି. ବିଦ୍ୟୁତ୍‌ଚାଳିତ କ୍ଷୁଦ୍ର ମୋଟର ଗାଡ଼ି (ମେଳା ପ୍ରଭୃତିରେ)।

**dodgy** ବିଂ. *କ.ଭା.* ଅବାଗିଆ, ଅବିଶ୍ୱାସୀ, କୌଶଳୀ, ଏଡ଼ିବାରେ ଧୁରନ୍ଧର।

**dodo** ବି. ମରିସସ୍‌ର ଅଧୁନା ବିଲୁପ୍ତ ବୃହତ୍‌ପକ୍ଷୀ; as dead as the (or a) dodo ସମ୍ପୂର୍ଣ୍ଣ ଅବଲୁପ୍ତ।

**doe** ବି. ହରିଣୀ, ମୃଗୀ, ମାଈ ଠେକୁଆ।

**DOE** *ସଂଶ.* Department of Environment.

**doer** ବି. କର୍ତ୍ତା; ଯେ ପ୍ରକୃତରେ କହିବା ଅପେକ୍ଷା କାର୍ଯ୍ୟରେ କରେ।

**doesn't** does notର କଥିତ ରୂପ।

**doff** *ସ.କ୍ରି.* (ଟୋପି ବା ଲୁଗା ପ୍ରଭୃତି) କାଢ଼ିବା, ଉତାରିବା।

**dog** 1. ବି. କୁକୁର, ଶ୍ୱାନ; *ସା.ପ୍ର.* ଲୋକ (lucky dog); ବାଜେ ଧରଣର ଲୋକ (dirty dog); ଲୁହା ଆକୁଡ଼ି ବା ହୁକ୍; 2. *ସ.କ୍ରି.* ପିଛା କରିବା, ପଛରେ ଗୋଡ଼ାଇବା; 3. dog-collar କୁକୁର ବେକର ପଟି; dog days ବର୍ଷର ନିର୍ଦ୍ଧୂମ ଗରମ ଦିନ; dog-eared (ବହିର) ବ୍ୟବହାର ଦ୍ୱାରା ପୃଷ୍ଠାର କୋଣ ମୋଡ଼ି ହୋଇ ଯାଇଥିବା; dog-eat-dog ପ୍ରାଣମୂର୍ଚ୍ଛା ପ୍ରତିଦ୍ୱନ୍ଦ୍ୱିତା; dog-end *ସା.ପ୍ର.* ସିଗାରେଟ୍‌ର ଶେଷ ଭାଗ; dog in the manger ଯେଉଁ ଲୋକ ବା ନିଜେ ଭୋଗକରେ ନା ଅନ୍ୟକୁ ଭୋଗ କରିବାକୁ ଦିଏ; dog's breakfast *କ.ଭା.* କଦର୍ଯ୍ୟ ଅବସ୍ଥା; dog's life ଦୁଃଖ ବା ଦୁର୍ଦ୍ଦଶାପୂର୍ଣ୍ଣ ଜୀବନ;

Digitized by srujanika@gmail.com

dog-tired ଭୀଷଣ କ୍ଳାନ୍ତ; dog-watch ଜାହାଜର ଦୁଇ ଘଣ୍ଟିଆ ନିରୀକ୍ଷଣ ସମୟ; go to the dogs *ସା.ପ୍ର.* ଅବକ୍ଷୟ ପ୍ରାୟ ହେବା, ଧ୍ୱଂସ ହେବା; like a dog's dinner *କ.ଭା.* ଚମତ୍କାର ବା ଆକର୍ଷଣୀୟ ଭାବରେ (ସୁସଜ୍ଜିତ ହେବା, ବେଶ ପୋଷାକ ପିନ୍ଧିବା); not a dog's chance କୌଣସି ସୁଯୋଗ ନଥିବା।

**dogcart** ବି. ଦୁଇଚକିଆ ଗାଡ଼ି ଯହିଁରେ ଦୁଇଧାଡ଼ିରେ ଦୁଇଟି ଲେଖାଏଁ ଆସନ ପରସ୍ପର ପଛକୁପଛ ଥାଏ।

**doge** ବି. *ଇତି.* ଭେନିସ୍ ବା ଜେନୋଆର ମୁଖ୍ୟ ମାଜିଷ୍ଟ୍ରେଟ୍।

**dogfight** ବି. କୁକୁରମାନଙ୍କର ଯୁଦ୍ଧ, ସାମରିକ ଉଡ଼ାଜାହାଜ ମଧ୍ୟରେ ହେଉଥିବା ଘମାଘୋଟ ସଂଘର୍ଷ।

**dogfish** ବି. ଏକପ୍ରକାର ଛୋଟ ମଗର ମାଛ।

**dogged** ବିଂ. ଦୃଢ଼ ସଂକଳ୍ପ, ନଛୋଡ଼ବନ୍ଧା।

**doggerel** ବି. ଲଘୁ ବାଜେ (କେବଳ ପଦକୁ ପଦ ମିଳାଇ) କବିତା।

**doggie** ବି. କୁକୁରର ଡାକନାମ।

**doggo** *କ୍ରି.ବିଂ. ସା.ପ୍ର.* lie doggo ନିଶ୍ଚଳ ଭାବେ ବା ଲୁକ୍କାୟିତ ଭାବେ ପଡ଼ିରହିବା।

**doggy** 1. ବିଂ. କୁକୁରର ବା କୁକୁରଭଳି, କୁକୁରପ୍ରିୟ; 2. *ବି.ଦ୍ର.* doggie.

**doghouse** ବି. କୁକୁର ଘର।

**dogma** ବି. ସିଦ୍ଧାନ୍ତ, ମତ, ମୂଳନୀତି, ତତ୍ତ୍ୱ; ମତାଗ୍ରହ; ଉଗ୍ର ଭାବେ ପ୍ରକାଶିତ ମତ।

**dogmatic** ବିଂ. ସିଦ୍ଧାନ୍ତ ବା ମୂଳନୀତି ସମ୍ବନ୍ଧୀୟ, ନୀତି ବା ତତ୍ତ୍ୱମୂଳକ, ପ୍ରମାଣ ନ ଥାଇ ସ୍ୱମତରେ ଦୃଢ଼, ଉଦ୍ଧତ, ମତାଗ୍ରହୀ; *କ୍ରି.ବିଂ.* dogmatically.

**dogmatism** ବି. ମତାଗ୍ରହୀତା; ଔଦ୍ଧତ୍ୟ, ସ୍ୱମତରେ ସ୍ଥିର ନିଶ୍ଚୟତା; dogmatist ବି ମତାଗ୍ରହୀ; ସ୍ୱମତରେ ଦୃଢ଼ ବ୍ୟକ୍ତି।

**dogmatize** *କ୍ରି.* ଦୃଢ଼ ଓ ଉଦ୍ଧତ ଭାବରେ କହିବା ବା ଲେଖିବା।

**dogrose** ବି. ବନ୍ୟ ଗୋଲାପ ବିଶେଷ।

**dogsbody** *ବି.କ.ଭା.* ଗଧପରି ଖଟିନିା ବ୍ୟକ୍ତି।

**dogwood** ବି. ବଣୁଆ ବୁଦା ବିଶେଷ।

**doh** ବି. ସ୍ୱରଗ୍ରାମର ପ୍ରଥମ ସ୍ୱର, 'ସା'।

**doily** ବି. ଖାଦ୍ୟ ପରିବେଷଣ ସମୟରେ ବ୍ୟବହୃତ ଛୋଟ ସୁନ୍ଦର ତଉଲିଆ ବା କାଗଜ ଖଣ୍ଡ, ଜଳଖିଆ ଥାଳିର ଘୋଡ଼ଣି।

**Dolby** ବି. ଟେପ୍ ରେକର୍ଡିଂ ସମୟରେ ବ୍ୟବହୃତ ଅନାବଶ୍ୟକ ଧ୍ୱନି କମାଇବା ପଦ୍ଧତି।

**doldrums** ବି. ନିରକ୍ଷମଣ୍ଡଳ, ନିରକ୍ଷୀୟ ଶାନ୍ତି ବଳୟ; ଅବସାଦଗ୍ରସ୍ତ, କର୍ମହୀନ ଅବସ୍ଥା।

**dole** 1. ବି. ଦାନ, ପରିମିତଦାନ, ଅନିଚ୍ଛାକୃତ ଦାନ, ବେକାର ବା ବିପନ୍ନ ଅବସ୍ଥାରେ ସରକାରୀ ଅନୁଦାନ; 2. *ସ.କ୍ରି.* ସାମାନ୍ୟ ପରିମାଣରେ ବାଣ୍ଟିବା; 3. on the dole ବେକାର ମାନଙ୍କ ପାଇଁ ସରକାରୀ ସାହାଯ୍ୟ।

**doleful** ବିଂ. ଦୁଃଖପୂର୍ଣ୍ଣ, କରୁଣ, ଶୋଚନୀୟ, *କ୍ରି.ବିଂ.* dolefully.

**doll** 1. ବି. କଣ୍ଢେଇ, ପିତୁଳା, ଖେଳଣା; *କ.ଭା.* ବୁଦ୍ଧିହୀନା ସୁନ୍ଦରୀ, ସୁନ୍ଦରୀ ସ୍ତ୍ରୀ; 2. *କ୍ରି. କ.ଭା.* ଫିଟ୍‌ଫାଟ୍ ହୋଇ ପୋଷାକ ପିନ୍ଧିବା।

**dollar** ବି. ଆମେରିକା ଓ ଅନ୍ୟ କେତେକ ଦେଶର ମୁଦ୍ରା।

**dollop** ବି. *କ.ଭା.* ପୁଳାଏ, ମୋଡ଼ାଏ (ଖାଦ୍ୟ ପ୍ରଭୃତି)।

**dolly** ବି. କଣ୍ଢେଇର ନାମ; ଚଳଚ୍ଚିତ୍ର କେମେରାର ଚଳନ୍ତା ଆଧାର, କ୍ରିକେଟ ଖେଳର ସହଜ କ୍ୟାଚ୍; dolly-bird *କ.ଭା.* ଆକର୍ଷଣୀୟା ଯୁବତୀ।

**dolman sleeve** ତୁରସ୍କଦେଶୀୟ ଢିଲା ହାତ ବିଶିଷ୍ଟ ପୋଷାକ।

**dolomite** ବି. ଡୋଲୋମାଇଟ୍; କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ୍ ଘଟିତ ଏକ ଜାତୀୟ ପଥର।

**dolour** ବି. ଦୁଃଖ, ଯନ୍ତ୍ରଣା, ବିଷାଦ, କ୍ଲେଶ; dolorous ବିଂ. ଦୁଃଖପୂର୍ଣ୍ଣ, କ୍ଲେଶଦାୟକ, ନିରାନନ୍ଦମୟ।

**dolphin** ବି. ଏକଜାତୀୟ ସ୍ତନ୍ୟପାୟୀ ସାମୁଦ୍ରିକ ଜୀବ ବିଶେଷ।

**dolt** ବି. ବୋକା, ନିର୍ବୋଧ ବ୍ୟକ୍ତି, ସ୍ଥୂଳବୁଦ୍ଧି।

**Dom** ବି. ଉଚ୍ଚ ରୋମାନ୍ କେଥଲିକ୍ ଧର୍ମଯାଜକ ମାନଙ୍କ ନାମ ପୂର୍ବରୁ ସଂଯୁକ୍ତ ଉପାଧି।

**–dom** *ପ.ପ୍ର* ବିଶେଷ୍ୟପଦ ନିମନ୍ତେ ବ୍ୟବହୃତ ପ୍ରତ୍ୟୟ ବିଶେଷ; ଉଦା. Kingdom, freedom.

Digitized by srujanika@gmail.com

**domain** ବି. ରାଜ୍ୟ, ଦେଶ, ଏକ ଶାସନାଧୀନ ରାଜ୍ୟ; ନିୟନ୍ତ୍ରଣ ବା ପ୍ରଭାବର ପରିସର।

**dome** ବି. ଗମ୍ବୁଜ, ଉଚ୍ଚ ଗୋଲ ଛାତ।

**domed** ବିଂ. ଗମ୍ବୁଜାକୃତି, ଗମ୍ବୁଜ ମଣ୍ଡିତ।

**domestic** 1. ବିଂ. ଗୃହ ବା ପରିବାର ସମ୍ବନ୍ଧୀୟ, ଘରମୁହାଁ, ଘରୋଇ; (ପଶୁ ସମ୍ପର୍କରେ) ଗୃହପାଳିତ, ପୋଷା; 2. ବି. ଘରୋଇ ପରିଚାରକ; domestic help ଘରକାମରେ ସାହାଯ୍ୟ କରୁଥିବା ଚାକର ବା ଚାକରାଣୀ domestic science ଗୃହ ବିଜ୍ଞାନ; domestically କ୍ରି.ବିଂ. ଘରୋଇ ଭାବରେ।

**domesticate** ସ.କ୍ରି. (ଇତର ପ୍ରାଣୀକୁ) ପୋଷା ମନାଇବା ଗୃହୀଭାବରେ ଅଭ୍ୟସ୍ତ ହେବା ବା କରିବା।

**domesticity** ବି. ପାରିବାରିକ ଜୀବନ, ଗାର୍ହସ୍ଥ୍ୟଜୀବନ।

**domicile** ବି. ବାସସ୍ଥାନ, ସ୍ଥାୟୀ ବାସ ସ୍ଥାନ; ଆବାସିକ ଅଧିକାର।

**domiciled** ବିଂ. ସ୍ଥାୟୀ ଭାବେ ବାସ କରିଥିବା ବା ବାସିନ୍ଦା।

**domiciliary** ବିଂ. ବାସସ୍ଥାନ ସମ୍ପର୍କୀୟ; (ଡାକ୍ତର ବା ସରକାରୀ କର୍ମଚାରୀଙ୍କର) ବ୍ୟକ୍ତିବିଶେଷଙ୍କର ଗୃହକୁ ଗମନ ସମ୍ପର୍କୀୟ; ଉଦା. domiciliary visit.

**dominant** 1. ବିଂ. ପ୍ରତିପତ୍ତିଶାଳୀ, ଶକ୍ତିଶାଳୀ, କ୍ଷମତାଶାଳୀ, ପ୍ରଭାବ ବିସ୍ତାରକାରୀ; ପ୍ରଧାନ; 2. ବି. (ସଂଗୀତରେ) ସ୍ୱରଗ୍ରାମର ପଂଚମ ସ୍ୱର ('ପା'); dominance ବି. ପ୍ରାଧାନ୍ୟ, ପ୍ରତିପତ୍ତି।

**dominate** ସ.କ୍ରି. ପ୍ରାଧାନ୍ୟ ବିସ୍ତାର କରିବା, ପ୍ରଭୁତ୍ୱ ଜାହିର କରିବା, ଆଧିପତ୍ୟ ଦେଖାଇବା, ଶାସନ କରିବା; domination ବି. ପ୍ରଭୁତ୍ୱ, କର୍ତ୍ତୃତ୍ୱ, ପ୍ରାଧାନ୍ୟ।

**domineer** ଅ.କ୍ରି. ଉଦ୍ଧତ ବ୍ୟବହାର କରିବା, ହାକିମୀ କରିବା।

**Dominican** 1. ବିଂ. ସନ୍ଥ ଡ଼ମିନିକ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ସନ୍ନ୍ୟାସୀ ସମ୍ପ୍ରଦାୟ ସମ୍ପର୍କୀୟ; 2. ବି. ଉକ୍ତ ସମ୍ପ୍ରଦାୟଭୁକ୍ତ ସନ୍ନ୍ୟାସୀ ବା ସନ୍ନ୍ୟାସିନୀ।

**dominion** ବି. ପ୍ରଭୁତ୍ୱ, ଆଧିପତ୍ୟ, କର୍ତ୍ତୃତ୍ୱ; ଶାସନାଧୀନ ଦେଶ, ସାର୍ବଭୌମତ୍ୱ, ବ୍ରିଟିଶ ସାମ୍ରାଜ୍ୟ ଅନ୍ତର୍ଗତ ସ୍ୱାୟତ୍ତଶାସନପ୍ରାପ୍ତ ଦେଶ।

**domino** ବି. ଡମିନୋ ଖେଳର ଗୋଟି, ଏହିଖେଳ; ଏକ ପ୍ରକାର ଢ଼ିଲା ପୋଷାକ।

**don**[1] ବି. ବିଶ୍ୱବିଦ୍ୟାଳୟ ଶିକ୍ଷକ (ବିଶେଷତଃ ଅକ୍ସଫୋର୍ଡ୍, କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ବରିଷ୍ଠ ଶିକ୍ଷକ); ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି; Don ସ୍ପେନ୍ ଦେଶୀୟ ଉପାଧି; Don Juan ନାରୀମାନଙ୍କୁ ପଥଭ୍ରଷ୍ଟ କରାଇବାରେ ଧୁରନ୍ଧର, ଉଚ୍ଛୃଙ୍ଖଳ।

**don**[2] ସ.କ୍ରି. ପିନ୍ଧିବା [do on].

**donate** ସ.କ୍ରି. ଦାନ କରିବା, ଚାନ୍ଦାଦେବା।

**donation** ବି. ଦାନ, ଚାନ୍ଦା।

**done** କ୍ରି.ପ.ଭ.ବିଂ. ସମାପ୍ତ, ସମ୍ପୂର୍ଣ୍ଣ, ସିଦ୍ଧ, ସାମାଜିକ ଭାବରେ ଗ୍ରହଣଯୋଗ୍ୟ, ଗୃହୀତ, କ୍ଳାନ୍ତ; be done with କ.ଭା. ଶେଷ କରିବା, ଶେଷ ହେବା; done for ଗୁରୁତର ଅସୁବିଧାରେ; have done with ସମ୍ପର୍କ ଶେଷ କରିବା, ମୁକ୍ତି ପାଇବା।

**donjon** ବି. ଦୁର୍ଗର ଉଚ୍ଚ ସ୍ତମ୍ଭ।

**donkey** ବି. ଗଧ; ନିର୍ବୋଧ ବ୍ୟକ୍ତି; donkey engine କ.ଭା. ଜାହାଜର ବାଷ୍ପୀୟ ଇଂଜିନ-ଏହା ଦ୍ୱାରା ମାଲ ବୋଝେଇ ଓ ଖଲାସ ହୁଏ; donkey jacket ଶ୍ରମିକମାନଙ୍କ ମୋଟା କୋଟ; donkey's years କ.ଭା. ଦୀର୍ଘ ସମୟ; donkey-work କାର୍ଯ୍ୟର ପରିଶ୍ରମସାପେକ୍ଷ ଅଂଶ।

**Donna** ବି. ଇଟାଲୀୟ, ସ୍ପେନୀୟ ଅଥବା ପର୍ତ୍ତୁଗୀଜ ନାରୀମାନଙ୍କର ଉପାଧି।

**donnish** ବିଂ. ମହାବିଦ୍ୟାଳୟ ଡନ୍ ବା ଶିକ୍ଷକଙ୍କ ଭଳି; ବିଦ୍ୟାଭିମାନୀ।

**donor** ବି. ଦାତା, ଚାନ୍ଦାଦାତା; ରକ୍ତ, ଅଙ୍ଗ-ପ୍ରତ୍ୟଙ୍ଗ ପ୍ରଭୃତିର ଦାତା।

**don't** କ.ଭା. do not ନିଷେଧାର୍ଥରେ।

**doodle** 1. ଅ.କ୍ରି. ଅନ୍ୟମନସ୍କ ଭାବରେ ରେଖା ଟାଣିବା; 2. ବି. ଏହି ଭଳି ଭାବରେ ଅଙ୍କନ।

**doom** 1. ବି. ନିୟତି, ଭାଗ୍ୟ, ଅଦୃଷ୍ଟ, ମୃତ୍ୟୁ, ଧ୍ୱଂସ, ଶାସ୍ତି; 2. ସ.କ୍ରି. ଶାସ୍ତି ବା ଦଣ୍ଡ ଦେବା, ଭାଗ୍ୟ ନିର୍ଦ୍ଦିଷ୍ଟ କରିବା।

**doomsday** ବି. ପ୍ରଳୟର ଦିନ; till doomsday ଚିରଦିନ ପାଇଁ।

**door** ବି. ଦ୍ୱାର, କବାଟ, ଦରଜା; door-keeper ଦ୍ୱାରଜଗାଳି; door-to-door ଦ୍ୱାର ଦ୍ୱାର।

Digitized by srujanika@gmail.com

**doorbell** ବି. ଆଗମନ ନିର୍ଦ୍ଦେଶ ସୂଚକ ଦରଜା ଘଣ୍ଟି।

**doorknob** ବି. କବାଟର ତାଲା ଫିଟାଇବା ନିମନ୍ତେ ସାମ୍ନାପଟରେ ଥିବା ମୁଠିଆ।

**doorman** ବି. ଦ୍ୱାରରକ୍ଷକ, ଦରୱାନ୍।

**doormat** ବି. ପାପୋଛ; ଅତ୍ୟନ୍ତ ଶାନ୍ତ ବ୍ୟକ୍ତି।

**doorstep** ବି. ଦ୍ୱାର ପାହାଚ, ଦ୍ୱାରର ଠିକ୍ ନିମ୍ନାଂଶ; on one's doorstep ଅତି ନିକଟବର୍ତ୍ତୀ।

**doorstop** ବି. କବାଟ ଖୋଲା ରଖିବା ବା ଏହା କାନ୍ଥରେ ବାଡ଼େଇ ନ ହେବା ପାଇଁ ବ୍ୟବହୃତ ଉପକରଣ ବିଶେଷ।

**doorway** ବି. ପ୍ରବେଶ ଦ୍ୱାର।

**dope** 1. ବି. ବାର୍ଣିସ, ଗାଡ଼ିରେ ବ୍ୟବହୃତ କାଳି ସଦୃଶ ଦ୍ରବଣ; ଖେଳାଳୀମାନଙ୍କୁ ଦିଆ ଯାଉଥିବା ନିଶା ଔଷଧ; *ସା.ପ୍ର.* ଖବର; ନିର୍ବୋଧ ବ୍ୟକ୍ତି; 2. *କ୍ରି.* ଉତ୍ତେଜକ ଦ୍ରବ୍ୟ ଖୁଆଇବା, ବାର୍ଣିସ ଲଗାଇବା, ନିଶା ଖାଇବା।

**dopey** ବିଂ. ନିଦୁଆ, ତନ୍ଦ୍ରାତୁର, ନିଶାଚ୍ଛନ୍ନ, ନିର୍ବୋଧ; dopiness ବି. ତନ୍ଦ୍ରାତୁରତା।

***doppelganger*** ବି. ଜୀବିତ ବ୍ୟକ୍ତିର ଆସନ୍ନ ମୃତ୍ୟୁସୂଚକ ଛାୟାମୂର୍ତ୍ତି। *(ଜ.)*

**Doppler effect** ଉତ୍ସଠାରୁ ଦୂରତ୍ୱ ବା ନିକଟବର୍ତ୍ତିତା ଅନୁସାରେ ଦର୍ଶକ ପକ୍ଷରେ ଆଲୋକ, ଧ୍ୱନି ବା ଅନ୍ୟାନ୍ୟ ତରଙ୍ଗର ହ୍ରାସ ବା ବୃଦ୍ଧିସୂଚକ ଅନୁଭୂତି।

**dorado** ବି. ନୀଳ ଏବଂ ରୌପ୍ୟବର୍ଣ୍ଣର ସାମୁଦ୍ରିକ ମତ୍ସ୍ୟବିଶେଷ।

**Doric** 1. ବିଂ. (ଉପଭାଷା ସମ୍ପର୍କରେ) ବିସ୍ତୃତ, ଅପରିଶୀଳିତ; (ସ୍ଥାପତ୍ୟ ସମ୍ପର୍କରେ) ପୁରାତନ, ସରଳ ଓ ସୁଦୃଢ଼ ଗ୍ରୀକ୍ ଶିଳ୍ପରୀତି; 2. ବି. ଗାଉଁଲି ଇଂରେଜ ବା ସ୍କଚ୍।

**dormant** ବିଂ. ନିଦ୍ରିତ, ସୁପ୍ତ, ନିଷ୍କ୍ରିୟ, ସାମୟିକଭାବେ କ୍ରିୟାହୀନ; ଅଭିବୃଦ୍ଧିହୀନ; (ଉଦ୍ଭିଦ ସମ୍ପର୍କରେ) ଜୀବନ୍ତ କିନ୍ତୁ ବୃଦ୍ଧିହୀନ; dormancy ବି. ସୁପ୍ତ ବା ନିଷ୍କ୍ରିୟ ଅବସ୍ଥା।

**dormer** ବି. ଢାଲୁ ଛାତରେ ସିଧାଭାବରେ ଦିଆଯାଇଥିବା ଝରକା।

**dormitory** ବି. ସୁପ୍ରଶସ୍ତ ଶୟନାଗାର, ବହୁଶଯ୍ୟା ସମନ୍ୱିତ ଶୟନଗୃହ (ସ୍କୁଲ ପ୍ରଭୃତିରେ); dormitory town ଛୋଟ ସହର ଯେଉଁଠୁ ଲୋକମାନେ ବଡ଼ ସହରକୁ କାମକରିବାକୁ ଯାଆନ୍ତି।

**dormouse** ବି. (ବ.ବ. dormice) ମୂଷା ଓ ଗୁଣ୍ଡୁଚି ମୂଷା ପରି ଦିଶୁଥିବା ଏକ ପ୍ରକାର ଛୋଟ ମୂଷା, ନେପାଳୀ ମୂଷା।

**dorsal** ବିଂ. ପୃଷ୍ଠସମ୍ବନ୍ଧୀୟ, ପୃଷ୍ଠସ୍ଥ।

**dory** ବି. ଖାଦ୍ୟଯୋଗ୍ୟ ସାମୁଦ୍ରିକ ମତ୍ସ୍ୟ ବିଶେଷ।

**dosage** ବି. ଔଷଧର ମାତ୍ରା ବା ସେବନ।

**dose** 1. ବି. ଔଷଧର ମାତ୍ରା, ପରିମାଣ, ପାନ; ତୋଷାମଦି ବା ଦଣ୍ଡର ପରିମାଣ; *ସା.ପ୍ର.* ଯୌନ ରୋଗର ସଂକ୍ରମଣ; 2. *ସ.କ୍ରି.* ମାତ୍ରାନୁଯାୟୀ ଔଷଧ ଦେବା, ଔଷଧ ଦ୍ୱାରା ଚିକିତ୍ସା କରିବା।

**dosh** ବି. *ସା.ପ୍ର.* ଟଙ୍କା ପଇସା।

**doss** *ଅ.କ୍ରି.* *ସା.ପ୍ର.* ଶସ୍ତା ବସାଘରେ ଶୋଇବା; doss down କାମଚଳା ବିଛଣାରେ ଶୋଇବା; doss-house *ସା.ପ୍ର.* ଶସ୍ତା ବସାଘର।

**dossier** ବି. ବ୍ୟକ୍ତି ବା ଘଟଣାର ସମ୍ପର୍କରେ ବିବରଣୀ ଥିବା କାଗଜପତ୍ର, ନଥି।

**dot** 1. ବି. ବିନ୍ଦୁ, କ୍ଷୁଦ୍ର ଚିହ୍ନ ବା ଦାଗ; 2. *ସ.କ୍ରି.* ବିନ୍ଦୁଦ୍ୱାରା ଚିହ୍ନିତ କରିବା, ଇତସ୍ତତଃ ବିକ୍ଷିପ୍ତ କରିବା; *ସା.ପ୍ର.* ଆଘାତ କରିବା; dotted line ନଥି ପ୍ରଭୃତିରେ ଦସ୍ତଖତ ନିମନ୍ତେ ବିନ୍ଦୁଚିହ୍ନିତ ସ୍ଥାନ; dot the i's and cross the t's ଅତ୍ୟନ୍ତ ସତର୍କହେବା, ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା; on the dot ଠିକ ସମୟରେ; the year dot *କ.ଭା.* ଅତି ପ୍ରାଚୀନ କାଳରେ।

**dotage** ବି. ବୁଦ୍ଧି ବୈକଲ୍ୟ, ବୃଦ୍ଧାବସ୍ଥାହେତୁ ବୁଦ୍ଧିଭ୍ରଂଶ, ଅତିରିକ୍ତ ଗେଲବସର।

**dotard** ବି. ବାର୍ଦ୍ଧକ୍ୟ ଜନିତ ବୁଦ୍ଧିଭ୍ରଷ୍ଟ ବ୍ୟକ୍ତି।

**dote** *ଅ.କ୍ରି.* ଅତି ସ୍ନେହ ଦେଖାଇବା ବା ଆସକ୍ତ ହେବା; dote on ଅତ୍ୟନ୍ତ ସ୍ନେହପ୍ରବଣ ହେବା।

**dotterel** ବି. ଭ୍ରମଣଶୀଳ କ୍ଷୁଦ୍ର ପକ୍ଷୀ ବିଶେଷ।

**dottle** ବି. ପାଇପ୍‌ରେ ବାକିଥିବା ଅଜଳା ତମାଖୁ।

**dotty** ବିଂ. *କ.ଭା.* ଅସ୍ଥିରମନା, ଖାମଖିଆଲି; ନିର୍ବୋଧ; dottiness ବି. ଅସ୍ଥିରତା।

**double** 1. ବିଂ. ଦ୍ୱିଗୁଣିତ, ଦୋହରା, ଦ୍ୱିଗୁଣ, ଯୁଗ୍ମ, ଦ୍ୱିଖଣ୍ଡିତ, ଦୁଇପାଖିଆ, ଯୋଡ଼ା, ଦୁଇ ଜଣଙ୍କ ପାଇଁ ଉଦ୍ଦିଷ୍ଟ; (ଫୁଲ ସମ୍ପର୍କରେ) ଦୁଇ

Digitized by srujanika@gmail.com

ଥାକ ପାଖୁଡ଼ା ବିଶିଷ୍ଟ; ଶଠ, ଶଠତାପୂର୍ଣ୍ଣ, ଦୋମୁହାଁ, ଦ୍ୱ୍ୟର୍ଥକ; 2. କ୍ରି.ବିଂ. ଦ୍ୱିଗୁଣିତଭାବେ, ଦୁଇଜଣ ଏକତ୍ରରେ ଉଦା. sleep double 3. ବି. ପ୍ରତିରୂପ, ନିଜ ଆକୃତିପରି ଅନ୍ୟଲୋକ, ଦ୍ୱିଗୁଣ ବସ୍ତୁ; ଦୁଇଯୋଡ଼ା ଖେଳାଳିଙ୍କ ମଧ୍ୟରେ ହେଉଥିବା ଖେଳ; ବ.ବ. ତାସ୍ ଖେଳରେ ପ୍ରତିପକ୍ଷବାଜିର ଦ୍ୱିଗୁଣକରଣ; 4. କ୍ରି. ଦ୍ୱିଗୁଣ କରିବା, ଦୁଇ ଦ୍ୱାରା ଗୁଣନ କରିବା, ଦୁଇ ଭାଙ୍ଗ କରିବା, ଦ୍ୱୈତ ଭୂମିକାରେ ଅଭିନୟ କରିବା, ଦ୍ୱିଗୁଣ ଗତିରେ ଯିବା, ତାସଖେଳରେ ପ୍ରତିପକ୍ଷର ବାଜିକୁ ଦ୍ୱିଗୁଣ କରାଇବା; 5. at the double ଦୌଡ଼ିବା, କ୍ଷିପ୍ରଗତିରେ ଯିବା; double agent ଦୁଇ ଶତ୍ରୁଦେଶ ପାଇଁ ଗୁପ୍ତଚରବୃତ୍ତି କରୁଥିବା ବ୍ୟକ୍ତି; double back ପୁରୁଣା ପଥ ଛାଡ଼ି ନୂତନ ପଥ ଗ୍ରହଣ କରିବା; doublebarrelled ଦୁଇ ନଳିଆ; (ନାମ ସମ୍ପର୍କରେ) ମଝିରେ (–) ଚିହ୍ନଥାଇ ଦୁଇଭାଗ ଥିବା ନାମ; double-bass ବେହେଲାଭଳି ବାଦ୍ୟଯନ୍ତ୍ର ବିଶେଷ; double-breasted (କୋଟ ସମ୍ପର୍କରେ) ଛାତିବନ୍ଧା ହେଉଥିବା ବଡ଼ କଲର ବିଶିଷ୍ଟ କୋଟ; double-check ଦୁଇଥର ପରୀକ୍ଷା କରିବା; double chin ଦୁଇଥାକିଆ ମାଂସଳ ଗାଲ; double cream ଚର୍ବିଯୁକ୍ତ ସର; double-cross ଠକିବା, ଶଠତା ପୂର୍ଣ୍ଣ ଆଚରଣ କରିବା, ଏହି କାର୍ଯ୍ୟ; double-dealing ଶଠତା, ପ୍ରବଞ୍ଚନା; double-decker ଦୁଇପଟାତନ ବିଶିଷ୍ଟ ଜାହାଜ, ଟ୍ରାମ୍ ବା ବସ୍; double eagle ଦୁଇମୁଣ୍ଡ ବିଶିଷ୍ଟ ଈଗଲର ଚିତ୍ର; double- edged ଦ୍ୱିଧାର ବିଶିଷ୍ଟ, *ଲାକ୍ଷ.* ଦୁଇ ପକ୍ଷର ଅନିଷ୍ଟକାରୀ; double entry ସ୍ୱତନ୍ତ୍ର ଭାବରେ ଜମା ଖର୍ଚ୍ଚ ଲିପିବଦ୍ଧ କରିବାର ରୀତି; double figures ୧୦ ରୁ ୯୯ ପର୍ଯ୍ୟନ୍ତ ସଂଖ୍ୟା; double glazing ଉତ୍ତାପହାନି ଏବଂ ବାହାର ଗୋଳମାଳ କମାଇବା ନିମନ୍ତେ ଝରକାରେ ବ୍ୟବହୃତ ଦୁଇ ପରସ୍ତର କାଚ; double-jointed ଆଙ୍ଗୁଠି ପ୍ରଭୃତିକୁ ଅତିରିକ୍ତ ବଙ୍କାଇବାରୁ ରକ୍ଷା କରିବା ନିମନ୍ତେ ଥିବା ଗଣ୍ଠି; double or quits ଖେଳର ହାରଜିତ୍ ନିର୍ଣ୍ଣୟ କରିବା ନିମନ୍ତେ ଏକ ପ୍ରକାର ଜୁଆ; double-park ରାସ୍ତା କଡ଼ରେ ପୂର୍ବରୁ ରଖା ଯାଇଥିବା ଗାଡ଼ି ନିକଟରେ ଗାଡ଼ି ରଖିବା; double pneumonia ଉଭୟ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥିବା ପ୍ରଦାହ; double-quick ବିଂ. କ୍ରି.ବିଂ. ଅତି ଶୀଘ୍ର, କ୍ଷିପ୍ର ଗତିରେ; double standard କଥାରେ ଓ କାମରେ ଅଲଗା, ପକ୍ଷପାତ ବ୍ୟବହାର; double-stopping ବେହେଲାର ଦୁଇ ତନ୍ତ୍ରୀରେ ସହସା ଶବ୍ଦ କରିବା; double take ପରିସ୍ଥିତି ପ୍ରତି ବିଳମ୍ବିତ ପ୍ରତିକ୍ରିୟା; double-talk ପ୍ରତାରଣାପୂର୍ଣ୍ଣ ବାଗ୍‌ବିନ୍ୟାସ; double-think ବିପରୀତ ମତ ଗ୍ରହଣର ମାନସିକ ଶକ୍ତି; double time କର୍ମଚାରୀମାନଙ୍କୁ ପ୍ରକୃତ ମଜୁରୀର ଦୁଇଗୁଣ ଦେବା; double up ନଇଁବା ବା ଝୁଙ୍କିବା, ଅନ୍ୟ ଜଣଙ୍କ ସହିତ ଗୋଟିଏ ଘର ବ୍ୟବହାର କରିବା; କ୍ରି.ବିଂ. doubly.

**double entendre** ଦ୍ୱ୍ୟର୍ଥବୋଧକ ପଦାଂଶ (ସେଥିରୁ ଗୋଟିଏ ଅର୍ଥ ଅଶୋଭନୀୟ)। *(ଫ.)*

**doublet** ବି. ଯୋଡ଼ାରୁ ଗୋଟିଏ, ପୁରୁଷମାନଙ୍କର ଅଙ୍ଗଲଗା ଜାକେଟ୍।

**doubt** 1. ବି. ସନ୍ଦେହ, ସଂଶୟ, ଆଶଙ୍କା, ଅନିଶ୍ଚୟତା, ଅବ୍ୟବସ୍ଥିତଚିତ୍ତ, ଅବିଶ୍ୱାସ ପ୍ରବୃତ୍ତି, ପ୍ରମାଣାଭାବ; 2. କ୍ରି. ସନ୍ଦେହ ବା ଅବିଶ୍ୱାସ କରିବା, ଆଶଙ୍କା କରିବା, ପ୍ରଶ୍ନ ଉଠାଇବା; 3. no doubt ନିଶ୍ଚିତଭାବରେ, ହୁଏତ; without (a) doubt ନିଶ୍ଚୟ, ନିଃସନ୍ଦେହ।

**doubtful** ବିଂ. ସନ୍ଦେହଜନକ, ସନ୍ଦେହପୂର୍ଣ୍ଣ; ସନ୍ଦିଗ୍ଧ, ଅସ୍ପଷ୍ଟ, ଅବିଶ୍ୱସ୍ତ, ଅନିଶ୍ଚିତ।

**doubtless** କ୍ରି.ବିଂ. ନିଃସନ୍ଦେହ ଭାବରେ, ନିଶ୍ଚିତଭାବରେ, ଖୁବ୍ ସମ୍ଭବ।

**douche** 1. କ୍ରି. ଡୁଶ୍‌ଦେବା; ଜଳପ୍ରକ୍ଷେପ କରିବା, ମଳନାଳୀ ଧୁଆଇବା; 2. ବି. *ପରିଷ୍କରଣ ନିମନ୍ତେ କିମ୍ବା ଚିକିତ୍ସାର ଅଙ୍ଗ ହିସାବରେ ନଳୀ ସାହାଯ୍ୟରେ ତରଳ ପଦାର୍ଥ ପ୍ରକ୍ଷେପ ପୂର୍ବକ କୌଣସି ପ୍ରତ୍ୟଙ୍ଗର (ଉଦା. ମଳନାଳୀର) ଧୌତ କରଣ।*

***dough*** ବି. ଚକଟଣି; ଭିଜା ଓ ଚକଟା ହୋଇଥିବା ମଇଦା ବା ଅଟା; *ସା.ପ୍ର.* ଟଙ୍କାପଇସା; doughy ବିଂ. ଚକଟଣି ସଦୃଶ।

**doughnut** ବି. ଚକଟଣି ପ୍ରସ୍ତୁତ କ୍ଷୁଦ୍ର ସୁମିଷ୍ଟ ପିଷ୍ଟକ।

Digitized by srujanika@gmail.com

**doughty** ବିଂ. *ପ୍ରା.ପ୍ର.* ସାହସୀ, ଶକ୍ତିଶାଳୀ, ଶୌର୍ଯ୍ୟଶାଳୀ; doughtily *କ୍ରି.ବିଂ.* ସାହସିକତାର ସହିତ; doughtiness ବି. ସାହସିକତା।

**dour** ବିଂ. ଅବାଧ, ଅମାନିଆ, ଜିଦଖୋର।

**douse** *କ୍ରି.* ପାଣିରେ ବୁଡ଼ିବା, ଉପରେ ପାଣି ପକାଇବା, ଆଲୁଅ ଲିଭାଇବା।

**dove** ବି. କପୋତ, ପାରା; ଶାନ୍ତି ବା ଶାନ୍ତିପୂର୍ଣ୍ଣ ନୀତିର ପ୍ରବକ୍ତା; ଭଦ୍ର ଏବଂ ସୁଶୀଳ ବ୍ୟକ୍ତି।

**dovecote** ବି. ପାରାଭାଡ଼ି।

**dovetail** 1. ବି. ଏକପ୍ରକାର କାଠ ଯୋଡ଼ିବା ପ୍ରଣାଳୀ, ଛନ୍ଦା ଯୋଡ଼େଇ; 2. *କ୍ରି.* ଖାପ କରି ପଟା ଯୋଡ଼ିବା।

**dowager** ବି. ମୃତସ୍ୱାମୀର ସମ୍ପତ୍ତିରୁ ବୃତ୍ତିଭୋଗୀ ମହିଳା; *କ.ଭା.* ସମ୍ମାନିତ ବୟସ୍କା ମହିଳା।

**dowdy** ବିଂ. (ଲୁଗାପଟା ସମ୍ପର୍କରେ), ଅନାକର୍ଷଣୀୟ, (ବ୍ୟକ୍ତି ସମ୍ପର୍କରେ) କଦର୍ଯ୍ୟ ବା ଅପରିଚ୍ଛନ୍ନ ପୋଷାକ ପରିହିତ; *କ୍ରି.ବିଂ.* dowdily ବି. dowdiness.

**dowel** 1. ବି. କାଠ ବା ଧାତୁ ଖିଲ; 2. *କ୍ରି.* ଏହି ଖିଲରେ ଯୋଡ଼ିବା (ପଟା ପ୍ରଭୃତି)।

**dowelling** ବି. ଖିଲ ତିଆରି ନିମନ୍ତେ ବ୍ୟବହୃତ ଗୋଲ ଛଡ଼।

**dower** 1. ବି. ମୃତସ୍ୱାମୀର ସମ୍ପତ୍ତିରୁ ସ୍ତ୍ରୀର ଭରଣପୋଷଣ ନିମନ୍ତେ ସ୍ୱତ୍ୱ ବା ସ୍ତ୍ରୀଧନ; *ପ୍ରା.ପ୍ର.* ଯୌତୁକ; 2. *ସ.କ୍ରି.* *ପ୍ରା.ପ୍ର.* ଯୌତୁକ ଦେବା; ପ୍ରତିଭାଯୁକ୍ତ କରାଇବା; 3. dower house ବିଧବାର ସ୍ୱତ୍ୱରୂପେ ଗୃହୀତ, ବୃହଦ୍ ବାସଗୃହ ନିକଟସ୍ଥ କ୍ଷୁଦ୍ର ବାସଗୃହ।

**down**[1] 1. *କ୍ରି.ବିଂ.* (ନିର୍ଦ୍ଦିଷ୍ଟ ସ୍ଥାନରୁ) ତଳ ଆଡ଼କୁ, ବା ତଳେ, ନିମ୍ନ ଆଡ଼କୁ, ନ୍ୟୂନ ଅବସ୍ଥାରେ, ରାଜଧାନୀ ବା ବିଶ୍ୱବିଦ୍ୟାଳୟ ଠାରୁ ଦୂରରେ ବା ଦକ୍ଷିଣରେ; ଦୁର୍ବଳ ଅବସ୍ଥା ବା ସ୍ଥାନ ଆଡ଼କୁ; ପ୍ରାକ୍ କାଳରୁ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ; ଶସ୍ତା, କମ୍ ମୂଲ୍ୟରେ; ଲିଖିତ ଆକାରରେ ବା ପ୍ରାମାଣିକ ଭାବରେ; ମୂଲ୍ୟ ପ୍ରଦତ୍ତ ହୋଇଥିବା ଅବସ୍ଥାରେ; ସ୍ରୋତ ବା ପବନରେ; 2. *ଅ.* ନିମ୍ନ ଆଡ଼କୁ, ବାଟଦେଇ ବା ଭିତରକୁ; ମୂଳରୁ ଚୂଳ ପର୍ଯ୍ୟନ୍ତ; ନିମ୍ନଭାଗରେ; 3. ବିଂ. ନିମ୍ନ ଆଡ଼କୁ ପରିଚାଳିତ, ରାଜଧାନୀରୁ ବା କେନ୍ଦ୍ରରୁ ଦୂରଗମନ (ଉଦା. down train); 4. *ସ.କ୍ରି.* ଗିଳିବା; *କ.ଭା.* ତଳକୁ ଖସାଇବା; 5. ବି. ତଳକୁ ଖସାଇବା କାର୍ଯ୍ୟ, ଭାଗ୍ୟର ବିରୁଦ୍ଧାଚରଣ (ups and downs); 6. down and out କପର୍ଦ୍ଦକଶୂନ୍ୟ ବା ବାସହୀନ; down-and-out ବାସହୀନ ବ୍ୟକ୍ତି; down-hearted ହତୋତ୍ସାହ, ବିଷଣ୍ଣ, ହତାଶ; down in the mouth ଅସୁଖୀ ଦେଖାଯାଉଥିବା; down on ଅପ୍ରିୟ ହେବା; down payment କ୍ରୟ ସମୟରେ ଆଂଶିକ ମୂଲ୍ୟ ଦାନ; down stage ନାଟ୍ୟ ମଞ୍ଚର ସମ୍ମୁଖ ଭାଗରେ; down-to-earth ବାସ୍ତବବାଦୀ, ଯଥାର୍ଥ-ବାଦୀ; down tools ଧର୍ମଘଟ କରିବା, କାମବନ୍ଦ କରିବା; down to the ground *କ.ଭା.* ସମ୍ପୂର୍ଣ୍ଣ ଭାବରେ; down under ଅଷ୍ଟ୍ରେଲିଆ ଭଳି ସ୍ଥାନରେ; down with ଧ୍ୱଂସ ହେଉ, ନିପାତହେଉ; have a down on ନାପସନ୍ଦ କରିବା।

**down**[2.] ବି. ପକ୍ଷୀଶାବକର ପ୍ରଥମ ଆବରଣ, କୋମଳ ପକ୍ଷ ବା ଛୋଟ ଲୋମ; ନରମ ମାଂସଳ ପଦାର୍ଥ।

**down**[3.] ବି. ନିମ୍ନଭୂମି।

**downbeat** 1. ବି. ସଂଗୀତର ତାଳ ବିଶେଷ; 2. ବିଂ. ନୈରାଶ୍ୟବାଦୀ, ବିଷାଦିତ; ଚିନ୍ତାଶୂନ୍ୟ।

**downcast** ବିଂ. ଅଧୋମୁଖ, ବିଷଣ୍ଣ, ବିରସ।

**downfall** ବି. କ୍ଷମତାଚ୍ୟୁତି, ପତନ, ଏହାର କାରଣ।

**downgrade** *ସ.କ୍ରି.* ନିର୍ଦ୍ଧାରିତ ମାନରୁ ନ୍ୟୂନ କରିବା।

**downhill** *କ୍ରି.ବିଂ.* ନିମ୍ନଗାମୀ; go downhill କ୍ରମଶଃ ଖରାପ ଆଡ଼କୁ ଗତି କରିବା।

**downpipe** ବି. ଛାତଉପରୁ ବର୍ଷାପାଣି ନିମ୍ନସ୍ଥ ନଳାକୁ ପ୍ରବାହିତ କରିବା ନିମନ୍ତେ ଉଦ୍ଦିଷ୍ଟ ନଳ।

**downpour** ବି. ପ୍ରଚୁର ବର୍ଷଣ, ପ୍ରବଳ ବର୍ଷା।

**downright** 1. ବିଂ. ସମ୍ପୂର୍ଣ୍ଣ, ସଚ୍ଚୋଟ; 2. *କ୍ରି.ବିଂ.* ସମ୍ପୂର୍ଣ୍ଣରୂପେ।

**Down's syndrome** ଜନ୍ମରୁ ମାନସିକ ଅନଗ୍ରସରତା ଓ ଶାରୀରିକ ଅସ୍ୱାଭାବିକତା (ରୋଗ), ମଙ୍ଗୋଲିଜ୍ମ୍।

Digitized by srujanika@gmail.com

**downstairs** 1. କ୍ରି.ବିଂ ତଳମହଲାରେ, ତଳମହଲାକୁ; 2. ବିଂ. ତଳମହଲାସ୍ଥ; 3. ବି. ତଳମହଲା।

**downstream** ବିଂ.ଓ କ୍ରି.ବିଂ. ସ୍ରୋତର ଅନୁକୂଳ ଦିଗରେ।

**downtown** 1. ବିଂ. ସହରର ନିମ୍ନ ଅଞ୍ଚଳର ବା କେନ୍ଦ୍ରଅଞ୍ଚଳର; 2. ବି. ସହରର ନିମ୍ନଅଞ୍ଚଳ।

**downtrodden** ବିଂ. ପତିତ, ପଦଦଳିତ, ଉତ୍ପୀଡ଼ିତ।

**downturn** ବି. ଆର୍ଥିକ ବା ବ୍ୟବସାୟଗତ ଅବନତି।

**downward(s)** 1. କ୍ରି.ବିଂ. ନିମ୍ନାଭିମୁଖରେ; 2. ବିଂ. ନିମ୍ନପ୍ରସାରିତ।

**downwind** ବିଂ. ଓ କ୍ରି.ବିଂ. ପବନର ଅନୁକୂଳରେ, ଯେଉଁ ଦିଗରୁ ପବନ ବହୁଛି ସେହି ଦିଗରେ।

**downy** ବିଂ. ଲୋମଭଳି; ନରମ, କୋମଳ ଏବଂ ମାଂସଳ; *ସା.ପ୍ର.* ଜାଣିବା ଶୁଣିବା।

**dowry** ବି. ଯୌତୁକ, ସ୍ତ୍ରୀଧନ।

**dowse**[1.] କ୍ରି. ପାଣି କିମ୍ବା ଖଣିଜ ଭୂମିତଳେ ଅଛି କି ନାହିଁ ତାହା Y ଆକୃତିର ଦଣ୍ଡ ବ୍ୟବହାର ଦ୍ୱାରା ଅନୁସନ୍ଧାନ କରିବା।

**dowse**[2.] *ଦ୍ର.* douse.

**doxology** ବି. ସ୍ତବ, ସ୍ତୋତ୍ର।

**doyen** ବି. କୌଣସି ସଂଘର ଅଧିକ ପ୍ରବୀଣ ବ୍ୟକ୍ତି ବା ସମ୍ମାନିତ ବ୍ୟକ୍ତି; *ସ୍ତ୍ରୀ.* doyenne.

**doz.** *ସଂଶ.* dozen.

**doze** 1. *ଅ.କ୍ରି.* ଘୁମାଇବା, ଢୁଳାଇବା; 2. ବି. ତନ୍ଦ୍ରା, ଝିମ୍ରା; doze off ସାମାନ୍ୟ ଶୋଇ ପଡ଼ିବା।

**dozen** ବି. ବାରଟି; talk nineteen to the dozen ନିରବଚ୍ଛିନ୍ନଭାବେ କଥା କହିବା।

**dozy** ବିଂ. ଘୁମନ୍ତ; *କ.ଭା.* ଅଳସୁଆ, ନିର୍ବୋଧ।

**D. Phil.** *ସଂଶ.* ଡକ୍ଟର ଅଫ୍ ଫିଲୋସଫି Doctor of Philosophy.

**DPT** *ସଂଶ.* ଡିପ୍‌ଥେରିଆ, ପୋଲିଓ ଏବଂ ଟିଟାନସ୍ ପ୍ରତିଷେଧକ ଔଷଧ/ ଟୀକା।

**Dr** *ସଂଶ.* Doctor ଡାକ୍ତର।

**drab** 1. ବିଂ. ମାନ୍ଦା, ଅନାକର୍ଷଣୀୟ, ବାଦାମୀବର୍ଣ୍ଣର; 2. ବିଂ. ବାଦାମୀ ବର୍ଣ୍ଣ।

**drachm** ବି. ଔଷଧ ବ୍ୟବସାୟୀ ମାନଙ୍କଦ୍ୱାରା ବ୍ୟବହୃତ ତରଳ ଔଷଧର ମାପ; ଡ୍ରାମ୍ (ଏକ ଆଉନ୍ସର ଅଷ୍ଟମାଂଶ ପରିମାଣ)।

**drachma** ବି. ( ବ.ବ. drachmas) ପ୍ରାଚୀନ ଗ୍ରୀସ୍‌ର ରୌପ୍ୟମୁଦ୍ରା।

**draconian** ବିଂ. (ଆଇନ ସମ୍ପର୍କରେ) ଅତ୍ୟନ୍ତ କଠୋର, କଡ଼ା, ନିଷ୍ଠୁର।

**draft** 1. ବି. ଚିଠା, ଖସଡ଼ା, ହୁଣ୍ଡି, ଡ୍ରାଫ୍ଟ୍ ବା ଟଙ୍କା ଦେବାର ଆଦେଶପତ୍ର; ଏହି ଭାବରେ ବେଙ୍କ୍‌ରୁ ଟଙ୍କା ପାଇବା, କୌଣସି ବଡ଼ ଦଳରୁ ବିଶେଷ ଉଦ୍ଦେଶ୍ୟରେ ବାଛି ଲୋକ ପଠାଇବା, ଏହି ଧରଣର ବଛାବଛି; 2. *ସ.କ୍ରି.* (ଦଲିଲ୍ ବା ବକ୍ତୃତା ପ୍ରଭୃତିର) ଚିଠା ବା ଖସଡ଼ା କରିବା; ବିଶେଷ ଉଦ୍ଦେଶ୍ୟରେ ବଡ଼ ଦଳରୁ ନିର୍ବାଚିତ ବ୍ୟକ୍ତି ପଠାଇବା।

**draftsman** ବି. ନକ୍‌ସାକାରୀ, ଦଲିଲ୍ ପ୍ରଭୃତିର ଚିଠାକାରୀ।

**drag** 1. କ୍ରି. ଜୋର୍‌ରେ ଟାଣି ନେବା, ଘୋଷାଡ଼ି ନେବା, ଘୋଷାଡ଼ି ହୋଇଯିବା, ମନ୍ଥର ଗତିରେ ବା କ୍ଳାନ୍ତ ଭାବରେ ଯିବା; (ଜଳର ନିମ୍ନଭାଗରେ) ଆଙ୍କୁଶୀ ସାହାଯ୍ୟରେ ଖୋଜିବା, *କ.ଭା.* ଇଚ୍ଛା ବିରୁଦ୍ଧରେ ଘୋଷାଡ଼ି ନେବା; ସିଗାରେଟ୍ ଟାଣିବା; 2. ବି. ଉନ୍ନତିର ପ୍ରତିବନ୍ଧକ, ମନ୍ଦୀଭୂତ ଗତି; *କ.ଭା.* ବିରକ୍ତିକର ବ୍ୟକ୍ତି ବା କାର୍ଯ୍ୟ; (ଶିକାରରେ) କୁକୁରମାନଙ୍କ ସମ୍ମୁଖରେ ଶିକାର ପରିବର୍ତ୍ତେ ବ୍ୟବହୃତ ପ୍ରଲୋଭନ; ଖୋଜିବା ଉପକରଣ; *ସା.ପ୍ର.* ପୁରୁଷ ପିନ୍ଧି ଥିବା ସ୍ତ୍ରୀ ଲୋକର ପୋଷାକ; 3. drag one's feet ଇଚ୍ଛାକୃତ ଭାବେ ଶ୍ଲଥ ହେବା ବା କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବା; drag in ଅପ୍ରାସଙ୍ଗିକ ଭାବେ (ବିଷୟ) ଉପସ୍ଥାପନ କରିବା; drag-net ଜାଲ ପକାଇବା ବା ଜାଲଟାଣିବା (ମାଛପାଇଁ), ଅପରାଧୀ ମାନଙ୍କୁ ବିଧିବଦ୍ଧ ଭାବେ ଖୋଜିବା; drag on କୌଣସି ମତେ କାମ ଚଳାଇବା; drag race ଏକପ୍ରକାର ମଟର ଦୌଡ଼ ପ୍ରତିଯୋଗିତା; drag up *କ.ଭା.* (ଅପ୍ରୀତିକର ବିଷୟ) ଅବତାରଣା କରିବା।

**draggle** କ୍ରି. ଭୂଇଁରେ ଘୋଷାଡ଼ି ଭିଜା ଓ ମଇଳା କରିବା।

Digitized by srujanika@gmail.com

**dragon** ବି. ଗ୍ରୀକ୍ ପୁରାଣୋକ୍ତ ପକ୍ଷ ଓ ନଖ ବିଶିଷ୍ଟ ଅଗ୍ନିଶ୍ୱାସୀ ସର୍ପ; ଭୟଙ୍କର ବ୍ୟକ୍ତି ।

**dragonfly** ବି. କଙ୍କି ।

**dragoon** 1. ବି. ଅଶ୍ୱାରୋହୀସୈନ୍ୟ; ଭୟଙ୍କର ବ୍ୟକ୍ତି; 2. ସ.କ୍ରି. ବଳପ୍ରୟୋଗ ଦ୍ୱାରା କାର୍ଯ୍ୟ କରାଇବା ।

**drain** 1. କ୍ରି. ଜଳ ପ୍ରଭୃତି ତରଳ ପଦାର୍ଥକୁ ନିଷ୍କାସନ କରିବା, ନିଃଶେଷ କରିବା, ଖାଲି କରିବା, ଶୁଖାଇନେବା; ଶକ୍ତି ସାମର୍ଥ୍ୟ ଶେଷ ହେବା; ପିଇବା, ପିଇ ଖାଲି କରିଦେବା; 2. ବି. ନର୍ଦ୍ଦମା, ପାଣିମାହାରା, ନାଳ, ନଳ, ଧନକ୍ଷୟ; 3. down the drain କ.ଭା. ନଷ୍ଟ ହେବା; draining-board ବାସନ ଧୋଇସାରିବା ପରେ ଶୁଖାଇବା ନିମନ୍ତେ ରଖିବାର ଅନୁଚ୍ଚ ସ୍ଥାନ; drainpipe କୋଠାଘର ଉପରୁ ବର୍ଷାଜଳ ନିଷ୍କାସନ ନିମନ୍ତେ ବ୍ୟବହୃତ ନଳ ।

**drainage** ବି. ଜଳ ନିଷ୍କାସନ ପ୍ରଣାଳୀ ବା ବ୍ୟବସ୍ଥା; ନିଷ୍କାସିତ ପଦାର୍ଥ ।

**drake** ବି. ଅଣିରା ପାତିହଂସ, ବତକ ।

**dram** ବି. ତରଳ ପଦାର୍ଥର ପରିମାଣ ବିଶେଷ; ସୁରାସାରରୁ ଢୋକେ ।

**drama** ବି. ନାଟକ, ଦୃଶ୍ୟକାବ୍ୟ, ନାଟ୍ୟକଳା, ନାଟକୀୟ ଘଟଣାବଳୀ, ନାଟକୀୟ ଗୁଣ ।

**dramatic** ବିଂ. ନାଟକୀୟ, ନାଟକସଦୃଶ, ଆକସ୍ମିକ, ଚମକପ୍ରଦ, ଅତିନାଟକୀୟ ବା ଅବାସ୍ତବ ।

**dramatics** ବି. ନାଟକୀୟତା, ନାଟକାଭିନୟ, ଅତିନାଟକୀୟ ବ୍ୟବହାର ।

**dramatis personae** ବି. କୁଶୀଳବ, ନାଟ୍ୟୋଲ୍ଲିଖିତ ଚରିତ୍ର, ଏହାର ତାଲିକା ।

**dramatist** ବି. ନାଟ୍ୟକାର ।

**dramatize** ସ.କ୍ରି. ନାଟ୍ୟରୂପ ଦେବା, ନାଟକାକାରରେ ପରିଣତ କରିବା, ନାଟକୀୟ ବ୍ୟବହାର କରିବା; dramatization ବି. ନାଟ୍ୟରୂପ ପ୍ରଦାନ ।

**drank** କ୍ରି. drinkର ଅ.କା. ରୂପ ।

**drape** 1. ସ.କ୍ରି. ବସ୍ତ୍ରଦ୍ୱାରା ଆଚ୍ଛାଦିତ କରିବା, ବସ୍ତ୍ର ଶୋଭିତ କରିବା, ବସ୍ତ୍ର ଝୁଲାଇବା; 2. ବି. ପର୍ଦ୍ଦା ।

**draper** ବି. ବସ୍ତ୍ର ବିକ୍ରେତା ।

**drapery** ବି. ଲୁଗା ବ୍ୟବସାୟ; ବସ୍ତ୍ର ବ୍ୟବସାୟୀର ମାଲ୍; ଝାଲର, ପର୍ଦ୍ଦା ।

**drastic** ବିଂ. ବିଶେଷ ଫଳପ୍ରଦ; ଉଗ୍ର, କଡ଼ା, ଚରମ ।

**drat** ସ.କ୍ରି. କ.ଭା. (କ୍ରୋଧବଶତଃ) ଅଭିଶାପ ଦେବା ।

**draught** ବି. ପ୍ରକୋଷ୍ଠ ମଧ୍ୟସ୍ଥ ବାୟୁ ପ୍ରବାହ; ଟାଣିବା କାର୍ଯ୍ୟ ବା ଆକର୍ଷଣ, ଜାହାଜ ଭାସି ପାରିବା ଭଳି ପାଣିର ଗଭୀରତା, ପାତ୍ରରୁ ପାନୀୟ ବାହାର କରିବା କାର୍ଯ୍ୟ; ଏକା ଢୋକରେ ପିଇବା କାର୍ଯ୍ୟ ବା ଏହିଭଳି ପେୟର ପରିମାଣ; ଜାଲ ଟାଣିବା, ଏହି ଉପାୟରେ ଧରାଯାଇଥିବା ମାଛ; draught beer ପିପାରୁ ଟାଣି ବାହାର କରାଯାଇଥିବା ବିଅର ମଦ୍ୟ (ବୋତଲରୁ ନୁହେଁ); draught horse ଭାରି ଜିନିଷ, ଗାଡ଼ି- ହଳ ଇତ୍ୟାଦି ଟାଣିବା ନିମନ୍ତେ ନିଯୁକ୍ତ ଘୋଡ଼ା; feel the draught ସା.ପ୍ର. ଆର୍ଥିକ ବା ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେବା ।

**draughtboard** ବି. ଚେସ୍‌ବୋର୍ଡ଼ ।

**draughtsman** ବି. (ପ୍ଲାନ୍, ଡିଜାଇନ୍ ପ୍ରଭୃତି) ଅଙ୍କନକାରୀ; ବି. draughtsmanship.

**draughty** ବିଂ. (କୋଠରୀ ସଂପର୍କରେ) ବାୟୁପ୍ରବାହ ପୂର୍ଣ୍ଣ ।

**draw** 1. କ୍ରି. (ଅ.କା. drew ଅ.କ୍ରି.ଜ.ପ. drawn) ଟାଣିବା, ଘୋଷାଡ଼ି ନେବା, ଆକର୍ଷଣ କରିବା, ଟାଣି ବାହାର କରିବା, ନିଷ୍କାସିତ କରିବା; (ପର୍ଦ୍ଦା ପ୍ରଭୃତି) ଖୋଲିବା ବା ବନ୍ଦ କରିବା; ଭିତରକୁ ନେବା; ଶ୍ୱାସ ଦ୍ୱାରା ଗ୍ରହଣ କରିବା, ଶୋଷିବା (ସିଗାରେଟ୍ ବା ପାଇପ୍ ପ୍ରଭୃତି); ବାହାର କରିନେବା; ଖୋଲିଦେବା, ପ୍ରାପ୍ତ ହେବା; ଗାର ଟାଣିବା, ଗାର ଟାଣି ଚିତ୍ର ତିଆରି କରିବା; (ଖେଳ ବା ପ୍ରତିଯୋଗିତା ପ୍ରଭୃତି) ହାରଜିତ୍ ବ୍ୟତୀତ ଶେଷକରିବା; ଅଗ୍ରସର ହେବା, ଉପନୀତ ହେବା (ଉପସଂହାରରେ); ଡାକି ଆଣିବା (ସମାଲୋଚନା, ଧ୍ୱଂସ ପ୍ରଭୃତି); ବଳ ପ୍ରୟୋଗ କରି କାଢ଼ିନେବା, କାହାଠାରୁ ସ୍ୱୀକାରୋକ୍ତି ଆଦାୟ କରିବା; କୂଅରୁ (ପାଣି) କାଢ଼ିବା, (ଶରୀରରୁ ରକ୍ତ, ମାଠିଆରୁ ତରଳ ପଦାର୍ଥ ପ୍ରଭୃତି) କାଢ଼ିବା; ତରଳସାର ବାହାର କରିବା; ଲୋଭ ଦେଖାଇବା, ମୂଳସ୍ଥାନରୁ ପ୍ରାପ୍ତ ହେବା; ପ୍ରସ୍ତୁତ କରିବା ବା

Digitized by srujanika@gmail.com

ଲେଖିବା (ଦଲିଲ୍, ଚେକ୍ ପ୍ରଭୃତି); (ଜାହାଜ ସମ୍ପର୍କରେ) ଭାସିବା ପାଇଁ ଗଭୀରତା ଆବଶ୍ୟକ କରିବା; ଗାତରୁ ଟାଣିବାହାର କରିବା; 2. ବି. ଟାଣିବା କାର୍ଯ୍ୟ, ଆକର୍ଷକ ବ୍ୟକ୍ତି ବା ବସ୍ତୁ; ଲଟେରୀରେ ଭାଗ୍ୟ ପରୀକ୍ଷା; ଜୟ ପରାଜୟ ଅନିଶ୍ଚିତ ଥିବା କ୍ରୀଡ଼ା; ସିଗାରେଟ୍ ପ୍ରଭୃତି ଟାଣିବା କାର୍ଯ୍ୟ; 3. draw back କୌଣସି କାର୍ଯ୍ୟରୁ ନିବୃତ୍ତ ହେବା; draw in (ଦିନ ସମ୍ପର୍କରେ) ଛୋଟ ହେବା; ଯୋଗ ଦେବା ନିମନ୍ତେ ପ୍ରବର୍ତ୍ତାଇବା; draw in one's horns ଉଚ୍ଚାକାଂକ୍ଷା ସୀମିତ କରିବା; draw the line at (ଧୈର୍ଯ୍ୟର) ସୀମା ରେଖା ଟାଣିବା; draw lots ଲଟେରୀ ଉଠାଇବା; draw on ନିକଟବର୍ତ୍ତୀ ହେବା, ଘଟାଇବା, ପ୍ରଲୁବ୍ଧ କରିବା; draw out ବିଳମ୍ବ କରାଇବା, କଥାବାର୍ତ୍ତାରେ ଲଗାଇବା; (ଦିନ ସମ୍ପର୍କରେ) ବଡ଼ ହେବା; draw-string ଗାଞ୍ଜିଆ ଆଦିର ମୁହଁ ବନ୍ଦ କରିବା ନିମନ୍ତେ ବ୍ୟବହୃତ ଟଣା ଦଉଡ଼ି; draw up ପ୍ରସ୍ତୁତ କରିବା, ଚିଠା କରିବା, ସୁବିନ୍ୟସ୍ତ କରାଇବା, ବନ୍ଦ ହୋଇଯିବା; quick on the draw କ୍ଷିପ୍ର ପ୍ରତିକ୍ରିୟାକ୍ଷମ।

**drawback** ବି. ଅସୁବିଧା, ପ୍ରତିବନ୍ଧକ, ତ୍ରୁଟି।

**drawbridge** ବି. ପରିଖା ବା ନଈନାଳ ଉପରିସ୍ଥ ଏକ ପ୍ରକାର ସେତୁ ଯାହାକୁ ଇଚ୍ଛାନୁସାରେ ଏକ ଦିଗକୁ ଟାଣି ଅଣାଯାଇପାରେ।

**drawer** ବି. ଉତ୍ତୋଳକ, ଟଣାଳୀ; ଯେ ଚେକ୍ ପ୍ରଭୃତି ଭଙ୍ଗାଏ; ଟଣା ଡ଼ାଲା, ଦରାଜ (ମେଜ ପ୍ରଭୃତିରେ); drawers ନିମ୍ନାଙ୍ଗର ଅନ୍ତର୍ବାସ।

**drawing** ବି. ଆକର୍ଷଣ, ଚିତ୍ର ବା ମାନଚିତ୍ର ଅଙ୍କନ, ଚିତ୍ର।

**drawing-board** ବି. ଯେଉଁ ପଟାରେ କାଗଜ ଉପରେ ରଖି ଚିତ୍ର କରାଯାଏ।

**drawing-pin** ବି. ଡ୍ରଇଂ ପଟାର କାଗଜ ଉପରେ ମାରିବା ନିମନ୍ତେ ବ୍ୟବହୃତ ପିନ୍ କଣ୍ଟା।

**drawing-room** ବି. ବୈଠକ ଖାନା।

**drawl** 1. କ୍ରି. ସ୍ୱରବର୍ଣ୍ଣ ଗୁଡ଼ିକୁ ଲୟେଇ କହିବା; 2. ବି. ଉକ୍ତ ପ୍ରକାରେ ଉଚ୍ଚାରଣ ବା କଥନ।

**drawn** ବିଂ. ଶୁଷ୍କ ଓ ମ୍ଳାନ; (ଲଢୁଣୀ ସମ୍ପର୍କରେ) ତରଚ୍ଛ; ଅମୀମାଂସିତ (ଖେଳ)।

**dray** ବି. ଭାରୀ ଜିନିଷ ନେବା ନିମନ୍ତେ ଅନୁଚ୍ଚ ଗାଡ଼ି।

**dread** 1. ସ.କ୍ରି. ଅତିଶୟ ଭୟ କରିବା, ଆଶଙ୍କାରେ ଅପେକ୍ଷା କରିବା; 2. ବି. ମହାଭୟ, ତ୍ରାସ; dreaded ବିଂ. ଭୀତିପ୍ରଦ, ଭୟଙ୍କର।

**dreadful** ବିଂ. ଭୀଷଣ, ଅତି ଭୟଙ୍କର, ଭୟାବହ, ବିକଟ, ଅତ୍ୟନ୍ତ ମନ୍ଦ; dreadfully କ୍ରି.ବିଂ. ଭୟାନକ ଭାବେ।

**dream** 1. ବି. ସ୍ୱପ୍ନ, ଦିବାସ୍ୱପ୍ନ (ବୃଥାକଳ୍ପନା); ଭ୍ରାନ୍ତି, ଆକାଂକ୍ଷା; ସୁନ୍ଦର କିମ୍ବା ଆଦର୍ଶପୁରୁଷ ବା ବସ୍ତୁ; 2. କ୍ରି. ସ୍ୱପ୍ନରେ ଦେଖିବା, ସ୍ୱପ୍ନ ଦେଖିବା, ବୃଥା କଳ୍ପନା କରିବା, କଳ୍ପନା ବିଳାସରେ ସମୟ କଟାଇବା, ନିଷ୍କ୍ରିୟ ହେବା; 3. dreamland ସ୍ୱପ୍ନ ବା କଳ୍ପନା ରାଜ୍ୟ; dream up କଳ୍ପନା କରିବା, ଉଦ୍ଭାବନ କରିବା; like a dream ସହଜରେ, ଅନାୟାସରେ।

**dreamy** ବିଂ. ସ୍ୱପ୍ନିଳ, ସ୍ୱପ୍ନବିଳାସୀ, କଳ୍ପନାପ୍ରବଣ, ଅବାସ୍ତବ; କ.ଭା. ଆନନ୍ଦଦାୟକ; କ୍ରି.ବିଂ. dreamily ବି. dreaminess.

**dreary** ବିଂ. ନିରାନନ୍ଦ, ଅବସାଦକର, ଭୟଙ୍କର; କ୍ରି.ବିଂ. drearily ବି. dreariness.

**dredge**[1.] 1. ବି. ନଦୀ, ନାଳ ବା ସମୁଦ୍ର ଗର୍ଭରୁ ପଙ୍କ, ଶାମୁକା ପ୍ରଭୃତିର ଉତ୍ତୋଳନ ଯନ୍ତ୍ର; 2. କ୍ରି. ଏହି ଯନ୍ତ୍ରରେ ବାହାରକୁ ଆଣିବା ବା ସଫା କରିବା।

**dredge**[2.] ସ.କ୍ରି. ଅଟା, ଚିନି ପ୍ରଭୃତି (ମାଂସ ପ୍ରଭୃତି ଉପରେ) ଛିଞ୍ଚିବା।

**dredger**[1.] ବି. ପଙ୍କକଢ଼ା ଯନ୍ତ୍ର, ଏହିଯନ୍ତ୍ର ବିଶିଷ୍ଟ ନୌକା।

**dredger**[2.] ବି. ଅଟା, ମଇଦା ପ୍ରଭୃତି ଛିଞ୍ଚିବାର ସଚ୍ଛିଦ୍ର ପାତ୍ର।

**dregs** ବି. ବ.ବ. କାଣ୍ଡି, ଅସାର ଅଂଶ।

**drench** 1. ସ.କ୍ରି. ଓଦାକରିବା, ପାଣିରେ ବୁଡ଼ାଇଦେବା; (ପଶୁ ପ୍ରଭୃତିଙ୍କୁ) ଔଷଧ ଖାଇବା ନିମନ୍ତେ ବାଧ୍ୟ କରିବା; 2. ବି. ପଶୁ ପାଇଁ ପାନେ ଔଷଧ।

**dress** 1. କ୍ରି. ପୋଷାକ ପିନ୍ଧାଇବା ବା ଯୋଗାଇବା; ନିଜ ଲୁଗା ପିନ୍ଧିବା; ସାଂଧ୍ୟ ପୋଷାକ ପିନ୍ଧିବା; ସଜ୍ଜିତ କରିବା (କେଶ, ଦୋକାନ, ଝରକା ପ୍ରଭୃତି); (କ୍ଷତ ପ୍ରଭୃତି) ସଫା କରିବା

Digitized by srujanika@gmail.com

ବା ପଟି ବାନ୍ଧିବା; (ପକ୍ଷୀ, କଙ୍କଡ଼ା ବା ସାଲାଡ୍ ପ୍ରଭୃତିକୁ) ରନ୍ଧନୋପଯୋଗୀ ବା ଖାଦ୍ୟୋପଯୋଗୀ କରିବା; (ସୂତା ଲୁଗା, ଚମଡ଼ା ବା ପଥର ପ୍ରଭୃତିକୁ) ପାଲିସ୍ କରିବା ବା କାର୍ଯ୍ୟୋପଯୋଗୀ କରିବା; ସାରଦେବା; ସୈନ୍ୟବାହିନୀକୁ ସଜ୍ଜିତ କରିବା; 2. ବି. ଲୁଗାପଟା; ସ୍ତ୍ରୀ ଲୋକଙ୍କର ବକ୍ଷାବରଣୀ ଓ ସ୍କର୍ଟ, ପେଡ଼ିଲୁଗା, ଆନୁଷ୍ଠାନିକ ପରିଚ୍ଛଦ; ବହିରାଚ୍ଛାଦନ, ପୋଷାକ; dress-circle ବିଶିଷ୍ଟ ଦର୍ଶକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରେକ୍ଷାଳୟର ଏକ ଅଂଶ; dress down ତିରସ୍କାର କରିବା; dress rehearsal ମଞ୍ଚାୟନ ପୂର୍ବର ଶେଷ ପୂର୍ବାଭ୍ୟାସ; dress up ଜାକ୍‌ଜମକ ଭାବେ ପୋଷାକ ପିନ୍ଧିବା; ଅଧିକ ଆକର୍ଷଣୀୟ କରିବା।

**dressage** ବି. ଅଶ୍ୱମାନଙ୍କୁ ଆଜ୍ଞାନୁବର୍ତ୍ତୀ ହେବା ନିମନ୍ତେ ଶିଖାଇବା କାର୍ଯ୍ୟ; ଏହାର ପ୍ରଦର୍ଶନ।

**dresser**[1.] ବି. ରୋଷେଇଘରେ ବାସନ ପ୍ରଭୃତି ରଖିବାର ଥାକ।

**dresser**[2.] ବି. ବେଶକାରୀ, ପ୍ରସାଧକ; ଡାକ୍ତରଙ୍କ ସହକାରୀ, କ୍ଷତାଦିର ପରିଷ୍କାରକ।

**dressing** ବି. ପୋଷାକ, ପରିଧାନ; କ୍ଷତ ପ୍ରଭୃତିର ପରିଷ୍କରଣ ଓ ଆଚ୍ଛାଦନ; (ଖାଦ୍ୟ ସମ୍ପର୍କରେ) ଆବଶ୍ୟକ ମସଲା ଚଟଣି ପ୍ରଭୃତି; (ଜମିରେ) ଖତ ପ୍ରୟୋଗ; କଳରେ ତିଆରି ସମୟରେ କନା ପାଇଁ ବ୍ୟବହୃତ ମଣ୍ଡ; dressing-down ଭର୍ତ୍ସନା, ଗାଳି; dressing-gown ଘରେ ପିନ୍ଧିବାର ଲମ୍ବା କୋଟ; dressing-room ପ୍ରସାଧନ କକ୍ଷ; dressing-table ଦର୍ପଣଯୁକ୍ତ ମେଜ (ପ୍ରସାଧନ ନିମନ୍ତେ)।

**dressmaker** ବି. ସ୍ତ୍ରୀ ପୋଷାକ ପ୍ରସ୍ତୁତକାରୀ; ବି. dressmaking.

**dressy** ବିଂ. ସୁନ୍ଦର ପୋଷାକପ୍ରିୟ, ଫିଟଫାଟ୍, ସୁନ୍ଦର, ଆକର୍ଷଣୀୟ; କ୍ରି.ବିଂ. dressily.

**drew** କ୍ରି. drawର *ଅ.କା.* ରୂପ।

**drey** ବି. ଗୁଣ୍ଡୁଚିମୂଷାର ବସା।

**dribble** 1. କ୍ରି. ଲାଳ ଗଡ଼ାଇବା ବା ଗଡ଼ିବା; ବିନ୍ଦୁ ବିନ୍ଦୁ କରି ପକାଇବା ବା ପଡ଼ିବା; ଫୁଟ୍‌ବଲକୁ ଆସ୍ତେ ଆସ୍ତେ ପାଦରେ ଆଗକୁ ଗଡ଼ାଇବା; 2. ବି. କ୍ଷରଣ, ମନ୍ଥର ସ୍ରବଣ।

**driblet** ବି. ସାମାନ୍ୟ ପରିମାଣର ଟଙ୍କା ବା ଜିନିଷ; ଛୋଟ ଟୋପା ବା ବିନ୍ଦୁ।

**dribs and drabs** ଇତସ୍ତତଃ ବିକ୍ଷିପ୍ତ ଅଳ୍ପ ପରିମାଣର ଜିନିଷ।

**drier** ବି. (ବାଳ ପ୍ରଭୃତି) ଶୁଖାଇବା ଯନ୍ତ୍ର; ଲଣ୍ଡ୍ରି।

**drift** 1. ବି. (ପାଣି, ପବନର) ବେଗ, ଗତି, ଦିଗ; ପବନରେ ଉଡ଼ିଆସି ଗଦା ହୋଇଥିବା ବରଫ ବା ବାଲି; ଉଦ୍ଦେଶ୍ୟ, ଅଭିପ୍ରାୟ, ମର୍ମ, ତାତ୍ପର୍ଯ୍ୟ; ଅପେକ୍ଷମାଣ ଅବସ୍ଥା; ଯାନବାହନର ମନ୍ଦଗତିରେ ଚାଳିତ ହେବା ଅବସ୍ଥା; ପାଣି ବା ପବନ ଦ୍ୱାରା ଗଦା ହୋଇଥିବା ପଥରଖଣ୍ଡ; 2. କ୍ରି. (ପାଣି ବା ପବନ ସ୍ରୋତ) ଭସାଇ ନେବା, ବୋହି ନେବା, ତଡ଼ିନେଇ ଜମା କରିଦେବା; ଉଦ୍ଦେଶ୍ୟହୀନ ଭାବରେ ବା ଉଦାସ ଭାବରେ ଘୂରି ବୁଲିବା; 3. drift-net ଏକ ପ୍ରକାର ଭସାଜାଲ (କୁଆର ସଂଗରେ ଆସୁଥିବା ମାଛ ଏହା ଭିତରକୁ ଆପେ ପଶି ଆସନ୍ତି)।

**drifter** ବି. ଲକ୍ଷ୍ୟହୀନ ବ୍ୟକ୍ତି; ଭସାଜାଲବାହୀ ନୌକା।

**driftwood** ବି. ପାଣିରେ ଭାସି ଆସୁଥିବା କାଠ।

**drill**[1.] 1. ବି. ଛିଦ୍ର ବା ରନ୍ଧ୍ର କରିବା ଯନ୍ତ୍ର, ବେଧନଯନ୍ତ୍ର, ଭଅଁର; ସାମରିକ ଶିକ୍ଷାର ଅଭ୍ୟାସ ବା ନିର୍ଦ୍ଦେଶ; ପୁନରାବୃତ୍ତି ଦ୍ୱାରା ଶିକ୍ଷାଦାନ; ଡ୍ରିଲ୍; *କ.ଭା.* ସ୍ୱୀକୃତ ପଦ୍ଧତି; 2. କ୍ରି. ଭଅଁର ବା ସେଭଳି ଯନ୍ତ୍ର ଦ୍ୱାରା ଛିଦ୍ର କରିବା; ସାମରିକ ବ୍ୟାୟାମ କରାଇବା; ପୁନଃପୁନଃ ଅଭ୍ୟାସ ଦ୍ୱାରା ଶିକ୍ଷା ଦେବା।

**drill**[2.] 1. ବି. ସିଆର, ସିଆର କରିବା ଯନ୍ତ୍ର, ମଞ୍ଜି ବୁଣିବା ଯନ୍ତ୍ର; ଏହିଭଳି ମଂଜି ଲଗା ଯାଇଥିବା ଧାଡ଼ି; 2. *ସ.କ୍ରି.* ଏହି ଭଳି ମଂଜି ଲଗାଇବା।

**drill**[3.] ବି. ଏକ ପ୍ରକାର ତେର୍ଚ୍ଛାବୁଣା ବା ଟୁଇଲ୍ ବୁଣା ସୂତା ବା ରେଶମ ଲୁଗା।

**drill**[4.] ବି. ପଶ୍ଚିମ ଆଫ୍ରିକୀୟ ବବୁନ୍ (ମାଙ୍କଡ)।

**drily** ବିଂ. ଶୁଷ୍କଭାବରେ।

**drink** 1. କ୍ରି. ପିଇବା, ପାନ କରିବା, ଶୋଷଣ କରିବା, ମଦ୍ୟପାନ କରିବା; (ଉଦ୍ଭିଦ ସମ୍ପର୍କରେ) ଆର୍ଦ୍ରତା ଶୋଷିନେବା; 2. ବି. ପାନୀୟ ଦ୍ରବ୍ୟ, ମଦ୍ୟ, ସୁରା; ଏହାର ଅତ୍ୟଧିକ ବ୍ୟବହାର;

Digitized by srujanika@gmail.com

3. the drink *ସା.ପ୍ର.* ସମୁଦ୍ର; drink person's health ସୁସ୍ୱାସ୍ଥ୍ୟ କାମନା କରି ମଦ୍ୟ ପାନ କରିବା; drink in ପିଇଯିବା; ଆଗ୍ରହରେ ଶୁଣିବା ବା ବୁଝିବା; drink to ମଦ୍ୟପାନ କରି ସଫଳତା କାମନା କରିବା; drink up ସମୁଦାୟ ପାନ କରିବା; 4. drinkable ବିଂ. ପାନୀୟ, ପାନଯୋଗ୍ୟ ।

**drip** 1. *କ୍ରି.* ବିନ୍ଦୁ ବିନ୍ଦୁ କରି ପକାଇବା; ଓଦା ହୋଇ ଏହିଭଳି ପାଣି ଝରିବା; 2. ବି. ବିନ୍ଦୁ ବିନ୍ଦୁ ପତନ; ଏହାର ଶବ୍ଦ, ଟପ୍ ଟପ୍ ଶବ୍ଦ, ରୋଗୀକୁ ନଳୀ ସାହାଯ୍ୟରେ ଅନ୍ତଃଶିରା ଦେଇ ତରଳ ଖାଦ୍ୟ ଯୋଗାଣ; *ସା.ପ୍ର.* ଦୁର୍ବଳ ବା ନିର୍ବୋଧ ବ୍ୟକ୍ତି ।

**drip–dry** 1. *କ୍ରି.* ଟଙ୍ଗାଇ ଶୁଖାଇବା; 2. ବିଂ. ଯେଉଁ ଲୁଗା ସହଜରେ ଶୁଖିଯାଏ ।

**drip–feed** 1. *କ୍ରି.* ତରଳ ପଦାର୍ଥରୁ ଟୋପା ଟୋପା ଖୁଆଇବା କାର୍ଯ୍ୟ, ବିଶେଷତଃ ଅନ୍ତଃଶିରାରେ; 2. *ସ.କ୍ରି.* ଏହି ଭଳି ଖୁଆଇବା ।

**dripping** ବି. ଭଜା ମାଂସରୁ ବହୁଥିବା ଚର୍ବି ।

**drive** 1. *କ୍ରି.* ( *ଅ.କା.* drove, *ଅ.କ୍ରି.ଭ.ପ.* driven) ଗାଡ଼ି ବା ଇଞ୍ଜିନ ଚଳାଇବା; (ପଶୁପ୍ରଭୃତି) ଅଡ଼ାଇନେବା, ଚାଳିତ କରିବା; ବଳପୂର୍ବକ ଠେଲି ନେବା, ବାଧ କରିବା; ଘରୋଇ ଗାଡ଼ିରେ ଭ୍ରମଣ କରିବା, ବହିନେବା; (ବଲ୍‌କୁ) ଜୋର୍‌ରେ ମାରିବା; (କଣ୍ଟା) ପୋତିବା; ସୁଡ଼ଙ୍ଗ ଖୋଳିବା; କଠିନ ପରିଶ୍ରମ କରିବା; ଶିକାର ପ୍ରଭୃତିକୁ ଘଉଡ଼ାଇ ଆଣିବା, ପ୍ରଚଣ୍ଡ ପବନରେ ବାହିତ ହେବା; ଚଳାଇବା, (ଦରଦାମ) ଠିକ୍ କରିବା (ବ୍ୟବସାୟ); ଆଗକୁ ଯିବା, ଧାଇଁ ଆସିବା; 2. ବି. ଗାଡ଼ିରେ ପରିଭ୍ରମଣ, ପ୍ରାକୃତିକ ଦୃଶ୍ୟପୂର୍ଣ୍ଣ ପଥ; ଖୁବ୍‌ଜୋର୍‌ରେ ବଲ୍ ଚାଳନ; କିଛି ପାଇବା ନିମନ୍ତେ କାମନା ବା ଇଚ୍ଛାଶକ୍ତି; ସମ୍ମିଳିତ ପ୍ରଚେଷ୍ଟା, ଉଦ୍ୟମ; 3. drive at ଲକ୍ଷ୍ୟ କରିବା, ଉଦ୍ଦେଶ୍ୟ ରଖିବା; drive-in (ସିନେମା, ବ୍ୟାଙ୍କ ପ୍ରଭୃତି) ମଟରକାର୍‌ରେ ବସିଥିବା ଗ୍ରାହକମାନଙ୍କ ପାଇଁ; driving licence ବି. ମଟର ଚଳାଇବା ନିମନ୍ତେ ଅନୁମୋଦନ ପତ୍ର; drivingtest ବି. ମୋଟର ଚଳାଇବା ନିମନ୍ତେ ଉପଯୁକ୍ତ ହେବାର ପରୀକ୍ଷା; driving wheel ବି. ଯେଉଁ ଚକ ସାହାଯ୍ୟରେ କୌଣସି ଯନ୍ତ୍ରର ଚାଳନା କରାଯାଏ ।

**drivel** 1. ବି. ନିରର୍ଥକ କଥା, ପିଲାଳିଆ କଥା; 2. *କ୍ରି.* ବୋକାଙ୍କ ଭଳି କଥା କହିବା; ଲାଳ ବା ସିଂଘାଣି ବହିବା ।

**driver** ବି. ଗାଡ଼ି ଚାଳକ; ଗୋଲଫ୍ ଖେଳରେ ବ୍ୟବହୃତ ଦଣ୍ଡ ।

**driveway** ବି. ମୂଳରାସ୍ତାରୁ ଘର ପର୍ଯ୍ୟନ୍ତ ଗାଡ଼ି ଯିବା ନିମନ୍ତେ ଘରୋଇ ରାସ୍ତା ।

**drizzle** 1. ବି. କୁଣ୍ଡାଭୁରି, ଝିପ୍‌ଝିପ୍ ବର୍ଷା; 2. *ଅ.କ୍ରି.* ଝିପ୍ ଝିପ୍ ବର୍ଷା ହେବା; ମେଘ କୁଣ୍ଡା ଝାଡ଼ିବା; ବିଂ. drizzly.

**droll** ବିଂ. କୌତୁକପୂର୍ଣ୍ଣ, ହାସ୍ୟପୂର୍ଣ୍ଣ; drolly *କ୍ରି.* ବିଂ. ଏହି ଭାବରେ ।

**drollery** ବି. ରଙ୍ଗରସ, ରହସ୍ୟ, ଭାଣ୍ଡାମି ।

**dromedary** ବି. ଏକକୁଜ ବିଶିଷ୍ଟ ଆରବ୍ୟ ଓଟ ।

**drone** 1. ବି. ଅଣ୍ଡିରା ମହୁମାଛି, ଅଳସୁଆ ଲୋକ; ମଧୁପଗୁଞ୍ଜନ, ମୃଦୁମନ୍ଦ ଶବ୍ଦ; 2. *କ୍ରି.* ଗୁଞ୍ଜନ କରିବା, ଗୁଣୁଗୁଣୁ ହେବା, ଗୁଣୁଗୁଣୁ ସ୍ୱରରେ କହିବା ବା ନିରସ ସ୍ୱରରେ କହିବା ।

**drool** *ଅ.କ୍ରି.* ଟୋପାଟୋପା ପଡ଼ିବା ବା ବହିବା; ଲାଳ ବହିବା; ଉଚ୍ଛ୍ୱସିତ ପ୍ରଶଂସା କରିବା ।

**droop** 1. *କ୍ରି.* ନୁଆଁଇବା, ଅବନତ କରିବା; ନଇଁ ପଡ଼ିବା, କ୍ଲାନ୍ତିବଶତଃ ବା ଦୁର୍ବଳତାବଶତଃ ନଇଁ ପଡ଼ିବା; ହତୋତ୍ସାହ ହେବା, ଅଧୋମୁଖ ହେବା; 2. ବି. ଅବନତ ଅବସ୍ଥା; ଅବସାଦ ।

**drop** ବି. ଟୋପା, ବିନ୍ଦୁ; ଦୋଳକ, ଦୁଲ୍; ଟୋପା ଟୋପା ହୋଇ ପରିମିତ ହେବା ଔଷଧ; ସାମାନ୍ୟ ପରିମାଣ; ଛୋଟ ଗୋଲାକୃତି ମିଠେଇ; ମୂଲ୍ୟ ହ୍ରାସ; ତାପମାତ୍ରାର ହ୍ରାସ; *ସା.ପ୍ର.* ଚୋରି ବା ଅବକାରୀ ଦ୍ରବ୍ୟ ଲୁଚାଇବାର ଗୋପନସ୍ଥାନ; ଲାଞ୍ଚ; 2. *କ୍ରି.* ଟୋପା ଟୋପା ହୋଇ ପଡ଼ିବା, ଭୂଇଁରେ ପଡ଼ିବା, (ରକ୍ତ ବା ଅଶ୍ରୁ) ବର୍ଷଣ କରିବା; ଅବସନ୍ନ ହୋଇ ଭୂଇଁରେ ଲୋଟିଯିବା; ମୃତ୍ୟୁ ବରଣ କରିବା; ଶୋଇ ପଡ଼ିବା, ପୁରୁଣା ଅଭ୍ୟାସକୁ ଫେରିଆସିବା; (ମୂଲ୍ୟ, ସ୍ୱର, ବାୟୁ ପ୍ରବାହ, ବୃଦ୍ଧା ପ୍ରଭୃତି) କମିଯିବା; ହ୍ରାସ ପାଇବା; ଦୌଡ଼ରେ ପଛରେ ପକାଇଯିବା; ସମ୍ପର୍କ ନ ରଖିବା, ପରିତ୍ୟାଗ କରିବା; ଆଲୋଚନାରୁ ବାଦ୍

Digitized by srujanika@gmail.com

ଦେବା, ଛାଡ଼ିଦେବା; କହିବା, ଲେଖିବାରେ ଛାଡ଼ିଯିବା; ହଠାତ୍ ଆସି ପହଞ୍ଚିବା; (ଜୁଆ ଖେଳରେ) ହାରିବା; ଫୁଟବଲ୍ ଭୂଇଁରେ ପଡ଼ିବା ବେଳେ ପାଦରେ ଆଘାତ ଦେଇ ଗୋଲ୍ ଦେବା; ଜନ୍ମ କରିବା (ଇତର ପ୍ରାଣୀ ସମ୍ପର୍କରେ); ନିମ୍ନସ୍ଥାନରେ ରଖିବା, (ସମ୍ମାନ) ପ୍ରଦର୍ଶନ କରିବା; at the drop of a hat ହଠାତ୍, କ୍ଷିପ୍ରଗତିରେ; drop-curtain ଯବନିକା, ରଙ୍ଗମଞ୍ଚ ସମ୍ମୁଖସ୍ଥ ଦୃଶ୍ୟପଟ; drop-kick ଫୁଟବଲ୍ ଭୂଇଁରେ ପଡ଼ି ଉଠିଲାବେଳେ ପାଦରେ ଆଘାତ କରିବା କାର୍ଯ୍ୟ; drop off ଶୋଇପଡ଼ିବା, (ଯାତ୍ରୀ) ଓହ୍ଲେଇଦେବା; drop on person କାହା ସହିତ ନିଷ୍ଠୁର ବ୍ୟବହାର କରିବା; drop-out କୌଣସି କାର୍ଯ୍ୟରୁ ଓହରି ଆସିବା; drop scone କେକ୍ ତିଆରିର ଏକ ନିର୍ଦ୍ଦିଷ୍ଟ ପଦ୍ଧତି; 4. droplet ବି. ଛୋଟ ବିନ୍ଦୁ ।

**dropper** ବି. ଡ୍ରପର, ଯେଉଁଥିରୁ ତରଳ ପଦାର୍ଥକୁ ଟୋପା ଟୋପା କରି ପକାଯାଏ ।

**droppings** ବି.ବ.ବ. ପଶୁ ବା ପକ୍ଷୀର ମଳ; ଯାହା ଟୋପା ଟୋପା ହୋଇ ପଡ଼ିଛି ବା ପଡ଼େ ।

**dropsy** ବି. ଶୋଥ, ଜଳୋଦର; ବିଂ. dropsical.

**dross** ବି. ଧାତୁମଳ, ଧାତୁର ଅସାର ଅଂଶ; ଖାଦ, ଆବର୍ଜନା ।

**drought** ବି. ମରୁଡ଼ି, ଅନାବୃଷ୍ଟି ।

**drove**[1.] ବି. ପଲ, ଦଳ, ଯୂଥ; ସଚଳ ଜନତା ।

**drove**[2.] କ୍ରି. driveର ଅ.କା. ରୂପ ।

**drover** ବି. ଗୋପାଳକ, ଗୋରକ୍ଷକ ।

**drown** କ୍ରି. ପାଣିରେ ବୁଡ଼ିଯିବା, ବୁଡ଼ାଇବା ବା ବୁଡ଼ାଇ ମାରିବା; ଜଳଦ୍ୱାରା ପ୍ଲାବିତ କରିବା, ଭିଜାଇ ଦେବା; ମଦ୍ୟପାନ ଦ୍ୱାରା ବେଦନା ଦୂର କରିବା; (କ୍ଷୀଣ ସ୍ୱରକୁ) ଉଚ୍ଚସ୍ୱର ଦ୍ୱାରା ଡୁବାଇ ଦେବା ।

**drowse** କ୍ରି. ଘୁମାଇବା, ତନ୍ଦ୍ରାଚ୍ଛନ୍ନ ହେବା, ଢୁଳାଇବା ।

**drowsy** ବି. ନିଦୁଆ, ନିଦ୍ରାଳୁ ।

**drub** ସ.କ୍ରି. ବାଡ଼ିରେ ବାଡ଼େଇବା, ପ୍ରହାର କରିବା; ସମ୍ପୂର୍ଣ୍ଣ ରୂପେ ପରାସ୍ତ କରିବା; drubbing ବି. ପ୍ରହାର ।

**drudge** 1. ବି. କଠିନ ପରିଶ୍ରମକାରୀ, ଶ୍ରମିକ; 2. *ଅ.କ୍ରି.* କଠିନ ବା ଶ୍ରମସାଧ୍ୟ କାର୍ଯ୍ୟ କରିବା; 3. drudgery ବି. ବିରକ୍ତିକର କଠିନ/ କାର୍ଯ୍ୟ ।

**drug** 1. ବି. ଔଷଧ, ଜଡ଼ି, ନିଶାଦ୍ରବ୍ୟ; 2. କ୍ରି. ଖାଦ୍ୟ ଓ ପାନୀୟରେ ଔଷଧ ମିଶାଇବା, ଔଷଧ ଦେବା, ନିଶାଦ୍ରବ୍ୟ ବ୍ୟବହାର କରିବା; 3. drug on the market ଯେଉଁ ଦ୍ରବ୍ୟ ପ୍ରଚୁର ମିଳୁଛି, ମାତ୍ର ଚାହିଦା ନାହିଁ ।

**drugget** ବି. ଚଟାଣକୁ ଆବୃତ କରିବାଲାଗି ବ୍ୟବହୃତ ମୋଟା ବୁଣା ଗାଲିଚା ।

**druggist** ବି. ଔଷଧ ପ୍ରସ୍ତୁତକାରୀ ବା ବିକ୍ରେତା ।

**drugstore** ବି. ଆମେ. ଔଷଧ ଦୋକାନ, ଏଠାରେ ଜଳଖିଆ ଓ ଅନ୍ୟାନ୍ୟ ସାମଗ୍ରୀ ମଧ ବିକ୍ରି ହୁଏ ।

**Druid** ବି. ପ୍ରାଚୀନ କେଲ୍‌ଟିକ୍ ଧର୍ମର ପୁରୋହିତ, ଡ୍ରୁଇଡିକ ସମ୍ପ୍ରଦାୟର ଅନୁଗାମୀ; ବିଂ. Druidical.

**drum** ବି. ଡ୍ରମ, ଢୋଲ, ନାଗରା, ଢେଙ୍ଗୁରା, ଦୁନ୍ଦୁଭି ପ୍ରଭୃତି ବାଦ୍ୟ; ନାଗରା, ଢୋଲ ସଦୃଶ ପିପା ଆକାରର ବସ୍ତୁ, ଏତାଦୃଶ ବାଦ୍ୟ ଯନ୍ତ୍ରରୁ ଜାତ ଧ୍ୱନି; କର୍ଣ୍ଣ ପଟହ, ଗୋଲାକାର ସ୍ତମ୍ଭର ସିଧା ଅଂଶ; ବ.ବ. ବାଦ୍ୟ ବୃନ୍ଦର ତାଳ ବାଦ୍ୟ ସମୂହ; 2. କ୍ରି. ଢୋଲ, ନାଗରା ବା ଡ୍ରମ୍ ଧରଣର ବାଜା ବଜାଇବା, ଡ୍ରମ୍ ବାଦ୍ୟ ସଦୃଶ ଧ୍ୱନି ସୃଷ୍ଟି କରିବା; ଅଙ୍ଗୁଳି ଦ୍ୱାରା ଧ୍ୱନି ସୃଷ୍ଟି କରିବା; ବାରମ୍ବାର କହି ଶିକ୍ଷା ଦେବା; (ପକ୍ଷୀ ଓ ପତଙ୍ଗ ସଂପର୍କରେ) ଡେଣା ସାହାଯ୍ୟରେ ଉଚ୍ଚ ଧ୍ୱନି ସୃଷ୍ଟି କରିବା; 3. drum brake ଘୂରୁଥିବା ଡ୍ରମ୍ ଉପରେ କାମକରୁଥିବା ବ୍ରେକ୍; drum major ଦଳବଦ୍ଧଭାବେ ଯାଉଥିବା ବାଦକ ଗୋଷ୍ଠୀର ଅଧିନାୟକ; drum majorette ବାଦକ ଗୋଷ୍ଠୀର ଅଧିନାୟିକା; drum out ଅପମାନ ଜନକ ଭାବେ ତଡ଼ି ଦେବା; drum up ପ୍ରବଳ ଉଦ୍ୟମ ଯୋଗୁଁ ଲାଭ କରିବା ବା ପାଇବା ।

**drumhead** ବି. ଢୋଲ, ନାଗରା, ଡ୍ରମ୍ ପ୍ରଭୃତି ବାଦ୍ୟର ଚମଡ଼ା ଛାଉଣି ।

**drummer** ବି. ଡ୍ରମବାଦକ ।

**drumstick** ବି. ଡ୍ରମ୍ ପ୍ରଭୃତି ବାଦ୍ୟ ବଜାଇବା ଲାଗି ବ୍ୟବହୃତ କାଠି; ରନ୍ଧନ ପାଇଁ ପ୍ରସ୍ତୁତ ପକ୍ଷୀ ମାଂସର ଗୋଡର ତଳ ଅଂଶ ।

Digitized by srujanika@gmail.com

**drunk** 1. ବିଂ. ମଦ୍ୟପାନ ଜନିତ ଅନିୟନ୍ତ୍ରିତ ଅବସ୍ଥା, ମାତାଲ, ଉନ୍ମତ୍ତ; ଆନନ୍ଦ ବିହ୍ୱଳ; 2. ବି. ପ୍ରମତ୍ତ ବ୍ୟକ୍ତି, *ସା.ପ୍ର.* ପାନୋତ୍ସବ।

**drunkard** ବି. ମଦୁଆ, ମଦ୍ୟପାନରେ ଅଭ୍ୟସ୍ତ ବ୍ୟକ୍ତି।

**drunken** ବିଂ. ମଦ୍ୟପାନାସକ୍ତ, ଅତ୍ୟଧିକ ମଦ୍ୟପାନରୁ ଜାତ ବା ତତ୍‌ସମ୍ବନ୍ଧୀୟ; ବି. drunkenness.

**drupe** ବି. ମଞ୍ଜିଥିବା ମାଂସଳ କୋଳି।

**dry.** 1. ବିଂ. ନିର୍ଜଳ, ଶୁଷ୍କ, ବୃଷ୍ଟିହୀନ, ସ୍ୱଚ୍ଛ ବୃଷ୍ଟିପାତ ସଂପନ୍ନ; ଶୁଖିଲା (କୂପ, ଖାଲ); *କ.ଭା.* ତୃଷାର୍ତ୍ତ, ସାମୟିକ ବା ସର୍ବଦା ମଦ୍ୟ ବିକ୍ରୟ ନିଷିଦ୍ଧ ହୋଇଥିବା (ଅଞ୍ଚଳ), ତରଳ ପଦାର୍ଥ ବ୍ୟବହୃତ ହେଉ ନଥିବା ବା ଏହାସହ ସଂପର୍କ ନ ଥିବା (distillation); ଅଶ୍ରୁମୁକ୍ତ (ଆଖି), ମିଷ୍ଟତା ରହିତ (ମଦ୍ୟ); ସାଦାସିଧା ବ୍ୟାଖ୍ୟା ହୋଇ ନ ଥିବା, ନିରସ (ବିଷୟ/ ପୁସ୍ତକ), ଆବେଗ ବର୍ଜିତ, କପଟ ଗାମ୍ଭୀର୍ଯ୍ୟ ସହ ଅଭିବ୍ୟକ୍ତ (ଉକ୍ତି); 2. କ୍ରି. ଶୁଖିଯିବା ବା ଶୁଖାଇବା, ଆର୍ଦ୍ରତା ବର୍ଜନ ପୂର୍ବକ ଖାଦ୍ୟ ସଂରକ୍ଷଣ କରିବା; dry battery ଡ୍ରାଇ ବ୍ୟାଟେରୀ; dry-clean ପାଣି ବ୍ୟବହାର ନକରି ପେଟ୍ରୋଲ ପ୍ରଭୃତି ଦ୍ୱାରା ବସ୍ତ୍ର ପରିଷ୍କାର କରିବା; dry dock ଜାହାଜ ତିଆରି ବା ମରାମତି ଲାଗି ଆବୃତ ହୋଇଥିବା ଶୁଷ୍କ ସ୍ଥାନ; dry-fly ବିଂ. ଭାସୁଥିବା କୃତ୍ରିମ ପତଙ୍ଗ (ମାଛ ଧରିବା ଲାଗି), dry ice ଘନୀଭୂତ ଅଙ୍ଗାରକାମ୍ଳ; dry measure ଶୁଖିଲା ଜିନିଷ ପ୍ରଭୃତିକୁ ମାପିବାର ବଟକରା; dry out ସଂପୂର୍ଣ୍ଣ ଶୁଷ୍କ ହେବା ବା ଶୁଷ୍କ କରାଇବା; ମଦ୍ୟପାନ ଛାଡ଼ିବା ଲାଗି ଚିକିତ୍ସିତ ହେବା; dry rot ପବନ ଚଳାଚଳ ଅଭାବରୁ କାଠର ଧ୍ୱଂସ ସାଧନ, ଫିମ୍ପି ମାରିବାରୁ କାଠର ଏତାଦୃଶ ଅବସ୍ଥା; ଯେକୌଣସି ପ୍ରକାରର ନୈତିକ ବା ସାମୂହିକ ଅଧୋଗତି; dry run *କ.ଭା.* ନାଟକାଭ୍ୟାସ; dry-shod ବିଂ./କ୍ରି.ବିଂ. ଗୋଡ଼ ଓଦା ନ କରି; dry up ଧୂଆ ହୋଇଥିବା ଥାଳି ଶୁଖାଇବା, ସଂପୂର୍ଣ୍ଣ ଶୁଖାଇ ଦେବା।

**dryad** ବି. ବନଦେବୀ।

**dryer** *ଦ୍ର.* drier.

**dryly** କ୍ରି.ବିଂ.ଦ୍ର. drily.

**drystone** ବିଂ. ଚୂନ ସିମେଣ୍ଟ ପ୍ରଭୃତି ବ୍ୟତୀତ ଯୋଡ଼ା ହୋଇଥିବା (କାନ୍ଥ ସମ୍ବନ୍ଧୀୟ)।

**D.Sc.** *ସଂକ୍ଷି.* ଡକ୍‌ଟର୍ ଅଫ୍ ସାଇନ୍‌ସ୍ Doctor of Science.

**dual** 1. ବିଂ. ଦୁଇଟି ଭାଗକୁ ନେଇ ଗଠିତ, ଦ୍ୱିବିଧ, ଦ୍ୱୟ; 2. ବିଂ. ଦୁଇ ସଂଖ୍ୟାତ୍ମକ, ଦ୍ୱିବଚନ; dual carriageway ଏକ ସମୟରେ ଦୁଇ ଆଡ଼କୁ ଯାତାୟାତ ଲାଗି ମଧ ଭାଗରେ ବିଭକ୍ତ ହୋଇଥିବା ରାସ୍ତା; dual control ଏକ ସମୟରେ ଦୁଇଜଣ ବ୍ୟକ୍ତି କାର୍ କିମ୍ବା ବ୍ୟୋମଯାନକୁ ଚଳାଇବା ସଂପର୍କରେ ନିୟନ୍ତ୍ରଣ ବ୍ୟବସ୍ଥା, 4. ବି. duality ଦ୍ୱିତ୍ୱ।

**dub**[1.] *ସ.କ୍ରି.* କାନ୍ଧରେ ଅସି ସ୍ପର୍ଶ କରାଇ ନାଗରିକଙ୍କୁ ନାଇଟ୍ ଭାବେ ସମ୍ମାନିତ କରିବା; ନିର୍ଦ୍ଦିଷ୍ଟ ନାମରେ ବ୍ୟକ୍ତିକୁ ନାମିତ କରିବା; ଚମଡ଼ାରେ ଗ୍ରିଜ୍ ବୋଳିବା।

**dub**[2.] *ସ.କ୍ରି.* ଫିଲ୍ମକୁ ଭାଷାନ୍ତରିତ କରିବା; ଫିଲ୍ମ ବା ବେତାରର ବିଷୟବସ୍ତୁରେ ସଂଗୀତ ବା ଧ୍ୱନି ସଂଯୋଗ କରିବା।

**dubbin/ dubbing** ବି. ଚମଡ଼ାକୁ ନରମ ଓ ଜଳନିରୋଧକ କରିବା ଲାଗି ଏଥିରେ ଦିଆଯାଉଥିବା ଗ୍ରିଜ୍‌ର ବହଳ ଲେପ।

**dubiety** ବି. ସଂଦେହାନୁଭବ।

**dubious** ବିଂ. ସଂଶୟପୂର୍ଣ୍ଣ, ସନ୍ଦିହାନ, ସନ୍ଦିଗ୍ଧ, ଅବିଶ୍ୱାସ୍ୟ, ସନ୍ଦେହାତ୍ମକ ଚରିତ୍ର ସଂପନ୍ନ।

**ducal** ବିଂ. ଡିଉକଙ୍କ ଭଳି ବା ଡିଉକଙ୍କର।

**ducat** ବିଂ. ଅଧିକାଂଶ ୟୁରୋପୀୟ ଦେଶରେ ପୂର୍ବେ ପ୍ରଚଳିତ ହେଉଥିବା ସ୍ୱର୍ଣ୍ଣମୁଦ୍ରା।

**duchess** ବି. ଡିଉକଙ୍କ ପତ୍ନୀ (ସଧବା ଅଥବା ବିଧବା), ନିଜ ଅଧିକାର ଯୋଗୁଁ ଡିଉକ୍ ଭାବେ ମର୍ଯ୍ୟାଦା ପ୍ରାପ୍ତ ମହିଳା।

**duchy** ବି. ଡିଉକ୍ ବା ଡଚେସ୍ ଅଧିକୃତ ଅଞ୍ଚଳ।

**duck**[1.] 1. ବି. ବତକ, ପାତିହଂସ, ଏହାର ମାଂସ; କ୍ରିକେଟ୍ ଖେଳରେ ଶୂନ୍ୟ ସଂଖ୍ୟକ ରନ୍; *କ.ଭା.* ପ୍ରିୟ (ସମ୍ବୋଧନରେ); 2. କ୍ରି. ଆଘାତରୁ ରକ୍ଷା ପାଇବା ନିମନ୍ତେ ବା ଦେଖା ନ ପଡ଼ିବା ନିମନ୍ତେ ନଇଁ ପଡ଼ିବା; ପାଣିରେ ମୁଣ୍ଡ ବୁଡ଼ାଇ ସଙ୍ଗେ ସଙ୍ଗେ ଉପରକୁ ଉଠାଇବା, କାହା ମୁଣ୍ଡକୁ ପାଣିରେ ଅଳ୍ପ ବୁଡ଼ାଇ ଦେବା; *କ.ଭା.* କର୍ତ୍ତବ୍ୟରେ ଅବହେଳା କରିବା; 3. duck-boards ଖାତ ବା କାଦୁଅ ଉପରେ ଯିବା ଲାଗି କାଠ ପଟାରେ

Digitized by srujanika@gmail.com

ତିଆରି ସଂକୀର୍ଣ୍ଣ ବାଟ; ducks and drakes ପାଣି ଉପରେ ଝିଙ୍କର ବା ଚେପଟା ପଥର ଫିଙ୍ଗିବା ଖେଳ; play ducks and drakes with ଅର୍ଥ ବିନର୍ଦ୍ଧ୍ୟୟ କରିବା; like water off a duck's back ନିଷ୍ଫଳ।

**duck**[2] ବି. ତୁଳା ବା ଲିନେନ୍‌ରୁ ପ୍ରସ୍ତୁତ ଟାଣ କନା; ବ.ବ. ଏଥିରେ ପ୍ରସ୍ତୁତ ପ୍ୟାଣ୍ଟ ପ୍ରଭୃତି।

**duckling** ବିଂ. ବତକ ଛୁଆ।

**ducky** ବି. କ.ଭା. ପ୍ରିୟ (ସମ୍ବୋଧନରେ)।

**duct** 1. ବି. ସାରଣୀ, ତରଳ ପଦାର୍ଥର ପ୍ରବାହ ଲାଗି ନାଳ ବା ନାଳିକା; 2. *ସ.କ୍ରି.* ଉକ୍ତ ରୀତିରେ ତରଳ ପଦାର୍ଥର କ୍ଷରିବା; 3. ductless gland ଅନାଳ ଗ୍ରନ୍ଥି, ଯେଉଁ ଗ୍ରନ୍ଥିରୁ ସ୍ରାବ ସିଧା ରକ୍ତ ସ୍ରୋତରେ ମିଶେ।

**ductile** ବିଂ. ତାରରେ ପରିଣତ ଯୋଗ୍ୟ (ଧାତୁ); ନମନୀୟ, ନିରୀହ; ବି. ductility.

**dud** 1. ବି. ଅନାବଶ୍ୟକ ବସ୍ତୁ, ବ.ବ. ଛିଣ୍ଡା ଲୁଗାପଟା; 2. ବିଂ. ଦୋଷଯୁକ୍ତ, ଅନାବଶ୍ୟକ।

**dude** ବି. ଆମେ. ସହରୀ ଟୋକା।

**dudgeon** ବି. ବିରକ୍ତି, ଅସନ୍ତୋଷ।

**due** 1. ବିଂ. ବାକି (ଋଣ, ମାହାସୁଲ); ଯଥା ବିହିତ; 2. *କ୍ରି.ବିଂ.* ଠିକ୍ ଦିଗରେ; 3. ବି. ବ.ବରେ ଦେୟ ପରିମାଣ; ବ୍ୟକ୍ତିର ଅଧିକାର; ପ୍ରାପ୍ୟ; 4. become (or fall) due ପରିଶୋଧ ଯୋଗ୍ୟ; due to ହେତୁରୁ, କାରଣ ଯୋଗୁଁ।

**duel** 1. ବି. ମାରାତ୍ମକ ଅସ୍ତ୍ର ସାହାଯ୍ୟରେ ଦୁଇ ଜଣ ବ୍ୟକ୍ତିଙ୍କ ଯୁଦ୍ଧ, ଦ୍ୱନ୍ଦ୍ୱଯୁଦ୍ଧ; 2. *ଅ.କ୍ରି.* ଦ୍ୱନ୍ଦ୍ୱ ଯୁଦ୍ଧ କରିବା; ବି. duelist.

**duenna** ବି. ଝିଅମାନଙ୍କ ରକ୍ଷଣାବେକ୍ଷଣ କରୁଥିବା ବୃଦ୍ଧା (ବିଶେଷତଃ ସ୍ପେନୀୟ ପରିବାରରେ)।

**duet** ବି. ଦୁଇ ଜଣ ଗାଇବା ପାଇଁ ରଚିତ ସଂଗୀତ, ଏପରି ସଂଗୀତ ଗାନକାରୀ; ବି. duetist.

**duff** 1. ବିଂ. ଅପଦାର୍ଥ, ତୁଚ୍ଛ, ଅଚଳ; 2. ˙ ପ୍ରସ୍ତୁତ ହୋଇଥିବା ପୁଡ଼ିଙ୍ଗ୍।

**duffer** ବି. ଅଦକ୍ଷ ଅଥବା ନିର୍ବୋଧ ବ୍ୟକ୍ତି।

**dug**[1] dig ର *ଅ.କା./ ଅ.କ୍ରି.କ.ପ.।*

**dug**[2] ବି. ପନ୍ହା; ଚୁଚୁକ, ସ୍ତନାଗ୍ର।

**dug–out** ବି. ଗଛର ଗଣ୍ଡିକୁ ଖୋଳି ନିର୍ମିତ ହୋଇଥିବା ଛୋଟ ଡଙ୍ଗା, ଟ୍ରେଞ୍ଚରେ ସୈନ୍ୟମାନଙ୍କ ଲାଗି ଛାତ ଥିବା ଆଶ୍ରୟ ସ୍ଥଳ।

**duke** ବି. ବ୍ରିଟେନର ପୁରୁଷାନୁକ୍ରମିକ ସର୍ବୋଚ୍ଚ ସମ୍ଭ୍ରାନ୍ତ ଉପାଧି; ଏକ କ୍ଷୁଦ୍ର ରାଜ୍ୟର ରାଜା; ବି. dukedom.

**dulcet** ବିଂ. ସୁଲଳିତ (ସ୍ୱର)।

**dulcimer** ବି. ଏକତାରା ଜାତୀୟ, ତନ୍ତ୍ରୀଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ।

**dull** 1. ବିଂ. (ବର୍ଣ୍ଣ, ଆଲୋକ, ଧ୍ୱନି ପ୍ରଭୃତିର) ଅନୁଜ୍ଜ୍ୱଳ, ଅସ୍ପଷ୍ଟ; (ପାଗ ସମ୍ବନ୍ଧୀୟ) ବିରକ୍ତିକର, ମେଘାଚ୍ଛନ୍ନ, ଅନାକର୍ଷଣୀୟ; (ଯନ୍ତ୍ରଣା) ଅସ୍ପଷ୍ଟ ଭାବେ ଅନୁଭୂତ; ବୁଝିପାରିବାକୁ ଅସମର୍ଥ, ମୂର୍ଖ, ଅବସନ୍ନ, (ଦେଖିବା ଓ ଶୁଣିବାରେ) ଅସମର୍ଥ; ଦନ୍ତୁରା, ମନ୍ଥର; (ବ୍ୟବସାୟ ପ୍ରଭୃତି) ମାନ୍ଦା; 2. *କ୍ରି.* ଏପରି ହେବା ବା କରିବା; 3. *କ୍ରି.ବିଂ.* dully.

**dullard** ବି. ସ୍ଥୂଳବୁଦ୍ଧି, ବେଢ଼ା।

**duly** *କ୍ରି.ବିଂ.* ଯଥା ସମୟରେ ବା ଯଥାରୀତିରେ, ଯଥାର୍ଥ ଭାବରେ, ଯଥେଷ୍ଟ ପରିମାଣରେ।

**dumb** ବିଂ. ବୋବା, ମୂକ, ବାକ୍‌ଶକ୍ତିହୀନ (ଲଜ୍ଜା ବିସ୍ମୟ ଯୋଗୁଁ); ମୂର୍ଖ, ନିର୍ବୋଧ; dumb show ମୂକ ଅଭିନୟ।

**dumb–bell** ବି. ବ୍ୟାୟାମର ଉପକରଣ ବିଶେଷ; *ଗା.ପ୍ର.* ନିର୍ବୋଧବ୍ୟକ୍ତି।

**dumbfound** *ସ.କ୍ରି.* ବିସ୍ମୟ ବିମୂଢ଼ କରିବା ବା ହେବା।

**dumdum bullet** ବନ୍ଧୁକର ଗୁଳି ବିଶେଷ।

**dummy** 1. ବି. ନକଲି ଜିନିଷ, ମନୁଷ୍ୟର ମଡେଲ, ବନ୍ଧୁକର ଲକ୍ଷ୍ୟ ଭେଦ ଲାଗି କୃତ୍ରିମ ମନୁଷ୍ୟ ମୂର୍ତ୍ତି; ପ୍ରକୃତ ବସ୍ତୁର ବିକଳ୍ପ; ଶିଶୁଙ୍କ ଚୁଚୁମା ଜିନିଷ, ନିର୍ବୋଧ ବ୍ୟକ୍ତି, ନାମକୁ ମାତ୍ର ମୁଖ୍ୟ; ତାସ୍ ଖେଳରେ ଅଂଶ ଗ୍ରହଣକାରୀ କାଳ୍ପନିକ ଖେଳାଳି; 2. ବିଂ. ନକଲି, ଅନୁକରଣ କରାଯାଇ ଥିବା; 3. dummy run ପରୀକ୍ଷା ମୂଳକ ଅଭ୍ୟାସ।

**dump** 1. *ସ.କ୍ରି.* ତୁଚ୍ଛ ଆବର୍ଜନା ରୂପେ ଗଡେଇବା; ପରିତ୍ୟାଗ କରିବା, ବିଶୃଙ୍ଖଳ ଭାବେ ରଖିବା; ଅତିରିକ୍ତ ପଦାର୍ଥକୁ ବିଦେଶକୁ ଅଳ୍ପ ମୂଲ୍ୟରେ ବିକିବାକୁ ପଠାଇଦେବା; 2. ବି. ଆବର୍ଜନା ଜମାଇବାର ସ୍ଥାନ, ଲୌହ ପିଣ୍ଡ ବା ମାଟିର ଗଦା, ଯୁଦ୍ଧ ସରଞ୍ଜାମ ରଖିବାର ଅସ୍ଥାୟୀ ଗୋଦାମ, କ.ଭା. ଅପ୍ରୀତିକର ସ୍ଥାନ।

Digitized by srujanika@gmail.com

**dumpling** ବି. ସିଝା ବା ଛଣା ହୋଇଥିବା ମଣ୍ଡା; ଗେଡ଼ା ମୋଟା ବ୍ୟକ୍ତି ।
**dumps** ବି. ବ.ବ. ନିସ୍ତେଜ ଅବସ୍ଥା, ଅବସନ୍ନତା (down in the dumps ରେ) ।
**dumpy** ବିଂ. କ୍ଷୁଦ୍ର ଓ ସବଳ; ବି. dumpiness.
**dun**[1.] 1. ବିଂ. ଧୂସର, ବାଦାମୀ; 2. ବି. ଉକ୍ତ ବର୍ଣ୍ଣ; ଉକ୍ତ ରଙ୍ଗର ଘୋଡା ।
**dun**[2.] 1 ସ.କ୍ରି. ଋଣ ପରିଶୋଧ ଲାଗି ବାରମ୍ବାର ତାଗିଦ କରିବା, 2. ବି. ଅର୍ଥ ପ୍ରଦାନ କରିବାକୁ ଦାବି ।
**dunce** ବି. ଜଡ଼ବୁଦ୍ଧି, ବେଢ଼ା ।
**dunderhead** ବି. ମୂର୍ଖବ୍ୟକ୍ତି ।
**dune** ବି. ପବନ ଦ୍ୱାରା ସୃଷ୍ଟ ବାଲିଗଦା ବା ବନ୍ତ ।
**dung** 1. ବି. ପଶୁମଳ, ଗୋବର, ଖତ; 2. ସ.କ୍ରି. ଖତ ବା ସାର ପ୍ରୟୋଗ କରିବା (ଭୂମିରେ); dung-beetle ମଳରେ ବଢୁଥିବା ପୋକ, ଗୋବର ପୋକ ।
**dungaree** ବି. ମୋଟା ତୁଳା ଲୁଗା, ବ.ବ. ଏଥିରେ ପ୍ରସ୍ତୁତ ସର୍ବାଙ୍ଗ ପୋଷାକ ପ୍ୟାଣ୍ଟ ।
**dungeon** ବି. ଭୂଗର୍ଭସ୍ଥ ବନ୍ଦୀଶାଳା ।
**dunghill** ବି. ଗୋବର ବା ଖତଗଦା ।
**dunk** ସ.କ୍ରି. ଖାଇବା ପୂର୍ବରୁ ରୁଟି ପ୍ରଭୃତିକୁ ଝୋଳ ବା ମଦରେ ବୁଡ଼ାଇବା ।
**duo** ବି.( ବ.ବ. duos) ନୃତ୍ୟ ଗୀତାଦି ପ୍ରଦର୍ଶନକାରୀ ବ୍ୟକ୍ତି ଯୁଗଳ ।
**duodecimal** ବିଂ. ଦ୍ୱାଦଶମିକ, ଦ୍ୱାଦଶ ସଂପର୍କୀୟ ।
**duodenum** ବି. କ୍ଷୁଦ୍ରାନ୍ତ୍ରର ପ୍ରଥମ ଅଂଶ, ଗ୍ରହଣୀ; duodenal ବିଂ. ଗ୍ରହଣୀ ସଂକ୍ରାନ୍ତ ।
**duologue** ବି. ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ସଂଳାପ; ତିକ. dialogue.
**dupe** 1. ବି. ପ୍ରତାରିତ ବ୍ୟକ୍ତି; 2. ସ. କ୍ରି. ପ୍ରତାରଣା କରିବା ।
**duple** ବିଂ. ଦୁଇ ଭାଗର ।
**duplex** ବିଂ. ଦୁଇଭାଗ ବିଶିଷ୍ଟ, ଦୁଇ ମହଲା ବିଶିଷ୍ଟ (ଘର) ।
**duplicate** 1. ବିଂ. ଏକ ବସ୍ତୁର ଅନୁରୂପ; ଦ୍ୱିଗୁଣିତ, ଦ୍ୱିଗୁଣ; ଦୁଇଟି ସଦୃଶ ଅଂଶ ବିଶିଷ୍ଟ; 2. ବି. ଏକବସ୍ତୁ ସଦୃଶ ନିର୍ମିତ ଅନ୍ୟବସ୍ତୁ; ଚିଠି ବା ଦରକାରୀ କାଗଜର ପ୍ରତିଲିପି; 3. କ୍ରି. ଠିକ୍ ନକଲ କରିବା ବା ହେବା, ଦୁଇରେ ଗୁଣିବା, ଅନାବଶ୍ୟକ ଭାବେ ପୁନରାବୃତ୍ତି କରିବା; 4. duplication ବି. ଦ୍ୱିଗୁଣୀକରଣ ।
**duplicator** ବି. ଦରକାରୀ କାଗଜ ପତ୍ରରୁ ବହୁ ସଂଖ୍ୟାରେ ପ୍ରତିଲିପି ପ୍ରସ୍ତୁତ କରିବା ଯନ୍ତ୍ର ।
**duplicity** ବି. ପ୍ରତାରଣା ।
**durable** ବିଂ. ବହୁକାଳ ସ୍ଥାୟୀ (ପଦାର୍ଥ); କ୍ଷୟ ପ୍ରତିରୋଧକ; durability.
**duration** ବି. ଅବଧି, ବ୍ୟାପ୍ତି କାଳ ।
**duress** ବି. ବଳ ପ୍ରୟୋଗ, ବାଧ୍ୟ-ବାଧକତା, ଧମକ, ବେଆଇନ ଭାବେ ଅଟକ କରିବା ।
**during** ଅ. (କୌଣସି ସମୟ) ମଧ୍ୟରେ, ସେହି ସମୟ ତମାମ ।
**durrie** ବି. ଦରି, ଶତରଞ୍ଜି ।
**dusk** ବି. ଗୋଧୂଳି ବେଳା, ସନ୍ଧ୍ୟା ।
**dusky** ବିଂ. ଛାୟାଚ୍ଛନ୍ନ, ସ୍ୱଳ୍ପାଲୋକିତ, କୃଷ୍ଣାଭ; କ୍ରି.ବିଂ. duskily; ବି. duskiness.
**dust** 1. ବି. ଧୂଳି, ଗୁଣ୍ଡ, ଚୂର୍ଣ୍ଣ, ପରାଗ, ଯେ କୌଣସି ପଦାର୍ଥର ସୂକ୍ଷ୍ମ ଚୂର୍ଣ୍ଣ, ମୃତବ୍ୟକ୍ତିର ଅବଶେଷ, ଗୋଳମାଳ; 2. ସ.କ୍ରି. ପୋଛି ଧୂଳି ସଫା କରିବା, (କାଷ୍ଠୋପକରଣାଦିର) ଧୂଳି ସଫା କରିବା; କୌଣସି ବସ୍ତୁ ଉପରେ ପାଉଡ଼ର ବା ଚୂର୍ଣ୍ଣିତ ବସ୍ତୁ ଛିଞ୍ଚିବା; 3. bite the dust ନିହତ ହେବା; dust bowl ଅନାବୃଷ୍ଟି ବା କ୍ଷୟ ଯୋଗୁଁ ଶସ୍ୟହୀନ ମରୁଭୂମି ଭଳି ହୋଇଥିବା ଅଞ୍ଚଳ; dustcart ବାସଗୃହର ଆବର୍ଜନା ସଂଗ୍ରହ କରୁଥିବା ଗାଡ଼ି; dust cover ଗୃହୋପକରଣକୁ ଧୂଳି ମୁକ୍ତ କରିବା ଲାଗି ବ୍ୟବହୃତ ବସ୍ତ୍ରାଚ୍ଛାଦନ; dust-jacket ବହି ମଲାଟର ଉପରିସ୍ଥ ଆବରଣ; dust-up କ.ଭା ଯୁଦ୍ଧ, ଗୋଳମାଳ; shake the dust off one's feet ବିରକ୍ତିର ସହ ପ୍ରସ୍ଥାନ; throw dust in person's eyes କାହା ଆଖିରେ ଧୂଳିଦେବା ।
**dustbin** ବି. ଅଳିଆ କୁଣ୍ଡ ।
**duster** ବି. ଝାଡ଼ନ, ଉପକରଣ ପ୍ରଭୃତିରୁ ଧୂଳି ଝାଡ଼ିବା କନା, ଝାଡ଼ଣ ।
**dustman** ବି. ଅଳିଆ କୁଣ୍ଡ ସଫା କରିବା ଲାଗି ଠିକାଦାର ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୋଜିତ ବ୍ୟକ୍ତି ।

Digitized by srujanika@gmail.com

**dustpan** ବି. ଚଟାଣରୁ ଧୂଳି ଓଳାଇ ଯେଉଁ ପାତ୍ରରେ ରଖାଯାଏ ।

**dusty** ବିଂ. ଧୂଳିମୟ, ଧୂଳିଆ (ବର୍ଣ୍ଣ), ନିରସ, ଅର୍ଥହୀନ; dusty answer ଅନୁରୋଧର ତୀବ୍ର ପ୍ରତ୍ୟାଖ୍ୟାନ; not so dusty *ସା.ପ୍ର.* ଏକପ୍ରକାର ଭଲ; *କ୍ରି.ବିଂ.* dustily ବି. dustiness.

**Dutch**[1] 1. ବିଂ. ନେଦରଲେଣ୍ଡର ଅଧିବାସୀ ବା ଭାଷା ସମ୍ବନ୍ଧୀୟ; 2. ବି. ଡଚ୍ ଭାଷା; the Dutch ନେଦରଲାଣ୍ଡର ଅଧିବାସୀ, ଓଲନ୍ଦାଜ; Dutch auction କ୍ରେତା ମିଳିବା ପର୍ଯ୍ୟନ୍ତ ବସ୍ତୁର ଦାମ କମାଇବା; Dutch barn ନଡ଼ାକୁଟା ରଖିବା ସ୍ଥାନ; Dutch cap ଜନ୍ମନିରୋଧକ ଖୋଳ; Dutch courage ମଦ୍ୟପାନ ହେତୁ ଉତ୍ସାହ ।

**dutch**[2] ବି. *ସା.ପ୍ର.* ପତ୍ନୀ ।

**Dutchman** ବି. ଡଚ ବଂଶୋଦ୍ଭବ ବା ସେହି ଜାତିର ।

**duteous** ବିଂ.*ସା.* କର୍ତ୍ତବ୍ୟପରାୟଣ ।

**dutiable** ବିଂ. ଶୁଳ୍କଯୋଗ୍ୟ ।

**dutiful** ବିଂ. କର୍ତ୍ତବ୍ୟପରାୟଣ, ବାଧ୍ୟ; *କ୍ରି.ବିଂ.* dutifully.

**duty** ବି. କର୍ତ୍ତବ୍ୟ, ନୈତିକ ବା ବିଧି ସଙ୍ଗତ କାର୍ଯ୍ୟ, ବ୍ୟବସାୟ, ଅଫିସ ବା ବ୍ୟବସାୟରେ କାର୍ଯ୍ୟ ସଂପାଦନ, ବୟୋଜ୍ୟେଷ୍ଠଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ; ଶୁଳ୍କ; duty-bound କର୍ତ୍ତବ୍ୟ ହେତୁ ବାଧ୍ୟ; duty-free shop ବିମାନ ବନ୍ଦର ପ୍ରଭୃତିରେ ଥିବା ଶୁଳ୍କମୁକ୍ତ ବସ୍ତୁ କିଣିବାକୁ ମିଳୁଥିବା ଦୋକାନ; on (or off) duty କର୍ତ୍ତବ୍ୟରତ (ଅଥବା ଅବ୍ୟାହତି ପ୍ରାପ୍ତ) ।

**duvet** ବି. ମୋଟା ନରମ ରେଜେଇ ।

**dwarf** 1. ବି. ଗେଡ଼ା, ଖର୍ବାକାର (ବ୍ୟକ୍ତି, ପ୍ରାଣୀ ବା ଉଦ୍ଭିଦ); ଅଲୌକିକ ଶକ୍ତି [illegible] ପୌରାଣିକ ବ୍ୟକ୍ତି, 2. ବିଂ. ଖର୍ବାକାର, ଗେ[illegible], 3. *ସ.କ୍ରି.* ଖର୍ବ କରିବା ବା କ୍ଷୁଦ୍ର ରୂପରେ ଦେଖାଇବା ।

**dwell** *କ୍ରି.* ବାସ କରିବା; dwell on (upon) ବିଶଦ ଭାବରେ ଚିନ୍ତା କରିବା, କହିବା ବା ଲେଖିବା ।

**dwelling** ବି. ବାସଗୃହ ।

**dwindle** *ଅ.କ୍ରି.* କ୍ରମଶଃ କ୍ଷୁଦ୍ର ହେବା ବା ହ୍ରାସ ହେବା; କ୍ଷୟପ୍ରାପ୍ତ ହେବା ।

**dye** 1. ବି. କେଶ, ସୂତା, କାଠ ପ୍ରଭୃତି ରଙ୍ଗେଇବା ଦ୍ରବ୍ୟ, ଏହିପରି ଭାବେ ପରିବର୍ତ୍ତିତ ରଙ୍ଗ 2. *ସ.କ୍ରି.* ରଙ୍ଗ କରିବା ବା ରଙ୍ଗେଇବା, dyed in the wool ଅପରିବର୍ତ୍ତନୀୟ; dyeing ରଞ୍ଜନ କାର୍ଯ୍ୟ ।

**dying** ବିଂ. ମୁମୂର୍ଷୁ ।

**dyke** ବି.*ଦ୍ର.* dike.

**dynamic** ବିଂ. ଗତିଶୀଳ, କର୍ମଚଞ୍ଚଳ, ସକ୍ରିୟ, ଉତ୍ସାହୀ; *କ୍ରି.ବିଂ.* dynamically

**dynamics** ବି. ବ.ବ. (ସାଧାରଣତଃ ଏକ ବଚନରେ ବ୍ୟବହୃତ), ଗତି ଓ ଏହା ସୃଷ୍ଟି କରୁଥିବା ଶକ୍ତିର ଗାଣିତିକ ଅଧ୍ୟୟନ, ଗତି ବିଜ୍ଞାନ ।

**dynamism** ବି. ଗତିଶୀଳତା; ସକ୍ରିୟତା ।

**dynamite** 1. ବି. ଅତୀବ ବିସ୍ଫୋରକ ପଦାର୍ଥ ବିଶେଷ; ଭୟଙ୍କର ଗୁଣସଂପନ୍ନ ବସ୍ତୁ ବା ବ୍ୟକ୍ତି, 2. *ସ.କ୍ରି.* ଡିନାମାଇଟ ସାହାଯ୍ୟରେ ଉଡ଼ାଇ ଦେବା ।

**dynamo** ବି.( ବ.ବ. dynamos) ଯାନ୍ତ୍ରିକ ଶକ୍ତିକୁ ବୈଦ୍ୟୁତିକ ଶକ୍ତିରେ ରୂପାନ୍ତରିତ କରୁଥିବା ଯନ୍ତ୍ର, ତଡ଼ିତ୍ ଉତ୍ପାଦକ ଯନ୍ତ୍ର ।

**dynamometer** ବି. ବ୍ୟୟିତ ଶକ୍ତି ବା ବଳର ପରିମାପକ ଯନ୍ତ୍ର ।

**dynast** ବି. ଶାସକ, ରାଜବଂଶର ବ୍ୟକ୍ତି ।

**dynasty** ବି. ରାଜବଂଶ; ଯେ କୌଣସି କ୍ଷେତ୍ରରେ କର୍ତ୍ତୃତ୍ୱର ଉତ୍ତରାଧିକାରୀ; ବିଂ. dynastic.

**dyne** ବି. ବଳ ବା ଶକ୍ତିର ଏକକ ।

**dys–** *ପୂ.ପ୍ର.* ଖରାପ ଅର୍ଥରେ ପ୍ରଯୁକ୍ତ ପୂର୍ବ ପ୍ରତ୍ୟୟ ।

**dysentery** ବି. ଆମାଶୟ, ନାଳରକ୍ତ ଝାଡ଼ା, ଅତିସାର ।

**dyslexia** ବି. ପଢ଼ିବା ଓ ଉଚ୍ଚାରଣରେ ଅସ୍ୱାଭାବିକ ବ୍ୟାଘାତ; ବିଂ. *ଓ* ବି. dyslectic; dyslexic.

**dyspepsia** ବି. ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣରୋଗ ।

**dyspetic** 1. ବିଂ. ଅଗ୍ନିମାନ୍ଦ୍ୟ ସମ୍ବନ୍ଧୀୟ; 2. ବି. ଅଗ୍ନିମାନ୍ଦ୍ୟ ରୋଗାକ୍ରାନ୍ତ ବ୍ୟକ୍ତି ।

**dystrophy** ବି. ପୁଷ୍ଟିହୀନତା; muscular dystrophy ମାଂସପେଶୀର ବଂଶଗତ ଦୁର୍ବଳତା ଓ କ୍ଷୟ ।

Digitized by srujanika@gmail.com

# Ee

**E,e** ଇଂରାଜୀ ବର୍ଣ୍ଣମାଳାର ପଞ୍ଚମ ଅକ୍ଷର ।

**E.** *ସଂଶ.* east, eastern.

**each** ବିଂ. ପ୍ରତ୍ୟେକ (ବସ୍ତୁ ବା ବ୍ୟକ୍ତି); each one ପ୍ରତ୍ୟେକ; each other ପରସ୍ପର ।

**eager** ବିଂ. ଅତୀବ ଆଗ୍ରହୀ, ଉତ୍ସୁକ, eager beaver କ.ଭା. ଅତ୍ୟନ୍ତ ଉଦ୍ୟମଶୀଳ ବ୍ୟକ୍ତି ।

**eagle** ବି. ଉଗଲ ପକ୍ଷୀ; eagle-eye ସତର୍କ ଓ ତୀକ୍ଷ୍ଣ ଦୃଷ୍ଟି ।

**eaglet** ବି. ଉଗଲ ଶାବକ ।

**E. & O.E.** *ସଂଶ.* errors and omissions excepted ଭୁଲଭ୍ରାନ୍ତି ବର୍ଜିତ ।

**ear**[1] ବି. କାନ, ଶ୍ରବଣେନ୍ଦ୍ରିୟ (ମନୁଷ୍ୟ ଓ ପ୍ରାଣୀ ମାନଙ୍କର), ଧ୍ୱନି ପାର୍ଥକ୍ୟ ବିଚାର କରିବାର ଶକ୍ତି, କୌଣସି ପଦାର୍ଥର ଉଦ୍‌ଗତ ଅଂଶ ବା କର୍ଣ୍ଣ ସଦୃଶ ଅଂଶ; all ears ମନୋଯୋଗ ସହ ଶ୍ରବଣ ରତ; eardrum କର୍ଣ୍ଣ ପଟହ, କାନ ଗିରି; ear-piercing ବିଂ. ତୀବ୍ର (ଧ୍ୱନି); ବି. କର୍ଣ୍ଣବେଧ; ear-plug ପାଣି ଓ କୋଳାହଳ ଧ୍ୱନି ପ୍ରବେଶ ନ କରିବା ପାଇଁ କାନରେ ଦିଆ ଯାଉଥିବା ବିଣ୍ଡା; earing କର୍ଣ୍ଣଭୂଷଣ, କାନ ଫୁଲ, ear-splitting କାନଫଟା (ଶବ୍ଦ); give one's ears ଯେ କୌଣସି ତ୍ୟାଗ ସ୍ୱୀକାର କରିବା; have (or keep) an ear to the ground ଗୁଜବ ବା ଜନମତର ରୀତି ସଂପର୍କରେ ସତର୍କ ହେବା; have person's ear କାହାର ଅନୁକୂଳ ଦୃଷ୍ଟି ଲାଭ କରିବା; up to the ears କ.ଭା. ଗଭୀର ଭାବେ ଜଡ଼ିତ ।

**ear**[2] ବି. ଶସ୍ୟର କେଣ୍ଡା ।

**earache** ବି. କାନ ବିନ୍ଧା ।

**earl** ବି. ବ୍ରିଟେନର ଏକ ସମ୍ଭ୍ରାନ୍ତ ପଦବୀଧାରୀ ବ୍ୟକ୍ତି; earldom ବି. ଉକ୍ତ ବ୍ୟକ୍ତିଙ୍କ ସଂପତ୍ତି, ଅଧିକାର ବା ପଦବୀ ।

**early** ବିଂ./କ୍ରି.ବିଂ. ସକାଳ, ନିର୍ଦ୍ଧାରିତ ସମୟ ପୂର୍ବରୁ, ଦିନ ବା ରାତିର ପ୍ରଥମ ପାଦରେ, ସମୟୋଚିତ; ପାଚିବା ବା ଫୁଲ ଧରିବାରେ ଆଗୁଆ ।

**early bird** କ.ଭା. ଯେ ଶୀଘ୍ର ପହଞ୍ଚେ ବା ଶୀଘ୍ର ଶଯ୍ୟା ତ୍ୟାଗ କରେ ।

**earmark** 1. ବି. ପରିଚାୟକ ଚିହ୍ନ; ପ୍ରାଣୀର କାନରେ ଦିଆ ଯାଉଥିବା ବ୍ୟକ୍ତିର ଅଧିକାରସୂଚକ ଚିହ୍ନ, 2. ସ.କ୍ରି. ବିଶେଷ ଉଦ୍ଦେଶ୍ୟରେ ଅଲଗା କରି ରଖିବା; ପଶୁର କାନରେ ଚିହ୍ନ ଦେବା ।

**earn** ସ.କ୍ରି. ଉପାର୍ଜନ କରିବା, (ପାଇବା ପାଇଁ) ଯୋଗ୍ୟ ବା ଉପଯୁକ୍ତ ହେବା ।

**earnest**[1] ବିଂ. ଏକନିଷ୍ଠ, ଉତ୍ସୁକ; in earnest ମନୋଯୋଗ ସହକାରେ, ଯଥାର୍ଥ ଗୁରୁତ୍ୱପୂର୍ଣ୍ଣ ଭାବରେ ।

**earnest**[2] ବି. ଅଗ୍ରୀମ, ବଇନା ।

**earnings** ବି. ବ.ବ. ଉପାର୍ଜନ, ରୋଜଗାର ।

**earphone** ବି. ବେତାର ପ୍ରଭୃତିରୁ ସମ୍ବାଦ ଶୁଣିବା ଲାଗି ବା ରେକର୍ଡିଙ୍ଗ୍ ସମୟରେ କାନରେ ଲଗାଇବାର ସରଞ୍ଜାମ ।

**earshot** ବି. ଶବ୍ଦ ଶୁଣାଯିବା ଭଳି ଦୂରତା ।

**earth** 1. ବି. ପୃଥିବୀ, ଶୁଖିଲାଭୂମି, ମାଟି, କୋକିଶିଆଳି ପ୍ରଭୃତିଙ୍କ ଗର୍ତ୍ତ, 2. ସ.କ୍ରି. ମାଟି ସହ ସଂଯୋଗ କରିବା (ବୈଦ୍ୟୁତିକ ପରିପଥକୁ); ଉଦ୍ଭିଦର ମୂଳରେ ମାଟିଦେବା; 3. come back to earth ବାସ୍ତବ କ୍ଷେତ୍ରକୁ ଫେରି ଆସିବା; earth sciences ପୃଥିବୀ ଅଥବା ଏହାର ଅଂଗ ବିଷୟରେ ସମ୍ପୃକ୍ତ ବିଜ୍ଞାନ; earth-shaking ପ୍ରବଳ ପ୍ରତିକ୍ରିୟା ସଂପନ୍ନ; gone to earth ଆତ୍ମଗୋପନ କରିଥିବା; run to earth ଦୀର୍ଘ ଅନୁସଂଧାନ ପରେ ଖୋଜି ପାଇବା ।

**earthbound** ବିଂ. ପୃଥିବୀ ବା ପାର୍ଥିବ ବିଷୟ ପ୍ରତି ଆସକ୍ତ; ପୃଥିବୀ ଆଡ଼କୁ ଗତି କରୁଥିବା ।

**earthen** ବିଂ. ମାଟିତିଆରି, ମୃଣ୍ମୟ ।

**earthenware** ବି. ମାଟି ତିଆରି ପାତ୍ର ।

**earthly** ବିଂ. ପୃଥିବୀର, ପାର୍ଥିବ; ବି. earthliness.

**earthquake** ବି. ଭୂମିକମ୍ପ ।

**earthwork** ବି. ରାସ୍ତା ତିଆରି ଲାଗି ମାଟିକାମ, ଦୁର୍ଗର ମୃତ୍ତିକା ସ୍ତୂପ, ବନ୍ଧ ।

**earthworm** ବି. ଜିଆନାଳ, ଜିଆ, ମହୀଲତା ।

**earthy** ବିଂ. ପାର୍ଥିବ, ସାଂସାରିକ, ମାଟିଭଳି; ନୀଚ; ବି. earthiness.

**earwig** ବି. କ୍ଷୁଦ୍ର ପତଙ୍ଗ ବିଶେଷ ।

Digitized by srujanika@gmail.com

**ease** 1. ବି. ଆରାମ, ସୁବିଧା, ସ୍ୱାଚ୍ଛନ୍ଦ୍ୟ; 2. *କ୍ରି.* ଯନ୍ତ୍ରଣା ଉଦ୍‌ବେଗରୁ ଅବ୍ୟାହତି ପାଇବା; ଆରାମ ନେବା, ଶାନ୍ତି ଦେବା, ନିରୁଦ୍‌ବେଗ କରିବା, ଶିଥିଳ କରିବା ବା ହେବା, ଉପଶମ କରିବା; 3. at ease ବ୍ୟସ୍ତତା ବା ଉଦ୍‌ବେଗରୁ ମୁକ୍ତ ଭାବରେ, ଆରାମରେ; ease off (or up) କମ୍ କଷ୍ଟଦାୟକ ହେବା।

**easel** ବି. ଚିତ୍ରଶିଳ୍ପୀ ଯେଉଁ ପଟା ଉପରେ ଚିତ୍ରକରେ।

**easement** ବି. ଅନ୍ୟର ଭୂମି ବା ସଂପତ୍ତି ଉପରେ ଗତାୟାତର ଆଇନ ସମ୍ମତ ଅଧିକାର।

**easeful** ବିଂ. ଆରାମଦାୟକ।

**easily** କ୍ରି.ବିଂ. ସହଜରେ; ଖୁବ୍ ସମ୍ଭବତଃ।

**east** 1. ବି. ପୂର୍ବଦିଗ; ୟୁରୋପର ପୂର୍ବାଞ୍ଚଳୀୟ ଦେଶ; ପୂର୍ବ ୟୁରୋପର କମ୍ୟୁନିଷ୍ଟ ରାଜ୍ୟ ସମୂହ; 2. ବିଂ. ପୂର୍ବ ଦିଗସ୍ଥ, ପୂର୍ବାଭିମୁଖୀ, ପୂର୍ବରୁ ଆସୁଥିବା; 3. କ୍ରି.ବିଂ. ପୂର୍ବ ଆଡ଼କୁ, ପୂର୍ବରେ; 4. East End ଲଣ୍ଡନର ପୂର୍ବପଟ; east of ପୂର୍ବ ଦିଗରେ।

**Easter** ବି. ମାର୍ଚ୍ଚ ବା ଏପ୍ରିଲରେ କୌଣସି ରବିବାର ଦିନ ଯୀଶୁଖ୍ରୀଷ୍ଟଙ୍କ ପୁନରାବିର୍ଭାବ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ଖ୍ରୀଷ୍ଟୀୟ ଉତ୍ସବ; Easter egg ଇଷ୍ଟର ଉପଲକ୍ଷେ ଉପହାର ଦିଆଯାଉଥିବା ଅଣ୍ଡାକାର ମିଠେଇ।

**easterly** ବିଂ./କ୍ରି.ବିଂ. ପୂର୍ବପଟେ, ପୂର୍ବଆଡୁ ବହୁଥିବା ପବନ।

**eastern** ବିଂ. ପୂର୍ବାଞ୍ଚଳୀୟ; Eastern Church ରକ୍ଷଣଶୀଳ ଗୀର୍ଜା, ବିଂ. easternmost.

**easterner** ବି. ପୂର୍ବାଞ୍ଚଳ ଅଧିବାସୀ।

**eastward (eastwards)** 1. ବିଂ./କ୍ରି.ବିଂ. ପୂର୍ବ ଆଡ଼କୁ; 2. ବି. ପୂର୍ବଦିଗ ବା ପୂର୍ବାଞ୍ଚଳ।

**easy** 1. ବିଂ. ସହଜ, ଯାହା କଠିନ ନୁହେଁ, ସ୍ୱଳ୍ପଶ୍ରମଲବ୍ଧ, ଯନ୍ତ୍ରଣା ବା ବ୍ୟସ୍ତତାରୁ ମୁକ୍ତ, ଅବାଧ, ସ୍ୱଚ୍ଛନ୍ଦ, ଶାନ୍ତିପ୍ରଦ; 2. କ୍ରି.ବିଂ. ସହଜରେ, ଆରାମରେ, ସୁବିଧାରେ; 3. easy chair ଆରାମ ଚଉକି; easy on the eye ଦେଖିବାକୁ ସୁନ୍ଦର; go easy ସାବଧାନ ହେବା; take it easy ବ୍ୟସ୍ତ ହୁଅନା, ଆରାମରେ କର; ବି. easiness.

**easygoing** ବିଂ. ଧୀର ଓ ସହନଶୀଳ, ଅନୁତ୍ତେଜିତ, ଆରାମପ୍ରିୟ।

**eat** 1. *କ୍ରି.* (*ଅ.କା.* ate *ଅକ୍ରିକପ.* eaten) ଖାଦ୍ୟ ଖାଇବା (ପାଟିରେ ଚୋବାଇ); ନଷ୍ଟ କରିବା, କ୍ଷୟ କରିବା, କଷ୍ଟ ଦେବା (What's eating her?), ବିରକ୍ତ କରିବା; 2. ବି. ବ.ବ. ଖାଦ୍ୟ; 3. eat one's heart out ଉଦ୍‌ବେଗ ଓ ପ୍ରତୀକ୍ଷାରେ ଖୁବ୍ କଷ୍ଟ ପାଇବା; eat out ଘରେ ନ ଖାଇ ବାହାରେ ଖାଇବା; eat up ସଂପୂର୍ଣ୍ଣ ଖାଇ ଶେଷ କରିଦେବା।

**eatable** 1. ବିଂ. ଖାଦ୍ୟ ଉପଯୋଗୀ, 2. ବି. ଖାଦ୍ୟ।

**eater** ବି. ଖାଦକ।

**eau–de–Cologne** ବି. ଓଡ଼ିକୋଲନ୍, ସୁଗନ୍ଧ ଅତର ବିଶେଷ (ଫ୍ରାନ୍‌ସର କୋଲନଠାରେ ପ୍ରଥମେ ପ୍ରସ୍ତୁତ)।

**eaves** ବି. ବ.ବ. ଛାତର ବର୍ଦ୍ଧିତ ନିମ୍ନାଂଶ; ଚାଳର ଓଳି।

**eavesdrop** *ଅ.କ୍ରି.* ବ୍ୟକ୍ତିଗତ କଥୋପକଥନକୁ ଗୋପନରେ ଶୁଣିବା; ବି. eavesdropper.

**ebb** 1. ବି. ଭଟ୍ଟା, ଅବନତି, ଦୁର୍ବଳ ଅବସ୍ଥା; 2. *ଅ.କ୍ରି.* ପଛକୁ ବହିବା, ପଛକୁ ଘୁଞ୍ଚିଯିବା।

**ebonite** ବି. କଠିନ କଳା ବର୍ଣ୍ଣର ଅଧିକ ପ୍ରସାରଣକ୍ଷମ ରବର।

**ebony** 1. ବି. ଏକ ପ୍ରକାର ଶକ୍ତ କଳା ବର୍ଣ୍ଣର କାଠ; 2. ବିଂ. ଉକ୍ତ କାଠରେ ନିର୍ମିତ, ଉକ୍ତ କାଠ ଭଳି କଳା।

**ebullient** ବିଂ. ଉଦ୍‌ଫୁଲ୍ଲ; ବି. ebullience, ebulliency.

**ebullition** ବି. ଫୁଟିବା; ହଠାତ୍ ଆବେଗ ଓ ଭାବୋଲ୍ଲାସର ଅଭିବ୍ୟକ୍ତି।

**eccentric** 1. ବିଂ. ବିକୃତ (ଆଚରଣ ବା ରୂପ); କେନ୍ଦ୍ରାପସାରୀ, କେନ୍ଦ୍ରଭ୍ରଷ୍ଟ, ଭିନ୍ନ କେନ୍ଦ୍ରାଶ୍ରିତ, ଅସ୍ୱାଭାବିକ, ଅନନ୍ୟ, ଅଦ୍ଭୁତ; 2. ବି. ଅବାଗିଆ ଲୋକ, ଉନ୍ମତ୍ତ, ଅସମକେନ୍ଦ୍ରିକ ବୃତ୍ତ; କ୍ରି.ବିଂ. eccentrically; ବି. eccentricity.

**ecclesiastic** ବି. ଧର୍ମଯାଜକ।

**ecclesiastical** ବିଂ. ଗୀର୍ଜା ବା ଯାଜକ ସଂପର୍କୀୟ।

**ECG** *ସଂଶ.* ଇଲେକ୍ଟ୍ରୋକାର୍ଡ଼ିଓଗ୍ରାମ୍ electro cardiogram.

**echelon** ବି. ପଦାତିକ ସେନା, ଜାହାଜ ଅଥବା ଉଡ଼ାଜାହାଜମାନଙ୍କ ସମାନ୍ତରାଳ ଭାବେ ଏକ

Digitized by srujanika@gmail.com

ନିର୍ଦ୍ଦିଷ୍ଟ ରୀତିରେ ଶ୍ରେଣୀବଦ୍ଧ ସଜ୍ଜୀକରଣ; କୌଣସି ଅନୁଷ୍ଠାନର ପଦାଧିକାରୀ ମାନଙ୍କର କ୍ରମିକ ସଜ୍ଜୀକରଣ ।

**echo** 1. ବି. (ବ.ବ. echoes) ପ୍ରତିଧ୍ୱନି, ପ୍ରତିବାଦ, ଅନୁକରଣ/ ଅନୁକରଣକାରୀ; 2. କ୍ରି. ପ୍ରତିଧ୍ୱନିତ ହେବା ବା ପ୍ରତିଧ୍ୱନି ସୃଷ୍ଟିକରିବା; ଜଣେ ଯାହା କହୁଥାଏ ଅବିକଳ ତାହା କହିବା, ଅନ୍ୟର ମତକୁ ଅନୁସରଣ କରିବା; echolocation ବି. ପ୍ରତିଧ୍ୱନି ସାହାଯ୍ୟରେ ବସ୍ତୁର ଅବସ୍ଥିତି ନିର୍ଦ୍ଧାରଣ ।

**echoic** ବିଂ. ଧ୍ୱନିର ଅନୁସରଣରେ ଗଠିତ ଶବ୍ଦ, ଧ୍ୱନ୍ୟାତ୍ମକ; କ୍ରି.ବିଂ. echoically.

**eclair** ବି. ଅଙ୍ଗୁଳି ସଦୃଶ ସରଯୁକ୍ତ ମିଠେଇ ବା କେକ୍ ।

**eclat** ବି. ମହାନ୍ ସାଫଲ୍ୟ, ଆଡ଼ମ୍ବର ବା ସମାରୋହ, ଖ୍ୟାତି, ସମ୍ଭ୍ରମ ।

**eclectic** 1. ବିଂ. ବିଭିନ୍ନ କ୍ଷେତ୍ରରୁ ଭାବଧାରା ବା ଲୋକବିଶ୍ୱାସ ସାରଗ୍ରାହୀ; 2. ବି. ଉକ୍ତ କାର୍ଯ୍ୟ କରୁଥିବା ବ୍ୟକ୍ତି; 3. କ୍ରି.ବିଂ. eclectically; ବି. eclecticism.

**eclipse** 1. ବି. ସୂର୍ଯ୍ୟ ପରାଗ ବା ଚନ୍ଦ୍ରଗ୍ରହଣ, ଗ୍ରାସ; ନିଷ୍ପ୍ରଭତା, ଅନ୍ଧକାର; ପ୍ରାଧାନ୍ୟ ହ୍ରାସ, 2. ସ. ଗ୍ରହମାନଙ୍କର ଗ୍ରହଣ ଘଟିବା, ଔଜ୍ଜ୍ୱଲ୍ୟରେ ଅତିକ୍ରମ କରିବା ।

**ecliptic** ବି. ନକ୍ଷତ୍ରମାନଙ୍କ ମଧ୍ୟବର୍ତ୍ତୀ ସୂର୍ଯ୍ୟଙ୍କ ବାର୍ଷିକ କାଳ୍ପନିକ ଗତିପଥ ।

**eclogue** ବି. କ୍ଷୁଦ୍ର ଗ୍ରାମ୍ୟ ଗୀତିକା ।

**ecology** ବି. ପରିବେଶ ବିଜ୍ଞାନ, ପରିପାର୍ଶ୍ୱ ବିଜ୍ଞାନ; ବିଂ. ecological ବି. ecologist.

**economic** ବିଂ. ଅର୍ଥନୀତି ସଂପର୍କୀୟ, ଲାଭପାଇଁ ପରିଚାଳିତ, ବ୍ୟବସାୟ କ୍ଷେତ୍ରରେ ଲାଭଜନକ, ବ୍ୟାବହାରିକ (ମାନବିକ ଆବଶ୍ୟକତା ବିଚାର ଦୃଷ୍ଟିରୁ); କ୍ରି.ବିଂ. economically.

**economical** ବିଂ. କ୍ଷତିପରିହାରପୂର୍ବକ ଉପାଦାନର ପରିମିତ ବ୍ୟବହାର, ମିତବ୍ୟୟୀ; କ୍ରି.ବିଂ. economically.

**economics** ବି. ବ.ବ ଅର୍ଥନୀତି ବିଜ୍ଞାନ, ଉତ୍ପାଦନ ଓ ବଣ୍ଟନ ତତ୍ତ୍ୱ, ଉକ୍ତ ବିଷୟର ପ୍ରୟୋଗ ।

**economist** ବି. ଅର୍ଥନୀତି ତତ୍ତ୍ୱଜ୍ଞ ବା ଏହାର ଅନୁଶୀଳନକାରୀ ।

**economize** କ୍ରି. ଖର୍ଚ୍ଚ କମାଇବା, ମିତବ୍ୟୟୀ ହେବା, ପରିମିତ ବ୍ୟବହାର କରିବା ।

**economy** ବି. ଜାତିର ସଂପଦ ଓ ସଂବଳ, ଏହାର ପରିଚାଳନା, ସଂବଳର ସଦୁପଯୋଗ, ମିତବ୍ୟୟିତା ।

**ecstasy** ବି. ଆନନ୍ଦାତିଶଯ୍ୟ, ଉଲ୍ଲାସ, ବିଂ. ecstatic

**ECT** ସଂଖ. ଇଲେକ୍‌ଟ୍ରୋକନ୍‌ଭଲ୍‌ସିଭ୍ ଥେରାପି electroconvulsive therapy.

**ectomorph** ବି. କ୍ଷୀଣକାୟ ବ୍ୟକ୍ତି ।

**–ectomy** ପ.ପ୍ର. ପ୍ରତ୍ୟଙ୍ଗ ବ୍ୟବଚ୍ଛେଦସୂଚକ ଶଲ୍ୟ ଚିକିତ୍ସା, ଉଦା. vasectomy.

**ectoplasm** ବି. ବାହ୍ୟରସ (ମୋହାଚ୍ଛନ୍ନ ଅବସ୍ଥାରେ ଶରୀରରୁ ନିର୍ଗତ) ।

**ecumenical** ବିଂ. ସମଗ୍ର ଖ୍ରୀଷ୍ଟୀୟ ଜଗତର ପ୍ରତିନିଧି ସ୍ଥାନୀୟ, ବିଶ୍ୱଜନୀନ ଖ୍ରୀଷ୍ଟୀୟ ଏକତା କାମନା କରୁଥିବା; ବି. ecumenicalism.

**eczema** ବି. ବିଖଣ୍ଡି; ଅଳତି (ଚର୍ମରୋଗ) ।

**–ed**[1] ବିଶେଷଣ ନିଷ୍ପନ୍ନ କରିବା ଲାଗି ପ୍ରତ୍ୟୟ; ଉଦା. talented, good humoured.

**–ed**[2] କ୍ରିୟାର ଅ.କା. ନିର୍ଣ୍ଣାୟକ ପ୍ରତ୍ୟୟ; ଉଦା. laughed.

**ed.** ସଂଖ. edited (by), edition, editor, educated.

**eddy** ବି. ଭଉଁରୀ, ଜଳାବର୍ତ୍ତ, ବାତାବର୍ତ୍ତ, ଘୂର୍ଣ୍ଣି; ଧୂଆଁ ପ୍ରଭୃତିର କୁଣ୍ଡଳୀ ।

**Eden** ବି. ନନ୍ଦନକାନନ; ନୈସର୍ଗିକ ଉଦ୍ୟାନ, ଯେଉଁଠାରେ ଆଦିମାନବ ଆଦାମ ଓ ଇଭ ବାସ କରୁଥିଲେ; ପ୍ରମୋଦ ସ୍ଥାନ, ସୁଖକର ଅବସ୍ଥା ।

**edentate** 1. ବିଂ. ସ୍ୱଳ୍ପ ଦନ୍ତବିଶିଷ୍ଟ ବା ଦନ୍ତବିହୀନ; 2. ବି. ଦନ୍ତହୀନ ପ୍ରାଣୀ ।

**edge** 1. ବି. ଧାର ବା ଅସ୍ତ୍ରର ଦାଢୁଆ ପାଖ, ସୀମା, ଶେଷାଂଶ, ପ୍ରାନ୍ତ, ତୀକ୍ଷ୍ଣତା, ତୀବ୍ରତା; 2. କ୍ରି. ଦାଢ଼ କରିବା, ଶାଣିତ କରିବା, ଝାଲର ବା ଧଡ଼ି ଲଗାଇବା, ତିର୍ଯ୍ୟକ ଭାବେ ଅଗ୍ରସର ହେବା, ଧୀର ଓ ସତର୍କ ଭାବେ ଯିବା; 3. have the edge on (over) ଅଧିକ ସୁବିଧା ପାଇବା; on edge ଉତ୍କଣ୍ଠିତ; set one's teeth on edge (ସ୍ୱାଦ ଓ ଧ୍ୱନିର) ଅପ୍ରୀତିକର

Digitized by srujanika@gmail.com

ଅନୁଭବ କନ୍ନାଇବା, take the edge off ନିସ୍ତେଜ ବା ଦୁର୍ବଳ କରାଇବା ।

**edgeways/ edgewise** *କ୍ରି.ବିଂ.* ଉପରକୁ ତୀକ୍ଷ୍ଣ ଧାର ଥିବା ଅବସ୍ଥାରେ, ଧାର ବାଗରେ; get a word in edgeways ଅନ୍ୟମାନଙ୍କ ବାର୍ତ୍ତାଳାପରେ ସଂପୃକ୍ତ ହେବା ।

**edging** *ବି.* ଧାର ଅଂଶ, ସୀମା ।

**edgy** *ବିଂ.* ଉତ୍‌କଣ୍ଠିତ, ଚିଡ଼ଚିଡ଼ା; ଧାରରେ ଥିବା; *କ୍ରି.ବିଂ.* edgily; *ବି.* edginess.

**edible** 1. *ବିଂ.* ଭକ୍ଷଣୀୟ, ଖାଦ୍ୟଯୋଗ୍ୟ; 2 *ବି.* ଭକ୍ଷ୍ୟଦ୍ରବ୍ୟ, ଖାଦ୍ୟଯୋଗ୍ୟ ପଦାର୍ଥ; 3. *ବି.* edibility.

**edict** *ବି.* ଅନୁଶାସନ, ରାଜାଜ୍ଞା, ଘୋଷଣା, ସରକାରୀ ଆଦେଶ ।

**edifice** *ବି.* ଅଟ୍ଟାଳିକା, ପ୍ରାସାଦ, ସୌଧ ।

**edify** *ସ.କ୍ରି.* ଉପଦେଶଦେବା, ନୈତିକ ଉନ୍ନତି ସାଧନ କରିବା; edification *ବି.* ଉପଦେଶ, ଜ୍ଞାନ ବା ସଦାଚରଣରେ ଉନ୍ନତି ।

**edit** *ସ.କ୍ରି.* ଗ୍ରନ୍ଥ ବା ସମ୍ବାଦପତ୍ର ସଂପାଦନ କରିବା, ସଂକଳନ କରିବା (ମୁଦ୍ରଣ ଲାଗି); କମ୍ପ୍ୟୁଟର ପାଇଁ ଉପାଦାନ ପ୍ରସ୍ତୁତ କରିବା, ଗୃହୀତ ବିଭିନ୍ନ ଉପାଦାନ ସଂପାଦନ କରି ଫିଲ୍ମ ପ୍ରସ୍ତୁତ କରିବା ।

**edition** *ବି.* ପୁସ୍ତକ ପ୍ରଭୃତିର ସଂପାଦିତ ବା ପ୍ରକାଶିତ ରୂପ; ସଂସ୍କରଣ; ଥରକେ ଯେତେ ପୁସ୍ତକ ବା ପତ୍ରିକା ପ୍ରକାଶିତ ହୁଏ ।

**editor** *ବି.* ସଂପାଦକ, ପ୍ରକାଶନ ସଂସ୍ଥାର ବିଭାଗୀୟ ମୁଖ୍ୟ ।

**editorial** 1. *ବିଂ.* ସଂପାଦକୀୟ, ସଂପାଦନା ସଂପର୍କୀୟ; 2. *ବି.* ସମସାମୟିକ ବିଷୟ ସଂପର୍କରେ ମତାମତ ସମ୍ବଳିତ ପତ୍ରିକା ବା ସମ୍ବାଦପତ୍ରର ସଂପାଦକଙ୍କ ଦ୍ୱାରା ଲିଖିତ ରଚନା; 3. *କ୍ରି.ବିଂ.* editorially.

**EDP** *ସଂଶ.* electronic data processing ଇଲେକ୍ଟ୍ରୋନିକ୍ ଡାଟା ପ୍ରସେସିଙ୍ଗ୍ ।

**educate** *ସ.କ୍ରି.* ଶିକ୍ଷାଦେବା, ଉପଦେଶ ଦେବା (ବୌଦ୍ଧିକ, ନୈତିକ ଓ ସାମାଜିକ), ବିଦ୍ୟାଳୟରେ ଶିକ୍ଷାର ବ୍ୟବସ୍ଥା କରିବା; educated guess ଅନୁଭୂତିଭିତ୍ତିକ ଅନୁମାନ; *ବିଂ.* educable; *ବି.* educator; *ବିଂ.* educative.

**education** *ବି.* ଶିକ୍ଷା, ତାଲିମ, ଉପଦେଶ, କ୍ରମିକ ଓ ପ୍ରଣାଳୀବଦ୍ଧ ଶିକ୍ଷା, ନୈତିକ ଓ ମାନସିକ ଶକ୍ତିର ଉତ୍କର୍ଷ ସାଧନ; *ବିଂ.* educational; educa- tionist/ edu-cationalist *ବି.* ଶିକ୍ଷାବିତ୍ ।

**educe** *ସ.କ୍ରି.* ବାହାର କରିବା, ପ୍ରଶ୍ନ ବା ବିତର୍କ ଦ୍ୱାରା ସତ୍ୟ ବାହାର କରିବା; *ବି.* eduction.

**—ee.** *ପ.ପ୍ର.* ପ୍ରତ୍ୟୟ (ବିଶେଷ୍ୟରେ ପରିଣତ କରିବା ଲାଗି) ଉଦା. addressee, employee, absentee.

**EEC** *ସଂଶ.* European Economic Community ୟୁରୋପୀୟ ଅର୍ଥନୈତିକ ଗୋଷ୍ଠୀ ।

**eel** *ବି.* କୋଚିଆ, ବର୍ଷୀରା, ବମି ମାଛ, ସର୍ପାକୃତି ମାଛ, *ଲାକ୍ଷ.* ଧରାଛୁଆଁ ଦେଉ ନଥିବା ବ୍ୟକ୍ତି ।

**—eer** ବିଶେଷ୍ୟ ଓ କ୍ରିୟା ନିଷ୍ପନ୍ନକାରୀ ପ୍ରତ୍ୟୟ, ଉଦା. *ବି.* auctioneer, mountaineer; *କ୍ରି.* electioneer.

**eerie** *ବିଂ.* ଗମ୍ଭୀର ଓ ଅସ୍ୱାଭାବିକ ରହସ୍ୟମୟ (ପରିବେଶ); *କ୍ରି.ବିଂ.* eerily; *ବି.* eeriness.

**efface** *ସ.କ୍ରି.* ଘସିକରି ଦାଗ ଲିଭାଇ ଦେବା, ସ୍ମୃତି ଓ ପ୍ରଭାବକୁ ମନରୁ ପୋଛିଦେବା; ଅତିକ୍ରମ କରିଯିବା, ଆଲୋକର ପ୍ରତିରୋଧ କରିବା; efface oneself କେହି ନିଜକୁ ନଗଣ୍ୟ ଭାବେ ଦେଖାଇବା; effacement *ବି.* ବିଲୋପ ।

**effect** 1. *ବି.* କାର୍ଯ୍ୟର ପରିଣାମ, ଶେଷଫଳ, ଫଳାଫଳ, ଅଭିପ୍ରାୟ, ମର୍ମ, ଦର୍ଶକ ବା ଶ୍ରୋତା ମନରେ ସଂଜାତ ପ୍ରଭାବ, ଦ.ବ. ସିନେମା, ନାଟକ ପ୍ରଭୃତିରେ ଧ୍ୱନି ବା ଦୃଶ୍ୟ ଦ୍ୱାରା ସୃଷ୍ଟ ପ୍ରଭାବ; 2. *ସ.କ୍ରି.* ଘଟାଇବା, ସଂପନ୍ନ କରିବା; bring (or carry) into effect ସଂପନ୍ନ କରିବା; give effect to କାର୍ଯ୍ୟକାରୀ କରିବା; in effect ବାସ୍ତବରେ, କାର୍ଯ୍ୟକାରିତା ଦୃଷ୍ଟିରୁ; take effect କାର୍ଯ୍ୟକାରୀ ହେବା; to that effect ସେହି ମାର୍ଗରେ, ସେହି ପରିଣାମ ସଂପର୍କରେ; with effect from ନିର୍ଦ୍ଦିଷ୍ଟ ସମୟରୁ କାର୍ଯ୍ୟକାରୀ ହେବା ।

**effective** *ବିଂ.* ଫଳପ୍ରଦ, ଶକ୍ତିଶାଳୀ, କାର୍ଯ୍ୟକ୍ଷମ, ପ୍ରଚଳିତ, ପ୍ରକୃତ, ମର୍ମସ୍ପର୍ଶୀ, ହୃଦୟଗ୍ରାହୀ ।

**effectual** *ବିଂ.* ଫଳଦାୟକ, ଉଦ୍ଦେଶ୍ୟସାଧକ, କାର୍ଯ୍ୟକାରୀ; *କ୍ରି.ବିଂ.* effectually.

Digitized by srujanika@gmail.com

**effeminate** ବିଂ. (ପୁରୁଷ ସଂପର୍କରେ) ସ୍ତ୍ରୀ ସଦୃଶ, ସ୍ତ୍ରୀଭାବାପନ୍ନ, ମାଇଚିଆ; ବି. effeminacy; କ୍ରି.ବିଂ. effeminately.

**effervesce** ଅ.କ୍ରି. ଗ୍ୟାସ୍‌ର ବୁଦ୍‌ବୁଦ୍ ଛାଡ଼ିବା, ଶକ୍ତିମାନ ହେବା; ବି. effervescence; ବିଂ. effervescent.

**effete** ବିଂ. ଜୀର୍ଣ୍ଣ, ଶକ୍ତିହୀନ, କ୍ଷୀଣ।

**efficacious** ବିଂ. ଫଳପ୍ରଦ, ଅବ୍ୟର୍ଥ, ଅମୋଘ; efficacy ବି. ଫଳ ଦାୟିକା ଶକ୍ତି।

**efficient** ବିଂ. କାର୍ଯ୍ୟଦକ୍ଷ, ସମର୍ଥ, ଯୋଗ୍ୟ, ଫଳପ୍ରଦ; efficiency ବି. ଦକ୍ଷତା; କ୍ରି.ବିଂ. efficiently.

**effigy** ବି. କୌଣସି ବ୍ୟକ୍ତିର ରୂପ ବା ପ୍ରତିକୃତି, ପୁତ୍ତଳିକା; burn person in effigy ବ୍ୟକ୍ତିର କୁଶ ପୁତ୍ତଳିକା ଦାହ କରିବା।

**effloresce** ଅ.କ୍ରି. ପ୍ରସ୍ଫୁଟିତ ହେବା, (ବସ୍ତୁ) ବାୟୁର ସଂସ୍ପର୍ଶରେ ସୂକ୍ଷ୍ମ ଚୂର୍ଣ୍ଣରେ ପରିଣତ ହେବା, ଦାନା ବାନ୍ଧିବା (ଲବଣ ପ୍ରଭୃତି) କଣିକା ଦ୍ୱାରା ଆବୃତ ହେବା; efflorescence ବି. ପୁଷ୍ପାୟନ, ଉତ୍ଫୁଲ୍ଲନ; ବିଂ. efflorescent.

**effluence** ବି. ବିଦ୍ୟୁତ ବା ଆଲୋକର ନିର୍ଗମନ, ବହିର୍ନିଃସରଣ।

**effluent** 1. ବିଂ. ପ୍ରବହମାନ, 2. ବି. ପ୍ରବାହ, ଶାଖାନଦୀ, ନାଳ।

**effluvium** ବି.( ବ.ବ. effluvia), କ୍ଷତିକାରକ ବା ଅସ୍ୱାସ୍ଥ୍ୟକର ପଦାର୍ଥର ବହିର୍ନିର୍ଗମନ।

**efflux** ବି. ପ୍ରବାହ, ଅତିକ୍ରମ (ସମୟର)।

**effort** ବି. କଠିନ ଶାରୀରିକ ଅଥବା ମାନସିକ ଉଦ୍ୟମ, ଚେଷ୍ଟା, ଆୟାସ, ବଳ ବା ଶକ୍ତି ପ୍ରୟୋଗ।

**effortless** ବିଂ. ଅନାୟାସ, ଉଦ୍ୟମହୀନ।

**effrontery** ବି. ଔଦ୍ଧତ୍ୟ, ଧୃଷ୍ଟତା, ନିର୍ଲଜ୍ଜତା।

**effulgent** ବିଂ. ଅତି ଉଜ୍ଜ୍ୱଳ, ଦୀପ୍ତିମାନ; effulgence ବି. ଆଲୋକ ପ୍ରବାହ।

**effuse** ସ.କ୍ରି. ଢାଳିବା, ବର୍ଷଣ କରିବା, ନିକ୍ଷେପ କରିବା।

**effusion** ବି. ( ବିଶେ. ସାହିତ୍ୟକୃତିର) ଅବାରିତ ବର୍ଷଣ।

**effusive** ବିଂ. ଉଲ୍ଲାସପୂର୍ଣ୍ଣ, ଅତି ମାତ୍ରାରେ ସଦ୍‌ଭାବ ପ୍ରଦର୍ଶନ।

**e.g.** ସଂଶ. (ଲାଟିନ *exempli gratia*) ଉଦାହରଣ ସ୍ୱରୂପ।

**egalitarian** 1. ବିଂସମସ୍ତଙ୍କ ଲାଗି ସମାନ ଅଧିକାର ଦାବି ସମ୍ବନ୍ଧୀୟ; 2. ବି. ଉକ୍ତ ମତବାଦୀ ବ୍ୟକ୍ତି; egalitarianism ବି. ସମାନ ଅଧିକାରବାଦ।

**egg**[1] ବି. ଅଣ୍ଡା, ଅଣ୍ଡାକୃତି ପଦାର୍ଥ; egg-cup ସିଝା ଅଣ୍ଡା ରଖିବା ପାଇଁ ଛୋଟ କପ୍; egg-flip (-nog) ଅଣ୍ଡାର ତରଳ ପଦାର୍ଥ ସହ ମଦ, ଦୁଧ, ପ୍ରଭୃତି ମିଶ୍ରିତ ହୋଇଥିବା ପାନୀୟ; egg-plant ବାଇଗଣ ଭଳି ପରିବା ବିଶେଷ; with egg on one's face କ.ଭା. ବୋକା ବନେଇବା।

**egg**[2] ସ.କ୍ରି. (ବ୍ୟକ୍ତିକୁ) ଅନୁନୟ କରିବା।

**egghead** ବି.କ.ଭା. ବୁଦ୍ଧିଜୀବି।

**eggshell** 1. ବି. ଅଣ୍ଡାର ଖୋଳପା; 2. ବି. ପତଳା ଓ ଭଙ୍ଗୁର (ଚୀନା ମାଟିର ବାସନ)।

**eglantine** ବି. ଏକପ୍ରକାର ସୁବାସିତ ବଣ ଗୋଲାପ।

**ego** ବି. ( ବ.ବ. egos) ଅହଂ, ଅସ୍ମିତା; ନିଜକୁ ବଡ଼ ମନେ କରିବା।

**egocentric** ବିଂ. ଆତ୍ମକେନ୍ଦ୍ରିକ।

**egoism** ବି. ଅହମିକା, ଅହଂବାଦ, ବିଧିବଦ୍ଧ ସ୍ୱାର୍ଥପରତା, ସ୍ୱହିତବାଦ; ସ୍ୱାର୍ଥହିଁ ଆଚରଣର ମୌଳିକ ନୀତି– ଏହି ମତବାଦ; ବି. egoist; ବିଂ. egoistice; କ୍ରି.ବିଂ. egoistically.

**egotism** ବି.ଅହଂବାଦ, ଆତ୍ମଗର୍ବ ବା ଆତ୍ମଶ୍ଲାଘା; ବି. egotistic; କ୍ରି.ବିଂ. egotistically.

**egregious** ବିଂ. ଅତ୍ୟନ୍ତ ଖରାପ।

**egress** ବି. ପ୍ରସ୍ଥାନ; ବାହାରକୁ ଯିବା ବା ବାହାରିଯିବାର ଅଧିକାର।

**Egyptian** 1. ବିଂ. ଇଜିପ୍ଟ ବା ମିଶର ଦେଶୀୟ; 2. ବି. ମିଶର ଦେଶବାସୀ, ମିଶର ଦେଶୀୟ ଭାଷା ପ୍ରଭୃତି।

**Egyptology** ବି. ମିଶରର ପ୍ରତ୍ନ ସଂପଦ ଅନୁଶୀଳନ; ବି. egyptologist.

**eh** ଅ. କ.ଭା. ପ୍ରଶ୍ନ, ବିସ୍ମୟ, ସମ୍ମତି, ପ୍ରତ୍ୟାଶା ପ୍ରଭୃତି ସୂଚକ।

**eider** ବି. କୋମଳ ପର ନିମନ୍ତେ ବିଖ୍ୟାତ ଉତ୍ତର ସାଗରୀୟ ହଂସ ବିଶେଷ; eiderdown ବି.

Digitized by srujanika@gmail.com

ଉଲ୍ ପର ବା ଅନ୍ୟ ନରମ ପଦାର୍ଥରେ ପ୍ରସ୍ତୁତ ରେଜେଇ ।

**eight** ବିଂ.ବି.ଆଠ, (୮) ଏହାର ପ୍ରତୀକ ସଂଖ୍ୟା, ଆଠଟି ଆହୁଲା ବିଶିଷ୍ଟ ନୌକା ବା ଏହାର ଚାଳକ ।

**eighteen** ବି.ବିଂ.ଅଠର, (୧୮) ଏହାର ପ୍ରତୀକ ସଂଖ୍ୟା ।

**eighteenth** ବି.ବିଂ. ଅଷ୍ଟାଦଶତମ ।

**eightfold** ବି./କ୍ରି.ବିଂ. ଆଠଗୁଣ, ଆଠ ଭାଗ ବିଶିଷ୍ଟ ।

**eighth** ବି.ବିଂ. ଅଷ୍ଟମ, ଆଠଭାଗରୁ ଏକ ଭାଗ, କ୍ରି.ବିଂ. eighthly.

**eightsome** ବିଂ. ଆଠ ଜଣଙ୍କ ପାଇଁ ।

**eighty** ବି.ବିଂ. ଅଶୀ, (୮୦) ଏହାର ପ୍ରତୀକ ସଂଖ୍ୟା; ବ.ବ. eighties ୮୦ରୁ ୮୯ ପର୍ଯ୍ୟନ୍ତ ସଂଖ୍ୟା, ବର୍ଷ ଓ ତାପମାନ ପ୍ରଭୃତି ।

**einsteinium** ବି. ବୈ. କୃତ୍ରିମ ତେଜସ୍କ୍ରିୟ ଧାତବ ଉପାଦାନ (ଆଇନଷ୍ଟାଇନଙ୍କ ନାମାନୁସାରେ) ।

**either** 1. ବିଂ./ସ. ଉଭୟ, ଜଣେ, ଅଥବା ଦୁଇ ଜଣଙ୍କ ମଧ୍ୟରୁ ଜଣେ, ଦୁଇଟି ମଧ୍ୟରୁ ପ୍ରତ୍ୟେକଟି; 2. କ୍ରି.ବିଂ. ଅବା, ସମ୍ଭାବନା ଅର୍ଥରେ ବାକ୍ୟଶେଷରେ ବ୍ୟବହୃତ ।

**ejaculate** କ୍ରି. ହଠାତ୍ ଉଚ୍ଚାରଣ ବା ଘୋଷଣା କରିବା; ଶରୀରରୁ କ୍ଷରଣ କରିବା, ବିକ୍ଷେପ, ଉଦ୍‌ଗୀରଣ; ବି. ejaculation; ବିଂ. ejaculatory.

**eject** ସ.କ୍ରି. ନିକ୍ଷେପ କରିବା, ବହିଷ୍କାର କରିବା, ଛାଡ଼ିଦେବାକୁ ବାଧ କରିବା, ଭଡ଼ାଟିଆକୁ ଘରୁ ବାହାର କରିଦେବା, ବାହାର କରିଦେବା, କ୍ଷରଣ କରିବା; ବି. ejection.

**ejector** ବି. ବହିଷ୍କାର କରିବାର ଉପକରଣ; ejector seat ଆକସ୍ମିକ ପରିସ୍ଥିତିରେ ଉଡ଼ାଜାହାଜ ପ୍ରଭୃତିର ଚାଳକଙ୍କ ନିଷ୍କ୍ରମଣର ବ୍ୟବସ୍ଥା ।

**eke**[1] କ୍ରି.ବିଂ. ପ୍ରା.ପ୍ର. ଅଧିକନ୍ତୁ ।

**eke**[2] ସ.କ୍ରି. କଷ୍ଟରେ ଚଳିବା ବା ଚଳାଇବା ।

**elaborate** 1. କ୍ରି. ବିଶଦଭାବରେ ବ୍ୟାଖ୍ୟାକରିବା, ବିସ୍ତୃତ ଭାବରେ ସଂପାଦନ କରିବା, 2. ବିଂ. ପୁଙ୍ଖାନୁପୁଙ୍ଖ, ବିସ୍ତୃତ, ବିଶଦୀକୃତ; elaboration ବି. ସଂପ୍ରସାରଣ, ବିଶଦୀକରଣ ।

***elan*** ବି. ସଜୀବତା, ପ୍ରାଣ ପ୍ରାଚୁର୍ଯ୍ୟ; *elan vital* ପ୍ରାଣ ଶକ୍ତି । *(ଫ.)*

**elapse** *ଅ.କ୍ରି.* ଅତୀତ ହେବା, ଗତହେବା, ବିତିଯିବା (ସମୟ) ।

**elastic** 1. ବିଂ. ସ୍ଥିତିସ୍ଥାପକ, ସଂକୋଚନ-ପ୍ରସାରଣଶୀଳ, ସତେଜ, ନମନୀୟ, ଖାପଖୁଆଇ ଚଳି ପାରୁଥିବା; 2. ବି. ସ୍ଥିତିସ୍ଥାପକ ଫିତା; ଇଲାଷ୍ଟିକ୍; elasticity ବି. ସ୍ଥିତିସ୍ଥାପକତା ।

**elasticated** ବିଂ. ରବର ସୂତା ମିଶାଇ ସଂକୋଚନ ପ୍ରସାରଣଶୀଳ କରାଯାଇଥିବା (ସୂତା) ।

**elastomer** ବି. ପ୍ରାକୃତିକ ବା ସିନ୍ଥେଟିକ୍ ରବର ଅଥବା ରବର ତୁଲ୍ୟ ପ୍ଲାଷ୍ଟିକ ।

**elate** ସ.କ୍ରି. ଉତ୍‌ଫୁଲ୍ଲ, ଗର୍ବିତ, ବିଜୟମତ୍ତ, ହେବା ବା କରିବା; ବି. elation.

**elbow** 1. ବି. କହୁଣୀ, କହୁଣୀଭଳି ବାଙ୍କ, କହୁଣୀକୁ ଆବୃତ କରିଥିବା ପରିଧେୟର ଅଂଶ; 2. ସ.କ୍ରି. କହୁଣୀ ଦ୍ୱାରା ଠେଲି ଅଗ୍ରସର ହେବା; elbow-room ହାତ ବୁଲାଇବା ବା କାମକରିବା ଲାଗି ଯଥେଷ୍ଟ ସ୍ଥାନ; out at the elbows ଜୀର୍ଣ୍ଣ ପରିଧେୟ ଯୋଗୁଁ ଦୀନ ହୀନ ଦେଖା ଯାଉଥିବା ।

**elder**[1] 1. ବିଂ. ଜ୍ୟେଷ୍ଠ, ପୂର୍ବଜ, ବୟୋଜ୍ୟେଷ୍ଠ; 2. ବି. ବୟୋଜ୍ୟେଷ୍ଠ ବ୍ୟକ୍ତି, ବୟୋଜ୍ୟେଷ୍ଠ ହେତୁ ମାନନୀୟ, ଗୀର୍ଜା ବା ଧର୍ମ ସଂଘର ସଭ୍ୟ ବା କର୍ମଚାରୀ ।

**elder**[2] ବି. ଏକପ୍ରକାର ଗଛ, ଏହାର ଫୁଲ ଧଳା ଓ କୋଳି କଳା ବର୍ଣ୍ଣର; elderberry ବି. ଏଲ୍ଡରର ଗଛର କୋଳି ।

**elderly** ବିଂ. ବୟସ୍କ, ପୌଢ଼, ବୟୋବୃଦ୍ଧ ।

**eldest** ବିଂ. ଜ୍ୟେଷ୍ଠ, ପ୍ରଥମଜାତ, ଜୀବିତ ମାନଙ୍କ ମଧ୍ୟରେ ଜ୍ୟେଷ୍ଠ ।

**eldorado** ବି.( ବ.ବ. eldorados) ପ୍ରଚୁର ସଂପଦପୂର୍ଣ୍ଣ ଓ ସମ୍ଭାବନାମୟ କାଳ୍ପନିକ ରାଜ୍ୟ ।

**elect** 1. ସ.କ୍ରି. ଭୋଟଦ୍ୱାରା ବାଛିବା, ନିର୍ବାଚନ କରିବା, ମନେ ମନେ ସ୍ଥିର କରିବା; 2. ବିଂ. (ବିଶେଷ୍ୟ ପରେ), ନିର୍ବାଚିତ ମାତ୍ର ଏ ପର୍ଯ୍ୟନ୍ତ ପଦାଧିରୂଢ଼ ହୋଇନଥିବା, ଉଦା. president elect.

**election** ବି. ନିର୍ବାଚନ, ନିର୍ବାଚନ ପ୍ରକ୍ରିୟା ।

Digitized by srujanika@gmail.com

**electioneer** *ଅ.କ୍ରି.* ଭୋଟ ପ୍ରଚାରରେ ଅଂଶ ଗ୍ରହଣ କରିବା ।

**elective** ବିଂ. ନିର୍ବାଚନ ସମ୍ବନ୍ଧୀୟ, ନିର୍ବାଚନ ସାପେକ୍ଷ, ନିର୍ବାଚନ କରିବା ଅଧିକାର ଭୁକ୍ତ, ଐଚ୍ଛିକ, ଶୀଘ୍ର ଆବଶ୍ୟକ ହେଉ ନଥିବା ।

**elector** ବି. ନିର୍ବାଚକ; Elector ଜର୍ମାନୀର ସମ୍ରାଟ ନିର୍ବାଚକ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ପଦ; ବିଂ. electoral.

**electorate** ବି. ନିର୍ବାଚନ ମଣ୍ଡଳୀ ।

**electric** 1. ବିଂ. ବୈଦ୍ୟୁତିକ, ବିଦ୍ୟୁତ୍ ଉତ୍ପାଦନକ୍ଷମ, ବିଦ୍ୟୁତ୍‌ଗର୍ଭ, *(ଲାକ୍ଷ.)* ଅତି ଉତ୍ତେଜନାପୂର୍ଣ୍ଣ, ଚମକପ୍ରଦ; 2. ବି. ବୈଦ୍ୟୁତିକ ପଦାର୍ଥ (ଆଲୋକ, ଯାନ ଉପକରଣ ପ୍ରଭୃତି), ବ.ବ. ବୈଦ୍ୟୁତିକ ଉପକରଣ ସମୂହ; electric blanket ଅନ୍ତର୍ନିହିତ ବିଦ୍ୟୁତ୍ ଉପାଦାନ ଯୋଗୁଁ ଉତ୍ତାପଯୁକ୍ତ କମ୍ବଳ; electric chair ମୃତ୍ୟୁଦଣ୍ଡ ଲାଗି ବ୍ୟବହୃତ ବିଦ୍ୟୁତ୍ ଚଉକି; electric shock ବ୍ୟକ୍ତି ଦେହରେ ହଠାତ୍ ବିଦ୍ୟୁତ୍ ଶକ୍ତି ସଂଯୋଗଜନିତ ପ୍ରଭାବ ।

**electrical** ବିଂ. ବିଦ୍ୟୁତ୍ ସମ୍ବନ୍ଧୀୟ, ବୈଦ୍ୟୁତିକ; ଆକସ୍ମିକ ଉତ୍ତେଜନା ପୂର୍ଣ୍ଣ; କ୍ରି.ବିଂ. electrically.

**electrician** ବି. ବିଦ୍ୟୁତ୍‌ବିତ୍, ବିଜୁଳି କାରିଗର ବା ମିସ୍ତ୍ରୀ ।

**electricity** ବି. ବିଦ୍ୟୁତ୍, ତଡ଼ିତ୍, ତଡ଼ିତ୍ ଶକ୍ତି ।

**electrify** *ସ.କ୍ରି.* ବିଦ୍ୟୁତ୍ ସଞ୍ଚାର କରିବା, ବିଦ୍ୟୁତ୍ ଶକ୍ତି ଦ୍ୱାରା (କଳ, କାରଖାନା, ଯନ୍ତ୍ର, ଯାନ ପ୍ରଭୃତି) ଚଳାଇବା; *ଲାକ୍ଷ.* ଚମକେଇବା, ବିସ୍ମିତ କରିବା, ଉଦ୍‌ବୋଧିତ କରାଇବା; electrification ବି. ବିଦ୍ୟୁତୀକରଣ ।

**electro–** *ଉପ.* ବିଦ୍ୟୁତ୍ ସଂଜାତ ।

**electrocardiogram** ବି. ଇଲେକ୍ଟ୍ରୋ କାର୍ଡିଓ ଗ୍ରାଫ୍ ଯନ୍ତ୍ର ସାହାଯ୍ୟରେ ହୃତ୍‌ସ୍ପନ୍ଦନର ଅବସ୍ଥା ନିରୂପଣ ।

**electrocardiograph** ବି. ବ୍ୟକ୍ତିର ହୃତ୍ ସ୍ପନ୍ଦନରୁ ଜାତ ବିଦ୍ୟୁତ୍ ସ୍ରୋତକୁ ଉପସ୍ଥାପନ କରୁଥିବା ଯନ୍ତ୍ର ।

**electroconvulsive therapy** ବିଦ୍ୟୁତ୍ ସ୍ପର୍ଶଜନିତ ପ୍ରତିକ୍ରିୟା ସାହାଯ୍ୟରେ ଚିକିତ୍ସା ।

**electrocute** *ସ.କ୍ରି.* ବିଦ୍ୟୁତ୍‌ଶକ୍ତି ପ୍ରୟୋଗ ଦ୍ୱାରା ମୃତ୍ୟୁ ଦଣ୍ଡ ଦେବା, ବିଦ୍ୟୁତ୍ ସଞ୍ଚାଳନ (ସ୍ପର୍ଶ) ଜନିତ ମୃତ୍ୟୁ ହେବା ।

**electrode** ବି. ବିଦ୍ୟୁତ୍ ଅଗ୍ର ତଡ଼ିତ୍ ଦ୍ୱାର ।

**electrodynamics** ବି. ଗତିଶୀଳ ବିଦ୍ୟୁତ୍ ଶକ୍ତିର ଅନୁଶୀଳନ ତତ୍ତ୍ୱ, ତଡ଼ିତ୍ ବଳ ବିଜ୍ଞାନ ।

**electroencephalogram** ବି. ଇଲେକ୍ଟ୍ରୋ-ଏନ୍‌ସେଫାଲୋଗ୍ରାଫ ଯନ୍ତ୍ର ସାହାଯ୍ୟରେ ନିର୍ଣ୍ଣୀତ ଅବସ୍ଥାର ବିବରଣୀ ।

**electroencephalograph** ବି. ମସ୍ତିଷ୍କର ବୈଦ୍ୟୁତିକ କାର୍ଯ୍ୟର ଲେଖ ଉପସ୍ଥାପନ କରୁଥିବା ଯନ୍ତ୍ର ।

**electrolyse** *ସ.କ୍ରି.* ବିଦ୍ୟୁତ୍ ବିଶ୍ଳେଷଣ ଦ୍ୱାରା ଚିକିତ୍ସା କରିବା ।

**electrolysis** ବି. ବିଦ୍ୟୁତ୍ ବିଶ୍ଳେଷଣ, ବୈଦ୍ୟୁତିକ କାର୍ଯ୍ୟ ଯୋଗୁଁ ହେଉ ଥିବା ରାସାୟନିକ ବିପଚନ; ଆବୁ ପ୍ରଭୃତିକୁ ବିଦ୍ୟୁତ୍ ଶକ୍ତି ପ୍ରୟୋଗ କରି ବିଖଣ୍ଡିତ କରିବା; ବିଂ. electrolytic.

**electrolyte** ବି. ବିଦ୍ୟୁତ୍ ବିଶ୍ଳେଷ୍ୟ, ବିଦ୍ୟୁତ୍‌ଶକ୍ତି ସଂଚାରକ୍ଷମ ତରଳ ପଦାର୍ଥ (ବିଶେଷତଃ ବୈଦ୍ୟୁତିକ ସେଲ ବା ବେଟେରୀର) ।

**electromagnet** ବି. ତଡ଼ିତ୍ ଚୁମ୍ବକ, ବିଦ୍ୟୁତ୍ ପ୍ରବାହ ଦ୍ୱାରା ଚୁମ୍ବକଶକ୍ତି ଯୁକ୍ତ ଲୌହ ଦଣ୍ଡ ।

**electromagnetic** ବିଂ. ବୈଦ୍ୟୁତିକ ଏବଂ ଚୁମ୍ବକୀୟ ଗୁଣ ଯୁକ୍ତ, ବିଦ୍ୟୁତ୍–ଚୁମ୍ବକୀୟ; *କ୍ରି.ବିଂ.* electromagnetically.

**electromagnetism** ବି. ବିଦ୍ୟୁତ୍ ଶକ୍ତି ଦ୍ୱାରା ସଂଜାତ ଚୁମ୍ବକୀୟ ଶକ୍ତି, ଏହାର ଅନୁଶୀଳନ ।

**electrometer** ବି. ତଡ଼ିତ୍ ପରିମାପକ ଯନ୍ତ୍ର ।

**electromotive** ବିଂ. ବିଦ୍ୟୁତ୍ ପ୍ରେରକ, ଉତ୍ପାଦନ ପ୍ରବଣ ବା ଉତ୍ପାଦନକାରୀ ।

**electron** ବି. ଇଲେକ୍ଟ୍ରନ୍; ଋଣାତ୍ମକ ବିଦ୍ୟୁତ୍‌ଶକ୍ତି ଏକକର ପରିବାହୀ ସ୍ଥିର ଅବିଭାଜ୍ୟ ମୌଳିକ ପରମାଣୁ ।

**electronic** ବିଂ. ଇଲେକ୍ଟ୍ରନିକ, ଇଲେକ୍ଟ୍ରନ ପ୍ରବାହ ଦ୍ୱାରା ସୃଷ୍ଟ ବା ଇଲେକ୍ଟ୍ରନ ସଂପର୍କିତ ।

**electronic mail** ବି. କଂପ୍ୟୁଟର ମାଧ୍ୟମରେ ବାର୍ତ୍ତା ପ୍ରେରଣ ବା ପ୍ରସାରଣ ।

**electronics** ବି. ଇଲେକ୍ଟ୍ରନିକ୍ ବିଜ୍ଞାନ ।

**electroplate** 1. *ସ.କ୍ରି.* ବିଦ୍ୟୁତ୍ ପ୍ରବାହ ଲେପନ କରିବା, କୌଣସି ଧାତବ ପଦାର୍ଥକୁ ଗିଲଟି କରିବା; 2. ବି. ଉକ୍ତ ପ୍ରଣାଳୀରେ ଗିଲଟି କରାଯାଇଥିବା ପଦାର୍ଥ ।

**electroscope** ବି. ବିଦ୍ୟୁତ୍ ନିର୍ଦ୍ଦେଶକ ଓ ପରିମାପକ ଯନ୍ତ୍ର ।

Digitized by srujanika@gmail.com

**electro–shock** ବି. ବିଦ୍ୟୁତ୍‌ସ୍ପର୍ଶଜନିତ ଚମକ।
**electro–shock therapy** ବିଦ୍ୟୁତ୍ ସ୍ପର୍ଶ ଜନିତ ଚମକ ସାହାଯ୍ୟରେ ଡାକ୍ତରୀ ଚିକିତ୍ସା।
**electrostatics** ବି. *ସା.ଏ.ବ.* ସ୍ଥିର ବିଦ୍ୟୁତ୍ ଶକ୍ତିର ବିଜ୍ଞାନ।
**electrotechnology** ବି. ବିଦ୍ୟୁତ୍ ଶକ୍ତିର ଯାନ୍ତ୍ରିକ ପ୍ରୟୋଗ ବିଜ୍ଞାନ।
**electrotherapy** ବି. ବିଦ୍ୟୁତ୍‌ଶକ୍ତି ବ୍ୟବହାର ଦ୍ୱାରା ରୋଗର ଚିକିତ୍ସା।
**electuary** ବି. ଏକପ୍ରକାର ମୋଦକ; ଅବଲେହ, ମହୁ ବା ସିରପ ମିଶ୍ରିତ ଔଷଧ ଚୂର୍ଣ୍ଣ।
**eleemosynary** ବିଂ.ଦାନପୁଷ୍ଟ, ଦାନ ସମ୍ବନ୍ଧୀୟ; ଦାତବ୍ୟ।
**elegant** ବିଂ. କମନୀୟ, ମାଧୁର୍ଯ୍ୟପୂର୍ଣ୍ଣ, ସୁନ୍ଦର, ସୁରୁଚିସଂପନ୍ନ, ମାର୍ଜିତ; ବି. elegance
**elegiac** 1. ବିଂ. ଶୋକ ଗୀତରେ ବ୍ୟବହୃତ, ଶୋକାତ୍ମକ; 2. ବି.ବ.ବ. ଏହି ଧରଣର କବିତା; elegiac couplet ଡ୍ୟାକ୍‌ଟିଲ (ଛନ୍ଦର), ଛଅ ବା ପାଞ୍ଚ ମାତ୍ରା ବିଶିଷ୍ଟ ପଦ।
**elegy** ବି. ବ୍ୟକ୍ତି ବିଶେଷଙ୍କର ମୃତ୍ୟୁରେ ରଚିତ ଶୋକ ଗୀତି; ବିଳାପବ୍ୟଞ୍ଜକ କବିତା, ଏଲିଜିଆକ ଛନ୍ଦରେ ରଚିତ କବିତା।
**element** ବି. ମୌଳିକ ଉପାଦାନ; ମୂଳ ତତ୍ତ୍ୱ; ଏ ଯାବତ୍ ଆବିଷ୍କୃତ ପ୍ରାୟ ୧୦୦ଟି ମୌଳିକ ଉପାଦାନ ମଧ୍ୟରୁ ଏକତମ; (ପ୍ରାଚୀନ ଓ ମଧ୍ୟଯୁଗୀୟ ଦର୍ଶନରେ) କ୍ଷିତି, ଅପ୍, ତେଜ ଓ ମରୁତ୍ ଏହି ଚାରିଟି ଉପାଦାନ ମଧ୍ୟରୁ ଗୋଟିଏ; ପ୍ରାଣୀର ପ୍ରାକୃତିକ ଆବାସସ୍ଥଳ ବା ପରିବେଶ ପ୍ରଭୃତି; ବିଦ୍ୟୁତ କୁକର (ରନ୍ଧନ ଯନ୍ତ୍ର)ରୁ ଉତ୍ତାପ କାଢ଼ି ନେଉଥିବା ତାର; ପବନ ଝଡ଼ ପ୍ରଭୃତି ବାୟୁ ମଣ୍ଡଳୀୟ ଶକ୍ତି; ବ.ବ. କୌଣସି କଳା ବା ବିଦ୍ୟାର ମୌଳିକ ଜ୍ଞାନ; in one's element ଅଭ୍ୟସ୍ତ ପରିବେଶରେ, ଦକ୍ଷତା ଅର୍ଜନ କରିଥିବା ବିଷୟକୁ ଆନନ୍ଦରେ ସଂପାଦନ କରୁଥିବା ଅବସ୍ଥାରେ।
**elemental** ବିଂ. ପ୍ରାକୃତିକ ଶକ୍ତି ଅଥବା ମୌଳିକ ଉପାଦାନ ସଦୃଶ ବା ସଂପର୍କୀୟ, ଶକ୍ତିଶାଳୀ, ପ୍ରଚଣ୍ଡ, ମୌଳିକ, ଅତ୍ୟାବଶ୍ୟକ।
**elementary** ବିଂ. ମୌଳିକ, ପ୍ରାଥମିକ, ପ୍ରାରମ୍ଭିକ, ତାତ୍ତ୍ୱିକ, ଅବିଶ୍ଳେଷଣୀୟ; କ୍ରି.ବିଂ. elementarily; ବି. elementariness.
**elephant** ବି. ହାତୀ, ହସ୍ତୀ।
**elephantiasis** ବି. ଅଙ୍ଗ ପ୍ରତ୍ୟଙ୍ଗରେ ସ୍ଫୀତି ଜନୟକ ଚର୍ମରୋଗ ବିଶେଷ, ଯଥା ଶ୍ଳୀପଦ, ଗୋଦର ପ୍ରଭୃତି।
**elephantine** ବିଂ. ହସ୍ତୀ ସମ୍ବନ୍ଧୀୟ, ହସ୍ତୀ ସଦୃଶ, ଅତି ବଡ଼, କଦର୍ଯ୍ୟ।
**elevate** ସ.କ୍ରି. ଉତ୍ତୋଳନ କରିବା, ଉପରକୁ ଉଠାଇବା, ଉନ୍ନତ କରାଇବା, ନୈତିକ ବା ମାନସିକ ଉନ୍ନତି କରାଇବା।
**elevation** ବି.ଉତ୍ତୋଳନ, ଉନ୍ନୟନ, ପଦୋନ୍ନତି, ଉନ୍ନତି, ବିକାଶ, ଉଚ୍ଚସ୍ଥାନ, ଉଚ୍ଚତା, ପାହାଡ଼, ଚିତ୍ରରେ ଗୃହର ଏକ ପାର୍ଶ୍ୱ ପ୍ରଦର୍ଶନ।
**elevator** ବି. ଉତ୍ତୋଳକ ଯନ୍ତ୍ର, ବ୍ୟୋମଯାନର ଉଚ୍ଚତା ପରିବର୍ତ୍ତନ ନିମନ୍ତେ ବ୍ୟବହୃତ ଯନ୍ତ୍ର; *ଆମେ.* ଲିଫ୍‌ଟ୍।
**eleven** ବି./ବିଂ.ଏଗାର, (୧୧) ଏହାର ପ୍ରତୀକ, ଫୁଟବଲ୍ ବା କ୍ରିକେଟ ଖେଳର ଖେଳାଳି ସଂଖ୍ୟା।
**elevenfold** ବିଂ./କ୍ରି.ବିଂ. ଏଗାର ଗୁଣ, ଏଗାରଟି ଅଙ୍ଗରେ ଗଠିତ।
**elevenses** ବି. ପୂର୍ବାହ୍ନ ୧୧ଟା ବେଳର ଲଘୁଭୋଜନ।
**eleventh** ବିଂ./ବି. ଏକାଦଶତମ, ଏକାଦଶତମ ବସ୍ତୁ, ଏକାଦଶ ଭାଗରୁ ଏକଭାଗ; (at the) eleventh hour ଶେଷ ମୁହୂର୍ତ୍ତରେ।
**elf** ବି. (ପୌରାଣିକ) ବାମନ ଭୂତ, ଅପଦେବତା; ଦୁଷ୍ଟ ଶିଶୁ; ବିଂ. elfish.
**elfin** ବିଂ. ବାମନ ଭୂତମାନଙ୍କର ବା ସେମାନଙ୍କ ଭଳି।
**elicit** ସ.କ୍ରି. ବାହାର କରିବା, ପ୍ରକାଶ କରାଇବା, ସିଦ୍ଧାନ୍ତ କରିବା।
**elide** ସ.କ୍ରି. ଉଚ୍ଚାରଣରେ (ସ୍ୱରବର୍ଣ୍ଣ ବା ମାତ୍ରା) ଉହ୍ୟ କରିବା।
**eligible** ବିଂ. ଉପଯୁକ୍ତ, ଯୋଗ୍ୟ, ବାଞ୍ଛନୀୟ, ବରଣୀୟ, ନିର୍ବାଚନ ଯୋଗ୍ୟ, ଆଇନାନୁଯାୟୀ ଉପଯୁକ୍ତ; eligibility ବି. ଯୋଗ୍ୟତା।
**eliminate** ସ.କ୍ରି. ବାହାର କରିଦେବା, ଅପସାରଣ କରିବା, ତଡ଼ିଦେବା, ତ୍ୟାଗ କରିବା; elimination ବି. ବହିଷ୍କାର, ବିତାଡ଼ନ; ବି. eliminator.
**elision** ବି. ଉଚ୍ଚାରଣରେ ସ୍ୱରବର୍ଣ୍ଣ ବା ମାତ୍ରା ଉହ୍ୟ କରଣ।

Digitized by srujanika@gmail.com

**elite** ବି. ନିର୍ବାଚିତ ଗୋଷ୍ଠୀ ବା ଶ୍ରେଣୀ, ଗୋଷ୍ଠୀର ସର୍ବଶ୍ରେଷ୍ଠ ବ୍ୟକ୍ତି; ଟାଇପ୍ ରାଇଟର୍ ବ୍ୟବହୃତ ଅକ୍ଷରର ଆକାର।

**elitism** ବି. ଏକ ନିର୍ବାଚିତ ଗୋଷ୍ଠୀ ଦ୍ୱାରା ପ୍ରାଧାନ୍ୟ ବା ନେତୃତ୍ୱଲାଭ ଓ ଏହାର ସମର୍ଥନ।

**elixir** ବି. ସର୍ବରୋଗହର, ସର୍ବୋତ୍କୃଷ୍ଟ ଔଷଧ, ସୁବାସିତ ଔଷଧ, ଅନନ୍ତ ଜୀବନପ୍ରଦ ଔଷଧ; ଅପକୃଷ୍ଟ ଧାତୁକୁ ସ୍ୱର୍ଣ୍ଣରେ ରୂପାନ୍ତରିତ କରିବାର ଦ୍ରବ୍ୟ।

**Elizabethan** 1. ବିଂ. ବ୍ରିଟିଶ ମହାରାଣୀ ଏଲିଜାବେଥ ୧ମ ବା ୨ୟଙ୍କ ସମକାଳୀନ; 2. ବି. ଏହି ସମୟର ବ୍ୟକ୍ତି।

**elk** ବି. ଉ. ୟୁରୋପ, ଏସିଆ ଏବଂ ଉ. ଆମେରିକାରେ ପରିଦୃଷ୍ଟ ବୃହତ୍‌କାୟ ହରିଣ।

**ell** ବି. ଲୁଗା ପ୍ରଭୃତି ମାପିବାର ପରିମାଣ, ୧.୧/୪ ଗଜ।

**ellipse** ବି. ଦୀର୍ଘବୃତ୍ତ, ଉପବୃତ୍ତ, ବୃତ୍ତାଭାସ, ଇଲିପ୍‌ସ; ଅଣ୍ଡାକାର ପଦାର୍ଥ।

**ellipsis** ( ବ.ବ. ellipses) ବି. ବ୍ୟା. ବିଲୋପ, ପଦଶୂନ୍ୟତା, ଅର୍ଥପ୍ରକାଶକ ପଦର ବିଲୋପ; ଶୂନ୍ୟସ୍ଥାନ ନିର୍ଦ୍ଦେଶକ ତିନିଗୋଟି ବିନ୍ଦୁର ଚିହ୍ନ(...)।

**ellipsoid** ବି. ଇଲିପ୍‌ସ୍ ଆକୃତି ବିଶିଷ୍ଟ ଘନ, ଏହାର କୌଣସି ଅକ୍ଷ ମଧ୍ୟସ୍ଥ ସମସ୍ତ ଛେଦ ଇଲିପ୍‌ସ ଆକାରବିଶିଷ୍ଟ ଓ ଅନ୍ୟାନ୍ୟ ଛେଦ ଇଲିପ୍‌ସ୍ ଅଥବା ବୃତ୍ତାକୃତି।

**elliptic, elliptical** ବିଂ. ଦୀର୍ଘବୃତ୍ତ ସଦୃଶ; କ୍ରି.ବିଂ. elliptically.

**elm** ବି. ଦେବଦାରୁ ଜାତୀୟ ବୃକ୍ଷ, ଏହି ବୃକ୍ଷର କାଠ।

**elocution** ବି. ବାକ୍‌ଚାତୁର୍ଯ୍ୟ, ବକ୍ତୃତା କୁଶଳତା, ବାଗ୍ମିତା; elocutionary ବିଂ. ବାକ୍‌କୌଶଳ ସମ୍ବନ୍ଧୀୟ; elocutionist ବି. ବକ୍ତା, ବାଗ୍ମୀ।

**elongate** ସ.କ୍ରି. ଲମ୍ବାଇବା, ପ୍ରସାରିତ କରିବା; ବି. elongation.

**elope** ଅ.କ୍ରି. ଗୋପନରେ ବିବାହ ନିମନ୍ତେ ପ୍ରଣୟୀ ସହିତ ପଳାଇଯିବା; ଉଦ୍‌ଲିଆ ଯିବା; ବି. elopement.

**eloquence** ବି. ଭାଷାର ସଫଳ ଓ ଅନର୍ଗଳ ବ୍ୟବହାର, ବାଗ୍ମିତା।

**eloquent** ବିଂ. ବାଗ୍ମୀ, ବାଗ୍ମିତାସମ୍ପନ୍ନ, ପ୍ରକାଶକ୍ଷମ।

**else** କ୍ରି.ବିଂ. ବ୍ୟତୀତ, ପରିବର୍ତ୍ତେ, ତା ନୋହିଲେ; or else କ.ଭା. ସତର୍କବାଣୀ ଭାବେ, ଉଦା. Hand over the money or else.

**elsewhere** କ୍ରି.ବିଂ. ଅନ୍ୟସ୍ଥାନକୁ ବା ସ୍ଥାନରେ।

**elucidate** ସ.କ୍ରି. ବ୍ୟାଖ୍ୟା କରିବା, ବୁଝାଇ ଦେବା; elucidation ବି. ବିଷଦୀକରଣ।

**elude** ସ.କ୍ରି. (ବିପଦକୁ) ଚତୁରତା ସହିତ ଏଡ଼ାଇବା; (ନୀତି, ନିୟମ ପାଳନରୁ) କୌଶଳରେ ଖସିଯିବା, (ବୋଧଶକ୍ତି ସ୍ମୃତି ପ୍ରଭୃତିକୁ) ପରାଭୂତ କରିବା; ବି. elusion; ବିଂ. elusory; elusive ବିଂ. ଭ୍ରମାତ୍ମକ।

**elver** ବି. ଇଲ୍ ବା କୋଟିଆର ଛୁଆ।

**elves** elfର ବ.ବ.।

**Elysium** ବି. ଗ୍ରୀକ୍ ପୁରାଣ ଅନୁଯାୟୀ ମୃତ୍ୟୁପରେ ପୁଣ୍ୟାତ୍ମାଙ୍କ ବାସଭୂମି, ଦିବ୍ୟଲୋକ; ଆଦର୍ଶ ବା ଆନନ୍ଦଦାୟକ ସ୍ଥାନ।

**em** ବି. ମୁଦ୍ରଣର ଏକ ମାପ; ଇଂରାଜୀ 'M' ଅକ୍ଷର ଅଧିକାର କରୁଥିବା ସ୍ଥାନ।

**emaciate** ସ.କ୍ରି. ଶୀର୍ଣ୍ଣ ବା ପତଳା ହେବା ବା କରିବା; emaciated ବିଂ. ଶୀର୍ଣ୍ଣକାୟ; emaciation ବି. କୃଶତା।

**email, e-mail** ସ୍ତ୍ର. electronic mail; ଇମେଲ୍।

**emanate** କ୍ରି. ନିର୍ଗତହେବା (ଉଦ୍ଭବ ସ୍ଥାନ ବା ବ୍ୟକ୍ତିଠାରୁ); ବି. emanation.

**emancipate** ସ.କ୍ରି. ଦାସତ୍ୱରୁ ଅଥବା ରାଜନୈତିକ ବା ସାମାଜିକ ଅନୁଶାସନରୁ ମୁକ୍ତିଦେବା; emancipation ବି. ମୁକ୍ତି, ଦାସତ୍ୱମୋଚନ; emancipator ବି. ମୁକ୍ତିଦାତା; emancipatory ବିଂ. ପରିତ୍ରାଣକାରୀ।

**emasculate** 1. ସ.କ୍ରି. ମୁଷ୍କ ଛେଦନ କରିବା, ନପୁଂସକ କରିବା, ନିସ୍ତେଜ ବା ହୀନବୀର୍ଯ୍ୟ କରିବା; 2. ବିଂ. ନପୁଂସକ ହୋଇଥିବା, ନାରୀ ସୁଲଭ; ବି. emasculation.

**embankment** ବି. ବନ୍ଧ (ମାଟି ବା ପଥରର), ଜଳରାଶିକୁ ଆବଦ୍ଧ କରିବା ଅଥବା ରାସ୍ତା ପକାଇବା ସକାଶେ ନିର୍ମିତ।

**embargo** 1. ବି. ( ବ.ବ. embargoes) ଜାହାଜର ବନ୍ଦର ତ୍ୟାଗ ବା ବନ୍ଦର ପ୍ରବେଶ ନିମନ୍ତେ ଅସ୍ଥାୟୀ ନିଷେଧାଦେଶ, ବାଣିଜ୍ୟ-ନିଷେଧ ଆଜ୍ଞା; 2. ସ.କ୍ରି. ଏହି ଆଦେଶର ଅଧୀନ ଦେବା।

Digitized by srujanika@gmail.com

**embark** 1. ସ.କ୍ରି. ଜାହାଜ କିମ୍ବା ନୌକାରେ ବୋଝେଇ କରିବା ବା ଯିବା; ଉଡ଼ାଜାହାଜ ଚଢ଼ିବା; 2. embark on (upon) କୌଣସି କର୍ମରେ ବ୍ୟାପୃତ ହେବା ।

**embarkation** ବି. ପୋତାରୋହଣ ।

**embarrass** ସ.କ୍ରି. ଅଡୁଆ ପରିସ୍ଥିତିରେ ପକାଇବା; ଅସୁବିଧାରେ ପକାଇବା, ହଇରାଣ କରିବା; ବି. embarrassment

**embassy** ବି. ଦୌତ୍ୟ, ରାଷ୍ଟ୍ରଦୂତର କାର୍ଯ୍ୟ, ଦୂତାବାସ ।

**embattled** ବିଂ. ଯୁଦ୍ଧ ନିମନ୍ତେ ସୈନ୍ୟ ସଜ୍ଜା ଦ୍ୱାରା ପ୍ରସ୍ତୁତ, ବ୍ୟୂହ ବିନ୍ୟାସ ଦ୍ୱାରା ଦୃଢ଼ୀଭୂତ ।

**embed** ସ.କ୍ରି. ଦୃଢ଼ ଭାବେ ସଂଯୋଗ କରିବା (ଚାରିପାଖର ବସ୍ତୁ ମଧ୍ୟରେ) ।

**embellish** ସ.କ୍ରି. ସୁନ୍ଦର କରିବା, ମଣ୍ଡନ କରିବା, କାଳ୍ପନିକ ବିଷୟ ଦ୍ୱାରା ବର୍ଣ୍ଣନାର ଉତ୍କର୍ଷ ସାଧନ କରିବା; ବି. embellishment.

**ember** ବି. ସା. ବ.ବରେ ଉଢ଼ନିଆଁ, ଜଳନ୍ତା ଅଙ୍ଗାର ।

**embezzle** ସ.କ୍ରି. ଗଚ୍ଛିତ ଧନ ଆତ୍ମସାତ କରିବା, ତହବିଲ ତୋଷରପ କରିବା; ବି. embezzlement.

**embitter** ସ.କ୍ରି. ତିକ୍ତ କରିବା, ମନ୍ଦ କରିବା, ବି. embitterment.

**emblazon** ସ.କ୍ରି.= blazon; emblazonment ବି. ମର୍ଯ୍ୟାଦା ଓ ଆଭିଜାତ୍ୟ ସୂଚକ ଚିହ୍ନ (ଢାଲ ବା ବର୍ମ ଉପରେ ଅଙ୍କିତ) ।

**emblem** ବି. ନିଦର୍ଶନ, ପ୍ରତୀକ, ସଂକେତ, ପ୍ରତିରୂପ; ବିଂ. emblematic ନିଦର୍ଶନାତ୍ମକ ।

**embody** ସ.କ୍ରି. ରୂପରେଖ ଦେବା, ମୂର୍ତ୍ତ କରିବା, ଅବୟବବିଶିଷ୍ଟ କରିବା, ସନ୍ନିବିଷ୍ଟ କରିବା, ଏକତ୍ର କରିବା; embodiment ବି. ପ୍ରମୂର୍ତ୍ତି ବା ମୂର୍ତ୍ତିମନ୍ତ ରୂପ ।

**embolden** ସ.କ୍ରି. ଉତ୍ସାହିତ କରିବା, ସାହସ ବଢ଼ାଇବା, ସାହସୀ କରିବା ।

**embolism** ବି. ଜମାଟ ବାନ୍ଧିବା କିମ୍ବା ବାୟୁ ବୁଦ୍‌ବୁଦ ପ୍ରଭୃତି ଦ୍ୱାରା ଧମନୀରେ ରକ୍ତାବରୋଧ ।

**embolus** ବି. (ବ.ବ. emboli) ଧମନୀରେ ରକ୍ତାବରୋଧକାରୀ ବସ୍ତୁ ।

**emboss** ସ.କ୍ରି. ଚାପ ପ୍ରୟୋଗଦ୍ୱାରା ଉଦ୍‌ଗତ ଚିତ୍ର ଉଠାଇବା; ଉଦ୍‌ଗତ କାରୁକାର୍ଯ୍ୟରେ ଶୋଭିତ କରିବା; ବି. embossment.

**embrace** 1. ସ.କ୍ରି. ଆଲିଙ୍ଗନ କରିବା, ଦୃଢ଼ଭାବେ ଧରିବା, ବେଷ୍ଟନ କରିବା, ସ୍ୱୀକାର କରିବା, ଗ୍ରହଣ କରିବା (ଭାବ, ବିଶ୍ୱାସ, ଧର୍ମ ପ୍ରଭୃତି); 2. ଆଲିଙ୍ଗନ, କୋଳାକୋଳି ।

**embrasure** ବି. ଉଚ୍ଚ ଦୁର୍ଗ ପ୍ରାଚୀର ଉପରେ ଥିବା ତୋପ ବା ବନ୍ଧୁକ ଲକ୍ଷ୍ୟ ମାରିବାର ଛିଦ୍ର ।

**embrocation** ବି. ମାଂସପେଶୀର ଯନ୍ତ୍ରଣା କମାଇବା ସକାଶେ ଦେହରେ ମାଲିସ କରିବାର ତରଳ ପଦାର୍ଥ; ମାଲିସ ତେଲ ।

**embroider** ସ.କ୍ରି. ବସ୍ତ୍ର ପ୍ରଭୃତିରେ ସୂଚୀକାମ କରିବା, ଝାଲର ଲଗାଇବା; (ବର୍ଣ୍ଣନାକୁ) ଅଳଙ୍କୃତ କରିବା ।

**embroidery** ବି. ସୂଚୀଶିଳ୍ପ, ପ୍ରୟୋଜନହୀନ ଅଳଂକରଣ ।

**embroil** ସ.କ୍ରି. କଳହ ବା ଶତ୍ରୁତାରେ ଜଡ଼ିତ କରାଇବା, ଗୋଳମାଳରେ ପକାଇବା, ବିଭ୍ରାଟ କରିବା; ବି. embroilment.

**embryo** 1. ବି. (ବ.ବ. embryos) ଭ୍ରୂଣ, ଜରାୟୁସ୍ଥ ଜୀବ-ମଞ୍ଜି; ଗଢାର ପ୍ରଥମାବସ୍ଥା; 2. ବିଂ. ଅବିକଶିତ, ଅପରିଣତ; in embryo ଅବିକଶିତ ଅବସ୍ଥାରେ; embryonic ବିଂ. ଅପରିଣତ ।

**emend** ସ.କ୍ରି. ସଂଶୋଧନ କରିବା, ସମ୍ପାଦନା କରିବା (ପୁସ୍ତକାଦିର); ବି. emendation.

**emerald** ବି. ମରକତ ମଣି (ଉଜ୍ଜ୍ୱଳ ସବୁଜ ବର୍ଣ୍ଣର), ଏତାଦୃଶ ବର୍ଣ୍ଣ ।

**Emerald Isle** ବି. ଆୟର୍ଲେଣ୍ଡ ।

**emerge** କ୍ରି. ଉଠିବା, ମୁଣ୍ଡ ଟେକିବା, ଉତ୍‌ଥିତ ହେବା, ପୁଣି ଦେଖା ଦେବା, ପ୍ରକଟ ହେବା; emergence ବି. ଉତ୍‌ଥାନ, ପ୍ରକାଶ; emergent ବିଂ. ପ୍ରକାଶମାନ, ଜରୁରୀ, ଅତି ଆବଶ୍ୟକ ।

**emergency** 1. ବି. ଆକସ୍ମିକ ବିପଦ ଅବସ୍ଥା, ଜରୁରୀ ବା ତୁରନ୍ତ ବ୍ୟବସ୍ଥା ସାପେକ୍ଷ ଅବସ୍ଥା, ଆପଦକାଳୀନ ଅବସ୍ଥା, ତୁରନ୍ତ ଚିକିତ୍ସା ସାପେକ୍ଷ ଅବସ୍ଥା; 2. ବିଂ. ଆପଦକାଳୀନ ଅବସ୍ଥାରେ ବ୍ୟବହାରଯୋଗ୍ୟ ।

**emeritus** ବିଂ. ଅବସରପ୍ରାପ୍ତ ଓ ସମ୍ମାନ ଦୃଷ୍ଟିରୁ ପୂର୍ବ ପଦବୀରେ ଅଧିଷ୍ଠିତ ବ୍ୟକ୍ତି, ଉଦା. emeritus professor

**emery** ବି. ଧାତୁ ପାଲିସ୍ କରିବା ନିମିତ୍ତ ବ୍ୟବହୃତ ଏକପ୍ରକାର କଠିନ ଖଣିଜ ପଦାର୍ଥ ।

Digitized by srujanika@gmail.com

**emetic** 1. ବିଂ. ବାନ୍ତି କରାଇବା; 2. ବି. ବାନ୍ତି କରାଇବା ଔଷଧ।
**EMF** ସଂଶ. electromotive force ଇଲେକ୍ଟ୍ରୋମୋଟିଭ୍ ଫୋର୍ସ୍।
**emigrant** 1. ବିଂ. ସ୍ୱଦେଶତ୍ୟାଗୀ; 2. ବି. ସ୍ୱଦେଶ ତ୍ୟାଗୀ ବ୍ୟକ୍ତି।
**emigrate** ଅ.କ୍ରି. ସ୍ୱଦେଶ ତ୍ୟାଗ କରି ଅନ୍ୟ ଦେଶରେ ବାସ କରିବା; ବି. emigration.
**emigre** ବି. ସ୍ୱଦେଶ ତ୍ୟାଗୀ, ବିଶେଷତଃ ରାଜନୈତିକ କାରଣରୁ ବିଦେଶରେ ନିର୍ବାସିତ ବ୍ୟକ୍ତି। *(ଫ଼ଂ.)*
**eminence** ବି. ବୈଶିଷ୍ଟ୍ୟ, ସ୍ୱୀକୃତ ମହତ୍ତ୍ୱ, ଉଚ୍ଚ ଭୂମିଖଣ୍ଡ, ସମ୍ମାନସୂଚକ ସମ୍ବୋଧନ; (ଉଦା. His/Your Eminence).
***eminence grise*** ପଦାଧିକାରୀ ନଥାଇ ମଧ୍ୟ ଯେ ପ୍ରଭାବ ଓ କ୍ଷମତା ପ୍ରକାଶ କରେ। *(ଫ.)*
***eminent*** ବିଂ. ଲବ୍ଧପ୍ରତିଷ୍ଠ, ଖ୍ୟାତିପ୍ରାପ୍ତ, ସମ୍ଭ୍ରାନ୍ତ, ଉଚ୍ଚପଦସ୍ଥ।
**emir** ବିକ. amir ବି. ଅମୀର, ଆରବ ଦେଶର ଶାସନ କର୍ତ୍ତାମାନଙ୍କର ପଦବୀ।
**emirate** ବି. ଅମୀରଙ୍କ ପଦବୀ, ଶାସନ ବା ରାଜତ୍ୱକାଳ।
**emissary** ବି. ବିଶେଷ କୂଟନୈତିକ ଉଦ୍ଦେଶ୍ୟରେ ପ୍ରେରିତ ବ୍ୟକ୍ତି।
**emit** ସ.କ୍ରି. ବାହାର କରିବା, ନିଃସୃତ କରିବା, ବିଚ୍ଛୁରିତ କରିବା (ଉତ୍ତାପ, ଆଲୋକ ପ୍ରଭୃତି), ଚିତ୍କାର କରିବା; emission ବି. ନିଃସରଣ, ବିଚ୍ଛୁରଣ।
**emollient** 1. ବିଂ. ଚର୍ମର କୋମଳତା ବା ସ୍ନିଗ୍ଧତା ସଂପାଦନକାରୀ; 2. ବି. କୋମଳତା ସଂପାଦନକାରୀ ଔଷଧ ବା ପ୍ରଲେପ।
**emolument** ବି. ଦରମା, ଚାକିରୀର ପାରିଶ୍ରମିକ, ବେତନ।
**emote** ଅ.କ୍ରି. ଆବେଗ ପ୍ରଦର୍ଶନ କରିବା।
**emotion** ବି. ସ୍ୱାଭାବିକ ମାନସିକ ଆବେଗ, ହୃଦୟୋଲ୍ଲାସ।
**emotional** ବିଂ. ମାନସିକ ଆବେଗ ସମ୍ବନ୍ଧୀୟ, ଉଲ୍ଲାସମୟ, ଭାବପ୍ରବଣ; ବି. emotionalism; କ୍ରି.ବିଂ. emotionally.
**emotive** ବିଂ. ଆବେଗ ଉଦ୍ଦୀପକ, ଅନୁଭୂତି ଉଦ୍ଦୀପକ।
**empanel, impanel** ସ.କ୍ରି. (ଜୁରିଙ୍କୁ) ତାଲିକାଭୁକ୍ତ କରିବା।
**empathy** ବି. ସମାନୁଭୂତି, ତଲ୍ଲୀନତା, କୌଣସି ବ୍ୟକ୍ତି ବା ଭାବନାର ବିଷୟରେ ତନ୍ମୟତା; ବିଂ. empathetic; କ୍ରି. empathize.
**emperor** ବି. ସମ୍ରାଟ, ରାଜଚକ୍ରବର୍ତ୍ତୀ।
**emperor penguin** ପେଙ୍ଗୁଇନ୍ ପକ୍ଷୀ ଗୋଷ୍ଠୀର ସବୁଠାରୁ ବଡ଼ ଆକୃତିବିଶିଷ୍ଟ ଜାତି।
**emphasis** ବି. (ବ.ବ. emphases) ଉଚ୍ଚାରଣରେ ଶବ୍ଦ ବା ଶବ୍ଦାଂଶ ଉପରେ ଯେଉଁ ଜୋର ଦିଆଯାଏ; ଗୁରୁତ୍ୱ (ବିଷୟ ପ୍ରତି), ଜୋର।
**emhasize** ସ.କ୍ରି. ଜୋର ଦେବା, ଗୁରୁତ୍ୱ ଆରୋପ କରିବା।
**emphatic** ବିଂ. ଜୋର ସହିତ ଉଚ୍ଚାରିତ, ଦୃଢ଼, ପ୍ରବଳ, ଗୁରୁତ୍ୱପୂର୍ଣ୍ଣ; କ୍ରି.ବିଂ. emphatically.
**emphysema** ବି. ଅଣନିଃଶ୍ୱାସୀ କରିଦେଉଥିବା ଫୁସ୍‌ଫୁସ୍‌ର ରୋଗ ବିଶେଷ।
**empire** ବି. ସାମ୍ରାଜ୍ୟ, ଏକାଧିପତ୍ୟ, ବିରାଟ ବାଣିଜ୍ୟିକ ସଂସ୍ଥା (ଜଣେ ବ୍ୟକ୍ତି ଦ୍ୱାରା ପରିଚାଳିତ); the Empire ଇତି. ବ୍ରିଟିଶ ସାମ୍ରାଜ୍ୟ।
**empire-building** ବି. ଚେଷ୍ଟା ପୂର୍ବକ ଦେଶମାନଙ୍କୁ ଅକ୍ତିଆର କରି ସାମ୍ରାଜ୍ୟ ଗଠନ ବା ପୁଂଜୀଭୂତ କ୍ଷମତା ହାସଲ।
**empirical** ବିଂ. ଅଭିଜ୍ଞତାସିଦ୍ଧ, ବହୁଦର୍ଶିତାଲବ୍ଧ, ଇନ୍ଦ୍ରିୟାନୁଭବିକ; କ୍ରି.ବିଂ. empirically; empiricism ବି. ଅନୁଭବ ପ୍ରାମାଣ୍ୟବାଦ, ଅଭିଜ୍ଞତାରୁ ଜ୍ଞାନ ଲାଭହୁଏ, ଏହି ପ୍ରକାର ଦାର୍ଶନିକ ମତବାଦ।
**emplacement** ବି. ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥାପନ; ତୋପ ରଖିବାର ଉଚ୍ଚସ୍ଥାନ ବା ବେଦୀ।
**employ** 1. ସ.କ୍ରି. କାର୍ଯ୍ୟରେ ନିଯୁକ୍ତ କରିବା, ଖଟାଇବା; ଲକ୍ଷ୍ୟ ପାଇଁ ବ୍ୟବହାର କରିବା (ବସ୍ତୁ, ସମୟ, ଶକ୍ତି ପ୍ରଭୃତି), ନିୟୋଜିତ କରିବା; 2. ବି. in the employ of (କାହାଦ୍ୱାରା ବା କେଉଁଠାରେ) ନିୟୋଜିତ।
**employee** ବି. କର୍ମଚାରୀ, ବେତନ ସହ କର୍ମରେ ନିଯୁକ୍ତ ବ୍ୟକ୍ତି।
**employment** ବି. ନିଯୁକ୍ତି, ଚାକିରୀ, ନିୟୋଜନ, ବ୍ୟକ୍ତିର ବୃତ୍ତି; employment exchange ରାଜ୍ୟର କର୍ମ ଯୋଗାଣ ସଂସ୍ଥା (କର୍ମପ୍ରତ୍ୟାଶୀଙ୍କ ଲାଗି)।

Digitized by srujanika@gmail.com

**emporium** ବ.ବ. emporia; ବି. ବାଣିଜ୍ୟ କେନ୍ଦ୍ର, ବିକ୍ରୟ ସ୍ଥାନ, ଦୋକାନ।

**empower** ସ.କ୍ରି. କ୍ଷମତାପନ୍ନ କରିବା, ଅଧିକାର ଦେବା, ସମର୍ଥ କରିବା।

**empress** ବି. ସାମ୍ରାଜ୍ଞୀ, ମହାରାଣୀ।

**empty** 1. ବିଂ. ଖାଲି, ଶୂନ୍ୟ, ଫମ୍ପା, ଶୂନ୍ୟଗର୍ଭ; କ.ଭା. କ୍ଷୁଧାର୍ତ୍ତ; ମୂର୍ଖ, ଅର୍ଥହୀନ; 2. କ୍ରି. ଆଧେୟକୁ ଆଧାରରୁ କାଢ଼ିଦେବା, ଖାଲି କରିବା, ଶୂନ୍ୟ ହେବା; 3. ବି. ଖାଲି ବୋତଲ, ବାକ୍ସ ପ୍ରଭୃତି; 4. empty-handed କିଛି ନ ଆଣି ଖାଲି ହାତରେ; empty-headed ନିର୍ବୋଧ; 5. କ୍ରି.ବିଂ. emptily; ବି. emptiness.

**empyrean** 1. ବି. ସ୍ୱର୍ଗର ସର୍ବୋଚ୍ଚ ସ୍ଥାନ, ଅଗ୍ନି ଓ ଈଶ୍ୱର ଦେବତାଙ୍କ ଆବାସସ୍ଥଳ; 2. ବି. ଉଚ୍ଚ ସ୍ଥାନର; 3. ବିଂ. empyreal.

**EMS** ସଂଖ. European Monetary System ୟୁରୋପିଆନ୍ ଅର୍ଥ ବ୍ୟବସ୍ଥା।

**emu** ବି. ଅଷ୍ଟ୍ରେଲିଆର ବୃହତ୍‌କାୟ, ଉଡ଼ିବାକୁ ଅସମର୍ଥ ପକ୍ଷୀ ବିଶେଷ।

**emulate** କ୍ରି. ଆଦର୍ଶଭାବେ ଗ୍ରହଣକରି ଅନୁକରଣ କରିବା, ସମାନ ହେବା ପାଇଁ ବା ବଳି ଯିବା ପାଇଁ ଚେଷ୍ଟା କରିବା, ପ୍ରତିଯୋଗିତା କରିବା, ଅନୁକରଣ କରିବା, ବି. emulation; ବିଂ. emulative; ବି. emulator; ବିଂ. emulatory.

**emulous** ବିଂ. ପ୍ରତିଯୋଗିତା ପାଇଁ ବ୍ୟଗ୍ର, ଅନୁକରଣ ପାଇଁ ଉତ୍ସୁକ।

**emulsify** ସ.କ୍ରି. ଅବଦ୍ରବ ବା ଇମଲସନରେ ପରିଣତ କରିବା।

**emulsion** ବି. ଅବଦ୍ରବ, ଏକାଧିକ ତରଳ ପଦାର୍ଥର ସୁସମ୍ମିଶ୍ରଣ (ରଙ୍ଗ, ଔଷଧ ପ୍ରଭୃତି); ବିଂ. emulsive.

**en** ବି. ମୁଦ୍ରଣର ପରିମାପ ବିଶେଷ; ଏକ ଏମ୍‌ର ଅର୍ଦ୍ଧେକ ପରିମାଣ।

**en-** ପୂ.ପ୍ର. (b, m, p ପୂର୍ବରୁ em-) ବିଶେଷ୍ୟ, ବିଶେଷଣ ଓ କ୍ରିୟାରୁ କ୍ରିୟା ନିଷ୍ପନ୍ନ କରିବା ନିମନ୍ତେ ବ୍ୟବହୃତ; ଉଦା. engulf, embitter, entrust.

**-en** କ୍ରିୟାପଦରେ ପରିଣତ କରିବାକୁ ପ୍ରତ୍ୟୟ, ଉଦା. deepen, moisten.

**enable** ସ.କ୍ରି. ସମର୍ଥ କରିବା।

**enact** ସ.କ୍ରି. ବ୍ୟବସ୍ଥା କରିବା, ବିଧାନ କରିବା, (ଆଇନ୍) ପ୍ରଣୟନ କରିବା, ଅଭିନୟ କରିବା; ବିଂ. enactive.

**enactment** ବି. ବିଧାନ, ଅନୁମୋଦିତ ଆଇନ।

**enamel** 1. ବି. ଧାତୁ ଦ୍ରବ୍ୟର ଉପରିଭାଗରେ କରା ଯାଉଥିବା କଲାଇ, ମିନା, ଏକ ପ୍ରକାର ଚକ୍‌ଚକିଆ କଠିନ ବହିରାବରଣ; ଦାନ୍ତର ଉପରିସ୍ଥ ବହିରାବରଣ; 2. ସ.କ୍ରି. ଏନାମେଲ ବା କଲାଇ କରିବା।

**enamour** (ଆମେ. enamor) ସ.କ୍ରି. ପ୍ରେମରେ ଆସକ୍ତ ବା ବିମୋହିତ କରିବା।

***en bloc*** କ୍ରି.ବିଂ. ସମସ୍ତ ଏକତ୍ର ଭାବରେ, ଏକାଧାରରେ, ଯୁଗପତ୍। *(ଫ୍ରେ.)*

**encamp** କ୍ରି. ଛାଉଣୀ ବା ତମ୍ବୁ ପକାଇବା, ଶିବିରରେ ରହିବା; encampment ବି. ଛାଉଣୀ, ଶିବିର, ସନ୍ନିବେଶ।

**encapsulate** କ୍ରି. କ୍ଷୁଦ୍ର ଆକାରରେ ରଖିବା, ସଂକ୍ଷିପ୍ତ କରିବା, ସୀମିତ କରିବା; ବି. encapsulation.

**encase** ସ.କ୍ରି. ଆବରଣ ଭିତରେ ରଖିବା; ବି. encasement.

**encash** ସ.କ୍ରି. ନଗଦ ରାଶିରେ ପରିଣତ କରିବା; ବି. encashment.

**encaustic** 1. ବି. (ଚିତ୍ରଣ ସଂପର୍କରେ) ଗରମ ମହମରେ ରଙ୍ଗ ମିଶାଇ ଏହାକୁ ପୋଡ଼ି ଚିତ୍ରଣ କରାଯାଇଥିବା; 2. ବି. ଏହି ପ୍ରକ୍ରିୟାରେ ପ୍ରସ୍ତୁତ ଚିତ୍ର।

**-ence** ବିଶେଷ୍ୟ ନିଷ୍ପାଦକ ପଶ୍ଚାତ୍ ପ୍ରତ୍ୟୟ, ଉଦା. permanence, reference.

**enceinte** ବିଂ. ଅନ୍ତଃସତ୍ତ୍ୱା।

**encephalitis** ବି. ମସ୍ତିଷ୍କର ପ୍ରଦାହ; ମସ୍ତିଷ୍କ ଜ୍ୱର।

**encephalogram** Electroencephalogram ବି. ମସ୍ତିଷ୍କର ବୈଦ୍ୟୁତିକ ପ୍ରକ୍ରିୟା ସୂଚକ ଲେଖ।

**encephalograph** ବି. electroencephalograph

**enchain** ସ.କ୍ରି. ଶୃଙ୍ଖଳିରେ ବାନ୍ଧିବା; ଧରି ରଖିବା (ଧ୍ୟାନ, ଭାବାବେଗ ପ୍ରଭୃତିକୁ)।

Digitized by srujanika@gmail.com

**enchant** ସ.କ୍ରି. ସମ୍ମୋହିତ କରିବା, ଉଲ୍ଲସିତ କରିବା; ଯାଦୁଦ୍ୱାରା ପ୍ରଭାବିତ କରିବା; ବି. enchantment.

**encircle** ସ.କ୍ରି. ଘେରାଇବା, ବେଷ୍ଟନ କରିବା; ବି. encirclement.

**enclave** ବି. ଅନ୍ୟ ରାଜ୍ୟ ଦ୍ୱାରା ରାଜ୍ୟ ବା ତତ୍‌ସଦୃଶ ପରିବେଷ୍ଟିତ ସ୍ଥାନ।

**enclitic** 1. ବି. ଯେଉଁ ଶବ୍ଦର ଈଷତ୍ ଉଚ୍ଚାରିତ ଧ୍ୱନି ପୂର୍ବ ଶବ୍ଦର ଧ୍ୱନିର ଅଂଶ ବିଶେଷ ହୋଇଯାଏ; ଉଦା. can notରେ *no*ର ଉଚ୍ଚାରଣ; 2. ବିଂ. ଉକ୍ତ ଶବ୍ଦ ସମ୍ବନ୍ଧୀୟ।

**enclose** ସ.କ୍ରି. ଚତୁର୍ଦ୍ଦିଗ ପରିବେଷ୍ଟିତ କରିବା; ପ୍ରାଚୀର, ବାଡ଼ ପ୍ରଭୃତି ଦ୍ୱାରା ଘେରାଇବା; ଲଫାପା ପ୍ରଭୃତି ଆବରଣ ମଧ୍ୟସ୍ଥ ଚିଠି ସହିତ ଅନ୍ୟ କାଗଜ ସଂଲଗ୍ନ କରିବା; *ଅକ୍ରିଜପରେ* (ଧର୍ମ ସଂପ୍ରଦାୟ) ବହିର୍ଜଗତରୁ ବିଚ୍ଛିନ୍ନ।

**enclosure** ବି. ସଂଲଗ୍ନୀକରଣ ପ୍ରକ୍ରିୟା; ଆବଦ୍ଧ ସ୍ଥାନ; (ଚିଠି ସଂପର୍କରେ) ସଂଲଗ୍ନ କାଗଜ।

**encode** ସ.କ୍ରି. କୋଡ୍ ବା ଅର୍ଥାତ୍ ଗୁପ୍ତ ବା ସାଙ୍କେତିକ ଶବ୍ଦରେ ରୂପାନ୍ତରିତ କରିବା।

**encomium** ବି. ଔପଚାରିକ ବା ଉଚ୍ଚ ପ୍ରଶସ୍ତି, ଗୁଣକୀର୍ତ୍ତନ; encomiums ବି. ଔପଚାରିକ; ପ୍ରଶସ୍ତି; ଉଚ୍ଚ ପ୍ରଶଂସା।

**encompass** ସ.କ୍ରି. ବେଷ୍ଟନ କରିବା, ଅନ୍ତର୍ଭୁକ୍ତ ବା ଆଧାରୀଭୂତ କରିବା।

**encore** 1. ବି. (ଅଭିନୟ, ଗାନ ଆଦିର) ପୁନରାବୃତ୍ତି କରିବା ପାଇଁ ଅନୁରୋଧ; 2. ସ.କ୍ରି. ଦୋହରାଇବା ନିମନ୍ତେ ଅନୁରୋଧ କରିବା; 3. ଅ. ଆଉଥରେ, ପୁଣିଥରେ।

**encounter** 1. ସ.କ୍ରି. ଦୈବାତ୍ ଭେଟିବା, ମୁକାବିଲା ବା ପ୍ରତିରୋଧ କରିବା; 2. ବି. ଆକସ୍ମିକ ଭେଟ, ସମ୍ମୁଖ ଯୁଦ୍ଧ।

**encourage** ସ.କ୍ରି. ଉତ୍ସାହିତ କରିବା, ଦମ୍ଭ ଦେବା, ସାହସ ବଢ଼ାଇବା, ପୃଷ୍ଠପୋଷକତା କରିବା, ଉତ୍ତେଜିତ କରିବା; ବି. encouragement

**encroach** ଅ.କ୍ରି. (on/upon) କାହା ଅଧିକାର ବା ଜାଗାରେ ଅନଧିକାର ପ୍ରବେଶ କରିବା, ଜବର ଦଖଲ କରିବା; encroachment ବି. ଅବୈଧ ଦଖଲ।

**encrust** କ୍ରି. କଠିନ ପଦାର୍ଥ ଦ୍ୱାରା ବହିର୍ଭାଗ ଆଚ୍ଛାଦନ କରିବା।

**encumber** ସ.କ୍ରି. ଭାରାକ୍ରାନ୍ତ କରିବା, ବାଧାଦେବା, ଋଣଗ୍ରସ୍ତ କରିବା, ହଇରାଣ କରିବା।

**encumbrance** ବି. ଦାୟ, ଋଣ ବୋଝ, ଝଞ୍ଜାଳ।

**–ency** ଗୁଣ ବା ଅବସ୍ଥାବାଚକ ବିଶେଷ୍ୟ ନିଷ୍ପାଦକ ପ୍ରତ୍ୟୟ, ଉଦା. efficiency, presidency.

**encyclical** 1. ବିଂ. ପ୍ରଚାରାର୍ଥକ; 2. ବି. encyclic ପୋପ୍‌ଙ୍କର ପ୍ରଚାର ପତ୍ର।

**encyclopaedia** (encyclopedia) ବି. ବିଶ୍ୱଜ୍ଞାନକୋଷ, ବିଦ୍ୟାକଳ୍ପଦ୍ରୁମ।

**encyclop(a)edic** ବିଂ. ସର୍ବତୋମୁଖୀ, ବହୁମୁଖୀ (ଜ୍ଞାନ, ସୂଚନା)।

**end** 1. ବି. ଶେଷ ସୀମା, ପ୍ରାନ୍ତ, ଶେଷଭାଗ, ସମାପ୍ତି, ଉପସଂହାର, ଶେଷାଂଶ, ବିନାଶ, ମୃତ୍ୟୁ, ଶେଷ ଦଶା, ଲକ୍ଷ୍ୟ, ଉଦ୍ଦେଶ୍ୟ, ଫଳ, ପରିଣାମ, ଅବଶିଷ୍ଟାଂଶ, ଖେଳପଡ଼ିଆର ଏକାଂଶ, ପାଖ, ଆଡ଼ (no problem at this end) 2. କ୍ରି. ଅବସାନ କରିବା, ସମାପ୍ତି ଘଟାଇବା; 3. end it all କ.ଭା. ଆତ୍ମହତ୍ୟା କରିବା; end–product ଚୂଡ଼ାନ୍ତ ଉତ୍ପାଦନ (କାରଖାନାର); ends of the earth ସୁଦୂରତମ ଅଞ୍ଚଳ; end to end ଏ ମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ; end up (କେଉଁଥିରେ) ପରିଣତ ହେବା; in the end ସର୍ବଶେଷରେ; keep one's end up ବାଧାବିଘ୍ନ ସତ୍ତ୍ୱେ ନିଜର ଚେଷ୍ଟା ଜାରି ରଖିବା; make one's (both) ends meet ଆୟ ଅନୁସାରେ କଷ୍ଟ କରି ଚଳିବା; no end of କ.ଭା. ଅସରନ୍ତି, (କୌଣସି ବିଷୟ, ଦୁଃଖକଷ୍ଟ ପ୍ରଭୃତିର) ଅନ୍ତ ନାହିଁ; on end ସଳଖ, ଏକାଦିକ୍ରମେ; put an end to ସମାପ୍ତି ଘଟାଇବା, ବନ୍ଦ କରିବା।

**endanger** ସ.କ୍ରି. ବିପନ୍ନ ବା ବିପଦଗ୍ରସ୍ତ କରିବା।

**endear** ସ.କ୍ରି. ପ୍ରିୟ ବା ଆଦରଣୀୟ କରିବା।

**endearment** ବି. ସ୍ନେହ, ଅନୁରାଗ ବ୍ୟଞ୍ଜକ ଭାଷା ବା ବ୍ୟବହାର।

**endeavour** 1. କ୍ରି. *ଆମେ.* endeavor ଆନ୍ତରିକ ଉଦ୍ୟମ କରିବା; 2. ବି. ଉଦ୍ୟମ।

**endemic** 1. ବିଂ. (ରୋଗ ଓ ଉଦ୍ଭିଦ ସଂପର୍କରେ) କୌଣସି ଜାତି ଓ ଅଞ୍ଚଳରେ ପରିଦୃଷ୍ଟ ବା

Digitized by srujanika@gmail.com

ସାମିତ; 2. ବି. ଉକ୍ତ ପ୍ରକାର ରୋଗ ବା ଉଭିଦ।

**ending** ବି. (ଆଖ୍ୟାନ, ଗଳ୍ପ, ଉପନ୍ୟାସ ପ୍ରଭୃତିର) ସମାପ୍ତି, ଉପସଂହାର; *ବ୍ୟା.* ବିଭକ୍ତି, ପଦାନ୍ତ ପ୍ରତ୍ୟୟ।

**endless** ବିଂ. ଅସୀମ, ଅନନ୍ତ, ଅସରନ୍ତି, ଶେଷହୀନ।

**endmost** ବିଂ. ଶେଷତମ, ପ୍ରାନ୍ତୀୟ।

**endocrine** ବିଂ. ଅନ୍ତଃସ୍ରାବୀ (ଗ୍ରନ୍ଥି), ଦେହାଭ୍ୟନ୍ତରସ୍ଥ ଏହି ଗ୍ରନ୍ଥିର ସ୍ରାବ ରକ୍ତରେ ମିଶେ।

**endogamy** ବି. ସ୍ୱଗୋତ୍ର ବିବାହ, ଅନ୍ତର୍ବିବାହ।

**endogenous** ବିଂ. ଅନ୍ତଃବର୍ଦ୍ଧନଶୀଳ।

**endorse** ସ.କ୍ରି. ଅନୁମୋଦନ କରିବା, ଦୃଢ଼ କରିବା, ଅନୁମୋଦନସୂଚକ ଦସ୍ତଖତ କରିବା; ଦଲିଲ, ଚେକ୍ ପ୍ରଭୃତିର ପଛପଟେ ଲେଖିବା, ଦସ୍ତଖତ କରିବା; ବି. endorsement.

**endow** ସ.କ୍ରି. (ବ୍ୟକ୍ତି ବା ଅନୁଷ୍ଠାନକୁ) ସ୍ଥାୟୀ ଆୟ ପ୍ରଦାନ କରିବା; ଯୋଗ୍ୟତା ବା ଗୁଣରେ ଭୂଷିତ କରିବା।

**endowment** ବି. ସମ୍ପତ୍ତି ଖଞ୍ଜିଦେବା; ଖଞ୍ଜା ହୋଇଥିବା ସମ୍ପତ୍ତି; ଦେବୋତ୍ତର ବା ଧର୍ମୋତ୍ତର ସମ୍ପତ୍ତି; ପ୍ରଦତ୍ତ ଗୁଣାବଳୀ।

**endue** ସ.କ୍ରି. ପ୍ରଦାନ କରିବା; (କ୍ଷମତା, ଗୁଣ ଆଦିରେ) ସମନ୍ୱିତ ବା ଭୂଷିତ କରିବା।

**endurance** ବି. ସହ୍ୟଶକ୍ତି, ସହିଷ୍ଣୁତା, ଦୀର୍ଘକାଳ ପରିଶ୍ରମ କରିବାର ସାମର୍ଥ୍ୟ।

**endure** କ୍ରି. ସହ୍ୟକରିବା, ସ୍ଥାୟୀ ହୋଇ ରହିବା; ବିଂ. endurable.

**endways (endwise)** ବିଂ. ଲମ୍ବଭାବରେ, ଏକ ପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ।

**enema** ବି. ଏନିମା, ମଳ ନିଷ୍କାସନ ନିମନ୍ତେ ଗୁହ୍ୟ ଦ୍ୱାରରେ ପିଚ୍‌କାରୀ ଦ୍ୱାରା ପ୍ରକ୍ଷିପ୍ତ ଜଳୀୟ ଦ୍ରବ୍ୟ, ବସ୍ତି କ୍ରିୟା, ଉକ୍ତ ପିଚ୍‌କାରୀ।

**enemy** 1. ବି. ଶତ୍ରୁ, ବିପକ୍ଷ, ପ୍ରତିଦ୍ୱନ୍ଦ୍ୱୀ; 2. ବିଂ. ଶତ୍ରୁ ପକ୍ଷର।

**energetic** ବିଂ. ଶକ୍ତିସମ୍ପନ୍ନ, ଉତ୍ସାହୀ, କର୍ମଠ।

**energize** ସ.କ୍ରି. ଶକ୍ତିସଞ୍ଚାର କରିବା, ଶକ୍ତିସମ୍ପନ୍ନ କରିବା।

**energy** ବି. ଶକ୍ତି, ବଳ, ତେଜ, କର୍ମୋତ୍ସାହ, କର୍ମଦକ୍ଷତା; ପଦାର୍ଥର ଗୁଣ, ବୈଦ୍ୟୁତିକ ବିକୀରଣ ଆଦି); ଶକ୍ତି (ପଦାର୍ଥ ବିଜ୍ଞାନ)।

**enervate** ସ.କ୍ରି. ଦୁର୍ବଳ ବା ଶକ୍ତିହୀନକରିବା, ସାହସହୀନ କରିବା; ବି. enervation.

***enfant terrible*** ଅବାଧ୍ୟ ଶିଶୁ; ଯେଉଁ ବ୍ୟକ୍ତି ନିଜ ଅପରିଣାମଦର୍ଶୀ ବ୍ୟବହାର ଦ୍ୱାରା ଅସୁବିଧା ସୃଷ୍ଟି କରେ। *ଫ.*

**enfeeble** ସ.କ୍ରି. ଦୁର୍ବଳ କରିବା, କ୍ଷୀଣ କରିବା; ବି. enfeeblement.

**enfilade** ବି. (ଶତ୍ରୁ ସୈନ୍ୟ ଉପରେ) ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଗୋଳାବର୍ଷଣ।

**enfold** ସ.କ୍ରି. ଆବୃତ କରିବା, ଆଲିଙ୍ଗନ କରିବା, ଦୃଢ଼ କରି ଧରିବା।

**enforce** ସ.କ୍ରି. ବାଧ୍ୟକରିବା (ଆଇନ୍, ବା ନିୟମ ମାନିବା ପାଇଁ), ବଳ ପ୍ରୟୋଗ କରିବା (କାର୍ଯ୍ୟ ସଂପାଦନ, ଇଚ୍ଛା ପୂରଣ ନିମନ୍ତେ), କାର୍ଯ୍ୟକାରୀ କରିବା, ଜୋର ଦେବା; ବି. enforcement.

**enfranchise** ସ.କ୍ରି. (କୌଣସି ବ୍ୟକ୍ତିକୁ) ନାଗରିକ ଅଧିକାର (ଭୋଟାଧିକାର) ପ୍ରଦାନ କରିବା; ବିଧାନ ସଭା, ନଗରପାଳିକା ପ୍ରଭୃତିରେ ପ୍ରତିନିଧି ନିର୍ବାଚନର ଅଧିକାର ଦେବା; ମୁକ୍ତ କରିବା; ବି. enfranchisement.

**engage** କ୍ରି. (କୌଣସି ବ୍ୟକ୍ତିକୁ) ନିଯୁକ୍ତ କରିବା, ଭଡ଼ାରେ ଆଣିବା; (ଦୃଷ୍ଟି) ଆକର୍ଷଣ କରିବା, ଚୁକ୍ତି ବା ଅଙ୍ଗୀକାରରେ ଆବଦ୍ଧ କରିବା, ବିବାହ ନିମନ୍ତେ ବାଗ୍‌ଦାନ କରିବା, ବ୍ୟାପୃତ ହେବା, ରତ ବା ଜଡ଼ିତ ହେବା, ବାଣିଜ୍ୟ ବ୍ୟବସାୟରେ ବ୍ୟସ୍ତ ରହିବା, ଯୁଦ୍ଧରେ ପ୍ରବୃତ୍ତ ହେବା।

**engagement** ବି. ନିଯୁକ୍ତି, କର୍ମବ୍ୟସ୍ତତା, ଅନ୍ୟସହିତ ସାକ୍ଷାତ୍‌କାର, ବାଗ୍‌ଦାନ ବା ନିର୍ବନ୍ଧ (ବିବାହ ନିମିତ୍ତ), ଯୁଦ୍ଧ।

**engaging** ବିଂ. ମନଲୋଭା; ଆକର୍ଷଣୀୟ।

**engender** ସ.କ୍ରି. ଜନ୍ମଦେବା, ଉତ୍ପାଦନ କରିବା; (ଆବେଗ, ଉତ୍ତେଜନା) ଜନ୍ମାଇବା।

**engine** ବି. ଇଞ୍ଜିନ୍, ଯନ୍ତ୍ର; ବାଷ୍ପୀୟ କଳ, *ପ୍ରା.ପ୍ର.* ଯୁଦ୍ଧରେ ବ୍ୟବହୃତ ଆଗ୍ନେୟାସ୍ତ୍ର ପ୍ରଭୃତି।

**engineer** 1. ବି. ଇଞ୍ଜିନିୟର, ଯନ୍ତ୍ରୀ, ଯନ୍ତ୍ରବିଦ୍ୟାବିଶାରଦ; 2. କ୍ରି. ଯନ୍ତ୍ରରୂପେ କାର୍ଯ୍ୟ କରିବା; ଲ.ଭା. ଉଦ୍‌ଭାବନ କରିବା, ଭିଆଇବା; ମତଲବ ବାହାର କରିବା; executive engineer ନିର୍ବାହୀ ଯନ୍ତ୍ରୀ।

Digitized by srujanika@gmail.com

**engineering** ବି. ଶକ୍ତିର ବୈଜ୍ଞାନିକ ପ୍ରୟୋଗ ସଂବଳିତ ବିଦ୍ୟା; civil engineering ପୂର୍ତ୍ତ ବିଦ୍ୟା; electrical engineering ବୈଦ୍ୟୁତିକ ଯନ୍ତ୍ରବିଦ୍ୟା; electronic engineering ସଂଗଣକ ବିଦ୍ୟା; mechanical engineering ଯନ୍ତ୍ର ବିଦ୍ୟା ।

**English** 1. ବିଂ. ଇଂଲଣ୍ଡର ଅଧିବାସୀ, ଭାଷା ପ୍ରଭୃତି ସଂପର୍କୀୟ; 2. ବି. ଇଂରାଜୀ ଭାଷା; 3. the English ଇଂରେଜ ଜାତି; King's (Queen's) English ଶୁଦ୍ଧ ଭାବରେ କଥିତ ଓ ଲିଖିତ ଇଂରାଜୀଭାଷା; Middle English 1150 ରୁ 1500 ଖ୍ରୀ.ଅ. ପର୍ଯ୍ୟନ୍ତ ପ୍ରଚଳିତ ଇଂରାଜୀ ଭାଷା; Old English ଇଂରାଜୀ ଭାଷାର 1150 ଖ୍ରୀ.ଅ. ପୂର୍ବବର୍ତ୍ତୀ ରୂପ ।

**Englishman** ବି. ଇଂରେଜ; *ସ୍ତ୍ରୀ* Englishwoman.

**engorged** ବିଂ./*ଅକ୍ରିଜପ.* ପୂର୍ଣ୍ଣ ବା ଭରା, ରକ୍ତରେ ଜମାଟ ବାନ୍ଧି ଯାଇଥିବା ।

**engraft** ସ.କ୍ରି. (ଗଛ) କଲମି କରିବା, ରୋପଣ କରିବା, କୌଣସି ବସ୍ତୁକୁ ଅନ୍ୟ ସହିତ ଯୋଡ଼ିବା ।

**engrave** ସ.କ୍ରି. କାଷ୍ଠ, ପ୍ରସ୍ତର, ଧାତୁ ଆଦି କଠିନ ପଦାର୍ଥର ଫଳକରେ ଛବି, ମୂର୍ତ୍ତି ପ୍ରଭୃତି ଖୋଦନ କରିବା; ମାନସପଟରେ ମୁଦ୍ରିତ କରିବା ।

**engraving** ବି. ଖୋଦନ, ଖୋଦିତ ଫଳକ ବା ଛବି ।

**engross** ସ.କ୍ରି. ନିବିଷ୍ଟ କରାଇବା (ମନ, ଧ୍ୟାନ); ବ୍ୟାପୃତ କରାଇବା; ବଡ଼ ବଡ଼ ଅକ୍ଷରରେ ସ୍ପଷ୍ଟ ଭାବରେ ଲେଖିବା; ବି. engrossment.

**engulf** ସ.କ୍ରି. ପ୍ରବାହ ଦ୍ୱାରା ନିମଜ୍ଜିତ କରିବା, ଗ୍ରାସ କରିବା ।

**enhance** ସ.କ୍ରି. ବଢ଼ାଇବା, ବୃଦ୍ଧି କରିବା (ଗୁଣ, ଦର, ଶକ୍ତି ପ୍ରଭୃତି); ବି. enhancement.

**enigma** ବି. ପ୍ରହେଳିକା, ରହସ୍ୟ, ଦୁର୍ବୋଧ୍ୟ ବସ୍ତୁ ବା ବ୍ୟକ୍ତି; ବିଂ. enigmatic.

**enjoin** ସ.କ୍ରି. ନିର୍ଦ୍ଦେଶ କରିବା, ଆଦେଶ କରିବା, enjoin on (କୌଣସି ବ୍ୟକ୍ତି ଉପରେ) ଦାୟିତ୍ୱ, ଭାର ନ୍ୟସ୍ତ କରିବା; ବାରଣ କରିବା (ଆଇନ) ।

**enjoy** ସ.କ୍ରି. ଆନନ୍ଦ ଉପଭୋଗ କରିବା, ଉପକାର ଲାଭ କରିବା, (ସ୍ୱାସ୍ଥ୍ୟ) ଉପଭୋଗ କରିବା; enjoy oneself ଆନନ୍ଦ ଅନୁଭବ କରିବା, ମଉଜ କରିବା; ବି. enjoyment.

**enjoyable** ବିଂ. ଉପଭୋଗ୍ୟ, ଆନନ୍ଦଦାୟକ ।

**enkindle** ସ.କ୍ରି. ପ୍ରଜ୍ୱଳିତ କରିବା, ଉଦ୍ଦୀପିତ କରିବା ।

**enlarge** କ୍ରି. ବୃଦ୍ଧି କରିବା ବା ହେବା, ସଂପ୍ରସାରିତ କରିବା ବା ହେବା, ବିସ୍ତୃତଭାବେ ବର୍ଣ୍ଣନା କରିବା, ବଡ କରିବା; ବି. enlargement, enlarger.

**enlighten** ସ.କ୍ରି. ଆଲୋକିତ କରିବା, ଆଲୋକପାତ କରିବା, ଅଜ୍ଞାନ ବା କୁସଂସ୍କାରରୁ ମୁକ୍ତ କରିବା; enlightened ବିଂ. ପ୍ରଗତିଶୀଳ ।

**enlightenment** ବି. ଆଲୋକ ପ୍ରାପ୍ତି, ଜ୍ଞାନୋଦୟ; the Enlightenment ଦ. ପ୍ରବୁଦ୍ଧ ଯୁଗ, ଯୁକ୍ତି ଉପରେ ଆଧାରିତ ଅଷ୍ଟାଦଶ ଶତାବ୍ଦୀର ୟୁରୋପୀୟ ଦର୍ଶନ ବିଶେଷ ।

**enlist** କ୍ରି. ତାଲିକାଭୁକ୍ତ କରିବା, ସୈନ୍ୟ ବିଭାଗରେ ଅନ୍ତର୍ଭୁକ୍ତ କରିବା, ସାହାଯ୍ୟ ବା ସମର୍ଥନ ଲାଭ କରିବା ବି. enlistment.

**enliven** କ୍ରି. ପ୍ରଫୁଲ୍ଲ କରିବା; ଜୀବନ୍ତ କରିବା; ବି. enlivenment.

***en masse*** ଏକ ସଙ୍ଗରେ, ଏକତ୍ର । *(ଫ.)*

**enmesh** ସ.କ୍ରି. ଜାଲରେ ଛନ୍ଦିବା, ଜଡ଼ିତ କରିବା ।

**enmity** ବି. ଶତ୍ରୁତା, ବିରୋଧ, ଦ୍ୱେଷ ।

**ennoble** ସ.କ୍ରି. ଉନ୍ନତ କରିବା, ମହତ୍ତ୍ୱ ବଢ଼ାଇବା; ବି. ennoblement.

**ennui** ବି. ଆଗ୍ରହ ଅଭାବ ବା ଆଳସ୍ୟ ହେତୁ ବିତୃଷ୍ଣା; କ୍ଳାନ୍ତି, ଅବସାଦ ।

**enormity** ବି. ଆତିଶଯ୍ୟ, ବିଶାଳତା, ଗୁରୁତ୍ୱ, ଜଘନ୍ୟ ଅପରାଧ, ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ।

**enormous** ବିଂ. ଅତି ବଡ଼, ବିପୁଳ ।

**enough** 1. ବିଂ. ଯଥେଷ୍ଟ, ପର୍ଯ୍ୟାପ୍ତ, ଢେର; 2. ବି. ପର୍ଯ୍ୟାପ୍ତ ପରିମାଣ; 3. କ୍ରି.ବିଂ. ଯଥେଷ୍ଟ ପରିମାଣରେ, ଭଲଭାବରେ; 4. ଅ. ବନ୍ଦ କର (ବହୁତ ହେଲା); have had enough ଖୁବ୍ ହେଲାଣି, ଆଉ ପ୍ରୟୋଜନ ନାହିଁ; sure enough ନିଶ୍ଚିତ ରୂପେ ।

***en passant*** କ୍ରି.ବିଂ. ପ୍ରସଙ୍ଗକ୍ରମେ । *(ଫ.)*

***enquire*** ଦ୍ର. inquire.

**enquiry** ଦ୍ର. inquiry.

**enrage** ସ.କ୍ରି. ରାଗିବା, ରଗେଇବା, କ୍ରୁଦ୍ଧ ବା କୁପିତ କରିବା ।

**enrapture** ସ.କ୍ରି. ଅତିଶୟ ଆନନ୍ଦିତ ବା ଆହ୍ଲାଦିତ କରିବା ।

Digitized by srujanika@gmail.com

**enrich** ସ.କ୍ରି. ଧନଶାଳୀ କରିବା, ସମୃଦ୍ଧ କରିବା, (ଶକ୍ତି, ଅର୍ଥ ବା ମାନରେ) ବୃଦ୍ଧି ଘଟାଇବା; ବି. enrichment.

**enrol** *ଆମେ.* enroll କ୍ରି. ତାଲିକାଭୁକ୍ତ କରିବା, କୌଣସି ଅନୁଷ୍ଠାନର ସଦସ୍ୟ ଶ୍ରେଣୀଭୁକ୍ତ କରିବା; ବି. enrolment

***en route*** କ୍ରି.ବିଂ. ଯିବା ବାଟରେ। *(ଫ.)*

**ensconce** ସ.କ୍ରି. (ନିଜକୁ) ନିରାପଦରେ ରଖିବା।

**ensemble** ବି. ଅଂଶଗୁଡ଼ିକର ସମଷ୍ଟିରୂପେ ପରିଗଣିତ ବସ୍ତୁ, ଏହାର ସମାହାର; ଖାପ ଖାଉଥିବା ପରିଧେୟ ମାନଙ୍କର ଏକତ୍ରୀକୃତ ପୋଷାକ; ଅଭିନେତା, ନର୍ତ୍ତକ, ଗାୟକମାନଙ୍କର ସମାବେଶ।

**enshrine** ସ.କ୍ରି. ମନ୍ଦିରରେ ଅଧିଷ୍ଠିତ କରିବା; (ଶ୍ରଦ୍ଧା ଓ ଭକ୍ତି) ପୋଷଣ କରିବା; ସୁରକ୍ଷିତ କରିବା।

**enshroud** ସ.କ୍ରି. ସମ୍ପୂର୍ଣ୍ଣ ଆଚ୍ଛାଦିତ କରିବା; ଶବାଚ୍ଛାଦନ ବସ୍ତ୍ରରେ ଆବୃତ କରିବା; ଲୁଚାଇବା।

**ensign** ବି. ଚିହ୍ନ, ନିଦର୍ଶନ; ପତାକା, ପତାକାବାହକ *ପ୍ରା.ପ୍ର.* ବ୍ରିଟିଶ ପଦାତିକ ବାହିନୀର ସର୍ବନିମ୍ନ ଅଧିକାରୀ।

**ensilage** ବି. ଦ୍ର. silage.

**enslave** ସ.କ୍ରି. (କାହାକୁ) କ୍ରୀତଦାସରେ ପରିଣତ କରିବା, ଅଧୀନସ୍ଥ କରିବା; ବି. enslavement.

**ensnare** ସ.କ୍ରି. ଫାନ୍ଦ ବା ଜାଲରେ ପକାଇବା।

**ensue** କ୍ରି. ପରେ (ଫଳସ୍ୱରୂପ) ଘଟିବା; ensuing ବିଂ. ଆଗାମୀ, ଆସନ୍ତା।

***en suite*** କ୍ରି.ବିଂ. ଗୋଟିଏ ସୁଟ୍‌ର ଅଂଶ ହିସାବରେ, ଗୋଟିଏ ଏକକ ରୂପେ। *(ଫ.)*

***ensure*** ସ.କ୍ରି. ସୁନିଶ୍ଚିତ କରିବା, ନିରାପଦ କରିବା।

**–ent** କାର୍ଯ୍ୟ, ଗୁଣ, ଅବସ୍ଥା, ଅଥବା ବ୍ୟକ୍ତିବାଚକ ବିଶେଷ୍ୟ ନିଷ୍ପାଦକ ପ୍ରତ୍ୟୟ, ଉଦା. consequent, present, resident.

**ENT** ସଂଶ. କର୍ଣ୍ଣ, ନାସା ଓ ଗଳା (Ear, Nose, Throat) ସମ୍ବନ୍ଧୀୟ ଚିକିତ୍ସା ବିଜ୍ଞାନ।

**entablature** ବି. (ସ୍ଥାପତ୍ୟ) ସ୍ତମ୍ଭ ଉପରେ ସ୍ଥାପିତ ଖୋଦନ କଳା ବା ଚିତ୍ର ସଂବଳିତ କାଛର ଉପରିଭାଗ।

**entail** 1. ସ.କ୍ରି. (ଅପରିହାର୍ଯ୍ୟ) ଫଳ ସ୍ୱରୂପ ଘଟାଇବା; (ଆଇନ) ଅବିଚ୍ଛେଦ୍ୟ ଅଧିକାର ସହିତ ଭୋଗଦଖଲ କରିବା ନିମନ୍ତେ ନାମିତ ହିତାଧିକାରୀଙ୍କୁ ସ୍ଥାବର ସମ୍ପତ୍ତିଦାନ କରିବା; 2. ବି. ସ୍ଥାବର ସମ୍ପତ୍ତିର ଅବିଚ୍ଛେଦ୍ୟ ସ୍ୱତ୍ୱ, ଏହି ସ୍ୱତ୍ୱ ପ୍ରଦାନ।

**entangle** ସ.କ୍ରି. ଜଡ଼ିତ କରିବା, ଫାନ୍ଦରେ ପକାଇବା, ଜଟିଳ କରିବା, କଷ୍ଟରେ ପକାଇବା; ବି. entanglement.

**entente** ବି. ବନ୍ଧୁଭାବ, ବନ୍ଧୁଜନୋଚିତ ବୁଝାମଣା (ବିଶେଷତଃ ଦୁଇ ରାଷ୍ଟ୍ର ମଧ୍ୟରେ); entente cordiale ବି. ହାର୍ଦ୍ଦିକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ।

**enter** କ୍ରି. ପ୍ରବେଶ କରିବା, ମଞ୍ଚରେ ପ୍ରବେଶ କରିବା (enter Macbeth); ଭେଦ କରିବା (ଅସ୍ତ୍ର); ତାଲିକାଭୁକ୍ତ କରିବା, (ଅନୁଷ୍ଠାନରେ) ଭର୍ତ୍ତିକରିବା ବା ହେବା, ପ୍ରବୃତ୍ତ ହେବା, ଦର୍ଜ କରିବା; ଲେଖିବା, ଦାଏର କରିବା; enter into ଅଂଶ ଗ୍ରହଣ କରିବା, ଚୁକ୍ତିବଦ୍ଧ ହେବା, ସହାନୁଭୂତି ପ୍ରକାଶ କରିବା; enter on (upon) ଆଲୋଚନା କରିବା, ସମ୍ପତ୍ତି ଦଖଲ କରିବା, କାର୍ଯ୍ୟଭାର ଗ୍ରହଣ କରିବା।

**enteric** ବି. ଆନ୍ତ୍ରିକ।

**enteritis** ବି. ଅନ୍ତ୍ର ପ୍ରଦାହ।

**enterprise** ବି. ସାହସିକ କାର୍ଯ୍ୟ, ଉଦ୍ୟୋଗ, ଶିଳ୍ପୋଦ୍ୟୋଗ।

**enterprising** ବିଂ. ସାହସୀ, ଉଦ୍ୟୋଗୀ, ଉଦ୍ୟମଶୀଳ; କ୍ରି.ବିଂ. enterprisingly.

**entertain** ସ.କ୍ରି. ଆପ୍ୟାୟିତ କରିବା, ଚିତ୍ତବିନୋଦନ କରିବା, ପୋଷଣ କରିବା (ଧାରଣା, ମତ); ଅତିଥି ଚର୍ଚ୍ଚା କରିବା।

**entertainer** ବି. ଚିତ୍ତବିନୋଦନକାରୀ (ବିଶେଷତଃ ପେଷାଦାର ଭାବରେ)।

**entertainment** ବି. ଚିତ୍ତବିନୋଦନ, ମନୋରଞ୍ଜନ, ଅତିଥିସତ୍କାର, ଆମୋଦ ପ୍ରମୋଦ; ସଂଗୀତ, ନାଚ, ତାମସା ଆଦିର ବିଚିତ୍ରା।

**enthral** *ଆମେ.* enthrall ସ.କ୍ରି. ମୋହିତ କରିବା, ଆନନ୍ଦିତ କରିବା; ଦାସ ସ୍ୱରୂପ କରିବା ବି. enthralment.

**enthrone** ସ.କ୍ରି. ସିଂହାସନରେ ଅଧିଷ୍ଠିତ କରିବା; ବି. enthronement.

Digitized by srujanika@gmail.com

**enthuse** କ୍ରି. କ.ଭା. ଉତ୍ସୁକ ହେବା, ଉତ୍ସାହିତ କରାଇବା ।
**enthusiasm** ବି. ଉତ୍ସାହ, ଔତ୍ସୁକ୍ୟ, ଆଗ୍ରହାତିଶଯ୍ୟ ।
**enthusiast** ବି. ଅତି ଉତ୍ସାହୀ ବା ଆଗ୍ରହାନ୍ୱିତ ବ୍ୟକ୍ତି ।
**enthusiastic** ବିଂ. ଉତ୍ସାହୀ, ଉତ୍ସୁକ, ଉତ୍ସାହୋନ୍ମତ୍ତ; କ୍ରି.ବିଂ. enthusiatically.
**entice** ସ.କ୍ରି. ପ୍ରଲୁବ୍ଧ କରିବା, ଆଶା ଦେଖାଇ ବା ପାରିତୋଷିକ ଦେଇ ଭୁଲାଇ ନେବା, (ମନ୍ଦ କାର୍ଯ୍ୟପାଇଁ) ପ୍ରବୃତ୍ତ କରାଇବା; ବି. enticement.
**entire** ବିଂ. ସମଗ୍ର, ସଂପୂର୍ଣ୍ଣ, ଅବିମିଶ୍ର, ନିର୍ବିଶେଷ, ଅଖଣ୍ଡ, ନିରବଚ୍ଛିନ୍ନ ।
**entirely** କ୍ରି.ବିଂ. ସମ୍ପୂର୍ଣ୍ଣରୂପେ ।
**entirety** ବି. ସଂପୂର୍ଣ୍ଣତା, ସମୁଦାୟ; in its entirety ସମୁଦାୟ ଓ ଅବିଭକ୍ତ ରୂପେ ।
**entitle** ସ.କ୍ରି. (କୌଣସିବ୍ୟକ୍ତିକୁ) ନ୍ୟାଯ୍ୟ ଅଧିକାର ଦେବା; ଯୋଗ୍ୟ କରିବା; ନାମ, ଉପାଧି, ଶୀର୍ଷକ ଦେବା; ବି. entitlement.
**entity** ବି. ସତ୍ତା, ଅସ୍ତିତ୍ୱ ।
**entomb** ସ.କ୍ରି. ସମାଧି ବା କବରଦେବା; ବି. entombment.
**entomology** ବି. କୀଟ ବିଜ୍ଞାନ, ପତଙ୍ଗ ବିଜ୍ଞାନ; ବିଂ. entomological; entomologist ବି. କୀଟ ବିଦ୍ୟାବିଶାରଦ ।
**entourage** ବି. ବିଶିଷ୍ଟବ୍ୟକ୍ତିଙ୍କ ଅନୁଚର ବର୍ଗ ।
**entrails** ବି. ବ.ବ. ପେଟର ଅନ୍ତ, *ଲାକ୍ଷ.* କୌଣସି ବସ୍ତୁର ଅଭ୍ୟନ୍ତର ।
**entrance**[1] ବି. ଆଗମ, ପ୍ରବେଶ, ପ୍ରବେଶ ଦ୍ୱାର, ପ୍ରବେଶାଧିକାର; ଅଭିନେତାର ମଞ୍ଚ ଉପରକୁ ପ୍ରବେଶ ।
**entrance**[2] କ୍ରି. ମୋହାବିଷ୍ଟ କରିବା, ଅଭିଭୂତ କରିବା; ବି. entrancement.
**entrant** ବି. (ପରୀକ୍ଷା, ଅନୁଷ୍ଠାନ, ବୃତ୍ତି ପ୍ରଭୃତିରେ) ପ୍ରବେଶକାରୀ ।
**entrap** ସ.କ୍ରି. ଫାଶ ବା ଜାଲରେ ପକାଇବା, ସେହିଭଳି ଜଡ଼ିତ କରିବା; ବି. entrapment.
**entreat** ସ.କ୍ରି. ଅନୁନୟ କରିବା, ସନିର୍ବନ୍ଧ ଅନୁରୋଧ କରିବା; ବି. entreaty.
**entree** ବି. ପ୍ରବେଶାଧିକାର; (ଭୋଜନରେ) ମାଛ ଓ ମାଂସ ପରଷିବା ଭିତରେ ଦିଆଯାଉଥିବା ଖାଦ୍ୟ ସାମଗ୍ରୀ; *ଆମେ.* ମୁଖ୍ୟ ଖାଦ୍ୟ ।
**entrench** କ୍ରି. ଦୃଢ଼ଭାବରେ (ସ୍ଥିତି, ପଦାଧିକାର) ପ୍ରତିଷ୍ଠିତ କରିବା; ଚାରିପାଖରେ ଖାଇ ଖୋଳିବା, ଖାତରେ ଆତ୍ମଗୋପନ କରିବା; ବି. entrenchment.
**entrepot** ବି. ସାମୟିକ ଭାବରେ ମାଲ ରଖିବାର ଗୋଦାମ ।
**entrepreneur** ବି. ଶିଳ୍ପୋଦ୍ୟୋଗୀ; ଉଦ୍ୟୋଗକାରୀ, ମଧ୍ୟସ୍ଥରୂପେ କାର୍ଯ୍ୟ କରୁଥିବା ଠିକାଦାର; ବିଂ. entrepreneurial.
**entropy** ବି. (ପଦାର୍ଥ ବିଜ୍ଞାନ) ତାପଜଶକ୍ତିକୁ ଯାନ୍ତ୍ରିକ ଶକ୍ତିରେ ରୂପାନ୍ତରିତ କରିବାର ଅନିଶ୍ଚିତତା; ବିଶ୍ୱର ନିୟନ୍ତ୍ରିତ କ୍ରମର ଅବଲୋପ ବା ବିଘଟନ ।
**entrust** ସ.କ୍ରି. (କାହାକୁ କୌଣସି ବିଷୟର) ଭାର ବା ଦାୟିତ୍ୱ ଦେବା, କାହା ଉପରେ (ବିଶ୍ୱାସପୂର୍ବକ) ନ୍ୟସ୍ତ କରିବା ।
**entry** ବି. ପ୍ରବେଶ, ଆଗମ, ସେଥିନିମନ୍ତେ ଅଧିକାର, ପ୍ରବେଶ ସ୍ଥାନ ଦ୍ୱାର ଫାଟକ ପ୍ରଭୃତି; ଖାତା ପ୍ରଭୃତିରେ ଲିପିବଦ୍ଧ କରଣ, ଲିଖିତ ବିଷୟ, ଦୌଡ଼ରେ ପ୍ରତିଯୋଗୀମାନଙ୍କର ତାଲିକା; entry fee ପ୍ରବେଶ ଶୁଳ୍କ ।
**entwine** କ୍ରି. ଗୁଡ଼ାଇ ହେବା, ଛନ୍ଦିବା, ଗୁନ୍ଥିବା ।
**enumerate** ସ.କ୍ରି. ଗଣନାକରିବା, ସଂଖ୍ୟା ନିର୍ଦ୍ଦେଶ କରିବା; enumeration ବି. ଗଣତି; enumerative ବିଂ. ଗଣନାତ୍ମକ ।
**enumerator** ବି. ଜନଗଣନା କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତି ।
**enunciate** ସ.କ୍ରି. ସ୍ପଷ୍ଟଭାବେ ବୟାନ କରିବା, ନିର୍ଦ୍ଦିଷ୍ଟଭାବରେ ବିବରଣ ଦେବା ବା କହିବା; ବି. enunciation; general enunciation (ଜ୍ୟାମିତି) ସାମାନ୍ୟ କଥନ ।
**enuresis** ବି. ଅନୈଚ୍ଛିକ ମୂତ୍ର ନିର୍ଗମନ ।
**envelop** ସ.କ୍ରି. ଘୋଡ଼େଇ ଦେବା, ଆବୃତ କରିବା, ଚତୁର୍ଦ୍ଦିଗରେ ବେଷ୍ଟନ କରିବା; ବି. envelopment.
**envelope** ବି. ଲଫାପା, ଆବରଣ; ବେଲୁନ୍ ଓ ଉଡ଼ାଜାହାଜରେ ଗ୍ୟାସ୍ ରଖିବା ଜାଗା ।
**enviable** ବିଂ. ଈର୍ଷଣୀୟ, ଈର୍ଷା ଉଦ୍ଦୀପକ, ସ୍ପୃହଣୀୟ ।
**envious** ବିଂ. ଈର୍ଷୁକ, ଈର୍ଷା ପରାୟଣ, ପରଶ୍ରୀକାତର ।

Digitized by srujanika@gmail.com

**environment** ବି. ପର୍ଯ୍ୟାବରଣ, ପାରିପାର୍ଶ୍ୱିକ ଅବସ୍ଥା, ପରିପାର୍ଶ୍ୱ, ପରିବେଶ, ଜୀବନର ବିକାଶ ଓ ଅଭିବୃଦ୍ଧି ନିମନ୍ତେ ଅନୁକୂଳ ପ୍ରାକୃତିକ ଅବସ୍ଥା; ବିଂ. environmental.

**environmentalist** ବି. ପରିବେଶ ସଂରକ୍ଷଣ ବିଶେଷଜ୍ଞ।

**environs** ବି. ବ.ବ. ନଗରୋପକଣ୍ଠ, ଚତୁର୍ପାର୍ଶ୍ୱସ୍ଥ ସ୍ଥାନ ସବୁ।

**envisage** ସ.କ୍ରି. ଅବଧାରଣ କରିବା; (କାଳ୍ପନିକ ବସ୍ତୁ ବା ଅବସ୍ଥାର) ଧାରଣା କରିବା, ସମ୍ଭବ ବା ବାଞ୍ଛନୀୟ ବୋଲି ଧାରଣା କରିବା।

**envoy** ବି. ଦୂତ ବା ପ୍ରତିନିଧି, କୂଟନୈତିକ ଦୂତ (ରାଷ୍ଟ୍ରଦୂତଙ୍କର ଅବ୍ୟବହିତ ଅଧସ୍ତନ ଦୂତ)।

**envy** 1. ବି. ଈର୍ଷା, ପରଶ୍ରୀକାତରତା, ଈର୍ଷାର ପାତ୍ର; 2. ସ.କ୍ରି. (କାହାପ୍ରତି) ଈର୍ଷା ପୋଷଣ କରିବା।

**enwrap** ସ.କ୍ରି. ଗୁଡେଇବା, ଆବୃତ କରିବା, ଆଚ୍ଛାଦିତ କରିବା।

**enzyme** ବି. ବିପାଚକ।

**Eocene** 1. ବିଂ. ଆଦ୍ୟନୂତନ ଭୂକାଳ (ଭୂକାଳର ତୃତୀୟ ଯୁଗର ଦ୍ୱିତୀୟ ଭୂତାତ୍ତ୍ୱିକ ଯୁଗ) ସମ୍ବନ୍ଧୀୟ; 2. ବି. ସେହି ଯୁଗ।

**eolian** *ଆମେ.* aeolian ବାୟୁବାହିତ।

**eolithic** ବିଂ. ପ୍ରସ୍ତର ଯୁଗର ଉଷାକାଳ (ନୃତତ୍ତ୍ୱ) ସମ୍ବନ୍ଧୀୟ।

**eon** ବି. (Aeon) ଯୁଗ, ଦୀର୍ଘକାଳ।

**epaulette** ବି. ଆମେ. epaulet ସରକାରୀ ପରିଚ୍ଛଦର ସ୍କନ୍ଧଭୂଷଣ ବା ବିଲ୍ଲା।

**ephedrine** ବି. ଶ୍ୱାସରୋଗର ଉପଶମ ନିମନ୍ତେ ବ୍ୟବହୃତ ଉପକ୍ଷାର ଔଷଧବିଶେଷ।

**ephemera** ବି. ଏକଦିବସଜୀବୀ ପତଙ୍ଗ; ଅଳ୍ପସ୍ଥାୟୀ ବସ୍ତୁ।

**ephemeral** ବିଂ. କ୍ଷଣସ୍ଥାୟୀ, ଅଳ୍ପକାଳିକ।

**epic** 1. ବି. କାବ୍ୟ, ଜାତୀୟ ବୀରତ୍ୱ ବିଷୟକ ବା ଜାତୀୟ ବୀରଙ୍କର କୀର୍ତ୍ତି ସଂବଳିତ ଦୀର୍ଘ ବର୍ଣ୍ଣନାତ୍ମକ କାବ୍ୟ, ବୀରରସାତ୍ମକ ମହାକାବ୍ୟ; 2. ବିଂ. (epical ମଧ୍ୟ) ମହାକାବ୍ୟର ବା ମହାକାବ୍ୟ ସଦୃଶ; ବୀରତ୍ୱପୂର୍ଣ୍ଣ।

**epicene** 1. ବିଂ. ଉଭୟ ଲିଙ୍ଗୀ, ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ବ୍ୟବହାର ଉପଯୋଗୀ; 2. ବି. ସେହିପରି ବ୍ୟକ୍ତି।

**epicentre** (ଆମେ. epicenter) ଭୂକମ୍ପ-ଉପକେନ୍ଦ୍ର; ସମସ୍ୟାର କେନ୍ଦ୍ରବିନ୍ଦୁ।

**epicure** ବି. ଭୋଜନପାନାଦି ବିଷୟରେ ରୁଚିସମ୍ପନ୍ନ ବ୍ୟକ୍ତି; epicurism ବି. ଭୋଗବିଳାସ।

**Epicurean** 1. ବିଂ. ଗ୍ରୀକ୍ ଦାର୍ଶନିକ ଏପିକ୍ୟୁରସ୍ (Epicurus) ସମ୍ବନ୍ଧିତ ବା ଅନୁବର୍ତ୍ତୀ; ସୁଖାଭିଳାଷୀ; 2. ବି. ଭୋଗବାଦୀ ବ୍ୟକ୍ତି; ବି. Epicureanism.

**epicycle** ବି. ଉପବୃତ୍ତ, ବୃହତ୍ତର ବୃତ୍ତ ପରିଧିନ୍ୟସ୍ତ କେନ୍ଦ୍ରର ଘୂର୍ଣ୍ଣାୟମାନ କ୍ଷୁଦ୍ରତର ବୃତ୍ତ।

**epidemic** 1. ବିଂ. ବ୍ୟାପକ (ରୋଗ); 2. ବି. ଏକକାଳୀନ ବହୁ ସ୍ଥାନବ୍ୟାପୀ ସଂକ୍ରାମକ ରୋଗ, ମହାମାରୀ।

**epidemiology** ବି. ମହାମାରୀ ଚିକିତ୍ସା ବିଜ୍ଞାନ।

**epidermis** ବି. ଅଧିଚର୍ମ, ମଜ୍ଜିତ୍ୱମ; ବିଂ. epidermal.

**epidiascope** ବି. ଏପିଡ଼ାୟାସ୍କୋପ୍, ଆଲୋକଚିତ୍ର ପ୍ରକ୍ଷେପକ ଯନ୍ତ୍ର।

**epiglottis** ବି. ଅଧିଜିହ୍ୱା, ଛୋଟଜିଭ; ବିଂ. epiglottal.

**epigram** ବି. ଶ୍ଳେଷାତ୍ମକ ଉପସଂହାର ବିଶିଷ୍ଟ କ୍ଷୁଦ୍ର କବିତା; ତୀକ୍ଷ୍ଣ ସଂକ୍ଷିପ୍ତ ଉକ୍ତି; ବିଂ. epigrammatic.

**epigraph** ବି. (ଶିଳା, ମୁଦ୍ରା ବା ଧାତୁଫଳକ ଉପରେ) ଉତ୍କୀର୍ଣ୍ଣ ଲେଖା, ଉତ୍କୀର୍ଣ୍ଣ ଲିପି।

**epigraphy** ବି. ଉତ୍କୀର୍ଣ୍ଣ ଲିପିବିଦ୍ୟା।

**epilepsy** ବି. ଅପସ୍ମାର, ହାପର୍, ମୃଗୀ ବା ମୂର୍ଚ୍ଛା ରୋଗ; ବିଂ. epileptic.

**epilogue** ବି. ଗ୍ରନ୍ଥର ଉପସଂହାର, ନାଟକର ଶେଷରେ (ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ) ଅଭିନେତାର ଉକ୍ତି।

**Epiphany** ବି. ପ୍ରାଚ୍ୟ ଜ୍ଞାନୀମାନଙ୍କ ନିକଟରେ ଖ୍ରୀଷ୍ଟଙ୍କର ଆବିର୍ଭାବ; ଜାନୁଆରୀ ୬ ତାରିଖରେ ପାଳିତ ଏହି ଆବିର୍ଭାବର ସ୍ମୃତି ଦିବସ।

**episcopacy** ବି. ବିଶପ୍ ବା ଖ୍ରୀଷ୍ଟୀୟ ଧର୍ମାଧ୍ୟକ୍ଷ କର୍ତ୍ତୃକ ଶାସନ; the episcopacy ବିଶପ୍ ମଣ୍ଡଳୀ ବିଂ. episcopal.

**episcopalian** 1. ବିଂ. ବିଶପ୍ ମଣ୍ଡଳୀ ସଂପର୍କୀୟ; 2. ବି. ବିଶପ୍ ମଣ୍ଡଳୀଦ୍ୱାରା ଶାସନର ଅନୁବର୍ତ୍ତୀ, ବିଶପ୍ ମଣ୍ଡଳୀ ଶାସିତ ଗୀର୍ଜାର ସଦସ୍ୟ; ବି. episcopalianism.

Digitized by srujanika@gmail.com

**episcopate** ବି. ବିଶପ୍ (ଖ୍ରୀଷ୍ଟୀୟ ଧର୍ମାଧକ୍ଷ)ଙ୍କର କାର୍ଯ୍ୟାଳୟ ବା କାର୍ଯ୍ୟକାଳ; the episcopate ବିଶପ୍ ମଣ୍ଡଳୀ ।

**episiotomy** ବି. ପ୍ରସବ ସମୟରେ ପ୍ରସବର ସହାୟତା ସକାଶେ ପ୍ରସବ ଦ୍ଵାର ଆଂଶିକ ଅସ୍ତ୍ରୋପଚାର ।

**episode** ବି. (ବର୍ଣ୍ଣନାତ୍ମକ ସାହିତ୍ୟରେ) କଥାବସ୍ତୁର ଅନ୍ତର୍ଗତ ବୃତ୍ତାନ୍ତ, ଉପାଖ୍ୟାନ; ମହାକାବ୍ୟର ଅଂଶ, ଧାରାବାହିକ କାହାଣୀର ଭାଗବିଶେଷ ।

**episodic** ବିଂ. ସହସା ବା ଅନିୟମିତ ରୂପେ ସଂଘଟିତ, ପ୍ରାସଙ୍ଗିକ, ଆଖ୍ୟାନ ବହୁଳ ।

**epistemology** ବି. ଜ୍ଞାନତତ୍ତ୍ଵ; ଦ. ଜ୍ଞାନମୀମାଂସା ।

**epistle** ବି. ଚିଠି, ପତ୍ର; ବାଇବେଲର ନିଉ ଟେଷ୍ଟାମେଣ୍ଟରେ ବର୍ଣ୍ଣିତ ଖ୍ରୀଷ୍ଟଙ୍କର ଶିଷ୍ୟମାନଙ୍କର ଦ୍ଵାରା ଲିଖିତ ଚିଠି; ପତ୍ରଶୈଳୀରେ ଲିଖିତ କବିତା ।

**epistolary** ବିଂ. ପତ୍ରସମ୍ବନ୍ଧୀୟ; ପତ୍ରୋଚିତ ରଚନା ଶୈଳୀ ।

**epitaph** ବି. ସମାଧିଲିପି, ମୃତବ୍ୟକ୍ତିଙ୍କର ସ୍ମୃତି ସ୍ତମ୍ଭରେ ଲିଖିତ ସ୍ମାରକ ଲିପି ।

**epithalamium** ବି. ବିବାହ କବିତା ବା ଗୀତିକା ।

**epithelium** ବି. ଅଧିଚ୍ଛଦ, ଶରୀରର ବହିଃସ୍ତରୀୟ ତନ୍ତୁ; ବିଂ. epithelial.

**epithet** ବି. ଗୁଣ ପ୍ରକାଶକ ବିଶେଷଣ, ବର୍ଣ୍ଣନାତ୍ମକ ଶବ୍ଦ; ବିଂ. epithetic; କ୍ରି.ବିଂ. epithetically.

**epitome** ବି. ଗୁଣାଧାର (ବ୍ୟକ୍ତି); କ୍ଷୁଦ୍ରତର ରୂପ ବା ସଂକ୍ଷିପ୍ତସାର (ବସ୍ତୁ) ।

**epitomize** ସ.କ୍ରି. ସଂକ୍ଷେପରେ (କୌଣସି ବସ୍ତୁ ବା ଗୁଣର) ଆଧାର ବା ଦୃଷ୍ଟାନ୍ତ ହେବା ।

**EPNS** ସଂଶ. electroplated nickel silver ଇଲେକ୍ଟ୍ରୋପ୍ଲେଟେଡ୍ ନିକେଲ ସିଲ୍ଭର ।

**epoch** ବି. ବିଶିଷ୍ଟ ଘଟଣାବହୁଳ କାଳ; ଐତିହାସିକ ଯୁଗର ଆରମ୍ଭକାଳ, ଭୂକାଳ; epoch-making ବିଂ. ଯୁଗାନ୍ତକାରୀ; ବିଂ. epochal.

**eponym** ବି. କୌଣସି ବ୍ୟକ୍ତିଙ୍କ ନାମାନୁଯାୟୀ ଗଠିତ ଶବ୍ଦ ବା ସ୍ଥାନ ଆଦିର ନାମ ।

**Epsom salts** ମେଗ୍ନିସିୟମ ସଲଫେଟ୍ (ଯାହା ଜୁଲାପ ଭାବରେ ବ୍ୟବହୃତ ହୁଏ) ।

**equable** ବିଂ. ସୁଗମ, ସମତାବିଶିଷ୍ଟ, ପରିବର୍ତ୍ତନହୀନ, ସମଶୀତୋଷ୍ଣ (ଜଳବାୟୁ); କ୍ରି.ବିଂ. equably.

**equal** ବିଂ. ସମାନ, ସମସଂଖ୍ୟକ, ଆକୃତି ପରିମାଣ ବା ମାନରେ ଏକ; ସମକକ୍ଷ (equal fight); ସମତୁଳିତ (equal laws); 2. ବି. ସମସ୍କନ୍ଧ ବ୍ୟକ୍ତି; ଗୁଣ ବା ମର୍ଯ୍ୟାଦାରେ ସମାନ; 3. ସ.କ୍ରି. ସମାନ ହେବା, ସମକକ୍ଷ ହେବା ।

**equality** ବି. ସମତା, ସମାନତା ।

**equalize** କ୍ରି. ସମାନ କରିବା ବା ହେବା; equalization ବି. ସମାନୀକରଣ ।

**equalizer** ବି. (କ୍ରୀଡ଼ାରେ) ଗୋଲ ପ୍ରଭୃତି ଯାହା ଉଭୟଦଳକୁ ସମପର୍ଯ୍ୟାୟକୁ ଆଣେ ।

**equanimity** ବି. ସମଚିତ୍ତତା, (ବିଭିନ୍ନ ଅବସ୍ଥାରେ) ମନର ସମଭାବ ବା ସ୍ଥିରତା ।

**equate** ସ.କ୍ରି. ସମାନ କରିବା, ସମାନ ବୋଲି ଗ୍ରହଣ କରିବା ।

**equation** ବି. ସମୀକରଣ, ଦୁଇଟି ଗାଣିତିକ ରାଶି ମଧ୍ୟରେ ସମାନତା ପ୍ରତିପାଦନ; ପ୍ରତୀକ ବ୍ୟବହାର କରି ରାସାୟନିକ ପ୍ରତିକ୍ରିୟା ସୂଚିତ କରିବା ସୂତ୍ର ।

**equator** ବି. ବିଷୁବ ରେଖା, ନିରକ୍ଷବୃତ୍ତ, ଭୂମଧ୍ୟରେଖା ।

**equatorial** ବିଂ. ବିଷୁବ ରେଖା ସମ୍ବନ୍ଧୀୟ, ବିଷୁବ ମଣ୍ଡଳୀୟ ।

**equerry** ବି. (ବ୍ରିଟିଶ୍) ରାଜପ୍ରାସାଦର କର୍ମଚାରୀ ।

**equestrian** 1. ବିଂ. ଅଶ୍ଵାରୋହଣ ସମ୍ବନ୍ଧୀୟ, ଅଶ୍ଵପୃଷ୍ଠସ୍ଥ; 2. ବି. ଅଶ୍ଵାରୋହୀ, ଅଶ୍ଵାରୋହଣ କୌଶଳ ପ୍ରଦର୍ଶନକାରୀ ।

**equi-** ଉପ. ସମାନତା ସୂଚକ ପୂର୍ବ ପ୍ରତ୍ୟୟ ଉଦା. equilateral.

**equiangular** ବିଂ. ସମାନ କୋଣ ବିଶିଷ୍ଟ ।

**equidistant** ବିଂ. ସମଦୂରବର୍ତ୍ତୀ ।

**equilateral** ବିଂ. ସମବାହୁବିଶିଷ୍ଟ, ସମବାହୁ ।

**equilibrium** ବି. ଶାରୀରିକ ଭାରସାମ୍ୟ, ମନର ଶାନ୍ତ ଅବସ୍ଥା ।

**equine** ବିଂ. ଅଶ୍ଵସମ୍ବନ୍ଧୀୟ, ଅଶ୍ଵ ସଦୃଶ ।

**equinoctical** 1. ବିଂ. ସମଦିବାରାତ୍ର ସମ୍ବନ୍ଧୀୟ, ନିରକ୍ଷବୃତ୍ତର ନିକଟବର୍ତ୍ତୀ; 2. ବି. ନିରକ୍ଷବୃତ୍ତ ।

**equinox** ବି. କ୍ରାନ୍ତିପାତ; ସମଦିବାରାତ୍ର, ବର୍ଷର ଯେଉଁ ଦିନ ଓ ସମୟରେ ସୂର୍ଯ୍ୟ ବିଷୁବରେଖା

Digitized by srujanika@gmail.com

ଅତିକ୍ରମ କରନ୍ତି ଓ ଦିନରାତି ସମାନ ହୁଏ; autumn(al) equinox ଶାରଦୀୟ କ୍ରାନ୍ତିପାତ (୨୨/୨୩ ସେପ୍ଟେମ୍ବର); spring (vernal) equinox ବାସନ୍ତ କ୍ରାନ୍ତିପାତ (୨୦/୨୧ ମାର୍ଚ୍ଚ)।

**equip** *ସ.କ୍ରି.* ଆବଶ୍ୟକ ସରଞ୍ଜାମରେ ସଜ୍ଜିତ କରିବା।

**equipage** ବି. ଆବଶ୍ୟକୀୟ ସରଞ୍ଜାମ; ଗାଡ଼ି, ଘୋଡ଼ା ଓ ଅନୁଚରବର୍ଗ; ସୈନ୍ୟଦଳ ବା ରଣ ପୋତର ସାଜସଜ୍ଜା।

**equipment** ବି. ଏ.ବ. ସଜ୍ଜୀକରଣ, ଆବଶ୍ୟକୀୟ ସରଞ୍ଜାମ, ଯନ୍ତ୍ରପାତି।

**equipoise** ବି. ଭାରସାମ୍ୟ, ଭାରସାମ୍ୟ ରକ୍ଷାକାରୀ ବସ୍ତୁ।

**equitable** ବିଂ. ନ୍ୟାୟୋଚିତ, ଆଇନ ଅପେକ୍ଷା ନୈତିକ ଦୃଷ୍ଟିରୁ ନ୍ୟାୟସଙ୍ଗତ; *କ୍ରି.ବିଂ.* equitably.

**equitation** ବି. ଅଶ୍ୱାରୋହଣ, ଅଶ୍ୱାରୋହଣ କୌଶଳ।

**equity** ବି. ସୁବିଚାର; (ଆଇନର ପରିପୂରକ ରୂପେ ବ୍ୟବହୃତ) ସମତାର ନୀତି; ମୌଳିକ ନ୍ୟାୟ; କୌଣସି କମ୍ପାନୀ ଦ୍ୱାରା ପ୍ରଦତ୍ତ ଶେୟାର ବା ଅଂଶଧନର ମୂଲ୍ୟ।

**equivalent** 1. ବିଂ. ସମମୂଲ୍ୟବିଶିଷ୍ଟ, ଅନୁରୂପ, ତୁଲ୍ୟମୂଲ୍ୟ, ସମର୍ଥ ବିଶିଷ୍ଟ, ସମଫଳ ବିଶିଷ୍ଟ, ସମାନ; 2. ବି. ଏହିପରି ବସ୍ତୁ; equivalence ବି. ତୁଲ୍ୟମୂଲ୍ୟତା।

**equivocal** ବିଂ. ଦୁଇ ଅର୍ଥବୋଧକ, ଦ୍ୱୈତାର୍ଥକ, ସନ୍ଦିଗ୍ଧାର୍ଥକ, ଅସ୍ପଷ୍ଟାର୍ଥକ, ଅନିଶ୍ଚିତ।

**equivocate** *ଅ.କ୍ରି.* ସତ୍ୟଗୋପନ କରିବା ପାଇଁ ଦ୍ୟର୍ଥବୋଧକ ଶବ୍ଦ ବା ବାକ୍ୟ ପ୍ରୟୋଗ କରିବା, ଦୁଇ ଆଡ଼କୁ ପାଇଲାପରି କଥା କହିବା; equivocation ବି. ଦ୍ୟର୍ଥପ୍ରୟୋଗ; ବି. equivocator.

**er** *ଅ.* ଦ୍ୱିଧାସୂଚକ ଅବ୍ୟୟ।

**–er**[1] *ପ.ପ୍ର.* 1. ବିଶେଷ୍ୟ, ବିଶେଷଣ ଓ କ୍ରିୟାରୁ ବିଶେଷ୍ୟ ନିଷ୍ପାଦକ ଶବ୍ଦାନ୍ତ ପ୍ରତ୍ୟୟ, ଉଦା. villag*er*, foreign*er*, mak*er*.

**–er**[2] *ପ.ପ୍ର.* ବିଶେଷଣ ଓ କ୍ରିୟାବିଶେଷଣର ତୁଳନାତ୍ମକ ରୂପ ନିର୍ଣ୍ଣୟ କରିବା ନିମନ୍ତେ ବ୍ୟବହୃତ ଶବ୍ଦାନ୍ତ ପ୍ରତ୍ୟୟ, ଉଦା. happi*er*, soon*er*.

**era** ବି. ସମ୍ବତ୍, ଅବ୍ଦ, ସନ, ଯୁଗ।

**eradicate** *ସ.କ୍ରି.* ମୂଳୋତ୍ପାଟନ କରିବା, ନଷ୍ଟ କରିବା; ବିଂ. eradicable; ବି. eradicator.

**eradication** ବି. ଦୂରୀକରଣ, ଉନ୍ମୂଳନ, ଧ୍ୱଂସ।

**erase** *ସ.କ୍ରି.* (ଲେଖା ବା ଦାଗ) ଘଷି ଉଠାଇଦେବା, ଲିଭାଇଦେବା।

**eraser** ବି. ଯେଉଁ ବସ୍ତୁ ସାହାଯ୍ୟରେ ଲେଖା, ଦାଗ ପ୍ରଭୃତି ଲିଭାଇ ଦିଆଯାଏ, ବିଶେଷତଃ ରବର ଖଣ୍ଡ ଯହିଁରେ ପେନ୍‌ସିଲ ଦାଗ ଲିଭାଯାଏ।

**erasure** ବି. ଲିଭାଇବା ବା ଘର୍ଷଣଦ୍ୱାରା ବିମୋଚନ, ଲିଭାଯାଇଥିବା ଶବ୍ଦ ପ୍ରଭୃତି।

**ere** *ସଂଯୋ. ଅ. ପ୍ରା.ପ୍ର.* (ବିଶେଷ୍ୟ ପୂର୍ବରେ କିମ୍ବା ସଂଯୋଜକ ଭାବେ ବ୍ୟବହୃତ); ପୂର୍ବରୁ (ere half my days).

**erect** 1. ବିଂ. ସିଧା, ଖାଡ଼ା, ଦଣ୍ଡାୟମାନ, ଟାଣ, ଉତ୍ତୋଳିତ; 2. *ସ.କ୍ରି.* ଠିଆ କରାଇବା, ନିର୍ମାଣ କରିବା, ସଂସ୍ଥାପନା ବା ପ୍ରତିଷ୍ଠା କରିବା; erection ବି. ଉତ୍ଥାନ, ନିର୍ମାଣ, ସଂସ୍ଥାପନ।

**erectile** ବିଂ. ଉତ୍ଥାନ ଯୋଗ୍ୟ, (ଶରୀରସ୍ଥ ଟିସୁ ସମୂହ)।

**erg** ବି. ଆର୍ଗ; ଶକ୍ତି ବା କାର୍ଯ୍ୟ ପରିମାପକ ଏକକ।

**ergo** *କ୍ରି.ବିଂ.* ତେଣୁ, ଅତଃ, ଅତଏବ। *(ଲା.)*

**ergonomics** ବି. କର୍ମସ୍ଥାନର ପରିବେଶରେ ବ୍ୟକ୍ତିର କର୍ମକ୍ଷମତା ସଂପର୍କରେ ଅଧ୍ୟୟନ।

**ergot** ବି. ରାଇ, (rye) ପ୍ରଭୃତି ଶସ୍ୟର ଛତୁ ଜନିତ ରୋଗ; ସେହି ଛତୁରୁ ପ୍ରସ୍ତୁତ ଔଷଧ।

**Erin** ବି. ଆୟାର୍ଲେଣ୍ଡର ପ୍ରାଚୀନ କାବ୍ୟିକ ନାମ।

**ermine** ବି. ନେଉଳ ଜାତୀୟ ଜନ୍ତୁ ବିଶେଷ; ଏମାନଙ୍କ ଚର୍ମରୁ ପ୍ରସ୍ତୁତ ପରିଚ୍ଛଦ।

**erne** *ଆମେ.* ern ବି. ସାମୁଦ୍ରିକ ଇଗଲ ପକ୍ଷୀ।

**erode** *ସ.କ୍ରି.* କ୍ରମଶଃ କ୍ଷୟ ବା ଅବକ୍ଷୟ କରିବା, ଖାଇଯିବା; erosion ବି. ଅବକ୍ଷୟ, କ୍ଷୟୀକରଣ।

**erogenous** ବିଂ. (ଶରୀରର ଅଂଶ ସମ୍ପର୍କରେ) ଯୌନ କାମନା ଉଦ୍ଦୀପକ।

**erotic** ବିଂ. ଶୃଙ୍ଗାର ବିଳାସୀ, କାମୋଦ୍ଦୀପକ (ଭାବ), ଆଦିରସାତ୍ମକ (ସାହିତ୍ୟ)।

**erotica** ବି. ବ.ବ. ଯୌନ ଉତ୍ତେଜକ ସାହିତ୍ୟ ବା କଳା।

**eroticism** ବି. କାମଭାବ, ଶୃଙ୍ଗାର ରସ।

**err** *ଅ.କ୍ରି.* ଭୁଲ କରିବା, ଅନ୍ୟାୟ କରିବା, ପାପ କରିବା, ସ୍ଖଳିତ ବା ପଥଭ୍ରଷ୍ଟ ହେବା।

Digitized by srujanika@gmail.com

**errand** ବି. ସଂବାଦ ଦେବାକୁ ବା କୌଣସି ଜିନିଷ ସଂଗ୍ରହ କରିବାକୁ ଅଳ୍ପଦୂର ସ୍ଥାନକୁ ଯିବାକାମ; ନ୍ୟସ୍ତକର୍ମ ବା ଉଦ୍ଦେଶ୍ୟ; errand boy ଚହଲିଆ ପିଲା; errand of mercy (କାହାର) ଦୁର୍ଦ୍ଦଶା ମୋଚନ କରିବା ପାଇଁ ଯାତ୍ରା।

**errant** 1. ବିଂ. ଅପରାଧୀ; ସାହସିକ ଓ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ୱେଷଣରେ ଭ୍ରମଣଶୀଳ; ବିପନ୍ନଲୋକର ଉଦ୍ଧାର ନିମନ୍ତେ ଭ୍ରମଣ; ବି. errantry (ଦ୍ୱିତୀୟ ଅର୍ଥରେ)।

**erratic** ବିଂ. ଅନିର୍ଦ୍ଦିଷ୍ଟଭାବେ ଭ୍ରମଣକାରୀ; ଆଚରଣ ଓ ମତାମତରେ ଅନିୟମିତ; କ୍ରି.ବିଂ. erratically.

**erratum** ବି. (ବ.ବ. errata) ଭୁଲ, ଭ୍ରମ, ମୁଦ୍ରଣ ଅଶୁଦ୍ଧି, ଶୁଦ୍ଧି-ପତ୍ର।

**erroneous** ବିଂ. ପ୍ରମାଦପୂର୍ଣ୍ଣ, ଭୁଲ।

**error** ବି. ଭୁଲ, ପ୍ରମାଦ; ଆଚରଣ ବା ମତାମତରେ ତ୍ରୁଟି, ଭ୍ରାନ୍ତ ମତ, ମାପ ବା ଗଣନାରେ ସଠିକତାର ଅଭାବ।

**ersatz** ବି./ବିଂ. ବଦଳିଆ, କୃତ୍ରିମ, ଅନୁକୃତି।

**erstwhile** 1. ବିଂ. ପ୍ରାକ୍ତନ, ପୂର୍ବବର୍ତ୍ତୀ; 2. କ୍ରି.ବିଂ. *ପ୍ରା.ପ୍ର.* ପୂର୍ବେ।

**eructation** ବି. ହାକୁଟି, ବାୟୁ ଉଦ୍‌ଗାର।

**erudite** ବିଂ. ବିଦ୍ୱାନ୍, ପାଣ୍ଡିତ୍ୟପୂର୍ଣ୍ଣ; erudition ବି. ପାଣ୍ଡିତ୍ୟ।

**erupt** *ଅ.କ୍ରି.* (ରୋଗ) ସହସା ମାଡ଼ିଯିବା, (ଆଗ୍ନେୟଗିରି) ଉଦ୍‌ଗୀରଣ କରିବା; (ବଥ ପ୍ରଭୃତି) ଉଠିବା; ଉପରକୁ ବାହାରିବା; eruption ବି. ଉଦ୍‌ଗମ; ବିଂ. eruptive.

**–ery, –ry** ବିଶେଷ୍ୟ ନିଷ୍ପାଦକ ଶବ୍ଦାନ୍ତ ପ୍ରତ୍ୟୟ; ଉଦା. greenery, machinery, citizenry, mimicry.

**erysipelas** ବି. ଚର୍ମର ପ୍ରଦାହଜନିତ ରୋଗ, ବିସର୍ପ ରୋଗ।

**erythrocyte** ବି. ଲୋହିତ ରକ୍ତ କଣିକା।

**Es** *ପ୍ର. einsteinium* ଆଇନ୍‌ଷ୍ଟାଇନ୍‌ଙ୍କ ନାମରେ ନାମିତ ମୌଳିକ ଉପାଦାନ ବିଶେଷ।

**escalate** କ୍ରି. ପର୍ଯ୍ୟାୟକ୍ରମେ ବଢ଼ି ଚାଲିବା, ବୃଦ୍ଧି ଘଟାଇବା।

**escalator** ବି. ଅନେକ ଧାପଥିବା ବିଦ୍ୟୁତ୍ ଚାଳିତ ସୋପାନ ଶ୍ରେଣୀ ଯାହା ଉପର ତଳ ହୋଇ କାମ କରେ।

**escapade** ବି. ଦୁଃସାହସିକ, ଅପରିଣାମଦର୍ଶୀ କାର୍ଯ୍ୟ।

**escape** 1. କ୍ରି. ପଳାଇଯିବା, ବନ୍ଧନରୁ ମୁକ୍ତ ହେବା, ନିରାପଦରେ ଖସିଯିବା, (ବାଷ୍ପ) ଆଧାରରୁ ବାହାରିଯିବା; ଦଣ୍ଡରୁ ଖସିଯିବା, ବିପଦରୁ ତ୍ରାହି ପାଇବା; ଧ୍ୟାନ ବା ଦୃଷ୍ଟିକୁ ନ ଆସିବା, (ପାଟିରୁ) ଅତର୍କିତ ଭାବରେ ବାହାରିଯିବା; 2. ବି. ପଳାୟନ, ନିଷ୍କୃତି, ମୁକ୍ତି (ବାଷ୍ପ); escape clause ଯେଉଁ ସର୍ତ୍ତ ବଳରେ ପକ୍ଷ ଦାୟିତ୍ୱ ଏଡ଼ାଇ ଦେଇ ପାରେ; escape velocity ପଳାୟନ ପରିବେଗ (ପଦାର୍ଥ ବିଦ୍ୟା)।

**escapee** ବି. ପଳାୟିତ ବ୍ୟକ୍ତି, ପଳାତକ।

**escapement** ବି. ଘଣ୍ଟାର ଯନ୍ତ୍ରାଂଶ ଯାହା ଚଳନ କ୍ଷମତାକୁ ନିୟନ୍ତ୍ରିତ କରେ।

**escapism** ବି. (ବାସ୍ତବତାରୁ ନିଷ୍କୃତି ଲାଭ କରିବା ସକାଶେ କଳ୍ପରାଜ୍ୟକୁ) ପଳାୟନ ପ୍ରବୃତ୍ତି; escapist ବି.ବିଂ. ପଳାୟନପନ୍ଥୀ, ପଳାୟନବାଦୀ (ସାହିତ୍ୟ, ଦର୍ଶନ ପ୍ରଭୃତିରେ)।

**escapology** ବି. ବନ୍ଦୀ ଅବସ୍ଥାରୁ ପଳାୟନର ପ୍ରଣାଳୀ ଓ କାର୍ଯ୍ୟବିଧି; ବି. escapologist.

**escarpment** ବି. ଉଚ୍ଚଭୂମିର ପ୍ରାନ୍ତସ୍ଥ ବିସ୍ତୀର୍ଣ୍ଣ ଢାଲୁଜମି, ପ୍ରବଣଭୂମି (ଭୂତତ୍ତ୍ୱ)।

**eschatology** ବି. ମୃତ୍ୟୁ ଓ ମରଣୋତ୍ତର ଅବସ୍ଥା ସମ୍ବନ୍ଧୀୟ ତତ୍ତ୍ୱ।

**escheat** 1. ବି. ସରକାରଙ୍କଦ୍ୱାରା ଉତ୍ତରାଧିକାରୀବିହୀନ ସ୍ୱତ୍ୱବାନ୍‌ର ସମ୍ପତ୍ତି ବାଜ୍ୟାପ୍ତି; 2. କ୍ରି. ଉକ୍ତ ସମ୍ପତ୍ତି ବାଜ୍ୟାପ୍ତି କରିବା।

**eschew** *ସ.କ୍ରି.* ପରିତ୍ୟାଗ କରିବା, ବର୍ଜନ କରିବା, ନିବୃତ୍ତ ରହିବା।

**escort** 1. ବି. ନିରାପତ୍ତା ଅଥବା ସୌଜନ୍ୟ ଦୃଷ୍ଟିରୁ ଅନୁଗମନକାରୀ ରକ୍ଷୀ ବା ରକ୍ଷୀଦଳ (ଯାନବାହନ ସହିତ); ସାମାଜିକତା ଦୃଷ୍ଟିରୁ ନାରୀ ସହିତ ପୁରୁଷ ଅନୁଗମନକାରୀ ଅଥବା ପୁରୁଷ ସହିତ ନାରୀ ଅନୁଗମନକାରିଣୀ; ଦେହରକ୍ଷୀ, ସହଚର 2. *ସ.କ୍ରି.* ସହଚର ବା ରକ୍ଷୀରୂପେ ଅନୁଗମନ କରିବା।

**escritoire** ବି. ଲେଖିବା ପାଇଁ ବ୍ୟବହୃତ ଡ୍ରୟର ଥିବା ଡେସ୍କ।

**esculent** 1. ବିଂ. ଖାଦ୍ୟୋପଯୋଗୀ; 2. ବି. ଖାଦ୍ୟଦ୍ରବ୍ୟ।

Digitized by srujanika@gmail.com

**escutcheon** ବି. କୁଳପଦମର୍ଯ୍ୟାଦାସୂଚକ ଚିହ୍ନାଙ୍କିତ ଢାଲ; blot on one's escutcheon ମର୍ଯ୍ୟାଦା ପ୍ରତି କଳଙ୍କ।

**Eskimo** 1. ବି.( ବ.ବ. Eskimos) ଉତ୍ତର ଆମେରିକାର ଆଦିମ ଅଧିବାସୀ ଏସ୍କିମୋ ଜାତି ବା ଭାଷା; 2. ବିଂ. ଏସ୍କିମୋ ଜାତି ବା ଭାଷା ସମ୍ବନ୍ଧୀୟ।

**esophagus** *ଆମେ.* oesophagus ବି. ଖାଦ୍ୟନଳୀ।

**esoteric** ବିଂ.କେବଳ ବିଶେଷ ଜ୍ଞାନଥିବା ଲୋକଙ୍କ ଦ୍ୱାରା ବୋଧଗମ୍ୟ; ଗୁପ୍ତ, ନିଗୂଢ଼।

**espalier** ବି. ଏକପ୍ରକାର ସରୁ ଜାଲି ଯହିଁରେ ଛୋଟ ଗଛ ବା ବୁଦା ମାନଙ୍କୁ ବିଶେଷ ରୂପ ଦିଆଯାଏ, ଏହି ଆକୃତିର ଗଛ।

**esparto** ବି. ସ୍ପେନ୍ ଓ ଦକ୍ଷିଣ ଆଫ୍ରିକାସ୍ଥ ଏକ ପ୍ରକାର ଘାସ, ଏଥିରୁ କାଗଜ ପ୍ରସ୍ତୁତ ହୁଏ।

**especial** ବିଂ. ବିଶେଷ, ପ୍ରଧାନ, ବ୍ୟତିକ୍ରମ।

**especially** କ୍ରି. ବିଂ. ବିଶେଷତଃ, ବ୍ୟତିକ୍ରମ ଭାବରେ।

**Esperanto** ବି. କୃତ୍ରିମ ବିଶ୍ୱଭାଷା।

**espionage** ବି. ଗୁପ୍ତଚର ନିଯୋଗ, ଗୁଇନ୍ଦାଗିରି, (ବିଶେଷତଃ ବିଦେଶ ରାଷ୍ଟ୍ରରେ)।

**esplanade** ବି. ସମୁଦ୍ର କୂଳରେ ବା ନଗର ଓ ଦୁର୍ଗମଧ୍ୟବର୍ତ୍ତୀ ଉନ୍ମୁକ୍ତ ତୃଣାଚ୍ଛାଦିତ ସମତଳ ଭୂମି।

**espousal** ବି. ବିବାହ, ବାଗ୍‌ଦାନ; କୌଣସି ମତକୁ ପୂର୍ଣ୍ଣ ସମର୍ଥନ।

**espouse** ସ.କ୍ରି. (ମତବାଦ ପ୍ରଭୃତି) ଅବଲମ୍ବନ ବା ସମର୍ଥନ କରିବା; ବିବାହ କରିବା, ବିବାହ ଦେବା।

**espresso** ବି. *(expresso)* ଯନ୍ତ୍ରଦ୍ୱାରା ବାଷ୍ପଚାପରେ ପ୍ରସ୍ତୁତ କଡ଼ା କଫି; ଏହି ଯନ୍ତ୍ର।

***esprit*** ବି. ପ୍ରଫୁଲ୍ଲତା; *esprit de corps* ନିଜଦଳ ପ୍ରତି ସଦସ୍ୟର ବିଶ୍ୱସ୍ତତା। *(ଫ୍ରଂ.)*

**espy** ସ.କ୍ରି. ଅବଲୋକନ କରିବା, ଦୂରରୁ ଦୃଷ୍ଟି ପକାଇବା, ଲକ୍ଷ୍ୟ କରିବା।

**Esq.** ସଂକ୍ଷି. Esquire ଶ୍ରୀଯୁକ୍ତ (ସାଙ୍ଗିଆ ସହ)।

**–esque** ବିଶେଷଣ ଗଠନକାରୀ, ଶବ୍ଦାନ୍ତ ପ୍ରତ୍ୟୟ, ଉଦା. picturesque.

**–ess** ସ୍ତ୍ରୀଲିଙ୍ଗ ସୂଚକ ପ୍ରତ୍ୟୟାନ୍ତ (hestess, tigress).

**essay** 1. ବିଂ. ପ୍ରବନ୍ଧ, ରଚନା; 2. କ୍ରି. ଉଦ୍ୟମ କରିବା; essayist ବି. ପ୍ରାବନ୍ଧିକ।

**essence** ବି. ମୌଳିକ ପ୍ରକୃତି; ସହଜାତ ଗୁଣ; ନିର୍ଯ୍ୟାସ; ଅତର; of the essence ଯାହାବାଦ ଦିଆଯାଇ ପାରିବ ନାହିଁ; in essence ମୂଳତଃ।

**essential** ବିଂ. ଦରକାରୀ, ପ୍ରୟୋଜନୀୟ; ମୌଳିକ ବା ସହଜାତ (ଗୁଣ ବା ପ୍ରକୃତି); କ୍ରି.ବିଂ. essentially.

**–est** ତୁଳନାତ୍ମକଭାବରେ ଶ୍ରେଷ୍ଠ (-ତମ) ସୂଚକ ଶବ୍ଦାନ୍ତ ପ୍ରତ୍ୟୟ (greatest, finest, tallest).

**establish** କ୍ରି. ସ୍ଥାପନ କରିବା, ପ୍ରତିଷ୍ଠିତ ହେବା; established ବିଂ. ପ୍ରମାଣସିଦ୍ଧ, ସୁପ୍ରତିଷ୍ଠିତ (ପରଂପରା, ବିଶ୍ୱାସ ପ୍ରଭୃତି)।

**establishment** ବି. ସଂସ୍ଥା, ପ୍ରତିଷ୍ଠାନ, ସୁପ୍ରତିଷ୍ଠିତ ବ୍ୟବସ୍ଥା; ପରିବାର ସ୍ଥାୟୀ ବ୍ୟବସ୍ଥା; ସ୍ଥାୟୀ କର୍ମଚାରୀ ସମୂହ।

**estate** ବି.ମାହାଲ, ଇଲାକା, ଭୂସମ୍ପତ୍ତି; ଜନବସତି ଅଞ୍ଚଳ ବା ଶିଳ୍ପାଞ୍ଚଳ; କୌଣସି ବ୍ୟକ୍ତିର ମରଣୋତ୍ତର ଜମା ଖର୍ଚ୍ଚ ହିସାବ, ରବର ଚା କଫି ଆଦି ବଗିଚା, ରାଷ୍ଟ୍ର ଶାସନରେ ଶାସକ ଶ୍ରେଣୀ; estate agent ଜମି ବିକ୍ରୟ ବା ଲିଜ୍ ଦେବା ନିମନ୍ତେ ଭାରପ୍ରାପ୍ତ ପ୍ରତିନିଧି; estate duty ମାଲିକର ମୃତ୍ୟୁପରେ ସମ୍ପତ୍ତି ଉପରେ ନିର୍ଦ୍ଧାରିତ ଶୁଳ୍କ; the Three Estates ଇଂଲଣ୍ଡର ହାଉସ୍ ଅଫ୍ ଲର୍ଡ଼ସର ବିଶପ୍‌ଗଣ, ଅନ୍ୟାନ୍ୟ ଲର୍ଡ଼ବୃନ୍ଦ ଓ ସାଧାରଣ ଜନ ପ୍ରତିନିଧିଗଣ; the fourth estate ସଂବାଦପତ୍ର।

**esteem** 1. ସ.କ୍ରି. ଆଦର ବା ମାନ୍ୟ କରିବା, ବହୁମୂଲ୍ୟ ଜ୍ଞାନ କରିବା, ଅନୁକୂଳ ମତ ପୋଷଣ କରିବା, ବିଚାର କରିବା; 2. ବି. ଆଦର, ଶ୍ରଦ୍ଧା, ସମ୍ମାନ।

**ester** ବି. ଅମ୍ଳ ଓ ଉପକ୍ଷାର ପ୍ରତିକ୍ରିୟାରେ ଗଠିତ ରାସାୟନିକ ଉପାଦାନ, ଏଷ୍ଟର।

**estimable** ବିଂ. ଶ୍ରଦ୍ଧେୟ, ଆଦରଣୀୟ, ସମ୍ମାନନୀୟ।

**estimate** 1. ବି. ସଂଖ୍ୟା, ପରିମାଣ, ଗୁଣ, ପ୍ରକୃତି ପ୍ରଭୃତିର ଅଟକଳ ବା ଆନୁମାନିକ ବିଚାର; ଖର୍ଚ୍ଚ ବା ମୂଲ୍ୟର ଆନୁମାନିକ ନିରୂପଣ;

Digitized by srujanika@gmail.com

2. କ୍ରି. ଅଟକଳ କରିବା, ଅନୁମାନ ଦ୍ୱାରା ସ୍ଥିର କରିବା; ବି. estimator.

**estimation** ବି. ଅଟକଳ, ମୂଲ୍ୟ ନିର୍ଦ୍ଧାରଣ, ବ୍ୟୟ ନିର୍ଣ୍ଣୟ।

**estrange** ସ.କ୍ରି. (କାହାକୁ ଅନ୍ୟଠାରୁ) ସ୍ନେହ ସହାନୁଭୂତିରୁ ବଞ୍ଚିତ କରିବା, ପର କରାଇବା; estranged ବିଂ. ଅଲଗା; estrangement ବି. ସ୍ନେହଚ୍ୟୁତି, ବିଚ୍ଛେଦ।

**estuary** ବି. ଓସାରିଆ ଜୁଆରିଆ ନଦୀମୁହାଣ।

***et al*** ସଂଶ. ଏବଂ ଅନ୍ୟମାନେ। *(ଲା.)*

**etc.** ସଂଶ. et cetera ଇତ୍ୟାଦି, ପ୍ରଭୃତି।

**et cetera** ଦ୍ର. etc. ( ବ.ବ. et ceteras).

**etch** କ୍ରି. ଅମ୍ଳ ସାହାଯ୍ୟରେ ଧାତୁଫଳକ ଉପରେ ରେଖା, ଚିତ୍ର ଆଦି ଉତ୍କୀର୍ଣ୍ଣ କରିବା, ଏହି ଶିଳ୍ପ ଅଭ୍ୟାସ କରିବା; *ଲାକ୍ଷ.* ଗଭୀର ରେଖାପାତ କରିବା।

**etching** ବି. ଧାତୁଫଳକ ଉପରେ ଖୋଦନ; ଖୋଦିତ ଲେଖ ବା ଚିତ୍ରର ପ୍ରତିଲିପି।

**ETD** ସଂଶ. ଆନୁମାନିକ ଯାତ୍ରା-ସମୟ (estimated time of departure).

**eternal** ବିଂ. ଚିରନ୍ତନ, ନିତ୍ୟ, ସ୍ଥାୟୀ, ଅନାଦି-ଅନନ୍ତ, ଚିରାଚରିତ, ସାର୍ବକାଳୀନ, ଶାଶ୍ୱତ, ଅକ୍ଷୟ; the Eternal ଈଶ୍ୱର; କ୍ରି.ବିଂ. eternally.

**eternity** ବି. ଅନନ୍ତକାଳ, ମହାକାଳ; କ.ଭା. ଦୀର୍ଘ ସମୟ।

**ethane** ବି. ଆଲ୍‌କେନ ଗୋଷ୍ଠୀର ଏକ ପ୍ରକାର ହାଇଡ୍ରୋ . ର୍ବନ ଗ୍ୟାସ।

**ether** ବି. ଇଥର, ଦାହ୍ୟ ସ୍ୱଚ୍ଛ ବାୟବୀୟ ତରଳ ପଦାର୍ଥ; ବ୍ୟୋମ, ସ୍ୱଚ୍ଛ ଆକାଶ/ ଅନ୍ତରୀକ୍ଷ; ଉପରିସ୍ଥ ବାୟୁସ୍ତର।

**ethereal** ବିଂ. ହାଲୁକା, ବାୟବୀୟ, ସୂକ୍ଷ୍ମ, ଅପାର୍ଥିବ, ସ୍ୱର୍ଗୀୟ।

**ethic** 1. ବି. ନୀତିସମୂହ, ଆଚରଣ ବିଧି; 2. ବିଂ. ନୈତିକ।

**ethical** ବିଂ. ନୀତିଶାସ୍ତ୍ର ସମ୍ବନ୍ଧୀୟ, ନୈତିକତା ସମ୍ପର୍କିତ; କ୍ରି.ବିଂ. ethically.

**ethics** ବି.ନୀତି ଶାସ୍ତ୍ର, ନୈତିକ ତତ୍ତ୍ୱ ବା ନୀତିସୂତ୍ର।

**ethnic** ବି. ଜାତି ବିଷୟକ, ଜାତୀୟ ବା ସାଂସ୍କୃତିକ ସମଗୁଣସଂପନ୍ନ ବିଭିନ୍ନ ମାନବ ଗୋଷ୍ଠୀ ବା ମାନବ ସମାଜ; ବିଂ. ethnical; କ୍ରି.ବିଂ. ethnically.

**ethnology** ବି. ବିଭିନ୍ନ ମାନବ ଗୋଷ୍ଠୀର ବୈଜ୍ଞାନିକ ପଦ୍ଧତିରେ ତୁଳନାତ୍ମକ ଅଧ୍ୟୟନ; ବିଂ. ethnological; ବି. ethnologist.

**ethos** ବି. କୌଣସି ଗୋଷ୍ଠୀର ବୈଶିଷ୍ଟ୍ୟ, ଦୃଷ୍ଟିଭଙ୍ଗୀ ଆଦି।

**ethyl** ବି. ଆଲ୍‌କହଲ୍ ଏବଂ ଇଥରରେ ଥିବା ଇଥେନ୍‌ରୁ ନିଷ୍ପନ୍ନ ଉପାଦାନ।

**ethylene** ବି. ଏଥିଲିନ; ଆଲ୍‌କେନ୍ ଗୋଷ୍ଠୀର ଉଦବାଷ୍ପ ଅଙ୍ଗାରକ (ଉଦ୍‌ଜାନ ବାଷ୍ପ ଓ ଅଙ୍ଗାରକର ମିଶ୍ରଣ)।

**etiolate** ସ.କ୍ରି. ଆଲୋକନିରାକରଣ ପଦ୍ଧତିରେ ଉଦ୍ଭିଦ ବା ଚାରାଗଛକୁ ବିବର୍ଣ୍ଣ କରିବା; (ବ୍ୟକ୍ତିକୁ) ପାଣ୍ଡୁର କରିବା।

**etiquette** ବି. ସାମାଜିକ ଆଚରଣର ପ୍ରଚଳିତ ଧାରା ବା ନିୟମ, ଆଦବକାଏଦା, ଶିଷ୍ଟାଚାର।

**Etruscan** 1. ବି.ପ୍ରାଚୀନ ଇଟ୍ରୁରିଆର (ଇଟାଲି) ଭାଷା ବା ଅଧିବାସୀ; 2. ବିଂ. ପ୍ରାଚୀନ ଇଟ୍ରୁରିଆ ସମ୍ବନ୍ଧୀୟ।

**et seq** ସଂଶ. et seqq ଏବଂ ପରବର୍ତ୍ତୀ (ପୃଷ୍ଠା, ବିଷୟ ପ୍ରଭୃତି)।

**-ette** ବିଶେଷ୍ୟ ଗଠନକାରୀ ପ.ପ୍ର. ଉଦା. kitchenette, cigarette.

**etymology** ବି. ବ୍ୟୁତ୍ପତ୍ତି ତତ୍ତ୍ୱ, ଶବ୍ଦର ଉତ୍ପତ୍ତି ଓ ବିକାଶ ବିଷୟରେ ଗବେଷଣାତ୍ମକ ଶାସ୍ତ୍ର।

**eucalyptus** ବି. ଇଉକାଲିପ୍‌ଟସ ବୃକ୍ଷ, ଏଥିରୁ ପଚନ ନିରୋଧକ ତେଲ ମିଳିଥାଏ।

**Eucharist** ବିଂ. ରୁଟି ଓ ମଦକୁ ଦେବତାଠାରେ ଭୋଗ ଲଗାଯାଇ ସେବନ କରିବାର ଖ୍ରୀଷ୍ଟୀୟ ପ୍ରଥା; ନୈବେଦ୍ୟ (ଖ୍ରୀଷ୍ଟୀୟ)।

**eugenics** ବି. ଶିଶୁର ସହଜାତ ଗୁଣାବଳୀର ନିୟନ୍ତ୍ରଣ କରି ଜାତିର ଗୁଣବତ୍ତାର ଉନ୍ନତି; ବିଂ. eugenic; କ୍ରି.ବିଂ. eugenically.

**eulogize** ସ.କ୍ରି. ଗୁଣଗାନ କରିବା, ପ୍ରଶଂସା କରିବା।

**eulogy** ବି. ପ୍ରଶସ୍ତି, ବ୍ୟକ୍ତିର ଗୁଣ ବର୍ଣ୍ଣନା ବିଷୟକ ଲେଖା ବା ବକ୍ତୃତା, ଭାଷଣ ବା ରଚନା ମାଧ୍ୟମରେ ବ୍ୟକ୍ତିର ପ୍ରଶଂସା।

**eunuch** ବି. ନପୁଂସକ, କଞ୍ଚୁକୀ, ଖୋଜା।

Digitized by srujanika@gmail.com

**euphemism** ବି. ଅପ୍ରୀତିକର କଥାକୁ ସୁଖକର ଭାବରେ ପ୍ରକାଶ, କୌଣସି ବିଷୟ କୃତ୍ରିମ ଓ ଆପାତ ମଧୁର ଭାବରେ ପ୍ରକାଶ; ବିଂ. euphemistic; କ୍ରି.ବିଂ. euphemistically.

**euphony** ବି. ଶ୍ରୁତିମଧୁର ଭାଷା, କର୍ଣ୍ଣପ୍ରିୟ ସ୍ୱର ସମାରୋହ; ବିଂ. euphonious.

**euphoria** ବି. ଆନନ୍ଦ ଉଲ୍ଲାସ, ଉଲ୍ଲାସରେ ବିଭୋର, ତୃପ୍ତିକର ଅନୁଭୂତି; ବିଂ. euphoric.

**euphuism** ବି. ଶବ୍ଦାଡ଼ମ୍ବର ରଚନା ପଦ୍ଧତି, ଆଡ଼ମ୍ବର ପୂର୍ଣ୍ଣ ଭାଷା; ବିଂ. euphuistic; କ୍ରି.ବିଂ. euphuistically.

**Eurasian** 1. ବି. ଇଉରୋପ ଓ ଏସିଆ ଦେଶର ପିତାମାତାଙ୍କ ସଂସର୍ଗରୁ ଜାତ ସନ୍ତାନ; ଫିରିଙ୍ଗୀ; 2. ବିଂ. ଇଉରୋପ ଓ ଏସିଆ ଦେଶ ସମ୍ପର୍କୀୟ।

**Euratom** ବି. ଇଉରୋପୀୟ ଆଣବିକ ଶକ୍ତି ଗୋଷ୍ଠୀ।

**eureka** *ଅବ.* ପାଇଛି (ଆବିଷ୍କାର ଜନିତ ଆନନ୍ଦ ଧ୍ୱନି)।

**Euro–** *ପୂ.ପ୍ର.* ଯୌଗିକ ଶବ୍ଦରେ Europeର *ସଂଶ.* ଉଦା. Euro–African.

**Eurocommunism** ବି. ସୋଭିଏତ୍ ପ୍ରଭାବମୁକ୍ତ ପଶ୍ଚିମ ୟୁରୋପ ଦେଶସମୂହର ସାମ୍ୟବାଦ।

**European** 1. ବିଂ. ୟୁରୋପ ସମ୍ବନ୍ଧୀୟ; 2. ବି. ୟୁରୋପବାସୀ।

**Eustachian tube** କଣ୍ଠନଳୀ ଓ କର୍ଣ୍ଣକୁ ସଂଯୁକ୍ତ କରୁଥିବା ଗହ୍ୱର।

**euthanasia** ବି. ବିନାକଷ୍ଟରେ ମରିବା ପ୍ରଣାଳୀ, କ୍ଳେଶହୀନ ମୃତ୍ୟୁ।

**evacuate** *ସ.କ୍ରି.* ବିପଦସଂକୁଳ ସ୍ଥାନରୁ ଉଦ୍ଧାର କରି (ଲୋକଙ୍କୁ) ଅନ୍ୟତ୍ର ପଠାଇବା, ଖାଲି କରିବା, (ସୈନ୍ୟ ଦଳ ସଂପର୍କରେ) ଅପସାରଣ କରିବା, ଜରାୟୁ ବା ପାକସ୍ଥଳୀକୁ ଧୌତ କରିବା; ବି. evacuation.

**evacuee** ବି. ବିପଦ ବେଳେ ପଳାଇ ଆସିଥିବା ବ୍ୟକ୍ତି।

**evade** *ସ.କ୍ରି.* ରକ୍ଷା ପାଇବା ବା ଏଡ଼େଇ ଦେବା, ଏଡ଼ିବା, କୌଶଳରେ ଫାଙ୍କି ଦେବା।

**evaluate** *ସ.କ୍ରି.* ମୂଲ୍ୟାଙ୍କନ କରିବା, ମୂଲ୍ୟନିରୂପଣ କରିବା, ସଂଖ୍ୟାଦ୍ୱାରା ପ୍ରକାଶ କରିବା; ବି. evaluation.

**evanesce** *କ୍ରି. ସାହି.* ବିଲୀନ ହେବା; (ଧାରଣା ପ୍ରଭୃତି ସଂପର୍କରେ) କ୍ରମେ ଅଦୃଶ୍ୟ ହୋଇଯିବା, ଅନ୍ତର୍ହିତ ହେବା।

**evanescent** ବିଂ. ଦ୍ରୁତ କ୍ଷୟିଷ୍ଣୁ; ଯଥାଶୀଘ୍ର ଲିଭି ଯାଉଥିବା; evanescence ବି. ବିଲୋପ, ଅନ୍ତର୍ଦ୍ଧାନ।

**evangelical** 1. ବିଂ. ଖ୍ରୀଷ୍ଟଧର୍ମ ଗ୍ରନ୍ଥର ସୁସମାଚାର ସମ୍ବନ୍ଧୀୟ, ପ୍ରୋଟେଷ୍ଟାଣ୍ଟ ମତାବଲମ୍ବୀ; 2. ବି. ଉକ୍ତ ସଂପ୍ରଦାୟର ସଦସ୍ୟ।

**evangelism** ବି. ଖ୍ରୀଷ୍ଟଧର୍ମର ସୁସମାଚାର ସମ୍ପର୍କିତ ନୀତି (ପ୍ରୋଟେଷ୍ଟାଣ୍ଟ ସମ୍ପ୍ରଦାୟର)।

**evangelist** ବି. ଖ୍ରୀଷ୍ଟଧର୍ମର ସମାଚାର ବିଷୟକ ଚାରି ଗ୍ରନ୍ଥରୁ ଗୋଟିକର ଲେଖକ ବା ପ୍ରଚାରକ।

**evangelize** *ସ.କ୍ରି.* ଖ୍ରୀଷ୍ଟଧର୍ମର ବାଣୀ ପ୍ରଚାର କରିବା, ଅନ୍ୟ ଧର୍ମାବଲମ୍ବୀଙ୍କୁ ଖ୍ରୀଷ୍ଟିୟାନ୍ କରିବା; ବି. evagelization.

**evaporate** *କ୍ରି.* ବାଷ୍ପରେ ପରିଣତ ହେବା ବା କରିବା; evaporation ବି. ବାଷ୍ପୀକରଣ, ବାଷ୍ପୀଭବନ।

**evasion** ବି. କୌଶଳପୂର୍ଣ୍ଣ ପରିହାର, ବାହାନା।

**evasive** ବିଂ. ଧରାଛୁଆଁ ଦେଉ ନଥିବା; ଛଳନାତ୍ମକ, ପରିହାରାତ୍ମକ।

**eve** ବି. କୌଣସି ସ୍ମରଣୀୟ ବିଷୟ ବା ଘଟଣାର ପୂର୍ବ ରାତି ବା ଦିନ; *ପ୍ରା.ପ୍ର.* ସାୟାହ୍ନ, ସଂଧ୍ୟା।

**even**[1] 1. ବିଂ. ସମତଳ, ସମାନ, ସମତାବିଶିଷ୍ଟ, ଏକପ୍ରକାର, ନିରପେକ୍ଷ, ସମଗୁଣ ସଂପନ୍ନ, ପ୍ରଶାନ୍ତ, ସ୍ଥିର; ଦୁଇରେ ବିଭାଜ୍ୟ (ସଂଖ୍ୟା); 2. *ସ.କ୍ରି.* ସମାନ କରିବା, ସମତୁଲ କରିବା, ସମାନ ବୋଲି ଗ୍ରହଣ କରିବା; 3. be (get) even with ପ୍ରତିଶୋଧ ନେବା; even chance ସଫଳତା ବା ବିଫଳତା ପାଇଁ ସମାନ ସୁଯୋଗ; even-handed ବିଂ. ପକ୍ଷପାତହୀନ; evenly *କ୍ରି.ବିଂ.* ସମଭାବରେ।

**even**[2] ବି. *କା.* ସଂଧ୍ୟା।

**evening** ବି. ସଂଧ୍ୟା (ପ୍ରାୟ ଛ'ଟାରୁ ଶୋଇବା ସମୟ ପର୍ଯ୍ୟନ୍ତ); ଦିନାନ୍ତ; *ଲାକ୍ଷ.* ଜୀବନର ଶେଷ ସମୟ।

**evening star** ଶୁକ୍ରତାରା, ସଂଧ୍ୟା ତାରା।

**evensong** ବି. ସାନ୍ଧ୍ୟକାଳୀନ ପ୍ରାର୍ଥନା (ଇଂଲଣ୍ଡର ଗୀର୍ଜାରେ)।

Digitized by srujanika@gmail.com

**event** ବି. ଘଟଣା, ସ୍ମରଣୀୟ କାର୍ଯ୍ୟ; at all events (in any event) ଯାହା ହେଉ ନା କାହିଁକି in the event ଏପରି ଅବସ୍ଥାରେ।

**eventful** ବିଂ. ଘଟଣାବହୁଳ, ଗୁରୁତ୍ୱପୂର୍ଣ୍ଣ।

**eventide** ବି. ପ୍ରା.ପ୍ର. ସଂଧ୍ୟା।

**eventual** ବିଂ. ଫଳସ୍ୱରୂପ ସମ୍ଭୂତ ବା ଆଗତ; ଶେଷ; eventually କ୍ରି.ବିଂ. ଶେଷରେ ପରିଣତି ସ୍ୱରୂପ।

**eventuality** ବି. ଆକସ୍ମିକ ଘଟଣା; ସମ୍ଭାବ୍ୟ ପରିଣତି ବା ଘଟଣା; eventuate ଅ.କ୍ରି. ପରିଣାମ ସ୍ୱରୂପ ଘଟିବା।

**ever** କ୍ରି.ବିଂ. ସବୁବେଳେ, କ୍ରମାଗତ, ବରାବର, ଯେକୌଣସି ସମୟରେ, କୌଣସି ମତେ, ଆଦୌ; ever since ସେଇଦିନ ଠାରୁ ଏଯାବତ୍।

**evergreen** 1. ବିଂ. ଚିର ଶ୍ୟାମଳ, ସଦାସବୁଜ; 2. ବି. ଚିରହରିତ୍ ବୃକ୍ଷ ବା ଗୁଳ୍ମ।

**everlasting** ବିଂ. ଚିରସ୍ଥାୟୀ, ଶାଶ୍ୱତ, ନିତ୍ୟ।

**evermore** କ୍ରି. ବିଂ. ଚିରକାଳ, ସତତ।

**every** ବିଂ. ପ୍ରତ୍ୟେକ, ସବୁ, ପ୍ରତିଟି; every now and (again) then ଥରକୁ ଥର; every one ପ୍ରତ୍ୟେକ; every other କୌଣସି କ୍ରମରେ ପ୍ରତି ଦ୍ୱିତୀୟଟି।

**everybody** ସ. ପ୍ରତ୍ୟେକ ବ୍ୟକ୍ତି।

**everyday** ବିଂ. ପ୍ରତ୍ୟହ, ଦୈନନ୍ଦିନ, ସାଧାରଣ।

**Everyman** ବି. ସାଧାରଣ ମଣିଷ, ମନୁଷ୍ୟ ଜାତିର ପ୍ରତୀକ।

**everyone** ସ. ପ୍ରତ୍ୟେକେ, ପ୍ରତ୍ୟେକ, ସମସ୍ତେ।

**every one** ବି. ପ୍ରତ୍ୟେକ ମଣିଷ।

**everything** ସ. ସମସ୍ତ ପଦାର୍ଥ, ସବୁଠାରୁ ମୁଖ୍ୟ ଜିନିଷ।

**everywhere** କ୍ରି.ବିଂ. ସର୍ବତ୍ର; କ.ଭା. ଅନେକତ୍ର।

**evict** ସ.କ୍ରି. ବେଦଖଲ୍ କରିବା, ତଡ଼ିଦେବା, ଆଇନସଙ୍ଗତ ଭାବେ ଉଚ୍ଛେଦ କରିବା; ବି. eviction.

**evidence** 1. ବି. ସାକ୍ଷ୍ୟ (ଆଇନ) ପ୍ରମାଣିକ ତଥ୍ୟ; 2. କ୍ରି. ପ୍ରମାଣ କରାଇବା; 3. in evidence ପ୍ରତ୍ୟକ୍ଷୀଭୂତ।

**evident** ବିଂ. ସ୍ପଷ୍ଟ, ପ୍ରତ୍ୟକ୍ଷ, ପରିସ୍ଫୁଟ।

**evidential** ବିଂ. ପ୍ରମାଣଯୁକ୍ତ, ପ୍ରମାଣ ବିଷୟକ।

**evil** 1 ବିଂ. ଖରାପ, ମନ୍ଦ, ହାନିକର; 2. ବି. ଦୁଷ୍ଟବୁଦ୍ଧି, କ୍ଷତିକାରକ ବସ୍ତୁ; 3. evil eye କୁଦୃଷ୍ଟି; କ୍ରି.ବିଂ. evilly.

**evildoer** ବି. ଦୁରାଚାରୀ, ପାପୀ, କୁକାର୍ଯ୍ୟକାରୀ; ବି. evildoing.

**evince** କ୍ରି. ସ୍ପଷ୍ଟଭାବରେ ଦେଖାଇବା, ପ୍ରକାଶ କରିବା।

**eviscerate** ସ.କ୍ରି. ପେଟରେ ଅନ୍ତ ବୁଜୁଳା ବାହାରକୁ ଆଣିବା; ବି. evisceration.

**evocative** ବିଂ. ଉଦ୍‌ବୋଧକ (ସ୍ମୃତି ଓ ଅନୁଭୂତିର); ବି. evocativeness.

**evoke** ସ.କ୍ରି. ଉଦ୍‌ବୋଧନ ଦେବା, ଜାଗ୍ରତ କରିବା (ସ୍ମୃତି, ପ୍ରତିକ୍ରିୟା ପ୍ରଭୃତି); ବି. evocation.

**evolution** ବି. କ୍ରମବିବର୍ତ୍ତନ, କ୍ରମବିକାଶ; ସୈନ୍ୟଦଳ ସଂଚାଳନ ବା ଜାହାଜ ପ୍ରଭୃତିର ଗତି ପରିବର୍ତ୍ତନ; ବିଂ. evolutionary.

**evolutionist** ବି. କ୍ରମବିବର୍ତ୍ତକ ରୀତିରେ ପ୍ରାଣୀ ସୃଷ୍ଟିରେ ବିଶ୍ୱାସୀ।

**evolve** ସ.କ୍ରି. ପ୍ରାକୃତିକ ରୀତିରେ (କ୍ରମଶଃ) ବିକଶିତ ହେବା, ପ୍ରକଟନ କରିବା (ମତବାଦ, ଯୋଜନା ପ୍ରଭୃତି), ଉଦ୍‌ଘାଟନ କରିବା; ଖୋଲିଦେବା (ଗ୍ୟାସ, ଉତ୍ତାପ ପ୍ରଭୃତି)।

**ewe** ବି. ମେଣ୍ଢୀ।

**ewer** ବି. ପ୍ରଶସ୍ତ ମୁହଁଥିବା ଜଳପାତ୍ର।

**ex–** 1. ଉ.ପ. ଉଦା. ex–minister, exasperate; ex–directory ଟେଲିଫୋନ ନିର୍ଦ୍ଦେଶିକାରେ ଅନ୍ତର୍ଭୁକ୍ତ ହୋଇ ନଥିବା।

**exacerbate** ସ.କ୍ରି. ଅଧିକ ଖରାପ କରିବା (କଷ୍ଟ ଓ କ୍ରୋଧ ପ୍ରଭୃତି); ବିରକ୍ତ କରିବା (ବ୍ୟକ୍ତିକୁ); ବି. exacerbation.

**exact** 1. ବିଂ. ଯଥାଯଥ, ଅବିକଳ; 2. ସ.କ୍ରି. ପ୍ରାପ୍ତି ପାଇଁ ଦାବି ବା ଚାପ ପ୍ରୟୋଗ କରିବା; ବି. exactness.

**exacting** ବିଂ. ମାତ୍ରାଧିକ ଦାବି କରୁଥିବା; କଷ୍ଟସାଧ୍ୟ।

**exaction** ବି. ବଳପୂର୍ବକ ଅସୁଲ, ଜୋରଜବରି ଆଦାୟ କରାଯାଇଥିବା ଟଙ୍କା।

**exactitude** ବି. ବିଶୁଦ୍ଧତା, ଯଥାର୍ଥତା।

**exactly** କ୍ରି.ବିଂ. ଯଥାର୍ଥ ଭାବରେ, ଠିକ୍ ଭାବେ, ଅଭ୍ରାନ୍ତ ରୂପେ।

**exaggerate** ସ.କ୍ରି. ବଢ଼େଇ କହିବା, ଅତିରଞ୍ଜିତ କରି ବର୍ଣ୍ଣନା କରିବା; exaggeration ବି. ଅତିଶୟୋକ୍ତି।

Digitized by srujanika@gmail.com

**exalt** ସ.କ୍ରି. ଉଚ୍ଚକୁ ଯିବା (ପଦମର୍ଯ୍ୟାଦା ଓ କ୍ଷମତାରେ), ଉଚ୍ଚ ପ୍ରଶଂସା କରିବା, ଉନ୍ନତ ଓ ମହତ କରିବା; ବି. exaltation.
**exam.** ସଂକ୍ଷି. examination.
**examination** ବି. ପରୀକ୍ଷା .(ଜ୍ଞାନ, କୃତିତ୍ୱ ବା ପ୍ରତିଯୋଗିତାରେ); ବିଚାରାଳୟରେ ସାକ୍ଷୀକୁ ପ୍ରଶ୍ନ।
**examine** ସ.କ୍ରି. ଅନୁଧ୍ୟାନ କରିବା (ଅବସ୍ଥା ପ୍ରଭୃତିର); ପ୍ରଶ୍ନ କରିବା, ପରୀକ୍ଷା କରିବା, ଗଭୀର ଭାବେ ନିରୀକ୍ଷଣ କରିବା।
**examinee** ବି. ପରୀକ୍ଷାର୍ଥୀ।
**examiner** ବି. ପରୀକ୍ଷକ।
**example** ବି. ଦୃଷ୍ଟାନ୍ତ, ଉଦାହରଣ; for example ଦୃଷ୍ଟାନ୍ତ ସ୍ୱରୂପ।
**exasperate** ସ.କ୍ରି. ଚିଡ଼େଇ ଦେବା, ଉତ୍ତ୍ୟକ୍ତ କରିବା; ବିଂ. exasperation.
**excavate** ସ.କ୍ରି. ମାଟି ଖୋଳିବା, ଗର୍ତ୍ତ ବା ପ୍ରଣାଳୀ ଖୋଳିବା; ପୋତି ହୋଇଥିବା ପ୍ରାଚୀନ କୀର୍ତ୍ତିର ଉଦ୍ଧାର ପାଇଁ ଖନନ କରିବା, ଖୋଳି ଲୋକଲୋଚନକୁ ଆଣିବା; ବି. excavation.
**excavator** ବି. ପ୍ରତ୍ନତାତ୍ତ୍ୱିକ; ଖନନକାରୀ।
**exceed** ସ.କ୍ରି. ସୀମା ଟପିବା, ସୀମା ଡେଇଁବା, ଅଧିକ ହେବା; ବଳି ପଡ଼ିବା।
**exceedingly** କ୍ରି.ବିଂ. ଅଧିକ ଭାବରେ, ଅତ୍ୟନ୍ତ।
**excel** ସ.କ୍ରି. ଉତ୍ତମଗୁଣରେ ଟପି ଯିବା, ଭଲ କାର୍ଯ୍ୟରେ ସମ୍ମାନ ପାଇବା, ପ୍ରଶଂସିତ ହେବା।
**excellence** ବି. ଉତ୍କର୍ଷ, ସଦ୍‌ଗୁଣ, ମହତ୍ତ୍ୱ।
**Excellency** ବି. ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ପାଇଁ ଏଆନନୀୟ ସମ୍ବୋଧନ, ସମ୍ମାନ ସୂଚକ ଉପାଧି।
**excellent** ବିଂ. ଅତ୍ୟନ୍ତ ଭଲ, ଉତ୍କୃଷ୍ଟ।
**excentric** eccentric (ବୈଷୟିକ ଅର୍ଥରେ)।
**except** ସ.କ୍ରି. ବାଦଦେବା, ଛାଡ଼ିଦେବା 2. ଅ. ବ୍ୟତୀତ, ବ୍ୟତିରେକେ।
**excepting** ଅ. ବ୍ୟତୀତ, ଛଡ଼ା, ବିନା, ବ୍ୟତିରେକେ।
**exception** ବି. ବ୍ୟତିକ୍ରମ, ସାଧାରଣ ନିୟମରେ ପଡୁ ନ ଥିବା, ନିପାତନ; take exception (to) ବିରୋଧ ବୋଧ କରିବା; with the exception of ବ୍ୟତୀତ।
**exceptionable** ବିଂ. ବ୍ୟତିକ୍ରମ ଯୋଗ୍ୟ, ଆପତ୍ତିଜନକ।
**exceptional** ବିଂ. ସାଧାରଣ ନିୟମବହିର୍ଭୂତ, ଅସାଧାରଣ; କ୍ରି.ବିଂ. exceptionally.
**excerpt** 1. ବି. ସ୍ୱଳ୍ପ ନିର୍ବାଚିତ ବା ଉଦ୍ଧୃତ ଅଂଶ (ବହି ବା ଫିଲମ୍ ପ୍ରଭୃତିର); 2. ସ.କ୍ରି. ବହି ବା ଫିଲ୍ମ ପ୍ରଭୃତିରୁ ନିର୍ବାଚିତ ଅଂଶ ଗ୍ରହଣ କରିବା; ବି. excerption.
**excess** 1. ବି. ଆଧିକ୍ୟ, ଆତିଶଯ୍ୟ; 2. ବିଂ. ଅତିରିକ୍ତ; ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ; 3. excess baggage (ବା luggage) ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ମାହାସୁଲଯୋଗ୍ୟ ଜିନିଷ ପତ୍ର; in excess of ଅଧିକ (ଅନ୍ୟ ଠାରୁ)।
**excessive** ବିଂ. ଅତିଶୟ, ଆବଶ୍ୟକତାରୁ ଅଧିକ।
**exchange** 1. ବି. ବଦଳ, ବିନିମୟ; ସଂଯୋଗସ୍ଥାପନକାରୀ କେନ୍ଦ୍ରୀୟ ଟେଲିଫୋନ୍ ଅଫିସ; ବ୍ୟବସାୟ କରିବା ଲାଗି ଦଲାଲ ଓ ବ୍ୟବସାୟୀଙ୍କ ଏକତ୍ର ହେବାର ସ୍ଥାନ; କେତେକ ସଂବାଦ ଯୋଗାଇ ଦେବାଲାଗି ସ୍ଥାପିତ ହୋଇ ଥିବା ଅଫିସ; ଅର୍ଥ ବ୍ୟତୀତ ବିଲ୍ ମାଧ୍ୟମରେ ଋଣ ପରିଶୋଧ କରିବାର ପଦ୍ଧତି (ବିଭିନ୍ନ ଦେଶର); 2. କ୍ରି. ବଦଳ କରିବା, ଗୋଟିକର ପରିବର୍ତ୍ତେ ଅନ୍ୟ ଗୋଟିଏକୁ ଦେବା ବା ନେବା; 3. exchange rate ମୁଦ୍ରାର ବିନିମୟ ମୂଲ୍ୟ; in exchange ବିନିମୟରେ; 4. ବିଂ. exchangeable.
**exchequer** ବି. ରାଜ୍ୟର ଖଜଣା ଦାୟିତ୍ୱରେ ଥିବା ସରକାରୀ ବିଭାଗ, ରାଜକୋଷ, ବ୍ୟକ୍ତିଗତ ଅର୍ଥ।
**excise**[1] 1. ବି. ଅବକାରୀ ଟିକସ, ଅବକାରୀ ଶୁଳ୍କ; 2. ସ.କ୍ରି. ଅବକାରୀ ଟିକସ ଧାର୍ଯ୍ୟକରିବା।
**excise**[2] ସ.କ୍ରି. ବହିରୁ ପରିଚ୍ଛେଦକୁ ବା ଦେହ ଭିତରୁ ଟିସୁ ପ୍ରଭୃତିକୁ କାଟି ବାହାର କରିବା; ବି. excision.
**excitable** ବିଂ. କ୍ଷଣକୋପୀ, ସହଜରେ ଉତ୍ତେଜିତ ହେଉଥିବା ବ୍ୟକ୍ତି; କ୍ରି.ବିଂ. excitably.
**excite** ସ.କ୍ରି. ଉତ୍ତେଜିତ କରିବା, ଉଦ୍ଦୀପନା କରାଇବା।
**excitement** ବି. ଉଦ୍ଦୀପନା, ଉତ୍ତେଜନା।
**exciting** ବିଂ. ଉତ୍ତେଜନାପୂର୍ଣ୍ଣ, ଉଦ୍ଦୀପକ, ଆଗ୍ରହଜାତକାରୀ।

Digitized by srujanika@gmail.com

**exclaim** ସ.କ୍ରି. ଉଚ୍ଚସ୍ୱରରେ କହିବା ବା ଚିତ୍କାର କରିବା (କ୍ରୋଧ, ବିସ୍ମୟ, ଯନ୍ତ୍ରଣା ପ୍ରଭୃତିଯୋଗୁଁ)।

**exclamation** ବି. ଉଚ୍ଚସ୍ୱରରେ କଥନ, ସେହିପରି କୁହାଯାଉଥିବା ଶବ୍ଦ, ବିସ୍ମୟ ସୂଚକ ସ୍ୱର; ବିସ୍ମୟସୂଚକ ଅବ୍ୟୟ *(ବ୍ୟା.)*।

**exclamatory** ବିଂ. ହର୍ଷ ଓ ବିସ୍ମୟସୂଚକ, ଉଚ୍ଚସ୍ୱର ସୂଚକ।

**exclude** ସ.କ୍ରି. ବାଦଦେବା, ବାହାର କରିଦେବା, ବିଚାରକୁ ନ ନେବା, ବଞ୍ଚିତ କରିବା; ବି. exclusion.

**exclusive** ବିଂ. ଅନ୍ୟମାନଙ୍କ ଛଡ଼ା, ବହିର୍ଭୂତ, ସମାଜ ବାସନ୍ଦଯୋଗ୍ୟ, ସ୍ୱତନ୍ତ୍ର ଭାବେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସଂସ୍ଥା ପାଇଁ ଅଭିପ୍ରେତ; exclusive of ବ୍ୟତୀତ; କ୍ରି.ବିଂ. exclusively.

**excommunicate** 1. ସ.କ୍ରି. ବାସନ୍ଦ ବା ବହିଷ୍କାର କରିବା; ଏକଘରିକିଆ କରିବା, ସାମାଜିକ ସୁଖ ସୁବିଧା ବା ଅଧିକାରରୁ ବଞ୍ଚିତ କରିବା; 2. ବିଂ. ଅଟକ ବା ଏକଘରକିଆ ହୋଇଥିବା; ବି. excommunication.

**excoriate** ସ.କ୍ରି. ଛାଲ ଉଭାରି ଦେବା, ଚମଡ଼ା ଛଡ଼ାଇ ଦେବା, ତୀବ୍ର ଭାବେ ଭର୍ତ୍ସନା କରିବା।

**excrement** ବି. ମଳ, ବିଷ୍ଠା; excremental ବିଂ. ମଳସଦୃଶ, ମଳ ସମ୍ବନ୍ଧୀୟ।

**excrescence** ବି. ଦେହ ଉପରେ ଅବାଞ୍ଛିତ ବୃଦ୍ଧି, ଉପମାଂସ, ଭାତୁଡ଼ି; ବିଂ. excrescent.

**excreta** ବି. ମଳ, ମୂତ୍ର ପ୍ରଭୃତି ତ୍ୟାଜ୍ୟ ପଦାର୍ଥ।

**excrete** ସ.କ୍ରି. ମଳ, ମୂତ୍ର ତ୍ୟାଗ କରିବା; ବି. excretion; ବିଂ. excretory.

**excruciating** ବିଂ. ତୀବ୍ର, ଅସହ୍ୟ, ଯନ୍ତ୍ରଣା ଦାୟକ।

**exculpate** ସ.କ୍ରି. ଦୋଷମୁକ୍ତ କରିବା, କ୍ଷମା ଦେବା; ବି. exculpation; ବିଂ. exculpatory.

**excursion** ବି. ପର୍ଯ୍ୟଟନ, ଭ୍ରମଣ (ସା. ଦିନକ ପାଇଁ); excursionist ବି. ପର୍ଯ୍ୟଟକ।

**excursive** ବିଂ. ସାହି. ନିର୍ଦ୍ଦିଷ୍ଟ ବିଷୟରୁ ବିଚ୍ୟୁତ, ଅପ୍ରାସଙ୍ଗିକ।

**excuse** 1. ବି. କ୍ଷମା, ଦୋଷ ମାର୍ଜନା, ଦୋଷମୁକ୍ତି, ଦାୟିତ୍ୱରୁ ମୋଚନ; 2. ସ.କ୍ରି. ଅପବାଦ ହ୍ରାସ କରିବା, ଦୋଷମୁକ୍ତ କରିବା, ତ୍ରୁଟି ମାର୍ଜନା କରିବା, କ୍ଷମା କରିବା, ଛାଡ଼ ଦେବା, ଦୃକ୍‌ପାତ ନକରିବା।

**execrable** ବିଂ. ନିନ୍ଦନୀୟ, ଘୃଣ୍ୟ, ଜଘନ୍ୟ।

**execrate** ସ.କ୍ରି. ବିତୃଷ୍ଣା ପ୍ରକଟ କରିବା, ରାଗରେ ଅଭିଶାପ ପ୍ରଦାନ କରିବା, ଘୃଣା କରିବା; execration ବି. ଅଭିଶାପ, ଘୃଣା।

**executant** ବି. ଶିଳ୍ପୀ (ବିଶେ. ସଙ୍ଗୀତ)।

**execute** ସ.କ୍ରି. କାର୍ଯ୍ୟରେ ରୂପ ଦେବା, ଆଇନ ଅନୁଯାୟୀ ଦଣ୍ଡ ଦେବା, ସଂପାଦନ କରିବା, ମୃତ୍ୟୁ ଦଣ୍ଡ ଦେବା।

**execution** ବି. କାର୍ଯ୍ୟନିର୍ବାହ, ସଂପାଦନ, ଧ୍ୱଂସାତ୍ମକ କାର୍ଯ୍ୟ, ଦଣ୍ଡପାଇଁ ନିର୍ଦ୍ଦେଶ ଜାରି, ମୃତ୍ୟୁଦଣ୍ଡ।

**executioner** ବି. ଘାତକ, ମୃତ୍ୟୁଦଣ୍ଡ ପାଳନକାରୀ।

**executive** 1. ବି. ପ୍ରଶାସକ, କାର୍ଯ୍ୟ ନିର୍ବାହୀ, ପରିଚାଳକ, ଶାସନ କରୁଥିବା କର୍ମଚାରୀ; 2. ବିଂ. ପ୍ରଶାସନ ସମ୍ବନ୍ଧୀୟ, ପରିଚାଳନା ସଂପର୍କୀୟ; executive engineer ନିର୍ବାହୀ ଯନ୍ତ୍ରୀ।

**executor** ବି. ମୃତ ବ୍ୟକ୍ତିର ଇଚ୍ଛାପତ୍ର ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଯୁକ୍ତି ପ୍ରାପ୍ତ କର୍ମଚାରୀ।

**exegesis** ବି. ବ.ବ. exegeses ଧର୍ମଗ୍ରନ୍ଥର ଭାଷ୍ୟ ବା ଟୀକା।

**exemplar** ବି. ଦୃଷ୍ଟାନ୍ତ, ନମୁନା, ଉଦାହରଣ।

**exemplary** ବିଂ.ଆଦର୍ଶସ୍ଥାନୀୟ, ଅନୁକରଣୀୟ, ଉଦାହରଣ ଯୋଗ୍ୟ।

**exemplify** ସ.କ୍ରି. ଦୃଷ୍ଟାନ୍ତ ଦ୍ୱାରା ବୁଝାଇ ଦେବା; ବି. exemplification.

**exempt** 1. ସ.କ୍ରି. ନୈତିକ ଦାୟିତ୍ୱରୁ ମୁକ୍ତ କରିବା, ଛାଡ଼ ଦେବା; ଅବ୍ୟାହତି ଦେବା; 2. ବିଂ. ଛାଡ଼ପ୍ରାପ୍ତ, ମୁକ୍ତ।

**exequies** ବି. ବ.ବ. ଅନ୍ତ୍ୟେଷ୍ଟିକ୍ରିୟା।

**exercise** 1. ସ.କ୍ରି. ଅନୁଶୀଳନ କରିବା (ମାନସିକ ଶକ୍ତି), ଜାହିର କରିବା (ଅଧିକାର) 2. ବି. ବ୍ୟାୟାମ ସା.ବ.ବ. ବ୍ୟାୟାମ କ୍ରିୟା, ପାଠ୍ୟ ଅନୁଶୀଳନ, ସାମରିକ ଅଭ୍ୟାସ।

**exert** ସ.କ୍ରି. ପ୍ରୟୋଗ କରିବା, ଉଦ୍ୟମ କରିବା, ଅଧିକାର ପ୍ରୟୋଗ କରିବା।

**exeunt** ସ.କ୍ରି. ମଞ୍ଚରୁ ପ୍ରସ୍ଥାନ।

**exfoliate** ସ.କ୍ରି. ପରସ୍ତ ପରସ୍ତ ହୋଇ ଛାଲ ଉଠିଆସିବା, ବକଳ ଛାଡ଼ିବା (ଉଦ୍‌ଭିଦ); ବି. exfoliation.

***ex gratia*** କ୍ରି.ବିଂ. ଅନୁଗ୍ରହ ପୂର୍ବକ କୃତ ବା ପ୍ରଦତ୍ତ (ମାତ୍ର ବାଧ୍ୟତାମୂଳକ ନୁହେଁ)। *(ଲା.)*

Digitized by srujanika@gmail.com

**exhale** କ୍ରି. ନିଃଶ୍ୱାସ ତ୍ୟାଗ କରିବା, ବାଷ୍ପାକାରରେ ନିର୍ଗତ ହେବା ବା ଛାଡ଼ିବା; ବି. exhalation.

**exhaust** 1. ସ.କ୍ରି. ପୁରାମାତ୍ରାରେ ଶେଷ କରିଦେବା, କ୍ଳାନ୍ତ ହୋଇ ପଡ଼ିବା, ଖାଲି କରିଦେବା (ପାତ୍ରରୁ), ପବନ କାଢ଼ିନେବା, ସଂପୂର୍ଣ୍ଣ ପଢ଼ିବା ବା ଆଲୋଚନା କରିବା; 2. ବି. କଳ ବା ଯନ୍ତ୍ରରୁ ଅଦରକାରୀ ବାଷ୍ପ ନିଷ୍କାସନ, ଏହିପରି ଗ୍ୟାସ ପ୍ରଭୃତି; ନଳ ବା ସେହିଭଳି ନିଷ୍କାସନ ବ୍ୟବସ୍ଥା; 3. ବିଂ. exhaustible.

**exhaustion** ବି. ଅତ୍ୟନ୍ତ କ୍ଳାନ୍ତି, ସଂପୂର୍ଣ୍ଣ ଶକ୍ତିହୀନତା।

**exhaustive** ବିଂ. କ୍ଳାନ୍ତିକର, ଅବସାଦ ଜନକ, ପୁଙ୍ଖାନୁପୁଙ୍ଖ, ସାମଗ୍ରିକ।

**exhibit** 1. ସ.କ୍ରି. ଦେଖାଇବା, ପ୍ରଦର୍ଶନ କରିବା (ସର୍ବ ସାଧାରଣରେ); ପ୍ରକାଶ କରିବା (ଗୁଣ ପ୍ରଭୃତି); 2. ବି. ପ୍ରଦର୍ଶିତ ବସ୍ତୁ (ପ୍ରଦର୍ଶନୀ ବା ସାକ୍ଷ୍ୟ ସ୍ୱରୂପ ଅଦାଲତରେ); 3. exhibitor ବି. ପ୍ରଦର୍ଶନକାରୀ।

**exhibition** ବି. ପ୍ରଦର୍ଶନୀ, କଳାତ୍ମକ ସାମଗ୍ରୀପ୍ରଭୃତିକୁ ସର୍ବସାଧାରଣରେ ପ୍ରଦର୍ଶନ; ସ୍କୁଲ ବା କଲେଜ ପାଣ୍ଠିରୁ ସ୍କଲରସିପ୍।

**exhibitioner** ବି. ସ୍କୁଲ ବା କଲେଜ ପାଣ୍ଠିରୁ ସାହାଯ୍ୟ ପାଉଥିବା ଛାତ୍ର।

**exhibitionism** ବି. ନିଜକୁ ଦେଖାଇ ହେବା (ଶ୍ଳୀଳତା ବର୍ଜିତ ରୀତିରେ) ପ୍ରବୃତ୍ତି; ଯୌନାଙ୍ଗ ପ୍ରଦର୍ଶନାଦି; ଅସାମାଜିକ, ବିକୃତ ବ୍ୟବହାର; ବି. exhibitionist.

**exhilarate** ସ.କ୍ରି. ଆନନ୍ଦ ଦେବା, ଉତ୍‌ଫୁଲ୍ଲ କରିବା; ବି. exhilaration.

**exhort** ସ.କ୍ରି. ସନିର୍ବନ୍ଧ ଅନୁରୋଧ କରିବା, ସୁଚିନ୍ତିତ ପରାମର୍ଶ ଦେବା, ଭଲ ଉପଦେଶ ଦେବା; exhortation ବି. ଅନୁରୋଧ; exhortative, exhortatory ବିଂ. ଅନୁରୋଧାତ୍ମକ।

**exhume** ସ.କ୍ରି. ପୋତାହୋଇଥିବା ଶବର ଉତ୍‌ଖନନ; ବିଂ. exhumation.

***ex hypothesi*** ପ୍ରକଳ୍ପ ଅନୁଯାୟୀ। *(ଲା.)*

**exigency (exigence)** ବି. ଜରୁରୀ ଆବଶ୍ୟକତା, ଗୁରୁତର ଅବସ୍ଥା, ଅତ୍ୟାବଶ୍ୟକତା; ବିଂ. exigent.

**exiguous** ବିଂ. ସ୍ୱଳ୍ପ, କ୍ଷୁଦ୍ର; exiguity ବି. ସ୍ୱଳ୍ପତା।

**exile** 1. ବି. ମାତୃଭୂମିରୁ ବିତାଡ଼ନ, ନିର୍ବାସନ, ଦୂର ପ୍ରବାସ; ନିର୍ବାସିତ ବ୍ୟକ୍ତି; 2. ସ.କ୍ରି. ନିର୍ବାସନ କରିବା।

**exist** ଅ.କ୍ରି. ବାସ୍ତବରେ ରହିଥିବା, ସଂଘଟିତ ହେବା, ଦୃଷ୍ଟ ହେବା, ବିଦ୍ୟମାନଥିବା, ଜୀବିତ ଥିବା।

**existence** 1. ବି. ସତ୍ତା, ସ୍ଥିତି, ଅସ୍ତିତ୍ୱ; 2. existent ବିଂ. ବିଦ୍ୟମାନ।

**existential** ବିଂ. ସ୍ଥିତି ବିଷୟକ, ଅସ୍ତିତ୍ୱଜ୍ଞାପକ; ଦ. ସ୍ଥିତିବାଦ ସିଦ୍ଧାନ୍ତ ବିଷୟକ; କ୍ରି.ବିଂ. existentially.

**existentialism** ବି. ଦ. ସ୍ଥିତିବାଦୀ ଦର୍ଶନ: ବ୍ୟକ୍ତି ସ୍ୱାଧୀନ ଓ ଆପଣାର ବିକାଶ ଲାଗି ପୂର୍ଣ୍ଣତଃ ଦାୟୀ, ବ୍ୟକ୍ତିର ସ୍ଥିତିକୁ ଏତାଦୃଶ ଗୁରୁତ୍ୱ ଦେଉଥିବା ଦାର୍ଶନିକ ମତବାଦ; ଅସ୍ତିତ୍ୱବାଦୀ; existentialist ବି.ବିଂ. ସ୍ଥିତିବାଦୀ।

**exit** 1. ବି.ପ୍ରସ୍ଥାନ ଦ୍ୱାର, ବହିର୍ଗମନ, ଅଭିନେତାର ରଙ୍ଗମଞ୍ଚରୁ ପ୍ରସ୍ଥାନ; 2. ଅ.କ୍ରି. ପ୍ରସ୍ଥାନ କରିବା, ଅଭିନେତା ଅଭିନେତ୍ରୀର ମଞ୍ଚରୁ ପ୍ରସ୍ଥାନ (ମଞ୍ଚ ନିର୍ଦ୍ଦେଶ)।

**exo–** ଇ.ପ. 'ବାହ୍ୟ' ଭାବ ସୂଚକ।

**exocrine** ବିଂ. ନାଳୀ ମଧ୍ୟରେ ଝରୁଥିବା, ବହିଃସ୍ରାବୀ (ଗ୍ରନ୍ଥୀ ସମ୍ବନ୍ଧୀୟ)।

**exodus** ବି. ବହୁବ୍ୟକ୍ତିଙ୍କ ଏକତ୍ର ପ୍ରସ୍ଥାନ; Exodus ମିଶର ଦେଶରୁ ଇସ୍ରାଏଲୀୟମାନଙ୍କର ପ୍ରସ୍ଥାନ (ବାଇବେଲ୍)।

**ex officio** କ୍ରି.ବିଂ. ବିଂ. ଆଫିସିକ ପଦହେତୁକ।

**exogamy** ବି. ଭିନ୍ନ ଜାତିରେ ବିବାହ।

**exonerate** ସ.କ୍ରି. ଦୋଷମୁକ୍ତ କରିବା ବା ଦୋଷ ମୁକ୍ତ ଘୋଷଣା କରିବା; ବି. exoneration.

**exorbitant** ବିଂ. ବହୁ ଅଧିକ; ଅତିରିକ୍ତ (ମୂଲ୍ୟ ବା ଦାବି ପ୍ରଭୃତି ସଂପର୍କରେ)।

**exorcize** ସ.କ୍ରି. (ବ୍ୟକ୍ତି ବା ସ୍ଥାନରୁ) ଭୂତ ଛଡ଼ାଇବା; exorcism ବି. ଗୁଣି ବିଦ୍ୟା; exorcist ବି. ଗୁଣିଆ।

**exordium** ବି.ବ.ବ. exordiums, exordia ମୁଖବନ୍ଧ, ତତ୍ତ୍ୱାଲୋଚନାର ପ୍ରାକ୍‌କଥନ।

**exotic** 1. ବିଂ. ବିଦେଶୀୟ, ଯାହା ସ୍ଥାନୀୟ ନୁହେଁ; ସଂପୂର୍ଣ୍ଣ ବିଚିତ୍ର; 2. ବି. ବିଦେଶାଗତ ଉଦ୍ଭିଦ ପ୍ରଭୃତି; 3. କ୍ରି.ବିଂ. exotically.

**exotica** ବି. ବ.ବ. ବିଚିତ୍ର ଅଥବା ଦୁର୍ଲଭ ବସ୍ତୁ ସମୂହ।

Digitized by srujanika@gmail.com

**expand** କ୍ରି. ଆକାର, ପରିମାଣ ବା ପ୍ରାଧାନ୍ୟର ଅଭିବୃଦ୍ଧି କରିବା; ପ୍ରସାରିତ କରି ଦେବା; ବିସ୍ତୃତ ଭାବେ ପ୍ରକାଶ କରିବା ।

**expanse** ବି. ବିସ୍ତାର (ଭୂମି ବା ସ୍ଥାନର), ପ୍ରସାର ।

**expansible** ବିଂ. ବିସ୍ତାରଣୀୟ ।

**expansion** ବି. ବିସ୍ତାରଣ, ପ୍ରସାରଣ, ବୃଦ୍ଧି ।

**expansionism** ବି. ରାଜ୍ୟ ବିସ୍ତାରର ସମର୍ଥନ; expansionist ବି. ରାଜ୍ୟ ବିସ୍ତାରକାରୀ ।

**expansive** ବିଂ. ପ୍ରସାରଣଶୀଳ, ବ୍ୟାପକ ।

**expatiate** 1. କ୍ରି. ବିସ୍ତାର ପୂର୍ବକ କହିବା ବା ଲେଖିବା; ବି. expatiation; ବିଂ. expatiatory.

**expatriate** 1. ସ.କ୍ରି. ବିଦେଶରେ ରହୁଥିବା; ସ୍ୱଦେଶରୁ ବହିଷ୍କାର କରିବା; 2. ବିଂ. ଦେଶତ୍ୟାଗୀ, ନିର୍ବାସିତ; 3. ବି. ଦେଶତ୍ୟାଗୀ ବା ନିର୍ବାସିତ ବ୍ୟକ୍ତି; 4. ବି. expatriation.

**expect** ସ.କ୍ରି. ସମ୍ଭବ ବୋଲି ମନେ କରିବା; ପ୍ରତ୍ୟାଶା କରିବା; କ.ଭା. ଭାବିବା, ଅନୁମାନ କରିବା; be expecting କ.ଭା. ଗର୍ଭବତୀ ହେବା ।

**expectancy** ବି. ସମ୍ଭାବନା, ପ୍ରତ୍ୟାଶା, ପ୍ରତୀକ୍ଷା ।

**expectant** ବିଂ. ପ୍ରତ୍ୟାଶୀ, ପ୍ରତୀକ୍ଷମାଣ, ଗର୍ଭବତୀ ।

**expectation** ବି. ଭବିଷ୍ୟତ ପାଇଁ ଆଶାୟୀ, ଆଶାପୋଷଣ, ସମ୍ଭାବନା (ଘଟଣାର); ସମ୍ଭାବିତ ଜୀବନ ସୀମା ।

**expectorant** 1. ବି. କଫ ନିଷ୍କାସକ, କଫ କାଢ଼ିବା ଔଷଧ ।

**expectorate** ସ.କ୍ରି. କଫ ପଦାକୁ ବାହାର କରିବା, କାଶି କଫ କାଢ଼ିବା; ବି. expectoration.

**expedient** 1. ବିଂ. ଉପଯୋଗୀ, ବାଞ୍ଛନୀୟ, ସୁବିଧାଜନକ; ସୁବିଧାବାଦୀ; 2. ବି. ଲକ୍ଷ୍ୟ ସାଧନର ମାଧ୍ୟମ ବା ଉପାଦାନ; 3. ବି. expedience; expediency ବି. ଉପଯୋଗିତା, ସ୍ୱାର୍ଥସାଧକ, କାଳୋଚିତ ବ୍ୟବହାର ।

**expedite** ସ.କ୍ରି. ତ୍ୱରାନ୍ୱିତ କରିବା, ତ୍ୱରିତ କରାଇବା, ଶୀଘ୍ର ସଂପାଦନ କରିବା(ବ୍ୟବସାୟ) ।

**expedition** ବି. ଉଦ୍ଦେଶ୍ୟମୂଳକ ଦୀର୍ଘ ଯାତ୍ରା (ଆବିଷ୍କାର ପାଇଁ); ଅଭିଯାନ, ତତ୍ପରତା, ଗତିଶୀଳତା ।

**expeditionary** ବିଂ. ଅଭିଯାନ ବିଷୟକ, ଅଭିଯାନ ସଂପୃକ୍ତ ।

**expeditious** ବିଂ. ଶୀଘ୍ର ଓ ଦକ୍ଷତାସହ ସମ୍ପାଦିତ, ତ୍ୱରାନ୍ୱିତ ।

**expel** ସ.କ୍ରି. ବାହାର କରିଦେବା, (ଅନୁଷ୍ଠାନ, ରାଜ୍ୟ, ବିଦ୍ୟାଳୟ ପ୍ରଭୃତିରୁ) ଆଇନତଃ ବହିଷ୍କାର କରିବା ।

**expend** ସ.କ୍ରି. ଖର୍ଚ୍ଚ କରିବା, ବ୍ୟୟ କରିବା (ସମୟ ଓ ଅର୍ଥ ପ୍ରଭୃତି) ।

**expendable** ବିଂ. ବ୍ୟୟଯୋଗ୍ୟ, ସଂଚୟ ପାଇଁ ଅନୁପଯୁକ୍ତ ।

**expenditure** ବି. ଖର୍ଚ୍ଚ, ବ୍ୟୟ ।

**expense** ବି.ଖରଚ, ବ୍ୟୟ; ବ. ବ. (ବ୍ୟବସାୟ, କାର୍ଯ୍ୟ ସଂପାଦନ ଆଦିରେ) ଲାଗଣ ଅର୍ଥ; ମୋକଦ୍ଦମାର ଖର୍ଚ୍ଚ; at the expense of ଅନ୍ୟର କ୍ଷତି, ଅସୁବିଧା ସାଧନ ପୂର୍ବକ; expense account କର୍ମଚାରୀ ଲାଗି ହୋଇଥିବା ଖର୍ଚ୍ଚର ବିବରଣୀ ।

**expensive** ବିଂ. ବ୍ୟୟବହୁଳ, ଖର୍ଚ୍ଚ ସାପେକ୍ଷ ।

**experience** 1. ବି. ବ୍ୟକ୍ତିଗତ ଅଭିଜ୍ଞତା, ଅନୁଭୂତି; ଅବବୋଧ; ଦକ୍ଷତା; 2. ସ.କ୍ରି. ଅନୁଭୂତି ବା ଅଭିଜ୍ଞତା ଅର୍ଜନ କରିବା; ଅନୁଭବ କରିବା ।

**experienced** ବିଂ. ବହୁଦର୍ଶୀ, ଅଭିଜ୍ଞ, ଦକ୍ଷ, ବିଚକ୍ଷଣ ।

**experiential** ବିଂ. ଅନୁଭୂତିଲବ୍ଧ; କ୍ରି.ବିଂ. experientially.

**experiment** 1. ବି. ପରୀକ୍ଷା, ଅଭିକ୍ରିୟା, ତଥ୍ୟାନୁସନ୍ଧାନ; 2. ଅ.କ୍ରି. ପରୀକ୍ଷା କରିବା; 3. experimentation ବି. ଅଭିକ୍ରିୟା ।

**experimental** ବିଂ. ପରୀକ୍ଷା ବିଷୟକ, ପରୀକ୍ଷାମୂଳକ; ବି. experimentalism; କ୍ରି.ବିଂ. experimentally.

**expert** 1. ବିଂ. ଦକ୍ଷ, ନିପୁଣ, ପାରଙ୍ଗମ, ପ୍ରବୀଣ; 2. ବି. ବିଶେଷଜ୍ଞ, ବିଶାରଦ ।

**expertise** ବି. ନିପୁଣତା, ଉନ୍ନତଜ୍ଞାନ, ଉନ୍ନତ ବିଚାର ।

**expiate** ସ.କ୍ରି. ତ୍ରୁଟିର କ୍ଷାଳନ କରିବା, ପାପର ପ୍ରାୟଶ୍ଚିତ୍ତ କରିବା; ବିଂ. expiable;

Digitized by srujanika@gmail.com

expiation ବି. ପ୍ରାୟଶ୍ଚିତ୍ତ କରଣ; ବି. expiatory.

**expiratory** ବିଂ. ନିଃଶ୍ୱାସ ସମ୍ବନ୍ଧୀୟ ।

**expire** କ୍ରି. ଶେଷହେବା (ନିର୍ଦ୍ଧାରିତ ସମୟ); ଶେଷ ଶ୍ୱାସ ଛାଡ଼ିବା, ମରିଯିବା; ନିଃଶ୍ୱାସ ଛାଡ଼ିବା; expiration ବି. ଅବସାନ, ଶେଷ ।

**expiry** ବି. ଶେଷ, ସମାପ୍ତି, ଉପଯୋଗିତାର ଅବସାନ ।

**explain** ସ.କ୍ରି. ସ୍ପଷ୍ଟ ଓ ବୋଧଗମ୍ୟ କରିବା, ଅର୍ଥ ବୁଝାଇବା, ବ୍ୟାଖ୍ୟା କରିବା, କୈଫିୟତ୍ ଦେବା; explain away ଗୁରୁତ୍ୱକୁ ହ୍ରାସ କରିବା; explain oneself ଆଚରଣ ବା ଦୃଷ୍ଟିଭଙ୍ଗୀର ଯଥାର୍ଥତା ଦର୍ଶାଇବା ।

**explanation** ବି. ସରଳାର୍ଥ ପ୍ରକାଶ, ବ୍ୟାଖ୍ୟା, କୈଫିୟତ ।

**explanatory** ବିଂ. ବ୍ୟାଖ୍ୟାମୂଳକ, ଅର୍ଥପ୍ରକାଶକ, କୈଫିୟତ୍ ସୂଚକ ।

**expletive** 1. ବି. ଶପଥ ବା ଅର୍ଥହୀନ ଘୋଷଣା; ପାଦ ପୂରଣ ଲାଗି ସଂଯୋଜିତ ଶବ୍ଦ; 2. ବିଂ. ଉକ୍ତରୂପେ ବ୍ୟବହୃତ ।

**explicable** ବିଂ. ବ୍ୟାଖ୍ୟାଯୋଗ୍ୟ ।

**explicate** ସ.କ୍ରି. ଅର୍ଥ ବୁଝାଇବା ବା ସଂପ୍ରସାରଣ କରିବା; ଟୀକା ପ୍ରସ୍ତୁତ କରିବା; explication ବି. ଟୀକା ପ୍ରସ୍ତୁତି ।

**explicit** ବିଂ. ସୁସ୍ପଷ୍ଟ, ସୁସ୍ପଷ୍ଟଭାବେ ଅଭିବ୍ୟକ୍ତ; ନିର୍ଦ୍ଦିଷ୍ଟ, ସ୍ପଷ୍ଟବାଦୀ; କ୍ରି.ବିଂ. explicitly; ବି. explicitness.

**explode** କ୍ରି. ବିସ୍ଫୋରଣ ଘଟାଇବା, ଅନ୍ତଃଶକ୍ତିର ବହିଃନିଃସରଣ ପାଇଁ ଫାଟିବା, ସହସା ଆବେଗ ପ୍ରକାଶ କରିବା; ଦ୍ରୁତ ଅଭିବୃଦ୍ଧି ଲାଭ କରିବା; ଯୁକ୍ତି ଦ୍ୱାରା ମତବାଦକୁ ଉଡ଼ାଇ ଦେବା; ସଶବ୍ଦେ ବିଦୀର୍ଣ୍ଣ ହେବା, ଜୋର୍‌ରେ ପାଟିକରି ଉଠିବା ।

**exploit** 1. ବି. ବୀରତ୍ୱପୂର୍ଣ୍ଣ ବା ସାହସିକ କର୍ମ; 2. ସ.କ୍ରି. ନିଜ କାର୍ଯ୍ୟରେ ଅନ୍ୟକୁ ଲଗାଇବା, ଶୋଷଣ କରିବା; 3. ବି. exploitation; ବିଂ. exploitative; ବି. exploiter.

**explore** 1. ସ.କ୍ରି. ପୁଙ୍ଖାନୁପୁଙ୍ଖ ଅନୁଶୀଳନ କରିବା; ନୂତନ ସନ୍ଧାନରେ ଘୂରି ବୁଲିବା (ଦେଶ ପ୍ରଭୃତି); ସ୍ପର୍ଶଦ୍ୱାରା ପରୀକ୍ଷା କରିବା; 2. ବି. exploration, exploratory, explorative ବିଂ. ଅନୁସନ୍ଧାନାତ୍ମକ ।

**explosion** ବି. ସଶବ୍ଦ ବିସ୍ଫୋରଣ, ବିସ୍ଫୋରଣ; ଜନିତ ଶବ୍ଦ; *ଲାକ୍ଷ.* ଭାବର ପ୍ରବଳ ଉଦ୍ଦୀପନା ବା ଉଲ୍ଲାସ ।

**explosive** 1. ବିଂ. ବିସ୍ଫୋରକ, ବିସ୍ଫୋରଣକ୍ଷମ; ଅତି ସଂକଟପୂର୍ଣ୍ଣ (ପରିସ୍ଥିତି); 2. ବି. ବିସ୍ଫୋରକ ପଦାର୍ଥ ।

**exponent** ବି. ବ୍ୟାଖ୍ୟାକାରୀ, ଅନୁଶୀଳନକାରୀ; (ମତବାଦର) ପ୍ରବର୍ତ୍ତକ; (ବୀଜ ଗଣିତ) ଘାତାଙ୍କ ଉଦା. $X^3$= X ର ୩ ଘାତାଙ୍କ ।

**exponential** ବିଂ. (ବୀଜଗଣିତ) ଘାତାଙ୍କୀ; exponential series ଚଳ ଘାତାଙ୍କୀ ଶ୍ରେଣୀ; exponential theorem ଚଳ ଘାତାଙ୍କୀ ପ୍ରମେୟ; ଦ୍ରୁତରୁ ଦ୍ରୁତତର (ଅଭିବୃଦ୍ଧି) ।

**export** 1. ସ.କ୍ରି. ରପ୍ତାନି କରିବା, ବାହାରକୁ ବିକ୍ରୟ ନିମନ୍ତେ ପଠାଇବା; 2. ବି. ରପ୍ତାନି, ରପ୍ତାନି ବସ୍ତୁ; ବ.ବ. ରପ୍ତାନି ପରିମାଣ; 3. exportation ବି. ରପ୍ତାନି କାର୍ଯ୍ୟ; ବି. exporter.

**expose** ସ.କ୍ରି. ଅନାବୃତ ରଖିବା (ଶୀତ ବା ଉତ୍ତାପରୁ); ଉଦ୍‌ଘାଟନ କରିବା; ଆଲୋକପାତ କରିବା; ଗୁମର ପଦାରେ ପକାଇବା; expose oneself ଅଶ୍ଳୀଳ ଭାବରେ ନିଜର ଦେହ ( ବିଶେ. ଯୌନାଙ୍ଗ) ଦେଖାଇବା ।

**exposition** ବି. ପ୍ରଦର୍ଶନ, ଉଦ୍‌ଘାଟନ; ଦୋଷ ଦର୍ଶନ; ଭାଷ୍ୟ, ଅବତାରଣା ।

***ex post facto*** ବିଂ. କ୍ରି.ବିଂ. କାର୍ଯ୍ୟୋତ୍ତର ଅନୁମତି ବା ସ୍ୱୀକୃତି । *(ଲା.)*

**expostulate** ସ.କ୍ରି. ଅନୁଯୋଗ କରିବା, ପ୍ରତିବାଦ କରିବା; expostulation ବି. ଆପତ୍ତି; expostulatory ବିଂ. ଅନୁଯୋଗ-ମୂଳକ ।

**exposure** ବି. ଅନାବୃତ୍ତ ଅବସ୍ଥା, ବା ଅନାବରଣ କାର୍ଯ୍ୟ; ଉଦ୍‌ଘାଟନ, ଆଲୋକଚିତ୍ରର ଫିଲ୍ମକୁ ଆଲୋକ ପାଇଁ ଅନାବରଣ କରିବା, ଅନାବରଣ ସମୟ ।

**expound** ସ.କ୍ରି. ପ୍ରାଞ୍ଜଳ ରୂପେ ବୁଝାଇବା, ବିଶଦ ବ୍ୟାଖ୍ୟା କରିବା ।

**express** 1. ସ.କ୍ରି. କଥା ବା ସଙ୍କେତରେ ବ୍ୟକ୍ତ କରିବା; ବିଦିତ କରାଇବା; ରସ ନିଷ୍କାସନ କରିବା; ଦ୍ରୁତତା ସହିତ ପ୍ରେରଣ କରିବା; 2. ବିଂ. ସୁସ୍ପଷ୍ଟ; ନିର୍ଦ୍ଦିଷ୍ଟଭାବେ ବ୍ୟକ୍ତ; ଦ୍ରୁତ ବ୍ୟବସ୍ଥାନୁସାରେ

Digitized by srujanika@gmail.com

ପ୍ରେରିତ; ଜରୁରୀ; ଦ୍ରୁତଗାମୀ (ଯାନ); 3. ବି. ଦ୍ରୁତଗାମୀ ବସ୍ ବା ରେଳଗାଡ଼ି; 4. କ୍ରି.ବି°. ଦ୍ରୁତଗତିରେ; 5. **express oneself** ନିଜର ଅଭିପ୍ରାୟ ବା ମତ ବ୍ୟକ୍ତ କରିବା; 6. expressible ବି°. ପ୍ରକାଶଯୋଗ୍ୟ।

**expression** ବି. ଭାବପ୍ରକାଶ, ଶବ୍ଦ, ପଦ ବା ବାକ୍ୟାଂଶ, ଅଭିବ୍ୟକ୍ତି (ମୁଖ); କଳାତ୍ମକ ପ୍ରକାଶଭଙ୍ଗୀ; (ଗଣିତ) ପରିମାଣ ସୂଚକ ପଦ।

**expressionism** ବି. ଅଭିବ୍ୟଞ୍ଜନାବାଦ; ଚିତ୍ରକଳା ଓ ସଙ୍ଗୀତରେ ଜାଗତିକ ଅନୁଭୂତି ପରିବର୍ତ୍ତେ ଅନ୍ତରର ଆବେଗ ପ୍ରକାଶ କରିବାର କଳାତ୍ମକ ରୀତି; ପ୍ରଥମ ବିଶ୍ୱଯୁଦ୍ଧ ପରେ ନାଟ୍ୟଜଗତରେ ଦେଖାଦେଇଥିବା ଆନ୍ଦୋଳନ ବିଶେଷ; expressionist ବି.ବି°. ଉପର୍ଯ୍ୟୁକ୍ତ ମତବାଦୀ।

**expressive** ବି°. ଭାବ ପ୍ରକାଶକ, ଭାବଦ୍ୟୋତକ।

**express way** ବି. *ଆମେ.* ମଟର ଗାଡ଼ିର ସ୍ୱଚ୍ଛନ୍ଦ ଚାଳନା ପାଇଁ ନିର୍ମିତ ପଥ।

**expropriate** *ସ.କ୍ରି.* କାହାରି ସଂପତ୍ତି ହସ୍ତଗତ କରିବା; ବେଦଖଲ କରିବା, ଅଧିକାରଚ୍ୟୁତ କରିବା; ବି. expropriation; expropriator.

**expulsion** ବି. ବିତାଡ଼ନ, ନିର୍ବାସନ, ବହିଷ୍କରଣ; ବି°. expulsive.

**expunge** *ସ.କ୍ରି.* ମୂଳଲେଖାରୁ (କିୟଦଂଶ) ବାଦଦେବା।

**expurgate** *ସ.କ୍ରି.* ପୁସ୍ତକରୁ ଆପତ୍ତି ଜନକ ଅଂଶ ବାଦ୍‌ଦେବା; expurgation ବି. ଗ୍ରନ୍ଥଶୋଧନ; ବି. expurgator.

**exquisite** 1. ବି°. ଅତି ଉତ୍ତମ, ଅତି ସୁନ୍ଦର, ସୂକ୍ଷ୍ମ (ଅନୁଭୂତି, ଆନନ୍ଦ); 2. ବି. ସୂକ୍ଷ୍ମ ଅନୁଭୂତିସଂପନ୍ନ ବ୍ୟକ୍ତି।

**ex-service man** ବି. ସାମରିକ କାର୍ଯ୍ୟରୁ ଅବସର ନେଇଥିବା ବ୍ୟକ୍ତି।

**extant** ବି°. ପ୍ରଚଳିତ; ଏବେ ମଧ୍ୟ ବିଦ୍ୟମାନ।

**extemporaneous, extemporary** କ୍ରି.ବି°. ଅଚିନ୍ତିତପୂର୍ବ; ପୂର୍ବରୁ ନ ଭାବି ନ ଚିନ୍ତି ତତ୍‌କ୍ଷଣାତ୍ (କହିବା ବା ଲେଖିବା)।

**extempore** କ୍ରି.ବି°. ବି°.ଆଶୁ; ବିନା ପ୍ରସ୍ତୁତିରେ।

**extemporize** *ସ.କ୍ରି.* କୌଣସି ବିଷୟ ନଭାବି ନଚିନ୍ତି (ବିନା ପ୍ରସ୍ତୁତିରେ) କହିବା ବା ଲେଖିବା; ବି. extemporization.

**extend** *ସ.କ୍ରି.* ବିସ୍ତାର କରିବା (କାଳ ଓ ସ୍ଥାନ); ସୁଯୋଗ ଦେବା, ସମୟ ବଢ଼ାଇ ସୁବିଧା ଦେବା; ସଂପୂର୍ଣ୍ଣ ପ୍ରସାରିତ କରିଦେବା; (ବ୍ୟକ୍ତିକୁ ଅନୁଭବ ଓ ନିମନ୍ତ୍ରଣ) ଜଣାଇବା।

**extended family** ବି. ନିକଟରେ ରହୁଥିବା ଆତ୍ମୀୟ ବର୍ଗ।

**extended-play** ବି°. ସାଧାରଣ ରେକର୍ଡ଼ ଠାରୁ ଦୀର୍ଘତର ସମୟ ବାଜିବା ରେକର୍ଡ଼।

**extensible (extendible)** ବି°. ପ୍ରସାରକ୍ଷମ, ବିସ୍ତାରକ୍ଷମ।

**extension** ବି. ବର୍ଦ୍ଧନ, ମୁଖ୍ୟ ନିର୍ମାଣ କାର୍ଯ୍ୟରେ ଆଂଶିକ ଅଭିବୃଦ୍ଧି ବା ସଂଯୋଜନା; ଅତିରିକ୍ତ ସମୟ; ମୁଖ୍ୟ ଟେଲିଫୋନ୍ ଲାଇନ୍‌ର ଅଙ୍ଗଭାବେ ଅନ୍ୟ ଟେଲିଫୋନ୍; ଏହାର ସଂଖ୍ୟା; ବିଶ୍ୱବିଦ୍ୟାଳୟ ବା କଲେଜ ପକ୍ଷରୁ ପାଠ୍ୟାତିରିକ୍ତ ଶିକ୍ଷାଦାନ ବ୍ୟବସ୍ଥା।

**extensive** ବି°.ବିଶାଳ, ବିସ୍ତୃତ, ବ୍ୟାପକ; କ୍ରି.ବି°. extensively; ବି. extensiveness.

**extent** ବି. ବ୍ୟାପ୍ତି, ଆୟତନ, ପରିସର, ସୀମା; ପରିମାଣ, ମାତ୍ରା।

**extenuate** *ସ.କ୍ରି.* ଦୋଷର ଆପାତ ଗୁରୁତ୍ୱ ହ୍ରାସ କରିବା; ତ୍ରୁଟିର ତୀବ୍ରତା ଲଘୁ କରିବା; ଆଂଶିକ କ୍ଷମା ପ୍ରଦାନ କରିବା, ମାର୍ଜନା କରିବା; extenuation ବି. ନ୍ୟୂନୀକରଣ; ମାର୍ଜନା।

**exterior** 1. ବି°. ବାହ୍ୟିକ, ବହିଃ, ବାହାରିଆ; 2. ବି. ବହିର୍ଭାଗ, ଷ୍ଟୁଡ଼ିଓ ବାହାରେ ହେଉଥିବା ଫିଲ୍ମର ଦୃଶ୍ୟ।

**exterminate** *ସ.କ୍ରି.* ସମୂଳେ ନିପାତ କରିବା, (ବ୍ୟକ୍ତି, ରୋଗ ପ୍ରଭୃତିର) ଧ୍ୱଂସ କରିବା; extermination ବି. ଧ୍ୱଂସ, ସମୂଳେ ବିନାଶ; exterminator ବି. ଧ୍ୱଂସକାରୀ।

**external** 1. ବି°. ବାହାରେ ଥିବା, ବାହାରକୁ ଦେଖାଯାଉଥିବା ଅଂଶ; ବାହ୍ୟିକ; ବିଦେଶାଗତ; ରାଷ୍ଟ୍ରର ବୈଦେଶିକ ବ୍ୟାପାର ସମ୍ବନ୍ଧୀୟ; ଦେହର ବହିର୍ଭାଗରେ ବ୍ୟବହାର୍ଯ୍ୟ (ଔଷଧାଦି), ବିଶ୍ୱବିଦ୍ୟାଳୟରେ ଯୋଗ ନ ଦେଇ ପରୀକ୍ଷା ଦେଉଥିବା ଛାତ୍ର; 2. ବି. ବ.ବ. ବାହ୍ୟ ପରିସ୍ଥିତି;

Digitized by srujanika@gmail.com

ଗୁରୁତ୍ୱହୀନ ବିଷୟ ସମୂହ; 3. ବି. externality 4. କ୍ରି.ବିଂ. externally.

**externalize** ସ.କ୍ରି. ବାହ୍ୟରୂପଦେବା; ବହିଃସ୍ଥିତି ଆରୋପ କରିବା; ବି. externalization.

**extinct** ବିଂ. ଅସ୍ତିତ୍ୱହୀନ; ଅବଲୁପ୍ତ; ଅପ୍ରଚଳିତ, ନିର୍ବାପିତ (ଆଗ୍ନେୟଗିରି); ନିଷ୍କ୍ରିୟ।

**extinction** ବି. ବିଲୋପ, ନିର୍ବାପନ।

**extinguish** ସ.କ୍ରି. ନିଆଁ ଲିଭାଇବା; ଶେଷ କରିଦେବା, ନିର୍ବାପିତ କରିବା, ନଷ୍ଟ କରିବା; (ଋଣ) ସଂପୂର୍ଣ୍ଣ ଚୁକ୍ତି କରିଦେବା।

**extinguisher** ବି. (ଅଗ୍ନି) ନିର୍ବାପକ।

**extirpate** ସ.କ୍ରି. ମୂଳରୁ କାଟିଦେବା, ମୂଳୋତ୍ପାଟନ କରିବା; extirpation ବି. ମୂଳୋତ୍ପାଟନ।

**extol** ସ.କ୍ରି. ଉତ୍ସାହର ସହିତ ପ୍ରଶଂସା କରିବା।

**extort** ସ.କ୍ରି. ଧମକ୍ ଦେଇ, ଯାତନା ଦେଇ ବା ବଳପୂର୍ବକ ଆଦାୟ କରିବା (ଅର୍ଥ, ଗୁପ୍ତ ବିଷୟ)।

**extortion** ବି. ବଳପୂର୍ବକ ଅର୍ଥ ଆଦାୟ; ଉତ୍ପୀଡ଼ନ, ଅନ୍ୟାୟରେ ଅର୍ଥ ଗ୍ରହଣ।

**extortionate** ବିଂ. ଅତିରିକ୍ତ (ମୂଲ୍ୟ); ଉତ୍ପୀଡ଼ନାତ୍ମକ।

**extortioner/ extortionnist** ବି. ଅର୍ଥ ଶୋଷଣକାରୀ, ଉତ୍ପୀଡ଼କ।

**extra** 1. ବିଂ. ଅତିରିକ୍ତ; ସାଧାରଣ, ଆବଶ୍ୟକ ବା ଆଶାନୁରୂପ ଅପେକ୍ଷା ଅଧିକ; 2. କ୍ରି.ବିଂ. ସାଧାରଣରୁ ଅଧିକ ଭାବରେ; 3. ବି. ଅତିରିକ୍ତ ବିଷୟ; କ୍ରିକେଟ୍ ଖେଳରେ ବ୍ୟାଟ୍‌ରେ ବଲ୍ ନ ବାଜି ହୋଇଥିବା ଅତିରିକ୍ତ ରନ୍; 4. extra cover କ୍ରିକେଟ୍ ଖେଳରେ ଅବସ୍ଥାପିତ କ୍ଷେତ୍ରରକ୍ଷକ ବିଶେଷ।

**extra–** ଉ.ପ. ଉଦା. extraordinary.

**extract** 1. ସ.କ୍ରି. ଏକ ଲେଖାରୁ ନିର୍ବାଚିତ ଅଂଶ ଉଦ୍ଧାର କରିବା; କାହାର ଇଚ୍ଛା ବିରୋଧରେ ଧନ ଆଦାୟ କରିବା; ବଳ ପୂର୍ବକ କାଢ଼ି ଆଣିବା; ଚାପ ଦେଇ ରସ ବାହାର କରିବା; 2. ବି. ବହିର କ୍ଷୁଦ୍ର ପରିଚ୍ଛେଦ; ପରିସ୍ରବଣ-ଲବ୍ଧ ପଦାର୍ଥ; ଘନୀଭୂତ ରସ।

**extraction** ବି. ଉଦ୍ଧରଣ; ବଳପୂର୍ବକ କାଢ଼ି ଆଣିବା; ବଂଶଧାରା (ଉଦା. of Indian extraction).

**extractive** ବିଂ. ନିଷ୍କର୍ଷଣକାରୀ, ନିଷ୍କର୍ଷଣ ସଂପର୍କୀୟ; extractive industry ଭୂମିରୁ ଧାତବ ପଦାର୍ଥ ଉତ୍ତୋଳନକାରୀ ଶିଳ୍ପ।

**extractor** ବି. ବଳପୂର୍ବକ ଆଦାୟକାରୀ; ଯାହା ସାହାଯ୍ୟରେ ରସ ବା ବାୟୁ ନିଷ୍କାସନ କରାଯାଏ।

**extractor fan** ବି. ଦୂଷିତ ବାୟୁ ନିଷ୍କାସନ ଲାଗି ଝରକା ପ୍ରଭୃତିରେ ଲାଗିଥିବା ପଙ୍ଖା।

**extracurricular** ବିଂ. ସ୍ୱାଭାବିକ ପାଠ୍ୟକ୍ରମର ବହିର୍ଭୂତ।

**extradite** ସ.କ୍ରି. ବିଦେଶୀ ରାଷ୍ଟ୍ରରେ ଆତ୍ମଗୋପନକାରୀ ଅପରାଧୀକୁ ଧରି ବିଚାର ପାଇଁ ତାର ଦେଶରେ (ଅପରାଧ ଘଟିଥିବା ବା ଦୋଷୀ ସାବ୍ୟସ୍ତ ହୋଇଥିବା ରାଷ୍ଟ୍ର ନିକଟରେ) ସମର୍ପଣ କରିବା; ବି. extradition; extraditable ବିଂ. ଉକ୍ତ ପ୍ରକାରେ ବିଚାର ପାଇଁ ସମର୍ପଣ ଯୋଗ୍ୟ।

**extra–judicial** ବିଂ. ଆଇନ୍ ବା ଅଦାଲତର-ଅଧିକାରବହିର୍ଭୂତ।

**extramarital** ବିଂ. ବୈବାହିକ ସଂପର୍କ ବହିର୍ଭୂତ ସହବାସ ସମ୍ପର୍କୀୟ।

**extramundane** ବିଂ. ଅପାର୍ଥିବ।

**extramural** ବିଂ. ବିଶ୍ୱବିଦ୍ୟାଳୟ ଉପାଧି ଶିକ୍ଷାର ଅତିରିକ୍ତ ବିଷୟ।

**extraneous** ବିଂ. ଅସମ୍ପୃକ୍ତ ଓ ବହିରାଗତ।

**extraoridnary** ବିଂ. ଅସାଧାରଣ, ଅତିରିକ୍ତ; ବିସ୍ମୟଜନକ, ବିସ୍ମୟୋତ୍ପାଦକ; ବିଶେଷ ଭାବେ ନିଯୁକ୍ତ; ମହାନ୍; ବିଲକ୍ଷଣ; କ୍ରି.ବିଂ. extraordi–narily.

**extrapolate** କ୍ରି. ପରିଚିତ ଉପାଦାନ ପ୍ରଭୃତିର ଭିତ୍ତିରେ ଅନ୍ୟ ବସ୍ତୁର ମୂଲ୍ୟ ନିରୂପଣ କରିବା; ବି. extrapolation.

**extrasensory** ବିଂ. ଇନ୍ଦ୍ରିୟଚେତନା ବହିର୍ଭୂତ।

**extraterrestrial** ବିଂ. ପୃଥିବୀ ଅଥବା ଏହାର ବାୟୁମଣ୍ଡଳ ବହିର୍ଭୂତ; ପୃଥିବୀ ବାହାରର।

**extravagant** ବିଂ. ଅପବ୍ୟୟୀ, ଅଯଥା ନଷ୍ଟକାରୀ, ଅମିତବ୍ୟୟୀ, ମହଙ୍ଗା, ଉଦ୍ଭଟ; ବି. extravagance.

**extravaganza** ବି. କୌତୁକ ଜନକ ସାହିତ୍ୟିକ, ସାଂଗୀତିକ ଅଥବା ନାଟକୀୟ ରଚନା, ଦୃଷ୍ଟିଆକର୍ଷକ ସିନେମା ବା ନାଟ୍ୟ ପ୍ରଯୋଜନା।

Digitized by srujanika@gmail.com

**extravasate** କ୍ରି. ଶିରାରୁ ବଳପୂର୍ବକ ରକ୍ତ କାଢ଼ିବା, ବହିଯିବା; ବି. extravasation.

**extreme** 1. ବିଂ. ଚରମ ପର୍ଯ୍ୟାୟ, ଶେଷସୀମା; କଠିନ; କେନ୍ଦ୍ରଠାରୁ ବହୁ ଦୂରବର୍ତ୍ତୀ, ସର୍ବାଧିକ, ସର୍ବଶେଷ; 2. ବି. ଦୁଇଟି ବହୁ ଦୂରବର୍ତ୍ତୀ ବା ଭିନ୍ନ ପଦାର୍ଥ ମଧ୍ୟରୁ ଗୋଟିଏ; ଉଭୟ ପାର୍ଶ୍ୱ ଶେଷରେ ଥିବା ପଦାର୍ଥ; ଚରମ ଅବସ୍ଥା; ସମପର୍ଯ୍ୟାୟୀ ଶ୍ରେଣୀର ପ୍ରଥମ ବା ଶେଷ; 3. extreme unction ରୋମାନ୍ କେଥଲିକ୍ ଓ ରକ୍ଷଣଶୀଳ ଚର୍ଚ୍ଚର ଅନ୍ତିମ ସଂସ୍କାରବିଧି; go to extremes ଚରମ ପଦକ୍ଷେପ ଗ୍ରହଣ; in the extreme ଚରମ ସୀମାରେ; କ୍ରି.ବିଂ. extremely.

**extremist** ବି. ଚରମପନ୍ଥୀ, ଉଗ୍ରବାଦୀ (ରାଜନୀତି କ୍ଷେତ୍ରରେ); extremism ବି. ଚରମପନ୍ଥ, ଉଗ୍ରବାଦ।

**extremity** ବି. ଶେଷ ବିନ୍ଦୁ; ଅନ୍ତ; ଦୁଃଖ, ବେଦନାର ଚରମ ପର୍ଯ୍ୟାୟ; ବ.ବ. ହାତ ଓ ପାଦ।

**extricate** ସ.କ୍ରି. ଉଦ୍ଧାର କରିବା; ମୁକୁଳାଇବା; (ଅସୁବିଧା ପ୍ରଭୃତିରୁ) ତ୍ରାଣ କରିବା; extricable ବିଂ. ତ୍ରାଣଯୋଗ୍ୟ; extrication ବି. ତ୍ରାହି, ଉଦ୍ଧାର।

**extrinsic** ବିଂ. ଅନ୍ତର୍ନିହିତ ହୋଇ ନ ଥିବା, ବାହ୍ୟ, ଅସମ୍ପୃକ୍ତ; କ୍ରି.ବିଂ. extrinsically.

**extrovert, extroverted** 1. ବିଂ. (ମନସ୍ତତ୍ତ୍ୱ) ବାହ୍ୟ ବିଷୟ ପ୍ରତି ଅନୁରକ୍ତ; ମିଳାମିଶାପ୍ରିୟ; ମନଖୋଲା; 2. ବି. ବାହ୍ୟ ବିଷୟ ପ୍ରତି ଅନୁରକ୍ତ ବ୍ୟକ୍ତି, ମନଖୋଲା ଲୋକ; 3. ବି. extroversion.

**extrude** ସ.କ୍ରି. ଠେଲି ବାହାର କରିଦେବା; ଧାତୁ ଓ ପ୍ଲାଷ୍ଟିକ ପ୍ରଭୃତିକୁ ଯନ୍ତ୍ରରେ ଚାପଦେଇ ରୂପଦେବା; extrusion ବି. ବିତାଡ଼ନ, ବହିଷ୍କାର; ବିଂ. extrusive.

**exuberant** ବିଂ. ଜୀବନ୍ତ, ପ୍ରବଳ, ଉଦ୍ଦାମ (ବୃକ୍ଷ, ଲତା ପ୍ରଭୃତି) ପ୍ରଚୁର, ସତେଜ, ବୃଶାଳ; ବି. exuberance; କ୍ରି.ବିଂ. exuberantly.

**exude** କ୍ରି. ରସ ନିର୍ଗତ ହେବା, ବାହାରି ଯିବା, (ବାଷ୍ପ ପ୍ରଭୃତି) ବାହାରକୁ ଆସିବା; ବିଚ୍ଛୁରିତ ହେବା(ଗନ୍ଧ); ମୁକ୍ତଭାବେ ଦେଖାଇବା (ଆନନ୍ଦ ପ୍ରଭୃତି); exudation ବି. ସ୍ରାବ, ନିର୍ଗମନ, ନିଃସୃତ ଦ୍ରବ୍ୟ।

**exult** କ୍ରି. ଆନନ୍ଦରେ ଅଧୀର ହେବା, ଅତି ଖୁସିରେ ନାଚିବା; ବି. exultation.

**exultant** ବିଂ. ଉଲ୍ଲସିତ, ଆନନ୍ଦିତ; କ୍ରି.ବିଂ. exultantly.

**eye** 1. ବି. ଆଖି, ଚକ୍ଷୁ, କନୀନିକା, ଆଖିର ଚତୁଃପାର୍ଶ୍ୱ; ଆଖି ସଦୃଶ ବସ୍ତୁ ଉଦା. ଛୁଞ୍ଚର ଆଖି; ଆଳୁର ବୀଜାଙ୍କୁର ଉଦ୍‌ଗମ ସ୍ଥାନ; ଝଡ଼ର ମଧ୍ୟବର୍ତ୍ତୀ ଶାନ୍ତ ଅଞ୍ଚଳ; 2. ସ.କ୍ରି. ନିରୀକ୍ଷଣ କରିବା (କୌତୁହଳ ପୂର୍ଣ୍ଣ ଅଥବା ସନ୍ଦିଗ୍ଧ ଭାବରେ); 3. all eyes ତୀକ୍ଷ୍ଣ ଭାବରେ ଦେଖିବା; all my eye *ଗ୍ରା.ପ୍ର.* ଅର୍ଥହୀନ; cast (or run) an eye over ଚଞ୍ଚଳ ଆଖି ବୁଲାଇ ନେବା; catch (person's) eye (କୌଣସି ବ୍ୟକ୍ତିର) ଦୃଷ୍ଟି ଆକର୍ଷଣରେ ସଫଳ ହେବା; close (or shut) one's eyes to ଉପେକ୍ଷା କରିବା; cry one's eyes out କରୁଣ ଭାବରେ କ୍ରନ୍ଦନ କରିବା; do (person) in the eye ଠକିଦେବା, ବିଫଳ କରିଦେବା; eye for an eye ସମାନ ରୂପରେ ପ୍ରତିଶୋଧନେବା; eye liner ଆଖି ଚାରିପଟେ ରେଖାକାରରେ ରଚିତ ଅଂଜନ; eye-opener ବିସ୍ମୟକର, ରହସ୍ୟମୋଚନକାରୀ ବିଷୟ; eye rhyme ବନାନମୂଳକ ଶବ୍ଦର ସମତା, ଉଚ୍ଚାରଣଗତ ନୁହେଁ (ଉଦା. dear, pear); eye-shade ଉଜ୍ଜ୍ୱଳ ଆଲୋକରୁ ଆଖିର ସୁରକ୍ଷା ବ୍ୟବସ୍ଥା; eye-shadow ଆଖି ଚାରିପଟେ ଲଗାଯାଉଥିବା ରଙ୍ଗୀନ୍ ଅଂଜନ; eyestrain ଆଖିର କ୍ଲାନ୍ତି; get one's eye in (ଖେଳ ପ୍ରଭୃତିରେ) ପରିଲକ୍ଷିତ ଅବସ୍ଥାରେ ଅଭ୍ୟସ୍ତ ହେବା; have eyes for ଆଗ୍ରହୀ ହେବା, ପାଇବାକୁ ଇଚ୍ଛା କରିବା; in (or through) the eyes of ଦୃଷ୍ଟି କୋଣରୁ, ବିଚାର ଦୃଷ୍ଟିରୁ; in the public eye ବହୁଳଭାବେ ପ୍ରଚାରିତ ହେବା; keep an eye on ଦୃଷ୍ଟି ରଖିବା; ଯତ୍ନନେବା; keep one's eyes open ସତର୍କ ରହିବା, ସତର୍କ ଦୃଷ୍ଟି ରଖିବା; make eyes at କାମାସକ୍ତ ଭାବେ ଚାହିଁବା; see eye to

Digitized by srujanika@gmail.com

eye ଏକମତ ହେବା; set eyes on ଦେଖା ପାଇବା; upto the eyes ଅଭିନିବିଷ୍ଟ ଭାବେ; with an eye to ଉଦ୍ଦେଶ୍ୟରେ ।

**eyeball** ବି. ଚକ୍ଷୁଗୋଲକ, ଦୁଇପତା ଓ ଚକ୍ଷୁଗହ୍ୱର ମଧ୍ୟସ୍ଥ ସଂପୂର୍ଣ୍ଣ ଚକ୍ଷୁ; eyeball to eyeball *କ.ଭା.* ପ୍ରତ୍ୟକ୍ଷଭାବେ ସମ୍ମୁଖୀନ୍ ।

**eyebath** ବି. ଚକ୍ଷୁର ଔଷଧ ଦେବାଲାଗି ସେହି ଆକାରର କ୍ଷୁଦ୍ର ପାତ୍ର ।

**eyebrow** ବି. ଭ୍ରୂଲତା; raise an eyebrow ବିସ୍ମୟ ବା ଅବିଶ୍ୱାସ ପ୍ରକାଶ କରିବା ।

**eyeglass** ବି. ଚଷମା ।

**eyehole** ବି. ଆଖି କୋଟର, ଚାହିଁବାଲାଗି ଛିଦ୍ର ।

**eyelash** ବି. ଆଖିପତାର ଲୋମ ।

**eyelet** ବି. ସରୁକଣା ବା ଛିଦ୍ର (ସୂତା ଗଳାଇବାକୁ) ।

**eyelid** ବି. ଚକ୍ଷୁପୁଟ, ଆଖିପତା ।

**eyepiece** ବି. ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ଇତ୍ୟାଦିର ଉର୍ଦ୍ଧ୍ୱ ଯବକାଚ (ଲେନ୍ସ), ଯହିଁରେ ଦେଖିବାକୁ ହୁଏ ।

**eyesight** ବି. ଦୃଷ୍ଟିଶକ୍ତି ।

**eyesore** ବି. ଚକ୍ଷୁଶୂଳ; କଦାକାର ପଦାର୍ଥ ପ୍ରଭୃତି ଦୃଷ୍ଟିକଟୁ ଦ୍ରବ୍ୟ ।

**eyewash** ବି. ଆଖିର ମଲମ; *ଘା.ପ୍ର.* ବାଜେ କଥା ।

**eyewitness** ବି. ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ।

**eyrie** ବି. ଉଚ୍ଚରେ ଥିବା ଈଗଲ ପ୍ରଭୃତି ଶିକାରୀ ପକ୍ଷୀମାନଙ୍କର ବସା; ଉପରେ ଥିବା ଘର ।

Digitized by srujanika@gmail.com

# Ff

**F,f** (ବ.ବ. Fs, fs, F's f's) ଇଂରାଜୀ ବର୍ଣ୍ଣମାଳାର ଷଷ୍ଠ ଅକ୍ଷର।

**F** *ସଂଶ.* Fahrenheit ଫାରେନ୍‌ହାଇଟ୍।

**F** *ପ୍ର.* fluorine ଫ୍ଲୋରିନ୍।

**Fabian** ବିଂ. ଉଦ୍ଦେଶ୍ୟସାଧନ ନିମନ୍ତେ ସତର୍କ ଓ ମନ୍ଥର ପଦ୍ଧତି ପ୍ରୟୋଗକାରୀ; ଖ୍ରୀ.ଅ. ୧୮୮୪ରେ ପ୍ରତିଷ୍ଠିତ ଇଂଲଣ୍ଡର ଏକ ସାମ୍ୟବାଦୀ ସଂସ୍ଥା (Fabian Society) ବା ତାର ସଦସ୍ୟ: ଶାନ୍ତିପୂର୍ଣ୍ଣ ଉପାୟରେ କ୍ରମଶଃ ସାମାଜିକ ପରିବର୍ତ୍ତନ ଆଣିବା ଏମାନଙ୍କର ଲକ୍ଷ୍ୟ।

**fable** ବି. ଉପକଥା; କାଳ୍ପନିକ ଗଳ୍ପ; କିଂବଦନ୍ତୀ; ନୀତିଗଳ୍ପ– ଜୀବଜନ୍ତୁମାନଙ୍କୁ ଚରିତ୍ରରୂପେ ଗ୍ରହଣ କରି ରଚିତ କ୍ଷୁଦ୍ର, ସରଳ ନୀତିଗର୍ଭକ ଗଳ୍ପ, *ଉଦା.* ଇଶପଙ୍କ ନୀତିଗଳ୍ପ; ଉପନ୍ୟାସ, ନାଟକ ପ୍ରଭୃତିର ଆଖ୍ୟାନ ବସ୍ତୁ।

**fabled** ବିଂ. ଉପକଥା ବା କିଂବଦନ୍ତୀରେ ବିଶ୍ରୁତ।

**fabric** ବି. ବୁଣା ହୋଇଥିବା ଜିନିଷ, କପଡ଼ା; ଅଟ୍ଟାଳିକାର ମେଜିଆ, କାନ୍ଥ ଓ ଛାତ; *ଲାକ୍ଷ.* ଗଠନ; ଏକତ୍ର ସନ୍ନିବିଷ୍ଟ ବସ୍ତୁ।

**fabricate** *କ୍ରି.* (କାରଖାନା ଉତ୍ପାଦିତ ସାମଗ୍ରୀକୁ) ନିର୍ଦ୍ଦିଷ୍ଟ ରୂପରେ ନିର୍ମାଣ କରିବା; ମିଥ୍ୟା ରଚନା କରିବା; (ଦଲିଲ ଆଦି) ଜାଲ କରିବା।

**fabrication** ବି. ନିର୍ମାଣ; ମିଥ୍ୟା ରଚନା; ଫିସାଦ।

**fabricator(s)** ବି. ନିର୍ମାଣକାରୀ (ଗ୍ରିଲ ଆଦି)।

**fabulous** ବିଂ. କାଳ୍ପନିକ, ନୀତିଗଳ୍ପରେ ବର୍ଣ୍ଣିତ, ଅବିଶ୍ୱାସ୍ୟ, ଅବାସ୍ତବ।

**facade** ବି. ଘରର ପୁରୋଭାଗ; ହର୍ମ୍ୟମୁଖ; ବାହ୍ୟରୂପ (ଯାହା ପ୍ରକୃତ ରୂପଠାରୁ ଭିନ୍ନ)।

**face** 1. ବି. ମୁହଁ, ବଦନ; ମୁଖାକୃତି; ଯନ୍ତ୍ରର କାର୍ଯ୍ୟକାରୀ ଅଂଶ; ଦାଢ଼; ପୁରୋଭାଗ, ସମ୍ମୁଖ ଅଂଶ; ଘଡ଼ିର ଶଙ୍କୁପଟ; ଘନବସ୍ତୁର ପାର୍ଶ୍ୱ; ମାନ ମର୍ଯ୍ୟାଦା; ସାହସ, ଔଦ୍ଧତ୍ୟ; 2. *କ୍ରି.* ସମ୍ମୁଖୀନ ହେବା; ପ୍ରତିରୋଧ କରିବା; ଦୃଢ଼ ଭାବେ ମୁକାବିଲା କରିବା; ମୁହଁ ଫେରାଇବା, ଅଭିମୁଖୀ ହେବା; ସମ୍ମୁଖରେ ରହିବା; face card ତାସ ଖେଳର ସାହେବ, ବିବି, ଗୋଲାମ; face the music ସମାଲୋଚନାର ସମ୍ମୁଖୀନ ହେବା; face up to ସାହସ ସହିତ ଗ୍ରହଣ କରିବା (ଦୁଃଖ କଷ୍ଟ); face to face ମୁହାଁମୁହିଁ; have the face ନିର୍ଲଜ୍ଜ ହେବା; in (the) face of ସତ୍ତ୍ୱେ; lose face ଅପଦସ୍ଥ ହେବା; make (pull) a face (faces) ମୁଖଭଙ୍ଗୀ କରିବା; on the face of it ବାହ୍ୟଦୃଷ୍ଟିରୁ ବିଚାର କଲେ; save one's face ଲଜ୍ଜା ବା ଅପମାନରୁ ରକ୍ଷା ପାଇବା; set one's face against ଦୃଢ଼ଭାବେ ପ୍ରତିରୋଧ କରିବା; to one's face କାହା ମୁହଁ ଉପରେ; show one's face ଉପସ୍ଥିତି ଜଣାଇ ଦେବା।

**face cloth** ମୁହଁ ପୋଛିବା ନିମିତ୍ତ ଫ୍ଲାନେଲ ବା ପଶମ କନା।

**faceless** ବିଂ. ନିଜତ୍ୱବିହୀନ, ପରିଚୟବିହୀନ।

**face–lift** ବାହ୍ୟରୂପର ଉନ୍ନତିବିଧାନ।

**facer** ବି. ଅପ୍ରତ୍ୟାଶିତ, ଆକସ୍ମିକ ବିପଦ।

**facet** ବି. (ସମସ୍ୟାର) ଏକ ଦିଗ; ବହୁପାର୍ଶ୍ୱ ବିଶିଷ୍ଟ ରତ୍ନାଦିର ଏକ ପାର୍ଶ୍ୱ।

**facetious** ବିଂ. ହାସ୍ୟରସାତ୍ମକ; କୌତୁକପ୍ରିୟ।

**face value** (ମୁଦ୍ରାର) ମୁଦ୍ରିତ ମୂଲ୍ୟ, ଅଭିହିତ ମୂଲ୍ୟ।

**facial** 1. ବିଂ. ମୁଖ ସମ୍ବନ୍ଧୀୟ ବା ମୁଖପାଇଁ ଉଦ୍ଦିଷ୍ଟ; 2. ବି. ମୁଖର ପ୍ରସାଧନ; *କ୍ରି.ବିଂ.* facially.

**facile** ବିଂ. ସହଜସାଧ୍ୟ, ସହଜଲଭ୍ୟ; ସହଜ; ସାବଲୀଳ (ଲେଖନୀ); କର୍ମତତ୍ପର (କର୍ମୀ)।

**facilitate** *କ୍ରି.* ସୁଗମ ଓ ସହଜସାଧ୍ୟ କରିବା।

**facilitation** ବି. ସୁଗମ କରଣ, ସୌକର୍ଯ୍ୟସାଧନ।

**facility** ବି. ସୌକର୍ଯ୍ୟ; ସୁବିଧା; ସାବଲୀଳତା; ନୈପୁଣ୍ୟ; ବ.ବ. ସୁବିଧା, ସୁଯୋଗ, କାର୍ଯ୍ୟ–ସାଧନର ଉପାୟ।

**facing** ବି. (ପୋଷାକ ଆଦିରେ ରଙ୍ଗ ଓ ଡିଜାଇନର ପାର୍ଥକ୍ୟ ଦେଖାଇବା ଅଥବା ମଜବୁତ କରିବା ଦୃଷ୍ଟିରୁ) ସାମନା ପଟ ଉପରେ ଯୋଡ଼ା ହୋଇଥିବା କନା; ସମ୍ମୁଖ ଭାଗର ଆବରଣ।

**facsimile** ବି. (ଲେଖା ବା ଚିତ୍ରର) ଅବିକଳ ପ୍ରତିଲିପି।

Digitized by srujanika@gmail.com

**fact** ବି. ଘଟଣା, ବିଷୟ; ସତ୍ୟ, ବାସ୍ତବତା; ପ୍ରକୃତ କଥା ବା ତଥ୍ୟ ଯାହା ଉପରେ ଯୁକ୍ତି ପର୍ଯ୍ୟବସିତ; ତଥ୍ୟ; as a matter of fact ପ୍ରକୃତରେ, ଯଥାର୍ଥତଃ; facts and figures ସଠିକ ବିବରଣ; in fact ବସ୍ତୁତଃ, ବାସ୍ତବିକ।

**faction** ବି. ବୃହତ୍ ରାଜନୈତିକ ଦଳର ଅନ୍ତର୍ଗତ କ୍ଷୁଦ୍ର ଗୋଷ୍ଠୀ ବା ଦଳାଦଳି; ବିଂ. factional.

**factious** ବିଂ. କ୍ଷୁଦ୍ରଗୋଷ୍ଠୀ ସଂପର୍କୀୟ, ଦଳାଦଳି ବା କଳହପ୍ରିୟ।

**factitious** ବିଂ. ବିଶେଷ ଉଦ୍ଦେଶ୍ୟରେ ତିଆରି, କୃତ୍ରିମ।

**factitive** ବିଂ. *ବ୍ୟା.* ଣିଜନ୍ତ ବା ପ୍ରେରଣାର୍ଥକ; factive object ଣିଜନ୍ତ କର୍ମ, ଉଦା. They made him king.

**factor** ବି. ପରିଣତିର ଉତ୍ପାଦକ ଘଟଣା ପ୍ରଭୃତି; କାରଣ, ଉପାଦାନ; *ଗଣିତ* ଉତ୍ପାଦକ, ଗୁଣନୀୟକ; ପ୍ରତିନିଧି, ଗୁମାସ୍ତା।

**factorial** ବିଂ. ଗୁଣନୀୟକ ସମ୍ବନ୍ଧୀୟ; କ୍ରମଗୁଣିତ (ବୀଜଗଣିତ)।

**factorize** କ୍ରି. ଉତ୍ପାଦକ ନିର୍ଣ୍ଣୟ କରିବା; ବି. factorization.

**factory** ବି. କାରଖାନା।

**factory farm** ବି. ଶିଳ୍ପରୂପେ ପରିଚାଳିତ ପଶୁ ପ୍ରଜନନ ଫାର୍ମ।

**factotum** ବି. ମୁନିବର ସବୁପ୍ରକାର କାର୍ଯ୍ୟ କରିବା ସକାଶେ ନିଯୁକ୍ତ ଭୃତ୍ୟ।

**factual** ବିଂ. ତଥ୍ୟ ସମ୍ବନ୍ଧୀୟ; ଯଥାର୍ଥ, ପ୍ରକୃତ; କ୍ରି.ବିଂ. factually.

**faculty** ବି. କର୍ମଶକ୍ତି; ସହଜାତ ମାନସିକ ବା ଦୈହିକ ଶକ୍ତି; ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦିଆଯାଉଥିବା ବିଷୟମାନଙ୍କର ବିଭାଗ; *ଆମେ.* ବିଭାଗୀୟ ଅଧ୍ୟାପକଗୋଷ୍ଠୀ।

**fad** ବି. ଖିଆଲ, ଝୁଙ୍କ; ବିଂ. faddish.

**faddy** ବିଂ. ଖାଦ୍ୟ ବିଷୟରେ ରୁଚି ସମ୍ପନ୍ନ; ବି. faddiness.

**fade** 1. କ୍ରି. ନିସ୍ତେଜ ବା ନିଷ୍ପ୍ରଭ ହେବା, ବିବର୍ଣ୍ଣ ହେବା, ମ୍ଲାନ ହେବା, ଝାଉଁଳି ପଡ଼ିବା; କ୍ରମଶଃ ଅଦୃଶ୍ୟ ହେବା; (ଚଳଚ୍ଚିତ୍ରରେ) ଶବ୍ଦ ବା ଦୃଶ୍ୟର କ୍ରମଶଃ ହ୍ରାସ ଘଟିବା; 2. ବି. ମ୍ଲାନ ଅବସ୍ଥା; fade away କ୍ରମଶଃ ବିଲୀନ ହେବା; *କ.ଭା.* ଦୁର୍ବଳ ହୋଇଯିବା।

**faeces** ବି. ବ.ବ. ମଳ, ବିଷ୍ଠା; ବିଂ. faecal.

**fag**[1] 1. କ୍ରି. କ୍ଳାନ୍ତ ହେବା ପର୍ଯ୍ୟନ୍ତ ପରିଶ୍ରମ କରିବା ବା କରାଇବା, ପରିଶ୍ରମ କରି କ୍ଳାନ୍ତ ହୋଇ ପଡ଼ିବା, ଖୁବ ଖଟିବା ବା ଖଟାଇବା; (ସ୍କୁଲର ଅଳ୍ପବୟସ୍କ ଛାତ୍ର ହିସାବରେ) ଉପର ଶ୍ରେଣୀର ଛାତ୍ରଙ୍କ ପାଇଁ ଧାଁଦୌଡ଼ କାମ କରିବା; 2. ବି. *କ.ଭା.* ଗଧ ଖଟଣି; brain fag ମସ୍ତିଷ୍କର ଅବସାଦ।

**fag**[2] ବି. *ଆମେ. ସା.ପ୍ର.* ସମଲିଙ୍ଗ–ସଙ୍ଗମୀ ପୁରୁଷ।

**fag–end** ବି. ସିଗାରେଟର ଶେଷ ଅଂଶ; ସର୍ବଶେଷ ତଥା ନିକୃଷ୍ଟ ଅଂଶ।

**faggot** ବି. ଜାଳେଣି କାଠର ବିଡ଼ା, ଲୁହାଛଡ଼ର ବିଡ଼ା; କଲିଜାଭଜାର ମେଞ୍ଚା; *ସା.ପ୍ର.* ଅପ୍ରୀତିକର ସ୍ତ୍ରୀଲୋକ; *ଆମେ.* ସମଲିଙ୍ଗୀ ପୁରୁଷ।

**fah** ବି. *ସଂଗୀତ* ପାଶ୍ଚାତ୍ୟ ସ୍ୱରଗ୍ରାମର ୪ର୍ଥ ସ୍ୱର।

**Fahrenheit** ବିଂ. ତାପପରିମାପକ ମାନ ବିଶେଷ ଯହିଁରେ ହିମାଙ୍କ ଓ ସ୍ଫୁଟନାଙ୍କ ଯଥାକ୍ରମେ ୩୨° ଓ ୨୧୨°।

**faience** ବି. ଚକଚକିଆ ଓ ଶୋଭନ ପୋଡ଼ା ମାଟିର ବସ୍ତୁ ବା ପୋର୍ସେଲିନ ନିର୍ମିତ ବସ୍ତୁ।

**fail** 1. କ୍ରି. ବିଫଳ ହେବା, ଅକୃତକାର୍ଯ୍ୟ ହେବା; ନିରାଶ କରିବା; ଅବହେଳା କରିବା; ଅକ୍ଷମ ହେବା; ଅନୁପସ୍ଥିତ ହେବା, ଆସି ନ ପାରିବା; ଦେବାଳିଆ ହେବା, (ବ୍ୟବସାୟ) ବୁଡ଼ି ଯିବା; (ଇଞ୍ଜିନ) ଅକାମୀ ହେବା; 2. ବି. ପରୀକ୍ଷାରେ ଅକୃତକାର୍ଯ୍ୟତା; without fail ଅନ୍ୟଥା ନ କରି, ନିଶ୍ଚୟ।

**failed** ବିଂ. ଅସଫଳ (*ଉଦା.* ଅସଫଳ ଅଭିନେତା)।

**failing** 1. ବି. ତ୍ରୁଟି, ଦୁର୍ବଳତା; 2. *ଅ.* (*ଉଦା.* failing which) ଅନ୍ୟଥା।

**failure** ବି. ଅକୃତକାର୍ଯ୍ୟତା, ବିଫଳତା; (ଇଞ୍ଜିନ୍) ଅକାମୀ ଅବସ୍ଥା; (ଶକ୍ତି, ସାମଗ୍ରୀ ପ୍ରଭୃତି ସଂପର୍କରେ) ଅନଟନ।

**fain** 1. ବିଂ. ଇଚ୍ଛୁକ, ଆଗ୍ରହୀ; 2. କ୍ରି.ବିଂ. ଆନନ୍ଦରେ, ସନ୍ତୁଷ୍ଟ ଚିତ୍ତରେ।

**faint** 1. ବିଂ. ଅସୁସ୍ଥ; କ୍ଷୀଣ, ନିସ୍ତେଜ, ଅବସନ୍ନ; ଫିକା, ମ୍ଲାନ; 2. କ୍ରି. ମୂର୍ଚ୍ଛା ଯିବା; ଅସୁସ୍ଥ ଓ କ୍ଷୀଣ ହେବା; 3. ବି. ମୂର୍ଚ୍ଛା; କ୍ରି.ବିଂ. faintly.

Digitized by srujanika@gmail.com

**faint–hearted** ବିଂ. ଭୀରୁ ।

**fair**[1.] 1. ବିଂ. ନ୍ୟାଯ୍ୟ, ନିରପେକ୍ଷ, ଆଇନ ସଂଗତ; ସୁନ୍ଦର, ସୁଶ୍ରୀ, ଗୌରବର୍ଣ୍ଣ; ମଧ୍ୟମ ପ୍ରକାରର; (ଜଳବାୟୁ) ଅନୁକୂଳ, ମେଘମୁକ୍ତ; ସନ୍ତୋଷଜନକ, ଆଶାପ୍ରଦ; ସ୍ପଷ୍ଟ, ତ୍ରୁଟିହୀନ (ଲିପି); ଶୋଭନ; 2. କ୍ରି.ବିଂ. ନ୍ୟାୟୋଚିତ ଭାବରେ, ମଧ୍ୟମ ପ୍ରକାରରେ, ଠିକ୍ ଭାବରେ, ସଂପୂର୍ଣ୍ଣ ରୂପେ; 3. fair copy ପରିଷ୍କାର ପ୍ରତିଲିପି; fair crack of the whip ଅଂଶ ଗ୍ରହଣ ନିମନ୍ତେ ନ୍ୟାଯ୍ୟ ସୁଯୋଗ; fair game ନ୍ୟାୟୋଚିତଭାବେ ଅନୁସରଣୀୟ ବିଷୟ, fair play ନ୍ୟାୟପୂର୍ଣ୍ଣ, ନିରପେକ୍ଷ ବ୍ୟବହାର; the fair sex ସ୍ତ୍ରୀ ଜାତି; in a fair way to ସମ୍ଭାବନା ଥିବା ।

**fair**[2.] ବି. ମେଳା, ଯାତ୍ରା, ହାଟ; ମାଲ ବିକ୍ରୟାର୍ଥେ ଆୟୋଜିତ ସାମୟିକ ପ୍ରଦର୍ଶନୀ ।

**fairground** ବି. ମେଳା ପଡ଼ିଆ, ହାଟ ବସିବା ସ୍ଥାନ ।

**fairing** ବି. ଜାହାଜ ବା ଉଡ଼ାଜାହାଜରେ ସଂଲଗ୍ନ ଗତିବର୍ଦ୍ଧକ ଗଠନ ସରଞ୍ଜାମ ।

**fairly** କ୍ରି.ବିଂ. ସଂପୂର୍ଣ୍ଣରୂପେ; ସୁନ୍ଦର ଭାବରେ, ମଧ୍ୟମ ପ୍ରକାରରେ (fairly good); ବେଶ୍ (fairly narrow).

**fairway** ବି. ସୁନାବ୍ୟ ଜଳପଥ; ଗଲ୍ଫ ଖେଳ ପଡ଼ିଆର ଅଂଶ, ଯହିଁରେ ଘାସ ଲଗାଯାଏ ନାହିଁ।

**fair–weather friend** ବି. ସୁଖର ବନ୍ଧୁ ।

**fairy** ବି. ପରୀ; ଏକ ପ୍ରକାର କାଳ୍ପନିକ ଯାଦୁକରୀ ରମଣୀରୂପା ଉପଦେବତା, ମୋହିନୀ; *ଗ୍ରା.ପ୍ର.* ସମଲିଙ୍ଗ–ସଂଗମୀ ପୁରୁଷ ।

**fairy–cycle** ବି. ଶିଶୁମାନଙ୍କ ପାଇଁ ଛୋଟ ବାଇସାଇକଲ୍ ।

**fairy godmother** ବି. ଉପକାରକର୍ତ୍ରୀ ।

**fairyland** ବି. ପରୀରାଇଜ, କାଳ୍ପନିକ ଦେଶ, କୁହୁକ ରାଜ୍ୟ ।

**fairy lights** ବି. ଆଲୋକ ସଜ୍ଜା ନିମନ୍ତେ ଛୋଟଛୋଟ ରଙ୍ଗବେରଙ୍ଗୀ ଆଲୁଅ (ବିଶେଷତଃ ବାହାର ସଜାଇବା ପାଇଁ) ।

**fairy ring** ବି. ଗୋଚାରଣ ଭୂମିରେ ପରିଦୃଷ୍ଟ ଘନ ତୃଣବଳୟ ।

**fairy story (tale)** ବି. ପରୀବିଷୟକ ଗଳ୍ପ, ଅଜବ କାହାଣୀ ।

***fait accompli*** ବି. ସିଦ୍ଧ ବା ପ୍ରତିପାଦିତ ଘଟଣା (ଯେଉଁ ବିଷୟରେ ପ୍ରଶ୍ନ ଉଠାଇବା ନିଷ୍ପ୍ରୟୋଜନ) । *(ଫ.)*

**faith** ବି. ବିଶ୍ୱାସ, ପ୍ରତ୍ୟୟ, ନିର୍ଭରତା; ଧର୍ମୀୟ ବିଶ୍ୱାସ, ଧର୍ମ; ଆନୁଗତ୍ୟ, ବିଶ୍ୱସ୍ତତା; bad faith ଅସାଧୁ ଉଦ୍ଦେଶ୍ୟ; faith cure (healing) ବିଶ୍ୱାସରୁ ଆରୋଗ୍ୟଲାଭ (ବିନା ଚିକିତ୍ସାରେ); good faith ସଦୁଦ୍ଦେଶ୍ୟ ।

**faithful** ବିଂ. ବିଶ୍ୱାସୀ, ବିଶ୍ୱସ୍ତ, ବିଶ୍ୱାସଯୋଗ୍ୟ; ସଦାନୁରକ୍ତ; ଅବିକଳ (a faithful account); the Faithful ଧର୍ମରେ ବିଶ୍ୱାସୀ, ଈଶ୍ୱରାନୁଗତ; ବି. faithfulness.

**faithfully** କ୍ରି.ବିଂ. ବିଶ୍ୱସ୍ତ ଭାବେ; yours faithfully ସରକାରୀ ଓ ବାଣିଜ୍ୟିକ ପତ୍ର ଶେଷରେ ସ୍ୱାକ୍ଷର ପୂର୍ବରୁ ଔପଚାରିକ ପଦ– 'ଆପଣଙ୍କର ବିଶ୍ୱସ୍ତ' ।

**faithless** ବିଂ. ଅବିଶ୍ୱାସୀ, ଅଣ–ବିଶ୍ୱାସୀ, ବିଶ୍ୱାସଘାତକ; ନାସ୍ତିକ ।

**fake** 1. ବି. ଜାଲ ବା ନକଲି ବସ୍ତୁ ବା ବ୍ୟକ୍ତି; 2. ବିଂ. ନକଲି, ଅସଲ ନୁହେଁ; 3. କ୍ରି. ପ୍ରତାରଣା ନିମନ୍ତେ କୌଣସି ଜିନିଷର ଅନୁରୂପ ଜିନିଷ ତିଆରି କରିବା ।

**fakir** ବି. ଫକୀର, ଯୋଗୀ ( ବ୍ୟୁ. ଆରବିକ୍) ।

**falchion** ବି. ଚଉଡ଼ା, ବଙ୍କା ତରବାରି ।

**falcon** ବି. ଶିକାରୀ ବାଜ ବା ଶ୍ୟେନ ପକ୍ଷୀ ।

**falconer** ବି. ଶିକାରୀ ବାଜ ସାହାଯ୍ୟରେ ଯେ ଶିକାର କରେ ବା ଯେ ତାହାକୁ ତାଲିମ କରେ ।

**falconry** ବି. ବାଜପକ୍ଷୀର ତାଲିମ ଓ ଏହା ସାହାଯ୍ୟରେ ଶିକାର ।

**fall** 1. କ୍ରି. ( *ଅ.କା.* fell; *ଅ.କ୍ରି.ଜ.ପ.* fallen) ପଡ଼ିବା, ତଳକୁ ପଡ଼ିବା, ଖାଡ଼ା ହୋଇ ରହି ନ ପାରିବା, ଭାରସାମ୍ୟ ହାନି ହେତୁ ପଡ଼ିଯିବା; ଛିନ୍ନ ହୋଇ ତଳକୁ ଖସିବା, ଝୁଲିବା, କମିବା, କ୍ଷୀଣହେବା; ସମ୍ମାନ ବା ସ୍ଥିତି ହରାଇବା; ପ୍ରଲୋଭନରେ ପଡ଼ିବା; ପରାଜିତ ହେବା, ବିଧ୍ୱସ୍ତ ହେବା, ମରିବା; (fell fighting); ସଂଘଟିତ ହେବା (Easter falls early this year); କୌଣସି ନିର୍ଦ୍ଦିଷ୍ଟ ଅବସ୍ଥାରେ ପତିତ ହେବା; (ନଦୀ, ସମୁଦ୍ର, ହ୍ରଦରେ) ପଡ଼ିବା; 2. ବି. ପତନ, ପଡ଼ିବା ଅବସ୍ଥା; ପତନର ବା ପତିତ ବସ୍ତୁର ପରିମାଣ; ଅଧଃପତନ, ଗୌରବହାନି; ପରାଜୟ;

Digitized by srujanika@gmail.com

*ଆମେ.* ଶରତକାଳ; falls ବ.ବ. ଜଳପ୍ରପାତ; କୁସ୍ତିରେ ତଳେ ପଡ଼ିଯିବା ଅବସ୍ଥା; the fall (of man) ଆଦାମଙ୍କ ଅପରାଧ ଓ ତଜ୍ଜନିତ ଫଳାଫଳ; fall about *କ.ଭା.* ହସି ହସି ବେଦମହେବା; fall away ସଂଖ୍ୟାରେ କମିଯିବା, ଛାଡ଼ି ଚାଲିଯିବା; fall back ପଛକୁ ହଟିବା; fall back on ଶେଷ ଅବଲମ୍ବନ ସ୍ୱରୂପ (କୌଣସି ଉପାୟର) ଆଶ୍ରୟ ନେବା; fall flat ନିଷ୍ଫଳ ବା ଅସଫଳ ହେବା; fall foul of କଳହ କରିବା; fall in (ସାମରିକ ଡ୍ରିଲରେ) ନିର୍ଦ୍ଦିଷ୍ଟ ସ୍ଥାନରେ ଠିଆ ହେବା; fall into କାହାର ସ୍ଥାନ ଗ୍ରହଣ କରିବା, ଫାନ୍ଦରେ ପଡ଼ିବା, କୌଣସି ଅବସ୍ଥାକୁ ଯିବା; fall in with (କାହାସହିତ) ଦୈବାତ୍ ସାକ୍ଷାତ ହେବା, ସହମତ ହେବା; fall off କମିଯିବା, ଖରାପ ଆଡ଼କୁ ଯିବା; fall on ଆକ୍ରମଣ କରିବା; 'fall on one's feet କଷ୍ଟରୁ ପାର ହେବା; fall out କଳହ କରିବା, ଲାଇନ ବାହାରକୁ ଯିବା; fall over ଝୁଣ୍ଟି ତଳେ ପଡ଼ିଯିବା; fall over oneself *କ.ଭା.* ବ୍ୟଗ୍ର ହେବା; fall short ନିଅଣ୍ଟ ହେବା; fall short of ହାତ ପାଆନ୍ତାକୁ ନ ଆସିବା, ପାଇବାକୁ ସକ୍ଷମ ନ ହେବା; fall through ବିଫଳ ବା ବ୍ୟର୍ଥ ହେବା; fall to ଆରମ୍ଭ କରିବା; fall to the ground ପଣ୍ଡ ହେବା; fall under ଅନ୍ତର୍ଭୁକ୍ତ ହେବା, (ବିଚାର, ତଦନ୍ତ ଆଦିର) ଅଧୀନ ହେବା।

**fallacious** ବିଂ. ଭ୍ରାନ୍ତିପୂର୍ଣ୍ଣ, ଭ୍ରମାତ୍ମକ।

**fallacy** ବି. ଭ୍ରାନ୍ତି, ଭ୍ରମାତ୍ମକ ଯୁକ୍ତି, ହେତ୍ୱାଭାସ।

**fallen** ବିଂ. ପତିତ; the fallen ବି. ଯୁଦ୍ଧରେ ନିହତ ସୈନ୍ୟବୃନ୍ଦ।

**fallible** ବିଂ. ଭ୍ରାନ୍ତିଶୀଳ, ସ୍ଖଳନୀୟ; ବି. fallibility; କ୍ରି.ବିଂ. fallibly.

**Fallopian tube** ବି. ଡ଼ିମ୍ବାଶୟ ଓ ଗର୍ଭାଶୟର ସଂଯୋଗକାରୀ ନଳୀ ଦୁଇଟି ମଧ୍ୟରୁ ଏକତମ, ଗର୍ଭାଶୟ ନଳୀ।

**fallout** ବି. ଆଣବିକ ବିସ୍ଫୋରଣ ଜନିତ ବାୟୁମଣ୍ଡଳସ୍ଥ ତେଜସ୍କ୍ରିୟ କଣା।

**fallow**[1] 1. ବିଂ. ଅନାବାଦୀ ବା ପତିତ (ଜମି), ହଳ ହୋଇଥିବା କିନ୍ତୁ ବୁଣା ଯାଇ ନ ଥିବା ପଡ଼ିଆ; 2. ବି. ଉକ୍ତ ଜମି।

**fallow**[2] ବିଂ. ଈଷତ୍ ପୀତ—ପିଙ୍ଗଳ ବର୍ଣ୍ଣ; fallow deer ଏହି ବର୍ଣ୍ଣର ଛୋଟ ହରିଣ।

**false** ବିଂ. ମିଥ୍ୟା, ଅସତ୍ୟ, ଅମୂଳକ, ଅବିଶ୍ୱାସୀ, ବିଶ୍ୱାସଘାତକ; କୃତ୍ରିମ, ଜାଲି, ତଥାକଥିତ; false position ଅସୁବିଧାଜନକ ଅବସ୍ଥା; କ୍ରି.ବିଂ. falsely; ବି. falseness.

**false alarm** ବି. ଅଯଥା ବିପଦ ସଙ୍କେତ।

**falsehood** ବି. ଅସତ୍ୟ, ମିଥ୍ୟା, ମିଥ୍ୟାବଚାରଣା।

**false pretences** ବି. ପ୍ରତାରଣା ନିମନ୍ତେ ବୃଥା ଛଳନା।

**falsetto** ବି. (ବ.ବ. falsettos) (ଗାୟକ ବା ଅଭିନେତାର) ସ୍ୱାଭାବିକ ସ୍ୱରଠାରୁ ଉଚ୍ଚ କୃତ୍ରିମ ସ୍ୱର।

**falsies** ବି. ବ.ବ. ବକ୍ଷୋଜକୁ ଉନ୍ନତ ଆକୃତିରେ ଦେଖାଇବା ନିମନ୍ତେ ବ୍ୟବହୃତ ଆସ୍ତରଣ ବା ପ୍ୟାଡ୍।

**falsify** କ୍ରି. ମିଥ୍ୟା ପ୍ରମାଣିତ କରିବା, ଜାଲ କରିବା, ପ୍ରତାରଣା ଉଦ୍ଦେଶ୍ୟରେ ପରିବର୍ତ୍ତିତ କରିବା; ବି. falsification.

**falsity** ବି. ଅସତ୍ୟତା, ଅଳୀକତା, ମିଥ୍ୟାଅବସ୍ଥା।

**falter** କ୍ରି. (ଭୟ କିଂବା ଦୁର୍ବଳତା ବଶତଃ), ଥରିଥରି ଯିବା, କାର୍ଯ୍ୟ କରିବା ବା କହିବା; ଇତସ୍ତତଃ ଭାବରେ ବା ଅଟ୍ଟେଇ ଅଟ୍ଟେଇ କହିବା, ଦୁର୍ବଳ ହେବା; faltering ବି.କ୍ରି.ଜ.ପ./ ବିଂ. କମ୍ପମାନ, ଅଙ୍ଗଥଙ୍ଗିଆ।

**fame** ବି. ଯଶ, ଖ୍ୟାତି, ପ୍ରତିଷ୍ଠା, ଗୌରବ।

**famed** ବିଂ. ପ୍ରଖ୍ୟାତ, ସୁବିଦିତ।

**familial** ବିଂ. ପାରିବାରିକ, ପରିବାର ସଂପର୍କୀୟ।

**familiar** 1. ବିଂ. ସୁପରିଚିତ, ଘନିଷ୍ଠ, ବ୍ୟକ୍ତିଗତ; ଅଭ୍ୟସ୍ତ; ଜଣାଶୁଣା; 2. ବି. ଅନ୍ତରଙ୍ଗ ବନ୍ଧୁ; familiar spirit କଥିତ ଅନୁଗତ ଅଶରୀରୀ ଆତ୍ମା; ବଶୀଭୂତ ପ୍ରେତ; କ୍ରି.ବିଂ. familiarly.

**familiarity** ବି. ଘନିଷ୍ଠତା।

**familiarize** କ୍ରି. (ନିଜକୁ ବା କାହାକୁ) ସୁପରିଚିତ କରାଇବା (ବିଷୟ ସହିତ); ବି. familiarization.

**family** ବି. ପରିବାର, ପିଲାପିଲି, କୁଟୁମ୍ବ, ବଂଶ, ଗୋଷ୍ଠୀ; ଜନ୍ତୁ, ଉଦ୍ଭିଦ ବା ଭାଷାର ଶ୍ରେଣୀ; in the family way *କ.ଭା.* ଗର୍ଭବତୀ;

Digitized by srujanika@gmail.com

matriarchal/ patriarchal family ମାତୃତନ୍ତ୍ରାତ୍ମକ/ ପିତୃତନ୍ତ୍ରାତ୍ମକ ପରିବାର ।

**family allowance** ବି. ପାରିବାରିକ ଭତ୍ତା ।

**family man** ବି. ସ୍ତ୍ରୀ, ସନ୍ତାନ ଥିବା ବ୍ୟକ୍ତି ।

**family name** ବି. ସଞ୍ଜ୍ଞା (ଦାସ, ପ୍ରଧାନ ଇତ୍ୟାଦି) ।

**family planning** ବି. ପରିବାର କଲ୍ୟାଣ (ନିୟନ୍ତ୍ରଣ) ଯୋଜନା ।

**famine** ବି. ଦୁର୍ଭିକ୍ଷ, ଅକାଳ, ଅନ୍ନକଷ୍ଟ ।

**famish** କ୍ରି. କ୍ଷୁଧାରେ ଶୀର୍ଣ୍ଣ ହେବା ବା କରାଇବା; be famished/ famishing କ.ଭା. ଅତିଶୟ କ୍ଷୁଧାର୍ତ୍ତ ହେବା, ଖୁବ୍ ଭୋକିଲା ହେବା ।

**famous** ବିଂ. ପ୍ରସିଦ୍ଧ, ଲବ୍ଧପ୍ରତିଷ୍ଠ; କ.ଭା. ଉତ୍କୃଷ୍ଟ ।

**fan**[1] 1. ବି. ପଙ୍ଖା (ବୈଦ୍ୟୁତିକ); ହାତପଙ୍ଖା, ବିଞ୍ଚଣା, ବିଞ୍ଚଣା ଆକୃତି ବିଶିଷ୍ଟ ବସ୍ତୁ; 2. କ୍ରି. ବାୟୁ ସଞ୍ଚାଳନ ଦ୍ୱାରା ଶୀତଳ କରିବା, ବିଞ୍ଚିଦେବା, ବିଞ୍ଚଣା ଆକାରରେ ଖୋଲିଯିବା; winnowing fan କୁଲା ।

**fan**[2] ବି. ନିର୍ଦ୍ଦିଷ୍ଟ ଆମୋଦ ପ୍ରମୋଦର ସମର୍ଥକ, ଉଦା.- football fan.

**fanatic** 1. ବି. କୌଣସି ବିଷୟରେ ଅଯୌକ୍ତିକ ଆଗ୍ରହାତିଶଯ୍ୟ ବିଶିଷ୍ଟ ବ୍ୟକ୍ତି, ଅନ୍ଧ ସମର୍ଥକ; 2. ବିଂ. (fanatical ମଧ୍ୟ) ଉତ୍କଟ ଆଗ୍ରହୀ; କ୍ରି.ବିଂ. fanatically; ବି. fanaticism.

**fan belt** ବି. ମୋଟର ଯାନର ଇଞ୍ଜିନ ରେଡ଼ିଏଟରକୁ ଶୀତଳ କରୁଥିବା ପଙ୍ଖାର ସଂଯୋଗକାରୀ ବେଲ୍ଟ ।

**fancier** ବି. କୌଣସି ବସ୍ତୁ ବା ପ୍ରାଣୀସଂପର୍କରେ ସୂକ୍ଷ୍ମରୁଚି ବିଶିଷ୍ଟ ଲୋକ ।

**fanciful** ବିଂ. କଳ୍ପନାବିଳାସୀ, କାଳ୍ପନିକ; କ୍ରି.ବିଂ. fancifully

**fan club** ବି. ପ୍ରଖ୍ୟାତ ବ୍ୟକ୍ତିଙ୍କର ସ୍ତାବକମାନଙ୍କ କ୍ଲବ ।

**fancy** 1. ବି. କଳ୍ପନାଶକ୍ତି; ମାନସଚିତ୍ର; ଅନୁମାନ; ଖିଆଲ, ଭ୍ରାନ୍ତି; ଆସକ୍ତି, ସାମୟିକ ଧାରଣା; 2. କ୍ରି. କଳ୍ପନା କରିବା, ଅଧିକ ପସନ୍ଦ କରିବା, ଧାରଣା କରିବା (fancy that); 3. ବିଂ. ଆଡ଼ମ୍ବରମୟ, ଅଳଙ୍କାରପୂର୍ଣ୍ଣ, ଅସାଧାରଣ; fancy that! (just fancy!) ବିସ୍ମୟ ସୂଚକ ବାଚନ (କି ଆଶ୍ଚର୍ଯ୍ୟ!) ।

**fancy dress** ବି. ନିଜକୁ ଭିନ୍ନ ରୂପରେ ପ୍ରଦର୍ଶନ ନିମନ୍ତେ ଉତ୍ସବ ଆଦିରେ ପରିହିତ ମନଖୁସି ସୌଖୀନ ପୋଷାକ; ପ୍ରତିଯୋଗିତାପ୍ରଭୃତି ନିମନ୍ତେ ପରିହିତ କୌତୁକ ପୋଷାକ ।

**fancy–free** ବି. ପ୍ରେମ–ମୁକ୍ତ ।

**fane** ବି. କାବ୍ୟ. ମନ୍ଦିର, ଦେବାଳୟ, ଗୀର୍ଜା ।

**fanfare** ବି. ଭେରୀ ବା ତୂରୀ ନିନାଦ ।

**fang** ବି. (କୁକୁର, ହେଟାବାଘ, ସାପ ପ୍ରଭୃତିର) ଲମ୍ବା, ମୁନିଆ ଦାନ୍ତ; ବିଷଦନ୍ତ ।

**fanlight** ବି. ଦରଜା ବା ଝରକା ଉପରିସ୍ଥ କ୍ଷୁଦ୍ର ଝରକା (ଆଲୋକ ପ୍ରବେଶ ନିମନ୍ତେ) ।

**fan mail** ବି. ପ୍ରଖ୍ୟାତ ବ୍ୟକ୍ତିଙ୍କ ନିକଟକୁ ସ୍ତାବକମାନଙ୍କର ପତ୍ର ।

**fantail** ବି. ପଙ୍ଖାପରି ଲାଞ୍ଜଥିବା ପାରା ।

**fantasia** ବି. କଳ୍ପନାବହୁଳ ସଂଗୀତ, ନୃତ୍ୟାଦି ଯହିଁରେ କଳାତ୍ମକ ରୀତି ଅପେକ୍ଷା କଳ୍ପନାତ୍ମକ ବିନ୍ୟାସର ପ୍ରାଧାନ୍ୟ ଅଧିକ ।

**fantasize** କ୍ରି. କଳ୍ପନା କରିବା, ଦିବାସ୍ୱପ୍ନ ଦେଖିବା ।

**fantastic** ବିଂ. ଅପରୂପ, ବିଚିତ୍ର, ଅବାସ୍ତବ, ଅତ୍ୟନ୍ତ କାଳ୍ପନିକ, କିମ୍ଭୂତକିମାକାର; କ୍ରି.ବିଂ. fantastically.

**fantasy** ବି. କଳ୍ପନା, ବିଶେଷତଃ ଅତିଶୟ ବା ଅଦ୍ଭୁତ; ମାନସଚିତ୍ର; ଦିବାସ୍ୱପ୍ନ; ଅପରୂପ ରଚନା ବା ଚିତ୍ରଣ; କାଳ୍ପନିକ ଘଟଣା ସଂବଳିତ ପୁସ୍ତକ, ଚଳଚ୍ଚିତ୍ର, ଦୃଶ୍ୟାଦି ।

**far** 1. ବିଂ. ଦୂର, ଦୂରବର୍ତ୍ତୀ, ସୁଦୂର; 2. କ୍ରି.ବିଂ. (ସ୍ଥାନ ଓ ସମୟ ସଂପର୍କରେ) ଦୂରରେ ବା ଦୂରକୁ; ଖୁବ୍, ଅଧିକ (far better); 3. as far as ଯେତେଦୂର ଯାଏଁ, ଯେ ପର୍ଯ୍ୟନ୍ତ; by far ସର୍ବାଧିକ ପରିମାଣରେ; far and away ନିଶ୍ଚିତରୂପେ, ବହୁ ପରିମାଣରେ; far and wide ଚତୁର୍ଦ୍ଦିଗରେ, ବ୍ୟାପକ ଭାବରେ; far-away ଦୂରବର୍ତ୍ତୀ; ସ୍ୱପ୍ନିଳ (ଦୃଷ୍ଟି); ଦୂରକୁ ଆସିଲା ପରି ମନେ ହେଉଥିବା (ସ୍ୱର); Far East ସୁଦୂର ପ୍ରାଚ୍ୟ– ଚୀନ, ଜାପାନ ଆଦି; far–fetched କଷ୍ଟକଳ୍ପିତ; far–flung ସୁଦୂର ବିସ୍ତୃତ; far from ସଂପୂର୍ଣ୍ଣ ଭିନ୍ନ, ପ୍ରାୟ ବିପରୀତ; far gone ସମୟର ଆଗୁସାର, ରୋଗର ଶେଷ ଅବସ୍ଥାରେ ଉପନୀତ; far-off ସୁଦୂର; far reaching ସୁଦୂର ପ୍ରସାରୀ; far–seeing/ far-sighted ଦୂରଦର୍ଶୀ, ଦୂରଦୃଷ୍ଟି ସମ୍ପନ୍ନ; go far ବହୁତ ଉପକାରରେ ଆସିବା, ପ୍ରଭୂତ ଉନ୍ନତି ସାଧନ କରିବା; ଜୀବନରେ

Digitized by srujanika@gmail.com

ସଫଳତା ଲାଭ କରିବା; go too far ସୀମା ଅତିକ୍ରମ କରିଯିବା, ବହୁତ ଆଗେଇଯିବା (ଖରାପ ଅର୍ଥରେ); in so far as ଯେଉଁ ପରିମାଣରେ; (in) so far as (ନିର୍ଦ୍ଦିଷ୍ଟ) ସ୍ଥାନପର୍ଯ୍ୟନ୍ତ; so far so good ଏ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍।

**farad** ବି. ଫାରେଡ୍ (ଧାରକତ୍ୱ ପରିମାପକ ଏକକ)।

**farce** ବି. ଫାର୍ସ୍, ପ୍ରହସନ, ହାସ୍ୟୋଦ୍ଦୀପକ କ୍ଷୁଦ୍ର ନାଟିକା, ସୁଆଙ୍ଗ, ତାମସା; *ଲାକ୍ଷ.* ଅବାସ୍ତବ, ନିରର୍ଥକ କାର୍ଯ୍ୟକ୍ରମ; ବିଂ. farcical; *କ୍ରି.ବିଂ.* farcically.

**fare** 1. ବି. ଯାନର ଭଡ଼ା ବା ମାଶୁଲ, ମାଶୁଲ ଦାତା ଯାତ୍ରୀ; ଖାଦ୍ୟ ସାମଗ୍ରୀ; 2. *କ୍ରି.* ଚଳିବା, (କୌଣସି ଅବସ୍ଥାରେ) ରହିବା; 3. bill of fare ଖାଦ୍ୟ ତାଲିକା।

**farewell** 1. *ଅବ୍ୟ.* ବିଦାୟ! ମଙ୍ଗଳ ହେଉ! 2. ବି. ବିଦାୟ।

**farina** ବି. ସୂକ୍ଷ୍ମ ଶସ୍ୟଚୂର୍ଣ୍ଣ।

**farinaceous** ବିଂ. ଚୂନାପରି ବା ତତ୍‌ସମ୍ବନ୍ଧୀୟ।

**farm** 1. ବି. ଶସ୍ୟ ଉତ୍ପାଦନ ବା ପଶୁପାଳନ ନିମନ୍ତେ ବ୍ୟବହୃତ ଗୃହାଦି ସମେତ ସୀମିତ କ୍ଷେତ୍ର; ଗୋଳା ଘର; 2. *କ୍ରି.* କୃଷି କର୍ମ, ପଶୁ ବା ମତ୍ସ୍ୟ ପାଳନ ନିମନ୍ତେ ଜମିର ଉପଯୋଗ କରିବା; କୃଷକ ରୂପେ କାର୍ଯ୍ୟକରିବା; ଜମିର ପଟ୍ଟା ନେବା; farm out କାହାକୁ ଇଜାରା ବା ପଟ୍ଟା ଦେବା।

**farmer** ବି. ଫାର୍ମର ମାଲିକ, ଜୋତଦାର, (ସ୍ୱାଧୀନ) କୃଷିଜୀବୀ ବା କୃଷକ।

**farm-hand** ବି. ଫାର୍ମରେ ନିଯୁକ୍ତ ଶ୍ରମିକ।

**farmhouse** ବି. କୃଷିକ୍ଷେତ୍ର ସଂଲଗ୍ନ ଗୃହ, ଗୋଳା ଘର।

**farmost** ବିଂ. ଦୂରତମ।

**farmstead** ବି. କୃଷିକ୍ଷେତ୍ର ଓ ତତ୍‌ସଂଲଗ୍ନ ଗୃହ।

**farmyard** ବି. ଖଳା, କୃଷିକ୍ଷେତ୍ରସ୍ଥ ପ୍ରାଙ୍ଗଣ।

**faro** ବି. ତାସର ଏକପ୍ରକାର ଜୁଆଖେଳ।

**farrago** ବି. (ବ.ବ. farragos, -es) ନାନା ପଦାର୍ଥର ମିଶ୍ରିତ ବସ୍ତୁ; *ଲାକ୍ଷ.* ଖେଚୁଡ଼ି।

**farrier** ବି. ଘୋଡ଼ା ଗୋଡ଼ରେ ନାଲ ବନ୍ଧାଇ କରିବା ମିସ୍ତ୍ରୀ।

**farrow** 1. *କ୍ରି.* (ଘୁଷୁରି ସଂପର୍କରେ) ଛୁଆ ଜନ୍ମ କରିବା; 2. ବି. ଘୁଷୁରିର ପ୍ରସବ କାର୍ଯ୍ୟ, ଘୁଷୁରି ଶାବକ ସବୁ।

**Farsi** ବି. ଫାର୍ସୀ (ପାରସ୍ୟିକ) ଭାଷା।

**far-sighted** ବିଂ. ଦୂରଦୃଷ୍ଟିସମ୍ପନ୍ନ।

**fart** *ଗ୍ରା.ପ୍ର.* 1. *କ୍ରି.* ପାଦିବା, ଅଧୋବାୟୁ ତ୍ୟାଗ କରିବା; 2. ବି. ପାଦ, ଅଧୋବାୟୁ, ଅପାନବାୟୁ; *ଗ୍ରା.ପ୍ର.* ଘୃଣିତ ବ୍ୟକ୍ତି।

**farther** ବିଂ./*କ୍ରି.ବିଂ.* ଅଧିକତର ଦୂର(ରେ); •ଅଧିକନ୍ତୁ।

**farthest** ବିଂ. ସର୍ବାପେକ୍ଷା ଦୂରବର୍ତ୍ତୀ।

**farthing** ବି. *ଇତି.* ବିଲାତି ମୁଦ୍ରା (ପେନିର ଏକ ଚତୁର୍ଥାଂଶ)।

**fascicle** ବି. ଧାରାବାହିକ ଭାବେ ପ୍ରକାଶିତ ପୁସ୍ତକର ଏକ ଅଂଶ ବା ଅଧ୍ୟାୟ।

**fascinate** *କ୍ରି.* ଆଗ୍ରହ ଆକର୍ଷଣ କରିବା, ମୁଗ୍ଧ କରିବା, ବଶୀଭୂତ କରିବା; ବି. fasci- nation.

**Fascism** ବି. ଫାସୀବାଦ, ଚରମ ଦକ୍ଷିଣପନ୍ଥୀ ଏକଛତ୍ରବାଦୀ ରାଜନୈତିକ ସଂସ୍ଥା ବା ମତବାଦ, ଏହା ମୂଳତଃ ମୁସୋଲିନିଙ୍କ ଦ୍ୱାରା ଇଟାଲୀରେ ପ୍ରଚଳିତ ହୋଇଥିଲା (ଖ୍ରୀ. ୧୯୨୨-୪୩)।

**Fascist** ବି.ବିଂ. ଫାସୀବାଦୀ।

**fashion** 1. ବି. ପ୍ରଚଳିତ ପଦ୍ଧତି ବା ରୀତି (ବେଶଭୂଷା ଓ ଆଚରଣ ଭଙ୍ଗୀରେ), ଫେସନ, ରୀତି, ଢାଞ୍ଚା; 2. *କ୍ରି.* (କୌଣସି ଏକ ଆକାରରେ) ଗଠନ ବା ରୂପାୟିତ କରିବା; after a fashion କିଯତ୍ ପରିମାଣରେ; in fashion (ଫେସନରେ) ଚାଲୁ; out of fashion ଉଠି ଯାଇଥିବା ବା ଅପ୍ରଚଳିତ ହୋଇ ଯାଇଥିବା (ଫେସନ)।

**fashionable** ବିଂ. ସୌଖୀନ, ଅଧୁନାତନ ଢଙ୍ଗ ବା ରୀତିର ଅନୁଗାମୀ, ବିଳାସୀ ସମାଜ ସମର୍ଥିତ; *କ୍ରି.ବିଂ.* fashionably.

**fast**[1] 1. *କ୍ରି.* (ବ୍ରତ ଉଦ୍ଦେଶ୍ୟରେ କିମ୍ବା ଶୋକରେ) ଉପବାସ କରିବା; 2. ବି. ଉପବାସ; ଉପବାସର ସମୟ।

**fast**[2] 1. ବିଂ. ଦ୍ରୁତ, କ୍ଷିପ୍ର, ଦ୍ରୁତଗାମୀ, ଦୃଢ଼, ଶକ୍ତ; ପକ୍କା (ରଙ୍ଗ); ଘନିଷ୍ଠ, ଅନ୍ତରଙ୍ଗ (ବନ୍ଧୁ); ଉଚ୍ଛୃଙ୍ଖଳ (ଜୀବନ); 2. *କ୍ରି.ବିଂ.* ଶୀଘ୍ର, ସତ୍ୱର, ଦ୍ରୁତଗତିରେ, ଦୃଢ଼ ଭାବରେ।

**fast breeder (reactor)** ବ.ଉନ୍ନତ ଗତିଶକ୍ତି ସଂପନ୍ନ ନିଉଟ୍ରନ (fast neutron) ବ୍ୟବହାର କରାଯାଉଥିବା ରିଆକ୍ଟର।

Digitized by srujanika@gmail.com

**fasten** କ୍ରି. ସୁଦୃଢ଼ ରୂପେ ସଂଯୁକ୍ତ କରିବା, ଦୃଢ଼ ସଂଲଗ୍ନ କରିବା, ବାନ୍ଧିବା fasten on (upon) ଜାବୁଡ଼ି ଧରିବା (ଛଳନା ପ୍ରଭୃତିକୁ)।

**fastener/fastening** ବି. ସଂଲଗ୍ନକ (ସାଧନ), ବନ୍ଧନରଜ୍ଜୁ।

**fastidious** ବିଂ. ରୁଚି ବିଷୟରେ ଅତ୍ୟଧିକ ସଚେତନ, ଦୁସ୍ତୋଷଣୀୟ; ସହଜରେ ବିରକ୍ତ, ଦୋଷଦର୍ଶୀ; କ୍ରି.ବିଂ. fastidiously.

**fastness** ବି. ସୁରକ୍ଷିତ ସ୍ଥାନ ବା ଦୁର୍ଗ; *ପ୍ରା.ପ୍ର.* ଦୃଢ଼ତା।

**fat** 1. ବିଂ. ସ୍ଥୂଳକାୟ, ମୋଟା, ଚର୍ବିଳ; ଲାଭଜନକ; 2. ବି. ସ୍ନେହସାର; ଚର୍ବି, ମେଦ; 3. କ୍ରି. ମୋଟା କରିବା, ହୃଷ୍ଟପୁଷ୍ଟ କରିବା; a fat chance (lot) *ସା.ପ୍ର.* ଅତିକ୍ଷୀଣ ସମ୍ଭାବନା; the fat is in the fire ଗଣ୍ଡଗୋଳ ଆସନ୍ନ; kill the fatted calf ଅପ୍ରତ୍ୟାଶିତ ଅବସ୍ଥାରେ, ସର୍ବସ୍ୱାନ୍ତ ପୁତ୍ରର ପ୍ରତ୍ୟାବର୍ତ୍ତନରେ ଧୂମଧାମ କରିବା; live off the fat of the land ବିଳାସବ୍ୟସନରେ କାଳାତିପାତ କରିବା।

**fatal** ବିଂ. ମାରାତ୍ମକ, ବିପଜ୍ଜନକ, ସାଂଘାତିକ, ନିୟତି ଘଟିତ; କ୍ରି.ବିଂ. fatally.

**fatalism** ବି. ଅଦୃଷ୍ଟବାଦ; ବି. fatalist; ବିଂ. fatalistic.

**fatality** ବି. ଆକସ୍ମିକ ଦୁର୍ଘଟଣା ବା ଯୁଦ୍ଧରେ ମୃତ୍ୟୁ; ଭବିତବ୍ୟତା; ଦୁର୍ଘଟଣା ପାଇଁ ଅଦୃଷ୍ଟ ଲିଖନ।

**fate** 1. ବି. ଭାଗ୍ୟ, ଅଦୃଷ୍ଟ, ନିୟତି, ଦୈବ; ଧ୍ୱଂସ, ମୃତ୍ୟୁ; 2. କ୍ରି. (କର୍ମ ବାଚ୍ୟରେ) ଦୈବ-ନିର୍ଦ୍ଧାରିତ ହେବା।

**fateful** ବିଂ. ଦୈବ-ନିର୍ଦ୍ଧାରିତ; ଅନିବାର୍ଯ୍ୟ, ଅଶୁଭକର; କ୍ରି.ବିଂ. fatefully.

**fat–head** *କ.ଭା.* ସ୍ଥୂଳବୁଦ୍ଧି, ବୋକା।

**father** 1. ବି. ପିତା, ପୋଷ୍ୟପୁତ୍ରଗ୍ରହୀତା; ଉଦ୍‌ଭାବକ, ଆବିଷ୍କର୍ତ୍ତା, ନେତା; *ସା.ବ.ବ.* ପୂର୍ବ ପୁରୁଷଗଣ; ଅନୁଷ୍ଠାନ ବା ନଗରୀର ନେତୃସ୍ଥାନୀୟ ବ୍ୟକ୍ତିଗଣ; Father ଈଶ୍ୱର; 2. କ୍ରି. ଜନ୍ମଦେବା; (ଅନୁଷ୍ଠାନ, ଯୋଜନା, ପୁସ୍ତକ, ମତ ଆଦିର ସୃଷ୍ଟି ବା ଆରମ୍ଭ ପାଇଁ) କାହା ଉପରେ ଦାୟିତ୍ୱ ଆରୋପ କରିବା; ବିଂ. fatherless.

**father–figure** ବି. ପିତୃପ୍ରତିମ ସମ୍ମାନିତ ବ୍ୟକ୍ତି।

**fatherhood** ବି. ପିତୃତ୍ୱ।

**father–in–law** ବି. (ବ.ବ. fathers-in-law) ଶ୍ୱଶୁର।

**fatherland** ବି. ଜନ୍ମଭୂମି।

**fatherly** ବିଂ. ପିତୃତୁଲ୍ୟ ବା ପିତା ସଂପର୍କୀୟ।

**Father's Day** ବି. ପୂର୍ବପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଦିବସ (ଜୁନ୍ ମାସର ୩ୟ ରବିବାର)।

**Father Superior** ବି. ଖ୍ରୀଷ୍ଟୀୟ ମଠାଧ୍ୟକ୍ଷ।

**fathom** 1. ବି. ସମୁଦ୍ରର ଗଭୀରତା ପରିମାପକ ଏକକ =୬ ଫୁଟ ପରିମାଣ; 2. କ୍ରି. ଜଳର ଗଭୀରତା ମାପ କରିବା; ଯେ କୌଣସି ବିଷୟର ଗଭୀରତା ଅଟକଳ କରିବା; ବିଂ. fathomable.

**fathomless** ବିଂ. ଅପରିମେୟ, ଅତଳସ୍ପର୍ଶୀ, ଅଗାଧ।

**fatigue** 1. ବି. କ୍ଳାନ୍ତି, ଅବସନ୍ନତା; ପ୍ରତିବନ୍ଧର ପରିବର୍ତ୍ତନ ଜନିତ ସୃଷ୍ଟ ଧାତବ ଉପାଦାନର ଦୁର୍ବଳତା; ସୈନ୍ୟମାନଙ୍କର ସମରେତର କର୍ତ୍ତବ୍ୟ; ବ.ବ. ସେଥି ନିମନ୍ତେ ପରିହିତ ପୋଷାକ; 2. କ୍ରି. କ୍ଳାନ୍ତ ବା ପରିଶ୍ରାନ୍ତ ହେବା ବା କରିବା।

**fatstock** ବି. ବଧନିମନ୍ତେ ହୃଷ୍ଟପୁଷ୍ଟ କରାଯାଇଥିବା ପଶୁଧନ।

**fatten** କ୍ରି. ହୃଷ୍ଟପୁଷ୍ଟ ହେବା ବା କରିବା।

**fatty** ବିଂ. ଚର୍ବିବହୁଳ ବା ଚର୍ବିସଦୃଶ।

**fatuous** ବିଂ. ନିର୍ବୋଧ, ନିରର୍ଥକ।

**faucet** ବି. ପିପା ସଂଲଗ୍ନ କଳ।

**fault** 1. ବି. ତ୍ରୁଟି, ଦୋଷ, ଦୋଷାବହ କର୍ମ; (ଟେନିସଖେଳରେ) ତ୍ରୁଟିପୂର୍ଣ୍ଣ ବଲ୍ ଦେବା; ଭୂ ଚ୍ୟୁତି; 2. କ୍ରି. ଦୋଷ ଦେବା, ନିନ୍ଦାକରିବା, ଭୂ ଚ୍ୟୁତି ଘଟାଇବା; at fault ଦୋଷଭାଗୀ; find fault with (କାହା ପ୍ରତି) ଦୋଷାରୋପ କରିବା; to a fault ଅତ୍ୟନ୍ତ ଦୋଷାବହଭାବେ (generous to a fault).

**fault–finding** ବି. ନିରବିଚ୍ଛିନ୍ନ ସମାଲୋଚନା।

**faultless** ବିଂ. ନିର୍ଭୁଲ, ତ୍ରୁଟିହୀନ, ନିର୍ଦ୍ଦୋଷ।

**faulty** ବିଂ. ତ୍ରୁଟିପୂର୍ଣ୍ଣ; କ୍ରି.ବିଂ. faultily; ବି. faultiness.

**faun** ବି. ରୋମୀୟ ଗ୍ରାମାଞ୍ଚଳର ଦେବତା, ଯାହାଙ୍କର ପାଦ, ଶିଙ୍ଗ ଓ ଲାଙ୍ଗୁଳ ଛାଗ ସଦୃଶ।

**fauna** ବି. (ବ.ବ. faunas, e) କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ବା ବିଶିଷ୍ଟ ସମୟର ପ୍ରାଣୀସମୂହ।

Digitized by srujanika@gmail.com

***faux pas*** ବି.ଅସତର୍କ ପ୍ରମାଦ, ବିଡ଼ ଭୁଲ। *(ଫ.)*
**favour** *ଆମେ.* favor 1. ବି. ଅନୁଗ୍ରହ, ପ୍ରୀତି, ଅନୁକୂଳ ଦୃଷ୍ଟି; ସମର୍ଥନ, ପକ୍ଷପାତ; 2. କ୍ରି. ଅନୁଗ୍ରହ ଦେଖାଇବା, ପକ୍ଷାବଲମ୍ବନ କରିବା, ସମର୍ଥନ କରିବା, ଅଧିକ ପସନ୍ଦ କରିବା; in (out of) favour ଅନୁଗ୍ରହ ଲାଭ କରିବା (ତହିଁରୁ ବଞ୍ଚିତ ହେବା); in favour of (କାହା) ସପକ୍ଷରେ, ତରଫରୁ।
**favourable** ବିଂ. ଅନୁକୂଳ, ସଦୟ, ବନ୍ଧୁଭାବାପନ୍ନ; ଉପଯୋଗୀ, ପ୍ରସନ୍ନ, ସହାୟକ; କ୍ରି.ବିଂ. favourably.
**favourite** 1. ବିଂ. ଅଧିକ ପ୍ରିୟପାତ୍ର; 2. ବି. ଅଧିକ ପ୍ରିୟ ବ୍ୟକ୍ତି ବା ବସ୍ତୁ।
**favouritism** ବି. ପକ୍ଷପାତିତା।
**fawn**[1] 1. ବି. ହରିଣ ଶାବକ (ଏକବର୍ଷ ମଧ୍ୟରେ ବୟସ); ଈଷତ୍ ପିଙ୍ଗଳ ବର୍ଣ୍ଣ; 2. ବିଂ. ମୃଗଶିଶୁ ବର୍ଣ୍ଣ ବିଶିଷ୍ଟ।
**fawn**[2] କ୍ରି. ଅନୁଗ୍ରହ ଲାଭକରିବା ସକାଶେ ତଳେ ଗଡ଼ିବା; ପଦଲେହନ କରିବା; ଦାସବତ୍ ବ୍ୟବହାର କରିବା।
**fay** ବି. *ସାହି.* ପରୀ।
**Fe** *ପ୍ର.* ferrum ଲୌହ।
**fealty** ବି. *ଇତି.* ସାମନ୍ତଯୁଗର ଭୂସ୍ୱାମୀଙ୍କ ପ୍ରତି ପ୍ରଜାର ଆନୁଗତ୍ୟ; ବିଶ୍ୱସ୍ତତା।
**fear** 1. ବି. ଡର, ଆଶଙ୍କା, ତ୍ରାସ, ଆତଙ୍କ, ଭୟ ମିଶ୍ରିତ ଭକ୍ତି; ବିପଦ; 2. କ୍ରି. ଭୟ କରିବା, ଆଶଙ୍କା କରିବା; ଦ୍ୱିଧାବୋଧ କରିବା; (ଈଶ୍ୱରଙ୍କୁ) ଭକ୍ତି କରିବା; for fear of ଆଶଙ୍କାବଶତଃ; without fear or favour ନିରପେକ୍ଷ ଭାବରେ।
**fearful** ବିଂ. ଭୟଙ୍କର, ଭୟାବହ, ଭୟହେତୁ ଦ୍ୱିଧାଗ୍ରସ୍ତ; *ସାଂ.ପ୍ର.* ଅତ୍ୟନ୍ତ; କ୍ରି.ବିଂ. fearfully.
**fearless** ବିଂ. ନିର୍ଭୀକ, ସାହସୀ; କ୍ରି.ବିଂ. fearlessly.
**fearsome** ବିଂ. ଭୀତିପ୍ରଦ, ଭୀଷଣ।
**feasible** ବିଂ. ସମ୍ଭବ, ସମ୍ଭବପର, ସାଧ୍ୟ; ବି. feasibility; କ୍ରି.ବିଂ. feasibly.
**feast** 1. ବି. ଭୋଜି, ଉତ୍ସବ; ଆନନ୍ଦଦାୟକ ବସ୍ତୁ; 2. କ୍ରି. ଭୋଜିରେ ଅଂଶ ଗ୍ରହଣ କରିବା; ଭୋଜି ଦେବା; ସନ୍ତୋଷ ପୂର୍ବକ ଖାଦ୍ୟ, ପାନୀୟ ଗ୍ରହଣ କରିବା; ଆନନ୍ଦ ଲାଭ କରିବା।
**feat** ବି. ଉଲ୍ଲେଖନୀୟ କାର୍ଯ୍ୟ ବା କୃତିତ୍ୱ।
**feather** 1. ବି. ପକ୍ଷୀର ପର; ଅଳଙ୍କରଣ ନିମନ୍ତେ ବ୍ୟବହୃତ ପର (ସମଷ୍ଟି ବାଚକ); ପକ୍ଷୀପର, ପକ୍ଷୀସମୂହ; 2. କ୍ରି. ପରଦ୍ୱାରା ଆଚ୍ଛାଦିତ ବା ସଜ୍ଜିତ କରିବା; feather in one's cap ବିଜୟ ବା ସଫଳତାର ଚିହ୍ନ; feather one's nest ନିଜକୁ ଧନବାନ କରିବା; in fine (high) feather ପ୍ରସନ୍ନ ଅବସ୍ଥାରେ।
**feather bed** ବି. ପକ୍ଷୀପରରେ ତିଆରି ଗଦି।
**feather–bed** କ୍ରି. ସହଜ ସାଧ୍ୟ କରିବା।
**feather–brained (–headed)** ବିଂ. ନିର୍ବୋଧ।
**feathering** ବି. ପକ୍ଷୀର ପର, ଶର ପଶ୍ଚାତ ଭାଗରେ ଥିବା ପର।
**featherweight** ବି. ବକ୍ସିଂ ପ୍ରଭୃତି କ୍ରୀଡାରେ ୫୭ କି.ଗ୍ରା. ବା ତାଠାରୁ କମ୍ ଓଜନ; ଲଘୁ ଓଜନ।
**feature** 1. ବି. ମୁଖର ଯେକୌଣସି ଅଂଶ (ବିଶେ ଚେହେରା ଦୃଷ୍ଟିରୁ ବିବେଚିତ); କୌଣସି ବସ୍ତୁର ଲକ୍ଷଣଗତ ବା ଉଲ୍ଲେଖନୀୟ ଅଂଶ;, ସଂବାଦପତ୍ରରେ ପ୍ରକାଶିତ ପ୍ରମୁଖ ଲେଖା; ମୁଖ୍ୟ ଚିତ୍ର (ଚଳଚ୍ଚିତ୍ର); 2. କ୍ରି. ପ୍ରାଧାନ୍ୟ ଦେବା; ଅଂଶ ସ୍ୱରୂପ ଉପସ୍ଥାପିତ ହେବା; 3. feature film ପୂର୍ଣ୍ଣାଙ୍ଗ ବା ମୁଖ୍ୟ ଚଳଚ୍ଚିତ୍ର।
**featureless** ବିଂ. ଆକୃତିଗତ ବୈଶିଷ୍ଟ୍ୟବିହୀନ।
**Feb.** *ସଂଶ* February ଫେବୃଆରୀ ମାସ।
**febrile** ବିଂ. ଜ୍ୱର ସମ୍ବନ୍ଧୀୟ।
**February** ବି. ଖ୍ରୀଷ୍ଟୀୟ ବର୍ଷର ଦ୍ୱିତୀୟ ମାସ।
**fecal/feces** *ଦ୍ର.* faeces.
**feckless** ବିଂ. ନିସ୍ତେଜ, ଦୁର୍ବଳ, ଦାୟିତ୍ୱହୀନ।
**fecund** ବିଂ. ଉତ୍ପାଦନଶୀଳ, ଉର୍ବର; ବି. fecundity.
**fecundate** କ୍ରି. ଉତ୍ପାଦନଶୀଳ କରିବା, ଉର୍ବର କରିବା; ବି. fecundation.
**fed** କ୍ରି. feed ର *ଅ.କା. ଓ ଅ.କ୍ରି.କ.ପ।*
**federal** ବିଂ. (ରାଷ୍ଟ୍ର ସମ୍ବନ୍ଧରେ) ସଂଘୀୟ; ଏହି ଧରଣର ସରକାରର ସଂଗଠକ ରାଷ୍ଟ୍ରଗୁଡ଼ିକ ସଂଘ ଭିତ୍ତିରେ ମିଳିତ, ମାତ୍ର ଆଭ୍ୟନ୍ତରୀଣ ବିଷୟରେ ସ୍ୱାଧୀନ।
**federalism** ବି. ସଂଘବାଦ; ମୈତ୍ରୀତନ୍ତ୍ର; ବିଂ. federalist.

Digitized by srujanika@gmail.com

**federate** 1. ବି. ସଂଘଭିତ୍ତିରେ କିମ୍ବା ସାଧାରଣ ଉଦ୍ଦେଶ୍ୟରେ ମିଳିତ କରିବା; 2. ବିଂ. ଏହିପରି ଭାବରେ ମିଳିତ।

**federation** ବି. ସଂଘ, ସଂଘ ସୂତ୍ରରେ ମିଳନ; ବିଂ. federative.

**fee** ବି. ସେବା ନିମନ୍ତେ ଅନୁଷ୍ଠାନ କିମ୍ବା ବୃତ୍ତିଜୀବୀ ବ୍ୟକ୍ତିଙ୍କୁ ଦେୟ ଆର୍ଥିକ ପରିମାଣ; ବେତନ; ଫି; ବ.ବ. ସ୍କୁଲ, କଲେଜକୁ ଦେୟ ଫିସ୍; *ଆଇନ୍* ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଭୂସମ୍ପତ୍ତି-ସର୍ତ୍ତହୀନ ସ୍ୱତ୍ୱ (fee simple), ସର୍ତ୍ତ ଆରୋପିତ ସ୍ୱତ୍ୱ (fee tail).

**feeble** ବିଂ. ଦୁର୍ବଳ, ଶକ୍ତିହୀନ, ନିସ୍ତେଜ, ନିଷ୍ଫଳ, କ୍ଷୀଣ; ବି. feebleness; *କ୍ରି.ବିଂ.* feebly.

**feeble-minded** ବିଂ. ଦୁର୍ବଳମନା।

**feed** *କ୍ରି.* (*ଅ.କା. ଓ ଅ.କ୍ରି.ଜ.ପ.* fed) ଖୁଆଇବା; ଖାଦ୍ୟ ଯୋଗାଇବା; ପୋଷଣ କରିବା; ପଶୁମାନଙ୍କୁ ଖାଦ୍ୟ ଭାବରେ ଦେବା; (ପଶୁମାନଙ୍କ ସଂପର୍କରେ) ଖାଇବା; ମେସିନ୍‌କୁ ଚାଲୁରଖିବା ନିମନ୍ତେ ମାଲ ଯୋଗାଇବା; (ଫୁଟବଲ୍ ଖେଳରେ) ପାସ୍ ଦ୍ୱାରା ଖେଳାଳିକୁ ବଲ୍ ଯୋଗାଇବା; ଆଶ୍ୱାସନା ଦେବା; 2. ବି. ଶିଶୁମାନଙ୍କ ଆହାର, ପ୍ରତିଥର ପାଇଁ ଖାଦ୍ୟର ପରିମାଣ; ପଶୁଖାଦ୍ୟ; ଖୁଆଇବା କାର୍ଯ୍ୟ; ମେସିନ୍‌ରେ ଭରଣା ହେଉଥିବା ମାଲ; fed up *କ.ଭା.* ବିରକ୍ତ; feed on ଖାଇ ଜୀବନ ଧାରଣ କରିବା।

**feedback** ବି. କୌଣସି ଘଟଣା ବା ପରୀକ୍ଷଣର ପ୍ରତିକ୍ରିୟା; ଉତ୍ପାଦିତ ସାମଗ୍ରୀର କିୟଦଂଶ ପୁନଃ ବିନିଯୋଗ କରଣ; (ଶିକ୍ଷଣରେ) ପୁନଃବିନିଯୋଗ ଦ୍ୱାରା ପ୍ରାପ୍ତ ସଂକେତ; ପ୍ରତିକ୍ରିୟା।

**feeder** ବି. ନିର୍ଦ୍ଦିଷ୍ଟ ଭାବରେ ଖୁଆଉଥିବା ବା ଖାଉଥିବା ପ୍ରାଣୀ; ମେସିନ୍‌ର ମାଲ୍ ଭରି ହେଉଥିବା ଅଂଶ; ଶିଶୁର ଦୁଧପିଆ ଉପକରଣ, ଦୁଧ ପିଇଲା ବେଳେ ଛାତି ଉପରେ ବନ୍ଧା ଯାଉଥିବା ବସ୍ତ୍ରଖଣ୍ଡ; ଉପନଦୀ, ବଡ଼ ରାସ୍ତାକୁ ସଂଯୋଗ କରୁଥିବା ଛୋଟ ରାସ୍ତା, ବଡ଼ ଅନୁଷ୍ଠାନକୁ ପୁଷ୍ଟ କରୁଥିବା ଛୋଟ ଅନୁଷ୍ଠାନ।

**feel** 1. *କ୍ରି.* (*ଅ.କା./ଅ.କ୍ରି.ଜ.ପ.* felt) ସ୍ପର୍ଶ ଦ୍ୱାରା ଅନୁଭବ କରିବା ବା ପରୀକ୍ଷା କରିବା; ବୋଧ କରିବା, ଉପଲବ୍ଧି କରିବା; ଲାଗିବା (water feels warm); ଜଣା ପଡ଼ିବା; ବିବେଚନା କରିବା, ସହାନୁଭୂତି ପୋଷଣ କରିବା; 2. ବି. ବୋଧ, ସ୍ପର୍ଶ, ଅନୁଭୂତି, ପ୍ରତ୍ୟୟ; feel like *କ.ଭା.* ଇଚ୍ଛା କରିବା; feel up to ପ୍ରସ୍ତୁତ ବା ସମର୍ଥ ହେବା; feel one's way ସନ୍ତର୍ପଣରେ ଅଗ୍ରସର ହେବା।

**feeler** ବି. କେତେକ ପ୍ରାଣୀର ଦେହରେ ଥିବା ଅନୁଭବକ୍ଷମ ଅଙ୍ଗ, ସ୍ପର୍ଶାଙ୍ଗ; ଅନ୍ୟର ମନୋଭାବ ଜାଣିବା ନିମନ୍ତେ ପରୀକ୍ଷାମୂଳକ ପ୍ରସ୍ତାବ ବା ସୂଚନା।

**feeling** 1. ବି. ଅନୁଭବ, ସ୍ପର୍ଶାନୁଭବ, ଆବେଗ; ବ.ବ. ମନୋଭାବ; ମତ, ସାଧାରଣ ମତ; 2. ବିଂ. ସଂବେଦନାପୂର୍ଣ୍ଣ, ସହାନୁଭୂତିଶୀଳ, ଆବେଗଭରା; 3. bad feeling କ୍ଷୋଭ।

**feet** ବି. foot ର ବ.ବ.; *ଦ୍ର.* foot.

**feign** *କ୍ରି.* ଛଳନା କରିବା, ଅନ୍ୟଭାବର ଅଭିନୟ କରିବା।

**feint** 1. ବି. ଛଳ; ବିପକ୍ଷର ଦୃଷ୍ଟି ଅପସାରଣ ଉଦ୍ଦେଶ୍ୟରେ କୃତ୍ରିମ ବା ଛଳନାମୟ ଆକ୍ରମଣ; 2. *କ୍ରି.* କପଟାଚରଣ କରିବା; 3. ବିଂ. ଫିକା ଗାରପକା (କାଗଜ)।

**feldspar, felspar** ବି. ଆଲୁମିନିଅମ୍ ଓ ସିଲିକେଟ ଘଟିତ ସ୍ଫଟିକବତ୍ ଧଳା ବା ଲାଲରଙ୍ଗର ଖଣିଜ ପଦାର୍ଥ, ଫେଲସ୍ପାର।

**felicitate** *କ୍ରି.* ଅଭିନନ୍ଦନ କରିବା।

**felicitation** ବି. *ସା.ବ.ବ.* ଅଭିନନ୍ଦନ।

**felicitous** ବିଂ. *ଔପ.* ଆନନ୍ଦପୂର୍ଣ୍ଣ, ଉପଯୁକ୍ତ, ସୁନିର୍ବାଚିତ।

**felicity** ବି. *ଔପ.* ପରମ ସୁଖ; ସୁଖକର ରୀତି ବା ଶୈଳୀ।

**feline** 1. ବିଂ. ମାର୍ଜାର ଜାତୀୟ ବା ସଦୃଶ; 2. ବି. ମାର୍ଜାର ଜାତୀୟ ଜନ୍ତୁ।

**felinity** ବି. ମାର୍ଜାର ଲକ୍ଷଣ ବା ଗୁଣ।

**fell**[1] *କ୍ରି.* କାଟିବା (ବୃକ୍ଷକୁ), ଆଘାତ କରି ଭୂପତିତ କରିବା; ଏକ ପ୍ରକାର ସିଲାଇ କରିବା।

**fell**[2] ବି. ପାହାଡ଼; ବିସ୍ତୃତ କର୍ଦ୍ଦମାକ୍ତ ବା ସନ୍ତସନ୍ତିଆ ଭୂମି।

**fell**[3] ବିଂ. *ସାହି.* କ୍ରୁର; ବିନାଶକାରୀ; at (in) one fell swoop ଏକା (ମାରାତ୍ମକ) ଆଘାତରେ।

**fell**[4] ବି. ଲୋମଯୁକ୍ତ ପଶୁଚର୍ମ।

**fell**[5] *କ୍ରି.* fallର *ଅ.କା.।*

**fellatio** ବି. (ନାରୀଦ୍ୱାରା) ମୁଖମୈଥୁନ।

Digitized by srujanika@gmail.com

**fellow** 1. ବି. ସାଥି, ସମ୍ପର୍କ ବ୍ୟକ୍ତି ବା ସତୀର୍ଥ; କ.ଭା. ବ୍ୟକ୍ତି, (ଇତର) ଲୋକ; ମହାବିଦ୍ୟାଳୟର ବରିଷ୍ଠ ସଦସ୍ୟ; ସହକର୍ମୀ; ବୃତ୍ତିଭୋଗୀ ଗବେଷଣାରତ ଛାତ୍ର; 2. ବିଂ. ଗୁଣ ସମଶ୍ରେଣୀୟ (fellow-citizen).

**fellow-feeling** ବି. ସମବେଦନା।

**fellowship** ବି. ସାହଚର୍ଯ୍ୟ, ବନ୍ଧୁତା; କୌଣସି ସଂଘର ସଦସ୍ୟତ୍ୱ; ବିଶ୍ୱବିଦ୍ୟାଳୟ ବା ବିଦ୍ୱତ୍ ସଂଘର ସଦସ୍ୟମାନଙ୍କୁ ପ୍ରଦତ୍ତ ବୃତ୍ତି।

**fellow-traveller** ବି. ସହଯାତ୍ରୀ; ରାଜନୈତିକ ଦଳର ସଦସ୍ୟ ନ ହୋଇ ତାହାର ମତ ସମର୍ଥନକାରୀ।

**felon** ବି. ଗୁରୁତର ଅପରାଧରେ ଦୋଷୀ ବ୍ୟକ୍ତି।

**felony** ବି. ଆଇନତଃ ଗୁରୁତର ଅପରାଧ; ବିଂ. felonious.

**felspar** ବି.ଦ୍ର. feldspar.

**felt**[1] କ୍ରି. feelର ଅ.କା./ଅ.କ୍ରି.କ.ପ।

**felt**[2] 1. ବି. ଘନଭାବରେ ବୁଣାହୋଇ ଚାପ ଦିଆଯାଇଥିବା ପଶମ ବସ୍ତ୍ର, ଫେଲ୍ଟ; 2. କ୍ରି. ଫେଲ୍ଟଦ୍ୱାରା ଆଚ୍ଛାଦିତ କରିବା।

**felt-tipped pen, felt-tip pen** ବି. ଫେଲ୍ଟର ମୁନ ଥିବା କଲମ।

**felucca** ବି. କ୍ଷୁଦ୍ରାକୃତି ଭୂମଧ୍ୟ ସାଗରୀୟ ଆହୁଲା ଏବଂ ପାଲଯୁକ୍ତ ନୌକା।

**female** 1. ବି. ସ୍ତ୍ରୀ, ସ୍ତ୍ରୀଲୋକ; ସ୍ତ୍ରୀଲିଙ୍ଗୀୟ ପ୍ରାଣୀ ବା ଉଦ୍‌ଭିଦ; 2. ବିଂ. ସ୍ତ୍ରୀଜାତୀୟ, ମାଈ।

**feminine** 1. ବିଂ. ସ୍ତ୍ରୀ ସମ୍ବନ୍ଧୀୟ ବା ସ୍ତ୍ରୀ ପ୍ରକୃତି ବିଶିଷ୍ଟ; ବ୍ୟା. ସ୍ତ୍ରୀଲିଙ୍ଗ ବାଚକ; (feminine gender); (ପଦ୍ୟରେ) ଦ୍ୱିମାତ୍ରିକ ମିଳନ, ଉଦା. nation-station; 2. ବି. ସ୍ତ୍ରୀଲିଙ୍ଗ ବା ତଦ୍‌ବାଚକ ଶବ୍ଦ।

**femininity** ବି. ନାରୀତ୍ୱ।

**feminism** ବି. ସ୍ତ୍ରୀ ଓ ପୁରୁଷର ସମାନ ଅଧିକାର ବିଷୟକ ଆନ୍ଦୋଳନ।

**feminist** ବି. ନାରୀ ଆନ୍ଦୋଳନର ପୃଷ୍ଠପୋଷକ।

***femme fatale*** ବି. ବିପଜ୍ଜନକଭାବେ ଆକର୍ଷଣୀୟା ସ୍ତ୍ରୀ। *(ଫ.)*

**femur** ବି. (ବ.ବ. femurs/femora) ଜଂଘାସ୍ଥି, ଜଂଘର ହାଡ଼, ଫିମର; ବିଂ. femoral.

**fen** ବି. ଜଳାଭୂମି, ସନ୍ତସନ୍ତିଆ ଜମି।

**fence** 1. ବି. ବାଡ଼, ଅଡ଼ା, ଅଶ୍ୱାରୋହଣ ପ୍ରତିଯୋଗିତାରେ ଘୋଡ଼ା ଡିଆଁଇବା ପାଇଁ ପ୍ରତିବନ୍ଧକ; ମେସିନ୍‌କୁ ରକ୍ଷା କରିବାପାଇଁ ତିଆରି ଆବରଣ; ଗା.ପ୍ର. ଯେ ଚୋରା ଜିନିଷ ରଖେ; 2. କ୍ରି. ବାଡ଼ ଦେବା, ସୁରକ୍ଷିତ କରିବା, ନିରାପଦରେ ରଖିବା; ଅସି ଚାଳନ କରିବା; ଚୋରା ଜିନିଷର କାରବାର କରିବା; ଏଡ଼ାଇ ଯିବା; ବି. fancer.

**fencing** ବି. ବାଡ଼ ଦେବା ଉପକରଣ; ତରବାରିଖେଳ।

**fend** କ୍ରି. ଅଟକାଇବା, ନିବାରଣ କରିବା; ଜୀବିକା ନିର୍ବାହର ବ୍ୟବସ୍ଥା କରିବା।

**fender** ବି. ସଂଘର୍ଷ ନିବାରକ ବସ୍ତୁ; ଚୁଲ୍ଲୀର ଚତୁଃପାର୍ଶ୍ୱସ୍ଥ ଫ୍ରେମ (ଏହାଦ୍ୱାରା ଜଳନ୍ତା କୋଇଲା ବାହାରକୁ ଆସି ପାରେ ନାହିଁ)।

**fennel** ବି. ହଳଦିଆ ଫୁଲଯୁକ୍ତ ସୁଗନ୍ଧିତ ଉଦ୍ଭିଦ।

**fenugreek** ବି. ମେଥି।

**fenny** ବିଂ. ସନ୍ତସନ୍ତିଆ।

**feoff** ବି.ଦ୍ର. fief.

**feral** ବିଂ. ନିଷ୍ଠୁର, ପାଶବିକ, ବନ୍ୟ।

**ferial** ବିଂ. ପର୍ବ ବା ଉପବାସ ଛଡ଼ା ଯେ କୌଣସି ଦିନ ସମ୍ବନ୍ଧୀୟ।

**ferment** 1. ବି. ପଚନକାରକ ପଦାର୍ଥ; କିଣ୍ୱ, ଖମୀର; ଉତ୍ତେଜନା; 2. କ୍ରି. ଆମ୍ବିଳା ହେବା, ଉତ୍ତେଜିତ କରିବା।

**fermentation** ବି. କିଣ୍ୱନ; ବୁଦ୍‌ବୁଦନ; ତାପ ଉତ୍ପାଦନ ଓ ପଚନ ସଂବଳିତ ରାସାୟନିକ ପ୍ରକ୍ରିୟା ବିଶେଷ, ଯାହା ଏକ ଜିନିଷକୁ ପଚାଇ ଅନ୍ୟ ଜିନିଷରେ ପରିଣତ କରେ; ଉତ୍ତେଜନା; ବିଂ. fermentative.

**fermium** ବି. କୃତ୍ରିମ ତେଜସ୍କ୍ରିୟ ଧାତବ ଉପାଦାନ ବିଶେଷ।

**fern** ବି. ଫର୍ଣ୍ଣ ନାମକ ପୁଷ୍ପହୀନ ଉଦ୍‌ଭିଦ; ବିଂ. ferny.

**ferocious** ବିଂ. ଭୀଷଣ, ଭୟଙ୍କର; କ୍ରି.ବିଂ. ferociously; ବି. ferocity.

**-ferous** ପ.ପ୍ର. ବିଶେଷ୍ୟରୁ ବିଶେଷଣ ନିଷ୍ପନ୍ନକାରୀ ପ୍ରତ୍ୟୟ, ଉଦା. odoriferous.

**ferret** 1. ବି. ନେଉଳ ଜାତୀୟ ପ୍ରାଣୀ (ଠେକୁଆ, ମୂଷା ଆଦି ଶିକାର ପାଇଁ ବ୍ୟବହୃତ); କଟାସ; 2. କ୍ରି. ଏହି ପ୍ରାଣୀ ସାହାଯ୍ୟରେ ଶିକାର କରିବା; ତନ୍ନତନ୍ନ କରି ଖୋଜିବା; ଖୋଜି ବାହାର କରିବା।

Digitized by srujanika@gmail.com

**Ferris wheel** ବି. ପ୍ରମୋଦ ଉଦ୍ୟାନ ମାନଙ୍କରେ ସ୍ଥାପିତ ପିଲାମାନଙ୍କ ବସିବା ବାକ୍ସ ଥାଇ ଘୂରୁଥିବା ଚରଖି, ନାଗରଦୋଳି।

**ferro–** ଉପ. ଲୌହ ମିଶ୍ର, ଉଦା. ferro-manganese.

**ferroconcrete** ବି. ଲୁହାଛଡ଼ ଦେଇ ଜମାଣ କରାଯାଇଥିବା କଂକ୍ରିଟ।

**ferrous** ବିଂ. ଲୌହ ଘଟିତ।

**ferrule** ବି. ଗୋବ; ବାଡ଼ି ଅଗରେ ଦିଆଯାଇଥିବା ଧାତୁନିର୍ମିତ ମୁଦିଆ ବା ଆବରଣ।

**ferry** 1. କ୍ରି. ପାଣିଉପରେ ଡଙ୍ଗାରେ ପାରି ହେବା ବା ପାରିକରାଇବା (ଲୋକ ଓ ଜିନିଷ); ଏକ ସ୍ଥାନରୁ ଅନ୍ୟସ୍ଥାନକୁ ପରିବହନ କରିବା; 2. ବି. ଏହି କାର୍ଯ୍ୟରେ ବ୍ୟବହୃତ ଫେରି ଡଙ୍ଗା ପ୍ରଭୃତି; ଫେରି ଘାଟ; ବି. ferryman.

**fertile** ବିଂ. ଉର୍ବର, ଫଳପ୍ରସୂ, ନବଜନ୍ମ ପାଇବାକୁ ସମର୍ଥ (ଅଣ୍ଡା, ମଞ୍ଜି ପ୍ରଭୃତି); ଉତ୍ପାଦନକ୍ଷମ (ପ୍ରାଣୀ ଓ ଉଦ୍ଭିଦ); ଉଦ୍ଭାବନକ୍ଷମ (ମନ); ନିଉଟ୍ରନ ଧାରଣ ଦ୍ୱାରା ବିଖଣ୍ଡନକ୍ଷମ (ଅଣୁ ବିଜ୍ଞାନ); ବି. fertility.

**fertilize** କ୍ରି. (ଭୂମି) ଉର୍ବର କରିବା; (ଉଦ୍ଭିଦ ଓ ପ୍ରାଣୀ) ଫଳବତୀ କରିବା; ଗର୍ଭାଧାନ କରାଇବା; ନିଷିକ୍ତ କରିବା।

**fertilization** ବି. ନିଷେକ; ସମାୟନ।

**fertilizer** ବି. ଉର୍ବରକାରକ ରାସାୟନିକ ଓ ପ୍ରାକୃତିକ ଉପାଦାନ; ସାର, ଖତ।

**ferule** ବି. ବେତ, ଛାଟ।

**fervent** ବିଂ. ବ୍ୟଗ୍ର, ଆଗ୍ରହାନ୍ୱିତ; ଉତ୍ତପ୍ତ, ଜ୍ୱଳନ୍ତ; ବି. fervency; କ୍ରି.ବିଂ. fervently.

**fervid** ବିଂ. ଉତ୍ସୁକ, ବ୍ୟଗ୍ର, ଜ୍ୱଳନ୍ତ; କ୍ରି.ବିଂ. fervidly.

**fervour** ବି. ଆଗ୍ରହ, ଆକୁଳତା, ଔତ୍ସୁକ୍ୟ।

**festal** ବିଂ. ଭୋଜି ବା ଉତ୍ସବ ସମ୍ବନ୍ଧୀୟ; ଉତ୍‌ଫୁଲ୍ଲ; କ୍ରି.ବିଂ. festally.

**fester** କ୍ରି. ପଚିବା ବା ପଚେଇବା (ଘାଆ); କ୍ରମାଗତଃ ବିରକ୍ତ କରାଇବା; ଆବିଳ କରିବା ବା କରାଇବା।

**festival** ବି. ଉତ୍ସବ, ପର୍ବ; ନିୟମିତଭାବେ ଅନୁଷ୍ଠିତ ହେଉଥିବା ସଙ୍ଗୀତ କାର୍ଯ୍ୟକ୍ରମ, ଯାତ୍ରା ପ୍ରଭୃତି।

**festive** ବିଂ. ପର୍ବ ବା ଉତ୍ସବ ସମ୍ବନ୍ଧୀୟ; ଆନନ୍ଦମୟ, ଉତ୍‌ଫୁଲ୍ଲ।

**festivity** ବି. ଆନନ୍ଦ ଉଲ୍ଲାସ; ବ.ବ. ଉତ୍ସବ ଅନୁଷ୍ଠାନ।

**festoon** 1. ବି. ସଜାଇବା ନିମନ୍ତେ ଫୁଲ, ଫିତା ଆଦିର ଝୁଲନ୍ତା ମାଳ; 2. କ୍ରି. ମାଳ ଆକାରରେ ତିଆରି କରିବା ବା ଏହା ସାହାଯ୍ୟରେ ସଜାଇବା।

**fetch** 1. କ୍ରି. (କୌଣସି ସ୍ଥାନକୁ) ଯାଇ ବ୍ୟକ୍ତି ବା ବସ୍ତୁକୁ ଆଣିବା; (ମୂଲ୍ୟ) ଅର୍ଜନ କରିବା; (ରକ୍ତ, ଅଶ୍ରୁ ପ୍ରଭୃତି) ନିର୍ଗମ କରାଇବା; ନିଃଶ୍ୱାସ ମାରିବା; ଆକର୍ଷଣ କରିବା; 2. ବି. ଆଣିବା କାର୍ଯ୍ୟ; କୌଶଳ, ଫିକର; fetch and carry ଭୃତ୍ୟରୂପେ କାର୍ଯ୍ୟକରିବା।

**fetching** ବିଂ. ଆକର୍ଷଣୀୟ; କ୍ରି.ବିଂ. fetchingly.

**fete** 1. ବି. ଉତ୍ସବ, ମେଳା, ଯାତ୍ରା ଆଦି; 2. କ୍ରି. ଭୋଜନ–ପାନାଦି ଦ୍ୱାରା ସନ୍ତୁଷ୍ଟ କରିବା ବା ସମ୍ମାନ ଦେଖାଇବା।

**fetid, foetid** ବିଂ. ଦୁର୍ଗନ୍ଧମୟ।

**fetish** ବି. ଆଦିମ ଅଧିବାସୀମାନଙ୍କ ଦ୍ୱାରା ପୂଜିତ ବସ୍ତୁ; ଅହେତୁକ ଭକ୍ତି ବା ସମ୍ମାନ ଆକର୍ଷକ ବସ୍ତୁ; ଅନ୍ଧ ଅନୁରକ୍ତିର ପ୍ରତୀକ; ଅସ୍ୱାଭାବିକ ରୂପେ ଆକର୍ଷଣକାରୀ କାମୋଦ୍ଦୀପକ ବସ୍ତୁ; ବି. fetishism; ବି. fetishist; ବିଂ. fetishistic.

**fetter** 1. ବି. ବେଡ଼ି, ଗୋଡ଼ କଡ଼ା; ବ.ବ. ଦାସତ୍ୱ; ସଂଯମ; 2. କ୍ରି. ବେଡ଼ି ପିନ୍ଧାଇବା, ସଂଯତ କରିବା।

**fetus** ବି. ଦ୍ର. foetus.

**feud**[1] ବି. ପରସ୍ପର ଦୀର୍ଘସ୍ଥାୟୀ ଶତ୍ରୁତା, ବିଶେ. ପାରିବାରିକ ଶତ୍ରୁତା।

**feud**[2] ବି. ଜାଗିରି, ଚାକରାନ୍ ଜମି।

**feudal** ବିଂ. ସାମନ୍ତତନ୍ତ୍ରାନୁଯାୟୀ; ଜାଗିରୀ ବା ଚାକରାନ୍ ଜମି ସଂପର୍କୀୟ।

**feudalism** ବି. ସାମନ୍ତବାଦ; ବିଂ. feudalistic.

**feudatory** ବିଂ. ଅଧୀନସ୍ଥ, ସାମନ୍ତ, କରଦ।

**fever** 1. ବି. ଜ୍ୱର; ସ୍ନାୟବିକ ଉତ୍ତେଜନା; 2. କ୍ରି. ଜ୍ୱର ବା ଉତ୍ତେଜନାରେ ଆକ୍ରାନ୍ତ ହେବା; 3. fever pitch ଉତ୍ତେଜନାର ଚରମ ଅବସ୍ଥା।

**feverish** ବିଂ. ଜ୍ୱର ଲକ୍ଷଣଗ୍ରସ୍ତ, ସ୍ୱଳ୍ପ ଜ୍ୱରାକ୍ରାନ୍ତ; ଅସ୍ଥିର, ଉତ୍ତେଜିତ।

Digitized by srujanika@gmail.com

**few** 1. ବିଂ. ଅତି ଅଳ୍ପସଂଖ୍ୟକ, 2. ବି. ସ୍ୱଳ୍ପ–ସଂଖ୍ୟକ; a few କେତେକ; a good few ବେଶ କେତେ; the few ଉକ୍ତ ସଂଖ୍ୟକ କେତେକ; few and far between ବିରଳ; no fewer than (ଯେତେ ସଂଖ୍ୟକ) ତାଠାରୁ କମ ନୁହେଁ।

**fey** ବିଂ. ବିଚିତ୍ର, ଅପାର୍ଥିବ।

**fez** ବି. (ବ.ବ. fezzes) ମୁସଲମାନମାନଙ୍କ–ଦ୍ୱାରା ବ୍ୟବହୃତ ଶିଖା ବା ଚୂଳଯୁକ୍ତ ଲାଲ ରଙ୍ଗର ଟୋପି; ଫେଜ ଟୋପି।

**ff.** *ସଂଶ.* following pages.

**fiance** ବି. *ସ୍ତ୍ରୀ.* fiancee; ବାଗ୍‌ଦତ୍ତ ବା ବାଗ୍‌ଦତ୍ତା।

**fiasco** ବି. ହାସ୍ୟାସ୍ପଦ ବା ଅସମ୍ମାନଜନକ ବିଫଳତା।

**fiat** ବି. କ୍ଷମତା ପ୍ରଦାନ; ମଞ୍ଜୁରି; ଆଦେଶ।

**fib** 1. ବି. ସାମାନ୍ୟ ମିଥ୍ୟା, ସତ୍ୟର ଅପଳାପ; 2. *କ୍ରି.* ଅଳ୍ପ ମିଛ କହିବା; ବି. fibber.

**fibre** ବି. *ଆମେ.* fiber ତନ୍ତୁ, ସୂତା, ସୂତ୍ରବତ୍ କାଚ; ତନ୍ତୁମୟ ପଦାର୍ଥ; ଚରିତ୍ର (moral fibre).

**fibreboard** ବି. *ଆମେ.* fiberboard କାଷ୍ଠର ତନ୍ତୁକୁ ଚାପ ପ୍ରୟୋଗ କରି ପ୍ରସ୍ତୁତ କରାଯାଇଥିବା ନମନୀୟ ପଟା।

**fibreglass** ବି. କାଚ–ତନ୍ତୁ ଦ୍ୱାରା ପ୍ରସ୍ତୁତ ପ୍ଲାଷ୍ଟିକ ଉପାଦାନ।

**fibre optics** ବି. ସରୁ କାଚ ତନ୍ତୁ ମଧ୍ୟରେ ଇନ୍‌ଫ୍ରାରେଡ୍ ରଶ୍ମିର ସଂକେତ ସାହାଯ୍ୟରେ ସଂବାଦ ପ୍ରେରଣ।

**fibril** ବି. ପ୍ରାଣୀ ଓ ଉଦ୍‌ଭିଦ ଶରୀରର କ୍ଷୁଦ୍ର ତନ୍ତୁମୟ ଉପାଦାନ (ରକ୍ତରେ ମଧ୍ୟ ଏହି ଉପାଦାନ ଦୃଷ୍ଟ ହୁଏ)।

**fibroid** 1. ବିଂ. ତନ୍ତୁସଦୃଶ ବା ତନ୍ତୁମୟ; 2. ବି. ଜରାୟୁରେ ଜାତ ତନ୍ତୁମୟ ଅର୍ବୁଦ ବା ଟ୍ୟୁମର।

**fibrosis** ବି. ଅଧିକ ତନ୍ତୁମୟ ଟିସୁ (tissue)ର ବୃଦ୍ଧି।

**fibrositis** ବି. ତନ୍ତୁଳ ଟିସୁର ପ୍ରଦାହ।

**fibrous** ବିଂ. ତନ୍ତୁସଦୃଶ ବା ତଦ୍ ସମ୍ବନ୍ଧୀୟ।

**fibula** ବି. ବଳାଗଣ୍ଠି ଓ ଆଣ୍ଠୁ ମଧ୍ୟରେ ଥିବା ଅସ୍ଥି ଦ୍ୱୟ ମଧ୍ୟରୁ ବହିଃସ୍ଥ ଅସ୍ଥି; ଅନୁଜଙ୍ଘାସ୍ଥି; ବିଂ. fibular.

**–fic** *ପ.ପ୍ର.* ବିଶେଷ୍ୟରୁ ବିଶେଷଣ ଗଠନ ପାଇଁ (ଉତ୍ପାଦକ ଅର୍ଥରେ) ପ୍ରଯୁକ୍ତ, ଉଦା. beatific, pacific.

**–fication** *ପ.ପ୍ର.* (କ୍ରିୟାବାଚକ ବିଶେଷ୍ୟ ଗଠନକାରୀ) ଉଦା. purification, simplification.

**fickle** ବିଂ. ଚପଳ, ଅସ୍ଥିର, ପରିବର୍ତ୍ତନଶୀଳ; ବି. fickleness; *କ୍ରି.ବିଂ.* fickly.

**fiction** ବି. ମନଗଢ଼ା କଥା; କଳ୍ପିତ ଭାବ, ବିବରଣ ବା ବର୍ଣ୍ଣନା; କଥା ସାହିତ୍ୟ; ବିଂ. fictional; *କ୍ରି.* fictionalize.

**fictitious** ବିଂ. କଳ୍ପିତ, ମନଗଢ଼ା, ଅଳୀକ ଓ ଅବାସ୍ତବ।

**fiddle** 1. ବି. *କ.ଭା.* ବେହେଲା, ସାରଙ୍ଗୀ; *ଗା.ପ୍ର.* ଠକ; 2. *କ୍ରି.* ବେହେଲା ବଜାଇବା; ଠକାଇବା; ବାଜେ କଥାରେ ସମୟ କଟାଇବା; as fit as a fiddle ସମ୍ପୂର୍ଣ୍ଣ ସୁସ୍ଥ; play second fiddle ଅଧୀନସ୍ଥ ରୂପେ କାର୍ଯ୍ୟ କରିବା।

**fiddle–faddle** 1. ବି. ତୁଚ୍ଛ ବିଷୟ; 2. *କ୍ରି.* ବାଜେ କଥାରେ ମାତିବା; 3. *ଅବ୍ୟ.* ବାଜେ କଥା।

**fiddler** ବି. ତାରବାଦ୍ୟର ବାଦକ; *ଗା.ପ୍ର.* ଠକ।

**fiddlesticks** *ଅବ୍ୟ.* ନିରର୍ଥକ ବିଷୟ।

**fiddling** ବିଂ. ତୁଚ୍ଛ, ନଗଣ୍ୟ।

**fidelity** ବି. ବିଶ୍ୱସ୍ତତା, ଆନୁଗତ୍ୟ, ଏକନିଷ୍ଠତା, ସଠିକତା।

**fidget** 1. *କ୍ରି.* ଅସ୍ଥିର ଭାବରେ ଯିବା ଆସିବା କରିବା ବା କାର୍ଯ୍ୟ କରିବା; 2. ଏହିପରି ଅସ୍ଥିର ବ୍ୟକ୍ତି।

**fidgety** ବିଂ. ଅସ୍ଥିର।

**fiduciary** 1. ବିଂ. ବିଶ୍ୱାସପୂର୍ବକ ନ୍ୟସ୍ତ ବା ରକ୍ଷିତ (ସଂପତ୍ତି); 2. ବି. ନ୍ୟାସୀ।

**fie** *ଅବ୍ୟ.* *ପ୍ରା.ପ୍ର.* ଛି! ଧିକ୍! (ଲଜ୍ଜା, ଘୃଣା ଓ ବିରକ୍ତି ସୂଚକ)।

**fief** ବି. (=feoff) ଜାଗିରି; କାର୍ଯ୍ୟକ୍ଷେତ୍ର।

**field** 1. ବି. କ୍ଷେତ୍ର; ଖୋଲା ଜମି, ବିଶେ ଗୋଚର ବା ଚାଷଜମି; ପ୍ରାକୃତିକ ସମ୍ପଦ ବହୁଳ କ୍ଷେତ୍ର, *ଉଦା.* coalfield, oilfield; ଖେଳ ପଡ଼ିଆ, କ୍ରୀଡ଼ା, ମଲ୍ଲଯୁଦ୍ଧ ଆଦିର ସମସ୍ତ ପ୍ରତିଯୋଗୀ; କ୍ରିକେଟ୍ ଖେଳରେ କ୍ଷେତ୍ରରକ୍ଷକ ଦଳ;

Digitized by srujanika@gmail.com

ବିଷୟ; କୌଣସି ଶକ୍ତିର କାର୍ଯ୍ୟକାରିତାର କ୍ଷେତ୍ର, ଉଦା. gravitational field, magnetic field; ଢାଲ, ଚିତ୍ର, ପତାକା, ମୁଦ୍ରା ପ୍ରଭୃତିର ଉପରିଭାଗ; କମ୍ପ୍ୟୁଟର ବା ସଂଗଣକ ଯନ୍ତ୍ରରେ ବ୍ୟବହୃତ ସୂଚନାର ଏକ ଅଂଶ; 2. ବିଂ (ପ୍ରାଣୀ ଓ ଉଦ୍‌ଭିଦ ସଂପର୍କରେ) ପ୍ରାକୃତିକ ପରିବେଶରେ ପରିଦୃଷ୍ଟ; ପ୍ରାକୃତିକ ପରିବେଶରେ ସଂପନ୍ନ; 3. କ୍ରି. କ୍ରିକେଟ୍ କ୍ଷେତ୍ରରକ୍ଷଣ କରିବା; ପ୍ରଶ୍ନ ବା ସମସ୍ୟା ଉପସ୍ଥାପନ କରିବା; hold the field (କର୍ମଚାରୀ) ନିଜ ସ୍ଥାନରେ ବଳାୟ ରହିବା; take the field ଯୁଦ୍ଧ ବା ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିବା।

**field–day** ବି. ସଫଳତାର ଦିନ ସାମରିକ ଅନୁଶୀଳନ ବା ସମୀକ୍ଷଣ ନିମନ୍ତେ ନିର୍ଦ୍ଧାରିତ ଦିବସ।

**fielder** ବି. କ୍ରିକେଟ ଖେଳର କ୍ଷେତ୍ରରକ୍ଷକ।

**field–events** ବି. ଦୌଡ଼ ବ୍ୟତୀତ ଅନ୍ୟାନ୍ୟ କ୍ରୀଡ଼ା ସମୂହ।

**field–glasses** ବି. ଦୂରବୀକ୍ଷଣ ଯନ୍ତ୍ର, ବାଇନୋକୁଲାର।

**Field Marshal** ବି. ସର୍ବୋଚ୍ଚ ସାମରିକ ପଦାଧିକାରୀ; ପ୍ରଧାନ ସେନାପତି।

**field officer** ବି. କେପଟେନ୍‌ଙ୍କ ଊର୍ଦ୍ଧ୍ୱତନ ଓ ଜେନେରାଲ୍‌ଙ୍କ ଅଧସ୍ତନ ସାମରିକ ପଦାଧିକାରୀ।

**fieldsman** ବି. = fielder.

**field sports** ବି. ବହିରଙ୍ଗନ କ୍ରୀଡ଼ା ଯଥା ଶିକାର, ମାଛଧରା ଇତ୍ୟାଦି।

**fieldwork** ବି. ଯୁଦ୍ଧକାଳୀନ ଅସ୍ଥାୟୀ ପ୍ରାଚୀର, ପରିଖା ଆଦି; ପ୍ରାୟୋଗିକ (କାର୍ଯ୍ୟାଳୟ ବହିର୍ଭୂତ, ତାତ୍ତ୍ୱିକ କର୍ମର ବିପରୀତ) କାର୍ଯ୍ୟ।

**fiend** ବି. ଶୟତାନ, ପାଷାଣ୍ଡ; ବିଂ. fiendish.

**fierce** ବିଂ. ଭୟଙ୍କର, ଭୀଷଣ, ପ୍ରଚଣ୍ଡ, ହିଂସ୍ର, କ୍ରୁଦ୍ଧ, ଅସହ୍ୟ (fierce heat).

**fiery** ବିଂ. ଅଗ୍ନିମୟ, ଅଗ୍ନିସଦୃଶ, ଜ୍ୱଳନ୍ତ, ଉଗ୍ର, ତେଜସ୍ୱୀ; କ୍ରି.ବିଂ. fierily; ବି. fieriness.

**fiesta** ବି. ଉତ୍ସବ, ପର୍ବ।

**fife** ବି. ସାମରିକ ସଂଗୀତରେ ବ୍ୟବହୃତ ତୀବ୍ରସ୍ୱର ବିଶିଷ୍ଟ ବଂଶୀ।

**fifteen** ବିଂ./ବି. ପନ୍ଦର, ୧୫ ସଂଖ୍ୟକ, ଏହି ସଂଖ୍ୟା; ରଗ୍‌ବି ଫୁଟବଲ ଖେଳରେ ୧୫ ଖେଳାଳି ବିଶିଷ୍ଟ ଦଳ।

**fifth** ବିଂ.ବି. ପଞ୍ଚମ; ଏକପଞ୍ଚମାଂଶ; କ୍ରି.ବିଂ. fifthly.

**fifth column** ବି. ପଞ୍ଚମ ବାହିନୀ; ଯୁଦ୍ଧରତ ଦେଶମାନଙ୍କରେ ଶତ୍ରୁପ୍ରତି ସହାନୁଭୂତି ଦେଖାଉଥିବା ବା ଶତ୍ରୁପାଇଁ କାର୍ଯ୍ୟକରୁଥିବା ସଂଗଠିତ ଦଳ; ବି. fifth–columnist.

**fiftieth** ବି. ପଞ୍ଚାଶତମ।

**fifty** ବିଂ./ବି. ପଚାଶ, ୫୦ ସଂଖ୍ୟକ, ଏହି ସଂଖ୍ୟା।

**fifty–fifty** ବିଂ. କ୍ରି.ବିଂ. ସମାନ ସମାନ।

**fig.**[1] ବି. ଡିମିରି ଫଳ ବା ଗଛ; ତୁଚ୍ଛ ବସ୍ତୁ।

**fig**[2] ବି. ଅବସ୍ଥା; ସାଜସଜ୍ଜା, ପୋଷାକ।

**fig.** ସଂଶ. ଦ୍ର. figure.

**fight** 1. କ୍ରି. (ଅ.କା./ଅ.କ୍ରି.କ.ପ. fought) ଲଢ଼େଇ ବା ସଂଘର୍ଷ କରିବା, ଯୁଦ୍ଧ କରିବା, କିଛି ପାଇବା ଆଶାରେ ଉଦ୍ୟମ କରିବା; ପ୍ରତିରୋଧ କରିବା; 2. ବି. ଯୁଦ୍ଧ, ସଂଘର୍ଷ, ମରାମତି, ପ୍ରତିରୋଧ; 3. fight back ପ୍ରତିରୋଧ କରିବା; fighting chance ପ୍ରବଳ ଉଦ୍ୟମ ଦ୍ୱାରା ହିଁ ସଫଳ ହେବାର ସମ୍ଭାବନା; fighting fit ସଂପୂର୍ଣ୍ଣ ସୁସ୍ଥ ଓ ପ୍ରସ୍ତୁତ; figtht out କୌଣସି ବିଷୟ ସାବ୍ୟସ୍ତ କରିବା ପାଇଁ ଶେଷ ପର୍ଯ୍ୟନ୍ତ ଲଢ଼ିବା; fight shy of ଦୂରେଇ ରହିବା, ଏଡ଼ାଇ ଯିବା।

**fighter** ବି. ଯୋଦ୍ଧା; ଆକ୍ରମଣ ନିମନ୍ତେ ଉଦ୍ଦିଷ୍ଟ ଦ୍ରୁତଗାମୀ ଉଡ଼ାଜାହାଜ।

**figment** ବି. ମନଗଢ଼ା ବା କପୋଳକଳ୍ପିତ ବିଷୟ।

**figuration** ବି. ରୂପରେଖ ପ୍ରଦାନ, ଗଠନ, ସଜ୍ଜୀକରଣ।

**figurative** ବିଂ. ଆଳଙ୍କାରିକ, ରୂପକ; ଦ୍ର. figure (of speech).

**figure** 1. ବି. ବହିରାକୃତି; ବାହ୍ୟରୂପ, ଚିତ୍ର; ମାନସିକ ବା ଭାବମୂର୍ତ୍ତି (public figure); ପ୍ରତିମା, ସଂଖ୍ୟା (୦ ରୁ ୯ ପର୍ଯ୍ୟନ୍ତ); ବ.ବ. ସଂଖ୍ୟାଗଣନା; ଜ୍ୟାମିତିକ କ୍ଷେତ୍ର; ଆଳଙ୍କାରିକ ରୀତି; 2. କ୍ରି. ଉପସ୍ଥାପିତ ହେବା, ଆକାରବିଶିଷ୍ଟ କରିବା, ଚିତ୍ରାଙ୍କନଦ୍ୱାରା ଦେଖାଇବା, ମନେ ମନେ ଧାରଣା କରିବା, ସଂଖ୍ୟାଦ୍ୱାରା ନିର୍ଦ୍ଦେଶ କରିବା, ଗଣନା କରିବା, ଚିତ୍ରଦ୍ୱାରା ମଣ୍ଡିତ କରିବା, ପ୍ରସିଦ୍ଧି ଲାଭ କରିବା, ପ୍ରତୀକ ରୂପେ ବ୍ୟବହୃତ

Digitized by srujanika@gmail.com

ହେବା; figure (of speech) ଅଳଙ୍କାର; ଆକ୍ଷରିକ ଅର୍ଥ ଠାରୁ ଅତିରିକ୍ତ ବା ଭିନ୍ନ ଅର୍ଥ ସୂଚାଇବା ନିମନ୍ତେ ବ୍ୟବହୃତ ଆଳଙ୍କାରିକ ପ୍ରୟୋଗ, ଉଦା. ରୂପକ, ଶ୍ଳେଷ, ଆଦି; figure out ଗଣିତ ବା ତର୍କଶାସ୍ତ୍ର ସାହାଯ୍ୟରେ ଫଳ ପ୍ରକାଶ କରିବା।

**figurehead** ବି. ଜାହାଜର ଆଗରେ ରଖାଯାଇଥିବା ମୂର୍ତ୍ତି; ନାମମାତ୍ର ମୁଖ୍ୟ।

**figurine** ବି. ଛୋଟ ମୂର୍ତ୍ତି।

**filament** ବି. ସୂତାପରି ପଦାର୍ଥ, ତନ୍ତୁ, ଇଲେକ୍ଟ୍ରିକ୍ ବଲ୍‌ବ ମଧ୍ୟସ୍ଥ ବିଦ୍ୟୁତ୍ ପରିବାହୀ ତାର; ବିଂ. filamentary; filamentous.

**filbert** ବି. ଏକପ୍ରକାର ବାଦାମ, ସେହି ଗଛ।

**filch** କ୍ରି. ଛୋଟକାଟିଆ ଜିନିଷ ଚୋରି କରିବା।

**file**[1] 1. ବି. ଫାଇଲ; ଖୋଲା କାଗଜ ଆଦି ରଖିବା ପାଇଁ ଭାଙ୍ଗକରା କାଗଜ ବା କାଗଜର ବାକ୍ସ, ନଥି; ଗୋଟିକ ପରେ ଗୋଟିଏ ବା ଜଣକ ପଛରେ ଜଣେ, ଏପରି ସଜା ହୋଇଥିବା ବସ୍ତୁ ବା ବ୍ୟକ୍ତିମାନଙ୍କର ଧାଡ଼ି; କମ୍ପ୍ୟୁଟର୍‌ରେ ସଂରକ୍ଷିତ ପରସ୍ପର ସଂପୃକ୍ତ ତଥ୍ୟାବଳୀ; 2. କ୍ରି. ଫାଇଲରେ ରଖିବା, ନଥିଭୁକ୍ତ କରିବା; ଦାଖଲ ବା ପେଶ୍ କରିବା; ଆଗପଛ ହୋଇ ଶ୍ରେଣୀବଦ୍ଧ ଭାବରେ ଯିବା।

**file**[2] 1. ବି. ଉହା; ଲୁହା ଘଷିବା ଉପକରଣ; 2. କ୍ରି. ଉହାଦ୍ୱାରା ଘଷି ପାଲିଶ୍ କରିବା।

**filial** ବିଂ. ସନ୍ତାନୋଚିତ, ପୁତ୍ର–କନ୍ୟା ସଂପର୍କିତ; କ୍ରି.ବିଂ. filially.

**filibuster** 1. ବି. କ୍ଷମତା ନ ପାଇ ଯେ ଅନ୍ୟ ଦେଶ ସହିତ ଯୁଦ୍ଧ କରେ; ବିଧାନ ସଭା ବା ସଂସଦର ଆଲୋଚନାରେ ଯେ ବିଳମ୍ବ ଓ ବାଧା ସୃଷ୍ଟି କରେ; ଏହିପରି ବାଧା; 2. କ୍ରି. ବିଳମ୍ବ ଓ ବାଧା ସୃଷ୍ଟି କରିବା।

**filigree** ବି. ସୁନାରୂପାର ତାରକସି କାମ।

**filing** ବି. *ସା.*ବ.ବ. ଉହାରେ ଘଷିବା ଦ୍ୱାରା ନିର୍ଗତ ସୂକ୍ଷ୍ମ ଗୁଣ୍ଡ।

**fill** 1. କ୍ରି. ପୂର୍ଣ୍ଣ କରିବା ବା ହେବା;, ପୂର୍ଣ୍ଣମାତ୍ରାରେ ବ୍ୟାପ୍ତ କରିବା; ସ୍ଥାନ ପୂରଣ କରିବା, ଭର୍ତ୍ତି କରିବା; ବିସ୍ତାର କରିବା, ଫୁଲେଇବା (ବାୟୁଦ୍ୱାରା); 2. ବି. ପୂର୍ଣ୍ଣ ପରିମାଣ, ତୃପ୍ତି; fill in ଆବଶ୍ୟକ ସୂଚନା ଦ୍ୱାରା ପୂରଣ କରିବା; fill out ବିସ୍ତାରିତ କରିବା; ବିସ୍ତୃତ ହେବା; fill up ପୂର୍ଣ୍ଣ କରିଦେବା; ଶୂନ୍ୟସ୍ଥାନ ପୂରଣ କରିବା।

**filler** ବି. ଗର୍ତ୍ତ ବା ଶୂନ୍ୟସ୍ଥାନ ପୂରଣ କରିବା ଉପାଦାନ; ସମ୍ବାଦ ପତ୍ରରେ ଖାଲି ସ୍ଥାନ ପୂରଣ କରିବା ପାଇଁ ଲିଖିତ ବିଷୟ।

**fillet** 1. ବି. ହାଡ଼ ନ ଥିବା ମାଂସ ବା କଣ୍ଟା ନ ଥିବା ମାଛଖଣ୍ଡ; ମୁଣ୍ଡରେ ବାନ୍ଧିବା ଫିତା; 2. କ୍ରି. ମାଂସରୁ ହାଡ଼ ବାହାର କରିବା; ଫିତାଦ୍ୱାରା କେଶ ବାନ୍ଧିବା।

**filling** ବି. ଦାନ୍ତରେ ହୋଇଥିବା କଣା ଭର୍ତ୍ତି କରିବା ଉପାଦାନ; ସେଣ୍ଡଉଇଚ୍ କରିବା ପାଇଁ ଦୁଇଖଣ୍ଡ ରୁଟି ଭିତରର ଭରଣା।

**filling–station** ବି. ପେଟ୍ରୋଲ ବା ଡିଜେଲ ବିକ୍ରୟ କେନ୍ଦ୍ର।

**fillip** 1. ବି. ଉତ୍ତେଜନା, ପ୍ରେରଣା, ଟିଙ୍କା; ବୃଦ୍ଧାଙ୍ଗୁଷ୍ଠିରେ ଅନ୍ୟ ଏକ ଅଙ୍ଗୁଳିର ଅଗ୍ରଭାଗ ସଂଯୋଗ କରି ହଠାତ୍ ସେହି ଅଙ୍ଗୁଳି ସାହାଯ୍ୟରେ ଆଘାତ; 2. କ୍ରି. ଉତ୍ତେଜିତ କରିବା; ଟିଙ୍କା ମାରିବା।

**filly** ବି. ମାଈ ଘୋଡ଼ାଛୁଆ; *ସା.ପ୍ର.* କିଶୋରୀ, ଯୁବତୀ।

**film** 1. ବି. ପତଳା ପରଦା; ଆଲୋକଚିତ୍ର ଉଠାଇବା ନିମନ୍ତେ ବ୍ୟବହୃତ ଫିଲ୍ମ ବା ରାସାୟନିକ ଫଳକ; ସିନେମା, ଚଳଚ୍ଚିତ୍ର; ଚଳଚ୍ଚିତ୍ରର କଥାବସ୍ତୁ; 2. କ୍ରି. ଚଳଚ୍ଚିତ୍ର ପ୍ରସ୍ତୁତ କରିବା; ପରଦା ଦ୍ୱାରା ଆବୃତ କରିବା ବା ହେବା।

**film star** ବି. ଚିତ୍ର ତାରକା।

**film–strip** ବି.ଫିଲ୍‌ମ–ଫିତା (ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ)।

**filmy** ବିଂ. ସୂକ୍ଷ୍ମ; ପତଳା ଓ ପାରଦର୍ଶୀ; ଆବରଣ ସଦୃଶ; କ୍ରି.ବିଂ. filmily; ବି. filminess.

**filter** 1. ବି. ପରିସ୍ରବଣ ଯନ୍ତ୍ର; ତରଳ ଓ ଗ୍ୟାସୀୟ ପଦାର୍ଥର ବିଶୋଧକ ଉପକରଣ; ଆଲୋକ ଶୋଷଣକାରୀ ପରଦା; 2. କ୍ରି. ପରିସ୍ରୁତ କରିବା; ଝରିବା; ନିର୍ଦ୍ଦିଷ୍ଟ ଦିଗରେ ପରିଚାଳିତ କରିବା।

**filter–paper** ବି. ପରିସ୍ରବଣ କାଗଜ।

**filter–tip** ବି. ଧୂମ ବିଶୋଧନ ନିମନ୍ତେ ଅଗ୍ରଭାଗରେ ପରିସ୍ରବଣ ବ୍ୟବସ୍ଥା ଥିବା ସିଗାରେଟ୍; ବିଂ. filter tipped.

**filth** ବି. ଦୂଷିତ ପଦାର୍ଥ, ମଇଳା; ଅଶ୍ଳୀଳତା।

Digitized by srujanika@gmail.com

**filthy** ବିଂ. ଦୂଷିତ, କଳୁଷିତ, ଅସନା; ମଇଳା; ଅଶ୍ଳୀଳ (ଭାଷା); filthily.

**filtrate** 1. କ୍ରି. ଛାଣିବା, ପରିସ୍ରବଣ କରିବା; 2. ବି. ପରିସ୍ରୁତ ତରଳ ପଦାର୍ଥ।

**filtration** ବି. ପରିସ୍ରବଣ, କ୍ଷରଣ।

**fin** ବି. ମାଛର ଡେଣା; ଉଡ଼ାଜାହାଜର ପକ୍ଷ।

**final** 1. ବିଂ. ଶେଷ, ଅନ୍ତିମ, ଚୂଡ଼ାନ୍ତ; 2. ବି. ଖେଳର ଅନ୍ତିମ ପର୍ଯ୍ୟାୟ; ଦୈନିକ ସଂବାଦପତ୍ରର ଶେଷ ସଂସ୍କରଣ; *ସା.* ବ.ବ. ଶେଷ ପରୀକ୍ଷା; *କ୍ରି.ବିଂ.* finally.

**final cause** ବି. *ଦ.* ପରମ କାରଣ।

**finale** (ଫିନାଲି) ବି. ସଂଗୀତ ବା ନାଟକର ଉପସଂହାର।

**finalist** ବି. ପ୍ରତିଯୋଗିତାର ଚରମ ପର୍ଯ୍ୟାୟରେ ଅଂଶ ଗ୍ରହଣକାରୀ।

**finality** ବି. ଅନ୍ତିମତା, ଚରମତା।

**finalize** କ୍ରି. ଶେଷ ବା ଅନ୍ତିମରୂପ ଦେବା, ଚୂଡ଼ାନ୍ତ କରିବା।

**finance** 1. ବି. ଆର୍ଥିକ ସଂପଦ, ବିତ୍ତ; କୌଣସି ଉଦ୍ୟୋଗକୁ କାର୍ଯ୍ୟକାରୀ କରିବା ପାଇଁ ଆର୍ଥିକ ସମ୍ବଳ; ବ.ବ. ଅର୍ଥବ୍ୟବସ୍ଥା; 2. କ୍ରି. ମୂଳଧନ ଯୋଗାଇବା ଅର୍ଥ ଦେଇ ଚଳାଇବା।

**financial** ବିଂ. ବିତ୍ତ ସଂପର୍କୀୟ; ଆର୍ଥିକ; financial year ଆର୍ଥିକ ବର୍ଷ (ଏପ୍ରିଲ ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ); *କ୍ରି.ବିଂ.* financially.

**financier** ବି. ମୂଳଧନ ଯୋଗାଇବା ବ୍ୟକ୍ତି, ବିତ୍ତ ଯୋଗାଣକାରୀ।

**finch** ବି. ବିଭିନ୍ନ ପ୍ରକାରର କ୍ଷୁଦ୍ର ଗାନକାରୀ ପକ୍ଷୀ।

**find** 1. କ୍ରି. (*ଅ.କା. ଓ ଅ.କ୍ରି.ଜ.ପ.* found) ହଠାତ୍ ଦେଖିବା; ଖୋଜି ପାଇବା; ଲାଭ କରିବା; ପାଇବା; ଅଭିଜ୍ଞତାଦ୍ୱାରା ଅବଗତ ହେବା; ଖୋଜି ବାହାର କରିବା, ସିଦ୍ଧାନ୍ତ ବା ସ୍ଥିର କରିବା (found him guilty); 2. ବି. ଆବିଷ୍କାର; ମିଳିଥିବା ମୂଲ୍ୟବାନ ବସ୍ତୁ ବା ବ୍ୟକ୍ତି; find fault with ଦୋଷ ବାଛିବା; find one's feet ଚାଲିବାରେ ସକ୍ଷମ ହେବା; ନିଜ ଗୋଡ଼ରେ ନିଜେ (ସ୍ୱାଧୀନ ଭାବରେ) ଠିଆ ହେବା; find out ଖୋଜି ବାହାର କରିବା।

**finder** ବି. ଖୋଜି ପାଇବା ବ୍ୟକ୍ତି; ବଡ଼ ଦୂରବୀକ୍ଷଣ ଯନ୍ତ୍ର ସହିତ ସଂଲଗ୍ନ ଛୋଟ ଦୂରବୀକ୍ଷଣ ଯନ୍ତ୍ର।

**finding** ବି. *ସା.* ବ.ବ. ଅନୁସନ୍ଧାନର ଫଳ; ପ୍ରାପ୍ତ ବସ୍ତୁ।

**fine**[1] 1. ବିଂ. ଉତ୍କୃଷ୍ଟ, ଉତ୍ତମ; ବିଶୁଦ୍ଧ, ପରିଷ୍କୃତ; ସୂକ୍ଷ୍ମ, ସରୁ, ପତଳା; ସୁନ୍ଦର, ଖୁସି, ସୁସ୍ଥ (I'm fine, thank you); ଉଜ୍ଜ୍ୱଳ, ମେଘମୁକ୍ତ (ପାଗ); ରୁଚିକର (ଭାଷା); ମନୋରମ (ବ୍ୟକ୍ତିତ୍ୱ); 2. ବି. ଉତ୍ତମ ପାଗ; ବ.ବ. ସୂକ୍ଷ୍ମ କଣା ବା ଗୁଣ୍ଡ, 3. *କ୍ରି.ବିଂ.* ସୂକ୍ଷ୍ମ ବା ଭଲଭାବରେ; 4. କ୍ରି. ସୂକ୍ଷ୍ମ ବା ସରୁ କରିବା।

**fine**[2] 1. ବି. ଜୋରିମାନା; 2. କ୍ରି. ଅର୍ଥଦଣ୍ଡରେ ଦଣ୍ଡିତ କରିବା; in fine ମୋଟାମୋଟି, ସଂକ୍ଷେପରେ।

**fine arts** ବି. ଲଳିତ କଳା।

**fine–drawn** ବିଂ. ଅତି ସରୁ, ଅତି ସୂକ୍ଷ୍ମ।

**finery** ବି. ଆଡ଼ମ୍ବରପୂର୍ଣ୍ଣ ପୋଷାକ ବା ସାଜସଜ୍ଜା।

**fine–spun** ବିଂ. ସୂକ୍ଷ୍ମ, ସୁରଚିତ; ଅବାସ୍ତବ (ତତ୍ତ୍ୱ)।

**finesse** 1. ବି. ଚତୁରତା, ଦକ୍ଷତା, ନିପୁଣତା; 2. କ୍ରି. ଚାତୁରୀ ପ୍ରୟୋଗ କରି କାର୍ଯ୍ୟ କରିବା।

**finger** 1. ବି. ହାତର ଅଙ୍ଗୁଳି; ଅଙ୍ଗୁଳିବତ୍ ପଦାର୍ଥ; ଅଙ୍ଗୁଳିର (ପ୍ରସ୍ଥଭାବରେ ରଖି) ମାପ ପରିମାଣ; 2. କ୍ରି. ଅଙ୍ଗୁଳି ଦ୍ୱାରା ଅନୁଭବ କରିବା ବା ବାଦ୍ୟବଜାଇବା; put one's finger on ସଠିକ ନିରୂପଣ ବା ନିର୍ଦ୍ଦିଷ୍ଟ କରିବା।

**finger–board** ବି. ତାର ବାଦ୍ୟର ଯେଉଁ ଅଂଶରେ ଅଙ୍ଗୁଳିଦ୍ୱାରା ଚାପଦେଇ ବାଦ୍ୟ ବଜାଯାଏ।

**finger–bowl** ବି. ଭୋଜନ କାଳରେ ଅଙ୍ଗୁଳି ଧୋଇବା ପାଇଁ ବ୍ୟବହୃତ ଛୋଟ ଗିନା।

**finger–dry** ବି. ଅଙ୍ଗୁଳି ଚାଳନା ଦ୍ୱାରା କେଶକୁ ଶୁଖାଇବା ଏବଂ ସଜାଇବା।

**fingering** ବି. ଅଙ୍ଗୁଳି ଚାଳନର ରୀତି, ବିଶେଷତଃ ବାଦ୍ୟବାଦନରେ।

**finger–mark** ବି. ଅଙ୍ଗୁଳି ଚିହ୍ନ ବା ଦାଗ।

**fingernail** ବି. ହାତର ନଖ।

**finger–plate** ବି. ଦରଜାର ହେଣ୍ଡଲ ଉପରକୁ ଲଗା ଯାଇଥିବା ଅଙ୍ଗୁଳି ଦାଗ ନିବାରକ ଫଳକ।

**fingerprint** ବି. ଟିପଚିହ୍ନ, ଅଙ୍ଗୁଳି ଛାପ, (ଚିହ୍ନଟ କରିବା ନିମନ୍ତେ ବ୍ୟବହୃତ)।

**finger–stall** ବି. ଅଙ୍ଗୁଳି–ତ୍ରାଣ (ଜଖମ ଅଙ୍ଗୁଳିକୁ ଆବୃତ କରି ରଖିବା ପାଇଁ ବ୍ୟବହୃତ)।

Digitized by srujanika@gmail.com

**fingertip** ବି. ଟିପ, ଅଙ୍ଗୁଳିର ଅଗ୍ରଭାଗ; have at one's fingertips କୌଣସି ବିଷୟରେ ସମ୍ପୂର୍ଣ୍ଣ ଅବଗତ ରହିବା ।

**finial** ବି. ଗମ୍ବୁଜ ପ୍ରଭୃତିର କାରୁକାର୍ଯ୍ୟ ଶୋଭିତ ଚୂଡ଼ା ।

**finicky (finical, finicking)** ବିଂ. ଅତି ବିସ୍ତାରିତ; ଅତି ତୁଚ୍ଛ ବିଷୟରେ ମନୋଯୋଗୀ, ଦୁଃତୋଷଣୀୟ; ବି. finickiness.

**finis** ବି. ସମାପ୍ତି, ଶେଷ (ପୁସ୍ତକର) ।

**finish** 1. କ୍ରି. ସମାପ୍ତ କରିବା, ଶେଷ କରିବା; ସାଙ୍ଗ ହେବା, ପରିଣତି ପ୍ରାପ୍ତ ହେବା; କାଷ୍ଠ ନିର୍ମିତ ସାମଗ୍ରୀ ଓ ବସ୍ତ୍ର ଆଦିର ଉପରି ଭାଗକୁ ଚିକ୍କଣ କରିବା; 2. ବି. ଶେଷ; ଚୂଡ଼ାନ୍ତ ପର୍ଯ୍ୟାୟ; ଦୌଡ଼ ପ୍ରତିଯୋଗିତାର ଶେଷ ସ୍ଥାନ; କାଠ, କପଡ଼ା ଆଦିର ଉପରିଭାଗର ଚିକ୍କଣରୂପ; finish off-ଶେଷ କରିବା; *କ.ଭା.* ହତ୍ୟା କରିବା; finish with ସମସ୍ତ କାର୍ଯ୍ୟ ତୁଟାଇ ଦେବା ।

**finite** ବିଂ. ସସୀମ, ସୀମିତ; *ବ୍ୟା.* ସମାପିକା (କ୍ରିୟା), ନିର୍ଦ୍ଦିଷ୍ଟ ପୁରୁଷ ଓ ବଚନ ବିଶିଷ୍ଟ (He eats. They are going).

**Finn** ବି. ଫିନ୍‌ଲେଣ୍ଡର ଅଧିବାସୀ ।

**Finnic** ବିଂ. ଫିନ୍‌ଲେଣ୍ଡର ଅଧିବାସୀ ବା ସେମାନଙ୍କର ଭାଷା ସଂପର୍କିତ ।

**Finnish** 1. ବି. ଫିନଲେଣ୍ଡର ଭାଷା; 2. ବିଂ. ଉକ୍ତ ଦେଶର ଅଧିବାସୀ ବା ଭାଷା ସମ୍ବନ୍ଧୀୟ ।

**fiord** ବି. ପାହାଡ଼ ବା ଉଚ୍ଚ ପ୍ରସ୍ତର ବେଷ୍ଟିତ ସମୁଦ୍ରର ଖାଡ଼ି ।

**fipple** ବି. କାହାଳୀ, ତୂରୀ, ବଂଶୀ ପ୍ରଭୃତି ବାୟୁଚାଳିତ ବାଦ୍ୟଯନ୍ତ୍ରର ମୁହଁଟିପି; fipple flute ଶେଷଆଡୁ ଫୁଙ୍କି ବଜା ହେଉଥିବା ବଂଶୀ ।

**fir** ବି. ଫର ବୃକ୍ଷ; ଚିରହରିତ୍ ଦେବଦାରୁ ଜାତୀୟ ବୃକ୍ଷ, ଏହାର କାଠ; fir cone ଏହି ବୃକ୍ଷର ଫଳ; ବିଂ. firry.

**fire** 1. ବି. ନିଆଁ; ଉତ୍ତାପ ଓ ଆଲୋକ ଉତ୍ପାଦନ; ଦାହ୍ୟ ଅବସ୍ଥା; ତେଜ, ତାପ; 2. କ୍ରି. ତୋପ ବା ବନ୍ଧୁକ ଫୁଟାଇବା; ଉତ୍ତେଜିତ କରିବା ବା ହେବା; ଶୀଘ୍ର କହିଯିବା; କାର୍ଯ୍ୟରୁ ବରଖାସ୍ତ କରିବା; ଧ୍ୱଂସ ଉଦ୍ଦେଶ୍ୟରେ ଅଗ୍ନିସଂଯୋଗ କରିବା; ପ୍ରେରଣା ଯୋଗାଇବା, ନିଆଁରେ ପୋଡି ଶୁଖାଇବା; କ୍ରୋଧରେ ଲାଲ୍‌ହୋଇ ଯିବା; catch fire ନିଆଁ ଲାଗିଯିବା; fire in one's belly ଆଗ୍ରହ, ଉଚ୍ଚାକାଂକ୍ଷା; on fire ଜ୍ୱଳନ୍ତ ଅବସ୍ଥାରେ, ପ୍ରଜ୍ୱଳିତ; *କ.ଭା.* ଉତ୍ତେଜିତ; open fire ଗୁଳି ଚାଳନା ଆରମ୍ଭ କରିବା; set fire to (set on fire) ଅଗ୍ନି ସଂଯୋଗ କରି ପୋଡ଼ିବା (ଘର ଆଦି); set the world (Thames) on fire ଉଲ୍ଲେଖଯୋଗ୍ୟ କିମ୍ବା ଉତ୍ତେଜନାମୂଳକ କିଛି କରିବା; under fire ଶତ୍ରୁଦ୍ୱାରା ଗୁଳିଗୋଳା ଚାଳନାରେ ଆଘାତପ୍ରାପ୍ତ ହେବା; କଟୁଭାବରେ ସମାଲୋଚିତ ହେବା ।

**fire–alarm** ବି. ଅଗ୍ନିକାଣ୍ଡ ସୂଚକ ଘଣ୍ଟି ।

**firearm** ବି. *ସା.ବ.ବ.* ଆଗ୍ନେୟାସ୍ତ୍ର, ବନ୍ଧୁକ, ପିସ୍ତଲ, ରାଇଫଲ ।

**fire–ball** ବି. ବିଶାଳ ଉଲ୍କା, ଆଣବିକ–ବିସ୍ଫୋରଣ ଜାତ ଅଗ୍ନି ଗୋଲକ; କର୍ମଚଞ୍ଚଳ ବ୍ୟକ୍ତି ।

**fire–bomb** ବି. ଆଗ୍ନେୟ ବୋମାବିଶେଷ ।

**firebox** ବି. ବାଷ୍ପୀୟ ଯନ୍ତ୍ର ବା ବଏଲର୍‌ର ଅଗ୍ନିଜଳିବା ସ୍ଥାନ ।

**firebrand** ବି. ଜଳନ୍ତା କାଠ ଖଣ୍ଡ; ଗଣ୍ଡଗୋଳ କରୁଥିବା ବ୍ୟକ୍ତି ।

**fire–break** ବି. ଅରଣ୍ୟରେ ବନାଗ୍ନି ପ୍ରସାରଣର ବାଧକ ।

**fire–brick** ବି. ଅଦାହ୍ୟ ଇଷ୍ଟକ ।

**fire brigade** ବି. ଅଗ୍ନି ନିର୍ବାପକ ଦଳ, ନିଆଁ ଲିଭାଳୀ ।

**fireclay** ବି. ପୋଡା–ଇଟା ତିଆରିରେ ବ୍ୟବହୃତ ମାଟି ।

**firecracker** ବି. *ଆମେ.* ବିସ୍ଫୋରଣଶୀଳ ବାଣ ।

**firedamp** ବି. ଖଣି ମଧ୍ୟସ୍ଥ ଦାହ୍ୟ ମିଥେନ୍ ଗ୍ୟାସ୍ ।

**fire–drill** ବି. ଅଗ୍ନି ନିର୍ବାପ ପ୍ରଣାଳୀର ପୂର୍ବାଭ୍ୟାସ ।

**fire–eater** ବି. ନିଆଁଗିଳା, କଳିଆଖୋର; ଯାଦୁକର ।

**fire–engine** ବି. ଦମକଳ ।

**fire–escape** ବି. ନିଆଁ ଲାଗିଥିବା କୋଠାଘରୁ ବିପନ୍ନଲୋକ ପଳାଇ ଯିବା ନିମନ୍ତେ ସୋପାନ ଶ୍ରେଣୀ ।

**fire extinguisher** ବି. ଅଗ୍ନିନିର୍ବାପକ ରାସାୟନିକ ପଦାର୍ଥ ନିକ୍ଷେପକ ଯନ୍ତ୍ର ।

Digitized by srujanika@gmail.com

**firefly** ବି. ଜୁଳୁଜୁଳିଆ ପୋକ, ଖଦ୍ୟୋତ ।
**fire–guard** ବି. ଅଗ୍ନି ସମ୍ମୁଖରେ ସ୍ଥାପିତ ପର୍ଦା ବିଶେଷ ।
**fire–irons** ବି. ଘରେ ନିଆଁ ଉଗାଗିବାକୁ ବ୍ୟବହୃତ ଲୁହା କାଠି ବା ଚିମୁଟା ।
**firelight** ବି. ଚୁଲି ବା ଅଗ୍ନିକୁଣ୍ଡର ଆଲୋକ ।
**fire–lighter** ବି. ନିଆଁ ଧରାଇବା ପାଇଁ ବ୍ୟବହୃତ ସୁଦାହ୍ୟ ପଦାର୍ଥ ବିଶେଷ ।
**fireman** ବି. ନିଆଁଳିଭାଳୀ, ବାଷ୍ପୀୟଯନ୍ତ୍ରର ଅଗ୍ନିରକ୍ଷକ ।
**fireplace** ବି. ଚୁଲି, ଅଗ୍ନିକୁଣ୍ଡ ।
**fire–power** ବି. ବନ୍ଧୁକ ପ୍ରଭୃତିର ଧ୍ୱଂସକାରୀ ଶକ୍ତି ।
**fireproof** ବିଂ. ଅଦାହ୍ୟ; ଅଗ୍ନିନିରୋଧକ ।
**fire–raising** ବି. ଗୃହଦାହ ଅପରାଧ ।
**fireside** ବି. ଅଗ୍ନିକୁଣ୍ଡର ପାର୍ଶ୍ୱବର୍ତ୍ତୀସ୍ଥାନ, ବ୍ୟକ୍ତିବିଶେଷର ଗୃହ ।
**fire station** ବି. ଦମକଳ କାର୍ଯ୍ୟାଳୟ ।
**fire–storm** ବି. ବୋମାମାଡ଼ ଜନିତ ଅଗ୍ନିକାଣ୍ଡ ତଥା ବତାସ ।
**fire–trap** ବି. ଅଗ୍ନିକାଣ୍ଡବେଳେ ପଳାଇ ଯିବା ନିମନ୍ତେ ବ୍ୟବସ୍ଥା ନଥିବା କୋଠାଘର ।
**fire–watcher** ବି. ବୋମା ପ୍ରଭୃତି ଦ୍ୱାରା ସୃଷ୍ଟ ଅଗ୍ନିକାଣ୍ଡ ପ୍ରତି ଦୃଷ୍ଟି ରଖିଥିବା ବ୍ୟକ୍ତି ।
**fire–water** ବି. *କ.ଭା.* କଡ଼ା ମଦ ।
**firewood** ବି. ଜାଳେଣି କାଠ ।
**firework** ବି. ଆତସବାଜୀ; ବ.ବ. କ୍ରୋଧର ପରିପ୍ରକାଶ ।
**firing** ବି. ଗୁଳିଚାଳନା, ଜାଳେଣି ।
**firing–line** ବି. ଯୁଦ୍ଧର ପୁରୋଭାଗ; କୌଣସି କାର୍ଯ୍ୟରେ ମୁଖ୍ୟ ଅଂଶ ।
**firing–squad** ବି. ସାମରିକ ଶବଯାତ୍ରାରେ ସଲାମୀ ଦେଉଥିବା ଦଳ; ଦଣ୍ଡିତ ବ୍ୟକ୍ତିକୁ ଗୁଳି ମାରି ହତ୍ୟା କରୁଥିବା ଦଳ ।
**firm**[1] ବିଂ. ଦୃଢ଼, ସ୍ଥିର, ଅବିଚଳିତ, ସଂକଳ୍ପବଦ୍ଧ, ସ୍ଥିର–ନିଶ୍ଚୟ; *କ୍ରି.ବିଂ.* firmly; ବି. firmness.
**firm**[2] ବି. ବ୍ୟବସାୟୀ ପ୍ରତିଷ୍ଠାନ, ଏହାର ଅଂଶୀଦାରବର୍ଗ ।
**firmament** ବି. ଆକାଶ ।
**first** 1. ବିଂ. ସମୟ କ୍ରମ ତଥା ଗୁରୁତ୍ୱ ଦୃଷ୍ଟିରୁ ଅଗ୍ରଗଣ୍ୟ; ଆଦି, ପ୍ରଥମ; 2. ବି. ପ୍ରଥମ ବ୍ୟକ୍ତି ବା ବସ୍ତୁ; ପ୍ରଥମଥର ପାଇଁ ଘଟିଥିବା ଉଲ୍ଲେଖଯୋଗ୍ୟ ଘଟଣା; ପ୍ରଥମସ୍ଥାନ; 3. *କ୍ରି.ବିଂ.* କୌଣସି ବ୍ୟକ୍ତି ବା ବସ୍ତୁର ପୂର୍ବରୁ, ସର୍ବ ପ୍ରଥମେ, ପ୍ରଥମ ଥର ପାଇଁ; at first ଆରମ୍ଭରୁ; at first hand ପ୍ରତ୍ୟକ୍ଷ ଭାବରେ; first past the post ପୂର୍ଣ୍ଣସଂଖ୍ୟାଗରିଷ୍ଠତା ନ ପାଇ ଅଧିକ ଭୋଟରେ ଜିଣିଥିବା ଦଳ ବା ବ୍ୟକ୍ତି; in the first place ପ୍ରଥମତଃ ।
**first aid** ବି. ପ୍ରାଥମିକ ଚିକିତ୍ସା ।
**first blood** ବି. ପ୍ରତିଯୋଗିତାରେ ପ୍ରଥମ ସଫଳତା ।
**first–born** ବି. ଜ୍ୟେଷ୍ଠ ସନ୍ତାନ ।
**first class** ବି. ପ୍ରଥମଶ୍ରେଣୀ; ଉତ୍କୃଷ୍ଟ ।
**first finger** ବି. ବୃଦ୍ଧା ଆଙ୍ଗୁଠିର ନିକଟବର୍ତ୍ତୀ ଆଙ୍ଗୁଠି, ତର୍ଜନୀ ।
**first–fruit** ବି. ବର୍ଷର ପ୍ରଥମ ଫଳ; ଯେ କୌଣସି କାର୍ଯ୍ୟର ପ୍ରଥମ ଫଳ ।
**firsthand** ବିଂ. *କ୍ରି.ବିଂ.* ପ୍ରତ୍ୟକ୍ଷ, ପ୍ରତ୍ୟକ୍ଷ ଭାବରେ ।
**First Lady** ବି. *ଆମେ.* ରାଷ୍ଟ୍ରପତିଙ୍କ ସ୍ତ୍ରୀ ।
**first light** ବି. ପ୍ରଭାତ ।
**firstly** *କ୍ରି.ବିଂ.* ପ୍ରଥମତଃ, ଆଦ୍ୟରେ ।
**first night** ବି. ନାଟକ ପ୍ରଭୃତି ପ୍ରଦର୍ଶନର ପ୍ରଥମରାତ୍ରି ।
**first offender** ବି. ପ୍ରଥମଥର ପାଇଁ ଅପରାଧ କରିଥିବା ବ୍ୟକ୍ତି ।
**first–rate** ବିଂ. ଉତ୍ତମ, *କ.ଭା.* ଖୁବ୍ ଭଲ ।
**firth, frith** ବି. ସମୁଦ୍ରର ସଂକୀର୍ଣ୍ଣ ଶାଖା, ନଦୀର ମୁହାଣ; ଖାଡ଼ି ।
**fiscal** 1. ବିଂ. ରାଜକୋଷ ବା ରାଜସ୍ୱ ସଂକ୍ରାନ୍ତୀୟ; 2. ବି. କେତେକ ଦେଶର ଆଇନ୍ ବିଭାଗୀୟ କର୍ମଚାରୀ ।
**fish**[1] 1. ବି. (ବ.ବ.*ସା.* fish) ମାଛ, ଯେକୌଣସି ଜଳଚର ଜୀବ, *ଉଦା.* jellyfish; (ଖାଦ୍ୟ ନିମନ୍ତେ ବ୍ୟବହୃତ) ମତ୍ସ୍ୟର ଖଣ୍ଡ ବା ଫେଲି; ବ.ବ.ରେ ବିଭିନ୍ନ ଜାତିର ମାଛ; the Fish (Fishes) ମୀନରାଶି; 2. *କ୍ରି.* ମାଛ ଧରିବା ବା ଧରିବାକୁ ଚେଷ୍ଟା କରିବା; ଖୋଜି ବୁଲିବା; କୌଶଳରେ ପାଇବାକୁ ଚେଷ୍ଟା କରିବା; drink like a fish ଅତିରିକ୍ତ ମଦ୍ୟପାନ କରିବା; fish in troubled water ଗୋଳମାଳିଆ

Digitized by srujanika@gmail.com

ପରିସ୍ଥିତିରେ ସ୍ୱାର୍ଥସିଦ୍ଧିର ପ୍ରଚେଷ୍ଟା; fish out *କ.ଭା.* ଖୋଜି ବାହାର କରିବା; fish out of water ନିଜ ପରିବେଶରେ ନଥିବା ବ୍ୟକ୍ତି; other fish to fry କରିବାକୁ ଥିବା ଅନ୍ୟ କାର୍ଯ୍ୟ ।

**fish²** ବି. କଡ଼ି ବା ମାସ୍ତୁଲକୁ ଦୃଢ଼ କରିବା ନିମନ୍ତେ ବ୍ୟବହୃତ କାଠ ବା ଲୁହାଖଣ୍ଡ ।

**fish cake** ବି. ସିଝା ଆଳୁ ଏବଂ ମାଛରେ ପ୍ରସ୍ତୁତ ହୋଇଥିବା କେକ୍ ।

**fisher** ବି. ମାଛଧରୁଥିବା ଜନ୍ତୁ; *ପ୍ରା.ପ୍ର.* କେଉଟ ।

**fisherman** ବି. କେଉଟ, ମତ୍ସ୍ୟଜୀବୀ ।

**fishery** ବି. ମାଛଧରା ବ୍ୟବସାୟ; ମତ୍ସ୍ୟପାଳନ; ମାଛଧରିବା ସ୍ଥାନ ।

**fish-hook** ବି. ବନ୍‌ଶୀ କଣ୍ଟା ।

**fishing** ବି. ମାଛଧରା, ମାଛଧରା କୌଶଳ ।

**fishing-line** ବି. ବନଶୀ ଡୋର ।

**fishing-rod** ବନଶୀ ଖାଡ଼ି ।

**fish-kettle** ମାଛସିଝାଇବା ପାତ୍ର ।

**fish-meal** ଶୁଖୁଆଗୁଣ୍ଡ (ସାର ବା ପଶୁଖାଦ୍ୟ ରୂପେ ବ୍ୟବହୃତ) ।

**fishmonger** ବି. ମାଛ ବ୍ୟବସାୟୀ ।

**fish-plate** ବି. ରେଳ ପଥର ଲୌହ ଧାରଣାକୁ ଯୋଗ କରୁଥିବା ଚଟକା ଲୌହଖଣ୍ଡ ।

**fish tail** ବି. ମାଛ ଲାଞ୍ଜ ଆକୃତି ବିଶିଷ୍ଟ ବସ୍ତୁ ।

**fishwife** ବି. କେଉଟୁଣୀ; କଳିହୁଡୀ ବା ମୁଖରା ସ୍ତ୍ରୀ ।

**fishy** ବିଂ. ମାଛ ସଂପର୍କୀୟ ବା ମାଛପରି, ଆଇଁଷିଆ (ଗନ୍ଧ); *ଘ.ପ୍ର.* ସନ୍ଦେହଜନକ; *କ୍ରି.ବିଂ.* fishily; ବି. fishiness.

**fission** 1. ବି. କୋଷ ବିଭାଗୀକରଣ ଦ୍ୱାରା ପ୍ରଜନନ କ୍ରିୟା; ବିଭାଗୀକରଣ, ବିଭାଜନ; ଆଣବିକ ବିଖଣ୍ଡନ; fission bomb ପରମାଣୁ ବୋମା; 3. *କ୍ରି.* ବିଭାଜନ ସୃଷ୍ଟିକରିବା; ବିଂ. fissionable.

**fissure** 1. ବି. ଫାଙ୍କ, ଫାଟ, ଛିଦ୍ର; 2. *କ୍ରି.* ଫାଟ ସୃଷ୍ଟି କରିବା ।

**fist** ବି. ମୁଷ୍ଟି, ବିଧା; ବିଂ. fistful.

**fisticuffs** ବି. ବ.ବ. ମୁଷ୍ଟି ଯୁଦ୍ଧ ।

**fistula** ବି. ଭଗନ୍ଦର (ରୋଗ), ନାଳୀ ଘା ।

**fit¹** 1. ବିଂ. ଉପଯୁକ୍ତ, ଦକ୍ଷ, ଯୋଗ୍ୟ, ସମର୍ଥ; ଭଲ ଅବସ୍ଥାରେ ଥିବା; ପ୍ରସ୍ତୁତ; ଉତ୍ତମ ସ୍ୱାସ୍ଥ୍ୟ ଯୁକ୍ତ; 2. *କ୍ରି.* ସଂଗତ ହେବା; ଖାପ୍ ଖୁଆଇବା, ଉପଯୁକ୍ତ କରିବା; ଯୋଗାଇ ଦେବା; ଠିକ୍ ମାପ ଅନୁଯାୟୀ ପୋଷାକପତ୍ର ପ୍ରସ୍ତୁତ କରିବା; fit in ମେଳ ଖାଇବା, ଖାପ ଖାଇବା; fit on ନୂଆ ପୋଷାକ ପିନ୍ଧି ଦେଖିବା; fit out (up) ଆବଶ୍ୟକୀୟ ପଦାର୍ଥ ଯୋଗାଇ ଦେବା; *କ୍ରି.ବିଂ.* fitly; ବି. fitness.

**fit²** ବି. ମୂର୍ଚ୍ଛା; ଅପସ୍ମାର; କୌଣସି ରୋଗର ଆକସ୍ମିକ ଆକ୍ରମଣ, ଆକସ୍ମିକ ଆବେଗ, ଉଲ୍ଲାସ; by (in) fits and starts ମଧ୍ୟେ ମଧ୍ୟେ; ଅନିୟମିତ ଭାବରେ; have a fit *କ.ଭା.* ଅତିଶୟ ବିସ୍ମିତ ବା କ୍ରୁଦ୍ଧ ହେବା; in fits ହସି ବେଦମ ହେବା ।

**fitful** ବିଂ. ମଧ୍ୟେ ମଧ୍ୟେ ଘଟୁଥିବା; *କ୍ରି.ବିଂ.* fitfully.

**fitter** ବି. ଯୋଡ଼ିବା କାରିଗର (ଯନ୍ତ୍ରାଂଶ, ପୋଷାକ ଆଦିର) ।

**fitting** 1. ବିଂ. ଉପଯୁକ୍ତ, ଠିକ୍; 2. ବି. ଉପଯୁକ୍ତ ମାପରେ ପୋଷାକ ତିଆରି କରିବା; ବ.ବ. ଘରେ ସଂଲଗ୍ନ ସାଜସରଞ୍ଜାମ ।

**five** ବି.ବିଂ. ପାଞ୍ଚ (୫) ସଂଖ୍ୟା, ପାଞ୍ଚ ।

**fivefold** ବିଂ. & *କ୍ରି.ବିଂ.* ପାଞ୍ଚଗୁଣ, ପଞ୍ଚବିଧ ।

**fiver** ବି. ପାଞ୍ଚପାଉଣ୍ଡ ବା ପାଞ୍ଚଟଙ୍କାର ନୋଟ ।

**fix** 1. *କ୍ରି.* ଦୃଢ଼ କରିବା, ସଂଲଗ୍ନ କରିବା, ଲଗାଇବା; ସ୍ଥାୟୀ କରିବା; ସ୍ଥିର କରିବା; ମନରେ ରଖିବା; ନିଷ୍ପତ୍ତି କରିବା, ନିର୍ଦ୍ଦିଷ୍ଟ କରିବା; ଶୃଙ୍ଖଳିତ କରିବା; (ଦୃଷ୍ଟି, ଧ୍ୟାନ) ନିବଦ୍ଧ କରିବା; *କ.ଭା. ଆମେ.* (ଖାଦ୍ୟ, ପାନୀୟ) ପ୍ରସ୍ତୁତ କରିବା; ସ୍ଥାୟୀ ବା ଦୃଢ଼ଭାବେ ରହିବା; ଚିହ୍ନିତ କରିବା, ଖୋଜି ବାହାର କରିବା, କଠିନ ହେବା; ମରାମତି କରିବା; ଦଣ୍ଡଦେବା; *କ.ଭା.* ଲାଞ୍ଚଦେବା, ଦଣ୍ଡଦେବା, ମାରିଦେବା, ସମର୍ଥନ କରିବା, ସାହାଯ୍ୟ ଦେବା; 2. ବି. କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା, ଦ୍ୱନ୍ଦ୍ୱ, ସଙ୍କଟଜନକ ଅବସ୍ଥା; fix on (upon) ସ୍ଥିର କରିବା, ପସନ୍ଦ କରିବା, ବାଛିବା; fix up ବ୍ୟବସ୍ଥା କରିବା, ଆୟୋଜନ କରିବା; ବିଂ. fixable.

**fixate** *କ୍ରି.* ଦୃଷ୍ଟି ନିବଦ୍ଧ କରିବା ।

**fixation** ବି. ସ୍ଥିରୀକରଣ, ଦୃଢ଼ସଂଯୋଜନ, ଆକର୍ଷଣ; ମନ ବିକାର ।

Digitized by srujanika@gmail.com

**fixative** ବିଂ. ଓ ବି. ସଂଲଗ୍ନକାରକ, ସଂଲଗ୍ନକାରୀ (ବସ୍ତୁ)।

**fixedly** କ୍ରି.ବିଂ. ଦୃଢ଼ ବା ସ୍ଥାୟୀଭାବେ, ନିଶ୍ଚଳଭାବେ।

**fixer** ବି. ଯେ (ବ୍ୟକ୍ତି) ସ୍ଥିର କରନ୍ତି; ଯେଉଁ ବସ୍ତୁ ଦୃଢ଼ସଂଲଗ୍ନ କରେ; *କ.ଭା.* ଯୋଗା-ଯୋଗକାରୀ।

**fixings** ବି. ବ.ବ. *ଆମେ.* ଯନ୍ତ୍ରପାତି, ଆସବାବପତ୍ର; ଉପକରଣ, ପୋଷାକ ଆଦିର ଉପରି କାମ (ବୋତାମ ଲଗା ସମେତ)।

**fixity** ବି. ସ୍ଥାୟିତ୍ୱ, ଦୃଢ଼ତା।

**fixture** ବି. ସ୍ଥାୟୀଭାବେ ସଂଲଗ୍ନ ବସ୍ତୁ; ବ.ବ. ଗୃହସଜ୍ଜା ବା ଉପକରଣ; କ୍ରୀଡ଼ା ନିର୍ଘଣ୍ଟ।

**fizz** 1. କ୍ରି. (ତରଳ ପଦାର୍ଥ) ସୁ ସୁ ଶବ୍ଦ କରିବା ବା ବୁଦ୍‌ବୁଦ୍ ହୋଇ ବାହାରିବା; 2. ବି. ଶେଂପେନ୍; ବୁଦ୍‌ବୁଦନ।

**fizzle** 1. କ୍ରି. ସେଁ ସେଁ ଶବ୍ଦ କରିବା; 2. ବି. ଉକ୍ତ ଶବ୍ଦ; fizzle out ବ୍ୟର୍ଥ ହେବା।

**fizzy** ବିଂ. ବୁଦ୍‌ବୁଦ୍ ବାହାରୁଥିବା; ବି. fizziness.

**flab** ବି. *କ.ଭା.* ଚର୍ବି; ମାଂସଳତା।

**flabbergast** କ୍ରି. ସ୍ତମ୍ଭୀଭୂତ କରିବା; ବିସ୍ମୟବିହ୍ୱଳ କରିବା।

**flabby** ବିଂ. ଶ୍ଲଥ; ଚର୍ବିଳ; ଢିଲା, ଶିଥିଳ; କ୍ରି.ବିଂ. flabbily; ବି. flabbiness.

**flaccid** ବିଂ. ଦୁର୍ବଳ, ଶ୍ଲଥ, ଶିଥିଳ; ବି. flaccidity.

**flag**[1] 1. ବି. ପତାକା, ନିଶାଣ; ଭଡ଼ା ଟେକ୍ସିରେ ବ୍ୟବହୃତ କ୍ଷୁଦ୍ର ଧାତବ ଫଳକ; 2. କ୍ରି. କ୍ଲାନ୍ତ ହୋଇପଡିବା; ପତାକା ସାହାଯ୍ୟରେ ସଙ୍କେତ ପ୍ରଦାନ କରିବା।

**flag**[2] କ୍ରି. ନଇଁପଡ଼ିବା, ଲଟକିବା, ଦୁର୍ବଳ ହୋଇଯିବା, ଝାଉଁଳି ପଡ଼ିବା।

**flag**[3] 1. ବି. ପ୍ରସ୍ତର ଫଳକ; 2. କ୍ରି. ପଥର ଟାଇଲ ବିଛାଇବା।

**flag-day** ବି. ପତାକା ଦିବସ, ଯେଉଁଦିନ କୌଣସି ଜନହିତକର କାର୍ଯ୍ୟ ନିମନ୍ତେ ପତାକା ବିକ୍ରିକରି ଚାନ୍ଦା ଆଦାୟ କରାଯାଏ।

**flagellant** ବି. ଓ ବିଂ. ଯେ ନିଜକୁ ବା ଅପରକୁ ଶାସ୍ତି ଦିଏ, ନିଗ୍ରହକାରୀ।

**flagellate** କ୍ରି. ବେତ୍ରାଘାତ କରିବା, ଚାବୁକ ମାରିବା; ବି. flagellation.

**flageolet** ବି. ଦୁଇ ରନ୍ଧ୍ର ବିଶିଷ୍ଟ ବଂଶୀ।

**flag of convenience** ବି. ବିଶେ ଶୁଳ୍କ ନ ଦେବା ନିମନ୍ତେ ଜାହାଜର ରେଜେଷ୍ଟ୍ରିଭୁକ୍ତ ବିଦେଶୀ ପତାକା।

**flag-officer** ବି. ନୌସେନାଧ୍ୟକ୍ଷ, ଉପ-ନୌସେନାଧ୍ୟକ୍ଷ ବା ରିଅର୍ ଏଡ୍‌ମିରାଲ୍।

**flag of truce** ବି. ଶ୍ୱେତ ପତାକା (ଯୁଦ୍ଧ ବିରାମ ସୂଚକ)।

**flagon** ବି. ଢାଙ୍କୁଣି ଥିବା ବିରାଟ ଗୋଲାକାର ମଦ୍ୟପାତ୍ର ବିଶେଷ; ବିରାଟ ଆକାରର ବୋତଲ (୧.୧୩ ଲିଟର ଧାରଣ କ୍ଷମତା ବିଶିଷ୍ଟ)।

**flagrant** ବିଂ. ଗର୍ହିତ, ସାଂଘାତିକ; ବି. flagrancy.

**flagship** ବି. ନୌସେନାଧ୍ୟକ୍ଷ ଯାତ୍ରା କରୁଥିବା ଜାହାଜ; ଆଦର୍ଶସ୍ଥାନୀୟ ବା ନେତୃସ୍ଥାନୀୟ ବ୍ୟକ୍ତି।

**flagstaff** ବି. ପତାକାସ୍ତମ୍ଭ।

**flail** 1. ବି. ଶସ୍ୟ ବାଡ଼େଇବାର ଲୁହା ବା କାଠ ଯନ୍ତ୍ର; 2. କ୍ରି. ଏହି ଯନ୍ତ୍ର ସାହାଯ୍ୟରେ ବାଡ଼େଇବା, ବିଭିନ୍ନ ଦିଗରେ ଛିଞ୍ଚାଡ଼ି ହେବା।

**flair** ବି. ନିର୍ଦ୍ଦିଷ୍ଟ ବିଷୟରେ ସ୍ୱାଭାବିକ ପ୍ରତିଭା; ସ୍ୱାଭାବିକ କଳା।

**flake** 1. ବି. ପତଳା ବରଫ ଖଣ୍ଡ; ତୁଷାର କଣା; 2. କ୍ରି. କଣା କଣା ହୋଇ ପଡ଼ିବା; flake out *କ.ଭା.* କ୍ଲାନ୍ତି ବଶତଃ ନିଦ୍ରାଯିବା; ଅଚେତ ହୋଇଯିବା; ବିଂ. flaky.

**flamboyant** ବି. ଜାକଜମକ ଭାବେ ସଜ୍ଜିତ; ଆକୃତି ଏବଂ ଆଚରଣରେ ଦେଖାଣିଆ; ବି. flamboyance.

**flame** 1. ବି. ଅଗ୍ନି; ଅଗ୍ନିଶିଖା; ଉଜ୍ଜ୍ୱଳ ଆଲୋକ ବା ରଙ୍ଗର ଛଟା; ପ୍ରେମଜନିତ କାମନା; *କ.ଭା.* ପ୍ରେମିକା; 2. କ୍ରି. କ୍ରୋଧରେ ପ୍ରଜ୍ୱଳିତ ହେବା, ନିଆଁ ଭଳି ଝଲକିବା; ଜଳିବା; (consign) commit to the flames ପୋଡ଼ିଦେବା।

**flamenco** ବି. ( ବ.ବ. flamencos) ସ୍ପେନୀୟ ଜିପ୍‌ସୀମାନଙ୍କର ନୃତ୍ୟ ଓ ସଂଗୀତ ଶୈଳୀ।

**flame-thrower** ବି. ଅଗ୍ନିବର୍ଷୀ ଅସ୍ତ୍ର ବିଶେଷ।

**flaming** ବିଂ. ଜ୍ୱଳନ୍ତ ଅଗ୍ନି ସଦୃଶ, ଅତ୍ୟନ୍ତ ଉତ୍ତପ୍ତ; ଉଜ୍ଜ୍ୱଳ; *କ.ଭା.* କାମାସକ୍ତ।

**flamingo** ବି. ଦୀର୍ଘକଣ୍ଠ, ଦୀର୍ଘପଦ, ଲାଲ, ବାଇଗଣି ଓ କଳା ପର ବିଶିଷ୍ଟ ଜଳଚରପକ୍ଷୀ ବିଶେଷ।

Digitized by srujanika@gmail.com

**flammable** ବିଂ. ଦହନଶୀଳ, ଦାହ୍ୟ; ବି. flammability.
**flange** ବି. ଚକର ଉନ୍ନତଧାର।
**flank** 1. ବି. ଶରୀରର ମାଂସଳ ପାର୍ଶ୍ୱଦେଶ, ପର୍ବତର ପାର୍ଶ୍ୱ; ସୈନ୍ୟବାହିନୀର ବାମ ବା ଦକ୍ଷିଣ ପାର୍ଶ୍ୱ; 2. କ୍ରି. ପାର୍ଶ୍ୱ ଦେଶରୁ ବେଢ଼ିବା, ପାର୍ଶ୍ୱରେ ଅବସ୍ଥାପିତ ହେବା।
**flannel** ବି. ପଶମ ତିଆରି ନରମ ବସ୍ତ୍ର; ବ.ବ. ଫ୍ଲାନେଲ ତିଆରି ପୋଷାକ; *ସା.ପ୍ର.* ନିର୍ବୋଧତା, ତୋଷାମୋଦି।
**flannelette** ବି. କାର୍ପାସରେ ପ୍ରସ୍ତୁତ ନକଲି ଫ୍ଲାନେଲ୍।
**flap** 1. କ୍ରି. ଦୋହଲିବା; ତଳଉପର କରିବା ବା ହେବା; ଚଉଡ଼ା ଜିନିଷ ସାହାଯ୍ୟରେ ଆଘାତ କରିବା; *କ.ଭା.* ଉତ୍ତେଜିତ ବା ଭୟଭୀତ ହେବା; 2. ବି. ଆଚ୍ଛାଦକ, ଆବରକ, ଯାହା ସହିତ ସଂଲଗ୍ନ ଲମ୍ବମାନ ଅଂଶ; ଫଡ଼ଫଡ଼ ଶବ୍ଦ; କୌଣସି ହାଲୁକା ଜିନିଷ ଅନ୍ୟ ସହିତ ବାଜିବାର ଶବ୍ଦ; ଉତ୍ତେଜିତ ଅବସ୍ଥା।
**flapdoodle** ବି. *କ.ଭା.* ବାଜେ କଥା; ନିର୍ବୋଧ।
**flapjack** ବି. ସୁମିଷ୍ଟ ପିଷ୍ଟକ ବିଶେଷ।
**flapper** ବି. ମାଛିମରା ଯନ୍ତ୍ର; ଭୟାଳୁ ବ୍ୟକ୍ତି; *ସା.ପ୍ର.* ପ୍ରଗତିଶୀଳ ଯୁବତୀ।
**flare**[1] 1. କ୍ରି. ହଠାତ୍ ଜଳି ଉଠିବା; ରାଗି ଉଠିବା; କ୍ରମଶଃ ଓସାରିଆ ହେବା; 2. ବି. ସଙ୍କେତ ପ୍ରେରଣର ଉଜ୍ଜ୍ୱଳ ଆଲୋକଶିଖା; କ୍ଷଣସ୍ଥାୟୀ ଆଲୋକ, ଆଲୋକର କ୍ରମଃବିସ୍ତାର; flare up (ଆଲୋକ, ବହ୍ନି ଓ କ୍ରୋଧ ସଂପର୍କରେ) ଆକସ୍ମିକ ଜଳି ଉଠିବା।
**flare–path** ବି. ଉଡ଼ାଜାହାଜ ଉଡ଼ିବା ବା ଓହ୍ଲାଇବା ନିମନ୍ତେ ସହାୟକ ରନ୍‌ୱେର ଆଲୋକଶ୍ରେଣୀ।
**flash** 1. ବି. ଅଗ୍ନି ବା ଆଲୋକର ଆକସ୍ମିକ ଉଦ୍‌ଭାସ, ଝଲସିବା, ଝଟକିବା. ତ୍ୱରିତ ହେବା ବା ଦୀପ୍ତହେବା ଅବସ୍ଥା; ଉତ୍ତେଜନା; ବେତାରରେ ଏକ ଚମକପ୍ରଦ ଖବର ପ୍ରସାରଣ; ଫଟୋ ଉତ୍ତୋଳନ ନିମନ୍ତେ ବ୍ୟବହୃତ ଉଜ୍ଜ୍ୱଳ ଆଲୋକ; ସାମରିକ ପୋଷାକରେ ବ୍ୟବହୃତ ପ୍ରତୀକ ସୂଚକ ରଙ୍ଗୀନ ବସ୍ତ୍ରଖଣ୍ଡ; 2. କ୍ରି. ମନରେ ହଠାତ୍ ଉଦିତ ହେବା; ହଠାତ୍ ଦେଖାଦେବା; ପାଖଦେଇ ଖୁବ ଚଞ୍ଚଳ ଚାଲିଯିବା; ଅଳ୍ପକ୍ଷଣ ପାଇଁ ଝଲସି ଉଠିବା; 3. ବିଂ. ବର୍ଣ୍ଣାଢ୍ୟ, ଦେଖାଣିଆ, ଚତୁର; flash in the pan ଆଖିଝଲସା କିନ୍ତୁ କ୍ଷଣସ୍ଥାୟୀ ସଫଳତା; ଆରମ୍ଭ ସମ୍ଭାବନାପୂର୍ଣ୍ଣ, ମାତ୍ର ପରିଣାମ ନିଷ୍ଫଳ।
**flashback** ବି. ଅତୀତକୁ ପ୍ରତ୍ୟାବର୍ତ୍ତନ (ନାଟକ, ଚଳଚ୍ଚିତ୍ରାଦିରେ ବ୍ୟବହୃତ କୌଶଳ)।
**flash bulb** ବି. ଫଟୋଗ୍ରାଫିରେ ବ୍ୟବହୃତ ଉଜ୍ଜ୍ୱଳ ଆଲୋକ ପ୍ରଦାନକାରୀ ବଲ୍‌ବ।
**flash–cube** ବି. ଫଟୋ ଉଠାରେ ଗୋଟିକ ପରେ ଗୋଟିଏ ବ୍ୟବହୃତ ହେଉଥିବା ଚାରୋଟି ବଲ୍‌ବ।
**flasher** ବି. *ସା.ପ୍ର.* ଅଶ୍ଳୀଳ ଭାବେ ଅଙ୍ଗପ୍ରଦର୍ଶନ କରୁଥିବା ବ୍ୟକ୍ତି; ମଧ୍ୟେ ମଧ୍ୟେ ଆଲୋକପାତ ନିମନ୍ତେ ସ୍ୱୟଂକ୍ରିୟ କୌଶଳ।
**flashing** ବି. ଛାତର ଯୋଡ଼ରେ ବ୍ୟବହୃତ ଜଳନିରୋଧକ ଧାତୁଖଣ୍ଡ ବିଶେଷ।
**flashlight** ବି. ଫଟୋଗ୍ରାଫି ନିମନ୍ତେ ବ୍ୟବହୃତ ଉଜ୍ଜ୍ୱଳ ଆଲୋକପାତର ସାଧନ।
**flashpoint** ବି.ବାଷ୍ପୀକୃତ ତୈଳ ବାୟୁ ସଂସ୍ପର୍ଶରେ ଆସି ପ୍ରଜ୍ୱଳିତ ହେବା ନିମନ୍ତେ ଆବଶ୍ୟକ ଉତ୍ତାପ; କ୍ରୋଧର ମୁହୂର୍ତ୍ତ।
**flashy** ବିଂ. ବର୍ଣ୍ଣାଢ୍ୟ, ଚକଚକିଆ, ଶସ୍ତାଭାବେ ଆକର୍ଷଣୀୟ; କ୍ରି.ବିଂ. flashily; ବି. flashiness.
**flask** ବି. ସରୁ ବେକ ବୋତଲ; କୁପୀ।
**flat** 1. ବିଂ. ଚେପ୍ଟା; ସମତଳ, ଧରାଶାୟୀ; ଚଟକା, ଅଗଭୀର, ଶୁଷ୍କ; ନିରାନନ୍ଦ; ବିରକ୍ତିକର; 2. କ୍ରି.ବିଂ. ସମ୍ପୂର୍ଣ୍ଣରୂପେ, ସିଧାସଳଖ ଭାବରେ; 3. ବି. *ସଂଗୀତ* ସ୍ୱାଭାବିକ ବା ପ୍ରକୃତ ସ୍ୱରର ନିମ୍ନରେ; ଗୋଟିଏ ମହଲାରେ ଥିବା ବାସଯୋଗ୍ୟ କୋଠରୀଗୁଡ଼ିକ; ସମଭୂମି, ନିମ୍ନଭୂମି; the flat ଘୋଡ଼ାଦୌଡ଼ର ଋତୁ।
**flat–fish** ବି. ଏକଜାତୀୟ ଚେପ୍ଟା, ଓସାରିଆ ମାଛ; flat out କ୍ଷିପ୍ରଗତିରେ; that's flat ତାହା ନିଶ୍ଚିତ; କ୍ରି.ବିଂ. flatly; ବି. flatness; ବିଂ. flattish.
**flat foot** ବି. ପାଦତଳରେ ଖାଲ ନଥିବା ପାଦ।
**flat–iron** ବି. ପୁରୁଣାକାଳିଆ ଇସ୍ତ୍ରୀ।
**flatlet** ବି. ଏକ ବା ଦୁଇକୋଠରୀ ବିଶିଷ୍ଟ ବାସଗୃହ।

Digitized by srujanika@gmail.com

**flat race** ବି. ସମତଳ ଭୂମିରେ ଦୌଡ଼ ।
**flat rate** ବି. ସମାନ ବା ଅପରିବର୍ତ୍ତନୀୟ ଦର ।
**flatten** କ୍ରି. ଚେପ୍‌ଟା କରିବା ବା ହେବା; ସମତଳ କରିବା ବା ହେବା; ପରାସ୍ତ କରିବା, ହିନସ୍ତା କରିବା ।
**flatter** କ୍ରି. ତୋଷାମୋଦ କରିବା; ସମ୍ମାନିତବୋଧ କରାଇବା, ଚେକାଚେକି କରି କହିବା; flatter oneself ଆତ୍ମପ୍ରସାଦ ଅନୁଭବ କରିବା; ବି. flatterer; ବିଂ. flattering; କ୍ରି.ବିଂ. flatteringly.
**flattery** ବି. ତୋଷାମୋଦ, ଚାଟୁବାକ୍ୟ ।
**flatulent** ବିଂ. (ଉଦର ସଂପର୍କରେ) ବାୟୁପୂର୍ଣ୍ଣ; ସ୍ଫୀତ, ଛଳନାପୂର୍ଣ୍ଣ; ବି. flatulence, flatulency.
**flatworm** ବି. ଫିତା କୃମି ।
**flaunt** କ୍ରି. ଗର୍ବର ସହିତ ଦେଖାଇବା ବା ଦେଖାଇହେବା ।
**flautist** ବି. ବଂଶୀବାଦକ ।
**flavour** *ଆମେ.* flavor; 1. ବି. ସ୍ୱାଦ ଓ ସୁଗନ୍ଧର ମିଶ୍ରିତ ଅନୁଭୂତି, ସୁଘ୍ରାଣ; ଅବର୍ଣ୍ଣନୀୟ ଗୁଣ; 2. କ୍ରି. ସୁବାସିତ କରିବା, ସୁସ୍ୱାଦୁ କରିବା ।
**flavouring** ବି. ଖାଦ୍ୟ ବା ପାନୀୟ ସୁଗନ୍ଧକାରୀ ମସଲା ।
**flaw**[1] 1. ବି. ଦୋଷ, ତ୍ରୁଟି, ଛିଦ୍ର, ଫାଟ; ଦଲିଲରେ ଥିବା ଅସଂଗତି; 2. କ୍ରି. ଦୋଷ ବାହାର କରିବା, ନଷ୍ଟକରିବା; ବିଂ. flawless; କ୍ରି.ବିଂ. flawlessly.
**flaw**[2] ବି. ପ୍ରବଳ ବାୟୁ ।
**flax** ବି. ଅତସୀ ବା ଶଣ, ଛଣପଟ (ବୁଣାରେ ଏହାର ତନ୍ତୁ ବ୍ୟବହୃତ ହୁଏ) ।
**flaxen** ବିଂ. ଶଣ-ବର୍ଣ୍ଣ, ଈଷତ୍ ହଳଦିଆ ।
**flay** କ୍ରି. ଚମଡ଼ା ଉତାରିବା; କଟୁ ସମାଲୋଚନା କରିବା ।
**flea** ବି. ରକ୍ତପାୟୀ, ପକ୍ଷହୀନ କୀଟ ବିଶେଷ; a flea in one's ear ତୀବ୍ର ଭର୍ତ୍ସନା ।
**flea–bite** ବି. କୀଟ ଦଂଶନ; *କ.ଭା.* ସାମାନ୍ୟ ଅସୁବିଧା ।
**flea market** ବି. ରଦ୍ଦି ଜିନିଷ ବିକ୍ରୟ କରୁଥିବା ରାସ୍ତାକଡ଼ର ବଜାର ।
**flea–pit** ବି. *ସା.ପ୍ର.* ପୁରୁଣା ବା ଅପରିଷ୍କାର ପ୍ରେକ୍ଷାଳୟ ।
**fleck** 1. ବି. କୌଣସି ରଂଗର ଦାଗ, ଦାଗ, ଚିହ୍ନ; ଛୋଟ କଣା; 2. କ୍ରି. ଚିହ୍ନିତ କରିବା, ଛଉଛଉଆ କରିବା ।
**fled** କ୍ରି. flee ର *ଅ.କା.* ଏବଂ *ଅ.କ୍ରି.କ.ପ.* ।
**fledge** କ୍ରି. (ପକ୍ଷୀ ଏବଂ ଶର ସମ୍ପର୍କରେ) ପକ୍ଷଯୁକ୍ତ କରିବା; ଉଡ଼ିବା ଉପଯୋଗୀ କରିବା ।
**fledged** ବିଂ. ଉଡ଼ିବାକୁ ସକ୍ଷମ; ଅଭିଜ୍ଞ, ସ୍ୱାଧୀନ, ପ୍ରଶିକ୍ଷିତ ।
**fledgeling** ବି. (fledgling ମଧ୍ୟ) ପକ୍ଷୀଶାବକ, ଅନଭିଜ୍ଞ ବ୍ୟକ୍ତି ।
**flee** କ୍ରି. ପଳାଇଯିବା; ପରିତ୍ୟାଗ କରିବା, ଅଦୃଶ୍ୟ ହୋଇଯିବା; ଶରଣ ନେବା (*ଅ.କା.* ଓ *ଅ.କ୍ରି.କ.ପ.* fled).
**fleece** 1. ବି. ମେଷଲୋମ, ମେଷଲୋମ ପ୍ରସ୍ତୁତ ଉଲ୍, ନରମ ପଶମ; 2. କ୍ରି. କୌଶଳରେ ବା ପ୍ରତାରଣା ପୂର୍ବକ ଅର୍ଥ ବା ସମ୍ପତ୍ତି ଅପହରଣ କରିବା; ମେଷର ଲୋମ କର୍ତ୍ତନ କରିବା; ବିଂ. fleecy.
**fleer** 1. କ୍ରି. ବିଦ୍ରୂପ କରିବା; 2. ବି. ବିଦ୍ରୂପ ।
**fleet** 1. ବି. ନୌବହର, ପୋତସମୂହ, ଜଣେ ପରିଚାଳକ ଅଧୀନରେ ଥିବା ଯାନସମୂହ; 2. ବିଂ. ଦ୍ରୁତ, ବେଗବାନ୍, କ୍ଷଣସ୍ଥାୟୀ ।
**fleeting** ବିଂ. ସଂକ୍ଷିପ୍ତ, ଦ୍ରୁତଗାମୀ ।
**Fleming** ବି. ମଧ୍ୟଯୁଗୀୟ ଫ୍ଲେଣ୍ଡର୍ସ ଅଧିବାସୀ ।
**Flemish** ବି. ଫ୍ଲେଣ୍ଡର୍ସ ଅଧିବାସୀଙ୍କର ଭାଷା ।
**flesh** ବି. ମାଂସ; ଖାଦ୍ୟ ରୂପେ ବ୍ୟବହୃତ ମାଂସ; ମାନବ ଶରୀର; ଫଳ ଓ ପନିପରିବାର ଖାଦ୍ୟୋପଯୋଗୀ ଶସ; flesh and blood ରକ୍ତ ମାଂସର ଶରୀର; ମାନବ ପ୍ରକୃତି; one's flesh and blood ଆତ୍ମୀୟସ୍ୱଜନ, ଜ୍ଞାତି; flesh–coloured ମାଂସର ବର୍ଣ୍ଣ ବିଶିଷ୍ଟ; go the way of all flesh ମୃତ୍ୟୁବରଣ କରିବା; a thorn in one's flesh ସଦା ଅଶାନ୍ତିର କାରଣ ।
**fleshly** ବିଂ. ମରଣଶୀଳ; ପାର୍ଥିବ, ଇନ୍ଦ୍ରିୟଜ ।
**fleshpots** ବି. ବ.ବ. ବିଳାସପୂର୍ଣ୍ଣ ଜୀବନଯାତ୍ରା ।
**fleshy** ବିଂ. ମାଂସଳ; ମେଦଯୁକ୍ତ, ପୃଥୁଳ; ବି. fleshiness.
**fleur–de–lis** ବି. ତିନି ପାଖୁଡ଼ା ବିଶିଷ୍ଟ କଇଁଫୁଲ; ସେହି ଚିହ୍ନ; ପ୍ରାଚୀନ ଫ୍ରାନ୍ସରେ ବ୍ୟବହୃତ ରାଜକୀୟ ସମ୍ମାନ ।

Digitized by srujanika@gmail.com

**flex**¹ କ୍ରି. ବଙ୍କା କରିବା; (ମାଂସପେଶୀ) ଚାଳନା କରିବା।

**flex**² କ୍ରି. ନମନୀୟ ଅପରିବାହୀ ଆବରଣଯୁକ୍ତ ବିଦ୍ୟୁତ୍‌ତାର।

**flexible** ବିଂ. ନମନୀୟ; ଶ୍ଳିଷ୍ଟ; ପରିବର୍ତ୍ତନକ୍ଷମ; ନୂତନ ଅବସ୍ଥା ସହିତ ଖାପ୍ ଖୁଆଇବାକୁ ସମର୍ଥ; ବି. flexibility.

**flew** କ୍ରି. flyର *ଅ.କା।*

**flexion** ବି. ବାଙ୍କ; ଭାଙ୍ଗ; ବକ୍ର ଅଂଶ।

**flexitime** ବି. କାର୍ଯ୍ୟ-ସମୟର କୋହଳ ବ୍ୟବସ୍ଥା।

**flibbertigibbet** ବି. ପରଚର୍ଚ୍ଚାକାରୀ ବା ଚପଳସ୍ୱଭାବ ବିଶିଷ୍ଟ ବ୍ୟକ୍ତି।

**flick** 1. ବିଂ. ବକ୍ରାଙ୍ଗୁଷ୍ଠିର ସହସା ସଂପ୍ରସାରଣ ଦ୍ୱାରା ଆଘାତ; ହାଲୁକା କ୍ଷିପ୍ର ଆଘାତ, *ସା.ପ୍ର.* ଚଳଚ୍ଚିତ୍ର; 2. କ୍ରି. ଆଙ୍ଗୁଠି ଦ୍ୱାରା ଝାଡ଼ିଦେବା; flick through ଉପରଠାଉରିଆ ଭାବରେ ଚାହିଁବା (ବହି ପ୍ରଭୃତିକୁ)।

**flicker** 1. କ୍ରି. ତିମିତଭାବେ, ମିଞ୍ଜିମିଞ୍ଜି ହୋଇ ଜଳିବା; କ୍ଷୀଣ ଭାବରେ ଦେଖାଯିବା; (ଆଶା ସମ୍ପର୍କରେ) କ୍ଷୀଣହେବା; 2. ବି. କମ୍ପିତ ଆଲୋକ ଶିଖା ବା ଗତି; କ୍ଷୀଣ ସମ୍ଭାବନା ବା ଆଶା।

**flick–knife** ବି. ସ୍ପ୍ରିଂ ଛୁରୀ।

**flier** ବି. (=flyer) ପଳାୟନକାରୀ; ଉଡ୍ଡୟନକାରୀ, ବୈମାନିକ; ଦ୍ରୁତଗାମୀ ପଶୁ ବା ଯାନ।

**flight**¹ ବି. ଉଡ୍ଡୟନ; ଉଡାଣ; ବିମାନଯାତ୍ରା, ବିମାନ ପଥ; ଭ୍ରମଣ ପଥ; ପକ୍ଷୀଦଳ; ବିମାନ ବାହିନୀର ଏକତ୍ର ଉଡ୍ଡୟନ; ଆକାଶଗାମୀ ଶର ପ୍ରଭୃତି; କୌଣସି ବିଶେଷ ଧରଣର ପ୍ରଚେଷ୍ଟା ଓ ତା'ର ଫଳ; ପାବଚ୍ଛ ଶ୍ରେଣୀ; in the first flight ପ୍ରଥମ ସ୍ଥାନରେ, ସର୍ବୋତ୍କୃଷ୍ଟ।

**flight**² ବି. ଦ୍ରୁତପଳାୟନ; ବିପଦରୁ ମୁକ୍ତିଲାଭ; put to flight ତଡ଼ିଦେବା, ହଟାଇଦେବା; take to flight ପଳାଇଯିବା।

**flight–deck** ବି. ବିରାଟ ଉଡ଼ାଜାହାଜର ଚାଳକ ବସିବା ସ୍ଥାନ।

**flightless** ବିଂ. (ପକ୍ଷୀସମ୍ପର୍କରେ) ଉଡ଼ି ପଳାଇବାକୁ ଅସମର୍ଥ।

**flight lieutenant** ବି. ବିମାନ ବାହିନୀର ପଦସ୍ଥ କର୍ମଚାରୀ।

**flight–recorder** ବି. ବିମାନଯାତ୍ରା ସମ୍ପର୍କରେ ଖବର ରଖୁଥିବା ଇଲେକ୍‌ଟ୍ରନିକ୍ ଯନ୍ତ୍ର।

**flight sergeant** ବି. ବିମାନବାହିନୀର ପଦସ୍ଥ କର୍ମଚାରୀ।

**flighty** ବିଂ. (ଝିଅ ସମ୍ପର୍କରେ) ଚପଳ, ଅସ୍ଥିର, ଖାମ୍‌ଖିଆଲି; କ୍ରି.ବିଂ. flightily; flightiness.

**flimsy** ବିଂ. ସାମାନ୍ୟ, ତୁଚ୍ଛ, ଗୁରୁତ୍ୱହୀନ; ଭଙ୍ଗୁର; ଅବିଶ୍ୱାସ୍ୟ; ଅତି ପତଳା; କ୍ରି.ବିଂ. filmsily; ବି. flimsiness.

**flinch** କ୍ରି. ପଛକୁ ଘୁଞ୍ଚିଯିବା, ସଙ୍କୁଚିତ ହେବା; ପଶ୍ଚାତ୍‌ପଦ ହେବା।

**fling** 1. କ୍ରି. (*ଅ.କା. ଓ ଅ.କ୍ରି.ଜ.ପ.* flung) ଜୋରରେ ବା ଶୀଘ୍ର ନିକ୍ଷେପ କରିବା; ଶୀଘ୍ର ଚାଳନ କରିବା; ଶୀଘ୍ର ଲୁଗାପିନ୍ଧିବା ବା ଓହ୍ଲାଇବା; କ୍ଷିପ୍ର ଗତିରେ ଯିବା; କ୍ଷିପ୍ରଗତିରେ ବାହାରି ପଡ଼ିବା; 2. ବି. ନିକ୍ଷେପ; ଉତ୍ସାହପୂର୍ଣ୍ଣ ନୃତ୍ୟ।

**flint** ବି. ଚକମକି ପଥର; ପ୍ରାଗୈତିହାସିକ ଅସ୍ତ୍ରଶସ୍ତ୍ର; କଠିନ ଅନମନୀୟ ବସ୍ତୁ; ବିଂ. flinty.

**flintlock** ବି. ଚକମକି ପଥର ଖଞ୍ଜା ଏକପ୍ରକାର ପ୍ରାଚୀନ ବନ୍ଧୁକ।

**flip**¹ କ୍ରି. ଶୀଘ୍ର ଓଲଟାଇଦେବା; ସାମାନ୍ୟ ଆଘାତ କରିବା; ଟିପ୍ପ ମାରିବା, ଆଙ୍ଗୁଠିରେ ଆଘାତ କରିବା; flip one's lid ଆତ୍ମ ସଂଯମ ହରାଇବା; ପାଗଳ ହୋଇଯିବା; flip through କୌତୂହଳୀ ହୋଇ ଦେଖିବା (ବହି ପ୍ରଭୃତି)।

**flip**² ବି. ଉତ୍ତପ୍ତ ବିଅର ଓ ସ୍ପିରିଟ୍ ମିଶା ପାନୀୟ।

**flip**³ ବିଂ. *କ.ଭା.* ବାଚାଳ; *ଦ୍ର.* flippant.

**flippant** ବି. ଚପଳ, ପ୍ରଗଳ୍‌ଭ; ଅବିନୀତ, ଉଦ୍ଧତ; ବି. flippancy.

**flipper** ବି. କଇଁଛ, ସିଲ୍, ତିମି ପ୍ରଭୃତି କେତେକ ଜଳଚର ପ୍ରାଣୀଙ୍କର ଅଂଗ (ଯାହା ପହଁରିବାରେ ସହାୟକ ହୋଇଥାଏ); ଚଟକା ରବର; ଜଳନିମ୍ନରେ ପହଁରିବା ସମୟରେ ପାଦରେ ପିନ୍ଧା ଯାଉଥିବା ଉପକରଣ।

**flipping** ବିଂ. କ୍ରି.ବିଂ. ସାମାନ୍ୟ କ୍ରୋଧାନ୍ୱିତ (ଭାବରେ)।

**flip side** ବି. ଗ୍ରାମୋଫୋନ୍ ରେକର୍ଡ଼ର ଓଲଟା ପାଖ।

**flirt** 1. କ୍ରି. ପ୍ରେମର ଅଭିନୟ କରିବା; ପ୍ରଣୟର ଛଳନା କରି ଅନ୍ୟକୁ ଆକର୍ଷଣ କରିବା;

Digitized by srujanika@gmail.com

ଉପରଠାଉରିଆ ଅନୁରକ୍ତି ଦେଖାଇବା; କୌଣସି ବିଷୟରେ ମନୋଯୋଗୀ ହେବାର ଛଳନା କରିବା; 2. ବି. ପ୍ରଣୟର ଛଳନାକାରୀ ବା ଛଳନା କାରିଣୀ।

**flirtation** ବି. ପ୍ରେମର ଅଭିନୟ।

**flirtatious** ବିଂ. ପ୍ରେମାଭିନୟପ୍ରିୟ/ ପ୍ରିୟା।

**flit** 1. କ୍ରି. ଦ୍ରୁତ ପ୍ରସ୍ଥାନ କରିବା, ଗୋପନରେ ଅଦୃଶ୍ୟ ହୋଇ ଯିବା; ଉଡ଼ିଯିବା; 2. ବି. ଦ୍ରୁତପ୍ରସ୍ଥାନ।

**flitch** ବି. ଶୂକରର ଶୁଷ୍କ, ଲବଣାକ୍ତ ପାର୍ଶ୍ୱମାଂସ।

**flitter** ଅ.କ୍ରି. ଫଡ଼ଫଡ଼ କରିବା; ଦ୍ରୁତ ପଳାୟନ କରିବା।

**flitter-mouse** ବି. ବାଦୁଡ଼ି।

**float** 1. କ୍ରି. ପାଣି, ପବନ, ଆକାଶ ବା ବାଷ୍ପରେ ଭାସି ବୁଲିବା; ଆରାମରେ ବୁଲିବା; ମନରେ ଉଦିତ ହେବା; (ମୁଦ୍ରା ସଂପର୍କରେ) ଅସ୍ଥିର ବିନିମୟ-ହାର ସୃଷ୍ଟି କରିବା; (ବ୍ୟବସାୟ) ଆରମ୍ଭ କରିବା; ଚାଲୁ କରିବା; 2. ବି. ଭେଳା, ଭାସମାନ ପଦାର୍ଥ; ଜଳସ୍ରୋତ ନିୟନ୍ତ୍ରଣ ନିମନ୍ତେ ଭାସମାନ ବ୍ୟବସ୍ଥା; ଉଡ଼ାଜାହାଜକୁ ଜଳରେ ଭସାଇ ରଖିବାର ବ୍ୟବସ୍ଥା; ଜାଲ ବା ବନ୍ସୀରେ ଲାଗିଥିବା ସୋଲ ଆଦି ଭାସମାନ ପଦାର୍ଥ, ଫତ୍ନା; ତେରେଣ୍ଡା; ଶୋଭାଯାତ୍ରାରେ ବ୍ୟବହୃତ ଛୋଟ ଲରୀ ବା ଗାଡ଼ି; ସାମାନ୍ୟ ଖର୍ଚ୍ଚ ନିମନ୍ତେ ରଖାଯାଇଥିବା ଅର୍ଥ; ପଲସ୍ତରା କରିବା ନିମନ୍ତେ ବ୍ୟବହୃତ ଯନ୍ତ୍ର; ମଞ୍ଚର ପାଦପ୍ରଦୀପ; ବିଂ. floatable.

**floating dock** ବି. ଭାସମାନ ପୋତାଶ୍ରୟ।

**floating kidney** ବି. ଅସ୍ୱାଭାବିକ ରୂପେ ସଂଚରଣଶୀଳ ବୃକ୍କ।

**floating population** ବି. ଅସ୍ଥାୟୀ ଜନସଂଖ୍ୟା।

**floating voter** ବି. କୌଣସି ରାଜନୈତିକ ଦଳକୁ ସମର୍ଥନ କରୁ ନ ଥିବା ଭୋଟ୍‌ଦାତା।

**flock**[1] 1. ବି. ଛେଳି, ମେଣ୍ଢା ପ୍ରଭୃତି ପଶୁର ପଲ; ପକ୍ଷୀଦଳ; ବିରାଟ ଜନତା; ଶିକ୍ଷକ ବା ପୁରୋହିତଙ୍କ ତତ୍ତ୍ୱାବଧାନରେ ଥିବା ଲୋକ ଦଳ; 2. କ୍ରି. ଜମା ହେବା, ଏକତ୍ର ହେବା।

**flock**[2] ବି. ପଶମଗୁଚ୍ଛ; ପଶମ ବା କାର୍ପାସର ପରିତ୍ୟକ୍ତ ଅଂଶ (ଯାହା ଗଦି ପ୍ରଭୃତିରେ ବ୍ୟବହୃତ ହୁଏ)।

**floe** ବି. ଭାସମାନ ବରଫ ଖଣ୍ଡ।

**flog** କ୍ରି. ବାଡ଼ି, ଚାବୁକ ପ୍ରଭୃତିରେ ମାରିବା; flog a dead horse ଅଯଥା ଶକ୍ତିକ୍ଷୟ କରିବା।

**flood** 1. ବି. ବନ୍ୟା, ଜଳପ୍ଲାବନ, ବଢ଼ି; (ଅଶ୍ରୁ, ଭର୍ତ୍ସନାର) ପ୍ରଚୁର ପରିମାଣ, ପ୍ଲାବନ; (ପରିଦର୍ଶକ) ଅତ୍ୟଧିକ ସଂଖ୍ୟା; କ୍ରମବର୍ଦ୍ଧିଷ୍ଣୁ ଜୁଆର; 2. କ୍ରି. ପ୍ରଚୁର ପରିମାଣରେ ମାଡ଼ି ଆସିବା, ବନ୍ୟାଦ୍ୱାରା ଆପ୍ଲୁତ କରିବା; (ଗୃହରୁ) ବହିଷ୍କାର କରିବା; the Flood ବାଇବେଲ ବର୍ଣ୍ଣିତ ମହାପ୍ଲାବନ।

**floodgate** ବି. (ବନ୍ୟା) ଜଳର ନିଷ୍କାସନପଥ; ଅଶ୍ରୁସମ୍ବରଣର ଉପାୟ।

**floodlight** 1. ବି. ଗୃହ ବା ଖେଳପଡ଼ିଆକୁ ଆଲୋକୋଜ୍ଜ୍ୱଳ କରିବା ନିମନ୍ତେ ବ୍ୟବହୃତ ଶକ୍ତିଶାଳୀ ଆଲୋକ; 2. କ୍ରି. ଏହାଦ୍ୱାରା ଉଦ୍‌ଭାସିତ କରିବା।

**flood-tide** ବି. ବର୍ଦ୍ଧିଷ୍ଣୁ ଜୁଆର।

**floor** 1. ବି. ଚଟାଣ, ଗୃହର ତଳ, ମେଜିଆ; ସମୁଦ୍ର ବା ଗୁମ୍ଫାର ତଳ; ଏକ ସମତଳରେ ଅବସ୍ଥିତ କକ୍ଷ ଶ୍ରେଣୀ; କୋଠାଘରର ମହଲା; (ସଂସଦ ଗୃହରେ) ସଭ୍ୟମାନଙ୍କର ବସିବା ସ୍ଥାନ; ବିତର୍କରେ ଅଂଶ ଗ୍ରହଣର ଅଧିକାର; ସମତଳ ଅଞ୍ଚଳ, ସର୍ବନିମ୍ନ ମୂଲ୍ୟ ବା ମଜୁରୀ; 2. କ୍ରି. ତର୍କ ନିମନ୍ତେ ସୁଯୋଗ ଦେବା; ପରାଜିତ କରିବା; ଚକିତ କରିଦେବା; first (*ଆମେ.* second) floor ତଳମହଲାର ଉପର ମହଲା; ground (*ଆମେ.* first) floor ତଳମହଲା; take the floor ତର୍କରେ ଭାଗ ନେବା।

**flooring** ବି. ଚଟାଣ ରୂପେ ବ୍ୟବହୃତ କାଠପଟା, ମେଜିଆ ପ୍ରସ୍ତୁତ କରିବାର ଉପକରଣ।

**floor manager** ବି. ଟେଲିଭିଜନ୍ କାର୍ଯ୍ୟକ୍ରମ ପ୍ରଯୋଜନାରେ ପରିଚାଳକ ବା ମଞ୍ଚନିର୍ଦ୍ଦେଶକ।

**floor show** ବି. ରାତ୍ରିକ୍ଲବରେ ତଳମହଲାରେ ପ୍ରଦର୍ଶିତ ନୃତ୍ୟଗୀତାଦି।

**flop** 1. କ୍ରି. ହଠାତ୍ ପଡ଼ିଯିବା, ଅସହାୟ ଭାବେ ପଡ଼ିଯିବା ବା ଛଟପଟ ହେବା; ଝୁଲିରହିବା; ଧଡ଼ଧାଡ଼୍ ଶବ୍ଦ କରିବା; ଅକୃତକାର୍ଯ୍ୟ ହେବା; 2. ବି. ଧଡ଼ ଧଡ଼ ବା ଛଟପଟ ଶବ୍ଦ; ସେହିପରି ଶବ୍ଦ ସହ ପତନ; ଅକୃତକାର୍ଯ୍ୟତା।

**floppy** 1. ବିଂ. ଛଟପଟହେଉଥିବା, ଶିଥିଳ, ଅସ୍ଥିର; ଆତ୍ମସଂଯମହୀନ; 2. ବି. floppy disk କଂପ୍ୟୁଟର ତଥ୍ୟ ସଂରକ୍ଷଣରେ ବ୍ୟବହୃତ ନମନୀୟ ଡିସ୍କ; ବି. floppiness.

**flora** ବି. (ବ.ବ. floras) (କୌଣସି ଅଞ୍ଚଳ ବା ସମୟର) ଉଦ୍‌ଭିଦ ସମୂହ; ପୁଷ୍ପସଂପଦ।

Digitized by srujanika@gmail.com

**floral** ବିଂ. ପୁଷ୍ପସମ୍ବନ୍ଧୀୟ; ପୁଷ୍ପମଣ୍ଡିତ।

**Florentine** 1. ବିଂ. ଇଟାଲୀର ଫ୍ଲୋରେନ୍ସ ନଗରୀ ସମ୍ବନ୍ଧୀୟ; 2. ବି. ଫ୍ଲୋରେନ୍ସର ଅଧିବାସୀ।

**floret** ବି. କ୍ଷୁଦ୍ରପୁଷ୍ପ, ଯୌଗିକ ପୁଷ୍ପର ଗୋଟିଏ କ୍ଷୁଦ୍ରପୁଷ୍ପ; ପୁଷ୍ପିକା।

**floribunda** ବି. ଗୁଚ୍ଛ ହୋଇ ଫୁଟୁଥିବା ବା ଗୋଲାପ ବା ଅନ୍ୟ ପ୍ରକାର ଉଦ୍‌ଭିଦ।

**florid** ବିଂ. ଅଳଙ୍କୃତ; ପୁଷ୍ପମୟ; ସୁଶୋଭିତ; ରକ୍ତିମାଭ, ଉଜ୍ଜ୍ୱଳ; କ୍ରି.ବିଂ. floridly; ବି. floridness.

**florin** ବି. ଇତି. ସ୍ୱର୍ଣ୍ଣ ବା ରୌପ୍ୟ ମୁଦ୍ରା (ବିଶେଷତଃ ଇଂଲଣ୍ଡର ପୂର୍ବତନ ଦୁଇ ଶିଲିଂ ମୂଲ୍ୟର ରୌପ୍ୟମୁଦ୍ରା।

**florist** ବି. ଫୁଲଚାଷୀ, ଫୁଲବିକ୍ରେତା।

**floss** ବି. କୋଷା ପୋକ ଗୋଟିର କ୍ଷୁଦ୍ର (ବାହାର ପାଖରେ ଥିବା) ରେଶମ ସୂତା, କାଣ୍ଡିଆ; floss silk ନିକୃଷ୍ଟ ରେଶମ, କାଣ୍ଡିଆ; ବିଂ. flossy.

**flotation, floatation** ବି. ବ୍ୟବସାୟ ପ୍ରଭୃତିର ଆରମ୍ଭ।

**flotilla** ବି. କ୍ଷୁଦ୍ର ନୌବହର।

**flotsam** ବି. ଜଳମଗ୍ନ ଜାହାଜର ଭାସମାନ ଅଂଶ।

**flotsam and jetsam** ବି. ଅପ୍ରୟୋଜନୀୟ ଓ କେହି ଦାବି କରୁନଥିବା ପଦାର୍ଥମାନ; ବାରବୁଲା।

**flounce**[1] 1. କ୍ରି. କ୍ରୋଧରେ କିମ୍ବା ଅଧୈର୍ଯ୍ୟ ଭାବରେ ହଠାତ୍ ବାହାରି ଆସିବା ବା ଏଣେ ତେଣେ ବୁଲିବା; ବାଡ଼େଇ କଚାଡ଼ି ହେବା; 2. ବି. ଉକ୍ତ ପ୍ରକାର ଗତିବିଧି।

**flounce**[2] 1. ବି. ସ୍ତ୍ରୀ ପୋଷାକ (ସ୍କର୍ଟ)ର ଶୋଭାବର୍ଦ୍ଧନ ନିମନ୍ତେ ବ୍ୟବହୃତ କୁଞ୍ଚ; 2. କ୍ରି. ପୋଷାକରେ କୁଞ୍ଚ ଲଗାଇବା।

**flounder**[1] 1. କ୍ରି. ଅସହାୟ ଭାବରେ [illegible]ଟ ହେବା; ଖୁବ୍ କଷ୍ଟରେ ଆଗେଇବା; [illegible]ଘର୍ଷ କରିବା; 2. ବି. ଉକ୍ତ କାର୍ଯ୍ୟ।

**flounder**[2] ବି. ଖାଦ୍ୟ ରୂପେ ବ୍ୟବହୃତ ଏକ ଜାତୀୟ କ୍ଷୁଦ୍ର ଚେପଟା ମାଛ।

**flour** 1. ବି. ମଇଦା, ଅଟା; ସୂକ୍ଷ୍ମ ଗୁଣ୍ଡ; 2. କ୍ରି. ମଇଦା ସିଞ୍ଚିବା ବା ମଇଦାଦ୍ୱାରା ଆବୃତ କରିବା; ବିଂ. floury; ବି. flouriness.

**flourish** 1. କ୍ରି. ଉନ୍ନତି କରିବା; ସୁନ୍ଦର ଭାବେ ବଢ଼ି ଉଠିବା; ଭଲରେ ରହିବା; ସୌଭାଗ୍ୟଶାଳୀ ହେବା; ତରବାରି, ମୁଦ୍‌ଗର ପ୍ରଭୃତି ବୁଲାଇବା; 2. ବି. ଆଳଙ୍କାରିକ ରେଖା ସାହାଯ୍ୟରେ ମନୋଜ୍ଞ ପ୍ରଦର୍ଶନ, (ସଙ୍ଗୀତ, ସାହିତ୍ୟ) ଆଳଙ୍କାରିକ ରଚନା ବା ପଂକ୍ତି।

**flout** 1. କ୍ରି. ଉପହାସ କରିବା, ଅବଜ୍ଞା କରିବା, ଉପେକ୍ଷା କରିବା; 2. ବି. ଅବଜ୍ଞାପୂର୍ଣ୍ଣ ଭାଷଣ ବା କାର୍ଯ୍ୟ।

**flow** 1. କ୍ରି. ପ୍ରବାହିତ ହେବା, ବହିଯିବା, ଗଡ଼ିଯିବା, ହଠାତ୍ ବହିଯିବା (ରକ୍ତ, ମୁଦ୍ରା, ବିଦ୍ୟୁତ୍ ଶକ୍ତି); ବ୍ୟାପିଯିବା, ସହଜଭାବେ ଗତିକରିବା; ଦୋହଲାୟିତ ହେବା; ପ୍ରଚୁର ପରିମାଣରେ ମିଳିବା ବା ଯୋଗାଇ ଦିଆଯିବା; 2. ବି. ପ୍ରବାହ, ଧାରା, ସହଜ ପ୍ରକାଶ ବା ଗତି; ଜୁଆରର ବୃଦ୍ଧି।

**flow chart (diagram, sheet)** ବି. କୌଣସି ଅଗ୍ରଗତି ନିରୂପିତ କରୁଥିବା ରେଖା ଚିତ୍ର।

**flower** 1. ବି. ଫୁଲ; 2. କ୍ରି. ଫୁଟିବା, ପ୍ରସ୍ଫୁଟିତ ହେବା; ଉନ୍ନତିର ଶିଖରରେ ପହଂଚିବା; in flower ପୁଷ୍ପିତ ହେବା; the flower of ଉତ୍କୃଷ୍ଟ ଅଂଶ।

**flowerpot** ବି. ଫୁଲକୁଣ୍ଡ।

**flower show** ବି. ପୁଷ୍ପ ପ୍ରଦର୍ଶନୀ।

**flowers of sulphur** ବି. ଗନ୍ଧକ ରଜ।

**flowery** ବିଂ. ପୁଷ୍ପିତ, ପୁଷ୍ପମୟ; ସୁନ୍ଦର ଶବ୍ଦ ବା ବାକ୍ୟ ପରିପୂର୍ଣ୍ଣ, ଅଳଙ୍କାରପୂର୍ଣ୍ଣ; ବିସ୍ତୃତ।

**flown** କ୍ରି. flyର *ଅ.କ୍ରି.ଭ.ପ।*

**flu** ବି. *ସଂଶ. କ.ଭା.* ସଂକ୍ରାମକ ସର୍ଦ୍ଦିଜ୍ୱର; ଇନ୍‌ଫ୍ଲୁଏଂଜା।

**fluctuate** କ୍ରି. ଅନିର୍ଦ୍ଦିଷ୍ଟଭାବେ ହ୍ରାସ ବୃଦ୍ଧି ହେବା; ଏପଟସେପଟ ହେବା।

**fluctuation** ବି. ସଂଶୟ, ଅସ୍ଥିରତା; ଅନିର୍ଦ୍ଦିଷ୍ଟଭାବେ ହ୍ରାସବୃଦ୍ଧି।

**flue** ବି. ଧୂମନଳୀ, ଉତ୍ତପ୍ତ ବାୟୁର ନିର୍ଗମନପଥ।

**fluent** ବିଂ. ଅନର୍ଗଳ; ସହଜ ଓ ସାବଲୀଳ ଭାବରେ କହିପାରୁଥିବା (ବ୍ୟକ୍ତି); ସହଜରେ ପ୍ରବହମାନ;, ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକଟିତ; ବି. fluency; କ୍ରି.ବିଂ. fluently.

**fluff** 1. ବି. ଭିଣା ତୁଳା, କମ୍ବଳ ପ୍ରଭୃତିର କୋମଳ ଉପାଦାନ; 2. କ୍ରି. ଭିଣି ବା ହଲାଇ ନରମ କରିବା; ବିଂ. fluffy; ବି. fluffiness.

Digitized by srujanika@gmail.com

**fluid** 1. ବି. ତରଳ (ଜଳୀୟ ଓ ବାୟବୀୟ) ପଦାର୍ଥ; 2. ବିଂ. ସହଜରେ ପ୍ରବହମାନ; ବି. fluidity; fluidness.

**fluke**[1.] 1. ବି.ଅପ୍ରତ୍ୟାଶିତ ସୁଯୋଗ; ସୌଭାଗ୍ୟ; 2. କ୍ରି.ଅପ୍ରତ୍ୟାଶିତ ଭାବେ କୃତିତ୍ୱ ହାସଲ କରିବା।

**fluke**[2.] ବି. ଏକପ୍ରକାର ଚେପ୍‌ଟା ମାଛ; *ସା.* ମେଣ୍ଢା ପେଟରେ ଥିବା ଏକ ପ୍ରକାର କୃମି।

**fluke**[3.] ବି. ନଙ୍ଗରର ବାହୁର ତିନିକୋଣିଆ ଚଟକା ଅଗ୍ରଭାଗ।

**flummery** ବି.ମିଷ୍ଟାନ୍ନ ବିଶେଷ; ତୋଷାମୋଦ–ପୂର୍ଣ୍ଣ କଥା; ବାଜେକଥା।

**flummox** କ୍ରି. *କ.ଭା.* ବିଭ୍ରାନ୍ତ କରିବା; ହତଚକିତ କରିବା।

**flunk** କ୍ରି. *ଆମେ.* ପରୀକ୍ଷାରେ ଅକୃତକାର୍ଯ୍ୟ ହେବା।

**flunkey** ବି. ପଦାତିକ; ନୀଚ ତୋଷାମଦକାରୀ ବ୍ୟକ୍ତି; *ଆମେ.* ଭୃତ୍ୟ; ପାଚକ।

**fluoresce** କ୍ରି. ପ୍ରତିଦୀପ୍ତ ହେବା (ବିକୀରଣ ଶକ୍ତିକୁ ଶୋଷଣ କରି ଆଲୋକରେ ପରିଣତ କରିବା)।

**fluorescent** ବିଂ.ପ୍ରତିଦୀପ୍ତ; ବି.fluoresce–nce.

**fluoridate** କ୍ରି. (ପାନୀୟଜଳରେ) ଫ୍ଲୋରାଇଡ୍ ମିଶ୍ରଣ କରିବା।

**fluoride** ବି. ଫ୍ଲୋରିନର ଦ୍ୱିଅଙ୍ଗୀ ଯୌଗିକ ବସ୍ତୁ।

**fluorine** ବି.ଫ୍ଲୋରିନ୍; ଈଷତ୍ ହଳଦିଆ ଗ୍ୟାସୀୟ ଉପାଦାନ ବିଶେଷ।

**fluorspar** ବି. ଖଣିଜ ରୂପେ କେଲ୍‌ସିୟମ୍ ଫ୍ଲୋରାଇଡ୍।

**flurry** 1. ବି. (ପାଣିପବନର) ଦମକା, ସବେଗ ପ୍ରବାହ; ଉଦ୍‌ବେଗ, ଉତ୍ତେଜନା, ବ୍ୟସ୍ତତା; 2. କ୍ରି. ବ୍ୟତିବ୍ୟସ୍ତ କରିବା; ଘାବରେଇ ଦେବା; ଚଞ୍ଚଳିତ କରିବା।

**flush**[1.] 1. କ୍ରି. ମୁହଁଲାଲ କରିବା, ଲଜ୍ଜା–ପାଟଳ ହେବା; ଦ୍ରୁତ ଜଳପ୍ରବାହଦ୍ୱାରା ସଫା କରିବା (ନାଳ, ପାଇଖାନା ପ୍ରଭୃତି); ଦ୍ରୁତଭାବରେ ଜଳ ପ୍ରବାହିତ କରିବା; କ୍ରୋଧ ବା କାମନାରେ ଉତ୍ତେଜିତ ହେବା; 2. ବି. ମୁହଁର ରକ୍ତିମ ଆଭା, ଲଜ୍ଜାରୁଣ, ଜରଭଳି ତାପର ଅନୁଭୂତି; ଉତ୍ତେଜନା, ଉଲ୍ଲାସ; ଦ୍ରୁତଜଳ ପ୍ରବାହ; ଦ୍ରୁତଜଳ ପ୍ରବାହ ଦ୍ୱାରା ଧୌତକରଣ; ସତେଜତା, ଭାବୋଲ୍ଲାସ; 3. ବିଂ. ସମାନ ସ୍ତର ବିଶିଷ୍ଟ; ସଂପୂର୍ଣ୍ଣ ମିଳିଗଲା ପରି; *କ.ଭା.* ପ୍ରଚୁର ଅର୍ଥର ଅଧିକାରୀ, ପ୍ରାଚୁର୍ଯ୍ୟପୂର୍ଣ୍ଣ।

**flush**[2.] କ୍ରି. ଉଡ଼ାଇଦେବା, ହୁରୁଡ଼ାଇଦେବା; ପ୍ରକାଶ କରିବା; flush out ପ୍ରକାଶ କରିଦେବା, ଘଉଡାଇ ଦେବା।

**flush**[3.] ବି. ତାସ୍‌ଖେଳରେ ଗୋଟିଏ ଜାତିର ସମସ୍ତ ପଟଥିବା ଅବସ୍ଥା; royal flush ଟୀକା ଥାଇ ଫ୍ଲଶ ହେଉଥିବା ଅବସ୍ଥା।

**fluster** 1. କ୍ରି. ବିଭ୍ରାନ୍ତ କରିବା, ଉତ୍ତେଜିତ କରିବା, ଡରାଇ ଦେବା; 2. ବି. ବିବ୍ରତ, ଭୀତତ୍ରସ୍ତ ଅବସ୍ଥା।

**flute** 1. ବି.ବଂଶୀ, ବେଣୁ, ମୁରଲୀ, ସ୍ତମ୍ଭଦେହରେ ଶୋଭନ ଶିରା ସଦୃଶ କାରିଗରି; 2. କ୍ରି. ବଂଶୀ ବଜାଇବା; ବିଂ. fluty.

**fluting** ବି.ସ୍ତମ୍ଭଦେହରେ ଶୋଭନ ଶିଆର ସମୂହ।

**flutist** ବି. ବଂଶୀବାଦକ।

**flutter** 1. କ୍ରି. ଉଡ଼ିବାକୁ ଯାଇ ବା ଉଡ଼ିବା ବେଳେ ଫଡ଼ଫଡ଼ ଶବ୍ଦ କରିବା ବା ଡେଣା ଝାଡ଼ିବା, ଇତସ୍ତତଃ ପକ୍ଷସଞ୍ଚାଳନ କରିବା; (ନାଡ଼ୀ) ଅସ୍ଥିର ଭାବେ ଗତିକରିବା; 2. ବି. ଭୟ ଜନିତ ଉତ୍ତେଜିତ ଅବସ୍ଥା; ସ୍ୱରର ଦ୍ରୁତ କମ୍ପନ; ଦ୍ରୁତ ହୃତ୍‌କମ୍ପନ; *ସା.ପ୍ର.* ଛୋଟକାଟିଆ ବାଜି (ବିଶେ. ଘୋଡା଼ ଦୌଡରେ)।

**fluvial** ବିଂ. ନଦୀଜାତ, ନଦୀ ସମ୍ବନ୍ଧୀୟ।

**flux** ବି. ପରିବର୍ତ୍ତନର ନିରବଚ୍ଛିନ୍ନ ଗତି; ପ୍ରବାହ; ଜୁଆର ଆସିବା; ଧାତୁକୁ ତରଳାଇବା ଦ୍ରାବକ।

**fly**[1.] 1. କ୍ରି. (*ଅ.କା.* flew *ଅ.କ୍ରି.ଜ.ପ.* flown), ଉଡ଼ିବା, ଉଡ଼ାଜାହାଜରେ ଯିବା; ଆକାଶରେ ବା ଆକାଶ ମାର୍ଗରେ ଗତିକରିବା; ଶୀଘ୍ର ଅତିବାହିତ ହେବା; ଶୀଘ୍ର ପଳାଇବା (ସମୟ); ଉଡ଼ାଇବା (ପତାକା, ଗୁଡ଼ି ଆଦି); ହଠାତ୍ ଖୋଲିଯିବା; ଇତସ୍ତତଃ ହୋଇଯିବା; 2. ବି. ବ.ବରେ ପେଣ୍ଟ ବୋତାମର ଆବରଣ; fly about (ପବନ ସମ୍ପର୍କରେ) ଗତି ପରିବର୍ତ୍ତନ କରିବା; fly high ଉଚ୍ଚାଶାସମ୍ପନ୍ନ; fly in the face of ଖୋଲା ଖୋଲି ଅସମ୍ମାନ ଦେଖାଇବା ବା ଅବଜ୍ଞା କରିବା, fly off the handle *କ.ଭା.* ପ୍ରଚଣ୍ଡ ଭାବରେ ରାଗିଯିବା।

Digitized by srujanika@gmail.com

**fly**[2] ବି. ମାଛି ବା ତଜ୍ଜାତୀୟ ଅନ୍ୟ କୀଟପତଙ୍ଗ; ମକ୍ଷିକାବାହୀ ରୋଗ (ଉଦ୍ଭିଦ ଏବଂ ପ୍ରାଣୀଙ୍କ); ବନ୍ଶୀରେ ବ୍ୟବହୃତ କୃତ୍ରିମ ବା ପ୍ରାକୃତିକ ଥୋପ; fly in the ointment ସାମାନ୍ୟ ତ୍ରୁଟି, ଯାହା ସମ୍ପୂର୍ଣ୍ଣ ଆନନ୍ଦକୁ ମାଟି କରିଦିଏ; fly on the wall ଅଦୃଶ୍ୟ ଦର୍ଶକ; there are no flies on him *ସା.ପ୍ର.* ସେ ଅତ୍ୟନ୍ତ ଚତୁର।

**fly**[3] ବିଂ. *ସା.ପ୍ର.* ଚତୁର, ଜାଣିସିଆଣିଆ।

**fly–away** ବିଂ. (କେଶ ସମ୍ପର୍କରେ) ଅବିନ୍ୟସ୍ତ।

**fly–blown** ବିଂ. (ମାଂସ ସଂପର୍କରେ) ମାଛି ଡିମ୍ବଦ୍ୱାରା ଦୂଷିତ।

**fly–by–night** ବି. ଅବିଶ୍ୱାସୀ ବ୍ୟକ୍ତି।

**flycatcher** ବି. ଆକାଶରେ କୀଟପତଙ୍ଗ ଧରୁଥିବା ପକ୍ଷୀବିଶେଷ।

**flyer** ବି. ବୈମାନିକ, ଉଡ଼ାଳି; ଦ୍ରୁତଗତିଯୁକ୍ତ ଯାନ ବା ପ୍ରାଣୀ; ଉଚ୍ଚାଶାସମ୍ପନ୍ନ ବ୍ୟକ୍ତି।

**fly–fish** କ୍ରି. ମାଛି ଥୋପ ଦେଇ ମାଛ ଧରିବା।

**flying** 1. ବି. ଉଡ଼ିବା କାର୍ଯ୍ୟ; 2. ବିଂ. ଉଡ଼ନ୍ତା, ଅସ୍ଥାୟୀ, ଶୀଘ୍ର, ତରବରିଆ; ଏକାଡ଼ିଆଁକେ ବହୁପଥ ଅତିକ୍ରମ କରୁଥିବା (ପଶୁ); ଦ୍ରୁତଗତିରେ ଯିବାପାଇଁ ପ୍ରସ୍ତୁତ (ଯାନବାହନ)।

**flying boat** ବି. ନୌକାକୃତି ଉଡ଼ାଜାହାଜ।

**flying buttress** ବି. କାନ୍ଥକୁ ଡିରା ଦିଆଯାଇଥିବା ଠେସ।

**flying fish** ବି. ଉଡ଼ନ୍ତା ମାଛ।

**flying fox** ବି. ଏକ ପ୍ରକାର ଫଳଖିଆ ବାଦୁଡ଼ି।

**flying officer** ବି. ବିମାନବାହିନୀର ଫ୍ଲାଇଟ୍ ଲେଫ୍‌ଟନାଣ୍ଟ ନିମ୍ନସ୍ଥ କର୍ମଚାରୀ।

**flying picket** ବି. ଭ୍ରାମ୍ୟମାଣ ବିକ୍ଷୋଭକାରୀ ଦଳ।

**flying saucer** ବି. ଉଡନ୍ତା ଥାଳିଆ।

**flying squad** ବି. ଭ୍ରାମ୍ୟମାଣ ପ୍ରହରୀ ଦଳ।

**flying start** ବି. ଆରମ୍ଭରୁ ଦ୍ରୁତ ଗତିରେ ଆଗେଇଯିବା।

**flyleaf** ବି. ପୁସ୍ତକ ଆରମ୍ଭ ଓ ଶେଷରେ ଦିଆଯାଇଥିବା ଅଲେଖା ପୃଷ୍ଠା।

**flyover** ବି. ଗୋଟିଏ ରାସ୍ତା/ରେଳରାସ୍ତା ଉପରେ ଆଉ ଗୋଟିଏ ରାସ୍ତା/ରେଳ ରାସ୍ତାକୁ ବହନ କରୁଥିବା ପୋଲ।

**fly–paper** ବି. ମାଛି ଧରିବା ନିମନ୍ତେ ବ୍ୟବହୃତ ଅଠାଳିଆ କାଗଜ।

**fly–past** ବି. ବିମାନ ବାହିନୀର ଆନୁଷ୍ଠାନିକ ଉଡ୍ଡୟନ।

**flysheet** ବି. ଅଧିକ ସୁରକ୍ଷା ନିମନ୍ତେ ତମ୍ବୁ ଉପରେ ଦିଆଯାଇଥିବା ମୋଟା କେନ୍‌ଭାସ୍; ଦୁଇ ବା ଚାରି ପୃଷ୍ଠା ବିଶିଷ୍ଟ ନିର୍ଦ୍ଦେଶାବଳୀ।

**fly–spray** ବି. ମାଛି ମାରିବା ନିମନ୍ତେ ପକାଯାଉଥିବା ତରଳ ଔଷଧ।

**fly–trap** ବି. ଏକଜାତୀୟ ମାଛି ଧରା ଗୁଳ୍ମ।

**flyweight** ବି. ମୁଷ୍ଟିଯୁଦ୍ଧପ୍ରଭୃତି ପ୍ରତିଯୋଗିତାର ୪୮–୫୧ କି.ଗ୍ରା. ଶ୍ରେଣୀ; light flyweight ଏହାର ସର୍ବୋଚ୍ଚ ଭାର ୪୮ କି.ଗ୍ରା।

**flywheel** ବି. ଯନ୍ତ୍ରର ଗତି ବା ଶକ୍ତି ନିୟାମକ ଚକ।

**foal** 1. ବି. ଘୋଡ଼ା ବା ସେହି ଜାତୀୟ ପ୍ରାଣୀର ଛୁଆ; 2. କ୍ରି. (ଘୋଡ଼ା ପ୍ରଭୃତି ସମ୍ପର୍କରେ) ପ୍ରସବ କରିବା; in (with) foal ଗର୍ଭିଣୀ (ଘୋଡ଼ୀ ପ୍ରଭୃତି)।

**foam** ୧. ବି. ଫେଣ, ମୁହଁଫେଣ, ଫେଣ ସଦୃଶ (ରବର, ପ୍ଲାଷ୍ଟିକ୍‌ପ୍ରଭୃତି ବସ୍ତୁ); 2. କ୍ରି. ଫେଣ ଉଠିବା, ମୁହଁରୁ ଫେଣ ବାହାରିବା; foam at the mouth ଖୁବ୍ ରାଗିଯିବା; ବିଂ. foamy.

**fob** 1. ବି. ଘଡ଼ି-ଚେନ୍ କିମ୍ବା ଚାବିରିଂଗରେ ଝୁଲୁଥିବା ସୁଦୃଶ୍ୟ ସଂଲଗ୍ନକ; ଘଡ଼ିପାଇଁ ରଖାଯାଉଥିବା ଛୋଟ ପକେଟ୍; 2. କ୍ରି. ଠକିବା; fob off କୌଶଳରେ ଦାମିକା ଜିନିଷ ବଦଳରେ ଅଳ୍ପ ମୂଲ୍ୟର ଜିନିଷ ଚଳାଇ ଦେବା।

**focal** ବିଂ. ମଧ୍ୟବିନ୍ଦୁ ସମ୍ପର୍କୀୟ; କେନ୍ଦ୍ରୀୟ; focal distance (length) ଦର୍ପଣ ବା ଲେନ୍‌ସର କେନ୍ଦ୍ର ତଥା ଏହାର ଅଧିଶ୍ରୟଣ ବିନ୍ଦୁ ମଧ୍ୟରେ ଥିବା ଦୂରତ୍ୱ; କ୍ରି. focalize; ବି. focalization.

**focus** ବି. (ବ.ବ. focuses ବା foci) ପ୍ରତିଫଳନ ବା ପ୍ରତିସରଣ ଦ୍ୱାରା ବିଚ୍ଛୁରିତ ଆଲୋକ ରଶ୍ମିର ସମ୍ମିଳିତ ବିନ୍ଦୁ; କିରଣ କେନ୍ଦ୍ର; ଅଧିଶ୍ରୟଣ ବିନ୍ଦୁ; ଉପଯୁକ୍ତ ପ୍ରତିବିମ୍ବନ ନିମନ୍ତେ ଯେଉଁ ବିନ୍ଦୁରେ ବସ୍ତୁର ସ୍ଥିତି ଆବଶ୍ୟକ; ସୁସ୍ପଷ୍ଟରୂପେ ଦୃଶ୍ୟମାନ ହେଉଥିବା ସୀମା; ଆକର୍ଷଣ ବା କାର୍ଯ୍ୟର କେନ୍ଦ୍ର; 2. କ୍ରି. କେନ୍ଦ୍ରୀଭୂତ କରିବା।

**fodder** 1. ବି. ପଶୁଖାଦ୍ୟ; ଶୁଷ୍କଘାସ, ନଡ଼ା କୁଟା ଇତ୍ୟାଦି; 2. କ୍ରି. ପଶୁଖାଦ୍ୟ ଯୋଗାଇବା।

**foe** ବି. ଶତ୍ରୁ, ପ୍ରତିପକ୍ଷ।

Digitized by srujanika@gmail.com

**foetid** ବିଂ. (fetid ମଧ୍ୟ) ପୂତିଗନ୍ଧମୟ, ଦୁର୍ଗନ୍ଧଯୁକ୍ତ।
**foetus** ବି. *ଆମେ.* fetus ଭ୍ରୂଣ, ଗର୍ଭାଶୟରେ ଥିବା ଆଠସପ୍ତାହରୁ ଅଧିକ କାଳର ମାନବ-ଭ୍ରୂଣ; ବିଂ. foetal.
**fog** 1. ବି. କୁହୁଡ଼ି, କୁହେଳିକା; 2. *କ୍ରି.* (କୁହୁଡ଼ିଦ୍ୱାରା) ଆବୃତ; ହେବା ହତଚକିତହେବା।
**fog–bank** ବି. ସମୁଦ୍ର ଉପରେ ସ୍ଥଳଭାଗ ପରି ବୋଧ ହେଉଥିବା ଜଳୀୟ ବାଷ୍ପ ବା ଘନକୁହୁଡ଼ି।
**fog–bound** ବିଂ: କୁହୁଡ଼ି ଯୋଗୁଁ ଯାଇ ନ ପାରିବା।
**foggy** ବିଂ. କୁଜ୍ଝଟିକାଚ୍ଛନ୍ନ, କୁହୁଡ଼ିଆ; ଅସ୍ପଷ୍ଟ, not have the foggiest *କ.ଭା.* ଆଦୌ କୌଣସି ଧାରଣା ନ ଥିବା; ବି. fogginess.
**fog–horn** ବି. କୁହୁଡ଼ି ସମୟରେ ଜାହାଜକୁ ଦିଆଯାଉଥିବା ସାବଧାନତା ସୂଚକ ସଙ୍କେତ; *କ.ଭା.* ଉଚ୍ଚ ସ୍ୱର।
**fog–lamp** ବି. କୁହୁଡ଼ି ସମୟରେ ବ୍ୟବହୃତ ହେଉଥିବା ଉଜ୍ଜ୍ୱଳ ଆଲୋକ।
**fogy (fogey)** ବି. ପୁରୁଣାକାଳିଆ, ମରହଟିଆ ଲୋକ।
**foible** ବି. ଚରିତ୍ରଗତ ସାମାନ୍ୟ ଦୋଷ ବା ଦୁର୍ବଳତା।
**foil**[1] *କ୍ରି.* ବିଫଳ କରିବା, ବ୍ୟର୍ଥ କରିବା; ପରାସ୍ତ କରିବା, ବିଭ୍ରାନ୍ତ କରିବା।
**foil**[2] ବି. ଧାତୁର ପତଳା ପତ୍ର; ବିରୁଦ୍ଧ ଗୁଣସମ୍ପନ୍ନ ବ୍ୟକ୍ତି ବା ବସ୍ତୁ।
**foil**[3] ବି. ଅସିକ୍ରୀଡ଼ାରେ ବ୍ୟବହୃତ ଧାରହୀନ (ବଙ୍କଡ଼ା) ତରବାରି।
**foist** *କ୍ରି.* କୌଶଳରେ ଲୋକକୁ ପ୍ରତାରଣା କରିବା; ପ୍ରକୃତ ଜିନିଷ ପରିବର୍ତ୍ତେ ଶସ୍ତା ବା ନକଲି ଜିନିଷ ଦେଇ ଠକାଇଦେବା।
**fold**[1] 1. *କ୍ରି.* ଭାଙ୍ଗ କରିବା, ଚଉତିବା, ଆବୃତ କରିବା; ଢାଙ୍କିବା; ଭାଙ୍ଗି ହୋଇଯିବା; ମୁଦ୍ରିତ ହେବା; ଯୋଡ଼ିବା, ଆଲିଙ୍ଗନ କରିବା; ଯୋଡ଼ହସ୍ତ ହେବା; 2. ବି. ଭାଙ୍ଗରେଖା ବା ଚିହ୍ନ; ପର୍ବତ ମଝିରେ ଥିବା ନିମ୍ନଭୂମି, ଭଙ୍ଗ (ଭୂତତ୍ତ୍ୱ); fold one's arms ବାହୁଦ୍ୱୟ ବକ୍ଷସ୍ଥଳରେ ସ୍ଥାପନ କରିବା; fold away ଭାଙ୍ଗ କରି ଏକତ୍ର କରିବା; fold one's hands ହାତ ଯୋଡ଼ିବା; fold up ବନ୍ଦ ହୋଇଯିବା, କର୍ମଶକ୍ତିବିହୀନ ହେବା।
**fold**[2] 1. ବି. ମେଣ୍ଢାଶାଳ; *ଖ୍ରୀ.* ଉପାସକ ମଣ୍ଡଳୀ; 2. *କ୍ରି.* ଖୁଆଡ଼ରେ ମେଷାଦି ଆବଦ୍ଧ କରିବା।
**–fold** *ପ.ପ୍ର.* ଗୁଣ ବା ଭାଗ ଅର୍ଥରେ ପ୍ରଯୁକ୍ତ, ଉଦା. twofold ଦ୍ୱିଗୁଣ।
**folder** ବି. ଭଙ୍ଗାଯାଇଥିବା କାଗଜ ଖୋଳ ବା ଲଫାପା; ଭଙ୍ଗା ଯାଇଥିବା ପ୍ରଚାର ପତ୍ର।
**foliaceous** ବିଂ. ପତ୍ରସମ୍ବନ୍ଧୀୟ, ପତ୍ର ସଦୃଶ।
**foliage** ବି. ପତ୍ରଗୁଚ୍ଛ।
**foliar** ବିଂ. ପତ୍ରସମ୍ବନ୍ଧୀୟ।
**foliar feed** ବି. ପତ୍ରକୁ ଦିଆଯାଉଥିବା ଖାଦ୍ୟ ବା ସାର।
**foliate** 1. ବିଂ. ପତ୍ରଭଳି, ପତ୍ରଯୁକ୍ତ; 2. *କ୍ରି.* ଧାତୁକୁ ପିଟି ପତଳା ପତ୍ର ପରି କରିବା।
**foliation** ବି. ପତ୍ରୋଦ୍‌ଗମ; ଧାତୁକୁ ପତଳା ପାତ୍ରରେ ପରିଣତ କରିବା କାର୍ଯ୍ୟ।
**folio** ବି. ( ବ.ବ. folios ) ଏକଭାଙ୍ଗ କାଗଜଫର୍ଦ୍ଦ (ଯହିଁରେ ଦୁଇଟି ପତ୍ର ବା ଚାରିପୃଷ୍ଠା ହୁଏ); ଏହିପରି କାଗଜରେ ପ୍ରସ୍ତୁତ ପୁସ୍ତକ।
**folk** ବି. ଜାତି ବା ଜନସାଧାରଣ; ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକ (ଯଥା. townsfolk); ପିତାମାତା କିମ୍ବା ବନ୍ଧୁ ବାନ୍ଧବ।
**folk–dance** ବି. ଲୋକନୃତ୍ୟ।
**folklore** ବି. ଜନଶ୍ରୁତି, ପୁରାବୃତ୍ତ, ଗ୍ରାମ୍ୟ ଆଚାର ବ୍ୟବହାରର ପ୍ରାଚୀନ କାହାଣୀ।
**folk–music (–song)** ବି. ପଲ୍ଲୀଗୀତି; ଲୋକଗୀତ।
**folksy** ବିଂ. ସାଧାରଣ ଲୋକଙ୍କଭଳି, ସରଳ; ନିଷ୍କପଟ; ବନ୍ଧୁଭାବାପନ୍ନ; ଲୋକକଳା ବା ସଂସ୍କୃତି ସମ୍ବନ୍ଧୀୟ।
**folk–tale** ବି. ସାଧାରଣରେ ପ୍ରଚଳିତ ଲୋକକଥା।
**folkweave** ବି. ମୋଟା ବୁଣା ଲୁଗା।
**follicle** ବି. ବୀଜକୋଷ, ଗ୍ରନ୍ଥି; ଟସରର କୋଷା।
**follow** *କ୍ରି.* ଅନୁସରଣ ବା ଅନୁଧାବନ କରିବା; ପଛରେ ଆସିବା ବା ଯିବା; ଅନୁବର୍ତ୍ତୀ ହେବା; ନେତା ବା ଦିଗ୍‌ଦର୍ଶକର ଆଦେଶ ମାନିବା; ଅର୍ଥ ବୁଝିପାରିବା; ଧାରାନୁସରଣ କରିବା; ବାଟ ଧରିଚାଲିବା; ଫଳସ୍ୱରୂପ ଆସିବା; ନିମ୍ନରେ ପ୍ରଦତ୍ତ ହେବା (ଉଦା. my reasons follow/ are as follows); follow on ଚଳାଇଯିବା; କ୍ରିକେଟ୍ ପ୍ରଥମ ଇନିଙ୍ଗସ୍ ପରେ ପୁନର୍ବାର

Digitized by srujanika@gmail.com

ବ୍ୟାଟିଂ କରିବାକୁ ଆସିବା; follow-on କ୍ରିକେଟ୍ ଏହାର ଉଦାହରଣ; follow out ଶେଷପର୍ଯ୍ୟନ୍ତ ଆଦେଶ ପାଳନ କରିବା; ନିର୍ଦ୍ଦେଶକୁ ଅକ୍ଷରତଃ ମାନିବା; follow suit (ତାସଖେଳରେ) ଯେଉଁରଙ୍ଗର ତାସ ସେହି ରଙ୍ଗର ତାସ ଦେବା; ଅନ୍ୟର ଦୃଷ୍ଟାନ୍ତ ଅନୁଯାୟୀ କାର୍ଯ୍ୟ କରିବା; follow through ଶେଷ ପର୍ଯ୍ୟନ୍ତ କାର୍ଯ୍ୟରେ ଲାଗିରହିବା; follow up ଶେଷ ପର୍ଯ୍ୟନ୍ତ ଆଗେଇ ନେବା।

**follower** ବି. ଅନୁଗାମୀ, ସମର୍ଥକ, ଭକ୍ତ।

**following** 1. ବି. ଅନୁଗତ ଶିଷ୍ୟ ବା ସମର୍ଥକର ଦଳ; 2. ବିଂ. ପରବର୍ତ୍ତୀ, ନିମ୍ନଲିଖିତ।

**follow–up** ବି. ଶେଷପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ।

**folly** ବି. ମୂର୍ଖତା, ନିର୍ବୋଧତା, ବୋକାମି; ଅଳଙ୍କୃତ ମହାର୍ଘ ଅଟ୍ଟାଳିକା।

**foment** କ୍ରି. ପ୍ରରୋଚିତ କରିବା, ଉତ୍ତେଜିତ କରିବା; (ଗରମ ପାଣିରେ) ସେକ ଦେବା; ବି. fomentation.

**fond** ବିଂ. ଆସକ୍ତ, ଅନୁରକ୍ତ, ନିର୍ବୋଧପରି ମମତାଯୁକ୍ତ ବା ଆଶାବାଦୀ; fond of ଆସକ୍ତ, ଅନୁରକ୍ତ; କ୍ରି.ବିଂ. fondly; ବି. fondness.

**fondant** ବି. ସୁବାସିତ ମିଠାଇ ବିଶେଷ।

**fondle** କ୍ରି. ଆଦର ବା ଗେଲ କରିବା।

**font** ବି. ଖ୍ରୀଷ୍ଟୀୟ ଦୀକ୍ଷାଗ୍ରହଣ କାଳରେ ବ୍ୟବହୃତ ଜଳର ଆଧାର ବା କୁଣ୍ଡ; ବିଂ. fontal.

**food** ବି. ଖାଦ୍ୟ, ଆହାର, ଖାଦ୍ୟସାମଗ୍ରୀ; ମାନସିକ ଚିନ୍ତାର ଉପାଦାନ।

**food poisoning** ବି. ବିଷାକ୍ତ ଖାଦ୍ୟ ଭକ୍ଷଣ ଜନିତ ଅସୁସ୍ଥତା।

**food processor** ବି. ଖାଦ୍ୟ ଦ୍ରବ୍ୟ କଟାକଟି ତଥା ମିଶାମିଶି କରିବାର ବୈଦ୍ୟୁତିକ ଯନ୍ତ୍ର ବିଶେଷ।

**foodstuff** ବି. ଖାଦ୍ୟଦ୍ରବ୍ୟ।

**food value** ବି. ଖାଦ୍ୟ ଦ୍ରବ୍ୟର ପୁଷ୍ଟିକାରକ ଗୁଣ।

**fool**[1] 1. ବି. ନିର୍ବୋଧ, ବୋକା ବ୍ୟକ୍ତି; *ପ୍ରା.ପ୍ର.* ଜୋକର୍, ବିଦୂଷକ; 2. କ୍ରି. ଥଟ୍ଟା କରିବା, ମଜା କରିବା, ପ୍ରତାରଣା କରିବା ବା ଠକିବା; act (play) the fool ମୂର୍ଖପରି କାର୍ଯ୍ୟ କରିବା; all fool's day ପହିଲା ଏପ୍ରିଲ; be no (nobody's) fool ଚତୁର ହେବା; fool's earrand ବୃଥା ପ୍ରୟାସ; fool's paradise ଆକାଶ କୁସୁମ ରଚନା; make a fool of ବୋକା ବନାଇବା; ହାସ୍ୟାସ୍ପଦ କରିବା, ଠକାଇବା।

**fool**[2] ବି. ଦୁଧସର ବା କଷ୍ଟାର୍ଡ଼ ମିଶ୍ରିତ ଫଳରସର ଡେସାର୍ଟ ବା ଭୋଜନ ପରବର୍ତ୍ତୀ ମିଷ୍ଟାହାର।

**foolery** ବି. ନିର୍ବୋଧତା, ବୋକାମି।

**foolhardy** ବିଂ. ନିର୍ବୋଧ ଭାବରେ ଦୁଃସାହସୀ, ଅବିମୃଷ୍ୟକାରୀ; ବି. foolhardiness.

**foolish** ବିଂ. ନିର୍ବୋଧ, ବୋକା, ବୁଦ୍ଧିହୀନ; କ୍ରି.ବିଂ. foolishly; ବି. foolishness.

**foolproof** ବିଂ. ତ୍ରୁଟିବିହୀନ, ଦୁରୁପଯୋଗର ସମ୍ଭାବନାରହିତ।

**foolscap** ବି. ଏକ ନିର୍ଦ୍ଦିଷ୍ଟ ଆକାରର କାଗଜ, ପ୍ରାୟ ୩୩୦ ମି.ମି. X ୨୦୦ (ବା ୪୦୦) ମି.ମି.।

**foot** 1. ବି. (ବ.ବ. feet) ପାଦ, ଚରଣ; ପୃଷ୍ଠାର ଶେଷାଂଶ; ମେଜ ବା ପାହାଡ଼ର ନିମ୍ନାଂଶ; ଶଯ୍ୟାର ପାଦ ରଖାଯିବା ସ୍ଥାନ; ପାଦ ଆବୃତ କରୁଥିବା ମୋଜାର ଅଂଶ; ଦୈର୍ଘ୍ୟ ପରିମାଣ ବା ବାର ଇଞ୍ଚ (୩୦.୪୮ ସେ.ମି.); କବିତାର ପାଦ ବା ଚରଣ; ପଦବିକ୍ଷେପ; ଗତି; *ଐତି. ପଦାତିକ ବାହିନୀ; 2. କ୍ରି.* ପାଉଣା ଚୁକ୍ତି କରିବା (foot the bill); feet of clay ଅନ୍ୟଥା ସମ୍ମାନିତ ବ୍ୟକ୍ତିର ଚାରିତ୍ରିକ ଦୁର୍ବଳତା; have one's feet on the ground ବାସ୍ତବବାଦୀହେବା; have one foot in the grave ମୃତ୍ୟୁର ନିକଟବର୍ତ୍ତୀ ହେବା; my foot! ବିରୋଧ ଓ ଅବଜ୍ଞାପ୍ରକାଶକ ବିସ୍ମୟସୂଚକ ଶବ୍ଦ; on foot ପଦବ୍ରଜରେ; put one's feet up ବିଶ୍ରାମ ଗ୍ରହଣ; put one's foot down ସଂକଳ୍ପବଦ୍ଧ ହେବା, ଦୃଢ଼ ନିଷ୍ଠ ହେବା; put one's foot in it *କ.ଭା.* ଭୁଲ କରିବା, under one's feet ଉପାୟରେ, ବାଟରେ; under foot ପାଦତଳେ, ମାଟିରେ।

**footage** ବି. ଫୁଟମାପରେ ଦୈର୍ଘ୍ୟ (ବ୍ୟବହୃତ ଚଳଚ୍ଚିତ୍ର ଫିଲ୍ମର)।

**foot–and–mouth (disease)** ବି. ଗୋଜାତିର ସଂକ୍ରାମକରୋଗ।

**football** ବି. ଫୁଟବଲ; football pool ଫୁଟବଲ୍ ଖେଳର ଫଳାଫଳ ଉପରେ ଆଧାରିତ ଜୁଆଖେଳ।

Digitized by srujanika@gmail.com

**footballer** ବି. ଫୁଟବଲ୍ ଖେଳାଳି ।

**footbrake** ବି. ଯାନାଦିରେ ପାଦଚାଳିତ ବ୍ରେକ୍ ।

**footbridge** ବି. ପଦଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କ୍ଷୁଦ୍ର ସେତୁ ।

**footfall** ବି. ପାଦଶବ୍ଦ ।

**foothill** ବି. ଉଚ୍ଚ ପର୍ବତ ବା ପର୍ବତମାଳାର ପାଦଦେଶସ୍ଥ କ୍ଷୁଦ୍ର ପାହାଡ଼ ।

**foothold** ବି. ପାଦରଖିବା ସ୍ଥାନ, ପା'ଦାନୀ; ସୁରକ୍ଷିତ ସ୍ଥିତି ।

**footing** ବି. ଦୃଢ଼ପଦସ୍ଥାପନ; ପା'ଦାନୀ, ଭିତ୍ତି; ସୁଦୃଢ଼ ଅବସ୍ଥା ।

**footlight** ବି. ବ.ବ. ପାଦପ୍ରଦୀପ (ମଞ୍ଚରେ) ।

**footling** ବିଂ. *ସା.ପ୍ର.* ବାଜେ, ନିର୍ବୋଧ ।

**footloose** ବିଂ. ସ୍ୱଚ୍ଛନ୍ଦ ।

**footman** ବି. ପୋଷାକଧାରୀ ଭୃତ୍ୟ; ପଦାତିକ ସୈନ୍ୟ ।

**footnote** ବି. ପାଦଟୀକା ।

**footpad** ବି. ଇତି. ପଥ-ଦସ୍ୟୁ; ଖଣ୍ଡ ।

**footpath** ବି. ରାସ୍ତାର ଉଭୟପଟରେ ପଦଚାରୀମାନଙ୍କ ନିମନ୍ତେ ଥିବା ପଥ ।

**footplate** ବି. ରେଳ ଇଞ୍ଜିନ୍‌ରେ ଚାଳକ ନିମନ୍ତେ ଥିବା ସ୍ଥାନ ।

**footprint** ବି. ପଦଚିହ୍ନ ।

**footsore** ବିଂ. ଅତ୍ୟଧିକ ଚାଲିବା ହେତୁ ପାଦର କ୍ଷତ ସହ ।

**footstep** ବି. ପଦକ୍ଷେପ; ପଦଚାରଣ, ପାଦଶବ୍ଦ; follow in person's footsteps ପଦାଙ୍କ ଅନୁସରଣ କରିବା ।

**footstool** ବି. ପାଦରଖିବା ନିମନ୍ତେ ବ୍ୟବହୃତ କ୍ଷୁଦ୍ର କାଷ୍ଠାସନ, ପାଦପୀଠ, ପାଦାସନ ।

**footway** ବି. ପଦଚାରୀମାନଙ୍କ ନିମନ୍ତେ ରାସ୍ତା ।

**footwear** ବି. ଜୋତା, ମୋଜା ଇତ୍ୟାଦି ।

**footwork** ବି. କ୍ରୀଡ଼ା, ନୃତ୍ୟାଦିରେ ପାଦ ପତନ କୌଶଳ ।

**fop** 1. ବି. ଦେଖାଣିଆ ଲୋକ, ପୋଷାକୀ ବାବୁ; ନିଜ ବେଶବାସ ସମ୍ପର୍କରେ ସଚେତନ ବ୍ୟକ୍ତି; ବି. foppery; ବିଂ. foppish.

**for** 1. ଅ. ପାଇଁ, ନିମନ୍ତେ, ସପକ୍ଷରେ ଉଦ୍ଦେଶ୍ୟରେ; ଉପଯୁକ୍ତ (a book for children); ବଦଳରେ, ପରିବର୍ତ୍ତେ, ମୂଲ୍ୟରେ, ବିନିମୟରେ; ହେତୁରୁ, କାରଣରୁ (rewarded for bravery); ଆଶାରେ, ଦିଗରେ, ପହଞ୍ଚିବା ଉଦ୍ଦେଶ୍ୟରେ; ସତ୍ତ୍ୱେ ଓ ହେଲେ ବା ଥିଲେ ସୁଦ୍ଧା (for all you know); ଆଡ଼କୁ, ବିବେଚନାରେ ବା ଅନୁପାତରେ; ସନ୍ଧାନରେ, ପରିମାଣରେ; ଉପଯୋଗୀ; ବ୍ୟାପିକରି; 2. ସଂଯୋ. କାରଣ, ଯେହେତୁ; be for it (କାହାର) ଦଣ୍ଡ ପାଇବା ବା ଭୋଗିବାର ସମ୍ଭାବନା (କୌଣସି ବ୍ୟକ୍ତି ବା ବସ୍ତୁ); as for ସଂବନ୍ଧରେ; for all (that) ସତ୍ତ୍ୱେ, ଯଦିଓ for all the world ସମ୍ପୂର୍ଣ୍ଣରୂପେ; forever ଚିରଦିନପାଇଁ; for the present ଆପାତତଃ; for good ସବୁଦିନ ପାଇଁ; ସ୍ଥାୟୀ ଭାବେ; for the most part ସାଧାରଣତଃ; for the sake of ନିମନ୍ତେ; for the time being ବର୍ତ୍ତମାନ ପାଇଁ; once for all ଚିରଦିନପାଇଁ ।

**for–** *ପ.ପ୍ର.* କ୍ରିୟାପଦ ନିଷ୍ପାଦକ; *ଉଦା.* forget, forgive, forbid, forsake.

**f.o.r.** *ସଂକ୍ଷି.* free on rail ରେଳରେ ବିନା ମହାସୁଲରେ ।

**forage** 1. ବି. ଗୋରୁ ଓ ଘୋଡ଼ାଙ୍କର ଖାଦ୍ୟ; ଖାଦ୍ୟ ଅନୁସନ୍ଧାନ; 2. *କ୍ରି.* ନିଜର ଖାଦ୍ୟ ବା ଦରକାରୀ ଜିନିଷ ଖୋଜିବା ।

**forasmuch as** *ସଂଯୋ. ପ୍ରା.ପ୍ର.* ଯେହେତୁ, କାରଣ ।

**foray** 1. ବି. ସହସା ଆକ୍ରମଣ, ଚଢ଼ାଉ, ଅଭିଯାନ; 2. *କ୍ରି.* ଚଢ଼ାଉ କରିବା ।

**forbade** *କ୍ରି.* (forbad ମଧ୍ୟ) forbidର *ଅ.କା.* ।

**forbear, forebear** *କ୍ରି. ଅ.କା.* forbore; *ଅ.କ୍ରି.ଜ.ପ.* forborne; ନିବୃତ୍ତ କରିବା ବା ହେବା, ସହ୍ୟ କରିବା ।

**forbearance** ବି. ଧୈର୍ଯ୍ୟ, ସହିଷ୍ଣୁତା, ଆତ୍ମସଂଯମ ।

**forbid** *କ୍ରି.* (*ଅ.କା.* forbade, forbad; *ଅ.କ୍ରି.ଜ.ପ.* forbidden) ମନା କରିବା, ବାରଣ କରିବା, ନିଷେଧ କରିବା, ବାଧା ଦେବା ।

**forbidding** ବିଂ. ଅପ୍ରୀତିକର; ଆପତ୍ତିଜନକ; କଠୋର ନିଷେଧକାରକ ।

**forbore, forborne** *ଦ୍ର.* forbear.

Digitized by srujanika@gmail.com

**force** 1. ବି. ବଳ, ଶକ୍ତି, କ୍ଷମତା, ପ୍ରଚେଷ୍ଟା; ବଳପ୍ରୟୋଗ, ବାଧ୍ୟତା, ଯଥାର୍ଥତା, ପ୍ରଭାବ; ସାମରିକ ଶକ୍ତି; ସଂଗଠିତ ଦଳ, ପୋଲିସ୍ ବା ସୈନ୍ୟବାହିନୀ; 2. କ୍ରି. ଶକ୍ତି ବା ବେଗ ସଂଚାର କରିବା; କାହାରି ଇଚ୍ଛା ବିରୁଦ୍ଧରେ ବଳ ପ୍ରୟୋଗ କରିବା, ଜବରଦସ୍ତି କରିବା, ବଳପୂର୍ବକ ଖୋଲିଦେବା; ବଳପୂର୍ବକ ପ୍ରବେଶ କରିବା; ଜୋର୍‌ପୂର୍ବକ (କାହାଉପରେ) ଲଦିଦେବା, ବାଧ୍ୟକରିବା; force person's hand ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରାଇବା; force the issue ତତ୍‌କାଳିକ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ବାଧ୍ୟ ହେବା; in force ବଳବତ୍ତର, ଚାଲୁ; ବହୁସଂଖ୍ୟାରେ ।

**forced labour** ବି. ବେଠି ଖଟାଇବା ।

**forced landing** ବି. ଉଡ଼ାଯାହାଜର ବାଧ୍ୟତାମୂଳକ ଅବତରଣ ।

**forced march** ବି. ସୈନ୍ୟବାହିନୀର ଦୀର୍ଘ, କ୍ଳାନ୍ତିକର ଯାତ୍ରା ।

**force–feed** କ୍ରି. ଇଚ୍ଛା ବିରୁଦ୍ଧରେ ଖାଦ୍ୟ ଗ୍ରହଣ କରାଇବା ।

**forceful** ବିଂ. ଶକ୍ତିଶାଳୀ ଏବଂ ମଜବୁତ୍; ଜବରଦସ୍ତ; (ଭାଷଣ ସଂପର୍କରେ) ପ୍ରଭାବଶାଳୀ ।

***force majeure*** ବି. ଅପ୍ରତିରୋଧ୍ୟ ଶକ୍ତି; ଅଜ୍ଞାତପୂର୍ବ ଅବସ୍ଥା । *(ଫ.)*

**forcemeat** ବି. ସଂରକ୍ଷଣ ନିମନ୍ତେ ପ୍ରସ୍ତୁତ ହୋଇଥିବା କଟା ମାଂସ ।

**forceps** ବି. ଛୋଟ ଚିମୁଟା; ଶଲ୍ୟ ଚିକିତ୍ସକର ଚିମୁଟା ।

**forcible** ବିଂ. ବଳପୂର୍ବକ; ଶକ୍ତିସମ୍ପନ୍ନ, ଜୋର ସହିତ କୃତ; କ୍ରି.ବିଂ. forcibly.

**ford** ବି. ଲୋକେ ଚାଲି ବା ମଟରରେ ପାରି ହେଉଥିବା ନଦୀର ଅଗଭୀର ସ୍ଥାନ; ବିଂ. fordable.

**fore** 1. ବିଂ. ଅଗ୍ରବର୍ତ୍ତୀ, ସମ୍ମୁଖସ୍ଥ; 2. ବି. ନୌକା ବା ଜାହାଜର ସମ୍ମୁଖ ଭାଗ; 3. *ଅବ.* (ଗଲ୍‌ଫ ଖେଳ) ଦେହରେ ବଲ ବାଜିପାରେ ବୋଲି ଖେଳାଳିଙ୍କୁ ଚେତାବନୀ; fore and aft ଜାହାଜର ଆଗରୁ ପଛ ପର୍ଯ୍ୟନ୍ତ, ଲମ୍ବାଲମ୍ବିଭାବରେ; to the fore ସମ୍ମୁଖରେ; ସ୍ପଷ୍ଟ ଭାବରେ ।

**fore–** *ପୂ.ପ୍ର.* ସମ୍ମୁଖ, ପୂର୍ବରୁ ଓ ଆଗରେ ଅର୍ଥ ନିଷ୍ପନ୍ନକାରୀ ପ୍ରତ୍ୟୟ, *ଉଦା.* forehead, forerunner, foretell.

**forearm**[1] ବି. ବାହୁର ଅଗ୍ରଭାଗ, କହୁଣୀ ଠାରୁ କଟଟି ବା ଆଙ୍ଗୁଠି ଅଗ ପର୍ଯ୍ୟନ୍ତ ।

**forearm**[2] କ୍ରି. ପୂର୍ବରୁ ଅସ୍ତ୍ରରେ ସଜ୍ଜିତ ହେବା; ପ୍ରସ୍ତୁତ ରହିବା ।

**forebear** ବି. =forbear *ସା.* ବ.ବରେ ପୂର୍ବପୁରୁଷ ।

**forebode** କ୍ରି. ପୂର୍ବରୁ ସୂଚନା ଦେବା, ଭାବୀ ଅମଙ୍ଗଳର ସୂଚନା ଦେବା ।

**foreboding** ବି. ବିପଦର ପୂର୍ବାଶଙ୍କା, ଅଶୁଭ ସୂଚନା ।

**forecast** 1. କ୍ରି. (*ଅ.କା. ଓ ଅ.କ୍ରି.ଜ.ପ.* forecast ବା forecasted) ପୂର୍ବରୁ କଳ୍ପନା କରିବା ବା ଅନୁମାନ କରିବା; 2. ବି. ଭବିଷ୍ୟତ୍ ବାଣୀ, ପୂର୍ବାନୁମାନ ।

**forecastle** ବି. ଜାହାଜର ପୁରୋଭାଗସ୍ଥ ଉଚ୍ଚ ପଟାତନ, ଯାହା ପୂର୍ବେ ନାବିକ ମାନଙ୍କର ରହଣି ସ୍ଥାନ ରୂପେ ବ୍ୟବହୃତ ହେଉଥିଲା ।

**foreclose** କ୍ରି. ଋଣ ପରିଶୋଧ ନ ଦେଲେ ବନ୍ଧକୀ ସମ୍ପତ୍ତି ଅଧିକାର କରିବା; ବନ୍ଧକୀ ଛଡ଼ାଇବାର ଅଧିକାରରୁ ବଞ୍ଚିତ କରିବା; ବି. foreclosure.

**forecourt** ବି. ଅଟ୍ଟାଳିକା ସମ୍ମୁଖସ୍ଥ ଆବଦ୍ଧ ସ୍ଥାନ; ପେଟ୍ରୋଲ ଦୋକାନର ଅଂଶ ବିଶେଷ ।

**foredoom** କ୍ରି. ପୂର୍ବରୁ ଅଭିଶପ୍ତ ବା ନିନ୍ଦିତ କରିବା ।

**forefather** ବି. *ସା.* ବ.ବରେ ପୂର୍ବପୁରୁଷ, ପୂର୍ବଜ ।

**forefinger** ବି. ବୁଢ଼ା ଆଙ୍ଗୁଠିର ପାଖ ଆଙ୍ଗୁଠି, ବିଞ୍ଚିଆଙ୍ଗୁଠି, ତର୍ଜନୀ ।

**forefoot** ବି. ପଶୁମାନଙ୍କର ଆଗପାଦ ।

**forefront** ବି. ସମ୍ମୁଖଭାଗ, ପୁରୋଭାଗ ।

**forego** *ଦ୍ର.* forgo.

**foregoing** ବିଂ. ପୂର୍ବଗାମୀ, ପୂର୍ବୋଲ୍ଲିଖିତ ।

**foregone** ବିଂ. ପୂର୍ବରୁ ଅବଧାରିତ, ପୂର୍ବଗତ; foregone conclusion ସହଜରେ ଦିଶୁଥିବା, ଅନାୟାସରେ କୁହାଯାଇପାରୁଥିବା ଭବିଷ୍ୟତ ପରିଣତି ।

**foreground** ବି. ଚିତ୍ରର ସମ୍ମୁଖଭାଗ, ଯାହା ଦର୍ଶକର ଅତି ନିକଟବର୍ତ୍ତୀ; ପୁରୋଭାଗ ।

**forehand** ବି. (ଟେନିସ୍ ପ୍ରଭୃତି ଖେଳରେ) ହାତପାପୁଲି ସାମ୍ନାକୁ ନେଇ କରା ଯାଉଥିବା ଆଘାତ ।

Digitized by srujanika@gmail.com

**forehead** ବି. କପାଳ, ଲଲାଟ।

**foreign** ବି. ବୈଦେଶିକ, ବିଦେଶଜାତ, ବିଦେଶୀୟ; ଅପରିଚିତ, ଅସ୍ୱାଭାବିକ, ବହିରାଗତ; ବି. foreignness.

**foreign aid** ବି. ବୈଦେଶିକ ସାହାଯ୍ୟ।

**Foreign and Commonwealth Office** ବୈଦେଶିକ ବ୍ୟାପାର ବୁଝାସୁଝା କରୁଥିବା ବ୍ରିଟିଶ୍ ସରକାରୀ ବିଭାଗ।

**foreigner** ବି. ବିଦେଶୀ।

**foreign exchange** ବି. ବୈଦେଶିକ ବିନିମୟ (ମୁଦ୍ରା)।

**foreign legion** ବି. (ବିଶେ. ଫରାସୀ ସୈନ୍ୟବାହିନୀର) ବିଦେଶୀ ସ୍ୱେଚ୍ଛାସେବୀ ଦଳ।

**Foreign Secretary** ବି. ବୈଦେଶିକ ବିଭାଗର ଶାସନ ସଚିବ ବା ମୁଖ୍ୟ।

**foreknow** କ୍ରି. ପୂର୍ବରୁ ଜାଣିବା।

**foreknowledge** ବି. ଭବିଷ୍ୟତ୍ ଘଟଣାର ପୂର୍ବଜ୍ଞାନ।

**foreland** ବି. ଅନ୍ତରୀପ; ଭୂମି ନାସିକା।

**foreleg** ବି. ପଶୁର ଆଗଗୋଡ଼।

**forelimb** ବି. ପଶୁର ସମ୍ମୁଖଭାଗସ୍ଥ ପ୍ରତ୍ୟଙ୍ଗ।

**forelock** ବି. କପାଳର ଠିକ୍ ଉପରକୁ ଥିବା କେଶଗୁଚ୍ଛ; take time by the forelock ସୁଯୋଗର ସଦ୍‌ବ୍ୟବହାର କରିବା।

**foreman** ବି. (କାରଖାନାରେ) ଅନ୍ୟ ଶ୍ରମିକମାନଙ୍କର କାର୍ଯ୍ୟ ପରିଦର୍ଶକ କର୍ମଚାରୀ; ଜୁରି ଦଳର ମୁଖପାତ୍ର।

**for[illegible]** [illegible] ଜାହାଜର ସମ୍ମୁଖଭାଗସ୍ଥ ମାସ୍ତୁଲ।

**foremost** [illegible] ପ୍ରବର୍ତ୍ତୀ, ମୁଖ୍ୟ, ପ୍ରଥମ, ସର୍ବୋତ୍ତମ; ପ୍ରଧାନତମ; 2. କ୍ରି. ବିଂ. ସର୍ବପ୍ରଥମେ, ପ୍ରଧାନତଃ।

**forename** ବି. ଡାକନାମ; ପାରିବାରିକ ପଦବୀ ବା ସଂଜ୍ଞାର ପୂର୍ବବର୍ତ୍ତୀ ନାମ।

**forenoon** ବି. ପୂର୍ବାହ୍ଣ।

**forensic** ବିଂ. ଅଦାଲତ ସମ୍ପର୍କୀୟ, ଅଦାଲତରେ ବ୍ୟବହୃତ; forensic medicine ବିଚାରାଳୟ ସମସ୍ୟାରେ ପ୍ରଯୁକ୍ତ ଭେଷଜ-ଜ୍ଞାନ; କ୍ରି.ବିଂ. forensically.

**foreordain** କ୍ରି. ପୂର୍ବରୁ ନିର୍ଦ୍ଧାରିତ କରିବା ବା ସ୍ଥିର ହୋଇଥିବା; ବି. foreordination.

**forepaw** ବି. ପଶୁର ସମ୍ମୁଖଭାଗସ୍ଥ ପଞ୍ଝା।

**forerunner** ବି. ଅଗ୍ରଦୂତ, ଅଗ୍ରଗାମୀ ବ୍ୟକ୍ତି, ପୂର୍ବବର୍ତ୍ତୀ ବ୍ୟକ୍ତି।

**foresail** ବି. ଜାହାଜର ଆଗ ମାସ୍ତୁଲର ପ୍ରଧାନ ପାଲ।

**foresee** କ୍ରି. ଆଗରୁ ଦେଖି ପାରିବା ବା ଜାଣିପାରିବା; ବିଂ. foreseeable.

**foreshadow** କ୍ରି. ପୂର୍ବାଭାସ ଦେବା, ପୂର୍ବରୁ ସୂଚନା ଦେବା, ପୂର୍ବରୁ ସତର୍କ କରିଦେବା।

**foreshore** ବି. ବେଳାଭୂମି; ଉପକୂଳର ଯେଉଁଠି ଜୁଆରଭଟ୍ଟା ହୁଏ।

**foreshorten** କ୍ରି. (ଚିତ୍ର ସଂପର୍କରେ) ପଦାର୍ଥର ସ୍ୱାଭାବିକ ଆକୃତି ଦର୍ଶାଇବା ନିମନ୍ତେ ରେଖା ସବୁକୁ ହ୍ରସ୍ୱ କରିବା, ହ୍ରସ୍ୱ ଚିତ୍ରାଙ୍କନ କରିବା।

**foresight** ବି. ପୁରୋଦୃଷ୍ଟି, ଭବିଷ୍ୟଦ୍‌ଦୃଷ୍ଟି, ପରିଣାମଦର୍ଶିତା; ଲକ୍ଷ ସାଧନ ନିମିତ୍ତ ବନ୍ଧୁକ ଅଗ୍ରଭାଗରେଥିବା ମାଛି।

**foreskin** ବି. ଲିଙ୍ଗାଗ୍ର ଆଚ୍ଛାଦକ ଚର୍ମ।

**forest** 1. ବି. ଅରଣ୍ୟ, ଜଙ୍ଗଲ; ବସ୍ତୁମାନଙ୍କର ଘଞ୍ଚ ସନ୍ନିବେଶ; 2. କ୍ରି. ଅରଣ୍ୟରେ ପରିଣତ କରିବା, ବୃକ୍ଷଲତା ରୋପଣ କରିବା।

**forestall** କ୍ରି. ପୂର୍ବରୁ କାର୍ଯ୍ୟ କରିବା; ଅନ୍ୟର ପରିକଳ୍ପିତ କାର୍ଯ୍ୟକୁ ଆଗ କରି ତାର ପରିକଳ୍ପନାକୁ ବ୍ୟର୍ଥ କରିବା।

**forester** ବି. ବନରକ୍ଷକ କର୍ମଚାରୀ; ଅରଣ୍ୟବାସୀ।

**forestry** ବି. ବନସଂରକ୍ଷଣ ବିଦ୍ୟା।

**foretaste** ବି. ପୂର୍ବାସ୍ୱାଦ, ପୂର୍ବାନୁଭବ।

**foretell** କ୍ରି. (*ଅ.କା. ଓ ଅ.କ୍ରି.ଜ.ପ.* foretold) ଭବିଷ୍ୟଦ୍ ବାଣୀ କରିବା।

**forethought** ବି. ପୂର୍ବପରିକଳ୍ପନା, ଭବିଷ୍ୟତ୍ ଚିନ୍ତା।

**forever** କ୍ରି.ବିଂ. ଚିରକାଳ ପାଇଁ, ସବୁବେଳେ।

**forewarn** କ୍ରି. ପୂର୍ବରୁ ସତର୍କ କରିଦେବା।

**forewoman** ବି. କର୍ମଚାରୀମାନଙ୍କର ତତ୍ତ୍ୱାବଧାରିକା; ଜୁରିଦଳର ଅଧକ୍ଷା ବା ମୁଖପାତ୍ର।

**foreword** ବି. ଅଗ୍ରଲେଖ, ଭୂମିକା, ମୁଖବନ୍ଧ।

**forfeit** 1. ବି. ଜୋରିମାନା, ଜୋରିମାନା ବାବଦରେ ଦିଆଯାଇଥିବା ପଦାର୍ଥ; 2. କ୍ରି. ଜୋରିମାନା ହିସାବରେ ହରାଇବା ବା ଦେଇ ଦେବା, ବାଜ୍ୟାପ୍ତ କରିବା; ବି. forefeiture.

Digitized by srujanika@gmail.com

**forgather** କ୍ରି. ସମବେତ ହେବା, ଏକତ୍ରିତ ହେବା।

**forgave** କ୍ରି. forgiveର *ଅ.କା.।*

**forge**[1] 1. କ୍ରି. ଜାଲ କରିବା; ଧାତୁଦ୍ରବ୍ୟକୁ ତତାଇ ଏବଂ ପିଟି ନିର୍ଦ୍ଦିଷ୍ଟ ଆକୃତିର କରିବା; 2. ବି. ଧାତୁ ତରଳାଇବା ପାଇଁ ଚୁଲ୍ଲୀ, କମାରଶାଳ; ବି. forger.

**forge**[2] କ୍ରି. ଧୀରେ ଧୀରେ ଅଗ୍ରସର ହେବା; forge ahead ଦ୍ରୁତ ଅଗ୍ରଗତି କରିବା, ନେତୃତ୍ୱ ନେବା।

**forgery** ବି. ଠକାମି, ଜାଲିଆତି; ଜାଲ ଦଲିଲ ପ୍ରଭୃତି।

**forget** କ୍ରି. (*ଅ.କା.* forgot; *ଅ.କ୍ରି.ଜ.ପ.* forgotten *ଆମେ.* forgot); ଭୁଲିଯିବା, ବିସ୍ମୃତ ହେବା, ଅବହେଳା କରିବା; ଅବଜ୍ଞାପ୍ରକାଶ କରିବା, ନ ଭାବିବା; forget oneself ଆତ୍ମବିସ୍ମୃତ ହେବା, ଆତ୍ମମର୍ଯ୍ୟାଦା ହରାଇଲା ଭଳି ବ୍ୟବହାର କରିବା; ବିଂ. forgettable.

**forgetful** ବିଂ. ଭୁଲା, ବିସ୍ମରଣଶୀଳ, କ୍ରି.ବିଂ. forgetfully; ବି. forgetfulness.

**forget–me–not** ବି. କ୍ଷୁଦ୍ର, ନୀଳ ପୁଷ୍ପ ବିଶିଷ୍ଟ ଉଦ୍‌ଭିଦ।

**forgive** କ୍ରି. (*ଅ.କା.* forgave; *ଅ.କ୍ରି.ଜ.ପ.* forgiven) କ୍ଷମାଦେବା, (ଋଣ) ଛାଡ କରିଦେବା; ବିଂ. forgivable.

**forgiveness** ବି. କ୍ଷମାଶୀଳତା, ତିତିକ୍ଷା; କ୍ଷମା।

**forgiving** ବିଂ. କ୍ଷମାଶୀଳ।

**forgo, forego** କ୍ରି. (*ଅ.କା.* forwent; *ଅ.କ୍ରି.ଜ.ପ.* forgone) ତ୍ୟାଗକରିବା, ଛାଡ଼ିଦେବା, ନ ନେବା।

**forgot** କ୍ରି. forgetର *ଅ.କା.।*

**forgotten** କ୍ରି. forgetର *ଅ.କ୍ରି.ଜ.ପ.।*

**fork** 1. ବି. କଣ୍ଟା ଚାମୁଚି (ଭୋଜନ ଓ ରୋଷେଇ କାର୍ଯ୍ୟରେ ବ୍ୟବହୃତ); କଣ୍ଟାଯୁକ୍ତ ଖୋଳିବା ଯନ୍ତ୍ର; କେନା ବା ଶାଖାଥିବା ଖୁଣ୍ଟି; ରାସ୍ତା ପ୍ରଭୃତିର ଶାଖା; ଦ୍ୱିଧାବିଭକ୍ତ ବସ୍ତୁ; ସାଇକେଲ ଚକ ଧରି ରଖିବା ନିମନ୍ତେ କେନାପରି ଯନ୍ତ୍ରାଂଶ; ବୋଝ ଉଠାଇବା ନିମନ୍ତେ ବ୍ୟବହୃତ କେନାଯୁକ୍ତ ବାଡ଼ି; 2. କ୍ରି. ଦ୍ୱିଧା ବିଭକ୍ତ କରିବା; କେନାଯୁକ୍ତ ବାଡ଼ି ସାହାଯ୍ୟରେ ଖୋଳିବା, ଉଠାଇବା ବା ପୋପାଡ଼ିବା; fork out *ସା.ପ୍ର.* ପଇସା ପତ୍ର ଦେଇଦେବା (ଅନିଚ୍ଛାସତ୍ତ୍ୱେ)।

**fork–lift truck** ବି. ବୋଝ ଉଠାଇବା ବା ବୋହିବା ପାଇଁ ବ୍ୟବହୃତ କଣ୍ଟାଯୁକ୍ତ ଯାନ।

**forlorn** ବିଂ. ପରିତ୍ୟକ୍ତ, ବିଷଣ୍ଣ, ଅସହାୟ, ଆଶାଭରସା ଶୂନ୍ୟ, ଦୁଃସ୍ଥ, ଦୟନୀୟ; କ୍ରି.ବିଂ. forlornly.

**forlorn hope** ବି. କ୍ଷୀଣ ବା ଶେଷ ଆଶା।

**form** 1. ବି. ଆକୃତି, ଗଠନ, ଅବୟବ; ଦୃଶ୍ୟମାନ ଅଂଶ, ପରିଦୃଶ୍ୟମାନ ମନୁଷ୍ୟ ବା ପଶୁ; ମୂର୍ତ୍ତି, ଆଦର୍ଶ, ଛାଞ୍ଚ; ନିର୍ଦ୍ଦିଷ୍ଟ ପଦ୍ଧତି ବା ଧାରା; ଶିଷ୍ଟାଚାର, ଲୌକିକତା, ବ୍ୟବହାର, ଆଚରଣ, ଶୃଙ୍ଖଳା, ପ୍ରଣାଳୀ, ପ୍ରକାର; ଛପାଫର୍ମ୍, ଯେଉଁଥିରେ ବିବରଣୀ ପୂର୍ଣ୍ଣକରି ଦରଖାସ୍ତ ଦିଆଯାଏ; ବିଦ୍ୟାଳୟର ଶ୍ରେଣୀ; ଏକତ୍ର ସଜା ହୋଇଥିବା ଅକ୍ଷର; ରୀତିନୀତି ବା ଉପଯୁକ୍ତ ଧାରା; (ଖେଳାଳି ଏବଂ ଅଶ୍ୱ ସମ୍ପର୍କରେ) ସ୍ୱାସ୍ଥ୍ୟ ଏବଂ ପ୍ରଶିକ୍ଷଣର ଅବସ୍ଥା; (ଘୋଡାଦୌଡ଼ ପ୍ରତିଯୋଗିତାରେ) ପୂର୍ବ କୃତିତ୍ୱର ବିବରଣୀ; ଶବ୍ଦ ଗଠନ ପଦ୍ଧତି, ସାହିତ୍ୟିକ ବା ସାଂଗୀତିକ ରଚନା ଶୈଳୀ; ଲମ୍ବା ଆସନ (ବେଞ୍ଚ); ଠେକୁଆର ଗାତ; 2. କ୍ରି. ଗଢ଼ିବା; ନିର୍ମାଣ କରିବା, ଶିକ୍ଷା ବା ତାଲିମ ଦେବା; ଧାରଣା ସୃଷ୍ଟି କରିବା, ସ୍ଥାପନ କରିବା; ସଂଗଠନ କରିବା; ଆକାର ଧାରଣ କରିବା;, ଉପାଦାନ ବା ଅଂଶ ସ୍ୱରୂପ ହେବା; ସଂଗଠିତ ହେବା; ରୂପ ପରିଗ୍ରହ କରିବା; ଏକ ଶବ୍ଦରୁ ନୂତନ ଶବ୍ଦ ନିଷ୍ପନ୍ନ କରିବା; on (off) form ଭଲ (ମନ୍ଦ) ଭାବରେ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବା; in due form ଯଥାବିଧି।

**formal** ବିଂ. ପ୍ରଚଳିତ ପ୍ରଥାନୁଯାୟୀ, ଗତାନୁଗତିକ, ଔପଚାରିକ, ଆନୁଷ୍ଠାନିକ, ଲୌକିକ, ନିୟମାନୁଗତ, ପ୍ରଣାଳୀସିଦ୍ଧ; ସୂକ୍ଷ୍ମ ବିଷୟରେ ମନୋଯୋଗୀ, ଆକାର ସମ୍ବନ୍ଧୀୟ; ବାହ୍ୟାଡ଼ମ୍ବର ପ୍ରିୟ; କ୍ରି.ବିଂ. formally.

**formaldehyde** ବି. ଫର୍ମାଲଡ଼ିହାଇଡ୍ (ପରିଶୋଧନ ତଥା ସଂରକ୍ଷଣ ନିମନ୍ତେ ବ୍ୟବହୃତ); ଫର୍ମିକ୍ ଏସିଡ୍‌ର ଆଲଡ଼ିହାଇଡ୍।

**formalin** ବି. ଫର୍ମାଲିନ୍, ଫର୍ମାଲଡ଼ିହାଇଡ୍‌ର ଜଳୀୟ ଦ୍ରବଣ।

**formalism** ବି. ରୀତିନୀତି ପ୍ରତି ଅତି ମାତ୍ରାରେ ବିଶ୍ୱସ୍ତତା, ଲୌକିକତା; ଦ. ଆକାରିକତାବାଦ।

**formalist** ବି. ଆଚାର ଅନୁଷ୍ଠାନବାଦୀ।

**formality** ବି. ନିୟମନିଷ୍ଠା; ଔପଚାରିକତା; ରୀତିନୀତିର ବିଶ୍ୱସ୍ତ ଅନୁସରଣ।

Digitized by srujanika@gmail.com

**formalize** କ୍ରି. ନିର୍ଦ୍ଦିଷ୍ଟ ଆକାର ପ୍ରଦାନ କରିବା; ବିଧିସଂଗତ କରିବା; ବି. formalization.

**format** ବି. (ପୁସ୍ତକ ଆଦିର) ଆକାର ଓ ଗଠନ; ସୂଚନା ଆଦି ଲିପିବଦ୍ଧ କରିବା ଓ ସଜାଇବାର ଶୈଳୀ; (କମ୍ପ୍ୟୁଟର) ଉପାଦାନ ସଜ୍ଜୀକରଣ ପଦ୍ଧତି ବା ଗ୍ରହଣର ପ୍ରସ୍ତୁତି।

**formation** ବି. ନିର୍ମାଣ, ଗଠନ; (ସୈନ୍ୟ, ବିମାନ ଆଦି) ସଜାଇବାର ବ୍ୟବସ୍ଥା, ବ୍ୟୂହରଚନା।

**formative** ବିଂ. ଗଠନଶୀଳ, ଗଠନଯୋଗ୍ୟ।

**former** ବିଂ. ପ୍ରାଚୀନ, ପୂର୍ବତନ; the former ପ୍ରଥମୋକ୍ତ।

**formerly** କ୍ରି.ବିଂ. ପୂର୍ବକାଳରେ, ଅତୀତରେ।

**Formica** ବି. ସ୍ବ. ପ୍ଲାଷ୍ଟିକତିଆରି ଚିକ୍କଣ, କଠିନ ଆବରଣ ଯାହା ଗୃହୋପକରଣ ଉପରେ ଲଗାଯାଏ।

**formic acid** ବି. ଫର୍ମିକ ଅମ୍ଳ, ମୂଳତଃ ପିଂପୁଡ଼ି ଠାରୁ ନିର୍ଗତ, ବର୍ଣ୍ଣହୀନ, କଣ୍ଡୁକ, ଉଦ୍‌ବାୟୀ ଏସିଡ୍ ବିଶେଷ।

**formidable** ବିଂ. ଭୟଙ୍କର, ଭୟାବହ, ଦୁର୍ଦ୍ଧର୍ଷ, ଅଜେୟ, କଷ୍ଟସାଧ; କ୍ରି.ବିଂ. formidably.

**formless** ବି. ଆକୃତିହୀନ, ନିରାକାର, ଅବୟବହୀନ।

**formula** ବି. (ବ.ବ. formulas, –ae) ସୂତ୍ର, ପଦ୍ଧତି, ଧାରା, ନିର୍ଦ୍ଦିଷ୍ଟ ନିୟମ, ପ୍ରଣାଳୀ; (ଖାଦ୍ୟ, ରାସାୟନିକ ପଦାର୍ଥ ପ୍ରଭୃତିର ପ୍ରସ୍ତୁତି ବିଷୟକ) ବ୍ୟବସ୍ଥା, ନିର୍ଦ୍ଦେଶ; (ଅଙ୍କ ସମାଧାନର) ସୂତ୍ର ବା ସଙ୍କେତ; ବିଂ. formulaic.

**formulary** ବି. (ଧର୍ମୀୟ) ସୂତ୍ରସଂଗ୍ରହ; ସାରସଂଗ୍ରହ।

**formulate** କ୍ରି. ସୂତ୍ର ଆକାରରେ ପ୍ରକାଶ କରିବା; ସ୍ପଷ୍ଟ ଏବଂ ସଂକ୍ଷିପ୍ତ ରୂପରେ ପ୍ରକାଶ କରିବା; ବି. formulation.

**fornicate** କ୍ରି. ପ୍ରା.ପ୍ର. ପରି ପରସ୍ପର ଅବିବାହିତ ପୁରୁଷ ଓ ସ୍ତ୍ରୀ ଅବୈଧ ଯୌନ ସଂଗମ କରିବା; ବି. fornicator.

**fornication** ବି. ପ୍ରା.ପ୍ର. ପରି ପରସ୍ପର ଅବିବାହିତ ସ୍ତ୍ରୀ ଓ ପୁରୁଷର ଅବୈଧ ଯୌନ ସଂଗମ।

**forsake** କ୍ରି. (ଅ.କା. forsook, ଅ.କ୍ରି.ଜ.ପ. forsaken) ସାହି. ସମ୍ପୂର୍ଣ୍ଣରୂପେ ତ୍ୟାଗକରିବା, ପରିତ୍ୟାଗ କରିବା, ବର୍ଜନ କରିବା; ସାହାଯ୍ୟ ବା ସାହଚର୍ଯ୍ୟ ବନ୍ଦ କରିବା।

**forsooth** କ୍ରି.ବିଂ. ପ୍ରା.ପ୍ର. ନିଶ୍ଚୟ, ସତେ, ନିଃସନ୍ଦେହ।

**forswear** କ୍ରି. (ଅ.କା. forswore; ଅ.କ୍ରି.ଜ.ପ. forsworn) ଶପଥ ପୂର୍ବକ ଅସ୍ୱୀକାର କରିବା, ପରିବର୍ଜନ କରିବା; ମିଥ୍ୟା ହଲପ୍ କରିବା; forswear oneself ହଲପ୍ କରି ମିଥ୍ୟା କହିବା।

**fort** ବି. ଦୁର୍ଗ, ଗଡ଼, କିଲ୍ଲା, ସୁରକ୍ଷିତ ସୈନ୍ୟ ନିବାସ; hold the fort ଅସ୍ଥାୟୀ ଭାବେ କାର୍ଯ୍ୟ କରିବା, ଆପଦ୍‌କାଳୀନ ଅବସ୍ଥାରେ ସମ୍ଭାଳିବା।

**forte**[1] ବି. ବିଶିଷ୍ଟ ଗୁଣ, ଯେଉଁ ବିଷୟରେ ଜଣେ ବିଶେଷ ପାରଙ୍ଗମ।

**forte**[2] ବିଂ.କ୍ରି.ବିଂ. (ଗାନ ଓ ଅଭିନୟ ନିମନ୍ତେ ସୂଚନା) ଉଚ୍ଚ ସ୍ୱରରେ, ଜୋରରେ।

**fortepiano** ବି. (=pianoforte) ଅଷ୍ଟାଦଶ-ଊନବିଂଶ ଶତାବ୍ଦୀର ପିଆନୋବାଦ୍ୟ।

**forth** କ୍ରି.ବିଂ. ସା. ପ୍ରା.ପ୍ର. ଆଗରେ, ସମ୍ମୁଖରେ, ଆଗକୁ; henceforth ଅତଃପର, set forth ଯାତ୍ରା ଆରମ୍ଭରୁ; and so forth ଇତ୍ୟାଦି।

**forthcoming** ବିଂ. ଆଗାମୀ, ଆସନ୍ତା, ଆସନ୍ନ।

**forthright** ବିଂ. ସିଧାସଳଖ, ସ୍ପଷ୍ଟବାଦୀ, ନିଷ୍କପଟମୂଳକ।

**forthwith** କ୍ରି.ବିଂ. ସଂଗେ ସଂଗେ; ବିଳମ୍ବ ନ କରି, ତତ୍‌କ୍ଷଣାତ୍।

**fortification** ବି. ଦୃଢ଼ୀକରଣ; ସା.ବ.ବ. ସୁରକ୍ଷା ନିମନ୍ତେ ନିର୍ମିତ ପ୍ରାଚୀରାଦି।

**fortify** କ୍ରି. ଶାରୀରିକ, ମାନସିକ ଏବଂ ନୈତିକ ଦୃଷ୍ଟିରୁ ଶକ୍ତିଶାଳୀ ହେବା; ସୁଦୃଢ଼ କରିବା, ସୁରକ୍ଷିତ କରିବା, ଗଡ଼ବନ୍ଦୀ କରିବା; ସୁରାସାର ଦ୍ୱାରା ମଦ୍ୟକୁ ଅଧିକ କଡ଼ା କରିବା; ପ୍ରତିରୋଧ କ୍ଷମତା ବଢ଼ାଇବା; ଅଧିକ ଖାଦ୍ୟସାର ଯୋଗ କରିବା।

**fortissimo** ସଂଗୀତ 1. ବିଂ./କ୍ରି.ବିଂ. ଅତ୍ୟନ୍ତ ଉଚ୍ଚସ୍ୱର, ଉଚ୍ଚସ୍ୱରରେ; 2. ବି. ଉଚ୍ଚ ସ୍ୱରରେ ବାଦନ ବା ଗାୟନ।

**fortitude** ବି. ବିପଦରେ ଧୈର୍ଯ୍ୟ ବା ସାହସ; ମାନସିକ ଦୃଢ଼ତା।

**fortnight** ବି. ଏକପକ୍ଷ, ଦୁଇସପ୍ତାହ।

Digitized by srujanika@gmail.com

**fortnightly** 1. ବିଂ. ପାକ୍ଷିକ; 2. କ୍ରି.ବିଂ. ପକ୍ଷକେ ଥରେ; 3. ବି. ପାକ୍ଷିକ ପତ୍ରିକା ।

**Fortran, FORTRAN** ବି. ବୈଜ୍ଞାନିକ ଗଣନା ନିମନ୍ତେ ବ୍ୟବହୃତ କମ୍ପୁଟରର ଭାଷା (ସଂଖ. *formula translation*).

**fortress** ବି. ଦୁର୍ଗ, ଗଡ଼, ସୁରକ୍ଷିତ ନଗର ।

**fortuitous** ବିଂ. ଆକସ୍ମିକ, ଦୈବାତ୍; କ୍ରି.ବିଂ. fortuitously; ବି. fortuitousness, fortuity.

**fortunate** ବିଂ. ଭାଗ୍ୟବାନ୍, ସୌଭାଗ୍ୟଶାଳୀ; କ୍ରି.ବିଂ. fortunately.

**fortune** ବି. ସୌଭାଗ୍ୟ, ଅଦୃଷ୍ଟ; ସମ୍ପଦ, ସମୃଦ୍ଧି, ଐଶ୍ୱର୍ଯ୍ୟ; ବ୍ୟକ୍ତିର ଭାଗ୍ୟ; କ.ଭା. ପ୍ରଚୁର ଅର୍ଥ, make a (one's) fortune ଧନବାନ୍ ହେବା ।

**fortune–teller** ବି. ଦୈବଜ୍ଞ, ଗଣକ, ଜ୍ୟୋତିଷ ।

**forty** ବିଂ./ବି. ଚାଳିଶ, ଏହି ସଂଖ୍ୟା (40, xl, XL) ବ.ବରେ ୪୦ ରୁ ୪୯ ପର୍ଯ୍ୟନ୍ତ ସଂଖ୍ୟକ ବର୍ଷ, ତାପମାନ ପ୍ରଭୃତି; ବିଂ.ବି. fortieth.

**forty winks** ବି. ଅଳ୍ପସମୟ ପାଇଁ ଶୋଇବା ।

**forum** ବି. ଇତି. ପ୍ରାଚୀନ ରୋମର ଯେଉଁ ସାଧାରଣ ସ୍ଥାନରେ ଆଳାପ ଆଲୋଚନା ଓ ବିଚାର ହେଉଥିଲା; ସାଧାରଣ ବିଚାର ଆଲୋଚନା ନିମନ୍ତେ ସ୍ଥାନ; ବିଚାରସ୍ଥଳ ।

**forward** 1. ବିଂ.ଅଗ୍ରଗାମୀ, ସମ୍ମୁଖସ୍ଥ; ଭବିଷ୍ୟତ ସମ୍ପର୍କୀୟ, ସାହସୀ, ମୁଖର, ଅକାଳପକ୍ୱ; (ଉଦ୍ଭିଦ ବା କୃଷି ଉତ୍ପନ୍ନ ଦ୍ରବ୍ୟ) ଆଗିଲା, ଆଗତୁରା; 2. ବି.(ଫୁଟବଲ୍, ହକି ଖେଳରେ) ସମ୍ମୁଖ ଭାଗରେ ଥିବା ଖେଳାଳି; 3. କ୍ରି.ବିଂ. ଆଗକୁ, ଆଗରେ, ଭବିଷ୍ୟତ ଆଡ଼କୁ; ସମ୍ମୁଖ ଆଡ଼କୁ, ଅଗ୍ରଗତିଶୀଳ; 4. କ୍ରି. ଚିଠିପତ୍ର ଉପର ପାହ୍ୟାକୁ ପଠାଇବା; (ଜିନିଷ ପତ୍ର) ଅନ୍ୟସ୍ଥାନକୁ ପଠାଇବା; ଅଗ୍ରଗତି ନିମନ୍ତେ ସାହାଯ୍ୟ କରିବା, ଉନ୍ନତି କରାଇବା backwards and forwards ପଛକୁ ଆଗକୁ ।

**fosse** ବି. ଖାଇ, ଗଡ଼ଖାଇ, ପରିଖା ।

**fossil** 1. ବି. ଜୀବାଶ୍ମ; ଭୂଗର୍ଭରୁ ପ୍ରାପ୍ତ ପ୍ରାଣୀ ବା ଉଦ୍ଭିଦର ପ୍ରସ୍ତରୀଭୂତ ଦେହାବଶେଷ (ପ୍ରାଗୈତିହାସିକ); କ.ଭା.ଅତି ମରହଟ୍ଟିଆ ଲୋକ ବା ପଦାର୍ଥ; 2. ବିଂ. ଜୀବାଶ୍ମ ସମ୍ବନ୍ଧୀୟ ବା ସଦୃଶ; ପୁରୁଣାକାଳିଆ ।

**fossilize** କ୍ରି. ଜୀବାଶ୍ମୀଭୂତ ହେବା; ବି. fossilization.

**foster** 1. କ୍ରି. ବଢ଼ାଇବା, ଲାଳନପାଳନ କରିବା, ଉତ୍ସାହିତ କରିବା, ସମର୍ଥନ କରିବା, ଯତ୍ନପୂର୍ବକ (ଅପରର ସନ୍ତାନକୁ) ବଢ଼ାଇବା; 2. ଗୁଣ ବିଂ. ରକ୍ତସମ୍ପର୍କ ପରିବର୍ତ୍ତେ ସ୍ନେହ ସଂପର୍କବଦ୍ଧ, ଯଥା. foster child ସ୍ନେହ ବା ପାଳିତ ସନ୍ତାନ, ଧର୍ମ ସନ୍ତାନ; foster home ଯେଉଁ ଗୃହରେ ପାଳିତ ସନ୍ତାନକୁ ଲାଳନପାଳନ କରାଯାଏ ।

**foul** 1. ବିଂ. ଦୂଷିତ, କଳୁଷିତ, ଆବିଳ; ଦୁର୍ଗନ୍ଧଯୁକ୍ତ, ମଇଳାପୂର୍ଣ୍ଣ; କ.ଭା. ବିରକ୍ତିକର, ଅରୁଚିକର; ନିୟମବିରୁଦ୍ଧ, ଅନ୍ୟାୟ, ଅସାଧୁ; (ଭାଷାସମ୍ପର୍କରେ) ଅଶ୍ଳୀଳ, ଭର୍ତ୍ସନାପୂର୍ଣ୍ଣ; (ପାଗ ସମ୍ପର୍କରେ) କଦର୍ଯ୍ୟ, ମେଘାଚ୍ଛନ୍ନ, ଝଡ଼ବର୍ଷାପୂର୍ଣ୍ଣ; ଅନ୍ୟାୟ, (ଦଉଡ଼ି ସମ୍ପର୍କରେ) ଜଡ଼ିତ, ଛନ୍ଦିହୋଇଥିବା; 2. ବି. (ଖେଳରେ) ଗେହ୍ଲୁରି ବା ଅନ୍ୟାୟ ଆଚରଣ, ସଂଘର୍ଷ, ଧକାଧକି, 3. କ୍ରି.ବିଂ. ଅନ୍ୟାୟ ଭାବେ, ନୀତି ନିୟମ ବହିର୍ଭୂତ; 4. କ୍ରି. (ଖେଳରେ) ଅସଦୁଦ୍ଦେଶ୍ୟରେ ଅପର ଖେଳାଳିକୁ ଧକ୍କା ଦେବା, ଛନ୍ଦିହୋଇ ପଡ଼ିବା, ବାଡେଇ ହେବା; foul up ଜଡ଼ିତ ହୋଇ ପଡ଼ିବା, ସବୁ ଗଣ୍ଡଗୋଳ କରିଦେବା ।

**foul–mouthed** ବିଂ. ଅଶ୍ଳୀଳ ବା ଅପମାନକର ଭାଷା କହୁଥିବା; ଦୁର୍ମୁଖ ।

**foul play** ବି. (ଖେଳରେ) ଅନ୍ୟାୟ ବା ଅସତ୍ ଉପାୟ ଅବଲମ୍ବନ; କପଟାଚରଣ, ହତ୍ୟାପ୍ରଭୃତି ଭୟଙ୍କର କାର୍ଯ୍ୟ ।

**found**[1] କ୍ରି. ପ୍ରତିଷ୍ଠା କରିବା, ଭିତ୍ତିସ୍ଥାପନ କରିବା, ସ୍ଥାପନ କରିବା, (ଗଳ୍ପ, ତତ୍ତ୍ୱ, ନିୟମ ପ୍ରଭୃତି କୌଣସି ବିଷୟ ଉପରେ) ଆଧାରିତ କରିବା; ill–founded ନ୍ୟାୟ ବିରୁଦ୍ଧ; ଭିତ୍ତିହୀନ; well–founded ଯୁକ୍ତିଯୁକ୍ତ, ନ୍ୟାୟ ସମ୍ମତ; ବି. founder.

**found**[2] କ୍ରି. (ଧାତୁ) ତରଳାଇବା, ଛାଞ୍ଚରେ ଢାଳିବା; ଢଳାଇ କରିବା; ବି. founder.

**found**[3] କ୍ରି. findର ଅ.କା. ଓ ଅ.କ୍ରି.ଜ.ପ. ।

**foundation** ବି. ପ୍ରତିଷ୍ଠା, ସ୍ଥାପନ; ପ୍ରତିଷ୍ଠାନ, ଅନୁଷ୍ଠାନ (ସ୍କୁଲ କଲେଜ ପ୍ରଭୃତି); ଭିତ୍ତି, ପତ୍ତନ; କୌଣସି ଅନୁଷ୍ଠାନ ବା ଜନହିତକର କାର୍ଯ୍ୟ ଉଦ୍ଦେଶ୍ୟରେ ପ୍ରଦତ୍ତ ବୃତ୍ତି ବା ସ୍ଥାୟୀ ପାଣ୍ଠି; foundation garment ସ୍ତ୍ରୀ ଲୋକମାନଙ୍କର

Digitized by srujanika@gmail.com

ଅବର୍ବାସ; foundation-stone ଭିତ୍ତିପ୍ରସ୍ତର, ଆଧାରଶିଳା ।

**founder** *କ୍ରି.* (ଘୋଡ଼ା ବା ଆରୋହୀ ସମ୍ପର୍କରେ) ତଳେ ପଡ଼ିଯିବା; ଝୁଣ୍ଟି ପଡ଼ି ଛୋଟା ହୋଇଯିବା, କାଦୁଅରେ ଲାଖିଯିବା; (ଯୋଜନା ସମ୍ପର୍କରେ) ଅସଫଳ ହେବା, (ଜାହାଜ ସମ୍ପର୍କରେ) ଜଳପୂର୍ଣ୍ଣ ହୋଇ ବୁଡ଼ିଯିବା ।

**foundling** ବି. ପରିତ୍ୟକ୍ତ ଅନାଥ ଶିଶୁ ।

**foundry** ବି. ଢଳାଇ କାରଖାନା ବା ଢଳାଇକାମ ।

**fount**[1] ବି. (font ମଧ୍ୟ) ମୁଦ୍ରଣ କାର୍ଯ୍ୟରେ ବ୍ୟବହୃତ ସମାନ ଢାଞ୍ଚା ଓ ଆକାରର ଟାଇପ୍ ସେଟ୍ ।

**fount**[2] ବି. ଉତ୍ସ; *କାବ୍ୟ.* ଝରଣା, ଝର ।

**fountain** ବି. ଝର, ଝରଣା, ପ୍ରସ୍ରବଣ; (ଉଦ୍ୟାନ ପ୍ରଭୃତି ସ୍ଥାନରେ) କୃତ୍ରିମ ଶୋଭନ ଝର; ଉତ୍ସ (ନଦୀ ଏବଂ ବୁଦ୍ଧି ସମ୍ପର୍କରେ) ।

**fountain-head** ବି. ଉତ୍ସ, ମୂଳ ।

**fountain-pen** ବି. ଝର କଲମ ।

**four** ବିଂ. ଓ ବି. ଚାରି; ଏହିସଂଖ୍ୟା (4, iv, IV.); ଚାରିଜଣିଆ ଦଳ; ଚାରିଜଣ ନୌଚାଳକ ବାହିତ ନୌକା ବା ଏହାର ମାଝି; on all fours ଗୁରୁଣ୍ଡି ଗୁରୁଣ୍ଡି (ଦୁଇହାତ ଓ ଦୁଇ ଆଣ୍ଠୁ ସାହାଯ୍ୟରେ) ।

**fourfold** ବିଂ./କ୍ରି.ବିଂ. ଚତୁର୍ଗୁଣ; ଚାରିଅଂଶ ବିଶିଷ୍ଟ, ଚତୁର୍ଦ୍ଧା ।

**four-in-hand** ବି. ଚାରିଘୋଡ଼ା ଏବଂ ଏକ ଚାଳକ-ଯୁକ୍ତ ଗାଡ଼ି ।

**four-letter word** ବି. ଚାରି ଅକ୍ଷର ବିଶିଷ୍ଟ ବା ଅଶ୍ଳୀଳ ଶବ୍ଦ ।

**four-poster** ବି. ଚାରୋଟି ଖୁଣ୍ଟରେ ଚାନ୍ଦୁଆ ଟଣା ହୋଇଥିବା ଶଯ୍ୟା ।

**four-square** ବିଂ. ଦୃଢ଼ ପ୍ରତିଷ୍ଠିତ, ଅଟଳ, ଦୃଢ଼ସଂକଳ୍ପ ।

**foursome** ବି. ଚାରିଜଣିଆ ଦଳ; ଦୁଇ ଯୁଗ୍ମ ଦଳ ମଧ୍ୟରେ ଖେଳା ଯାଉଥିବା ଗଲ୍ଫ ଖେଳ ।

**fourteen** ବିଂ./ବି. ଚଉଦ, ଏହିସଂଖ୍ୟା (14, XIV, xiv).

**fourteenth** ବି. ବିଂ. ଚତୁର୍ଦ୍ଦଶତମ ।

**fourth** ବିଂ./ବି. ଚତୁର୍ଥ, ଚତୁର୍ଥାଂଶ; କ୍ରି.ବିଂ. fourthly.

**fourth estate** ବି. ସମ୍ବାଦପତ୍ର ।

**fowl** 1. ବି. (ବ.ବ. fowls, ସମଷ୍ଟିବାଚକ fowl) କୁକୁଡ଼ା, ମାଂସ ବା ଅଣ୍ଡା ନିମନ୍ତେ ପାଳିତ କୁକୁଡ଼ା; ଖାଦ୍ୟୋପଯୋଗୀ ପକ୍ଷୀ ମାଂସ; *ପ୍ରା.ପ୍ର.* ପକ୍ଷୀ; 2. *କ୍ରି.* ପକ୍ଷୀ ଶିକାର କରିବା ।

**fox** 1. ବି. କୋକିଶିଆଳି, ଧୂର୍ତ୍ତ ଲୋକ; 2. *କ୍ରି.* ଠକିବା; ଫୁଟଫୁଟିଆ ଦାଗଦ୍ୱାରା (ପୁସ୍ତକର ପୃଷ୍ଠା) ବିରୂପ କରିବା ।

**foxglove** ବି. ବାଇଗଣୀ କିମ୍ବା ଧଳା ଫୁଲ ଯୁକ୍ତ ଏକପ୍ରକାର ଗଛ ।

**foxhole** ବି. ଗୋଳା ବର୍ଷଣରୁ ରକ୍ଷା ପାଇବା ପାଇଁ ଆଶ୍ରୟସ୍ଥଳ ସ୍ୱରୂପ ବ୍ୟବହୃତ କ୍ଷୁଦ୍ର ଗର୍ତ୍ତ ।

**foxhound** ବି. କୋକିଶିଆଳି ଶିକାରୀ କୁକୁର ।

**fox-terrier** ବି. ଟେରିଅର ଜାତିର କ୍ଷୁଦ୍ର କେଶ ବିଶିଷ୍ଟ କୁକୁର ।

**foxtrot** ବି. ମନ୍ଥର ତଥା କ୍ଷିପ୍ର ପାଦଚାଳନାଯୁକ୍ତ ଏକପ୍ରକାରର ବିଦେଶୀ ନୃତ୍ୟ; ଏହାର ସଂଗୀତ ।

**foxy** ବିଂ. କୋକିଶିଆଳି ପରି; ଧୂର୍ତ୍ତ, ଶଠ; ପିଙ୍ଗଳ ବର୍ଣ୍ଣର; *କ୍ରି.ବିଂ.* foxily; ବି. foxiness.

**foyer** ବି. ହୋଟେଲ୍ ବା ଅଭିନୟ ମଞ୍ଚର ପ୍ରବେଶ ଗୃହ ବା ଖୋଲା ସ୍ଥାନ ।

**Fr.** *ସଂକ୍ଷି.* Father, French.

**Fr** *ପ୍ର.* francium.

**fracas** ବି. (ବ.ବ. fracas, *ଆମେ.* fracases) ଗଣ୍ଡଗୋଳ, କୋଳାହଳପୂର୍ଣ୍ଣ କଳହ ।

**fraction** ବି. ଭଗ୍ନାଂଶ; ଖଣ୍ଡ, କ୍ଷୁଦ୍ର ଅଂଶ; ପରିସ୍ରବଣ ପ୍ରକ୍ରିୟା ଦ୍ୱାରା ସଂଗୃହୀତ ତରଳ ପଦାର୍ଥର ଅଂଶ; ବିଂ. fractional; *କ୍ରି.ବିଂ.* fractionally.

**fractious** ବିଂ. ରାଗୀ, ଚିଡ଼୍‌ଚିଡ଼ା, କଳହପ୍ରିୟ ।

**fracture** 1. ବି. ଭାଙ୍ଗିବା, ବିଶେ. ହାଡ଼ ଭାଙ୍ଗିବା, 2. *କ୍ରି.* ହାଡ଼ ଭାଙ୍ଗିବା ।

**fragile** ବିଂ. ଭଙ୍ଗୁର, ଦୁର୍ବଳ, କ୍ଷୀଣ, ଅଶକ୍ତ ।

**fragility** ବି. ଭଙ୍ଗପ୍ରବଣତା, କ୍ଷୀଣତା ।

**fragment** ବି. ଭଙ୍ଗା ଅଂଶ, ଭଗ୍ନାବଶେଷ, ପୁସ୍ତକର ଅସମାପ୍ତ ଅଂଶ, ଖଣ୍ଡ 2. *କ୍ରି.* ଖଣ୍ଡ ଖଣ୍ଡ କରିବା; ବିଂ. fragmental, fragmentary; ବି. fragmentation.

**fragrance** ବି. ସୁଗନ୍ଧ, ସୁରଭି ।

**fragrant** ବିଂ. ସୁବାସିତ, ସୁରଭିତ ।

**frail** ବିଂ. କ୍ଷୀଣ, ଦୁର୍ବଳ, ଭଙ୍ଗୁର ।

Digitized by srujanika@gmail.com

**frailty** ବି. ଦୁର୍ବଳତା, ଭଙ୍ଗପ୍ରବଣତା, କ୍ଷୀଣତା ।

**frame** 1. କ୍ରି. ଗଠନ କରିବା, ନିର୍ମାଣ କରିବା; (ଜଟିଳ ବିଷୟ, ଚିନ୍ତା ଆଦିକୁ) ଏକତ୍ର କରିବା, କଳ୍ପନା କରିବା; ରଚନା କରିବା; ଉପଯୋଗୀ କରିବା; ଛବି ବାନ୍ଧିବା (ଫ୍ରେମ୍‌ରେ), ଫ୍ରେମ୍ ସ୍ୱରୂପ କାମ କରିବା; ମିଥ୍ୟା ପ୍ରମାଣ ବା ସାକ୍ଷ୍ୟ ଆଗତ କରିବା, ଚକ୍ରାନ୍ତ କରିବା; 2. ବି. ଛବି, ଝରକା, ଦ୍ୱାର ପ୍ରଭୃତିର ଆଧାର; ମଣିଷ ବା ପଶୁ ଶରୀର; ଆକୃତି; ଅଟ୍ଟାଳିକାର ବାହ୍ୟ ରୂପରେଖ; ମଟର, ଉଡ଼ାଜାହାଜ, ସାଇକେଲ୍ ଇତ୍ୟାଦିର ଆଧାରକ; ଚଷମା ଫ୍ରେମ୍; ସମାଜର ପ୍ରତିଷ୍ଠିତ ବ୍ୟବସ୍ଥା; ମାନସିକ ଗଢ଼ଣ; ନିର୍ମାଣ କାର୍ଯ୍ୟ, ସାମୟିକ ଅବସ୍ଥା, ଚଳଚ୍ଚିତ୍ର ବା ଦୂରଦର୍ଶନରୁ ପ୍ରସାରିତ ଏକ ବା ଏକାଧିକ ଚଳଚ୍ଚିତ୍ର ଛବି; କାଚନିର୍ମିତ ବାକ୍ସ (ଉଦ୍ଭିଦଇତ୍ୟାଦି ପାଇଁ).

**frame of reference** ବି. ବ୍ୟବହାର, ଆଚରଣ, ଚିନ୍ତା, ଆଦିର ନିୟାମକ ବା ନୀତି ସମୂହ ।

**frame–up** ବି. କ.ଭା. ନିର୍ଦ୍ଦୋଷ ବ୍ୟକ୍ତିକୁ ଦୋଷୀ ପ୍ରମାଣିତ କରିବା ନିମନ୍ତେ ଚକ୍ରାନ୍ତ ।

**framework** ବି. ମୂଳ ଆଧାର, ଆଧାରକ, ଗଠନ ।

**franc** ବି. ଫ୍ରାନ୍‌ସ୍, ବେଲ୍‌ଜିୟମ୍, ସୁଇଜରଲାଣ୍ଡ ପ୍ରଭୃତି ଦେଶୀୟ ମୁଦ୍ରାର ଏକକ ।

**franchise** ବି. ବ୍ୟବସ୍ଥାପକ ସଭା ବା ସଂସଦ ନିମନ୍ତେ ସଭ୍ୟ ନିର୍ବାଚନ ଅଧିକାର, ଭୋଟ ଅଧିକାର; ନାଗରିକ ଅଧିକାର; ନିର୍ଦ୍ଦିଷ୍ଟ କ୍ଷେତ୍ରରେ କମ୍ପାନୀ ଦ୍ୱାରା ମାଲ ବିକ୍ରୟ ନିମନ୍ତେ ଦିଆଯାଇଥିବା ଅଧିକାର ।

**Franciscan** ବିଂ. ସେଣ୍ଟ୍ ଫ୍ରାନ୍ସିସ୍ ନାମକ ଖ୍ରୀଷ୍ଟୀୟ ମହାପୁରୁଷଙ୍କର ମତାବଲମ୍ବୀ ।

**francium** ବି. ତେଜସ୍କ୍ରିୟ ଧାତୁ ଉପାଦାନ ବିଶେଷ ।

**Franco–** ଉ.ପ. ଫରାସୀ ସହ, ଉଦା. Franco–German.

***franglais*** ବି. ଇଂରାଜୀରୁ ଗୃହୀତ ଅନେକ ଶବ୍ଦ, ରୂଢ଼ି, ପଦାଂଶ ବ୍ୟବହୃତ ହେଉଥିବା ମିଶ୍ରିତ ଫରାସୀ ଭାଷା (ଉପଭାଷା) । *(ଫ.)*

**frank** 1. ବିଂ. ସ୍ପଷ୍ଟବାଦୀ, ଅକପଟ, ଅମାୟିକ; 2. କ୍ରି. ଡାକଖର୍ଚ୍ଚ ପ୍ରାପ୍ତି ସୂଚକ ଚିହ୍ନ ବା ମୋହର ଲଗାଇବା; କ୍ରି.ବିଂ. frankly; ବି. frankness.

**Frankenstein** ବି. Frankenstein's monster ନିଜ ସ୍ରଷ୍ଟାର ଭିତି ସଞ୍ଚାରକାରୀ ବସ୍ତୁ (ମେରି ଶେଲୀ ରଚିତ *Frankenstein* ଉପନ୍ୟାସର ଚରିତ୍ର ଅନୁଯାୟୀ) ।

**frankincense** ବି. ଲୋବାନି ଗୁଗୁଳ, ଝୁଣା ।

**franklin** ବି. ପ୍ରାଚୀନ ଇଂଲଣ୍ଡର ଭୂମ୍ୟଧିକାରୀ ।

**frantic** ବିଂ. ଉନ୍ମତ୍ତ, କ୍ଷିପ୍ତ, କ୍ରୋଧାନ୍ଧ; ଆନନ୍ଦ, ଦୁଃଖ, ବା ଯନ୍ତ୍ରଣାରେ ଅଧୀର ବା ବାହ୍ୟଜ୍ଞାନଶୂନ୍ୟ; ବ୍ୟଗ୍ର, ବ୍ୟାକୁଳ; କ.ଭା. ଅତ୍ୟନ୍ତ; କ୍ରି.ବିଂ. frantically.

**fraternal** ବିଂ. ଭ୍ରାତୃସମ୍ବନ୍ଧୀୟ, ଭ୍ରାତୃତୁଲ୍ୟ; କ୍ରି.ବିଂ. fraternally.

**fraternity** ବି. ଭ୍ରାତୃତ୍ୱ, ଭ୍ରାତୃଭାବ; ଧର୍ମ ସମ୍ପ୍ରଦାୟ ବା ମଣ୍ଡଳୀ; ସମବିଶ୍ୱାସ ରୀତିନୀତି ଓ ଲକ୍ଷ୍ୟ ଥିବା ଦଳ; *ଆମେ.* ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ଛାତ୍ରସଂଘ ।

**fraternize** କ୍ରି. ମିଳିମିଶି ଚଳିବା, ବନ୍ଧୁତ୍ୱ କରିବା; ମିତ୍ରତା ସ୍ଥାପନ କରିବା; ବି. fraternization.

**fratricide** ବି. ଭ୍ରାତୃ ବା ଭଗିନୀହତ୍ୟା; ଉକ୍ତ ହତ୍ୟାକାରୀ; ବିଂ. fratricidal.

**Frau** ବି. (ବ.ବ. Frauen) ଜର୍ମାନଭାଷୀ ବିବାହିତା ମହିଳା ବା ବିଧବାର ଉପାଧି (= Mrs).

**fraud** ବି. ଦୋଷାବହ ପ୍ରତାରଣା; ଠକାମି, ଛଳନା, ଚାତୁରୀ; ଶଠ, ପ୍ରବଞ୍ଚକ ।

**fraudulent** ବିଂ. ପ୍ରତାରଣାପୂର୍ଣ୍ଣ, ଠକାମି ଦୋଷଯୁକ୍ତ; ବି. fraudulence.

**fraught** ବିଂ. ପୂର୍ଣ୍ଣ, ଯୁକ୍ତ, ଭାରାକ୍ରାନ୍ତ (ଦୁଃଖ ଓ ବିପଦ ପ୍ରଭୃତି) ଉତ୍ପାଦକ ।

**Fraulein** ବି. ଜର୍ମାନଭାଷୀ କୁମାରୀ ବା ଅବିବାହିତା ନାରୀର ଉପାଧି (=Miss).

**fray**1. କ୍ରି. ଘର୍ଷଣ ଦ୍ୱାରା କ୍ଷୟ କରିବା, କ୍ଷୟ ହେବା ।

**fray**2. ବି. ସଂଘର୍ଷ, ବାଡ଼ିଆପିଟା, ବିବାଦ, ମରାମରି ।

**frazzle** ବି. ଜୀର୍ଣ୍ଣ ବା ଅବକ୍ଷୟିତ ଅବସ୍ଥା ।

**freak** 1. ବି. ଖିଆଲ, ଝୁଙ୍କ; ଅସ୍ୱାଭାବିକ ବ୍ୟକ୍ତି ବା ବସ୍ତୁ; ଅଦ୍ଭୁତ ବ୍ୟକ୍ତି, ଖିଆଲୀ ବା ନିଶାଗ୍ରସ୍ତ ବ୍ୟକ୍ତି; 2. କ୍ରି. ରାଗିବା ବା ରଗାଇବା; ନିଶା ସେବନ ଦ୍ୱାରା ଭ୍ରାନ୍ତି ଅଥବା ଉଦ୍ଦୀପକ ଅନୁଭୂତି ଜନ୍ମାଇବା; ଅସ୍ୱାଭାବିକ ଜୀବନ ଯାପନ କରିବା ।

Digitized by srujanika@gmail.com

**freckle** 1. ବି. ଡାଗ, ତିଳ, ଚର୍ମ ଉପରର ଦାଗ; 2. କ୍ରି. ଉକ୍ତ ପ୍ରକାରେ ଚିହ୍ନିତ କରିବା ।

**freckled** ବିଂ. ଚିତ୍‌କାବ୍‌ର, ଛଉଛଉକା ।

**free** 1. ବିଂ. ମୁକ୍ତ, ସ୍ୱାଧୀନ; ଅପ୍ରତିହତ; ବ୍ୟକ୍ତିଗତ, ସାମାଜିକ ଏବଂ ରାଜନୈତିକ ଅଧିକାର ବିଶିଷ୍ଟ; ବିଦେଶୀ ଶାସନ ବା ସ୍ୱଦେଶୀ ସ୍ୱୈରାଚାରରୁ ମୁକ୍ତ; ଅବାଧ, ଅନାବଦ୍ଧ; ନିଃଶୁଳ୍କ; ସ୍ୱତଃସ୍ଫୂର୍ତ୍ତ, ସ୍ୱଚ୍ଛନ୍ଦ; ବିନା ମୂଲ୍ୟରେ ପ୍ରଦତ୍ତ; ଅଧିକୃତ ବା ବ୍ୟବହୃତ ହେଉ ନ ଥିବା; ଅନୁମତିପ୍ରାପ୍ତ; ମୁକ୍ତହସ୍ତ, ବଦାନ୍ୟ, ସରଳ, ଅକପଟ; ସାମାନ୍ୟ ଭାବେ ଅଶାଳୀନ (ଗଳ୍ପ, ଭାଷଣରେ); ସ୍ୱଚ୍ଛନ୍ଦ; ନୀତିନିୟମକୁ କଠୋରଭାବେ ଅନୁସରଣ କରୁ ନଥିବା; ମୁକ୍ତ (ଅନୁବାଦ); ସ୍ୱେଚ୍ଛାଧୀନ, ସ୍ୱତଃପ୍ରଣୋଦିତ, ସାବଲୀଳ, ପ୍ରଚୁର, ସୁଲଭ; ଅମିଶ୍ରିତ; *ରସା* ଅସଂଲଗ୍ନ (free radical) 2. କ୍ରି.ବିଂ. ସ୍ୱାଧୀନଭାବେ, ବିନା ମୂଲ୍ୟରେ 3. କ୍ରି. ମୁକ୍ତ କରିବା, ସ୍ୱାଧୀନ କରିବା, ମୁକ୍ତି ଦେବା, ସଫା କରିବା; free and easy ଖୋଲାଖୋଲି, ଅନୌପଚାରିକ; free on board (ରେଳ ବା ଜାହାଜରେ) ବିନା ମାହାସୁଲରେ; କ୍ରି.ବିଂ. freely.

**freeboard** ବି. ଜଳସ୍ତର ତଥା ପଟାତଳ ମଝିରେ ଥିବା ଜାହାଜର ପାର୍ଶ୍ୱଦେଶର ଅଂଶ ।

**freebooter** ବି. ଜଳଦସ୍ୟୁ ।

**free-born** ବି. ସ୍ୱାଧୀନ ନାଗରିକ ଭାବରେ ଜାତ ।

**Free Church** ବି. ସରକାରୀ ନିୟନ୍ତ୍ରଣହୀନ ଭିନ୍ନ ମତାବଲମ୍ବୀ ଗୀର୍ଜା ।

**freedman** ବି. ଦାସତ୍ୱରୁ ମୁକ୍ତ ବ୍ୟକ୍ତି ।

**freedom** ବି. ସ୍ୱାଧୀନତା, ସ୍ୱାତନ୍ତ୍ର୍ୟ, ମୁକ୍ତି, ବ୍ୟକ୍ତିଗତ ବା ନାଗରିକ ସ୍ୱାଧୀନତା, ଅଧିକାର, କାର୍ଯ୍ୟ କରିବାର ସ୍ୱାଧୀନତା, ସ୍ପଷ୍ଟବାଦିତା, ରିହାତି; ବ୍ୟବହାରର ସ୍ୱାଧୀନତା (ଗୃହ ପ୍ରଭୃତିର); ଅଯଥା ବା ଅନୁଚିତ ଘନିଷ୍ଠତା; freedom of speech ମତପ୍ରକାଶର ସ୍ୱାଧୀନତା ।

**free enterprise** ବି. ସରକାରୀ ନିୟନ୍ତ୍ରଣ-ମୁକ୍ତ ସ୍ୱାଧୀନ ବ୍ୟବସାୟ ।

**free fight** ବି. ଯେଉଁ ଯୁଦ୍ଧରେ ଉପସ୍ଥିତ ସମସ୍ତେ ଭାଗ ନିଅନ୍ତି ।

**free-for-all** ବି. ସାଧାରଣଙ୍କ ପାଇଁ ମୁକ୍ତ, ଅବାଧ ଆଲୋଚନା ।

**free hand** ବି. ସ୍ୱଚ୍ଛନ୍ଦଭାବରେ କାର୍ଯ୍ୟ କରିବାର ସୁଯୋଗ; (ଚିତ୍ର ବିଦ୍ୟାରେ) କୌଣସି ଯନ୍ତ୍ରାଦିର ସାହାଯ୍ୟ ନ ନେଇ ଖାଲି ହାତରେ ଅଙ୍କନ କ୍ରିୟା ।

**free-handed** ବି. ମୁକ୍ତହସ୍ତ, ବଦାନ୍ୟ ।

**freehold** 1. ବି. ସମ୍ପୂର୍ଣ୍ଣ ଅଧିକାରରେ ଥିବା ସମ୍ପତ୍ତି ବା ଜମିବାଡ଼ି; 2. ବିଂ. ଏହି ଅଧିକାର ପ୍ରାପ୍ତ ।

**freeholder** ବି. ଭୂମ୍ୟଧିକାରୀ ।

**free house** ବି. ଯେଉଁଠି ଯେ କୌଣସି ମଦ୍ୟ ସ୍ୱଚ୍ଛନ୍ଦ ଭାବରେ ବିକ୍ରୟ କରାଯାଇଥାଏ ।

**free kick** ବି. (ଫୁଟବଲ୍ ଖେଳରେ) ପ୍ରତିଦ୍ୱନ୍ଦ୍ୱୀଠାରୁ ବାଧା ନ ପାଇ ଦଣ୍ଡ ସ୍ୱରୂପ ଯେଉଁ ଫୁଟବଲ୍ ମରାଯାଏ ।

**freelance** ବି. (frelancer ମଧ୍ୟ) ଯେଉଁ ବ୍ୟକ୍ତି କୌଣସି ସଂସ୍ଥାରେ ନିଯୁକ୍ତ ନୁହନ୍ତି; ଆତ୍ମନିଯୁକ୍ତ ।

**free love** ବି. ଅବାଧ ଦୈହିକ ପ୍ରେମ ।

**freeman** ବି. ସ୍ୱାଧୀନବ୍ୟକ୍ତି, ସ୍ୱାଧୀନ ରାଜ୍ୟର ନାଗରିକ ।

**free market** ବି. ଅନିୟନ୍ତ୍ରିତ ପ୍ରତିଯୋଗିତା-ମୂଳକ ବଜାର ।

**Freemason** ବି. ପାରସ୍ପରିକ ସାହାଯ୍ୟ, ସହାୟତା ନିମନ୍ତେ ଗଠିତ ଆନ୍ତର୍ଜାତିକ ସୌଭ୍ରାତୃ ସଂଘର ସଭ୍ୟ ।

**free port** ବି. ଅବାଧ ବାଣିଜ୍ୟ ସୁଯୋଗ ଥିବା ବନ୍ଦର, ଯେଉଁଠି ବାଣିଜ୍ୟ ଶୁଳ୍କ ଆଦାୟ ହୁଏ ନାହିଁ ।

**free-range** ବିଂ. (କୁକୁଡ଼ା ପ୍ରଭୃତି) ଖାଦ୍ୟାନ୍ୱେଷଣ ନିମନ୍ତେ ସ୍ୱାଧୀନତା ଦିଆଯାଇଥିବା ।

**free speech** ବି. ମତପ୍ରକାଶର ସ୍ୱାଧୀନତା ।

**free-spoken** ବିଂ. ସ୍ପଷ୍ଟବାଦୀ ।

**free-standing** ବିଂ. କାହାରିକୁ ଅବଲମ୍ବନ ନ କରି ଦଣ୍ଡାୟମାନ ହୋଇଥିବା ।

**freestyle** ବି. (ସନ୍ତରଣରେ) ଯେକୌଣସି ରୀତି ଅବଲମ୍ବନରେ ପହଁରା; ପ୍ରାୟ ସବୁପ୍ରକାରର 'ପକଡ' ଗ୍ରହଣୀୟ ହେଉଥିବା କୁସ୍ତି ।

**freethinker** ବି. ସ୍ୱାଧୀନଚେତା, ଯୁକ୍ତିବାଦୀ; ବିଂ. freethinking.

Digitized by srujanika@gmail.com

**free trade** ବି. ଅବାଧ ବାଣିଜ୍ୟ।

**free vote** ବି. ଦଳମତ ଉର୍ଦ୍ଧ୍ୱରେ (ସାଂସଦଙ୍କ) ଭୋଟ ଦେବାର ମୁକ୍ତ ଅଧିକାର।

**freeway** ବି. *ଆମେ.* ମୋଟର ପଥ।

**free wheel** ବି. ସାଇକେଲର ସ୍ୱଚ୍ଛନ୍ଦଗାମୀ ଚକ ପରି ଯନ୍ତ୍ରାଂଶ, ପେଡ଼ାଲକୁ ସ୍ଥିର ରଖି ସାଇକେଲ ଚଳାଇବା।

**free will** ବି. ସ୍ୱାଧୀନ ଇଚ୍ଛା; ସ୍ୱେଚ୍ଛାଧୀନ ବା ସ୍ୱେଚ୍ଛାକୃତ କାର୍ଯ୍ୟ।

**free world** ବି. *ଇତି.* ଅଣ-କମ୍ୟୁନିଷ୍ଟ ରାଷ୍ଟ୍ର ସମୂହ।

**freeze** 1. *କ୍ରି.* (froze, frozen) ଘନୀଭୂତ ହେବା, ବରଫ ପାଲଟିବା; ଶୀତରେ କଠିନ ହେବା ବା ବସିଯିବା; ଶୀତଳୀକରଣ ବ୍ୟବସ୍ଥାରେ (ଖାଦ୍ୟାଦି) ସଂରକ୍ଷଣ କରିବା; ବିସ୍ମୟ କିମ୍ବା ଭୟରେ ନିଥର ହୋଇଯିବା; (ମୂଲ୍ୟ, ମଜୁରୀ) ଗୋଟିଏ ନିର୍ଦ୍ଦିଷ୍ଟ ହାରରେ ସ୍ଥିର ରଖିବା; 2. ବି. ଘନୀଭୂତ ଅବସ୍ଥା; ଦରଦାମ୍ ସ୍ଥିରୀକରଣ; freeze on to *ସା.ପ୍ର.* ନିଜ ଅକ୍ତିଆରରେ ରଖିବା; freeze up ସମ୍ପୂର୍ଣ୍ଣ ଭାବରେ ଘନୀଭୂତ କରିବା; ବରଫ ଦ୍ୱାରା ବାଧାଦେବା।

**freezer** ବି. ଶୀତଳୀକରଣ ବ୍ୟବସ୍ଥାଦ୍ୱାରା ଖାଦ୍ୟ ସଂରକ୍ଷଣ ହୋଇ ପାରୁଥିବା ଉପକରଣ।

**freeze–up** ବି. ଅତ୍ୟନ୍ତ ଥଣ୍ଡା ସମୟ ବା ଅବସ୍ଥା।

**freezing–point** ବି. ହିମାଙ୍କ; ଯେଉଁ ତାପାଙ୍କରେ ତରଳ ପଦାର୍ଥ ଘନୀଭୂତ ହୁଏ।

**freight** 1. ବି. ଜାହାଜ, ଉଡ଼ାଜାହାଜ, ରେଳ ପ୍ରଭୃତିରେ ମାଲପ୍ରେରଣ ବ୍ୟବସ୍ଥା; ଏହିଭଳି ପଠାଯାଉଥିବା ମାଲ; ପରିବହନ ମାହାସୁଲ୍; 2. *କ୍ରି.* ଜାହାଜ ପ୍ରଭୃତିରେ ମାଲ ବୋଝାଇ କରିବା।

**freightage** ବି. ମାଲ ପରିବହନ ବା ତାହାର ଶୁଳ୍କ।

**freighter** ବି. ମାଲବୋଝାଇ ନିମନ୍ତେ ପ୍ରସ୍ତୁତ ଜାହାଜ ବା ଉଡ଼ାଜାହାଜ।

**freightliner** ବି. ମାଲ୍‌ଗାଡ଼ି (ରେଳ)।

**French** 1. ବିଂ. ଫ୍ରାନ୍‌ସ୍ ଦେଶୀୟ ବା ଭାଷା ସମ୍ବନ୍ଧୀୟ, ଫରାସୀ ବୈଶିଷ୍ଟ୍ୟ ଥିବା; 2. ବି. ଫରାସୀ ଭାଷା; 3. the French ଫରାସୀଲୋକ।

**French bean** ବି. ଫରାସୀ ବିନ୍।

**French bread** ବି. ଏକଜାତୀୟ ଲମ୍ବା ରୁଟି।

**French Canadian** ବି. କାନାଡ଼ାର ଫରାସୀ ଭାଷାଭାଷୀ ଲୋକ।

**French chalk** ବି. ଚିହ୍ନ ଦେବା ନିମନ୍ତେ ବ୍ୟବହୃତ ଚିକ୍କଣ ପାଉଡ଼ର।

**French dressing** ବି. ଭିନିଗାର, ତେଲ ପ୍ରଭୃତି ଦ୍ୱାରା ସାଲାଡ୍ ପ୍ରସ୍ତୁତିର କଳା।

**French horn** ବି. ପିତ୍ତଳ ନିର୍ମିତ କୁଣ୍ଡଳିତ ତୂରୀ।

**Frenchify** *କ୍ରି.* ଆଚାର ବ୍ୟବହାର, ଆକାର ପ୍ରକାର ପ୍ରଭୃତିରେ ଫରାସୀ ଢଙ୍ଗ ଅନୁକରଣ କରିବା।

**French leave** ବି. ବିନା ଅନୁମତିରେ ଅନୁପସ୍ଥିତି।

**French polish** ବି. କାଠରେ ଦିଆଯାଉଥିବା ଏକପ୍ରକାରର ଦ୍ରବଣ।

**French window** ବି. ବାହାର କାଚର ଚକ୍‌ଚକିଆ ଦରଜା।

**Frenchman** ବି. ଜନ୍ମ ବା ଜାତୀୟତା ସୂତ୍ରରେ ଫରାସୀ; ଫ୍ରାନ୍‌ସ୍ ଦେଶର ଲୋକ।

**frenetic** ବିଂ. ଧର୍ମାନ୍ଧ, ଉନ୍ମତ୍ତ; *କ୍ରି.ବିଂ.* frenetically.

**frenzy** 1. ବି. ପ୍ରବଳ ଉତ୍ତେଜନା, ପ୍ରଳାପଯୁକ୍ତ ଉନ୍ମାଦ ଅବସ୍ଥା; 2. *କ୍ରି.* ଉନ୍ମତ୍ତ କରିବା।

**frequency** ବି. ବାରମ୍ବାର ସଂଘଟନ; *ପଦାର୍ଥ* ଆବୃତ୍ତି; ପୁନଃପୌନିକ ସଂଘଟନର ହାର; frequency modulation ବାହକ–ତରଙ୍ଗର ଆବୃତ୍ତିର ବିଭିନ୍ନତା।

**frequent** 1. ବିଂ. ବାରମ୍ବାର ସଂଘଟିତ, ପୁନଃପୌନିକ; ଅଭ୍ୟସ୍ତ, ନିତ୍ୟ 2. *କ୍ରି.* ସର୍ବଦା ଯିବା ଆସିବା କରିବା।

**fresco** ବି. କାନ୍ଥ ବା ତଳ ଛାତରେ ଜଳରଙ୍ଗରେ କରାଯାଇଥିବା ଚିତ୍ର।

**fresh** 1. ବିଂ. ତଟକା, ତାଜା, ନୂତନ, ନବଜାତ; ସଦ୍ୟ, ପୂର୍ବରୁ ଅଜ୍ଞାତ ବା ଅବ୍ୟବହୃତ; ବିଳମ୍ବରେ ପହଞ୍ଚିଥିବା; (ଖାଦ୍ୟ ସମ୍ପର୍କରେ) କୃତ୍ରିମ ଉପାୟରେ ସଂରକ୍ଷିତ ହୋଇ ନଥିବା; ତଟକା; (ଜଳ ସମ୍ପର୍କରେ) ମଧୁର, ଯାହା ଲବଣାକ୍ତ ନୁହେଁ; ଶୁଦ୍ଧ, ପରିଷ୍କୃତ (ବାୟୁ); *କ.ଭା.* ସୁଖପ୍ରଦ, ସରସ; 2. *କ୍ରି.ବିଂ.* ସଦ୍ୟ, ସୁସ୍ଥ, କ୍ଳାନ୍ତିରହିତ।

**freshen** *କ୍ରି.* ସତେଜ କରିବା ବା ହେବା।

Digitized by srujanika@gmail.com

**fresher** ବି. ନବାଗତ; ଅନଭିଜ୍ଞ ବ୍ୟକ୍ତି ।

**freshet** ବି. ସମୁଦ୍ରଗାମୀ ମଧୁର ଜଳଧାରା; ବନ୍ୟାର ଜଳସ୍ରୋତ ।

**freshman** ବି. ମହାବିଦ୍ୟାଳୟର ବା ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଛାତ୍ର ।

**freshwater** ବିଂ. ମଧୁର–ଜଳ; (ମତ୍ସ୍ୟାଦି ସମ୍ପର୍କରେ) ଯାହା ସାମୁଦ୍ରିକ ନୁହେଁ ।

**fret**[1] 1. କ୍ରି. ବ୍ୟସ୍ତ ହେବା ବା କରିବା, ବିକ୍ଷୁବ୍ଧ ହେବା ବା କରିବା; ଚିଡ଼ାଇବା ବା ଚିଡ଼ିବା; ଘର୍ଷଣ ଦ୍ୱାରା କ୍ଷୟ କରିବା; 2. ବି. ବ୍ୟସ୍ତତା, ବିରକ୍ତି; fret and fever ସାଂସାରିକ କ୍ଳେଶ ଓ ତାପ; fret and fume, କ୍ରୋଧ ପ୍ରକାଶ କରିବା ।

**fret**[2] 1. ବି. ଏକପ୍ରକାର ସୂଚୀକାମ ବା କାରୁକାର୍ଯ୍ୟ; 2. କ୍ରି. କାରୁକାର୍ଯ୍ୟ ବା ନକ୍ସା କାମରେ ଶୋଭିତ କରିବା ।

**fret**[3] ବି. ଗୀଟାର୍‌ରେ ଅଙ୍ଗୁଳିଚାଳନ ନିମନ୍ତେ ଥିବା ଅଙ୍ଗୁଳି–ପଟା ଉପରିସ୍ଥ ଉଚ୍ଚ କାଠ ପାଡିଆ ।

**fretful** ବିଂ. ଚିଡ଼ା, ବିକ୍ଷୁବ୍ଧ; ସଦା ଅଭିଯୋଗକାରୀ ।

**fretsaw** ବି. ଫ୍ରେମ୍‌ରେ ବନ୍ଧା ଯାଇଥିବା ସରୁ କରତ ଫଳା (ଏହାଦ୍ୱାରା କାଠରେ କାମ କରାଯାଏ) ।

**fretwork** ବି. ସରୁ କରତଦ୍ୱାରା କାଠ ଉପରେ କଟାଯାଇଥିବା କାରୁକାର୍ଯ୍ୟ ।

**Freudian** *ମନ* 1. ବିଂ. ଫ୍ରଏଡ୍ ସମ୍ବନ୍ଧୀୟ ବା ତାଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ସମ୍ପର୍କୀୟ; 2. ବି. ଫ୍ରଏଡ୍‌ଙ୍କ ମତାବଲମ୍ବୀ; 3. Freudian slip ଅନିଚ୍ଛାକୃତ ତ୍ରୁଟି, ଯାହା ଅବଚେତନ ମନକୁ ଉଦ୍‌ଘାଟିତ କରେ ।

**friable** ବିଂ. ଚୂର୍ଣ୍ଣନୀୟ; ଯାହା ଅନାୟାସରେ ଚୂନା ହୋଇଯାଏ; ବି. friability.

**friar** ବି. ରୋମାନ୍ କେଥ୍‌ଲିକ୍ ସମ୍ପ୍ରଦାୟର ସନ୍ୟାସୀ ।

**friar's balsam** ବି. କ୍ଷତ ଆରୋଗ୍ୟ ନିମନ୍ତେ ପ୍ରସ୍ତୁତ ଟିଂକ୍‌ଚର ବେନ୍‌ଜିନ ।

**friary** ବି. ଖ୍ରୀଷ୍ଟୀୟ ସନ୍ନ୍ୟାସୀ ମାନଙ୍କର ମଠ ।

**fricassee** 1. ବି. ମାଂସର କାଲିଆ 2. କ୍ରି. ମାଂସ କାଲିଆ ପ୍ରସ୍ତୁତ କରିବା ।

**fricative** 1. ବିଂ. (ଉଚ୍ଚାରଣ ସଂପର୍କରେ) ଶ୍ୱାସ ସଂଘର୍ଷୀ (f, th ଇତ୍ୟାଦି); 2. ବି. ଶ୍ୱାସସଂଘର୍ଷ–ସୃଷ୍ଟ ବ୍ୟଞ୍ଜନ ବର୍ଣ୍ଣ ।

**friction** ବି. ଘର୍ଷଣ, ସଂଘର୍ଷଣ; ମନାନ୍ତର, ମତାନ୍ତର; ବିଂ. frictional.

**Friday** 1. ବି. ଶୁକ୍ରବାର; 2. କ୍ରି.ବିଂ. ଶୁକ୍ରବାରରେ; 3. Fridays ଶୁକ୍ରବାରରେ, ପ୍ରତିଶୁକ୍ରବାର ଦିନ, girl (man) Friday ସହାୟକ ବା ସେବକ; Good Friday ଖ୍ରୀଷ୍ଟଙ୍କର କ୍ରୁଶରେ ପ୍ରାଣବିସର୍ଜନର ବାର୍ଷିକୀ, ଶୁଭ ଶୁକ୍ରବାର ।

**friend** ବି. ବନ୍ଧୁ, ମିତ୍ର, ସଖା; ସମ୍ବେଦନଶୀଳ ବା ସହାୟକ ବସ୍ତୁ ବା ଗୁଣ; ପୃଷ୍ଠପୋଷକ; ପରିଚିତ ବ୍ୟକ୍ତି, ଯେ ଶତ୍ରୁ ନୁହନ୍ତି; ଯେ ନିୟମିତ କୌଣସି ଅନୁଷ୍ଠାନକୁ ଅର୍ଥାଦି ସାହାଯ୍ୟ କରନ୍ତି ।

**Friend** ବି. *ଖ୍ରୀ.* କ୍ୱେକର ସଂପ୍ରଦାୟର ସଦସ୍ୟ ।

**friendly** 1. ବିଂ. ବନ୍ଧୁଭାବାପନ୍ନ, ବନ୍ଧୁଜନୋଚିତ; ସଦୟ, ଅନୁକୂଳ, ପ୍ରସନ୍ନ; 2. କ୍ରି.ବିଂ. ବନ୍ଧୁଜନୋଚିତ ଭାବେ; friendly match ବନ୍ଧୁତ୍ୱପୂର୍ଣ୍ଣ କ୍ରୀଡ଼ା (ମନୋରଂଜନ ନିମନ୍ତେ ଆୟୋଜିତ); ବି. friendliness.

**Friendly Society** ବି. ଅସୁସ୍ଥତା ନିମନ୍ତେ, ବୀମା କରାଇବା ଲକ୍ଷ୍ୟରେ ସ୍ଥାପିତ ଅନୁଷ୍ଠାନ ।

**friendship** ବି. ବନ୍ଧୁତା, ମିତ୍ରତା ।

**frier** ବି.ଦ୍ର. fryer.

**Friesian** ବି. କଳା–ଧଳାରଙ୍ଗର ବିଶାଳକାୟ ଦୁଗ୍ଧବତୀ ଗାଈ ବିଶେଷ ।

**frieze** ବି. ଅଟ୍ଟାଳିକାର ସ୍ତମ୍ଭୋପରି କାର୍ଣ୍ଣିସ୍ ତଳେଥିବା କାରୁକାର୍ଯ୍ୟ ମଣ୍ଡିତ ଅଂଶ ।

**frigate** ବି. *ଇତି.* ପ୍ରାଚୀନ ଯୁଦ୍ଧଜାହାଜ; ସାହାଯ୍ୟକାରୀ (ଛୋଟ) ଜାହାଜ ।

**fright** ବି. ଆକସ୍ମିକ ଭୟ; ଆତଙ୍କ, ତ୍ରାସ; କିମ୍ଭୂତକିମାକାର ଦର୍ଶନ ବ୍ୟକ୍ତି ବା ବସ୍ତୁ ।

**frighten** କ୍ରି. ଭୀତ କରାଇବା, ଭୀତତ୍ରସ୍ତ କରାଇ ତଡ଼ିଦେବା ।

**frightful** ବିଂ. ଭୀଷଣ, ଭୟଙ୍କର, ବିକଟ, କୁତ୍ସିତ, ଅତ୍ୟନ୍ତ କଦର୍ଯ୍ୟ; କ୍ରି.ବିଂ. frightfully.

**frigid** ବିଂ. ବନ୍ଧୁତା ବା ଉତ୍ସାହର ଅଭାବ; ନୀରସ ।

**frigidity** ବି. ଉତ୍ସାହ ହୀନତା, ଅନୁରାଗ ହୀନତା, (ନାରୀ ସଂପର୍କରେ) କାମାନୁରାଗ ପ୍ରତି ଉଦାସୀନ; (ଜଳବାୟୁ ସଂପର୍କରେ) ଅତିଶୀତଳ ।

**frill** 1. ବି. ଲୁଗା କୁଞ୍ଚ; ଝାଲର; ପର ବା ଲୋମର ଝାଲର; ବ.ବ. ଅଦରକାରୀ ସାଜସଜ୍ଜା; 2. କ୍ରି. ଝାଲର ଦ୍ୱାରା ସଜାଇବା; ବିଂ. frilly; ବି. frilling.

Digitized by srujanika@gmail.com

**fringe** 1. ବି. ଲୁଗାର ଧଡ଼ି ବା ପାଢ଼ି, ଚାଦରର ପ୍ରାନ୍ତ; କପାଳ ଉପରେ ପଡ଼ିଥିବା ସମ୍ମୁଖସ୍ଥ କେଶ ଗୁଚ୍ଛ; ପ୍ରାନ୍ତ, ଶେଷଭାଗ; 2. କ୍ରି. ଧଡ଼ି ଦ୍ୱାରା ସୁଶୋଭିତ କରିବା।

**fringe benefit** ବି. ଚାକିରିଆମାନଙ୍କୁ ଦିଆଯାଇଥିବା ବେତନ ଅତିରିକ୍ତ ସୁବିଧା ସୁଯୋଗ।

**frippery** ବି. ଆଡ଼ମ୍ବରପୂର୍ଣ୍ଣ ବେଶଭୂଷା ବା ଅଳଙ୍କାର; ଭାଷା ବା ରଚନା ଶୈଳୀରେ ବୃଥା ଆଡ଼ମ୍ବର ପ୍ରଦର୍ଶନ।

**Frisian** 1. ବିଂ. ଫ୍ରିଜ୍‌ଲେଣ୍ଡ ସମ୍ପର୍କିତ; 2. ବି. ଫ୍ରିଜ୍‌ଲେଣ୍ଡର ଭାଷା ବା ଅଧିବାସୀ।

**frisk** 1. କ୍ରି. ଆନନ୍ଦରେ ଡେଇଁବା, କୁଦିବା; ଅସ୍ତ୍ର ନିମନ୍ତେ କାହାକୁ ଅନୁସନ୍ଧାନ କରିବା; 2. ବି. ଆନନ୍ଦପୂର୍ଣ୍ଣ ଉଲ୍ଲମ୍ଫନ; (ବ୍ୟକ୍ତି ସମ୍ପର୍କରେ) ଅନୁସନ୍ଧାନ।

**frisky** ବିଂ. ସଜୀବ, ଉତ୍‌ଫୁଲ୍ଲ, କ୍ରୀଡ଼ାଚପଳ; କ୍ରି.ବିଂ. friskily.

***frisson*** ବି. ଆବେଗଭରା ଉତ୍ତେଜନା। *(ଫ.)*

**fritter**[1] କ୍ରି. ବୃଥାରେ (ସମୟ, ଶକ୍ତି, ଅର୍ଥ ପ୍ରଭୃତି) ଅପଚୟ କରିବା।

**fritter**[2] ବି. ଲହୁଣୀ ବୋଳା ଫଳ ଓ ମାଂସର ଭଜା ବିଶେଷ।

**frivolous** ବିଂ. (ବ୍ୟକ୍ତି ସମ୍ପର୍କରେ) ଲଘୁଚିତ୍ତ, ଚପଳ, ନିର୍ବୋଧ; (ବସ୍ତୁ ସମ୍ପର୍କରେ) ସାମାନ୍ୟ, ତୁଚ୍ଛ, ଅକିଞ୍ଚିତ୍‌କର; ବି. frivolity.

**frizz** 1. କ୍ରି. (କେଶକୁ) କୁଂଚକୁଚିଆ କରିବା, କୁଞ୍ଚିତ କରିବା; 2. ବି. କୁଞ୍ଚିତକେଶ।

**frizzle**[1] କ୍ରି. ଚଡ଼ଚଡ଼ ଶବ୍ଦ କରି ରାନ୍ଧିବା ବା ଭାଜିବା।

**frizzle**[2] 1. କ୍ରି. (କେଶ) କୁଞ୍ଚିତ କରିବା; 2. ବି. କୁଞ୍ଚିତ କେଶ, ଚୂର୍ଣ୍ଣ କୁନ୍ତଳ।

**frizzly** ବିଂ. (frizzy ମଧ୍ୟ) କୁଞ୍ଚିତ।

**fro** କ୍ରି.ବିଂ. ପଶ୍ଚାତ୍; to and fro ଆଗକୁ ପଛକୁ, ଏପାଖ ସେପାଖ, ଇତସ୍ତତଃ।

**frock** 1. ବି. ନାରୀ, ଶିଶୁ ବା ସନ୍ନ୍ୟାସୀ ମାନଙ୍କର ଢିଲାଜାମା; 2. କ୍ରି. ଯାଜକୀୟ ପଦରେ ପ୍ରତିଷ୍ଠିତ କରିବା।

**frock-coat** ବି. ପୁରୁଷଙ୍କର ଲମ୍ବା କୋଟ୍; ସାମରିକ କର୍ମଚାରୀମାନଙ୍କର ଏହି ଧରଣର କୋଟ।

**frog**[1] ବି. ବେଙ୍ଗ, ଭେକ; *ସା.ପ୍ର. ଅବ.* ଫରାସୀ ବ୍ୟକ୍ତି; frog in one's throat *କ.ଭା.* କର୍କଶତା, ନିଷ୍ଠୁରତା।

**frog**[2] ବି. ଘୋଡ଼ାର ତଳିପାରେ ଥିବା ସ୍ଥିତିସ୍ଥାପକ ଶୃଙ୍ଗମୟ ପଦାର୍ଥ।

**frog**[3] ବି. କୋଟ୍‌ର ଆଳଙ୍କାରିକ ବୋତାମ।

**frogman** ବି. ରବର ପୋଷାକ ଓ ହସ୍ତପଦ ପାଇଁ ରବର ଚଟୁଆ ପରିହିତ ବୁଡ଼ାଳି; ଗଭୀର ଜଳ ଭିତରେ ପହଁରି ପାରୁଥିବା ଡୁବୁରୀ।

**frogmarch** କ୍ରି. ଗୋଟିଏ ଲୋକକୁ ତଳମୁହାଁ ଝୁଲାଇ ଚାରିଜଣ ବୋହିନେବା; ହାତଗୋଡ଼ ଜାକି ବେଙ୍ଗପରି ଡେଇଁ ଡେଇଁ ଯିବା; ଚାରିଜଣ ଲୋକ ପ୍ରତ୍ୟେକ ଗୋଟିଏ ଅଙ୍ଗଧରି ଜଣକୁ ବେଙ୍ଗ ପରି ଟେକି ନେବା।

**frolic** 1. ବି. ରଙ୍ଗରସ, କ୍ରୀଡ଼ାକୌତୁକ, ଆମୋଦ ପ୍ରମୋଦ; 2. କ୍ରି. ଏହିପରି କରିବା।

**frolicsome** ବିଂ. କୌତୁକପ୍ରିୟ, ରଙ୍ଗରସପ୍ରିୟ, ସଦା ପ୍ରଫୁଲ୍ଲ।

**from** *ଅ.* (ବ୍ୟକ୍ତି, ସ୍ଥାନ, ସମୟ, ଉତ୍ସ ପୂର୍ବରେ ବ୍ୟବହୃତ) ରୁ, ଠାରୁ; (କାରଣ, ଉଦ୍ଦେଶ୍ୟ ପୂର୍ବରେ ବ୍ୟବହୃତ). ବଶତଃ, ହେତୁ; (ସୀମା ବା ପରିମାଣର ତଳରାଶି ପୂର୍ବରେ) ଠାରୁ, ରୁ (ଉଦା. ୧୦ରୁ ୨୦ ପର୍ଯ୍ୟନ୍ତ); (ବିଚ୍ଛିନ୍ନତା ସୂଚକ) *ଉଦା.* ଧଳାରୁ କଳା ପୃଥକ କର; from time to time ମଧ୍ୟେ ମଧ୍ୟେ।

**frond** ବି. ତାଳ ବା ଫର୍ଣ୍ଣ ବୃକ୍ଷର ପତ୍ରଭଳି ଅଂଶ।

**front** 1. ବି. ଦର୍ଶକର ସମ୍ମୁଖବର୍ତ୍ତୀ ଅଂଶ ବା ଦିଗ; ସମ୍ମୁଖ; ଅଟ୍ଟାଳିକାର ସମ୍ମୁଖଭାଗ; ସୈନ୍ୟବାହିନୀର ସମ୍ମୁଖଭାଗ, ଯୁଦ୍ଧକ୍ଷେତ୍ର; ଆକୃତି, ମୁଖ୍ୟ ଆଚରଣ; ଛଳନା, ପ୍ରତାରଣା; ରଙ୍ଗ ମଂଚର ପ୍ରେକ୍ଷାଳୟ; 2. ବିଂ. ସମ୍ମୁଖଭାଗର, ସମ୍ମୁଖରେ ଅବସ୍ଥିତ; 3. କ୍ରି. ସମ୍ମୁଖସ୍ଥ କରାଇବା, ଆଗରେ ରହିବା; in front ଆଗୁଆ; ସମ୍ମୁଖରେ, ଆଗରେ; in front of ସମ୍ମୁଖରେ।

**frontage** ବି. ଗୃହ କିମ୍ବା ଅଟ୍ଟାଳିକାର ସମ୍ମୁଖଭାଗ; ନଦୀ କିମ୍ବା ରାସ୍ତା ଉପରେ ଥିବା ଜମି; ଅଟ୍ଟାଳିକା ସମ୍ମୁଖସ୍ଥ ଜମି; ଦୃଷ୍ଟିକୋଣ।

**frontal** ବିଂ. ସମ୍ମୁଖରେ ବା ସମ୍ମୁଖର (frontal attack); ଦର୍ଶକ ଦୃଷ୍ଟିରୁ ସମ୍ମୁଖସ୍ଥ (frontal view).

Digitized by srujanika@gmail.com

**front–bencher** ବି. ଲୋକସଭାରେ ସରକାରୀ ବା ବେସରକାରୀ ଦଳର ସକ୍ରିୟ ସଭ୍ୟ ।

**frontier** ବି. ସୀମାନ୍ତ ପ୍ରଦେଶ, ଉଭୟ ପ୍ରାନ୍ତର ସୀମାନ୍ତ ନିକଟବର୍ତ୍ତୀ ଜିଲ୍ଲା; ଆବୃତ ସ୍ଥାନର ପରିସୀମା ।

**frontispiece** ବି. ପୁସ୍ତକର ପ୍ରଥମପତ୍ରର ଚିତ୍ର, ପୁରଶ୍ଚିତ୍ର ।

**front runner** ବି. ଜିଣିବାର ସମ୍ଭାବନା ବିଶିଷ୍ଟ ପ୍ରତିଯୋଗୀ ।

**frost** 1. ବି. ନୀହାର, ତୁଷାର, ଘନୀଭୂତ ଶିଶିର; 2. କ୍ରି. ତୁଷାର ଦ୍ୱାରା ଆବୃତ କରିବା, ତୁଷାରଦ୍ୱାରା (ବୃକ୍ଷଲତାଦି) ନଷ୍ଟ ହେବା; (କାଚକୁ) ଅସ୍ୱଚ୍ଛକରିବା; frost over ତୁଷାରାବୃତ ହେବା ।

**frostbite** ବି. ତୁଷାର କ୍ଷତ; ବିଂ. frostbitten.

**frosting** ବି. କେକ୍ ଉପରେ ଶୀତଳୀକୃତ ସୂକ୍ଷ୍ମ ଶର୍କରା ପ୍ରୟୋଗ ।

**frosty** ବିଂ. ଅତିଶୟ ଶୀତଳ; ତୁଷାରାଚ୍ଛାଦିତ; ଅନୁରାଗଶୂନ୍ୟ ।

**froth** 1. ବି. ଫେଣ; ନିରର୍ଥକ ବାଗାଡ଼ମ୍ବର; 2. କ୍ରି. ଫେଣ ବାହାର କରିବା ବା କରାଇବା; ବିଂ. frothy.

**froward** ବିଂ. *ପ୍ରା.ପ୍ର.* ଅବାଧ, ଅବିନୀତ ।

**frown** 1. କ୍ରି. ଭ୍ରୂକୁଟି ବା ଭ୍ରୂକୁଞ୍ଚନ କରିବା; କ୍ରୋଧବ୍ୟଞ୍ଜକ ଦୃଷ୍ଟି ନିକ୍ଷେପ କରିବା; 2. ବି. ଭ୍ରୂକୁଟି, ଲାଲ ଆଖି, କ୍ରୋଧପୂର୍ଣ୍ଣ ଚାହାଣି; frown at (on) ରାଜି ନ ହେବା ।

**frowsty** ବିଂ. ସଡ଼ାଗନ୍ଧଯୁକ୍ତ, ପର୍ଯ୍ୟୁଷିତ ।

**frowzy** ବିଂ. ଦୁର୍ଗନ୍ଧମୟ, ଫିମିମାରି ଯାଇଥିବା; ମଳିନ, ଅପରିଷ୍କାର ।

**FRS** *ସଂଶ. ଇଂ.* Fellow of the Royal Society.

**fructify** କ୍ରି. ଫଳପ୍ରସୂ କରିବା; ସଫଳ କରିବା ।

**fructose** ବି. ମହୁ, ଫଳରସ ପ୍ରଭୃତିରୁ ପ୍ରାପ୍ତ ଶର୍କରା; ମଧୁ ।

**frugal** ବିଂ. ମିତବ୍ୟୟୀ, ହିସାବୀ; ସ୍ୱଳ୍ପ, ସ୍ୱଳ୍ପମୂଲ୍ୟ, ବି. frugality; କ୍ରି.ବିଂ. frugally.

**fruit** 1. ବି. (ବ.ବ. ସମଷ୍ଟିବାଚକ fruit; ଭିନ୍ନଜାତୀୟ fruits) ଫଳ, ବୃକ୍ଷଲତାଦିର ଖାଦ୍ୟୋପଯୋଗୀ ଫଳ, କାର୍ଯ୍ୟର ଫଳ, ପରିଣାମ; ଶେଷଫଳ; 2. କ୍ରି. ଫଳପ୍ରସୂ କରାଇବା ।

**fruit cake** ବି. କିସ୍‌ମିସ ଜାତୀୟ ଫଳ ପଡ଼ିଥିବା କେକ୍ ବା ପିଠା ।

**fruiterer** ବି. ଫଳ ବ୍ୟବସାୟୀ ।

**fruitful** ବିଂ. ଫଳପ୍ରସୂ, କୃତକାର୍ଯ୍ୟ, ସଫଳ; କ୍ରି.ବିଂ. fruitfully.

**fruition** ବି. ଫଳପ୍ରାପ୍ତି; ସିଦ୍ଧି, ଆଶା ଆକାଙ୍କ୍ଷାର ପରିପୂର୍ଣ୍ଣତା ।

**fruitless** ବିଂ. ନିଷ୍ଫଳ, ଅକୃତକାର୍ଯ୍ୟ, ଅକାମୀ ।

**fruit machine** ବି. ପଇସା ଦ୍ୱାରା ଚାଲୁଥିବା ଜୁଆଖେଳାଯନ୍ତ୍ର ।

**fruit sugar** ବି. ଫଳରସର ଶର୍କରା ।

**fruity** ବିଂ. ଫଳ ସମ୍ପର୍କୀୟ; (ସ୍ୱାଦ ଓ ଗନ୍ଧରେ) ଫଳସଦୃଶ; (ସ୍ୱରରେ) ଧୀର ଗମ୍ଭୀର; ଶସ୍ତା ହାସ୍ୟରସପୂର୍ଣ୍ଣ ।

**frump** ବି. ଅନାକର୍ଷଣୀୟା ସ୍ତ୍ରୀ ।

**frustrate** କ୍ରି. ବିଫଳ କରିବା, ସଫଳତାରୁ ବଂଚିତ କରିବା, ହତାଶ ହେବା ବା କରିବା, ପ୍ରତ୍ୟାଶିତ ଫଳ ନ ପାଇ ବ୍ୟର୍ଥ ମନୋରଥ ହେବା; ବି. frustration.

**frustum** ବି. (ବ.ବ. frusta) *ଜ୍ୟା* ସୂଚୀଘନକ୍ଷେତ୍ରରୁ ଭୂମିସହ ସମାନ୍ତରାଳ ଭାବେ ଅଗ୍ରଭାଗ କାଟି ବାଦ ଦିଆଯାଇଥିବା କ୍ଷେତ୍ର ।

**fry**[1] 1. କ୍ରି. ଭାଜିବା; 2. ବି. ଭଜାଖାଦ୍ୟ, ମାଂସ ବା ମାଛ ।

**fry**[2] ବି. ବ.ବ. ମାଛ ଜାଆଁଳ; small fry ନଗଣ୍ୟ ବ୍ୟକ୍ତି, ଶିଶୁ ।

**fryer** ବି. ଭଜାଳି, ମାଛଭଜା ତାଉଆ ।

**frying–pan** ବି. ତାବା, ପଲମ; out of the frying-pan into the fire ଅଳ୍ପ ଦୁରବସ୍ଥାରୁ ଯାଇ ଅଧିକ ଦୁରବସ୍ଥାରେ ପଡ଼ିବା ।

**fry–up** ବି. ଭଜା ମାଂସ, ଅଣ୍ଡା ପ୍ରଭୃତି ଖାଦ୍ୟ ।

**fuck** *ଗ୍ରା.ପ୍ର.* 1. କ୍ରି. ଯୌନ କ୍ରିୟା କରିବା; ଆଳସ୍ୟରେ କାଳକ୍ଷେପଣ କରିବା; 2. *ଅବ୍ୟ.* କ୍ରୋଧ ଓ ବିରକ୍ତି ସୂଚକ ଶବ୍ଦ; 3. ବି. ଯୌନକ୍ରିୟା; fuck up ଗଣ୍ଡଗୋଳ କରିଦେବା ।

**fuddle** 1. କ୍ରି. ମଦ୍ୟପାନଦ୍ୱାରା ଭ୍ରାନ୍ତ ଓ ବିଚଳିତ ହେବା, 2. ବି. ସଂଶୟାକୁଳ ଅବସ୍ଥା, ନିଶା ।

**fuddy–duddy** *ଗ୍ରା.ପ୍ର.* 1. ବିଂ. ମଉହଟୀ; 2. ବି. ମଉହଟିଆ ବା ରକ୍ଷଣଶୀଳ ବ୍ୟକ୍ତି ।

**fudge** 1. ବି. ଦୁଧ, ଚିନି ଓ ଲହୁଣୀ ପ୍ରସ୍ତୁତ ମିଠାଇ; ଠକେଇ; ବାଜେ କଥା, 2. କ୍ରି. କାମଚଳା

Digitized by srujanika@gmail.com

ବା ଅସତ୍ ଉପାୟରେ ଏକତ୍ର କରିବା; ନକଲି ଜିନିଷ ତିଆରି କରିବା।

**fuel** 1. ବି. ଜାଳେଣି, ଇନ୍ଧନ; ଆଣବିକ ଶକ୍ତି ସୃଷ୍ଟି ନିମନ୍ତେ ବ୍ୟବହୃତ ବସ୍ତୁ; ଶକ୍ତିର ଆଧାର ରୂପେ ଖାଦ୍ୟ; ଯାହା କ୍ରୋଧ ବା କାମନା ଉଦ୍ଦୀପ୍ତ କରେ; 2. କ୍ରି. ଇନ୍ଧନ ଯୋଗାଇବା; କ୍ରୋଧ ପ୍ରଜ୍ୱଳିତ କରାଇବା, ଜାଳେଣି ସଂଗ୍ରହ କରିବା।

**fuel cell** ବି. ରାସାୟନିକ କ୍ରିୟାରୁ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ କରୁଥିବା ସେଲ୍।

**fug** ବି. *କ.ଭା.* କୋଠରୀର ଶ୍ୱାସରୁଦ୍ଧକାରୀ ଅବସ୍ଥା; ବିଂ. fuggy.

**fugitive** 1. ବିଂ. ପଳାତକ, ପଳାୟନକାରୀ; କ୍ଷଣସ୍ଥାୟୀ; ବିଲୀୟମାନ; 2. ବି. ପଳାତକ (ଶତ୍ରୁଠାରୁ ବା ବିଚାରାଳୟରୁ)।

**fugue** ବି. ଏକପ୍ରକାରର ସଂଗୀତ।

**fuhrer** ବି. (ଜର୍ମାନ୍) ଅତ୍ୟାଚାରୀ ନେତା।

**–ful** *ପ.ପ୍ର.* ବି. ରୁ ବିଂ. ଗୁଣଅର୍ଥରେ (beautiful); ବିଂ. ରୁ ବିଂ. (direful); କ୍ରି. ରୁ ବିଂ. (forgetful); ବି. ରୁ ବି. ପୂର୍ଣ୍ଣ ଅର୍ଥରେ (glassful); (ବ. ବ. glassfuls).

**fulcrum** ବି. (ବ.ବ. –s ବା fulcra), ଅବଲମ୍ବନ, ଠେକ, ଠେସ; ଦଣ୍ଡଯନ୍ତ୍ରର ଅବଲମ୍ବନ ସ୍ଥଳ, ଯାହା ଉପରେ ଦଣ୍ଡଯନ୍ତ୍ର (lever) ଘୂରେ।

**fulfil** କ୍ରି. *ଆମେ.* fulfill ପୂରଣ କରିବା, ସନ୍ତୁଷ୍ଟ କରିବା, ପାଳନ କରିବା, କାର୍ଯ୍ୟରେ ପରିଣତ କରିବା, ସମ୍ପାଦନ କରିବା, ସମ୍ପୂର୍ଣ୍ଣ କରିବା; fulfil oneself ନିଜକୁ ପୂର୍ଣ୍ଣ ରୂପେ ବିକଶିତ କରାଇବା; ବି. fulfilment.

**full**[1] 1. ବିଂ. ପୂର୍ଣ୍ଣ, ପରିପୂର୍ଣ୍ଣ, ପୂରା; ପ୍ରଚୁର, ତୃପ୍ତିପ୍ରଦ; (a full meal, full details); ପ୍ରଚୁର ପରିମାଣରେ ଥିବା (full of interest, mistakes, vitality); ଚିନ୍ତାରେ ମଗ୍ନ (full of himself, of his subject); ସମ୍ପୂର୍ଣ୍ଣ ଶେଷ ସୀମାରେ ଉପନୀତ (full marks, full membership); (ସ୍ୱର ସମ୍ପର୍କରେ) ସଷ୍ଟ ଏବଂ ଗମ୍ଭୀର; ବର୍ତ୍ତୁଳ (a full figure); (ବସ୍ତ୍ରସମ୍ପର୍କରେ) ଭାଙ୍ଗ ଓ କୁଞ୍ଚଦିଆ; 2. କ୍ରି.ବିଂ. ଅତ୍ୟନ୍ତ (you know full well), ଠିକ୍, ନିର୍ଦ୍ଦିଷ୍ଟ (hit him full on the nose); in full ସଂକ୍ଷେପ ନ କରି, ପୂରା ଭାବରେ; in full view ସମ୍ପୂର୍ଣ୍ଣ ରୂପେ ଦୃଶ୍ୟ; to the full ପୂର୍ଣ୍ଣମାତ୍ରାରେ।

**full**[2] କ୍ରି. (ବସ୍ତ୍ର ସମ୍ପର୍କରେ) ପରିଷ୍କାର କରିବା ଓ ମଣ୍ଡଦେବା।

**full back** ବି. ଫୁଟବଲ୍ ଓ ହକି ଖେଳରେ ଗୋଲ ନିକଟ ପୃଷ୍ଠଭାଗର ଖେଳାଳି।

**full–blooded** ବିଂ. ଓଜସ୍ୱୀ, ସଦ୍‌ବଂଶଜ।

**full–blown** ବିଂ. ପୂର୍ଣ୍ଣ ରୂପେ ପ୍ରସ୍ଫୁଟିତ।

**full board** ବି. ହୋଟେଲରେ ଖାଦ୍ୟ ଓ ରହଣିର ବ୍ୟବସ୍ଥା।

**full–bodied** ବିଂ. ଗୁଣଦୃଷ୍ଟିରୁ ଶ୍ରେଷ୍ଠ।

**full brother** ବି. ସହୋଦର ଭାଇ।

**fuller** ବି. ଧୋବା; ରଜକ, fuller's earth ସାଜି ମାଟି।

**full face** ବି. ପୂରାପୂରି ଦର୍ଶକ ଆଡ଼କୁ ମୁହଁ କରିଥିବା।

**full house** ବି. ପୂର୍ଣ୍ଣ ପ୍ରେକ୍ଷାଳୟ।

**full–length** ବିଂ. ପୂର୍ଣ୍ଣାବୟବ।

**full moon** ବି. ପୂର୍ଣ୍ଣଚନ୍ଦ୍ର, ପୂର୍ଣ୍ଣିମା।

**fullness** ବି. ପୂର୍ଣ୍ଣତା।

**full–scale** ବିଂ. ପୂର୍ଣ୍ଣରୂପରେ।

**full stop** ବି. ପୂର୍ଣ୍ଣଚ୍ଛେଦ।

**full–time** ବିଂ. ପୂରା ସମୟ ପାଇଁ।

**fully** କ୍ରି.ବିଂ. ସମ୍ପୂର୍ଣ୍ଣଭାବେ, ସମ୍ୟକ୍ ଭାବେ।

**fully–fashioned** ବିଂ. (ନାରୀ ସମ୍ପର୍କରେ) ଅଙ୍ଗଜଡ଼ା ପୋଷାକ ପିନ୍ଧିଥିବା।

**fulmar** ବି. ମେରୁ ଅଞ୍ଚଳର ସାମୁଦ୍ରିକ ପକ୍ଷୀ ବିଶେଷ।

**fulminate** କ୍ରି. ତୀବ୍ର ଭର୍ତ୍ସନା କରିବା, ଗର୍ଜନତର୍ଜନ କରିବା; ବିଦ୍ୟୁତ୍‌ଭଳି ଝଲସିବା; ବି. fulmination ବି. fulminator.

**fulsome** ବିଂ. ବିତୃଷ୍ଣା ଉତ୍ପାଦକ, ଅରୁଚିକର (ଆତିଶଯ୍ୟ ହେତୁ)।

**fumble** କ୍ରି. ଦରାଣ୍ଡିବା; ଅଦକ୍ଷଭାବେ କାର୍ଯ୍ୟ କରିବା; ଦ୍ରୁତଭାବରେ କାର୍ଯ୍ୟ କରିବା।

**fume** 1. ବି. *ସା.ବ.ବ.* ନିର୍ଗତ ହେଉଥିବା କ୍ଷତିକାରକ, ଅସ୍ୱସ୍ତିକର ଧୂଆଁ; ଗ୍ୟାସ୍ କିମ୍ବା ବାଷ୍ପ; 2. କ୍ରି. ଧୂଆଁ ନିର୍ଗତ ହେବା, ଅତ୍ୟନ୍ତ କ୍ରୋଧାନ୍ୱିତ ହେବା, ଧୂଆଁ ଦ୍ୱାରା ଆବୃତହେବା।

Digitized by srujanika@gmail.com

**fumigate** କ୍ରି. ଧୂମ ପ୍ରୟୋଗଦ୍ୱାରା ଶୋଧନ କରିବା, ଧୂଆଁ ଦେବା; ବି. fumigation; ବି. fumigator.

**fun** ବି. କୌତୁକ, ମଜା, ଆମୋଦ, ପରିହାସ; make fun of (poke fun at) (କାହାକୁ) ଚିଡ଼ାଇବା, ଥଟ୍ଟା କରିବା।

**function** 1. ବି. ବ୍ୟକ୍ତି ବା ଅନୁଷ୍ଠାନର ଉପଯୋଗୀ ସ୍ୱାଭାବିକ କାର୍ଯ୍ୟ; ସରକାରୀ ବା ବୃତ୍ତିଗତ କର୍ତ୍ତବ୍ୟ; ଜନସାଧାରଣଙ୍କ ଉତ୍ସବ, ସାମାଜିକ କାର୍ଯ୍ୟ, ଅନୁଷ୍ଠାନ; ପର୍ବ; *ଗଣିତ* ଆପେକ୍ଷିକ ଫଳନ; 2. କ୍ରି. କାର୍ଯ୍ୟ ସମ୍ପାଦନ କରିବା, କାର୍ଯ୍ୟ କରିବା।

**functional** 1. ବିଂ. ଆନୁଷ୍ଠାନିକ, କର୍ତ୍ତବ୍ୟ ସମ୍ବନ୍ଧୀୟ, ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ସମ୍ପର୍କୀୟ; ବ୍ୟାବହାରିକ।

**functionary** ବି. କର୍ମଚାରୀ, କୌଣସି କାର୍ଯ୍ୟର ଦାୟିତ୍ୱ ସମ୍ପାଦନକାରୀ ବ୍ୟକ୍ତି।

**functionalism** ବି. ପ୍ରାୟୋଗିକ ସିଦ୍ଧାନ୍ତ ଉପରେ ଆସ୍ଥା ବା ବିଶ୍ୱାସ; ବି. functionalist.

**fund** 1. ବି. ମୂଳଧନ, ପୁଞ୍ଜି, ଜମା, ସଂଗୃହୀତ ଅର୍ଥ; ଅର୍ଥ ସଂଗ୍ରହର ଉତ୍ସ; 2. କ୍ରି. ମୂଳଧନର ବ୍ୟବସ୍ଥା କରିବା; ଋଣକୁ ସ୍ଥାୟୀ ଋଣରେ ପରିଣତ କରିବା।

**fundamental** 1. ବିଂ. ମୌଳିକ, ପ୍ରାଥମିକ, ପ୍ରଧାନ; 2. ବି. *ସା.ବ.ବ.* ତତ୍ତ୍ୱ ବା ନିୟମ, ମୂଳସୂତ୍ର; fundamental particle ମୌଳିକ ଉପାଦାନ; କ୍ରି.ବିଂ. fundamentally.

**fundamentalism** ବି. ପ୍ରୋଟେଷ୍ଟାଣ୍ଟ ଧର୍ମ ବିଶ୍ୱାସର ନିଖୁଣ ପାଳନ ବା ଆଚରଣ ବିଧି; ଧର୍ମୀୟ ରକ୍ଷଣଶୀଳତା; ମୌଳବାଦ; ବି. fundamentalist.

**funeral** 1. ବି. ଅନ୍ତ୍ୟେଷ୍ଟିକ୍ରିୟା, ଶବସତ୍କାର, ସମାଧିଦାନ; *ସା.ପ୍ର.* ଅପ୍ରୀତିକର ଦାୟିତ୍ୱ (that's your funeral) 2. ବିଂ. ଅନ୍ତ୍ୟେଷ୍ଟିକ୍ରିୟା ସମ୍ବନ୍ଧୀୟ; ଶବସଂସ୍କାର ସମୟରେ ବ୍ୟବହୃତ।

**funeral pile (pyre)** ବି. ଚିତା।

**funeral rites** ବି. ଅନ୍ତ୍ୟେଷ୍ଟିକ୍ରିୟା।

**funerary** ବିଂ. ଅନ୍ତ୍ୟେଷ୍ଟିକ୍ରିୟା ସମ୍ବନ୍ଧୀୟ, ଅନ୍ତ୍ୟେଷ୍ଟିକ୍ରିୟାରେ ବ୍ୟବହୃତ।

**funereal** ବିଂ. ଅନ୍ତ୍ୟେଷ୍ଟିକ୍ରିୟା ଉପଯୋଗୀ; ଶୋକାବହ, ବିଷାଦପୂର୍ଣ୍ଣ, ଅନ୍ଧକାରପୂର୍ଣ୍ଣ; କ୍ରି.ବିଂ. funereally.

**funfair** ବି. ଆମୋଦଭରା ପାର୍ଶ୍ୱଦୃଶ୍ୟ ବହୁଳ ମେଳା।

**fungicide** ବି. ଫିମ୍ପି ବିନାଶକ ପଦାର୍ଥ; ବିଂ. fungicidal.

**fungoid** 1. ବିଂ. ଛତୁଭଳି; ଫିମ୍ପି ପରି; 2. ବି. ଛତୁଗୁଳ୍ମ।

**fungous** ବିଂ. ଛତୁ ସମ୍ବନ୍ଧୀୟ, ଦ୍ରୁତ ବର୍ଦ୍ଧନଶୀଳ, ମାତ୍ର କ୍ଷଣସ୍ଥାୟୀ।

**fungus** ବି. ଛତୁ, ବୃଦ୍ରାକ, ଜୈବପଦାର୍ଥଭୋଜୀ ଅପୁଷ୍ପକ ଉଦ୍‌ଭିଦ; କୌଣସି କ୍ଷତ ଉପରେ, ସ୍ପଞ୍ଜସଦୃଶ କୋମଳ ମାଂସ; ବିଂ. fungal.

**funicular** 1. ବିଂ. (ପାର୍ବତ୍ୟ ରେଳ ସମ୍ବନ୍ଧୀୟ) ଲୌହ ରଜ୍ଜୁରେ ଝୁଲା ହୋଇଥିବା ଡବାରେ ଉପରକୁ ଉଠିବା ତଥା ତଳକୁ ଓହ୍ଲାଇବା ବ୍ୟବସ୍ଥା; 2. ବି. ଏହି ପ୍ରକାରର ରେଳ।

**funk** *ସା.ପ୍ର.* 1. ବି. ଆତଙ୍କ, ବିଭୀଷିକା; ଭୀରୁ ବ୍ୟକ୍ତି, 2. କ୍ରି. ଭୟଭୀତ ହେବା; ଏଡ଼ାଇଯିବା; 3. blue funk ବିରାଟ ଆତଙ୍କ।

**funky** ବିଂ. ଭାବପ୍ରବଣ, ସୌଖୀନ (ରକ୍ ସଙ୍ଗୀତ); ତୀବ୍ର ଗନ୍ଧବିଶିଷ୍ଟ।

**funnel** ବି. କାହାଳୀ; (ଇଞ୍ଜିନ୍ ବା ଜାହାଜର) ଧୂମ ନିର୍ଗମନ ନଳୀ।

**funny** ବିଂ. କୌତୁକିଆ, ଆମୋଦଦାୟକ, ବିସ୍ମୟକର, ଅଦ୍‌ଭୂତ, ବୁଦ୍ଧିବିଭ୍ରମକାରୀ; ବି. funnniness.

**funny–bone** ବି. କହୁଣୀର ଅଂଶ ଯେଉଁଠି ଝୁନ୍‌ଝୁନି ମାରେ।

**fur** 1. ବି. ପଶୁଲୋମ, ଲୋମ ଥିବା ପଶୁଚର୍ମ (ପୋଷାକ ତିଆରିରେ ବ୍ୟବହୃତ); ଲୋମ ଲଗାଯାଇଥିବା ପୋଷାକ, ଲୋମଶ ପ୍ରାଣୀ; ଜିହ୍ୱାମଳ ବା ଛଡିଆ; ଚା' କେଟ୍‌ଲିରେ ଜମିଥିବା ମଇଳାସ୍ତର; 2. କ୍ରି. ଲୋମାଚ୍ଛାଦିତ କରିବା; ଜିହ୍ୱା ବା କେଟ୍‌ଲି ମଳସ୍ତରଦ୍ୱାରା ଆଚ୍ଛାଦିତ ହେବା; make the fur fly ଗଣ୍ଡଗୋଳ କରିବା; ମତଭେଦ ସୃଷ୍ଟିକରିବା।

**furbelow** ବି. *ପ୍ରା.ପ୍ର.* ନାରୀମାନଙ୍କର ଅନ୍ତର୍ବାସର କୁଞ୍ଚିତ ଅଂଶ ବିଶେଷ; ବ.ବ. ଆଡ଼ମ୍ବରପୂର୍ଣ୍ଣ ଅଳଙ୍କାର।

**furbish** କ୍ରି. ଘଷିମାଜି ଚକ୍‌ଚକ୍ କରିବା, ପାଲିସ୍ କରିବା, ପରିଷ୍କାର କରିବା, ନବୀକରଣ କରିବା।

**furcate** 1. ବିଂ. କେନାବିଶିଷ୍ଟ, ଶାଖା ବିଶିଷ୍ଟ; 2. କ୍ରି. ଦ୍ୱିଭାଗ କରିବା; ବି. furcation.

Digitized by srujanika@gmail.com

**furious** ବିଂ. କ୍ରୋଧାନ୍ଧ, କ୍ରୋଧୋନ୍ମତ୍ତ; ପ୍ରଚଣ୍ଡ କ୍ରୋଧୀ; କ୍ରି.ବିଂ. furiously.

**furl** କ୍ରି. (ପାଲ ପ୍ରଭୃତି) ଗୁଡ଼ାଇ ବାନ୍ଧିବା।

**furlong** ବି. ଫର୍ଲଙ୍ଗ, ଏକ ମାଇଲର ଅଷ୍ଟମାଂଶ।

**furlough** ବି. ଛୁଟି, ଅବକାଶ, ସାମୟିକ କର୍ମାବସର।

**furnace** ବି. ଚୁଲ୍ଲୀ, ଅଗ୍ନିକୁଣ୍ଡ, ଅଗ୍ନିଶାଳା, ଅତ୍ୟନ୍ତ ଉତ୍ତପ୍ତ ସ୍ଥାନ।

**furnish** କ୍ରି. ଯୋଗାଇଦେବା (ଗୃହ ପ୍ରଭୃତିରେ ଆସବାବପତ୍ର), ଆବଶ୍ୟକୀୟ ପଦାର୍ଥ ସରବରାହ କରିବା, ସଜ୍ଜିତ କରିବା, ପ୍ରଦାନ କରିବା।

**furnishings** ବି. ଗୃହର ଆସବାବପତ୍ର ତଥା ଅନ୍ୟ ଉପକରଣ।

**furniture** ବି. ଗୃହର ସାଜ ସରଞ୍ଜାମ ବା ଆସବାବ (ଟେବୁଲ, ଚୌକି, ଖଟ ଇତ୍ୟାଦି), ଜାହାଜର ଉପକରଣ, ଦରଜାର କଡ଼ା ଏବଂ ତାଲା ଆଦି।

**furore** ବି. *ଆମେ.* furor ଆଲୋଡ଼ନ, କ୍ରୋଧ; ଉଚ୍ଛ୍ୱସିତ ତାରିଫ୍।

**furrier** ବି. ଲୋମ ବ୍ୟବସାୟୀ।

**furrow** 1. ବି. ସିଆର, ଲଙ୍ଗଳଦାଗ; ନାଳ, ବଳିରେଖା; ଜାହାଜର ମାର୍ଗ; 2. କ୍ରି. ହଳ କରିବା, ସିଆର କାଟିବା।

**furry** ବିଂ. ଲୋମ ପରି ବା ଲୋମଦ୍ୱାରା ଆବୃତ।

**further** 1. କ୍ରି.ବିଂ. ଅଧିକଦୂରକୁ ବା ଦୂରରେ; ଅଧିକ ପରିମାଣରେ, ଅଧିକନ୍ତୁ, ଆଉ ମଧ; 2. ବିଂ. ଅଧିକଦୂର, ଅଧିକ, ଅତିରିକ୍ତ; 2. କ୍ରି. ଆଗେଇ ନେବା, ସାହାଯ୍ୟ କରିବା; ସମର୍ଥନ କରିବା।

**furtherance** ବି. (ଯୋଜନା ପ୍ରଭୃତିର) ପରିବର୍ଦ୍ଧନ, ଉନ୍ନତି ସାଧନ।

**further education** ବି. ସ୍କୁଲ ଶିକ୍ଷାର ବୟସ ଅତିକ୍ରମ କରିଥିବା ବ୍ୟକ୍ତି ନିମନ୍ତେ ଉଦ୍ଦିଷ୍ଟ ଶିକ୍ଷା।

**furthermore** କ୍ରି.ବିଂ. ଅଧିକନ୍ତୁ, ଏହା ସହିତ।

**furthermost** ବିଂ. ସର୍ବାପେକ୍ଷା ଅଧିକ ଦୂରବର୍ତ୍ତୀ, ଦୂରତମ।

**furthest** 1. ବିଂ. ଅଧିକଦୂରବର୍ତ୍ତୀ, ଦୂରତମ; 2. କ୍ରି.ବିଂ. ସର୍ବାପେକ୍ଷା ଅଧିକ ଦୂରରେ।

**furtive** ବିଂ. ଗୋପନରେ ସାଧିତ, ଲୁଚାଚୋରା; କ୍ରି.ବିଂ. furtively.

**fury** ବି. ଅତ୍ୟଧିକ କ୍ରୋଧ, ପ୍ରଚଣ୍ଡତା, କ୍ରୋଧୋନ୍ମାଦ; ଝଡ଼, ରୋଗ ପ୍ରଭୃତିର ପ୍ରକୋପ; Furies (ଗ୍ରୀକ୍ ପୁରାଣରେ) ପ୍ରତିହିଂସାର ଦେବୀଗଣ; ପ୍ରତିହିଂସା ବୃତ୍ତି; କ୍ରୁଦ୍ଧା ନାରୀ; like fury *କ.ଭା.* ଉଦ୍ଦାମ ଶକ୍ତି ଓ ବେଗରେ।

**furze** ବି. କଣ୍ଟକମୟ ଚିରହରିତ୍ ହଳଦିଆଫୁଲଯୁକ୍ତ ଗୁଳ୍ମ ବିଶେଷ।

**fuse**[1] 1. କ୍ରି. ଉତ୍ତାପରେ ତରଳିଯିବା, ତରଳାଇ ମେଞ୍ଚା କରିବା; ଏକତ୍ର କରିବା; ବିଦ୍ୟୁତ୍ ପ୍ରବାହକୁ ଯୋଗ କରିବା; ତାର ତରଳିଯାଇଥିବା ହେତୁ ବନ୍ଦ ହୋଇ ଯାଇଥିବା ବିଦ୍ୟୁତ ପ୍ରବାହକୁ ଚାଲୁ କରିବା; 2. ବି. ଫିଉଜ୍; ବିଦ୍ୟୁତ୍ ପରିପଥରେ ବ୍ୟବହୃତ ଗଳନକ୍ଷମ ତାରଯୁକ୍ତ ସାଧନ, ଯାହା ତରଳି ଯାଇ ଅତିରିକ୍ତ ବିଦ୍ୟୁତ ପ୍ରବାହ ନିରୋଧ କରେ।

**fuse**[2] ବି. ବିସ୍ଫୋରକ ପଦାର୍ଥ ପୂର୍ଣ୍ଣ ନଳୀ (ଯାହା ଦ୍ୱାରା ବୋମା ଫୁଟାଯାଏ); ରଞ୍ଜକ; 2. କ୍ରି. ରଞ୍ଜକ ଲଗାଇବା।

**fuselage** ବି. ଉଡ଼ାଜାହାଜର ବାହ୍ୟଶରୀର।

**fusible** ବିଂ. ଗଳନକ୍ଷମ।

**fusil** ବି. ଇତି ପୂର୍ବେ ବ୍ୟବହୃତ ଏକ ପ୍ରକାର ହାଲୁକା ବନ୍ଧୁକ।

**fusilier** ବି. ପୂର୍ବକାଳର ହାଲୁକା ବନ୍ଧୁକଧାରୀ ବ୍ରିଟିଶ ପଲଟଣର ସଦସ୍ୟ।

**fusillade** ବି. ଅବିରାମ ଗୋଳାବର୍ଷଣ ଦ୍ୱାରା ଆକ୍ରମଣ; ନିରବଚ୍ଛିନ୍ନ କଟୁ ସମାଲୋଚନା।

**fusion** ବି. ଗଳନ, ସମେକନ; ମିଶ୍ରଣ; ପରମାଣବିକ ସଂଯୋଗ।

**fuss** 1 ବି. କୋଳାହଳ, ହୋ ହଲ୍ଲା, ଚହଳ; ସାମାନ୍ୟ ବିଷୟରେ ଅଧିକ ପାଟିତୁଣ୍ଡ 2. କ୍ରି. ହଲ୍ଲା କରିବା, ଉଦ୍‌ବେଗ ପ୍ରକାଶ କରିବା, ବ୍ୟସ୍ତ ହେବା; make a fuss ପ୍ରବଳଭାବରେ ଆପତ୍ତି କରିବା; make a fuss of (କାହାକୁ) ଅତ୍ୟଧିକ ଓ ଅଯଥା ଖାତିର କରିବା।

**fusspot** ବି. *କ.ଭା.* ଯେଉଁ ବ୍ୟକ୍ତି ହଲ୍ଲାକରେ।

**fussy** ବିଂ. ଉଦ୍‌ବେଗ ପ୍ରକାଶକାରୀ; ତୁଚ୍ଛ କଥାକୁ ଅଧିକ ଦୃଷ୍ଟି ଦେଉଥିବା; କ୍ରି.ବିଂ. fussily, ବି. fussiness.

**fustian** 1. ବି. ଏକପ୍ରକାର ଟୁଇଲ ବୁଣା ସ୍ଥୂଳ କାର୍ପାସ ବସ୍ତ୍ର; ଶବ୍ଦାଡ଼ମ୍ବର; 2. ବିଂ. ଉକ୍ତ ବସ୍ତ୍ର ନିର୍ମିତ; ଶବ୍ଦାଡ଼ମ୍ବରପୂର୍ଣ୍ଣ।

Digitized by srujanika@gmail.com

**fusty** ବିଂ. ବାସିଗନ୍ଧ ବିଶିଷ୍ଟ; ଖୁନ୍ଦାଖୁନ୍ଦି; ପୁରୁଣାକାଳିଆ; ବି. fustiness.

**futile** ବିଂ. ବୃଥା, ନିଷ୍ଫଳ, ତୁଚ୍ଛ; ବି. futility.

**future** 1. ବିଂ. ଭବିଷ୍ୟତ; ହେବାକୁ ବା ଘଟିବାକୁ ଥିବା; ଭବିଷ୍ୟତ୍‌କାଳୀନ 2. ବି. ଆଗାମୀ ସମୟ, କାଳ, ଘଟଣା; (ବ୍ୟକ୍ତି, ଦେଶ ପ୍ରଭୃତିର) ଭବିଷ୍ୟତ୍ ଅବସ୍ଥା; ସାଫଲ୍ୟର ସମ୍ଭାବନା (ଉଦା. there's no future in it); *ବ୍ୟା.* ଭବିଷ୍ୟତ୍‌କାଳ; ବ.ବ.ରେ ଭବିଷ୍ୟତରେ ଯୋଗାଇ ଦେବା ସକାଶେ ବିକ୍ରି କରାଯାଇଥିବା ସାମଗ୍ରୀ; in future ଆଜିଠୁଁ ଆରମ୍ଭ କରି ଭବିଷ୍ୟତରେ ।

**futurism** ବି. ପାରମ୍ପରିକ ରୀତି ପରିହାର ପୂର୍ବକ ଅଗ୍ରଗତି ଓ ବିକାଶର ନୂତନ ଅଭିବ୍ୟକ୍ତି ପ୍ରକାଶ କରିବାପାଇଁ କଳା, ସାହିତ୍ୟ ଓ ସଂଗୀତ କ୍ଷେତ୍ରରେ ବିଘଟିତ ଆନ୍ଦୋଳନ ବିଶେଷ; ଭବିଷ୍ୟତ୍‌ବାଦ; ବି. futurist.

**futuristic** ବିଂ. ଭବିଷ୍ୟତ କାଳ ପାଇଁ ଉପଯୋଗୀ; ଅତ୍ୟାଧୁନିକ; ଭବିଷ୍ୟତ୍‌ବାଦ ସଂପର୍କୀୟ ।

**futurity** ବି. ଭବିଷ୍ୟତ୍ କାଳ, ଭବିତବ୍ୟତା ।

**futurology** ବି. ସମାଜର ଆଧୁନିକ ଧାରା ଭିତ୍ତିରେ ଭବିଷ୍ୟତ୍‌କାଳୀନ ଅବସ୍ଥା ଓ ଘଟଣାର ଅନୁମାନ ।

**fuze** *ଆମେ. ଦ୍ର.* fuse[2].

**fuzz** ବି. ସୂକ୍ଷ୍ମକଣା; ଜଟାଳିଆ କେଶ; *ସା.ପ୍ର.* ପୋଲିସ ।

**fuzzy** ବିଂ. ସୂକ୍ଷ୍ମକଣା ସଦୃଶ; ଅସ୍ପଷ୍ଟ, ଝାଲଝାଲୁଆ; *କ୍ରି.ବିଂ.* fuzzily; ବି. fuzziness.

**–fy** *ପ.ପ୍ର.* ବିଶେଷ୍ୟ ଓ ବିଶେଷଣରୁ କ୍ରିୟା ନିଷ୍ପନ୍ନକାରୀ ପ୍ରତ୍ୟୟ, ଉଦା. pacify, satisfy; solidify, nullify; ପ୍ରଯୋଜକ ଅର୍ଥରେ horrify, stupefy.

Digitized by srujanika@gmail.com

# Gg

**Gg** ବ.ବ. Gs, gs; G's, g's ଇଂରାଜୀ ବର୍ଣ୍ଣମାଳାର ସପ୍ତମବର୍ଣ୍ଣ ।

**g** *ସଂଶ.* gram(s); gravity.

**Ga** *ସଂ.* gallium ଗେଲିଅମ୍

**gab** ବି. *କ.ଭା.* ବାଜେ କଥା ବା ଗଳ୍ପ; gift of the gab ବାକ୍‌ପଟୁତା, ପ୍ରଗଳ୍ଭ ।

**gabardine** ବି. ଟୁଇଲ ବୁଣା କପଡ଼ା, ବିଶେଷତଃ ପଶମ ନିର୍ମିତ ।

**gabble** 1. *କ୍ରି.* ଅସ୍ପଷ୍ଟ ଭାବରେ ଅଥବା ଅତିଶୀଘ୍ର କହିଯିବା 2. ବି. ଚଞ୍ଚଳ ଓ ଅବୋଧ୍ୟ କଥା ।

**gabby** ବିଂ. *କ.ଭା.* ଗପୁଡ଼ି ।

**gaberdine** ବି. *ଇତି.* (ଇହୁଦୀମାନଙ୍କ ଦ୍ୱାରା ପରିହିତ) ଢିଲା, ଲମ୍ବା କୁର୍ତ୍ତା ।

**gable** ବି. ଛାତ ବା କାନ୍ଥର ତ୍ରିକୋଣାକୃତି ଉପରିଭାଗ; ଉକ୍ତ ଆକୃତି ବିଶିଷ୍ଟ ଚନ୍ଦ୍ରାତପ ।

**gad**[1] *କ୍ରି.* ଆଳସ୍ୟରେ ବା ଖୁସିପାଇଁ ଏଣେତେଣେ ବୁଲିବା ।

**gad**[2] *ଅବ୍ୟ.* by gad ବିସ୍ମୟସୂଚକ ଅଥବା ଦୃଢ଼ତାବ୍ୟଞ୍ଜକ ଉଚ୍ଚାରଣ ।

**gadabout** ବି. ବିନା କାମରେ ଆନନ୍ଦର ସନ୍ଧାନରେ ଏଣେ ତେଣେ ବୁଲୁଥିବା ଲୋକ, ବୃଥାଭ୍ରମଣକାରୀ ।

**gadfly** ବି. ଡାଆଁଶ, ଗୋରୁଗାଈ ପ୍ରଭୃତି ଗୃହପାଳିତ ପଶୁଙ୍କୁ କାମୁଡୁଥିବା ଏକ ଜାତୀୟ ମାଛି; ବିରକ୍ତିକର ବ୍ୟକ୍ତି ।

**gadget** ବି. କ୍ଷୁଦ୍ର ଯାନ୍ତ୍ରିକ ସାଧନ ବା ଯନ୍ତ୍ର; ବି. gadgetry.

**Gael** ବି. ସ୍କଟଲେଣ୍ଡର କେଲ୍‌ଟ୍ ଅଧିବାସୀ, ଏମାନେ ଗେଲିକ୍ (Gaelic) ଭାଷାଭାଷୀ ।

**Gaelic** 1. ବି. ସ୍କଟଲେଣ୍ଡ ଓ ଆୟର୍ଲେଣ୍ଡର କେଲ୍‌ଟ୍ ଭାଷା; 2. ବିଂ. ଏହି ଭାଷା ସମ୍ବନ୍ଧୀୟ ବା ଏହି ଭାଷାଭାଷୀ ମାନଙ୍କର ।

**gaff**[1] 1. ବି. ବଡ଼ ମାଛ ମାରିବା ତେଣ୍ଡା 2. *କ୍ରି.* ତେଣ୍ଡାରେ ମାଛ ବିନ୍ଧିବା ବା ମାରିବା ।

**gaff**[2] ବି. *ସା.ପ୍ର.* ଚକ୍ରାନ୍ତ, ରହସ୍ୟ; କେବଳ blow the gaff (ରହସ୍ୟ ଉଦ୍‌ଘାଟନ କରିବା)ରେ ବ୍ୟବହୃତ ।

**gaffe** ବି. ଗୁରୁତର ଭୁଲ, ପ୍ରମାଦ ।

**gaffer** ବି. ବୃଦ୍ଧବ୍ୟକ୍ତି, କୁଲି ସର୍ଦ୍ଦାର, ମାଲିକ ।

**gag** 1. ବି. ବାକ୍‌ରୋଧ ନିମନ୍ତେ ପାଟିରେ ଯାହା ଭର୍ତ୍ତିକରି ଦିଆଯାଏ, ବିଣ୍ଡା; ସ୍ୱାଧୀନ ମତବ୍ୟକ୍ତ କରିବା ଦିଗରେ ବାଧା; ନାଟକ, ଚଳଚ୍ଚିତ୍ର ପ୍ରଭୃତିରେ ପ୍ରକ୍ଷିପ୍ତ ହାସ୍ୟରସାତ୍ମକ ଦୃଶ୍ୟ; ସଂସଦରେ ବୈଠକ ସମାପ୍ତି 2. *କ୍ରି.* ମୁଖ ବନ୍ଦ କରିଦେବା; ସ୍ୱାଧୀନ ମତପ୍ରକାଶରେ ବାଧାଦେବା; କଣ୍ଠରୋଧ କରିବା; ନାଟକ, ଚଳଚ୍ଚିତ୍ର ଆଦିରେ ହାସ୍ୟ ରସାତ୍ମକ ଦୃଶ୍ୟ ପ୍ରକ୍ଷେପ କରିବା ।

**gaga** ବିଂ. *ସା.ପ୍ର.* ବୃଦ୍ଧ, ନିର୍ବୋଧ, ଆଡ଼ବାୟା ।

**gage**[1] ବି. ବନ୍ଧକ, ଯାହା ଜାମିନ ସ୍ୱରୂପ ରଖାଯାଏ; ଦ୍ୱନ୍ଦ୍ୱ–ଯୁଦ୍ଧପାଇଁ ଆହ୍ୱାନର ସଙ୍କେତ, ବିଶେ. ଦସ୍ତାନା, ଯାହା ପ୍ରତିଦ୍ୱନ୍ଦ୍ୱୀ ଆଡ଼କୁ ଫିଙ୍ଗିଦିଆ ଯାଏ ।

**gage**[2] ବି. ଏକ ପ୍ରକାର ସବୁଜ ରଙ୍ଗର କୋଳି ।

**gage**[3] *ଆମେ.* gaugeର ବିକ. ।

**gaggle** ବି. ରାଜହଂସୀର ଦଳ; *କ.ଭା.* ଅନିୟମିତ ଦଳ ।

**gaiety** ବି. ପ୍ରଫୁଲ୍ଲତା, ଆନନ୍ଦ; ଉଲ୍ଲାସ, ଆମୋଦପ୍ରମୋଦ; ଉଦ୍‌ଫୁଲ୍ଲତା ।

**gaily** *କ୍ରି.ବିଂ.* ଉଦ୍‌ଫୁଲ୍ଲ ଭାବରେ ।

**gain** 1. *କ୍ରି.* ଲାଭ କରିବା, ପାଇବା; ଅର୍ଜନ କରିବା; ଉନ୍ନତି କରିବା, ସୁବିଧା ପାଇବା; ଲକ୍ଷ୍ୟର ନିକଟବର୍ତ୍ତୀ ହେବା; ଜିଣିବା; ପ୍ରବର୍ଦ୍ଧାଇବା; 2. ବି. ଲାଭ, ଉପାର୍ଜନ, ଲବ୍ଧବସ୍ତୁ; ଧନବୃଦ୍ଧି; ବ୍ୟବସାୟ, ବାଣିଜ୍ୟରେ ଲାଭ; gain ground ଅଗ୍ରସର ହେବା, କାହାସହିତ ସମାନ ହୋଇ ଯିବା; gain time ବିଳମ୍ବ କରି ନିଜ ଅବସ୍ଥାର ଉନ୍ନତି ଘଟାଇବା ।

**gainful** ବିଂ. ଲାଭଜନକ; ଅର୍ଥକର; *କ୍ରି.ବିଂ.* gainfully.

**gainsay** *କ୍ରି.* ଅସ୍ୱୀକାର କରିବା, ବିରୋଧ କରିବା ।

**gait** ବି. ଚାଲି, ଚାଲିଯିବାର ଭଙ୍ଗୀ, ପଦବିକ୍ଷେପ; ଘୋଡ଼ାର ଆଗକୁ ଚାଲିବା ରୀତି ।

**gaiter** ବି. ଆଣ୍ଠୁତଳକୁ ବା ଗଣ୍ଠିତଳକୁ ଗୋଡ଼ପାଇଁ ଚମଡ଼ା ବା ବସ୍ତ୍ରର ଆଚ୍ଛାଦନ; ମେସିନର ଅଂଶ ଢାଙ୍କିବା ପାଇଁ ଖୋଳ ।

Digitized by srujanika@gmail.com

**gal.** *ସଂଶ.* gallon (s) ଗେଲନ୍.
**gal** ବି. *କ.ଭା.* ବାଳିକା ।
**gala** ବି. ଉତ୍ସବ ମୁଖରିତ ସମୟ; କ୍ରୀଡ଼ା ଉତ୍ସବ ଉପଲକ୍ଷେ ସମବେତ ଜନତା ।
**galactic** ବିଂ. ଛାୟାପଥ ସମ୍ବନ୍ଧୀୟ ।
**galaxy** ବି. ଆକାଶ ପଥରେ ଅବସ୍ଥିତ ନକ୍ଷତ୍ରରାଜି, ବାଷ୍ପ ଓ ଧୂଳିକଣାର ସମାବେଶ; Galaxy ଛାୟାପଥ; ବିଶିଷ୍ଟ ବ୍ୟକ୍ତି ବା ବସ୍ତୁର ସମାବେଶ ।
**gale** ବି. ପ୍ରବଳ ବାୟୁ ବା ଝଡ଼, ପ୍ରଭଞ୍ଜନ; ହସ ପ୍ରଭୃତିର ରୋଳ ବା ଝଡ଼; *କାବ୍ୟ* ମୃଦୁପବନ, ଧୀର ସମୀର ।
**gall**[1.] ବି. ପିତ୍ତ, ପିତ୍ତରସ; ତିକ୍ତତା (gall and wormwood); *ସା.ପ୍ର.* ଈର୍ଷା, ଔଦ୍ଧତ୍ୟ ।
**gall**[2.] 1. କ୍ରି. କ୍ଷତ, ମାନସିକ ଅଶାନ୍ତି; 2. *କ୍ରି.* ଘଷିଆ ଖାବରା କରିବା, ହଇରାଣ ହରକତ ହେବା ବା କରିବା ।
**gallant** 1. ବିଂ. ସାହସୀ, ନିର୍ଭୀକ, ବୀରୋଚିତ; ଶିଷ୍ଟ; ରମଣୀମାନଙ୍କ ପ୍ରତି ଧ୍ୟାନଶୀଳ 2. ବି. ସ୍ତ୍ରୀଲୋକମାନଙ୍କର ମନୋରଞ୍ଜନକାରୀ, ନାଗର ।
**gallantry** ବି. ସାହସିକତା, ବୀରତ୍ୱ, ସ୍ତ୍ରୀ ଜାତିପ୍ରତି ବିନୀତ ବ୍ୟବହାର ।
**gall-bladder** ବି. ପିତ୍ତାଶୟ ।
**galleon** ବି. *ଇତି.* ଯୁଦ୍ଧ ଜାହାଜ (ବିଶେଷତଃ ପ୍ରାଚୀନ ସ୍ପେନ୍ ଦେଶୀୟ) ।
**gallery** ବି. ଲଳିତ କଳାଦିର ପ୍ରଦର୍ଶନ କୋଠରୀ ବା ଗୃହ; ଗୀର୍ଜା ବା ହଲ୍‌ଘରର ବାରଣ୍ଡା ବା ଆବୃତ ସ୍ଥାନ; କ୍ରମୋଚ୍ଚ ଦର୍ଶକ ମଞ୍ଚ; କ୍ରମୋଚ୍ଚ ଆସନଶ୍ରେଣୀ; ଦୀର୍ଘ ଅଳିନ୍ଦ, ଆବୃତ ଗମନ ପଥ ।
**galley** ବି. ଆହୁଲା ଓ ପାଲ ସାହାଯ୍ୟରେ (ପ୍ରାଚୀନ କାଳରେ କ୍ରୀତଦାସ ବା ଅପରାଧୀମାନଙ୍କ ଦ୍ୱାରା) ଚାଳିତ କ୍ଷୁଦ୍ର ଏକତଳ ବିଶିଷ୍ଟ ଜାହାଜ; ଜାହାଜ ବା ବିମାନସ୍ଥ ରନ୍ଧନଶାଳା; ମୁଦ୍ରଣାଳୟର ଖଞ୍ଜାହୋଇଥିବା ଅକ୍ଷର ରଖିବା ନିମନ୍ତେ ବ୍ୟବହୃତ ଡାଲା ।
**galley proof** ବି. ଖଞ୍ଜାହୋଇଥିବା ଅକ୍ଷର ଗୁଡ଼ିକର ପରୀକ୍ଷାମୂଳକ ମୁଦ୍ରଣ ।
**galley-slave** ବି. ଦଣ୍ଡାଦେଶ ଦ୍ୱାରା ନୌଚାଳକ ରୂପେ ନିଯୁକ୍ତ କ୍ରୀତଦାସ ବା ଅପରାଧୀ ।
**Gallic** ବିଂ. ଗଲ୍ ଅର୍ଥାତ୍ ଫ୍ରାନ୍ସ ଦେଶ ସମ୍ବନ୍ଧୀୟ ।
**Gallicism** ବି. ଫରାସୀ ଭାଷାର ବାଗ୍‌ରୀତି ।
**gallinaceous** ବିଂ. କୁକୁଡ଼ା ପ୍ରଭୃତି ପକ୍ଷୀ ଜାତୀୟ ।
**gallivant** କ୍ରି. *କ.ଭା.* ବୃଥାରେ (ରସିକ ବା ରସିକା ରୂପେ) ଏଣେତେଣେ ବୁଲି ସମୟ ନଷ୍ଟକରିବା ।
**Gallo-** ଉ.ପ. ଫ୍ରାନ୍ସ ଦେଶୀୟ । *(ଲା.)*
**gallon** ବି. ତରଳ ପଦାର୍ଥ, ଶସ୍ୟପ୍ରଭୃତି ମାପିବାର ପରିମାଣ ବିଶେଷ, ଗେଲନ୍ ।
**gallop** 1. ବି. ଅଶ୍ୱ ପ୍ରଭୃତିର ଦ୍ରୁତଗତି, ଏଥିରେ ସମସ୍ତ ଗୋଡ଼ ଯୁଗପତ୍ ଭୂପୃଷ୍ଠରୁ ଟେକି ପୁଣି ପକାଯାଏ; ଏହି ରୀତିରେ ଧାବନ 2. କ୍ରି. (ଅଶ୍ୱ ଓ ଅଶ୍ୱାରୋହୀ ସମ୍ପର୍କରେ) ଲମ୍ଫପ୍ରଦାନ କରି ଦୌଡ଼ିବା, ଖେପାମାରି ଦୌଡ଼ିବା, ଅଶ୍ୱପୃଷ୍ଠରେ ଏହିପରି ଗତିକରିବା, ଘୋଡ଼ାକୁ ଏହି ରୀତିରେ ଦୌଡ଼ାଇବା ।
**gallows** ବି. ବ.ବ. ( *ସା.* ଏ.ବ. ରୂପେ ବ୍ୟବହୃତ) ଫାଶିଖୁଣ୍ଟ ।
**gallstone** ବି. ପିତ୍ତାଶୟରେ ସୃଷ୍ଟ କଠିନ ପଦାର୍ଥ ।
**Gallup poll** ବି. ନମୁନା ନିର୍ବାଚନକୁ ଭିତ୍ତିକରି ସାଧାରଣ ମତଦାନ ସମ୍ପର୍କରେ ପୂର୍ବାନୁମାନ ।
**galop** ବି. ଏକ ପ୍ରକାର ଉତ୍‌ଫୁଲ୍ଲ ନୃତ୍ୟ ।
**galore** କ୍ରି.ବିଂ. ପ୍ରଚୁର ପରିମାଣରେ ।
**galosh, golosh** ବି. ଜୋତା ଉପରେ ପିନ୍ଧାଯାଉଥିବା ରବରନିର୍ମିତ ଜୋତା ।
**galumph** କ୍ରି. ବିଜୟ ସୂଚକ ନୃତ୍ୟ କରିବା; ହୋହଲ୍ଲା କରିଯିବା ।
**galvanic** ବିଂ. ରାସାୟନିକ ପ୍ରକ୍ରିୟାରେ ଉତ୍ପନ୍ନ ବିଦ୍ୟୁତ୍ ସଂପର୍କିତ; ତଡ଼ିତ୍ ଶକ୍ତି ସମନ୍ୱିତ; ଉଦ୍ଦୀପକ, ପ୍ରେରଣାପୂର୍ଣ୍ଣ; କ୍ରି.ବିଂ. galvanically.
**galvanize** କ୍ରି. ତଡ଼ିତ୍ ସଞ୍ଚାର କରିବା; ତଡ଼ିତ୍ ପ୍ରୟୋଗବଦ୍ ତ୍ୱରାନ୍ୱିତ ବା ଅନୁପ୍ରାଣିତ କରିବା; କର୍ମଶକ୍ତି ଉଦ୍ଦୀପ୍ତ କରିବା, ଲୁହା ଉପରେ ଦସ୍ତାର ଆବରଣ ଦେବା; ବି. galvanization.
**galvanometer** ବି. ତଡ଼ିତ୍ ଶକ୍ତି ପରିମାପକ ଯନ୍ତ୍ର ।
**gambit** ବି. ଚେସ୍ ଖେଳରେ ଆକ୍ରମଣର ସୁବିଧା ହାସଲ କରିବା ନିମନ୍ତେ ପୂର୍ବରୁ ଏକ ଗୋଟିର ତ୍ୟାଗ; ଚାଲ ।
**gamble** 1. କ୍ରି. ଜୁଆ ଖେଳିବା, ଦ୍ୟୁତକ୍ରୀଡ଼ା କରିବା; ଲାଭ ଆଶାରେ ବିପଦପୂର୍ଣ୍ଣ ଝୁଙ୍କି ନେବା

Digitized by srujanika@gmail.com

2. ବି. ଦ୍ୟୂତକ୍ରୀଡ଼ା; ବିପଦସଂକୁଳ ପ୍ରଚେଷ୍ଟା; gamble away ଜୁଆରେ ଉଡ଼ାଇଦେବା; gamble on କ୍ଷୀଣ ଆଶାର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା।

**gambler** ବି. ଜୁଆଡ଼ି, ଜୁଆଖେଳାଳି।

**gamboge** ବି. ଏକ ପ୍ରକାର ବୃକ୍ଷ ନିର୍ଯ୍ୟାସ ଯାହା ରଙ୍ଗ କରିବା ପାଇଁ ଓ ଜୁଲାପ୍ ହିସାବରେ ବ୍ୟବହୃତ ହୁଏ।

**gambol** 1. କ୍ରି. ଆନନ୍ଦରେ ନାଚକୁଦ କରିବା; 2. ବି. ନର୍ତ୍ତନ, ଉଲ୍ଲାସ ପ୍ରଦର୍ଶନ।

**game**[1.] ବି. ଖେଳ, କ୍ରୀଡ଼ା, ନିୟମ ଅନୁସାରେ ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତା ମୂଳକ କ୍ରୀଡ଼ା; ଖେଳରେ ବାଜି; କ୍ରୀଡ଼ାର ଜୟାଙ୍କ (game is two all); ବ.ବ. ଖେଳ କସରତ୍ (Olympic games); ଶିକାର; ଚାତୁରୀ ବା କୌଶଳ 2. କ୍ରି. ଜୁଆ ଖେଳିବା the game is up ଫନ୍ଦି ଧରାପଡ଼ି ଯାଇଛି; give the game away ଚାତୁରୀ ପ୍ରକାଶ କରିଦେବା; make game of ହାସ୍ୟାସ୍ପଦ କରିବା।

**game**[2.] ବିଂ. କ.ଭା. (ପଦ, ହସ୍ତ ପ୍ରଭୃତି ସଂପର୍କରେ) ବିକଳାଙ୍ଗ।

**gamecock** ବି. ଲଢ଼ାଇ ପାଇଁ ତାଲିମ କରା କୁକୁଡ଼ା।

**gamekeeper** ବି. ଶିକାର, ପଶୁପାଳନ ଓ ରକ୍ଷଣାବେକ୍ଷଣ ପାଇଁ ନିଯୁକ୍ତ ବ୍ୟକ୍ତି।

**gamesmanship** ବି. ପ୍ରତିଦ୍ୱନ୍ଦ୍ୱୀ ଉପରେ ମନସ୍ତାତ୍ତ୍ୱିକ ପ୍ରଭାବ ବିସ୍ତାର ଦ୍ୱାରା କ୍ରୀଡ଼ାରେ ଜିଣିବାର କଳା।

**gamesome** ବିଂ. କ୍ରୀଡ଼ାପ୍ରିୟ, କୌତୁକ ପ୍ରିୟ।

**gamester** ବି. ଜୁଆଡ଼ି।

**gamete** ବି. ଗେମିଟ୍, ଜନନ କୋଷ, ଯୁଗ୍ମକ; ବିଂ. gametic.

**gamin** ବି. ଅମାର୍ଜିତ ବାଳକ।

**gamine** ବି. ଚପଳ—ଆକର୍ଷଣ ବିଶିଷ୍ଟ ବାଳିକା।

**gamma** ବି. ଗ୍ରୀକ୍ ବର୍ଣ୍ଣମାଳାର ତୃତୀୟ ଅକ୍ଷର।

**gamma radiation** ବି. (gamma rays ମଧ୍ୟ) ରଞ୍ଜନ ରଶ୍ମିର କ୍ଷୁଦ୍ର ତରଙ୍ଗ ବିଶିଷ୍ଟ ରଶ୍ମି।

**gammon** ବି. ଘୁଷୁରିର ଫଡ଼ିଆ ଓ ଉପର ମାଂସ; ଶୁଷ୍କ, ଲବଣାକ୍ତ, ଉଷ୍ମ ମାଂସ; ପ୍ରବଞ୍ଚନା, ଛଳନା, ଠକାମି।

**gamut** ବି. ସ୍ୱର ସମୂହ; କୌଣସି ବିଷୟରେ ସଂପୂର୍ଣ୍ଣ କ୍ରମ ବା ବିସ୍ତାର।

**gamy** ବିଂ. ଶିକାରର ଉପଯୋଗୀ।

**gander** ବି. ରାଜହଂସ; ନିର୍ବୋଧ ବ୍ୟକ୍ତି; *ସା.ପ୍ର.* ଦୃଷ୍ଟିପାତ (take a gander).

**gang**[1.] 1. ବି. ଦଳ, ସାଧାରଣତଃ ମନ୍ଦ ଉଦ୍ଦେଶ୍ୟରେ ଗଠିତ ଦଳ; କ୍ରୀତଦାସ, ବନ୍ଦୀ ପ୍ରଭୃତିଙ୍କର ଦଳ; ଶ୍ରମିକ ମାନଙ୍କର ଦଳ; 2. କ୍ରି. ଏକତ୍ର କାର୍ଯ୍ୟକରିବା ପାଇଁ ଯନ୍ତ୍ରପାତି ଯୋଗାଡ଼ କରିବା gang up ସଲା ପରାମର୍ଶ କରି ଏକଜୁଟ୍ ହେବା।

**gang**[2.] କ୍ରି. ଯିବା; (ଯୋଜନା ପ୍ରଭୃତି) ବିଗିଡି ଯିବା।

**ganger** ବି. ମଜଦୁର ବା ଶ୍ରମିକମାନଙ୍କର ସର୍ଦ୍ଦାର।

**gangling** ବିଂ. (ବ୍ୟକ୍ତି ସଂପର୍କରେ) ଢିଲା ଗଢ଼ଣ ବିଶିଷ୍ଟ, କୃଶ ଓ ଦୀର୍ଘକାୟ।

**ganglion** ବି. (ବ.ବ. -s, ganglia) ସ୍ନାୟୁଗ୍ରନ୍ଥି ବା ଗୁଟିକା, ଶକ୍ତି ବା କର୍ମକେନ୍ଦ୍ର।

**gangplank** ବି. କୂଳରୁ ନୌକାଭିତରକୁ ଓ ନୌକା ଭିତରୁ କୂଳକୁ ଯିବା ଆସିବା କରିବା ପାଇଁ ବ୍ୟବହୃତ ଖୋଲା ପଟା।

**gangrene** 1. ବି. ଶରୀରସ୍ଥ କ୍ଷତସ୍ଥାନର ମୃତ ତନ୍ତୁ (ରକ୍ତ ସଞ୍ଚାଳନର ଅବରୋଧ ଜନିତ); ପଚା ବା ନାଳୀଘା; ନୈତିକ ଅବକ୍ଷୟ 2. କ୍ରି. ପଚନ ବା ଅବକ୍ଷୟ ଦ୍ୱାରା ଆକ୍ରାନ୍ତ କରିବା ବା ହେବା; ବିଂ. gangrenous.

**gangster** ବି. ଅପରାଧୀଦଳର ସଦସ୍ୟ।

**gangue** ବି. ଯେଉଁ ମୃତ୍ତିକାରୁ ଖଣିଜ ପଦାର୍ଥର ଉପାଦାନ ମିଳେ।

**gangway** ବି ଦୁଇଟି ଆସନଶ୍ରେଣୀ ମଧ୍ୟସ୍ଥ ଗମନପଥ; ଜାହାଜର ପାର୍ଶ୍ୱ ଭାଗସ୍ଥ ପ୍ରବେଶ ଓ ନିର୍ଗମ ପଥ।

**gantlet** ବି. *ଆମେ.* gauntlet.

**gaol** 1. ବି. ଜେଲ୍, ସାଧାରଣ ବନ୍ଦୀଶାଳା; 2. କ୍ରି. ବନ୍ଦୀ କରିବା, କଏଦ୍ କରିବା।

**gaolbird** ବି. ପୁରାତନ କଏଦୀ, ବହୁବାର ବନ୍ଦୀ ହୋଇଥିବା ଆସାମୀ।

**gaolbreak** ବି. ଜେଲ ଭାଙ୍ଗି ପଳାୟନ।

**gaoler** ବି. ଜେଲର, ବନ୍ଦୀଶାଳାର ତତ୍ତ୍ୱାବଧାରକ।

**gap** 1. ବି. କାନ୍ଥ ବା ବାଡ଼ରେ ଫାଙ୍କା ବା ଖୋଲା ସ୍ଥାନ; ଶୂନ୍ୟସ୍ଥାନ, ଅନ୍ତର, ଗିରିବର୍ତ୍ମ; ବିଂ. gappy.

Digitized by srujanika@gmail.com

**gape** 1. କ୍ରି. ପାଟି ମେଲା କରିବା; ବିସ୍ମୟ–ବିସ୍ତାରିତ ଦୃଷ୍ଟିରେ ଚାହିଁବା; ହାଇ ମାରିବା; 2. ବି. ବିସ୍ମୟ–ବିସ୍ତାରିତ ଚାହାଣି; ମୁଖବ୍ୟାଦାନ।

**garage** 1. ବି. ଗେରେଜ୍, ମୋଟରଗାଡ଼ି ମରାମତି କରିବା ବା ରଖିବା ସ୍ଥାନ; ପେଟ୍ରୋଲ ବିକ୍ରୟ କେନ୍ଦ୍ର; 2. କ୍ରି. ଗେରେଜ୍‌ରେ ଗାଡ଼ି ରଖିବା।

**garb** 1. ବି. ବେଶ; ବିଶେଷ ପୋଷାକ, 2. କ୍ରି. ପୋଷାକରେ ଆବୃତ କରିବା।

**garbage** ବି. ଆବର୍ଜନା, ଗୃହର ଅଦରକାରୀ ଫିଙ୍ଗିଦେବାଭଳି ଜିନିଷ; ଆବର୍ଜନାସଦୃଶ ସାହିତ୍ୟ।

**garble** କ୍ରି. ତଥ୍ୟ, ସଂବାଦ, ବିବୃତି ପ୍ରଭୃତିର ବିକୃତ ଉପସ୍ଥାପନ କରିବା; ଗ୍ରନ୍ଥ ପ୍ରଭୃତିରୁ ନିଜ ଉଦ୍ଦେଶ୍ୟ ସାଧନ କଲାଭଳି (କଦର୍ଥ କରିବା ପାଇଁ) ଅଂଶ ବାଛିବା।

**garden** 1. ବି. ବଗିଚା; ପୁଷ୍ପ, ଫଳ ବା ପନିପରିବା ଚାଷପାଇଁ ଉଦ୍ୟାନ; ସର୍ବସାଧାରଣଙ୍କର ବିନୋଦନ ନିମନ୍ତେ ପ୍ରସ୍ତୁତ ଉଦ୍ୟାନ; 2. କ୍ରି. ବଗିଚାକାମ କରିବା।

**garden centre** ବି. ବଗିଚା ପାଇଁ ଚାରା ଓ ଯନ୍ତ୍ରପାତି ବିକ୍ରୟ ସ୍ଥାନ।

**garden city** ବି. ବହୁ ଉଦ୍ୟାନସଂବଳିତ ସହର।

**garden party** ବି. ଲନ୍ ବା ବଗିଚାରେ ଆୟୋଜିତ ବନ୍ଧୁମିଳନ।

**gardener** ବି. ମାଳୀ।

**gardenia** ବି. ଧଳା ବା ହଳଦିଆ ରଙ୍ଗର ସୁଗନ୍ଧି ପୁଷ୍ପପ୍ରସୂ ବୃକ୍ଷ ବିଶେଷ।

**garfish** ବି. ଦୀର୍ଘ ବର୍ଚ୍ଛାସଦୃଶ ଥଣ୍ଟବିଶିଷ୍ଟ ମତ୍ସ୍ୟବିଶେଷ।

**gargantuan** ବିଂ. ପ୍ରକାଣ୍ଡ, ଅତିକାୟ (Gargantua ନାମକ କଳ୍ପିତ ଅସୁରର ନାମାନୁଯାୟୀ)।

**gargle** 1. କ୍ରି. କଣ୍ଠ ଓ ପାଟି ସଫାକରିବା ଲାଗି କୁଳୁକୁଳୁ କରିବା; 2. ବି. କୁଳୁକୁଳୁ କରିବା ପାଇଁ ବ୍ୟବହୃତ ତରଳ ବିଶୋଧକ।

**gargoyle** ବି. କୋଠାଘରର ଛାତ ଉପରୁ ଜଳନିର୍ଗମ ପାଇଁ ବସାଯାଇଥିବା ପଶୁ ବା ମନୁଷ୍ୟର ବିକୃତ ମୁଖାକୃତି ନଳ ମୁଖ।

**garibaldi** ବି. କିସ୍‌ମିସ୍ ଦେଇ ପ୍ରସ୍ତୁତ ଏକ ପ୍ରକାର ବିସ୍କୁଟ (ଇଟାଲିର ଜାତୀୟ ବୀର ଗାରିବଲ୍‌ଡ଼ିଙ୍କ ନାମାନୁସାରେ)।

**garish** ବିଂ. ଚକ୍‌ଚକିଆ, ଅତିଶୟ ଉଜ୍ଜ୍ୱଳ; ବାହ୍ୟସୁନ୍ଦର।

**garland** 1. ବି. ପୁଷ୍ପମାଲ୍ୟ; 2. କ୍ରି. ମାଲ୍ୟାର୍ପଣ କରିବା।

**garlic** ବି. ରସୁଣ; ବିଂ. garlicky.

**garment** ବି. ପୋଷାକ, (ଔପଚାରିକ) ପରିଚ୍ଛଦ, ବହିର୍ବାସ।

**garner** 1. କ୍ରି. ସଞ୍ଚୟ କରିବା, ଶସ୍ୟାଗାରରେ ସାଇତି ରଖିବା 2. ବି. *ସାହି.* ଶସ୍ୟାଗାର, କୋଠି।

**garnet** ବି. ଏକପ୍ରକାର ରକ୍ତାଭ ମଣି; ଗୋମେଦ ବା ତାମଡ଼ି।

**garnish** 1. କ୍ରି. (ଟେବୁଲରେ) ସଜାଇବା (ଖାଦ୍ୟ ପ୍ରଭୃତି); ଶୋଭିତ ବା ମଣ୍ଡିତ କରିବା; 2. ବି. ଆଳଙ୍କାରିକ (ଖାଦ୍ୟ) ସଜା।

**garote, garotte** ଦ୍ର. garrotte.

**garret** ବି. କୋଠାଘରର ଛାତ ଉପରିସ୍ଥ ଛୋଟ କୋଠରୀ ବା ଅଳିନ୍ଦ; ଚନ୍ଦ୍ରଶାଳା।

**garrison** 1. ବି. ନଗର ବା ଗଡ଼କୁ ରକ୍ଷାକରିବା ପାଇଁ ଗଡ଼ (ଦୁର୍ଗ) ଭିତରେ ଥିବା ସୈନ୍ୟଦଳ; 2. କ୍ରି. ଏହି ପ୍ରକାର ସୈନ୍ୟଦଳଙ୍କୁ ଅବସ୍ଥାପିତ କରିବା।

**garrotte** 1. ବି. ସ୍ପେନ ଦେଶର ମୃତ୍ୟୁଦଣ୍ଡ (ଶ୍ୱାସରୋଧ ପୂର୍ବକ); ଏହି ପ୍ରକାର ମୃତ୍ୟୁଦଣ୍ଡ ଦେବା ନିମନ୍ତେ ବ୍ୟବହୃତ ଯନ୍ତ୍ର; 2. କ୍ରି. ଉକ୍ତ ପ୍ରଣାଳୀରେ ମୃତ୍ୟୁଦଣ୍ଡ ଦେବା।

**garrulous** ବି. ବାଚାଳ, କୁହାଳିଆ; ବି. garrulity; ବି. garrulousness.

**garter** ବି. ମୋଜାବାନ୍ଧିବା ଫିତା; the Garter ଗ୍ରେଟ୍ ବ୍ରିଟେନ୍‌ସ୍ଥ ନାଇଟ୍ ଉପାଧିଧାରୀମାନଙ୍କର ଉଚ୍ଚତମ ଶ୍ରେଣୀ, ତାହାର ସଦସ୍ୟ ବା ସେମାନଙ୍କର ସନ୍ତକ।

**gas** 1. ବି. ବ.ବ. gases ଗ୍ୟାସ୍, ଧୂମ; ବାଷ୍ପ; ତଜ୍ଜାତୀୟ ପଦାର୍ଥ, ଯଥା କୋଇଲା ବାଷ୍ପ; ଆଲୋକ ବା ଉତ୍ତାପ ନିମନ୍ତେ ବ୍ୟବହୃତ ଗ୍ୟାସ; ରନ୍ଧନ ଗ୍ୟାସ; ଯୁଦ୍ଧରେ ଶତ୍ରୁ ପକ୍ଷକୁ ଅକ୍ଷମ କରିବା ନିମନ୍ତେ ବ୍ୟବହୃତ ବିଷାକ୍ତ ବାଷ୍ପ, *ଆମେ.* ପେଟ୍ରୋଲିୟମ୍; *କ.ଭା.* ବୃଥା ବା ଅନାବଶ୍ୟକ ଗପ; 2. କ୍ରି. ଗ୍ୟାସ୍ ପ୍ରୟୋଗ କରିବା; ଗ୍ୟାସ୍‌ଦ୍ୱାରା ବିଷାକ୍ତ ବା ଆହତ କରିବା;

Digitized by srujanika@gmail.com

କ.ଭା. ବୃଥା ଗପ କରିବା, ଗର୍ବ କରି କହିବା; step on the gas କ.ଭା. ମୋଟରଗାଡ଼ିର ବେଗ ବୃଦ୍ଧି କରିବା ।

**gasbag** ବି. ବାଷ୍ପାଧାର; କ.ଭା. ବୃଥା ଗପୁଡ଼ି ବ୍ୟକ୍ତି ।

**gas chamber** ବି. ବିଷାକ୍ତ ଗ୍ୟାସ୍‌ପରିପୂର୍ଣ୍ଣ ପ୍ରକୋଷ୍ଠ ।

**gaseous** ବିଂ. ବାଷ୍ପୀୟ; ବାଷ୍ପତୁଲ୍ୟ; ବାଷ୍ପସମ୍ବନ୍ଧୀୟ ।

**gas fire** ବି. ଗ୍ୟାସ୍‌ରେ ଜଳୁଥିବା ଘରୋଇ ଜଳଚୁଲ୍ଲୀ ।

**gas–fired** ବିଂ. ଇନ୍ଧନ ରୂପେ ଗ୍ୟାସ୍ ବ୍ୟବହାର କରୁଥିବା (ଚୁଲ୍ଲୀ) ।

**gash** 1. ବି. ଲମ୍ବ ଓ ଗଭୀର ଛେଦ ବା କ୍ଷତ; 2. କ୍ରି. ଅସ୍ତ୍ରଦ୍ୱାରା ଗଭୀର ଓ ଲମ୍ବଭାବରେ ଛେଦ କରିବା; କାଟିବା

**gasholder** ବି. ବୃହତ୍ ବାଷ୍ପାଧାର; ଗ୍ୟାସୋମିଟର୍ ।

**gasification** ବି. ବାଷ୍ପୀକରଣ ।

**gasify** କ୍ରି. ଗ୍ୟାସ୍ ବା ବାଷ୍ପରେ ପରିଣତ କରିବା ।

**gasket** ବି. ପରସ୍ପର ସଂଲଗ୍ନ ଧାତୁନିର୍ମିତ ଦୁଇଟି ଫଳକକୁ ବାୟୁନିରୋଧ କରି ଯୋଡ଼ିବା ପାଇଁ ବ୍ୟବହୃତ ରବର ରିଙ୍ଗ; ପାଲ ଇତ୍ୟାଦି ବାନ୍ଧିବାରେ ବ୍ୟବହୃତ ଛୋଟ ଦଉଡ଼ି ବା ରସି ।

**gaslight** ବି. ଗ୍ୟାସ୍ ବତୀ ବା ଆଲୋକ ।

**gas mask** ବି. ବିଷାକ୍ତ ଗ୍ୟାସ୍‌ରୁ ରକ୍ଷାପାଇବା ନିମନ୍ତେ ବ୍ୟବହୃତ ମୁଖାଚ୍ଛାଦକ ।

**gasolene, gasoline** ବି. *ଆମେ.* ପେଟ୍ରୋଲ ।

**gasometer** ବି. ବିଶାଳ ଟାଙ୍କି, ଯହିଁରୁ ପାଇପ୍ ସାହାଯ୍ୟରେ ଗ୍ୟାସ୍ ବଣ୍ଟନ କରାଯାଏ ।

**gasp** 1. କ୍ରି. କ୍ଲାନ୍ତି ବା ବିସ୍ମୟ ହେତୁ ପାଟି ମେଲା କରି ନିଃଶ୍ୱାସ ନେବା; କଷ୍ଟରେ ନିଃଶ୍ୱାସ ନେବା, ଧଇଁସଇଁ ହେବା; 2. ବି. ଧଇଁସଇଁ; at one's last gasp ମୁମୂର୍ଷୁ ଅବସ୍ଥାରେ; ଅତିକ୍ଲାନ୍ତ ।

**gas ring** ବି. ଗ୍ୟାସ ଚୁଲ୍ଲୀରେ ଲାଗିଥିବା ସଚ୍ଛିଦ୍ର ଫଳକ ଯାହା ଉପରେ ଗ୍ୟାସ୍ ଜଳେ ।

**gassy** ବିଂ. ବାଷ୍ପ ସମ୍ବନ୍ଧୀୟ; ବାଷ୍ପ ସଦୃଶ; ବାଚାଳ ।

**gastric** ବିଂ. ପାକସ୍ଥଳୀ ସମ୍ବନ୍ଧୀୟ; gastric juice ପାକସ୍ଥଳୀରେ ଉତ୍ପନ୍ନ ପାଚକ ରସ ।

**gastritis** ବି. ପାକସ୍ଥଳୀର ପ୍ରଦାହ ।

**gastro–** ଊ.ପ. ପାକସ୍ଥଳୀୟ, ଉଦା. gastro-intestinal.

**gastro–enteritis** ବି. ପାକସ୍ଥଳୀ ଓ ଅନ୍ତ୍ରର ପ୍ରଦାହ ।

**gastronome** ବି. ଖାଦ୍ୟ ଓ ପାନୀୟ ବିଷୟରେ ସୂକ୍ଷ୍ମ ରୁଚି ସମ୍ପନ୍ନ ବ୍ୟକ୍ତି; ଭୋଜନବିଳାସୀ ।

**gastronomy** ବି. ଉତ୍ତମ ଭୋଜନ ଓ ପାନର ବିଜ୍ଞାନ; ବିଂ. gastronomic, gastronomical; କ୍ରି.ବିଂ. gastronomically.

**gastropod** ବି. ତଳିପେଟ ସାହାଯ୍ୟରେ ଚାଲୁଥିବା କଠିନ ଖୋଳପା ବିଶିଷ୍ଟ ଗେଣ୍ଡା ପ୍ରଭୃତି ପ୍ରାଣୀ ।

**gasworks** ବି. ବ.ବ. ଗ୍ୟାସ୍ କାରଖାନା ।

**gate** 1. ବି. ଦ୍ୱାର; ଫାଟକ; ତୋରଣ; ପ୍ରବେଶପଥ; ପ୍ରବେଶ ବା ପ୍ରସ୍ଥାନର ସାଧନ; ଜଳନିୟନ୍ତ୍ରଣ ପଥ; ଫୁଟ୍‌ବଲ ପ୍ରଭୃତି ଖେଳ ଦେଖିବା ନିମନ୍ତେ ଫାଟକ ନିକଟରେ ଅର୍ଥ ଦେଇ ଭିତରକୁ ପ୍ରବେଶ କରୁଥିବା ଦର୍ଶକ ଦଳ; ଉକ୍ତ ଉପାୟରେ ପ୍ରାପ୍ତ ଅର୍ଥ; 2. କ୍ରି. ନିର୍ଦ୍ଦିଷ୍ଟ ସମୟ ପରେ ସ୍କୁଲ୍ ବା କଲେଜରେ ଆବଦ୍ଧ ରଖିବା; ବିଂ. gated.

**gateau** ବି. ସର ବା ମଲାଇରେ ତିଆରି ବଡ଼ କେକ୍ ବା ପିଠା ।

**gatecrash** କ୍ରି. ସାମାଜିକ ଗୋଷ୍ଠୀ ପ୍ରଭୃତିରେ ଅନିମଂତ୍ରିତ ଭାବରେ ପ୍ରବେଶ କରିବା; ବି. gatecrasher.

**gateway** ବି. ପ୍ରବେଶପଥ; ଫାଟକ, ତୋରଣ ।

**gather** 1. କ୍ରି. ସଂଗ୍ରହ କରିବା; ଏକତ୍ର କରିବା; ସଞ୍ଚୟ କରିବା; କୁଞ୍ଚିତ କରିବା; (ଗତିବେଗ) ବଢ଼ାଇବା; ଅନୁମାନ କରିବା; ସିଦ୍ଧାନ୍ତ କରିବା; ସମବେତ ବା ଏକତ୍ର ହେବା; (ବଥ ପ୍ରଭୃତି) ମୁହଁ ହେବା ବା ପୂଜେଇବା 2. ବି. *ସା.* ବ.ବରେ (ପୋଷାକର) କୁଞ୍ଚନ ବା କୁଞ୍ଚ; gather up ଏକାଠି କରିବା; ଭୂଇଁରୁ ଗୋଟାଇବା ।

**gathering** ବି. ଜନସମାବେଶ; ସଂଗ୍ରହ; ବ୍ରଣପଚନ ଜନିତ ଫୁଲା; ବହିବନ୍ଧାରେ ଏକତ୍ର ଗୃହୀତ ପତ୍ରସମଷ୍ଟି ।

**gauche** ବିଂ. ଅକୁଶଳ; (ସାମାଜିକତା ସମ୍ପର୍କରେ) ଅବାଗିଆ ।

**gaucherie** ବି. ଅକୁଶଳ ବ୍ୟବହାର ବା କାର୍ଯ୍ୟ ।

**gaud** ବି. ଆଡ଼ମ୍ବରପୂର୍ଣ୍ଣ ଅଳଙ୍କାର ।

Digitized by srujanika@gmail.com

**gaudy**[1.] ବିଂ. ବାହ୍ୟ ଚାକଚକ୍ୟପୂର୍ଣ୍ଣ; କ୍ରି.ବିଂ. gaudily ବି. gaudiness.

**gaudy**[2.] ବି. ପୁରାତନ ଛାତ୍ରପ୍ରଭୃତିଙ୍କ ପାଇଁ କଲେଜ୍‌ରେ ଅନୁଷ୍ଠିତ ଭୋଜି ଆଦି ବାର୍ଷିକ ଉତ୍ସବ।

**gauge** 1. ବି. ପ୍ରାମାଣିକ ମାନ ବା ମାପ ପାତ୍ରର ଧାରଣ ଶକ୍ତି; ବୟନଶିଳ୍ପର ସୂକ୍ଷ୍ମତା; ଗୁଳି ଗୋଳାର ବ୍ୟାସ; ଧାତୁ ଚାଦରର ଘନତ୍ୱ; ରେଳପଥର ଦୁଇଟି ପୋଇର ବ୍ୟବଧାନ ବା ରେଳଡ଼ବାର ଦୁଇଟି ବିପରୀତ ଚକ୍ର ମଧ୍ୟସ୍ଥ ବ୍ୟବଧାନ; ଧାରଣ ଶକ୍ତି; ପ୍ରସାର; ମାପ; ପବନ ସହିତ ଆପେକ୍ଷିକ ସ୍ଥିତି; 2. କ୍ରି. ଠିକ୍ ରୂପେ ମାପିବା; ପିପା ଆଦିର ଧାରଣଶକ୍ତି ମାପି ଠିକ୍ କରିବା; (ବ୍ୟକ୍ତିର) ଗୁଣ ଦୋଷାଦି ବିଚାର କରିବା; broad gauge ୪' ୮'' ବ୍ୟବଧାନର ରେଳପଥ; narrow gauge ୪' ୮''ରୁ କମ ବ୍ୟବଧାନର ରେଳପଥ; rain gauge ବୃଷ୍ଟିମାନ ଯନ୍ତ୍ର।

**Gaul** ବି. ଗଲ୍ ବା ପ୍ରାଚୀନ ଫ୍ରାନ୍ସଦେଶର ଅଧିବାସୀ; ଫରାସୀମାନଙ୍କର ପ୍ରାଚୀନ ନାମ।

**Gaulish** 1. ବିଂ. ପ୍ରାଚୀନ ଫରାସୀ ଜାତି ସମ୍ବନ୍ଧୀୟ; 2. ବି. ପ୍ରାଚୀନ ଫରାସୀ ଜାତିର ଭାଷା।

**gaunt** ବିଂ. (ବ୍ୟକ୍ତି ସଂପର୍କରେ), କ୍ଷୀଣକାୟ; ଅସ୍ଥିଚର୍ମସାର; ବିକଟ ଦର୍ଶନ; (ସ୍ଥାନ ସମ୍ପର୍କରେ) ନିର୍ଜନ; ବି. gauntness.

**gauntlet** ବି. ଦୃଢ଼ କରତ୍ରାଣ; ଲୌହ ଦସ୍ତାନା; ଇତି. ବର୍ମ ବା କବଚତୁଲ୍ୟ କରତ୍ରାଣ pick (take) up the gauntlet ଆହ୍ୱାନ ସ୍ୱୀକାର କରିବା; throw down the gauntlet ଯୁଦ୍ଧ ବା ବିବାଦ ନିମନ୍ତେ ଆହ୍ୱାନ କରିବା run the gauntlet ଦଣ୍ଡସ୍ୱରୂପ ଯଷ୍ଟି ଆଦି ଦ୍ୱାରା (କୌଣସି ବ୍ୟକ୍ତିଙ୍କୁ) ଆଘାତ କରୁଥିବା ଦୁଇଧାଡ଼ି ଲୋକଙ୍କ ମଧ୍ୟରେ ଅଗ୍ରସର ହେବା; ସମାଲୋଚନାର ସମ୍ମୁଖୀନ ହେବା।

**gauss** ବି. ବ.ବ. gauss ଚୁମ୍ବକୀୟ ପ୍ରବାହର ବିଦ୍ୟୁତ୍ ଚୁମ୍ବକୀୟ ଏକକ।

**gauze** ବି. ସରୁ ଜାଲିଜାଲି ରେଶମୀ ବା କାର୍ପାସ କନା; ଗଜ୍‌କନା; wire gauze ସୂକ୍ଷ୍ମ ତାରଜାଲି; ବିଂ. gauzy.

**gave** କ୍ରି. give ଅ.କା.।

**gavel** ବି. ନିଲାମକାରୀ ସଭାପତି ବା ବିଚାରପତିଙ୍କ ଦ୍ୱାରା ବ୍ୟବହୃତ ଧ୍ୟାନାକର୍ଷକ ହାତୁଡ଼ି।

**gavotte** ବି. ସାଧାରଣ ସମୟର ମଧ୍ୟମଗତି ବିଶିଷ୍ଟ ଏକପ୍ରକାର ନୃତ୍ୟ; ଉକ୍ତ ନୃତ୍ୟର ଉପଯୋଗୀ ସଂଗୀତ।

**gawk** 1. କ୍ରି. କ.ଭା. ନିର୍ବୋଧ ଭାବରେ ଚାହିଁବା, 2. ବି. ଅବାଗିଆ ବା ଲାଜକୁଳା ଲୋକ।

**gawky** ବିଂ. ଅବାଗିଆ ବା କଦର୍ଯ୍ୟ; କ୍ରି.ବିଂ. gawkily, ବି. gawkiness.

**gawp** କ୍ରି. କ.ଭା. ନିର୍ବୋଧ ଭାବରେ ଚାହିଁବା।

**gay** 1. ବିଂ. ପ୍ରଫୁଲ୍ଲ; ଆନନ୍ଦିତ, ଆଡ଼ମ୍ବରପୂର୍ଣ୍ଣ; ଉଜ୍ଜ୍ୱଳ; କ.ଭା. ସମଲିଙ୍ଗୀ ପୁରୁଷ; କ.ଭା. ବେପରୱା, ଚିନ୍ତାଶୂନ୍ୟ; 2. ବି. ସମଲିଙ୍ଗୀ ପୁରୁଷ; ବି. gayness.

**gayety** ବି. ଆମେ. ବନା. gaiety.

**gaze** 1. କ୍ରି. ସ୍ଥିର ଦୃଷ୍ଟିରେ ଚାହିଁବା; ନିରୀକ୍ଷଣ କରିବା; 2. ବି. ସ୍ଥିରଦୃଷ୍ଟି; ନିରୀକ୍ଷଣ; ଏକାଗ୍ରଦୃଷ୍ଟି।

**gazebo** ବି. ବ.ବ. gazebos ଉଚ୍ଚସ୍ଥାନରେ ନିର୍ମିତ ଗ୍ରୀଷ୍ମାବାସ।

**gazelle** ବି. ଏକ ପ୍ରକାର କ୍ଷୁଦ୍ରକାୟ, ସୁନ୍ଦର କୃଷ୍ଣସାର ମୃଗ।

**gazette** 1. ବି. ଗେଜେଟ୍, ସରକାରୀ ସଂବାଦପତ୍ର; ଘୋଷପତ୍ର; 2. କ୍ରି. ଗେଜେଟ୍ ବା ସରକାରୀ ସଂବାଦ ପତ୍ରରେ ଘୋଷଣା ବା ପ୍ରକାଶ କରିବା।

**gazetteer** ବି. ଭୌଗୋଳିକ ସୂଚୀପତ୍ର।

**gazump** କ୍ରି. ସା.ପ୍ର. କ୍ରେତାଙ୍କଠାରୁ ବରାଦ ପାଇବା ପରେ ଦରବୃଦ୍ଧି କରିବା; ଠକିବା।

**gear** 1. ବି. ଗିଅର; ଯାନର ଏକତ୍ର କାର୍ଯ୍ୟକାରୀ ପରସ୍ପର ଦନ୍ତଯୁକ୍ତ ଚକ୍ରସମୂହ, ବିଶେଷତଃ ଯେଉଁ ଚକ୍ରସବୁ ଯାନର ଇଞ୍ଜିନକୁ ଚକ ସହିତ ସଂଯୋଗ କରିଥାନ୍ତି; ଏ ଗୁଡ଼ିକର ବିଶେଷ ସମାବେଶ; 2. କ୍ରି. ଗିଅର୍ ପକାଇବା; ଦନ୍ତୁରିତ ଚକ୍ର ସବୁକୁ ସଂଯୋଗ କରିବା (ଗତି ବୃଦ୍ଧି ବା ହ୍ରାସ ସକାଶେ); gear-lever ଗିଅର ନିୟନ୍ତ୍ରକ ଦଣ୍ଡ; high (low) gear ଗିଅର ବା ଦନ୍ତୁରିତ ଚକ୍ରର ସମାବେଶ ଯଦ୍ଦ୍ୱାରା ଯନ୍ତ୍ରର ଚାଳିତ ଅଂଶ ଚାଳକ ଅଂଶଠାରୁ ଦ୍ରୁତତର ବା ମନ୍ଥରତର ଗତିରେ ଚାଲେ; in gear ଗିଅରର ଚାଲୁ ଅବସ୍ଥାରେ; out of gear ଗିଅର ଅକାମୀ ଅବସ୍ଥାରେ; ଲାକ୍ଷ. ବିଶୃଙ୍ଖଳ ବା ବିଗିଡ଼ି ଯିବା ଅବସ୍ଥାରେ।

**gearbox** ବି. ଯାନବାହନର ଗିଅର୍ ବାକ୍ସ।

**gearing** ବି. ଗିଅରର ସାଜ ବା ଶ୍ରେଣୀ।

Digitized by srujanika@gmail.com

**gearwheel** ବି. ଗିଅର୍‌ଶ୍ରେଣୀରେ ସଂଲଗ୍ନ ଦନ୍ତୁରିତ ଚକ୍ର।
**gecko** ବି. ବ.ବ. geckos ଝିଟିପିଟି।
**gee**[1.] *ଅବ.* (gee whizମଧ), *ଆମେ.* ବିସ୍ମୟାଦିସୂଚକ ଉଚ୍ଚାରଣ।
**gee**[2.] *ଅବ.* (*ସା.* up ସହିତ) ଆଗକୁ ଚାଲିବା କିମ୍ବା ଶୀଘ୍ର ଚାଲିବା ନିମନ୍ତେ ଘୋଡ଼ା ପ୍ରତି ଆଦେଶ।
**gee–gee** ବି. *କ.ଭା.* ଘୋଡ଼ା।
**geese** ବି. gooseର ବ.ବ.।
**geezer** *ସା.ପ୍ର.* ବ୍ୟକ୍ତି, ବିଶେଷତଃ ବୃଦ୍ଧ।
**Geiger counter** ବି. ତେଜସ୍କ୍ରିୟ ରଶ୍ମିବିକିରଣର ଅନୁସନ୍ଧାୟୀ ଓ ପରିମାପକ ଯନ୍ତ୍ରବିଶେଷ।
**geisha** ବି. ପୁରୁଷମାନଙ୍କୁ ସତ୍କାର କରିବା ନିମନ୍ତେ ତାଲିମ୍‌ପ୍ରାପ୍ତା ଜାପାନୀ ବାଳିକା।
**gel** ବି. ଅର୍ଦ୍ଧଘନ ଅଠାଳିଆ ପଦାର୍ଥ ବା ଜେଲି।
**gelatine** ବି. (gelatin ମଧ) ବି. ଶିରିସ; ପ୍ରାଣୀର ଚର୍ମ, ସ୍ନାୟୁ ଇତ୍ୟାଦିରୁ ଉପଲବ୍ଧ ସ୍ୱଚ୍ଛ, ସ୍ୱାଦହୀନ ପଦାର୍ଥ, ଯାହା ରନ୍ଧନକଳା ଓ ଫଟୋଗ୍ରାଫି ପ୍ରଭୃତିରେ ବ୍ୟବହୃତ ହୁଏ।
**gelatinize** *କ୍ରି.* ସିରିସ ବା ଜେଲିରେ ପରିଣତ କରିବା ବା ହେବା।
**gelatinous** ବିଂ. ଜେଲି ସଦୃଶ ଅଠାଳିଆ।
**geld** *କ୍ରି.* ପ୍ରଜନନ ଶକ୍ତିରୁ ବଞ୍ଚିତ କରିବା (ସାଧାରଣତଃ ଅଣ୍ଡିରା ପଶୁମାନଙ୍କୁ); ଖାସୁ କରିବା।
**gelding** ବି. ଖାସୁକରା ପଶୁ (ବିଶେଷତଃ ଅଶ୍ୱ)।
**gelignite** ବି. ନାଇଟ୍ରୋଗ୍ଲିସରିନ୍‌ରୁ ପ୍ରସ୍ତୁତ ଏକଜାତୀୟ ବିସ୍ଫୋରକ ପଦାର୍ଥ।
**gem** 1. ବି. ବହୁମୂଲ୍ୟ ପ୍ରସ୍ତର; ରତ୍ନ; ମଣି; ଅତିସୁନ୍ଦର ବା ମୂଲ୍ୟବାନ୍ ପଦାର୍ଥ; 2. *କ୍ରି.* ମଣି, ରତ୍ନ ପ୍ରଭୃତିଦ୍ୱାରା ମଣ୍ଡିତ ବା ଅଳଂକୃତ କରିବା।
**geminate** 1. *କ୍ରି.* ଦ୍ୱିଗୁଣିତ ବା ଯୁଗ୍ମ କରିବା; ଯୁଗ୍ମ ଭାବରେ ବା ଯୋଡ଼ି ଯୋଡ଼ି କରି ସଜାଇବା; 2. ବିଂ. ଯୁଗ୍ମ; ଯୁଗଳ; ଯୁଗ୍ମ ଭାବରେ ସଜ୍ଜିତ; ବି. gemination.
**Gemini** ବି. ରାଶିଚକ୍ରର ତୃତୀୟ ରାଶି; ମିଥୁନ ରାଶି।
**gemma** ବି. ବ.ବ. gemmae ଶିଉଳି ପ୍ରଭୃତି ଉଦ୍‌ଭିଦର କ୍ଷୁଦ୍ର କୋଷ, ଯାହା ମାତୃ–କୋଷରୁ ବିଚ୍ଛିନ୍ନ ହୋଇ ନୂଆ ଉଦ୍‌ଭିଦଟିଏ ଆରମ୍ଭ କରେ; ବି. gemmation.
**gen** *ସା.ପ୍ର.* 1. ବି. ସୂଚନା; 2. *କ୍ରି.* (up ସହ) ସଂବାଦ ଦେବା ବା ପାଇବା।
**–gen** *ପ.ପ୍ର.* ଉତ୍ପାଦକ ଅର୍ଥରେ ବିଶେଷ୍ୟ–ପଦ–ଗଠନକାରୀ ପ୍ରତ୍ୟୟ (ଉଦା. hydrogen).
**Gen.** *ସଂଶ.* General ଜେନେରାଲ।
**gendarme** ବି. (ଫ୍ରାନ୍‌ସ ପ୍ରଭୃତିରେ) ପୋଲିସ୍ କାର୍ଯ୍ୟରେ ନିଯୁକ୍ତ ସୈନ୍ୟ।
**gender** ବି. *ବ୍ୟା.* ଲିଙ୍ଗ; ପୁରୁଷ ବା ସ୍ତ୍ରୀ ଜାତିର ଭେଦ।
**gene** ବି. ପିତ୍ରୀୟସୂତ୍ର (କ୍ରୋମୋଜୋମ୍) ମଧ୍ୟସ୍ଥ ବଂଶାନୁକ୍ରମର ଏକକ ଯାହା ବଂଶ ପରମ୍ପରାଗତ ପ୍ରକୃତି ବା ଗୁଣର ବାହକ ଅଟେ; ଜିନ୍।
**genealogy** ବି. ବଂଶାନୁକ୍ରମ; ବଂଶପରମ୍ପରା; ପୀଢ଼ି; ବିଂ. genealogical; ବି. genealogist.
**genealogical tree** ବି. କୁଳଦ୍ରୁମ, ବଂଶଲତା, ବଂଶାବଳୀ।
**genera** ବି. genusର ବ.ବ.।
**general** 1. ବିଂ. ସାଧାରଣ; ଯାହା ଆଂଶିକ, ଆଞ୍ଚଳିକ ବା ବ୍ୟକ୍ତିନିଷ୍ଠ ନୁହେଁ; ଯାହାର ପ୍ରୟୋଗ ସୀମିତ ନୁହେଁ; ସମୁଦାୟ; ବ୍ୟାପକ; ଅନିର୍ଦ୍ଦିଷ୍ଟ; ଅସ୍ପଷ୍ଟ; ପ୍ରଚଳିତ; ମୁଖ୍ୟ (general secretary); 2. ବି. ସେନାନାୟକ (ଫିଲ୍ଡ଼ ମାର୍ଶାଲଙ୍କର ଅଧସ୍ତନ), ସେନାଧକ୍ଷ; ବିଭାଗୀୟ ଅଧକ୍ଷ (Postmaster General, Accountant General); in general ସାଧାରଣତଃ, ବ୍ୟାପକ ଭାବରେ।
**general election** ବି. ସାଧାରଣ ନିର୍ବାଚନ।
**generalissimo** ବି. ବ.ବ. generalissimos ସମ୍ମିଳିତ ସ୍ଥଳ, ନୌ ଓ ବିମାନ ସେନାଙ୍କ ଅଧିନାୟକ।
**generality** ବି. ସାଧାରଣ ଉକ୍ତି ବା ନିୟମ; ସାଧାରଣ ପ୍ରୟୋଗଶୀଳତା; ଅନିଶ୍ଚିତତା; ସଂଖ୍ୟାଗରିଷ୍ଠତା।
**generalize** *କ୍ରି.* ସାଧାରଣ ଭାବରେ କହିବା; ସାଧାରଣ ଶ୍ରେଣୀଭୁକ୍ତ ବା ସାଧାରଣ ନିୟମାଧୀନ କରିବା; ବ୍ୟକ୍ତିଗତ ଘଟଣାରୁ ସାଧାରଣ ତତ୍ତ୍ୱରେ ଉପନୀତ ହେବା।

Digitized by srujanika@gmail.com

**generally** କ୍ରି.ବିଂ. ସାଧାରଣତଃ; ସ୍ଥୂଳଭାବରେ; ବ୍ୟତିକ୍ରମ ବା ବିଶେଷ ଅଂଶକୁ ଧ୍ୟାନ ନ ଦେଇ, ମୋଟାମୋଟି।

**general practitioner** ବି. ସର୍ବରୋଗ ଚିକିତ୍ସକ (ବିଶେଷଜ୍ଞ ନୁହନ୍ତି)।

**generate** କ୍ରି. ଉତ୍ପାଦନ କରିବା; ସୃଷ୍ଟି କରିବା।

**generation** ବି. ଜନନ ବା ଜନନକ୍ରିୟା; ବିଦ୍ୟୁତ୍ ଉତ୍ପାଦନ; ଉତ୍ପତ୍ତି; ପୀଢ଼ି; ଯୁଗ; ପୁରୁଷ (ହାରାହାରି ୩୦ ବର୍ଷ); generation gap ଦୁଇ ଭିନ୍ନ ପୁରୁଷ ପିଢ଼ି ମଧ୍ୟରେ ଦୃଷ୍ଟିଭଙ୍ଗୀ ଓ ମୂଲ୍ୟବୋଧ ସଂକ୍ରାନ୍ତ ବ୍ୟବଧାନ।

**generative** ବିଂ. ଜନନ ସଂକ୍ରାନ୍ତ; ଉତ୍ପାଦନକାରୀ।

**generator** ବି. ଯାନ୍ତ୍ରିକ ଶକ୍ତିକୁ ବୈଦ୍ୟୁତିକ ଶକ୍ତିରେ ପରିଣତ କରୁଥିବା ଯନ୍ତ୍ର; ଗ୍ୟାସ୍, ବାଷ୍ପ ପ୍ରଭୃତିର ଉତ୍ପାଦନକାରୀ ଯନ୍ତ୍ରବିଶେଷ।

**generic** ବିଂ. ଜାତି ବା ଶ୍ରେଣୀଗତ; ନିର୍ଦ୍ଦିଷ୍ଟ ବା ବ୍ୟକ୍ତି ସଂପର୍କୀୟ ନୁହେଁ; କ୍ରି.ବିଂ. generically.

**generous** ବିଂ. ବଦାନ୍ୟ; ମହାନୁଭବ; ଉଦାର; ସଦାଶୟ; ଉନ୍ନତମନା; ବି. generosity; କ୍ରି.ବିଂ. generously.

**genesis** ବି. ଉତ୍ପତ୍ତି; ଉତ୍ପାଦନ ବା ଗଠନ ପ୍ରଣାଳୀ; ସୃଷ୍ଟି; Genesis ଖ୍ରୀଷ୍ଟଧର୍ମଗ୍ରନ୍ଥ ବାଇବେଲର ପ୍ରଥମ ପୁସ୍ତକ, ଯହିଁରେ ସୃଷ୍ଟିର ବିବରଣ ଥାଏ।

**genetic** ବିଂ. ଜିନ୍‌ସମୂହ (ଦ୍ର. gene) ବା ପ୍ରଜନନ ବିଜ୍ଞାନ ସମ୍ବନ୍ଧୀୟ; genetic code ପିତ୍ରୀୟ ସୂତ୍ରରେ ବଂଶାନୁକ୍ରମ ସୂଚନା ସଂରକ୍ଷଣ ପ୍ରଣାଳୀ; କ୍ରି.ବିଂ. genetically.

**genetics** ବି. ପ୍ରଜନନ ବିଜ୍ଞାନ; ପ୍ରାଣୀ ଓ ଉଦ୍ଭିଦଙ୍କର ବଂଶାନୁକ୍ରମ ଓ ରୂପାନ୍ତର ବିଷୟକ ଅଧ୍ୟୟନ; ବି. geneticist.

**genial** ବିଂ. ଆନନ୍ଦଦାୟକ; ମେଳାପୀ; ସହାନୁଭୂତିଶୀଳ; (ଜଳବାୟୁ ସଂପର୍କରେ) ଅନୁକୂଳ; ବୃଦ୍ଧିକାରକ, ମୃଦୁ; ବି. geniality; କ୍ରି.ବିଂ. genially.

**genie** ବି. ବ.ବ. genii ଆରବ୍ୟ ଉପନ୍ୟାସରେ ବର୍ଣ୍ଣିତ ଦୈତ୍ୟ ବା ଜିନ୍।

**genital** 1. ବିଂ. ପ୍ରଜନନ ସମ୍ବନ୍ଧୀୟ; 2. ବି. ବ.ବ. genitals ଏବଂ genitalia ବାହ୍ୟ ଜନନେନ୍ଦ୍ରିୟ; ଉପସ୍ଥ।

**genitive** 1. ବିଂ. ବ୍ୟା. ସମ୍ବନ୍ଧ ଓ ଅପାଦାନ ସୂଚକ; ବିଶେଷ୍ୟ ସହିତ 'ର' ('s, s', of); ରୁ, ଠାରୁ (from) ପ୍ରଯୁକ୍ତ ପଦ, ଯାହା ସମ୍ବନ୍ଧ ବା ଅଧିକାର ଏବଂ ମୂଳ ବା ଉତ୍ସର ସୂଚନା ଦିଏ; 2. ବି. ସେହି ପଦ ବା କାରକ।

**genius** ବି. ବ.ବ. geniuses ଅସାଧାରଣ ଧୀଶକ୍ତି; ନବନବୋନ୍ମେଷଶାଳିନୀ ପ୍ରଜ୍ଞା; ପ୍ରତିଭା; ପ୍ରତିଭାଶାଳୀ ବ୍ୟକ୍ତି; ଅସାଧାଣ ଧୀଶକ୍ତି ସମ୍ପନ୍ନ ବ୍ୟକ୍ତି; ସ୍ଥଳ ଦେବତା; ଉପଦେବତା; ପିଶାଚ; ଦୈତ୍ୟ।

**genocide** ବି. ଗଣହତ୍ୟା; ବିଂ. genocidal.

**genome** ବି. ପ୍ରାଣୀର ବଂଶଗତ ଉପାଦାନ।

**–genous** ପ.ପ୍ର. 'ଉତ୍ପନ୍ନ' ବା 'ଉତ୍ପାଦିତ' ଅର୍ଥରେ ବିଶେଷଣ ଗଠନକାରୀ ପ୍ରତ୍ୟୟ ବିଶେଷ, ଉଦା. endogenous.

**genre** ବି. କଳା ପ୍ରଭୃତିର ରୀତି ବା ପ୍ରକାର; ସାଧାରଣ ଜୀବନର ଦୃଶ୍ୟାବଳୀ ବା ଘଟଣାବଳୀର ଚିତ୍ର।

**gent** ବି. କ.ଭା. ଭଦ୍ରବ୍ୟକ୍ତି; gents (ଦୋକାନ ପ୍ରଭୃତିରେ) ଲୋକମାନେ, the Gents କ.ଭା. ପୁରୁଷମାନଙ୍କ ପାଇଁ ସାର୍ବଜନୀନ ଶୌଚାଳୟ।

**genteel** ବିଂ. (ଆପାତତଃ) ଶିଷ୍ଟ, ଭଦ୍ର; ସମ୍ଭ୍ରାନ୍ତ; କ୍ରି.ବିଂ. genteelly.

**genteelism** ବି. ସାଧୁଶବ୍ଦ ବ୍ୟବହାର, ଉଦା. sweat ପରିବର୍ତ୍ତେ perspire.

**gentian** ବି. ନୀଳପୁଷ୍ପ ବିଶିଷ୍ଟ ଏକ ପାର୍ବତୀୟ ଉଦ୍ଭିଦ।

**Gentile** 1. ବିଂ. ଇହୁଦୀ ଭିନ୍ନ ଅନ୍ୟ ଧର୍ମର 2. ବି. ଇହୁଦୀ ଭିନ୍ନ ଅନ୍ୟ ସଂପ୍ରଦାୟର ବ୍ୟକ୍ତି।

**gentility** ବି. ସାମାଜିକ ଶ୍ରେଷ୍ଠତ୍ୱ; ଆଭିଜାତ୍ୟ; ଶିଷ୍ଟାଚାର।

**gentle** ବିଂ. ମୃଦୁ; ଧୀର; ଶାନ୍ତ; ନମ୍ର; ଭଦ୍ରଜନୋଚିତ; ବି. gentleness; କ୍ରି.ବିଂ. gently.

**gentlefolk** ବି. ଭଦ୍ରସମାଜ; ସମ୍ଭ୍ରାନ୍ତ ପରିବାରର ବ୍ୟକ୍ତିବୃନ୍ଦ।

**gentleman** ବି. ବ୍ୟକ୍ତି (ଔପଚାରିକ ପ୍ରୟୋଗରେ); ସମ୍ଭ୍ରାନ୍ତ ଲୋକ, ସଦ୍‌ବଂଶଜ ବା କୁଳୀନ ବ୍ୟକ୍ତି; ଭଦ୍ରବ୍ୟକ୍ତି; gentleman's (-men's) agreement ଯେଉଁ ଚୁକ୍ତି

Digitized by srujanika@gmail.com

ବା ସର୍ତ୍ତ, ସମ୍ମାନ ଦୃଷ୍ଟିରୁ ପାଳନୀୟ (ମାତ୍ର ବାଧ୍ୟତାମୂଳକ ନୁହେଁ)।

**gentleman–at–arms** ବି. ବିଲାତରେ ରାଣୀ ବା ରାଜାଙ୍କର ଦେହରକ୍ଷୀମାନଙ୍କ ମଧ୍ୟରୁ ଜଣେ।

**gentlemanly** ବିଂ. ଭଦ୍ରବ୍ୟକ୍ତି ସଦୃଶ; ଭଦ୍ରଜନୋଚିତ।

**gentlewoman** ବି. *ପ୍ରା.ପ୍ର.* ସଦ୍‌ବଂଶଜା ବା ଉଚ୍ଚବଂଶୀୟା ମହିଳା।

**gentry** ବି. ନିମ୍ନ ସମ୍ଭ୍ରାନ୍ତ ଶ୍ରେଣୀ; ଅବସାଧାରଣ ଲୋକ।

**genuflect** *କ୍ରି.* ପୂଜା ପ୍ରଭୃତିରେ ଜାନୁନତ ହେବା ବା ଆଣ୍ଠେଇବା; ବି. genuflection, genuflexion.

**genuine** ବିଂ. ଖାଣ୍ଟି; ବିଶୁଦ୍ଧ; ଅସଲି; ମୌଳିକ।

**genus** ବି. ବ.ବ. genera ପ୍ରଜାତି; ସମଧର୍ମୀ ଓ ସାଧାରଣତଃ ବହୁଜାତି ସମନ୍ବିତ ପ୍ରାଣୀ ବା ଉଦ୍ଭିଦବର୍ଗ; ତର୍କ କ୍ଷୁଦ୍ରତର ଜାତିସମନ୍ବିତ ସମଧର୍ମୀ ଦ୍ରବ୍ୟ ବା ବସ୍ତୁସମୂହର ପ୍ରକାର; *କ.ଭା.* ଶ୍ରେଣୀ; ପ୍ରକାର।

**geo–** *ଉ.ପ.* ପୃଥିବୀ–; ଭୂ– ଉଦା. geo–physics.

**geocentric** ବିଂ. ଭୂକେନ୍ଦ୍ରୀୟ; ପୃଥିବୀର କେନ୍ଦ୍ରରୁ ପରିଦୃଷ୍ଟ ଓ ପରିମିତ; *କ୍ରି.ବିଂ.* geocentri–cally.

**geode** ବି. ସ୍ଫଟିକ ବେଷ୍ଟିତ ଗହ୍ୱର; ସ୍ଫଟିକଧାରକ ଶିଳା।

**geodesic** ବିଂ. (geodetic ମଧ୍ୟ) ବିଂ. ଭୂପରିମାଣ ବିଦ୍ୟାସମ୍ବନ୍ଧୀୟ।

**geodesy** ବି. ଭୂମିତି; ପୃଥିବୀର ଆକୃତି ଓ ଆୟତନ ବିଷୟକ ବିଦ୍ୟା।

**geographical** ବିଂ. (geographic ମଧ୍ୟ) ବିଂ. ଭୌଗୋଳିକ; ଭୂଗୋଳବିଦ୍ୟା ସମ୍ବନ୍ଧୀୟ; *କ୍ରି.ବିଂ.* geographically.

**grographical mile** ବିଂ. ୧° ଅକ୍ଷାଂଶ ବା ଦ୍ରାଘିମା (ହାରାହାରି ୧.୮୫ କି.ମି.)।

**geograhy** ବି. ଭୂଗୋଳ; ପୃଥିବୀର ଆକାର, ପ୍ରାକୃତିକ ଲକ୍ଷଣ, ଜଳବାୟୁ, ଅଧିବାସୀ ଇତ୍ୟାଦି ବିଷୟକ ବିଜ୍ଞାନ; ବି. geographer.

**geology** ବି. ଭୂତତ୍ତ୍ୱ; ଭୂପୃଷ୍ଠ, ଭୂଗର୍ଭସ୍ତର ଓ ସେମାନଙ୍କର ସଂପର୍କ ବିଷୟକ ବିଜ୍ଞାନ; ବିଂ. geological; ବି. geologist.

**geometric** ବିଂ. (geometrical ମଧ୍ୟ) ବିଂ. ଜ୍ୟାମିତିକ; ଜ୍ୟାମିତି ସମ୍ବନ୍ଧୀୟ; *କ୍ରି.ବିଂ.* geometrically.

**geometric progression** ବି. ଜ୍ୟାମିତିକ ଗୁଣୋତ୍ତର ବୃଦ୍ଧି; ବର୍ଗବୃଦ୍ଧି।

**geometry** ବି. ଜ୍ୟାମିତି; ରେଖାଗଣିତ; ବି. geometer, geometrician.

**geophysics** ବି. ଭୂପଦାର୍ଥ ବିଜ୍ଞାନ; ପୃଥିବୀର ଭୌତିକ ବିଜ୍ଞାନ।

**George Cross** ବି. ବିଶେଷତଃ ବେସାମରିକ ବ୍ୟକ୍ତିମାନଙ୍କର ସାହସିକତା ପୁରସ୍କାର (ଇଂଲଣ୍ଡର ରାଜା ଷଷ୍ଠ ଜର୍ଜଙ୍କ ଦ୍ୱାରା ପ୍ରଚଳିତ)।

**georgette** ବି. ଜର୍ଜେଟ ଜନା ବା ଶାଢ଼ୀ; ଏକପ୍ରକାର ସୂକ୍ଷ୍ମ କ୍ରିପ୍ ବସ୍ତ୍ର।

**Georgian**¹ ବିଂ. ପ୍ରଥମ ଜର୍ଜଙ୍କଠାରୁ ଚତୁର୍ଥ ଜର୍ଜ, କିମ୍ବା ପଞ୍ଚମ ଓ ଷଷ୍ଠ ଜର୍ଜଙ୍କର ରାଜତ୍ୱକାଳୀନ।

**Georgian**² 1. ବିଂ. ଜର୍ଜିୟା ଦେଶ ସମ୍ବନ୍ଧୀୟ; 2. ବି. ଉକ୍ତ ଦେଶର ଲୋକ ବା ଭାଷା।

**geranium** ବି. ବଗର ଥଣ୍ଟାକୃତି ବୀଜକୋଷ ଫଳଥିବା ଗୁଳ୍ମବିଶେଷ।

**geriatrics** ବି. ବ.ବ. *ସା.* ଏ.ବ. ବାର୍ଦ୍ଧକ୍ୟ ଓ ବାର୍ଦ୍ଧକ୍ୟଜନିତ ରୋଗ ସମ୍ବନ୍ଧୀୟ ଚିକିତ୍ସା ବିଜ୍ଞାନ, ବିଂ. geriatric; ବି. geriatrician.

**germ** ବି. ଜୀବାଣୁ, ବିଶେ ରୋଗୋତ୍ପାଦକ ଜୀବାଣୁ; ବୀଜ, ଅଙ୍କୁର; *ଲାକ୍ଷ.* ପ୍ରାଣୀ ବା ଉଦ୍ଭିଦର ମୂଳାଧାର; ବିକାଶର ଉଜ୍ଜ୍ୱଳ ସମ୍ଭାବନା ବିଶିଷ୍ଟ ବସ୍ତୁ; ମୂଳତତ୍ତ୍ୱ; germ warfare ଯୁଦ୍ଧରେ ରୋଗ ପ୍ରସାରଣ ନିମନ୍ତେ ଜୀବାଣୁ ପ୍ରୟୋଗ।

**German** 1. ବିଂ. ଜର୍ମାନ୍; ଜର୍ମାନ୍ ଦେଶୀୟ, ଜର୍ମାନ୍ ଲୋକ ବା ଭାଷା ସମ୍ବନ୍ଧୀୟ; 2. ବି. ଜର୍ମାନୀ ଦେଶର ଅଧିବାସୀ ବା ଏହାର ଭାଷା; German silver ନିକେଲ୍, ଦସ୍ତା ଓ ତମ୍ବାମିଶ୍ରିତ ଧାତୁ; High German ଜର୍ମାନୀର ବର୍ତ୍ତମାନ ପ୍ରଚଳିତ ସାହିତ୍ୟିକ ଭାଷା; low German ଜର୍ମାନୀର ଅନ୍ୟାନ୍ୟ ଉପଭାଷା।

**german** ବିଂ. ପିତାମାତା, ପିତାମହ––ପିତାମହୀ ବା ମାତାମହ–ମାତାମହୀ ଏକା ହୋଇଥିବା ଭାଇଭଉଣୀ brother, sister ଓ

Digitized by srujanika@gmail.com

cousin ପରେ ବ୍ୟବହୃତ, ଉଦା. brother-german, sister-german ଓ cousin-german.

**germander** ବି. ପୋଦିନା ଜାତୀୟ ଏକପ୍ରକାର ଉଭିଦ।

**germane** ବିଂ. ପ୍ରାସଙ୍ଗିକ।

**Germanic** 1. ବିଂ. ଜର୍ମାନ୍ ପ୍ରକୃତି ବା ଗୁଣବିଶିଷ୍ଟ; *ଇତି.* ଜର୍ମାନ୍, ସ୍କେଣ୍ଡିନେଭିଆନ୍ ବା ଏଙ୍ଗ୍ଲୋସେକ୍ସନମାନଙ୍କ ସମ୍ବନ୍ଧୀୟ 2. ବି. ଜର୍ମାନିକ୍ ଲୋକମାନଙ୍କର ଆଦିମ ଭାଷା।

**germanium** ବି. ଈଷତ୍ ଧୂସରଧବଳ ଭଙ୍ଗପ୍ରବଣ ଅର୍ଦ୍ଧଧାତବୀୟ ଉପାଦାନ।

**germicide** ବି. ବୀଜାଣୁ ବା ଜୀବାଣୁ ନାଶକ ଦ୍ରବ୍ୟ; ବିଂ. germicidal.

**germinal** ବିଂ. ଜୀବାଣୁ ସମ୍ବନ୍ଧୀୟ; ବିକାଶର ପ୍ରାଥମିକ ଅବସ୍ଥା; ନୂତନ ଭାବ ବା ଧାରଣାର ଉତ୍ପାଦକ; *କ୍ରି.ବିଂ.* germinally.

**germinate** *କ୍ରି.* ଅଙ୍କୁରୋଦ୍‌ଗମ କରିବା; ଅଙ୍କୁରିତ ହେବା; ବି. germination; ବିଂ. germinative.

**gerontology** ବି. ବୃଦ୍ଧାବସ୍ଥା ଓ ବୟୋବୃଦ୍ଧି–ପ୍ରକ୍ରିୟାର ବୈଜ୍ଞାନିକ ଅଧ୍ୟୟନ।

**gerrymander** 1. *କ୍ରି.* ନିର୍ବାଚନ ସମୟରେ କୌଣସି ବିଶେଷ ଦଳ ବା ପ୍ରାର୍ଥୀର ଅନୁଚିତ ସୁବିଧା ନିମନ୍ତେ ନିର୍ବାଚନ ମଣ୍ଡଳୀକୁ କାରସାଦି ପୂର୍ବକ ପୁନର୍ବିଭାଗ କରିବା; 2. ବି. ଉକ୍ତ ପ୍ରଥା।

**gerund** ବି. *ବ୍ୟା.* କ୍ରିୟାଜ ବିଶେଷ୍ୟ; –ing ପ୍ରତ୍ୟୟ ଯୋଗରେ ଗଠିତ କ୍ରିୟାବାଚକ ବିଶେଷ୍ୟ, ଉଦା. *Smoking* is bad for health.

**gerundive** ବି. ଲାଟିନ୍ ଭାଷାରେ ବ୍ୟବହୃତ କ୍ରିୟାବାଚକ ବିଶେଷଣ (ଔଚିତ୍ୟାର୍ଥରେ ପ୍ରଯୁକ୍ତ)।

**gesso** ବି. (ବ.ବ..gessoes) ଚିତ୍ରବିଦ୍ୟା ଓ ଭାସ୍କର୍ଯ୍ୟରେ ବ୍ୟବହୃତ ଏକ ପ୍ରକାର ଖଡ଼ିମାଟି।

**Gestapo** ବି. *ଇତି.* (ଜର୍ମାନୀରେ) ନାଜିଦଳର ଗୁପ୍ତ ପୋଲିସ୍; କୌଣସି ତୁଳନୀୟ ସଂଘ ବା ସଂସ୍ଥା।

**gestation** ବି. ଗର୍ଭଧାରଣ; ଗର୍ଭଧାରଣ କାଳ; ଭାବ ବା ଧାରଣା ପ୍ରଭୃତିର ବିକାଶ; *କ୍ରି.* gestate.

**gesticulate** *କ୍ରି.* ହାବଭାବ ବା ଅଙ୍ଗଭଙ୍ଗୀ ଦ୍ୱାରା ମନୋଭାବ ପ୍ରକାଶ କରିବା; ଏହିପରି ଭାବରେ ଅଭିବ୍ୟକ୍ତି କରିବା; ବି. gesticulation.

**gesture** 1. ବି. ମନୋଭାବ ସୂଚକ ଅଙ୍ଗଭଙ୍ଗୀ; ଆକାର ଇଙ୍ଗିତ; ଭାଷଣରେ ଏହିପରି ଅଙ୍ଗଭଙ୍ଗୀର ବ୍ୟବହାର; *ଲାକ୍ଷ* ବନ୍ଧୁଜନୋଚିତ ଉତ୍ତରର ଆହ୍ୱାନ ବା ଉଦ୍ଦେଶ୍ୟର ପ୍ରେରଣସୂଚକ କାର୍ଯ୍ୟପନ୍ଥା 2. *କ୍ରି.* ହାବଭାବ ବା ଅଙ୍ଗଭଙ୍ଗୀ ଦ୍ୱାରା ମନୋଭାବ ପ୍ରକାଶ କରିବା।

**get** *କ୍ରି.* (*ଅ.କା.* got; *ଅ.କ୍ରି.ଜ.ପ.* got; *ପ୍ରା.ପ୍ର.* ଓ *ଆମେ.* gotten) 1. *କ୍ରି.* ପାଇବା; ଲାଭକରିବା; ହାତକରିବା; ହାସଲ କରିବା; ସଂଗ୍ରହ କରିବା; କିଣିବା; ଆଣିଦେବା; ଗ୍ରହଣ କରିବା; ରୋଜଗାର କରିବା; ଭୋଗ କରିବା; ଘଟାଇବା; (ବ୍ୟକ୍ତି ବା ପଦାର୍ଥଦ୍ୱାରା) କୌଣସି କାର୍ଯ୍ୟ କରାଇବା; ପହଞ୍ଚାଇବା; ଅପସାରଣ କରିବା, ପ୍ରାପ୍ତ ହେବା; ପହଞ୍ଚିବା; ଉପନୀତ ; ଅପସୃତ ହେବା; get about ଇତସ୍ତତଃ ଭ୍ରମଣ କରିବା; ରୋଗ ପ୍ରଭୃତି ପରେ ବୁଲିବା ଆରମ୍ଭ କରିବା; (ସଂବାଦ ବା ଜନରବ) ପ୍ରଚାର କରିବା ବା ପ୍ରଚାରିତ ହେବା, get across *କ.ଭା.* ଫଳପ୍ରଦ ବା ଗ୍ରହଣୀୟ ହେବା ବା କରିବା; ପାର ହେବା ବା ପାର କରିବା; get along କଳହମୁକ୍ତ ବା ନିର୍ବିବାଦ ଭାବରେ ଏକତ୍ର ବାସ କରିବା; get at ପହଞ୍ଚିବା; ଧରିବା; *କ.ଭା.* ଆଭାସ ବା ସୂଚନା ଦେବା; get away with ଦୋଷାରୋପଣ ବା ଦଣ୍ଡରୁ ଖସିଯିବା get back at *କ.ଭା.* (କାହାରି ବିରୁଦ୍ଧରେ) ପ୍ରତିଶୋଧ ନେବା; get by *କ.ଭା.* ଅସୁବିଧା ସତ୍ତ୍ୱେ ଚଳାଇ ନେବା, ଗ୍ରହଣୀୟ ହେବା; get by heart ମୁଖସ୍ଥ କରିବା; get down ତଳକୁ ଓହ୍ଲାଇବା, ଅବତରଣ କରିବା, ଲିପିବଦ୍ଧ କରିବା; (କୌଣସି କଥାକୁ) ଗିଳିଯିବା; ସହନ କରିନେବା; get (person) down (ବ୍ୟକ୍ତିକୁ) ହତୋତ୍ସାହିତ କରିବା; get down to କାର୍ଯ୍ୟାରମ୍ଭ କରିବା; get going କାର୍ଯ୍ୟରତ ରହିବା; get hold of ଧରିବା; ହାସଲ କରିବା; ଲାଭ କରିବା; ପ୍ରାପ୍ତ କରିବା; ଅଧିକାରଭୁକ୍ତ କରିବା; (କାହା ସହିତ) ସମ୍ପର୍କ ସ୍ଥାପନ କରିବା get in ପହଞ୍ଚିବା; ନିର୍ବାଚନରେ ଜିତିବା; କଲେଜ୍ ପ୍ରଭୃତିରେ ସ୍ଥାନ ହାସଲ କରିବା; get off ଖଲାସ ବା ଦୋଷମୁକ୍ତ ହେବା; ଯାନବାହନରୁ ଅବତରଣ କରିବା; get on ଚଳିବା; ଉନ୍ନତି କରିବା; ବନ୍ଧୁ ଭାବରେ ବା ସଦ୍‌ଭାବ ସହିତ ମିଳିମିଶି ଚଳିବା; get

Digitized by srujanika@gmail.com

on to କ.ଭା. (କାହା ସହିତ) ସମ୍ପର୍କ ସ୍ଥାପନ କରିବା; କୌଣସି କଥା ବୁଝିବା ବା ସେ ବିଷୟରେ ଅବହିତ ହେବା; get out ବାହାରିବା; ବାହାରିଯିବା; ଜଣା ପଡ଼ିବା; ପ୍ରକାଶ ପାଇବା; ପ୍ରଚଳିତ ହେବା, ଯାନବାହନରୁ ଓହ୍ଲାଇବା; get out of କର୍ତ୍ତବ୍ୟ ପ୍ରଭୃତିକୁ ଏଡ଼ିବା ବା ପରିହାର କରିବା; get over ପାରହେବା; ଅତିକ୍ରମ କରିବା; get over (thing) (ରୋଗ ବା ଆକସ୍ମିକ ଆଘାତ ପ୍ରଭୃତିରୁ) ଆରୋଗ୍ୟ ଲାଭ କରିବା; ବାଧା, ପ୍ରତିବନ୍ଧକ ଉପରେ ବିଜୟ ଲାଭ କରିବା; get (thing) over (କିମ୍ବା over with) କଷ୍ଟକର କାର୍ଯ୍ୟ ପ୍ରଭୃତିର ଆଶୁ ପରିସମାପ୍ତି ନିଶ୍ଚିତ କରିବା; get one's own back କ.ଭା. ପ୍ରତିଶୋଧ ନେବା; get rid of ମୁକ୍ତିଲାଭ କରିବା, ଅବ୍ୟାହତି ପାଇବା; get round କୌଶଳ ବା ଚତୁରତାର ସହିତ ନିୟମ ବା ଆଇନ୍‌କାନୁନ୍‌କୁ ଫାଙ୍କିଦେବା; କୌଣସି ବ୍ୟକ୍ତିର ଅନୁଗ୍ରହ ପାଇବା ପାଇଁ ତାହାକୁ ଫୁସୁଲାଇବା; get round to ଯଥା ସମୟରେ କାର୍ଯ୍ୟ ପ୍ରଭୃତିକୁ ହାତକୁ ନେବା; get somewhere ପ୍ରଗତି ବା ଉନ୍ନତି କରିବା; ପ୍ରାରମ୍ଭିକ ଅବସ୍ଥାରେ କୃତକାର୍ଯ୍ୟ ହେବା, get through ପରୀକ୍ଷା ପ୍ରଭୃତିରେ ଉତ୍ତୀର୍ଣ୍ଣ ହେବା; ଶେଷକରିବା; ଟେଲିଫୋନ୍ ସାହାଯ୍ୟରେ ସମ୍ପର୍କ ସ୍ଥାପନ କରିବା, get up ଉଠିବା; ଶଯ୍ୟାତ୍ୟାଗ କରିବା; ଆୟୋଜନ ବା ସଂଗଠନ କରିବା; କ୍ରୋଧ ଇତ୍ୟାଦି ଉତ୍ତେଜିତ କରିବା; ପରୀକ୍ଷା ପ୍ରଭୃତି ନିମନ୍ତେ କୌଣସି ବିଷୟ ବିଶେଷ ଭାବରେ ଶିକ୍ଷାକରିବା; ବେଶବିନ୍ୟାସଦ୍ୱାରା ସଜ୍ଜିତ ହେବା।

**get-at-able** ବିଂ. କ.ଭା ପ୍ରାପ୍ତବ୍ୟ।

**getaway** ବି. ପଳାୟନ, ବିଶେଷତଃ ଅପରାଧ ପରେ।

**get-out** ବି. କୌଣସି କଥା ଏଡ଼େଇ ଦେବାର ଉପାୟ।

**get-together** ବି. ସାମାଜିକ ସମାବେଶ

**get-up** ବି. ବେଶବିନ୍ୟାସ; ଆଡ଼ମ୍ବର; (ପୋଷାକ ବା ପୁସ୍ତକ ପ୍ରଭୃତିର) ବାହ୍ୟ ଗଠନ; ପୋଷାକର ଧରଣ; ପୁସ୍ତକର ମଲାଟ, ବନ୍ଧାଇ ପ୍ରଭୃତି।

**gewgaw** ବି. ବାହ୍ୟ ଚାକଚକ୍ୟପୂର୍ଣ୍ଣ କ୍ରୀଡ଼ାସାମଗ୍ରୀ ବା ଖେଳନା; ଅଳ୍ପ ମୂଲ୍ୟର ଚାକଚକ୍ୟପୂର୍ଣ୍ଣ ଦ୍ରବ୍ୟ।

**geyser** ବି. ଉଷ୍ଣ ପ୍ରସ୍ରବଣ; ପାଣି ଗରମ କରିବା ଯନ୍ତ୍ର।

**ghastly** 1. ବିଂ. ଭୟଙ୍କର; ଭୀତିସଙ୍କୁଳ; ପ୍ରେତବତ୍; କ.ଭା. ଆପତ୍ତିଜନକ; ମୃତ୍ୟୁବତ୍; ବିବର୍ଣ୍ଣ; ପାଣ୍ଡୁର; (ହାସ୍ୟ ପ୍ରଭୃତି) ରୁକ୍ଷ; ଅସ୍ୱାଭାବିକ; 2. କ୍ରି.ବିଂ. ଭୟଙ୍କର ଭାବରେ; ନୀରସ ବା ପାଣ୍ଡୁର ଭାବରେ; କ୍ରି.ବିଂ. ghastlily ମଧ୍ୟ; ବି. ghastliness.

**ghat, ghaut** ବି. ଭା. (ନଦୀ, ପୁଷ୍କରିଣୀ ପ୍ରଭୃତିର) ଘାଟ।

**ghee** ବି. ଭା. ଘିଅ।

**ghetto** ବି. ବ.ବ. ghettos ସଂଖ୍ୟାଲଘୁ ଦଳ ବା ସଂପ୍ରଦାୟଙ୍କ ଦ୍ୱାରା ଅଧ୍ୟୁଷିତ ନଗରର ଅଂଶ, ଇତି. ସହରରେ ଇହୁଦୀମାନଙ୍କର ନିବାସସ୍ଥାନ; ବିଚ୍ଛିନ୍ନ ଦଳ ବା ଅଞ୍ଚଳ।

**ghost** 1. ବି. ମୃତ ବ୍ୟକ୍ତି ବା ପ୍ରାଣୀର ଛାୟାରୂପ; ଭୂତ; ପ୍ରେତାତ୍ମା; ଦେହମୁକ୍ତ ଆତ୍ମା; କ୍ଷୀଣକାୟ ବ୍ୟକ୍ତି; ବିବର୍ଣ୍ଣ ବ୍ୟକ୍ତି; ଛାୟା ବା ସାଦୃଶ୍ୟ; ଆଭାସ; ତ୍ରୁଟିପୂର୍ଣ୍ଣ ଦୂରବୀକ୍ଷଣ ବା ଦୂରଦର୍ଶନ ଚିତ୍ରରେ ପରିଦୃଷ୍ଟ ଅପ୍ରଧାନ ବା ନକଲି ରୂପ; 2. କ୍ରି. (କାହାପାଇଁ) ଅଜ୍ଞାତ ଲେଖକ ରୂପେ କାର୍ଯ୍ୟ କରିବା; give up the ghost ପ୍ରାଣତ୍ୟାଗ କରିବା।

**ghostliness** ବି. ପ୍ରେତତ୍ୱ।

**ghostly** ବିଂ. ପ୍ରେତସଦୃଶ; ପ୍ରେତ ସମ୍ବନ୍ଧୀୟ; ଆତ୍ମାବିଷୟକ।

**ghost town** ବି. ଅତ୍ୟଳ୍ପ ଅଧିବାସୀଙ୍କ ଦ୍ୱାରା ଅଧ୍ୟୁଷିତ ବା ଅଧିବାସୀବିହୀନ ସହର।

**ghost-writer** ବି. ଅନ୍ୟ ବ୍ୟକ୍ତି ପାଇଁ ଲେଖୁଥିବା ବ୍ୟକ୍ତି।

**ghoul** ବି. ପିଶାଚ; ମୁସଲମାନ ଲୋକକାହାଣୀରେ ବର୍ଣ୍ଣିତ ଶବଭକ୍ଷୀ ପ୍ରେତାତ୍ମା।

**GHQ** ସଂଶ. General Headquarters.

**giant** 1. ବି. ମାନବ ରୂପ, କିନ୍ତୁ ଅଲୌକିକ ଆକୃତି ବିଶିଷ୍ଟ କାଳ୍ପନିକ ପ୍ରାଣୀ; ଅସୁର; ଦୈତ୍ୟ, ବିରାଟ ଆକୃତି, କ୍ଷମତା, ବଳ ପ୍ରଭୃତି ଥିବା ବ୍ୟକ୍ତି 2. ବିଂ. ଅତିକାୟ; ବିରାଟ; ପ୍ରକାଣ୍ଡ; ସ୍ତ୍ରୀ. giantess.

**ibber** କ୍ରି. ଚଞ୍ଚଳ ଓ ଅସ୍ପଷ୍ଟ ଭାବରେ କଥା କହିବା; ପ୍ରଳାପ କରିବା।

**gibberish** ବି. ଅସ୍ପଷ୍ଟ ବା ଅବୋଧ କଥା; ନିରର୍ଥକ ଶବ୍ଦ।

**gibbet** 1. ବି. ଇତି. ଫାଶି କାଠ; ନିହତ ଅପରାଧୀର ମୃତ ଶରୀରକୁ ଝୁଲାଇବା ନିମନ୍ତେ

Digitized by srujanika@gmail.com

ବ୍ୟବହୃତ ବାହୁବିଶିଷ୍ଟ ଖୁଣ୍ଟ; 2. କ୍ରି. ଫାଶି କାଠରେ ଝୁଲାଇବା, ଫାଶି କାଠରେ ଝୁଲାଇ ମୃତ୍ୟୁଦଣ୍ଡ ଦେବା, ଘୃଣା ବା ତାଚ୍ଛଲ୍ୟର ବିଷୟ ରୂପେ ପ୍ରତିପାଦନ କରିବା।

**gibbon** ବି. ଏକପ୍ରକାର ଲାଙ୍ଗୁଳହୀନ ଦୀର୍ଘବାହୁ ବାନର ବା ବଣମନୁଷ୍ୟ।

**gibbous** ବିଂ ବହିର୍ବର୍ତ୍ତୁଳ; କୁବ୍ଜପୃଷ୍ଠ; gibbous moon ଅଷ୍ଟମୀ ଓ ପୂର୍ଣ୍ଣିମାର ମଧ୍ୟବର୍ତ୍ତୀ ଚନ୍ଦ୍ର।

**gibe** 1. କ୍ରି. ଥଟ୍ଟା ବା ବିଦ୍ରୂପ କରିବା; 2. ବି. ଥଟ୍ଟା; ବିଦ୍ରୂପ; ବ୍ୟଙ୍ଗ।

**giblets** ବି. ବ.ବ. ପକ୍ଷୀର ହୃତ୍‌ପିଣ୍ଡ, ଯକୃତ ପ୍ରଭୃତି ଯେଉଁ ଖାଦ୍ୟଯୋଗ୍ୟ ଅଂଶ ସାଧାରଣତଃ ଅଲଗା ରନ୍ଧାହୁଏ।

**giddy** ବିଂ. ମୁଣ୍ଡ ଘୂରାଇ ଦେଉଥିବା; ଟଳମାନ ଓ ପତନୋନ୍ମୁଖ; ଅବ୍ୟବସ୍ଥିତ ଚିତ୍ତ; ଚପଳ; କ୍ରି.ବିଂ. giddily; ବି. giddiness.

**gift** 1. ବି. ଦାନ; ଉପହାର; ଉପଢୌକନ; ସ୍ୱାଭାବିକ ଶକ୍ତି ବା ଗୁଣ; ଚାତୁର୍ଯ୍ୟ; ପ୍ରତିଭା; କ.ଭା. ସହଜକାର୍ଯ୍ୟ; 2. କ୍ରି. ଉପହାର ବା ଉପଢୌକନ ଦେବା; ଉପହାର ରୂପେ ପ୍ରଦାନ କରିବା।

**gifted** ବିଂ. ପ୍ରତିଭାବାନ୍।

**gift token (voucher)** ବି. ଉପହାର ନିମନ୍ତେ ପ୍ରସ୍ତୁତ ଦାନ–ପର୍ଚ୍ଚା, ପ୍ରାପ୍ତି ନିମନ୍ତେ ଯାହା ବିନିମୟରେ ମାଲ ‌‌ ମିଳେ।

**gig**[1] ବି. ଗୋଟିଏ ଘୋଡ଼ାଦ୍ୱାରା ଟଣା, ଦୁଇଚକିଆ ଛୋଟ ଗାଡ଼ି; ଜାହାଜ ସହିତ ସଂଲଗ୍ନ ହାଲୁକା ନୌକା; ନୌକା–ଦୌଡ଼ ପ୍ରତିଯୋଗିତାରେ ବ୍ୟବହୃତ ଏକପ୍ରକାର ନୌକା।

**gig**[2] ବି. କ.ଭା. ଗୋଟିଏ ରାତ୍ରିପାଇଁ ନୃତ୍ୟଗୀତାଦି ପରିବେଷଣ ପାଇଁ ନିଯୁକ୍ତି।

**gigantic** ବିଂ. ରାକ୍ଷସ ସଦୃଶ; ପ୍ରକାଣ୍ଡ; କ୍ରି.ବିଂ. gigantically.

**giggle** 1. କ୍ରି. ଖିଲ୍‌ଖିଲ୍ ହୋଇ ହସିବା; 2. ବି. ଏ ପ୍ରକାର ହସ; କ.ଭା. ଆମୋଦଦାୟକ ବ୍ୟକ୍ତି ବା ବସ୍ତୁ; ଥଟ୍ଟା ବା କୌତୁକ; ବିଂ. giggly.

**gigolo** ବି. ବ.ବ. gigolos ଦେହରକ୍ଷୀ ବା ପ୍ରେମିକ ହେବା ନିମନ୍ତେ ବୟସ୍କା ସ୍ତ୍ରୀଦ୍ୱାରା ନିଯୁକ୍ତ ଯୁବକ।

**gild**[1] କ୍ରି. ସୁନାପାତ୍ରରେ ଛାଉଣି କରିବା; ଈଷତ୍ ସୁନେଲି ରଙ୍ଗରେ ରଞ୍ଜିତ କରିବା; ଗିଲ୍ଟି କରିବା; gild the lily ସନ୍ତୋଷଜନକ ପଦାର୍ଥକୁ ଆହୁରି ଉନ୍ନତ କରିବା।

**gild**[2] ବି. ବିକ. guild.

**gill**[1] ବି. ମତ୍ସ୍ୟାଦି ଜଳଚର ପ୍ରାଣୀମାନଙ୍କର ଶ୍ୱାସେନ୍ଦ୍ରିୟ; ଛତୁ ଇତ୍ୟାଦିର ପରସ୍ତ ପରସ୍ତ ହୋଇ ରହିଥିବା ନିମ୍ନଭାଗ; ମନୁଷ୍ୟର ହନୁ ଓ କାନତଳେ ଓହଳିଥିବା ମାଂସ।

**gill**[2] ବି. ତରଳ ପଦାର୍ଥର ପରିମାଣ (ଏକ ପାଇଣ୍ଟର ଚାରିଭାଗରୁ ଭାଗେ)।

**gill**[3] ବି. (ghyll ମଧ୍ୟ) ବୃକ୍ଷପରିପୂର୍ଣ୍ଣ ଗଭୀର ଗିରିପଥ; ସଂକୀର୍ଣ୍ଣ ଗିରିନଦୀ।

**gillie** ବି. (ghillie ମଧ୍ୟ) ସ୍କଟଲେଣ୍ଡରେ ଶିକାରୀର ସହଗାମୀ ମନୁଷ୍ୟ ବା ବାଳକ।

**gillyflower** ବି. ଲବଙ୍ଗ ଗନ୍ଧ ବିଶିଷ୍ଟ ଏକଜାତୀୟ ଫୁଲ।

**gilt** 1. ବିଂ. ସ୍ୱର୍ଣ୍ଣାଚ୍ଛାଦିତ; ସ୍ୱର୍ଣ୍ଣରଞ୍ଜିତ; ଗିଲ୍‌ଟି କରାଯାଇଥିବା; 2. ବି. ସ୍ୱର୍ଣ୍ଣମଣ୍ଡନ; ଗିଲଟିକରଣ।

**gilt–edged** ବିଂ. ଅତ୍ୟନ୍ତ ଲାଭଦାୟକ ବା ବିଶ୍ୱାସଯୋଗ୍ୟ (ଷ୍ଟକ୍, ଅଂଶକ୍ରୟପ୍ରଭୃତି)।

**gimcrack** 1. ବିଂ. ଦେଖାହୁଏ ମାତ୍ର ତୁଚ୍ଛ ଓ ମୂଲ୍ୟହୀନ; 2. ବି. ବାହ୍ୟଚାକଚକ୍ୟପୂର୍ଣ୍ଣ ଅଳଙ୍କାର; ଖେଳନା ପ୍ରଭୃତି କ୍ଷୁଦ୍ର ସାମଗ୍ରୀ।

**gimlet** ବି. ଛୋଟ ଫୋଡ଼ିବା ଯନ୍ତ୍ର।

**gimlet eye** ବି. ତୀକ୍ଷ୍ଣଦୃଷ୍ଟି ସମ୍ପନ୍ନ ଚକ୍ଷୁ।

**gimmick** ବି. ହଟ୍‌ଟମଟ, କୌଶଳ ବା ଉପାୟ, ବିଶେଷତଃ ପ୍ରଚାର ନିମନ୍ତେ; ବିଂ. gimmicky; ବି. gimmickry.

**gimp** ବି. ତାର କିମ୍ବା ଦଉଡ଼ି ସହିତ ବଳା ହୋଇଥିବା ରେଶମ ପ୍ରଭୃତିର ସୂତା, ବନ୍‌ଶୀ ପାଇଁ ବ୍ୟବହୃତ ସୂତା।

**gin**[1] ବି. ଜିନ୍ ନାମକ ମଦ୍ୟ; ଯବ ପ୍ରଭୃତି ଶସ୍ୟରୁ ପ୍ରସ୍ତୁତ ଏବଂ ଜୁନିପର୍ କୋଳିର ରସଦ୍ୱାରା ସୁବାସିତ ଏକ ପ୍ରକାର ମଦ୍ୟ।

**gin**[2] 1. ବି. ଫାନ୍ଦ; ଫାଶ; ଜାଲ; କପାମଞ୍ଜି ଠାରୁ ତୂଳାକୁ ପୃଥକ କରିବା ଯନ୍ତ୍ର; ଏକ ପ୍ରକାର ଭାର–ଉତ୍ତୋଳନକାରୀ ଯନ୍ତ୍ର; 2. କ୍ରି. କପାମଞ୍ଜି ଛଡ଼ାଇବା; ଫାଶ ବା ଜାଲରେ ଧରିବା।

**ginger** 1. ବି. ଅଦା; ଅଦାଗଛ; ଈଷତ୍ ଲାଲ ମିଶା ହଳଦିଆ ରଙ୍ଗ; ତେଜ; ସ୍ଫୁର୍ତ୍ତି; ଉତ୍ତେଜନା; 2. କ୍ରି. ଅଦାରସଦ୍ୱାରା ସୁବାସିତ କରିବା; ସତେଜ ବା ଉତ୍‌ଫୁଲ୍ଲ କରିବା।

Digitized by srujanika@gmail.com

**ginger–ale** ବି. (ginger-beer ମଧ) ଅଦାରସ ସୁବାସିତ ଏକପ୍ରକାର ଉତ୍ତେଜକ ପାନୀୟ।
**gingerbread** 1. ବି. ଅଦାରସ ସୁବାସିତ ଏକପ୍ରକାର କେକ୍; 2. ବିଂ. ଦେଖା ସୁନ୍ଦର; ବାହ୍ୟଚାକଚକ୍ୟ ପୂର୍ଣ୍ଣ।
**ginger group** ବି. ନିଜ ପକ୍ଷକୁ ଦୃଢ଼ତର କାର୍ଯ୍ୟରେ ପ୍ରବୃତ୍ତ କରିବା ନିମନ୍ତେ ପ୍ରେରଣାଦାୟକ ଦଳ।
**gingerly** 1. ବି. ଅତି ସାବଧାନ; 2. କ୍ରି.ବିଂ. ଅତ୍ୟନ୍ତ ସତର୍କ ଭାବରେ।
**ginger–nut** ବି. ଅଦାରସ–ସୁବାସିତ ଏକ ପ୍ରକାର ବିସ୍କୁଟ।
**ginger–snap** ବି. ସହଜରେ ଭାଙ୍ଗିଯାଉଥିବା ଅଦାରସ ସୁବାସିତ ଏକ ପ୍ରକାର ପତଳା ବିସ୍କୁଟ୍।
**gingery** ବିଂ. ଅଦାସ୍ୱାଦ ବିଶିଷ୍ଟ, ସତେଜ କାରକ।
**gingham** ବି. ଡୋରିଆ ବା ଚେକ୍‌କଟା କାର୍ପାସ ବସ୍ତ୍ର।
**gingivitis** ବି. ଦାନ୍ତ ମାଢ଼ିର ବେଦନାଦାୟକ ପ୍ରଦାହ।
**gin rummy** ବି. ଏକ ପ୍ରକାର ତାସ ଖେଳ।
**ginseng** ବି. ଔଷଧୀରୂପେ ବ୍ୟବହୃତ ଉଦ୍ଭିଦ ବିଶେଷ, ତାର ଚେର।
**gippy tummy** ବି. କ.ଭା. ଗ୍ରୀଷ୍ମପ୍ରଧାନ ଦେଶକୁ ଆସୁଥିବା ଭ୍ରମଣକାରୀମାନଙ୍କର ଝାଡ଼ା ରୋଗ।
**gipsy** ବି. ଦ୍ର. gypsy.
**giraffe** ବି. ଜିରାଫ୍, ଦୀର୍ଘଗ୍ରୀବାବିଶିଷ୍ଟ ଆଫ୍ରିକା ଦେଶୀୟ ଏକ ପ୍ରକାର ଚତୁଷ୍ପଦ ପ୍ରାଣୀ।
**gird** କ୍ରି. (ଅ.କା. ଓ ଅ.କ୍ରି.ଜ.ପ. girded ବା girt) (ଅଣ୍ଟା ପ୍ରଭୃତିରେ) ପେଟି, କଟିବନ୍ଧ, ମେଖଳା ପ୍ରଭୃତି ଘେରାଇ ବାନ୍ଧିବା; ବେଷ୍ଟିତ କରିବା; ଘେରାଇବା; ଆବଦ୍ଧ କରିବା; gird up one's loins ଅଣ୍ଟାଭିଡ଼ିବା, କାର୍ଯ୍ୟ କରିବା ନିମନ୍ତେ ବଦ୍ଧପରିକର ହେବା।
**girder** ବି. ପୋଲ ପ୍ରଭୃତିରେ ବ୍ୟବହୃତ ଲୁହା ବା ଇସ୍ପାତର ଶକ୍ତ କଡ଼ି।
**girdle**[1] 1. ବି. ବେଷ୍ଟନୀ, କମରବନ୍ଧ; 2. କ୍ରି. କଟିସୂତ୍ର ବା ମେଖଳାଦ୍ୱାରା ପରିବେଷ୍ଟନ କରିବା।
**girdle**[2] ବି. ସ୍ଲଟ୍ ତାଉଆ।
**girl** 1. ବି. ବାଳିକା; କୁମାରୀ; ଅଫିସ, କାରଖାନା ଆଦିରେ ନିଯୁକ୍ତି ପ୍ରାପ୍ତ ନାରୀ; ପୁରୁଷର ରମଣୀବନ୍ଧୁ; ଚାକରାଣୀ।
**girl–friend** ବି. ନିୟମିତ ସାଥୀ ରମଣୀ ବା ପ୍ରେମିକା।
**girl guide** ବି. ବାଳଚର ସଂଘର ଅନୁରୂପ ବାଳିକା–ସଂଘର ସଦସ୍ୟା।
**girlhood** ବି. ବାଳିକାବସ୍ଥା।
**girlie** 1. ବି. କୁନି ଝିଅ (ଅନୁରାଗ ସୂଚକ) 2. ବିଂ. (ପ୍ରକାଶନ ସମ୍ବନ୍ଧୀୟ) ଯୁବତୀମାନଙ୍କ ଆଦିରସାତ୍ମକ ଚିତ୍ର ସମ୍ବଳିତ।
**girlish** ବିଂ. ବାଳିକା ସଦୃଶ; ବାଳିକା ସୁଲଭ।
**giro** ବି. ଦୁଇ ବେଙ୍କ୍ ବା ପୋଷ୍ଟ ଅଫିସ ମଧ୍ୟରେ ସଞ୍ଚୟରାଶି ସ୍ଥାନାନ୍ତର କରିବାର ପଦ୍ଧତି।
**girt** କ୍ରି.ଦ୍ର. gird.
**girth** ବି. ଗୋଲାଇ; ଘେର; ଅଣ୍ଟାର ବେଢ଼; ଜିନ୍ ପ୍ରଭୃତିର ସୁରକ୍ଷା ପାଇଁ ଘୋଡ଼ା ଦେହର ଚାରିପଟେ ବନ୍ଧା ହୋଇଥିବା ପଟି।
**gist** ବି. କୌଣସି ବିଷୟର ସାରାଂଶ; ସଂକ୍ଷିପ୍ତ ବିବରଣ।
**give** 1. କ୍ରି. (gave, given) ଦେବା; ପ୍ରଦାନ କରିବା; ଅଧିକାର ହସ୍ତାନ୍ତର କରିବା; (ଔଷଧ) ପ୍ରୟୋଗ କରିବା; (ଅନୁଗ୍ରହ, ସ୍ୱତ୍ୱ, ସମ୍ମାନ ପ୍ରଭୃତି) ଅର୍ପଣ କରିବା; ନ୍ୟସ୍ତ କରିବା; (ରାୟ) ଦେବା; (ଅନୁମତି) ଦେବା; (କଷ୍ଟ) ଦେବା; ଦବିଯିବା; ଭାଙ୍ଗି ପଡ଼ିବା; 2. ବି. ସ୍ଥିତିସ୍ଥାପକତା; ମାନି ନେବାର ଶକ୍ତି; give and take ଆଦାନ ପ୍ରଦାନ, ଭାବ ବିନିମୟ; give away ଉପହାର ସ୍ୱରୂପ ହସ୍ତାନ୍ତର କରିବା; (ବରକୁ କନ୍ୟା) ସମର୍ପଣ କରିବା; (ପୁରସ୍କାର) ବିତରଣ କରିବା; ଗୁପ୍ତକଥା ପ୍ରକାଶ କରିଦେବା; give in ହାର୍ ମାନିନେବା; ପରାଜୟ ସ୍ୱୀକାର କରିବା; ଦଲିଲ୍ ଇତ୍ୟାଦି ଉପଯୁକ୍ତ କର୍ମଚାରୀକୁ ହସ୍ତାନ୍ତର କରିବା; give it to (person) କ.ଭା. କାହାକୁ ଗାଳି ବା ଦଣ୍ଡଦେବା; give off (ଧୂମ, ଅଗ୍ନି ଇତ୍ୟାଦି) ତ୍ୟାଗ କରିବା; give or take କ.ଭା. ଅଟକଳରେ ସାମାନ୍ୟ କମ୍‌ବେଶୀ ରୂପେ ଗ୍ରହଣ କରିବା; give out ବିତରଣ କରିବା; ଘୋଷଣା କରିବା; ବିକିରଣ କରିବା; କ୍ଲାନ୍ତ ହେବା; ସରିଯିବା; give over ଉତ୍ସର୍ଗ କରିବା; ସମର୍ପଣ କରିବା; ହସ୍ତାନ୍ତର କରିବା; କ.ଭା. ନିବୃତ୍ତ ବା କ୍ଷାନ୍ତ ହେବା; ବନ୍ଦ ହେବା; give (person) to understand ଜ୍ଞାପନ କରିବା ବା ଭରସା ଦେବା; give tongue ଭାବନା ବା ଚିନ୍ତା ପ୍ରକାଶ କରିବା; (କୁକୁର

Digitized by srujanika@gmail.com

ପ୍ରଭୃତିଙ୍କ) ବିଶେଷତଃ ଗନ୍ଧ ବାରି ଭୁକିବା; give up ତ୍ୟାଗ କରିବା; ଉତ୍ସର୍ଗ କରିବା; ଆତ୍ମସମର୍ପଣ କରିବା; ଆଶା ପରିତ୍ୟାଗ କରିବା; ଦୁରାରୋଗ୍ୟ ବା ଅସମାଧେୟ ବୋଲି ନିର୍ଣ୍ଣୟ ଦେବା; (ପଳାତକ ପ୍ରଭୃତିଙ୍କୁ) ଅନୁସରଣକାରୀଙ୍କ ହସ୍ତରେ ଅର୍ପଣ କରିବା; give (oneself) up to ହତାଶ ହୋଇ ନିଜକୁ କାହାର ଦୟା ଉପରେ ଛାଡ଼ିଦେବା; ନିଜକୁ ଆସକ୍ତ ବା ଅଭ୍ୟସ୍ତ କରିବା; give way ଚାପ ଫଳରେ ବଶ୍ୟତା ସ୍ୱୀକାର କରିବା; ଅଗ୍ରାଧିକାର ଦେବା; ବିଂ. giveable; ବି. giver.

**give–away** ବି. *କ.ଭା.* ବି. ପ୍ରଦତ୍ତ ବସ୍ତୁ; ଅନିଚ୍ଛାକୃତ ଭାବେ ରହସ୍ୟ ଉଦ୍‌ଘାଟନ।

**gizzard** ବି. ଖାଦ୍ୟ ଗୁଣ୍ଡ କରିବା ନିମନ୍ତେ ପକ୍ଷୀର ପେଟରେ ଥିବା ଦ୍ୱିତୀୟ ପାକସ୍ଥଳୀ, କେତେକ ମତ୍ସ୍ୟଙ୍କର ପେଶୀବହୁଳ ପାକସ୍ଥଳୀ।

**glace** ବିଂ. (ଫଳ ସମ୍ବନ୍ଧରେ) ଚିନିବୋଳା ବା ଚିନିରେ ପାଗ ହୋଇଥିବା; (ଲୁଗା ଇତ୍ୟାଦି ସମ୍ବନ୍ଧରେ) ଚିକ୍କଣ ଓ ପାଲିଶ୍‌।

**glacial** ବିଂ. ବରଫସମ୍ବନ୍ଧୀୟ; ତୁଷାରଶୀତଳ; *ଭୂ.* ବରଫୀକୃତ; କ୍ରି.ବିଂ. glacially.

**glaciated** ବିଂ. ବରଫାଚ୍ଛାଦିତ; ଗତିଶୀଳ ତୁଷାର ସ୍ରୋତ ଦ୍ୱାରା ମସୃଣୀକୃତ; ବି. glaciation.

**glacier** ବି. ତୁଷାର ସ୍ରୋତ; ହିମ ପ୍ରବାହ।

**glad** ବିଂ. ଆନନ୍ଦିତ; ସନ୍ତୁଷ୍ଟ; ପ୍ରୀତ; (ସାହାଯ୍ୟ କରିବାପାଇଁ) ପ୍ରସ୍ତୁତ ଓ ଇଚ୍ଛୁକ; be glad of ଉପକାରୀ ବା ସହାୟକ ବୋଲି ବିଚାରିବା; ବିଂ. gladly; ବି. gladness.

**gladden** କ୍ରି. ଆନନ୍ଦିତ କରିବା, ପ୍ରସନ୍ନ କରିବା।

**glade** ବି. ବନ ମଧ୍ୟରେ ଥିବା ଉନ୍ମୁକ୍ତ ସ୍ଥାନ।

**glad eye** ବି. *ସା.ପ୍ର.* ପ୍ରେମ–କଟାକ୍ଷ।

**glad hand** ବି. *କ.ଭା.* ହାର୍ଦ୍ଦିକ ସ୍ୱାଗତ।

**gladiator** ବି. ପ୍ରାଚୀନ ରୋମ୍‌ର ତାଲିମ୍ ପ୍ରାପ୍ତ ମଲ୍ଲ ବା ଅସିଯୋଦ୍ଧା (ଯେ ଉତ୍ସବ ଦିନରେ ଦର୍ଶକ ମାନଙ୍କର ମନୋରଞ୍ଜନ ନିମନ୍ତେ ଯୁଦ୍ଧ କରୁଥିଲେ); ବିଂ. gladiatorial.

**gladiolus** ବି. ବ.ବ. gladioli ଦଣ୍ଡୋପରି ପୁଷ୍ପଗୁଚ୍ଛ ଓ ଖଣ୍ଡାକୃତି ପତ୍ର ବିଶିଷ୍ଟ ଲିଲି ଜାତୀୟ ଉଦ୍‌ଭିଦ।

**glad rags** ବି. ବ.ବ. *କ.ଭା.* ସର୍ବୋତ୍ତମ ପୋଷାକପତ୍ର।

**gladsome** ବିଂ. *ସାହି.* ପ୍ରସନ୍ନ; ଆନନ୍ଦିତ।

**Gladstone bag** ବି. ଭ୍ରମଣକାରୀମାନଙ୍କ ଦ୍ୱାରା ବ୍ୟବହୃତ ଏକ ପ୍ରକାର ହାଲୁକା ବେଗ୍‌।

**glair** ବି. ଡିମ୍ବର ଶ୍ୱେତାଂଶ; ଏଥିରୁ ପ୍ରସ୍ତୁତ ଏକପ୍ରକାର ଅଠାଳିଆ ଜିନିଷ।

**glamorize** କ୍ରି. ମନୋହର ବା ଆକର୍ଷଣୀୟ କରିବା।

**glamour** *ଆମେ.* glamor 1. ବି. ଆକର୍ଷଣୀୟ ସୌନ୍ଦର୍ଯ୍ୟ; ମନୋମୁଗ୍ଧକର ରୂପ; ଶାରୀରିକ ଆକର୍ଷଣ (ବିଶେଷତଃ ନାରୀସୁଲଭ); ବିଂ. glamorous; କ୍ରି.ବିଂ. glamorously.

**glance** 1. କ୍ରି. କ୍ଷଣିକ ଦୃଷ୍ଟି ପକାଇବା; କଟାକ୍ଷପାତ କରିବା; ଆଭାସ ଦେବା; ପରୋକ୍ଷ ଭାବେ ସୂଚାଇଦେବା; ଝଟକିବା; 2. ବି. କ୍ଷଣିକ ଦୃଷ୍ଟି; (ଆଲୋକ ବା ତେଜୋମୟ ପଦାର୍ଥର); କ୍ରିକେଟ୍ ବଲ୍‌କୁ ଅନ୍ୟ ଦିଗକୁ ପ୍ରେରଣ; a side–long glance ଆଡ଼ଚାହାଣି; କଟାକ୍ଷ; at a glance ଦର୍ଶନ ମାତ୍ରେ; ଦେଖିବା ମାତ୍ରକେ।

**gland** ବି. (ପ୍ରାଣୀ/ଉଦ୍‌ଭିଦ ଶରୀରର) ଗ୍ରନ୍ଥି।

**glandular** ବିଂ. ଗ୍ରନ୍ଥି ସମ୍ବନ୍ଧୀୟ।

**glare** 1. କ୍ରି. କ୍ରୋଧରେ ବା ସ୍ଥିର ଦୃଷ୍ଟିରେ ଅନାଇବା; ଝଲସିବା; 2. ବି. ତୀକ୍ଷ୍ଣଦୃଷ୍ଟି; ଆଖିଝଲସିଆ ଆଲୋକ; ବାହ୍ୟ ଦୀପ୍ତି ବା ଚାକଚକ୍ୟ।

**glaring** ବିଂ. ତୀବ୍ରୋଜ୍ଜ୍ୱଳ; ସୁସ୍ପଷ୍ଟ; କ୍ରି.ବିଂ. glaringly.

**glasnost** ବି. *ଋଷି.* ସୋଭିଏତ୍ ରୁଷୀୟାରେ ମୁକ୍ତ ଶାସନ ଏବଂ ତଥ୍ୟ ପ୍ରଦାନର ବ୍ୟବସ୍ଥା।

**glass** 1. ବି. କାଚ; କାଚ ନିର୍ମିତ ବସ୍ତୁ (ଦର୍ପଣ, ଘଡ଼ିକାଚ ପ୍ରଭୃତି); ପାନପାତ୍ର; ଗିଲାସ୍; ପାନପାତ୍ର ବା ଗିଲାସର ଆଧେୟ; ବ.ବ.ରେ ଚଷମା; ଦୂରବୀକ୍ଷଣ ଯନ୍ତ୍ର; ଉଦ୍ଭିଦର କାଚ ନିର୍ମିତ ଫ୍ରେମ୍ ବା ଆଧାର; ବେରୋମିଟର୍; ଅଣୁବୀକ୍ଷଣ ଯନ୍ତ୍ର; 2. କ୍ରି. କାଚ ଲଗାଇବା।

**glasshouse** ବି. କାଚ ନିର୍ମିତ କୃତ୍ରିମ ଉଦ୍ଭିଦଶାଳା; *ସା.ପ୍ର.* ସାମରିକ କାରାଗାର।

**glassware** ବି. କାଚ ନିର୍ମିତ ଦ୍ରବ୍ୟ।

**glassy** ବିଂ. କାଚ ସଦୃଶ; (ଚକ୍ଷୁ ଓ ଅଭିବ୍ୟକ୍ତି ସମ୍ବନ୍ଧରେ) ନିଷ୍ପ୍ରଭ ଓ ସ୍ଥିର।

**glaucoma** ବି. ଚକ୍ଷୁର ରୋଗ ବିଶେଷ।

**glaze** 1. କ୍ରି. ଝରକା ପ୍ରଭୃତିରେ କାଚ ଲଗାଇବା ବା କୋଠା ପ୍ରଭୃତିରେ ଝରକା ଲଗାଇବା; କାଚ ପରି ଚକଚକିଆ କରିବା; ମୃଣ୍ମୟ ପାତ୍ର, ବସ୍ତ୍ର

Digitized by srujanika@gmail.com

ପ୍ରଭୃତିକୁ ଚକ୍‌ଚକ୍ କରି ପାଲିସ୍ କରିବା; (ଚକ୍ଷୁ ସମ୍ବନ୍ଧରେ) କାଚପରି ଚକଚକ ହେବା; 2. ବି. ମୃଣ୍ମୟ ପାତ୍ର ପ୍ରଭୃତିକୁ ଚକ୍‌ଚକ୍ କରିବା ନିମନ୍ତେ ବ୍ୟବହୃତ କାଚମୟ ପ୍ରଲେପ; ବର୍ଣ୍ଣକ; ସାଧାରଣ ଦ୍ରବ୍ୟ ବା ଖାଦ୍ୟପଦାର୍ଥ ଉପରେ ବ୍ୟବହୃତ ମସୃଣ ଓ ଉଜ୍ଜ୍ୱଳ ଆବରଣ; ଏହିପରି ଚାକଚକ୍ୟପୂର୍ଣ୍ଣ ଢଙ୍ଗରେ ନିର୍ମିତ ପୃଷ୍ଠଭାଗ।

**glazier** ବି.ଝରକାରେ କାଚ ଲଗାଇବା କାରିଗର।

**gleam** 1. ବି. କ୍ଷୀଣ ବା କ୍ଷଣିକ ଆଲୋକ; (ରହସ୍ୟ ଆଶା ପ୍ରଭୃତିର) ଅସ୍ପଷ୍ଟ ବା କ୍ଷଣିକ ପ୍ରଦର୍ଶନ; 2. କ୍ରି. କ୍ଷୀଣ ରଶ୍ମି ବିକିରଣ କରିବା।

**glean** କ୍ରି. ଅଳ୍ପ ଅଳ୍ପ କରି (ଘଟଣା, ବିବରଣ ପ୍ରଭୃତି) ସଂଗ୍ରହ କରିବା; (ଶସ୍ୟ କ୍ଷେତ୍ରରୁ ଶସ୍ୟକଟାଳି ଦ୍ୱାରା ପରିତ୍ୟକ୍ତ ଶସ୍ୟକୁ) ଖୁଣ୍ଟିବା ବା ସଂଗ୍ରହ କରିବା।

**gleanings** ବି. ବ.ବ. ସଂଗୃହୀତ ବିବରଣ ବା ବିଷୟବସ୍ତୁ ସଂଚୟନ।

**glebe** ବି. ଖ୍ରୀଷ୍ଟୀୟ ଧର୍ମଯାଜକଙ୍କ ବୃତ୍ତି ନିମନ୍ତେ ପ୍ରଦତ୍ତ ଆୟକାରୀ ଭୂମି।

**glee** ବି. ଆନନ୍ଦ; ଆହ୍ଲାଦ; ଉଲ୍ଲାସ; ହର୍ଷ; (ସାଧାରଣତଃ ପୁରୁଷଙ୍କ) ତିନି ବା ତତୋଽଧିକ ସ୍ୱରସମନ୍ୱିତ ପର୍ଯ୍ୟାୟ ଗୀତ।

**gleeful** ବିଂ. ହର୍ଷୋତ୍‌ଫୁଲ୍ଲ; ଆନନ୍ଦପୂର୍ଣ୍ଣ; କ୍ରି.ବିଂ. gleefully.

**glen** ବି. ସଂକୀର୍ଣ୍ଣ ଉପତ୍ୟକା।

**glib** ବିଂ. ଦ୍ରୁତଭାଷୀ; ବାବଦୁକ, ଅନର୍ଗଳ; କ୍ରି.ବିଂ. glibly.

**glide** 1. କ୍ରି. ଧୀରେ ଧୀରେ, କ୍ରମାଗତ ଭାବରେ ଅଗ୍ରସର ହେବା; (ଉଡ଼ାଜାହାଜ ବିଷୟରେ) ଇଂଜିନ୍ ନ ଚଳାଇ ଉଡ଼ିଯିବା; ଧୀରେ ଧୀରେ ବା ଅଲକ୍ଷିତ ଭାବରେ ଅତିବାହିତ ହେବା; 2. ବି. ଧୀର ଓ ସ୍ୱଚ୍ଛନ୍ଦ ଗତି।

**glide path** ବି. ଉଡ଼ାଜାହାଜର ଅବତରଣ ମାର୍ଗ।

**glider** ବି. ଇଂଜିନ୍‌ବିହୀନ ହାଲୁକା ଉଡ଼ାଜାହାଜ।

**glimmer** 1. ବି. କ୍ଷୀଣ ଜ୍ୟୋତି; ମଧ୍ୟେ ମଧ୍ୟେ ଆଲୋକିତ ହେବା; ଆଶାର କ୍ଷୀଣ ଆଲୋକ; 2. କ୍ରି. ଅସ୍ପଷ୍ଟ ବା କ୍ଷୀଣ ଭାବରେ ଆଲୋକିତ ହେବା ବା କରିବା।

**glimpse** 1. ବି. କ୍ଷଣିକ ଦର୍ଶନ; କ୍ଷୀଣ ଆଭାସ; 2. କ୍ରି.କ୍ଷଣକ ପାଇଁ ବା ମୁହୂର୍ତ୍ତକ ପାଇଁ ଦେଖାଯିବା।

**glint** 1. କ୍ରି. ଝଟକିବା; ଚକଚକ କରିବା ବା କ୍ଷଣିକ ଆଲୋକ ଦେବା; 2. ବି. ଝଲକ; ଚମକ।

**glissade** 1. କ୍ରି. ପର୍ବତାବତରଣ ବେଳେ ବରଫାବୃତ ଢାଲୁରେ ଧୀରେଧୀରେ ଓହ୍ଲାଇବା; ନୃତ୍ୟରେ ଧୀର ଓ ସ୍ୱଚ୍ଛନ୍ଦ ଗତି—ପରିପାଟୀ କରିବା; 2. ବି. ଧୀର ଓ ସ୍ୱଚ୍ଛନ୍ଦ ଗମନ ବା ପରିପାଟୀ।

**glisten** 1. କ୍ରି. ଓଦା ବା ପାଲିସ୍ ପୃଷ୍ଠଭାଗ ପରି ଝଲସିବା ବା ଚକଚକ କରିବା; 2. ବି. ଚାକଚକ୍ୟ; ଦୀପ୍ତି।

**glitter** 1. କ୍ରି. ଉଜ୍ଜ୍ୱଳ ଓ ସହିତ ଆଲୋକ ଦ୍ୱାରା ଝଲସିବା, ଚକଚକ କରିବା; 2. ବି. ଔଜ୍ଜ୍ୱଲ୍ୟ; ଚାକଚକ୍ୟ; ଝଟକ।

**glitterati** ବି. ବ.ବ.ଧନୀ, ସୌଖୀନ ବ୍ୟକ୍ତିଗଣ।

**gloaming** ବି. *ସାହି.* ସଂଧ୍ୟା, ଗୋଧୂଳି ସମୟ।

**gloat** 1. କ୍ରି. କୁଦୃଷ୍ଟି ବା ଲୋଲୁ[illegible]ଚାଇବା; 2. ବି. ଉକ୍ତ କାର୍ଯ୍ୟ।

**global** ବିଂ. ବିଶ୍ୱବ୍ୟାପୀ, ସର୍ବ[illegible] କ୍ରି.ବିଂ. gobally.

**globe** ବି. ଗୋଲକ; ପୃଥିବୀ; ଭୂମଣ୍ଡଳ; ମାନଚିତ୍ରଦ୍ୱାରା ପୃଷ୍ଠଭାଗଉପରେ ଭୂମଣ୍ଡଳର ପ୍ରତିପାଦନ; ଗୋଲାକାର ବସ୍ତୁ।

**globe–fish** ବି. ଇଚ୍ଛାନୁସାରେ ନିଜ ଶରୀରକୁ ଗୋଲାକାର କରି ପାରୁଥିବା ମତ୍ସ୍ୟ ବିଶେଷ।

**globe–flower** ବି.ଏକ ପ୍ରକାର ଉଦ୍ଭିଦ, ଏଥିରେ ଗୋଲାକାର ଓ ସାଧାରଣତଃ ହଳଦିଆ ରଙ୍ଗର ଫୁଲ ଫୁଟେ।

**globe–trotter** ବି. ବହୁସ୍ଥାନ ଭ୍ରମଣ କରିଥିବା ବ୍ୟକ୍ତି; ବି. globe-trotting.

**globular** ବିଂ. ଗୋଲାକାର; ବର୍ତ୍ତୁଳାକୃତି; ଗୋଲାକାର କଣିକାଦ୍ୱାରା ନିର୍ମିତ।

**globule** ବି. କ୍ଷୁଦ୍ର ଗୋଲକ, ଗୋଲାକାର କଣିକା।

**globulin** ବି. ପ୍ରାଣୀ ଏବଂ ଉଦ୍‌ଭିଦର ପୁଷ୍ଟିସାର ବିଶେଷ।

**gloom** 1. ବି. ଆଂଶିକ ବା ପୂର୍ଣ୍ଣ ଅନ୍ଧକାର; ବିଷାଦ, ନୈରାଶ୍ୟ; 2. କ୍ରି. ଅନ୍ଧକାର କରିବା; ବିଷଣ୍ଣ କରିବା, ହେବା ବା ଦେଖାଯିବା।

**gloomy** 1. ବିଂ. ଅନ୍ଧକାରମୟ; ଅସ୍ପଷ୍ଟ; ବିଷଣ୍ଣ; ନୈରାଶ୍ୟଜନକ; ନିସ୍ତେଜ, ମଳିନ; କ୍ରି.ବିଂ. gloomily; ବି. gloominess.

Digitized by srujanika@gmail.com

**glorify** 1. କ୍ରି. ଗୌରବାନ୍ୱିତ କରିବା; ମହିମାନ୍ୱିତ କରିବା; ପ୍ରଶଂସା କରି ଉପରକୁ ଉଠାଇବା; ଗୁଣକୀର୍ତ୍ତନ କରିବା; ଜ୍ୟୋତିର୍ବିମଣ୍ଡିତ କରିବା; ବି. glorification.

**glorious** ବିଂ. ଗୌରବମୟ; ଗୌରବାନ୍ୱିତ; ମହିମାମୟ; ମହିମାନ୍ୱିତ, ମହାନ୍, ପ୍ରସିଦ୍ଧ।

**glory** 1. ବି. ଗୌରବ; ମହିମା; ଯଶ; କୀର୍ତ୍ତି, ପ୍ରସିଦ୍ଧି; ଗର୍ବ ବା ଗୌରବର ବସ୍ତୁ; ଦେଦୀପ୍ୟମାନ ଐଶ୍ୱର୍ଯ୍ୟ ବା ବୈଭବ; ସ୍ୱର୍ଗୀୟ ସୁଖ ବା ବିଭବ; ସମୁଜ୍ଜ୍ୱଳ ଶୋଭା; ସମୃଦ୍ଧ ଅବସ୍ଥା; ପ୍ରସିଦ୍ଧିର ଉଦ୍‌ଗମସ୍ଥଳ; ବିଶେଷ ପ୍ରତିଷ୍ଠା ବା ସୁଖ୍ୟାତି; ସନ୍ନ୍ୟାସୀ ପ୍ରଭୃତିଙ୍କ ମସ୍ତକ ଚତୁର୍ଦ୍ଦିଗସ୍ଥ ଆଲୋକ–ମଣ୍ଡଳ; 2. କ୍ରି. ବିଶେଷ ଗର୍ବ ପ୍ରକାଶ କରିବା।

**gloss**[1] 1. ବି. ପୃଷ୍ଠଭାଗର ଚାକଚକ୍ୟ ବା ତେଜ; ଆପାତରମ୍ୟତା; 2. କ୍ରି. ଆପାତସୁନ୍ଦର କରିବା; ବାହାରକୁ ଚକଚକିଆ କରିବା; gloss over ଭ୍ରମ ବା ତ୍ରୁଟିକୁ ଲୁଚାଇବା ନିମନ୍ତେ ଚେଷ୍ଟା କରିବା; gloss paint ଶ୍ଳେଷ ଚିକ୍କଣ–ବର୍ଣ୍ଣ–ଦାନ ନିମନ୍ତେ ବ୍ୟବହୃତ ରଙ୍ଗ।

**gloss**[2] 1. ବି. ମୂଳପାଠ ସହିତ ସଂଯୁକ୍ତ ବ୍ୟାଖ୍ୟାମୂଳକ ଟିପ୍ପଣୀ; ଟୀକା ବା ଭାଷ୍ୟ; 2. କ୍ରି. ବ୍ୟାଖ୍ୟା କରିବା; ଟୀକା ସନ୍ନିବେଶ କରିବା ବା ଲେଖିବା।

**glossary** ବି. ପାରିଭାଷିକ, ବୈଜ୍ଞାନିକ ବା ବିଶେଷ ଶବ୍ଦମାନଙ୍କର ଅଭିଧାନ; ଉକ୍ତ ଶବ୍ଦାର୍ଥ ମାନଙ୍କର ତାଲିକା।

**glossy** 1. ବିଂ. ଚକଚକିଆ; ବାହ୍ୟଚାକଚକ୍ୟପୂର୍ଣ୍ଣ; କ୍ରି.ବିଂ. glossily; ବି. glossiness.

**glottal** ବିଂ. କଣ୍ଠ୍ୟ; କଣ୍ଠଦ୍ୱାର ସମ୍ବନ୍ଧୀୟ।

**glottis** ବି. ଉପଜିହ୍ୱା; କଣ୍ଠଦ୍ୱାର।

**glove** 1. ବି. ହାତମୋଜା; ହସ୍ତାବରଣ; ଦସ୍ତାନା; 2. କ୍ରି. ହାତମୋଜା ଦ୍ୱାରା ଆବୃତ କରିବା।

**glover** ବି. ହାତମୋଜା ତିଆରି କରିବା ଲୋକ।

**glow** 1. କ୍ରି. ପ୍ରଖର ଉତ୍ତାପରେ ଉଦ୍ଦୀପ୍ତ ହେବା; ବିନା ଶିଖାରେ ଆଲୋକ ଓ ଉତ୍ତାପ ବିକିରଣ କରିବା; ଉତ୍ତାପ ବା ଉତ୍ତେଜନା ହେତୁ ଲାଲରଙ୍ଗ ଦେଖାଯିବା; 2. ବି. ଜ୍ୟୋତି; ଆଭା; ଦୀପ୍ତି; ଉଜ୍ଜ୍ୱଳତା; ଆଲୋକଚ୍ଛଟା; ଆରକ୍ତ ବର୍ଣ୍ଣ।

**glow-worm** ବି. ଜୁଳୁଜୁଳିଆ ପୋକ; ଖଦ୍ୟୋତ।

**glower** କ୍ରି. କ୍ରୋଧପୂର୍ଣ୍ଣ ଦୃଷ୍ଟିରେ ଚାହିଁବା।

**glucose** ବି. ରକ୍ତ ବା ଫଳରସରେ ଉପଲବ୍ଧ ଶର୍କରା।

**glue** 1. ବି. ସିରିସ ଅଠା; 2. କ୍ରି. ସିରିସ ଅଠାଦ୍ୱାରା ଯୋଡ଼ିବା ବା ସଂଲଗ୍ନ କରିବା; ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ କରିବା; ବିଂ. gluey.

**glum** ବିଂ. ବିଷଣ୍ଣ; ବିରସ; ଅପ୍ରସନ୍ନ।

**glut** 1. କ୍ରି. ପୂର୍ଣ୍ଣ ମାତ୍ରାରେ ଖୁଆଇବା; ପରିତୃପ୍ତ କରାଇବା; ପରିପୂର୍ଣ୍ଣ କରିବା; ବଜାରକୁ ପଣ୍ୟଦ୍ରବ୍ୟରେ ଭରପୂର କରିବା; 2. ବି. ଅତିଭୋଜନ; ପୂର୍ଣ୍ଣତୃପ୍ତି; ଅତିରିକ୍ତ ଦ୍ରବ୍ୟସରବରାହ ବା ମାଲଯୋଗାଣ।

**glutamic acid** ବି. ପୁଷ୍ଟିସାରରେ ଉପଲବ୍ଧ ଏମିନୋ ଏସିଡ୍।

**gluten** ବି. ମଣ୍ଡ ବାହାର କରି ନେବା ପରେ ଅଟା ବା ମଇଦାର ଅବଶିଷ୍ଟ ଅଠାଳିଆ ଅଂଶ।

**glutinous** ବିଂ. ଅଠାଳିଆ।

**glutton** ବି. ପେଟୁ; ଅତ୍ୟାହାରୀ; (କୌଣସି କାର୍ଯ୍ୟ ପାଇଁ) ଅତିରିକ୍ତ ମାତ୍ରାରେ ଆଗ୍ରହୀ ବ୍ୟକ୍ତି; ଏକ ପ୍ରକାର ବହୁଭୋଜୀ ଚତୁଷ୍ପଦ ପ୍ରାଣୀ; ବିଂ. gluttonous.

**gluttony** ବି. ଖାଦ୍ୟଲୋଭ ବା ଲୋଭୀ ଆଚରଣ।

**glyceride** ବି. ଗ୍ଲିସେରିନ୍ ମିଶ୍ରିତ ଇଥର୍।

**glycerine** ବି. *ଆମେ.* glycerin ଗ୍ଲିସରିନ୍; ତୈଳ ଓ ଚର୍ବିରୁ ଉତ୍ପନ୍ନ ଏକ ପ୍ରକାର ମଧୁର, ବର୍ଣ୍ଣହୀନ ସ୍ନେହ ପଦାର୍ଥ (ଔଷଧ ବା ମଲମ୍ ରୂପେ, ବା ବିସ୍ଫୋରକରେ ବ୍ୟବହୃତ)।

**gm** *ସଂଶ.* gram(s) ଗ୍ରାମ୍।

**GMT** *ସଂଶ.* Greenwich Mean Time.

**gn–** *ସା.* ଉଚ୍ଚାରଣ 'ନ'।

**gnarled** ବିଂ. ଗ୍ରନ୍ଥିଳ; ଗ୍ରନ୍ଥିଯୁକ୍ତ; ଗଣ୍ଠିଗଣ୍ଠିଆ।

**gnash** କ୍ରି. (କ୍ରୋଧ ବା ଯନ୍ତ୍ରଣାରେ) ଦାନ୍ତ ରଗଡ଼ିବା ବା ଚୋବାଇବା।

**gnat** ବି. ଡାଆଁଶ, ମଶା।

**gnaw** କ୍ରି. ଦାନ୍ତଦ୍ୱାରା ଚିକିଟିକି କରି କାମୁଡ଼ିବା ବା କୁଟ୍‌କୁଟ୍ କରି କାଟିବା; କ୍ରମଶଃ କ୍ଷୟ କରିବା।

**gneiss** ବି. ସ୍ଫଟିକ ବା ଅଭ୍ର ପ୍ରଭୃତି ମିଶ୍ରିତ ସ୍ତରୀଭୂତ ପ୍ରସ୍ତର ବିଶେଷ।

**gnome** 1. ବି. ଲୋକକାହାଣୀରେ ବର୍ଣ୍ଣିତ ପାତାଳପୁରୀର ପ୍ରେତ; ଉକ୍ତ ପ୍ରେତର ରୂପ; ନୀତିବାକ୍ୟ; ସାରଗର୍ଭକ ସଂକ୍ଷିପ୍ତ ବାକ୍ୟ; ବିଂ. gnomish.

Digitized by srujanika@gmail.com

**gnomic** ବିଂ. ନୀତିବାକ୍ୟ ସମ୍ପର୍କିତ; ଉପଦେଶାତ୍ମକ।

**gnomon** ବି. ସୂର୍ଯ୍ୟଘଡ଼ି ବା ଛାୟା ଘଡ଼ିର ଶଙ୍କୁ, କୀଳକ ବା କଣ୍ଟା।

**gnostic** 1. ବିଂ. ତତ୍ତ୍ୱଜ୍ଞାନ ବା ରହସ୍ୟବାଦ ସମ୍ବନ୍ଧୀୟ; 2. ବି. ତତ୍ତ୍ୱଜ୍ଞାନୀ ବା ରହସ୍ୟବାଦୀ; ନିଜକୁ ତତ୍ତ୍ୱଜ୍ଞାନୀ ବା ରହସ୍ୟବାଦୀ ବୋଲି ଦାବି କରୁଥିବା ଆଦି ଖ୍ରୀଷ୍ଟଧର୍ମର ନାସ୍ତିକ; ବି. gnosticism.

**GNP** *ସଂଖ.* gross national product.

**gnu** ବି. ବଳଦ ଆକୃତିର ହରିଣ ବିଶେଷ।

**go**[1] *କ୍ରି.* (went, gone) 1. *କ୍ରି.* ଯିବା; ଗମନ କରିବା; ଯାତ୍ରା କରିବା; ଅଗ୍ରସର ହେବା; ଚଳିବା; ଉଦ୍ୟତ ହେବା; ଏକ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ଯିବା; (ସମୟ ସମ୍ପର୍କରେ) କଟିବା ବା ଅତିବାହିତ ହେବା; ସମୟ ସହିତ ଗତି କରିବା; ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା; ପ୍ରସାରିତ ହେବା; ସାଧାରଣରେ ପ୍ରଚାରିତ ହେବା; ଜ୍ଞାତ ହେବା; ପ୍ରସ୍ଥାନ କରିବା; ଶବ୍ଦ କରିବା; ବିକ୍ରି ହେବା; କୃତକାର୍ଯ୍ୟ ହେବା; ପ୍ରଦତ୍ତ ହେବା; କର୍ମତତ୍ପରତା; *କ.ଭା.* କରିବା; ନିର୍ଦ୍ଦିଷ୍ଟ ଅବସ୍ଥାରେ ରହିବା; 2. ବି. ସାହସ; ଅବସର ବା ପାଳି; ସାଫଲ୍ୟ; 3. ବିଂ. କାର୍ଯ୍ୟକ୍ଷମ; go about କର୍ମପ୍ରବୃତ୍ତ ହେବା; ଅଭ୍ୟାସ କରିବା; go ahead ଆଗେଇ ଯିବା; go along with (କାହାସହିତ) ଏକମତ ହେବା; go back on ପ୍ରତିଶ୍ରୁତିରୁ ପଛେଇ ଯିବା; go begging ଅଲୋଡ଼ା ବା ଅଦରକାରୀ ବିବେଚିତ ହେବା; go by (କାହା ଉପରେ) ନିର୍ଭରଶୀଳ ହେବା; (କାହାଦ୍ୱାରା) ପରିଚାଳିତ ହେବା; go by default ଅନୁପସ୍ଥିତ ହେବା, ବିଚାରକୁ ନ ଆସିବା; go down ଅବତରଣ କରିବା, ବୁଡ଼ିବା, ହ୍ରାସ ପାଇବା; ଲିପିବଦ୍ଧ ହେବା; go down with ରୁଗ୍ଣ ହେବା; go in for ପ୍ରତିଯୋଗିତା କରିବା; କାର୍ଯ୍ୟରେ ବ୍ୟାପୃତ କରିବା; go a long way ବହୁତ ଫଳାଫଳର ଅପେକ୍ଷା ରଖିବା; ଦୀର୍ଘକାଳ–ସ୍ଥାୟୀ ହେବା; go off ବିସ୍ଫୋରିତ ହେବା, ଶୋଇ ପଡ଼ିବା; (ଘଟଣା ସମ୍ବନ୍ଧରେ) କୃତକାର୍ଯ୍ୟ ହେବା; go on କାର୍ଯ୍ୟ କରି ଚାଲିବା; ଅଧ୍ୟବସାୟ କରିବା; କହି ଚାଲିବା; go out (ଅଗ୍ନି, ଆଲୋକ ପ୍ରଭୃତି) ଲିଭିଯିବା; ପ୍ରେମ କରିବା; ଚେତାଶୂନ୍ୟ ହେବା; go over (ନାଟକ ପ୍ରଭୃତି) କୃତକାର୍ଯ୍ୟ ହେବା, ସମୀକ୍ଷା କରିବା; go round ମାମୁଲିଭାବେ ପରିଦର୍ଶନ କରିବା; go through ପରୀକ୍ଷା ବା ସଂଶୋଧନ କରିବା; ସମ୍ପନ୍ନ କରିବା; ମଧ୍ୟଦେଇ ଯିବା; ଖର୍ଚ୍ଚ କରିବା; go up ଦରବୃଦ୍ଧି ଘଟିବା; ଜଳିଯିବା; ବିସ୍ଫୋରିତ ହେବା; go without ବିରତ ହେବା; go without saying କହିବା ବାହୁଲ୍ୟ; on the go *କ.ଭା.* ସକ୍ରିୟ, ଗତିଶୀଳ ବା କାର୍ଯ୍ୟରତ ରହିବା।

**go**[2] ବି. ଜାପାନୀ ବୋର୍ଡ୍–ଖେଳ ବିଶେଷ।

**goad** 1. ବି. ଗୋମହିଷାଦି ପଶୁ ତାଡ଼ନା ନିମନ୍ତେ ବ୍ୟବହୃତ ଗୋଜିଆ ବାଡ଼ି; ଯନ୍ତ୍ରଣାଦାୟକ ବା ଉତ୍ତେଜକ ଦ୍ରବ୍ୟ; 2. କ୍ରି. ଉକ୍ତ ବାଡ଼ି ସାହାଯ୍ୟରେ ତାଡ଼ନା କରିବା; ଉତ୍ତେଜିତ କରିବା; କାର୍ଯ୍ୟ ପ୍ରଭୃତି ନିମନ୍ତେ ପ୍ରେରିତ କରିବା।

**goal** ବି. (ଫୁଟବଲ, ହକି ଆଦି ଖେଳର) ଟେ.ଇ ସ୍ତମ୍ଭ ବା ସୀମାସ୍ତମ୍ଭ ଦ୍ୱାରା ଚିହ୍ନିତ ସ୍ଥଳ; ଉକ୍ତ ଖେଳର ଜୟସୂଚକ ପଏଣ୍ଟ; ଗୋଲ୍; ଲକ୍ଷ୍ୟ, ଲକ୍ଷ୍ୟସ୍ଥଳ।

**goalie** ବି. *କ.ଭା.* ଗୋଲରକ୍ଷକ।

**goalkeeper** ବି. ଗୋଲ୍‌ରକ୍ଷକ; ଫୁଟବଲ ଆଦି ଖେଳରେ ସୀମାସ୍ତମ୍ଭ ରକ୍ଷକ।

**goat** 1. ବି. ଛେଳି; ଛାଗ; ମେଷରାଶି; କାମୁକ ବା ଲମ୍ପଟ ବ୍ୟକ୍ତି; *କ.ଭା.* ନିର୍ବୋଧ ବ୍ୟକ୍ତି।

**goatee** ବି. ଛେଳିର ଦାଢ଼ି ପରି ଦାଢ଼ି।

**goatherd** ବି. ଛାଗ–ରକ୍ଷକ, ଛେଳି ଜଗୁଆଳ।

**gobbet** ବି. ପୁଳାଏ ମାଂସ ବା ଖାଦ୍ୟ; ଅନୁବାଦ ବା ସମାଲୋଚନା ନିମନ୍ତେ ପାଠ୍ୟ ପୁସ୍ତକରୁ ଉଦ୍ଧୃତ ଅଂଶ।

**gobble**[1] *କ୍ରି.* ସଶବ୍ଦେ ଓ ତରବରରେ ଖାଇବା, ଟାକ କରି ଗିଳିପକାଇବା।

**gobble**[2] *କ୍ରି.* (ଆମେରିକୀୟ ଟର୍କୀ କୁକୁଡ଼ା ପରି) ଘଡ଼ଘଡ଼ ଶବ୍ଦ କରିବା, ଏହିପରିଭାବେ କଥା କହିବା।

**gobbledegook** ବି. (gobbledygook ମଧ୍ୟ) *ସା.ପ୍ର.* ବାଗାଡ଼ମ୍ବର ଯୁକ୍ତ ଅବୋଧ୍ୟ ଅଫିସିକ ବା ବ୍ୟବହାରିକ ଭାଷା।

**go–between** ବି. ମଧ୍ୟସ୍ଥ; ଉଭୟ ପକ୍ଷର ଦୂତ।

**goblet** ବି. ବଇଠି ଲାଗିଥିବା (ବିଶେଷତଃ) କାଚତିଆରି ପାନପାତ୍ର, ବାଟା, ତାଟିଆ।

Digitized by srujanika@gmail.com

**goblin** ବି. ଲୋକକାହାଣୀରେ ବର୍ଣ୍ଣିତ ଅନିଷ୍ଟକାରୀ, କୁତ୍ସିତ ବାମନାକୃତି ପିଶାଚ ବା ଭୂତ।

**god** ବି. ଈଶ୍ୱର; ଭଗବାନ୍; ପରମେଶ୍ୱର; ସୃଷ୍ଟିକର୍ତ୍ତା; ଦେବତା; ଠାକୁର; ମହାନ୍ ଭାବରେ ପ୍ରଶଂସ୍ୟ ବା ପୂଜ୍ୟ ବ୍ୟକ୍ତି; the gods *କ.ଭା.* ଥିଏଟର୍ ଗେଲେରୀ; God forbid ଭଗବାନ୍ ନ କରନ୍ତୁ; ଏପରି ନ ଘଟୁ; God knows ମୋତେ (ଆମକୁ) ଜଣାନାହିଁ; କେଜାଣି; ଭଗବାନ ସାକ୍ଷୀ; ଭଗବାନ ଜାଣନ୍ତି; God willing ଅବସ୍ଥା ଅନୁକୂଳ ହେଲେ।

**godchild** ବି. ଧର୍ମ ସନ୍ତାନ।

**god–daughter** ବି. ଧର୍ମ–କନ୍ୟା।

**goddess** ବି. ଦେବୀ, ପୂଜନୀୟା ନାରୀ।

**godfather** ବି. ଧର୍ମପିତା।

**God–fearing** ବି. ଧର୍ମଭୀରୁ; ପ୍ରକୃତରେ ଧର୍ମପରାୟଣ।

**God–forsaken** ବିଂ. ଈଶ୍ୱରଙ୍କ ଦ୍ୱାରା ପରିତ୍ୟକ୍ତ; ବିଷାଦପୂର୍ଣ୍ଣ; କଦର୍ଯ୍ୟ।

**godhead** ବି. ଦିବ୍ୟ ସ୍ୱଭାବ; ଦେବତ୍ୱ; the Godhead ଈଶ୍ୱର।

**godless** ବିଂ. ଈଶ୍ୱର ଅବିଶ୍ୱାସୀ; ଅଧାର୍ମିକ; ପାଷଣ୍ଡ।

**godlike** ବିଂ. ପରମେଶ୍ୱରଙ୍କ ସଦୃଶ; ଦେବତୁଲ୍ୟ।

**godly** ବିଂ. ଦିବ୍ୟ; ଧାର୍ମିକ; ଭକ୍ତି ପରାୟଣ; ପୁଣ୍ୟାତ୍ମା; ବି. godliness.

**godmother** ବି. ଧର୍ମମାତା।

**godown** ବି. ଗୋଦାମ; ମାଲଘର।

**godparent** ବି. ଯେଉଁ ବ୍ୟକ୍ତି ଶିଶୁର ଖ୍ରୀଷ୍ଟଧର୍ମ ଗ୍ରହଣ ସମୟରେ ତାହାକୁ ଉପସ୍ଥାପନ କରନ୍ତି।

**godsend** ବି. ଆକସ୍ମିକ ସୌଭାଗ୍ୟ; ହିତକାରକ ବା ସିଦ୍ଧିପ୍ରଦ ଲାଭ।

**godson** ବି. ଧର୍ମପୁତ୍ର।

**Godspeed** ବି. ବ୍ୟକ୍ତିଙ୍କର ଯାତ୍ରା ବା ଭ୍ରମଣର ଆରମ୍ଭ ସମୟରେ ବନ୍ଧୁଙ୍କର ବା ବନ୍ଧୁମାନଙ୍କର ଶୁଭକାମନା ପ୍ରକାଶ।

**goer** ବି. ଗମନକାରୀ ବ୍ୟକ୍ତି; ପ୍ରାଣପୂର୍ଣ୍ଣ ବା ଅଧ୍ୟବସାୟୀ ବ୍ୟକ୍ତି; କୌଣସି ବିଶେଷ ପ୍ରକାର କାର୍ଯ୍ୟରେ ଧାନଦାୟୀ ବ୍ୟକ୍ତି।

**goggle** 1. *କ୍ରି.* ବିସ୍ଫାରିତ ନୟନରେ ଅନାଇବା; 2. ବିଂ. (ଚକ୍ଷୁସମ୍ବନ୍ଧରେ) ଘୂର୍ଣ୍ଣାୟମାନ; ଉଦ୍‌ଗତ; ବିସ୍ଫାରିତ।

**goggle–box** ବି. *ସା.ପ୍ର.* ଟେଲିଭିଜନ୍ ସେଟ୍; ଦୂରଦର୍ଶନ ଯନ୍ତ୍ର।

**goggles** ବି. ଗଗଲ୍‌ସ୍, ଚଷମା; ପ୍ରଚଣ୍ଡ ଖରା ବା ଧୂଳିରୁ ଆଖିକୁ ରକ୍ଷା କରିବା ପାଇଁ ବ୍ୟବହୃତ ରଙ୍ଗୀନ ଚଷମା।

**go–go** ବିଂ. *କ.ଭା.* ଆଧୁନିକ ଶୈଳୀର; ଅତି ଉତ୍ସାହୀ ଓ କର୍ମଠ।

**going** 1. ବି. ଭ୍ରମଣ ବା ଅଶ୍ୱାରୋହଣ ନିମନ୍ତେ ଭୂମିର ଅବସ୍ଥା; ଗମନ; ପ୍ରସ୍ଥାନ; ପ୍ରଗତିର ମାନ ବା ମାତ୍ରା; 2. ବିଂ. କାର୍ଯ୍ୟକାରୀ; ସକ୍ରିୟ; ପ୍ରଚଳିତ; ଉପଲବ୍ଧ; get going ଆରମ୍ଭ କରିବା; going strong ଉତ୍ସାହ ଓ ଉଦ୍ୟମର ସହିତ କରିଯିବା; going to (କୌଣସି କାର୍ଯ୍ୟ କରିବାକୁ) ଉଦ୍ୟତ; while the going is good ଅବସ୍ଥା ଅନୁକୂଳ ଥିବା ସମୟରେ।

**goitre** ବି. *ଆମେ.* goiter ଗଳଗଣ୍ଡ; ଥାଇରଏଡ୍ ଗ୍ରନ୍ଥିର ବୃଦ୍ଧି।

**go–kart** ବି. (go–cart ମଧ୍ୟ) ଦୌଡ଼ ପ୍ରତିଯୋଗିତାରେ ବ୍ୟବହୃତ କ୍ଷୁଦ୍ର ମଟର୍‌ଗାଡ଼ି।

**gold** 1. ବି. ସୁନା; ସ୍ୱର୍ଣ୍ଣ; ପୀତବର୍ଣ୍ଣ; ସ୍ୱର୍ଣ୍ଣମୁଦ୍ରା ବା ଅଳଙ୍କାର; ମୂଲ୍ୟବାନ୍ କିମ୍ବା ସୁନ୍ଦର ପଦାର୍ଥ; 2. ବିଂ. ସ୍ୱର୍ଣ୍ଣ ନିର୍ମିତ; ସ୍ୱର୍ଣ୍ଣରଙ୍ଗ ବିଶିଷ୍ଟ; 3. gold foil (leaf) ଅତି ପତଳା ସୁନାର ପାତିଆ; gold medal ସ୍ୱର୍ଣ୍ଣ ପଦକ, ସାଧାରଣତଃ ପ୍ରଥମ ପୁରସ୍କାର ପାଇଁ ପ୍ରଦତ୍ତ; gold–mine ସୁନାଖଣି; *କ.ଭା.* ବିପୁଳ ଧନର ଉଦ୍‌ଗମସ୍ଥଳ।

**goldcrest** ବି. ସୁନାରଙ୍ଗର ଚୂଳ ଥିବା ଏକଜାତୀୟ ଅତି କ୍ଷୁଦ୍ର ପକ୍ଷୀ।

**golden** ବିଂ. ସୁନେଲି; ସ୍ୱର୍ଣ୍ଣନିର୍ମିତ; ସୁନେଲିରଙ୍ଗର; ସ୍ୱର୍ଣ୍ଣୋଜ୍ଜ୍ୱଳ; ମୂଲ୍ୟବାନ୍; ଉତ୍କୃଷ୍ଟ।

**golden age** ବି. ସୁବର୍ଣ୍ଣ ଯୁଗ, ଉତ୍କୃଷ୍ଟ କାଳ।

**golden eagle** ବି. ସୁନେଲି ଚୂଳବିଶିଷ୍ଟ ବଡ଼ ଈଗଲ ପକ୍ଷୀ।

**golden handshake** ବି. *କ.ଭା.* ଛଟେଇ ବା ବାଧ୍ୟତାମୂଳକ ଅବସର ପ୍ରଦାନ ସମୟରେ କ୍ଷତିପୂରଣ ହିସାବରେ ଦେୟ ଅର୍ଥ।

**golden jubilee** ସୁବର୍ଣ୍ଣ ଜୟନ୍ତୀ ଉତ୍ସବ; କୌଣସି ଅନୁଷ୍ଠାନର ୫୦ ତମ ବର୍ଷ–ପୂର୍ତ୍ତି ଉତ୍ସବ।

**golden mean** ବି. କୌଣସି ବିଷୟରେ ଆଧିକ୍ୟ ଓ ସ୍ୱଳ୍ପତାର ମଧ୍ୟବର୍ତ୍ତୀ ଆଦର୍ଶ ସୀମା।

**golden rule** ବି. ଜୀବନର ମୌଳିକ ନୀତି।

Digitized by srujanika@gmail.com

**golden wedding** ବି. ପତି–ପତ୍ନୀଙ୍କର ଜୀବିତାବସ୍ଥାରେ ପାଳିତ ବିବାହର ୫୦ ତମ ବାର୍ଷିକୀ।

**goldfinch** ବି. ଡେଣାରେ ହଳଦିଆ ପଟି ଥିବା ଏକ ଜାତୀୟ ଗାୟକ ପକ୍ଷୀ।

**goldfish** ବି. ଚୀନ୍ ଦେଶର ନାଲିରଙ୍ଗର କ୍ଷୁଦ୍ର ମତ୍ସ୍ୟ ବିଶେଷ।

**gold foil** ବି. ପତଳା ସୁନା ପାତିଆ।

**gold–plate** କ୍ରି. ସୁନା ପାଣିରେ ଛାଇବା।

**goldsmith** ବି. ସ୍ୱର୍ଣ୍ଣକାର; ସୁନାରି, ବଣିଆ।

**gold standard** ବି. ଅର୍ଥର ମୂଲ୍ୟକୁ ସୁନାମୂଲ୍ୟ ଉପରେ ହିସାବ କରିବାର ପଦ୍ଧତି।

**golf** 1. ବି. ଗଲ୍ଫ; ଯଷ୍ଟି ସାହାଯ୍ୟରେ, ଏକ ଜାତୀୟ ପେଣ୍ଡୁଖେଳ, ଯହିଁରେ ଯଷ୍ଟି ସାହାଯ୍ୟରେ କଠିନ ପେଣ୍ଡୁକୁ ଗର୍ତ୍ତ ଅଭିମୁଖରେ ଓ ଭିତରକୁ ଫିଙ୍ଗିଦେବାକୁ ହୁଏ; 2. କ୍ରି. ଉକ୍ତ ଖେଳ ଖେଳିବା।

**golly** *ଅବ୍ର.* ବିସ୍ମୟସୂଚକ ଅଭିବ୍ୟକ୍ତି।

**gonad** ବି. ଅଣ୍ଡକୋଷ, ଡିମ୍ବାଶୟ ପ୍ରଭୃତି ପ୍ରଜନନ ସମ୍ବନ୍ଧିତ ଅଙ୍ଗ।

**gondola** ବି. ଭେନିସ୍ ସହରର କେନାଲରେ ବ୍ୟବହୃତ ହାଲୁକା ଓ ଚେପ୍ଟା ନୌକା; ଉଡ଼ାଜାହାଜ ବା ବେଲୁନ୍‌ରୁ ଦୋଳାୟମାନ ଗାଡ଼ି।

**gondolier** ବି. ଗୋଣ୍ଡୋଲା ନୌକାର ଚାଳକ।

**gone** 1. କ୍ରି. go ର *ଅ.କ୍ରି.ଜ.ପ.; 2.* ବିଂ. ଆଶାହୀନ; ନଷ୍ଟ; ମୃତ।

**goner** ବି. *ସା.ପ୍ର.* ସର୍ବସ୍ୱାନ୍ତ ବା ସର୍ବହରା ବ୍ୟକ୍ତି।

**gong** ବି. ଘଣ୍ଟ; କାଂସ୍ୟ ବା ଥାଳୀ ଆକାରର ପିଟା ବାଦ୍ୟଯନ୍ତ୍ର; ଆହ୍ୱାନ ଘଣ୍ଟି।

**gonorrhoea** ବି. (ଯୌନାଙ୍ଗର) ମେହରୋଗ; ପ୍ରମେହ।

**good** 1. ବିଂ. ଭଲ; ଉତ୍ତମ; ସଦ୍‌ଗୁଣସମ୍ପନ୍ନ; ଯୋଗ୍ୟ; ଉପଯୁକ୍ତ; ପର୍ଯ୍ୟାପ୍ତ; ପରୋପକାରୀ; ସାଧୁ; ଅନୁକୂଳ; ଉଚିତ; ଠିକ; ଯଥାର୍ଥ; ସମ୍ଭ୍ରାନ୍ତ; ଦକ୍ଷ ବା ନିପୁଣ; ପ୍ରଶଂସନୀୟ, ଉପଭୋଗ୍ୟ, ନୈତିକତାରେ ଉତ୍କୃଷ୍ଟ; 2. ବି. ମଙ୍ଗଳ; ହିତ; ଉପକାର; କଲ୍ୟାଣ; ବ.ବ. ମାଲ; ସାମଗ୍ରୀ; ପଣ୍ୟଦ୍ରବ୍ୟ; 3. କ୍ରି.ବିଂ. ଭଲଭାବରେ (*ଆମେ.* doing pretty good); (all) in good time ଯଥା ସମୟରେ; as good as ବସ୍ତୁତଃ; ବାସ୍ତବିକ; for good (and all) ଚିରଦିନ ପାଇଁ; good afternoon/ day/ morning/ evening ଶୁଭ ଅପରାହ୍ନ/ ଦିନ/ ପ୍ରଭାତ/ ସନ୍ଧ୍ୟା (ଅଭିବାଦନ ବା ବିଦାୟ ସୂଚକ ଅଭିବ୍ୟକ୍ତି); goodnight ଶୁଭରାତ୍ରି (କେବଳ ବିଦାୟ ସୂଚକ ଅଭିବ୍ୟକ୍ତି); in good faith ସାଧୁ କିମ୍ବା ସତ୍ ଉଦ୍ଦେଶ୍ୟରେ।

**godbye** *ଆମେ.* goodby 1. *ଅବ୍ର.* ବିଦାୟକାଳୀନ ନମସ୍କାର, ଅଭିବ୍ୟକ୍ତି; 2. ବି. ବିଦାୟ।

**good–for–nothing** ବିଂ. ନିଷ୍କର୍ମା; ଅପଦାର୍ଥ।

**Good Friday** ବି. ଶୁଭ ଶୁକ୍ରବାର; ଯୀଶୁଖ୍ରୀଷ୍ଟଙ୍କର କ୍ରୁଶାରୋହଣର ସ୍ମାରକ ଦିବସ।

**good–hearted** ବିଂ. ସହୃଦୟ; ଦୟାଳୁ।

**good humour** ବି. (ମନର) ପ୍ରସନ୍ନ ଅବସ୍ଥା।

**good–looking** ବିଂ. ସୁନ୍ଦର।

**goodly** 1. ବିଂ. ସୁନ୍ଦର; ସୁଶ୍ରୀ; ଚିତ୍ତାକର୍ଷକ ବା ଶ୍ରଦ୍ଧାଜନକ ଆକୃତି; ବି. goodliness.

**goodness** ବି. ଉତ୍ତମତା; ସଦ୍‌ଗୁଣ; ନୈତିକ ଉତ୍କର୍ଷ; ଦୟାଳୁତା।

**goodwill** ବି. ସଦିଚ୍ଛା; ସଦୟ ମନୋଭାବ; ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କର ଅର୍ଜିତ ସଦିଚ୍ଛା।

**goody** 1. ବି. *ସା.*ବ.ବ. ଉତ୍ତମ ଓ ଲୋଭନୀୟ କୌଣସି ଜିନିଷ, ବିଶେଷତଃ ଖାଦ୍ୟ; ସିଟିମିଟି; *କ.ଭା.* ଉତ୍ତମ ବା ଅନୁଗୃହୀତ ବ୍ୟକ୍ତି; 2. *ଅବ୍ର.* ପିଲାଳିଆ ଆନନ୍ଦସୂଚକ ଅଭିବ୍ୟକ୍ତି।

**goody–goody** *କ.ଭା.* 1. ବିଂ. ଦେଖାଣିଆ ବା ଭାବପ୍ରବଣ ଭାବରେ ଉତ୍ତମ ବା ଧର୍ମପରାୟଣ; 2. ବି. ଏହିପରି ବ୍ୟକ୍ତି।

**googly** ବି. କ୍ରିକେଟ୍‌ପିଚ୍‌କୁ ଆଘାତ କରିବାପରେ ଅପ୍ରତ୍ୟାଶିତ ଦିଗରେ ଡିଆଁଇବାକୁ ଉଦ୍ଦିଷ୍ଟ ବୋଲିଙ୍ଗ୍।

**goon** ବି. *ସା.ପ୍ର.* ନିର୍ବୋଧ ବ୍ୟକ୍ତି; ଭଡ଼ାଟିଆ ଗୁଣ୍ଡା ବା ଆତତାୟୀ।

**goosander** ବି. ତୀକ୍ଷ୍ଣ ଓ ଦନ୍ତୁରିତ ଥଣ୍ଟ ବିଶିଷ୍ଟ ପାତିହଂସ।

**goose** ବି. ବ.ବ. geese ରାଜହଂସ; ରାଜହଂସର ମାଂସ; ନିର୍ବୋଧ ବ୍ୟକ୍ତି; ବ.ବ. gooses ରାଜହଂସର ବେକ ପରି ହେଣ୍ଡିଲ୍ ଲଗା ହୋଇଥିବା (ଦରଜୀର) ଇସ୍ତ୍ରୀ।

**gooseberry** ବି. ଏକ ପ୍ରକାର ସବୁଜ, ଖଟା କୋଳି; ଏହାର କଣ୍ଟକାକୀର୍ଣ୍ଣ ଗୁଳ୍ମ; play gooseberry ଦଳର ଅବାଞ୍ଛିତ (ଅଧିକା) ବ୍ୟକ୍ତି ହିସାବରେ ଯିବା।

Digitized by srujanika@gmail.com

**goose–flesh** ବି. (goose-pimples ମଧ୍ୟ; *ଆମେ.* goose-bumps) ଶୀତ ବା ଭୟଜନିତ ରୋମାଞ୍ଚ ।

**goose–step** ବି. ପରେଡ୍‌ର କଦମ ଚାଲି, ଏଥିରେ ଆଣ୍ଠୁ ନ ଭାଙ୍ଗି କେବଳ ପାଦକୁ ପ୍ରସାରିତ କରାଯାଏ ।

**gopher** ବି. ଏକପ୍ରକାର ଗୁଣ୍ଡୁଚିମୂଷା; ଗାତଖୋଳା କଇଁଛ ।

**Gordian** ବିଂ. (cut the Gordian knotରେ ବ୍ୟବହୃତ) ଶକ୍ତି ପ୍ରୟୋଗ ବା ଫନ୍ଦିଫିକର ଦ୍ୱାରା କୌଣସି ସମସ୍ୟାର ସମାଧାନ କରିବା (ପ୍ରାଚୀନ ଫ୍ରିଜିୟାର ରାଜା Gordiusଙ୍କ ଦ୍ୱାରା ପକାଯାଇଥିବା ଗଣ୍ଠି ଆଲେକ୍‌ଜାଣ୍ଡର ଫିଟାଇବା ପରିବର୍ତ୍ତେ କାଟି ଦେଇ ତାହାର ସମାଧାନ କରିଥିଲେ) ।

**gore**[1] ବି. କ୍ଷରିତ ଓ ଘନୀଭୂତ ରକ୍ତ ।

**gore**[2] କ୍ରି. ଶିଙ୍ଗ ବା (ହାତୀ) ଦାନ୍ତ ପ୍ରଭୃତି ଦ୍ୱାରା ଭୁଷିଦେବା ।

**gore**[3] 1. ବି. ପୋଷାକ ପରିଚ୍ଛଦରେ ଲାଗିଥିବା ଖୁଣ୍ଟିପରି କନା ଖଣ୍ଡ; ଛତା ପ୍ରଭୃତିରେ ଲାଗିଥିବା ତ୍ରିକୋଣାକାର ବସ୍ତ୍ରଖଣ୍ଡ; 2. କ୍ରି. ଉକ୍ତ ଆକାରର ବସ୍ତ୍ର ତିଆରି କରିବା ।

**gorge** 1. ବି. ଗିରିସଂକଟ; ଗିରିପଥ; ପାକସ୍ଥଳୀ ଭିତରେ ଥିବା ପଦାର୍ଥ; 2. କ୍ରି. ଲୋଭୀଭଳି ଖାଇବା; ଆକଣ୍ଠ ଭୋଜନ କରାଇବା; ଅତି ମାତ୍ରାରେ ଖୁଆଇବା ।

**gorgeous** ବିଂ. ଆଡ଼ମ୍ବରପୂର୍ଣ୍ଣ; ନାନାରଙ୍ଗରେ ରଞ୍ଜିତ; *କ.ଭା.* ଚମତ୍କାର ଭାବରେ ସୁନ୍ଦର; ଅତି ଆନନ୍ଦଦାୟକ ।

**gorgon** ବି. ଗ୍ରୀକ୍ ପୁରାଣର ତିନି ସର୍ପକେଶା ବିକଟ ଓ ଭୟଙ୍କର ଭଗିନୀ ମଧ୍ୟରୁ ଜଣେ, ଯାହାର ଦୃଷ୍ଟିପାତ ମାତ୍ରେ ଦର୍ଶକ ପଥର ପାଲଟିଯାଏ; କୁତ୍ସିତ ବା ଭୟଙ୍କର ଦିଶୁଥିବା ନାରୀ ।

**gorilla** ବି. ଗରିଲା; ଆଫ୍ରିକାଦେଶୀୟ ବୃହତ୍, ଶକ୍ତିଶାଳୀ ବଣମନୁଷ୍ୟ ।

**gormandize** କ୍ରି. ଅତିମାତ୍ରାରେ ଭୋଜନ କରିବା; ପେଟୁପରି ଖାଇବା ।

**gormless** ବିଂ. *କ.ଭା.* ନିର୍ବୋଧ ।

**gorse** ବି. ଫର୍ଜ୍; ଏକଜାତୀୟ କଣ୍ଟକାକୀର୍ଣ୍ଣ ଗୁଳ୍ମ; ବିଂ. gorsy.

**gory** ବିଂ. ରକ୍ତାକ୍ତ; ରକ୍ତପାତ ଜନିତ; ରକ୍ତପିପାସୁ; କ୍ରି.ବିଂ. gorily; ବି. goriness.

**gosh** *ଅବ.* ବିସ୍ମୟସୂଚକ ଅଭିବ୍ୟକ୍ତି ।

**goshawk** ବି. କ୍ଷୁଦ୍ରପକ୍ଷବିଶିଷ୍ଟ ବୃହତ୍ ବାଜପକ୍ଷୀ ।

**gosling** ବି. ରାଜହଂସ ଶାବକ ।

**gospel** ବି. ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚାରିତ ସୁସମାଚାର; ଧର୍ମମତ ବା ନୀତି; Gospel ଯୀଶୁଖ୍ରୀଷ୍ଟଙ୍କର ଜୀବନୀ ସମ୍ବଳିତ ନୂତନ ସୁସମାଚାର; Matthews, Mark, Luke and John ଏହି ଚାରିଭାଗ ମଧ୍ୟରୁ ପ୍ରତ୍ୟେକ ଭାଗ; gospel truth ବାଇବେଲ୍‌ର ସୁସମାଚାରରେ ଲିଖିତ ସଂପୂର୍ଣ୍ଣ ସତ୍ୟ; ଧ୍ରୁବସତ୍ୟ ।

**gossamer** 1. ବି. ବୁଢ଼ିଆଣୀ ଜାଲ ବା ସୂତା; ଅତି ସୂକ୍ଷ୍ମ ପଦାର୍ଥ; 2. ବିଂ. ବୁଢ଼ିଆଣୀ ଜାଲପରି ଅତି ସୂକ୍ଷ୍ମ ।

**gossip** 1. ବି. ବୃଥା ଗପ; ଜନରବ; ବ୍ୟକ୍ତି ବା ସାମାଜିକ ଘଟଣା ବିଷୟରେ ଅନୌପଚାରିକ କଥାବାର୍ତ୍ତା ବା ଲେଖା; ବାଜେ କଥା ବା ମିଥ୍ୟା ଜନରବ ପ୍ରଚାରରେ ନିୟୋଜିତ ବ୍ୟକ୍ତି; 2. କ୍ରି. ମିଥ୍ୟା ଗଳ୍ପ ବା ଗୁଜବ ପ୍ରଚାର କରିବା ବା ଲେଖିବା; ବିଂ. gossipy.

**got** କ୍ରି. getର *ଅ.କା. ଓ ଅ.କ୍ରି.ଜ.ପ. ।*

**Goth** ବି. ପ୍ରାଚୀନ ଜର୍ମାନ ଜାତିର ସଭ୍ୟ, ଏହି ଜାତି ୩ୟ ଠାରୁ ୫ମ ଶତାବ୍ଦୀ ମଧ୍ୟରେ ରୋମ୍ ସାମ୍ରାଜ୍ୟ ଆକ୍ରମଣ କରିଥିଲେ; ଅସଭ୍ୟ ବା ଅଶିକ୍ଷିତ ବ୍ୟକ୍ତି ।

**Gothic** 1. ବିଂ. ଗଥ୍ ଜାତି ବା ଭାଷା ସମ୍ବନ୍ଧୀୟ; ୧୨ଶ ଠାରୁ ୧୬ଶ ଶତାବ୍ଦୀ ମଧ୍ୟରେ ପଶ୍ଚିମ ଇଉରୋପରେ ପ୍ରଚଳିତ ସ୍ଥାପତ୍ୟକଳାର ରୀତି ସମ୍ବନ୍ଧୀୟ; ୧୮ଶ–୧୯ଶ ଶତାବ୍ଦୀରେ ଜନପ୍ରିୟ ଭୟୋତ୍ପାଦକ ଉପନ୍ୟାସ–ରୀତି–ବିଶିଷ୍ଟ; ଅସଭ୍ୟ; ବର୍ବର; 2. ବି. ଗଥିକ୍ ଭାଷା ବା ସ୍ଥାପତ୍ୟ କଳା ।

**gotten** କ୍ରି. *ଆମେ.* getର *ଅ.କ୍ରି.ଜ.ପ. ।*

**gouache** (ଗୁଆଶ୍) ବି. ଅସ୍ୱଚ୍ଛ ରଙ୍ଗକୁ ପାଣିରେ ମିଳାଇ ଏବଂ ଅଠା ଓ ମହୁ ଯୋଗେ ଗାଢ଼ କରି ତଦ୍ୱାରା ଚିତ୍ରଣ କାର୍ଯ୍ୟ ।

**gouge** 1. ବି. ନିହାଣ, ବଟାଳି; 2. କ୍ରି. ବଟାଳି ସାହାଯ୍ୟରେ କାଟିବା; ବଟାଳି ଦ୍ୱାରା ବଳ ପ୍ରୟୋଗ କରିବା ।

Digitized by srujanika@gmail.com

**goulash** ବି. ମନ୍ଦ ଆଞ୍ଚରେ ରନ୍ଧା ଅତି ସ୍ୱାଦିଷ୍ଟ ମାଂସ ଝୋଳ ଓ ପରିବା ଝୋଳ ବା ସୁପ୍ ।

**gourd** ବି. ଲାଉ, ପାଣିକଖାରୁ ଇତ୍ୟାଦି; ଲାଉଗଛ; ଲାଉତୁମ୍ବୀ; ଅଲାବୁ ପାତ୍ର ।

**gourmand** ବି. ଖାଦ୍ୟପ୍ରିୟ ବା ପେଟୁ ବ୍ୟକ୍ତି ।

**gourmandise** ବି. ପେଟୁ ବ୍ୟକ୍ତିର ଚରିତ୍ର ବା ଆଚରଣ ।

**gourmet** ବି. ଉତ୍ତମ ବା ସୁସ୍ୱାଦୁ ଖାଦ୍ୟ ସମ୍ବନ୍ଧରେ ସୂକ୍ଷ୍ମ ରୁଚିସମ୍ପନ୍ନ ବ୍ୟକ୍ତି ।

**gout** ବି. ଗଣ୍ଠିବାତ; ଗ୍ରନ୍ଥି ପ୍ରଦାହ, ବିଶେଷତଃ ପାଦର; ବିଂ. gouty

**govern** 1. *କ୍ରି.* ପ୍ରଭୁତ୍ୱ ସହିତ ଶାସନ କରିବା; କର୍ତ୍ତୃତ୍ୱ ସହିତ ପରିଚାଳନା କରିବା; (କୌଣସି ରାଜ୍ୟ ବା ପ୍ରଦେଶର) ରାଜକାର୍ଯ୍ୟ ବା ଶାସନ ନୀତି ପରିଚାଳନା ବା ନିୟନ୍ତ୍ରଣ କରିବା; ବ୍ୟକ୍ତି ବା କାର୍ଯ୍ୟବିଧିକୁ ପ୍ରଭାବିତ କରିବା; କାର୍ଯ୍ୟର ପ୍ରଗତି ସ୍ଥିର କରିବା; ତତ୍ତ୍ୱାବଧାନ କରିବା; ନିୟନ୍ତ୍ରଣ କରିବା; *ବ୍ୟା.* ଅନ୍ୱିତ ହେବା (ଯଥା କ୍ରିୟା କର୍ତ୍ତା ଅନୁଯାୟୀ) ।

**governance** ବି. ଶାସନ ପରିଚାଳନାର କାର୍ଯ୍ୟ ବା ରୀତି ।

**governess** ବି. ଗୃହ ଶିକ୍ଷୟିତ୍ରୀ ।

**government** ବି. ଶାସନ ପରିଚାଳନାର କାର୍ଯ୍ୟ, ରୀତି, ପ୍ରଣାଳୀ ବା ପଦ୍ଧତି; ଶାସନତନ୍ତ୍ର; ସରକାର, ରାଷ୍ଟ୍ର (*ସା.* Government); ମନ୍ତ୍ରାଳୟ; ବିଂ. governmental.

**governor** ବି. ଶାସନକର୍ତ୍ତା, ରାଜ୍ୟପାଳ; ଦୁର୍ଗ, ନଗର, ପ୍ରଦେଶ ବା ରାଜ୍ୟର ଶାସକ; ଉପନିବେଶରେ ରାଜକୀୟ ପ୍ରତିନିଧି; ଆମେରିକାର ପ୍ରତ୍ୟେକ ରାଜ୍ୟର ଶାସନ ନିର୍ବାହକ ମୁଖ୍ୟ; କୌଣସି ସଂସ୍ଥାର ପରିଚାଳନା ସମିତିର ମୁଖ୍ୟ ବା ସଦସ୍ୟ; *ଗ୍ରା.ପ୍ର.* ମାଲିକ; ବାପା; ଇଞ୍ଜିନ୍‌ର ସ୍ୱୟଂଚାଳିତ ଗତିନିୟନ୍ତ୍ରକ; ବି. governorship.

**Governor–General** ବି. ବଡ଼ଲାଟ; ବ୍ରିଟିଶ ରାଜ୍ୟ ଗୋଷ୍ଠୀ ଅନ୍ତର୍ଗତ ଶାସିତ ଦେଶର ସର୍ବୋଚ୍ଚ ଶାସକ ରୂପେ ପ୍ରତିଷ୍ଠିତ ରାଜ ପ୍ରତିନିଧି ।

**gown** ବି. ସ୍ତ୍ରୀଲୋକମାନଙ୍କର ଲମ୍ବା, ଢିଲା ପୋଷାକ; ଗାଉନ୍; ଉପ–ନଗରପାଳ, ବିଚାରପତି, ଓକିଲ, ଧର୍ମଯାଜକ, ବିଶ୍ୱବିଦ୍ୟାଳୟ ସଦସ୍ୟ ପ୍ରଭୃତିଙ୍କ ଔପଚାରିକ ବହିଃ–ପରିଚ୍ଛଦ; ଡାକ୍ତରଙ୍କ ଉପରି ପୋଷାକ ।

**G.P.O.** *ସଂକ୍ଷି.* General Post Office.

**gr.** *ସଂକ୍ଷି.* gram(s); ଗ୍ରାମ୍; grain ଗ୍ରେନ୍; gross ଗ୍ରୋସ୍ ।

**grab** 1. *କ୍ରି.* ହଠାତ୍ ବଳପୂର୍ବକ ଧରିବା; ଲୋଲୁପ ଭାବରେ ବା ଅନ୍ୟାୟସଙ୍ଗତ ଭାବରେ ନେଇଯିବା; *ଗ୍ରା.ପ୍ର.* (କାହାର) ଧ୍ୟାନ ଆକର୍ଷଣ କରିବା; ମନକୁ ପ୍ରଭାବିତ କରିବା; ଛଡ଼ାଇ ନେବା; କଠୋର ଭାବରେ ବା ଜୋର୍‌ରେ କାର୍ଯ୍ୟ କରିବା; 2. ବି. ହଠାତ୍ ବଳପୂର୍ବକ ଧାରଣ ବା ଧାରଣର ଚେଷ୍ଟା ।

**grace** 1. ବି. ସୌଷ୍ଠବ, ଲାଳିତ୍ୟ, ମାଧୁର୍ଯ୍ୟ ବା ଲାବଣ୍ୟରେ ଆକର୍ଷଣ; ଅନୁଗ୍ରହ, ପ୍ରସାଦ ବା ଈଶ୍ୱର କୃପା; ସିଦ୍ଧି; ସଦିଚ୍ଛା; ଦୟା; ସମୟ ବା ସୁବିଧା ପ୍ରଦାନ ଦ୍ୱାରା ପ୍ରଦର୍ଶିତ ଅନୁଗ୍ରହ; Graces ଗ୍ରୀକ୍ ପୁରାଣୋକ୍ତ ମାଧୁର୍ଯ୍ୟ, ଲାବଣ୍ୟ ଓ ଦେବାନୁଗ୍ରହ ବିଧାୟିନୀ ସୁନ୍ଦରୀ ଭଗିନୀତ୍ରୟ; 2. *କ୍ରି.* ସୌନ୍ଦର୍ଯ୍ୟ ବୃଦ୍ଧି କରିବା; ଗୌରବାନ୍ୱିତ ବା ସମ୍ମାନିତ କରିବା; ଅଳଙ୍କୃତ କରିବା; ଅନୁଗୃହୀତ କରିବା; 3. grace-and-favour house etc. ଶାସକ ରାଜାଙ୍କ ଆଦେଶମତେ ଅଧିକୃତ ଗୃହ ପ୍ରଭୃତି; act of grace ପାର୍ଲ୍ୟାମେଣ୍ଟ ବା ସଂସଦୀୟ ଆଇନ ଦ୍ୱାରା ସାର୍ବଜନୀନ କ୍ଷମା; days of grace ଜୀବନ ବୀମା ପ୍ରଭୃତିରେ ଦେୟ ପାଇଁ ଉଦ୍ଦିଷ୍ଟ ତାରିଖ ଉତ୍ତାରେ ଯେଉଁ କୋହଳ ସମୟ ଦିଆଯାଏ; His, Her or Your Grace ଡିଉକ୍, ଡିଉକ୍‌ପତ୍ନୀ ବା ଧର୍ମଯାଜକଙ୍କ ସମ୍ବନ୍ଧରେ ବା ସମ୍ବୋଧନରେ ବ୍ୟବହୃତ ପଦବୀ ସମୂହ; in person's good graces ବ୍ୟକ୍ତିର ସପକ୍ଷରେ; with good (bad) grace ଯେପରିକି ଇଚ୍ଛାକୃତ (ବା ଅନିଚ୍ଛାକୃତ) ଭାବରେ ।

**graceful** ବିଂ. ମାଧୁର୍ଯ୍ୟପୂର୍ଣ୍ଣ; ଲାବଣ୍ୟପୂର୍ଣ୍ଣ; ସୁଲଳିତ; ରମଣୀୟ; *କ୍ରି.ବିଂ.* gracefully; ବି. gracefulness.

**graceless** ବିଂ. ସୌନ୍ଦର୍ଯ୍ୟବିହୀନ; ମାଧୁର୍ଯ୍ୟହୀନ; ଅଶିଷ୍ଟ ।

**gracious** 1. ବିଂ. ଦୟାଳୁ; ହୀନଜନପ୍ରତି ସଦୟ; କରୁଣାମୟ; ଦୟାମୟ (ଈଶ୍ୱର); 2. *ଅବ.*

Digitized by srujanika@gmail.com

ବିସ୍ମୟସୂଚକ ଅଭିବ୍ୟକ୍ତି; 3. gracious living ସୁରୁଚିପୂର୍ଣ୍ଣ ଜୀବନ; *କ୍ରି.ବି°.* graciously; *ବି.* graciousness.

**gradate** *କ୍ରି.* ଏକ ବର୍ଣ୍ଣର ଆଭା କ୍ରମଶଃ ଅନ୍ୟ ବର୍ଣ୍ଣରେ ମିଶିଯିବା ବା ମିଶାଇବା; ବିଭିନ୍ନ ଶ୍ରେଣୀ ବା କ୍ରମ ଅନୁସାରେ ସଜାଇବା ।

**gradation** *ବି. ସା.ବ.ବ.* କ୍ରମ; ସୋପାନ; ଶ୍ରେଣୀ ବିନ୍ୟାସ; ପରିପାଟୀ, କ୍ରମବିନ୍ୟାସ; *ବି°.* gradational

**grade** 1. *ବି.* ବ୍ୟକ୍ତିର ଶ୍ରେଣୀ, ଗୁଣ, ଦକ୍ଷତା ଇତ୍ୟାଦିର ମାତ୍ରା ବା ପରିମାଣ; (କାହାର ଗୁଣ, ମୂଲ୍ୟ, ମର୍ଯ୍ୟଦା ପ୍ରଭୃତି ଅନୁସାରେ) କ୍ରମ, ସୋପାନ, ପଦମର୍ଯ୍ୟାଦା ବା ବିଭାଗ; ଏକା ଶ୍ରେଣୀର ବ୍ୟକ୍ତି ବା ପଦାର୍ଥବର୍ଗ; ବିଦ୍ୟାର୍ଥୀର କାର୍ଯ୍ୟ–ଗୁଣ ନିର୍ଦ୍ଦେଶକ ସ୍ତର; 2. *କ୍ରି.* (ଗୁଣ, ମୂଲ୍ୟ ପ୍ରଭୃତି ଅନୁସାରେ) ଶ୍ରେଣୀ ବିଭାଗ କରିବା; ଛାତ୍ର ବା ବିଦ୍ୟାର୍ଥୀର ସ୍ତର ନିର୍ଦ୍ଧାରଣ କରିବା; make the grade କୃତକାର୍ଯ୍ୟ ହେବା ।

**gradient** *ବି.* ରାସ୍ତା ବା ରେଳପଥ ଇତ୍ୟାଦିର କ୍ରମନିମ୍ନତାର ମାତ୍ରା; ଢାଲୁ ରାସ୍ତା ଇତ୍ୟାଦି ।

**gradual** *ବି°.* କ୍ରମାନୁସାରେ ଘଟୁଥିବା; କ୍ରମିକ; *କ୍ରି.ବି°.* gradually.

**gradualism** *ବି.* କ୍ରମିକ ପରିବର୍ତ୍ତନ ନୀତି ।

**graduate** 1. *ବି.* ବିଶ୍ୱବିଦ୍ୟାଳୟର ଉପାଧିପ୍ରାପ୍ତ ବ୍ୟକ୍ତି, ସ୍ନାତକ; 2. *କ୍ରି.* ଉକ୍ତ ଉପାଧିଗ୍ରହଣ କରିବା, ଶ୍ରେଣୀ ବିନ୍ୟାସ କରିବା ।

**graduation** *ବି.* ବିଶ୍ୱବିଦ୍ୟାଳୟର ସ୍ନାତକ ପାଠ୍ୟକ୍ରମ ବା ଉପାଧି ।

**Graeco–roman** *ବି°.* ଗ୍ରୀକ ଓ ରୋମୀୟ ମାନଙ୍କ ସମ୍ପର୍କିତ ।

**graffito** *ବି. ବ.ବ.* graffiti କାନ୍ଥ ପ୍ରଭୃତିରେ ଅସ୍ପଷ୍ଟ ଲିଖନ ବା ଚିତ୍ରାଙ୍କନ ।

**graft**[1] 1. *ବି.* ଗଛ କଲମୀ; ଅସ୍ତ୍ରୋପଚାର ଦ୍ୱାରା ସନ୍ନିବିଷ୍ଟ ଜୀବିତ ପ୍ରାଣୀର ତନ୍ତୁଖଣ୍ଡ; ଗଛ କଲମ କରିବାର ପ୍ରଣାଳୀ; ଉକ୍ତ କଲମ–ରୋପଣର ସ୍ଥାନ; *ସା.ପ୍ର.* କଠିନ କାର୍ଯ୍ୟ ବା ପରିଶ୍ରମ; 2. *କ୍ରି.* ଗଛ କଲମ କରିବା ବା କଲମୀ ରୋପଣ କରିବା; ଅସ୍ତ୍ରୋପଚାର ଦ୍ୱାରା ଜୀବିତ ତନ୍ତୁ ସନ୍ନିବେଶ କରିବା; *ସା.ପ୍ର.* କଠିନ ପରିଶ୍ରମ କରିବା ।

**graft**[2] *କ.ଭା.* 1. *ବି.* ରାଜନୀତି ବା ବ୍ୟବସାୟରେ ଅବୈଧ ଲାଭ ପାଇବା ନିମନ୍ତେ ବ୍ୟବହୃତ ଉତ୍କୋଚଦାନ ପ୍ରଭୃତି ପନ୍ଥା; ଏପ୍ରକାର ଲାଭ; 2. *କ୍ରି.* ଏପରି ଲାଭ ଖୋଜିବା ବା ହାସଲ କରିବା ।

**Grail** *ବି. ସା.* Holy Grail (ମଧ୍ୟ ଯୁଗୀୟ କିମ୍ବଦନ୍ତୀ ଅନୁଯାୟୀ) ଯୀଶୁଖ୍ରୀଷ୍ଟଙ୍କର ଅନ୍ତିମ ରାତ୍ରିଭୋଜନରେ ବ୍ୟବହୃତ ପିଆଲା ବା ଥାଳି ।

**grain** 1. *ବି.* ଧାନ, ଗହମ ପ୍ରଭୃତି ଖାଦ୍ୟଶସ୍ୟ; ଶସ୍ୟ, ଶସ୍ୟକଣା, ଦାନା; ଲବଣ, ଧୂଳି ଇତ୍ୟାଦିର କଣା; କ୍ଷୁଦ୍ରତମ ପରିମାଣ; ଚର୍ମ, କାଷ୍ଠ, ପ୍ରସ୍ତର ପ୍ରଭୃତିର ତନ୍ତୁ ବା କଣିକାବିନ୍ୟାସ; ଓଜନର ଏକକ (=୦.୦୬୪୮ ଗ୍ରାମ୍); 2. *କ୍ରି.* କାଠରେ ପଡ଼ିଥିବା ତନ୍ତୁ ବିନ୍ୟାସ ଅନୁରୂପ ରଙ୍ଗ ଦେବା; ପଗଡ଼ ବା ଦାନାରେ ପରିଣତ କରିବା; against the grain କୌଣସି ବ୍ୟକ୍ତିର ସ୍ୱାଭାବିକ ପ୍ରବୃତ୍ତି ବା ଅନୁଭବର ପ୍ରତିକୂଳରେ; *ବି°.* grainy.

**gram, gramme** *ବି.* କୌଣସି ଦ୍ରବ୍ୟର ମେଟ୍ରିକ୍ ଓଜନର ଏକକ (=.୦୦୧ କିଲୋଗ୍ରାମ) ।

**–gram** *ପ.ପ୍ର.* ବିଶେଷ୍ୟପଦ ଗଠନକାରୀ ପ୍ରତ୍ୟୟ (ଉଦା. diagram, monogram, telegram ଇତ୍ୟାଦି) ।

**graminaceous** *ବି°.* ଘାସ ବା ତୃଣସମ୍ବନ୍ଧୀୟ, ତୃଣସଦୃଶ ।

**graminivorous** *ବି°.* ତୃଣଭୋଜୀ; ଶସ୍ୟଭୋଜୀ ।

**grammar** *ବି.* ବ୍ୟାକରଣ; ବାକ୍ୟରେ ବ୍ୟବହୃତ ପଦମାନଙ୍କର ପରସ୍ପର ଅନ୍ୱୟ ସୂଚକ ଶାସ୍ତ୍ର; ବ୍ୟାକରଣ ପୁସ୍ତକ ।

**grammarian** *ବି.* ବ୍ୟାକରଣଶାସ୍ତ୍ରଜ୍ଞ; ବୈୟାକରଣ ।

**grammar school** *ବି. ଇତି.* ଲାଟିନ୍ ଶିକ୍ଷାଦାନ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ବିଦ୍ୟାଳୟ; ସାଧାରଣ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନ ।

**grammatical** *ବି°.* ବ୍ୟାକରଣ ସମ୍ବନ୍ଧୀୟ, ବ୍ୟାକରଣାନୁଯାୟୀ; *କ୍ରି.ବି°.* grammatically.

**gramophone** *ବି.* ଗ୍ରାମୋଫୋନ୍, କଳଗାଉଣା ।

**grampus** *ବି.* ଶିଶୁମାର ଜାତୀୟ ସାମୁଦ୍ରିକ ଜୀବ ବିଶେଷ ।

Digitized by srujanika@gmail.com

**gran** ବି. ସଂଶ. କ.ଭା. grandmother ଆଈ, ଜେଜେମା।

**granary** ବି. ଶସ୍ୟଗାର; ଖମାର; ବହୁତ ଶସ୍ୟ ଉତ୍ପାଦନ ତଥା ରପ୍ତାନି କରୁଥିବା ଅଞ୍ଚଳ।

**grand** 1. ବିଂ. ବିଶାଳ; ଆଡ଼ମ୍ବରପୂର୍ଣ୍ଣ; ଭବ୍ୟ; ଉନ୍ନତ; ଚମତ୍କାର; ଉତ୍କୃଷ୍ଟ; ସମ୍ଭ୍ରାନ୍ତ; ପ୍ରଖ୍ୟାତ; ମୁଖ୍ୟ; ଗୁରୁତ୍ୱପୂର୍ଣ୍ଣ ବା ମହତ୍ତ୍ୱପୂର୍ଣ୍ଣ; ଉପଭୋଗ୍ୟ; *ସା.ପ୍ର.* ଏକ ହଜାର (ମୁଦ୍ରା); grand piano ସୁବୃହତ୍ ପିଆନୋ ନାମକ ବାଦ୍ୟଯନ୍ତ୍ର; grand total ଗାଏ ମୋଟ; ଅନ୍ୟ ସମସ୍ତ ସମୁଦାୟର ସମୁଦାୟ; ଚୂଡ଼ାନ୍ତ ସମଷ୍ଟି; ବିଂ. grandly; ବି. grandness.

**grand–** ଉପ. ଉର୍ଦ୍ଧ୍ୱତନ ବା ଅଧସ୍ତନ ରୂପେ ସଂପୃକ୍ତ ଦ୍ୱିତୀୟ ପୁରୁଷର ସମ୍ପର୍କ ସୂଚକ; ଉଦା. grandfather, grandson.

**grandad** ବି. କ.ଭା. ପିତାମହ ବା ଜେଜେବାପା; ମାତାମହ ବା ଅଜା; ବୁଢ଼ାଦାଦା; ବୟସ୍କ ବ୍ୟକ୍ତି।

**grandam** ବି. *ପ୍ରା.ପ୍ର.* ବି. ପିତାମହୀ ବା ଜେଜେମା, ମାତାମହୀ ବା ଆଈ; ବୃଦ୍ଧା।

**grandchild** ବି. ନାତି ବା ନାତୁଣୀ।

**grand–dad** ଦ୍ର. grandad.

**granddaughter** ବି. ପୌତ୍ରୀ; ଦୌହିତ୍ରୀ; ନାତୁଣୀ।

**grandee** ବି. (ସ୍ପେନ୍ ବା ପର୍ତ୍ତୁଗାଲ୍ ଦେଶୀୟ) ସମ୍ଭ୍ରାନ୍ତ ବ୍ୟକ୍ତି; ଉଚ୍ଚପଦସ୍ଥ ଲୋକ।

**grandeur** ବି. ଗୌରବ, ଶୋଭା, ସମୃଦ୍ଧି, ଆଡ଼ମ୍ବର, ମହତ୍ତ୍ୱ, ମହିମା, ଉଚ୍ଚ ପଦ, ଭବ୍ୟତା, ଚରିତ୍ରର ମହନୀୟତା।

**grandfather** ବି. ପିତାମହ ବା ଜେଜେବାପା; ମାତାମହ ବା ଅଜା।

**grandfather clock** ବି. ଉଚ୍ଚ ପୁରାତନକାଳୀନ ଘଣ୍ଟା, ଏହା ଓଜନ ସାହାଯ୍ୟରେ ଚାଲେ।

**grandiloquent** ବିଂ. ବାଗାଡ଼ମ୍ବରଯୁକ୍ତ ବା ଶବ୍ଦାଡ଼ମ୍ବର ପୂର୍ଣ୍ଣ; ବି. grandiloquence.

**grandiose** ବିଂ. ସାଡ଼ମ୍ବର ବା ସସଂଭ୍ରମ ଭାବ ଉତ୍ପାଦକ କିମ୍ବା ଉତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ; ବିରାଟ ଆକାରରେ ପରିକଳ୍ପିତ; ବି. grandiosity.

**grandma** ବି. *କ.ଭା.* ପିତାମହୀ ବା ଜେଜେମା; ମାତାମହୀ ବା ଆଈ।

***grand mal*** ବି. ମୂର୍ଚ୍ଛାରୋଗ; ଅପସ୍ମାର। *(ଫ.)*

**grandmaster** ବି. ଶୀର୍ଷ ସ୍ଥାନୀୟ ଶତରଞ୍ଜ ଖେଳାଳି।

**grandmother** ବି. ପିତାମହୀ; ଜେଜେମା; ମାତାମହୀ; ଆଈ।

**grandpa** ବି. କ.ଭା. ପିତାମହ; ଜେଜେବାପା; ମାତାମହ; ଅଜା।

**grandparent** ବି. ପିତାମାତାଙ୍କର ପିତାମାତା।

**Grand Prix** ବି. ନାନା ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ମୋଟର–ଦୌଡ଼ ପ୍ରତିଯୋଗିତା ମଧ୍ୟରୁ କୌଣସି ଗୋଟିଏ।

**grandsire** ବି. *ପ୍ରା.ପ୍ର.* ପିତାମହ ବା ଜେଜେବାପା; ମାତାମହ ବା ଅଜା।

**grandson** ବି. ପୌତ୍ର; ନାତି।

**grandstand** ବି. ଦୌଡ଼ ପ୍ରତିଯୋଗିତା ପ୍ରଭୃତିରେ ଦର୍ଶକମଣ୍ଡଳୀପାଇଁ ଉଦ୍ଦିଷ୍ଟ ପ୍ରଧାନ ମଞ୍ଚ।

**grange** ବି. ଖମାର ବା କୃଷିଘର ସଂବଳିତ ଗ୍ରାମୀଣ ଘର ବା କୁଟୀର।

**graniferous** ବିଂ. ଶସ୍ୟ ବା ଶସ୍ୟବୀଜ ଉତ୍ପାଦନକାରୀ।

**granite** ବି. ଗ୍ରାନାଇଟ୍ ପଥର; ମୁଗୁନି ପଥର; ବିଂ. granitic.

**granivorous** ବିଂ. ଶସ୍ୟଭୋଜୀ।

**granny** ବି. (grannie ମଧ୍ୟ) *କ.ଭା.* ପିତାମହୀ ବା ଜେଜେମା; ମାତାମହୀ ବା ଆଈ।

**grant** 1. କ୍ରି. ମଞ୍ଜୁର କରିବା; ପ୍ରାର୍ଥନା ପ୍ରଭୃତି ପୂରଣ କରିବାକୁ ସମ୍ମତି ପ୍ରଦାନ କରିବା; ଅର୍ପଣ କରିବା; ଆଇନ୍‌ସଙ୍ଗତ ଭାବରେ ସମ୍ପତ୍ତି ଇତ୍ୟାଦିକୁ ହସ୍ତାନ୍ତରିତ କରିବା; ସତ୍ୟ ବୋଲି ମାନିନେବା ବା ଧରିନେବା; ସ୍ୱୀକାର କରିବା; 2. ବି. ମଞ୍ଜୁରୀ; ଅନୁଦାନ; ପ୍ରଦତ୍ତ ଅର୍ଥ ବା ସମ୍ପତ୍ତି; ଅର୍ଥସାହାଯ୍ୟ; ଦାନପତ୍ରଦ୍ୱାରା ସମ୍ପତ୍ତିର ହସ୍ତାନ୍ତରଣ; take for granted (କୌଣସି ବିଷୟକୁ) ଠିକ୍ ବୋଲି ମାନିନେବା।

**grantor** ବି. ସମ୍ପତ୍ତିର ଆଇନାନୁମୋଦିତ ଦାନକର୍ତ୍ତା ବା ହସ୍ତାନ୍ତରକାରୀ।

**granular** ବିଂ. ଶସ୍ୟ ଦାନା ସମ୍ବନ୍ଧୀୟ ବା ସଦୃଶ; ଦାନାର ଆକୃତି ବିଶିଷ୍ଟ; ବି. granularity.

**granulate** କ୍ରି. ଦାନା ବା କଣାରେ ପରିଣତ କରିବା; ଉପରିଭାଗ ଖଦଡ଼ିଆ କରିବା; ବି. granulation.

Digitized by srujanika@gmail.com

**granule** ବି. କ୍ଷୁଦ୍ର ଶସ୍ୟଦାନା ବା ଶସ୍ୟକଣା।
**grape** ବି. ଅଙ୍ଗୁର; ଦ୍ରାକ୍ଷାଫଳ।
**grapefruit** ବି. ବାତାପୀ ଲେମ୍ବୁ।
**grapeshot** ବି. ଇତି. କ୍ଷୁଦ୍ର ଗୁଳିର ସମଷ୍ଟି ଯାହା ତୋପ ଫୁଟିବାପରେ ଛେଁଚି ଛେଳେଇ ହୋଇଯାଏ।
**grapevine** ବି. ଅଙ୍ଗୁର ବା ଦ୍ରାକ୍ଷାଲତା; କ.ଭା. ଜନରବ ପରିପ୍ରଚାରର କ୍ଷେତ୍ର ବା ସାଧନ।
**graph** 1. ବି. ଗଣିତ ଆଦି ଶାସ୍ତ୍ରରେ ବ୍ୟବହୃତ ଦୁଇଟି ଚଳ (variable) ବସ୍ତୁର ସମ୍ବନ୍ଧ–ସୂଚକ ରେଖାଚିହ୍ନ ବା ସଙ୍କେତ; ଲେଖ; ଲୈଖିକ ଚିତ୍ର; ଗ୍ରାଫ୍; 2. କ୍ରି. ରେଖାଚିତ୍ରରେ ସୂଚିତ କରିବା; 3. graph paper ଗ୍ରାଫ୍ ବା ଲେଖ କାଗଜ।
**–graph** ପ.ପ୍ର. 'ଲେଖ' ସୂଚକ ବିଶେଷ୍ୟ ଓ କ୍ରିୟା ପଦର ଗଠନକାରୀ ପ୍ରତ୍ୟୟ (ଉଦା. holograph, telegraph, photograph ପ୍ରଭୃତି)।
**–grapher** ପ.ପ୍ର. ଚିତ୍ରାଙ୍କନ ବା ଲେଖନଶୈଳୀରେ ନିପୁଣତା ସୂଚକ ବିଶେଷ୍ୟ ପଦର ଗଠନକାରୀ ପ୍ରତ୍ୟୟ, ଉଦା. photo–grapher, radiographer ପ୍ରଭୃତି।
**graphic** ବିଂ. ଲିଖନ, ଚିତ୍ରାଙ୍କନ, ଖୋଦନ ପ୍ରଭୃତି ସମ୍ବନ୍ଧୀୟ; ବିଶଦ ଭାବରେ ବର୍ଣ୍ଣନାତ୍ମକ; ସୁସ୍ପଷ୍ଟ ଭାବରେ ବର୍ଣ୍ଣିତ; ଜୀବନ୍ତ; କ୍ରି.ବିଂ. graphically.
**–graphic** ପ.ପ୍ର. (–graphical ମଧ୍ୟ) –graph ଓ –graphy ପ୍ରତ୍ୟୟ ଯୋଗରେ ଗଠିତ ବିଶେଷ୍ୟ ପଦରୁ ବିଶେଷଣ–ଗଠନକାରୀ ପ୍ରତ୍ୟୟ।
**graphics** ବି. ବ.ବ. ଜୀବନ୍ତ କଳା–ଚିତ୍ରଣର ଉତ୍ପାଦନ; ଏ.ବ. ହିସାବ ଓ ନକ୍ସାରେ ରେଖାଚିତ୍ରର ବ୍ୟବହାର।
**graphite** ବି. ଗ୍ରାଫାଇଟ୍; ପେନ୍ସିଲ ତିଆରି ପ୍ରଭୃତିରେ ବ୍ୟବହୃତ ଅଙ୍ଗାରାତ୍ମକ ଉପାଦାନ; ବିଂ. graphitic.
**graphologist** ବି. ହସ୍ତାକ୍ଷର ପରୀକ୍ଷା ବିଶାରଦ।
**graphology** ବି. ଚରିତ୍ର–ନିରୂପକ ସାଧନ ରୂପେ ହସ୍ତାକ୍ଷରର ଅଧ୍ୟୟନ ବା ହସ୍ତାକ୍ଷର ପରୀକ୍ଷା ବିଦ୍ୟା।
**–graphy** ପ.ପ୍ର. ଲିଖନ ପ୍ରଭୃତିର ଶୈଳୀ ବା ପ୍ରଣାଳୀର ସୂଚକ ବିଶେଷ୍ୟ–ଗଠନକାରୀ ପ୍ରତ୍ୟୟ, ଉଦା. stenography, geography ପ୍ରଭୃତି।
**grapnel** ବି. ବନସୀ କଣ୍ଟାପରି କଣ୍ଟାଥିବା ଲୁହାର ଆକର୍ଷଣୀ ବା ଉତ୍ତୋଳକ ଯନ୍ତ୍ର; କୂଅ କଣ୍ଟା, ଲୁହା ବିଲେଇ।
**grapple** 1. କ୍ରି. ଶକ୍ତ ବା ଦୃଢ଼ ଭାବରେ ଧରିବା; ହାତଦ୍ୱାରା ଦୃଢ଼ ଭାବରେ ଧରିବା; ଲୁହା ବିଲେଇ–ଦ୍ୱାରା ଟାଣି ବା ଓଟାରି ଧରିବା; ଧରାଧରି ହେବା; କୌଣସି କଠିନ ବିଷୟରେ ସମାଧାନ ନିମନ୍ତେ ଚେଷ୍ଟା କରିବା; 2. ବି. ଲୌହନିର୍ମିତ ଆକର୍ଷଣକାରୀ ଯନ୍ତ୍ର; ଲୁହା ବିଲେଇ।
**grappling–iron** ବି. ଲୌହ ନିର୍ମିତ ଆକର୍ଷଣକାରୀ ଯନ୍ତ୍ର, କ୍ଷୁଦ୍ର ନଙ୍ଗର।
**grasp** 1. କ୍ରି. ଜାବୁଡ଼ି ଧରିବା; ମୁଠେଇ ଧରିବା; ଲୋଲୁପ ଭାବରେ ଧରିବା; (ଘଟଣା ବା ଅର୍ଥକୁ) ବୁଝିବା ବା ହୃଦୟଙ୍ଗମ କରିବା; 2. ବି. ଦୃଢ଼ ଧାରଣ; ଶକ୍ତ ମୁଠା; କବଜ; ଅକ୍ତିଆର; କୌଣସି ବିଷୟରେ ଦକ୍ଷତା, ନିପୁଣତା ବା ଶ୍ରେଷ୍ଠତ୍ୱ; ମନରେ ଧରି ରଖିବାର କ୍ଷମତା; grasp at ଦୃଢ଼ ଭାବରେ ଧରିବାକୁ ଚେଷ୍ଟା କରିବା; ଉତ୍କଣ୍ଠା, ବ୍ୟଗ୍ରତା ବା ଉତ୍ସୁକତାର ସହିତ ଧରିବା; grasp the nettle ସାହସର ସହିତ କୌଣସି ସମସ୍ୟା ବା କଠିନ ବିଷୟର ସମାଧାନ କରିବା।
**grasping** ବିଂ. ଲୋଭୀ; କୃପଣ।
**grass** 1. ବି. ତୃଣ; ଘାସ; ଗୋ–ଚାରଣ ଭୂମି; ଘାସଦ୍ୱାରା ଆଚ୍ଛାଦିତ କ୍ଷେତ୍ର; ଚାରଣ (out to grass); ସା.ପ୍ର. ମେରିଜୁଆନା; ମୁଖବିର; 2. କ୍ରି. ଘାସ ଆଚ୍ଛାଦନ କରିବା; ସା.ପ୍ର. ବିଶ୍ୱାସଘାତ କରିବା, ପୋଲିସ୍‌କୁ ଜଣାଇବା; ବିଂ. grassy.
**grasshopper** ବି. ଝିଣ୍ଟିକା।
**grassland** ବି. ବିସ୍ତୀର୍ଣ୍ଣ ଗୋଚାରଣ ଭୂମି ବା କ୍ଷେତ୍ର।
**grass roots** ବି. ମୌଳିକ ସ୍ତର ବା ଉତ୍ପତ୍ତିସ୍ଥଳ; ସାଧାରଣ ଜନତା; ରାଜନୈତିକ ଦଳ ପ୍ରଭୃତିଙ୍କର ଶ୍ରେଣୀ ବା ବିଭାଗ।
**grass snake** ବି. କ୍ଷୁଦ୍ର, ବିଷହୀନ ସର୍ପବିଶେଷ।
**grass widow** ବି. ଯେଉଁ ସ୍ତ୍ରୀର ସ୍ୱାମୀ ବିଦେଶରେ ଥାଏ; ପ୍ରୋଷିତ–ଭର୍ତ୍ତୃକା।
**grate**[1] କ୍ରି. ବସ୍ତୁର ପଦାର୍ଥଉପରେ ଘଷି ସୂକ୍ଷ୍ମ କଣା ବା ଚୂର୍ଣ୍ଣରେ ପରିଣତ କରିବା; କର୍କଶ ଶବ୍ଦ କରି ଘଷିବା; (ଦାନ୍ତ) କଡ଼ମଡ଼ କରିବା; କର୍କଶ ସ୍ୱରରେ ଉଚ୍ଚାରଣ କରିବା; କର୍କଶ

Digitized by srujanika@gmail.com

ଶବ୍ଦହେବା; କଟ କଟ ବା କେଁ କଚରେ ଶବ୍ଦ ହେବା; ବିରକ୍ତିକର ବୋଧ ହେବା।

**grate²** ବି. ଚୁଲି; ଉମେଇ, ଧାତୁନିର୍ମିତ ଇନ୍ଧନାଧାର।

**grateful** ବିଂ. କୃତଜ୍ଞ; କୃତଜ୍ଞତାପୂର୍ଣ୍ଣ; ଆନନ୍ଦଦାୟକ; ସୁଖକର; ଗ୍ରହଣୀୟ; କ୍ରି.ବିଂ. gratefully.

**gratify** କ୍ରି. ସନ୍ତୁଷ୍ଟ ବା ପରିତୃପ୍ତ କରିବା; ଆନନ୍ଦିତ କରିବା; ବାଧିତ କରିବା; ବାସନା ବା କାମନା ଚରିତାର୍ଥ କରିବା; ବି. grati- fication.

**grating** ବି. କାଚ ପ୍ରଭୃତି ଉପରେ ନିର୍ମିତ ସମାନ୍ତର ବା ଛକାକୃତି ବିଶିଷ୍ଟ ତାରଜାଲି।

**gratis** 1. ବିଂ. ବିନା ମୂଲ୍ୟରେ ପ୍ରାପ୍ତ ବା ପ୍ରଦତ୍ତ; 2. କ୍ରି.ବିଂ. ବିନା ମୂଲ୍ୟରେ।

**gratitude** ବି. କୃତଜ୍ଞତା।

**gratuitous** ବିଂ. ବିନା ମୂଲ୍ୟରେ ପ୍ରାପ୍ତ ବା ପ୍ରଦତ୍ତ; ଅଯାଚିତ ଭାବରେ ପ୍ରାପ୍ତ ବା ପ୍ରଦତ୍ତ।

**gratuity** ବି. ସେବା–ସ୍ୱୀକୃତି ରୂପରେ ପ୍ରଦତ୍ତ ଅବସରକାଳୀନ ଅର୍ଥଦାନ।

**gravamen** ବି. ବ.ବ. gravamens ଅଭିଯୋଗର ସାରମର୍ମ; ଅଭିଯୋଗର କାରଣ।

**grave¹** ବି. ସମାଧି ଗହ୍ୱର; ଉକ୍ତ ସ୍ଥାନ ଉପରେ ନିର୍ମିତ ସମାଧି, କବର, ସ୍ତୁପ ଆଦି ସ୍ମାରକ ଚିହ୍ନ; ମୃତ୍ୟୁ।

**grave²** ବିଂ. ସାଂଘାତିକ; ଗୁରୁତର; ଗୁରୁତ୍ୱପୂର୍ଣ୍ଣ; ଗୌରବାନ୍ୱିତ; ପ୍ରଶାନ୍ତ; ଗମ୍ଭୀର; ଉଦାସୀନ; ସ୍ଥିର।

**grave³** କ୍ରି. *ଅ.କ୍ରି.ଇ.ପ.* graven or graved (କୌଣସି ବ୍ୟକ୍ତିର ସ୍ମୃତି–ପଟରେ) ଅଲିଭା ଅକ୍ଷରରେ ଅଙ୍କନ ବା ବିନ୍ୟାସ କରିବା; *ପ୍ରା.ପ୍ର* କାଠ ବା ପଥରରେ ମୂର୍ତ୍ତି ଖୋଦନ କରିବା; graven image ପ୍ରତିମା; ମୂର୍ତ୍ତି।

**grave⁴** **(accent)** ବି. ପଦମଧ୍ୟସ୍ଥ ସ୍ୱରର ଦୀର୍ଘତା ସୂଚକ ମାତ୍ରା, ଉଦା. bega'n ରେ (')।

**grave⁵** କ୍ରି. ଜାହାଜ ତଳକୁ ପୋଡ଼ି ଓ ଆଲକତରା ବୋଳି ପରିଷ୍କାର କରିବା।

**gravel¹** 1. ବି. ସାନଗୋଡ଼ି; କରକଚା; ପଥୁରୀ ରୋଗ; 2. କ୍ରି. ଗୋଡ଼ି ବିଛାଇବା; ହତବୁଦ୍ଧି କରିବା।

**gravelly** ବିଂ. କଙ୍କର ସଦୃଶ; (ସ୍ୱର ସମ୍ବନ୍ଧୀୟ) ଗଭୀର ଓ କର୍କଶ ସ୍ୱରବିଶିଷ୍ଟ।

**graven** ଦ୍ର. grave³

**gravestone** ବି. ସମାଧି ପ୍ରସ୍ତର।

**graveyard** ବି. କବର ଭୂମି; ସମାଧିସ୍ଥଳୀ।

**gravid** ବିଂ. ଗର୍ଭବତୀ।

**gravimeter** ବି. ଦୁଇଟି ସ୍ଥାନ ମଧ୍ୟରେ ମାଧ୍ୟାକର୍ଷଣ ଶକ୍ତିର ପାର୍ଥକ୍ୟ ପରିମାପକ ଯନ୍ତ୍ର ବିଶେଷ।

**gravimetry** ବି. ଭାର ବା ଓଜନର ପରିମାଣ ବା ମାପ; ବିଂ. gravimetric.

**gravitate** କ୍ରି. ଗତି କରିବା ବା ଆକୃଷ୍ଟ ହେବା; କେନ୍ଦ୍ରାଭିମୁଖୀ ହେବା; ମାଧ୍ୟାକର୍ଷଣ ଶକ୍ତିଦ୍ୱାରା ପ୍ରଭାବିତ ହେବା।

**gravitation** ବି. ବସ୍ତୁମାନଙ୍କର ପୃଥିବୀ ଆଡ଼କୁ ପତନ; ମାଧ୍ୟାକର୍ଷଣ ଶକ୍ତି; ମାଧ୍ୟାକର୍ଷଣ; ମାଧ୍ୟାଭିସରଣ; ବିଂ. gravitational.

**gravity** ବି. ବସ୍ତୁକୁ ପୃଥିବୀକେନ୍ଦ୍ର ଆଡ଼କୁ ଆକର୍ଷଣ କରୁଥିବା ଶକ୍ତି; ମାଧ୍ୟାକର୍ଷଣ ଶକ୍ତି; ଗୁରୁତ୍ୱ; ଓଜନ; ମହତ୍ତ୍ୱ; ଗାମ୍ଭୀର୍ଯ୍ୟ; ସ୍ଥିରତା; ପ୍ରଶାନ୍ତତା; acceleration due to gravity ମାଧ୍ୟାକର୍ଷଣ ତ୍ୱରଣ; centre of gravity ମାଧ୍ୟାକର୍ଷଣ କେନ୍ଦ୍ର; force of gravity ମାଧ୍ୟାକର୍ଷଣ ଶକ୍ତି; specific gravity ଆପେକ୍ଷିକ ଗୁରୁତ୍ୱ।

**gravy** ବି. ମାଂସ ରନ୍ଧା ସମୟରେ ବା ପରେ ତହିଁରୁ ବାହାରିବା ରସ; ସିଝା ମାଂସର ରସ ବା ଝୋଳ; *ସା.ପ୍ର.* ଅନୁପାର୍ଜିତ ବା ଅପ୍ରତ୍ୟାଶିତ ଅର୍ଥ।

**gray** *ଆମେ.* ଦ୍ରଷ୍ଟ. grey.

**grayling** ବି. ରୁପେଲି–ଧୂସର ରଙ୍ଗର ଏକ ପ୍ରକାର ମଧୁର ମାଛ।

**graze¹** 1. କ୍ରି. ସାମାନ୍ୟ ସ୍ପର୍ଶ ବା ଘର୍ଷଣରେ (ଶରୀରର କୌଣସି ଅଂଶ) କ୍ଷତ କରିବା; ରାମ୍ପୁଡ଼ି ହୋଇଯିବା; 2. ବି. ମୃଦୁ ସ୍ପର୍ଶ ବା ଘର୍ଷଣ।

**graze²** କ୍ରି. (ଗୋମହିଷାଦି ପଶୁଙ୍କୁ) ଘାସ ଖୁଆଇବା ବା ଚରାଇବା; (ପଶୁମାନଙ୍କ ପକ୍ଷରେ) ଘାସ ଚରିବା।

**grazier** ବି. ପଶୁପାଳକ; ପଶୁଚାରକ।

**grazing** ବି. ଗୋଚର ଭୂମି, ଗୋଚାରଣ ନିମନ୍ତେ ଉପଯୋଗୀ ତୃଣଭୂମି।

**grease** 1. ବି. ଚର୍ବି, ମେଦ ବା ବସା; ଚର୍ବିଳ ବା ତେଲିଆ ବସ୍ତୁ; ଗ୍ରିଜ୍; 2. କ୍ରି. ଗ୍ରିଜ୍ ବା ତୈଳାକ୍ତ ପଦାର୍ଥ ବୋଳିବା ବା ଲଗାଇବା;

Digitized by srujanika@gmail.com

grease person's palm କ.ଭା. କୌଣସି ବ୍ୟକ୍ତିକୁ ଲାଞ୍ଚ ଦେଇ ବଶୀଭୂତ କରିବା ।

**greasepaint** ବି. ଅଭିନେତା, ଅଭିନେତ୍ରୀ ମାନଙ୍କଦ୍ୱାରା ବ୍ୟବହୃତ ପ୍ରସାଧନ ସାମଗ୍ରୀ ।

**greasy** ବିଂ. ତେଲିଆ; ତୈଳାକ୍ତ; ଚର୍ବିବୋଳା; ଚିକ୍କଣ; କ୍ରି.ବିଂ. greasily; ବି. greasiness.

**great**[1] 1. ବିଂ. ବଡ଼; ବିରାଟ; ବୃହତ୍; ବିଶାଳ; ମହାନ୍; ଶକ୍ତିଶାଳୀ; ମହତ୍ତ୍ୱପୂର୍ଣ୍ଣ; ଉଚ୍ଚପଦସ୍ଥ; ଶ୍ରେଷ୍ଠ; ପ୍ରଧାନ; 2. ବି. ମହାନ୍ ବ୍ୟକ୍ତି; ଗୁରୁତ୍ୱପୂର୍ଣ୍ଣ ବସ୍ତୁ; a great deal ବହୁତ ପରିମାଣରେ; Greats କ.ଭା. ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ଗ୍ରୀକ୍‌ସାହିତ୍ୟ ଓ ଦର୍ଶନ ସଂବଳିତ ପାଠ୍ୟକ୍ରମ ।

**great–** ଉ.ପ. ଗୋଟିଏ ପୁରୁଷ ଛଡ଼ା ପାରିବାରିକ ସଂପର୍କ ସୂଚନା ନିମନ୍ତେ ସଂଯୋଗ ବା ସମାସରେ ବ୍ୟବହୃତ ରୂପ; ଉଦା. great-grandfather ପ୍ରପିତାମହ, great-great-grandfather ବୃଦ୍ଧ ପ୍ରପିତାମହ, ଇତ୍ୟାଦି ।

**Great Bear** ବି. ସପ୍ତର୍ଷିମଣ୍ଡଳ ।

**greatcoat** ବି. ଓଜନିଆ ଓଭରକୋଟ୍ ।

**greatly** କ୍ରି.ବିଂ. ଅତିମାତ୍ରାରେ; ଅତ୍ୟଧିକ ।

**greatness** ବି. ମହାନତା; ମହତ୍ତ୍ୱ; ଶ୍ରେଷ୍ଠତ୍ୱ; ଶ୍ରେଷ୍ଠତା; ବିଶାଳତା ।

**Great War** ବି. ପ୍ରଥମ ବିଶ୍ୱଯୁଦ୍ଧ (ଖ୍ରୀ. ୧୯୧୪–୧୮) ।

**greave** ବି. ସା.ବ.ବ.ରେ ନଳୀଗୋଡର କବଚ୍ ।

**grebe** ବି. ବୁଡ଼ାଳି ପକ୍ଷୀ ବିଶେଷ ।

**Grecian** ବିଂ. ଗ୍ରୀସ୍ ଦେଶୀୟ (କଳା ବା ମୁଖାକୃତି); Grecian nose କପାଳ ପର୍ଯ୍ୟନ୍ତ ବିସ୍ତୃତ ସିଧା ନାକ ।

**greed** ବି. ଖାଦ୍ୟ ବା ଧନ ବିଷୟରେ ଅତ୍ୟଧିକ ଲୋଭ ।

**greedy** ବିଂ. ଲୋଭୀ; ଲୋଲୁପ; ପେଟୁ; ଉତ୍‌କଣ୍ଠିତ; କ୍ରି.ବିଂ. greedily; ବି. greediness.

**Greek** 1. ବିଂ. ଗ୍ରୀସ୍ ଦେଶୀୟ ବା ଗ୍ରୀକ୍ ଭାଷାସମ୍ବନ୍ଧୀୟ; 2. ବି. ଗ୍ରୀସ୍ ଦେଶର ଅଧିବାସୀ; ଗ୍ରୀକ୍ ଭାଷା; 3. Greek god ପୁରୁଷ ସୌନ୍ଦର୍ଯ୍ୟର ଆଦର୍ଶ; Greek to me ମୋ ପକ୍ଷରେ ଅବୋଧ ।

**green** 1. ବିଂ. ଶାଗୁଆ; ସବୁଜ ବର୍ଣ୍ଣବିଶିଷ୍ଟ; ହରିତ୍‌ବର୍ଣ୍ଣ ବିଶିଷ୍ଟ; ପତ୍ର ବା ତୃଣଦ୍ୱାରା ଆଚ୍ଛାଦିତ; ସତେଜ; କଞ୍ଚା; ଅପରିପକ୍ୱ; ଅଶୁଷ୍କ; ଅମଉଳା; କୋମଳ; ତରୁଣ; ଅନଭିଜ୍ଞ, ଈର୍ଷାପରାୟଣ; 2. ବି. ଶାଗୁଆ; ସବୁଜ ବର୍ଣ୍ଣ; ସତେଜତା; ତରୁଣତା; କୋମଳତା; ଅନଭିଜ୍ଞତା; ସାର୍ବଜନୀନ ତୃଣମୟ କ୍ଷେତ୍ର; 3. କ୍ରି. ସବୁଜ କରିବା ବା ହେବା; greens ବି. ବ.ବ. ଶାକସବଜି; କ୍ରି.ବିଂ. greenly; ବି. greenness.

**green belt** ବି. ସବୁଜ ବଳୟ; ନଗରର ଚତୁଃପାର୍ଶ୍ୱରେ ସଂରକ୍ଷିତ ଉନ୍ମୁକ୍ତ ଭୂମି ।

**green card** ବି. ପରିବାର ନିୟୋଜନର ପ୍ରମାଣପତ୍ର; ମୋଟର ମାଲିକଙ୍କ ଆନ୍ତର୍ଜାତିକ ବୀମା ପ୍ରମାଣପତ୍ର ବା ଦଲିଲ୍ ।

**greenery** ବି. ସବୁଜିମା; ସବୁଜ ତରୁଲତା; ଶ୍ୟାମଶ୍ରୀ ।

**green-eyed** ବିଂ. କ.ଭା. ଈର୍ଷାପରାୟଣ ।

**greenfinch** ବି. ସବୁଜ ଓ ପୀତ ପର ବିଶିଷ୍ଟ ଏକ ପ୍ରକାର ପକ୍ଷୀ ।

**green fingers** ବି. ଉଦ୍ଭିଦ–କୃଷିର କୌଶଳ ବା ପାରଦର୍ଶିତା ।

**greenfly** ବି. ସବୁଜ ଫସଲର ଅନିଷ୍ଟକାରୀ ପତଙ୍ଗ ବିଶେଷ; ଉକ୍ତ ପତଙ୍ଗମାନଙ୍କର ଦଳ ବା ସମୂହ ।

**greengrocer** ବି. ଫଳ ଓ ପନିପରିବା ବିକ୍ରେତା; ବି. greengrocery.

**greenhorn** ବି. ଅନଭିଜ୍ଞ ଯୁବକ; ନବନିଯୁକ୍ତ କର୍ମଚାରୀ ।

**greenhouse** ବି. କାଚ ନିର୍ମିତ କୃତ୍ରିମ ଉଦ୍ଭିଦଶାଳା ।

**greenish** ବିଂ. ଈଷତ୍ ସବୁଜ, ଅଳ୍ପ ହରିତ୍ ।

**greenishness** ବି. ଈଷତ୍ ସବୁଜତ୍ୱ; ଅଳ୍ପ ହରିତ୍ ବର୍ଣ୍ଣ ।

**greenkeeper** ବି. ଗଲ୍‌ଫ ପଡିଆର ସଂରକ୍ଷକ ।

**green light** ବି. ରାସ୍ତା ପ୍ରଭୃତିରେ ଅଗ୍ରସର ହେବାର ସଙ୍କେତ; କ.ଭା. କୌଣସି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମତି ।

**Green Paper** ବି. ଆଲୋଚନା ପାଇଁ ଗୃହୀତ ସରକାରୀ ପ୍ରସ୍ତାବ ସମୂହର ପ୍ରାଥମିକ ରିପୋର୍ଟ ।

**green pound** ବି. ଇଉରୋପୀୟ ଅର୍ଥନୀତିକ ସଂପ୍ରଦାୟରେ କୃଷିଜାତ ଦ୍ରବ୍ୟ ବିନିମୟରେ ପ୍ରଚଳିତ ମୁଦ୍ରାନୁଯାୟୀ ପାଉଣ୍ଡର ମୂଲ୍ୟ ।

**green revolution** ବି. ସବୁଜ ବିପ୍ଳବ, ବିକାଶଶୀଳ ଦେଶମାନଙ୍କରେ ଅଧିକ ମାତ୍ରାରେ ଶସ୍ୟ ଉତ୍ପାଦନ ଯୋଜନା ।

Digitized by srujanika@gmail.com

**green–room** ବି. ଅଭିନେତା ଅଭିନେତ୍ରୀ–ମାନଙ୍କର ବେଶ ଓ କେଶବିନ୍ୟାସ ପ୍ରକୋଷ୍ଠ; ନେପଥ୍ୟଶାଳା ।

**greensand** ବି. ସବୁଜ ବର୍ଣ୍ଣର ଏକପ୍ରକାର ବାଲିଗରଡ଼ା ପଥର ।

**greenstone** ବି. ସବୁଜ ବର୍ଣ୍ଣର ମଣିବିଶେଷ ।

**greenstuff** ବି. ଉଦ୍ଭିଦ ଜୀବନ; ସବୁଜ ପନିପରିବା ।

**greensward** ବି. ତୃଣାଚ୍ଛାଦିତ ଭୂମି ।

**green tea** ବି. ବାଷ୍ପଦ୍ୱାରା ଶୁଖା ଯାଇଥିବା ଚା' ପତ୍ରରୁ ପ୍ରସ୍ତୁତ ଚା' ।

**Greenwich Mean Time** ବି. ଆନ୍ତର୍ଜାତିକ ସମୟ ନିରୂପକ ମାନଦଣ୍ଡ ରୂପେ ବ୍ୟବହୃତ ଲଣ୍ଡନ୍ ସହରସ୍ଥ ଗ୍ରୀନ୍‌ଉଇଚ୍‌ର ପ୍ରଧାନ ମାଧ୍ୟନ୍ଦିନ ରେଖା ।

**greenwood** ବି. ଗ୍ରୀଷ୍ମକାଳୀନ ବନ ଭୂମି ।

**greet**[1.] କ୍ରି. ମିଳନ ବା ସାକ୍ଷାତ୍‌କାର ସମୟରେ ସାଦର ସମ୍ଭାଷଣ କରିବା, ସ୍ୱାଗତ କରିବା; ଅଭିବାଦନ ବା ଅଭିନନ୍ଦନ କରିବା; ନମସ୍କାର କରିବା; ଅଭ୍ୟର୍ଥନା କରିବା; ବ୍ୟକ୍ତି ବା ସଂବାଦକୁ ପ୍ରତିକ୍ରିୟାସହ ଗ୍ରହଣ କରିବା; କୁଶଳାଦି ପ୍ରଶ୍ନ କରିବା ।

**greet**[2.] ବି. ସ୍କଟ୍ କାନ୍ଦିବା ।

**greeting** ବି. କୁଶଳ ସମ୍ଭାଷଣ; ଅଭିବାଦନ ବା ଅଭିନନ୍ଦନ; ଅଭ୍ୟର୍ଥନା; ବ.ବ.ରେ ଶୁଭେଚ୍ଛା–ଜ୍ଞାପନ ।

**greetings card** ବି. ଅଭିବାଦନ–ଜ୍ଞାପକ ଶୋଭନ ମୁଦ୍ରିତ ପତ୍ର; ଅଭିନନ୍ଦନ ପତ୍ର ।

**gregarious** ବିଂ. ସଂଘପ୍ରିୟ, ଦଳପ୍ରିୟ; ଦଳବଦ୍ଧ ବା ଗୋଷ୍ଠୀଜୀବନ ପାଇଁ ଆଗ୍ରହୀ ।

**Gregorian (Chant)** ବିଂ. ପୋପ୍ ଗ୍ରିଗୋରୀଙ୍କ ନାମାନୁସାରେ ନାମିତ ସରଳ ଧର୍ମୀୟ ସଙ୍ଗୀତ ସମ୍ବନ୍ଧୀୟ ।

**Gregorian calendar** ବି. ଖ୍ରୀ. ୧୫୮୨ରେ ତ୍ରୟୋଦଶ ପୋପ ଗ୍ରିଗୋରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ପଞ୍ଜିକା ।

**gremlin** ବି. *ସା.ପ୍ର.* ଅନିଷ୍ଟକାରୀ ପ୍ରେତ ବା ପିଶାଚ (ଏହା ଯାନ୍ତ୍ରିକ–ବିଭ୍ରାଟ ସୃଷ୍ଟିକରେ ବୋଲି ବିଶ୍ୱାସ କରାଯାଏ) ।

**grenade** ବି. ହସ୍ତନିକ୍ଷିପ୍ତ ବା ରାଇଫଲ୍ ନିଃସୃତ କ୍ଷୁଦ୍ର ବୋମା; ହାତବୋମା; ବି. grenadier.

**grew** କ୍ରି. growର *ଅ.କା.* ।

**grey** 1. ବିଂ. ଧୂସର ରଙ୍ଗର; ପାଉଁଶିଆ; ବିଷଣ୍ଣ; ମଳିନ; ଉଦାସୀନ; ପକ୍ୱ (କେଶ); ବୟସ୍କ; ଅଭିଜ୍ଞ; ପରିପକ୍ୱ; ପୁରାତନ; ବେନାମୀ; ଚିହ୍ନୋଟର ଅଯୋଗ୍ୟ, ଅପରିଚେୟ; 2. ବି. ଧୂସର ବର୍ଣ୍ଣ; ପାଉଁଶିଆ ରଙ୍ଗ; ଧୂସରବର୍ଣ୍ଣର ପୋଷାକପତ୍ର ବା ପଦାର୍ଥ; 3. କ୍ରି.ଧୂସର ରଙ୍ଗ କରିବା ବା ହେବା; ବିଂ. greyish; ବି.greyness.

**Grey Friar** ବି. ଫ୍ରାନ୍‌ସିସ୍‌କାନ୍ ସଂପ୍ରଦାୟର ସନ୍ନ୍ୟାସୀ ।

**greyhound** ବି. କ୍ଷୀଣକାୟ, ଦ୍ରୁତଗାମୀ ଶିକାରୀ କୁକୁର; ତାହାଳ କୁକୁର ।

**grey matter** ବି. ମସ୍ତିଷ୍କର କ୍ରିୟାଶୀଳ ଅଂଶର ପଦାର୍ଥ ବିଶେଷ; *କ.ଭା.* ବୁଦ୍ଧି ।

**grid** ବି. ଲୁହାର ଜାଲି ବା ଜାଫିରି; ଲୁହାଖାଡ଼ିରେ ତିଆରି ରନ୍ଧନାଧାର; ବିଦ୍ୟୁତ୍ ସଂଯୋଗକାରୀ ତାରସମୂହ ।

**griddle** ବି. ପିଠା ତାଓ୍ୱା ।

**gridiron** ବି. ଧାତୁ ନିର୍ମିତ ଜାଲିର ରନ୍ଧନାଧାର ।

**grief** ବି. ଗଭୀର ଦୁଃଖ; ତୀବ୍ର ସନ୍ତାପ; ଉକ୍ତ ଦୁଃଖ ବା ସନ୍ତାପର କାରଣ; come to grief ଦୁର୍ଦ୍ଦଶାଗ୍ରସ୍ତ ହେବା ।

**grievance** ବି. ଅଭିଯୋଗର (ବାସ୍ତବିକ ବା କଳ୍ପିତ) କାରଣ ।

**grieve** କ୍ରି. କୌଣସି ବ୍ୟକ୍ତିର ମନରେ ଦୁଃଖ ବା ସନ୍ତାପ ଦେବା; କାହାକୁ ସନ୍ତପ୍ତ ବା ଶୋକାର୍ତ୍ତ କରିବା; ଦୁଃଖିତ ବା ସନ୍ତପ୍ତ ହେବା; ଶୋକ କରିବା ।

**grievous** 1. ବିଂ. (ବେଦନା, ପୀଡ଼ା ଆଘାତ ଆଦି ସଂପର୍କରେ) ସାଂଘାତିକ; ଦୁଃସହ; ଦୁଃଖଦାୟକ; ଗୁରୁତର; ମାରାତ୍ମକ, ଉତ୍କଟ; କ୍ଷତିକାରକ; କ୍ରି.ବିଂ. grievously.

**grievous bodily harm** ବି. *ଆଇନ୍* ସାଂଘାତିକ ଶାରୀରିକ କ୍ଷତି ।

**griffin** ବି. (gryphon ମଧ୍ୟ) ଈଗଲ ପକ୍ଷୀର ମୁଣ୍ଡ ଓ ଡେଣା ଏବଂ ସିଂହର ଶରୀର ବିଶିଷ୍ଟ ଏକ ପ୍ରକାର କାଳ୍ପନିକ ଜୀବ ।

**griffon** ବି. ମୋଟା ଲୋମ ଥିବା ଏକପ୍ରକାର ଶିକାରୀ କୁକୁର; ପ୍ରକାଣ୍ଡ ଶାଗୁଣା; ଗ୍ରିଫିନ୍ ।

**grill** 1. ବି. ଧାତୁ ନିର୍ମିତ ଜାଲିର ରନ୍ଧନାଧାର; ଲୁହାଜାଲି; ଭଜା ଖାଦ୍ୟ ବା ଚପ୍; କବାବ,

Digitized by srujanika@gmail.com

ଚପ୍ ଆଦି ଖାଦ୍ୟର ରନ୍ଧନ ବା ପରିବେଷଣ ଗୃହ; 2. କ୍ରି. ଲୁହା ଜାଲି ଉପରେ ଖାଦ୍ୟ ରାନ୍ଧିବା ବା ଭାଜିବା; ଉତ୍ତାପ ବା ଯନ୍ତ୍ରଣାର ସମ୍ମୁଖୀନ କରିବା; ଭାଜି ହେବା; ତୀବ୍ର ପ୍ରଶ୍ନବାଣର ସମ୍ମୁଖୀନ ହେବା ।

**grille** ବି. (grill ମଧ) ଲୁହାଜାଲି; କବାଟ ବା ଝରକା ପ୍ରଭୃତିରେ ବ୍ୟବହୃତ ଜାଲି; ମୋଟର ଗାଡ଼ିର ବିକିରଣକାରୀ ଯନ୍ତ୍ରର ସଂରକ୍ଷକ ଧାତୁନିର୍ମିତ ଜାଲି ।

**grill room** ବି. କବାବ ଆଦି ଖାଦ୍ୟର ପରିବେଷଣକାରୀ ଛୋଟ ରେଷ୍ଟୁରାଣ୍ଟ ।

**grilse** ବି. ସମୁଦ୍ରରୁ ପ୍ରଥମଥର ପାଇଁ ମଧୁର ଜଳକୁ ଫେରିଥିବା ସାମନ୍ ମାଛ ।

**grim** ବିଂ. କଠୋର; ନିର୍ମମ; ନିର୍ଦ୍ଦୟ; ଭୟଙ୍କର; ଅପ୍ରୀତିକର; ବିକଟ ଦର୍ଶନ ।

**grimace** 1. ବି. ପରିହାସ ବା ବିରକ୍ତିଜନିତ ମୁଖବିକୃତି; 2. କ୍ରି. ମୁଖ ବିକୃତ କରିବା; ଖତେଇ ହେବା ।

**grime** 1. ବି. ଦେହର (ଚମ ଉପରସ୍ଥ) ମଳି; 2. କ୍ରି. ମଇଳା କରିବା; ଦୂଷିତ କରିବା; ବିଂ. grimy; ବି. griminess.

**grin** 1. କ୍ରି. ଦାନ୍ତ ଦେଖାଇ ବିସ୍ତାରିତ ଭାବରେ ହସିବା; କୃତ୍ରିମ ନିର୍ବୋଧ ହାସ୍ୟ ପ୍ରକାଶ କରିବା; (ଯନ୍ତ୍ରଣା, ଘୃଣା ବା ହାସ୍ୟରେ) ଦନ୍ତ ବିସ୍ତାରିତ କରିବା; 2. ବି. ଦନ୍ତ ପ୍ରଦର୍ଶନ; ଖୁଆଖିଲା ହସ; grin and bear it କ୍ଳେଶ, ଯନ୍ତ୍ରଣା ପ୍ରଭୃତିକୁ ଧୈର୍ଯ୍ୟସହିତ ସହିନେବା ।

**grind**[1] 1. କ୍ରି. (ଅ.କା. ଓ ଅ.କ୍ରି.ଜ.ପ. ground) ଚୂର୍ଣ୍ଣ କରିବା; ଗୁଣ୍ଡ କରିବା; ପେଷି (ମଇଦା, ଅଟା ପ୍ରଭୃତି) ତିଆରି କରିବା; ଦାଢ଼ କରିବା; ଶାଣ ଦେବା; ଘଷି ପାଲିସ୍ କରିବା; ଅତ୍ୟାଚାର ବା ଉତ୍ପୀଡ଼ନ କରିବା; କଠିନ ପରିଶ୍ରମର ସହିତ ଅଧ୍ୟୟନ କରିବା; କଠୋର ପରିଶ୍ରମ କରିବା; 2. ବି. ବିଚୂର୍ଣ୍ଣନ; ଶ୍ରମସାପେକ୍ଷ ନିରସ କାର୍ଯ୍ୟ; ଶାଣ ଦେବା କାର୍ଯ୍ୟ; grind to a halt କର୍କଶ ଶବ୍ଦ ସୃଷ୍ଟିକରି ଅଟକିଯିବା ।

**grinder** ବି. ପେଷଣକାରୀ ବ୍ୟକ୍ତି; ପେଷକ ଯନ୍ତ୍ର; ପେଷକ ଦାନ୍ତ ।

**grindstone** ବି. ପେଷଣ ପଥର; ଚକି, ଘୋରଣା; ଶାଣ ପଥର; keep one's nose to the grindstone କ୍ରମାଗତ ଭାବରେ କଠୋର ପରିଶ୍ରମ କରିବା ।

**grip** 1. କ୍ରି. ଟାଣ ମୁଠାରେ ଧରିବା; ଦୃଢ଼ ଭାବରେ ଧରିବା; ବଳପୂର୍ବକ ମନୋଯୋଗ ଆକର୍ଷଣ କରିବା; 2. ବି. ଦୃଢ଼ ଧାରଣ; ଦୃଢ଼ ମୁଷ୍ଟି; ଧାରଣଶକ୍ତି, ଯନ୍ତ୍ର ବା କଳର ମୁଠିଧରା ଅଂଶ; ଶସ୍ତ୍ରର ମୁଠା ବା ବେଣ୍ଟ; *ଆମେ.* ସୁଟ୍‌କେସ୍; ଭ୍ରମଣକାଳୀନ ଥଳି; come (get) to grips with କୌଣସି ଉଦ୍ଦେଶ୍ୟ ବା ଅଭିପ୍ରାୟ ରଖି କୌଣସି ବ୍ୟକ୍ତି ବା ସମସ୍ୟାର ନିକଟବର୍ତ୍ତୀ ହେବା ।

**gripe** 1. କ୍ରି. ପେଟ କାମୁଡ଼ିବା; ଉଦର ଯନ୍ତ୍ରଣା ହେବା; *ସା.ପ୍ର.* ଅଭିଯୋଗ କରିବା; ଦୃଢ଼ ଭାବରେ ଧରିବା; ଉତ୍ପୀଡ଼ନ କରିବା; 2. ବି. ପେଟମରା ରୋଗ; ଉଦରଶୂଳ; *ସା.ପ୍ର.* ଅଭିଯୋଗ; ଦୃଢ଼ଧାରଣ; ମୁଠା ବା ବେଣ୍ଟ ।

**Gripe Water** ବି. ସ୍ତ୍ର. ଶିଶୁମାନଙ୍କ ପେଟମୋଡାର ଔଷଧ ।

**grisly** ବିଂ. ଭୀତିପ୍ରଦ; ଭୟଙ୍କର; ବି. grisliness.

**grist** ବି. ପେଷିବା ନିମନ୍ତେ ଶସ୍ୟ; grist to the mill ଲାଭ ବା ଉପକାରର ଉଦ୍‌ଗମସ୍ଥଳ ।

**gristle** ବି. କଠିନ ନମନୀୟ ତନ୍ତୁ; କୋମଳାସ୍ଥି; ଉପାସ୍ଥି; ବିଂ. gristly.

**grit** 1. ବି. ପ୍ରସ୍ତରକଣା ବା ବାଲୁକଣା, ଯାହା ଚାଳିବାରେ ବା ଯନ୍ତ୍ରପାତିରେ ଅସୁବିଧା କରେ; *କ.ଭା.* ସହିଷ୍ଣୁତା; ସାହସ; 2. କ୍ରି. ରାସ୍ତାରେ ବାଲି ବା ଗଙ୍କୁରୀ ବିଛାଇବା; (ଦାନ୍ତ) କଡ଼ମଡ଼ କରିବା; କର୍କଶ ଶବ୍ଦ କରିବା; ବିଂ. gritty.

**grits** ବି. ବ.ବ. ଖଦଖଦଡ଼ିଆ ଶସ୍ୟଚୂର୍ଣ୍ଣ; କଣ୍ଡା ଯାଇଥିବା ମାତ୍ର ଚୂନା କରାଯାଇନଥିବା ଯବ ।

**grizzle** କ୍ରି. *କ.ଭା.* (ପିଲାପରି) କ୍ରୋଧ ବା ବିରକ୍ତିରେ ଚିତ୍କାର କରିବା ।

**grizzled** ବିଂ. ପକ୍ୱ କେଶ; ଧୂସର ରଙ୍ଗର କେଶ ବିଶିଷ୍ଟ ।

**grizzly** 1. ବିଂ. ଧୂସର ବା ପଳିତ କେଶ; 2. grizzly bear ଧୂସର ଭାଲୁ; ଉତ୍ତର ଆମେରିକାର ଦୀର୍ଘାକୃତି ଭୟଙ୍କର ଭଲ୍ଲୁକ ।

**groan** 1. କ୍ରି. ଯନ୍ତ୍ରଣା ବା ଦୁଃଖ ବ୍ୟଞ୍ଜକ ଚିତ୍କାର କରିବା; ଆର୍ତ୍ତନାଦ କରିବା; ଭାରାକ୍ରାନ୍ତ ବା ଉତ୍ପୀଡ଼ିତ ହେବା; 2. ବି. ଆର୍ତ୍ତନାଦ ।

Digitized by srujanika@gmail.com

**groat** ବି. ଇତି. ପ୍ରାଚୀନ ଚାରିପେନ୍ସ ମୂଲ୍ୟ ବିଶିଷ୍ଟ ରୌପ୍ୟ ମୁଦ୍ରା ।

**groats** ବି. ବ.ବ. ଚୂର୍ଣ୍ଣ ଶସ୍ୟକଣା, ବିଶେଷତଃ ଯବ ଚୂର୍ଣ୍ଣ ।

**grocer** ବି. ତେଜରାତି ଦୋକାନୀ; ମୁଦୀ ।

**grocery** ବି. ମୁଦୀର ବ୍ୟବସାୟ ବା ଦୋକାନ; ତେଜରାତି ଦୋକାନ; ବ.ବ. ତେଜରାତି ଦୋକାନର ଜିନିଷପତ୍ର ।

**grog** ବି. ଜଳମିଶ୍ରିତ ମଦ୍ୟ ।

**groggy** ବିଂ. ମାତାଲ; ଟଳମଳ; କ୍ରି.ବିଂ. groggily; ବି. grogginess.

**grogram** ବି. ରେଶମ, ପଶମ ଆଦିରେ ପ୍ରସ୍ତୁତ ମୋଟା କପଡ଼ା ।

**groin**¹· 1. ବି. ଊରୁସନ୍ଧି; ଉଦର ଓ ଜଙ୍ଘ ମଧ୍ୟବର୍ତ୍ତୀ ନିମ୍ନଭାଗ; ଛାତରେ ଥିବା ଦୁଇ ଖିଲାଣର ପରସ୍ପର ମିଳନ ଯୋଗେ ଉତ୍ପନ୍ନ କୋଣ; 2. କ୍ରି. ଉପର୍ଯୁକ୍ତ ପ୍ରକାରେ କୋଣାକୃତି କରି ଗଢ଼ିବା ।

**groin**²· *ଆମେ. ଦ୍ର.* groyne.

**groom** 1. ବି. ଅଶ୍ୱରକ୍ଷକ; ସହିସ; ବର; ରାଜପରିବାର କୌଣସି ପଦାଧିକାରୀ; 2. କ୍ରି. ସହିସ କାମ କରିବା; (ବ୍ୟକ୍ତି ଆଦିଙ୍କୁ) ଫିଟ୍ ଫାଟ୍ କରି ସଜାଇବା; ( ବ୍ୟକ୍ତି ବିଶେଷଙ୍କୁ) ରାଜନୈତିକ ପ୍ରାର୍ଥୀ ରୂପେ ପ୍ରସ୍ତୁତ କରିବା ।

**groove** 1. ବି. ନାଳୀ; ଖାଲ; ଗ୍ରାମୋଫୋନ୍ ରେକର୍ଡ଼ ଉପରିସ୍ଥ ବର୍ତ୍ତୁଳାକାର କାଟଣି ଯାହା ଉପରଦେଇ କଣ୍ଟାଚାଲେ; ଦୈନିକ କାର୍ଯ୍ୟନିର୍ଘଣ୍ଟ ବା ନିତ୍ୟକର୍ମ; *ସା.ପ୍ର.* କୌଣସି ଉତ୍କୃଷ୍ଟ ବସ୍ତୁ; 2. କ୍ରି. ନାଳୀ କାଟିବା; ଖାଲ କରିବା ।

**groovy** ବିଂ. ନାଳୀ ସମ୍ବନ୍ଧୀୟ; ନାଳୀ ସଦୃଶ; *ସା.ପ୍ର.* ଉତ୍କୃଷ୍ଟ ।

**grope** କ୍ରି. ଅଣ୍ଡାଳିବା; ଅନ୍ଧାରରେ ଦରାଣ୍ଡିବା; grope one's way ବାଟ ଅନୁମାନକରି ଅଗ୍ରସର ହେବା ।

**grosgrain** ବି. ରେଶମ ପ୍ରଭୃତିର ରଜ୍ଜୁ (କର୍ଡ଼) ଜାତୀୟ କପଡ଼ା ।

***gros point*** ବି. କେନ୍‌ଭାସ୍ ବା ପାଲ ଉପରେ ଛବି ସିଲାଇ; ସୂଚୀ ଶିଳ୍ପ । *(ଫ.)*

**gross** 1. ବିଂ. ସାଂଘାତିକ; ଗର୍ହିତ; ସମଗ୍ର, ମୋଟାମୋଟି, ସ୍ଥୂଳ; ଅମାର୍ଜିତ; ଅଶ୍ଳୀଳ; ଅତି ବର୍ଦ୍ଧମାନ (ଉଦ୍ଭିଦାଦି ପକ୍ଷରେ); ନିରସ, ନିସ୍ତେଜ (ଇନ୍ଦ୍ରିୟାଦି ପକ୍ଷରେ); 2. ବି. ଏ.ବ./ ବ.ବ. ବାର ଡଜନ୍ ବା ୧୪୪ ଗୋଟା; 3. କ୍ରି. ମୋଟା ଲାଭ (ଉତ୍ପାଦନରୁ) କରିବା; କ୍ରି.ବିଂ. grossly; ବି. grossness.

**gross domestic product** ବି. କୌଣସି ଦେଶରେ ଏକବର୍ଷ ମଧ୍ୟରେ ଉତ୍ପାଦିତ ଏବଂ ସେବାବିନିଯୁକ୍ତ ମାଲଆସବାବର ମୋଟ ମୂଲ୍ୟ; ମୋଟ ଘରୋଇ ଉତ୍ପାଦନ ।

**gross national product (GNP)** ବି. ମୋଟ ଘରୋଇ ଉତ୍ପାଦନ ସହିତ ବିଦେଶରୁ ଅର୍ଜିତ ବାସ୍ତବ ଆୟର ମୋଟ ପରିମାଣ; ମୋଟ ଜାତୀୟ ଉତ୍ପାଦନ ।

**grotesque** 1. ବିଂ. ହାସ୍ୟୋଦ୍ଦୀପକ କିମ୍ବା ଘୃଣାଜନକ ଭାବରେ ବିକୃତ; ବିରୂପ; ଅସଙ୍ଗତ; 2. ବି. ପତ୍ରଗୁଚ୍ଛଦ୍ୱାରା ମନୁଷ୍ୟ ଓ ପଶୁର ସମନ୍ୱିତ ଆକୃତି ସଜ୍ଜୀକରଣ; ହାସ୍ୟୋଦ୍ଦୀପକ ବିକୃତ ମୂର୍ତ୍ତି ବା ରୂପ; କ୍ରି.ବିଂ. grotesquely; ବି. grotesqueness.

**grotto** ବି. ବ.ବ. grottoes ଗୁହା, କନ୍ଦର; କୃତ୍ରିମ ବା ଅସ୍ୱାଭାବିକ ଗୁହା ।

**grotty** ବିଂ. *ସା.ପ୍ର.* ଅପ୍ରୀତିକର; ମଳିନ; କୁତ୍ସିତ; ଅଦରକାରୀ ।

**grouch** *କ.ଭା.* 1. କ୍ରି. ଅସ୍ପଷ୍ଟ ଭାବରେ ବିରକ୍ତି ବା ଅସନ୍ତୋଷ ପ୍ରକାଶ କରିବା; ଗୁଁଗୁଁ ହେବା; 2. ବି. ବିରକ୍ତି; କ୍ରୋଧୀ ବା ଅସନ୍ତୁଷ୍ଟ ବ୍ୟକ୍ତି ।

**ground**¹· 1. ବି. ଭୂପୃଷ୍ଠ; ଭୂମି; ପଡ଼ିଆ; ଜମି; କୌଣସି ବିଶେଷ ଉଦ୍ଦେଶ୍ୟରେ ସଂରକ୍ଷିତ କ୍ଷେତ୍ର; ଭିତ୍ତି; ମୂଳଦୁଆ; ଚିତ୍ରର ପୃଷ୍ଠଭୂମି; ବ.ବ. ଗୃହ ସଂଲଗ୍ନ ଆବଦ୍ଧ କ୍ଷେତ୍ର ବା ଭୂମି; ବ.ବ. କାଣ୍ଟି, ବିଶେଷତଃ ପାନୀୟ କଫିର; ଚିତ୍ରରେ ବ୍ୟବହୃତ ପ୍ରଧାନ ରଙ୍ଗ; ବୈଦ୍ୟୁତିକ ଭୂମି ସଂଯୋଜକ; ସମୁଦ୍ରର ତଳଦେଶ; ଗୃହ ପ୍ରଭୃତିର ମେଝିଆ; 2. କ୍ରି. ତଳକୁ ଖସାଇ ଦେବା; ଭୂପୃଷ୍ଠରେ ଅବତରଣ କରିବା; (ଚିତ୍ର ପ୍ରଭୃତିର) ପୃଷ୍ଠଭୂମି ପ୍ରସ୍ତୁତ କରିବା; ସଂପୂର୍ଣ୍ଣ ରୂପେ ଶିକ୍ଷା ଦେବା; ଭିତ୍ତି ଉପରେ ସ୍ଥାପନ କରିବା; 3. ବିଂ. (ଜୀବଜନ୍ତୁ ସଂପର୍କରେ) ଭୂପୃଷ୍ଠୀୟ; (ଉଦ୍ଭିଦ ସଂପର୍କରେ) ଅଚ୍ଛୋଟ, ଲତାଳିଆ; break new ground କୌଣସି ବିଷୟ ପ୍ରଥମଥର ପାଇଁ ବର୍ଣ୍ଣନ ବା ଆଲୋଚନା କରିବା; cover the ground କୌଣସି ବିଷୟ ବିସ୍ତୃତ ଭାବରେ ଆଲୋଚନା କରିବା; fall to the ground ନିଷ୍ଫଳ

Digitized by srujanika@gmail.com

ବା ବ୍ୟର୍ଥ ହେବା; get off the ground ସଫଳ ଭାବରେ ଆରମ୍ଭ କରିବା; give (lose) ground ହଟିଯିବା; ବାଟ ଛାଡ଼ିଦେବା; go to ground (କୋକିଶିଆଳି) ବିଲରେ ପଶିବା; (ବ୍ୟକ୍ତି) ସର୍ବସାଧାରଣଙ୍କ ଦୃଷ୍ଟିରୁ ଅପସରିଯିବା; hold one's ground ନିଜର ମତରେ ଅଟଳ ବା ଦୃଢ଼ ରହିବା; ନ ହଟିବା ।

**ground²** *କ୍ରି.* grindର *ଅ.କା.*, *ଅ.କ୍ରି.ଜ.ପ.।*

**ground floor** ବି. ତଳ (ଭୂମି ସଂଲଗ୍ନ) ମହଲା ।

**ground glass** ବି. ଘର୍ଷଣ ଦ୍ୱାରା ଅସ୍ୱଚ୍ଛ କରା ହୋଇଥିବା କାଚ; ଗୁଣ୍ଡକାଚ୍ ।

**grounding** ବି. କୌଣସି ବିଷୟରେ ମୌଳିକ ଶିକ୍ଷା ବା ତାଲିମ୍ ।

**groundless** ବିଂ. ଉଦ୍ଦେଶ୍ୟହୀନ, ଭିତ୍ତିହୀନ ।

**groundnut** ବି. ଚିନାବାଦାମ ।

**ground-plan** ବି. ପ୍ରସାଦର ଭୂପୃଷ୍ଠସ୍ତରର ନକ୍ସା; ଯୋଜନାର ସାଧାରଣ ରୂପରେଖ ।

**ground-rent** ବି. ଘର ପାଇଁ ପଟ୍ଟା ଦିଆଯାଇଥିବା ଜମିର ଖଜଣା ।

**groundsheet** ବି. ଭୂମିକୁ ଆଚ୍ଛାଦିତ କରିବା ପାଇଁ ଜଳନିରୋଧକ ଚାଦର ।

**groundsman** ବି. ଖେଳପଡ଼ିଆର ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ।

**ground speed** ବି. ବ୍ୟୋମଯାନର ଭୂପୃଷ୍ଠ–ବେଗ ।

**ground swell** ବି. ଭୂକମ୍ପ ବା ତୋଫାନ ଜନିତ ସମୁଦ୍ର–ସ୍ଫୀତି ।

**groundwater** ବି. ଭୂପୃଷ୍ଠସ୍ଥ ମୃତ୍ତିକାରେ ପ୍ରାପ୍ତ ଜଳ ।

**groundwork** ବି. ମୌଳିକ ବା ପ୍ରାଥମିକ କାର୍ଯ୍ୟ ।

**group** 1. ବି. ସମଧର୍ମୀ କେତେକ ବ୍ୟକ୍ତି ବା ବସ୍ତୁର ସମାବେଶ; ଗୋଷ୍ଠୀ; ଦଳ; ଜଣେ ମାଲିକଙ୍କ ଅଧୀନରେ ଥିବା କେତେକ ବ୍ୟବସାୟିକ ପ୍ରତିଷ୍ଠାନ; ଲୋକପ୍ରିୟ ସଂଗୀତ ଦଳ; ମଣ୍ଡଳୀ; ଆକାଶ ବାହିନୀର ବିଭାଗ; 2. *କ୍ରି.* ଦଳବଦ୍ଧ କରିବା; ବିନ୍ୟାସ କରିବା ।

**group captain** ବି. ଏଆର କମୋଡ଼ରଙ୍କ ତଳ ପାହ୍ୟା ବିମାନ ବାହିନୀ କର୍ମଚାରୀ ।

**grouse¹** ବି. ଲୋମଯୁକ୍ତ ପାଦବିଶିଷ୍ଟ ଶିକାରଯୋଗ୍ୟ ପକ୍ଷୀ ବିଶେଷ; କୁକୁଡ଼ା ଜାତୀୟ ପକ୍ଷୀ ବିଶେଷ; ଖାଦ୍ୟରୂପେ ବ୍ୟବହୃତ ହେଉଥିବା ଉକ୍ତ ପକ୍ଷୀର ମାଂସ ।

**grouse²** *କ.ଭା.* 1. *କ୍ରି.* ଅସ୍ପଷ୍ଟ ଭାବରେ ଅସନ୍ତୋଷ ପ୍ରକାଶ କରିବା; 2. ବି. ଅଭିଯୋଗ; ଅସ୍ପଷ୍ଟ ଅସନ୍ତୋଷ ପ୍ରକାଶ ।

**grove** ବି. ଉପବନ, ତୋଟା ।

**grovel** *କ୍ରି.* ଦୟନୀୟଭାବେ ତଳେ ଘୁଷୁରିବା; ସମ୍ପୂର୍ଣ୍ଣ ବଶ୍ୟତା ସ୍ୱୀକାର କରିବା ।

**grovelling** ବିଂ. ନୀଚମନା; ଅଧମ ।

**grow** *କ୍ରି. ଅ.କା.* grew *ଅ.କ୍ରି.ଜ.ପ.* grown (ଆକାର, ଉଚ୍ଚତା, ପରିମାଣ, ଗଭୀରତା ପ୍ରଭୃତି) ବଢ଼ିବା, କ୍ରମେ କ୍ରମେ ଉନ୍ନତି କରିବା; ଉନ୍ନତ ହେବା; ଚାଷଦ୍ୱାରା ଉତ୍ପନ୍ନ ହେବା; ଫୁଲି ଉଠିବା; ଜନ୍ମ ହେବା; ଅଙ୍କୁରିତ ହେବା; ବୟସରେ ବଢ଼ିବା; ଅଧିକ ହେବା; ତୃଣ ପ୍ରଭୃତିଦ୍ୱାରା ଆବୃତ ହେବା; ଉତ୍ପାଦନ କରିବା; grow on ଆକର୍ଷଣୀୟ ହେବା; ଅଧିକ ପ୍ରଭାବଶାଳୀ ହେବା ।

**grower** ବି. ଉତ୍ପାଦନକାରୀ (ବିଶେଷତଃ ଫଳ ପ୍ରଭୃତିର); ନିର୍ଦ୍ଦିଷ୍ଟ ପ୍ରଣାଳୀରେ ବିଶେଷ ଭାବରେ ବଢୁଥିବା ଉଦ୍ଭିଦ ।

**growl** 1. ବି. କ୍ରୋଧ ବା ଅସନ୍ତୋଷ ପ୍ରକାଶ; ଅସନ୍ତୁଷ୍ଟ ବା କ୍ରୋଧାନ୍ୱିତ ବ୍ୟକ୍ତିର ଗଁ ଗଁ ଶବ୍ଦ; ଅଭିଯୋଗ; 2. *କ୍ରି.* ରାଗରେ ଅସ୍ପଷ୍ଟ ଗର୍ଜନ କରିବା; କ୍ରୋଧରେ ଗଁଗଁ ହେବା; କର୍କଶ ଭାବରେ କହିବା; growl out ଗର୍ଜନରେ ପ୍ରକାଶ କରିବା ।

**grown** *କ୍ରି.* growର *ଅ.କ୍ରି.ଜ.ପ.।*

**grown-up** ବିଂ. *ଓ* ବି. ବୟଃପ୍ରାପ୍ତ; ବୟଃପ୍ରାପ୍ତ ବ୍ୟକ୍ତି ।

**growth** ବି. ବୃଦ୍ଧି; କ୍ରମବିକାଶ; ଉତ୍ପତ୍ତି; ଉତ୍ପନ୍ନ ବସ୍ତୁ; ଫସଲ; ଆକୃତି ଓ ମୂଲ୍ୟ ପ୍ରଭୃତିର ବର୍ଦ୍ଧନ ।

**groyne** ବି. ସମୁଦ୍ର କୂଳକୁ ରକ୍ଷାକରିବା ପାଇଁ କାଠ ପ୍ରଭୃତିରେ ତିଆରି ହୋଇଥିବା ବନ୍ଧ ।

**grub** 1. ବି. ଲାର୍ଭା, ଅଣ୍ଡଜ କୀଟ; *ସା.ପ୍ର.* ଆହାର; 2. *କ୍ରି.* ଉପରୁ ଉପରୁ ଖୋଳିବା; ଖୋଳି (ଚେର ପ୍ରଭୃତି) ଉପାଡ଼ି ଦେବା, ଖୋଳି ବାହାର କରିବା ।

**grubby** ବିଂ. ଅପରିଷ୍କାର; କୀଟାଣୁ ପୂର୍ଣ୍ଣ; *କ୍ରି.ବିଂ.* grubbily; ବି. grubbiness.

**grudge** 1. *କ୍ରି.* ଦେବାକୁ ବା ସ୍ୱୀକାର କରିବାକୁ କୁଣ୍ଠିତ ହେବା; 2. ବି. ଅସନ୍ତୋଷ, କ୍ଷୋଭ; ବୈରଭାବ ।

Digitized by srujanika@gmail.com

**gruel** ବି. ଯଅ ବା ଚାଉଳର ଅଟକାଳି, ପେଜ, ଯାଉ।

**gruelling** ବିଂ. କ୍ଲାନ୍ତିଦାୟକ।

**gruesome** ବିଂ. ଭୀଷଣ; ବିରକ୍ତିକର।

**gruff** ବିଂ. (ସ୍ୱର ସଂପର୍କୀୟ) ନିମ୍ନ ଓ କର୍କଶ; ଏଭଳି ସ୍ୱର ସମ୍ପନ୍ନ (ବ୍ୟକ୍ତି); ରୁକ୍ଷ।

**grumble** 1. କ୍ରି.ଅସନ୍ତୋଷରେ ଗରଗର ହେବା; ଅସ୍ପଷ୍ଟ ସ୍ୱରରେ ଅସନ୍ତୋଷ ବା ବିରକ୍ତି ପ୍ରକାଶ କରିବା; ଅସନ୍ତୁଷ୍ଟ ହେବା; ଆପତ୍ତି ବା ଅଭିଯୋଗ କରିବା; 2. ବି. ଅସନ୍ତୋଷସୂଚକ କାର୍ଯ୍ୟ ବା କଥନ।

**grumpy** ବିଂ. ବିଷଣ୍ଣ ଓ ଚିଡ଼ା ପ୍ରକୃତି ବିଶିଷ୍ଟ; କ୍ରି.ବି. grumpily; ବି. grumpiness.

**grunt** 1. ବି. ଘୁଷୁରିର ଅସ୍ପଷ୍ଟ ଘୁଁତ୍ ଘୁଁତ୍ ଶବ୍ଦ; 2. କ୍ରି. ଘୁଷୁରି ପରି ଶବ୍ଦ କରିବା; ଅସ୍ପଷ୍ଟ ଓ କର୍କଶ ସ୍ୱରରେ ଅଭିଯୋଗ, ଅସନ୍ତୋଷ ପ୍ରଭୃତି ପ୍ରକାଶ କରିବା।

**gryphon** *ଦ୍ର.* griffin.

**G–string** ବି. କୌପୀନ; ବେହେଲା ପ୍ରଭୃତି ବାଦ୍ୟଯନ୍ତ୍ରର ତାର; 'ଜି' ସ୍ୱର ବିଶିଷ୍ଟ ତାର।

**guarantee** 1. ବି. ନିର୍ଭରୋକ୍ତି; ଜାମିନ୍; ଜାମିନ୍‌ଦାର; ଜାମିନ ଦିଆଯାଇଥିବା ବସ୍ତୁ; ଜାମିନଦାତା; 2. କ୍ରି. ଜାମିନ ଦେବା ବା ଜାମିନଦାର ହେବା; (ଋଣ ପରିଶୋଧ ଆଦି) ପାଇଁ ଦାୟୀ ରହିବା; କୌଣସି ଘଟଣା ସଂପର୍କରେ ଦୃଢ଼ଭାବରେ କହିବା।

**guarantor** ବି. ଜାମିନ ଦାତା; ଜାମିନଦାର; ଦାୟିତ୍ୱବହନକାରୀ।

**guaranty** ବି. ଋଣ ବା ପୂର୍ବଦେୟ ପରିଶୋଧ ନିମିତ୍ତ ଲିଖିତ ଚୁକ୍ତିପତ୍ର ବା ରାଜିନାମା; ନିରାପତ୍ତା ଦାୟିତ୍ୱର ଅଙ୍ଗୀକାର; ଜାମିନ୍।

**guard** 1. କ୍ରି. ଦୃଷ୍ଟି ରଖିବା ଓ ରକ୍ଷାକରିବା; ପହରା ଦେବା; ସତର୍କ ହେବା; ଚିନ୍ତା ଓ ବାକ୍ୟାବଳୀକୁ ସତର୍କତାର ସହ ପ୍ରକାଶ କରିବା; ସାବଧାନ ହେବା; 2. ବି. ରକ୍ଷକ; ପ୍ରହରୀ; ସତର୍କତା; ବିଭିନ୍ନ ପରିସ୍ଥିତିରେ ଆତ୍ମରକ୍ଷାମୂଳକ ଅବସ୍ଥାନ; ରେଳଗାଡ଼ିର ତତ୍ତ୍ୱାବଧାରକ; ଅନିଷ୍ଟ ବା ଦୁର୍ଘଟଣା ପ୍ରଭୃତିରୁ ରକ୍ଷାକାରୀ କୌଶଳ ବା ଉପାୟ; on (off) one's guard‑ ଆକ୍ରମଣର ପ୍ରତିରୋଧ ପାଇଁ ପ୍ରସ୍ତୁତ (ଅପ୍ରସ୍ତୁତ)।

**guarded** ବିଂ. ସାବଧାନ; ସତର୍କ।

**guardhouse** ବି. ପ୍ରହରୀର ଘର; ସିପାହୀ–ମାନଙ୍କର ହାଜତ ଘର।

**guardian** ବି. ରକ୍ଷକ; ପ୍ରତିପାଳକ; ଅଭିଭାବକ; ଗାର୍ଜେନ୍; ବିଂ. guardianship.

**guardroom** ବି. ରକ୍ଷୀ ଗୃହ ରୂପେ ବ୍ୟବହୃତ କୋଠରୀ।

**guardsman** ବି. ରକ୍ଷୀ ସୈନ୍ୟଦଳର ସଦସ୍ୟ; ଶରୀର ରକ୍ଷୀ।

**guava** ବି. ପିଜୁଳି ବା ଚାଉଳିଆ ଗଛ; ଏହାର ଫଳ।

**gubbins** ବି. ଯାନ୍ତ୍ରିକ ଉପକରଣ।

**gubernatorial** ବିଂ. ବିଶେ. *ଆମେ.* ରାଜ୍ୟପାଳ ସମ୍ବନ୍ଧୀୟ।

**gudgeon**[1] ବି. ବନ୍‌ସୀକଣ୍ଟାରେ ଥୋପ ଦେବା ପାଇଁ ବ୍ୟବହୃତ ହେଉଥିବା ଏକ ଜାତୀୟ ଛୋଟ ଛୋଟ ମାଛ; ପ୍ରତାରଣାପ୍ରବଣ, ସରଳବିଶ୍ୱାସୀ ଲୋକ।

**gudgeon**[2] ବି. ସୂକ୍ଷ୍ମାଗ୍ର କୀଳକ, ଏକପ୍ରକାର ଧାତୁନିର୍ମିତ କଣ୍ଟା।

**guerrilla** ବି. ଗରିଲା; ଗରିଲା ଯୁଦ୍ଧ, କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତ ହୋଇ ସ୍ୱାଧୀନ ଭାବରେ ନିୟମ ବିହୀନ ଯେଉଁ ଯୁଦ୍ଧ କରାଯାଏ; ଏହି ଯୁଦ୍ଧରେ ନିଯୋଜିତ ବ୍ୟକ୍ତି।

**guess** 1. କ୍ରି. ଅନୁମାନ କରିବା; କୌଣସି ଗଣନା ବା ମାପଚୁପ ନ କରି ଅଟକଳ କରିବା; (ପ୍ରହେଳିକା ପ୍ରଭୃତିର) କଳ୍ପନା କରିବା; ଠିକ୍ ରୂପେ ବିବେଚନା କରିବା; 2. ବି. ଅନ୍ଦାଜ; କଳ୍ପନା; ଅନୁମାନ; ଅଟକଳ; guess at କୌଣସି ବିଷୟରେ ଅନୁମାନ ବା କଳ୍ପନା କରିବା।

**guesswork** ବି. ଅନୁମାନ କରି କରାହୋଇଥିବା କାର୍ଯ୍ୟ।

**guest** ବି. ଅତିଥି; ନିମନ୍ତ୍ରିତ ବ୍ୟକ୍ତି; ହୋଟେଲ ପ୍ରଭୃତିରେ ବାସକରୁଥିବା ଲୋକ।

**guest–house** ବି. ଅତିଥି ଭବନ।

**guff** ବି. *ସା.ପ୍ର.* ଫମ୍ପା କଥା; ଅବାନ୍ତର କଥା।

**guffaw** 1. ବି. ଅଟ୍ଟହାସ୍ୟ; ଠୋଠୋ ହସ; 2. କ୍ରି. ହଠାତ୍ ହୋହୋ ହୋଇ ... ସ୍ୱରରେ ହସିବା।

**guidance** ବି. ପଥପ୍ରଦର୍ଶନ; ପରିଚାଳନା; ଉପଦେଶ; ପରାମର୍ଶ।

Digitized by srujanika@gmail.com

**guide** 1. ବି. ମାର୍ଗ ନିର୍ଦ୍ଦେଶକ; ପର୍ଯ୍ୟଟକ ମାନଙ୍କୁ ବିଭିନ୍ନ ସ୍ଥାନ ଦେଖାଇବା ବୃତ୍ତିଜୀବୀ; ଉପଦେଷ୍ଟା; ଗତି ବା କାର୍ଯ୍ୟ ପରିଚାଳକ (ବ୍ୟକ୍ତି ବା ବସ୍ତୁ); ଭ୍ରମଣକାରୀର ଦିଗ୍‌ଦର୍ଶନ ପୁସ୍ତକ; ଶିକ୍ଷାର୍ଥୀଙ୍କର ଜ୍ଞାତବ୍ୟ ବିଷୟ ସମ୍ବଳିତ ପୁସ୍ତକ; ଗତି ନିର୍ଦ୍ଦେଶକ ଦଣ୍ଡ; Guide ସ୍କାଉଟ୍ ପରି, ବାଳିକାମାନଙ୍କର ଏକ ସଂସ୍ଥାର ସଭ୍ୟା, ସେବିକା ବାହିନୀ; 2. କ୍ରି. ପଥ ଦେଖାଇନେବା; ପରିଚାଳିତ କରିବା; ପରାମର୍ଶ ଦେବା; ନିୟନ୍ତ୍ରଣ କରିବା।

**guidebook** ବି. ପର୍ଯ୍ୟଟକମାନଙ୍କ ପାଇଁ ସୂଚନା ପୁସ୍ତକ ବା ଦିଗ୍‌ଦର୍ଶନ ପୁସ୍ତକ।

**guided missile** ବି. ଦୂରରୁ ନିୟନ୍ତ୍ରଣ କରାଯାଉଥିବା କ୍ଷେପଣାସ୍ତ୍ର।

**guide line** ବି. ନିର୍ଦ୍ଦେଶକ ନିୟମାବଳୀ।

**Guider** ବି. ବାଳିକା ଗାଇଡ୍‌ମାନଙ୍କର ବୟସ୍କ ପଥପ୍ରଦର୍ଶିକା ବା ନେତ୍ରୀ।

**guild** ବି. ପରସ୍ପର ସାହାଯ୍ୟକାରୀ ସଂସ୍ଥା ବା ସମାନ ଆଭିମୁଖ୍ୟ ନେଇ ଗଠିତ ସମିତି; ମଧ୍ୟଯୁଗୀୟ ବ୍ୟବସାୟୀ ଓ ଶିଳ୍ପୀମାନଙ୍କର ସଂଗଠନ।

**guilder** ବି. ନେଦରଲେଣ୍ଡ୍‌ସର ମୁଦ୍ରା।

**guildhall** ବି. ସାଧାରଣ ସଭାଗୃହ।

**guile** ବି. କପଟତା; ଧୂର୍ତ୍ତତା; ଶଠତା; ବିଶ୍ୱାସଘାତକତା; ବିଂ. guileful; ବି. guileless.

**guillotine** 1. ବି. ଗିଲୋଟିନ୍; ମୁଣ୍ଡକାଟିବାର ବିଶେଷ ଯନ୍ତ୍ର; ଛାପାଖାନାରେ କାଗଜ କାଟିବା ଯନ୍ତ୍ର; ଧାତବ ପଦାର୍ଥ କାଟିବା ଯନ୍ତ୍ର; ପାର୍ଲିଆମେଣ୍ଟରେ କୌଣସି ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନାର ସଂକ୍ଷେପଣ ପ୍ରଣାଳୀ; 2. କ୍ରି. ଶିରଶ୍ଛେଦନ ଯନ୍ତ୍ର ଦ୍ୱାରା ମସ୍ତକ କାଟିବା; ସମୟ ନିର୍ଦ୍ଦିଷ୍ଟ କରି ସଂକ୍ଷେପଣ କରିବା।

**guilt** ବି. ଅପରାଧ; ଦଣ୍ଡଯୋଗ୍ୟ ଆଚରଣ; ମାନସିକ ଅପରାଧବୋଧ।

**guiltless** ବିଂ. ନିର୍ଦ୍ଦୋଷ; ନିରୀହ।

**guilty** ବିଂ. ଦୋଷଯୁକ୍ତ; ଅପରାଧୀ; ଦୋଷୀ ମନୋଭାବ ସଂପନ୍ନ।

**guinea** ବି. ଇତି. ଇଂଲଣ୍ଡରେ ପୂର୍ବେ ପ୍ରଚଳିତ ହେଉଥିବା ସ୍ୱର୍ଣ୍ଣ ମୁଦ୍ରା, ୧.୦୫ ପାଉଣ୍ଡ ମୂଲ୍ୟ ବିଶିଷ୍ଟ ମୁଦ୍ରା ବିଶେଷ; ପ୍ରଥମେ ଆଫ୍ରିକା ସହ ବାଣିଜ୍ୟ କାରବାର ପାଇଁ ପ୍ରଚଳିତ ବ୍ରିଟିଶ ସ୍ୱର୍ଣ୍ଣମୁଦ୍ରା।

**guinea-fowl** ବି. ଗିନି ଦେଶୀୟ ଗୃହପାଳିତ କୁକୁଡ଼ା।

**guinea-pig** ବି. ଦକ୍ଷିଣ ଆମେରିକାର ଲାଞ୍ଜହୀନ ଛୋଟ ମୂଷା (ଏହାକୁ ବ୍ୟବହାର କରି ପ୍ରାଣୀବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଗବେଷଣା କରାଯାଏ); ବୈଜ୍ଞାନିକ ଗବେଷଣାରେ ବ୍ୟବହୃତ ବ୍ୟକ୍ତି।

**guise** ବି. ଛଳନା; ବାହ୍ୟ ଆକୃତି; ଛଦ୍ମ ବେଶ, ଚାଲିଚଳନ ଓ ରୂପ ପ୍ରଭୃତି।

**guitar** ବି. ଷଡ୍‌ତନ୍ତ୍ରୀ ଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ; ଗୀଟାର୍; ବି. guitarist.

**gulf** ବି. ଉପସାଗର; ଗଭୀର ଗର୍ତ୍ତ; ଜଳାବର୍ତ୍ତ ବା ଭଉଁରୀ; ଅତ୍ୟନ୍ତ ମତଭେଦ; ଅତ୍ୟଧିକ ବ୍ୟବଧାନ।

**Gulf Stream** ବି. ମେକ୍ସିକୋ ଉପସାଗରରୁ ୟୁରୋପ ପର୍ଯ୍ୟନ୍ତ ବିସ୍ତୃତ ଉଷ୍ଣ ସ୍ରୋତ।

**gull**[1] ବି. ଦୀର୍ଘ ପକ୍ଷ ଓ ଜାଲିପଦ ବିଶିଷ୍ଟ ସାମୁଦ୍ରିକ ପକ୍ଷୀ ବିଶେଷ।

**gull**[2] *ପ୍ରା.ପ୍ର.* 1. ବି. ସହଜରେ ପ୍ରତାରିତ ବା ପ୍ରବଞ୍ଚିତ ହେବା ବ୍ୟକ୍ତି; ମୂର୍ଖ; ବୋକା; 2. କ୍ରି. ଠକିବା; ପ୍ରତାରିତ କରିବା।

**gullet** ବି. ଆଦ୍ୟନଳୀ; ଗଳନାଳୀ (ମୁହଁଠାରୁ ପାକସ୍ଥଳୀ ପର୍ଯ୍ୟନ୍ତ ବିସ୍ତୃତ)।

**gullible** ବିଂ. ସହଜରେ ପ୍ରବଞ୍ଚିତ ବା ପ୍ରତାରଣୀୟ; ବି. gullibility.

**gully** ବି. ଜଳସ୍ରୋତଦ୍ୱାରା ସୃଷ୍ଟ ନାଳ; ନର୍ଦ୍ଦମା; ଖାତ; କ୍ରିକେଟ ଖେଳରେ କ୍ଷେତ୍ର ରକ୍ଷଣର ସ୍ଥାନ ବିଶେଷ।

**gulp** 1. କ୍ରି. ଏକାବେଳକେ ଗିଳିଦେବା; ଅଧିକ ଲୋଭରେ ଚଞ୍ଚଳ ଚଞ୍ଚଳ ଗିଳିପକାଇବା; ଢୋକିବା; ବହୁତ କଷ୍ଟରେ ଲୁହ ଚାପିଦେବା; ଶ୍ୱାସରୁଦ୍ଧ ହେବା; ଧଇଁସଇଁ ହେବା; 2. ବି. ଏକ ଗ୍ରାସ ବା ଢୋକ।

**gum**[1] 1. ବି. ଅଠା; ବୃକ୍ଷର ନିର୍ଯ୍ୟାସ (*ସା.* ଅଠାରୂପେ ବ୍ୟବହୃତ); କଳରେ ଜାକିବା ମିଠାଇ ବା ଚୁଇଂଗମ୍; 2. କ୍ରି. ଅଠାଦ୍ୱାରା ଯୋଡ଼ିବା; ଅଠା ଲଗାଇବା; 3. gum-tree ଅଠା ବାହାର କରୁଥିବା ଗଛ, ବିଶେଷତଃ ଇଉକାଲିପ୍‌ଟସ୍ ବୃକ୍ଷ।

**gum**[2] ବି. *ସା.ବ.ବ.* ଦାନ୍ତ ମାଢ଼ି।

Digitized by srujanika@gmail.com

**gumboil** ବି. ଦାନ୍ତମୂଳର ଘା' ବା ଷୋଟକ।
**gumboot** ବି. ରବରର ବୁଟ୍ ଜୋତା।
**gummy**[1] ବିଂ. ଅଠାଳିଆ; ଲାଖିରହୁଥିବା।
**gummy**[2] ବିଂ. ଦନ୍ତବିହୀନ।
**gumption** ବି. *କ.ଭା.* ସାଧାରଣ ବୁଦ୍ଧି; ନୂଆ କାର୍ଯ୍ୟ କରିବାପାଇଁ ପ୍ରବୃତ୍ତି।
**gun** 1. ବି. ବନ୍ଧୁକ, ତୋପ, କମାଣ ପ୍ରଭୃତି ନଳୀବିଶିଷ୍ଟ ବିସ୍ଫୋରକ ଅସ୍ତ୍ର; ଶିକାରୀ ଗୋଷ୍ଠୀର ସଭ୍ୟ; କୌଣସି ବିଷୟରେ ପ୍ରଖ୍ୟାତ ବ୍ୟକ୍ତି; 2. କ୍ରି. ଗୁଳି ଚଳାଇବା; ବନ୍ଧୁକ ଫୁଟାଇବା; ଗତି ବେଗ ବଢ଼ାଇବା; **at gunpoint** ବନ୍ଧୁକ ମୁନରେ (ଭୟଭୀତ କରାଇ); **be gunning for** ଆକ୍ରମଣ ବା ଭର୍ତ୍ସନା କରିବାପାଇଁ ଖୋଜି ବୁଲିବା; **(go) going great guns** ଶକ୍ତି ଓ ସାହସର ସହ କାର୍ଯ୍ୟକରି ସଫଳତା ଦିଗରେ ଆଗେଇ ଯିବା; **stick to one's guns** ନିଜର ସ୍ଥିତି ବଜାୟ ରଖିବା।
**gunboat** ବି. କମାଣବାହୀ କ୍ଷୁଦ୍ର ଜାହାଜ।
**gunboat diplomacy** ବି. ଭୀତିପ୍ରଦର୍ଶନମୂଳକ କୂଟନୀତି।
**gunfire** ବି. ଗୁଳିଚାଳନା; ବନ୍ଧୁକ ଫୁଟାଇବା।
**gunman** ବି. ବନ୍ଧୁକଧାରୀ।
**gun-metal** ବି. ବନ୍ଧୁକ ନିର୍ମାଣ ନିମନ୍ତେ ପୂର୍ବେ ବ୍ୟବହାର ହେଉଥିବା ମିଶ୍ରିତ ଧାତୁ।
**gunnel** ଦ୍ରଷ୍ଟ. gunwale.
**gunner** ବି. କମାଣ ବାହିନୀର ସୈନିକ; ଅସ୍ତ୍ରଶସ୍ତ୍ର ତତ୍ତ୍ୱାବଧାରକ ସୈନିକ; ଯୁଦ୍ଧ ଜାହାଜର ତୋପ ଆଦିର ଦାୟିତ୍ୱରେ ଥିବା କର୍ମଚାରୀ; ଆକାଶମାର୍ଗରୁ ବନ୍ଧୁକଚାଳନାକାରୀ।
**gunnery** ବି. ତୋପପ୍ରଭୃତିର ନିର୍ମାଣ ଓ ପରିଚାଳନା; ତୋପ ବା ବନ୍ଧୁକ ଚାଳନା।
**gunny** ବି. ମୋଟା ଖୋଟ ବସ୍ତ୍ର; ଏଥିରେ ତିଆରି ଅଖା ବା ଥଳି।
**gunpowder** ବି. ବାରୁଦ।
**gunroom** ବି. ଯୁଦ୍ଧ ଜାହାଜରେ କନିଷ୍ଠ ଅଫିସର୍‌ମାନଙ୍କର କକ୍ଷ; ଘରେ ବନ୍ଧୁକ ପ୍ରଭୃତି ରଖା ଯିବା କୋଠରୀ।
**gun-running** ବି. ବନ୍ଧୁକ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରର ସଙ୍ଗଠିତ ଚୋରା କାରବାର; ବି. gun runner.
**gunshot** ବି. ନିକ୍ଷିପ୍ତ ଗୁଳି ବା ତୋପଗୁଳାର ଦୂରତ୍ୱ ଅର୍ଥାତ୍ ଯେତେ ଦୂର ପର୍ଯ୍ୟନ୍ତ ତୋପ ଗୁଳା ଯାଇପାରିବ; ଗୁଳିମାଡ଼।
**gunsmith** ବି. ଛୋଟ ଆଗ୍ନେୟାସ୍ତ୍ର ପ୍ରଭୃତିର ନିର୍ମାତା ବା ମରାମତିକାରୀ।
**gunwale** ବି. ନୌକା ବା ଜାହାଜର ପାର୍ଶ୍ୱଭାଗର ଉପରଧାର।
**gurgle** 1. ବି. ବୋତଲ ମଧ୍ୟରୁ ଜଳ ପଡ଼ିବା ବେଳର ଧ୍ୱନି ପରି ଗଦ୍‌ଗଦ୍ ଶବ୍ଦ; 2. କ୍ରି. ଏହିପରି ଶବ୍ଦ କରିବା; କଳ୍‌କଳ୍ କରି ବହିବା; କୁଳି କରିବା।
**Gurkha** ବି. *ଭା.* ନେପାଳର ପ୍ରଧାନ ହିନ୍ଦୁଜାତି।
**guru** ବି. ଗୁରୁ, ପ୍ରଭାବଶାଳୀ ଓ ସମ୍ମାନାସ୍ପଦ ଶିକ୍ଷକ; କୌଣସି ଧର୍ମ ସଂପ୍ରଦାୟର ମୁଖ୍ୟ।
**gush** 1. ବି. (ତରଳ ପଦାର୍ଥର) ବେଶୀ ପରିମାଣରେ, ଅତି ବେଗରେ ବା ହଠାତ୍ ନିର୍ଗମନ; ଭାବର ଉଲ୍ଲାସ ବା ଆବେଗ; 2. କ୍ରି. ଅତି ବେଗରେ ନିର୍ଗତ ହେବା; ପ୍ରଚୁର ପରିମାଣରେ ନିର୍ଗତ କରାଇବା; ଆବେଗପୂର୍ଣ୍ଣ ଭାବରେ କହିବା।
**gusher** ବି. ଯେ ନିଃସୃତ କରେ ବା ଯହିଁରୁ ନିଃସୃତ ହୁଏ; ଅତିରିକ୍ତ ଭାବୁକ ବ୍ୟକ୍ତି; ବିନା ପମ୍ପରେ ତୈଳ ନିର୍ଗମନ କରୁଥିବା ତୈଳକୂପ।
**gusset** ବି. ଲୁଗାରେ ପଡ଼ୁଥିବା ତାଳି; ଲୁହା ବ୍ରାକେଟ୍।
**gust** 1. ବି. ଆକସ୍ମିକ ପ୍ରବଳ ବାୟୁ ପ୍ରବାହ; ଆକସ୍ମିକ ପ୍ରଚଣ୍ଡ ବୃଷ୍ଟିପାତ, ଧୂମ ଉଦ୍‌ଗୀରଣ ବା ଭାବୋଲ୍ଲାସ; 2. କ୍ରି. ହଠାତ୍ ପ୍ରଚଣ୍ଡ ବେଗରେ ବର୍ଷିବା, ଭାବୋଲ୍ଲାସ ପ୍ରକାଶ କରିବା, ଧୂଆଁ ବାହାରିବା ଇତ୍ୟାଦି; ବିଂ. gusty.
**gustatory** ବିଂ. ଆସ୍ୱାଦନ ବା ସ୍ୱାଦ ସମ୍ବନ୍ଧୀୟ।
**gusto** ବି. ପ୍ରବଳ ଆଗ୍ରହ, କାର୍ଯ୍ୟ ସଂପାଦନ ଲାଗି ଆନନ୍ଦ।
**gut** 1. ବି. ପେଟର ଅନ୍ତ; ବ.ବ.ରେ ମୁଖଠାରୁ ଗୁହ୍ୟ ଦ୍ୱାର ପର୍ଯ୍ୟନ୍ତ ନାଡ଼ୀସମୂହ ବା ତହିଁରୁ କୌଣସି ଅଂଶ; ସାହସ, ଦୃଢ଼ନିଶ୍ଚୟ ଓ ଅଧ୍ୟବସାୟ; କୌଣସି ପଦାର୍ଥର ବା ପୃଥିବୀର ଆଭ୍ୟନ୍ତର ପ୍ରଦେଶ; *ସା.ପ୍ର.* ପେଟ; *କ.ଭା.* ବେହେଲା ପ୍ରଭୃତି ବାଦ୍ୟଯନ୍ତ୍ର ଓ ଅସ୍ତ୍ରଚିକିତ୍ସାରେ ବ୍ୟବହାର ନିମିତ୍ତ ପଶୁମାନଙ୍କର ଅନ୍ତରୁ ପ୍ରସ୍ତୁତ ତନ୍ତ୍ରୀ ବା ତାର, ବନ୍ସୀ ସୂତା; ବ.ବ. ବିଷୟ

Digitized by srujanika@gmail.com

ସୂଚୀ; 2. ବିଂ. ପ୍ରବୃତ୍ତିସୁଲଭ (a gut reaction); ମୌଳିକ (a gut issue); 3. କ୍ରି. ରନ୍ଧନ ନିମିତ୍ତ (ମାଛ ପ୍ରଭୃତିର) ପେଟର ଅନ୍ତ ବାହାର କରିବା; ଧ୍ୱଂସ କରିବା; ଲୁଟ୍ କରିବା (ଭିତରର ଜିନିଷ ସବୁ); (ବହି ପ୍ରଭୃତିର) ସାରତତ୍ତ୍ୱ ବା ନିର୍ଯ୍ୟାସ ବାହାର କରିବା; hate person's guts କୌଣସି ବ୍ୟକ୍ତିକୁ ଅତିରିକ୍ତ ଘୃଣା ବା ନାପସନ୍ଦ କରିବା ।

**gutless** ବିଂ. କ.ଭା. ଶକ୍ତି ବା ସାହସ ବିହୀନ ।

**gutta-percha** ବି. ମାଳୟ ଦ୍ୱୀପର କେତେକ ବୃକ୍ଷର କ୍ଷୀରରୁ ପ୍ରସ୍ତୁତ ଘନୀଭୂତ ନିର୍ଯ୍ୟାସ ବା ପ୍ଲାଷ୍ଟିକ୍ ।

**gutted** ବିଂ. ସା.ପ୍ର. ଅତି ମାତ୍ରାରେ କ୍ଳାନ୍ତ ବା ବିରକ୍ତ ।

**gutter** 1. ବି. ନାଳ; ନର୍ଦ୍ଦମା; ବର୍ଷାଜଳ ବୋହିନେଇଥିବା ନାଳୀ; ସଂକୀର୍ଣ୍ଣ ଜଳଯାନାଳୀ; 2. କ୍ରି. (ମହମବତୀ ସମ୍ବନ୍ଧୀୟ) ଅସ୍ଥିର ଭାବରେ ଜଳି ଚଞ୍ଚଳ ତରଳିଯିବା; the gutter କଦର୍ଯ୍ୟ ବା ନିମ୍ନ ଶ୍ରେଣୀର ସ୍ଥାନ ।

**guttering** ବି. ବର୍ଷାଜଳବାହୀ ନାଳୀପାଇଁ ବ୍ୟବହୃତ ଉପକରଣ ।

**gutter press** ବି. ନିମ୍ନମାନର ବା ଉତ୍ତେଜନା ସୃଷ୍ଟିକାରୀ ସାମ୍ବାଦିକତା ।

**guttersnipe** ବି. ଗୃହହୀନ, ଉପେକ୍ଷିତ ବାଳକ ବାଳିକା ।

**guttural** 1. ବିଂ. ଗଳା ବା କଣ୍ଠ ସମ୍ବନ୍ଧୀୟ; କଣ୍ଠଦ୍ୱାରା ଉଚ୍ଚାରିତ (ରୁକ୍ଷସ୍ୱର); କଣ୍ଠ୍ୟ ।

**guy**[1] 1. ବି. ପ୍ରତିବର୍ଷ ନଭେମ୍ବର ମାସ ୫ ତାରିଖ ଦିନ ଦାହ କରାଯାଉଥିବା ଗାଏ ଫକ୍‌ସଙ୍କର କୁଶ ପୁତ୍ତଳିକା; ସା.ପ୍ର. ଲୋକ; ବିଚିତ୍ର ବେଶଧାରୀ ବ୍ୟକ୍ତି; 2. କ୍ରି. ବିଦ୍ରୂପ କରିବା; ପରିହାସ କରିବା ।

**guy**[2] 1. ବି. ତମ୍ବୁ ବା ବହୁତ ଭାରି ପଦାର୍ଥକୁ ଦୃଢ଼ଭାବରେ ରଖିବାପାଇଁ ବ୍ୟବହୃତ ଦଉଡ଼ି ବା ଶିକୁଳି; 2. କ୍ରି. ଦଉଡ଼ିପ୍ରଭୃତି ଦ୍ୱାରା ସ୍ଥିର କରି ରଖିବା ବା ଯଥା ସ୍ଥାନରେ ରଖିବା ।

**guzzle** କ୍ରି. ଅତ୍ୟନ୍ତ ଲୋଭରେ ବହୁତ ଖାଇବା ବା ପାନ କରିବା ।

**gybe** କ୍ରି. ଆମେ. jibe (ପାଲ ପ୍ରଭୃତି) ଜାହାଜର ଏକପାଖରୁ ଅନ୍ୟପାଖକୁ ଘୂରାଇଦେବା; (ନୌକା ପ୍ରଭୃତିର) ଗତି ଏହିପରି ବଦଳାଇ ଦେବା ।

**gym** ବି. କ.ଭା. କୁସ୍ତି କସରତାଦିର ଆଖଡ଼ାଘର; ବ୍ୟାୟାମ ବିଦ୍ୟାଳୟ ।

**gymkhana** ବି. କ୍ରୀଡା ପ୍ରତିଯୋଗିତା, ବିଶେ. ଘୋଡ଼ାଦୌଡ଼ ପ୍ରତିଯୋଗିତା ପାଇଁ କ୍ରୀଡ଼ା ପ୍ରାଙ୍ଗଣ ।

**gymnasium** ବି. (ବ.ବ. gymnasiums, gymnasia) ବ୍ୟାୟାମ ବା ଶରୀରଚର୍ଯ୍ୟା ପାଇଁ ଉପକରଣ ସହିତ କୋଠରୀ ବା ଘର ।

**gymnast** ବି. ଜିମ୍‌ନାଷ୍ଟିକ୍‌ସ୍ ବିଶାରଦ ।

**gymnastic** ବିଂ. ଜିମ୍‌ନାଷ୍ଟିକ୍ ବା ବ୍ୟାୟାମ ସମ୍ବନ୍ଧୀୟ; କ୍ରି.ବିଂ. gymnastically.

**gymnastics** ବି. ବ.ବ. (ସାଧାରଣତଃ ଏକ ବଚନ ଭାବରେ ବ୍ୟବହୃତ) ଶରୀରଚର୍ଯ୍ୟା ବା ବ୍ୟାୟାମ ବିଦ୍ୟା; ଜିମ୍‌ନାଷ୍ଟିକ୍‌ସ୍ ।

**gynaecology** ବି. ଆମେ. gynecology ସ୍ତ୍ରୀ ଶରୀର ଗଠନ ଏବଂ ସ୍ତ୍ରୀ ରୋଗ ବିଜ୍ଞାନ; ବିଂ. gynaecological; ବି. gynaecologist.

**gypsum** ବି. ଏକ ପ୍ରକାର ଖଡ଼ିମାଟି ଯେଉଁଥିରୁ ପ୍ଲାଷ୍ଟର୍ ଅଫ୍ ପେରିସ୍ (plaster of Paris) ବା ସାର ପ୍ରଭୃତି ପ୍ରସ୍ତୁତ ହୁଏ ।

**Gypsy** ବି. (Gipsy ମଧ) ଜିପ୍‌ସି; ଯାଯାବର; ଇଉରୋପର କୃଷ୍ଣକାୟ ଯାଯାବର ଜାତୀୟ ଲୋକ ।

**gyrate** କ୍ରି. ଘୂର୍ଣ୍ଣିତ ହେବା; ଘୂରିବା; ଚକ୍ରାକାରରେ ଗତି କରିବା ।

**gyrfalcon** ବି. ଉତ୍ତରାଞ୍ଚଳୀୟ ବିରାଟ ବାଜପକ୍ଷୀ ବିଶେଷ ।

**gyro** ବି. କ.ଭା. gyroscope.

**gyro-** ଉପ. (ଯୌଗିକ ଶବ୍ଦରେ) ପରିକ୍ରମଣ; ଜାଇରୋସ୍କୋପ ଯନ୍ତ୍ର ସମ୍ବନ୍ଧୀୟ ।

**gyrocompass** ବି. ଜାଇରୋସ୍କୋପ ଯନ୍ତ୍ର ସାହାଯ୍ୟରେ ସଠିକ୍ ଭାବରେ ଉତ୍ତର ଦିଗ ଓ ତତ୍‌ସଂପର୍କୀୟ ସୂଚନା ନିରୂପଣ କରୁଥିବା କମ୍ପାସ୍ ।

**gyroscope** ବି. ଜାଇରୋସ୍କୋପ୍, ଭ୍ରାମ୍ୟମାଣ ବସ୍ତୁର ଗତି ପ୍ରଦର୍ଶକ ବୈଜ୍ଞାନିକ ଯନ୍ତ୍ର ।

Digitized by srujanika@gmail.com

# Hh

**H,h** ବି. ବ.ବ. Hs, H's; hs, h's ଇଂରାଜୀ ବର୍ଣ୍ଣମାଳାର ଅଷ୍ଟମ ଅକ୍ଷର।

**H**[1] *ସଂଶ.* Hard ପେନ୍‌ସିଲ୍‌ର ସୀସା; *ସା.ପ୍ର.* heroin ହେରୋଇନ୍।

**H**[2] *ପ୍ର.* Hydrogen ହାଇଡ୍ରୋଜେନ୍।

**h.** *ସଂଶ.* hecto-- ହେକ୍ଟୋ--; height ଉଚ୍ଚତା; hot ଉତପ୍ତ; hour(s) ଘଣ୍ଟା।

**ha**[1] *ଅର୍ଥ.* (hah ମଧ) ବିସ୍ମୟ, ସନ୍ଦେହ, ବିଜୟଲାଭପ୍ରଭୃତି ସୂଚକ ଅଭିବ୍ୟକ୍ତି।

**ha**[2] *ସଂଶ.* hectare(s) ହେକ୍ଟର୍।

**Ha** *ପ୍ର.* hahnium ହାନିଅମ୍।

**habeas corpus** ବି. ବନ୍ଦୀ ହୋଇଥିବା କୌଣସି ବ୍ୟକ୍ତିର ବିଚାର ନିମନ୍ତେ ବିଚାରପତିଙ୍କ ନିକଟରେ ବା ବିଚାରାଳୟରେ ତାକୁ ଉପସ୍ଥିତ କରିବା ପାଇଁ ନିର୍ଦ୍ଦେଶନାମା ବା ପରୱାନା।

**haberdasher** ବି. ପୋଷାକ ପରିଚ୍ଛଦ ଓ ସିଲେଇ ଉପକରଣାଦିର ବିକ୍ରେତା।

**habiliments** ବି. ବ.ବ. *ପ୍ରା.ପ୍ର.* ପୋଷାକ ପରିଚ୍ଛଦ; ବେଶଭୂଷା।

**habit** ବି. ଅଭ୍ୟାସ; ସ୍ୱଭାବ; ପ୍ରକୃତି; ନିୟମିତ, ଧାରାବାହିକ ରୀତି, ନୀତି ବା ପ୍ରଥା; ପୋଷାକ ପରିଚ୍ଛଦ, ବିଶେଷତଃ ଧର୍ମ ସଂପ୍ରଦାୟର।

**habitable** ବିଂ. ବାସୋପଯୋଗୀ।

**habitat** ବି. ପଶୁ ଓ ଉଦ୍ଭିଦର ପ୍ରାକୃତିକ/ ସ୍ୱାଭାବିକ ବାସସ୍ଥାନ।

**habitation** ବି. ବସତି; ବାସସ୍ଥାନ।

**habitual** ବିଂ. ଅଭ୍ୟାସ ବା ସ୍ୱଭାବ ଗତ; ଅଭ୍ୟସ୍ତ; ନିୟମିତ; ବ୍ୟବହାରସିଦ୍ଧ।

**habituate** *କ୍ରି.* ଅଭ୍ୟାସ କରିବା; ଅଭ୍ୟସ୍ତ କରାଇବା; ପରିଚିତ କରାଇବା; ବି. habituation.

***habitue*** ବି. ଅଧିକାରୀ; ପୁନଃ ପୁନଃ ଆସୁଥିବା ବ୍ୟକ୍ତି। *(ଫ.)*

**hack**[1] 1. *କ୍ରି.* ଖଣ୍ଡଖଣ୍ଡ କରି କାଟିବା, ହାଣିବା; ଫୁଟ୍‌ବଲ ଖେଳରେ ଅପରପକ୍ଷ ପ୍ରତିଦ୍ୱନ୍ଦ୍ୱୀକୁ ଗୋଇଠା ମାରିବା ବା ପଦାଘାତ କରିବା; 2. ବି. ଜୋତାର ଅଗ୍ରଭାଗଦ୍ୱାରା ଆଘାତ; ତଜ୍ଜନିତ କ୍ଷତ; ମାଟି ଖୋଳିବା ପାଇଁ ବ୍ୟବହୃତ ଗଇଁତି; କୋଦାଳ।

**hack**[2] 1. ବି. ସାଧାରଣ ଚଢ଼ିବା ପାଇଁ ଘୋଡ଼ା; ଭଡ଼ାରେ ନିଆଯାଉଥିବା ଘୋଡ଼ା; କୌଣସି ବିରକ୍ତିକର ଓ ନିତିଦିନିଆ କାମ ପାଇଁ ନିଯୁକ୍ତ ବ୍ୟକ୍ତି; ବେତନଭୋଗୀ ଲେଖକ; 2. *କ୍ରି.* ଘୋଡ଼ା ଚଢ଼ି ବୁଲିବା (ସାଧାରଣ ଗତିରେ); 3. ବିଂ. ପେଶାଦାର।

**hacking cough** ବି. ବାରମ୍ବାର ହେଉଥିବା ଖଣ୍ଡି ଖଣ୍ଡିଆ ଶୁଖିଲା କାଶ।

**hackle** ବି. ଗୃହପାଳିତ ଗଞ୍ଜା ପ୍ରଭୃତିଙ୍କ ବେକରେ ଥିବା ଲମ୍ବା ପର; ରେଶମ, ଛଣପଟ ଓ ଝୋଟ ପ୍ରଭୃତି ସଫାକରିବା ନିମନ୍ତେ ବ୍ୟବହୃତ ଲୁହା ପାନିଆ; make person's hackles rise ବ୍ୟକ୍ତିକୁ ଅତ୍ୟଧିକ ରଗାଇବା; with his hackles up କ୍ରୁଦ୍ଧ; ଲଢ଼େଇ କରିବା ପାଇଁ ପ୍ରସ୍ତୁତ।

**hackney** ବି. ସାଧାରଣ ଭାବରେ ଚଢ଼ି ଯିବାଆସିବା କରିବା ପାଇଁ ବ୍ୟବହୃତ ଘୋଡ଼ା।

**hackney carriage** ବି. ଟେକ୍ସି, ଭଡ଼ା ଘୋଡ଼ାଗାଡ଼ି।

**hackneyed** ବିଂ. (ବାକ୍ୟାଂଶ ସଂପର୍କରେ) ବହୁ ବ୍ୟବହୃତ; ଘଷରା ବା ଜୀର୍ଣ୍ଣ।

**hack–saw** ବି. ଧାତୁ ପଦାର୍ଥ କାଟିବା ନିମିତ୍ତ ସରୁଧାର ବିଶିଷ୍ଟ କରତ।

**had** *କ୍ରି.* haveର *ଅ.କା.*।

**haddock** ବି.ବ.ବ. ଖାଦ୍ୟପାଇଁ ବ୍ୟବହୃତ କଡ୍‌ଜାତୀୟ ଏକ ସମୁଦ୍ର ମାଛ।

**Hades** ବି. (ଗ୍ରୀକ୍ ପୁରାଣ) ପାତାଳପୁରୀ; ପ୍ରେତଲୋକ।

**hadji** ବି. ଇ. (haji ମଧ) ହାଜୀ, ମକ୍କା ଫେରନ୍ତା ମୁସଲିମ୍ ତୀର୍ଥଯାତ୍ରୀ।

**hadn't** *କ.ଭା.* had not.

**haemal** ବିଂ. ରକ୍ତ ସମ୍ବନ୍ଧୀୟ।

**haematic** ବିଂ. ରକ୍ତ ସମ୍ବନ୍ଧୀୟ ବା ରକ୍ତପୂର୍ଣ୍ଣ।

**haematite** ବି. ଫେରିକ୍ ଅକ୍ସାଇଡ୍‌ର ଧାତବ ପିଣ୍ଡ।

Digitized by srujanika@gmail.com

**haemoglobin** ବି. ଲୋହିତ ରକ୍ତ କଣିକାରେ ଥିବା ଅମ୍ଳଜାନବାହୀ ଦ୍ରବ୍ୟ (ମେରୁଦଣ୍ଡୀ ପ୍ରାଣୀର)।

**haemophilia** ବି. ଯେକୌଣସି ସାମାନ୍ୟ କାରଣରୁ ଅତ୍ୟଧିକ ରକ୍ତସ୍ରାବ ହେବାର ବଂଶାନୁଗତ ରୋଗ (ରକ୍ତ ଜମାଟ ନ ବାନ୍ଧିବା ଫଳରେ); ବିଂ. haemophilic.

**haemophiliac** ବି. ହିମୋଫିଲିଆ ରୋଗୀ।

**haemorrhage** 1. ବି. ଅତ୍ୟଧିକ ରକ୍ତସ୍ରାବ; 2. କ୍ରି. ରକ୍ତସ୍ରାବ ହେବା।

**haemorrhoid** ବି. ବ.ବ. ଶିରାସ୍ଫୀତି (ଗୁହ୍ୟଦ୍ୱାର ବା ତତ୍‌ସନ୍ନିକଟ ସ୍ଥାନରେ); ରକ୍ତସ୍ରାବୀ ଅର୍ଶରୋଗ।

**haft** 1. ବି. ଛୁରୀ, କୁରାଢ଼ୀ ପ୍ରଭୃତିର ବେଣ୍ଟ; 2. କ୍ରି. ବେଣ୍ଟ ଲଗାଇବା।

**hag** ବି. କଦାକାର ବୁଢ଼ୀ; ଡାହାଣୀ; ବିଂ. haggish.

**haggard** 1. ବିଂ. ଦୀର୍ଘକାଳୀନ ଦୁଶ୍ଚିନ୍ତାଯୋଗୁଁ ଅବସନ୍ନ ଓ ଭାରାକ୍ରାନ୍ତ; 2. ବି. ଧରାହୋଇଥିବା ପ୍ରାପ୍ତବୟସ୍କ ଛଞ୍ଚାଣ।

**haggle** 1. କ୍ରି. ଦର କଷାକଷି କରିବା; 2. ବି. ଦରକଷାକଷି।

**hagio–** ଙ୍ଗ. ସାଧୁ ସନ୍ଥ ସଂବଂଧିତ; ଉଦା. hagiography.

**hagiography** ବି. ସାଧୁସନ୍ଥଙ୍କର ଜୀବନୀ ସମ୍ବଳିତ ରଚନା।

**hagiology** ବି. ସନ୍ଥ ସାହିତ୍ୟ।

**hagridden** ବିଂ. ଭୟଙ୍କର ଦୁଃସ୍ୱପ୍ନ ଓ ଭୟରେ ପୀଡ଼ିତ।

**ha ha** *ଅବ୍ୟ.* ହସର ଅଭିବ୍ୟକ୍ତି।

**ha–ha** ବି. ପାର୍କ ବା ଉଦ୍ୟାନର ଦୃଶ୍ୟାବଳୀରେ ବ୍ୟାଘାତ ସୃଷ୍ଟି କରୁନଥିବା ପ୍ରାଚୀର ବେଷ୍ଟିତ ପରିଖା।

**hahnium** ବି. ହାନିଅମ୍, କୃତ୍ରିମ ତେଜସ୍କ୍ରିୟ ଉପାଦାନ ବିଶେଷ।

**haiku** ବି. ୧୭ ମାତ୍ରା ବିଶିଷ୍ଟ ଓ ତିନୋଟି ଭାଗରେ ବିଭକ୍ତ ଜାପାନୀ କବିତା।

**hail**[1] 1. ବି. କୁଆପଥର, ଶିଳାବୃଷ୍ଟି; ମାଡ଼ବୃଷ୍ଟି; ବନ୍ଧୁକାଦିରୁ ଗୁଳି ବର୍ଷଣ, ପ୍ରଶ୍ନ ବୃଷ୍ଟି; 2. କ୍ରି. କୁଆପଥର ବର୍ଷିବା ବା ବର୍ଷାଇବା।

**hail**[2] 1. *ଅବ୍ୟ.* ଅଭିନନ୍ଦନର ଅଭିବ୍ୟକ୍ତି; 2. କ୍ରି. ଅଭିବାଦନ କରିବା; ଧ୍ୟାନ ଆକର୍ଷଣ କରିବା (ବ୍ୟକ୍ତି ବା ଜାହାଜର); (ଟେକ୍ସି ପ୍ରଭୃତିକୁ) ରହିବା ପାଇଁ ସଙ୍କେତ ଦେବା; କୌଣସି ସ୍ଥାନରୁ ଆସିବା (Where does he hail from ?) 3. ବି. ଅଭିବାଦନ; ଆହ୍ୱାନ।

**hailstone** ବି. କୁଆପଥର; କରକା।

**hailstorm** ବି. ଝଡ଼ ସହ କୁଆପଥର ବୃଷ୍ଟି।

**hair** ବି. କେଶ; କେଶପରି ପଦାର୍ଥ; ଉଦ୍ଭିଦର ଉପରିଭାଗରୁ ବଢ଼ି ଆସିଥିବା କେଶ ସଦୃଶ ଓହଳ ବା ଚେର ସମୂହ; ଅତି ଅଳ୍ପ ପରିମାଣ; keep one's hair on *ସାଂ.ପ୍ର.* ଶାନ୍ତ ରହିବା; କ୍ରୋଧ ସମ୍ଭାଳିବା; make one's hair stand on end *କ.ଭା.* ତ୍ରସ୍ତ କରାଇବା।

**hairbrush** ବି. କେଶ ସଜାଇବା ବ୍ରଶ।

**haircloth** ବି. କେଶରେ ବୁଣା ଯାଇଥିବା କନା।

**haircut** ବି. ବାଳକାଟିବା; ବାଳକାଟିବା ଷ୍ଟାଇଲ୍।

**hairdresser** ବି. କେଶ କର୍ତ୍ତନ ଓ ପ୍ରସାଧନକାରୀ।

**hair–grip** ବି. ମୁଣ୍ଡ କଣ୍ଟା।

**hairpin** ବି. ମୁଣ୍ଡକଣ୍ଟା, ହିଁର୍‌ପିନ୍ (କେଶ ବାନ୍ଧିବାରେ ବ୍ୟବହୃତ)।

**hairpin bend** ବି. ରାସ୍ତାର U ଆକୃତି ବିଶିଷ୍ଟ ବାଙ୍କ।

**hair–raising** ବିଂ. ଭୀତିପ୍ରଦ।

**hair's breadth** ବି. କେଶ ପ୍ରମାଣ ବ୍ୟବଧାନ।

**hair–splitting** ବିଂ. ଅତି ସୂକ୍ଷ୍ମ।

**hairspring** ବି. ଘଣ୍ଟାର ବାଲାନ୍ସ ହୁଇଲ ନିୟନ୍ତ୍ରଣ କରିବା ଲାଗି ବ୍ୟବହୃତ ସୂକ୍ଷ୍ମ ସ୍ପ୍ରିଙ୍ଗ୍।

**hairy** ବିଂ. ଲୋମଶ; କେଶବହୁଳ; ଲୋମ ନିର୍ମିତ; *ସାଂ.ପ୍ର.* ଭୀତିପ୍ରଦ, ଭୟଙ୍କର; ବି. hairiness.

**hajji** *ଦ୍ର.* hadgi.

**hake** ବି. କଡ୍‌କାତୀୟ ଏକପ୍ରକାର ସମୁଦ୍ର ମାଛ (ଖାଦ୍ୟରୂପେ ବ୍ୟବହୃତ ହୁଏ)।

**halberd** ବି. ଇତି. ଟାଙ୍ଗିଆ ସଂଯୁକ୍ତ ବର୍ଚ୍ଛା।

**halcyon** ବିଂ. ସୁଖପ୍ରଦ; halcyon days ଶାନ୍ତିପ୍ରଦ ଦିନ।

**hale**[1] ବିଂ. ସୁସ୍ଥସବଳ (wholeର ଭିନ୍ନ ରୂପ)।

**hale**[2] କ୍ରି. *ପ୍ରା.ପ୍ର.* ବଳପୂର୍ବକ ଟାଣିବା ବା ଘୋଷାରି ନେବା।

**half** ବ.ବ. halves 1. ବି. ଦୁଇ ସମାନ ଭାଗର ଏକ ଭାଗ, ଅର୍ଦ୍ଧାଂଶ; 2. ବିଂ. ଅଧା; ଅର୍ଦ୍ଧେକ; 3. କ୍ରି.ବିଂ. ଅଧାପରିମାଣରେ, କିଛି

Digitized by srujanika@gmail.com

ପରିମାଣରେ; ଆଂଶିକରୂପେ (half dead with cold); do something by halves ଅସଂପୂର୍ଣ୍ଣଭାବେ; at half cock କେବଳ ଅର୍ଦ୍ଧେକ ପ୍ରସ୍ତୁତ ହୋଇଥିବାବେଳେ; by half ଅତ୍ୟଧିକ ପରିମାଣରେ; by halves ଅଧାପନ୍ତରିଆ ବା ଅସଂପୂର୍ଣ୍ଣ।

**half–baked** ବିଂ. ଅସଂପୂର୍ଣ୍ଣ; ନିର୍ବୋଧ; ଠିକ୍‌ରୂପେ ଚିନ୍ତାକରାଯାଇ ନଥିବା।

**half–breed (caste)** ବି. *ଅବ.* ବର୍ଣ୍ଣସଙ୍କର।

**half–brother (sister)** ବି. ପିତାଂବା ମାତା ମଧ୍ୟରୁ ଜଣେ ସମାନ ଥିବା ଭ୍ରାତା ବା ଭଗିନୀ।

**half–hearted** ବିଂ. ଉଦାସୀନ, ଦୁର୍ବଳ।

**half–mast** ବି. ପତାକାର ଅର୍ଦ୍ଧନମିତ ଅବସ୍ଥା (ମୃତବ୍ୟକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ନିମିତ୍ତ ଉଦ୍ଦିଷ୍ଟ)।

**halfpenny** ବି. ଇଂଲଣ୍ଡର ଅର୍ଦ୍ଧପେନି ମୁଦ୍ରା।

**halfway house** ବି. ସରେଇଘର; ମିଳାମିଶା, ଆପୋଷ ମୀମାଂସା।

**halfwit** ବି. ନିର୍ବୋଧ, ମୂର୍ଖବ୍ୟକ୍ତି; ବିଂ. halfwitted.

**halibut** ବି. ଖାଦ୍ୟରୂପେ ବ୍ୟବହୃତ ଏକ ପ୍ରକାର ବଡ଼ ଚଟକା ସାମୁଦ୍ରିକ ମତ୍ସ୍ୟ।

**halitosis** ବି. ଦୁର୍ଗନ୍ଧଯୁକ୍ତ ନିଃଶ୍ୱାସ ପବନ।

**hall** ବି. ପ୍ରଶସ୍ତ ଗୃହ; ଗୃହର ପ୍ରବେଶ କକ୍ଷ ବା ପଥ; ସଭାସମିତି, ଭୋଜିଭାତ ବା ନୃତ୍ୟଗୀତାଦି ପ୍ରଭୃତି ସଂପାଦନ ପାଇଁ ସୁବୃହତ୍ କକ୍ଷ ବା ଅଟ୍ଟାଳିକା; ବିଶ୍ୱବିଦ୍ୟାଳୟ ଅଟ୍ଟାଳିକା।

**hallelujah** ବି. ବିକ. alleluia ଈଶ୍ୱରଙ୍କ ପ୍ରଶସ୍ତିଗାନ।

**halliard** ବି. ବିକ. halyard ଜାହାଜର ପାଲକୁ ତଳଉପର କରିବା ପାଇଁ ବ୍ୟବହୃତ ଦଉଡ଼ି।

**hallmark** 1. ବି. ସୁନା ବା ରୂପାନିର୍ମିତ ଦ୍ରବ୍ୟ ଉପରେ ଥିବା ବିଶୁଦ୍ଧତା ସୂଚକ ଚିହ୍ନ; ବୈଶିଷ୍ଟ୍ୟ; 2. *କ୍ରି.* ଉକ୍ତ ଚିହ୍ନ ଦ୍ୱାରା ସୂଚିତ କରିବା।

**hallo** 1. *ଅବ୍ୟ.* ଆହ୍ୱାନ, ସ୍ୱାଗତ ବା ବିସ୍ମୟ ପ୍ରକାଶକ; 2. ବି. ବ.ବ. hallos ଏହି ସମ୍ଭାଷଣ।

**halloo** 1. *ଅବ୍ୟ. ଓ* ବି. ଶିକାର ସମୟରେ କୁକୁରକୁ ଉତ୍ସାହିତ କରିବା ନିମିତ୍ତ ଧ୍ୱନି; 2. *କ୍ରି.* ଉକ୍ତ ଧ୍ୱନି କରିବା।

**hallow** *କ୍ରି.* ପବିତ୍ର କରିବା; ପବିତ୍ର ଜ୍ଞାନ କରିବା।

**Hallowe'en** ବି. ଅକ୍ଟୋବର ମାସ ୩୧ ତାରିଖ, ଖ୍ରୀଷ୍ଟୀୟ ସାଧୁସନ୍ଥମାନଙ୍କ ଦିବସର ପୂର୍ବବର୍ତ୍ତୀ ସନ୍ଧ୍ୟା।

**hallucinate** *କ୍ରି.* ଚିତ୍ତ ବିଭ୍ରମ କରାଇବା; ଭ୍ରାନ୍ତି ସୃଷ୍ଟି କରିବା।

**hallucination** ବି. ଅବାସ୍ତବ ବସ୍ତୁ ଦର୍ଶନ ବା ଶ୍ରବଣ ଭ୍ରାନ୍ତି।

**hallucinogen** ବି. ମତିବିଭ୍ରମ ସୃଷ୍ଟିକାରୀ ଔଷଧ।

**halo** 1. ବି. ଦେବ ମୂର୍ତ୍ତି ବା ସିଦ୍ଧ ପୁରୁଷଙ୍କ ମସ୍ତକ ଚତୁର୍ଦ୍ଦିଗସ୍ଥ ପ୍ରଭାମଣ୍ଡଳ, ଜ୍ୟୋତିର୍ବଳୟ; 2. *କ୍ରି.* ଜ୍ୟୋତିର୍ମଣ୍ଡଳାଦି ଦ୍ୱାରା ବେଷ୍ଟନ କରିବା।

**halogen** ବି. ଫ୍ଲୋରିନ୍, କ୍ଲୋରିନ୍, ବ୍ରୋମିନ୍, ଆୟୋଡ଼ିନ୍ ଓ ଏଷ୍ଟାଟିନ୍ ମଧ୍ୟରୁ ଯେକୌଣସି ଏକ ଉପାଦାନ ଯାହା ଧାତୁସହ ମିଶ୍ରଣ ଦ୍ୱାରା ଲବଣ ସୃଷ୍ଟିକରେ।

**halt**[1] 1. ବି. ବିରାମ; ନିବୃତ୍ତି; ରହଣି ବା ସାମୟିକ ଅବସ୍ଥାନ; (କୌଣସି ଷ୍ଟେସନ ନ ଥାଇ) ରେଳଗାଡ଼ି ପ୍ରଭୃତିର ଅଟକିବା ସ୍ଥାନ; 2. *କ୍ରି.* ବାଟରେ କିଛି ସମୟ ପାଇଁ ଅଟକିବା।

**halt**[2] 1. *କ୍ରି.* ଅସ୍ଥିର ଭାବରେ ଆଗେଇବା; ଥଙ୍ଗେଇ ଥଙ୍ଗେଇ ହେବା; 2. ବିଂ. *ପ୍ରା.ପ୍ର.* ଛୋଟା, ପଙ୍ଗୁ।

**halter** 1. ବି. ଘୋଡ଼ା ପ୍ରଭୃତି ପଶୁଙ୍କୁ ବାନ୍ଧି ଆୟତ୍ତ କରିବା ପାଇଁ ଦଉଡ଼ି; ପଘା; halterneck ବେକରେ ଫିତା ଦ୍ୱାରା ବନ୍ଧା ଯାଉଥିବା ସ୍ତ୍ରୀ ଲୋକମାନଙ୍କର ଏକ ପ୍ରକାର ପୋଷାକ; 2. *କ୍ରି.* (ଘୋଡ଼ା ବା ଅନ୍ୟ ପଶୁଙ୍କ ବେକରେ) ପଘା ବା ଦଉଡ଼ି ଲଗାଇବା।

**halve** *କ୍ରି.* ଦୁଇ ସମାନ ଅଂଶରେ ଭାଗ କରିବା; ଅଧା କରିଦେବା; (ଗଲ୍‌ଫ ଖେଳରେ) ପ୍ରତିଦ୍ୱନ୍ଦୀସହ ସମାନ କୃତିତ୍ୱ ହାସଲ କରିବା।

**halves** ବି. half ର ବହୁ ବଚନ, ଅର୍ଦ୍ଧାଂଶ ଦ୍ୱୟ।

**halyard** ବି. halliard *ଦ୍ର.।*

**ham** 1. ବି. ଖାଦ୍ୟରୂପେ ବ୍ୟବହୃତ ଲବଣାକ୍ତ ଓ ଶୁଷ୍କ, ଘୁଷୁରିର ଜଂଘ ବା ପଡ଼ିଆ; ଜଂଘ ଓ ପିଚା; *ସା.ପ୍ର.* ଅନଭିଜ୍ଞ ଅଭିନେତା ବା କଳାକାର; 2. *କ୍ରି.* ଅତିରିକ୍ତ ଅଙ୍ଗଭଙ୍ଗୀ ପୂର୍ବକ ଅଭିନୟ କରିବା; ଅତିରଞ୍ଜିତ କରିବା।

Digitized by srujanika@gmail.com

**ham–fisted (handed)** ବିଂ. *ସା.ପ୍ର.* ଦକ୍ଷତାହୀନ ।

**hamburger** ବି. ଗୋରୁ ମାଂସର କିମାରେ ପ୍ରସ୍ତୁତ ଏକ ପ୍ରକାର କେକ୍ ।

**Hamitic** ବିଂ. ପ୍ରାଚୀନ ମିଶର ସମେତ ଆଫ୍ରିକୀୟ ଭାଷା ଗୋଷ୍ଠୀ ।

**hamlet** ବି. ପଲ୍ଲୀ, ଛୋଟ ଗାଁ ।

**hammer** 1. ବି. ହାତୁଡ଼ି, ହାତୁଡ଼ି ଆକୃତିର ପଦାର୍ଥ; 2. କ୍ରି. ହାତୁଡ଼ି ଦ୍ୱାରା ଆଘାତ କରିବା; ସଂପୂର୍ଣ୍ଣ ପରାଜିତ କରିବା; ବଳପୂର୍ବକ ବା ଅଭ୍ୟାସ କରାଇ ଶିକ୍ଷାଦେବା; come under the hammer ନିଲାମ ଦ୍ୱାରା ବିକ୍ରୀ ହେବା ।

**hammer and tongs** କ୍ରି.ବିଂ. *କ.ଭା.* ଅତ୍ୟନ୍ତ ଉତ୍ସାହ, ଉଦ୍‌ଯୋଗ ଓ ସାହସର ସହିତ ।

**hammock** ବି. ଜାହାଜରେ ନାବିକମାନଙ୍କ ଝୁଲା ଖଟ; ଦୋଳି ଶଯ୍ୟା ।

**hamper**[1] ବି. ଖାଦ୍ୟ ପଦାର୍ଥ ରଖିବା ପାଇଁ ବାଉଁଶ ବା ବେତରେ ତିଆରି ଢ଼ାଙ୍କୁଣି ଦିଆ ବଡ଼ ପେଡ଼ି ।

**hamper**[2] କ୍ରି. ବାଧା ଦେବା; ପ୍ରତିବନ୍ଧକ ସୃଷ୍ଟିକରିବା ।

**hamstring** 1. ବି. ଆଣ୍ଠୁର ପଛପଟେ ଥିବା ଶିରା; ଚତୁଷ୍ପଦ ପ୍ରାଣୀର ପଛଗୋଡ଼ର ଆଣ୍ଠୁ ଓ ଖୁରା ମଧ୍ୟସ୍ଥ ଶିରା; 2. କ୍ରି. (ମନୁଷ୍ୟ ବା ପଶୁର) ଜଙ୍ଘର ଶିରା କାଟିଦେଇ ଛୋଟା ବା ପଙ୍ଗୁ କରିଦେବା; ଦକ୍ଷତା, କର୍ମଠତା ବା ଉଦ୍‌ଯୋଗ ହ୍ରାସ କରିବା ।

**hand** 1. ବି. ହାତ; ନିୟନ୍ତ୍ରଣ, ଅଧିକାର ଓ କର୍ତ୍ତୃତ୍ୱ, ଘଣ୍ଟାର କଣ୍ଟା, ଶ୍ରମିକ, ମଜୁରିଦାର, ହସ୍ତାକ୍ଷର, ସ୍ୱାକ୍ଷର, ଲିଖନ ପ୍ରଣାଳୀ; ତାସଖେଳର ମୁଠା, ସମର୍ଥକ ସୂଚକ କରତାଳି; 2. *ସ.କ୍ରି.* ହାତରେ ବଢ଼ାଇଦେବା, ହସ୍ତଦ୍ୱାରା ଅର୍ପଣ କରିବା, ବିତରଣ କରିବା; all hands ଜାହାଜର ସମସ୍ତ ନାବିକ; at hand ସମୀପରେ; by hand ହାତରେ (ପତ୍ର ବାହକ ଦ୍ୱାରା); hand out (round) ବଣ୍ଟନ କରିବା; hands down ଅନାୟାସରେ; ସଂପୂର୍ଣ୍ଣ ଭାବରେ; hand to hand ହାତାହାତି, ପରସ୍ପରର ନିକଟବର୍ତ୍ତୀ ହୋଇ (ଯୁଦ୍ଧ କରିବା); off hand ପୂର୍ବରୁ କିଛି ଚିନ୍ତା ନକରି; from hand to mouth କଷ୍ଟେ ମଷ୍ଟେ ଜୀବନ ଧାରଣ; out of hand ନିୟନ୍ତ୍ରଣ ବାହାରେ ।

**handbag** ବି. ଛୋଟ ଥଳି, ହାତବ୍ୟାଗ ।

**handball** ବି. ହାତରେ ଖେଳା ଯାଉଥିବା ବଲ୍ ।

**handbell** ବି. ହାତ ଘଣ୍ଟି ।

**handbill** ବି. ମୁଦ୍ରିତ ପ୍ରଚାର ପତ୍ର ବା ବିଜ୍ଞାପନ ପତ୍ର ।

**handbook** ବି. ସହଜ ବ୍ୟବହାର ଯୋଗ୍ୟ ସାରାଂଶ ସମ୍ବଳିତ ପୁସ୍ତକ ।

**handcart** ବି. ହାତଟଣା ଗାଡ଼ି ।

**handclap** ବି. ହାତତାଳି ।

**handcuff** 1. କ୍ରି. ହାତକଡ଼ି ଦେବା; 2. ବି. *ସା.ବ.ବ.* ହାତକଡ଼ି ।

**handful** ବି. ମୁଷ୍ଟିମେୟ; ମୁଠାଏ ।

**handicap** 1. ବି. ପ୍ରତିବନ୍ଧକ; ବାଧା; ଭାର; 2. କ୍ରି. ପ୍ରତିବନ୍ଧକ ସୃଷ୍ଟି କରିବା; ଅସୁବିଧାରେ ପକାଇବା ।

**handicapped** ବିଂ. ଶାରୀରିକ ବା ମାନସିକ ଅସାମର୍ଥ୍ୟରେ ପୀଡ଼ିତ ।

**handicraft** ବି. ହସ୍ତଶିଳ୍ପ; ହାତକାମ ।

**hand–in–glove** ବିଂ. ମିଳିମିଶି; ଏକାତ୍ମ ଭାବରେ ।

**handiwork** ବି. ହସ୍ତକର୍ମ; (ବ୍ୟକ୍ତି ବିଶେଷର) କାର୍ଯ୍ୟ ।

**handkerchief** ବି. ରୁମାଲ୍, ଚଉତନା ।

**handle** 1. ବି. ବେଣ୍ଟ, ମୁଠା; କୌଣସି ପଦାର୍ଥର ଯେଉଁ ଅଂଶ ହାତରେ ଧରାଯାଏ; ଅନ୍ୟକୁ ସୁବିଧା ଦେଲାଭଳି ଉପାୟ; 2. କ୍ରି. ହାତଦ୍ୱାରା ଛୁଇଁବା, ଅନୁଭବ କରିବା, ପରିଚାଳନା କରିବା ବା ବ୍ୟବହାର କରିବା; ଆଲୋଚନା ବା ବାଖ୍ୟା କରିବା; କାରବାର କରିବା ।

**handlebar** ବି. *ସା.ବ.ବ.* ଉଭୟ ପାର୍ଶ୍ୱରେ ହାତମୁଠା ଥିବା ଚାଳନ ଦଣ୍ଡ, (ସାଇକେଲ୍ ପ୍ରଭୃତିର) ଷ୍ଟିଅରିଂ ରଡ୍ ।

**handlebar moustache** ବି. ଉଭୟ ପଟରେ ବକ୍ରାଗ୍ର ଗହଳ ନିଶ ।

**handler** ବି. ବସ୍ତୁ ବ୍ୟବହାର ବା କାରବାର କରୁଥିବା ବ୍ୟକ୍ତି; ପଶୁମାନଙ୍କୁ (ବିଶେ ତାଲିମପ୍ରାପ୍ତ ପୋଲିସ୍ କୁକୁରମାନଙ୍କୁ) ନିୟନ୍ତ୍ରଣ କରୁଥିବା ବ୍ୟକ୍ତି ।

**handmade** ବିଂ. ହାତ ତିଆରି ।

**handmaid (–maiden)** ବି. *ପ୍ରା.ପ୍ର.* ଚାକରାଣୀ; ସହଚରୀ ।

**handout** ବି. ଉପହାର, ଦାତବ୍ୟ ବସ୍ତୁ ।

Digitized by srujanika@gmail.com

**handrail** ବି. ପାହାଚ ପ୍ରଭୃତିରେ ଚଢ଼ିବାବେଳେ ହାତରଖିବା ପାଇଁ ଥିବା କାଠଦଣ୍ଡ।

**handset** ବି. ଟେଲିଫୋନ୍ ରିସିଭରର ମୁଠା।

**handshake** ବି. କରମର୍ଦ୍ଦନ (ଅଭିବାଦନ ନିମନ୍ତେ)।

**handsome** ବିଂ. ସୁନ୍ଦର (*ସା.* ପୁରୁଷ); ଆକର୍ଷଣୀୟ; ବଦାନ୍ୟ; ପର୍ଯ୍ୟାପ୍ତ।

**handspring** ବି. ଶୂନ୍ୟଚିତ୍, ମାଙ୍କଡ଼ ଚିତ୍ (ଯହିଁରେ ପ୍ରଥମେ ଭୂମିରେ ହାତ ରଖି ପରେ ପାଦ ପକାଯାଏ)।

**handstand** ବି. ଗୋଡ଼ ଦୁଇଟି ଉପରକୁ କରି ବା କାନ୍ଥକୁ ଆଉଜାଇ ହାତ ଦୁଇଟି ଉପରେ ଭାରସାମ୍ୟ ରକ୍ଷା।

**handwriting** ବି. ହସ୍ତାକ୍ଷର; ହାତଲେଖା।

**handy** ବିଂ. ବ୍ୟବହାର କରିବା ପାଇଁ ଉପଯୋଗୀ; ହାତ ପାଖିଆ; (ବ୍ୟକ୍ତି ସଂପର୍କରେ) ଦକ୍ଷ।

**handyman** ବି. ଯେଉଁ ଲୋକକୁ ଏଣୁତେଣୁ କାମରେ ବ୍ୟବହାର କରାଯାଏ।

**hang** 1. *କ୍ରି.* (*ଅ.କା. ଓ ଅ.କ୍ରି.ଜ.ପ.* hung) ଝୁଲାଇବା; ଟାଙ୍ଗିଦେବା; କବାଟ ପ୍ରଭୃତି ଲଗାଇବା, (କାନ୍ଥ, ପ୍ରଦର୍ଶନ ପ୍ରଭୃତିରେ) ଛବି ବା ରଙ୍ଗୀନ କାଗଜ ଲଗାଇବା; *ଅ.କା. ଓ ଅ.କ୍ରି.ଜ.ପ.* hanged ଫାଶି ଦେବା; ଝୁଲିବା; ଓହଳିବା; 2. ବି. ଝୁଲିବା ରୀତି; get the hang of *କ.ଭା.* ଉଦ୍ଦେଶ୍ୟ ବା କୌଶଳ ଧରିପାରିବା, ବୁଝିପାରିବା; hang about (around) ଚାଲି ନ ଯାଇ ଲଙ୍ଗର ପଙ୍ଗର ହେବା; ପାଖରେ ରହିବା; hang back ପଛେଇବା; ଇତସ୍ତତଃ ହେବା; hang heavily (heavy) (ସମୟ) ଖୁବ୍ ଧୀରେ ଧୀରେ କଟିବା; hang on ଭରାଦେଇ ରହିବା; ନିର୍ଭର କରିବା; ଲାଗି ରହିବା; hang over ଭୟ ଦେଖାଇବା; not care (give) a hang *କ.ଭା.* ପରବାୟ ନ କରିବା।

**hangar** ବି. ଉଡ଼ାଜାହାଜ ପ୍ରଭୃତି ରଖିବାର ସ୍ଥାନ।

**hanger** ବି. ହେଙ୍ଗର୍, ଯହିଁରେ ପୋଷାକପତ୍ର ପ୍ରଭୃତି ଟଙ୍ଗାଯାଏ; ଝୁଲଣ ଦଣ୍ଡି ବିଶେଷ।

**hanger–on** ବି. ବ.ବ. hangers-on ଅନୁଗାମୀ, ଆଶ୍ରିତ, ଗୋଡ଼ାଣିଆ।

**hang–glider** ବି. ହାତ ସାହାଯ୍ୟରେ ଓହଳି ଉଡ଼ିବା ପାଇଁ ବ୍ୟବହୃତ ହେଉଥିବା ଆଧାର ବା ଫ୍ରେମ୍।

**hang–gliding** ବି. ବାୟୁଚାଳିତ ଫ୍ରେମ୍ ବା ଆଧାର ସାହାଯ୍ୟରେ ଝୁଲି ଶୂନ୍ୟରେ ଉଡ଼ିବା କୌଶଳ।

**hanging** ବି. ଫାଶି; ବ.ବ. ରେ କାନ୍ଥରେ ଝୁଲୁଥିବା ପର୍ଦ୍ଦାପ୍ରଭୃତି।

**hangman** ବି. ଅପରାଧୀମାନଙ୍କୁ ଫାଶିରେ ଝୁଲାଇବା ବ୍ୟକ୍ତି।

**hangnail** ବି. ନଖ ମୂଳରେ ହେଉଥିବା ରୋଗ ବିଶେଷ।

**hangover** ବି. ଅତ୍ୟଧିକ ନିଶାଦ୍ରବ୍ୟ ସେବନ ଜନିତ ସାଂଘାତିକ ମୁଣ୍ଡବ୍ୟଥା କିମ୍ବା ଅନ୍ୟାନ୍ୟ ପ୍ରତିକ୍ରିୟା; ଅବଶିଷ୍ଟାଂଶ।

**hank** ବି. ଉଲ୍ ବା ସୂତା ପ୍ରଭୃତି ଗୁଡ଼ା ହୋଇଥିବା ଗୁଚ୍ଛା।

**hanker** *କ୍ରି.* ଅତି ଆଗ୍ରହର ସହ ଇଚ୍ଛା କରିବା, ଲାଳାୟିତ ହେବା।

**hankie, hanky** ବି. *କ.ଭା.* ରୁମାଲ୍।

**hanky–panky** ବି. *ସା.ପ୍ର.* ଲୁଚାଛପା କାର୍ଯ୍ୟ; ଦୁଷ୍ଟାମି; ହଟଚମଟ।

**hansom** ବି. hansom cab *ଋତି.* ଇଂଲଣ୍ଡରେ ପୂର୍ବକାଳରେ ବ୍ୟବହୃତ ହେଉଥିବା ଦୁଇଚକ ବିଶିଷ୍ଟ ଏକ ପ୍ରକାର ଘୋଡ଼ାଗାଡ଼ି।

**hap** *ପ୍ରା.ପ୍ର.* 1. ବି. ଭାଗ୍ୟ; ଆକସ୍ମିକ ଘଟଣା; 2. *କ୍ରି.* ଭାଗ୍ୟବଶତଃ ବା ଅକସ୍ମାତ୍ ଘଟିବା।

**haphazard** 1. ବିଂ. ଆକସ୍ମିକ; ଅବ୍ୟବସ୍ଥିତ; 2. *କ୍ରି.ବିଂ.* ଉପରଠାଉରିଆ ଭାବରେ।

**hapless** ବିଂ. ହତଭାଗ୍ୟ; ଭାଗ୍ୟହୀନ।

**happen** *କ୍ରି.* ଘଟିବା; (ଅକସ୍ମାତ ବା ଅନ୍ୟଥା) ସଂଘଟିତ ହେବା, ଭାଗ୍ୟକ୍ରମେ ହେବା।

**happening** ବି. ଘଟଣା; ସଂଘଟନ।

**happy** ବିଂ. ସୁଖୀ; ଆନନ୍ଦିତ; ସନ୍ତୁଷ୍ଟ, ସୁଖକର; (ଭାଷା ବା ଆଚରଣ ସଂପର୍କରେ) ମନୋରମ, ଉପଯୁକ୍ତ; happy event ସନ୍ତାନ ଲାଭ; *କ୍ରି.ବିଂ.* happily; ବି. happiness.

**happy–go–lucky** ବି. ଆରାମ ପ୍ରିୟ, ଖୁସିବାସିଆ।

**hara–kiri** ବି. (ପୂର୍ବକାଳରେ ଜାପାନୀ ସାମୁରାଇ ସଂପ୍ରଦାୟରେ ପ୍ରଚଳିତ) ସମ୍ମାନ ରକ୍ଷା ପାଇଁ ଖଡ଼୍ଗାଦିରେ ଉଦର ବିଦାରଣ ପୂର୍ବକ ଆତ୍ମହତ୍ୟା ପ୍ରଥା।

Digitized by srujanika@gmail.com

**harangue** 1. ବି. ଉଦ୍ଦୀପନାପୂର୍ଣ୍ଣ ଦୀର୍ଘ ଭାଷଣ; 2. କ୍ରି. ଉପର୍ଯୁକ୍ତ ପ୍ରକାରେ ଭାଷଣ ଦେବା ।

**harass** କ୍ରି. ଉତ୍ପୀଡ଼ନ କରିବା, ହଇରାଣ କରିବା ।

**harbinger** ବି. ଅଗ୍ରଗାମୀ ସଂବାଦ ବାହକ, ଅଗ୍ରଦୂତ ।

**harbour** ଆମେ. harbor 1. ବି. ପୋତାଶ୍ରୟ; ବନ୍ଦର; ନିରାପଦସ୍ଥାନ; 2. କ୍ରି. (ଅପରାଧୀ ପ୍ରଭୃତିଙ୍କୁ) ଆଶ୍ରୟ ଦେବା; (ଅସାଧୁ ଭାବନା) ପୋଷଣ କରିବା ।

**hard** 1. ବିଂ. ଦୃଢ଼ ଓ ଶକ୍ତ; କଠିନ; ଦୁର୍ବୋଧ; ଦୁଷ୍କର; ଦୁଃସହ (ଋତୁ ପାଗ); କ୍ଳେଶକର; ଅପ୍ରୀତିକର; ଗୁରୁ (ଜଳ); କଡ଼ା (ମଦ); 2. କ୍ରି.ବିଂ. ଅଧିକ ମାନସିକ ବା ଶାରୀରିକ ଶକ୍ତି ସାପେକ୍ଷ; ନିଷ୍ଠୁର; ବହୁତ ବେଶୀ, ଚଢ଼ା (ଦର ସଂପର୍କରେ); hard and fast ପ୍ରତିଷ୍ଠିତ; ଅପରିବର୍ତ୍ତନୀୟ (ତଥ୍ୟ ନିୟମ ଓ ପ୍ରଥା ପ୍ରଭୃତି); hard by ନିକଟରେ; ବି. hardness.

**hardback** 1. ବିଂ. ଟାଣ ବା କଠିନ ମଲାଟ ବିଶିଷ୍ଟ; 2. ବି. ଟାଣ ବା କଠିନ ମଲାଟ ବିଶିଷ୍ଟ ବହି ।

**hardbitten** ବିଂ. କଷ୍ଟସହିଷ୍ଣୁ ।

**hard cash** ବି. ନଗଦ ଟଙ୍କା (ଚେକ୍ ପ୍ରଭୃତି ଆକାରରେ ନୁହେଁ) ।

**harden** କ୍ରି. କଠିନ କରିବା ବା ହେବା ।

**hard–headed** ବିଂ. ବ୍ୟବହାର ବୁଦ୍ଧି ସଂପନ୍ନ ।

**heard–hearted** ବିଂ. କଠିଣ ହୃଦୟ; ନିର୍ମମ ।

**hardihood** ବି. ଦୁଃସାହସିକତା, ସ୍ପର୍ଦ୍ଧା ।

**hardly** କ୍ରି.ବିଂ. କ୍ୱଚିତ, ଅତ୍ୟନ୍ତ କଷ୍ଟରେ, କର୍କଶ ଭାବରେ ।

**hard of hearing** ବି. ବଡ଼ବୋଲା; ସାମାନ୍ୟ କାଲା ।

**hard–pressed** ବିଂ. ବ୍ୟତିବ୍ୟସ୍ତ, ଭାରାକ୍ରାନ୍ତ ।

**hardship** ବି. ଅତ୍ୟନ୍ତ କଷ୍ଟ; କ୍ଳେଶ, ଦୁରବସ୍ଥା ।

**hardware** ବି. ଲୌହାଦି ଧାତୁ ନିର୍ମିତ ଗୃହୋପକରଣ; ଯନ୍ତ୍ରୋପକରଣ; କଂପ୍ୟୁଟର ପ୍ରଭୃତିର ଯାନ୍ତ୍ରିକ ବା ଇଲେକ୍ଟ୍ରୋନିକ ଉପାଦାନ ।

**hardwood** ବି. ଶକ୍ତ, କଠିନ ଓ ଓଜନିଆ କାଠ ।

**hardy** ବିଂ. କଷ୍ଟସହିଷ୍ଣୁ; ଦୃଢ଼, ଶ୍ରମକ୍ଷମ; (ଉଦ୍ଭିଦ ସଂପର୍କରେ) ମୁକ୍ତ ବାୟୁରେ ସାରାବର୍ଷ ବଢ଼ିପାରୁଥିବା; ଶୀତତାପ ସହନକ୍ଷମ ।

**hare** 1. ବି. ବଡ଼ ଠେକୁଆ ବିଶେଷ; 2. କ୍ରି. ଚଞ୍ଚଳ ଦୌଡ଼ିବା ।

**hare–brained** ବିଂ. ଅବିବେକୀ; ହୁଂକାପିଟା; ଉଦ୍ଦାମ, ନିର୍ବୋଧ ।

**harelip** ବି. ଗ୍ରହଣଖଣ୍ଡିଆ, ଜନ୍ମଠାରୁ ଛିନ୍ନ ହୋଇଥିବା ଉପର ଓଠ ।

**harem** ବି. ଅନ୍ତଃପୁର; ଅନ୍ତଃପୁରବାସିନୀ ମୁସଲମାନ ମହିଳା ବୃନ୍ଦ ।

**hark** ପ୍ରା.ପ୍ର. କ୍ରି. ମନୋଯୋଗ ସହ ଶୁଣିବା; hark back କୌଣସି ବିଷୟକୁ ଫେରିଆସିବା ।

**harlequin** 1. ବିଂ. ରଙ୍ଗବେରଙ୍ଗୀ; 2. ବି. ବିଚିତ୍ର ପୋଷାକ ପରିଧାନ କରିଥିବା ଯାତ୍ରା–ଭିନୟର ମୂକ ଅଭିନେତା ବା ବିଦୂଷକ ।

**harlequinade** ବି. ବିଦୂଷକର ଅଭିନୟ; ସୁଆଙ୍ଗ ।

**harlot** ବି. ପ୍ରା.ପ୍ର. ଗଣିକା; ବେଶ୍ୟା ।

**harm** 1. ବି. ଅନିଷ୍ଟ; କ୍ଷତି; ହାନି; ଅପକାର; 2. କ୍ରି. କ୍ଷତି କରିବା; ହାନି କରିବା; ଅନିଷ୍ଟ କରିବା; out of harm's way ନିରାପଦରେ ।

**harmful** ବିଂ. କ୍ଷତିକାରକ; ଅନିଷ୍ଟକର; କ୍ରି.ବିଂ. harmfully; ବି. harmfulness.

**harmless** ବିଂ. ଯାହା କ୍ଷତିକାରକ ନୁହେଁ; ନିରୀହ; ନିର୍ଦ୍ଦୋଷ ।

**harmonic** 1. ବିଂ. ସ୍ୱରମେଳ ସମ୍ବନ୍ଧୀୟ; ସୁଲଳିତ; ସୁସ୍ୱର ବିଶିଷ୍ଟ; ସମତାଳ ବିଶିଷ୍ଟ; 2. ବି. ସମସ୍ୱର; ଉପସ୍ୱର ।

**harmonica** ବି. ମାଉଥ୍‌ଅର୍‌ଗାନ୍ ଭଳି ମୁଖବାଦ୍ୟ ବିଶେଷ ।

**harmonious** ବିଂ. ସୁଲଳିତ, ମଧୁର ସ୍ୱର ବିଶିଷ୍ଟ; ସମତାଳିକ; ସୁସଙ୍ଗତ; ଏକାତ୍ମ ।

**harmonium** ବି. ହାରମୋନିୟମ୍, ବାଦ୍ୟଯନ୍ତ୍ର ବିଶେଷ ।

**harmonize** କ୍ରି. ସମସ୍ୱର ହେବା ବା କରିବା; ଐକ୍ୟସ୍ଥାପନ କରିବା; ମିଳାଇବା; ମିଳିବା; ଖାପଖୁଆଇବା; ସମରୂପ କରିବା ।

**harmony** ବି. ସ୍ୱରର ମେଳ; ବାଦ୍ୟର ମେଳ; ଐକ୍ୟତାନ; ଐକ୍ୟ; ମିଳନ; ସମନ୍ୱୟ; ସଙ୍ଗତି; in harmony (with) ସମଭାବରେ ।

**harness** 1. ବି. ଘୋଡ଼ାକୁ ଗାଡ଼ିରେ ଯୋଚିବା ପାଇଁ ଓ ନିୟନ୍ତ୍ରଣ କରିବା ପାଇଁ ବ୍ୟବହୃତ ଉପକରଣ ସମୂହ; ଘୋଡ଼ାର ସାଜ; ମନୁଷ୍ୟର ଅନୁରୂପ ଉପକରଣ; 2. କ୍ରି. ଘୋଡ଼ାକୁ ସାଜ

Digitized by srujanika@gmail.com

ପିନ୍ଧାଇବା; ଗାଡ଼ି ପ୍ରଭୃତିରେ ଯୋଚିବା; ନଦୀ ବା ଅନ୍ୟ ପ୍ରାକୃତିକ ଶକ୍ତି ଅର୍ଥାତ୍ ଜଳପ୍ରପାତ ପ୍ରଭୃତିକୁ ବୈଦ୍ୟୁତିକଶକ୍ତି ପ୍ରଭୃତି ଉତ୍ପାଦନ ପାଇଁ ବ୍ୟବହାର କରିବା; in harness ଦୈନନ୍ଦିନ କାର୍ଯ୍ୟରତ ଅବସ୍ଥାରେ ।

**harp** 1. ବି. ଅଙ୍ଗୁଳିଦ୍ୱାରା ଚାଳିତ ବହୁତନ୍ତ୍ରୀ ଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ; 2. କ୍ରି. କୌଣସି ଏକ ବିଷୟକୁ ବାରମ୍ବାର ବିରକ୍ତିକର ଭାବରେ କହିବା; ବି. harpist.

**harpoon** 1. ବି. ତିମିମାଛ ପ୍ରଭୃତି ଶିକାର କରିବା ପାଇଁ ବ୍ୟବହୃତ ଡେଣ୍ଟା ବା ବର୍ଚ୍ଛା; 2. କ୍ରି. ଉକ୍ତ ଡେଣ୍ଟାରେ ଭୁଷିବା ।

**harpsichord** ବି. ପିଆନୋ ଜାତୀୟ ବାଦ୍ୟଯନ୍ତ୍ର ବିଶେଷ ।

**harpy** ବି. ନାରୀର ଶରୀର ଓ ମସ୍ତକ ଏବଂ ପକ୍ଷୀର ପକ୍ଷ ଓ ପଞ୍ଝା ବିଶିଷ୍ଟ କଳ୍ପିତ ରାକ୍ଷସୀ; ବିବେକଶୂନ୍ୟ, ଶୋଷଣକାରୀ ବ୍ୟକ୍ତି ।

**harquebus** ବି. ଇତି. ପୂର୍ବେ ବ୍ୟବହୃତ ହେଉଥିବା ଏକପ୍ରକାର ହାଲୁକା ବନ୍ଧୁକ ।

**harridan** ବି. ଉଗ୍ରସ୍ୱଭାବ ବିଶିଷ୍ଟ ବୃଦ୍ଧା ।

**harrier** ବି. ଠେକୁଆ ଶିକାରରେ ବ୍ୟବହୃତ ହେଉଥିବା କୁକୁର; ବ.ବ.ରେ କ୍ରସ୍‌କଣ୍ଟ୍ରି ଦୌଡ଼ାଳି; ଏକପ୍ରକାର ଶିକାରୀ ଛଞ୍ଚାଣ ।

**harrow** 1. ବି. ମାଟିଢେଲା ଭାଙ୍ଗିବା ପ୍ରଭୃତି ପାଇଁ ବ୍ୟବହୃତ ଭାରି ଲୁହାରେ ତିଆରି କୃଷିଯନ୍ତ୍ର ବିଶେଷ, ମଇ; 2. କ୍ରି. ଜମିରେ ମଇ ଦେବା; ଦୁଃଖ ବା ନିର୍ଯ୍ୟାତନା ଦେବା ।

**harry** କ୍ରି. ଲୁଟତରାଜ କରି ଛାରଖାର କରିବା; ହଇରାଣ କରିବା ।

**harsh** ବିଂ. କର୍କଶ; ଉଗ୍ର; କଠୋର, ରୁକ୍ଷ, ତୀବ୍ର; କ୍ରି. harshen; କ୍ରି.ବିଂ. harshly; ବି. harshness.

**hart** ବି. (ସାଧାରଣତଃ ଲୋହିତ ବର୍ଣ୍ଣର ଓ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ) ପୁରୁଷ ହରିଣ, ମୃଗ ।

**harum–scarum** କ.ଭା. 1. ବିଂ. ଉଦ୍ଦାମ ଓ ଦୁଃସାହସିକ; ବେପରୁଆ; 2. ବି. ଏତାଦୃଶ ବ୍ୟକ୍ତି ।

**harvest** 1. ବି. ଫସଲ; ଫସଲ ଅମଳ ସମୟ; କୌଣସି କାର୍ଯ୍ୟର ଫଳ; 2. କ୍ରି. ଶସ୍ୟ ସଂଗ୍ରହ କରିବା; ଫସଲ କାଟିବା ।

**harvester** ବି. ଫସଲ ଅମଳକାରୀ ବ୍ୟକ୍ତି ବା ଯନ୍ତ୍ର ।

**harvest festival** ବି. ଫସଲ ଅମଳ କାଳୀନ ଉତ୍ସବ, ଉକ୍ତ ଉପଲକ୍ଷେ ଗୀର୍ଜାରେ ଈଶ୍ୱରଙ୍କୁ କୃତଜ୍ଞତା ଜ୍ଞାପନ ଉତ୍ସବ ।

**harvest moon** ବି. କର୍କଟ ସଂକ୍ରାନ୍ତି ନିକଟବର୍ତ୍ତୀ ପୂର୍ଣ୍ଣିମା (ସେପ୍ଟେମ୍ବର ୨୨/୨୩), ସେହି ପୂର୍ଣ୍ଣିମାର ଚନ୍ଦ୍ର ।

**has** କ୍ରି. have ଦ୍ର. ।

**has–been** ବି. କ.ଭା. ଗୁରୁତ୍ୱ କମିଯାଇଥିବା ବ୍ୟକ୍ତି ବା ବସ୍ତୁ ।

**hash**[1] 1. ବି. ଚିକିଟିକି କରି କଟା ଯାଇଥିବା ସିଝା ମାଂସଖଣ୍ଡର ତରକାରୀ; ମିଶ୍ରଣ; ପୁନର୍ବାର ବ୍ୟବହୃତ ହୋଇଥିବା ବସ୍ତୁ; 2. କ୍ରି. (ମାଂସକୁ) ଛୋଟ ଛୋଟ ଖଣ୍ଡକରି କାଟିବା; make a hash of କ.ଭା. କୌଣସି କାର୍ଯ୍ୟକୁ ଗୋଳମାଳିଆ କରିଦେବା ।

**hash**[2] ବି. କ.ଭା. hashishର ସଂଶ. ।

**hashish** ବି. ଭାଙ୍ଗ ବା ଗଞ୍ଜେଇରୁ ପ୍ରସ୍ତୁତ ମାଦକ ଦ୍ରବ୍ୟ ।

**hasn't** କ.ଭା. has not.

**hasp** ବି. ଦରଜା ପ୍ରଭୃତିର ଧାତୁନିର୍ମିତ କବ୍‌ଜା ।

**hassle** କ.ଭା. 1. ବି. କଳି; ସଂଘର୍ଷ; ସମସ୍ୟା; 2. କ୍ରି. କଳିକରିବା; ହଇରାଣ କରିବା ।

**hassock** ବି. ଆଣ୍ଠୁମାଡ଼ି ବସିବାପାଇଁ ବ୍ୟବହୃତ ମୋଟା ଶକ୍ତ ଗଦି, ବହଳିଆ ତୃଣ ଗୁଚ୍ଛ ।

**haste** 1. ବି. ଗତି ବା କାର୍ଯ୍ୟର କ୍ଷିପ୍ରତା; ବ୍ୟସ୍ତତା, ତରବର ହେବା ଅବସ୍ଥା; 2. କ୍ରି. ପ୍ରା.ପ୍ର. ଚଞ୍ଚଳ ହେବା; ତରବର ହେବା; in haste ତରବରରେ; make haste ଶୀଘ୍ର ଶୀଘ୍ର (କୌଣସି କାର୍ଯ୍ୟ) କର ।

**hasten** କ୍ରି. ତ୍ୱରାନ୍ୱିତ କରିବା ବା ହେବା; ଶୀଘ୍ର କରିବା, ଶୀଘ୍ରଗାମୀ ହେବା ।

**hasty** ବିଂ. ତ୍ୱରାନ୍ୱିତ; ତରତରିଆ; ଅତି ଚଞ୍ଚଳ ଭାବରେ କୃତ ବା କଥିତ; କ୍ରି.ବିଂ. hastily; ବି. hastiness.

**hat** ବି. ଟୋପି; ଘରର ବାହାରେ ପିନ୍ଧିବା ପାଇଁ ମସ୍ତକର ଆବରଣ; keep it under one's hat କ.ଭା. (କୌଣସି କାର୍ଯ୍ୟ ବା କଥା) ଗୋପନୀୟ ରଖିବା; pass the hat round ଚାନ୍ଦା ଅର୍ଥ ସଂଗ୍ରହ କରିବା ।

**hatband** ବି. ଟୋପିରେ ଲାଗିଥିବା ରିବନ୍ ବା ଫିତା ।

Digitized by srujanika@gmail.com

**hatch**[1.] ବି. କାଛ ବା ଚଟାଣର କ୍ଷୁଦ୍ର ଦ୍ୱାର ବା କବାଟ; ଜାହାଜ ପଟାତନର ତଳକୁ ଯିବାପାଇଁ କ୍ଷୁଦ୍ରାକୃତି ଦ୍ୱାର, ଏହାର କବାଟ।

**hatch**[2.] 1. କ୍ରି. (ପକ୍ଷୀ ଶାବକ, ମାଛ ପ୍ରଭୃତି) ଅଣ୍ଡାରୁ ବହିର୍ଗତ ହେବା; ଛୁଆ ଜନ୍ମ କରିବା; ଡିମ୍ବ ଫୁଟାଇବା/ ଫୁଟିବା; ଷଡ଼ଯନ୍ତ୍ର କରିବା; 2. ବି. ଡିମ୍ବ ଉଷୁମେଇବା ବା ଫୁଟାଇବା କାର୍ଯ୍ୟ; ଏକା ଥରକେ ଫୁଟିଥିବା ପକ୍ଷୀଶାବକ ସମୂହ।

**hatch**[3.] କ୍ରି. ପାଖାପାଖି ସମାନ୍ତରାଳ ରେଖାଗୁଡ଼ିକ ଦ୍ୱାରା ଚିହ୍ନଦେବା।

**hatchet** ବି. ହାଲୁକା ଓ ଛୋଟିଆ କୁରାଢ଼ି; ଟାଙ୍ଗିଆ।

**hatchet man** ବି. ଭଡ଼ାଟିଆ ହତ୍ୟାକାରୀ; ଅନ୍ୟକୁ ଆକ୍ରମଣ କରିବାପାଇଁ ନିଯୁକ୍ତ ବ୍ୟକ୍ତି।

**hatchway** ବି. ଜାହାଜର ଉପର ମହଲାରୁ ତଳ ମହଲାକୁ ମାଲ ଯିବାପାଇଁ ବାଟ।

**hate** 1. ବି. ଘୃଣା; ଅତିଶୟ ବିରକ୍ତି; *କ.ଭା.* ଘୃଣ୍ୟ ବ୍ୟକ୍ତି ବା ବସ୍ତୁ; 2. କ୍ରି. ଘୃଣା କରିବା; ହେୟଜ୍ଞାନ କରିବା; *କ.ଭା.* ଅନିଚ୍ଛା ପ୍ରକାଶ କରିବା।

**hateful** ବିଂ. ଘୃଣ୍ୟ, ବିରକ୍ତିଜନକ।

**hatred** ବି. ଅତ୍ୟଧିକ ଘୃଣା, ଦ୍ୱେଷ ବା ଅଶ୍ରଦ୍ଧା।

**hatter** ବି. ଟୋପି ପ୍ରସ୍ତୁତକାରୀ ବା ବିକ୍ରେତା।

**hat trick** ବି. (ଜଣେ ଖେଳାଳି ଦ୍ୱାରା କୌଣସି ଖେଳରେ) ଏକାଦିକ୍ରମେ ତିନୋଟି ବିଜୟ ହାସଲ କରିବା; କ୍ରିକେଟ୍ ଲାଗ୍‌ଲାଗ୍ ତିନୋଟି ବଲ୍‌ରେ ତିନୋଟି ୱିକେଟ୍ ନେବା।

**haughty** ବିଂ. ଅହଙ୍କାରୀ; ଉଦ୍ଧତ, ଅବିନୀତ; କ୍ରି.ବିଂ. haughtily; ବି. haughtines.

**haul** 1. କ୍ରି. ବଳପୂର୍ବକ ଟାଣିବା ବା ଘୋଷାରିବା; ଲରି ବା ଅନ୍ୟ ଗାଡ଼ିଦ୍ୱାରା ଏକ ସ୍ଥାନରୁ ଅନ୍ୟସ୍ଥାନକୁ ନେବା; ଜାହାଜର ଗତିପଥ ବଦଳାଇବା; *କ.ଭା.* ଦୋଷ ବିଚାର ପାଇଁ ବା ଭର୍ତ୍ସନା ନିମନ୍ତେ (କୌଣସି ବ୍ୟକ୍ତିକୁ) ଆଣିବା; 2. ବି. ଟଣା ଓଟରା; ଟାଣିବା କାର୍ଯ୍ୟ; ଏକା ଥରକେ ଧରା ହୋଇଥିବା ପଦାର୍ଥ; ଅତିକ୍ରମ କରାଯାଉଥିବା ଦୂରତ୍ୱ (a short haul).

**haulage** ବି. ପରିବହନ, ପରିବହନ ଭଡ଼ା ବା ଖର୍ଚ୍ଚ।

**haulier** ବି. ସଡ଼କ ବାଟରେ ମାଲପରିବହନ କାରୀ ବ୍ୟକ୍ତି ବା ଅନୁଷ୍ଠାନ।

**haulm** ବି. ବିଲାତି ଆଳୁ, ଛୁଇଁ, ମଟର ପ୍ରଭୃତିର କାଣ୍ଡ ସମୂହ।

**haunch** ବି. ଜଙ୍ଘ ଓ ପିଚାର ମାଂସଳ ଅଂଶ; (ଖାଦ୍ୟ ଭାବରେ ବ୍ୟବହୃତ) ଛେଳି, ହରିଣ ଆଦିର ପଡ଼ିଆ।

**haunt** 1. କ୍ରି. କୌଣସି ସ୍ଥାନକୁ ବାରମ୍ବାର ଯିବା ଆସିବା କରିବା; (ଭୂତ ପ୍ରେତାଦି) କୌଣସି ସ୍ଥାନକୁ ଆଶ୍ରୟ କରିବା; ବାରମ୍ବାର ମନେ ପଡ଼ିବା; ମନକୁ ଆଚ୍ଛନ୍ନ କରିବା; 2. ବି. ସବୁବେଳେ ଯିବାଆସିବା କରୁଥିବା ସ୍ଥାନ; ଆଡ୍‌ଡ଼ାସ୍ଥଳି।

**hautboy** ବି. oboe ବାଦ୍ୟଯନ୍ତ୍ରର ଅଧୁନା ଅପ୍ରଚଳିତ ନାମ।

***haute couture*** ବି. ଉଚ୍ଚକୋଟୀର ସୌଖୀନ ରୀତି (ବେଶଭୂଷା ଆଦିରେ), ସୌଖୀନ ପଦାର୍ଥ, ଏଗୁଡ଼ିକର ପ୍ରସ୍ତୁତକାରୀ ଅନୁଷ୍ଠାନ। *(ଫ.)*

***haute cuisine*** ବି. ଉନ୍ନତ ଧରଣର ରନ୍ଧନ ପ୍ରଣାଳୀ। *(ଫ.)*

**hauteur** ବି. ଉଦ୍ଧତ ପ୍ରକୃତି; ଔଦ୍ଧତ୍ୟ।

**Havana** ବି. ହାଭାନା ଅଥବା କ୍ୟୁବାରେ, ବା ଅନ୍ୟତ୍ର ପ୍ରସ୍ତୁତ ହେଉଥିବା ସିଗାର୍ ବା ଚୁରୁଟ୍।

**have**[1.] କ୍ରି. ୩ୟ ପୁରୁଷ, ଏ.ବ. has, *ଅ.କା.* ଓ *ଅ.କ୍ରି.ଜ.ପ.* had; 1. କ୍ରି. ଅଧିକାରରେ ରଖିବା ବା କର୍ତ୍ତୃତ୍ୱରେ ରଖିବା, ଅଛି (have a book) ଅଛି (have a sister, has blue eyes); ଅଂଶ ବା ଗୁଣ ସ୍ୱରୂପ ରହିବା; ଉପଭୋଗ କରିବା (have a good time); ମନରେ ପୋଷଣ କରିବା, ଗ୍ରହଣ କରିବା, ଖାଇବା, ପିଇବା (have a breakfast); ଭାରପ୍ରାପ୍ତ ହେବା, ବାଧ୍ୟ ହେବା (have to go); ପିନ୍ଧିବା; (ବ୍ୟକ୍ତି ବା ବସ୍ତୁକୁ) କୌଣସି କାର୍ଯ୍ୟ, ବିଷୟ କରିବା ପାଇଁ ବା ହେବାପାଇଁ ଅନୁମତି ଦେବା (had a copy made; had hair dried); ଚିନ୍ତାଧାରା, ଭାବନା ପ୍ରଭୃତି ରଖିବା; have had it ସୁଯୋଗ ହରାଇଦେବା; ନିହତ ବା ପରାଜିତ ହେବା; have it ମତ ପୋଷଣ କରିବା; ଉତ୍ତର ବା ସମାଧାନ ଖୋଜି ପାଇବା; have it away (off) *ଅ.ପ୍ର.* ଯୌନକ୍ରିୟା କରିବା; have it in for *କ.ଭା.* ବିରୋଧାଚରଣ ବା ଶତ୍ରୁଭାବ ପୋଷଣ କରିବା; have it out ଯୁକ୍ତିତର୍କ ମାଧ୍ୟମରେ ବିବାଦର ସମାଧାନ କରିବା; have on

Digitized by srujanika@gmail.com

ପରିଧାନ କରିବା; *କ.ଭା.* ଚିଡ଼ାଇବା, ଠକିବା; have up ବିଚାର, ସାକ୍ଷାତ୍‌କାର ପ୍ରଭୃତି ପାଇଁ ହାଜର କରିବା ।

**have²** ବି. ଥିଲାବାଲା ବା ଧନୀବ୍ୟକ୍ତି; *ସା.ପ୍ର.* ଠକିବା; haves and have-nots ଥିଲାବାଲା ଓ ନଥିଲାବାଲା ।

**haven** ବି. ଆଶ୍ରୟସ୍ଥଳ; ପୋତାଶ୍ରୟ; ବନ୍ଦର ।

**haven't** *କ.ଭା.* have not.

**haver** *କ୍ରି.* ଦ୍ୱିଧାଗ୍ରସ୍ତ ହେବା; ଇତସ୍ତତଃ ହେବା ।

**haversack** ବି. କାନ୍ଧରେ ବା ପିଠିରେ ଝୁଲାଇ ହେଉଥିବା ଶକ୍ତ କପଡ଼ାରେ ତିଆରି ଥଳି ।

**havoc** ବି. ବ୍ୟାପକ ଧ୍ୱଂସସାଧନ; ଛାରଖାର; ବ୍ୟାପକ ବିଶୃଙ୍ଖଳା ।

**haw¹** ବି. ହଥର୍ଣ୍ଣ ନାମକ କୋଳି ।

**haw²** *ଦ୍ର.* hum.

**hawfinch** ବି. ଲମ୍ବା ଥଣ୍ଟ ବିଶିଷ୍ଟ ବଣି ଜାତୀୟ ପକ୍ଷୀ ବିଶେଷ ।

**hawk¹** 1. ବି. ଛଞ୍ଚାଣ ପକ୍ଷୀ, ବାଜ ପକ୍ଷୀ, ଶ୍ୟେନ; 2. *କ୍ରି.* ବାଜପକ୍ଷୀ ଦ୍ୱାରା ଶିକାର କରିବା; ବିଂ. hawkish.

**hawk²** *କ୍ରି.* ଗଳା ଖଙ୍କାରିବା; ଖଙ୍କାରି ଗଳା ପରିଷ୍କାର କରିବା ।

**hawk³** *କ୍ରି.* ବୁଲି ବୁଲି (ଫେରି କରି) ଜିନିଷ ବିକିବା ।

**hawker** ବି. ବୁଲା ବିକାଳି; ଫେରିବାଲା ।

**hawk-eyed** ବି. ତୀକ୍ଷ୍ଣଦୃଷ୍ଟି ସଂପନ୍ନ (ବ୍ୟକ୍ତି) ।

**hawser** ବି. ଜାହାଜକୁ ଦୃଢ଼ଭାବରେ ରଖିବା ବା ଟାଣିବା ପାଇଁ ବ୍ୟବହୃତ ମୋଟା ଦଉଡ଼ି ।

**hawthorn** ବି. ନାଲିକୋଳି ଫଳୁଥିବା କଣ୍ଟା ବୁଦା ବିଶେଷ ।

**hay** ବି. ଶୁଖିଲା ଘାସ; hit the hay *ସା.ପ୍ର.* ଶୋଇବାକୁ ଯାଅ; make hay while the sun shines ସୁଯୋଗ ଥାଉଁ ଥାଉଁ କାମ ହାସଲ କର ।

**hay fever** ବି. ଧୂଳି ଓ ରେଣୁର ପ୍ରତିକ୍ରିୟା ଜନିତ ଜ୍ୱର ।

**haymaking** ବି. ଘାସ କାଟି ଶୁଖାଇବା ।

**haystack** ବି. (hayrick ମଧ୍ୟ) ଶୁଖିଲା ଘାସ ବା ନଡ଼ା ଗଦା ।

**haywire** ବିଂ. *କ.ଭା.* ଅତ୍ୟନ୍ତ ବିଶୃଙ୍ଖଳିତ; ନିୟନ୍ତ୍ରଣ ବହିର୍ଭୂତ ।

**hazard** 1. ବି. ଆକସ୍ମିକ ଘଟଣା; ସମ୍ଭାବ୍ୟ କ୍ଷତି; ଗଲ୍‌ଫ ଖେଳରେ ବାଧାବିଘ୍ନ; 2. *କ୍ରି.* ଦୁଃସାହସ କରିବା; କ୍ଷତିର ଦାୟିତ୍ୱ ନେବା; ସଙ୍କଟାପନ୍ନ କରିବା ।

**hazardous** ବିଂ. ବିପଦପୂର୍ଣ୍ଣ; ସଙ୍କଟପୂର୍ଣ୍ଣ ।

**haze** ବି. କୁହୁଡ଼ି; ଅସ୍ୱଚ୍ଛତା; ମାନସିକ ବିଭ୍ରମ ।

**hazel** ବି. ଖାଦ୍ୟରୂପେ ବ୍ୟବହୃତ ଛୋଟ ଛୋଟ କୋଳି ଫଳୁଥିବା ବୁଦା ବା ଗଛ; ଈଷତ୍ ମାଟିଆ ରଙ୍ଗ ।

**hazy** ବିଂ. କୁହୁଡ଼ିଆ; ଅସ୍ୱଚ୍ଛ; ଭ୍ରମପୂର୍ଣ୍ଣ; ଅନିଶ୍ଚିତ; *କ୍ରି.ବିଂ.* hazily.

**HB** *ସଂଶ.* hard black ଗାଢ଼ କଳା ରଙ୍ଗ (ପେନ୍‌ସିଲ୍ ସୀସା) ।

**H-bomb** ବି. ଉଦ୍‌ଯାନ ବୋମା ।

**HCF** *ସଂଶ.* highest common factor ଗରିଷ୍ଠ ସାଧାରଣ ଗୁଣନୀୟକ ବା ଗ.ସା.ଗୁ ।

**he** 1. *ସ.* ସେ; (ପୂର୍ବରୁ ନାମିତ ହୋଇଥିବା ଆଲୋଚ୍ୟ) ପୁରୁଷ; ଯେକୌଣସି ଅନିର୍ଦ୍ଦିଷ୍ଟ ବ୍ୟକ୍ତି (ଲିଙ୍ଗ ନିର୍ବିଶେଷରେ); 2. ବି. ପୁରୁଷ; 3. ବିଂ. (ପ୍ରାୟ ହାଇଫେନ୍ ଯୁକ୍ତ) ପୁଂ; ଅଣ୍ଡିରା (he-goat).

**HE** *ସଂଶ.* high explosive; His or Her Excellency; His Eminence.

**He** *ଦ୍ର.* helium ହିଲିଅମ୍ ।

**head** 1. ବି. ମୁଣ୍ଡ; ମସ୍ତକ; ମସ୍ତିଷ୍କ; ମାନସିକ ଶକ୍ତି; *କ.ଭା.* ମୁଣ୍ଡବ୍ୟଥା, ବ୍ୟକ୍ତି (per head); ପଶୁ (20 head); ଜଣ/ ସଂଖ୍ୟା; ଶୀର୍ଷଲିପି; ମୁଦ୍ରାର ଏକ ପାର୍ଶ୍ୱରେ ଅଙ୍କିତ ମସ୍ତକ; ଶାସକ ବା ମୁଖିଆ; ସ୍କୁଲ ବା କଲେଜର ପ୍ରଧାନ ଶିକ୍ଷକ; ଅଗ୍ରଭାଗ; ଶୀର୍ଷସ୍ଥାନ; ପ୍ରଧାନ ବିଷୟ; ସମ୍ମାନର ସ୍ଥାନ; ବଥ ବା ବ୍ରଣର ମୁହଁ; 2. *କ୍ରି.* ମୁଖ୍ୟ ସ୍ଥାନରେ ରହିବା; ମୁଖ୍ୟ ଦାୟିତ୍ୱରେ ରହିବା; (ପେଣ୍ଡୁ ପ୍ରଭୃତି) ମୁଣ୍ଡଦ୍ୱାରା ଆଘାତ କରିବା; ଶୀର୍ଷକ ଦେବା; (କୌଣସି ନିର୍ଦ୍ଦିଷ୍ଟ ଦିଗରେ) ଅଗ୍ରସର ହେବା, ଆଗରେ ଯିବା; ନେତୃତ୍ୱ ନେବା; come to a head ଶୀର୍ଷ ସ୍ଥାନରେ ପହଞ୍ଚିବା, (ବଥର) ମୁହଁହେବା; give person his head ନିଜ ବୁଦ୍ଧିଖର୍ଚ୍ଚକରି କାର୍ଯ୍ୟକରିବାକୁ ଛାଡ଼ିଦେବା; keep (lose) one's head ମୁଣ୍ଡ ଠିକ୍ ରଖିବା (ବିଗିଡ଼ି ଯିବା);

Digitized by srujanika@gmail.com

make head or tail of କିଛି ବୁଝି ନ ପାରିବା; off (out of) one's head କ.ଭା. ବିକୃତ ମସ୍ତିଷ୍କ, ପାଗଳ; put heads together ମିଳିମିଶି ବିଚାର କରିବା; turn a person's head ମୁଣ୍ଡ ବିଗାଡ଼ିଦେବା ।

**headache** ବି. ମୁଣ୍ଡବ୍ୟଥା; କ.ଭା. ବିଚଳିତ କରୁଥିବା ସମସ୍ୟା ।

**headboard** ବି. ଶଯ୍ୟାର ମୁଣ୍ଡପାଖରେ ଥିବା ଖଟବାଡ଼ ।

**headdress** ବି. ମସ୍ତକ ପାଇଁ ଆଚ୍ଛାଦନ ବା ପରିଧାନ ।

**header** ବି. (ଫୁଟବଲ ଖେଳରେ) ବଲକୁ ମୁଣ୍ଡରେ ମାରିବା; କ.ଭା. ମୁଣ୍ଡ ତଳକୁ କରି ପତନ ବା ଉଲ୍ଲମ୍ଫନ ।

**head first** କ୍ରି.ବିଂ. ମୁଣ୍ଡତଳକୁ କରି ।

**headgear** ବି. ଟୋପି ବା ପଗଡ଼ି ।

**heading** ବି. ଶିରୋନାମା; ପ୍ରସଙ୍ଗର ନାମ ।

**headlamp** ବି. headlight ଦ୍ର. ।

**headland** ବି. ଅନ୍ତରୀପ; ସମୁଦ୍ର ଗର୍ଭକୁ ପଶିଯାଇଥିବା ସ୍ଥଳଭାଗ ।

**headlight** ବି. ରେଳ ବା ମଟର ଗାଡ଼ିର ସମ୍ମୁଖଭାଗରେ ଥିବା ଶକ୍ତିଶାଳୀ ଆଲୋକ ।

**headline** ବି. ମୁଖ୍ୟ ବା ଶୀର୍ଷଲିପି, ବିଶେଷତଃ ଖବରକାଗଜରେ ବା ପ୍ରବନ୍ଧାଦିରେ ଲିଖିତ ବିଷୟ ଉପରେ ଦିଆଯାଇଥିବା ଶୀର୍ଷକ; ବ.ବରେ ସମ୍ବାଦ ପ୍ରଚାର ବା ପରିବେଷଣରେ ମୁଖ୍ୟ ବିଷୟଗୁଡ଼ିକ ।

**headlong** ବିଂ. ଓ କ୍ରି.ବିଂ. ମୁଣ୍ଡ ଆଗକୁ ରଖି; ତରବରରେ; ବିଚାରଶୂନ୍ୟ ଭାବରେ ।

**headman** ବି. ଦଳର ମୁଖିଆ, ସର୍ଦ୍ଦାର ।

**headmaster** ବି. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ।

**headmistress** ବି. ପ୍ରଧାନ ଶିକ୍ଷୟିତ୍ରୀ ।

**head over heels** 1. କ୍ରି.ବିଂ. ଅତିଶୟ; 2. ବି. ମୁଣ୍ଡ ତଳକୁ କରି ଓଲଟ ଖାଇବା ।

**headphone** ବି. ମସ୍ତକ ସଂଲଗ୍ନ ଅଡ଼ିଓ, ଟେଲିଫୋନ୍ ବା ରେଡ଼ିଓ ରିସିଭର୍ ।

**headquarters** ବି. ପ୍ରଧାନ କାର୍ଯ୍ୟାଳୟର ସ୍ଥାନ; ସଦର ମହକୁମା; ସୈନ୍ୟବାହିନୀ ବା ଅନ୍ୟାନ୍ୟ ମୁଖ୍ୟ ସଂଗଠନାଦିର ମୁଖ୍ୟ କାର୍ଯ୍ୟାଳୟ; ମୁଖ୍ୟ ବ୍ୟବସାୟ ସ୍ଥାନ ।

**headroom** ବି. ଯାନବାହନାଦିର ଉପରେ ଥିବା ଖୋଲା ସ୍ଥାନ; ଯାନବାହନାଦିରେ ମୁଣ୍ଡ ଉପରେ ଥିବା ସ୍ଥାନ ।

**headship** ବି. ମୁଖିଆ ବା ଅଧ୍ୟକ୍ଷର ପଦବୀ (ବିଶେଷତଃ ପ୍ରଧାନଶିକ୍ଷକ/ ଶିକ୍ଷୟିତ୍ରୀ); କର୍ତ୍ତୃତ୍ୱ ।

**headstall** ବି. ଘୋଡ଼ାର ମସ୍ତକରେ ସଂଲଗ୍ନ ଲଗାମ୍‌ର ଦଉଡ଼ି ବା ତା'ର ଅଂଶବିଶେଷ ।

**headstone** ବି. କବରର ଶୀର୍ଷଦେଶରେ ରଖାହୋଇଥିବା ପଥର ।

**headstrong** ବିଂ. ଜିଦ୍‌ଖୋର, ଅବୁଝା ।

**headwaters** ବି.ବ.ବ. ନଦୀର ଉତ୍ପତ୍ତିସ୍ଥଳରୁ ବାହାରିଥିବା ଝରଣା ସମୂହ ।

**headway** ବି. ଅଗ୍ରଗତି; ଜାହାଜର ଅଗ୍ରଗାମୀ ଗତି; ଯାନର ଉପରିସ୍ଥ ଖୋଲା ସ୍ଥାନ ।

**head wind** ବି. ସାମନା ଆଡୁ ବହୁଥିବା ପବନ ।

**headword** ବି. ଶୀର୍ଷକ ପ୍ରସ୍ତୁତ କରୁଥିବା ପଦ ।

**heady** ବିଂ. (ମଦ୍ୟ ସଂପର୍କରେ) କଡ଼ା; ଉତ୍ତେଜକ; (ସଫଳତା ପ୍ରଭୃତି ସଂପର୍କରେ) ଅତ୍ୟନ୍ତ ଫଳପ୍ରଦ; (ବ୍ୟକ୍ତି ସଂପର୍କରେ) ଏକଜିଦିଆ ।

**heal** କ୍ରି. (କ୍ଷତ ବା ଆଘାତ) ଉପଶମ କରିବା ବା ହେବା; (ମନୋମାଳିନ୍ୟ, ମତଭେଦ ପ୍ରଭୃତି) ସୁଧାରିଦେବା; (ଦୁଃଖ ପ୍ରଭୃତି) ନିବାରଣ କରିବା; ଆରୋଗ୍ୟ କରିବା ।

**health** ବି. ସ୍ୱାସ୍ଥ୍ୟ; ମାନସିକ ଓ ଶାରୀରିକ ସୁସ୍ଥତା; drink to one's health/ drink a health to ମଦ୍ୟପାତ୍ର ଉଠାଇ କାହାର ସ୍ୱାସ୍ଥ୍ୟ ବା ସୌଭାଗ୍ୟ କାମନା କରିବା ।

**healthful** ବିଂ. ସ୍ୱାସ୍ଥ୍ୟକର; ସୁସ୍ଥ; ହିତକାରୀ; କ୍ରି.ବିଂ. healthfully.

**healthy** ବିଂ. ସୁସ୍ଥ, ନୀରୋଗ; ସତେଜ, ନିରାମୟ; କ୍ରି.ବିଂ. healthily; ବି. healthiness.

**heap** 1 ବି. ଗଦା; ସ୍ତୂପ; ରାଶି; କ.ଭା. ବ.ବ. ବହୁତ ପରିମାଣ; ବହୁ ସଂଖ୍ୟା; 2. କ୍ରି. ଗଦାକରିବା; ଜମା କରିବା; ପରିପୂର୍ଣ୍ଣ କରିବା; ଅଜାଡ଼ି ଦେବା (heaped insults on him).

**hear** କ୍ରି. ଶୁଣିବା; (ମୋକଦ୍ଦମା ପ୍ରଭୃତି) ବିଚାର କରିବା; ମନୋଯୋଗ ପୂର୍ବକ ଶୁଣିବା; ଅବହିତ ହେବା, ଜାଣିବା; ଅନୁଗ୍ରହ କରିବା; (ଆଦେଶ)

Digitized by srujanika@gmail.com

ମାନିବା; ଶିକ୍ଷା କରିବା; hear from କାହାଠାରୁ ପତ୍ର ପାଇବା; hear! hear! ସମର୍ଥନ ସୂଚକ ଉଚ୍ଚାରଣ ।

**hearer** ବି. ଶ୍ରୋତା. ଶ୍ରୋତୃମଣ୍ଡଳୀର ସଦସ୍ୟ ।

**hearing** ବି. ଶ୍ରବଣ ଶକ୍ତି; ଶ୍ରବଣ ସୀମା; (ମୋକଦ୍ଦମାର) ଶୁଣାଣି ।

**hearing–aid** ବି. ଆଂଶିକ ଶ୍ରୁତିହୀନମାନଙ୍କ– ଦ୍ୱାରା ବ୍ୟବହୃତ ଶ୍ରବଣ ସହାୟକ ଯନ୍ତ୍ର ।

**hearken** କ୍ରି. *ପ୍ରା.ପ୍ର.* ଶୁଣିବା; ମନୋଯୋଗ ସହ ଶୁଣିବା ।

**hearsay** ବି. ଶୁଣାକଥା; ଜନରବ ।

**hearse** ବି. (ସତ୍କାର ସକାଶେ) ଶବ ବୋହିବା ଯାନ ।

**heart** ବି. ହୃତ୍‌ପିଣ୍ଡ; ହୃଦ୍‌ଯନ୍ତ୍ର; ବକ୍ଷଃସ୍ଥଳ; ହୃଦୟ; ଅନୁଭୂତି ଓ ଭାବନା; ସାହସ; ଉତ୍ସାହ; ମର୍ମସ୍ଥାନ; ମଧ୍ୟସ୍ଥଳ; ସ୍ନେହ, ପ୍ରଣୟାଦି ଭାବାନୁଭୂତି ପାଇଁ ସାମର୍ଥ୍ୟ; ହୃତପିଣ୍ଡାକୃତି ବସ୍ତୁ; ନାଲିପାନ (ତାସ୍); at heart ମୂଳତଃ, ଅନ୍ତଃକରଣରେ; by heart ସ୍ମୃତିରୁ; take to heart କ୍ଷୁଣ୍ଣହେବା ।

**heartache** ବି. ହୃଦୟ ବେଦନା; ମନୋବେଦନା ।

**heartbeat** ବି. ହୃଦ୍‌ସ୍ପନ୍ଦନ ।

**heart–breaking** ବିଂ. ହୃଦୟ–ବିଦାରକ ।

**heartburn** ବି. ଛାତିପୋଡ଼ା; ଛାତିରେ ଜଳିବା ପରି କଷ୍ଟ ହେବା; ଅମ୍ଳରୋଗ ।

**hearten** କ୍ରି. ଆନନ୍ଦିତ ଓ ଉତ୍ସାହିତ ହେବା ବା କରିବା ।

**heart failure** ବି. ହୃତ୍‌ସ୍ପନ୍ଦନ ବନ୍ଦ ହୋଇଯିବା ।

**heartfelt** ବିଂ. ଆନ୍ତରିକ, ନିଷ୍କପଟ ।

**hearth** ବି. ଚୁଲି; ଚୁଲିର ସ୍ଥାନ; ଗୃହ; ନିଆଁପୋଇବା ସ୍ଥାନ ।

**heartily** କ୍ରି.ବିଂ. ଆନ୍ତରିକତାର ସହ, ଅତ୍ୟନ୍ତ ।

**heartland** ବି. କେନ୍ଦ୍ରସ୍ଥଳ; କୌଣସି ସ୍ଥାନର କେନ୍ଦ୍ରଭାଗ ।

**heartless** ବିଂ. ନିର୍ଦ୍ଦୟ; ନିଷ୍ଠୁର; ହୃଦୟହୀନ ।

**heartsick** ବିଂ. ମନୋବ୍ୟଥାଗ୍ରସ୍ତ; ବିଷଣ୍ଣ ।

**heart–to–heart** ବିଂ. ଅନ୍ତରଙ୍ଗ; ଖୋଲାଖୋଲି ।

**hearty** ବିଂ. ଆନ୍ତରିକ; ଉଦ୍ଦୀପନାମୟ; ପ୍ରଚୁର (ଖାଦ୍ୟ); ସୌହାର୍ଦ୍ଦପୂର୍ଣ୍ଣ ।

**heat** 1. ବି. ଉତ୍ତାପ; ଉଷ୍ଣତା; ଉତ୍ତାପବୋଧ; କ୍ରୋଧ; ଉତ୍ତେଜନା; ଦୌଡ଼ ବା ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରାଥମିକ ପର୍ଯ୍ୟାୟ; ସ୍ତନ୍ୟପାୟୀ ସ୍ତ୍ରୀ-ପଶୁମାନଙ୍କର ସଙ୍ଗମ କାଳ; ଉତ୍ତାପ ସ୍ପର୍ଶରେ ଚର୍ମର ରକ୍ତିମା; 2. କ୍ରି. ଗରମ କରିବା ବା ହେବା, ଉତ୍ତେଜିତ କରିବା; ପ୍ରଜ୍ୱଳିତ କରିବା ।

**heated** ବିଂ. ଉତ୍ତପ୍ତ; (ବ୍ୟକ୍ତି, ଆଲୋଚନାଦି ସଂପର୍କରେ) କ୍ରୁଦ୍ଧ; ଉତ୍ତେଜିତ; କାମୋତ୍ତେଜିତ; କ୍ରି.ବିଂ. heatedly.

**heater** ବି. ଉତ୍ତାପକ ଯନ୍ତ୍ର; ବିଦ୍ୟୁତ୍ ଚାଳିତ ଚୁଲ୍ଲୀ ।

**heath** ବି. ଛୋଟଛୋଟ ଗୁଳ୍ମବିଶିଷ୍ଟ ଖୋଲା ଅନାବାଦି ପଡ଼ିଆ, ଉକ୍ତ ଖୋଲା ପଡ଼ିଆରେ ଜାତ ସାନ ବୁଦା ବା ଫୁଲଯୁକ୍ତ ଗୁଳ୍ମ ।

**heathen** 1. ବି. ଖ୍ରୀଷ୍ଟିଆନ୍, ଜିଉ ବା ମୁସଲିମ୍ ପ୍ରଭୃତି ଏକ ବ୍ୟାପକ ଧର୍ମ ସଂପ୍ରଦାୟଭୁକ୍ତ ହୋଇ ନଥିବା ବ୍ୟକ୍ତି; ନୈତିକତାବିହୀନ ବ୍ୟକ୍ତି; 2. ବିଂ. ବିଧର୍ମୀ, ନୈତିକତାବିହୀନ ।

**heather** ବି. ଛୋଟ ଛୋଟ ଫୁଲ ବିଶିଷ୍ଟ ସାନ ବୁଦା ବା ଗୁଳ୍ମ ବିଶେଷ ।

**heat–stroke** ବି. ଅତିଶୟ ତାପ ଜନିତ ଅବସ୍ଥା ।

**heat wave** ବି. ତାପ ପ୍ରବାହ ।

**heave** 1. କ୍ରି. ବହୁତ ପ୍ରଚେଷ୍ଟାରେ (ଭାରି ପଦାର୍ଥ) ଉଠାଇବା ବା ଭିଡ଼ିନେବା; ବହୁତ ଜୋର୍‌ରେ କହିବା; ବହୁତ କଷ୍ଟରେ ଉଚ୍ଚାରଣ କରିବା (heaved a sigh); *କ.ଭା.* ଫିଙ୍ଗିଦେବା; (ନୌ ସଂପର୍କୀୟ) ଦଉଡ଼ିଦ୍ୱାରାଟାଣିନେବା; ସମୁଦ୍ରର ଢେଉପରି ଉଠିବା ପଡ଼ିବା; 2. ବି. ଉତ୍ତୋଳନ; heave in sight ଦୃଷ୍ଟିପଥାରୂଢ଼ ହେବା ।

**heaven** ବି. ସ୍ୱର୍ଗ; ଦେବଲୋକ; ବିଧାତା; ପରମେଶ୍ୱର; ପରମାନନ୍ଦ ଧାମ; ସୌଖ୍ୟ; the heavens ଆକାଶ; ଗଗନ ମଣ୍ଡଳ ।

**heavenly** ବିଂ. ସ୍ୱର୍ଗୀୟ; ଦିବ୍ୟ; ଆକାଶସ୍ଥ; *କ.ଭା.* ଅତ୍ୟନ୍ତ ଆନନ୍ଦପ୍ରଦ ।

**heavenly bodies** ବି. ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ରାଦି ।

**heavy** 1. ବିଂ. ଅତ୍ୟନ୍ତ ଭାରି; ଓଜନିଆ ହେତୁ ଉଠାଇବା ପାଇଁ କଷ୍ଟକର ହେଉଥିବା; ପ୍ରଚୁର; ଅଧିକ ବ୍ୟାପକ; ଅତ୍ୟଧିକ (heavy drinker); ବଳପୂର୍ବକ (ଆଘାତ କରିବା ବା

Digitized by srujanika@gmail.com

ପଡ଼ିବା); ଭାରି; (ଅସ୍ତ୍ରଶସ୍ତ୍ର ପ୍ରଭୃତି ସମ୍ବନ୍ଧୀୟ) ଅତିକାୟ; (ବ୍ୟକ୍ତି, ଲେଖା, ସଂଗୀତ ପ୍ରଭୃତି) ଗମ୍ଭୀର; ଉଦାସ; ବିଷଣ୍ଣ; ଗୁରୁପାକ; ମର୍ଯ୍ୟାଦା–ସଂପନ୍ନ; ଦୁର୍ଗମ; ଦୁର୍ଗନ୍ଧ; ପୀଡ଼ାଦାୟକ; 2. ବି. ଖଳନାୟକୀୟ ବା ଦୁଃଖାବହ ଅଭିନୟ ବା ଅଭିନେତା; ଗୁରୁତ୍ୱସମ୍ପନ୍ନ; ବ.ବ. ଚିନ୍ତାଶୀଳ ସମ୍ବାଦପତ୍ର; ଓଜନିଆ ଯାନ; make heavy weather of ଅସୁବିଧାକୁ ଅତିରଞ୍ଜିତ କରିବା ବା ସମସ୍ୟାମାନ ସୃଷ୍ଟିକରି ଭାରାକ୍ରାନ୍ତ କରିବା; କ୍ରି.ବିଂ. heavily; ବି. heaviness.

**heavy–handed** ବିଂ. କଦର୍ଯ୍ୟ; ଅତ୍ୟାଚାରୀ।

**heavy–hearted** ବିଂ. ଦୁଃଖିତ।

**heavy industry** ବି. ଧାତୁ ଓ କଳକବ୍‌ଜାଦି ଉତ୍ପାଦନ କରୁଥିବା ଶିଳ୍ପ।

**heavy metal** ବି. ବଡ଼ ତୋପ; ଉଚ୍ଚ ସାନ୍ଦ୍ରତା ବିଶିଷ୍ଟ ଧାତୁ।

**heavy water** ବି. ଗୁରୁଜଳ।

**heavyweight** ବି. କୁସ୍ତି, ମୁଷ୍ଟିଯୁଦ୍ଧ ପ୍ରଭୃତିରେ ସର୍ବାପେକ୍ଷା ଅଧିକ ଓଜନ ବିଭାଗ (୮୧ କେଜିରୁ ଉର୍ଦ୍ଧ୍ୱ); ସାଧାରଣ ଠାରୁ ବହୁତ ଅଧିକ ଓଜନ ବିଶିଷ୍ଟ ବ୍ୟକ୍ତି; ପ୍ରଭାବଶାଳୀ ବା ବିଶିଷ୍ଟ ବ୍ୟକ୍ତି; light heavyweight ୮୧ କିଲୋ ଗ୍ରାମରୁ କମ୍ ଓଜନ ବିଶିଷ୍ଟ ମଲ୍ଲଯୋଦ୍ଧାପ୍ରଭୃତି।

**hebdomadal** ବିଂ. *ଔପ.* ସାପ୍ତାହିକ।

**Hebraic** ବିଂ. ହିବ୍ରୁ, ଇହୁଦୀ ବା ସେମାନଙ୍କର ଭାଷା ସଂପର୍କୀୟ।

**Hebraist** ବି. ହିବ୍ରୁ ଭାଷା ବିଶାରଦ।

**Hebrew** 1. ବି. ପ୍ରାଚୀନ ପାଲେଷ୍ଟାଇନସ୍ଥ ଜନଗୋଷ୍ଠୀର ସଦସ୍ୟ; ସେମିଟିକ୍; ସେମାନଙ୍କର ଭାଷା; ଆଧୁନିକ ଇସ୍ରାଏଲ୍‌ରେ ବ୍ୟବହୃତ ହେଉଥିବା ଭାଷା; 2. ବିଂ. ଇହୁଦୀ ଜାତି ବା ଭାଷା ସମ୍ବନ୍ଧୀୟ; ହିବ୍ରୁ ସଂପର୍କୀୟ।

**heck** *ଅନ. କ.ଭା.* ଶପଥ ପ୍ରଭୃତିରେ ବ୍ୟବହୃତ ବିରକ୍ତି ସୂଚକ ଉଚ୍ଚାରଣ।

**heckle** କ୍ରି. (ସାଧାରଣ ସଭାରେ ବକ୍ତାଙ୍କୁ) ପ୍ରଶ୍ନ ପଚାରି ଭାଷଣରେ ବାଧା ସୃଷ୍ଟି କରିବା; ହଇରାଣ କରିବା।

**hectare** ବି. ମେଟ୍ରିକ୍ ମାପ ଏକଶତ ବର୍ଗ ପରିମାଣ= ୨.୪୭୧ ଏକର।

**hectic** ବିଂ. ବ୍ୟସ୍ତତାପୂର୍ଣ୍ଣ ଓ ବିଭ୍ରାନ୍ତିକର; ଉତ୍ତେଜିତ; ଜରୁଆ; ଅନ୍ତର୍ଦାହ ସୂଚକ; କ୍ରି.ବିଂ hectically.

**hecto–** *ଉପ.* ଏକଶତ–।

**hectogram** ବି. ହେକ୍ଟୋଗ୍ରାମ; ମେଟ୍ରିକ ଓଜନ ପଦ୍ଧତିରେ ଏକ ଶହ ଗ୍ରାମ୍।

**hector** 1. କ୍ରି. ଡରାଇବା; ଧମକ ଦେଇ କାମ ହାସଲ କରିବା; 2. ବି. ଭୀତି ଉତ୍ପାଦକ ବ୍ୟକ୍ତି।

**hedge** 1. ବି. ଛୋଟ ଛୋଟ ଗଛ ବା ବୁଦାଦ୍ୱାରା ପ୍ରସ୍ତୁତ ବାଡ଼; ସମ୍ଭାବ୍ୟ କ୍ଷତିରୁ ସଂରକ୍ଷଣ; 2. କ୍ରି. ବୁଦାବାଡ଼ଦ୍ୱାରା ଘେରାଇବା; ଆବଦ୍ଧ କରିବା; ସଜାଇବାଲାଗି କାଟିବା; ଦାୟିତ୍ୱ ବା କ୍ଷତି କମାଇବା; ନିଜକୁ କୌଣସି ଉଦ୍ଦେଶ୍ୟରେ ଆବଦ୍ଧ ନ କରିବା।

**hedgehog** ବି. ଝିଙ୍କ ପକ୍ଷୀ।

**hedgerow** ବି. ବାଡ଼ ହୋଇଥିବା ବୁଦା; ଗୁଳ୍ମ ଶ୍ରେଣୀ।

**hedonic** ବିଂ. ଆତ୍ମସୁଖ ସମ୍ବନ୍ଧୀୟ।

**hedonism** ବି.ଆନନ୍ଦପ୍ରାପ୍ତି ହିଁ ମନୁଷ୍ୟର କାମ୍ୟ– ଏହି ମତବାଦ; ବି. hedonist; ବିଂ. hedonistic.

**heebie–jeebies** ବି. ବ.ବ. *ସା.ପ୍ର.* ସ୍ନାୟବିକ ଅବସନ୍ନତା; ଉଦ୍‌ବେଗ।

**heed** 1. କ୍ରି. ପ୍ରଣିଧାନ କରିବା; ମନୋନିବେଶ କରିବା; ଅବହିତ ହେବା; 2. ବି. ମନୋଯୋଗ; ପ୍ରଣିଧାନ।

**heedless** ବିଂ. ଅମନୋଯୋଗୀ; ଅସାବଧାନ; କ୍ରି.ବିଂ. heedlessly.

**hee–haw** 1. ବି.ଗଧବୋବାଳି; 2. କ୍ରି.ଗଧପରି ବୋବାଇବା।

**heel**[1.] 1. ବି. ଗୋଇଠି; ଗୋଇଠିକୁ ଆବୃତ କରୁଥିବା ମୋଜା, ଜୋତା ପ୍ରଭୃତିର ଅଂଶ; ଗୋଇଠି ପରି ଆକୃତି; କୌଣସି ଜିନିଷର ପଶ୍ଚାଦ୍‌ଭାଗ (ଯଥା– ମଣିବନ୍ଧ, ବେହେଲା, ଧନୁ ଇତ୍ୟାଦିର); *ସା.ପ୍ର.* ବଦ୍‌ମାସ; ପାଜି; 2. କ୍ରି. ଜୋତାରେ ଗୋଇଠି ଲଗାଇବା; ନୃତ୍ୟରେ ଭୂମିକୁ ଗୋଇଠି ଦ୍ୱାରା ସ୍ପର୍ଶ କରିବା; ଫୁଟବଲ ଖେଳରେ ଗୋଇଠି ଦ୍ୱାରା ବଲ୍‌କୁ ଗଡ଼ାଇଦେବା; at (to) heel (କୁକୁର ସମ୍ପର୍କରେ); ସନ୍ନିକଟବର୍ତ୍ତୀ; (ବ୍ୟକ୍ତି) ଆୟତ୍ତାଧୀନ; at (on) the heels of ଅନୁଗମନ କରିବା; cool (kick) one's heels ଅପେକ୍ଷାରେ ରହିବା; take to one's heels ଦୌଡ଼ି ପଳାଇବା।

Digitized by srujanika@gmail.com

**heel²** କ୍ରି. (ଜାହାଜ ସମ୍ବନ୍ଧରେ) ଗୋଟିଏ ପାଖକୁ କିଛିସମୟ ପାଇଁ ଢଳିବା ବା ଢଳାଇବା ।

**heelball** ବି. କଠିନ ମହମ ଓ ଦୀପ କଳାର ମିଶ୍ରଣ ଦ୍ୱାରା ପ୍ରସ୍ତୁତ ଜୋତା ପ୍ରଭୃତି ପାଲିସ୍ କରିବା ପାଇଁ ବ୍ୟବହୃତ କଳା ପଦାର୍ଥ; ପିତ୍ତଳକୁ ଘଷି ସଫା କରିବା ପାଇଁ ବ୍ୟବହୃତ ଅନୁରୂପ ମିଶ୍ରିତ ପଦାର୍ଥ ।

**hefty** ବିଂ. ବୃହଦାକାର ଓ ବଳିଷ୍ଠ (ବ୍ୟକ୍ତି); ବୃହତ୍, ଭାରି, ଦୃଢ଼ ଓ ଶକ୍ତିଶାଳୀ (ପଦାର୍ଥ); *କ୍ରି.ବିଂ.* heftily; ବି. heftiness.

**hegemony** ବି. ନେତୃତ୍ୱ; *ବିଶେ.* କେତେକ ରାଜ୍ୟ ମଧ୍ୟରେ ନେତୃତ୍ୱ ।

**Hegira** ବି. *ଇ.* (Hejira ମଧ୍ୟ) ହିଜିରା; ୬୨୨ ଖ୍ରୀଷ୍ଟାବ୍ଦରେ ମହମ୍ମଦଙ୍କର ମକ୍କାରୁ ପଳାୟନ ଦିବସ, ଯେଉଁଦିନଠାରୁ ମୁସଲିମ୍ ଅବ୍ଦ ଗଣନା କରାଯାଏ ।

**heifer** ବି. ମାଈ ବାଛୁରୀ ବା ଛଡ଼ା ।

**heigh** *ଅବ୍.* ବିସ୍ମୟ ବା କୌତୂହଳ ସୂଚକ ଶବ୍ଦ ।

**height** ବି. ଉଚ୍ଚତା; ଉଚ୍ଚସ୍ଥାନ ବା ଅଞ୍ଚଳ; ଚୂଡ଼ା; ଶୀର୍ଷସ୍ଥାନ ।

**heighten** କ୍ରି. ବଢ଼ିବା, ବଢ଼ାଇବା; ପ୍ରବଳ କରିବା ବା ହେବା; ଉଚ୍ଚ କରିବା ବା ହେବା ।

**heinous** ବି. କଦର୍ଯ୍ୟ; ଜଘନ୍ୟ; ଗର୍ହିତ ।

**heir** ବି. (*ସ୍ତ୍ରୀ.* heiress) ଉତ୍ତରାଧିକାରୀ; ଦାୟାଦ; ୱାରିସ୍ ।

**heir apparent** ବି. ନିର୍ବିବାଦ, ନିଶ୍ଚିତ ଉତ୍ତରାଧିକାରୀ ।

**heirloom** ବି. ପିତୃପରମ୍ପରାକ୍ରମେ ପ୍ରାପ୍ତ ଅସ୍ଥାବର ସଂପତ୍ତି; କୌଳିକ ସମ୍ପତ୍ତି ।

**heir presumptive** ବି. ସମ୍ଭାବ୍ୟ ଉତ୍ତରାଧିକାରୀ ।

**Hejira** ବି. ବିକ. Hegira.

**held** କ୍ରି. holdର *ଅ.କା. ଓ ଅ.କ୍ରି.ଜ.ପ.* ।

**helical** ବିଂ. ବଳୟାକାର; କୁଣ୍ଡଳାକୃତି ।

**helicopter** ବି. ହେଲିକପ୍ଟର ।

**helio–** *ଉପ.* ସୂର୍ଯ୍ୟ–, ସୌର– ।

**heliocentric** ବିଂ. ସୂର୍ଯ୍ୟକୈନ୍ଦ୍ରିକ ।

**heliograph** 1. ବି. ସୂର୍ଯ୍ୟକିରଣ ସାହାଯ୍ୟରେ ଦୂରକୁ ସଂକେତ ପ୍ରେରଣ ପ୍ରଣାଳୀ; ଉକ୍ତ ପ୍ରଣାଳୀରେ ପ୍ରେରିତ ସଂବାଦ; 2. କ୍ରି. ଉକ୍ତ ପ୍ରଣାଳୀରେ ସଂବାଦ ପଠାଇବା ।

**heliotrope** ବି. ସୁବାସିତ ଈଷତ୍ ନୀଳଲୋହିତ ପୁଷ୍ପପ୍ରସୂ ଉଦ୍ୟାନବୃକ୍ଷ ବିଶେଷ ।

**heliotropism** ବି. ସୂର୍ଯ୍ୟାନୁବର୍ତ୍ତନ ।

**heliport** ବି. ହେଲିକପ୍ଟର ଉଠିବା ଓ ଓହ୍ଲାଇବା ପାଇଁ ଉଦ୍ଦିଷ୍ଟ ସ୍ଥାନ ।

**helium** ବି. ହିଲିଅମ୍; ଉଡ଼ାଜାହାଜରେ ବ୍ୟବହୃତ ହେଉଥିବା ଏକପ୍ରକାର ହାଲୁକା ଅଦାହ୍ୟ ବାଷ୍ପ ।

**helix** ବି. ବ.ବ. helices ଘଣ୍ଟାର ସ୍ପ୍ରିଂ ବା ବୋତଲ ଠିପି ବାହାରକରିବା ସ୍କ୍ରୁ ପରି କୁଣ୍ଡଳାକୃତି ।

**hell** ବି. ନରକ; ମୃତ ବ୍ୟକ୍ତିଙ୍କ ବାସସ୍ଥାନ; ଯମପୁରୀ; ପ୍ରେତଲୋକ; ଦୁଃଖ, ଦୁରବସ୍ଥା, ଯନ୍ତ୍ରଣାର ଅବସ୍ଥା ବା ସ୍ଥାନ; *କ.ଭା.* ବିସ୍ମୟ କିମ୍ବା ବିରକ୍ତି ପ୍ରକାଶକ ଶବ୍ଦ ଭାବରେ ବ୍ୟବହୃତ; *କ.ଭା.* come hell or high water ଯେତେ ବାଧାବିଘ୍ନ ଆସୁ ପଛେ; for the hell of it *କ.ଭା.* କେବଳ କୌତୁକ ପାଇଁ; get hell *କ.ଭା.* ଗାଳି ବା ଦଣ୍ଡ ପାଇବା; give a person hell *କ.ଭା.* (କୌଣସି ବ୍ୟକ୍ତିକୁ) ଗାଳି ବା ଦଣ୍ଡ ଦେବା ।

**hellebore** ବି. ବାଇଗଣୀ, ଧଳା ବା ଈଷତ୍ ସବୁଜରଙ୍ଗର ପୁଷ୍ପଯୁକ୍ତ ଚିରହରିତ୍ ବୃକ୍ଷ ।

**Hellene** ବି. ପ୍ରାଚୀନ ଗ୍ରୀସ୍ ଦେଶର ଅଧିବାସୀ; ଆଧୁନିକ ଗ୍ରୀକ୍ ଜାତିର ବ୍ୟକ୍ତି; ବିଂ. Hellenic.

**Hellenism** ବି. ଗ୍ରୀସୀୟ ଲକ୍ଷଣ ବା ଗ୍ରୀକ୍ ସଂସ୍କୃତି; ବି. Hellenist.

**Hellenistic** ବିଂ. ଆନୁମାନିକ ଖ୍ରୀ.ପୂ. ୪ର୍ଥରୁ ୧ମ ଶତାବ୍ଦୀ ମଧ୍ୟବର୍ତ୍ତୀ ଗ୍ରୀକ୍ ଭାଷା ବା ସଂସ୍କୃତି ସଂବନ୍ଧୀୟ ।

**hellish** ବିଂ. ନାରକୀୟ; ନରକ ସଦୃଶ; ଅତ୍ୟନ୍ତ କଷ୍ଟପ୍ରଦ; ଅସ୍ୱସ୍ତିକର ଓ ଜଘନ୍ୟ ।

**hello** *ଅବ୍.* ବିକ. hallo, hullo.

**helm** ବି. ଜାହାଜର ଦିଗପ୍ରବର୍ତ୍ତକ ଚକ, ମଙ୍ଗ, ବା ଚାଳନ ଯନ୍ତ୍ର; at the helm କୌଣସି ଅନୁଷ୍ଠାନର ମୁଖ୍ୟ ପଦବୀରେ; କର୍ଣ୍ଣଧାର ରୂପେ ।

**helmet** ବି. ହେଲ୍‌ମେଟ୍; ପୋଲିସ୍, ନିଆଁଲିଭାଳି, ବୁଡ଼ାଳି, ମୋଟର ସାଇକେଲ୍ ଚାଳକ ପ୍ରଭୃତିଙ୍କର ଶିରସ୍ତ୍ରାଣ ।

**helmsman** ବି. ଜାହାଜର ମଙ୍ଗୁଆଳ ।

**helot** ବି. ପ୍ରାଚୀନ ସ୍ପାର୍ଟା ଦେଶର ଗୋଟି ଶ୍ରମିକ ।

Digitized by srujanika@gmail.com

**help** 1. *କ୍ରି.* (ବ୍ୟକ୍ତିକୁ) ସାହାଯ୍ୟ କରିବା; ଉପକାର କରିବା; (ଯନ୍ତ୍ରଣା ଓ କଷ୍ଟାଦିର) ପ୍ରତିକାର କରିବା; ନିବୃତ୍ତ ରହିବା (can not help laughing); 2. *ବି.* ସାହାଯ୍ୟ; ସହାୟତା; ଉପକାର; ସାହାଯ୍ୟକାରୀ ବ୍ୟକ୍ତି ବା ବସ୍ତୁ; ଗୃହ ଚାକର ସମୂହ; ଗୃହ କର୍ମଚାରୀଗଣ; ପ୍ରତିକାର; cannot help oneself ଅବାଞ୍ଛିତ କାର୍ଯ୍ୟକୁ ଏଡ଼ି ନ ପାରିବା।

**helpful** *ବିଂ.* ଉପକାରୀ; ସାହାଯ୍ୟକାରୀ; ସହାୟକ।

**helping** *ବି.* ଭୋଜନ ସମୟରେ ଥରକରେ ପରିବେଷିତ ଖାଦ୍ୟର ଅଂଶ।

**helpless** *ବିଂ.* ନିଃସହାୟ; ରକ୍ଷକହୀନ; ଅସହାୟ; ବିନା ସାହାଯ୍ୟରେ କୌଣସି କାର୍ଯ୍ୟ କରିବାକୁ ଅସମର୍ଥ; *କ୍ରି.ବିଂ.* helplessly; *ବି.* helplessness.

**helpmate** *ବି.* ସାହାଯ୍ୟକାରୀ ସାଥୀ ବା ଅଂଶୀଦାର।

**helter–skelter** 1. *କ୍ରି.ବିଂ.* ବ୍ୟସ୍ତ ଭାବରେ; ତରବରରେ; 2. *ବି.* ଘର ପ୍ରଭୃତିର ବାହାର ପଟେ ସ୍ଥିତ ଉଚ୍ଚ କୁଣ୍ଡଳାକାର ପଥ ବା ସିଡ଼ି।

**helve** *ବି.* ଅସ୍ତ୍ରଶସ୍ତ୍ର, ହାତ ହତିଆର ପ୍ରଭୃତିର ବେଣ୍ଟ।

**hem**[1] 1. *ବି.* ପୋଷାକର ମୋଡ଼ି ସିଲାଇ କରାହୋଇଥିବା ଧଡ଼ି; 2. *କ୍ରି.* ଲୁଗାର ଧଡ଼ି ମୋଡ଼ିକରି ସିଲାଇ କରିବା; hem in ସୀମାବଦ୍ଧ କରିବା; ଗତି ବା କାର୍ଯ୍ୟ କମାଇଦେବା।

**hem**[2] 1. *ଅନ୍ତ.* ସାମାନ୍ୟ କାଶି ଦୃଷ୍ଟି ଆକର୍ଷଣ କରିବା ବା ଦ୍ୱିଧା ପ୍ରକାଶ କରିବା; 2. *ବି.* ଦୃଷ୍ଟି ଆକର୍ଷଣ ବା ଦ୍ୱିଧା ପ୍ରକାଶ ନିମିତ୍ତ ଈଷତ୍ କାଶ; 3. *କ୍ରି.* ହୁମ୍ କହିବା; ଖଣିକାଶ ମାରିବା; କଥା କହିଲାବେଳେ ଥଙ୍ଗେଇବା।

**hemal** *ଆମେ.* haemal.

**he–man** *ବି.* ପୌରୁଷବାନ୍ ବ୍ୟକ୍ତି।

**hemi–** *ଉପ.* ଅଧା; ଅର୍ଦ୍ଧ।

**hemipterous** *ବିଂ.* ଆଗରେ ଶୁଣ୍ଢ ପରି ଅଙ୍ଗଥିବା ଯେ କୌଣସି କୀଟଜାତୀୟ ପ୍ରାଣୀ (ଛାରପୋକ, ମାଛି, ମଶା ପ୍ରଭୃତି)।

**hemisphere** *ବି.* ଅର୍ଦ୍ଧ– ଭୂମଣ୍ଡଳ; ଗୋଲାର୍ଦ୍ଧ; ବିଷୁବ ରେଖାଦ୍ୱାରା ସମଦ୍ୱିଭାଗ ହୋଇଥିବା ଅର୍ଦ୍ଧାଂଶ।

**hemline** *ବି.* ଫ୍ରକ୍ ବା ପୋଷାକର ତଳଧଡ଼ି।

**hemlock** *ବି.* ଛୋଟ ଧଳା ଫୁଲ ଥିବା ଏକପ୍ରକାର ବିଷାକ୍ତ ଉଦ୍ଭିଦ; ଉକ୍ତ ବୃକ୍ଷରୁ ପ୍ରସ୍ତୁତ ବିଷ।

**hemp** *ବି.* ଛଣପଟ ଜାତୀୟ ତୃଣ ବିଶେଷ, ଏହାର ତନ୍ତୁରୁ ଦଉଡ଼ି ଏବଂ ମୋଟା ସୂତା ପ୍ରସ୍ତୁତ ହୁଏ; ଉକ୍ତ ଉଦ୍ଭିଦରୁ ତିଆରି ହେଉଥିବା ଏକ ପ୍ରକାର ନିଶା ଔଷଧ; ଗଞ୍ଜେଇ।

**hempen** *ବିଂ.* ଛଣପଟ ନିର୍ମିତ।

**hem stitch** *ବି.* ଆଳଙ୍କାରିକ ସିଲାଇ।

**hen** *ବି.* ମାଈପକ୍ଷୀ; କୁକୁଡ଼ା।

**henbane** *ବି.* ତୀବ୍ର ଗନ୍ଧଯୁକ୍ତ ବିଷାକ୍ତ ଉଦ୍ଭିଦ ବିଶେଷ।

**hence** *କ୍ରି.ବିଂ.* ଏହି ସମୟରୁ; ଏହି କାରଣରୁ, ଏଣୁ; *ପ୍ରା.ପ୍ର.* ଏହିଠାରୁ।

**henceforth** *କ୍ରି.ବିଂ.* (henceforward ମଧ) ଏହି ସମୟ ଠାରୁ; ଏ ଉତ୍ତାରୁ।

**henchman** *ବି.* ଅତ୍ୟନ୍ତ ଆସ୍ଥାଭାଜନ ସମର୍ଥକ; ଆଜ୍ଞାବହ।

**henge** *ବି.* ପ୍ରକାଣ୍ଡ ନିଦାପଥର ବା ଲମ୍ବା କାଠରେ ତିଆରି ପ୍ରାକ୍–ଐତିହାସିକ ଗୋଲାକାର କୀର୍ତ୍ତି ସୌଧ।

**henna** *ବି.* ହେନା; ବିଷୁବ ମଣ୍ଡଳୀୟ ଉଦ୍ଭିଦ ବିଶେଷ; ତହିଁରୁ ପ୍ରସ୍ତୁତ ଲାଲବର୍ଣ୍ଣର ରଙ୍ଗ (କେଶ ରଞ୍ଜନ ନିମନ୍ତେ ବ୍ୟବହୃତ)।

**hen–party** *ବି.* *କ.ଭା.* କେବଳ ସ୍ତ୍ରୀ ଲୋକମାନଙ୍କର ସମ୍ମିଳନୀ।

**henpeck** *କ୍ରି.* (ସ୍ତ୍ରୀ ପକ୍ଷରେ) ସ୍ୱାମୀ ଉପରେ ଅଧିକ କର୍ତ୍ତୃତ୍ୱ ଜାହିର କରିବା; *ବିଂ.* henpecked.

**henry** *ବି.* *ବ.ବ.* henrys, henries ତଡ଼ିତ୍ ବା ବିଦ୍ୟୁତ୍ ଶକ୍ତିର ଇଣ୍ଡକ୍ଟେନ୍ସ୍ ୟୁନିଟ୍।

**hep** *ବିଂ.* *ଗ୍ରା.ପ୍ର.* ସର୍ବାଧୁନିକ ରୀତି ଓ ପଦ୍ଧତି ସମ୍ବନ୍ଧରେ ସଚେତନ।

**hepatic** *ବିଂ.* ଯକୃତ୍ ସମ୍ବନ୍ଧୀୟ।

**hepatitis** *ବି.* ଯକୃତ୍‌ର ପ୍ରଦାହ।

**hepta** *ଉପ.* ସପ୍ତସଂଖ୍ୟକ (ଉଦା. heptagon).

**heptagon** *ବି.* ସପ୍ତଭୁଜ, ସାତଟି ବାହୁ ଓ ସାତଟି କୋଣ ବିଶିଷ୍ଟ ସମତଳ କ୍ଷେତ୍ର।

**her** *ସ.* sheର କର୍ମକାରକ ଓ ସମ୍ବନ୍ଧ ପଦର ରୂପ; ତାହାକୁ, ତାହାର; *କ.ଭା.* ସେ *(ସ୍ତ୍ରୀ)*; (ପଦବୀ ସମ୍ପର୍କରେ) ସମ୍ମାନିତ, ଉଦା. Her Majesty.

Digitized by srujanika@gmail.com

**herald** 1. ବି. ଅଗ୍ରଦୂତ; ଦୂତ; ସଂବାଦ ବାହକ; ବଂଶବୃତ୍ତାନ୍ତ ଓ ମର୍ଯ୍ୟାଦା ଚିହ୍ନର ବିବରଣ ରକ୍ଷକ କର୍ମଚାରୀ; ପ୍ରାଚୀନ ଯୁଗରେ ରାଜକୀୟ/ ରାଷ୍ଟ୍ର ସଂବାଦ ପ୍ରଭୃତି ବହନ ଓ ଘୋଷଣା କରୁଥିବା କର୍ମଚାରୀ; 2. କ୍ରି. ଆଗମନ ଘୋଷଣା କରିବା; ଆଗନ୍ତୁକମାନଙ୍କୁ ପରିଚିତ କରାଇବା।

**heraldry** ବି. କୌଣସି ବଂଶ ବା କୁଳର ମର୍ଯ୍ୟାଦା ଓ ବିବରଣ ସମ୍ବନ୍ଧରେ ଜ୍ଞାନ; ବଂଶମର୍ଯ୍ୟାଦା ସୂଚକ ଚିହ୍ନ।

**herb** ବି. ଯେଉଁ ଗଛର କାଣ୍ଡ ନରମ ଏବଂ ଯାହା ଫୁଲଫୁଟିଲାପରେ ମରିଯାଏ; ଯେଉଁ ଜାତୀୟ ଗଛର ପତ୍ର ଖାଦ୍ୟକୁ ରୋଚକ କରିବାରେ ଏବଂ ଔଷଧି ରୂପେ ବ୍ୟବହୃତ ହୁଏ; ଔଷଧି ବା ଶାଗଜାତୀୟ ଗଛ।

**herbaceous** ବିଂ. ଔଷଧି ପ୍ରଭୃତି ବୃକ୍ଷ ସମ୍ବନ୍ଧୀୟ ବା ସଦୃଶ।

**herbage** ବି. ତୃଣାଦି ଔଷଧି ଉଦ୍ଭିଦ ଶ୍ରେଣୀ; ଚାରଣ ଭୂମି।

**herbal** 1. ବିଂ. ଔଷଧିବୃକ୍ଷ ସଂପର୍କୀୟ; 2. ବି. ଶାକ, ଔଷଧ ଆଦିର ବିବରଣ ସମ୍ବନ୍ଧୀୟ ପୁସ୍ତିକା।

**herbalist** ବି. ଚେରମୂଳି ଔଷଧ ବିକ୍ରେତା; ଏହି ଜ୍ଞାନରେ ପ୍ରବୀଣ।

**herbarium** ବି. ଶୁଖିଲା ଗଛପତ୍ରର ବିଧିବଦ୍ଧ ସଂଗ୍ରହ; ଏଗୁଡ଼ିକୁ ସଜାଇ ରଖିବା ପାଇଁ ଗୃହ ଓ ଥାକ ପ୍ରଭୃତି।

**herbicide** ବି. ପନିପରିବା ଫସଲରୁ ଅନାବନା ଗଛ ନଷ୍ଟ କରିଦେବା ପାଇଁ ବ୍ୟବହୃତ ହେଉଥିବା ବିଷାକ୍ତ ଦ୍ରବ୍ୟ।

**herbivore** ବି. ତୃଣଭୋଜୀ ପ୍ରାଣୀ; ଶାକାହାରୀ ପ୍ରାଣୀ।

**herbivorous** ବିଂ. ତୃଣଭୋଜୀ; ତୃଣଜୀବୀ।

**Herculean** ବିଂ. ଅତ୍ୟନ୍ତ କଷ୍ଟସାଧ (କାର୍ଯ୍ୟ); ଦୁଷ୍କର; ଅତି ବଳବାନ୍ (ଗ୍ରୀକ୍ ବୀର ହର୍କ୍ୟୁଲିସଙ୍କ ପରି)।

**herd** 1. ବି. (ଗାଈ ବା ଅନ୍ୟ ପଶୁଙ୍କର) ଗୋଠ, ପଲ, ଯୂଥ; *ଅବ.* ଜନଗହଳି; *ପ.ପ୍ର.* ପାଳକ (ଉଦା. cowherd); 2. କ୍ରି. ଦଳବଦ୍ଧ ହେବା ବା କରିବା; ମେଣ୍ଢା ବା ଗାଈପଲକୁ ପାଳନ କରିବା।

**herd instinct** ବି. ଦଳବଦ୍ଧ ହୋଇ ରହିବା ବା ଦଳୀୟମତ ଅନୁସରଣ କରିବାର ପ୍ରବୃତ୍ତି।

**herdsman** ବି. ପଶୁଗୋଠର ପାଳନ କର୍ତ୍ତା।

**here** 1. କ୍ରି.ବିଂ. ଏଠାରେ; ଏହି ସ୍ଥାନକୁ; ଏହି ଅବସ୍ଥାକୁ; (ଭାଷଣ, ଅଭିନୟ, ରଚନା ପ୍ରଭୃତିରେ) ଏହି ସ୍ଥାନରେ; 2. *ଅନ୍ତ.* ଦୃଷ୍ଟି ଆକର୍ଷଣ ବା ଆଦେଶ ସୂଚକ ପଦ; ଉପସ୍ଥିତି ଜଣାଇବା ନିମିତ୍ତ ଉଚ୍ଚାରିତ ଶବ୍ଦ; ହେଇଟି; 3. ବି.ଏହି ସ୍ଥାନ; here and there ଇତସ୍ତତଃ; ଏଠାରେ ସେଠାରେ।

**hereabouts** କ୍ରି.ବିଂ. (hereabout ମଧ୍ୟ) ଏହି ସ୍ଥାନରେ; ଏହି ଅଞ୍ଚଳରେ।

**hereafter** 1. କ୍ରି.ବିଂ.ଏହାପରେ; ଭବିଷ୍ୟତରେ; 2. ବି. ଭବିଷ୍ୟତ; ମୃତ୍ୟୁ ପରବର୍ତ୍ତୀ ଜୀବନ; ପରକାଳ।

**hereby** କ୍ରି.ବିଂ. ଏହି ଅନୁସାରେ; ଏତଦ୍ୱାରା।

**hereditable** ବିଂ. ଉତ୍ତରାଧିକାର ସୂତ୍ରରେ ପ୍ରାପ୍ୟ ବା ପାଇବା ଯୋଗ୍ୟ।

**hereditary** ବିଂ. ପୁରୁଷାନୁକ୍ରମିକ; ଉତ୍ତରାଧିକାରକ୍ରମେ ପ୍ରାପ୍ତ; ବଂଶଗତ।

**heredity** ବି. ବଂଶଗୁଣ ବା ସ୍ୱଭାବ।

**hereinafter** କ୍ରି.ବିଂ. ଏହାପରେ; ଏହି ଦଲିଲ୍‌ର ଶେଷଅଂଶରେ/ ପରବର୍ତ୍ତୀ ଅଂଶରେ।

**hereof** କ୍ରି.ବିଂ.*ପ୍ରା.ପ୍ର.* ଏହାର।

**heresy** ବି. ଖ୍ରୀଷ୍ଟଧର୍ମ ବା ସ୍ୱୀକୃତ ନିୟମାବଳୀର ଭିନ୍ନ ବା ବିପରୀତ ମତ।

**heretic** ବି. ପ୍ରଚଳିତ ଧର୍ମମତ/ ନୀତିର ବିରୁଦ୍ଧବାଦୀ।

**hereto** କ୍ରି.ବିଂ.*ପ୍ରା.ପ୍ର.* ଏହି ପର୍ଯ୍ୟନ୍ତ।

**heretofore** କ୍ରି.ବିଂ. ଏଥିପୂର୍ବେ; ଆଗେ।

**hereupon** କ୍ରି.ବିଂ. ଏହାପରେ; ଏହାର ଫଳ ସ୍ୱରୂପ।

**herewith** କ୍ରି.ବିଂ. ଏଥିସହ; ଏହା ସହିତ।

**heritable** ବିଂ. *ଆଇନ* ଉତ୍ତରାଧିକାର ସୂତ୍ରରେ ପ୍ରାପ୍ୟ ବା ପ୍ରାପ୍ତ।

**heritage** ବି. ପରମ୍ପରା; ଐତିହାସିକ କୀର୍ତ୍ତି; ଉତ୍ତରାଧିକାର; ବଂଶାନୁଗତ ସଂପତ୍ତି, ଅଧିକାର ବା ଅବସ୍ଥା।

**hermaphrodite** 1. ବି. ଉଭୟଲିଙ୍ଗ ବିଶିଷ୍ଟ ମନୁଷ୍ୟ, ପଶୁ ବା ଉଦ୍ଭିଦ; 2. ବିଂ. ଉଭୟଲିଙ୍ଗୀ।

Digitized by srujanika@gmail.com

**hermetic** ବିଂ. ବାୟୁନିରୁଦ୍ଧ; କ୍ରି.ବିଂ. hermetically.
**hermit** ବି. ସନ୍ନ୍ୟାସୀ।
**hermitage** ବି. ସନ୍ନ୍ୟାସୀଙ୍କର ଆଶ୍ରମ; ନିଭୃତ କୁଟୀର।
**hermit–crab** ବି. ଯତି କର୍କଟ, ଏକ ପ୍ରକାର କଙ୍କଡ଼ା।
**hernia** ବି. ଅନ୍ତ୍ରବୃଦ୍ଧି, ହାର୍ଣ୍ଣିଆ (ରୋଗ)।
**hero** ବି. ବୀରପୁରୁଷ; (ନାଟକ, ଉପନ୍ୟାସାଦିର) ନାୟକ; ପ୍ରସିଦ୍ଧ ବ୍ୟକ୍ତି; ମହତ୍ ଗୁଣାବଳୀ ତଥା ଉତ୍ତମ କାର୍ଯ୍ୟ ପାଇଁ ପ୍ରଶଂସିତ ବ୍ୟକ୍ତି।
**heroic** 1. ବିଂ. ସାହସୀ; ମହାନ୍ ବ୍ୟକ୍ତିର ଗୁଣାବଳୀ ସମ୍ବନ୍ଧୀୟ; ବୀରୋଚିତ; 2. ବି. ବ.ବରେ ଅତିମାତ୍ରାରେ ନାଟକୀୟ କଥନ ବା ଅଭିନୟ; ବୀରରସାତ୍ମକ କବିତା।
**heroic verse** ବି. କାବ୍ୟ ପୁରାଣାଦିରେ ବ୍ୟବହୃତ ଛନ୍ଦ।
**heroin** ବି. ଅଫିମରୁ ପ୍ରସ୍ତୁତ ନିଶାଦ୍ରବ୍ୟ ବିଶେଷ।
**heroine** ବି. ନାୟିକା।
**heroism** ବି. ବୀରତ୍ୱ; ଶୌର୍ଯ୍ୟ; ବୀରତ୍ୱସୂଚକ ଆଚରଣ; ସାହସ।
**heron** ବି. ବଗ୍‌ଡ଼ିଆ କାଙ୍କ; ବଗ ଜାତୀୟ ପକ୍ଷୀ ବିଶେଷ।
**heronry** ବି. ବଗମାନଙ୍କର ବସା ବା ଅଣ୍ଡାଦେବା ସ୍ଥାନ।
**hero–worship** ବି. ବୀର ପୂଜା; ମହାନ୍ ବ୍ୟକ୍ତିଙ୍କ ପ୍ରତି ଅତ୍ୟଧିକ ଅନୁରକ୍ତି।
**herpes** ବି. ଚର୍ମରେ ଫୋଟକା ସୃଷ୍ଟି କରୁଥିବା ଭୂତାଣୁବାହିତ ଏକପ୍ରକାର ରୋଗ।
**Herr** ବି. (ବ.ବ. Herren) ଜର୍ମାନ୍ ଦେଶରେ ପୁରୁଷମାନଙ୍କ ପାଇଁ ବ୍ୟବହୃତ ପଦବୀ।
**herring** ବି. ଖାଦ୍ୟଭାବରେ ବ୍ୟବହୃତ ହେଉଥିବା ଏଟଲାଣ୍ଟିକ୍ ମହାସାଗରୀୟ ମତ୍ସ୍ୟ ବିଶେଷ।
**hers** ସ. ସେହି ସ୍ତ୍ରୀଲୋକର; ତାହାର (ଉଦା. a friend of hers, it is hers).
**herself** ସ. ସେ ନିଜେ; ନିଜକୁ; ତାହାକୁ।
**hertz** ବି. ଏକ ସେକେଣ୍ଡରେ ଏକବାର ଆବର୍ତ୍ତନ ପରିମିତ ଏକକ; ହର୍ଜ୍।
**hesitant** ବିଂ. କୁଣ୍ଠିତ; ଅସ୍ଥିର ଚିତ୍ତ; ସନ୍ଦିଗ୍ଧ।
**hesitate** କ୍ରି. କୁଣ୍ଠିତ ହେବା; ସଂଶୟାକୁଳ ହେବା; ଇତସ୍ତତଃ ହେବା।
**hessian** ବି. ଝୋଟ ନିର୍ମିତ ମୋଟା ଓ ଶକ୍ତ ବସ୍ତ୍ର; ଅଖା; ପାଲ।
**het** ବିଂ. (କେବଳ het upରେ ବ୍ୟବହୃତ) *ସା.ପ୍ର.* ଉତ୍ତେଜିତ।
**hetero–** *ଉ.ପ.* ଅସମ; ପୃଥକ୍; ଅନ୍ୟ; *ଉଦା.* heterogeneous.
**heterodox** ବିଂ. ପ୍ରଚଳିତ ଧର୍ମମତର ବିରୋଧୀ; ବି. heterodoxy.
**heterogeneous** ବିଂ. ବିଭିନ୍ନ ଜାତୀୟ; ଭିନ୍ନ ସ୍ୱଭାବ ବିଶିଷ୍ଟ; ବିଷମ ସ୍ୱର; ବାରମିଶା; ବି. heterogeneity.
**heteromorphic** ବିଂ. ବିଭିନ୍ନ ଆକାର ବିଶିଷ୍ଟ।
**heterosexual** ବିଂ. ଅସମ–ଲିଙ୍ଗୀ।
**heuristic** ବିଂ. ଖୋଜିବାରେ ସାହାଯ୍ୟ କରୁଥିବା।
**hew** କ୍ରି. (*ଅ.କା.* hewed; *ଅ.କ୍ରି.ଜ.ପ.* hewed, hewn) (କୁରାଢ଼ି, ଖଣ୍ଡା ପ୍ରଭୃତିରେ) କାଟି ଖଣ୍ଡ ଖଣ୍ଡ କରିବା; କଟାକଟି କରି ନିର୍ଦ୍ଦିଷ୍ଟ ରୂପ ଦେବା।
**hexa–** *ସଂ.* ଷଟ୍ ସଂଖ୍ୟକ; *ଉଦା.* hexagon.
**hexagon** ବି. ଷଡ଼୍‌ଭୁଜ ବା ଷଟ୍‌କୋଣ କ୍ଷେତ୍ର; ବିଂ. hexagonal.
**hexagram** ବି. ଦୁଇଟି ସମବାହୁ ତ୍ରିଭୁଜ ପରସ୍ପରକୁ ମଧ୍ୟଭାଗରେ ଛେଦନ କରିବା ଦ୍ୱାରା ସୃଷ୍ଟ ତାରା ଚିହ୍ନ।
**hexameter** ବି. ଇଂରାଜୀ କବିତାରେ ଛଅଟି ଦ୍ୱିମାତ୍ରିକ ପଦ ବିଶିଷ୍ଟ ପଂକ୍ତି।
**hey** *ଅବ୍ୟ.* ବିସ୍ମୟ ପ୍ରକାଶକ, ପ୍ରଶ୍ନବାଚୀ ବା ଦୃଷ୍ଟି ଆକର୍ଷଣ ସୂଚକ ଶବ୍ଦ; hey presto ଯାଦୁକର ଦ୍ୱାରା କୁହୁକ ଦେଖାଇବା ପ୍ରାକ୍‌କାଳରେ ଉଚ୍ଚାରିତ ପଦ।
**heyday** ବି. ଚରମ ଉନ୍ନତିର ସମୟ।
**HF** *ସଂଶ.* high frequency.
**Hf** *ପ୍ର.* hafnium ହେଫ୍‌ନିଅମ୍।
**hg** *ସଂଶ.* hectogram(s) ହେକ୍‌ଟୋଗ୍ରାମ୍।
**Hg** *ପ୍ର.* mercury ପାରଦ।
**HH** *ସଂଶ.* Her ବା His Highness; double–hard (ପେନସିଲ୍ ଶିଷା)।
**hi** *ଅବ୍ୟ.* ଦୃଷ୍ଟି ଆକର୍ଷଣ ବା ସ୍ୱାଗତ କରିବା ପାଇଁ ବ୍ୟବହୃତ ଶବ୍ଦ।
**hiatus** ବି. ଶୂନ୍ୟସ୍ଥାନ; ଫାଙ୍କ; ମଝିରେ ବ୍ୟଞ୍ଜନ ବର୍ଣ୍ଣ ନଥିବା ଦୁଇଟି ସ୍ୱରବର୍ଣ୍ଣର ବିଭାଜକ।

Digitized by srujanika@gmail.com

**hibernate** କ୍ରି. (ପ୍ରାଣୀ ସମ୍ବନ୍ଧୀୟ) ଶୀତ ଋତୁରେ ନିଭୃତ ଅବସ୍ଥାରେ ରହିବା।

**Hibernian** *ପ୍ରା.ପ୍ର.* 1. ବିଂ. ଆୟାର୍ଲେଣ୍ଡ ସମ୍ବନ୍ଧୀୟ; 2. ବି. ଆୟର୍ଲେଣ୍ଡ ଦେଶବାସୀ।

**hibiscus** ବି. ମନ୍ଦାର; ଜବା ଜାତୀୟ ପୁଷ୍ପ।

**hiccup** (hiccough ମଧ୍ୟ) 1. ବି. ହିକ୍କା; ହାକୁଟି; 2. କ୍ରି. ହିକ୍କା ମାରିବା; ହାକୁଟି ମାରିବା।

**hick** ବି. *କ.ଭା.* ଗାଉଁଲି ସ୍ୱଭାବର ଗାଉଁଲି ଲୋକ।

**hid** *ଦ୍ର.* hide.

**hidden** *ଦ୍ର.* hide.

**hide**[1] 1. କ୍ରି. *ଅ.କା.* hid, *ଅ.କ୍ରି.କ.ପ.* hidden ଲୁଚାଇବା; ଲୁଚିବା; ଗୁପ୍ତସ୍ଥାନରେ ରଖିବା; ଦୃଷ୍ଟିର ଅନ୍ତରାଳରେ ରଖିବା; (ବିଷୟ ପ୍ରଭୃତି) ଗୋପନୀୟ ରଖିବା; ଘୋଡ଼ାଇବା; 2. ବି. ଶିକାର ସମୟରେ ବନ୍ୟଜନ୍ତୁଙ୍କୁ ନିରୀକ୍ଷଣ କରିବା ଉଦ୍ଦେଶ୍ୟରେ ଗୁପ୍ତ ସ୍ଥାନ।

**hide**[2] ବି. ପଶୁଚର୍ମ; *କ.ଭା.* ମନୁଷ୍ୟ ଚର୍ମ।

**hide-and-seek** ବି. ପିଲାମାନଙ୍କର ଲୁଚକାଳି ଖେଳ।

**hidebound** ବିଂ. ରକ୍ଷଣଶୀଳ; ସଂକୀର୍ଣ୍ଣମନା।

**hideous** ବିଂ. କଦାକାର; କୁତ୍ସିତ।

**hide-out** ବି. *କ.ଭା.* ଲୁଚିବା ସ୍ଥାନ।

**hiding** ବି. *କ.ଭା.* ବେତ୍ରାଘାତ; ପ୍ରହାର।

**hie** କ୍ରି. *ପ୍ରା.ପ୍ର.* ଚଞ୍ଚଳ ଯିବା।

**hierarchy** ବି. ମର୍ଯ୍ୟାଦା ବା କର୍ତ୍ତୃତ୍ୱର କ୍ରମିକ ସ୍ତର ବିନ୍ୟାସ ପଦ୍ଧତି; ବିଂ. hierarchical.

**hieratic** ବିଂ. ଯାଜକ ବା ପୁରୋହିତ ସମ୍ବନ୍ଧୀୟ (ବିଶେଷତଃ ପ୍ରାଚୀନ ମିଶର୍ ଦେଶୀୟ)।

**hieroglyph** ବି. ବର୍ଣ୍ଣ, ପଦ, ଧ୍ୱନି ପ୍ରଭୃତି ବୁଝାଇବା ପାଇଁ ବ୍ୟବହୃତ ଛବି ବା ସଙ୍କେତ; ଛବି ଲିପି; ସାଙ୍କେତିକ ଲିଖନ; ପ୍ରାଚୀନ ମିଶର ଦେଶୀୟ ଲିଖନ ପଦ୍ଧତି।

**hieroglyphic** ବିଂ. ଚିହ୍ନ ବା ପ୍ରତୀକ ଦ୍ୱାରା ଲିଖନ ସମ୍ବନ୍ଧୀୟ; ଚିତ୍ରାକ୍ଷର ସମ୍ବନ୍ଧୀୟ।

**hi-fi** ବିଂ. (high fidelity) *କ.ଭା.* ଅତ୍ୟନ୍ତ ଉତ୍କୃଷ୍ଟ ଧ୍ୱନି ଗୁଣ ବିଶିଷ୍ଟ ଯନ୍ତ୍ରୋପକରଣ।

**higgledy-piggledy** ବିଂ. କ୍ରି.ବିଂ. ବିଶୃଙ୍ଖଳିତ; ସଂପୂର୍ଣ୍ଣ ବିଶୃଙ୍ଖଳ ଭାବରେ।

**high** 1. ବିଂ. ଉଚ୍ଚ; ଉନ୍ନତ; ଉଚ୍ଚପଦସ୍ଥ; ସମ୍ଭ୍ରାନ୍ତ; ଅତ୍ୟଧିକ; ପ୍ରଚଣ୍ଡ; ଉତ୍କୃଷ୍ଟ; ଅନୁକୂଳ (high opinion), ପୂର୍ଣ୍ଣତା ପ୍ରାପ୍ତ (high summer, high time); ତୀବ୍ର (ସ୍ୱର); (ମାଂସ ପ୍ରଭୃତି) ଗନ୍ଧିଆ; ସଢ଼ିବାକୁ ଆରମ୍ଭ କରୁଥିବା; ଚଢ଼ା, ଦୁର୍ମୂଲ୍ୟ; 2. ବି. ଉଚ୍ଚ ସ୍ତର, ପରିମାଣ ବା ସଂଖ୍ୟା; ଗୁରୁ ଚାପ ଅଞ୍ଚଳ; *ସା.ପ୍ର.* ଔଷଧ ପ୍ରଭୃତି ଦ୍ୱାରା ସୃଷ୍ଟ ହୋଇଥିବା ସୁଖପ୍ରଦ ଅବସ୍ଥା; ସୁଖୋଲ୍ଲାସ; 3. କ୍ରି.ବିଂ. ଅତି ଉଚ୍ଚରେ; ଅତି ମାତ୍ରାରେ; ଉର୍ଦ୍ଧ୍ୱକୁ; ଚଢ଼ାଦରରେ; ଅତି ଉଚ୍ଚ ସ୍ୱରରେ, ଅତିଶୟ।

**high and dry** ବିଂ. ଶୁଖିଲା ଭୂଇଁରେ; ଏକାକୀ ଅବସ୍ଥାରେ।

**high and low** କ୍ରି.ବିଂ. ସର୍ବତ୍ର।

**high and mighty** ବିଂ. *କ.ଭା.* ଉଦ୍ଧତ; ଆଡ଼ମ୍ବରପ୍ରିୟ।

**highbrow** *କ.ଭା.* 1. ବିଂ. ବୌଦ୍ଧିକ, ଉଚ୍ଚ ସଂସ୍କୃତି ଓ ରୁଚି ସଂପନ୍ନ; 2. ବି. ଏତାଦୃଶ ବ୍ୟକ୍ତି।

**High Church** ବି. *ଖ୍ରୀ.* ଯାଜକ କର୍ତ୍ତୃତ୍ୱ ଓ ଶାସ୍ତ୍ରସମ୍ମତ ବିଧିବିଧାନାଦି ସ୍ୱୀକାର କରୁଥିବା ଚର୍ଚ୍ଚ୍ ଅଫ୍ ଇଂଲଣ୍ଡର୍ ସଂପ୍ରଦାୟ।

**High Commission** ବି. ଏକ ରାଷ୍ଟ୍ରମଣ୍ଡଳୀୟ ଦେଶରୁ ଅନ୍ୟ ସାଧାରଣତନ୍ତ୍ର ଦେଶକୁ ପ୍ରେରିତ ରାଷ୍ଟ୍ରଦୂତଙ୍କ ଦୂତାବାସ; ବି. High Commissioner.

**High Court (of Justice)** ବି. ଉଚ୍ଚ ବିଚାରାଳୟ; ହାଇକୋର୍ଟ।

**higher animal, plant** ବି. ଉନ୍ନତ ସ୍ତରର ପଶୁ ବା ଉଦ୍ଭିଦ।

**high fidelity** ବି. ମୌଳିକ ଶବ୍ଦଗୁଣର ଅନୁରୂପ ଶବ୍ଦ ସୃଷ୍ଟି।

**high-flown** ବିଂ. ଶବ୍ଦାଡ଼ମ୍ବର ପୂର୍ଣ୍ଣ; ବହୁଳ ଶବ୍ଦ ଯୁକ୍ତ।

**high-flyer (-flier)** ବି. ଉଚ୍ଚାଭିଳାଷୀ ବ୍ୟକ୍ତି; ଉଚ୍ଚ ଗୁଣବିଶିଷ୍ଟ ବ୍ୟକ୍ତି ବା ବସ୍ତୁ।

**high-handed** ବିଂ. ଅନ୍ୟମାନଙ୍କର ଭାବନା ପାଇଁ ବେଖାତିର; ପ୍ରଭୁତ୍ୱ ପ୍ରଦର୍ଶନକାରୀ।

**highland** 1. ବି. *ସା.* ବ.ବ.ରେ ପାର୍ବତ୍ୟ ଦେଶ; ମାଳଭୂମି; ବିଶେଷତଃ ଉତ୍ତର ସ୍କଟଲେଣ୍ଡର ପାହାଡ଼ିଆ ଅଞ୍ଚଳ; 2. ବିଂ. ପାହାଡ଼ିଆ; ସ୍କଟଲେଣ୍ଡର ପାହାଡ଼ିଆ ଅଞ୍ଚଳ ସମ୍ବନ୍ଧୀୟ।

**highlander** ବି. ପାର୍ବତ୍ୟ ଅଧିବାସୀ; ସ୍କଟ୍ଲେଣ୍ଡର ପାର୍ବତ୍ୟାଞ୍ଚଳର ଅଧିବାସୀ।

**highlight** 1. ବି. ବୈଶିଷ୍ଟ୍ୟ; ଚିତ୍ରର ଉଜ୍ଜ୍ୱଳ ଅଂଶ; ଅତ୍ୟନ୍ତ ଆକର୍ଷକ ମୁହୂର୍ତ୍ତ; ମୁଖ୍ୟାଂଶ;

Digitized by srujanika@gmail.com

2. କ୍ରି. ଲୋକଲୋଚନକୁ ଆଣିବା; ପ୍ରଖ୍ୟାତ କରିବା ।

**highly** କ୍ରି.ବିଂ. ଅତିମାତ୍ରାରେ; ଅଧିକଭାବରେ; ବିଶେଷରୂପେ ।

**high–minded** ବିଂ. ଉଦାରମନା; ଉଚ୍ଚ ନୈତିକତା ବିଶିଷ୍ଟ ।

**highness** ବି. ରାଜପୁତ୍ର, ରାଜକୁମାରୀ ବା କୌଣସି ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ସମ୍ବୋଧନ ବା ଉଲ୍ଲେଖ କରିବା ବେଳେ ବ୍ୟବହୃତ ପଦବୀ (ଉଦା. Your Highness); ଉନ୍ନତାବସ୍ଥା, ମହତ୍ତ୍ୱ ।

**high–pitched** (ସ୍ୱର ବା ଧ୍ୱନି ସଂବନ୍ଧୀୟ) କଟୁ ବା ତୀବ୍ର; (ଛାତ ସମ୍ବନ୍ଧୀୟ) ତୀଖ; ଢାଲୁ ହୋଇ ନ ଥିବା ।

**high priest** ବି. ମୁଖ୍ୟ ପୁରୋହିତ; କୌଣସି ମତବାଦର ମୁଖ୍ୟ ପ୍ରଚାରକ ।

**high sea(s)** ବି. (କୌଣସି ଦେଶର କର୍ତ୍ତୃତ୍ୱ ନଥାଇ) ଉନ୍ମୁକ୍ତ ସମୁଦ୍ର ।

**high street** ବି. ପ୍ରଧାନ ରାସ୍ତା ।

**high tea** ବି. ପାଉରୁଟି, ଲହୁଣୀ, ଚା ପ୍ରଭୃତିର ସାନ୍ଧ୍ୟ ଭୋଜନ ।

**high–water mark** ବି. ଜୁଆର ପାଣିର ସର୍ବାଧିକ ଉଚ୍ଚତା ସୂଚକ ଚିହ୍ନ; ଉଚ୍ଚତମ ମୂଲ୍ୟ ବା ସ୍ଥାନ ।

**highway** ବି. ରାଜପଥ; ମୁଖ୍ୟ ରାସ୍ତା; କଂପ୍ୟୁଟରରେ ସଙ୍କେତ ପ୍ରେରଣ କରୁଥିବା କଣ୍ଡକ୍ଟର ।

**Highway Code** ବି. ରାସ୍ତାଘାଟ ବ୍ୟବହାର କରିବାର ସରକାରୀ ନିୟମାବଳୀ ।

**highwayman** ବି. *ଇତି.* ରାଜପଥରେ ଡକାୟତି କରୁଥିବା ବ୍ୟକ୍ତି ।

**hijack** କ୍ରି. ବ୍ୟୋମଯାନ ବା ଅନ୍ୟାନ୍ୟ ଯାନବାହନର ଗତିରୋଧ କରି ଅପହରଣ କରିବା; ପଥମଧ୍ୟରେ ଜିନିଷପତ୍ର ଜବତ୍ କରିବା ।

**hike** 1. ବି. ବହୁତ ବାଟ ଚାଲିଚାଲି ଅତିକ୍ରମ କରିବା; ଦୀର୍ଘ ପଦଯାତ୍ରା; ମୂଲ୍ୟବୃଦ୍ଧି; 2. କ୍ରି. ଚାଲି ଚାଲି ବହୁତ ବାଟ ଯିବା; ପଦଭ୍ରମଣରେ ଯିବା; ଦରଦାମ ବଢ଼ିବା ।

**hilarious** ବିଂ. ହର୍ଷୋତ୍ଫୁଲ୍ଲ; ଆନନ୍ଦରେ କୋଳାହଳକାରୀ; ବି. hilarity.

**hill** ବି. ଛୋଟ ପାହାଡ଼; ଡିପ; କୁଦ ।

**hill–billy** ବି. ଦକ୍ଷିଣ ଆମେରିକାର ଲୋକ ସଂଗୀତ ସଦୃଶ ଲୋକଗୀତ; *କ.ଭା. ଅବ.* ଅତ୍ୟନ୍ତ ଗାଉଁଲିଆ ଲୋକ ।

**hillock** ବି. ଛୋଟ ପାହାଡ଼; ମାଟି କୁଦ ।

**hillside** ବି. ପାହାଡ଼ର ଗଡ଼ାଣିଆ ଅଂଶ ।

**hilly** ବିଂ. ପାହାଡ଼ିଆ; ବି. hilliness.

**hilt** ବି. ଖଣ୍ଡା, ତରବାରି ପ୍ରଭୃତିର ମୁଷ୍ଟି ବା ବେଣ୍ଟ; up to the hilt ସଂପୂର୍ଣ୍ଣଭାବରେ ।

**him** ସ. ପୁଂ. ତାହାକୁ; ତାହାଙ୍କୁ; heର କର୍ମକାରକ ରୂପ ।

**himself** ସ. ସେ ନିଜେ; ସେ ନିଜକୁ; he ଓ himର ଗୁରୁତ୍ୱ ପ୍ରକାଶକ/ ସ୍ୱାଭିମୁଖୀ (reflexive) ରୂପ ।

**hind**[1] ବିଂ. ପଶ୍ଚାଦ୍‌ବର୍ତ୍ତୀ; ପଛରେ ଥିବା ।

**hind**[2] ବି. (ବିଶେଷତଃ ନାଲି ରଙ୍ଗର) ମାଈ ହରିଣ ।

**hinder**[1] କ୍ରି. ପ୍ରତିରୋଧ କରିବା; ଅଗ୍ରଗତି ବା ଉନ୍ନତିରେ ବାଧା ସୃଷ୍ଟି କରିବା ।

**hinder**[2] ବିଂ. ପଛ ।

**hindmost** ବିଂ. ସର୍ବାପେକ୍ଷା ପଛ; ସର୍ବାପେକ୍ଷା ପଶ୍ଚାଦ୍‌ବର୍ତ୍ତୀ ।

**hindquarters** ବି.ବ.ବ. ଚତୁଷ୍ପଦ ପ୍ରାଣୀର ପଛ ଗୋଡ଼ ଓ ତାର ନିକଟବର୍ତ୍ତୀ ଅଂଶ ।

**hindrance** ବି. ପ୍ରତିବନ୍ଧକ; ବ୍ୟାଘାତ ।

**hindsight** ବି. ପଛବୁଦ୍ଧି ।

**Hindu** 1. ବି. ହିନ୍ଦୁଧର୍ମାବଲମ୍ବୀ; 2. ବିଂ. ହିନ୍ଦୁଧର୍ମ ସଂପର୍କୀୟ ।

**Hinduism** ବି. ହିନ୍ଦୁ ଧର୍ମ ।

**Hindustani** ବି. ହିନ୍ଦୀ ଉପରେ ଆଧାରିତ (ଆରବୀ ଓ ଫାର୍ସି ପରିବର୍ତ୍ତେ ସଂସ୍କୃତଜ ଶବ୍ଦ ସଂବଳିତ) ଭାଷା, ହିନ୍ଦୁସ୍ତାନୀ ।

**hinge** 1. ବି. କବାଟ ପ୍ରଭୃତିର କବ୍‌ଜା; ମୂଳ ନୀତିନିୟମ; 2. କ୍ରି. କବ୍‌ଜା ଲଗାଇବା; ନିର୍ଭର କରିବା ।

**hinny** ବି. ଖଚର ଛୁଆ (ଘୋଡ଼ା ଓ ମାଈଗଧ ସଂଗମରୁ ଜାତ) ।

**hint** 1. ବି. ପରୋକ୍ଷ ସଙ୍କେତ; ସାମାନ୍ୟ ଇଙ୍ଗିତ; 2. କ୍ରି. ସାମାନ୍ୟ ମତାମତ ଦେବା; ପରୋକ୍ଷ ଭାବରେ ସୂଚନା ବା ସଙ୍କେତ ଦେବା; broad hint ସ୍ପଷ୍ଟ ଓ ନିର୍ଭୁଲ ସଙ୍କେତ; take a hint ସଙ୍କେତ ବା ଇସାରା ବୁଝିବା ।

Digitized by srujanika@gmail.com

**hinterland** ବି. ସମୁଦ୍ର ବା ନଦୀକୂଳର ପଶ୍ଚାତ୍‌ବର୍ତ୍ତୀ ଅଞ୍ଚଳ; ବନ୍ଦର ପ୍ରଭୃତିଦ୍ୱାରା ସଂଯୁକ୍ତ ଅଞ୍ଚଳ।

**hip**[1] ବି. ପିଚା; ନିତମ୍ବ।

**hip**[2] *ଅବ.* ଉତ୍ସାହ ଉଦ୍ଦୀପକ ଧ୍ୱନି।

**hip–bath** ବି. ଅଣ୍ଟାପାଣି; ଅଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡିବା ପାଇଁ ସ୍ନାନପାତ୍ର।

**hip–bone** ବି. ନିତମ୍ବର ହାଡ଼।

**hip–pocket** ବି. ଟ୍ରାଉଜର ବା ପେଣ୍ଟର ପଛଭାଗରେ ଥିବା ପକେଟ୍।

**hippie, hippy** ବି. ପରମ୍ପରାଗତ ରୀତିନୀତି ଓ ସାମାଜିକ ଅବସ୍ଥାକୁ ବିରୋଧ କରି ଉଦ୍ଭଟ ବେଶଭୂଷା ଓ ଚାଲିଚଳଣ ପ୍ରଭୃତି ଗ୍ରହଣ କରିଥିବା ଯୁବକ; ହିପି।

**hippo** ବି. *କ.ଭା.* ହିପୋପଟାମସ୍; ଜଳହସ୍ତୀ।

**Hippocratic oath** ବି. ଡାକ୍ତରୀ ଚିକିତ୍ସା ବୃତ୍ତି ଆରମ୍ଭ କରିବା ପୂର୍ବରୁ ଯଥାର୍ଥ ଆଚରଣ ପାଇଁ କରାଯାଉଥିବା ଶପଥ (ଗ୍ରୀକ୍ ଚିକିତ୍ସକ Hippocratesଙ୍କ ନାମାନୁସାରେ)।

**hippodrome** ବି. ନୃତ୍ୟ ବା ସଂଗୀତ ଶାଳା; *ପ୍ରା.ପ୍ର.* ରଥ ବା ଘୋଡ଼ା ଦୌଡ଼ ସ୍ଥଳୀ।

**hippopotamus** ବି. ( ବ.ବ. hippopotamuses, hippopotami) ଜଳହସ୍ତୀ; ଛୋଟଗୋଡ଼ ଓ ବହଳ ଚର୍ମ ବିଶିଷ୍ଟ ବୃହଦାକାର ଆଫ୍ରିକୀୟ ସ୍ତନ୍ୟପାୟୀ ଜଳଚର ପ୍ରାଣୀ ବିଶେଷ।

**hipster** ବିଂ. (ପୋଷାକ ସମ୍ବନ୍ଧୀୟ) ଅଣ୍ଟା ପରିବର୍ତ୍ତେ ପିଚା ପାଖରୁ ତଳକୁ ଝୁଲୁଥିବା।

**hire** 1. *କ୍ରି.* ଭଡ଼ା ନେବା; ପାରିଶ୍ରମିକ ଦେଇ ଅସ୍ଥାୟୀ ଭାବରେ କାର୍ଯ୍ୟରେ ନିଯୁକ୍ତ କରିବା; 2. ବି. ଭଡ଼ା; ପାରିଶ୍ରମିକ; for (on) hire ଭଡ଼ା ପାଇଁ ପ୍ରସ୍ତୁତ।

**hireling** ବି. *ଅବ.* ଭଡ଼ା ବା ଅର୍ଥ ବିନିମୟରେ କାମ କରୁଥିବା ଲୋକ।

**hire purchase** ବି. କିସ୍ତିଦ୍ୱାରା କିଣାହେବା ବ୍ୟବସ୍ଥା।

**hirsute** ବିଂ. ଲୋମଶ।

**his** *ସ.ପୁଂ.* ତାହାର; ତାହାଙ୍କର।

**Hispanic** ବିଂ. ସ୍ପେନ୍ ଓ ପର୍ତ୍ତୁଗାଲ ଦେଶ ସମ୍ବନ୍ଧୀୟ; ସ୍ପେନୀୟ ଭାଷାଭାଷୀ ଅଞ୍ଚଳ ସମ୍ବନ୍ଧୀୟ।

**hiss** 1. ବି. ସୀତ୍‌କାର; ସୁ ସୁ ଧ୍ୱନି (ସାପର); 2. *କ୍ରି.* ସୀତ୍‌କାର କରିବା; ସୀତ୍‌କାରଦ୍ୱାରା ଅନୁମୋଦନ ନ ଥିବା ଜଣାଇବା; କ୍ରୋଧରେ ସୁ ସୁ ଧ୍ୱନି କରିବା।

**histamine** ବି. ଶରୀରର ସ୍ନାୟୁତନ୍ତ୍ରରେ ପ୍ରତିକ୍ରିୟା ସୃଷ୍ଟିକାରୀ ଏକପ୍ରକାର ରାସାୟନିକ ମିଶ୍ରଣ; ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟିକାରୀ ରାସାୟନିକ ଯୌଗିକ ଦ୍ରବ୍ୟ।

**histogram** ବି. ବିଭିନ୍ନ ପରିମାଣର ଆନୁପାତି କ୍ଷେତ୍ରଫଳ ବିଶିଷ୍ଟ ଆୟତାକାରକ୍ଷେତ୍ର ସମ୍ବଳିତ ଗାଣିତିକ ବା ପରିସଂଖ୍ୟାନ ନକ୍ସା।

**histology** ବି. ପ୍ରାଣୀମାନଙ୍କ ତନ୍ତୁ ବା ଜୈବତନ୍ତୁ ବିଷୟକ ବିଜ୍ଞାନ।

**historian** ବି. ଐତିହାସିକ; ଇତିହାସ ଲେଖକ; ଇତିହାସବିଦ୍।

**historic** ବିଂ. ଐତିହାସିକ; ଇତିହାସ ପ୍ରସିଦ୍ଧ; *ବ୍ୟା.* ଅତୀତ କାଳ ସମ୍ବନ୍ଧୀୟ।

**historical** ବିଂ. ଐତିହାସିକ (ଘଟଣା); ଇତିହାସ ସମ୍ବଳିତ।

**historicism** ବି. ଇତିହାସବାଦ; ଐତିହାସିକ ଘଟଣାବଳୀର ନିୟମାନୁବର୍ତ୍ତିତାରେ ବିଶ୍ୱାସ; ଐତିହାସିକ କ୍ରମବିକାଶ ଓ ଅତୀତର ପ୍ରଭାବକୁ ପ୍ରାଧାନ୍ୟ ଦେବାର ପ୍ରବୃତ୍ତି।

**historicity** ବି. ଐତିହାସିକ ସତ୍ୟ ବା ପ୍ରାମାଣିକତା।

**historiography** ବି. ଇତିହାସ ରଚନା; ତଦ୍‌ବିଷୟକ ଅଧ୍ୟୟନ।

**history** ବି. ଇତିହାସ; ଅତୀତର ଧାରାବାହିକ ବିବରଣ; ପ୍ରାଚୀନ ଯୁଗର ମନୁଷ୍ୟ, ଦେଶ, ସମାଜ ପ୍ରଭୃତିର କାର୍ଯ୍ୟକଳାପ ଓ ଘଟଣାବଳୀର ଧାରାବାହିକ, ଶୃଙ୍ଖଳିତ ବିବରଣ ବା ସମାଲୋଚନାତ୍ମକ ବିଶ୍ଳେଷଣ।

**histrionic** ବିଂ. ଅଭିନୟାତ୍ମକ; ନାଟକୀୟ; ରଙ୍ଗମଞ୍ଚ ବା ନାଟକାଦି ସମ୍ବନ୍ଧୀୟ।

**hit** 1. *କ୍ରି.* ମାରିବା; କୌଣସି କ୍ଷେପଣାସ୍ତ୍ର ଦ୍ୱାରା ଆଘାତ କରିବା; ବାଜିବା; ଜୋର୍‌ରେ ଧକ୍‌କା ବାଜିବା; କୌଣସି ବସ୍ତୁସହ ସଂଘର୍ଷ ହେବା; (ବ୍ୟକ୍ତି ଉପରେ) ପ୍ରଭାବ ପକାଇବା; ମନରେ କଷ୍ଟ ବା ଆଘାତ ଦେବା; ପେଣ୍ଡୁକୁ ବାଡ଼ି ସାହାଯ୍ୟରେ ଚଳାଇବା/ ଗଡ଼ାଇବା; ଖେଳରେ ପଏଣ୍ଟ ବା ସ୍କୋର ଆଣିବା; *କ.ଭା.* ମୁକାବିଲା

Digitized by srujanika@gmail.com

କରିବା; ସମ୍ମୁଖୀନ ହେବା; ଆଲୋକପାତ କରିବା; ସଂକ୍ଷେପରେ ବର୍ଣ୍ଣନା କରିବା; କୃତକାର୍ଯ୍ୟ ହେବା; ଠିକ୍‌ରୂପେ ପାଇବା; *ସା.ପ୍ର.* ଲୁଣ୍ଠନ ବା ଆକ୍ରମଣ କରିବା; ଅସାଧୁ ଭାବେ ଲଢ଼ାଇ କରିବା; 2. *ବି.* ଆଘାତ; ପ୍ରହାର; ଧକ୍କା; ଲକ୍ଷ୍ୟସ୍ଥଳରେ ଆଘାତ; ସଫଳ ଉଦ୍ୟମ; ସଫଳ ଲୋକପ୍ରିୟତା; hit back ପ୍ରତିଶୋଧ ନେବା; hit below the belt ଅନ୍ୟାୟ ଆଚରଣ କରିବା; ଅନ୍ୟାୟ ଭାବରେ ଅନ୍ୟର ଅନିଷ୍ଟ କରିବା; hit in the eye ଅତ୍ୟନ୍ତ ସ୍ପଷ୍ଟ ହେବା ।

**hit–and–run** *ବି.* (ଗାଡ଼ିଚାଳକ ପ୍ରଭୃତି ସମ୍ବନ୍ଧୀୟ) ଆଘାତ ଓ ଅନିଷ୍ଟ ସାଧନ କରି ତତ୍‌କ୍ଷଣାତ୍ ପଳାଇବା ।

**hitch** 1. *କ୍ରି.* କୌଣସି ବସ୍ତୁକୁ ଝିଙ୍କିବା; ଓଟାରିବା; ଏକ ପ୍ରକାର ଫାଶ ବା କଣ୍ଟାଦ୍ୱାରା ବନ୍ଧାହେବା; 2. *ବି.* ସାମୟିକ ପ୍ରତିବନ୍ଧକ; ସାମାନ୍ୟ ଟଣାଓଟରା; ଏକ ପ୍ରକାର ଫାଶ ବା ଗଣ୍ଠି; get hitched *ସା.ପ୍ର.* ବିବାହ କରିବା; ବିବାହ ବନ୍ଧନରେ ଆବଦ୍ଧ ହେବା ।

**hitch–hike** *କ୍ରି.* ଯାଉଥିବା ଯାନବାହନର ସୁଯୋଗ ନେଇ ମାଗଣାରେ ଯାତ୍ରା କରିବା ।

**hither** 1. *କ୍ରି.ବିଂ.* ଏହି ଅଭିମୁଖରେ; ଏହି ସ୍ଥାନ ଆଡ଼କୁ; ଏଠାକୁ; 2. *ବିଂ.* ଏହି ପାଖରେ ଥିବା; ନିକଟତର; 3. hither and thither ଇତସ୍ତତଃ; ଏଆଡ଼େ ସେଆଡ଼େ ।

**hitherto** *କ୍ରି.ବିଂ.* ଏ ପର୍ଯ୍ୟନ୍ତ; ଆଜି ପର୍ଯ୍ୟନ୍ତ ।

**Hittite** 1. *ବି.* ଏସିଆ ମାଇନର ଓ ସିରିଆର ପ୍ରାଚୀନ ଅଧିବାସୀ କିମ୍ବା ସେମାନଙ୍କର ଭାଷା; 2. *ବିଂ.* ହିଟାଇଟ୍‌ମାନଙ୍କ ସମ୍ବନ୍ଧୀୟ ।

**HIV** *ସଂଶ.* ହ୍ୟୁମେନ୍ ଇମ୍ୟୁନୋଡେଫିସିଏନ୍‌ସି ଭାଇରସ୍; ଏଡ୍‌ସ୍ (AIDS) ରୋଗ ସୃଷ୍ଟିକାରୀ ଭୂତାଣୁ ବିଶେଷ ।

**hive** 1. *ବି.* ମହୁଫେଣା; ମହୁମାଛି ପୋଷିବା ବାକ୍ସ; ମହୁମାଛିର ଦଳ; କାର୍ଯ୍ୟବ୍ୟସ୍ତତାର ଦୃଶ୍ୟ; କାର୍ଯ୍ୟବ୍ୟସ୍ତ ଜନଗହଳି ସ୍ଥାନ; 2. *କ୍ରି.* ମହୁବାକ୍ସରେ ମହୁମାଛିକୁ ପୋଷିବା; ମହୁଫେଣାରେ ମହୁ ସଞ୍ଚିତ ହେବା ପରି ସଞ୍ଚୟ କରିବା; hive off ବୃହତ୍ ଦଳରୁ ପୃଥକ୍ କରିଦେବା ।

**hives** *ବି. ବ.ବ.* ଏକପ୍ରକାର ଚର୍ମରୋଗ; କୁଣ୍ଡାଇ ହୋଇ ଫଳିଯିବା ।

**HM** *ସଂଶ.* Her or His Majesty('s).

**HMS** *ସଂଶ.* Her or His Majesty's Ship.

**ho** *ଅବ୍ୟ.* ବିଜୟସୂଚକ ଧ୍ୱନି ବିଶେଷ; ଦୃଷ୍ଟି ଆକର୍ଷଣକାରୀ ଧ୍ୱନି ବିଶେଷ ।

**Ho** *ପ୍ର.* holmium ହୋଲ୍‌ମିଅମ୍ ।

**hoar** *ବିଂ.* ବୟସ ବୃଦ୍ଧି ଫଳରେ ଶେଥା ପଡ଼ିଥିବା; ବାର୍ଦ୍ଧକ୍ୟ ହେତୁ ଶ୍ୱେତ ବା ଧୂସର ବର୍ଣ୍ଣ ବିଶିଷ୍ଟ; ଧୂସର ।

**hoard** 1. *ବି.* ଜମା; ଯତ୍ନର ସହ ସଞ୍ଚିତ ଧନ ପ୍ରଭୃତି; 2. *କ୍ରି.* ସଞ୍ଚୟ କରିବା; ଜମା କରିବା; *ବି.* hoarder.

**hoarding** *ବି.* ଗୃହ ଚାରିପଟେ ଦିଆଯାଇଥିବା ଅସ୍ଥାୟୀ ହାଲୁକା ବାଡ଼; ବିଜ୍ଞାପନପ୍ରଭୃତି ପାଇଁ ତିଆରି ହୋଇଥିବା ପଟା ।

**hoar–frost** *ବି.* କାକର ବିନ୍ଦୁ; ତୁଷାର କଣା ।

**hoarse** *ବିଂ.* କର୍କଶ ଓ ରୁକ୍ଷ (ସ୍ୱର); ଭଗ୍ନ; ମୋଟା ଗଣଗଣିଆ ସ୍ୱର ବିଶିଷ୍ଟ ।

**hoary** *ବିଂ.* (କେଶ ସମ୍ବନ୍ଧୀୟ) ବାର୍ଦ୍ଧକ୍ୟ ହେତୁ ଶୁଭ୍ର ବା ଧୂସର; ବାର୍ଦ୍ଧକ୍ୟ ହେତୁ ଶୁଭ୍ର କେଶ ବିଶିଷ୍ଟ; ବୟସ୍କ; ଅତି ପ୍ରାଚୀନ ।

**hoax** 1. *କ୍ରି.* ପରିହାସ ମାଧ୍ୟମରେ ଠକିବା; ପ୍ରତାରିତ କରିବା; 2. *ବି.* ପରିହାସ ମୂଳକ ପ୍ରତାରଣା; କପଟ ବା ମନ୍ଦ ଉଦ୍ଦେଶ୍ୟରେ ପ୍ରତାରଣା ।

**hob** *ବି.* ଚୁଲିର ଚାରିପାଖରେ ଥିବା ଧାତୁ ନିର୍ମିତ ସମତଳ ଥାକ (ସେଲ୍‌ଫ୍), ଯାହା ଉପରେ ପାତ୍ର ପ୍ରଭୃତି ଗରମ ରହିବା ପାଇଁ ରଖାଯାଏ; କୁକର୍ ବା ରନ୍ଧନ ପାତ୍ର ଉପରେ ଗରମ ରହୁଥିବା ସମତଳ ଅଂଶ ।

**hobble** 1. *କ୍ରି.* ଛୋଟାଇ ଛୋଟାଇ ଚାଲିବା ବା ଚଲାଇବା; (ଘୋଡ଼ା ପ୍ରଭୃତିର) ବୁଲାଚଲା ନିୟନ୍ତ୍ରଣ କରିବା ପାଇଁ ଗୋଡ଼ ଗୁଡ଼ିକ ବାନ୍ଧିଦେବା; 2. *ବି.* ବିକୃତ ଚାଲି; ଲେଙ୍ଗଡ଼ା ଚାଲି; ଘୋଡ଼ାର ବେଗ ରୋକିବାର ଦଉଡ଼ି ପ୍ରଭୃତି; (ଅଶ୍ୱ ପ୍ରଭୃତିର) ପାଦ ବନ୍ଧନ ରଜ୍ଜୁ ।

**hobby** *ବି.* ଜୀବିକାର୍ଜନ ଉଦ୍ଦେଶ୍ୟ ନରଖି କେବଳ ଆନନ୍ଦ ପାଇବା ପାଇଁ ଅବସରକାଳୀନ କର୍ମ; ଅବସର ସମୟର ପ୍ରିୟ କାର୍ଯ୍ୟ ।

**hobby–horse** *ବି.* ପିଲାଙ୍କ ଖେଳ ଘୋଡ଼ା; ଘୋଡ଼ା ନାଚରେ ବ୍ୟବହୃତ ହେଉଥିବା ଘୋଡ଼ାର ଖୋଳ; ଖେଳଘୋଡ଼ା; ପ୍ରିୟ ବିଷୟ ବା ଚିନ୍ତା ।

Digitized by srujanika@gmail.com

**hobgoblin** ବି. ଅନିଷ୍ଟକର ପ୍ରେତାତ୍ମା; ଭୀତିପ୍ରଦ ଛାୟାରୂପ ।

**hobnail** ବି. ଜୋତାର ତଳେ ଲଗା ଯାଇଥିବା ମୋଟା କଣ୍ଟା ବିଶେଷ ।

**hobnob** କ୍ରି. (କୌଣସି ପ୍ରକାରରେ ବା କାହା ସହିତ) ସମୟ ଅତିବାହିତ କରିବା; ମିଳାମିଶା କରିବା ବା ସମୟ କଟାଇବା ।

**Hobson's choice** ବି. ବିକଳ୍ପବିହୀନ ଯାଚିତ ବସ୍ତୁ ବା ସର୍ତ୍ତ ।

**hock**[1] ବି. ପଶୁମାନଙ୍କର ପଛଗୋଡ଼ରେ ଥିବା ଗଣ୍ଠି ।

**hock**[2] ବି. ଜର୍ମାନ ଦେଶୀୟ ଏକପ୍ରକାର ଧଳା ମଦ ।

**hock**[3] କ୍ରି. *ସା.ପ୍ର.* ବନ୍ଧକ ରଖିବା ବା ଦେବା; (ଜିନିଷ, ସଂପତ୍ତି ପ୍ରଭୃତି) ଆବଦ୍ଧ ରଖିବା; (ଜୀବନ, ମାନ, କଥା) ପଣ କରିବା ବା ରଖିବା; in hock ଋଣୀ ହେବା; ବନ୍ଧା ପଡ଼ିବା; ବନ୍ଦୀ ହେବା; ଆବଦ୍ଧ ହେବା ।

**hockey** ବି. ହକି ଖେଳ ।

**hocus-pocus** ବି. କୌଶଳ; ପ୍ରବଞ୍ଚନା; ଯାଦୁକରର ଯାଦୁ ବିଦ୍ୟା ।

**hod** ବି. ଇଟା ପ୍ରଭୃତି ବୋହିବା ନିମନ୍ତେ ବେଣ୍ଟଲାଗିଥିବା କାଠପାତ୍ର ବିଶେଷ ।

**hodgepodge** ବିକ. hotchpotch.

**hoe** 1. ବି. ଫାଉଡ଼ା; କୋଦାଳ; 2. କ୍ରି. ଫାଉଡ଼ାଦ୍ୱାରା ମାଟି ହାଣିବା; କୋଡ଼ିବା; ଅନାବନା ଗଛ ସଫା କରିବା ।

**hog** 1. ବି. ଖାସୁକରା ଅଣ୍ଡିରା ଘୁଷୁରି; *କ.ଭା.* ଲୋଭୀ ବ୍ୟକ୍ତି; 2. କ୍ରି. ସ୍ୱାର୍ଥପର ଭାବରେ ସଞ୍ଚୟ କରିବା; ଅତ୍ୟନ୍ତ ଲୋଭରେ (କୌଣସି ଜିନିଷ) ନେବା; go the whole hog *ସା.ପ୍ର.* ସଂପୂର୍ଣ୍ଣଭାବରେ କୌଣସି କାର୍ଯ୍ୟ ସଂପନ୍ନ କରିବା; hog's back ପାହାଡ଼ର ତାଲୁ ଅଂଶ ।

**hogmanay** ବି. ସ୍କଟ୍‌ଲ୍ୟାଣ୍ଡ ନୂଆବର୍ଷର ପୂର୍ବ ସନ୍ଧ୍ୟା ।

**hogshead** ବି. ବଡ଼ ପିମ୍ପା; ପ୍ରାୟ ୫୦ ଗେଲନ୍ ପରିମାଣ ତରଳ ବା ଶୁଷ୍କ ପଦାର୍ଥ ।

**hogwash** ବି. *କ.ଭା.* ନିରର୍ଥକ ବା ବାଜେ କଥା; ଆବର୍ଜନା ।

**ho-ho** *ଅବ୍ୟ.* ଆନନ୍ଦ, ଆଶ୍ଚର୍ଯ୍ୟ, ବିଜୟ କିମ୍ବା, ବିଦ୍ରୂପ ସୂଚକ ଶବ୍ଦ ।

***hoi polloi*** ବି. ସାଧାରଣ ଜନତା; ଗଣ *(ଗ୍ରୀ)* ।

**hoist** 1. କ୍ରି. ଉପରକୁ ଟାଣିନେବା ବା ଟେକିବା, ଉଠାଇବା; ଦଉଡ଼ି ବା ପୁଲି ପ୍ରଭୃତି ଦ୍ୱାରା ଉପରକୁ ଉଠାଇବା ବା ଟାଣିନେବା; 2. ବି. ବସ୍ତୁ ଉତ୍ତୋଳନ ଯନ୍ତ୍ର; ଉତ୍ତୋଳନ; ଉପରକୁ ଭାର ଉଠାଇବା କାର୍ଯ୍ୟ ।

**hoity-toity** ବିଂ. ଉଦ୍ଧତ; ଅବିନୀତ; ଅହଙ୍କାରୀ ।

**hokum** ବି. *ସା.ପ୍ର.* ଆବେଗିକ, ଅବାସ୍ତବ ବା ଦୁର୍ବଳ କାହାଣୀ ବା ଦୃଶ୍ୟାବଳୀ ସମ୍ବଳିତ ନାଟକ ବା ଚଳଚ୍ଚିତ୍ର ।

**hold**[1] 1. କ୍ରି. ହାତ ପ୍ରଭୃତିରେ ଦୃଢ଼ ଭାବରେ ଧରିବା; ଧରି ରଖିବା; ମୁଠେଇବା; ଜାବୁଡ଼ି ଧରିବା; (ମସ୍ତିଷ୍କ ବା ବସ୍ତୁ) ସ୍ଥିର ରଖିବା; ଅକ୍ଷୁଣ୍ଣ ରହିବା; ଆୟତ୍ତରେ ରଖିବା; ଧାରଣ ପାଇଁ ସମର୍ଥ ହେବା; ଅଧିକାରରେ ରଖିବା; (ଯୋଗ୍ୟତା/ କୃତିତ୍ୱ) ହାସଲ କରିଥିବା; (କାର୍ଯ୍ୟ ବା ଅଫିସର ଦାୟିତ୍ୱ) ସଂପାଦନ କରିଥିବା; (ଭୂସଂପତ୍ତି, ଭାଗ, ଅଂଶ ପ୍ରଭୃତି) ଅଧିକାର କରିବା; ଅଧିକାରରେ ରଖିବା, ନିଜ ଦଖଲରେ ରଖିବା; ନିଜ ସ୍ଥାନ ବଜାୟ ରଖିବା; (ବାର୍ତ୍ତାଳାପ, ସଭାସମିତି, ଉତ୍ସବପ୍ରଭୃତି) ପରିଚାଳନା ବା ପାଳନ କରିବା; ଚିତ୍ତ ନିବଦ୍ଧ କରିବା; ସମ୍ମାନ ଦେଖାଇବା; ବିଶ୍ୱାସ କରିବା; ମନରେ ପୋଷଣ କରିବା/ ଭାବିବା; ସ୍ଥିର କରିବା; 2. ବି. ଧାରଣ; ଗ୍ରହଣ; ଧରିବା ଉପାୟ ବା ସ୍ୱଭାବ; ଅବଲମ୍ବନ; ପ୍ରଭାବ; କର୍ତ୍ତୃତ୍ୱ; ଅଧିକାର; hold back ନିବୃତ୍ତ ହେବା; ସଂଯତ କରିବା; ଦ୍ୱିଧା କରିବା; hold down ଦମନ କରିବା; ନିବାରଣ କରିବା (କାର୍ଯ୍ୟ); ସଂପାଦନରେ ଯଥେଷ୍ଟ ସମର୍ଥ ହେବା; hold forth ବିସ୍ତୃତ ଭାବରେ ବା ବିରକ୍ତିକର ଭାବରେ ବର୍ଣ୍ଣନା କରିବା; ଦୀର୍ଘ ସମୟ ଧରି କହିବା; hold it! କାର୍ଯ୍ୟାଦି ବନ୍ଦ କରିବା; hold on ଧରି ରଖିବା; ନିବୃତ୍ତ ନ ହେବା; ସାମାନ୍ୟ ଅପେକ୍ଷା କରିବା; hold out ପ୍ରଲୋଭନ ଦେଖାଇବା; ହାତ ବଢ଼ାଇବା; ସ୍ଥାୟୀ ହେବା; ଦୀର୍ଘ ସମୟ ତିଷ୍ଠିବା ।

**hold**[2] ବି. ପଣ୍ୟଦ୍ରବ୍ୟ ପାଇଁ ଜାହାଜ ପଟାତଳ ନିମ୍ନଭାଗରେ ଥିବା ଗର୍ତ୍ତ; ଉଡ଼ାଜାହାଜର ନିମ୍ନ ଅଂଶ ଯହିଁରେ ମାଲ୍ ବୋଝାଇ ହୁଏ ।

**holdall** ବି. ବୃହଦାକାର ନରମ ବେଗ୍; ବହୁତ ଜିନିଷ ପତ୍ର ନେଇ ଭ୍ରମଣ କରିବା ପାଇଁ ଉପଯୁକ୍ତ କୋମଳ ବେଗ୍ ।

Digitized by srujanika@gmail.com

**holdfast** ବି. ଯାହା ଦୃଢ଼ଭାବେ ଧରି ରଖେ; କାନ୍ଥ ପ୍ରଭୃତିରେ କୌଣସି ପଦାର୍ଥକୁ ଜାବୁଡ଼ି ରଖୁଥିବା ଲୁହା କଣ୍ଟା ବା କ୍ଲାମ୍ପ।

**holding** ବି. ଧରିବା; ଅଧିକୃତ ଜମି; ଜମି ବା ଅନ୍ୟାନ୍ୟ ସମ୍ପତ୍ତିର ଦଖଲ ସ୍ୱତ୍ୱ।

**holding company** ବି. ବିଭିନ୍ନ କମ୍ପାନୀର ଅଂଶ ବା ସ୍ୱତ୍ୱ ଦଖଲ କରିଥିବା କମ୍ପାନୀ।

**hole** 1. ବି. ଗାତ; ଛିଦ୍ର; କଣା; ରନ୍ଧ୍ର; ଫାଙ୍କ; ଗହ୍ୱର; ପଶୁମାନଙ୍କର ବିବର ବା ଗାତ; କ୍ଷୁଦ୍ର, ଅନ୍ଧକାରମୟ ସ୍ଥାନ; *ଘ.ପ୍ର.* ଅସୁବିଧାଜନକ ଅବସ୍ଥା; ଅସ୍ୱସ୍ତିକର ପରିବେଶ; ବିଭିନ୍ନ ଖେଳରେ ପେଣ୍ଡୁ ପଶିବା ନିମିତ୍ତ ଗାତ; 2. *କ୍ରି.* ଗାତ ଖୋଳିବା; ଗାତରେ ପକାଇବା; pick holes in ଦୋଷ ଦେଖାଇବା; ଛିଦ୍ରାନ୍ୱେଷଣ କରିବା।

**hole–and–corner** ବିଂ. ଗୋପନ; ଭିତିରିଆ।

**holiday** 1. ବି. ଛୁଟିଦିନ; ଅବକାଶ ବା ଆମୋଦ ପ୍ରମୋଦ ପାଇଁ ଉଦ୍ଦିଷ୍ଟ ଦିନ; ଉତ୍ସବ ଦିନ; ବ.ବ. ଛୁଟିର ସମୟ; ଗୃହଠାରୁ ଦୂରରେ ଆନନ୍ଦ ଉତ୍ସବ ବା ପର୍ବପର୍ବାଣି ପାଳନ କରିବା ସମୟ; 2. *କ୍ରି.* ଛୁଟିଦିନ କଟାଇବା।

**holiness** ବି. ପବିତ୍ରତା; ପୁଣ୍ୟ; ଧାର୍ମିକତା; His Holiness ପୋପ୍‌ଙ୍କର ଉପାଧି।

**holland** ବି. ଅତି ଚିକ୍କଣ, ଶକ୍ତ ଓ ମୋଟା ଲିନେନ୍ ବସ୍ତ୍ର; ଉକ୍ତ ସୂତା।

**hollow** 1. ବିଂ. ଫମ୍ପା; ପୋଲା; ଗାତୁଆ; ଶୂନ୍ୟ; ଗଭୀର; କୋଟରଗତ; ଅସାର; (ଶବ୍ଦ ସମ୍ବନ୍ଧରେ) ଫମ୍ପା; ପ୍ରତିଧ୍ୱନି ସୃଷ୍ଟି କରୁଥିବା; ନିଷ୍ଫଳ; ମିଥ୍ୟା; ନିଷ୍ଠାହୀନ; 2. ବି. ଗହ୍ୱର; ଖାଲ; ଗାତୁଆ ସ୍ଥାନ; ନିମ୍ନ ସ୍ଥାନ; ଉପତ୍ୟକା; ଗହୀର ସ୍ଥାନ; 3. *କ.ଭା. କ୍ରି.ବିଂ.* ସଂପୂର୍ଣ୍ଣରୂପେ; 4. *କ୍ରି.* ଖୋଳି ଖାଲ କରିଦେବା; ଫମ୍ପା କରିଦେବା; ଶୂନ୍ୟଗର୍ଭ କରିବା।

**holly** ବି. *ଖ୍ରୀ.* ବଡ଼ଦିନ ପର୍ବରେ ଗୃହ ଓ ଚର୍ଚ୍ଚ ବା ପ୍ରାର୍ଥନା ଗୃହ ସଜାଇବାପାଇଁ ବ୍ୟବହୃତ ହେଉଥିବା କଣ୍ଟାଳିଆ ପତ୍ର ଓ ନାଲି ଫଳବିଶିଷ୍ଟ ଏକ ପ୍ରକାର ଚିରହରିତ ଗୁଳ୍ମ।

**hollyhock** ବି. ସୁଦୃଶ୍ୟ ପୁଷ୍ପଯୁକ୍ତ ଉଚ୍ଚ ବୃକ୍ଷ ବିଶେଷ।

**holmium** ବି. ଲେନ୍ଥନାଇଡ୍ ଶ୍ରେଣୀର ଏକପ୍ରକାର ଧାତବ ପଦାର୍ଥ।

**holm–oak** ବି. କଣ୍ଟାଳିଆ ପତ୍ର ବିଶିଷ୍ଟ ଚିରହରିତ୍ ଓକ୍ ବୃକ୍ଷ।

**holocaust** ବି. ଗଣ ବା ବ୍ୟାପକ ଧ୍ୱଂସସାଧନ; ବିଶେ. ଅଗ୍ନିକାଣ୍ଡ ଦ୍ୱାରା ବିପୁଳ କ୍ଷତି।

**hologram** ବି. ପରସ୍ପର ସଂବଦ୍ଧ ଆଲୋକପାତ–ଦ୍ୱାରା ତିନୋଟି ଆୟତନ ବିଶିଷ୍ଟ ଚିତ୍ର ପ୍ରତିଫଳିତ ହେଉଥିବା ଏକ ପ୍ରକାର ଚିତ୍ରୋତ୍ତୋଳନ ପ୍ରଣାଳୀ।

**holograph**[1.] *କ୍ରି.* ହଲୋଗ୍ରାମ୍‌ର ଚିତ୍ର ଅନୁଲିଖନ କରିବା।

**holograph**[2.] 1. ବିଂ. ଲେଖକ ବା ଦଲିଲ ସଂପାଦନକାରୀର ସ୍ୱହସ୍ତ ଲିଖିତ; 2. ବି. ସ୍ୱହସ୍ତ ଲିଖିତ ଦଲିଲ।

**hols** ବି. ବ.ବ. *କ.ଭା.* ଛୁଟିଦିନ।

**holster** ବି. ପିସ୍ତଲ ବା ରିଭଲଭରର ଚମଡ଼ା ଖୋଳ (ସାଧାରଣତଃ ବେଲ୍‌ଟ ସହ ଯୋଡ଼ା ହୋଇଥିବା)।

**holy** ବିଂ. ସାତ୍ତ୍ୱିକ ଓ ଧାର୍ମିକ ଭାବାପନ୍ନ; ସାଧୁ ଓ ସମ୍ମାନଯୋଗ୍ୟ; ପୁଣ୍ୟବାନ୍; ଭଗବତ୍ ପ୍ରେମୀ; ପବିତ୍ର; ପ୍ରତିଷ୍ଠିତ; ପୁଣ୍ୟାତ୍ମା; ଐଶ୍ୱରିକ।

**homage** ବି. ଶ୍ରଦ୍ଧାଞ୍ଜଳି; ସମ୍ମାନ ପ୍ରଦର୍ଶନ; (ସାମନ୍ତ ଯୁଗରେ) ବଶ୍ୟତା ସ୍ୱୀକାର।

**Homburg** ବି. ଏକ ପ୍ରକାରର ଫେଲ୍‌ଟ୍ ଟୋପି।

**home** 1. ବି. ନିଜର ବାସଗୃହ; ପରିବାରର ବା ବଂଶ ପରମ୍ପରାକ୍ରମେ ରହି ଆସିଥିବା ବାସସ୍ଥାନ; ଜନ୍ମସ୍ଥାନ; ଆଶ୍ରୟସ୍ଥଳ; ଅନାଥାଶ୍ରମ; ଦରିଦ୍ର, ନିରାଶ୍ରୟମାନଙ୍କ ପାଇଁ ଅନୁଷ୍ଠାନ; (କ୍ରୀଡ଼ାରେ) ଶେଷ ଲକ୍ଷ୍ୟସ୍ଥଳ; 2. ବିଂ. ସ୍ୱଗୃହ ସମ୍ବନ୍ଧୀୟ; ଗୃହପ୍ରସ୍ତୁତ; ନିଜ ଦେଶ ସଂକ୍ରାନ୍ତୀୟ; ସ୍ୱଦେଶୀ; ନିଜ ଖେଳ ପଡ଼ିଆରେ ଖେଳିଥିବା; 3. *କ୍ରି.ବିଂ.* ନିଜ ଘରକୁ; ସ୍ୱଦେଶକୁ; ସଂପୂର୍ଣ୍ଣ ଭାବରେ; 4. *କ୍ରି.* (homing) ଗୃହ ବା ଲକ୍ଷ୍ୟସ୍ଥଳକୁ ଯିବା (ଜାହାଜ, କ୍ଷେପଣାସ୍ତ୍ର ପ୍ରଭୃତି); at home ନିଜ ଗୃହରେ; ଆରାମରେ; (କୌଣସି ବିଷୟରେ) ଜ୍ଞାନ ସଂପନ୍ନ।

**Home Guard** ବି. ଗୃହରକ୍ଷୀ; ସ୍ୱେଚ୍ଛାସେବୀ ଆରକ୍ଷୀ।

**homeland** ବି. ଜନ୍ମଭୂମି; ସ୍ୱଦେଶ।

**homeless** ବିଂ. ବାସଗୃହହୀନ; ନିରାଶ୍ରୟ।

**homely** ବିଂ. ଘରୋଇ; ସ୍ୱସ୍ତିକର; ସ୍ୱଚ୍ଛନ୍ଦ; ସାଦାସିଧା; ସରଳ; ନିରାଡ଼ମ୍ବର; ସାଧାରଣ (ଚେହେରା)।

**homeopathy** *ଆମେ.* homoeeopathy *ଦ୍ର.*।

**homer** ବି. ଘର ବାହୁଡ଼ା ପାରା।

Digitized by srujanika@gmail.com

**Homeric** ବିଂ. ଗ୍ରୀସ୍ ଦେଶୀୟ ପ୍ରାଚୀନ କବି ହୋମରଙ୍କ ଶୈଳୀସଦୃଶ।

**Home Secretary** ବି. ଘରୋଇ ବା ଗୃହ ବିଭାଗର ଶାସନ ସଚିବ।

**homesick** ବିଂ. ଗୃହଠାରୁ ଦୂରସ୍ଥାନରେ ରହିବା ଯୋଗୁଁ ମାନସିକ ଅବସାଦଗ୍ରସ୍ତ।

**homespun** 1. ବିଂ. ଘରବୁଣା (ସୂତାର କପଡ଼ା); ସାଧାରଣ; 2. ବି. ଘରତିଆରି ସୂତା ବା ଲୁଗା।

**homestead** ବି. ବାଡ଼ିବଗିଚା ଘେରା ବାସଗୃହ।

**homeward, homewards** 1. *କ୍ରି.ବିଂ.* ଘରଆଡ଼କୁ; 2. ବିଂ. ଘରଆଡ଼କୁ ଆସୁଥିବା।

**homework** ବି. (ବିଦ୍ୟାଳୟର ଛାତ୍ରମାନଙ୍କର) ଘରେ ପସ୍ତୁତ କରିବା ପାଇଁ ଉଦ୍ଦିଷ୍ଟ ପାଠ; ଘରପାଠ।

**homicide** ବି. ନରହତ୍ୟା; ନରହତ୍ୟାକାରୀ; ବିଂ. homicidal.

**homily** ବି. ନୀତି ଓ ଧର୍ମ ସମ୍ବନ୍ଧୀୟ ପ୍ରବଚନ।

**homing** ବିଂ. ଘରଠାରୁ ଦୂରରୁ ଉଡ଼ି ଆସି ଘରେ ପହଞ୍ଚିବାକୁ ଶିକ୍ଷା ପାଇଥିବା (ପୋଷା) ପାରା; ଲକ୍ଷ୍ୟପ୍ରାପ୍ତିର ନିର୍ଦ୍ଦିଷ୍ଟ ଉପାୟ ସମ୍ବନ୍ଧୀୟ।

**hominid** 1. ବିଂ. ସ୍ତନ୍ୟପାୟୀ ପରିବାର ଅନ୍ତର୍ଭୁକ୍ତ ଜୀବିତ ଓ ଜୀବାଶ୍ମରେ ପରିଣତ ମନୁଷ୍ୟ ସଂପର୍କୀୟ; 2. ବି. ଏହି ପରିବାରର ସଦସ୍ୟ।

**hominoid** 1. ବିଂ. ମାନବ ସଦୃଶ, ମାନବୀୟ; 2. ବି. ମଣିଷପରି ଦେଖା ଯାଉଥିବା ପ୍ରାଣୀ (ଯଥା- ବଣ ମଣିଷ)।

**homo** ବି. (ବ.ବ. homos) *କ.ଭା. ଅବ.* ସମଲିଙ୍ଗୀ ପୁରୁଷ।

**homo–** ସଂ. ସମାନ, ସମ–।

**homoeopathy** ବି. ଜର୍ମାନୀର ଡକ୍ଟର ହେନିମାନଙ୍କ ଦ୍ୱାରା ଆବିଷ୍କୃତ ଚିକିତ୍ସା ପଦ୍ଧତି, ହୋମିଓପାଥି।

**homogeneous** ବିଂ. ଏକ ପ୍ରକାରର; ସମାନ ପ୍ରକାର ଅଂଶସମୂହ ଦ୍ୱାରା ଗଠିତ; ବି. homogeneity; *କ୍ରି.ବିଂ.* homogeneously.

**homogenize** *କ୍ରି.* ସମ ପ୍ରକାର କରିବା; ଦୁଧର ସରକୁ ନ କାଢ଼ି ଚର୍ବିକଣା ଗୁଡ଼ିକୁ ମିଳାଇ ଦେବା।

**homograph** ବି. ଅନ୍ୟ ଶବ୍ଦପରି ଲିଖିତ, କିନ୍ତୁ, ଭିନ୍ନାର୍ଥକ ଶବ୍ଦ।

**homologous** ବିଂ. ଏକ ପ୍ରକାର ସଂପର୍କଯୁକ୍ତ; ସମଜାତୀୟ; *ପ୍ରାଣୀ* ସମ ସ୍ଥିତି ଓ ଗଠନ ସତ୍ତ୍ୱେ ନିଶ୍ଚିତ ରୂପେ ସମାନ କାର୍ଯ୍ୟ କରୁ ନଥିବା (ଅଙ୍ଗ ପ୍ରତ୍ୟଙ୍ଗ)।

**homology** ବି. ସମଞ୍ଜସ ଅବସ୍ଥା ବା ସଂପର୍କ।

**homonym** ବି. ଭିନ୍ନାର୍ଥବୋଧକ କିନ୍ତୁ ସମୋଚ୍ଚାରିତ ବା ସମାନ ବନାନ ଯୁକ୍ତ ଶବ୍ଦ (ଉଦା. their, there, pole, pole)।

**homophone** ବି. ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ; ଉଦା. pair, pear.

***Homo sapiens*** ବି. ପ୍ରଜାତି ଭାବରେ ପରିଗଣିତ ଆଧୁନିକ ମାନବଜାତି। *(ଲା.)*

**homosexual** 1. ବିଂ. ସମଲିଙ୍ଗୀ; ସମଲିଙ୍ଗୀ ବ୍ୟକ୍ତିପ୍ରତି ଯୌନ ଆକର୍ଷଣ ଯୁକ୍ତ; 2. ବି. ସେଭଳି ବ୍ୟକ୍ତି; ବି. homosexuality.

**Hon.** *ସଂଖ.* Honorary; Honourable.

**hone** 1. ବି. ଶାଣ ପଥର; 2. *କ୍ରି.* ଏହି ପଥରରେ ପକାଇବା।

**honest** ବିଂ. ଚରିତ୍ର ଓ ବ୍ୟବହାରରେ ନିଷ୍ଠାପର; ଅସତ୍ୟ ଓ ପ୍ରତାରଣ ରହିତ; ସଦୁପାୟଲବ୍ଧ; ନିଷ୍ଠାପର, ସାଧୁ।

**honestly** *କ୍ରି.ବିଂ.* ସଦୁପାୟରେ, ଠିକ୍‌ଭାବରେ।

**honesty** ବି. ସାଧୁତା, ସତ୍ୟନିଷ୍ଠତା; ନ୍ୟାୟ–ପରାୟଣତା; ଅକପଟତା, ସଚ୍ଚୋଟ ପଣିଆ।

**honey** ବି. ମହୁ, ମଧୁ; ମଧୁର ପଦାର୍ଥ; ପ୍ରିୟ ବ୍ୟକ୍ତି (ସମ୍ବୋଧନରେ)।

**honey–bee** ବି. ସାଧାରଣ ମହୁମାଛି।

**honeycomb** 1. ବି. ମଧୁଚକ୍ର; ମହୁ ଓ ମହୁମାଛିର ଅଣ୍ଡା ସଂରକ୍ଷଣ ନିମିତ୍ତ ମହୁଫେଣାରେ ଥିବା ଷଡ଼୍‌କୋଣଯୁକ୍ତ କ୍ଷୁଦ୍ର କ୍ଷୁଦ୍ର କୋଠରୀ; କ୍ଷୁଦ୍ର ଛିଦ୍ରବହୁଳ ବସ୍ତୁ; ମଧୁଚକ୍ର ସଦୃଶ ପଦାର୍ଥ; 2. *କ୍ରି.* ମଧୁଚକ୍ରାକାର ଚିହ୍ନଦେବା; ଛିଦ୍ରଯୁକ୍ତ କରିବା।

**honeydew** ବି. ମହୁମାଛି ଜାତୀୟ ଜୀବ ମୁଖରୁ ନିଃସୃତ ବୃକ୍ଷଲତାର ପତ୍ର ଓ କାଣ୍ଡରେ ଲାଗିଥିବା ମଧୁର ସ୍ୱାଦଯୁକ୍ତ ତରଳ ପଦାର୍ଥର ବିନ୍ଦୁ; ଏକ ପ୍ରକାର ତରଭୁଜ।

**honeymoon** 1. ବି. ମଧୁଚନ୍ଦ୍ରିକା, ମଧୁଯାମିନୀ, ନବବିବାହିତ ଦମ୍ପତିର ମିଳନାବକାଶ; ପ୍ରାରମ୍ଭିକ

Digitized by srujanika@gmail.com

ଉତ୍ସାହ; 2. କ୍ରି. ବିବାହ ପରେ ଦୂରକୁ ଯାଇ ଆମୋଦରେ କଟାଇବା ।

**honeysuckle** ବି. ହଳଦିଆ ବା ନାରଙ୍ଗି ରଙ୍ଗର ସୁଗନ୍ଧ ପୁଷ୍ପଯୁକ୍ତ ଗୁଳ୍ମବିଶେଷ ।

**honk** 1. ବି. ବଣୁଆ ବତକର ଡାକ; ମଟର ଗାଡ଼ିର ହର୍ଣ୍ଣ ଶବ୍ଦ; 2. କ୍ରି. ତଦ୍ରୂପ ଶବ୍ଦ କରିବା ।

**honky–tonk** ବି. କ.ଭା. ପିଆନୋର ସଂଗୀତଧ୍ୱନି; ଶସ୍ତାଦରର କୁଖ୍ୟାତ ରାତ୍ରିକ୍ଲବ ।

**honor** ଆମେ. honour ଦ୍ର. ।

**honorarium** ବି. ବ.ବ. honorariums, honoraria ପାରିତୋଷିକ; ମାନ–ଦେୟ; କୌଣସି କର୍ମ ନିମନ୍ତେ ନିରୂପିତ ଦେୟ ପରିବର୍ତ୍ତେ ସ୍ୱେଚ୍ଛାକୃତ ଦେୟ ।

**honorary** ବିଂ. ସମ୍ମାନସୂଚକ (ଉପାଧି); ବିନା ବେତନରେ ଗୃହୀତ (ପଦବୀ) ।

**honorific** ବିଂ. ସମ୍ମାନ ବା ମାନ୍ୟତା ସୂଚକ ।

**honour** 1. ବି. ମାନ, ସମ୍ମାନ, ସୁଯଶ, ସତ୍ୟନିଷ୍ଠା, ମାନସିକ ସାଧୁତା, ସମ୍ମାନସୂଚକ ଉପାଧି; ସାହସ ବା କର୍ତ୍ତବ୍ୟ ନିଷ୍ଠା ନିମିତ୍ତ ପ୍ରଦତ୍ତ ପୁରସ୍କାର ବା ଉପାଧି; ମର୍ଯ୍ୟାଦାପୂର୍ଣ୍ଣ ଆସନ; ବିଶେଷାଧିକାର; ସତୀତ୍ୱ, ସମ୍ମାନ ଅର୍ଜନକାରୀ ବ୍ୟକ୍ତି ବା ବସ୍ତୁ; ବ.ବ. ସ୍ନାତକ ଶ୍ରେଣୀର ବିଶେଷ ବିଭାଗୀୟ ପାଠ୍ୟକ୍ରମ; ପରୀକ୍ଷାରେ ବିଶେଷ ଜ୍ଞାନଲାଭର ଉପାଧି; 2. କ୍ରି. ଉଚ୍ଚ ସମ୍ମାନ ଦେବା, ବେଙ୍କରେ ବିଲ୍ ବା ଚେକ୍‌କୁ ଗ୍ରହଣ କରିବା; ଅତିଥିମାନଙ୍କୁ ମର୍ଯ୍ୟାଦା ସହ ଆମନ୍ତ୍ରଣ କରିବା; କୌଣସି ବ୍ୟକ୍ତିର ସମ୍ମାନାର୍ଥେ ଅନୁଷ୍ଠାନ ଆୟୋଜନ କରିବା; do the honours ଅତିଥି ସତ୍କାର କରିବା; in honour of ସମ୍ମାନାର୍ଥେ ।

**honourable** ବିଂ. ସମ୍ମାନାସ୍ପଦ, ମାନ୍ୟବର; Honourable କେତେକ ଉଚ୍ଚପଦବୀଧାରୀଙ୍କ ପ୍ରତି ମର୍ଯ୍ୟାଦାସୂଚକ ସମ୍ଭାଷଣ; କ୍ରି.ବିଂ. honourably.

**hooch** ବି. *ଆମେ. କ.ଭା.* ମଦ ।

**hood**[1.] ବି. ମୁଣ୍ଡ ଓ ଗଳାର ଆବରଣ; ବିଶ୍ୱବିଦ୍ୟାଳୟର ଉପାଧି ପ୍ରାପ୍ତି ନିମିତ୍ତ ବିଶେଷ ପୋଷାକ; ମଟର ଗାଡ଼ିର ପତଳା ଆବରଣ; ସାପର ଫଣା; ଶିରସ୍ତ୍ରାଣ ।

**hood**[2.] ବି. *ଆମେ.* ଡକାୟତ; ବନ୍ଧୁକଧାରୀ ବଦମାସ ।

**–hood** *ପ.ପ୍ର.* ଅବସ୍ଥା–ସୂଚକ ବିଶେଷ୍ୟ ନିଷ୍ପାଦକ ପ୍ରତ୍ୟୟ (ଉଦା. childhood, falsehood).

**hooded** ବିଂ. ଆବରଣଯୁକ୍ତ ।

**hoodlum** ବି. ଦୁଷ୍ଟପ୍ରକୃତିର ଯୁବକ, ବଦମାସ ।

**hoodoo** 1. ବି. ମନ୍ଦଭାଗ୍ୟ; ଯାହା ଅଶୁଭ ଘଟାଏ; 2. କ୍ରି. ଦୁର୍ଭାଗ୍ୟଯୁକ୍ତ କରାଇବା ।

**hoodwink** କ୍ରି. ପ୍ରତାରଣା କରିବା, ଭୁଲ ବାଟ ଦେଖାଇବା ।

**hooey** ବି. *ଅବ. ସା.ପ୍ର.* ଅନର୍ଥକ, ଆଜେବାଜେ ।

**hoof** 1. ବି. ଘୋଡ଼ାର ଖୁରା; 2. କ୍ରି. ପାଦରେ ଚାଲିଯିବା ।

**hoo–ha** ବି. *ସା.ପ୍ର.* ହୈ ଚୈ; ହୋ–ହା; ଗୋଳମାଳ ।

**hook** 1. ବି. ଆଙ୍କୁଡ଼ି; ତାର ବା ଧାତୁନିର୍ମିତ ଲମ୍ବା ପଦାର୍ଥର ବଙ୍କା ମୂନ ( ଧରିବା, ଝୁଲାଇବା, କାର୍ଯ୍ୟରେ ବ୍ୟବହୃତ); ହୁକ୍; 2. କ୍ରି. ଆଙ୍କୁଡ଼ି ସାହାଯ୍ୟରେ ଧରିବା; *ସା.ପ୍ର.* ଚୋରି କରିବା; by hook or by crook ଯେ କୌଣସି ଉପାୟରେ ।

**hookah** ବି. ହୁକା; ତମାଖୁ ଧୂଆଁ ଟାଣିବା ପାଇଁ ନଳୀ ଲାଗିଥିବା ଉପକରଣ ବିଶେଷ ।

**hooked** ବିଂ. ହୁକ୍‌ଭଳି; ବଙ୍କା; *ସା.ପ୍ର.* ନିଶାଗ୍ରସ୍ତ ।

**hooker**[1.] 1. ବି. ରଗ୍‌ବି ଖେଳରେ ଆଗ ଧାଡ଼ିର ଖେଳାଳି; *ସା.ପ୍ର.* ବେଶ୍ୟା ।

**hooker**[2.] ବି. ଆୟର୍ଲେଣ୍ଡ ବା ହଲାଣ୍ଡ ଦେଶୀୟ ମାଛଧରା ଡଙ୍ଗା ।

**hookworm** ବି. ଅଙ୍କୁଶ କୃମି ।

**hooligan** ବି. ଦୁର୍ବୃତ୍ତ ଯୁବକ ।

**hoop** 1. ବି. କାଠ ବା ଧାତୁନିର୍ମିତ ବୃତ୍ତ; 2. କ୍ରି. କାଠ ବା ଧାତୁ ବୃତ୍ତରେ ବାନ୍ଧିବା ବା ସେଇ ବୃତ୍ତ ଭିତର ଦେଇ ଯିବା ।

**hoop–la** ବି. ରିଙ୍ଗ୍ ଫିଙ୍ଗିବା ଖେଳ ।

**hoopoe** ବି. ତୋରାକଟା ପରଥିବା ପକ୍ଷୀ ବିଶେଷ ।

**hooray** ବିକ. hurrah.

**hoot** 1. ବି. ପେଚାର ଡାକ; ମଟର ଗାଡ଼ିର ହର୍ଣ୍ଣ; ଘୃଣା ଓ ଅସମ୍ମତି ସୂଚକ ଉଚ୍ଚ ଚିତ୍କାର; *କ.ଭା.* ଅଟ୍ଟହାସ୍ୟ; 2. କ୍ରି. ବିରକ୍ତି ପ୍ରକାଶ କରିବା; ହର୍ଣ୍ଣ ବଜାଇ ଗାଡ଼ି ଚଳାଇ ଚାଲିଯିବା; ବେଖାତିର ବା ଅବଜ୍ଞା କରିବା ।

**hooter** ବି. ବାଷ୍ପୀୟ ଇଞ୍ଜିନର ଶବ୍ଦ; ସାଇରନ୍ ବା କାରଖାନାମାନଙ୍କରେ କାମ ଆରମ୍ଭ ଓ ଶେଷ କରିବା ସୂଚକ ଧ୍ୱନି; *ସା.ପ୍ର.* ନାକ ।

Digitized by srujanika@gmail.com

**Hoover** ସ୍ତ. 1. ବି. ବାୟୁଚାଳିତ ଝାଡ଼ଣ; 2. କ୍ରି. ବାୟୁଚାଳିତ ଝାଡ଼ଣ ଦ୍ୱାରା ଝାଡୁ କରିବା।

**hop** 1. କ୍ରି. ଡେଇଁ ଡେଇଁ ଯିବା (ପଶୁ ବା ପକ୍ଷୀ); ଗୋଟିଏ ଗୋଡ଼ରେ ଡେଇଁବା; ଚଞ୍ଚଳ ଯିବା, 2. ବି. ଏହି ପ୍ରକାର ଗମନ; ଏକ ପ୍ରକାର ନୃତ୍ୟ; ଉଡ଼ାଜାହାଜର ଅଳ୍ପଦୂରକୁ ଉଡ଼ାଣ।

**hope** 1. ବି. ଇଚ୍ଛା; ଆଶାର କାରଣ; ଆଶା; 2. କ୍ରି. ଆଶା କରିବା; ଦୃଢ଼ ଆଶା ପୋଷଣ କରିବା, hope against hope ବୃଥା ଆଶା ପୋଷଣ କରିବା।

**hopeful** ବିଂ. ଆଶାନ୍ୱିତ; ଆଶାୟୀ; ଆଶାପ୍ରଦ।

**hopefully** କ୍ରି.ବିଂ. ଆଶାୟୀ ଭାବରେ।

**hopeless** ବିଂ. ଆଶାହୀନ; ହତାଶ; ଅପଦାର୍ଥ; ଅକ୍ଷମ; ଅଯୋଗ୍ୟ।

**hopper** ବି. ଡେଇଁ ଡେଇଁ ଚାଲୁଥିବା କୀଟ; ତଳେ ନିଷ୍କାସନ ଛିଦ୍ରଥିବା ପାତ୍ର।

**hopscotch** ବି. ବିଛା ଖେଳ; ଚାରିକୋଣିଆ ଘର କାଟି ଏକ ଗୋଡ଼ରେ ଡେଇଁ ଡେଇଁ ଖପରା ଉଠାଇବା ଖେଳ।

**horde** ବି. ଯାଯାବର; ବଡ଼ ଦଳ।

**horizon** ବି. ଦିଗ୍‌ବଳୟ; ଚକ୍ରବାଳ; ପୃଥିବୀ ଓ ଆକାଶର ମିଳନରେଖା ଭାବେ ପ୍ରତୀତ ହେଉଥିବା ଅଂଶ; ମାନସିକ ଅବଧାରଣା; ଅଭିଜ୍ଞତା ବା ଆଗ୍ରହର ସୀମା।

**horizontal** 1. ବିଂ. ଆନୁଭୂମିକ, ଭୂ–ସମାନ୍ତର; ସମାନ ପଦବୀ ବା ଦାୟିତ୍ୱ ସଂପର୍କିତ; 2. ବି. ଦିଗ୍‌ବଳୟ ସହ ସମାନ୍ତରାଳ ରେଖା; କ୍ରି.ବିଂ. horizontally.

**hormone** ବି. ରସ ବା ରକ୍ତମାଧ୍ୟମରେ ଯାଇ ଅଂଗ ବିଶେଷକୁ ଉତ୍ତେଜିତ କରୁଥିବା ଅନ୍ତଃସ୍ରାବୀ ତରଳ ପଦାର୍ଥ; ହର୍ମୋନ୍।

**horn** 1. ବି. ଶିଙ୍ଗ; ଶିଙ୍ଗା; ଶବ୍ଦ ସୃଷ୍ଟିକାରୀ ବସ୍ତୁ; ସତର୍କତାସୂଚକ ଧ୍ୱନି ସୃଷ୍ଟିକାରୀ ଯନ୍ତ୍ରାଂଶ; ଉଭୟ ସଂକଟର ପ୍ରତୀକ; 2. କ୍ରି. ଶିଙ୍ଗଦ୍ୱାରା ଭୁଷିବା; ଶିଙ୍ଗ ଗଜୁରିବା; horn of plenty ପ୍ରାଚୁର୍ଯ୍ୟର ପ୍ରତୀକ; horns of a dilemma ଦ୍ୱନ୍ଦ୍ୱାତ୍ମକ ସଂକଟର ଦୁଇ ଦିଗ।

**hornbeam** ବି. ଶକ୍ତ କାଠର ଗଛ ବିଶେଷ।

**hornbill** ବି. ଲମ୍ବା ଲାଲ ଥଣ୍ଟ ଥିବା ପକ୍ଷୀ ବିଶେଷ।

**hornblende** ବି. କଳା, ଶାଗୁଆ ବା ବାଦାମୀ ରଙ୍ଗର ଖଣିଜ ପଦାର୍ଥ ବିଶେଷ।

**hornet** ବି. ଏକ ପ୍ରକାର ବଡ଼ ଜାତିର ବିରୁଡ଼ି।

**hornpipe** ବି. ନାବିକମାନଙ୍କ ନୃତ୍ୟବିଶେଷ ବା ତାହାର ବାଦ୍ୟ।

**horny** ବିଂ. ଶୃଙ୍ଗ ସଦୃଶ; ଶକ୍ତ; *ଗ୍ରା.ପ୍ର.* କାମୋତ୍ତେଜିତ।

**horology** ବି. ସମୟ ପରିମାପକ କଳା; ହାତଘଣ୍ଟା ପ୍ରଭୃତି ତିଆରି କରିବାର ଜ୍ଞାନ; ବିଂ. horological.

**horoscope** ବି. ଜାତକ, କୋଷ୍ଠୀ; ଜନ୍ମକାଳୀନ ଗ୍ରହ, ନକ୍ଷତ୍ରମାନଙ୍କର ଅବସ୍ଥିତିସୂଚକ ପତ୍ରିକା; ଏହା ସାହାଯ୍ୟରେ ଭବିଷ୍ୟତ୍ ବାଣୀ।

**horrendous** ବିଂ. ଭୟଙ୍କର, ଭୀତିପ୍ରଦ, ଭୟଙ୍କର; କ୍ରି.ବିଂ. horrendously.

**horrible** ବିଂ. ଭୀତିପ୍ରଦ, ସାଂଘାତିକ; *କ.ଭା.* ଅରୁଚିକର, ଅପ୍ରୀତିକର; କ୍ରି.ବିଂ. horribly.

**horrid** ବିଂ. ଅପ୍ରୀତିକର, ଭୟଙ୍କର।

**horrific** ବିଂ. ଭୟଙ୍କର, ଭୟପ୍ରଦ।

**horrify** କ୍ରି. ଭୟଭୀତ କରାଇବା।

**horror** ବି. ବିଭୀଷିକା, ଆତଙ୍କ; ପ୍ରବଳ ଘୃଣା, ଭୟ ସୃଷ୍ଟିକାରୀ ବ୍ୟକ୍ତି ବା ବସ୍ତୁ।

**horse** 1. ବି. ଘୋଡ଼ା, ଅଶ୍ୱ; 2. କ୍ରି. *କ.ଭା.* ଅଳସେଇବା; ହାଲୁକା ଭାବରେ ନେବା।

**horsehair** ବି. ଘୋଡ଼ାର କେଶର ବା ଲାଞ୍ଜର ବାଳ।

**horseman** ବି. ଅଶ୍ୱାରୋହୀ; ଅଭିଜ୍ଞ ଆରୋହୀ; ବି. horsemanship.

**horseplay** ବି. ହାସ୍ୟପ୍ରଧାନ ନାଟକ।

**horsepower** ବି. ବାଷ୍ପ ବା ବିଦ୍ୟୁତ୍‌ଚାଳିତ ଇଞ୍ଜିନର ଶକ୍ତି ମାପକ ଏକକ; ଅଶ୍ୱଶକ୍ତି (ପ୍ରାୟ ୭୫୦ ୱାଟ୍)।

**horseshoe** ବି. ଘୋଡ଼ାର ଖୁରାରେ ଲଗା ଯାଉଥିବା ଇଂରାଜୀ 'ୟୁ' (U) ଆକାରର ଲୁହାର ଆବରଣ।

**horsewhip** 1. ବି. ଚାବୁକ; 2. କ୍ରି. ଘୋଡ଼ାଛାଟରେ ପିଟିବା।

**horsy** ବିଂ. ଅଶ୍ୱସଦୃଶ, ଅଶ୍ୱ ସମ୍ବନ୍ଧୀୟ।

**hortative** (hortatory ମଧ୍ୟ) ବିଂ. ଉତ୍ସାହପ୍ରଦ; ଉଦ୍ଦୀପକ।

Digitized by srujanika@gmail.com

**horticulture** ବି. ଉଦ୍ୟାନ–ବିଜ୍ଞାନ; ଫଳ–ଫୁଲ ଚାଷର ଜ୍ଞାନକୌଶଳ ।

**hosanna** ବି. *ଅକ.* ଶ୍ରଦ୍ଧା–ସ୍ନିଗ୍ଧ ଭାବୋଲ୍ଲାସର ଉଲ୍ଲାସ ଧ୍ୱନି; ପୂଜ୍ୟ ଓ ଆଦରଣୀୟ ବ୍ୟକ୍ତି ପ୍ରତି ସମର୍ଥନସୂଚକ ଶବ୍ଦ ।

**hose** 1. ବି. ପାଣିଯିବାର ନମନୀୟ ନଳ (ପାଇପ୍); ଲମ୍ବା ମୋଜା; 2. *କ୍ରି.* ନଳ ସାହାଯ୍ୟରେ ପାଣି ଛିଞ୍ଚିବା; ପାଣି ମଡ଼େଇବା ।

**hosier** ବି. ମୋଜା ଓ ତଜ୍ଜାତୀୟ ପରିଧେୟ ବିକ୍ରୟକାରୀ ବ୍ୟବସାୟୀ ।

**hosiery** ବି. ମୋଜା, ଅନ୍ତର୍ବାସ ପ୍ରଭୃତି ।

**hospice** ବି. ଧର୍ମଶାଳା; ଧର୍ମସଂପ୍ରଦାୟର ଯାତ୍ରୀନିବାସ; ଅନାଥାଶ୍ରମ, ଆରୋଗ୍ୟ ନିବାସ ।

**hospitable** ବିଂ. ଅତିଥିପରାୟଣ ।

**hospital** ବି. ଡାକ୍ତରଖାନା; ଚିକିତ୍ସାଳୟ, ଆରୋଗ୍ୟ ନିକେତନ ।

**hospitality** ବି. ଆତିଥ୍ୟ; ଅତିଥି ପରାୟଣତା, ଅତିଥିସେବା ।

**hospitalize** *କ୍ରି.* (ରୋଗୀକୁ) ଚିକିତ୍ସାଳୟରେ ଭର୍ତ୍ତିକରିବା; ବି. hospitalization.

**hospitaller** ବି. ଧର୍ମୀୟ ସେବାନୁଷ୍ଠାନ ବା ଆରୋଗ୍ୟ ନିକେତନର ସଦସ୍ୟ ।

**host**[1.] 1. ବି. ଅନେକ ବ୍ୟକ୍ତି ବା ପଦାର୍ଥର ସମଷ୍ଟି ।

**host**[2.] ବି. ଆତିଥ୍ୟ ପ୍ରଦାନକାରୀ; ଆମନ୍ତ୍ରଣକାରୀ; ସରାଇ ରକ୍ଷକ; ମଳାଙ୍ଗ ପରିପୋଷକ ପ୍ରାଣୀ ବା ଉଦ୍ଭିଦ ।

**host**[3.] ବି. (the Host) ଖ୍ରୀଷ୍ଟୀୟ ଇଉକେରିଷ୍ଟରେ ନୈବେଦ୍ୟରୂପେ ସମର୍ପିତ ରୁଟି ।

**hostage** ବି. ଅଟକ ଥିବା ବ୍ୟକ୍ତି; ସର୍ତ୍ତପୂରଣ ନିମିତ୍ତ ଶତ୍ରୁର ଅଧୀନରେ ଥିବା ବନ୍ଦୀ; ପଣବନ୍ଦୀ ।

**hostel** ବି. ଛାତ୍ରାବାସ; କୌଣସି ଗୋଷ୍ଠୀଭୁକ୍ତ ସଭ୍ୟମାନଙ୍କର ସାମୟିକ ବାସ ଓ ଆହାର ଗୃହ (ଯଥା- Youth Hostel).

**hostelry** ବି. *ପ୍ରା.ପ୍ର.* ସରାଇଘର ।

**hostess** ବି. ଗୃହିଣୀ; କ୍ଳବ୍‌ର ଅଭ୍ୟର୍ଥନାକାରିଣୀ; ବିମାନ ପ୍ରଭୃତିରେ ପରିଚାରିକା ।

**hostile** ବିଂ. ଶତ୍ରୁଭାବାପନ୍ନ; ପ୍ରତିକୂଳ; ବିରୋଧୀ; ବିପକ୍ଷ ।

**hostility** ବି. ଶତ୍ରୁତା; ବୈରଭାବ; ପ୍ରତିକୂଳତା; ଯୁଦ୍ଧ ।

**hot** 1. ବିଂ. ଗରମ, ଉଷ୍ଣ, ତାପଯୁକ୍ତ, ତପ୍ତ; କଟୁସ୍ୱାଦଯୁକ୍ତ, ଉତ୍ତାପିତ, ପ୍ରଚଣ୍ଡ; ଉଗ୍ର; କାମ ବା କ୍ରୋଧରେ ଜର୍ଜରିତ; 2. *କ୍ରି.* (*କ.ଭା.* hot up) କର୍ମଚଞ୍ଚଳ, ଉତ୍ତେଜିତ ବା କ୍ରୋଧାନ୍ୱିତ ହେବା; hot for a person (କାହାକୁ) ଅସୁବିଧାରେ ପକାଇବା; ହଇରାଣ କରିବା ।

**hot air** ବି. *ସା.ପ୍ର.* ଫାଙ୍କା ବାହାଦୁରୀ; ଦର୍ପିତ ଉଦ୍‌ଗାର ।

**hotbed** ବି. ସାର ପ୍ରୟୋଗ କରି ଉର୍ବର ହୋଇଥିବା ପଟାଳି; କୌଣସି ମନ୍ଦ ଚିନ୍ତା ବା କାର୍ଯ୍ୟର ଅନୁକୂଳ ପରିବେଶ ବା ସ୍ଥଳୀ (ଉଦା. hotbed of vice); ଉର୍ବର ଭୂମି ।

**hot–blooded** ବିଂ. ଉତ୍ତେଜନା ପ୍ରବଣ (ବ୍ୟକ୍ତି) ।

**hotchpotch** ବି. ଆବୁରୁ ଯାବୁରୁ; ଖେଚଡ଼ି; ଗୋଳିଆମିଶା; ମିଶାମିଶି ।

**hotel** ବି. ମୂଲ୍ୟ ବିନିମୟରେ ଆହାର ଓ ବାସ ଯୋଗାଇବା ଘର; ଭୋଜନାଳୟ; ହୋଟେଲ ।

**hotelier** ବି. ହୋଟେଲର ମାଲିକ; ହୋଟେଲ ରକ୍ଷକ ।

**hotfoot** 1. *କ୍ରି.ବିଂ.* ବ୍ୟସ୍ତତା ସହିତ, ଚଞ୍ଚଳ; 2. *କ୍ରି.* ବ୍ୟଗ୍ରଭାବେ ତରତର ହେବା ।

**hothead** ବି. ଉଗ୍ରସ୍ୱଭାବଯୁକ୍ତ ବ୍ୟକ୍ତି; ବିଂ. hotheaded.

**hothouse** ବି. ଚାରା ଉତ୍ପାଦନ ଓ ରକ୍ଷଣ ନିମିତ୍ତ ଉଷ୍ଣତାପଯୁକ୍ତ ଗୃହ, *ସା.* କାଚଘର; ପ୍ରକୃଷ୍ଟ କ୍ଷେତ୍ର ।

**hotplate** ବି. ଗରମ ଧାତୁ ନିର୍ମିତ ତାଉଆ; ଖାଦ୍ୟ ପ୍ରଭୃତି ବା ଗରମ ରଖିବା ପାଇଁ ଉଦ୍ଦିଷ୍ଟ ପାତ୍ର ।

**hotpot** ବି. ଘୋଡ଼ଣି ଥିବା ପାତ୍ରରେ ରନ୍ଧା ହୋଇରହିଥିବା ମାଂସ ଓ ପରିବା ।

**Hottentot** ବି. ଦକ୍ଷିଣ ଆଫ୍ରିକାର ନିଗ୍ରୋ ଜାତି ବିଶେଷ ବା ସେମାନଙ୍କର ଭାଷା ।

**hound** 1. ବି. ଶିକାରୀ କୁକୁର; *କ.ଭା.* ଘୃଣ୍ୟ ବ୍ୟକ୍ତି; 2. *କ୍ରି.* ବିବ୍ରତ କରିବା; ଅନୁଧାବନ କରିବା ।

**hour** ବି. ଦିବା ରାତ୍ରର ଚବିଶତମ ଅଂଶ; ଏକ ଘଣ୍ଟା ବା ଷାଠିଏ ମିନିଟ୍; କୌଣସି କାର୍ଯ୍ୟ ନିମିତ୍ତ ନିର୍ଦ୍ଦିଷ୍ଟ ସମୟ (lunch hour).

**hourglass** ବି. ଏକ ପ୍ରକାର ଘଟିକା ଯନ୍ତ୍ର; (ଏଥିରେ ତଳ ଉପର ଭାବେ ଗୋଲକ ଥାଏ;

Digitized by srujanika@gmail.com

ଦୁଇଟି କାଚ ଗୋଟିକରେ ବାଲିରଖି ଆରଟିକୁ ତଳେ ରଖିଲେ ଉପର ଗୋଲକର ଛିଦ୍ରବାଟେ ବାଲି ଏକଘଣ୍ଟାରେ ତଳ ଗୋଲକକୁ ଆସେ; ଏହିପରି ଗୋଲକ ଦୁଇଟିକୁ ଅଦଳବଦଳ କରି ଏକ ଘଣ୍ଟା ପରିମିତ ସମୟ ନିରୂପଣ କରାଯାଏ)।

**hourly** 1. *ବିଂ.* ପ୍ରତି ଏକଘଣ୍ଟାରେ ଘଟୁଥିବା; ପୁନଃପୁନଃ; ବାରମ୍ବାର; 2. *କ୍ରି.ବିଂ.* ବାରମ୍ବାର ବା ପ୍ରତି ଘଣ୍ଟାରେ।

**house** 1. *ବି.* ବାସଗୃହ; ପ୍ରାଣୀ ରହିବାର ବା ପଦାର୍ଥ ରଖିବାର ଘର; ବିଶ୍ୱବିଦ୍ୟାଳୟ ବା ମହାବିଦ୍ୟାଳୟର ଛାତ୍ର/ଛାତ୍ରୀ ନିବାସ; ବିଧାନ–ସଭାଗୃହ; ଜ୍ୟୋତିଷ ଶାସ୍ତ୍ରର ବାରଟି ଗ୍ରହର ଅବସ୍ଥିତିର ୧/୧୨ ଅଂଶ ବା ଭାଗ; 2. *କ୍ରି.* ଆଶ୍ରୟଦେବା; ଅବସ୍ଥାପିତ କରିବା; ଗୋଦାମରେ ରଖିବା।

**house arrest** *ବି.* ନଜରବନ୍ଦୀ; ଗୃହବନ୍ଦୀ।

**houseboat** *ବି.* ବସବାସ ନିମିତ୍ତ ତିଆରି ନୌକା।

**housebreaking** *ବି.* ଚୋରି ଉଦ୍ଦେଶ୍ୟରେ ବଳପୂର୍ବକ ଗୃହରେ ପ୍ରବେଶ, ବିଶେଷତଃ ଦିନରେ।

**housecoat** *ବି.* ସ୍ତ୍ରୀଲୋକର ଘରପିନ୍ଧା ଲମ୍ବା ଜାମା।

**household** *ବି.* ଗୃହସ୍ଥଳୀ; ଗାର୍ହସ୍ଥ୍ୟ; ଗୃହକର୍ମ; ଘରୋଇ ବା ପାରିବାରିକ କାର୍ଯ୍ୟ।

**householder** *ବି.* ଗୃହକର୍ତ୍ତା; ଘରର ମାଲିକ।

**housekeeper** *ବି.* ଘର ଚଳାଇବା ପାଇଁ ନିଯୁକ୍ତ ବ୍ୟକ୍ତି, *ବିଶେ.* ନାରୀ।

**housekeeping** *ବି.* ଗୃହକର୍ମ ପରିଚାଳନା, ଘରକରଣା; ଘରଖରଚ।

**housemaid** *ବି.* ଗୃହ ପରିଚାରିକା; ଘରୋଇ ଚାକରାଣୀ।

**houseman** *ବି.* ହାସପାତାଳର ଆବାସିକ କନିଷ୍ଠ ଡାକ୍ତର।

**housemaster** *ବି.* ଛାତ୍ରାବାସର ଦାୟିତ୍ୱରେ ଥିବା ଶିକ୍ଷକ।

**house-warming** *ବି.* ନୂତନ ଗୃହରେ ପ୍ରବେଶ ଉପଲକ୍ଷେ କରାଯାଉଥିବା ଆନନ୍ଦ ଉତ୍ସବ।

**housewife** *ବି.* ଘରଣୀ; ଗୃହକର୍ତ୍ତ୍ରୀ; ଛୁଞ୍ଚିସୂତାଦି ରଖିବାର ଡିବା।

**housework** *ବି.* ଗୃହର ଦୈନନ୍ଦିନ କର୍ମ; ଘରକରଣା କାମ।

**housing** *ବି.* ଆଶ୍ରୟ, ବାସଗୃହ ସମୂହ; ଯନ୍ତ୍ରପାତି ଏକତ୍ର ଖଞ୍ଜାହେବା ପେଟିକା।

**hovel** *ବି.* ନିକୃଷ୍ଟ, ଅପରିଚ୍ଛନ୍ନ ବାସଗୃହ; କୁଡ଼ିଆ ଘର; ପଲା।

**hover** 1. *କ୍ରି.* (ପକ୍ଷୀର) ଆକାଶରେ ଗୋଟିଏ ସ୍ଥାନରେ ସ୍ଥିରହୋଇ ରହିବା; ଅପେକ୍ଷା କରିବା, ପାଖାପାଖି ରହିବା; 2. *ବି.* ଆକାଶରେ ଗୋଟିଏ ସ୍ଥାନରେ ଉଡ଼ନ୍ତ ଅବସ୍ଥାନ; ସଂଶୟାକୁଳ ଅବସ୍ଥା।

**how** *କ୍ରି.ବିଂ.* କିପରି, କିଦୃଶ, କିପ୍ରକାର, କେମିତି; how do you do କେମିତି ଅଛନ୍ତି ? ଔପଚାରିକ ସମ୍ଭାଷଣ; how's that? ଏହାକୁ କଣ କହୁଛନ୍ତି–କ୍ରିକେଟ ଖେଳରେ ପ୍ରଯୁକ୍ତ।

**howbeit** *କ୍ରି.ବିଂ. ପ୍ରା.ପ୍ର.* ପରନ୍ତୁ, ତଥାପି।

**howdah** *ବି.* ହାଉଦା; ହାତୀ ବା ଓଟ ପିଠିରେ ପଡୁଥିବା ଆସନ।

**however** *କ୍ରି.ବିଂ.* ଯାହା ହେଉ; ତଥାପି; ତାହା ସତ୍ତ୍ୱେ।

**howitzer** *ବି.* ବେଶୀ ଦୂରକୁ ଗୋଳାବାରୁଦ କ୍ଷେପଣକାରୀ ଛୋଟ ବନ୍ଧୁକ।

**howl** 1. *ବି.* କୁକୁରର ଚିତ୍କାର, ବିଲୁଆ, ହେଟା ବାଘ ପ୍ରଭୃତିଙ୍କ ଚିତ୍କାର; ଯନ୍ତ୍ରଣା, କ୍ରୋଧ ଅଥବା ଉପହାସ ଜନିତ ଚିତ୍କାର; ଝଡ଼ପବନର ଘୁ'ଘୁ' ଶବ୍ଦ; 2. *କ୍ରି.* ଉଚ୍ଚସ୍ୱରରେ କ୍ରନ୍ଦନ କରିବା, ବିଳାପ କରିବା; howl down ବକ୍ତାର ବକ୍ତବ୍ୟ ନ ଶୁଣିବା ପାଇଁ ଉଚ୍ଚ କୋଳାହଳ କରିବା।

**howler** *ବି. କ.ଭା.* ସ୍ପଷ୍ଟଭାବରେ ଦେଖାଯାଉଥିବା ପ୍ରମାଦ।

**howsoever** *କ୍ରି.ବିଂ.* ଯେ ଭାବରେ ହେଉ; ଯେ ପରିମାଣରେ ହେଉ।

**hoy** *ଅବ୍ୟ.* ଦୃଷ୍ଟି ଆକର୍ଷଣ ନିମିତ୍ତ ଉଚ୍ଚାରିତ ଧ୍ୱନି।

**HP (hp)** *ସଂକ୍ଷି.* hire purchase କିସ୍ତିରେ କ୍ରୟ; horse power ଅଶ୍ୱଶକ୍ତି; high pressure ଉଚ୍ଚଚାପ।

**HQ** *ସଂକ୍ଷି.* headquarters ମୁଖ୍ୟକର୍ମସ୍ଥଳୀ।

**HRH** *ସଂକ୍ଷି.* Her or His Royal Highness (ରାଜକୀୟ ସମ୍ବୋଧନ)।

**hr (s)** *ସଂକ୍ଷି.* hour(s) ଘଣ୍ଟା।

**HT** *ସଂକ୍ଷି.* high tension.

**hub** *ବି.* ଚକ୍ରର କେନ୍ଦ୍ରଭାଗ; ତୁମ୍ବ; କର୍ମ ବା ଲକ୍ଷ୍ୟର ମୂଳ କେନ୍ଦ୍ର।

Digitized by srujanika@gmail.com

**hubbe–bubble** ବି. ବୁଦ୍‌ବୁଦ୍ ଶବ୍ଦ; ଗୋଳମାଳିଆ କଥା; ହୁକା ।

**hubbub** ବି. କୋଳାହଳ, ହୋ ହଲ୍ଲା, ଗୋଳମାଳ ।

**hubby** ବି. *କ.ଭା.* ସ୍ୱାମୀ ।

**hubris** ବି. ଦର୍ପ, ଅନମନୀୟତା (ଯେଉଁ ଗୁଣର ଆଧିକ୍ୟ ହେତୁ ଗ୍ରୀକ୍ ଟ୍ରାଜେଡ଼ିର ନାୟକ ଦୁଃଖଭାଗୀ ହୁଏ) ।

**huckaback** ବି. ମୋଟା ତଉଲିଆ; ମୋଟା କପଡ଼ା ।

**huckleberry** ବି. ଆମେରିକାର ଏକପ୍ରକାର କୋଳିଗଛ, ତାହାର ଫଳ ।

**huckster** 1. ହକର, ଭଡ଼ାଟିଆ ଲୋକ, ଅର୍ଥଲୋଭୀ; 2. କ୍ରି. ବୁଲି ବୁଲି ବିକିବା; ଦର କଷାକଷି କରିବା ।

**huddle** 1. କ୍ରି. ଗଦା ହେବା, ଜମାହେବା; ଯାକିଯୁକି ହେବା; 2. ବି. ଅଳିଆଗଦା; ଗୋପନ ମନ୍ତ୍ରଣା ।

**hue** ବି. ରଙ୍ଗ, ବିଭିନ୍ନ ରଙ୍ଗ ।

**hue and cry** ବି. ହୋ' ହଲ୍ଲା; ବଡ଼ ପାଟିରେ ଚିତ୍କାର ।

**huff** 1. ବି. *କ.ଭା.* ସାମୟିକ ବିରକ୍ତି; 2. କ୍ରି. ଫୁଙ୍କିବା; ଉଡ଼େଇ ଦେବା, ଘୁଞ୍ଚେଇ ଦେବା ।

**huffy** ବିଂ. ଅପମାନିତ ବୋଧକାରୀ; ଅଳ୍ପରେ ଦୋଷ ଧରିବା ଲୋକ ।

**hug** 1. କ୍ରି. ବାହୁରେ ଭିଡ଼ିଧରିବା (ବନ୍ଧୁଭାବରେ); ନିକଟକୁ ଲାଗିଆସିବା, ଗାଢ଼ ଆଲିଙ୍ଗନ କରିବା; 2. ବି. ଗାଢ଼ ଆଲିଙ୍ଗନ; (କୁସ୍ତିରେ) ଖୁବ୍ ଜୋର୍‌ରେ ଚାପି ଧରିବା ଭଙ୍ଗୀ ।

**huge** ବିଂ. ବିଶାଳ, ବିରାଟ, ବୃହତ୍, ବହୁଳ ।

**hugely** କ୍ରି.ବିଂ. ଅତ୍ୟନ୍ତ, ବହୁ ପରିମାଣରେ; ବହୁଳଭାବରେ ।

**hugger–mugger** 1. ବିଂ. କ୍ରି.ବିଂ. ଗୋପନରେ; ବିଭ୍ରାନ୍ତ; ବ୍ୟତିବ୍ୟସ୍ତ ଭାବରେ; 2. ବି. ବିଭ୍ରାନ୍ତି; ଗୋପନୀୟତା ।

**Huguenot** ବି. *ଇତି.* ଫ୍ରାନ୍ସଦେଶର ପ୍ରୋଟେସ୍ଟାଣ୍ଟ ଖ୍ରୀଷ୍ଟିୟାନ୍ ।

**huh** *ଅବ୍ୟ.* ବିରକ୍ତି, ବିସ୍ମୟ ପ୍ରଭୃତି ସୂଚକ ଧ୍ୱନି ।

**hula** ବି. ହାଓୟାଇ ସ୍ତ୍ରୀଲୋକମାନଙ୍କର ଏକ ପ୍ରକାର ନାଚ ।

**hulk** ବି. ଭଙ୍ଗାହୋଇଥିବା ଜାହାଜର ଅଂଶ; ଅତି ବଡ଼, କଦାକାର ଲୋକ ବା ବସ୍ତୁ ।

**hulking** ବିଂ. *କ.ଭା.* ମୋଟା, ପୃଥୁଳ, କୁରୂପ, ଅବାଗିଆ ।

**hull** 1. ବି. ଉଡ଼ାଜାହାଜ ବା ଜଳଜାହାଜର ବହିର୍ଦେଶ ବା ଦେହ; ଫଳ ବା ମଞ୍ଜିର ଚୋପା, ତୁଷ; 2. କ୍ରି. ଚୋପା ଛଡ଼ାଇବା; ତୁଷ ବାହାର କରିବା ।

**hullabaloo** ବି. ହୋ'ହଲ୍ଲା, ହଇଚଇ ।

**hum** 1. କ୍ରି. ଗୁଣୁଗୁଣୁ ଶବ୍ଦ କରିବା; ଗୁଞ୍ଜନ କରିବା; ଓଠ ବନ୍ଦ କରି ସଂଗୀତର ଶବ୍ଦ ଉଚ୍ଚାରଣ ବିନା କେବଳ ସ୍ୱରଗାନ କରିବା; ଦୁର୍ଗନ୍ଧ ହେବା; 2. ବି. ଗୁଞ୍ଜରଣ; ଗୁଣୁଗୁଣୁ ଶବ୍ଦ; ଦ୍ୱିଧାବୋଧ ସୂଚକ ଶବ୍ଦ; *କ.ଭା.* ଦୁର୍ଗନ୍ଧ; 3. hum and ha(w) ଦ୍ୱିଧାବୋଧ କରିବା; ଇତସ୍ତତଃ ହେବା ।

**human** 1. ବିଂ. ମାନବୀୟ, ମାନବୋଚିତ (ଦୈବ, ପାଶବିକ ଓ ଯାନ୍ତ୍ରିକ ଠାରୁ ଭିନ୍ନ); 2. ବି. ମାନବ ମଣିଷ ।

**human being** ବି. ମାନବ, ମଣିଷ ।

**humane** ବିଂ. ସଦୟ, କୋମଳ ସ୍ୱଭାବ ବିଶିଷ୍ଟ, ପରୋପକାରୀ ।

**humane killer** ବି. ବିନା ଯନ୍ତ୍ରଣାରେ ପ୍ରାଣୀହତ୍ୟା କରିବାର ଯନ୍ତ୍ର ।

**humanism** ବି. ମାନବବାଦ; ମାନବଧର୍ମ; ମାନବିକ ମୂଲ୍ୟବୋଧ; ଅନୁକମ୍ପା; ନବଯୁଗୀୟ ସାହିତ୍ୟିକ ବିଭାବ; ବି. humanist; ବିଂ. humanistic.

**humanitarian** 1. ବିଂ ମାନବର ହିତ ସାଧନ କାରକ, ମାନବପ୍ରେମ... ନୁକମ୍ପାଶୀଳ, ସଦୟ; ବି. humanitarianism.

**humanity** ବି. ମନୁଷ୍ୟତ୍ୱ, ମାନବ ପ୍ରକୃତି ବା ଗୁଣ; ମନୁଷ୍ୟଜାତି; *ସା.* ବ.ବ. କଳା, ସାହିତ୍ୟ ପ୍ରଭୃତି ସାଂସ୍କୃତିକ ପାଠ୍ୟ ବିଷୟ ।

**humanize** କ୍ରି. ମାନବିକ ବା ସଂବେଦନଶୀଳ କରିବା; ଦୟାଳୁ ବା ସଭ୍ୟ କରାଇବା; ବି. humanization.

**humanly** କ୍ରି.ବିଂ. ମାନବିକତା ପ୍ରଦର୍ଶନ କରି; ମାନବୀୟ ସାମର୍ଥ୍ୟ ଦ୍ୱାରା ।

**human rights** ବି. ମାନବାଧିକାର ।

**humble** 1. ବିଂ. ବିନୟୀ, ନମ୍ର, ବଡ଼ିମାଶୂନ୍ୟ; ସମାଜର ନିମ୍ନଶ୍ରେଣୀର; 2. କ୍ରି. ଗୁରୁତ୍ୱ କମାଇବା; ମର୍ଯ୍ୟାଦା ବା ସମ୍ମାନ କମାଇବା; କ୍ରି.ବିଂ. humbly; ବି. humbleness.

Digitized by srujanika@gmail.com

**humbug** 1. ବି. ପ୍ରତାରଣା, ଛଳନା, ମିଥ୍ୟାଚାର; ଛଳନାକାରୀ, ପ୍ରତାରକ; 2. କ୍ରି. ଠକିବା; ଛଳନା କରିବା।

**humdinger** ବି. *ସା.ପ୍ର.* ବିଶିଷ୍ଟ ବ୍ୟକ୍ତି; ଚମତ୍କାର ବସ୍ତୁ।

**humdrum** ବିଂ. ଗତାନୁଗତିକ; ନୀରସ; ବୈଚିତ୍ର୍ୟବିହୀନ; ସାଧାରଣ।

**humerus** ବି. ବାହୁର ହାଡ଼· ବିଂ. humeral.

**humid** ବିଂ. (ଜଳବାୟୁ ସଂପର୍କିତ) ଉଷ୍ଣ ଓ ଆର୍ଦ୍ର; କ୍ରି. humidify.

**humidifier** ବି. ଗୃହର ତାପ ଆର୍ଦ୍ର ତଥା ଶୀତଳ ରଖିବାର ଯନ୍ତ୍ର।

**humidity** ବି. ଆର୍ଦ୍ରତା; ବାୟୁରେ ଆର୍ଦ୍ରତାର ପରିମାଣ (ଡିଗ୍ରୀ)।

**humiliate** କ୍ରି. ଅପମାନିତ କରିବା; ପ୍ରତିଷ୍ଠା ବା ସମ୍ମାନ ଲାଘବ କରିବା; ବି. humiliation.

**humility** ବି. ନମ୍ରତା; ବିନୟ।

**hummingbird** ବି.ଉଡୁଥିବା ଅବସ୍ଥାରେ ଡେଣା ଶବ୍ଦକାରୀ ଗ୍ରୀଷ୍ମମଣ୍ଡଳୀୟ କ୍ଷୁଦ୍ର

**hummock** ବି. ଛୋଟ ପାହାଡ଼ ବା କୁଦ।

**humor** *ଆମେ.* ଦ୍ର. humour.

**humoresque** ବି. ଲଘୁ ସଂଗୀତ ବିଶେଷ।

**humorist** ବି. ହାସ୍ୟରସଯୁକ୍ତ ଅଭିନୟ, ରଚନା ବା ଭାଷଣ ନିମିତ୍ତ ପ୍ରଖ୍ୟାତ ବ୍ୟକ୍ତି।

**humorous** ବିଂ. ହାସ୍ୟୋଦ୍ଦୀପକ, କଉତୁକିଆ, ରଙ୍ଗପ୍ରିୟ, ସରସ।

**hump** ବି. (ଓଟ ପ୍ରଭୃତି ପ୍ରାଣୀର) ପିଠିର କୁଜ; ଗୋଲାକାର ମାଟିକୁଦ; ବ.ବ. *ସା.ପ୍ର.* ରାସ୍ତାରେ ଗାଡ଼ିର ଗତି କମାଇବା ନିମିତ୍ତ ନିର୍ମିତ ବାଧକ–କୁଦ।

**humpback** ବି. ପିଠିରେ ଥିବା କୁଜ; କୁଜ ଥିବା ବ୍ୟକ୍ତି; (-bridge) ଉଚ୍ଚ, ଛୋଟ ସେତୁ।

**humph** ଅବ୍ୟ. ବି. ସନ୍ଦେହ ବା ଅସନ୍ତୋଷ ସୂଚକ ଅସ୍ପଷ୍ଟ ଶବ୍ଦ।

**humus** ବି. ପଚା ଗଛପତ୍ରର ଖତଯୁକ୍ତ ମାଟି।

**Hun** ବି. ହୂଣ୍ ଏସିଆ ମହାଦେଶର ଯାଯାବର ଜାତି ବିଶେଷ; ଅସଭ୍ୟ; ଅଭଦ୍ର।

**hunch** 1. କ୍ରି. କୁଜ ଆକାରରେ ବଙ୍କେଇବା; 2. ବି. କୁଦ; ପୂର୍ବ ସଙ୍କେତ; ପୂର୍ବ ସୂଚନା।

**hunchback** ବି.ଦ୍ର. humpback.

**hundred** ବିଂ. ଓ ବି. ଶହେ, ଏକ ଶତ; ବ.ବ. ଅସଂଖ୍ୟ।

**hundredfold** ବିଂ. କ୍ରି.ବିଂ. ଶତଗୁଣ; ଶହେଭାଗ ବିଶିଷ୍ଟ।

**hundredweight** ବି. ଓଜନ ମାପ; ହନ୍ଦର; ୧୧୨ ପାଉଣ୍ଡ; metric hundredweight ୫୦ କେଜି।

**hung** କ୍ରି. ଦ୍ର. hang.

**Hungarian** 1. ବି. ହଙ୍ଗେରିର ଭାଷା ବା ଦେଶବାସୀ; 2. ବିଂ. ହଙ୍ଗେରି ସମ୍ବନ୍ଧୀୟ।

**hunger** 1. ବି. କ୍ଷୁଧା, ଭୋକ; ତୀବ୍ର ସ୍ପୃହା; 2. କ୍ରି. ତୀବ୍ର ଇଚ୍ଛା ହେବା; ଭୋକିଲା ହେବା।

**hungry** ବିଂ. କ୍ଷୁଧାର୍ତ୍ତ; ଭୋକିଲା।

**hunk** ବି. ବଡ଼ କଟା ଅଂଶ (a hunk of bread); *କ.ଭା.* ଯୌନାକର୍ଷକ ପୁରୁଷ।

**hunkers** ବି. ବ.ବ. ନିତମ୍ବ, ପିଚା।

**hunt** 1. କ୍ରି. ଶିକାର କରିବା, ମୃଗୟା କରିବା; ବଣରେ ବୁଲି ଜୀବ ଜନ୍ତୁ ମାରିବା; ଶତ୍ରୁର ଅନୁଧାବନ କରିବା; ଅନୁସନ୍ଧାନ କରିବା; (ଇଞ୍ଜିନକୁ) ଥରେ ଖୁବ୍ ଦ୍ରୁତ, ଥରେ ଖୁବ୍ ଧୀର ଗତିରେ ଚଳାଇବା; 2. ବି. ଶିକାର; ଅନୁସନ୍ଧାନ; ଶିକାରୀ ଦଳ; ଶିକାର ଅଞ୍ଚଳ।

**hunter** ବି. ଶିକାରୀ; ମୃଗୟୁ; ଶିକାରାର୍ଥେ ବ୍ୟବହୃତ ଅଶ୍ୱ।

**huntsman** ବି. ଶିକାରୀ; ଶିକାରୀ କୁକୁରମାନଙ୍କ ତତ୍ତ୍ୱାବଧାରକ।

**hurdle** 1. ବି. ବାଧା; ବ.ବ. ସ୍ଥାନାନ୍ତର ଯୋଗ୍ୟ ଆୟତାକାର ବାଡ଼; ଦୌଡ଼ ପ୍ରତିଯୋଗିତାରେ ବ୍ୟବହୃତ ବାଧା ସୃଷ୍ଟିକାରୀ ବାଡ଼; 2. କ୍ରି. ବାଡ଼ ଦ୍ୱାରା ଆବଦ୍ଧ କରିବା; ବାଧାଥିବା ଦୌଡ଼ରେ ଅଂଶଗ୍ରହଣ କରିବା।

**hurdler** ବି. ହଡ୍‌ଲ୍ ରେସରେ ଯେ ଭାଗନିଏ; ବିଘ୍ନସୃଷ୍ଟିକାରୀ।

**hurdy-gurdy** ବି. ବହନଯୋଗ୍ୟ ବାଦ୍ୟଯନ୍ତ୍ର ବିଶେଷ।

**hurl** 1. କ୍ରି. ଜୋରରେ ନିକ୍ଷେପ କରିବା; ପ୍ରଚଣ୍ଡ ସ୍ୱରରେ ଉଚ୍ଚାରଣ କରିବା; 2. ବି. ସଶକ୍ତ କ୍ଷେପଣ।

**hurley** ବି. ଆୟର୍ଲେଣ୍ଡର ହକିଜାତୀୟ କ୍ରୀଡ଼ା ବିଶେଷ।

Digitized by srujanika@gmail.com

**hurly–burly** ବି. ଚାଞ୍ଚଲ୍ୟ, ଗୋଳମାଳ, ହୋ' ହଲ୍ଲା।

**hurrah** *ଅବ. ଓ* ବି. (hurray ମଧ) ଆନନ୍ଦ, ଉଲ୍ଲାସ ବା ସମର୍ଥନ ସୂଚକ ଧ୍ୱନି।

**hurricane** ବି. ଝଡ଼, ପ୍ରବଳ ବାତ୍ୟା (ବିଶେ. ଘଣ୍ଟାକେ ୭୫ ମାଇଲ ଗତିବେଗ ବିଶିଷ୍ଟ ଓ୍ୱେଷ୍ଟଇଣ୍ଡିଜ ଅଞ୍ଚଳୀୟ ଝଡ଼)।

**hurricane lamp** ବି. ସ୍ୱଚ୍ଛ ଆବରଣ ସହ ଦୀପ; ଲଣ୍ଠଣ; ହାରିକିନ୍।

**hurry** 1. ବି. ତରତର ବା ତରବର ଅବସ୍ଥା; ତୀବ୍ରବେଗରେ ଗମନ; 2. *କ୍ରି.* ବ୍ୟସ୍ତ ହୋଇ ଚଞ୍ଚଳ ଯିବା; ଛୁଟିଯିବା; ତ୍ୱରାନ୍ୱିତ ହେବା ବା କରିବା।

**hurry–scurry** 1. ବି. ଅସ୍ତବ୍ୟସ୍ତ; 2. *କ୍ରି.ବିଂ.* ବିବ୍ରତ ହୋଇ; ଅସ୍ତବ୍ୟସ୍ତ ହୋଇ।

**hurt** 1. *କ୍ରି.* (*ଅ.କା. ଅ.କ୍ରି.କ.ପ.* hurt) ଆଘାତ କରିବା, ବ୍ୟଥା ଦେବା, କଷ୍ଟ ଦେବା, ମାନସିକ ପୀଡ଼ା ଦେବା; 2. ବି. ଆଘାତ; ପୀଡ଼ା; କ୍ଷତି; ମାନସିକ ବ୍ୟଥା।

**hurtful** ବିଂ. ବ୍ୟଥାକାରକ; ପୀଡ଼ାପ୍ରଦ; *କ୍ରି.ବିଂ.* hurtfully.

**hurtle** *କ୍ରି.* ସଶବ୍ଦରେ, ଦ୍ରୁତ ବେଗରେ ଯିବା ବା ନିକ୍ଷେପ କରିବା; ଠୋକର ଲଗାଇବା।

**husband** 1. ବି. ସ୍ୱାମୀ; ପତି; 2. *କ୍ରି.* ମିତବ୍ୟୟ କରିବା।

**husbandry** ବି. କୃଷି, ଚାଷକାମ; ସଂସାଧନ ପରିଚାଳନା।

**hush** 1. *କ୍ରି.* ନୀରବ ବା ଶାନ୍ତ କରିଦେବା; 2. ବି. ନୀରବତା; **hush up** ଚପାଇ ଦେବା।

**hush–hush** ବିଂ. *କ.ଭା.* ଅତୀବ ଗୋପନୀୟ।

**hush money** ବି. ମୁହଁବନ୍ଧା ଅର୍ଥ ବା ଲାଞ୍ଚ।

**husk** 1. ବି. ଶସ୍ୟ ଓ ଫଳର ଶୁଖିଲା ଚୋପା, ତୁଷ, ଅଦରକାରୀ ଖୋଳପା; 2. *କ୍ରି.* ଚୋପା ଛଡ଼େଇବା; କୁଟିବା।

**husky**[1] ବିଂ. ତୁଷ ମିଶା; ତୁଷପରି ଶୁଖିଲା; ଶୁଷ୍କ; ବଡ଼ ବଳୁଆ।

**husky**[2] ବି. ସ୍ଲେଜଗାଡ଼ି ଟଣା କୁକୁର।

**hussar** ବି. ଅଶ୍ୱାରୋହୀ ସୈନ୍ୟ ବିଶେଷ।

**hussy** ବି. ଅସଂଯତା ନାରୀ, ଅସତୀ ସ୍ତ୍ରୀ।

**hustings** ବି. ନିର୍ବାଚନ ପ୍ରଚାର ବା ବିବରଣୀ।

**hustle** 1. *କ୍ରି.* ଠେସି ଦେବା; ଜଣକୁ ପେଲି ପେଲି ନେବା, ବଳାତ୍କାର କରି ଘେନିଯିବା; ବେଶ୍ୟାବୃତ୍ତି କରିବା; 2. ବି. *କ.ଭା.* ଠେଲାପେଲା; ଉତ୍ତେଜନା, ବ୍ୟସ୍ତତା।

**hut** 1. ବି. କୁଟୀର; କୁଡ଼ିଆ; ଛୋଟ ଅନାଡ଼ମ୍ବର ଘର ବା ଆଶ୍ରୟସ୍ଥଳ; ସୈନ୍ୟମାନଙ୍କ ନିମିତ୍ତ ଅସ୍ଥାୟୀ ଘର; 2. *କ୍ରି.* କୁଟୀରରେ ରଖିବା ବା କୁଟୀର ଯୋଗାଇ ଦେବା।

**hutch** ବି. ଠେକୁଆ ପ୍ରଭୃତି ରଖିବା ପାଇଁ ବାକ୍ସ ବା ଖୁଆଡ଼।

**hyacinth** ବି. ରକ୍ତାଭ–ନୀଳବର୍ଣ୍ଣର ଘଣ୍ଟାକୃତି ସୁଗନ୍ଧି ପୁଷ୍ପ ବିଶେଷ।

**hyaena** *ଦ୍ର.* hyena.

**hybrid** 1. ବି. ଦୋମିଶା; ବର୍ଣ୍ଣସଙ୍କର; ଭିନ୍ନଜାତୀୟ ପଶୁର ସ୍ତ୍ରୀ–ପୁଂ ମିଳନରୁ ଜାତ ପ୍ରାଣୀ (ଯଥା, ଖଚର); ତଦ୍ରୂପ ବୃକ୍ଷ, ଲତା ପ୍ରଭୃତି; 2. ବିଂ. ସଙ୍କର୍ଯ୍ୟରୁ ଉତ୍ପନ୍ନ; ସଙ୍କର ଜାତୀୟ (ପଶୁ, ଶସ୍ୟ, ବୃକ୍ଷାଦି)।

**hybridize** *କ୍ରି.* ଦୋମିଶା ପ୍ରାଣୀ ବା ବୃକ୍ଷ ସୃଷ୍ଟି କରିବା; ବି. hybridization.

**hydra** ବି. ଦୁର୍ବାର, ଅନତିକ୍ରମ୍ୟ (ଗ୍ରୀକ୍ ପୁରାଣର ବହୁ ଫଣାଯୁକ୍ତ ସର୍ପ)।

**hydrangea** ବି. ଧଳା, ଗୋଲାପୀ ବା ନୀଳ ଫୁଲ ଧରୁଥିବା ଗୁଳ୍ମ ବିଶେଷ।

**hydrant** ବି. ପାଣିନଳ; ଜଳ କ୍ଷେପକ ନଳ; ଜଳ ସେଚନ ନଳ।

**hydrate** 1. ବି. ଜଳ ସହିତ ଅନ୍ୟ ରାସାୟନିକ ପଦାର୍ଥର ମିଶ୍ରଣ; 2. *କ୍ରି.* ଜଳ ସହିତ ରାସାୟନିକ ମିଶ୍ରଣ କରିବା; ଜଳ ଶୋଷିନେବା; ବି. hydration.

**hydraulic** ବିଂ. ନଳ ମାଧ୍ୟମରେ ଚାଳିତ (ଜଳ ସଂପର୍କିତ); ତରଳ ପଦାର୍ଥ ବା ଜଳଶକ୍ତି ଚାଳିତ।

**hydraulics** ବି. ବ.ବ. ଏ.ବ.ଉଦ୍‌ଚଳନ ବିଜ୍ଞାନ।

**hydride** ବି. କୌଣସି ମୌଳିକ ଉପାଦାନ ସହିତ ଉଦ୍‌ଜାନ ବାଷ୍ପର ମିଶ୍ରିତ ଯୌଗିକ ବସ୍ତୁ।

**hydro** ବି. (ବ.ବ. hydros) *କ.ଭା.* ଜଳ ଚିକିତ୍ସା କେନ୍ଦ୍ର; ଜଳବିଦ୍ୟୁତ କେନ୍ଦ୍ର।

**hydro–** *ଉ.ପ.* ଜଳ ବା ଉଦ୍‌ଜାନ ଯୁକ୍ତ (ଉଦା. hydroelectricity, hydrocarbonate).

Digitized by srujanika@gmail.com

**hydrocarbon** ବି. ଉଦ୍‌ଜାନ ଓ ଅଙ୍ଗାରକାମ୍ଳ ମିଶ୍ରିତ ଯୌଗିକ ପଦାର୍ଥ।
**hydrocephalus** ବି. ମସ୍ତିଷ୍କରେ ତରଳପଦାର୍ଥ ଜମିବା କାରଣରୁ ଶିଶୁର ରୋଗ ବିଶେଷ।
**hydrochloric** ବିଂ. ଉଦ୍‌ଜାନ ଓ କ୍ଳୋରିନ୍‌ର ମିଶ୍ରଣ ଜନିତ।
**hydrochloride** ବି. ଜୈବ କ୍ଷାରକ ସହିତ ଉଦ୍‌ଜାନ ଅମ୍ଳର ମିଶ୍ରଣ।
**hydrocyanic acid** ବିଂ. ହାଇଡ୍ରୋଜେନ୍ ଓ ସିଆନୋଜେନର ବିଷାକ୍ତ ଯୌଗିକ ଅମ୍ଳ।
**hydrodynamics** ବି. *ସା.* ଏ.ବ. ଉଦ୍–ଗତି ବା ଜଳଗତି ବିଜ୍ଞାନ।
**hydroelectric** ବିଂ. ଜଳର ଗତିଶକ୍ତିରୁ ଜାତ (ବିଦ୍ୟୁତ୍‌ଶକ୍ତି); ଜଳବିଦ୍ୟୁତ୍।
**hydrofoil** ବି. ଜଳଯାନର ଗତିବୃଦ୍ଧି କାରକ ଯନ୍ତ୍ରବିଶେଷ; ଉକ୍ତ ଉପାୟରେ ଚାଳିତ ନୌକା।
**hydrogen** ବି. ଉଦ୍‌ଜାନବାଷ୍ପ।
**hydrogenate** କ୍ରି. ଉଦ୍‌ଜାନ ସହିତ ମିଶ୍ରଣ କରିବା; ବି. hydrogenation.
**hydrography** ବି. ନଦୀ, ସମୁଦ୍ର, ହ୍ରଦ ଜରିବ ବା ପରିମାପ ସମ୍ବନ୍ଧୀୟ ବିଜ୍ଞାନ।
**hydrology** ବି. ଜଳର ଧର୍ମ ଓ ପ୍ରବହନ ସଂପର୍କୀୟ ବିଜ୍ଞାନ; ଜଳବିଜ୍ଞାନ।
**hydrolyse** କ୍ରି. ଅପଘଟନ ପ୍ରକ୍ରିୟାରେ ଜଳବିଶ୍ଳେଷଣ କରିବା।
**hydrolysis** ବି. *ରସା* ଜଳ ଅପଘଟନ; ରାସାୟନିକ ପ୍ରକ୍ରିୟାଦ୍ୱାରା ଜଳ ବିଘଟନ।
**hydrometer** ବି. ତରଳ ପଦାର୍ଥର ଘନତ୍ୱ ପରିମାପକ ଯନ୍ତ୍ର।
**hydropathy** ବି. ଜଳ–ଚିକିତ୍ସା; ଜଳଦ୍ୱାରା ଦେହର ଭିତର ଓ ବାହାର ଧୌତକରି ରୋଗ ନିରାମୟ; ଧୌତି କ୍ରିୟା (ଯୋଗ)।
**hydrophilic** ବିଂ. ଜଳ ଶୋଷିପାରୁଥିବା; ଆର୍ଦ୍ରତା–ପ୍ରବଣ।
**hydrophobia** ବି. ଜଳାତଙ୍କ; ପାଗଳା କୁକୁର ଓ ବିଲୁଆ କାମୁଡ଼ାଦ୍ୱାରା ଜାତ ରୋଗବିଶେଷ।
**hydroplane** ବି. ଜଳଉପରେ ଦ୍ରୁତଗତିଶୀଳ ଯାନ, ବୁଡ଼ା ଜାହାଜର ଡେଣା ସଦୃଶ ଅଂଶ, ଯାହା ସାହାଯ୍ୟରେ ଏହା ତଳକୁ, ଉପରକୁ ହୁଏ।
**hydroponics** ବି. ମୃତ୍ତିକା ବିହୀନ କୃଷି; ସାର ପ୍ରୟୋଗକରି ତରଳ ପଦାର୍ଥ, ବାଲି ପ୍ରଭୃତିରେ ଚାରା ଉତ୍ପାଦନ।
**hydrosphere** ବି. ପୃଥିବୀର ଉପରିଭାଗସ୍ଥ ଜଳରାଶି ବା ଜଳାବରଣ।
**hydrostatics** ବି. ବ.ବ. ଉଦ୍–ସ୍ଥିତି ବିଜ୍ଞାନ।
**hydrous** ବିଂ. ଜଳଯୁକ୍ତ; ଜଳୀୟ।
**hydroxide** ବି. ଉଦ୍‌ଜାନ ଓ ଅମ୍ଳଜାନର ମୂଳକ (hydroxyl) ସମନ୍ୱିତ ଯୌଗିକ ପଦାର୍ଥ।
**hydroxyl** ବି. ଉଦ୍‌ଜାନ ଓ ଅମ୍ଳଜାନର ମୂଳକ।
**hyena** ବି. ଏସିଆ ଓ ଆଫ୍ରିକାଦେଶର ଅଟ୍ଟହାସ ସଦୃଶ ଶବ୍ଦକାରୀ, ମାଂସଭୋଜୀ ଚତୁଷ୍ପଦ ବଣ୍ୟଜନ୍ତୁ; ହେଟାବାଘ; ଗଧିଆ।
**hygiene** ବି. ସ୍ୱାସ୍ଥ୍ୟରକ୍ଷା; ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ତତ୍ତ୍ୱ; ସ୍ୱାସ୍ଥ୍ୟ ବିଜ୍ଞାନ।
**hygrometer** ବି. ବାୟୁ ବା ବାଷ୍ପର ଆର୍ଦ୍ରତା ପରିମାପକ ଯନ୍ତ୍ର।
**hygroscope** ବି. ବାୟୁର ଆର୍ଦ୍ରତା ସୂଚାଉଥିବା (ମାପକ ନୁହେଁ) ଯନ୍ତ୍ର।
**hygroscopic** ବିଂ. ବାୟୁର ଆର୍ଦ୍ରତାମାପକ ଯନ୍ତ୍ରସଂପର୍କୀୟ; ବାୟୁରୁ ଆର୍ଦ୍ରତା ଶୋଷକ ବସ୍ତୁ।
**hymen** ବି. ସ୍ତ୍ରୀ–ଯୋନିଗହ୍ୱର ଝିଲ୍ଲୀର ଆଂଶିକ ଛଦ; କୁମାରୀଛଦ; ସତୀଛଦ; (*ଗ୍ରୀକ୍ ପୁରାଣ* Hymen ବିବାହ ଦେବତା)।
**hymenopterous** ବିଂ. ଚାରିଗୋଟି ସ୍ୱଚ୍ଛ ପକ୍ଷବିଶିଷ୍ଟ (ମହୁମାଛି; ପିମ୍ପୁଡ଼ି ଜାତୀୟ କୀଟ)।
**hymn** 1. ବି. ସ୍ତୋତ୍ର; ସ୍ତବ; ଦେବତା ଉଦ୍ଦେଶ୍ୟରେ ପ୍ରଶଂସାସୂଚକ ପଦାବଳୀ; 2. କ୍ରି. ସ୍ତବରେ ପ୍ରଶଂସା କରିବା।
**hymnal** ବି. ସ୍ତୋତ୍ରଗ୍ରନ୍ଥ।
**hymnology** ବି. ସ୍ତବ ସାହିତ୍ୟ; ସ୍ତବ ରଚନା; ସ୍ତବମାନଙ୍କର ଅଧ୍ୟୟନ।
**hyper–** *ଉ.ପ.* ଆଧିକ୍ୟ, କିନ୍ତୁ ବା ଅଧିକରୁ ଅର୍ଥରେ ପ୍ରଯୁକ୍ତ ଉପପଦ (ଉଦା. hyper–tension).
**hyperactive** ବିଂ. ଅସ୍ୱାଭାବିକ ଭାବରେ କର୍ମଚଞ୍ଚଳ।
**hyperbola** ବି. ଜ୍ୟାମିତିକ ଅତିପରାବଳୟ କ୍ଷେତ୍ର।
**hyperbole** ବି. ବିଶେଷ ଉଦ୍ଦେଶ୍ୟରେ ଅତିକଥନ; ଅତିରଞ୍ଜନ, ଅତିଶୟୋକ୍ତି ଅଳଙ୍କାର; ବିଂ. hyperbolical.

Digitized by srujanika@gmail.com

**hypercritical** ବିଂ. ଅତ୍ୟଧିକ ସମାଲୋଚନା–କାରୀ; ଛିଦ୍ରାନ୍ୱେଷୀ; କଟୁସମାଲୋଚକ।

**hypermarket** ବି.ଅତି ବଡ଼ ବଜାର; ଯାବତୀୟ ଦ୍ରବ୍ୟର ବିପଣୀ।

**hypersensitive** ବିଂ. ଅତ୍ୟନ୍ତ ସ୍ପର୍ଶକାତର ବା ଭାବପ୍ରବଣ; ବି. hypersensitivity.

**hypersonic** ବିଂ. ଶବ୍ଦଗତିର ପାଞ୍ଚଗୁଣରୁ ଅଧିକ; ୧୦୦୦ ମେଗାୱାଟରୁ ଊର୍ଦ୍ଧ୍ୱ ଶବ୍ଦଗତିଯୁକ୍ତ।

**hypertension** ବି. ଅସ୍ୱାଭାବିକ ଉଚ୍ଚରକ୍ତଚାପ, ଅତ୍ୟନ୍ତ ଭାବଗତ ବା ମାନସିକ ଚାପ।

**hypertrophy** ବି. ଅତ୍ୟଧିକ ପୁଷ୍ଟିକାରକ ଖାଦ୍ୟଜନିତ ଅଙ୍ଗପ୍ରତ୍ୟଙ୍ଗର ଅସମ ଅଭିବୃଦ୍ଧି।

**hyphen** 1. ବି. ହାଇଫେନ୍; ସଂଯୋଜକ ଚିହ୍ନ (big-hearted, sub-lamp); ଦୁଇଟି ଶବ୍ଦ ମଧ୍ୟରେ କିମ୍ବା ପଂକ୍ତିରେ ଶେଷ ଶବ୍ଦର ପରେ ପରବର୍ତ୍ତୀ ପଂକ୍ତିସହ ଗୋଟିଏ ଶବ୍ଦର ଦ୍ୱିଧାକରଣ(–) ଚିହ୍ନ; 2. କ୍ରି. ଉକ୍ତ ଚିହ୍ନଦ୍ୱାରା ଦୁଇଶବ୍ଦକୁ ସଂଯୋଗ କିମ୍ବା ଏକ ଯୌଗିକ ଶବ୍ଦକୁ ପୃଥକ୍ କରିବା।

**hyphenate** କ୍ରି. ହାଇଫେନ୍ ବା ସଂଯୋଜକ ଚିହ୍ନ ପ୍ରୟୋଗ କରିବା।

**hypnosis** ବି. ସମ୍ମୋହନ; ବାହ୍ୟ. ଇଙ୍ଗିତରେ ସମ୍ମୋହିତ ହୋଇ କାର୍ଯ୍ୟ କରିବାର ସ୍ୱପ୍ନିଳ ଅବସ୍ଥା; କୃତ୍ରିମ ଉପାୟଦ୍ୱାରା ସୃଷ୍ଟ ନିଦ୍ରାବସ୍ଥା।

**hypnotic** 1. ବିଂ.ସମ୍ମୋହକ; 2. ବି.ସମ୍ମୋହକ ଔଷଧ ବା ଦ୍ରବ୍ୟ; ସମ୍ମୋହକ ପ୍ରଭାବୀ

**hypnotism** ବି. ସମ୍ମୋହନ ବିଦ୍ୟା; ସମ୍ମୋହନ ପ୍ରକ୍ରିୟା; ବି. hypnotist.

**hypnotize** କ୍ରି. ସମ୍ମୋହନ କରିବା; ମନକୁ ଆକର୍ଷଣ ବା ବିମୁଗ୍ଧ କରିବା।

**hypo**[1.] ବି. ଫଟୋଚିତ୍ର ପ୍ରଭୃତିରେ ବ୍ୟବହୃତ କ୍ଷାରଜାତୀୟ ପଦାର୍ଥ (sodium thio-sulphate).

**hypo**[2.] *ସଂଖ.* (ବ.ବ. hypos) *ଦ୍ର.* hypo-dermic.

**hypochondria** ବି. ନିଜର ସ୍ୱାସ୍ଥ୍ୟ ନିମିତ୍ତ ଅସ୍ୱାଭାବିକ ବ୍ୟସ୍ତତା ବା ବିଷଣ୍ଣ ଅବସ୍ଥା।

**hypochondriac** ବି. ଅବସାଦ ବ୍ୟାଧିଗ୍ରସ୍ତ ବ୍ୟକ୍ତି; ନିଜ ସ୍ୱାସ୍ଥ୍ୟ ଚିନ୍ତା ଯୋଗୁଁ ସଦା ବିଷଣ୍ଣ ବ୍ୟକ୍ତି।

**hypocrisy** ବି. ସାଧୁତାର ଛଳନା; କପଟାଚାର, ଭଣ୍ଡାମି, ପ୍ରତାରଣା।

**hypocrite** ବି. ଛଳନାକାରୀ, ଭଣ୍ଡବ୍ୟକ୍ତି; ପ୍ରତାରକ।

**hypodermic** ବିଂ. ଚର୍ମର ନିମ୍ନ ଆସ୍ତରଣ ସମ୍ବନ୍ଧରେ (ଯେଉଁଠାରେ ଇଞ୍ଜେକ୍ସନ୍ ସିରିଞ୍ଜ ଫୋଡ଼ାଯାଏ)।

**hypostasis** ବି. (ବ.ବ. hypostases) ଗୁଣ–ଧର୍ମଠାରୁ ପୃଥକ୍ କୌଣସି ବସ୍ତୁର ଅନ୍ତର୍ନିହିତ ସତ୍ତା; ଖ୍ରୀଷ୍ଟୀୟ ତ୍ରିଶକ୍ତି ମଧ୍ୟରୁ ଏକତମ।

**hypotension** ବି. ଅସ୍ୱାଭାବିକ ରୂପେ ନିମ୍ନ ରକ୍ତଚାପ।

**hypotenuse** ବି. ସମକୋଣୀ ତ୍ରିଭୁଜରେ ସମକୋଣର ବିପରୀତ ରେଖା, କର୍ଣ୍ଣ।

**hypothecate** କ୍ରି. ବନ୍ଧକ ରଖିବା (ଋଣ ବିନିମୟରେ)।

**hypothermia** ବି. ଦେହର ଉତ୍ତାପ ଅତି ମାତ୍ରାରେ କମିଯିବା ଅବସ୍ଥା।

**hypothesis** ବି. ଜ୍ଞାତ ବା ପ୍ରତିଷ୍ଠିତ ସିଦ୍ଧାନ୍ତରୁ କଳ୍ପିତ ତଥ୍ୟର ଉପସ୍ଥାପନ; ଦ. ପ୍ରକଳ୍ପ; ଉପକଳ୍ପନା; ଅନୁମାନ; ପ୍ରତିଜ୍ଞା; ବିଶେଷ କଥନ।

**hypothesize** କ୍ରି. ପ୍ରକଳ୍ପ, ଉପକଳ୍ପନା ବା ଅନୁମାନ ରୂପେ ଗ୍ରହଣ କରିବା।

**hypothetical** ବିଂ. ଆନୁମାନିକ (ସତ୍ୟ ହେଉ ବା ନ ହେଉ); ତର୍କ ଛଳରେ ସ୍ୱୀକୃତ; ଉପକଳ୍ପିତ।

**hyssop** ବି. ଔଷଧ ନିମିତ୍ତ ବ୍ୟବହୃତ ସୁଗନ୍ଧିଯୁକ୍ତ ଗୁଳ୍ମବିଶେଷ।

**hysterectomy** ବି. ଅସ୍ତ୍ରୋପଚାର ଦ୍ୱାରା ଜରାୟୁର ଅପସାରଣ।

**hysteria** ବି. ମୂର୍ଚ୍ଛାରୋଗ, ଅପସ୍ମାର; ଅଦମ୍ୟ ଉନ୍ମାଦନା ଲକ୍ଷଣ ଯୁକ୍ତ ସ୍ନାୟବିକ ବିକାର।

**hysteric** ବି. ମୂର୍ଚ୍ଛାରୋଗୀ; ବ.ବ. ଅପସ୍ମାର ରୋଗୀର ରୋଗ ଲକ୍ଷଣ ଦେଖାଯିବା ଅବସ୍ଥା; *କ.ଭା.* ଅସମ୍ଭାଳ ହସ।

**hysterical** ବିଂ. ମୂର୍ଚ୍ଛାରୋଗଗ୍ରସ୍ତ; ମୂର୍ଚ୍ଛାରୋଗ ସମ୍ବନ୍ଧୀୟ; ଅତ୍ୟନ୍ତ ଭାବପ୍ରବଣ; *କ.ଭା.* ଅତ୍ୟନ୍ତ ହାସ୍ୟକର।

**Hz.** *ସଂଖ.* hertz ହର୍ଜ୍।

Digitized by srujanika@gmail.com

# Ii

**I¹·,i** ବି. (ବ.ବ. Is, I's; Is) ଇଂରାଜୀ ବର୍ଣ୍ଣମାଳାର ନବମ ଅକ୍ଷର।

**I²·** ସ. (ପ୍ରଥମ ପୁରୁଷ; ଏ.ବ.) ମୁଁ; ରୋ/ଏକ।

**I³·** ପ୍ର. iodine ଆୟୋଡିନ୍।

**I.** ସଂଶ. Island ଦ୍ୱୀପ।

**iambus** ବି. (ବ.ବ. iambi, iambuses) ଇଂରାଜୀ କବିତାରେ ବ୍ୟବହୃତ ମାତ୍ରାଭିତ୍ତିକ ଛନ୍ଦରୂପ ବିଶେଷ; ପ୍ରଥମମାତ୍ରା ଲଘୁ, ଦ୍ୱିତୀୟ ମାତ୍ରା ଗୁରୁ, ଏହିପରି ମାତ୍ରାଦ୍ୱୟ ବିଶିଷ୍ଟ (କବିତାର) ଚରଣ ବା ପାଦ; ବିଂ. iambic.

**IBA** ସଂଶ. Independent Broadcasting Authority. •

**Iberian** 1. ବିଂ. ସ୍ପେନ୍ ଓ ପର୍ତ୍ତୁଗାଲ ଦେଶ ସଂପର୍କୀୟ; 2. ବି. ପ୍ରାଚୀନ ଆଇବେରୀୟ ଜାତି ବା ଭାଷା।

**ibex** ବି. ବନ୍ୟ ଛେଳି ବିଶେଷ (ଆଲ୍‌ପସ୍ ପର୍ବତର ବକ୍ରାକୃତି ଶୃଙ୍ଗବିଶିଷ୍ଟ ବୃହତ୍ ଛାଗ)।

**ibid.** ସଂଶ. ଲା. *Ibidem* ତତ୍ରୈବ, ସେଇ ପୁସ୍ତକରେ ବା ସେଇ ସ୍ଥଳରେ।

**–ibility** ପ.ପ୍ର. ଗୁଣବାଚକ ବିଶେଷଣରୁ ବିଶେଷ୍ୟ ନିଷ୍ପାଦକ ପ୍ରତ୍ୟୟ, ଉଦା. ability.

**ibis** ବି. ବଙ୍କା ଥଣ୍ଟଯୁକ୍ତ ଜଳଚର ପକ୍ଷୀବିଶେଷ।

**–ible** ପ.ପ୍ର. ସମ୍ଭାବନାର୍ଥକ ପ୍ରତ୍ୟୟ ବିଶେଷ, ଉଦା. forcible, possible.

**–ibly** ପ.ପ୍ର. କ୍ରିୟାବିଶେଷଣ ନିଷ୍ପାଦକ ପ୍ରତ୍ୟୟ ବିଶେଷ; ଦ୍ର. -ible.

**ice** 1. ବି. ବରଫ; ଘନୀଭୂତ ଜଳ; ମିଷ୍ଟାନ୍ନ; 2. କ୍ରି. ଶୀତଳ କରିବା ବା ବରଫରେ ପରିଣତ କରିବା।

**iceberg** ବି. ସମୁଦ୍ରରେ ଭାସମାନ ବିରାଟ ତୁଷାରସ୍ତୂପ; ହିମଶୈଳ।

**icebox** ବି. ରେଫ୍ରିଜରେଟର ବା ଶୀତଳପେଟିକା ମଧ୍ୟରେ ଜଳକୁ ବରଫ କରିବାର ଥାକ।

**ice–cream** ବି. ଆଇସ୍‌କ୍ରିମ୍; କୁଲ୍‌ଫି ବରଫ।

**Icelander** ବି. ଉତ୍ତର ଆଟଲାଣ୍ଟିକ ମହାସାଗରସ୍ଥ ଆଇସ୍‌ଲେଣ୍ଡ ନାମକ ଦେଶର ଅଧିବାସୀ।

**Icelandic** 1. ବି. ଆଇସ୍‌ଲେଣ୍ଡ ଅଧିବାସୀଙ୍କ କଥିତ ଭାଷା; 2. ବିଂ. ଆଇସ୍‌ଲେଣ୍ଡ ସଂପର୍କୀୟ।

**ichneumon** ବି. କ୍ଷୁଦ୍ର ପୋକ ବିଶେଷ; ଉତ୍ତର ଆଫ୍ରିକାର ନେଉଳ ବିଶେଷ।

**ichthyology** ବି. ମତ୍ସ୍ୟବିଜ୍ଞାନ; ବି. ichthyologist.

**icicle** ବି. ଲମ୍ବମାନ ତୁଷାର କଣା।

**icing** ବି. କେକ୍ ବା ବିସ୍କୁଟ ଉପରେ ଚିନିର ପ୍ରଲେପ; ଜଳ ଜାହାଜ ବା ଉଡ଼ାଜାହାଜ ଉପରେ ଜମିଥିବା ବରଫ ଆସ୍ତରଣ।

**icon** ବି. ଦେବ ପ୍ରତିମା; ବିଗ୍ରହ; ମୋଜାଇକ୍ ଚିତ୍ର (ଅଙ୍କିତ ବା ଗଠିତ)।

**iconoclast** ବି. ପ୍ରତିମା ବିଧ୍ୱଂସୀ; ଦେବପ୍ରତିମା ଭଙ୍ଗକାରୀ; ପ୍ରତିଷ୍ଠିତ ମୂଲ୍ୟବୋଧ ବା ପ୍ରତିମା ପୂଜାପ୍ରତି ବୀତଶ୍ରଦ୍ଧ; ବି. iconoclasm; ବିଂ. iconoclastic.

**iconography** ବି. ସଚିତ୍ରକରଣ; ଚିତ୍ରବିଦ୍ୟା, ଚିତ୍ରପଟବିଜ୍ଞାନ।

**icosahedron** ବି. କୋଡ଼ିଏଟି ମୁହଁଥିବା ମୂର୍ତ୍ତି ବିଶେଷ।

**–ics** ପ.ପ୍ର. କଳା, ବିଜ୍ଞାନ ପ୍ରଭୃତି ସମ୍ବଳିତ ବିଶେଷ୍ୟ ନିଷ୍ପାଦକ (politics, economics).

**ictus** ବି. ପଦ୍ୟ ବା ବୃତ୍ତରେ ବ୍ୟବହୃତ ଯତିପାତ।

**icy** ବିଂ. ବରଫପରି ଥଣ୍ଡା; ବରଫାବୃତ; ମମତାହୀନ, ବିରୋଧଭାବାପନ୍ନ; କ୍ରି.ବିଂ. icily.

**id** ବି. ମନ ମନୁଷ୍ୟର ସ୍ୱାଭାବିକ ଭାବରେ ପ୍ରାପ୍ତ ଅଚେତନ ମନୋବୈଜ୍ଞାନିକ ପ୍ରବୃତ୍ତି ସମୂହ।

**idea** ବି. ଚିନ୍ତାପ୍ରସୂତ ଯୋଜନା; ଧାରଣା; ମତ ବା ବିଶ୍ୱାସ; (ଅସ୍ପଷ୍ଟ) ଅବଧାରଣା, ଭାବନା; ଉଚ୍ଚାକାଂକ୍ଷା; ଚିନ୍ତା; ଉଦ୍ଦେଶ୍ୟ, ମତଲବ।

**ideal** 1. ବି. ଆଦର୍ଶ; 2. ବିଂ. ଆଦର୍ଶ; କାଳ୍ପନିକ; ନିର୍ଦ୍ଦୋଷ, ସର୍ବୋତ୍କୃଷ୍ଟ।

**idealism** ବି. ଦ. ପ୍ରତ୍ୟୟ ସତ୍ତାବାଦ, ଆଦର୍ଶବାଦ, ଭାବବାଦ; ମନର ବାହାରେ ବସ୍ତୁର ଅସ୍ତିତ୍ୱ ନାହିଁ ଏହି ମତବାଦ; ବି. idealist; ବିଂ. idealistic.

**idealize** କ୍ରି. ଆଦର୍ଶରୂପେ ଗ୍ରହଣ କରିବା ବା ଉପସ୍ଥାପନ କରିବା।

**ideally** କ୍ରି.ବିଂ. ଆଦର୍ଶରୂପେ; ଆଦର୍ଶ ଅବସ୍ଥାରେ।

Digitized by srujanika@gmail.com

**identical** ବିଂ. ସମରୂପ; ସଦୃଶ; ଏକାତ୍ମକ, ଅଭିନ୍ନ।
**identically** କ୍ରି.ବିଂ. ସମରୂପରେ; ଏକାତ୍ମକ ଭାବରେ।
**identification** ବି. ଚିହ୍ନଟ; ସମୀକରଣ; ଅଭିନ୍ନତ୍ୱ ପ୍ରତିପାଦନ।
**identify** କ୍ରି. ପ୍ରତିପାଦନ କରିବା; ଚିହ୍ନଟ କରିବା; ବ୍ୟକ୍ତି ବା ଅନୁଷ୍ଠାନ ସହ ନିଜକୁ ସାମିଲ କରିବା; ନୀତି ସହିତ ଏକାତ୍ମହେବା; ବିଂ. identifiable.
**Identikit** ବି. ସଂଗୃହୀତ ତଥ୍ୟରାଜି ଅବଲମ୍ବନରେ ବ୍ୟକ୍ତିର ଆନୁମାନିକ ଚିତ୍ର (ବିଶେଷତଃ ପୋଲିସ୍ ଦ୍ୱାରା)।
**identity** ବି. ପରିଚୟ; ଅଭିନ୍ନତା; ଏକରୂପତ୍ୱ; ଚିହ୍ନଟକରଣ; ବ୍ୟକ୍ତିତ୍ୱ।
**ideogram** ଦ୍ର. ideograph.
**ideograph** ବି. କୌଣସି ଭାବ ବା ଚରିତ୍ର ବିଶେଷର ସାଙ୍କେତିକ ରୂପ; ବିଂ. ideographic; ବି. ideography.
**ideologue** ବି. ଆଦର୍ଶନିଷ୍ଠ; ନିର୍ଦ୍ଦିଷ୍ଟ ଆଦର୍ଶ ଅବଲମ୍ବନକାରୀ।
**ideology** ବି. ଆଦର୍ଶବାଦ (ଅର୍ଥନୈତିକ, ରାଜନୈତିକ ଅଥବା କୌଣସି ଗୋଷ୍ଠୀ ବା ମତସମ୍ପର୍କିତ); ବିଂ. ideological; କ୍ରି.ବିଂ. ideologically; ବି. ideologist.
**ides** ବି. ପ୍ରାଚୀନ ରୋମାନ କେଲେଣ୍ଡରର ମାର୍ଚ୍ଚ, ମେ, ଜୁଲାଇ ଓ ଅକ୍ଟୋବରର ପଞ୍ଚଦଶ ଦିବସ ଏବଂ ଅନ୍ୟାନ୍ୟ ମାସର ତେର ତାରିଖ।
**idiocy** ବି. ବୋକାମି, ନିର୍ବୋଧତା; ମନଅତ୍ୟଧିକ ମାନସିକ ଅନଗ୍ରସରତା।
**idiom** ବି. କୌଣସି ଭାଷାର ନିଜସ୍ୱ ପ୍ରକାଶଭଙ୍ଗୀ, ବାକ୍‌ଧାରା; ଭାଷା; ରୂଢ଼ି ପ୍ରୟୋଗ; ବିଶିଷ୍ଟାର୍ଥକ ବାକ୍ୟାଂଶ।
**idiomatic** ବିଂ. (ରଚନା ସମ୍ପର୍କରେ) ଭାଷାର ବୈଶିଷ୍ଟ୍ୟଦ୍ୟୋତକ; ବାଗ୍‌ଧାରାପ୍ରଧାନ, ରୀତିସମ୍ମତ; କ୍ରି.ବିଂ. idiomatically.
**idiosyncrasy** ବି. ବ୍ୟକ୍ତିବିଶେଷର ପ୍ରକୃତି, ହାବଭାବ ଓ ବ୍ୟବହାରରେ ପ୍ରକାଶିତ ବୈଶିଷ୍ଟ୍ୟ ବା ବିଲକ୍ଷଣତା; ବିଂ. idiosyncratic; କ୍ରି.ବିଂ. idiosyncratically.
**idiot** ବି. ମାନସିକ ବିବେଚନାବିହୀନ ବ୍ୟକ୍ତି; କ.ଭା. ନିପଟ ମୂର୍ଖ, ବୋକା ଲୋକ; ବିଂ. idiotic; କ୍ରି.ବିଂ. idiotically.
**idle** 1. ବିଂ. ଅଳସ; ବେକାର, ଶ୍ରମକାତର; ଅଳସୁଆ; ଅକର୍ମଣ୍ୟ; ନିଷ୍କ୍ରିୟ; ବୃଥା, ଭିତ୍ତିହୀନ; 2. କ୍ରି. ଅନର୍ଥକ ସମୟ କଟାଇବା; ବି. idleness, idler; କ୍ରି.ବିଂ. idly.
**idol** ବି. ପ୍ରତିମା, ପ୍ରତିକୃତି, ମୂର୍ତ୍ତି, ଐକାନ୍ତିକ ଶ୍ରଦ୍ଧା ଓ ଭକ୍ତିର ବିଗ୍ରହ।
**idolater** ବି. ପ୍ରତିମାପୂଜକ; ପୌତ୍ତଳିକ।
**idolatry** ବି. ପୌତ୍ତଳିକତା; ପ୍ରତିମାପୂଜା; ବିଂ. idolatrous.
**idolize** କ୍ରି. ଅତୀବ ଭକ୍ତି ବା ପ୍ରେମକରିବା; ମୂର୍ତ୍ତି ସଦୃଶ ପୂଜା କରିବା; ବି. idolization.
**idyll** ବି. ପ୍ରାକୃତିକ ଦୃଶ୍ୟ ବା ବିଶିଷ୍ଟ ଘଟଣାର ସଂକ୍ଷିପ୍ତ ବର୍ଣ୍ଣନା (ବିଶେ. ପଲ୍ଲୀ ଜୀବନର ଓ ସା. କବିତାରେ)।
**idyllic** ବିଂ. ଶାନ୍ତି ଓ ସୁଖମୟ; ପ୍ରାକୃତିକ ଦୃଶ୍ୟ ସଦୃଶ; କ୍ରି.ବିଂ. idyllically.
**i.e.** ସଂକ୍ଷି. that is to say (ଲା. *id est*) ଅର୍ଥାତ୍।
**if** 1. ସଂଯୋ. (ଅବସ୍ଥା ସର୍ତ୍ତ, ବା ସମ୍ଭାବନା ବୋଧକ ସଂଯୋଜକ ଅବ୍ୟୟ) ଯଦି, ଯଦିଚ, ଯଦ୍ୟପି, ଯଦିଓ; 2. ବି. ଅବସ୍ଥା ବା ଅନ୍ଦାଜ; ହଁ ନା ଏପରି ଅନିର୍ଦ୍ଦିଷ୍ଟ ଇଚ୍ଛା; ସର୍ତ୍ତ।
**igloo** ବି. ଏସ୍କିମୋମାନଙ୍କର ଗମ୍ବୁଜାକୃତି ବରଫ କୁଟୀର।
**igneous** ବିଂ. ଜ୍ୱଳମାନ; ଅଗ୍ନିସଂପର୍କୀୟ; ଆଗ୍ନେୟଗିରି ପ୍ରସୂତ।
**ignite** କ୍ରି. ଅଗ୍ନିସଂଯୋଗ କରିବା; ନିଆଁ ଲଗାଇବା ବା ଧରିବା; ଅତିଶୟ ଉତ୍ତ୍ୟକ୍ତ କରିବା।
**ignition** ବି. ଅଗ୍ନିସଂଯୋଗ; ଇଂଜିନଚାଳନାର ପୂର୍ବବର୍ତ୍ତୀ ସାଗ୍ନିକତା; ପ୍ରଜ୍ୱଳନ, ଦହନ।
**ignoble** ବିଂ. ନୀଚ, ଅଖ୍ୟାତିଜନକ, ହୀନ, ଅବହେଳାଯୋଗ୍ୟ, ନଗଣ୍ୟ; ନୀଚ କୁଳୋଦ୍‌ଭବ ବା ନୀଚ ଅବସ୍ଥାରେ ଥିବା; କ୍ରି.ବିଂ. ignobly.
**ignominious** ବିଂ. ଅପମାନକର, ନିନ୍ଦନୀୟ, ଘୃଣାର୍ହ, ଅପଖ୍ୟାତ।
**ignominy** ବି. ଅପମାନ, ଲାଞ୍ଛନା, ଅମର୍ଯ୍ୟାଦା, ଅପକୀର୍ତ୍ତି।
**ignoramus** ବି. ଅଜ୍ଞବ୍ୟକ୍ତି, ନିର୍ବୋଧ।
**ignorance** ବି. ଅଜ୍ଞତା।
**ignorant** ବିଂ. ଅଜ୍ଞ; ଜ୍ଞାନହୀନ, ଅଶିକ୍ଷିତ; କ୍ରି.ବିଂ. ignorantly.

Digitized by srujanika@gmail.com

**ignore** କ୍ରି. ଜାଣିଶୁଣି ଅଗ୍ରାହ୍ୟ କରିବା; ଉପେକ୍ଷା କରିବା ।

**iguana** ବି. ୱେଷ୍ଟଇଣ୍ଡିଜ୍ ଓ ଦ. ଆଫ୍ରିକାର ଗଛଚଢ଼ା ବୃହତ୍‌କାୟ ଝିଟିପିଟି ବା ଗୋଧି ।

**ikebane** ବି. ଜାପାନୀ ପୁଷ୍ପସଜ୍ଜା କଳା ।

**ikon** ଦ୍ର. icon.

**ileum** ବି. କ୍ଷୁଦ୍ରାନ୍ତ୍ରର ତୃତୀୟ ଓ ଶେଷ ଅଂଶ ।

**iliac** ବିଂ. ନିମ୍ନାଙ୍ଗ ବା ପାର୍ଶ୍ୱସ୍ଥ (ଉଦା. iliac artery).

**ilk** 1. ବିଂ. ସ୍କଟ୍ ସମାନ; 2. ବି. କ.ଭା. ସେହି ପ୍ରକାର; ସ୍କଟ୍ ବଂଶର ନାମାନୁସାରେ ପୈତୃକ ଜମିଦାରୀ ।

**ill** 1. ବିଂ. ପୀଡ଼ିତ, ରୋଗାକ୍ରାନ୍ତ; କ୍ଷତିକାରକ, ମନ୍ଦ; ବିରୋଧୀ, ପ୍ରତିକୂଳ, ରୁକ୍ଷ; ଆପତ୍ତିଜନକ; ନିର୍ଦ୍ଦୟ; ଅସଙ୍ଗତ; 2. କ୍ରି.ବିଂ. ମନ୍ଦ ଭାବରେ; ଭୁଲ ଭାବରେ; ଆପତ୍ତିଜନକ ଭାବରେ; 3. ବି. ପୀଡ଼ା, କ୍ଷତି, ମନ୍ଦ; ବ.ବ. ଦୁର୍ଭାଗ୍ୟ, ମନ୍ଦଦଶା ।

**illegal** ବିଂ. ବେଆଇନ; ଆଇନବିରୁଦ୍ଧ ।

**illegible** ବିଂ. ଅସ୍ପଷ୍ଟ; ଦୁଷ୍ପାଠ୍ୟ; ବି. illegibility; କ୍ରି.ବିଂ. illegibly.

**illegitimate** ବିଂ. ଜାରଜ; ଅସଂଗତ; ଆଇନବିରୁଦ୍ଧ; ଅସଙ୍ଗତ; ଭ୍ରମାତ୍ମକ; ଅବୈଧ; ବି. illegitimacy; କ୍ରି.ବିଂ. illegitimately.

**illiberal** ବିଂ. ସଂକୀର୍ଣ୍ଣମନା; ନୀଚମନା; ସଂସ୍କୃତିହୀନ; ଅସହିଷ୍ଣୁ; ଅନୁଦାର ।

**illicit** ବିଂ. ଅବୈଧ; ନିଷିଦ୍ଧ; ଆଇନବିରୁଦ୍ଧ ।

**illiterate** 1. ବିଂ. ଅଶିକ୍ଷିତ; ନିରକ୍ଷର; 2. ବି. ନିରକ୍ଷର ବ୍ୟକ୍ତି; ବି. illiteracy.

**illness** ବି. ରୋଗ; ଅସୁସ୍ଥତା ।

**illogical** ବିଂ. ଅସଙ୍ଗତ; ବେଆଇନ; ଅଯୌକ୍ତିକ; ବି. illogicality; କ୍ରି.ବିଂ. illogically.

**illuminant** 1. ବି. ପ୍ରଦୀପକ, ଆଲୋକିତ ଅବସ୍ଥାର ମାଧ୍ୟମ; 2. ବିଂ. ଆଲୋକ ଅବସ୍ଥାର ସହାୟକ ।

**illuminate** କ୍ରି. ଆଲୋକିତ କରିବା; ପାରମାର୍ଥିକ ଆଲୋକ ଦେବା; ବୁଝାଇବାରେ ସାହାଯ୍ୟ କରିବା; ଉଜ୍ଜ୍ୱଳ କରିବା; ଉତ୍ସବାନୁଷ୍ଠାନରେ ଆଲୋକସଜ୍ଜା କରିବା; ଉଜ୍ଜ୍ୱଳ ରଙ୍ଗ ଦ୍ୱାରା ସଜାଇବା; କ୍ରି.ବିଂ. illuminating; ବି. illumination.

**illumine** କ୍ରି. ଆଲୋକିତ କରିବା; ଅଜ୍ଞତା ଦୂର କରିବା; ଆଧ୍ୟାତ୍ମିକ ଆଲୋକ ଦେବା ।

**illusion** ବି. ମାୟା; ଇନ୍ଦ୍ରଜାଲ; ଭ୍ରାନ୍ତି, ବିଡ଼ମ୍ବନା; ବଞ୍ଚନା; ବିଂ. illusive; illusory.

**illusionist** ବି. ଐନ୍ଦ୍ରଜାଲିକ; ଯାଦୁକର; ମାୟାବୀ ।

**illustrate** କ୍ରି. ଉଦାହରଣ ଦେବା; ବ୍ୟାଖ୍ୟା କରିବା; ଉଦାହରଣ ସହ ବୁଝାଇବା; (ବହି ପ୍ରଭୃତିରେ) ଚିତ୍ର ସାହାଯ୍ୟରେ ବୁଝାଇ ଦେବା ।

**illustration** ବି. ଉଦାହରଣ; ବ୍ୟାଖ୍ୟାନ; ଦୃଷ୍ଟାନ୍ତ; ଚିତ୍ର ।

**illustrative** ବିଂ. ଅର୍ଥବୋଧକ; ବ୍ୟାଖ୍ୟାନାତ୍ମକ ।

**illustrious** ବିଂ. ବିଖ୍ୟାତ, ପ୍ରଖ୍ୟାତ, ଗୌରବୋଜ୍ଜ୍ୱଳ, ମହାନ୍‌କୃତିସମ୍ପନ୍ନ ।

**image** 1. ବି. ବାହ୍ୟାକୃତିର ଅନୁରୂପ; ପ୍ରତିମା, ମୂର୍ତ୍ତି (ବିଶେ ପୂଜା ନିମିତ୍ତ); ଖ୍ୟାତି, ଭାବମୂର୍ତ୍ତି; (କବିତାରେ) ଚିତ୍ରକଳ୍ପ; ପ୍ରତିବିମ୍ବ, ପ୍ରତିକୃତି; ଅବଧାରଣା; 2. କ୍ରି. ଯଥାର୍ଥ ବର୍ଣ୍ଣନା ଦେବା; ପ୍ରତିକୃତି ନିର୍ମାଣ କରିବା; ପ୍ରତିଫଳିତ କରିବା ।

**imagery** ବି. କାଳ୍ପନିକ ପ୍ରତିଚ୍ଛବି; ରୂପକଳ୍ପ (କବିତାର ମାଧ୍ୟମ ରୂପେ ବ୍ୟବହୃତ); ଶାବ୍ଦିକ ଚିତ୍ରଣ ।

**imaginary** ବିଂ. କାଳ୍ପନିକ; ଅଳୀକ; କଳ୍ପିତ ।

**imagination** ବି. ଅଦୃଶ୍ୟ ଓ ଅପୂର୍ବ ବସ୍ତୁର ରୂପ ଧାରଣା କରିବାର ମାନସିକ ଶକ୍ତି; କଳ୍ପନା; ଭାବନା; ସର୍ଜନା କରିବାର ମାନସିକ ଶକ୍ତି ।

**imaginative** ବିଂ. କଳ୍ପନାପ୍ରସୂତ; କଳ୍ପନାପ୍ରବଣ; ଭାବବିଳାସୀ ।

**imagine** କ୍ରି. କଳ୍ପନା କରିବା, ଭାବିବା; ବିବେଚନା କରିବା, ଚିନ୍ତା କରିବା, ଅନୁମାନ କରିବା; ସତ୍ତାହୀନକୁ ମାନସରୂପଦେବା; ଧାରଣା କରିବା; ଅନ୍ଦାଜ କରିବା ।

**imago** ବି. କୀଟର ପୂର୍ଣ୍ଣ ବିକଶିତ ଅବସ୍ଥା, *ଯଥା* ପ୍ରଜାପତି ।

**imam** ବି. ମସ୍‌ଜିଦ୍‌ରେ ନମାଜ ପାଠ ପରିଚାଳକ; କତିପୟ ଇସ୍‌ଲାମଧର୍ମୀୟ ନେତାଙ୍କ ଉପାଧି ।

**imbalance** ବି. ଭାରସାମ୍ୟହୀନତା; ଅସମତୁଳତା; ଔଚିତ୍ୟବୋଧହୀନତା ।

**imbecile** 1. ବି. ଶକ୍ତିହୀନ ବା ଦୁର୍ବଳଚେତା ବ୍ୟକ୍ତି; ନିର୍ବୋଧ ବ୍ୟକ୍ତି; 2. ବିଂ. ମାନସିକ ଦୁର୍ବଳ, ନିର୍ବୋଧ; ବି. imbecility.

**imbed** କ୍ରି. (embed ମଧ୍ୟ) ଶାୟିତ କରିବା ।

Digitized by srujanika@gmail.com

**imbibe** କ୍ରି. ପାନକରିବା (ସୁରାସାର ପ୍ରଭୃତି); ଶୋଷଣ କରିବା (ପ୍ରଭାବ, ଆର୍ଦ୍ରତା ଆଦି); ଶ୍ୱାସ ଗ୍ରହଣ କରିବା ।

**imbroglio** ବି. ଗୋଳମାଳିଆ ଅବସ୍ଥା, ଜଟିଳ ପରିସ୍ଥିତି ।

**imbue** କ୍ରି. (ଆବେଗ, ମତ ଓ ଗୁଣ ଆଦି ଦ୍ୱାରା) ଅନୁପ୍ରାଣିତ କରିବା; ସିକ୍ତ କରିବା; ରଂଜିତ କରିବା; ଅନୁପୂରିତ କରିବା ।

**IMF** ସଂଶ. International Monetary Fund ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ।

**imitate** କ୍ରି. ଅନୁକରଣ କରିବା; ନକଲ କରିବା; (ଭଲ ଓ ମନ୍ଦ ଅର୍ଥରେ) ବିକୃତ କରିବା; ବିଂ. imitable; ବି. imitator.

**imitation** ବି. ଅନୁକରଣ; ନକଲ, ସାଦୃଶ୍ୟ ।

**imitative** ବିଂ. ଅନୁକରଣଶୀଳ; ଅନୁକରଣକାରୀ; ଅନୁରୂପ ।

**immaculate** ବିଂ. ନିର୍ଦ୍ଦୋଷ; ନିରୀହ, ପବିତ୍ର; ନିଷ୍କଳଙ୍କ, ଯଥାର୍ଥ; ପରିଷ୍କାର, ପରିଚ୍ଛନ୍ନ; ବି. immaculacy; କ୍ରି.ବିଂ. immaculately; ବି. immaculateness.

**immanent** ବିଂ. ଅନ୍ତର୍ନିହିତ; ବିଶ୍ୱବ୍ୟାପ୍ତ; ସ୍ୱଭାବସିଦ୍ଧ, ସର୍ବବ୍ୟାପୀ (ଈଶ୍ୱର); ବି. immanence.

**immaterial** ବିଂ. ଅଶରୀରୀ, ସାଧାରଣ, ଅସାର; ଗୁରୁତ୍ୱହୀନ, ନିରର୍ଥକ, ଅକିଞ୍ଚିତ୍କର; ନଗଣ୍ୟ; ଲଘୁ ।

**immature** ବିଂ. ଅପରିପକ୍ୱ; ଅବିକଶିତ; ଅପରିଣତ; ଅପକ୍ୱ; କ୍ରି.ବିଂ. immaturely; ବି. immaturity.

**immeasurable** ବିଂ. ଅମାପ; ଅପରିମେୟ; ବିପୁଳ; କ୍ରି.ବିଂ. immeasurably.

**immediate** ବିଂ. ତତ୍କ୍ଷଣାତ୍; ଠିକ୍ ପରେପରେ, ସେହିକ୍ଷଣି, ସଙ୍ଗେ ସଙ୍ଗେ; ପରବର୍ତ୍ତୀ, ନିକଟତମ, ପ୍ରତ୍ୟକ୍ଷ; ବି. immediacy.

**immediately** କ୍ରି.ବିଂ. ଅବିଳମ୍ବେ, ତୁରନ୍ତ, ତତ୍କ୍ଷଣାତ୍, ସେହି ମୁହୂର୍ତ୍ତରେ ।

**immemorial** ବିଂ. ଅନାଦି, ସ୍ମରଣାତୀତ, ଅତି ପୁରାତନ ।

**immense** ବିଂ. ପ୍ରଚୁର, ବିପୁଳ, ବିଶାଳ; ଅମାପ, ଅତ୍ୟନ୍ତ; ଘ.ପ୍ର. ଅତି ଉତ୍ତମ; ବି. immenseness, immensity.

**immensely** କ୍ରି.ବିଂ. ଅତ୍ୟନ୍ତ ପ୍ରଚୁର ଭାବରେ, ବିପୁଳ ପରିମାଣରେ ।

**immerse** କ୍ରି. ବୁଡ଼ିବା; ପାଣିତଳକୁ ଚାଲିଯିବା; ଡୁବକ୍ ଦେବା; ଆତ୍ମନିବିଷ୍ଟ ହେବା, ମଜ୍ଜିଯିବା, ନିମଗ୍ନ ହେବା; ନିବିଡ଼ଭାବେ ସଂପୃକ୍ତ ହେବା ।

**immersion** ବି. ଡୁବନ, ନିମଜ୍ଜନ, ଜଳରେ ବିସର୍ଜନ ।

**immersion heater** ବି. ପାଣି ଗରମ କରିବାର ବୈଦ୍ୟୁତିକ ଉପକରଣ ।

**immigrant** 1. ବି. ବିଦେଶାଗତ; ଭିନ୍ନଦେଶାଗତ; 2. ବିଂ. ବିଦେଶାଗତ ବ୍ୟକ୍ତି ।

**immigrate** କ୍ରି. ବସବାସ କରିବା ଉଦ୍ଦେଶ୍ୟରେ ଅନ୍ୟ କୌଣସି ଦେଶକୁ ଆସିବା; ବି. immigration.

**imminent** ବିଂ. (ଘଟଣା ବା ବିପଦ ସମ୍ପର୍କରେ) ଆସନ୍ନ, ପ୍ରତ୍ୟାସନ୍ନ, ସନ୍ନିକଟ; ବି. imminence; କ୍ରି.ବିଂ. imminently.

**immiscible** ବିଂ. (ଅନ୍ୟ ପଦାର୍ଥ ସହିତ) ମିଶ୍ରଣର ଅଯୋଗ୍ୟ; ଅବିମିଶ୍ରଣୀୟ; ବି. immiscibility.

**immobile** ବିଂ. ଅଚଳ, ଗତିହୀନ; ସ୍ଥାବର; ବି. immobility.

**immobilize** କ୍ରି. ଅଚଳ କରିଦେବା; ଗତିରହିତ କରିବା; ଚଳପ୍ରଚଳ ବନ୍ଦ କରିଦେବା; ବି. immobilization.

**immoderate** ବିଂ. ଅତ୍ୟଧିକ, ଅପରିମିତ, ଅମିତାଚାରୀ ।

**immodest** ବିଂ. ଅଶାଳୀନ; ଶିଷ୍ଟାଚାରବର୍ଜିତ; ଅଭଦ୍ର; ନିର୍ଲଜ୍ଜ; ଧୃଷ୍ଟ; କ୍ରି.ବିଂ. immodestly; ବି. immodesty.

**immolate** କ୍ରି. ବଳିଦେବା, ବଳିରୂପେ ଉତ୍ସର୍ଗ କରିବା; ବି. immolation.

**immoral** ବିଂ. ନୀତିହୀନ; ଦୁଶ୍ଚରିତ୍ର; ଅସାଧୁ, ଦୁରାଚାରୀ; ବି. immorality; କ୍ରି.ବିଂ. immorally.

**immortal** ବିଂ. ଅମର, ମୃତ୍ୟୁଞ୍ଜୟୀ; ଅକ୍ଷୟ; ଅବିନଶ୍ୱର, ଦିବ୍ୟ; ସ୍ୱର୍ଗୀୟ; ଚିରନ୍ତନ; ଶାଶ୍ୱତ; ବି. immortality; କ୍ରି.ବିଂ. immortally.

**immortalize** କ୍ରି. ଅମର କରିବା; ଅବିସ୍ମରଣୀୟ କରିବା ।

Digitized by srujanika@gmail.com

**immovable, immoveable** ବିଂ. ଅଚଳ, ସ୍ଥାବର; ଅନମନୀୟ; ନିରୁଦ୍‌ବେଗ; ଅପରିବର୍ତ୍ତନୀୟ; ବି. immovability; କ୍ରି.ବିଂ. immovably.

**immune** ବିଂ. (ବିପଦରୁ) ମୁକ୍ତ; ପ୍ରତିରୋଧକ୍ଷମ (ରୋଗ ଆକ୍ରମଣରୁ)।

**immunity** ବି. ପ୍ରତିହିତ; ସଂକ୍ରମଣବାଧକତ୍ୱ; ନିରାପତ୍ତା।

**immunize** କ୍ରି. ସଂକ୍ରମଣବାଧକ କରାଇବା, ଆକ୍ରମଣମୁକ୍ତ କରିବା, ପ୍ରତିହିତଯୋଗ୍ୟ କରିବା; ବି. immunization.

**immunology** ବି. ସଂକ୍ରମଣ ପ୍ରତିକାର ବିଜ୍ଞାନ; ବିଂ. immunological; ବି. immunologist.

**immure** କ୍ରି. ଆବଦ୍ଧ କରିବା; କାରାରୁଦ୍ଧ କରିବା।

**immutable** ବିଂ. ଅପରିବର୍ତ୍ତନୀୟ; ବି. immutability.

**imp** ବି. ଦୁଷ୍ଟ ବା ଅନିଷ୍ଟକାରୀ ବାଳକ; କ୍ଷୁଦ୍ର ଦାନବ।

**impact** 1. ବି. ପ୍ରଭାବ; ସଂଘାତ, ସଂଘର୍ଷ, ପ୍ରତିଘାତ ବା ଚାପ; 2. କ୍ରି. ଦୃଢ଼ଭାବରେ ଚାପି ଧରିବା; ପ୍ରଭାବିତ କରିବା; ଧକ୍କା ଲଗାଇବା; impacted *ଅକ୍ରିଜପ.* ଅନ୍ୟ ଏକ ଦାନ୍ତ ଓ ମାଢ଼ି ମଧ୍ୟରେ ଚାପି ହୋଇଥିବା (ଦାନ୍ତ); ଦାନ୍ତ କାମୁଡ଼ିବା; ବି. impaction.

**impair** କ୍ରି. କ୍ଷତିଗ୍ରସ୍ତ କରିବା; ଦୁର୍ବଳ କରିବା; କ୍ଷୀଣ କରିବା; ନ୍ୟୂନ କରିବା।

**impairment** ବି. ହ୍ରାସ; କ୍ଷୟ; ଅପକର୍ମ।

**impala** ବି. ଆଫ୍ରିକାଦେଶର କ୍ଷୁଦ୍ରକାୟ ହରିଣ ବିଶେଷ।

**impale** କ୍ରି. ଶୂଳୀରେ ଦେହକୁ ବିଦ୍ଧ କରିବା; ଶୂଳୀଦେବା (ମୃତ୍ୟୁଦଣ୍ଡସ୍ୱରୂପ); ବି. impalement.

**impalpable** ବିଂ. ଅତି ସୂକ୍ଷ୍ମ; ଅବାସ୍ତବ; ସ୍ପର୍ଶଦ୍ୱାରା ଅନନୁଭବନୀୟ; ଦୁର୍ବୋଧ; ବି. impalpability; କ୍ରି.ବିଂ. impalpably.

**impanel** ଦ୍ର. empanel.

**impart** କ୍ରି. ଅଂଶ ଦାନକରିବା; ବିତରଣ କରିବା; (ସମ୍ବାଦ) ଜଣାଇବା; ପ୍ରସାରିତ କରିବା।

**impartial** ବିଂ. ନିରପେକ୍ଷ; ସମଦର୍ଶୀ; ଅପକ୍ଷପାତୀ; ବି. impartiality; କ୍ରି.ବିଂ. impartially.

**impassable** ବିଂ. ଅନତିକ୍ରମଣୀୟ; ଅଗମ୍ୟ; ଅଲଂଘ୍ୟ; ଦୁର୍ଗମ; ବି. impassability; କ୍ରି.ବିଂ. impassably.

**impasse** ବି. ଯେଉଁ ଅବସ୍ଥାରୁ ମୁକୁଳିବା ସମ୍ଭବ ନୁହେଁ।

**impassible** ବିଂ. ନିରୁଦ୍‌ବେଗ; ଦୁଃଖ ବା ଆଘାତରୁ ଊର୍ଦ୍ଧ୍ୱରେ; ଅବିଚଳିତ; ବି. impassibility; କ୍ରି.ବିଂ. impassibly.

**impassioned** ବିଂ. ଗଭୀର ଆବେଗପୂର୍ଣ୍ଣ; ଉତ୍ତେଜିତ; ଉଦ୍ଦୀପିତ।

**impassive** ବିଂ. ଅଚଞ୍ଚଳ; ସ୍ଥିରମନା; ଉଦାସୀନ; ନିରୁଦ୍‌ବେଗ; କ୍ରି.ବିଂ. impassively; ବି. impassiveness, impassivity.

**impasto** ବି. ବହଳିଆ ଭାବରେ ରଙ୍ଗ ଦେବା କାର୍ଯ୍ୟ।

**impatient** ବିଂ. ଅଥୟ; ଅଧୀର; ଅସ୍ଥିର; ଅସହିଷ୍ଣୁ; ବି. impatience; କ୍ରି.ବିଂ. impatiently.

**impeach** କ୍ରି. ରାଜଦ୍ରୋହ ଆଦି ଗୁରୁତର ଅପରାଧରେ ଉପଯୁକ୍ତ ନ୍ୟାୟାଳୟରେ ଅଭିଯୁକ୍ତ କରିବା; ବିଶେଷ କଳଙ୍କାରୋପ କରିବା; ବିଂ. impeachable.

**impeachment** ବି. ମହାଭିଯୋଗ; ମହାପରାଧ।

**impeccable** ବିଂ. ନିର୍ଦ୍ଦୋଷ; ନିରପରାଧ; ନିଖୁଣ; ଆଦର୍ଶସ୍ଥାନୀୟ; ବି. impeccability; କ୍ରି.ବିଂ. impeccably.

**impecunious** ବିଂ. ନିର୍ଧନ, କପର୍ଦ୍ଦକଶୂନ୍ୟ; ବି. impecuniosity; impecuniousness.

**impedance** ବି. ବିଦ୍ୟୁତ ପରିପଥର ସମ୍ପୂର୍ଣ୍ଣ ଅବରୋଧକ।

**impede** କ୍ରି. ବାଧାଦେବା, ବିଘ୍ନ ସୃଷ୍ଟି କରିବା।

**impediment** ବି. ବାଧା; ଖନାଭଳି ବା ଦରୋଟିରେ କହିବା; ବାକ୍‌ଦୋଷ; ବାକ୍‌ଶକ୍ତି ବାଧିତ; ପ୍ରତିବନ୍ଧ; ବିଘ୍ନ; ଅନ୍ତରାୟ।

**impedimenta** ବି. ବ.ବ. ବାଧାବିଘ୍ନ; ବିଶେ. (ସୈନ୍ୟମାନଙ୍କର) ସାମାନପତ୍ର।

**impel** କ୍ରି. ବାଧ୍ୟ କରିବା; ଠେଲିବା; ଉତ୍ତେଜିତ କରିବା; ପ୍ରେରିତ କରିବା।

**impend** କ୍ରି. ଆଶୁ ବିପଦର ସୂଚନା ଦେବା; ଆସନ୍ନ ଅମଙ୍ଗଳର ସୂଚନା ଦେବା; ଆସନ୍ନ ହେବା।

Digitized by srujanika@gmail.com

**impenetrable** ବିଂ. ଅଭେଦ୍ୟ; ଅନଧିଗମ୍ୟ, ଅପ୍ରବେଶ୍ୟ; ଦୁର୍ଜ୍ଞେୟ; ଦୁଷ୍ପ୍ରେକ୍ଷ୍ୟ; ବି. impenetrability, impenetrableness; କ୍ରି.ବିଂ. impenetrably.

**impenitent** ବିଂ.ଅନୁତାପହୀନ; ଅନୁଶୋଚନା–ହୀନ; ବି. impenitence.

**imperative** 1. ବିଂ. ଅତ୍ୟାବଶ୍ୟକ; ବାଧ୍ୟତାମୂଳକ; ଅଲଙ୍ଘ୍ୟ; ବ୍ୟା. ଅନୁଜ୍ଞା ବା ଆଦେଶ ସୂଚକ (ବାକ୍ୟ), ଉଦା. get out!; 2. ବି. ବ୍ୟା. ଅନୁଜ୍ଞା ବା ଆଦେଶ ସୂଚକ ବାଚ୍ୟ (କ୍ରିୟା ରୂପ); ଅବଶ୍ୟକରଣୀୟ କାର୍ଯ୍ୟ।

**imperceptible** ବିଂ.ଅଲକ୍ଷ୍ୟ; ଅନନୁଭବନୀୟ, ଅତି ସାମାନ୍ୟ; ଅତି ସୂକ୍ଷ୍ମ; ବି. imperceptibility; କ୍ରି.ବିଂ. imperceptibly.

**imperfect** 1. ବିଂ.ଅସଂପୂର୍ଣ୍ଣ, ଅପୂର୍ଣ୍ଣ; ସଦୋଷ; ତ୍ରୁଟିଯୁକ୍ତ; ବ୍ୟା. ନିତ୍ୟପ୍ରବୃତ୍ତ (କ୍ରିୟାରୂପ); 2. ବି. ବ୍ୟା. ନିତ୍ୟପ୍ରବୃତ୍ତ କ୍ରିୟାରୂପ; ଉଦା. We were reading.

**imperfection** ବି.ଅସଂପୂର୍ଣ୍ଣତା; ଦୋଷଦୁଷ୍ଟତା, ଅପୂର୍ଣ୍ଣତା।

**imperial** ବିଂ. ସମ୍ରାଟ୍ ବା ସାମ୍ରାଜ୍ୟ ସମ୍ପର୍କିତ; ସର୍ବପ୍ରଧାନ; ସାର୍ବଭୌମ; ଆଡ଼ମ୍ବରପୂର୍ଣ୍ଣ; କାଗଜର ବିଶିଷ୍ଟ ଆକାର (୨୨" x ୩୨"); କ୍ରି.ବିଂ. imperially.

**imperialism** ବି. ସାମ୍ରାଜ୍ୟବାଦ, ସାମ୍ରାଜ୍ୟ ବିସ୍ତାର; ବି. imperialist; ବିଂ. imperialistic.

**imperil** କ୍ରି. ବିପନ୍ନ କରିବା।

**imperious** ବିଂ. ଜରୁରି; ଦାମ୍ଭିକ, ଉଦ୍ଧତ, ସର୍ବାଶ୍ରୀଳ; କ୍ରି.ବିଂ. imperiously; ବି. imperiousness.

**imperishable** ବିଂ. ଧ୍ୱଂସହୀନ; ଅବିନଶ୍ୱର।

**impermanent** ବିଂ. ଅସ୍ଥାୟୀ; କ୍ଷଣସ୍ଥାୟୀ; ବି. impermanence; impermanency.

**impermeable** ବିଂ. ଅଭେଦ୍ୟ, ଅପ୍ରବେଶ୍ୟ; ବି. impermeability.

**impersonal** ବିଂ. ବ୍ୟକ୍ତିଗତ ହୋଇନଥିବା, ନୈର୍ବ୍ୟକ୍ତିକ; ବ୍ୟକ୍ତିଗତ ଆବେଗ ରହିତ; ମାନବୀୟ ଆବେଗହୀନ; ବ୍ୟା. ପ୍ରକୃତ କର୍ତ୍ତା ବ୍ୟବହାର ହୋଇ ନଥିବା (ବାକ୍ୟ), ଉଦା. It rains; ବି. impersonality; କ୍ରି.ବିଂ. impersonally.

**impersonate** କ୍ରି. ଅନ୍ୟବ୍ୟକ୍ତି ବୋଲି ଛଳନା କରିବା; ବ୍ୟକ୍ତିତ୍ୱ ଆରୋପ କରିବା; ଅନ୍ୟ ବ୍ୟକ୍ତିଭଳି ଅଭିନୟ କରିବା; ବି. impersonation; impersonator.

**impertinent** ବିଂ. ଅବାଧ୍ୟ, ଧୃଷ୍ଟ, ଅଭଦ୍ର; ଅପ୍ରାସଙ୍ଗିକ; ବି. impertinence; କ୍ରି.ବିଂ. impertinently.

**imperturbable** ବିଂ. ଅବିକୃତ, ଅବିଚଳିତ, ଧୀର; ବି. imperturbability; କ୍ରି.ବିଂ. imperturbably.

**impervious** ବିଂ. ଅଭେଦ୍ୟ, ନିରନ୍ଧ୍ର (ଜଳ ପ୍ରବେଶ ପାଇଁ); ଅପ୍ରଭାବିତ (ଯୁକ୍ତି ଦ୍ୱାରା)।

**impetigo** ବି. ସଂକ୍ରାମକ ଚର୍ମରୋଗ ବିଶେଷ।

**impetuous** ବିଂ. ଉଦ୍ଦାମ, ଉଗ୍ର, ପ୍ରଚଣ୍ଡ, ଦୁର୍ଦ୍ଦାନ୍ତ; ତୀବ୍ରଗତି ସଂପନ୍ନ; ବି. impetuosity, impetuousness; କ୍ରି.ବିଂ. impetuously.

**impetus** ବି. ପ୍ରେରଣା; ଉତ୍ତେଜନା; ଗତି, ଶକ୍ତି।

**impiety** ବି. ଅପବିତ୍ରତା, ଭକ୍ତିହୀନତା।

**impinge** କ୍ରି. ପ୍ରଭାବିତ କରିବା; ଅନଧିକାର ପ୍ରବେଶ କରିବା; ଧକ୍କା ଲଗେଇବା; ବି. impingement.

**impious** ବିଂ. ଅଧାର୍ମିକ; ଅସାଧୁ; ଦୁଷ୍ଟ।

**impish** ବିଂ. ଦୁଷ୍ଟ ସ୍ୱଭାବଯୁକ୍ତ; କ୍ଷୁଦ୍ର ଶଇତାନ୍; ଅତି ଦୁଷ୍ଟ ପିଲା; ବି. impishness.

**implacable** ବିଂ. ଦୁସ୍ତୋଷ୍ୟ, ଯାହାକୁ ସନ୍ତୁଷ୍ଟ କରାଯାଇପାରେନା; ବି. implacability; କ୍ରି.ବିଂ. implacably.

**implant** 1. କ୍ରି. ରୋପଣ କରିବା; ମନମଧ୍ୟରେ ପ୍ରବେଶ କରାଇବା; 2. ବି. ରୋପିତ ପଦାର୍ଥ; ବି. implantation.

**implausible** ବିଂ. ଯାହା ସମ୍ଭବ ନୁହେଁ, ଅସମ୍ଭାବ୍ୟ; ବି. implausibility; କ୍ରି.ବିଂ. implausibly.

Digitized by srujanika@gmail.com

**implement** 1. ବି. ଯନ୍ତ୍ର, ବାସନ, ଉପକରଣ; 2. କ୍ରି. କାର୍ଯ୍ୟରେ ପରିଣତ କରିବା, କାର୍ଯ୍ୟକାରୀ କରିବା, ସାଧନ କରିବା; ବି. implementation.

**implicate** କ୍ରି. ଜଡ଼ିତ କରିବା; (ଦାୟ, ଅପରାଧ ଆଦିରେ) ଜଡ଼ିତ ହେବା; ସଂପୃକ୍ତ କରିବା।

**implication** ବି. ନିହିତାର୍ଥ; ଲକ୍ଷଣ; ଜଡ଼ିତକରଣ; ସଂପର୍କ।

**implicit** ବିଂ. ଉହ୍ୟ, ନିହିତ, ଅସନ୍ଦିଗ୍ଧ (ବିଶ୍ୱାସ ପ୍ରଭୃତି)।

**implode** କ୍ରି. ଭିତରେ ଫୁଟିବା ବା ଫୁଟାଇବା; ବି. implosion.

**implore** କ୍ରି. ଅନୁରୋଧ କରିବା; ସାନୁନୟ ପ୍ରାର୍ଥନା କରିବା; ନେହୁରା ହେବା।

**imply** କ୍ରି. ସୂଚନା ବା ଆଭାସ ଦେବା; ଭାବ ପ୍ରକାଶ କରିବା; (ଅପ୍ରକାଶିତ ଅନ୍ତର୍ଭୁକ୍ତ ବିଷୟକୁ) କହିବା, ବୁଝାଇବା।

**impolite** ବିଂ. ରୁକ୍ଷ, ଅଭଦ୍ର, ଅବାଧ୍ୟ, ଅଶିଷ୍ଟ, ଦୁର୍ବିନୀତ; କ୍ରି.ବିଂ. impolitely; ବି. impoliteness.

**impolitic** ବିଂ. ଯାହା ସମୟୋପଯୋଗୀ ନୁହେଁ; ଅବିଜ୍ଞ, ଅବିବେଚକ।

**imponderable** 1. ବିଂ. ଅକଳନୀୟ; ଗୁରୁତ୍ୱହୀନ, ଅତି ତୁଚ୍ଛ; ହାଲୁକା; ଓଜନହୀନ; 2. ବି. ଏପରି ବସ୍ତୁ ବା ବିଷୟ; ବି. imponderability; କ୍ରି.ବିଂ. imponderably.

**import** 1. କ୍ରି. ଆମଦାନୀ କରିବା; ସୂଚିତ କରିବା; ବୁଝାଇବା; 2. ବି. ଆମଦାନୀ (ପଦାର୍ଥ); ନିହିତାର୍ଥ; ଗୁରୁତ୍ୱ, ପ୍ରାଧାନ୍ୟ; ବି. importer.

**important** ବିଂ. ପ୍ରଧାନ, ଗୁରୁତ୍ୱପୂର୍ଣ୍ଣ, ପ୍ରୟୋଜନୀୟ, ମହାର୍ଘ, ଆବଶ୍ୟକ, ବିଶିଷ୍ଟ, ଗାମ୍ଭୀର୍ଯ୍ୟପୂର୍ଣ୍ଣ; ବି. importance; କ୍ରି.ବିଂ. importantly.

**importation** ବି. ମାଲ ବା ପଦାର୍ଥମାନଙ୍କର ଆମଦାନୀ; ଆୟାତ।

**importunate** ବିଂ. ଆଗ୍ରହୀ, ବିଶେଷଭାବରେ ଅନୁରୋଧକାରୀ; ବି. importunity.

**importune** କ୍ରି. ସନିର୍ବନ୍ଧ (କାହାକୁ) ଅନୁରୋଧ କରିବା; ଅନୈତିକ ଉଦ୍ଦେଶ୍ୟରେ ଅନୁରୋଧ ଜଣାଇବା।

**impose** କ୍ରି. ନ୍ୟସ୍ତ କରିବା (କର, ଶୁଳ୍କ ଆଦି); ଆରୋପ କରିବା; (ନିଜର ଦୋଷକୁ ଅନ୍ୟ ଉପରେ) ଲଦିଦେବା; ଆଦେଶ କରିବା; ମେସିନରେ ଛାପିବା ପାଇଁ କମ୍ପୋଜ କରାହୋଇଥିବା ପୃଷ୍ଠା ଗୁଡ଼ିକୁ ସଜାଡ଼ିବା; impose on (upon) (ସରଳତାର ସୁଯୋଗ ନେଇ) ସୁବିଧା ଉଠାଇବା, ଠକିବା।

**imposing** 1. ବିଂ. ଚିତ୍ତାକର୍ଷକ, ଆଖିଦୃଶିଆ, ବୃହଦାକାର; 2. ବି. ଚେସ୍ ବା ଚତୁର୍ଭୁଜାକାର ଲୌହ ଫଳକ ମଧ୍ୟରେ କମ୍ପୋଜକରା ପୃଷ୍ଠାଗୁଡ଼ିକୁ ଭିଡ଼ିବା କାର୍ଯ୍ୟ।

**imposition** ବି. ଅସଂଗତ ଦାବି ବା ଦାୟିତ୍ୱ; ଟିକସ, ଶୁଳ୍କ; ବିଦ୍ୟାଳୟରେ ଛାତ୍ର ପ୍ରତି ଶାସ୍ତିମୂଳକ କର୍ମ; ଆଶୀର୍ବାଦ ପ୍ରଦାନର ହସ୍ତଭଙ୍ଗୀ; ପ୍ରବଞ୍ଚନା; ଅନ୍ୟାଯ୍ୟ ସୁଯୋଗ ଗ୍ରହଣ।

**impossible** ବିଂ. ଅସମ୍ଭବ, ଅସାଧ୍ୟ; ଅସଂଗତ; ଦୁଃସାଧ୍ୟ; ଅସହ୍ୟ; ବି. impossibility; କ୍ରି.ବିଂ. impossibly.

**impost**[1] ବି. ଶୁଳ୍କ, ଟିକସ, ମାସୁଲ।

**impost**[2] ବି. ସ୍ତମ୍ଭର ଉପର ଅଂଶ; ଖିଲାଣ।

**imposter, impostor** ବି. ପ୍ରତାରକ, ଛଳନାକାରୀ; ଠକ।

**imposture** ବି. ପ୍ରତାରଣା, ଅପକୌଶଳ, ଫାଙ୍କି, ଧୋକା।

**impotent** ବିଂ. ଶକ୍ତିହୀନ, ଦୁର୍ବଳ; (ପୁରୁଷମାନଙ୍କ କ୍ଷେତ୍ରରେ) ନପୁଂସକ, ପୁରୁଷତ୍ୱହୀନ; ବି. impotence.

**impound** କ୍ରି. ବାଜ୍ୟାପ୍ତ କରିବା; ଆଇନ ସାହାଯ୍ୟରେ ରାଷ୍ଟ୍ର ସଂପଦରୂପେ ନେଇନେବା; (ଗାଈ ଗୋରୁ) କାଞ୍ଜିହାଉଦାରେ ଅଟକ ରଖିବା।

**impoverish** ସ.କ୍ରି. ଦରିଦ୍ର କରିଦେବା; ଅସାର କରିଦେବା; ବି. impoverishment.

**impracticable** ବିଂ. ଅସାଧ୍ୟ, ଦୁଷ୍କର; ବି. impracticability; କ୍ରି.ବିଂ. impracticably.

Digitized by srujanika@gmail.com

**impractical** ବିଂ. ଅବ୍ୟବହାରିକ; *ଆମେ.* ଅବାସ୍ତବ, କାର୍ଯ୍ୟତଃ ଅସମ୍ଭବ; ବି. impracticality.

**imprecate** କ୍ରି. ଅଶୁଭ ବା ଅନିଷ୍ଟ କାମନା କରିବା, ଅଭିଶାପ ଦେବା; ବି. imprecation.

**imprecatory** ବିଂ. ଅଶୁଭ ସୂଚକ।

**imprecise** ବିଂ. ଅନିର୍ଦ୍ଦିଷ୍ଟ, ଅସଂକ୍ଷିପ୍ତ, ଅଯଥାର୍ଥ; କ୍ରି.ବିଂ. imprecisely; impreciseness; ବି. imprecision.

**impregnable** ବିଂ. ଅଭେଦ୍ୟ, ଦୁର୍ଗମ; ବି. impregnability.

**impregnate** କ୍ରି. ଗର୍ଭଧାରଣ କରାଇବା; ପୂର୍ଣ୍ଣ କରିବା; ଅନୁପ୍ରବେଶ କରିବା; ବିଂ. impregnatable; ବି. impregnation.

**impresario** ବି. ମନୋରଞ୍ଜନ କାର୍ଯ୍ୟକ୍ରମର ପରିଚାଳକ; ଯାତ୍ରା, ସଙ୍ଗୀତ କାର୍ଯ୍ୟକ୍ରମ ପ୍ରଭୃତିର ବ୍ୟବସ୍ଥାପକ।

**impress** 1. କ୍ରି. ଅଙ୍କିତ କରିବା; ମୋହର ମାରିବା; ଗଭୀର ଭାବରେ ପ୍ରଭାବ ପକାଇବା; ମନରେ ଗଭୀର ରେଖାପାତ କରିବା; 2. ବି. ମୁଦ୍ରିତ ଚିହ୍ନ; ଚାରିତ୍ରିକ ବୈଶିଷ୍ଟ୍ୟ; ବିଂ. impressible.

**impression** ବି. ଅବଧାରଣା; ମାନସିକ ପ୍ରଭାବ; (ଭ୍ରମାତ୍ମକ) ବିଶ୍ୱାସ; ଟାଇପ; ଫର୍ମାର ପୁନର୍ମୁଦ୍ରଣ; ମୁଦ୍ରଣ; ମୁଦ୍ରିତ ପୁସ୍ତକ, ପତ୍ରିକା ପ୍ରଭୃତିର ସଂଖ୍ୟା।

**impressionable** ବିଂ. ସହଜରେ ପ୍ରଭାବିତ ହେଉଥିବା, *ଉଦା.* impressionable years; ବି. impressionability; ବିଂ. impressionably.

**impressionism** ବିଂ. ଚିତ୍ରକଳା, ସଂଗୀତ, ସାହିତ୍ୟ ପ୍ରଭୃତିର ଶୈଳୀ ବିଶେଷ, ଯହିଁରେ ଭାବ ଓ ସାମଗ୍ରିକ ପ୍ରଭାବ ଉପରେ ଗୁରୁତ୍ୱ ଦିଆଯାଏ; ବି. impressionist; ବିଂ. impressionistic.

**impressive** ବିଂ. ସମ୍ମାନ, ପ୍ରଶଂସା ବା ସମ୍ମତି ଉଦ୍ରେକକାରୀ।

**imprimatur** ବି. *କେଥ.* ମୁଦ୍ରଣର ଅନୁଜ୍ଞା; ଛାପିବା ନିମିତ୍ତ ସଂପୃକ୍ତ ଅଧିକାରୀଙ୍କ ଅନୁମତି।

**imprint** 1. କ୍ରି. ଛାପିବା, ମୁଦ୍ରଣ କରିବା; ମୁଦ୍ରାଙ୍କନ କରିବା; 2. ବି. ଛାପ; ମୁଦ୍ରଣ।

**imprison** କ୍ରି. କାରାରୁଦ୍ଧ କରିବା; ବନ୍ଦୀ କରିବା; ବି. imprisonment.

**improbable** ବିଂ. ଅସମ୍ଭବ, ସମ୍ଭାବନାହୀନ; ବି. improbability.

**improbity** ବି. ଦୁଷ୍ଟତା, ଅସାଧୁତା।

**impromptu** 1. ବିଂ. ଓ କ୍ରି.ବିଂ. ପୂର୍ବ ପ୍ରସ୍ତୁତି ବିନା; 2. ବି. ତତ୍‌କ୍ଷଣାତ୍ ବା ବିନା ପ୍ରସ୍ତୁତିରେ ପରିବେଷଣ।

**improper** ବିଂ. ଅନୁପଯୁକ୍ତ, ଅଶାଳୀନ; ଅଶୁଦ୍ଧ, ଅନ୍ୟାଯ୍ୟ, ଅନୁଚିତ, ଅସଙ୍ଗତ; କ୍ରି.ବିଂ. improperly.

**impropriety** ବି. ଅନୌଚିତ୍ୟ; ଅନୁପଯୋଗିତା, ଅଶାଳୀନତା, ଅଯୋଗ୍ୟତା, ଅଶୁଦ୍ଧତା; ଅସଙ୍ଗତି।

**improve** କ୍ରି. ଉନ୍ନତି କରିବା, ଉନ୍ନତ ହେବା; ସଂଶୋଧିତ ହେବା, ସଂସ୍କାର କରିବା, ଉତ୍କର୍ଷ ସାଧନ କରିବା; improve on (upon) ଅଧିକ ଭଲ କରିବା; ବିଂ. improvable.

**improvement** ବି. ଉନ୍ନତି।

**improvident** ବିଂ. ଅଦୂରଦର୍ଶୀ; ଅପରିଣାମଦର୍ଶୀ; ବହୁଖର୍ଚ୍ଚି; ବି. improvidence; କ୍ରି.ବିଂ. improvidently.

**improvise** ସ.କ୍ରି. ଆଶୁ କବିତା ବା ସଂଗୀତ ରଚନା କରିବା; କାମ ଚଳାଇ ନେବାର ବ୍ୟବସ୍ଥା କରିବା; ତତ୍‌କ୍ଷଣିକ ପ୍ରଚେଷ୍ଟା କରିବା; ଅନ୍ୟ ଉପକରଣଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ପଦାର୍ଥ ପ୍ରସ୍ତୁତ କରିବା; ବି. improvisation; ବିଂ. improvisational, improvisatory.

**imprudent** ବିଂ. ବିବେକହୀନ, ଅବିମୃଷ୍ୟକାରୀ, ଅପରିଣାମଦର୍ଶୀ, ବେପରବାୟ; ବି. imprudence; କ୍ରି.ବିଂ. imprudently.

**impugn** କ୍ରି. ପ୍ରତିଦ୍ୱନ୍ଦ୍ୱୀ କରିବା; ପ୍ରତିବାଦ କରିବା; ଆପତ୍ତି ଉଠାଇବା; ବି. impugnment.

**impulse** ବି. ପ୍ରେରଣା, ଆବେଗ; ପ୍ରବୃତ୍ତି; *ପଦାର୍ଥ* ଉଦ୍ଦୀପନା; ଘାତ; ସ୍ନାୟବିକ ଉତ୍ତେଜନା; ଚିନ୍ତା ନକରି କାମ କରିବା ଉଦ୍ଦୀପନା।

**impulsion** ବି. ଇଚ୍ଛା; ପ୍ରେରଣା; ଅନୁପ୍ରେରଣା।

**impulsive** ବିଂ. ଆବେଗମୟ; ଆବେଗିକ ଉତ୍ତେଜନା ଅନୁସାରେ କାର୍ଯ୍ୟ କରୁଥିବା ବା କୃତ।

Digitized by srujanika@gmail.com

**impunity** ବି. ଦଣ୍ଡପ୍ରାପ୍ତିରୁ ଅବ୍ୟାହତି; ଦଣ୍ଡମୁକ୍ତି ।
**impure** ବିଂ. ଅପବିତ୍ର; ଅଶୁଚି; ଅଶୁଦ୍ଧ, ଅପମିଶ୍ରିତ; ଅସତ୍; ଦୂଷିତ; ବି. impurity.
**impute** କ୍ରି. ଆରୋପ କରିବା (ଦୋଷ, ଉଦ୍ଦେଶ୍ୟ ପ୍ରଭୃତି); ବି. imputation.
**in** 1. *ଅ.* (ସ୍ଥାନ, କାଳ, ଅବସ୍ଥାର ଅଭ୍ୟନ୍ତର ସୂଚକ)ରେ; ଭିତରେ; ମଧ୍ୟରେ (in Orissa, in bed; in the night, in 1942, in politics, etc.); 2. କ୍ରି.ବିଂ. ମଧ୍ୟକୁ, ଭିତରକୁ, ମଧ୍ୟରେ (come in); ଚଳନ୍ତିସୂଚକ (narrow ties are in) 3. ବିଂ. ଆଭ୍ୟନ୍ତରୀଣ; ଅନ୍ତର୍ଗତ, ଚଳନ୍ତି (the in thing to do); in all ସର୍ବମୋଟ; ins and outs ବିଶଦ ଭାବରେ ସମସ୍ତ ବିଷୟ; in that କାରଣ; ଯେହେତୁ ।
**in–**[1] ପୂ.ପ୍ର. (b,m,p ପୂର୍ବରୁ im–; n ପୂର୍ବରୁ in–; l ପୂର୍ବରୁ il–; r ପୂର୍ବରୁ ir–); ଉପରେ; ଆଡ଼କୁ; ମଧ୍ୟରେ ଆଦି ଅର୍ଥରେ ପ୍ରଯୁକ୍ତ; ଉଦା. insight, induce, etc.
**in–**[2] ପୂ.ପ. (b,m,p ପୂର୍ବରୁ im- ପ୍ରଭୃତି ଉପର୍ଯ୍ୟୁକ୍ତ in[1] ନିୟମ ଦ୍ର.) ବିପରୀତାର୍ଥ ବୋଧକ; ଉଦା. incorrect; ନିମ୍ନରେ ଦିଆଯାଇଥିବା କୋଡ଼ୋଟି in– ପ୍ରତ୍ୟୟାନ୍ତ ଶବ୍ଦ ଗୁଡ଼ିକ ବିପରୀତାର୍ଥବୋଧକ; ଏଗୁଡ଼ିକର ତଥା ଏଥିରୁ ନିଷ୍ପନ୍ନ ଶବ୍ଦମାନଙ୍କର ଅର୍ଥ ସକାଶେ ମୂଳ ଶବ୍ଦଗୁଡିକ ଦ୍ରଷ୍ଟବ୍ୟ:
**in.** *ସଂକ୍ଷି.* inch(es) ଇଞ୍ଚ ।
**In** *ପ୍ର.* indium ଇଣ୍ଡିୟମ୍ ।
**inability** ବି. ଅସାମର୍ଥ୍ୟ; ଶକ୍ତିହୀନ ବା ସାମର୍ଥ୍ୟହୀନ ଅବସ୍ଥା ।
***in absentia*** କ୍ରି.ବିଂ. (କାହାର) ଅନୁପସ୍ଥିତିରେ । *(ଲା.)*
**inaccessible** 1. ବିଂ. ଅନଧିଗମ୍ୟ, ଦୁର୍ଗମ, ଅଗମ୍ୟ, ଦୁଷ୍ପ୍ରାପ୍ୟ; 2. ବି. ଯେଉଁ ବ୍ୟକ୍ତିଙ୍କୁ ଅନୁରୋଧ ବା ସାକ୍ଷାତ କରିହେବ ନାହିଁ; ବି. inaccessibility; କ୍ରି.ବିଂ. inaccessibly.
**inaccurate** ବିଂ. ଭ୍ରମଯୁକ୍ତ; ସଠିକ ନୁହେଁ; ଭୁଲ; ଭ୍ରାନ୍ତ; ବି. inaccuracy; କ୍ରି.ବିଂ. inaccurately.
**inaction** ବି. କର୍ମହୀନ ବା ଅ-ତତ୍ପର ଅବସ୍ଥା; ନିଷ୍କ୍ରିୟତା ।
**inactive** ବିଂ. କାର୍ଯ୍ୟଶକ୍ତିହୀନ, କର୍ମପ୍ରବୃତ୍ତିହୀନ; ମାନ୍ଦା; ବି. inactivity.
**inadequate** ବିଂ. ଅଯଥେଷ୍ଟ; ଅପର୍ଯ୍ୟାପ୍ତ; ଅପ୍ରଚୁର; ସ୍ୱଳ୍ପ; ବି. inadequacy; କ୍ରି.ବିଂ. inadequately.
**inadvertent** ବିଂ. ଅନିଚ୍ଛାକୃତ, ଅମନୋଯୋଗୀ; ଅବହେଳାକୃତ; ବି. inadvertence; inadvertency; କ୍ରି.ବିଂ. inadvertently.
**inamorato** ବି. *ସାହି ସ୍ତ୍ରୀ.* inamorata ପ୍ରେମୀ; ପ୍ରେମିକ ।
**inane** ବିଂ. ନିରର୍ଥକ, ନିର୍ବୋଧ; ଶୂନ୍ୟ, ଫମ୍ପା; କ୍ରି.ବିଂ. inanely; ବି. inanity.

---

| | | |
|---|---|---|
| **inability** | **inconsonant** | **inexactitude** |
| **inadmissible** | **incurious** | **inexhaustible** |
| **inadvisable** | **indecipherable** | **inexpedient** |
| **inalienable** | **indecorous** | **inexpressive** |
| **inapplicable** | **indefinable** | **inextinguishable** |
| **inapposite** | **indiscernible** | **infertile** |
| **inappreciative** | **indisputable** | **infrequent** |
| **inapprehensible** | **indistinguishable** | **inharmonious** |
| **inappropriate** | **ineffaceable** | **inopportune** |
| **inartistic** | **inefficacious** | **insanitary** |
| **incautious** | **inelastic** | **insentient** |
| **incertitude** | **inelegant** | **insensitive** |
| **incombustible** | **inequitable** | **insufficient** |
| **incommunicable** | **ineradicable** | **insurmountable** |
| **incommunicative** | **inexact** | **insusceptible** |

Digitized by srujanika@gmail.com

**inanimate** ବି°. ନିର୍ଜୀବ, ଜଡ଼, ଅଚେତନ, ନିଷ୍ପ୍ରାଣ; ବି. inanimation.
**inanition** ବି. ଶୂନ୍ୟତା; ପୁଷ୍ଟିହୀନତା ।
**inapplicable** ବି°. ଅପ୍ରାସଂଗିକ; ଅବାନ୍ତର; ଅପ୍ରଯୋଜ୍ୟ; ବି. inapplicablity.
**inapt** ବି°. ଅପଟୁ; ଅନଭ୍ୟସ୍ତ; ଅନୁପଯୋଗୀ; ବି. inaptitude.
**inarticulate** ବି°. ନିଜକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବାକୁ ଅସମର୍ଥ; ଅସ୍ପଷ୍ଟ; ମୂକ; *ପ୍ରାଣୀ* ଅଗ୍ରନ୍ଥିଳ ।
**inasmuch** କ୍ରି.ବି°. (inasmuch as ରେ) କାରଣ; ଯେହେତୁ ।
**inattentive** ବି°. ଅନ୍ୟମନସ୍କ, ଅମନୋଯୋଗୀ; ସୌଜନ୍ୟରହିତ; ବି. inattention; କ୍ରି.ବି°. inattentively.
**inaudible** ବି°. ଶୁଣାଯାଉ ନଥିବା; ଶୁଭୁ ନଥିବା (ସ୍ୱର ବା ଶବ୍ଦ); କ୍ରି.ବି°. inaudibly.
**inaugural** 1. ବି°. ଉଦ୍‌ଘାଟନ ସମ୍ବନ୍ଧୀୟ, ପ୍ରାରମ୍ଭିକ; 2. ବି. ଉଦ୍‌ଘାଟନୀ ଭାଷଣ ।
**inaugurate** କ୍ରି. ଉଦ୍‌ଘାଟନ କରିବା, ଆରମ୍ଭ କରିବା, ସର୍ବସାଧାରଣ ନିମିତ୍ତ ଉନ୍ମୋଚନ କରିବା; ପରିଚିତ କରାଇବା; ବି. inauguration; inaugurator.
**inauspicious** ବି°. ଅଶୁଭ; ଅମଙ୍ଗଳସୂଚକ; କ୍ରି.ବି°. inauspiciously.
**in–between** *ଗୁଣ.* ବି°. *କ.ଭା.* ମାଧ୍ୟମିକ ।
**inboard** 1. କ୍ରି.ବି°. କେନ୍ଦ୍ରସ୍ଥଳ ଆଡ଼କୁ ବା ପାର୍ଶ୍ୱବର୍ତ୍ତୀ ଦିଗକୁ (ଜାହାଜ, ଉଡ଼ାଜାହାଜ ବା କୌଣସି ଯାନର); 2. ବି°. ମଧ୍ୟସ୍ଥ; ଅଭ୍ୟନ୍ତରସ୍ଥ; ପାର୍ଶ୍ୱସ୍ଥ ।
**inborn** ବି°. ଜନ୍ମଗତ, ସହଜାତ; ସ୍ୱାଭାବିକ; ପ୍ରାକୃତିକ; ଉପାର୍ଜନଗତ ।
**inbred** ବି°. ସ୍ୱହଜାତ; (ସମଶ୍ରେଣୀୟ ପ୍ରାଣୀମାନଙ୍କ ସଙ୍ଗମଦ୍ୱାରା) ପ୍ରଜାତ ।
**inbreeding** ବି. ନିକଟବର୍ତ୍ତୀ ବା ସମଶ୍ରେଣୀୟ ପ୍ରାଣୀମାନଙ୍କ ସଂଗମରେ ପ୍ରଜନନ; କ୍ରି. inbreed.
**inbuilt** ବି°. ଅନ୍ତର୍ନିର୍ମିତ ।
**Inc.** ସଂଶ. *ଆମେ.* Incorporated ନିଗମିତ, ମିଳିତ ।
**Inca** ବି. ସ୍ପେନୀୟ ଅଧିକାର ପ୍ରାକ୍‌କାଳୀନ ପେରୁ ଅଧିବାସୀ ।

**incalculable** ବି°. ଅଗଣନୀୟ; ଅପରିମିତ; ଅନିର୍ଦ୍ଦିଷ୍ଟ; ବି. incalculability; କ୍ରି.ବି°. incalculably.
**incandesce** କ୍ରି. ତାପୋଜ୍ଜ୍ୱଳ ହେବା ।
**incandescent** ବି°. ତାପୋଜ୍ଜ୍ୱଳ, ଉଜ୍ଜ୍ୱଳ, ତାପଦୀପ୍ତ; ବି. incandescence.
**incantation** ବି. ମନ୍ତ୍ର; ମନ୍ତ୍ରୋଚ୍ଚାରଣ; ମନ୍ତ୍ର ପ୍ରୟୋଗ; କୁହୁକ ।
**incapable** ବି°. ଅସମର୍ଥ, ଅପାରଗ; ଅତ୍ୟଧିକ ସାଧୁତା ହେତୁ କୌଣସି କାର୍ଯ୍ୟ କରିବାକୁ ଅଯୋଗ୍ୟ; ସଂଗତ ଚିନ୍ତା ବା କାର୍ଯ୍ୟରେ ଅସମର୍ଥ; ବି. incapability; କ୍ରି.ବି°. incapably.
**incapacitate** କ୍ରି. ଅକ୍ଷମ କରିବା, ଅସମର୍ଥ କରିବା, ଅଯୋଗ୍ୟ କରିବା ।
**incapacity** ବି. ଅକ୍ଷମତା, ଅଯୋଗ୍ୟତା, ଶକ୍ତିହୀନତା; ଆଇନଗତ ଅଯୋଗ୍ୟତା ।
**incarcerate** କ୍ରି. ବନ୍ଦୀ ବା କାରାରୁଦ୍ଧ କରିବା ।
**incarceration** ବି. କାରାବାସ ।
**incarnate** 1. ବି°. ସଶରୀରରେ ଆବିର୍ଭୂତ; 2. କ୍ରି. ସ୍ଥୂଳ ଦେହଧରି ଆବିର୍ଭୂତ ହେବା; ମୂର୍ତ୍ତ କରିବା; ମୂର୍ତ୍ତିମନ୍ତରୂପ ଦେବା; ଅବତାର ଗ୍ରହଣ କରିବା ।
**incarnation** ବି. ଅବତାର; ସଶରୀରେ ଆବିର୍ଭାବ; ମୂର୍ତ୍ତିମନ୍ତ ରୂପ ।
**incendiarism** ବି. ଗୃହଦାହ ।
**incendiary** 1. ବି°. ଆଗ୍ନେୟାସ୍ତ୍ର ପରିପୂର୍ଣ୍ଣ; ଦାହକ, ଦଗ୍ଧକାରୀ; 2. ବି. ଦାହକ ବୋମା; ଦଗ୍ଧକାରୀ ବ୍ୟକ୍ତି ।
**incense**[1] 1. ବି. ଧୂପ, ଝୁଣା, ଅଗୁରୁ, ସୌରଭ; 2. କ୍ରି. ଧୂପଦେବା; ସୁଗନ୍ଧିତ କରିବା ।
**incense**[2] କ୍ରି. କ୍ରୋଧାନ୍ୱିତ କରିବା, ରଗେଇବା ।
**incentive** 1. ବି. ପ୍ରେରଣା; ପଇସାପତ୍ର ବା ସୁବିଧା ଦେଇ ଉତ୍ସାହ ପ୍ରଦାନ; ଉଦ୍ଦୀପନା; 2. ବି°. ଅନୁପ୍ରେରକ; ଉତ୍ସାହପ୍ରଦ, ଉଦ୍ଦୀପକ ।
**inception** ବି. ଆରମ୍ଭ, ପ୍ରାରମ୍ଭ; ସୂତ୍ରପାତ ।
**inceptive** ବି°. ଆରବ୍ଧ; ପ୍ରାରମ୍ଭିକ; କାର୍ଯ୍ୟାରମ୍ଭର ସୂଚକ ।
**incessant** ବି°. ଅନବରତ, ଅବିଚ୍ଛିନ୍ନ; ଅବିଶ୍ରାନ୍ତ; କ୍ରି.ବି°. incessantly.
**incest** ବି. ନିଷିଦ୍ଧ ଯୌନସଂପର୍କ; ନିକଟ ସମ୍ପର୍କୀୟ ସହ ଯୌନ ସଂଗମ ।

Digitized by srujanika@gmail.com

**incestuous** ବିଂ. ନିଷିଦ୍ଧ ସଂଗମକାରୀ; ନିକଟ ସମ୍ପର୍କୀୟ ସହ ଯୌନକାମୀ ।

**inch** 1. ବି. ଏକଫୁଟର ଏକଦ୍ୱାଦଶାଂଶ (2.54 ସେ.ମି.); ସାମାନ୍ୟ ପରିମାଣ; 2. କ୍ରି. ଧୀରେ ଧୀରେ ଆଗେଇବା; every inch ସଂପୂର୍ଣ୍ଣ ରୂପେ; within an inch of ସନ୍ନିକଟ; ଖୁବ୍ ପାଖରେ ।

**inchoate** ବିଂ. ଅପୁଷ୍ଟ; ଆରମ୍ଭମାତ୍ର; ଅବିକଶିତ; ବି. inchoation.

**incidence** ବି. ଦୈବଯୋଗ; ଆଘାତ; ଆପତନ (ଆଲୋକ ରଶ୍ମି); କର ଭାର ।

**incident** 1. ବି. ଘଟଣା, ଆକସ୍ମିକ ବ୍ୟାପାର; (ଉପନ୍ୟାସ ବା ନାଟକୀୟ) ବିଶେଷ ଘଟଣା ବା ଆଖ୍ୟାନ; ସଂଘର୍ଷ (ସୈନ୍ୟବଳର); 2. ବିଂ. ସଂଘଟନଶୀଳ; ଆପତନଯୋଗ୍ୟ (ରଶ୍ମି) ।

**incidental** ବିଂ. ଅପ୍ରଧାନ, ଗୁରୁତ୍ୱହୀନ, ସାଧାରଣ ।

**incidental music** ବି. ନାଟକର ଦୁଇ ଦୃଶ୍ୟ ମଧ୍ୟବର୍ତ୍ତୀ ସଂଗୀତ ବାଦ୍ୟାଦି; ଚଳଚ୍ଚିତ୍ର ପ୍ରଭୃତିର ପୃଷ୍ଠଭୂମି ସଙ୍ଗୀତ ।

**incidentally** କ୍ରି.ବିଂ. ଅସଂଲଗ୍ନ ବକ୍ତବ୍ୟ ରୂପରେ; ପ୍ରସଙ୍ଗତଃ ।

**incinerate** କ୍ରି. ଭସ୍ମୀଭୂତ କରିବା ବା ହେବା; ବି. incineration.

**incinerator** ବି. (ଆବର୍ଜ୍ଜନା ଆଦି) ଦାହକାରୀ ଚୁଲା ବା ଫର୍ଣ୍ଣେସ୍ ।

**incipient** 1. ବିଂ. ପ୍ରାରମ୍ଭିକ; ପ୍ରାଥମିକ ଅବସ୍ଥାରେ; 2. ବି. ପ୍ରାରମ୍ଭିକ ଅବସ୍ଥା ।

**incise** କ୍ରି. ଖୋଦାଇ କରିବା; ସୂକ୍ଷ୍ମ ଅସ୍ତ୍ରଦ୍ୱାରା ଛେଦନ କରିବା ବା କାଟିବା ।

**incision** ବି. ଅସ୍ତ୍ରୋପଚାର ବା ତାହାର କ୍ଷତ; କଟାଦାଗ ।

**incisive** ବିଂ. ତୀକ୍ଷ୍ଣ; ଧାରୁଆ; ସ୍ପଷ୍ଟ ଏବଂ ପ୍ରଭାବପୂର୍ଣ୍ଣ ।

**incisor** ବି. କର୍ତ୍ତନ ଦନ୍ତ ବା ଛାମୁଦାନ୍ତ; କର୍ତ୍ତନକାରୀ ।

**incite** କ୍ରି. ଉତ୍ତେଜିତ କରିବା; ଉସୁକେଇବା; ବି. incitement.

**incivility** ବି. ଅଭଦ୍ରତା; ଅଶିଷ୍ଟାଚାର ।

**inclement** ବିଂ. ଦୁର୍ଦ୍ଦିନ; ମେଘୁଆ ବା ବତାସିଆ (ପାଗ); କଠୋର; ବି. inclemency.

**inclination** ବି. ପ୍ରବଣତା, ପ୍ରବୃତ୍ତି; ସ୍ୱାଭାବିକ ଅନୁରାଗ, ସ୍ନେହ; ଗଡାଣିଆ ସ୍ଥାନ; ବଙ୍କା ବା ଢାଲୁ ରେଖା ।

**incline** କ୍ରି. ଢଳିବା; ପକ୍ଷଗ୍ରହଣ କରିବା; ଆକୃଷ୍ଟ ହେବା; ଢ଼ାଲୁ ବା ଗଡ଼ାଣିଆ ହେବା; ନତ ହେବା ।

**include** କ୍ରି. ଅନ୍ତର୍ଭୁକ୍ତ କରିବା, ଶ୍ରେଣୀଭୁକ୍ତ କରିବା; ବି. inclusion.

**inclusive** ବିଂ. ଅର୍ନ୍ତଭୁକ୍ତ; ସମେତ, ଉଦା. pages 7 and 27 inclusive ୭ମ ଓ ୨୭ତମ ପୃଷ୍ଠା ସହିତ; କ୍ରି.ବିଂ. inclusively; ବି. inclusiveness.

**incognito** 1. କ୍ରି.ବିଂ. ଛଦ୍ମନାମରେ, ଛଦ୍ମବେଶରେ, ଅଜ୍ଞାତଭାବରେ; 2. ବିଂ. ଗୁପ୍ତ; ଛଦ୍ମନାମଧାରୀ, ପରିଚୟ ଗୋପନକାରୀ ।

**incognizant** ବିଂ. ଅସଚେତନ; ଅଜ୍ଞାନ; ବି. incognizance.

**incoherent** ବିଂ. ଅବୋଧ; ଅସଂଲଗ୍ନ, ଖାପଛଡ଼ା, ଅସଂହତ; ଅସ୍ପଷ୍ଟ; ବି. incoherence; କ୍ରି.ବିଂ. incoherently.

**incombustible** ବିଂ. ଅଦାହ୍ୟ; ଅଦହନୀୟ ।

**income** ବି. ଆୟ; ବୃତ୍ତି ପ୍ରଭୃତିରୁ ସାମୟିକ ବା ବାର୍ଷିକ ପ୍ରାପ୍ତ ଅର୍ଥ ।

**income tax** ବି. ଆୟକର ।

**incoming** 1. ବି. ଆଗନ୍ତୁକ, ଆସୁଥିବା, ପରବର୍ତ୍ତୀ; (incoming officer) 2. ବି. *ସା.* ବ.ବ.ରେ ଆୟ, କର, ରାଜସ୍ୱ ।

**incommensurable** ବିଂ. ଅନୁପାତବିହୀନ; ଅପ୍ରମେୟ; ବି. incommensurability.

**incommensurate** ବିଂ.ଅସମତୁଲ; ଅପ୍ରଚୁର; ପ୍ରୟୋଜନଠାରୁ ଊଣା ।

**incommode** ସ.କ୍ରି. ଅସୁବିଧା କରିବା; ବିରକ୍ତ କରିବା; ବାଧା ଜନ୍ମାଇବା ।

**incommodious** ବିଂ. ଅସୁବିଧାକାରକ; ସ୍ୱଚ୍ଛନ୍ଦତା ତୁଳନାରେ କ୍ଷୁଦ୍ର ।

**incommunicado** ବିଂ. ନିର୍ଜନ କାରାରୁଦ୍ଧ; ଯୋଗାଯୋଗବିହୀନ, ସଂପର୍କଛିନ୍ନ ।

**incomparable** ବିଂ. ଅତୁଳନୀୟ, ଅନୁପମ, ଅପ୍ରମେୟ, ଅଦ୍ୱିତୀୟ; ବି. incomparability; କ୍ରି.ବିଂ. incomparably.

Digitized by srujanika@gmail.com

**incompatible** ବିଂ. ବିପରୀତ; ଅସମଞ୍ଜସ; ଅସଂଯୋଜ୍ୟ; ବିଂ. incompatibility; କ୍ରି.ବିଂ. incompatibly.

**incompetent** 1. ବିଂ. ଆବଶ୍ୟକ ଯୋଗ୍ୟତାବିହୀନ; ଅସମର୍ଥ, ଅକ୍ଷମ; ଅନୁପଯୁକ୍ତ; 2. ବି. ଅଯୋଗ୍ୟ ବ୍ୟକ୍ତି; ବି. incompetence.

**incomplete** ବିଂ. ଅସଂପୂର୍ଣ୍ଣ।

**incomprehensible** ବିଂ. ଅବୋଧଗମ୍ୟ; ବୁଝିହେଉନଥିବା; ଅବୋଧ।

**incomprehension** ବି. ଅବବୋଧହୀନତା।

**inconceivable** ବିଂ. ଅଚିନ୍ତ୍ୟ, ଅଭାବନୀୟ; କ.ଭା. ଧାରଣାତୀତ, କଳ୍ପନାତୀତ; କ୍ରି.ବିଂ. inconceivably.

**inconclusive** ବିଂ. ଅନିର୍ଣ୍ଣୀତ; ଅମୀମାଂସିତ; ଅନିଷ୍ପନ୍ନ।

**incongruous** ବିଂ. ଅସଙ୍ଗତ, ଅସମ୍ବନ୍ଧ, ଯଥାକ୍ଷେତ୍ରରେ ଅନୁପଯୋଗୀ; ବି. incongruity; କ୍ରି.ବିଂ. incongruously.

**inconsequent** ବିଂ. ଅସଙ୍ଗତ, ଅସଂବଦ୍ଧ; ଅସଂଲଗ୍ନ; ଅଯୌକ୍ତିକ; ଅପ୍ରାସଙ୍ଗିକ; ବି. inconsequence.

**inconsequential** ବିଂ. ଅପ୍ରଧାନ; ଗୁରୁତ୍ୱହୀନ; କ୍ରି.ବିଂ. inconsequentially.

**inconsiderable** ବିଂ. ବିବେଚନାର ଅଯୋଗ୍ୟ; ନଗଣ୍ୟ, ଅତି ସାମାନ୍ୟ; କ୍ରି.ବିଂ. inconsiderably.

**inconsiderate** ବିଂ. (ବ୍ୟକ୍ତି ବା କାର୍ଯ୍ୟ ସମ୍ପର୍କରେ) ସହାନୁଭୂତିହୀନ, ବିବେଚନାହୀନ, ଅବିମୃଷ୍ୟକାରୀ, ଅବିବେକୀ; କ୍ରି.ବିଂ. inconsiderately; ବି. inconsiderateness.

**inconsistent** ବିଂ. ଅସମଞ୍ଜସ, ପରସ୍ପର ବିରୁଦ୍ଧ; କଥା ଓ କାର୍ଯ୍ୟରେ ମେଳ ନ ଥିବା; ବି. inconsistency; କ୍ରି.ବିଂ. inconsistently.

**inconsolable** ବିଂ. (ବ୍ୟକ୍ତି, ଶୋକ ପ୍ରଭୃତି ସମ୍ପର୍କରେ) ସାନ୍ତ୍ୱନାର ଅତୀତ; କ୍ରି.ବିଂ. inconsolably.

**inconspicuous** ବିଂ. ସହଜରେ ଆଖିରେ ପଡୁନଥିବା; କ୍ରି.ବିଂ. inconspicuously; ବି. inconspicuousness.

**inconstant** ବିଂ. ଚଞ୍ଚଳଚିତ୍ତ, ଅସ୍ଥିରଚିତ୍ତ, ଚଞ୍ଚଳ, ଚପଳ; ପରିବର୍ତ୍ତନଶୀଳ; ବି. inconstancy.

**incontestable** ବିଂ. ନିର୍ବିବାଦ୍ୟ, ଅବିସଂବାଦୀ; ଅକାଟ୍ୟ; ଅଖଣ୍ଡନୀୟ; କ୍ରି.ବିଂ. incontestably.

**incontinent** ବିଂ. (ଝାଡ଼ା, ପରିସ୍ରାର) ବେଗଧାରଣରେ ଅକ୍ଷମ; ଅସଂଯମିତ; କାମନା ସଂଯମରେ ଅକ୍ଷମ; ବ୍ୟଭିଚାରୀ; କାମାସକ୍ତ; ବି. incontinence.

**incontrovertible** ବିଂ. ବିବାଦହୀନ; ଅନସ୍ୱୀକାର୍ଯ୍ୟ; କ୍ରି.ବିଂ. incontrovertibly.

**inconvenience** 1. ବି. ଅସୁବିଧା; କ୍ଳେଶ; 2. କ୍ରି. ଅସୁବିଧା ସୃଷ୍ଟି କରିବା, କ୍ଳେଶକର ପରିସ୍ଥିତି ସୃଷ୍ଟି କରିବା।

**inconvenient** ବିଂ. ଅସୁବିଧାଜନକ, କ୍ଳେଶକର; କଷ୍ଟକର, ଅଖାତୁଆ; କ୍ରି.ବିଂ. inconveniently.

**incorporate** 1. କ୍ରି. ଅନ୍ତର୍ଭୁକ୍ତ କରିବା, ସାମିଲ କରିବା; ନିଗମ ଅନ୍ତର୍ଭୁକ୍ତ କରିବା; କୌଣସି ସଂସ୍ଥା ସହ ସାମିଲ କରିବା; 2. incorporated ବିଂ. ନିଗମିତ, ଅନ୍ତର୍ଭୁକ୍ତ, ମିଳିତ।

**incorporation** ବି. ମିଶ୍ରଣ; ସଂଯୋଗୀକରଣ।

**incorporeal** ବିଂ. ଅଶରୀରୀ; ଅମୂର୍ତ୍ତ; ଅବାସ୍ତବ; ଅଭୌତିକ; ବି. incorporeally; କ୍ରି.ବିଂ. incorporeity.

**incorrect** ବିଂ. ଭୁଲ; ଅଶୁଦ୍ଧ; ଯାହା ଠିକ୍ ନୁହେଁ; କ୍ରି.ବିଂ. incorrectly.

**incorrigible** ବିଂ. (ବ୍ୟକ୍ତି ବା ଅଭ୍ୟାସ) ସଂଶୋଧନର ଅତୀତ, ଅସଂଶୋଧନୀୟ; ବି. incorrigibility; କ୍ରି.ବିଂ. incorrigibly.

**incorruptible** ବିଂ. ଦୁର୍ନୀତିରହିତ; ଯେଉଁ ବ୍ୟକ୍ତିକୁ ଚେଷ୍ଟାକରି ମଧ୍ୟ ନୀତିଭ୍ରଷ୍ଟ କରି ହେବ ନାହିଁ; ଅବକ୍ଷୟ ବିହୀନ; ବି. incorruptibility; କ୍ରି.ବିଂ. incorruptibly.

**increase** 1. କ୍ରି. ବୃଦ୍ଧି କରିବା, ବଢ଼ାଇବା; ଅଗ୍ରଗତି କରିବା; 2. ବି. ବୃଦ୍ଧି; (ପ୍ରାଣୀ, ଉଦ୍ଭିଦ ଆଦିର) ସଂଖ୍ୟାବୃଦ୍ଧି; ବୃଦ୍ଧିର ପରିମାଣ; on the increase ବଢୁଥିବା; ବର୍ଦ୍ଧିଷ୍ଣୁ।

**increasingly** କ୍ରି.ବିଂ. ଅଧିକରୁ ଅଧିକ।

**incredible** ବିଂ. ଅବିଶ୍ୱାସ୍ୟ; ଯାହା ବିଶ୍ୱାସ କରି ହୁଏ ନାହିଁ; କ.ଭା. ଆଶ୍ଚର୍ଯ୍ୟଜନକ; ଅତି ଭଲ; ବି. incredibility; କ୍ରି.ବିଂ. incredibly.

**incredulous** ବିଂ. ଅବିଶ୍ୱାସୀ, ସନ୍ଦିଗ୍ଧଚିତ୍ତ; ବି. incredulity; କ୍ରି.ବିଂ. incredulously.

Digitized by srujanika@gmail.com

**increment** ବି. ଦରମା ବୃଦ୍ଧି ବା ତା'ର ପରିମାଣ; ବର୍ଦ୍ଧିତ ଅର୍ଥ; ବିଂ. incremental.

**incriminate** କ୍ରି. ଅପରାଧରେ ଅଭିଯୁକ୍ତ କରିବା; ଦୋଷାରୋପ କରିବା; ବି. incrimination; ବିଂ. incriminatory.

**incrustation** ବି. କଠିନ ଆସ୍ତରଣ, ଶକ୍ତ ଆବରଣ; ବହିରାବରଣ।

**incubate** କ୍ରି. ଡିମ୍ବ ଫୁଟାଇବା; କୃତ୍ରିମ ଉତ୍ତାପ-ଦ୍ୱାରା ଡିମ୍ବ ଉଷୁମେଇବା; ବହିର୍ଲକ୍ଷଣ ପ୍ରକାଶ ପୂର୍ବରୁ (ରୋଗ ଜୀବାଣୁ ପ୍ରଭୃତିର) ବୃଦ୍ଧି ଘଟିବା।

**incubation** ବି. ଯନ୍ତ୍ରଦ୍ୱାରା ଡିମ୍ବ ଉଷ୍ମକରଣ; ଉତ୍ତାପଦାନ; ରୋଗସଂକ୍ରମଣ ଏବଂ ପ୍ରଥମ ଲକ୍ଷଣ ପ୍ରକାଶ ମଧ୍ୟବର୍ତ୍ତୀ ଅବଧି।

**incubator** ବି. ଉତ୍ତାପ ସଂରକ୍ଷଣ ଦ୍ୱାରା ଡିମ୍ବ ସ୍ଫୁଟନ ତଥା ଯଥାସମୟ ପୂର୍ବରୁ ଜନ୍ମିତ ଶିଶୁର ଲାଳନ ନିମିତ୍ତ ବ୍ୟବହୃତ ଯନ୍ତ୍ର।

**incubus** ବି. ଅତ୍ୟାଚାରୀ ବ୍ୟକ୍ତି ବା ଅହିତକାରକ ଦ୍ରବ୍ୟ; ସୁପ୍ତ ନାରୀଙ୍କୁ ଯୌନ ସମ୍ଭୋଗ କରୁଥିବା (କିମ୍ବଦନ୍ତୀର) ଦାନବ; ସୁପ୍ତବ୍ୟକ୍ତିଙ୍କୁ ଅଭିଭୂତକାରୀ ପ୍ରେତାତ୍ମା; ଦୁଃସ୍ୱପ୍ନ।

**inculcate** କ୍ରି. ଅବିରାମ ଚେଷ୍ଟାଦ୍ୱାରା ଅନ୍ୟ ମଧ୍ୟରେ ଭାବ ବା ଅଭ୍ୟାସର ଅନୁପ୍ରବେଶ କରାଇବା; ସଞ୍ଚାରିତ କରାଇବା; ବି. inculcation.

**inculpate** କ୍ରି. ନିନ୍ଦା ଆରୋପ କରିବା; ଅଭିଯୋଗ କରିବା, ଦୋଷାରୋପ କରିବା; ବି. inculpation; ବିଂ. inculpatory.

**incumbency** ବି. ପଦାଧିକାରକାଳ; କର୍ମଚାରୀର କୌଣସି ପଦରେ ରହିଥିବା ସମୟ।

**incumbent** ବିଂ. ପଦାଧିକାରୀ; ନ୍ୟସ୍ତ (ଦାୟିତ୍ୱ); ଅବଶ୍ୟକର୍ତ୍ତବ୍ୟ; ଶାୟିତ ବା ଆଉଜି ଥିବା (ଅବସ୍ଥା)।

**incur** କ୍ରି. ବିପଦ, ନିନ୍ଦା ବା କ୍ଷତିର ବୋଝ ନିଜ ଉପରକୁ ଆଣିବା, ଭାଜନ ହେବା।

**incurable** ବିଂ. ଅଚିକିତ୍ସ୍ୟ; ଦୁରାରୋଗ୍ୟ; ଅସଂଶୋଧ୍ୟ; ବି. incurability; କ୍ରି.ବିଂ. incurably.

**incursion** ବି. (ଆକସ୍ମିକ, କ୍ଷଣସ୍ଥାୟୀ) ଆକ୍ରମଣ, ସହସା ଉପଦ୍ରବ; ବିଂ. incursive.

**incurve** କ୍ରି. ବଙ୍କେଇବା; incurved ବିଂ ଭିତର ଆଡ଼କୁ ବଙ୍କେଇଥିବା; ବି. incurvation.

**indebted** ବିଂ. ଋଣୀ, ବାଧିତ, ଉପକୃତ; ବି. indebtedness.

**indecent** ବିଂ. ଅସୁନ୍ଦର, ଅଶୋଭନ; ଅପମାନକର; ଅଭଦ୍ର, ଅଶ୍ଳୀଳ, ଅଶାଳୀନ; ବି. indecency; କ୍ରି.ବିଂ. indecently.

**indecent assault** ବି. ଯୌନ ଆକ୍ରମଣ ବା ଅତ୍ୟାଚାର (ଧର୍ଷଣ ନୁହେଁ)।

**indecent exposure** ବି. ସର୍ବସାଧାରଣ ସ୍ଥାନରେ ଯୌନାଙ୍ଗ ପ୍ରଦର୍ଶନ।

**indecision** ବି. ଅନିଶ୍ଚୟତା, ଅସ୍ଥିରତା, ସନ୍ଦିଗ୍ଧତା, ଦ୍ୱିଧା, ଅବ୍ୟବସ୍ଥିତତା; ବିଂ. indecisive; ବି. indecisiveness.

**indeclinable** ବିଂ. ବ୍ୟା. (ଶବ୍ଦର) ପ୍ରତ୍ୟୟ ନଥିବା।

**indeed** 1. କ୍ରି.ବିଂ. ବାସ୍ତବିକ, ବସ୍ତୁତଃ, ପ୍ରକୃତରେ, ଯଥାର୍ଥରେ; 2. *ଅବ.* ସତେ ! ନିଶ୍ଚୟ ! (ଆଶ୍ଚର୍ଯ୍ୟବୋଧକ ଅବ୍ୟୟ)।

**indefatigable** ବିଂ. ଅକ୍ଳାନ୍ତ, ଶ୍ରମକାତରତାହୀନ; କ୍ଳାନ୍ତିହୀନ; କ୍ରି.ବିଂ. indefatigably.

**indefeasible** ବିଂ. (ଅଧିକାର ସମ୍ପର୍କରେ) ଅକାଟ୍ୟ, ଅଖଣ୍ଡନୀୟ, ଯାହାକୁ ବ୍ୟର୍ଥ ବା ବ୍ୟାଜ୍ୟାପ୍ତ କରାଯାଇ ନ ପାରେ; କ୍ରି.ବିଂ. indefeasibly.

**indefensible** ବିଂ. ଅସମର୍ଥନୀୟ; ଅଯୌକ୍ତିକ, ସମର୍ଥନର ଅଯୋଗ୍ୟ; ବି. indefensibility; କ୍ରି.ବିଂ. indefensibly.

**indefinite** ବିଂ. ଅସୀମ; ଅସ୍ପଷ୍ଟ; ଅନିର୍ଦ୍ଦିଷ୍ଟ।

**indefinite article** ବି. *ବ୍ୟା.* (ବିଶେଷ୍ୟ ପୂର୍ବରୁ ବ୍ୟବହୃତ) ଗୋଟିଏ ବା ଯେ କୌଣସି ସୂଚକ ଶବ୍ଦ (a/an).

**indefinitely** କ୍ରି.ବିଂ. ଅନିର୍ଦ୍ଦିଷ୍ଟ ଭାବରେ; ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ।

**indelible** ବିଂ. ଅଲିଭା, ଦୁରପନେୟ, ଅମୋଚ୍ୟ; କ୍ରି.ବିଂ. indelibly.

**indelicate** ବିଂ. ଶିଷ୍ଟାଚାରବିରୁଦ୍ଧ, ଅସଂସ୍କୃତ, ଅଶ୍ଳୀଳ, ଅଭଦ୍ର, ଅକୁଶଳୀ; ବି. indelicacy; କ୍ରି.ବିଂ. indelicately.

**indemnify** କ୍ରି. କ୍ଷତି ପୂରଣ କରିବା; ଜୋରିମାନା ଛାଡ଼ କରିବା; ଦଣ୍ଡ ବା ଶାସ୍ତିରୁ ନିରାପତ୍ତା ବା ରିହାତି ଦେବା; ବି. indemnification.

Digitized by srujanika@gmail.com

**indemnity** ବି. କ୍ଷତି ବା ଦଣ୍ଡରୁ ଅବ୍ୟାହତି; କ୍ଷତିପୂରଣ, ଖେସାରତି ।

**indent** 1. ବି. ଦ୍ରବ୍ୟକ୍ରୟ ନିମିତ୍ତ ଆଦେଶ ପତ୍ର; (ମୁଦ୍ରଣରେ) ପଂକ୍ତି ବା ଅନୁଚ୍ଛେଦ ଆରମ୍ଭର ସ୍ଥାନ; 2. କ୍ରି. ବ୍ୟକ୍ତି ବା ଦ୍ରବ୍ୟ ଯୋଗାଣ ନିମିତ୍ତ ଯୋଗାଣ ନିର୍ଦ୍ଦେଶ କରିବା; ଦନ୍ତୁରିତ କରିବା, ଦାନ୍ତ ଭଳି ଖାପ କରିବା; ସାଗରର ଉପକୂଳ ସୀମାରେ ଗଭୀର ବକ୍ରାଞ୍ଚଳ ସୃଷ୍ଟି କରିବା; ବଙ୍କେଇ ବଙ୍କେଇ ଯିବା; (ମୁଦ୍ରଣ) ମାର୍ଜିନ୍‌ଠାରୁ ଅଲଗାକରି ଧାଡ଼ି ଆରମ୍ଭ କରିବା ।

**indenture** 1. ବି. ଜଉମୁଦକରା ଚୁକ୍ତିପତ୍ର; ତାଲିକା, ପ୍ରମାଣ ପତ୍ର; 2. କ୍ରି. *ଛଟି.* ଚୁକ୍ତିବଦ୍ଧ ହେବା ।

**independence** ବି. ସ୍ୱାଧୀନତା, ସ୍ୱାତନ୍ତ୍ର୍ୟ ।

**independent** 1. ବିଂ. ସ୍ୱାଧୀନ, ସ୍ୱତନ୍ତ୍ର; ସ୍ୱାୟତ୍ତ; ସାର୍ବଭୌମ; ବ୍ୟକ୍ତି ବା ଅନୁଷ୍ଠାନର କର୍ତ୍ତୃତ୍ୱରୁ ମୁକ୍ତ; 2. ବି. ନିରପେକ୍ଷ ବ୍ୟକ୍ତି; କ୍ରି.ବିଂ. independently.

**in–depth** ବିଂ. ପୁଂଖାନୁପୁଂଖ; ଗଭୀର (ଅଧ୍ୟୟନ, ଅନୁଶୀଳନ) ।

**indescribable** ବିଂ. ଅବର୍ଣ୍ଣନୀୟ, ବର୍ଣ୍ଣନାତୀତ; ଅସ୍ପଷ୍ଟ; କ୍ରି.ବିଂ. indescribably.

**indestructible** ବିଂ. ଅବିନାଶୀ, ଅକ୍ଷୟ, ଅବିଧ୍ୱଂସୀ, ଧ୍ୱଂସରହିତ; ବି. indestructibi lity; କ୍ରି.ବିଂ. indestructibly.

**indeterminable** ବିଂ. ଅନିଶ୍ଚିତ, ଅନିର୍ଦ୍ଧାରିତ; କ୍ରି.ବିଂ. indeterminably.

**indeterminate** ବିଂ. ଅନିଶ୍ଚିତ, ଅନିର୍ଦ୍ଧାରିତ, ସନ୍ଦିଗ୍ଧ; ବି. indeterminacy.

**indetermination** ବି. ନିଷ୍ପତ୍ତିର ଅଭାବ ।

**index** ବି. (ବ.ବ. indexes ବା indices) ସୂଚୀ, ବର୍ଣ୍ଣାନୁକ୍ରମିକ ବିଷୟସୂଚନା; ମୂଲ୍ୟସୂଚୀ ନିର୍ଦ୍ଧାରଣ; ଦ୍ରବ୍ୟମୂଲ୍ୟ ତାଲିକା; ନିର୍ଦ୍ଦେଶିକା; (ବୀଜ ଗଣିତ) ଘାତାଙ୍କ; 2. କ୍ରି. ସୂଚୀ ପ୍ରସ୍ତୁତ କରିବା; ନିର୍ଦ୍ଦେଶ କରିବା ।

**indexation** ବି. ମୂଲ୍ୟସୂଚୀ ଅନୁଯାୟୀ ମଜୁରୀ ପ୍ରକରଣ ।

**index finger** ବି. ତର୍ଜନୀ; ବିଣି ଆଙ୍ଗୁଠି ।

**Indiaman** ବି. *ଛଟି.* ଭାରତ ବା ସୁଦୂରପ୍ରାଚ୍ୟ ସହିତ ବାଣିଜ୍ୟରତ ଜାହାଜ ।

**Indian** 1. ବି. ଭାରତୀୟ; ଭାରତ ରାଷ୍ଟ୍ରର ନାଗରିକ; (American) Indian ଆମେରିକାର ମୂଳ ଅଧିବାସୀ; ସେମାନଙ୍କର ଭାଷା; 2. ବିଂ. ଭାରତୀୟ ବା ମୂଳ ଆମେରିକୀୟ (ଭାଷା, ବ୍ୟକ୍ତି ପ୍ରଭୃତି) ।

**Indian corn** ବି. ଭୁଟ୍ଟା, ମକା ।

**Indian ink** ବି. ଘନକୃଷ୍ଣ ସ୍ୟାହିବିଶେଷ ।

**Indian summer** ବି. ଶେଷ ଶରତକାଳୀନ ଶୁଷ୍କ, ଉଷ୍ଣ ସମୟ; *ଲାକ୍ଷ.* ଜୀବନର ଶେଷ, ଶାନ୍ତ ସମୟ ।

**indiarubber** ବି. ପେନ୍‌ସିଲ ଦାଗ ଲିଭାଇବା ପାଇଁ ବ୍ୟବହୃତ ରବର ।

**indicate** କ୍ରି. ସୂଚିତ କରିବା, ଇଙ୍ଗିତରେ ଜଣାଇବା; ସୂଚନା ଦେବା; ଜଣାଇବା; ବି. indication.

**indicative** ବିଂ. ସୂଚନାତ୍ମକ, ସୂଚନାକାରକ; ପ୍ରକାଶକ; *ବ୍ୟା.* କ୍ରିୟାର ଅବସ୍ଥା ନିର୍ଣ୍ଣାୟକ (ରୂପ ବା mood).

**indicator** ବି. ସୂଚନାକାରୀ ବ୍ୟକ୍ତି, ପଦାର୍ଥ, ବା ଉପକରଣ; ଯାନବାହନର ଦିଗ-ସୂଚକ ଯନ୍ତ୍ର ବା ବତୀ ।

**indicatory** ବିଂ. ସଂକେତ ପ୍ରଦାନକାରୀ; ସୂଚକ ।

**indices** ଦ୍ର. index.

**indict** କ୍ରି. ଆଇନତଃ ଅଭିଯୁକ୍ତ କରିବା; ଦୋଷାରୋପ କରିବା ।

**indictable** ବିଂ. ଆଇନ ଅନୁଯାୟୀ ଅଭିଯୋଗ–ଯୋଗ୍ୟ ।

**indictment** ବି. ଅଭିଯୋଗ ପତ୍ର; ଅପରାଧ ଆରୋପଣ; ଭର୍ତ୍ସନା ।

**indifference** ବି. ଉଦାସୀନତା, ଅନାଗ୍ରହ; ଗୁରୁତ୍ୱହୀନତା ।

**indifferent** ବିଂ. ଉଦାସୀନ; ନିରପେକ୍ଷ; ଗୁଣବତ୍ତା ବା ସାମର୍ଥ୍ୟରେ ନିକୃଷ୍ଟ; ସାଧାରଣ; ଅନାସକ୍ତ; କ୍ରି.ବିଂ. indifferently.

**indigenous** ବିଂ. ସ୍ୱଦେଶ ନିର୍ମିତ, ଦେଶୀ, ସ୍ୱଦେଶୀ, ଦେଶୀୟ ।

**indigent** ବିଂ. ଦରିଦ୍ର, ନିଃସ୍ୱ; ବି. indigence.

**indigestible** ବିଂ. ଜୀର୍ଣ୍ଣ ହେବାରେ ବାଧକ; ଜୀର୍ଣ୍ଣ କରିବା ପାଇଁ କଠିନ; ବି. indigesti bility.

Digitized by srujanika@gmail.com

**indigestion** ବି. ଅଜୀର୍ଣତା; ଅଜୀର୍ଣତାଜନିତ ରୋଗ, ବଦହଜମି ।
**indignant** ବିଂ. ବିରକ୍ତ, କ୍ରୁଦ୍ଧ, କୋପଯୁକ୍ତ; କ୍ରି.ବିଂ. indignantly.
**indignation** ବି. ଅନ୍ୟାୟ ବା ଅବିଚାର ବିରୁଦ୍ଧରେ ଘୃଣା ମିଶ୍ରିତ କ୍ରୋଧ ।
**indignity** ବି. ଅପମାନଜନକ ବ୍ୟବହାର; ଅପମାନ; ଅମର୍ଯ୍ୟାଦାକର ଗୁଣ ।
**indigo** ବି. ଘନନୀଳ ରଙ୍ଗ; ନୀଳ ଗଛ ।
**indirect** ବିଂ. ପରୋକ୍ଷ; ଅପ୍ରାଥମିକ; ବକ୍ର; କ୍ରି.ବିଂ. indirectly.
**indirect object** ବି. ବ୍ୟା. ଦ୍ୱିକର୍ମକ କ୍ରିୟାର ଅପ୍ରଧାନ କର୍ମ (ବ୍ୟକ୍ତି ସୂଚକ), ଉଦା. give *her* the pen.
**indirect question** ବି. ବ୍ୟା. ପରୋକ୍ଷଉକ୍ତିର ପ୍ରଶ୍ନବାକ୍ୟ ।
**indirect speech** ବି. ବ୍ୟା. ପରୋକ୍ଷ ଉକ୍ତି ।
**indirect tax** ବି. ଶୁଳ୍କ ଯୋଗ୍ୟ ସାମଗ୍ରୀ ଉପରେ ଆଦାୟ କରାଯାଉଥିବା ଶୁଳ୍କ; ଅପ୍ରତ୍ୟକ୍ଷ କର ।
**indiscipline** ବି. ଶୃଙ୍ଖଳାହୀନତା; ଅନୁଶାସନ–ହୀନତା ।
**indiscreet** ବିଂ. ଅଦୂରଦର୍ଶୀ; ଗୋପନୀୟ କଥା ପ୍ରକାଶକାରୀ; ବିବେଚନାହୀନ, ଅପରିଣାମଦର୍ଶୀ; ବି. indiscretion; କ୍ରି.ବିଂ. indiscreetly.
**indiscriminate** ବିଂ. ଅବିଚାରିତ, ନିର୍ବିଚାରିତ, ବାଛବିଚାରହୀନ; କ୍ରି.ବିଂ. indiscriminately; ବି. indiscrimination.
**indispensable** ବିଂ. ଅପରିହାର୍ଯ୍ୟ; ଯାହା ନହେଲେ ନ ଚଳେ; ଅତ୍ୟାବଶ୍ୟକ; ବି. indispensability; କ୍ରି.ବିଂ. indispensably.
**indisposed** ବିଂ. ସାମାନ୍ୟ ଅସୁସ୍ଥ; ବିମୁଖ, ବୀତସ୍ପୃହ; ବି. indisposition.
**indissoluble** ବିଂ. ଅଦ୍ରବଣୀୟ; ଯାହା ମିଳେଇ ଯାଏ ନାହିଁ ବା ନଷ୍ଟ ହୁଏ ନାହିଁ; ଶକ୍ତ, ବହୁକାଳସ୍ଥାୟୀ; କ୍ରି.ବିଂ. indissolubly.
**indistinct** ବିଂ. ଅସ୍ପଷ୍ଟ; ଅସ୍ୱଚ୍ଛ; ଗୋଳମାଳିଆ; ଦୁର୍ବୋଧ୍ୟ; କ୍ରି.ବିଂ. indistinctly.
**indite** କ୍ରି. ଲେଖିବା; ଲିଖିତ ଭାବରେ ପ୍ରକାଶ କରିବା ।
**indium** ବି. ଇଣ୍ଡିୟମ୍, ଆକରିକ ଦସ୍ତାରୁ ପ୍ରାପ୍ତ ରଜତ ଶୁଭ୍ରଧାତୁର ମୌଳିକ ଉପାଦାନ ।
**individual** ବିଂ. ବ୍ୟକ୍ତିଗତ; ଏକକ, ସ୍ୱତନ୍ତ୍ର, ନିର୍ଦ୍ଦିଷ୍ଟ; ବିଶେଷଗୁଣ ବିଶିଷ୍ଟ; ବ୍ୟକ୍ତିର ବୈଶିଷ୍ଟ୍ୟ ସୂଚକ; 2. ବି. ବ୍ୟଷ୍ଟି; ଶ୍ରେଣୀଭୁକ୍ତ ଜଣେ ଲୋକ; କ.ଭା. ଲୋକ ।
**individualism** ବି. ବ୍ୟକ୍ତିବାଦ; ବ୍ୟକ୍ତିସ୍ୱାତନ୍ତ୍ର୍ୟ ସମର୍ଥକ ସାମାଜିକ ତତ୍ତ୍ୱ; ଅହଂବାଦ; ଆତ୍ମାଭିମାନ; ବି. individualist; ବିଂ. individualistic.
**individuality** ବି. ବ୍ୟକ୍ତି ଚରିତ୍ର; ବ୍ୟକ୍ତିର ପୃଥକ୍ ସତ୍ତା, ବ୍ୟକ୍ତିତ୍ୱ ।
**individualize** କ୍ରି. ବ୍ୟକ୍ତିରୂପେ ପରିଣତ କରିବା; ବ୍ୟକ୍ତିଗତ ଗୁଣରେ ଭୂଷିତ କରିବା; ସ୍ୱତନ୍ତ୍ର ଗୁଣଯୁକ୍ତ କରିବା ।
**individually** କ୍ରି.ବିଂ. ବ୍ୟକ୍ତିଗତ ଭାବରେ; ନିର୍ଦ୍ଦିଷ୍ଟ ଭାବରେ; ଗୋଟିଏ ଗୋଟିଏ କରି ।
**indivisible** ବିଂ. ଅବିଭାଜ୍ୟ ।
**Indo—** ଉ.ପ. ଭାରତ ସମ୍ବନ୍ଧିତ, ଉଦା. Indo-European.
**indoctrinate** କ୍ରି. ମତବାଦରେ ଦୀକ୍ଷିତ କରିବା; ଶିକ୍ଷାଦେବା; ଉପଦେଶ ଦେବା; ବି. indoctrination.
**Indo–European** 1. ବିଂ. ୟୁରୋପ୍ ଏବଂ ଏସିଆ(ଢ: ଭାରତ ପର୍ଯ୍ୟନ୍ତ)ରେ ବ୍ୟବହୃତ ଭାଷାପରିବାର ବା ସେଗୁଡ଼ିକର ମୂଳଭାଷା ସମ୍ବନ୍ଧୀୟ; 2. ବି. ଭାରତୀୟ–ୟୁରୋପୀୟ ଭାଷା ପରିବାର ବା ସେଗୁଡ଼ିକର ମୂଳ ଭାଷା ।
**indolent** ବିଂ. ଅଳସ, ଶ୍ରମକାତର, ଶ୍ରମବିମୁଖ; ବି. indolence; କ୍ରି.ବିଂ. indolently.
**indomitable** ବିଂ. ଅଦମ୍ୟ, ଦୁର୍ଦ୍ଦମନୀୟ; ଯାହାକୁ ବଶୀଭୂତ କରିବା କଷ୍ଟକର; କ୍ରି.ବିଂ. indomitably.
**indoor** ବିଂ. ଘର ବା ଆଚ୍ଛାଦିତସ୍ଥଳରେ କୃତ (କ୍ରୀଡ଼ା ବା କର୍ମ ପ୍ରଭୃତି) ।
**indoors** କ୍ରି.ବିଂ. ଛାତ ତଳେ ବା ଘରଭିତରେ ।
**indrawn** ବିଂ. ଆକୃଷ୍ଟ; ଅଲଗା ।
**indubitable** ବିଂ. ସନ୍ଦେହାତୀତ, ସୁନିଶ୍ଚିତ; କ୍ରି.ବିଂ. indubitably.
**induce** କ୍ରି. ପ୍ରରୋଚିତ କରିବା, ପ୍ରଭାବିତ କରିବା; ମତେଇବା; ପ୍ରସବ ବା ପ୍ରସବ ବେଦନା ତ୍ୱରାନ୍ୱିତ କରିବା; ବିଂ. inducible.

Digitized by srujanika@gmail.com

**inducement** ବି. ପ୍ରରୋଚନା; ମତାଣ; ଆକର୍ଷଣ; ଉତ୍କୋଚ; ପ୍ରୋତ୍ସାହନ।
**induct** କ୍ରି. ଦୀକ୍ଷିତ କରିବା, ପଦସ୍ଥ କରିବା, ଅଧିଷ୍ଠିତ କରାଇବା।
**inductance** ବି. ବିଦ୍ୟୁତଶକ୍ତିର ପ୍ରବାହଦ୍ୱାରା ସୃଷ୍ଟ ସର୍କିଟର ଧର୍ମ; *ପଦାର୍ଥ* ପ୍ରେରକତ୍ୱ; ଚୁମ୍ବକୀୟ କ୍ଷେତ୍ରର ପରିବର୍ତ୍ତନ ଦ୍ୱାରା ବିଦ୍ୟୁତ୍‌ଶକ୍ତି ଉତ୍ପାଦନ।
**induction** ବି. ପ୍ରରୋଚନା, ଦୀକ୍ଷା; ଅନୁମାନ; ତର୍କ ବିଶେଷତଥ୍ୟରୁ ସାଧାରଣତତ୍ତ୍ୱ ଆହରଣ; ଆରୋହ; *ପଦାର୍ଥ* ପ୍ରେରଣ।
**inductive** ବିଂ. ତର୍କ ଆରୋହାତ୍ମକ; ବ୍ୟାପ୍ତିମୂଳକ; ଅନୁମାନପ୍ରାପ୍ତ; *ପଦାର୍ଥ* ବୈଦ୍ୟୁତିକ ବା ଚୁମ୍ବକୀୟ ପ୍ରେରକତ୍ୱ ସମ୍ବନ୍ଧୀୟ।
**indulge** କ୍ରି. (ଇନ୍ଦ୍ରିୟ ବାସନାକୁ) ପ୍ରଶ୍ରୟ ଦେବା; ଆସକ୍ତ ହେବା; ଇଚ୍ଛା ପୂରଣ କରିବା; ମାତିଯିବା, ବାସନାମତ୍ତ ହେବା; *କ.ଭା.* ମଦ୍ୟପାନ କରିବା।
**indulgence** ବି. ପ୍ରଶ୍ରୟଦାନ; ଆସକ୍ତି ବା ଆସକ୍ତିର ଉପାଦାନ; ଗର୍ହିତକର୍ମରେ ଅବାଧ ଅଭିନିବେଶ; ଅମିତାଚାର; ନିଶା; *ଖ୍ରୀ* ଧର୍ମୀୟ ପ୍ରାୟଶ୍ଚିତ୍ତ ଦ୍ୱାରା ପାପମୋଚନ କାର୍ଯ୍ୟ; ସ୍ୱୀକୃତ ବିଶେଷାଧିକାର।
**indulgent** ବିଂ. ଅମିତାଚାରୀ; ଦୋଷୀକୁ ପ୍ରଶ୍ରୟ ଦାନକାରୀ; ଅକଠୋର; କ୍ରି.ବିଂ. indulgently.
**indurate** କ୍ରି. କଠୋର କରିବା ବା ହେବା; ଉଦାସୀନ କରାଇବା; ବି. induration; ବିଂ. indurative.
**industrial** ବିଂ. ଶିଳ୍ପ—ବାଣିଜ୍ୟିକ, ଶିଳ୍ପସମ୍ବନ୍ଧୀୟ; କ୍ରି.ବିଂ. industrially.
**industrial action** ବି. ପ୍ରତିବାଦମୂଳକ ହରତାଳ ପ୍ରଭୃତି।
**industrial estate** ବି. ଶିଳ୍ପାଞ୍ଚଳ।
**industrialism** ବି. ଶିଳ୍ପବାଦ।
**industrialist** ବିଂ. ଶିଳ୍ପପତି; ଶିଳ୍ପ ବା କାରଖାନା ଅଧିକାରୀ; ଶିଳ୍ପୋଦ୍ୟୋଗୀ; ଶିଳ୍ପ ପରିଚାଳକ।
**industrialize** କ୍ରି. ଶିଳ୍ପୀକରଣ ବା ଶିଳ୍ପାୟନ କରିବା; ବି. industrialization.
**industrious** ବିଂ. ଉଦ୍ୟୋଗୀ, କଠିଣ ପରିଶ୍ରମୀ; କ୍ରି.ବିଂ. industriously.
**industry** ବି. ଶିଳ୍ପ; ବାଣିଜ୍ୟିକ ସଂସ୍ଥା; ଅଧ୍ୟବସାୟ; ଉଦ୍ୟୋଗ; ପରିଶ୍ରମ।
**indwelling** ବିଂ. (କୌଣସି ବସ୍ତୁମଧ୍ୟରେ) ଅନ୍ତର୍ନିହିତ।
**–ine** *ପ.ପ୍ର.* ବିଶେଷଣ ନିଷ୍ପନ୍ନକାରୀ; ଉଦା. alkaline, musculine; ବିଶେଷ୍ୟ (ସ୍ତ୍ରୀଲିଙ୍ଗ) ନିଷ୍ପନ୍ନକାରୀ; ଉଦା. heroine.
**inebriate** 1. ବିଂ. ନିଶାସକ୍ତ; 2. କ୍ରି. ନିଶାସକ୍ତ ବା ଉତ୍ତେଜିତ କରିବା; 3. ବି. ମଦ୍ୟପ; ବି. inebriation; inebriety.
**inedible** ବିଂ. ଅଖାଦ୍ୟ; ଅଭକ୍ଷ୍ୟ; ଯାହା ଖାଇବା ପାଇଁ ଅଯୋଗ୍ୟ।
**ineducable** ବିଂ. ଶିକ୍ଷାଲାଭ ପାଇଁ ଅଯୋଗ୍ୟ, ବିଶେ. ମାନସିକ ଦୌର୍ବଲ୍ୟ ହେତୁ।
**ineffable** ବି. ଅବର୍ଣ୍ଣନୀୟ; ଅନିର୍ବଚନୀୟ, ଅକଥନୀୟ; ବି. ineffability; କ୍ରି.ବିଂ. ineffably.
**ineffective** ବିଂ. ପ୍ରଭାବହୀନ; ଇପ୍ସିତ ପ୍ରଭାବ ବା ଫଳ ପ୍ରଦାନ କରିବାରେ ଅକ୍ଷମ; କ୍ରି.ବିଂ. ineffectively; ବି. ineffectiveness.
**ineffectual** ବିଂ. ପ୍ରଭାବଶୂନ୍ୟ, ଦୁର୍ବଳ; କ୍ରି.ବିଂ. ineffectually; ବି. ineffectualness.
**inefficient** ବିଂ. ଅଦକ୍ଷ, ଅପାରଗ, ଅକର୍ମଣ୍ୟ, ବି. inefficiency; କ୍ରି.ବିଂ. inefficiently.
**ineligible** ବିଂ. ଯୋଗ୍ୟତାବିହୀନ; ଦକ୍ଷତାହୀନ; ବି. ineligibility.
**ineluctable** ବିଂ. ଅପରିହାର୍ଯ୍ୟ, ଯାହା ଏଡ଼ାଇ ଦେଇ ହେବନାହିଁ।
**inept** ବିଂ. ଅଦକ୍ଷ, ଅଯୋଗ୍ୟ; ଅବାନ୍ତର; ଅସଙ୍ଗତ, ବି. ineptitude; କ୍ରି.ବିଂ. ineptly.
**inequable** ବିଂ. ଅସମ, ଅନ୍ୟାୟ।
**inequality** ବି. ଅସମାନତା, ବୈଷମ୍ୟ; ପରିବର୍ତ୍ତନଶୀଳତା।
**inequity** ବି. ଅନ୍ୟାୟ, ଅବିଚାର।
**inert** ବିଂ. ସହଜାତ ଚଳନଶକ୍ତି, କର୍ମଶକ୍ତି କିମ୍ବା ପ୍ରତିରୋଧ ଶକ୍ତିବିହୀନ; ଅଳସ, ନିର୍ଜୀବ; ତତ୍ପରତାହୀନ।
**inertia** ବି. ଜଡ଼ତା, ପ୍ରତିରୋଧ ଶକ୍ତିହୀନତା, ନିଷ୍କ୍ରିୟତା, *ପଦାର୍ଥ* ଜଡ଼ପଦାର୍ଥର ସ୍ଥିତିପ୍ରବଣତା।
**inertia selling** ବି. ଫେରସ୍ତ ନ ହେବା ଆଶାରେ ବରାଦ ବହିର୍ଭୂତ ପଦାର୍ଥ ବିକ୍ରୟ ପାଇଁ ପ୍ରେରଣ କରାଯିବା।

Digitized by srujanika@gmail.com

**inescapable** ବିଂ. ଅପରିହାର୍ଯ୍ୟ; ଯାହା ଏଡ଼ାଇ ହେବ ନାହିଁ; କ୍ରି.ବିଂ. inescapably.

**inessential** ବିଂ. ଅଦରକାରୀ ।

**inestimable** ବିଂ. ଅପରିମେୟ, ଅମୂଲ୍ୟ; କ୍ରି.ବିଂ. inestimably.

**inevitable** ବିଂ. ଅନିବାର୍ଯ୍ୟ, ଅବଶ୍ୟମ୍ଭାବୀ; କ.ଭା. ବିରକ୍ତିକର ଭାବରେ ସୁପରିଚିତ (ବ୍ୟକ୍ତି, ସ୍ଥାନ ପ୍ରଭୃତି); ବି. inevitability; କ୍ରି.ବିଂ. inevitably.

**inexcusable** ବିଂ. ଅମାର୍ଜନୀୟ, ଅକ୍ଷମଣୀୟ; କ୍ରି.ବିଂ. inexcusably.

**inexorable** ବିଂ. ଅପ୍ରତିରୋଧନୀୟ; ଅନୁରୋଧ ସତ୍ତ୍ୱେ ଶାନ୍ତ ନ ହେବା ଭଳି କଠିନ ହୃଦୟ; କ୍ରି.ବିଂ. inexorably.

**inexpensive** ବିଂ. ଶସ୍ତା, ସ୍ୱଳ୍ପବ୍ୟୟସାପେକ୍ଷ ।

**inexperience** ବି. ଅନୁଭୂତିଜନିତ ଜ୍ଞାନ କିମ୍ବା ନିପୁଣତାର ଅଭାବ; ଅନଭିଜ୍ଞତା ।

**inexperienced** ବିଂ. ଅନଭ୍ୟସ୍ତ, ଅନଭିଜ୍ଞ ।

**inexpert** ବି. ଅଦକ୍ଷ, ଅନାଡ଼ି, ଅପଟୁ, ଅନଭିଜ୍ଞ ।

**inexpiable** ବିଂ. ପ୍ରାୟଶ୍ଚିତର ଅଯୋଗ୍ୟ, ଅମାର୍ଜନୀୟ ।

**inexplicable** ବିଂ. ବ୍ୟାଖ୍ୟାକରିବା ଅସାଧ୍ୟ; ଅନିର୍ବଚନୀୟ; କ୍ରି.ବିଂ. inexplicably.

**inexpressible** ବିଂ. ଅବାଚ୍ୟ, ଅପ୍ରକାଶ୍ୟ ।

***in extenso*** କ୍ରି.ବିଂ. ପୂରାପୂରି, ଅସଂକ୍ଷେପିତ ଭାବରେ । *(ଲା.)*

***in extremis*** କ୍ରି.ବିଂ. ଭୀଷଣ ଅସୁବିଧାରେ; ମରଣର ଦ୍ୱାରଦେଶରେ । *(ଲା.)*

**inextricable** ବିଂ. ସମାଧାନ କରିବା କିମ୍ବା ଏଡ଼ାଇଯିବାର ସାଧ୍ୟାତୀତ, ଯାହା ଅଲଗା କରିହେବ ନାହିଁ; ଅନୁଦ୍ଧରଣୀୟ; କ୍ରି.ବିଂ. inextricably.

**infallible** ବିଂ. ଅଭ୍ରାନ୍ତ, ଅବ୍ୟର୍ଥ; (ରୋମ୍‌ର ପୋପଙ୍କ ସମ୍ବନ୍ଧରେ) ନିଷ୍ପତ୍ତିରେ ତ୍ରୁଟିଶୂନ୍ୟ, ଧର୍ମୀୟ; ଅମୋଘ; ବି. infallibility; କ୍ରି.ବିଂ. infallibly.

**infamous** ବିଂ. କୁଖ୍ୟାତ, କଳଙ୍କପୂର୍ଣ୍ଣ; କ୍ରି.ବିଂ. infamously; ବି. infamy.

**infant** ବି. ଶିଶୁ, ସାତ ବର୍ଷରୁ କମ୍ ବର୍ଷ ବୟସ ସ୍କୁଲଛାତ୍ର; *ଆଇନ* ଅଠର ବର୍ଷରୁ କମ୍‌ବୟସ୍କ; ବୟୋବୃଦ୍ଧିର ପ୍ରଥମ ଅବସ୍ଥା; ବି. infancy.

**infanta** ବି. *ଇତି.* ସ୍ପେନ୍ କିମ୍ବା ପର୍ତ୍ତୁଗାଲ ରାଜାଙ୍କ କନ୍ୟା ।

**infanticide** ବି. ଶିଶୁହତ୍ୟା ( ବିଶେ. ନବଜାତ ଶିଶୁର); ଶିଶୁହତ୍ୟାକାରୀ ।

**infantile** ବିଂ. ଶିଶୁସଂକ୍ରାନ୍ତ, ଶିଶୁସୁଲଭ; ଅପରିଣତ ।

**infantile paralysis** ବି. ପକ୍ଷାଘାତ ସମ୍ବନ୍ଧୀୟ ଶିଶୁରୋଗ, ପୋଲିଓ ।

**infantry** ବି. ପଦାତିକ ସେନା ବାହିନୀ ।

**infantryman** ବି. ପଦାତିକ ବାହିନୀର ସୈନ୍ୟ ।

**infatuate** କ୍ରି. ମୋହାଚ୍ଛନ୍ନ କରିବା; ବୁଦ୍ଧିଭ୍ରଷ୍ଟ କରିବା; ପ୍ରେମାକୃଷ୍ଟ କରିବା, ବି. infatuation.

**infect** କ୍ରି. ଜୀବାଣୁ, ଜୀବାଣୁ ପ୍ରଭୃତି ଦ୍ୱାରା ରୋଗ ସଂକ୍ରମଣ କରିବା; ମତାମତ ବା ଭାବନା ଦ୍ୱାରା ପ୍ରଭାବିତ କରିବା ।

**infection** ବି. ଦୂଷଣ; ପ୍ରଦାହ; ରୋଗ ସଂକ୍ରମଣ, ସଂକ୍ରାମକ ରୋଗ ।

**infectious** ବିଂ. ସଂକ୍ରାମକ; ସଂକ୍ରମଣଶୀଳ ।

**infelicitous** ବିଂ. ଯାହା ଆନନ୍ଦଦାୟକ ବା ମନୋହର ନୁହେଁ; ଦୁର୍ଭାଗ୍ୟଜନକ ।

**infelicity** ବି. ଅସଙ୍ଗତ ବା ଅନାବଶ୍ୟକ ବର୍ଣ୍ଣନା ବାହୁଲ୍ୟ; ବିରକ୍ତି; ଆନନ୍ଦହୀନତା ।

**infer** କ୍ରି. ଅନୁମାନ କରିବା; ସିଦ୍ଧାନ୍ତ କରିବା; ଆଭାସ ଦେବା; ବିଂ. inferable.

**inference** ବି. ସିଦ୍ଧାନ୍ତ; ଦ. ଅନୁମାନ; ଅନୁମିତି; ଅନୁମିତ ବିଷୟ; ବିଂ. inferential.

**inferior** 1. ବିଂ. ନ୍ୟୂନ; ନିମ୍ନତର, ଅଧସ୍ତନ, ଅଧୀନ; ନିକୃଷ୍ଟ ବା ନିକୃଷ୍ଟତର, 2. ବି. ଅଧୀନସ୍ଥ କର୍ମଚାରୀ ।

**inferiority** ବି. ନ୍ୟୂନତା; ନିକୃଷ୍ଟତା ।

**inferiority complex** ବି. ମନ. ହୀନମନ୍ୟତା, ନିଜର ନ୍ୟୂନତା ସମ୍ବନ୍ଧରେ ସଚେତନତା ।

**infernal** ବିଂ. ନରକ ସମ୍ବନ୍ଧିତ; ନାରକୀୟ; କ.ଭା. ଘୃଣ୍ୟ, ବିରକ୍ତିକର, କ୍ରି.ବିଂ. infernally.

**inferno** ବି. ବ.ବ. infernos ହୁତାଶନ; ଭୀତିପ୍ରଦ କିମ୍ବା ଦୁଃଖପୂର୍ଣ୍ଣ ଦୃଶ୍ୟ (ଦ୍ର. ଦାନ୍ତେଙ୍କର *Divine Comedy*ର ପ୍ରଥମଭାଗ) ।

**infest** କ୍ରି. (ବହୁ ସଂଖ୍ୟାରେ) ଉପଦ୍ରବ କରିବା; (ଦୁଷ୍ଟ ବ୍ୟକ୍ତି, ଜୀବାଣୁ ପ୍ରଭୃତି ଦ୍ୱାରା) ଆକୀର୍ଣ୍ଣ ହେବା; ବି. infestation.

Digitized by srujanika@gmail.com

**infidel** 1. ବିଂ. ଅବିଶ୍ୱାସୀ, ନାସ୍ତିକ, ବିଧର୍ମୀ, 2. ବି. ନିର୍ଦ୍ଦିଷ୍ଟ ଧର୍ମରେ ବିଶ୍ୱାସ କରୁ ନଥିବା ବ୍ୟକ୍ତି।

**infidelity** ବି. ବିଶ୍ୱାସଘାତକତା, ବିଶେ. ସ୍ତ୍ରୀ କିମ୍ବା ସ୍ୱାମୀପ୍ରତି।

**infield** ବି. କ୍ରିକେଟ ପଡ଼ିଆର ଉଇକେଟ୍ ପାଖାପାଖି ଅଂଶ।

**infighting** ବି. ଅନ୍ତର୍ଦ୍ୱନ୍ଦ; ଖୁବ୍ ପାଖାପାଖି ଅବସ୍ଥାରେ ମୁଷ୍ଟି ଯୁଦ୍ଧ।

**infilling** ବି. ଦୁଇ ସୌଧ ମଧ୍ୟବର୍ତ୍ତୀ ସ୍ଥାନରେ ଗୃହନିର୍ମାଣ।

**infiltrate** କ୍ରି. (ଦଳ କିମ୍ବା ଅଂଚଳ ମଧ୍ୟକୁ) ଧୀର ଏବଂ ଅଲକ୍ଷ୍ୟ ଭାବରେ ପ୍ରବେଶ କରିବା; ସୈନ୍ୟମାନଙ୍କୁ ଏପରି ଅନୁପ୍ରବେଶ କରାଇବା; ତରଳ ପଦାର୍ଥର ପତନୀକରଣ କରିବା; ଛାଣିବା ବା ଛାଙ୍କିବା; ବି. infiltration; infiltrator.

**infinite** ବିଂ. ଅସୀମ, ଅନନ୍ତ; ଅତି ବିଶାଳ ଏବଂ ଅସଂଖ୍ୟ; 2. ବି. the Infinite ଈଶ୍ୱର; the infinite ଅନନ୍ତ; କ୍ରି.ବିଂ. infinitely.

**infinitesimal** ବିଂ. ଅତି ସୂକ୍ଷ୍ମ, କ୍ଷୁଦ୍ରାତିକ୍ଷୁଦ୍ର, ଅତି କ୍ଷୁଦ୍ର; କ୍ରି.ବିଂ. infinitsimally.

**infinitesimal calculus** ବି. *ଗଣିତ* ଅନୁକଳନ।

**infinitive** ବି. *ବ୍ୟା.* ନିର୍ଦ୍ଦିଷ୍ଟ ଭାବରେ କର୍ତ୍ତା ଓ କାଳ ନିରୂପିତ ହୋଇ ନଥିବା କ୍ରିୟାଂଶ (ଉଦା. he come to see; let him seeରେ *see*), ବିଂ. infinitival.

**infinitude** ବି. *ଦ୍ର.* infinity.

**infinity** ବି. ଅସୀମତା; ଅନନ୍ତତ୍ୱ; *ଗଣିତ* ଅକଳନୀୟ ସଂଖ୍ୟା।

**infirm** ବିଂ. ଅକ୍ଷମ; ଦୁର୍ବଳ, (ବୟସାଧିକ୍ୟରୁ); ସଂକଳ୍ପ ରହିତ।

**infirmary** ବି. ଡାକ୍ତରଖାନା; ଚିକିତ୍ସାଳୟ; (ବିଦ୍ୟାଳୟରେ) ରୋଗାବାସ।

**infirmity** ବି. ଶାରୀରିକ ଅକ୍ଷମତା; ଦୁର୍ବଳତା।

**infix** କ୍ରି. ବାନ୍ଧିଦେବା, ଦୃଢ଼ କରିବା।

• ***in flagrante delicto*** କ୍ରି.ବିଂ. ଦୋଷାବହ କାର୍ଯ୍ୟରତ ଅବସ୍ଥାରେ। *(ଲା.)*

**inflame** କ୍ରି. ଉତ୍ତେଜିତ ହେବା କିମ୍ବା କରାଇବା; ପ୍ରଜ୍ୱଳିତ ହେବା କିମ୍ବା କରାଇବା; ନିଆଁ ଲଗାଇବା; ଉତ୍ତପ୍ତ କରିବା; (ନିଆଁଦ୍ୱାରା) ଆଲୋକିତ କରିବା।

**inflammable** ବିଂ. ଆଶୁ ଦହନଶୀଳ, ଦାହ୍ୟ; ଉତ୍ତେଜନାପ୍ରବଣ, କ୍ରି.ବିଂ. inflammably; ବି. inflammability.

**inflammation** ବି. ପ୍ରଦାହ (ଅଙ୍ଗର ଅଂଶବିଶେଷରେ); ପ୍ରଜ୍ୱଳନ; ପ୍ରଦାହଜନିତ ଫୁଲା, ଫୋଟକା, ପୋଡ଼ାଜଳା ପ୍ରଭୃତି।

**inflammatory** ବିଂ. (ଭାଷଣ ପ୍ରଭୃତି) ଉତ୍ତେଜକ; ପ୍ରଦାହଶୀଳ।

**inflate** କ୍ରି. ପବନ ଅଥବା ଗ୍ୟାସଦ୍ୱାରା ସ୍ଫୀତ କରାଇବା; ଫୁଲିବା; କୃତ୍ରିମ ଭାବେ ଦର ବୃଦ୍ଧି କରିବା; ମୁଦ୍ରାସ୍ଫୀତି ଘଟାଇବା; ବିଂ. inflatable.

**inflation** ବି. ସ୍ଫୀତି; ଦରବୃଦ୍ଧି; ମୁଦ୍ରାସ୍ଫୀତି; ବିଂ. inflationary.

**inflect** କ୍ରି. ସ୍ୱର ପରିବର୍ତ୍ତନ କରିବା; ପ୍ରତ୍ୟୟ ଯୋଗେ ଶବ୍ଦ ବା ଧାତୁର ରୂପ ପରିବର୍ତ୍ତନର ବ୍ୟାକରଣଗତ ସଂପର୍କ ପ୍ରକାଶ କରିବା; ବଙ୍କେଇ ଦେବା।

**inflection** ବି. inflexion *ଦ୍ର.।*

**inflective** ବିଂ. ପ୍ରତ୍ୟୟଯୁକ୍ତ, ପ୍ରତ୍ୟୟ ସଂପର୍କିତ।

**inflexible** ବିଂ. ଅନମନୀୟ, ଯାହା ବଙ୍କେଇ ହେବନାହିଁ; ବି. inflexibility; କ୍ରି.ବିଂ. inflexibly.

**inflexion** ବି. ସ୍ୱରର ଆବଶ୍ୟକ ପରିବର୍ତ୍ତନ; ପରିବର୍ତ୍ତିତ ଶବ୍ଦ; କୃଦନ୍ତ ଓ ତଦ୍ଧିତ ଯୋଗେ ପଦଗଠନ କରଣ; ପ୍ରତ୍ୟୟ; ପ୍ରତ୍ୟୟ ଯୋଗକରି ଶବ୍ଦ ଗଠନ; ବଙ୍କାଇବା; ବିଂ. inflexional (inflectional).

**inflict** କ୍ରି. (ଶାସ୍ତି, ଯନ୍ତ୍ରଣା ପ୍ରଭୃତି) ଦେବା ବା ବିଧାନ କରିବା; ଶକ୍ତି ପ୍ରୟୋଗ ପୂର୍ବକ ଆରୋପ କରିବା।

**infliction** ବି. ଶାସ୍ତିବିଧାନ।

**inflictor** ବି. ଦଣ୍ଡବିଧାନକାରୀ।

**inflorescence** ବି. ପୁଷ୍ପ ବିନ୍ୟାସ; ବୃନ୍ତର ଚାରିପଟେ ଗୁଚ୍ଛାକାର ପୁଷ୍ପସଜ୍ଜା; ସ୍ଫୁଟନ।

**influence** 1. ବି. ପ୍ରଭାବ; ଅଦୃଶ୍ୟ ପ୍ରତିପତ୍ତି, କର୍ତ୍ତୃତ୍ୱ କିମ୍ବା ଆଦର୍ଶର ପ୍ରତିଷ୍ଠା; ଏପରି ପ୍ରତିଷ୍ଠା ସଂଘଟିତ କରୁଥିବା ବସ୍ତୁ କିମ୍ବା ବ୍ୟକ୍ତି; 2. କ୍ରି. ପ୍ରଭାବ ବିସ୍ତାର କରିବା; ପ୍ରଭାବିତ କରିବା;

Digitized by srujanika@gmail.com

under the influence କ.ଭା. ମାତାଲ; ନିଶାସକ୍ତ।

**influential** ବିଂ. ପ୍ରଭାବଶାଳୀ, କ୍ରି.ବିଂ. influentially.

**influenza** ବି. ମୁଣ୍ଡବ୍ୟଥା ଓ ପ୍ରବଳ ବେଦନା ଲକ୍ଷଣଯୁକ୍ତ, ଜୀବାଣୁ ଘଟିତ ସଂକ୍ରାମକ ବ୍ୟାଧି; ବ୍ୟାପକ ଫ୍ଲୁ ବା ଶ୍ଳେଷ୍ମାଜ୍ୱର।

**influx** ବି. ଏକ ଜାଗାକୁ ବ୍ୟକ୍ତି ବା ବସ୍ତୁମାନଙ୍କର ଅନୁପ୍ରବାହ।

**info** ବି. କ.ଭା. ସୂଚନା, ସଂବାଦ।

**inform** କ୍ରି. ଜ୍ଞାପନ କରିବା; ବିରୁଦ୍ଧରେ ସ୍ୱର ଉଠାଇବା; ଅବଗତ କରାଇବା।

**informal** ବିଂ. ଧାରାବର୍ଜିତ, ବିଧିହୀନ; ଅନୌପଚାରିକ, ଘରୋଇ; ବି. informality; କ୍ରି.ବିଂ. informally.

**informant** ବି. ସୂଚନା ବା ତଥ୍ୟ ପ୍ରଦାନକାରୀ।

**information** ବି. ବାର୍ତ୍ତା, ସୂଚନା, ସଂବାଦ, ଏତଲା, ଅଭିଯୋଗ; ତଥ୍ୟ; ଜ୍ଞାନ।

**information science** ବି. ସଂବାଦ ସଂଗ୍ରହ ଅଥବା ସଂରକ୍ଷଣ ସମ୍ବନ୍ଧୀୟ ଶିକ୍ଷା।

**information technology** ବି. କମ୍ପ୍ୟୁଟର, ଦୂରସଞ୍ଚାର ପ୍ରଭୃତି ମାଧ୍ୟମ ଦ୍ୱାରା ତଥ୍ୟ ବା ସୂଚନା ସଂରକ୍ଷଣ, ପ୍ରେରଣ ଓ ବ୍ୟବହାର ସମ୍ବନ୍ଧୀୟ ବିଜ୍ଞାନ।

**information theory** ବି. ସଂକେତ ଦ୍ୱାରା ସଂବାଦ ପ୍ରେରଣ ସଂବନ୍ଧୀୟ ତତ୍ତ୍ୱ।

**informative** ବିଂ. ତଥ୍ୟଦାୟକ, ତଥ୍ୟମୂଳକ।

**informer** ବି. ଅନ୍ୟବିରୁଦ୍ଧରେ ସଂବାଦ ପ୍ରଦାନକାରୀ (ବ୍ୟକ୍ତି)।

***infra*** କ୍ରି.ବିଂ. ନିମ୍ନସ୍ଥ ବା କ୍ରମଶଃ (ପୁସ୍ତକାଦି କ୍ଷେତ୍ରରେ)। *(ଲା.)*

**infra–** ପୂ.ପ୍ର. ନିମ୍ନସ୍ଥ।

**infraction** ବି. ଆଇନ ଉଲ୍ଲଂଘନ, ବ୍ୟତିକ୍ରମ।

**infra dig** କ.ଭା. ମର୍ଯ୍ୟାଦାହାନିକର।

**infrared** ବିଂ. ଦୃଶ୍ୟମାନ ବର୍ଣ୍ଣାଳୀରେ ରକ୍ତ ବର୍ଣ୍ଣରୁ ସାମାନ୍ୟ ଦୀର୍ଘତର ତରଙ୍ଗ–ଦୈର୍ଘ୍ୟ ସମ୍ବନ୍ଧିତ; ଅବଲୋହିତ।

**infrastructure** ବି. କୌଣସି ପ୍ରକଳ୍ପର କ୍ଷୁଦ୍ର ଅଂଶ ଗୁଡ଼ିକର ସୁସଂଗତ ଭିତ୍ତି; (ସାମରିକ ଉଦ୍ଦେଶ୍ୟରେ) ସୁସଂଗଠିତ ସ୍ଥାୟୀ ଭିତ୍ତି।

**infringe** କ୍ରି. (ଆଇନ, ଅନ୍ୟର ଅଧିକାର ଇତ୍ୟାଦି) ଲଂଘନ କରିବା; ଅନଧିକାର ପ୍ରବେଶ କରିବା; ବି. infringement.

**infuriate** କ୍ରି. କ୍ରୋଧାନ୍ୱିତ କରିବା, ବିରକ୍ତ କରିବା।

**infuse** କ୍ରି. ଗୁଣ ଆଦି ଦ୍ୱାରା ପୂର୍ଣ୍ଣ କରିବା; ପ୍ରବେଶ କରାଇବା; ନ୍ୟାସ କରିବା (ଜୀବନ); ତରଳ ପଦାର୍ଥରେ (ଚା ପ୍ରଭୃତି) ବୁଡ଼ାଇବା (ରସ ନିଷ୍କର୍ଷଣ ନିମନ୍ତେ)।

**infusible** ବିଂ. ଅଦ୍ରବଣୀୟ, ସଞ୍ଚାରଣୀୟ (ପଦାର୍ଥ), ବି. infusibility.

**infusion** ବି. ଅନ୍ତର୍ନିଧାନ; ସଂଚାରଣ; ତରଳ ପଦାର୍ଥ ନିଷ୍କର୍ଷଣ ବା ନିଷ୍କାସନ; ସେହି ପଦାର୍ଥ।

**–ing[1]** ପ.ପ୍ର. ଏହା କ୍ରିୟାପଦ ସହିତ ଯୁକ୍ତ ହୋଇ ବିଶେଷ୍ୟ ଶବ୍ଦ ନିଷ୍ପନ୍ନ ହୁଏ, (ଉଦା. come+ing, act+ing: coming, acting).

**–ing[2]** ପ.ପ୍ର. କ୍ରିୟାପଦରେ ଯୁକ୍ତହୋଇ ବର୍ତ୍ତମାନ କାଳବୋଧକ କୃଦନ୍ତ ପଦ (is go*ing*, are com*ing*); ବିଶେଷାତ୍ମକ ଏବଂ ବିଶେଷଣାତ୍ମକ ଶବ୍ଦ ନିଷ୍ପନ୍ନକାରୀ (fighting, walking) ପ୍ରତ୍ୟୟ।

**ingenious** ବିଂ. ଉଦ୍‌ଭାବନ ଅଥବା ନିୟନ୍ତ୍ରଣରେ ପଟୁ; କୌଶଳୀ, ଚତୁର।

***ingenue*** ବି. ସରଳ (କଳାତ୍ମକ ଭଙ୍ଗୀ ବିହୀନ) ଯୁବତୀ; ନାଟକରେ ଏଭଳି ଚରିତ୍ର। *(ଫ.)*

**ingenuity** ବି. ତତ୍‌କ୍ଷଣାତ୍ ଉଦ୍ଭାବନ କରିବାର ଶକ୍ତି; ଚାତୁର୍ଯ୍ୟ।

**ingenuous** ବିଂ. ଅକୃତ୍ରିମ, ମନ୍‌ଖୋଲା; ଅମାୟିକ; କ୍ରି.ବିଂ. ingenuously.

**ingest** କ୍ରି. ଗିଳିବା, ଗ୍ରାସ କରିବା; (ଜ୍ଞାନ) ଆହରଣ କରିବା; ବି. ingestion.

**inglenook** ବି. ଶୀତପ୍ରଧାନ ସ୍ଥାନର କୋଠରୀରେ ଥିବା ଅଗ୍ନିକୁଣ୍ଡ ସଂଲଗ୍ନ ବସିବାର ଜାଗା।

**inglorious** ବିଂ. ଲଜ୍ଜାକର; ଗୌରବହୀନ, ଅସମ୍ମାନଜନକ।

**ingoing** ବିଂ. ଅନ୍ତଃପ୍ରବେଶକାରୀ।

**ingot** ବି. ଧାତୁପିଣ୍ଡ (ସ୍ୱର୍ଣ୍ଣ, ରୌପ୍ୟ ଅଥବା ଲୌହର)।

**ingrained** ବିଂ. (ଅଭ୍ୟାସ, ଅନୁଭବ, ପ୍ରବୃତ୍ତି ଆଦି) ବଦ୍ଧମୂଳ।

Digitized by srujanika@gmail.com

**ingratiate** କ୍ରି. ଅନୁଗ୍ରହଭାଜନ କରିବା; ବିଂ. ingratiating; କ୍ରି.ବିଂ. ingratiatingly.
**ingratitude** ବି. ଅକୃତଜ୍ଞତା।
**ingredient** ବି. ମିଶ୍ର ବସ୍ତୁର ଉପାଦାନ, ମୌଳିକ ଉପାଦାନ।
**ingress** ବି. ପ୍ରବେଶ; ପ୍ରବେଶାଧିକାର।
**ingrowing** ବିଂ. (ନଖ ପ୍ରଭୃତି) ଭିତରପଟୁ ବର୍ଦ୍ଧମାନ; ମାଂସ ମଧ୍ୟକୁ ବୃଦ୍ଧିପ୍ରାପ୍ତ।
**inguinal** ବିଂ. କୋଳଗାତ ସମ୍ବନ୍ଧୀୟ।
**inhabit** କ୍ରି. ବସବାସ କରିବା, ଅଧିକାର କରିବା; ବିଂ. inhabitable.
**inhabitant** ବି. ଅଧିବାସୀ।
**inhalant** ବି. ପ୍ରଶ୍ୱସନ ନିମନ୍ତେ ବ୍ୟବହୃତ ଔଷଧୀୟ ଦ୍ରବ୍ୟ।
**inhale** କ୍ରି. ଶ୍ୱାସ ଗ୍ରହଣ କରିବା; ଫୁସ୍ ଫୁସ୍ ଭିତରକୁ ଶ୍ୱାସ ନେବା; ବି. inhalation.
**inhaler** ବି. ଶ୍ୱାସ ଗ୍ରହଣ ପାଇଁ ସହାୟକ ଯନ୍ତ୍ର।
**inhere** କ୍ରି. ଦୃଢ଼ଭାବେ ସଂଲଗ୍ନ ହେବା।
**inherent** ବିଂ. ସହଜାତ, ଜନ୍ମଗତ; ବି. inherence; କ୍ରି.ବିଂ. inherently.
**inherit** କ୍ରି. ଉତ୍ତରାଧିକାରୀ ସୂତ୍ରରେ ପାଇବା (ସଂପତ୍ତି, ପଦବୀ ପ୍ରଭୃତି); ପିତୃପୁରୁଷଙ୍କ ଠାରୁ ଆହରଣ କରିବା (ଗୁଣ, ସମସ୍ୟା ଆଦି); ବିଂ. inheritable; ବି. inheritor.
**inheritance** ବି. ଉତ୍ତରାଧିକାର; ଏହି ସୂତ୍ରରେ ପାଇଥିବା ବସ୍ତୁ, ସମ୍ପତ୍ତି ବା ଗୁଣ।
**inhibit** କ୍ରି. ନିଷେଧ କରିବା, ବାଧାଦେବା; ବିଂ. inhibitory.
**inhibition** ବି. ବାଧାଦାନ; ମନ କୌଣସି ପ୍ରବୃତ୍ତିର ସିଧାସଳଖ ପ୍ରକାଶ ପାଇଁ କୁଣ୍ଠାଭାବ; କ.ଭା. ଚିନ୍ତା ଅଥବା କାର୍ଯ୍ୟକୁ ପ୍ରତିହତ କରିବାର ଅଭ୍ୟାସଗତ ପ୍ରବୃତ୍ତି।
**inhospitable** ବିଂ. ଆତିଥେୟତା ଶୂନ୍ୟ; ଉପଯୁକ୍ତ ଆଶ୍ରୟ ଓ ପରିବେଶ ସୃଷ୍ଟିରେ ଅକ୍ଷମ (ସ୍ଥାନ, ଜଳବାୟୁ ଇତ୍ୟାଦି); କ୍ରି.ବିଂ. inhospitably.
**in–house** 1. କ୍ରି.ବିଂ. ଅନୁଷ୍ଠାନ ମଧ୍ୟରେ; 2. ବିଂ. ଗୃହ ମଧ୍ୟସ୍ଥ।
**inhuman** ବିଂ. ନିଷ୍ଠୁର, ଅମାନୁଷିକ, ବର୍ବରୋଚିତ; ବି. inhumanity; କ୍ରି.ବିଂ. inhumanly.
**inimical** ବିଂ. ଶତ୍ରୁଭାବାପନ୍ନ, ପ୍ରତିକୂଳ, କ୍ଷତିକର; କ୍ରି.ବିଂ. inimically.
**inimitable** ବିଂ. ଅନନୁକରଣୀୟ; ଅନୁପମ; କ୍ରି.ବିଂ. inimitably.
**iniquity** ବି. ଅନ୍ୟାୟ, ଅବିଚାର; ବିଂ. iniquitous.
**initial** 1. ବିଂ. ପ୍ରାରମ୍ଭିକ, ପ୍ରାଥମିକ; 2. ବି. ବ.ବ. ବ୍ୟକ୍ତିବିଶେଷଙ୍କ ନାମର ପ୍ରଥମ ଅକ୍ଷର ସମୂହ; 3. ସ.କ୍ରି. ନିଜ ନାମର ଆଦ୍ୟ ଅକ୍ଷରଲେଖି ଦସ୍ତଖତ କରିବା; କ୍ରି.ବିଂ. initially.
**initialism** ବି. ଅନ୍ୟ ଶବ୍ଦଗୁଡ଼ିକର ପ୍ରଥମ ଅକ୍ଷରରୁ ସୃଷ୍ଟ ଶବ୍ଦ।
**initiate** କ୍ରି. ସୃଷ୍ଟି କରିବା, ଆରମ୍ଭ କରିବା, ପ୍ରବର୍ତ୍ତନ କରିବା; ଭର୍ତ୍ତିକରିବା (ସମାଜ, କାର୍ଯ୍ୟାଳୟ ଆଦିରେ); ଶିକ୍ଷାଦେବା (ଧର୍ମାଦି); ଦୀକ୍ଷିତ କରିବା; 2. ବି. ଦୀକ୍ଷିତ ବ୍ୟକ୍ତି; ବି. initiation, initiator; ବିଂ. initiatory.
**initiative** ବି. (କାର୍ଯ୍ୟ, ବ୍ୟବସାୟ) ଆରମ୍ଭ କରିବାର କ୍ଷମତା; ପ୍ରଥମ ପଦକ୍ଷେପ; ନେତୃତ୍ୱ; ଅନ୍ୟର ବିନା ସାହାଯ୍ୟରେ ନିଜେ କାମ କରିଯିବାର ଉଦ୍ୟମ।
**inject** କ୍ରି. ଇଂଜେକ୍ସନ ଦେବା; ସୂଚୀପ୍ରୟୋଗଦ୍ୱାରା ଶରୀର ଭିତରକୁ ଔଷଧ ପ୍ରବେଶ କରାଇବା; ଅନୁପ୍ରାଣିତ କରିବା, ବି. injection; injector.
**injudicious** ବିଂ. ଅଜ୍ଞାନ, ମୂର୍ଖ, ଅବିବେକୀ।
**injunction** ବି. ଆଦେଶନାମା; କୌଣସି କର୍ମରେ ବାଧାଦାନ ଉଦ୍ଦେଶ୍ୟରେ ନ୍ୟାୟାଳୟଦ୍ୱାରା ପ୍ରେରିତ ନିଷେଧାଜ୍ଞା।
**injure** କ୍ରି. ଅନ୍ୟାୟ କରିବା; ଆହତ ବା କ୍ଷତି କରିବା; ଆଘାତ କରିବା।
**injured** ବିଂ. ଆଘାତପ୍ରାପ୍ତ, ଭଗ୍ନ; ଆହତ; ଅନ୍ୟାୟ–ପୀଡ଼ିତ।
**injurious** ବିଂ. ଅନ୍ୟାୟ; କ୍ଷତିକର; ଅପମାନକର (ଭାଷା); ଅନିଷ୍ଟକାରକ।
**injury** ବି. କ୍ଷତି, ଆଘାତ; କ୍ଷତିକାରକ କର୍ମ ବା ବ୍ୟବହାର।
**injury time** ବି. ଫୁଟବଲ ଏବଂ ତଦ୍‌ଜାତୀୟ ଖେଳରେ ଖେଳାଳିମାନଙ୍କ ଆଘାତ ପ୍ରାପ୍ତି ଯୋଗୁଁ ନଷ୍ଟ ସମୟ ଭରଣା ପାଇଁ ନିର୍ଦ୍ଧାରିତ ସମୟ ପରେ ଦିଆଯାଇଥିବା ଅତିରିକ୍ତ ସମୟ।

Digitized by srujanika@gmail.com

**injustice** ବି.ଅନ୍ୟାୟ, ଅବିଚାର; do person an injustice (ବ୍ୟକ୍ତିର) ଯଥାର୍ଥ ବିଚାର ନକରିବା।

**ink** 1. ବି. କାଳି; ସ୍ୟାହି; ସାମୁଦ୍ରିକ ମାଛ ପ୍ରଭୃତି ସ୍ୱଦେହରୁ ନିର୍ଗତ କରୁଥିବା କଳାରଙ୍ଗର ପଦାର୍ଥ; 2. କ୍ରି. କାଳିଦ୍ୱାରା ଚିହ୍ନଟ କରିବା, କାଳି ବୋଳିବା; ink out କାଳି ବୋଳି ଲୁପ୍ତ କରିଦେବା।

**inkling** ବି. ସୂଚନା, ଆଭାସ, ସାମାନ୍ୟ ଆଭାସ ଅଥବା ସଂଦେହ।

**ink-pot** ବି. ସ୍ୟାହିଦାନି, ଦୁଆତ।

**inkstand** ବି. ଦୁଆତ ରଖିବା ଷ୍ଟାଣ୍ଡ।

**ink-well** ବି. ଦୁଆତ; (ସାଧାରଣତଃ ଡେସ୍କ ପୃଷ୍ଠରେ ଯୁକ୍ତ) ସ୍ୟାହିଦାନି।

**inky** ବିଂ. ମସୀକୃଷ୍ଣ; କାଳିବୋଳା ଯୋଗୁଁ ବିବର୍ଣ୍ଣ; ଘନକୃଷ୍ଣ, ବି. inkiness.

**inland** 1. ବିଂ. ଦେଶର ଅଭ୍ୟନ୍ତରସ୍ଥ, ସମୁଦ୍ର ଅଥବା ସୀମାନ୍ତ ଠାରୁ ଦୂରବର୍ତ୍ତୀ; ଦେଶଭିତରର (inland trade); 2. କ୍ରି.ବିଂ. ଦେଶ ମଧ୍ୟରେ କିମ୍ବା ମଧ୍ୟସ୍ଥଳ ଆଡ଼କୁ; 3. ବି. ଦେଶର ମଧ୍ୟାଞ୍ଚଳ।

**Inland Revenue** ବି. ଆଭ୍ୟନ୍ତରୀଣ ରାଜସ୍ୱ ବିଭାଗ।

**in-laws** ବି.ବ.ବ. କ.ଭା. ବିବାହ ସଂପର୍କରୁ ସୃଷ୍ଟ ସଂପର୍କୀୟଗଣ।

**inlay** 1. କ୍ରି.ଅଭ୍ୟନ୍ତରରେ ଖଚିତ କରିବା (ଧାତବ ପଦାର୍ଥ କିମ୍ବା କାଠ); 2. ବି. ଅଭ୍ୟନ୍ତରଖଚିତ ବସ୍ତୁ କିମ୍ବା କଳା; ଦାନ୍ତର ଗର୍ତ୍ତ ପୂରଣ ପାଇଁ ବ୍ୟବହୃତ ପଦାର୍ଥ।

**inlet** ବି. ଖାଡ଼ି ବା ନାଳି; (ହ୍ରଦ, ନଦୀ ବା ସାଗର ମଧ୍ୟସ୍ଥ) ଜଳସ୍ରୋତ; ପ୍ରବେଶ ପଥ।

***in loco parentis*** କ୍ରି.ବିଂ. ପିତା ମାତାଙ୍କ ସ୍ଥାନରେ। *(ଲା.)*

**inmate** ବି. ଅନ୍ତେବାସୀ, ସହବାସୀ; ବାସିନ୍ଦା (ଗୃହ, ଡାକ୍ତରଖାନା, ଅଥବା ବନ୍ଦୀଶାଳାର)।

**in memoriam** *ଅ.* (ମୃତ ବ୍ୟକ୍ତିର) ସ୍ମୃତି ଉଦ୍ଦେଶ୍ୟରେ।

**inmost** ବିଂ. ସର୍ବାଧିକ ଅନ୍ତର୍ବର୍ତ୍ତୀ।

**inn** ବି. ପାନ୍ଥଶାଳା, ସରାଇ ଘର; ପଥପ୍ରାନ୍ତ ମଦ୍ୟଶାଳା।

**innards** ବି. ବ.ବ. କ.ଭା. ଯନ୍ତ୍ରାଦିର ଭିତର ଅଂଶ; ଅନ୍ତବୁଜୁଳା।

**innate** ବିଂ. ସହଜାତ, ସ୍ୱାଭାବିକ, ସ୍ୱଭାବସିଦ୍ଧ; କ୍ରି.ବିଂ. innately.

**inner** 1. ବିଂ. ଭିତର, ଆଭ୍ୟନ୍ତରୀଣ; ଗଭୀରତର (ଚିନ୍ତା, ଭାବନା ପ୍ରଭୃତି); 2. ବି. (ତୀର ଚାଳନା) ଲକ୍ଷ୍ୟଭେଦ କେନ୍ଦ୍ରର ପାଖାପାଖି ଚିହ୍ନିତ ଅଂଶ, ଏହି ଅଂଶକୁ ଭେଦକରିଥିବା ତୀର ବା ଗୁଳି।

**inner city** ବି.ନଗରୀର ମଧ୍ୟସ୍ଥଳ (ସାଧାରଣତଃ ଘନ ଜନବସତି ପୂର୍ଣ୍ଣ ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ)।

**inner man (woman)** ବି. ଆତ୍ମା, ମନ; ପରି ପେଟ।

**innermost** ବିଂ. ସର୍ବାଧିକ ଆଭ୍ୟନ୍ତରୀଣ।

**inner tube** ବି. ଟାୟାର ମଧ୍ୟସ୍ଥ ରବର ଟ୍ୟୁବ୍।

**innings** ବି. କ୍ରିକେଟ ପ୍ରତିଦ୍ୱନ୍ଦ୍ୱୀ ଦଳର ଦୁଇଟି ମଧ୍ୟରୁ ଗୋଟିକର ବ୍ୟାଟିଂ କରିବାର ପାଳି; ରାଜନୈତିକ ଦଳାଦିର କ୍ଷମତାକାଳ; ମଣିଷର କାର୍ଯ୍ୟଦକ୍ଷତା ସମୟ।

**innkeeper** ବି.ପାନ୍ଥଶାଳାର ମାଲିକ ବା ରକ୍ଷକ, ସରାଇବାଲା।

**innocent** 1. ବିଂ. ନିରପରାଧ, ନିର୍ଦ୍ଦୋଷ, ଅପରାଧ ଶୂନ୍ୟ; ନିଷ୍କପଟ, ନିରୀହ; 2. ବି. ନିରୀହ ବ୍ୟକ୍ତି (ବିଶେଷତଃ ଶିଶୁ); ବି. innocence; କ୍ରି.ବିଂ. innocently.

**innocuous** ବିଂ. ଯାହା ଅନିଷ୍ଟକାରୀ ନୁହେଁ; ଅନପକାରୀ।

**Inn of Court** ବି. ଆଇନଜୀବୀର ପେଶା ଗ୍ରହଣର ଅଧିକାରଦାନ ପାଇଁ କ୍ଷମତାସଂପନ୍ନ ସଂସ୍ଥା।

**innovate** କ୍ରି. ନୂତନତା ଆଣିବା (ପଦ୍ଧତି, ଚିନ୍ତାଧାରା ମାଧ୍ୟମରେ); ପରିବର୍ତ୍ତନ ଆଣିବା।

**innovation** ବି. ନୂତନର ପ୍ରବର୍ତ୍ତନ।

**innovator** ବି. ନୂତନତାର ପ୍ରବର୍ତ୍ତନକାରୀ; ବିଂ. innovative; ବିଂ. innovatory.

**innuendo** ବି. ପରୋକ୍ଷ ସୂଚନା; ଦ୍ୱି-ଅର୍ଥ ବୋଧକ ଉକ୍ତି; କଟାକ୍ଷ, ବକ୍ରୋକ୍ତି।

**innumerable** ବିଂ. ଅସଂଖ୍ୟ, ଅଗଣ୍ୟ; କ୍ରି.ବିଂ. innumerably.

**innumerate** ବିଂ. ଗଣିତ ଓ ବିଜ୍ଞାନର ମୌଳିକ ଜ୍ଞାନହୀନ; ବି. innumeracy.

**inoculate** କ୍ରି. ସଂକ୍ରାମକ ରୋଗ ପ୍ରତିଷେଧକ ଟୀକା ଦେବା; ବି. inoculation.

Digitized by srujanika@gmail.com

**inoffensive** ବି. ବିରକ୍ତିକର ବା ଆପତ୍ତିକର ହୋଇ ନଥିବା, ଅନୁପଦ୍ରବକାରୀ ।

**inoperable** ବିଂ. ଶଲ୍ୟଚିକିତ୍ସାର ଅନୁପଯୋଗୀ ।

**inoperative** ବିଂ. ନିଷ୍କ୍ରିୟ, ନିଷ୍ଫଳ ।

**inordinate** ବିଂ. ଅତ୍ୟଧିକ; କ୍ରି.ବିଂ. inordinately.

**inorganic** ବିଂ. ବୈ. ଅଜୈବ, ସା. ଖଣିଜ ପଦାର୍ଥ; ଅସଂଗଠିତ ଗଠନ ବିଶିଷ୍ଟ; ବାହ୍ୟ ।

**inorganic chemistry** ବି. ଅଜୈବ ରସାୟନ ଶାସ୍ତ୍ର ।

**in-patient** ବି. ହାସପାତାଳରେ ରହି ଚିକିତ୍ସିତ ହେଉଥିବା ରୋଗୀ ।

**input** 1. ବି. ଯାହା ଯୋଗାଇ ଦିଆଯାଉଛି; ଯେଉଁଠି ସମ୍ବାଦ ଆଦି ଯୋଗାଇ ଦିଆଯାଏ; 2. କ୍ରି. (ଜ୍ଞାତବ୍ୟ ତଥ୍ୟ, କାର୍ଯ୍ୟକ୍ରମ ପ୍ରଭୃତି କମ୍ପ୍ୟୁଟରକୁ) ଯୋଗାଇବା ।

**inquest** ବି. (ଆଇନାନୁମୋଦିତ କରୋନର୍ ଦ୍ୱାରା) ମୃତ୍ୟୁର କାରଣ ନିର୍ଣ୍ଣୟ; ଖେଳ, ନିର୍ବାଚନ ପ୍ରଭୃତିର ସମାପ୍ତି ଉପରାନ୍ତ ବିଶ୍ଳେଷଣ ।

**inquietude** ବି. ଅଶାନ୍ତି, ଅସ୍ଥିରତା ।

**inquire** କ୍ରି. (enquire ମଧ୍ୟ) ପ୍ରଶ୍ନ ପଚାରିବା, ତଥ୍ୟ ଉଦ୍‌ଘାଟନାର୍ଥେ ଜେରା କରିବା; ଜିଜ୍ଞାସା କରିବା; inquire after ସ୍ୱାସ୍ଥ୍ୟ ସଂପର୍କରେ ପ୍ରଶ୍ନ କରିବା ।

**inquiry** ବି.ତଦନ୍ତ ( ବିଶେ. କର୍ମଚାରୀଙ୍କ ଦ୍ୱାରା) ।

**inquisition** ବି. ତନାଘନା ତଦନ୍ତ; Inquisition ଇତି. ଅଧର୍ମାଚାର ଦମନ ପାଇଁ ଗଠିତ ରୋମାନ କେଥଲିକ ( ବିଶେ. ସ୍ପେନରେ) ଧର୍ମୀୟ ବିଚାର ସଭା; ବିଂ. inquisitional.

**inquisitive** ବିଂ. ଜ୍ଞାନପିପାସୁ, ଅନୁସନ୍ଧିତ୍ସୁ, ଜିଜ୍ଞାସୁ; କ୍ରି.ବିଂ. inquisitively; ବି. inquisitiveness.

**inquisitor** ବି. ତଦନ୍ତ କର୍ତ୍ତା, ସରକାରୀ ଅନୁସନ୍ଧାନ କର୍ତ୍ତା; ଇତି. ଧର୍ମସଂସ୍ଥାଦ୍ୱାରା ନିଯୁକ୍ତ ତଦନ୍ତ କର୍ତ୍ତା ।

**inquisitorial** ବିଂ. ଇତି. ଧର୍ମୀୟ ତଦନ୍ତକର୍ତ୍ତା ସଦୃଶ; କ୍ରି.ବିଂ. inquisitorially.

**INRI** ସଂଶ. Jesus of Nazareth, King of the Jews ଇହୁଦୀ ମାନଙ୍କ ରାଜା, ନାଜାରଥର ଯୀଶୁ ।

**inroad** ବି. ଆକସ୍ମିକ ଆକ୍ରମଣ; ପରର ସମ୍ପତ୍ତି ଅଧିକାର ପାଇଁ ଅନଧିକାର ହସ୍ତକ୍ଷେପ ।

**inrush** ବି. ଜୋରଦାର ଅନୁପ୍ରବେଶ ।

**insalubrious** ବି. ଅସ୍ୱାସ୍ଥ୍ୟକର (ସ୍ଥାନ, ଜଳବାୟୁ ଇତ୍ୟାଦି) ।

**insane** ବିଂ. ଉନ୍ମତ୍ତ, ବାତୁଳ; କ.ଭା. ଅତି ନିର୍ବୋଧ; କ୍ରି.ବିଂ. insanely; ବି. insanity.

**insanitary** ବିଂ. ଅସ୍ୱାସ୍ଥ୍ୟକର, ମଇଳା ।

**insatiable** ବିଂ. ଯିଏ କୌଣସି ପ୍ରକାରେ ଶାନ୍ତ ବା ତୃପ୍ତ ହୁଏ ନାହିଁ; ଅତ୍ୟନ୍ତ ଲୋଭୀ; insatiability; କ୍ରି.ବିଂ. insatiably.

**insatiate** ବିଂ. ସଦା ଅତୃପ୍ତ ।

**inscribe** କ୍ରି. ଲେଖିବା (ଶବ୍ଦ ଇତ୍ୟାଦି); ଉତ୍କୀର୍ଣ୍ଣ ବା ଖୋଦିତ କରିବା; (ଜ୍ୟାମିତିକ ଚିତ୍ର) ଆଙ୍କିବା, ଗ୍ରନ୍ଥଭୁକ୍ତ ବା ତାଲିକାଭୁକ୍ତ କରିବା; (ପୁସ୍ତକାଦିରେ) ଉତ୍ସର୍ଗୀକରଣ ଲିପିବଦ୍ଧ କରିବା ।

**inscription** ବି. ଅନୁଲେଖ, ଖୋଦାଇ (ଶିଳାଲିପି, ତାମ୍ରଲିପି ଆଦି); ବିଂ. inscriptional.

**inscrutable** ବିଂ. ନିଗୂଢ଼, ଅବୋଧ୍ୟ; ରହସ୍ୟମୟ; ବି. inscrutability; କ୍ରି.ବିଂ. inscrutably.

**insect** ବି. କୀଟ, ପତଙ୍ଗ ।

**insecticide** ବି. କୀଟନାଶକ ପଦାର୍ଥ ।

**insectivore** ବି. ପତଙ୍ଗଭୋଜୀ ଜୀବ ବା ବୃକ୍ଷ; ବିଂ. insectivorous.

**inseminate** କ୍ରି. ବୀର୍ଯ୍ୟ ପ୍ରବେଶ କରିବା; ବୀର୍ଯ୍ୟଦ୍ୱାରା ଗର୍ଭସଞ୍ଚାର କରିବା; (ବୀଜ) ବପନ କରିବା; ବି. insemination.

**insensate** ବିଂ. ଅଚେତନ, ଶାରୀରିକ ଅବବୋଧହୀନ; ନିର୍ବୋଧ ।

**insensible** ବିଂ. ଅସଚେତନ, ଚେତନାଶୂନ୍ୟ; ଆବେଗହୀନ; ବି. insensibility; କ୍ରି.ବିଂ. insensibly.

**inseparable** 1. ବିଂ.ଅବିଚ୍ଛେଦ୍ୟ, ସଦା ଏକତ୍ର; 2. ବି. (ସାଧାରଣତଃ ବ.ବ.) ସଦାନିକଟ ବ୍ୟକ୍ତି ବସ୍ତୁ କିମ୍ବା ବନ୍ଧୁ; ବି. inseparability; କ୍ରି.ବିଂ. inseparably.

**insert** 1. କ୍ରି. ଭର୍ତ୍ତିକରିବା (ଏକକୁ ଅନ୍ୟ ପଦାର୍ଥ ମଧ୍ୟରେ); 2. ବି. ଏପରି ଭର୍ତ୍ତିହୋଇଥିବା ପଦାର୍ଥ ।

Digitized by srujanika@gmail.com

**insertion** ବି. ସନ୍ନିବେଶନ, ସନ୍ନିବିଷ୍ଟ ବସ୍ତୁ।

**inset** 1. ବି. ବହି କିମ୍ବା ପୁସ୍ତକ ମଧ୍ୟରେ ସନ୍ନିବିଷ୍ଟ କ୍ଷୁଦ୍ରାଂଶ; ବଡ଼ ମାନଚିତ୍ରର ସୀମା କଡ଼ରେ ସନ୍ନିବିଷ୍ଟ କ୍ଷୁଦ୍ର ମାନଚିତ୍ର; 2. କ୍ରି. ଅନ୍ୟର ଅଭ୍ୟନ୍ତରରେ ସ୍ଥାପନ କରିବା।

**inshore** ବିଂ. ଓ କ୍ରି.ବିଂ. ତଟ ନିକଟବର୍ତ୍ତୀ ସମୁଦ୍ରସ୍ଥ।

**inside** 1. ବି. ଭିତର ପାର୍ଶ୍ୱ ବା ଅଂଶ, ଅଭ୍ୟନ୍ତର ପଟ (open the door from the inside); *କ.ଭା.* ପାକସ୍ଥଳୀ ଓ ଅନ୍ତଃନାଳି, ଉପରାସ୍ତା ବା ଗଳିରାସ୍ତା; 2. ବିଂ. ଅଭ୍ୟନ୍ତରସ୍ଥ, ଅନ୍ତରସ୍ଥ; ଖେଳ ପଡ଼ିଆର କେନ୍ଦ୍ର ସମୀପ; 3. କ୍ରି.ବିଂ. ଭିତରେ, ଅଭ୍ୟନ୍ତରାଭିମୁଖେ; *ସା.ପ୍ର.* ବନ୍ଦୀଶାଳା ମଧ୍ୟରେ; 4. *ଅ.* ଭିତରେ, ଭିତର ପଟେ; inside out ଭିତର ପଟ ପଦାକୁ ନେଇ ଆସିବା।

**inside information** ବି. ଭିତିରି ଖବର।

**inside job** ବି. *କ.ଭା.* ଭିତର ଲୋକଙ୍କ ସଲାସୂତ୍ରାରେ ଗୃହ ମଧ୍ୟରେ ଚୋରି ପ୍ରଭୃତି।

**insider** ବି. କୌଣସି ସଂସ୍ଥା; ସମିତି ବା ସମାଜର ଅନ୍ତର୍ଭୁକ୍ତ ଲୋକ; ଗୁପ୍ତକଥା ଜାଣିଥିବା ଲୋକ।

**insidious** ବିଂ. ଗୁପ୍ତ ଅଥଚ ଅନିଷ୍ଟ କରିବା ଉଦ୍ଦେଶ୍ୟଯୁକ୍ତ; ପ୍ରତାରଣାପୂର୍ଣ୍ଣ; କ୍ରି.ବିଂ. insidiously; ବି. insidiousness.

**insight** ବି. ଅନ୍ତର୍ଦୃଷ୍ଟି (into character); ଅନୁଧ୍ୟାନଜନିତ ଜ୍ଞାନ।

**insignia** ବି. ବ.ବ. ପଦବୀ କିମ୍ବା ପଦମର୍ଯ୍ୟାଦା ସୂଚକ ସଂକେତ ବା ଚିହ୍ନ।

**insignificant** ବିଂ. ଅର୍ଥହୀନ, ତୁଚ୍ଛ, ନିଷ୍ଫଳ; ବି. insignificance.

**insincere** ବିଂ. ଆନ୍ତରିକତାହୀନ, କପଟୀ; କ୍ରି.ବିଂ. insincerely; ବି. insincerity.

**insinuate** କ୍ରି. ପରୋକ୍ଷ ଏବଂ ବକ୍ର ଭାବରେ ଇଂଗିତ ଦେବା; କୌଶଳକ୍ରମେ, ଆସ୍ତେ ଆସ୍ତେ ଅନୁଗ୍ରହ ଲାଭ କରିବା (insinuate oneself into favour); ବି. insinuation.

**insipid** ବିଂ. ସ୍ୱାଦହୀନ, ନୀରସ, ଉତ୍ସାହହୀନ; ବି. insipidity; କ୍ରି.ବିଂ. insipidly.

**insist** କ୍ରି. ଦୃଢ଼ତାର ସହ ଦାବି କରିବା କିମ୍ବା ଚାପଦେବା (ଉଦା. insist on going, on his innocence; insist that we go, that he is innocent).

**insistent** ବିଂ. ଜିଦ୍‌ପୂର୍ଣ୍ଣ, ସନିର୍ବନ୍ଧ; ଯେ କୌଣସି କଥାପ୍ରତି ବାଧତାମୂଳକ ଦୃଷ୍ଟି ଆକର୍ଷଣ କରୁଥିବା; ନଛୋଡ଼ବନ୍ଧା; ବି. insistence; କ୍ରି.ବିଂ. insistently.

***in situ*** କ୍ରି.ବିଂ. ଉଚିତ ବା ମୌଳିକ (ମୂଳ) ଅବସ୍ଥାରେ। *(ଲା.)*

**insobriety** ବି. ବିଶେ. ମଦ୍ୟପାନ ଜନିତ ଅସଂଯତ ଅବସ୍ଥା।

**insofar** କ୍ରି.ବିଂ. -in so far; ଦ୍ର. far.

**insole** ବି. ଜୋତାର ଭିତର ଅଂଶର ନିମ୍ନତଳ (ଯାହା ଯୋତା ପିନ୍ଧିଲେ ପାଦକୁ ସ୍ପର୍ଶକରେ)।

**insolent** ବିଂ. ଅପମାନପୂର୍ଣ୍ଣ; ଅପମାନକର; ବି. insolence; କ୍ରି.ବିଂ. insolently.

**insoluble** ବିଂ. ଅଦ୍ରବଣୀୟ, ସମାଧାନର ଅସାଧ୍ୟ; ବି. insolubility; କ୍ରି.ବିଂ. insolubly.

**insolvent** 1. ବିଂ. ଋଣ ପରିଶୋଧରେ ଅକ୍ଷମ, ଦେବାଳିଆ; 2. ବି. ଦେବାଳିଆ, ଅଧମର୍ଣ୍ଣ; ବି. insolvency.

**insomnia** ବି. ନିଦ୍ରାହୀନତା (ରୋଗ ବିଶେଷ)।

**insomniac** ବି. ନିଦ୍ରାହୀନତା ଭୋଗୁଥିବା ରୋଗୀ।

**insomuch** କ୍ରି.ବିଂ. ଏତେ ପରିମାଣରେ ଯେ; ଏହି ବିଚାର କରି।

**insouciant** ବିଂ. ବେପରୁଆ; ନିର୍ଲିପ୍ତ; ଅନାସକ୍ତ; ବି. insouciance.

**inspan** କ୍ରି. ଦ. *ଆଫ୍ରିକା*ବଳଦ ପ୍ରଭୃତିଙ୍କୁ ଶଗଡ଼ରେ ଯୋଚିବା।

**inspect** କ୍ରି. ଭଲଭାବରେ ପରୀକ୍ଷା କରିବା; (ସରକାରୀ କର୍ମଚାରୀ ପ୍ରଭୃତି) ପରିଦର୍ଶନ କରିବା; ବି. inspection.

**inspector** ବି. ପରିଦର୍ଶକ, ଇନ୍‌ସପେକ୍ଟର (ପୋଲିସ ପ୍ରଭୃତି ବିଭାଗରେ)।

**inspector of taxes** ବି. ଆୟକର ବା ରାଜସ୍ୱ ତଦାରଖକାରୀ କର୍ମଚାରୀ।

**inspiration** ବି. ପ୍ରେରଣା; ଅପ୍ରତ୍ୟାଶିତ ଭାବରେ ଉଦିତ ଚତୁର ଚିନ୍ତା; ଅନୁପ୍ରାଣିତ ପ୍ରଭାବର ଉତ୍ସ; ଧର୍ମଗ୍ରନ୍ଥ, କବିତା ଆଦିର ଐଶ୍ୱରିକ ପ୍ରଭାବ।

**inspire** କ୍ରି. ସୃଜନାତ୍ମକ କାର୍ଯ୍ୟପାଇଁ ଉଦ୍ଦୀପନା ଯୋଗାଇବା; ପ୍ରେରଣା ଦେବା; ଭାବବିହ୍ୱଳ

Digitized by srujanika@gmail.com

କରିବା, ବ୍ୟକ୍ତିଠାରେ ଚିନ୍ତା ଓ ଭାବନାର ଉଦ୍ରେକ କରିବା, ଶ୍ୱାସ ଗ୍ରହଣ କରିବା ।

**inspirit** କ୍ରି. ଜୀବନ୍ୟାସ ଦେବା; ତେଜ ସଂଚାର କରିବା (ବ୍ୟକ୍ତିଠାରେ), ଉତ୍ସାହିତ କରିବା ।

**instability** ବି. ସ୍ଥାୟିତ୍ୱ ବା ଦୃଢ଼ତାର ଅଭାବ, ଅସ୍ଥିରତା ।

**install** କ୍ରି. ଅଧିଷ୍ଠିତ କରିବା (ବ୍ୟକ୍ତି), ପ୍ରତିଷ୍ଠା କରିବା (ଯନ୍ତ୍ରାଦି); ବି. installation.

**instalment** ବି. ଋଣ ପରିଶୋଧ ଆଦିର କିସ୍ତି; କିସ୍ତିର ପରିମାଣ, କିସ୍ତିରେ ଯୋଗାଣ, କିସ୍ତିବାରୀ ପ୍ରକାଶନ ବା ପ୍ରସାରଣ ।

**instance** 1. ବି. ଉଦାହରଣ; ସର୍ବଜ୍ଞାତ ସତ୍ୟର ନଜିର ସ୍ଥାପନ; ନିର୍ଦ୍ଦିଷ୍ଟ ପ୍ରସଙ୍ଗ (in this instance); 2. କ୍ରି. ନଜିର ସ୍ୱରୂପ ଉଲ୍ଲେଖ କରିବା; in the first instance ପ୍ରଥମତଃ, ପ୍ରଥମାବସ୍ଥାରୁ ।

**instant** 1. ବିଂ. ତୁରନ୍ତ; ତତ୍‌କ୍ଷଣାତ୍ ବ୍ୟବହାର ଉପଯୋଗୀ ସହଜ ପ୍ରସ୍ତୁତ (ଖାଦ୍ୟ); ଜରୁରି, ଅବିଳମ୍ବିତ; ଏହି ମାସର (ଉଦା. 3rd. instant); 2. ବି. ଏକ ମୁହୂର୍ତ୍ତ (went that instant); ସଙ୍ଗେସଙ୍ଗେ; (in an instant) ମୁହୂର୍ତ୍ତକ ମଧ୍ୟରେ ।

**instantaneous** ବିଂ. ଅବିଳମ୍ବେ, ସଙ୍ଗେ ସଙ୍ଗେ (କୃତ ବା ସଂଘଟିତ); କ୍ରି.ବିଂ. instantaneously.

**instantly** କ୍ରି.ବିଂ. ତତ୍‌କ୍ଷଣାତ୍, ଅବିଳମ୍ବେ, ହଠାତ୍ ।

**instead** କ୍ରି.ବିଂ. ପରିବର୍ତ୍ତନରେ, ବଦଳରେ ।

**instep** ବି. ପାଦାଙ୍ଗୁଳି ଏବଂ ଗୋଇଠି ଗଣ୍ଠି ମଧ୍ୟସ୍ଥ ପାଦର ଭିତରଭାଗ; ଯୋତାର ଉକ୍ତ ଅଂଶ ।

**instigate** କ୍ରି. ପ୍ରରୋଚିତ କରିବା, ଉସୁକାଇ ଘଟାଇବା (ବିଦ୍ରୋହ, ହତ୍ୟାଦି); ମତାଇବା; ବି. instigation; instigator.

**instil** କ୍ରି. (*ଆମେ.* instill) ଧୀରେ ଧୀରେ ମୁଣ୍ଡରେ ଭୁକାଇବା (ଆଦର୍ଶ ଇତ୍ୟାଦି); ବିନ୍ଦୁ ବିନ୍ଦୁ କରି ପୂରାଇବା (ତରଳ ପଦାର୍ଥ କୌଣସି ପଦାର୍ଥ ମଧ୍ୟକୁ); ବି. instillation; instilment.

**instinct** 1. ବି. ପ୍ରବୃତ୍ତି ବା ସହଜାତ ଧାରଣା ବା ବ୍ୟବହାର; ଅନ୍ତଃନିଃସୃତ ଧାରଣା କିମ୍ବା ବ୍ୟବହାର; 2. ବିଂ. (with ସହ) ଅନୁପ୍ରାଣିତ, ଉଦ୍‌ବୁଦ୍ଧ ।

**instinctive** ବିଂ. ପ୍ରେରଣାପ୍ରସୂତ, ପ୍ରବୃତ୍ତିଜାତ ।

**instinctual** ବିଂ. ପ୍ରବୃତ୍ତି ସମ୍ପର୍କିତ ।

**institute** 1. ବି. ଶିକ୍ଷା, ବିଜ୍ଞାନ କିମ୍ବା ତତ୍‌ସମ୍ବନ୍ଧୀୟ ଜ୍ଞାନର ବିକାଶ ପାଇଁ ଗଠିତ ସଂସ୍ଥା, ଏଥିପାଇଁ ନିର୍ମିତ କୋଠା, 2. କ୍ରି. ପ୍ରତିଷ୍ଠା କରିବା, ପ୍ରବର୍ତ୍ତନ କରିବା, (ତଦନ୍ତ) ଆରମ୍ଭ କରିବା; ଗୀର୍ଜାର ଯାଜକ ଭାବରେ ନିଯୁକ୍ତ କରିବା ।

**institution** ବି. ସ୍ଥାପନ, ପ୍ରବର୍ତ୍ତନ, ଭିତ୍ତି ପ୍ରତିଷ୍ଠା, ପ୍ରତିଷ୍ଠାନ; ଅନୁଷ୍ଠାନ, ପ୍ରତିଷ୍ଠାନ ଭବନ; ପ୍ରତିଷ୍ଠିତ ଆଇନ; ଆଇନପ୍ରଭୃତି ବିଧିବଦ୍ଧ କରିବାର ବିଧାନ; *କ.ଭା.* ସ୍ୱନାମଧନ୍ୟ ବ୍ୟକ୍ତି ।

**institutional** ବିଂ. ପ୍ରତିଷ୍ଠାନଗତ; କ୍ରି.ବିଂ. institutionally.

**institutionalize** କ୍ରି. ଆନୁଷ୍ଠାନିକତାରେ ପରିଣତ କରିବା; (ଅନାଶ୍ରିତ ବ୍ୟକ୍ତିକୁ) ଅନୁଷ୍ଠାନରେ ଭର୍ତ୍ତି କରିବା ।

**instruct** କ୍ରି. ତାଲିମ ବା ଶିକ୍ଷାଦେବା, ତଥ୍ୟ ଯୋଗାଇବା; (କୌଣସି ବିଷୟରେ) ନିର୍ଦ୍ଦେଶ ଦେବା; ଅଧିକାର ଦେବା; ବି. instructor.

**instruction** ବି. ନିର୍ଦ୍ଦେଶ, ଆଦେଶ; ମାର୍ଗଦର୍ଶନ; ଶିକ୍ଷା ବା ତାଲିମ ପ୍ରଦାନ; ବିଂ. instructional.

**instructive** ବିଂ. ଶିକ୍ଷାମୂଳକ, ଜ୍ଞାନୋଦ୍ଦୀପକ ।

**instrument** ବି. ବୈଜ୍ଞାନିକ ଗବେଷଣାପାଇଁ ନିୟୋଜିତ ଯନ୍ତ୍ରପାତି; ଉଡାଜାହାଜର କାର୍ଯ୍ୟକୁ ସମୀକ୍ଷା କରୁଥିବା ଯନ୍ତ୍ର; ନିର୍ଦ୍ଦିଷ୍ଟ କାର୍ଯ୍ୟ ହାସଲ ପାଇଁ ଉଦ୍ଦିଷ୍ଟ ଅସ୍ତ୍ର; ଏପରି ବ୍ୟବହୃତ ହେଉଥିବା ଲୋକ; ବାଦ୍ୟଯନ୍ତ୍ର; *ଆଇନ୍* ଦଲିଲ୍ ।

**instrumental** ବିଂ. ଯନ୍ତ୍ର ବା ଆଧାର ରୂପେ ବ୍ୟବହୃତ ହେଉଥିବା; ସହାୟକ; ବାଦ୍ୟଯନ୍ତ୍ର ପ୍ରସୂତ (ସଙ୍ଗୀତ); ଯନ୍ତ୍ର ଯୋଗୁଁ ଘଟିତ (instrumental error); *ବ୍ୟା.* କାରକ (*ଦ୍ୱାରା* ଅଥବା କର୍ତ୍ତୃକ ପ୍ରୟୋଗ କରି) ।

**instrumentalist** ବି. ବାଦ୍ୟଯନ୍ତ୍ର ବାଦକ ।

**instrumentality** ବି. କାର୍ଯ୍ୟସାଧନପାଇଁ ଯନ୍ତ୍ରତୁଲ୍ୟ ସାହାଯ୍ୟ; ମାଧ୍ୟମ ।

**instrumentation** ବି. ଯନ୍ତ୍ରପାତିର ବ୍ୟବହାର; ସଂଗୀତବିନ୍ୟାସନିମନ୍ତେ ବାଦ୍ୟସଜ୍ଜା; ନିର୍ଦ୍ଦିଷ୍ଟ ବାଦ୍ୟ ବାଦନ ପାଇଁ ବ୍ୟବସ୍ଥା ।

Digitized by srujanika@gmail.com

**insubordinate** ବିଂ. ଅବାଧ୍ୟ, ଅବିଶ୍ୱସ୍ତ, ବିଶୃଙ୍ଖଳ; ବି. insubordination.
**insubstantial** ବିଂ. ଅବାନ୍ତର, ଅସାର, ଅପ୍ରକୃତ।
**insufferable** ବିଂ. ଅସହ୍ୟ, ପ୍ରତାରଣାପୂର୍ଣ୍ଣ; କ୍ରି.ବିଂ. insufferably.
**insular** ବିଂ. ସଂକୀର୍ଣ୍ଣମନା, ଦ୍ୱୀପଗତ; ସୁଦୂର; ବିଚ୍ଛିନ୍ନ ଦ୍ୱୀପ ପରି; ଏକଦେଶଦର୍ଶୀ।
**insularity** ବି. ଏକଦେଶଦର୍ଶିତା, ନିଃସଙ୍ଗତା।
**insulate** କ୍ରି. (ବୈଦ୍ୟୁତିକ ଶକ୍ତି, ଉତ୍ତାପ ବା ଶବ୍ଦ) ଅପରିବାହୀ ମାଧ୍ୟମ ଦ୍ୱାରା ଆବୃତ କରିବା; ବି. insulation; ବି. insulator.
**insulin** ବି. ଅଗ୍ନ୍ୟାଶୟ ନିଃସୃତ ରସ, ଯାହା ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରଣ କରିବା ସହ ମଧୁମେହ ରୋଗରୁ ରକ୍ଷାକରେ।
**insult** 1. କ୍ରି. ଅପମାନିତ କରିବା; ଗାଳି ଗୁଲଜ କରିବା, ଆତ୍ମମର୍ଯ୍ୟାଦା ଅଥବା ଶାଳୀନତାକୁ ଆଘାତ ପହଞ୍ଚାଇବା; 2. ବି. ଅପମାନଜନକ ମନ୍ତବ୍ୟ କିମ୍ବା କାର୍ଯ୍ୟ।
**insuperable** ବିଂ. ଅଦମ୍ୟ; ଅନତିକ୍ରମ୍ୟ; ବି. insuperability; କ୍ରି.ବିଂ. insuperably.
**insupportable** ବିଂ. ଅସହ୍ୟ, ଅସମର୍ଥନୀୟ; କ୍ରି.ବିଂ. insupportably.
**insurance** ବି. ବୀମା, ବୀମା ବ୍ୟବସାୟ, ବୀମା କିସ୍ତି; (ବୀମା) କ୍ଷତିପୂରଣ ବାବଦ ଅର୍ଥ।
**insure** କ୍ରି. ବୀମା କରିବା।
**insured** ବି. ବୀମାଦ୍ୱାରା ସୁରକ୍ଷିତ (ବସ୍ତୁ ବା ବ୍ୟକ୍ତି)।
**insurer** ବି. ଯେ ଉପଯୁକ୍ତ ବିଚାର କରି ବୀମା ଟଙ୍କା ପ୍ରଦାନ କରେ; ବୀମା ସଂସ୍ଥା।
**insurgent** 1. ବି. ବିଦ୍ରୋହୀବ୍ୟକ୍ତି; 2. ବିଂ. ବିଦ୍ରୋହୀ, ବିଦ୍ରୋହକାରୀ; ବି. insurgence.
**insurrection** ବି. କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଖୋଲା ବିଦ୍ରୋହ; ବି. insurrectionist.
**intact** ବିଂ. ଅକ୍ଷତ, ଅବିକୃତ, ସଂପୂର୍ଣ୍ଣ, ଅନସ୍ପର୍ଶ।
**intaglio** ବି. (ବ.ବ. intaglios) ଖୋଦିତ ନକ୍ସା; ନକ୍ସା ବା ମୂର୍ତ୍ତି ଖଚିତ ରତ୍ନ।
**intake** ବି. ଭିତରକୁ ନେଇଯିବାର କ୍ରିୟା; ପାଣିପାଇପର ଯେଉଁସ୍ଥାନରେ ପାଣି ଭିତରକୁ ପଶେ; ମେସିନ୍‌ର ଯେଉଁଠି ପବନ ଭିତରକୁ ଯାଏ; ଗ୍ରହଣ କରାଯାଉଥିବା ବ୍ୟକ୍ତି, ପଦାର୍ଥ, ବା ତାହାର ପରିମାଣ।
**intangible** ବିଂ. ସ୍ପର୍ଶନାତୀତ; ଅନନୁମେୟ; ବି. intangibility; କ୍ରି.ବିଂ. intangibly.
**integer** ବି. ପୂର୍ଣ୍ଣ ସଂଖ୍ୟା।
**intgral** 1. ବିଂ. ପୂର୍ଣ୍ଣତା ନିମନ୍ତେ ଆବଶ୍ୟକ; ପୂର୍ଣ୍ଣ ମାତ୍ରାରେ; ଏକୀକୃତ; 2. ବି. ପୂର୍ଣ୍ଣ ଅଂକ; କ୍ରି.ବିଂ. integrally.
**integral calculus** ବି. ସମାକଳନ;
**integrate** କ୍ରି. ଉପାଦାନ ସାହାଯ୍ୟରେ ପୂର୍ଣ୍ଣରୂପ ଗଠନ କରିବା; ସମୀକୃତ କରିବା; ଧର୍ମ ଓ ଜାତିର ବିଚାର ନ ରଖି ସମାଜରେ ସମାନ ଅଧିକାର ପ୍ରାପ୍ତ ସହ୍ୟହେବା; ଭେଦଭାବ ବିନଷ୍ଟ କରିବା, ଅଂଶମାନଙ୍କୁ ଯୁକ୍ତ କରି ପୂର୍ଣ୍ଣ କରିବା; ବି. integration.
**integrated circuit** ବି. ବହୁ ଅଂଶଯୁକ୍ତ ବୈଦ୍ୟୁତିକ ସରଂଜାମ ପରିବର୍ତ୍ତେ ବ୍ୟବହୃତ ଗୋଟିଏ ଛୋଟ ଅଂଶ।
**integrity** ବି. ନୈତିକ ଉତ୍କର୍ଷ; ସାଧୁତା; ସଂପୂର୍ଣ୍ଣତା; ସଚ୍ଚୋଟପଣିଆ।
**integument** ବି. (କୁଣ୍ଡା ପ୍ରଭୃତି) ପ୍ରାକୃତିକ ବକ୍କଳ, ବହିରାବରଣ, ଚର୍ମ, ତ୍ୱକ୍।
**intellect** ବି. ବୋଧଶକ୍ତି, ବିଚାରଶକ୍ତି; ବୁଦ୍ଧି; ବିଚାରବନ୍ତ ଲୋକ।
**intellectual** 1. ବିଂ. ଧୀମତ୍ତା ସଂପନ୍ନ, ବୁଦ୍ଧିମାନ, ବୁଦ୍ଧିସାପେକ୍ଷ; 2. ବି. ବିଜ୍ଞବ୍ୟକ୍ତି; ବୁଦ୍ଧିଜୀବୀ; ବି. intellectuality; କ୍ରି. intellectualize; କ୍ରି.ବିଂ. intellectually.
**intelligence** ବି. ବିଜ୍ଞତା, ଧୀଶକ୍ତି; ବୋଧଶକ୍ତି; ତଥ୍ୟ, ସଂବାଦ; ସାମରିକ ତଥ୍ୟ ସଂଗ୍ରହ; ସଂଗୃହୀତ ତଥ୍ୟ; ଏପରି କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତି।
**intelligence quotient** ବି. ମନ (-I.Q.) ବୁଦ୍ଧିମତ୍ତାର ଅନୁପାତ।
**intelligent** ବିଂ. ବୁଦ୍ଧିମାନ, ଚତୁର; କ୍ରି.ବିଂ. intelligently.
**intelligentsia** ବି. ବୁଦ୍ଧିଜୀବୀ ଗୋଷ୍ଠୀ (ବିଶେଷତଃ ସଂସ୍କୃତି ଓ ରାଜନୀତି କ୍ଷେତ୍ରରେ ପ୍ରଗତିଶୀଳ ଲୋକମାନେ)।
**intelligible** ବିଂ. ବୋଧଗମ୍ୟ; ବି. intelligi bility; କ୍ରି.ବିଂ. intelligibly.

Digitized by srujanika@gmail.com

**intemperate** ବିଂ. ଅସଂଯମୀ, ଅମିତାଚାରୀ; ମଦୁଆ; ବି. intemperance.

**intend** କ୍ରି. ଉଦ୍ଦେଶ୍ୟ ପୋଷଣ କରିବା; ମନସ୍ଥ କରିବା (ଉଦା. intend no harm; intend to stay); ପରିକଳ୍ପନା କରିବା ।

**intended** 1. ବିଂ. ଉଦ୍ଦେଶ୍ୟମୂଳକ ଭାବରେ କୃତ; 2. ବି. କ.ଭା. ବାଗ୍‌ଦତ୍ତ ବା ବାଗ୍‌ଦତ୍ତା ।

**intense** ବିଂ. ତୀବ୍ର, ପ୍ରଚଣ୍ଡ, ପ୍ରଗାଢ଼ (intense desire, disgust, heat); ଆବେଗମୟ, ଜ୍ୱଳନ୍ତ, ଆତୁରତାପୂର୍ଣ୍ଣ; ବି. intenseness.

**intensify** କ୍ରି. ପ୍ରବଳ ବା ତୀବ୍ର କରିବା କିମ୍ବା ହେବା; ବି. intensification.

**intensity** ବି. ତୀବ୍ରତା; ଶକ୍ତିର ପରିମାଣ, ଉଜ୍ଜ୍ୱଳତା ।

**intensive** ବିଂ. ପୁଙ୍ଖାନୁପୁଙ୍ଖ, ପ୍ରବଳ; ଗୋଟିଏ ସ୍ଥାନ ବା ଅଞ୍ଚଳରେ ଘନୀଭୂତ (intensive bombardment, study); ସଘନ (ଚାଷ); ଗୁରୁତ୍ୱ ଆରୋପ (ଶବ୍ଦାଦି କ୍ଷେତ୍ରରେ); ବହୁଳ ପ୍ରୟୋଗ (ଶ୍ରମକ୍ଷେତ୍ରରେ) ।

**intensive care** ବି. ଅହରହ ନିରୀକ୍ଷଣ ମଧ୍ୟରେ ଡାକ୍ତରୀ ଚିକିତ୍ସା ।

**intent** 1. ବି. ଅଭିପ୍ରାୟ, ଉଦ୍ଦେଶ୍ୟ (with intent to defraud); 2. ବିଂ. କୃତ ସଂକଳ୍ପ; ମନୋଯୋଗ ସହିତ ଜଡ଼ିତ; ଆବେଗପୂର୍ଣ୍ଣ, ଆତୁର (intent gaze); to all intents and purposes ପ୍ରକୃତପକ୍ଷେ, ବସ୍ତୁତଃ; କ୍ରି.ବିଂ. intently; ବି. intentness.

**intention** ବି. ଉଦ୍ଦେଶ୍ୟ; ଅଭିପ୍ରାୟ ବା ଲକ୍ଷ୍ୟ, ଇଚ୍ଛା (done without intention).

**intentional** ବି. ଉଦ୍ଦେଶ୍ୟମୂଳକ; କ୍ରି.ବିଂ. intentionally.

**inter** କ୍ରି. କବର ଦେବା (ଶବ), (ଲା. *terra* =*earth* ମାଟି) ।

**inter–** ପୂ.ପ୍ର. ମଧ୍ୟେ (interstate), ପରସ୍ପରେ (interbred).

**interact** କ୍ରି. ପରସ୍ପର ଉପରେ ପ୍ରଭାବ ପକାଇବା; ବି. interaction; ବିଂ. intera- ctive.

***inter alia*** କ୍ରି.ବିଂ. ଅନ୍ୟାନ୍ୟ ସବୁକିଛି ମଧ୍ୟରେ । *(ଲା.)*

**interbreed** କ୍ରି. ଭିନ୍ନ ଜାତିର ପ୍ରାଣୀମାନଙ୍କ ମଧ୍ୟରେ ଯୌନ ସଂଗମ ଦ୍ୱାରା ସଂକର ଉତ୍ପନ୍ନ କରିବା ।

**intercalary** ଗୁଣ. ବିଂ. ଦୁଇଟି ବସ୍ତୁ ମଧ୍ୟରେ ସ୍ଥାପିତ; ପ୍ରକ୍ଷିପ୍ତ; ସୂର୍ଯ୍ୟର ଆହ୍ନିକ ଓ ବାର୍ଷିକ ଗତି ସହ ଦିନଗୁଡ଼ିକୁ ସମତୁଲ କରିବା ପାଇଁ ବେଳେବେଳେ ଗୋଟିଏ ମାସରେ ଅଥବା ବର୍ଷରେ ଗୋଟିଏ ଦିନ ଯୋଗ କରାଯାଏ, ଯଥା- leap year ବା ଅଧିବର୍ଷରେ ଫେବ୍ରୁୟାରୀ ମାସ ଅଠେଇଶ ଦିନ ପରିବର୍ତ୍ତରେ ଅଣତିରିଶ ଦିନ ହୁଏ; ଏପରି ଦିନ ବା ମାସ ସଂପର୍କିତ; ସେହି ଦିନ ବା ମାସଯୁକ୍ତ (ବର୍ଷ) ।

**intercalate** କ୍ରି. ମଧ୍ୟରେ ସ୍ଥାପନ କରିବା, ଭର୍ତ୍ତି କରିବା (intercalary day).

**intercede** କ୍ରି. ଅନ୍ୟ ଜଣକ ତରଫରୁ ଉପସ୍ଥାପନା କରିବା; କାହାପାଇଁ ଓକିଲାତି ବା ମଧ୍ୟସ୍ଥତା କରିବା; ଯୁକ୍ତି କରିବା ।

**intercept** କ୍ରି. ବାଧାଦେବା, ଗତି ଅବରୋଧ କରିବା, ଧରିବା କିମ୍ବା ଅଟକାଇବା, କାଟିଦେବା (ବିଦ୍ୟୁତ ଶକ୍ତି, ଆଲୋକ); ବି. interception; ବିଂ. interceptive; ବି. interceptor.

**intercession** ବି. ମଧ୍ୟସ୍ଥତା; ଅନ୍ୟକାହାର ପକ୍ଷ ସମର୍ଥନ; ବି. intercessor.

**interchange** 1. କ୍ରି. ଜାଗା ଅଦଳବଦଳ କରିବା; ପରସ୍ପର ସହିତ ଜିନିଷ ବିନିମୟ କରିବା; 2. ବି. ବିନିମୟ, ଅଦଳ ବଦଳ, ରାସ୍ତାର ଛକ ।

**interchangeable** ବିଂ. କାର୍ଯ୍ୟକ୍ଷମତାରେ କ୍ଷତିସାଧନ ନକରି ଦୁଇଟି ପଦାର୍ଥର ଅଦଳ ବଦଳ ହୋଇପାରିବା; କ୍ରି.ବିଂ. interchangeably.

**inter-city** ବିଂ. ଆନ୍ତଃନଗରୀ (ଚଳାଚଳ ବା ଅବସ୍ଥାନ) ।

**intercom** ବି. କ.ଭା. (ବେତାର ବା ଫୋନ ମାଧ୍ୟମରେ) ଆନ୍ତଃଯୋଗାଯୋଗ ବ୍ୟବସ୍ଥା; ସେହି ଉପକରଣ ।

**intercommunicate** କ୍ରି. ପରସ୍ପର ସଂବାଦ ଆଦାନ ପ୍ରଦାନ କରିବା, ପରସ୍ପର ନିକଟକୁ ଅବାଧ ଗମନାଗମନ କରିବା; ବି. intercommuni- cation.

**intercommunion** ବି. ପରସ୍ପର ଯୋଗାଯୋଗ ( ବିଶେ. ବିଭିନ୍ନ ଖ୍ରୀଷ୍ଟିୟାନ ଗୋଷ୍ଠୀ ମଧ୍ୟରେ) ।

**interconnect** କ୍ରି. ପରସ୍ପର ସହ ଯୋଗାଯୋଗ ରଖିବା; ବି. interconnection.

**intercontinental** ବିଂ. ଆନ୍ତଃମହାଦେଶୀୟ (ଚଳାଚଳ ଆଦି) ।

Digitized by srujanika@gmail.com

**intercourse** ବି. ଯୋଗାଯୋଗ; (ସାମାଜିକ, ଦେଶଦେଶ ମଧ୍ୟରେ) ସଂପର୍କ; ଯୌନ ସଂପର୍କ।

**interdenominational** ବିଂ. ଏକାଧିକ ଧର୍ମୀୟ ବା ଖ୍ରୀଷ୍ଟିୟାନ ଗୋଷ୍ଠୀ ସମ୍ବନ୍ଧୀୟ।

**interdepartmental** ବିଂ. ଆନ୍ତଃ ବିଭାଗୀୟ।

**interdependent** ବିଂ. ପରସ୍ପର ନିର୍ଭରଶୀଳ; ବି. interdependence.

**interdict** 1. କ୍ରି. ନିଷିଦ୍ଧ କରିବା, ବ୍ୟବହାର ନିଷେଧ କରିବା, ବାରଣ କରିବା; 2. ବି. ବାସନ୍ଦ (କର୍ତ୍ତୃପକ୍ଷଦ୍ୱାରା); କେଥ. କୌଣସି ବ୍ୟକ୍ତି ଉପରେ ଧର୍ମକାର୍ଯ୍ୟ କରିବା ବିଷୟକ ନିଷେଧାଜ୍ଞା ଜାରି; ବି. interdiction ବିଂ. interdictory.

**interdisciplinary** ବିଂ. ଜ୍ଞାନ ବା ଶିକ୍ଷାର ବିଭିନ୍ନ ଦିଗର ପରସ୍ପର ସହ ଯୋଗାଯୋଗ ସଂପର୍କୀୟ।

**interest** 1. ବି. କୌତୂହଳ, ଆଗ୍ରହ, ସ୍ୱାର୍ଥ (is of no interest to me); ଆଗ୍ରହ ସୃଷ୍ଟିକାରୀ ବସ୍ତୁ; ସୁବିଧା (it is in your interest to go); ସୁଧ; ଆଇନଗତ ଦାବି (ସଂପତ୍ତି କ୍ଷେତ୍ରରେ); ଋଣ ବାକି (ବ୍ୟବସାୟ); ନିଜ ସ୍ୱାର୍ଥ ଜଡ଼ିତଥିବା କୌଣସି ପଦାର୍ଥ; କୌଣସି ଆଦର୍ଶ ଯାହାକୁ ଅନ୍ୟ ଏକ ଦଳ ମଧ୍ୟ ପୋଷଣ କରେ; ସେପରି ଦଳ; ନିଜର ମଙ୍ଗଳ ପାଇଁ କାର୍ଯ୍ୟ; ସ୍ୱାର୍ଥପରତା; 2. କ୍ରି. ଆଗ୍ରହ ସୃଷ୍ଟି କରିବା; ଆଗ୍ରହ ସୃଷ୍ଟି କରାଇବା କିମ୍ୱା ସଂପୃକ୍ତ କରାଇବା।

**interested** ବିଂ. କୌତୂହଳୀ, ସ୍ୱାର୍ଥଜଡ଼ିତ, ପକ୍ଷପାତୀ।

**interesting** ବିଂ. କୌତୂହଳୋଦ୍ଦୀପକ, ଆକର୍ଷଣୀୟ, ହୃଦୟଗ୍ରାହୀ; କ୍ରି.ବିଂ. interestingly.

**interface** 1. ବି. ଦୁଇ ଅଂଚଳର ସୀମାବର୍ତ୍ତୀ ଭୂମି; ସ୍ଥାନ ବା ପଦାର୍ଥ ଯେଉଁଠି ଦୁଇଟି ତତ୍ତ୍ୱର ମିଶ୍ର କ୍ରିୟା ଘଟେ; ପାରସ୍ପରିକ କ୍ରିୟା; 2. କ୍ରି. (ସା. with ସହ) ପରସ୍ପର ଆଦାନପ୍ରଦାନ।

**interfere** କ୍ରି. ହସ୍ତକ୍ଷେପ କରିବା; ବାଧା ଦେବା, ପ୍ରତିବନ୍ଧକ ହେବା, ବିରୋଧ କରିବା; (ଆଲୋକ ତରଙ୍ଗ ପ୍ରଭୃତି) ବିଭିନ୍ନ ସ୍ତରରେ ପରସ୍ପର ମିଶି ସଂପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ନିଷ୍କ୍ରିୟ ହେବା. interfere with ଯୌନ ଉତ୍ପୀଡ଼ନ କରିବା; ପାଶବିକ ଅତ୍ୟାଚାର କରିବା।

**interference** ବି. ହସ୍ତକ୍ଷେପ, ବାଧା, ବେତାର ସଂକେତର ଅପସରଣ ବା ପ୍ରତିବନ୍ଧକ।

**interferon** ବି. ଜୀବକୋଷରେ ଭାଇରସ୍ ବା ଭୂତାଣୁର ଅଭିବୃଦ୍ଧିକୁ ପ୍ରତିହତ କରୁଥିବା ପୁଷ୍ଟିସାର ବିଶେଷ।

**interfuse** କ୍ରି. ମିଶ୍ରଣ କରିବା, (ଦୁଇଟି ବସ୍ତୁକୁ) ପରସ୍ପର ସହିତ ମିଶାଇବା; ବିଛାଇଦେବା (ଗୋଟିଏ ଜିନିଷ ଉପରେ); ବିଂ. interfusible.

**interfusion** ବି. ପରସ୍ପର ମିଶ୍ରଣ।

**interglacial** ବି. ଦୁଇ ତୁଷାର ଯୁଗର ମଧ୍ୟବର୍ତ୍ତୀ ସମୟ।

**interim** 1. ବି. ମଧ୍ୟବର୍ତ୍ତୀ ସମୟ; 2. ବିଂ. ଅସ୍ଥାୟୀ, ସାମୟିକ।

**interior** 1. ବି. ଭିତର ଅଂଶ, ଭିତର ପାର୍ଶ୍ୱ, ଅଭ୍ୟନ୍ତର ଅଞ୍ଚଳ; କୋଠରୀର ଭିତର ପାର୍ଶ୍ୱ, ଏହି ଅଂଶର ଚିତ୍ର; ଦେଶର ଘରୋଇ ବିଭାଗ (Minister of the Interior); 2. ବିଂ. ଅନ୍ତଃନିଃସୃତ; ଦେଶର ମଧ୍ୟବର୍ତ୍ତୀ, ଅଭ୍ୟନ୍ତରୀଣ, ଘରୋଇ, ମନ ଭିତରର।

**interject** କ୍ରି. କଥାବାର୍ତ୍ତାର ମଝିରେ ବାଧାଦାନ ପୂର୍ବକ ଅଥବା ସଂଯୋଜକ ଉକ୍ତି ଭାବରେ ଆବେଗମୟ କଣ୍ଠରେ କହି ଉଠିବା।

**interjection** ବି. ବ୍ୟା. ଅନ୍ତର୍ନିକ୍ଷେପ; ହର୍ଷ, ବିଷାଦ, ବିସ୍ମୟ ପ୍ରଭୃତି ମନୋଭାବସୂଚକ ଶବ୍ଦ ବା ଧ୍ୱନି।

**interlace** କ୍ରି. ଏକାଠି ବାନ୍ଧିବା; ବୁଣିବା, ଗୁନ୍ଥିବା, ବଳିବା; ବି. interlacement.

**interlard** କ୍ରି. ଲେଖା ବା ଭାଷଣରେ ଅସାଧାରଣ ଶବ୍ଦ ଓ ବାକ୍ୟାଂଶ ମିଶାଇବା।

**interleave** କ୍ରି. (ପୁସ୍ତକର) ପୃଷ୍ଠା ଗୁଡ଼ିକ ମଧ୍ୟରେ ଅଛପା ପୃଷ୍ଠା ଭର୍ତ୍ତି କରିବା।

**interlinear** ବିଂ. ଦୁଇ ପଂକ୍ତିର ମଧ୍ୟରେ ଲିଖିତ ବା ମୁଦ୍ରିତ।

**interlink** କ୍ରି. ସଂଯୁକ୍ତ କରିବା, ଏକତ୍ର ଯୁକ୍ତ କରିବା।

**interlock** 1. କ୍ରି. ବନ୍ଧନ ଦ୍ୱାରା ପରସ୍ପର ସଂଯୁକ୍ତ କରିବା ବା ଯୋଡ଼ିବା; ସଘନ ସିଲାଇ ଦ୍ୱାରା ସଂଯୁକ୍ତ କରିବା; 2. ବିଂ. ସୂତାଦ୍ୱାରା ସଘନ ସିଲାଇ କରାଯାଇଥିବା (ପୋଷାକପତ୍ର); 3. ବି. ଏପରି ସିଲାଇ ଦ୍ୱାରା ତିଆରି ପୋଷାକ।

Digitized by srujanika@gmail.com

**interlocutor** ବି. *ଔପ.* କଥୋପକଥନରେ ଯୋଗଦାନକାରୀ (ବ୍ୟକ୍ତି)।
**interlocutory** ବିଂ. ଆଲୋଚନାମୂଳକ; କଥାବାର୍ତ୍ତା ସମ୍ବନ୍ଧିତ; ଆଇନାନୁମୋଦିତ କାର୍ଯ୍ୟାନୁଷ୍ଠାନ ସମୟରେ ଦତ୍ତ (ରାୟ)।
**interloper** ବି. ଅନୁପ୍ରବେଶକାରୀ, ହସ୍ତକ୍ଷେପକାରୀ, ଲାଭ ଆଶାରେ ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରୁଥିବା ବ୍ୟକ୍ତି।
**interlude** ବି. ନାଟକର ଦୁଇ ଅଙ୍କ ମଧ୍ୟବର୍ତ୍ତୀ ବିଶ୍ରାମ ସମୟ; ଏହି ସମୟରେ ପ୍ରଦର୍ଶିତ ଦୃଶ୍ୟାବଳୀ (ବିଶ୍ରାମ ସମୟ ମଧ୍ୟରେ); ଦୁଇ ମୁଖ୍ୟ ଘଟଣାର ପରିବେଷଣ ମଧ୍ୟବର୍ତ୍ତୀ 'ଗୌଣ ଘଟଣା ପ୍ରଭୃତି; ଦୁଇ ଉପାସନା ଗୀତ ମଧ୍ୟବର୍ତ୍ତୀ ସମୟର ବାଦ୍ୟବାଦନ; ଦୁଇ ପଂକ୍ତି ମଧ୍ୟରେ ସଂଯୋଜିତ ବାଦ୍ୟ ସଂଗୀତ।
**intermarry** କ୍ରି. ଭିନ୍ନ ଜାତି ସହିତ ପରିଣୟ ସୂତ୍ରରେ ଆବଦ୍ଧ ହେବା; ବି. intermarriage.
**intermediary** 1. ବି. ମଧ୍ୟସ୍ଥି, ମଧ୍ୟସ୍ଥ ପଦାର୍ଥ, 2. ବିଂ. ମଧ୍ୟସ୍ଥତାକାରୀ, ମଧ୍ୟବର୍ତ୍ତୀ।
**intermediate** 1. ବିଂ. ଦୁଇ ସମୟ, ସ୍ଥାନ, ଚରିତ୍ର ପ୍ରଭୃତିର ମଧ୍ୟବର୍ତ୍ତୀ; ମାଧ୍ୟମିକ (ପାଠ୍ୟକ୍ରମ), 2. ବି. ମଧ୍ୟବର୍ତ୍ତୀ ପଦାର୍ଥ; ମାଧମିକ ପାଠ୍ୟକ୍ରମ; ବୈ. ରସାୟନ କ୍ରିୟା ଜନିତ ଯୌଗିକ ପଦାର୍ଥ ଯାହାକୁ ଅନ୍ୟ ପ୍ରକ୍ରିୟାରେ ଉପଯୋଗ କରାଯାଏ।
**interment** ବି. ସମାଧି।
**intermezzo** ବି. (ବ.ବ. intermezzi) *ସଂଗୀତ* କାର୍ଯ୍ୟକ୍ରମରେ କ୍ଷୁଦ୍ର ବାଦ୍ୟ ବୃନ୍ଦ; ମଧ୍ୟବର୍ତ୍ତୀ ସମୟର ବାଦ୍ୟବାଦନ; ନାଟକର ଦୁଇ ଅଙ୍କର ମଧ୍ୟବର୍ତ୍ତୀ ସମୟରେ ପ୍ରଦର୍ଶିତ ଲଘୁ ଉପସ୍ଥାପନା।
**interminable** ବିଂ. କ୍ଳାନ୍ତିକର ଭାବରେ ଦୀର୍ଘ; ଅନ୍ତହୀନ; କ୍ରି.ବିଂ. interminably.
**intermingle** କ୍ରି. ପରସ୍ପର ମିଶିଯିବା; ମିଶିବା।
**intermission** ବି. ସାମୟିକ ବିରତି, ବିରତି; ଚଳଚ୍ଚିତ୍ର ପ୍ରଭୃତିରେ ମଧ୍ୟାନ୍ତର ସମୟ।
**intermittent** ବିଂ. ମଧ୍ୟେ ମଧ୍ୟେ ଘଟୁଥିବା, ସବିରାମ।
**intermix** କ୍ରି. ଏକାଠି ମିଶାଇବା।
**intern, interne** 1. କ୍ରି. (ବନ୍ଦୀ, ବିଦେଶୀ ବ୍ୟକ୍ତି ପ୍ରଭୃତିଙ୍କୁ) ଦେଶର ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ବସ ବାସ କରିବାକୁ ବାଧ କରିବା; 2. *ଆମେ.* ବି. ଡାକ୍ତରୀ ବିଦ୍ୟାରେ ସ୍ନାତକ ଶିକ୍ଷା ସମାପନ ପରେ ସହକାରୀ ଚିକିତ୍ସକ ବା ଉପ ଶଲ୍ୟଚିକିତ୍ସକ ଭାବରେ କାର୍ଯ୍ୟ କରୁଥିବା ଡାକ୍ତରୀ ଛାତ୍ର; ତାଲିମ୍‌ନବିସ୍; ବି. internment.
**internal** ବିଂ. ଆଭ୍ୟନ୍ତରିକ; ଦୃଶ୍ୟ ବହିର୍ଭୂତ ଭିତରପଟ; ଶରୀରାଭ୍ୟନ୍ତର (internal injury); ଦେଶର ଘରୋଇ ବ୍ୟାପାର; ଆନ୍ତରୀଣ (ପରୀକ୍ଷା), ଅଭ୍ୟନ୍ତରୀଣ (ସଂଗଠନ ପ୍ରଭୃତି); ପ୍ରକୃତିଗତ (intrinsic); ଅନ୍ତରସ୍ଥ; ବି. internality; କ୍ରି.ବିଂ. nternally.
**internal angle** ବି. ଅନ୍ତଃସ୍ଥ କୋଣ।
**internal–combustion engine** ବି. ସିଲିଣ୍ଡର ମଧ୍ୟରେ ବାଷ୍ପ ବିସ୍ଫୋରଣଜନିତ ଶକ୍ତିଦ୍ୱାରା ଚାଳିତ ଇଂଜିନ୍।
**internal evidence** ବି. ଆଲୋଚନାର ବିଷୟ ବସ୍ତୁ ମଧ୍ୟରୁ ଗୃହୀତ ତଥ୍ୟ।
**international** 1. ବିଂ. ଆନ୍ତର୍ଜାତିକ, ଆନ୍ତଃରାଷ୍ଟ୍ରୀୟ; ବହୁ ଅଥବା ସବୁ ଦେଶଦ୍ୱାରା ଗୃହୀତ; 2. ବି. ବହୁ ଦେଶ ସଂଶ୍ଳିଷ୍ଟ କ୍ରୀଡ଼ା ପ୍ରତିଯୋଗିତା; ଏପରି ପ୍ରତିଯୋଗିତାରେ ଯୋଗଦାନକାରୀ କ୍ରୀଡ଼ାବିତ୍; International କମ୍ୟୁନିଷ୍ଟ ମତବାଦ ବା ସମାଜବାଦ ପାଇଁ ପ୍ରତିଷ୍ଠିତ ଚାରୋଟି ବହୁଦେଶୀୟ ସଂଗଠନ ମଧ୍ୟରେ ଗୋଟିଏ; ବି. internationality; କ୍ରି.ବିଂ. internationally.
**internationalism** ବି. ଆନ୍ତର୍ଜାତିକତାବାଦ; ବି. internationalist.
**internationalize** କ୍ରି. ଆନ୍ତର୍ଜାତିକ କରିବା; ଦୁଇ ବା ତତୋଽଧିକ ଦେଶର କର୍ତ୍ତୃତ୍ୱ ବା ସୁରକ୍ଷାର ଅଧୀନ କରାଇବା; ବି. internationalization.
**internecine** ବିଂ. ପରସ୍ପର ଧ୍ୱଂସକାରକ (ପ୍ରଧାନତଃ ଯୁଦ୍ଧ ସଂପର୍କରେ)।
**internee** ବି. ନଜରବନ୍ଦୀ; ଯେଉଁ ବ୍ୟକ୍ତିର ଅବାଧ ଗତି ନିୟନ୍ତ୍ରିତ କରାଯାଇ ଥାଏ।
**internist** ବି. ଶରୀର ଅଭ୍ୟନ୍ତରସ୍ଥ ରୋଗର ବିଶେଷଜ୍ଞ; *ଆମେ.* ସାଧାରଣ ଡାକ୍ତର।
**interpenetrate** କ୍ରି. ପରସ୍ପରକୁ ଭେଦ କରିବା; ପରିବ୍ୟାପ୍ତ ହେବା; ବି. interpenetration.
**interpersonal** ବିଂ. ବ୍ୟକ୍ତି-ବ୍ୟକ୍ତି ମଧ୍ୟସ୍ଥ; ସାମାଜିକ।

Digitized by srujanika@gmail.com

**interplanetary** ବିଂ. ବିଭିନ୍ନ ଗ୍ରହଗତ, ଗ୍ରହଗ୍ରହ ମଧ୍ୟରେ ଯାତାୟତ ସଂପର୍କୀୟ।

**interplay** ବି. ପରସ୍ପର କ୍ରିୟା ପ୍ରତିକ୍ରିୟା।

**Interpol** ସଂଖ. International Criminal Police Commission (Organisation) ଅନୁସନ୍ଧାନ ପାଇଁ ଗଠିତ ଆନ୍ତର୍ଜାତିକ ପୋଲିସ ସଂସ୍ଥା।

**interpolate** କ୍ରି. ବାର୍ତ୍ତାଳାପ ମଝିରେ ମନ୍ତବ୍ୟ ଦେବା; ବହିରେ ଅନ୍ୟାୟଭାବେ ପାଠ ସନ୍ନିବେଶିତ (ପ୍ରକ୍ଷେପ) କରିବା; (ବହିର) ପଙ୍‌କ୍ତି ମଝିରେ ଶବ୍ଦ ଭର୍ତ୍ତିକରିବା; ଗଣିତର ଶୃଙ୍ଖଳାରେ ନୂତନ ଶବ୍ଦ (terms) ସଂଯୋଗ କରିବା; ସମଶ୍ରେଣୀୟ ଜ୍ଞାତ ବସ୍ତୁମାନଙ୍କୁ ଦୃଷ୍ଟିରେ ରଖି କୌଣସି ପଦାର୍ଥର ମୂଲ୍ୟାୟନ କରିବା; ବି. interpolator.

**interpolation** ବି. ପ୍ରକ୍ଷେପ, ପ୍ରକ୍ଷିପ୍ତ ବିଷୟ।

**interpose** କ୍ରି. (ଦୁଇ ବା ତତୋଽଧିକ ବ୍ୟକ୍ତି, ବସ୍ତୁ ମଧ୍ୟରେ) ସ୍ଥାପିତ କରିବା, ବାକ୍ୟାଳାପର ମଝିରୁ ବାଧା ଦାନ କରି ମନ୍ତବ୍ୟ ଦେବା; ହସ୍ତକ୍ଷେପ ଉଦ୍ଦେଶ୍ୟରେ ଭିଟୋ ପ୍ରୟୋଗ କରିବା କିମ୍ବା ପ୍ରତିବାଦ ଜଣାଇବା; ବି. interposition.

**interpret** କ୍ରି. ବ୍ୟାଖ୍ୟା କରିବା (ବିଦେଶୀ ଶବ୍ଦ, ସ୍ୱପ୍ନ ପ୍ରଭୃତି); ଅର୍ଥ ନିରୂପଣ କରିବା; ନିର୍ଦ୍ଦିଷ୍ଟ ଧାରାରେ ବୁଝାଇବା ବା ବୁଝିବା; ବ୍ୟାଖ୍ୟାକାର ହିସାବରେ କାର୍ଯ୍ୟ କରିବା; ବି. interpretation; ବିଂ. interpretative; interpretive.

**interpreter** ବି.ବ୍ୟାଖ୍ୟାକାର; ଦୋଭାଷୀ (ଦୁଇ ଭିନ୍ନଭାଷୀ ବ୍ୟକ୍ତିଙ୍କର ବାର୍ତ୍ତାଳାପ ବେଳେ ଅନୁବାଦକ ହିସାବରେ କାର୍ଯ୍ୟ କରୁଥିବା ବ୍ୟକ୍ତି)।

**interregnum** ବି.( ବ.ବ.interregnums) ଦୁଇ ଶାସନକାଳର ମଧ୍ୟବର୍ତ୍ତୀ ସମୟ; ମଧ୍ୟାନ୍ତର, ବିରତି।

**interrelated** ବିଂ. ପରସ୍ପର ସହ ସଂପୃକ୍ତ; ବି. interrelation.

**interrogate** କ୍ରି. ପ୍ରଶ୍ନ ବା ଜେରା କରିବା; ବି. interrogation; ବି. interrogator.

**interrogative** ବ୍ୟା. 1. ବିଂ. ପ୍ରଶ୍ନବାଚକ; 2. ବି. ପ୍ରଶ୍ନବାଚକ ଶବ୍ଦ (ଯଥା who,which etc).

**interrogatory** 1. ବିଂ. ପ୍ରଶ୍ନସୂଚକ (interrogatory tone); 2. ବି. ପ୍ରଶ୍ନ, ପ୍ରଶ୍ନମାଳା।

**interrupt** କ୍ରି. ବ୍ୟାହତ କରିବା (ଭାଷଣ, କର୍ମ କିମ୍ବା ବାର୍ତ୍ତାଳାପ ଆଦି); ବାଧାଦେବା (ଦୃଷ୍ଟିପଥ); ବି. interruption.

**intersect** କ୍ରି. ବିଭକ୍ତ କରିବା; (ସରଳରେଖା, ରାସ୍ତା ଆଦି) ପରସ୍ପରକୁ ଛେଦ କରିବା।

**intersection** ବି. ଛକ (ରାସ୍ତା), ପରସ୍ପର ଛେଦୀ ରେଖାମାନଙ୍କର ସାଧାରଣ ବିନ୍ଦୁ।

**interspace** 1. ବି. ମଧ୍ୟବର୍ତ୍ତୀ ଜାଗା; 2. କ୍ରି. ମଝିରେ ଜାଗା ରଖିବା।

**intersperse** କ୍ରି. ବିକ୍ଷିପ୍ତ କରିବା (ପଦାର୍ଥ); ବିଞ୍ଚାଡ଼ି ଦେବା (ପଦାର୍ଥ ବା ପଦାର୍ଥ ସମୂହ); ବି. interspersion.

**interstate** ବିଂ. ଆନ୍ତଃରାଷ୍ଟ୍ରୀୟ; ଆନ୍ତଃ- ପ୍ରାଦେଶିକ।

**interstellar** ବିଂ. ନକ୍ଷତ୍ରମାନଙ୍କ ମଧ୍ୟବର୍ତ୍ତୀ; ନକ୍ଷତ୍ରମଣ୍ଡଳ ସଂପର୍କୀୟ।

**interstice** ବି. ଘନ ସନ୍ନିବିଷ୍ଟ ପଦାର୍ଥମାନଙ୍କ ମଧ୍ୟସ୍ଥିତ ଫାଙ୍କ; ମଧ୍ୟବର୍ତ୍ତୀ କ୍ଷୁଦ୍ର ବ୍ୟବଧାନ।

**interstitial** ବିଂ. ସଂକୀର୍ଣ୍ଣ ଖାଲି ଜାଗା ବା ଫାଙ୍କ ସୃଷ୍ଟିକାରୀ; କ୍ରି.ବିଂ. interstitially.

**intertwine** କ୍ରି. ଏକତ୍ର ଛନ୍ଦାଛନ୍ଦି ହେବା, ସଂଗ୍ରଥିତ କରିବା।

**interval** ବି. ମଧ୍ୟବର୍ତ୍ତୀ ସମୟ ବା ସ୍ଥାନ, ବିରାମ ସମୟ, ବିରତି; at intervals ଏଇଠି ସେଇଠି; ମଝିରେ ମଝିରେ।

**intervene** କ୍ରି. ଠିକ୍ ବେଳରେ ଦୁଇଟି ଘଟଣା ମଝିରେ ଘଟିବା; ହସ୍ତକ୍ଷେପ କରିବା; ଗତି ବା ଗୁଣର ପରିବର୍ତ୍ତନ କରିବା; ବାହ୍ୟ ପଦାର୍ଥଭାବରେ ପ୍ରବେଶ କରିବା; ଦୁଇଟି ପଦାର୍ଥ ମଧ୍ୟରେ ଅବସ୍ଥାପିତ ହେବା।

**intervention** ବି. ହସ୍ତକ୍ଷେପ; ମଧ୍ୟରେ ଅବସ୍ଥାପନ, ରାଷ୍ଟ୍ରୀୟ ମଧ୍ୟସ୍ଥତାଦ୍ୱାରା ହସ୍ତକ୍ଷେପ।

**interventionist** ବି.ହସ୍ତକ୍ଷେପ ସମର୍ଥନକାରୀ।

**interview** 1. ବି. ସାକ୍ଷାତ୍‌କାର, ସାମ୍ବାଦିକଙ୍କ ସହ ବ୍ୟକ୍ତି ବିଶେଷଙ୍କର ଭେଟ, ଆବେଦନକାରୀ ବା ପ୍ରାର୍ଥୀର ମୌଖିକ ପରୀକ୍ଷା; ପରାମର୍ଶ ପାଇଁ ମୁହାଁମୁହିଁ ସାକ୍ଷାତ; 2. କ୍ରି. ମୌଖିକ ପରୀକ୍ଷା କରିବା; ସାକ୍ଷାତ୍ ହେବା; ବି. interviewee; interviewer.

**interwar** ବିଂ. ଦୁଇ ଯୁଦ୍ଧର ମଧ୍ୟବର୍ତ୍ତୀ କାଳୀନ।

Digitized by srujanika@gmail.com

**interweave** କ୍ରି. ଏକାଠି ବୁଣିବା; ଏକତ୍ର ବିଜଡ଼ିତ ହେବା; ପରସ୍ପର ଘନିଷ୍ଠ ହେବା।

**intestate** 1. ବିଂ. ଇଚ୍ଛାପତ୍ର ବା ଉଇଲ୍ ନ କରି ମରିଥିବା; 2. ବି. ଉଇଲ୍ ନକରି ମରିଥିବା ବ୍ୟକ୍ତି, ବି. intestacy.

**intestine** ବି. ଖାଦ୍ୟନଳୀର ନିମ୍ନଭାଗ; ଅନ୍ତ୍ରନାଳୀ; ବିଂ. intestinal.

**intimacy** ବି. ଅନ୍ତରଙ୍ଗତା; ଅନ୍ତରଙ୍ଗ ସଂବଂଧ; ଯୌନ ସଂପର୍କ।

**intimate**[1] 1. ବିଂ. ଅନ୍ତରଙ୍ଗ (intimate friend); ବନ୍ଧୁତ୍ୱପୂର୍ଣ୍ଣ; ଜଣାଶୁଣା ଏକାନ୍ତ ବ୍ୟକ୍ତିଗତ; ଯୌନସଂପର୍କ ଯୁକ୍ତ; ବିସ୍ତୃତ ଓ ବ୍ୟାପକ (ଜ୍ଞାନ); ଘନିଷ୍ଠ (ବନ୍ଧୁତା); 2. ବି. ଘନିଷ୍ଠ ବନ୍ଧୁ।

**intimate**[2] କ୍ରି. ପ୍ରକାଶ କରିବା କିମ୍ବା ଜଣାଇବା, ସୂଚନା ଦେବା, ସଂକେତ ଦେବା; ବି. intimation.

**intimidate** କ୍ରି. ଆଧିପତ୍ୟ ବିସ୍ତାର ବା ବଶୀକରଣ ପାଇଁ ଭୟଭୀତ କରିବା; ବି. intimidation; intimidator.

**into** *ଅ.* ଆଡ଼କୁ କିମ୍ବା ଅଭ୍ୟନ୍ତରକୁ ଗତି ନିର୍ଦ୍ଦେଶ ସୂଚକ (crashed into the wall; went into the room); ଅବସ୍ଥାର ପରିବର୍ତ୍ତନ ସୂଚକ (turned into a tiger; divided into classes; pressed into agreement); କ.ଭା. ଆଗ୍ରହୀ।

**intolerable** ବିଂ. ଅସହ୍ୟ; କ୍ରି.ବିଂ. intolerably.

**intolerant** ବିଂ. ଅସହିଷ୍ଣୁ (ଅଲଗା ମତବାଦୀଙ୍କ ପ୍ରତି); ବି. intolerance.

**intonation** ବି. କଣ୍ଠସ୍ୱରର ଉତ୍‌ଥାନ ପତନ; ସ୍ୱରଭଙ୍ଗୀ।

**intone** କ୍ରି. ଏକ ସ୍ୱରରେ (ଭଜନ ପ୍ରଭୃତି) ଆବୃତ୍ତି କରିବା; ନିର୍ଦ୍ଦିଷ୍ଟ ସ୍ୱରରେ ଉଚ୍ଚାରଣ କରିବା।

***in toto*** *କ୍ରି.ବିଂ.* ସଂପୂର୍ଣ୍ଣ ଭାବରେ। *(ଲା.)*

**intoxicant** 1. ବି. ନିଶାଦ୍ରବ୍ୟ; 2. ବିଂ. ନିଶାକାରୀ (ଦ୍ରବ୍ୟ)।

**intoxicate** କ୍ରି. ମାତାଲ କରିବା, ପ୍ରମତ୍ତ ହୋଇ ଆତ୍ମ-ନିୟନ୍ତ୍ରଣ ହରାଇବା; ବି. intoxication.

**intra-** *ଉ.ପ.* ମଧ୍ୟସ୍ଥ, ଭିତର ପଟର।

**intractable** ବିଂ. ନିୟଂନ୍ତ୍ରଣ କରିବା କିମ୍ବା ମନାଇବା ପାଇଁ କଷ୍ଟକର; ଦୁର୍ଗମ, ଅବାଧ୍ୟ, କଷ୍ଟସାଧ; ଜିଦ୍‌ଖୋର୍; ବି. intractability; କ୍ରି.ବିଂ. intractably.

**intramural** ବିଂ. ଚାରିକାନ୍ଥ ମଧ୍ୟସ୍ଥ, ବିଶ୍ୱବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟଭୁକ୍ତ; ପାଠ୍ୟକ୍ରମ ଅନ୍ତର୍ଭୁକ୍ତ; କ୍ରି.ବିଂ. intramurally.

**intransigent** 1. ବିଂ. ଆପୋଷ ଆଲୋଚନାର ବିରୋଧୀ; ଜିଦ୍‌ଖୋର୍; 2. ବି. ନଛୋଡ଼ବନ୍ଧା ବା ଏକଜିଦିଆ ଲୋକ; ବି. intransigence.

**intransitive** ବିଂ. *ବ୍ୟା.* ଅକର୍ମକ (କ୍ରିୟା)।

**intrauterine** ବିଂ. ଗର୍ଭାଶୟ ବା ଜରାୟୁ ଅଭ୍ୟନ୍ତରସ୍ଥ।

**intravenous** ବିଂ. ଶିରାମଧ୍ୟସ୍ଥ କିମ୍ବା ଶିରା ମଧ୍ୟଦେଇ ଚାଳିତ; କ୍ରି.ବିଂ. intravenously.

**in-tray** ବି. ଆସୁଥିବା ନଥିପତ୍ର ରଖିବା ପାଇଁ ବ୍ୟବହୃତ ଡାଲା।

**intrepid** ବିଂ. ନିର୍ଭୟ, ସାହସୀ; ବି. intrepidity; କ୍ରି.ବିଂ. intrepidly.

**intricate** ବିଂ. ବିଜଡ଼ିତ, ଛନ୍ଦାଛନ୍ଦି; ଜଟିଳ।

**intrigue** 1. କ୍ରି. ଗୁପ୍ତ ଚକ୍ରାନ୍ତ କରିବା, ଗୁପ୍ତଭାବରେ ପ୍ରଭାବ ପକାଇବା; ଆଗ୍ରହ ବା କୌତୂହଳ ସୃଷ୍ଟି କରିବା; 2. ବି. ଷଡ଼ଯନ୍ତ୍ର, ଚକ୍ରାନ୍ତ; *ପ୍ରା.ପ୍ର.* ଗୁପ୍ତ ପ୍ରଣୟ।

**intrinsic** ବିଂ. ଅନ୍ତର୍ନିହିତ; ସ୍ୱାଭାବିକ; ମୌଳିକ; କ୍ରି.ବିଂ. intrinsically.

**intro-** *ପୂ.ପ୍ର.* ସଂ. ଭିତରକୁ, ଭିତର ଆଡ଼େ।

**introduce** କ୍ରି. ପରିଚୟ କରିଦେବା (ନିଜକୁ କିମ୍ବା ବ୍ୟକ୍ତିକୁ); ଜନତା ସମ୍ମୁଖରେ ଉପସ୍ଥାପନ କରିବା; ପ୍ରଥାର ପ୍ରଚଳନ କରିବା; ସଂସଦ ପ୍ରଭୃତିରେ ବିଲ୍ ଉପସ୍ଥାପନ କରିବା; ପରିଚିତ କରାଇବା (ବ୍ୟକ୍ତିକୁ ବିଷୟ ସହ); ଆଣିବା, ସୂତ୍ରପାତ କରିବା; ବାଟ କଢ଼େଇ ଆଣିବା, ଉପସ୍ଥାପନ କରିବା; ଆରମ୍ଭର ଠିକ ଆଗରୁ ଘଟିବା; ବିଂ. introducible.

**introduction** ବି. ପରିଚୟକରଣ, ଉପସ୍ଥାପନ; ମୁଖବନ୍ଧ (ପୁସ୍ତକାଦିର), ପ୍ରବନ୍ଧର ମୂଳ ଉପସ୍ଥାପନା; ବିଷୟବସ୍ତୁ ପରିଚୟ।

**introductory** ବିଂ. ଉପସ୍ଥାପକ, ପ୍ରାରମ୍ଭିକ।

Digitized by srujanika@gmail.com

**introit** ବି. *ଖ୍ରୀ.* ୟୁକେରିଷ୍ଟ ଉତ୍ସବପାଇଁ ଧର୍ମଯାଜକ ମଞ୍ଚ ଉପରକୁ ଉଠିଲା ବେଳେ ଗାନ କରାଯାଉଥିବା ଧର୍ମଗୀତି ।

**introspection** ବି. ଅନ୍ତର୍ନିରୀକ୍ଷଣ, ଅନ୍ତର୍ଦୃଷ୍ଟି; ବିଂ. introspective.

**introvert** ବି. *ମନ.* ଅନ୍ତରାଭିମୁଖୀ ବ୍ୟକ୍ତି; ଲାଜକୁଳା ବା ଚିନ୍ତାଶୀଳ ବ୍ୟକ୍ତି; ବି. introversion.

**introverted** ବିଂ. ନିଜ ଚିନ୍ତାରେ ନିମଜ୍ଜିତ, ଗମ୍ଭୀର, ଲଜ୍ଜାଶୀଳ ।

**intrude** କ୍ରି. ଇଚ୍ଛା ବିରୁଦ୍ଧରେ କିମ୍ବା ଅନିମନ୍ତ୍ରିତ ଭାବରେ ପ୍ରବେଶ କରିବା; ଜୋର ଜବରଦସ୍ତି କରିବା ।

**intruder** ବି. ( ବିଶେ. ଅନଧିକାର) ପ୍ରବେଶକାରୀ; ଡକାୟତ, ଅନୁପ୍ରବେଶକାରୀ ବାୟୁଯାନ ।

**intrusion** ବି.ଅନୁପ୍ରବେଶ; ଅନଧିକାର ପ୍ରବେଶ; ଦୁଇ ସ୍ତର ମଧ୍ୟରେ ତରଳୀକୃତ ଶିଳାର ଅନୁପ୍ରବେଶ; ବିଂ. intrusive.

**intrust** ବିକ. entrust.

**intuition** ବି. ସ୍ୱତଃଲବ୍ଧ ଜ୍ଞାନ (ବିଚାର ଅଥବା ବିଶ୍ଳେଷଣ ମାଧ୍ୟମରେ ପ୍ରାପ୍ତ ନୁହେଁ); ତାତ୍କ୍ଷଣିକ ଅନ୍ତର୍ଦୃଷ୍ଟି; ଅସଚେତନ ଭାବରେ ପ୍ରାପ୍ତ ଉପଲବ୍ଧି; କ୍ରି. intuit; ବିଂ. intuitional.

**intuitive** ବିଂ. ଆତ୍ମ-ଅବବୋଧ ବା ଅନ୍ତର୍ଜ୍ଞାନ ଲବ୍ଧ ।

**inundate** କ୍ରି. ପ୍ଲାବିତ କରିବା; ଅଭିଭୂତ କରିବା; ବି. inundation.

**inure** କ୍ରି. ଅପ୍ରୀତିକର ବସ୍ତୁ ସହିତ ଅଭ୍ୟସ୍ତ ହେବା ବା କରିବା; *ଆଇନ* କାର୍ଯ୍ୟକାରୀ ହେବା ।

***in vacuo*** କ୍ରି.ବିଂ. ଶୂନ୍ୟତା ମଧ୍ୟରେ । *(ଲା.)*

**invade** ସ.କ୍ରି. (ଦେଶ) ଦଖଲ ଉଦ୍ଦେଶ୍ୟରେ ଆକ୍ରମଣ କରିବା; ପତଙ୍ଗମାନଙ୍କ ପରି ମାଡ଼ିଯିବା, (ରୋଗ) ଆକ୍ରମଣ କରିବା, (ବ୍ୟକ୍ତିଗତ ଜୀବନ ଧାରାରେ) ହସ୍ତକ୍ଷେପ କରିବା; ବି. invader.

**invalid**[1] 1. ବି. ଅସୁସ୍ଥତା ବା ଆକସ୍ମିକ ଦୁର୍ଯୋଗବଶତଃ ଅକ୍ଷମ, ପଙ୍ଗୁ; 2. ବିଂ. ଅକ୍ଷମମାନଙ୍କ ବିଷୟକ; ଅକ୍ଷମ ବ୍ୟକ୍ତି ସଂପର୍କିତ; 3. କ୍ରି. (ଶାରୀରିକ ଅକ୍ଷମତା ଯୋଗୁଁ) ଚାକିରୀରୁ ହଟାଇ ଦେବା; ଅଥର୍ବତା ଯୋଗୁଁ ତଡ଼ିଦେବା (ଗୃହଆଦିରୁ); (ରୋଗରେ ପଡି) ଅଥର୍ବ ବା ପଙ୍ଗୁ ହୋଇଯିବା; ବି. invalidity.

**invalid**[2] ବିଂ. ଅସିଦ୍ଧ; ବି. invalidity.

**invalidate** କ୍ରି. (ତର୍କ ବା ଚୁକ୍ତି) ଅସିଦ୍ଧ ସାବ୍ୟସ୍ତ କରିବା; ବି. invalidation.

**invaluable** ବିଂ. ମୂଲ୍ୟାତୀତ, ବହୁମୂଲ୍ୟ; ଅମୂଲ୍ୟ; କ୍ରି.ବିଂ. invaluably.

**invariable** ବିଂ. ଅପରିବର୍ତ୍ତନୀୟ, ସର୍ବଦା ଏକପ୍ରକାର, *ଗଣିତ* ସ୍ଥିର; କ୍ରି.ବିଂ. invariably.

**invasion** ବି. ଆକ୍ରମଣ; ବିଂ. invasive.

**invective** ବି. ତୀବ୍ର ବାକ୍ୟବାଣ, କଟୂକ୍ତି ।

**inveigh** କ୍ରି. ବାକ୍ୟବାଣ ପ୍ରହାର କରିବା କିମ୍ବା କଟୂକ୍ତି ପୂର୍ଣ୍ଣ ଲେଖା ଲେଖିବା ।

**inveigle** କ୍ରି. ପ୍ରଲୋଭିତ କରିବା, ମିଠା କଥାରେ ଭୁଲେଇବା; ବି. inveiglement.

**invent** କ୍ରି. ଉଦ୍‌ଭାବନ କରିବା (ଯନ୍ତ୍ର, ପଦ୍ଧତି); ଚିନ୍ତନ ବଳରେ ନୂତନ ସୃଷ୍ଟି କରିବା; (ମିଥ୍ୟା ଗଳ୍ପ) ଫାନ୍ଦିବା; ବି. inventor.

**invention** ବି. ଉଦ୍ଭାବନ, ଉଦ୍ଭାବିତ ପଦାର୍ଥ, କାଳ୍ପନିକ ଗଳ୍ପ, ଉଦ୍ଭାବନଶୀଳତା ।

**inventive** ବିଂ. ଉଦ୍ଭାବନଶକ୍ତି ସଂପନ୍ନ; କ୍ରି.ବିଂ. inventively; ବି. inventiveness.

**inventory** ବି. ଜିନିଷପତ୍ରର ବିସ୍ତାରିତ ତାଲିକା ବା ଫର୍ଦ୍ଦ; ତାଲିକା ବର୍ଣ୍ଣିତ ଦ୍ରବ୍ୟ ।

**inverse** 1. ବିଂ. ବିପରୀତ, ପ୍ରତୀପ; ଓଲଟ ପାଲଟ (ସ୍ଥିତି, ଶୃଙ୍ଖଳା କିମ୍ବା ସମ୍ପର୍କ); (କ୍ରମିକତା ବା ଅନୁପାତ କ୍ଷେତ୍ରରେ) ଦୁଇ ପରିମାଣ ମଧ୍ୟରେ ଏକର ଅବକ୍ଷୟ ସହିତ ଅପରର ଆନୁପାତିକ ବୃଦ୍ଧି; 2. ବି. ବିରୁଦ୍ଧ ଅବସ୍ଥା, ସିଧାସଳଖ ବିପରୀତ ବସ୍ତୁ (ଅନ୍ୟ ବସ୍ତୁର); କ୍ରି.ବିଂ. inveresly.

**inversion** ବି. ଓଲଟାବସ୍ଥାନ; ସାଧାରଣ ସ୍ଥିତି, ଶୃଙ୍ଖଳା ବା ସଂପର୍କର ବିପରୀତ ଅବସ୍ଥା; ବିଂ. inversive.

**invert** 1. କ୍ରି. ଓଲଟାଇଦେବା; ଓଲଟ ପାଲଟ କରିଦେବା; ବିପରୀତ ଅବସ୍ଥାକୁ ଆଣିବା, 2. ବି. ବିପର୍ଯ୍ୟସ୍ତ ପ୍ରବୃତ୍ତି ବିଶିଷ୍ଟ, *ସା.* ସମଲିଙ୍ଗୀ ପୁରୁଷ ।

**invertebrate** 1. ବିଂ. ମେରୁଦଣ୍ଡ ବିହୀନ; 2. ବି. ମେରୁଦଣ୍ଡହୀନ ପ୍ରାଣୀ ।

Digitized by srujanika@gmail.com

**inverted commas** ବି. ବ.ବ. ଉଦ୍ଧୃତାଂଶକୁ ଚିହ୍ନିତ କରିବା ପାଇଁ ବ୍ୟବହୃତ ଚିହ୍ନ; ଉଦ୍ଧୃତି ଚିହ୍ନ (" ")।

**invest** କ୍ରି. ମୁନାଫା ପାଇଁ ଅର୍ଥ ବିନିଯୋଗ କରିବା; ପଦବୀ ଅଥବା ମର୍ଯ୍ୟାଦା ଦ୍ୱାରା ଲୋକକୁ ସମ୍ମାନିତ କରିବା; ପଦୋଚିତ ପୋଷାକାଦି ପରିଧାନ କରାଇବା; ଆବୃତ କରାଇବା; ଅବରୋଧ କରିବା; invest in ଟଙ୍କା ଖଟାଇବା; *ସା.ପ୍ର.* କିଣିବା।

**investigate** କ୍ରି. ତଦନ୍ତ ବା ଅନୁସନ୍ଧାନ କରିବା; ପରୀକ୍ଷା କରିବା; ବିଧିବଦ୍ଧ ତନଖି କରିବା; ବି. investigation; ବିଂ. investigative; ବି. investigator; ବିଂ. investigatory.

**investiture** ବି. ବ୍ୟକ୍ତିକୁ ଆନୁଷ୍ଠାନିକ ଭାବରେ ସମ୍ମାନ ଅଥବା ପଦବୀ ପ୍ରଦାନ।

**investment** ବି. ପ୍ରଦାନ; ବିନିଯୋଗ; ପୁଞ୍ଜି ଲଗାଣ, ନିବେଶ; ଖଟାଯାଇ ଥିବା ଅର୍ଥ; ଅର୍ଥ ବିନିଯୋଗ ହୋଇ ଥିବା ସଂପତ୍ତି।

**investor** ବି. ଅର୍ଥଲଗାଣକାରୀ ବ୍ୟକ୍ତି।

**inveterate** ବିଂ. ବଦ୍ଧମୂଳ (ଧାରଣା ବା ଅଭ୍ୟାସ); ଅଭ୍ୟାସଗ୍ରସ୍ତ (ବ୍ୟକ୍ତି); ବି. inveteracy.

**invidious** ବିଂ. ବିରାଗ ବା ଈର୍ଷା ଉଦ୍ରେକର ସମ୍ଭାବନାପୂର୍ଣ୍ଣ।

**invigilate** କ୍ରି. (ପରୀକ୍ଷା) ତତ୍ତ୍ୱାବଧାନ କରିବା।

**invigilation** ବି. ପରୀକ୍ଷା ନିରୀକ୍ଷଣ।

**invigilator** ବି. ପରୀକ୍ଷା ନିରୀକ୍ଷକ।

**invigorate** କ୍ରି. ଶକ୍ତି ବା ବଳ ପ୍ରଦାନ କରିବା; ବଳ, ତେଜ ବା ସାହସ ଯୁକ୍ତ କରିବା; ବିଂ. invigorating.

**invincible** ବିଂ. ଅଜେୟ, ଦୁର୍ଜୟ; ବି. invincibility; କ୍ରି.ବିଂ. invincibly.

**inviolable** ବିଂ. ଯାହା ଲଂଘନ ବା ଅପବିତ୍ର କରାଯାଇ ପାରିବ ନାହିଁ; ବି. inviolability; କ୍ରି.ବିଂ. inviolably.

**inviolate** ବିଂ. ଅଲଂଘନୀୟ, ଅଲଂଘିତ; ସୁରକ୍ଷିତ; ବି. inviolacy.

**invisible** ବିଂ. ଅଦୃଶ୍ୟ; ବି. invisibility; କ୍ରି.ବିଂ. invisibly.

**invisible exports (imports)** ବି. ଆମଦାନୀ ରପ୍ତାନି ପଦାର୍ଥ ଛଡ଼ା ଅନ୍ୟ ଯେଉଁ ସବୁ କଥାପାଇଁ ବାହାର ଦେଶଦ୍ୱାରା ବା ବାହାର ଦେଶକୁ ପଇସାପତ୍ର ପୈଠ କରାଯାଏ।

**invitation** ବି. ନିମନ୍ତ୍ରଣ, ନିମନ୍ତ୍ରଣ ପତ୍ର।

**invite** 1. କ୍ରି. (କାମ କରିବାକୁ ଅଥବା ଉତ୍ସବ, ପର୍ବପର୍ବାଣୀ ପ୍ରଭୃତିରେ ଯୋଗଦାନ ପାଇଁ) ନିମନ୍ତ୍ରଣ କରିବା; ପରାମର୍ଶ ମାଗିବା; ଆହ୍ୱାନ କରିବା (ସମାଲୋଚନା); ଆକୃଷ୍ଟ କରିବା, ଆକର୍ଷକ ହେବା; 2. *କ.ଭା.* ନିମନ୍ତ୍ରଣ।

**inviting** ବି. ଆକର୍ଷଣୀୟ, ଉଦ୍ଦୀପକ; କ୍ରି.ବିଂ. invitingly.

**invocation** ବି. ଶକ୍ତି, ପ୍ରେରଣା ପ୍ରଭୃତି ପାଇଁ ବାଗ୍‌ଦେବୀପ୍ରଭୃତିଙ୍କୁ ପ୍ରାର୍ଥନା ବା ଆବାହନ; "ସ୍ୱର୍ଗସ୍ଥ ପିତାଙ୍କ ନାମରେ..." ପ୍ରବଚନର ପ୍ରାରମ୍ଭିକ ଭାଗ; ବିଂ. invocatory.

**invoice** 1. ବି. ଚାଲାଣ; ବିଲ୍; 2. କ୍ରି. ବିଲ୍ ବା ଚାଲାଣ ପ୍ରସ୍ତୁତ କରିବା।

**invoke** କ୍ରି. ସାକ୍ଷୀ ରହିବାକୁ ଦେବତାଙ୍କୁ ପ୍ରାର୍ଥନା କରିବା; (ଆଇନ ବା କର୍ତ୍ତୃପକ୍ଷଙ୍କୁ) ଆବେଦନ କରିବା; ମନ୍ତ୍ର ପଢ଼ି ଡାକିବା; ଆବାହନ କରିବା; ପ୍ରତିଶୋଧ ପାଇଁ ଆହ୍ୱାନ ଦେବା।

**involuntary** ବିଂ. ଆପେଆପେ, ସ୍ୱତଃଜାତ, ଅନଭିପ୍ରେତ; କ୍ରି.ବିଂ. involuntarily; ବି. involuntariness.

**involute** ବିଂ. ଜଡ଼ିତ; ଜଟିଳ, ଭିତର ପଟକୁ ମୋଡ଼ିହୋଇଥିବା।

**involuted** ବିଂ. ଜଟିଳ, ଦୁର୍ବୋଧ।

**involution** ବି. ସଂପୃକ୍ତି, ଜଟିଳତା, ଅନ୍ତରାବର୍ତ୍ତନ, ଏପରି ବର୍ତ୍ତିତ ଅଂଶ।

**involve** କ୍ରି. ଭାଗୀଦାର କରିବା (ଅନୁଭୂତି ବା ପରିସ୍ଥିତି ସହ); ଜଡ଼ିତ କରିବା (ଅପରାଧ ପ୍ରଭୃତିରେ); ସଂଶ୍ଳିଷ୍ଟ କରିବା କିମ୍ବା ପ୍ରଭାବିତ କରିବା; ବି. involvement.

**invulnerable** ବିଂ. ଅଭେଦ୍ୟ, ଅବେଧ୍ୟ, ଆହତ କରିବାର ଅସାଧ; ବି. invulnerability; କ୍ରି.ବିଂ. invulnerably.

**inward** 1. ବିଂ. ଅନ୍ତର୍ମୁଖୀ, ଅଭ୍ୟନ୍ତରଗାମୀ; ମାନସିକ, ଅନ୍ତରସ୍ଥିତ; ଆଧ୍ୟାତ୍ମିକ, ଆତ୍ମିକ; 2. କ୍ରି.ବିଂ. (inwards ମଧ୍ୟ) ଭିତର ଆଡ଼କୁ, ମସ୍ତିଷ୍କ ଅଥବା ଆତ୍ମା ମଧ୍ୟରେ।

**inwardly** କ୍ରି.ବିଂ. ଭିତରେ, ମନେ ମନେ, ମନ କିମ୍ବା ଆତ୍ମା ମଧ୍ୟରେ।

**inwardness** ବି. ଆଧ୍ୟାତ୍ମିକତା, ଅନ୍ତଃପ୍ରକୃତି।

**inwrought** ବିଂ. (ପୋଷାକ ସଂପର୍କରେ) ସଜ୍ଜିତ, ଖଚିତ (କାରୁକାର୍ଯ୍ୟ ଦ୍ୱାରା)।

Digitized by srujanika@gmail.com

**iodide** ବି. ଆୟୋଡ଼ିନ୍‌ର ଯୌଗିକ ମିଶ୍ରଣ ।

**iodine** ବି. କଳା ରଙ୍ଗର ମୌଳିକ ଉପାଦନ ବିଶେଷ; ଆୟୋଡିନ୍; ଏଥିରୁ ପ୍ରସ୍ତୁତ ଦ୍ରବଣ (କ୍ଷତ ଶୁଖିବା ପାଇଁ ବ୍ୟବହୃତ) ।

**iodize** କ୍ରି. ଆୟୋଡ଼ିନ ଯୁକ୍ତ କରିବା ।

**ion** ବି. ଏକ ବା ଏକାଧିକ ତଡ଼ିଦଣ୍ଡ (ଇଲେକ୍‌ଟ୍ରନ୍) ହରାଇଥିବା (= କେଟିଅନ୍) ବା ଲାଭ କରିଥିବା (=ଏଟିଅନ୍) ଅଣୁ ବା ଅଣୁଗୋଷ୍ଠୀ; ଘୂଳାଣୁ ।

**–ion** *ପ.ପ୍ର.* ( *ସା.* –sion, –tion, –xion ଭାବରେ) କ୍ରିୟାବାଚକ ଶବ୍ଦର ଶେଷରେ ଯୁକ୍ତ ବିଶେଷ୍ୟ ନିଷ୍ପାଦକ ପ୍ରତ୍ୟୟ, ଯଥା- decision, suggestion, inflexion.

**Ionic** ବିଂ. ଗ୍ରୀସ୍‌ର ଆଇଓନିଆ ଅଞ୍ଚଳର; ଗ୍ରୀକ୍ ସ୍ଥାପତ୍ୟ ସମ୍ବନ୍ଧିତ ।

**ionize** କ୍ରି. ଘୂଳାଣୁରେ ପରିଣତ କରିବା କିମ୍ବା ହେବା; ବି. ionization.

**ionosphere** ବି. ବେତାର ତରଙ୍ଗ ବିକିରଣକାରୀ ବାୟୁମଣ୍ଡଳର ଉପରସ୍ତର; ବିଂ. ionospheric.

**iota** ବି. ଗ୍ରୀକ୍ ବର୍ଣ୍ଣମାଳାର ନବମ ଅକ୍ଷର; ବିନ୍ଦୁଏ ମାତ୍ର; ଅତ୍ୟଳ୍ପ ପରିମାଣ ।

**IOU** ବି. ଋଣ ସ୍ୱୀକାରର ହାତଚିଠା, ହେଣ୍ଡନୋଟ୍ (I owe youରୁ) ।

**IPA** *ସଂଶ.* International Phonetic Alphabet ଆନ୍ତର୍ଜାତିକ ଫୋନେଟିକ୍ ଆଲ୍‌ଫାବେଟ୍ ।

**ipecacuanha** ବି. ଦକ୍ଷିଣ ଆମେରିକୀୟ ଏକ ପ୍ରକାର ବୃକ୍ଷର ଚେର (ବମନକାରକ ଅଥବା ବିରେଚକ ଭାବରେ ବ୍ୟବହୃତ) ।

***ipso facto*** କ୍ରି.ବିଂ. ଠିକ୍ ଏଇଥିପାଇଁ, ଠିକ୍ ସେହି କାରଣରୁ । *(ଲା.)*

**IQ** *ସଂଶ.* intelligence quotient *ଦ୍ର.* ।

**IRA** *ସଂଶ.* Irish Republican Army ଆଇରିଶ୍ ରିପବ୍ଲିକାନ୍ ଆର୍ମି ।

**Iranian** 1. ବିଂ. ଇରାନ୍ ବା ପାରସ୍ୟ ସମ୍ବନ୍ଧୀୟ; ପାର୍ସୀ ଭାଷାଗୋଷ୍ଠୀ ସମ୍ବନ୍ଧିତ; 2. ବି. ଇରାନ ବା ପାରସ୍ୟ ଦେଶର ନାଗରିକ ।

**Iraqi** 1. ବିଂ. ଇରାକୀ; 2. ବି. ଇରାକ ଦେଶର ଅଧିବାସୀ ବା ସ୍ଥାନୀୟଭାଷା ।

**irascible** ବିଂ. ଖଟ୍ ଖଟ୍ ପ୍ରକୃତିର, କୋପନ ସ୍ୱଭାବ ବିଶିଷ୍ଟ; ବଦ୍‌ରାଗୀ; ବି. irascibility; କ୍ରି.ବିଂ. irascibly.

**irate** ବିଂ. କ୍ରୁଦ୍ଧ, ଉତ୍‌କ୍ଷିପ୍ତ; କ୍ରି.ବିଂ. irately; ବି. irateness.

**ire** ବି. *ସାହି.* କ୍ରୋଧ ।

**iridaceous** ବିଂ. ଆଇରିସ୍ ପରିବାରଭୁକ୍ତ ଉଦ୍‌ଭିଦ ।

**iridescent** ବିଂ. ଇନ୍ଦ୍ରଧନୁ ରଙ୍ଗବିଶିଷ୍ଟ; ସ୍ଥାନ ପରିବର୍ତ୍ତନ [illegible] ଭିନ୍ନ ଭିନ୍ନ ରଙ୍ଗ ବିଶିଷ୍ଟ; ବି. iridesc[illegible]

**iridium** [illegible] ଶ୍ରେଣୀୟ ଶୁଭ୍ର, ଶକ୍ତ ମୌଳିକ ଧାତବ ଉପାଦାନ ।

**iris** ବି. ଚକ୍ଷୁର କନୀନିକା; ପୁଷ୍ପବୃକ୍ଷ ବିଶେଷ ଅଥବା ତା'ର ପୁଷ୍ପ ।

**Irish** 1. ବିଂ. ଆୟାରଲେଣ୍ଡ ଦେଶୀୟ; 2. ବି. ଆୟାର୍‌ଲେଣ୍ଡର ଭାଷା; କେଲ୍‌ଟିକ୍; 3. the Irish ବ.ବ. ଆୟାର୍‌ଲେଣ୍ଡର ଅଧିବାସୀ ।

**Irish bull** ବି. ବାଜେ ବା ଅବାନ୍ତର କଥା ।

**Irishman** ବି. ଆୟାର୍‌ଲେଣ୍ଡରେ ଜନ୍ମିତ ବା ମୂଳୋଦ୍‌ଭବ ବ୍ୟକ୍ତି; *ସ୍ତ୍ରୀ.* Irishwoman.

**Irish stew** ବି. ମାଂସ, ଆଳୁ ଓ ପିଆଜ– ଦ୍ୱାରା ପ୍ରସ୍ତୁତ ଷ୍ଟୁ (ଏକପ୍ରକାର ସିଝା ତରକାରୀ) ।

**irk** କ୍ରି. ବିରକ୍ତ କରିବା; ରଗେଇବା ।

**irksome** ବିଂ. ବିରକ୍ତିକର, କ୍ଳାନ୍ତିକର; କ୍ରି.ବିଂ. irksomely.

**iron** 1. ବି. ଲୁହା; ଲୌହଧାତୁ; ବଳ ଓ ଦୃଢ଼ତାର ପ୍ରତୀକ (man of iron); ଲୌହ ନିର୍ମିତ ହାତ ହତିଆର ବା ସରଞ୍ଜାମ; ଇସ୍ତ୍ରୀ; ଗଲ୍‌ଫ ଖେଳ ପାଇଁ ବ୍ୟବହୃତ ଲୌହ କ୍ଲବ୍ ବା ଦଣ୍ଡ; ଶିକୁଳି; ଦୁର୍ବଳ ଗୋଡ଼ ପାଇଁ ନିର୍ମିତ ସହାୟକ ଲୌହ ସରଞ୍ଜାମ; 2. କ୍ରି. ଇସ୍ତ୍ରୀ କରିବା; 3. ବିଂ. ଲୌହନିର୍ମିତ, ଅତ୍ୟନ୍ତ କଠିଣ ବା ଶକ୍ତିଶାଳୀ; ନିର୍ଦ୍ଦୟ; ଅନମନୀୟ; many irons in the fire ଏକ ସଙ୍ଗରେ କରାଯାଉଥିବା ଅନେକ କାମ; strike while the iron is hot ବେଳ ଦେଖି ସୁଯୋଗର ସଦ୍‌ବ୍ୟବହାର କରିବା ।

**Iron Age** ବି. (ପ୍ରାଗୈତିହାସିକ) ଲୌହ ଯୁଗ, ଯେତେବେଳେ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଉପକରଣ ଲୌହରୁ ପ୍ରସ୍ତୁତ ହେଉଥିଲା ।

**Iron Curtain** ବି. ରୂଢ଼ି. ଲୌହ ପ୍ରାଚୀର (ତତ୍‌କାଳୀନ ସୋଭିଏତ୍ ଗୋଷ୍ଠୀ ଓ ଅନ୍ୟ ପାଶ୍ଚାତ୍ୟ ଦେଶ ମଧ୍ୟରେ ମୁକ୍ତ ଗମନାଗମନ, ତଥ୍ୟ ବିନିମୟ ପ୍ରଭୃତିର ପ୍ରତିବନ୍ଧକ) ।

Digitized by srujanika@gmail.com

**ironing–board** ବି. ଇସ୍ତ୍ରୀ କରିବା ପାଇଁ ଲୁଗାର ଟେବୁଲ।
**ironclad** 1. ବିଂ. ଲୌହବର୍ମ ଭୂଷିତ; ଅଭେଦ୍ୟ; 2. ବି. ଇତି. ଲୌହ ଆବରଣଦ୍ୱାରା ସୁରକ୍ଷିତ ଜାହାଜ।
**ironic, ironical** ବିଂ. ବିଦ୍ରୂପାତ୍ମକ, ଶ୍ଲେଷାତ୍ମକ; କ୍ରି.ବିଂ. ironically.
**iron lung** ବି. ଦୀର୍ଘକାଳୀନ କୃତ୍ରିମ ଶ୍ୱାସ ପ୍ରକ୍ରିୟା ସଂପାଦନ ନିମନ୍ତେ ରୋଗୀ ... ଯାଉଥିବା ଲୌହ ଯନ୍ତ୍ରବିଶେଷ।
**ironmaster** ବି. ଲୌହ ଉତ୍ପା...ରୀ।
**ironmonger** ବି. ଲୌହ ନିର୍ମିତ ଜିନିଷର ବିକ୍ରେତା; ବି. ironmongery.
**iron ration** ବି. ସଙ୍କଟ କାଳରେ ବ୍ୟବହାର ପାଇଁ ଟିଣ ପେକ୍‌ରେ ଯୋଗାଯାଉଥିବା ଖାଦ୍ୟ।
**ironstone** ବି. କଠିନ ଲୁହା ପଥର; ଏକ ପ୍ରକାର ଧଳାରଙ୍ଗର କଠିଣ ମାଟିପାତ୍ର।
**ironware** ବି. ଲୌହନିର୍ମିତ ଉପକରଣ।
**ironwork** ବି. ଲୁହା କାମ; ଲୁହା ତିଆରି ବସ୍ତୁ।
**ironworks** ବି. *ସା.ଏ.ବ.* ଲୁହା ଢ଼ଳେଇ ବା ଲୌହ ଉପକରଣ ପ୍ରସ୍ତୁତୀକରଣ କାରଖାନା।
**irony** ବି. ଶ୍ଲେଷ, ଯହିଁରେ ବ୍ୟଙ୍ଗ୍ୟାର୍ଥ ବାଚ୍ୟାର୍ଥର ବିପରୀତ ସୂଚନା ବହନ କରେ।
**irradiant** ବିଂ. ଉଜ୍ଜ୍ୱଳ, ଦୀପ୍ତିମୟ, ଦେଦୀପ୍ୟମାନ; ବି. irradiance.
**irradiate** କ୍ରି. ଆଲୋକପାତ କରିବା, ଆଲୋକିତ କରିବା, ଉଜ୍ଜ୍ୱଳ ବା ଉଦ୍‌ଭାସିତ କରିବା; ବି. irradiation.
**irrational** ବିଂ. ବିଚାରଶକ୍ତିହୀନ, ଅଯୌକ୍ତିକ, ଅସଙ୍ଗତ; ବି. irrationality; କ୍ରି.ବିଂ. irrationally.
**irreclaimable** ବିଂ. ପୁନରୁଦ୍ଧାର ବା ସଂଶୋଧନର ଅସାଧ୍ୟ; କ୍ରି. irreclaimability; କ୍ରି.ବିଂ. irreclaimably.
**irrecognizable** ବିଂ. ଯାହା ଚିହ୍ନି ହୁଏନାହିଁ; କ୍ରି.ବିଂ. irrecognizably.
**irreconcilable** ବିଂ. ସମାଧାନ ବା ଆପୋଷରେ ମିଳାମିଶାର ଅଯୋଗ୍ୟ; ତୀବ୍ର ଶତ୍ରୁଭାବାପନ୍ନ; ଅପରିତୋଷଣୀୟ; ବି. irreconciliability; କ୍ରି.ବିଂ. irreconciliably.
**irrecoverable** ବିଂ. ପୁନରୁଦ୍ଧାର କିମ୍ବା ପ୍ରତିକାର ବହିର୍ଭୂତ; ଅପୁନରୁଦ୍ଧାରଣୀୟ; କ୍ରି.ବିଂ. irrecoverably.
**irredeemable** ବିଂ. ପୁନରୁଦ୍ଧାର ଅସାଧ; ହତାଶଜନକ; ପ୍ରାୟଶ୍ଚିତ୍ତହୀନ; ଅନୁଦ୍ଧରଣୀୟ; କ୍ରି.ବିଂ. irredeemably.
**irredentist** ବି. ସମସ୍ତ ବିଚ୍ଛିନାଞ୍ଚଳକୁ ଦେଶରେ ପୁନଃମିଶ୍ରଣପାଇଁ ଇଚ୍ଛୁକ ବା ଚେଷ୍ଟିତ ବ୍ୟକ୍ତି।
**irreducible** ବିଂ. ଭିନ୍ନାବସ୍ଥାରେ ପରିଣତ କରିବା କିମ୍ବା ସରଳୀକୃତ କରିବାର ଅସାଧ୍ୟ; ସବୁଠାରୁ କମ (ଯାହାକୁ ଆଉ କମାଯାଇ ପାରିବ ନାହିଁ); ବି. irreducibility; କ୍ରି.ବିଂ. irreducibly.
**irrefutable** ବିଂ. ଅକାଟ୍ୟ (ଯୁକ୍ତି); ଅଖଣ୍ଡନୀୟ; କ୍ରି.ବିଂ. irrefutably.
**irregular** 1. ବିଂ. ଅସମତଳ, ଅସମାନ; ଅସ୍ୱାଭାବିକ, ପରିବର୍ତ୍ତନଶୀଳ; ଅନିୟମିତ; ନୀତି କିମ୍ବା ସଂସ୍କୃତି ବିରୋଧୀ; ପଦାତିକ ବାହିନୀର ଅନ୍ତର୍ଭୁକ୍ତ ହୋଇ ନ ଥିବା (ସୈନିକ) (irregular soldier); ନିୟମ ବିରୁଦ୍ଧ; *ବ୍ୟା.* ସ୍ୱାଭାବିକ ନିୟମାନୁସାରେ ପ୍ରତ୍ୟୟ ପ୍ରୟୋଗ ହେଉ ନଥିବା ବିଶେଷ୍ୟ, କ୍ରିୟାପଦ ପ୍ରଭୃତି; 2. ବି.ବ.ବ. ଅନିୟମିତ ସୈନ୍ୟ; 3. ବି. irregularity; କ୍ରି.ବିଂ. irregularly.
**irrelevant** ବିଂ. ଅବାନ୍ତର, ଅପ୍ରାସଙ୍ଗିକ; ବି. irrelevance; irrelevancy.
**irreligious** ବିଂ. ଧର୍ମହୀନ କିମ୍ବା ଧର୍ମ ବିରୋଧୀ, ଅଧାର୍ମିକ।
**irremediable** ବିଂ. ପ୍ରତିକାର କିମ୍ବା ଉପଶମ ବହିର୍ଭୂତ; କ୍ରି.ବିଂ. irremediably.
**irremovable** ବିଂ. ଅନପସାରଣୀୟ; ଯାହା ଅପସାରଣ କରିହେବ ନାହିଁ; କ୍ରି.ବିଂ. irremovably.
**irreparable** ବିଂ. ସଂସ୍କାର ସାଧନ କିମ୍ବା ମରାମତି ଅସାଧ; ଅପୂରଣୀୟ; କ୍ରି.ବିଂ. irreparably.
**irreplaceable** ବିଂ. ଅପୂରଣୀୟ (ଅଭାବ ବା କ୍ଷତି); ଅପରିବର୍ତ୍ତନୀୟ (ସ୍ଥାନ)।
**irrespressible** ବିଂ. ଅଦମ୍ୟ, ଆୟତ୍ତର ବହିର୍ଭୂତ।
**irreproachable** ବିଂ. ଅନିନ୍ଦନୀୟ, ତ୍ରୁଟିଶୂନ୍ୟ, ନିଷ୍କଳଙ୍କ; କ୍ରି.ବିଂ. irreproachably.

Digitized by srujanika@gmail.com

**irresistible** ବିଂ. ଯାହାକୁ ପ୍ରତିହତ କରାଯାଇ ନପାରେ; ଦୁର୍ନିବାର; କ୍ରି.ବିଂ. irresistibly.

**irresolute** ବିଂ. ଦ୍ୱିଧାପୂର୍ଣ୍ଣ, ଅବ୍ୟବସ୍ଥିତ, ଅଦୃଢ଼, ଅସ୍ଥିର ଚିତ୍ତ; କ୍ରି.ବିଂ. irresolutely; irresoluteness; ବି. irresolution.

**irrespective** ବିଂ. (of ସହ) ଗୃହୀତ ନ ହେବା ବା ଗ୍ରାହ୍ୟ ନ କରିବା; ବିଚାରକୁ ନ ନେଇ, ନିରପେକ୍ଷ ଭାବରେ।

**irresponsible** ବିଂ. ଦାୟିତ୍ୱହୀନ, ଦାୟିତ୍ୱଜ୍ଞାନ ଶୂନ୍ୟ; ବି. irresponsibility; କ୍ରି.ବିଂ. irresponsibly.

**irretrievable** ବିଂ. ପୁନରୁଦ୍ଧାରର ଅସାଧ୍ୟ; ସଂଶୋଧନାତୀତ; କ୍ରି.ବିଂ. irretrievably.

**irreverent** ବିଂ. ଶ୍ରଦ୍ଧାହୀନ; ବେଖାତିର ଭାବାପନ୍ନ; ବି. irreverence; କ୍ରି.ବିଂ. irreverently.

**irreversible** ବିଂ. ଯାହା ଓଲଟା ଯାଇ ପାରିବ ନାହିଁ; ଅପରିବର୍ତ୍ତନୀୟ; କ୍ରି.ବିଂ. irreversibly.

**irrevocable** ବିଂ. ଅପରିହାର୍ଯ୍ୟ, ଅପରିବର୍ତ୍ତନୀୟ; ସଂଶୋଧନାତୀତ; କ୍ରି.ବିଂ. irrevocably.

**irrigate** କ୍ରି. (ନାଳଦ୍ୱାରା) ଜଳସେଚନ କରିବା, ଜଳ ବିତରଣ କରିବା (ଜମିକୁ); ତରଳ ପଦାର୍ଥ ପ୍ରବାହ ଦ୍ୱାରା କ୍ଷତଯାଗାକୁ ସିକ୍ତ ରଖିବା (ଚିକିତ୍ସା); ବିଂ. irrigable; ବି. irrigation.

**irritable** ବିଂ. କ୍ଷଣକୋପୀ, ଚିଡ଼ଚିଡ଼ା; ବି. irritability; କ୍ରି.ବିଂ. irritably.

**irritant** 1. ବିଂ. ଉତ୍ତେଜକ ବା ଯନ୍ତ୍ରଣାଦାୟକ; ବିରକ୍ତିକର; 2. ବି. ଉତ୍ତେଜକ ବା ଯନ୍ତ୍ରଣାଦାୟକ ପଦାର୍ଥ।

**irritate** କ୍ରି. ବିରକ୍ତ ବା ଉତ୍ତେଜିତ କରିବା; ଯନ୍ତ୍ରଣା ଦେବା; ବି. irritation; ବିଂ. irritating, irritative.

**irrupt** ବି. ଆକସ୍ମିକ ଭାବରେ ଆକ୍ରମଣ କରିବା; ବଳପୂର୍ବକ ପ୍ରବେଶ କରିବା; ବି. irruption.

**is** ଦ୍ର. be ତୃତୀୟ ପୁରୁଷ ଏକ ବଚନର ବର୍ତ୍ତମାନ କାଳ କ୍ରିୟାପଦ।

**ISBN** ସଂକ୍ଷି. international standard book number ଆନ୍ତର୍ଜାତିକ ଗୁଣମାନ ବିଶିଷ୍ଟ ପୁସ୍ତକର କ୍ରମିକ ସଂଖ୍ୟା।

**–ise** ଦ୍ର. ize.

**–ish** ପ.ପ୍ର. 1. ଶବ୍ଦ ଶେଷରେ ଯୁକ୍ତହୋଇ ବିଶେଷ୍ୟରୁ ବିଶେଷଣ ନିଷ୍ପାଦକ ପ୍ରତ୍ୟୟ; ଗୁଣାତ୍ମକ ମୂଲ୍ୟ ପ୍ରକଟ ପାଇଁ ବିଶେଷ ଭାବରେ ଉଦ୍ଦିଷ୍ଟ (childish, knavish); 2. ଜାତୀୟତା ପ୍ରକାଶ ପାଇଁ ମଧ୍ୟ ବ୍ୟବହୃତ ହୁଏ (British, Danish); 3. ବିଶେଷଣରେ ଯୋଗ କରି ଭାବାତ୍ମକ ପ୍ରୟୋଗ କରାଯାଏ (brownish, thickish); 4. କ.ଭା. ହାରାହାରି ବୟସ କିମ୍ବା ସମୟ ପ୍ରକାଶ ପାଇଁ ବ୍ୟବହୃତ (fortyish, four thirtyish).

**isinglass** ବି. ଷ୍ଟର୍ଜନ ଜାତୀୟ ସାମୁଦ୍ରିକ ମାଛର ଫୁସ୍‌ଫୁସ୍‌ରୁ ପ୍ରାପ୍ତ ଅଠାଳିଆ ପଦାର୍ଥ ବିଶେଷ (ଅଠା ଏବଂ ଜେଲି ତିଆରି ପାଇଁ ବ୍ୟବହୃତ ହୁଏ); ଜେଲାଟିନ୍ ବିଶେଷ; ଅଭ୍ର।

**Islam** ବି. ଇସ୍‌ଲାମ୍; ମହମ୍ମଦଙ୍କଦ୍ୱାରା ପ୍ରଚାରିତ ମୁସଲମାନ ଧର୍ମ; ମୁସଲମାନ ଜଗତ; ବିଂ. Islamic.

**island** (ଆଇଲେଣ୍ଡ) ବି.ଜଳପରିବେଷ୍ଟିତ ଭୂଖଣ୍ଡ, ଦ୍ୱୀପ; ବିଚ୍ଛିନ୍ନ ବସ୍ତୁ; traffic island ଦ୍ର.।

**islander** ବି. ଦ୍ୱୀପାଧିବାସୀ।

**isle** (ଆଇଲ୍) ବି. କାବ୍ୟ ଛୋଟ ଦ୍ୱୀପ, ଦ୍ୱୀପ।

**islet** ବି. କ୍ଷୁଦ୍ର ଦ୍ୱୀପ, ସୂକ୍ଷ୍ମ ତନ୍ତୁର ବିଚ୍ଛିନ୍ନ ବା ସ୍ୱତନ୍ତ୍ର ଅଂଶ।

**–ism** ପ.ପ୍ର. ବିଶେଷ୍ୟ ଗଠନ ପାଇଁ ବ୍ୟବହୃତ ପ୍ରତ୍ୟୟ, ବିଶେଷତଃ ନୀତି କିମ୍ବା ପ୍ରଥାର ପ୍ରକାଶ ନିମିତ୍ତ, ଯଥା- Conservatism, Hinduism; ଅବସ୍ଥା କିମ୍ବା ଗୁଣର ପ୍ରକାଶ ନିମିତ୍ତ, ଯଥା- idealism; heroism; ଭାଷା ବା ବାଗାର ବୈଚିତ୍ର୍ୟ ପ୍ରକାଶ ପାଇଁ, ଯଥା- Americanism.

**isn't** କ.ଭା. ସଂକ୍ଷି. is not.

**iso–** ସଂ. ସମ, ସମାନ (ଗ୍ରୀକ୍)।

**isobar** ବି. ସମଚାପ ରେଖା; ଏକା ବାୟୁଚାପ ବିଶିଷ୍ଟ ଅଞ୍ଚଳମାନଙ୍କୁ ଯୁକ୍ତ କରୁଥିବା ମାନଚିତ୍ରିକ ରେଖା; ବିଂ. isobaric (ଗ୍ରୀକ୍ baros ଓଜନ)।

**isochronous** ବିଂ. ଏକ ସମୟରେ ଘଟିତ; ଏକା ସମୟ ନେଉଥିବା।

**isolate** କ୍ରି. ପୃଥକ୍ ଅଥବା ନିଃସଙ୍ଗ କରିବା; ରୋଗ ସଂକ୍ରମଣ ପ୍ରତିରୋଧାର୍ଥେ ରୋଗୀକୁ ପୃଥକ୍

Digitized by srujanika@gmail.com

ରଖିବା; ଯୌଗିକ ମିଶ୍ରଣରୁ ଅଲଗା କରିବା; ବୈଦ୍ୟୁତିକ ପ୍ରବାହକୁ ବିଚ୍ଛିନ୍ନ କରିବା; ଦ୍ୱୀପ ପରି ପୃଥକ୍ କରିବା; ବି. isolation.

**isolationism** ବି. ଅନ୍ୟାନ୍ୟ ରାଷ୍ଟ୍ର ବା ଗୋଷ୍ଠୀଠାରୁ ନିଷ୍ପକ୍ଷ ରହିବା ଉଦ୍ଦେଶ୍ୟ ପ୍ରଣୋଦିତ ରାଜନୀତି; ବି. isolationist.

**isomer** ବି. ନିଜର ଅଣୁ ମଧ୍ୟରେ ସମାନ ସଂଖ୍ୟକ ପରମାଣୁ ବିଶିଷ୍ଟ, କିନ୍ତୁ ଭିନ୍ନ ଭାବରେ ସଜ୍ଜିତ ଦୁଇ ବା ତତୋଽଧିକ ପଦାର୍ଥ ମଧ୍ୟରୁ ଯେକୌଣସି ଗୋଟିଏ; ବିଂ. isomeric; ବି. isomerism.

**isometric** ବିଂ. ସମମାପ ବିଶିଷ୍ଟ।

**isomorph** ବି. ଅନ୍ୟ ପଦାର୍ଥ ସହ ସାଦୃଶ୍ୟ ଥିବା ପଦାର୍ଥ; ସମାକୃତିକ; ବିଂ. isomorphic; isomorphous.

**isosceles** ବିଂ. ସମଦ୍ୱିବାହୁ (ତ୍ରିଭୁଜ)।

**isotherm** ବି. ସମୋତ୍ତାପରେଖା; ମାନଚିତ୍ରରେ ସମଉଷ୍ଣତାବିଶିଷ୍ଟ ଅଞ୍ଚଳମାନଙ୍କୁ ଯୋଗ କରୁଥିବା ରେଖା; ବିଂ. isothermal.

**isotope** ବି. ଭିନ୍ନ ଭାରଯୁକ୍ତ ଅଣୁ; କୌଣସି ମୌଳିକ ପଦାର୍ଥର ବିଭିନ୍ନ ପରମାଣବିକ ଓଜନ ବିଶିଷ୍ଟ ଦୁଇ ବା ତତୋଽଧିକ ପରମାଣୁ ମଧ୍ୟରୁ ଯେକୌଣସି ଗୋଟିଏ (ରାସାୟନିକ ତଥା ପରମାଣବିକ ପ୍ରଭେଦ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଦ୍ରବ୍ୟଗତ ଗୁଣ ସମାନ ଥାଇ); ବିଂ. isotopic; ବି. isotopy.

**isotropic** ବିଂ. ସବୁଦିଗରୁ ସମଗୁଣ ଧର୍ମୀ; ବି. isotropy.

**Israeli** 1. ବିଂ. ଆଧୁନିକ ଇଜ୍‌ରାଏଲ୍ ଦେଶୀୟ; 2. ବି. ଇଜ୍‌ରାଏଲ୍‌ର ଅଧିବାସୀ।

**Israelite** ବି. *ଇତି.* ପ୍ରାଚୀନ ଇଜ୍‌ରାଏଲ୍‌ର ଅଧିବାସୀ, ଇହୁଦୀ।

**issue** 1. ବି. ନିର୍ଗମନ, ପ୍ରବାହ, ପ୍ରଚଳନ (ଅଂଶଧନ, ମୁଦ୍ରା, ଟିକେଟ ପ୍ରଭୃତି); ଏକାଥରକେ ପ୍ରକାଶିତ ସମ୍ବାଦପତ୍ରର ସଂଖ୍ୟା ବା ପ୍ରଚଳିତ ମୁଦ୍ରାର ପରିମାଣ; ପ୍ରକାଶନ; ଏକ ନିୟମିତ ପ୍ରକାଶନର କୌଣସି ସଂଖ୍ୟା (the June issue); ଫଳାଫଳ, ପରିଣାମ; ପ୍ରଶ୍ନର କେନ୍ଦ୍ରବିନ୍ଦୁ; ପ୍ରଧାନ ଆଲୋଚ୍ୟ ବିଷୟ; ବହିର୍ଗମନ; ଝରଣା, ନଦୀ ପ୍ରଭୃତିର ଉତ୍ପତ୍ତି ସ୍ଥଳ *ଆଇନ* ବିଚାର୍ଯ୍ୟ ବିଷୟ; ବଂଶଜ ସନ୍ତାନ ସନ୍ତତି (male issue); 2. *କ୍ରି.* ବାହାରିଯିବା; ଆଗେଇ ଆସିବା; ପ୍ରେରଣ କରିବା; ଛପାଇବା, ପ୍ରକାଶ ପାଇବା; ପ୍ରଚଳନ କରିବା; ପ୍ରଦାନ କରିବା (ପୁସ୍ତକ, ଅଧସ୍ତନ କର୍ମଚାରୀଙ୍କୁ ନିର୍ଦ୍ଦେଶ); ଯୋଗାଇ ଦେବା (ବ୍ୟକ୍ତିଙ୍କୁ ପଦାର୍ଥ, *ବିଶେ.* ଅଫିସରେ ବ୍ୟବହାର ନିମିତ୍ତ) ଏକ ନିର୍ଦ୍ଦିଷ୍ଟ ଅବସ୍ଥାରୁ ବାହାରିବା; at issue ବିଚାର୍ଯ୍ୟ; ଆଲୋଚନାଧୀନ, join (take) issue ଅସହମତ ହେବା; ନିର୍ଦ୍ଦିଷ୍ଟ ବିଷୟ ନେଇ ବ୍ୟକ୍ତି ସହ ଯୁକ୍ତି କରିବା।

**–ist** *ପ.ପ୍ର.* ବ୍ୟକ୍ତିବାଚକ ବିଶେଷ୍ୟ ସୃଷ୍ଟିପାଇଁ ଶବ୍ଦ ଶେଷରେ ବ୍ୟବହୃତ ପ୍ରତ୍ୟୟ (Marxist, fatalist); କୌଣସି ପେଶା, ବା ଆଗ୍ରହର ବିଷୟ ସହ ସଂପୃକ୍ତ ବ୍ୟକ୍ତି ସଂପର୍କରେ (pathologist, tobacconist); ଏକ ପଦାର୍ଥର ବ୍ୟବହାରକାରୀ ସଂପର୍କରେ (violinist, motorist).

**isthmus** (ଇସ୍‌ମସ୍) ବି. ଦୁଇ ଭୂ-ଖଣ୍ଡକୁ ଯୁକ୍ତ କରୁଥିବା ସଂକୀର୍ଣ୍ଣ ସ୍ଥଳଭାଗ; ଯୋଜକ; ବିଂ. isthmian.

**IT** *ସଂଶ.* information technology ତଥ୍ୟ ବା ସୂଚନା ବିଜ୍ଞାନ।

**it** ସ. (ବ.ବ. they) ଏହା; କୌଣସି ବିଷୟରେ ପୂର୍ବରୁ ବ୍ୟବହୃତ ବା ନାମିତ ପଦାର୍ଥ (*ସା.* ପଶୁ ଓ ଶିଶୁଙ୍କ ପାଇଁ ମଧ୍ୟ) ପରିବର୍ତ୍ତେ ବ୍ୟବହୃତ ସର୍ବନାମ (ଉଦା. He took a stone and threw it, It is I); କର୍ତ୍ତାକାରକ ଶୂନ୍ୟ ବାକ୍ୟରେ କର୍ତ୍ତାରୂପେ– it is winter; it is raining; ବାକ୍ୟରେ କର୍ତ୍ତା କିମ୍ବା କର୍ମକାରକ ପରିବର୍ତ୍ତେ (I take it that you agree); *କ.ଭା.* ଯୌନ ସଙ୍ଗମ; ଯୌନ ଆବେଦନ; ଏକ ନିର୍ଦ୍ଦିଷ୍ଟ ଦକ୍ଷତା ହାସଲ ପାଇଁ ଚେଷ୍ଟା ତଥା ଲକ୍ଷ୍ୟ; (ପିଲାଙ୍କ ଖେଳରେ) ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ଖେଳାଳି ବା ଶିଶୁ; that's it ତାହାହିଁ ଦରକାର; ଅସୁବିଧାଟି; ଯଥେଷ୍ଟ; ଶେଷ।

**Italian** 1. ବିଂ. ଇଟାଲୀୟ; 2. ବି. ଇଟାଲୀୟ ନାଗରିକ ବା ଭାଷା (ରୋମାନ୍ସ୍); ଇଟାଲୀୟ ମଧୁର ଭରମାଉଥ୍ (ମଦ୍ୟ)।

**Italianate** ବିଂ. ଇଟାଲୀୟ ଶୈଳୀ ଅଥବା ସାଦୃଶ୍ୟ।

**italic** 1. ବି.ବିଂ. (ମୁଦ୍ରାକ୍ଷର ସମ୍ବନ୍ଧୀୟ) ସାମାନ୍ୟ ଢଳି ପଡ଼ିଥିବା ଅକ୍ଷରମାଳା ଯାହା କୌଣସି ଶବ୍ଦର

Digitized by srujanika@gmail.com

ଗୁରୁତ୍ୱ ଦର୍ଶାଇବା ପାଇଁ କିମ୍ବା ଅନ୍ୟ ଭାଷାରୁ ଆନୀତ ଶବ୍ଦ ପାଇଁ ଅଧୁନା ବ୍ୟବହୃତ; 2. Italic ବିଂ. ପ୍ରାଚୀନ ଇଟାଲୀୟ।

**italicize** କ୍ରି. ଇଟାଲୀୟ ଶୈଳୀରେ (ସାମାନ୍ୟ ଢ଼ଳି ପଡ଼ିଥିବା ଅକ୍ଷର ମାଳାରେ) ଛାପିବା।

**itch** 1. ବି. କଣ୍ଡୁ; କୁଣ୍ଡିଆ; କୁଣ୍ଡିଆଜନିତ ଚର୍ମରୋଗ; ଧୈର୍ଯ୍ୟହୀନ କାମନା; 2. କ୍ରି. କୁଣ୍ଡେଇ ହେବା; ପ୍ରବଳ ଇଚ୍ଛାହେବା; (itching to tell you the news).

**itching palm** ବି. ଅର୍ଥଲାଭର ଇଚ୍ଛା।

**itchy** ବିଂ. କୁଣ୍ଡେଇ ହେଉଥିବା; ବି. itchiness.

**–ite** *ପ.ପ୍ର.* ବ୍ୟକ୍ତି ବା ବସ୍ତୁବାଚକ ବିଶେଷ୍ୟ ନିଷ୍ପାଦନ ପାଇଁ ବ୍ୟବହୃତ ପ୍ରତ୍ୟୟ (Israelite, graphite, dynamite).

**item** ବି. ସ୍ୱତନ୍ତ୍ର ବସ୍ତୁ; ଦଫା; ସ୍ୱତନ୍ତ୍ର ସଂବାଦ।

**itemize** କ୍ରି. ଗୋଟି ଗୋଟି କରି ଉଲ୍ଲେଖ କରିବା; ବି. itemization.

**iterate** ସ.କ୍ରି. ପୁନରାୟ କରିବା; ପୁନରାବୃତ୍ତି କରିବା; ବି. iteration; ବିଂ. iterative.

**–itic** *ପ.ପ୍ର.* –ite କିମ୍ବା; –itisରେ ଶେଷ ହେଉଥିବା ବିଶେଷ୍ୟମାନଙ୍କୁ ବିଶେଷଣରେ ପରିଣତ କରିବା ପାଇଁ ବ୍ୟବହୃତ ପ୍ରତ୍ୟୟ ( *ଉଦା.* Semitic, arthritic).

**itinerant** 1. ବିଂ. ଭ୍ରାମ୍ୟମାଣ; ଜାଗାକୁ ଜାଗା ଭ୍ରମଣରତ; 2. ବି. ସଦା ସ୍ଥାନାନ୍ତର ଗମନକାରୀ ବ୍ୟକ୍ତି।

**itinerary** 1. ବି. ଭ୍ରମଣ ପଥ; ଭ୍ରମଣ ବୃତ୍ତାନ୍ତ; ପଥପଞ୍ଜିକା।

**–tis** *ପ.ପ୍ର.* ବିଶେଷ୍ୟ ଶବ୍ଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପ୍ରତ୍ୟୟ; ଯଥା, ରୋଗ ସଂପର୍କରେ (appendicitis); *କ.ଭା.* ମାନସିକ ଅସ୍ୱାଭାବିକତା ବୋଲି ବିଚାର କରାଯାଉଥିବା କଳ୍ପିତ ବ୍ୟାଧି (electionitis).

**its** ସ. it ଶବ୍ଦର ସମ୍ବନ୍ଧବାଚକ ସର୍ବନାମ; ଏହାର।

**it's** *କ.ଭା.* it has; it is.

**itself** ସ. ଏହା ନିଜେ; ସ୍ୱୟଂ; by itself ଅନ୍ୟଠାରୁ ଭିନ୍ନ; ନିଜେହିଁ; in itself ନିଜସ୍ୱ ପ୍ରକୃତି ଦୃଷ୍ଟିରୁ (not in itself a bad quality).

**ITV** *ସଂଶ.* Independent Television ଇଣ୍ଡିପେଣ୍ଡେଣ୍ଟ୍ ଟେଲିଭିଜନ୍।

**–ity** *ପ.ପ୍ର.* ବିଶେଷ୍ୟ ନିଷ୍ପାଦନ ପାଇଁ ବ୍ୟବହୃତ ପ୍ରତ୍ୟୟ— ଗୁଣ (humanity), ଅବସ୍ଥା (impurity), ବା ଦୃଷ୍ଟାନ୍ତ (monstrosity) ଇତ୍ୟାଦି।

**IUD** *ସଂଶ.* intrauterine device (ଗର୍ଭନିୟନ୍ତ୍ରଣ ପାଇଁ) ଜରାୟୁ ମଧ୍ୟରେ ବ୍ୟବହୃତ ଗର୍ଭନିରୋଧକ ପଦାର୍ଥ।

**–ive** *ପ.ପ୍ର.* ବିଶେଷଣ ନିଷ୍ପାଦନ ପାଇଁ ବ୍ୟବହୃତ ପ୍ରତ୍ୟୟ, *ଉଦା.* talkative, suggestive.

**ivory** ବି. ଗଜଦନ୍ତ; ହାତୀଦାନ୍ତ; ଧଳାରଙ୍ଗ; *ସା.ପ୍ର.* ହାତୀ ଦାନ୍ତରେ ତିଆରି ବସ୍ତୁ, ତାଦୃଶ ପଶା, ବିଲିୟାର୍ଡ଼ ବଲ, ପିଆନୋ ଚାବି, ଦାନ୍ତ ପ୍ରଭୃତି।

**ivory tower** ବି. ନିଷ୍ଠୁର ବାସ୍ତବତା ଠାରୁ ଇଚ୍ଛାକୃତ ଅପସାରଣ।

**ivy** ବି. ପାଞ୍ଚକୋଣିଆ ପତ୍ରବିଶିଷ୍ଟ ଚିରହରିତ୍ ଲତା ବିଶେଷ।

**–ization** *ପ.ପ୍ର.* (isation ମଧ୍ୟ) କ୍ରିୟା ପଦରୁ ବିଶେଷ୍ୟ ନିଷ୍ପନ୍ନ ପାଇଁ ବ୍ୟବହୃତ ପ୍ରତ୍ୟୟ, *ଉଦା.* nationalization, utilization.

**–ize** *ପ.ପ୍ର.* କ୍ରିୟାପଦ ଗଠନ କରିବା ପାଇଁ ବ୍ୟବହୃତ ପଶ୍ଚାତ୍ ପ୍ରତ୍ୟୟ; Americanize; pasteurize, politicize, civilize.

---

**ise/ize ବ୍ୟବହାର ସଂପର୍କରେ ସୂଚନା:** ଷୋଡଶ ଶତାବ୍ଦୀରୁ –izeର ବ୍ୟବହାର ଇଂରାଜୀ ଶବ୍ଦଗଠନରେ ହୋଇ ଆସୁଛି। ଅଧୁନା ଏହା ସାଧାରଣତଃ ଆମେରିକୀୟ ଇଂରାଜୀରେ ବିଶେଷ ପ୍ରଚଳିତ। ବ୍ରିଟିଶ୍ ଇଂରାଜୀରେ ଫରାସୀ ପ୍ରଭାବ ଯୋଗୁଁ –iseର ପ୍ରଚଳନ ଅଧିକ। ତେବେ ନିମ୍ନଲିଖିତ ସ୍ଥଳ ବିଶେଷରେ -ise ବ୍ୟବହାର ଅବଶ୍ୟ କରଣୀୟ –(କ) ବୃହତ୍ତର ଶବ୍ଦର ଅଂଶ ଭାବରେ, *ଉଦା.* enter*prise*, comprom*ise*; (ଖ) 's' ଶବ୍ଦମୂଳ ବିଶିଷ୍ଟ ବିଶେଷ୍ୟରୁ ନିଷ୍ପନ୍ନ କ୍ରିୟାପଦରେ, *ଉଦା.* advertise, televise.

---

Digitized by srujanika@gmail.com

# Jj

**J[1] j** ବି. ( ବ.ବ. Js, js ବା J's, j's) ଇଂରାଜୀ ବର୍ଣ୍ଣମାଳାର ଦଶମ ଅକ୍ଷର ।

**J[2]** *ସଂଶ.* joule(s) ଜୁଲ୍ ।

**jab** 1. *କ୍ରି.* ଆକସ୍ମିକ ଖେଞ୍ଚିଦେବା; ଫୋଡ଼ିଦେବା; 2. ବି. ଗୋଜିଆ ପଦାର୍ଥ କିମ୍ବା ମୁଷ୍ଟିଦ୍ୱାରା ଧକ୍କା; *କ.ଭା.* ଇଂଜେକ୍ସନ ।

**jabber** 1. *କ୍ରି.* ବକର ବକର ହେବା; ଚଟଚାଟ୍ କହିଯିବା; 2. ବି. ଦ୍ରୁତ କଥନ ।

**jabot** ବି. କମିଜ୍ କିମ୍ବା ବ୍ଲାଉଜ୍‌ର ଆଗରେ ଲାଗିଥିବା ଫିତାର କୁଞ୍ଚଦିଆ ଝାଲର ।

**jacaranda** ବି. ନୀଳ ରଙ୍ଗର ପୁଷ୍ପ କିମ୍ବା ସୁବାସିତ କାଠର ବିଷୁବ ମଣ୍ଡଳୀୟ ଆମେରିକୀୟ ବୃକ୍ଷ ବିଶେଷ ।

**jacinth** ବି. ରକ୍ତାଭ କମଳା ବର୍ଣ୍ଣ ବିଶିଷ୍ଟ ମୂଲ୍ୟବାନ୍ ପଥର; ନୀଳକାନ୍ତ ମଣି ।

**jack** 1. ବି. ଭାରି ପଦାର୍ଥ ଉଠାଇବାର ଯନ୍ତ୍ର, ବିଶେ. ଗାଡ଼ିର ଚକ ବଦଳାଇବା ପାଇଁ ବ୍ୟବହୃତ ଯନ୍ତ୍ର; ଭୃତ୍ୟ ଅଥବା ସୈନିକ ଚିତ୍ର ଥିବା ତାସ୍‌ପରା; ଜାତୀୟତାର ସ୍ୱାକ୍ଷର ବହନ କରି ଜାହାଜ ଉପରେ ଉଡୁଥିବା ବ୍ରିଟିଶ୍ ପତାକା; ବୈଦ୍ୟୁତିକ ସ୍ରୋତ ପ୍ରବାହ ପାଇଁ ବ୍ୟବହୃତ ଯନ୍ତ୍ରାଂଶ; ମାଂସପୋଡ଼ା ଶିକାକୁ ଘୂରାଇବା ପାଇଁ ବ୍ୟବହୃତ ଯନ୍ତ; ସାଧାରଣ ଲୋକଟିର ପ୍ରତୀକ; *ଆ.ପ୍ର.* ପୁଲିସ; ଗୋଇନ୍ଦା; ଖେଳାଳିର ଲକ୍ଷ୍ୟପାଇଁ ଉଦ୍ଦିଷ୍ଟ ଧଳା ପେଣ୍ଡୁ; ଜେକ୍ ଷ୍ଟୋନ୍‌ସ ନାମକ ଖେଳ; ଏକ ପ୍ରକାର କ୍ଷୁଦ୍ର ମାଛ; ବିଭିନ୍ନ ପ୍ରାଣୀ ମାନଙ୍କ ମଧ୍ୟରୁ ଅଣ୍ଡିରା ପ୍ରାଣୀମାନେ; 2. *କ୍ରି.* (up ସହ) ଏହି ଯନ୍ତ୍ରାଂଶ ସାହାଯ୍ୟରେ ଉତ୍ତୋଳନ କରିବା; 3. Jack Frost କୁହୁଡ଼ି; jack in (up); *ଆ.ପ୍ର.* (ଚେଷ୍ଟା) ପରିତ୍ୟାଗ କରିବା ।

**jackal** ବି. ବିଲୁଆ; *ଲାକ୍ଷ.* ପରପାଇଁ କ୍ଳାନ୍ତିକର କାର୍ଯ୍ୟନିର୍ବାହକ ବ୍ୟକ୍ତି ।

**jackanapes** ବି. *ପ୍ରା.ପ୍ର.* ଧୂର୍ତ୍ତ ବା ଫାଜିଲ ଲୋକ; ପୋଷାକପରିଚ୍ଛଦରେ ଫୁଲ ବାବୁ ।

**jackass** ବି. ଅଣ୍ଡିରା ଗଧ; ନିର୍ବୋଧ ବ୍ୟକ୍ତି; laughing jackass କୁକାବୁରା (kookaburra); ଅଷ୍ଟ୍ରେଲୀୟ ପ୍ରକାଣ୍ଡ ମାଛରଙ୍କା ଚଢ଼େଇ ।

**jackboot** ବି. ଆଣ୍ଠୁ ପର୍ଯ୍ୟନ୍ତ ଆଚ୍ଛାଦନ କରୁଥିବା ସାମରିକ ଜୋତା; ସାମରିକ ଦମନଲୀଳା; ଦମନକାରୀ ବ୍ୟବହାର ।

**jack-daw** ବି. ଡାମରା କାଉ; *ଲାକ୍ଷ.* ବୋବା ଲୋକ ।

**jacket** ବି. ଜେକେଟ୍; ପୋଷାକ ଉପରେ ପିନ୍ଧା ଯାଉଥିବା ହାତ ଥିବା ବାହ୍ୟ ପରିଚ୍ଛଦ; ଛୋଟ ଜାମା; ଉତ୍ତାପ ନଷ୍ଟକୁ ରୋକିବାପାଇଁ ବଏଲର (ଉତ୍ତାପକ ପାତ୍ର) ଉପରେ ଘୋଡ଼ା ଯାଉଥିବା ଆଚ୍ଛାଦନ; ଆତ୍ମରକ୍ଷା ନିମିତ୍ତ ପୋଷାକ (life-jacket); ଧୂଳି ରୋକିବାପାଇଁ ପୁସ୍ତକର ଉପରିସ୍ଥ ଆବରଣ (dust-jacket); ଆଳୁର ଚୋପା; ପ୍ରାଣୀ ଶରୀରର ବହିରାବରଣ ।

**jackfruit** ବି. ପଣସ ।

**jack-in-office** ବି. ଆତ୍ମବଡ଼ିମା ପ୍ରଦର୍ଶନକାରୀ ପଦସ୍ଥ କର୍ମଚାରୀ ।

**jack-in-the-box** ବି. ବାକ୍ସ ଖୋଲିବା ମାତ୍ରେ ଲମ୍ଫ ପ୍ରଦାନ କରୁଥିବା ଅବରୁଦ୍ଧ କଣ୍ଢେଇ ।

**jackknife** 1. ବି. ଆରପଟକୁ ମୋଡ଼ି ହାତମୁଠାଭିତରେ ରଖାଯାଇ ପାରୁଥିବା ଛୁରୀ; ଶରୀରକୁ ଅଣ୍ଟାଠାରୁ ନୁଆଇଁନେବା ଓ ପରେ ଜଳକୁ ସ୍ପର୍ଶକରିବା ପୂର୍ବରୁ ସିଧାହୋଇ ପାଣିମଧ୍ୟକୁ ଲମ୍ଫପ୍ରଦାନ; 2. *କ୍ରି.* ଦୁର୍ଘଟଣା ବେଳେ ଆପେ ଆପେ ନିବୁଜ ହୋଇଯାଉଥିବା ବିଶେଷ ପ୍ରକାରର ବାହନ ।

**Jack of all trades** ବି. ସର୍ବ ବିଦ୍ୟା ହାସଲକାରୀ ବ୍ୟକ୍ତି ।

**jack-o-lantern** ବି. ଡାହାଣୀ ଆଲୁଅ ।

**jackpot** ବି. ଲଟେରୀ, ବର୍ଣ୍ଣା ଖେଳ (ପୋକର୍) ଆଦି ସହିତ ସଂଶ୍ଳିଷ୍ଟ ପୁରସ୍କାର ପ୍ରଭୃତି; hit the jackpot *କ.ଭା.* ଆକର୍ଷଣୀୟ ପୁରସ୍କାର, କୃତିତ୍ୱ କିମ୍ବା ସୌଭାଗ୍ୟ ଲାଭ ।

**jackrabbit** ବି. *ଆମେ.* ପ୍ରେରି ଅଞ୍ଚଳର ଦୀର୍ଘକର୍ଣ୍ଣୀ ବଡ଼ ଠେକୁଆ ।

**jackstone** ବି. ଧାତବ ଖଣ୍ଡ ଓ ବଲର ଏକ ପ୍ରକାର ଫିଙ୍ଗା ଖେଳ ।

**jack tar** ବି. ନାବିକ ।

Digitized by srujanika@gmail.com

**Jacobean** ବିଂ. ଇଂଲଣ୍ଡର ରାଜା ପ୍ରଥମ ଜେମ୍ସଙ୍କ ଶାସନ (୧୬୦୩-୧୬୨୫) କାଳୀନ (ସାହିତ୍ୟ, ନାଟକ ପ୍ରଭୃତି)।

**Jacobin** ବି. ଫ୍ରାନ୍ସ ଦେଶର ବିପ୍ଲବୀ ସଂଘ ବିଶେଷର ସଭ୍ୟ; ଉଗ୍ର ରାଜନୈତିକ ବକ୍ତା।

**Jacobite** ବି. ଗାଦିଚ୍ୟୁତ ଦ୍ୱିତୀୟ ଜେମ୍ସ କିମ୍ବା ଷ୍ଟୁଆର୍ଟ ରାଜବଂଶର ତତ୍କାଳୀନ (୧୬୮୮-୧୭୦୦) ସମର୍ଥକ।

**Jacquard** ବି. ବୟନଶିଳ୍ପରେ ଚିତ୍ରକରିବା ପାଇଁ ଉଦ୍ଦିଷ୍ଟ ଯନ୍ତ୍ର; ଏଭଳି ଚିତ୍ରିତ ବସ୍ତ୍ର।

**Jacuzzi** ବି. ଜଳ ନିମ୍ନଭାଗରେ ଉଦ୍‌ଗୀରଣ ଯନ୍ତ୍ର ଖଚିତ ସ୍ନାନକୁଣ୍ଡ।

**jade**[1] ବି. ସବୁଜ, ନୀଳ କିମ୍ବା ଧବଳ ବର୍ଣ୍ଣର ମଣି ବିଶେଷ (କେଲସିୟମ୍ ଏବଂ ମେଗ୍ନିସିୟମ୍‌ର ସିଲିକେଟ୍ ଯୌଗିକ ଜାତ); ଏହି ମଣିର ସବୁଜ ରଙ୍ଗ।

**jade**[2] ବି. ଜୀର୍ଣ୍ଣଶୀର୍ଣ୍ଣ ଘୋଡ଼ା; *ଅଂବ.* ବେକାରିଆ ସ୍ତ୍ରୀଲୋକ; ପ୍ରଗଲ୍‌ଭା ମହିଳା।

**jaded** ବିଂ. କଠିନ ପରିଶ୍ରମ ଯୋଗୁଁ କ୍ଳାନ୍ତ; ମାତ୍ରାଧିକ ଭୋଜନ ଜନିତ ଅବସାଦଗ୍ରସ୍ତ।

**jadeite** ବି. ସୋଡିୟମ ଏବଂ ଆଲୁମୁନିୟମର ଜେଡ୍ ସଦୃଶ ସିଲିକେଟ୍।

**jag**[1] 1. ବି. ପଥର ପ୍ରଭୃତିର ଗୋଳିଆ ଅଂଶ; 2. *କ୍ରି.* ଅସମାନ ଭାବରେ କାଟିବା ବା ଭିନ୍ନ କରିବା; ଦନ୍ତୁରିତ କରିବା।

**jag**[2] ବି. *ସା.ପ୍ର.* ମଦ୍ୟପାନ କରି କଳହ; (କୌଣସି କାର୍ଯ୍ୟ ବା ଆବେଗର) ସମୟକାଳ।

**jagged** ବିଂ. ଛିଣ୍ଡା ଧାର ସହ ବା ଅସମାନ ଭାବରେ କଟାଯାଇଥିବା; *କ୍ରି.ବିଂ.* jaggedly; ବି. jaggedness.

**jaguar** ବି. ମାର୍ଜାର ପରିବାରର ବୃହତ୍ ଆମେରିକୀୟ ମାଂସାଶୀ ଶ୍ୱାପଦ।

**jail** 1. ବି. ଜେଲ୍, କାରାଗାର, ବନ୍ଦୀଗୃହ; 2. *କ୍ରି.* ବନ୍ଦୀ କରିବା; ବି. jailor.

**jail bird, gaolbird** ବି. ବନ୍ଦୀ; ଅଭ୍ୟାସଗତ ଅପରାଧୀ; ଦାଗୀ।

**Jain** ବି. ଜୈନ; ଭାରତୀୟ ଧର୍ମବିଶେଷ ବା ତାହାର ଅନୁଗାମୀ; ବି. Jainism; ବି.ବିଂ. Jainist.

**jalap** ବି. ଏକଜାତୀୟ ମେକ୍ସିକୀୟ ଔଷଧୀ ଗୁଳ୍ମର ମୂଳରୁ ପ୍ରସ୍ତୁତ ବିରେଚକ, ଜୁଲାପ।

**jalopy** ବି. *କ.ଭା.* ପୁରୁଣା, ଜୀର୍ଣ୍ଣ ମୋଟରଗାଡ଼ି।

**jalousie** ବି. ଝରକାର ପରଦା ବା ଶଟର ବିଶେଷ (ଯାହାଦ୍ୱାରା ବାୟୁ ଓ ଆଲୋକ ପ୍ରବେଶ କରିଥାଏ କିନ୍ତୁ ବର୍ଷାଜଳ ପ୍ରବେଶ କରିପାରେ ନାହିଁ)।

**jam**[1] 1. *କ୍ରି.* ଚିପିହୋଇଯିବା; ଲାଖିଯିବା; (ଦରାଜ ପ୍ରଭୃତି) ଲାଖିଯାଇ ନ ଖୋଲିବା; ଖୁନ୍ଦିବା; ଅଳ୍ପ ସ୍ଥାନରେ ବହୁ ଜିନିଷ ବା ଲୋକ ଖୁନ୍ଦିଦେବା; ରାସ୍ତାଘାଟ ଜାମ୍ ହୋଇଯିବା; ଲୋକ ବା ଯାନବାହନର ଗହଳି ହେବା; *କ.ଭା.* (ଜାଜ୍ ପ୍ରଭୃତି ସଙ୍ଗୀତରେ) ପୂର୍ବ ପ୍ରସ୍ତୁତି ବିନା ପରିବେଷଣ କରିବା; 2. ବି. ପେଷଣ; ରାସ୍ତାଗହଳି; *କ.ଭା.* ଅସୁବିଧାଜନକ ଅବସ୍ଥା; *ସଂଗୀତ* ପୂର୍ବପ୍ରସ୍ତୁତି ବିନା ପରିବେଷଣ।

**jam**[2] ବି. ଫଳ, ଚିନି ପ୍ରଭୃତି ସଂରକ୍ଷଣ ନିମନ୍ତେ ବହଳିଆହେବା ପର୍ଯ୍ୟନ୍ତ ପ୍ରସ୍ତୁତ ଖାଦ୍ୟ; ଜାମ୍; *କ.ଭା.* କୌଣସି ସହଜ ବା ପ୍ରୀତିକର ବସ୍ତୁ।

**jamb** ବି. ଦରଜା, ଝରକା, ଫାୟାରପ୍ଲେସ୍ ପ୍ରଭୃତିର ପାର୍ଶ୍ୱ ସ୍ତମ୍ଭ; ଜାମ୍।

**jamboree** ବି. ମଉଜମଜଲିସ, ଆନନ୍ଦ ଉତ୍ସବ; ସ୍କାଉଟ୍ ପ୍ରଭୃତିଙ୍କ ରେଲି ବା ଶୋଭାଯାତ୍ରା।

**jammy** ବିଂ. ଜାମ୍‌ଯୁକ୍ତ; *କ.ଭା.* ଭାଗ୍ୟଶାଳୀ; ଲାଭଜନକ।

**jam-packed** ବିଂ. *କ.ଭା.* ଖୁନ୍ଦାଖୁନ୍ଦି ହୋଇ ଭର୍ତ୍ତି; ପୂରା ଭର୍ତ୍ତି।

**Jan.** *ସଂକ୍ଷି.* January ଜାନୁଆରୀ।

**jangle** 1. *କ୍ରି.* ଘଣ୍ଟି ପ୍ରଭୃତି ବାଜିବା; ଠଣ୍‌ଠାଣ୍ ଶବ୍ଦ ହେବା; ବେସୁରା ଶବ୍ଦରେ ବିରକ୍ତ କରିବା; 2. ବି. ତୀବ୍ର ଘଣ୍ଟିଶବ୍ଦ।

**janitor** ବି. ଦ୍ୱାରରକ୍ଷକ; ଘର, କୋଠାବାଡିର ତତ୍ତ୍ୱାବଧାରକ।

**janizary** ବି. *ଇତି.* ତୁର୍କୀ ସୁଲତାନଙ୍କ ଦେହରକ୍ଷୀ ପଦାତିକ ସେନା।

**January** ବି. ଜାନୁଆରୀ; ଇଂରାଜୀ କେଲେଣ୍ଡରର ପ୍ରଥମ ମାସ।

**Jap** ବିଂ. ବି. *ସଂକ୍ଷି. ବିଶେ. ଅବ.* ଜାପାନୀ।

**japan** 1. ବି. ଘନ କୃଷ୍ଣ ରଙ୍ଗର ବାର୍ଣ୍ଣିସ୍ (ଜାପାନରୁ ପ୍ରାପ୍ତ); 2. *କ୍ରି.* କଳା ରଙ୍ଗର ମସୃଣ (ଜାପାନୀ) ବାର୍ଣ୍ଣିସ୍ ବୋଳିବା।

**Japanese** 1. ବିଂ. ଜାପାନୀ; 2. ଜାପାନୀ ଭାଷା ବା ବ୍ୟକ୍ତି।

**jape** 1. ବି. ଥଟ୍ଟା; 2. ଥଟ୍ଟା କରିବା।

Digitized by srujanika@gmail.com

**jar**[1] 1. କ୍ରି. କର୍କଶ ବା ଶ୍ରୁତିକଟୁ ଧ୍ୱନି ସୃଷ୍ଟିକରିବା; ଅପ୍ରାସଂଗିକ କଥା କହିବା ବା ବ୍ୟବହାର କରିବା; 2. ବି. କର୍କଶ ବା ଶ୍ରୁତିକଟୁ ଧ୍ୱନି।

**jar**[2] ବି. ଜାର୍; ପ୍ଲାଷ୍ଟିକ୍, କାଚ ବା ଅନ୍ୟ କୌଣସି ଉପାଦାନରେ ନିର୍ମିତ ସିଲିଣ୍ଡରାକୃତି ପାତ୍ର; ସେଥିରେ ଥିବା ପଦାର୍ଥ; *କ.ଭା.* (ବିଅର ପ୍ରଭୃତିର) ଗ୍ଲାସ।

**jardiniere** ବି. ସୁଶୋଭିତ ଫୁଲଦାନୀ ବା ଗମଲା; ମିଶା ବା ଘାଣ୍ଟ ଭଳି ବ୍ୟଞ୍ଜନ।

**jargon** ବି. କୌଣସି ଏକ ଗୋଷ୍ଠୀଦ୍ୱାରା ବ୍ୟବହୃତ ବୈଷୟିକ ଶବ୍ଦାବଳୀ ବା ଭାଷା (ଉଦା. critical jargon); ଅସଭ୍ୟ ବା ଆଦିମ ଭାଷା।

**jasmine** ବି. ଧଳା ବା ହଳଦିଆ ଫୁଲ ବିଶିଷ୍ଟ ଗୁଳ୍ମ; ମଲ୍ଲୀଜାତୀୟ ଫୁଲ।

**jasper** ବି. ଲାଲ, ହଳଦିଆ ବା ବାଦାମୀ ରଙ୍ଗର ଅର୍ଦ୍ଧସ୍ୱଚ୍ଛ କ୍ୱାର୍ଜ୍ ପଥର।

**jaundice** 1. ବି. କାମଳ ରୋଗ; ଜଣ୍ଡିସ୍; ଦୃଷ୍ଟି ଶକ୍ତିରେ ବିଭ୍ରାଟ; ଇର୍ଷା; 2. କ୍ରି. କାମଳ ରୋଗ ଭୋଗିବା; ଇର୍ଷାନ୍ୱିତ ହେବା।

**jaunt** ବି. ମନୋରଞ୍ଜନ ପାଇଁ ଭ୍ରମଣ।

**jaunty** ବିଂ. ପ୍ରଫୁଲ୍ଲ ଏବଂ ଆତ୍ମବିଶ୍ୱାସପୂର୍ଣ୍ଣ; ପ୍ରାଣପ୍ରାଚୁର୍ଯ୍ୟ ପୂର୍ଣ୍ଣ; କ୍ରି.ବିଂ. jauntily; ବି. jauntiness.

**Javanese** 1. ବି. ଜାଭାର ଅଧିବାସୀ ବା ଭାଷା; 2. ବିଂ. (Javan ମଧ୍ୟ) ଜାଭା, ସମ୍ବନ୍ଧିତ।

**javelin** ବି. ଜେଭେଲିନ୍; ବର୍ଚ୍ଛା (ଅସ୍ତ୍ର ଭାବରେ ବା କ୍ରୀଡାକ୍ଷେତ୍ରରେ ବ୍ୟବହୃତ)।

**jaw** 1. ବି. ଗାଲପାଟି; ବ.ବରେ ମୁହଁ (ହାଡ, ଦାନ୍ତ ପ୍ରଭୃତି ସହ); ଉପତ୍ୟକା ପ୍ରଭୃତିର ସଂକୀର୍ଣ୍ଣ ମୁହଁ ବା ପ୍ରବେଶ ପଥ; ବ.ବ. *ଲାକ୍ଷ.* କବଳ, ହାତମୁଠା (jaws of death); *କ.ଭା.* ଦୀର୍ଘ ବକ୍ତୃତା; ଭାଷଣପ୍ରିୟତା; 2. କ୍ରି. *ସା.ପ୍ର.* ଦୀର୍ଘ ସମୟ କହିବା; ଭର୍ତ୍ସନା କରିବା।

**jawbone** ବି. ହନୁହାଡ; କଳପାଟି ହାଡ।

**jay** ବି. କୁଆ ଜାତୀୟ ୟୁରୋପୀୟ ପକ୍ଷୀ ବିଶେଷ; *ସା.ପ୍ର.* କୁହାଳିଆ ଲୋକ।

**jaywalk** କ୍ରି. ଦାୟିତ୍ୱହୀନ ବା ବିପଜ୍ଜନକ ଭାବରେ ରାସ୍ତା ପାରି ହେବା।

**jazz** 1. ବି. ଆମେରିକୀୟ ନିଗ୍ରୋମାନଙ୍କର ସଙ୍ଗୀତ; ଜାଜ୍ ସଙ୍ଗୀତ; *ସା.ପ୍ର.* ଛଳନାପୂର୍ଣ୍ଣ କଥାବାର୍ତ୍ତା ବା ବ୍ୟବହାର; 2. କ୍ରି. (ମନ) ପ୍ରଫୁଲ୍ଲ କରିବା; ଜାଜ୍ ସଙ୍ଗୀତ ବଜେଇବା ବା ସେଥିରେ ନୃତ୍ୟ କରିବା; ବି. jazzer.

**jazzy** ବିଂ. ଜାଜ୍ ଭଳି; ବିଶଦ; ବାଧାହୀନ, ସ୍ୱଚ୍ଛନ୍ଦ।

**jealous** ବିଂ. (ଅଧିକାର ପ୍ରଭୃତି ପାଇଁ) ସଚେତନ ଭାବରେ ଉଦ୍ୟମଶୀଳ; ଭୀତ, ସନ୍ଦେହୀ ବା ସନ୍ତପ୍ତ; (ପ୍ରେମରେ) ଇର୍ଷାନ୍ୱିତ; (ଅନୁସନ୍ଧାନରେ) ସତର୍କ; କ୍ରି.ବିଂ. jealously.

**jealousy** ବିଂ. ଇର୍ଷା; ପରଶ୍ରୀକାତରତା।

**jeans** ବି. ବ.ବ. ମଜବୁତ କାର୍ପାସ ବସ୍ତ୍ର ବିଶେଷ; ବ.ବ. ଜିନ୍ ବା ଡେନିମ୍ ତିଆରି ପୋଷାକ।

**Jeep** ବି. ସ୍ତ୍ର. ଜିପ୍‌ଗାଡି।

**jeer** 1. କ୍ରି. ବ୍ୟଙ୍ଗ, ବିଦ୍ରୂପ କରିବା; ଟାଣ୍ଡ଼ି କଥା କହିବା; 2. ବି. ବିଦ୍ରୂପ; କ୍ରି.ବିଂ. jeeringly.

**Jehovah** ବି. ବାଇବେଲ୍‌ର ଓଲ୍ଡ୍ ଟେଷ୍ଟାମେଣ୍ଟରେ ଈଶ୍ୱରଙ୍କ ନାମ।

**Jehovah's Witness** ବି. ମୌଳବାଦୀ ଖ୍ରୀଷ୍ଟିଆନ୍ ଗୋଷ୍ଠୀ ବିଶେଷର ସଦସ୍ୟ।

**jejune** ବିଂ. ସ୍ୱଳ୍ପ; ସୀମିତ; ନିକୃଷ୍ଟ; ନିଷ୍ଫଳା; ଅତୃପ୍ତିକର।

**jejunum** ବି. କ୍ଷୁଦ୍ରାନ୍ତ୍ରର ଡିଉଡିନମ୍ ଏବଂ ଇଲିୟମ୍ ମଧ୍ୟସ୍ଥ ଅଂଶ ବିଶେଷ।

**Jekyll and Hyde** ବି. ଦୁଇ ବିପରୀତ ବ୍ୟକ୍ତିତ୍ୱର ଅଧିକାରୀ ବ୍ୟକ୍ତିବିଶେଷ (ଆର୍.ଏଲ୍. ଷ୍ଟିଭେନ୍‌ସନ୍‌ଙ୍କ କାହାଣୀର ଚରିତ୍ର)।

**jell** କ୍ରି. *କ.ଭା.* ଜେଲି ପ୍ରସ୍ତୁତ କରିବା; *ଲାକ୍ଷ.* ନିର୍ଦ୍ଦିଷ୍ଟ ବା ଇଚ୍ଛିତ ରୂପ ବା ଆକାର ନେବା।

**jellaba** ବି. (djellaba ମଧ୍ୟ) ଆରବ୍ୟ ପୁରୁଷମାନଙ୍କ ଢିଲା ପଶମ ପରିଧାନ ବିଶେଷ।

**jelly** 1. ବି. ଜିଲାଟିନ୍‌ରେ (ବା ସାହାଯ୍ୟରେ) ପ୍ରସ୍ତୁତ ନରମ, ଅର୍ଦ୍ଧପାରଦର୍ଶୀ ଅର୍ଦ୍ଧ-ଘନ ଖାଦ୍ୟ ବିଶେଷ; ଫଳରସ, ଚିନି ପ୍ରଭୃତି ଦ୍ୱାରା ପ୍ରସ୍ତୁତ ଜେଲି; 2. କ୍ରି. ଜେଲି ବସେଇବା; ଜମାଟ ବାନ୍ଧିବା; (ଖାଦ୍ୟ) ଜେଲିରେ ବୁଡାଇବା ବା ବତୁରାଇବା।

**jellyfish** ବି. ଅନେକ ବାହୁବିଶିଷ୍ଟ, ଜେଲି ସଦୃଶ ସାମୁଦ୍ରିକ ଜୀବ ବିଶେଷ।

**jemmy** ବି. ସିନ୍ଧିକାଠି; ସିନ୍ଧିଚୋରର କ୍ଷୁଦ୍ର କୋଡିଭଳି ଉପକରଣ।

**jenny** ବି. ମାଈଗଧ; ଗଧୀ; *ଇତି.* ସ୍ପିନିଙ୍ଗ ଜେନି।

Digitized by srujanika@gmail.com

**jenny wren** ବି. ମାଇ ରେନ୍ ପକ୍ଷୀ ।

**jeopardize** କ୍ରି. ବିପଦରେ ପକାଇବା; ବିଭ୍ରାଟ କରିବା ।

**jeopardy** ବି. (ଭୟଙ୍କର କ୍ଷତିର) ଆଶଙ୍କା ।

**jerbil** ବି. (gerbil ମଧ୍ୟ) ମୂଷାଜାତୀୟ ପ୍ରାଣୀ ବିଶେଷ ।

**jerboa** ବି. ଦୀର୍ଘ ପଛ ଗୋଡ଼ ବିଶିଷ୍ଟ, କ୍ଷୁଦ୍ରାକୃତି, ଲମ୍ଫ ପ୍ରଦାନକାରୀ ଆଫ୍ରିକୀୟ ମୂଷାଜାତୀୟ ଜୀବ ।

**jeremiad** ବି. ଦୁଃଖପୂର୍ଣ୍ଣ ବା ଶୋକପୂର୍ଣ୍ଣ ଅଭିଯୋଗ ।

**jerk**[1.] 1. ବି. (ହଠାତ୍, ତୀବ୍ର) ଧକ୍କା; ଚ଼ମକା; ଚ଼ମକ; ଟାଣିହେବା ବା ମୋଡ଼ିହେବା; *ସା.ପ୍ର.* ବୋକା, ନିର୍ବୋଧ ବ୍ୟକ୍ତି; *କ.ଭା.* କସରତ; 2. କ୍ରି. ଧକ୍କା ବା ଚ଼ମକ ସହ ଗତି କରିବା; ହଠାତ୍ ଫୋପାଡ଼ିବା, ଚ଼ମକ ଦେବା ବା ଫୋପାଡ଼ି ହେବା; jerk off *ସା.ପ୍ର.* ହସ୍ତମୈଥୁନ କରିବା ।

**jerk**[2.] କ୍ରି. (ଗୋମାଂସର) ଲମ୍ବା, ପତଳା ଖଣ୍ଡ ଗୁଡ଼ିକୁ (ଖରାରେ ଦେଇ) ଶୁଖୁଆ କରିବା ।

**jerkin** ବି. ବିନା ହାତର ଜେକେଟ୍; *ଇତି.* ପୁରୁଷମାନଙ୍କ ଅଙ୍ଗଜଡା (ବିଶେ. ଚମଡା); ଜେକେଟ୍ ।

**jerky** ବିଂ. ହଠାତ୍ ବା ଅପ୍ରତ୍ୟାଶିତ ଗତିବିଧି ବିଶିଷ୍ଟ; ମୁହୂର୍ମୁହୁ ନିୟମିତ ବ୍ୟବଧାନରେ ଘଟୁଥିବା; କ୍ରି.ବିଂ. jerkily; ବି. jerkiness.

**Jerry** ବି. *ସା.ପ୍ର.* ଜର୍ମାନ୍, ବିଶେ. ସୈନିକ; ଜର୍ମାନ୍ ଲୋକ; ଜର୍ମାନୀର ବ୍ୟକ୍ତି ।

**jerry** ବି. *ସା.ପ୍ର.* ଶୋଇବାଘରେ ବ୍ୟବହୃତ ମଳମୂତ୍ରତ୍ୟାଗ ପାଇଁ ପାତ୍ର ।

**jerry–builder** ବି. ନିକୃଷ୍ଟ ଗୁଣମାନର ସାମଗ୍ରୀ ବ୍ୟବହାର କରି ଦୁର୍ବଳ କୋଠାବାଡ଼ି ତିଆରି କରାଉଥିବା ଠିକାଦାର ବା ପେଶାଦାର ବ୍ୟକ୍ତି; ବି. jerry building; ବିଂ. jerry-built.

**jerrycan** ବି. (jerrican ମଧ୍ୟ) ଜେରିକେନ୍; ପେଟ୍ରୋଲ୍ ବା ପାଣି ରଖିବାପାଇଁ ଡବା ବା ପାତ୍ର ।

**jersey** ବି. ପଶମ ବୁଣା ପୋଷାକ ବା ପୁଲ୍ଓଭର୍; ସାଧା ବୁଣା ସୂତାଲୁଗା; ଜର୍ସି, ଖେଳାଳିମାନଙ୍କ ଦ୍ୱାରା ବ୍ୟବହୃତ ପୋଷାକ ।

**Jersey** ବି. ଜର୍ସି (ଚ୍ୟାନେଲ୍ ଦ୍ୱୀପପୁଞ୍ଜ)ରୁ ପ୍ରଥମେ ଆନୀତ ପ୍ରଚୁର ଦୁଗ୍ଧ ଉତ୍ପାଦନକ୍ଷମ ସଙ୍କର ଗାଈ, ଜର୍ସି (ଗାଈ) ।

**Jerusalem artichoke** ବି. ଖାଦ୍ୟୋପଯୋଗୀ ମୂଳ ବିଶିଷ୍ଟ ସୂର୍ଯ୍ୟମୁଖୀ ଗଛ ।

**jest** 1. ବି. ଥଟ୍ଟା, ପରିହାସ; ମଜା, ପରିହାସ ବା ଉପହାସର ପାତ୍ର; ଉପହାସ; 2. କ୍ରି. ଥଟ୍ଟା ପରିହାସ କରିବା; spoken in jest ପରିହାସରେ କୁହାଯାଇଥିବା ।

**jester** ବି. *ଇତି.* ବିଦୂଷକ; ଦରବାରୀ ଭାଣ୍ଡ ।

**Jesuit** (ଜେଜୁଇଟ୍) ବି. ରୋମାନ୍ କେଥଲିକ୍ ସମ୍ପ୍ରଦାୟର ସୋସାଇଟି ଅଫ୍ ଜୀଜସ୍‌ର (Society of Jesus) ସଦସ୍ୟ ବା ଅନୁଗାମୀ; ବି. Jesuitical.

**jet**[1.] 1. ବି. (ବିଶେ. ସଂକୀର୍ଣ୍ଣ ବାଟ ଦେଇ) ପାଣି, ପବନ, ବାଷ୍ପ, ଅଗ୍ନିଶିଖା ପ୍ରଭୃତିର ନିର୍ଗମନ; ଏଭଳି ନିର୍ଗମନ ପାଇଁ ଉଦ୍ଦିଷ୍ଟ ସରୁ ନଳୀ ପ୍ରଭୃତି; ଜେଟ୍ ଇଂଜିନ୍; ଜେଟ୍ ବିମାନ; 2. କ୍ରି. ସରୁ ନଳୀ ବା ସଂକୀର୍ଣ୍ଣ ବାଟଦେଇ ପାଣି ପ୍ରଭୃତି ଛୁଟିବା; *କ.ଭା.* ଜେଟ୍ ବିମାନରେ ଯାତ୍ରା ବା ପ୍ରେରଣ କରିବା ।

**jet**[2.] ବି. କୃଷ୍ଣବର୍ଣ୍ଣର କଠିଣ କୋଇଲା (ଲିଗ୍ନାଇଟ୍) ।

**jetblack** ବି. ମସୃଣ ଘନକୃଷ୍ଣ ରଙ୍ଗ ।

**jet engine** ବି. ଜେଟ୍ ବିମାନରେ ବ୍ୟବହୃତ ଇଂଜିନ୍ ବିଶେଷ ।

**jet lag** ବି. ଦୀର୍ଘ ବିମାନ ଯାତ୍ରା ଜନିତ ସମୟ-ଅସଂଗତି ଯୋଗୁଁ ଶରୀରର ଅଙ୍ଗ–ପ୍ରତ୍ୟଙ୍ଗରେ ପଡୁଥିବା ବିଳମ୍ବିତ ପ୍ରଭାବ ।

**jet plane** ବି. ଜେଟ୍ ଇଂଜିନ୍ ଖଞ୍ଜା ଯାଇଥିବା ଉଡାଜାହାଜ ।

**jet–propelled** ବିଂ. ଜେଟ୍ ନିର୍ଗତ ଚାପଦ୍ୱାରା ଚାଳିତ; ଅତି ଦ୍ରୁତ ।

**jet propulsion** ବି. ବାଷ୍ପର ଦ୍ରୁତ ପଶ୍ଚାତ୍ ନିର୍ଗମନ ଯୋଗୁଁ ଆଗକୁ ଗତିବାନ୍ ହେବାର ପ୍ରଣାଳୀ ।

**jetsam** ବି. ଜାହାଜକୁ ହାଲୁକା କରି କୂଳକୁ ନେଇଯିବା ପାଇଁ ସେଥିରୁ ଫୋପାଡ଼ି ଦିଆଯାଉଥିବା ପଦାର୍ଥ ।

**jet set** ବି. ଘନ ଘନ ବିମାନ ଯାତ୍ରା କରୁଥିବା ଧନାଢ୍ୟ ବ୍ୟକ୍ତିଗଣ ।

**jettison** 1. କ୍ରି. ବାହାର କରିଦେବା; ଉଡାଜାହାଜ ମଧ୍ୟରୁ ପକାଇ ଦେବା; ପରିତ୍ୟାଗ କରିବା; ବି. jettisoning.

Digitized by srujanika@gmail.com

**jetty** ବି. ବନ୍ଦର ସୁରକ୍ଷା ପାଇଁ ନିର୍ମିତ ଆଡ଼ିବନ୍ଧ ବା ସ୍ତମ୍ଭ; ଜେଟି ।

**Jew** 1. ବି. ହିବ୍ରୁଗୋଷ୍ଠୀ ସମ୍ଭୂତ ବ୍ୟକ୍ତି କିମ୍ବା ଇହୁଦୀ ଧର୍ମାବଲମ୍ବୀ ଲୋକ; *କ.ଭା. ଅପ.* ବେପାରରେ ଟିପାଏ ଛାଡ଼ି ନଦେବା ବ୍ୟକ୍ତି; ମହାଜନ; 2. *କ୍ରି.* (jew) *କ.ଭା.* କଠିନ ମୂଲଚାଲ କରିବା; ଠକିବା; *ସ୍ତ୍ରୀ.* Jewess.

**jewel** 1. ବି. ମୂଲ୍ୟବାନ ପଥର; ପଥର ଖଚିତ ଅଳଙ୍କାର; ଦୁର୍ଲଭ ବ୍ୟକ୍ତି କିମ୍ବା ମୂଲ୍ୟବାନ ପଦାର୍ଥ; 2. *କ୍ରି.* ଅଳଙ୍କାରଦ୍ୱାରା ସଜାଇବା; (ହାତଘଡ଼ି) କଳ ମଧ୍ୟରେ ରତ୍ନଖଚିତ କରିବା ।

**jeweller** ବି. *ଆମେ.* jeweler ଗହଣା ବେପାରୀ ।

**jewellery** ବି. (jewelry ମଧ୍ୟ) ଅଳଙ୍କାର ସମୂହ ।

**Jewish** ବିଂ. ଇହୁଦୀୟ; ଇହୁଦୀ ଧର୍ମାବଲମ୍ବୀ; ବି. Jewishness.

**Jewry** ବି. ଇହୁଦୀ ଗୋଷ୍ଠୀ ।

**Jew's harp** ବି. ଦାନ୍ତରେ ରଖି ବଜାଯାଉଥିବା କ୍ଷୁଦ୍ରବାଦ୍ୟ ଯନ୍ତ୍ର ।

**Jezebel** ବି. ନିର୍ଲ୍ଲଜ୍ଜ ବା ଦୁଶ୍ଚରିତ୍ର ସ୍ତ୍ରୀଲୋକ ।

**jib** 1 ବି. ଜାହାଜର ଅଗ୍ରଭାଗସ୍ଥିତ ମାସ୍ତୁଲ ସମ୍ମୁଖରେ ଥିବା ତ୍ରିକୋଣାକାର ପାଲ; କ୍ରେନ୍‌ର ବିସ୍ତାରିତ ବାହୁ; 2. *କ୍ରି.* ପାଲକୁ ବିପରୀତ ମୁଖୀ କରିବା; ପାଲ ଘୁରାଇବା; (ଘୋଡ଼ା କ୍ଷେତ୍ରରେ; ମଣିଷ ମଧ୍ୟ) ଆଗକୁ ନ ଯାଇ ଠିଆହେବା; ଅଗ୍ରସର ନ ହୋଇ ପଛକୁ କିମ୍ବା ପାର୍ଶ୍ୱକୁ ଗତି କରିବା; **jib at** ଦୃଢ଼ ପ୍ରତିବାଦ କରିବା; ବି. jibber.

**jib-boom** ବି. ଜାହାଜର ମାସ୍ତୁଲରୁ ବାହାରି ଥିବା ଖୁଣ୍ଟି ।

**jibe** *ଦ୍ର.* gibe କିମ୍ବା gybe.

**jiff** ବି. (jiffy ମଧ୍ୟ) ଅଳ୍ପ କ୍ଷଣ; ମୁହୂର୍ତ୍ତ ।

**jig** 1. ବି. ଦ୍ରୁତ ତାଳ ବିଶିଷ୍ଟ ଏକ ପ୍ରକାର ନାଚର ନାମ; ଏହା ସହିତ ସଂପୃକ୍ତ ବାଦ୍ୟ ସଂଗୀତ; ଜିନିଷ ଧରିବା ପାଇଁ ଉଦ୍ଦିଷ୍ଟ ଏକ ପ୍ରକାର ଯାନ୍ତ୍ରିକ ହାତ; 2. *କ୍ରି.* ଜିଗ୍ ନୃତ୍ୟ କରିବା; ଡିଆଁ ଡେଇଁ କରିବା; ଚଟ୍ ପଟ୍ ତଳ ଉପର କରିବା ।

**jigger**[1] ବି. ଲିକରର ମାପକ; ସେତିକି ପରିମାଣ ଧରୁଥିବା କାଚ ଗ୍ଲାସ; *ସା.ପ୍ର.* (ବିଲିୟାର୍ଡ଼ସ୍ ଖେଳରେ) କ୍ୟୁ ରଖିବା ଷ୍ଟାଣ୍ଡ ।

**jigger**[2] ବି. ଦେହର ଚର୍ମ ଭିତରେ ରହୁଥିବା ଚମଉକୁଣି ଜାତୀୟ କୀଟ ବିଶେଷ ।

**jiggered** ବିଂ. *କ.ଭା.* ହତବୁଦ୍ଧି (ଶପଥାଦିରେ ବ୍ୟବହୃତ, *ଉଦା.* I'll be jiggered).

**jiggery-pokery** ବି. *କ.ଭା.* ଶଠତା; ଠକାମି ।

**jiggle** 1. *କ୍ରି.* ହଲିବା; ଆସ୍ତେ ଝୁଲିବା କିମ୍ବା ଝୁଙ୍କିଯିବା; 2. ବି. ମୃଦୁ ଆନ୍ଦୋଳନ ବା ଝୁଲା ।

**jigsaw** ବି. (jigsaw puzzle ମଧ୍ୟ) କଳ କରତ; ଚିରା ବା କଟା ଅଂଶମାନଙ୍କୁ ଯୋଡ଼ି ପୂର୍ଣ୍ଣାବୟବ ଚିତ୍ର ବାହାର କରିବାର ଗୋଳକ ଧନ୍ଦା ।

**jilt** *କ୍ରି.* ଅପ୍ରତ୍ୟାଶିତ ଭାବେ ପ୍ରତ୍ୟାଖ୍ୟାନ ବା ପରିତ୍ୟାଗ କରିବା (*ବିଶେ.* ପ୍ରଣୟ ପ୍ରାର୍ଥୀ ବା ପ୍ରାର୍ଥିନୀକୁ) ।

**Jim Crow** ବି. *ଆମେ. କ.ଭା. ଜା. ଅବ.* କୃଷ୍ଣକାୟ ବ୍ୟକ୍ତିମାନଙ୍କୁ ସାମାଜିକ ବାସନ୍ଦ; କଳା ଲୋକ ।

**jim-jams** ବି.ବ.ବ. *ସା.ପ୍ର.* ଅତ୍ୟଧିକ ମଦ୍ୟପାନ ଜନିତ ପ୍ରଳାପ; ମାନସିକ ବିଷାଦ ବା ଦୁର୍ବଳତା ।

**jingle** 1. ବି. ଚାବି ନେଛା କିମ୍ବା ଶିକୁଳି କଡ଼ିକୁ ହଲାଇଲେ ଉତ୍ପନ୍ନ ହେଉଥିବା ଶବ୍ଦ; ରୁଣୁ ଝୁଣୁ ବା ଝଣ୍ ଝଣ୍ ଶବ୍ଦ; ବିଜ୍ଞାପନରେ ବ୍ୟବହୃତ ଗୀତ ପ୍ରଭୃତିର ପଦ; 2. *କ୍ରି.* ଚାବି ନେଛାଦ୍ୱାରା ଏପରି ସ୍ୱର ସୃଷ୍ଟି କରିବା; (ସାହିତ୍ୟରେ) ଏପରି ସ୍ୱର ସୃଷ୍ଟିକାରୀ ସଙ୍ଗୀତଧର୍ମୀ ଲେଖା ।

**jingo** ବି. ବ.ବ. jingoes ସଂଗ୍ରାମୀ ଦେଶପ୍ରେମୀ; ଯୁଦ୍ଧ ସମର୍ଥକ; ବି. jingoism; jingoist; ବିଂ. jingoistic.

**jink** 1. ଏଡ଼ାଇ ଯିବା; ଖସିଯିବା; 2. ବି. ଏପରି ଗତି; **high jinks** ହଇଚଇ ସୃଷ୍ଟିକାରୀ ମଉଜମଜଲିସ ।

**jinnee** ବି. (jinn, djinn ମଧ୍ୟ) ବ.ବ./ଏ.ବ. (ଇସଲାମ ପୁରାଣ ଅନୁଯାୟୀ) ମାନବ ଅଥବା ଅନ୍ୟ ପ୍ରାଣୀ ରୂପ ଗ୍ରହଣ କରି ପ୍ରଭାବ ବିସ୍ତାର କରୁଥିବା ଅପଦେବତା ବା ପ୍ରେତଶକ୍ତି ।

**jinricksha** ବି. ରିକ୍ସାଗାଡ଼ି ।

**jinx** ବି. *କ.ଭା.* ଦୁର୍ଭାଗ୍ୟ ବା ଦୁର୍ଯୋଗର କାରଣ ବୋଲାଉଥିବା ବ୍ୟକ୍ତି, ବସ୍ତୁ ବା ଅବସ୍ଥା ।

**jitter** *କ.ଭା.* 1. *କ୍ରି.* ସ୍ନାୟବିକ ଦୁର୍ବଳତା; 2. ବି. (the jitters) ମାନସିକ ଦୁର୍ବଳତା; ବିଂ. jittery; ବି. jitteriness.

Digitized by srujanika@gmail.com

**jitterbug** 1. ବି. ମାନସିକ ଦୁର୍ବଳତାଗ୍ରସ୍ତ ବ୍ୟକ୍ତି; ଘାତିଗ୍ରସ୍ତ ଲୋକ; *ଇତି.* ଏକ ପ୍ରକାର ଜନପ୍ରିୟ ନାଚ; 2. *କ୍ରି. ଇତି.* ଏହି ନାଚ ନାଚିବା।

**jive** ବି. *ସା.ପ୍ର.* ପଚାଶ ଦଶକର ଏକପ୍ରକାର ଲୋକପ୍ରିୟ ନାଚ ବା ସେଥିରେ ବ୍ୟବହୃତ ସଂଗୀତ।

**Jnr** *ସଂଣ.* Junior ଜୁନିଅର୍।

**job** 1. ବି. କାମ, କରିବାକୁ ଥିବା କାର୍ଯ୍ୟ; ଚାକିରୀ ବା ପଦ; *ସା.ପ୍ର.* ଅପରାଧ, *ବିଶେ.* ଡକାୟତି; *କ.ଭା.* କଠିନ କାର୍ଯ୍ୟ ବା ଦାୟିତ୍ୱ; ବିବେକହୀନ କାରବାର; 2. *କ୍ରି.* କାର୍ଯ୍ୟ କରିବା; ଠିକୁରା କାମ କରିବା; ସାମୟିକ କାମ କରିବା; କିଣାବିକା କରିବା; ଅସତ୍ ଉପାୟ ଅବଲମ୍ବନ କରିବା; bad (good) job ଅସନ୍ତୋଷ (ସନ୍ତୋଷ) ଜନକ ସ୍ଥିତି; just the job *ସା.ପ୍ର.* ଠିକ୍ ଆବଶ୍ୟକ ମୁତାବକ; make a (good) job of ନିପୁଣତା ବା କୃତିତ୍ୱର ସହ କାମ କରିବା।

**jobber** ବି. ଠିକୁରା କାମ କରୁଥିବା ଲୋକ; stockjobber *ଇତି.* ଶେୟାର ମାର୍କେଟରେ ଶେୟାର କିଣାବିକା କରୁଥିବା ବ୍ୟକ୍ତି।

**jobbery** ବି. ଅସାଧୁ ବ୍ୟବସାୟ।

**jobcentre** ବି. ଚାକିରୀ ବିଜ୍ଞାପନକାରୀ ସରକାରୀ କାର୍ଯ୍ୟାଳୟ।

**jobless** ବିଂ. ବେକାର; ଚାକିରୀବିହୀନ।

**job lot** ବି. ଏକତ୍ର କିଣାଯାଇଥିବା (*ବିଶେ.* ନିଲାମରେ) ବିଭିନ୍ନ ରୁଚିର ଜିନିଷ।

**Job's comforter** ବି. ସାନ୍ତ୍ୱନା ଦେବା ପ୍ରଚେଷ୍ଟାରେ ଦୁଃଖ ବୃଦ୍ଧି କରାଉଥିବା ଲୋକ।

**Jock** ବି. *ସା.ପ୍ର.* ସ୍କଟଲେଣ୍ଡର ଅଧିବାସୀ, *ବିଶେ.* ସେଠାକାର ସୈନିକ।

**jockey** 1. ବି. ଘୋଡ଼ା ଦୌଡ଼ରେ ପେଶାଦାର ସବାର; 2. *କ୍ରି.* ଠକିବା (ବ୍ୟକ୍ତି); ବୋକା ବନାଇବା; ଡଡ଼ା ଖୁଆଇବା; jockey for position ଚତୁର ପରିଚାଳନା କିମ୍ବା ଅସାଧୁ ପନ୍ଥାରେ ସୁବିଧା ଲାଭ କରିବା।

**jockstrap** ବି. ପୁରୁଷ ଯୌନାଙ୍ଗ ସୁରକ୍ଷା ପାଇଁ ପରିହିତ ଆଚ୍ଛାଦନ (*ସା.* ଖେଳାଳିମାନେ ବ୍ୟବହାର କରନ୍ତି)।

**jocose** ବି.ଦ୍ର. କୌତୁକପୂର୍ଣ୍ଣ; *କ୍ରି.ବିଂ.* jocosely; ବି. jocosity.

**jocular** ବିଂ. ଥଟ୍ଟାପ୍ରିୟ (ବ୍ୟକ୍ତି); ରସିକତାପୂର୍ଣ୍ଣ; ବି. jocularity.

**jocund** ବିଂ. *ସାହି.* ପ୍ରଫୁଲ୍ଲ; ମଉଜିଆ; ବି. jocundity; *କ୍ରି.ବିଂ.* jocundly.

**jodhpurs** ବି. ବ.ବ. *ଭା.*ଯୋଧପୁରୀ ପାଇଜାମା (ଏଥିରେ ପାଦଠାରୁ ଆଣ୍ଠୁ ପର୍ଯ୍ୟନ୍ତ ଅଂଶ ଶରୀରରେ ଆଣ୍ଟିହୋଇ ରହେ)।

**jog** 1. *କ୍ରି.* ଆସ୍ତେ ଆସ୍ତେ ଦୌଡ଼ିବା (ବ୍ୟାୟାମ ପାଇଁ); ଦୋହଲି ଦୋହଲି ଚାଲିବା; ଧାଇଁବା ଅଥବା ଆରୋହଣ କରିବା; (ସ୍ମୃତି) ଜାଗରୁକ କରିବା; (କାହାକୁ) ଆସ୍ତେ କହୁଣୀ ମାରିବା; ଠେଲିବା କିମ୍ବା ଝାଙ୍କିଦେବା; ପରିଶ୍ରମ କରି ଅଗ୍ରସର ହେବା; 2. ବି. ଧୀମା ଦୌଡ଼; ଧୀର ଗମନ; (ଘୋଡ଼ାର) ଡଟୁ ଚାଲି; ମୃଦୁ ଧକ୍କା, ଝାଙ୍କ କିମ୍ବା କହୁଣୀମାଡ଼; ବି. jogger.

**joggle** 1. *କ୍ରି.* ଝଟ୍କା ଦେଇ ଗତିଶୀଳ ହେବା; 2. ବି. ମୃଦୁ କଂପନ।

**jogtrot** ବି. ଧୀର, ନିୟମିତ ଓ ଲଘୁ ପଦଚାଳନା।

**john** ବି. *ଆମେ. ସା.ପ୍ର.*ପାଇଖାନା; ଶୌଚାଳୟ।

**John Bull** ବି. ଇଂଲଣ୍ଡ, ଇଂରେଜ ଜାତି; ଗତାନୁଗତିକ ଇଂରେଜ ଲୋକ।

**johnny** ବି. *କ.ଭା.* ମଣିଷ; ସାଧାରଣ ଲୋକ; *ସା.ପ୍ର.* କଣ୍ଡୋମ୍।

**johnny-come-lately** ବି. *କ.ଭା.*ନବାଗତ, ସଦ୍ୟ ଉନ୍ନୀତ (ବ୍ୟକ୍ତି)।

***joie de vivre*** ବି.ଜୀବନକୁ ଉପଭୋଗ କରିବାର ଭାବନା; ପ୍ରାଣପ୍ରାଚୁର୍ଯ୍ୟ; ଉଲ୍ଲାସ ଭାବ। *(ଫ.)*

**join** 1. *କ୍ରି.* ଏକାଠି କରିବା; ବାନ୍ଧିବା; ଯୁକ୍ତ କରିବା (ଜିନିଷକୁ ଅନ୍ୟ ସଂଗେ); ରେଖାଦି ସାହାଯ୍ୟରେ ଏକ ବିନ୍ଦୁକୁ ଅନ୍ୟ ସହ ଯୁକ୍ତ କରିବା; (ଚାକିରୀ ପ୍ରଭୃତିରେ) ଯୋଗ ଦେବା; ସଭ୍ୟ ହେବା (ସେନାବାହିନୀ, କ୍ଲବ୍ ଇତ୍ୟାଦିରେ); ଅନ୍ୟ ସହ କିମ୍ବା ଅନ୍ୟ ସ୍ଥାନରେ ଯୋଗ ଦେବା (ବନ୍ଧୁମହଲ, ଶୋଭାଯାତ୍ରାଦିରେ); ଅନ୍ୟ ମାନଙ୍କ ସହ ସାମିଲ ହେବା (କାର୍ଯ୍ୟକ୍ରମରେ); ଯୁକ୍ତ ହେବା (ଏକ ସହ ଅନ୍ୟର; କିମ୍ବା ଲୋକଙ୍କ ସହିତ); ବିବାହ କିମ୍ବା ସନ୍ଧିଦ୍ୱାରା ସଂଯୁକ୍ତ ହେବା; (ନଦୀ, ରାସ୍ତା ପ୍ରଭୃତି) ମିଳିତ ହୋଇ ଏକ ହେବା; 2. ବି. ବିନ୍ଦୁ, ରେଖା ବା ଭୂତଳର ସଂଯୋଗସ୍ଥଳ; join battle ଯୁଦ୍ଧାରମ୍ଭ କରିବା;

Digitized by srujanika@gmail.com

join hands କର୍ମ ସାଧନାର୍ଥ ମିଳିତ ହେବା; join up ସୈନ୍ୟ ବାହିନୀରେ ପଂକ୍ତୀକୃତ ହେବା; (with ସହ) ଏକଜୁଟ ହେବା; ସଂଯୁକ୍ତ ହେବା।

**joiner** ବି. ଆସବାବ ନିର୍ମାଣ ଓ ହାଲୁକା କାଠକାମର କାରିଗର; ଯୋଗଦାନକାରୀ; ବି. joinery.

**joint** 1. ବି. ସନ୍ଧି ଖଞ୍ଜା; ଦୁଇଟି ହାଡ଼ ଏକାଠି ହୋଇଥିବା ସ୍ଥାନ (ଗଣ୍ଠି); ଖାଦ୍ୟ ପାଇଁ ବ୍ୟବହୃତ ପଶୁଦେହର ଯୁକ୍ତ–ଅଂଶ ବିଶେଷ; ପର୍ବତ ଗାତ୍ର ବା ପ୍ରସ୍ତର ମଧ୍ୟସ୍ଥ ଫାଟ; *ସା.ପ୍ର.* ମଦ୍ୟପାନାଦି ପାଇଁ ମିଳିତ ହେବା ଯାଗା; *ସା.ପ୍ର.* ମେରିଜୁଆନା ଯୁକ୍ତ ସିଗାରେଟ୍; 2. ବିଂ. ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କଦ୍ୱାରା କୃତ ବା ଅଧିକୃତ (joint account, action); ଭାଗୀଦାର (joint author, owner); 3. *କ୍ରି.* ଯୋଡ଼ିବା; ଗଣ୍ଠିଠାରୁ ବିଭକ୍ତ କରିବା (*ବିଶେ.* ମୃତ ଶରୀର); out of joint ସ୍ଥାନଚ୍ୟୁତ (ଅସ୍ଥି); ଅବ୍ୟବସ୍ଥିତ; *କ୍ରି.ବିଂ.* jointly.

**joint–stock company** ବି. ଯୌଥ କାରବାର।

**jointure** 1. ବି. ବିଧବା ନାମରେ ସଂପତ୍ତିର ମାଲିକାନା ହସ୍ତାନ୍ତରୀକରଣ; 2. *କ୍ରି.* ମାଲିକାନା ହସ୍ତାନ୍ତର କରିବା।

**joist** ବି. କଡ଼ି (ଛାତର)।

**jojoba** ବି. ଏକପ୍ରକାର ମରୁ ଗୁଳ୍ମ ଯାହାର ଛୁଇଁରୁ ତେଲ ନିଷ୍କାସନ କରାଯାଏ।

**joke** ବି. *1.* ହାସ୍ୟ ସୃଷ୍ଟିକାରୀ କଥନ ବା କର୍ମ; ଟାପରା; ହାସ୍ୟାସ୍ପଦ ସ୍ଥିତି କିମ୍ବା ବ୍ୟକ୍ତି; 2. *କ୍ରି.* ଟାପରା କରିବା; no joke ଥଟ୍ଟା ନୁହେଁ, ଗୁରୁତର କଥା।

**joker** ବି. ହାସ୍ୟରସ ଅଭିନେତା; ଜୋକର; ଭାଣ୍ଡ; ତାସ୍ ମୁଠାର ୫୩ ତମ ତାସପତା; *ସା.ପ୍ର.* ବ୍ୟକ୍ତି।

**jokey** ବିଂ. ହାସ୍ୟରସପ୍ରବଣ; ବି. jokiness.

**jollify** *କ୍ରି.* ଆମୋଦ ପ୍ରମୋଦ କରିବା କିମ୍ବା ଆମୋଦିତ ହେବା; ବି. jollification.

**jollity** 1. ବି. ଆମୋଦ ପ୍ରମୋଦ; ଉତ୍ସବ।

**jolly** 1. ବିଂ. ଆମୋଦାସକ୍ତ; ପ୍ରଫୁଲ୍ଲଚିତ୍ତ; ମଉଜିଆ (ଲୋକ); ମଦ୍ୟପାନକାରୀ; *କ.ଭା.* ଆନନ୍ଦଦାୟକ; ସୁଖପ୍ରଦ (ବ୍ୟକ୍ତି ବା ବସ୍ତୁ); 2. *କ୍ରି.ବିଂ.* *କ.ଭା.* ଅତ୍ୟନ୍ତ; 3. *କ୍ରି.* ମିଷ୍ଟଭାଷାରେ (ବ୍ୟକ୍ତିକୁ) ଭୁଲାଇବା ଅଥବା ହସାଇବା।

**jolly boat** ବି. ଜାହାଜ ମଧ୍ୟସ୍ଥ କ୍ଷୁଦ୍ର ନୌକା; ଜଲି ବୋଟ୍।

**Jolly Roger** ବି. ଜଳ ଦସ୍ୟୁର କଳା ରଙ୍ଗର ପତାକା, ସାଧାରଣତଃ ଏଥିରେ ଦୁଇଖଣ୍ଡ ହାଡ଼ ଉପରେ ମଣିଷ ଖପୁରୀର ଚିତ୍ରଥାଏ।

**jolt** 1. ଝଟ୍‌କା ବା ଧକ୍କାଦ୍ୱାରା ବିଚ୍ୟୁତ କରିବା କିମ୍ବା ହଲାଇ ଦେବା (ଗାଡ଼ି ଭିତର ବସିଥିବା ଲୋକଙ୍କୁ); (ଗାଡ଼ି ସଂପର୍କରେ) ଥରକୁ ଥର ଝଟ୍‌କା ବା ଧକ୍କା ଖାଇଲା ପରି ଚାଲିବା; ମାନସିକ ଆଘାତ ଦେବା; 2. ବି. ଏପରି ଧକ୍କା ବା ଆଘାତ; ବିଂ. jolty

**Jonah** ବି. ଦୁର୍ଯୋଗକୁ ଆଣୁଥାଏ ବୋଲି ବିଶ୍ୱାସ କରାଯାଉଥିବା ଲୋକ; ଅମଙ୍ଗଳିଆ।

**jonquil** ବି. ନାର୍ସିସସ୍ ଜାତୀୟ ଧବଳ ବା ହରିତ୍ ପୁଷ୍ପଯୁକ୍ତ ଉଦ୍ଭିଦ।

**josh** *ଆମେ. ସା.ପ୍ର.* 1. *କ୍ରି.* ଥଟ୍ଟା କରିବା; ଭୁଲାଇବା; ବ୍ୟଙ୍ଗରେ ମଜ୍ଜିଯିବା; 2. ବି. ଉତ୍ତମ ଉଦ୍ଦେଶ୍ୟ ପ୍ରଣୋଦିତ ବ୍ୟଙ୍ଗ।

**joss** ବି. *ଚୀନ* ଦେବ ପ୍ରତିମା; joss–house ମନ୍ଦିର; joss–sticks ସୁବାସିତ ଧୂପକାଠି।

**jostle** 1. *କ୍ରି.* ଠେଲିଦେବା; ଠେଲାପେଲା ହେବା; ଆଡ଼େଇ ଦେବା କିମ୍ବା ଧକ୍କାଦେବା (ଲୋକ ଗହଳି ମଧ୍ୟରେ); ବ୍ୟକ୍ତି ସହିତ କିମ୍ବା ପଦାର୍ଥ ପାଇଁ ସଂଘର୍ଷ କରିବା; 2. ବି. ଠେଲାପେଲା।

**jot** 1. ବି. ଅତ୍ୟଳ୍ପ ପରିମାଣ; 2. *କ୍ରି.* ସଂକ୍ଷେପରେ, ବା ତରବର ଭାବରେ ଲେଖିବା।

**jotter** ବି. ଛୋଟ ଟିପା ଖାତା କିମ୍ବା ଟିପ୍ପଣୀ ପ୍ୟାଡ୍; ଡଟ୍ କଲମର ସ୍ୟାହିପୂର୍ଣ୍ଣ ନଳୀ।

**jottings** ବି. ବ.ବ. ସଂକ୍ଷେପରେ ବା ତରବରରେ ଲେଖା ଯାଇଥିବା ଟିପ୍ପଣୀ।

**joule** ବି. କାର୍ଯ୍ୟ ବା ଶକ୍ତି ମାପିବାର ଏକକ (Joule ପଦାର୍ଥ ବିଜ୍ଞାନୀ)।

**jounce** *କ୍ରି.* ଝୁଣ୍ଟି ବା ଛିଟ୍‌କି ପଡ଼ିବା, ଧକ୍କା ଖାଇବା।

**journal** ବି. ଦିନପଞ୍ଜି; (ବ୍ୟବସାୟିକ ବା ଅନ୍ୟାନ୍ୟ) ଦୈନନ୍ଦିନ ଟିପାଖାତା; ସାମୟିକ ପତ୍ରିକା; ବେରିଂ ଉପରେ ରହୁଥିବା ଶାଫ୍ଟ ବା ଅଖର ଅଂଶ।

Digitized by srujanika@gmail.com

**journalese** ବି. ଗତାନୁଗତିକ ସାଂବାଦିକ ଭାଷାର ଶୈଳୀ ।

**journalist** ବି. ସାମ୍ବାଦିକ; ବି. journalism; ବିଂ. journalistic.

**journey** 1. ବି. ଦୂର ଦୂରାନ୍ତର ଯାତ୍ରା; ଯାତ୍ରା ନେଉଥିବା ସମୟ; 2. କ୍ରି. ଯାତ୍ରା କରିବା ।

**journeyman** ବି. ଅନ୍ୟର ଅଧୀନରେ ବା ବଦଳରେ କାର୍ଯ୍ୟରତ କୁଶଳୀ ମିସ୍ତ୍ରୀ ବା କାରିଗର; କୁଶଳୀ କିନ୍ତୁ ଅଖ୍ୟାତ କାରିଗର ।

**joust** 1. ବି. ଦୁଇ ଅଶ୍ୱାରୋହୀ ସୈନିକ କିମ୍ବା ରାଜକୀୟ ପୁରୁଷଙ୍କ ବର୍ଚ୍ଛାଯୁଦ୍ଧ; 2. କ୍ରି. ଏହି ପ୍ରକାର ଯୁଦ୍ଧରେ ଅବତୀର୍ଣ୍ଣ ହେବା ।

**Jove** ବି. ଜୁପିଟର (ରୋମୀୟ ପୁରାଣର ମୁଖ୍ୟ ଦେବତା); by Jove! ବିସ୍ମୟ ପ୍ରକାଶ ପାଇଁ ବ୍ୟବହୃତ ଉକ୍ତି ।

**jovial** ବିଂ. ଆନନ୍ଦପୂର୍ଣ୍ଣ; ଆମୋଦମୟ; ମଉଜିଆ; ପ୍ରଫୁଲ୍ଲ; ବି. joviality; କ୍ରି.ବିଂ. jovially.

**jowl** ବି. ହନୁ କିମ୍ବା ହନୁହାଡ଼; ଗାଲ; ଗାଲପାଟି; ଗଣ୍ଡଦେଶ (cheek by jowl).

**joy** ବି. ଆନନ୍ଦ; ଖୁସି; ଆନନ୍ଦ ବା ଖୁସିର କାରଣ; କ.ଭା. ସନ୍ତୋଷ, ସଫଳତା; ବିଂ. joyful; କ୍ରି.ବିଂ. joyfully; ବିଂ. joyous; କ୍ରି.ବିଂ. joyously.

**joyride** କ.ଭା. ମୋଟରଗାଡ଼ି ପ୍ରଭୃତି ଯାନରେ ସୁଖ ଯାତ୍ରା ।

**joystick** ବି. ବିମାନର ନିୟନ୍ତ୍ରଣ ଲିଭର୍ ।

**JP.** *ସଂଖ.* Justice of the Peace; *ଦ୍ର.* justice.

**Jr.** *ସଂଖ.* Junior ଜୁନିଅର୍ ।

**jubilant** ବିଂ. ଉଲ୍ଲସିତ; ଆନନ୍ଦୋତ୍ସବ ରତ; ବିଜୟାନନ୍ଦରେ ରତ; ବି. jubilance; କ୍ରି.ବିଂ. jubilantly.

**jubilation** ବି. ଆନନ୍ଦ ଉଲ୍ଲାସ; କ୍ରି. jubilate.

**jubilee** ବି. ବାର୍ଷିକୋତ୍ସବ, *ବିଶେ.* ୨୫ ବର୍ଷ (silver jubilee), ୫୦ ବର୍ଷ (golden jubilee), ଅଥବା ୬୦/୭୫ ବର୍ଷ (diamond jubilee) ପୂର୍ତ୍ତି ଉପଲକ୍ଷେ ଉତ୍ସବ; ଉଲ୍ଲାସର ସମୟ ।

**Judaic** ବିଂ. ଇହୁଦୀୟ; ଜାତ ସଂପ୍ରଦାୟ ବା ଇହୁଦୀ ସଂକ୍ରାନ୍ତୀୟ ।

**Judaism** ବି. ଜାତ ବା ଇହୁଦୀୟ ଧର୍ମ ।

**Judaize** କ୍ରି. ଇହୁଦୀରେ ପରିଣତ କରିବା; ଇହୁଦୀ ଆଚାରବ୍ୟବହାରକୁ ଅନୁକରଣ କରିବା ।

**judder** 1. କ୍ରି. ସଶବ୍ଦେ ଅଥବା ସଜୋରେ କମ୍ପିତ ହେବା; 2. ବି. କଂପନ; ସ୍ପନ୍ଦନ ।

**judge** 1. ବି. ମୋକଦ୍ଦମା ବିଚାର ପାଇଁ ନିଯୁକ୍ତ ବିଚାରକ; କଳହ ସମାଧାନ ପାଇଁ ନିଯୁକ୍ତ ବ୍ୟକ୍ତି; ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା ପ୍ରଭୃତିର ବିଚାରକ; କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନର ସମାଧାନ କରିବା ଲୋକ; ପଦାର୍ଥ ବା ସମସ୍ୟାର ଭଲମନ୍ଦ ସମୀକ୍ଷା କରୁଥିବା ବ୍ୟକ୍ତି (good judge of art); 2. କ୍ରି. ବିଚାରାଳୟରେ ବିଚାର କରିବା; ଫଇସଲା ଶୁଣାଇବା (ବ୍ୟକ୍ତି ଉପରେ); ନିଷ୍ପତ୍ତି କରିବା (ପ୍ରତିଦ୍ୱନ୍ଦ୍ୱିତା, ପ୍ରଶ୍ନ); ମନ୍ତବ୍ୟ ଦେବା କିମ୍ବା ମୂଲ୍ୟାଙ୍କନ କରିବା; ନିଷ୍ପତ୍ତି ଦେବା କିମ୍ବା ଚିନ୍ତା କରିବା; ବିଚାରକ ଭାବରେ କାର୍ଯ୍ୟ କରିବା ।

**judgement** ବି. (judgment ମଧ୍ୟ) ଉତ୍ତମ ସମୀକ୍ଷା, ଉପଲବ୍ଧି ବା ବିଚାର; ଅଭିମତ; ଅଦାଲତର ନିଷ୍ପତ୍ତି; ନ୍ୟାୟ; ନ୍ୟାୟ ବିଚାର; ମଣିଷ ପାଇଁ ଈଶ୍ୱରଙ୍କ ଭାଗ୍ୟ ନିର୍ଦ୍ଧାରଣ ।

**judicature** ବି. ନ୍ୟାୟର ଉପଯୋଗ; ବିଚାରକଙ୍କ କାର୍ଯ୍ୟପରିଧି ବା କାର୍ଯ୍ୟାଳୟ; ବିଚାରକ ମଣ୍ଡଳୀ ।

**judicial** ବିଂ. ବିଚାରକ କିମ୍ବା ବିଚାରାଳୟ ସଂକ୍ରାନ୍ତ; ବିଚାର ସମ୍ବନ୍ଧୀୟ; ବିଚାରଯୋଗ୍ୟ; ପକ୍ଷପାତହୀନ; କ୍ରି.ବିଂ. judicially.

**judiciary** ବି. ବିଚାର ବିଭାଗ ।

**judicious** ବିଂ. ବିଚାରବନ୍ତ; ବିବେକୀ ।

**judo** ବି. ଜୁଡୋ; ଏକ ପ୍ରକାରର ଆତ୍ମରକ୍ଷା ମୂଳକ ଜାପାନୀ କୁସ୍ତି ।

**judoist** ବି. ଜୁଡୋ ଖେଳର ବିଶେଷଜ୍ଞ ଅଥବା ଛାତ୍ର ।

**jug** 1. ବି. ତରଳ ପଦାର୍ଥ ରଖିବା ପାଇଁ ବ୍ୟବହୃତ ହାତମୁଠିଥିବା ଗହୀରିଆ ପାତ୍ର; ଜଗ୍; *ଗା.ପ୍ର.* ବନ୍ଦୀଶାଳା; 2. କ୍ରି. ନିବୁଜ ପାତ୍ରରେ (ଠେକୁଆ) ମାଂସକୁ ସିଝାଇବା ।

**juggernaut** ବି. ବୃହଦାକାର ଓଜନଦାର ଗାଡ଼ି; ଅପରିମିତ ଶକ୍ତି କିମ୍ବା ଅଦମ୍ୟ ବସ୍ତୁ *(ଜଗନ୍ନାଥ)* ।

**juggins** ବି. *ଗା.ପ୍ର.* ସାଦାସିଧା ବ୍ୟକ୍ତି ।

**juggle** 1. କ୍ରି. ଗୁଡ଼ାଏ ଜିନିଷକୁ ପର୍ଯ୍ୟାୟ କ୍ରମେ ଉପରକୁ ଫିଙ୍ଗି କ୍ରମାନ୍ୱୟରେ ଧରିନେବା; ଉଦ୍ଦେଶ୍ୟ

Digitized by srujanika@gmail.com

ସାଧିତ ହେଲା ପରି ତଥ୍ୟ ବା ରେକର୍ଡ଼ ପ୍ରକାଶ କରିବା; 2. ବି. ଭେଲ୍‌କିବିଦ୍ୟା; ଠକେଇ।

**juggler** ବି. ମନୋରଞ୍ଜନକାରୀ ଯାଦୁକର; ବି. jugglery.

**Jugoslav** ଦ୍ର. yugoslav.

**jugular** 1. ବିଂ. ବେକ ବା ଗଳା ସମ୍ବନ୍ଧୀୟ; 2. ବି. jugular vein ମସ୍ତିଷ୍କରୁ ରକ୍ତବାହୀ ବେକସ୍ଥିତ ଶିରାଦ୍ୱୟ।

**jugulate** କ୍ରି. କଣ୍ଠଚ୍ଛେଦ କରିବା; ରୋଗ ପ୍ରଭୃତି ଦମନ ପାଇଁ ଚରମ ପଦକ୍ଷେପ ନେବା।

**juice** ବି. ମାଂସ, ପରିବା, ଫଳ ପ୍ରଭୃତିର ତରଳ ଅଂଶ; ରସ; ଶରୀରର କ୍ଷରଣ; *ସା.ପ୍ର.* ପେଟ୍ରୋଲ; ବିଦ୍ୟୁତ୍ ଶକ୍ତି।

**juicy** ବିଂ. ରସପୂର୍ଣ୍ଣ; *କ.ଭା.* କୁତ୍ସାମୂଳକ ଯୋଗୁଁ ଆକର୍ଷଣୀୟ; ରସରସିଆ; ମଜାଦାର; କ୍ରି.ବିଂ. juicily; ବି. juiciness.

**ju–jitsu** ବି. (ju–justu ମଧ୍ୟ) ପ୍ରତିଦ୍ୱନ୍ଦୀର ଓଜନ ଏବଂ ଶକ୍ତିକୁ ପ୍ରତିକୂଳ ଭାବରେ ଉପଯୋଗ କରାଯାଉଥିବା ଜାପାନୀ ମଲ୍ଲଯୁଦ୍ଧ ପ୍ରଣାଳୀ; ଯୁଜୁତ୍ସୁ।

**ju–ju** ବି. ପଶ୍ଚିମ ଆଫ୍ରିକାରେ ଜୁଜୁ ବୋଲି ପୂଜିତ ହେଉଥିବା କୁହୁକ ଶକ୍ତି; ଏହି ଦେବତାଙ୍କ ସହିତ ସଂପୃକ୍ତ କୁହୁକ ବିଦ୍ୟା।

**jujube** ବି. ଫଳସ୍ୱାଦ ଯୁକ୍ତ ଅଠାଳିଆ ଲଜେନ୍ସ୍।

**jukebox** ବି. ମୁଦ୍ରାଚାଳିତ ଗ୍ରାମୋଫୋନ୍ ରେକର୍ଡ଼ ବଜାଇବା ଯନ୍ତ୍ର।

**Jul.** ସଂ*କ୍ଷି.* July ଜୁଲାଇ।

**julep** ବି. ଔଷଧ ମିଶ୍ରିତ ମିଠା ପାନୀୟ; ଔଷଧ ଯୁକ୍ତ ପାନୀୟ; *ଆମେ.* ସୁରାସାର, ପାଣି ଓ ବରଫ ଯୁକ୍ତ ସ୍ୱାଦିଷ୍ଟ ପାନୀୟ।

**Julian** ବି. ଜୁଲିଅସ୍ ସିଜର ସମ୍ବନ୍ଧିତ; Julian calendar ଜୁଲିୟସ ସିଜରଙ୍କଦ୍ୱାରା ପ୍ରଚଳିତ ୩୬୫ ଦିନିଆ କେଲେଣ୍ଡର; ଏହି କେଲେଣ୍ଡର ଅନୁଯାୟୀ ପ୍ରତ୍ୟେକ ଚତୁର୍ଥ ବର୍ଷଟି ୩୬୬ଦିନ ବିଶିଷ୍ଟ।

**julienne** 1. ବି. ଛୋଟ ଛୋଟ ପରିବାଖଣ୍ଡ ଯୁକ୍ତ ମାଂସର ସୁପ; ଛୋଟ ଛୋଟ ପରିବା ଖଣ୍ଡ; 2. ବିଂ କ୍ଷୁଦ୍ର ଖଣ୍ଡରେ ବିଭକ୍ତ (ଫ. *Jules* ବା *Julien* ନାମରୁ ସୃଷ୍ଟ)।

**Juliet cap** ବି. ବିବାହ ସମୟରେ କନ୍ୟା ପିନ୍ଧୁଥିବା କାରୁକାର୍ଯ୍ୟପୂର୍ଣ୍ଣ ଜାଲି ମୁକୁଟ (ସେକ୍ସପିୟରଙ୍କ ରୋମିଓ ଜୁଲିଏଟ୍ ନାଟକରେ ଜୁଲିଏଟ୍ ପରିହିତ ମୁକୁଟ ଅନୁସାରେ ନାମିତ)।

**July** ବି. ଜୁଲାଇ, ଇଂରାଜୀ ବର୍ଷର ସପ୍ତମ ମାସ।

**jumble** 1. କ୍ରି. ଗୋଳେଇ ଦେବା; ସଂଶୟ ସୃଷ୍ଟି କରିବା; ଗୋଳିଆମିଶା କରିବା; 2. ବି. ଗୋଳିଆମିଶା, ଅନାବନା ଗଦା; ବିକ୍ରୀପାଇଁ ଉଦ୍ଦିଷ୍ଟ ଅନାବନା ଜିନିଷର ସମାହାର।

**jumble sale** ବି. ସେବା କାର୍ଯ୍ୟ ପାଇଁ ଅର୍ଥ ଆଦାୟ ଲକ୍ଷ୍ୟରେ ବିଭିନ୍ନ ବ୍ୟବହୃତ ପଦାର୍ଥର ଏକତ୍ର ବିକ୍ରୀ।

**jumbo** 1. ବି. (ବ.ବ. jumbos) ବୃହଦାକାର ମଣିଷ, ପଶୁ (ହାତୀ) କିମ୍ୱା ପଦାର୍ଥ (ଜୁମ୍ବୋ ଜେଟ୍); 2. ବିଂ. ଅତି ବିଶାଳକାୟ।

**jumbo jet** ବି. ଶତଶତ ଯାତ୍ରୀଙ୍କୁ ଧରି ଯାତ୍ରା କରିପାରୁଥିବା ବିଶାଳକାୟ ଜେଟ୍ ବିମାନ।

**jump** 1. କ୍ରି. ଲମ୍ଫପ୍ରଦାନ କରିବା; ଡେଇଁବା; ହଠାତ୍ ଗତିଶୀଳ ହେବା; ଆଘାତ କିମ୍ୱା ଉତ୍ତେଜନା ଯୋଗୁଁ ହଠାତ୍ ଚଞ୍ଚଳ ହେବା; (ଦରଦାମ ପ୍ରଭୃତି) ହଠାତ୍ ବୃଦ୍ଧି ଘଟିବା, ବା ବୃଦ୍ଧି କରାଇବା; (ପ୍ରତିବନ୍ଧକ) ଏଡ଼ାଇ ଯିବା; (ସିଦ୍ଧାନ୍ତରେ) ସହସା ଉପନୀତ ହେବା; (କୌଣସି ସ୍ଥାନରୁ) ବାହାରି ଯିବା ବା ପଳାଇ ଯିବା (ଉଦା. jump bail, ship, train, queue, etc.); 2. ବି. ଲମ୍ଫ; ଡିଆଁ; ଆକସ୍ମିକ ଉନ୍ନତି; ଅପ୍ରତ୍ୟାଶିତ ପରିବର୍ତ୍ତନ ବା ବୃଦ୍ଧି; ଚଞ୍ଚଳତା; ଚମକ; ବ.ବ. ଶାରୀରିକ ଅସୁସ୍ଥତା ସହ ସ୍ନାୟବିକ ଉତ୍ତେଜନା; jump at ଆଗ୍ରହରେ ଆବୁରି ନେବା; jump down a person's throat *କ.ଭା.* ବିରୋଧ କରିବା; ତିରସ୍କାର କରିବା; ଦବାଇବା; jump on *କ.ଭା.* ଆକ୍ରମଣ କରିବା; କଡ଼ା ସମାଲୋଚନା କରିବା; jump to it *କ.ଭା.* ତୁରନ୍ତ କାର୍ଯ୍ୟ ବିଧାନ କରିବା; one jump ahead ପ୍ରତିଦ୍ୱନ୍ଦୀଠାରୁ ପାହାଚେ ଆଗରେ।

**jumped–up** ବିଂ. *କ.ଭା.* ସହସା ଉପରକୁ ଉଠିଥିବା ବ୍ୟକ୍ତି।

**jumper**¹ ବି. ଉଲ୍ଲମ୍ଫନକାରୀ (ବ୍ୟକ୍ତି ବା ପ୍ରାଣୀ); ବିଦ୍ୟୁତ୍ ମଣ୍ଡଳୀରେ ତଡ଼ିତ୍ ପ୍ରବାହ ନିମନ୍ତେ ବ୍ୟବହୃତ ତାର।

**jumper**² ବି. ବୁଣା ଜାମା ବିଶେଷ; ସୈନିକମାନେ ପିନ୍ଧୁଥିବା ଢିଲା ବହିର୍ବାସ।

Digitized by srujanika@gmail.com

**jump–jet** ବି. ଯେଉଁ ଉଡ଼ାଜାହାଜ ସିଧା ଉପରକୁ ଉଠିପାରେ ଏବଂ ସିଧା ତଳକୁ ଓହ୍ଲାଇ ପାରେ।

**jumpy** ବିଂ. ଉତ୍ତେଜନାରେ ଛଟପଟ ହେଉଥିବା; ଅଳ୍ପକେ ଉତ୍ତେଜିତ; ସ୍ନାୟବିକ ଦୌର୍ବଲ୍ୟଗ୍ରସ୍ତ; ବି. jumpiness.

**Jun** *ସଂକ୍ଷି.* June ଜୁନ୍; Junior ଜୁନିଅର୍।

**junction** ବି. ସଂଯୋଗ, ସନ୍ଧି; ସଂଯୋଗ ସ୍ଥଳ; ରେଲ, ଷ୍ଟିମର ପ୍ରଭୃତି ବିଭିନ୍ନ ପଥର ସଂଯୋଗ ସ୍ଥଳ ବା ଜଂକ୍ସନ୍।

**juncture** ବି. ସଙ୍କଟର ମୁହୂର୍ତ୍ତ; ସନ୍ଧିକ୍ଷଣ; ବିଶେଷ ସମୟ (at this juncture); ସଂଯୋଗ ସ୍ଥଳ।

**June** ବି. ଜୁନ୍, ଇଂରାଜୀ ବର୍ଷର ଷଷ୍ଠ ମାସ।

**jungle** ବି. ଗଭୀର ବନ, ଅରଣ୍ୟ, ଜଙ୍ଗଲ; ଜଟିଳ, ବିଶୃଙ୍ଖଳ ବା ଗୋଳମାଳିଆ ସ୍ଥାନ।

**junior** 1. ବିଂ. ବୟଃକନିଷ୍ଠ; ନିମ୍ନପଦସ୍ଥ; ବ୍ୟବସାୟ ପ୍ରଭୃତିରେ ଅପ୍ରଧାନ (junior partner); କନିଷ୍ଠ; 2. ବି. କନିଷ୍ଠ ବା ଅଧସ୍ତନ ବ୍ୟକ୍ତି; ଅପ୍ରଧାନ ପଦ ବା କ୍ଷମତାରେ କାର୍ଯ୍ୟରତ କର୍ମଚାରୀ।

**junk**[1] ବି. ଚୀନଦେଶୀୟ ନୌକା ବିଶେଷ (ଏହାର ନିମ୍ନଭାଗ ସମତଳ)।

**junk**[2] ବି. ପୁରୁଣା ମାଲମତା; ନଗଣ୍ୟ, ତୁଚ୍ଛ, ଫିଙ୍ଗିଦେବା ଭଳି ଜିନିଷ; ଆବର୍ଜନା; *ସା.ପ୍ର.* ନିଶାଦ୍ରବ୍ୟ, ବିଶେ. ହେରୋଇନ୍।

**junket** 1. ବି. ସୁବାସିତ ମିଠା ଦହି; ସୁସ୍ୱାଦୁ ଖାଦ୍ୟଦ୍ରବ୍ୟ; ମିଷ୍ଟାନ୍ନ; ଭୋଜି; *ଆମେ.* ସରକାରୀ ଖର୍ଚ୍ଚରେ ସରକାରୀ କାମ ପାଇଁ ଭ୍ରମଣ; ପ୍ରମୋଦ ଭ୍ରମଣ; 2. କ୍ରି. ବଣଭୋଜି କରିବା; ଭୋଜିର ଆୟୋଜନ କରିବା ବା ଭୋଜି ଦେବା।

**junk food** ବି. ମୁଖରୋଚକ କିନ୍ତୁ ପୁଷ୍ଟିହୀନ ଖାଦ୍ୟ।

**junkie** ବି. *ସା.ପ୍ର.* ନିଶାଗ୍ରସ୍ତ ବ୍ୟକ୍ତି।

**junta** ବି. ଦଳୀୟ ଗୁପ୍ତଗୋଷ୍ଠୀ; ମୈତ୍ରୀବଦ୍ଧ ରାଷ୍ଟ୍ରଗୋଷ୍ଠୀ; ବଳପୂର୍ବକ ଶାସନ ଦଖଲ କରିଥିବା (ବିଶେ ସାମରିକ) ଷଡ଼ଯନ୍ତ୍ରକାରୀ ଶାସକ ଗୋଷ୍ଠୀ।

**Jupiter** ବି. ବୃହସ୍ପତି ଗ୍ରହ; ରୋମୀୟ ପୁରାଣର ଦେବରାଜ।

**jural** ବିଂ. ଆଇନ ବା ବିଚାର ବିଷୟକ; (ନୈତିକ) କର୍ତ୍ତବ୍ୟ ଓ ଅଧିକାର ସଂକ୍ରାନ୍ତ।

**Jurassic** 1. ବିଂ. ଭୂ. ମେସୋଜୋଇକ ସମୟର ଦ୍ୱିତୀୟଭାଗ ସଂପର୍କୀୟ; 2. ସେହି ପୁରାତନ କାଳ (ତୁଳ= ପର୍ବତମାଳା)।

**juridical** ବିଂ. ମୋକଦ୍ଦମାର ଶୁଣାଣି ବା ବିଚାର ସମ୍ବନ୍ଧୀୟ; ଆଇନଗତ; କ୍ରି.ବିଂ. juridically.

**jurisdiction** ବି. ବିଚାରାଳୟର ଅଧିକାର ପରିସର; କ୍ଷେତ୍ରାଧିକାର; ଆଇନଗତ ଅଧିକାର; ଅଧିକ୍ଷେତ୍ର ବା ଅଧିକାରର ସୀମା; ପ୍ରଭୁତ୍ୱ; ପରିଚାଳନା କ୍ଷମତା ବା ସ୍ୱତ୍ୱ; ବିଧିପ୍ରଣୟନ କ୍ଷମତା; ବିଂ. jurisdictional.

**jurisprudence** ବି. ବ୍ୟବହାର ବିଜ୍ଞାନ, ବିଧିଶାସ୍ତ୍ର, ଆଇନ ବିଦ୍ୟା ବା ବିଜ୍ଞାନ; ବିଂ. jurisprudential.

**jurist** ବି. ଆଇନଜ୍ଞ ବ୍ୟକ୍ତି; ବିଧି ବିଶେଷଜ୍ଞ; ବିଂ. juristic.

**juror** ବି. ଜୁରୀଦଳର ସଦସ୍ୟ; ବିଚାରାଳୟର ନିର୍ଣ୍ଣାୟକ ସଭ୍ୟ।

**jury** ବି. ଜୁରୀବର୍ଗ; (ବିଚାରାଳୟର) ନିର୍ଣ୍ଣାୟକ ମଣ୍ଡଳୀ, ଯାହାର ସଦସ୍ୟମାନେ ଶପଥ ପୂର୍ବକ ନ୍ୟାୟାଳୟ କିମ୍ବା ଅପଘାତ ତଦନ୍ତକାରୀଙ୍କ ବିଚାରାଳୟରେ ମୋକଦ୍ଦମାର ବିବରଣ ଶୁଣି ମତାମତ ଦିଅନ୍ତି; ପ୍ରତିଯୋଗିତା ପ୍ରଭୃତିର ଫଳାଫଳ ନିର୍ଣ୍ଣାୟକ ସଦସ୍ୟ ମଣ୍ଡଳୀ; jury–box ବିଚାରାଳୟରେ ଜୁରୀବର୍ଗର ବସିବା ସ୍ଥାନ; petty (trial) jury ଦେୱାନି ବା ଫୌଜଦାରୀ ବିଚାରାଳୟରେ ସର୍ବଶେଷ ମତାମତ ଦେବାପାଇଁ ଗଠିତ ବାରଜଣ ସଦସ୍ୟବିଶିଷ୍ଟ ଜୁରୀବର୍ଗ।

**jury–mast** ବି. ଜାହାଜର ବିନଷ୍ଟ ମାସ୍ତୁଲ ପରିବର୍ତ୍ତେ ନିର୍ମିତ ଅସ୍ଥାୟୀ ମାସ୍ତୁଲ।

**jury–rigged** ବିଂ. କାମଚଳା; ଅସ୍ଥାୟୀ।

**just** 1. ବିଂ. ନ୍ୟାୟସଙ୍ଗତ, ନ୍ୟାଯ୍ୟ; ନିରପେକ୍ଷ, ସମଦର୍ଶୀ, ସାଧୁ; ଉପଯୁକ୍ତ, ଠିକ (a just reward); ଯଥାର୍ଥ (a just fear); ନିୟମିତ; ପ୍ରକୃତ (just proportions); 2. କ୍ରି.ବିଂ. ଏହିକ୍ଷଣି, ଏହିମାତ୍ର (he has just left); ପ୍ରାୟ, ଅଧିକ ନୁହେଁ, ଅଳ୍ପକେ (I just caught the bus); କ.ଭା. ପ୍ରାୟ; ମାତ୍ର, କେବଳ (we are just acquaintances); *ସା.ପ୍ର.* ଧତରେ, ବାସ୍ତବିକ (just wonderful); just about କ.ଭା. ପ୍ରାୟ; just as ଯେମିତି; just in case କାଳେ; just now ଏହିକ୍ଷଣି;

Digitized by srujanika@gmail.com

ସାବଧାନତା ସୂତ୍ରରେ; just so ଠିକ୍ ସେହିପରି ଭାବରେ; କ୍ରି.ବିଂ. justly; ବି. justness.

**justice** ବି.ନ୍ୟାୟ, ନ୍ୟାୟ ବିଚାର, ନ୍ୟାୟପରତା; ନିରପେକ୍ଷତା, ଯୁକ୍ତିଯୁକ୍ତତା, ଔଚିତ୍ୟ, ସାଧୁତା; ନ୍ୟାୟାଧୀଶ, ନ୍ୟାୟକର୍ତ୍ତା (ମାଜିଷ୍ଟ୍ରେଟ୍); do justice to (କାହାପ୍ରତି) ନ୍ୟାୟବିଚାର ବା ସୁବିଚାର କରିବା; do oneself justice ସ୍ୱୀୟ କର୍ମଶକ୍ତି ଅନୁସାରେ ଉପଯୁକ୍ତ କାର୍ଯ୍ୟ କରିବା; Justice of the Peace ଅବୈତନିକ ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ବ୍ୟକ୍ତି ଯେ ଛୋଟ ଛୋଟ ମୋକଦ୍ଦମାର ଫଇସଲା କରନ୍ତି; Mr (Mrs) Justice ଉଚ୍ଚ ନ୍ୟାୟାଳୟର ବିଚାରକଙ୍କ ଉପାଧି।

**justiciary** ବି. ନ୍ୟାୟକର୍ତ୍ତା।

**justifiable** ବିଂ. ନ୍ୟାୟ ବା ସତ୍ୟତା ପ୍ରତିପାଦନ ଯୋଗ୍ୟ; ପ୍ରତିପାଦନୀୟ; କ୍ରି.ବିଂ. justifiably.

**justify** କ୍ରି. (ବ୍ୟକ୍ତି, କର୍ମ, ଉକ୍ତି କିମ୍ବା ଦାବି ସଂପର୍କିତ) ସତ୍ୟତା ପ୍ରତିପାଦନ କରିବା; (ଅବସ୍ଥା ସଂପର୍କରେ) ଉପଯୁକ୍ତ ବିବେଚିତ ହେବା; (ମୁଦ୍ରଣ ସଂପର୍କରେ) ଧାଡ଼ିକୁ ଯଥାଯଥ ଫାଙ୍କ ରଖି ସଜାଇବା; ବି. justification; ବିଂ. justificatory.

**jut** 1. ଅ.କ୍ରି. ଉଦ୍‌ଗତ ହେବା; ବାହାରକୁ ବାହାରିବା; 2. ବି. ଉଦ୍‌ଗମ; ଅଭିକ୍ଷେପ।

**jute** ବି. ଝୋଟ।

**Jute** ବି. ଲୋ. ଜର୍ମାନ ଗୋଷ୍ଠୀ, ଯେଉଁମାନେ ୫ମ-୬ଷ୍ଠ ଶତାବ୍ଦୀରେ ବ୍ରିଟେନ୍ ଆସି ବସବାସ କରିଥିଲେ।

**juvenescence** ବି. ତାରୁଣ୍ୟଲାଭ କରୁଥିବା ଅବସ୍ଥା; ତାରୁଣ୍ୟୋଦ୍‌ଗମ; ବିଂ. juvenescent.

**juvenile** 1. ବିଂ. ତରୁଣ, ଅଳ୍ପ ବୟସ୍କ; ବାଳକଙ୍କ ପାଇଁ ଉପଯୁକ୍ତ; ତରୁଣସୁଲଭ; 2. ବି. ତରୁଣ।

**juvenile delinquency** ବି. ନାବାଳକଙ୍କର ବେଆଇନ ଆଚରଣ ବା ଅପରାଧ।

**juvenile deliquent** ବି. ଅଳ୍ପ ବୟସ୍କ ଅପରାଧୀ; ବାଳ ଅପରାଧୀ।

**juvenilia** ବି. ବ.ବ. ଲେଖକ ବା କଳାକାର-ମାନଙ୍କର ତରୁଣ ବୟସର କୃତି।

**juxtapose** କ୍ରି. ପାଖାପାଖି ସଜାଇବା; ପାର୍ଶ୍ୱବର୍ତ୍ତୀ ଭାବେ ସ୍ଥାପନ କରିବା; ବି. juxta- position; ବିଂ. juxtapositional.

Digitized by srujanika@gmail.com

# Kk

**K**[1]**,k** (ବ.ବ. Ks; ks ବା K's; k's) ଇଂରାଜୀ ବର୍ଣ୍ଣମାଳାର ଏକାଦଶ ଅକ୍ଷର।

**K**[2] *ସଂଶ.* Kelvin କେଲ୍‌ଭିନ୍; ଚେସ୍ ଖେଳରେ 'ରାଜା'; କମ୍ପ୍ୟୁଟରର୍ କୋର୍-ମେମୋରିର ଆକାରର ଏକକ (=୧୦୨୪ ବାଇଟ୍; *ସା.* ୧୦୦୦ ଶବ୍ଦ ଭାବରେ ଗୃହୀତ)।

**K**[3] *ପ୍ର.* potassium ପଟାସିଅମ୍।

**k** *ସଂଶ.* କିଲୋ–।

**Kaffir** *ବି. ଛଡି.* ବାଣ୍ଟୁ ଜନଜାତିର (ଦକ୍ଷିଣ ଆଫ୍ରିକା) ବ୍ୟକ୍ତି ବା ଭାଷା; *ଅବ. ଦ.* ଆଫ୍ରିକାର କୃଷ୍ଣାଙ୍ଗ ଅଧିବାସୀ।

**kaftan** *ବି. ବିକ.* caftan ଲମ୍ବାଢିଲା କୁର୍ତ୍ତା ବା ପୋଷାକ।

**kaiser** *ବି. ଛଡି.* ସମ୍ରାଟ (*ବିଶେ.* ଜର୍ମାନୀ, ଅଷ୍ଟ୍ରିଆ ବା ପବିତ୍ର ରୋମୀୟ ସାମ୍ରାଜ୍ୟର); *ଲା.* Caesar.

**kale** *ବି.* ଏକ ପ୍ରକାର ଟାଣ, କୁଞ୍ଚୁକୁଞ୍ଚିଆ ପତ୍ର ବିଶିଷ୍ଟ ବନ୍ଧାକୋବି।

**kaleidoscope** *ବି.* ଦର୍ପଣ ଏବଂ ରଙ୍ଗୀନ କାଚ୍ ଖଚିତ ନଳୀ, ଯାହାକୁ ଘୂରାଇଲେ ବିଭିନ୍ନ ଚିତ୍ତାକର୍ଷକ ପ୍ରତିଫଳିତ ରଙ୍ଗବୈଚିତ୍ର୍ୟ ଦେଖାଯାଇଥାଏ; କେଲିଡୋସ୍କୋପ୍; *ବିଂ.* kaleidoscopic.

**kaleidoscopically** *କ୍ରି.ବିଂ.* ସଦା ପରିବର୍ତ୍ତନଶୀଳ ଦୃଶ୍ୟରାଜି ଭଙ୍ଗୀରେ; ବିଚିତ୍ର ଦୃଶ୍ୟଭଙ୍ଗୀରେ।

**kaleyard** *ବି.* ବସ୍ତବାସଗୃହସ୍ଥ ପରିବା ବଗିଚା।

**kangaroo** *ବି.* କଙ୍ଗାରୁ; ଅଷ୍ଟ୍ରେଲିଆଦେଶର ସ୍ତନ୍ୟପାୟୀ ଚତୁଷ୍ପଦ ପ୍ରାଣୀ ବିଶେଷ (ଏମାନଙ୍କର ପେଟତଳକୁ ଶାବକ ରଖିବାପାଇଁ ଏକ ଥଳି ଥାଏ)।

**kaolin** *ବି.* ମସୃଣ ଓ ଶୁଭ୍ର ଏକ ପ୍ରକାର ମୃତ୍ତିକା, ଯହିଁରୁ ଔଷଧ, ପୋର୍ସେଲିନ ପ୍ରଭୃତି ତିଆରି ହୁଏ; ଚିନା ମାଟି।

**kapok** *ବି.* ଉଦ୍ଭିଦଜ ତୁଳାଜାତୀୟ ପଦାର୍ଥ (ଗଦି, ଲାଇଫବେଲ୍ଟ ପ୍ରଭୃତିରେ ବ୍ୟବହୃତ)।

**kappa** *ବି.* ଗ୍ରୀକ୍ ବର୍ଣ୍ଣମାଳାର ଦଶମ ଅକ୍ଷର।

**kaput** *ବିଂ. ସା.ପ୍ର.* ଭଗ୍ନ, ବିଧ୍ୱସ୍ତ, ନିଃଶେଷିତ।

**karakul** *ବି.* (caracul ମଧ୍ୟ) ଏସିଆ ମହାଦେଶୀୟ ମେଷ ବିଶେଷ ବା ତାର ଲୋମ।

**karate** *ବି.* କରାଟେ; ଅସ୍ତ୍ରଶସ୍ତ୍ର ସାହାଯ୍ୟବିନା କେବଳ ହସ୍ତ ଓ ପଦ ବ୍ୟବହାର କରାଯାଉଥିବା ଜାପାନ ଦେଶୀୟ ଯୁଦ୍ଧ କୌଶଳ।

**karma** *ବି.* (ବୌଦ୍ଧ ଓ ହିନ୍ଦୁଦର୍ଶନରେ) ମାନବର ପରକାଳର ଭାଗ୍ୟନିର୍ଣ୍ଣାୟକ ଇହକାଳର ଯାବତୀୟ କ୍ରିୟା; କର୍ମ।

**karoo, karroo** *ବି.* ଦକ୍ଷିଣ ଆଫ୍ରିକାର ଉଚ୍ଚ ମାଳଭୂମି; ଗ୍ରୀଷ୍ମ କାଳରେ ଜଳଶୂନ୍ୟ ଉଚ୍ଚ ଭୂମିଖଣ୍ଡ।

**katydid** *ବି.* ଆମେରିକୀୟ ଶାଗୁଆ ରଙ୍ଗର ବଡ଼ ଝିଣ୍ଟିକା।

**kauri** *ବି.* ନିଉଜିଲାଣ୍ଡର ବୃକ୍ଷ ବିଶେଷ।

**kayak** *ବି.* ସିଲ୍‌ର ଚମଡ଼ାରେ ଛାଉଣୀ ହୋଇଥିବା (ଏସ୍କିମୋମାନଙ୍କର) କାଠନିର୍ମିତ ଢଙ୍କିଆ ନୌକା।

**KBE** *ସଂଶ.* Knight Commander of the Order of the British Empire ବିଲାତର ଉପାଧି ବିଶେଷ।

**KC** *ସଂଶ.* King's Counsel ଇଂଲଣ୍ଡର ରାଜାଙ୍କର ପରାମର୍ଶଦାତା।

**kebab** *ବି.* ମସଲା ଗୋଳାହୋଇ ସେକା ହୋଇଥିବା ମାଂସ ଖଣ୍ଡ; କବାବ୍।

**keck** *କ୍ରି.* (ବାନ୍ତି କରିବା ପୂର୍ବରୁ) ଅ'କାର ବା ଓ'କାର ଶବ୍ଦ କରିବା; ଓକାଳିବା।

**kedge** 1. *ବି.* କ୍ଷୁଦ୍ର ନଙ୍ଗର; 2. *କ୍ରି.* ଉକ୍ତ ନଙ୍ଗର ସାହାଯ୍ୟରେ ଜାହାଜକୁ ଘୁଞ୍ଚାଇବା।

**kedgeree** *ବି.* ମାଛ, ସିଝା ଅଣ୍ଡା ଓ ଚାଉଳ ପ୍ରଭୃତି ମିଶାଇ ପ୍ରସ୍ତୁତ ହୋଇଥିବା ଖାଦ୍ୟ; ଖେଚୁଡ଼ି।

**keel** 1. *ବି.* ଜାହାଜର ଲମ୍ବମାନ ତଳଭାଗ, ଯାହା ଉପରେ ସମୁଦାୟ ଜାହାଜ ନିର୍ମିତ ହୋଇଥାଏ; 2. *କ୍ରି.* ତଳେ ପଡିଯିବା; ଓଲଟି ପଡିବା; ଜାହାଜର ତଳଭାଗକୁ ଉପରକୁ ଓଲଟାଇ ରଖିବା; on an even keel ସ୍ଥିର, ଭାରସାମ୍ୟ ରକ୍ଷାକରି।

Digitized by srujanika@gmail.com

**keelhaul** କ୍ରି. (କୌଣସି ବ୍ୟକ୍ତିକୁ) ଜାହାଜ ଭିତରେ ତଳଭାଗରେ ଘୋଷାରି ଶାସ୍ତିଦେବା; କଡ଼ା ଭାଷାରେ ଗାଳିଦେବା; ତିରସ୍କାର କରିବା ।

**keen**[1] ବିଂ. (ବ୍ୟକ୍ତି, ଇଚ୍ଛା, ଆଗ୍ରହ ସଂପର୍କରେ) ଆଗ୍ରହୀ, ଆଗ୍ରହାନ୍ୱିତ, ବ୍ୟଗ୍ର; ଉତ୍ସୁକ, ତୀକ୍ଷ୍ଣବୁଦ୍ଧି, ବିଚକ୍ଷଣ; (ଅସ୍ତ୍ର ସଂପର୍କରେ) ତୀକ୍ଷ୍ଣ, ଧାରୁଆ; କ୍ରି.ବିଂ. keenly; ବି. keenness.

**keen**[2] ବି. ଆଇରିଶ୍ ଶୋକଗୀତି ।

**keep** (*ଅ.କା./ ଅ.କ୍ରି.କ.ପ.* kept) 1. କ୍ରି. (ଦାୟିତ୍ୱରେ, ଜିମାରେ) ରଖିବା; ସାଇତି ରଖିବା, ପାଖରେ ରଖିବା; ଯତ୍ନ ନେବା; ମାନି ଚଳିବା, ପାଳନ କରିବା, ଅବହିତ ହେବା (ଆଇନ, ପ୍ରତିଜ୍ଞା ଆଦି); ପାଳନ ପୋଷଣ କରିବା (ପଶୁ, ମହୁମାଛି ଆଦି); ନିର୍ଦ୍ଦିଷ୍ଟ ଅବସ୍ଥାରେ ରହିବା (keep cool/ quiet); ଜଗିବା, ସମ୍ଭାଳିବା; (ଘର, ଦୋକାନ ପ୍ରଭୃତି) ଚଳାଇବା; ଅଭ୍ୟାସ କରି ଲେଖିବା (ଡାଇରି, ହିସାବ ଆଦି); (ଯୌନ ସଂପର୍କ ଯୋଗୁଁ) ଭରଣ ପୋଷଣ କରିବା (kept man/woman); 2. ବି. ପାଳନ– ପୋଷଣ, ଖାଦ୍ୟ ସାମଗ୍ରୀ ପ୍ରଭୃତି; *ଇତି.* (ଦୁର୍ଗ) ରକ୍ଷଣ; ଦୁର୍ଗ; for keeps *କ.ଭା.* ସ୍ଥାୟୀ ଭାବରେ; keep at କାର୍ଯ୍ୟରେ ଲାଗିରହିବା; keep away ଦୂରେଇ ରହିବା; keep down ଅଧୀନରେ ରଖିବା; ପରିମାଣରେ କମିଯିବା; ଲୁଚି ରହିବା; keep off ଦୂରେଇ ରହିବା; ଅଲଗା ରହିବା, ଅସଂପୃକ୍ତ ରହିବା; keep in with ସୁସଂପର୍କରେ ରହିବା; keep on ଲାଗି ରହିବା, କର୍ମରତ ହେବା; keep to ନିଜକୁ ଆବଦ୍ଧ ରଖିବା, ପ୍ରତିଜ୍ଞା ପାଳନ କରିବା; keep to oneself ଅନ୍ୟ କାହାରି ସହ ସଂପର୍କ ନ ରଖିବା; keep up ଅବସନ୍ନ ହେବାକୁ ନ ଦେବା, ଭାଙ୍ଗି ନ ପଡ଼ିବା; keep up with ସମତାଳରେ ଚାଲିବା ।

**keeper** ବି. ସଂରକ୍ଷକ; ଜଗୁଆଳି, କାରାରକ୍ଷକ; ପାଳନକର୍ତ୍ତା, ତଦାରଖକାରୀ; କ୍ରିକେଟ ଉ୍ୱିକେଟ୍ କିପର ।

**keeping** ବି. ରକ୍ଷଣ; ଦାୟିତ୍ୱ; ସାମଞ୍ଜସ୍ୟ; ସମାନୁପାତ; ଯତ୍ନ, ତଦାରଖ ।

**keepsake** ବି. ସ୍ମୃତିରକ୍ଷା ନିମିତ୍ତ ପ୍ରଦତ୍ତ ବସ୍ତୁ ।

**keg** ବି. ପିପା; ମଦଭର୍ତ୍ତି ପିପା ।

**kelp** ବି. ବାଦାମୀ ରଙ୍ଗର ବଡ଼ବଡ଼ ସାମୁଦ୍ରିକ ଦଳ; ଏହି ଦଳର ପାଉଁଶ, ଯହିଁରୁ ସୋଡ଼ିୟମ୍, ଆଇଓଡ଼ିନ, ପଟାସିୟମ୍ ପ୍ରଭୃତି ବାହାର କରାଯାଏ ।

**kelpie** ବି. ସ୍କଟ୍. ଅଶ୍ୱାକୃତି ଦୁଷ୍ଟ ଜଳଦେବତା; ଅଷ୍ଟ୍ରେଲିଆର ଏକ ଜାତୀୟ କୁକୁର ।

**kelson, keelson** ବି. ଜାହାଜ ତଳ ସହିତ ଖଞ୍ଜାହୋଇଥିବା କାଠଗଡ଼ ।

**Kelt** ଦ୍ର. Celt.

**kelt** ବି. ସାମୁଦ୍ରିକ ମାଛ ଜାଆଁଳ ।

**kelvin** ବି. ତାପମାପକ ବିଶେଷ; Kelvin scale କେଲ୍‌ଭିନ୍‌ଙ୍କ ନିୟମ ଅନୁସାରୀ ତାପମାପକ ଯନ୍ତ୍ର ।

**kemp** ବି. ଜୀବଜନ୍ତୁର ନିଶ ବା ମୁଖଲୋମ ।

**ken** 1. କ୍ରି. (ସ୍କଟିଶ୍ ଭାଷାରେ) ଜାଣିବା; ଦେଖି ଦେଖି ଚିହ୍ନି ପକାଇବା; 2. ବି. ଦୃଷ୍ଟିଶକ୍ତି ବା ଜ୍ଞାନର ସୀମା ।

**kennel** 1. ବି. କୁକୁର ଘର; କୁକୁର ଦଳ; ବିଲୁଆ ଗାତ; ଜୀବଜନ୍ତୁମାନଙ୍କ ବାସସ୍ଥାନ; ଅପରିଚ୍ଛନ୍ନ ବାସଗୃହ; 2. କ୍ରି. କୁକୁରକୁ କୁକୁରଘରେ ରଖିବା ।

**kept** 1. କ୍ରି. keep ର *ଅ.କା/ଅ.କ୍ରି.କ.ପ.;* 2. ବି. ରକ୍ଷିତ ବା ରକ୍ଷିତା ।

**kerb** ବି. ପଥର ପାହାଚ; ପାହାଚକୁ ଉଠିବା ପାଇଁ ସହାୟକ ପଥରଖଣ୍ଡ ।

**kerbstone** ବି. ପାହାଚରେ ସହାୟକ ପଥର ।

**kerchief** ବି. *କାବ୍ୟ.* ରୁମାଲ, ମୁହଁପୋଛା ରୁମାଲ କନା; ଗଳାବନ୍ଧ; ମୁଣ୍ଡରେ ବାନ୍ଧିବା କନା ।

**kerfuffle** ବି. *କ.ଭା.* ଗୋଳମାଳ, ଗଣ୍ଡଗୋଳ ।

**kernel** ବି. ଖୋଳପା ବିଶିଷ୍ଟ ଫଳ ପ୍ରଭୃତିର ଶସ, ନଡ଼ିଆ ଶସ; ଡାଳ ସଜ; ଗହମଗୁଣ୍ଡ; କୌଣସି ପଦାର୍ଥର ମଧ୍ୟଭାଗ, ମୁଖ୍ୟ ବା ପ୍ରଧାନ ଅଂଶ ।

**kerosene, kerosine** ବି. କିରୋସିନି; ବିଶେ. *ଆମେ.* ପାରାଫିନ୍ ତେଲ ।

**kestrel** ବି. ଏକପ୍ରକାର ଛୋଟ ଚିଲ, ବାଜପକ୍ଷୀ, ଶିକାରୀ ପକ୍ଷୀ ।

**ketch** ବି. *ଆମେ.* ଦୁଇଟି ମାସ୍ତୁଲଯୁକ୍ତ ଛୋଟ ନୌକା ।

**ketchup** ବି. (*ଆମେ.* catsup), ଟମାଟୋ ଛତୁ ପ୍ରଭୃତିରୁ ପ୍ରସ୍ତୁତ ଚଟଣି ।

**ketone** ବି. ଜୈବ ରାସାୟନିକ ପଦାର୍ଥ ବିଶେଷ ।

**kettle** ବି. ବେଣ୍ଟଯୁକ୍ତ ଧାତୁପାତ୍ର (ପାଣି ଗରମ କରିବା ପାଇଁ), କେଟଲି ।

Digitized by srujanika@gmail.com

**kettledrum** ବି. ନିଷାଣ ବା ନାଗରା ଜାତୀୟ ବାଦ୍ୟଯନ୍ତ୍ର ବିଶେଷ ।

**key** 1. ବି. ଚାବି, କଞ୍ଚି, ଘଡ଼ି ଚାବି; ସ୍କ୍ରୁ ଓ ନଟ୍ ଖୋଲିବା ଚାବି; ବାଦ୍ୟଯନ୍ତ୍ରର ବୋତାମ୍; ଟାଇପ ରାଇଟରର କି; ଭାବପ୍ରକାଶର ଶୈଳୀ; ବ୍ୟାଖ୍ୟା, ସମସ୍ୟା ସମାଧାନସୂତ୍ର, କୌଣସି ବିଷୟର ଜାଣିବା ସୂତ୍ର; 2. କ୍ରି. ପିନ୍; କୀଳକ ପ୍ରଭୃତି ଦ୍ୱାରା ଦୃଢ଼ କରିବା; ସଂଯୁକ୍ତ କରିବା; keyed up ଉଦ୍‌ବିଗ୍ନ; ଆଶଙ୍କାଗ୍ରସ୍ତ ।

**keyboard** ବି. ଟାଇପ ରାଇଟର ପ୍ରଭୃତିର ଚାବିଗୁଚ୍ଛ ।

**keyhole** ବି. କୋଳପରେ ଚାବି ଗଳେଇବାର ଗର୍ତ୍ତ ।

**Keynesian** ବିଂ. କେଇନ୍‌ସ୍ (J.M. Keynes)ଙ୍କର ଅର୍ଥନୀତିକ ତତ୍ତ୍ୱ ।

**keynote** ବି. ଆଲୋଚନା ଚକ୍ର ବା ଭାଷଣର ମୁଖ୍ୟ ବିଷୟବସ୍ତୁ; *ସଂଗୀତ* ପ୍ରଧାନ ସ୍ୱର ।

**keyword** ବି. ପ୍ରାଚୀନ ଲିପି ପ୍ରଭୃତି ପାଠ କରିବାର ସୂତ୍ର; ମୁଖ୍ୟଶବ୍ଦ, ପ୍ରଧାନ ପଦ ।

**kg** *ସଂଶ.* କିଲୋଗ୍ରାମ ।

**KGB** *ସଂଶ.* ଋଷିଆର ଗୁଇନ୍ଦା ପୋଲିସ ।

**khadi** ବି. *ଭା.* ଖଦଡ଼ ।

**khaki** *ଭା. 1.* ବି. ଖାକି ପୋଷାକ ବା କପଡ଼ା; 2. ବିଂ. ଖାକି ରଙ୍ଗର ।

**khan** ବି. ମଧ୍ୟ ଏସିଆର ଶାସକମାନଙ୍କର ଉପାଧି ।

**kHz** *ସଂଶ.* kilohertz କିଲୋହର୍ଜ୍ ।

**kibe** ବି. ଗୋଇଠିର ଫାଟ ବା କନ୍ଦା ଘା' ।

**kibosh** ବି. *ସା.ପ୍ର.* ବୋକାମି, ବାଜେକଥା ।

**kick** 1. କ୍ରି. ଗୋଇଠା ବା ଲାତ ମାରିବା; ବଳ ପୂର୍ବକ ବାହାର କରିଦେବା, ଠେଲି ଦେବା; ପଦାଘାତ କରିବା; ଦୂରେଇ ଦେବା; ଦୁର୍ବ୍ୟବହାର କରିବା; ଗୋଡ଼ରେ ବଲ୍ ମାରିବା, ଗୋଲ୍ ଦେବା; 2. ବି. ପଦାଘାତ, ଗୋଇଠା; ତୀବ୍ରନିଶା, ଉଦ୍ଦୀପନା; ବଳ; ଅହେତୁକ ଆଗ୍ରହ; kick about (around) *କ.ଭା.* ଅଳସୁଆ ଭାବରେ ଏ ଜାଗା ସେ ଜାଗା ହେବା; ଅଦରକାରୀ ହେବା; ମନ୍ଦ ବ୍ୟବହାର କରିବା; kick the bucket *ସା.ପ୍ର.* ମରିବା; kick off *କ.ଭା.* ଆରମ୍ଭ କରିବା; ପ୍ରତିଯୋଗିତା ଆରମ୍ଭ କରିବା; kick up (kick up a fuss/dust) *କ.ଭା.* ଅସୁବିଧା ସୃଷ୍ଟି କରିବା; ବିରୋଧ କରିବା ।

**kickback** ବି. *କ.ଭା.* ସୁବିଧା ବା ଲାଭ ପାଇଁ ପ୍ରଦତ୍ତ ଉତ୍‌କୋଚ; *କ.ଭା.* ଘୁସ, କିଙ୍କାପୋଡେଇ ।

**kick-off** ବି. ଫୁଟବଲ ଖେଳର ଆରମ୍ଭ ।

**kick-start, kick-starter** 1. ବି. ଇଞ୍ଜିନ୍ ବା ମୋଟର ସାଇକଲ ବା ସ୍କୁଟରର ପେଡ଼ାଲକୁ ମାରି ଷ୍ଟାର୍ଟ ଦେବା ବ୍ୟବସ୍ଥା; 2. କ୍ରି. ଏଭଳିଭାବେ ଇଂଜିନ୍ ଚାଲୁ କରିବା ।

**kid** 1. ବି. ଛେଳିଛୁଆ; ଛେଳିଛୁଆର ଚମଡ଼ା; *କ.ଭା.* ଛୋଟପିଲା; 2. କ୍ରି. ଛେଳିଛୁଆ ଜନ୍ମଦେବା; ପରିହାସ ବା ପ୍ରତାରଣା କରିବା; handle (treat) with kid gloves ସନ୍ତର୍ପଣରେ ବ୍ୟବହାର କରିବା; no kidding *ସା.ପ୍ର.* ଥଟ୍ଟା ନୁହେଁ, ସତକଥା ।

**kidnap** କ୍ରି. ଅର୍ଥପ୍ରାପ୍ତି ଆଶାରେ କୌଣସି ବ୍ୟକ୍ତିକୁ ବା ପିଲାକୁ ଅପହରଣ କରିବା; ବି. kidnapper.

**kidney** ବି. ମନୁଷ୍ୟ, ପଶୁ, ପକ୍ଷୀ ପ୍ରଭୃତି ମେରୁଦଣ୍ଡୀ ପ୍ରାଣୀମାନଙ୍କର ମୂତ୍ର ନିଷ୍କାସନ ଗ୍ରନ୍ଥି; ବୃକ୍କ; ସ୍ୱଭାବ, ପ୍ରକାର, ମେଜାଜ୍ ।

**kill** 1. କ୍ରି. ମାରିଦେବା, ହତ୍ୟା କରିବା; ପ୍ରାଣ ନେବା; ଇଞ୍ଜିନ ବା ବିଜୁଳିବତୀର ସୁଇଚ ଲିଭେଇବା; (ବୋତାମ) ଟିପିବା; କୌଣସି ଅଙ୍ଗରେ ମରଣାନ୍ତକ ଯନ୍ତ୍ରଣା ହେବା; ଆମୋଦପ୍ରମୋଦରେ ପ୍ରମତ୍ତ ହେବା; ଭାବୀ ଘଟଣା ଚିନ୍ତାରେ ଚିନ୍ତିତ ରହିବା; ଅକାମୀ କରିଦେବା; ପୂରାପୂରି ବ୍ୟାହତ କରିବା; 2. ବି. ହତ୍ୟା; ନିହତ ପ୍ରାଣୀ; dressed to kill ଆକର୍ଷଣୀୟ ବେଶଭୂଷା ପରିହିତ; kill two birds with one stone ଏକା ତୀରରେ ଦୁଇଟି ଶିକାର କରିବା; kill with kindness ଅତ୍ୟଧିକ ଗେଲବସର କରି ନଷ୍ଟ କରିଦେବା ।

**killer** ବି. ହତ୍ୟାକାରୀ, ଘାତକ; ହତ୍ୟା ନିମିତ୍ତ ଯନ୍ତ୍ରବିଶେଷ ।

**killing** 1. ବି. ହତ୍ୟା; ପ୍ରାଣଘାତୀ ବସ୍ତୁ; ଦ୍ରୁତ ଆର୍ଥିକ ସଫଳତା; 2. ବିଂ. *କ.ଭା.* ପ୍ରଚୁର ଆନନ୍ଦଦାୟକ ।

**kiln** ବି. ପୋଡ଼ିବା, ସେକିବା ବା ଶୁଖାଇବାର ଚୁଲ୍ଲୀ; ଇଟାପୋଡ଼ିବାର ଭାଟି ।

**kilo** ବି. (ବ.ବ. kilos) କିଲୋଗ୍ରାମ, କିଲୋମିଟର; ଓଜନ ଓ ଦୂରତ୍ୱମାପକ ମାତ୍ରାଙ୍କ ।

**kilo–** ସଂ. ଏକ ହଜାରର ସୂଚକାଙ୍କ ।

Digitized by srujanika@gmail.com

**kilocycle** ବି. ଛଡି. ଘୂର୍ଣ୍ଣନ ମାତ୍ରାଙ୍କ (=kilo hertz).

**kilogram** ବି. (kilogramme ମଧ୍ୟ) କିଲୋଗ୍ରାମ୍; ଦ୍ରବ୍ୟର ୧୦୦୦ ଗ୍ରାମ ଓଜନ ମାତ୍ରାଙ୍କ (=୨.୨୦୪ ପାଉଣ୍ଡ)।

**kilohertz** ବି. ଏକ ସେକେଣ୍ଡରେ ଏକ ହଜାର ହର୍ଟ୍ଜ୍ ବା ଆବର୍ତ୍ତନ ଶକ୍ତି।

**kilolitre** ବି. ତରଳ ପଦାର୍ଥର ଧାରକ- ମାତ୍ରାଙ୍କ (=୧୦୦୦ ଲିଟର ବା ୩୫.୩୧ ଘନଫୁଟ); ପ୍ରାୟ ୨୨୦ ଗେଲନ ପରିମାଣ।

**kilometre** ବି. (kilometer ମଧ୍ୟ) ଏକହଜାର ମିଟରେ ଦୂରତ୍ୱ ଲମ୍ବ-ମାତ୍ରାଙ୍କ (=୦.୬୨ ମାଇଲ)।

**kiloton, kilotonne** ବି. ୧୦୦୦ ଟନ୍ ପରିମାପକ TNT ବିସ୍ଫୋରକ ଶକ୍ତି ବିଶିଷ୍ଟ।

**kilowatt** ବି. ବିଦ୍ୟୁତଶକ୍ତିର ପରିମାପକ ମାତ୍ରା (୧୦୦୦ ୱାଟ୍)।

**kilt** 1. ବି. ଭାଙ୍ଗକରାଯାଇଥିବା ଅଣ୍ଟାରୁ ଆଣ୍ଠୁ ପର୍ଯ୍ୟନ୍ତ (ସ୍କଟିଶ୍) ପୋଷାକ; 2. କ୍ରି. ଆବୃତ କରିବା ପୋଷାକ ଭାଙ୍ଗ କରିବା।

**kimono** ବି. ( ବ.ବ. kimonos ) ଲମ୍ବା ଢୋଲା ଜାପାନୀ ବହିର୍ବାସ, ଏହି ରୀତିରେ ପ୍ରସ୍ତୁତ ଡ୍ରେସିଂ ଗାଉନ।

**kin** 1. ବି. ସ୍ୱଜନ, ପରିବାର, କୁଟୁମ୍ବ; 2. ବିଂ. ଜ୍ଞାତି, ସଂପର୍କୀୟ।

**kind** 1. ବି. ଦ୍ରବ୍ୟ ବା ପ୍ରାଣୀର ସମପର୍ଯ୍ୟାୟ; ସ୍ୱାଭାବିକତା; ପ୍ରକାର; କିସମ, ଶ୍ରେଣୀ; 2. ବିଂ. ଦୟାଳୁ, ସହୃଦୟ, ବନ୍ଧୁଭାବାପନ୍ନ, ଦୟାର୍ଦ୍ର, ସଦୟ; in kind (ଅର୍ଥ ବଦଳରେ) ଜିନିଷ ଆକାରରେ; ଚରିତ୍ର; ଗୁଣ; kind of କିଛି ପରିମାଣରେ।

**kindergarten** ବି. ଶିଶୁ ପାଠଶାଳା (ଜର୍ମାନ ଶିକ୍ଷାବିତ୍ ଫ୍ରୋଏବେଲଙ୍କ ଶିକ୍ଷାପଦ୍ଧତି ଅନୁଯାୟୀ ଶିଶୁମାନଙ୍କ ମାନସିକ ବିକାଶ ନିମନ୍ତେ ପ୍ରତିଷ୍ଠିତ); ବିଦ୍ୟାଳୟର ଶିଶୁଶ୍ରେଣୀ।

**kindle** 1. କ୍ରି. ନିଆଁ ଧରେଇବା, ଜଳେଇବା; ପ୍ରେରଣା ଦେବା; ଜାଗ୍ରତ କରାଇବା; ଉତ୍ତେଜିତ ହେବା ବା କରାଇବା; 2. କ୍ରି. ନିଆଁ ଲାଗିବା; ଉତ୍ତେଜିତ ହେବା; ଉଜ୍ଜ୍ୱଳ ହେବା; ଅଗ୍ନିଶିଖା ଉଠିବା।

**kindling** ବି. ନିଆଁ ଧରେଇବା ପାଇଁ କାଠି କୁଟା।

**kindly**[1] କ୍ରି.ବିଂ. ଅନୁଗ୍ରହପୂର୍ବକ, ଦୟାକରି; ସଦୟ, ଉଦାର ଭାବରେ; look kindly upon ସଦୟ ଦୃଷ୍ଟି ଦେବା; take kindly to କାହାପ୍ରତି ଖୁସି ହେବା; ଭଲପାଇବା।

**kindly**[2] ବିଂ. ସଦୟ; ସହୃଦୟ; ମୃଦୁ; ଆନନ୍ଦ ଦାୟକ; କ୍ରି.ବିଂ. kindlily; ବି. kindliness.

**kindness** ବି. ସଦୟ ବ୍ୟବହାର ବା କାର୍ଯ୍ୟ।

**kindred** 1. ବି. ରକ୍ତ ସଂପର୍କ; ଜ୍ଞାତି କୁଟୁମ୍ବ; ସମାନ ଚରିତ୍ର, ସମପ୍ରକୃତି, ଆତ୍ମୀୟ ବର୍ଗ; 2. ବିଂ. ରକ୍ତ ସଂପର୍କିତ; ଏକ ପ୍ରକାରର।

**kine** ବି. ଗୋସଂପଦ, ଗାଈଗୋରୁ; cowର *ପ୍ରା.ପ୍ର. ବ.ବ.*।

**kinematics** ବି. ବ.ବ. ଚଳନ ବିଜ୍ଞାନ; ବିଂ. kinematic.

**kinetic** ବିଂ. ଗତିଶକ୍ତି ସମ୍ପନ୍ନ, ଗତିକ; kinetic energy ଗତି ଶକ୍ତି; କ୍ରି.ବିଂ. kinetically.

**kinetics** ବି. ବ.ବ. *ସା.* ଏବ. *ପଦାର୍ଥ* ଗତି ବିଜ୍ଞାନ; ଗତି ବିଦ୍ୟା।

**king** ବି. ରାଜା; ସାର୍ବଭୌମରାଷ୍ଟ୍ରର ବଂଶାନୁକ୍ରମିକ ଶାସକ; ବିଶିଷ୍ଟ ଦିଗ ବା କ୍ଷେତ୍ରର ପ୍ରସିଦ୍ଧ ବ୍ୟକ୍ତି ବା ପଦାର୍ଥ (oil king); ଚେସ୍ ଖେଳର ରାଜାଗୋଟି; ଶ୍ରେଷ୍ଠ; ବିଂ. kingly; ବି. kingship.

**kingcup** ବି. ସନ୍ତସନ୍ତିଆ ଜାଗାରେ ହେଉଥିବା ଗେଣ୍ଡୁ ଜାତୀୟ ଫୁଲବିଶେଷ।

**kingdom** ବି. ରାଜ୍ୟ, ସାମ୍ରାଜ୍ୟ।

**kingfisher** ବି. ମାଛରଙ୍କା ଜାତୀୟ ଉଜ୍ଜ୍ୱଳ ବର୍ଣ୍ଣ ବିଶିଷ୍ଟ ଚଢ଼େଇ।

**kingpin** ବି. ମଝିରେ ଥିବା ପ୍ରଧାନ ବୋଲ୍ଟ; ମୁଖ୍ୟ ବ୍ୟକ୍ତି ବା ପଦାର୍ଥ।

**king-size** ବିଂ. ଅସାଧାରଣ ଆକାର ବିଶିଷ୍ଟ।

**kink** 1. ବି. ଫାଶ; ଫିତା, ଦଉଡ଼ି ପ୍ରଭୃତିରେ ପଡ଼ିଥିବା ଗଣ୍ଠି; ହଠାତ୍ ମାନସିକ ପରିବର୍ତ୍ତନ; ଏକବାଗିଆ ବା ଅଡୁଆ; ହଠାତ୍ ବାଙ୍କିଯିବା (ଦ୍ରବ୍ୟ); 2. କ୍ରି. ହଠାତ୍ ଅଡୁଆ କରିଦେବା ବା ହେବା।

**kinky** ବିଂ. *କ.ଭା.* ଅଡୁଆ ଉପୁଜିଥିବା; ବିକୃତିଗ୍ରସ୍ତ (ଯୌନ ସଂପର୍କ ସମ୍ବନ୍ଧରେ); ଯୌନୋଦ୍ଦୀପକ।

Digitized by srujanika@gmail.com

**kinsfolk** ବି. ରକ୍ତ ସଂପର୍କୀୟ ବ୍ୟକ୍ତିଗଣ, କୁଟୁମ୍ବ, ଜ୍ଞାତି, ଆତ୍ମୀୟ, ସ୍ୱଜନ।

**kinship** ବି. ରକ୍ତ ସଂପର୍କ, ଜ୍ଞାତିସଂପର୍କ; ସହାନୁଭୂତି; ସାଦୃଶ୍ୟ।

**kinsman (woman)** ବି. ରକ୍ତସଂପର୍କୀୟ ପୁରୁଷ ବା ନାରୀ; ବିବାହ ଯୋଗୁଁ ସଂପର୍କୀୟ ବ୍ୟକ୍ତି।

**kiosk** ବି. ସଂବାଦପତ୍ର ବା ଖାଦ୍ୟ ପଦାର୍ଥ ବିକ୍ରି ନିମିତ୍ତ ପ୍ରସ୍ତୁତ ଛୋଟ କେବିନ ବା କୋଠରୀ।

**kip** *ସା.ପ୍ର.* 1. ବି. ନିଦ୍ରା; ଶଯ୍ୟା; ସାଧାରଣ ବାସସ୍ଥାନ, ଚଟିଘର; 2. କ୍ରି. ଶୋଇଯିବା।

**kipper** 1. ବି. ହେରିଙ୍ଗ ମାଛର ଲୁଣ ଶୁଖୁଆ; 2. କ୍ରି. ମାଛକୁ ଲୁଣଦେଇ ଶୁଖୁଆ କରିବା।

**kirk** ବି. ସ୍କଟ୍. ଚର୍ଚ୍ଚ, ଗୀର୍ଜା; the Kirk ସ୍କଟ୍‌ଲେଣ୍ଡର ଗୀର୍ଜା।

**kismet** ବି. ଭାଗ୍ୟ, ନିୟତି (ତୁର୍କୀ ବା ଆରବୀ ଶବ୍ଦ)।

**kiss** 1. ବି. ଚୁମା; ଚୁମ୍ବନ; 2. କ୍ରି. ଚୁମ୍ବନ କରିବା; ଚୁମାଦେବା; ପ୍ରେମ, ସ୍ନେହ, ପ୍ରଣୟ, ଭକ୍ତି, ଅଭିନନ୍ଦନ ପ୍ରଭୃତି ପାଇଁ ଦୁଇ ବ୍ୟକ୍ତି ପରସ୍ପରକୁ ଅଧରଦ୍ୱାରା କୋମଳସ୍ପର୍ଶ କରିବା; kiss and tell ଯୌନ ଅନୁଭୂତି ବର୍ଣ୍ଣନା କରିବା; kiss of life ମୁଖଦେଇ କୃତ୍ରିମ ଶ୍ୱସନ ପ୍ରକ୍ରିୟା; kiss the dust ବଶ୍ୟତା ସ୍ୱୀକାର କରିବା।

**kisser** ବି. *ସା.ପ୍ର.* ଚୁମ୍ବନଦାତା; ଅଧର ବା ମୁଖ।

**kit** ବି. ଛୋଟ ବାକ୍ସ ବା ଥଳି, ଯେଉଁଥିରେ ସାମୟିକ ବ୍ୟବହାର ପାଇଁ ଲୁଗାପଟା ପ୍ରଭୃତି ରଖାଯାଇଥାଏ; ସୈନ୍ୟ ବା ଯାତ୍ରୀର ସାଥୀ ବ୍ୟାଗ୍ ବା ଥଳି; ମଡ଼େଲ ପ୍ରଭୃତିର ବିଭିନ୍ନ ଅଂଶ ରଖିବାର ବାକ୍ସ।

**kitbag** ବି. ସୈନ୍ୟ ବା ଯାତ୍ରୀମାନଙ୍କ ପ୍ରୟୋଜନୀୟ ପଦାର୍ଥ ରଖିବାର ଲମ୍ବା ଗୋଲ ଥଳି; ସରଞ୍ଜାମ ଥଳି।

**kitchen** ବି. ରୋଷେଇଘର, ପାକଶାଳା।

**kitchenette** ବି. ରୋଷେଇପାଇଁ ଛୋଟ କୋଠରୀ ବା କୋଣଜାଗା।

**kichenware** ବି. ରୋଷେଇଘରେ ବ୍ୟବହୃତ ବାସନକୁସନ।

**kite** ବି. ଚିଲ, ବାଜ; ନଟେଇ, ଗୁଡ଼ି; fly a kite *କ.ଭା.* ଜନମତ ଜାଣିବା ନିମନ୍ତେ ଗୁଜବ ଉଡ଼ାଇବା।

**kith** ବି. kith and kinରେ ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ।

**kitten** 1. ବି. ବିରାଡ଼ି ଛୁଆ; 2. କ୍ରି. (ବିରାଡ଼ି) ଛୁଆଦେବା; have kittens *କ.ଭା.* ଉଦ୍‌ବିଗ୍ନ ହେବା।

**kittenish** ବିଂ. କ୍ରୀଡ଼ନଶୀଳ; ବିଲେଇ ଛୁଆଭଳି।

**kitty** ବି. ସାଧାରଣ ବ୍ୟବହାର ନିମିତ୍ତ ଗଚ୍ଛିତ ତହବିଲ; ଅର୍ଥଭଣ୍ଡାର।

**kiwi** ବି. ଉଡ଼ିପାରୁନଥିବା ନିଉଜିଲେଣ୍ଡୀୟ ପକ୍ଷୀ; Kiwi ନିଉଜିଲେଣ୍ଡ ବାସୀ।

**Kl** *ସଂଶ.* Kilolitre(s) କିଲୋଲିଟର୍।

**Klaxon** ବି. ଶକ୍ତିଶାଳୀ ବିଦ୍ୟୁତ ଶିଙ୍ଗା ବା ହର୍ଣ୍ଣ।

**kleenex** ବି. ବ୍ୟବହାର ପରେ ଫୋପାଡିଦେବା ପାଇଁ ଉଦ୍ଦିଷ୍ଟ କାଗଜ ରୁମାଲ।

**kleptomania** ବି. ପ୍ରୟୋଜନ ବା ଲାଭ ନ ଥାଇ ଅସ୍ୱାଭାବିକ ଚୌର୍ଯ୍ୟପ୍ରବୃତ୍ତି; *ମନ* ଚୌର୍ଯ୍ୟୋନ୍ମାଦ; ବିଂ. kleptomaniac.

**km** *ସଂଶ.* kilometer(s) କିଲୋମିଟର।

**knack** ବି. ଅର୍ଜିତ ଅଥବା ସ୍ୱଭାବଜାତ ଦକ୍ଷତା; ଅଭ୍ୟାସ; ଚାତୁରୀ; କୌଶଳ।

**knacker** 1. ବି. ବୁଢ଼ା ଅକାମୀ ଘୋଡ଼ା ବା ପୁରୁଣା ଘର ପ୍ରଭୃତି କ୍ରୟକାରୀ; 2. କ୍ରି. *ସା.ପ୍ର.* ଘୋରି ହୋଇଯିବା; ଅକାମୀ ହୋଇଯିବା।

**knapsack** ବି. ଯାତ୍ରୀ ବା ସୈନ୍ୟର ପ୍ରୟୋଜନୀୟ ସାମଗ୍ରୀ ନେବା ପାଇଁ କେନ୍‌ଭାସରେ ତିଆରି ଥଳି, ଯାହାକୁ ପିଠିରେ ବାନ୍ଧି ନିଅନ୍ତି।

**knave** ବି. ନୀତିହୀନ ଅସାଧୁ ବ୍ୟକ୍ତି, ବଦମାସ; ତାସ୍ ଖେଳରେ ଗୋଲାମ ବା ଜେକ୍; ବିଂ. knavish.

**knavery** ବି. ଅସାଧୁତା, ପ୍ରତାରଣା, ଦୁଷ୍ଟାମି।

**knead** କ୍ରି. ମାଟି ବା ଅଟାକୁ ଦଳି ଟେଳା କରିବା; knead the dough ଅଟା ଚକଟିବା।

**knee** 1. ବି. ଆଣ୍ଠୁ; ଜଙ୍ଘର ଉପରଭାଗ ବା କୋଳ (sat on the knee); ପୋଷାକର ଆଣ୍ଠୁଲୁଚା ଅଂଶ; 2. କ୍ରି. ଆଣ୍ଠେଇବା; ଆଣ୍ଠୁଦ୍ୱାରା ଆଘାତ କରିବା; bring person to his (her) knees ବଶୀଭୂତ କରିବା।

**kneecap** ବି. ଆଣ୍ଠୁ ଉପରହାଡ; ଆଣ୍ଠୁର ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ବସ୍ତୁ।

**knee–deep** ବିଂ. ଆଣ୍ଠୁଏ ଗଭୀର।

**knee–high** ବିଂ. ଆଣ୍ଠୁଏ ଉଚ୍ଚ।

Digitized by srujanika@gmail.com

**kneel** କ୍ରି. (*ଅ.କା./ ଅ.କ୍ରି.ଜ.ପ.* knelt କିମ୍ବା *ଆମେ.* kneeled) ଆଣ୍ଠେଇବା।

**knell** ବି. ମୃତ୍ୟୁଘଣ୍ଟି, ଖ୍ରୀଷ୍ଟିଆନମାନଙ୍କର ଶବଯାତ୍ରା ଓ କବର ଦେବା କାଳୀନ ଚର୍ଚ୍ଚଘଣ୍ଟା ଶବ୍ଦ।

**knelt** କ୍ରି. kneelର *ଅ.କା. ଓ ଅ.କ୍ରି.ଜ.ପ.*।

**knew** କ୍ରି. knowର *ଅ.କା.*।

**knickerbockers** ବି. ବ.ବ. ଏକତ୍ର ସଂଲଗ୍ନ ଜାମା ଓ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବା ଢିଲା ପେଣ୍ଟ।

**knickers** ବି. ବ.ବ. ନାରୀ ବା ବାଳିକାମାନଙ୍କର ଅଣ୍ଟାତଳ ଲମ୍ବା ଅନ୍ତର୍ବାସ; ହାଫ୍ ପେଣ୍ଟ୍।

**knick-knack** ବି. (nick-nack ମଧ୍ୟ) ଛୋଟମୋଟ ଗହଣା।

**knife** 1. ବି. (ବ.ବ. knives) ଛୁରୀ; 2. କ୍ରି. ଛୁରୀଦ୍ୱାରା କାଟିବା; ଛୁରୀ ଭୁଷିଦେବା; get (have got) one's knife into ଅତ୍ୟାଚାର କରିବା; ହଇରାଣ ହରକତ କରିବା।

**knife-edge** ବି. ଛୁରୀର ଧାର; ପରିଣାମ ଚିନ୍ତାରେ ଅସ୍ଥିର ଚିତ୍ତାବସ୍ଥା; ଅନିଶ୍ଚିତ ଅବସ୍ଥା।

**knight** 1. ବି. ବ୍ରିଟିଶ ରାଜତ୍ୱରେ ବ୍ୟକ୍ତିଗତ ଗୁଣ ବା ରାଜସେବା ନିମିତ୍ତ ପ୍ରଦତ୍ତ ସାର୍ (Sir) ଉପାଧି; *ଇତି.* ସୈନ୍ୟବିଭାଗରେ କର୍ମରତ ବ୍ୟକ୍ତିର ପଦୋନ୍ନତିସୂଚକ ଉପାଧି; ଯୋଦ୍ଧା, ମଲ୍ଲବୀର; 2. କ୍ରି. ନାଇଟ୍ ଉପାଧିରେ ଭୂଷିତ କରିବା।

**knight errant** ବି. ଦୁଃସାହସିକ କାର୍ଯ୍ୟ ସନ୍ଧାନରେ (ୟୁରୋପର ମଧ୍ୟଯୁଗୀୟ) ମଣକାରୀ ବୀରବ୍ରତୀ; ବି. knigherrantry.

**knighthood** ବି. ନାଇଟ୍ ଉପାଧି ବା ମର୍ଯ୍ୟାଦା; ମହତ୍ତ୍ୱପୂର୍ଣ୍ଣ ସାମରିକ ପଦବୀ।

**knightly** ବିଂ. କ୍ରି.ବିଂ. ବୀରତ୍ୱ ବ୍ୟଞ୍ଜକ, ନାଇଟ୍ ସଦୃଶ, ନାଇଟ୍ ସଂବନ୍ଧୀୟ।

**knit** କ୍ରି. ସୂତା ଓ ଛୁଞ୍ଚ ସାହାଯ୍ୟରେ ବୁଣିବା, ସିଲେଇ କରିବା, କୁଞ୍ଚେଇବା।

**knitting** ବି. ବୁଣା, ସିଲେଇ।

**knitting-needle** ବି. ଛୁଞ୍ଚ, କ୍ରୁସ୍‌କଣ୍ଟା।

**knitwear** ବି. ବୁଣା ପୋଷାକ।

**knob** ବି. ଦରଜା ଆଦିର ଗୋଲାକୃତି ହେଣ୍ଡଲ; ମୁଣ୍ଡଳି, ଗୁଚ୍ଛ; କବାଟ ବା ଡ୍ରୟରର ଖୋଲିବାର ହେଣ୍ଡଲ; ଲହୁଣି ଟେଳା; ବିଂ. knobby; knoblike.

**knobbly** ବିଂ. ଶକ୍ତ ଢେଳାସଦୃଶ।

**knobkerrie** ବି. (ଦ. ଆଫ୍ରିକା) ଗୋଲାକାର ମୁଣ୍ଡଳୀ ଥିବା ଛୋଟ ଲାଠି।

**knock** 1. କ୍ରି. କବାଟ ବାଡ଼େଇବା; କରାଘାତ କରିବା; ବାହାରକୁ ବା ଭିତରକୁ ପେଲିଦେବା; ଖଟ୍‌ଖଟ୍ ଶବ୍ଦ କରିବା; ବାଡ଼େଇବା; *ସା.ପ୍ର.* ଅପମାନ ସୂଚକ ସମାଲୋଚନା କରିବା; 2. ବି. କରାଘାତ; ଠକ୍‌ଠକ୍ ଶବ୍ଦ; ଜୋର୍ ଆଘାତ; ଶକ୍ତ ଘୁସି; knock about (around) କର୍କଶ ବ୍ୟବହାର ଦେଖାଇବା; ବାରମ୍ବାର ଶବ୍ଦ କରିବା; ଉଦ୍ଦେଶ୍ୟହୀନ ଭାବରେ ଘୂରି ବୁଲିବା; knock back *ସା.ପ୍ର.* ତରତର ହୋଇ ଖାଇଯିବା ବା ପିଇଯିବା; knock down ହାତୁଡ଼ି ପିଟି ନିଲାମ ଡାକିବା; ଭାଙ୍ଗିଦେବା; କାହାକୁ ମାରି ତଳେ ପକାଇଦେବା; *ଆମେ. ସା.ପ୍ର.* ଚୋରି କରିବା; knock off କାମ ବନ୍ଦ ବା ଶୀଘ୍ର ସଂପୂର୍ଣ୍ଣ କରିବା; *ସା.ପ୍ର.* ଚୋରାଇବା; *ଅବ.* (କୌଣସି ସ୍ତ୍ରୀ ସହିତ) ଯୌନକ୍ରିୟା କରିବା; ହତ୍ୟା କରିବା; knock out ମାରି ଅଚେତ କରାଇବା; ଆଶ୍ଚର୍ଯ୍ୟାନ୍ୱିତ କରିବା; ହାଲିଆ କରିଦେବା; knock up ଶୀଘ୍ର କରିବା, ଦ୍ରୁତ ବ୍ୟବସ୍ଥା କରିବା; କ୍ରିକେଟ୍‌ଖେଳ ରନ୍ ସଂଗ୍ରହ କରିବା; *ଆମେ. ସା.ପ୍ର.* ଗର୍ଭବତୀ କରିବା।

**knocker** ବି. ଦରଜା ଖୋଲିବାପାଇଁ ବାଡ଼େଇ ଶବ୍ଦ କରିବାର ଧାତୁନିର୍ମିତ କୁହୁଣ୍ଡା; ଅଶ୍ଳୀଳ *ସା.ପ୍ର.* ନାରୀର ସ୍ତନ।

**knocking-shop** *ସା.ପ୍ର.* ବେଶ୍ୟାଳୟ।

**knock-kneed** ବିଂ. ଆଣ୍ଠୁ ଅସ୍ୱାଭାବିକ ରୂପେ ଭିତରକୁ ବାଙ୍କିଯିବା ଅବସ୍ଥା।

**knockout** 1. ବିଂ. ଖେଳରେ ହାରିବାଦଳର ବାଦ୍ ପଡ଼ିବା ପଦ୍ଧତି ବିଶିଷ୍ଟ; 2. ବି. ପରାଜୟ ସୂଚକ ଆଘାତ; ମୁଷ୍ଟିଯୁଦ୍ଧରେ ପ୍ରତିପକ୍ଷକୁ ହରାଇ ଦେଇଥିବା ମୁଷ୍ଟ୍ୟାଘାତ; ଚମତ୍କାର ବ୍ୟକ୍ତି ବା ବସ୍ତୁ।

**knoll** ବି. ପାହାଡ଼ ମୁଣ୍ଡିଆ, ଛୋଟ ପାହାଡ଼, ଡୁଙ୍ଗୁରୀ, ଢିପ।

**knot** 1. ବି. ଗଣ୍ଠି; ଦୁଇଟି ଦଉଡ଼ିକୁ ଯୋଡ଼ିବାର ଗଣ୍ଠି; (କେଶର ସୂତାପ୍ରଭୃତି ସଂପର୍କରେ) ଜଟ; ଗଛର ଡାଳ ବାହାରିଥିବା ଜାଗାର ଉଚ୍ଚ ଅଂଶ; ବିବାହ–ବନ୍ଧନ; 2. କ୍ରି. ଗଣ୍ଠି ପକେଇବା; tie in knots ଅଡୁଆରେ ପକାଇବା।

**knotty** ବିଂ. ଗଣ୍ଠିଯୁକ୍ତ, ଗ୍ରନ୍ଥିଳ; ବିଭ୍ରାନ୍ତିକର, କଷ୍ଟକର; ବି. knottiness.

Digitized by srujanika@gmail.com

**know** *କ୍ରି.* ଜାଣିବା; ମନେ ରଖିବା, ସତର୍କ ରହିବା; ଖବର ରଖିବା; ପରିଚିତ ହେବା, ସାମାଜିକ ସଂପର୍କ ରଖିବା, ଚିହ୍ନିପାରିବା, ବୁଝିପାରିବା; ବ୍ୟକ୍ତିଗତଭାବେ ଜାଣିବା; in the know *କ.ଭା.* ଭିତିରିକଥା ଜାଣିଥିବା; know one's own mind ସଠିକ ଭାବେ ନିଜର ଉଦ୍ଦେଶ୍ୟ ସମ୍ବନ୍ଧରେ ଅବହିତ ରହିବା; know what's what ଜୀବନ ବା ସଂସାର ସମ୍ବନ୍ଧରେ ପ୍ରକୃତ ଜ୍ଞାନ ରଖିବା; you never know ସବୁ କିଛି ସମ୍ଭବ।

**know-all** *ବି.* ସବଜାନ୍ତା।

**know-how** *ବି.* ବ୍ୟାବହାରିକ ଜ୍ଞାନ।

**knowing** *ବିଂ.* ଜାଣିସିଆଣା; ଚତୁର, ଧୂର୍ତ୍ତ।

**knowingly** *କ୍ରି.ବିଂ.* ଜାଣିଶୁଣି; ଉଦ୍ଦେଶ୍ୟମୂଳକ ଭାବରେ।

**knowledge** *ବି.* ଜ୍ଞାନ, ବିଦ୍ୟା, ପାଣ୍ଡିତ୍ୟ; ଚାତୁର୍ଯ୍ୟ, କର୍ମକୁଶଳତା; ଜାଣିବାକଥା; ସଂବାଦ; to my knowledge ମୁଁ ଯେତେ ଦୂର ଜାଣେ।

**knowledgeable** *ବିଂ.* ବିଜ୍ଞ, ବହୁଦର୍ଶୀ; *ବି.* knowledgeability; *କ୍ରି.ବିଂ.* knowledgeably.

**knuckle** 1. *ବି.* ମନୁଷ୍ୟହାତର ଅଙ୍ଗୁଳିର ଗଣ୍ଠି; ପଶୁର ଆଣ୍ଠୁ ସନ୍ଧିହାଡ଼ ଗଣ୍ଠି; 2. *କ୍ରି.* ଆଙ୍ଗୁଠିର ଗଣ୍ଠିକୁ ଚାପିବା, ବାଡେଇବା ବା ମାଲିସ କରିବା; knuckle under ପରାଜୟ ବା ବଶ୍ୟତା ସ୍ୱୀକାର କରିବା।

**knurl** *ବି.* ଉପରକୁ ଆବୁ ଭଳି ବାହାରିଥିବା ଅଂଶ, ଉପରିଭାଗ।

**KO** *ସଂଶ.* knockout ନକ୍‌ଆଉଟ୍।

**kohl** *ବି.* ଆଖିରେ ଲଗାଇବା କଜ୍ଜ୍ଳ; ଅଞ୍ଜନ, ସୁର୍ମା।

**kohlrabi** *ବି.* ଓଲକୋବି, ଗଣ୍ଠିକୋବି।

**kola** *ବି.* (cola ମଧ) ଆଫ୍ରିକା ଦେଶର ବୃକ୍ଷ ବିଶେଷ ଯାହାର ମଞ୍ଜିରୁ ପାନୀୟ ପ୍ରସ୍ତୁତ ହୁଏ।

**kolkhoz** *ବି.* ଋଷ୍‌ଦେଶୀୟ ସମବାୟ କୃଷି ସଂସ୍ଥା।

**koodoo** *ବି.* (kudu ମଧ) ଆଫ୍ରିକୀୟ ହରିଣ ଜାତୀୟ ଜୀବ।

**kook** *ବି.* *ଆମେ. ସା.ପ୍ର.* ବିକୃତ ମସ୍ତିଷ୍କ ବା ଆଡ଼ପାଗଳା ବ୍ୟକ୍ତି; *ବିଂ.* kooky.

**kookaburra** *ବି.* ହସଭଳି ବିଚିତ୍ରରବ କରୁଥିବା ଅଷ୍ଟ୍ରେଲିଆର ମାଛରଙ୍କା ଜାତୀୟ ପକ୍ଷୀବିଶେଷ।

**kopek** *ବି.* (copek ମଧ) ଋଷୀୟ ମୁଦ୍ରା ବିଶେଷ (ରୁବଲର ଶତାଂଶ)।

**kopje** *ବି.* (koppie ମଧ) *ଦ. ଆଫ୍ରିକା* ଛୋଟ ପାହାଡ଼।

**Koran** *ବି.* (Quoran ମଧ) କୋରାନ୍, ଇସ୍‌ଲାମଧର୍ମର ପବିତ୍ରଗ୍ରନ୍ଥ।

**kowtow** *ଇତି.* 1. *କ୍ରି.* ବିନୀତ ବ୍ୟବହାର ଦେଖାଇବା; ଆନତ ହେବା; 2. *ବି.* ଭୂମିରେ ମସ୍ତକ ଲଗାଇ ପ୍ରଣାମ।

**k.p.h.** *ସଂଶ.* Kilometres per hour ଘଣ୍ଟାକ ପ୍ରତି କିଲୋମିଟର।

**kraal** *ବି.* *ଦ. ଆଫ୍ରିକା* ବାଡ଼ଘେରା କୁଟୀର ଥିବା ଗ୍ରାମ; ପଶୁଶାଳା।

**kremlin** *ବି.* ରୁଷଦେଶର ମସ୍କୋସହରସ୍ଥ ନଗରଦୁର୍ଗ; the Kremlin ରୁଷ ସରକାର।

**kris** *ବି.* ମାଳୟ ଦେଶୀୟ ଧାରୁଆ ଛୁରୀ; କିରୀଚ।

**krona** *ବି.* (ବ.ବ. kroner) ସୁଇଡ଼େନର ମୁଦ୍ରା, ଆଇସଲାଣ୍ଡର ମୁଦ୍ରା (ବ.ବ. kronur).

**krone** *ବି.* (ବ.ବ. kroner) ଡେନମାର୍କ ଓ ନରଓ୍ୱେର ମୁଦ୍ରା।

**krugerrand** *ବି.* ଦକ୍ଷିଣ ଆଫ୍ରିକାର ସ୍ୱର୍ଣ୍ଣମୁଦ୍ରା।

**krypton** *ବି.* ଉଜ୍ଜ୍ୱଳ ଆଲୋକ ବିଶିଷ୍ଟ ବତୀରେ ବ୍ୟବହୃତ ବାଷ୍ପୀୟ ପଦାର୍ଥବିଶେଷ।

**Kt.** *ସଂଶ.* knight ନାଇଟ୍।

**kudos** *ବି.* *କ.ଭା.* ଖ୍ୟାତି, ସୁନାମ, ସମ୍ମାନ।

**Ku Klux Klan** *ବି.* *ଆମେ.* ନିଗ୍ରୋବିରୋଧୀ ଦ. ଆମେରିକାର ଗୁପ୍ତସଂଗଠନ ବିଶେଷ।

**kukri** *ବି.* ଖୁକ୍‌ରି; ଗୁର୍ଖାମାନଙ୍କର ଭୁଜାଲି।

**kummel** *ବି.* ଏକପ୍ରକାର ମଧୁର, ସୁବାସିତ ମଦ୍ୟ।

**kumquat** *ବି.* (cumquat ମଧ) କୋଳି ଆକାରର କମଳା ସଦୃଶ ଫଳବିଶେଷ; ସେହି ଗଛ।

**kung fu** *ବି.* କୁଙ୍ଗ୍ ଫୁ; ଚୀନ୍‌ଦେଶୀୟ କରାଟେ କ୍ରୀଡ଼ା।

**kV** *ସଂଶ.* Kilovolt(s)କିଲୋଭୋଲ୍ଟ୍।

**kW** *ସଂଶ.* Kilowatt(s)କିଲୋଓ୍ୱାଟ୍।

**kWh** *ସଂଶ.* kilowatt hour(s) କିଲୋଓ୍ୱାଟ୍-ଘଣ୍ଟା।

**kyle** *ବି.* *ସ୍କଟ୍.* ମୂଳ ଭୂଖଣ୍ଡ ଓ ଦ୍ୱୀପ ମଧ୍ୟବର୍ତ୍ତୀ ସଂକୀର୍ଣ୍ଣ ଜଳପ୍ରଣାଳୀ।

Digitized by srujanika@gmail.com

# Ll

**L**[1] ବି. ବ.ବ. Ls, L's; ls, l's ଇଂରାଜୀ ବର୍ଣ୍ଣମାଳାର ଦ୍ୱାଦଶ ବର୍ଣ୍ଣ; L ଆକୃତିର ପଦାର୍ଥ; ରୋମାନ୍ ସଂଖ୍ୟା ୫୦।

**L**[2] *ସଂଶ.* learner driver ଶିକ୍ଷାନବୀଶ ଡ୍ରାଇଭର; Lake ହ୍ରଦ; Liberal ଲିବରାଲ୍ ଦଳ।

**l** *ସଂଶ.* left ବାମ; line ଲାଇନ୍; litre(s) ଲିଟର୍।

**la** ବି. (lah ମଧ୍ୟ) *ସଂଗୀତ* ପାଶ୍ଚାତ୍ୟ ସ୍ୱରଗ୍ରାମର ଷଷ୍ଠ ସ୍ୱର।

**La** *ପ୍ର.* lanthanum ଲାନ୍ଥାନମ୍।

**lab.** ବି. *ସଂଶ.* *କ.ଭା.* ଲେବରଟୋରୀ, ପରୀକ୍ଷାଗାର।

**Lab** *ସଂଶ.* Labour ଲେବର୍ ଦଳ।

**label** 1. ବି. ଚିହ୍ନଟ କରିବା ପାଇଁ ଲେଖା କାଗଜ ଟୁକୁରା, ଲେବଲ; ଶ୍ରେଣୀବିଭାଗୀୟ ଚିହ୍ନ; 2. *କ୍ରି.* ଲେବଲ ଲଗାଇବା, ଚିହ୍ନିତ କରିବା।

**labial** 1. ବିଂ. ଓଠର; ଓଠ-ସମ୍ବନ୍ଧୀୟ, ଓଷ୍ଠ୍ୟ(ବର୍ଣ୍ଣ); 2. ବି. ଆଂଶିକ ବା ସଂପୂର୍ଣ୍ଣ ରୂପେ ଓଷ୍ଠ ବନ୍ଦ କରିବା ସହିତ ଉଚ୍ଚାରିତ ବର୍ଣ୍ଣ।

**labor** *ଆମେ. ଅଷ୍ଟ୍ରେ.* ବିକ. labour.

**laboratory** ବି. ବୈଜ୍ଞାନିକ ପରୀକ୍ଷାଗାର।

**laborious** ବିଂ. ପରିଶ୍ରମୀ; ଶ୍ରମସାଧ୍ୟ; *କ୍ରି.ବିଂ.* laboriously.

**labour** 1. ବି. ଶାରୀରିକ ଶ୍ରମ, ପରିଶ୍ରମ; ସନ୍ତାନପ୍ରସବ ବେଦନା, ପ୍ରସୂତି ପ୍ରକ୍ରିୟା; କ୍ଳେଶ; 2. *କ୍ରି.* ପରିଶ୍ରମ କରିବା, କଠିନ ଶ୍ରମକରିବା, ସ୍ୱାଭାବିକ ଗତି ବା କର୍ମରେ କଷ୍ଟ ଅନୁଭବ କରିବା; କାମ କରିବା; ଖଟିବା।

**labour camp** ବି. ସଶ୍ରମ କାରାଦଣ୍ଡିତ ବନ୍ଦୀମାନଙ୍କର କେନ୍ଦ୍ର।

**Labour Day** ବି. ଶ୍ରମିକମାନଙ୍କର ସମ୍ମାନାର୍ଥେ ପାଳିତ ଦିବସ; ଶ୍ରମିକଦିବସ, *ସା.* ମଇ ପହିଲା।

**laboured** ବିଂ. କଷ୍ଟକଳ୍ପିତ, ଆୟାସ ପ୍ରସୂତ; ଯାହା ସ୍ୱତଃପ୍ରବୃତ୍ତ ନୁହେଁ।

**labourer** ବି. ଶ୍ରମିକ, ମଜୁରିଆ।

**Labour Exchange** ବି. *କ.ଭା.* କର୍ମନିଯୁକ୍ତି ଅଫିସ।

**Labour of love** ବି. ନିଃସ୍ୱାର୍ଥ ପରିଶ୍ରମ।

**labour pain** ବି. ପ୍ରସବ ବେଦନା।

**Labour Party** ବି. ଶ୍ରମିକଦଳ; (ଇଂଲଣ୍ଡର) ରାଜନୈତିକ ଦଳ ବିଶେଷ।

**labour room** ବି. ପ୍ରସବକକ୍ଷ।

**labour–saving** ବିଂ. ଶ୍ରମ ଲାଘବକାରୀ।

**Labrador** ବି. ଏକ ବିଶେଷ ଉନ୍ନତ ଜାତିର କଳା ବା ସୁନେଲି ଲୋମ ବିଶିଷ୍ଟ କୁକୁର।

**laburnum** ବି. ପୀତବର୍ଣ୍ଣର ଦୋଦୁଲ୍ୟମାନ ଫୁଲଭରା ବୃକ୍ଷବିଶେଷ।

**labyrinth** ବି. ଗୋଲକଧନ୍ଦା; ଭୁଲ୍‌ଭୁଲେୟା; ଜଟିଳ ସମସ୍ୟା, ବିଷମ ପରିସ୍ଥିତି; ଅଙ୍କା ବଙ୍କା ରାସ୍ତା; ଭୟାନକ ଗର୍ତ୍ତ; ଭିତର କାନ; ଅନ୍ତଃକର୍ଣ୍ଣକୁହର; ବିଂ. labyrinthine.

**lac** ବି. *ଭା.* ଜଉ, ଲାକ୍ଷା, ଲାଖ।

**lace** 1. ବି. ଯୋତାର ଫିତା, ଜରି; ଦଉଡ଼ି; 2. *କ୍ରି.* ଫିତା ଲଗାଇବା, ଜରି ଲଗାଇବା; ଫିତା ବାନ୍ଧିବା; ବିଂ. lacy.

**lacerate** *କ୍ରି.* ଛିଣ୍ଡାଇଦେବା, ବିଦୀର୍ଣ୍ଣ କରିବା; ଆଘାତଦେବା; ବି. laceration.

**lachrymal** ବିଂ. (lacrimal ମଧ୍ୟ) ଅଶ୍ରୁଜ; ଅଶ୍ରୁଜନିତ।

**lachrymose** ବିଂ. ଲୋତକପୂର୍ଣ୍ଣ, ଅଶ୍ରୁପୂର୍ଣ୍ଣ; କ୍ରନ୍ଦନଶୀଳ; କାନ୍ଦୁରା।

**lack** 1. ବି. ଅଭାବ, ନ୍ୟୂନତା; 2. *କ୍ରି.* ଅଭାବ ହେବା, ଅଭାବ ପଡ଼ିବା।

**lackadaisical** ବିଂ. ଅନୁତ୍ସାହୀ, ଉଦ୍ୟମହୀନ, ଅବସାଦଗ୍ରସ୍ତ; *କ୍ରି.ବିଂ.* lackadaisically.

**lackey** 1. ବି. ବିନୀତ ଅନୁଗାମୀ, ଅନୁଚର; ଚାକର; ପଦାତିକ ସୈନିକ; 2. *କ୍ରି.* ଆନୁଗତ୍ୟ ପ୍ରକାଶ କରିବା, ଅନୁସରଣ କରିବା।

**lacklustre** ବିଂ. *ଆମେ.* lackluster ଦ୍ୟୁତିହୀନ, ନିଷ୍ପ୍ରଭ; ଫିକା।

**laconic** ବିଂ. ସଂକ୍ଷିପ୍ତ, ଅଳ୍ପ ଶବ୍ଦରେ କଥିତ; *କ୍ରି.ବିଂ.* laconically.

**lacquer** 1. ବି. ବାର୍ଣ୍ଣିସ; କେଶବିନ୍ୟାସଦ୍ରବ୍ୟ; 2. *କ୍ରି.* ବାର୍ଣ୍ଣିସ ଲଗାଇବା।

Digitized by srujanika@gmail.com

**lactate** 1. କ୍ରି. ସ୍ତନ୍ୟପାନ କରାଇବା, ସ୍ତନ୍ୟକ୍ଷରଣ କରିବା; 2. ବି. ଲେକ୍‌ଟିକ ଏସିଡ୍‌ର ଲବଣ।
**lactation** ବି. ସ୍ତନ୍ୟକ୍ଷରଣ, ସ୍ତନ୍ୟଦାନ।
**lacteal** 1. ବିଂ. ଦୁଗ୍ଧଜାତ; ଦୁଗ୍ଧ ସମ୍ବନ୍ଧିତ; 2. ବି. ତରଳ ପଦାର୍ଥ ବା ଦୁଗ୍ଧ ବହନକାରୀ ପାତ୍ର।
**lactic** ବି. ଦୁଗ୍ଧଜାତ।
**lactic acid** ବି. ଦହିରେ ଥିବା ଅମ୍ଳ।
**lactometer** ବି. ଦୁଗ୍ଧର ବିଶୁଦ୍ଧତା ପରୀକ୍ଷଣ ଯନ୍ତ୍ର ବିଶେଷ।
**lactose** ବି. ଦୁଗ୍ଧଶର୍କରା।
**lacuna** ବି. (ବ.ବ. lacunas/ lacunae) ଫାଙ୍କ, ଛିଦ୍ର, ତ୍ରୁଟି, ପାଣ୍ଡୁଲିପିର ହଜିଥିବା ଅଂଶ।
**lacy** ବିଂ. ଲେସ୍‌ର, ଲେସ୍‌ଭଳି।
**lad** ବି. ବାଳକ, କିଶୋର; *କ.ଭା.* ଲୋକ।
**ladder** 1. ବି. ସିଡ଼ି, ନିଶୁଣି; ଜୀବନ ଗଠନର ଅବଲମ୍ବନ; 2. କ୍ରି. ସିଡ଼ି ଲଗାଇବା, ସିଡ଼ି ତିଆରି କରିବା।
**lade** କ୍ରି. (*ଅ.କ୍ରି.କ.ପ.* laden) ଜାହାଜ ବୋଝାଇ କରିବା, ଭାର ଲଦିବା।
**la–di–da** ବିଂ. ଚାଲିଚଳନ ଓ କଥାବାର୍ତ୍ତାରେ ଉନ୍ନତ ରୁଚି ସମ୍ପନ୍ନତାର ଛଳନାକାରୀ।
**ladle** 1. ବି. ବଡ଼ ଲମ୍ବା ଚାମଚ, ହତା, ତଡ଼୍କି; 2. କ୍ରି. ହତାଦ୍ୱାରା ପରଷିବା।
**lady** ବି. ସାମାଜିକ ମର୍ଯ୍ୟାଦାସଂପନ୍ନା ନାରୀ, ନାରୀ; ବିନୀତା, ସଦ୍‌ଗୁଣଯୁକ୍ତା ନାରୀ; Lady (ଇଂଲଣ୍ଡରେ) ସମ୍ମାନିତା ନାରୀ; ନାଇଟ୍ ବା ବେରନଙ୍କ ପତ୍ନୀ; ଗୃହକର୍ତ୍ତ୍ରୀ; ଭଦ୍ର ମହିଳା; ଗୃହିଣୀ; Our Lady ମାତା ମେରୀ।
**ladybird** ବି. କଳା ଦାଗଥିବା ଲାଲ ବା ବାଇଗଣୀ ରଙ୍ଗର ପତଙ୍ଗ ବିଶେଷ।
**Lady Day** ବି. ମାର୍ଚ୍ଚ ୨୫ତାରିଖରେ ଅନୁଷ୍ଠିତ ଖ୍ରୀଷ୍ଟୀୟ ଏନନ୍‌ସିଏସନ୍ ପର୍ବ।
**lady–killer** ବି. ଯେଉଁ ପୁରୁଷ ରମଣୀର ମନ ଜୟକରିବାରେ ଆତ୍ମନିୟୋଗ କରେ।
**ladylike** ବିଂ. ଭଦ୍ରମହିଳା ସଦୃଶ ବା ଯୋଗ୍ୟ।
**lady love** ବି. ପ୍ରେମିକା, ପ୍ରଣୟିନୀ।
**lady's finger** ବି. ଭେଣ୍ଡି।
**ladyship** ବି. ଭଦ୍ରମହିଳାଙ୍କୁ ସମ୍ବୋଧନାତ୍ମକ ଉପାଧି।
**lag**[1] 1. କ୍ରି. ଅତି ମନ୍ଥର ଗତିରେ ଚାଲିବା, ପଛେଇଚାଲିବା, ପଛେଇବା; 2. ବି. ବିଳମ୍ବ, ସମୟର ବ୍ୟବଧାନ।
**lag**[2] କ୍ରି. ତାପ ନିରୋଧକ ଢାଙ୍କୁଣି ଦେବା।
**lag**[3] ବି. ଦାଗୀ; ଅଭ୍ୟାସଗତ ଅପରାଧୀ।
**lager** ବି. ଅଳ୍ପ ନିଶାକାରୀ ଜର୍ମାନ୍ ବିଅର୍।
**laggard** ବି. କାର୍ଯ୍ୟରେ ପଛେଇବା ବ୍ୟକ୍ତି, ନିରୁଦ୍ୟମୀ।
**lagging** ବି. ବୟଲର୍ ଚୁଲା ଢାଙ୍କିବା ପାଇଁ ବ୍ୟବହୃତ ଯନ୍ତ୍ରାଂଶ।
**lagoon** ବି. ପ୍ରବାଳ ବା ବାଲିବନ୍ଧଦ୍ୱାରା ସମୁଦ୍ରଠାରୁ ପୃଥକ୍ ଲବଣାକ୍ତ ହ୍ରଦ; ସମୁଦ୍ରରୁ ସ୍ଥଳଭାଗକୁ ପଶିଆସିଥିବା ସରୁ ଜଳଭାଗ; ପାଟ।
**laicize** କ୍ରି. ଧର୍ମ ନିରପେକ୍ଷ କରିବା।
**lair** ବି. ପଶୁଗହ୍ୱର; ବନ୍ୟପଶୁର ରହିବା ବା ଶୋଇବା ସ୍ଥାନ।
**laird** ବି. ସ୍କଟଲେଣ୍ଡର ଭୂମ୍ୟଧିକାରୀ, ଜମି ମାଲିକ; ଜମିଦାର।
***laisser–faire, laissez–faire*** ବି. ହସ୍ତକ୍ଷେପ ନ କରିବା ନୀତି; ଅବାଧ ନୀତି। *(ଫ.)*
**laity** ବି. ଜନସାଧାରଣ; (ପେଶା ଓ ଧର୍ମୀୟ ଗୋଷ୍ଠୀ ବହିର୍ଭୂତ) ସାଧାରଣ ବ୍ୟକ୍ତିବର୍ଗ।
**lake** ବି. ହ୍ରଦ; ଲାଖରଙ୍ଗ।
**Lake District** ବି. (the Lakes ମଧ୍ୟ) ଉତ୍ତର ପଶ୍ଚିମ ଇଂଲଣ୍ଡର ହ୍ରଦବହୁଳ ଅଞ୍ଚଳ; Lake Poets ଏହି ଅଞ୍ଚଳରେ ବାସ କରୁଥିବା ୱ୍ୱର୍ଡ୍‌ସ୍‌ୱାର୍ଥ (Wordsworth), କଲେରିଜ୍ (Coleridge) ଏବଂ ସାଉଦି (Southey), ରୋମାଣ୍ଟିକ ଯୁଗୀୟ କବି ତ୍ରୟ।
**lakh** ବି. *ଭା* ଏକଶତ ସହସ୍ର ସଂଖ୍ୟା, ଏକ ଲକ୍ଷ।
**lam** କ୍ରି. *ଗ୍ରା.ପ୍ର.* ଜୋରରେ ଆଘାତ ଦେବା, ପ୍ରହାର କରିବା।
**lama** ବି. ତିବ୍ବତ୍ ଓ ମଙ୍ଗୋଲିଆର ବୌଦ୍ଧଧର୍ମାଚାର୍ଯ୍ୟ; Dalai Lama ତିବ୍ବତ୍‌ର ବୌଦ୍ଧ ଧର୍ମାଚାର୍ଯ୍ୟ।
**lamasery** ବି. ବୌଦ୍ଧଧର୍ମର ମଠ।
**lamb** 1. ବି. ମେଷଶାବକ, ମେଣ୍ଢାଛୁଆ, ତାର ମାଂସ; ନିରୀହ, ପ୍ରୀତିପ୍ରଦ ଅଥଚ ସଦୟ ବ୍ୟକ୍ତି; The Lamb (of God) ଯୀଶୁ ଖ୍ରୀଷ୍ଟ।

Digitized by srujanika@gmail.com

**lambaste** କ୍ରି. କ.ଭା. ବାଡ଼େଇବା, ପ୍ରହାର କରିବା।
**lambda** ବି. ଗ୍ରୀକ୍‌ବର୍ଣ୍ଣମାଳାର ଏକାଦଶ ଅକ୍ଷର।
**lambent** ବିଂ. (ଆଲୋକ ସଂପର୍କରେ) ସ୍ନିଗ୍ଧୋଜ୍ଜ୍ୱଳ, ମୃଦୁ ଉଦ୍‌ଭାସିତ; ମୃଦୁସ୍ପର୍ଶୀ; ବି. lambency.
**lambkin** ବି. ବଚ୍ଚା ବା ଅତି ଛୋଟ ମେଣ୍ଢାଛୁଆ।
**lambswool** ବି. ନରମ ସୂକ୍ଷ୍ମ ପଶମ।
**lame** 1. ବିଂ. ଛୋଟା, ଖଞ୍ଜ, ପଙ୍ଗୁ; ଅସନ୍ତୋଷଜନକ, ଗ୍ରହଣ-ଅଯୋଗ୍ୟ, ଅସମ୍ପୂର୍ଣ୍ଣ; 2. କ୍ରି. ଛୋଟା କରିବା, ଶାରୀରିକ ଅକ୍ଷମ କରିବା; କ୍ରି.ବିଂ. lamely; ବି. lameness.
**lame duck** ବି. ସାହାଯ୍ୟବିନା ଚଳିପାରୁନଥିବା ଅନୁଷ୍ଠାନ, ସଂସ୍ଥା ବା ବ୍ୟକ୍ତି।
**lament** 1. ବି. କ୍ରନ୍ଦନ, ବିଳାପ, ଶୋକ; ବାହୁନା; 2. କ୍ରି. ବିଳାପ କରିବା, ଶୋକ କରିବା, ବାହୁନି କାନ୍ଦିବା।
**lamentable** ବିଂ. ଦୟନୀୟ, ଦୁଃଖଦ, ଅନୁଶୋଚନାଯୋଗ୍ୟ, ଗର୍ହିତ; କ୍ରି.ବିଂ. lamentably.
**lamentation** ବି. କ୍ରନ୍ଦନ, ବିଳାପ।
**lamina** ବି. ସୂକ୍ଷ୍ମ ଆସ୍ତରଣ, ପତଳା ପରସ୍ତ।
**laminate** 1. କ୍ରି. ପତଳା ପରସ୍ତ ଯୋଗ କରିବା; ସୂକ୍ଷ୍ମ ଆସ୍ତରଣ ଲଗାଇବା; ଧାତୁ ବା ପ୍ଲାଷ୍ଟିକର ସୂକ୍ଷ୍ମ ସ୍ୱଚ୍ଛ ପରଦାରେ ଢାଙ୍କିବା ବା ମଡ଼େଇବା; 2. ବିଂ. ସୂକ୍ଷ୍ମ ଆସ୍ତରଣଯୁକ୍ତ; ବି. lamination.
**Lammas** ବି. (Lammas Day) ଅଗଷ୍ଟ ମାସର ପ୍ରଥମଦିନ, ଫସଲ ଅମଳର ଶୁଭାରମ୍ଭ ଦିବସ।
**lamp** ବି. ବତୀ, ଡିବିରି, ଦୀପ; ବିଜୁଳି ବା ଗ୍ୟାସ୍‌ର ବତୀ।
**lampblack** ବି. ଚିମନି, ଇଞ୍ଜନ ପ୍ରଭୃତିର କଳାରୁ ତିଆରି ରଙ୍ଗ।
**lamplight** ବି. ବତୀ ଆଲୁଅ, ଦୀପାଲୋକ।
**lamplighter** ବି. ଇତି. ରାସ୍ତାର ବତୀ ଜଳାଇବା ବ୍ୟକ୍ତି।
**lampoon** 1. ବ୍ୟକ୍ତିସଂପର୍କରେ ବିଦ୍ରୂପ, ଆକ୍ଷେପାତ୍ମକ ରଚନା ବା ଉକ୍ତି; 2. କ୍ରି. ବ୍ୟଙ୍ଗ ବା ବିଦ୍ରୂପାତ୍ମକ ଲେଖା ଲେଖିବା।
**lampoonist** ବି. ଲେମ୍ପୁନ୍‌ର ଲେଖକ।
**lamppost** ବି. ବତୀଖୁଣ୍ଟ।
**lamprey** ବି. ବମି ବା ତୋଡ଼ି ଜାତୀୟ ସାମୁଦ୍ରିକ ମତ୍ସ୍ୟ।
**lampshade** ବି. ବତୀଉପରର ଘୋଡ଼ଣି।
**Lancastrian** 1. ବିଂ. ଲାଙ୍କାସାୟାର ସଂପର୍କୀୟ; 2. ବି. ଲାଙ୍କାସାୟାର ଅଧିବାସୀ।
**lance** 1. ବି. ଲମ୍ବା ବର୍ଚ୍ଛା, ବଲ୍ଲମ; 2. କ୍ରି. ବର୍ଚ୍ଛାରେ ଭୁଷିଦେବା, ଛୁରୀ ଚଳେଇବା।
**lanceolate** ବିଂ. ବର୍ଚ୍ଛାମୂନ ଆକାରର (ଅସ୍ତ୍ର)।
**lancer** ବି. ଇତି. ବର୍ଚ୍ଛାଧାରୀ ଅଶ୍ୱାରୋହୀ ସୈନ୍ୟ; ବ.ବ.ରେ ଅଶ୍ୱାରୋହୀ ସୈନ୍ୟବାହିନୀର ଚଉପଦୀ ସଂଗୀତ ସ୍ୱର।
**lancet** ବି. ମୂନ ସହିତ ଦୁଇପାଖରେ ଧାରଥିବା ଛୁରୀ ବିଶେଷ (ଅସ୍ତ୍ର ଚିକିତ୍ସାରେ ବ୍ୟବହୃତ)।
**land** 1. ବି. କଠିନ ପୃଥିବୀପୃଷ୍ଠ; ଭୂମି, ମାଟି, ଜମି, ଦେଶ; ରାଷ୍ଟ୍ର; ଭୂସଂପଦ; ଜାତି; ଭିଟାମାଟି, ଚାଷଜମି; 2. କ୍ରି. ଜାହାଜ କୂଳରେ ଲାଗିବା; ଉଡ଼ାଜାହାଜ ଭୂମିରେ ଓହ୍ଲାଇବା; କୁଦିବାପରେ ମାଟି ଛୁଇଁବା; କୌଣସି ବିଶେଷ କ୍ଷେତ୍ର ବା ପରିସ୍ଥିତିରେ ପଡ଼ିବା, ସମସ୍ୟାରେ ଜଡ଼ିତ ହେବା; land on one's feet ସୌଭାଗ୍ୟକ୍ରମେ ଉତ୍ତମ ଚାକିରୀ, ପଦବୀ ପ୍ରଭୃତି ପାଇବା।
**land-agent** ବି. ଖମାରିଆ; ଜମି ଦଲାଲ।
**landau** ବି. ଚାରିଚକିଆ ଘୋଡ଼ାଗାଡ଼ି।
**landed** ବିଂ. ବହୁଜମି ବିଶିଷ୍ଟ (ମାଲିକ); ଜମି ସଂପର୍କୀୟ (ସମ୍ପତ୍ତି)।
**landfall** ବି. ଜାହାଜ ବା ଏରୋପ୍ଲେନ ଯାତ୍ରାପରେ ସ୍ଥଳଭାଗପ୍ରାପ୍ତି।
**land-girl** ବି. ଚାଷକାମରତା ନାରୀ, ନାରୀଶ୍ରମିକ।
**landing** ବି. ଭୂମିସ୍ପର୍ଶ; ଅବତରଣ କ୍ଷେତ୍ର; ପକ୍କା ସିଡ଼ିର ମଧ୍ୟ କ୍ଷେତ୍ର।
**landing-craft** ବି. ଜାହାଜର ନୌସେନା ବା ମାଲ ଆଣିବାର ଛୋଟ ଡଙ୍ଗା ବା ବୋଟ୍।
**landing-stage** ବି. ଯାତ୍ରୀ ବା ମାଲ ଉତାରିବାର ଜେଟି।
**landlady** ବି. ଜମିଦାର ଗୃହିଣୀ, ଘରମାଲିକାଣୀ।
**landless** ବିଂ. ଭୂମିହୀନ।
**land line** ବି. ଜମି ଉପରର ଟେଲିଗ୍ରାଫ୍ ତାର।
**landlocked** ବିଂ. ସ୍ଥଳଭାଗଦ୍ୱାରା ଚତୁର୍ଦ୍ଦିଗ ବେଷ୍ଟିତ।
**landlord** ବି. ଜମିଦାର, ଘରମାଲିକ।

Digitized by srujanika@gmail.com

**landlubber** ବି. ଜାହାଜ ବା ସମୁଦ୍ର ସଂପର୍କରେ ଅଜ୍ଞ ବ୍ୟକ୍ତି।

**landmark** ବି. ଜମି ଚିହ୍ନଟକାରୀ ଖୁଣ୍ଟି; ବିଶେଷ ଘଟଣା।

**land mass** ବି. ସ୍ଥଳଭାଗ।

**land-mine** ବି. ମାଟିରେ ପୋତା ବିସ୍ଫୋରକ ମାଇନ।

**landowner** ବି. ଜମିମାଲିକ, ଜମିଦାର, ଭୂମ୍ୟଧିକାରୀ।

**landscape** 1. ବି. ଭୂଦୃଶ୍ୟ; ପ୍ରାକୃତିକ ଦୃଶ୍ୟ, ଏହି ଦୃଶ୍ୟର ଚିତ୍ର; 2. କ୍ରି. ପ୍ରାକୃତିକ ପରିବେଶ ନିମିତ୍ତ ଭୂମି ପ୍ରସ୍ତୁତ କରିବା।

**landscape gardening** ବି. ପାରିପାର୍ଶ୍ୱିକ ପ୍ରାକୃତିକ ଦୃଶ୍ୟ ଅନୁକରଣରେ ତତ୍‌ସଦୃଶ ଭୂମି ପ୍ରସ୍ତୁତୀକରଣ।

**landslide** ବି. ପାହାଡ଼ ପ୍ରଭୃତିରୁ ମାଟି ଧସିବା; ନିର୍ବାଚନରେ ଗୋଟିଏ ଦଳର ପ୍ରଚୁର ସଂଖ୍ୟାଧିକ ବିଜୟ।

**landslip** ବି. ପାହାଡ଼ କଡ଼ରୁ ମାଟି ଧସିବା।

**landward, landwards** 1. କ୍ରି.ବିଂ. ଜମି ଆଡ଼କୁ, 2. ବିଂ. ସ୍ଥଳାଭିମୁଖୀ।

**lane** ବି. ଗଳି; ସରୁ, ଅଣଓସାରିଆ ରାସ୍ତା; ଜନଗହଳି ରାସ୍ତା ମଧ୍ୟସ୍ଥ ଦାଟ; ଏକପାଖିଆ ରାସ୍ତା; ଦୌଡ଼ ପ୍ରତିଯୋଗିତାର ଟ୍ରେକବା ପଥ, ଜାହାଜ ବା ବିମାନର ନିୟମିତ ଗତିପଥ।

**language** ବି. ଭାଷା; ବାକ୍‌ଶକ୍ତି; ଦେଶଗତ ବା ବୃତ୍ତିଗତ ଭାଷା ବ୍ୟବହାର ଶୈଳୀ; କମ୍ପ୍ୟୁଟର ପ୍ରୋଗ୍ରାମରେ ବ୍ୟବହୃତ ସଙ୍କେତ ପଦ୍ଧତି।

**language laboratory** ବି. ବିଭିନ୍ନଭାଷା ଶିକ୍ଷାକକ୍ଷ।

**languid** ବିଂ. ଶକ୍ତିହୀନ, ଉଦ୍ୟମରହିତ; ମନ୍ଥର, କ୍ଷୀଣ, ଅବସନ୍ନ; ନିର୍ଜୀବ, ନିସ୍ତେଜ; କ୍ରି.ବିଂ. languidly.

**languish** କ୍ରି. ନିର୍ଜୀବ ପ୍ରାୟ ହୋଇଯିବା; ଅବସାଦଗ୍ରସ୍ତ ହେବା, ନିସ୍ତେଜ ହୋଇପଡ଼ିବା।

**languor** ବି. ଅବସାଦ, ତେଜହୀନତା, ଉଦାସୀନତା, ଦୁର୍ବଳତା।

**lank** ବିଂ. ଡେଙ୍ଗା ଓ ପତଳା; କୃଶ, କ୍ଷୀଣ।

**lanky** ବିଂ. ଅତି ଡେଙ୍ଗା ଓ ପତଳା, ଅତି କ୍ଷୀଣ ଓ କୃଶକାୟ।

**lanolin** ବି. ମଲମରେ ବ୍ୟବହୃତ ମେଷ ଲୋମଜାତ ଚର୍ବି।

**lantern** ବି. ଲଣ୍ଠନ; ସ୍ୱଚ୍ଛକାଚର ଘୋଡ଼ଣିଥିବା ବତୀ; ବତୀଘରର ବର୍ତ୍ତିକା-କକ୍ଷ।

**lanthanide** ବି. ଲାନ୍ଥାନମ୍‌ଜାତ ରାସାୟନିକ ପଦାର୍ଥର ଶୃଙ୍ଖଳା।

**lanthanum** ବି. ଲାନ୍ଥାନମ୍; ଧୂସର ଧାତବ ଉପାଦାନ ଦ୍ରବ୍ୟବିଶେଷ।

**lanyard** ବି. ଜାହାଜର ବନ୍ଧାବନ୍ଧି ନିମିତ୍ତ ଛୋଟ ଦଉଡ଼ି; ଗଳାରେ ଛୁରୀ ଝୁଲାଇବାର ଛୋଟ ଦଉଡ଼ି।

**Laodicean** ବିଂ. ଉଦ୍ୟମହୀନ; ବିଶେ. ଧର୍ମ ବା ରାଜନୀତି ପ୍ରତି ଉଦାସୀନ।

**lap**[1] 1. ବି. କୋଳ, ଜାନୁବାସ; in the lap of luxury ସଂପଦର ପ୍ରାଚୁର୍ଯ୍ୟରେ।

**lap**[2] ବି. ଦୀର୍ଘ ଦୌଡ଼ ପ୍ରତିଯୋଗିତାର ଗୋଟିଏ ଘେରା; ଯାତ୍ରାପଥର ଅଂଶ; (ପୋଷାକର) ଭାଙ୍ଗ; ଉପରମାଡ଼ିବା ଅଂଶ; ସୂତାର ଥରେ ଗୁଡ଼ାଣି; 2. କ୍ରି. ଭାଙ୍ଗ କରିବା; ଖଣ୍ଡେ ପତଳା ପଦାର୍ଥଉପରେ ଆଉଖଣ୍ଡକୁ ମଡ଼େଇବା।

**lap**[3] କ୍ରି. ଜିଭରେ ଚାଟିବା, ଝରିବା, ଝରଝର ଶବ୍ଦ କରିବା, କଳ ନାଦରେ ବହିଯିବା।

**lap-dog** ବି. କ୍ଷୁଦ୍ରକାୟ ପୋଷା କୁକୁର।

**lapel** ବି. (କୋଟର) କଲରଠାରୁ ତଳକୁ ଓହ୍ଲାଇଥିବା ଦୁଇ ପାଖର ଭାଙ୍ଗକରା ଅଂଶ।

**lapidary** 1. ବିଂ. ପଥର ସମ୍ବନ୍ଧିତ; ପଥର ଖୋଦେଇ; 2. ବି. ପଥୁରିଆ, ମଣିକାର; ରତ୍ନ ପ୍ରସ୍ତର ପରିଷ୍କାରକ।

**lapis lazuli** ବି. ନୀଳା, ଉଜ୍ଜ୍ୱଳ ନୀଳମଣି; ନୀଳକାନ୍ତ ମଣି; ଉଜ୍ଜ୍ୱଳ ନୀଳରଙ୍ଗ।

**Laplander** ବି. ଲେପଲେଣ୍ଡ ଅଧିବାସୀ; ସେମାନଙ୍କ ଭାଷା; ଲେପ୍।

**Lapp** ବି. ଉତ୍ତର ପଶ୍ଚିମ ରୁଷିଆ ଓ ଉତ୍ତର ସ୍କେଣ୍ଡିନେଭିଆର ମଙ୍ଗୋଲୀୟ ଅଧିବାସୀ; ସେମାନଙ୍କର ଭାଷା।

**lappet** ବି. ଅଞ୍ଚଳ, ପୋଷାକର କାନି ବା ଭାଙ୍ଗ।

**lapse** 1. ବି. ସାମାନ୍ୟ ତ୍ରୁଟି, ପ୍ରମାଦ; ବିସ୍ମୃତି, ଭ୍ରମ; ଅସାବଧାନତା; ନିର୍ଦ୍ଦିଷ୍ଟ ସମୟର ଅତିକ୍ରାନ୍ତି; 2. କ୍ରି. ତ୍ରୁଟି କରିବା; ସମୟ ଗଡ଼େଇବା; ପଦ ଓ ମର୍ଯ୍ୟାଦାରୁ ତଳକୁ ଖସିଯିବା, ପଛେଇବା, ପଶ୍ଚାଦ୍‌ପଦ ହେବା, ଆସ୍ତେ ଆସ୍ତେ ନୀରବରେ ଚାଲିଯିବା; କର୍ତ୍ତବ୍ୟଚ୍ୟୁତ ହେବା, ପଥଭ୍ରଷ୍ଟ ହେବା।

**laptop** ବି. ବହନଯୋଗ୍ୟ କ୍ଷୁଦ୍ର (ମାଇକ୍ରୋ) କମ୍ପ୍ୟୁଟର୍।

**lapwing** ବି. ଟିଟିଭ ଜାତୀୟ ପକ୍ଷୀ ବିଶେଷ।

Digitized by srujanika@gmail.com

**larboard** ବି.ବିଂ. ମାଲବୋଝେଇ ଦିଗ; ଜାହାଜର ବାମଦିଗ ।
**larceny** ବି. ବ୍ୟକ୍ତିଗତ ଦ୍ରବ୍ୟର ଚୋରି; ବିଂ. larcenous.
**larch** ବି. ଦେବଦାରୁ ବୃକ୍ଷାକୃତି ବୃକ୍ଷ ବିଶେଷ; ତାହାର କାଠ ।
**lard** 1. ବି. ରନ୍ଧନରେ ବ୍ୟବହୃତ ଘୁଷୁରି ଚର୍ବି; 2. କ୍ରି. ଚର୍ବି ବୋଳିବା; ବିଚିତ୍ର ଶବ୍ଦ ପ୍ରୟୋଗ କରି କଥାବାର୍ତ୍ତା କରିବା ।
**larder** ବି. ଖାଦ୍ୟସାମଗ୍ରୀ ରଖିବାର କୋଠରୀ ବା ଥାକ ।
**lardy** ବିଂ. ଘୁଷୁରି ଚର୍ବି ସଦୃଶ ।
**large** ବିଂ. ଅପେକ୍ଷାକୃତ ବୃହତ୍; ବଡ଼; ଉଦାର, ପ୍ରଶସ୍ତ, ମହତ୍, ମହନୀୟ, ବିଶାଳ, ପ୍ରଚୁର; at large ମୁକ୍ତ; ଅବାଧ, ଲକ୍ଷ୍ୟହୀନ; ନିର୍ଦ୍ଦିଷ୍ଟ; ପୂର୍ଣ୍ଣତଃ; ବି. largeness; ବିଂ. largish.
**largely** କ୍ରି.ବିଂ. ବହୁଳ ଭାବରେ; ବିଶେଷ ଭାବରେ ।
**large–scale** ବିଂ. ବହୁଳ, ବେଶୀ ପରିମାଣ ।
**largess** ବି. (largesse ମଧ) ଆନନ୍ଦରେ ଅର୍ଥ ବା ଦ୍ରବ୍ୟ ବିତରଣ; ଉପହାର ପ୍ରଦାନ; ପ୍ରଦତ୍ତ ଉପହାର ।
**largo** *ସଙ୍ଗୀତ* 1. କ୍ରି.ବିଂ. ଧୀର, ଗମ୍ଭୀର ଶୈଳୀ ସହ; 2. ବି. ତଦ୍ରୂପ ଶୈଳୀର ପଦ ।
**lariat** ବି. ପଶୁ ବାନ୍ଧିବାର ଦଉଡ଼ି ।
**lark**[1.] ବି. ଚାତକ, ଭରତିଆ ଚଢ଼େଇ ।
**lark**[2.] *କ.ଭା.* ବି. ମଜଇ, କୌତୁକ; ମଜା ଘଟଣା; କାର୍ଯ୍ୟର ପ୍ରକାର; 2. କ୍ରି. କୌତୁକ କରିବା ।
**larkspur** ବି. ନାନାବର୍ଣ୍ଣର ପୁଷ୍ପପ୍ରସୂ ଉଦ୍ୟାନ ବୃକ୍ଷ ବିଶେଷ ।
**larn** କ୍ରି. *କ.ଭା.* learnର ପରି ବ୍ୟବହାର ଶିକ୍ଷା ଦେବା ।
**larva** ବି. ବ.ବ. larvae ଲାର୍ଭା; କୀଟର ଡିମ୍ବ ଓ ପ୍ୟୁପାର ମଧ୍ୟବର୍ତ୍ତୀ ଅବସ୍ଥା; ବିଂ. larval.
**laryngeal** ବିଂ. (ଶରୀରର) ସ୍ୱରଯନ୍ତ୍ର ବା ସ୍ୱରପେଟିକା ସମ୍ବନ୍ଧୀୟ ।
**laryngitis** ବି. (ଶରୀରର) ସ୍ୱରପେଟିକାର ପ୍ରଦାହ ।
**larynx** ବି. (ଶରୀରର) ସ୍ୱରପେଟିକା ।
**Lascar** ବି. ଲସ୍କର; ନୌ-ଶ୍ରମିକ, ସେନା ଛାଉଣୀର ଶ୍ରମିକ (ଉର୍ଦ୍ଦୁ) ।
**lascivious** ବିଂ. କାମୁକ; ଲମ୍ପଟ, କାମାସକ୍ତ; ଯୌନୋଦ୍ଦୀପକ ।
**laser** ବି. ତୀବ୍ର ଆଲୋକରଶ୍ମି ବିକିରଣ, ଲେଜର ରଶ୍ମି ।
**lash** 1. କ୍ରି. ଚାବୁକ ମାରିବା, କଷାଘାତ କରିବା; ତୀବ୍ର, କ୍ରୁର ବାକ୍ୟ କହିବା, ବାକ୍ୟବାଣ ଦ୍ୱାରା ଆଘାତ କରିବା; 2. ବି. କଷାଘାତ, ବିଦ୍ରୂପ; ଆଖିପତାର ଲୋମ; lash out କ୍ରୋଧରେ ବକିବା ବା ମାତଦେବା; *କ.ଭା.* ପଇସା ଉଡାଇବା ।
**lashings** ବି.ବ.ବ. *ସା.ପ୍ର.* ପ୍ରଚୁର ।
**lass** ବି. କିଶୋରୀ, ବାଳିକା; (କ୍ଷୁଦ୍ରାର୍ଥରେ) lassie.
**lassitude** ବି. ଅବସାଦ, କ୍ଷୀଣତ୍ୱ, କ୍ଳାନ୍ତି, ମାନ୍ଦା ଅବସ୍ଥା ।
**lasso** 1. ବି. (ବ.ବ. lassoes, lassos) ଫାଶ ଦଉଡ଼ି (ପଶୁଧରିବା ସକାଶେ); 2. କ୍ରି. ଫାଶ ଦଉଡ଼ି ପକାଇ ପଶୁକୁ ଧରିବା ।
**last** 1. ବିଂ. ଶେଷ, ଅନ୍ତିମ, ଚରମ; ସର୍ବକନିଷ୍ଠ; ଅବଶିଷ୍ଟ; 2. ବି. ଶେଷ ବ୍ୟକ୍ତି ବା ବସ୍ତୁ; ମୃତ୍ୟୁ; ଅବଶେଷ; ଜୋତା ତିଆରି ଫର୍ମା; 3. କ୍ରି. ରହିବା, ତିଷ୍ଠିବା, ସ୍ଥାୟୀ ହେବା; 4. କ୍ରି.ବିଂ. ଅବଶେଷରେ; ଶେଷଥର ପାଇଁ; ଶେଷରେ; at (long) last ଶେଷରେ, ଶେଷହେଲାବେଳକୁ, ଅନେକ ବିଳମ୍ବପରେ; last out (ଅନେକ ଦିନ ପର୍ଯ୍ୟନ୍ତ) ଟେକିବା, ସ୍ଥାୟୀହୋଇ ରହିବା ।
**lasting** 1. ବିଂ. ସ୍ଥାୟୀ; 2. ବି. ସ୍ଥାୟିତ୍ୱ ।
**lastly** କ୍ରି.ବିଂ. ସର୍ବଶେଷରେ ।
**last name** ବି. ସାଙ୍ଗିଆ, ଉପାଧି ।
**last rites** ବି. ବ.ବ. ଶେଷକୃତ୍ୟ ।
**last straw** ବି. ଅସହ୍ୟ ଶେଷବୋଝ ।
**last word** ଶେଷକଥା; ଚୂଡ଼ାନ୍ତ ନିଷ୍ପତ୍ତି; ସଦ୍ୟତମ ଫେଶନ୍ ।
**lat** *ସଂଶ.* latitude.
**latch** 1. ବି. ଝରକା, କବାଟ ବା ଗେଟ୍‌ର କାଳିଣୀ, ହୁଡ଼କା ବା କୁଣ୍ଡା; ବାହାରୁ ଖୋଲି ନ ହେଉଥିବା କବାଟର ସ୍ପ୍ରିଙ୍ଗ ତାଲା; 2. କ୍ରି. କାଳିଣୀ, ହୁଡ଼କାପ୍ରଭୃତିଦ୍ୱାରା ଦ୍ୱାର ବନ୍ଦ କରିବା ।
**latchkey** ବି. ବାହାର କବାଟର ଚାବି ।
**late** 1. ବିଂ. ନିର୍ଦ୍ଦିଷ୍ଟ ବା ସାଧାରଣ ସମୟ ପରେ; ସମୟର ଅନେକ ପରେ; ଋତୁର ଶେଷରେ; ଜୀବନକାଳ ବା ପ୍ରତିଷ୍ଠା ଚାଲିଯିବାପରେ; ବିଳମ୍ବିତ;

Digitized by srujanika@gmail.com

ସ୍ୱର୍ଗତଃ, ଦିବଂଗତ; 2. କ୍ରି.ବିଂ. ବହୁପରେ, ବିଳମ୍ବରେ, ବିଳମ୍ବକରି, ଡେରିରେ; ତଦାନୀନ୍ତନ; ବି. lateness.

**lately** କ୍ରି.ବିଂ. ଅଧୁନା; ଏଇ କିଛିକାଳ ଆଗରୁ, ବେଶୀ ପୂର୍ବର ନୁହେଁ; ନିକଟ ଅତୀତରେ।

**latent** ବିଂ. ଅନ୍ତର୍ନିହିତ, ଗୁପ୍ତ, ଅପ୍ରକଟ, ଅବ୍ୟକ୍ତ।

**lateral** 1. ବିଂ. ପାର୍ଶ୍ୱର, ପାର୍ଶ୍ୱସ୍ଥ; ଭ୍ରାତା ବା ଭଗ୍ନୀର ବଂଶଜାତ; 2. ବି. ପରବର୍ତ୍ତୀ ଶାଖା ବା ଅଙ୍କୁର; କ୍ରି.ବିଂ. laterally.

**latex** ବି. ( ବିଶେ. ରବର ) ଗଛର ଅଠା; ତରୁକ୍ଷୀର।

**lath** ବି. କାଠର ପତଳା ବତା; ଅଣଓସାରିଆ ପଟା।

**lathe** ବି. କାଠ ବା ଧାତୁପଦାର୍ଥ କୁନ୍ଦିବା ଯନ୍ତ୍ର; ଲେଦ୍ ମେଶିନ୍।

**lather** 1. ସାବୁନ ପ୍ରଭୃତିର ଫେଣ; 2. କ୍ରି. ଫେଣ କରିବା ବା ବୋଳିବା; ବିଂ. lathery.

**Latin** 1. ବି. ଲେଟିଅମ (Latium)ର ଅର୍ଥାତ୍ ପ୍ରାଚୀନ ରୋମର ଭାଷା; ଲାଟିନ୍; 2. ବିଂ. ଲାଟିନଭାଷା ବା ଭାଷାଭାଷୀ ସଂପର୍କୀୟ; ରୋମାନ କେଥଲିକ୍ ଚର୍ଚ୍ଚ ସମ୍ବନ୍ଧୀୟ।

**Latin America** ବି. ମଧ୍ୟ ଓ ଦକ୍ଷିଣ ଆମେରିକା ଭୂଖଣ୍ଡ ଯେଉଁଠାରେ ସ୍ପେନିଶ ଅଥବା ପର୍ତ୍ତୁଗୀଜ କଥିତ ଭାଷା ଅଟେ।

**Latinate** ବିଂ. ଲାଟିନଜାତୀୟ।

**Latin Church** ବି.ରୋମାନ କେଥଲିକ ଗୀର୍ଜା।

**Latinism** ବି. ଲାଟିନ୍ ବାଗ୍‌ବିଧି।

**latish** ବିଂ. କ୍ରି.ବିଂ. ଅପେକ୍ଷାକୃତ ବିଳମ୍ବିତ।

**latitude** ବି. ବ୍ୟାପ୍ତି, ବିସ୍ତୃତି, ପ୍ରସାର; ପ୍ରଶ୍ରୟ, ବାଧାହୀନତା, ସ୍ୱତନ୍ତ୍ରତା; ପ୍ରସ୍ଥ; ଭୂ ଅକ୍ଷାଂଶ; ଜ୍ୟୋତି ବିଷୁବରେଖାରୁ କୌଣିକ ଦୂରତ୍ୱ।

**latitudinarian** 1. ବିଂ.ଧର୍ମସମ୍ବନ୍ଧରେ ଉଦାର; 2. ବି. ଧର୍ମନିରପେକ୍ଷ ବ୍ୟକ୍ତି।

**latrine** ବି. ପାଇଖାନା, ଶୌଚାଳୟ।

**latter** ବିଂ. ଦୁଇଟି ମଧ୍ୟରୁ ଦ୍ୱିତୀୟଟି; ତିନିଟାରିରୁ ଶେଷଟି; ଆଧୁନିକ ନିର୍ଦ୍ଦିଷ୍ଟ ସମୟର ଶେଷାଂଶ।

**latter-day** ବିଂ. ସାଂପ୍ରତିକ।

**latterly** କ୍ରି.ବିଂ. ଜୀବନର ଶେଷପ୍ରାନ୍ତରେ; ବିଳମ୍ବରେ, ସମୟର ଶେଷରେ; ସଦ୍ୟତମ।

**lattice** ବି. କାଠପଟା ନିର୍ମିତ ପରଦା, ବାଡ଼; ଜାଫରି, ଜାଲି; ବୈ. ଆୟନ୍, ଅଣୁ ବା ମଲିକ୍ୟୁଲର ନିୟମନ।

**laud** 1. କ୍ରି. ପ୍ରଶଂସା କରିବା, ସ୍ତୁତି କରିବା; 2. ବି. ପ୍ରଶଂସା, ସ୍ତବ; ଦିବସର ପ୍ରଥମ ପ୍ରାର୍ଥନା।

**laudable** ବିଂ. ପ୍ରଶଂସନୀୟ, ପ୍ରଶଂସାର୍ହ, ପୂଜ୍ୟ; ବି. laudability; କ୍ରି.ବିଂ. laudably.

**laudanum** ବି. ଅଫିମ-ଅର୍କ।

**laudatory** ବିଂ. ପ୍ରଶଂସାସୂଚକ, ପ୍ରଶଂସାପୂର୍ଣ୍ଣ; ମହନୀୟ।

**laugh** 1. କ୍ରି. ହସିବା; 2. ବି. ହସ; ଉଚ୍ଚହାସ୍ୟ, ଆମୋଦ; ଉପହାସ; laugh at ଉପହାସ କରିବା; laugh away ହସି ଉଡ଼େଇ ଦେବା।

**laughable** ବିଂ. ହାସ୍ୟକର, ତୁଚ୍ଛ, ହାସ୍ୟାସ୍ପଦ, ମଉଜିଆ, କୌତୁକପ୍ରିୟ, କଉତୁକିଆ; କ୍ରି.ବିଂ. laughably.

**laughing** ବି. ହସ; no laughing ଗୁରୁତର ବିଷୟ; କ୍ରି.ବିଂ. laughing.

**laughing-gas** ବି. ନାଇଟ୍ରସ ଅକ୍ସାଇଡ୍ ନାମକ ବାଷ୍ପ ଯାହା ଗ୍ରହଣ କଲେ ହାସ୍ୟର ବେଗ ସୃଷ୍ଟିହୁଏ।

**laughing stock** ବି. ହାସ୍ୟାସ୍ପଦ ବ୍ୟକ୍ତି ବା ବସ୍ତୁ।

**laughter** ବି. ହାସ୍ୟଧ୍ୱନି, ଉଚ୍ଚହାସ୍ୟ, ଅଟ୍ଟହାସ।

**launch** 1. କ୍ରି. ଜଳଯାନ ଭସେଇବା; ଫୋପାଡ଼ି, ପ୍ରେରଣ କରିବା; ଗତିଶୀଳ କରାଇବା, ଚଳେଇବା, କୌଣସି ଉଦ୍ୟମ ଆରମ୍ଭ କରିବା; ବଢ଼ ପାଟିରେ କଡ଼ା କଥା କହିବା; ରକେଟ ଛାଡ଼ିବା; 2. ବି. ଜାହାଜ ବା ରକେଟ ପ୍ରେରଣ; ମଟର ବୋଟ, ଲଞ୍ଚ।

**launcher** ବି. ରକେଟ ପ୍ରେରଣ ପୀଠ।

**launder** କ୍ରି. ଲୁଗା କାଚି ଇସ୍ତ୍ରୀ କରିବା; କଳାଧନର ଉତ୍ସ ଗୋପନ ରଖିବା ଉଦ୍ଦେଶ୍ୟରେ ଏହାକୁ ଅନ୍ୟ ପାଣ୍ଠିକୁ ଚାଲାଣ କରିବା।

**launderer** ବି. ଲଣ୍ଡ୍ରିର ମାଲିକ; ଧୋବା; ସ୍ତ୍ରୀ. laundress.

**laundry** ବି. ଲୁଗାକଚା ଦୋକାନ; ରଜକାଳୟ।

**laureate** 1. ବିଂ. ବିଜୟ ସମ୍ମାନ ସୂଚକ ଲରେଲ ଗଛର ପତ୍ରମାଲ୍ୟ ଭୂଷିତ; କବି ଯଶ ପ୍ରାପ୍ତବ୍ୟକ୍ତି; 2. ବି. ଯଶସ୍ୱୀ ସାହିତ୍ୟସ୍ରଷ୍ଟା; Poet Laureate (ଇଂଲଣ୍ଡର) ରାଜକବି।

**laurel** ବି. କଳା ରଙ୍ଗର ପତ୍ରଶୋଭିତ ଜଳପାଇ ଜାତିର ଗଛ; ବିଜୟ ବା କବିଯଶ ପ୍ରାପ୍ତିର ସଙ୍କେତ।

**laurelled** ବିଂ. ଲରେଲ୍‌ମାଳା ପରିହିତ; କବିଯଶଶୋଭିତ।

Digitized by srujanika@gmail.com

**lav** ବି. ସଂଣ. lavatory ପାଇଖାନା ।
**lava** ବି. ଆଗ୍ନେୟଗିରିରୁ ଉଦ୍‌ଗୀର୍ଣ୍ଣ ଗଳିତ ଧାତବ ପଦାର୍ଥ; ଲାଭା ।
**lavatory** ବି. ପାଇଖାନା, ଶୌଚାଳୟ ।
**lave** କ୍ରି. ସାହି. ସ୍ନାନ କରିବା, ଧୌତ ହେବା, ଧୋଇବା, ବହିଯିବା ।
**lavender** ବି. ସୁବାସିତ ପୁଷ୍ପ ଗୁଳ୍ମ; ତାହାର ମୃଦୁ ସୁବାସ ।
**laver** ବି. ଖାଦ୍ୟରୂପେ ବ୍ୟବହାରଯୋଗ୍ୟ ସାମୁଦ୍ରିକ ଦଳ ବିଶେଷ ।
**lavish** 1. କ୍ରି. ପ୍ରଚୁର ପରିମାଣରେ (ଅର୍ଥ, ଉଦ୍ୟମ, ପ୍ରଶଂସା) ପ୍ରଦାନ ବା ବ୍ୟୟ କରିବା; ଅତିରିକ୍ତ ଖର୍ଚ୍ଚ କରିବା; 2. ବିଂ. ଅମିତବ୍ୟୟୀ, ଅସଂଯତ, ମୁକ୍ତହସ୍ତ; କ୍ରି.ବିଂ. lavishly.
**law** ବି. ଆଇନ, ନୀତି, ବିଧି, ନିୟମ, ପ୍ରଚଳିତ ବିଧି, ଶାସନବିଧି, ସାମାଜିକ ବିଧି; କର୍ତ୍ତବ୍ୟବିଧି, ବିଧି ବ୍ୟବସ୍ଥା; କରଣୀୟ ବା ପାଳନୀୟ ନିୟମ; ଆଇନ ବ୍ୟବସାୟ; take the law into one's own hands ଆଇନର ଆଶ୍ରୟ ନେବା ପରିବର୍ତ୍ତେ ନିଜେ ହାତକୁ ଆଇନ ନେବା ବା ଅପରାଧୀକୁ ଶାସ୍ତି ଦେବା ।
**lawcourt** ବି. ଆଇନ ଅଦାଲତ, କଚେରି, ନ୍ୟାୟାଳୟ ।
**lawful** ବି. ଆଇନସମ୍ମତ, ବିଧିଗତ, ବିଧିସମ୍ମତ; କ୍ରି.ବିଂ. lawfully; ବି. lawfulness.
**lawgiver** ବି. ଆଇନକର୍ତ୍ତା, ବିଧିନିୟାମକ, ବିଧାୟକ ।
**lawless** ବି. ଆଇନ ବିହୀନ, ଆଇନବିରୁଦ୍ଧ, ବିଧି ବ୍ୟବସ୍ଥାହୀନ; ବି. lawlessness.
**lawmaker** ବି. ବିଧାୟକ, ବିଧାନକର୍ତ୍ତା, ବୈଧାନିକ ।
**lawn**[1] ବି. ମସୃଣ ତୃଣାସ୍ତରଣ ଥିବା ଭୂମିଖଣ୍ଡ, ବଗିଚାର ଘାସଗାଲିଚା ।
**lawn**[2] ବି. ସୂକ୍ଷ୍ମ ସୂତାର କପଡ଼ା, ଲିନେନ ।
**lawsuit** ବି. ମୋକଦ୍ଦମା, ମାମଲା, କେସ୍ ।
**lawyer** ବି. ଓକିଲ, ଆଇନଜୀବୀ, ଆଇନ ବ୍ୟବସାୟୀ, ଏଡ଼ଭୋକେଟ୍ ।
**lax** ବିଂ. ଶିଥିଳ, ଢ଼ିଗୁଢ଼ା, ଢିଲା; ଅସାବଧାନ, ଅମନୋଯୋଗୀ; ବି. laxity, laxness; କ୍ରି.ବିଂ. laxly.
**laxative** 1. ବିଂ. ବି. ରେଚକ, ପାଇଖାନା କରାଇବା ଗୁଣଯୁକ୍ତ; 2. ବି. ରେଚକ ଔଷଧ ।
**lay**[1] 1. କ୍ରି. ସମତଳ ଭୂମିରେ ରଖିବା, ସାଇତିବା, ବିଛେଇବା; ମୂଳଦୁଆ ଦେବା; ଠାବ କରିବା; ଅଣ୍ଡା ଦେବା; ଚିତ୍‌ହୋଇ ଶୋଇଯିବା; ଖାଇବା ଟେବୁଲ ସଜାଡ଼ିବା, ନକ୍ସା ଠିକ୍ କରିବା; ସା.ପ୍ର. ଯୌନ ସଂଗମ କରିବା; ପ୍ରସବ କରିବା; 2. ବି. କୌଣସି ପଦାର୍ଥର ସ୍ଥିତି; ଜନସାଧାରଣ; ସା.ପ୍ର. ଯୌନ ସଂଗମର ନାରୀ-ସହଯୋଗୀ; ସଂଗୀତ; lay about one ପ୍ରଚଣ୍ଡ ଭାବରେ ଆକ୍ରମଣ କରିବା; lay claim to ନିଜର ବୋଲି ଦାବି କରିବା; lay down ତ୍ୟାଗ କରିବା; (ନିୟମ) ପ୍ରସ୍ତୁତ କରିବା; lay (one's) hands on ଠାବ କରବା; ହାତେଇବା; lay on ଯୋଗାଇ ଦେବା; ଲେପ ଦେବା; lay to rest କବରସ୍ଥ କରିବା; lay waste ଧ୍ୱଂସ କରିବା ।
**lay**[2] କ୍ରି. lieର ଅ.କା. ।
**layabout** ବି. ଆଳସ୍ୟପରାୟଣ, ଅଳସୁଆ ।
**lay-by** ବି. (ବ.ବ. lay-bys) ରାସ୍ତାପାଖର ଗାଡ଼ିରହଣି ସ୍ଥଳ ।
**layer** 1. ବି. ସ୍ତର; 2. କ୍ରି. ବ୍ୟବସ୍ଥା କରିବା; (ଗୁଳ୍ମ, କେଶ ପ୍ରଭୃତି) ସ୍ତରାନ୍ବିତ କରି କାଟିବା ।
**layette** ବି. ନବଜାତ ନିମିତ୍ତ ପୋଷାକ ।
**lay figure** ବି. ଉପନ୍ୟାସର ଅବାସ୍ତବ ଚରିତ୍ର; ଶିଳ୍ପୀର ବ୍ୟବହୃତ ନର-ଦେହ (ମଡ଼େଲ ରୂପରେ); ନିଜତ୍ୱହୀନ ବ୍ୟକ୍ତି ।
**layman** ବି. ସ୍ତ୍ରୀ. laywoman ସାଧାରଣ ଲୋକ; ବୃତ୍ତିଗତ ବା ବିଶେଷ ଜ୍ଞାନହୀନ ବ୍ୟକ୍ତି ।
**lay-off** ବି. (ଶ୍ରମିକମାନଙ୍କୁ) ସାମୟିକ ଛଟେଇ ।
**layout** ବି. ବିନ୍ୟାସ; ଗୃହନିର୍ମାଣାର୍ଥ ମୂଳଦୁଆ ସ୍ଥାପନ ପ୍ରକ୍ରିୟା; ସଜ୍ଜୀକରଣ; ମୁଦ୍ରଣ ନିମିତ୍ତ ଦରକାରୀ ବ୍ୟବସ୍ଥା ।
**Lazarus** ବି. (Lazar ମଧ୍ୟ) ଦରିଦ୍ର, ରୋଗଗ୍ରସ୍ତ ଲୋକ; ଭିକ୍ଷୁକ ।
**laze** 1. କ୍ରି. କ.ଭା. ବିନା କାମରେ ସମୟ କଟେଇବା; ଅଳସ ଭାଙ୍ଗିବା, ଆରାମ କରିବା; 2. ବି. ଅଳସ, ଆରାମ ।
**lazy** ବିଂ. ଅଳସୁଆ, ଶ୍ରମକାତର, ଶ୍ରମବିମୁଖ; କ୍ରି.ବିଂ. lazily; ବି. laziness.
**lb** ସଂଣ. pound(s) ପାଉଣ୍ଡ (ଓଜନ ପରିମାପକ) ।
**l.b.w.** ସଂଣ. କ୍ରିକେଟ୍ leg before wicket ଏଲ.ବି.ଡବ୍ଲ୍ୟୁ ।
**l.c.** ସଂଣ. ଦ୍ର. loc. sit.; lower case.

Digitized by srujanika@gmail.com

**LCM** *ସଂଶ.* lowest (least) common multiple ଲ:ସା:ଗୁ: ।
**Ld.** *ସଂଶ.* Lord ଲର୍ଡ୍ ।
**lea** ବି. *କାବ୍ୟ* ଗୋଚାରଣ ଭୂମି; ତୃଣ ପ୍ରାନ୍ତର ।
**leach** କ୍ରି. (ତରଳ ଦ୍ରବ୍ୟାଦି) କଠିନ ସ୍ତର ଭେଦ କରି ଅନୁପ୍ରବେଶ କରିବା ।
**lead**[1] 1. କ୍ରି. ଚଳେଇବା, ଚାଳନା କରିବା, ସାଙ୍ଗରେ ନେବା, ଯିବାରେ ସାହାଯ୍ୟ କରିବା, ପଥପ୍ରଦର୍ଶକ ହେବା, ହାତଧରି ଚାଲିବା, କର୍ମ ବା ମତର ନିର୍ଦ୍ଦେଶନା ଦେବା, ଆଦର୍ଶ ପ୍ରଦର୍ଶନ କରିବା, ମୁଖ୍ୟ ହେବା, ବାଟ ଦେଖେଇବା, ଉପାୟ ବତେଇବା, ନିର୍ଦ୍ଦିଷ୍ଟ ପଥରେ ଅଗ୍ରସର ହେବା; 2. ବି. ମୁଖ୍ୟ ପଥପ୍ରଦର୍ଶକ, ଆଦର୍ଶ, ମୁଖ୍ୟ ଭୂମିକା, ଉପାୟ; ବିଦ୍ୟୁତ ପ୍ରଚଳନ; ମୁଖ୍ୟ ଶିଳ୍ପୀ ବା ଖେଳାଳି; lead by the nose ମଣେଇବା; ରାଜି କରାଇବା; lead off ଆରମ୍ଭ କରିବା; lead up the garden path *କ.ଭା.* ଭୁଲ୍ ବାଟରେ ନେବା ।
**lead**[2] 1. ବି. ନରମ ଭାରି ଧାତୁବିଶେଷ, ସୀସା; ଛାତପାଇଁ ଧାତୁ ଚାଦର, କମ୍ପୋଜ୍ କରିବାବେଳେ ଦୁଇ ଲାଇନ ମଧ୍ୟସ୍ଥ ଲେଡ୍; 2. କ୍ରି. ସୀସା ଚାଦରରେ ଛାତ କରିବା ।
**leaden** ବିଂ. ସୀସାନିର୍ମିତ; ସୀସା ସଦୃଶ; ସୀସା ରଙ୍ଗର; ଓଜନିଆ ।
**leader** ବି. ନେତା, ଚାଳକ, ଜନନେତା; ସଂଗୀତ ଦଳର ମୁଖ୍ୟ; ସଂବାଦପତ୍ରର ସଂପାଦକୀୟ ବା ମୁଖ୍ୟ ଲେଖା; ପ୍ରଧାନଶାଖା; ବି. leadership.
**leading**[1] ବିଂ. ପ୍ରଧାନ, ଅତି ବିଶିଷ୍ଟ ।
**leading**[2] ବି. ସୀସାର ଛାଞ୍ଚ ବା ଆବରଣ ।
**leading article** ବି. ବିଶେଷ ବା ସଂପାଦକୀୟ ଲେଖା ।
**leading light** ବି. ପ୍ରମୁଖ ବ୍ୟକ୍ତି ।
**lead pencil** ବି. ଗ୍ରାଫାଇଟ୍‌ରେ ତିଆରି ସାଧାରଣ ପେନସିଲ ।
**lead–poisoning** ବି. ଦେହରେ ସୀସାର ପ୍ରବେଶ ଫଳରେ ବିଷକ୍ରିୟା ।
**leaf** 1. ବି. ବୃକ୍ଷଲତାର ପତ୍ର; ଗ୍ରନ୍ଥର ପୃଷ୍ଠା, କାଗଜ ଫର୍ଦ୍ଦ; ପତଳା ଧାତବ ଚାଦର; 2. କ୍ରି. ପତ୍ର ପକେଇବା, ପତ୍ର ବାହାରିବା ।
**leafage** ବି. ବୃକ୍ଷଲତାର ପତ୍ରସମୂହ ।
**leaflet** ବି. ବିଜ୍ଞପ୍ତି କାଗଜ; କଅଁଳିଆ ପତ୍ର ।
**league**[1] 1. ବି. ବ୍ୟକ୍ତି ବା ଦେଶମାନଙ୍କର ସଂଘ, ବୁଝାମଣା; ପ୍ରତିଦ୍ୱନ୍ଦ୍ୱୀ ଦଳ ସମୂହ; 2. କ୍ରି. ସଂଘରେ ଯୋଗଦାନ କରିବା, ସଭ୍ୟହେବା ।
**league**[2] ବି. *ପ୍ରା.ପ୍ର.* ପ୍ରାୟ ତିନି ମାଇଲ ପରିମିତ ଦୂରତ୍ୱ ।
**leak** 1. ବି. ଛିଦ୍ର; ଫୁଟା, କଣା, ଫାଙ୍କ; କ୍ଷରଣ; ଗୁପ୍ତତଥ୍ୟ ପ୍ରକାଶ; 2. କ୍ରି. ପଳାୟନ କରିବା, ଦୂରେଇଯିବା; ତରଳ ପଦାର୍ଥ ବହିଯିବା; ଗୁପ୍ତତଥ୍ୟ ପ୍ରକାଶ ପାଇଯିବା; have (take) a leak *ସା.ପ୍ର.* ପରିସ୍ରା କରିବା; leak out ପ୍ରଘଟ ହୋଇଯିବା; ବିଂ. leaky.
**leakage** ବି. କ୍ଷରଣ, ଛିଦ୍ର, ନିଃସରଣ, ନିର୍ଗମନ ।
**lean**[1] 1. କ୍ରି. ଢଳିବା, ବାଙ୍କି ଯିବା, ଆଉଜି ଯିବା; ନିର୍ଭର କରିବା, ମନ ବଳେଇବା; 2. ବି. ପ୍ରବଣତା, ବାଙ୍କ ।
**lean**[2] ବିଂ. କ୍ଷୀଣ, ପତଳା, ମାଂସହୀନ; ଅତ୍ୟଳ୍ପ; ବି. leanness.
**leaning** ବି. ପକ୍ଷପାତିତା, ପକ୍ଷ ସମର୍ଥନ ।
**lean years** ବି. ଅଭାବୀ ବର୍ଷ, ଡିରୋଟ ସମୟ ।
**leap** 1. କ୍ରି. କୁଦିବା, ଲମ୍ଫଦେବା, ଡେଇଁବା; 2. ବି. ଉଲ୍ଲମ୍ଫନ; by leaps and bounds ବିସ୍ମୟକର ଭାବରେ ପ୍ରଗତି ଲାଭ ।
**leap–frog** ବି. କ୍ରୀଡ଼ାବିଶେଷ ।
**leap year** ବି. ଅଧିବର୍ଷ; ପ୍ରତ୍ୟେକ ଚାରିବର୍ଷରେ ଥରେ ପଡୁଥିବା ୩୬୬ ଦିବସ ବିଶିଷ୍ଟ ବର୍ଷ (ଏହି ବର୍ଷ ଫେବୃଆରୀ ମାସର ୨୯ଦିନ) ।
**learn** କ୍ରି. ଶିଖିବା, ଶିକ୍ଷାକରିବା, ଜାଣିବା, ଜ୍ଞାନାର୍ଜନ କରିବା; ମୁଖସ୍ଥ କରିବା; ଉପଦେଶ ଗ୍ରହଣ କରିବା ।
**learned** ବିଂ. ଜ୍ଞାନୀ, ପଣ୍ଡିତ, ବିଦ୍ୱାନ୍, ନିପୁଣ, ପାରଦର୍ଶୀ ।
**learner** ବି. ଶିକ୍ଷାନବୀଶ, ବିଦ୍ୟାର୍ଥୀ, ଛାତ୍ର ।
**learning** ବି. ଜ୍ଞାନ, ବିଦ୍ୟା, ଶିକ୍ଷା, ପାଣ୍ଡିତ୍ୟ, ବିଦ୍ୱତ୍ତା ।
**lease** 1. ବି. ଭଡ଼ା, ଚୁକ୍ତି, ପଟ୍ଟା, ମିଆଦ; ନୂଆ ଜୀବନ; 2. କ୍ରି. ପଟ୍ଟା ଦେବା, ଭଡ଼ା ଦେବା, ଚୁକ୍ତି କରିବା; a new lease of (*ଆମେ.* on) life (ରୋଗ ମୁକ୍ତିପରେ) ନୂତନ ସ୍ୱାସ୍ଥ୍ୟଲାଭ ।
**leasehold** ବି. ଭଡ଼ାଘର, ପଟ୍ଟାଦାରି, ପଟ୍ଟାଜମି; ବି. leaseholder.

Digitized by srujanika@gmail.com

**leash** 1. ବି. କୁକୁରବନ୍ଧା ଚମଡ଼ା ପଟି; 2. କ୍ରି. ନିୟମିତ କରିବା, ପଟିରେ ବାନ୍ଧି ସଂଯତ କରିବା ।

**least** 1. ବିଂ. ନିମ୍ନତମ; ଖୁବ କ୍ଷୁଦ୍ର; ସାମାନ୍ୟ; 2. ବି. ସାମାନ୍ୟ ପରିମାଣ; 3. କ୍ରି.ବିଂ. ସାମାନ୍ୟ ପରିମାଣରେ, **at (the) least** ଯେକୌଣସି ଉପାୟରେ, ଯେ ଭାବରେ ହେଉ ।

**leather** 1. ବି. ଚମଡ଼ା, ଚର୍ମ, ଚର୍ମପ୍ରସ୍ତୁତ ପଦାର୍ଥ; 2. କ୍ରି. ଚର୍ମଦ୍ୱାରା ଆଚ୍ଛାଦନ କରିବା; ଚମଡ଼ା ଘସି ସଫାକରିବା; ବାଡ଼େଇବା; ଚାବୁକ ମାରିବା ।

**leathercloth** ବି. ଚମଡ଼ାପରି ଶକ୍ତ କପଡ଼ା ।

**leatherette** ବି. କୃତ୍ରିମ ଚମଡ଼ା ।

**leathery** ବିଂ. ଚମଡ଼ାପରି; ଚର୍ମପରି ଶକ୍ତ ।

**leave** 1. କ୍ରି. ଛାଡ଼ିବା, ତ୍ୟାଗକରିବା; ରହିଯିବା; ଛାଡ଼ି ଚାଲିଯିବା; ମୃତ୍ୟୁପରେ କେତେକ କୁଟୁମ୍ବଙ୍କୁ ରଖିଯିବା; ବିନାସାହାଯ୍ୟରେ କାହାକୁ କିଛି କରିବା ପାଇଁ ଛାଡ଼ିଦେବା; କୌଣସି ପରିସ୍ଥିତିରେ କାହାକୁ ରଖିଯିବା; ହସ୍ତକ୍ଷେପ ନ କରି କାହାକୁ ଏକାକୀ କିଛି କରିବାକୁ ଛାଡ଼ିଦେବା; 2. ବି. ଅନୁମତି; ଛୁଟି, ଛୁଟିସମୟ, ଅନୁମୋଦିତ ଛୁଟି; ଅବସର; ବିଦାୟ; **leave off** ଶେଷ ହେବା ବା କରିବା; ଅଧାରୁ ବନ୍ଦ କରିଦେବା; **leave out** ବାଦ୍‌ଦେବା; **on leave** ଛୁଟିରେ; **take one's leave** ବିଦାୟ ନେବା; **take leave of one's senses** ପାଗଳ ହୋଇଯିବା; ମୁଣ୍ଡ ଖରାପ ହୋଇଯିବା ।

**leaved** ବିଂ. ପତ୍ରଯୁକ୍ତ ।

**leaven** 1. ବି. ବନ୍ଧା ମଇଦାକୁ ଫୁଲୁକା କରିବାର ଦ୍ରବ୍ୟ; କୁଆ, ଖମୀର, ସୁରାଫେଣ; *ଲାକ୍ଷ.* ରୂପାନ୍ତର କରିବାର ପ୍ରଭାବ; 2. କ୍ରି. ଖମୀର ପକାଇ ଅଟା ଦଳିବା; କୌଣସି ଗୁଣର ମିଶ୍ରଣ ଫଳରେ ପରିବର୍ତ୍ତନ ଘଟାଇବା ।

**leaves** ବି. leafର *ବ.ବ.* ।

**leavings** ବି. ବ.ବ. ପରିତ୍ୟକ୍ତ ଦ୍ରବ୍ୟ; ଉଚ୍ଛିଷ୍ଟ, ଆବର୍ଜନା ।

**Lebanese** 1. ବି. ଲେବାନନ୍‌ବାସୀ; 2. ବିଂ. ଲେବାନନ୍ ସମ୍ବନ୍ଧିତ ।

**lech, lecher** ବି. ଚରିତ୍ରହୀନ ବ୍ୟକ୍ତି, ଲମ୍ପଟ ବ୍ୟକ୍ତି ।

**lecherous** ବିଂ. କାମୁକ, କାମାସକ୍ତ, ବ୍ୟଭିଚାରୀ, ଅତ୍ୟନ୍ତ ଯୌନପ୍ରବୃତ୍ତିବଶ; କ୍ରି.ବିଂ. lecherously.

**lechery** ବି. ଅସଂଯତ ଯୌନକ୍ଷୁଧା, ଅତ୍ୟଧିକ କାମବାସନା; ସମ୍ଭୋଗଲିପ୍ସା, ଅତ୍ୟଧିକ କାମ ପିପାସା ।

**lectern** ବି. ବକ୍ତୃତା ଦେବା ନିମିତ୍ତ ବିଶେଷ ଟେବୁଲ; ଧର୍ମଗ୍ରନ୍ଥ ରଖିବାର ଡେସ୍କ ।

**lectionary** ବି. ଗୀର୍ଜାରେ ପାଠୋପଯୋଗୀ ଧର୍ମଗ୍ରନ୍ଥର ନିର୍ଦ୍ଦିଷ୍ଟ ପୃଷ୍ଠା ବା ଅଂଶ ଗୁଡିକର ସୂଚୀ ।

**lecture** 1. ବି. ବକ୍ତୃତା, ଅଧ୍ୟାପନା, ବ୍ୟାଖ୍ୟା, ପ୍ରବଚନ, ଭାଷଣ; ଅଭିଭାଷଣ, ତିରସ୍କାର-ବାକ୍ୟ; 2. କ୍ରି. ବକ୍ତୃତା ଦେବା, ଭାଷଣ ଦେବା, ଅଧ୍ୟାପନା କରିବା, ପ୍ରବଚନ ଦେବା, ତିରସ୍କାର କରିବା; ବି. lectureship.

**lecturer** ବି. (କଲେଜ ଓ ବିଶ୍ୱବିଦ୍ୟାଳୟର) ଅଧ୍ୟାପକ; ବକ୍ତା ।

**led** କ୍ରି. leadର *ଅ.କା./ ଅ.କ୍ରି.ଜ.ପ.* ।

**ledge** ବି. ସଂକୀର୍ଣ୍ଣ ଥାକ (ତାକ); ତାଙ୍ଗା; କାନ୍ଥ, ପ୍ରାଚୀର ବା ଶୈଳମାଳାରୁ ଆଗକୁ ବାହାରିଥିବା ଅଂଶ ।

**ledger** ବି. ହିସାବଖାତା, ଖତିଆନ ।

**lee** ବି. ପବନରୁ ରକ୍ଷାପାଇବାର ଆଶ୍ରୟସ୍ଥଳ, ବିପରୀତ ପାର୍ଶ୍ୱ; ଆଢୁଆଳ ସ୍ଥାନ **lee shore** ଜାହାଜକୁ ବାୟୁ ପ୍ରବାହର ବିପରୀତ ଦିଗସ୍ଥିତ କୂଳଭୂମି ।

**leech** ବି. ଜୋକ; ଅନ୍ୟକୁ ଶୋଷଣ କରୁଥିବା ବ୍ୟକ୍ତି ।

**leek** ବି. ପିଆଜ ଜାତୀୟ ପରିବା ବିଶେଷ ।

**leer** 1. କ୍ରି. ଲୋଲୁପ ବା କାମୁକ ଦୃଷ୍ଟି ପକାଇବା; ଖଳ ଚକ୍ଷୁରେ ଦେଖିବା; 2. ବି. କାମୁକ ବା ଲୋଲୁପ ଦୃଷ୍ଟି; ଧୂର୍ତ୍ତଚକ୍ଷୁ ।

**leery** ବିଂ. ଜାଣନ୍ତା, ଚାଲାକ, ସନ୍ଦେହୀ, କାମନାଯୁକ୍ତ ।

**lees** ବି. ମଦ୍ୟର କାଣ୍ଡି (ବୋତଲ ବା ପାତ୍ରରେ ତଳେ ବସିଯାଇଥିବା ପଦାର୍ଥ) ।

**leeward** ବିଂ. ଓ କ୍ରି.ବିଂ. ଯେଉଁଦିଗରେ ବାୟୁ ନିରୁଦ୍ଧ, ସେହି ଦିଗକୁ; ଆଶ୍ରୟସ୍ଥଳ ଆଡ଼କୁ ।

**leeway** ବି. ବାୟୁ ସୁରକ୍ଷିତ ଦିଗକୁ ଜାହାଜର ପାର୍ଶ୍ୱ ଗତି; କର୍ମ ସଂପାଦନ ପାଇଁ ମିଳିଥିବା ସୁବିଧା ସୁଯୋଗ ।

Digitized by srujanika@gmail.com

**left**[1] 1. ବିଂ. ବାମ ଦିଗସ୍ଥ, ବାଁପାଖ; ବାମପନ୍ଥୀ; 2. କ୍ରି.ବିଂ. ବାମ ଦିଗକୁ, ବାମ ଦିଗରେ; 3. ବି. ବାମ ଅଂଶ, ବାମଭାଗ, ବାଁହାତ, ବାମପନ୍ଥୀ ଦଳ, ବାଉଁଆ, ବାଁହାତିଆ, ଫୁଟବଲ ପଡ଼ିଆର ବାଁ ପାଖ, ବାଁ ପାଖର ଖେଳାଳି।

**left**[2] କ୍ରି. leaveର *ଅ.କା./ ଅ.କ୍ରି.ଜ.ପ.।*

**leftism** ବି. ବାମପନ୍ଥୀ ମତବାଦ।

**leftist** ବି. ବାମପନ୍ଥୀ; ବିପ୍ଳବାତ୍ମକ ସମାଜବାଦୀ।

**leftmost** ବିଂ. ବାମଦିଗର ଶେଷସୀମା।

**leftward** 1. କ୍ରି.ବିଂ. ବାଁ ଦିଗକୁ; 2. ବିଂ. ବାଁଦିଗକୁ ଯାଇ କିମ୍ବା ମୁହଁକରି।

**lefty** ବିଂ. *କ.ଭା. ଅବ.* ରାଜନୀତିରେ ବାମପନ୍ଥୀ, ବାଉଁଆ, ଡେବିରିଆ।,

**leg** ବି. ଗୋଡ଼; କୃତ୍ରିମ ପଦ; ଗୋଡ଼କୁ ଢାଙ୍କିଥିବା ପୋଷାକର ଅଂଶ; ଚଉକି ଓ ଟେବୁଲର ଗୋଡ଼; ଦୌଡ଼ର ଅଂଶ; ପ୍ରତିଯୋଗିତାର ପ୍ରତ୍ୟେକସ୍ତର; leg it *କ.ଭା.* ଜୋରରେ ଚାଲିବା ବା ଧାଇଁବା; on one's last legs ମୃତ୍ୟୁର ଶେଷ ଅବସ୍ଥା; ପ୍ରୟୋଜନୀୟତାର ପରିସମାପ୍ତି।

**legacy** ବି. ଉଇଲଦ୍ୱାରା ଦତ୍ତ ସଂପତ୍ତି; ଉତ୍ତରାଧିକାର, ବଂଶପରମ୍ପରାପ୍ରାପ୍ତ ବସ୍ତୁ ପ୍ରଭୃତି।

**legal** ବିଂ. ବୈଧ, ଆଇନସମ୍ମତ, ବୈଧାନିକ; ବି. legality / କ୍ରି.ବିଂ. legally.

**legalism** ବି. ଅତ୍ୟଧିକ ବିଧିନିଷ୍ଠା, ଏକାନ୍ତ ନିୟମ ପରାୟଣତା; ବି. legalist; ବିଂ. legalistic.

**legalize** କ୍ରି. ଆଇନସିଦ୍ଧ କରିବା, ବିଧିସମ୍ମତ କରିବା, ଅନୁମୋଦନ କରିବା; ବି. legalization.

**legate** ବି. ପୋପ୍‌ଙ୍କର ଦୂତ ବା ପ୍ରତିନିଧି।

**legatee** ବି. ପୋପ୍‌ଙ୍କ ଦ୍ୱାରା ଅଧିକାରପ୍ରାପ୍ତ ବ୍ୟକ୍ତି; ଉଇଲ ବଳରେ ଅଧିକାର ପ୍ରାପ୍ତ ବ୍ୟକ୍ତି।

**legation** ବି. ରାଷ୍ଟ୍ରଦୂତ ଦଳ; ରାଷ୍ଟ୍ରଦୂତାବାସ; ଦୌତ୍ୟକର୍ମ।

**legato** ବିଂ. ଓ କ୍ରି.ବିଂ. *ସଂଗୀତ* ସରଳ ଭାବରେ।

**leg before (wicket)** ବି. କ୍ରିକେଟ ଗୋଡ଼ ଲାଗି ବଲ ଅଟକିବା ଫଳରେ ବ୍ୟାଟସ୍‌ମ୍ୟାନ୍ ଆଉଟ୍ ହେବା।

**leg-bye** ବି. କ୍ରିକେଟ୍ ବେଟ୍‌ସ୍‌ମେନ୍‌କୁ ସ୍ପର୍ଶ କରିଥିବା ବଲ୍‌ଯୋଗୁଁ ମିଳିଥିବା ରନ୍।

**legend** ବି. ଜନଶ୍ରୁତି, କିମ୍ବଦନ୍ତୀ; ପୌରାଣିକ ଉପାଖ୍ୟାନ; ମୁଦ୍ରା ଓ ଧାତୁପତ୍ରରେ ଲିଖିତ ତଥ୍ୟ; ବିଖ୍ୟାତ ବ୍ୟକ୍ତି।

**legendary** ବିଂ. ଜନଶ୍ରୁତିପ୍ରାପ୍ତ, କିମ୍ବଦନ୍ତୀ ଲବ୍ଧ; ପୌରାଣିକ।

**legerdemain** ବି. ଚାଲାକି, ପ୍ରତାରଣା; ହାତସଫେଇ।

**leger line** ବି. *ସଂଗୀତ* ସ୍ୱରାଂଶ ନିମିତ୍ତ ଯୋଗ କରାଯାଉଥିବା ଛୋଟଧାଡ଼ି।

**legging** ବି. ଆଣ୍ଠୁଠାରୁ ଗୋଇଠି ପର୍ଯ୍ୟନ୍ତ ଅଂଗଜଡ଼ା ଆବରଣ।

**leggy** ବିଂ. ଲମ୍ବାଗୋଡ଼ିଆ; ବି. legginess.

**leghorn** ବି. ଉନ୍ନତ କିସମର ଗୃହପାଳିତ କୁକୁଡ଼ା ବିଶେଷ; ସୋଲ, ସୋଲରଟୋପି।

**legible** ବିଂ. ସ୍ପଷ୍ଟ ଭାବରେ ପଢ଼ିହେଉଥିବା; ସୁପାଠ୍ୟ; ବି. legibility.

**legibly** କ୍ରି.ବିଂ. ସ୍ପଷ୍ଟଭାବରେ ଲେଖା ହୋଇଥିବା।

**legion** ବି. ଜନସମୁଦାୟ ବା ସୈନ୍ୟଦଳର ଅଂଶବିଶେଷ; ପ୍ରାଚୀନ ରୋମ୍‌ର ୩୦୦୦-୬୦୦୦ ସଂଖ୍ୟକ ସୈନ୍ୟଦଳ।

**legionary** ବିଂ. ଜନସମୁଦାୟ ବା ସୈନ୍ୟଦଳ ସଂପର୍କିତ।

**legionnaire** ବି. ଜନସମୂହର ସଭ୍ୟ।

**legislate** କ୍ରି. ଆଇନ କରିବା; ବିଧାନ କରିବା, ଆଇନ ପ୍ରଣୟନ କରିବା; ବି. legislator.

**legislation** ବି. ବିଧାନ, ବିଧି ବ୍ୟବସ୍ଥା।

**legislative** ବିଂ. ବୈଧାନିକ, ବିଧାନ ସଂପର୍କୀୟ, ସଂସଦୀୟ।

**legislature** ବି. ବିଧାନ ସଭା, ବ୍ୟବସ୍ଥାପକ ସଭା।

**legitimate** ବିଂ. ବିଧିସମ୍ମତ, ଆଇନସିଦ୍ଧ; ବୈଧ (ସନ୍ତାନ), ଯଥାର୍ଥ, ନ୍ୟାୟ ସଂଗତ; ବି. legitimacy; କ୍ରି.ବିଂ. legitimately.

**legitimize** କ୍ରି. ବୈଧ କରିବା; ବି. legitimization.

**leg-pull** ବି. *କ.ଭା.* ପ୍ରବଞ୍ଚନା।

**legume** ବି. ଶିମ୍ବଜାତୀୟ ଗୁଳ୍ମ ବିଶେଷ; ଉକ୍ତ ଗୁଳ୍ମର ଛୁଇଁ।

**leguminous** ବିଂ. ଶିମ୍ବ ଜାତୀୟ ଗୁଳ୍ମ ସମ୍ବନ୍ଧିତ।

**leisure** ବି. ଅବକାଶ, ବିଶ୍ରାନ୍ତି, ଅବସର ବିନୋଦନ; at leisure ଆରାମରେ; କାର୍ଯ୍ୟବ୍ୟସ୍ତ ନଥିବାବେଳେ।

**leisured** ବିଂ. ପ୍ରଚୁର ଅବସର ଥାଇ।

**leisurely** ବିଂ. ଧୀରେସୁସ୍ଥେ, ଆସ୍ତେ ଆସ୍ତେ; ବି. leisureliness.

Digitized by srujanika@gmail.com

**leitmotiv** ବି. (leitmotif ମଧ) ରଚନା (ଅଥବା ସଂଗୀତର) ଅନ୍ତର୍ନିହିତ ଭାବ।
**lemming** ବି. ଉତ୍ତରମେରୁ ଦେଶୀୟ ମୂଷାଜାତୀୟ ପ୍ରାଣୀବିଶେଷ।
**lemon** ବି. ଲେମ୍ବୁ, କମଳାଲେମ୍ବୁ; ଲେମ୍ବୁଗଛ; *ଗା.ପ୍ର.* ହତାଶ ଓ ବିଫଳ ବସ୍ତୁ ବା ବ୍ୟକ୍ତି।
**lemon cheese (curd)** ବି. ଲେମ୍ବୁରସରୁ ପ୍ରସ୍ତୁତ (ରୁଟିରେ ବୋଳିବା ପାଇଁ) ଏକ ପ୍ରକାର କ୍ରିମ୍।
**lemur** ବି. ମାଡ଼ାଗାସ୍କାର ଦେଶର ବାନରଜାତୀୟ ରାତ୍ରିଚର ପ୍ରାଣୀ।
**lend** କ୍ରି. ଧାରଦେବା, ଋଣଦେବା; lend an ear ଶୁଣିବା; lend a hand ସହଯୋଗ ଦେବା, ସାହାଯ୍ୟ ଦେବା; ବି. lender.
**length** ବି. ଦୈର୍ଘ୍ୟ, ଦୀର୍ଘତା, ଦୂରତ୍ୱ, ପ୍ରସାର; କର୍ମରେ ପଟୁତାର ମାତ୍ରା; ସ୍ୱରବର୍ଣ୍ଣ ବା ମାତ୍ରାର ଉଚ୍ଚାରଣ ସମୟ; କ୍ରିକେଟ ବଲ ପଡ଼ିବା ସ୍ଥାନରୁ ବେଟସମ୍ୟାନର ଦୂରତ୍ୱ; at length ବିଶଦ ଭାବରେ, ବହୁ ସମୟ ପରେ।
**lengthen** କ୍ରି. ଲମ୍ବେଇବା, ଲମ୍ବା କରିବା, ଦୀର୍ଘ କରିବା, ବିଳମ୍ବ କରାଇବା।
**lengthways** କ୍ରି.ବିଂ. ଲମ୍ବମାନ ଭାବରେ, ଲମ୍ବ ହୋଇ।
**lengthy** ବିଂ. ଅତି ଲମ୍ବା; ଅତି ବିରକ୍ତିକର ଭାବେ ବିସ୍ତୃତ ବା ସୁଦୀର୍ଘ।
**lenient** ବିଂ. ଦୟାଳୁ; ନରମ; ଧୀର, କୋମଳ; ବି. lenience, leniency; କ୍ରି.ବିଂ. leniently.
**lenity** ବି. କୋମଳତ୍ୱ, ମୃଦୁତା, ଧୀରତା, ଦୟାର୍ଦ୍ରତା।
**lens** ବି. ଚଷମାକାଚ, ସ୍ୱଚ୍ଛ ପଦାର୍ଥ; କେମେରାରେ ବ୍ୟବହୃତ ସ୍ୱଚ୍ଛଧାତୁ; ଯବକାଚ।
**Lent** ବି. ଇଷ୍ଟର (Easter)ର ଅବ୍ୟବହିତ ପୂର୍ବ (ଏଶ୍ ବୁଧବାର ଠାରୁ ପବିତ୍ର ଶନିବାର ପର୍ଯ୍ୟନ୍ତ) ୪୦ଦିନ ବ୍ୟାପୀ ଖ୍ରୀଷ୍ଟୀୟ ପର୍ବ ବିଶେଷ ଏବଂ ଉପବାସର ସମୟ; ବିଂ. Lenten.
**lent** କ୍ରି. lendର *ଅ.କା/ଅ.କ୍ରି.ଜ.ପ.।*
**lentil** ବି. ମସୁର ଗୁଳ୍ମ, ମସୁର, ମୁସ୍ୱରି।
**lento** ବିଂ. ଓ କ୍ରି.ବିଂ. *ସଂଗୀତ* ଧୀର, ଧୀରେ।
**Leo** ବି. ରାଶିଚକ୍ରର ପଞ୍ଚମ ରାଶି, ସିଂହରାଶି; ଏହି ରାଶିରେ ଜାତ ବ୍ୟକ୍ତି।
**leonine** ବିଂ. ସିଂହସଦୃଶ, ସିଂହର।
**leopard** ବି. ଚିତାବାଘ।
**leper** ବି. କୁଷ୍ଠରୋଗୀ, କୁଷ୍ଠବ୍ୟାଧି ଗ୍ରସ୍ତ; *ଲାକ୍ଷ.* ଘୃଣ୍ୟ; ନୀତିଭ୍ରଷ୍ଟ।
**lepidopterous** ବିଂ. ପ୍ରଜାପତି ପରି କୀଟ ଜାତୀୟ।
**leprosy** ବି. କୁଷ୍ଠରୋଗ।
**leprous** ବିଂ. କୁଷ୍ଠୀ, କୁଷ୍ଠରୋଗଗ୍ରସ୍ତ।
**lesbian** 1. ବି. ସମଲିଙ୍ଗୀ ନାରୀ; 2. ବିଂ. ଉକ୍ତ ସଂପର୍କିତ।
**lesbianism** ବି. ନାରୀ ଦ୍ୱୟର ସମଲିଙ୍ଗୀ ସଂପର୍କ।
**lese–majesty** ବି. ରାଜଦ୍ରୋହ, ରାଷ୍ଟ୍ରଦ୍ରୋହ।
**lesion** ବି. କ୍ଷତ, ଆଘାତ; ଆଁଚୁଡ଼ିଯିବା ଘା।
**less** 1. ବିଂ. କମ, କ୍ଷୁଦ୍ରତର, ସାମାନ୍ୟତଃ, ଟିକିଏ, ବିଯୁକ୍ତ; 2. ବି. ସଂଖ୍ୟାନ୍ୟୁନତା; 3. କ୍ରି.ବିଂ. କମ ପରିମାଣରେ।
**–less** *ପ.ପ୍ର.* ବିଶେଷ୍ୟ ଓ କ୍ରିୟା ପଦରୁ ବିଶେଷଣ ଓ କ୍ରିୟା ବିଶେଷଣ ନିଷ୍ପାଦକ ପ୍ରତ୍ୟୟ (endless, jobless, ceaseless).
**lessee** ବି. ପଟାଦାର, ପଟ୍ଟାଗ୍ରହୀତା, ଭଡ଼ାଟିଆ।
**lessen** କ୍ରି. କମେଇଦେବା, ନ୍ୟୂନକରିବା।
**lesser** ବିଂ. ଅନ୍ୟଠାରୁ କମ ବା ଛୋଟ।
**lesson** ବି. ପାଠ, ନିର୍ଦ୍ଦିଷ୍ଟ ପାଠ୍ୟବିଷୟ; ଉପଦେଶ; ଶିକ୍ଷା, ଅଭିଜ୍ଞତା; *ଖ୍ରୀ.* ଗିର୍ଜାରେ ପ୍ରାର୍ଥନାକାଳୀନ ବାଇବେଲର ପଠିତାଂଶ।
**lessor** ବି. ଯେଉଁ ବ୍ୟକ୍ତି ଜମି, ଘର ଇତ୍ୟାଦି ଲିଜ୍‌ରେ ଦିଏ; ଲିଜଦାତା।
**lest** *ସଂ.ଯୋ* କାଳେ, ଯଦି।
**let** 1. କ୍ରି. ଭଡ଼ାଦେବା, ପଟ୍ଟାଦେବା; ଅନୁମତି ଦେବା, ମନା ନ କରିବା; ବ୍ୟବହାର ପାଇଁ ଛାଡ଼ିଦେବା; ଚାଲିଯିବାକୁ ଦେବା; 2. ବି. ପ୍ରତିବନ୍ଧ, ଭଡ଼ା, ପଟ୍ଟା; let down ହତାଶ କରିବା; ସମର୍ଥନ କାଢ଼ି ନେବା; let go ଛାଡିଦେବା; let in ପ୍ରବେଶ ପାଇଁ ଅନୁମତି ଦେବା; let off ଗୁଳି ବା ବୋମା ଫୁଟିବା; ଛାଡିଦେବା; let out ପ୍ରକାଶ କରିଦେବା, ଭଡ଼ାରେ ଲଗାଇବା; let up ବେଗ କମାଇବା; to let ଭଡ଼ା ଦେବାପାଇଁ ଉଦ୍ଦିଷ୍ଟ।
**let–down** ବି. ନୈରାଶ୍ୟ।
**lethal** ବିଂ. ମରଣାନ୍ତିକ, ମାରାତ୍ମକ।
**lethargy** ବି. ଆଳସ୍ୟ, ଜଡ଼ତା, ତନ୍ଦ୍ରା; ଅବସାଦ; ନିଷ୍କ୍ରିୟତା, ଚେଷ୍ଟାହୀନତା; ବିଂ. lethargic; କ୍ରି.ବିଂ. lethargically.

Digitized by srujanika@gmail.com

**letter** 1. ବି. ବର୍ଣ୍ଣ, ଅକ୍ଷର, ଲିପି; ଚିଠି, ମୁଦ୍ରିତ ଅକ୍ଷର; ବ.ବ. ସାହିତ୍ୟ; ଦଲିଲ ପତ୍ର; ବିବରଣ, ବୃତ୍ତାନ୍ତ; 2. କ୍ରି. ଲେଖିବା, ବର୍ଣ୍ଣାନୁକ୍ରମିକ ସଜାଇବା; ପତ୍ର ଲେଖିବା; man of letters ବିଦ୍ୱାନ, ପଣ୍ଡିତ, ଲେଖକ; to the letter ଅକ୍ଷରେ ଅକ୍ଷରେ, ଆକ୍ଷରିକ।

**letter–bomb** ବି. ଚିଠିମାଧ୍ୟମରେ ପ୍ରେରିତ ବୋମା।

**letter–box** ବି. ଚିଠି ବାକ୍ସ।

**lettered** ବିଂ. ଜ୍ଞାନୀ, ସୁଶିକ୍ଷିତ।

**letterhead** ବି. ଶିରୋନାମା, ନାମାଙ୍କନ, ନାମାଙ୍କିତ ଫର୍ଦ୍ଦ।

**letter of credit** ବି. ଚୁକ୍ତିପତ୍ର, ବ୍ୟାଙ୍କରୁ ଟଙ୍କା ଉଠାଇବାର ଅନୁଜ୍ଞାପତ୍ର।

**letterpress** ବି. ଟାଇପ କମ୍ପୋଜ କରି ମୁଦ୍ରଣ କରାଯାଉଥିବା ଛାପାଖାନା ମୁଦ୍ରିତ ଶବ୍ଦାବଳୀ।

**letters–patent** ବି. *ଇତି.* ବାଣିଜ୍ୟିକ ଅଧିକାର ପତ୍ର।

**lettuce** ବି. ସାଲାଡ୍ ପାଇଁ ବ୍ୟବହୃତ ରସାଳ ଶାଗ ବିଶେଷ।

**let–up** ବି. *କ.ଭା.* ବେଗହ୍ରାସ।

**leuco–** ସଂ. ଶୁଭ୍ର, ଧବଳ, ଧଳା, ସଫା।

**leucocyte** ବି. ଶ୍ୱେତ ରକ୍ତକଣିକା।

**leukaemia** ବି. *ଆମେ.* leukemia ରକ୍ତରେ ଶ୍ୱେତକଣିକାଧିକ୍ୟ ଜନିତ ରୋଗ।

**Levant** ବି. *ପ୍ରା.ପ୍ର.* ପୂର୍ବ-ମଧ୍ୟସାଗରୀୟ ଅଞ୍ଚଳ।

**Levantine** 1. ବି. ପୂର୍ବ-ମଧ୍ୟ ସାଗରୀୟ ଅଧିବାସୀ; 2. ବିଂ. ସେହି ଅଞ୍ଚଳ ସମ୍ବନ୍ଧିତ।

**levee**[1] ବି. *ପ୍ରା.ପ୍ର.* ଯାତ୍ରୀସଂଘ; ଦର୍ଶକସଂଘ।

**levee**[2] ବି. ବନ୍ୟାରକ୍ଷାକାରୀ ବନ୍ଧ, ନଦୀବନ୍ଧ; ଅବତରଣ କ୍ଷେତ୍ର।

**level** 1. ବି. ସମତଳ, ତଳ; ସ୍ତର, ସମତଳ କ୍ଷେତ୍ର; 2. ବିଂ. ଶାୟିତ; ଭୂତଳଶାୟୀ; ଉଚ୍ଚ-ନୀଚ ନଥିବା କ୍ଷେତ୍ର, ସମାନ, ମସୃଣ; 3. କ୍ରି. ସମତଳ କରବା; level best ଯଥାସାଧ୍ୟ।

**level-headed** ବିଂ. ସ୍ଥିରମନା।

**leveller** ବି. ସାମାଜିକ ପାର୍ଥକ୍ୟ ବିରୋଧୀ ବ୍ୟକ୍ତି ସମାଜ ସଂସ୍କାରକ।

**lever** 1. ବି. ଭାରଦଣ୍ଡ, ଲିଭର୍; ଠେକ, ଠେଁସ।

**leverage** ବି. ଲିଭରର ଶକ୍ତି; ଉଦ୍ଦେଶ୍ୟସାଧନର ଉପାୟ।

**leveret** ବି. ଶଶକ ଶିଶୁ (ଏକବର୍ଷ ପର୍ଯ୍ୟନ୍ତ ବୟସ୍କ); ଠେକୁଆ ଛୁଆ।

**leviathan** ବି. *ବାଇବେଲ୍* ଅତିକାୟ ସାମୁଦ୍ରିକ ଜୀବବିଶେଷ; ଅତି ବଡ଼ ବା ଶକ୍ତିମାନ୍ ବସ୍ତୁ।

**levitate** କ୍ରି. ବାୟୁ ବା ଆକାଶରେ ଭାସିବା ବା ଭସାଇବା, ବିଶେ. ଆଧ୍ୟାତ୍ମିକ ପ୍ରଭାବଦ୍ୱାରା; ବି. levitation.

**levity** ବି. ଭାରଶୂନ୍ୟକରଣ; ଲଘୁତା; ଚପଳତା।

**levy** 1. କ୍ରି. କର ବସାଇବା; ମଜୁରୀ ନିର୍ଦ୍ଧାରଣ କରିବା; 2. ବି. ମଜୁରୀ ନିର୍ଦ୍ଧାରଣ, କର-ନିର୍ଦ୍ଧାରଣ।

**lewd** ବିଂ. କାମୁକ; ଅଭଦ୍ର, ଅଶାଳୀନ।

**lexical** ବିଂ. ଶବ୍ଦଗତ, ଭାଷାର, ଶବ୍ଦ ସମ୍ବନ୍ଧୀୟ।

**lexicography** ବି. ଶବ୍ଦକୋଷ ପ୍ରଣୟନ ବିଦ୍ୟା, ଅଭିଧାନ ରଚନା ଜ୍ଞାନ; ବି. lexicographer.

**lexicon** ବି. (ପ୍ରାଚୀନ ଭାଷାର) ଶବ୍ଦକୋଷ, ଅଭିଧାନ।

**lexis** ବି. ଶବ୍ଦ, ଶବ୍ଦସମ୍ଭାର।

**ley** ବି. (ସାମୟିକ) ତୃଣାଚ୍ଛାଦିତ ଭୂମି।

**Leyden jar** ବି. ବିଦ୍ୟୁତଚାଳିତ୍ ଶୀତକ ବା ସଂଘନକ (condenser) ଆଧାର ବିଶେଷ।

**LF** ସଂଶ. low frequency.

**l.h.** ସଂଶ. left hand ବାମପାର୍ଶ୍ୱ।

**Li** ପ୍ର. lithium ଲିଥିଅମ୍।

**liability** ବି. ଦାୟ, ଦାୟିତ୍ୱ; ଅସୁବିଧା; ସମ୍ଭାବ୍ୟତା, ଋଣ।

**liable** ବିଂ. ଦାୟୀ; ଆଇନତଃ ବାଧ୍ୟ; ଉପଯୁକ୍ତ; ଉତ୍ତରଦାୟୀ; ସମ୍ଭାବନାଯୁକ୍ତ।

**liaise** କ୍ରି. *କ.ଭା.* ସହଯୋଗ କରିବା, ଯୋଗାଯୋଗ କରିବା।

**liaison** ବି. ସଂଯୋଗ, ସହଯୋଗ, ଯୋଗାଯୋଗ; ଅବୈଧ ଯୌନସଂପର୍କ।

**liana** ବି. ଲାୟନା ଲତା, ଗ୍ରୀଷ୍ମ ମଣ୍ଡଳୀୟ ଲତାବିଶେଷ।

**liar** ବି. ମିଥ୍ୟାବାଦୀ।

**lias** ବି. ନୀଳରଙ୍ଗର ଫସିଲ୍‌ଯୁକ୍ତ ଚୂନପଥର।

**Lib** ସଂଶ. Liberal ଇଂ. ଳାଠଦଳ; *କ.ଭା.* liberation ମୁକ୍ତି (ଆନ୍ଦୋଳନ)।

**lib** ବି. *କ.ଭା.* ମୁକ୍ତି ଆନ୍ଦୋଳନ।

**libation** ବି. ତର୍ପଣ, ଦେବତାଙ୍କ ଉଦ୍ଦେଶ୍ୟରେ ଜଳାର୍ପଣ।

Digitized by srujanika@gmail.com

**libel** 1. ବି. *ଆଇନ୍* ପ୍ରକାଶିତ ମାନହାନିକାରକ ଲେଖା; ମିଥ୍ୟା ମାନହାନିକାରକ ମନ୍ତବ୍ୟ; 2. କ୍ରି. ମିଥ୍ୟା ମାନହାନିକାରକ ମନ୍ତବ୍ୟ ଦେବା ବା ଲେଖା ପ୍ରକାଶ କରିବା; ବିଂ. libellous.

**liberal** 1. ବିଂ. ଉଦାରମନା, ଉଦାରପନ୍ଥୀ; ବଦାନ୍ୟ; ଉଦାରଚେତା, ସହୃଦୟ; 2. ବି. Liberal ଉଦାର ପନ୍ଥୀ ଲିବରାଲ୍ ଦଳର ସଭ୍ୟ; ଉଦାରପନ୍ଥୀ ବ୍ୟକ୍ତି; ବି. liberality, libera lism; କ୍ରି.ବିଂ. liberally.

**liberalize** କ୍ରି. ଉଦାର ବା ଉଦାରନୀତିକ କରିବା; କୋହଳ କରିବା; ବି. liberalization.

**liberate** 1. କ୍ରି. ମୁକ୍ତ କରିବା, ଅତ୍ୟାଚାରରୁ ମୁକ୍ତ କରିବା; ସାମାଜିକ ରକ୍ଷଣଶୀଳତାରୁ ମୁକ୍ତ କରିବା; ବି. liberation; ବି. liberator.

**libertine** 1. ବି. ଅସଂଯତ ବ୍ୟକ୍ତି, ବ୍ୟଭିଚାରୀ, କାମୁକ, ଲମ୍ପଟ; 2. ବିଂ. ସ୍ୱେଚ୍ଛାଚାରୀ।

**liberty** ବି. ମୁକ୍ତି, ସ୍ୱାଧୀନତା, ଅବାଧ ଗତି; ସ୍ୱତନ୍ତ୍ରତା, ଅବ୍ୟାହତି; ଅନୁମତି; ସ୍ୱେଚ୍ଛାଧୀନତା, ପରାଧୀନତାରୁ ମୁକ୍ତି; **at liberty** ସ୍ୱାଧୀନ, ମୁକ୍ତ।

**libidinous** ବିଂ. କାମୁକ, ଯୌନାସକ୍ତ।

**libido** ବି. *ମନ* କାମପ୍ରେରଣା, କାମପ୍ରବୃତ୍ତି; ବିଂ. libidinal.

**Libra** ବି. ତୁଳାରାଶି; ଏହି ରାଶିରେ ଜନ୍ମିତ ବ୍ୟକ୍ତି।

**librarian** ବି. ଗ୍ରନ୍ଥାଗାରିକ, ଗ୍ରନ୍ଥାଗାର ପରିଚାଳକ।

**library** ବି. ଗ୍ରନ୍ଥାଗାର; ଚଳଚ୍ଚିତ୍ର, ପ୍ରତ୍ନଲିପି; କମ୍ପ୍ୟୁଟର ରୁଟିନ ପ୍ରଭୃତିର ରକ୍ଷଣାଗାର; ପୁସ୍ତକାଗାର; ସମାନ ବନ୍ଧେଇ ବିଶିଷ୍ଟ ଗ୍ରନ୍ଥ ସମୁଚ୍ଚୟ।

**libretto** ବି. ( ବ.ବ. librettis/ librettos) ଯାତ୍ରା ବା ଅପେରା ବହି।

**lice** ବି. louseର ବ.ବ.।

**licence** ବି. ( *ଆମେ.* license) ଲାଇସେନ୍ସ୍, ଅନୁମତିପତ୍ର, ସନନ୍ଦ, ଅନୁଜ୍ଞାପତ୍ର, ଅନୁମୋଦନ ପତ୍ର; ସ୍ୱେଚ୍ଛାଚାରିତା, ଉଚ୍ଛୃଙ୍ଖଳତା, ସ୍ୱାଧୀନତାର ଅପବ୍ୟବହାର।

**license** କ୍ରି. ଲାଇସେନ୍ସ୍ ବା ଅନୁମତି ଦେବା, ଅଧିକାର ଦେବା; ବାଣିଜ୍ୟ କାରବାର ନିମିତ୍ତ ଅନୁଜ୍ଞାପତ୍ର ଦେବା; ମଦ୍ୟାଦି ପାନୀୟ ବିକ୍ରୟର ଅନୁମତି ପତ୍ରଦେବା; ପୁସ୍ତକ ପ୍ରକାଶର ଅନୁମତି ଦେବା।

**licensee** ବି. ଲାଇସେନ୍ସ୍ ବା ଅନୁମତିପ୍ରାପ୍ତ ବ୍ୟକ୍ତି।

**licentiate** ବି. ବୈଷୟିକ ଯୋଗ୍ୟତାର ପ୍ରମାଣ ପତ୍ର ଅଧିକାରୀ।

**licentious** ବିଂ.ଅସଂଯତ, ଲମ୍ପଟ, ସ୍ୱେଚ୍ଛାଚାରୀ, ଦୁଶ୍ଚରିତ୍ର, କାମୋନ୍ମତ୍ତ।

**lichee** ବି. (litchi, lychee ମଧ୍ୟ) ଲିଚୁଫଳ, ସେହିଗଛ।

**lichen** ବି. ଶୈବାଳ ଜାତୀୟ ଉଦ୍ଭିଦ; ପଥର ଓ ଗଛ ଉପରର ଶିଉଳି ବିଶେଷ; ଛତ୍ରାକ ବିଶେଷ।

**lich-gate** ବି. (lych-gate ମଧ୍ୟ) ଗୀର୍ଜା ସଂଲଗ୍ନ ସମାଧି (ଦ୍ୱାରଦେଶରେ) ଶବାଧାର ରଖିବାର ସ୍ଥାନ।

**licit** ବିଂ. *ଔ.* ଅନୁମତିପ୍ରାପ୍ତ; ବୈଧ।

**lick** 1. କ୍ରି. ଚାଟିବା, ଲେହନ କରିବା, ଚାଟି ସଫାକରିବା; ବାଡ଼େଇବା; *କ.ଭା.* ପରାଜିତ କରିବା; ଅତିକ୍ରମ କରିବା; 2. ବି. ଲେହନ, ଯଷ୍ଟିପ୍ରହାର; ଦ୍ରୁତ ସଂପାଦନ, ପରାଭବ; **lick a person's boots** ପଦଲେହନ କରିବା; **lick one's lips (chops)** ଲୋଭ ବା କାମନାର ସହ ଚାହିଁ ରହିବା; **lick one's wounds** ପରାଭବ ପରେ କ୍ଷତି ଫେରିପାଇବା ପାଇଁ ବିଶ୍ରାମ ନେବା।

**lid** ବି. ଢାଙ୍କୁଣି, ଆବରଣ; ଆଖିପତା।

**lido** ବି. ଜନସାଧାରଣ ନିମିତ୍ତ ଉନ୍ମୁକ୍ତ ସନ୍ତରଣ ସରୋବର; ବେଳାଭୂମି–ସ୍ନାନ।

**lie**$^{1}$. 1. କ୍ରି.ଭୂମିରେ ଶୋଇବା; ଖଟରେ ଶୋଇବା; ବିଶ୍ରାମ କରିବା; ଆରାମ କରିବା; ରହିବା, ଅନ୍ତର୍ନିହିତ ରହିବା; **lie down** (ବିଶ୍ରାମ ପାଇଁ) ଗଡ଼ିବା; **lie down under** ପ୍ରତିରୋଧବିନା (ଅପମାନ ପ୍ରଭୃତି) ସହ୍ୟ କରିବା; **lie low** ନୀରବ ଭାବରେ ରହିବା; ନିଜ ଉଦ୍ଦେଶ୍ୟ ଗୋପନୀୟ ରଖିବା; **take lying down** ପ୍ରତିବାଦ ବିନା (ଅପମାନ ପ୍ରଭୃତି) ନୀରବରେ ସହିଯିବା।

**lie**$^{2}$. 1. ବି. ମିଥ୍ୟା, ମିଛ; ଛଳନା, କପଟ, ପ୍ରବଞ୍ଚନା; 2. କ୍ରି. ମିଥ୍ୟାକହିବା, ଠକେଇବା; ପ୍ରବଞ୍ଚନା କରିବା।

Digitized by srujanika@gmail.com

**lief** କ୍ରି.ବି°. *ପ୍ରା.ପ୍ର.* ଆନନ୍ଦରେ, ସ୍ୱେଚ୍ଛାରେ ।

**liege** *ଇତି.* 1. ବି°. ଆନୁଗତ୍ୟ ନିମିତ୍ତ ବା ସେବାନିମିତ୍ତ ବାଧ୍ୟ, ପ୍ରଭୁଭକ୍ତ, ରାଜଭକ୍ତ; 2. ବି. (liege lord) ରାଜା; ଜାଗିରଦାର; ବ.ବ.ରେ ପ୍ରଜାଗଣ ।

**lien** ବି. *ଆଇନ୍* ଋଣଶୋଧ ପର୍ଯ୍ୟନ୍ତ ବନ୍ଧକୀ ସଂପଦ ରଖିବାର ଅଧିକାର; ଅନୁପସ୍ଥିତ କର୍ମଚାରୀର ନିଯୁକ୍ତି ସଂପର୍କିତ ଅଧିକାର ।

**lieu** ବି. in lieu (of) (କୌଣସି ବସ୍ତୁ/ ବ୍ୟକ୍ତିର) ସ୍ଥାନରେ ବଦଳରେ, ପରିବର୍ତ୍ତେ ।

**lieutenant** ବି. ଲେଫ୍‌ଟିନେଣ୍ଟ, ସ୍ଥଳ ସେନାରେ କେପଟେନଙ୍କର ଅଥବା ନୌବାହିନୀର କମାଣ୍ଡରଙ୍କ ଅବ୍ୟବହିତ ଅଧସ୍ତନ କର୍ମଚାରୀ; ପ୍ରତିନିଧି, ନାଏବ; ବି. lieutenancy.

**life** ବି. (ବ.ବ. lives) ଜୀବନ; ପ୍ରାଣ ବଢ଼ିବାର ଶକ୍ତି, ଜୀବନଯାତ୍ରା ରୀତି, ପ୍ରାଣପ୍ରାଚୁର୍ଯ୍ୟ, ଜୀବନ କାଳ; ବଞ୍ଚିବାର କାଳପ୍ରବାହ, ବ୍ୟକ୍ତିର କର୍ମ ଓ ଭାଗ୍ୟ, ଜୀବନର ବିଶେଷ ପ୍ରେରଣା; ଜୀବନଚର୍ଯ୍ୟା; ପ୍ରାଣଶକ୍ତି; ଜୀବନର କର୍ମ ଓ ସୁଖଭୋଗ, ଜୀବନୀ, ପଦାର୍ଥର କର୍ମକ୍ଷମ ସମୟ; ଜୀବନ୍ମୁକ୍ତି; ଆଜୀବନ କରାବାସ for life ଅବଶିଷ୍ଟ ଜୀବନ ସାରା; matter of life and death ଜୀବନ–ମରଣ ସମସ୍ୟା ।

**lifebelt** ବି. ସନ୍ତରଣ ସହାୟକ ବେଲ୍‌ଟ୍ ବା ପଟି ।

**lifeblood** ବି. ରକ୍ତ, ଜୀବନଶକ୍ତି; ମୁଖ୍ୟ ବା ଅପରିହାର୍ଯ୍ୟ ଉପାଦାନ ।

**lifeboat** ବି. ବିପନ୍ନ–ଉଦ୍ଧାରକ ଛୋଟ ଡଙ୍ଗା; ଜୀବନତରୀ ।

**lifebuoy** ବି. ଜଳରେ ଭାସମାନ ରବର ବା ଧାତୁନିର୍ମିତ ଫମ୍ପା ଭୁମ, ବୟ ।

**life insurance** ବି. ଜୀବନ ବୀମା; ସେଥିରୁ ପ୍ରାପ୍ତ ଅର୍ଥ ।

**life–jacket** ବି. ଜଳରେ ସନ୍ତରଣ ସହାୟକ ପୋଷାକ ।

**lifeless** ବି°. ମୃତ, ନିଷ୍ପ୍ରାଣ; ନିର୍ଜୀବ; ଗତିହୀନ, ମନ୍ଥର, ନିସ୍ତେଜ ।

**lifelike** ବି°. ଜୀବନ୍ତ ସଦୃଶ, ସାକ୍ଷାତ୍ ଜୀବିତ ପରି ।

**lifeline** ବି. ମୁଖ୍ୟ ସହାୟକ, ଏକମାତ୍ର ସହାୟକ; ଜୀବନ ରକ୍ଷାକାରୀ ରଜ୍ଜୁ; (ହସ୍ତରେଖା ବିଦ୍ୟା) ଜୀବନରେଖା; ଯାତାୟାତ ଓ ପରିବହନର ଏକମାତ୍ର ଉପାୟ ।

**lifelong** ବି°. ସାରାଜୀବନ ପାଇଁ, ସମଗ୍ର ଜୀବନକାଳ ପର୍ଯ୍ୟନ୍ତ, ବଞ୍ଚିଥିବା ପର୍ଯ୍ୟନ୍ତ; ଆଜୀବନ ।

**lifer** ବି. *ସା.ପ୍ର.* ଆଜୀବନ କାରାବାସ–ଦଣ୍ଡଭୋଗୀ, ଆଜୀବନ କାରାବନ୍ଦୀ ।

**lifestyle** ବି. ଜୀବନ ଯାପନ ରୀତି ।

**lifetime** ବି. ଜୀବନକାଳ, ବଞ୍ଚିଥିବା ସମୟ ।

**lift** 1. କ୍ରି. ଉଠାଇବା, ଟେକିବା, ଉତ୍ତୋଳନ କରିବା; ଉଚ୍ଚ ଚିନ୍ତା କରିବା, ଜାଗ୍ରତ ହେବା; ଉପରକୁ ଯିବା, ଉଠିବା, ଊର୍ଦ୍ଧ୍ୱମୁଖୀ ହେବା; (ବାଧା) ଅପସାରଣ କରିବା; *କ.ଭା.* ଚୋରି କରିବା; ଉନ୍ନତ ହେବା, ଉନ୍ନତି କରିବା; 2. ବି. ଲିଫ୍‌ଟ୍ ବା ଆରୋହଣ–ଅବରୋହଣ ଯନ୍ତ୍ର; ଉତ୍‌ଥାନ, ଜାଗରଣ; ବନ୍ଧନ; ପର୍ବତାରୋହଣ ପାଇଁ ଉପକରଣ; ପ୍ରଭାବ; ବିମାନଦ୍ୱାରା ପ୍ରେରଣ ।

**ligament** ବି. ଦେହର ଅସ୍ଥିସଂଲଗ୍ନକାରୀ ଶକ୍ତ ତନ୍ତୁଗୁଚ୍ଛ ।

**ligature** କ୍ରି. ବାନ୍ଧିବା; ସଂଯୋଗ କରିବା; 2. ବି. ବନ୍ଧନ; ବେଣ୍ଡେଜ୍ ।

**light**[1] 1. ବି. ଆଲୋକ, ଆଲୋକ ପ୍ରଦାନକାରୀ ପଦାର୍ଥ, ବତୀଘର; ଆଲୋକର ଉତ୍ସ; ଜ୍ଞାନ, ଜୀବନ, ଦିଗ୍‌ଦର୍ଶନ, ଦୃଷ୍ଟିଭଂଗୀ; ଦିବ୍ୟାନୁଭୂତି, ଆଧ୍ୟାତ୍ମିକ ଜ୍ଞାନ; ଉତ୍ସାହ, ସଜୀବତା; ପ୍ରଫୁଲ୍ଲତା, ପ୍ରେରଣା; (ମୁହଁ ବା ଆଖିର) ଔଜ୍ଜ୍ୱଲ୍ୟ; ଗବାକ୍ଷ, ଝରକା; 2. ବି°. ଆଲୋକିତ, ଉଜ୍ଜ୍ୱଳ; ହାଲୁକା (light blue); 3. କ୍ରି. ଆଲୁଅ ଜାଳିବା, ଆଲୋକିତ କରିବା, ଜଳିବା, ନିଆଁ ଜାଳିବା, ଆଲୁଅ ଦେଖାଇବା, ଉଜ୍ଜ୍ୱଳ କରିବା; bring (come) to light ଲୋକଲୋଚନକୁ ଆସିବା; ପ୍ରକାଶ କରିବା; in the light of ଦୃଷ୍ଟିରେ; light up ପ୍ରଜ୍ଜ୍ୱଳିତ କରିବା; ସିଗାରେଟ୍ ଧରାଇବା; see the light of day (ପୁସ୍ତକାଦି) ପ୍ରକାଶିତ ହେବା; throw light on ସମ୍ୟକ୍ ସୂଚନାଦେବା; ବି°. lightish.

**light**[2] 1. ବି°. ହାଲୁକା, ଲଘୁ; ସୁସାଧ୍ୟ, ସହଜ, ମୃଦୁ; ଗୁରୁତ୍ୱହୀନ; 2. କ୍ରି. (on, upon ସହ) ହଠାତ୍ ଦେଖିବା, ଭେଟିବା; make light of ଗୁରୁତ୍ୱହୀନ ମନେ କରିବା; କ୍ରି.ବି°. lightly; ବି. lightness.

Digitized by srujanika@gmail.com

**lighten**[1] କ୍ରି. ଆଲୁଅ ପକେଇବା, ଉଜ୍ଜ୍ୱଳ ଆଲୋକ ବିକିରଣ କରିବା; ଆଲୋକିତ କରିବା ।

**lighten**[2] କ୍ରି. ଲାଘବ କରିବା; ଓଜନ କମେଇବା; ବୋଝ ଉତାରିବା; ମନରୁ ଉଦ୍‌ବେଗ ଦୂର ହେବା ।

**lighter**[1] ବି. ହାଲୁକା ନୌକା, ଡଙ୍ଗା; ବଡ଼ ଜାହାଜରୁ ମାଲ ଉତାରିବାର ଛୋଟ ଡଂଗା ।

**lighter**[2] ବି. ସିଗାରେଟ୍ ପ୍ରଭୃତିରେ ନିଆଁ ଧରାଇବାର ଯନ୍ତ୍ର ।

**light–fingered** ବିଂ. ଚୋରି କରିବାର ପ୍ରବୃତ୍ତି ବିଶିଷ୍ଟ ।

**light–footed** ବିଂ. କ୍ଷିପ୍ର, ଚଟାପଟ୍ ।

**light–headed** ବିଂ. ହାଲୁକା ମିଜାଜର; ଅବ୍ୟବସ୍ଥିତ ।

**light–hearted** ବିଂ. ହସଖୁସିବିଶିଷ୍ଟ, ପ୍ରଫୁଲ୍ଲଚିତ୍ତ; କ୍ରି.ବିଂ. light–heartedly.

**lighthouse** ବି. ବତୀଘର ।

**light industry** ବି. କ୍ଷୁଦ୍ରଶିଳ୍ପ ।

**lighting** ବି. ଘରେ ବା ରାସ୍ତାରେ ଆଲୋକ ପ୍ରଦାନକାରକ ସରଞ୍ଜାମ ।

**light meter** ବି. ଆଲୋକର ଘନତ୍ୱ ପରିମାପକ ଯନ୍ତ୍ର (ଫଟୋଗ୍ରାଫି ପାଇଁ) ।

**lightning** 1 ବି. ବିଜୁଳି (ବଜ୍ରପାତସହ); ଘଡ଼ଘଡ଼ିସହ ବିଜୁଳି ଝଲକ; 2. ବିଂ. ବିଜୁଳି ବେଗରେ, ଖୁବ ଶୀଘ୍ର, ଦ୍ରୁତ ।

**lights** ବି. ଘୁଷୁରି, ମେଣ୍ଢା ପ୍ରଭୃତିର ଫୁସ୍‌ଫୁସ୍‌ଦ୍ୱାରା ପ୍ରସ୍ତୁତ ଖାଦ୍ୟ (ପୋଷା ଜୀବଙ୍କ ପାଇଁ) ।

**lightship** ବି. ନଙ୍ଗର ପକାଇଥିବା ଆଲୋକଦାନକାରୀ ଜାହାଜ ।

**lightsome** ବିଂ. ଚପଳ; ଆନନ୍ଦିତ, ଉଲ୍ଲସିତ ।

**lightweight** 1 ବିଂ. ଅତିହାଲୁକା, ନଗଣ୍ୟ; ଗୁରୁତ୍ୱ ବିହୀନ; 2. ବି. ନଗଣ୍ୟ ବ୍ୟକ୍ତି, ନଗଣ୍ୟ ପଦାର୍ଥ; କୁସ୍ତି, ମୁଷ୍ଟିଯୁଦ୍ଧ ପ୍ରଭୃତି ଖେଳରେ ଫିଦର୍ ଏବଂ ବେଲ୍‌ଟମ୍‌ୱେଟ୍ ମଧ୍ୟବର୍ତ୍ତୀ ବର୍ଗ ।

**ligneous** ବିଂ. କାଷ୍ଠ ସଦୃଶ; କାଷ୍ଠମୟ ।

**lignite** ବି. ଧୂସର ରଙ୍ଗର ଅପରିଣତ କୋଇଲା; ଲିଗ୍ନାଇଟ୍ ।

**like**[1] 1. ବିଂ. ସଦୃଶ, ଭଳି, ସମାନ, ସମଜାତୀୟ, ସମରୂପ, ସମାନ ପ୍ରକାର; 2. ଅ. ପରି, ଭଳି, ଭଳିକା; 3. କ୍ରି.ବିଂ. ଗ୍ରା.ପ୍ର. କହିବାକୁ ଗଲେ; ବୋଧହୁଏ; 4. ବି. ସାଦୃଶ୍ୟ, ଏକପ୍ରକାର ବସ୍ତୁ; like anything କ.ଭା. ଅତ୍ୟନ୍ତ, ଖୁବ୍; the likes of କ.ଭା. ଏଭଳି ବ୍ୟକ୍ତି ।

**like**[2] 1. କ୍ରି. ଭଲ ପାଇବା; (କାହାକୁ ବା କିଛି) ପସନ୍ଦ କରିବା; 2. ବି. ବ.ବ.ରେ ପସନ୍ଦ ଯୋଗ୍ୟ ବା ଖୁସି ଲାଗୁଥିବା ବସ୍ତୁ ।

**–like** ପ.ପ୍ର. ସାଦୃଶ୍ୟସୂଚକ ବିଶେଷଣ ନିଷ୍ପାଦକ ପ୍ରତ୍ୟୟ (powder-like, boxlike).

**likeable** ବିଂ. (likable ମଧ) ପ୍ରୀତିପ୍ରଦ, ସୁଖପ୍ରଦ ।

**likelihood** ବି. ସମ୍ଭାବନା, ସମ୍ଭବପରତା ।

**likely** 1 ବିଂ. ସମ୍ଭବତଃ, ପସନ୍ଦଯୋଗ୍ୟ, ବିଶ୍ୱାସଯୋଗ୍ୟ; 2. କ୍ରି.ବିଂ. ସମ୍ଭବପକ୍ଷେ, ସମ୍ଭବ ହେଲେ; not likely କ.ଭା. ଜମାନୁହେଁ; ମୁଁ ଅସମ୍ମତ ।

**like–minded** ବିଂ. ସମଭାବ (ରୁଚି, ମତ) ସମ୍ପନ୍ନ ।

**liken** କ୍ରି. ଅନ୍ୟସହ ସାଦୃଶ୍ୟ ଦେଖିବା; ତୁଳନା କରିବା ।

**likeness** ବି. ସାମଞ୍ଜସ୍ୟ, ସାଦୃଶ୍ୟ, ସାମ୍ୟ, ପ୍ରତିଛବି, ପ୍ରତିକୃତି ।

**likewise** କ୍ରି.ବିଂ. ଆହୁରି ମଧ୍ୟ, ଅଧିକନ୍ତୁ, ସେଭଳି, ସେହିପରି ।

**liking** ବି. ରୁଚି, ପସନ୍ଦ, ଅଭିରୁଚି ।

**lilac** 1. ବି. ନୀଳ–ରକ୍ତିମାଭ ବା ଧଳାରଙ୍ଗର ଫୁଲ ଫୁଟୁଥିବା ଗଛ ବିଶେଷ; ସେହି ଫୁଲ; ସେହି ଫୁଲର ରଙ୍ଗ; 2. ବିଂ. ନୀଳଲୋହିତ ବା ବାଇଗଣି ରଙ୍ଗର ।

**liliaceous** ବିଂ. କଇଁ ବା ଲିଲି ଜାତୀୟ (ପୁଷ୍ପ) ।

**lilliputian** 1. ବି. ବାମନ, କ୍ଷୁଦ୍ରକାୟ; 2. ବିଂ. ବାମନପରି କ୍ଷୁଦ୍ର (ଜନାଥନ୍ ସ୍ୱିଫ୍‌ଟଙ୍କ ଗଲିଭର୍ସ ଟ୍ରାଭେଲ୍‌ସ୍‌ରେ ଲିଲିପୁଟ ନାମାନୁସାରେ ।

**lilt** 1 ବି. ମଧୁର ତାଳ ବିଶିଷ୍ଟ ମୂର୍ଚ୍ଛନା ବା ସ୍ୱରଝଙ୍କାର; 2. କ୍ରି. ମଧୁର ସ୍ୱରଲୟରେ କଥା କହିବା ।

**lily** 1. ବି. କଇଁ; କନ୍ଦାକୃତି ମୂଳ ବିଶିଷ୍ଟ ପୁଷ୍ପବିଶେଷ ।

**lily–livered** ବିଂ. ଭୀରୁ, କାପୁରୁଷ ।

**lily white** ବି.ବିଂ. କୁମୁଦ-ଧବଳ; ଉଜ୍ଜ୍ୱଳ ବା ଚୋଫା ରଙ୍ଗର ।

**limb** ବି. ଅଙ୍ଗପ୍ରତ୍ୟଙ୍ଗ, ଶାଖା ।

Digitized by srujanika@gmail.com

**limber**[1]. ବି. କମାଣବାହୀ ଯାନର ସମ୍ମୁଖ ଭାଗର ଅଂଶ, ଯାହା ଖୋଲି ଦିଆଯାଇପାରେ।

**limber**[2]. 1. କ୍ରି. ଖେଳକସରତ୍ ନିମିତ୍ତ ଦେହକୁ ପ୍ରସ୍ତୁତ କରିବା; 2. ବିଂ. କମନୀୟ, ଚଳନଶୀଳ (ଖେଳ କସରତ ନିମନ୍ତେ)।

**limbo**[1]. ବି. ବ.ବ. limbos (ପ୍ରାଚୀନ ଖ୍ରୀଷ୍ଟୀୟ ବିଶ୍ୱାସ ଅନୁସାରେ) ଯୀଶୁଖ୍ରୀଷ୍ଟଙ୍କ ଆବିର୍ଭାବ ପୂର୍ବରୁ ବା ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ନ ହୋଇ ମୃତ୍ୟୁଲାଭ କରିଥିବା ବ୍ୟକ୍ତିମାନଙ୍କର ଆତ୍ମାପାଇଁ ନିବାସ (କାରଣ ସେମାନେ ସ୍ୱର୍ଗ କିମ୍ବା ନର୍କ, କେଉଁଠାକୁ ମଧ ଯାଇ ପାରିବେ ନାହିଁ); କୌଣସି ନିର୍ଣ୍ଣୟର ଅପେକ୍ଷାଜନିତ ସନ୍ଦିଗ୍ଧ ଅବସ୍ଥା।

**limbo**[2]. ବି. ଓ୍ୱେଷ୍ଟ ଇଣ୍ଡିଜ୍ ଦେଶୀୟ ନୃତ୍ୟଭଙ୍ଗିମାବିଶେଷ।

**lime**[1]. 1. ବି. ଚୂନ (quicklime); ଅଠାଳିଆ ପଦାର୍ଥ (bird lime); 2. କ୍ରି. ଚୂନ ଲେପିବା, ଧବଳ କରିବା।

**lime**[2]. ବି. ଲେମ୍ବୁଜାତୀୟ ବୃକ୍ଷବିଶେଷ; ସେହି ବୃକ୍ଷର ଫଳ; ପୀତାଭ ଶାଗୁଆ ରଙ୍ଗ।

**limelight** ବି. (ରଙ୍ଗମଞ୍ଚରେ ପୂର୍ବେ ବ୍ୟବହୃତ) ଅତ୍ୟୁଜ୍ଜ୍ୱଳ ଆଲୋକ; the limelight ପ୍ରଖ୍ୟାତି, ପ୍ରସିଦ୍ଧି।

**limerick** ବି. ହାସ୍ୟରସାତ୍ମକ ପାଞ୍ଚ ଧାଡ଼ିଆ କବିତା।

**limestone** ବି. ଚୂନପଥର।

**limit** 1. ବି.ସୀମା, ପରିସୀମା; 2. କ୍ରି.ସୀମାବଦ୍ଧ କରିବା; ଶୃଙ୍ଖଳିତ କରିବା; ସଂଯତ କରିବା; be the limit ଅସହ୍ୟ ହେବା; within limits କିଛି ପରିମାଣରେ ସ୍ୱାଧୀନତା ସହ; ବିଂ. limitless.

**limitation** ବି. ସୀମା; ଅକ୍ଷମତା।

**limited** ବିଂ. ସସୀମ; ସୀମାବଦ୍ଧ; ସ୍ୱଳ୍ପ; ସୀମିତ।

**limited (liability) company** ବି.ନିୟନ୍ତ୍ରିତ ଯୌଥ ବ୍ୟବସାୟ ପ୍ରତିଷ୍ଠାନ, ଯହିଁରେ ଅଂଶୀଦାରମାନେ କମ୍ପାନୀର ଋଣ ନିମିତ୍ତ ସୀମିତ ଭାବରେ ଦାୟୀ ରହନ୍ତି।

**limn** ସ.କ୍ରି. *ପ୍ରା.ପ୍ର.* ତୂଳିରେ ଆଙ୍କିବା, ଛବି ଆଙ୍କିବା।

**limousine** ବି. ବିଳାସପୂର୍ଣ୍ଣ ମୋଟର ଗାଡ଼ି ବିଶେଷ।

**limp**[1]. 1. କ୍ରି. ଛୋଟେଇ ଚାଲିବା।

**limp**[2]. ବିଂ. ହୀନବଳ; ନମନୀୟ, ଉଦ୍ୟମହୀନ; ଦୃଢ଼ତାହୀନ; କ୍ରି.ବିଂ. limply; ବି. limpness.

**limpet** ବି. ସାମୁଦ୍ରିକ ଗେଣ୍ଡା ବିଶେଷ ଯାହା ପଥରକୁ ଲାଖି ରହିଥାଏ; *ଲାକ୍ଷ.* ନିଜ ପଦବୀ ବା ସ୍ଥାନ ଛାଡ଼ିବାର ଅନିଚ୍ଛୁକ କର୍ମକର୍ତ୍ତା ବା ବ୍ୟକ୍ତି।

**limpid** ବିଂ. ପରିଷ୍କାର, ସ୍ୱଚ୍ଛ; ବି. limpidity.

**linage** ବି. ପୃଷ୍ଠାନ୍ତର୍ଗତ ପଙ୍କ୍ତି ସଂଖ୍ୟା; ଧାଡ଼ିରେ ଠିଆ ହୋଇ ପାଉଣା ଦେବା।

**linchpin** ବି. ଚକକୁ ଧରିରଖିବା କୀଳକ ବା ପିନ୍; ଅନୁଷ୍ଠାନର ମୁଖ୍ୟ।

**linctus** ବି. ତରଳ ସୁସ୍ୱାଦୁ ଔଷଧ; କଫ; ବହିର୍ଗମନ ନିମନ୍ତେ ସିରପ (ଔଷଧ)।

**linden** ବି. ଲେମ୍ବୁଜାତୀୟ ଗଛ ବିଶେଷ।

**line**[1]. ବି.ଗାର, ରେଖା, ଧାଡ଼ି, ଧାର; କର୍ମଧାରା; ବଂଶଧାରା; କବିତା ବା ଶ୍ଲୋକର ପାଦ; ଶ୍ରେଣୀ, ଦିଗ, ପ୍ରଣାଳୀ; ବ.ବ. ଲେଖାପଂକ୍ତି; ତାର, ତାର ସଂଯୋଗ; ରେଳ (ଧାରଣା); 2. କ୍ରି. ଗାର ଦେବା ବା କାଟିବା; bring (come) into line ବାଗକୁ ଆସିବା; get a line on *କ.ଭା.* ଖବର ରଖିବା ବା ପାଇବା; lay (put) on the line *କ.ଭା.* ସ୍ପଷ୍ଟକଥା କହିବା; line up ଧାଡ଼ି କରିବା; କ୍ରମାନ୍ୱୟେ ସଜାଇବା, ପ୍ରସ୍ତୁତ ରଖିବା; out of line ଅନୁପଯୋଗୀ।

**line**[2]. କ୍ରି. ପୋଷାକ; ବାକ୍ସ ପ୍ରଭୃତିର ଭିତରପଟେ ଏକ ଆସ୍ତରଣ ପକାଇବା; ଭର୍ତ୍ତି କରିବା; ଖୁନ୍ଦିବା।

**lineage** ବି. ବଂଶ, କୁଳ; ବଂଶାବଳୀ।

**lineal** ବିଂ. ଏକବଂଶୀୟ, ସଗୋତ୍ର, ପୈତୃକ; ରୈଖିକ; କ୍ରି.ବିଂ. lineally.

**lineament** ବି. ବ.ବ.ରେ ବିଶେ. ମୁହଁର ଆକୃତି ବା ଚେହେରା।

**linear** ବିଂ. ରୈଖିକ, ରେଖାସମ୍ବନ୍ଧୀୟ; ଦୀର୍ଘ, ସଂକୀର୍ଣ୍ଣ ଓ ସମପ୍ରସ୍ଥ ବିଶିଷ୍ଟ; ବି. linearity; କ୍ରି.ବିଂ. linearly.

**lineation** ବି. ରେଖାଦ୍ୱାରା ଚିହ୍ନଟ କିମ୍ବା ସଜ୍ଜୀକରଣ।

**linen** 1. ବି. ଶଣବସ୍ତ୍ର; ଲିନେନ୍; (ସମଷ୍ଟି ଭାବରେ) କମିଜ୍, ବିଛଣା ଚାଦର ପ୍ରଭୃତି ବସ୍ତ୍ର; 2. ବିଂ. ଲିନେନ୍ ବା ଶଣ ସୂତାରୁ ନିର୍ମିତ।

Digitized by srujanika@gmail.com

**liner**[1.] ବି. ନିର୍ଦ୍ଦିଷ୍ଟ ପଥରେ ନିୟମିତ ଗମନାଗମନକାରୀ ସମୁଦ୍ରଗାମୀ ଜାହାଜ ବା ଉଡ଼ାଜାହାଜ ।

**liner**[2.] ବି. ବାହାର କରିଦିଆଯାଇ ପାରୁଥିବା ଆଚ୍ଛାଦନ ।

**linesman** ବି. (ଫୁଟବଲ ପ୍ରଭୃତି ଖେଳରେ) ସୀମା ନିର୍ଦ୍ଦେଶକ ରେଫରୀ, ବଲ୍ ସୀମା ଡେଇଁଛି କି ନାହିଁ ଯେ ଜଣାଇ ଦିଏ ।

**ling**[1.] ବି. ଲମ୍ବା, ସରୁ ସମୁଦ୍ରମାଛ ବିଶେଷ ।

**ling**[2.] ବି. ସଡସଡିଆ ସ୍ଥାନରେ ବଢୁଥିବା ଗୁଳ୍ମ ବିଶେଷ ।

**–ling** *ପ.ପ୍ର.* ଯାହା ବ୍ୟକ୍ତି ବା ବସ୍ତୁର ବିଶେଷ ଅବସ୍ଥା ସୂଚାଇବା ନିମନ୍ତେ ବ୍ୟବହାର ହୁଏ (duckling, weakling).

**linger** *କ୍ରି.* ବିଳମ୍ବ କରିବା; ଧୀରେ ଧୀରେ ବା ଅନିଚ୍ଛା ସହିତ ଯିବା; ବୃଥା କାଳ କ୍ଷେପଣ କରିବା; ଦୁର୍ବଳ ଓ ଅକର୍ମଣ୍ୟ ହେଲେ ସୁଦ୍ଧା ଜୀବନଧରି ରହିବା; ବହୁକାଳ ବ୍ୟାପି ରହିବା (ରୋଗ ସମ୍ପର୍କରେ) ।

**lingerie** ବି. ସ୍ତ୍ରୀଲୋକମାନଙ୍କର ଅନ୍ତର୍ବାସ ଓ ରାତ୍ରିପୋଷାକ ।

**lingo** ବି. (ବ.ବ. lingos) *କ.ଭା.* ବିଦେଶୀ ଭାଷା; ବିଶେଷ ଶ୍ରେଣୀର ଲୋକଙ୍କ ଦ୍ୱାରା ବ୍ୟବହୃତ ଭାଷା ।

**lingua franca** ବି. ଭିନ୍ନ ଭାଷାଭାଷୀ ଲୋକମାନଙ୍କଦ୍ୱାରା ବ୍ୟବହୃତ ସାଧାରଣ ଭାଷା ।

**lingual** ବି. ଜିହ୍ୱା ସମ୍ପର୍କୀୟ; ଭାଷା ସମ୍ବନ୍ଧୀୟ; ଜିହ୍ୱାଦ୍ୱାରା ଉଚ୍ଚାରିତ ବର୍ଣ୍ଣ; *କ୍ରି.ବି.* lingually.

**linguist** ବି. ଭାଷାବିତ୍; ଭାଷାତତ୍ତ୍ୱବିତ୍ ।

**linguistic** ବିଂ. ଭାଷାତତ୍ତ୍ୱ ସମ୍ପର୍କୀୟ, ଭାଷାଗତ; *କ୍ରି.ବି.* linguistically.

**linguistics** ବି. ଭାଷା ବିଜ୍ଞାନ ଭାଷାତତ୍ତ୍ୱ ।

**liniment** ବି. ତରଳ ପ୍ରଲେପ, *ବିଶେ.* ତେଲରେ ।

**lining** ବି. ପୋଷାକ ପ୍ରଭୃତିର ଭିତର ଆଚ୍ଛାଦନ ବା ଆସ୍ତରଣ; ଅସ୍ତର କନା ।

**link** 1. ବି. ଶିକୁଳିର କଡ଼ା; ସଂଯୋଜକ ବ୍ୟକ୍ତି ବା ବସ୍ତୁ; ଶୃଙ୍ଖଳାର ଅଂଶ; ଯୋଗସୂତ୍ର, ଆସ୍ତିନ୍‌ର ବୋତାମ; 2. *କ୍ରି.* ଏକତ୍ର କରିବା, ପରସ୍ପର ସଂଯୁକ୍ତ କରିବା; ସଂଯୁକ୍ତ ହେବା; link up ଯୋଗ କରିବା, ଏକାଠି କରିବା ।

**linkage** ବି. ସଂଯୋଗ ରୀତି; ସଂଯୋଜନ; ଏକ ଯୋଗସୂତ୍ର ।

**linkman** ବି. ବିଭିନ୍ନ ପ୍ରସାରିତ କାର୍ଯ୍ୟକ୍ରମରେ ଯୋଗସୂତ୍ର ସ୍ଥାପନକାରୀ ବ୍ୟକ୍ତି ।

**links** ବି. ଏ.ବ. ବ.ବ. ଗଲ୍ଫ ଖେଳିବା ପଡ଼ିଆ ।

**linnet** ବି. ଧୂସର ବର୍ଣ୍ଣର କ୍ଷୁଦ୍ର ଗାନକାରୀ ପିଞ୍ଚ୍ ପକ୍ଷୀବିଶେଷ ।

**linocut** ବି. ଲିନୋଲିୟମ୍‌ରୁ ପ୍ରସ୍ତୁତ ଚିତ୍ରଫଳକ, ଏଥିରେ ମୁଦ୍ରିତ ଚିତ୍ର ।

**linoleum** ବି. ଗୃହ ଚଟାଣ ଆବୃତ କରିବା ନିମନ୍ତେ ବ୍ୟବହୃତ ଏକପ୍ରକାର ତୈଳାକ୍ତ ମୋଟା କେନ୍‌ଭାସ୍; ଲିନୋଲିୟମ୍ ।

**Linotype** ବି. ଲାଇନୋଟାଇପ୍ ଯନ୍ତ୍ର; ଏହାଦ୍ୱାରା ଗୋଟିଏ ଗୋଟିଏ ଟାଇପ୍ ବା ଅକ୍ଷର ଖଞ୍ଜା ନ ହୋଇ ଶ୍ରେଣୀବଦ୍ଧ ଭାବରେ ଢ଼ଳାଇ କରାଯାଏ ।

**linseed** ବି. ପେଶୀ ବା ଅତସୀ ତୈଳବୀଜ, ଏଥିରୁ ସଂଗୃହୀତ ତୈଳ (ଯାହା ରଙ୍ଗ ଏବଂ ବାର୍ନିସ୍‌ରେ ବ୍ୟବହାର କରାଯାଏ) ।

**linsey–woolsey** ବି. ସୂତା ଓ ପଶମର ତିଆରି ମୋଟାଲୁଗା ।

**lint** ବି. କ୍ଷତସ୍ଥାନରେ ବାନ୍ଧିବା ନିମନ୍ତେ ଏକପ୍ରକାର କୋମଳ ବସ୍ତ୍ର; ନରମ କନା ପଟି ।

**lintel** ବି. (ଦ୍ୱାର ବା ଝରକାର) ଚୌକାଠ ଉପରେ ଯେଉଁ କାଠ, ପଥର ବା କଂକ୍ରିଟ୍ ଖଣ୍ଡ ସ୍ଥାପନ କରାଯାଏ; ଲିଣ୍ଟେଲ ।

**lion** ବି. ସିଂହ; the Lion ସିଂହରାଶି; ଏହି ରାଶିରେ ଜନ୍ମିତ ବ୍ୟକ୍ତି; lion's share ବୃହତ୍ତମ ବା ସର୍ବୋତ୍କୃଷ୍ଟ ଅଂଶ; *ସ୍ତ୍ରୀ.* lioness.

**lion–heart** ବି. ସାହସୀ ବ୍ୟକ୍ତି; ବିଂ. lion–hearted.

**lionize** *କ୍ରି.* ଶ୍ରେଷ୍ଠ ବା ବିଶିଷ୍ଟ ବ୍ୟକ୍ତି ଭଳି ବ୍ୟବହାର କରିବା ।

**lip** 1. ବି. ଓଠ, ଓଷ୍ଠ, ଅଧର; ତାଟିଆ ବା ପାତ୍ରର ଧାର; 2. *କ୍ରି.* ଓଠଦ୍ୱାରା ସ୍ପର୍ଶ କରିବା; ଛୁଇଁବା; bite one's lip ଓଠ କାମୁଡ଼ି ଆବେଗ ବା ହସ ସମ୍ବରଣ କରିବା; curl one's lip ଘୃଣା ପ୍ରକାଶ କରିବା; smack one's lips ତୃପ୍ତିରେ ଦୁଇଓଠ ସଶବ୍ଦେ ବିମୋଚନ କରିବା; ବିଂ. lipped.

**lip–read** *କ୍ରି.* ମୂକ ବା ବଧୀରମାନଙ୍କର ଓଷ୍ଠ ଚାଳନାରୁ ଭାଷା ବୁଝିବା ।

Digitized by srujanika@gmail.com

**lip–service** ବି. ମୌଖିକ ସମବେଦନା।
**lipstick** ବି. ଲିପ୍‌ଷ୍ଟିକ୍, ଅଧର–ରଂଜନ ଦଣ୍ଡିକା।
**liquefy** କ୍ରି. ତରଳ କରିବା ବା ହେବା; ବି. liquefaction.
**liqueur** ବି. ସୁମିଷ୍ଟ, ସୁଗନ୍ଧ ସୁରାସାର।
**liquid** 1. ବିଂ. ତରଳ ବା ବହମାନ; ଜଳୀୟ, ନିର୍ମଳ; (ଧ୍ୱନି ସଂପର୍କରେ) ସ୍ୱଚ୍ଛ, ଲଳିତ; (ବିତ୍ତ ସଂପର୍କରେ) ସହଜରେ ମୁଦ୍ରା ରୂପରେ ପରିବର୍ତ୍ତନୀୟ; 2. ବି. ତରଳ ପଦାର୍ଥ; *ଭାଷା.* ବ୍ୟଞ୍ଜନ ବର୍ଣ୍ଣର 'ର' ଓ 'ଳ' ପ୍ରଭୃତିର ଧ୍ୱନି।
**liquidate** କ୍ରି. ଋଣ ପରିଶୋଧ କରିବା; ଦେବାଳିଆ ସମ୍ପତ୍ତିର ହିସାବନିକାଶ କରିବା; ଖତମ କରିଦେବା, ହତ୍ୟା କରିବା।
**liquidation** ବି. ଋଣ ପରିଶୋଧ; ଦେବାଳିଆ ସମ୍ପତ୍ତିର ହିସାବନିକାଶ; go into liquidation (କୌଣସି ଯୌଥ କାରବାର) ଭାଙ୍ଗିଯିବା, ଦେବାଳିଆ ହୋଇଯିବା, ଦେଣା ପାଉଣାର ହିସାବନିକାଶ କରି କାରବାର ବନ୍ଦ କରିବା।
**liquidator** ବି. ଦେବାଳିଆ ସମ୍ପତ୍ତି ବା ଯୌଥ କାରବାରର ଋଣ ପରିଶୋଧ ପ୍ରଭୃତି ନିମନ୍ତେ ନିଯୁକ୍ତ କର୍ମଚାରୀ।
**liquid crystal** ବି. ସ୍ଫଟିକୀଭୂତ ହେବାକୁ ଯାଉଥିବା ତରଳ ପଦାର୍ଥ।
**liquidity** ବି. ତରଳ ଅବସ୍ଥା; ମୁଦ୍ରା ଆକାରରେ ଧନ ଥିବା ଅବସ୍ଥା।
**liquidize** କ୍ରି. ତରଳାଇବା; ତରଳ ଅବସ୍ଥାରେ ପରିଣତ କରିବା।
**liquor** ବି. ସୁରା, ମଦ୍ୟ, ଆସବ।
**liquorice** ବି. (licorice ମଧ) ଯଷ୍ଟିମଧୁ, ଏଥିରୁ ପ୍ରସ୍ତୁତ ମିଠାଇ ବା ଔଷଧ; ଏହି ଗଛ।
**lira** ବି. (ବ.ବ. lire)ତୁର୍କୀ ଏବଂ ଇଟାଲୀରେ ପ୍ରଚଳିତ ମୁଦ୍ରା।
**lisle** ବି.ମୋଜା ବୁଣିବା ପାଇଁ ସୂକ୍ଷ୍ମ କାର୍ପାସ ସୂତା।
**lisp** କ୍ରି. ଶିଶୁପରି କଥା କହିବା; ଉଚ୍ଚାରଣଗତ ଦୋଷ (ସ କୁ ଥ ଏବଂ ଜ କୁ ଦ ରହିବା)।
**lissom** a. ନମନୀୟ, ଲହକା, କ୍ଷିପ୍ର।
**list**[1] 1. ବି. ତାଲିକା, ଚିଠା; ଫର୍ଦ୍ଦ, କଟା ବସ୍ତ୍ର ଖଣ୍ଡ ବା ଧଡ଼ି; ବ.ବ.ରେ ମଲ୍ଲଭୂମି; କ୍ରୀଡ଼ାଙ୍ଗନ; 2. କ୍ରି. ତାଲିକା କରିବା, ତାଲିକାଭୁକ୍ତ କରିବା; enter the lists ଆହ୍ୱାନ ଦେବା ବା ଗ୍ରହଣ କରିବା।
**list**[2] କ୍ରି. (ଜାହାଜ) ଏକ ପାଖକୁ ଢଳିବା।
**listed building** ବି. ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ଦୃଷ୍ଟିରୁ ସଂରକ୍ଷଣଯୋଗ୍ୟ କୋଠା ବା ଘର।
**listen** କ୍ରି. ଶୁଣିବା, ମନଦେଇ ଶୁଣିବା; ଅନ୍ୟର ଉପଦେଶ ବା ଅନୁରୋଧ ଅନୁଯାୟୀ କାର୍ଯ୍ୟ କରିବା; ଅନୁରୋଧ ରକ୍ଷାକରିବା; listen in ବେତାର ଯନ୍ତ୍ରରୁ ପ୍ରସାରଣ ଶୁଣିବା, ଟେଲିଫୋନ୍ ବାର୍ତ୍ତା ମଝିରେ (ଗୋପନରେ) ଶୁଣିବା।
**listener** ବି. ଶ୍ରୋତା।
**listless** ବିଂ. ମାନ୍ଦା, ଉଦାସୀନ, ଅବସନ୍ନ; କ୍ରି.ବିଂ. listlessly; listlessness.
**lit** କ୍ରି. light ର *ଅ.କା. ଓ ଅ.କ୍ରି.ଇ.ପ.।*
**litany** ବି. ଖ୍ରୀଷ୍ଟୀୟ ପ୍ରାର୍ଥନା ବା ଉପାସନାପଦ୍ଧତି।
**litchi** ବି. ଲିଚି, ଲିଚୁଗଛ ବା ଫଳ।
**liter** ବି. *ଆମେ.* litre ଲିଟର୍; ତରଳଦ୍ରବ୍ୟର ମେଟ୍ରିକ୍ ମାପ; ଏକ ଘନ ଡେସିମିଟର ବା ୧.୭୬ ପାଇଣ୍ଟ୍ ତରଳଦ୍ରବ୍ୟର ପରିମାଣ।
**literacy** ବି. ସାକ୍ଷରତା।
**literal** 1. ବିଂ. ଆକ୍ଷରିକ; ଅବିକଳ ମୂଳ ଶବ୍ଦାନୁଯାୟୀ; ଅଳଙ୍କାରବର୍ଜିତ; ବାସ୍ତବବାଦୀ; ଅନତିରଂଜିତ; ଅକ୍ଷରଗତ; 2. ବି. literal error ମୁଦ୍ରଣଗତ ତ୍ରୁଟି; କ୍ରି.ବିଂ. literally.
**literalism** ବି. ଆକ୍ଷରିକ ତର୍ଜମା କରିବାର ପ୍ରବୃତ୍ତି; ବି. literalist.
**literary** ବିଂ. ସାହିତ୍ୟ ସମ୍ବନ୍ଧୀୟ, ସାହିତ୍ୟଘଟିତ; ସାହିତ୍ୟିକ; ସାହିତ୍ୟିକମାନଙ୍କ ଦ୍ୱାରା ମୁଖ୍ୟତଃ ବ୍ୟବହୃତ; ଔପଚାରିକ; ବି. literariness.
**literate** 1. ବିଂ. ସାକ୍ଷର; ଲିଖନ-ପଠନ କ୍ଷମ; ଶିକ୍ଷାପ୍ରାପ୍ତ; 2. ବି. ସାକ୍ଷର ବ୍ୟକ୍ତି।
**literati** ବି. ବ.ବ. ବିଦ୍ୱାନ ମଣ୍ଡଳୀ, ଶିକ୍ଷିତ ସମ୍ପ୍ରଦାୟ।
**literature** ବି. ସାହିତ୍ୟ; ଗଦ୍ୟ ବା ପଦ୍ୟରେ ଲିଖିତ ଗ୍ରନ୍ଥ; କୌଣସି ଦେଶ, କାଳ, ପାତ୍ର ସମ୍ପର୍କିତ ଗଦ୍ୟ ବା ପଦ୍ୟ ରଚନା; *କ.ଭା.* ଛାପାବହି, ପ୍ରଚାର ପୁସ୍ତିକା।
**lithe** (ଲାଇଦ୍) ବିଂ. ନରମ; ନମନୀୟ, ଲହକା।
**lithium** ବି. ଗୌରବର୍ଣ୍ଣ ନରମ ଧାତବ ଉପାଦାନ ବିଶେଷ।
**litho** *କ.ଭା.* lithograph ଲିଥୋ(ଗ୍ରାଫ୍)।
**lithograph** 1. ବି. ପ୍ରସ୍ତରଲେଖା ବା ଲିଥୋ ଦ୍ୱାରା ମୁଦ୍ରଣ; 2. କ୍ରି. ଲିଥୋ ଶୈଳୀରେ ଛାପିବା।

Digitized by srujanika@gmail.com

**lithography** ବି. ପ୍ରସ୍ତର ଖୋଦେଇଦ୍ୱାରା ମୁଦ୍ରଣ କୌଶଳ; ବି. lithographer; ବିଂ. lithographic, କ୍ରି.ବିଂ. lithographically.

**litigant** 1. ବି. ମୋକଦ୍ଦମାରେ ଜଡ଼ିତ ପକ୍ଷ; 2. ବିଂ. ମକଦ୍ଦମାରେ ଜଡିତ; ବିବଦମାନ।

**litigate** କ୍ରି. ମୋକଦ୍ଦମା କରିବା, ଆଇନ୍‌ର ଶରଣ ନେବା; ବି. litigation; litigator.

**litigious** ବିଂ. ମୋକଦ୍ଦମା ପ୍ରିୟ, ମାମଲାବାଜ୍।

**litmus** ବି. ଲିଚେନ୍‌ରୁ ପ୍ରସ୍ତୁତ ନୀଳରଙ୍ଗର ପଦାର୍ଥ ବିଶେଷ, ଯାହା ଏସିଡ୍‌ ସଂଯୋଗରେ ଲାଲ ହୋଇଯାଏ ଏବଂ ଆଲକାଲି ସଂଯୋଗରେ ପୁନର୍ବାର ନୀଳ ହୁଏ।

**litmus paper** ବି. ଏସିଡ୍‌ ବା ଆଲକାଲି ପରୀକ୍ଷାରେ ବ୍ୟବହୃତ ହେଉଥିବା ଲିଟମସ୍‌ ଯୁକ୍ତ କାଗଜଖଣ୍ଡ।

**litotes** ବି. ଗୁରୁତ୍ୱ ଆରୋପ କରିବା ନିମନ୍ତେ ବିପରୀତାର୍ଥ ଶବ୍ଦର ନାସ୍ତି ପ୍ରତିପାଦକ ଅଳଙ୍କାର ବିଶେଷ, ଉଦା. He is a citizen of no mean city.

**litre** ବି. liter ଦ୍ର.।

**Litt. D.** ସଂଖ. Doctor of Letters ଜଣାରେ ସର୍ବୋଚ୍ଚ ସମ୍ମାନସୂଚକ ଡ଼ିଗ୍ରୀ।

**litter** 1. ବି. ସର୍ବସାଧାରଣ ସ୍ଥାନରେ ବିକ୍ଷିପ୍ତ ହୋଇ ପଡ଼ିଥିବା କାଗଜ ପ୍ରଭୃତି ଆବର୍ଜନା, ଅନାବଶ୍ୟକ ପଦାର୍ଥ; ଶିବିକା, ଦୋଳା, ହାନ୍ଦୋଳା; ରୋଗୀବାହୀ ଖଟିଆ ବା ଡୋଲି; (କୁକୁର, ଘୁଷୁରି) ଏକ ସମୟରେ ଜାତ ଶାବକ ଦଳ; (ପଶୁପ୍ରଭୃତିଙ୍କ) ନଡ଼ା ଶେଯ; ଗୁହାଳର ଗୋବର ଏବଂ ନଡ଼ା; 2. କ୍ରି. ବାଜେ ଜିନିଷ ଏଣେ ତେଣେ ପକାଇ ଅପରିଷ୍କାର କରିବା; (ପଶୁ) ଶାବକ ପ୍ରସବ କରିବା; (ପଶୁର ଶୋଇବା ପାଇଁ) ଚଟାଣରେ ନଡ଼ା ବା ଶୁଖିଲା ଘାସ ବିଛାଇବା।

**litterbug** ବି. (litter-lout ମଧ୍ୟ) ରାସ୍ତାରେ ଖାମଖିଆଲିଭାବେ ଆବର୍ଜନା ପକାଉଥିବା ବ୍ୟକ୍ତି।

**little** 1. ବିଂ. କ୍ଷୁଦ୍ର, ଛୋଟ; ଅଳ୍ପ; ଖୁବ୍‌ କମ୍‌; ସ୍ନେହସୂଚକ ବିଶେଷଣ (friendly little chap) ସାମାନ୍ୟ; ଗୁରୁତ୍ୱହୀନ; ଛୋଟକାଟିଆ; 2. ବି. ଅଳ୍ପ ପରିମାଣ, ସାମାନ୍ୟ ଭାବରେ, ଆଦୌ ନୁହେଁ; କ୍ରି.ବିଂ. ଅଳ୍ପ ପରିମାଣରେ; in little ଅଳ୍ପ ମାତ୍ରାରେ; little by little ଆସ୍ତେ ଆସ୍ତେ; the little people ପରୀମାନେ; the little woman କ.ଭା. ନିଜର ସ୍ତ୍ରୀ।

**Little Bear** ବି. ଲଘୁ ସପ୍ତର୍ଷି।

**littoral** 1. ବି. ଉପକୂଳ ଅଞ୍ଚଳ; 2. ବିଂ. ଉପକୂଳ ସମ୍ବନ୍ଧୀୟ।

**liturgy** ବି. ଖ୍ରୀ. ଉପାସନା ପଦ୍ଧତି; the Liturgy ଉପାସନା ପୁସ୍ତକ; ବିଂ. liturgical; କ୍ରି.ବିଂ. liturgically.

**live**[1] କ୍ରି. ବଂଚିବା, ଜୀଇଁବା, ଜୀବିତ ରହିବା; ଘରକରି ରହିବା, ବସବାସ କରିବା; ବଂଚିବା ପାଇଁ ନିର୍ଭରଶୀଳହେବା; ସମୟ ବା ଜୀବନ କଟାଇବା; (ଜୀବନ) ଯାପନ କରିବା, କଟାଇବା, ଉପଭୋଗ କରିବା; live and let live ନିଜେ ସହନଶୀଳ ହୁଅ ଓ ଅନ୍ୟଠାରୁ ସହଯୋଗ ପାଅ; live down ଏପରି ଜୀବନ ଯାପନ କରିବା ଯଦ୍ୱାରା ଅତୀତର ନିନ୍ଦା ବା ଅପବାଦକୁ ଲୋକେ ଭୁଲିଯିବେ; live it up କ.ଭା. ଆନନ୍ଦରେ ଏବଂ ବିଳାସ ପୂର୍ଣ୍ଣଭାବରେ ରହିବା; live off ଅନ୍ୟଠାରୁ ସାହାଯ୍ୟ ବା ସହଯୋଗ ଲାଭ କରିବା; live together ବିବାହ ନକରି ସ୍ତ୍ରୀ ଓ ପୁରୁଷ ଏକତ୍ର ଅବସ୍ଥାନ କରିବା; live up to କୌଣସି ଆଦର୍ଶ ଅନୁଯାୟୀ ଜୀବନ ଯାପନ କରିବା; live with କାହା ସାଙ୍ଗରେ ମିଶି ଗୋଟିଏ ଘରେ ରହିବା; ସହ୍ୟ କରିବା।

**live**[2] ବିଂ. ଜୀବନ୍ତ; ଜୀଅନ୍ତା, ସଜୀବ; ଜଳନ୍ତା; (ବାଣ, ବୋମା, ବୈଦ୍ୟୁତିକ ତାର ସମ୍ପର୍କରେ) ଅବ୍ୟବହୃତ, ଅଫୁଟା; ବିଜୁଳି ଶକ୍ତି ସମ୍ପନ୍ନ; (ବେତାର ବା ଟେଲିଭିଜନ ପ୍ରସାରଣ ସମ୍ପର୍କରେ) ଘଟଣା ସ୍ଥାନରୁ ସିଧାସଳଖ (ପ୍ରସାରଣ)।

**liveable** ବିଂ. (livable ମଧ୍ୟ) ବଞ୍ଚିବାଭଳି (ଜୀବନ), ରହିବା ଯୋଗ୍ୟ (ଘର), ସମ୍ପର୍କ ରଖିବା ଯୋଗ୍ୟ (ବ୍ୟକ୍ତି)।

**livelihood** ବି. ଜୀବିକା ନିର୍ବାହର ସାଧନ; ଚାକିରୀ; ଆୟ।

**livelong** ବିଂ. ଦୀର୍ଘକାଳ ସ୍ଥାୟୀ; (ବିରକ୍ତିକର ଭାବେ) ବହୁକାଳବ୍ୟାପୀ।

**lively** ବିଂ. ଜୀବନ୍ତ, ବାସ୍ତବ, ପ୍ରାଞ୍ଜଳ, ଆନନ୍ଦମୟ, ପ୍ରାଣପୂର୍ଣ୍ଣ, ସତେଜ, ଶକ୍ତିଶାଳୀ; ବି. liveliness.

**liven** କ୍ରି. କ.ଭା. ସତେଜ ବା ଉତ୍ଫୁଲ୍ଲ କରିବା ବା ହେବା, ଉଜ୍ଜ୍ୱଳ କରିବା ବା ହେବା।

Digitized by srujanika@gmail.com

**liver**¹ ବି. ଯେ ବାସକରେ, ଯେ କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ଜୀବନଯାପନ କରେ ।

**liver**² ବି. ଯକୃତ୍ ।

**liverish** ବିଂ. ଯକୃତ୍ ରୋଗରେ ପୀଡ଼ିତ; ଚିଡ଼ା ।

**liveried** ବିଂ. ନିର୍ଦ୍ଦିଷ୍ଟ ଚାକିରୀ ଅଥବା ସେବା ପରିଚାୟକ ପୋଷାକଧାରୀ ।

**liverwort** ବି. ପତ୍ର ଏବଂ କାଣ୍ଡ ବିହୀନ ଶୈବାଳଜାତୀୟ ଗୁଳ୍ମବିଶେଷ ।

**livery** ବି. କର୍ମଚାରୀ ବା ଭୃତ୍ୟମାନଙ୍କୁ ପ୍ରଦତ୍ତ ଏକାପ୍ରକାରର ପୋଷାକ; ସେବା ପରିଚ୍ଛଦ; ବର୍ଦ୍ଦି ।

**lives** ବି. lifeର ବ.ବ. ।

**livestock** ବି. ବ୍ୟବହାର ବା ବ୍ୟବସାୟ ନିମନ୍ତେ ପାଳିତ ପଶୁ ସଂପଦ ।

**live wire** ବି. ଅତ୍ୟଧିକ କର୍ମକ୍ଷମ ବ୍ୟକ୍ତି ।

**livid** ବିଂ. ନୀଳ କୃଷ୍ଣବର୍ଣ୍ଣ, ସୀସାବର୍ଣ୍ଣ, ଆଘାତଦ୍ୱାରା ବିବର୍ଣ୍ଣ ଘା; *କ.ଭା.* କ୍ରୋଧିତ ।

**living** 1. ବି. ଜୀବନ୍ତ, ସଜୀବ, ମୃତନୁହେଁ; ଜୀବନଧାରଣର ସାଧନ; ଆୟ; 2. ବିଂ. (ଭାଷା ସମ୍ପର୍କରେ) ପ୍ରଚଳିତ, ବିଦ୍ୟମାନ; (ସାଦୃଶ୍ୟ ଅର୍ଥରେ) ଠିକ୍ ସେହିଭଳି; within living memory ଜୀବିତ ଲୋକମାନଙ୍କର ସ୍ମୃତିରେ ଜୀବନ୍ତ ।

**living-room** ବି. ଯେଉଁଘରେ ଦିନବେଳେ ବସାଉଠା କରାଯାଏ ।

**living wage** ବି. ଯେଉଁ ମଜୁରୀରେ ଶ୍ରମିକ ସ୍ୱଚ୍ଛନ୍ଦରେ ଚଳିପାରେ ।

**lizard** ବି. ଝିଟିପିଟି ।

**LJ** *ସଂକ୍ଷି.* Lord Justice ଲର୍ଡ୍ ଜଷ୍ଟିସ୍ ।

**llama** ବି. ଲାମା; ଭାରବହନ ତଥା ନରମ ପଶମ ଜାତୀୟ ଲୋମ ନିମନ୍ତେ ପୋଷାଯାଉଥିବା ଦ: ଆମେରିକାର କୁବ୍‌ଜହୀନ ଓଟଜାତୀୟ ପଶୁ ବିଶେଷ ।

**LL.B.** *ସଂକ୍ଷି.* Bachelor of Laws ଆଇନରେ ସ୍ନାତକ ଉପାଧି ।

**LL.D.** *ସଂକ୍ଷି.* Doctor of Laws ଡକ୍ଟର୍ ଅଫ୍ ଲ'ଜ୍ ।

**LL.M.** *ସଂକ୍ଷି.* Master of Laws ଆଇନ୍‌ରେ ସ୍ନାତକୋତ୍ତର ଉପାଧି ।

**lo** *ଅବ୍ୟ.* *ପ୍ରା.ପ୍ର.* ଦେଖ ! ହେଇ ଦେଖ !; lo and behold ବିସ୍ମୟକର କଥା କହିବାବେଳେ *ପା* ଉଚ୍ଚାରିତ ଶବ୍ଦ ସମୂହ ।

**load** 1. ବି. ବୋଝ, ଭାର, *ଲାକ୍ଷ.* ଚିନ୍ତା ବା ଦାୟିତ୍ୱର ଭାର; ଉଦ୍‌ବେଗ; ଜାହାଜରେ ବୋଝାଇ ମାଲର ପରିମାଣ ବିଶେଷ; ବନ୍ଧୁକରେ ଥରକେ ବ୍ୟବହୃତ ବାରୁଦର ପରିମାଣ, ବିଦ୍ୟୁତ୍ ଯନ୍ତ୍ରର ବହନ ଶକ୍ତି; 2. *କ୍ରି.* ଲଦିବା; (ବୋଝ, ମାଲ) ଲଦନ କରିବା; (ଫିଲ୍‌ମ୍, ଗୁଳି ପ୍ରଭୃତି) ଭର୍ତ୍ତି କରିବା ।

**loaded** ବିଂ. ବୋଝାଇ ବା ଭର୍ତ୍ତି ହୋଇଥିବା; *ସା.ପ୍ର.* ସମ୍ପନ୍ନ, ଧନୀ; *ଆମେ.* ନିଶାଗ୍ରସ୍ତ ।

**loadstone** *ଦ୍ର.* lodestone.

**loaf**¹ ବି. ( ବ.ବ. loaves) ପାଉଁରୁଟି ଖଣ୍ଡ; ଚିନି ବା ନବାତର ପିଣ୍ଡ; ବନ୍ଧାକୋବିର ଗୋଲାକୃତି ମୁଣ୍ଡ; କୌଣସି ଜିନିଷର ମୋଟା ଖଣ୍ଡ; *ସା.ପ୍ର.* ମୁଣ୍ଡ ।

**loaf**² *କ୍ରି.* ବୃଥାରେ ଏଣେତେଣେ ବୁଲିବା; ଅକର୍ମା ଭାବରେ ଏଣେ ତେଣେ ବୁଲି ସମୟ କଟାଇବା ।

**loafer** ବି. ଲୋଫର୍; ବାରବୁଲା, ନିଷ୍କର୍ମା ।

**loam** ବି. ବାଲି ଓ ପଙ୍କ ମିଶା ମାଟି ।

**loamy** ବିଂ. ମଟାଳ ।

**loan** 1. ବି. ଧାର, ଋଣ, କରଜ, ଯାହା ଧାର ଦିଆଯାଏ; କରଜ ଦିଆଯାଇଥିବା ଟଙ୍କା; 2. *କ୍ରି.* ଧାର ଦେବା ।

**loan-word** ବି. *ଭାଷା* କୌଣସି ଭାଷାରେ ଅନ୍ୟଭାଷାରୁ ଆନୀତ ଶବ୍ଦ ।

**loath, loth** ବିଂ. ଅନିଚ୍ଛୁକ, ନାରାଜ, ବିମୁଖ ।

**loathe** *କ୍ରି.* ଖୁବ୍ ଘୃଣା କରିବା, ଭଲ ନ ପାଇବା; ବି. loathing.

**loathsome** ବିଂ. ଘୃଣା ଉତ୍ପାଦକ, ବିରକ୍ତିକର; ବୀଭତ୍ସ ।

**loaves** ବି. loafର ବ.ବ. ।

**lob** 1. *କ୍ରି.* ବଲ୍‌କୁ ଉଚ୍ଚକୁ ଆଘାତ କରିବା ବା ଉପରେଇ କରି ଦେବା; 2. ବି. ବଲ୍‌ର ମନ୍ଥର ଉପରିଆ ନିକ୍ଷେପଣ ।

**lobar** *ଦ୍ର.* lobe.

**lobby** 1. ବି. ପ୍ରବେଶ ଗୃହ, ଦାଣ୍ଡଘର, ଏକାଧିକ କୋଠରୀର ପ୍ରବେଶପଥ, ଅପେକ୍ଷା ଗୃହ ବାରଣ୍ଡା; ସଂସଦର ଗୃହର ବାରଣ୍ଡା; 2. *କ୍ରି.* (ସଂସଦ ଗୃହର) ଲବିକୁ ଯାଇ ସଭ୍ୟମାନଙ୍କୁ ପ୍ରଭାବିତ କରିବା (କୌଣସି ଆଇନ୍ ପାସ୍ କରାଇଦେବା ଉଦ୍ଦେଶ୍ୟରେ) ।

Digitized by srujanika@gmail.com

**lobbyist** ବି. ବ୍ୟବସ୍ଥାପକ ସଭା ଗୃହକୁ ସର୍ବଦା ଯିବା ଆସିବା କରୁଥିବା (ବିଶେ. ପେଶାଦାର) ବ୍ୟକ୍ତି ।

**lobe** ବି. କାନର ମାଂସଳ ଓହଳା ଅଂଶ; ଯକୃତ, ମସ୍ତିଷ୍କ ଓ ଫୁସ୍‌ଫୁସ୍‌ର ଅନୁରୂପ ଅଂଶ; ବିଂ. lobar; lobed.

**lobotomy** ବି. ମାନସିକ ବ୍ୟାଧି ଦୂରୀକରଣ ନିମନ୍ତେ ମସ୍ତିଷ୍କ ସମ୍ମୁଖସ୍ଥ ଶ୍ୱେତବର୍ଣ୍ଣର ସ୍ନାୟୁତନ୍ତୁରେ ଅସ୍ତ୍ରୋପଚାର ।

**lobster** ବି. ବଡ଼ ବାଗ୍‌ଦା ଚିଙ୍ଗୁଡ଼ି; ବିଛାକାଳିଆ ଚିଙ୍ଗୁଡ଼ି, ଖାଦ୍ୟରୂପେ ବ୍ୟବହୃତ ଏହାର ମାଂସ; lobster-pot ଚିଙ୍ଗୁଡ଼ିଧରା ଟୋକେଇ ବା ଖାଲୋଇ ।

**lobworm** ବି. ବଡ଼ ଜିଆ ବା କେଞ୍ଚୁଆ (ଯାହା ମାଛଧରାର ଚାରାରୂପେ ବ୍ୟବହୃତ ହୁଏ) ।

**local** 1. ବିଂ. ସ୍ଥାନୀୟ, ସ୍ଥାନିକ, (କୌଣସି ନିର୍ଦ୍ଦିଷ୍ଟ ସ୍ଥାନର ରୋଗ ସଂପର୍କରେ) ଶରୀରର କୌଣସି ନିର୍ଦ୍ଦିଷ୍ଟ ଅଂଶରେ ବ୍ୟାପ୍ତ; 2. ବି. ନିର୍ଦ୍ଦିଷ୍ଟ କୌଣସି ସ୍ଥାନର ଅଧିବାସୀ; ସ୍ଥାନୀୟ ରେଳ, ମଟର ଗମନ ବ୍ୟବସ୍ଥା; କ୍ରି.ବିଂ. locally.

**local authority** ବି. ସ୍ୱାୟତ୍ତ ପ୍ରାଧିକାରୀ ।

**local colour** ବି. କାହାଣୀ ପ୍ରଭୃତିରେ ପଟ୍ଟଭୂମିକୁ ପ୍ରାଣବନ୍ତ କରିବା ଉଦ୍ଦେଶ୍ୟରେ ପ୍ରଦତ୍ତ ବିଶଦ ବର୍ଣ୍ଣନା ।

**locale** ବି. ଘଟଣାର ସ୍ଥାନ; କାର୍ଯ୍ୟ କ୍ଷେତ୍ର ।

**local government** ବି. ସ୍ଥାନୀୟ ଶାସନ; ସ୍ୱାୟତ୍ତ ଶାସନ ।

**locality** ବି. ଜାଗା, ଅବସ୍ଥାନ, ଅଞ୍ଚଳ, ଜିଲ୍ଲା ।

**localize** କ୍ରି. ସ୍ଥାନ ନିର୍ଦ୍ଦେଶ ବା ନିରୂପଣ କରିବା; କୌଣସି ସ୍ଥାନର ଚାରିତ୍ରିକ ବୈଶିଷ୍ଟ୍ୟ ବିନିଯୋଗ କରିବା ।

**local time** ବି. ସ୍ଥାନୀୟ ସମୟ ।

**locate** କ୍ରି. ଅବସ୍ଥିତି ନିର୍ଣ୍ଣୟ କରିବା; ସ୍ଥାନ ନିରୂପଣ କରିବା; ଠିକ୍ ସ୍ଥାନ ଖୋଜି ବାହାର କରିବା ।

**location** ବି. ସ୍ଥାନ ନିର୍ଣ୍ଣୟ ବା ନିର୍ଦ୍ଦେଶ; ନିର୍ଦ୍ଦିଷ୍ଟ ସ୍ଥାନ; on location (ଚଳଚ୍ଚିତ୍ର ଉତ୍ତୋଳନ ସମ୍ପର୍କରେ) ଷ୍ଟୁଡ଼ିଓ ବାହାରେ, ପ୍ରାକୃତିକ ପରିବେଶରେ ।

**locative** ବ୍ୟା. 1. ବି. ଅଧିକରଣ କାରକ; 2. ବିଂ. ଆଧାର ସମ୍ବନ୍ଧୀୟ ସ୍ଥାନାଧିକରଣ ସୂଚକ ।

**loc. cit.** ସଂଘ. *loco citato* ଉଲ୍ଲିଖିତ ସ୍ଥାନରେ; ତତ୍ରୈବ ।

**loch** ବି. ସ୍କଟ୍. ହ୍ରଦ; ଭୂଭାଗ ବେଷ୍ଟିତ ସାଗରର ଅଂଶ ।

**loci** ବି. locusର ବ.ବ. ।

**lock**[1.] 1. ବି. କୋଳପ, ତାଲା; ନାଳ ବା ନଦୀର କବାଟି ବା ଲକ୍ (ଯେଉଁଠି ନୌକା ଗୁଡ଼ିକୁ ଜଳପତନର ଗୋଟିଏ ସ୍ତରରୁ ଅନ୍ୟ ସ୍ତରକୁ ଅଣାଯାଏ); ବନ୍ଧୁକ ବା ତୋପ ଫୁଟାଇବା ଉପକରଣ; ଚକର ଗତିରୋଧକ ଯନ୍ତ୍ର; (ମଲ୍ଲଯୁଦ୍ଧରେ) ପ୍ରତିଦ୍ୱନ୍ଦ୍ୱୀର ବାହୁ ଚାଳନା ବନ୍ଦ କରିବାର କୌଶଳ; lock forward ରଗ୍‌ବୀ ଖେଳର ଦ୍ୱିତୀୟ ଧାଡ଼ିରେ ଥିବା ଖେଳାଳି; 2. କ୍ରି. ତାଲାଦେବା; (ଘର) ବନ୍ଦ କରିବା; (ଲୋକକୁ) ବନ୍ଦୀ କରିବା; ଘେରାଇବା; ଆୟତ୍ତ କରିବା; କୁଣ୍ଢାଇ ଧରିବା; ଆବଦ୍ଧ କରିବା; under lock and key ତାଲା ବନ୍ଦକରି ରଖିବା; ବିଂ. lockable.

**lock**[2.] ବି. ଏକତ୍ର ଝୁଲୁଥିବା କେଶର ଅଂଶ ବିଶେଷ, କେଶଗୁଚ୍ଛ; ବାଳପେଣ୍ଡା ।

**locker** ବି. ଆଲମାରୀର ତାଲାଯୁକ୍ତ ଖୋପ ବା ଦରଜା ।

**locket** ବି. ସ୍ୱର୍ଣ୍ଣ ବା ରୌପ୍ୟ ନିର୍ମିତ ପଦକ; କଣ୍ଠହାର ଦୋଳକ, ଲକେଟ୍ ।

**lockjaw** ବି. ଧନୁଷ୍ଟଙ୍କାର ରୋଗରେ ଜାବ ପଡ଼ିଯିବା ଅବସ୍ଥା ।

**lock–keeper** ବି. ନାଳପ୍ରଭୃତିର ଲକ୍ ଦାୟିତ୍ୱରେ ଥିବା ବ୍ୟକ୍ତି ।

**lock–knit** ବିଂ. ଛନ୍ଦାଛନ୍ଦିହୋଇ ବୁଣାଯାଇଥିବା ।

**lockout** ବି. (ମାଲିକ ପକ୍ଷରୁ) କାରଖାନାରେ ତାଲାବନ୍ଦ ଘୋଷଣା ।

**locksmith** ବି. ତାଲା କାରିଗର ।

**lock–stich** ବି. ସିଲାଇ ମେସିନ୍ ଦ୍ୱାରା କରାଯାଇଥିବା ଏକ ପ୍ରକାର ଦୃଢ଼ ସିଲାଇ ।

**lock, stock and barrel** କ୍ରି.ବିଂ. କୌଣସି ଜିନିଷର ସମଗ୍ର; ସମ୍ପୂର୍ଣ୍ଣ ଭାବରେ ।

**lock–up** 1. ବି. ଗାରଦ, ହାଜତ୍ ଘର; 2. ବିଂ. ତାଲା ପଡ଼ିବା ଯୋଗ୍ୟ ।

**loco** ବି. କ.ଭା. ସଂଘ. locomotive ବାଷ୍ପୀୟ ଇଞ୍ଜିନ୍ ।

Digitized by srujanika@gmail.com

**locomotion** ବି. ଗତିଶକ୍ତି, ସଂଚରଣ ଶକ୍ତି, ଚଳନ ଶକ୍ତି, ପରିଭ୍ରମଣ; ଭ୍ରମଣର (କୃତ୍ରିମ) ଉପାୟ ।

**locomotive** 1. ବି. ରେଳଗାଡ଼ିର ଇଞ୍ଜିନ୍; 2. ବିଂ. ଗତିଶୀଳ, ସଞ୍ଚରଣଶୀଳ ।

**locus** ବି. (ବ.ବ. loci) ନିର୍ଦ୍ଦିଷ୍ଟ ସ୍ଥାନ; *ଗଣିତ* ନିର୍ଦ୍ଦିଷ୍ଟ ନିୟମାନୁଯାୟୀ ବିନ୍ଦୁଦ୍ୱାରା ଅଙ୍କିତ ରେଖା, ସଂଚାରପଥ, ବିନ୍ଦୁପଥ ।

***locus classicus*** ବି. (ବ.ବ. *loci classici*) କୌଣସି ବିଷୟରେ ବିଖ୍ୟାତ ବା ପ୍ରାମାଣିକ ପରିଚ୍ଛେଦ । *(ଲା.)*

**locust** ବି. ପଙ୍ଗପାଳ, ଶସ୍ୟନାଶକ ପତଙ୍ଗ; ସର୍ବଗ୍ରାସୀ ବା ସର୍ବବିଧ୍ୱଂସୀ ବ୍ୟକ୍ତି ।

**locution** ବି. ବାକ୍‌ଭଙ୍ଗୀ; କଥନ ରୀତି; ଶବ୍ଦ, ବାକ୍ୟାଂଶ ବା ରୁଢ଼ି ।

**lode** ବି. ଭୂଗର୍ଭସ୍ଥ ଧାତୁ ସ୍ତର ।

**lodestar** ବି. ଦିଗ ନିର୍ଣ୍ଣୟକାରୀ ତାରା, *ବିଶେ.* ଧ୍ରୁବତାରା; ପରିଚାଳନା ନୀତି; ଲକ୍ଷ୍ୟସ୍ଥଳ ।

**lodestone** ବି. (loadstone ମଧ୍ୟ) ଲୌହର ମେଗ୍ନେଟିକ୍ ଅକ୍‌ସାଇଡ୍; ଚୁମ୍ବକଭାବେ ବ୍ୟବହୃତ ଏହି ବସ୍ତୁ; ଆକର୍ଷଣକାରୀ ବସ୍ତୁ ।

**lodge** 1. ବି. ବସାଘର, ଛୋଟଘର; ବଡ଼ଘର ବା ଉଦ୍ୟାନ ଘର ସମ୍ମୁଖସ୍ଥ ଦରବାନ୍‌ର ରହିବା ଘର; ପଲ୍ଲୀ ନିବାସ; କାରଖାନା, କଲେଜ ପ୍ରଭୃତିର ଫାଟକ ନିକଟରେ ଥିବା ଦରବାନ୍‌ର ଛୋଟ କୋଠରୀ; ଫ୍ରିମେସନ ସମ୍ପ୍ରଦାୟ ବିଶେଷର ମିଳନ ମନ୍ଦିର; ଓଧ ଆଦି ଜନ୍ତୁମାନଙ୍କର କୋଟର; 2. *କ୍ରି.* ଅସ୍ଥାୟୀ ବାସଗୃହ ଯୋଗାଇ ଦେବା; ଘରେ ସ୍ଥାନଦେବା; ଅତିଥି ସ୍ୱରୂପ ଗ୍ରହଣ କରିବା; ଅନ୍ୟଘରେ ଭଡ଼ାଦେଇ ରହିବା; ନିରାପତ୍ତା ନିମନ୍ତେ (ଅର୍ଥ ଆଦି) ଜମା ରଖିବା; ଅଭିଯୋଗ ଆଦି ଦାଖଲ କରିବା; ଦୃଢ଼ ଭାବେ ସ୍ଥାପିତ କରିବା; ରଖାଇ ଦେବା; ଲାଖିଯିବା ।

**lodger** ବି. ଭଡ଼ାଟିଆ ।

**lodging** ବି. ଭଡ଼ାଘର, ବାସଗୃହ, ବ.ବରେ ଯାତ୍ରୀ ନିବାସ ।

**loess** ବି. ନଦୀ ଉପତ୍ୟକାରେ ବାୟୁବାହିତ ପଚ୍ଚମାଟି ।

**loft** 1. ବି. ଭାଡ଼ି; ଆଟୁଘର; ଅସ୍ତାବଲର ଉପର ଘର (ଘାସ ନଡ଼ା ପ୍ରଭୃତି ରଖିବା ପାଇଁ); ଗୀର୍ଜା ବା ପ୍ରଶସ୍ତ ଗୃହର କ୍ରମୋଚ୍ଚ ଆସନ ଶ୍ରେଣୀ ବା ଗେଲେରୀ; ପାରାଭାଡ଼ି; ଗଲ୍‌ଫ ଖେଳରେ ବ୍ୟବହୃତ ଦଣ୍ଡର ଅଗ୍ରଭାଗର ଗଡ଼ାଣିଆ ଅଂଶ; 2. *କ୍ରି.* ଗଲ୍‌ଫ ଦଣ୍ଡଦ୍ୱାରା ପେଣ୍ଡୁକୁ ଉପରିଆ ମାରିବା ।

**lofty** ବିଂ. ଅତି ଉଚ୍ଚ, ଉତ୍ତୁଙ୍ଗ, ଗର୍ବିତ, ଦାମ୍ଭିକ, ଅହଙ୍କାରପୂର୍ଣ୍ଣ; ଉଚ୍ଚଭାବପୂର୍ଣ୍ଣ, ଉନ୍ନତ, ମହାନ୍; *କ୍ରି.ବିଂ.* loftily; ବି. loftiness.

**log**[1.] 1. ବି. କାଠଗଣ୍ଡି, କାଠଗଡ଼ *ବିଶେ.* ଜାଳେଣିପାଇଁ; *ଜଡି.* ଜାହାଜ ବା ଉଡ଼ାଜାହାଜର ଯାତ୍ରା ସମ୍ବନ୍ଧୀୟ ବିବରଣ; ଯେ କୌଣସି କାର୍ଯ୍ୟର ବିବରଣ; ଜାହାଜର ଗତିବେଗ ପରିମାପକ ଯନ୍ତ୍ର; 2. *କ୍ରି.* ଜାହାଜର ବିବରଣୀ ପୁସ୍ତକରେ ଲିପିବଦ୍ଧ କରିବା; ଗଛକାଟି କାଠକୁ ଗଡ଼ କରିବା; sleep like a log ସୁଖ ନିଦ୍ରାରେ ଶୋଇବା ।

**log**[2.] ବି. *ସଂଶ.* logarithm ଲଗାରିଦମ୍ ।

**logarithm** ବି. ଲଗାରିଦ୍‌ମ୍; ଲଘୁ ଗୁଣକ, ଘାତାଙ୍କ ଗଣକ; ବିଂ. logarithmic; *କ୍ରି.ବିଂ.* logarithmically.

**logbook** ବି. ଯାନମାନଙ୍କର କାଗଜପତ୍ର; ବିବରଣୀ ପୁସ୍ତକ ।

**log-cabin** ବି. କାଠଗଡ଼ଦ୍ୱାରା ନିର୍ମିତ ଉଠାଘର ।

**loggerhead** ବି. at loggerheads ପରସ୍ପର ବିବାଦରେ ପ୍ରବୃତ୍ତ ।

**loggia** ବି. ଛାତ ଥିବା ମେଲା ବା ବାରଣ୍ଡା ।

**logic** ବି. ନ୍ୟାୟଶାସ୍ତ୍ର, ତର୍କଶାସ୍ତ୍ର; ଯୁକ୍ତି, ତର୍କର ପ୍ରଣାଳୀ ବା ଧାରା; ବାଧତା, କାର୍ଯ୍ୟକରିବାର ପରମ୍ପରା; କଂପ୍ୟୁଟର ପ୍ରଭୃତିର ଡିଜାଇନ୍ ପ୍ରସ୍ତୁତିର ନିୟମ; ଏହି ନିୟମ ବ୍ୟବହାର କରୁଥିବା ସର୍କିଟ (circuit); ବିଂ. logician.

**-logic** ସଂ. (logical ମଧ୍ୟ) ବିଶେଷ୍ୟକୁ ବିଶେଷଣରେ ପରିବର୍ତ୍ତନ କରିବା ନିମନ୍ତେ ବ୍ୟବହୃତ ପ୍ରତ୍ୟୟ ଯଥା- psychological, geological.

**logical** ବିଂ. ତର୍କଶାସ୍ତ୍ରସମ୍ବନ୍ଧୀୟ, ଯୁକ୍ତିଯୁକ୍ତ, ସଙ୍ଗତ; ବି. logicality; *କ୍ରି.ବିଂ.* logically.

**logician** ବି. ଯୁକ୍ତିଶାସ୍ତ୍ରନିପୁଣ ବ୍ୟକ୍ତି; ନୈୟାୟିକ, ତାର୍କିକ ।

**-logist** *ପ.ପ୍ର.* 'ନିପୁଣ' ଅର୍ଥରେ ବିଶେଷ୍ୟପଦ ନିମନ୍ତେ ବ୍ୟବହୃତ ପ୍ରତ୍ୟୟ (pathologist, geologist).

**logistics** ବି. ବ.ବ. ସୈନ୍ୟଚାଳନା ବା ଅସ୍ତ୍ରଶସ୍ତ୍ରାଦିର ପ୍ରୟୋଗ, ଯୋଗାଣପ୍ରଭୃତି ସଂଗଠନ; ଯେ କୌଣସି ଜଟିଳ କାର୍ଯ୍ୟର

Digitized by srujanika@gmail.com

ସଂଗଠନ; ବିଂ. logistic, logistical; କ୍ରି.ବିଂ. logistically.

**logo** ବି. କୌଣସି ସଂସ୍ଥା ବା ସଂଗଠନର ପ୍ରତୀକ (ପ୍ରଦର୍ଶିତ ହେବାପାଇଁ ଉଦ୍ଦିଷ୍ଟ)।

**Logos** ବି. ଭଗବତ୍ ବାଣୀ, ଶବ୍ଦବ୍ରହ୍ମ, ତ୍ରିମୂର୍ତ୍ତିର ଦ୍ୱିତୀୟ ସତ୍ତା।

**logwood** ବି. ଓ୍ୱେଷ୍ଟ ଇଣ୍ଡିଜ୍‌ର ବୃକ୍ଷବିଶେଷ; ରକ୍ତଚନ୍ଦନ ତୁଲ୍ୟ ତାହାର ଲାଲ କାଠ (ରଙ୍ଗ କରିବା ନିମନ୍ତେ ବ୍ୟବହୃତ)।

**–logy** *ପ.ପ୍ର.* ଶାସ୍ତ୍ର, ବିଦ୍ୟା, ଅଧ୍ୟୟନ ପ୍ରଭୃତି ଅର୍ଥସୂଚକ ପ୍ରତ୍ୟୟ ଯାହା ବିଶେଷ୍ୟ ପଦ ନିମନ୍ତେ ବ୍ୟବହୃତ ହୁଏ (biology, triology, tautology).

**loin** ବି. ଅଣ୍ଟା ବା କଟିଭାଗ; ପଶୁର ଅଣ୍ଟାରୁ କାଟି ନିଆଯାଇଥିବା ମାଂସଖଣ୍ଡ।

**loincloth** ବି. କଟିବାସ, କୌପୀନ, ଲେଙ୍ଗୁଟି।

**loiter** *କ୍ରି.* ଲଙ୍ଗପଙ୍ଗ ହେବା, ବିଳମ୍ବ କରିବା, ଏପାଖ ସେପାଖ ହେବା; ବି. loiterer.

**loll** *କ୍ରି.* ଅଳସ ଭାବେ କାର୍ଯ୍ୟ କରିବା, ଠିଆହେବା, ବା ବସିବା; ହାତଭରା ଦେଇ ବିଶ୍ରାମ ନେବା; ଜିଭ ଲହଲହ କରିବା।

**lollipop** ବି. ଛୋଟକାଠି ଅଗରେ ଥିବା ବର୍ତ୍ତୁଳ ମିଠାଇ; ଲଲିପପ୍।

**lollipop lady (man)** ବି. *କ.ଭା.* ଯାନବାହନ ନିୟନ୍ତ୍ରଣ କରି ଛୋଟପିଲାମାନଙ୍କୁ ରାସ୍ତା ପାର କରାଇବା ନିମନ୍ତେ ଗୋଲାକାର ଅଗଥିବା ବାଡ଼ିରେ ସୂଚନା ଦେଉଥିବା ବ୍ୟକ୍ତି।

**lollop** *କ୍ରି. କ.ଭା.* ଉଦ୍ଦେଶ୍ୟହୀନ ଭାବେ ବୁଲିବା।

**lolly** ବି. *କ.ଭା.* ଲଲିପପ୍; *ସା.ପ୍ର.* ଟଙ୍କାପଇସା।

**London clay** ବି. ଦ:ପୂ: ଇଂଲଣ୍ଡର ଇଓସିନ୍‌ର ଭୂତାତ୍ତ୍ୱିକ ଗଠନ।

**Londoner** ବି. ଲଣ୍ଡନ ଅଧିବାସୀ।

**lone** ବିଂ. ଏକାକୀ, ନିଃସଙ୍ଗ; ନିର୍ଜନ, ନିକାଂଚନ; ଅବିବାହିତ ବା ଅବିବାହିତା।

**lonehand** ବି. ଏକାକୀ ପ୍ରତିପକ୍ଷ ବିରୁଦ୍ଧରେ ଖେଳୁଥିବା ବ୍ୟକ୍ତି; ସହାୟହୀନ ବ୍ୟକ୍ତି ବା କାର୍ଯ୍ୟ।

**lonely** ବିଂ. ସାଥିହୀନ ବା ବନ୍ଧୁହୀନ, ଏଥି ନିମନ୍ତେ ବିଷଣ୍ଣ; ଏକାକୀ; ନିକାଞ୍ଚନ, ନିର୍ଜନ, ବାସର ଅଯୋଗ୍ୟ; ବି. loneliness.

**loner** ବି. ନିଃସଙ୍ଗବ୍ୟକ୍ତି ବା ପ୍ରାଣୀ; ଏକୁଟିଆ କାମ କରିବାକୁ ଉତ୍ସୁକ ବ୍ୟକ୍ତି।

**lonesome** ବିଂ. ନିର୍ଜନ, ନିଛାଟିଆ।

**lone wolf** ବି. ନିଃସଂଗ, ଅନ୍ୟସହ ମିଶି କାମ କରିବାକୁ ଅନିଚ୍ଛୁକ ବ୍ୟକ୍ତି ବା ପ୍ରାଣୀ।

**long**[1.] 1. ବିଂ. ଲମ୍ବା, ଦୀର୍ଘ, ସୁଦୂରପ୍ରସାରୀ; (ସମୟସମ୍ପର୍କରେ) ଦୀର୍ଘକାଳବ୍ୟାପୀ, ମନ୍ଥର–ଗାମୀ, ବିଳମ୍ବିତ, ବହୁଦିନରୁ ପ୍ରଚଳିତ; ଦୂରବର୍ତ୍ତୀ; *ଭାଷା* (ସ୍ୱରବର୍ଣ୍ଣ ବା ମାତ୍ରା ସମ୍ପର୍କରେ) ଗୁରୁ, ଦୀର୍ଘ; 2. ବି. ଦୀର୍ଘ ସମୟ, ଦୀର୍ଘ ବ୍ୟବଧାନ; 3. *କ୍ରି.ବିଂ.* ଦୀର୍ଘକାଳ ଧରି; as (so) long as ଏହି ସର୍ତ୍ତରେ ଯେ; before long ଶୀଘ୍ର; in the long run (term) ପରିଣାମରେ, ଶେଷରେ; the long and the short of it ମୋଟକଥା, ସାରକଥା, ଅସଲକଥା, ସଂକ୍ଷିପ୍ତସାର; ବିଂ. longish.

**long**[2.] *କ୍ରି.* ଅଭିଳାଷ ପୋଷଣ କରିବା।

**longboat** ବି. ପାଲଟଣା ଜାହାଜବାହିତ ବଡ଼ନୌକା।

**longbow** ବି. ହସ୍ତଚାଳିତ ବିରାଟ ଧନୁ।

**long–distance** *ଗୁଣ.* ବିଂ. ଦୂରବର୍ତ୍ତୀ ସ୍ଥାନ ମଧ୍ୟରେ ଯାତାୟତ ବା କାର୍ଯ୍ୟ କରୁଥିବା।

**longeron** ବି. ଲମ୍ବଭାବରେ ବିସ୍ତୃତ ଉଡ଼ାଜାହାଜର ଅଂଶ।

**longevity** ବି. *ଔପ.* ପରମାୟୁ, ଦୀର୍ଘଜୀବନ।

**long face** ବି. ବିରକ୍ତିକର ମୁଖଭଙ୍ଗୀ।

**long–haired** ବି. ବୁଦ୍ଧିଜୀବୀ; ହିପ୍ପୀ।

**longhand** ବି. ସାଧାରଣ ହାତଲେଖା।

**long–headed** ବିଂ. ଚତୁର, କୌଶଳୀ, ଦୂରଦୃଷ୍ଟି ସଂପନ୍ନ।

**longing** ବି. ବ୍ୟାକୁଳତା, ଅଭିଳାଷ।

**long in the tooth** *ଗୁଣ.* ବିଂ. *କ.ଭା.* ବୃଦ୍ଧ।

**longitude** ବି. ଦ୍ରାଘିମା।

**longitudinal** ବିଂ. ଦୈର୍ଘ୍ୟ ବା ଦ୍ରାଘିମାଂଶର ସମ୍ପର୍କୀୟ, ଲମ୍ବଭାବରେ ବିସ୍ତୃତ; *କ୍ରି.ବିଂ.* longitudinally.

**long jump** ବି. ଲମ୍ବାଡିଆଁ; ଲମ୍ବ ବାଗରେ ଡେଇଁବା।

**long–life** ବିଂ. ଦୀର୍ଘ ସମୟ ଧରି ଅବିକୃତ ରହୁଥିବା (ଦୁଧ ପ୍ରଭୃତି)।

**long–lived** ବିଂ. ଦୀର୍ଘସ୍ଥାୟୀ; ଦୀର୍ଘଜୀବୀ।

**long–playing** ବିଂ. ୧୫–୩୦ ମିନିଟ୍ ବାଜୁଥିବା (ଗ୍ରାମୋଫୋନ୍ ରେକର୍ଡ଼)।

Digitized by srujanika@gmail.com

**long–range** ବିଂ. ସୁଦୂର ଲକ୍ଷ୍ୟଭେଦୀ ।
**long shore** *ଗ୍ରଣ.* ବିଂ. ବେଳାଭୂମିରେ ପ୍ରାପ୍ତ; ବେଳାଭୂମିରେ ନିଯୁକ୍ତ (ବିଶେଷତଃ ବନ୍ଦର ନିକଟରେ)।
**longshoreman** ବି. *ଆମେ.* ଜାହାଜରୁ ମାଲ ଚଢ଼ାଇବା ଓହ୍ଲାଇବା କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତି ।
**long shot** ବି. ଦୁଃସାହସିକ ଅନୁମାନ ବା ପ୍ରଚେଷ୍ଟା; not by a long shot କୌଣସି ମତେ ନୁହେଁ।
**long–sighted** ବିଂ. ଦୂର ବସ୍ତୁ ଦେଖିବାରେ ସକ୍ଷମ; ଦୂର ଦୃଷ୍ଟିସଂପନ୍ନ ।
**long–standing** ବିଂ. ଦୀର୍ଘସ୍ଥାୟୀ ।
**long–suffering** ବିଂ. ଦୀର୍ଘକାଳଧରି ସହ୍ୟ କରୁଥିବା ।
**long–term** ବିଂ. ଦୀର୍ଘମିଆଦୀ; ବହୁ ସମୟ ବ୍ୟାପୀ ।
**long wave** ବି. ୩୦୦ କିଲୋହର୍ଜ୍ ଫ୍ରିକ୍ୱେନ୍ସିରୁ କମ୍ ବେତାର ତରଙ୍ଗ ।
**longways** *କ୍ରି.*ବିଂ. ଲମ୍ବାଳିଆ, ଲମ୍ବଭାବରେ ।
**long–winded** ବିଂ. (ଲେଖା ବା ବକ୍ତୃତା ସମ୍ପର୍କୀୟ) ବିରକ୍ତିଜନକ ଭାବେ ଦୀର୍ଘ ।
**loo** ବି. *କ.ଭା.* ପାଇଖାନା, ଶୌଚାଳୟ ।
**loofah** ବି. ପିତା ତରଡ଼ାର ଶୁଖିଲା ଖୋଳ (ଗାଧୋଇବା ବେଳେ ଦେହ ପରିଷ୍କାର କରିବା ନିମନ୍ତେ ବ୍ୟବହୃତ)।
**look** *କ୍ରି.* ଦେଖିବା; ଚାହିଁବା; ଦୃଷ୍ଟିପାତକରିବା; ଆଖି ଫେରାଇବା; ଦେଖିବାକୁ ଚେଷ୍ଟା କରିବା; ସ୍ଥିର ଦୃଷ୍ଟିରେ ଚାହିଁବା; ବିସ୍ମିତ ହୋଇ ଅନାଇବା; ବିସ୍ମୟପ୍ରକାଶ କରିବା; ଭଲଭାବେ ବିଚାରିବା; ବିବେଚନା କରିବା; ଅନୁସନ୍ଧାନ କରିବା; 2. ବି. ଦେଖା; ଚାହାଣି; ଦୃଷ୍ଟି; ଚେହେରା, ଫେଶନ୍, 3. *ଅବ୍ୟ.* (look here ମଧ୍ୟ) ପ୍ରତିବାଦ କରିବା ବା ଆଦେଶ ଦେବା ଅର୍ଥରେ ପ୍ରଯୁକ୍ତ; look after ତତ୍ତ୍ୱନେବା, ଦୃଷ୍ଟି ଦେବା; look at ଚାହିଁବା, ଦୃଷ୍ଟିପାତ କରିବା; look down on (upon) ଘୃଣା କରିବା, ଅବଜ୍ଞା ପ୍ରଦର୍ଶନ କରିବା, ଉପେକ୍ଷା କରିବା; look for ଅନ୍ୱେଷଣ କରିବା, ଖୋଜିବା, ଆଶା କରିବା; look forward to ଆଶା କରିବା; look in ମୁହଁମାରିଦେଇ ଆସିବା; ଅଳ୍ପ ସମୟ ପାଇଁ ସାକ୍ଷାତ କରିବା; look into ତନ୍ନ ତନ୍ନ କରିଦେଖିବା, ଅନୁସନ୍ଧାନ କରିବା; look on ଲକ୍ଷ୍ୟକରିବା, ଦର୍ଶକ ସ୍ୱରୂପ ଦେଖିବା; look one's age ବୟସର ଅନୁରୂପ ଚେହେରା ଦେଖାଯିବା; look oneself ଭଲ ଦେଖାଯିବା (ସ୍ୱାସ୍ଥ୍ୟ ଦୃଷ୍ଟିରୁ); look out ପଦାକୁ ଚାହିଁବା; ଖୋଜି ବାହାର କରିବା; ସାବଧାନ କରିବା; ଲକ୍ଷ୍ୟ କରିବା; look over ପରିଦର୍ଶନ କରିବା; look sharp (smart) ତତ୍ପର ହୁଅ, ଜଲ୍‌ଦି କର; look to ବିବେଚନା କରିବା; ତତ୍ତ୍ୱ ନେବା, ମନ ଦେବା; look up ବହି ପ୍ରଭୃତିରୁ ତଥ୍ୟ ବା ଅର୍ଥ ଖୋଜିବା; *କ.ଭା.* (କାହାକୁ) ଦେଖାକରିବାକୁ ଯିବା; ଉନ୍ନତି କରିବା; ଦର ଚଢ଼ାଇବା; ଅନୁଧ୍ୟାନ କରିବା; look up to କାହାକୁ ସମ୍ମାନ ବା ପ୍ରଶଂସା କରିବା ।
**look–alike** ବି. ଏକାଭଳି ଦିଶୁଥିବା ବ୍ୟକ୍ତି ବା ବସ୍ତୁ ।
**looker** ବି. ନିର୍ଦ୍ଦିଷ୍ଟ ଧରଣର ଚେହେରାର ବ୍ୟକ୍ତି; *କ.ଭା.* ଆକର୍ଷଣୀୟ ଚେହେରାର ସ୍ତ୍ରୀଲୋକ ।
**looker–on** ବି. ଦେଖଣାହାରି, ଦର୍ଶକ ।
**looking–glass** ବି. ଦର୍ପଣ ।
**lookout** ବି. ନଜର; ସତର୍କଦୃଷ୍ଟି, ସତର୍କ ପର୍ଯ୍ୟବେକ୍ଷଣ; ଚାହାଣି ମଣ୍ଡପ ବା ମଞ୍ଚ; ଯେ ଗତିବିଧି ଲକ୍ଷ୍ୟ କରୁଥାଏ; ସମ୍ଭାବନା; ବ୍ୟକ୍ତିର ନିଜ ଭାବିବାର ବିଷୟ, ଦାୟିତ୍ୱ ।
**loom**[1.] ବି. (ଲୁଗାବୁଣା) ତନ୍ତ ।
**loom**[2.] *କ୍ରି.* ଅସ୍ପଷ୍ଟ ଭାବରେ ଦେଖାଯିବା; ପ୍ରକୃତ ଆକାର ଅପେକ୍ଷା ବଡ଼ ବା ଭୟଙ୍କର ଦେଖାଯିବା ।
**loon** ବି. ଏକପ୍ରକାର ଜଳଚର ପକ୍ଷୀ; *ସା.ପ୍ର.* ପାଗଳ ଲୋକ ।
**loony** ବି., ବିଂ. *ସା.ପ୍ର.* ପାଗଳ ।
**loony–bin** ବି. *ସା.ପ୍ର. ଅପ.* ପାଗଳ ଗାରଦ; ମାନସିକ ଚିକିତ୍ସାଳୟ ।
**loop** 1. ବି. ପାଶ; ଦଉଡ଼ି ବା ଶିକୁଳିର ଫାଶ; ବକ୍ର ବା ବର୍ତ୍ତୁଳ ଘେର ବା ବେଢ଼; ଜନ୍ମନିୟନ୍ତ୍ରଣ ନିମନ୍ତେ ବ୍ୟବହୃତ ଲୁପ୍; ବିଦ୍ୟୁତ ପ୍ରବାହର ସମ୍ପୂର୍ଣ୍ଣ ଗତିପଥ; 2. *କ୍ରି.* ଫାଶ ପକାଇବା, ଫାଶରେ ବାନ୍ଧିବା; loop the loop ଆକାଶରେ ବାୟୁଯାନରେ ଓଲଟ ବାଜି କୌଶଳ ଦେଖାଇବା ।
**loophole** ବି. କ୍ଷୁଦ୍ର ରନ୍ଧ୍ର (ଦୁର୍ଗ କାନ୍ଥରେ); କୌଣସି ନିୟମ ଏଡ଼ିବା ପାଇଁ ବାଟ ବା ସୁବିଧା ।
**loop–line** ବି. ପ୍ରଧାନ ରେଳପଥ ବା ଟେଲିଗ୍ରାଫ୍ ଲାଇନ୍‌ରୁ ଯେଉଁ ଶାଖା ଅଂଶ କିଛି ଦୂରଯାଇ ପୁଣି ପ୍ରଧାନ ଲାଇନ୍‌ରେ ମିଶିଥାଏ ।

Digitized by srujanika@gmail.com

**loopy** ବିଂ. *ସା.ପ୍ର.* ପାଗଳ, ନିର୍ବୋଧ ।

**loose** 1. ବିଂ. ଢ଼ିଲା; ହୁଗୁଳା; ଶିଥିଳ; ବନ୍ଧନମୁକ୍ତ; ଅନିଶ୍ଚିତ, ତ୍ରୁଟିପୂର୍ଣ୍ଣ, ନୀତିଭ୍ରଷ୍ଟ, ଅସଂଯତ; 2. କ୍ରି. ଖୋଲିଦେବା, ଛିଣ୍ଡାଇଦେବା, ମୁକ୍ତ କରିଦେବା; at a loose end ବେକାର ବା କାର୍ଯ୍ୟହୀନ; on the loose କାରାଗାର ବା ବନ୍ଧନରୁ ଖସି ଚାଲିଯାଇଥିବା; ଫେରାର୍; ଅବାଧ ଆନନ୍ଦ ଉପଭୋଗ କରୁଥିବା ।

**loose cover** ବି. ଚୌକି ପ୍ରଭୃତିର ସହଜରେ ଖୋଲିହେଉଥିବା ଆବରଣ ।

**loose–leaf** ବି. ସ୍ୱତନ୍ତ୍ରଭାବରେ କାଢ଼ିନିଆ ଯାଇ ପାରୁଥିବା କାଗଜ ଖଣ୍ଡ ।

**loosen** କ୍ରି. ଢିଲା, ହୁଗୁଳା ବା ଶିଥିଳ କରିବା ବା ହେବା; loosen a person's tongue (ବ୍ୟକ୍ତିକୁ) ସ୍ୱାଧୀନ ଭାବରେ କହିବାକୁ ସୁଯୋଗ ଦେବା ।

**loot** ଭା. 1. ବି. ଲୁଟ୍, ଲୁଟିମାଲ; ଲୁଣ୍ଠିତ ଦ୍ରବ୍ୟ ବା ଅର୍ଥ; 2. କ୍ରି. ଲୁଣ୍ଠନ କରିବା, ଲୁଟ୍‌ପାଟ୍ କରିବା, ଲୁଟିନେବା *(ହିନ୍ଦୀ)*; ବି. looter.

**lop**[1] କ୍ରି. କାଟିଦେବା, ଡାଳ କାଟିବା ।

**lop**[2] କ୍ରି. ଓହଳି ପଡ଼ିବା; ଝୁଲି ରହିବା ।

**lope** 1. କ୍ରି. ଢେପା ମାରି ଦୌଡ଼ିଯିବା; ବଡ଼ ପାହୁଲ ପକାଇ ଦୌଡ଼ିବା; 2. ବି. ଲମ୍ବା ପାହୁଲ (ଚାଲି) ।

**lop–eared** ବିଂ. କାନଲଡ଼କା, କାନଓହଳା ।

**lopsided** ବିଂ. ଏକପାଖିଆ; ଅସମତୁଲ; ବି. lopsidedness.

**loquacious** ବିଂ. ପ୍ରଗଳ୍ଭ; ବାଚାଳ; ବି. loquacity.

**lord** 1. ବି. ପ୍ରଭୁ; ପରମେଶ୍ୱର, ଜଗଦ୍‌କର୍ତ୍ତା; *ଇତି.* ଶାସକ, ରାଜା; (ଇଂଲଣ୍ଡରେ) ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଉପାଧି; 2. *ଅବ୍ୟ.* (Lord, good Lord) ଆଶ୍ଚର୍ଯ୍ୟ ବା ବିସ୍ମୟସୂଚକ; 3. the Lord ଈଶ୍ୱର; ଯୀଶୁଖ୍ରୀଷ୍ଟ; the Lords ବିଲାତର ପାର୍ଲ୍ୟାମେଣ୍ଟର ହାଉସ୍ ଅଫ୍ ଲର୍ଡ୍‌ସ୍; live like a lord ବିଳାସପୂର୍ଣ୍ଣ ଜୀବନଯାପନ କରିବା; Lord Bishop ଯାଜକଙ୍କର ସମ୍ମାନସୂଚକ ପଦ; lord it over ପ୍ରାଧାନ୍ୟ ବା କର୍ତ୍ତୃତ୍ୱ ବିସ୍ତାର କରିବା; My Lord ଧର୍ମାବତାର (ନ୍ୟାୟାଳୟରେ ବିଚାରପତିଙ୍କୁ ସମ୍ବୋଧନ) ।

**Lord Chamberlain** ବି. ରାଜପରିବାର ବା ରାଜପ୍ରାସାଦର ପରିଚାଳନାରେ ମୁଖ୍ୟ ବ୍ୟକ୍ତି ।

**Lord (High) Chanceller** ବି. ଇଂ. ଲର୍ଡ଼ ସଭାରେ ଅଧ୍ୟକ୍ଷତା କରୁଥିବା ସର୍ବୋଚ୍ଚ ରାଜ କର୍ମଚାରୀ ।

**Lord Chief Justice** ବି. ଇଂ. ରାଣୀଙ୍କ ବିଚାରାଳୟର ମୁଖ୍ୟ ବିଚାରପତି ।

**lordly** ବିଂ. ଉଦ୍ଧତ; ଆଡ଼ମ୍ବରପୂର୍ଣ୍ଣ; ବି. lordliness.

**Lord Mayor** ବି. ଇଂଲଣ୍ଡର କେତେକ ପ୍ରଧାନ ସହରର ନଗରପାଳଙ୍କ ଉପାଧି ।

**Lord's Day** ବି. ରବିବାର ।

**Lordship** ବି. ଲର୍ଡ଼ ଓ ନ୍ୟାୟାଧୀଶଙ୍କ ନିମନ୍ତେ ଔପଚାରିକ ସମ୍ବୋଧନ ।

**Lord's Prayer** ବି. ଯୀଶୁଙ୍କ ପ୍ରାର୍ଥନା (the Our Father...).

**Lords spiritual** ବି. ଲର୍ଡ଼ ସଭାର ଧର୍ମ ଯାଜକ ସଭ୍ୟ ।

**Lord's Supper** ବି. ଯୀଶୁଙ୍କ ଶେଷ ଭୋଜନର ସ୍ମାରକ ଉତ୍ସବ ।

**Lords temporal** ବି. ବ.ବ. ଧର୍ମ ଯାଜକମାନଙ୍କ ବ୍ୟତୀତ ଲର୍ଡ଼ ସଭାର ସଭ୍ୟଗଣ ।

**lore** ବି. ପରମ୍ପରାଗତ କଥା ବା କାହାଣୀ; କୌଣସି ଏକ ଗୋଷ୍ଠୀ ବା ବିଷୟ ସଂପର୍କରେ ବିଶେଷ ଜ୍ଞାନ ।

**lorgnette** ବି. ଲମ୍ବ ବେଣ୍ଟରେ ଖଞ୍ଜା ଯାଇଥିବା ଚଷମା ।

**lorn** ବିଂ. *ପ୍ରା.ପ୍ର.* ପରିତ୍ୟକ୍ତ, ଏକାକୀ ।

**lorry** ବି. ଲରି; ବଡ଼ ଚାରିଚକିଆ ମାଲ୍‌ବୁହା ମଟର ଗାଡ଼ି ।

**lose** କ୍ରି. (*ଅ.କା. ଓ ଅ.କ୍ରି.ଜ.ପ.* lost) ହରାଇବା; ବଂଚିତ ହେବା; ନଷ୍ଟ କରିବା; ପାଇବାକୁ ଅକ୍ଷମ ହେବା; ଦେଖିବାକୁ ବା ଶୁଣିବାକୁ ନପାଇବା; ହାରିଯିବା; ଧ୍ୱଂସପ୍ରାପ୍ତ ହେବା; ଅଦୃଶ୍ୟ ହେବା; ପଥଭ୍ରଷ୍ଟ ହେବା; ମଗ୍ନହେବା; କ୍ଷତି ସହିବା; ପ୍ରତିକୂଳ ଅବସ୍ଥାରେ ପଡ଼ିବା; ହାନି କରିବା; be lost (ବା lose oneself) ମଜ୍ଜିଯିବା; (କୌଣସି ବିଷୟରେ) ହଜିଯିବା; be lost on ପଣ୍ଡ ହେବା; କାହାରି ଦୃଷ୍ଟିକୁ ଆସି ନପାରିବା; be lost to ପ୍ରଭାବିତ ନ ହେବା, ଉଦାସୀ

Digitized by srujanika@gmail.com

ନ ପାରିବା; get lost *ଘା.ପ୍ର.* ବାହାରିଯିବାକୁ ଆଦେଶ; ଦୂରହୁଅ !; losing battle ଯେଉଁ ଯୁଦ୍ଧରେ ପରାଜୟ ସୁନିଶ୍ଚିତ ।

**loser** ବି. (ଖେଳ ବା ପ୍ରତିଦ୍ୱନ୍ଦ୍ୱୀତାରେ) ହାରିଲା–ବାଲା; *କ.ଭା.* ବାରମ୍ବାର ବିଫଳ ହେଉଥିବା ବ୍ୟକ୍ତି ।

**loss** ବି. ହରାଇବା କାର୍ଯ୍ୟ; କ୍ଷୟ; କ୍ଷତି; ଲୋକସାନ; be at a loss ବୁଦ୍ଧି ଦେଖା ନ ଯିବା; ଅସୁବିଧାରେ ପଡ଼ିବା ।

**loss–leader** ବି. ଗ୍ରାହକମାନଙ୍କୁ ଆକର୍ଷଣ କରିବା ନିମନ୍ତେ କ୍ଷତିରେ ବିକ୍ରୀ କରାଯାଉଥିବା ଦ୍ରବ୍ୟ ।

**lost** loseର *ଅ.କା. ଓ ଅ.କ୍ରି.କ.ପ. ।*

**lot** ବି. *କ.ଭା.* ଭାଗ୍ୟ, ଅଦୃଷ୍ଟ, କପାଳ; ବହୁ ସଂଖ୍ୟକ, ଅନେକ, ବହୁ ପରିମାଣ; *ଆମେ.* ଭୂମିଖଣ୍ଡ; ବିକ୍ରୀ ବା ନିଲାମ ନିମନ୍ତେ ରଖାଯାଇଥିବା ପଦାର୍ଥ; ନିର୍ଦ୍ଦିଷ୍ଟ ଜମି; a lot of ଅନେକ; ବହୁ ପରିମାଣରେ; bad lot ନିନ୍ଦନୀୟ ବ୍ୟକ୍ତି, ଦୁର୍ବୃତ୍ତ, ଚରିତ୍ରହୀନ; throw in one's lot with ଭାଗ୍ୟ ଆଦରି ନେବା; the (whole) lot ସବୁଯାକ,; cast (draw) lots ଗୁଳା ପକାଇ ନିଷ୍ପତ୍ତି କରିବା ।

**loth** *ଦ୍ର.* loath.

**lotion** ବି. ବାହ୍ୟ ପ୍ରୟୋଗ ପାଇଁ ଉଦ୍ଦିଷ୍ଟ ଔଷଧ ବା ପ୍ରସାଧନ ଦ୍ରବଣ; ମଲମ; ପ୍ରଲେପ ।

**lottery** ବି. ଲଟେରି, ଭାଗ୍ୟ ପରୀକ୍ଷା ଖେଳ ।

**lotto** ବି. ଏକ ପ୍ରକାର ଲଟେରି ବା ଭାଗ୍ୟ ପରୀକ୍ଷା ଖେଳ ।

**lotus** ବି. ପଦ୍ମ, କମଳ; ଗ୍ରୀକ୍ ପୁରାଣବର୍ଣ୍ଣିତ ଏକ ଗୁଳ୍ମ ଯାହାର ଫଳ ଖାଇଲେ କର୍ମବିମୁଖତା ଆସେ ।

**lotus–eater** ବି. ଆଳସ୍ୟପରାୟଣ ବା ସ୍ୱପ୍ନବିଳାସୀ ବ୍ୟକ୍ତି, ପଦ୍ମଭୁକ୍ ।

**lotus position** ବି. ପଦ୍ମାସନ ।

**loud** 1. ବିଂ. ଉଚ୍ଚସ୍ୱରବିଶିଷ୍ଟ, ଉଚ୍ଚ; କୋଳାହଳ-ପୂର୍ଣ୍ଣ; ଅତ୍ୟୁଜ୍ଜ୍ୱଳ; 2. *କ୍ରି.ବିଂ.* ଉଚ୍ଚସ୍ୱରରେ; ବିଂ. loudish; *କ୍ରି.ବିଂ.* loudly; ବି. loudness.

**loud hailer** ବି. ଧ୍ୱନି ବିସ୍ତାରକ ବୈଦ୍ୟୁତିକ ଯନ୍ତ୍ର ।

**loudspeaker** ବି. ଧ୍ୱନିବିସ୍ତାରକ (ଡାକବାଜି) ଯନ୍ତ୍ର ।

**lough** ବି. *ଆଇ.* ହ୍ରଦ; ସମୁଦ୍ରର ବିସ୍ତାରିତ ଅଂଶ ।

**lounge** 1. *କ୍ରି.* ଆରାମରେ ଆଉଜି ବସିବା; ଆରାମରେ ବସିବା ବା ବିଚରଣ କରିବା; ଆଳସ୍ୟରେ ସମୟ କଟାଇବା; 2. ବି. ଆଳସ୍ୟପୂର୍ଣ୍ଣ ଉପବେଶନ; (ଡ୍ରଇଂରୁମ୍ ପ୍ରଭୃତି) ଆରାମରେ ବସିବା ସ୍ଥାନ; ଉଡ଼ାଜାହାଜରେ ବସିବା ପାଇଁ ଅପେକ୍ଷା ଗୃହ; (ହୋଟେଲର) ବସିବା ସ୍ଥାନ; ବସିବା ଘର ।

**lounge suit** ବି. ସାଧାରଣ କାର୍ଯ୍ୟ ଦିବସରେ ପିନ୍ଧିବା ପାଇଁ ପୁରୁଷମାନଙ୍କର ସୁଟ୍ ।

**lour** *କ୍ରି.* (lower ମଧ୍ୟ) ଭ୍ରୂକୁଟି କରିବା; ବା ରାଗାନ୍ୱିତ ଦେଖାଯିବା; (ଆକାଶ ସମ୍ପର୍କରେ) ଅନ୍ଧକାରମୟ ଓ ବାତ୍ୟାବିକ୍ଷୁବ୍ଧ ଦେଖାଯିବା ।

**louse** 1. ବି. ( ବ.ବ. lice) ଉକୁଣି; *ଘା.ପ୍ର.* ( ବ.ବ. louses) ଘୃଣିତ ବ୍ୟକ୍ତି; 2. *କ୍ରି.* ଉକୁଣି ଧ୍ୱଂସ କରିବା; louse up *ଘା.ପ୍ର.* ନଷ୍ଟ କରିବା, ଗୋଳିଆମିଶା କରିଦେବା ।

**lousy** ବିଂ. ଉକୁଣିପୂର୍ଣ୍ଣ; *କ.ଭା.* ବିରକ୍ତିକର, ବାଜେ, ଅତ୍ୟନ୍ତ ଖରାପ; *କ୍ରି.ବିଂ.* lousily; ବି. lousiness.

**lout** ବି. ଅବାଗିଆ ଲୋକ, ଅଭଦ୍ର ବ୍ୟକ୍ତି; ବିଂ. loutish.

**louvre** ବି. (louver ମଧ୍ୟ) ବି. ଛାତ ପାର୍ଶ୍ୱସ୍ଥ ବା ଉପରିସ୍ଥ ପବନ ଓ ଆଲୋକ ନିମନ୍ତେ ପ୍ରସ୍ତୁତ ଆଚ୍ଛାଦିତ ପଥ ।

**lovable** ବିଂ. (loveable ମଧ୍ୟ) ପ୍ରୀତି ବା ସ୍ନେହର ଯୋଗ୍ୟ; ଆଦରଣୀୟ ।

**lovage** ବି. ସୁଗନ୍ଧ ନିମନ୍ତେ ବ୍ୟବହୃତ ଗୁଳ୍ମବିଶେଷ ।

**love** 1. ବି. ପ୍ରେମ, ସ୍ନେହ, ପ୍ରୀତି, ଅନୁରାଗ, ଆଦର, ପ୍ରଣୟ, ମମତା; ପ୍ରିୟ ବା ପ୍ରିୟତମା, (ସ୍ନେହପୂର୍ଣ୍ଣ ସମ୍ଭାଷଣରେ); Love କନ୍ଦର୍ପର ପ୍ରତୀକ; (ଖେଳରେ) ପଏଣ୍ଟ୍ ହୋଇ ନଥିବା ଅବସ୍ଥା; 2. *କ୍ରି.* ଭଲ ପାଇବା; ପ୍ରେମ କରିବା; ଆସକ୍ତ ହେବା; ଆକର୍ଷଣ ଅନୁଭବ କରିବା, ଆନନ୍ଦିତ ହେବା, ଅନୁରକ୍ତ ହେବା; କିଛି କହିବାକୁ ଭଲ ପାଇବା; fall in love (with) ପ୍ରେମରେ ପଡ଼ିବା; for love ଆନନ୍ଦ ପାଇଁ (ପଇସା ପାଇଁ ନୁହେଁ); in love (with) ପ୍ରେମାସକ୍ତ; make love ଯୌନସମ୍ପର୍କ ସ୍ଥାପନ କରିବା; not for love or money *କ.ଭା.* କୌଣସି ମତେ ନୁହେଁ ।

Digitized by srujanika@gmail.com

**loveable** ଦ୍ର. lovable.
**love affair** ବି. ପ୍ରଣୟ, ପ୍ରେମ ସଂପର୍କ।
**love–bird** ବି. ଶୁଆ।
**love–child** ବି. ଅବିବାହିତ ପ୍ରେମୀଯୁଗଳର ଅବୈଧ ସନ୍ତାନ।
**love–game** ବି. କ୍ରୀଡ଼ା ବିଶେଷ, ଯେଉଁଥିରେ ପରାଜିତ ବ୍ୟକ୍ତି କୌଣସି ଜୟାଙ୍କ ପାଇ ନଥାଏ।
**love–hate relationship** ବି. କାହାପ୍ରତି ପ୍ରେମ ତଥା ଘୃଣା ଏକ ସମୟରେ ପ୍ରକାଶ ପାଇବାର ଆବେଗପୂର୍ଣ୍ଣ ସମ୍ପର୍କ।
**love–in–a–mist** ବି. ନୀଳପୁଷ୍ପ ବିଶିଷ୍ଟ ଉଦ୍ୟାନ ଗୁଳ୍ମ।
**loveless** ବିଂ. ସ୍ନେହହୀନ, ପ୍ରେମହୀନ।
**love–lies–bleeding** ବି. ରକ୍ତ ବର୍ଣ୍ଣ ପୁଷ୍ପଯୁକ୍ତ ଉଦ୍ୟାନ ଗୁଳ୍ମ।
**lovelorn** ବିଂ. ବିରହକାତର, ପ୍ରେମପୀଡ଼ିତ।
**lovely** 1. ବିଂ. ଅତି ସୁନ୍ଦର, ଆନନ୍ଦଦାୟକ, ରମ୍ୟ; 2. ବି. *କ.ଭା.* ସୁନ୍ଦରୀ ସ୍ତ୍ରୀ; ବି. loveliness.
**lovemaking** ବି. ଯୌନକ୍ରିୟା; *ପ୍ରା.ପ୍ର.* ପ୍ରଣୟ।
**love–nest** ବି. ପ୍ରେମିକ ପ୍ରେମିକାଙ୍କ ଗୁପ୍ତ ବା ନିକାଞ୍ଚନ ମିଳନ ସ୍ଥାନ।
**lover** ବି. ପ୍ରେମିକ; ପ୍ରଣୟୀ; ଯୌନ ସଂପର୍କଥିବା ବ୍ୟକ୍ତି; ବ.ବ. ପ୍ରେମୀଯୁଗଳ; ପ୍ରେମୀ।
**lovesick** ବିଂ. ପ୍ରଣୟପୀଡ଼ିତ, କାମାର୍ତ୍ତ।
**lovey–dovey** ବିଂ. *କ.ଭା.* ଅତ୍ୟନ୍ତ ସ୍ନେହପ୍ରବଣ, ଆବେଗପ୍ରବଣ।
**loving** 1. ବିଂ. ସ୍ନେହପ୍ରବଣ, ସସ୍ନେହ, ସ୍ନେହପୂର୍ଣ୍ଣ; ପ୍ରେମପୂର୍ଣ୍ଣ; 2. ବି. ସ୍ନେହ, ପ୍ରେମ; କ୍ରି.ବିଂ. lovingly.
**loving–cup** ବି. ଦୁଇ ନାଡ଼ବିଶିଷ୍ଟ ପାନପାତ୍ର ବିଶେଷ।
**low**[1] 1. ବିଂ. ନିମ୍ନ; ନୀଚ; ଅନୁଚ୍ଚ, ଅନୁନ୍ନତ; ଅଳ୍ପ, ପରିମାଣରେ କମ୍; ସୁଲଭ, ଶସ୍ତା; ଧାରଣ ସ୍ତରରୁ କମ୍; ସ୍ଫୂର୍ତ୍ତିହୀନ; (ଶବ୍ଦ ସମ୍ପର୍କରେ) ମୃଦୁ, ଅନୁଚ୍ଚ; ପ୍ରତିକୂଳ; ସାଧାରଣ; ହୀନ; ଅଶ୍ଳୀଳ; ନିମ୍ନ ବା ଅନୁନ୍ନତ ଭୂମିରେ ଅବସ୍ଥିତ; 2. ବି. ନିମ୍ନତମ ସ୍ତର; ନିମ୍ନ ଚାପକ୍ଷେତ୍ର; 3. କ୍ରି.ବିଂ. ତଳକୁ, ନିମ୍ନଆଡ଼କୁ, ତଳେ, ନିମ୍ନରେ, ମୃଦୁ ସ୍ୱରରେ, ଚୁପ୍‌ଚୁପ୍; ବିଂ. lowish; ବି. lowness.
**low**[2] 1. ବି. (ଗାଈ ଗୋରୁଙ୍କ) ହମ୍ବାରଡ଼ି; 2. କ୍ରି. ହମ୍ବାରଡ଼ି କରିବା।
**low–born** ବିଂ. ନୀଚ ବଂଶୋଦ୍ଭବ।
**lowbrow** *କ.ଭା.* 1. ବିଂ. ସ୍ୱଳ୍ପଜ୍ଞାନ ବା ବୁଦ୍ଧି ବିଶିଷ୍ଟ; ଅସଂସ୍କୃତ; 2. ବି. ଏହି ଧରଣର ବ୍ୟକ୍ତି।
**Low Church** ବି. *ଖ୍ରୀ.* ଚର୍ଚ୍ଚ ଅଫ୍ ଇଂଲଣ୍ଡର (ପୁରୋହିତ, କର୍ମକାଣ୍ଡ ପ୍ରଭୃତିକୁ ବିଶେଷ ଗୁରୁତ୍ୱ ଦେଉନଥିବା) ସମ୍ପ୍ରଦାୟ ବିଶେଷ।
**low–class** ବିଂ. ଖରାପ ଧରଣର ବା ସାମାଜିକ ଦୃଷ୍ଟିରୁ ନିମ୍ନ।
**low comedy** ବି. ପ୍ରହସନଜାତୀୟ ନିମ୍ନମାନର ହାସ୍ୟରସ ବା ମିଳନାନ୍ତକ ନାଟକ।
**Low Countries** ବି. ବ.ବ. ନେଦରଲେଣ୍ଡସ୍, ବେଲଜିୟମ୍ ଏବଂ ଲୁକ୍ସେମ୍‌ବର୍ଗ।
**low–down** 1. ବିଂ. ନୀଚ, ଅସମ୍ମାନଜନକ; 2. *କ.ଭା.* ଉପଯୋଗୀ ତଥ୍ୟ।
**lower**[1] 1. ବିଂ. ନୀଚତର; ନିମ୍ନତର; ତଳ ସ୍ତରର; ତଳୁଆ; 2. କ୍ରି.ବିଂ. ନିମ୍ନତର ସ୍ଥାନରେ; ନୀଚ ସ୍ତରରେ; ତଳେ।
**lower**[2] କ୍ରି. ତଳକୁ ଆଣିବା; ଓହ୍ଲେଇ ଦେବା; ଉତାରି ଦେବା; ନିମ୍ନତର ବା ନୀଚତର କରିବା ବା ହେବା; ନିକୃଷ୍ଟ କରିବା।
**lower**[3] ବିକ. lour.
**lower case** ବି. ଛୋଟ ହରଫ ବା ଅକ୍ଷର।
**lower class** ବି. ମୂଲିଆ, ଶ୍ରମିକ।
**Lower House** ବି. ନିର୍ବାଚିତ ବ୍ୟବସ୍ଥାପକ ସଭା; *ଭା.* ଲୋକସଭା।
**lowermost** ବିଂ. ସର୍ବନିମ୍ନ।
**low frequency** ବି. (ବେତାରରେ) 30-300 କିଲୋହର୍ଟଜ୍।
**low–grade** ବିଂ. ନିକୃଷ୍ଟ; ନିମ୍ନମାନର।
**low–key** ବିଂ. ମାନ୍ଦା, ସଂଯତ।
**lowland** 1. ବି. ନିମ୍ନଭୂମି, ଜଳପୂର୍ଣ୍ଣ ହୋଇ ଯାଉଥିବା ଭୂମି; 2. ବିଂ. ଏହି ଭୂମିର ବା ଭୂମିରେ; ବି. lowlander.
**low–level** ବିଂ. ଯାନ୍ତ୍ରିକ ସଂକେତର ନିକଟତର (କମ୍ପ୍ୟୁଟର ଭାଷା)।
**lowly** ବିଂ. ବିନୀତ, ଛଳନାହୀନ; ବି. lowliness.
**low–pitched** ବିଂ. ମୃଦୁ (ଶବ୍ଦ); (ଛାତ ସମ୍ପର୍କିତ) ଅଳ୍ପ ଗଡ଼ାଣିଆ।

Digitized by srujanika@gmail.com

**low pressure** ବି. ନିମ୍ନଚାପ, ଲଘୁଚାପ ।

**low season** ବି. କମ୍ ପରିଦର୍ଶକ ଆସୁଥିବା ସମୟ ।

**Low Sunday** ବି. *ଖ୍ରୀ.* ଈଷ୍ଟର ପର୍ବର ପରବର୍ତ୍ତୀ ରବିବାର ।

**low tide** ବି. ଭଟ୍ଟା ।

**loyal** ବିଂ. ଅନୁଗତ, ବିଶ୍ୱସ୍ତ, ଅନୁରକ୍ତ, ଏକନିଷ୍ଠ; କ୍ରି.ବିଂ. loyally; ବି. loyalty.

**loyalist** ବି. ରାଜଭକ୍ତ ପ୍ରଜା; ଅନୁଗତ ବ୍ୟକ୍ତି; ବି. loyalism.

**loyal toast** ବି. ଶାସକଙ୍କ ପ୍ରତି ଅନୁରକ୍ତି ସୂଚକ ମଦ୍ୟପାନ ।

**lozenge** ବି. ଲଜେନ୍ସ, ମିଠାଇ; ଔଷଧ ବଟିକା ବା ଚକତି; ରମ୍ବସ୍ ବା ଠିକିରି ଆକାରର ବସ୍ତୁ ।

**LP** *ସଂଶ.* long-playing (record) ଲଙ୍ଗ୍ ପ୍ଲେଇଙ୍ଗ୍ ରେକର୍ଡ୍ ।

**L-plate** ବି. learner plate ଗାଡି ଚାଳନା ଶିଖୁଥିବା ବ୍ୟକ୍ତିର ମୋଟରରେ ଲଗାଯାଉଥିବା ଚକ୍‌ତି ।

**LSD** *ସଂଶ.* lysergic acid diethylamide ଉତ୍ତେଜକ ନିଶା ଔଷଧ ।

**l.s.d.** ବି. ପାଉଣ୍ଡ, ଶିଲିଂ, ପେନ୍‌ସ; ଅର୍ଥ; ସମୃଦ୍ଧି ।

**Lt.** *ସଂଶ.* Lieutenant ଲେଫ୍‌ଟନେଣ୍ଟ ।

**Ltd.** *ସଂଶ.* Limited ସୀମିତ ।

**lubricant** ବି. ପିଚ୍ଛିଳକାରକ ପଦାର୍ଥ (ତେଲ ବା ଗ୍ରୀଜ୍) ।

**lubricate** କ୍ରି. (ଗାଡ଼ି ବା କଳକବ୍‌ଜାରେ) ତେଲ ଦେବା; ଗ୍ରୀଜ୍ ବା ତେଲ ଦେଇ ଘର୍ଷଣ କ୍ଷୟ ନିବାରଣ କରିବା ।

**lubrication** ବି. ପିଚ୍ଛିଳୀକରଣ ।

**lubricator** ବି. ତେଲ ବା ଗ୍ରୀଜ୍ ଲଗାଇବା ଯନ୍ତ୍ର ।

**lubricity** ବି. ପିଚ୍ଛିଳତା; ତେଲାଳିଆ; ଲମ୍ପଟତା; କାମୁକତା; ବିଂ. lubricious.

**lucerne** ବି. ଗୋଖାଦ୍ୟ ଉପଯୋଗୀ ତୃଣବିଶେଷ; ଆଲ୍‌ଫାଲ୍‌ଫା ।

**lucid** ବିଂ. ସୁସ୍ପଷ୍ଟ, ପ୍ରାଞ୍ଜଳ, ସୁବୋଧ, ସ୍ୱଚ୍ଛ, ନିର୍ମଳ; ବି. lucidity; କ୍ରି.ବିଂ. lucidly; ବି. lucidness.

**Lucifer** ବି. *ଖ୍ରୀ.* ସେଟାନ୍, ଶୟତାନ୍ ।

**luck** ବି. ଭାଗ୍ୟ, ଅଦୃଷ୍ଟ, କପାଳ, ଦୈବ ଘଟଣା; ସୌଭାଗ୍ୟ; down on one's luck ଦୁର୍ଭାଗ୍ୟଗ୍ରସ୍ତ ହେବା; hard luck ଦୁର୍ଭାଗ୍ୟ; push one's luck ଅଯଥା ଝୁଙ୍କି ନେବା; try one's luck ଭାଗ୍ୟ ପରୀକ୍ଷା କରିବା; worse luck ଦୁର୍ଭାଗ୍ୟବଶତଃ ।

**luckless** ବିଂ. ଭାଗ୍ୟହୀନ, ବିଫଳତାରେ ପର୍ଯ୍ୟବସିତ ।

**lucky** ବିଂ. ଭାଗ୍ୟବାନ୍, ଶୁଭ, ମଙ୍ଗଳ ସୂଚକ, ସୌଭାଗ୍ୟସୂଚକ; କ୍ରି.ବିଂ. luckily.

**lucky dip** ବି. ଭିନ୍ନ ମୂଲ୍ୟର ଜିନିଷ ଭର୍ତ୍ତି ଟବ୍, ଯହିଁରୁ ଗ୍ରାହକ ମନଇଚ୍ଛା ବସ୍ତୁ ନିର୍ବାଚିତ କରେ ।

**lucrative** ବିଂ. ଲାଭଜନକ, ଲାଭ ଦାୟକ; କ୍ରି.ବିଂ. lucratively; ବି. lucrativeness.

**lucre** ବି. *ଅପ.* ଅର୍ଥଲାଭର ପିପାସା ।

**lucubrate** କ୍ରି. କଠିନ ପରିଶ୍ରମ ପୂର୍ବକ ଅଧ୍ୟୟନ କରିବା; ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିବା; ବି. lucubration.

**ludicrous** ବିଂ. ଉଦ୍‌ଭଟ; ହାସ୍ୟୋଦ୍ଦୀପକ, ବିଦ୍ରୂପାତ୍ମକ, ପରିହାସବ୍ୟଞ୍ଜକ; ଅସଙ୍ଗତ; କ୍ରି.ବିଂ. ludicrously; ବି. ludicrousness.

**ludo** ବି. ଲୁଡୁଖେଳ ।

**luff** କ୍ରି. ଜାହାଜ ମଙ୍ଗକୁ ପବନ ଆଡ଼କୁ ଆଣିବା ।

**lug** 1. କ୍ରି. (ଭାରି ପଦାର୍ଥକୁ) ବହୁ କଷ୍ଟରେ ଘୋଷାରିକରି ନେବା; 2. ବି. ଟଣା, ଘୋଷରା; *କ.ଭା.* କାନ ।

**luggage** ବି. ଭ୍ରମଣକାରୀର ସଂଗରେ ଥିବା ଜିନିଷପତ୍ର; ସାମାନ୍‌ପତ୍ର ।

**lugger** ବି. ଚାରିକୋଣିଆ ପାଲଲଗା କ୍ଷୁଦ୍ର ଜାହାଜ ।

**lugsail** ବି. ଚାରିକୋଣିଆ ପାଲ ।

**lugubrious** ବିଂ. ବିଷାଦସୂଚକ, ଶୋକପୂର୍ଣ୍ଣ; କ୍ରି.ବିଂ. lugubriously; ବି. lugubriousness.

**lugworm** ବି. ଚାରାରୂପେ ବ୍ୟବହୃତ ବୃହତ୍ ସାମୁଦ୍ରିକ କୀଟ ।

**lukewarm** ବିଂ. ଈଷଦୁଷ୍ଣ, ନଖଉଷୁମ; ଆଗ୍ରହଶୂନ୍ୟ, ଉଦାସୀନ, ଉପରଠାଉରିଆ ।

Digitized by srujanika@gmail.com

**lull** 1. କ୍ରି. ଶୁଆଇପକାଇବା; ସୁମଧୁର ସଂଗୀତରେ ତନ୍ଦ୍ରାଚ୍ଛନ୍ନ କରିବା; (ସନ୍ଦେହ ବା ଭୟ ପ୍ରକୃତି) ଶାନ୍ତ କରିବା, ଦୂରକରିବା; (ଝଡ଼ ବା ଗୋଳମାଳ ପ୍ରଭୃତି) ଶାନ୍ତ କରିବା ବା ହେବା, ପ୍ରଶମିତ ହେବା; 2. ବି. ଅସ୍ଥାୟୀ ଶୈଥିଲ୍ୟ, ସାମୟିକ ବିରାମ।

**lullaby** ବି. ଶିଶୁକୁ ଶୁଆଇବା ଗୀତ, ନାନାବାୟା ଗୀତ।

**lumbago** ବି. କଟିବାତ; ଅଣ୍ଟାଧରା (ବାତ)।

**lumbar** ବି. କଟି ସମ୍ପର୍କୀୟ।

**lumber** 1. ବି. ବାଜେ, ଅବ୍ୟବହାର୍ଯ୍ୟ ପଦାର୍ଥ; ଅଧାଚିରା କାଠଗଡ଼; 2. କ୍ରି. ଭାରାକ୍ରାନ୍ତ କରିବା (ବାଜେ କର୍ମଦ୍ୱାରା ବ୍ୟକ୍ତି ବିଶେଷକୁ); ଅସୁବିଧାଜନକଭାବେ ପୂର୍ଣ୍ଣ କରିବା, ବାଧାଦେବା; ଜଙ୍ଗଲରୁ କାଠକାଟି ଗଡ଼ ପ୍ରସ୍ତୁତ କରିବା; ମଠେଇ ଚାଲିବା।

**lumberjack** ବି. କାଠ କଟାଳି।

**lumber-jacket** ବି. କାଠକଟାଳିଙ୍କ ଦ୍ୱାରା ବ୍ୟବହୃତ ଜେକେଟ୍।

**lumber-room** ବି. ଆଜେ ବାଜେ ଜିନିଷ ରଖିବା ଘର।

**luminary** ବି. *ସାହି.* ଜ୍ୟୋତିଷ୍କ, ଚନ୍ଦ୍ର, ସୂର୍ଯ୍ୟ ପ୍ରଭୃତି; *ଲାକ୍ଷ.* ଆଦର୍ଶ ବ୍ୟକ୍ତି, ନୈତିକ ଓ ବୌଦ୍ଧିକ ଗୁଣାବଳୀର ଆଧାର।

**luminescent** ବିଂ. ଶୀତଳ ଆଲୋକ ପ୍ରଦାନକାରୀ; ବି. luminescence.

**luminous** ବିଂ. ଉଜ୍ଜ୍ୱଳ, ଆଲୋକମୟ, ତେଜୋମୟ, ଦୀପ୍ତିମାନ; ବି. luminosity.

**lump** 1. ବି. ଢେଳା, ମେଣ୍ଟା, ପିଣ୍ଡ; ଉଦ୍‌ଗତ ଅଂଶ, ଫୁଲା; ବହୁ ପରିମାଣ, ଗୁଚ୍ଛ; *ଗ୍ରା.ପ୍ର.* ବୁଦ୍ଧିହୀନ ବା ଅଳସୁଆ ଲୋକ; the lump ଠିକା ମୂଲିଆ (ଘର ତିଆରି କାର୍ଯ୍ୟରେ); 2. କ୍ରି. ଏକାଠି ଗଦା କରିବା; in the lump ସାଧାରଣ ଭାବରେ, ମୋଟ ଉପରେ; lump in one's throat ଭାବୋଚ୍ଛ୍ୱାସରେ କଣ୍ଠରୋଧର ଅନୁଭୂତି।

**lumpish** ବିଂ ଭାରି ଏବଂ ଅବାଗିଆ; ନିର୍ବୋଧ, ଅଳସୁଆ।

**lump sugar** ବି. ନବାତ, ଢେଳା ଚିନି।

**lump sum** ବି. ଥୋକା ଟଙ୍କା, ଏକକାଳୀନ ପ୍ରଦତ୍ତ ଟଙ୍କା।

**lumpy** ବିଂ. ମୁଣ୍ଡା ମୁଣ୍ଡା, କ୍ଷୁଦ୍ର ପିଣ୍ଡ ବିଶିଷ୍ଟ; କ୍ରି.ବିଂ. lumpily; ବି. lumpiness.

**lunacy** ବି. ପାଗଳାମି, ଉନ୍ମାଦ ଅବସ୍ଥା, ବାତୁଳତା, ନିର୍ବୋଧତା।

**lunar** ବି. ଚନ୍ଦ୍ର ସମ୍ବନ୍ଧୀୟ।

**lunar (excursion) module** ବି. ଚନ୍ଦ୍ର ପୃଷ୍ଠକୁ ଯାତ୍ରା ଏବଂ ପ୍ରତ୍ୟାବର୍ତ୍ତନ ନିମନ୍ତେ ପ୍ରସ୍ତୁତ ଯାନ।

**lunar month** ବି. ଚାନ୍ଦ୍ରମାସ।

**lunate** ବିଂ. ଅର୍ଦ୍ଧଚନ୍ଦ୍ରାକୃତି।

**lunatic** 1. ବିଂ. ପାଗଳ, ବାତୁଳ, ବିକୃତ ମସ୍ତିଷ୍କ, ଉନ୍ମତ୍ତ; 2. ବି. ପାଗଳ ଲୋକ।

**lunatic asylum** ବି. *ଇତି.* ପାଗଳ ଗାରଦ ବା ମାନସିକ ଚିକିତ୍ସାଳୟ।

**lunation** ବି. ଚାନ୍ଦ୍ରମାସ, ଗୋଟିଏ ଅମାବାସ୍ୟା–ଠାରୁ ଅନ୍ୟ ଅମାବାସ୍ୟା ପର୍ଯ୍ୟନ୍ତ।

**lunch** 1. ବି. ମଧ୍ୟାହ୍ନ ଭୋଜନ; 2. କ୍ରି. ଲଘୁ ଆହାର ବା ମଧ୍ୟାହ୍ନ ଭୋଜନ କରିବା ବା ତାହାର ବ୍ୟବସ୍ଥା କରିବା।

**luncheon** ବି. *ଔପ.* ମଧ୍ୟାହ୍ନ ଭୋଜନ।

**luncheon meat** ବି. ଟିଣରେ ଥିବା ଘୁଷୁରି ମାଂସ।

**luncheon voucher** ବି. କର୍ମଚାରୀମାନଙ୍କୁ ଦରମାର ଅଂଶରୂପେ ପ୍ରଦତ୍ତ ହେଉଥିବା କୁପନ୍, ଯାହାଦ୍ୱାରା ସେମାନେ କେତେକ ନିର୍ଦ୍ଦିଷ୍ଟ ଭୋଜନାଳୟରେ ଭୋଜନ କରିପାରିବେ।

**lung** ବି. (ବ.ବ. lungs) ଫୁସ୍‌ଫୁସ୍।

**lunge** 1. ବି. ଦ୍ରୁତ ଆଘାତ ନିମନ୍ତେ ଶରୀର ଚାଳନା; ଲଂପ; ଘୋଡ଼ାକୁ ମଣ କରିବା ନିମନ୍ତେ ବ୍ୟବହୃତ ଲମ୍ବ ଦଉଡ଼ି; 2. କ୍ରି. ହଠାତ୍ ଆଗକୁ ମାଡ଼ିଯିବା; ଅନ୍ଧ ଭାବରେ ଅସ୍ତ୍ରଚାଳନା କରିବା; ଲମ୍ବାଦୌଡ଼ିରେ ବାନ୍ଧି ଘୋଡ଼ାକୁ ଚକ୍କର ଦିଆଇବା।

**lupin** ବି. ଲମ୍ବ ଡେମ୍ଫଯୁକ୍ତ ଫୁଲ ଥିବା ଉଦ୍ୟାନ ଗୁଳ୍ମବିଶେଷ।

**lupine** ବି. ହେଟା ବାଘ ସମ୍ପର୍କୀୟ ବା ତତ୍‌ସଦୃଶ।

**lupus** ବି. ଚର୍ମରୋଗ ବିଶେଷ।

**lurch** 1. ବି. ଟଳଟଳଗତି; 2. କ୍ରି. ଅସ୍ଥିର ଭାବରେ ବା ଢଳି ଢଳି ଗତିକରିବା; leave in the lurch ଅସହାୟ ଅବସ୍ଥାରେ ଛାଡ଼ିଯିବା।

**lurcher** ବି. ଶିକାରୀମାନଙ୍କଦ୍ୱାରା ବ୍ୟବହୃତ ଏକଜାତୀୟ ଦୋମିଶା କୁକୁର।

Digitized by srujanika@gmail.com

**lure** 1. *କ୍ରି.* ଲୋଭ ଦେଖାଇ ଭୁଲାଇବା; 2. *ବି.* ମନ ଭୁଲାଣିଆ ପଦାର୍ଥ; ପୋଷା ବାଜପକ୍ଷୀକୁ ଫେରାଇ ଆଣିବା ପାଇଁ ବ୍ୟବହୃତ ଲୋଭନୀୟ ବସ୍ତୁ।

**lurid** *ବିଂ.* ଗାଢ଼ ଉଜ୍ଜ୍ୱଳ ବର୍ଣ୍ଣବିଶିଷ୍ଟ, ଚମକପ୍ରଦ; ଦେଖାଣିଆ; ଭୟଙ୍କର।

**lurk** *କ୍ରି.* ( *ବି.* ଆକ୍ରମଣ କରିବାପାଇଁ) ଛପିରହିବା, ଲୁଚିରହିବା; ନଜରରେ ନ ପଡ଼ିବା; ଅଲକ୍ଷିତରେ ରହିବା।

**luscious** *ବିଂ.* ସୁମଧୁର; ସୁସ୍ୱାଦୁ ଓ ସୁଗନ୍ଧଯୁକ୍ତ, ଆକର୍ଷଣୀୟ; ରସାଳ; *ସା.ପ୍ର.* ଚମତ୍କାର; ମଦ୍ୟପ।

**lush** *ବିଂ.* (ବନସ୍ପତି ସମ୍ପର୍କରେ) ସରସ, ସତେଜ, ରସାଳ।

**lust** 1. *ବି.* କାମ, କାମପିପାସା, ସମ୍ଭୋଗ ଇଚ୍ଛା, ଅତ୍ୟଧିକ ଲାଳସା, ଲୋଲୁପତା; 2. *କ୍ରି.* ବଳବତୀ ଇଚ୍ଛା ହେବା; କାମାତୁର ହେବା।

**lustful** *ବିଂ.* କାମାତୁର, କାମୁକ।

**lustfully** *କ୍ରି.ବିଂ.* କାମୁକ ବା ଲୋଲୁପଭାବେ।

**lustre** *ବି.* ଜ୍ୟୋତି, ପ୍ରଭା, ଉଜ୍ଜ୍ୱଳତା, ତେଜକାନ୍ତି; *ବିଂ.* lustrous.

**lusty** *ବିଂ.* ସୁସ୍ଥ ଓ ସବଳ; ସତେଜ ଓ ପ୍ରାଣ ପ୍ରାଚୁର୍ଯ୍ୟ ପୂର୍ଣ୍ଣ; *କ୍ରି.ବିଂ.* lustily; *ବି.* lustiness.

**lute**[1.] 1. *ବି.* ଗୀଟାର୍ ଜାତୀୟ ବାଦ୍ୟଯନ୍ତ୍ର ବିଶେଷ।

**lute**[2.] *ବି.* ଯୋଡ଼େଇରେ ବ୍ୟବହୃତ ସିମେଣ୍ଟ ବା ମାଟି।

**lutenist** *ବି.* (lutanist ମଧ) ଲୁଟ୍ ବାଦକ।

**Lutheran** *ଖ୍ରୀ.* 1. *ବିଂ.* ମାର୍ଟିନ୍ ଲୁଥର କିମ୍ବା ତାଙ୍କର ସଂପ୍ରଦାୟ ସମ୍ପର୍କୀୟ; 2. *ବି.* ଲୁଥର୍‌ଙ୍କ ଅନୁଗାମୀ; *ବି.* Lutheranism.

**luxe** *ବି.* ବିଳାସ।

**luxuriance** *ବି.* ଅତି ବୃଦ୍ଧି, ପ୍ରାଚୁର୍ଯ୍ୟ, ଅଳଙ୍କାର ବାହୁଲ୍ୟ।

**luxuriant** *ବିଂ.* ଅତି ବର୍ଦ୍ଧମାନଶୀଳ;. ବହୁଳ, ପ୍ରଚୁର।

**luxuriate** *କ୍ରି.* ଭୋଗବିଳାସରେ ଜୀବନ–ଯାପନ କରିବା; ମଉଜ କରିବା; ଆନନ୍ଦରେ ମାତିବା।

**luxurious** *ବିଂ.* ବିଳାସୀ, ବିଳାସପୂର୍ଣ୍ଣ; ବିଳାସପ୍ରିୟ, ଆରାମପ୍ରଦ; *କ୍ରି.ବିଂ.* luxuriously.

**luxury** *ବି.* ବିଳାସ, ଭୋଗବିଳାସ; ବିଳାସ ସାମଗ୍ରୀ ଓ ଏ ସବୁର ଭୋଗ; କାମ୍ୟ ଅଥଚ ଅନାବଶ୍ୟକ ଆରାମପ୍ରଦ ସାମଗ୍ରୀ।

**–ly** *ପ.ପ୍ର.* 1. ବିଶେଷ୍ୟରୁ ବିଶେଷଣ ନିଷ୍ପନ୍ନକାରୀ ପ୍ରତ୍ୟୟ (daily, weekly); ବିଶେଷଣରୁ କ୍ରିୟା ବିଶେଷଣ ନିଷ୍ପନ୍ନକାରୀ ପ୍ରତ୍ୟୟ (sadly, proudly).

**Lyceum** *ବି.* ପ୍ରାଚୀନ ଏଥେନ୍ସର ଉଦ୍ୟାନ, ଯେଉଁଠି ଏରିଷ୍ଟଟଲ ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷା ଦେଉଥିଲେ।

**lychgate** *ଦ୍ର.* lichgate.

**lye** *ବି.* (ଲୁଗା ଧୋଇବା ନିମନ୍ତେ ବ୍ୟବହୃତ) ଆଲ୍‌କାଲିନ୍‌ଯୁକ୍ତ ମୃଦୁ ଜଳ।

**lymph** *ବି.* ଜୀବ ଶରୀରସ୍ଥ ବର୍ଣ୍ଣହୀନ, ତରଳ ପଦାର୍ଥ ବା ରସ ( *ସା.* ଟୀକାଦେବା ପାଇଁ ବ୍ୟବହୃତ)।

**lymphatic** *ବିଂ.* ଶରୀରସ୍ଥ ରସ ସମ୍ବନ୍ଧୀୟ, ରସବାହୀ (ଗ୍ରନ୍ଥି); ମ୍ଲାନ, ମନ୍ଥର (ବ୍ୟକ୍ତି)।

**lynch** *କ୍ରି.* (ଜନତା) ଆଇନ୍‌ର ସହାୟତା ନ ନେଇ ଦୋଷୀକୁ କଡ଼ା ଦଣ୍ଡ ଦେବା ବା ଶିରଚ୍ଛେଦ କରିବା; *ବି.* lynching.

**lynch law** *ବି.* ବେଆଇନ୍ ଭାବେ ଗଠିତ ବିଚାରାଳୟଦ୍ୱାରା ଗୃହୀତ ଦଣ୍ଡଦେବା ପଦ୍ଧତି।

**lynx** *ବି.* ବଣ ଭୁଆ (ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ, କ୍ଷୁଦ୍ରଲାଙ୍ଗୁ ବିଶିଷ୍ଟ, ଛଉ ଛଉକିଆ)।

**lynx–eyed** *ବିଂ.* ତୀକ୍ଷ୍ଣଦୃଷ୍ଟି ସମ୍ପନ୍ନ।

**lyre** *ବ.* ପ୍ରାଚୀନ କାଳର U ଆକୃତିର, ବୀଣା ସଦୃଶ ତାରବାଦ୍ୟବିଶେଷ।

**lyre–bird** *ବି.* ଅଷ୍ଟ୍ରେଲିଆର ଲାୟାର୍ ବାଦ୍ୟଯନ୍ତ୍ରାକୃତି ପୁଚ୍ଛବିଶିଷ୍ଟ ପକ୍ଷୀ ବିଶେଷ।

**lyric** 1. *ବି.* ଆବେଗବ୍ୟଞ୍ଜକ (ବ୍ୟକ୍ତିନିଷ୍ଠ) କ୍ଷୁଦ୍ର କବିତା; ଗୀତି କବିତା; ଗୀତ; 2. *ବିଂ.* ଉକ୍ତ କବିତା ବା କବି ସଂପର୍କୀୟ; *ବି.* lyricism.

**lyrical** *ବିଂ.* ସାଙ୍ଗୀତିକ, ଗାନ କରାଯିବା ଯୋଗ୍ୟ; *କ.ଭା.* ଭାବପ୍ରବଣ; ଆଗ୍ରହୀ; *କ୍ରି.ବିଂ.* lyrically.

**lyricist** *ବି.* ଗୀତିକାର; ଗୀତିକବି।

**–lysis** *ପ.ପ୍ର.* ବିଶେଷ୍ୟ ପଦ ନିଷ୍ପନ୍ନ କରିବା ନିମନ୍ତେ ପ୍ରତ୍ୟୟ ବିଶେଷ ( *ଉଦା.* electrolysis).

**–lyte** *ପ.ପ୍ର.* ବିଶେଷ୍ୟ ନିଷ୍ପାଦକ ପ୍ରତ୍ୟୟ ବିଶେଷ ( *ଉଦା.* electrolyte).

Digitized by srujanika@gmail.com

# Mm

**M, m** (ବ.ବ. Ms, M's; ms, m's) ଇଂରାଜୀ ବର୍ଣ୍ଣମାଳାର ତ୍ରୟୋଦଶ ବର୍ଣ୍ଣ; ରୋମୀୟ ଲିପିରେ ୧୦୦୦ ସଂଖ୍ୟା ପାଇଁ ବ୍ୟବହୃତ ଚିହ୍ନ।

**ma** ବି. *ସଂଶ. କ.ଭା.* Mama ମା, ମାଆ।

**MA (M.A.)** *ସଂଶ.* Master of Arts ମାଷ୍ଟର୍ ଅଫ୍ ଆର୍ଟସ୍।

**ma'am** ବି. *ସଂଶ.* (ସମ୍ଭ୍ରାନ୍ତ ମହିଳାଙ୍କ ପ୍ରତି ସମ୍ବୋଧନରେ ବ୍ୟବହୃତ) ମହାଶୟା, ମା'ମ୍।

**macabre** ବିଂ. ଭୀଷଣ, ଭୟାବହ।

**macadam** ବି. ରାସ୍ତାତିଆରି ଉପକରଣ, ଭଙ୍ଗା ପଥର ଓ ଗୋଡ଼ି ପ୍ରସ୍ତ ପକାଯାଇ ତିଆରି ରାସ୍ତା ଉପରର କଠିନ ଛାଉଣି।

**macadamize** କ୍ରି. ସଡ଼କରେ ଗୋଡ଼ି ବିଛାଇ ପକ୍କା କରିବା।

**macaroni** ବି. ମଇଦାରେ ପ୍ରସ୍ତୁତ ନଳୀ ଆକାରର ପିଠା; ଅଷ୍ଟାଦଶ ଶତାବ୍ଦୀର ପୋଷାକୀ ବାବୁ।

**macaroon** ବି. ନଡ଼ିଆ ବା ବାଦାମ ମିଶା ଏକପ୍ରକାର ବିସ୍କୁଟ ବା ପିଠା।

**macaw** ବି. ଆମେରିକାର କାକତୁଆ ବା ଶୁଆ ଜାତୀୟ ପକ୍ଷୀ।

**McCoy** ବି. *ଗା.ପ୍ର.* ପ୍ରକୃତ ବା ଅସଲ ଜିନିଷ।

**mace**[1] ବି. ଗଦା, ମୂଷଳ; ମଧ୍ୟଯୁଗର ଅସ୍ତ୍ର ବିଶେଷ; ରାଜା ବା ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଚୋପଦାର ଯେଉଁ କଣ୍ଟକଯୁକ୍ତ ଗଦାକୃତି ଦଣ୍ଡ ବ୍ୟବହାର କରନ୍ତି।

**mace**[2] ବି. ଜାଇତ୍ରୀ; ମସଲା ବିଶେଷ।

**macedoine** ବି. ଛୋଟ ଆକାରରେ କଟାଯାଇଥିବା ମିଶାମିଶି ଫଳ ବା ପରିବା (ବିଶେ. ଜେଲିସହ)।

**macerate** କ୍ରି. ତରଳ ପଦାର୍ଥରେ ଭିଜାଇ ନରମ କରିବା; ଉପବାସ ରହି ଶରୀରକୁ କ୍ଷୀଣ କରିବା।

**maceration** ବି. କୋମଳୀକରଣ; ଅନାହାର–ଜନିତ ଶରୀର କ୍ଷୟ।

**machete** ବି. ମଧ୍ୟ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ବ୍ୟବହୃତ ଚଉଡ଼ା ଛୁରୀ।

**machiavellian** ବିଂ. କୁଚକ୍ରୀ, କୂଟନୀତି–ପରାୟଣ, ଧୂର୍ତ୍ତ, ପ୍ରବଞ୍ଚକ (ରାଜନୀତିଜ୍ଞ Machiavelliଙ୍କର ନାମାନୁସାରେ)।

**machinate** କ୍ରି. ଷଡ଼ଯନ୍ତ୍ର କରିବା, ଚକ୍ରାନ୍ତ କରିବା।

**machination** ବି. ଚକ୍ରାନ୍ତ।

**machinator** ବି. କୁଚକ୍ରୀ ବ୍ୟକ୍ତି।

**machine** 1. ବି. ଯନ୍ତ୍ର, କଳ; ସାଇକେଲ୍, ମୋଟର ସାଇକେଲ, ଉଡ଼ାଜାହାଜ, କମ୍ପ୍ୟୁଟର ପ୍ରଭୃତି; ଯନ୍ତ୍ର ସଦୃଶ କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସଂଘ; 2. କ୍ରି. ଯନ୍ତ୍ର ସାହାଯ୍ୟରେ କାମ କରିବା।

**machine-gun** 1. ବି. ସ୍ୱୟଂଚାଳିତ ବନ୍ଧୁକ ବା ତୋପ; 2. କ୍ରି. ଏହି ଧରଣର ବନ୍ଧୁକ ସାହାଯ୍ୟରେ ଗୁଳି ଚଳାଇବା।

**machine readable** ବିଂ. କମ୍ପ୍ୟୁଟର ସାହାଯ୍ୟରେ କରାଯାଇ ପାରୁଥିବା।

**machinery** ବି. ଯନ୍ତ୍ର, କଳକବ୍‌ଜା; ଯନ୍ତ୍ରର ଯେଉଁ ସବୁ ଅଂଶ କାର୍ଯ୍ୟକରେ।

**machine tool** ବି. ଧାତୁଦ୍ରବ୍ୟ, କାଠ ବା ପ୍ଲାଷ୍ଟିକରେ କାମ କରିବା ନିମନ୍ତେ ବ୍ୟବହୃତ ଯନ୍ତ୍ରପାତି।

**machinist** ବିଂ. ଯନ୍ତ୍ରଚାଳକ, ଯନ୍ତ୍ର ନିର୍ମାତା।

**machismo** ବି. ଆପଣାକୁ ଜାହିର କରିପାରୁଥିବା ବ୍ୟକ୍ତିତ୍ୱ, ପୌରୁଷ ଗର୍ବ।

**Mach number** ବି. ପାରିପାର୍ଶ୍ୱିକ ମାଧ୍ୟମରେ ବସ୍ତୁର ଗତି ସହିତ ଶବ୍ଦର ଗତିର ଅନୁପାତ।

**macho** 1. ବିଂ. ପୌରୁଷବାନ୍; 2. ବି. ପୌରୁଷଯୁକ୍ତ ବ୍ୟକ୍ତି।

**mack, mac** *କ.ଭା.* mackintosh *ଦ୍ର.*।

**mackerel** ବି. ଖାଦ୍ୟଯୋଗ୍ୟ ସାମୁଦ୍ରିକ ମତ୍ସ୍ୟବିଶେଷ।

**mackerel sky** ବି. ମାଛକାତି ଭଳି ଶୁଭ୍ର କ୍ଷୁଦ୍ର ବାଦଲରେ ଆବୃତ ଆକାଶ।

**mackintosh** ବି. ଜଳରୋଧକ ଲମ୍ବାକୋଟ ବା ବର୍ଷାତି।

**macrame** ବି. ଦଉଡ଼ିରେ ଗଣ୍ଠିପକାଇ ସୁନ୍ଦର ଜିନିଷ ତିଆରିର କଳା।

**macro–** ଉଂ. ବିଶାଳତା, ବ୍ୟାପ୍ତି ଓ ଦୂରତ୍ୱସୂଚକ, ଉଦା. macrocosm.

**macrobiotic** ବିଂ. ଦୀର୍ଘଜୀବନ ନିମନ୍ତେ ଉପଯୁକ୍ତ ଖାଦ୍ୟ ସଂପର୍କୀୟ।

Digitized by srujanika@gmail.com

**macrocosm** ବି. ବିଶ୍ୱବ୍ରହ୍ମାଣ୍ଡ, ମହାଜଗତ ।
**macroeconomics** ବି. ଆର୍ଥିକ ଅବସ୍ଥା ସମ୍ପର୍କରେ ସାମଗ୍ରିକ ଅଧ୍ୟୟନ ।
**macroscopic** ବିଂ. ଖାଲି ଆଖିକୁ ଦେଖାଯାଉଥିବା ।
**macula** ବି. (ବ.ବ. maculae) ଦେହର କଳାଦାଗ ।
**mad** ବି. ପାଗଳ, ବାତୁଳ, ବିକୃତମସ୍ତିଷ୍କ, କ୍ଷିପ୍ତ, ଉନ୍ମତ୍ତ, ଅସ୍ଥିର, ହର୍ଷୋତ୍ଫୁଲ୍ଲ; (ପ୍ରାଣୀ ସମ୍ପର୍କରେ) ଅତି ପ୍ରଚଣ୍ଡ; like mad *କ.ଭା.* ଅତ୍ୟନ୍ତ ଆଗ୍ରହରେ ବା ଉତ୍ସାହରେ ।
**madam** ବି. ମହାଶୟା; ଶ୍ରୀମତୀ; ଗଣିକାଳୟର ପରିଚାଳିକା ।
**Madame** ବି. (ବ.ବ. Mesdames) ମହାଶୟା ବା ଶ୍ରୀମତୀ ନିମନ୍ତେ ପ୍ରଯୁକ୍ତ ଫରାସୀ ଶବ୍ଦ ।
**madcap** ବି. ମୁଣ୍ଡ ପାଗଳା ଲୋକ, ଉଗ୍ରପ୍ରକୃତି ବା ବିଚାରହୀନ ଲୋକ ।
**madden** କ୍ରି. ପାଗଳ ବା ବିରକ୍ତ କରିବା, କ୍ରୋଧୋନ୍ମତ୍ତ କରିବା ।
**madder** ବି. ହଳଦିଆ ଫୁଲ ବିଶିଷ୍ଟ ଗୁଳ୍ମ ଯାହାର ଚେରରୁ ରଙ୍ଗ ପ୍ରସ୍ତୁତ କରାଯାଏ ।
**made** 1. କ୍ରି. makeର *ଅ.କା., ଅ.କ୍ରି.କ.ପ.;* 2. ବିଂ. (ବ୍ୟକ୍ତି ସମ୍ପର୍କରେ) ଗଠିତ, ସଫଳ; have it made *ସା.ପ୍ର.* ସଫଳତା ସମ୍ପର୍କରେ ନିଶ୍ଚିତ ହେବା; made for ଉପଯୁକ୍ତ ବିବେଚିତ ହେବା; made of (କୌଣସି ବସ୍ତୁଦ୍ୱାରା) ନିର୍ମିତ ।
**Madeira** ବି. ମେଡ଼ରାଦ୍ୱୀପ ପ୍ରସ୍ତୁତ ଏକପ୍ରକାର ସୁମିଷ୍ଟ ମଦ୍ୟ ।
**Mademoiselle** ବି. ଫ୍ରାନ୍ସର କୁମାରୀମାନଙ୍କ ନିମନ୍ତେ ପ୍ରଯୁକ୍ତ ସମ୍ବୋଧନପଦ, ଫରାସୀ ମହିଳା ।
**madhouse** ବି. *ପ୍ରା.ପ୍ର.* ମାନସିକ ଚିକିତ୍ସାଳୟ, ପାଗଳାଗାର ।
**madly** *କ୍ରି.ବିଂ.* ଉନ୍ମତ୍ତ ଭାବରେ; *କ.ଭା.* ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ ।
**madman** ବି. ପାଗଳ, ଉନ୍ମତ୍ତ ବ୍ୟକ୍ତି ।
**Madonna** ବି. ଯୀଶୁ ଜନନୀ କୁମାରୀ ମେରୀ; ତାଙ୍କର ଚିତ୍ର ବା ପ୍ରତିମୂର୍ତ୍ତି ।
**madrigal** ବି. ବାଦ୍ୟଯନ୍ତ୍ର ସହଯୋଗ ବିହୀନ ସମବେତ କଣ୍ଠ ସଂଗୀତର ଅଂଶ ।
**madwoman** ବି. ପାଗଳିନୀ ।
**maelstrom** ବି. ଭୀଷଣ ଜଳାବର୍ତ୍ତ ବା ଭଉଁରୀ, ଗଣ୍ଡଗୋଳିଆ ପରିସ୍ଥିତି ।
**maenad** ବି. ଗ୍ରୀକ୍ ମଦ୍ୟଦେବତା ବେକସ୍‌ଙ୍କ ଅନୁବର୍ତ୍ତିନୀ; ଉନ୍ମତ୍ତା ନାରୀ ।
**maestro** ବି. (ବ.ବ. maestri) ବିଶିଷ୍ଟ ସ୍ୱରକାର, ସଂଗୀତଜ୍ଞ, ସଂଗୀତ ଶିକ୍ଷକ ବା ସଂଗୀତ ପରିଚାଳକ; ଯେ କୌଣସି କ୍ଷେତ୍ରରେ ସଫଳତା ପ୍ରଦର୍ଶନକାରୀ ।
**Mae West** ବି. *ସା.ପ୍ର.* ଜୀବନରକ୍ଷାକାରୀ ଜେକେଟ୍ ।
**Mafia** ବି. ଅପରାଧୀମାନଙ୍କର ସଂଗଠିତ ଦଳ; mafia *ଆମେ.* ଗୁପ୍ତ ପ୍ରଭାବ ସୃଷ୍ଟିକାରୀ ଦଳ ।
**Mafioso** ବି. (ବ.ବ. Mafiosi) ଅପରାଧୀ ଦଳର ସଭ୍ୟ ।
**magazine** ବି. ବିବିଧ ଲେଖା ସମନ୍ୱିତ ସାମୟିକ ପତ୍ରିକା; ଅସ୍ତ୍ରାଗାର, ବାରୁଦ ଘର, ଅସ୍ତ୍ର ଭଣ୍ଡାର, ବନ୍ଧୁକର ଟୋଟା ବା କାର୍ତ୍ତୁଜର ଖୋପ; କେମେରା, ପ୍ରୋଜେକ୍ଟର ପ୍ରଭୃତିରେ ଅନୁରୂପ ଖୋପ ।
**magenta** 1. ବି. ପାଟଳ ବର୍ଣ୍ଣ, ଏହି ବର୍ଣ୍ଣର ରଞ୍ଜକ; 2. ବିଂ. ପାଟଳ ବର୍ଣ୍ଣରେ ରଞ୍ଜିତ ।
**maggot** ବି. କୀଟ, ପୋକ, କୀଟାଣୁ ।
**maggoty** ବିଂ. କୀଟପୂର୍ଣ୍ଣ ।
**Magi** ବି. Magusର ବ.ବ. ।
**magic** 1. ବି. ଯାଦୁ, ଇନ୍ଦ୍ରଜାଲ; 2. ବିଂ. ଐନ୍ଦ୍ରଜାଲିକ, ଯାଦୁବିଦ୍ୟା ସମ୍ପର୍କୀୟ; *କ.ଭା.* ବିସ୍ମୟକର; 3. କ୍ରି. ଯାଦୁବିଦ୍ୟା ପ୍ରଭାବରେ ହୋଇଥିବା ପରିବର୍ତ୍ତନ; like magic ଅତି ଶୀଘ୍ର; magic away ଯାଦୁବିଦ୍ୟା ପ୍ରଭାବରେ ଅଦୃଶ୍ୟ କରିଦେବା ।
**magical** ବିଂ. ଯାଦୁବିଦ୍ୟା ସମ୍ବନ୍ଧୀୟ, ଇନ୍ଦ୍ରଜାଲଦ୍ୱାରା ପ୍ରସ୍ତୁତ; *କ୍ରି.ବିଂ.* magically.
**magic carpet** ବି. କଥିତ କୁହୁକ ଗାଲିଚା ଯାହା ଲୋକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯାଇପାରେ ।
**magician** ବି. ଐନ୍ଦ୍ରଜାଲିକ, ଯାଦୁକର ।
**magic lantern** ବି. ଆଲୋକ ସାହାଯ୍ୟରେ ଛୋଟ ଛବିକୁ ପର୍ଦ୍ଦାରେ ବଡ଼ କରି ଦେଖାଇବା ଯନ୍ତ୍ର ।
**magisterial** ବିଂ. ମାଜିଷ୍ଟ୍ରେଟ୍ ସମ୍ବନ୍ଧୀୟ, ତାଙ୍କଦ୍ୱାରା ଶାସିତ ବା ପରିଚାଳିତ; ଉଦ୍ଧତ; ଏକଛତ୍ର ଶାସକୀୟ; *କ୍ରି.ବିଂ.* magisterially.

Digitized by srujanika@gmail.com

**magistracy** ବି. ମାଜିଷ୍ଟ୍ରେଟଙ୍କ ପଦ ବା ମର୍ଯ୍ୟାଦା, ମାଜିଷ୍ଟ୍ରେଟ୍ ସମ୍ପ୍ରଦାୟ।

**magistrate** ବି. ଶାସନ କ୍ଷମତା ପ୍ରାପ୍ତ ଉଚ୍ଚ କର୍ମଚାରୀ; ଦଣ୍ଡାଧିକାରୀ; ସାଧାରଣ ମୋକଦ୍ଦମାର ବିଚାରକ।

**magma** ବି. ( ବ.ବ. magmas, magmata) ତରଳ ପଦାର୍ଥ, ଯହିଁରୁ ଆଗ୍ନେୟ ଶିଳା ପ୍ରସ୍ତୁତ ହୁଏ।

**Magna Carta (Charta)** ବି. ଇଂଲଣ୍ଡର ରାଜା ଜନ୍‌ଙ୍କଠାରୁ ୧୨୧୫ ଖ୍ରୀ:ଅ:ରେ ପ୍ରାପ୍ତ ଇଂରେଜମାନଙ୍କ ସ୍ୱାଧୀନତା ସମ୍ପର୍କୀୟ ମହାସନନ୍ଦ; ଏହି ଧରଣର କୌଣସି ସନନ୍ଦ।

**magnanimity** ବି. ମହାନୁଭବତା, ଉଦାରତା।

**magnanimous** ବିଂ. ମହାନୁଭବ, ଉନ୍ନତମନା, ଉଦାର, ନିଃସ୍ୱାର୍ଥପର।

**magnate** ବି. ଧନୀ, ପ୍ରଭାବଶାଳୀ ବ୍ୟକ୍ତି ( ବିଶେ. ବ୍ୟବସାୟରେ)।

**magnesia** ବି. ମେଗ୍ନିସିଆ, ଔଷଧ ବିଶେଷ।

**magnesium** ବି. ମେଗ୍ନିସିୟମ୍, ଏକ ପ୍ରକାର ଧଵଳ ଧାତୁ।

**magnet** ବି. ଚୁମ୍ବକ, ଚୁମ୍ବକ ପଥର, ଚୁମ୍ବକ ଗୁଣଯୁକ୍ତ ଲୌହ; ଆକର୍ଷଣକାରୀ ବସ୍ତୁ ବା ବ୍ୟକ୍ତି।

**magnetic** ବିଂ. ଚୁମ୍ବକୀୟ, ଚୁମ୍ବକ ଶକ୍ତି ସମନ୍ୱିତ, ଚୁମ୍ବକ ଶକ୍ତି ଉତ୍ପାଦକ, ଚୁମ୍ବକ ଚାଳିତ; ଆକର୍ଷଣୀୟ; କ୍ରି.ବିଂ. magnetically.

**magnetic field** ବି. ଚୁମ୍ବକୀୟ କ୍ଷେତ୍ର; ଚୁମ୍ବକ ଶକ୍ତି ନିୟନ୍ତ୍ରିତ କ୍ଷେତ୍ର।

**magnetic mine** ବି. ଜାହାଜର ସଂସ୍ପର୍ଶରେ ଆସି ବିସ୍ଫୋରଣ ଘଟୁଥିବା ଜଳ ନିମ୍ନସ୍ଥ ବିସ୍ଫୋରକ ତତ୍ତ୍ୱ।

**magnetic needle** ବି. ଦିଗ ନିର୍ଦ୍ଦେଶକ ଚୁମ୍ବକ ଶଳାକା।

**magnetic north** ବି. ଚୁମ୍ବକ ଶଳାକାର ଉତ୍ତରାଂଶଦ୍ୱାରା ଚିହ୍ନିତ ଦିଗ।

**magnetic pole** ବି. ଉତ୍ତର ବା ଦକ୍ଷିଣମେରୁର ସ୍ଥାନ ବିଶେଷ ଯେଉଁଠି ଚୁମ୍ବକ ଶଳାକା ଆଲମ୍ବ ଭାବରେ ଅବସ୍ଥାନ କରେ।

**magnetic storm** ବି. ସୂର୍ଯ୍ୟର ପ୍ରଭାବରେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ ସୃଷ୍ଟି ହେଉଥିବା ଅସୁବିଧା।

**magnetism** ବି. ଚୁମ୍ବକ ଶକ୍ତି, ଚୁମ୍ବକତ୍ୱ; ଆକର୍ଷଣୀ ଶକ୍ତି।

**magnetize** କ୍ରି. ଚୁମ୍ବକ ଶକ୍ତି ଦେବା, ଚୁମ୍ବକଧର୍ମୀ କରିବା; ଚୁମ୍ବକ ପରି ଆକର୍ଷଣ କରିବା; ବିଂ. magnetizable; ବି. magnetization.

**magneto** ବି. ( ବ.ବ. magnetos) ସ୍ଥାୟୀ ଚୁମ୍ବକ ବ୍ୟବହାର ଯୁକ୍ତ ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର।

**magnification** ବି. ଆକାର ବର୍ଦ୍ଧନ, ଅତିରଞ୍ଜନ।

**magnificence** ବି. ବିଶାଳତା, ଆଡ଼ମ୍ବର, ଶୋଭା, ବୈଭବ।

**magnificent** ବିଂ. ପ୍ରକାଣ୍ଡ, ବିଶାଳ, ଚମତ୍କାର, ଅତି ସୁନ୍ଦର, ଆଡ଼ମ୍ବରପୂର୍ଣ୍ଣ, ଚିତ୍ତାକର୍ଷକ, ମହତ୍, ବିପୁଳ; ବିଂ. magnificently.

**magnifier** ବି. ଯେଉଁ କାଚ ମାଧ୍ୟମରେ ବସ୍ତୁ ବଡ଼ ଦେଖାଯାଏ।

**magnify** କ୍ରି. ଆକାରରେ ବଡ଼କରି ଦେଖାଇବା; ଅତିରଞ୍ଜିତ କରିବା; ବଡ଼ାଇ କରିବା, ଅତି ପ୍ରଶଂସା କରିବା।

**magnifying glass** ବି. ଯବକାଚ।

**magniloquent** ବିଂ. ଆଡ଼ମ୍ବରମୟ ଶୈଳୀରେ କହୁଥିବା, ଶବ୍ଦବହୁଳ (ଶୈଳୀ); ବି. magniloquence.

**magnitude** ବି. ଆକାର, ପରିସର, ପରିମାଣ, ଆୟତନ, ଗୁରୁତ୍ୱ, ବିଶାଳତା, ତାରକାର ଉଜ୍ଜ୍ୱଳତା; . of the first magnitude ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**magnolia** ବି. ଏକ ପ୍ରକାର ସୁନ୍ଦର ପତ୍ର ବିଶିଷ୍ଟ ସୁବାସିତ ପୁଷ୍ପ ବୃକ୍ଷ।

**magnum** ବି. ଦୁଇ କ୍ୱାର୍ଟ୍ ପରିମିତ ମଦ ବୋତଲ।

***magnum opus*** ବି. ସାହିତ୍ୟର ବୃହତ୍ ପ୍ରାମାଣିକ ଗ୍ରନ୍ଥ; ଶିଳ୍ପୀ ବା ଲେଖକଙ୍କର ପ୍ରଧାନ କୃତି। *(ଲା.)*

**magpie** ବି. କାଉ ଜାତୀୟ ପକ୍ଷୀ (ଏହାର ପୁଚ୍ଛ ଲମ୍ବା ଓ ଗୋଳିଆ, ବର୍ଣ୍ଣ ଧଳା ଓ କଳା); କୁହାଳିଆ ଲୋକ।

**Magus** ବି. ( ବ.ବ. Magi) ପ୍ରାଚୀନ ପାରସ୍ୟର ଧର୍ମଯାଜକ; Magus ପ୍ରାଚ୍ୟ ଦେଶର ନବଜାତ ଯୀଶୁଙ୍କ ଦର୍ଶନାଭିଳାଷୀ ଜ୍ଞାନୀତ୍ରୟ ମଧ୍ୟରୁ ଜଣେ।

**Magyar** 1. ବି. ହଙ୍ଗେରୀର ସଂଖ୍ୟାଧିକ ଜନଗୋଷ୍ଠୀ, ସେମାନଙ୍କର ଭାଷା;

Digitized by srujanika@gmail.com

2. ବିଂ. ସେହି ଲୋକମାନଙ୍କର ଭାଷା ବା ଜାତି ସମ୍ବନ୍ଧୀୟ ।

**maharaja** ବି.ଭା. ମହାରାଜା, ଭାରତୀୟ ରାଜାମାନଙ୍କର ଉପାଧି ବିଶେଷ ।

**maharanee** ବି.ଭା. ମହାରାଣୀ; ମହାରାଜାଙ୍କର ପତ୍ନୀ ।

**maharishi** ବି.ଭା. ପ୍ରଧାନ ହିନ୍ଦୁ ତପସ୍ୱୀ; ମହର୍ଷି ।

**mahatma** ବି.ଭା. ମହାତ୍ମା; ଉଚ୍ଚଆଦର୍ଶ ବିଶିଷ୍ଟ ସର୍ବଜନଆଦୃତ ଧର୍ମପରାୟଣ ବ୍ୟକ୍ତି; ଆଧାତ୍ମିକ ଶକ୍ତି ବିଶିଷ୍ଟ ବୌଦ୍ଧ ଧର୍ମର ସନ୍ଥ ।

**mahlstick** ଦ୍ର. maulstick.

**mahogany** ବି. ଆସବାବ ନିମନ୍ତେ ବ୍ୟବହୃତ ରକ୍ତାଭ ବର୍ଣ୍ଣର କାଠ ବିଶେଷ, ମହାନିମ୍ବ ।

**Mahometan** ବିକ. Muhammadan ଦ୍ର. ।

**mahout** ବି.ଭା. ମାହୁନ୍ତ, ହସ୍ତୀର ରକ୍ଷକ ଓ ଚାଳକ ।

**maid** ବି. ଚାକରାଣୀ; ପ୍ରା.ପ୍ର. କୁମାରୀ କନ୍ୟା, ତରୁଣୀ; maid of all work ଯେଉଁ ପରିଚାରିକା ଗୃହର ସମସ୍ତ କାର୍ଯ୍ୟ କରେ, ଅନେକ କାର୍ଯ୍ୟ କରୁଥିବା ବ୍ୟକ୍ତି; maid of honour ରାଣୀ ବା ରାଜକନ୍ୟାଙ୍କର ଅବିବାହିତା ସହଚରୀ ।

**maiden** 1. ବି. କନ୍ୟା, ଅବିବାହିତା ତରୁଣୀ; ଅବିବାହିତା; 2. ବିଂ. କୁମାରୀ; (ପଶୁ ସମ୍ପର୍କରେ) ପୁରୁଷ ପଶୁର ସଙ୍ଗ ଲାଭ କରି ନଥିବା; ପ୍ରଥମ; (ଘୋଡ଼ା ସମ୍ପର୍କରେ) ଦୌଡ଼ରେ ଆଦୌ ଜିଣି ନଥିବା; (ଦୌଡ଼ ସମ୍ପର୍କରେ) ଏଭ ଧରଣର ଘୋଡ଼ାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

**maidenhead** ବି. କୁମାରୀତ୍ୱ, ସତୀଚ୍ଛଦ ।

**maidenhood** ବି. କୁମାରୀତ୍ୱ ।

**maiden name** ବି. ସ୍ତ୍ରୀର ବିବାହ ପୂର୍ବର (ପିତୃବଂଶୀୟ) ସାଙ୍ଗିଆ ।

**maiden over** ବି. କ୍ରିକେଟ୍ ଯେଉଁ ଓଭରରେ ଆଦୌ ରନ୍ ହୋଇନଥାଏ ।

**maiden speech** ବି. (ସଭାରେ) ପ୍ରଥମ ବକ୍ତୃତା ।

**maidservant** ବି. ଚାକରାଣୀ, ପରିଚାରିକା ।

**mail**[1] 1. ବି. ଡାକଯୋଗେ ପଠାଯାଉଥିବା ବସ୍ତୁ; ଡାକ ବ୍ୟବସ୍ଥା; ଚିଠିପତ୍ର, ପାର୍ସଲ ପ୍ରଭୃତି; ଚିଠିପତ୍ର ବହନ କରୁଥିବା ଯାନ; 2. କ୍ରି. ଡାକଯୋଗେ ପ୍ରେରଣ କରିବା ।

**mail**[2] ବି. ସାଞ୍ଜୁ, ଲୌହବଳୟ ନିର୍ମିତ ଶରୀର ତ୍ରାଣ, ବର୍ମ; coat of mail ସାଞ୍ଜୁ ।

**mailbag** ବି. ଡାକମୁଣା; ଚିଠିପତ୍ର ପଠାଯିବା ନିମନ୍ତେ ଥଳି ।

**mailing list** ବି. ଚିଠି ପଠାଯିବା ନିମନ୍ତେ କରାଯାଇଥିବା ବ୍ୟକ୍ତିମାନଙ୍କର ତାଲିକା ।

**mail order** ବି. ଡାକଯୋଗେ ଜିନିଷପତ୍ର ଖର୍ଦ୍ଦି ।

**maim** କ୍ରି. ପଙ୍ଗୁ, ଅସମର୍ଥ ବା ଅଙ୍ଗହୀନ କରିବା ।

**main** 1. ବିଂ. ମୁଖ୍ୟ, ପ୍ରଧାନ, ସବୁଠାରୁ ବଡ଼ (main group) ବା ବେଶୀ (main force); 2. ବି. ମୁଖ୍ୟ ଜଳବାହୀ ନାଳ; ମୁଖ୍ୟ ବିଦ୍ୟୁତ୍‌ବାହୀ ତାର; କାବ୍ୟ. ସମୁଦ୍ର; have an eye to the main chance ନିଜ ସ୍ୱାର୍ଥ ସମ୍ପର୍କୀୟ ବିଚାର; in the main ମୁଖ୍ୟତଃ, ଅଧିକାଂଶ ଅଂଶକୁ ନେଇ ।

**mainframe** ବି. କମ୍ପ୍ୟୁଟରର କେନ୍ଦ୍ରୀୟ କ୍ଷେତ୍ର, ବୃହତ୍ କମ୍ପ୍ୟୁଟର ସିଷ୍ଟମ୍ ।

**mainland** ବି. ପ୍ରଧାନ ଭୂଭାଗ ।

**main line** ବି. ବଡ଼ ବଡ଼ ସହରକୁ ଯୋଗ କରୁଥିବା ପ୍ରଧାନ ରେଳ ରାସ୍ତା ।

**mainly** କ୍ରି.ବିଂ. ପ୍ରଧାନତଃ, ମୁଖ୍ୟତଃ ।

**mainmast** ବି. ଜାହାଜର ପ୍ରଧାନ ମାସ୍ତୁଲ ।

**mainsail** ବି. (ଜାହାଜରେ) ପ୍ରଧାନ ମାସ୍ତୁଲର ନିମ୍ନସ୍ଥ ବା ପଛରେ ଟଣା ଯାଇଥିବା ପାଲ ।

**mainspring** ବି. ଘଣ୍ଟାର ପ୍ରଧାନ (ଚାଳକ) ସ୍ପ୍ରିଂ; ପ୍ରଧାନ ଉଦ୍ଦେଶ୍ୟ ।

**mainstay** ବି. ପ୍ରଧାନ ଅବଲମ୍ବନ; ମାସ୍ତୁଲର ଶୀର୍ଷରୁ ତଳକୁ ଟଣାଯାଇଥିବା ବଡ ଦଉଡ଼ି ।

**mainstream** କ୍ରି. ପ୍ରଧାନ ପ୍ରବାହ, ମୁଖ୍ୟସ୍ରୋତ, ମୁଖ୍ୟଧାରା ।

**maintain** କ୍ରି. ବଜାୟ ରଖିବା; ଚାଲୁ ରଖିବା; ସମାଳିବା; ଘରଦ୍ୱାର, ଯନ୍ତ୍ରପାତି ସମାଳି ରଖିବା ନିମନ୍ତେ ପଦକ୍ଷେପ ନେବା; ଭରଣପୋଷଣ କରିବା; ଚଳାଇବା; ପାଳନ କରିବା ।

**maintained school** ବି. ଜନ ସାଧାରଣଙ୍କ ଅର୍ଥରେ ପରିଚାଳିତ ବିଦ୍ୟାଳୟ, ସରକାରୀ ସ୍କୁଲ୍ ।

**maintenance** ବି. ଭରଣପୋଷଣ, ଯନ୍ତ୍ରପାତି କାର୍ଯ୍ୟକ୍ଷମଭାବେ ରକ୍ଷଣ; ରକ୍ଷଣାବେକ୍ଷଣ; ଖୋରାକ ପୋଷାକ ।

Digitized by srujanika@gmail.com

**maintop** ବି. ପ୍ରଧାନ ମାସ୍ତୁଲର ନିମ୍ନ ଭାଗସ୍ଥ ଉପର ଅଂଶର ପଟାତନ।

**maisonette** ବି. ସ୍ୱତନ୍ତ୍ର ଭାବରେ ଭଡ଼ା ଦିଆଯାଇଥିବା ବା ବ୍ୟବହାର କରାଯାଉଥିବା ଗୃହର ଅଂଶ; ଛୋଟ ଘର।

**maize** ବି. ମକା, ଭୁଟା, ଜନାର, ଜନ୍ଲା।

**Maj.** ସଂକ୍ଷି. Major ମେଜର୍।

**majestic** ବିଂ. ମହାନ୍, ଗରିମାମୟ, ରାଜୋଚିତ; କ୍ରି.ବିଂ. majestically.

**majesty** ବି. ମହିମା, ଗରିମା; ରାଜଶକ୍ତି; Majesty ରାଜା, ରାଣୀ ବା ରାଜାଙ୍କ ବିଧବା ନିମନ୍ତେ ବ୍ୟବହୃତ ସମ୍ମାନଜନକ ସମ୍ବୋଧନ।

**majolica** ବି. (maiolica ମଧ୍ୟ) ଇଟାଲିଆନ୍ ନବ ଯୁଗର ବର୍ଣ୍ଣାଢ଼୍ୟ ମାଟିପାତ୍ର ବିଶେଷ ବା ଏହାର ଆଧୁନିକ ଅନୁକରଣ।

**major** 1. ବିଂ. ପ୍ରଧାନ, ମୁଖ୍ୟ, ବୃହତ୍ତର, ପ୍ରାପ୍ତ ବୟସ୍କ; (ସଂଗୀତ ଶାସ୍ତ୍ର) ମଧ୍ୟଗ୍ରାମ; 2. ବି. ମେଜର ଉପାଧିଧାରୀ ସୈନ୍ୟ ବିଭାଗର କର୍ମଚାରୀ; ପ୍ରାପ୍ତବୟସ୍କ ବ୍ୟକ୍ତି; *ଆମେ.* ଛାତ୍ରମାନଙ୍କ ନିମନ୍ତେ ବିଶେଷ ପାଠ୍ୟକ୍ରମ; 3. *କ୍ରି. ଆମେ.* ଛାତ୍ରମାନଙ୍କଦ୍ୱାରା କୌଣସି ବିଷୟରେ ବିଶେଷ ଜ୍ଞାନ ଲାଭ କରିବା।

**major–domo** ବି. (ବ.ବ. major–domos) ବଡ଼ ଘରର ମୁଖ୍ୟ ପରିଚାଳକ।

**major–general** ବି. ସେନା ନାୟକ ବିଶେଷ, ଲେଫ୍ଟନାଣ୍ଟ ଜେନେରାଲଙ୍କର ଠିକ୍ ନିମ୍ନସ୍ଥ କର୍ମଚାରୀ।

**majority** ବି. ଅଧିକାଂଶ, ଅଧିକ ସଂଖ୍ୟା; ବହୁମତ, ଅଧିକ ମତ ପାଇଥିବା ଦଳ; ବା ଅବସ୍ଥା; ସାବାଳକତ୍ୱ; ସାମରିକ କର୍ମଚାରୀଙ୍କ ପାହ୍ୟା।

**majority rule** ବି. ଅଧିକ ମତ ପାଇଥିବା ଦଳ ଅଧିକ ପ୍ରଭାବଶାଳୀ ହେବାର ନୀତି।

**make** 1. *କ୍ରି.* ସୃଷ୍ଟି କରିବା, ନିର୍ମାଣ କରିବା, ତିଆରି କରିବା, ଘଟାଇବା, ସମ୍ପାଦନ କରିବା, ମନ ସ୍ଥିର କରିବା; (ଚା, କଫି ପ୍ରଭୃତି) ପ୍ରସ୍ତୁତ କରିବା; (ଶଯ୍ୟା) ପ୍ରସ୍ତୁତ କରିବା; (ଅଗ୍ନି) ପ୍ରଜ୍ୱଳିତ କରିବାର ବ୍ୟବସ୍ଥା କରିବା; (ଇଚ୍ଛାପତ୍ର, ପୁସ୍ତକ, ଚଳଚ୍ଚିତ୍ର ଇତ୍ୟାଦି) ସମ୍ପାଦନ କରିବା; ପୁସ୍ତକ, ସଂଗୀତ ଆଦି ରଚନା କରିବା; (ଆଇନ୍) ପ୍ରଣୟନ ବା ବିଧାନ କରିବା; (ଲାଭ, ଅର୍ଜନ ପ୍ରଭୃତି) ହାସଲ କରିବା ବା କରାଇବା; (ସମ୍ପାଦନ, ଗଣନା, ବିଚାର) କରିବା; ହେବା, ମୋଟ ବା ସମାନ ହେବା; 2. ବି. ଜିନିଷ ତିଆରିର ଉପାୟ; ତିଆରିର ସ୍ଥାନ (India make); make away with ବିନାଶ କରିବା, ନଷ୍ଟ କରିବା, ନେଇ ପଳାଇ ଯିବା; make believe ଛଳନା କରିବା; make a day (night) of it ଦିନସାରା ଗୋଟିଏ କାର୍ଯ୍ୟରେ ଲିପ୍ତ ରହିବା; make do ଅଳ୍ପରେ କାମ ଚଳାଇବା; make for (କୌଣସି ଆଡ଼କୁ) ଅଗ୍ରସର ହେବା, ଆକ୍ରମଣ କରିବା; make good କ୍ଷତି ପୂରଣ ଦେବା, କୃତକାର୍ଯ୍ୟ ହେବା; make the grade ସଫଳ ହେବା; make it ଉଦ୍ଦେଶ୍ୟରେ ସଫଳ ହେବା, କୃତକାର୍ଯ୍ୟ ହେବା; make much (little) of ଖୁବ୍ ଗୁରୁତର (ଛୋଟ) ମନେ କରିବା; make nothing of ନ୍ୟୂନ ବ୍ୟବହାର କରିବା, ବୁଝି ନ ପାରିବା; make of (କୌଣସି ବସ୍ତୁରେ) ପ୍ରସ୍ତୁତ କରିବା, ସିଦ୍ଧାନ୍ତ କରିବା; make off ଶୀଘ୍ର ଚାଲିଯିବା; make off with ଚୋରାଇ ନେବା, ବୋହି ନେବା; make or break (mar) ସଫଳ ବା ନଷ୍ଟ କରାଇବା; make out ଖୋଜି ବାହାର କରିବା, ବୁଝିବା, ଉପଲବ୍ଧି କରିବା, (ଦଲିଲ୍ ଇତ୍ୟାଦି) ଲେଖିବା, (ଫର୍ମ ଇତ୍ୟାଦି) ପୂରଣ କରିବା, ପ୍ରମାଣ କରିବାକୁ ଚେଷ୍ଟା କରିବା, ଛଳନା ବା ଦାବି କରିବା; make over ହସ୍ତାନ୍ତର କରିବା; ନୂତନ ଭାବରେ ବଦଳାଇବା; make time ସମୟ ବାହାର କରିବା; make up ସଂଗଠିତ କରିବା; ପ୍ରସ୍ତୁତ କରିବା; (ଗଳ୍ପାଦି) ରଚନା କରିବା; କ୍ଷତି ପୂରଣ ଦେବା; (ହିସାବ) ଠିକ୍ କରିବା; ଅଙ୍ଗରାଗ ଲଗାଇବା; make (it) up ମିଳାମିଶା ବା ପୁନର୍ମିଳିତ କରିବା; make up to ପାଖକୁ ଯିବା ଆସିବା କରିବା, ବନ୍ଧୁ ଭାବାପନ୍ନ ହେବା; make water ପରିସ୍ରା କରିବା; make one's way ଆଗେଇବା, ଉନ୍ନତି କରିବା; on the make *ଗ୍ରା.ପ୍ର.* ଲାଭ ପ୍ରତି ଦୃଷ୍ଟି ରଖିବା ବା ସତର୍କ ରହିବା।

Digitized by srujanika@gmail.com

**make–believe** ବି. ଛଳନା, ପ୍ରତାରଣା ।
**maker** ବି. ପ୍ରସ୍ତୁତକର୍ତ୍ତା, ନିର୍ମାତା; Maker ଈଶ୍ବର ।
**makeshift** 1. ବି. କାମଚଳା ଉପାୟ, ସାମୟିକ ଉପାୟ; 2. ବିଂ. ସାମୟିକ; କାମଚଳା ।
**make–up** ବି. (ଅଭିନେତା ପ୍ରଭୃତିଙ୍କ) ବେଶ ସଜ୍ଜା; ପ୍ରକୃତି ବା ଚରିତ୍ର ।
**makeweight** ବି. ଭାରସାମ୍ୟ ନିମନ୍ତେ ତୁଳା ଦଣ୍ଡରେ ପ୍ରଦତ୍ତ ସାମାନ୍ୟ ପଦାର୍ଥ; ପୂର୍ଣ୍ଣତା ସମ୍ପାଦନ କରିଥିବା ବ୍ୟକ୍ତି ବା ପଦାର୍ଥ ।
**making** ବି. ତିଆରି; ବ.ବ. ରୋଜଗାର, ଲାଭ; ଆବଶ୍ୟକ ଗୁଣ ବା ବୈଶିଷ୍ଟ୍ୟ; be the making of ସଫଳତା ପ୍ରାପ୍ତି ନିଶ୍ଚିତ କରାଇବା; in the making ନିର୍ମୀୟମାଣ ବା ଗଠିତ ହେଉଥିବା ଅବସ୍ଥାରେ ।
**mal–** *ପୂ.ପ୍ର.* ମନ୍ଦ, ଖରାପ; ଉଦା. malpractice, maltreat.
**maladjusted** ବିଂ. (ବ୍ୟକ୍ତି ସମ୍ପର୍କରେ) ଜୀବନ ସହିତ ଖାପଖୁଆଇ ନପାରିଥିବା; ବି. maladjustment.
**maladminister** କ୍ରି. ମନ୍ଦ ଭାବରେ ପରିଚାଳନା କରିବା ।
**maladministration** ବି. କୁଶାସନ, କୁପରିଚାଳନା ।
**maladroit** ବିଂ. ଅନିପୁଣ, ଅପଟୁ, ଅନାଡି ।
**malady** ବି. ରୋଗ ବା ବ୍ୟାଧି, ପୀଡ଼ା ।
**malaise** ବି. ଅସ୍ୱାଚ୍ଛନ୍ଦ୍ୟ, ଅସୁସ୍ଥତାବୋଧ ।
**malapropism** ବି. ଶବ୍ଦର (ହାସ୍ୟୋଦ୍ଦୀପକ) ଅପବ୍ୟବହାର, ଉଦା. invite ବଦଳରେ indite.
**malaria** ବି. ମେଲେରିଆ ଜ୍ୱର; ବିଂ. malarial.
**malarkey** ବି. *ସା.ପ୍ର.* ପ୍ରବଞ୍ଚନା, ଠକାମି; ବାଜେକଥା ।
**Malay** 1. ବି. ମାଳୟର ଅଧିବାସୀ, ସେମାନଙ୍କର ଭାଷା; 2. ବିଂ. ମାଳୟ ବାସୀ ବା ଭାଷା ସମ୍ବନ୍ଧୀୟ ।
**malcontent** 1. ବି. ଅସନ୍ତୁଷ୍ଟ ବ୍ୟକ୍ତି; 2. ବିଂ. ଅସନ୍ତୁଷ୍ଟ, ବିଦ୍ରୋହ ପ୍ରବଣ ।
**male** 1. ବିଂ. ଅଣ୍ଡିରା, ପୁଂଜାତୀୟ, ପୁରୁଷ, ମର୍ଦ୍ଦ; 2. ବି. ପୁଂଜାତୀୟ ବ୍ୟକ୍ତି ବା ପଶୁ; ବି. maleness.
**malediction** ବି. ଅଭିଶାପ, ଅମଙ୍ଗଳ କାମନା; ବିଂ. maledictory.
**malefaction** ବି. କୁକର୍ମ, ଅପରାଧ ।
**malefactor** ବି. ଅପରାଧୀ, କୁକର୍ମକାରୀ ।
**malevolence** ବି. ଈର୍ଷା, ବିଦ୍ୱେଷ, ଅସୂୟା ।
**malevolent** ବିଂ. ଅନ୍ୟର ଅମଙ୍ଗଳକାମୀ, ଈର୍ଷା ପରାୟଣ ।
**malfeasance** ବି. *ଔପ.* ଦୁଷ୍କର୍ମ, ଅନ୍ୟାୟକାର୍ଯ୍ୟ, ସରକାରୀ କର୍ମଚାରୀଙ୍କର ଅବୈଧ କର୍ମ ବା ଆଚରଣ ।
**malformation** ବି. ବିକୃତ ଗଠନ, ଅଙ୍ଗ ବିକୃତି; ବିଂ. malformed.
**malfunction** 1. ବି. ସ୍ୱାଭାବିକ ଭାବରେ କାର୍ଯ୍ୟକ୍ଷମ ହେବାରେ ଅସଫଳତା; 2. କ୍ରି. ଅସଫଳ ଭାବରେ କାର୍ଯ୍ୟ କରିବା ।
**malice** ବି. ଦ୍ୱେଷ, ଅନିଷ୍ଟ ସାଧନ ଇଚ୍ଛା ।
**malicious** ବିଂ. ବିଦ୍ୱେଷମୂଳକ, ଈର୍ଷାପରାୟଣ, ପରଶ୍ରୀକାତର; କ୍ରି.ବିଂ. maliciously.
**malign** 1. ବିଂ. (ପଦାର୍ଥ ସମ୍ପର୍କରେ) ଅନିଷ୍ଟକର, କ୍ଷତିକାରକ, ଅହିତକର; (ରୋଗ ସମ୍ପର୍କରେ) ଉତ୍କଟ, ଦୁରାରୋଗ୍ୟ; 2. କ୍ରି. ଅପବାଦ ଦେବା, ନିନ୍ଦା କରିବା ।
**malignancy** ବି. ଉତ୍କଟ ବିଦ୍ୱେଷ ଭାବ ବା ଅନିଷ୍ଟ ସାଧନ ଇଚ୍ଛା; (ରୋଗ ସଂପର୍କରେ) ମାରାତ୍ମକତା ।
**malignant** ବିଂ. (ରୋଗ ସମ୍ପର୍କରେ) ଦୁରାରୋଗ୍ୟ, ସାଂଘାତିକ, ଉତ୍କଟ; (ବ୍ୟକ୍ତି ସମ୍ପର୍କରେ), ଅତ୍ୟଧିକ ଅନିଷ୍ଟକାମୀ, କ୍ଷତିକାରକ, ହିଂସାପରାୟଣ; କ୍ରି.ବିଂ. malignantly.
**malignity** ବି. ଉତ୍କଟ ବିଦ୍ୱେଷ ସାଧନ ଇଚ୍ଛା ।
**malinger** କ୍ରି. (କର୍ତ୍ତବ୍ୟରୁ ଅବ୍ୟାହତି ପାଇବା ନିମନ୍ତେ) ଅସୁସ୍ଥତାର ଛଳନା କରିବା, ଆଳ ଦେଖାଇବା; ବି. malingerer.
**mall** ବି. ଛାୟାଛନ୍ନ ପଥ ।
**mallard** ବି. (ବ.ବ. mallard) ବନ୍ୟହଂସ ।
**malleability** ବି. ନମନୀୟତା ।
**malleable** ବିଂ. (ଧାତୁ ସମ୍ପର୍କରେ) ଘାତ ଦ୍ୱାରା ପ୍ରସାରଣଶୀଳ, ନମନୀୟ, ଇଚ୍ଛାନୁଯାୟୀ ଗଠନକ୍ଷମ ।

Digitized by srujanika@gmail.com

**mallet** ବି. ମୁଗୁର, (କାଠର) ହାତୁଡ଼ି; ପୋଲୋ ଖେଳରେ ବ୍ୟବହୃତ ଦଣ୍ଡ।

**malmsey** ବି. ଅତ୍ୟନ୍ତ ସୁମିଷ୍ଟ ମଦ୍ୟ ବିଶେଷ।

**malnutrition** ବି. ପୁଷ୍ଟିହୀନତା, ଉପଯୁକ୍ତ ଖାଦ୍ୟ ଅଭାବରୁ ଶରୀରର କ୍ଷୟିତ ଅବସ୍ଥା।

**malodorous** ବିଂ. ଦୁର୍ଗନ୍ଧଯୁକ୍ତ।

**malpractice** ବି. କୁକ୍ରିୟା, ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ପଦବୀଧାରୀଙ୍କ ଅନ୍ୟାୟ ଆଚରଣ, ବ୍ୟବସାୟଗତ ଅବୈଧ କର୍ମ ବା ଆଚରଣ।

**malt** 1. ବି. ମଦ୍ୟ ତିଆରି ପାଇଁ ପ୍ରସ୍ତୁତ, ବାର୍ଲି ବା ଅନ୍ୟ କୌଣସି ଶସ୍ୟ; ଯବାଦି ଶସ୍ୟରୁ ପ୍ରସ୍ତୁତ ପାନୀୟ, ଯବସୁରା; 2. କ୍ରି. ଯବାଦି ଶସ୍ୟକୁ ମଲ୍ଟ୍ ଜାତୀୟ ପାନୀୟରେ ପରିଣତ କରିବା।

**Maltese** 1. ବିଂ. ମାଲ୍ଟା ଦ୍ୱୀପର; 2. ବି. ଏହାର ଭାଷା ବା ଅଧିବାସୀ।

**Malthusian** ବିଂ. ଜନ୍ମନିୟନ୍ତ୍ରଣ ସମ୍ପର୍କୀୟ ମାଲ୍‌ଥୁସ୍‌ଙ୍କ ଅର୍ଥନୀତି ସମ୍ବନ୍ଧିତ; ବି. Malthusianism.

**maltreat** କ୍ରି. ଦୁର୍ବ୍ୟବହାର କରିବା, ଅତ୍ୟାଚାର କରିବା; ବି. maltreatment.

**malversation** ବି. ବିଶ୍ୱସନୀୟ ସ୍ଥାନରେ ଅଧିଷ୍ଠିତ ଥାଇ ଦୁର୍ନୀତିପୂର୍ଣ୍ଣ ଆଚରଣ; ସାଧାରଣ ବା ନ୍ୟସ୍ତ ଧନର ଅପବ୍ୟୟ।

**mama, mamma** ବି. ମା, ବୋଉ।

**mamba** ବି. ଆଫ୍ରିକୀୟ ବିଷାକ୍ତ ସର୍ପବିଶେଷ।

**mammal** ବି. ସ୍ତନ୍ୟପାୟୀ ପ୍ରାଣୀ; ମନୁଷ୍ୟ, ତିମି, ବାଦୁଡ଼ିପ୍ରଭୃତି।

**mammalian** ବିଂ. ସ୍ତନ୍ୟପାୟୀ ପ୍ରାଣୀ ସମ୍ବନ୍ଧୀୟ।

**mammary** ବିଂ. ସ୍ତନ ସମ୍ବନ୍ଧୀୟ।

**Mammon** ବି. ଧନ ଦେବତା, ଧନସମ୍ପତ୍ତି ଓ ଲୋଭର ପ୍ରତୀକ।

**mammoth** 1. ବି. ବର୍ତ୍ତମାନ ଲୁପ୍ତ ଏକଜାତୀୟ ପ୍ରକାଣ୍ଡ ହସ୍ତୀ; 2. ବିଂ. ପ୍ରକାଣ୍ଡ, ବିଶାଳ।

**man** 1. ବି. ମନୁଷ୍ୟ, ମନୁଷ୍ୟଜାତି, ବିଶେଷ ଧରଣର ଐତିହାସିକ ମାନବ, ବ୍ୟକ୍ତିବିଶେଷ; ସ୍ୱାମୀ; କର୍ମଚାରୀ, ଭୃତ୍ୟ, ଶ୍ରମିକ, ସୈନ୍ୟ; ସମ୍ବୋଧନରେ ବ୍ୟବହୃତ; ପ୍ରତ୍ୟୟ ବିଶେଷ ଯାହା କୁଶଳୀବ୍ୟକ୍ତିଙ୍କୁ ବୁଝାଏ (oarsman); 2. କ୍ରି. ଲୋକ ସମନ୍ବିତ କରିବା; ଲୋକ ଯୋଗାଇ ଦେବା, ଲୋକ ନିଯୁକ୍ତି ଦ୍ୱାରା ପୂରଣ କରିବା; as one man ସମନ୍ବିତ ଭାବରେ; be one's own man ସ୍ୱାବଲମ୍ବୀ ହେବା; to a man ସମସ୍ତେ, ଜଣକୁ ସୁଦ୍ଧା ବାଦ୍ ନଦେଇ; ବିଂ. mannish.

**manacle** 1. ବି. *ସା.ବ.ବ.*ରେ ହାତକଡ଼ି, ବାଧା; 2. କ୍ରି. ହାତକଡ଼ିଦେବା, ବାଧାଦେବା।

**manage** କ୍ରି. ଚଳାଇବା, ପରିଚାଳନା କରିବା, ଦାୟିତ୍ୱନେବା, ସଫଳତା ପାଇବା, କୌଣସି ମତେ ତୁଲାଇବା, ସୀମିତ ସମ୍ବଳରେ ଚଳାଇବା ବା ତୁଲାଇବା, ସମ୍ପାଦନ କରିବା, ହାସଲ କରିବା, ଆୟତ୍ତାଧୀନ କରିବା, କୌଶଳରେ ଘଟାଇବା; (ବ୍ୟକ୍ତି ବା ପଶୁର) ଦାୟିତ୍ୱ ଗ୍ରହଣ କରିବା ବା ଆୟତ୍ତ କରିବା; ବିଂ. manageable.

**management** ବି. ପରିଚାଳନା ବ୍ୟବସ୍ଥା, ବନ୍ଦୋବସ୍ତ, ତତ୍ତ୍ୱାବଧାନ, ପରିଚାଳକ ସମ୍ପ୍ରଦାୟ।

**manager** ବି. ପରିଚାଳକ, ତତ୍ତ୍ୱାବଧାରକ, ନିର୍ବାହକ; *ସ୍ତ୍ରୀ.* manageress; ବିଂ. managerial.

***manana*** ବି./କ୍ରି.ବିଂ. (ସ୍ପେନିଶ୍) ଅନିଶ୍ଚିତ ଭବିଷ୍ୟତ।

**man-at-arms** ବି. *ପ୍ରା.ପ୍ର.* ସୈନିକ।

**manatee** ବି. ତୃଣଭୋଜୀ ସ୍ତନ୍ୟପାୟୀ ଜଳଚର ପ୍ରାଣୀ ବିଶେଷ।

**Mancunian** 1. ବି. ମାଞ୍ଚେଷ୍ଟରର ଅଧିବାସୀ; 2. ବିଂ. ଏହି ସ୍ଥାନର।

**mandala** ବି. (ସଂସ୍କୃତ) ବିଶ୍ୱ ସୃଷ୍ଟିର ଆଧ୍ୟାତ୍ମିକ ପ୍ରତୀକ, ମଣ୍ଡଳ।

**mandamus** ବି. ନିମ୍ନସଂସ୍ଥା ପ୍ରତି ଉଚ୍ଚ ଅଦାଲତର ହୁକୁମନାମା ବା ନିର୍ଦ୍ଦେଶ ପତ୍ର।

**mandarin** ବି. *ଇତି.* ଚୀନ୍ ଦେଶୀୟ ରାଜ କର୍ମଚାରୀ, ଚୀନ୍ ଦେଶର ପ୍ରାଚୀନ ସରକାରୀ ଭାଷା, ଏକ ପ୍ରକାର ଛୋଟ ଚେପ୍ଟା କମଳା।

**mandatary** ବି. କ୍ଷମତା ପତ୍ର ବା ହୁକୁମନାମା ପ୍ରାପ୍ତ ବ୍ୟକ୍ତି।

**mandate** 1. ବି. ହୁକୁମନାମା, ଆଦେଶନାମା, ଅଧ୍ୟାଦେଶ, ଭୋଟଦାତାଙ୍କଦ୍ୱାରା ସରକାରଙ୍କୁ ଦିଆଯାଇଥିବା ଅଧିକାର, ଶାସକଙ୍କଠାରୁ ଆଇନଗତ ବା ବିଚାର ବିଭାଗୀୟ ନିର୍ଦ୍ଦେଶ;

Digitized by srujanika@gmail.com

2. କ୍ରି. ସଭ୍ୟଙ୍କୁ କ୍ଷମତା ଦେବା, ଅନ୍ୟପାଇଁ କାର୍ଯ୍ୟ କରିବାକୁ କ୍ଷମତା ଦେବା; ଆଦେଶ–ଦ୍ୱାରା ନିର୍ଦ୍ଦେଶ ଦେବା ।

**mandatory** ବିଂ. ଆଦେଶାତ୍ମକ, ଅବଶ୍ୟ ପାଳନୀୟ; ବାଧ୍ୟତାମୂଳକ; କ୍ରି.ବିଂ. mandatorily.

**mandible** ବି. (ବିଶେ. ମତ୍ସ୍ୟ ଓ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର) ତଳପାଟି; ପକ୍ଷୀ ଥଣ୍ଟର ତଳ ଓ ଉପର ପାଖ; କୀଟପତଙ୍ଗମାନଙ୍କର ହନୁପରି କାର୍ଯ୍ୟ କରୁଥିବା ଅଙ୍ଗବିଶେଷ ।

**mandolin** ବି. ମେଣ୍ଡୋଲିନ, ତାର ବାଦ୍ୟଯନ୍ତ୍ର ବିଶେଷ; ବି. mandolinist.

**mandrake** ବି. ଏକପ୍ରକାର ନିଦ୍ରାକାରକ ଉଦ୍ଭିଦ ।

**mane** ବି. ସିଂହ ପ୍ରଭୃତି ପ୍ରାଣୀଙ୍କର କେଶର, ଘୋଡ଼ା ବେକ ଉପର ବାଳ, ବ୍ୟକ୍ତିର ଲମ୍ବା କେଶ ।

**manege** ବି. ଅଶ୍ୱାରୋହଣ ଶିକ୍ଷାର ଅନୁଷ୍ଠାନ; ପ୍ରଶିକ୍ଷିତ ଅଶ୍ୱର ଚାଲି ବା ଗତି ।

**manful** ବିଂ. ସାହସୀ, ଦୃଢ଼ପ୍ରତିଜ୍ଞ ।

**manfully** କ୍ରି.ବିଂ. ପୁରୁଷୋଚିତଭାବରେ ।

**manganese** ବି. ଏକ ପ୍ରକାର କଠିନ ଭଙ୍ଗୁର ଧାତବ ଉପାଦନ; ମାଙ୍ଗାନିଜ୍ ।

**mange** ବି. କୁକୁର ପ୍ରଭୃତି ଲୋମଶ ପ୍ରାଣୀଙ୍କର ଚର୍ମରୋଗ ବିଶେଷ ।

**mangel–wurzel** ବି. (mangold ମଧ୍ୟ) ବୀଟ୍‌ଜାତୀୟ ଗୋଖାଦ୍ୟ ବିଶେଷ ।

**manger** ବି. ଗୋ–ଅଶ୍ୱାଦିଙ୍କର ଖାଇବା କୁଣ୍ଡ ।

**mangle**[1.] କ୍ରି. କ୍ଷତବିକ୍ଷତ କରିବା, ଖଣ୍ଡିଆ ଖାବରା କରିବା, ବିକଳାଙ୍ଗ କରିବା, କାଟି ଖଣ୍ଡ ଖଣ୍ଡ କରିବା ।

**mangle**[2.] ବି. ଓଦା ଲୁଗା ଚିପୁଡ଼ିବା ଯନ୍ତ୍ର ।

**mango** ବି. ଆମ୍ବଗଛ ବା ଏହାର ଫଳ ।

**mangrove** ବି. ଏକ ଜାତୀୟ ଗ୍ରୀଷ୍ମ ପ୍ରଧାନ ଦେଶୀୟ ବୃକ୍ଷ (ଏହା ସନ୍ତସନ୍ତିଆ ସ୍ଥାନରେ ହୁଏ) ।

**mangy** ବିଂ. ଚର୍ମରୋଗାକ୍ରାନ୍ତ, ଅପରିଚ୍ଛନ୍ନ ।

**manhandle** କ୍ରି. ମାନୁଷିକ ଶକ୍ତିରେ ଘୁଞ୍ଚାଇବା ବା ଅପସାରିତ କରିବା; ରୁକ୍ଷ ବ୍ୟବହାର କରିବା ।

**manhole** ବି. ନର୍ଦ୍ଦମା ଭିତରକୁ ମନୁଷ୍ୟର (ସାଧାରଣ ଢାଙ୍କୁଣି ବିଶିଷ୍ଟ) ପ୍ରବେଶଦ୍ୱାର ।

**manhood** ବି. ମାନବତ୍ୱ, ପୌରୁଷ, ପୁରୁଷୋଚିତ ଗୁଣ, ସାହସ; ପୁରୁଷର ଯୌନଶକ୍ତି; ଗୋଟିଏ ଦେଶର ଲୋକ ।

**man–hour** ବି. ଜଣେ ବ୍ୟକ୍ତି ଦ୍ୱାରା ଘଣ୍ଟାକରେ କରାଯାଇଥିବା କାର୍ଯ୍ୟ ।

**man–hunt** ବି. (ଅପରାଧୀ ପ୍ରଭୃତିଙ୍କୁ) ଅନ୍ୱେଷଣ କରିବାର ବିଧିବଦ୍ଧ ବ୍ୟବସ୍ଥା ।

**mania** ବି. ଆତୁରତା ଓ ହିଂସ୍ରତା ଲକ୍ଷଣ ବିଶିଷ୍ଟ ମାନସିକ ବିକାର ବା ରୋଗ; ମେନିଆ ।

**maniac** 1. ବିଂ. ମେନିଆ ଗ୍ରସ୍ତ; ଏକପ୍ରକାର ମାନସିକ ରୋଗାକ୍ରାନ୍ତ; 2. ବି. ଉକ୍ତ ରୋଗଗ୍ରସ୍ତ ବ୍ୟକ୍ତି; ବିଂ. maniacal; କ୍ରି.ବିଂ. maniacally.

**manic** ବିଂ. ଉନ୍ମତ୍ତ; ମାନସିକ ରୋଗାକ୍ରାନ୍ତ; କ୍ରି.ବିଂ. manically.

**manic–depressive** ବିଂ. ମାନସିକ ଅସ୍ଥିରତାଜନିତ ବିକାର ସମ୍ପର୍କୀୟ ।

**manicure** 1. ବି. ହସ୍ତ, ହସ୍ତାଙ୍ଗୁଳି ଓ ନଖର ସମ୍ମାର୍ଜନ ଓ ପ୍ରସାଧନ; 2. କ୍ରି. ହାତ ଓ ଅଙ୍ଗୁଳିର ଯତ୍ନ ନେବା ।

**manicurist** ବି. ନଖାଦିର ସମ୍ମାର୍ଜକ ଓ ପ୍ରସାଧକ ।

**manifest** 1. ବିଂ. ସୁସ୍ପଷ୍ଟ, ବିଶଦ, ପ୍ରକଟ, ବ୍ୟକ୍ତ; 2. କ୍ରି. ପ୍ରଦର୍ଶନ ବା ପ୍ରକାଶ କରିବା, ସ୍ପଷ୍ଟ କରିବା, ପ୍ରମାଣ କରିବା; (ପ୍ରେତ ସମ୍ପର୍କରେ) ଦେଖାଦେବା; 3. ବି. ଜାହାଜର ପଣ୍ୟ ଦ୍ରବ୍ୟ ବା ଯାତ୍ରୀମାନଙ୍କର ତାଲିକା; କ୍ରି.ବିଂ. manifestly.

**manifestation** ବି. ପରିପ୍ରକାଶ ।

**manifesto** ବି. ବିଜ୍ଞପ୍ତି, ଇସ୍ତାହାର, ସରକାରୀ ବା ରାଜନୈତିକ ନୀତି ସମ୍ପର୍କୀୟ ଘୋଷଣା ପତ୍ର ।

**manifold** 1. ବିଂ. ବିବିଧ, ବହୁପ୍ରକାରର; ବହୁବିଧ ରୂପ, ପ୍ରୟୋଗ ବା ଅଂଶବିଶିଷ୍ଟ; 2. ବି. ବହୁ ଦ୍ୱାରଥିବା ଯାନ୍ତ୍ରିକ ନଳ; ବହୁବିଧ ବସ୍ତୁ ।

**manikin** ବି. ବାମନ, ଛୋଟ ମଣିଷ ।

**manila** ବି. ଫିଲିପାଇନ୍ସ ଦେଶୀୟ ବୃକ୍ଷରୁ ପ୍ରସ୍ତୁତ ଦୃଢ଼ ତନ୍ତୁ; ଏଥିରୁ ପ୍ରସ୍ତୁତ ବାଦାମୀ କାଗଜ ଯାହା ଲଫାଫା, ପେକିଙ୍ଗ୍ ପ୍ରଭୃତିରେ ବ୍ୟବହୃତ ହୁଏ ।

Digitized by srujanika@gmail.com

**man in the street** ବି. ଯେ କୌଣସି ସାଧାରଣ ଲୋକ।

**manipulate** କ୍ରି. ଦକ୍ଷତାର ସହିତ ହାତରେ ଚଳାଇବା ବା ବ୍ୟବହାର କରିବା; କୌଶଳର ସହିତ ତୁଲାଇବା; (ବ୍ୟକ୍ତି ବା ସମଷ୍ଟି ପ୍ରଭୃତିକୁ) ଦକ୍ଷତାର ସହିତ ପ୍ରଭାବିତ କରିବା ବା ଚଳାଇବା; ବିଂ. manipulable.

**manipulation** ବି. କୌଶଳରେ ସାଧନ।

**manipulator** ବି. କୌଶଳୀ, ଧୁରନ୍ଧର (ଖରାପ ଅର୍ଥରେ)।

**mankind** ବି. ମଣିଷ ଜାତି।

**manliness** ବି. ପୌରୁଷ, ସାହସ।

**manly** ବିଂ. ପୁରୁଷୋଚିତ, ମାନବଗୁଣସମ୍ପନ୍ନ, ସାହସୀ, ବଳିଷ୍ଠ।

**man-made** ବିଂ. କୃତ୍ରିମ ଉପାୟରେ ପ୍ରସ୍ତୁତ।

**manna** ବି. ଆରବର ମରୁଭୂମିରେ ବୁଲୁଥିବା ଇହୁଦୀମାନଙ୍କୁ କଥିତ ଈଶ୍ୱରପ୍ରଦତ୍ତ ଖାଦ୍ୟ; ଅପ୍ରତ୍ୟାଶିତ ଲାଭ।

**manned** ବିଂ. (ଜାହାଜ ପ୍ରଭୃତି ସଂପର୍କରେ) ମାନବ କର୍ମୀ ସମନ୍ୱିତ।

**mannequin** ବି. ଗରାଖମାନଙ୍କୁ ଦେଖାଇବା ପାଇଁ ପୋଷାକ ବିକ୍ରେତାଙ୍କ ଦ୍ୱାରା ପ୍ରଦର୍ଶିତ ମଡେଲ୍ ବା (ବିଶେ. ନାରୀ) ମୂର୍ତ୍ତି।

**manner** ବି. ପ୍ରଣାଳୀ, ରୀତି, ଢଙ୍ଗ; ଜୀବନର ଧାରା, ସମାଜର ଅବସ୍ଥା, ଜୀବନଯାପନ ପ୍ରଣାଳୀ, ଶିଷ୍ଟାଚାର, ରଚନା ଶୈଳୀ; **all** manner of ପ୍ରତ୍ୟେକ ରୀତିର; comedy of manners ସାମାଜିକ ବ୍ୟଙ୍ଗାତ୍ମକ ନାଟକ; in a manner of speaking କହିବାକୁ ଗଲେ; କେତେ ପରିମାଣରେ, କେତେକ ଦୃଷ୍ଟିରୁ।

**mannered** ବିଂ. ନିର୍ଦ୍ଦିଷ୍ଟ ଧରଣ ବ୍ୟବହାର ଯୁକ୍ତ; ମୁଦ୍ରାଦୋଷ ଯୁକ୍ତ।

**mannerism** ବି. (କଳା ବା ସାହିତ୍ୟରେ) ନିର୍ଦ୍ଦିଷ୍ଟ ରୀତି; ମୁଦ୍ରାଦୋଷ; ଉତ୍କଟ ରୀତିପ୍ରିୟତା; ବି. mannerist.

**mannerly** ବିଂ. ଶିଷ୍ଟାଚାରୀ, ସୁଶୀଳ, ଭଦ୍ର।

**manoeuvre** *ଆମେ.* maneuver 1. ବି. (ସୈନ୍ୟ ବା ଯାନବାହନର) ଯୋଜନାନୁଯାୟୀ ନିୟନ୍ତ୍ରିତ ଚାଳନା; ବ.ବ. କୌଶଳର ସହିତ ସୈନ୍ୟ ବା ଯୁଦ୍ଧଜାହାଜର ଅନୁଶୀଳନ କାର୍ଯ୍ୟ; ଚାତୁରୀ; କୌଶଳପୂର୍ଣ୍ଣ ଚାଳନା, କପଟୋପାୟ; 2. କ୍ରି. କୌଶଳପୂର୍ବକ ଯାନବାହନ ଚାଳନା କରିବା; କୌଶଳର ସହିତ ସୈନ୍ୟ ବା ଯୁଦ୍ଧ ଜାହଜ ପରିଚାଳନା କରିବା; କୌଶଳରେ କାହାକୁ ଫାନ୍ଦରେ ପକାଇବା; ବାଧ କରିବା ବା ନିର୍ଦ୍ଦେଶ ଦେବା, ଛଳନା ପ୍ରୟୋଗ କରିବା; ବିଂ. manoeuvrable; ବି. manoeuvrability.

**man of letters** ବି. ସାହିତ୍ୟିକ; ବିଦ୍ୱାନ୍ ବ୍ୟକ୍ତି।

**man of the world** ବି. ସଂସାରୀ ବ୍ୟକ୍ତି, ସଂସାର ବିଷୟରେ ଅଭିଜ୍ଞ ବ୍ୟକ୍ତି।

**man-of-war** ବି. ନୌବାହିନୀର ଯୁଦ୍ଧ ଜାହାଜ, ରଣତରୀ।

**manor** ବି. (manor-house ମଧ୍ୟ) *ଇତି.* ଜମିଦାରୀ; ଜମିସଂଲଗ୍ନ ଗୃହବାଟିକା *କ.ଭା.* ଗୋଟିଏ ପୋଲିସ୍ ଥାନା ଅଧୀନସ୍ଥ କ୍ଷେତ୍ର; ବିଂ. manorial.

**manpower** ବି. କାର୍ଯ୍ୟ ନିମନ୍ତେ ଉପଲବ୍ଧ ଶ୍ରମିକ; ସାମରିକ କାର୍ଯ୍ୟ ନିମନ୍ତେ ଉପଲବ୍ଧ ସୈନିକମାନଙ୍କର ସଂଖ୍ୟା; ଲୋକବଳ।

***manque*** ବିଂ. (ବିଶେଷ୍ୟପରେ ପ୍ରଯୁକ୍ତ) ଯାହା ହୋଇପାରିଥାଆନ୍ତା ମାତ୍ର ହୋଇନାହିଁ; ଉଦା. an actor manque ସମ୍ଭାବିତ ଅଭିନେତା। *(ଫ.)*

**mansard** ବି. ପ୍ରତି ପାର୍ଶ୍ୱରେ ଦୁଇଟି ସ୍ତର ବିଶିଷ୍ଟ ଗଡ଼ାଣିଆ ଛାତ।

**manse** ବି. ଧର୍ମ ଯାଜକଙ୍କ ରହିବା ଘର (ବିଶେ. ସ୍କଟଲେଣ୍ଡସ୍ଥ ପ୍ରେସବାଇଟେରିଆନ୍ ସଂପ୍ରଦାୟର)।

**manservant** ବି. (ବ.ବ. menservants) ପରିଚାରକ, ପୁରୁଷ ଭୃତ୍ୟ।

**mansion** ବି. ଅଟ୍ଟାଳିକା, ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ବାସଭବନ; the Mansion House ଲଣ୍ଡନର ଲର୍ଡ ମେୟରଙ୍କର ସରକାରୀ ବାସଭବନ।

**manslaughter** ବି. ନରହତ୍ୟା।

**mantel** ବି. ଘରଭିତରେ ଫାୟାର୍‌ପ୍ଲେସ୍ ବା ଚୁଲୀ ଉପରିସ୍ଥ କାଠ ବା ମାର୍ବଲର ସୁଦୃଢ ଥାକ।

**mantle** 1. ବି. ହାତ ନଥିବା ଢିଲା ବହିର୍ବାସ; ପ୍ରଦୀପ ଶିଖାର ଆବରକ (କାଚ); 2. କ୍ରି. ଆଚ୍ଛାଦନ କରିବା, ଲୁଚାଇବା, ଆବୃତ କରିବା।

Digitized by srujanika@gmail.com

**mantra** ବି. ଭା. ମନ୍ତ୍ର; ହିନ୍ଦୁ ବା ବୌଦ୍ଧଙ୍କର ସ୍ତୋତ୍ର; ବୈଦିକ ସ୍ତୋତ୍ର ।

**mantrap** ବି. ଅନଧିକାର ପ୍ରବେଶକାରୀଙ୍କୁ ଧରିବା ନିମନ୍ତେ ରଖାଯାଇଥିବା ଯନ୍ତ୍ର ।

**manual** ବିଂ. 1. ହସ୍ତକୃତ ବା ହସ୍ତ ସମ୍ବନ୍ଧୀୟ, ହାତରେ କରାଯାଉଥିବା (ସ୍ୱୟଂଚାଳିତ ଯନ୍ତ୍ରଦ୍ୱାରା ନୁହେଁ); 2. ବି. ପ୍ରକରଣ ପୁସ୍ତିକା; ସଂକ୍ଷିପ୍ତ ଗ୍ରନ୍ଥ, ହାତରେ ବଜାଯାଉଥିବା ଅର୍ଗାନ୍ (ଗୋଡ଼ ଦ୍ୱାରା ନୁହେଁ); କ୍ରି.ବିଂ. manually.

**manufacture** 1. କ୍ରି. କୌଣସି ଜିନିଷ ଶ୍ରମ ବା ଯନ୍ତ୍ର ସାହାଯ୍ୟରେ ନିର୍ମାଣ କରିବା; ଶିଳ୍ପଦ୍ୱାରା ପ୍ରସ୍ତୁତ କରିବା; (ଗଳ୍ପ ପ୍ରଭୃତି) ଲେଖିବା, ମନରୁ ଗଢ଼ିବା; 2. ବି. ଶିଳ୍ପଦ୍ୱାରା ବିଭିନ୍ନ ସାମଗ୍ରୀର ପ୍ରସ୍ତୁତୀକରଣ; ଏହି ଶିଳ୍ପର ଶାଖା; ବି. manufacturer.

**manure** 1. ବି. ଖତ, ଗୋବର; 2. କ୍ରି. (ଜମିରେ) ଖତଦେବା ।

**manuscript** 1. ବି. ହସ୍ତଲିଖିତ ବହି ବା କାଗଜପତ୍ର; ପାଣ୍ଡୁଲିପି (ମୁଦ୍ରିତ ନୁହେଁ), ଉକ୍ତ ଅବସ୍ଥା; 2. ବିଂ. ହସ୍ତଲିଖିତ ।

**Manx** 1. ବିଂ. ଆଇଲ୍ ଅଫ୍ ମେନ୍ (Isle of Man) ଦ୍ୱୀପ ସମ୍ପର୍କୀୟ; 2. ବି. ଏହି ଦ୍ୱୀପର ଅଧିବାସୀ ବା କେଲ୍‌ଟିକ୍ ଭାଷା ।

**Manx cat** ବି. ଲାଙ୍ଗୁଳହୀନ ବିରାଡ଼ି ବିଶେଷ ।

**many** 1. ବିଂ. ବହୁ ସଂଖ୍ୟକ, ଅନେକ; 2. ବି. ବହୁଲୋକ ବା ବସ୍ତୁ; the many ଜନସମୂହ; a good many ଅନେକ ସଂଖ୍ୟକ; a great many ବହୁ ସଂଖ୍ୟକ; many a ବ.ବ. ବହୁ (many a man); many's the time, many a time ବହୁବାର ।

**Maoism** ବି. ଚୀନ୍‌ର ରାଜନୀତିଜ୍ଞ ମାଓ ସେ ତୁଙ୍ଗଙ୍କ ସମର୍ଥିତ ସାମ୍ୟବାଦୀ ନୀତି ।

**Maoist** ବି., ବିଂ. ମାଓପନ୍ଥୀ ।

**Maori** 1. ବି. ନ୍ୟୁଜିଲାଣ୍ଡ ଦ୍ୱୀପର ଆଦିମ ଅଧିବାସୀ, ସେମାନଙ୍କର ଭାଷା; 2. ବିଂ. ସେହି ଲୋକମାନଙ୍କର ।

**map** 1. ବି. ମାନଚିତ୍ର, ନକ୍ସା; 2. କ୍ରି. ମାନଚିତ୍ର ଅଙ୍କନ କରିବା; ନକ୍ସା କରିବା; ମାନଚିତ୍ରରେ ଦେଖାଇବା; map out ପରିକଳ୍ପନା କରିବା, ସବିସ୍ତାର ବିନ୍ୟାସ ବା ବ୍ୟବସ୍ଥା କରିବା ।

**maple** ବି. ଏକଜାତୀୟ ବୃକ୍ଷ ବା ଏହାର କାଠ ।

**maple-leaf** ବି. କାନାଡ଼ାର ଶାସକୀୟ ଚିହ୍ନ ।

**maple sugar** ବି. ମେପଲ୍ ବୃକ୍ଷରୁ ପ୍ରାପ୍ତ ଶର୍କରା ।

**maple syrup** ବି. ମେପଲ୍ ଶର୍କରାରୁ ପ୍ରସ୍ତୁତ ତରଳ ପାନୀୟ ।

**maquette** ବି. ପ୍ରାଥମିକ ମଡେଲ୍ ବା ନକ୍ସା ।

**Maquis** ବି. ଜର୍ମାନ ଅଧିକାର ସମୟରେ (୧୯୪୦-୪୫) ଫ୍ରାନ୍ସର ଦେଶପ୍ରେମୀ ଗୁପ୍ତସୈନ୍ୟ ଦଳ; ଏହାର ସଦସ୍ୟ ।

**mar** କ୍ରି. ନଷ୍ଟ କରିବା, କ୍ଷତି କରିବା, ବିକୃତ କରିବା ।

**Mar.** ସଂଖ. March ମାର୍ଚ୍ଚ ମାସ ।

**marabou** ବି. ଏକଜାତୀୟ ପ. ଅଫ୍ରିକୀୟ ସାରସ ।

**maraca** ବି. (ବ.ବ. maracas) ଲାଉତୁମ୍ବାରୁ ପ୍ରସ୍ତୁତ ମଞ୍ଜି ବା ଗୋଡ଼ି ଭର୍ତ୍ତି ଗଦା ସଦୃଶ ବାଦ୍ୟ ବିଶେଷ, ଦୁଇହାତରେ ଦିଓଟି ଧରି ହଲାଇ ହଲାଇ ବଜା ଯାଏ ।

**marathon** ବି. ଦୀର୍ଘ ଦଉଡ଼ (26 ମାଇଲ 365 ଗଜ); ଆୟାସସାଧ୍ୟ କର୍ମ; ଦୀର୍ଘ ସମୟବ୍ୟାପୀ ଉଦ୍ୟମ (ଗ୍ରୀସ୍‌ର ଯୁଦ୍ଧସ୍ଥଳୀ 'ମାରାଥନ' ଯେଉଁଠାରୁ ଖ୍ରୀ.ପୂ. ୪୯୦ରେ ଜଣୈକ ଦୂତ ଦୌଡ଼ି ଦୌଡ଼ି ଗ୍ରୀସ୍‌ର ବିଜୟବାର୍ତ୍ତା ପ୍ରଧାନ ନଗରରାଜ୍ୟ ଏଥେନ୍ସରେ ପହଞ୍ଚାଇ ଦେଇଥିଲେ) ।

**maraud** କ୍ରି. ଲୁଣ୍ଠନ କରିବା; ଲୁଟ ତରାଜ ବା ଚୋରି କରିବା; ବି. marauder.

**marble** 1. ବି. ମର୍ମର ପ୍ରସ୍ତର, ମାର୍ବଲ ପଥର, ମାର୍ବଲ ପ୍ରସ୍ତର ପରି ଚିକ୍କଣ ଓ କଠିନ ପଦାର୍ଥ, ବ.ବ. ମାର୍ବଲ ନିର୍ମିତ ଭାସ୍କର୍ଯ୍ୟର ସଂଗ୍ରହ (ଉଦା. Elgin Marbles); ପିଲାଙ୍କର ଖେଳିବା ଗୋଲି ବା ବାଟି; ବ.ବ. ସେହି ଖେଳ; 2. କ୍ରି. ମାର୍ବଲ ପରି ଚିତ୍ରିତ କରିବା ।

**marbled** ବି. ମାର୍ବଲ ଭଳି ଚିତ୍ରିତ; (ମାଂସ ସମ୍ପର୍କରେ) ଚର୍ବିଯୁକ୍ତ ।

**marcasite** ବି. ଆଇରନ୍ ସଲଫାଇଡ୍, ଶ୍ୱେତଲୌହ, ଏଥିରେ ତିଆରି ଅଳଙ୍କାର ।

**March** ବି. ମାର୍ଚ୍ଚ ମାସ, ଇଂରାଜୀ ବର୍ଷର ତୃତୀୟ ମାସ ।

Digitized by srujanika@gmail.com

**march**[1.] 1. କ୍ରି. ସୈନିକର କାଏଦାରେ ବାମ, ଡାହାଣ କ୍ରମରେ ଚାଲିବା; ସେହିପରି ଆକ୍ରମଣ ସ୍ଥଳକୁ ଅଗ୍ରସର ହେବା; ଉଦ୍ଦେଶ୍ୟପୂର୍ଣ୍ଣଭାବରେ ଚାଲିବା; (ଘଟଣା ସମ୍ପର୍କରେ) ଅଗ୍ରସର ହେବା; 2. ବି. ସୈନ୍ୟ ପରିଚାଳନା ବା ଅଭିଯାନ; ସୁଶୃଙ୍ଖଳ ଚାଲି; ପ୍ରତିବାଦ ସୂଚକ ଶୋଭାଯାତ୍ରା, କ୍ଲାନ୍ତିଦାୟକ ଦୀର୍ଘଯାତ୍ରା; (ଘଟଣା, ସମୟ ବା ମନର) ଅଗ୍ରଗତି, ସୈନ୍ୟଚାରଣର ଯାତ୍ରାକାଳୀନ ଯୁଦ୍ଧ ସଙ୍ଗୀତ, ଗୋଟିଏ ଦିନରେ ଅତିକ୍ରମ କରାଯାଇଥିବା ଦୂରତ୍ୱ।

**march**[2.] ବି. ଇତି. ଦୁଇଦେଶ ମଧ୍ୟବର୍ତ୍ତୀ ସୀମାରେଖା (ବିଶେ. ଇଂଲଣ୍ଡ ଓ ସ୍କଟ୍‌ଲେଣ୍ଡ ମଧ୍ୟରେ)।

**March hare** ବି. ଛୁଆ ଦେବା ମାସର ଠେକୁଆ (mad as a March hare).

**marching orders** ବି. ଗତି କରିବା ନିମନ୍ତେ ଆଦେଶ।

**marchioness** ବି. ମାରକୁଇସ୍ (ଇଂଲଣ୍ଡର ସମ୍ଭ୍ରାନ୍ତ ବ୍ୟକ୍ତି)ଙ୍କର ପତ୍ନୀ ବା ବିଧବା; ମାରକୁଇସ୍ ପଦବୀଧାରିଣୀ ମହିଳା।

**march past** ବି. କୌଣସି ପରିଦର୍ଶକଙ୍କ ପାଖଦେଇ ଅଭିବାଦନ ପୂର୍ବକ ସାମରିକ କାଏଦାରେ ସୈନ୍ୟମାନଙ୍କର ଗମନ।

**Mardi Gras** ବି. ଖ୍ରୀଷ୍ଟୀୟ ପର୍ବର ପ୍ରଥମ ଦିନର ପୂର୍ବ (ଶ୍ରୋଭ୍) ମଙ୍ଗଳବାର, ପାପକ୍ଷାଳନ ମଙ୍ଗଳବାର, ସେଇଦିବସର ଆମୋଦ ପ୍ରମୋଦ।

**mare**[1.] ବି. ଘୋଡ଼ୀ, ଘୋଟକୀ।

**mare**[2.] ବି. ଚନ୍ଦ୍ରପୃଷ୍ଠର ସମତଳ ସ୍ଥାନ— ଏକଦା ଯାହା ସମୁଦ୍ର ବୋଲି ମନେ କରାଯାଉଥିଲା।

**mare's nest** ବି. ଅଳୀକ ଆବିଷ୍କାର, ଅସମ୍ଭବ କଥା।

**mare's tail** ବି. ସନ୍ତସନ୍ତିଆ ସ୍ଥାନରେ ହେଉଥିବା ଡେଙ୍ଗା ପତଳା ଗଛ ବିଶେଷ।

**margarine** ବି. ମାର୍ଗାରିନ୍; କୃତ୍ରିମ ଲହୁଣୀ (ଖାଇବା ତେଲ ଓ ଚର୍ବିରୁ ପ୍ରସ୍ତୁତ)।

**margin** 1. ବି. ପ୍ରାନ୍ତ, ଧାର, ଧଡ଼ି, ପାର୍ଶ୍ୱ; ପୃଷ୍ଠାର ଅଲେଖା ପ୍ରାନ୍ତ, ମାର୍ଜିନ, ନାସିଆ; (ସମୟ ବା ଅର୍ଥ ସମ୍ପର୍କରେ) ଯାହା ଦରକାର ବା ସର୍ବନିମ୍ନ ଠାରୁ ଅଧିକର ବ୍ୟବଧାନ; (ବାଣିଜ୍ୟ) ଜିନିଷର କିଣା ମୂଲ୍ୟ ଓ ବିକ୍ରିମୂଲ୍ୟର ବ୍ୟବଧାନ; 2. କ୍ରି. ମାର୍ଜିନରେ ମନ୍ତବ୍ୟ ଲେଖି ବା ମାର୍ଜିନ ରଖି ଉପସ୍ଥାପିତ କରିବା।

**marginal** ବି. ପାର୍ଶ୍ୱଲିଖିତ; ଧାରସ୍ଥ; ପ୍ରାନ୍ତ, ବା ପାର୍ଶ୍ୱ ସମ୍ବନ୍ଧୀୟ; ସ୍ୱଳ୍ପ, ନାମମାତ୍ର; (ନିର୍ବାଚନ ସମ୍ପର୍କରେ) ଅଳ୍ପଭୋଟର ବ୍ୟବଧାନରେ ନିର୍ବାଚିତ; (ଜମି ସମ୍ପର୍କରେ) କର୍ଷଣ ନିମନ୍ତେ କଷ୍ଟକର ଏବଂ ଅଳ୍ପ ଲାଭ ଦେଉଥିବା; ସୀମାର ବା ଲାଭର ନିକଟବର୍ତ୍ତୀ; କ୍ରି. margianalize.

**marginal cost** ବି. ଉତ୍ପାଦିତ ବସ୍ତୁର ଗୋଟିଏ ଅଧିକ ତିଆରି କରିବା ଖର୍ଚ୍ଚ।

**marginalia** ବି. (ପୃଷ୍ଠାର) ପାର୍ଶ୍ୱଟିପ୍ପଣୀ ସମୂହ।

**marginally** କ୍ରି.ବିଂ. ପାର୍ଶ୍ୱଲିଖିତ ଭାବରେ; ଅଳ୍ପ ବ୍ୟବଧାନରେ।

**margin of error** ବି. ଗଣନାର ତ୍ରୁଟି ନିମନ୍ତେ ସ୍ୱୀକୃତ ବ୍ୟବଧାନ।

**marguerite** ବି. ଏକ ପ୍ରକାର ଡେଇଜି ଜାତୀୟ ବିଲାତୀ ଫୁଲ; ଏହାର ଗଛ।

**marigold** ବି. ଗେଣ୍ଡୁ ବା କୁସୁମ ଜାତୀୟ ଫୁଲ, ଏହାର ଗଛ।

**marijuana** ବି. (marihuana ମଧ୍ୟ) ନିଶାରୂପେ ବ୍ୟବହାର କରାଯାଉଥିବା ଗଞ୍ଜେଇ ଗଛର ଶୁଖିଲା ପତ୍ର, ଫୁଲ ବା କାଣ୍ଡ।

**marimba** ବି. ଆଫ୍ରିକୀୟ ବା ଆମେରିକୀୟ ବାଦ୍ୟଯନ୍ତ୍ର ବିଶେଷ।

**marina** ବି. ପ୍ରମୋଦ-ତରୀମାନଙ୍କର ଆଶ୍ରୟ ସ୍ଥଳ ବା ବନ୍ଦର।

**marinade** 1. ବି. ମାଛ ବା ମାଂସର ଆଚାରରେ ଦିଆଯାଉଥିବା ମଦ, ଭିନେଗାର, ତେଲ, ମସଲା ପ୍ରଭୃତିର ମିଶ୍ରଣ; ଏହି ଉପାୟରେ ପ୍ରସ୍ତୁତ ମାଛ ବା ମାଂସର ତରକାରୀ; 2. କ୍ରି. ମେରିନେଡ୍ ମିଶ୍ରଣରେ ମାଛ ବା ମାଂସ ଭିଜାଇବା।

**marine** 1. ବିଂ. ସାମୁଦ୍ରିକ, ସାଗରଜାତ; 2. ବି. ନୌସୈନିକ; ପ୍ରଶିକ୍ଷିତ ସୈନିକ; ରଣତରୀରେ କାର୍ଯ୍ୟକରୁଥିବା ଲୋକ, ରାଷ୍ଟ୍ରର ବାଣିଜ୍ୟପୋତ ବା ନୌସେନା।

**mariner** ବି. ନାବିକ।

**marionette** ବି. କଣ୍ଢେଇ ନାଟରେ ବ୍ୟବହୃତ ତାର ଲଗା କଣ୍ଢେଇ।

**marital** ବିଂ. ବୈବାହିକ, ଦାମ୍ପତ୍ୟ; କ୍ରି.ବିଂ. maritally.

Digitized by srujanika@gmail.com

**maritime** ବି. ସାମୁଦ୍ରିକ, ନୌଚାଳନ ସମ୍ବନ୍ଧୀୟ, ସମୁଦ୍ର ସନ୍ନିହିତ, ସମୁଦ୍ରରେ ପ୍ରାପ୍ତ ବା ସମୁଦ୍ରକୂଳସ୍ଥ ।

**marjoram** ବି. ରନ୍ଧନରେ ବ୍ୟବହୃତ ଏକପ୍ରକାର ମସଲା, ଏହାର ପତ୍ର ।

**mark**[1] 1. ବି. ଦାଗ, ଚିହ୍ନ, ଲକ୍ଷଣ; ଶାରୀରିକ ବିଶେଷତ୍ୱ, ଛାପ; ମୋହର; ବ୍ୟବସାୟୀର ସ୍ୱତନ୍ତ୍ର ଚିହ୍ନ, ଲିଖିତ ବା ମୁଦ୍ରିତ ଚିହ୍ନ; ଗୁଣ ବା ଚରିତ୍ରର ନିଦର୍ଶନ, ଗୁଣନିର୍ଦ୍ଦେଶକ ଚିହ୍ନ; ଚିହ୍ନିବା ନିମନ୍ତେ ଜିନିଷ ଉପରେ ଦିଆଯାଇଥିବା ସ୍ୱତନ୍ତ୍ର ଛାପ; ନିରକ୍ଷର ବ୍ୟକ୍ତିର ଦସ୍ତଖତରୂପେ କୃତ ଚିହ୍ନ ବା ସଙ୍କେତ; ସ୍ଥାୟୀ ପ୍ରଭାବ; ଲକ୍ଷ୍ୟ, ମାର୍କ, ଆଦର୍ଶ; ଅଭିଳଷିତ ବିଷୟ; ଦୌଡ଼ ପ୍ରତିଯୋଗିତାରେ ଦୌଡ଼ ଆରମ୍ଭର ସ୍ଥାନ, ନିର୍ଦ୍ଦିଷ୍ଟ ସୀମା; 2. କ୍ରି. ଚିହ୍ନିତ କରିବା; ଦାଗଦେବା; ଲକ୍ଷ୍ୟ କରିବା; ଭଲଭାବେ ନଜର ଦେବା; ନମ୍ବର ଦେବା (ଛାତ୍ର ସମ୍ପର୍କରେ); ମାନଚିତ୍ରରେ ସ୍ଥାନ ନିର୍ଦ୍ଦେଶ କରିବା; ଲିପିବଦ୍ଧ କରିବା; ନୋଟ୍ କରିବା; ପ୍ରଭେଦ ଦେଖାଇଦେବା; ଚିହ୍ନାଇ ଦେବା; ମୂଲ୍ୟ ନିରୂପଣ କରିବା; ପ୍ରାକୃତିକ ଚିହ୍ନ ବହନ କରିବା; (ଖେଳରେ) ପ୍ରତିଯୋଗୀର ନିକଟରେ ଥାଇ ଅସୁବିଧା କରିବା; make one's mark ଉଲ୍ଲେଖଯୋଗ୍ୟସ୍ଥାନ ହାସଲ କରିବା; ଖ୍ୟାତି ଲାଭ କରିବା, ପ୍ରସିଦ୍ଧ ହେବା, mark down ମୂଲ୍ୟ ହ୍ରାସ କରିବା, ଲେଖିକରି ରଖିବା; mark off ଅଲଗା କରିବା, ସୀମା ନିର୍ଦ୍ଦେଶ କରିବା; mark out ସ୍ଥାନ ନିର୍ଦ୍ଦେଶ କରିବା, ଚିହ୍ନାଇ ଦେବା, ବାଛିନେବା; mark time (ମାର୍ଚ୍ଚବେଳେ) କଦମ୍‌ତାଲ୍ କରିବା; ସ୍ଥିରଭାବେ ରହି ତାଳରେ ପାଦ ପକାଇବା; ଅଗ୍ରଗତି ନକରି ସୁଯୋଗ ଅପେକ୍ଷାରେ ରହିବା; mark up ଅଧିକ ଲାଭପାଇଁ ଉଚ୍ଚମୂଲ୍ୟରେ ଚିହ୍ନିତ କରିବା, ସଂଶୋଧନ କରିବା; off the mark ଆରମ୍ଭ କରି, ଅବାନ୍ତର; on the mark ଆରମ୍ଭ କରିବାକୁ ପ୍ରସ୍ତୁତ ।

**mark**[2] ବି. ଜର୍ମାନୀ ବା ଫିନ୍‌ଲାଣ୍ଡର ମୁଦ୍ରା ।

**marked** ବିଂ. ଚିହ୍ନିତ, ସୁସ୍ପଷ୍ଟ; କ୍ରି.ବିଂ. markedly.

**marked man** ବି. ଲକ୍ଷ୍ୟଣୀୟ ବ୍ୟକ୍ତି, ବିଶେ. ଆକ୍ରମଣ ନିମନ୍ତେ ।

**marker** ବି. ଚିହ୍ନକାରକ, ପୁସ୍ତକରେ ଚିହ୍ନ ଦେବା ପାଇଁ ବ୍ୟବହୃତ ପଦାର୍ଥ; ଖେଳରେ ବିଜୟାଙ୍କ ହାସଲ କରିବା ଖେଳାଳି ।

**market** 1. ବି. ହାଟ, ବଜାର, ଯେଉଁ ସ୍ଥାନରେ ହାଟବସେ; କିଣାବିକା କାରବାର (ଜିନିଷ–ପତ୍ରର); ଏହି ଚାହିଦା ମେଣ୍ଟାଇବା ସ୍ଥାନ ବା ଗୋଷ୍ଠୀ, କିଣାବିକାର ଦର; 2. କ୍ରି. ବିକ୍ରୟ କରିବା, ବିକ୍ରୀ ନିମନ୍ତେ ଛାଡ଼ିବା (ବଜାରକୁ); ବଜାରରେ ଚଳିବା; be in the market for କିଣିବା ନିମନ୍ତେ ଇଚ୍ଛୁକ; put on the market ବିକ୍ରୀ ପାଇଁ ଉଦ୍ଦିଷ୍ଟ; ବି. marketer, marketing.

**marketable** ବିଂ. ବିକ୍ରୟ ଯୋଗ୍ୟ ।

**market–day** ବି. ହାଟ ପାଳି ।

**market garden** ବି. ବିକ୍ରୀପାଇଁ ଯେଉଁଠି ପରିବା ଉତ୍ପାଦିତ ହୁଏ ।

**market–place** ବି. ହାଟପଦା; ସହରର ହାଟ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ; ବାଣିଜ୍ୟ–ଜଗତ ।

**market price** ବି. ବଜାର ମୂଲ୍ୟ ।

**market research** ବି. କ୍ରେତାଙ୍କ ଆବଶ୍ୟକତା ଓ ପସନ୍ଦ ସମ୍ପର୍କୀୟ ଅଧ୍ୟୟନ ।

**market town** ବି. ଯେଉଁ ସହରରେ ହାଟ ବା ବଜାର ବସେ ।

**market value** ବି. ବିକ୍ରୟ ମୂଲ୍ୟ ।

**marking** ବି. ଚିହ୍ନଟ, ଦାଗ ବା ସଙ୍କେତ; ପଶୁର ଲୋମ ବା ପର ଇତ୍ୟାଦିକୁ ରଙ୍ଗାଇବା କାର୍ଯ୍ୟ ।

**marksman** ବି.ଅଭ୍ରାନ୍ତ ଲକ୍ଷ୍ୟ ଭେଦକ, ସୁନିପୁଣ ବନ୍ଧୁକ ଚାଳକ ।

**marksmanship** ବି. ଲକ୍ଷ୍ୟ ଭେଦରେ ଦକ୍ଷତା ।

**mark–up** ବି. ଉତ୍ପାଦିତ ମୂଲ୍ୟ ଉପରେ ବିକ୍ରେତା ଲାଭ ନିମନ୍ତେ ବଢ଼ାଉଥିବା ପରିମାଣ ।

**marl** 1. ବି. ଚୂନ ଓ କର୍ଦ୍ଦମ ମିଶ୍ରିତ ଉର୍ବର ମୃତ୍ତିକା; 2. କ୍ରି. ଜମିରେ ଏହି ମାଟି ପ୍ରୟୋଗ କରିବା; ବିଂ. marly.

**marlinspike** ବି. ସରୁ ଦଉଡ଼ି ବା ତାରକୁ ଛିଣ୍ଡାଇବା ନିମନ୍ତେ ବ୍ୟବହୃତ ଏକ ପ୍ରକାର ଧାରୁଆ ହତିଆର ।

**marmalade** ବି. କମଳା ପ୍ରଭୃତି ଫଳର ଜାମ୍ ବା ମୋରବା ।

**marmoreal** ବିଂ. ମର୍ମର ବା ମାର୍ବଲ୍ ପ୍ରସ୍ତର ସମ୍ବନ୍ଧୀୟ ବା ତତ୍‌ସଦୃଶ ।

Digitized by srujanika@gmail.com

**marmoset** ବି. ଗନ୍ଦଳିଆ ଲାଙ୍ଗୁଳ ବିଶିଷ୍ଟ କ୍ଷୁଦ୍ର ବାନର ବିଶେଷ।

**marmot** ବି. ଗୁଣ୍ଡୁଚିମୂଷା ଜାତୀୟ ଏକପ୍ରକାର କ୍ଷୁଦ୍ର ଜୀବ।

**marocain** ବି. କ୍ରେପ୍ ଜାତୀୟ ଏକ ପ୍ରକାର କପଡ଼ା (ଯାହା ପୋଷାକ ପାଇଁ ବ୍ୟବହୃତ ହୁଏ)।

**maroon**[1] ବି. ବାଦାମୀଯୁକ୍ତ ଲୋହିତ ବର୍ଣ୍ଣ।

**maroon**[2] କ୍ରି. (ବ୍ୟକ୍ତିକୁ) ନିର୍ଜନ ଦ୍ୱୀପ ବା ବସତିବିହୀନ ସ୍ଥାନରେ ଏକାକୀ ଛାଡ଼ିଦେବା; ପ୍ରାକୃତିକ ବିପର୍ଯ୍ୟୟ ବେଳେ (ବ୍ୟକ୍ତିକୁ) ଆବଦ୍ଧ ଅବସ୍ଥାରେ ରଖିବା।

**marque** ବି. ମୋଟର ଗାଡ଼ିର ସ୍ୱତନ୍ତ୍ର ନିର୍ମାଣ ଚିହ୍ନ।

**marquee** ବି. ପାର୍ଟି ବା ପ୍ରଦର୍ଶନୀ ନିମନ୍ତେ ବ୍ୟବହୃତ ବଡ଼ ତମ୍ବୁ।

**marquetry** ବି. କାଠ ଖୋଦେଇ କାମ; କାଠ ଉପରେ ହାତୀଦାନ୍ତର କାମ।

**marquis** ବି. ଇଂଲଣ୍ଡର ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତି ବିଶେଷ (ଡ୍ୟୁକ୍‌ର ନିମ୍ନସ୍ଥ ତଥା ଅର୍ଲଙ୍କର ଉପରିସ୍ଥ)।

**marriage** ବି. ବିବାହ, ପରିଣୟ, ବିବାହୋତ୍ସବ; ମିଳନ।

**marriageable** ବିଂ. ବିବାହ ଯୋଗ୍ୟ (ବ୍ୟକ୍ତି ବା ବୟସ); ବି. marriageability.

**marriage bureau** ବି. ଘଟସୃତ୍ର ଅନୁଷ୍ଠାନ, ଯେ ବିବାହ ନିମନ୍ତେ ଯୋଗାଯୋଗ କରାନ୍ତି।

**marriage certificate** ବି. ବିବାହ ସମ୍ପନ୍ନ ହୋଇଥିବାର ପ୍ରମାଣ ପତ୍ର।

**marriage guidance** ବି. ଦମ୍ପତିଙ୍କ ବିବାହ ଘଟିତ ସମସ୍ୟା ସମ୍ପର୍କୀୟ ପରାମର୍ଶ।

**marriage lines** ବି. ବ.ବ. ବିବାହର ପ୍ରମାଣ ପତ୍ର।

**marriage of convenience** ବି. ମୁଖ୍ୟତଃ ପ୍ରେମ ନିମନ୍ତେ ହୋଇ ନଥିବା ବିବାହ।

**marriage settlement** ବି. ସ୍ତ୍ରୀ ନିମନ୍ତେ ସମ୍ପତ୍ତିର ବିଧିବଦ୍ଧ ବ୍ୟବସ୍ଥା।

**married** ବିଂ. ବିବାହିତ, ବିବାହ ସମ୍ବନ୍ଧୀୟ।

**marrow** ବି. ପରିବା ରୂପେ ବ୍ୟବହୃତ କଖାରୁ, ପାଣି କଖାରୁ ବା ଲାଉ; ମଜ୍ଜା, ଅସ୍ଥିସାର, ହାଡ଼ରସ; to the marrow ତୀକ୍ଷ୍ଣ ଭାବରେ, ସିଧା।

**marrowbone** ବି. ଖାଇବାଯୋଗ୍ୟ ମଜ୍ଜା ସହିତ ହାଡ଼।

**marry** କ୍ରି. ବିବାହ କରିବା, ବିବାହ ଦେବା, ସ୍ତ୍ରୀ ପୁରୁଷକୁ ବିବାହ ବନ୍ଧନରେ ବାନ୍ଧିବା।

**Mars** ବି.ରୋମୀୟ ରଣ ଦେବତା; ମଙ୍ଗଳ ଗ୍ରହ।

**Marsala** ବି. ଗାଢ଼ ସୁମିଷ୍ଟ ମଦ୍ୟ ବିଶେଷ।

**Marseillaise** ବି. ଫ୍ରାନ୍ସର ଜାତୀୟ ସଂଗୀତ।

**marsh** ବି. ସନ୍ତସନ୍ତିଆ ନିମ୍ନ ଭୂମି।

**marshal** 1. ବି. ଉଚ୍ଚ ସାମରିକ କର୍ମଚାରୀ ବା ସେନାନାୟକ; ବିଭିନ୍ନ ଅନୁଷ୍ଠାନର ଆୟୋଜନକାରୀ ବା ତତ୍ତ୍ୱାବଧାରକ; ଦୌଡ଼ ପ୍ରଭୃତିର ତତ୍ତ୍ୱାବଧାରକ; 2. କ୍ରି. *ଆମେ.* (ସୈନ୍ୟ ପ୍ରଭୃତିକୁ) ସୁଶୃଙ୍ଖଳଭାବେ ରଖିବା; ବିଷୟକୁ ସୁବିନ୍ୟସ୍ତ କରିବା; (କାହାକୁ) ସମ୍ବର୍ଦ୍ଧନା ସହକାରେ ବାଟ କଢ଼ାଇ ନେବା।

**marshalling yard** ବି. ରେଳବାଇର ମାଲଗାଡ଼ି ପ୍ରଭୃତି ରହିବା ସ୍ଥାନ।

**marsh gas** ବି. ମିଥେନ୍ ନାମକ ଦାହ୍ୟ ବିଷାକ୍ତ ବାଷ୍ପ, ଏଥିରେ ଡାହାଣୀ ଆଲୁଅ ଉତ୍ପନ୍ନ ହୁଏ।

**marshmallow** ବି. ଗୁଳ୍ମ ବିଶେଷ; ଏକ ପ୍ରକାର ମିଠାଇ।

**marsh marigold** ବି.ନିମ୍ନ ଭୂମିରେ ହେଉଥିବା ହଳଦିଆ ଫୁଲଯୁକ୍ତ ଗଛ।

**marshy** ବିଂ. ସନ୍ତସନ୍ତିଆ; ବି. marshiness.

**marsupial** 1. ବି. କଙ୍ଗାରୁ ଜାତୀୟ ସ୍ତନ୍ୟପାୟୀ ପ୍ରାଣୀ, ଯେଉଁମାନଙ୍କର ସ୍ତ୍ରୀଜାତିର ପେଟ ଉପରେ ସନ୍ତାନ ବହନ କରିବା ପାଇଁ ଗୋଟିଏ ଥଳି ଥାଏ; 2. ବିଂ. ଏହି ଜାତୀୟ ପ୍ରାଣୀ ସମ୍ବନ୍ଧୀୟ।

**mart** ବି. ବାଣିଜ୍ୟ କେନ୍ଦ୍ର, ନିଲାମ ଘର, ବଜାର।

**Martello tower** ବି. ଉପକୂଳ ସୁରକ୍ଷା ନିମନ୍ତେ ଥିବା ବୃତ୍ତାକାର ଦୁର୍ଗ ବିଶେଷ।

**marten** ବି. ନେଉଳ ବା ଶାଳିଆପତନି ଜାତୀୟ ପ୍ରାଣୀ ବିଶେଷ, ଏହାର ଲୋମ।

**martial** ବିଂ. ସାମରିକ, ଯୁଦ୍ଧ ସମ୍ବନ୍ଧୀୟ, ଯୁଦ୍ଧୋପଯୋଗୀ; ସାହସୀ, ଯୁଦ୍ଧପ୍ରିୟ।

**martial arts** ବି. ଜୁଡ଼ୋ, କରାଟେ, ତାଇକୋଣ୍ଡୋପ୍ରଭୃତି ସାମରିକ କଳା।

**martial law** ବି. ସାମରିକ ଆଇନ୍ (ଏଥିରେ ସାଧାରଣ ଆଇନ୍ ବ୍ୟବସ୍ଥା ରଦ୍ଦ ହୋଇଥାଏ)।

Digitized by srujanika@gmail.com

**Martian** 1. ବିଂ. ମଙ୍ଗଳ ଗ୍ରହ ସମ୍ବନ୍ଧୀୟ 2. ବି. ମଙ୍ଗଳ ଗ୍ରହର କଳ୍ପିତ ଅଧିବାସୀ।

**martin** ବି. ଚାତକ ଜାତୀୟ ପକ୍ଷୀ, ଏମାନେ କାନ୍ଥ ଉପରେ ବସା ବାନ୍ଧନ୍ତି।

**martinet** ବି. କଠୋର ଶୃଙ୍ଖଳାରକ୍ଷାକାରୀ ବ୍ୟକ୍ତି।

**Martini** ବି. *ସ୍ବ.* ମିଶ୍ରିତ ମଦ୍ୟ ବିଶେଷ।

**Martinmas** ବି. *ଖ୍ରୀ.* ସେଣ୍ଟ ମାର୍ଟିନ୍‌ଙ୍କ ସ୍ମୃତିଦିବସ (ନଭେମ୍ବର ଏଗାର ତାରିଖ)।

**martyr** 1. ବି. ଶହୀଦ୍, ନିଜର ଧର୍ମ ବିଶ୍ୱାସ ବା ମତବାଦ ପାଇଁ ଯେ ନିର୍ଯ୍ୟାତିତ ବା ନିହତ ହୋଇଥାଏ; 2. *କ୍ରି.* କୌଣସି ମତବାଦ ନିମନ୍ତେ କାହାକୁ ନିର୍ଯ୍ୟାତନା କରିବା ବା ହତ୍ୟା କରିବା; martyr to *କ.ଭା.* (କୌଣସି ବ୍ୟାଧି ବା ମତବାଦ ପାଇଁ) ନିପୀଡ଼ିତ।

**martyrdom** ବି. ଶହୀଦତ୍ୱ, ଆତ୍ମୋତ୍ସର୍ଗ, ଆତ୍ମବଳିଦାନ।

**marvel** 1. ବି. ଆଶ୍ଚର୍ଯ୍ୟଜନକ ବା ଚମତ୍କାରପ୍ରଦ ଘଟଣା; 2. *କ୍ରି. ଆମେ.* ଆଶ୍ଚର୍ଯ୍ୟାନ୍ୱିତ ହେବା; ବିସ୍ମିତ ହେବା; ଅବାକ୍ ହେବା।

**marvellous** ବିଂ. *ଆମେ.* marvelous ଆଶ୍ଚର୍ଯ୍ୟଜନକ, ବିସ୍ମୟକର, ଅଲୌକିକ; *କ୍ରି.ବିଂ.* marvellously.

**Marxian** ବିଂ. କାର୍ଲ୍‌ମାର୍କ୍ସ ବା ତାଙ୍କର ନୀତି ସମ୍ପର୍କୀୟ।

**Marxism** ବି. ମାର୍କ୍ସଙ୍କ ମତବାଦ, ମାର୍କ୍ସବାଦ; ସାମ୍ୟବାଦ।

**Marxist** ବି.ବିଂ. ମାର୍କ୍ସବାଦୀ, ସାମ୍ୟବାଦୀ।

**marzipan** ବି. ଚିନି, ବାଦାମ ଗୁଣ୍ଡ ପ୍ରଭୃତିରେ ପ୍ରସ୍ତୁତ ଏକ ପ୍ରକାର ମିଠାଇ।

**mascara** ବି. ଆଖିପତା ରଙ୍ଗାଇବା ନିମନ୍ତେ ବ୍ୟବହୃତ ଅଙ୍ଗରାଗ ବିଶେଷ।

**mascot** ବି. ସୌଭାଗ୍ୟ ଆନୟନକାରୀ ବ୍ୟକ୍ତି, ବସ୍ତୁ ବା ପ୍ରାଣୀ (ଉଦା. ଭାରତରେ ପାଳିତ ବିଗତ ଏସିଆଡ୍ କ୍ରୀଡ଼ାର ପ୍ରତୀକ ଆପୁ)।

**masculine** 1. ବିଂ. ପୁରୁଷ ସମ୍ବନ୍ଧିତ; ପୁରୁଷୋଚିତ, ତେଜସ୍ୱୀ, ବଳିଷ୍ଠ, ଶକ୍ତି ସମ୍ପନ୍ନ, ସାହସୀ, ଦୃଢ଼କାୟ, *ବ୍ୟା.* ପୁଂ; 2. ବି. *ବ୍ୟା.* ପୁଂଲିଙ୍ଗ।

**masculinity** ବି. ପୌରୁଷ।

**maser** ବି. *ସଂଶ.* ମାଇକ୍ରୋୱେଭ୍ ପରିସରରେ ବିଦ୍ୟୁତ- ଚୁମ୍ବକୀୟ ତେଜସ୍କ୍ରିୟତା ସୃଷ୍ଟି ବା ବୃଦ୍ଧିର ପଦ୍ଧତି (*ସଂଶ.* microwave amplification by stimulated emission of radiation).

**mash** 1. ବି. ଚକଟା ଯାଇଥିବା ନରମ ପଦାର୍ଥ; ସିଝା ଶସ୍ୟ କଣା; ଭୁସି ଓ ଗରମ ଜଳରେ ପ୍ରସ୍ତୁତ ଅଶ୍ୱ ପ୍ରଭୃତିଙ୍କର ଖାଦ୍ୟ; ସୁରା ପ୍ରସ୍ତୁତ ପାଇଁ ବ୍ୟବହୃତ ଯବଗୁଣ୍ଡର ମଣ୍ଡ; ଯେ କୌଣସି ମଣ୍ଡ; 2. *କ୍ରି.* (ସିଝା ଆଳୁ ପ୍ରଭୃତି) ଚକଟିବା; ମଣ୍ଡ କରିବା; ଯବଗୁଣ୍ଡରେ ଗରମ ପାଣି ମିଶାଇବା; (ପରିବା) ପେଷିବା ବା ଚକଟିବା; ବିଂ. masher.

**mask** 1. ବି. ମୁଖା, କୃତ୍ରିମ ମୁଖ, ରୋଗ ଜୀବାଣୁ ବା ବିଷାକ୍ତ ବାଷ୍ପର ନିବାରକ ମୁଖା, ମାଟି ବା ମହମରେ ତିଆରି ମୂର୍ତ୍ତିର ଛାଞ୍ଚ, ଛଦ୍ମବେଶ, ଛଳନା; 2. *କ୍ରି.* ମୁଖା ପିନ୍ଧିବା, ମୁଖାପିନ୍ଧି ଆତ୍ମଗୋପନ କରିବା।

**masking tape** ବି. ଚିତ୍ରାଙ୍କନରେ ରଙ୍ଗ ଅନାବଶ୍ୟକ ଅଂଶକୁ ଆଚ୍ଛାଦନ କରିବା ପାଇଁ ବ୍ୟବହୃତ ଅଠାଳିଆ ଫିତା।

**masochism** ବି. ଆତ୍ମନିଗ୍ରହରୁ ଆନନ୍ଦ ମିଳୁଥିବା ଯୌନ ବିକୃତି, ଏହିଭଳି ପ୍ରାପ୍ତ ଆନନ୍ଦ; ବି. masochist; ବିଂ. masochistic; *କ୍ରି.ବିଂ.* masochistically.

**mason** ବି. ରାଜମିସ୍ତ୍ରୀ; Mason ଫ୍ରିମେଶନ୍ (ସଂପ୍ରଦାୟ)।

**Masonic** ବିଂ ଫ୍ରିମେଶନ୍ ସମ୍ପ୍ରଦାୟ ବା ଏହାର କାର୍ଯ୍ୟ ସମ୍ବନ୍ଧୀୟ।

**masonry** ବି. ରାଜମିସ୍ତ୍ରୀର କାମ; ପଥର ଯୋଡ଼ାଇ କାମ, ଗାନ୍ଥଣି କାମ।

**masque** ବି. (mask ମଧ) ଷୋଡ଼ଶ–ସପ୍ତଦଶ ଶତାବ୍ଦୀରେ ଅଭିନୀତ ହେଉଥିବା ସୌଖୀନ୍ ଗୀତିନାଟ୍ୟାଭିନୟ।

**masquer** ବି. ଯେ ମାସ୍କରେ ଅଂଶ ଗ୍ରହଣ କରନ୍ତି।

**masquerade** 1. ବି. ମିଥ୍ୟାଭିନୟ, ଛଳନା; ମୁଖାପିନ୍ଧା ନୃତ୍ୟ; 2. *କ୍ରି.* ମୁଖାପିନ୍ଧା ଅଭିନୟ ବା ମଜଲିସ୍‌ରେ ଯୋଗଦେବା, ଛଦ୍ମବେଶରେ ବାହାରିବା।

**mass**[1] 1. ବି. ଗଦା, ରାଶି, ସଂଗ୍ରହ, ସମବାୟ; ପ୍ରଚୁର ପରିମାଣ, ବହୁ ସଂଖ୍ୟକ; 2. *କ୍ରି.* ଗଦା କରିବା, ଏକତ୍ର କରିବା; 3. ବିଂ. ବହୁସଂଖ୍ୟକ ଲୋକ ବା ବସ୍ତୁ ସମ୍ପର୍କୀୟ;

Digitized by srujanika@gmail.com

the mass ଜନସାଧାରଣ, ସଂଖ୍ୟାଗରିଷ୍ଠ; the masses ସମାଜର ନିମ୍ନଶ୍ରେଣୀର ଲୋକମାନେ; in the mass ପ୍ରଧାନତଃ, ମୋଟରେ ।

**mass²** ବି. (Mass ମଧ) *ଖ୍ରୀ.* ଯୀଶୁଙ୍କର ଶେଷ ଭୋଜନର ସ୍ମୃତି ଉତ୍ସବ, ଯୀଶୁଙ୍କର ସ୍ତୋତ୍ରମାଳାରୁ ବାଦ୍ୟ ଓ ସ୍ୱର ସହିତ ଉଚ୍ଚାରିତ ଅଂଶ ବିଶେଷ ।

**massacre** 1. ବି. ସାମୂହିକ ହତ୍ୟା, ଧନ ଜୀବନ ନାଶ, ସମ୍ପୂର୍ଣ୍ଣ ପରାଜୟ ବା ଧ୍ୱଂସ; 2. *କ୍ରି.* ବହୁ ଜୀବନ ନଷ୍ଟ କରିବା (ନିର୍ମମ ଓ ହିଂସ୍ର ଭାବରେ); ପରାସ୍ତ କରିବା; ଛାରଖାର କରିବା ।

**massage** 1. ବି. ମାଲିସ୍, ଶରୀର ମର୍ଦ୍ଦନ, ଶରୀର–ମର୍ଦ୍ଦନ ଚିକିତ୍ସା; 2. *କ୍ରି.* ଅଙ୍ଗମର୍ଦ୍ଦନ କରିବା, ମାଲିସ୍ କରିବା; ଘଷିବା ।

**masseur** ବି. ମାଲିସ୍‌ବାଲା, ଅଙ୍ଗମର୍ଦ୍ଦକ (ପେଷାଦାର) ।

**masseuse** ବି. ଅଙ୍ଗମର୍ଦ୍ଦନକାରିଣୀ ।

**massif** ବି. ଉଚ୍ଚ ପର୍ବତ ଶ୍ରେଣୀ ।

**massive** ବିଂ. ପ୍ରକାଣ୍ଡ; ଭାରୀ ବା ନିଦା; ସାରବାନ୍, (ଆକୃତି, ଗଢ଼ଣ, ମୁଣ୍ଡ ପ୍ରଭୃତି ସମ୍ପର୍କରେ) ଅପେକ୍ଷାକୃତ ବଡ଼; *କ୍ରି.ବିଂ.* massively; ବି. massiveness.

**mass media** ବି. ବେତାର, ସମ୍ବାଦପତ୍ର ପ୍ରଭୃତି ଗଣମାଧ୍ୟମ ।

**mass production** ବି. ଯନ୍ତ୍ର ସାହାଯ୍ୟରେ ବହୁଳ ଉତ୍ପାଦନ ।

**mast¹** ବି. ଜାହାଜର ମାସ୍ତୁଲ ବା ପାଲଦଣ୍ଡ, ରେଡ଼ିଓ ବା ଟେଲିଭିଜନ ଏରିଏଲ୍‌ର ସହାୟକ ଦଣ୍ଡ, ପତାକାଦଣ୍ଡ ।

**mast²** ବି. ବିଚ୍, ଓକ୍ ପ୍ରଭୃତି ଗଛର ଫଳ ଯାହା ଘୁଷୁରି ଖାଦ୍ୟ ରୂପେ ବ୍ୟବହୃତ ହୁଏ ।

**mastectomy** ବି. ଅସ୍ତ୍ରୋପଚାର ଦ୍ୱାରା ସ୍ତନର ଛେଦନ ।

**master** 1. ବି. ମାଲିକ, ଗୃହକର୍ତ୍ତା, କଲେଜର ମୁଖ୍ୟ, ଶିକ୍ଷକ, ଜାହାଜର କପ୍ତାନ୍; ଦକ୍ଷବ୍ୟକ୍ତି; (master mariner) କୌଣସି ଶିଳ୍ପ ବା ବିଦ୍ୟାରେ ଦକ୍ଷ ବ୍ୟକ୍ତି (master tailor); ବିଶ୍ୱବିଦ୍ୟାଳୟ ଉପାଧି, (*ଉଦା.* Master of Arts); ଦର୍ଶନର ସମ୍ମାନିତ ଶିକ୍ଷକ, ଦକ୍ଷ କଳାକାର, ଆନ୍ତର୍ଜାତିକ ଖ୍ୟାତି ଲାଭକରିଥିବା ଚେସ୍ ଖେଳାଳି, ବାଳକର ନାମ ପୂର୍ବରେ ବ୍ୟବହୃତ ସମ୍ବୋଧନସୂଚକ ପଦ, କୁମାର; 2. ବିଂ. ଅହଙ୍କାରୀ, ଦାମ୍ଭିକ, ପ୍ରଭୁତ୍ୱପ୍ରୟାସୀ, ମୁଖ୍ୟ ନିୟନ୍ତ୍ରଣକାରୀ; ପ୍ରଧାନ, ମୁଖ୍ୟ; 3. *କ୍ରି.* ଆୟତ୍ତ କରିବା; ପରାଜିତ କରିବା; ଜ୍ଞାନ ବା ଦକ୍ଷତା ଲାଭ କରିବା; 4. the Master ଯୀଶୁଖ୍ରୀଷ୍ଟ ।

**masterful** ବିଂ. ଅହଙ୍କାରୀ, ଦାମ୍ଭିକ, ଦକ୍ଷ; *କ୍ରି.ବିଂ.* masterfully.

**master–key** ବି. ଯେଉଁ ଚାବିରେ ଗୁଡ଼ିଏ ତାଲା ଖୋଲାଯାଏ ।

**masterly** ବିଂ. ଅତ୍ୟନ୍ତ ଦକ୍ଷ, ପ୍ରଭୁତ୍ୱ ବ୍ୟଞ୍ଜକ ।

**mastermind** 1. ବି. ବୁଦ୍ଧିମାନ ବ୍ୟକ୍ତି, ଜଟିଳ କାର୍ଯ୍ୟ ଯୋଜନା ଓ ପରିଚାଳନା କରୁଥିବା ବ୍ୟକ୍ତି; 2. *କ୍ରି.* ଏହିପରି ଯୋଜନା ଓ ପରିଚାଳନା କରିବା ।

**Master of ceremonies** ବି. ସାମାଜିକ ଉତ୍ସବର ପରିଚାଳକ, ଭୋଜିସଭା ବା ଉତ୍ସବରେ ବକ୍ତାଙ୍କୁ ପରିଚିତ କରାଇଦେବା ବ୍ୟକ୍ତି ।

**Master of the Rolls** ବି. ଅପିଲ ବିଚାରାଳୟର ବିଚାରପତି ।

**masterpiece** ବି. ସର୍ବୋତ୍କୃଷ୍ଟ (ଗ୍ରନ୍ଥ, ରଚନା ବା କାରିଗରି) କୃତି ।

**master–stroke** ବି. ଅତ୍ୟନ୍ତ ଦକ୍ଷ କାର୍ଯ୍ୟ ।

**master–switch** ବି. ଯେଉଁ ସୁଇଚ୍ ସାହାଯ୍ୟରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ବ୍ୟବସ୍ଥାର ନିୟନ୍ତ୍ରଣ କରାଯାଏ ।

**mastery** ବି. ପ୍ରଭୁତ୍ୱ, ହାକିମୀ, ଶ୍ରେଷ୍ଠତ୍ୱ, ପୂର୍ଣ୍ଣ ଜ୍ଞାନ, ଦକ୍ଷତା ।

**masthead** ବି. ମାସ୍ତୁଲ୍‌ର ଅଗ୍ରଭାଗ, ସମ୍ବାଦପତ୍ରରେ ପ୍ରଥମ ପୃଷ୍ଠା ବା ସମ୍ପାଦକୀୟ ସ୍ତମ୍ଭର ଉପରେ ଥିବା ଅଂଶ ।

**masticate** *କ୍ରି.* ଚୋବାଇବା; ବି. mastication; ବିଂ. masticatory.

**mastiff** ବି. ଏକଜାତୀୟ ବଡ଼, ବଳିଷ୍ଠ କାନ ଝାଉଁଳା କୁକୁର (ଘର ଜଗିବା କାମରେ ବ୍ୟବହୃତ) ।

**mastitis** ବି. ସ୍ତନର ପ୍ରଦାହ ।

**mastodon** ବି. ଅଧୁନା ଅବଲୁପ୍ତ ହସ୍ତୀ ସଦୃଶ ପ୍ରାଣୀ ।

**mastoid** 1. ବିଂ. ସ୍ତନାକୃତି; 2. ବି. କାନ ପଛପାଖ ହାଡ଼ ।

**masturbate** *କ୍ରି.* ହସ୍ତମୈଥୁନ କରିବା; ବି. masturbation; ବିଂ. masturbatory.

Digitized by srujanika@gmail.com

**mat**[1.] 1. ବି. ମସିଣା, ପଟି, ଚଟେଇ, ପା'ପୋଛ; 2. କ୍ରି. ଘନଭାବରେ ଛନ୍ଦି ହୋଇଯିବା; ତଳେଇଦ୍ୱାରା ଆଚ୍ଛାଦିତ କରିବା, ମସିଣାଦ୍ୱାରା ଘୋଡ଼ାଇବା।

**mat**[2.] ବିଂ. (matt ମଧ) (ରଙ୍ଗ ସମ୍ପର୍କରେ) ଫିକା, ନିଷ୍ପ୍ରଭ, ଚାକଚକ୍ୟହୀନ।

**matador** ବି. ମଣିଷ—ବୃଷ ଯୁଦ୍ଧରେ ବୃଷଘାତକ ଯୋଦ୍ଧା (*ସା.* ସ୍ପେନ୍)।

**match**[1.] 1. ବି.ଖେଳ ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ସମର୍ଥ ବା ସମକକ୍ଷ ବ୍ୟକ୍ତି, ପ୍ରତିଦ୍ୱନ୍ଦ୍ୱୀ, ଅନୁରୂପ ବ୍ୟକ୍ତି ବା ବସ୍ତୁ; ଉପମା; ଯୋଡ଼, ବିବାହ, ବିବାହ ଦୃଷ୍ଟିରୁ ଯୋଗ୍ୟ ପାତ୍ର; 2. *କ୍ରି.* ସମକକ୍ଷ କରିବା; ପ୍ରତିଯୋଗିତା କରିବା; ସମାନ କରିବା; ବଳ କଷାକଷି କରିବା; ତୁଳନା କରିବା; (ବ୍ୟକ୍ତି, ବସ୍ତୁ ବା ପ୍ରାଣୀକୁ) ଅନ୍ୟ ସହିତ ସମାନ କରିବା।

**match**[2.] ବି. ଦିଆସିଲି, ନିଆଁକାଠି, ରଞ୍ଜକବତୀ ବା ସଳିତା।

**matchbox** ବି. ଦିଆସିଲି ଡିବା, ଆଗିପେଡ଼ି।

**matchless** ବିଂ. ଅନୁପମ, ଅତୁଳନୀୟ।

**matchmaker** ବି. (ବିବାହରେ) ମଧ୍ୟସ୍ଥ ବା ଘଟକ; ବି. matchmaking.

**match point** ବି. ଖେଳରେ ଜିତିବା ନିମନ୍ତେ ଗୋଟିଏ ଦଳ କେବଳ ଗୋଟିଏ ପଏଣ୍ଟ୍ ଲୋଡୁଥିବା ଅବସ୍ଥା।

**matchstick** ବି. ଦିଆସିଲି କାଠି।

**matchwood** ବି. ଦିଆସିଲି ତିଆରି ପାଇଁ ଉପଯୋଗୀ କାଠ।

**mate**[1.] 1. ବି. ସହଚର, ସହକର୍ମୀ, ସାଥୀ, ବିବାହିତ ଦମ୍ପତି ମଧ୍ୟରୁ ଜଣେ; (ପକ୍ଷୀ ସମ୍ପର୍କରେ) ହଳକ ମଧ୍ୟରୁ ଗୋଟିଏ; ଜାହାଜରେ ଅଧ୍ୟକ୍ଷଙ୍କ ଅଧୀନସ୍ଥ କର୍ମଚାରୀ; ଶ୍ରମିକର ସହାୟକ, ସଙ୍ଗୀ; 2. *କ୍ରି.* ବିବାହଦ୍ୱାରା ମିଳନ କରାଇବା; (ପଶୁପକ୍ଷୀଙ୍କ ସମ୍ପର୍କରେ) ଯୋଡ଼ କରାଇବା; ସମକକ୍ଷ କରାଇବା; (ଯୌଗିକ ପଦରେ) ସହକର୍ମୀ, ସାଙ୍ଗ (team-mate, class mate, room-mate).

**mate**[2.] ବି. ଓ *କ୍ରି.* (ଶତରଂଜ ଖେଳରେ) ପରାଜୟ, କିସ୍ତିମାତ୍, ଉକ୍ତଖେଳରେ ହରାଇବା ବା କିସ୍ତିମାତ୍ କରିବା।

**mater** ବି. *ପ୍ରା.ପ୍ର.* ମା।

**material** 1. ବି. ବସ୍ତୁ; ଯେଉଁଥିରୁ ବସ୍ତୁ ପ୍ରସ୍ତୁତ ହୁଏ (ଲୁଗା, ସୂତା, ଇତ୍ୟାଦି); କାମ ପାଇଁ ଆବଶ୍ୟକ ବସ୍ତୁ, ନିର୍ଦ୍ଦିଷ୍ଟ କାମ ପାଇଁ ଯୋଗ୍ୟ ବସ୍ତୁ ବା ବ୍ୟକ୍ତି; ପୁସ୍ତକ ରଚନା ନିମନ୍ତେ ବ୍ୟବହୃତ ଉପାଦାନ ବା ବିବରଣୀ; 2. ବିଂ. ବସ୍ତୁଗତ; ଜଡ଼; ଦୈହିକ ସୁଖ ସମ୍ପର୍କୀୟ; ପାର୍ଥିବ, ବୈଷୟିକ, ଆର୍ଥିକ, ସ୍ଥୂଳ, ଯାହା ଆଧ୍ୟାତ୍ମିକ ନୁହେଁ; ଆବଶ୍ୟକ, ପ୍ରାସଙ୍ଗିକ।

**materialism** ବି. ଦ. ଜଡ଼ବାଦ, ବସ୍ତୁବାଦ; ଜଡ଼ପଦାର୍ଥ ସତ୍ୟ, ଆତ୍ମା କାଳ୍ପନିକ– ଏହି ମତବାଦ; ପାର୍ଥିବ ସମ୍ପଦରେ ଏକାନ୍ତ ଆସକ୍ତି; ବି. materialist; ବିଂ. materialistic; *କ୍ରି.ବିଂ.* materialistically.

**materialize** *କ୍ରି.* କାର୍ଯ୍ୟରେ ପରିଣତ କରିବା ବା ହେବା; ଦୃଶ୍ୟ ହେବା; ସ୍ଥୂଳ ଶରୀରରେ ଆବିର୍ଭୂତ କରିବା ବା ହେବା; ବି. materialization.

**materially** *କ୍ରି.ବିଂ.* ଯଥାର୍ଥତଃ, ବସ୍ତୁତଃ।

***materiel*** ବି. ଉପଲବ୍ଧ ସାମଗ୍ରୀ, *ବିଶେ.* ସାମରିକ ଉପକରଣ। *(ଫ୍ରେ)*

**maternal** ବିଂ. ମାତୃ ସମ୍ପର୍କୀୟ, ମାତୃତୁଲ୍ୟ; ଗର୍ଭାବସ୍ଥା ବା ପ୍ରସବାବସ୍ଥାରେ; *କ୍ରି.ବିଂ.* maternally.

**maternity** ବି. ମାତୃତ୍ୱ, ମାତୃଧର୍ମ, ଗର୍ଭାବସ୍ଥା ବା ପ୍ରସୂତି ଅବସ୍ଥା।

**matey, maty** 1. ବିଂ. ସାମାଜିକ, ବନ୍ଧୁଭାବାପନ୍ନ ବା ମିଶୁକ; ବି. mateyness, matiness; *କ୍ରି.ବିଂ.* ବି. matily.

**mathematician** ବି. ଗଣିତଜ୍ଞ।

**mathematics** ବି. ଗଣିତ; ଅଙ୍କଶାସ୍ତ୍ର, ଗଣିତଶାସ୍ତ୍ର; ବିଂ. mathematical; *କ୍ରି.ବିଂ.* mathematically.

**maths** ବି. *କ.ଭା. ସଂଶ.* mathematics ଗଣିତ।

**matinee** ବି. ସିନେମା ବା ଥିଏଟରରେ ଆପରାହ୍ନିକ ପ୍ରଦର୍ଶନ।

**matinee coat (jacket)** ବି. ଶିଶୁର ଛୋଟ କୋଟ୍।

**matins** ବି. (mattins ମଧ) *ଖ୍ରୀ.* ପ୍ରଭାତୀ ପ୍ରାର୍ଥନା ବା ଉପାସନା (*ବିଶେ.* ଚର୍ଚ୍ଚ ଅଫ୍ ଇଂଲଣ୍ଡର)।

**matriarch** ବି. ଗୋଷ୍ଠୀ ବା ପରିବାରର ନାରୀମୁଖ୍ୟ।

**matriarchal** ବିଂ. ମାତୃପ୍ରଧାନ (ସମାଜ)।

Digitized by srujanika@gmail.com

**matriarchy** ବି. ଗୋଷ୍ଠୀମାତାର ଶାସନ, ଏକ ପ୍ରକାର ସାମାଜିକ ବ୍ୟବସ୍ଥା ଯହିଁରେ ପରିବାର ମଧ୍ୟରେ ମାତାର ଆଧିପତ୍ୟ ବା ନାରୀମାନଙ୍କ ବଂଶାଧିକାର ସ୍ୱୀକାର କରାଯାଏ ।

**matricide** ବି. ମାତୃହତ୍ୟା, ମାତୃହନ୍ତା; ବିଂ. matricidal.

**matriculate** କ୍ରି. ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ପ୍ରବେଶାଧିକାରୀ କରିବା ବା ହେବା; ମେଟ୍ରିକ୍ ବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା; ବି. matriculation.

**matrimony** ବି. ବିବାହ, ବିବାହିତ ଅବସ୍ଥା; ବିଂ. matrimonial; କ୍ରି.ବିଂ. matrimonially.

**matrix** ବି. (ବ.ବ -es ବା matrices) ଛାଞ୍ଚ; ପ୍ରସୁତିସ୍ଥାନ; *ଗଣିତ* ଏକ ରାଶିରୂପେ ବ୍ୟବହୃତ ବର୍ଗାକାରରେ ସଜ୍ଜିତ ଗାଣିତିକ ସଂଖ୍ୟା ସମୂହ ।

**matron** ବି. ବିବାହିତା ସ୍ତ୍ରୀ; ବର୍ଷୀୟସୀ ମହିଳା, (ବିଦ୍ୟାଳୟ, ଚିକିତ୍ସାଳୟ ପ୍ରଭୃତିରେ) ତତ୍ତ୍ୱାବଧାରିକା, ସେବିକା ବା ପରିଚାଳିକା ।

**matronly** ବିଂ. ଗୃହିଣୀତୁଲ୍ୟ, ମାତୃଜନୋଚିତ; ଶାନ୍ତ ଓ ଶୃଙ୍ଖଳିତ ।

**matron of honour** ବି. ବିବାହବେଳେ କନ୍ୟା ନିକଟରେ ଥିବା ବିବାହିତା ସ୍ତ୍ରୀ ।

**matt** ବିଂ. mat[2] *ଦ୍ର.* ।

**matter** 1. ବି. ପଦାର୍ଥ, ଉପାଦାନ, ବସ୍ତୁ, ସାକାର ବସ୍ତୁ, ଚିନ୍ତା ବା ଅଭିବ୍ୟକ୍ତି ନିମନ୍ତେ ଉପାଦାନ, ବକ୍ତୃତା ବା ପୁସ୍ତକର ସାରାଂଶ; (ଲେଖିବା ବା କହିବାର) ବିଷୟ; ପ୍ରସଙ୍ଗ, କାରଣ, ଘଟଣା, ବ୍ୟାପାର, କଥା; ଗୁରୁତ୍ୱପୂର୍ଣ୍ଣ ବିଷୟ, ପରିମାଣ (a matter of 50 rupees); 2. କ୍ରି. ଗୁରୁତ୍ୱପୂର୍ଣ୍ଣ ହେବା; as a matter of fact ପ୍ରକୃତରେ, ବାସ୍ତବିକ; for that matter ଯେତେଦୂର ଜଣାଯାଏ; ବାସ୍ତବିକ; a matter of course ପ୍ରତ୍ୟାଶିତରୂପେ, ଅବଶ୍ୟମ୍ଭାବୀ ଘଟଣା ଭାବରେ; no matter ଏଥିରେ କିଛି ଯାଏ ଆସେ ନାହିଁ ବା ଗୁରୁତ୍ୱ ନାହିଁ ।

**mater-of-fact** ବିଂ. କଳ୍ପନାଶକ୍ତିବିହୀନ, ଗଦ୍ୟଭାବାପନ୍ନ; ଭାବହୀନ; ଆବେଗହୀନ ।

**matting** ବି. ମସିଣା ବୁଣାନିମନ୍ତେ ସୂତା ବା ଉପକରଣ ।

**mattock** ବି. ଦୁଇମୁନିଆ ଗଇଁତି ବା କାଙ୍କ (କୃଷି ଉପକରଣ) ।

**mattress** ବି. ଗଦି, ଶେଯ ।

**maturate** କ୍ରି. (ବଥ ବା ବ୍ରଣ) ପଚାଇବା ।

**maturation** ବି. ପୂର୍ଣ୍ଣତା ପ୍ରାପ୍ତି; ବ୍ରଣର ପାଚିବା ବା ପୂଜ ହେବା ଅବସ୍ଥା ।

**mature** 1. ବିଂ. ପରିପକ୍ୱ, ପୋଖତ, ପୂର୍ଣ୍ଣବିକଶିତ ମାନସିକ ଓ ଶାରୀରିକ ଶକ୍ତିସମ୍ପନ୍ନ, ପୂର୍ଣ୍ଣବୟସ୍କ, ସ୍ୱାଭାବିକ ଭାବେ ପୂର୍ଣ୍ଣତା ପ୍ରାପ୍ତ, ସୁଚିନ୍ତିତ, ସମ୍ପୂର୍ଣ୍ଣ; (ବିଲ୍ ସମ୍ପର୍କରେ) ଟଙ୍କା ଦେବା ନିମନ୍ତେ ଉପଯୁକ୍ତ; 2. କ୍ରି. ପୂର୍ଣ୍ଣ ବିକଶିତ ହେବା; ପରିପକ୍ୱ ହେବା; (ବୀମା ବିଲ୍) ଦେୟହେବା ।

**maturity** ବି. ପରିପକ୍ୱତା, ପରିଣତ ଅବସ୍ଥା, ଦେୟ ଅବସ୍ଥା ।

**matutinal** ବିଂ. ପ୍ରଭାତକାଳୀନ, ସଅଳ ।

**maudlin** ବିଂ. ଦୁର୍ବଳଭାବରେ ବା ଅଶ୍ରୁପୂର୍ଣ୍ଣ ଲୋଚନରେ ଭାବପ୍ରବଣ (ବିଶେଷକରି ନିଶାପ୍ରଭାବରେ) ।

**maul** 1. କ୍ରି. ମାରି ଖଣ୍ଡିଆ ଖାବରା କରିବା; ଧକ୍କା ଧକ୍କି କରିବା; ଅସାବଧାନ ଭାବରେ ବ୍ୟବହାର କରିବା; 2. ବି. ଭାରୀ ହାତୁଡ଼ି; କୋଳାହଳପୂର୍ଣ୍ଣ କଳହ ।

**maulstick** ବି. ଚିତ୍ରାଙ୍କନ ସମୟରେ ହାତସ୍ଥିର ରଖିବା ପାଇଁ ବ୍ୟବହୃତ ବାଡ଼ି ।

**maunder** କ୍ରି. ଅସନ୍ତୋଷ ପ୍ରକାଶ କରିବା, ଗୁଁ ଗାଁ ହେବା, ଏଣୁତେଣୁ ଗପିବା; ଅସଂଲଗ୍ନ ଭାବେ ବା ନିର୍ବୋଧ ଭଳି କଥାକହିବା; ଲକ୍ଷ୍ୟହୀନ ଭାବେ ବୁଲିବା ବା କାର୍ଯ୍ୟ କରିବା ।

**Maundy** ବି. *ଖ୍ରୀ.* ଯୀଶୁ ଶତ୍ରୁହସ୍ତଗତ ହେବା ରାତ୍ରିରେ ନିଜ ଶିଷ୍ୟମାନଙ୍କ ପାଦ ଧୌତ କରିଥିବାର ସ୍ମାରକ ପର୍ବ ।

**Maundy money** ବି. *ଖ୍ରୀ.* ମଣ୍ଡିପର୍ବ ଉପଲକ୍ଷେ ବ୍ରିଟିଶ୍ ରାଜା/ରାଣୀ ବଣ୍ଟନ କରୁଥିବା ବିଶେଷ ରୌପ୍ୟ ମୁଦ୍ରା ।

**Maundy Thursday** ବି. *ଖ୍ରୀ.* ଇଷ୍ଟର ପୂର୍ବବର୍ତ୍ତୀ ଗୁରୁବାର ।

**mausoleum** ବି. ସୁରମ୍ୟ ସମାଧିପୀଠ; ମକବରା ।

Digitized by srujanika@gmail.com

**mauve** 1. ବିଂ. ଫିକା ବାଇଗଣି; 2. ବି. ଉକ୍ତ ବର୍ଣ୍ଣର ରଂଜନ ପଦାର୍ଥ।

**maverick** ବି. କୁସଂସ୍କାରହୀନ, ସ୍ୱାଧୀନଚେତା ବା ଉଦାରମନା ବ୍ୟକ୍ତି; ମଣହେବା ପୂର୍ବରୁ ବାଛୁରୀ।

**maw** ବି. ଇତରପ୍ରାଣୀର ପାକସ୍ଥଳୀ, ବେଶୀ ଖାଉଥିବା ପ୍ରାଣୀର ହନୁ ବା ଗଳା।

**mawkish** ବିଂ. ଦୁର୍ବଳ ଓ ବିରକ୍ତିଜନକ ଭାବରେ ଭାବପ୍ରବଣ।

**maxi–** ସଂ. ଲମ୍ବା ଏବଂ ବଡ଼।

**maxilla** ବିଂ. ହନୁହାଡ଼, କଳ (ପାଟି); ବିଂ. maxillary.

**maxim** ବି. ସୂକ୍ତ; ନୀତି ବାକ୍ୟ।

**maximal** ବିଂ. ସର୍ବାଧିକ ପରିମାଣ ବା ତତ୍ସମ୍ପର୍କୀୟ।

**maximize** କ୍ରି. ଶେଷ ସୀମାପର୍ଯ୍ୟନ୍ତ ବଢ଼ାଇବା; ବି. maximization.

**maximum** 1. ବି. ସର୍ବାଧିକ ପରିମାଣ, ସଂଖ୍ୟା, ମାତ୍ରା, ଆୟତନ ପ୍ରଭୃତି; 2. ବିଂ. ସର୍ବାଧିକ, ସର୍ବୋଚ୍ଚ।

**may** *ସହ. କ୍ରି.* (*ଅ.କା.* might) ପାରିବା; ସମ୍ଭାବନା, ଅନୁମତି, ଇଚ୍ଛା, ଅନିଶ୍ଚୟତା ପ୍ରଭୃତି ସୂଚକ ରୂପାତ୍ମକ କ୍ରିୟା।

**May** ବି. ଇଂରାଜୀ ବର୍ଷର ପଞ୍ଚମ ମାସ; ପୁଷ୍ପିତ ହଥର୍ଣ୍ଣ ଗଛ।

**Maya** ବି. ପ୍ରାଚୀନ ମଧ୍ୟ ଆମେରିକୀୟ ଭାରତୀୟ ବା ସେମାନଙ୍କର ଭାଷା; ବିଂ. Mayan.

**maybe** କ୍ରି.ବିଂ. ସମ୍ଭବତଃ, ବୋଧହୁଏ।

**mayday** ବି. ବିପଦ୍‌ଗ୍ରସ୍ତ ଜାହାଜ ବା ଉଡ଼ାଜାହାଜଦ୍ୱାରା ବ୍ୟବହୃତ ଆନ୍ତର୍ଜାତିକ ବେତାର ସୂଚନା।

**May Day** ବି. ଆନ୍ତର୍ଜାତିକ ଶ୍ରମିକ ଦିବସ; ବସନ୍ତୋତ୍ସବ।

**mayflower** ବି. ମେ ମାସରେ ଫୁଟୁଥିବା ଯେକୌଣସି ଫୁଲ।

**mayfly** ବି. ମେ ମାସରେ ଦେଖାଯାଉଥିବା କ୍ଷୁଦ୍ର ମକ୍ଷିକା।

**mayhem** ବି. ଭୟଙ୍କର ଅଥବା କ୍ଷତିକାରକ କାର୍ଯ୍ୟ; *ଇତି.* ବ୍ୟକ୍ତିର ଅଙ୍ଗଚ୍ଛେଦ କରିବାର ଅପରାଧ।

**mayn't** *ସଂଶ. କ.ଭା.* may not.

**mayonnaise** ବି. ଅଣ୍ଡା କେଶର, ସର, ଭିନିଗାର ପ୍ରଭୃତିଦ୍ୱାରା ଖାଦ୍ୟ ସଜ୍ଜୀକରଣ।

**mayor** ବି. ନଗରପାଳ, ନଗରାଧ୍ୟକ୍ଷ; ବିଂ. mayoral.

**mayoralty** ବି. ନଗରାଧ୍ୟକ୍ଷଙ୍କ ପଦବୀ ବା କାର୍ଯ୍ୟକାଳ।

**mayoress** ବି. ନଗରାଧ୍ୟକ୍ଷଙ୍କ ସ୍ତ୍ରୀ; (ସ୍ୱୟଂ) ନଗରାଧ୍ୟକ୍ଷା।

**maypole** ବି. ମେ–ଦିବସ ଦିନ ନୃତ୍ୟ ନିମନ୍ତେ ଫିତା ପ୍ରଭୃତି ଦ୍ୱାରା ସଜ୍ଜୀକୃତ ଖୁଣ୍ଟ।

**May queen** ବି. ବସନ୍ତ ଉତ୍ସବ ଦିନ ଯେଉଁ ଯୁବତୀକୁ ରାଣୀଭଳି ସଜାଇ ଦିଆଯାଏ।

**maze** ବି. ଭୁଲଭୁଲେୟା; ଛନ୍ଦାଛନ୍ଦି ବା ବୁଲାଣିଆ ବହୁରାସ୍ତାର ସମଷ୍ଟି; ଚିନ୍ତାବିଭ୍ରମ, କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା।

**mazurka** ବି. ପୋଲାଣ୍ଡ ଦେଶୀୟ ବର୍ଣ୍ଣାଢ଼୍ୟ ନୃତ୍ୟ, ଏହାର ସଂଗୀତ।

**MB** *ସଂଶ.* Bachelor of Medicine ବେଚଲର୍ ଅଫ୍ ମେଡିସିନ୍।

**MBE** *ସଂଶ.* Member of the Order of the British Empire ବ୍ରିଟିଶ୍ ସାମ୍ରାଜ୍ୟର ଉପାଧି ବିଶେଷ।

**MC** *ସଂଶ.* Master of Ceremonies (ଦ୍ର. master); Military Cross ଇଂ. ସୈନ୍ୟବିଭାଗର ଆଳଙ୍କାରିକ ଉପାଧି ବିଶେଷ।

**MCC** *ସଂଶ.* Marylebone Cricket Club ମେରିଲ୍‌ବୋନ୍ କ୍ରିକେଟ୍ କ୍ଳବ (*ଇଂ.*)।

**MD** *ସଂଶ.* Doctor of Medicine ଡକ୍ଟର୍ ଅଫ୍ ମେଡିସିନ୍; Managing Director ପରିଚାଳନା ନିର୍ଦ୍ଦେଶକ।

**me** *ସ.* ମୋତେ, ଆମ୍ଭକୁ।

**mead**[1] ବି. ମହୁ ଓ ପାଣିରୁ ପ୍ରସ୍ତୁତ ଏକପ୍ରକାର ମଦ୍ୟ।

**mead**[2] ବି. *ପ୍ରା.ପ୍ର.* ସବୁଜ ପ୍ରାନ୍ତର (କବିତାରେ meadow)।

**meadow** ବି. ପ୍ରାନ୍ତର, ତୃଣାଚ୍ଛାଦିତ ଭୂମି, ସମତଳ ଘାସ ପଡ଼ିଆ, ନଦୀ ନିକଟସ୍ଥ ଚାରଣ ଭୂମି; ବିଂ. meadowy.

**meadowsweet** ବି. ସୁରଭିତ ପୁଷ୍ପ ବା ସେହି ଗୁଳ୍ମ ବିଶେଷ।

Digitized by srujanika@gmail.com

**meagre** ବି°. *ଆମେ.* meager ଅଳ୍ପ, ସାମାନ୍ୟ; (ବ୍ୟକ୍ତି ସମ୍ପର୍କରେ) କୃଶ, କ୍ଷୀଣ।

**meal**[1] ବି. ଭୋଜନ, ଆହାର, ଖାଦ୍ୟ; make a meal of *କ.ଭା.* (କୌଣସି କାର୍ଯ୍ୟକୁ) ଅତ୍ୟନ୍ତ ଶ୍ରମ ବା ଯତ୍ନ ସହକାରେ କରିବା।

**meal**[2] ବି. (କୌଣସି ଶସ୍ୟର) ଚୂନା, ଗୁଣ୍ଡ; ଛତୁ, ଅଟା।

**meal–ticket** ବି. ଖାଦ୍ୟ ବା ଆୟର ଉତ୍ସ (ବସ୍ତୁ ବା ବ୍ୟକ୍ତି)।

**mealy** ବି°. କୋମଳ, ଚୂର୍ଣ୍ଣ ସଦୃଶ, ଚୂର୍ଣ୍ଣ ବିଶିଷ୍ଟ; ପାଣ୍ଡୁର।

**mealy–mouthed** ବି°. ସ୍ପଷ୍ଟ ବା ଖୋଲାଖୋଲି ଭାବରେ ମତ ପ୍ରକାଶ କରୁନଥିବା।

**mean**[1] କ୍ରି. (*ଅ.କା./ଅ.କ୍ରି.ବ.ପ.* meant) ଅଭିପ୍ରାୟ କରିବା; ଉଦ୍ଦେଶ୍ୟ ପ୍ରକାଶ କରିବା; ମନସ୍ଥ କରିବା; (ଶବ୍ଦ, ବାକ୍ୟ ପ୍ରଭୃତିର) ଅର୍ଥ ପ୍ରକାଶ କରିବା; (କୌଣସି ଉଦ୍ଦେଶ୍ୟରେ) ନିର୍ଦ୍ଧାରିତ କରିବା; ପରିକଳ୍ପିତ କରିବା; ସୂଚିତ କରିବା; ମନେ କରିବା; ମନରେ ଭାବିବା; mean it ଥଟ୍ଟା ବା ଅତିରଂଜନ ନକରି କହିବା; mean well ସଦୁଦ୍ଦେଶ୍ୟ ପୋଷଣ କରିବା।

**mean**[2] ବି°. ସଂକୀର୍ଣ୍ଣମନା, ସ୍ୱାର୍ଥପର, ଅନୁଦାର; କୃପଣ; (ବୁଦ୍ଧି ବା ସ୍ୱାଭାବିକ ଶକ୍ତି ସମ୍ପର୍କରେ) ନିକୃଷ୍ଟ, ନୀରସ, ନିମ୍ନପଦସ୍ଥ, ନୀଚ ଶ୍ରେଣୀୟ, ଅପରିଚ୍ଛନ୍ନ, ଘୃଣ୍ୟ; no mean ଅତ୍ୟନ୍ତ ଉତ୍କୃଷ୍ଟ; *କ୍ରି.ବି°.* meanly; ବି. meanness.

**mean**[3] 1. ବି. ମଧ୍ୟବର୍ତ୍ତୀ ବିନ୍ଦୁ; ମଧ୍ୟମ, ଦୁଇ ଚରମସୀମାର ସମଦୂରବର୍ତ୍ତୀ ସଂଖ୍ୟା; 2. ବି°. *ଗଣିତ* ହାରାହାରି; in the mean time ଏହି ସମୟ ମଧ୍ୟରେ।

**meander** 1. କ୍ରି. (ନଦୀ ସମ୍ପର୍କରେ) ବକ୍ରଭାବେ ପ୍ରବାହିତ ହେବା, ଧୀରମନ୍ଥର ଗତିରେ ବୁଲିବୁଲି ଯିବା; 2. ବି. ବକ୍ରଗତି, କୁଟିଳଗତି।

**meaning** 1. ବି. ଅର୍ଥ, ମର୍ମ, ଅଭିପ୍ରାୟ; 2. ବି°. ଅର୍ଥପୂର୍ଣ୍ଣ, ଅର୍ଥବୋଧକ।

**meaningful** ବି°. ଅର୍ଥପୂର୍ଣ୍ଣ; ଅର୍ଥଦ୍ୟୋତକ; *କ୍ରି.ବି°.* meaningfully; ବି. meaning fulness.

**meaningless** ବି°. ନିରର୍ଥକ; *କ୍ରି.ବି°.* meaninglessly; ବି. meaninglessness.

**means** ବି. (ଏ. ବ. ରୂପେ ବ୍ୟବହୃତ) ଉପାୟ, ସାଧନ; ଅର୍ଥର ଉତ୍ସ, ଧନସମ୍ପତ୍ତି; by all means ନିଶ୍ଚିତ ଭାବରେ; by means of ଦ୍ୱାରା; by no means କୌଣସି ମତେ ନୁହେଁ।

**means test** ବି. ସରକାରୀ ଅର୍ଥ ସାହାଯ୍ୟ ଦେବା ପୂର୍ବରୁ ଆୟ ସମ୍ପର୍କୀୟ ଅନୁସନ୍ଧାନ।

**meant** କ୍ରି. meanର *ଅ.କା. ଓ ଅ.କ୍ରି.ବ.ପ.।*

**meantime** *କ୍ରି.ବି°.* ଏଥି ମଧ୍ୟରେ, ଇତ୍ୟବସରେ।

**meanwhile** *କ୍ରି.ବି°.* ମଧ୍ୟବର୍ତ୍ତୀ ସମୟରେ, ଏହି ସମୟରେ; ଇତ୍ୟବସରେ।

**meany** ବି. *କ.ଭା.* (meanie ମଧ୍ୟ) ସଂକୀର୍ଣ୍ଣମନା ବ୍ୟକ୍ତି।

**measles** ବି. ମିଳିମିଳା (ରୋଗ)।

**measly** ବି°. ମିଳିମିଳା ରୋଗ ସଂକ୍ରାନ୍ତୀୟ; ଅତ୍ୟଳ୍ପ; ଅଯୋଗ୍ୟ, ଘୃଣ୍ୟ ବା ନୀଚ।

**measure** 1. ବି. ମାପ, ପରିମାଣ; ଯାହାଦ୍ୱାରା ଆକାର, ଆୟତନ, ଦୈର୍ଘ୍ୟ, ଓଜନ ପ୍ରଭୃତି ନିରୂପଣ କରାଯାଏ, ଦୈର୍ଘ୍ୟ ଓ ଓଜନର ଏକକ ବା ମାନ, (ଗୌଣୀ, ଡିବା, ମାଣ ପ୍ରଭୃତି) ଶସ୍ୟ ପରିମାପକ ମାତ୍ର; ତରଳ ପଦାର୍ଥ ମାପିବା ପାତ୍ର; (ଦୈର୍ଘ୍ୟ ମାପିବା ନିମନ୍ତେ) ଦଣ୍ଡ ବା ଫିତା ପ୍ରଭୃତି; ସୁଚିନ୍ତିତ କାର୍ଯ୍ୟପନ୍ଥା, ଉପାୟ ବା କୌଶଳ; ଛନ୍ଦ, ତାଳ, ଲୟ; *ପ୍ରା.ପ୍ର.* ନୃତ୍ୟ; 2. କ୍ରି. ମାପିବା; ପରିମାଣ ସ୍ଥିର କରିବା; ଅଟକଳ କରିବା; beyond measure ଅତିବେଶୀ, ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ, ଅତିମାତ୍ରାରେ; for good measure ପ୍ରୟୋଜନରୁ ଅଧିକ; in some measure ଆଂଶିକ ପରିମାଣରେ; made to measure ମାପ ଅନୁଯାୟୀ ତିଆରି; measure up (to) ନିର୍ଦ୍ଦିଷ୍ଟ ମାନରେ ପହଞ୍ଚିବା; take measure କାର୍ଯ୍ୟାନୁଷ୍ଠାନ କରିବା; ବିହିତ ବ୍ୟବସ୍ଥା କରିବା; take person's measure ବ୍ୟକ୍ତିର ଯୋଗ୍ୟତା ବା ଚରିତ୍ର ନିରୂପଣ କରିବା; ବି°. measurable.

**measurement** ବି. ମାପକରଣ, ମାପ, ପରିମାଣ।

**meat** ବି. ଖାଦ୍ୟଯୋଗ୍ୟ ପଶୁମାଂସ; ଖାଦ୍ୟ ସାରାଂଶ ବା ମୁଖ୍ୟଭାଗ; meat and drink ଆନନ୍ଦ ଉଲ୍ଲାସର ଉତ୍ସ।

**meatball** ବି. ମାଂସର ଛୋଟ ଗୁଳା।

**meatiness** ବି. ମାଂସଳତା।

**meat safe** ବି. ମାଂସ ରଖିବା ଜାଲି ବାକ୍ସ।

Digitized by srujanika@gmail.com

**meaty** ବିଂ. ମାଂସପୂର୍ଣ୍ଣ, ମାଂସଳ, ସାରପୂର୍ଣ୍ଣ, ତୃପ୍ତିଦାୟକ।

**Mecca** ବି. ମକ୍କା ସହର, ମହମ୍ମଦଙ୍କ ଜନ୍ମସ୍ଥାନ, ଉପାସ୍ୟ ସ୍ଥାନ।

**mechanic** ବି. କାରିଗର, ମିସ୍ତ୍ରୀ, ଯାନ୍ତ୍ରିକ, ମେକାନିକ୍।

**mechanical** ବିଂ. ଯନ୍ତ୍ର ସମ୍ବନ୍ଧୀୟ; ଯାନ୍ତ୍ରିକ; (ବ୍ୟକ୍ତି ବା କାର୍ଯ୍ୟ ସମ୍ପର୍କରେ) ସ୍ୱତଃକୃତ, ଯନ୍ତ୍ରସଦୃଶ, ସ୍ୱୟଂଚାଳିତ; ମୌଳିକତାବିହୀନ, ଯନ୍ତ୍ର ବିଜ୍ଞାନ ବା ଯନ୍ତ୍ର ଗଠନ ସମ୍ବନ୍ଧୀୟ; କ୍ରି.ବିଂ. mechanically.

**mechanics** ବି. ଯନ୍ତ୍ରବିଜ୍ଞାନ, ଗତି ଓ ତାର ଧର୍ମ ସମ୍ବନ୍ଧୀୟ ବ୍ୟାବହାରିକ ଗଣିତ ଶାସ୍ତ୍ର; ଯନ୍ତ୍ରଶାସ୍ତ୍ର, ନିର୍ମାଣ ପଦ୍ଧତି।

**mechanism** ବି. ଯନ୍ତ୍ରଗଠନ କୌଶଳ, ଯନ୍ତ୍ରର ଗଠନ, ଯନ୍ତ୍ରର କାର୍ଯ୍ୟକାରୀ ଅଂଶର ସମଷ୍ଟି; ବିଂ. mechanistic.

**mechanize** କ୍ରି. ଯାନ୍ତ୍ରିକ କରିବା, ଯାନ୍ତ୍ରିକରୂପ ଦେବା; ବି. mechanization.

**Med** ବି. *କ.ଭା.* Mediterranean ଭୂମଧ୍ୟସାଗର।

**medal** ବି. ପଦକ, ମେଡ଼ାଲ୍।

**medallist** ବି. *ଆମେ.* medalist ପଦକପ୍ରାପ୍ତ ବ୍ୟକ୍ତି।

**meddle** କ୍ରି. ଅନଧିକାର ଚର୍ଚ୍ଚା କରିବା; ଅଯଥା ହସ୍ତକ୍ଷେପ କରିବା; ବି. meddler.

**meddlesome** ବିଂ. ଅନଧିକାର ଚର୍ଚ୍ଚାକାରୀ, ଅଯଥା ହସ୍ତକ୍ଷେପକାରୀ।

**media** mediumର ବ.ବ.।

**mediaeval, medieval** ବିଂ. ମଧ୍ୟ ଯୁଗୀୟ; *କ.ଭା.* ପୁରୁଣାକାଳିଆ।

**medial** ବିଂ. ମଧ୍ୟବର୍ତ୍ତୀ, ମଧ୍ୟସ୍ଥିତ; କ୍ରି.ବିଂ. medially.

**median** 1. ବିଂ. ମଧ୍ୟବର୍ତ୍ତୀ; 2. ବି. *ଜ୍ୟା.* ମଧ୍ୟମା, ତ୍ରିଭୁଜର ମଧ୍ୟବର୍ତ୍ତୀରେଖା, ଶ୍ରେଣୀର ମଧ୍ୟମାନ ସଂଖ୍ୟା, ଅର୍ଦ୍ଧକ।

**mediate** 1. କ୍ରି. ମଧ୍ୟସ୍ଥହେବା, ମଧ୍ୟସ୍ଥତା କରିବା, ମଧ୍ୟସ୍ଥଦ୍ୱାରା ସମାଧାନ କରିବା; ବିଂ. mediation.

**mediator** ବି. ମଧ୍ୟସ୍ଥ।

**medic** ବି. *କ.ଭା.* ଡାକ୍ତରୀଛାତ୍ର; ଡାକ୍ତର।

**medical** 1. ବିଂ. ଚିକିତ୍ସାବିଦ୍ୟା ସମ୍ପର୍କୀୟ; ଡାକ୍ତରୀ, ଆରୋଗ୍ୟମୂଳକ; 2. ବି. *କ.ଭା.* ଡାକ୍ତରୀ ପରୀକ୍ଷା; କ୍ରି.ବିଂ. medically.

**medical certificate** ବି. ସୁସ୍ଥତା ବା ଅସୁସ୍ଥତା ସମ୍ପର୍କୀୟ ଡାକ୍ତରୀ ସାର୍ଟିଫିକେଟ୍ ବା ପ୍ରମାଣପତ୍ର।

**medical examination** ବି. ଡାକ୍ତରୀ ପରୀକ୍ଷା।

**medical officer** ବି. ଚିକିତ୍ସା ଅଧିକାରୀ, ଡାକ୍ତର।

**medicament** ବି. ଔଷଧ, ଭେଷଜ, ଯାହା ଆରୋଗ୍ୟ ପାଇଁ ବ୍ୟବହୃତ ହୁଏ।

**medicate** କ୍ରି. ଔଷଧଦେଇ ଚିକିତ୍ସା କରିବା; ଔଷଧ ପ୍ରୟୋଗ କରିବା; ବି. medication; ବିଂ. medicative.

**medicinal** ବିଂ. ଔଷଧ ସମ୍ପର୍କୀୟ; ଆରୋଗ୍ୟକାରକ, ଆରୋଗ୍ୟ ଶକ୍ତିଯୁକ୍ତ; କ୍ରି.ବିଂ. medicinally.

**medicine** ବି. ଔଷଧ, ଭେଷଜ, ଚିକିତ୍ସାଶାସ୍ତ୍ର, ସ୍ୱାସ୍ଥ୍ୟତତ୍ତ୍ୱ; take one's medicine ଭର୍ତ୍ସନା ବା ଦଣ୍ଡ ନିମନ୍ତେ ସମ୍ମତ ହେବା।

**medicine man** ବି. ଗୁଣିଆ।

**medico** ବି. *କ.ଭା.* (ବ.ବ. medicos) ଚିକିତ୍ସକ ଅଥବା ଡାକ୍ତରୀଛାତ୍ର।

**mediocre** ବିଂ. ମଧ୍ୟମ ପ୍ରକାର, ମଧ୍ୟ ଭଳିଆ, ଦ୍ୱିତୀୟଶ୍ରେଣୀୟ।

**mediocrity** ବି. ମଧ୍ୟମଧରଣର ବୁଦ୍ଧି ବା ଗୁଣ; ଏହି ଗୁଣ ବିଶିଷ୍ଟ ବ୍ୟକ୍ତି।

**meditate** କ୍ରି. ମନେ ମନେ ଭାବିବା; ବିଚାର କରିବା; ଧ୍ୟାନମଗ୍ନ ହେବା; ଧର୍ମଚିନ୍ତା କରିବା; ବି. meditation, meditator.

**meditative** ବିଂ. ଧ୍ୟାନମଗ୍ନ, ଚିନ୍ତାଶୀଳ; କ୍ରି.ବିଂ. meditatively.

**Mediterranean** 1. ବିଂ. ଭୂମଧ୍ୟସାଗରୀୟ; 2. ବି. ଭୂମଧ୍ୟସାଗର।

**medium** 1. ବି. (ବ.ବ. media, mediums) ମଝିମଝିଆ ଗୁଣ ବା ଅବସ୍ଥା; ମାଧ୍ୟମ, ମାଧ୍ୟମରୂପେ ବ୍ୟବହୃତ ସଂସ୍ଥା ଅର୍ଥାତ୍ ସମ୍ବାଦପତ୍ର, ଆକାଶବାଣୀ, ଦୂରଦର୍ଶନ (mass media) ଆଦି; ବାହକ; ମୃତାତ୍ମା ସହିତ ଯୋଗାଯୋଗ କରୁଥିବା ବ୍ୟକ୍ତି; 2. ବିଂ. ମଧ୍ୟମ, ମଧ୍ୟବର୍ତ୍ତୀ, ମଝିମଝିଆ।

Digitized by srujanika@gmail.com

**medium wave** ବି. (ବେତାର) ମଧ୍ୟବର୍ତ୍ତୀ ତରଙ୍ଗ।

**mediumistic** ବିଂ. କଥିତ ଆଧ୍ୟାତ୍ମିକ ମାଧ୍ୟମ ସମ୍ପର୍କରେ।

**medlar** ବି. ସେଓ ବା ଏପଲ୍ ଜାତୀୟ ଫଳ ବିଶେଷ, ଏହାର ଗଛ।

**medley** ବି. ବିବିଧ ପଦାର୍ଥର ମିଶ୍ରଣ, ମିଶ୍ରିତ ପଦାର୍ଥ; ବିଭିନ୍ନ ଲୋକଙ୍କର ମିଶ୍ରିତ ଦଳ; ବିଭିନ୍ନ ସାଂଗୀତିକ ସ୍ୱରର ମିଶ୍ରଣ।

**medulla** ବି. ମଜ୍ଜା, ହାଡ଼ରସ, ମେରୁଦଣ୍ଡର ସାରାଂଶ, ମସ୍ତିଷ୍କର ପଛଭାଗ; ବିଂ. medullary.

**medusa** ବି. ଜେଲିମାଛ; ଗ୍ରୀକ୍ ପୁରାଣୋକ୍ତ ପିଶାଚୀ ବିଶେଷ।

**meek** ବିଂ. ଧୀର, ବିନୀତ, ନମ୍ର, ନିରୀହ; *କ୍ରି.ବିଂ.* meekly; ବି. meekness.

**meerschaum** ବି. ମାଟିଭଳି ଧଳା ପଦାର୍ଥ; ଏଥିରୁ ପ୍ରସ୍ତୁତ ଟବାକୋ ପାଇପ୍ ବା ଧୂମପାନ ନଳୀ।

**meet**[1.] 1. *କ୍ରି.* ଦେଖା କରିବା, ସାକ୍ଷାତ କରିବା, ଭେଟିବା, ମୁହାମୁହିଁ ହେବା, ସମ୍ମୁଖୀନ ହେବା, ମିଳିତ ହେବା, ଏକତ୍ର ହେବା, ଉତ୍ତରଦ୍ୱାରା ସନ୍ତୁଷ୍ଟ କରିବା, (ଦାବି, ଆପତ୍ତିପ୍ରଭୃତିର) ସାମ୍ନା କରିବା; (ମୃତ୍ୟୁ ବା ଭାଗ୍ୟ ସମ୍ପର୍କରେ) ବରଣ କରିବା; ପ୍ରତିଦ୍ୱନ୍ଦ୍ୱିତା କରିବା; 2. ବି. କ୍ରୀଡ଼ା ପ୍ରତିଯୋଗିତା ପ୍ରଭୃତି ପାଇଁ ସମାବେଶ; ଶିକାରୀ ଓ କୁକୁର ପ୍ରଭୃତିଙ୍କର ଶିକାର ନିମନ୍ତେ ସମାବେଶ; meet the case ପର୍ଯ୍ୟାପ୍ତ ହେବା; meet the eye (ear) ଦୃଶ୍ୟ (ଶ୍ରାବ୍ୟ) ହେବା; more in it than meets the eye ଲୁକ୍କାୟିତ ଗୁଣ ବା ଜଟିଳତା; meet person's eye ଆଖି ମିଳାଇବା; meet a peson half-way ବୁଝାମଣା କରିବା; meet (up) with *କ.ଭା.* ଭେଟିବା, ସମ୍ମୁଖୀନ ହେବା, ଦେଖିବା।

**meet**[2.] ବିଂ. *ପ୍ରା.ପ୍ର.* ଉପଯୁକ୍ତ, ଉପଯୋଗୀ।

**meeting** ବି. ମିଳନ, ସାକ୍ଷାତ, ସଭା, ସମ୍ମେଳନ।

**mega–** ସଂ. ବଡ଼, ନିୟୁତ, ଅତ୍ୟନ୍ତ।

**megabyte** ବି. କମ୍ପ୍ୟୁଟରର ତଥ୍ୟ ଧାରଣ କ୍ଷମତା ବିଶେଷ (୧୦୪୮୫୭୬ ବା ୧,୦୦୦,୦୦ ବାଇଟ୍)।

**megadeath** ବି. ଯୁଦ୍ଧରେ ଅସଂଖ୍ୟ ଲୋକଙ୍କର ମୃତ୍ୟୁ।

**megalith** ବି. ବଡ଼ ପଥର, ବିଶେ. ସ୍ମୃତି ସ୍ତମ୍ଭରୂପେ ବ୍ୟବହୃତ।

**megalomania** ବି. ଆତ୍ମବଡ଼ିମା ଭାବ, ନିଜେ ଖୁବ୍ ବଡ଼ ଏହି ଭ୍ରାନ୍ତଧାରଣା ସଂବଳିତ ମାନସିକ ବିକାର; ବିଂ. megalomaniac.

**megaphone** ବି. ଦୂରଶବ୍ଦବାହୀ କାହାଳୀ ସଦୃଶଯନ୍ତ୍ର, ଚୁଙ୍ଗା।

**megaton** ବି. ଉଚ୍ଚଶକ୍ତି ସମ୍ପନ୍ନ ବୋମା।

**megavolt** ବି. ମେଗାଭୋଲ୍ଟ; ଦଶଲକ୍ଷ ଭୋଲ୍ଟ୍ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଚଳନ ଶକ୍ତି।

**megawatt** ବି. ମେଗାଓ୍ୱାଟ୍; ବିଦ୍ୟୁତ୍‌ଶକ୍ତିର ଏକ ନିୟୁତ ଭୋଲ୍ଟର ପରିମାଣ ବିଶେଷ।

**megohm** ବି. ବିଦ୍ୟୁତ୍ ଶକ୍ତି ପ୍ରତିରୋଧକର ଏକ ନିୟୁତ ଓହ୍ମ୍ ପରିମିତ ଏକକ।

**meiosis** ବି. (ବ.ବ. meioses) ମାଇଓସିସ୍, *ପ୍ରାଣୀ* ନ୍ୟୁକ୍ଲିୟସର ବିଭାଜନ; ପାଶ୍ଚାତ୍ୟ ସାହିତ୍ୟରେ ଅଳଙ୍କାର ବିଶେଷ।

**melamine** ବି. ଏକଜାତୀୟ ପ୍ଲାଷ୍ଟିକ୍।

**melancholia** ବି. ମାନସିକ ବିଷାଦ ଓ ଅହେତୁକ ଭୟ ଲକ୍ଷଣ ଯୁକ୍ତ ମାନସିକ ବିକାର।

**melancholic** ବିଂ. ବିଷଣ୍ଣ, ବିଷାଦ ଗ୍ରସ୍ତ।

**melancholy** 1. ବି. ଚିତ୍ତ ବିଷାଦ, ବିଷଣ୍ଣତା; 2. ବିଂ. ବିଷଣ୍ଣ, ଦୁଃଖ ଦାୟକ।

***melange*** ବି. ବିବିଧ ପଦାର୍ଥର ମିଶ୍ରଣ। *(ଫ.)*

**melanin** ବି. ସୂର୍ଯ୍ୟାଲୋକ ଯୋଗୁଁ କେଶ ବା ଚର୍ମରେ କୃଷ୍ଣବର୍ଣ୍ଣର ବୃଦ୍ଧିର ଉପାଦାନ।

**melee** ବି. ମାଡ଼ପିଟ, ଗଣ୍ଡଗୋଳ, ଦଙ୍ଗା, ହାତାହାତି।

**mellifluous** ବିଂ. ସୁମଧୁର, ଶ୍ରୁତି ମଧୁର; *କ୍ରି.ବିଂ.* mellifluously; ବି. melifluousness.

**mellow** 1. ବିଂ. (ଫଳ ସମ୍ପର୍କରେ) କୋମଳ, ମଧୁର ଓ ରସାଳ; (ଚରିତ୍ର ସମ୍ପର୍କରେ) ବୟସ ଓ ଅଭିଜ୍ଞତାରେ ପରିପକ୍ୱ ବା କୋମଳୀଭୂତ; (ଶବ୍ଦ, ଆଲୋକ ବା ବର୍ଣ୍ଣ ସମ୍ପର୍କରେ) ସରସ, କୋମଳ, ପ୍ରୀତିପ୍ରଦ, ସୁଖପ୍ରଦ, ଉଜ୍ଜ୍ୱଳ; (ମଦ ସମ୍ପର୍କରେ) ସରସ, ପରିପକ୍ୱ; (ମୃତ୍ତିକା ସମ୍ପର୍କରେ) ଉର୍ବର; 2. *କ୍ରି.* କୋମଳ, ମଧୁର ବା ସରସ କରିବା ବା ହେବା।

**melodic** ବିଂ. ସୁସ୍ୱର ବିଶିଷ୍ଟ, ସୁଶ୍ରାବ୍ୟ।

Digitized by srujanika@gmail.com

**melodious** ବିଂ ଶ୍ରୁତିମଧୁର, ସୁଶ୍ରାବ୍ୟ, ଲଳିତ; କ୍ରି.ବିଂ. melodiously; ବି. melodiousness.

**melodrama** ବି. ରୋମାଞ୍ଚକର ଓ ଆବେଗପୂର୍ଣ୍ଣ ନାଟକ; ଅତିନାଟକ; ବିଂ. melodrmatic; କ୍ରି.ବିଂ. melodramatically.

**melody** ବି.ସୁମଧୁର ସଂଗୀତ; ସୁରମାଧୁର୍ଯ୍ୟ।

**melon** ବି. ଫୁଟି, ତରଭୁଜ ଜାତୀୟଫଳ।

**melt** କ୍ରି. ତରଳିବା, ବିଗଳିତ ହେବା; ଦ୍ରବୀଭୂତ ହେବା; ମିଳାଇ ଯିବା; ଲୀନ ହେବା; (ବ୍ୟକ୍ତି ବା ଭାବ ସମ୍ପର୍କରେ) ଦୟାଳୁ ହେବା, ନରମ ହେବା; melt down ତରଳି ଯିବା।

**melting–point** ବି. ଦ୍ରବଣାଙ୍କ।

**melting–pot** ବି. ଧାତୁ ତରଳାଇବା ପାତ୍ର; ଜାତି, ତତ୍ତ୍ୱ ପ୍ରଭୃତିର ମିଳନ ସ୍ଥଳ।

**member** ବି. ସଭ୍ୟ, ସଦସ୍ୟ (ଦଳ, ଗୋଷ୍ଠୀ, ସଂଗଠନ, ସମାଜ ପ୍ରଭୃତିର); ବ୍ୟବସ୍ଥାପକ ସଭାର ନିର୍ବାଚିତ ସଦସ୍ୟ; ଅଂଶ; ଶରୀରର ଅଙ୍ଗ ପ୍ରତ୍ୟଙ୍ଗ।

**membership** ବି. ସଦସ୍ୟତା, ସଭ୍ୟପଦ, ସଭ୍ୟତ୍ୱ।

**membrane** ବି. (ପ୍ରାଣୀ ବା ଉଦ୍ଭିଦ ଶରୀର ଅଭ୍ୟନ୍ତରରେ ଥିବା) ଏକପ୍ରକାର ନମନୀୟ ସୂକ୍ଷ୍ମ ପରଦା, ଝିଲ୍ଲୀ, କୋଷାବରଣ।

**membranous** ବିଂ. ଝିଲ୍ଲୀମୟ, ଝିଲ୍ଲୀ ସଦୃଶ।

**memento** ବି. ସ୍ମାରକୀ, ସ୍ମୃତି ଉଦ୍ରେକକାରୀ ବସ୍ତୁ।

**memo** ବି. କ.ଭା. ସ୍ମାରକପତ୍ର; ଜ୍ଞାପକ।

**memoir** ବି. ଆତ୍ମସ୍ମୃତି, ଅତୀତ ଘଟଣାର ବିବରଣୀ; ବିଶେଷ ରଚନା।

**memorabilia** ବି. ସ୍ମରଣୀୟ ବା ଉଲ୍ଲେଖଯୋଗ୍ୟ ଘଟଣାର ସ୍ମାରକୀ।

**memorable** ବିଂ ସ୍ମରଣୀୟ, ସ୍ମରଣ ଯୋଗ୍ୟ, ସହଜରେ ସ୍ମରଣଯୋଗ୍ୟ; କ୍ରି.ବିଂ. memorably.

**memorandum** ବି. (ଭବିଷ୍ୟଦ୍ ବ୍ୟବହାର ପାଇଁ) ଜ୍ଞାପକ ପତ୍ର ବା ଲିପି; ସ୍ମାରକପତ୍ର; ଘଟଣାର ଲିଖିତ ବିବରଣୀ।

**memorial** 1. ବି. କୌଣସି ବ୍ୟକ୍ତି ବା ଘଟଣାର ସ୍ମାରକୀ ରୂପେ ପ୍ରତିଷ୍ଠିତ ବସ୍ତୁ, ପ୍ରତିଷ୍ଠାନ ବା ରୀତି; ସ୍ମୃତିପୀଠ; 2. ବିଂ. ସ୍ମୃତି ଉଦ୍ରେକକାରୀ; ସ୍ମୃତି ସମ୍ବନ୍ଧୀୟ।

**memorize** କ୍ରି. ମୁଖସ୍ଥ କରିବା; ମନେରଖିବା, କଣ୍ଠସ୍ଥ କରିବା।

**memory** ବି. ସ୍ମୃତିଶକ୍ତି, ଧାରଣ ଶକ୍ତି, ମନେରଖିବା ଶକ୍ତି, ମାନସିକ ପ୍ରଚେଷ୍ଟାବଳରେ ନିଜର ଜ୍ଞାନ ଫେରାଇ ଆଣିବା ବା ମନେରଖିବା କାର୍ଯ୍ୟ; ବ୍ୟକ୍ତି ବା ବସ୍ତୁର ସ୍ମରଣ; ମୃତ୍ୟୁ–ପରବର୍ତ୍ତୀ ସମ୍ମାନ; from memory ସ୍ମୃତିରୁ, ମନରୁ; in memory of ସ୍ମୃତିରେ ରଖିବା ପାଇଁ, କାହାର ସ୍ମରଣରେ।

**memsahib** ବି. ଇତି. ମେମ୍ ସାହେବ୍, ୟୁରୋପୀୟ ବିବାହିତା ମହିଳାଙ୍କ ନିମନ୍ତେ ଭାରତୀୟମାନଙ୍କଦ୍ୱାରା ପ୍ରଯୁକ୍ତ- ଶବ୍ଦ ବା ସମ୍ବୋଧନ।

**men** ବି. manର ବ.ବ.।

**menace** 1. ବି. ଭୟ, ଭୟପ୍ରଦର୍ଶନ, ବିପଦ୍‌ଜନକ ବା ଅପ୍ରୀତିକର ବ୍ୟକ୍ତି; 2. କ୍ରି. ଭୟ ଦେଖାଇବା।

**menage** ବି. ଗୃହବ୍ୟବସ୍ଥା, ଘରୋଇ ବ୍ୟବସ୍ଥା।

***menage a trois*** ବି. ସ୍ୱାମୀ ସ୍ତ୍ରୀ ଓ ଏମାନଙ୍କ ମଧ୍ୟରୁ କାହାରି ଜଣଙ୍କର ପ୍ରେମୀକୁ ନେଇ ଗଠିତ ପରିବାର। *(ଫ.)*

**menagerie** ବି. କ୍ଷୁଦ୍ର ଚିଡ଼ିଆଖାନା; ପ୍ରଦର୍ଶନୀ ଉଦ୍ଦେଶ୍ୟରେ ବନ୍ୟ ପଶୁମାନଙ୍କର ସଂଗ୍ରହ।

**mend** 1. କ୍ରି. ଭଲ ଅବସ୍ଥାକୁ ଆଣିବା; ରଫୁ କରିବା; ମରାମତି କରିବା; ସ୍ୱାସ୍ଥ୍ୟଲାଭ କରିବା; ଉନ୍ନତି ବିଧାନ କରିବା; 2. ବି. ରଫୁ, ମରାମତି; mend one's fences ବ୍ୟକ୍ତିଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରିବା; mend one's ways ଆପଣାକୁ ଭଲ ବାଟକୁ ନେବା; on the mend ସ୍ୱାସ୍ଥ୍ୟ ବା ଅବସ୍ଥାରେ ଉନ୍ନତି କରୁଥିବା।

**mendacious** ବିଂ. ମିଥ୍ୟାବାଦୀ।

**mendacity** ବି. ମିଥ୍ୟାବାଦିତା।

**mendelevium** ବି. କୃତ୍ରିମ ଉପାୟରେ ଉତ୍ପାଦିତ ତେଜସ୍କ୍ରିୟ ମୌଳିକ ଉପାଦନ ବିଶେଷ (ୟୁରାନିୟମଠାରୁ ଅଧିକ ଅଣୁ ବିଶିଷ୍ଟ)।

**Mendelian** ବିଂ. ବୈ. ମେଣ୍ଡେଲଙ୍କ ବଂଶାନୁଗୁଣ ତତ୍ତ୍ୱ ସମ୍ବନ୍ଧୀୟ।

**mendicant** 1. ବିଂ. ଭିକ୍ଷୁକ, ଭିକ୍ଷାଜୀବୀ ସନ୍ନ୍ୟାସୀ; 2. ବିଂ. ଭିକ୍ଷାଜୀବୀ।

**menfolk** ବି. ପୁରୁଷ ସଂପ୍ରଦାୟ, ପରିବାରର ପୁରୁଷ ସଭ୍ୟ।

**menhir** ବି. ପ୍ରାଗୈତିହାସିକ ସଳଖ ଉଚ୍ଚ ପଥର।

Digitized by srujanika@gmail.com

**menial** 1. ବିଂ (କାର୍ଯ୍ୟ ବା ସେବା ସମ୍ବନ୍ଧରେ) ନୀଚ, ହୀନ, ଛୋଟ; ଭୃତ୍ୟ ସମ୍ବନ୍ଧୀୟ; 2. ବି. ଘରୋଇ ଚାକର, ନୀଚ ଶ୍ରେଣୀର ଚାକର।
**menially** କ୍ରି.ବିଂ. ଚାକର ଭାବରେ।
**meninges** ବି. ବ.ବ. ମେରୁଦଣ୍ଡ ଏବଂ ମସ୍ତିଷ୍କ ଆବୃତକାରୀ ଝିଲ୍ଲୀ।
**meningitis** ବି. ମସ୍ତିଷ୍କ ଝିଲ୍ଲୀର ଭୂତାଣୁଜନିତ ପ୍ରଦାହ।
**meniscus** ବି. (ବ.ବ. menisci) ତରଳ ପଦାର୍ଥର ତରଙ୍ଗାୟିତ ଉପରଅଂଶ; ଗୋଟିଏ ପଟେ ଉତ୍ତଳ ତଥା ଅପର ପଟେ ଅବତଳ ଥିବା ଯବକାଚ।
**menopause** ବି. ରଜଃସ୍ରାବ ବନ୍ଦହୋଇ ଯିବା ଅବସ୍ଥା, ସ୍ତ୍ରୀ ଲୋକଙ୍କର ଏହି ଅବସ୍ଥା।
**menorah** ବି. ଇହୁଦୀମାନଙ୍କ ପୂଜାରେ ବ୍ୟବହୃତ ସପ୍ତଶାଖା ବିଶିଷ୍ଟ ଦୀପ।
**menses** ବି. ବ.ବ. ମାସିକ ରଜଃସ୍ରାବ।
**menstrual** ବି. ମାସିକ ରଜଃସ୍ରାବ ସମ୍ବନ୍ଧୀୟ।
**menstruate** କ୍ରି. (ସ୍ତ୍ରୀମାନଙ୍କର) ଋତୁମତୀ ହେବା, ମାସିକ ରଜଃସ୍ରାବହେବା; ବି. menstruation.
**mensurable** ବିଂ. ପରିମେୟ, ମାପଯୋଗ୍ୟ, ନିର୍ଦ୍ଦିଷ୍ଟ ସୀମା ବିଶିଷ୍ଟ।
**mensuration** ବି. *ଗଣିତ* ପରିମାପକରଣ, ପରିମିତି ବା ପରିମିତି ଶାସ୍ତ୍ର।
**menswear** ବି. ପୁରୁଷ ପୋଷାକ।
**–ment** *ପ.ପ୍ର.* ବିଶେଷ୍ୟପଦ ଗଠନ ନିମନ୍ତେ ବ୍ୟବହୃତ ପ୍ରତ୍ୟୟ (*ଉଦା.* treatment, management).
**mental** ବିଂ. ମାନସିକ, ମନ ସମ୍ବନ୍ଧୀୟ ମାନସକୃତ; କ୍ରି.ବିଂ. mentally.
**mental age** ବି. ହାରାହାରି ବୟସ ଅନୁଯାୟୀ ଶିଶୁର ମାନସିକ ବିକାଶର ଅବସ୍ଥା।
**mental deficiency** ବି. ଅପୂର୍ଣ୍ଣ ମାନସିକ ବିକାଶ।
**mentality** ବି. ମନୋଭାବ, ମାନସିକତା, ମନୋବୃତ୍ତି।
**mental patient** ବି. ମାନସିକ ରୋଗୀ।
**menthol** ବି. ପିପରମିଣ୍ଟ ତେଲରୁ ସଂଗୃହୀତ କର୍ପୂର ସଦୃଶ ସୁବାସିତ ପଦାର୍ଥ, ମେନ୍ଥଲ।
**mentholated** ବିଂ. ମେନ୍ଥଲ୍‌ଯୁକ୍ତ।
**mention** 1. କ୍ରି. ଉଲ୍ଲେଖ କରିବା; ସୂଚନା ଦେବା; ନାଁ ଧରିବା; 2. ବି. ଉଲ୍ଲେଖ, ସୂଚନା, not to mention ଆହୁରି ମଧ୍ୟ, ତଦୁପରି।
**mentor** ବି. ବିଶ୍ୱସ୍ତ ଓ ଅଭିଜ୍ଞ ଉପଦେଷ୍ଟା।
**menu** ବି. ହୋଟେଲ ପ୍ରଭୃତିରେ ପରିବେଷିତ ଖାଦ୍ୟ ତାଲିକା; ପର୍ଦ୍ଦାରେ ପରିଦୃଶ୍ୟ କମ୍ପ୍ୟୁଟରର ବୈକଳ୍ପିକ ସୂଚନା ସମୂହ।
**MEP** *ସଂକ୍ଷି.* Member of the European Parliament ୟୁରୋପୀୟ ପାର୍ଲିଆମେଣ୍ଟର ସଭ୍ୟ।
**mephistophelean** ବିଂ. ମେଫିଷ୍ଟୋଫେଲିସ୍ ନାମକ ସଇତାନ୍ (ଜର୍ମାନ କିଂବଦନ୍ତୀରେ ଫାଉଷ୍ଟ ଏହି ସଇତାନଙ୍କୁ ଆତ୍ମବିକ୍ରୟ କରିଥିଲେ) ସମ୍ବନ୍ଧିତ; ଉକ୍ତ ସଇତାନ୍‌ଭଳି; ସଇତାନୀ।
**mercantile** ବିଂ. ବାଣିଜ୍ୟ ବ୍ୟବସାୟ ସଂକ୍ରାନ୍ତୀୟ।
**mercantile marine** ବି. ନୌବାଣିଜ୍ୟରେ ଲିପ୍ତ ପୋତ ସମୂହ।
**mercenary** 1. ବିଂ. ଅର୍ଥ ଓ ପୁରସ୍କାର ଲୋଭରେ କାର୍ଯ୍ୟ କରୁଥିବା, ଧନ ପ୍ରତ୍ୟାଶୀ, ଭଡ଼ାଟିଆ; 2. ବି. ଭଡ଼ାଟିଆ ସୈନିକ; କ୍ରି.ବିଂ. mercenarily; ବି. mercenariness.
**mercer** ବି. ବସ୍ତ୍ର ବ୍ୟବସାୟୀ।
**mercerize** କ୍ରି. କାର୍ପାସ୍ ବସ୍ତ୍ରକୁ କୃତ୍ରିମ ଉପାୟରେ ଶକ୍ତ ଓ ଚକ୍‌ଚକ୍ କରିବା।
**merchandise** 1. ବି. ପଣ୍ୟ, ପଣ୍ୟଦ୍ରବ୍ୟ, ବାଣିଜ୍ୟିକ ପଦାର୍ଥ, ବିକ୍ରୀପାଇଁ ରଖାଯାଇଥିବା ପଦାର୍ଥ; 2. କ୍ରି. ପଣ୍ୟଦ୍ରବ୍ୟ ବିକ୍ରୀପାଇଁ ବ୍ୟବସ୍ଥା କରିବା; ବିଜ୍ଞାପିତ କରିବା।
**merchant** ବି. ବଣିକ, ସୌଦାଗର, (ବିଦେଶ ସହିତ କାରବାର କରୁଥିବା) ବଡ଼ ବ୍ୟବସାୟୀ; ବେପାରୀ।
**merchantable** ବିଂ. ବିକ୍ରୟଯୋଗ୍ୟ; ବିକ୍ରୀ ଉପଯୋଗୀ।
**merchant bank** ବି. ବ୍ୟବସାୟ ନିମନ୍ତେ ଋଣ ଦେବା କାରବାର କରୁଥିବା ବେଙ୍କ୍।
**merchantman** ବି. ପଣ୍ୟବାହୀ ଜାହାଜ।
**merchant navy** ବି. ରାଷ୍ଟ୍ରର ବାଣିଜ୍ୟ ନୌସେନା; ବାଣିଜ୍ୟ ଜାହାଜ।
**merchant prince** ବି. ଧନୀ ବଣିକ।
**merchant ship** ବି. ପଣ୍ୟବାହୀ ଜାହାଜ।

Digitized by srujanika@gmail.com

**merciful** ବିଂ. ଦୟାଳୁ, ଦୟାପରାୟଣ, କୃପାଳୁ, କ୍ଷମାଶୀଳ ।

**mercifully** *କ୍ରି.ବିଂ.* ଦୟାଳୁଭାବରେ ।

**merciless** ବିଂ. ନିର୍ଦ୍ଦୟ, ନିଷ୍ଠୁର, ନିର୍ମମ, କଠୋର; *କ୍ରି.ବିଂ.* mercilessly.

**mercurial** ବିଂ. (ବ୍ୟକ୍ତି ସମ୍ପର୍କରେ) ଅସ୍ଥିର, ଚଞ୍ଚଳ, ଉପସ୍ଥିତ ବୁଦ୍ଧି ସମ୍ପନ୍ନ; ପାରଦସମ୍ବନ୍ଧୀୟ ବା ପାରଦଯୁକ୍ତ ।

**mercury** ବି. ପାରଦ, ପାରା; Mercury ବୁଧ ଗ୍ରହ; ବିଂ. mercuric.

**mercurous** ବିଂ. ପାରଦ ଘଟିତ (ଅକ୍ସାଇଡ଼୍) ।

**mercy** ବି. କରୁଣା, ଦୟା, କ୍ଷମା, କ୍ଷମାଶୀଳତା, ଦଣ୍ଡରୁ ଅବ୍ୟାହତି; at the mercy of ଦୟାରେ; ଅଧୀନରେ, ଦାୟିତ୍ୱରେ, ଅକ୍ତିଆରରେ ।

**mercy killing** ବି. ପୀଡ଼ିତ ବ୍ୟକ୍ତିର ଅନୁକମ୍ପା ମୂଳକ ହତ୍ୟା ।

**mere**[1.] ବିଂ. ମାତ୍ର, କେବଳ, ବିଶୁଦ୍ଧ ।

**mere**[2.] ବିଂ. *କାବ୍ୟ., ଉପ.* ହ୍ରଦ, ଜଳାଶୟ ।

**merely** *କ୍ରି.ବିଂ.* କେବଳ, ମାତ୍ର ।

**meretricious** ବିଂ. ଆପାତ ସୁନ୍ଦର, ବାହ୍ୟତଃ ଲୋଭନୀୟ, କୃତ୍ରିମ ଭାବରେ ଆକର୍ଷଣୀୟ ।

**merge** *କ୍ରି.* ମିଶିଯିବା, ମିଶାଇଦେବା; ହରାଇଦେବା ।

**merger** ବି. ମିଶ୍ରଣ, ଦୁଇ ବା ତତୋଽଧିକ ବାଣିଜ୍ୟିକ ସଂସ୍ଥାର ଏକୀକରଣ ।

**meridian** ବି. ମୂଳ ମଧ୍ୟାହ୍ନ ରେଖା, ପ୍ରଧାନ ମଧ୍ୟରେଖା, ମାନଚିତ୍ରରେ ତନ୍ନିରୂପକ ରେଖା; *ଲାକ୍ଷ.* (ଯଶ ବା ଐଶ୍ୱର୍ଯ୍ୟର) ଚରମ ସୀମା ।

**meridional** ବିଂ. ୟୁରୋପର ଦକ୍ଷିଣ ଦିଗସ୍ଥ; ଏହି ଅଞ୍ଚଳର ଅଧିବାସୀ ସମ୍ବନ୍ଧୀୟ, ମଧ ରେଖା ସମ୍ବନ୍ଧୀୟ ।

**meringue** ବି. ଚିନି ଓ ଅଣ୍ଡାର ଧଳା ଅଂଶରେ ପ୍ରସ୍ତୁତ ଏକପ୍ରକାର ମିଷ୍ଟାନ୍ନ ।

**merino** ବି. (ବ.ବ. merinos) ଉତ୍କୃଷ୍ଟ ଲୋମଯୁକ୍ତ ଏକଜାତୀୟ ମେଷ; ତାହାର ଲୋମରେ ପ୍ରସ୍ତୁତ ବସ୍ତ୍ର ।

**merit** 1. ବି. ଯୋଗ୍ୟତା, ଗୁଣ, ମୂଲ୍ୟ, ଉତ୍କୃଷ୍ଟତା, ପ୍ରଶଂସନୀୟ ଗୁଣ, ପୁରସ୍କାର ପାଇବାର ବିଶେଷତ୍ୱ; 2. *କ୍ରି.* ଦଣ୍ଡ ବା ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ହେବା, ହକ୍‌ଦାର ହେବା ।

**meritocracy** ବି. ଯୋଗ୍ୟତା ଭିତ୍ତିରେ ବଛାଯାଇଥିବା ଲୋକମାନଙ୍କଦ୍ୱାରା ଶାସନ ।

**meritorious** ବିଂ. ପ୍ରଶଂସନୀୟ, ଗୁଣସମ୍ପନ୍ନ ।

**merlin** ବି. ଏକପ୍ରକାରର ଛୋଟ ବାଜପକ୍ଷୀ ।

**mermaid** ବି. ମତ୍ସ୍ୟକନ୍ୟା, ମତ୍ସ୍ୟସଦୃଶ ଅଧୋଙ୍ଗ ବିଶିଷ୍ଟ କାଳ୍ପନିକ ରମଣୀ; ଜଳପରୀ ।

**merry** ବିଂ. ଆନନ୍ଦିତ, ଉଲ୍ଲସିତ, ପ୍ରଫୁଲ୍ଲ, ହୃଷ୍ଟ; ଆନନ୍ଦ ଓ କୌତୁକପୂର୍ଣ୍ଣ; make merry ଆନନ୍ଦ ଉତ୍ସବ କରିବା; *କ୍ରି.ବିଂ.* merrily; ବି. merriment.

**merry-go-round** ବି. ଚକ୍ରଦୋଳ, ନାଗର ଦୋଳ ।

**merry-making** ବି. ଆନନ୍ଦ ଉତ୍ସବ, ଆମୋଦ ପ୍ରମୋଦ ।

**mesa** ବି. *ଆମେ.* ଢାଲୁ ପାର୍ଶ୍ୱ ବିଶିଷ୍ଟ ଉଚ୍ଚଭୂମି ।

***mesalliance*** ବି. ନିମ୍ନ ଶ୍ରେଣୀୟ ବ୍ୟକ୍ତି ସହ ବିବାହ । *(ଫ.)*

**mescal** ବିଂ. ନାଗଫେଣୀ, କାକ୍‌ଟସ୍ ବିଶେଷ; mescal buttons ଏହାର ଶୁଖିଲା, ବୋତାମସଦୃଶ ଅଗ୍ରଭାଗ ।

**Mesdames** ବି. madame ଏବଂ Mrsର ବ.ବ. ।

**Mesdemoiselles** ବି. mademoiselleର ବ.ବ. ।

**mesh** 1. ବି. ଜାଲ ଓ ଚାଲୁଣି ପ୍ରଭୃତିର ଫାଙ୍କ, ଜାଲି; ଜାଲ; 2. *କ୍ରି.* ଜାଲରେ ଧରିବା, ଫାନ୍ଦରେ ପକାଇବା; in mesh(ଚକର ଦାନ୍ତ ସମ୍ପର୍କରେ) ଚାଲୁଥିବା ।

**mesmerism** ବି. ସମ୍ମୋହନ, ବଶୀକରଣ (Mesmer ନାମକ ସମ୍ମୋହନକାରୀ ଚିକିତ୍ସକଙ୍କ ନାମାନୁସାରେ) ।

**mesmerize** *କ୍ରି.* ସମ୍ମୋହିତ ବା ବଶୀଭୂତ କରିବା ।

**mesolithic** ବିଂ. ପୁରାତନ ଓ ନୂତନ ପ୍ରସ୍ତର ଯୁଗର ମଧ୍ୟବର୍ତ୍ତୀକାଳୀନ ।

**mesomorph** ବି. ପେଶୀବହୁଳ, ହୃଷ୍ଟପୁଷ୍ଟ ବ୍ୟକ୍ତି ।

**meson** ବି. *ପଦାର୍ଥ* ମେସନ୍, ପ୍ରୋଟନ ଓ ଇଲେକଟ୍ରନର ମଧ୍ୟବର୍ତ୍ତୀ ଗୁରୁତ୍ୱ ବିଶିଷ୍ଟ, ଅସ୍ଥିର ମୌଳିକ କଣିକା ।

**mesozoic** ବିଂ. ଭୂ ଦ୍ୱିତୀୟ ଭୂତାତ୍ତ୍ୱିକ କାଳ ସମ୍ବନ୍ଧୀୟ ।

Digitized by srujanika@gmail.com

**mess** 1. ବି. ବିଶୃଙ୍ଖଳ ଅବସ୍ଥା; ବିଭ୍ରାଟ; ଅସୁବିଧାଜନକ ଅବସ୍ଥା; ଗୃହପାଳିତ ପଶୁର ମଳ; ବିଚ୍ଛୁରିତାଂଶ; ନିୟମିତ ଭାବେ ଏକତ୍ର ଭୋଜନକାରୀ ବ୍ୟକ୍ତିଗଣ, ଯେଉଁ କକ୍ଷରେ ଏହିଭଳି ଭୋଜନ କରାଯାଏ, ମେସ୍; 2. କ୍ରି. ଅପରିଷ୍କାର ବା ବିଶୃଙ୍ଖଳ କରିବା; ଏକତ୍ର ଭୋଜନ କରିବା; ଗୋଳମାଳ କରିବା; *କ.ଭା.* ହଗିବା; make a mess of (କୌଣସି କାର୍ଯ୍ୟକୁ) ଗୋଳମାଳିଆ ବା ବିଶୃଙ୍ଖଳ କରିଦେବା।

**message** ବି. ସମ୍ବାଦ, ବାର୍ତ୍ତା, ସରକାରୀ ଆଦେଶ (ସମ୍ବାଦବାହକ ଦ୍ୱାରା ପ୍ରଦତ୍ତ); କବି ବା ମହାପୁରୁଷଙ୍କ ବାଣୀ, ସନ୍ଦେଶ; get the message *କ.ଭା.* ବୁଝିପାରିବା।

**messenger** ବି. ବାର୍ତ୍ତାବହ, ସମ୍ବାଦ ବାହକ।

**Messiah** ବି. ଇହୁଦୀମାନଙ୍କର ତ୍ରାଣକର୍ତ୍ତା; ଯୀଶୁଖ୍ରୀଷ୍ଟ; ଉପାତ୍ତିତମାନଙ୍କର ମସୀହା ବା ମୁକ୍ତିଦାତା, ତ୍ରାଣକର୍ତ୍ତା।

**Messianic** ବିଂ. ମସୀହାଙ୍କ ସମ୍ବନ୍ଧୀୟ କିମ୍ବା ତାଙ୍କଠାରେ ଆଶା ଓ ବିଶ୍ୱାସରେ ଅନୁପ୍ରାଣିତ।

**Messieurs** ବି. (Monsieurର ବ.ବ.) ମହାଶୟଗଣ, ଭଦ୍ରମହୋଦୟଗଣ।

**mess-jacket** ବି. ମେସ୍‌ଘରେ ପିନ୍ଧିବାପାଇଁ ଏକଜାତୀୟ ଛୋଟ ଜେକେଟ୍।

**mess kit** ବି. ସୈନ୍ୟମାନଙ୍କର ଭକ୍ଷ୍ୟ ବାସନ।

**Messrs** ବି. (Mrର ବ.ବ.) ବ୍ୟବସାୟୀ ପ୍ରତିଷ୍ଠାନ ବା ଭଦ୍ରବ୍ୟକ୍ତିମାନଙ୍କର ତାଲିକାରେ ନାମ ପୂର୍ବରୁ ବ୍ୟବହୃତ ଉପାଧି।

**messuage** ବି. *ଆଇନ୍* ଘରବାଡ଼ି; ବାହାର ଘର ଓ ଜମି ସଂଲଗ୍ନ ବାସଗୃହ।

**messy** ବିଂ. ବିଶୃଙ୍ଖଳ, ଅପରିଚ୍ଛନ୍ନ, ହଇରାଣିଆ, କଷ୍ଟସାଧ; କ୍ରି.ବିଂ. messily; ବି. messiness.

**met**[1.] ବିଂ. *କ.ଭା.* meteorological ପାଣିପାଗ ସମ୍ବନ୍ଧୀୟ; metropolitan ମହାନଗର ସମ୍ବନ୍ଧୀୟ; the Met ପାଣିପାଗ କାର୍ଯ୍ୟାଳୟ, ନଗରର ଅପେରା ଗୃହ (ନିଉୟର୍କ)।

**met**[2.] meetର *ଅ.କା.*, *ଅ.କ୍ରି.କ.ପ.*।

**meta-** ସଂ. ସ୍ଥାନ ବା ସ୍ଥିତି ବା ତାହାର ପରିବର୍ତ୍ତନ ସୂଚକ *ପୂ.ପ୍ର.*।

**metabolism** ବି. *ପ୍ରାଣୀ* ଶରୀରରେ ପୁଷ୍ଟି ସାଧକ ଉପାଦାନର ରାସାୟନିକ ପରିବର୍ତ୍ତନ; ବିପାକ କ୍ରିୟା; ବିଂ. metabolic.

**metabolize** କ୍ରି. ପୁଷ୍ଟିସାଧକ ଉପାଦାନ ଶରୀରରେ ରାସାୟନିକ ପରିବର୍ତ୍ତନ ଘଟାଇବା।

**metacarpus** ବି. (ବ.ବ. metacarpi) ମଣିବନ୍ଧଠାରୁ ଅଙ୍ଗୁଷ୍ଠି ମୂଳପର୍ଯ୍ୟନ୍ତ ହାତର ଅଂଶ, ଏଥିର ଅସ୍ଥି; ବିଂ. metacarpal.

**metal** 1. ବି. (ସୁନା, ରୂପା, ଲୁହା ଆଦି) ଧାତୁ; ରାସ୍ତା ତିଆରିରେ ବ୍ୟବହୃତ ଭଙ୍ଗାପଥର; ବ.ବ. (ରେଳ ରାସ୍ତାର) ଲୌହ ଧାରଣା; 2. ବିଂ. ଧାତୁତିଆରି; 3. କ୍ରି. ଭଙ୍ଗାପଥର–ଦ୍ୱାରା ସଡ଼କ ତିଆରି କରିବା।

**metalize** କ୍ରି. *ଆମେ.* metallize *ଦ୍ର.*।

**metallic** ବିଂ. ଧାତବ, ଧାତୁମୟ, ଧାତୁପରି ଠଣ୍‌ଠଣ୍ ବାଜିବା; ଚକ୍‌ଚକ୍; କ୍ରି.ବିଂ. metallically.

**metalliferous** ବିଂ ଧାତୁଧର, ଧାତୁ ଘଟିତ (ପ୍ରସ୍ତରାଦି)।

**metallize** କ୍ରି. ଧାତୁରେ ପରିଣତ କରିବା, ଧାତୁର ପତଳା ପଟୁ ଚଢ଼ାଇବା।

**metallography** ବି. ଧାତୁ ବର୍ଣ୍ଣନା ବିଜ୍ଞାନ।

**metallurgical** ବିଂ. ଧାତୁ ବିଦ୍ୟା ସମ୍ବନ୍ଧୀୟ।

**metallurgy** ବି. ଧାତୁ ନିଷ୍କାସନ ବିଜ୍ଞାନ, ଧାତୁ ପରିଶୁଦ୍ଧ କରିବା ବିଦ୍ୟା, ଧାତୁକର୍ମ; ବିଂ. metallurgic; ବି. metallurgist.

**metamorphic** ବିଂ. ରୂପାନ୍ତରିତ, ପରିବର୍ତ୍ତିତ, ପରିବର୍ତ୍ତନଶୀଳ।

**metamorphism** ବି. ରୂପାନ୍ତରୀକରଣ।

**metamorphose** କ୍ରି. ରୂପାନ୍ତର କରିବା; ପରିବର୍ତ୍ତିତ କରିବା; ଆକୃତି ଓ ପ୍ରକୃତି ବଦଳାଇଦେବା।

**metamorphosis** ବି. (ବ.ବ metamorphoses) ରୂପାନ୍ତର, ଆକାର ବା ଗଠନର ପରିବର୍ତ୍ତନ, ଚରିତ୍ର ଓ ଅବସ୍ଥାର ପରିବର୍ତ୍ତନ; (ଯାଦୁବିଦ୍ୟା ଦ୍ୱାରା) ପରିବର୍ତ୍ତନ।

**metaphor** ବି. ରୂପକ ଅଳଙ୍କାର; ଉପମା; ବିଂ. metaphoric, metaphorical; କ୍ରି.ବିଂ. metaphorically.

**metaphysical** ବିଂ. ଆଧ୍ୟାତ୍ମିକ; ଆଧିଭୌତିକ; *କ.ଭା.* ଅତ୍ୟନ୍ତ ଗୂଢ଼ ଓ ତାତ୍ତ୍ୱିକ; ଚିତ୍ରକଳ୍ପ

Digitized by srujanika@gmail.com

ବ୍ୟବହାରରେ ଜଟିଳ ( ବିଶେ. ସପ୍ତଦଶ ଶତାବ୍ଦୀର ଇଂରାଜୀ କବିତାବଳି)।

**metaphysics** ବି. *ଧର୍ମ* ଅଧ୍ୟାତ୍ମ ବିଦ୍ୟା ଓ ତତ୍ତ୍ୱଜ୍ଞାନମୂଳକ ଶାସ୍ତ୍ର; ଦ. ତତ୍ତ୍ୱ ମୀମାଂସା।

**metastasis** ବି. ଶରୀରର ଏକ ଅଂଶରୁ ଅନ୍ୟ ଅଂଶକୁ ରୋଗ ପ୍ରଭୃତିର ସଂକ୍ରମଣ।

**metatarsus** ବି. ବଳାଗଣ୍ଠି ଓ ଗୋଡ଼ଆଙ୍ଗୁଠି ଗୁଡିକର ମଧ୍ୟସ୍ଥିତ ପାଦର ଅଂଶ, ଉକ୍ତ ସ୍ଥାନର ଅସ୍ଥିପୁଞ୍ଜ; ବିଂ. metatarsal.

**mete** *କ୍ରି. ସାହି.* (ଯଥାଯୋଗ୍ୟ ଦଣ୍ଡ ବା ପୁରସ୍କାର) ବ୍ୟବସ୍ଥା କରିବା, ପରିମାଣ ନିର୍ଣ୍ଣୟ କରିବା।

**meteor** ବି. ଉଲ୍କା, ଉଲ୍କା ପିଣ୍ଡ।

**meteoric** ବିଂ. ଉଲ୍କାସଦୃଶ, ଉଲ୍କା ସମ୍ବନ୍ଧୀୟ; ଉଜ୍ଜ୍ୱଳ, କ୍ଷିପ୍ର ଓ କ୍ଷଣସ୍ଥାୟୀ; *କ୍ରି.ବିଂ.* meteorically.

**meteorite** ବି. ଭୂପୃଷ୍ଠରେ ପତିତ ଉଲ୍କା; ଆକାଶରୁ ଖସି ଭୂପୃଷ୍ଠରେ ପଡ଼ିଥିବା ଧାତୁ ବା ପଥରର ଅଂଶ।

**meteoroid** ବି. ପୃଥିବୀର ବାୟୁମଣ୍ଡଳର ପରିଦୃଶ୍ୟମାନ ଉଲ୍କା ପ୍ରଭୃତି।

**Meteorological** ବିଂ. ପାଣିପାଗ ସମ୍ବନ୍ଧୀୟ।

**Meteorological Office** ବି. ପାଣିପାଗର ସୂଚନା ଦେଉଥିବା ସରକାରୀ କାର୍ଯ୍ୟାଳୟ।

**meteorology** ବି. ପାଗବିଜ୍ଞାନ; ବି. meteorologist.

**meter**[1] 1. ବି. ପରିମାପକ ଯନ୍ତ୍ର (ଗ୍ୟାସ, ତରଳପଦାର୍ଥ, ବିଦ୍ୟୁତ୍ ପ୍ରଭୃତି ମାପିବା ପାଇଁ); ମିଟର; 2. *କ୍ରି.* ଏହାଦ୍ୱାରା ମାପିବା।

**meter**[2] *ଆମେ.* metreର ବିକଳ୍ପ।

**–meter** *ପ.ପ୍ର.* ସ୍ୱୟଂଚାଳିତ ପରିମାପକ ଯନ୍ତ୍ରକୁ ସୂଚାଉଥିବା ପ୍ରତ୍ୟୟ ଉଦା; thermometer, voltmeter; ନିର୍ଦ୍ଦିଷ୍ଟ ସଂଖ୍ୟକ ପାଦଥିବା କବିତାଂଶ, *ଉଦା.* pentameter.

**methane** ବି. ଦାହ୍ୟ ହାଇଡ୍ରୋକାର୍ବନ୍ ଗ୍ୟାସ୍, ମିଥେନ୍।

**methinks** *କ୍ରି.* (*ଅ.କା.* methought) *ପ୍ରା.ପ୍ର.* ମୋର ମନେହୁଏ; ମୋତେ ବୋଧହେଉଛି।

**method** ବି. ପଦ୍ଧତି, କାର୍ଯ୍ୟପ୍ରଣାଳୀ, ରୀତି, ଧାରା, ଶୃଙ୍ଖଳା, ନିୟମିତ ଅଭ୍ୟାସ।

**methodical** ବିଂ. ସୁସଜ୍ଜିତ, ସୁବିନ୍ୟସ୍ତ, ଶୃଙ୍ଖଳିତ; ନିୟମିତ ଭାବେ କାର୍ଯ୍ୟକାରୀ; *କ୍ରି.ବିଂ.* methodically.

**Methodism** ବି. *ଖ୍ରୀ.* ମେଥଡିଷ୍ଟମାନଙ୍କର ଧର୍ମମତ ଓ ଉପାସନା।

**Methodist** ବି. *ଖ୍ରୀ.* ୧୮ଶ ଶତାବ୍ଦୀରେ ପ୍ରତିଷ୍ଠିତ ପ୍ରୋଟେଷ୍ଟେଣ୍ଟ ସମ୍ପ୍ରଦାୟ ବିଶେଷର ସଦସ୍ୟ।

**methodology** ବି. ସୁଶୃଙ୍ଖଳ ଭାବବିନ୍ୟାସ ବା କାର୍ଯ୍ୟ ପଦ୍ଧତି; ପଦ୍ଧତି ଶାସ୍ତ୍ର; ବିଂ. methodological; *କ୍ରି.ବିଂ.* methodologically.

**meths** ବି. *କ.ଭା.* methylated spirit ମେଥିଲେଟେଡ୍ ସ୍ପିରିଟ୍।

**methyl** ବି. ମିଥେନ୍‌ରେ ନିହିତ ରାସାୟନିକ ଉପାଦାନ।

**methyl alcohol** ବି. ବର୍ଣ୍ଣହୀନ ଦହନଶୀଳ ତରଳ ପଦାର୍ଥ ବିଶେଷ।

**methylated** ବିଂ. ମେଥିନଲ୍ ବା ଦାରୁସାର ମିଶ୍ରିତ।

**methylated spirit** ବି. ଅପେୟ ମିଶ୍ରିତସୁରା ମେଥିଲେଟେଡ୍ ସ୍ପିରିଟ୍।

**meticulous** ବିଂ. ଅତି ସାବଧାନ, ଅତ୍ୟଧିକ ଯତ୍ନଶୀଳ, ଭାରି ହୁସିଆର୍; *କ୍ରି.ବିଂ.* meticulously; ବି. meticulousness.

**metonymy** ବି. ଲକ୍ଷଣା, କୌଣସି ବସ୍ତୁର ନାମ ପରିବର୍ତ୍ତେ ଲକ୍ଷଣାତ୍ମକ ଶବ୍ଦର ବ୍ୟବହାର।

**metre** ବି. କାବ୍ୟ ଛନ୍ଦ; ମେଟ୍ରିକ୍ ପଦ୍ଧତି ଅନ୍ତର୍ଗତ ଦୈର୍ଘ୍ୟ ପରିମାପକ ଏକକ (= ୩୯.୪ ଇଞ୍ଚ)।

**metric** ବିଂ.ମେଟ୍ରିକ୍ (ଦଶମିକ) ମାପ ଅନୁଯାୟୀ।

**metric system** ବି. ଦଶମିକ ପଦ୍ଧତି; *କ୍ରି.ବିଂ.* metrically.

**metrical** ବିଂ. ଛନ୍ଦୋବଦ୍ଧ; ପରିମିତି ସମ୍ବନ୍ଧୀୟ।

**metrication** ବି. ଦଶମିକ ପଦ୍ଧତିକୁ ପରିବର୍ତ୍ତନ; *କ୍ରି.* metricate.

**metro** ବି. ଭୂତଳ ରେଳ ବ୍ୟବସ୍ଥା।

**metronome** ବି. ସାଙ୍ଗୀତିକ ତାଳ ନିର୍ଣ୍ଣାୟକ ଯନ୍ତ୍ର ବିଶେଷ।

**metropolis** ବି. ପ୍ରଧାନ ନଗର, ରାଜଧାନୀ।

**metropolitan** 1. ବିଂ. ପ୍ରଧାନ ନଗର ସମ୍ବନ୍ଧୀୟ; 2. ବି. ପ୍ରଧାନ ଧର୍ମାଚାର୍ଯ୍ୟ ବା ବିଶପ୍; ନଗର ଅଧିବାସୀ।

**–metry** *ପ.ପ୍ର.* ପରିମାଣ ସମ୍ବନ୍ଧୀୟ ପଦ୍ଧତି ଓ ବିଜ୍ଞାନ ସୂଚକ ପ୍ରତ୍ୟୟ, *ଉଦା.* geometry.

**mettle** ବି. ଚାରିତ୍ରିକ ଗୁଣ; ସାହସ; on one's mettle ଆପଣାର ଯଥାସାଧ୍ୟ କାର୍ଯ୍ୟସମ୍ପାଦନ-ପାଇଁ ତତ୍ପର; ବିଂ. mettlesome.

Digitized by srujanika@gmail.com

**mew** 1. ବି. ବିରାଡ଼ିର ମ୍ୟାଉଁ ମ୍ୟାଉଁ ଶବ୍ଦ; 2. କ୍ରି. ମ୍ୟାଉଁ ମ୍ୟାଉଁ କରିବା।

**mews** ବି. ବ.ବ ବାସଗୃହଭାବେ ବ୍ୟବହୃତ ଅଶ୍ୱଶାଳା।

**Mexican** 1. ବିଂ. ମେକ୍ସିକୋ ଦେଶର; 2. ବି. ମେକ୍ସିକୋର ଅଧିବାସୀ ବା ଭାଷା।

**mezzanine** ବି. ତଳମହଲା ଓ ଦ୍ୱିତୀୟ ମହଲାର ମଧ୍ୟବର୍ତ୍ତୀ ଅତିରିକ୍ତ ମହଲା।

**mezzo** କ୍ରି.ବିଂ. *ସଂଗୀତ* ମଧ୍ୟ ସ୍ୱରରେ।

**mezzo forte** ବିଂ. କ୍ରି.ବିଂ. *ସଂଗୀତ* ବେଶ୍ ଉଚ୍ଚସ୍ୱରରେ।

**mezzo piano** ବିଂ. କ୍ରି.ବିଂ. ବେଶ୍ କୋମଳ ସଂଗୀତ।

**mezzotint** ବି. ତାମ୍ରଫଳକ ଉପରେ ଏକପ୍ରକାର ମୁଦ୍ରଣ ବା ଖୋଦନ ପ୍ରଣାଳୀ।

**mf** *ସଂଶ.* mezzo forte.

**mg** *ସଂଶ.* milligram(s) ମିଲିଗ୍ରାମ।

**Mg** *ପ୍ର.* magnesium ମେଗ୍ନିସିୟମ୍।

**miaow** 1. ବି. ବିରାଡ଼ିର ମ୍ୟାଉଁ ମ୍ୟାଉଁ ଶବ୍ଦ; 2. କ୍ରି. ଏହିଭଳି ଭାବରେ ବୋବାଇବା।

**miasma** ବି. (ବ.ବ. -s ବା miasmata) *ପ୍ରା.ପ୍ର.* ସଂକ୍ରାମକ ବା ଦୂଷିତ ବାୟୁ ବା ବାଷ୍ପ।

**mica** ବି. ଅଭ୍ର, ଅଭ୍ରକ।

**mice** ବି. mouseର ବ.ବ.।

**Michaelmas** ବି. *ଖ୍ରୀ.* ସନ୍ଥ ମାଇକେଲ୍‌ଙ୍କ ଉତ୍ସବ (୨୯ ସେପ୍ଟେମ୍ବର)।

**Michaelmas daisy** ବି. ଶରତ୍‌କାଳୀନ ଡେଜି ପୁଷ୍ପ ବିଶେଷ।

**Michaelmas term** ବି. ସେପ୍ଟେମ୍ବର ମାସରୁ ଆରମ୍ଭ ହେଉଥିବା ବିଶ୍ୱବିଦ୍ୟାଳୟ କିମ୍ବା ଆଇନର ପାଠ୍ୟକ୍ରମ।

**mickey** ବି. take the mickey (out of) *ସା.ପ୍ର.* ଚିଡ଼ାଇବା ବା ଥଟ୍ଟା କରିବା।

**Mickey Finn** ବି. *ସା.ପ୍ର.* ଉତ୍କଟ ନିଶା ଔଷଧ ମିଶ୍ରିତ ସୁରାସାର।

**mickle** ବି. (muckle ମଧ୍ୟ) *ପ୍ରା.ପ୍ର.* ଅଧିକ ପରିମାଣ।

**micro–** ଉ.ପ. ସୂକ୍ଷ୍ମ, କ୍ଷୁଦ୍ର, ଏକ ନିୟୁତାଂଶ ପ୍ରଭୃତି ଅର୍ଥସୂଚକ ଉପସର୍ଗ (microfilm, microgram).

**microbe** ବି. ପଚନ ସୃଷ୍ଟିକାରୀ ଆଣୁବୀକ୍ଷଣିକ ଜୀବାଣୁ, ସୂକ୍ଷ୍ମ ଜୀବାଣୁ; ଅଣୁଜୀବ; ବିଂ. microbial; microbic; କ୍ରି.ବିଂ. microbially.

**microbiology** ବି. ଅଣୁ ଜୀବବିଜ୍ଞାନ; ବି. microbiologist.

**microchip** ବି. କ୍ଷୁଦ୍ର ଅର୍ଦ୍ଧ–ପରିବାହୀ ବସ୍ତୁ (ବିଶେ. ସିଲିକନ୍)।

**microcomputer** ବି. କେନ୍ଦ୍ରୀୟ କାର୍ଯ୍ୟ ସଂପାଦକ ଭାବେ ମାଇକ୍ରୋପ୍ରସେସରଯୁକ୍ତ କ୍ଷୁଦ୍ର କମ୍ପ୍ୟୁଟର ବିଶେଷ।

**microcosm** ବି. ଅଣୁଜଗତ୍, ବିଶ୍ୱର କ୍ଷୁଦ୍ର ପ୍ରତିରୂପ।

**microcosmic** ବିଂ. ଅଣୁଜାଗତିକ; ବିଶ୍ୱର ପ୍ରତୀକରୂପୀ ମାନବ; ପିଣ୍ଡ ବ୍ରହ୍ମାଣ୍ଡ।

**microdot** ବି. ଦଲିଲ ବା କାଗଜପତ୍ରର ବିନ୍ଦୁ ଆକୃତିର ଫଟୋଚିତ୍ର।

**microelectronics** ବି. ମାଇକ୍ରୋଚିପ୍ ଓ ମାଇକ୍ରୋସର୍କିଟରେ ସୂକ୍ଷ୍ମ ଇଲେକ୍ଟ୍ରନିକ ପରିପଥର ନକ୍ସା ପ୍ରସ୍ତୁତ ପ୍ରଣାଳୀ ଓ ବ୍ୟବହାର ତତ୍ତ୍ୱ।

**microfiche** ବି. ପ୍ରାମାଣିକ ଚିତ୍ର ବହନକାରୀ କ୍ଷୁଦ୍ର ଚଟକା ଫିଲ୍ମ।

**microfilm** 1. ବି. ପ୍ରାମାଣିକ ଚିତ୍ର ବହନକାରୀ ସୂକ୍ଷ୍ମ ଆଲୋକଚିତ୍ର ଫିଲ୍ମ; 2. କ୍ରି. ଏହି ଉପାୟରେ ଫିଲ୍ମ୍ ପ୍ରସ୍ତୁତ କରିବା।

**micrometer** ବି. ଅତ୍ୟନ୍ତ କ୍ଷୁଦ୍ର ଦୂରତ୍ୱର ସଠିକ ପରିମାପଯନ୍ତ୍ର; ଅଣୁମାନ।

**micron** ବି. ମିଟରର ଏକ ନିୟୁତାଂଶ।

**micro–organism** ବି. ଖାଲି ଆଖିକୁ ଦେଖାଯାଉ ନଥିବା ଜୀବାଣୁ, ଭୂତାଣୁ ପ୍ରଭୃତି।

**microphone** ବି. ଡାକବାଜି ଯନ୍ତ୍ର, ମାଇକ୍; ମୃଦୁ ବା କ୍ଷୀଣସ୍ୱରକୁ ଉଚ୍ଚ କରିବା ଯନ୍ତ୍ର।

**microphotograph** ବି. ଅତ୍ୟନ୍ତ ଛୋଟ କରାଯାଇଥିବା ଫଟୋ ଚିତ୍ର।

**microscope** ବି. ଅଣୁବୀକ୍ଷଣ ଯନ୍ତ୍ର।

**microscopic** ବିଂ ଅତି ସୂକ୍ଷ୍ମ, ଅଣୁବୀକ୍ଷଣିକ; କ୍ରି.ବିଂ. microscopically; ବି. microscopy.

**microsurgery** ବି. ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି କରାଯାଇଥିବା ସୂକ୍ଷ୍ମ ଅସ୍ତ୍ରୋପଚାର।

Digitized by srujanika@gmail.com

**microwave** ବି. ବିଦ୍ୟୁତ୍‌ଚୁମ୍ବକୀୟ ତରଙ୍ଗ (୩୦ ସେ.ମି.ରୁ ୧ ମି.ମି. ମଧ୍ୟରେ)।
**microwave oven** ବି. ଖାଦ୍ୟ ଶୀଘ୍ର ଗରମ ବା ରୋଷେଇ କରିବା ନିମନ୍ତେ ମାଇକ୍ରୋୱେଭ୍ ବ୍ୟବହାର କରୁଥିବା ବୈଦ୍ୟୁତିକ ଓଭନ୍।
**micturition** ବି. *ଔପ.* ମୂତ୍ରତ୍ୟାଗ।
**mid** ବିଂ. ମଧ୍ୟବର୍ତ୍ତୀ, ମଧ୍ୟସ୍ଥିତ।
**midday** ବି. ମଧ୍ୟାହ୍ନ।
**midden** ବି. ଗୁହ ବା ଗୋବରଗଦା, ଆବର୍ଜନା ସ୍ତୂପ।
**middle** 1. *ଗୁଣ.* ବିଂ. ମଧ୍ୟ, ମଧ୍ୟସ୍ଥିତ, ମଧ୍ୟବର୍ତ୍ତୀ; 2. ବି. ମଧ୍ୟସ୍ଥାନ, ମଧ୍ୟବିନ୍ଦୁ, ମଧ୍ୟଅଂଶ; ଅଣ୍ଟା; in the middle of କାମ ମଝିରେ।
**middle age** ବି. ମଧ୍ୟ ବୟସ (ଯୌବନ ଓ ବାର୍ଦ୍ଧକ୍ୟର ମଧ୍ୟବର୍ତ୍ତୀ ବୟସ)।
**middle–aged** ବିଂ. ମଧ୍ୟବୟସ୍କ।
**Middle Ages** ବି. ୟୁରୋପୀୟ ଇତିହାସର ମଧ୍ୟଯୁଗ (ଖ୍ରୀ. ୧୦୦୦–୧୪୫୩)।
**middle class** ବି. ମଧ୍ୟବିତ୍ତ ଶ୍ରେଣୀ।
**Middle East** ବି. ମଧ୍ୟପ୍ରାଚ୍ୟ (ମିଶର୍‌ରୁ ଇରାନ୍ ପର୍ଯ୍ୟନ୍ତ ଏସିଆର ରାଷ୍ଟ୍ରସମୂହ)।
**middleman** ବି. ଦଲାଲ, ଉତ୍ପାଦନକାରୀ ଓ କ୍ରେତାମାନଙ୍କ ମଧ୍ୟବର୍ତ୍ତୀ ବ୍ୟବସାୟୀ ଦଲାଲ।
**middle name** ବି. ବ୍ୟକ୍ତିର ମୂଳ ନାମ ଏବଂ ସାଙ୍ଗିଆର ମଧ୍ୟବର୍ତ୍ତୀ ନାମ।
**middle–of–the–road** ବିଂ. (ବ୍ୟକ୍ତି ବା କାର୍ଯ୍ୟ ସମ୍ପର୍କରେ) ମଧ୍ୟମପନ୍ଥୀ।
**middle school** ବି. ମଧ୍ୟ ବିଦ୍ୟାଳୟ (୯ରୁ ୧୩ ବର୍ଷ ବୟସ୍କ ଛାତ୍ରଙ୍କ ପାଇଁ)।
**middle–sized** ବିଂ. ମଧ୍ୟମାକୃତିର।
**middleweight** ବି. ମୁଷ୍ଟିଯୁଦ୍ଧ ପ୍ରଭୃତିରେ ଖେଳାଳିର ଓଜନ ବିଭାଗ (ସର୍ବାଧିକ ୭୫ କେ.ଜି.); ଏହି ବିଭାଗର ପ୍ରତିଯୋଗୀ।
**middling** 1. ବିଂ. ମଝିମଝିଆ, ବେଶ୍ ଭଲ, ସୁସ୍ୱାସ୍ଥ୍ୟଯୁକ୍ତ; 2. କ୍ରି.ବିଂ. ମଧ୍ୟମଭାବରେ ଭଲ।
**midfield** ବି. (ଫୁଟବଲ୍ ପ୍ରଭୃତି ଖେଳରେ) ଗୋଲ୍‌ପୋଷ୍ଟଠାରୁ ଦୂରବର୍ତ୍ତୀ ମଝିସ୍ଥାନ, ପଡ଼ିଆମଝି।
**midge** ବି. ଡାଆଁସ ଭଳି କ୍ଷୁଦ୍ର ପତଙ୍ଗ ବିଶେଷ।
**midget** 1. ଅତି କ୍ଷୁଦ୍ର ବ୍ୟକ୍ତି ବା ବସ୍ତୁ; 2. ବିଂ ଅତ୍ୟନ୍ତ କ୍ଷୁଦ୍ର।
**midland** ବିଂ. ଦେଶର ମଧ୍ୟାଂଶ; the Midlands ଇଂଲଣ୍ଡର ମଧ୍ୟବର୍ତ୍ତୀ କାଉଣ୍ଟି ସମୂହ।
**midnight** ବି. ମଧ୍ୟରାତ୍ରି, ରାତି ବାରଟା।
**midnight blue** ବି. ଘନନୀଳ।
**midnight sun** ବି. ନିଶୀଥ ସୂର୍ଯ୍ୟ।
**mid–off (on)** କ୍ରିକେଟ୍ ବୋଲର୍ ନିକଟରେ ଅଫ୍ ବା ଅନ୍ ପାର୍ଶ୍ୱସ୍ଥିତ କ୍ଷେତ୍ରରକ୍ଷକ।
**midriff** ବି. ଅଣ୍ଟା ଉପର ଶରୀରର ସାମ୍ନାପାଖର ଅଂଶ।
**midshipman** ବି. ଯୁଦ୍ଧପୋତର କର୍ମଚାରୀ ବିଶେଷ।
**midst** ବି. ମଧ୍ୟ, ମଧ୍ୟସ୍ଥଳ; in the midst of ମଧ୍ୟରେ।
**midsummer** ବି. ଗ୍ରୀଷ୍ମଋତୁର ମଧ୍ୟବର୍ତ୍ତୀକାଳ (୨୧ ଜୁନ୍ ପାଖାପାଖି)।
**Midsummer's day** ବି. ୨୪ ଜୁନ୍।
**midway** କ୍ରି.ବିଂ. ସମଗ୍ର ବାଟର ମଧ୍ୟ ସ୍ଥଳରେ, ମଝିବାଟରେ।
**midwife** ବି. ଧାଈ, ପ୍ରସବରେ ସାହାଯ୍ୟକାରିଣୀ।
**midwifery** ବି. ଧାତ୍ରୀକର୍ମ, ଧାତ୍ରୀବିଦ୍ୟା।
**midwinter** ବି. ଶୀତଋତୁର ମଝିଆମଝି (୨୨ ଡିସେମ୍ବର ପାଖାପାଖି)।
**mien** ବି. *ସାହି.* ରଙ୍ଗଢଙ୍ଗ, ଚେହେରା; ହାବଭାବ ଓ ମୁଖାଭିବ୍ୟକ୍ତି।
**might**[1] mayର *ଅ.କା.*।
**might**[2] ବି. ଶକ୍ତି, ସାମର୍ଥ୍ୟ; with might and main ଯଥାସାଧ୍ୟ, ସମସ୍ତ ଶକ୍ତି ଖଟାଇ।
**mightn't** *ସଂଶ.* *କ.ଭା.* might not.
**mighty** 1. ବିଂ. ଶକ୍ତିଶାଳୀ, ପ୍ରକାଣ୍ଡ, ପୃଥୁଳ, ବିରାଟ; 2. କ୍ରି.ବିଂ. *କ.ଭା.* ଅତ୍ୟନ୍ତ; କ୍ରି.ବିଂ. mightily; ବି. mightiness.
**mignonette** ବି. ଏକପ୍ରକାର ସୁଗନ୍ଧିପୁଷ୍ପଯୁକ୍ତ ଉଦ୍ଭିଦ।
**migraine** ବି. ଅଧକପାଳି; ଗୁରୁତର ଶିରପୀଡ଼ା।
**migrant** 1. ବିଂ. ସ୍ଥାନାନ୍ତରଗାମୀ; 2. ବି. ସ୍ଥାନାନ୍ତରିତ ବ୍ୟକ୍ତି, ପଶୁ ବା ପକ୍ଷୀ।
**migrate** କ୍ରି. ଏକସ୍ଥାନରୁ ଅନ୍ୟ ସ୍ଥାନକୁ ବସବାସ କରିବାପାଇଁ ଯିବା; (ମାଛ ବା ପକ୍ଷୀଙ୍କ ସମ୍ପର୍କରେ) ଋତୁ ଅନୁସାରେ ଆସିବା ଏବଂ ଯିବା; ବି. migration; ବିଂ. migratory.
**mikado** ବି. *ଇତି.* ଜାପାନ୍‌ର ସମ୍ରାଟଙ୍କ ଉପାଧି।

Digitized by srujanika@gmail.com

**mike** ବି. କ.ଭା. ମାଇକ୍ରୋଫୋନ୍ ।
**milady** ବି. ( ବିଶେ. ସମ୍ବୋଧାନର୍ଥେ) ସମ୍ଭ୍ରାନ୍ତ ଇଂରେଜ ମହିଳା ।
**milch** ବିଂ. ଦୁହାଁଳିଆ, ଦୁଧିଆଳୀ ।
**milch cow** ବି. ଦୁଧ ପାଇଁ ପାଳିତ ଗାଈ; ସହଜରେ ଯେଉଁଠାରୁ ଅର୍ଥ ସଂଗ୍ରହ କରାଯାଇପାରେ ।
**mild** 1. ବିଂ. (ବ୍ୟକ୍ତି ସମ୍ପର୍କରେ) ମୃଦୁ, ନରମ, ନମ୍ର, ବିନୀତ, ଧୀର; (ପାଗ ସମ୍ପର୍କରେ) ନାତିଶୀତୋଷ୍ଣ; (ଗନ୍ଧ ସମ୍ପର୍କରେ) କଟୁ ବା ତିକ୍ତ ନୁହେଁ, ମୃଦୁ, ମଧୁର; 2. ବି. ମୃଦୁ ବିଅର୍; ବିଂ. mildish; କ୍ରି.ବିଂ. mildly; ବି. mildness.
**mildew** 1. ବି. ଓଦା ଚମଡ଼ା ଓ କାଗଜ ଉପରେ ଲାଗୁଥିବା ଫିମ୍ପି (ଆର୍ଦ୍ରତା ହେତୁ); ଗଛଲତାପାଇଁ କ୍ଷତିକାରକ ଫିମ୍ପି; 2. ବିଂ. ଫିମ୍ପି ମାରିବା ।
**mild steel** ବି. ଟାଣୁଆ, ଅନମନୀୟ ଇସ୍ପାତ୍ ।
**mile** ବି. ମାଇଲ, ୧୭୬୦ ଗଜ, ବା ପ୍ରାୟ ୧.୬ କି.ମି. ଦୂରତ୍ୱ ।
**mileage** ବି. (milage ମଧ୍ୟ) ମାଇଲ ଅନୁଯାୟୀ ମୋଟ ଯାତ୍ରା ଖର୍ଚ୍ଚ; ଅତିକ୍ରମ କରିଥିବା ମୋଟ ମାଇଲ୍; ମାଇଲ୍ ଅନୁଯାୟୀ ଭଡ଼ା; କ.ଭା. କୌଣସିଥିରୁ ପାଉଥିବା ସୁବିଧା ।
**miler** ବି. ଏକ ମାଇଲ୍ ଦୌଡ଼ିବା ପାଇଁ ତାଲିମ ପାଉଥିବା ବ୍ୟକ୍ତି ବା ଅଶ୍ୱ ।
**milestone** ବି. ମାଇଲ ଖୁଣ୍ଟି; ଜୀବନର ଅଥବା ଇତିହାସର ବିଶିଷ୍ଟ ଘଟଣା ବା ଅଧ୍ୟାୟ ।
**milieu** ବି. (ବ.ବ. milieux) ବ୍ୟକ୍ତିର ପରିବେଶ, ଜୀବନ ଧାରଣର ଅବସ୍ଥା, ସାମାଜିକ ପରିବେଶ ।
**militant** 1. ବିଂ. ବିବଦମାନ, ଯୁଦ୍ଧରତ, ଯୁଦ୍ଧଖୋର୍, ଯୁଦ୍ଧପ୍ରିୟ; 2. ବି. ଯୁଦ୍ଧପ୍ରିୟ ବ୍ୟକ୍ତି; ବି. militancy; କ୍ରି.ବିଂ. militantly.
**militarism** ବି. ସାମରିକତା, ଯୁଦ୍ଧପ୍ରିୟତା; ବି. militarist; ବିଂ. militaristic.
**militarize** କ୍ରି. ସାମରିକ କରିବା; ଯୁଦ୍ଧପାଇଁ ପ୍ରସ୍ତୁତ କରିବା; ଯୁଦ୍ଧ ସାମଗ୍ରୀରେ ସଜ୍ଜିତ କରିବା; ବି. militarization.
**military** 1. ବିଂ. ସାମରିକ, ସୈନ୍ୟ ସମ୍ବନ୍ଧୀୟ, ଯୁଦ୍ଧସଂକ୍ରାନ୍ତ; 2. ବି. ପଦାତିକ ବାହିନୀ; କ୍ରି.ବିଂ. militarily.
**militate** କ୍ରି. (ତଥ୍ୟ, ପ୍ରମାଣ ପ୍ରଭୃତି) ଶକ୍ତିଶାଳୀ ବା ପ୍ରଭାବଶାଳୀ ହେବା ।
**militia** ବି. ସେନାଦଳ, ବିଶେ. ନିୟମିତ ସୈନ୍ୟବାହିନୀକୁ ସାହାଯ୍ୟ କରିବା ନିମନ୍ତେ ଗଠିତ ବାହିନୀ ।
**milk** 1. ବି. ଦୁଗ୍ଧ, କ୍ଷୀର; ଦୁଗ୍ଧବତ୍ ତରଳ ରସ (ନଡ଼ିଆ ପ୍ରଭୃତିର); 2. କ୍ରି. ଦୁଧ ଦୁହିଁବା; (ବ୍ୟକ୍ତିଠାରୁ) ଅର୍ଥ ଆଦାୟ କରିବା ।
**milk and honey** ବି. ପ୍ରାଚୁର୍ଯ୍ୟ ।
**milk and water** ବି. ଦୁର୍ବଳ ଓ ନୀରସ ବକ୍ତୃତା ବା ଲେଖା ।
**milk float** ବି. ଦୁଗ୍ଧ ସରବାରହ ନିମନ୍ତେ ବ୍ୟବହୃତ ହାଲୁକା ଯାନ ।
**milkmaid** ବି. କ୍ଷୀରବାଲି; ଗୋପାଳୁଣୀ ।
**milkman** ବି. ଦୁଧବାଲା; ଗୋପାଳ ।
**milk run** ବି. ଗତାନୁଗତିକ ଅଭିଯାନ ।
**milk shake** ବି. ଦୁଗ୍ଧ ପ୍ରସ୍ତୁତ ସୁବାସିତ ପାନୀୟ ।
**milksop** ବି. ଦୁର୍ବଳ ବ୍ୟକ୍ତି ବା ଯୁବକ ।
**milk tooth** ବି. ଦୁଗ୍ଧଦାନ୍ତ ।
**milkweed** ବି. କ୍ଷୀରଯୁକ୍ତ ବଣୁଆ ଗଛ ବିଶେଷ ।
**milky** ବିଂ. ଦୁଗ୍ଧ ସଦୃଶ, ଦୁଗ୍ଧ ସମ୍ବନ୍ଧୀୟ; ଦୁଗ୍ଧପୂର୍ଣ୍ଣ, ଦୁଗ୍ଧମିଶ୍ରିତ; ବି. milkiness.
**Milky Way** ବି. ଛାୟାପଥ ।
**mill** 1. ବି. (ଶସ୍ୟ ପ୍ରଭୃତି) ଚୁରିବା କଳ ବା ଯନ୍ତ୍ର; ଯେଉଁ ଘରେ ଏହା କରାଯାଏ; କାରଖାନା; ବିଭିନ୍ନ ପ୍ରକାର ଉତ୍ପାଦନକାରୀ କଳ; 2. କ୍ରି. କଳରେ ପେଷିବା ବା ଚୁରିବା; (ଧାତୁକୁ) କାଟି ନିର୍ଦ୍ଦିଷ୍ଟ ଆକାରର କରିବା; (ପ୍ରାଣୀ ବା ଲୋକମାନଙ୍କ ସମ୍ପର୍କରେ) ଉଦ୍ଦେଶ୍ୟହୀନଭାବରେ ବୁଲିବା; go (put) through the mill (ପ୍ରଶିକ୍ଷଣ, ଅଭିଜ୍ଞତା, କାର୍ଯ୍ୟସାଧାନ ପ୍ରଭୃତି ଜନିତ କଷ୍ଟ), ଭୋଗ କରିବା ବା କରିବାକୁ ଦେବା ।
**millpond** ବି. ମିଲ୍‌ରେ ବ୍ୟବହାର ନିମନ୍ତେ ନଦୀରେ ବନ୍ଧ ପକାଇ ସୃଷ୍ଟିକରାଯାଇ ଥିବା ପୋଖରୀ ।
**millennium** ବି. ( ବ.ବ millenniums, millennia) ହଜାର ବର୍ଷବ୍ୟାପୀ ସମୟ, ବିଶେ. ଯେଉଁ ହଜାର ବର୍ଷକାଳ ଯୀଶୁ ଆବିର୍ଭୂତ ହୋଇ ଶିଷ୍ୟମାନଙ୍କ ସହିତ ରାଜତ୍ୱ କରିବେ; ନ୍ୟାୟ, ସୁଖ, ଶାନ୍ତି ଓ ସମୃଦ୍ଧିର ସମୟ; ବି. millennial.

Digitized by srujanika@gmail.com

**millepede, millipede** ବି. ଏକପ୍ରକାର ବହୁପଦ ବିଶିଷ୍ଟ କ୍ଷୁଦ୍ର, ଅମେରୁଦଣ୍ଡୀ ପ୍ରାଣୀ ।

**miller** ବି. ମିଲ୍ ବା ପେଷଣକଳର ଶ୍ରମିକ ବା ମାଲିକ ।

**millesimal** 1. ବିଂ. ହଜାରତମ; 2. ବି. ହଜାରତମ ଅଂଶ ।

**millet** ବି. ବାଜରା ଜାତୀୟ ଏକ ପ୍ରକାର ଶସ୍ୟ ।

**milli–** ସଂ. ହଜାର, ହଜାରତମ ଉଦା; millimetre.

**milliard** ବି. ଏକଶତ କୋଟି ।

**milligram** ବି. ମିଲିଗ୍ରାମ, ଗ୍ରାମ୍‌ର ଏକ ସହସ୍ରାଂଶ ।

**millilitre** ବି. ମିଲିଲିଟର୍, ଲିଟରର ଏକ ସହସ୍ରାଂଶ ।

**millimetre** ବି. ମିଲିମିଟରେ, ମିଟରର୍ ଏକ ସହସ୍ରାଂଶ ।

**milliner** ବି. ସ୍ତ୍ରୀଲୋକମାନଙ୍କର ଟୋପି ନିର୍ମାତା ବା ବିକ୍ରେତା ।

**millinery** ବି. ଟୋପି ତିଆରି ବ୍ୟବସାୟ ବା ସେହି ବ୍ୟବସାୟଜାତ ଦ୍ରବ୍ୟ ।

**million** ବି. ଓ ବିଂ. ନିୟୁତ ବା ଦଶଲକ୍ଷ; ବ.ବ.ରେ *କ.ଭା.* ଅସଂଖ୍ୟ ।

**millionaire** ବି. ଲକ୍ଷପତି; ଅତ୍ୟନ୍ତ ଧନୀ ।

**millionth** ବିଂ. ଓ ବି. ନିୟୁତତମ ।

**mill–race** ବି. କାରଖାନା ଚକ ଚଳାଉଥିବା ଜଳ ସ୍ରୋତ ।

**millstone** ବି. ପେଷାଚକି ବା ଘୋରଣାର ଦୁଇପଟରୁ ଗୋଟିଏ; ଗୁରୁଭାର ବା ଦାୟିତ୍ୱ ।

**mill-wheel** ବି. ମିଲ୍ ଚଳାଇବା ନିମନ୍ତେ ବ୍ୟବହୃତ ଚକ ।

**milometer** ବି. ଯାନରେ ମାଇଲ ଗଣନା ପାଇଁ ବ୍ୟବହୃତ ଯନ୍ତ୍ର ।

**milt** ବି. ସ୍ତନ୍ୟପାୟୀ ଜୀବମାନଙ୍କର ପ୍ଲୀହା; ମାଛର ପୁଂ–ବୀଜ ଗ୍ରନ୍ଥି ।

**mime** 1. ବି. ମୂକାଭିନୟ; 2. କ୍ରି. ମୂକାଭିନୟ କରିବା ବା କରାଇବା ।

**mimeograph** ବି. ଷ୍ଟେନ୍‌ସିଲ୍‌ଦ୍ୱାରା ଲିଖିତ ପୃଷ୍ଠାର ନକଲ ଉଠାଇବା ଯନ୍ତ୍ର ।

**mimetic** ବିଂ. ଅନୁକରଣପ୍ରିୟ, ଅନୁକରଣ ସମ୍ବନ୍ଧୀୟ ।

**mimic** 1. କ୍ରି. (ବ୍ୟକ୍ତିର ହାବଭାବ) ହାସ୍ୟ ବା ବ୍ୟଙ୍ଗ ସୃଷ୍ଟି ନିମନ୍ତେ ଅନୁକରଣ କରିବା; (ପଦାର୍ଥର) ନକଲ କରିବା; ସଦୃଶ ବା ଅନୁରୂପ ହେବା; 2. ବି. ନକଲିଆ, ଅନୁକରଣପଟୁ; ବି. mimicry.

**mimosa** ବି. ବିଷୁବ ମଣ୍ଡଳୀୟ ଉଦ୍ଭିଦ ବିଶେଷ; ହଳଦିଆ ଫୁଲ ଫୁଟୁଥିବା ଆକାଶିଆ ଗଛ ।

**min** ସଂଶ. minute ମିନିଟ୍; minimum ସର୍ବନିମ୍ନ; minim ଏକ ଡ୍ରାମର ଷାଠିଏ ଭାଗରୁ ଭାଗେ (ତରଳ ପଦାର୍ଥ) ।

**Min** ସଂଶ. Minister ମନ୍ତ୍ରୀ ।

**mina** ବି. ଦ୍ର. myna.

**minaret** ବି. ମସ୍‌ଜିଦ୍‌ର ଚୂଡ଼ା, ଗମ୍ବୁଜ ।

**minatory** ବିଂ. *ଔପ.* ଭୀତିସୂଚକ, ଭୀତି ପ୍ରଦାୟକ ।

**mince** 1. କ୍ରି. ଅତି ଛୋଟ ଖଣ୍ଡ କରି କାଟିବା (ବିଶେ. ଯନ୍ତ୍ର ଦ୍ୱାରା); ଇଚ୍ଛାକୃତ ଭାବରେ ଧୀରେ ଧୀରେ ଚାଲିବା ବା କଥା କହିବା; 2. ବି. ଛୋଟଛୋଟ ଖଣ୍ଡରେ କଟାଯାଇଥିବା ମାଂସ; not to mince matters (one's words) ସ୍ପଷ୍ଟଭାବେ କହିବା; ବି. mincer.

**mincemeat** ବି. ଛୋଟ ଛୋଟ ଖଣ୍ଡରେ କଟା ହୋଇଥିବା ମାଂସ ସହିତ ମସଲା, ଚିନି ଇତ୍ୟାଦିର ମିଶ୍ରଣ; make mincemeat of ସମ୍ପୂର୍ଣ୍ଣ ରୂପେ ପରାସ୍ତ ବା ପ୍ରତିବାଦ କରିବା ।

**mince pie** ବି. ମାଂସ ଟୁକୁରାରେ ପ୍ରସ୍ତୁତ ପାଏ ବା ପିଠା ।

**mind** 1. ବି. ମନ, ଭାବନା, ମନୋଭାବ, ଉଦ୍ଦେଶ୍ୟ, ଅଭିମତ; ମାନସିକ ଶକ୍ତି; ଇଚ୍ଛା, ଅଭିରୁଚି, ମତ; ମତପ୍ରକାଶ, ଚିନ୍ତାଧାରା; ଇଚ୍ଛା ବା ଚିନ୍ତାର ମାର୍ଗ; 2. କ୍ରି. ଆପତ୍ତି କରିବା (Do you mind if I smoke?); ମନେ ରଖିବା; ଦୁଃଖିତ ବା ଆହତ କରିବା; ଯତ୍ନନେବା; be in two minds ମନ ସ୍ଥିର କରି ନ ପାରିବା; change one's mind ମତ ପରିବର୍ତ୍ତନ କରିବା; do you mind? ବ୍ୟଙ୍ଗ ବିରକ୍ତିର ପରିପ୍ରକାଶ; ଅନୁଗ୍ରହକରି ବନ୍ଦକର; have a mind of one's own ସ୍ୱାଧୀନମତ ପୋଷଣ କରିପାରୁଥିବା; have a (good) mind to ଅତ୍ୟନ୍ତ ଆସକ୍ତ

Digitized by srujanika@gmail.com

ବା ଲୋଭାତୁର ହେବା; have (it) in mind ଚିନ୍ତା କରିବା; ମନେ ରଖିବାକୁ ବିଚାରିବା; in one's mind's eye ମାନସ ଚକ୍ଷୁରେ; make up one's mind ମନସ୍ଥିର କରିବା; mind one's P's and Q's ଆଚାର ବ୍ୟବହାର ଏବଂ କଥାବାର୍ତ୍ତାରେ ସଂଯତ ହେବା; mind out ସାବଧାନ ହେବା; mind (you) ଅନୁଗ୍ରହ କରି ମନେରଖ; never mind କିଛି ମନେ କର ନାହିଁ, ଚିନ୍ତା କରନାହିଁ; on one's mind ଜଣକ ମନରେ ବା ଚିନ୍ତାରେ ରହିବା; to my mind ମୋ ମତରେ ।

**minded** ବିଂ. ନିର୍ଦ୍ଦିଷ୍ଟ ଭାବରେ କିମ୍ବା ବିଷୟରେ ଚିନ୍ତା କରୁଥିବା (ଉଦା. machanically minded); ନିର୍ଦ୍ଦିଷ୍ଟ ଧରଣର ଚିନ୍ତା ବିଶିଷ୍ଟ (high minded).

**minder** ବି. (ଶିଶୁ ବା ଯନ୍ତ୍ରର) ଦେଖାଚାହାଁ କରୁଥିବା ବ୍ୟକ୍ତି; *ଘ.ପ୍ର.* ଦେହରକ୍ଷୀ ।

**mindful** ବିଂ ମନୋଯୋଗୀ; କ୍ରି.ବିଂ. mindfully.

**mindless** ବିଂ. ବୁଦ୍ଧିହୀନ, ନିର୍ବୋଧ; ପଶୁତୁଲ୍ୟ ।

**mind-reader** ବି. ଅନ୍ୟର ମନକଥା ଜାଣି ପାରୁଥିବା ବ୍ୟକ୍ତି; କ୍ରି. mind-read.

**mine**[1] ସ. ମୋର; ମୋର ନିଜସ୍ୱ (a freiend of mine, it is mine).

**mine**[2] ବି. ଖଣି; ଧନ ବା ଖାନର ଆକର; ଯେଉଁଠୁ ପ୍ରଚୁର ଧନ ବା ମୂଲ୍ୟବାନ ତଥ୍ୟ ମିଳେ; ପ୍ରାଚୁର୍ଯ୍ୟର ଉତ୍ସ; ଜଳରେ ଶତ୍ରୁ ପକ୍ଷର ଜାହାଜ ଧ୍ୱଂସ ନିମନ୍ତେ ବା ଭୂଇଁ ତଳେ ଖଂଜା ଯାଇଥିବା ଏକ ପ୍ରକାର ବିସ୍ଫୋରକ ପଦାର୍ଥ; 2. କ୍ରି. ଖଣିରୁ (ଧାତୁ, କୋଇଲା) ଉତ୍ତୋଳନ କରିବା; ଖଣିଜ ପଦାର୍ଥ ନିମନ୍ତେ ମାଟି ଖୋଳିବା; ବିସ୍ଫୋରକ ପଦାର୍ଥ ଖଂଜିବା; ବି. mining.

**minefield** ବି. ବିସ୍ଫୋରକ ପଦାର୍ଥ ବିଛାଇ ଦିଆଯାଇଥିବା ଅଞ୍ଚଳ; ଅଦୃଶ୍ୟ ବିପଦପୂର୍ଣ୍ଣ ବିଷୟ ବା କ୍ଷେତ୍ର ।

**minelayer** ବି. ବିସ୍ଫୋରକ ପଦାର୍ଥ ବିଛାଇବା ଜାହାଜ ବା ବ୍ୟୋମଯାନ ।

**miner** ବି. ଶ୍ରମିକ ।

**mineral** 1. ବି. ଖଣିଜ ପଦାର୍ଥ, ଖଣିଜ; କୃତ୍ରିମ ଖଣିଜଜଳ ବା ତତ୍ତୁଲ୍ୟ ପାନୀୟ; 2. ବିଂ, ଖଣିଜ ସମ୍ବନ୍ଧୀୟ, ଖଣିଜ ।

**mineralogy** ବି. ଖଣିଜ ବିଦ୍ୟା, ଖଣିଜ ବିଜ୍ଞାନ, ଧାତୁବିଦ୍ୟା; ବିଂ. mineralogical; ବିଂ. mineralogist.

**mineral water** ବି. ଖଣିଜ ଲବଣ ମିଶ୍ରିତ ଜଳ ବା ଏହାର କୃତ୍ରିମ ଅନୁକରଣ; ଅନ୍ୟ ନିଶାହୀନ ବୁଦ୍‌ବୁଦନଶୀଳ ପାନୀୟ ।

**minestrone** ବି. ସୁପ୍; ବହଳିଆ ଝୋଳ (ପରିବା, ପେସ୍ତା, ଚାଉଳ ପ୍ରଭୃତିର) ।

**minesweeper** ବି. ସମୁଦ୍ରରୁ ମାଇନ୍ ପରିଷ୍କାର କରିବା କାର୍ଯ୍ୟରେ ନିଯୁକ୍ତ ଜାହାଜ ।

**mineworker** ବି. ଖଣି ଶ୍ରମିକ ।

**Ming** ବି. ମିଂଗ୍ ଯୁଗର (ଖ୍ରୀ. ୧୩୬୮–୧୬୪୪) ଚୀନଦେଶୀୟ ଶଙ୍ଖପାତ୍ର ।

**mingle** କ୍ରି. ମିଶାଇବା, ଏକାଠି କରିବା, ମିଶିବା; mingle with ମିଶିଯିବା ।

**mingy** ବିଂ. *କ.ଭା.* ନୀଚ, ଅନୁଦାର; କୃପଣ; କ୍ରି.ବିଂ. mingily.

**mini** ବି. କ୍ଷୁଦ୍ର, ଛୋଟ; କ୍ଷୁଦ୍ର ପ୍ରତିରୂପ; ମିନି ସ୍କର୍ଟ; ଏକଜାତୀୟ କ୍ଷୁଦ୍ର ମଟର ଗାଡ଼ି ।

**miniature** 1. ବିଂ. ସାଧାରଣଠାରୁ ଅତ୍ୟନ୍ତ ଛୋଟ; କ୍ଷୁଦ୍ରାକୃତି; 2. ବି. କ୍ଷୁଦ୍ର ପ୍ରତିରୂପ ବା ପ୍ରତିକୃତି; କ୍ଷୁଦ୍ର ବସ୍ତୁ; in miniature କ୍ଷୁଦ୍ର ଆକାରରେ ।

**miniaturist** ବି. କ୍ଷୁଦ୍ର ପ୍ରତିକୃତି ପ୍ରସ୍ତୁତକାରୀ ।

**miniaturize** କ୍ରି. କ୍ଷୁଦ୍ର ପ୍ରତିକୃତି ବା ରୂପ ଗଠନ କରିବା ବା ଦେଖାଇବା ।

**minibus** ବି. ମିନିବସ୍, ପ୍ରାୟ ବାରଜଣ ବସିବା ଉପଯୋଗୀ ଛୋଟ ବସ୍ ।

**minicab** ବି. ଭଡ଼ାରେ ଲାଗୁଥିବା ଛୋଟ ମଟର କାର୍ ।

**minicomputer** ବି. ମଧ୍ୟମ ଶକ୍ତି ସଂପନ୍ନ ଛୋଟ କମ୍ପ୍ୟୁଟର ।

**minim** ବି. *ସଙ୍ଗୀତ* ସ୍ୱରଗ୍ରାମ ବିଶେଷ; ଏକ ଟୋପା (ତରଳ ପଦାର୍ଥ) ବା ଏକ ଡ୍ରାମ୍‌ର ଷାଠିଏ ଭାଗରୁ ଭାଗେ ।

**minimal** ବିଂ. ସର୍ବନିମ୍ନ ପରିମାଣ; ଖୁବ୍ ଅଳ୍ପ ବା ଟିକିଏ; କ୍ରି.ବିଂ. minimally.

**minimize** କ୍ରି. (ଆକାର ଓ ଗୁରୁତ୍ୱରେ) କ୍ଷୁଦ୍ରତମ କରିବା, ଅତି ଛୋଟ କରିବା; କମାଇ ଦେବା, ଅତି କମ୍ ମନେ କରିବା; ଗୁରୁତ୍ୱହୀନ ମନେ କରିବା ।

Digitized by srujanika@gmail.com

**minimum** 1. ବି. ନ୍ୟୂନତମ ସଂଖ୍ୟା ବା ପରିମାଣ; 2. ବିଂ. ସର୍ବନିମ୍ନ; ନିମ୍ନତମ।

**minimum wage** ବି. ସର୍ବନିମ୍ନ ମଜୁରୀ।

**minion** ବି. ଅନୁଗୃହୀତ ବା ସହକାରୀ ବ୍ୟକ୍ତି; ପ୍ରିୟପାତ୍ର।

**miniskirt** ବି. ଆଣ୍ଠୁ ଉପରକୁ ପଡ଼ୁଥିବା ସ୍ତ୍ରୀଲୋକମାନଙ୍କର ସ୍କର୍ଟ।

**minister** 1. ବି. ମନ୍ତ୍ରୀ, ସଚିବ; ସରକାରୀ ବିଭାଗର ମୁଖ୍ୟ; ଧର୍ମଯାଜକ, ପୁରୋହିତ; କୂଟନୈତିକ ଅଧିକାରୀ; ଯେ ଅନ୍ୟର ଆଦେଶ ବା ଇଚ୍ଛାନୁଯାୟୀ କାର୍ଯ୍ୟକରେ; 2. କ୍ରି. ସାହାଯ୍ୟ କରିବା, ସେବା କରିବା; ବିଂ. ministerial.

**Minister of State** ବି. ରାଷ୍ଟ୍ରମନ୍ତ୍ରୀ (ଉପମନ୍ତ୍ରୀ ଓ କେବିନେଟ୍ ମନ୍ତ୍ରୀଙ୍କ ମଝିପାହିଆର ପଦବୀ)।

**ministration** ବି. କାର୍ଯ୍ୟ ବା କର୍ତ୍ତବ୍ୟ ସମ୍ପାଦନ; ସାହାଯ୍ୟ ବା ସେବାଦାନ; ଧର୍ମକାର୍ଯ୍ୟରେ ସହାୟତା; ବି., ବିଂ. ministrant.

**ministry** ବି. ମନ୍ତ୍ରାଳୟ, ସରକାରୀ ବିଭାଗ; ଏହା ଅଧିକାର କରିଥିବା ପ୍ରାସାଦ; ସରକାରୀ ମନ୍ତ୍ରୀମଣ୍ଡଳ; ଜଣେ ପ୍ରଧାନମନ୍ତ୍ରୀଙ୍କ ଶାସନକାଳ; ଧର୍ମାଚାର୍ଯ୍ୟଙ୍କ କାର୍ଯ୍ୟ; ଯାଜକମଣ୍ଡଳୀ।

**mink** ବି. ନେଉଳ ଜାତୀୟ ଏକ ପ୍ରକାର କ୍ଷୁଦ୍ର ଲୋମଶପ୍ରାଣୀ, ଏହାର ଲୋମରୁ ପ୍ରସ୍ତୁତ କୋଟ।

**minnesinger** ବି. ଜର୍ମାନ ଗୀତି କବି (ଖ୍ରୀ. ଦ୍ୱାଦଶରୁ ଚତୁର୍ଦ୍ଦଶ ଶତକ ମଧ୍ୟରେ)।

**minnow** ବି. ଏକ ପ୍ରକାର ଛୋଟ ମଧୁର ଜଳ ମାଛ।

**Minoan** 1. ବିଂ. (ଖ୍ରୀ.ପୂ. ୩୦୦୦-୧୧୦୦ ମଧ୍ୟରେ) କ୍ରୀଟ୍ (ବ୍ରୋଞ୍ଜ) ଯୁଗର ସଭ୍ୟତା ସମ୍ପର୍କୀୟ; 2. ବି. ଏହି ଯୁଗର ବ୍ୟକ୍ତି (କ୍ରୀଟ୍‌ର ରାଜା ମିନୋସ୍ (Minos)ଙ୍କ ନାମାନୁସାରେ)।

**minor** 1. ବିଂ. ଛୋଟ, କ୍ଷୁଦ୍ର, ସାନ, କ୍ଷୁଦ୍ରତର, ନିମ୍ନତର, ନଗଣ୍ୟ, ସାମାନ୍ୟ; ନାବାଳକ; *ସଂଗୀତ* ମାଇନର୍ ସ୍କେଲ୍ ସମ୍ବନ୍ଧିତ; 2. ବି. ଅପ୍ରାପ୍ତ ବୟସ୍କ ବ୍ୟକ୍ତି; 3. କ୍ରି. *ଆମେ.* ସହାୟକ ପାଠ୍ୟ ରୂପେ ଗ୍ରହଣ କରିବା।

**minority** ବି. ସଂଖ୍ୟାଲଘୁ ସଂପ୍ରଦାୟ ବା ଦଳ; ସମଗ୍ର ଭୋଟ ସଂଖ୍ୟାର ଅର୍ଦ୍ଧେକରୁ କମ ଭୋଟ ପାଉଥିବା ଅବସ୍ଥା; (ଭାଷାପ୍ରଭୃତିରେ) ଅନ୍ୟଠାରୁ ପୃଥକ୍ ଛୋଟଗୋଷ୍ଠୀ; ନାବାଳକତ୍ୱ।

**minster** ବି. ବଡ଼ ଗୀର୍ଜା (ଉଦା. *York Minster*).

**minstrel** ବି. ମଧ୍ୟଯୁଗର ଗାୟକ; ଚାରଣ ବା ଭାଟ; ନିଗ୍ରୋ ଲୋକ ସଙ୍ଗୀତର ଗାୟକ।

**minstrelsy** ବି. ଚାରଣବୃତ୍ତି; ଚାରଣ ଗୀତିର ସଙ୍ଗୀତ।

**mint**[1] ବି. ରନ୍ଧାରେ ବ୍ୟବହୃତ ସୁଗନ୍ଧ ଉଦ୍‌ଭିଦ ବିଶେଷ; ପିପରମିଣ୍ଟ; ଏଥିରେ ସୁବାସିତ ମିଠେଇ; ବିଂ. minty.

**mint**[2] 1. ଟଙ୍କାଶାଳ, ମୁଦ୍ରାଶାଳା, ଯେଉଁସ୍ଥାନରେ ସରକାରୀ ନିୟନ୍ତ୍ରଣରେ ମୁଦ୍ରା ପ୍ରସ୍ତୁତ ହୁଏ; 2. କ୍ରି. ମୁଦ୍ରା ପ୍ରସ୍ତୁତ କରିବା; ଉଦ୍‌ଭାବନ କରିବା, ମନରୁ ଗଢ଼ିବା; in mint condition ନୂତନ ଭାବରେ, ନୂଆପରି।

**minuet** ବି. ଏକପ୍ରକାର ଧୀର ଓ ସୁନ୍ଦର ନୃତ୍ୟ; ଏହାର ଉପଯୋଗୀ ସ୍ୱର ଓ ସଙ୍ଗୀତ।

**minus** 1. *ଅ.* ବିଯୁକ୍ତ, ଫେଡାଣ, ବ୍ୟତୀତ, କମ୍, ଶୂନ୍ୟରୁ କମ୍, 2. ବିଂ. ନାସ୍ତ୍ୟାତ୍ମକ, ବିଯୁକ୍ତ, ଶୂନ୍ୟରୁ କମ୍; 3. ବି. ବିଯୁକ୍ତ ଚିହ୍ନ (−); ଋଣାତ୍ମକ ସଂଖ୍ୟା; *କ.ଭା.* ଅସୁବିଧା।

**minuscule** 1. ବିଂ. ଅତ୍ୟନ୍ତ ଛୋଟ; 2. ବି. ଛୋଟ ହରଫ (ମୁଦ୍ରଣ ଶିଳ୍ପ)।

**minute**[1] 1. ବି. ମିନିଟ୍, ଘଣ୍ଟାର ଷାଠିଏ ଭାଗରୁ ଭାଗେ; ଅତି ଅଳ୍ପ ସମୟ; ମୁହୂର୍ତ୍ତ; ସମୟର ନିର୍ଦ୍ଦିଷ୍ଟ ଅଂଶ; *କ.ଭା.* ଚିଠା, ସ୍ମାରକପତ୍ର; ବ.ବ.ରେ ସଭାସମିତିର କାର୍ଯ୍ୟବିବରଣୀ; ସରକାରୀ ହୁକୁମନାମା; 2. କ୍ରି. ଠିକ୍ ସମୟ ନିରୂପଣ କରିବା; ଦଲିଲ୍, ଯୋଜନା ପ୍ରଭୃତିର ଚିଠା ପ୍ରସ୍ତୁତ କରିବା; ସଂକ୍ଷିପ୍ତ ଟିପ୍ପଣୀ କରିବା, ବିବରଣୀରେ ଲିପିବଦ୍ଧ କରିବା; 3. the minute *କ.ଭା* ବର୍ତ୍ତମାନ ସମୟ; in a minute ଅତି ଶୀଘ୍ର; up to the minute ସର୍ବଶେଷ ସମ୍ବାଦ ରଖିଥିବା।

**minute**[2] (ମାଇନ୍ୟୁଟ) ବିଂ. ଅତି କ୍ଷୁଦ୍ର; ନଗଣ୍ୟ; ସାମାନ୍ୟ, ସୂକ୍ଷ୍ମ; କ୍ରି.ବିଂ. minutely.

**minute steak** ବି. ପତଳା ମାଂସଖଣ୍ଡ।

**minutiae** ବି. ବ.ବ. ଅତ୍ୟନ୍ତ କ୍ଷୁଦ୍ର ବା ନଗଣ୍ୟ ବିଷୟ ସବୁ।

**minx** ବି. କୌତୁକପ୍ରିୟ ବା ଦୁଷ୍ଟସଇତାନ୍ ବାଳିକା; ମୁଖରା ଓ ଲଜ୍ଜାହୀନା ବାଳିକା।

Digitized by srujanika@gmail.com

**Miocene** ବି. ଭୂତାତ୍ତ୍ୱିକ ତୃତୀୟ କାଳର ଚତୁର୍ଥ ଯୁଗବିଶେଷ ।

**miracle** ବି. ଅସାଧାରଣ ବା ଅତି ଆଶ୍ଚର୍ଯ୍ୟଜନକ ଘଟଣା, ଅଲୌକିକ ଘଟଣା, ଅଦ୍‌ଭୁତ କାଣ୍ଡ; ଅତିମାନୁଷ ଘଟଣା ।

**miracle play** ବି. ବାଇବେଲ୍ କିମ୍ବା ସନ୍ଥ ଜୀବନୀ ଉପରେ ଆଧାରିତ ମଧ୍ୟଯୁଗୀୟ ନାଟକ ।

**miraculous** ବିଂ. ଆଶ୍ଚର୍ଯ୍ୟଜନକ, ଅସାଧାରଣ; ଚମତ୍କାରପ୍ରଦ, ଲକ୍ଷ୍ୟଣୀୟ; ଅଲୌକିକ; କ୍ରି.ବିଂ. miraculously.

**mirage** ବି. ମୃଗତୃଷ୍ଣା, ମରୀଚିକା, ବିଭ୍ରାନ୍ତିକରୀ ଦୃଶ୍ୟ, ମାୟା ।

**mire** 1. ବି. ସନ୍ତସନ୍ତିଆ ସ୍ଥାନ, ପଙ୍କିଳ ବା କର୍ଦ୍ଦମାକ୍ତ ଭୂମି; କାଦୁଅ, ପଙ୍କ; 2. କ୍ରି. କାଦୁଅରେ ବୁଡ଼ିଯିବା ବା ବୁଡ଼ାଇଦେବା; କର୍ଦ୍ଦମାକ୍ତ କରିବା; ଅସୁବିଧାରେ ପକାଇବା; in the mire ଅସୁବିଧାରେ, ଅଡୁଆରେ ।

**mirror** 1. ବି. ଦର୍ପଣ, ଆଇନା; ଯହିଁରୁ କୌଣସି ଘଟଣା ବା ବିଷୟର ନିଖୁଣ ଚିତ୍ର ମିଳେ, ଅବିକଳ ପ୍ରତିଫଳନ; 2. କ୍ରି. ପ୍ରତିବିମ୍ବିତ କରିବା, ପ୍ରତିଫଳିତ କରିବା ।

**mirror image** ବି. ବାମ ଓ ଡାହାଣ ପଟ ଓଲଟି ଯାଇଥିବା ପ୍ରତିବିମ୍ବ ବା ନକଲ ।

**mirth** ବି. ଆନନ୍ଦ, ଉଲ୍ଲାସ, ହାସ୍ୟ କୌତୁକ ।

**mirthful** ବିଂ. ଉଲ୍ଲସିତ, ଆନନ୍ଦପୂର୍ଣ୍ଣ ।

**miry** ବିଂ. କର୍ଦ୍ଦମାକ୍ତ, ପଙ୍କିଳ, କାଦୁଆ ।

**mis–** ପୂ.ପ୍ର. ନାସ୍ତି, ଭ୍ରମ ଓ ମନ୍ଦ ଅର୍ଥ ସୂଚକ ପ୍ରତ୍ୟୟ (mismanage, mistrust).

**misadventure** ବି. ଦୁର୍ଭାଗ୍ୟ, ଦୁର୍ଘଟଣା; *ଆଇନ୍* ଦୁର୍ଘଟଣାଜନିତ ମୃତ୍ୟୁ ।

**misalliance** ବି. ଅନୁପଯୋଗୀ ସମ୍ପର୍କ, ବିଶେ. ବୈବାହିକ ସମ୍ପର୍କ, ଅସମଞ୍ଜସ ବିବାହ ।

**misanthrope** ବି. (misanthropist ମଧ୍ୟ) ମାନବବିଦ୍ୱେଷୀ ବ୍ୟକ୍ତି; ସମାଜରେ ଯେ ରହିବାକୁ ଘୃଣାକରେ ।

**misanthropic** ବିଂ. ମାନବବିଦ୍ୱେଷୀ; କ୍ରି.ବିଂ. misanthropically.

**misapplication** ବି. ଅପପ୍ରୟୋଗ, ଭୁଲ୍ ପ୍ରୟୋଗ, ଅପବ୍ୟବହାର ।

**misapply** କ୍ରି. ଅପବ୍ୟବହାର କରିବା, ଭୁଲ୍ ପ୍ରୟୋଗ କରିବା ।

**misapprehend** କ୍ରି. ଭୁଲ୍ ବୁଝିବା; ଭୁଲ ଧାରଣା କରିବା ବା ଭିନ୍ନ ଭାବରେ ବୁଝିବା; ବି. misapprehension.

**misappropriate** କ୍ରି. (ଅନ୍ୟର ଧନ) ତୋଷରପ ବା ଆତ୍ମସାତ୍ କରିବା; ଅନ୍ୟାୟ ଭାବରେ ନିଜ ପାଇଁ ବ୍ୟୟ କରିବା ।

**misappropriation** ବି. ପରଧନ ଆତ୍ମସାତ୍, ଗବନ, ତୋଷରପ୍ ।

**misbegotten** ବିଂ. ଅବୈଧ, ଜାରଜ; ଅସମ୍ମାନଜନକ; ନିନ୍ଦନୀୟ ।

**misbehave** କ୍ରି. ଅଭଦ୍ର ବା ଅନ୍ୟାୟ ବ୍ୟବହାର କରିବା, ଦୁର୍ବ୍ୟବହାର କରିବା ।

**misbehaviour** ବି. ଦୁର୍ବ୍ୟବହାର, ଅସଦାଚାରଣ, ଅଶିଷ୍ଟତା ।

**miscalculate** କ୍ରି. ଭୁଲ୍ ଗଣନା, ଧାରଣା, ଅନୁମାନ ବା ଅଟକଳ କରିବା ।

**miscalculation** ବି. ଭୁଲ୍‌ଗଣନା, ଧାରଣା ବା ଅଟକଳ ।

**miscall** କ୍ରି. ଭୁଲ୍ ନାମରେ ଡାକିବା ।

**miscarriage** ବି. ଅକାଳପ୍ରସବ, ଗର୍ଭପାତ; (ଲକ୍ଷ୍ୟ, ଉଦ୍ୟମ, ଯୋଜନା ପ୍ରଭୃତିର) ବ୍ୟର୍ଥତା; ଅସଫଳତା ।

**miscarriage of justice** ବି. ନ୍ୟାୟଦେବାରେ ବିଚାରାଳୟର ବ୍ୟର୍ଥତା ।

**miscarry** କ୍ରି. (ବ୍ୟକ୍ତି ବା ପରିକଳ୍ପନା ପ୍ରଭୃତି) ଅକୃତକାର୍ଯ୍ୟ ହେବା; (ସ୍ତ୍ରୀଲୋକ ସମ୍ପର୍କରେ) ଅକାଳରେ ଗର୍ଭପାତ ହେବା; (ଚିଠି) ନିର୍ଦ୍ଦିଷ୍ଟ ସ୍ଥାନରେ ନ ପହଞ୍ଚିବା ।

**miscast** କ୍ରି. (ଅଭିନେତାଙ୍କୁ) ଭୁଲ୍ ଭୂମିକାରେ ନିର୍ବାଚନ କରିବା ।

**miscegenation** ବି. ବିଭିନ୍ନ ଜାତିର ମିଶ୍ରଣ; ଗୋରା କଳା ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପନ ଓ ସନ୍ତାନ ଉତ୍ପାଦନ ।

**miscellaneous** ବିଂ. ବିଭିନ୍ନ ପ୍ରକାରର, ବିବିଧ, ବହୁବିଧ; ମିଶ୍ରିତ ପ୍ରକୃତି ବା ଚରିତ୍ର ବିଶିଷ୍ଟ; କ୍ରି.ବିଂ. miscellaneously.

**miscellany** ବି. ବିବିଧ ସଂଗ୍ରହ ବା ସଂଚୟନ; ବିବିଧ ପ୍ରକାରର ମିଶ୍ରଣ; ପୁସ୍ତକାକାରରେ ବିଭିନ୍ନ ଧରଣର ପ୍ରବନ୍ଧ ବା ରଚନା ସଂଗ୍ରହ ।

**mischance** ବି. ଦୁର୍ଭାଗ୍ୟ, ଦୁର୍ବିପାକ ।

Digitized by srujanika@gmail.com

**mischief** ବି. ବାଳସୁଲଭ କୌତୁକ ବା ଦୁଷ୍ଟାମି, ଅନିଷ୍ଟ, କ୍ଷତି; ବିବାଦ, ମନାନ୍ତର; ପିଲାମାନଙ୍କର ବଦମାସି; make mischief ମନାନ୍ତର ଘଟାଇବା, ବିବାଦ ସୃଷ୍ଟି କରିବା ।

**mischievous** ବିଂ. (ବ୍ୟକ୍ତିସମ୍ପର୍କରେ) ଅନିଷ୍ଟପ୍ରିୟ, ଅନିଷ୍ଟକାରୀ; (ଆଚରଣ ସମ୍ପର୍କରେ) କ୍ଷତିକାରକ, କୌତୁକପୂର୍ଣ୍ଣ ଭାବରେ ଅନିଷ୍ଟକାରକ, ସାମାନ୍ୟ ଅନିଷ୍ଟକାରକ; (ବସ୍ତୁ ସମ୍ପର୍କରେ) ଅନିଷ୍ଟକର; କ୍ରି.ବିଂ. mischievously; ବି. mischievousness.

**miscible** ବିଂ. ମିଶ୍ରଣଯୋଗ୍ୟ; ବି. miscibility.

**misconceive** କ୍ରି. ଭୁଲ୍ ଧାରଣା କରିବା, ଭୁଲ୍ ବୁଝିବା ।

**misconception** ବି. ଭ୍ରାନ୍ତଧାରଣା ।

**misconduct** ବି. ଦୁର୍ବ୍ୟବହାର, ଅସଦାଚରଣ, ବ୍ୟଭିଚାର, ଦୁଶ୍ଚରିତ୍ରତା ।

**misconstrue** କ୍ରି. ଭୁଲ୍ ବ୍ୟାଖ୍ୟା କରିବା, ଭ୍ରାନ୍ତଧାରଣା ଦେବା; ବି. misconstruction.

**miscopy** କ୍ରି. ଭୁଲ୍ ନକଲ କରିବା ।

**miscount** 1. କ୍ରି. ଭୁଲ୍ ଗଣନା କରିବା; 2. ବି. ଭୁଲ୍ ଗଣନା ।

**miscreant** ବି. ଦୁର୍ବୃତ୍ତ, ଦୁରାଚାରୀ, ଗଣ୍ଡଗୋଳିଆ ବ୍ୟକ୍ତି ।

**misdeal** 1. କ୍ରି. (ତାସ୍‌ଖେଳରେ) ବାଣ୍ଟିବାରେ ଭୁଲ୍ କରିବା; 2. ବି. ତାସ୍ ପତ୍ରର ଭୁଲ୍ ବଣ୍ଟନ ।

**misdeed** ବି. କୁକର୍ମ, ଅପରାଧ ।

**misdemeanour** ବି. *ଆମେ.* misdemeanor ଅସଦାଚରଣ, ଦୁଷ୍କର୍ମ, ଦୁର୍ବ୍ୟବହାର, ସାମାନ୍ୟ (ଆଇନତଃ ଅଗ୍ରାହ୍ୟ) ଅପରାଧ ।

**misdirect** କ୍ରି. ଭୁଲ୍ ମାର୍ଗରେ ପରିଚାଳନା କରିବା; ବି. misdirection.

**misdoing** ବି. କୁକର୍ମ, ଅପରାଧ ।

***mise en scene*** ବି. ଅଭିନୀତ ନାଟକରେ ବ୍ୟବହୃତ ଦୃଶ୍ୟପଟ, ସାଜସଜ୍ଜା ପ୍ରଭୃତି; ଘଟଣାର ପରିବେଶ । *(ଫ.)*

**miser** ବି. କୃପଣ; ଲୋଭୀ; ବିଂ. miserly.

**miserable** ବିଂ. ଅସୁଖୀ, ଅସ୍ୱସ୍ତିକର, ଶୋଚନୀୟ; ଘୃଣ୍ୟ; ବି. miserableness; କ୍ରି.ବିଂ. miserably.

**misery** ବି. ଦୁଃଖ ବା କଷ୍ଟ, ଦୈନ୍ୟ; ଦୁର୍ଦ୍ଦଶା ।

**misfire** 1. କ୍ରି. ଗୁଳିଗୋଳା ନଫୁଟିବା; ମଟର ଇଞ୍ଜିନ୍ ନଚାଲିବା; (ଯୋଜନା ସମ୍ପର୍କରେ) ଅସଫଳ ହେବା ।

**misfit** ବି. କାର୍ଯ୍ୟ ବା ପରିବେଶ ସହିତ ଖାପ୍ ଖୁଆଇ ପାରୁ ନଥିବା ବ୍ୟକ୍ତି; ଅଯୋଗ୍ୟ ବ୍ୟକ୍ତି; ମାପ ଅନୁସାରେ ତିଆରି ହୋଇନଥିବା ପୋଷାକ ।

**misfortune** ବି. ଦୁର୍ଭାଗ୍ୟ, ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ।

**misgive** କ୍ରି. (ବ୍ୟକ୍ତିର ମନକୁ) ସଂଶୟାକୁଳ କରିବା, ସନ୍ଦିଗ୍ଧ କରିବା ।

**misgiving** ବି. *ସା.ବ.ବ.*ରେ ଅବିଶ୍ୱାସ, ସଂଶୟ ।

**misgovern** କ୍ରି. କୁପରିଚାଳନା କରିବା, କୁଶାସନ କରିବା; ବି. misgovernment.

**misguided** ବିଂ. ଭ୍ରାନ୍ତ, ଦିଗଭ୍ରଷ୍ଟ (ଚିନ୍ତା ଓ କାର୍ଯ୍ୟରେ) ।

**mishandle** କ୍ରି. ସଠିକ୍ ବ୍ୟବହାର ନ କରିବା; ଅପଟୁ ବ୍ୟବହାର କରିବା; ଟଣା ଓଟରା କରିବା ।

**mishap** ବି. ଅପ୍ରତ୍ୟାଶିତ ଦୁର୍ଘଟଣା ।

**mishear** କ୍ରି. ଭୁଲ୍ ବା ଅସମ୍ପୂର୍ଣ୍ଣ ଭାବେ ଶୁଣିବା ।

**mishit** 1. କ୍ରି. (ବଲ୍‌କୁ) ଭୁଲ୍‌ଭାବେ ମାରିବା; 2. ବି. ତ୍ରୁଟିପୂର୍ଣ୍ଣ ଆଘାତ ।

**mishmash** ବି. ଗୋଳିଆମିଶା ।

**misinform** କ୍ରି. ଭୁଲ୍ ସୂଚନା ବା ତଥ୍ୟ ଦେବା, ବିଭ୍ରାନ୍ତ କରିବା; ବି. misinformation.

**misinterpret** କ୍ରି. ଭୁଲ୍ ଅର୍ଥ କରିବା; ଭୁଲ୍ ବ୍ୟାଖ୍ୟା କରିବା; ବି. misinterpretaion.

**misjudge** କ୍ରି. ଭୁଲ୍ ବିଚାର କରିବା; ବିଚାରରେ ଭୁଲ୍ କରିବା; ବି. misjudgement.

**mislay** କ୍ରି. (କୌଣସି ପଦାର୍ଥକୁ) ଅସ୍ଥାନରେ ରଖିଦେବା ।

**mislead** କ୍ରି. କୁପଥରେ ନେବା; ବିପଥଗାମୀ କରିବା; ଭୁଆ ବୁଝେଇବା; ବିଂ. misleading.

**mismanage** କ୍ରି. ଭୁଲ୍ ବା ଅସଫଳ ପରିଚାଳନା କରିବା; ବି. mismanagement.

**mismatch** 1. କ୍ରି. ଭୁଲ୍ ଭାବରେ ଯୋଟକ କରିବା (ବିବାହ ସମ୍ପର୍କରେ); ଲାଏକ୍ ନ ହେବା; 2. ବି. ଭୁଲ୍ ନିର୍ବାଚନ ।

**misnomer** ବି. ସଂଜ୍ଞା ବା ନାମର ଭୁଲ୍ ବ୍ୟବହାର ।

**misogynist** ବି. ଯେ ନାରୀମାନଙ୍କୁ ଘୃଣାକରେ, ସ୍ତ୍ରୀ–ବିଦ୍ୱେଷୀ; ବିଂ. misogynistic.

Digitized by srujanika@gmail.com

**misogyny** ବି. ନାରୀ–ବିଦ୍ୱେଷ।
**misplace** କ୍ରି. ଭୁଲ୍ ସ୍ଥାନରେ ରଖିବା, ଅପାତ୍ରରେ (ସ୍ନେହ ବା ବିଶ୍ୱାସ) ସ୍ଥାପନ କରିବା; ବି. misplacement.
**misprint** 1. ବି. ଭୁଲ୍ ବା ଅଶୁଦ୍ଧ ଛାପା; 2. କ୍ରି. ଅଶୁଦ୍ଧ ଭାବରେ ଛାପିବା।
**misprision** ବି. *ଆଇନ* ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ବା ଅବହେଳା; ଜ୍ଞାତତଥ୍ୟ ଗୋପନ।
**mispronounce** କ୍ରି. ଭୁଲ୍ ଉଚ୍ଚାରଣ କରିବା; ବି. mispronunciation.
**misquote** କ୍ରି. ଅଶୁଦ୍ଧ ଭାବରେ ବକ୍ତବ୍ୟ ବା ପାଠ ଉଦ୍ଧାର କରିବା ବା ଉଲ୍ଲେଖ କରିବା; ବି. misquotation.
**misread** କ୍ରି. ଭୁଲ ଭାବରେ ପଢ଼ିବା, ଅର୍ଥ କରିବା, ବା ବୁଝିବା।
**misrepresent** କ୍ରି. ମିଥ୍ୟା ବିବରଣୀ ଦେବା; ଭୁଲ୍ ଭାବରେ ଉପସ୍ଥାପନ କରିବା; ବି. misrepresentation.
**misrule** 1. ବି. କୁଶାସନ, ବିଶୃଙ୍ଖଳା; 2. କ୍ରି. କୁଶାସନ କରିବା।
**miss**[1] 1. କ୍ରି. (ଲକ୍ଷ୍ୟସ୍ଥାନକୁ) ଧରିବା, ପାଇବା ବା ପହଞ୍ଚିବାରେ ବିଫଳ ହେବା; (ଦେଖିବା, ଶୁଣିବା ବା ବୁଝିବାରେ) ଅସମର୍ଥ ହେବା; ସୌଭାଗ୍ୟହେତୁ (ବିପଦରୁ) ରକ୍ଷା ପାଇଯିବା; କାହାର ଅନୁପସ୍ଥିତି ବା ଅଭାବ ଅନୁଭବ କରିବା; 2. ବି. ଆଘାତ ପ୍ରଦାନ ବା ଲକ୍ଷ୍ୟସାଧନ କରିବାରେ ଅସାମର୍ଥ୍ୟ; miss out (on) ଛାଡ଼ିଯିବା, ବାଦ୍‌ଦେବା; ନପାଇ ପାରିବା।
**miss**[2] ବି. କୁମାରୀ; ଅବିବାହିତା ରମଣୀ, ଶିକ୍ଷୟିତ୍ରୀ ପ୍ରଭୃତିଙ୍କୁ ସମ୍ବୋଧନ; ନିର୍ଦ୍ଦିଷ୍ଟ ଅଞ୍ଚଳର ସୁନ୍ଦରୀ ସ୍ୱୀର ଉପାଧି (Miss India, Miss World).
**missal** ବି. ରୋମାନ୍ କେଥଲିକ୍ ସମ୍ପ୍ରଦାୟର ଧର୍ମ ବା ପ୍ରାର୍ଥନା ପୁସ୍ତକ।
**misshapen** ବିଂ. କଦାକାର, ବିକୃତ।
**missile** ବି. ବର୍ଚ୍ଛା, ତୀର, ଗୁଳି, ଢେଲାପ୍ରଭୃତି ନିକ୍ଷେପଯୋଗ୍ୟ ଅସ୍ତ୍ର; କ୍ଷେପଣାସ୍ତ୍ର।
**missing** ବିଂ. ନିଜ ସ୍ଥାନରେ ନଥିବା; ଅନ୍ତର୍ହିତ, ହଜିଯାଇଥିବା; (ବ୍ୟକ୍ତି ସମ୍ପର୍କରେ) ନିଖୋଜ।
**missing link** ବି. ମନୁଷ୍ୟ ଓ ବାନରର ମଧ୍ୟବର୍ତ୍ତୀ ବର୍ତ୍ତମାନ ଅନ୍ତର୍ହିତ ଜୀବ; ଯେ କୌଣସି ଅଜ୍ଞାତ (ଅନୁସନ୍ଧାନ ସାପେକ୍ଷ) ମଧ୍ୟବର୍ତ୍ତୀ ପଦାର୍ଥ।
**mission** ବି. ମିଶନ୍; ନୀତିଗତ ଆଲୋଚନା, ଧର୍ମପ୍ରଚାର ବା ଲୋକହିତକର କାର୍ଯ୍ୟ ନିମନ୍ତେ ପ୍ରେରିତ ବ୍ୟକ୍ତି ବା ସଂପ୍ରଦାୟ; ମିଶନାରି କାର୍ଯ୍ୟ, ଯାତ୍ରା ପ୍ରଭୃତି; ଲକ୍ଷ୍ୟ; ଉଦ୍ଦେଶ୍ୟ।
**missionary** 1. ବିଂ. ଧର୍ମ ସଂଘ ବା ପ୍ରଚାର ସମ୍ବନ୍ଧୀୟ; 2. ବି. ଧର୍ମ ବା ଆଦର୍ଶ ପ୍ରଚାରକ।
**missis** ବି. (missus ମଧ୍ୟ) *କ.ଭା.* ଭୃତ୍ୟମାନଙ୍କଦ୍ୱାରା ବ୍ୟବହୃତ ସମ୍ବୋଧନ: ମାଲିକାଣୀ, ସାଆନ୍ତାଣୀ; the missis ମୋର ବା ତୁମର ସ୍ତ୍ରୀ।
**missive** ବି. *ପରି.* ସରକାରୀ ଚିଠି; ଲମ୍ବା ଓ ଗୁରୁତ୍ୱପୂର୍ଣ୍ଣ ଚିଠି।
**misspell** କ୍ରି. ଭୁଲ୍ ବନାନ୍ କରିବା।
**misspend** କ୍ରି. ବୃଥା ଖର୍ଚ୍ଚ କରିବା; ଅପବ୍ୟୟ କରିବା।
**misstate** କ୍ରି. ଭୁଲ୍ ଭାବରେ କହିବା ବା ବର୍ଣ୍ଣନା କରିବା; ମିଥ୍ୟା କହିବା; ବି. misstatement.
**mist** 1. ବି. ଘନୀଭୂତ ଜଳୀୟ ବାଷ୍ପ; କୁହୁଡ଼ି; ଆଖି ଆଗରେ ଝାପ୍‌ସା ଦେଖାଯିବା, ଝାଲ୍‌ଝାଲିଆ ଦୃଶ୍ୟ; 2. କ୍ରି. ଜଳୀୟ ବାଷ୍ପ ବା କୁହୁଡ଼ିଦ୍ୱାରା ଆଚ୍ଛନ୍ନ ହେବା।
**mistake** 1. ବି. ଭୁଲ୍, ଭ୍ରମ, ତ୍ରୁଟି, ଭ୍ରମାତ୍ମକ ଧାରଣା ବା ମତ; 2. କ୍ରି. ଭୁଲ୍ କରିବା; ଭୁଲ୍ ବୁଝିବା; ଭୁଲ୍‌କୁ ଠିକ୍ ବୋଲି ଭାବିବା।
**mistaken** ବିଂ. ଭୁଲ୍, ଭ୍ରାନ୍ତ, ଅଶୁଦ୍ଧ; କ୍ରି.ବିଂ. mistakenly.
**mister** ବି. *କ.ଭା.* *ପରି.* ବୟଃପ୍ରାପ୍ତ ପୁରୁଷର ନାମ ପୂର୍ବରୁ ବ୍ୟବହୃତ ସୌଜନ୍ୟସୂଚକ ଶବ୍ଦ।
**mistime** କ୍ରି. ଅସମୟ ବା ଭୁଲ୍ ସମୟରେ କରିବା ବା କହିବା।
**mistletoe** ବି. ସେଓ ଏବଂ ଅନ୍ୟ କେତେକ ଗଛରେ ଜନ୍ମୁଥିବା ମଲାଙ୍ଗ ବିଶେଷ।
**mistreat** କ୍ରି. ଦୁର୍ବ୍ୟବହାର କରିବା; ବି. mistreatment.
**mistress** ବି. ଗୃହିଣୀ, ଶିକ୍ଷୟିତ୍ରୀ, ମାଲିକାଣୀ; ରକ୍ଷିତା; (*ସା.* ବିବାହିତ) ପୁରୁଷ ସହ ଅବୈଧ ସଂପର୍କ ରଖିଥିବା ସ୍ତ୍ରୀ।
**mistrial** ବି. ଦୋଷପୂର୍ଣ୍ଣ ବା ତ୍ରୁଟିଯୁକ୍ତ ବିଚାର।
**mistrust** 1. କ୍ରି. ଅବିଶ୍ୱାସ କରିବା, ସନ୍ଦେହ କରିବା; 2. ବି. ଅବିଶ୍ୱାସ, ସନ୍ଦେହ; ବିଂ. mistrustful; କ୍ରି.ବିଂ. mistrustfully.

Digitized by srujanika@gmail.com

**misty** ବିଂ. କୁହୁଡ଼ିଆ; ଅସ୍ପଷ୍ଟ, ଝାପ୍‌ସା; *କ୍ରି.ବିଂ.* mistily; ବି. mistiness.

**misunderstand** *କ୍ରି.* ଭୁଲ୍ ବୁଝିବା, ଭୁଲ୍ ଅର୍ଥ କରିବା, ଭୁଲ୍ ଅର୍ଥରେ ଗ୍ରହଣ କରିବା।

**misunderstanding** ବି. ଭୁଲ୍ ବୁଝାମଣା, ମନାନ୍ତର; ସାମାନ୍ୟ ବିବାଦ।

**misusage** ବି. ଦୁର୍ବ୍ୟବହାର; ଭୁଲ୍ ବ୍ୟବହାର; ପଦର ତ୍ରୁଟିପୂର୍ଣ୍ଣ ବ୍ୟବହାର।

**misuse** 1. *କ୍ରି.* ଅପବ୍ୟବହାର କରିବା; ଭୁଲ୍ ବ୍ୟବହାର ବା ଦୁର୍ବ୍ୟବହାର କରିବା; 2. ବି. ଅପବ୍ୟବହାର, ଦୁର୍ବ୍ୟବହାର।

**mite** ବି. ସାମାନ୍ୟତମ ଅଂଶ; ଅତି କ୍ଷୁଦ୍ର ପଦାର୍ଥ, ଛୋଟ ପିଲା; ସାମାନ୍ୟ ଅବଦାନ।

**mitigate** *କ୍ରି.* ଉପଶମ କରିବା; ହ୍ରାସ କରିବା; ଶାନ୍ତ କରିବା; ବି. mitigation.

**mitosis** ବି. *ପ୍ରାଣୀ* ଜୀବକୋଷ ବିଭାଜନର ପଦ୍ଧତି ବିଶେଷ।

**mitre** 1. ବି. ଧର୍ମାଧକ୍ଷଙ୍କର ଉନ୍ନତ ଶିରୋଭୂଷା; ଦୁଇ କାଠଖଣ୍ଡର ସମକୋଣ ଉତ୍ପନ୍ନ ହେଲା ଭଳି ସଂଯୋଗ; 2. *କ୍ରି.* ମୁକୁଟଦ୍ୱାରା ଭୂଷିତ କରିବା।

**mitt** ବି. (mitten ମଧ୍ୟ) ଦସ୍ତାନା (ଆଙ୍ଗୁଠି ଗୁଡ଼ିକ ବାହାରେ ରହୁଥିବା); *ସା.ପ୍ର.* ହାତ, ମୁଷ୍ଟି।

**mix** 1. *କ୍ରି.* ମିଶାଇବା, ମିଶିବା; ଏକାଠି କରିବା, ସମ୍ମିଳିତ କରିବା; ଏକତ୍ର ମିଶି ଚଳିବା; ଏକତ୍ର ହେବା; ଭାଗନେବା; ଯୋଗଦେବା; 2. ବି. ମିଶ୍ରଣ; ମିଶ୍ରିତ ବସ୍ତୁ; be mixed up in (with) ସମ୍ପୃକ୍ତ ହେବା; mix it *କ.ଭା.* ଯୁଦ୍ଧାରମ୍ଭ କରିବା; mix up ଭଲଭାବେ ମିଶାଇବା; ଗୋଳମାଳିଆ କରିଦେବା।

**mixed** ବିଂ. ମିଶ୍ରିତ, ମିଳିତ।

**mixed bag** ବି. ବିବିଧ ଉପାଦାନର ମିଶ୍ରଣ।

**mixed blessing** ବି. ଉଭୟ ସୁବିଧା ଓ ଅସୁବିଧା ଥିବା ବିଷୟ।

**mixed doubles** ବି. (ଟେନିସ୍ ପ୍ରଭୃତି ଖେଳରେ) ଉଭୟ ଦଳରେ ସ୍ତ୍ରୀ ପୁରୁଷ ଯୁଗଳ ଥିବା ଖେଳ।

**mixed economy** ବି. ମିଶ୍ର ଅର୍ଥନୀତି, ଉଭୟ ଘରୋଇ ଏବଂ ସରକାରୀ ଉଦ୍ୟୋଗ ସମନ୍ୱିତ ଅର୍ଥନୀତିକ ବ୍ୟବସ୍ଥା।

**mixed farming** ବି. ଉଭୟ ଶସ୍ୟ ଏବଂ ପ୍ରାଣୀ ସଂପଦର ଉତ୍ପାଦନ।

**mixed feelings** ବି. ଆନନ୍ଦ ଓ ବିଷାଦର ମିଶ୍ର ଭାବ।

**mixed grill** ବି. କଟାମାଂସ ଓ ପରିବା ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟ।

**mixed marriage** ବି. ମିଶ୍ର ବିବାହ (ବିଭିନ୍ନ ଧର୍ମ ଓ ଜାତିର ବରକନ୍ୟା ବିବାହ)।

**mixed metaphor** ବି. ପରସ୍ପର ଅସଂଲଗ୍ନ ରୂପକର ଏକତ୍ର ସମାବେଶ ଜନିତ ଦୋଷ।

**mixed–up** ବିଂ. *କ.ଭା.* ମାନସିକ ଅଥବା ଆବେଗଗତ ଭାବରେ ଅସଂଲଗ୍ନ; ସମାଜ ସହିତ ଖାପଖୁଆଇ ଚଳିପାରୁ ନଥିବା।

**mixer** ବି. ଯେଉଁଥିରେ ଖାଦ୍ୟ ପଦାର୍ଥ ମିଶାଯାଏ; ଅନ୍ୟ ପାନୀୟ ସହିତ ମିଶା ଯିବା ପାନୀୟ; ଯେଉଁ ବ୍ୟକ୍ତି ସମାଜରେ ସହଜରେ ମିଶେ।

**mixture** ବି. ମିଶ୍ରଣ; ତରଳ ଔଷଧ; ମିଶ୍ରିତ ପଦାର୍ଥ; ବାରମଜା।

**mix–up** ବି. ଭୁଲ ବୁଝାମଣା, ସନ୍ଦେହ, ଗଣ୍ଡଗୋଳ।

**mizen** ବି. (mizzen ମଧ୍ୟ) ଜାହାଜର ପଛ ମାସ୍ତୁଲର ପାଲ।

**mizen–mast** ବି. ଜାହାଜର ପଛ ମାସ୍ତୁଲ।

**ml** *ସଂଶ.* millilitre(s) ମିଲିଲିଟର; mile(s) ମାଇଲ।

**M.Litt.** *ସଂଶ.* Master of Letters.

**MLR** *ସଂଶ.* minimum lending rate.

**MM** *ସଂଶ.* Messieurs ଭଦ୍ରବ୍ୟକ୍ତିଗଣ; Military Medal ସାମରିକ ପଦକ।

**mm** *ସଂଶ.* millimetre(s) ମିଲିମିଟର।

**Mmes** *ସଂଶ.* Madame, Mesdames ମାଡାମ୍।

**Mn** *ପ୍ର.* manganese ମାଙ୍ଗାନିଜ୍।

**mnemonic** (ନିମନିକ୍) 1. ବିଂ. ସ୍ମରଣ ବା ସ୍ମୃତିରେ ସହାୟକ; 2. ବି. ସ୍ମୃତି–ସହାୟକ ଉପାୟ; *କ୍ରି.ବିଂ.* mnemonically.

**MO** *ସଂଶ.* Medical Officer ମେଡିକାଲ୍ ଅଫିସର୍; money order ମନିଅର୍ଡର।

**Mo** *ପ୍ର.* Molybdenum ମଲିବ୍‌ଡିନମ୍।

**moa** ବି. ନ୍ୟୁଜିଲାଣ୍ଡର ଅଧୁନା ଲୁପ୍ତ ଓଟପକ୍ଷୀ ଜାତୀୟ ପକ୍ଷୀ ବିଶେଷ।

**moan** 1. ବି. ଶାରୀରିକ ବା ମାନସିକ ବେଦନାଜନିତ ଅସ୍ପଷ୍ଟ ବିଳାପ ବା ଆନନ୍ଦଜନିତ ଧ୍ୱନି; ଯନ୍ତ୍ରଣା ଜନିତ ମୃଦୁ କରୁଣଧ୍ୱନି; ପବନର

Digitized by srujanika@gmail.com

ମର୍ମର ଧ୍ୱନି; 2. କ୍ରି. କ.ଭା. ଅଭିଯୋଗ, ବିଳାପ ବା ସୁଖଧ୍ୱନି କରିବା; ଦୁଃଖ ବା ଆନନ୍ଦର ମୃଦୁଧ୍ୱନି କରିବା ।

**moat** ବି. ଗଡ଼ଖାଇ, ଦୁର୍ଗ ପରିଖା ।

**mob** 1. ବି. ବିକ୍ଷୁବ୍ଧ ଜନତା, ଆକ୍ରମଣକାରୀ ବିଶୃଙ୍ଖଳ ଜନସମୂହ, କୋଳାହଳକାରୀ ଜନତା; ଅବ. ସାଧାରଣ ଲୋକେ; କ.ଭା. ଦଳ, ଗୋଷ୍ଠୀ; 2. କ୍ରି. (ଜନତା ସମ୍ପର୍କରେ) ଆକ୍ରମଣ କରିବା; (କ୍ରୋଧ ବା ଉଲ୍ଲାସ ଯୋଗୁଁ) ଚାରିପାଖରୁ ଘେରିଯିବା ।

**mobile** 1. ବିଂ. ଭ୍ରାମ୍ୟମାଣ, ଗତିଶୀଳ; (ମୁଖସମ୍ପର୍କରେ) ଶୀଘ୍ର ଭାବ ପରିବର୍ତ୍ତନ କରିପାରୁଥିବା; (ଦୋକାନ ସମ୍ପର୍କରେ) ସ୍ଥାନରୁ ସ୍ଥାନକୁ ବୁଲି ପାରୁଥିବା; (ବ୍ୟକ୍ତି ସମ୍ପର୍କରେ) ସାମାଜିକ ସ୍ଥିତି ପରିବର୍ତ୍ତନ କରିପାରୁଥିବା; 2. ବି. ସହଜରେ ବୁଲାଯାଇ ପାରୁଥିବା ଗୃହସଜ୍ଜାର ଉପକରଣ; ମୋବାଇଲ୍ ଫୋନ୍; ବି. mobility.

**mobilize** କ୍ରି. ଗତିଶୀଳ କରିବା, ବ୍ୟବହାର ପାଇଁ ପ୍ରସ୍ତୁତ କରିବା; ଯୁଦ୍ଧ ନିମନ୍ତେ ସୈନ୍ୟମାନଙ୍କୁ ସଂଗଠିତ କରିବା; ବି. mobilization.

**mobster** ବି. ଆ.ପ୍ର. ଅପରାଧୀ ଦଳର ସଭ୍ୟ ।

**moccasin** ବି. ଉତ୍ତର ଆମେରିକୀୟ ତଥାକଥିତ ଭାରତୀୟମାନଙ୍କଦ୍ୱାରା ବ୍ୟବହୃତ ଏକଜାତୀୟ ନରମ ଯୋତା ।

**mocha** ବି. ଉତ୍କୃଷ୍ଟ କଫି ।

**mock** 1. କ୍ରି. ବ୍ୟଙ୍ଗ କରିବା, ଉପହାସ କରିବା, କୌତୁକ କରିବା, ବିଦ୍ରୂପ କରିବା; 2. ଗୁଣ ବିଂ. କୃତ୍ରିମ, ମିଥ୍ୟା, କପଟ; ନକଲି; 3. ବି. ଚ.ଚ. ଅଭ୍ୟାସପାଇଁ ବଡ଼ ପରୀକ୍ଷା ଅନୁରୂପ ପରୀକ୍ଷା ପ୍ରଦାନ ।

**mockery** ବି. ବ୍ୟଙ୍ଗ, ବିଦ୍ରୂପ; ଉପହାସ; ହାସ୍ୟୋଦ୍ଦୀପକ ଅନୁକରଣ; ହାସ୍ୟାସ୍ପଦ ବ୍ୟକ୍ତି ବା ବସ୍ତୁ; ଉପହସିତ ବ୍ୟର୍ଥ ପ୍ରୟାସ ।

**mockingbird** ବି. ଅନ୍ୟ ପକ୍ଷୀମାନଙ୍କର ରାବକୁ ଅନୁକରଣ କରୁଥିବା ପକ୍ଷୀ ।

**mock orange** ବି. ସୁବାସିତ ଧଳା ଫୁଲଯୁକ୍ତ ଗୁଳ୍ମବିଶେଷ ।

**mock turtle soup** ବି. (କଇଁଛ ମାଂସର ସୁପ୍‌ର ସ୍ୱାଦ ଅନୁକରଣରେ) ବାଛୁରୀ ମୁଣ୍ଡରୁ ପ୍ରସ୍ତୁତ ସୁରୁଆ ।

**mock-up** ବି. ବାସ୍ତବ ପ୍ରକଳ୍ପର ପରୀକ୍ଷା ମୂଳକ ମଡ଼େଲ୍ ବା ପ୍ରତିରୂପ ।

**mod** କ.ଭା. 1. ବି. ଆଧୁନିକ ପୋଷାକ ପରିହିତ ଯୁବକ/ ଯୁବତୀ (ବିଶେ. ଷଷ୍ଠଦଶକର); 2. ବିଂ. ଆଧୁନିକ ।

**modal** ବିଂ. ଆକାର ସମ୍ପର୍କୀୟ, ବାହ୍ୟ ଆକୃତିଗତ; ରୀତିଗତ; ବ୍ୟା. modal verbs ବାକ୍ୟର ଭାବ (mood) ନିର୍ଣ୍ଣାୟକ ସହାୟକ କ୍ରିୟାସମୂହ, ଉଦା. may, must, would ପ୍ରଭୃତି ।

**mod cons** ବି. ସଂଶ. ଆଧୁନିକ ସୁଖ ସୁବିଧା ।

**mode** ବି. ପ୍ରକାର, ରୀତି, ଢଙ୍ଗ, ଢାଞ୍ଚା, ପ୍ରଣାଳୀ, ପ୍ରଚଳିତ ରୀତି ବା ପ୍ରଥା ।

**model** 1. ବି. ଆଦର୍ଶ; ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ବିଶିଷ୍ଟ କ୍ଷୁଦ୍ର ପ୍ରତିରୂପ; ଛାଞ୍ଚ, ନକଲ; ନକ୍ସା; ଗଠନରୀତି ଅନୁକରଣ ପାଇଁ ପ୍ରସ୍ତାବିତ ବ୍ୟକ୍ତି ବା ପଦାର୍ଥ ସମରୂପ ବ୍ୟକ୍ତି ବା ବସ୍ତୁ; ଚିତ୍ର ଶିଳ୍ପୀର ଆଦର୍ଶ ରୂପେ ବ୍ୟବହୃତ ବ୍ୟକ୍ତି; ବସ୍ତ୍ର ବିପଣୀରେ ବେଶଭୂଷା ପ୍ରଦର୍ଶନ କରୁଥିବା ବ୍ୟକ୍ତି ବା ମୂର୍ତ୍ତି; 2. ବିଂ. ଆଦର୍ଶ ସ୍ୱରୂପ, ଅନୁକରଣ ଯୋଗ୍ୟ; 3. କ୍ରି. ଆମେ. ଆଦର୍ଶ ଅନୁଯାୟୀ ନିର୍ମାଣ କରିବା, ଗଠନ କରିବା, ନକଲ କରିବା, ଅନୁକରଣ କରିବା, ମାଟି ବା ମହମ ଦ୍ୱାରା ମୂର୍ତ୍ତି ଗଠନ କରିବା ।

**modem** ବି. କମ୍ପ୍ୟୁଟର୍ ଏବଂ ଟେଲିଫୋନ୍ ତାର ମଧ୍ୟରେ ସ୍ୱରାରୋହ ତଥା ଅବରୋହ ନିମନ୍ତେ ମିଳିତ ବ୍ୟବସ୍ଥା ।

**moderate** 1. ବିଂ. ମଧ୍ୟମ, ମଝିମଝିଆ, ନିରତିଶୟ; ପରିମିତ; ମଧ୍ୟମ ବା ଚଳନୀୟ ରୂପେ ବଡ଼ ବା ଭଲ; (ବାୟୁ ସମ୍ପର୍କରେ) ମଧ୍ୟମ ଗତିର; (ମୂଲ୍ୟ ସମ୍ପର୍କରେ) ବେଶ୍ କମ୍; 2. ବି. (ରାଜନୀତି ପ୍ରଭୃତିରେ) ନରମ ପନ୍ଥୀ ବ୍ୟକ୍ତି; 3. କ୍ରି. କୌଣସି ପ୍ରକାର ଆତିଶଯ୍ୟକୁ ହ୍ରାସ କରିବା ।

**moderation** ବି. ଅବଦମନ, ଆତିଶଯ୍ୟର ହ୍ରସ୍ୱକରଣ ।

**moderator** ବି. ମଧ୍ୟସ୍ଥ; ବିଚାର ବିମର୍ଶ ବା ଆଲୋଚନା ସଭାର ପରିଚାଳକ, ଅବଦମକ ।

**modern** 1. ବିଂ. ଆଧୁନିକ, ନୂତନ, ନବ୍ୟ, ସାଂପ୍ରତିକ ଚଳଣି ବିଶିଷ୍ଟ; 2. ବି. ଆଧୁନିକ (ରୁଚି ଓ ମତ ସମ୍ପନ୍ନ) ବ୍ୟକ୍ତି ।

Digitized by srujanika@gmail.com

**modern English** ବି. ୧୫୦୦ ଖ୍ରୀ. ପରବର୍ତ୍ତୀ ଇଂରାଜୀ ଭାଷା ।
**modernism** ବି. ଆଧୁନିକବାଦ; ଆଧୁନିକଭାବ ବା ରୀତି ।
**modernist** ବି. ଆଧୁନିକବାଦର ଅନୁରାଗୀ ବା ସମର୍ଥକ ।
**modernity** ବି. ଆଧୁନିକତା ।
**modernize** କ୍ରି. ଆଧୁନିକ କରିବା; ଆଧୁନିକ ରୀତିନୀତି ଗ୍ରହଣ କରିବା; ବି. modernization.
**modest** ବିଂ. ନିଜର ଯୋଗ୍ୟତା ସମ୍ପର୍କରେ ବିନମ୍ର ମତ ପୋଷଣକାରୀ; ଔଚିତ୍ୟଜ୍ଞାନ ହେତୁ ସଂଯତ; ବିନୀତ; ଦମ୍ଭହୀନ; ସଲ୍ଲଜ୍ଜ, ଶିଷ୍ଟ; (ଦାବି ଓ ବିବରଣ ସମ୍ପର୍କରେ) ଅନଧିକ, ନିଷ୍କଳ, ମିତବ୍ୟୟୀ; କ୍ରି.ବିଂ. modestly.
**modesty** ବିଂ. ନମ୍ରତା, ବିନୟ, ଶାଳୀନତା ।
**modicum** ବି. ଯତ୍କିଂଚିତ୍; ଯତ୍ ସାମାନ୍ୟ ପରିମାଣ ।
**modification** ବି. ସାମାନ୍ୟ ପରିବର୍ତ୍ତନ; ପରିବର୍ତ୍ତିତ ରୂପ ।
**modificatory** ବିଂ. ପରିବର୍ତ୍ତନମୂଳକ, ରୂପାନ୍ତର ସୂଚକ ।
**modify** କ୍ରି. ଆଂଶିକ ପରିବର୍ତ୍ତନ କରିବା, ରୂପ ବଦଳାଇବା; ସ୍ୱର କମାଇଦେବା; *ବ୍ୟା.* ଶବ୍ଦର ଗୁଣ ପ୍ରକାଶ କରିବା ।
**modish** ବିଂ. ବେଶଭୂଷା ପ୍ରିୟ, ଫେଶନବାଜ; କ୍ରି.ବିଂ. modishly.
**modiste** ବି. ଟୋପି ବା ପୋଷାକ ପ୍ରସ୍ତୁତକାରୀ ।
**modulate** କ୍ରି. ନିୟନ୍ତ୍ରିତ କରିବା; ସମତା ରକ୍ଷା କରିବା; ସ୍ୱରର ଆବଶ୍ୟକ ପରିବର୍ତ୍ତନ କରିବା; *ସଂଗୀତ* ଏକ ଗ୍ରାମରୁ ଅନ୍ୟକୁ ସ୍ୱର ବଦଳାଇବା; ବି. modulation.
**module** ବି. (ଆସବାବ, ଗୃହ, ଯାନ ଇଲେକ୍ଟ୍ରନିକ୍ ବ୍ୟବସ୍ଥା ଆଦି) ନିର୍ମିତ ସାମଗ୍ରୀର ଅଂଶ ବା ଏକକ; ଶିକ୍ଷା ବା ପ୍ରଶିକ୍ଷଣର ଅବଧି ବା ଏକକ; ବିଂ. modular.
**modulus** ବି. (ବ.ବ. moduli) *ଗଣିତ* ଅପରିବର୍ତ୍ତିତ ଗୁଣନୀୟକ ବା ଅନୁପାତ ।
***modus–operandi*** ବି. କାର୍ଯ୍ୟକରିବାର ରୀତି ବା ପ୍ରଣାଳୀ; କାର୍ଯ୍ୟଧାରା ବା ପଦ୍ଧତି । *(ଲା.)*
***modus vivendi*** ବି. ବଂଚିରହିବାର ଧାରା ବା ରୀତି; ବିବାଦୀୟ ବିଷୟରେ ଶେଷ ନିଷ୍ପତ୍ତି ଅପେକ୍ଷାରେ ବିବାଦୀମାନଙ୍କ ମଧ୍ୟରେ ହେବା ଅସ୍ଥାୟୀ ସାଲିସ୍; କାମଚଳା ବ୍ୟବସ୍ଥା । *(ଲା.)*
**mog** ବି. *ସା.ପ୍ର.* (moggie ମଧ୍ୟ) ବିରାଡ଼ି ।
**mogul** ବି. *କ.ଭା.* ପ୍ରଧାନ ବା ପ୍ରଭାବଶାଳୀ ବ୍ୟକ୍ତି; *ଇତି.* Mogul ମଂଗୋଲୀୟ; the (Great or Grand) Mogul *ଭା.* ମୋଗଲ ସମ୍ରାଟ (୧୬ରୁ ୧୯ଶ ଶତକ ମଧ୍ୟରେ) ।
**mohair** ବି. ଅଙ୍ଗୋରା ଛେଳିର ଲୋମ; ଏହି ଲୋମରେ ପ୍ରସ୍ତୁତ ସୂତା ବା ବସ୍ତ୍ର ।
**Mohammedan** ବିଂ. Muhammadan.
**moiety** ବି. *ଆଇନ୍ ବା ସାହି.* ଦ୍ୱିଭାଗ ବିଶିଷ୍ଟ ବସ୍ତୁର ଭାଗଟିଏ; ଅର୍ଦ୍ଧାଂଶ ।
**moil** କ୍ରି. ପରିଶ୍ରମ କରିବା, କଷ୍ଟରେ କାମ କରିବା ।
**moire** ବି. moire antique ଜଳସିକ୍ତ କପଡ଼ା, ବିଶେ. ରେଶମ ।
**moist** ବିଂ. ଭିଜା, ଆର୍ଦ୍ର; ସିକ୍ତ; ଅଳ୍ପଓଦା; (ଋତୁ ସମ୍ପର୍କରେ) ବର୍ଷାକାଳୀନ ।
**moisten** କ୍ରି. ଓଦା କରିବା ବା ହେବା; ଭିଜାଇବା ।
**moisture** ବି. ଆର୍ଦ୍ରତା, ଜଳୀୟବାଷ୍ପ ।
**moisturize** କ୍ରି. ଅଳ୍ପ ଓଦାଳିଆ କରିବା; ମଲମ ପ୍ରଭୃତି ପ୍ରୟୋଗରେ (ଚର୍ମକୁ) କମ୍ ଶୁଖିଲା କରିବା ।
**molar** 1. ବିଂ. (ସ୍ତନ୍ୟପାୟୀ ପ୍ରାଣୀର ଦନ୍ତ ସମ୍ପର୍କରେ) ଚର୍ବଣକାରୀ; 2. ବି. ପେଷଣ ଦନ୍ତ, କଳଦାନ୍ତ ।
**molasses** ବି. ଗୁଡ଼, ପାଣିଆ ଗୁଡ଼ ।
**mole**[1.] ବି. ଚୁଚୁନ୍ଦ୍ରୀ, ଗନ୍ଧମୂଷିକ ।
**mole**[2.] ବି. ତିଳଚିହ୍ନ, କଳାଯାଇ ।
**mole**[3.] ବି. କୃତ୍ରିମ ପୋତାଶ୍ରୟ; ପାଣି ଅଟକାଇବା ପାଇଁ ନିର୍ମିତ ପଥର ବନ୍ଧ ।
**mole**[4.] ବି. *ରସା.* ୦.୦୧୨ କି.ଗ୍ରା. ଆଇସୋଟୋପ୍ କାର୍ବନ–୧୨ରେ ସ୍ଥିତ ଅଣୁସଂଖ୍ୟାର ସମପରିମାଣ ବିଶିଷ୍ଟ ପଦାର୍ଥ ।
**molecular** ବିଂ. ଆଣବିକ, ଅଣୁବିଶିଷ୍ଟ; ଅଣୁ ସମ୍ବନ୍ଧୀୟ; ବିଂ. molecularity.
**molecule** ବି. ଅଣୁ, କୌଣସି ମୌଳିକ ବା ଯୌଗିକ ପଦାର୍ଥର କ୍ଷୁଦ୍ରତମ ଅଂଶ; ଅଳ୍ପ ପରିମାଣ ।

Digitized by srujanika@gmail.com

**molehill** ବି. ମାଟିଳୁଦ; ଚୁଚୁନ୍ଦ୍ରା ଜମା କରିଥିବା ମାଟିଗଦା; make a mountain out of a molehill ସାମାନ୍ୟ କଥାପାଇଁ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କରିବା; ତିଳକୁ ତାଳ କରିବା।

**molest** କ୍ରି. ଚଣା ଓଟରା କରିବା, ବିରକ୍ତ କରିବା, ହଇରାଣ କରିବା ବା ରଗାଇବା; ଯୌନ ଉତ୍ପୀଡନ କରିବା; ବି. molester.

**molestation** ବି. ଯୌନ ଉତ୍ପୀଡ଼ନ; ହଇରାଣ ହରକତ।

**moll** ବି. କ.ଭା. ବେଶ୍ୟା; ଅପରାଧୀର ନାରୀ ସଂଗୀ।

**mollify** କ୍ରି. ଶାନ୍ତ ବା ସନ୍ତୁଷ୍ଟ କରିବା, ଯନ୍ତ୍ରଣା ଉପଶମ କରିବା; ନରମ ବା କୋମଳ ହେବା; ବି. mollification.

**mollusc** ବି. *ଆମେ.* mollusk ଗେଣ୍ଡା, ଶାମୁକା, ଶଙ୍ଖପ୍ରଭୃତି କଠିନ ଆବରଣଯୁକ୍ତ କୋମଳଦେହୀ ଅମେରୁଦଣ୍ଡୀ ପ୍ରାଣୀ।

**mollycoddle** 1. ବି. ମାଇଚିଆ ପୁରୁଷ ବା ବାଳକ; 2. କ୍ରି. ଅତି ଆଦର କରିବା; ପ୍ରଶୟ ଦେବା।

**molten** ବିଂ. ଉତ୍ତାପଦ୍ୱାରା ତରଳୀକୃତ, ଗଳିତ।

**molto** କ୍ରି.ବିଂ. *ସଂଗୀତ* ଅତିଶୟ, ଅଧିକ।

**molybdenum** ବି. ଏକଜାତୀୟ ରଜତଶୁଭ୍ର ଧାତବ ଉପାଦାନ।

**moment** ବି. ମୁହୂର୍ତ୍ତ, କ୍ଷଣ; ଅତି ଅଳ୍ପ ସମୟ; ଗୁରୁତ୍ୱ (of great moment); at the moment ଏହି ସମୟରେ, ନିମିଷକରେ, ବର୍ତ୍ତମାନ, ମୁହୂର୍ତ୍ତକରେ; in a moment ଅତିଶୀଘ୍ର, ମୁହୂର୍ତ୍ତକରେ; man (woman) of the moment ବର୍ତ୍ତମାନର ମୁଖ୍ୟ ବା ପ୍ରଧାନ ବ୍ୟକ୍ତି।

**momentary** ବିଂ. କ୍ଷଣସ୍ଥାୟୀ; କ୍ରି.ବିଂ. momentarily.

**moment of truth** ବି. ସଙ୍କଟ ସମୟ।

**momentous** ବିଂ. ଅତି ଗୁରୁତ୍ୱପୂର୍ଣ୍ଣ, ଗୁରୁତ୍ୱବିଶିଷ୍ଟ; କ୍ରି.ବିଂ. momentously; ବି. momentousness.

**momentum** ବି. (ବ.ବ. momenta) ଗତିଶୀଳ ବସ୍ତୁର ବେଗ; ଗତିବଳ; ବେଗ ଉତ୍ପାଦକ ଶକ୍ତି, ପ୍ରବର୍ତ୍ତକ ଶକ୍ତି।

**monad** ବି. ପ୍ରାଥମିକ; ମୌଳିକ ଉପାଦାନ ବା ସତ୍ତାର ଏକକ (ଯଥା ପରମାଣୁ, ଆତ୍ମା, ବ୍ୟକ୍ତି, ପରମାତ୍ମା); ଦ. ଚିଦଣୁ; ବିଂ. monadic.

**monarch** ବି. ରାଜା, ସମ୍ରାଟ; ଅଧୀଶ୍ୱର ଭାବେ ଆଖ୍ୟାତ ଅଦ୍ୱିତୀୟ ଶାସନକର୍ତ୍ତା; ବିଂ. monarchic, ବିଂ. monarchical.

**monarchism** ବି. ରାଜତନ୍ତ୍ର, ରାଜତନ୍ତ୍ରବାଦ; ବି. monarchist.

**monarchy** ବି. ରାଜତନ୍ତ୍ର, ରାଜତନ୍ତ୍ର ଶାସନପଦ୍ଧତି; ବିଂ. monarchical.

**monastery** ବି. ମଠ, ଆଶ୍ରମ।

**monastic** ବିଂ. ମଠ ବା ସନ୍ନ୍ୟାସୀ ସମ୍ବନ୍ଧୀୟ; କ୍ରି.ବିଂ. monastically.

**monasticism** ବି. ସନ୍ନ୍ୟାସ, ସନ୍ନ୍ୟାସୀ ଜୀବନ।

**Monday** 1. ବି. ସୋମବାର; 2. କ୍ରି.ବିଂ. କ.ଭା. ସୋମବାରରେ; Mondays ସୋମବାରମାନଙ୍କରେ, ପ୍ରତ୍ୟେକ ସୋମବାର।

**monetarism** ବି. ଅର୍ଥନୀତିର ଦୃଢ଼ତା ନିମନ୍ତେ ଅର୍ଥ ଯୋଗାଣର ନିୟନ୍ତ୍ରଣ ବ୍ୟବସ୍ଥା; ବି. monetarist.

**monetary** ବିଂ. ଆର୍ଥିକ, ମୁଦ୍ରା ସମ୍ବନ୍ଧୀୟ; କ୍ରି.ବିଂ. monetarily.

**money** ବି. ଟଙ୍କା, ପଇସା, ମୁଦ୍ରା; ଅର୍ଥସମ୍ବଳ; ଧନ, ସମ୍ପଦ; ଟଙ୍କାରେ ରୂପାନ୍ତରିତ ହୋଇପାରିବ ବୋଲି ବିବେଚିତ ସମ୍ପତ୍ତି; ଧନୀ ବ୍ୟକ୍ତି; for my money ମୋ ମତରେ; in the money କ.ଭା. ପ୍ରଚୁର ଧନ ସମ୍ପତ୍ତିର ଅଧିକାରୀ; make money ଅର୍ଥ ବା ସମ୍ପଦ ଉପାର୍ଜନ କରିବା; the one for one's money ଜଣେ ଯାହାକୁ ଉପଯୁକ୍ତ ମନେକରେ; put money into ଟଙ୍କା ଲଗାଣ କରିବା।

**moneybag** ବି. ଟଙ୍କା ଥଳି; ବ.ବ. କ.ଭା. ଧନୀ ବ୍ୟକ୍ତି।

**money box** ବି. ବ.ବରେ ଟଙ୍କା ରଖିବା ନିମନ୍ତେ ବନ୍ଦ ବାକ୍ସ।

**money–changer** ବି. ବିଦେଶୀ ମୁଦ୍ରାର ଦଲାଲ।

**moneyed** ବିଂ. ଧନୀ, ବିତ୍ତଶାଳୀ।

**money for jam (old rope)** ବି. *ଗା.ପ୍ର.* ଅଳ୍ପ ବା ବିନା ପରିଶ୍ରମରେ ବେଶ୍ ଲାଭ।

Digitized by srujanika@gmail.com

**money–grubber** ବି. ଧନ ଜମେଇ ରଖିବା ଯାହାର ଏକମାତ୍ର ଲକ୍ଷ୍ୟ ।

**moneylender** ବି. ଅର୍ଥ ଋଣଦାତା; ମହାଜନ, ସାହୁକାର ।

**moneymaking** ବି. ଅର୍ଥୋପାର୍ଜନ; ବି. moneymaker.

**moneymarket** ବି. ଟଙ୍କାର ବଜାର, ଟଙ୍କା ବିନିଯୋଗ କରି ଅଳ୍ପ ସମୟରେ ଲାଭାନ୍ୱିତ ହେବା କାରବାର ।

**money of account** ବି. ହିସାବରେ ଦେଖା ଯାଉଥିବା ଟଙ୍କାର ପରିମାଣ, ଯାହା ନଗଦ ନୁହେଁ ।

**money order** ବି. ଡାକରେ ଟଙ୍କା ପଠାଇବାର ପ୍ରଚଳିତ ପଦ୍ଧତି ।

**money–spinner** ବି. ଲାଭଜନକ ବସ୍ତୁ ବା ବ୍ୟବସାୟ; ଏକଜାତୀୟ କ୍ଷୁଦ୍ର ବୁଢ଼ିଆଣୀ ।

**money's worth** ବି. ଖର୍ଚ୍ଚ କରିଥିବା ଅର୍ଥର ଉପଯୁକ୍ତ ମୂଲ୍ୟ ।

**monger** ବି. ବ୍ୟବସାୟୀ, ବିକ୍ରେତା; ପ୍ରଚାରକାରୀ ।

**Mongol** 1. ବିଂ. ମଂଗୋଲୀୟ; 2. ବି. ମଂଗୋଲୀୟ ବ୍ୟକ୍ତି; ମଙ୍ଗୋଲିଜ୍‌ମ୍ ରୋଗଗ୍ରସ୍ତ ବ୍ୟକ୍ତି ।

**Mongolian** 1. ବିଂ. ମଂଗୋଲିଆ ଦେଶର; ମଂଗୋଲ ମୁଖାକୃତି ବିଶିଷ୍ଟ; 2. ବି. ମଂଗୋଲିଆ ଦେଶର ଅଧିବାସୀ ବା ଏହାର ଭାଷା ।

**mongolism** ବି. ଡାଉନ୍‌ସ୍ ସିଣ୍ଡ୍ରୋମ୍, ଜନ୍ମକାଳୀନ ମାନସିକ ଅକ୍ଷମତା ବିଶେଷ (ଏଥିରେ ପୀଡ଼ିତ ବ୍ୟକ୍ତିର ଆକୃତି ମଙ୍ଗୋଲୀୟ ସଦୃଶ ହୋଇଥାଏ) ।

**Mongoloid** ବିଂ. ମଂଗୋଲୀୟ ସଦୃଶ (ଚଉଡ଼ା ହଳଦିଆ ମୁହଁ ଓ ଚେପ୍ଟା ନାକ ଯୁକ୍ତ) ।

**mongoose** ବି. (ବ.ବ. mongooses) ନେଉଳ ।

**mongrel** 1. ବି. ସଙ୍କରଜାତୀୟ ପ୍ରାଣୀ ବା ଉଦ୍ଭିଦ; ଦୋମିଶା କୁକୁର; 2. ବିଂ. ସଙ୍କରଜାତୀୟ ।

**monism** ବି. ଦ. ଏକତ୍ୱବାଦ; ଅଦ୍ୱୈତବାଦ; ବି. monist; ବିଂ. monistic.

**monitor** 1. ବି. ମନିଟର, ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳା ରକ୍ଷାକାରୀ ମୁଖ୍ୟଛାତ୍ର; ଗୃହୀତ ଚିତ୍ରର ପ୍ରସାରଣ ଯୋଗ୍ୟତା ନିରୂପଣ ଓ ନିୟନ୍ତ୍ରଣ ପାଇଁ ଦୂରଦର୍ଶନ ଯନ୍ତ୍ର; ଯେ ବିଦେଶୀ ବେତାର ପ୍ରସାରଣ ଶୁଣି ତାହାର ବିବରଣୀ ଦିଅନ୍ତି; ତେଜସ୍କ୍ରିୟ ଉପାଦାନ ନିର୍ଣ୍ଣାୟକ ଯନ୍ତ୍ର ବିଶେଷ; 2. କ୍ରି. ମନିଟର ବା ପ୍ରଧାନ ଭାବରେ କାର୍ଯ୍ୟ କରିବା; ନିୟନ୍ତ୍ରିତ କରିବା; ବିଂ. monitorial.

**monitory** ବିଂ. *ସାହି.* ସତର୍କକାରୀ ।

**monk** ବି. ସନ୍ନ୍ୟାସୀ, ବାବାଜୀ, ଭିକ୍ଷୁ; ବିଂ. monkish.

**monkey** 1. ବି. ମାଙ୍କଡ଼, ବାନର; ଅନିଷ୍ଟକାରୀ ବ୍ୟକ୍ତି; ସାଧାରଣତଃ ବାଳକ; 2. କ୍ରି. ଅନୁକରଣ କରିବା; ଉପହାସ କରିବା, କୌତୁକ କରିବା ।

**monkey business** ବି. *ସା.ପ୍ର.* ଦୁଷ୍ଟାମି ।

**monkey–nut** ବି. ଚିନାବାଦାମ ।

**monkey–puzzle** ବି. କଣ୍ଟାଳିଆ ଗଛ ବିଶେଷ ।

**monkey tricks** ବି. ବ.ବ. *ସା.ପ୍ର.* ଦୁଷ୍ଟାମି ।

**monkey wrench** ବି. ଦାନ୍ତିଥିବା ରେଞ୍ଚ୍ ।

**mono–** ସଂ. (ସ୍ୱରବର୍ଣ୍ଣ ପୂର୍ବରୁ mon-) ଏକ, ଏକମାତ୍ର ।

**monochromatic** ବିଂ. ଏକ ବର୍ଣ୍ଣ ବିଶିଷ୍ଟ, ଏକରଂଗୀ; ଏକ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ; କ୍ରି.ବିଂ. monochromatically.

**monochrome** ବି. ଏକ ବର୍ଣ୍ଣର ବା କଳା–ଧଳା ଚିତ୍ର ।

**monocle** ବି. ଗୋଟିଏ ଆଖିରେ ଲଗାଇବା ଯବକାଚ ବା ଚଷମା ।

**monocotyledon** ବି. ଏକବୀଜ ପତ୍ରୀ ପୁଷ୍ପ ଉଦ୍‌ଭିଦ; ବିଂ. monocotyledonous.

**monocular** ବିଂ. ଏକଚକ୍ଷୁ ବିଶିଷ୍ଟ, ଏକଚକ୍ଷୁ ନିମିତ୍ତ ।

**monodrama** ବି. ଏକ ବ୍ୟକ୍ତିଦ୍ୱାରା ଭିନ୍ନ ଭିନ୍ନ ଚରିତ୍ର ପାଇଁ ଭିନ୍ନ ଭିନ୍ନ ସ୍ୱରରେ ଅଭିନୀତ ନାଟକ; ଏକକ ଅଭିନୟ; ବିଂ. monodramatic; ବି. monodramatist.

**monody** ବି. ଜଣେ ଗାୟକଦ୍ୱାରା ବୋଲା ଯାଉଥିବା ସଂଗୀତ; (କୌଣସି ବ୍ୟକ୍ତିର ମୃତ୍ୟୁରେ ରଚିତ) କରୁଣରସାତ୍ମକ କବିତା; ବି. monodist.

**monogamy** ବି. ଏକ ପତ୍ନୀ (ବା ପତି) ବିବାହ ପ୍ରଥା; ଏକ–ବିବାହ; ବି. monogamist; ବିଂ. monogamous.

Digitized by srujanika@gmail.com

**monogram** ବି. ଦୁଇ ବା ତତୋଽଧିକ ଅକ୍ଷରର ପରସ୍ପର ସଂଯୋଗରେ ଗଠିତ (କୌଣସି ବ୍ୟକ୍ତିର) ନାମ ସୂଚକ ସଂକ୍ଷିପ୍ତ ଚିହ୍ନ।

**monograph** ବି. କୌଣସି ଏକ ବିଷୟରେ ଲିଖିତ ପ୍ରବନ୍ଧ ବା ପୁସ୍ତିକା।

**monolingual** ବିଂ. କେବଳ ଗୋଟିଏ ଭାଷା କହୁଥିବା ବା ବ୍ୟବହାର କରୁଥିବା।

**monolith** ବି. ଖଣ୍ଡିଏ ପଥରରେ ଗଢ଼ା ସ୍ତମ୍ଭ; ପଥର ସ୍ତମ୍ଭଭଳି ଶକ୍ତ ଏବଂ ଦୃଢ଼ ବ୍ୟକ୍ତି; ବିଂ. monolithic.

**monologue** ବି. ନାଟକର ଆତ୍ମକଥନ ବା ସ୍ୱଗତ ଭାଷଣ; ଏକକ ଅଭିନେତା ନିମନ୍ତେ ଉଦ୍ଦିଷ୍ଟ ରଚନା; ଏକ ବ୍ୟକ୍ତିର ଦୀର୍ଘ ବଚନିକା।

**monomania** ବି. କୌଣସି ଏକ ବିଷୟରେ ଅତ୍ୟାସକ୍ତି ବା ଉନ୍ମାଦ; ବିଂ. monomaniac.

**monoplane** ବି. ଏକ ସଂବର୍ଗ ଡେଣା ବିଶିଷ୍ଟ ଉଡ଼ାଜାହାଜ।

**monopolist** ବି. ଏକଚାଟିଆ ବ୍ୟବସାୟରେ ବିଶ୍ୱାସୀ; ଏକଚାଟିଆ ବ୍ୟବସାୟୀ; ବିଂ. monopolistic.

**monopolize** *କ୍ରି.* ଏକଚାଟିଆ ବ୍ୟବସାୟ କରିବା, ଏକାୟତ୍ତ କରିବା; ବି. monopolization, monopolizer.

**monopoly** ବି. ଏକଚାଟିଆ କାରବାର ବା ବାଣିଜ୍ୟ ଅଧିକାର, ଏକାଧିପତ୍ୟ; ଏକ ନିୟନ୍ତ୍ରଣାଧୀନ ବ୍ୟବସ୍ଥା।

**monosyllable** ବି. ଏକସିଲାବଲ୍ ବିଶିଷ୍ଟ ଶବ୍ଦ *ଯଥା,* go, man, school,; (syllable *ଦ୍ର.*) ବିଂ. monosyllabic.

**monotheism** ବି. ଏକେଶ୍ୱରବାଦ; ବି. monotheist ବିଂ. monotheistic.

**monotone** ବି. ଏକପ୍ରକାର ସ୍ୱର, ସମସ୍ୱର; ଏକ ରୀତିର ଲେଖା; ପରିବର୍ତ୍ତନବିହୀନ ସ୍ୱର; ଗତାନୁଗତିକ।

**monotonous** ବିଂ. ଏକସ୍ୱର ବିଶିଷ୍ଟ; ନୀରସ ଓ ବିରକ୍ତିକର; ବୈଚିତ୍ର୍ୟ ବିହୀନ; *କ୍ରି.ବିଂ.* monotonously.

**monotony** ବି. ଏକସ୍ୱରତା, ନୀରସତା; ଗତାନୁଗତିକତା।

**monovalent** ବିଂ. *ରସା.* ଏକ ଭେଲେନ୍ସି ବିଶିଷ୍ଟ।

**monoxide** ବି. ଏକ ଅମ୍ଳଜାନ ପରମାଣୁ ବିଶିଷ୍ଟ, ଅକ୍ସାଇଡ଼।

***Monseigneur*** ବି. ଫ୍ରାନ୍ସର ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ପାଇଁ ସମ୍ମାନସୂଚକ ପଦ। *(ଫ.)*

***Monsieur*** ବି. ଫ୍ରାନ୍ସର ପୁରୁଷମାନଙ୍କ ପାଇଁ ଭଦ୍ରତାସୂଚକ ସମ୍ବୋଧନ ପଦ। *(ଫ.)*

***Monsignor*** ବି. ରୋମାନ୍ କେଥଲିକ୍ ଯାଜକମାନଙ୍କର ଉପାଧି। *(ଲା.)*

**monsoon** ବି. ମୌସୁମୀ ବାୟୁ; ଭାରତ ମହାସାଗରୀୟ ବର୍ଷାବାହୀ ବାୟୁ ପ୍ରବାହ (ଏହା ଗ୍ରୀଷ୍ମଋତୁରେ ଭାରତର ଦକ୍ଷିଣ ପଶ୍ଚିମରୁ ଓ ଶୀତଋତୁରେ ଉତ୍ତରପୂର୍ବରୁ ପ୍ରବାହିତ ହୁଏ)।

**monster** 1. ବି. କୌଣସି କାଳ୍ପନିକ ବିଶାଳକାୟ ଭୟାନକ ଅସ୍ୱାଭାବିକ ଜୀବ; ବିକୃତାଙ୍ଗ ଉଦ୍‌ଭିଦ, ବସ୍ତୁ ବା ଜୀବ; ବିକଟ କାଳ୍ପନିକ ଜନ୍ତୁ; ଦାନବ; ପ୍ରକାଣ୍ଡ ଜୀବ; ଅତି ଘୃଣ୍ୟ, ଜଘନ୍ୟ, ଓ ନିଷ୍ଠୁର ବ୍ୟକ୍ତି; 2. ଗୁଣ ବିଂ. ବିରାଟ, ପ୍ରକାଣ୍ଡ, ବିଶାଳ।

**monstrosity** ବି. ବିକଟତ୍ୱ; ଅସ୍ୱାଭାବିକ ଭାବେ ବିଶାଳ ବସ୍ତୁ; ବିକୃତାଙ୍ଗ ବସ୍ତୁ, ପ୍ରାଣୀ ବା ଉଦ୍ଭିଦ; କାଳ୍ପନିକ ଜନ୍ତୁ।

**monstrous** ବିଂ. ଭୀଷଣ, ଦାନବ ସଦୃଶ; ବିକୃତ, ଅସ୍ୱାଭାବିକ; ପ୍ରକାଣ୍ଡ, ଭୟଙ୍କର; *କ୍ରି.ବିଂ.* monstrously; ବି. monstrousness.

**montage** ବି. ଏକ କ୍ରମିକ ପୂର୍ଣ୍ଣଚିତ୍ର ନିର୍ମାଣ ନିମନ୍ତେ ଚଳଚ୍ଚିତ୍ର ବା ଦୂରଦର୍ଶନ ଫିଲ୍ମର ବିଭିନ୍ନ ବିଭାଗର ଚିତ୍ର ଚୟନ ଓ ଏକତ୍ରୀକରଣ; ସଂଗୀତ ବା ଫଟୋଚିତ୍ର ପ୍ରଭୃତିର ସମଷ୍ଟି; ଏହାର ପ୍ରଯୋଜନା।

**month** ବି. ମାସ; month of Sundays ଅତି ଦୀର୍ଘ ସମୟ।

**monthly** 1. ବିଂ. ମାସିକ; 2. କ୍ରି.ବିଂ. ପ୍ରତିମାସରେ ଥରେ; 3. ବି. ମାସିକ ପତ୍ରିକା।

**monument** ବି. ସ୍ମାରକୀ; ସ୍ମୃତି ପ୍ରସ୍ତର, କୀର୍ତ୍ତିସ୍ତମ୍ଭ, ସମାଧିସ୍ତୂପ; ସ୍ଥାୟୀ ମୂଲ୍ୟବିଶିଷ୍ଟ ବସ୍ତୁ, ଲେଖା ବା ଅଭିଲେଖ।

**monumental** ବିଂ. ସ୍ମାରକ, ସ୍ମୃତି ଉଦ୍ରେକକାରୀ; ବିରାଟ ଓ ସ୍ଥାୟୀ; ଗୁରୁତ୍ୱପୂର୍ଣ୍ଣ; *କ୍ରି.ବିଂ.* monumentally.

**monumental mason** ବି. ସମାଧିସ୍ତମ୍ଭ ପ୍ରସ୍ତୁତକାରୀ।

Digitized by srujanika@gmail.com

**moo** 1. ବି. ହମ୍ବାରଡ଼ି; ଗାଈ ବୋବାଇବା ଶବ୍ଦ; 2. କ୍ରି. ଗାଈ ବଳଦ ପ୍ରଭୃତି ବୋବାଇବା ।

**mooch** କ୍ରି. *ଗ୍ରା.ପ୍ର.* ଲକ୍ଷ୍ୟହୀନଭାବେ ମନ୍ଥର ଗତିରେ ବୁଲିବା; *ଆମେ.* ଚୋରି କରିବା ।

**mood** ବି. ମାନସିକ ଭାବ, ମନର ଅବସ୍ଥା, ମିଜାଜ୍; କ୍ରୋଧ; *ବ୍ୟା.* ଧାତୁରୂପର ଗତି; କ୍ରିୟାର୍ଥ, ପ୍ରକାଶଭଙ୍ଗୀ ।

**moody** ବିଂ. ଅସ୍ଥିରଚିତ୍ତ; ଦୁଃଖିତ, ବିଷଣ୍ଣ, ଖାମଖିଆଲି; କ୍ରି.ବିଂ. moodily; ବି. moodiness.

**moon** 1. ବି. ଜହ୍ନ, ଚନ୍ଦ୍ର, ଆକାଶରେ ପରିଦୃଶ୍ୟମାନ ପ୍ରାକୃତିକ ଚନ୍ଦ୍ରର ଅବସ୍ଥା; ଯେ କୌଣସି ଗ୍ରହର ଉପଗ୍ରହ; 2. କ୍ରି. ଅଳସଭାବରେ ବା ବିଷଣ୍ଣ ଭାବରେ ଏଣେତେଣେ ବୁଲିବା ବା ଚାହିଁବା; moon over (ପ୍ରେମଯୋଗୁଁ) ସ୍ୱପ୍ନାଚ୍ଛନ୍ନ ବା ଅନ୍ୟମନସ୍କଭାବରେ କାର୍ଯ୍ୟ କରିବା; over the moon *କ.ଭା.* ଅତ୍ୟନ୍ତ ଆନନ୍ଦିତ; ବିଂ. moonless.

**moonbeam** ବି. ଚନ୍ଦ୍ର କିରଣ ।

**moon-face** ବି. ଚନ୍ଦ୍ରଭଳି ବର୍ତ୍ତୁଳ ମୁଖ ।

**moonlight** 1. ବି. ଚନ୍ଦ୍ରାଲୋକ, ଜ୍ୟୋତ୍ସ୍ନା; 2. ବିଂ. ଜ୍ୟୋତ୍ସ୍ନାମୟ, ଚନ୍ଦ୍ରାଲୋକରେ ସଂଘଟିତ ।

**moonlight flit** ବି. ଭଡ଼ା ଦେବାରୁ ରକ୍ଷା ପାଇବା ନିମନ୍ତେ ରାତ୍ରିରେ ଘରଛାଡ଼ି ପଳାୟନ ।

**moonlit** ବିଂ. ଚନ୍ଦ୍ରାଲୋକିତ, ଜ୍ୟୋତ୍ସ୍ନାବିଧୌତ ।

**moonshine** ବି. କଳ୍ପନାପ୍ରସୂତ ଚିନ୍ତାଧାରା ବା ଆଳାପ; ନିର୍ବୋଧ କଳ୍ପନାବିଳାସ; *ଗ୍ରା.ପ୍ର.* ଚୋରା ମଦ ।

**moonshot** ବି. ଚନ୍ଦ୍ରଗାମୀ ମହାକାଶଯାନ ପ୍ରେରଣ ।

**moonstone** ବି. ଚନ୍ଦ୍ରକାନ୍ତ ମଣି ।

**moonstruck** ବି. ବିକୃତ ମସ୍ତିଷ୍କ; କ୍ଷିପ୍ତ; ଆଡ଼ପାଗଳା ।

**moony** ବିଂ. ଚନ୍ଦ୍ର ସମ୍ବନ୍ଧୀୟ, ଚନ୍ଦ୍ରମା ସଦୃଶ, ଚନ୍ଦ୍ରାଲୋକିତ; ନିର୍ବୋଧ କଳ୍ପନା ବିଳାସୀ; କ୍ରି.ବିଂ. moonily.

**moor**[1] ବି. ଗୁଳ୍ମାଚ୍ଛାଦିତ ଊଷର ଭୂମି; ବନ୍ଧୁକଚାଳନା ନିମନ୍ତେ ସଂରକ୍ଷିତ ଭୂମି ବା ପ୍ରାନ୍ତର ।

**moor**[2] କ୍ରି. ଲଙ୍ଗର ପକାଇବା; ନୌକା ପ୍ରଭୃତିକୁ ବାନ୍ଧିବା ।

**Moor** ବି. ଉତ୍ତର ପଶ୍ଚିମ ଆଫ୍ରିକା ନିବାସୀ ମୁସଲମାନ୍ ଜାତି ବିଶେଷ; ବିଂ. Moorish.

**moorage** ବି. ଲଙ୍ଗର ପକାଇବାର ସ୍ଥାନ; ଜାହାଜ ରଖିବା ନିମନ୍ତେ ମାହାସୁଲ ।

**moorhen** ବି. ଏକ ପ୍ରକାର ଛୋଟ ପାଣିକୁକୁଡ଼ା ।

**mooring** ବି. ବ.ବ. ଜାହାଜ ପ୍ରଭୃତି ବାନ୍ଧିବା ନିମନ୍ତେ ସ୍ଥାୟୀ ଲଙ୍ଗର ବା ଶିକୁଳି; ଲଙ୍ଗର ସ୍ଥଳ ।

**moorland** ବି. ଗୁଳ୍ମ ପରିପୂର୍ଣ୍ଣ ଭୂଖଣ୍ଡ ।

**moose** ବି. ଉତ୍ତର ଆମେରିକାରେ ପରିଦୃଷ୍ଟ ଇଉରୋପୀୟ ହରିଣ ସଦୃଶ ଏକ ପ୍ରକାର ସମ୍ବର ବା ବାରହ୍ଶିଙ୍ଗା ।

**moot** 1. ବିଂ. ବିତର୍କମୂଳକ; ଅନିର୍ଣ୍ଣୀତ; 2. କ୍ରି. ବିତର୍କମୂଳକ ପ୍ରଶ୍ନ ଉଠାଇବା ।

**mop** 1. ବି. ମେଜିଆ ପ୍ରଭୃତି ସଫାକରିବା ନିମନ୍ତେ ବାଡ଼ି ଆଗରେ ମୋଟା ସୂତା ବା କନାବିଣ୍ଡା ବନ୍ଧା ଝାଡୁ, ବିଭିନ୍ନ କାର୍ଯ୍ୟ ନିମନ୍ତେ ନିର୍ମିତ ଏତାଦୃଶ ଉପକରଣ; ଏପରି କେଶଗୁଚ୍ଛ; 2. କ୍ରି. (*ଅ.କ୍ରି.ଭ.ପ.* mopped) ଉକ୍ତ ଝାଡୁଦ୍ୱାରା ଘର ପୋଛିବା ବା ସଫା କରିବା; ମୁହଁରୁ ଲୁହ ବା ଝାଳ ପୋଛିବା; mop up ମପ୍‌ଦ୍ୱାରା ସଫା କରିବା; ଶେଷ କରିଦେବା; ସମ୍ପୂର୍ଣ୍ଣ ଭାବେ ସାମରିକ ଅଧିକାରଭୁକ୍ତ କରିବା ।

**mope** 1. କ୍ରି. ବିଷଣ୍ଣ ରହିବା, ନିରୁତ୍ସାହିତଭାବେ ଏଣେତେଣେ ବୁଲିବା; 2. ବି. ନିରୁତ୍ସାହିତ ବ୍ୟକ୍ତି; ବିଂ. mopy.

**moped** ବି. ମୋଟର୍ ଲାଗିଥିବା ଦୁଇ ଚକିଆ ସାଇକେଲ୍, ମୋପେଡ୍ ।

**moppet** ବି. ଆଦରସୂଚକ ସମ୍ବୋଧନ (ଶିଶୁ ବା ଛୋଟ ପିଲାପାଇଁ); *ଗ୍ରା.ପ୍ର.* ଶିଶୁ; କଣ୍ଢେଇ ।

**moquette** ବି. ଗାଲିଚା ପ୍ରଭୃତି ତିଆରିରେ ବ୍ୟବହୃତ ପଶମ, ଶଣ ବା ସୂତା ।

**moraine** ବି. ତୁଷାର ସ୍ରୋତରେ ଆନୀତ ଆବର୍ଜନାର ପରିସର ।

**moral** 1. ବିଂ. ସତ୍ ଓ ଅସତ୍ ଆଚରଣ ବା ଚରିତ୍ର ସମ୍ବନ୍ଧୀୟ; ସାଧାରଣ ଆଚରଣରେ ସାଧୁତା ଓ ସଦାଚାର ସମ୍ବନ୍ଧୀୟ; ସଦାଚାରପୂର୍ଣ୍ଣ; ସଦାଚାରୀ, ନୀତିନିଷ୍ଠ; ନୈତିକ ନିୟମ ଉପରେ ଆଧାରିତ; 2. ବି. କାହାଣୀ ବା ଗଳ୍ପ ପ୍ରଭୃତିର ନୀତି ଶିକ୍ଷା; ବ.ବ. ନୈତିକ ଅଭ୍ୟାସ; କ୍ରି.ବିଂ. morally.

Digitized by srujanika@gmail.com

**moral certainty** ବି. ସନ୍ଦେହାତୀତ, ପ୍ରାୟ ନିଶ୍ଚିତ।

**moral courage** ବି. ନୈତିକ ସାହସ ବା ବଳ।

**morale** ବି. ଆତ୍ମବିଶ୍ୱାସ, ଶୃଙ୍ଖଳା, ମାନସିକ ଦୃଢ଼ତା ପ୍ରଭୃତି ସମ୍ପର୍କରେ ବ୍ୟକ୍ତି ବା ଗୋଷ୍ଠୀର ମାନସିକ ଦୃଷ୍ଟିଭଂଗୀ।

**moralist** ବି. ନୀତିନିଷ୍ଠ, ନୀତିର ପ୍ରଚାରକ; ନୀତିବାଦୀ; ନୀତିପରାୟଣ; ବିଂ. moralistic.

**morality** ବି. ନୈତିକ ସିଦ୍ଧାନ୍ତ, ନୈତିକତା, ସଦାଚାର; ନୀତିଶାସ୍ତ୍ର।

**morality play** ବି. *ଇତି.* ନୀତିଶିକ୍ଷା ମୂଳକ ନାଟକ।

**moralize** କ୍ରି. କୌଣସି ବିଷୟର ନୈତିକ ପକ୍ଷକୁ ନେଇ କଥାବାର୍ତ୍ତା କରିବା; ତହିଁରୁ ଶିକ୍ଷା ଗ୍ରହଣ କରିବା; ଆଚରଣ ସଂଶୋଧନ କରିବା; ଉପଦେଶ ବା ଶିକ୍ଷା ଦେବା; ବି. moralization.

**moral law** ବି. ନୈତିକ ନିୟମ।

**moral philosophy** ବି. ଆଚାର ଦର୍ଶନ; ନୀତିଦର୍ଶନ; ନୀତିଶାସ୍ତ୍ର।

**moral support** ବି. ନୈତିକ ସମର୍ଥନ।

**moral victory** ବି. ନୈତିକ ବିଜୟ।

**morass** ବି. ପଙ୍କ, କାଦୁଅ; *ଲାକ୍ଷ.* ଅବ୍ୟବସ୍ଥା; ଅସ୍ତବ୍ୟସ୍ତତା; ଭ୍ରମ।

**moratorium** ବି. ଋଣଗ୍ରହୀତାମାନଙ୍କୁ ଋଣପରିଶୋଧର ତାରିଖ ଘଡ଼ାଇ ଦେବାକୁ ମିଳିଥିବା ଆଇନ୍ ସଙ୍ଗତ ମଞ୍ଜୁରି ବା ଅଧିକାର; ଉକ୍ତ ମହଲତର ମିଆଦ ବା ଅବଧି; ଅଳ୍ପ ସମୟ ନିମନ୍ତେ କୌଣସି କାର୍ଯ୍ୟର ସ୍ଥଗନ ବା ନିଷେଧ।

**morbid** ବିଂ (ମନ, ବିଚାର ପ୍ରଭୃତି ବିଷୟରେ) ରୁଗ୍ଣ, ଅସୁସ୍ଥ, ବିକୃତ; *କ.ଭା.* ବିଷଣ୍ଣ, ଦୁଃଖୀ, ମ୍ଳାନ; ରୋଗ ଲକ୍ଷଣଯୁକ୍ତ ଅଥବା ରୋଗସମ୍ବନ୍ଧୀୟ; ବି. morbidity; କ୍ରି.ବିଂ. morbidly.

**mordant** 1. ବିଂ. ତୀକ୍ଷ୍ଣ, ଉଗ୍ର, ତୀବ୍ର; (ବ୍ୟଙ୍ଗ ପ୍ରଭୃତି ସମ୍ବନ୍ଧରେ) ମର୍ମଭେଦୀ; କ୍ଷୟକାରକ ବା ପରିଷ୍କାରକ; ଯାହା ରଙ୍ଗକୁ ପକ୍କା ବା ଚକ୍‌ଚକ୍ କରେ; 2. ବି. ତୀବ୍ର ଏସିଡ୍ ଦ୍ରବ୍ୟ।

**more** 1. ବିଂ. ପରିମାଣ ବା ମାତ୍ରାରେ ଅଧିକ, ଅଧିକ ବା ଅଧିକତର; 2. ବି. ଅଧିକ ପରିମାଣ ବା ସଂଖ୍ୟା; 3. କ୍ରି.ବିଂ. ଅଧିକ ପରିମାଣରେ ବା ମାତ୍ରାରେ; ପୁଣି, ପୁନଶ୍ଚ, ଆହୁରି ମଧ୍ୟ; *ବ୍ୟା.* ଦୁଇ ବ୍ୟକ୍ତି ବା ବସ୍ତୁ ମଧ୍ୟରେ ତୁଳନା ନିମନ୍ତେ ବ୍ୟବହୃତ ଏକାଧିକ ଶବ୍ଦାଂଶ ବା ପଦାଂଶ ବିଶିଷ୍ଟ ବିଶେଷଣ ବା କ୍ରିୟା ବିଶେଷଣର ଆଧିକ୍ୟସୂଚକ ଶବ୍ଦ ବା ପଦ (ଉଦା. more beautiful ଅଧିକ ସୁନ୍ଦର ବା ସୁନ୍ଦରତର; more easily ଅଧିକ ସହଜରେ); more and more ଅଧିକରୁ ଅଧିକତର, କ୍ରମବର୍ଦ୍ଧମାନ ପରିମାଣ; more of ଅଧିକ ପରିମାଣରେ ବା ବିଶେଷ ମାତ୍ରାରେ; more or less ଊଣା ଅଧିକେ, ନ୍ୟୂନାଧିକ, ପ୍ରାୟ।

**moreish** ବିଂ. (morish ମଧ୍ୟ) *କ.ଭା.* ଖାଇବାକୁ ଆନନ୍ଦଦାୟକ; ଅଧିକ ଖାଇବାର କାମନା ଉଦ୍ରେକକାରୀ।

**moreover** କ୍ରି.ବିଂ. ଅଧିକନ୍ତୁ, ଏତଦତିରିକ୍ତ, ଆହୁରି ମଧ୍ୟ, ପୁନଶ୍ଚ।

**mores** ବି. ବ.ବ. କୌଣସି ସଂପ୍ରଦାୟର ବୈଶିଷ୍ଟ୍ୟରୂପେ ପରିଗଣିତ ପ୍ରଥା ବା ପରମ୍ପରା।

**morganatic** ବିଂ. ଅନୁଲୋମ ରୀତିରେ ବିବାହ ସମ୍ବନ୍ଧିତ ଉଚ୍ଚ ସାମାଜିକ ଶ୍ରେଣୀର ପୁରୁଷ ଓ ନିମ୍ନ ଶ୍ରେଣୀର ସ୍ତ୍ରୀ ମଧ୍ୟରେ ବିବାହ ସଂପର୍କିତ; (ଏହି ବିବାହରେ ପତ୍ନୀ ଓ ସନ୍ତାନସନ୍ତତିମାନଙ୍କର ପିତାଙ୍କର ସମ୍ପତ୍ତି ବା ଉପାଧି ଉପରେ ଅଧିକାର ନଥାଏ); କ୍ରି.ବିଂ. morganatically.

**morganatic wife** ବି. ଅନୁଲୋମ ବିବାହ ପଦ୍ଧତିରେ ବିବାହିତା ପତ୍ନୀ।

**morgue** ବି. ଶବ ସଂରକ୍ଷଣାଳୟ; ସମ୍ବାଦପତ୍ର କାର୍ଯ୍ୟାଳୟରେ ପତ୍ରପତ୍ରିକା ଆଦି ସଂଗ୍ରହାଳୟ।

**moribund** ବିଂ. ମୁମୂର୍ଷୁ, ମରଣାସନ୍ନ; ପ୍ରାଣପ୍ରାଚୁର୍ଯ୍ୟହୀନ।

**Mormon** ବି. ମର୍ମନ୍ (କଥିତ ଲେଖକ)ଙ୍କଦ୍ୱାରା ରିଭିଲେସନ୍ ବା କଥିତ ଦୈବୀଜ୍ଞାନର ଆଧାରରେ ପ୍ରତିଷ୍ଠିତ ଧାର୍ମିକ ସଂପ୍ରଦାୟ (ଚର୍ଚ୍ଚ ଅଫ୍ ଜୀସସ୍ ଖ୍ରାଏଷ୍ଟ ଅଫ୍ ଲାଟର୍—ଡେ ସେଣ୍ଟସ୍)ର ସଦସ୍ୟ; ବିଂ. Mormonism.

**morn** ବି. *କାବ୍ୟ.* ପ୍ରାତଃକାଳ; ପ୍ରତ୍ୟୁଷ।

**mornay** ବି. ଛେନା ଗନ୍ଧଯୁକ୍ତ ଧଳା ସୁପ୍ ବିଶେଷ।

Digitized by srujanika@gmail.com

**morning** ବି. ପ୍ରାତଃକାଳ, ସକାଳ; in the morning ଆସନ୍ତାକାଲି ସକାଳେ।

**morning star** ବି. ଶୁକ୍ରତାରା, ଶୁକଲ୍ ତାରା; ଶୁକ୍ରଗ୍ରହ।

**morocco** ବି. (ବ.ବ. moroccos) ସୁମାକ ନାମକ ଗୁଳ୍ମର ପତ୍ରରେ କଷା ହୋଇଥିବା ଛେଳି ଚମଡ଼ା।

**moron** ବି. ଆଠଠାରୁ ବାରବର୍ଷ ବୟସ ପିଲାର ବୁଦ୍ଧିସହ ସମାନ ବୟସ୍କ ବ୍ୟକ୍ତି; *କ.ଭା.* ଅତି ନିର୍ବୋଧ ବ୍ୟକ୍ତି; ବିଂ. moronic.

**morose** ବିଂ. କ୍ରୋଧୀ, ବିଷଣ୍ଣ; ଅସାମାଜିକ।

**morpheme** ବି. *ଭାଷା.* ଭାଷାର କ୍ଷୁଦ୍ରତମ ସାର୍ଥକ ଏକକମାନଙ୍କ ମଧ୍ୟରୁ ଗୋଟିଏ, ଯାହା ଆଉ ବିଭାଜିତ ହୋଇପାରିବ ନାହିଁ (*ଉଦା.* incomingରେ *in, com,* ଏବଂ *-ing*).

**morphia** ବି. ଅଫିମର ନିର୍ଯ୍ୟାସ, ମର୍ଫିନ୍।

**morphine** ବି. ଅଫିମରୁ ନିର୍ଯ୍ୟାସିତ ମାଦକ ଉପାଦାନ, ଶରୀରର ପୀଡ଼ା ଦୂର କରିବାରେ ଏହା ବ୍ୟବହୃତ ହୋଇଥାଏ।

**morphology** ବି. *ବିଶେ.* (ପ୍ରାଣୀ ଓ ଉଦ୍ଭିଦମାନଙ୍କର) ଗଠନର ଅଧ୍ୟୟନ; *ଭାଷା.* ଶବ୍ଦ-ରୂପ ଅଧ୍ୟୟନ; ଶବ୍ଦ-ରୂପ ବିଜ୍ଞାନ; ବିଂ. morphological.

**morris dance** ବି. କୌତୁକପ୍ରଦ ବେଶଭୂଷାରେ ପରିବେଷ୍ଟିତ ଇଂଲିଶ୍ ପାରଂପରିକ ନୃତ୍ୟ।

**morrow** ବି. *କାବ୍ୟ.* ପରବର୍ତ୍ତୀ ଦିନ, ଆଗାମୀ ଦିବସ; on the morrow of ଠିକ୍ ପରବର୍ତ୍ତୀକାଳ ବା ସମୟରେ।

**Morse (code)** 1. ବି. ବିନ୍ଦୁ ଓ ରେଖାର ବିବିଧ ବିନ୍ୟାସଦ୍ୱାରା ବର୍ଣ୍ଣମାଳାକୁ ସୂଚିତ କରୁଥିବା ଟେଲିଗ୍ରାଫ୍ ସଂକେତାବଳୀ; ମର୍ସଙ୍କ ଦ୍ୱାରା ପ୍ରବର୍ତ୍ତିତ ସାଙ୍କେତିକ ଦୂରବାର୍ତ୍ତା ପ୍ରେରଣ ପ୍ରଣାଳୀ; 2. ବିଂ. ଉକ୍ତ ସଂକେତାବଳୀ ବା ପ୍ରଣାଳୀ ସମ୍ବନ୍ଧୀୟ; 3. କ୍ରି. ଉକ୍ତ ପ୍ରଣାଳୀ ସାହାଯ୍ୟରେ ବାର୍ତ୍ତାପ୍ରେରଣ କରିବା।

**morsel** ବି. କ୍ଷୁଦ୍ର ଖଣ୍ଡ ବା ସ୍ୱଳ୍ପ ପରିମାଣ; ମୁଖଭର୍ତ୍ତି ପରିମାଣ; ଗୁଣ୍ଡାଏ ଗ୍ରାସ।

**mortal** 1. ବିଂ. ମରଣଶୀଳ, ନଶ୍ୱର; ମରଣାନ୍ତକ; ମୃତ୍ୟୁପର୍ଯ୍ୟନ୍ତ; ଆମରଣ; ଅପରାଜେୟ (ଶତ୍ରୁ); ଉଗ୍ର, ପ୍ରାଣହାରକ, ଅତି ସାଂଘାତିକ (ପୀଡ଼ା, ଭୟ ପ୍ରଭୃତି); 2. ବି. ମନୁଷ୍ୟ, ମରଣଶୀଳ ପ୍ରାଣୀ।

**mortality** ବି. ମରଣଶୀଳତା, ନଶ୍ୱରତା, ବହୁ ସଂଖ୍ୟାରେ ମୃତ୍ୟୁ; ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମୃତ୍ୟୁହାର।

**mortality rate** ବି. ମୃତ୍ୟୁର ହାର ବା ଅନୁପାତ।

**mortally** କ୍ରି. ବି. ସାଂଘାତିକ ଭାବରେ, ଅତ୍ୟଧିକ ଭାବରେ।

**mortal sin** ବି. ଆତ୍ମାର ବିନାଶକାରୀ ପାପ, ମୋକ୍ଷ ପ୍ରାପ୍ତିର ଅନ୍ତରାୟ।

**mortar** 1. ବି. ଚୂନ ବା ସିମେଣ୍ଟ ସହିତ ବାଲି ଓ ପାଣିର ମିଶ୍ରଣ; ଇଟା ବା ପଥରକୁ ଯୋଡୁଥିବା ମସଲା; ଛୋଟ ତୋପ; ଶସ୍ୟ ପ୍ରଭୃତି କୁଟିବାର କାଠ ବା ପଥରର ପାତ୍ର, ଉଦୂଖଳ; ହେମାମ୍ (ହେମ) ଦସ୍ତା; 2. କ୍ରି. ପଲସ୍ତରା ବା ଯୋଡ଼େଇ କରିବା; ଗୋଳାବର୍ଷଣ କରିବା।

**mortarboard** ବି. ସିମେଣ୍ଟ ବା ଚୂନ ଆଦିର ମସଲା ରଖିବାର ସ୍ଥାନ; ଶକ୍ତ ବର୍ଗାକାର ଶୀର୍ଷଥିବା ଅକାଦମୀୟ ଟୋପି।

**mortgage** 1. ବି. ବନ୍ଧକ, ବନ୍ଧକସୂତ୍ରରେ ଧାର ଦିଆହୋଇଥିବା ଅର୍ଥ ବା ଧନ; 2. କ୍ରି. ବନ୍ଧକ ରଖିବା; ବନ୍ଧକ ସୂତ୍ରରେ ଧାର ଦେବା; ବିଂ. mortgageable.

**mortgagee** ବି. ବନ୍ଧକ ସୂତ୍ରରେ ଋଣ ଦେଉଥିବା ବ୍ୟକ୍ତି।

**mortgager** ବି. (mortagagor ମଧ୍ୟ) ବନ୍ଧକ ସୂତ୍ରରେ ଋଣଗ୍ରହୀତା।

**mortice** ବି. ବିକ. mortise.

**mortician** ବି. *ଆମେ.* ଅନ୍ତ୍ୟେଷ୍ଟି କ୍ରିୟାର ବ୍ୟବସ୍ଥାକାରୀ ବ୍ୟକ୍ତି।

**mortification** ବି. ଅପମାନ, ଅବମାନନା, ଆତ୍ମଦମନ, ଆତ୍ମସଂଯମ।

**mortify** କ୍ରି. ଅପମାନିତ ବା ଅବମାନିତ କରିବା; କାହାରି ମନରେ ଆଘାତ ଦେବା; ଆତ୍ମଦମନ କରିବା, ସଂଯତ କରିବା; (ଶରୀରର ମାଂସପ୍ରଭୃତି) ସଢ଼ିବା; ବିଂ. mortifying.

**mortise** 1. ବି. କାଠ ମଧ୍ୟରେ କରାଯାଇଥିବା ଛିଦ୍ର (ଅନ୍ୟ କାଠର ଦାନ୍ତିଆକୁ ଏଥିରେ ଖାପି ଯୋଡ଼ାଯାଏ); 2. କ୍ରି. କାଠ ବା ବାଉଁଶର ଅଗ୍ରଭାଗକୁ ଉକ୍ତ ଛିଦ୍ରରେ ଠୁଁକି ଯୋଡ଼ିବା।

Digitized by srujanika@gmail.com

**mortise lock** ବି. କବାଟ ଚଉକାଠରେ ଲାଗିଥିବା ତାଲା।

**mortuary** 1. ବି. ନିର୍ଦ୍ଦିଷ୍ଟ ସମୟ ପାଇଁ ଶବ ସଂରକ୍ଷଣ ଗୃହ; 2. *ଗୁଣ.* ବିଂ. ମୃତ୍ୟୁ ଅଥବା ଅନ୍ତ୍ୟେଷ୍ଟିକ୍ରିୟା ସମ୍ବନ୍ଧୀୟ।

**mosaic**[1] 1. ବି. ମୋଜାଇକ୍; ବିଭିନ୍ନ ରଙ୍ଗର କାଚ ବା ପଥରର ପରସ୍ପର ଜଡ଼ାଜଡ଼ି; ରଙ୍ଗବିରଙ୍ଗୀ ଜିନିଷ; 2. ବିଂ. ମୋଜାଇକ୍ ସମ୍ବନ୍ଧୀୟ, ବିଚିତ୍ର।

**Mosaic**[2] ବିଂ. ମୋଜେସ୍‌ଙ୍କ ସମ୍ବନ୍ଧୀୟ।

**mosaic flooring** ବି. ରଙ୍ଗୀନ ପଥର ଚୂନ୍ଦୁରା–ଦ୍ୱାରା ନିର୍ମିତ ଚିତ୍ରବିଚିତ୍ର ଚଟାଣ।

**moselle** ବି. ଜର୍ମାନୀ ଅନ୍ତର୍ଗତ ମୋଜେଲ୍ ଉପତ୍ୟକାରେ ଉତ୍ପାଦିତ ଶୁଷ୍କ ଧଳା ମଦ୍ୟ।

**Moslem** ବି. (Muslim ମଧ୍ୟ) ମୁସଲମାନ୍।

**mosque** ବି. ମୁସଲମାନମାନଙ୍କର ଉପାସନା ପୀଠ, ମସ୍‌ଜିଦ୍।

**mosquito** ବି. ( ବ.ବ. mosquitoes) ମଶା।

**mosquito–net** ବି. ମଶାରି।

**moss** ବି. ଶୈବାଳ, ଶିଉଳି।

**moss-rose** ବି. ଏକ ପ୍ରକାର ଗୋଲାପଫୁଲ।

**mossy** ବିଂ. ଶୈବାଳଯୁକ୍ତ, ଶିଉଳିଆ।

**most** 1. ବିଂ. ଅଧିକତମ, ସର୍ବାଧିକ, ସବୁଠାରୁ ବେଶି; 2. ବି. ଅଧିକାଂଶ, ସର୍ବାଧିକ ପରିମାଣ; 3. କ୍ରି.ବିଂ. ଅଧିକତମ ମାତ୍ରାରେ; *ବ୍ୟା.* ଦୁଇରୁ ଅଧିକ ବ୍ୟକ୍ତି ବା ବସ୍ତୁ ମଧ୍ୟରେ ତୁଳନା ନିମନ୍ତେ ବ୍ୟବହୃତ ଏକାଧିକ ଶବ୍ଦାଂଶ ବା ପଦାଂଶବିଶିଷ୍ଟ ବିଶେଷଣ ବା କ୍ରିୟା ବିଶେଷଣର ଆଧିକ୍ୟସୂଚକ ଶବ୍ଦ ବା ପଦ (ଉଦା. most beautiful ସୁନ୍ଦରତମ, most easily ସବୁଠାରୁ ଅଧିକ ସହଜରେ); *ଆମେ.* ପ୍ରାୟ; at the most ଅଧିକତମ ପରିମାଣ ରୂପେ; for the most part ସାଧାରଣତଃ; ପ୍ରଧାନତଃ; ଅଧିକତର; make the most of ସର୍ବାଧିକ ଲାଭ ଉଠାଇବା ବା ଉପଭୋଗ କରିବା।

**–most** *ପ.ପ୍ର.* ସର୍ବାଧିକସୂଚକ ବିଶେଷଣର ପ୍ରତ୍ୟୟରୂପେ ବ୍ୟବହୃତ (ଉଦା. topmost ଶୀର୍ଷତମ; foremost ଅଗ୍ରତମ)।

**mostly** କ୍ରି.ବିଂ. ସାଧାରଣତଃ, ମୁଖ୍ୟତଃ; ଅଧିକତର।

**Most Reverend** ବି. ପରମପୂଜ୍ୟ (ପାଦ୍ରୀ ବା ଧର୍ମଯାଜକଙ୍କ ଉପାଧି)।

***mot*** ବି. ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି; *mot juste* ସମୁଚିତ ଅଭିବ୍ୟକ୍ତି। *(ଫ.)*

**MOT** ସଂ*ଶ.* Ministry of Transport ପରିବହନ ମନ୍ତ୍ରାଳୟ।

**mote** ବି. ଧୂଳିକଣା।

**motel** ବି. ରାଜପଥପାର୍ଶ୍ୱ ହୋଟେଲ; ମୋଟରଚାଳକ ଓ ସେମାନଙ୍କ ଯାନବାହନ ରଖିବା ନିମନ୍ତେ ଉଦ୍ଦିଷ୍ଟ ସଡ଼କ ପାର୍ଶ୍ୱବର୍ତ୍ତୀ ଉପକରଣଯୁକ୍ତ ପ୍ରକୋଷ୍ଠସମୂହ (*mo*tor+ho*tel*).

**motet** ବି. ମୋଟେଟ୍, ଗୀର୍ଜାରେ ବାଦ୍ୟଯନ୍ତ୍ର ବିନା ଗାନ କରାଯାଉଥିବା ସମୂହ ସଂଗୀତ।

**moth** ବି. କୀଟ ବିଶେଷ; କାଠ, ବସ୍ତ୍ରାଦିକୁ ନଷ୍ଟକରୁଥିବା ପୋକ ବିଶେଷ।

**mothball** ବି. ଗଚ୍ଛିତ ବସ୍ତ୍ର କୀଟ ଦାଉରୁ ରକ୍ଷା କରିବା ପାଇଁ ବ୍ୟବହୃତ ଗନ୍ଧକର୍ପୂର ବା ନେପ୍‌ଥାଲିନ୍ ଗୋଳି; in mothballs ବହୁଦିନରୁ ଅବ୍ୟବହୃତ ସାଇତା ବସ୍ତୁ।

**moth–eaten** ବିଂ. କୀଟମାନଙ୍କଦ୍ୱାରା ବିନଷ୍ଟ; କୀଟଦଂଷ୍ଟ, ଜରାଜୀର୍ଣ୍ଣ।

**mother** 1. ବି. ମା', ମାତା, ଜନନୀ; Mother Superior ନାରୀମାନଙ୍କର ମଠ ବା ଧାର୍ମିକ ସଂଘର ଅଧ୍ୟକ୍ଷା; ବୟସ୍କା ସ୍ତ୍ରୀ ପାଇଁ ବ୍ୟବହୃତ ଉପାଧି; 2. କ୍ରି. ଜନ୍ମଦେବା, ମାତୃତ୍ୱ ଦେବା, ମାଆ ପରି ବ୍ୟବହାର କରିବା।

**mother country** ବି. (ଉପନିବେଶ ସଂବନ୍ଧରେ) ମୁଖ୍ୟ ଦେଶ, ମାତୃଦେଶ।

**mothercraft** ବି. ମାଆ ଭଳି ଶିଶୁକୁ ପାଳନ କରିବାର କଳା।

**mother earth** ବି. ମାତା ସଦୃଶ ପୃଥିବୀ; ଧରିତ୍ରୀ–ମାତା।

**motherhood** ବି. ମାତୃତ୍ୱ।

**Mothering Sunday** ବି. *ବ୍ରି.* ମିଡ୍‌ଲେଣ୍ଟ (ଚତୁର୍ଥ) ରବିବାର, ମାତୃଦିବସ; ସେହିଦିନ ମାତାଙ୍କୁ ଉପହାର ଦେବାର ପ୍ରାଚୀନ ପ୍ରଥା ପ୍ରଚଳିତ।

**mother–in–law** ବି. ( ବ.ବ. mothers-in law) ବି. ପତି/ ପତ୍ନୀଙ୍କ ମାତା; ଶାଶୁ।

Digitized by srujanika@gmail.com

**motherland** ବି. ମାତୃଭୂମି ।
**motherless** ବିଂ. ମାତୃହୀନ, ମା' ଛେଉଣ୍ଡ ।
**motherliness** ବି. ମା'ଭଳି ଗୁଣ; ମାତୃସଦୃଶତା ।
**motherly** ବିଂ. ମାତୃସଦୃଶ ।
**mother-of-pearl** ବି. ମୁକ୍ତାଗର୍ଭ ଶାମୁକାର ଭିତରେଥିବା ଉଜ୍ଜ୍ୱଳ ସ୍ନିଗ୍ଧ ଆସ୍ତରଣ ।
**Mother's Day** ବି. ମାତୃଦିବସ; ଇଂ. ଲେଣ୍ଟକାଳର ଦ୍ୱିତୀୟ ରବିବାର; *ଆମେ.* ମେ' ମାସର ଦ୍ୱିତୀୟ ରବିବାର (ଏହିଦିନ ସନ୍ତାନମାନେ ମା'ଙ୍କୁ ଉପହାର ଦେଇ ସମ୍ମାନ ଦେଖାନ୍ତି); ମିଡ୍‌ଲେଣ୍ଟ୍ ରବିବାର ।
**mother tongue** ବି. ମାତୃଭାଷା ।
**mothproof** 1. ବିଂ. (ଲୁଗାପଟା ସମ୍ବନ୍ଧରେ) କୀଟ-ପ୍ରତିଷେଧକ ବ୍ୟବହାରଯୋଗୁଁ ସୁରକ୍ଷିତ; 2. କ୍ରି. ଲୁଗାପଟା, ପୋଷାକପରିଚ୍ଛଦ ପ୍ରଭୃତିକୁ କୀଟ ଦାଉରୁ ସୁରକ୍ଷାର ବ୍ୟବସ୍ଥା କରିବା ।
**mothy** ବିଂ. କୀଟ ପରିପୂର୍ଣ୍ଣ ।
**motif** ବି. କଳା, ସାହିତ୍ୟ ଓ ସଂଗୀତର ମୁଖ୍ୟଭାବ; ବୈଶିଷ୍ଟ୍ୟସୂଚକ ଉପାଦାନ; ବସ୍ତ୍ର ବା ପୋଷାକ ଉପରେ ସ୍ୱତନ୍ତ୍ର ରୂପେ ସିଲାଇ ହୋଇଥିବା ଅଳଙ୍କାର; ଯାନ ଉପରେ ନିର୍ମାତାପ୍ରଭୃତିଙ୍କ ଚିହ୍ନଟ ପାଇଁ ଅଙ୍କିତ ଆଳଂକାରିକ ଚିହ୍ନ ।
**motion** 1. ବି. ଗତି, ଗମନ; ଚାଲିବା ରୀତି, ସ୍ଥାନ, ଭଂଗୀ ଓ ଠାଣି ପରିବର୍ତ୍ତନ; କମିଟି, ସଂସଦପ୍ରଭୃତିରେ ଔପଚାରିକ ପ୍ରସ୍ତାବ; ଆଦେଶ ପାଇଁ କଚେରିକୁ ଆବେଦନ; ମଳ ନିର୍ଗମନ; ଗୁହ; 2. କ୍ରି. ସଂକେତ କରିବା, ଇଶାରା ଦେବା; go through the motions କୌଣସି କାର୍ଯ୍ୟକୁ ଯେନତେନ ପ୍ରକାରେ କରିବା; in motion ଗତିଶୀଳ, ଚଳନ୍ତା ।
**motionless** ବିଂ. ଗତିହୀନ, ନିଶ୍ଚଳ, ସ୍ଥିର ।
**motion picture** ବି. ଗତିଶୀଳ ଚିତ୍ର, ଚଳଚ୍ଚିତ୍ର ।
**motivate** କ୍ରି. ପ୍ରେରଣା ଯୋଗାଇବା, ପ୍ରେରିତ କରିବା; ପ୍ରବୃତ୍ତ କରିବା; କୌଣସି କାର୍ଯ୍ୟରେ ବ୍ୟକ୍ତିର ରୁଚିକୁ ଜାଗ୍ରତ ବା ଉଦ୍ଦୀପ୍ତ କରିବା ।
**motivation** ବି. ପ୍ରେରଣା, ପ୍ରବର୍ତ୍ତନା; ବିଂ. motivational.
**motive** 1. ବି. ଅଭିପ୍ରାୟ, ଉଦ୍ଦେଶ୍ୟ; 2. ବିଂ. ଗତି ବା ଚଳନ ସମ୍ବନ୍ଧୀୟ, ଚାଳକ, ପ୍ରେରକ, ପ୍ରବର୍ତ୍ତକ ।
**motive power** ବି. ପ୍ରେରକ ଶକ୍ତି, ଶକ୍ତିର ଉତ୍ସ (ଯନ୍ତ୍ରାଦିକୁ ଚଳନକ୍ଷମ କରିବାରେ) ।
**motley** 1. ବିଂ. ଚିତ୍ରବିଚିତ୍ର, ବିବିଧ-ରଙ୍ଗ-ବିଶିଷ୍ଟ; ବିବିଧ ଚରିତ୍ର ବା ଗୁଣର; 2. ବି. *ଇତି.* ବିଦୂଷକର ଚିତ୍ର ବିଚିତ୍ର ପୋଷାକ ।
**moto-cross** ବି. ଦୀର୍ଘପଥ ମୋଟର୍ ସାଇକେଲ୍ ଦ୍ରୁତଚାଳନା ପ୍ରତିଯୋଗିତା ।
**motor** 1. ବି. ଗତି ସଂଚାଳକ ଶକ୍ତି; ଇଂଜିନ୍, ମୋଟର୍; ଗାଡ଼ି ପ୍ରଭୃତିର ସଂଚାଳକ ଯନ୍ତ୍ର; ମୋଟର୍‌ଗାଡ଼ି; 2. ବିଂ. ଗତି ପ୍ରଦାୟକ; ଗତି ଉତ୍ପାଦକ, ମୋଟର୍‌ଦ୍ୱାରା ଚାଳିତ; 3. କ୍ରି. ମୋଟରରେ ଯିବା; ମୋଟର୍ ଗାଡ଼ିରେ ନେବା ।
**motor bicycle** ବି. ମୋଟର୍ ସାଇକେଲ୍; ମୋପେଡ୍ ।
**motor bike** ବି. *କ.ଭା.* ମୋଟର୍ ସାଇକେଲ୍ ।
**motor boat** ବି. ମୋଟର ବୋଟ୍, ମୋଟର ଚାଳିତ ଡଙ୍ଗା ।
**motorcade** ବି. ମୋଟର୍‌ଗାଡ଼ି ସମୁଦାୟର ଶୋଭାଯାତ୍ରା ।
**motor car** ବି. ମୋଟର୍ କାର୍, ମଟର୍ ଗାଡ଼ି ।
**motor cycle** ବି. ମୋଟର୍ ସାଇକେଲ୍, ଫଟଫଟି ।
**motor cyclist** ବି. ମୋଟର୍ ସାଇକେଲ୍ ଆରୋହୀ ।
**motorist** ବି. ମୋଟର୍ ଗାଡ଼ିର ଚାଳକ ବା ଡ୍ରାଇଭର ।
**motorize** କ୍ରି. ମୋଟର ଯୁକ୍ତ କରିବା; ପରିବହନ ଲାଗି ମୋଟରଗାଡ଼ି ଯୋଗାଇ ଦେବା ।
**motorman** ବି. ବିଶେ. ଭୂମିତଳ ରେଳଗାଡ଼ିର ଚାଳକ ବା ଡ୍ରାଇଭର ।
**motor nerve** ବି. ମସ୍ତିଷ୍କ ବା ମେରୁଦଣ୍ଡରୁ ମାଂସପେଶୀକୁ ଉଦ୍ଦୀପନାବାହୀ ସ୍ନାୟୁ ।
**motor vehicle** ବି. ମୋଟର୍ ଦ୍ୱାରା ପରିଚାଳିତ ଯାନ ।
**motorway** ବି. ଦ୍ରୁତଗତିଶୀଳ ମୋଟର୍ ଗାଡ଼ିର ଚଳାଚଳ ନିମନ୍ତେ ଉଦ୍ଦିଷ୍ଟ ସଡ଼କ ।
**mottle** କ୍ରି. ରଙ୍ଗୀନ୍ ବିନ୍ଦୁ ବା ଦାଗ ପ୍ରଭୃତିଦ୍ୱାରା ଚିହ୍ନିତ କରିବା ।
**motto** ବି. (ବ.ବ. mottoes) ନୀତିବାକ୍ୟ; ଆଚରଣବିଧିଭାବେ ଗୃହୀତ ନୀତି; ଉପଯୋଗୀ ଲିଖନ (ତାଲ, ପଣ୍ୟ ସାମଗ୍ରୀ ପ୍ରଭୃତି ଉପରେ) ।

Digitized by srujanika@gmail.com

**mould**[1] 1. ବି. ଛାଞ୍ଚ, ତରଳଧାତୁକୁ ଅଭୀଷ୍ଟ ଆକାରରେ ଢାଳିବାର ପାତ୍ର; ପିଠା ପ୍ରଭୃତିକୁ ନିର୍ଦ୍ଦିଷ୍ଟ ଆକାର ଦେବାର ମାଟି ବା ଧାତୁର ଛାଞ୍ଚ; ପ୍ରତିମା ଆଦି ଗଢ଼ିବା ପାଇଁ ବ୍ୟବହୃତ ମାଟି ବା କାଠର ନମୁନା; 2. କ୍ରି. ଛାଞ୍ଚରେ ଢାଳି ନିର୍ଦ୍ଦିଷ୍ଟ ଆକୃତି ବିଶିଷ୍ଟ କରିବା; (ବ୍ୟକ୍ତିର) ଅଭିବୃଦ୍ଧିକୁ ପ୍ରଭାବିତ କରିବା ।

**mould**[2] ବି. (*ଆମେ.* mold) ନରମ ବା ଫସଫସିଆ ମାଟି; କର୍ଷିତ ଜମିର ଉପରିଭାଗ ।

**mould**[3] ବି. (*ଆମେ.* mold) ଆର୍ଦ୍ରତା ହେତୁ ବସ୍ତୁ ବା ପଦାର୍ଥ ଉପରେ ଲାଗିଥିବା ଫିମ୍ପି ।

**moulder** କ୍ରି. (*ଆମେ.* molder) ଧୂଳିରେ ମିଶିବା, ସଢ଼ିବା, କ୍ଷୟ ପ୍ରାପ୍ତ ହେବା ।

**moulding** ବି. (*ଆମେ.* molding) ଛାଞ୍ଚରେ ଗଢ଼ା ବସ୍ତୁ; କୋଠାର କାର୍ନିସ୍‌ପ୍ରଭୃତିରେ ଅଙ୍କିତ କାରୁକାର୍ଯ୍ୟ; କାଠକାମରେ ହୋଇଥିବା ଏତାଦୃଶ ଆକୃତି ।

**mouldy** ବିଂ. (*ଆମେ.* moldy) ଫିମ୍ପିଯୁକ୍ତ, ଫିମ୍ପିମରା, ବାସି; ଅପ୍ରଚଳିତ; *କ.ଭା.* ମାନ୍ଦା, ଶୋଚନୀୟ; ବି. mouldiness.

**moult** (*ଆମେ.* molt) 1. କ୍ରି. ପକ୍ଷୀମାନଙ୍କର ପର ଝଡ଼ିବା, ନୂଆ ପର ବାହାରିବା ପରେ ପୁରୁଣା ପର ତ୍ୟାଗ କରିବା; (ସରୀସୃପ, ପଶୁମାନଙ୍କର) କେଶ, ଖୋଳପା, କାତି ପ୍ରଭୃତି ତ୍ୟାଗ କରିବା; 2. ବି. ପରଝଡ଼ା, ନିର୍ମୋଚନ ।

**mound** ବି. ମାଟି ବା ପଥରର ସ୍ତୂପ; *ବିଶେ.* କବର ଉପରସ୍ଥ ମାଟିସ୍ତୂପ; ଛୋଟ ପାହାଡ଼; ସ୍ତୂପ ବା ଗଦା ।

**mount**[1] 1. କ୍ରି. ଚଢ଼ିବା; ଅଶ୍ୱାରୋହଣ କରିବା, ପାହାଡ଼ ପ୍ରଭୃତି ଉପରେ ଚଢ଼ିବା; ଉପରକୁ ଗତି କରିବା; ଉଚ୍ଚତର ପଦ ବା କ୍ଷମତାରେ ଆସୀନ ହେବା; ପରିମାଣ, ମାତ୍ରା ବା ତୀବ୍ରତାରେ ବୃଦ୍ଧିଲାଭ କରିବା; ସୁନାରେ (ରତ୍ନାଦି) ଜଡ଼ିତ କରିବା; ଫଟୋ, ଚିତ୍ର ପ୍ରଭୃତିକୁ ଚୌକାଠରେ ସଂଲଗ୍ନ କରିବା; ପ୍ରଦର୍ଶନ ବା ସଂରକ୍ଷଣ ପାଇଁ ପ୍ରସ୍ତୁତ କରିବା; ଅଣୁବୀକ୍ଷଣ ଯନ୍ତ୍ରରେ ସ୍ଲାଇଡ୍ ରଖିବା; 2. ବି. ଚଢ଼ିବାର ଘୋଡ଼ା; ଚିତ୍ରପଟ, ରତ୍ନ ପ୍ରଭୃତିର ଜଡ଼ାଉ ।

**mount**[2] ବି. *ପ୍ରା.ପ୍ର.* ପର୍ବତ ବା ପାହାଡ଼ (କେବଳ ଉପପଦରୂପେ ନାମ ପୂର୍ବରେ ବ୍ୟବହୃତ, *ଉଦା.* Mount Everest).

**mountain** ବି. ପର୍ବତ, ପାହାଡ଼; ବିଶାଳ ସ୍ତୂପ; ବିଶେଷ ପରିମାଣ; ବିଶାଳ ଭଣ୍ଡାର (*ଉଦା.* butter mountain ଲହୁଣୀ ଭଣ୍ଡାର) ।

**mountain ash** ବି. ପାର୍ବତୀୟ ବୃକ୍ଷ ବିଶେଷ, ଏଥିରେ ଗାଢ଼ ଲାଲରଙ୍ଗର କୋଳି ଫଳେ ।

**mountaineer** 1. ବି. ପର୍ବତାରୋହଣରେ କୁଶଳ ବ୍ୟକ୍ତି; ପ୍ରଶିକ୍ଷିତ ପର୍ବତାରୋହୀ; 2. କ୍ରି. ମନୋରଞ୍ଜନ ନିମନ୍ତେ ବା କ୍ରୀଡାରୂପେ ପର୍ବାତାରୋହଣ କରିବା ।

**mountain goat** ବି. ରକି ପାର୍ବତୀୟ ଅଞ୍ଚଳର ଧଳା ଛେଳି ଜାତୀୟ ପ୍ରାଣୀ ।

**mountain lion** ବି. ପୁମା ।

**mountainous** ବିଂ. ପାର୍ବତୀୟ, ପାର୍ବତ୍ୟ; ଶୈଳମୟ, ବିଶାଳ ।

**mountain sickness** ବି. ପର୍ବତ ଶିଖରରେ ବାୟୁର ଅଭାବଜନିତ ଅସୁସ୍ଥତା ।

**mountainside** ବି. ପର୍ବତର ଢାଲୁ ପାର୍ଶ୍ୱ ।

**mountebank** ବି. ପ୍ରତାରକ, ଠକ; *ଇତି.* ଭ୍ରାମ୍ୟମାଣ ବୈଦ୍ୟ ।

**mounted** ବିଂ. ଅଶ୍ୱାରୋହୀ (*ଉଦା.* mounted police).

**mourn** କ୍ରି. ମୃତ ବ୍ୟକ୍ତି ବା ହରାଇଥିବା ବସ୍ତୁ ପାଇଁ ଶୋକ କରିବା; ଗଭୀର ଦୁଃଖ ଯୋଗୁ ବିଳାପ କରିବା ।

**mourner** ବି. ଶୋକ ପ୍ରକାଶକାରୀ ବ୍ୟକ୍ତି; ମିତ୍ର ବା ସମ୍ବନ୍ଧୀର ଅନ୍ତିମ ସଂସ୍କାରରେ ଯୋଗଦାନକାରୀ, ଶବାନୁଗମନକାରୀ ।

**mournful** ବିଂ. ଶୋକାନ୍ୱିତ, ଶୋକବିହ୍ୱଳ; ବି. mournfulness.

**mournfully** କ୍ରି.ବିଂ. ଶୋକପୂର୍ବକ, ଶୋକାକୁଳ ଭାବରେ, ଦୁଃଖପୂର୍ଣ୍ଣ ଭାବରେ ।

**mourning** ବି. ଶୋକ, ବିଳାପ, ମୃତ୍ୟୁଶୋକ; ଶୋକସୂଚକ କଳାବସ୍ତ୍ର ପିନ୍ଧି ଶୋକ ପାଳନ ।

**mouse** 1. ବି. (ବ.ବ. mice) ମୂଷା; ଲଜ୍ଜାଶୀଳ ବା ଭୟାଳୁ ବ୍ୟକ୍ତି; 2. କ୍ରି. (ବିଲେଇ, ପେଚା ପ୍ରଭୃତି) ମୂଷା ଶିକାର କରିବା ।

**mousetrap** ବି. ମୂଷାଯନ୍ତା; *କ.ଭା.* ଗୁଣ.ନିକୃଷ୍ଟ ଧରଣର ଛେନା ।

**mousse** (ମୁସ୍) ବି. ଅଣ୍ଡା ଓ ଫେଣ୍ଟା କ୍ରିମ୍ ମିଶ୍ରିତ, ତଥା ଫଳ ବା ଚକୋଲେଟ୍ ବାସ୍ନାଯୁକ୍ତ ମିଷ୍ଟାନ୍ନ; ମାଛ ବା ମାଂସର ରସସହ ଫେଣ୍ଟା

Digitized by srujanika@gmail.com

କ୍ରିମର ବ୍ୟଞ୍ଜନ; କେଶ ପ୍ରସାଧାନରେ ବ୍ୟବହୃତ ଫେନିଳ ବସ୍ତୁ ବିଶେଷ ।

**moustache** ବି. ନିଶ ।

**mousy** ବିଂ. ମୂଷା ସଦୃଶ; ଈଷତ୍ ଧୂସର ରଙ୍ଗମିଶା ବାଦାମୀ (ରଙ୍ଗ); ଲଜ୍ଜାଶୀଳ, ଭୀରୁ ବା ଦୁର୍ବଳ (ବ୍ୟକ୍ତି) ।

**mouth** 1. ବି. ପାଟି, ମୁଖ, ମୁହଁ; ନଦୀର ମୁହାଣ; ଗୁମ୍ଫା ବା ଆଗ୍ନେୟଗିରିର ମୁଖ; ତୂରୀ ବା ଭେରୀର ମୁହଁ; ଭରଣପୋଷଣ ପାଇଁ ନିର୍ଭରଶୀଳ ବ୍ୟକ୍ତି; 2. କ୍ରି. ବାହାନା ବା କୃତ୍ରିମତାର ସହିତ କଥାବାର୍ତ୍ତା କରିବା; ଆଳଂକାରିକ ଭାଷାରେ ଭାଷଣ ଦେବା; ଖଟେଇ ହେବା, ମୁଖଭଙ୍ଗୀ କରିବା; put words into person's mouth କ'ଣ କହିବାକୁ ହେବ, ବ୍ୟକ୍ତିବିଶେଷକୁ ବତାଇବା; take the words out of a person's mouth କୌଣସି ବ୍ୟକ୍ତିର ମୁହଁରୁ କଥା ଛଡ଼ାଇ ନେଇ ତାହା ନିଜେ କହିଦେବା ।

**mouthful** ବି. ମୁଖଭର୍ତ୍ତି ଗ୍ରାସ; ଅଳ୍ପ ପରିମାଣ; କହିବାକୁ କଷ୍ଟକର ଶବ୍ଦ ବା ବାକ୍ୟ; ଖାଦ୍ୟ ପ୍ରଭୃତିର ଅଳ୍ପ ପରିମାଣ ।

**mouth-organ** ବି. ପାଟିରେ ଫୁଙ୍କି ବଜାଯାଉଥିବା ଆୟତାକାର ବାଦ୍ୟ ଯନ୍ତ୍ର ବିଶେଷ, ମାଉଥ୍ ଅର୍ଗାନ୍ ।

**mouthpiece** ବି. ଟେଲିଫୋନ୍, ବାଦ୍ୟଯନ୍ତ୍ର ପ୍ରଭୃତିର ଅଗ୍ରଭାଗ ଯାହାକୁ ଓଠ ନିକଟରେ ରଖାଯାଏ; ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ପାଇଁ କହିଥାଏ; ପ୍ରବକ୍ତା; ମୁଖପାତ୍ର ।

**mouthwash** ବି. ପାଟି ବା ଗଳା ପରିଷ୍କାର କରିବା ପାଇଁ ବ୍ୟବହୃତ ତରଳ ପଦାର୍ଥ ।

**movable** ବିଂ. (moveable ମଧ୍ୟ) ଗତିଶୀଳ; ବର୍ଷକୁ ବର୍ଷ ଉତ୍ସବ ତାରିଖ ବଦଳୁଥିବା ।

**move** 1. କ୍ରି. ସ୍ଥାନ ବା ସ୍ଥିତି ପରିବର୍ତ୍ତନ କରିବା; ଚଳାଇବା, ଗତିଶୀଳ କରିବା; ସତରଞ୍ଚ ଖେଳରେ ଗୋଟି ଚଳାଇବା; ହଲାଇବା; ହୃଦୟରେ ଆବେଗ ସୃଷ୍ଟିକରିବା; ବ୍ୟକ୍ତିକୁ କୌଣସି କାର୍ଯ୍ୟ ପ୍ରତି ଆକୃଷ୍ଟ କରିବା; (ନ୍ୟାୟାଳୟରେ) ଦରଖାସ୍ତ ଦେବା; ସଭାରେ ପ୍ରସ୍ତାବ ରଖିବା; ହଟିବା, ହଲିବା; 2. ବି. ଚାଳନା; ପ୍ରସ୍ଥାନ; ସ୍ଥାନ ପରିବର୍ତ୍ତନ; ବାସଗୃହ, ବ୍ୟବସାୟସ୍ଥଳ ଆଦିର ପରିବର୍ତ୍ତନ; ଉପାୟ, ପ୍ରଯତ୍ନ; ପଦକ୍ଷେପ; get a move on କ.ଭା. ଜଲ୍‌ଦି ବା ଶୀଘ୍ର କରିବା; make a move କାର୍ଯ୍ୟାନୁଷ୍ଠାନ କରିବା; କାର୍ଯ୍ୟ ଆରମ୍ଭ କରିବା; move away ଅନ୍ୟସ୍ଥାନରେ ବାସ କରିବା ନିମନ୍ତେ ଚାଲିଯିବା; move heaven and earth ପାରୁପର୍ଯ୍ୟନ୍ତ ଉଦ୍ୟମ କରିବା; move house (କୌଣସି ବ୍ୟକ୍ତିର) ବାସଗୃହ ପରିବର୍ତ୍ତନ କରିବା; move in ନୂତନ ବାସଗୃହପ୍ରଭୃତିରେ ବାସ କରିବାକୁ ଯିବା; move over (up) ଅନ୍ୟକୁ ଜାଗା ଦେବାପାଇଁ ନିଜକୁ ଯଥୋଚିତ ଭାବେ ଅବସ୍ଥାପିତ କରିବା; on the move ପ୍ରଗତି କରୁଥିବା; ଚଲାବୁଲା କରୁଥିବା ।

**movement** ବି. ଗତି, ଗତିବିଧି; ଚାଳନା, ଅଙ୍ଗବିକ୍ଷେପ; ମେସିନ୍ ପ୍ରଭୃତିର ଚଳନକ୍ଷମ ବା ଗତିଶୀଳ ଅଂଶ; *ସଂଗୀତ* ଦୀର୍ଘ ରଚନାର ପ୍ରମୁଖ ବିଭାଗ; ଆନ୍ଦୋଳନ; ମଳ ନିଷ୍କାସନ ।

**movie** ବି. *ଆମେ. ସା.ପ୍ର.* ସିନେମା; ଗତିଶୀଳ ଚିତ୍ର ।

**moving** ବିଂ. ଗତିଶୀଳ; ହୃଦୟସ୍ପର୍ଶୀ, ଆବେଗପୂର୍ଣ୍ଣ; *କ୍ରି.ବିଂ.* movingly.

**mow** କ୍ରି. (*ଅ.କ୍ରି.ଇ.ପ.* mowed or mown) ଦାଆ ବା ମେସିନ୍ ସାହାଯ୍ୟରେ ଘାସପ୍ରଭୃତି କାଟିବା; ଘାସକାଟି ସବୁଜ ତୃଣଭୂମି ପ୍ରସ୍ତୁତ କରିବା; mow down ନିର୍ବିଚାରରେ ବହୁ ସଂଖ୍ୟାରେ ନିଧନ ବା ବହୁ ପରିମାଣରେ ଧ୍ୱଂସ କରିବା ।

**mower** ବି. ଘାସକଟା କଳ, ଘାସକଟାଳି ।

**MLA** *ସଂଶ.* Member of Legislative Assembly ବିଧାନ ସଭାର ସଦସ୍ୟ ।

**MLC** *ସଂଶ.* Member of Legislative Council ବିଧାନ ପରିଷଦର ସଦସ୍ୟ ।

**MP** *ସଂଶ.* Member of Parliament ସଂସଦ ସଦସ୍ୟ ।

**m.p.g.** *ସଂଶ.* miles per gallon ଗେଲନ ପ୍ରତି ମାଇଲର ପରିମାଣ ।

**m.p.h.** *ସଂଶ.* miles per hour ଘଣ୍ଟାପ୍ରତି ମାଇଲ ବେଗ ।

**Mr** ବି. (ବ.ବ. Messers) *ସଂଶ.* Mister ପୁରୁଷମାନଙ୍କ ନାମ ପୂର୍ବରୁ ବ୍ୟବହୃତ ଉପାଧି (ଉଦା. Mr John); କୌଣସି ପଦବୀ ପୂର୍ବରୁ ବ୍ୟବହୃତ ଉପାଧି (ଉଦା. Mr Justice).

Digitized by srujanika@gmail.com

**Mrs** ବି. ବ.ବMrs. ବା Mesdames ଶ୍ରୀମତୀ, ବିବାହିତା ସ୍ତ୍ରୀର ନାମ ପୂର୍ବରୁ ବ୍ୟବହୃତ ଉପାଧି।
**Ms** ବି. ବିବାହିତା ବା ଅବିବାହିତା ନାରୀର ନାମ ପୂର୍ବରୁ ବ୍ୟବହୃତ ଉପାଧି।
**MS** *ସଂଶ.* manuscript ପାଣ୍ଡୁଲିପି।
**M.Sc.** *ସଂଶ.* Master of Science ବିଜ୍ଞାନରେ ସ୍ନାତକୋତ୍ତର ଉପାଧି।
**MSS** *ସଂଶ.* manuscripts ପାଣ୍ଡୁଲିପିଗୁଡ଼ିକ।
**Mt.** *ସଂଶ.* Mount ଗିରିଶୃଙ୍ଗ।
**much** 1. ବିଂ. ବିଶେଷ ପରିମାଣରେ ବା ଅଧିକ ମାତ୍ରାରେ ବିଦ୍ୟମାନ; 2. ବି. ଅଧିକ ମାତ୍ରା; ବିଶେଷ ବା ମୁଖ୍ୟ ବସ୍ତୁ; 3. *କ୍ରି.ବିଂ.* ବିଶେଷ ପରିମାଣରେ, ଅଧିକ ମାତ୍ରାରେ; ଅଧିକାଂଶ ସମୟରେ; ପ୍ରାୟତଃ; as much ସେତିକି, ସେହିଭଳି, ସେହି ପରିମାଣ; a bit much *କ.ଭା.* ଅତିଶୟ; ଅତ୍ୟଧିକ; much as ଯଦିଓ; much of a muchness ପ୍ରାୟତଃ ଏକା ଭଳି; ପ୍ରାୟ ସେହିପରି; not much of a *କ.ଭା.* ମହାନ ବା ବଡ଼ ନୁହେଁ; ଏକ ପ୍ରକାର।
**mucilage** ବି. ଲସା; ଉଦ୍ଭିଦରୁ ବା ପ୍ରାଣୀଠାରୁ ପ୍ରାପ୍ତ ଅଠାଭଳି ପଦାର୍ଥ।
**muck** 1. ବି. ଖତାରୁ ପ୍ରାପ୍ତ ସାର; *କ.ଭା.* ଅଳିଆ, ଆବର୍ଜନା, ମଇଳା, ଅବ୍ୟବସ୍ଥା; 2. *କ୍ରି.* ସାର କାଢ଼ିବା, ମଇଳା କରିବା; ଗୋଳମାଳ କରିଦେବା; make a muck of *ସା.ପ୍ର.* ବଡ଼ ଭୁଲ୍ କରିବା, କାମ ବିଗାଡ଼ିବା; muck about (around) *ସା.ପ୍ର.* ବୃଥା କାର୍ଯ୍ୟରେ ସମୟ ନଷ୍ଟ କରିବା, ଏଣେ ତେଣେ ବୁଲିବା, ଅନଧିକାର ଚେଷ୍ଟା କରିବା; muck in *କ.ଭା.* କାର୍ଯ୍ୟ ପ୍ରଭୃତିରେ ଅନ୍ୟ ସହିତ ସମାନ ଭାବରେ ଅଂଶ ଗ୍ରହଣ କରିବା; muck out ସାର ଅପସାରଣ କରି ନେବା; muck up *ସା.ପ୍ର.* କାମ ବିଗାଡ଼ିବା, ଦୂଷିତ କରିବା।
**mucker** ବି. *ସା.ପ୍ର.* ସାଂଗ, କର୍ମସଂଗୀ।
**muckle** *ଦ୍ର.* mickle.
**muck–raking** ବି. ଅନୁସନ୍ଧାନ ପୂର୍ବକ ଦୋଷ ଖୋଜି କୁତ୍ସାରଚନାକାରୀ; *କ୍ରି.* muckrake; ବି. muckraker.
**muck sweat** ବି. *କ.ଭା.* ପ୍ରଚୁର ଝାଳ।
**mucky** ବିଂ. ଅଳିଆଦ୍ୱାରା ଆଚ୍ଛାଦିତ।
**mucosity** ବି. ଶ୍ଳୈଷ୍ମିକତା, କଫଯୁକ୍ତତା।
**mucous** ବିଂ. ଶ୍ଳେଷ୍ମାଯୁକ୍ତ, ଶ୍ଳେଷ୍ମାଦ୍ୱାରା ଆଚ୍ଛାଦିତ।
**mucous membrane** ବି. ଶ୍ଳୈଷ୍ମିକ ଝିଲ୍ଲୀ; ନାସିକା ଓ ଶରୀରର ଅନ୍ୟାନ୍ୟ ଛିଦ୍ରମାନଙ୍କରେ ଥିବା ପତଳା ଚମଡ଼ା ଆସ୍ତରଣ।
**mucus** ବି. ଶ୍ଳୈଷ୍ମିକ ଝିଲ୍ଲୀରୁ ନିର୍ଗତ ତରଳ ପଦାର୍ଥ; ନାଳ; ସିଂଘାଣି।
**mud** ବି. କର୍ଦ୍ଦମ; କାଦୁଅ, କର୍ଦ୍ଦମାକ୍ତ ଭୂମି; ଓଦା ମାଟି; fling (throw) mud କାଦୁଅ ଫିଙ୍ଗିବା, ନିନ୍ଦା କରିବା; one's name is mud କୌଣସି ବ୍ୟକ୍ତି କଳଙ୍କିତ, ଅପମାନିତ ବା ଲାଞ୍ଛିତ।
**muddle** 1. *କ୍ରି.* ବିଶୃଙ୍ଖଳ ବା ବିଦ୍ଧ୍ୱଳ କରିବା; ଗୋଳମାଳରେ ପକାଇବା; ବିଗାଡ଼ିଦେବା; 2. ବି. ବିଶୃଙ୍ଖଳିତ ବା ଅବ୍ୟବସ୍ଥିତ ଅବସ୍ଥା; muddle along (on) ଅବ୍ୟବସ୍ଥିତ ବା ଅନିୟମିତ ଭାବରେ ଗତି କରିବା; muddle through ଅକୁଶଳୀ ହୋଇଥିବା ସତ୍ତ୍ୱେ କୃତକାର୍ଯ୍ୟ ହେବା।
**muddle–headed** ବିଂ. ନିର୍ବୋଧ, ବିଭ୍ରାନ୍ତ।
**muddy** 1. ବିଂ. କାଦୁଆ; ପଙ୍କିଳ; ପଙ୍କସଦୃଶ; କର୍ଦ୍ଦମାକ୍ତ; ଗୋଳମାଳିଆ; ଆବିଳ; ଅସ୍ୱଚ୍ଛ; 2. *କ୍ରି.* ଏହିପରି କରିବା; *କ୍ରି.ବିଂ.* muddily; ବି. muddiness.
**mudguard** ବି. ସାଇକେଲ୍ ବା ମୋଟରର ଚକ ଉପରସ୍ଥ ଆବରଣ (ଏହା ଆରୋହୀକୁ କାଦୁଅ ଛିଟାରୁ ରକ୍ଷା କରେ)।
**muesli** ବି. ଶସ୍ୟ, ଶୁଷ୍କଫଳ, ବାଦାମ ପ୍ରଭୃତିର ଗୁଣ୍ଡ ଏବଂ କ୍ଷୀରରେ ତିଆରି ପ୍ରାତଃ ଖାଦ୍ୟ।
**muezzin** ବି. ଇ. ମୀନାର ଉପରୁ ପ୍ରାର୍ଥନା (ନମାଜ) ସମୟର ଘୋଷଣାକାରୀ, ମୁଆଜ୍ଜିନ୍।
**muff**[1] ବି. ପଶମ ନିର୍ମିତ ଆବରଣ, ଏହା କାନ ବା ହସ୍ତକୁ ଉଷ୍ମ ରଖିବା ନିମନ୍ତେ ବ୍ୟବହୃତ ହୁଏ।
**muff**[2] *କ୍ରି.* କାମ ବିଗାଡ଼ିବା; ଫୁଟ୍‌ବଲ ବା କ୍ରିକେଟ୍ ଆଦି ଖେଳରେ ପେଣ୍ଡୁ ଧରି ନ ପାରିବା; ଅଭିନୟ ପ୍ରଭୃତିରେ ତ୍ରୁଟି କରିବା।
**muffin** ବି. ଚେପ୍ଟା ଓ ଗୋଲ ହାଲୁକା କେକ୍, ଏହାକୁ ସେକି ଲହୁଣୀ ସହିତ ଖିଆଯାଏ।
**muffle** *କ୍ରି.* ଉଷ୍ଣତା ରକ୍ଷା ନିମନ୍ତେ ଲୁଗା ପ୍ରଭୃତି ଗୁଡ଼ାଇବା; ଶବ୍ଦ ରୋଧିବା ପାଇଁ ଲୁଗା ଘୋଡ଼ାଇବା, ଶବ୍ଦ–ନିରୋଧ କରିବା।

Digitized by srujanika@gmail.com

**muffler** ବି. ମଫଲର୍, ସ୍କାର୍ଫ; ଶରୀରକୁ ଉଷ୍ଣ ରଖିବା ପାଇଁ ବା ଶବ୍ଦରୋଧ ପାଇଁ ବ୍ୟବହୃତ ଆଚ୍ଛାଦନ।

**mufti** ବି. ମୁଫ୍ତି, ସାଧାରଣତଃ ୟୁନିଫର୍ମ ବା ଔପଚାରିକ ପୋଷାକ ପିନ୍ଧୁଥିବା ବ୍ୟକ୍ତିଦ୍ୱାରା ପରିହିତ ସାଦା ବସ୍ତ୍ର।

**mug**[1.] 1. ବି. ମଗ୍, ହେଣ୍ଡଲ୍‌ଲଗା ସିଲିଣ୍ଡର୍ ସଦୃଶ ଜଳପାତ୍ର; *ସା.ପ୍ର.* ମୁହଁ ବା ପାଟି; *ସା.ପ୍ର.* ସରଳବିଶ୍ୱାସୀ, ନିର୍ବୋଧ ବ୍ୟକ୍ତି; 2. *କ୍ରି. ବିଶେ.* ସାର୍ବଜନୀନ ସ୍ଥାନରେ ଆକ୍ରମଣ ଓ ଲୁଣ୍ଠନ କରିବା; **a mug's game** ଲାଭ ହେଉନଥିବା ନିଷ୍ଫଳ ବା ନିରର୍ଥକ ବୃତ୍ତି; ବି. mugger; ବିଂ. mugful; ବି. mugging.

**mug**[2.] *କ୍ରି. ସା.ପ୍ର.* ଅଭିନିବେଶ ପୂର୍ବକ ଅଧ୍ୟୟନ।

**muggins** ବି. (*ବ.ବ.* mugginses) *କ.ଭା.* ଜାଣିଜାଣି ନିଜକୁ ବୋକା ପ୍ରମାଣିତ କରାଉଥିବା ବ୍ୟକ୍ତି।

**muggy** ବିଂ. (ପାଗସମ୍ବନ୍ଧୀୟ) ଆର୍ଦ୍ର ଓ ଉଷ୍ଣ, ଗୁଳୁଗୁଳିଆ।

**Muhammadan** 1. ବିଂ. ମହମ୍ମଦ ସମ୍ବନ୍ଧୀୟ; 2. ବି. ମୁସଲମାନ୍।

**mulatto** ବି. (ବ.ବ –es, mulattos) ଶ୍ୱେତକାୟ ଓ କୃଷ୍ଣକାୟ ପିତାମାତାଙ୍କଠାରୁ ଜାତ ସଂକର ବ୍ୟକ୍ତି।

**mulberry** ବି. ବାଇଗଣି ବା ଧଳା ରଙ୍ଗର ଖାଇବା କୋଳି ଫଳୁଥିବା ଏକ ପ୍ରକାର ଗଛ (ଏହାର ପତ୍ରଗୁଡ଼ିକ ରେଶମକୀଟମାନଙ୍କୁ ଖୁଆଇବା କାମରେ ଲାଗେ); ଏହି ଗଛର ଫଳ; ଲାଲ କିମ୍ବା ବାଇଗଣି ରଙ୍ଗ।

**mulch** 1. ବି. ନବରୋପିତ ଚାରାର ମୂଳ ସଂରକ୍ଷଣ ପାଇଁ ନଡ଼ା, ଆର୍ଦ୍ର ପତ୍ର ଓ ଘାସ ତିଆରି ସ୍ତର; 2. *କ୍ରି.* ଏଭଳି ଘାସପତ୍ର ବିଛାଇ ଚାରାକୁ ରକ୍ଷା କରିବା କିମ୍ବା ମାଟିକୁ ସାରଯୁକ୍ତ କରିବା।

**mulct** *କ୍ରି.* କର ବା ଜୋରିମାନା ରୂପେ ବା ଅନ୍ୟାୟ ଭାବେ ଅର୍ଥ ଆଦାୟ କରିବା।

**mule**[1.] ବି. ଘୋଡ଼ୀ ଓ ଗଧର ମିଶ୍ରଣରେ ଜାତ ପ୍ରାଣୀ; ଖଚର; ଏକଜିଦିଆ ବା ନିର୍ବୋଧ ବ୍ୟକ୍ତି; ଏକ ପ୍ରକାର ସୂତାକଟା ମେସିନ୍।

**mule**[2.] ବି. ପୃଷ୍ଠବିହୀନ ଚପଲ୍।

**muleteer** ବି. ଖଚର ଚାଳକ।

**mulish** ବିଂ. ଜିଦ୍‌ଖୋର, ଏକଜିଦିଆ।

**mull**[1.] *କ୍ରି.* ଭାବିବା, ବିଚାର କରିବା।

**mull**[2.] *କ୍ରି.* ମଦ୍ୟ ବା ବିଅର୍‌ରେ ଚିନି, ମସଲା ପ୍ରଭୃତି ମିଶାଇ ତାହାକୁ ଉତ୍ତପ୍ତ ପାନୀୟ ରୂପେ ପ୍ରସ୍ତୁତ କରିବା।

**mull**[3.] ବି. ସ୍କଟ୍.ଶୈଳାନ୍ତରୀପ; ଜଳଭାଗ ଭିତରକୁ ମାଡିଯାଇଥିବା ଉଚ୍ଚ ସ୍ଥଳଭାଗ ବା ଶିଳାଖଣ୍ଡ।

**mullah** ବି. ଇସ୍‌ଲାମ୍ ଧର୍ମ ଓ ତା'ର ପବିତ୍ର ନିୟମ ସମ୍ବନ୍ଧରେ ଅଭିଜ୍ଞ ମୁସଲମାନ୍।

**mullet** ବି. ଖାଦ୍ୟୋପଯୋଗୀ ବିବିଧ ସାମୁଦ୍ରିକ ମତ୍ସ୍ୟ।

**mulligatawny** ବି. *ମୂ.* ଭାରତରେ ପ୍ରସ୍ତୁତ ଅତ୍ୟଧିକ ମସଲାଦିଆ ଝୋଳ ବା ସୁପ୍।

**mullion** ବି. ଝରକାରେ ଲାଗିଥିବା ଆଲୋକ-ବିଭାଜକ ଛଡ଼।

**multi–** ଋ. ବହୁ–, ବହୁତ।

**multi-access** ବିଂ. କମ୍ପ୍ୟୁଟର୍ ବହୁବିଧ ପ୍ରବେଶ ବ୍ୟବସ୍ଥା ବିଶିଷ୍ଟ।

**multicoloured** ବିଂ. ବହୁରଙ୍ଗୀ, ବିବିଧ ରଙ୍ଗ ବିଶିଷ୍ଟ।

**multifarious** ବିଂ. ବିବିଧ, ବହୁବିଧ, ନାନାବିଧ; ବି. multifariousness.

**multiform** ବିଂ. ବହୁରୂପୀୟ, ବହୁଆକାର ବିଶିଷ୍ଟ।

**multilateral** ବିଂ. ବହୁପାକ୍ଷିକ ରାଜିନାମା ବା ଚୁକ୍ତି (ଯେଉଁଥିରେ ତିନି ବା ତିନିରୁ ଊର୍ଦ୍ଧ୍ୱ ପକ୍ଷ ଅଂଶ ଗ୍ରହଣ କରନ୍ତି); ବହୁପାର୍ଶ୍ୱବିଶିଷ୍ଟ।

**multilingual** ବିଂ. ବହୁ ଭାଷାଭାଷୀ।

**multimedia** *ଗୁଣ.* ବିଂ. ଏକାଧିକ ପ୍ରସାର ମାଧ୍ୟମ ବ୍ୟବହାର କରୁଥିବା।

**multinational** 1. ବିଂ. ବହୁରାଷ୍ଟ୍ରୀୟ; 2. ବି. ବହୁରାଷ୍ଟ୍ରୀୟ କମ୍ପାନୀ।

**multiple** 1. ବିଂ. ବହୁଭାଗ ବିଶିଷ୍ଟ, ବହୁବିଧ; 2. ବି. ଗୁଣିତକ; least (lowest) multiple ଲଘିଷ୍ଠ ସାଧାରଣ ଗୁଣିତକ, ଲ.ସା.ଗୁ।

**multiple-choice** ବି. (ପରୀକ୍ଷା ପ୍ରଶ୍ନ ସମ୍ବନ୍ଧୀୟ) ବିଭିନ୍ନ ସମ୍ଭାବିତ ଉତ୍ତରମାନଙ୍କ ମଧ୍ୟରୁ ଉପଯୁକ୍ତଟିକୁ ନିରୂପଣ।

**multiplex** ବିଂ. ବହୁ ଉପାଦାନ ବିଶିଷ୍ଟ; ବହୁବିଧ।

**multiplicand** ବି. ଗୁଣ୍ୟ, ଯେଉଁ ସଂଖ୍ୟାକୁ ଅନ୍ୟଦ୍ୱାରା ଗୁଣାଯାଏ।

Digitized by srujanika@gmail.com

**multiplication** ବି. ଗୁଣନ; multiplica tion sign ଗୁଣନ ଚିହ୍ନ '×', ଯଥା ୨ × ୩ =୬।

**multiplication table** ବି. ଗୁଣନ—ସାରଣୀ, ପଣକିଆ।

**multiplicity** ବି. ବିବିଧତା, ବହୁବିଧତା, ବୃହତ୍ ସଂଖ୍ୟା ସଂପନ୍ନତା।

**multiplier** ବି. ଗୁଣକ, ଯେଉଁ ସଂଖ୍ୟାଦ୍ୱାରା ଗୁଣ୍ୟ ଗୁଣିତ ହୁଏ।

**multiply** କ୍ରି. ଗୁଣିବା, ଗୁଣନ କରିବା; ଅଧିକ ସଂଖ୍ୟାରେ ଉତ୍ପାଦନ କରିବା; ପ୍ରାଣୀ ପ୍ରଜନନ ବା ଉଦ୍ଭିଦବଂଶ ବୃଦ୍ଧି କରିବା; ବହୁଗୁଣିତ ହେବା, ବୃଦ୍ଧିଲାଭ କରିବା।

**multi–purpose** ଗୁଣ. ବିଂ. ବହୁମୁଖୀ; ବହୁ ଉଦ୍ଦେଶ୍ୟ ସାଧନକାରୀ।

**multiracial** ବିଂ. ବହୁଜାତୀୟ, ବହୁଜାତି ବିଶିଷ୍ଟ।

**multi–storey** ବିଂ. ବହୁମହଲା ବିଶିଷ୍ଟ (ଘର)।

**multitude** ବି. ବୃହତ୍ ସଂଖ୍ୟା; ଜନସମୂହ, ଜନସମୁଦାୟ, ଜନତା, the multitude ଜନ ସାଧାରଣ।

**multitudinous** ବିଂ. ପ୍ରଚୁର, ବହୁଳ, ବହୁଜନ ବିଶିଷ୍ଟ।

**mum**[1.] 1. ବି. କ.ଭା. ନୀରବତା; mum's the word କିଛି ନ କହିବା।

**mum**[2.] କ୍ରି. ମୂକ ଅଭିନୟ କରିବା।

**mum**[3.] ବି. କ.ଭା. ଦ୍ର. mummy[2.].

**mumble** 1. କ୍ରି. ଅସ୍ପଷ୍ଟ ଭାବରେ କହିବା ବା ଉଚ୍ଚାରଣ କରିବା; 2. ବି. ଅସ୍ପଷ୍ଟ ଉଚ୍ଚାରଣ।

**mumbo–jumbo** ବି. (ବ.ବ. mumbo-jumbos) ନିରର୍ଥକ ଧାର୍ମିକ କର୍ମକାଣ୍ଡ; ରହସ୍ୟାଚ୍ଛନ୍ନ ବା ବିଭ୍ରାନ୍ତ କରିବା ଲାଗି ଉଦ୍ଦିଷ୍ଟ ଭାଷା ବା କାର୍ଯ୍ୟ; ନିରର୍ଥକ ବିଷୟ।

**mummer** ବି. ପାରମ୍ପରିକ ମୂକାଭିନୟର ଅଭିନେତା।

**mummery** ବି. ମୂକାଭିନୟ, ହାସ୍ୟାସ୍ପଦ ଉତ୍ସବ (ବିଶେ. ଧର୍ମସମ୍ବନ୍ଧୀୟ)।

**mummify** କ୍ରି. ଶବକୁ ସଂରକ୍ଷିତ କରିବା; ବି. mummification.

**mummy**[1.] ବି. ପ୍ରଲେପ ଦେଇ ସଂରକ୍ଷିତ ମନୁଷ୍ୟ ବା ପଶୁର ଶବ।

**mummy**[2.] ବି. କ.ଭା. ମା', ମାଆ।

**mumps** ବି. ଗାଲୁଆ ବା ଗଳଗଣ୍ଡରୋଗ, ଏହାଦ୍ୱାରା ମୁଖ ଦୁଇ ପାର୍ଶ୍ୱ ଓ ବେକ ଆକ୍ରାନ୍ତ ହୋଇଥାଏ।

**munch** କ୍ରି. ଚୋବାଇ ଚୋବାଇ ଖାଇବା।

**mundane** ବିଂ. ସାଂସାରିକ; ପାର୍ଥିବ, ଜାଗତିକ, ନୀରସ; କ୍ରି.ବିଂ. mundanely; ବି. mundanity.

**municipal** ବିଂ. ନଗରପାଳିକା ସମ୍ବନ୍ଧୀୟ, ସ୍ୱାୟତ୍ତ ଶାସନ ସମ୍ବନ୍ଧୀୟ; କ୍ରି. municipalize; କ୍ରି.ବିଂ. municipally.

**municipality** ବି. ପୌରସଂସ୍ଥା, ସ୍ୱାୟତ୍ତ ଶାସନସମ୍ପନ୍ନ ନଗର ବା ଜିଲ୍ଲା; ନଗରପାଳିକା।

**munificence** ବି. ଉଦାରତା, ଦାନଶୀଳତା।

**munificent** ବିଂ. ମୁକ୍ତହସ୍ତ, ଉଦାର।

**muniment** ବି. (ବ.ବରେ ବ୍ୟବହୃତ) ଅଧିକାରର ପ୍ରମାଣ ସ୍ୱରୂପ ସଂରକ୍ଷିତ ଦସ୍ତାବିଜ୍ ବା ଦଲିଲ୍।

**munition** ବି. ସା. ବ.ବରେ ଯୁଦ୍ଧସାମଗ୍ରୀ, ଯୁଦ୍ଧୋପକରଣ; ଅସ୍ତ୍ରଶସ୍ତ୍ର।

**mural** 1. ବିଂ. କାନ୍ଥ ସମ୍ବନ୍ଧୀୟ; କାନ୍ଥଉପରସ୍ଥ; 2. ବି. କାନ୍ଥ ଉପରେ ଅଙ୍କିତ ଭିତ୍ତି—ଚିତ୍ର ପ୍ରଭୃତି।

**murder** 1. ବି. (ସାଭିପ୍ରାୟ ଓ ଅବୈଧ) ନରହତ୍ୟା; କ.ଭା. ଅପ୍ରୀତିକର, ଅସୁବିଧାଜନକ ବା ଭୟଂକର ଅବସ୍ଥା; 2. କ୍ରି. ଅବୈଧଭାବରେ ନରହତ୍ୟା କରିବା, ନୃଶଂସ ବା ଅମାନୁଷିକ ଭାବରେ ହତ୍ୟା କରିବା; କ.ଭା. ନିକୃଷ୍ଟ ପ୍ରଦର୍ଶନ, ଅଶୁଦ୍ଧ ବ୍ୟବହାର ବା ଉଚ୍ଚାରଣ ପ୍ରଭୃତିଦ୍ୱାରା ବିଗାଡ଼ିବା; ସମ୍ପୂର୍ଣ୍ଣଭାବରେ ପରାସ୍ତ କରିବା; cry blue murder ସା.ପ୍ର. ବୃଥାରେ ଗୋଳମାଳ କରିବା; get away with murder କ.ଭା. ମନଇଚ୍ଛା କାମ କରି ଛାଡ଼ ପାଇଯିବା।

**murderer** ବି. ହତ୍ୟାକାରୀ।

**murderess** ବି. ହତ୍ୟାକାରିଣୀ।

**murderous** ବିଂ. ହତ୍ୟା କରିବା ପାଇଁ ସମର୍ଥ ବା ଇଚ୍ଛୁକ (ବ୍ୟକ୍ତି, କାର୍ଯ୍ୟ, ଅସ୍ତ୍ର ପ୍ରଭୃତି); ଘାତକ; ଭୟଙ୍କର କ୍ଷତିକାରୀ।

**murk** ବି. ଅନ୍ଧକାର, ଅସ୍ପଷ୍ଟତା, ନିବିଡ଼ତା, ଅଦୃଶ୍ୟତା।

Digitized by srujanika@gmail.com

**murky** ବିଂ. ଅନ୍ଧକାରମୟ, ଅସ୍ୱଚ୍ଛ, ମଳିନ, ଅଚ୍ଛଦୃଶ୍ୟମାନ; ସନ୍ଦିଗ୍ଧଭାବରେ ଅସ୍ୱଚ୍ଛ ବା ଦୁର୍ବୋଧ୍ୟ; କ୍ରି.ବିଂ. murkily; ବି. murkiness.

**murmur** 1. ବି. ଗୁଣୁଗୁଣୁ ଶବ୍ଦ, ମର୍ମର ଧ୍ୱନି, ମନ୍ଦଧ୍ୱନି; (ତରଙ୍ଗ ବା ଝରଣାର) କୁଳୁକୁଳୁ ଧ୍ୱନି; କୋମଳ ବା ଅସ୍ୱଚ୍ଛ କଥନ; ମନ୍ଦ ବା କ୍ଷୀଣ ସ୍ୱରରେ ଅସନ୍ତୋଷର ଅଭିବ୍ୟକ୍ତି; 2. କ୍ରି. କୁଳୁକୁଳୁ ବା ଗୁଣୁଗୁଣୁ ଶବ୍ଦ କରିବା, ମନ୍ଦ ବା କ୍ଷୀଣ ସ୍ୱରରେ ଶବ୍ଦ ଉଚ୍ଚାରଣ କରିବା; କ୍ଷୀଣ କଣ୍ଠରେ ଅଭିଯୋଗ କରିବା।

**murmurous** ବିଂ. କୁଳୁକୁଳୁ ଧ୍ୱନି ଭରା; ମନ୍ଦସ୍ୱର ବିଶିଷ୍ଟ, ଗୁଣୁଗୁଣୁ ଶବ୍ଦପୂର୍ଣ୍ଣ।

**murphy** ବି. *ସା.ପ୍ର.* ଆଳୁ।

**murrain** ବି. ଗାଈଗୋରୁଙ୍କର ଏକ ସଂକ୍ରାମକ ରୋଗ।

**muscadine** ବି. କସ୍ତୁରୀ-ସୁଗନ୍ଧଯୁକ୍ତ ଅଙ୍ଗୁର ବିଶେଷ।

**muscat** ବି. କସ୍ତୁରୀ ଗନ୍ଧଯୁକ୍ତ ଅଙ୍ଗୁରରୁ ପ୍ରସ୍ତୁତ ମଦ୍ୟ।

**muscatel** ବି. = muscat.

**muscle** 1. ବି. ପେଶୀ, ମାଂସପେଶୀ; ଶକ୍ତି, କ୍ଷମତା; 2. କ୍ରି. *ସା.ପ୍ର.* ନିଜକୁ ଜାହିର୍ କରିବା; ଜବରଦସ୍ତି ପଶିଯିବା; not move a muscle ସମ୍ପୂର୍ଣ୍ଣ ଭାବେ ନିଶ୍ଚଳ ହେବା।

**muscle–bound** ବି. ଅତ୍ୟଧିକ ବ୍ୟାୟାମ ବା ପ୍ରଶିକ୍ଷା ହେତୁ ମାଂସପେଶୀ କଠିନ ବା ଶକ୍ତ ହୋଇଯିବା।

**muscle–man** ବି. ବଳିଷ୍ଠ ମାସଂପେଶୀ ଯୁକ୍ତ (ବିଶେ. ଗୁଣ୍ଡାଶ୍ରେଣୀୟ) ବ୍ୟକ୍ତି।

**Muscovite** 1. ବିଂ. ମସ୍କୋର; 2. ବି. ମସ୍କୋନିବାସୀ।

**Muscovy duck** ବି. ମୁଣ୍ଡ ଉପରେ ଲାଲରଙ୍ଗର ଚିହ୍ନଥିବା ଚୂଳିଆ ବତକ।

**muscular** ବିଂ. ମାଂସପେଶୀ ସମ୍ବନ୍ଧୀୟ, ପେଶୀବହୁଳ; ସୁବିକଶିତ ମାଂସପେଶୀ ବିଶିଷ୍ଟ; ଡାଗଡ଼ା; ବି. muscularity.

**muse**[1] କ୍ରି. ବିଚାର କରିବା, ଚିନ୍ତାକରିବା; ଧ୍ୟାନପୂର୍ବକ କହିବା।

**muse**[2] ବି. (Muse ମଧ୍ୟ) ଗ୍ରୀକ୍ ଓ ରୋମାନ୍ ପୁରାଣରେ ବର୍ଣ୍ଣିତ ବିଦ୍ୟା ଓ ଲଳିତ କଳାର ବିଭିନ୍ନ ବିଭାଗର ମୁଖ୍ୟା ନଅଗୋଟି ଦେବୀଙ୍କ ମଧ୍ୟରୁ ଏକତମ ଭଗିନୀ; କବି ପ୍ରତିଭାର ପ୍ରେରଣା।

**museum** ବି. ଯାଦୁଘର, ସଂଗ୍ରହାଳୟ।

**museum piece** ବି. ଯାଦୁଘରେ ସଂରକ୍ଷଣଯୋଗ୍ୟ କଳାକୃତି ବା ଉତ୍ପାଦିତ ସାମଗ୍ରୀ; *ଅବ.* ପୁରୁଣାକାଳିଆ ବ୍ୟକ୍ତି ବା ଯନ୍ତ୍ର।

**mush**[1] ବି. ମଣ୍ଡ; କ୍ଷୀଣ ଭାବାଳୁତା; *ଆମେ.* ମକାଗୁଣ୍ଡର କ୍ଷୀରି।

**mush**[2] କ୍ରି. ସ୍ଲେଜ୍‌ଗାଡ଼ି ସାହାଯ୍ୟରେ ବରଫ ଉପରେ ଯାତ୍ରା କରିବା।

**mushroom** 1. ବି. ଛତୁ, ଛତ୍ରକ; 2. କ୍ରି. ଛତୁ ଫୁଟିବାଭଳି ସୃଷ୍ଟି ହେବା ବା ବଢ଼ିବା; ଛତୁ ସଂଗ୍ରହ କରିବା।

**mushroom cloud** ବି. (ବିଶେ. ଆଣବିକ ବିସ୍ଫୋରଣରୁ ଉତ୍ପନ୍ନ) ଛତୁ ଆକାରର ମେଘ।

**mushy** ବିଂ. ଛତୁଭଳି ଅତି ନରମ; କୋମଳ; ଭାବାଳୁତାପୂର୍ଣ୍ଣ; କ୍ରି.ବିଂ. mushily; ବି. mushiness.

**music** ବି. ସଙ୍ଗୀତ, ଗୀତ; ସଙ୍ଗୀତ ବିଦ୍ୟା, ସଂଗୀତ ଶାସ୍ତ୍ର; ରାଗ, ଲୟ ଓ ସ୍ୱର ସମନ୍ୱିତ ସାଙ୍ଗୀତିକ ରଚନା, (ମୁଦ୍ରିତ ବା ଲିଖିତ) ସଙ୍ଗୀତ; ଆନନ୍ଦଦାୟକ ପ୍ରାକୃତିକ ଧ୍ୱନି; face the music ବିରୋଧୀ ବ୍ୟକ୍ତି, ସମାଲୋଚକ ବା ପରିଣତିର ସମ୍ମୁଖୀନ ହେବା; music to one's ears କୌଣସି ବ୍ୟକ୍ତି ପକ୍ଷରେ ଯାହା ଶ୍ରୁତିମଧୁର।

**musical** 1. ବିଂ. ସଙ୍ଗୀତ ବିଷୟକ, ସାଂଗୀତିକ; ଛନ୍ଦଳିତ, ସୁମଧୁର; ସଙ୍ଗୀତପ୍ରିୟ ବା ସଙ୍ଗୀତ ନିପୁଣ; ସଙ୍ଗୀତ ସମନ୍ୱିତ, ସଙ୍ଗୀତାୟିତ; 2. ବି. ସଙ୍ଗୀତ ପ୍ରଧାନ ନାଟକ ବା ଚଳଚ୍ଚିତ୍ର।

**musicality** ବି. ସଙ୍ଗୀତମୟତା, ସାଂଗୀତିକତା; ସଙ୍ଗୀତପ୍ରିୟତା।

**musically** କ୍ରି.ବିଂ. ସଙ୍ଗୀତାତ୍ମକ ଭାବରେ; ସଙ୍ଗୀତ ଦୃଷ୍ଟିରୁ।

**music centre** ବି. ରେଡ଼ିଓ, ଟେପ୍ ରେକର୍ଡ଼ର, ରେକର୍ଡ଼ ପ୍ଲେଆର୍ ଆଦି ଉପକରଣର ସମାବେଶ।

**musical chairs** ବି. ଚୌକି ଓ ସଙ୍ଗୀତ ସଂଯୁକ୍ତ ଏକପ୍ରକାର ଖେଳ, ଯହିଁରେ ଗୋଟିଏ ପରେ ଗୋଟିଏ ଚୌକିକୁ କାଢ଼ି ନିଆଯାଏ।

**music–hall** ବି. ସଙ୍ଗୀତ–ଭବନ, ଯେଉଁଠାରେ ସଙ୍ଗୀତ, ନୃତ୍ୟ ପ୍ରଭୃତି ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ।

Digitized by srujanika@gmail.com

**musician** ବି. ସଙ୍ଗୀତଜ୍ଞ ବା ସଙ୍ଗୀତନିପୁଣ ବ୍ୟକ୍ତି, ସଙ୍ଗୀତକୁ ବୃତ୍ତି ଭାବେ ଗ୍ରହଣ କରିଥିବା ବ୍ୟକ୍ତି।

**musicology** ବି. ସଙ୍ଗୀତର ଇତିହାସ ଓ ବିଭିନ୍ନ ବିଭାଗର ଅନୁଶୀଳନାତ୍ମକ ତତ୍ତ୍ୱ; ସଂଗୀତ ଶାସ୍ତ୍ର; ବି. musicologist.

**music–stool** ବି. ପିଆନୋ ବାଦନକାରୀଙ୍କ ବସିବା ଆସନ।

**musk** ବି. କସ୍ତୁରୀ, କସ୍ତୁରିକା, ମୃଗମଦ; କସ୍ତୁରୀବାସସମ୍ପନ୍ନ ଉଦ୍ଭିଦ।

**musk deer** ବି. କସ୍ତୁରୀ ମୃଗ।

**musk–duck** ବି. କସ୍ତୁରୀ–ବତକ।

**musket** ବି. *ଇତି.* ପଦାତିକ ସିପାହୀର ହାଲୁକା ବନ୍ଧୁକ।

**musketeer** ବି. ଇତି. ମସ୍କେଟ୍‌ଧାରୀ ସିପାହୀ।

**musketry** ବି. ବନ୍ଧୁକ ସମୂହ; ରାଇଫଲ୍ ବା ଏତାଦୃଶ ବନ୍ଧୁକ ଚଳାଇବାର କଳା; ବନ୍ଧୁକ ସୁସଜ୍ଜିତ ସେନା।

**muskiness** ବି. କସ୍ତୁରୀ ସୁଗନ୍ଧଯୁକ୍ତତା।

**musk–melon** ବି. ପୀତରଙ୍ଗର ସାଧାରଣ ତରଭୁଜ।

**musk–ox** ବି.ଉ. ଆମେରିକୀୟ ବଳଦ ବିଶେଷ।

**muskrat** ବି.ଉ. ଆମେରିକାର କସ୍ତୁରୀ–ମୂଷିକ।

**musk–rose** ବି. କସ୍ତୁରୀ ସୁଗନ୍ଧ ବିଶିଷ୍ଟ ଲତା ଗୋଲାପ।

**musky** ବିଂ. କସ୍ତୁରୀ ସୁଗନ୍ଧଯୁକ୍ତ।

**Muslim** (Moslem ମଧ୍ୟ) 1. ବି. ମୁସଲମାନ, ମହମ୍ମଦଙ୍କ ପ୍ରବର୍ତ୍ତିତ ଧର୍ମ ଅନୁସରଣକାରୀ; 2. ବିଂ. ମୁସଲମାନ ବା ସେମାନଙ୍କ ଧର୍ମ ସମ୍ବନ୍ଧୀୟ।

**muslin** ବି. ସୂକ୍ଷ୍ମ କାର୍ପାସବସ୍ତ୍ର।

**musquash** ବି. କସ୍ତୁରୀ–ମୂଷିକ; ଏହାର ଲୋମ।

**mussel** ବି. ଗେଣ୍ଡା ବା ଶାମୁକା ଜାତୀୟ ଜୀବ।

**must**[1] 1. *ସହ. କ୍ରି.* ବାଧ୍ୟତା, ଅନିବାର୍ଯ୍ୟତା ବା ଅପରିହାର୍ଯ୍ୟତାର ଅଭିବ୍ୟକ୍ତି; ନିଶ୍ଚିତତା, ଔଚିତ୍ୟ, ସମ୍ଭାବନା, ଜିଦ୍‌ସୂଚକ ସହଯୋଗୀ କ୍ରିୟା; 2. ବି. ନିଶ୍ଚିତ ରୂପେ କରଣୀୟ ବା ଦର୍ଶନୀୟ ବିଷୟ ବା ବସ୍ତୁ।

**must**[2] ବି. ଅଙ୍ଗୁର ରସ, ସଦ୍ୟପ୍ରସ୍ତୁତ ମଦ୍ୟ।

**mustache** ବି. *ଆମେ.* moustache ଦେଖ।

**mustang** ବି. ମେକ୍ସିକୋ ଓ କାଲିଫର୍ଣ୍ଣିଆରେ ପରିଦୃଷ୍ଟ ଏକ ପ୍ରକାର ବନ୍ୟ ଘୋଡ଼ା।

**mustard** ବି. ସୋରିଷ ଗଛ; ସୋରିଷ; ବାଦାମୀ ବା ହଳଦିଆ ରଙ୍ଗ।

**mustard gas** ବି. ରଙ୍ଗହୀନ ତୈଳାକ୍ତ ତରଳ ଦ୍ରବ୍ୟ ବିଶେଷ ବା ଏହାର ବାଷ୍ପ।

**mustard plaster** ବି. ଚର୍ମ ଉପରେ ବ୍ୟବହୃତ ସୋରିଷର ପ୍ରଲେପ।

**muster** 1. *କ୍ରି.* (ସେନା ପ୍ରଭୃତିଙ୍କୁ) ସଂଖ୍ୟାର ଗଣନା, ହାଜିରା, ନିରୀକ୍ଷଣ ଆଦି ନିମନ୍ତେ ଏକାଠି କରିବା ବା ସେମାନଙ୍କର ଏକାଠି ହେବା; ଏକତ୍ର ଆଣିବା ବା ଆସିବା; ସାହସ, ଶକ୍ତି ପ୍ରଭୃତି ସଂଗ୍ରହ କରିବା; 2. ବି. ନିରୀକ୍ଷଣାର୍ଥ ଉପସ୍ଥିତ ବା ସମବେତ ଜନସମୂହ; pass muster ଯଥେଷ୍ଟ ବୋଲି ଗୃହୀତ ହେବା।

**mustn't** *କ.ଭା.* = must not.

**musty** ବିଂ. ଫିମ୍ପିଲଗା, ବାସି, ସଢ଼ା, ପୁରୁଣା, ଜୀର୍ଣ୍ଣ, ଜର୍ଜର; *କ୍ରି.ବିଂ.* mustily; ବି. mustiness.

**mutability** ବି. ପରିବର୍ତ୍ତନଶୀଳତା, ଚଞ୍ଚଳତା।

**mutable** ବିଂ. ପରିବର୍ତ୍ତନୀୟ, ପରିବର୍ତ୍ତନଯୋଗ୍ୟ; ଚପଳ।

**mutant** 1. ବିଂ. ପରିବର୍ତ୍ତନ ବା ହସ୍ତାନ୍ତରଣର ପରିଣାମ ସ୍ୱରୂପ; 2. ବି. ପରିବର୍ତ୍ତିତ ରୂପ ବା ଆକାର।

**mutation** ବି. ପରିବର୍ତ୍ତନ, ହସ୍ତାନ୍ତରଣ; ନବଜାତିର ଉତ୍ପାଦନରେ ସହାୟକ ପରିବର୍ତ୍ତନ; *ଆଇନ* ଦାଖଲଖାରଜ।

**mute** 1. ବିଂ. ନୀରବ, ଚୁପ୍, ବାକ୍‌ସଂଯତ; (ବ୍ୟକ୍ତି ବା ପ୍ରାଣୀ) ମୂକ; ବାକ୍‌ରୁଦ୍ଧ; (ଅକ୍ଷର ବିଷୟରେ) ଅନୁଚ୍ଚାରିତ; କଥନରେ ଅନଭିବ୍ୟକ୍ତ ବା ଅପ୍ରକାଶିତ; 2. ବି. ମୂକ ବ୍ୟକ୍ତି, ମୂକ ଅଭିନେତା; ସଙ୍ଗୀତ ଯନ୍ତ୍ରର ଶବ୍ଦ–ନିରୋଧକ ଉପାୟ; ଅନୁଚ୍ଚାରିତ ବ୍ୟଞ୍ଜନ ବର୍ଣ୍ଣ; 3. *କ୍ରି.* ବାଦ୍ୟଯନ୍ତ୍ର ପ୍ରଭୃତିର ଶବ୍ଦକୁ ଦବାଇବା ବା କୋମଳ କରିବା; *କ୍ରି.ବିଂ.* mutely; ବି. muteness.

**mute swan** ବି. ସାଧାରଣ ଧଳାହଂସ।

**mutilate** *କ୍ରି.* ମନୁଷ୍ୟ ବା ପ୍ରାଣୀକୁ ବିକଳାଙ୍ଗ କରିବା; ଅଙ୍ଗଚ୍ଛେଦ କରିବା; ଅଙ୍ଗପ୍ରତ୍ୟଙ୍ଗ ବା ଇନ୍ଦ୍ରିୟପ୍ରଭୃତିର ବ୍ୟବହାରକୁ ନଷ୍ଟ କରିବା; (ପୁସ୍ତକ ପ୍ରଭୃତିକୁ) କାଟି ବିକୃତ କରିବା; ବି. mutilation; mutilator.

Digitized by srujanika@gmail.com

**mutineer** ବି. ବିଦ୍ରୋହୀ ।

**mutinous** ବିଂ. ବିଦ୍ରୋହୀ; ବିପ୍ଳବାତ୍ମକ; ବିଦ୍ରୋହ କରିବାକୁ ପ୍ରସ୍ତୁତ; ବିଂ. mutinously.

**mutiny** 1. ବି. ଉଚ୍ଚତନ ଅଧିକାରୀ ପ୍ରଭୃତିଙ୍କ ବିରୁଦ୍ଧରେ କର୍ମଚାରୀମାନଙ୍କର ପ୍ରକାଶ୍ୟ ବିଦ୍ରୋହ ବା ବିପ୍ଳବ; 2. କ୍ରି. ବିଦ୍ରୋହ ବା ବିପ୍ଳବ କରିବା ବା ତହିଁରେ ନିୟୋଜିତ ହେବା ।

**mutt** ବି. *ଗ୍ରା.ପ୍ର.* ମୂଢ଼ ବା ନିର୍ବୋଧ ବ୍ୟକ୍ତି; *ଅବ.* କୁକୁର ।

**mutter** 1. କ୍ରି. ଅସ୍ପଷ୍ଟ ବା କ୍ଷୀଣ ସ୍ୱରରେ କଥା କହିବା ବା ଶବ୍ଦ ଉଚ୍ଚାରଣ କରିବା; ଗୁଣୁଗୁଣୁ ବା ଫୁସ୍‌ଫୁସ୍ କରି କହିବା; (କାହା ବିରୁଦ୍ଧରେ) ଚୁପ୍‌ଚୁପ୍ କରି ଆପତ୍ତି କରିବା, ଗୋପନରେ କହିବା; 2. ବି. ଅସ୍ପଷ୍ଟ ବା କ୍ଷୀଣ ସ୍ୱରରେ କଥନ; କ୍ଷୀଣ ସ୍ୱରରେ କଥିତ ବା ଉଚ୍ଚାରିତ ଶବ୍ଦ ।

**mutton** ବି. ଖାଦ୍ୟରୂପେ ବ୍ୟବହୃତ ମେଣ୍ଢାର ମାଂସ ।

**mutton dressed as lamb** ବି. ଯୁବତୀ ଭଳି ଦିଶିବା ଉଦ୍ଦେଶ୍ୟରେ ପୋଷାକ–ପରିହିତା ବୟସ୍କା ସ୍ତ୍ରୀ ।

**mutton–head** ବି. *କ.ଭା.* ନିର୍ବୋଧ ବା ମୂର୍ଖ ବ୍ୟକ୍ତି ।

**muttony** ବିଂ. ମେଣ୍ଢାମାଂସ ପରି ।

**mutual** ବିଂ. ପରସ୍ପର, ପରସ୍ପର ସମ୍ବନ୍ଧିତ, ଅନ୍ୟୋନ୍ୟ ।

**mutuality** ବି. ପରସ୍ପର ବ୍ୟବହାର ।

**mutually** କ୍ରି.ବିଂ. ପରସ୍ପର ମଧ୍ୟରେ, ଉଭୟ ଆଡୁ ।

**Muzak** ବି. *ସ୍ବ.* ସାର୍ବଜନୀନ ସ୍ଥାନଗୁଡ଼ିକରେ ଉଦ୍ଦିଷ୍ଟ ସଙ୍ଗୀତ ପ୍ରସାରଣ ପଦ୍ଧତି; ପୃଷ୍ଠଭୂମିରୂପେ ରେକର୍ଡ କରା ହୋଇଥିବା ଲଘୁ ସଙ୍ଗୀତ ।

**muzzle** 1. ବି. ପଶୁର ଥୋମଣି; ବନ୍ଧୁକ ନଳୀର ଖୋଲା ମୁହଁ; ପଶୁର ମୁଖବନ୍ଧନୀ; 2. କ୍ରି. ପଶୁର ମୁହଁ ବନ୍ଦ କରିବା; (ବ୍ୟକ୍ତିକୁ) ନୀରବ ବା ଚୁପ୍ କରିଦେବା ।

**muzzy** ବିଂ. ଭ୍ରାନ୍ତ, ଚକିତ, ସ୍ତବ୍ଧ; (ଶବ୍ଦ ପ୍ରଭୃତି ବିଷୟରେ) ଅସ୍ପଷ୍ଟ; *କ୍ରି.ବିଂ.* muzzily; ବି. muzziness.

**MVrC** ବି. *ସଂଶ.* Mahavir Chakra ମହାବୀର ଚକ୍ର, *ଭା.* ବୀରତ୍ୱ ନିମନ୍ତେ ସାମରିକ ସମ୍ମାନ ।

**MW** *ସଂଶ.* megawatt ମେଗାୱାଟ୍; medium wave ମିଡିଅମ୍ ୱେଭ୍ ।

**my** *ସମ୍ବନ୍ଧବାଚକ ସ.* ପ୍ରଥମ ପୁରୁଷ, ଏକ ବଚନ ସର୍ବନାମ 'ମୁଁ'ର ସମ୍ବନ୍ଧବାଚକ ସର୍ବନାମ, ମୋର ।

**Mycenaean** ବିଂ. ହୋମରଙ୍କ କବିତାରେ ବର୍ଣ୍ଣିତ ମାଇସିନିଆରୁ ଉପଲବ୍ଧ ବସ୍ତୁମାନଙ୍କ ଉପରେ କଳ୍ପିତ ପ୍ରାଚୀନ ଗ୍ରୀକ୍ କାଂସ୍ୟଯୁଗ ସଭ୍ୟତା (ଖ୍ରୀ.ପୂ. ୧୫୦୦–୧୧୦୦) ସମ୍ବନ୍ଧୀୟ ।

**mycology** ବି. ଫୁଙ୍ଗି ବା ଫିମ୍ପି ବିଜ୍ଞାନ; ବି. mycologist.

**myna, mynah** ବି. (mina ମଧ) ମୈନା, ଶାରୀପକ୍ଷୀ ।

**myopia** ବି. ନିକଟଦୃଷ୍ଟି, ନିକଟଦୃଶ୍ୟତା; ବିଂ. myopic.

**myriad** *ସାହି.* 1. ବି. ଅନିର୍ଦ୍ଦିଷ୍ଟ ଭାବରେ ବିପୁଳ ସଂଖ୍ୟାକ, ଦଶହଜାର; 2. ବିଂ. ଅସଂଖ୍ୟ, ଅଗଣିତ ।

**myrmidon** ବି. ଭଡ଼ାରେ ନିଯୁକ୍ତ ଗୁଣ୍ଡା; ନିକୃଷ୍ଟ ଭୃତ୍ୟ ।

**myrrh** ବି. ସୁଗନ୍ଧିତ ଦ୍ରବ୍ୟ, ଔଷଧ, ଅଗରବତୀ, ଅତର ପ୍ରଭୃତିରେ ବ୍ୟବହୃତ ଅଠା, ଲାଖ ପ୍ରଭୃତି ।

**myrtle** ବି. ଉଜ୍ଜ୍ୱଳ ପତ୍ର ଏବଂ ସୁଗନ୍ଧିତ ଧଳା ଫୁଲ ବିଶିଷ୍ଟ ଏକ ପ୍ରକାର ଚିର ହରିତ୍ ଗୁଳ୍ମ ।

**myself** ସ. 'I' (ମୁଁ)ର ଦୃଢ଼ତାସୂଚକ ବା ପୁନରାବର୍ତ୍ତନ ପ୍ରକାଶକ ରୂପ; ସ୍ୱୟଂ, ନିଜେ ନିଜେ, ଆପେ ଆପେ, ନିଜେ ନିଜକୁ ।

**mysterious** ବିଂ. ରହସ୍ୟମୟ, ରହସ୍ୟପୂର୍ଣ୍ଣ, ରହସ୍ୟାଚ୍ଛନ୍ନ; ରହସ୍ୟପ୍ରିୟ (ବ୍ୟକ୍ତି) ।

**mystery** ବି. ରହସ୍ୟ; ଅପ୍ରକାଶ୍ୟ ବା ଗୋପନୀୟ ବିଷୟ; ଦୁର୍ବୋଧ୍ୟତା; ନିଗୂଢ଼ତା; ଦୈବୀସତ୍ୟ; ମାନବ–ବୁଦ୍ଧିର ଅତୀତ ଘଟଣା ବିଶେଷ; ଧାର୍ମିକ ସତ୍ୟ; *ବିଶେ.* ବ.ବ ଧାର୍ମିକ ଅନୁଷ୍ଠାନ; ରହସ୍ୟାନୁଷ୍ଠାନ; ଗ୍ରୀକ୍, ରୋମାନ ପ୍ରଭୃତିଙ୍କ ଗୁପ୍ତ ଧାର୍ମିକ ଅନୁଷ୍ଠାନ; ରହସ୍ୟାତ୍ମକ ଉପନ୍ୟାସ ବା ନାଟକ; make a mystery of ଚିତ୍ତାକର୍ଷକ ରହସ୍ୟ ରୂପେ ପ୍ରସ୍ତୁତ କରିବା ।

**mystery tour (trip)** ବି. ଅନିର୍ଦ୍ଦିଷ୍ଟ ସ୍ଥାନ ଉଦ୍ଦେଶ୍ୟରେ ମନୋରଞ୍ଜନ ଭ୍ରମଣ ।

**mystic** 1. ବି. ରହସ୍ୟବାଦୀ, ରହସ୍ୟାନୁଭବୀ; ସାଧନା ଓ ଆତ୍ମ–ସମର୍ପଣଦ୍ୱାରା ଉପାସ୍ୟ

Digitized by srujanika@gmail.com

ଦେବତାଙ୍କ ସହ ମିଳିତ ହେବାରେ ବିଶ୍ୱାସୀ ବ୍ୟକ୍ତି; 2. ବିଂ. ରହସ୍ୟାତ୍ମକ; ରହସ୍ୟମୟ ଓ ବିସ୍ମୟୋତ୍ପାଦକ, ଦୁର୍ବୋଧ୍ୟ; ଧାର୍ମିକ ରୂପକାତ୍ମକ, ଗୂଢ଼ତତ୍ତ୍ୱପୂର୍ଣ୍ଣ, ଗୂଢ଼ାର୍ଥକ ।

**mystical** ବିଂ. ରହସ୍ୟପୂର୍ଣ୍ଣ, ରହସ୍ୟାଚ୍ଛନ୍ନ; ଗୁପ୍ତ; ଗୂଢ଼ତତ୍ତ୍ୱାତ୍ମକ; ରହସ୍ୟବାଦାତ୍ମକ ।

**mystically** କ୍ରି.ବିଂ. ରହସ୍ୟାତ୍ମକ ଭାବରେ; ଗୁପ୍ତ ରୂପରେ ।

**mysticism** ବି. ରହସ୍ୟବାଦ, ରହସ୍ୟବାଦୀଙ୍କ ବିଶ୍ୱାସ; ଛାୟାବାଦ ।

**mystify** କ୍ରି. ଘାବରେଇ ଦେବା, ଭ୍ରାନ୍ତ କରିବା; ବି. mystification.

**mystique** ବି. କୌଣସି କାର୍ଯ୍ୟ ବା ବ୍ୟକ୍ତିବିଶେଷପାଇଁ ରହସ୍ୟ ଓ ଶ୍ରଦ୍ଧାର ବାତାବରଣ; ସାଧାରଣ ବ୍ୟକ୍ତିଙ୍କୁ ପ୍ରଭାବିତ କଲାଭଳି କଳାକୌଶଳ ।

**myth** ବି. ଅତିପ୍ରାକୃତ ବିଚିତ୍ର ବ୍ୟକ୍ତି ତଥା ପ୍ରାକୃତିକ ଓ ସାମାଜିକ ବିଷୟ ସମ୍ପର୍କିତ ପୌରାଣିକ ଉପାଖ୍ୟାନ; ଏତାଦୃଶ ଆଖ୍ୟାନ—ସମଷ୍ଟି; ଅସତ୍ୟ ହେଲେହେଁ ବ୍ୟାପକଭାବେ ପ୍ରଚାରିତ ବିଷୟ; କାଳ୍ପନିକ ବ୍ୟକ୍ତି, ବସ୍ତୁ ବା ମତବାଦ; ରୂପକ; କଥାକଳ୍ପ ।

**mythical** ବିଂ. ପୌରାଣିକ, କାଳ୍ପନିକ; କଳ୍ପିତ; କ୍ରି.ବିଂ. mythically.

**mythological** ବିଂ. ପୁରାଣ ସମ୍ବନ୍ଧୀୟ, ପୌରାଣିକ; କ୍ରି.ବିଂ. mythologically; ବି. mythologist.

**mythology** ବି. ପୁରାଣ, ପୁରାଣଶାସ୍ତ୍ର, ପୁରାଣ ବିଦ୍ୟା; ପୁରାଣ ଶାସ୍ତ୍ରତତ୍ତ୍ୱ; କ୍ରି. mythologize.

**myxomatosis** ବି. ଠେକୁଆମାନଙ୍କଠାରେ ପରିଦୃଷ୍ଟ ଭୂତାଣୁ ଜନିତ ରୋଗ ।

Digitized by srujanika@gmail.com

# Nn

**N**[1]·, n ବି. (ବ.ବ. *Ns, ns; N's,n's*) ଇଂରାଜୀ ବର୍ଣ୍ଣମାଳାର ଚତୁର୍ଦ୍ଦଶ ଅକ୍ଷର; *ଗଣିତ* ଅନିର୍ଦ୍ଦିଷ୍ଟ ସଂଖ୍ୟା; to the nth degree ଶେଷ ସୀମା ପର୍ଯ୍ୟନ୍ତ।

**N**[2]· *ସଂଶ.* New ନୂଆ, ନୂତନ; Northern ଉତ୍ତର ଦିଗ(ର)।

**N**[3]· *ସଂଶ.* Knight ନାଇଟ୍ (ଉପାଧି ବିଶେଷ)।

**N**[4]· *ପ୍ର.* Nitrogen ନାଇଟ୍ରୋଜେନ।

**n** *ସଂଶ.* name ନାମ।

**Na** *ପ୍ର.* ସୋଡ଼ିଅମ୍।

**nab** *କ୍ରି. ସା.ପ୍ର.* କୌଣସି (ଅନ୍ୟାୟ) କାର୍ଯ୍ୟ କରୁଥିବା ଅବସ୍ଥାରେ ବ୍ୟକ୍ତିକୁ ଗିରଫ କରିବା; ଧରିବା।

**nabob** ବି. *ଇତି.* ନବାବ; *ଗ୍ରା.ପ୍ର.* ଧନୀ ଓ ବିଳାସପ୍ରିୟ ବ୍ୟକ୍ତି।

**NAC** *ସଂଶ.* Notified Area Council ବିଜ୍ଞପିତ ଅଞ୍ଚଳ ପରିଷଦ।

**nacre** ବି. ମୋତି–ଜନନୀ ଶାମୁକା; ମୁକ୍ତା–ଉତ୍ପାଦନକାରୀ ଖୋଳପା ଥିବା ସାମୁଦ୍ରିକ ପ୍ରାଣୀ; ବିଂ nacreous.

**nadir** ବି. ନିମ୍ନତମ ବିନ୍ଦୁ; ଚରମ ହତାଶ ଅବସ୍ଥା ବା ସମୟ।

**naevus** ବି. *ଆମେ.* nevus, ବ.ବ. naevi ଶିଶୁର ଚର୍ମରେ ପରିଦୃଷ୍ଟ ଜନ୍ମଚିହ୍ନ।

**nag**[1]· *ଅ.କା. ଓ ଅ.କ୍ରି.ଭ.ପ.* nagged, ଦୋଷ ବାଛିବା, ଖୁଣିବା; (କୌଣସି ବ୍ୟକ୍ତିକୁ) ଦୋଷ ଦର୍ଶାଇ ବ୍ୟସ୍ତ କରିବା; (କଷ୍ଟ ଇତ୍ୟାଦି) ଦୀର୍ଘସ୍ଥାୟୀ ହେବା।

**nag**[2]· ବି. *କ.ଭା.* ଟଟୁ ଘୋଡ଼ା, ଆରୋହଣଯୋଗ୍ୟ ଅଶ୍ୱ।

**naiad** ବି. ଜଳପରୀ।

**naif** ବିଂ. *ଦ୍ର.* naive.

**nail** 1. ବି. ନଖ; କଣ୍ଟା, ମେଖ, କୀଳକ; 2. *କ୍ରି.* କୀଳା ଠୁକିବା; (ବ୍ୟକ୍ତି ବା ଧ୍ୟାନ ଇତ୍ୟାଦିକୁ) ଲଗାଇବା ବା ସ୍ଥିର କରିବା; (ମନୁଷ୍ୟ ବା ବସ୍ତୁକୁ) ହସ୍ତଗତ କରିବା; କୃତ୍ରିମ ବା ନକଲି ବୋଲି ଚିହ୍ନଟ କରିବା; nail down (ବ୍ୟକ୍ତିକୁ) ପ୍ରତିଶ୍ରୁତିବଦ୍ଧ କରିବା, ଯଥାର୍ଥ ସଂଜ୍ଞା ପ୍ରଦାନ କରିବା; nail in a person's coffin ବ୍ୟକ୍ତିର ମୃତ୍ୟୁକୁ ତ୍ୱରାନ୍ୱିତ କରିଥିବା ବସ୍ତୁ ବା ଘଟଣା; on the nail ତତ୍କ୍ଷଣାତ୍ (ବିଶେ. ଅର୍ଥ ପରିଶୋଧ)।

**nainsook** ବି. ହି ନୟନସୁଖ, ସରୁ ସୂତାରେ ବୁଣା ହୋଇଥିବା ବସ୍ତ୍ର।

**naive** ବିଂ. ସରଳ, ସାଦାସିଧା, ଅକୃତ୍ରିମ, କଳା ଅକୁଶଳ; ନିରୀହ; ବି. *naivete,* naivety; *କ୍ରି.ବିଂ.* naively.

**naked** ବିଂ. ଲଙ୍ଗଳା, ଉଲଗ୍ନ; ବସ୍ତ୍ରହୀନ; ଅନାବୃତ; ଅସଜ୍ଜିତ; ସାଦା; ଖୋଲା, ସ୍ପଷ୍ଟ; *କ୍ରି.ବିଂ.* nakedly; ବି. nakedness.

**naked eye** ବି. ଖାଲି ଆଖିରେ।

**NALCO** *ସଂଶ.* National Aluminium Company ନାଲ୍‌କୋ।

**namby–pamby** 1. ବିଂ. ନୀରସଭାବେ ସୁନ୍ଦର; ଅରୁଚିକରଭାବେ ଭାବପ୍ରବଣ; ଫିକା; ଦୁର୍ବଳ, ଅ–ପୁରୁଷୋଚିତ; 2. ବି. ଏତାଦୃଶ ବ୍ୟକ୍ତି।

**name** 1. ବି. ନାମ, ସଂଜ୍ଞା, (ବ୍ୟକ୍ତି, ପ୍ରାଣୀ ଓ ବସ୍ତୁ ସ୍ଥାନରେ) ନାମ ବିଶେଷ (ଜାତି ବାଚକ ବିଶେଷ୍ୟର); କୀର୍ତ୍ତି; ସୁନାମ; ବିଖ୍ୟାତ ବ୍ୟକ୍ତି; 2. *କ୍ରି.* ନାମ ଦେବା, ନାମକରଣ କରିବା, ନାମ ଦ୍ୱାରା ଚିହ୍ନାଇବା; ନାମାଙ୍କନ କରିବା ବା ନିଯୁକ୍ତ କରିବା; call person names କୌଣସି ବ୍ୟକ୍ତିକୁ ଗାଳିଦେବା; have to one's name ଦଖଲ ବା ଅଧିକାର କରିଥିବା; in the name of (ଈଶ୍ୱର ପ୍ରଭୃତିଙ୍କ) ନାମ ନେବା ପାଇଁ, ଖାତିରିରେ, in name only ନାମତଃ, ନାମକୁ ମାତ୍ର; make a name for oneself ପ୍ରସିଦ୍ଧ ହେବା, ନାଁ କମେଇବା।

**nameable** ବିଂ ନାମକରଣ ଯୋଗ୍ୟ, ସ୍ମରଣୀୟ, ଉଦାହରଣୀୟ।

**nameless** ବିଂ ଅନାମଧେୟ, ନାମହୀନ; ଅଜ୍ଞାତ; ପ୍ରଚ୍ଛନ୍ନ।

**namely** *କ୍ରି.ବିଂ.* ଯଥା, ଅର୍ଥାତ୍।

Digitized by srujanika@gmail.com

**name–plate** ବି. ନାମଫଳକ।

**namesake** ବି. ବ୍ୟକ୍ତି ବା ବସ୍ତୁର ସମନାମଧାରୀ ଅନ୍ୟ ବ୍ୟକ୍ତି ବା ବସ୍ତୁ।

**nan** ବି. (nana, nanna ମଧ୍ୟ) ଆଈ, ଜେଜେମା'।

**nancy** ବି. *ଗ୍ରା.ପ୍ର. ଅପ.* ମାଇଚିଆ; ସମଲିଙ୍ଗୀ ପୁରୁଷ ବା ବାଳକ।

**nankeen** ବି. ପୀତ ବର୍ଣ୍ଣର କାର୍ପାସ ବସ୍ତ୍ର; ଈଷତ୍ ହଳଦିଆ ବର୍ଣ୍ଣ।

**nanny** ବି. ଧାତ୍ରୀ, ଧାଈ; *କ.ଭା.* ଆଈ, ଜେଜେମା; nanny–goat (ମାଈ) ଛେଳି।

**nap**[1.] 1. ବି. (ବିଶେ. ଦିବାକାଳୀନ) କ୍ଷଣିକ ନିଦ୍ରା, ତନ୍ଦ୍ରା; 2. କ୍ରି. ତନ୍ଦ୍ରାଭିଭୂତ ହେବା, ଘୁମାଇବା; catch person napping କୌଣସି ବ୍ୟକ୍ତିକୁ ଅସାବଧାନ ଅବସ୍ଥାରେ ଧରିବା।

**nap**[2.] ବି. ଭେଲ୍‌ଭେଟ୍ ଭଳି ବସ୍ତ୍ରର କୋମଳ ଲୋମଶ ତଳ ଭାଗ।

**nap**[3.] 1. ବି. ତାସ୍‌ର ଏକ ପ୍ରକାର ଖେଳ; 2. କ୍ରି. ଘୋଡ଼ା ଦୌଡ଼ରେ ଅମୁକ ଘୋଡ଼ା ପ୍ରାୟ ନିଶ୍ଚିତ ଭାବରେ ଜିତିବ ବୋଲି ନିର୍ଣ୍ଣୟ କରିବା।

**napalm** 1. ବି. ନେପ୍‌ଥାଲିନ୍ ଓ ନଡ଼ିଆ ତେଲରୁ ପ୍ରସ୍ତୁତ ଘନ ପଦାର୍ଥ, ଏଥିରୁ ପ୍ରସ୍ତୁତ ଏବଂ ବୋମାରେ ବ୍ୟବହୃତ ଘନ ପେଟ୍ରୋଲ; 2. କ୍ରି. ନେପାମ୍ ବୋମା ସାହାଯ୍ୟରେ ଆକ୍ରମଣ କରିବା।

**nape** ବି. ବେକର ପଶ୍ଚାଦ୍‌ଭାଗ।

**naphtha** ବି. କୋଇଲା ପ୍ରଭୃତିର ଆସବନଦ୍ୱାରା ପ୍ରସ୍ତୁତ ଦାହ୍ୟ ତୈଳ।

**naphthalene** ବି. ଆଲକାତରାର ପରିସ୍ରବଣରୁ ପ୍ରସ୍ତୁତ ସ୍ଫଟିକବତ୍ ସ୍ୱଚ୍ଛ ପଦାର୍ଥ, ଗନ୍ଧକର୍ପୂର।

**napkin** ବି. ମୁଖମାର୍ଜନ ବସ୍ତ୍ର; ହାତ ମୁହଁ ପୋଛା ଛୋଟ ଗାମୁଛା।

**nappy** ବି. ଶିଶୁମାନଙ୍କର ମଳମୂତ୍ରାଦିର ଅବଶୋଷକରୂପେ ବ୍ୟବହୃତ ତଉଲିଆ ବା ରୁମାଲ।

**narcissism** ବି. ଅସ୍ୱାଭାବିକ ଆତ୍ମପ୍ରେମ ବା ଆତ୍ମ–ପ୍ରଶଂସା; ଆତ୍ମରତି; ବିଂ. narcissistic.

**narcissus** ବି. ବ.ବ narcissi ନର୍ଗିସ୍ ବା ନରସିସସ୍ ଜାତିର ଫୁଲ ବା ଗଛ।

**narcosis** ବି. (ଔଷଧ ସେବନ ବଶତଃ) ଅଚେତନ ଅବସ୍ଥା ବା ଆରୋପିତ ନିଦ୍ରା।

**narcotic** 1. ବିଂ. ନିଦ୍ରାଜନକ; 2. ବି. ନିଦ୍ରାକାରୀ ବା ମୂର୍ଚ୍ଛାକାରୀ ଔଷଧ।

**nard** ବି. ଏକ ପ୍ରକାର ବନୌଷଧି।

**nark** *ଗ୍ରା.ପ୍ର.* 1. କ୍ରି. ବିରକ୍ତ କରିବା, ଉତ୍ତେଜିତ କରିବା; 2. ବି. ମୁଖବିର; ଗୁପ୍ତଚର।

**narrate** କ୍ରି. ବର୍ଣ୍ଣନା କରିବା; (କୌଣସି ଘଟଣାର) କ୍ରମବଦ୍ଧ ବିବରଣ ଦେବା; କଥା ବା କାହାଣୀ ବର୍ଣ୍ଣନା କରିବା ବା ଲେଖିବା; ବି. narration, narrator.

**narrative** 1. ବି. ଘଟଣାର କଥିତ ବା ଲିଖିତ ବିବରଣ, ଆଖ୍ୟାୟିକା, ଉପାଖ୍ୟାନ; 2. ବିଂ. ବର୍ଣ୍ଣନାତ୍ମକ, ବିବରଣାତ୍ମକ।

**narrow** 1. ବିଂ. ସଂକୀର୍ଣ୍ଣ, ସଂକୁଚିତ, ଅଣଓସାରିଆ; ଅନୁଦାର; ସ୍ୱାର୍ଥପର, ସଂକୀର୍ଣ୍ଣ–ମନା; 2. ବି. *ସା.* ବ.ବ. ନଦୀ ବା ସଡ଼କର ସଂକୀର୍ଣ୍ଣ ଅଂଶ; ଶବ୍ଦର କ୍ଷୀଣ ଅଂଶ; 3. କ୍ରି. ସଂକୀର୍ଣ୍ଣ ବା ଅଣଓସାରିଆ ହେବା ବା କରିବା; କ୍ରି.ବିଂ. narrowly; ବି. narrowness.

**narrow boat** ବି. କେନାଲରେ ଚାଲୁଥିବା ନୌକା।

**narrow gauge** ବି. ଚାରିଫୁଟ ଆଠ ଇଞ୍ଚରୁ କମ ଓସାରର ରେଳ ରାସ୍ତା।

**narrow–minded** ବି. ସଂକୀର୍ଣ୍ଣମନା, ଅସହିଷ୍ଣୁ, ନିଜ ସିଦ୍ଧାନ୍ତରେ ଅଟଳ; ବି. narrow–mindedness.

**nasal** 1. ବି. ନାସିକା ସମ୍ବନ୍ଧୀୟ; ଅନୁନାସିକ; 2. ବି. ଅନୁନାସିକ ଅକ୍ଷର ବା ଶବ୍ଦ; କ୍ରି.ବିଂ. nasally.

**nasalize** କ୍ରି. ନାକରେ କହିବା; ଅନୁନାସିକ ରୀତିରେ କହିବା।

**nascence, nascency** ବି. ଅପରିପକ୍ୱତା, ପ୍ରାରମ୍ଭିକ ଅବସ୍ଥା, ବିକାଶୋନ୍ମୁଖତା।

**nascent** ବିଂ. ଜନ୍ମାବସ୍ଥାରେ ସ୍ଥିତ; ନବଜାତ; ଅପରିପକ୍ୱ, ଅବିକଶିତ।

**nasturtium** ବି. ଉଜ୍ଜ୍ୱଳ ନାରଙ୍ଗି, ପୀତ ବା ଲାଲରଙ୍ଗର ପୁଷ୍ପଯୁକ୍ତ ଉଦ୍ୟାନ ଲତା।

**nastily** କ୍ରି.ବିଂ. କଦର୍ଯ୍ୟଭାବରେ; ଅରୁଚିପୂର୍ବକ।

**nastiness** ବି. ମଳିନତା, ଘୃଣ୍ୟତା।

**nasty** ବିଂ. ଅତ୍ୟନ୍ତ ଅପ୍ରୀତିକର ବା ଅରୁଚିକର, କଦର୍ଯ୍ୟ; (ବ୍ୟକ୍ତି ବିଷୟରେ) ନିର୍ଦ୍ଦୟ ବା ଦ୍ୱେଷପୂର୍ଣ୍ଣ ବ୍ୟବହାରକାରୀ; କଠିନ, ମଳିନ।

Digitized by srujanika@gmail.com

**Nat** *ସଂଶ.* National ଜାତୀୟ ବା ରାଷ୍ଟ୍ରୀୟ, Nationalist ରାଷ୍ଟ୍ରବାଦୀ ବା ଦେଶଭକ୍ତ, Natural ପ୍ରାକୃତିକ।

**natal** ବିଂ. ଜନ୍ମ–ସମ୍ବନ୍ଧୀୟ, ପ୍ରାସୂତିକ।

**nation** ବି. ଜାତି, ରାଷ୍ଟ୍ର, ଦେଶ।

**national** 1. ବିଂ. ଜାତୀୟ, ରାଷ୍ଟ୍ରୀୟ; 2. ବି. ନାଗରିକ, ରାଷ୍ଟ୍ରଜନ; କୌଣସି ନିର୍ଦ୍ଦିଷ୍ଟ ଦେଶର ଅଧିବାସୀ; କ୍ରି.ବିଂ. nationally.

**national anthem** ବି. ଜାତୀୟ ସଙ୍ଗୀତ, ରାଷ୍ଟ୍ରଗୀତ, ଦେଶାତ୍ମବୋଧକ ସଂଗୀତ।

**national debt** ବି. ସରକାରୀ ଋଣ।

**National Health Service** ବି. *ଇଂ.* କର ବ୍ୟବସ୍ଥାଦ୍ୱାରା ପରିଚାଳିତ ଜାତୀୟ ସ୍ୱାସ୍ଥ୍ୟସେବା ସଂସ୍ଥା।

**National Insurance** ବି. *ଇଂ.* ଜାତୀୟ ବୀମା ପଦ୍ଧତି।

**nationalism** ବି. ରାଷ୍ଟ୍ରୀୟତା, ଜାତୀୟତାବାଦ, ସ୍ୱଦେଶପ୍ରେମ, ସ୍ୱଦେଶାନୁରାଗ; ରାଷ୍ଟ୍ରୀୟ ସ୍ୱାଧୀନତାର ନୀତି ବା ଉଦ୍ୟମ।

**nationalist** ବି. ଦେଶଭକ୍ତ, ଜାତୀୟତାବାଦୀ।

**nationality** ବି. ରାଷ୍ଟ୍ରୀୟତା, ଜାତୀୟତା, ସ୍ୱଦେଶାଭିମାନ; ରାଷ୍ଟ୍ରରୂପରେ ଅସ୍ତିତ୍ୱ।

**nationalization** ବି. ରାଷ୍ଟ୍ରୀୟକରଣ, ଜାତୀୟକରଣ।

**nationalize** କ୍ରି. ରାଷ୍ଟ୍ରୀୟ ବା ଜାତୀୟକରଣ କରିବା, (ଶିଳ୍ପ, ସଂସ୍ଥା ପ୍ରଭୃତିକୁ) ରାଷ୍ଟ୍ରୀୟ ବା ଜାତୀୟ ସମ୍ପତ୍ତି ଭାବରେ ରୂପାନ୍ତରିତ କରିବା, ସେଗୁଡ଼ିକର ଜାତୀୟକରଣ କରିବା।

**national park** ବି. ସାର୍ବଜନୀନ ଜାତୀୟ ଉଦ୍ୟାନ; ସର୍ବସାଧାରଣଙ୍କ ନିମନ୍ତେ, ସରକାରଙ୍କଦ୍ୱାରା ନିୟନ୍ତ୍ରିତ ଗ୍ରାମାଞ୍ଚଳର ଉଦ୍ୟାନ; ଜାତୀୟ ଉଦ୍ୟାନ।

**national service** ବି. ବାଧ୍ୟତା ମୂଳକ ସୈନିକ ସେବା।

**nationwide** ବିଂ. ଦେଶବ୍ୟାପୀ; ରାଷ୍ଟ୍ରବ୍ୟାପୀ।

**native** 1. ବିଂ. ଜନ୍ମଗତ, ସ୍ୱାଭାବିକ, ପ୍ରାକୃତିକ, ଜନ୍ମସିଦ୍ଧ, ଅଧିକାର ରୂପେ ପ୍ରାପ୍ତ; କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଜାତ; ଦେଶୀ, ସ୍ୱଦେଶୀ; ଶୁଦ୍ଧ ବା ଅମିଶ୍ରିତ ଅବସ୍ଥାରେ ପ୍ରାପ୍ତ (ଧାତୁ ପ୍ରଭୃତି); 2. ବି. ନିବାସୀ, ଅଧିବାସୀ; ଦେଶୀୟ ପ୍ରାଣୀ ବା ବନସ୍ପତି।

**nativity** ବି. (the Nativity ମଧ୍ୟ) ବିଶେ. ଯୀଶୁଖ୍ରୀଷ୍ଟଙ୍କର ଜନ୍ମ; ଯୀଶୁଖ୍ରୀଷ୍ଟଙ୍କ ଜନ୍ମୋତ୍ସବ; ଜନ୍ମ।

**NATO** *ସଂଶ.* (Nato ମଧ୍ୟ) North Atlantic Treaty Organization ଉତ୍ତର ଆଟଲାଣ୍ଟିକ୍ ସନ୍ଧି ସଂଗଠନ।

**natter** *କ.ଭା.* 1. କ୍ରି. ଆଳସ୍ୟପୂର୍ଣ୍ଣ ହେବା; ବୃଥା ଗପ କରିବା; 2. ବି. ଆଳସ୍ୟ; ବୃଥା ଗପ।

**natterjack** ବି. ଏକ ପ୍ରକାର ଛୋଟ ଭୂରା ବେଙ୍ଗ।

**nattily** କ୍ରି.ବିଂ. ପରିଷ୍କାରପରିଚ୍ଛନ୍ନ ଭାବରେ, କୁଶଳତାପୂର୍ବକ।

**natty** ବିଂ. ପରିଷ୍କାରପରିଚ୍ଛନ୍ନ, ସଫାସୁତରା, କୁଶଳୀ; ନିପୁଣ।

**natural** 1. ବିଂ. ପ୍ରାକୃତିକ; ନୈସର୍ଗିକ; ସହଜ–ପ୍ରକୃତି, ସ୍ୱାଭାବିକ, ସାଧାରଣ, ନିୟମିତ, ନିୟତ; ଅକୃତ୍ରିମ, ଭୌତିକ ରୂପରେ ବିଦ୍ୟମାନ; 2. ବି. (କୌଣସି ଭୂମିକା, ଉଦ୍ଦେଶ୍ୟ ପ୍ରଭୃତି ପାଇଁ) ସ୍ୱାଭାବିକ ଭାବରେ ଯୋଗ୍ୟ ବ୍ୟକ୍ତି, ସ୍ୱାଭାବିକ ସ୍ୱର; ବି. naturalness.

**natural gas** ବି. ପ୍ରାକୃତିକ ଗ୍ୟାସ୍।

**natural histroy** ବି. ପ୍ରକୃତି ବିଜ୍ଞାନ, ପ୍ରାଣୀ ଓ ଉଦ୍ଭିଦ ବିଦ୍ୟା।

**naturalism** ବି. ଦ. ସ୍ୱଭାବବାଦ, ପ୍ରାକୃତିକତାବାଦ; ଯଥାର୍ଥବାଦ, ବାସ୍ତବବାଦ (କଳା ଓ ସାହିତ୍ୟରେ); କେବଳ ପ୍ରକୃତି ଉପରେ ଆଧାରିତ କାର୍ଯ୍ୟ, ନୈତିକତା, ଧର୍ମ ବା ଦର୍ଶନ।

**naturalist** ବି. ଦ. ପ୍ରକୃତିବାଦୀ; ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନର ବିଶେଷଜ୍ଞ।

**naturalistic** ବିଂ. ପ୍ରକୃତିବାଦ ସମ୍ବନ୍ଧୀୟ।

**naturalize** କ୍ରି. ବିଦେଶୀବ୍ୟକ୍ତିକୁ ନାଗରିକ ଭାବେ ସ୍ୱୀକୃତି ପ୍ରଦାନ କରିବା, ସ୍ୱଦେଶୀ କରିବା; ବିଦେଶୀ ଶବ୍ଦ, ପ୍ରଥା, ପ୍ରାଣୀ, ଉଦ୍ଭିଦ ପ୍ରଭୃତିକୁ ଗ୍ରହଣ କରି ନେବା; ପରମ୍ପରାମୁକ୍ତ ବା ରୂଢ଼ିମୁକ୍ତ କରିବା; ବି. naturalization.

**natural law** ବି. ପ୍ରାକୃତିକ ନିୟମ, ପ୍ରକୃତିର ନିୟମ।

**naturally** କ୍ରି.ବିଂ. ପ୍ରାକୃତିକ ଭାବରେ, ସ୍ୱାଭାବିକ ରୂପରେ; ବାସ୍ତବିକ; ଅବଶ୍ୟ, ନିଃସନ୍ଦେହ ଭାବେ।

Digitized by srujanika@gmail.com

**natural number** ବି. ୦ ଠାରୁ ବଡ ଯେକୌଣସି ପୂର୍ଣ୍ଣ ସଂଖ୍ୟା।

**natural science** ବି. ପ୍ରାକୃତିକ ବିଜ୍ଞାନ, ପ୍ରାକୃତିକ ଘଟଣାର ଅନୁଶୀଳନାତ୍ମକ ବିଜ୍ଞାନ।

**natural selection** ବି. ପ୍ରାକୃତିକ ପ୍ରାଣୀର ବିଦ୍ୟମାନତା ଲାଗି ପରିବେଶ ସହିତ ଖାପଖୁଆଇବା ସଂପର୍କିତ (ଡାରଉିନ୍‌ଙ୍କ) ତତ୍ତ୍ୱ।

**nature** ବି. ପ୍ରକୃତି; ସାମଗ୍ରିକ ଭାବରେ ଭୌତିକ ପୃଥିବୀର ପ୍ରତ୍ୟକ୍ଷ ରୂପ; ଏ ସମସ୍ତକୁ ପରିଚାଳିତ କରୁଥିବା ଭୌତିକ ଶକ୍ତି; ପଦାର୍ଥର ପ୍ରଧାନ ଗୁଣ; ମନୁଷ୍ୟ ବା ପ୍ରାଣୀର ଜନ୍ମଗତ ସ୍ୱଭାବ, ଚରିତ୍ର, ପ୍ରକାର, ଜାତି ବା ବର୍ଗ; ପ୍ରାଣଶକ୍ତି; by nature ସ୍ୱଭାବତଃ, ସହଜ ଭାବରେ; by (in) the nature of things ଅବଶ୍ୟମ୍ଭାବୀ ବା ଅନିବାର୍ଯ୍ୟ ରୂପରେ; call of nature ପରିସ୍ରା ବା ଝାଡ଼ା ଯିବାର ସ୍ୱାଭାବିକ ବ୍ୟଗ୍ରତା; in a state of nature ଅସଭ୍ୟ ବା ଅସଂସ୍କୃତ ଅବସ୍ଥାରେ, ପୂର୍ଣ୍ଣତଃ ନଗ୍ନ।

**naturist** ବି. ନଗ୍ନବାଦୀ, ନଗ୍ନପୂଜାବାଦୀ।

**naturism** ବି. ନଗ୍ନବାଦ, ନଗ୍ନପୂଜାବାଦ।

**naught** 1. ବି. *ସାହି.* ବା *ପ୍ରା.ପ୍ର.* ନାହିଁ, କିଛି ନାହିଁ, ଶୂନ୍ୟ; 2. ବିଂ. ବେକାର, ବ୍ୟର୍ଥ, ଅପଦାର୍ଥ; come to naught ଅକୃତକାର୍ଯ୍ୟ ବା ବିଫଳମନୋରଥ ହେବା, କିଛି ଫଳ ନ ଫଳିବା; set at naught ଘୃଣା କରିବା।

**naughtily** କ୍ରି.ବିଂ. ଦୁଷ୍ଟ ବା ଅବିନୀତ ଭାବରେ।

**naughtiness** ବି. ଦୁଷ୍ଟାମି, ଉଦ୍ଦଣ୍ଡତା, ଅବାଧ୍ୟତା।

**naughty** ବିଂ. ଦୁଷ୍ଟ, ଅବାଧ୍ୟ, ଉଦ୍ଦଣ୍ଡ, ଅଶିଷ୍ଟ, ଅବିନୀତ।

**nausea** ବି. ବମନପ୍ରବୃତ୍ତି, ବାନ୍ତି କରିବାର ଇଚ୍ଛା; ଘୃଣା, ଜୁଗୁପ୍ସା।

**nauseate** କ୍ରି. ବାନ୍ତି କରିବାକୁ ମନ ହେବା; ଘୃଣା କରିବା; ବିଂ. nauseating.

**nauseous** ବିଂ. ବମନକାରକ; ଘୃଣାଜନକ, ଅରୁଚିକର।

**nautch** ବି. ହି ଭାରତୀୟ ନର୍ତ୍ତକୀମାନଙ୍କ ନୃତ୍ୟ।

**nautical** ବିଂ. ନାବିକ ବା ନୌବିଦ୍ୟା ସମ୍ବନ୍ଧୀୟ।

**nautilus** ବି. ( ବ.ବ nautiluses, li) ଏକ ପ୍ରକାର ସାମୁଦ୍ରିକ ଜୀବ।

**naval** ବିଂ. ନୌସେନା ସମ୍ବନ୍ଧୀୟ, ପୋତସମୂହ ସମ୍ବନ୍ଧୀୟ।

**nave**[1] ବି. ଗୀର୍ଜାର ମୁଖ୍ୟଭାଗ।

**nave**[2] ବି. ଚକ୍ରନାଭି; ଚକ୍ରର କେନ୍ଦ୍ରଭାଗ।

**navel** ବି.ନାଭି, ନାହି; କୌଣସି ବସ୍ତୁର କେନ୍ଦ୍ରସ୍ଥଳ।

**navigable** ବିଂ. ସୁନାବ୍ୟ, ନାବ୍ୟ; ନୌକା ବା ଜାହାଜ ଚଳାଇବା ପାଇଁ ଉପଯୋଗୀ; (ବେଲୁନ୍ ଆଦି) ମୋଡ଼ିବା ଯୋଗ୍ୟ; ବି. navigability; କ୍ରି.ବିଂ. navigably.

**navigate** କ୍ରି. ନୌଚାଳନ କରିବା; ସମୁଦ୍ର ବା ନଦୀରେ ଜାହାଜ ଚଳାଇବା; ନୌଯାତ୍ରା, ଜାହାଜଯାତ୍ରା ବା ସମୁଦ୍ରଯାତ୍ରା କରିବା; ଉଡ଼ାଜାହାଜ ବା ବୁଡ଼ାଜାହାଜର ମାର୍ଗ ନିର୍ଦ୍ଦେଶ କରିବା; ମୋଟର୍‌ଗାଡ଼ିର ଚାଳକକୁ ଉପଯୁକ୍ତ ଗତିପଥ ଦେଖାଇ ସାହାଯ୍ୟ କରିବା।

**navigation** ବି. ନୌଯାତ୍ରା ବା ନୌସଂଚାଳନ; ଜାହାଜ ସଂଚାଳନ; ଜ୍ୟାମିତି ଓ ଜ୍ୟୋତିଃଶାସ୍ତ୍ରଦ୍ୱାରା ବୁଡ଼ା ଜାହାଜ ବା ବ୍ୟୋମଯାନର ସ୍ଥିତି ଓ ଗତିପଥ ନିର୍ଦ୍ଧାରଣ ପଦ୍ଧତି।

**navigational** ବିଂ. ନୌଚାଳନ ସମ୍ବନ୍ଧୀୟ, ଜାହାଜ ସଂଚାଳନ ବିଷୟକ।

**navigator** ବି. ନୌଚାଳକ, ଜାହାଜ ସଂଚାଳକ; ନାବିକ; ଦିଗ ନିର୍ଦ୍ଦେଶକ।

**navvy** 1. ବି. ସଡ଼କ, ରେଳପଥ ଓ କେନାଲ୍ ପ୍ରଭୃତିରେ ନିଯୁକ୍ତ ଖନନକାରୀ ଶ୍ରମିକ; 2. କ୍ରି. ଉକ୍ତ ଶ୍ରମିକ ରୂପେ କାର୍ଯ୍ୟ କରିବା।

**navy** ବି. *ସା.* the Navy ନାବିକଗଣ ଓ ସେମାନଙ୍କ ସଙ୍ଗଠନ ସହିତ ରାଷ୍ଟ୍ରର ଯୁଦ୍ଧଜାହାଜ ସମୂହ; ନୌବାହିନୀ; ନୌସେନା, ନୌସେନାର ଅଧିକାରୀ ଓ କର୍ମଚାରୀବୃନ୍ଦ; *କାବ୍ୟ.* ନୌକା ବା ଜାହାଜ ସମୂହ; navy blue ବିଲାତର ନୌସେନାଙ୍କ ପୋଷାକର ରଙ୍ଗପରି ଗାଢ଼ ନୀଳ।

**nawab** ବି. ନବାବ; ପାକିସ୍ତାନ ନିବାସୀ ବିଶିଷ୍ଟ ମୁସଲମାନଙ୍କର ଉପାଧି; *ଇତି.* ଭାରତୀୟ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ଉପାଧି।

**nay** 1. କ୍ରି.ବିଂ. ନାହିଁ; *ପ୍ରା.ପ୍ର.* ବରଂ, ଏପରିକି, ଏବଂ ତହିଁରୁ ଅଧିକ 2. ବି. ଅସ୍ୱୀକୃତି ସୂଚକ ଶବ୍ଦ (ନାହିଁ); say nay ଅସ୍ୱୀକାର କରିବା, ଖଣ୍ଡନ କରିବା।

**Nazarene** 1. ବିଂ. ନାଜରେଥ୍‌ର; 2. ବି. ନାଜରେଥ୍ ନିବାସୀ; ବିଶେ. ଖ୍ରୀଷ୍ଟିଆନ୍ (ଇହୁଦୀ ଓ ମୁସଲିମ୍‌ଙ୍କ ପ୍ରୟୋଗରେ); ଯୀଶୁଖ୍ରୀଷ୍ଟ।

Digitized by srujanika@gmail.com

**Nazi** 1. ବି. ନାଜି, ଜର୍ମାନୀ ରାଷ୍ଟ୍ରୀୟ ସମାଜବାଦୀ ଦଳର ସଦସ୍ୟ; 2. ବିଂ. ଉକ୍ତ ଦଳର।

**Nazism** ବି. ନାଜିବାଦ।

**NB** ସଂଖ. *nota bene* ଦ୍ର. ବା ଦ୍ରଷ୍ଟବ୍ୟ।

**NDA** ସଂଖ. National Defence Academy ଭା. ଜାତୀୟ ପ୍ରତିରକ୍ଷା ଏକାଡେମି।

**NDC** ସଂଖ. ଭା. National Development Council ଜାତୀୟ ଉନ୍ନୟନ ପରିଷଦ।

**NE** ସଂଖ. North East or North Eastern ଉତ୍ତରପୂର୍ବ ଦିଗ ବା ଦିଗର।

**Ne** ପ୍ର. ନିଅନ୍।

**neap** ବି. neap tide ମନ୍ଦ ଜୁଆର, ନିମ୍ନତମ ଜୁଆର।

**Neapolitan** 1. ବିଂ. ନେପଲ୍ସର; 2. ବି. ନେପଲ୍ସର ଅଧିବାସୀ।

**near** 1. କ୍ରି.ବିଂ ସମୀପରେ, ନିକଟରେ, ପାଖରେ; 2. ଅ. ସମୀପରେ, ନିକଟରେ, ପାଖରେ; 3. ବିଂ. ସମୀପବର୍ତ୍ତୀ, ନିକଟବର୍ତ୍ତୀ; ସମ୍ବନ୍ଧୀୟ, ନିକଟସମ୍ପର୍କୀୟ, ଘନିଷ୍ଠ; ସଦୃଶ; 4. କ୍ରି. ପାଖେଇ ଆସିବା, ସମୀପକୁ ବା ନିକଟକୁ ଆସିବା; go near to do, come (go) near (to) doing ପ୍ରାୟ କରିବା ଭଳି; near at hand ହାତ ପାଖରେ; ଅତି ନିକଟରେ; ବିଂ. nearish; ବି. nearness.

**nearby** ବିଂ. ନିକଟ, ଅନତିଦୂର।

**nearly** କ୍ରି.ବିଂ. ପ୍ରାୟ; ପାଖାପାଖି; not nearly ଏକଦମ୍ ଅଲଗା ବା ଅସମାନ।

**near miss** ବି. ଲକ୍ଷ୍ୟ ସିଦ୍ଧିର ଅଳ୍ପକେ ବିଫଳ ବା ଅକୃତକାର୍ଯ୍ୟ ହେବା; (ବୋମା ପ୍ରଭୃତି) ଅଳ୍ପକେ ଲକ୍ଷ୍ୟଭ୍ରଷ୍ଟ।

**nearside** ବି. ପ୍ରାଣୀ ବା ଯାନର ବାମପାଖ।

**near–sighted** ବିଂ. ସମୀପଦୃଷ୍ଟି ସଂପନ୍ନ; ଅଦୂରଦର୍ଶୀ।

**near–thing** ବି. ଅଳ୍ପକେ ପ୍ରାଣରକ୍ଷା।

**neat** ବିଂ. ସଫାସୁତରା, ପରିଷ୍କାର, ପରିଚ୍ଛନ୍ନ; ସୁବ୍ୟବସ୍ଥିତ; ପରିମାର୍ଜିତ ଭାବରେ ସରଳ; (ମଦ୍ୟ ଇତ୍ୟାଦି) ଖାଣ୍ଟି ବା ଶୁଦ୍ଧ; ଉତ୍ତମରୂପେ କରାଯାଇଥିବା, ସୁନିୟମିତ; ଦକ୍ଷ; କ୍ରି.ବିଂ. neatly; ବି. neatness.

**neaten** କ୍ରି. ପରିଷ୍କାର କରିବା।

**neath** ଅ. କାବ୍ୟ. ତଳେ, ନିମ୍ନରେ।

**nebula** ବି. ବ.ବ. nebulae ନୀହାରିକା, ରାତ୍ରିର ଆକାଶରେ ସମୟସମୟରେ ପରିଦୃଷ୍ଟ ଦୂରବର୍ତ୍ତୀ ନକ୍ଷତ୍ରପୁଞ୍ଜ ବା ଗ୍ୟାସ୍ ବା ଧୂଳିଦ୍ୱାରା ଗଠିତ କେତେବେଳେ ଉଜ୍ଜ୍ୱଳ କେତେବେଳେ ଛାୟାଛନ୍ନ ବସ୍ତୁ; ବିଂ. nebular.

**nebulous** ବିଂ. ନୀହାରିକାବତ୍, ଧୂମିଳ, ମେଘସଦୃଶ, ଅସ୍ପଷ୍ଟ।

**necessary** 1. ବିଂ. ଆବଶ୍ୟକ, ଦରକାରୀ, ଅବଶ୍ୟମ୍ଭାବୀ; ଅପରିହାର୍ଯ୍ୟ; 2. ବି. ଭା. ବ.ବରେ ଆବଶ୍ୟକତା; ଆବଶ୍ୟକ ଅର୍ଥ ବା ବସ୍ତୁ; the necessary ସା.ପ୍ର. କୌଣସି ଉଦ୍ଦେଶ୍ୟରେ ଆବଶ୍ୟକ ଅର୍ଥ ବା କାର୍ଯ୍ୟ. କ୍ରି.ବିଂ. necessarily.

**necessitarianism** ବି. ଦ.ଆବଶ୍ୟକତାବାଦ. ପ୍ରାରବ୍ଧବାଦ, ଭାଗ୍ୟବାଦ; ସଂସାରରେ ସମସ୍ତ ଘଟଣା ପୂର୍ବନିର୍ଦ୍ଧାରିତ ଏବଂ ମଣିଷ ସ୍ୱେଚ୍ଛାରେ କିଛି କରିପାରିବ ନାହିଁ– ଏହି ବିଶ୍ୱାସ; ବିଂ.ବି. necessitarian.

**necessitate** କ୍ରି. ଆବଶ୍ୟକ କରିଦେବା; ସର୍ତ୍ତ, ସଂଗତି ବା ପରିଣାମ ରୂପେ ସନ୍ନିବେଶିତ କରିବା।

**necessitous** ବିଂ. ନିର୍ଦ୍ଧନ, ଦରିଦ୍ର, ଗରିବ, ଅଭାବଗ୍ରସ୍ତ।

**necessity** ବି. ଆବଶ୍ୟକତା; ମାନବୀୟ କାର୍ଯ୍ୟକଳାପର ନିୟନ୍ତ୍ରକ ଓ ବିଧି ରୂପେ ପରିଗଣିତ ବାଧ୍ୟତା ବା ବିବଶତା; ଅନିବାର୍ଯ୍ୟ ଆବଶ୍ୟକତା, ଅପରିହାର୍ଯ୍ୟ ବସ୍ତୁ; ଦାରିଦ୍ର୍ୟ, ଅଭାବ; of necessity ଅପରିହାର୍ଯ୍ୟ ରୂପରେ।

**neck** 1. ବି. ବେକ, ଗ୍ରୀବା, ଗଳା; ବୋତଲ, ଭାୟୋଲିନ୍, ଜମି ପ୍ରଭୃତିର ସଂକୀର୍ଣ୍ଣ ଓ ଲମ୍ବା ଅଂଶ; ପୋଷାକର ଗଳା ଚାରିପାଖର ଘେରା ଅଂଶ; ଆହାର ରୂପେ ବ୍ୟବହୃତ ପଶୁର ବେକର ମାଂସ; ଜୀବନ; ସା.ପ୍ର. ଧୃଷ୍ଟତା; 2. କ୍ରି. କାମୁକ ଭାବରେ ଚୁମ୍ବନ ଓ ଆଲିଙ୍ଗନ କରିବା; ଆଲିଙ୍ଗନାବଦ୍ଧ ହେବା; get it in the neck କ.ଭା. ପ୍ରାଣାନ୍ତକ ଆଘାତ ସହିବା; ସାଂଘାତିକ ଭାବରେ ଭର୍ତ୍ସିତ ବା ଦଣ୍ଡିତ ହେବା; neck and neck ଦୌଡ଼ ପ୍ରତିଯୋଗିତାରେ ସମସ୍ତରୀୟ; up to one's neck କ.ଭା. କୌଣସି କାର୍ଯ୍ୟରେ ଗମ୍ଭୀର ଭାବରେ ଲିପ୍ତ ବା ସମ୍ମିଳିତ, ଅତି ବ୍ୟସ୍ତ।

**neckband** ବି. ପୋଷାକର ଗଳାପଟି।

Digitized by srujanika@gmail.com

**neckerchief** ବି. ଗଳାରେ ଗୁଡ଼ାଯାଉଥିବା ରୁମାଲ ।
**necklace** ବି. କଣ୍ଠହାର, ଗଳାମାଳ ।
**necklet** ବି. ଲୋମଶ ପୋଷାକର ଗଳାଭୂଷଣ ।
**neckline** ବି. ଗଳାଠାରେ ଖୋଲା ପୋଷାକର ବାହ୍ୟରେଖା ।
**necktie** ବି. ନେକ୍‌ଟାଇ, ଗଳାବନ୍ଧନୀ ।
**necro–** ସଂ. ଶବ ସମ୍ବନ୍ଧିତ ।
**necromancy** ବି. ପ୍ରେତ ବିଦ୍ୟା, ପ୍ରେତସିଦ୍ଧି କଳା; ମାୟା, ଇନ୍ଦ୍ରଜାଲ; ବି. necromancer.
**necrophilia** ବି. ଶବ ପ୍ରତି ଅସ୍ୱାଭାବିକ (ବିଶେ. ଯୌନ) ଆକର୍ଷଣ ବା ମୋହ ।
**necropolis** ବି. (ବିଶେ. ପ୍ରାଚୀନ କାଳର) କବରଘର, ଶ୍ମଶାନ ।
**necrosis** ବି. (ବ.ବ necroses) ଅସ୍ଥିକ୍ଷୟ ବା ତନ୍ତୁକ୍ଷୟ ।
**necrotic** ବିଂ. ଅସ୍ଥିକ୍ଷୟଯୁକ୍ତ, ତନ୍ତୁକ୍ଷୟକାରୀ ।
**nectar** ବି. ପୁଷ୍ପରସ, ମକରନ୍ଦ, ମଧୁ; *ପୁରାଣ* ଦେବତାମାନଙ୍କର ପେୟ, ଅମୃତ; ଯେ କୌଣସି ସୁସ୍ୱାଦୁ ପେୟ ।
**nectarine** ବି. ପିଚ୍ ଜାତୀୟ ଫଳ ବିଶେଷ ।
**nectarous** ବିଂ. ମଧୁଭଳି; ଅମୃତ ସଦୃଶ; ଅତ୍ୟନ୍ତ ମଧୁର ।
**nectary** ବି. ଉଦ୍ଭିଦର ମଧୁସ୍ରାବୀ ଅଂଶ ।
**NFDC** *ସଂଶ. ଭା.* National Film Development Corporation ରାଷ୍ଟ୍ରୀୟ ଚଳଚ୍ଚିତ୍ର ବିକାଶ ନିଗମ ।
**neddy** ବି. *କ.ଭା.* ଗଧ ।
**need** 1. ବି.ପ୍ରୟୋଜନ, ଆବଶ୍ୟକତା; ଆବଶ୍ୟକ ବସ୍ତୁ; ବିପତ୍ତିର ସମୟ, ଦାରିଦ୍ର୍ୟ, ନିର୍ଦ୍ଧନତା; 2. କ୍ରି. (ତୃତୀୟ ପୁରୁଷ ଏକବଚନ ଏବଂ ନିଷେଧାତ୍ମକ ତଥା ପ୍ରଶ୍ନବାଚକ ରୂପରେ to ଉପେକ୍ଷଣୀୟ; *ଉଦା.* she need not come; need you ask ?) ଆବଶ୍ୟକ ବା ଦରକାର ହେବା; ଆବଶ୍ୟକ ବା ଦରକାର କରିବା, (କିଛି କରିବାକୁ) ବାଧ ହେବା ।
**needful** ବିଂ. ଆବଶ୍ୟକ, ଦରକାର; the needful *ସା.ପ୍ର.* ଆବଶ୍ୟକ ଅର୍ଥ ବା କାର୍ଯ୍ୟ; *କ୍ରି.ବିଂ.* needfully.
**neediness** ବି. ଦାରିଦ୍ର୍ୟ, ନିର୍ଦ୍ଧନତା ।
**needle** 1. ବି.ସୂଚୀ, ଛୁଞ୍ଚ; ଇଂଜେକ୍‌ସନ୍ ସିରିଞ୍ଜର ଛୁଞ୍ଚ; ଗ୍ରାମୋଫୋନ୍‌ର ପିନ୍; କ୍ରମସୂକ୍ଷ୍ମାଗ୍ର ପ୍ରସ୍ତର ବା ଶୃଙ୍ଗ, 2. କ୍ରି. *ସା.ପ୍ର.* ବିରକ୍ତ ବା ଉତ୍ତେଜିତ କରିବା ।
**needlecord** ବି. ଉତ୍କୃଷ୍ଟ କଡୁରାୟ ସୂତା ।
**needle game (match)** ବି. ତୀବ୍ର ପ୍ରତିଦ୍ୱନ୍ଦିତା ।
**needle–point** ବି. ଛୁଞ୍ଚିବୁଣା ଲେସ୍; କେନ୍‌ଭାସ୍ ଉପରେ ଛୁଞ୍ଚିକାମ ।
**needless** ବିଂ.ଅନାବଶ୍ୟକ, ଅଦରକାରୀ; *କ୍ରି.ବିଂ.* needlessly.
**needlewoman** ବି. ସୀବନକାରିଣୀ; ସିଲାଇ କରୁଥିବା ମହିଳା ।
**needlework** ବି. ସିଲାଇ ବା ଛୁଞ୍ଚିକାମ, ସୂଚୀକର୍ମ ।
**needs** କ୍ରି.ବିଂ. *ପ୍ରା.ପ୍ର.* ଅବଶ୍ୟ, ଆବଶ୍ୟକ (ଉଦା. must needs).
**needy** ବିଂ. ଦରିଦ୍ର, ଅଭାବଗ୍ରସ୍ତ ।
**ne'er** କ୍ରି.ବିଂ. *କାବ୍ୟ.* never କଦାପି ନୁହେଁ ।
**ne'er–do–well** 1. ବି. ନିଷ୍କର୍ମାବ୍ୟକ୍ତି, ଗୋବରଗଣେଶ; 2. ବିଂ. ନିଷ୍କର୍ମା, ଅପଦାର୍ଥ ।
**nefarious** ବିଂ. ଦୁଷ୍ଟ, ଅଧମ, ଜଘନ୍ୟ ।
**neg** *ସଂଶ.* negative ନକାରାତ୍ମକ, ଫଟୋର ନେଗେଟିଭ୍ ।
**negate** କ୍ରି. ରଦ୍ଦ କରିବା; ଅସ୍ତିତ୍ୱକୁ ଅସ୍ୱୀକାର କରିବା ।
**negation** ବି.ନକାର; ନାହିଁ; ଅସ୍ୱୀକାର; ଅଭାବ; ଅସ୍ୱୀକୃତି; ନାସ୍ତିମୂଳକ ବକ୍ତବ୍ୟ ବା ସିଦ୍ଧାନ୍ତ; ନାସ୍ତିବାଦ, ନିଷେଧ, ଅଯଥାର୍ଥ ବସ୍ତୁ ।
**negative** 1. ବିଂ. ନକାରାତ୍ମକ; ନିଷେଧାତ୍ମକ; ଅସ୍ୱୀକାରସୂଚକ; ଅଭାବାତ୍ମକ; *ପଦାର୍ଥ* ଋଣାତ୍ମକ; 2. ବି. ନିଷେଧାତ୍ମକ ବକ୍ତବ୍ୟ, ଉତ୍ତର ବା ଶବ୍ଦ; ଫଟୋର ନେଗେଟିଭ୍; ଅଭାବ; ଗଣିତ ଋଣରାଶି; 3. କ୍ରି. ନିଷେଧାଧିକାର ବା ଭିଟୋ ପ୍ରୟୋଗ କରିବା; ଅସ୍ୱୀକାର କରିବା; ନାମଞ୍ଜୁର କରିବା; (ବକ୍ତବ୍ୟର) ପ୍ରତିବାଦ ବା ବିରୋଧ କରିବା, ପ୍ରଭାବହୀନ କରିବା; in the negative ନାହିଁ; ଅସ୍ୱୀକୃତି, ନକାରାତ୍ମକ ବକ୍ତବ୍ୟ ବା ଉତ୍ତର ସହ; କ୍ରି.ବିଂ. negatively; ବି. negativity.
**neglect** 1. କ୍ରି. ଅବହେଳା କରିବା, ଅତି କମ ଧ୍ୟାନ ଦେବା ବା ଆଦୌ ଧ୍ୟାନ ନ ଦେବା; ଉପେକ୍ଷା କରିବା, ପରବାୟ ନ କରିବା; 2. ବି. ଅବହେଳା; ଉପେକ୍ଷା; ବେପରୁଆ ଢଙ୍ଗ, ଅସାବଧାନତା ।

Digitized by srujanika@gmail.com

**neglectful** ବିଂ. ଅବହେଳାକାରୀ; ଅସାବଧାନ, ଉପେକ୍ଷାଶୀଳ, ବେପରୁଆ।

**neglectfully** କ୍ରି.ବିଂ. ଅସାବଧାନ ଭାବରେ, ବେପରୁଆ ଢଙ୍ଗରେ; ଅବହେଳା ସହ।

**negligee** ବି. ସ୍ତ୍ରୀଲୋକଙ୍କ ସାଦାସିଧା ହାଲୁକା ପୋଷାକ।

**negligence** ବି. ଅବହେଳା; ଉଚିତ୍ ସାବଧାନତାର ଅଭାବ; ନିନ୍ଦନୀୟ ଅସାବଧାନତା।

**negligent** ବିଂ. ଅବହେଳାକାରୀ, ଅସାବଧାନ; କ୍ରି.ବିଂ. negligently.

**negligible** ବିଂ. ତୁଚ୍ଛ, ନଗଣ୍ୟ; ଅତି କମ୍।

**negligibly** କ୍ରି.ବିଂ. ତୁଚ୍ଛ ବା ନଗଣ୍ୟ ଭାବରେ।

**negotiable** ବିଂ. ବିଚାର–ବିନିମୟ ଯୋଗ୍ୟ; ଆଲୋଚନା ପାଇଁ ଉନ୍ମୁକ୍ତ।

**negotiate** କ୍ରି. କୌଣସି ରାଜିନାମାରେ ପହଞ୍ଚିବା ପାଇଁ ବିଚାର ବିନିମୟ କରିବା; କଥାବାର୍ତ୍ତା ମାଧ୍ୟମରେ କୌଣସି କାର୍ଯ୍ୟ ବା ବ୍ୟାପାରର ସଫଳତାର ବ୍ୟବସ୍ଥା କରିବା; ବିଲ୍ ବା ଚେକ୍‌ର ନଗଦ ଆର୍ଥିକ ମୂଲ୍ୟ ପାଇବା ବା ଦେବା; ବାଧାବିଘ୍ନ ପ୍ରଭୃତିକୁ ପାର କରିବା।

**negotiation** ବି. ବିଚାର–ବିନିମୟ; କଥାବାର୍ତ୍ତା; ଲେଖାପଢ଼ି; କାରବାର।

**negotiator** ବି. ଦୁଇ ପକ୍ଷ ମଧ୍ୟରେ ରାଜିନାମାକାରୀ ମଧ୍ୟସ୍ଥ ବ୍ୟକ୍ତି।

**Negrillo** ବି. ବ.ବ. Negrillos ନେଗ୍ରିଲ୍ଲୋ, ମଧ୍ୟ ଆଫ୍ରିକା ଓ ଦକ୍ଷିଣ ଆଫ୍ରିକା ନିବାସୀ ବାମନାକୃତି ନିଗ୍ରୋଜାତିର ବ୍ୟକ୍ତି।

**Negrito** ବି. (ବ.ବ. Negritos) ନେଗ୍ରିଟୋ, ମାଳୟ–ପୋଲିନେସିଆ ଅଞ୍ଚଳ ନିବାସୀ କ୍ଷୁଦ୍ରକାୟ ନିଗ୍ରୋତୁଲ୍ୟ ବ୍ୟକ୍ତି।

**Negritude** ବି. ନିଗ୍ରୋର ଲକ୍ଷଣ ବା ପ୍ରକୃତି; ନିଗ୍ରୋ ସାଂସ୍କୃତିକ ମୂଲ୍ୟର ପୁଷ୍ଟିକରଣ।

**Negro** *ସା. ଅପ.* 1. ବି. ବ.ବ. Negroes ନିଗ୍ରୋ; *ମୂ.* ଆଫ୍ରିକୀୟ କୃଷ୍ଣକାୟ ଲୋକ; 2. ବିଂ. ନିଗ୍ରୋଜାତୀୟ; କୃଷ୍ଣଚର୍ମ; ନିଗ୍ରୋମାନଙ୍କ ଦ୍ୱାରା ଅଧିକୃତ; ନିଗ୍ରୋଜାତି ସହିତ ସମ୍ପୃକ୍ତ; *ସ୍ତ୍ରୀ. (ସା. ଅପ.)* Negress.

**Negroid** 1. ବିଂ. ନିଗ୍ରୋଲକ୍ଷଣ ଯୁକ୍ତ; 2. ବି. ନିଗ୍ରୋତୁଲ୍ୟ ବ୍ୟକ୍ତି।

**negus** ବି. ଜଳ ସହିତ ଗରମ ଓ ମଧୁର କରାଯାଇଥିବା ମଦ୍ୟର ମିଶ୍ରଣ।

**neigh** 1. ବିଂ. ଅଶ୍ୱର ହ୍ରେଷାରବ, ଘୋଡ଼ାର ବୋବାଳି; 2. କ୍ରି. ହ୍ରେଷାରବ କରିବା; ଘୋଡ଼ା ପରି ହେଁ ହେଁ ଶବ୍ଦ କରିବା।

**neighbour** *ଆମେ.* neighbor 1. ବି. ପ୍ରତିବେଶୀ, ପଡ଼ୋଶୀ, ପାଖାପାଖି; ଗୁଣପଡ଼ିଶା; ପ୍ରତି–ସଂଲଗ୍ନ, 2. କ୍ରି. ସଂଲଗ୍ନ ବା ସମୀପବର୍ତ୍ତୀ ହେବା; ଅତ୍ୟଧିକ ମେଳ ଖାଇବା।

**neighbourhood** ବି. *ଆମେ.* neighborhood ପ୍ରତିବେଶୀ–ଧର୍ମ; ଆଖପାଖ ଅଞ୍ଚଳ; ସାହିପଡ଼ିଶା; ସମୀପତା; ପ୍ରତିବେଶ; in the neighbourhood of ପ୍ରାୟ, ପ୍ରାୟ ପାଖାପାଖି।

**neighbourly** ବିଂ. *ଆମେ.* neighborly ଜଣେ ଉତ୍ତମ ପ୍ରତିବେଶୀ ସଦୃଶ, ମିତ୍ରବତ୍, ବନ୍ଧୁଜନୋଚିତ; ସାହାଯ୍ୟପରାୟଣ; ବି. neighbourliness.

**neither** 1. କ୍ରି.ବିଂ. ଦୁଇଟି ମଧ୍ୟରୁ କୌଣସି ଗୋଟିଏ ବି ନୁହେଁ; 2. *ସଂଯୋ. ପ୍ରା.ପ୍ର.* (=nor) ତଥାପି ନୁହେଁ; 3. ବିଂ. *ଓ ସ.* ଉଭୟରୁ କୌଣସି ଗୋଟିଏ ନ ହୋଇଥିବା।

**nelly** ବି. not on your nelly *ସା.ପ୍ର.* ବିଲ୍‌କୁଲ୍ ନୁହେଁ, ଅବଶ୍ୟ ନୁହେଁ।

**nelson** ବି. ଏକ ପ୍ରକାର କୁସ୍ତି ବା ମଲ୍ଲଯୁଦ୍ଧ।

**nematode** ବି. ପତଳା ଗୋଲ କୃମି ବିଶେଷ, ସୂତା କୃମି।

**nemesis** ବି. ନ୍ୟାୟୋଚିତ ଦଣ୍ଡ।

**neo–** ସଂ. ନବ, ନୂତନ, ଆଧୁନିକ ଅର୍ଥରେ।

**neoclassical** ବିଂ. କଳାରେ ଶାସ୍ତ୍ରୀୟ ଶୈଳୀର ପୁନରୁଦ୍ଧାର ସମ୍ବନ୍ଧୀୟ; ବି. neoclassicism.

**neodymium** ବି. ଲାନ୍ଥାନାଇଡ୍ ବର୍ଗର ଧାତବ ଉପାଦାନ ବିଶେଷ।

**neolithic** ବିଂ. ଉତ୍ତର ପ୍ରସ୍ତରଯୁଗୀୟ; ପରବର୍ତ୍ତୀ ପ୍ରସ୍ତର ଯୁଗର।

**neologism** ବି. ନବଗଠିତ ଶବ୍ଦ; ନୂତନ ଶବ୍ଦ ଗଠନ।

**neon** ବି. ନିଅନ୍, ବାୟୁମଣ୍ଡଳରେ ଉପଲବ୍ଧ ଏକ ନିଷ୍କ୍ରିୟ ଗ୍ୟାସୀୟ ତତ୍ତ୍ୱ– ବିଦ୍ୟୁତ୍ ଶକ୍ତି ସଂଚରଣ ବେଳେ ଏଥିରୁ ନାରଙ୍ଗି ଓ ଲାଲ ରଙ୍ଗର ଜ୍ୟୋତି ସ୍ଫୁରିତ ହୁଏ।

**neophyte** ବି. ନବଦୀକ୍ଷିତ; *କେଥ.* ନିକଟ ଅତୀତରେ ଧର୍ମ ପରିବର୍ତ୍ତନ କରିଥିବା ବ୍ୟକ୍ତି; ଆରମ୍ଭକାରୀ।

Digitized by srujanika@gmail.com

**Neoplatonism** ବି. ଦ. ନବପ୍ଲେଟୋବାଦ, ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ସଂଘଟିତ ପ୍ଲେଟୋଙ୍କ ଆଦର୍ଶ ଓ ପ୍ରାଚ୍ୟ ରହସ୍ୟବାଦର ସମନ୍ୱୟ ।

**Neozoic** ବିଂ. ଭୂ. ଭୂତାତ୍ତ୍ୱିକ ଇତିହାସ ପରବର୍ତ୍ତୀଯୁଗ ସମ୍ବନ୍ଧୀୟ ।

**nephew** ବି. ପୁତୁରା, ଭଣଜା ।

**nephritic** ବିଂ. ବୃକ୍କ ବା ମୂତ୍ରାଶୟ–ବିଷୟକ ।

**nephritis** ବି. ବୃକ୍କ ପ୍ରଦାହ, ମୂତ୍ରାଶୟର ବ୍ୟାଧି ।

***ne plus ultra*** ବି. ପରାକାଷ୍ଠା, ଚରମସୀମା । *(ଲା.)*

**nepotism** ବି. ସ୍ୱଜନ–ପକ୍ଷପାତ, ସୁବିଧାସୁଯୋଗ ଅର୍ପଣକରିବାରେ ଭାଇବନ୍ଧୁଙ୍କ ପ୍ରତି ପକ୍ଷପାତ; ପ୍ରିୟାପ୍ରୀତି ତୋଷଣ ।

**neptunium** ବି. ୟୁରାନିଅମ୍‌ର ପରମାଣୁ ବିସ୍ଫୋରଣଶୀଳ ନ୍ୟୁଟ୍ରନ୍ ପରିଶୋଷଣ କଲାବେଳେ ଉତ୍ପନ୍ନ ଧାତବ ଉପାଦାନ; ନେପ୍‌ଚୁନିଅମ୍ ।

**nereid** ବି. ଜଳପରୀ; ଲମ୍ବ ସମୁଦ୍ରକୀଟ ବା ଖଜୁରିଆ ବିଛା ସଦୃଶ ଜୀବ ।

**nerve** 1. ବି. ସ୍ନାୟୁ, ମସ୍ତିଷ୍କ, ମେରୁଦଣ୍ଡ ଏବଂ ଶରୀରର ଅଙ୍ଗପ୍ରତ୍ୟଙ୍ଗମାନଙ୍କ ମଧ୍ୟରେ ଇନ୍ଦ୍ରିୟାନୁଭବ ସଂଚାଳିତ କରୁଥିବା ସଂଯୋଜକ ତନ୍ତୁଗୁଚ୍ଛ ବା ତନ୍ତୁ; ବିପତ୍ତିକାଳୀନ ଧୈର୍ଯ୍ୟ; ଦୁଃସାହସ; ବ.ବ. ଭୀତ ବା ବିଚଳିତ ଅବସ୍ଥା, ମାନସିକ ଓ ଶାରୀରିକ ଚାପ ଜନିତ ଅବସ୍ଥା; 2. କ୍ରି. ଶକ୍ତି ବା ସାହସ ଦେବା; ବିପତ୍ତି ପ୍ରଭୃତିର ସମ୍ମୁଖୀନ ହେବା ପାଇଁ ବ୍ୟକ୍ତିକୁ ଉତ୍ସାହ ଦେବା; bundle of nerves ଅତି ଦୁର୍ବଳମନା; ସହଜରେ ବିଚଳିତ ହେଉଥିବା ବ୍ୟକ୍ତି; get on a person's nerves କୌଣସି ବ୍ୟକ୍ତିକୁ ଉତ୍ତେଜିତ ବା ବିରକ୍ତ କରିବା; lose one's nerve ଡରିଯିବା, ଦୁର୍ବଳ ହୋଇଯିବା; strain every nerve ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବା, ଯଥାଶକ୍ତି ଉଦ୍ୟମ କରିବା ।

**nerve–cell** ବି. ସ୍ନାୟୁ–କୋଷ ।

**nerve–centre** ବି. ସ୍ନାୟୁକେନ୍ଦ୍ର ।

**nerve gas** ବି. ସ୍ନାୟୁମଣ୍ଡଳକୁ ପ୍ରଭାବିତ ବା ବିଚଳିତ କରୁଥିବା ବିଷାକ୍ତ ଗ୍ୟାସ୍ ।

**nerveless** ବିଂ. ନିସ୍ତେଜ; ଶକ୍ତିହୀନ; ଉତ୍ସାହହୀନ; (ଶୈଳୀ ବିଷୟକ) ନିସ୍ପନ୍ଦ; ବ୍ୟାପ୍ତ ।

**nerve–racking** ସ୍ନାୟୁଗୁଡ଼ିକୁ ଅତ୍ୟଧିକ ଭାରାକ୍ରାନ୍ତ କରୁଥିବା

**nervous** ବିଂ. ଅଳ୍ପକେ ବିଚଳିତ; ଅବ୍ୟବସ୍ଥିତ; ଉତ୍ତେଜିତ; ଭୀତ ବା ବ୍ୟାକୁଳ; ଦୁର୍ବଳମନା, ସ୍ନାୟୁବିଶିଷ୍ଟ; ସ୍ନାୟୁ ସମ୍ବନ୍ଧିତ; (ଶୈଳୀ ବିଷୟକ) ସଂକ୍ଷିପ୍ତ ଓ ସାରଗର୍ଭିତ; କ୍ରି.ବିଂ. nervously; ବି. nervousness.

**nervous breakdown** ବି. ଅତ୍ୟଧିକ ମାନସିକ ଚାପଜନିତ ସ୍ନାୟବିକ ଅସ୍ଥିରତା ।

**nervous system** ବି. ସ୍ନାୟୁମଣ୍ଡଳ ।

**nervy** ବିଂ. ସହଜରେ ଉତ୍ତେଜିତ; ଅବ୍ୟବସ୍ଥିତ ସ୍ନାୟୁବିଶିଷ୍ଟ ।

**nescience** ବି. ଅଜ୍ଞାନ; ଜ୍ଞାନହୀନତା; ବିଂ. nescient.

**ness** ବି. ଅନ୍ତରୀପ; ଜଳଭାଗମଧ୍ୟକୁ ପଶିଯାଇଥିବା ଉଚ୍ଚଭୂମି ବା ଶିଳା ।

**–ness** *ପ.ପ୍ର.* ବିଶେଷଣର ଅବସ୍ଥାସୂଚକ ବିଶେଷ୍ୟ ନିର୍ମାଣକାରୀ ପ୍ରତ୍ୟୟ; *ଉଦା.* happiness, kindness ଆଦି ।

**nest** 1. ବି. ନୀଡ଼; ଚଢ଼େଇବସା; ପଶୁ ବା କୀଟପତଙ୍ଗମାନଙ୍କର ବାସସ୍ଥାନ ବା ବିଶ୍ରାମସ୍ଥଳୀ; ଆଶ୍ରୟସ୍ଥଳ; ଏକାନ୍ତ ସ୍ଥାନ; ମନୁଷ୍ୟ, ପଶୁ ବା ପକ୍ଷୀମାନଙ୍କର ସମୂହ ବା ଦଳ; ଏତାଦୃଶ (ଅଧିକାଂଶ ସମୟରେ ଭିନ୍ନାକୃତି ବିଶିଷ୍ଟ) ଅନ୍ୟ ବସ୍ତୁମାନଙ୍କର ସମୂହ ବା ଶ୍ରେଣୀ; 2. କ୍ରି. ନୀଡ଼ ନିର୍ମାଣ କରିବା, ନୀଡ଼ରେ ବାସ କରିବା ।

**nest egg** ବି. ଭବିଷ୍ୟତ ପାଇଁ ସଞ୍ଚିତ ଅର୍ଥ ।

**nestle** କ୍ରି. ସୁଖରେ ବା ଆରାମରେ ରହିବା; ପ୍ରେମରେ ବା ସ୍ନେହରେ ଦବାଇବା ବା ଚାପିବା; ମୁଣ୍ଡ, କାନ୍ଧ ପ୍ରଭୃତିକୁ ସ୍ନେହରେ ଆପୁଡ଼ିବା; ଅର୍ଦ୍ଧଲୁକ୍କାୟିତ ବା ଶାୟିତ ଭାବରେ ପଡ଼ି ରହିବା ।

**nestling** ବି. ନୀଡ଼ ଛାଡ଼ିବାକୁ ଅସମର୍ଥ ପକ୍ଷୀଶାବକ ।

**net¹** 1. ବି. ଜାଲ, ପାଶ; ଫାଶ; (ମାଛଧରା, ଚାଳକଦନ୍ଧା ଓ ଟେନିସ୍ ପ୍ରଭୃତି ଖେଳରେ ବ୍ୟବହୃତ) ଜାଲ ବା ଜାଲି; 2. କ୍ରି. ଜାଲ ବା ଜାଲିଦ୍ୱାରା ଢାଙ୍କିବା ବା ବାନ୍ଧିବା; (ନଦୀ ପ୍ରଭୃତିରେ) ଜାଲଦ୍ୱାରା ମାଛ ପ୍ରଭୃତି ଧରିବା; ଜାଲ ପକାଇବା ।

**net²** 1. ବିଂ. ଆବଶ୍ୟକ କାଟ ପରେ ଅବଶିଷ୍ଟ (ଅର୍ଥ); ସର୍ବନିମ୍ନ (ବିକ୍ରୟ ମୂଲ୍ୟ); ଚରମ, ପ୍ରକୃତ (ପ୍ରଭାବ, ଫଳ ପ୍ରଭୃତି); 2. କ୍ରି. ବାସ୍ତବିକ ଲାଭ ରୂପରେ (ଧନ) ପାଇବା ବା ଦେବା ।

Digitized by srujanika@gmail.com

**netball** ବି. ଲମ୍ବଭାବରେ ରିଙ୍ଗରୁ ଝୁଲୁଥିବା ଜାଲରେ ପେଣ୍ଡୁ ପକାଯାଉଥିବା ଖେଳ।

**nether** ବିଂ. *ପ୍ରା.ପ୍ର.* ନିମ୍ନସ୍ଥ, ନିମ୍ନତର।

**nether regions (world)** ବି. ବ.ବ. ନର୍କ, ପାତାଳ।

**net price** ବି. (ବାସ୍ତବିକ) ମୂଲ୍ୟ।

**net profit** ବି. ଅସଲ ଲାଭ; ଖର୍ଚ୍ଚ, ଦେୟ, ପରିଶୋଧ ପ୍ରଭୃତି ପରେ ହେଉଥିବା ବାସ୍ତବିକ ଲାଭ।

**nett** *ଦ୍ର.* net².

**netting** ବି. ଜାଲିଦାର ବସ୍ତ୍ର।

**nettle** 1. ବି. କଟାକଟା ପତ୍ରବିଶିଷ୍ଟ ବିଛୁଆତି ଜାତୀୟ ଉଦ୍ଭିଦ; 2. *କ୍ରି.* ଉତ୍ତେଜିତ ବା ବିରକ୍ତ କରିବା।

**nettle-rash** ବି. ଚର୍ମ ଉପରେ ହେଉଥିବା ବିସ୍ଫୋଟକ ବା କୁଣ୍ଡିଆ।

**net weight** ବି. ବସ୍ତୁର ବନ୍ଧାବନ୍ଧି ପ୍ରଭୃତିକୁ ବାଦଦେଇ ଅସଲ ଓଜନ।

**network** 1. ବି. ଜାଲିକାମ; ରେଳପଥ ପ୍ରଭୃତିର ଜାଲ ପରି ବିସ୍ତାର; ଗୋଟିଏ କାର୍ଯ୍ୟକ୍ରମକୁ ଏକ ସଙ୍ଗେ ପ୍ରସାର କରିବା ନିମନ୍ତେ ପରସ୍ପର ସଂବନ୍ଧାନ୍ୱିତ ଅନେକ ବେତାର ବା ଦୂରଦର୍ଶନ କେନ୍ଦ୍ର; ତଥ୍ୟ, ସମ୍ବାଦ ପ୍ରଭୃତିର ସରବରାହପାଇଁ ନିଯୁକ୍ତ ବ୍ୟକ୍ତି ବା ସଂସ୍ଥାଗଣ; 2. *କ୍ରି.* ଗୋଟିଏ କାର୍ଯ୍ୟକ୍ରମକୁ ଏକ ସଙ୍ଗେ ପ୍ରସାର କରିବା।

**neural** ବିଂ. ସ୍ନାୟବିକ, ସ୍ନାୟୁ ସମ୍ବନ୍ଧୀୟ।

**neuralgia** ବି. ସ୍ନାୟୁଶୂଳ, ସ୍ନାୟୁରୋଗ ବିଶେଷ (ଉକ୍ତ ରୋଗରେ *ବିଶେ.* ମୁହଁ ଓ ମୁଣ୍ଡରେ ରହିରହି ଅତ୍ୟଧିକ ପୀଡ଼ାହୁଏ)।

**neuralgic** ବିଂ. ସ୍ନାୟୁଶୂଳ ସମ୍ବନ୍ଧୀୟ।

**neurally** *କ୍ରି.ବିଂ.* ସ୍ନାୟବିକ ରୂପରେ।

**neurasthenia** ବି. ସ୍ନାୟୁଦୌର୍ବଲ୍ୟ ଜନିତ କ୍ଳାନ୍ତି; ବିଂ. neurasthenic.

**neuritis** ବି. ସ୍ନାୟୁ ବା ସ୍ନାୟୁମଣ୍ଡଳରେ ପ୍ରଦାହ।

**neuro–** ସଂ. ସ୍ନାୟୁ ଅର୍ଥଦ୍ୟୋତକ *ପୂ.ପ୍ର.*।

**neurological** ବିଂ. ସ୍ନାୟବିକ, ସ୍ନାୟୁବିଜ୍ଞାନ ବିଷୟକ।

**neurologist** ବି. ସ୍ନାୟୁ ରୋଗ ବିଶେଷଜ୍ଞ।

**neurology** ବି. ସ୍ନାୟୁ–ବିଜ୍ଞାନ।

**neurone** ବି. (neuron ମଧ) ସ୍ନାୟୁକୋଷ ଓ ଏହା ସହିତ ସଂଲଗ୍ନ ଉପାଙ୍ଗ।

**neurosis** ବି. ବ.ବ. neuroses ସ୍ନାୟୁ–ରୋଗ; ସ୍ନାୟୁମଣ୍ଡଳର ଅବ୍ୟବସ୍ଥା ଜନିତ ବିଚଳିତ ବା ଅସ୍ୱାଭାବିକ ବ୍ୟବହାର।

**neurotic** 1. ବିଂ. ସ୍ନାୟୁଦୌର୍ବଲ୍ୟ ସମ୍ବନ୍ଧୀୟ, ସ୍ନାୟୁରୋଗଗ୍ରସ୍ତ; *କ.ଭା.* ଅସ୍ୱାବାବିକ ଭାବରେ ବ୍ୟାକୁଳ; 2. ବି. ସ୍ନାୟୁରୋଗୀ; *କ୍ରି.ବିଂ.* neurotically.

**neuter** 1. ବିଂ. କ୍ଳୀବ; ପୁଂ କିମ୍ବା ସ୍ତ୍ରୀଲିଙ୍ଗ ହୋଇନଥିବା; (ଉଦ୍ଭିଦ) ବନ୍ଧ୍ୟା; (କୀଟପତଙ୍ଗ) ଲିଙ୍ଗ ଦୃଷ୍ଟିରୁ ଅବିକଶିତ; 2. ବି. ନପୁଂସକ; କ୍ଳୀବ ଲିଙ୍ଗ; ଲିଙ୍ଗଦୃଷ୍ଟିରୁ ଅବିକଶିତ (*ବିଶେ.* ମହୁମାଛି ବା ପିମ୍ପୁଡ଼ି); ବନ୍ଧ୍ୟାକୃତ ପଶୁ; 3. *କ୍ରି.* ବନ୍ଧ୍ୟା ବା ନପୁଂସକ କରିବା; ଖାସୁ କରିବା।

**neutral** 1. ବିଂ. ଦୁଇ ବିରୋଧୀ ଦଳ ମଧ୍ୟରୁ କାହାରିକୁ ସାହାଯ୍ୟ ବା ସମର୍ଥନ ନ କରୁଥିବା; ନିରପେକ୍ଷ; ତଟସ୍ଥ; ନିରପେକ୍ଷ ବା ତଟସ୍ଥ ରାଷ୍ଟ୍ର ସଂବନ୍ଧୀୟ; ଅସ୍ପଷ୍ଟ; ଅନିଶ୍ଚିତ, ସନ୍ଦିଗ୍ଧ; (ଗିଅର ବିଷୟକ) ଯହିଁରେ ଚଳାଉଥିବା ଅଂଶରୁ ଇଂଜିନ୍ ବିଚ୍ଛିନ୍ନ ହୋଇଯାଏ; (ରଙ୍ଗ ସମ୍ବନ୍ଧୀୟ) ଧୂସର; ଧୂମିଳ ବା ଧୂମ୍ର; *ରସା* ଅମ୍ଳ ବା କ୍ଷାର ହୋଇନଥିବା; (ବିଦ୍ୟୁତ) ଧନାତ୍ମକ, ଋଣାତ୍ମକ ହୋଇନଥିବା; *ପ୍ରାଣୀ* ଲିଙ୍ଗହୀନ; ଯୌନ–ଅବିକଶିତ; 2. ବି. ନିରପେକ୍ଷ ରାଷ୍ଟ୍ର ବା ବ୍ୟକ୍ତି; ନିରପେକ୍ଷ ରାଷ୍ଟ୍ରର ନାଗରିକ; ନିଉଟ୍ରାଲ ଗିଅର୍।

**neutrality** ବି. ନିରପେକ୍ଷତା; ତଟସ୍ଥତା; ଅସ୍ପଷ୍ଟତା।

**neutralize** *କ୍ରି.* ପ୍ରଭାବଶୂନ୍ୟ କରି ଦେବା; ତଟସ୍ଥ ବା ନିରପେକ୍ଷ କରିବା; କୌଣସି ସ୍ଥାନକୁ ଶତ୍ରୁତାରୁ ମୁକ୍ତ କରିଦେବା; ବି. neutralization.

**neutrino** ବି. (ବ.ବ. neutrinos) ବସ୍ତୁତ୍ୱ ଏବଂ ବୈଦ୍ୟୁତିକ ଶକ୍ତିବିହୀନ ମୌଳିକ ଅଣୁ।

**neutron** ବି. ପ୍ରୋଟନ ପରି ମୌଳିକ ପଦାର୍ଥ ମାତ୍ର ବିଦ୍ୟୁତ୍‌ଶକ୍ତିରହିତ, ନ୍ୟୁଟ୍ରନ୍।

**never** *କ୍ରି.ବିଂ.* କୌଣସି ସମୟରେ ନୁହେଁ, କେବେ ହେଲେ ନୁହେଁ; କଦାପି ନୁହେଁ; ଆଦୌ ନୁହେଁ; *କ.ଭା.* ଅବଶ୍ୟ ନୁହେଁ।

**nevermore** *କ୍ରି.ବିଂ.* ଭବିଷ୍ୟତରେ କଦାପି ନୁହେଁ।

**never-never** ବି. *କ.ଭା.* କିସ୍ତିରେ ମୂଲ୍ୟ ଦେଇ ଜିନିଷ କିଣିବାର ପଦ୍ଧତି।

**nevertheless** *କ୍ରି.ବିଂ.* ସତ୍ତ୍ୱେ, ତଥାପି।

Digitized by srujanika@gmail.com

**nevus** *ଆମେ. ଦ୍ର.* naevus.

**new** ବିଂ. ନୂଆ, ନୂତନ, ଅଭିନବ; ନବାବିଷ୍କୃତ, ନବୋଦ୍ଭାବିତ, ନବାନୁଭୂତ; ନବନିର୍ମିତ; ନବପ୍ରଚଳିତ; ନବାଗତ, ନବଶକ୍ତିଦର; ପରିବର୍ତ୍ତିତ, ପୂର୍ବଠାରୁ ଭିନ୍ନ, ଆଧୁନିକ; ବିଂ. newish; ବି. newness.

**newcomer** ବି. ନବାଗନ୍ତୁକ, ନବାଗତ।

**newel** ବି. ସୋପାନ–ସ୍ତମ୍ଭ; ବୃତ୍ତାକାର ସୋପାନର ମଧ୍ୟଭାଗସ୍ଥ ମୁଖ୍ୟ ସ୍ତମ୍ଭ।

**newfangled** ବିଂ. *ଅବ.* ପୁରାତନ ଫେସନ୍‌ରୁ ଭିନ୍ନ; ଆପତ୍ତିଜନକ ଭାବରେ ନୂତନ।

**newly** *କ୍ରି.ବିଂ.* ନୂତନ ରୂପରେ, ନୂତନ ପ୍ରକାରେ, ଅଳ୍ପ ଦିନ ହେଲା।

**newly–weds** ବି. ନବ ବିବାହିତ ଦମ୍ପତି।

**new moon** ବି. ସୂର୍ଯ୍ୟଙ୍କ ସହିତ ସଂଯୋଗପରେ ପ୍ରଥମ ଥର ପରିଦୃଷ୍ଟ ଦ୍ୱିତୀୟା ଚନ୍ଦ୍ର; ନବ ଚନ୍ଦ୍ରୋଦୟର ସମୟ।

**news** ବି. ବ.ବ. *ସା.ଏ.ବ.* ଖବର, ସମାଚାର, ସଂବାଦ, ବୃତ୍ତାନ୍ତ; ଆକାଶବାଣୀ ଦ୍ୱାରା ପ୍ରସାରିତ ସଂବାଦର ରିପୋର୍ଟ; ନୂତନ ବା ଚିତ୍ତାକର୍ଷକ ସମାଚାର।

**newsagent** ବି. ସମାଚାରପତ୍ରର ପ୍ରତିନିଧି ବା ଏଜେଣ୍ଟ, ସମ୍ବାଦପତ୍ରର ବ୍ୟବସାୟୀ ବା ବିକ୍ରେତା।

**newscast** ବି. ଆକାଶବାଣୀ ବା ଦୂରଦର୍ଶନଦ୍ୱାରା ସଂବାଦ–ରିପୋର୍ଟର ପ୍ରସାରଣ।

**newscaster** ବି. ଆକାଶବାଣୀ ବା ଦୂରଦର୍ଶନ ମାଧ୍ୟମରେ ସଂବାଦ–ରିପୋର୍ଟର ପ୍ରସାରକ, ସଂବାଦ–ପାଠକ।

**newsletter** ବି. କୌଣସି କ୍ଲବ୍ ବା ଦଳର ସଦସ୍ୟମାନଙ୍କ ନିକଟକୁ ପ୍ରେରିତ ଅନୌପଚାରିକ ମୁଦ୍ରିତ ବିବରଣୀ ବା ପତ୍ର।

**newspaper** ବି. ମୁଦ୍ରିତ ସମାଚାର ପତ୍ର, ସଂବାଦପତ୍ର, ସାଧାରଣତଃ ଦୈନିକ ବା ସାପ୍ତାହିକ ରୂପରେ ପ୍ରକାଶିତ ସଂବାଦପତ୍ର।

**Newspeak** ବି. *ବିଶେ.* ରାଜନୈତିକ ପ୍ରଚାରରେ ବ୍ୟବହୃତ ଏକାଧିକ ଅର୍ଥସୂଚକ ମୃଦୁଭାଷା।

**newsprint** ବି. ନ୍ୟୁଜ୍‌ପ୍ରିଣ୍ଟ, ସଂବାଦପତ୍ର ମୁଦ୍ରଣୋପଯୋଗୀ କାଗଜ।

**newsreel** ବି. ସମାଚାର–ଦର୍ଶନ, ସଂବାଦ–ଚିତ୍ର; ସିନେମାରେ ପ୍ରଦର୍ଶିତ ସାଂପ୍ରତିକ ସମାଚାରର ସଂକ୍ଷିପ୍ତ ବିବରଣ, ନ୍ୟୁଜ୍ ରୀଲ୍।

**news–stand** ବି. ସମାଚାରପତ୍ର ବିକ୍ରୟସ୍ଥଳୀ।

**new style** ବି. ଜର୍ଜିଆନ୍ କେଲେଣ୍ଡର ଅନୁସାରେ ତାରିଖ ହିସାବ।

**news–vendor** ବି. ସମାଚାରପତ୍ର ବିକ୍ରେତା।

**newsworthy** ବିଂ. ପ୍ରାସଙ୍ଗିକ, ସଂବାଦ ବା ସମାଚାର ରୂପେ ପ୍ରକାଶଯୋଗ୍ୟ।

**newsy** ବିଂ. *କ.ଭା.* ସମାଚାରପୂର୍ଣ୍ଣ।

**newt** ବି. ଛୋଟ ଲାଞ୍ଜଥିବା ଝିଟିପିଟି ସଦୃଶ ଉଭୟଚର ପ୍ରାଣୀ ବିଶେଷ; ଜଳଗୋଧି।

**New Testament** ବି. ଯୀଶୁଖ୍ରୀଷ୍ଟ ଓ ତାଙ୍କ ସର୍ବପ୍ରଥମ ଅନୁଗାମୀମାନଙ୍କର ଶିକ୍ଷା ସମ୍ବଳିତ ବାଇବେଲ୍‌ର ଅଂଶ ବା ଭାଗବିଶେଷ।

**newton** ବି. *ବୈ.* ଶକ୍ତିର ଏକକ।

**New World** ବି. ଉତ୍ତର ଓ ଦକ୍ଷିଣ ଆମେରିକା।

**New year** ବି. *ଇଂ.* ନବବର୍ଷ; ବର୍ଷାରମ୍ଭର ପ୍ରଥମ କେତେକ ଦିନ।

**New Year's Day** ବି. *ଇଂ.* ନବବର୍ଷର ପ୍ରଥମ ଦିବସ, ଜାନୁଆରୀ ପହିଲା।

**New Year's Eve** ବି. *ଇଂ.* ନବବର୍ଷର ପୂର୍ବ ଦିବସ; ୩୧ ଡିସେମ୍ବର।

**next** 1. ବିଂ. ନିକଟତମ; ପରବର୍ତ୍ତୀ, ପ୍ରତିବେଶୀ, ଆଗାମୀ; 2. *କ୍ରି.ବିଂ.* ନିକଟତମ ସ୍ଥାନରେ ବା ପରିମାଣରେ, ପରବର୍ତ୍ତୀ ଅବସରରେ; 3. ବି. ନିକଟତମ ବ୍ୟକ୍ତି ବା ବସ୍ତୁ, ପ୍ରତିବେଶୀ; 4. *ଅ.* (କୌଣସି ବ୍ୟକ୍ତି ବା ବସ୍ତୁର) ପରବର୍ତ୍ତୀ; next to ପ୍ରାୟ।

**next–best** ବିଂ. ଦ୍ୱିତୀୟ (ସର୍ବୋତ୍ତମ)।

**next door** ବି. ନିକଟତମ କୋଠରୀ, ପ୍ରକୋଷ୍ଠ ବା ଗୃହ; ବିଂ. next–door.

**next of kin** ବି. (ଜୀବିତ) ନିକଟ ଆତ୍ମୀୟ; ସ୍ୱଜନ।

**next world** ବି. ପରଲୋକ, ମୃତ୍ୟୁ ପରବର୍ତ୍ତୀ ଜୀବନ।

**nexus** ବି. ସଂବନ୍ଧ ବା ସଂଯୁକ୍ତ ଦଳ; ପରସ୍ପର ସମ୍ବନ୍ଧିତ ଶ୍ରେଣୀ ବା ଜାତି।

**NGO** ବି. ସଂଶ. Non–government Organization ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ।

**NH** *ସଂଶ.* National Highway ରାଷ୍ଟ୍ରୀୟ ବା ଜାତୀୟ ରାଜପଥ।

**NI** *ସଂଶ.* National Insurance; ରାଷ୍ଟ୍ରୀୟ ଜୀବନ ବୀମା, Northern Ireland ଉତ୍ତର ଆୟରଲାଣ୍ଡ।

Digitized by srujanika@gmail.com

**Ni** *ପ୍ର.* nickel ନିକେଲ୍ ।

**niacin** ବି. ନିକୋଟିନ୍ ଏସିଡ୍, ତମାଖୁର ବିଷାକ୍ତ ନିର୍ଯ୍ୟାସ ।

**nib** ବି. ନିବ୍, କଲମ ମୂନ; ବ.ବ. କଫି ବା କୋକୋ ମଂଜିର ଗୁଣ୍ଡ ।

**nibble** 1. କ୍ରି. ଧୀରେଧୀରେ କାମୁଡ଼ିବା, ଅଳ୍ପ ଅଳ୍ପ କରି ଖାଇବା; 2. ବି. ଧୀର ଦଂଶନ, ଖାଦ୍ୟର ଅତ୍ୟଳ୍ପ ପରିମାଣ; nibble at (କୌଣସି ବିଷୟରେ) ସାବଧାନତା ପୂର୍ବକ ରୁଚି ପ୍ରଦର୍ଶନ ।

**nice** ବିଂ. ସୁନ୍ଦର; ଆନନ୍ଦଦାୟକ, ମନୋରଂଜକ, ସନ୍ତୋଷପ୍ରଦ; ଦୟାଳୁ, ଉତ୍ତମସ୍ୱଭାବ ବିଶିଷ୍ଟ (ବ୍ୟକ୍ତି); (ବ୍ୟଙ୍ଗ) ଖରାପ ବା ଅବାଗିଆ; ସୁରୁଚିସମ୍ପନ୍ନ ବା ସୁକୁମାର; ସୂକ୍ଷ୍ମଭାବରେ ସଂବେଦନଶୀଳ, nice and ସନ୍ତୋଷଜନକ ଭାବରେ (nice and warm); *କ୍ରି.ବିଂ.* nicely; ବି. niceness; ବିଂ. niceish, nicish.

**nicety** ବି. ଯଥାର୍ଥତା, ସୂକ୍ଷ୍ମ ଅନ୍ତର ବା ବିବରଣ; to a nicety ଠିକ୍ ଠିକ୍ ରୂପେ, ବିଲ୍‌କୁଲ୍ ଠିକ୍ ଭାବରେ ।

**niche** (ନୀଶ୍) ବି. କାନ୍ଥରେ ଥିବା ଖୋପ ବା ଠଣା, ଖୋଲକା, କାନ୍ଥଖୁରା; *ଲାକ୍ଷ.* ଜୀବନରେ ସମୁଚିତ ବା ଆରାମପ୍ରଦ ସ୍ଥିତି; ବ୍ୟବସାୟ ବାଣିଜ୍ୟରେ ଲାଭଜନକ ସୁଯୋଗ ।

**nick** 1. ବି. କ୍ଷୁଦ୍ର କ୍ଷତ, କ୍ଷୁଦ୍ର ଦାଗ ବା କର୍ତ୍ତନ; ଦନ୍ତାଘାତ; *ସା.ପ୍ର.* ଥାନା; ଜେଲ୍‌ଖାନା; *କ.ଭା.* ଅବସ୍ଥା; 2. *କ୍ରି.* (କୌଣସି ବସ୍ତୁରେ) ଦାଗ ଲଗାଇବା; ଦାନ୍ତଦ୍ୱାରା ଆଘାତ କରିବା; *ସା.ପ୍ର.* ଚୋରି କରିବା; *ସା.ପ୍ର.* ଧରିବା, ଗିରଫ କରିବା; in the nick of time ଠିକ୍ ସମୟରେ, ଉପଯୁକ୍ତ ଅବସରରେ ।

**nickel** ବି. ନିକେଲ୍, ବିଶେ. ଧାତୁ ମିଶ୍ରଣରେ ବ୍ୟବହୃତ ଏକ ପ୍ରକାର ରଜତଶୁଭ୍ର ଧାତବ ଉପାଦାନ; *ଆମେ.* ପାଞ୍ଚସେଣ୍ଟର ମୁଦ୍ରା ।

**nickel silver** ବି. ନିକେଲ୍, ଜିଙ୍କ୍ ଓ ତମ୍ବାର ମିଶ୍ରଣ ।

**nickel steel** ବି. ନିକେଲ୍ ଓ ଇସ୍ପାତର ମିଶ୍ରଣ ।

**nicker** ବି. (ବ.ବ. nicker) *ସା.ପ୍ର.* ଏକ ପାଉଣ୍ଡ (ବ୍ରିଟିଶ୍ ମୁଦ୍ରା) ।

**nick-nack** *ଦ୍ର.* knick knack.

**nickname** 1. ବି. ଉପନାମ, ଡାକନାମ; କୌଣସି ବ୍ୟକ୍ତି ବା ବସ୍ତୁର ପ୍ରକୃତ ନାମ ପରିବର୍ତ୍ତେ ବ୍ୟବହୃତ ସୁପରିଚିତ ବା ପରିହାସକର ନାମ; 2. *କ୍ରି.* କୌଣସି ବ୍ୟକ୍ତି ବା ବସ୍ତୁକୁ ଉପନାମ ଦେବା; ଉପନାମରେ ଡାକିବା ।

**nicotine** ବି. ନିକୋଟିନ୍, ତମାଖୁରୁ ପ୍ରାପ୍ତ ବିଷାକ୍ତ ଉପାଦାନ ।

**nicotinic acid** ବି.'ଖ' (B) ଶ୍ରେଣୀଭୁକ୍ତ ଖାଦ୍ୟପ୍ରାଣ ବା ଭିଟାମିନ୍ ।

**nictitate** *କ୍ରି.* ଆଖି ମିଟି ମିଟି କରିବା; ଆଖି ମାରିବା; ଆଖିରେ ଇଶାରା କରିବା; ବି. nictitation.

**nictitating membrane** ବି. କେତେକ ପ୍ରାଣୀଙ୍କର ତୃତୀୟ ବା ଆଭ୍ୟନ୍ତରୀଣ ଆଖିପତା ।

**niece** ବି. ଝିଆରୀ, ଭାଣିଜୀ; ଭାଇ ବା ଭଉଣୀ, ବା ଶଳା ବା ଶାଳୀର ଝିଅ ।

**niff** 1. ବି. *ସା.ପ୍ର.* ଗନ୍ଧ, ଦୁର୍ଗନ୍ଧ; 2. *କ୍ରି.* *ସା.ପ୍ର.* ଗନ୍ଧ କରିବା, ଦୁର୍ଗନ୍ଧ ହେବା ।

**niffy** ବିଂ. ଗନ୍ଧଯୁକ୍ତ, ଦୁର୍ଗନ୍ଧଯୁକ୍ତ ।

**nifty** ବିଂ. *ସା.ପ୍ର.* ଫେସନ୍‌ବାଲା; ପୁର୍ତ୍ତିବାଜ, ଚାଲାକ, ହୁସିଆର ।

**niggard** ବି. କୃପଣ ବ୍ୟକ୍ତି, କଂଜୁସ୍ ଲୋକ ।

**niggardliness** ବି. କୃପଣତା, କଂଜୁସପଣିଆ ।

**niggardly** ବିଂ. କୃପଣ ବା କଂଜୁସ୍ ଭାବରେ ।

**nigger** ବି. *ଜା. ଅପ.* ନିଗ୍ରୋ, କୃଷ୍ଣକାୟ ବ୍ୟକ୍ତି; nigger in the wood pile ଅସୁବିଧାର ଗୁପ୍ତ କାରଣ ।

**niggle** *କ୍ରି.* ଛୋଟ ଛୋଟ କଥାରେ ଦୋଷ ବାହାର କରିବା; ଚିକିନିଖି ବ୍ୟବସ୍ଥା କରିବା; ବିରକ୍ତ କରିବା, ଚିଡ଼ାଇବା ।

**niggling** ବିଂ. ତୁଚ୍ଛ, ନଗଣ୍ୟ, ବିରକ୍ତିକର. ଅସୁବିଧାଜନକ, କଷ୍ଟପ୍ରଦ ।

**nigh** *କ୍ରି.ବିଂ. ଅ.* ଓ *ବିଂ. ପ୍ରା.ପ୍ର.* ଉପ. ନିକଟରେ, ନିକଟ, ନିକଟବର୍ତ୍ତୀ ।

**night** ବି. ରାତି, ରାତ୍ରି, ରାତ୍ରିର ଅନ୍ଧକାର; କୌଣସି କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ରାତ୍ରି ବା ସନ୍ଧ୍ୟା; make a night of it ରାତ୍ରିର ଅଧିକାଂଶ ବା ସାରା ରାତ୍ରି ଆନନ୍ଦ ଉପଭୋଗପୂର୍ବକ ଅତିବାହିତ କରିବା ।

Digitized by srujanika@gmail.com

**nightcap** ବି. ଭତି. ଶୟନ କାଳରେ ବ୍ୟବହୃତ ଟୋପି; ଶୟନ ପୂର୍ବରୁ ବ୍ୟବହାର୍ଯ୍ୟ ଗରମ ପାନୀୟ ବା ମଦ୍ୟ।

**nightclub** ବି. ରାତ୍ରି କ୍ଲବ୍, ନୈଶ ମଜଲିସ୍ ପାଇଁ ସ୍ଥାନ।

**nightdress (gown)** ବି. ମହିଳା ବା ବାଳିକାମାନଙ୍କର ରାତ୍ରିକାଳୀନ ଢିଲା ପୋଷାକ।

**nightfall** ବି. ସନ୍ଧ୍ୟା; ଦିନାନ୍ତ।

**nightie** ବି. କ.ଭା. ବିଶେ. ସ୍ତ୍ରୀଲୋକମାନଙ୍କ ରାତ୍ରି–ପୋଷାକ।

**nightingale** ବି. ଗାନକାରୀ ପକ୍ଷୀବିଶେଷ, ବୁଲ୍‌ବୁଲ ପକ୍ଷୀ।

**nightjar** ବି. କର୍କଶ ରାବକାରୀ ରାତ୍ରିଚର ପକ୍ଷୀବିଶେଷ।

**night–life** ବି. ନଗରରେ ଉପଲବ୍ଧ ରାତ୍ରିକାଳୀନ ଆମୋଦପ୍ରମୋଦ ବା ମନୋରଂଜନ।

**night–light** ବି. ଛୋଟ ଓ ମୋଟା ମହମବତୀ, ଶୟନାଗାରର ମୃଦୁ ଆଲୋକପ୍ରଦାନକାରୀ ବଲ୍‌ବ।

**night–long** ବିଂ. ରାତ୍ରି ତମାମ୍, ସାରାରାତି।

**nightly** 1. ବିଂ. ନୈଶ, ରାତ୍ରିକାଳୀନ, ପ୍ରତ୍ୟେକ ରାତ୍ରିରେ ସଂଘଟିତ; 2. କ୍ରି.ବିଂ. ପ୍ରତି ରାତ୍ରିରେ।

**nightmare** ବି. ଭୟଙ୍କର ସ୍ୱପ୍ନ, ଦୁଃସ୍ୱପ୍ନ; କ.ଭା. ଭୟଙ୍କର ବା ଅତ୍ୟନ୍ତ ଅପ୍ରୀତିକର ଅନୁଭବ ବା ପରିସ୍ଥିତି; ସର୍ବଦା ଲାଗିରହିଥିବା ଭୟ।

**nightmarish** ବିଂ. ଦୁଃସ୍ୱପ୍ନ ସଦୃଶ, ଭୟାନକ ସ୍ୱପ୍ନତୁଲ୍ୟ।

**night safe** ବି. ବ୍ୟାଙ୍କର ରାତ୍ରି କାରବାର ପାଇଁ ବାହାର କାନ୍ଥରେ ଥିବା ଶକ୍ତ ଆଲମିରା।

**night school** ବି. ନୈଶ ବିଦ୍ୟାଳୟ।

**nightshade** ବି. ବିଷାକ୍ତ ବନ୍ୟ ଉଦ୍ଭିଦ ବିଶେଷ।

**nightshirt** ବି. ଶୟନକାଳରେ ବ୍ୟବହୃତ ଦୀର୍ଘ କମିଜ ବା ~~ଲମ୍ବା କୁର୍ତ୍ତା~~।

**night–watchman** ବି. ରାତ୍ରି ପ୍ରହରୀ; କ୍ରିକେଟ୍ ଦିବସର ଖେଳ ଶେଷବେଳକୁ ପ୍ରେରିତ ନିକୃଷ୍ଟ ବ୍ୟାଟ୍‌ସ୍‌ମେନ୍।

**nihilism** ବି. ସମସ୍ତ ଧାର୍ମିକ ଓ ନୈତିକ ସିଦ୍ଧାନ୍ତର ପ୍ରତ୍ୟାଖ୍ୟାନ; ଦ. ଶୂନ୍ୟବାଦ, ନାସ୍ତିବାଦ।

**nihilist** ବି.ଦ. ଶୂନ୍ୟବାଦୀ, ନାସ୍ତିବାଦୀ।

**nihilistic** ବିଂ. ଶୂନ୍ୟବାଦ ବା ନାସ୍ତିବାଦ ସମ୍ବନ୍ଧୀୟ।

**–nik** ପ.ପ୍ର. କୌଣସି ବିଶେଷ ବସ୍ତୁ ବା ଗୁଣ ସହିତ ସଂବନ୍ଧିତ ବ୍ୟକ୍ତିର ବିଶେଷ୍ୟ ପଦର ଗଠନକାରୀ ପ୍ରତ୍ୟୟ (ଉଦା. beatnic).

**nil** ବି. କିଛିନାହିଁ; କୌଣସି ବସ୍ତୁ, ସଂଖ୍ୟା, ମାତ୍ରା ବା ପରିମାଣ ନୁହେଁ, ଶୂନ୍ୟତା।

**nimble** ବିଂ. ଚଞ୍ଚଳ, ଚପଳ; ଦ୍ରୁତକର୍ମ ସଂପାଦନକାରୀ; ଚତୁର; କୁଶଳ; କ୍ରି.ବିଂ. nimbly.

**nimbus** ବି. (ବ.ବ. nimbi, nimbuses) ପ୍ରଭାମଣ୍ଡଳ, ସନ୍ଥମହାତ୍ମାମାନଙ୍କ ଚିତ୍ରର ମୁଖ ଚତୁର୍ଦ୍ଦିଗରେ ପ୍ରଦର୍ଶିତ ତେଜୋମଣ୍ଡଳ; ବର୍ଷୁକ ମେଘ।

**nincompoop** ବି. ନିର୍ବୋଧ ବ୍ୟକ୍ତି, ଗୋବରଗଣେଶ।

**nine** ବିଂ.ବି. ନଅ, ନ', ୯ ସଂଖ୍ୟା (9, ix, IX); ନ' ନମ୍ବର ସାଇଜ୍; the Nine ସା.ପ୍ର. ସଂଗୀତ, କବିତା ପ୍ରଭୃତିର ପ୍ରେରଣାଦାୟିନୀ ଦେବୀଗଣ।

**nine days' wonder** ବି. କ୍ଷଣସ୍ଥାୟୀ ଆକର୍ଷଣ ବା ଜନପ୍ରିୟତା; ନ' ଦିନିଆ ଆଡ଼ମ୍ବର ବା ଚାକଚକ୍ୟ।

**ninefold** ବିଂ. ଓ କ୍ରି.ବିଂ. ନଅଗୁଣା; ନଅଭାଗବିଶିଷ୍ଟ, ନଅ ପରସ୍ତ।

**ninepins** ବି. ବ.ବ. ଏକ ପ୍ରକାର ସ୍କିଟ୍‌ଲ୍‌ସ୍ ଖେଳ।

**nineteen** ବିଂ. ଓ ବି. ଊନବିଂଶ, ଊଣେଇଶ, ୧୯ ସଂଖ୍ୟା।

**nineteenth** ବିଂ. ଊନବିଂଶତମ।

**ninetieth** ବିଂ. ଓ ବି. ନବତିତମ।

**ninety** ବିଂ. ଓ ବି. ନବେ, ନବତି, ୯୦।

**ninny** ବି. ବୋକା, ନିର୍ବୋଧ ବ୍ୟକ୍ତି।

**ninth** 1. ବିଂ. ନବମ; 2. ବି. ଏକନବମାଂଶ; କ୍ରି.ବିଂ. ninthly.

**niobium** ବି. ନାୟୋବିୟମ୍ ନାମକ ଦୁର୍ଲଭ ପ୍ରାକୃତିକ ଧାତୁ ବିଶେଷ।

**nip**[1] 1. କ୍ରି. (ଅ.କ୍ରି., ଅ.କ୍ରି.ଇ.ପ. nipped) ଚିମୁଟିବା, ଭୁଷିବା; କାଟିବା; କାମୁଡ଼ି ଛିଣ୍ଡାଇବା, କାମୁଡିବା, (କଢ଼ ପ୍ରଭୃତି) ଛିଣ୍ଡାଇବା; (ଶୀତରେ) କଷ୍ଟ ବା ପୀଡ଼ା ଦେବା; ବିକାଶ ବା ବୃଦ୍ଧିକୁ ପ୍ରତିହତ କରିବା; 2. ବି. ଚିମୁଟା,

Digitized by srujanika@gmail.com

ଦଂଶନ; ହାଡ଼ଭଙ୍ଗା ଶୀତ; nip in the bud ପ୍ରାରମ୍ଭିକ ସ୍ତରରେ ହିଁ ଧ୍ୱଂସ ବା ନଷ୍ଟ କରିଦେବା ।

**nip²** ବି. ଅଳ୍ପ ପରିମାଣର ମଦ ।

**nipper** ବି. କଙ୍କଡ଼ା ପ୍ରଭୃତିର ଗୋଡ଼; ବ.ବ. ଚିମୁଟା, ସଣ୍ଡୁଆସି; *କ.ଭା.* ଅଳ୍ପବୟସ୍କ ପିଲା ।

**nipple** ବି. ଚୁଚୁକ, ସ୍ତନାଗ୍ର; ଦୁଧପିଆ ବୋତଲର ଚୁଚୁକତୁଲ୍ୟ ଅଗ୍ରଭାଗ, ଭୁଣ୍ଡି ।

**Nipponese** 1. ବି. ଜାପାନୀ ଜାତି, ଜାପାନୀ ବ୍ୟକ୍ତି; 2. ବିଂ. ଜାପାନୀ, ଜାପାନ ସମ୍ବନ୍ଧୀୟ ।

**nippy** ବିଂ. *କ.ଭା.* ଚପଳ, ଫୁର୍ତ୍ତି; ଥଣ୍ଡା ।

**nirvana** ବି. (ବୌଦ୍ଧ ଓ ହିନ୍ଦୁ ଧର୍ମ ମତରେ) ବ୍ୟକ୍ତିତ୍ୱର ବିଲୋପଦ୍ୱାରା ପରମ ସୁଖ ବା ଆନନ୍ଦ; ନିର୍ବାଣ, ମୋକ୍ଷ ।

**Nissen hut** ବି. ସୁଡ଼ଙ୍ଗାକୃତି କୁଟୀର, ଏଥିରେ ଲୁହାର କୁଞ୍ଚିତ ଚଦରର ଛାତ ଏବଂ ସିମେଣ୍ଟର ମେଜିଆ ଥାଏ (ଇଂଜିନିୟରଙ୍କ ନାମାନୁସାରେ) ।

**nit** ବି. ଉକୁଣି ବା ଅନ୍ୟ ପରଜୀବୀ କୀଟର ଅଣ୍ଡା; ଲିଖ; *ସା.ପ୍ର.* ନିର୍ବୋଧ ବ୍ୟକ୍ତି ।

**nit-picking** *କ.ଭା.* 1. ବିଂ. କ୍ଷୁଦ୍ରଦୋଷଦର୍ଶୀ, ତୁଚ୍ଛଦୋଷାନ୍ୱେଷୀ; 2. ବି. କ୍ଷୁଦ୍ରଦୋଷଦର୍ଶିତା; ତୁଚ୍ଛଦୋଷାନ୍ୱେଷିତା ।

**nitrate¹** ବି. ନାଇଟ୍ରିକ୍ ଏସିଡ଼୍‌ର ଲବଣ ବା ଏଷ୍ଟର୍; ରାସାୟନିକ ସାର ରୂପେ ବ୍ୟବହୃତ ପଟାସିୟମ୍ ବା ସୋଡ଼ିୟମ୍ ନାଇଟ୍ରେଟ୍; ନାଇଟ୍ରେଟ୍; ବି. nitration.

**nitrate²** କ୍ରି. ନାଇଟ୍ରିକ୍ ଏସିଡ଼୍‌ର ପ୍ରୟୋଗ, ସମ୍ମିଶ୍ରଣ ବା ସମାବେଶ କରିବା ।

**nitre** ବି. (*ଆମେ.* niter) ଯବକ୍ଷାର, ସୋଡ଼ା ।

**nitric** ବିଂ. ନାଇଟ୍ରିକ୍, ନାଇଟ୍ରୋଜେନ୍‌ଯୁକ୍ତ, ଯବକ୍ଷାରଯାନ ସଂବଧୀୟ ।

**nitric acid** ବି. ନାଇଟ୍ରିକ୍ ଏସିଡ୍, ନାଇଟ୍ରିକ୍ ଅମ୍ଳ ।

**nitride** ବି. ନାଇଟ୍ରୋଜେନ୍‌ର ରାସାୟନିକ ଯୌଗିକ ।

**nitrification** ବି. ନାଇଟ୍ରିକରଣ, ନାଇଟ୍ରାଇଟ୍ ବା ନାଇଟ୍ରେଟ୍ ଅମ୍ଳରେ ରୂପାନ୍ତରୀକରଣ; କ୍ରି. nitrify.

**nitro-** ସଂ. ସୋଡ଼ାର ସମାସରେ ପ୍ରଯୁକ୍ତ ରୂପ, ନାଇଟ୍ରିକ୍ ଏସିଡ୍ ବା ନାଇଟ୍ରୋଜେନ୍ ମିଶ୍ରିତ ବା ତଦ୍ୱାରା ନିର୍ମିତ ।

**nitrogen** ବି. ବାୟୁମଣ୍ଡଳର ୪/୫ ଅଂଶ ଅଧିକାର କରୁଥିବା ଗ୍ୟାସୀୟ ପଦାର୍ଥ; ନାଇଟ୍ରୋଜେନ୍; ଯବକ୍ଷାରଜାନ ।

**nitrogenous** ବିଂ. ନାଇଟ୍ରୋଜେନ୍ ବା ଯବକ୍ଷାରଜାନ ସମ୍ବନ୍ଧୀୟ ।

**nitro-glycerine** ବି. ନାଇଟ୍ରୋ-ଗ୍ଲିସରିନ୍, ନାଇଟ୍ରିକ୍ ଓ ସଲଫ୍ୟୁରିକ୍ ଅମ୍ଳ ମିଶାଇ ପ୍ରସ୍ତୁତ ଅତୀବ ବିସ୍ଫୋରକ ହଳଦିଆ ତରଳ ପଦାର୍ଥ ।

**nitrous** ବିଂ. ସୋଡ଼ା ବା ନାଇଟର୍ ମିଶ୍ରିତ, ନାଇଟର ଯୁକ୍ତ; ସୋଡ଼ା ସମ୍ବନ୍ଧୀୟ ।

**nitrous acid** ବି. ନାଇଟ୍ରିକ୍ ଏସିଡ୍ ପରି ତରଳ ପଦାର୍ଥ, କିନ୍ତୁ କମ୍ ଅମ୍ଳଜାନ ଯୁକ୍ତ ।

**nitrous oxide** ବି. ନାଇଟ୍ରସ୍ ଅକ୍ସାଇଡ୍, ନିଶ୍ଚେତକ ଭାବେ ବ୍ୟବହୃତ ରଙ୍ଗହୀନ ଗେସ୍, ହାସ୍ୟ-ବାଷ୍ପ ।

**nitty-gritty** ବି. *ସା.ପ୍ର.* କୌଣସି ବିଷୟର ବାସ୍ତବ ଓ କାର୍ଯ୍ୟକାରୀ ଦିଗ ।

**nitwit** ବି. *କ.ଭା.* ନିର୍ବୋଧ ବ୍ୟକ୍ତି ।

**nix** ବି. *ସା.ପ୍ର.* ଶୂନ୍ୟ, କିଛି ନାହିଁ ।

**NNE** *ସଂଶ.* north-north-east ଉତ୍ତର-ଉତ୍ତର-ପୂର୍ବ ।

**NNW** *ସଂଶ.* north-north-west ଉତ୍ତର-ଉତ୍ତର-ପଶ୍ଚିମ ।

**no** 1. ବିଂ. ନା, ନୁହେଁ; କୌଣସିଟି ନ ହୋଇଥିବା, ଗୋଟିଏ ବି ନ ହୋଇଥିବା; ସର୍ବଥା ଭିନ୍ନ; 2. *କ୍ରି.ବିଂ.* ନାହିଁ; ପ୍ରଶ୍ନ ପ୍ରଭୃତିର ନକାରାତ୍ମକ ଉତ୍ତର; ଏପରି ନୁହେଁ, ସମ୍ମତ ନୁହେଁ; କୌଣସି ମାତ୍ରା ବା ପରିମାଣରେ ନୁହେଁ; ଆଦୌ ନୁହେଁ, ଅଧିକ ନୁହେଁ, ଅଧିକ ଭଲ ନୁହେଁ (*ଉଦା.* no more, no better etc); 3. ବି. (ବ.ବ. noes) ନକାର, ନାହିଁ ବା ନାସ୍ତି ଶବ୍ଦ; ଅସ୍ୱୀକୃତି ବା ପ୍ରତ୍ୟାଖ୍ୟାନ, ବିରୋଧୀ ମତଦାନ ।

**No** *ପ୍ର.* nobelium ନୋବେଲିଅମ୍ ।

**No.** *ସଂଶ.* number ସଂଖ୍ୟା ।

**nob¹** ବି. *ସା.ପ୍ର.* ସଂପତ୍ତିଶାଳୀ ବ୍ୟକ୍ତି, ଉଚ୍ଚ ସାମାଜିକ ସ୍ତରର ବ୍ୟକ୍ତି ।

**nob²** ବି. ସା.ପ୍ର. ଶିର, ମସ୍ତକ ।

**no-ball** ବି. କ୍ରିକେଟ ନିୟମ ବିରୁଦ୍ଧ ବୋଲିଙ୍ଗ କରାଯାଇଥିବା ବଲ ।

**nobble** କ୍ରି. *ସା.ପ୍ର.* ଚକ୍ରାନ୍ତଦ୍ୱାରା ଘୋଡ଼ାଦୌଡ଼ରେ ଘୋଡ଼ାକୁ ଜିତେଇ ନ ଦେବା; ଅସାଧୁତା ଯୋଗେ

Digitized by srujanika@gmail.com

(ଧନସମ୍ପତ୍ତି ପ୍ରଭୃତି) ଅଧିକାର କରିବା; ଚୋରି କରିବା; ଜବତ କରିବା; (ଅପରାଧୀକୁ) ଧରିବା ।

**nobelium** ବି. ନୋବେଲିଅମ୍, କୃତ୍ରିମଭାବେ ଉତ୍ପାଦିତ ତେଜସ୍କ୍ରିୟ ଟ୍ରାନ୍ସୟୁରାନିକ୍ ଧାତବ ଉପାଦାନ ବିଶେଷ ।

**Nobel prize** ବି. ନୋବେଲ୍ ପୁରସ୍କାର; ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଭେଷଜ ବିଜ୍ଞାନ, ସାହିତ୍ୟ, ଅର୍ଥନୀତି ଓ ଶାନ୍ତିସ୍ଥାପନ– ଏହି ଛଅଗୋଟି କ୍ଷେତ୍ରରେ ପ୍ରଦତ୍ତ ବାର୍ଷିକ ପୁରସ୍କାର (ଆଲଫ୍ରେଡ୍ ନୋବେଲ ଥିଲେ ଏହାର ପ୍ରତିଷ୍ଠାତା) ।

**nobility** ବି. ଚରିତ୍ର, ମନ, ଜନ୍ମ, ବା ଶ୍ରେଣୀର ଶ୍ରେଷ୍ଠତ୍ୱ ବା ଉଚ୍ଚତା; ସମ୍ଭ୍ରାନ୍ତ ବର୍ଗ; ଅଭିଜାତ ବା କୁଳୀନ ଶ୍ରେଣୀ; the nobility ଅଭିଜାତବର୍ଗ, ସାମନ୍ତବର୍ଗ, ଅଭିଜାତ ଶାସକବର୍ଗ ।

**noble** 1. ବିଂ. ଅଭିଜାତ, କୁଳୀନ, ସମ୍ଭ୍ରାନ୍ତ, ଉତ୍ତମ; ଉଚ୍ଚ ଚରିତ୍ର ବିଶିଷ୍ଟ, ମହାନୁଭବ, ଉଦାର, ଭବ୍ୟରୂପ; 2. ବି. କୁଳୀନ ବା ସମ୍ଭ୍ରାନ୍ତ ପୁରୁଷ, କୁଳୀନ ବା ସମ୍ଭ୍ରାନ୍ତ ମହିଳା; ବି. nobleness; କ୍ରି.ବିଂ. nobly.

**nobleman** ବି. ସମ୍ଭ୍ରାନ୍ତ ବା ଅଭିଜାତ ପୁରୁଷ ।

**noble metal** ବି. ରାସାୟନିକ ପ୍ରହାରର ପ୍ରତିରୋଧକାରୀ ଧାତୁ (ଉଦା. ସୁନା) ।

***noblesse oblige*** ବି. ବିଶେଷାଧିକାର ଦାୟିତ୍ୱକୁ ଅପରିହାର୍ଯ୍ୟ କରିଦିଏ । *(ଫ.)*

**noblewoman** ବି.ସମ୍ଭ୍ରାନ୍ତ ବା ଅଭିଜାତ ମହିଳା ।

**nobody** 1. *ସ.* କେହି ନୁହେଁ; କୌଣସି ବ୍ୟକ୍ତି ନୁହେଁ; 2. ବି. ନଗଣ୍ୟ ବା ତୁଚ୍ଛ ବ୍ୟକ୍ତି ।

**nock** ବି. ଧନୁର ଅଗ୍ରଭାଗରେ ବା ଶରର ପଶ୍ଚାଦ୍ଭାଗରେ ଗୁଣ ସଂଲଗ୍ନ କରିବା ପାଇଁ ହୋଇଥିବା ଖାପ ବା ଖାଞ୍ଜି ।

**nocturnal** ବିଂ. ରାତ୍ରିକାଳୀନ, ରାତ୍ରିରେ ସଂଘଟିତ, ନୈଶ ।

**nocturne** ବି. *ସଂଗୀତ* କ୍ଷୁଦ୍ର ରୋମାଣ୍ଟିକ୍ ରଚନା, ବିଶେ. ପିଆନୋପାଇଁ; ରାତ୍ରିକାଳୀନ ଦୃଶ୍ୟ ।

**nod** 1. କ୍ରି. ମୁଣ୍ଡ ହଲାଇବା ବା ନୁଆଁଇବା; ମୁଣ୍ଡ ଛାଡ଼ିବା; ସମ୍ମତି, ଇଙ୍ଗିତ ବା ଆହ୍ୱାନ ନିମନ୍ତେ ମସ୍ତକ ଅବନତ କରିବା; ଢୁଳାଇବା ବା ଢୁଳାଇବା; 2. ବି. ତନ୍ଦ୍ରାଭିଭୂତ ହୋଇ ମୁଣ୍ଡ ଝୁଙ୍କାଇବା, ଘୁମାଇବା ହେତୁ ଭୁଲ କରିବା; nod off *କ.ଭା.* ଶୋଇ ପଡ଼ିବା, ନିଦ୍ରାଭିଭୂତ ହେବା ।

**noddle** ବି. *କ.ଭା.* ମୁଣ୍ଡ, ମସ୍ତକ ।

**noddy** ବି. ବୁଦ୍ଧୁ; ନିର୍ବୋଧ ବ୍ୟକ୍ତି, ଗ୍ରୀଷ୍ମମଣ୍ଡଳରେ ପରିଦୃଷ୍ଟ ଏକ ପ୍ରକାର ସାମୁଦ୍ରିକ ପକ୍ଷୀ ।

**node** ବି. ଗଛର ଚେର ବା ଶାଖାସ୍ଥ ଗ୍ରନ୍ଥି ବା ଗଣ୍ଠି, ପବ; ଗଛର ଯେଉଁ ସ୍ଥାନରୁ ପତ୍ର ବାହାରେ; ଫୁଲା, କଠିନ ଆବୁ, ବାତରୋଗୀର ଗଣ୍ଠିଫୁଲା; ନଭୋମଣ୍ଡଳସ୍ଥ ଦୁଇଟି ଗ୍ରହକକ୍ଷ ବା ପରାଗରେଖାର ଛେଦନ–ବିନ୍ଦୁ; କମ୍ପ୍ୟୁଟର ବ୍ୟବସ୍ଥାର ଅଂଶବିଶେଷ; ବିଂ. nodal.

**nodular** ବିଂ. କ୍ଷୁଦ୍ର ପିଣ୍ଡଯୁକ୍ତ; ଗିଲଟି ବା ଗ୍ରନ୍ଥି ସମ୍ବନ୍ଧୀୟ ।

**nodule** ବି. କୌଣସି ବସ୍ତୁର କ୍ଷୁଦ୍ର ଗୋଲାକାର ପିଣ୍ଡ; ଉଦ୍ଭିଦର ଛୋଟ ଆବୁ; କ୍ଷୁଦ୍ର ଗ୍ରନ୍ଥିଯୁକ୍ତ ଆବୁ, ଗିଲଟି ।

**Noel** ବି. ଯୀଶୁଖ୍ରୀଷ୍ଟଙ୍କର ଜନ୍ମଦିନ ପର୍ବ, ବଡ଼ ଦିନ ।

**nog**[1.] ବି. କାଠର ଖିଲ ବା କୀଳ ।

**nog**[2.] ବି. ଏକ ପ୍ରକାର ଉତ୍ତେଜକ ବିଅର୍ ।

**noggin** ବି. କ୍ଷୁଦ୍ର ମଗ୍; ପାନୀୟ ପରିମାପକ ପାତ୍ର (୧/୪ ପାଇଣ୍ଟ); *ସା.ପ୍ର.* ମୁଣ୍ଡ ।

**nogging** ବି. କାଠ ଫ୍ରେମ୍‌ରେ ହୋଇଥିବା ଇଟା, ପଥର ବା କଂକ୍ରିଟ୍‌ର କାମ ।

**no go** ବିଂ. ଆଶାଶୂନ୍ୟ; ନିଷିଦ୍ଧ; ଅସମ୍ଭବ ।

**no go area** ବି. ନିଷିଦ୍ଧାଞ୍ଚଳ ।

**Noh** ବି. (No ମଧ୍ୟ) ଜାପାନୀ ଭାଷାର ପାରମ୍ପରିକ ନାଟକ ବିଶେଷ ।

**noise** 1. ବି.ଉଚ୍ଚ ଓ ଶ୍ରୁତିକଟୁ ଚିତ୍କାର, କୋଳାହଳ, ଗୋଳମାଳ; ଶବ୍ଦ, ଧ୍ୱନି; ପ୍ରସାରିତ ଶବ୍ଦ ତରଂଗରେ ଅନିୟମିତତା; 2. କ୍ରି. ଘୋଷଣା କରିବା, ପ୍ରକାଶ କରିବା (ବ୍ୟକ୍ତିର ନାମ, କାର୍ଯ୍ୟ ପ୍ରଭୃତି); ପ୍ରସାରଣ କରିବା ।

**noiseless** ବିଂ. ନିଃଶବ୍ଦ, ନୀରବ; କ୍ରି.ବିଂ. noiselessly.

**noisily** କ୍ରି.ବିଂ. କୋଳାହଳପୂର୍ବକ, ଉଚ୍ଚସ୍ୱରରେ ।

**noisiness** ବି. କୋଳାହଳପୂର୍ଣ୍ଣତା, ମୁଖରତା ।

**noisome** ବିଂ. *ସାହି.* ସ୍ୱାସ୍ଥ୍ୟପ୍ରତି ଅନିଷ୍ଟକାରକ, ଅସ୍ୱାସ୍ଥ୍ୟକର; ବିଶେଷ ଦୁର୍ଗନ୍ଧମୟ; ବିରକ୍ତିକର, ଘୃଣାଜନକ ।

Digitized by srujanika@gmail.com

**noisy** ବିଂ. କୋଳାହଳପୂର୍ଣ୍ଣ, ଗୋଳମାଳିଆ, ମୁଖର।
**nomad** ବି. ଚାରଣଭୂମି ବା ଶିକାର ଅନ୍ୱେଷଣ ଉଦ୍ଦେଶ୍ୟରେ ଭ୍ରମଣକାରୀ ଗୋଷ୍ଠୀର ବ୍ୟକ୍ତି; ଭ୍ରମଣକାରୀ, ଯାଯାବର।
**nomadic** ବିଂ. ଭ୍ରମଣକାରୀ, ବାଉଳ୍ଲା, ଯାଯାବର ଜାତି ସମ୍ବନ୍ଧୀୟ।
**no man's land** ବି. ଦୁଇ ବିରୋଧୀ ସେନାଙ୍କର ମଧ୍ୟବର୍ତ୍ତୀ ସ୍ଥାନ; କୌଣସି ମାଲିକାନା ନିର୍ଦ୍ଦିଷ୍ଟ ନ ହୋଇଥିବା ଅଞ୍ଚଳ।
***nom de plume*** ବି. ଲେଖକର ଛଦ୍ମନାମ। *(ଫ.)*
**nomenclature** ବି. ନାମ–ଅଧ୍ୟୟନ; ନାମ ବା ସଂଜ୍ଞାଶାସ୍ତ୍ର; କୌଣସି ବିଷୟରେ ପାରିଭାଷିକ ଶବ୍ଦାବଳୀ।
**nominal** ବିଂ. ନାମମାତ୍ର, ସାମାନ୍ୟ, ତୁଚ୍ଛ, ଅତି ନଗଣ୍ୟ; କାର୍ଯ୍ୟତଃ କିଛି ନୁହେଁ; ବାସ୍ତବିକ ମୂଲ୍ୟଠାରୁ ବହୁତ କମ୍; ବ୍ୟା. ବିଶେଷ୍ୟସମ୍ବନ୍ଧୀୟ; ବିଶେଷ୍ୟତୁଲ୍ୟ।
**nominalism** ବି.ଦ. ନାମବାଦ, "ସୈଦ୍ଧାନ୍ତିକ ପରିକଳ୍ପନାଗୁଡ଼ିକ କେବଳ ନାମମାତ୍ର ଅଟନ୍ତି"— ଏହି ମତବାଦ।
**nominalist** ବି.ଦ. ନାମବାଦୀ; ବିଂ. nominalistic.
**nominally** କ୍ରି.ବିଂ. ନାମ ମାତ୍ରକୁ, ପ୍ରକୃତ ପକ୍ଷେ କିଛି ନୁହେଁ।
**nominal value** ବି. ପ୍ରତ୍ୟକ୍ଷ ମୂଲ୍ୟ, ଅଙ୍କିତ ମୂଲ୍ୟ।
**nominate** କ୍ରି. ନାମିତ କରିବା; ନିର୍ବାଚନ ପାଇଁ ନାମ ପ୍ରସ୍ତାବ କରିବା; ମନୋନୀତ କରିବା; ନାମ ନିର୍ଦ୍ଦିଷ୍ଟ କରିବା; ସମୟ ବା ସ୍ଥାନ ସ୍ଥିର କରିବା; ବି. nominator.
**nomination** ବି. ମନୋନୟନ, ନାମକରଣ, ନାମାଙ୍କନ, ନାମ–ନିର୍ଦ୍ଦେଶନ; ମନୋନୟନ ଅଧିକାର।
**nominative** ବ୍ୟା. 1. ବି. କର୍ତ୍ତା, କର୍ତ୍ତାକାରକ, କ୍ରିୟାର କର୍ତ୍ତୃପଦ; 2. ବିଂ. କର୍ତ୍ତାକାରକ ସମ୍ବନ୍ଧୀୟ।
**nominee** ବି. ମନୋନୀତ ବ୍ୟକ୍ତି।
**non–** ପୂ.ପ୍ର. ନକାରାତ୍ମକ ଉପସର୍ଗ, ( *ଉଦା.* non attendance, non-cooperation).
**nonage** ବି. ବାଲ୍ୟାବସ୍ଥା, ଅପ୍ରାପ୍ତ ବୟସ୍କତା, ନାବାଳକତ୍ୱ; ଅପରିପକ୍ୱତା।
**nonagenarian** ବି. ନବେରୁ ଅନେଶତବର୍ଷ ବୟସ୍କ ବ୍ୟକ୍ତି; ନବତିବର୍ଷ ବୟସ୍କ ବ୍ୟକ୍ତି।
**nonagon** ବି. ନବବାହୁ ଓ ନବକୋଣ ବିଶିଷ୍ଟ ସରଳରେଖିକକ୍ଷେତ୍ର।
**non–aligned** ବିଂ. (ଦେଶ ବା ରାଷ୍ଟ୍ର ସମ୍ବନ୍ଧରେ) ଗୋଷ୍ଠୀ ନିରପେକ୍ଷ, କୌଣସି ବୃହତ୍ ସଂଘ ସହିତ ମିଳିତ ହୋଇନଥିବା; ବି. non–alignment.
**non–belligerent** 1. ବିଂ. ଯୁଦ୍ଧରେ ସକ୍ରିୟ ବା ଖୋଲାଖୋଲି ଭାବରେ ଅଂଶ ଗ୍ରହଣ କରୁନଥିବା, ଅବିବଦମାନ, ନିରପେକ୍ଷ; 2. ବି. ନିରପେକ୍ଷ ରାଷ୍ଟ୍ର।
**nonce** ବି. ବର୍ତ୍ତମାନ କାଳ; ଏହି ସମୟ ବା ଅବସର; for the nonce ବର୍ତ୍ତମାନ ଉପଲକ୍ଷ୍ୟରେ, ବର୍ତ୍ତମାନ ପାଇଁ।
**nonce–word** ବି. କୌଣସି ବିଶେଷ ଅବସର ଉପଲକ୍ଷେ ଗଠିତ ଶବ୍ଦ।
**nonchalance** ବି. ମାନସିକ ସ୍ଥିରତା, ଶାନ୍ତ ଓ ଅବିଚଳିତ ଭାବ।
**nonchalant** ବିଂ. ସ୍ଥିର ଓ ଅବିଚଳିତ, ଶାନ୍ତ, ଉଦାସୀନ; କ୍ରି.ବିଂ. nonchalantly.
**non–com** *ସଂଶ.* କମିଶନ୍ ପାଇ ନଥିବା (ସେନାଧିକାରୀ)।
**non–combatant** 1. ବିଂ. ଯୁଦ୍ଧ ନ କରୁଥିବା, ବେସାମରିକ, ଅସାମରିକ; 2. ବି. ବେସାମରିକ ବା ଅସାମରିକ ପଦାଧିକାରୀ।
**non–commissioned** ବିଂ. କମିଶନ୍ ପ୍ରାପ୍ତ ହୋଇନଥିବା (ସେନା ପଦାଧିକାରୀ)।
**noncommittal** ବିଂ. କୌଣସି ପକ୍ଷରେ ବା ବିଷୟରେ ମତାମତ ଦେବା ପାଇଁ ଅନିଚ୍ଛୁକ; ପ୍ରତିଶ୍ରୁତିବିହୀନ।
***non compos mentis*** ବିଂ. ସୁସ୍ଥ ମସ୍ତିଷ୍କରେ ନଥିବା। *(ଲା.)*
**non–conductor** ବି. ଉତ୍ତାପ ବା ବିଦ୍ୟୁତ୍‌ର ଅସଞ୍ଚାରକ ବା ଅପରିବାହୀ।
**nonconformist** ବି. ସୁପ୍ରତିଷ୍ଠିତ ନୀତି ବା ପ୍ରଥାର ବିରୋଧୀ ବ୍ୟକ୍ତି; ଭିନ୍ନଧର୍ମମତାବଲମ୍ବୀ ବ୍ୟକ୍ତି; Nonconformist ଏଂଗ୍ଲିକାନ୍ ଚର୍ଚ୍ଚକୁ ବିରୋଧ କରୁଥିବା ସଂପ୍ରଦାୟ ( ବିଶେ. ପ୍ରୋଟେଷ୍ଟେଣ୍ଟ) ବିଶେଷ।
**nonconformity** ବି. ଭିନ୍ନଧର୍ମମତାବଲମ୍ବୀ ବ୍ୟକ୍ତିଗଣ କିମ୍ବା ସେମାନଙ୍କର ସିଦ୍ଧାନ୍ତ; ଦୁଇମତ ମଧ୍ୟରେ ଅନୈକ୍ୟ ବା ଅମେଳ।

Digitized by srujanika@gmail.com

**non–contributory** ବିଂ. ଅସହାୟକ; ସାହାଯ୍ୟ ବା ଚାନ୍ଦା ଦିଆଯାଉନଥିବା ।

**non–cooperation** ବି. ଅସହଯୋଗ; ସହଯୋଗ ନିମନ୍ତେ ପ୍ରତ୍ୟାଖ୍ୟାନ (ବିଶେ. ରାଜନୈତିକ ବିରୋଧପାଇଁ) ।

**nondescript** 1. ବିଂ. ଚାରିତ୍ରିକ ବୈଶିଷ୍ଟ୍ୟହୀନ; ସହଜରେ ଶ୍ରେଣୀଭୁକ୍ତ କରିହେଉନଥିବା; 2. ବି. ସେଭଳି ବ୍ୟକ୍ତି ବା ବସ୍ତୁ ।

**none** 1. ସ. କେହି ନୁହେଁ, କୌଣସି ବ୍ୟକ୍ତି ନୁହେଁ; 2. ବିଂ. କେହି ନାହିଁ, କିଛି ନାହିଁ, ନାହିଁ; 3. କ୍ରି.ବିଂ. କୌଣସି ପରିମାଣରେ ବା ମାତ୍ରାରେ ସୁଦ୍ଧା ନୁହେଁ; none the less ତଥାପି, ହେଲେ ସୁଦ୍ଧା, ସତ୍ତ୍ୱେ ।

**nonentity** ବି. ନଗଣ୍ୟ ବ୍ୟକ୍ତି ବା ବସ୍ତୁ; ଅସ୍ତିତ୍ୱହୀନତା, ଅସ୍ତିତ୍ୱହୀନ ପଦାର୍ଥ ।

**nones** ବି. ପ୍ରାଚୀନ ରୋମୀୟ ପଞ୍ଜିକାନୁଯାୟୀ ମାର୍ଚ୍ଚ, ମେ, ଜୁଲାଇ ଓ ଅକ୍ଟୋବର ମାସର ତା୭ରିଖ ଏବଂ ଅନ୍ୟ ମାସ ମାନଙ୍କର ୫ ତାରିଖ ।

**non–essential** 1. ବିଂ. ଅନାବଶ୍ୟକ, ଅଦରକାରୀ; 2. ବି. ଅନାବଶ୍ୟକ ପଦାର୍ଥ ।

**nonesuch** ଦ୍ର. nonsuch.

**none the less** କ୍ରି.ବିଂ. =never the less.

**non–event** ବି. (ବିଶେ. ଆଶାର ପ୍ରତିକୂଳରେ ସଂଘଟିତ) ତୁଚ୍ଛ ଘଟଣା ।

**non–existent** ବିଂ. ଅସ୍ତିତ୍ୱହୀନ, ସତ୍ତାହୀନ ।

**non–ferrous** ବିଂ. (ଧାତୁ ସମ୍ବନ୍ଧୀୟ) ଲୌହ ବା ଇସ୍ପାତଯୁକ୍ତ ନ ହୋଇଥିବା ।

**non–fiction** ବି. କାହାଣୀ/ ଉପନ୍ୟାସ ଭିନ୍ନ ସାହିତ୍ୟକୃତି; ଯଥାର୍ଥ ବା ବାସ୍ତବ ଘଟନାର ବର୍ଣ୍ଣନ ସମ୍ବଳିତ ସାହିତ୍ୟ କୃତି ।

**non–interference** ବି. ଅନ୍ୟର ବିବାଦରେ ହସ୍ତକ୍ଷେପ ନ କରିବା ନୀତି ।

**non–intervention** ବି. ଅନ୍ୟର ବିବାଦରେ ହସ୍ତକ୍ଷେପ ନ କରିବା (ରାଜନୈତିକ) ନୀତି ବା ସିଦ୍ଧାନ୍ତ ।

**non–member** ବି. ଅଣ–ସଭ୍ୟ; ଯେ ସଦସ୍ୟ ବା ସଭ୍ୟ ନୁହେଁ ।

**non–moral** ବିଂ. ନୀତିଶାସ୍ତ୍ର ସହିତ ଅସଂପୃକ୍ତ ।

**non–nuclear** ବିଂ. ଅପରମାଣବିକ, ପରମାଣୁ ଶକ୍ତି ସମ୍ବଳିତ ହୋଇ ନଥିବା ।

**nonpareil** 1. ବିଂ. ଅନୁପମ, ଅତୁଳନୀୟ, ଅସାମାନ୍ୟ; 2. ବି. ଅନୁପମ ବ୍ୟକ୍ତି ବା ବସ୍ତୁ ।

**non–party** ବିଂ. ନିର୍ଦ୍ଦଳୀୟ, ଦଳ ବା ପକ୍ଷର ବହିର୍ଭୂତ, ଦଳ ନିରପେକ୍ଷ ।

**nonplus** କ୍ରି. ସମ୍ପୂର୍ଣ୍ଣରୂପେ ହତବୁଦ୍ଧି ବା କିଂକର୍ତ୍ତବ୍ୟବିମୂଢ଼ କରିବା; ବୁଦ୍ଧିବଣା କରିବା ।

**non–profit–making** ବିଂ.ମୂ. ଲାଭ ଆଶା ନ ରଖିଥିବା (କାର୍ଯ୍ୟ) ।

**non–proliferation** ବି. ପରିମାଣ ବା ସଂଖ୍ୟାର ସୀମା ନିର୍ଦ୍ଧାରଣ, ବିଶେ. ଆଣବିକ ଅସ୍ତ୍ରଶସ୍ତ୍ରର ।

**non–resident** ବିଂ. ପ୍ରବାସୀ; କର୍ମସ୍ଥଳରେ ରହିବା ଆବଶ୍ୟକ ହେଉ ନଥିବା; ବିଂ. non-residential.

**Non–resident Indian** ବି. ପ୍ରବାସୀ ଭାରତୀୟ ବ୍ୟକ୍ତି ।

**non–resistance** ବି. ଅପ୍ରତିରୋଧ ।

**nonsense** 1. ବି. ଅବାନ୍ତର ବା ନିରର୍ଥକ କଥା ବା ବିଚାର, ବାଜେ କଥା; ନିର୍ବୋଧ ବା ବିବେକହୀନ ବ୍ୟବହାର ବା ଆଚରଣ; 2. ଅନ୍ତ. ନିରର୍ଥକ କଥା କହୁଛ ।

**nonsensical** ବିଂ. ନିରର୍ଥକ, ନିର୍ବୋଧ, ଅବାନ୍ତର, ବାଜେ ।

**nonsensically** କ୍ରି.ବିଂ. ନିରର୍ଥକ ଭାବରେ, ନିର୍ବୋଧତାପୂର୍ବକ ।

**non–skid** ବିଂ. (ଖସଡ଼ା ରାସ୍ତାରେ) ଖସି ଯାଉନଥିବା (ଯାନ ବାହନ ପ୍ରଭୃତି) ।

**non–smoker** ବି. ଧୂମପାନ କରୁନଥିବା ବ୍ୟକ୍ତି; ରେଳଗାଡ଼ି ପ୍ରଭୃତିରେ ସଂଯୋଜିତ ଧୂମପାନ–ନିଷିଦ୍ଧ ଡବା; ବିଂ. non–smoking.

**non–stick** ବିଂ. ରନ୍ଧନ ସମୟରେ ଖାଦ୍ୟପଦାର୍ଥ ଲାଖି ରହୁନଥିବା (ପାତ୍ର) ।

**non–stop** 1. ବିଂ. ବାଟ ମଝିରେ କୌଣସି ସ୍ଥାନରେ ରହୁନଥିବା (ଟ୍ରେନ୍, ବସ୍ ପ୍ରଭୃତି); ବିରାମବିହୀନ; 2. କ୍ରି.ବିଂ. କୌଣସିଠାରେ ନ ଅଟକି ବା ନ ରହି ।

**nonsuch** ବି. ଅଦ୍ୱିତୀୟ, ଅତୁଳନୀୟ; ଅନୁପମ ବା ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତି ବା ପଦାର୍ଥ, ଆଦର୍ଶ ବ୍ୟକ୍ତି ବା ବସ୍ତୁ ।

**nonsuit** ବି. *ଆଇନ୍.* ବିଚାରପତିଙ୍କଦ୍ୱାରା ମୋକଦ୍ଦମା ଖାରଜ ।

Digitized by srujanika@gmail.com

**non–toxic** ବିଂ. ବିଷାକ୍ତ ହୋଇନଥିବା ।
**non–transferable** ବିଂ. ଯାହା ଅଦଳବଦଳ କରାଯାଇପାରିବ ନାହିଁ ।
**non–union** ବିଂ. ଶ୍ରମିକସଂଘର ନିରପେକ୍ଷ, ଉକ୍ତ ସଂଘର ସଦସ୍ୟ ହୋଇନଥିବା ।
**non–violence** ବି. (ବିଶେ. ନୀତିଗତ ଭାବରେ) ଅହିଂସା, ନିରୁପଦ୍ରବତା ।
**non–violent** ବିଂ. ଅହିଂସ, ଅହିଂସକ, ନିରୁପଦ୍ରବ ।
**non–voting** ବିଂ. ଭୋଟ୍‌ଦାନ ନ କରୁଥିବା; ଭୋଟ୍‌ଦାନର ଅଧିକାର ପାଇନଥିବା ।
**non–White** 1. ବିଂ. ଅଶ୍ୱେତକାୟ; 2. ବି. ଅଶ୍ୱେତକାୟ ବ୍ୟକ୍ତି ।
**noodle**[1] ବି. ନିର୍ବୋଧ ବା ସରଳବିଶ୍ୱାସୀ ବ୍ୟକ୍ତି; *ସା.ପ୍ର.* ମୁଣ୍ଡ ।
**noodle**[2] ବି. ସିମେଇ ଜାତୀୟ ଖାଦ୍ୟ ବିଶେଷ, ନୁଡୁଲ ।
**nook** ବି. ଏକାନ୍ତ ବା ନିଭୃତ କୋଣ; ନିର୍ଜନ ସ୍ଥାନ ।
**noon** ବି. ମଧ୍ୟାହ୍ନ, ଦିନ ବାରଟା ସମୟ ।
**noonday** ବି. ମଧ୍ୟାହ୍ନ ।
**no one** ବି. କେହି ନୁହେଁ; କୌଣସି ବ୍ୟକ୍ତି ନୁହେଁ ।
**noose** 1. ବି. ପାଶ, ଫାଶ, ଫାନ୍ଦ, ବନ୍ଧନ; 2. *କ୍ରି.* ଫାଶ ବା ଫାନ୍ଦରେ ପକାଇବା ବା ଧରିବା ।
**nor** *ସଂଯୋ.* (neither ସହ) ଏବଂ ନୁହେଁ, ଏବଂ ନାହିଁ, ନୁହେଁ ତ, ଉଦା. neither this nor that ଏହା ନୁହେଁ କି ତାହାନୁହେଁ ।
**Nordic** 1. ବିଂ. ସ୍କେଣ୍ଡିନେଭିଆର ଉଚ୍ଚକାୟ ଓ ଲମ୍ବମସ୍ତକ ଅଧିବାସୀ ସମ୍ବନ୍ଧୀୟ; ନର୍ଡିକ୍ ଜାତି ସମ୍ବନ୍ଧୀୟ; 2. ବି. ନର୍ଡିକ ଜାତିର ଲୋକ ।
**Norfolk jacket** ବି. ପୁରୁଷମାନଙ୍କର ପରିଧେୟ ଏକ ପ୍ରକାର ଢିଲା ବେଲ୍‌ଟ୍‌ଯୁକ୍ତ ଜେକେଟ୍ ବା କୁର୍ତ୍ତା ।
**norm** ବି. ନମୁନା; ଆଦର୍ଶ, ମାନଦଣ୍ଡ, ରୀତିସମ୍ମତ ବା ପ୍ରଥାଗତ ଆଚରଣ ।
**normal** 1. ବିଂ. ଆଦର୍ଶାନୁଗତ, ନିୟମିତ; ସାଧାରଣ, ସ୍ୱାଭାବିକ; ମାନସିକ ବା ଆବେଗିକ ଅସୁସ୍ଥତାରୁ ମୁକ୍ତ; ସିଧା ଓ ଲମ୍ବ ଭାବରେ ସ୍ଥିତ; *ଜ୍ୟା.* ସମକୋଣୀ (ରେଖା); 2. ବି. ଉତ୍ତାପ ପ୍ରଭୃତିର ସ୍ୱାଭାବିକ ଅଂକ; ସ୍ୱାଭାବିକ ଅବସ୍ଥା, ମାନ ପ୍ରଭୃତି; ଲମ୍ବର ରେଖା, ସମକୋଣରେ ଦୃଢ଼ ରେଖା ।
**normalcy** ବି. ସ୍ୱାଭାବିକ ଅବସ୍ଥା; ନିୟମିତତା ।
**normality** ବି. ସ୍ୱାଭାବିକତା, ସାଧାରଣତ୍ୱ ।
**normalize** *କ୍ରି.* ସ୍ୱାଭାବିକ କରିବା; ନିୟମିତ କରିବା; ସାଧାରଣ ବା ସାମାନ୍ୟ କରିବା; ବି. normalization.
**normally** *କ୍ରି.ବିଂ.* ସ୍ୱାଭାବିକ ଭାବରେ, ନିୟମିତ ରୂପେ; ସାଧାରଣତଃ ।
**Norman** 1. ବି. ମଧ୍ୟଯୁଗୀୟ ନର୍ମାଣ୍ଡିର ଅଧିବାସୀ, ନର୍ମାନ୍; ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀର ନର୍ମାଣ୍ଡିରେ ବସବାସ କରୁଥିବା ମିଶ୍ରିତ ଫ୍ରେଞ୍ଚୀୟ ଏବଂ ସ୍କେଣ୍ଡିନେଭୀୟ ଲୋକମାନଙ୍କର ବଂଶଧରଗଣ; 2. ବିଂ. ନର୍ମାଣ୍ଡି ପ୍ରଦେଶ ବା ତାହାର ଅଧିବାସୀ ସମ୍ବନ୍ଧୀୟ; ନର୍ମାନ୍ (ଶୈଳୀ, ସ୍ଥାପତ୍ୟ ପ୍ରଭୃତି) ।
**normative** ବିଂ. ନମୁନା ବା ଆଦର୍ଶ ସମ୍ବନ୍ଧୀୟ; ନମୁନା ବା ଆଦର୍ଶର ସ୍ଥାପକ ।
**Norn** ବି. ସ୍କେଣ୍ଡିନେଭିଆର ପୁରାଣବର୍ଣ୍ଣିତ ତିନି ଭାଗ୍ୟଦେବୀଙ୍କ ମଧ୍ୟରୁ ଯେକୌଣସି ଜଣେ ।
**Norse** 1. ବି. ନରୱେର ଭାଷା; 2. ବିଂ. ପ୍ରାଚୀନ ସ୍କେଣ୍ଡିନେଭିଆ (ବିଶେ. ନରୱେ) ସମ୍ବନ୍ଧୀୟ ।
**Norseman** ବି. ନରୱେ ନିବାସୀ ।
**north** 1. ବି. ଉତ୍ତର, ଉତ୍ତର ଦିଗ; 2. ବିଂ. ଉତ୍ତରା, ଉତ୍ତରଦିଗସ୍ଥ, ଉତ୍ତରଦିଗ ସମ୍ବନ୍ଧୀୟ; 3. *କ୍ରି.ବିଂ.* ଉତ୍ତର ଆଡ଼ରୁ ବା ଆଡ଼କୁ ।
**north–east** 1. ବି. ଉତ୍ତର–ପୂର୍ବ ଦିଗ, ଐଶାନ୍ୟ, ଇଶାନ କୋଣ; 2. ବିଂ. ଇଶାନ, ଉତ୍ତର–ପୂର୍ବ ସମ୍ବନ୍ଧୀୟ, ଉତ୍ତର–ପୂର୍ବାଭିମୁଖୀ; 3. *କ୍ରି.ବିଂ.* ଉତ୍ତର ପୂର୍ବଦିଗରେ ବା ଦିଗଆଡ଼କୁ ।
**north–easterly** 1. ବିଂ. ଉତ୍ତର–ପୂର୍ବରୁ ଆଗତ; 2. *କ୍ରି.ବିଂ.* ଉତ୍ତର–ପୂର୍ବାଭିମୁଖରେ ।
**north–eastern** ବିଂ. ଉତ୍ତର–ପୂର୍ବ ଦିଗରେ ।
**northeaster** ବି. ଉତ୍ତର–ପୂର୍ବ ପବନ ।
**northerly** *କ୍ରି.ବିଂ.*, ବିଂ. (ଦିଗସମ୍ବନ୍ଧରେ) ଉତ୍ତରାଭିମୁଖୀ, ଉତ୍ତରମୁଖୀ; ଉତ୍ତରଦିଗସ୍ଥିତ; (ବାୟୁ ସମ୍ବନ୍ଧରେ) ଉତ୍ତରଦିଗରୁ ପ୍ରବାହିତ ।
**northern** ବିଂ. ଉତ୍ତରା, ଉତ୍ତରସ୍ଥ, ଉତ୍ତରଦିଗସ୍ଥ; ଉତ୍ତରଦିଗବାସୀ, ଉତ୍ତରଦିଗାଗତ; ଉତ୍ତରାଗତ; ବିଂ. northernmost.

Digitized by srujanika@gmail.com

**northerner** ବି. ଉତ୍ତରାଞ୍ଚଳ ନିବାସୀ ।
**northern lights** ବି. ବ.ବ. ଅରୋରା ବରିଆଲିସ୍, (ଉତ୍ତର) ମେରୁ ଜ୍ୟୋତି ।
**Northman** ବି. ସ୍କେଣ୍ଡିନେଭିଆ (ବିଶେ. ନରୱେର) ନିବାସୀ ।
**North Pole** ବି. ଉତ୍ତରମେରୁ, ସୁମେରୁ ।
**North Star** ବି. ଧ୍ରୁବତାରା ।
**northward** 1. ବିଂ. (northwards ମଧ୍ୟ) ଉତ୍ତରାଭିମୁଖୀ, ଉତ୍ତରାଭିମୁଖୀନ, ଉତ୍ତରମୁହାଁ; 2. କ୍ରି.ବିଂ. ଉତ୍ତରଦିଗ ଅଭିମୁଖରେ; ଉତ୍ତରଦିଗ ଆଡ଼କୁ; 3. ବି. ଉତ୍ତର ଦିଗ, ଉତ୍ତରାଞ୍ଚଳ ।
**north–west** 1. ବି. ଉତ୍ତର–ପଶ୍ଚିମ ଦିଗ, ବାୟୁକୋଣ; 2. ବିଂ. ଉତ୍ତର–ପଶ୍ଚିମ କୋଣ ବା ବାୟୁକୋଣ ସମ୍ବନ୍ଧୀୟ, ଉତ୍ତର–ପଶ୍ଚିମସ୍ଥ, ଉତ୍ତର–ପଶ୍ଚିମରୁ ଆଗତ ବା ପ୍ରବାହିତ ।
**northwester** ବି. ଉତ୍ତରପଶ୍ଚିମ ବାୟୁ ।
**north–westerly** 1. ବିଂ. ଉତ୍ତର–ପଶ୍ଚିମ କୋଣରୁ ଆଗତ ବା ପ୍ରବାହିତ, ଉତ୍ତର–ପଶ୍ଚିମାଭିମୁଖୀ; 2. କ୍ରି.ବିଂ. ଉତ୍ତର–ପଶ୍ଚିମଦିଗ ଅଭିମୁଖରେ ।
**north–western** ବିଂ. ଉତ୍ତର–ପଶ୍ଚିମ ଦିଗ ବା ବାୟୁକୋଣ ଦିଗସ୍ଥ, ଉତ୍ତର–ପଶ୍ଚିମ କୋଣ ବା ବାୟୁ କୋଣରୁ ଆଗତ ।
**Norwegian** 1. ବିଂ. ନରୱେ ଦେଶ ସମ୍ବନ୍ଧୀୟ; 2. ବି. ନରୱେ ଦେଶର ଅଧିବାସୀ ବା ଭାଷା ।
**nor' wester** *ଦ୍ର.* north–wester.
**Nos.** *ସଂଶ.* numbers ସଂଖ୍ୟାଗୁଡ଼ିକ ।
**nose** 1. ବି. ନାକ, ନାସା, ନାସିକା, ଘ୍ରାଣେନ୍ଦ୍ରିୟ, ଘ୍ରାଣଶକ୍ତି; ଗନ୍ଧ ବା ସୁଗନ୍ଧ (*ଯଥା–* ମଦର), ମହକ; ନଳୀ, ହୁକା, କାର୍, ଉଡ଼ାଜାହାଜ ପ୍ରଭୃତିର ଅଗ୍ରଭାଗ; *ସା.ପ୍ର.* ମୁଖବିର; 2. କ୍ରି. ଆଘ୍ରାଣ କରିବା; ଘ୍ରାଣ କରିବା; ଶୁଂଘିବା; ଗନ୍ଧ ଗ୍ରହଣ କରିବା; ଗନ୍ଧ ବାରିବା; ଶୁଂଘି ଠାବ କରିବା; ଖୋଜି ବାହାର କରିବା; ସାବଧାନତା ସହକାରେ ଅଗ୍ରସର ହେବା; ନାକେଇବା, ଜୋରରେ ଶ୍ୱାସଗ୍ରହଣ କରିବା; by a nose ଅଳ୍ପ ତଫାତ୍‌ରେ; keep one's nose clean *ସା.ପ୍ର.* ଝମେଲା ବା ହଇରାଣ ହରକତରୁ ମୁକ୍ତ ରହିବା; pay through the nose ବାଧ ବା ନିରୁପାୟ ହୋଇ ଅଧିକ ମୂଲ୍ୟ ଦେବା; poke (thrust) one's nose into ନାକ ପୂରାଇବା, ଅନଧିକାର ଚର୍ଚ୍ଚା କରିବା; put person's nose out of joint କୌଣସି ବ୍ୟକ୍ତିକୁ ବିଚଳିତ ବା ହିନସ୍ତା କରିବା; rub person's nose in it କୌଣସି ବ୍ୟକ୍ତିକୁ ତାହାର ଭୁଲ୍ ବା ଦୋଷ ବିଷୟରେ ଅପମାନ ଓ ଲଜ୍ଜାର ସହିତ ସ୍ମରଣ କରାଇଦେବା; turn up one's nose at ନାକ ଟେକିବା, ଘୃଣା ପ୍ରଦର୍ଶନ କରିବା; under one's nose ଠିକ୍ ସମ୍ମୁଖରେ; ଠିକ୍ ଆଗରେ; with one's nose in the air ଫୁଟାଣି ବା ଗର୍ବର ସହିତ ।
**nosebag** ବି. ଘୋଡ଼ାର ମୁଣ୍ଡରୁ ଝୁଲୁଥିବା ଦାନାଥଳି ।
**noseband** ବି. ଘୋଡ଼ାର ନାକ ଉପରେ ଦେଇ ଯାଇଥିବା ଲଗାମ ତଳ ଫିତା ।
**nosebleed** ବି. ନାକରୁ ରକ୍ତସ୍ରାବ ।
**nose–cone** ବି. ରକେଟ୍ ପ୍ରଭୃତିର କୋନ୍ ବା ଶଙ୍କୁ ଆକୃତିବିଶିଷ୍ଟ ଅଗ୍ରଭାଗ ।
**nosedive** ବି. ଉଡ଼ାଜାହାଜର ମୁହଁ ତଳକୁକରି ସିଧା ଅବତରଣ, ଦ୍ରୁତ ନିମଜ୍ଜନ ବା ପତନ; 2. କ୍ରି. ଉଡ଼ାଜାହାଜ (ମୁହଁ ତଳକୁକରି) ସିଧା ତଳକୁ ଓହ୍ଲାଇବା ।
**nosegay** ବି. କ୍ଷୁଦ୍ର ପୁଷ୍ପଗୁଚ୍ଛ; ଛୋଟ ଫୁଲତୋଡ଼ା ।
**nosh** 1. କ୍ରି. *ସା.ପ୍ର.* ଖାଇବା; 2. ବି. ଖାଦ୍ୟ (ବିଶେ. ତରବରିଆ ଲଘୁ ଭୋଜନ); *ଆମେ.* ଜଳଖିଆ ।
**nosh–up** ବିଂ. *ସା.ପ୍ର.* ଭୂରି ଭୋଜନ, ପେଟପୂରା ଭୋଜନ ।
**nostalgia** ବି. ଗୃହାସକ୍ତି, ଅତୀତ ନିମନ୍ତେ ଆବେଗମୟ ଲାଳସା; ବିଂ. nostalgic; କ୍ରି.ବିଂ. nostalgically.
**nostril** ବି. ନାସାଦ୍ୱାର, ନାସିକାରନ୍ଧ୍ର; ନାକପୁଡ଼ା ।
**nostrum** ବି. ଟୁଟ୍‌କା ଔଷଧ, ଠୁଣ୍ଠୁଣ୍‌କା ଔଷଧ; ପେଟେଣ୍ଟ୍ ମେଡ଼ିସିନ୍; ରାଜନୈତିକ ବା ସାମାଜିକ ସଂସ୍କାର ନିମନ୍ତେ ପରିକଳ୍ପିତ ରୁଚିକର ଯୋଜନା ।
**nosy** ବିଂ. ଉତ୍ସୁକ, କୁତୂହଳୀ, ଉନ୍ନତନାସାବିଶିଷ୍ଟ; ନାକୁଆ; କ୍ରି.ବିଂ. nosily; ବି. nosiness.
**Nosy Parker** ବି. *କ.ଭା.* କାର୍ଯ୍ୟବ୍ୟସ୍ତ ବ୍ୟକ୍ତି ।
**not** କ୍ରି.ବିଂ. ନା, ନାହିଁ, ନୁହେଁ; not at all ଆଦୌ ନୁହେଁ; ଧନ୍ୟବାଦ ନିମନ୍ତେ ଭଦ୍ରୋଚିତ ଉତ୍ତର (ମୋତେ ଧନ୍ୟବାଦ ଦେବାର ଆବଶ୍ୟକତା ନାହିଁ); not half କୌଣସି

Digitized by srujanika@gmail.com

ପ୍ରକାରେ ନୁହେଁ; *କ.ଭା.* ଆଦୌ ନୁହେଁ; *ସା.ପ୍ର.* ଅତ୍ୟଧିକ ମାତ୍ରାରେ; not quite ପ୍ରାୟ।

**notable** ବିଂ. ଉଲ୍ଲେଖନୀୟ, ପ୍ରସିଦ୍ଧ, ପ୍ରଖ୍ୟାତ, ବିଲକ୍ଷଣ; ଖ୍ୟାତନାମା ବ୍ୟକ୍ତି; ବି. notability; କ୍ରି.ବିଂ. notably.

**notary** ବି. (notary public) ଦଲିଲ୍ ବା ଦସ୍ତାବିଜ୍‌ର ଲେଖନକାର ତଥା ଅନ୍ୟାନ୍ୟ ଆଇନଗତ ଔପଚାରିକ ନିୟମର ସମ୍ପାଦକ ଅଧିବିଦ୍ୟା ଅଧିକାରୀ; ବିଂ. notarial.

**notation** ବି. ସଙ୍କେତନ, ସାଙ୍କେତିକ ଚିହ୍ନାବଳୀ; ଅଙ୍କନ, ଅଙ୍କପାତନ–ପଦ୍ଧତି, ସଙ୍କେତ–ପଦ୍ଧତି, ସ୍ୱରଲିପି।

**notch** 1. ବି. କଟା ଦାଗ; ଖାପ; ଧାର, ପ୍ରାନ୍ତ ବା ଧରାତଳ ଉପରେ କଟା V ଆକୃତିବିଶିଷ୍ଟ ଦାଗ; 2. କ୍ରି. ଦାଗ ବା ଖାପ କରିବା।

**note** 1. ବି. ଘଟଣା, ବିଷୟ ପ୍ରଭୃତିର ସଂକ୍ଷିପ୍ତ ଟିପ୍ପଣୀ; ନୋଟ୍; ଟୀକା, ସ୍ମୃତି–ସହାୟକ ସଂକ୍ଷିପ୍ତ ଲେଖା; ପୁସ୍ତକ ପ୍ରଭୃତିର କୌଣସି ଅଂଶରେ ସଂଯୋଜିତ ବ୍ୟାଖ୍ୟା; ସ୍ମାରକ, ସ୍ମାରକ ପତ୍ର, କ୍ଷୁଦ୍ର ପତ୍ର, ଚିହ୍ନ; ସଙ୍କେତ; କାଗଜ–ମୁଦ୍ରା; ସ୍ୱର, ଗାନସ୍ୱର; ହେଣ୍ଡନୋଟ୍ ବା ମୁଚାଲିକା; ମନୋଯୋଗ, ଅବଧାନ, ପ୍ରସିଦ୍ଧି, ଖ୍ୟାତି; 2. କ୍ରି. ଦୃଷ୍ଟି ଦେବା, ଲକ୍ଷ୍ୟ କରିବା; ମନୋଯୋଗ ଦେବା; (ସ୍ମରଣ ନିମନ୍ତେ) ଟିପି ନେବା; (ପୁସ୍ତକର) ଟୀକା ବା ବ୍ୟାଖ୍ୟାଲେଖିବା; ବିଖ୍ୟାତ ହେବା; hit (strike) the right note ବିଲ୍‌କୁଲ୍ ଠିକ୍ ବା ଯଥାର୍ଥ ଭାବରେ କଥା କହିବା ବା କାର୍ଯ୍ୟ କରିବା।

**notebook** ବି. ସ୍ମରଣ–ପୁସ୍ତିକା, ବିବରଣୀ–ପୁସ୍ତିକା, ଟିପାଖାତା।

**notecase** ବି. କାଗଜ–ମୁଦ୍ରା ବା ବେଙ୍କ୍–ନୋଟ୍ ରଖିବାର ଚମଡ଼ା ଡିବା ବା ପର୍ସ।

**notelet** ବି. ଅନୌପଚାରିକ ପତ୍ରଲିଖନ ନିମନ୍ତେ ଛୋଟ ଭାଙ୍ଗ ପଡ଼ିଥିବା କାର୍ଡ଼ ବା କାଗଜ ଫର୍ଦ୍ଦ।

**notepaper** ବି. ପତ୍ରଲିଖନ ପାଇଁ ବ୍ୟବହୃତ କାଗଜ।

**noteworthy** ବିଂ. ଧ୍ୟାନଯୋଗ୍ୟ, ଉଲ୍ଲେଖ–ଯୋଗ୍ୟ, ସ୍ମରଣୀୟ, ଦ୍ରଷ୍ଟବ୍ୟ, ପ୍ରସିଦ୍ଧ।

**nothing** 1. ବି. କିଛିନାହିଁ; କୌଣସି ଜିନିଷ ନୁହେଁ; ଶୂନ୍ୟତା; ତୁଚ୍ଛ ବା ନଗଣ୍ୟ ବିଷୟ ବା ବସ୍ତୁ; ମହତ୍ତ୍ୱହୀନ ବ୍ୟକ୍ତି ବା ବସ୍ତୁ, ଅସ୍ତିତ୍ୱହୀନତା; ଅବିଦ୍ୟମାନତା; ଅଭାବ; ପରିମାଣହୀନତା; ନାସ୍ତି; 2. କ୍ରି.ବିଂ. ଆଦୌ ନୁହେଁ, କୌଣସି ପ୍ରକାରେ ନୁହେଁ; be (have) nothing to do with କୌଣସି ସଂପର୍କ ବା ସଂପୃକ୍ତି ନଥିବା; for nothing ମାଗଣାରେ, ବୃଥାରେ, ଅକାରଣେ; have nothing on ଉଲଗ୍ନ ବା ନଗ୍ନ ହେବା; have nothing on (person) (କୌଣସି ବ୍ୟକ୍ତି ତୁଳନାରେ) ଅତ୍ୟନ୍ତ ନିକୃଷ୍ଟ ହେବା; nothing doing *କ.ଭା.* ସଫଳତା, ବୁଝାମଣା, ବା ସ୍ୱୀକୃତିର ଆଶା ନାହିଁ; ମୁଁ ରାଜି ନୁହେଁ।

**nothingness** ବି. ଅସ୍ତିତ୍ୱହୀନତା, ଅବିଦ୍ୟମାନତା; ମୂଲ୍ୟହିନତା, ତୁଚ୍ଛତା।

**notice** 1. ବି. ନୋଟିସ୍, ସୂଚନା, ନିର୍ଦ୍ଦେଶ, ବିଜ୍ଞପ୍ତି, ପ୍ରଜ୍ଞାପନ, ଖବର; ଧ୍ୟାନ, ତାଗିଦ୍; ବିଜ୍ଞାପନ; ସଂବାଦ ପତ୍ର ଜରିଆରେ ଘୋଷଣା, ସମାଲୋଚନା ବା ମନ୍ତବ୍ୟ; 2. କ୍ରି. ଦେଖିବା, ଲକ୍ଷ୍ୟ କରିବା, ମନୋଯୋଗ ଦେବା; ଦୃଷ୍ଟି ଦେବା; ସମାଲୋଚନା ବା ଉଲ୍ଲେଖ କରିବା; ମନ୍ତବ୍ୟ ଦେବା; at short (a moment's) notice ବିଶେଷ ଆଗରୁ ସୂଚନା ନଦେଇ; take (no) notice ଧ୍ୟାନ (ନ) ଦେବା; ଆଗ୍ରହ ବା ରୁଚି (ନ) ଦେଖାଇବା; take (no) notice of ଦୃଷ୍ଟି (ନ) ଦେବା, ଆଗ୍ରହ (ନ) ଦେଖାଇବା; take notice of (କୌଣସି ବିଷୟରେ) କାର୍ଯ୍ୟାନୁଷ୍ଠାନ କରିବା।

**noticeable** ବିଂ. ଦର୍ଶନୀୟ, ସ୍ମରଣୀୟ, ଉଲ୍ଲେଖନୀୟ; ଲକ୍ଷ୍ୟଣୀୟ; ପ୍ରସିଦ୍ଧ, ଦ୍ରଷ୍ଟବ୍ୟ, ଜ୍ଞାପନୀୟ, ଜ୍ଞାପନଯୋଗ୍ୟ।

**noticeably** କ୍ରି.ବିଂ. ଦର୍ଶନୀୟ ଭାବରେ; ଉଲ୍ଲେଖନୀୟଭାବରେ, ଜ୍ଞାପନୀୟ ଭାବରେ।

**notice-board** ବି. ନୋଟିସ୍‌ବୋର୍ଡ୍, ସୂଚନା–ଫଳକ, ବିଜ୍ଞପ୍ତି–ଫଳକ।

**notifiable** ବିଂ. (ରୋଗ ସମ୍ବନ୍ଧରେ) ସ୍ୱାସ୍ଥ୍ୟବିଭାଗ କର୍ତ୍ତୃପକ୍ଷଙ୍କୁ ଜ୍ଞାପନଯୋଗ୍ୟ ବା ସୂଚନୀୟ।

**notification** ବି. ବିଜ୍ଞପ୍ତି, ବିଜ୍ଞାପନ, ଘୋଷଣା, ଇସ୍ତାହାର; ଅଧି–ସୂଚନା; ସୂଚନା–ପତ୍ର।

**notify** କ୍ରି. ନୋଟିସ୍ ଦେବା, ସୂଚନାଦେବା, ଅଧିସୂଚିତ କରିବା; (ବ୍ୟକ୍ତିକୁ) ଜଣାଇବା।

**notion** ବି. ଧାରଣା, ଅବଧାରଣା; ବୋଧ, ଅନୁମାନ; ଅସ୍ପଷ୍ଟ ମତ ବା ଅବବୋଧ; ଉଦ୍ଦେଶ୍ୟପ୍ରବଣତା।

Digitized by srujanika@gmail.com

**notional** ବିଂ. ବିଚାରମୂଳକ; କାଳ୍ପନିକ, କଳ୍ପନା–ପ୍ରସୂତ, ଅବାସ୍ତବ; କ୍ରି.ବିଂ. notionally.

**notoriety** ବି. କୁଖ୍ୟାତି, କୁପ୍ରସିଦ୍ଧି, ଅପପ୍ରସିଦ୍ଧି, ଅପକୀର୍ତ୍ତି।

**notorious** ବିଂ. କୁଖ୍ୟାତ, ଅପପ୍ରସିଦ୍ଧ; କ୍ରି.ବିଂ. notoriously.

**notwithstanding** 1. ଅ. ସତ୍ତ୍ୱେ, ହେଲେହେଁ, ହୋଇଥିଲେ ସୁଦ୍ଧା; 2. କ୍ରି.ବିଂ. ତଥାପି, ତେବେବି; ତେବେ ସୁଦ୍ଧା।

**nougat** ବି. ଚିନି ବା ମହୁ ସହ ବାଦାମ ଓ ଅଣ୍ଡାର ଶ୍ୱେତାଂଶରେ ତିଆରି ଏକ ପ୍ରକାର ମିଠାଇ।

**nought** ବି. ଶୂନ୍ୟ, ଅଭାବ, କିଛିନାହିଁ; ଶୂନ୍ୟ ଅଙ୍କ (୦); ମହତ୍ତ୍ୱହୀନ ବ୍ୟକ୍ତି ବା ବସ୍ତୁ।

**noughts and crosses** ବି. ବ.ବ. କାଗଜ ଓ ପେନ୍ସିଲ୍‌ର ଏକ ପ୍ରକାର ଛକି–ଶୂନ୍ ଖେଳ।

**noun** ବି. ବ୍ୟକ୍ତି, ସ୍ଥାନ ବା ବସ୍ତୁ ସକାଶେ ବ୍ୟବହୃତ ଶବ୍ଦ; ନାମ; ସଂଜ୍ଞା ବା ବିଶେଷ୍ୟ ପଦ।

**nourish** କ୍ରି. ଖାଦ୍ୟଦ୍ୱାରା ପରିପୁଷ୍ଟ ବା ପାଳନପୋଷଣ କରିବା; ଭରଣପୋଷଣ କରିବା; (ଆଶା, ଆକାଂକ୍ଷା, ଭାବନା ପ୍ରଭୃତି) ପୋଷଣ କରିବା; ସେବା ବା ପରିଚର୍ଯ୍ୟା କରିବା।

**nourishing** ବିଂ. ପୁଷ୍ଟିକର, ପୌଷ୍ଟିକ, ବଳବର୍ଦ୍ଧକ, ସ୍ୱାସ୍ଥ୍ୟପ୍ରଦ।

**nourishment** ବି. ଖାଦ୍ୟ; ପୁଷ୍ଟିକର ଖାଦ୍ୟ, ପୌଷ୍ଟିକ ଆହାର; ପରିପୁଷ୍ଟି।

**nous** ବି. ଦ. ଆଦ୍ୟବୁଦ୍ଧି; ବୋଧଶକ୍ତି; ବୁଦ୍ଧି; କ.ଭା. ସାଧାରଣ ଜ୍ଞାନ, କାଣ୍ଡଜ୍ଞାନ।

**Nov.** ସଂଣ. November ନଭେମ୍ବର ମାସ।

**nova** ବି. (ବ.ବ. novae, novas) ହଠାତ୍ ଉଜ୍ଜ୍ୱଳ ହୋଇ ଦେଖାଦେବା ଏବଂ ପରେ ପରେ ଅଦୃଶ୍ୟ ହୋଇଯିବା ତାରକା।

**novel**[1] 1. ବିଂ. ନୂଆ, ନୂତନ, ନବୀନ ପ୍ରକାରର; ଅସାଧାରଣ; ଏ ପର୍ଯ୍ୟନ୍ତ ଅଜ୍ଞାତ ବା ଅପରିଚିତ।

**novel**[2] ବି. ଉପନ୍ୟାସ, ଆଖ୍ୟାୟିକା, ପୂର୍ଣ୍ଣାଙ୍ଗ ପୁସ୍ତକରୂପେ ଲିଖିତ କାଳ୍ପନିକ ଗଦ୍ୟକଥା।

**novelette** ବି. ଉପନ୍ୟାସିକା, କ୍ଷୁଦ୍ର ଉପନ୍ୟାସ।

**novelist** ବି. ଉପନ୍ୟାସ–ଲେଖକ, ଔପନ୍ୟାସିକ।

**novella** ବି. କ୍ଷୁଦ୍ର ଉପନ୍ୟାସ ବା ଆଖ୍ୟାୟିକା; ଉପନ୍ୟାସିକା।

**novelty** ବି. ନୂତନତ୍ୱ, ଅଭିନବତ୍ୱ; ନୂତନ ବସ୍ତୁ ବା ଘଟଣା; କ୍ଷୁଦ୍ର ଖେଳନା।

**November** ବି. ନଭେମ୍ବର ମାସ, ଇଂରାଜୀ ବର୍ଷର ଏକାଦଶ ମାସ।

**novena** ବି. କେଥ କ୍ରମାଗତଭାବେ ନ'ଦିନ ଉପାସନା ବା ପ୍ରାର୍ଥନା।

**novice** ବି. ନୂଆ ଶିଖାଳି, ଶିକ୍ଷାନବିଶ୍, ପ୍ରଥମ ଶିକ୍ଷାର୍ଥୀ; ନବଦୀକ୍ଷିତ ବ୍ୟକ୍ତି, ନବଧର୍ମାନ୍ତରିତ ବ୍ୟକ୍ତି।

**noviciate** ବି. (novitiate ମଧ୍ୟ) ନବଦୀକ୍ଷିତ ପାଦ୍ରୀଙ୍କର ପ୍ରଥମ କାର୍ଯ୍ୟକାଳ; ତା'ଙ୍କର ବାସଗୃହ।

**now** 1. କ୍ରି.ବିଂ. ବର୍ତ୍ତମାନ, ଏବେ, ଏହିକ୍ଷଣି, ଏହି ସମୟ ମଧ୍ୟରେ; ହଠାତ୍, ତୁରନ୍ତ, ବର୍ତ୍ତମାନ ଅବସ୍ଥାରେ, ସଙ୍ଗେ ସଙ୍ଗେ; ଠିକ୍ ପୂର୍ବମୁହୂର୍ତ୍ତରେ; (କୌଣସି ବିଷୟ ବର୍ଣ୍ଣନାରେ) ତତ୍ପରେ; ସେହି ସମୟ ମଧ୍ୟରେ; 2. ସଂଯୋ. ଘଟଣାର ପରିଣାମରେ; 3. ବି. ବର୍ତ୍ତମାନ କାଳ, ଉପସ୍ଥିତ ସମୟ; for now କିଛି ସମୟ ପର୍ଯ୍ୟନ୍ତ; now and again (then) ଅତି ଅଳ୍ପ ବ୍ୟବଧାନରେ; ମଝିମଝିରେ; ସମୟ ସମୟରେ।

**nowadays** 1. କ୍ରି.ବିଂ. ଆଜିକାଲି, ବର୍ତ୍ତମାନ ସମୟରେ ବା ଯୁଗରେ; ଏହି ସମୟରେ; 2. ବି. ବର୍ତ୍ତମାନ ସମୟ।

**no way** କ୍ରି.ବିଂ. କ.ଭା. ଅନମତ।

**nowhere** 1. କ୍ରି.ବିଂ. କୋଣସି ସ୍ଥାନରେ ବା କେଉଁଠାରେ ନୁହେଁ; କୌଣସି ସ୍ଥାନକୁ ବା କେଉଁଠାକୁ ନୁହେଁ; get nowhere ପ୍ରଗତି ବା ଉନ୍ନତି ନ କରିବା; nowhere near ପ୍ରାୟ ନୁହେଁ।

**nowt** ବି. କ.ଭା. ବା ଉପ. କିଛି ନୁହେଁ, ଶୂନ୍ୟ।

**noxious** ବିଂ. କ୍ଷତିକାରକ, ଅନିଷ୍ଟକର; ଅସ୍ୱାସ୍ଥ୍ୟକର, ଦୂଷିତ।

**nozzle** ବି. ଜଳନଳୀର ଅଗ୍ରଭାଗରେ ସଂଲଗ୍ନ ଗୋଜିଆ ଅଂଶ।

**NRI** ସଂଣ. Non-resident Indian ପ୍ରବାସୀ ଭାରତୀୟ।

**NS** ସଂଣ. new style ନୂତନ ଶୈଳୀ।

**NSPCC** ସଂଣ. National Society for the Prevention of Cruelty to Children ଶିଶୁ–କ୍ରୂରତା–ନିବାରକ ଜାତୀୟ ସମାଜ।

Digitized by srujanika@gmail.com

**NT** *ସଂଶ.* New Testament ବାଇବେଲ୍‌ର ନ୍ୟୁ ଟେଷ୍ଟାମେଣ୍ଟ୍।

**NTPC** *ସଂଶ.* National Thermal Power Corporation ଜାତୀୟ ତାପଜ ଶକ୍ତି ନିଗମ।

**nuance** ବି. ଅର୍ଥ, ଭାବ, ମତ, ରଙ୍ଗ ପ୍ରଭୃତିରେ ସୂକ୍ଷ୍ମ ଅନ୍ତର ବା ପ୍ରଭେଦ।

**nub, nubble** ବି. ( ବିଶେ. ପଥର କୋଇଲାର) କ୍ଷୁଦ୍ର ଖଣ୍ଡ; ସାର, ସାରାଂଶ, ଭାବ, ଭାବାର୍ଥ, ତାତ୍ପର୍ଯ୍ୟ; ବିଂ. nubbly.

**nubile** ବିଂ. ବିବାହଯୋଗ୍ୟା; ଯୌନ–ଆକର୍ଷଣ ସଂପନ୍ନା।

**nubility** ବି. (ସ୍ତ୍ରୀର) ଯୌନଆକର୍ଷଣୀୟତା, ବିବାହଯୋଗ୍ୟତା।

**nuclear** ବିଂ. *ପଦାର୍ଥ* ନୈଷ୍ଠିକ; ଆଣବିକ; ନାଭିକୀୟ, ନ୍ୟୁକ୍ଲୀୟ, କୈନ୍ଦ୍ରିକ, ବୀଜ ବା କେନ୍ଦ୍ର ସମ୍ବନ୍ଧୀୟ; ଆଣବିକ ଶକ୍ତିଯୁକ୍ତ।

**nuclear bomb** ବି. ଆଣବିକ ବା ପରମାଣୁ ବୋମା।

**nuclear energy** ବି. ପରମାଣୁ ଶକ୍ତି।

**nuclear family** ବି. ସ୍ୱାମୀ, ସ୍ତ୍ରୀ ଏବଂ ତାଙ୍କ ସନ୍ତାନଗଣ।

**nuclear fission** ବି. ପରମାଣବିକ ବିଘଟନ।

**nuclear fuel** ବି. ପରମାଣବିକ ଶକ୍ତିର ଉତ୍ସ।

**nuclear fusion** ବି.ପରମାଣବିକ ଶକ୍ତି ସମୂହର ଏକରୂପୀକରଣ।

**nuclear physics** ବି. ଏବ. ଆଣବିକ ବା ପରମାଣବିକ ପଦାର୍ଥ ବିଜ୍ଞାନ।

**nuclear power** ବି. ଆଣବିକ ଶକ୍ତି; ଆଣବିକ ଅସ୍ତ୍ରର ଅଧିକାରୀ ରାଷ୍ଟ୍ର।

**nuclear reactor** ବି.ଆଣବିକ ଶକ୍ତିର ବିଘଟନ କେନ୍ଦ୍ର।

**nucleate** କ୍ରି. ନିଉକ୍ଲିୟସ୍ ବା ପରମାଣୁରେ ଗଠିତ ବା ପରିବର୍ତ୍ତିତ ହେବା।

**nucleic acid** ବି. ସମସ୍ତ ଜୀବକୋଷରେ ବିଦ୍ୟମାନ (DNA ଓ RNA ଦୁଇ ପ୍ରକାର ମଧ୍ୟରୁ) କୌଣସି ଗୋଟିଏ ଜୈବିକ ପରମାଣୁ।

**nucleus** ବି. (ବ.ବ. nuclei) ନିଉକ୍ଲିୟସ୍, କେନ୍ଦ୍ରସ୍ଥଳ ବା କେନ୍ଦ୍ର, ପରମାଣୁର କୈନ୍ଦ୍ରିକ ଅଂଶ; ନାଭିକେନ୍ଦ୍ର; ବୀଜ ତତ୍ତ୍ୱ; ଉଦ୍ଭିଦକୋଷ, ଜୀବକୋଷ।

**nude** 1. ବିଂ. ନଗ୍ନ, ବିବସ୍ତ୍ର, ଲଙ୍ଗଳା; 2. ବି. ଚିତ୍ରକଳା ବା ମୂର୍ତ୍ତିକଳାରେ ପ୍ରଦର୍ଶିତ ନଗ୍ନମାନବର ଚିତ୍ର ବା ମୂର୍ତ୍ତି, ନଗ୍ନ ବ୍ୟକ୍ତି; in the nude ଉଲଗ୍ନ; ନଗ୍ନ ବା ଅନାବୃତ (ବ୍ୟକ୍ତିର ମୂର୍ତ୍ତି ବା ଚିତ୍ରପ୍ରଦର୍ଶନ)।

**nudity** ବି. ନଗ୍ନତା; ବିବସ୍ତ୍ର ଅବସ୍ଥା।

**nudge** 1. କ୍ରି. (ଗୁପ୍ତଭାବରେ ଧ୍ୟାନ ବା ଦୃଷ୍ଟି ଆକର୍ଷଣ ପାଇଁ) କହୁଣୀଦ୍ୱାରା ଆସ୍ତେ ଆଘାତ କରିବା; ଖୁଦେଇବା; 2. ବି. କହୁଣୀରେ ଧୀରେ ଆଘାତ ବା ଧକ୍କା।

**nudist** ବି. ନଗ୍ନବାଦୀ, ନଗ୍ନପୂଜା ବା ଭକ୍ତିର ଅନୁଗାମୀ; ବି. nudism.

**nugatory** ବିଂ. ନିଷ୍କର୍ମା, ଅପଦାର୍ଥ; ତୁଚ୍ଛ, ନିଷ୍ଫଳ, ବ୍ୟର୍ଥ, ବିଫଳ, ନିରର୍ଥକ।

**nugget** ବି. ଭୂଗର୍ଭରେ ପ୍ରାପ୍ତ ସ୍ୱର୍ଣ୍ଣଖଣ୍ଡ, କଚା ସୁନାମୁଣ୍ଡା; ମୁଣ୍ଡାଏ ବସ୍ତୁ; ମୂଲ୍ୟବାନ୍ ପଦାର୍ଥ।

**nuisance** ବି. ବାଧା, ବିରକ୍ତି ବା ଅସୁବିଧା ସୃଷ୍ଟିକରୁଥିବା ବସ୍ତୁ ବା ବ୍ୟକ୍ତି; ଅହିତକର ବ୍ୟକ୍ତି ବା ବସ୍ତୁ।

**null** ବିଂ. ପ୍ରଭାବହୀନ, ଗୁରୁତ୍ୱହୀନ; ରଦ୍ଦ, ବାତିଲ, ଅସିଦ୍ଧ, ନିଷ୍ଫଳ, ବ୍ୟର୍ଥ; ବୈଶିଷ୍ଟ୍ୟହୀନ; ଅସ୍ତିତ୍ୱହୀନ।

**null and void** ବି. *ଆଇନ୍* ବାତିଲ, ରଦ୍ଦ, ବ୍ୟର୍ଥ, ଅବୈଧ, ଆଇନ୍‌ଦ୍ୱାରା ଅସିଦ୍ଧ।

**nullification** ବି. ରଦ୍ଦକରଣ, ବ୍ୟର୍ଥୀକରଣ, ନିଷ୍ଫଳୀକରଣ।

**nullify** କ୍ରି. ବାତିଲ ବା ରଦ୍ଦ କରିବା, ବ୍ୟର୍ଥ ବା ନିଷ୍ଫଳ କରିବା।

**nullity** ବି. ନିଷ୍ଫଳତା, ଅସିଦ୍ଧତା, ବ୍ୟର୍ଥତା; ଅସ୍ତିତ୍ୱହୀନତା।

**numb** 1. ବିଂ. ଜଡ଼, କାଲୁଆ; ଚେତନାଶୂନ୍ୟ, ଅବସନ୍ନ, ପକ୍ଷାଘାତଗ୍ରସ୍ତ; 2. କ୍ରି. ଜଡ଼ ବା ଅବଶ ହେବା ବା କରିବା, କାଲୁଆ କରିଦେବା; ବି. numbness.

**number** 1. ବି. ନମ୍ବର, ସଂଖ୍ୟା, ଗଣନାରେ ବ୍ୟବହୃତ ସଂଖ୍ୟା ବା ଅଙ୍କ; ବହୁତ ଲୋକଙ୍କର ସମଷ୍ଟି ବା ସମୂହ; ବ୍ୟା. (ଏକ ବା ବହୁ) ବଚନ; (ପତ୍ରିକାର) ସଂଖ୍ୟା ବା ଅଙ୍କ; ଅନେକ; 2. କ୍ରି. ଗଣିବା, ଗଣନା କରିବା, ନିରୂପଣ କରିବା; ଅନ୍ତର୍ଭୁକ୍ତ କରିବା; one's days are

Digitized by srujanika@gmail.com

numbered କୌଣସି ବ୍ୟକ୍ତିର ପରମାୟୁ ପୂରିଲାଣି; have a person's number *ସା.ପ୍ର.* କୌଣସି ବ୍ୟକ୍ତିକୁ ବା ତାହାର ଅଭିପ୍ରାୟକୁ ବୁଝିବା; one's number is up *କ.ଭା.* ଜଣକର ମୃତ୍ୟୁ ଆଗତ ବା ନିଶ୍ଚିତ; number one *କ.ଭା.* ନିଜେ, ସ୍ୱୟଂ, ସର୍ବପ୍ରଧାନ; without number ଅସଂଖ୍ୟ, ଅଗଣିତ, ଅଗଣନୀୟ।

**numberless** ବିଂ. ଅସଂଖ୍ୟ, ଅଗଣିତ।

**number-plate** ବି. ଯାନରେ ସଂଲଗ୍ନ ରେଜିଷ୍ଟ୍ରେସନ୍ ନମ୍ବର୍‌ର ପ୍ଲେଟ୍।

**numerable** ବିଂ. ଗଣନୀୟ, ଗଣନାର ଯୋଗ୍ୟ।

**numeral** 1. ବି. ଅଙ୍କ, ସଂଖ୍ୟା; 2. ବିଂ. ଅଙ୍କବୋଧକ, ସଂଖ୍ୟାସୂଚକ, ସଂଖ୍ୟେୟ।

**numerate** 1. ବିଂ. ଗଣିତଶାସ୍ତ୍ରର ମୌଳିକ ସୂତ୍ର ସହିତ ପରିଚିତ; ବି. numeracy.

**numeration** ବି. ସଂଖ୍ୟାନ; ସଂଖ୍ୟାଙ୍କନ, ସଂଖ୍ୟାବାଚନ, ଗଣନା ଧାରା; ଗଣନା; ଗଣନା ପ୍ରଣାଳୀ; ଲିଖିତ ସଂଖ୍ୟାର ଅକ୍ଷରରେ ଅଭିବ୍ୟକ୍ତି।

**numerator** ବି. ଭଗ୍ନାଂଶର ଲବ; ପୂରକ ( *ଉଦା.* ୧/୨ରେ ୧)।

**numerical** ବିଂ. ସାଂଖ୍ୟିକ, ସଂଖ୍ୟାବାଚକ; ସଂଖ୍ୟା ବା ଅଙ୍କ ସମ୍ବନ୍ଧିତ ବା ବିଷୟକ।

**numerically** କ୍ରି.ବିଂ. ସଂଖ୍ୟାନୁସାରେ, ଅଙ୍କାନୁସାରେ, ଗଣନାରେ।

**numerology** ବି. ସଂଖ୍ୟା ବା ଅଙ୍କର କଥିତ ଗୁଢ଼ତତ୍ତ୍ୱର ଅଧ୍ୟୟନ।

**numerous** ବିଂ. ଅନେକ, ବହୁତ, ବହୁସଂଖ୍ୟକ।

**numinous** ବିଂ. ଈଶ୍ୱରଙ୍କ ଅସ୍ତିତ୍ୱର ସୂଚକ, ଦିବ୍ୟତ୍ୱର ଦ୍ୟୋତକ; ଆଧ୍ୟାତ୍ମିକ ଭୟୋତ୍ପାଦକ।

**numismatic** ବିଂ. ମୁଦ୍ରା ବା ପଦକ ସମ୍ବନ୍ଧୀୟ।

**numismatics** ବି. ବ.ବ. ମୁଦ୍ରାଶାସ୍ତ୍ର, ମୁଦ୍ରାବିଜ୍ଞାନ, ମୁଦ୍ରା ବା ପଦକର ଅଧ୍ୟୟନ।

**numismatist** ବି. ମୁଦ୍ରାବିଜ୍ଞାନବିତ୍, ମୁଦ୍ରାନିର୍ମାଣ ବିଶାରଦ, ମୁଦ୍ରାବେତ୍ତା।

**numskull** ବି. ନିର୍ବୋଧ ବ୍ୟକ୍ତି।

**nun** ବି. *ସ୍ତ୍ରୀ* ସନ୍ନ୍ୟାସିନୀ, ବ୍ରହ୍ମଚାରିଣୀ।

**nuncio** ବି. ( ବ.ବ. nuncios) ପୋପ୍‌ଙ୍କର ପ୍ରତିନିଧି, ବିଦେଶରେ ପୋପ୍‌ଙ୍କର ରାଜଦୂତ।

**nunnery** ବି. ସନ୍ନ୍ୟାସିନୀମାନଙ୍କର ଆଶ୍ରମ।

**nuptial** 1. ବିଂ. ବୈବାହିକ, ବିବାହସମ୍ବନ୍ଧୀୟ; 2. ବି. *ସା.* ବ.ବ.ରେ ବିବାହ, ବିବାହୋତ୍ସବ।

**nurse** 1. ବି. ନର୍ସ, ପରିଚାରିକା, ଧାତ୍ରୀ, ଧାଈ, ରୋଗୀର ତାଲିମପ୍ରାପ୍ତ ପରିଚର୍ଯ୍ୟାକାରିଣୀ ବା ସେବିକା; 2. କ୍ରି. ଧାତ୍ରୀ, ସେବିକା ବା ନର୍ସରୂପେ କାର୍ଯ୍ୟ କରିବା; ଶିଶୁକୁ ସ୍ତନ୍ୟଦାନ କରିବା; ଶିଶୁ ବା ରୋଗୀର ସେବାଶୁଶ୍ରୂଷା କରିବା; ଅଭିବୃଦ୍ଧି ସାଧନ କରିବା; (ଅଭିଯୋଗ ପ୍ରଭୃତି) ପୋଷଣ କରିବା।

**nurseling** ବି. (nursling ମଧ୍ୟ) ଦୁଗ୍ଧପୋଷ୍ୟ ଶିଶୁ।

**nursemaid** ବି. ଶିଶୁ ବା ଶିଶୁଗଣଙ୍କ ଦାୟିତ୍ୱରେ ଥିବା ଯୁବତୀ ଧାତ୍ରୀ।

**nursery** ବି. ଶିଶୁ–ସଦନ, ଶିଶୁ–ପାଳନ–ଗୃହ; ଚାରା–ଗୃହ, ଚାରା–ଉଦ୍ୟାନ।

**nursery rhyme** ବି. ଶିଶୁମାନଙ୍କ ପାଇଁ ସରଳ ପାରମ୍ପରିକ ରୀତିରେ ରଚିତ ଗୀତ।

**nursery school** ବି. (ତିନିରୁ ପାଞ୍ଚ ବର୍ଷ ବୟସର) ଶିଶୁମାନଙ୍କର ବିଦ୍ୟାଳୟ।

**nurseryman** ବି. ଚାରା ଉଦ୍ୟାନର ମାଲିକ ବା କର୍ମଚାରୀ।

**nursing home** ବି. ନର୍ସିଙ୍ଗ୍ ହୋମ୍, ଅକ୍ଷମ ବା ବୃଦ୍ଧ ଲୋକମାନଙ୍କ ପାଇଁ ଘରୋଇ ଭାବରେ ପରିଚାଳିତ ଡାକ୍ତରଖାନା, ଘରୋଇ ଚିକିତ୍ସାଳୟ; ସେବା ସଦନ।

**nurture** 1. ବି. ପାଳନ ପୋଷଣ, ପ୍ରତିପାଳନ, ପାଳନ ପୋଷଣ; ଯତ୍ନ; ପୁଷ୍ଟିସାଧନ; 2. କ୍ରି. ପାଳିବା, ପାଳନପୋଷଣ କରିବା।

**nut** 1. ବି. ନଡ଼ିଆ, ବାଦାମ, ଗୁଆ ପ୍ରଭୃତି କଠିନ ଆବରଣ ବିଶିଷ୍ଟ ଫଳ; କାଠଫଳ; *ସା.ପ୍ର.* ମସ୍ତକ; *ସା.ପ୍ର.* ଆଡ଼ପାଗଳା; ବ.ବ. *ସା.ପ୍ର.* ଅଣ୍ଡକୋଷ; 2. କ୍ରି. ନଡ଼ିଆ, ବାଦାମ, ଗୁଆ ପ୍ରଭୃତି ଜାତୀୟ ଫଳ ଖୋଜିବା ବା ସଂଗ୍ରହ କରିବା; do one's nuts *ସା.ପ୍ର.* ଅତ୍ୟନ୍ତ କ୍ରୁଦ୍ଧ ହେବା।

**nutant** ବିଂ. ନତ ବା ଅବନତ।

**nutation** ବି. ଅବନମନ, ଝୁଙ୍କାଣ; ପୃଥିବୀର ଅକ୍ଷର (ସାମାନ୍ୟ) ଦୋଳନ।

**nutcase** ବି. *ସା.ପ୍ର.* ପାଗଳ ବା ବିକ୍ଷିପ୍ତ ବ୍ୟକ୍ତି।

**nutcracker** ବି. *ସା.* ବ.ବ. ମଂଜି ପ୍ରଭୃତି ଫଟାଇବା ଉପକରଣ; ଗୁଆକାତି।

**nuthatch** ବି. କାଠଫଳ, ମଂଜି ବା ପତଙ୍ଗ ଭୋଜୀ ଏକ ପ୍ରକାର କ୍ଷୁଦ୍ର ପକ୍ଷୀ।

**nutmeg** ବି. ଜାଇଫଳ।

Digitized by srujanika@gmail.com

**nutria** ବି. ଦକ୍ଷିଣ ଆମେରିକାରେ ପରିଦୃଷ୍ଟ କୟପୁ ନାମକ ମୂଷାଜାତୀୟ ପ୍ରାଣୀର ଚର୍ମ ବା ଲୋମ।

**nutrient** 1. ବିଂ. ପୋଷକ, ପୁଷ୍ଟିକର, ପୁଷ୍ଟିକାରକ; 2. ବି. ପୁଷ୍ଟିକର ପଦାର୍ଥ।

**nutriment** ବି. ପୁଷ୍ଟିକର ଖାଦ୍ୟ।

**nutrition** ବି. ଖାଦ୍ୟ, ପୁଷ୍ଟି, ପୋଷଣ, ପୁଷ୍ଟିସାଧନ; ବିଂ. nutritional; ବି. nutritionist.

**nutritious** ବିଂ. ପୋଷକ, ପୁଷ୍ଟିକର, ପୁଷ୍ଟିକାରକ, ପୌଷ୍ଟିକ।

**nutritive** ବିଂ. ପୋଷଣ ସମ୍ବନ୍ଧୀୟ, ପୁଷ୍ଟିକର, ପୁଷ୍ଟିକାରକ।

**nuts** ବିଂ. *ସା.ପ୍ର.* ପାଗଳ, ବିକ୍ଷିପ୍ତ; be nuts about (on) ଅତ୍ୟନ୍ତ ଆସକ୍ତ ବା ଅନୁରକ୍ତ ହେବା।

**nuts and bolts** ବି. ବ.ବ. ବାସ୍ତବିକ ବା ବ୍ୟାବହାରିକ ବିବରଣ।

**nutshell** ବି. ନଡ଼ିଆ ଆଦି ଫଳର କଠିନ ଆବରଣ, କାଠଫଳର କଠିନ ବାହ୍ୟାବରଣ; in a nutshell ଚୁମ୍ବକରେ, ସଂକ୍ଷେପରେ।

**nutter** ବି. *ସା.ପ୍ର.* ପାଗଳ ବା ବିକ୍ଷିପ୍ତ ବ୍ୟକ୍ତି।

**nutty** ବିଂ. ନଡ଼ିଆ, ବାଦାମ, ଗୁଆ ଆଦି ଜାତିର ଫଳରେ ପରିପୂର୍ଣ୍ଣ; ଏହି ଜାତୀୟ ଫଳର ସ୍ୱାଦୁଭଳି; *ସା.ପ୍ର.* ଆଡ଼ପାଗଳା; କ୍ରି.ବିଂ. nuttily; ବି. nuttiness.

**nux vomica** ବି. କୋଚିଲା ଫଳ; ଉକ୍ତ ଫଳରୁ ପ୍ରସ୍ତୁତ ଔଷଧ।

**nuzzle** କ୍ରି. ଧୀର ଭାବରେ ନାକ ଘଷିବା; ବସାରେ ପକ୍ଷୀ ପରି ସ୍ୱଚ୍ଛନ୍ଦରେ ରହିବା; ଆରାମରେ ରହିବା ବା ରଖିବା।

**NW** *ସଂଶ.* North-West(ern) ଉତ୍ତର–ପଶ୍ଚିମ ଦିଗ ବା ବାୟୁକୋଣ (ସମ୍ବନ୍ଧୀୟ)।

**NY** *ସଂଶ. ଆମେ.* ନ୍ୟୁୟର୍କ।

**nylon** ବି. ନାଇଲନ୍, ରାସାୟନିକ ପ୍ରକ୍ରିୟାରେ ପ୍ଲାଷ୍ଟିକ୍‌ରୁ ପ୍ରସ୍ତୁତ ଶକ୍ତ ଓ ନମନୀୟ ପଦାର୍ଥ, ଯାହା ଶିଳ୍ପ ଓ ପୋଷାକ ପ୍ରସ୍ତୁତିରେ ବ୍ୟବହୃତ ହୁଏ; ବ.ବ.ରେ ନାଇଲନ୍ ମୋଜା।

**nymph** ବି. ପୁ. ସମୁଦ୍ର, ବନ ପ୍ରଭୃତିର ଦେବୀ; ପରୀ, ଅପ୍ସରା; *କାବ୍ୟ.* ସୁନ୍ଦରୀ ଯୁବତୀ; କେତେକ ପତଙ୍ଗଙ୍କର ଅବିକଶିତ ଅବସ୍ଥା।

**nympho** ବି. (ବ.ବ. nymphos) *କ.ଭା.* କାମୋନ୍ମାଦଗ୍ରସ୍ତା ସ୍ତ୍ରୀ।

**nymphomania** ବି. *ମନ* (ସ୍ତ୍ରୀମାନଙ୍କର) ଅତ୍ୟଧିକ କାମୋନ୍ମାଦ ବା କାମୋତ୍ତେଜନା।

**nymphomaniac** ବି. *ମନ* କାମୋନ୍ମାଦଗ୍ରସ୍ତା ନାରୀ।

**NZ.** *ସଂଶ.* New Zealand ନ୍ୟୁଜିଲେଣ୍ଡ।

Digitized by srujanika@gmail.com

# Oo

**O,o** ବି. ବ.ବ. Os, os ବା O's, o's) ଇଂରାଜୀ ବର୍ଣ୍ଣମାଳାର ପଞ୍ଚଦଶ ଅକ୍ଷର ଓ ଚତୁର୍ଥ ସ୍ୱରବର୍ଣ୍ଣ; (O) କିଛି ନୁହେଁ, ଶୂନ୍ୟ, ଶୂନ।

**O**[1] *ଅବ୍ୟ.* ନାମର ସମ୍ବୋଧନରେ ବ୍ୟବହୃତ (O God! O dear me!); ଅନୁନୟ ବିନୟର ଅଭିବ୍ୟକ୍ତିସୂଚକ ଅବ୍ୟୟ ( *ଉଦା.* O for a holiday!)

**O**[2] *ସଂଶ.* old ପୁରାତନ।

**O**[3] *ପ୍ର.* Oxygen ଅମ୍ଳଜାନ।

**o'** *ଅ.* of ବା onର ସଂକ୍ଷିପ୍ତ ରୂପ *ଉଦା.* o'clock ଘଣ୍ଟାର; will o' the wisp (will on the wisp ଡାଆଣୀ ଆଲୁଅ)।

**oaf** ବି. ( ବ.ବ. oafs) ନିର୍ବୋଧ ବା ଅବାଗିଆ ଲୋକ; ବିଂ. oafish.

**oak** ବି. ଓକ୍ ବୃକ୍ଷ; ଏହି ବୃକ୍ଷର ଶକ୍ତ କାଠ; the Oaks *ସା.* ଏ.ବ. ଏପ୍‌ସମ୍‌ରେ ଅନୁଷ୍ଠିତ ଅଳ୍ପ ବୟସୀ ଘୋଡ଼ୀମାନଙ୍କର ଦୌଡ଼ ପ୍ରତିଯୋଗିତା।

**oak-apple (-gall)** ବି. ଓକ୍ ବୃକ୍ଷ ବା ପତ୍ର ଉପରେ କୀଟ–ସୃଷ୍ଟ ଆବୁ ସଦୃଶ କୋମଳ ପଦାର୍ଥ।

**oakum** ବି. ଜାହାଜର ରନ୍ଧ୍ର ଆଦି ବନ୍ଦ କରିବାରେ ବ୍ୟବହୃତ ଛିଣ୍ଡା ଦଉଡ଼ିର ତନ୍ତୁ।

**oar** ବି. କ୍ଷେପଣୀ, ଆହୁଲା; ନାଉରିଆ, ମାଝି; put one's oar in ବାଧା ଦେବା; ହସ୍ତକ୍ଷେପ କରିବା; ଅନଧିକାର ଚର୍ଚ୍ଚା କରିବା।

**oarsman** ବି. ନାବିକ, ନାଉରି, ମାଝି; ବି. oarsmanship; ବି. *ସ୍ତ୍ରୀ.* oarswoman.

**OAS** *ସଂଶ.* Orissa Administrative Service ଓଡ଼ିଶା ପ୍ରଶାସନିକ ସେବା।

**oasis** ବି. ( ବ.ବ. oases) ମରୁଭୂମି ମଧ୍ୟସ୍ଥ ଉର୍ବର ବା ହରିତ୍ ଭୂମି; ମରୁଦ୍ୟାନ; ମରୁଦ୍ୱୀପ; ଦୁଃଖ ବା ଯନ୍ତ୍ରଣାର ଉପଶମକାରୀ ପରିସ୍ଥିତି।

**oast** ବି. ଏକ ପ୍ରକାର ଚୁଲୀ ବା ଭାଟି।

**oast-house** ବି. ଚୁଲୀ ବା ଭାଟି ଥିବା କୋଠାଘର।

**oat** ବି. ( ବ.ବ.ରେ ବ୍ୟବହୃତ) ଯବଧାନ, ଯବଶସ୍ୟ; off one's oats *କ.ଭା.* ଭୋକ ନ ଲାଗିବା।

**oatcake** ବି. ଯବରେ ତିଆରି ପିଠା ବା ରୁଟି।

**oaten** ବିଂ. ଯବରେ ପ୍ରସ୍ତୁତ।

**oat-grass** ବି. ଯବ ସଦୃଶ ଏକ ଜାତୀୟ ଲମ୍ବା ଘାସ।

**oath** ବି. ଶପଥ, ହଲପ୍, ରାଣ (ଈଶ୍ୱର ସାକ୍ଷୀ ରଖି); ଧର୍ମନିନ୍ଦା; ଅପବିତ୍ରତା, ଅଶ୍ଳୀଳତା; on (under) oath ଶପଥଗ୍ରହଣ ପୂର୍ବକ।

**oatmeal** ବି. ଯବର ଅଟା।

**ob–** *ପୂ.ପ୍ର.* ଲାଟିନ୍ ସମାସରେ ପ୍ରଯୁକ୍ତ ଉପସର୍ଗ ( *ସା.* c ଆଗରୁ oc ; f ଆଗରୁ of ; p ଆଗରୁ op–) *ଉଦା.* ଆଧୁନିକ ବୈଜ୍ଞାନିକ ଶବ୍ଦ ଅର୍ଥରେ (obconical), ମିତ୍ରତା, ସହଜତା ଅର୍ଥରେ (obey); ଖୋଲା ଅର୍ଥରେ (object), ଦିଗ ଅର୍ଥରେ (oblong); ବାଧା ଅର୍ଥରେ (obstruct); ସମ୍ମୁଖ ଅର୍ଥରେ (obvious); ଭେଟିବା ବା ସାକ୍ଷାତ ଅର୍ଥରେ (occasion); ପୂର୍ଣ୍ଣତା ଅର୍ଥରେ (occupy); ବିରୋଧ ଅର୍ଥରେ (oppose).

**obduracy** ବି. ନିଷ୍ଠୁରତା, କଠୋରତା; ଅନମନୀୟତା।

**obdurate** ବିଂ. ନିଷ୍ଠୁର, କଠିନହୃଦୟ, କଠୋର; ଏକଜିଦିଆ, ଅନମନୀୟ।

**obedience** ବି. ଆଜ୍ଞାନୁବର୍ତ୍ତିତା, ବାଧ୍ୟତା, ବଶ୍ୟତା।

**obedient** ବିଂ. ଆଜ୍ଞାକାରୀ, ଆଜ୍ଞାନୁବର୍ତ୍ତୀ; ବାଧ୍ୟ; ମାନିବା ପାଇଁ ପ୍ରସ୍ତୁତ; ଅନ୍ୟର ଇଚ୍ଛା ପ୍ରତି ବାଧ୍ୟ ବା ବଶୀଭୂତ; କ୍ରି.ବିଂ. obediently.

**obeisance** ବି. ପ୍ରଣାମ, ପ୍ରଣତି, ଅଭିବାଦନ, ସମ୍ମାନ ପ୍ରଦର୍ଶନ।

**obeisant** ବିଂ. ପ୍ରଣତ, ସମ୍ମାନ ପ୍ରଦର୍ଶନକାରୀ; ଅନୁବର୍ତ୍ତୀ।

**obelisk** ବି. ପାଷାଣନିର୍ମିତ ଚତୁଷ୍କୋଣୀ ସୂଚ୍ୟଗ୍ର ସ୍ତମ୍ଭ।

**obelus** ବି. ( ବ.ବ. obeli) ସନ୍ଦର୍ଭସୂଚକ କଟାରାକାର ଚିହ୍ନ ( )।

**obese** ବିଂ. ସ୍ଥୂଳକାୟ, ମୋଟା।

**obesity** ବି. ସ୍ଥୂଳତା, ମୋଟାପଣିଆ।

**obey** କ୍ରି. ମାନିବା, ପାଳନ କରିବା; (ଆଦେଶ ବା ଅନୁମତି) ପାଳନ କରିବା; କଥାନୁସାରେ

Digitized by srujanika@gmail.com

କାର୍ଯ୍ୟ କରିବା; (ଶକ୍ତି ବା ସଂବେଗଦ୍ୱାରା) ପ୍ରେରିତ ହେବା।

**obfuscate** *କ୍ରି.* (ମନ ବା ଆଲୋଚ୍ୟ ବିଷୟକୁ) ଅନ୍ଧକାରାଚ୍ଛନ୍ନ କରିବା; ସ୍ତବ୍ଧ ବା ସ୍ତମ୍ଭିତ କରିଦେବା; ଅବୋଧ ବା ଅସ୍ପଷ୍ଟ କରିଦେବା; *ବି.* obfuscation.

**obituary** 1. *ବି.* ମୃତ୍ୟୁ ସୂଚନା, ମୃତ ବ୍ୟକ୍ତିର ସଂକ୍ଷିପ୍ତ ଜୀବନୀ; 2. *ବିଂ.* ମୃତ୍ୟୁବିଷୟକ, ମୃତ୍ୟୁସୂଚକ।

**object** 1. *ବି.* ଦୃଶ୍ୟ ବା ସ୍ପୃଶ୍ୟ ବସ୍ତୁ; କୌଣସି କାର୍ଯ୍ୟ ବା ଭାବନାର ଲକ୍ଷ୍ୟସ୍ଥଳ (ବ୍ୟକ୍ତି ବା ବସ୍ତୁ); ଲକ୍ଷ୍ୟ, ଉଦ୍ଦେଶ୍ୟ, ପ୍ରୟୋଜନ, ଅଭିପ୍ରାୟ, ବିଷୟ; *ବ୍ୟା.* କର୍ମ, କର୍ମପଦ; *ଦ.* ଚିନ୍ତାଶୀଳ ମନ ବା କର୍ତ୍ତା ପ୍ରତି ବାହ୍ୟ ବସ୍ତୁ ବା ପଦାର୍ଥ; 2. *କ୍ରି.* (*ସା.* to, against ସହ) ଆପତ୍ତି ଉଠାଇବା; (କୌଣସି ପ୍ରସ୍ତାବ ବା କାର୍ଯ୍ୟର) ପ୍ରତିବାଦ ବା ବିରୋଧ କରିବା; no object (ବିଜ୍ଞାପନ ପ୍ରଭୃତିରେ ଏହି ଘୋଷଣା ଯେ) କୌଣସି ବିଶେଷ ସର୍ତ୍ତ ନାହିଁ, *ଉଦା.* money or time is no object ଅର୍ଥ ବା ସମୟର କୌଣସି ବିଶେଷ ସର୍ତ୍ତ ନାହିଁ।

**object-glass** *ବି.* ଅଭିଦୃଶ୍ୟକ ଲେନ୍ସ ବା ଯବ କାଚ; ଦୂରବୀକ୍ଷଣ ବା ଅଣୁବୀକ୍ଷଣ ଯନ୍ତ୍ରଦ୍ୱାରା ପରିଦୃଷ୍ଟ ପଦାର୍ଥର ନିକଟତମ କାଚ।

**objectify** *କ୍ରି.* ବାସ୍ତବ ବା ବସ୍ତୁନିଷ୍ଠ କରିବା; ମୂର୍ତ୍ତିମନ୍ତ ବା ରୂପାନ୍ୱିତ କରିବା, ସ୍ଥୂଳ ବା ବାସ୍ତବ ରୂପରେ ପ୍ରକାଶ କରିବା।

**objection** *ବି.* ଆପତ୍ତି, ଆକ୍ଷେପ, ଅସମ୍ମତି, ବିରୋଧ, ପ୍ରତିବାଦ, ବିରୁଦ୍ଧ ତର୍କ ବା ବକ୍ତବ୍ୟ।

**objectionable** *ବିଂ.* ଆପତ୍ତିଜନକ; ଅନୁଚିତ, ଅବାଞ୍ଛନୀୟ; ଅରୁଚିକର, ଅପ୍ରୀତିକର; ଅପମାନଜନକ; ଅମାନ୍ୟ।

**objectionably** *କ୍ରି.ବିଂ.* ଆପତ୍ତିଜନକ ଭାବରେ, ଅନୁଚିତ ଢଙ୍ଗରେ, ଅବାଞ୍ଛନୀୟ ରୂପେ।

**objective** 1. *ବିଂ.* ବାସ୍ତବିକ, ବସ୍ତୁନିଷ୍ଠ, ବାସ୍ତବ; ମନ ପ୍ରତି ବାହ୍ୟ; ମନନିରପେକ୍ଷ; ବ୍ୟକ୍ତିନିରପେକ୍ଷ, ଯହିଁରେ ପ୍ରଦର୍ଶକ ବା ବକ୍ତାର ମନୋଭାବ ବା ମତ ପ୍ରତିଫଳିତ ନ ହୋଇ ପ୍ରକୃତ ଘଟଣା ପ୍ରଦର୍ଶିତ ହେଉଥାଏ; *ଅ–*ବ୍ୟକ୍ତିଗତ; *ବ୍ୟା.* କର୍ମସମ୍ବନ୍ଧୀୟ, କର୍ମପଦି ବା କର୍ମ ପ୍ରତି ପ୍ରଯୁଜ୍ୟ; ଉଦ୍ଦେଶ୍ୟ ବା ଲକ୍ଷ୍ୟ ସଂକ୍ରାନ୍ତ; *ବ୍ୟା.* କର୍ମକାରକ; 2. *ବି.* ଲକ୍ଷ୍ୟ, ଅଭିପ୍ରାୟ; *କ୍ରି.ବିଂ.* objectively.

**objectivity** *ବି.* ବାସ୍ତବିକତା, ଯଥାର୍ଥତା, ବସ୍ତୁନିଷ୍ଠତା, ବସ୍ତୁସାପେକ୍ଷତା।

**object-lesson** *ବି.* ବସ୍ତୁ–ପାଠ, ପ୍ରାୟୋଗିକ ଶିକ୍ଷା।

**objector** *ବି.* ଆପତ୍ତିକାରୀ ବ୍ୟକ୍ତି।

**objurgate** *କ୍ରି.* *ସାହି.* ତିରସ୍କାର କରିବା, ଗାଳିଦେବା; ନିନ୍ଦା କରିବା; *ବି.* objurgation.

**oblate**[1] *ବିଂ.* *ଜ୍ୟା.* ବୃତ୍ତାକାର କିନ୍ତୁ ଉଭୟ ମେରୁ ଅଂଶ ଚେପ୍ଟା।

**oblate**[2] *ବି.* ଉତ୍ସର୍ଗୀକୃତ ବ୍ୟକ୍ତି; ଧାର୍ମିକ ଜୀବନ–ଯାପନ ପାଇଁ ନିଜକୁ ଉତ୍ସର୍ଗ କରିଥିବା ବ୍ୟକ୍ତି।

**oblation** *ବି.* ନୈବେଦ୍ୟ, ଅର୍ଘ୍ୟ, ପୂଜା; ଦିବ୍ୟ ପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପିତ ପଦାର୍ଥ।

**obligate** *କ୍ରି.* *ଅ.କ୍ରି.ଜ.*ପରେ ବ୍ୟବହୃତ (ବ୍ୟକ୍ତିକୁ) କୌଣସି କାର୍ଯ୍ୟ କରିବାକୁ ଆଇନତଃ ବାଧ କରିବା; କୃତଜ୍ଞତା ପାଶରେ ଆବଦ୍ଧ ରଖିବା।

**obligation** *ବି.* ଆଇନ୍‌କାନୁନ୍, କର୍ତ୍ତବ୍ୟ, ଦାୟିତ୍ୱ ପ୍ରଭୃତିର ବନ୍ଧନକାରିଣୀ ଶକ୍ତି, ଅବଶ୍ୟପାଳନୀୟ କର୍ତ୍ତବ୍ୟ; ନୈତିକ କର୍ତ୍ତବ୍ୟ; ବଣ୍ଡ; ଏକରାରନାମା; ଆଇନଦ୍ୱାରା ଅନୁମୋଦିତ ଚୁକ୍ତିପତ୍ର, ଉପକାର ବା ଅନୁଗ୍ରହ ପାଇଁ କୃତଜ୍ଞତା; under (an) obligation କୃତଜ୍ଞ।

**obligatory** *ବିଂ.* (ଆଇନତଃ ବା ନୀତିଗତ ଭାବରେ) ବାଧତାମୂଳକ, ଅବଶ୍ୟ କରଣୀୟ ବା ପାଳନୀୟ; *କ୍ରି.ବିଂ.* obligatorily.

**oblige** *କ୍ରି.* ବାଧ କରିବା, ଅନୁଗୃହୀତ କରିବା, ଉପକୃତ କରିବା; କୃତଜ୍ଞତା ସୂତ୍ରରେ ଆବଦ୍ଧ କରିବା; be obliged to person (କୌଣସି ବ୍ୟକ୍ତି ପ୍ରତି) ଋଣୀ ବା କୃତଜ୍ଞ ରହିବା; much obliged ଆପଣଙ୍କୁ ଧନ୍ୟବାଦ।

**obliging** *ବିଂ.* ସାହାଯ୍ୟ ପରାୟଣ, ସହଯୋଗିତା ମନୋଭାବ ସମ୍ପନ୍ନ।

**oblique** 1. *ବିଂ.* ତିର୍ଯ୍ୟକ୍, ତେରଛା, ବକ୍ର, କୁଟିଳ, ଢଳାଣିଆ; ପରୋକ୍ଷ, ଅପ୍ରତ୍ୟକ୍ଷ; *ବ୍ୟା.* କର୍ତ୍ତାକାରକ ବା ସମ୍ବୋଧନ ପଦରୁ ଭିନ୍ନ କାରକ; 2. *ବି.* କୁଟିଳ ଆଘାତ।

**obliquity** *ବି.* ବକ୍ରତା, ତିର୍ଯ୍ୟକ୍‌ତା।

Digitized by srujanika@gmail.com

**obliterate** କ୍ରି. ଲୋପ କରିବା; ପୋଛି ଦେବା; ନିଶ୍ଚିହ୍ନ କରିବା; ଧ୍ୱଂସ କରି ଦେବା; ଉନ୍ମୂଳନ କରିବା ।

**obliteration** ବି. ବିଲୋପ, ଧ୍ୱଂସସାଧନ, ନାଶ, ଉନ୍ମୂଳନ ।

**obilterator** ବି. ଧ୍ୱଂସସାଧକ, ନାଶକ ।

**oblivion** ବି. ବିସ୍ମୃତି, ବିସ୍ମରଣ, ବିସ୍ମରଣଶୀଳତା ।

**oblivious** ବିଂ. ବିସ୍ମୃତ, ବିସ୍ମରଣଶୀଳ; ବେପରୁଆ, ଅନବହିତ ।

**oblong** 1. ବିଂ. ଦୀର୍ଘାୟତ, ଆୟତାକାର ଭାବରେ ଲମ୍ବା; 2. ବି. ଆୟତାକାର ରୂପ ବା ବସ୍ତୁ ।

**obloquy** ବି. ନିନ୍ଦା, ତିରସ୍କାର ।

**obnoxious** ବିଂ. ଘୃଣ୍ୟ, ଘୃଣିତ; ଅରୁଚିକର; ଆପତ୍ତିଜନକ; ନିନ୍ଦନୀୟ ।

**oboe** ବି. ବଂଶୀ ଜାତୀୟ ଏକ ପ୍ରକାର ବାଦ୍ୟଯନ୍ତ୍ର; ବି. oboist.

**obscene** ବିଂ. ଅଶ୍ଳୀଳ; ଅଶିଷ୍ଟ; କୁତ୍ସିତ; ଲଜ୍ଜାଜନକ; ଅପବିତ୍ର; କ୍ରି.ବିଂ. obscenely.

**obscenity** ବି. ଅଶ୍ଳୀଳତା, ଅଶିଷ୍ଟତା, ଅଶ୍ଳୀଳ ଭାଷା ବା କର୍ମ ।

**obscure** 1. ବିଂ. ଅନ୍ଧକାରମୟ; ଧୂମିଳ; ମଳିନ; ପ୍ରଚ୍ଛନ୍ନ; ଗୁପ୍ତ; ଅସ୍ପଷ୍ଟ, ଦୁର୍ବୋଧ; ଅପ୍ରସିଦ୍ଧ, ଅଜ୍ଞାତ; 2. କ୍ରି. ଅସ୍ପଷ୍ଟ ବା ଦୁର୍ବୋଧ୍ୟ କରିବା; ଗୋପନୀୟ ରଖିବା; ଲୁଚାଇବା ।

**obscurity** ବି. ଅସ୍ପଷ୍ଟତା, ଦୁର୍ବୋଧତା; ଅନ୍ଧକାର ।

**obsequies** ବି. ବ.ବ. ଅନ୍ତ୍ୟେଷ୍ଟିକ୍ରିୟା; ଅନ୍ତିମ ସଂସ୍କାର; ଶବଦାହ ସଂସ୍କାର ।

**obsequious** ବିଂ. ଚାଟୁକାର, ତୋଷାମଦିଆ; ନୀଚ ଓ ହୀନ ଭାବରେ ବିନୀତ ବା ଆଜ୍ଞାବହ; କ୍ରି.ବିଂ. obsequiously; ବି. obsequiousness.

**observance** ବି. (ଆଇନ୍, କର୍ତ୍ତବ୍ୟ, ପ୍ରଭୃତିର) ପ୍ରତିପାଳନ; ଧର୍ମାନୁଷ୍ଠାନ; ରୀତି ବା ପ୍ରଥା—ସମ୍ମତ କାର୍ଯ୍ୟର ପାଳନ ।

**observant** ବିଂ. (ନିୟମ, କର୍ତ୍ତବ୍ୟ ଆଦି) ପାଳନରତ; ସାବଧାନ; ସତର୍କ, ଅଭିନିବିଷ୍ଟ; ପାଳନରେ ମନୋଯୋଗୀ; କ୍ରି.ବିଂ. observantly.

**observation** ବି. ନିରୀକ୍ଷଣ; ପର୍ଯ୍ୟବେକ୍ଷଣ; ଅବଲୋକନ; ମନୋଯୋଗ; ଆଲୋଚନା; ଟୀକା; ଟିପ୍ପଣୀ ।

**observational** ବିଂ. ପର୍ଯ୍ୟବେକ୍ଷଣ—ଘଟିତ, ନିରୀକ୍ଷଣଲବ୍ଧ ।

**observatory** ବି. ଗ୍ରହନକ୍ଷତ୍ରାଦିଙ୍କ ପର୍ଯ୍ୟବେକ୍ଷଣାଗାର; ମାନ ମନ୍ଦିର ।

**observe** କ୍ରି. ପାଳନ କରିବା; ରକ୍ଷା କରିବା; ମାନିବା; ନିରୀକ୍ଷଣ ବା ପର୍ଯ୍ୟବେକ୍ଷଣ କରିବା; ମନୋଯୋଗ ପୂର୍ବକ ଦେଖିବା; (ନିୟମ) ଅନୁସରଣ କରିବା, ରୀତି, ପ୍ରଥା, ଧର୍ମାନୁଷ୍ଠାନ ପ୍ରଭୃତି ପାଳନ ବା ସମ୍ପାଦନ କରିବା; (ଘଟଣା ବା ଦତ୍ତ ଆଧାର—ସାମଗ୍ରୀରୁ) ଟୀକା ଟିପ୍ପଣୀ କରିବା; ମନ୍ତବ୍ୟ ପ୍ରକାଶ କରିବା; ରାୟ ଦେବା; ବିଂ. observable.

**observer** ବି. ନିରୀକ୍ଷକ, ପର୍ଯ୍ୟବେକ୍ଷକ; ଅନୁରାଗୀ ପରିଦର୍ଶକ ।

**obsess** କ୍ରି. ବ୍ୟକ୍ତିର ମନକୁ କ୍ରମାଗତଭାବରେ ଆଚ୍ଛନ୍ନ କରିବା; (ଭୂତପ୍ରେତ ଆଦିର ଧାରଣା) ମନକୁ ଅଧିକାର କରିବା; ଚିତ୍ତକୁ ଅଭିନିବିଷ୍ଟ କରିବା; ବିଂ. obsesessive; କ୍ରି.ବିଂ. obsessively; ବି. obsessiveness.

**obsession** ବି. ମନୋଗ୍ରସ୍ତତା; ଆବେଷ୍ଟନ; ଭୂତାବେଶ; ଭୂତଲାଗିବା ଅବସ୍ଥା; ବିଂ. obsessional; କ୍ରି.ବିଂ. obsessionally.

**obsidian** ବି. ଆଗ୍ନେୟଗିରି କାଚ; ଆଗ୍ନେୟଗିରିରୁ ନିର୍ଗତ କଳା କାଚ ସଦୃଶ ତରଳ ପଦାର୍ଥ ବା ପ୍ରସ୍ତର ।

**obsolescent** ବିଂ. ଲୁପ୍ତପ୍ରାୟ; କ୍ରମଶଃ ଅପ୍ରଚଳିତ ବା ଅବ୍ୟବହାର୍ଯ୍ୟ ହେଉଥିବା; ଯାହା କ୍ରମଶଃ ପୁରାତନ ରୀତି ବା ଢଙ୍ଗର ହୋଇ ଆସୁଥାଏ; ବି. obsolescence.

**obsolete** ବିଂ. ଲୁପ୍ତ, ଅପ୍ରଚଳିତ, ପରିତ୍ୟକ୍ତ; ପୁରାତନ; ପ୍ରାଚୀନ ।

**obstacle** ବି. ବାଧା, ବିଘ୍ନ; ଅବରୋଧ, ଅନ୍ତରାୟ; ପ୍ରତିବନ୍ଧକ, ବ୍ୟାଘାତ ।

**obstetric** ବିଂ. ଧାତ୍ରୀ—ବିଦ୍ୟା ବା ପ୍ରସୂତି—ବିଜ୍ଞାନ ସମ୍ବନ୍ଧୀୟ ।

**obstetrician** ବି. ଧାତ୍ରୀ ବିଦ୍ୟା ବିଶେଷଜ୍ଞ; ପ୍ରସୂତି ବିଜ୍ଞାନବେତ୍ତା ।

Digitized by srujanika@gmail.com

**obstetrics** ବି. *ସା.ଏ.ବ.* ଧାତ୍ରୀ ବିଦ୍ୟା, ପ୍ରସୂତି ବିଜ୍ଞାନ ।

**obstinacy** ବି. ଏକଜିଦିଆପଣ, ଅବାଧ୍ୟତା; ଦୁର୍ଦ୍ଦାନ୍ତତା, ଅବିନୟ ।

**obstinate** ବିଂ. ଏକଜିଦିଆ; ଦୁରାଗ୍ରହୀ; ଏକବାଗିଆ, ଜିଦ୍‌ଖୋର, ଅବାଧ୍ୟ, ଦୁର୍ଦ୍ଦାନ୍ତ; obstinately.

**obstreperous** ବିଂ. କୋଳାହଳକାରୀ, ଉପଦ୍ରବକାରୀ; କଳହପ୍ରିୟ; ଦୁର୍ଦ୍ଦାନ୍ତ; ଉଚ୍ଛୃଙ୍ଖଳ; *କ୍ରି.ବିଂ.* obstreperously; ବି. obstreperousness.

**obstruct** କ୍ରି. ଅବରୋଧ କରିବା; ବିକାଶ ବା ପ୍ରଗତିକୁ ପ୍ରତିରୋଧ କରିବା; ବାଧାଦେବା, ବିଘ୍ନ ସୃଷ୍ଟି କରିବା; ବି. obstructor.

**obstruction** ବି. ଅବରୋଧ; ବାଧା; ବିଘ୍ନ, ଅନ୍ତରାୟ, ବିରୋଧ; ପ୍ରତିରୋଧ ।

**obstructive** ବିଂ. ଅବରୋଧକାରୀ; ବାଧାଜନକ, ବାଧକ; ପ୍ରତିରୋଧକାରୀ; *କ୍ରି.ବିଂ.* obstructively; ବି. obstructiveness.

**obtain** କ୍ରି. ପାଇବା; ଲାଭ କରିବା; ହାସଲ କରିବା; ଉଦ୍ୟମ କରିବା; ଉଦ୍ୟମଦ୍ୱାରା ପାଇବା; ପ୍ରଚଳିତ ହେବା; ବ୍ୟବହୃତ ହେବା; ବିଦ୍ୟମାନ ଥିବା; ବିଂ. obtainable.

**obtrude** କ୍ରି. ହସ୍ତକ୍ଷେପ କରିବା, ଅଯାଚିତ ଭାବରେ କୌଣସି ବିଷୟରେ ପ୍ରବେଶ କରିବା; ଅନଧିକାର ଚେଷ୍ଟା କରିବା ।

**obtrusion** ବି. ହସ୍ତକ୍ଷେପ, ଦଖଲ, ଅନଧିକାର ଚେଷ୍ଟା ।

**obtrusive** ବିଂ. ଧୃଷ୍ଟ; ଅଯାଚିତ ଭାବେ ପ୍ରବେଶକାରୀ; ଅନଧିକାର ଭାବରେ ଚେଷ୍ଟିତ ।

**obtuse** ବିଂ. ଜଡ଼; ସ୍ଥୂଳ; ମନ୍ଦ ବୁଦ୍ଧି; ମୋଟାବୁଦ୍ଧିଆ; *ଜ୍ୟା.* ସ୍ଥୂଳ (କୋଣ); ଏକ ସମକୋଣଠାରୁ ଅଧିକ, ଦୁଇ ସମକୋଣଠାରୁ କମ (କୋଣ); ଦଳଚିବା; ବି. obtuseness.

**obverse** ବି. ମୁଦ୍ରା ବା ପଦକର ପ୍ରତୀକାଙ୍କିତ ସମ୍ମୁଖଭାଗ; କୌଣସି ବସ୍ତୁର ଉପରିଭାଗ ବା ମୁଖ୍ୟ ଭାଗ; ବ୍ୟକ୍ତି ବା ବସ୍ତୁର ପ୍ରତିରୂପ ।

**obviate** କ୍ରି. (ଆବଶ୍ୟକତା, ଅସୁବିଧା) ଦୂର କରିବା; ହ୍ରାସ କରିବା; ମୁକ୍ତି ବା ଅବ୍ୟାହତି ପାଇବା ।

**obvious** ବିଂ. ସ୍ପଷ୍ଟ, ସୁସ୍ପଷ୍ଟ; ପ୍ରତ୍ୟକ୍ଷ; ପ୍ରକଟ, ସ୍ୱଚ୍ଛ ।

**obviously** *କ୍ରି.ବିଂ.* ସ୍ପଷ୍ଟ ବା ସୁସ୍ପଷ୍ଟ ଭାବରେ ।

**obviousness** ବି. ସ୍ପଷ୍ଟତା, ସୁସ୍ପଷ୍ଟତା ।

**ocarina** ବି. କ୍ଷୁଦ୍ର ଅଣ୍ଡାକୃତି ସଂଗୀତ ବାଦ୍ୟ–ଯନ୍ତ୍ର ବିଶେଷ ।

**occasion** 1. ବି. ଅବସର; ସୁଯୋଗ; ସୁବିଧା; ସମୟ; ଆନୁଷଙ୍ଗିକ କାରଣ, ହେତୁ, ଆଧାର, ପ୍ରୟୋଜନ, ଉପଲକ୍ଷ୍ୟ, ଘଟଣା; 2. କ୍ରି. ଆନୁଷଙ୍ଗିକ କାରଣ ରୂପେ ଘଟାଇବା; on occasion କେତେବେଳେ କେମିତି; ଅବସର ବା ସୁଯୋଗରେ; ଆବଶ୍ୟକ ଅନୁସାରେ ।

**occasional** ବିଂ. ପ୍ରାସଙ୍ଗିକ, ଆନୁଷଙ୍ଗିକ; ସାମୟିକ; କେବେକେବେ ସଂଘଟିତ; ଅନିୟମିତ ।

**occasionally** *କ୍ରି.ବିଂ.* ପ୍ରସଙ୍ଗାନୁରୂପେ, ଆନୁଷଙ୍ଗିକଭାବରେ, କେବେକେବେ, ସମୟେ ସମୟେ ।

**Occident** ବି. *କାବ୍ୟ ବା ଥାଳ* ପ୍ରତୀଚୀ, ପଶ୍ଚିମଦିଗ, ବିଶେ. ୟୁରୋପ ଓ ଆମେରିକା; (ପ୍ରାଚ୍ୟ ସଭ୍ୟତାର ବିପରୀତ) ପାଶ୍ଚାତ୍ୟ ସଭ୍ୟତା ।

**occidental** ବିଂ. ପାଶ୍ଚାତ୍ୟ, ପ୍ରତୀଚ୍ୟ ।

**occipital** ବିଂ. ମସ୍ତକର ପୃଷ୍ଠଭାଗ ସମ୍ବନ୍ଧୀୟ ।

**occiput** ବି. ମସ୍ତକର ପୃଷ୍ଠଭାଗ; ମୁଣ୍ଡର ପଛପାଖ ।

**occlude** କ୍ରି. ରୋଧ ବା ଅବରୋଧ କରିବା; ପ୍ରତିରୋଧ କରିବା; ବନ୍ଦକରିବା; *ରସା.* (ଗ୍ୟାସ୍) ଶୋଷି ନେବା ଏବଂ ଧାରଣ କରିବା; ବି. occlusion.

**occult** ବିଂ. ଅପ୍ରତ୍ୟକ୍ଷ, ଗୁପ୍ତ, ଗୂଢ଼; ଦୁର୍ବୋଧ; ରହସ୍ୟମୟ, ଐନ୍ଦ୍ରଜାଲିକ, ସାଧାରଣଜ୍ଞାନର ଅଗୋଚର; ଦ. ଗୁହ୍ୟ; ଅତିପ୍ରାକୃତ; ବି. occultism.

**occupancy** ବି. ଭୋଗ, ଅଧିଭୋଗ, ଦଖଲ, ଅଧିକାର ।

**occupant** ବି. ଭୋଗୀ, ଅଧିଭୋଗୀ, ଦଖଲକାରୀ, ମାଲିକ; ପଦ ବା ଗୃହର ଅଧିକାରୀ ।

**occupation** ବି. ଜୀବିକା, ବୃତ୍ତି, ପେଶା, ଧନ୍ଦା, ବ୍ୟବସାୟ, କାରବାର; ଅଧିକାର, ଦଖଲ, ସଶସ୍ତ୍ର ସେନାଦ୍ୱାରା କୌଣସି ଦେଶ ଅଧିକାର ।

Digitized by srujanika@gmail.com

**occupational** ବିଂ. ଜୀବିକା ବା ବୃତ୍ତି ସମ୍ବନ୍ଧୀୟ, ବ୍ୟାବସାୟିକ; ଅଧିକାର ବା ଦଖଲ ସମ୍ବନ୍ଧୀୟ ।

**occupational disease (hazard)** ବି. କୌଣସି ପେଶା ବା ଜୀବିକାରୁ ଉତ୍ପନ୍ନ ରୋଗ ।

**occupational therapy** ବି. ରୋଗୀକୁ ମାନସିକ ବା ଦୈହିକ କାର୍ଯ୍ୟରେ ଲଗାଇ ଚିକିତ୍ସା କରିବାର ପ୍ରଣାଳୀ; ଜୀବିକାଗତ ଚିକିତ୍ସା ।

**occupier** ବି. ଗୃହପ୍ରଭୃତିରେ ମାଲିକ ବା ଭଡ଼ାଟିଆ ରୂପେ ବାସ କରୁଥିବା ବ୍ୟକ୍ତି; ଅଧିବାସୀ ।

**occupy** କ୍ରି. ନିବାସ କରିବା; (ସ୍ଥାନ, କାଳ ଆଦି) ପୂରଣ କରିବା; (ପଦ ବା ଆସନ) ଗ୍ରହଣ କରିବା; କାର୍ଯ୍ୟରେ ନିଯୁକ୍ତ, ବ୍ୟାପୃତ ବା ବ୍ୟସ୍ତ କରିବା; ଦେଶ, ଭୂଖଣ୍ଡ ପ୍ରଭୃତି ଅଧିକାର କରିବା ।

**occur** କ୍ରି. ଘଟିବା, ସଂଘଟିତ ହେବା; ମିଳିବା; ମନରେ ବା ଧ୍ୟାନରେ ଆସିବା, ମନେ ପଡ଼ିବା; occur to ମନ ମଧ୍ୟକୁ ଆସିବା ।

**occurrence** ବି. ଘଟଣା, ବ୍ୟାପାର ।

**ocean** ବି. ସମୁଦ୍ର; ମହାସାଗର, ମହାସମୁଦ୍ର (*ଉଦା.* ଆଟଲାଣ୍ଟିକ୍, ପ୍ରଶାନ୍ତ, ଭାରତ, ଉତ୍ତର ଓ ଦକ୍ଷିଣ ମହାସାଗର, ଏହି ପାଞ୍ଚଗୋଟି ମଧ୍ୟରୁ ଗୋଟିଏ) ।

**oceanic** ବିଂ. ମହାସାଗରୀୟ, ମହାସାଗର ସମ୍ବନ୍ଧୀୟ ।

**oceanography** ବି. ସମୁଦ୍ର–ବିଜ୍ଞାନ; ବି. oceanographer.

**ocelot** ବି. ଦକ୍ଷିଣ ଓ ମଧ୍ୟ ଆମେରିକାରେ ପରିଦୃଷ୍ଟ ଚିତାବାଘ ସଦୃଶ ପଶୁ ।

**ochre** ବି. *ଆମେ.* ocher ହଳଦିଆ, ବାଦାମୀ ବା ଲାଲ ରଙ୍ଗ ରୂପେ ବ୍ୟବହୃତ ମାଟି; ଈଷତ୍ ବାଦାମୀ ମିଶା ହଳଦିଆ ରଙ୍ଗ, ଗେରୁ; ବିଂ. orchreous.

**o'clock** କ୍ରି.ବିଂ. (ଘଡ଼ି ବା ଘଣ୍ଟା ଅନୁସାରେ) ସମୟ (*ଉଦା.* six o'clock ଛଅଟା ସମୟ) ।

**Oct.** *ସଂକ୍ଷି.* October ଅକ୍ଟୋବର ।

**octa–** *ସଂ.* (ସ୍ୱରବର୍ଣ୍ଣ ପୂର୍ବରୁ oct ) ଅଷ୍ଟ–, ଆଠ– ।

**octagon** ବି. ଅଷ୍ଟବାହୁ ଓ କୋଣ ବିଶିଷ୍ଟ ସମତଳ କ୍ଷେତ୍ର, ଅଷ୍ଟଭୁଜ ।

**octagonal** ବିଂ. ଅଷ୍ଟବାହୁ ଓ ଅଷ୍ଟକୋଣ ବିଶିଷ୍ଟ; ଅଷ୍ଟବାହୁ ଓ ଅଷ୍ଟକୋଣ ସମନ୍ୱିତ ।

**octahedron** ବି. ତ୍ରିଭୁଜାକାର ଅଷ୍ଟସମବାହୁ ବିଶିଷ୍ଟ ଘନକ୍ଷେତ୍ର ।

**octane** ବି. ପେଟ୍ରୋଲ୍‌ରେ ସ୍ଥିତ ବର୍ଣ୍ଣହୀନ, ସୁଦାହ୍ୟ ହାଇଡ୍ରୋକାର୍ବନ୍ ।

**octave** ବି. ପାଶ୍ଚାତ୍ୟ ସଂଗୀତରେ ଦୁଇଟି ସ୍ୱର ଏବଂ ମଧ୍ୟବର୍ତ୍ତୀ ଲୟକାରୀ ସ୍ୱରାନୁକ୍ରମ ବିଶେଷ (*ସା.* ଆଠଟି ସ୍ୱର ବିଶିଷ୍ଟ); ଅଷ୍ଟପଦୀ; ଆଠ ପଙ୍‌କ୍ତିର ପଦ ।

**octavo** ବି. କାଗଜ ଫର୍ମାକୁ ତିନିଥର ମୋଡ଼ି ଏବଂ ଆଠ ପୃଷ୍ଠାରେ ବିଭାଜନ କରି ପ୍ରସ୍ତୁତ କରାଯାଇଥିବା ପୁସ୍ତକ ବା ପୃଷ୍ଠାର ଆକାର ।

**octet** ବି. (octette ମଧ୍ୟ) ଆଠଜଣ ଗାୟକ ବା ଅଭିନେତାଙ୍କ ନିମନ୍ତେ ସାଂଗୀତିକ ରଚନା, ଏହି ଆଠଜଣ କଳାକାର; ଆଠଜଣିଆ ଯେ କୌଣସି ଦଳ ।

**octo–** *ସଂ.* (ସ୍ୱରବର୍ଣ୍ଣ ପୂର୍ବରୁ oct ) ଆଠ–, ଅଷ୍ଟ– ।

**October** ବି. ଅକ୍ଟୋବର ମାସ, ଇଂ. ବର୍ଷର ଦଶମ ମାସ ।

**octogenarian** ବି. ଅଶୀଠାରୁ ଅଣାନବେ ବର୍ଷ ପର୍ଯ୍ୟନ୍ତ ବୟସର ବ୍ୟକ୍ତି, ଅଶୀତି ବର୍ଷୀୟ ବ୍ୟକ୍ତି ।

**octopus** ବି. ଅକ୍ଟୋପାସ୍, ଅଷ୍ଟଭୁଜ ସାମୁଦ୍ରିକ ଜୀବବିଶେଷ ।

**ocular** ବିଂ. ଚାକ୍ଷୁଷ, ପ୍ରତ୍ୟକ୍ଷ ।

**oculist** ବି. ଚକ୍ଷୁ–ଚିକିତ୍ସକ, ଆଖି ଡାକ୍ତର, ଚକ୍ଷୁରୋଗ ବିଶାରଦ, ନେତ୍ର ବିଶେଷଜ୍ଞ ।

**odd** ବିଂ. ବିଚିତ୍ର, ଅଦ୍ଭୁତ, ବିଲକ୍ଷଣ; ଅବ୍ୟବସ୍ଥିତ; ଆକସ୍ମିକ, ସାମୟିକ, ଅନିୟମିତ (କାମ, ଚାକିରୀ); ଅସଂବଦ୍ଧ, ବିକ୍ଷିପ୍ତ; ଗଣିତ ବିଷମ, ବିଯୋଡ଼ (ସଂଖ୍ୟା); କ୍ରି.ବିଂ. oddly; ବି. oddness.

**oddball** ବି. *କ.ଭା.* ଅବ୍ୟବସ୍ଥିତଚିତ୍ତ ବା ବିକ୍ଷିପ୍ତ ବ୍ୟକ୍ତି; ଆଡ଼ପାଗଳା ।

**oddity** ବି. ବିଚିତ୍ରତା, ବିଲକ୍ଷଣତା, ବିଷମତା; ଅନିୟମିତତା; ବିକ୍ଷିପ୍ତତା; ଅସଂବଦ୍ଧତା; ବିଚିତ୍ର ବ୍ୟକ୍ତି, ବସ୍ତୁ ବା ଘଟଣା ।

**odd man out** ବି. ଦଳ ବା ଗୋଷ୍ଠୀରେ ଅନ୍ୟମାନଙ୍କଠାରୁ ଭିନ୍ନ ବ୍ୟକ୍ତି ବା ବସ୍ତୁ ।

Digitized by srujanika@gmail.com

**oddment** ବି. ଅସଂବଦ୍ଧ ବସ୍ତୁ; ବ.ବରେ ଅବଶିଷ୍ଟ ବସ୍ତୁସମୂହ; ବିକ୍ଷିପ୍ତ ପଦାର୍ଥରାଜି।

**odds** ବି. ବ.ବ (ସମୟେ ସମୟେ ଏକ ବଚନରେ ମଧ୍ୟ ବ୍ୟବହୃତ) ବିଭିନ୍ନ ପକ୍ଷଦ୍ୱାରା ବାଜି ଉପରେ ସଂରକ୍ଷିତ ଧନରାଶିର ଅନୁପାତ; ଅନୁକୂଳ ସମ୍ଭାବନା; ଲାଭ, ସୁବିଧା; ସୁବିଧାଜନକ ପାର୍ଥକ୍ୟ ବା ଅନ୍ତର; at odds ସଂଘର୍ଷ ବା ମତାନ୍ତରରେ; ଭିନ୍ନ; over the odds ସାଧାରଣ ସମ୍ମତ ମୂଲ୍ୟ ପ୍ରଭୃତିର ଉପରେ।

**odds and ends** ବି. ବ.ବ. ଅବଶିଷ୍ଟ ବସ୍ତୁଗୁଡ଼ିକ; ବିକ୍ଷିପ୍ତ ପଦାର୍ଥ ସମୂହ।

**odds–on** ବି. ବିଫଳତା ଅପେକ୍ଷା ସଫଳତାର ଅଧିକ ସମ୍ଭାବନାଥିବା ଅବସ୍ଥା।

**ode** ବି. ସଂବୋଧଗୀତି; ଉତ୍କୃଷ୍ଟ ଶୈଳୀ ଓ ସ୍ୱରବିଶିଷ୍ଟ ଗୀତିକବିତା।

**odious** ବିଂ. ଘୃଣ୍ୟ, ଘୃଣିତ, କୁତ୍ସିତ, ଗର୍ହିତ, ଅପ୍ରିୟ; କ୍ରି.ବିଂ. odiously; ବି. odiousness.

**odium** ବି. ଘୃଣା, ଦ୍ୱେଷ, ଅରୁଚି, ତିରସ୍କାର; କୌଣସି କାର୍ଯ୍ୟ ପ୍ରତି ଅନୁଭୂତ ବ୍ୟାପକ ଅରୁଚି ବା ଅସମ୍ମତି।

**odometer** ବି. ଯାନଦ୍ୱାରା ଅତିକ୍ରାନ୍ତ ଦୂରତାର ପରିମାପକ ଯନ୍ତ୍ର।

**odoriferous** ବିଂ. ସୁଗନ୍ଧ ବିଚ୍ଛୁରଣକାରୀ।

**odour** ବି. *ଆମେ.* odor ବାସ, ଗନ୍ଧ (ଉତ୍ତମ ବା ଅନୁତ୍ତମ); ସୁଗନ୍ଧ, ସୁବାସ; ଚିହ୍ନ, ଖ୍ୟାତି, ପ୍ରସିଦ୍ଧି; ବିଂ. odorous.

**odyssey** ବି. ଦୀର୍ଘ ସାହସିକ ଯାତ୍ରା (ଓଡ଼ିସିୟସ୍‌ଙ୍କ ସାହସିକ କାର୍ଯ୍ୟାବଳୀ ଉପରେ ଲିଖିତ, ହୋମରଙ୍କ ମହାକାବ୍ୟର ଶୀର୍ଷକ *ଓଡ଼ିସୀ*)।

**oedema** (ଇଡ଼ିମା) ବି. *ଆମେ.* edema ଶରୀରର ତନ୍ତୁରେ ଜଳୀୟ ପଦାର୍ଥର ଆଧିକ୍ୟ– ଜନିତ ସ୍ଫୀତାବସ୍ଥା; ଫୁଲା; ବିଂ. oedematous.

**Oedipus complex** ବି. *ମନ.* ଇଡିପସ୍ କମ୍ପ୍ଲେକ୍ସ; ମାତୃମନୋଗ୍ରନ୍ଥି; ଏକ ପ୍ରକାର କାମଜ ଭାବଗ୍ରନ୍ଥି ଯାହାର ପ୍ରଭାବରେ କନ୍ୟାର ପିତାଙ୍କ ଆଡ଼କୁ ଏବଂ ବିଶେ. ପୁତ୍ରର ମାତାଙ୍କ ପ୍ରତି ଅଧିକ ଯୌନାକର୍ଷଣ ଥାଏ; (ଗ୍ରୀକ୍, ଇଡ଼ିପସ୍ ଯେ ଅଜ୍ଞାନରେ ମାତାଙ୍କୁ ବିବାହ କରିଥିଲେ) ବିଂ. Oedipal.

**o'er** ଅ. ଓ କ୍ରି.ବିଂ. ବିଶେ. *କାବ୍ୟ.* ଉପରେ।

**oesophagus** ବି. [ ବ.ବ oesophaguses, oesophagi (–ଜାଇ)] ଖାଦ୍ୟନଳୀ।

**oestrogen** ବି. *ଆମେ.* estrogen ସ୍ତ୍ରୀର ଶାରୀରିକ ଲକ୍ଷଣଗୁଡ଼ିକର ସଂରକ୍ଷକ ଓ ବିକାଶକ ଲିଙ୍ଗରସ ବା ହର୍ମୋନ୍।

**of** ଅ. ର, ମାନଙ୍କ, ମାନଙ୍କର; ରୁ, ଠାରୁ, ମଧ୍ୟରୁ; ସମ୍ବନ୍ଧରେ; ଅଧିକାର ବା ମାଲିକାନା ଅର୍ଥରେ– master of the house ଘରର ମାଲିକ; ଉତ୍ପତ୍ତିସ୍ଥଳ ଅର୍ଥରେ– He comes of a noble family ସେ ଉଚ୍ଚକୁଳ ସମ୍ଭୂତ; କାରଣ ଅର୍ଥରେ– He died of cancer ସେ କର୍କଟ ରୋଗ ହେତୁ ମଲା; ସମ୍ବନ୍ଧ ଅର୍ଥରେ– I know nothing of him ମୁଁ ତାହା ସମ୍ବନ୍ଧରେ କିଛି ଜାଣି ନାହିଁ; ପରିଚୟ ଅର୍ଥରେ– city of Cuttack କଟକ ସହର; ବର୍ଣ୍ଣନ, ଅବସ୍ଥା ବା ଗୁଣ ଅର୍ଥରେ– person of integrity, boy of twelve; be of ରହିଥିବା, ହେବା (be of great interest); of course ଅବଶ୍ୟ; of no avail ନିଷ୍ଫଳ, ବୃଥା; of late ନିକଟ ଅତୀତରେ, ଅଳ୍ପକାଳ ପୂର୍ବେ; of old ପ୍ରାଚୀନ ବା ପୂର୍ବକାଳରେ; ବିଗତ ଯୁଗରେ।

**off** 1. କ୍ରି.ବିଂ. ଦୂରରେ, ଅନ୍ତରରେ, ଅଲଗା, ପୃଥକ୍ ଭାବରେ; ପରେ, ବାହାରେ; ଚାଲୁ ନଥିବା ଅବସ୍ଥାରେ; 2. ଅ. ଠାରୁ; ଠାରୁ ଦୂର; ଠାରୁ ନିମ୍ନ; ଠାରୁ ଉପର; 3. ବିଂ. ଦୂର, ଦୂରତର, ଅଧିକ ଦୂରବର୍ତ୍ତୀ; *କ.ଭା.* ବିରକ୍ତିକର; ଅନ୍ୟାୟ; off and on କେବେକେବେ, ସାମୟିକ ଭାବରେ, ମଝିରେ ମଝିରେ।

**offal** ବି. ମୃତ ପ୍ରାଣୀର ଶରୀରରୁ କଟା ହୃତ୍‌ପିଣ୍ଡ, ଯକୃତ୍ ପ୍ରଭୃତି କମ ମୂଲ୍ୟର ଖାଦ୍ୟ ପଦାର୍ଥ; ମାଂସାବଶେଷ; ଉଚ୍ଛିଷ୍ଟ; ରଦ୍ଦି ବା ନିକୃଷ୍ଟ ଜିନିଷ; ଅଦରକାରୀ ବା ପରିତ୍ୟକ୍ତ ଜିନିଷ; ଆବର୍ଜନା।

**offbeat** ବିଂ. ଢେଉଁଳିଆ; ଅଦାଗିଆ; ଅଣ–ପାରଂପରିକ।

**off chance** ବି. ସୁଦୂର ସମ୍ଭାବନା।

**off colour** ବିଂ. *ଆମେ.* ଅସୁସ୍ଥ; ସାମାନ୍ୟ ଅଶାଳୀନ।

**offcut** ବି. କାଟିବା ପରେ କାଠ, କାଗଜ ପ୍ରଭୃତିର ଅବଶିଷ୍ଟାଂଶ।

**off–day** ବି. *କ.ଭା.* ସର୍ବୋତ୍ତମ କୃତିତ୍ୱ ପ୍ରଦର୍ଶନ କରି ହେଉନଥିବା ଦିନ; ଛୁଟିଦିନ।

Digitized by srujanika@gmail.com

**offence** ବି. ଅବୈଧ ଆଚରଣ, ଆଇନର ଉଲ୍ଲଘନ; ଅପମାନ, ଆକ୍ଷେପ; ଆକ୍ରମଣାତ୍ମକ କାର୍ଯ୍ୟ ।

**offend** କ୍ରି. ଅବୈଧ, ଅନୁଚିତ ବା ଅନ୍ୟାୟ କାର୍ଯ୍ୟ କରିବା; ଅପରାଧ କରିବା; ଅପମାନ କରିବା; ରୁଷ୍ଟ ବା ଅସନ୍ତୁଷ୍ଟ କରିବା; ଆଚାର ବିଚ୍ୟୁତ ହେବା; ବି. offender; ବିଂ. offending.

**offensive** 1. ବିଂ. ମର୍ଯ୍ୟାଦା ହାନିକାରକ; ଆକ୍ରମଣାତ୍ମକ; ଅପମାନଜନକ; ଅପରାଧମୂଳକ; ଅରୁଚିକର, ଘୃଣାଜନକ; ଆଘାତକାରୀ (ଅସ୍ତ୍ରଶସ୍ତ୍ର); 2. ବି. ଆକ୍ରମଣାତ୍ମକ ଭାବ, ଆଚରଣ ବା କାର୍ଯ୍ୟପନ୍ଥା; କ୍ରି.ବିଂ. offensively; ବି. offensiveness.

**offer** 1. କ୍ରି. (ଦେବତା ବା ପୂଜ୍ୟ ବ୍ୟକ୍ତିଙ୍କୁ) ଅର୍ପଣ କରିବା; ପୂଜା ସାମଗ୍ରୀ ଚଢ଼ାଇବା; ଉପହାର ଦେବା; ନିବେଦନ କରିବା, ବଳି ଦେବା; କାର୍ଯ୍ୟ କରିବାପାଇଁ ପ୍ରସ୍ତୁତି ବା ଇଚ୍ଛା ପ୍ରକାଶ କରିବା, ବିକ୍ରୀ ନିମନ୍ତେ ପ୍ରସ୍ତୁତ କରିବା; ସୁଯୋଗ ଦେବା; ହିଂସା, ପ୍ରତିରୋଧ ପ୍ରଭୃତି ଦେଖାଇବାର ପ୍ରଯତ୍ନ କରିବା; 2. ବି. ଉପହାର; ନିବେଦନ, ଅର୍ପଣ; ବଳିଦାନ; କୌଣସି ବସ୍ତୁ ଦେବା ବା କରିବା ନିମନ୍ତେ ଇଚ୍ଛାର ଅଭିବ୍ୟକ୍ତି; (ବିଶେ. ବିବାହର) ପ୍ରସ୍ତାବ ।

**offering** ବି. ନୈବେଦ୍ୟ; ବଳିଦାନ; ଶ୍ରଦ୍ଧାଞ୍ଜଳି; ଉପହାର ।

**offertory** ବି. *ଖ୍ରୀ.* ଯୀଶୁଖ୍ରୀଷ୍ଟଙ୍କର ଅନ୍ତିମ ଭୋଜିର ସ୍ମରଣାର୍ଥେ ଅନୁଷ୍ଠିତ ଇଉକେରିଷ୍ଟ ପର୍ବରେ ନିବେଦିତ ରୁଟି ଓ ମଦ୍ୟ; ଉକ୍ତ ଅବସରରେ ଅର୍ପିତ ଭେଟି ବା ଉପହାର; ଧାର୍ମିକ ସେବା ନିମନ୍ତେ ଅର୍ଥ–ସଂଗ୍ରହ, ନୈବେଦ୍ୟ ।

**offhand** 1. ବିଂ. ଆକସ୍ମିକ, ତତ୍କ୍ଷଣାତ୍ ପ୍ରତ୍ୟୁତ୍ପନ୍ନମତି; 2. କ୍ରି.ବିଂ. ବିନା ପ୍ରସ୍ତୁତିରେ; ଅପ୍ରସ୍ତୁତ ଭାବରେ; ପ୍ରତ୍ୟୁତ୍ପନ୍ନମତିତାର ସହିତ; ବିଂ. offhanded; କ୍ରି.ବିଂ. offhandedly; ବି. offhandedness.

**office** ବି. ଅଫିସ୍, କାର୍ଯ୍ୟାଳୟ, କର୍ମସ୍ଥାନ, ଦପ୍ତର; ପଦର ଦାୟିତ୍ୱ; କ୍ଷମତା; ପଦ ବା କର୍ମଭାର; ଚାକିରୀ, କର୍ତ୍ତବ୍ୟ; ସେବା, ଉପାସନା; ଆନୁଷ୍ଠାନିକ ପୂଜା; ବ.ବ. ଦୟାର କର୍ମ; ଗୃହକାର୍ଯ୍ୟ ନିମନ୍ତେ ବ୍ୟବହୃତ ଗୃହର ଭଣ୍ଡାରଘର ପ୍ରଭୃତି ବିଭିନ୍ନ ପ୍ରକୋଷ୍ଠ ।

**officer** ବି. ଅଫିସର୍, ପଦାଧିକାରୀ; ନୌସେନା, ସ୍ଥଳସେନା, ଅଥବା ବାୟୁସେନାର ଅଧିକାରୀ; ପୋଲିସ୍ ଅଧିକାରୀ; କୌଣସି ସମାଜ ବା ସଂସ୍ଥାରେ ସଭାପତି, ସଚିବ ପ୍ରଭୃତି ପଦର ଅଧିକାରୀ ।

**official** 1. ବିଂ. ଦପ୍ତର ବା କାର୍ଯ୍ୟାଳୟ ସମ୍ବନ୍ଧୀୟ; ଶାସକୀୟ; ଆଫିସିକ; ସରକାରୀ; ରାଜକୀୟ; ପ୍ରାମାଣିକ; ବିଧିବଦ୍ଧଭାବେ ସ୍ୱୀକୃତିପ୍ରାପ୍ତ; ଆଧିକାରିକ, ପଦଧାରୀମାନଙ୍କ– ଦ୍ୱାରା ପ୍ରାପ୍ତ; 2. ବି. ପଦାଧିକାରୀ, ସରକାରୀ କର୍ତ୍ତବ୍ୟରତ ବ୍ୟକ୍ତି ।

**officialdom** ବି. ଅମଲାତନ୍ତ୍ର; ପଦାଧିକାରୀବର୍ଗ ।

**officialese** ବି. *ଅବ.* ସରକାରୀ ବା ବେସରକାରୀ ଅଫିସ୍‌ର ନଥିପତ୍ରରେ ବ୍ୟବହୃତ ଭାଷା ।

**officially** କ୍ରି.ବିଂ. ସରକାରୀ ଭାବରେ; ନିଜ ପଦାଧିକାର ବଳରେ ।

**officiate** କ୍ରି. ନିର୍ଦ୍ଦିଷ୍ଟ ସ୍ଥାନ ବା ପଦରେ କାର୍ଯ୍ୟ କରିବା; ସ୍ଥାନାପନ୍ନ ହୋଇ କାର୍ଯ୍ୟ କରିବା; ଦିବ୍ୟ ସେବା ସଂପାଦନ କରିବା; ବି. officiation; officiator.

**officious** ବିଂ. ଦୃଢ଼ତାପୂର୍ବକ ନିଜର ଆଧିପତ୍ୟ ପ୍ରଦର୍ଶନକାରୀ; ଅବାଞ୍ଛନୀୟ ଭାବରେ ଦୟାଳୁ; କ୍ରି.ବିଂ. officiously; ବି. officiousness.

**offing** ବି. ତଟ ବା ଲଙ୍ଗର ସ୍ଥଳରୁ ପରିଦୃଷ୍ଟ ସମୁଦ୍ରର ଦୂରବର୍ତ୍ତୀ ଅଂଶ; in the offing ଅଦୂରବର୍ତ୍ତୀ; ନିକଟ ଭବିଷ୍ୟତରେ ସଂଘଟିତ ହେବାକୁ ଥିବା ।

**offish** ବିଂ. *କ.ଭା.* ଏକାନ୍ତପ୍ରିୟ ।

**off–key** ବିଂ. କ୍ରି.ବିଂ. ବେସୁରା, ବେଖାପିଆ ।

**offprint** ବି. ପୁସ୍ତକ, ପତ୍ରପତ୍ରିକା ପ୍ରଭୃତିରେ ପ୍ରକାଶିତ ପ୍ରବନ୍ଧ, ଅନୁଚ୍ଛେଦ ପ୍ରଭୃତିର ମୁଦ୍ରିତ ପ୍ରତିଲିପି ବା କପି ।

**off–season** ବି. ମାନ୍ଦା ବ୍ୟବସାୟର ସମୟ ।

**offset** 1. ବି. ଗଛର କାଣ୍ଡ ବା ମୂଳରୁ ଉଦ୍‌ଗତ କ୍ଷୁଦ୍ର ଅଙ୍କୁର; ପ୍ରଶାଖା; କଲମ ଡାଳ; କ୍ଷତିପୂରଣ, ଉପରିଭାଗ ଅପେକ୍ଷା କମ ମୋଟା କାନ୍ଥରୁ

Digitized by srujanika@gmail.com

ବାହାରିଥିବା ଅଂଶ; ପାଇପ୍ ବା ନଳୀ ପ୍ରଭୃତିରେଥିବା ମୋଡ଼; ସଦ୍ୟମୁଦ୍ରିତ କାଗଜ ଉପରେ ପଡ଼ିଯିବା ହେତୁ ସ୍ୱଚ୍ଛ କାଗଜର ଉପରି ଚିହ୍ନ; ଆଧୁନିକ ମୁଦ୍ରଣ ପଦ୍ଧତି ବିଶେଷ; 2. କ୍ରି. ପ୍ରତି ସନ୍ତୁଳନ କରିବା; କ୍ଷତିପୂରଣ କରିବା; ଅଫସେଟ୍ ପ୍ରଣାଳୀରେ ଛାପିବା।

**offset process** ବି. ଏକ ପ୍ରକାର ମୁଦ୍ରଣ ପ୍ରଣାଳୀ ଯହିଁରେ ପଥର ବା ପ୍ଲେଟ୍‌ରୁ ସ୍ୟାହି ରବର ଉପରକୁ ଏବଂ ସେଠାରୁ କାଗଜ ଉପରକୁ ସ୍ଥାନାନ୍ତରିତ କରାଯାଇଥାଏ।

**offshoot** ବି. ଉପଶାଖା, ପ୍ରଶାଖା।

**offshore** ବିଂ. ସମୁଦ୍ର ମଧ୍ୟରେ ତଟରୁ ଦୂରବର୍ତ୍ତୀ; ସ୍ଥଳଭାଗରୁ ସମୁଦ୍ର ଆଡ଼କୁ ପ୍ରବାହିତ (ପବନ)।

**offside** ବିଂ. ଫୁଟ୍‌ବଲ୍ ପ୍ରଭୃତି ପଡିଆରେ ଖେଳାଯାଉଥିବା ଖେଳରେ ଖେଳାଳିର ବଲ୍ ନ ଖେଳିବା ସ୍ଥାନ; ବହିଃ ପାର୍ଶ୍ୱସ୍ଥ; 2. ବି. ମଟର ଗାଡି ବା ପ୍ରାଣୀର ଡାହାଣପଟ।

**offspring** ବି. ଏ.ବ. ବ.ବ. ମନୁଷ୍ୟର ସନ୍ତାନସନ୍ତତି; ପ୍ରାଣୀର ଶାବକ ବା ସନ୍ତାନ ସନ୍ତତି; *ଲାକ୍ଷ.* ପରିଣାମ, ଫଳ।

**off white** ବି.ବିଂ. ପାଉଁଶିଆ ବା ପୀତାଭ ଧଳାରଙ୍ଗ।

**oft** *କ୍ରି.ବିଂ. ପ୍ରା.ପ୍ର.* ଅଧିକାଂଶ ସମୟରେ, ବହୁଧା; ପ୍ରାୟ।

**often** *କ୍ରି.ବିଂ.* ଅଧିକାଂଶ ସମୟରେ, ବହୁଧା, ବହୁବାର; ସମୟ ସମୟରେ; ଅଳ୍ପ ଅଳ୍ପ ବ୍ୟବଧାନରେ।

**ogee** ବି. S ଆକୃତିର ବକ୍ରରେଖା ବା ଛାଞ୍ଚ।

**ogive** ବି. ସୂକ୍ଷ୍ମାଗ୍ର ତୋରଣ; ଗମ୍ବୁଜର କଡ଼ି।

**ogle** 1. କ୍ରି. ଲୋଭ ବା ଆସକ୍ତି ସହ ଦେଖିବା; 2. ବି. ଆସକ୍ତ ବା କାମୁକ ଦୃଷ୍ଟି।

**ogre** ବି. ଲୋକକଥାରେ ବର୍ଣ୍ଣିତ ନରଭକ୍ଷୀ ରାକ୍ଷସ; ଭୟଙ୍କର ବ୍ୟକ୍ତି; ବି. *ସ୍ତ୍ରୀ.* ogress; ବିଂ. ogreish.

**oh** *ଅବ୍.* ବିସ୍ମୟ, ଯନ୍ତ୍ରଣା, ଅନୁନୟ, ବିନୟ ପ୍ରଭୃତି ସୂଚକ ଅବ୍ୟୟ; ଓଃ।

**ohm** ବି. ବିଦ୍ୟୁତ୍ ପ୍ରତିରୋଧର ଏକକ (ବୈ. ଓମ୍‌ଙ୍କ ନାମାନୁସାରେ)।

**oho** *ଅବ୍.* ଉଲ୍ଲାସ, ବିସ୍ମୟାଦିବୋଧକ ଅବ୍ୟୟ; ଓହୋ।

**-oid** *ପ୍ରା.ପ୍ର.* ସାଦୃଶ୍ୟାର୍ଥରେ ବିଶେଷ୍ୟ ବା ବିଶେଷଣ ଗଠନକାରୀ ପ୍ରତ୍ୟୟ, *ଉଦା.* Negroid (ନିଗ୍ରୋସଦୃଶ), thyroid (ଗଳଗ୍ରନ୍ଥି ସମ୍ବନ୍ଧୀୟ) ପ୍ରଭୃତି।

**oil** 1. ବି. ତେଲ; ପେଟ୍ରୋଲ; 2. କ୍ରି. ତେଲ ଲଗାଇବା; ତୈଳମର୍ଦ୍ଦନ କରିବା; (ଯନ୍ତ୍ରପ୍ରଭୃତିରେ) ତେଲ ଦେବା; oil the wheels ସୁବିଧାରେ କାର୍ଯ୍ୟ ହେବାପାଇଁ ସାହାଯ୍ୟ କରିବା।

**oilcake** ବି. ପିଡ଼ିଆ।

**oilcloth** ବି. ତୈଳ ବା ଅନ୍ୟ କୌଣସି ଉପାଦାନ ପ୍ରଯୁକ୍ତ ହୋଇ ପ୍ରସ୍ତୁତ ଜଳନିରୋଧକ କପଡ଼ା।

**oil-colour** ବି. *ସା.* ବ.ବ. ତୈଳମିଶ୍ରିତ ରଙ୍ଗ।

**oiled** ବିଂ. *ସା.ପ୍ର.* ମାତାଲ୍, ମଦୋନ୍ମତ୍ତ।

**oilfield** ବି. ତୈଳକ୍ଷେତ୍ର, ଖଣିଜ ତୈଳ ଉତ୍ପାଦନ ଅଞ୍ଚଳ।

**oil-painting** ବି. ତୈଳଚିତ୍ର; (ତୈଳ ମିଶ୍ରିତ ରଙ୍ଗ ସାହାଯ୍ୟରେ) ଚିତ୍ରଣ ବିଦ୍ୟା।

**oil-seed** ବି. ତୈଳବୀଜ।

**oilskin** ବି. ଏକ ପ୍ରକାର ଜଳରୋଧକ ଜାମା ବା ବସ୍ତ୍ର।

**oil well** ବି. ତୈଳକୂପ।

**oily** ବିଂ ତୈଳାକ୍ତ; ତେଲିଆ; ଖୋସାମତିଆ; ଚାଟୁକାରୀ; ବି. oiliness.

**ointment** ବି. ମଲମ, ପ୍ରଲେପ।

**OK, okay** *କ.ଭା.* 1. ବିଂ. ଓ କ୍ରି.ବିଂ. ବିଲ୍‌କୁଲ୍ ଠିକ୍, ସନ୍ତୋଷଜନକ, ସମ୍ମତ, ରାଜି; 2. ବି. ସ୍ୱୀକୃତି, ଅନୁମୋଦନ; 3. କ୍ରି. ଅନୁମୋଦନ କରିବା; ସ୍ୱୀକୃତି ବା ଅନୁମତି ଦେବା।

**okra** ବି. *ମୂ.* ଆଫ୍ରିକାଦେଶୀୟ ଶିମ୍ବ ଜାତୀୟ ଖାଦ୍ୟୋପଯୋଗୀ ସେଂଗା ଫଳୁଥିବା ଦୀର୍ଘକାୟ ବୃକ୍ଷ ବିଶେଷ।

**-ol** *ପ.ପ୍ର.* ଆଲ୍‌କହଲ୍ ତଥା ଅନ୍ୟାନ୍ୟ ରାସାୟନିକ ମିଶ୍ରଣର ନାମକରଣରେ ବ୍ୟବହୃତ ପ୍ରତ୍ୟୟ।

**old** ବିଂ. ବୃଦ୍ଧ, ବୟୋବୃଦ୍ଧ, ବୟୋଜ୍ୟେଷ୍ଠ, ବୟସ୍କ; ପ୍ରାଚୀନ, ପୁରାତନ, ପୁରୁଣା; ଜୀର୍ଣ୍ଣ, ପୁରୁଣାକାଳିଆ; ଅଭିଜ୍ଞ, ଅନୁଭବୀ, ଅଭ୍ୟସ୍ତ, ବହୁଦିନରୁ ଜଣାଶୁଣା ବା ପରିଚିତ; the old ବ.ବ ବୃଦ୍ଧ ଲୋକମାନେ, ପୁରାତନପନ୍ଥୀ ବା ପୁରୁଣାକାଳିଆ ଲୋକମାନେ; of old ପ୍ରାଚୀନ କାଳର ବା କାଳରେ; ପୁରାକାଳର ବା ପୁରାକାଳରେ; ବିଂ. oldish; ବି. oldness.

**old age** ବି. ବାର୍ଦ୍ଧକ୍ୟ; ବୃଦ୍ଧାବସ୍ଥା।

**old boy** ବି. କୌଣସି ବିଦ୍ୟାଳୟର ପୁରାତନ ଛାତ୍ର; *କ.ଭା.* ବୟସ୍କ ବ୍ୟକ୍ତି।

Digitized by srujanika@gmail.com

**olden** ବିଂ. ପ୍ରା.ପ୍ର. ପ୍ରାଚୀନ, ପୁରାତନ।
**old-fashioned** ବିଂ. ପୁରୁଣାଫେଶନବାଲା, ପୁରୁଣାକାଳିଆ।
**old girl** ବି. କୌଣସି ବିଦ୍ୟାଳୟର ପୁରାତନ ଛାତ୍ରୀ; କ.ଭା. ବୟସ୍କା ମହିଳା; ବୁଢ଼ୀ (ଛୋଟ ଝିଅ ପ୍ରଭୃତିଙ୍କୁ ଆଦରର ଡାକ)।
**old hand** ବି. ଅଭିଜ୍ଞ ବ୍ୟକ୍ତି।
**oldie** ବି. କ.ଭା. ପୁରୁଣାକାଳିଆ ମଣିଷ; ପୁରାତନ ବସ୍ତୁ।
**old maid** ବି. ଅବ. ବୟସ୍କା, ଅବିବାହିତା ମହିଳା; ରୀତିନୀତି ପ୍ରଭୃତିକୁ ଅତ୍ୟଧିକ ଗୁରୁତ୍ୱ ଦେଉଥିବା ବ୍ୟକ୍ତି।
**Old Testament** ବି. ଖ୍ରୀଷ୍ଟଧର୍ମଗ୍ରନ୍ଥ ବାଇବେଲ୍‌ର ପୁରାତନ ଅଂଶ ବା ଭାଗ।
**old wives' tale** ବି. ପୁରୁଣାକାଳିଆ ଅନ୍ଧ ବିଶ୍ୱାସ।
**Old World** ବି. ୟୁରୋପ, ଏସିଆ ଓ ଆଫ୍ରିକା ମହାଦେଶ।
**oleaginous** ବିଂ. ତୈଳ.ଭ. ତୈଳଗୁଣ ସମ୍ପନ୍ନ; ତେଲିଆ।
**oleander** ବି. କନିଅର ଫୁଲ ବା ଗଛ, କରବୀର।
**oleaster** ବି. ବନ୍ୟ ଅଲିଭ୍ ବୃକ୍ଷ।
**olefin** ବି. ଉଦ୍‌ଜାନର ସର୍ବୋଚ୍ଚ ପରିମାଣରୁ କମ ଧାରଣ କରୁଥିବା ଉଦଜାନ୍ ଅଙ୍ଗାରକର ଯୌଗିକ।
**olfactory** ବିଂ. ଘ୍ରାଣ ବା ଘ୍ରାଣେନ୍ଦ୍ରିୟ ସମ୍ବନ୍ଧୀୟ।
**oligarch** ବି.ଅଳ୍ପସଂଖ୍ୟକ ଶାସକଗୋଷ୍ଠୀର ଜଣେ ସଦସ୍ୟ; ମୁଷ୍ଟିମେୟ ଧନୀକତନ୍ତ୍ରର ସଦସ୍ୟ; ସ୍ୱଳ୍ପଜନତନ୍ତ୍ରର ସଭ୍ୟ।
**oligarchy** ବି. ଅଳ୍ପସଂଖ୍ୟକ ଲୋକଙ୍କଦ୍ୱାରା ଶାସିତ ରାଜ୍ୟ ବା ଅଳ୍ପ ସଂଖ୍ୟକ ଶାସକଦଳ ଦ୍ୱାରା ଗଠିତ ସରକାର; ସ୍ୱଳ୍ପ ଜନତନ୍ତ୍ର; ଏତାଦୃଶ ସରକାରର ସଦସ୍ୟବୃନ୍ଦ; ବିଂ. oligarchic; କ୍ରି.ବିଂ. oligarchically.
**Oligocene** 1. ବିଂ. ଭୂତତ୍ତ୍ୱ ଅନୁଯାୟୀ ପ୍ରସ୍ତର ବା ପର୍ବତଗଠନର ତୃତୀୟ ପର୍ଯ୍ୟାୟ ସମ୍ବନ୍ଧୀୟ; 2. ବି. ଉକ୍ତ ଯୁଗ।
**olio** ବି. ( ବ.ବ. olios) ମିଶ୍ରିତ ଖାଦ୍ୟ, ପରିବା ଓ ମାଂସର ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟ; ଗୋଳମାଳିଆ ମିଶ୍ରଣ।
**olive** 1. ବି. ଅଲିଭ୍ ଗଛ; ତାହାର କାଠ ବା ଫଳ, 2. ବିଂ ଅପକ୍ୱ ଅଲିଭ୍ ଫଳର ରଙ୍ଗବିଶିଷ୍ଟ; ପୀତାଭ—ବାଦାମୀ (ଦେହରଙ୍ଗ)।
**olive branch** ବି. ଲାକ୍ଷ. ଶାନ୍ତି ପ୍ରତିଷ୍ଠା ପାଇଁ କାମନାର ପ୍ରତୀକ ସ୍ୱରୂପ କୃତ ବା ଅର୍ପିତ କୌଣସି ବସ୍ତୁ।
**olive oil** ବି. ଅଲିଭ୍ ତେଲ (ରନ୍ଧନ ପ୍ରଭୃତି କାର୍ଯ୍ୟରେ ବ୍ୟବହୃତ)।
**olivine** ବି. ଅଲିଭ୍—ସବୁଜ ବର୍ଣ୍ଣର ମୂଲ୍ୟବାନ୍ ପ୍ରସ୍ତର ବିଶେଷ, ଗୋମେଦ ମଣି।
**Olympiad** ବି. ପ୍ରାଚୀନ ଗ୍ରୀକ୍ ଜାତିଙ୍କଦ୍ୱାରା କୌଣସି ଘଟଣାର ତାରିଖ—ନିର୍ଦ୍ଧାରଣରେ ବ୍ୟବହୃତ ଦୁଇଟି ଅଲିମ୍ପିକ୍ ଖେଳର ମଧ୍ୟବର୍ତ୍ତୀ ବ୍ୟବଧାନ; ଆଧୁନିକ ଅଲିମ୍ପିକ୍ ଖେଳର ଉତ୍ସବପାଳନ; ଚେସ୍ ବା ସତରଞ୍ଚ ଆଦି ଖେଳର ନିୟମିତ ଆନ୍ତର୍ଜାତିକ ପ୍ରତିଯୋଗିତା।
**Olympian** 1. ବିଂ. ଅଲିମ୍ପସ୍‌ର, ଅଲିମ୍ପସ୍ ସମ୍ବନ୍ଧୀୟ; ଦିବ୍ୟ, ଅଲୌକିକ; (ଆଚରଣ ପ୍ରଭୃତି ବିଷୟରେ) ଭବ୍ୟ, ଉତ୍କୃଷ୍ଟ, ଶ୍ରେଷ୍ଠ; 2. ବି. ଅଲିମ୍ପସ୍‌ର ଅଧିବାସୀ ପ୍ରାଚୀନ ଗ୍ରୀକ୍ ଦେବତା; ଅସାଧାରଣ ଭାବରେ ସିଦ୍ଧ ଓ ଶାନ୍ତ ପୁରୁଷ; ଅଲିମ୍ପିକ୍‌ରେ ପ୍ରତିଯୋଗୀ।
**Olympic** 1. ବିଂ. ଅଲିମ୍ପିକ୍ ଖେଳ ସମ୍ବନ୍ଧୀୟ; 2. ବି. ବ.ବ. ଅଲିମ୍ପିକ୍ ଖେଳ।
**Olympic games** ବି. ଅଲିମ୍ପିକ୍ ଖେଳ, ପ୍ରାଚୀନ ଗ୍ରୀକ୍‌ମାନଙ୍କଦ୍ୱାରା ଅଲିମ୍ପିଆରେ ପ୍ରତି ଚାରିବର୍ଷରେ ପାଳିତ କ୍ରୀଡ଼ୋତ୍ସବ; ଆନ୍ତର୍ଜାତିକ ସ୍ତରରେ ଉକ୍ତ ଉତ୍ସବର ପୁନରୁଦ୍ଧାର।
**ombudsman** ବି. ( ବ.ବ ombudsmen) ସାର୍ବଜନୀନ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ବ୍ୟକ୍ତିଗତ ଆପତ୍ତିଅଭିଯୋଗର ତଦନ୍ତ ନିମନ୍ତେ ନିଯୁକ୍ତ ସରକାରୀ କର୍ମଚାରୀ।
**omega** ବି. ଗ୍ରୀକ୍ ବର୍ଣ୍ଣମାଳାର ଅନ୍ତିମ ବର୍ଣ୍ଣ; ଅନୁକ୍ରମର ଅନ୍ତିମ ବ୍ୟକ୍ତି ବା ବସ୍ତୁ; ପୂର୍ଣ୍ଣ ବିକାଶ, ଚରମୋତ୍କର୍ଷ।
**omelette** ବି. ଅମଲେଟ୍, ଅଣ୍ଡାଭଜା।
**omen** ବି. ଶକୁନ, ଅପଶକୁନ, ଶୁଭାଶୁଭଚିହ୍ନ, ପୂର୍ବସଂକେତ; ଭବିଷ୍ୟବାଣୀ।
**omicron** ବି. ଗ୍ରୀକ୍ ବର୍ଣ୍ଣମାଳାର ପଞ୍ଚଦଶ ଅକ୍ଷର, ଓମିକ୍ରନ୍।
**ominous** ବିଂ. ଅଶୁଭସୂଚକ; ଅଲକ୍ଷଣିଆ; ଅପଶକୁନ ସମ୍ବନ୍ଧୀୟ; କ୍ରି.ବିଂ. ominously.
**omission** ବି. ଲୋପ, ତ୍ୟାଗ; ଉପେକ୍ଷା; ଲୁପ୍ତ ବସ୍ତୁ ବା ବିଷୟ।

Digitized by srujanika@gmail.com

**omit** *ସ.କ୍ରି.* ଛାଡ଼ି ଦେବା, ଲୋପ କରିବା; ତ୍ୟାଗ ବା ଉପେକ୍ଷା କରିବା; ଅବହେଳା କରିବା ।

**omni–** *ସଂ.* ସର୍ବ ବା ସବୁ ଅର୍ଥରେ ପ୍ରଯୁକ୍ତ ଉପସର୍ଗ ।

**omnibus** 1. *ବି.* ବସ୍; ପୂର୍ବରୁ ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ସାହିତ୍ୟକୃତି ସଂକଳିତ–ଗ୍ରନ୍ଥ; 2. *ବିଂ.* ଏକ ସମୟରେ ବହୁ ଉଦ୍ଦେଶ୍ୟ ବା ପ୍ରୟୋଜନର ପୂରଣକାରୀ; ବହୁ ବିଷୟ ବା ବିବରଣ ସମ୍ମିଶ୍ରିତ; ବାରମିଣା ।

**omnifarious** *ବିଂ.* ସର୍ବବିଧ; ସବୁ ପ୍ରକାରର ।

**omnipotence** *ବି.* ସର୍ବଶକ୍ତିମତ୍ତା, ସର୍ବସମର୍ଥତା, ସର୍ବସାମର୍ଥ୍ୟ ।

**omnipotent** *ବିଂ.* ସର୍ବଶକ୍ତିମାନ୍; ସର୍ବ ସମର୍ଥ ।

**omnipresence** *ବି.* ସର୍ବବ୍ୟାପକତା ।

**omnipresent** *ବିଂ.* ସର୍ବବ୍ୟାପୀ; ସର୍ବବ୍ୟାପକ ।

**omniscience** *ବି.* ସର୍ବଜ୍ଞତା, ସର୍ବଦର୍ଶିତା ।

**omniscient** *ବିଂ.* ସର୍ବଜ୍ଞ, ସର୍ବଦର୍ଶୀ ।

**omnivorous** *ବିଂ.* ସର୍ବଭକ୍ଷ, ସର୍ବଭୋଜୀ; *ଲାକ୍ଷ.* ସର୍ବଅଧ୍ୟୟନଶୀଳ, ପର୍ଯ୍ୟବେକ୍ଷଣଶୀଳ; *ବି.* omnivore; omnivorousness.

**on** 1. *ଅ.* ଉପରେ, ଉପରି ଭାଗରେ, ସମୀପରେ; ନିକଟରେ (have you your purse on you); ସମୟରେ (on 15 August); ବିଷୟରେ, ସମ୍ବନ୍ଧରେ ଆଡ଼କୁ, ଅଭିମୁଖରେ (advanced on Lahore); ଦିଗରେ, ପକ୍ଷରେ, ପ୍ରତି; ବିଶେଷ ଅବସ୍ଥାରେ ବା ଭାବରେ (on the run); 2. *କ୍ରି.ବିଂ.* ସମ୍ମୁଖରେ; ଆଗେ ଆଗେ; ଆଗକୁ; ଠିକ୍ ଦିଗରେ; ବନ୍ଦ ବା କ୍ଷାନ୍ତ ନ ହୋଇ; ଶରୀରର ଯଥା ସ୍ଥାନରେ; 3. *ବି.* କ୍ରିକେଟ୍‌ଖେଳେ ବ୍ୟାଟ୍ସମ୍ୟାନ୍ ସମ୍ମୁଖ ତଥା ବେଟ୍ସମେନ ପଟରେ ଥିବା ପଡିଆର ଅଂଶ; ଅନ୍ ସାଇଡ୍; be on (ଘଟଣା ସମ୍ବନ୍ଧରେ) ଘଟିବାକୁ ଯାଉଥିବା; *କ.ଭା.* ଅଂଶ ଗ୍ରହଣ କରିବାକୁ ବା ଅନୁମୋଦନ କରିବାକୁ ସମ୍ମତ ହେବା, ବାଜି ବା ସର୍ତ୍ତ ଲଗାଇବା; be on to କୌଣସି ବ୍ୟକ୍ତିର ତାତ୍ପର୍ଯ୍ୟ, ମନ୍ତବ୍ୟ ବା ଉଦ୍ଦେଶ୍ୟକୁ ବୁଝିବା ବା ହୃଦୟଙ୍ଗମ କରିବା; on and off ସମୟ ସମୟରେ, ମଝି ମଝିରେ; ବିରାମ ସହିତ, ରହି ରହି; on and on କ୍ରମାଗତଭାବରେ, ଅବିରାମ ଭାବରେ; on time ଠିକ୍ ସମୟରେ, ନିୟମିତ ଭାବରେ ।

**onager** *ବି.* ବନ୍ୟଗର୍ଦ୍ଦଭ, ଜଙ୍ଗଲୀ ଗଧ ।

**onanism** *ବି.* *ସାହି.* ହସ୍ତମୈଥୁନ ।

**once** 1. *କ୍ରି.ବିଂ.* ଏକଦା; ଏକ ସମୟରେ; ଥରେ; ଏକମାତ୍ର ଅବସରରେ, କେବେ; 2. *ସଂଯୋ.* ମାତ୍ରେ, ଯେତେ ଶୀଘ୍ର; 3. *ବି.* ଗୋଟାଏ ସମୟ ବା ଅବସର (just the once); all at once ହଠାତ୍, ଅକସ୍ମାତ୍; ସବୁ ମିଶି; at once ତୁରନ୍ତ, ଅବିଳମ୍ବେ, ଏକ ସଙ୍ଗେ, ସଙ୍ଗେ ସଙ୍ଗେ; once again (more) ଆଉ ଥରେ; once for all, once and for all ଶେଷ ଥର ପାଇଁ, ଅନ୍ତିମ ରୂପେ; once (every once) in a while ସମୟ ସମୟରେ; once or twice ଥରେ ଦି'ଥର; once upon a time ଅତୀତରେ; ଏକଦା ।

**once–over** *ବି.* *କ.ଭା.* ଦ୍ରୁତ ନିରୀକ୍ଷଣ ।

**oncoming** *ବିଂ.* ସମ୍ମୁଖରୁ ସମୀପକୁ ଆସୁଥିବା ।

**one** 1. *ବିଂ.* ଏକ; ଗୋଟିଏ; ସଂଖ୍ୟାରେ କେବଳ ଏକ ଓ ସମ୍ପୂର୍ଣ୍ଣ, ଏକାକୀ; ଅଭିବ୍ୟକ୍ତ ବା ସଂକେତିତ ସମୂହ ବା ଜାତିର ଏକ ମାତ୍ର ବ୍ୟକ୍ତି ବା ବସ୍ତୁ (one of the finest); ବିଶେଷ କିନ୍ତୁ ଅନିଶ୍ଚିତ; 2. *ସ.* ଜଣେ, କେହିଜଣେ, ଯେ କେହି; 3. *ବି.* ଏକ (୧) ସଂଖ୍ୟା; ଏକକ, ଏକତ୍ୱ; କୌଣସି ଏକ ବ୍ୟକ୍ତି ବା ବସ୍ତୁ; at one ଏକମତ; one another ପରସ୍ପର; one after another ପଛକୁ ପଛ; one by one ଜଣକ ପରେ ଜଣେ, ଜଣେ ଜଣେ କରି; one day ଦିନେ, ଯେ କୌଣସି ଦିନ ।

**oneness** *ବି.* ଏକତ୍ୱ, ଅଦ୍ୱିତୀୟତ୍ୱ; ଏକମତ; ବୁଝାମଣା; ସାମଞ୍ଜସ୍ୟ ।

**onerous** *ବିଂ.* ଦୁର୍ବହ; ଗୁରୁଭାରଯୁକ୍ତ, ଓଜନିଆ; *ବି.* onerousness.

**oneself** *ସ.* ସ୍ୱୟଂ, ନିଜେ; be oneself ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବା ।

**one–sided** *ବିଂ.* ଏକତରଫା, ଏକ ପାଖିଆ, ପକ୍ଷପାତୀ ।

**one–track mind** *ବିଂ.* ନିର୍ଦ୍ଦିଷ୍ଟ ଏକ ବିଷୟଦ୍ୱାରା ପୂର୍ବନିବିଷ୍ଟ ମନ ।

**one–way** *ବିଂ.* ଏକ ତରଫା, ଗୋଟିଏ ଦିଗରେ ।

**ONGC** *ସଂଶ.* Oil and Natural Gas Commission ତୈଳ ଏବଂ ପ୍ରାକୃତିକ ବାଷ୍ପ କମିଶନ୍ ।

**ongoing** *ବିଂ.* ଆଗଉଥିବା ବା ପ୍ରଗତିଶୀଳ ।

Digitized by srujanika@gmail.com

**onion** ବି. ପିଆଜ; ଉଲି; ବି°. oniony.
**online** ବି. (କମ୍ପ୍ୟୁଟର୍ ପ୍ରକ୍ରିୟାରେ) ପ୍ରତ୍ୟକ୍ଷ–ଭାବରେ କେନ୍ଦ୍ରୀୟ ପ୍ରକ୍ରିୟାକାରକଦ୍ୱାରା ନିୟନ୍ତ୍ରିତ, ଏହା ସହିତ ସଂଯୁକ୍ତ।
**onlooker** ବି. ଦର୍ଶକ, ଦେଖଣାହାରୀ।
**only** 1. ବି°. ଏକମାତ୍ର, କେବଳ, ଏକା; 2. କ୍ରି.ବି°. ମାତ୍ର, କେବଳ; 3. *ସଂଯୋ. କ.ଭା.* ତା'ଛଡ଼ା, କିନ୍ତୁ (I'd dance, only I feel tired).
**onomatopoeia** ବି. ଧ୍ୱନି ଅନୁକରଣ; ଧ୍ୱନିର ଅନୁକରଣରେ ଶବ୍ଦ ବା ପଦଗଠନ, ଏହିପରି ଗଠିତ ଶବ୍ଦ ବା ପଦ (ଯଥା cuckoo, splash); ବି°. onomatopoeic.
**onrush** ବି. କ୍ଷିପ୍ର ନିର୍ଗମନ; ଦ୍ରୁତଗତିରେ ଆଗମନ।
**onset** ବି. ଆକ୍ରମଣ; ଅବିବେକିତା ସହ ଆରମ୍ଭ।
**onside** ବି°. (ଖେଳାଳି ସମ୍ବନ୍ଧରେ) ଅନ୍ତଃ ପାର୍ଶ୍ୱସ୍ଥ।
**onslaught** ବି. ଭୟଙ୍କର ଆକ୍ରମଣ।
**onto** *ଅ.* (=on to) କୌଣସି ସ୍ଥାନକୁ।
**ontology** ବି. *ଦ.* ତତ୍ତ୍ୱ–ମୀମାଂସା; ଅଧ୍ୟାତ୍ମ ଶାସ୍ତ୍ରରେ ଅସ୍ତିତ୍ୱର ଅମୂର୍ତ୍ତ ଓ ସତ୍ୟ ରୂପ ସହିତ ସମ୍ବନ୍ଧିତ ବିଭାଗ ବା ଶାଖା, ସତ୍ତ୍ୱ ଶାସ୍ତ୍ର; ବି°. ontological; କ୍ରି.ବି°. ontologically; ବି. ontologist.
**onus** ବି. ଭାର, କର୍ତ୍ତବ୍ୟ, ଦାୟିତ୍ୱ।
**onward** 1. କ୍ରି.ବି°. (onwards ମଧ୍ୟ) ସମ୍ମୁଖ ଆଡ଼କୁ, ସମ୍ମୁଖ ଦିଗରେ, ଆଗେ ଆଗେ, ଆଗକୁ; ଆଗରେ; 2. ବି°. ଅଗ୍ରଗାମୀ, ଗତିଶୀଳ।
**onyx** ବି. ରଙ୍ଗୀନ୍ ସ୍ତର ଯୁକ୍ତ ଏକ ପ୍ରକାର ମୂଲ୍ୟବାନ କ୍ୱାର୍ଜ୍ ପଥର।
**oodles** ବି. ବ.ବ. *କ.ଭା.* ଅତି ବିରାଟ ପରିମାଣ।
**ooh** *ଅନ.* ବିସ୍ମୟ, ଆନନ୍ଦ, ପୀଡ଼ା ପ୍ରଭୃତି ସୂଚକ ଅନ୍ତର୍ନିକ୍ଷେପ ଅବ୍ୟୟ।
**oolite** ବି. ଚୂନ ଗେଣ୍ଡୁଟି ପଥର।
**oolitic** ବି°. ଚୂନ ଗେଣ୍ଡୁଟି ସମ୍ବନ୍ଧୀୟ।
**oomph** ବି. *ସା.ପ୍ର.* ଶକ୍ତି, ଉତ୍ସାହ; ଯୌନ ଆକର୍ଷଣ।
**ooze** 1. କ୍ରି. ତରଳ ପଦାର୍ଥ ନିଃସୃତ ହେବା ବା ନିର୍ଗତ ହେବା; ଝରିବା, କ୍ଷରିବା, କ୍ଷରିତ ହେବା; ଶରୀରର ଛିଦ୍ର ମଧ୍ୟ ଦେଇ ଧୀରେ ଧୀରେ ପ୍ରବାହିତ ହେବା; ତରଳ ପଦାର୍ଥ ନିଃସରଣ ବା କ୍ଷରଣ କରିବା; ଝରାଇବା; ଭାବ, ଆବେଗ ବା ସଂବେଦନ ଅବାଧରେ ପ୍ରକାଶ ବା ପ୍ରଦର୍ଶନ କରିବା; 2. ବି. ପଙ୍କ, କାଦୁଅ, ଧୀର ପ୍ରବାହ; ବି°. oozy.
**opacity** ବି. ଅସ୍ୱଚ୍ଛତା, ପ୍ରକାଶ ଅଭେଦ୍ୟତା।
**opal** ବି. ଦୁଧିଆ ବା ନୀଳବର୍ଣ୍ଣର ବହୁମୂଲ୍ୟ ପ୍ରସ୍ତର ବିଶେଷ।
**opalescent** ବି°. ଇନ୍ଦ୍ରଧନୁବର୍ଣ୍ଣରେ ଉଦ୍‌ଭାସିତ; ଚିତ୍ରାଳ, ବର୍ଣ୍ଣଛଟାପୂର୍ଣ୍ଣ; ବି. opalescence.
**opaline** ବି°. ଓପାଲ୍ ପ୍ରସ୍ତର ସଦୃଶ ବା ସମ୍ବନ୍ଧୀୟ।
**opaque** ବି°. ଅସ୍ୱଚ୍ଛ, ପ୍ରକାଶ–ଅଭେଦ୍ୟ; ଅସ୍ପଷ୍ଟ, ଦୁର୍ବୋଧ୍ୟ; ବୋକା; ନିର୍ବୋଧ; କ୍ରି.ବି°. opaquely; ବି. opaqueness.
**op. cit.** *ସଂଶ. ଲା.* *opere citato* ପୂର୍ବରୁ ଉଦ୍ଧୃତ; ତତ୍ରୈବ।
**OPEC** *ସଂଶ.* Organization of Petroleum Exporting Countries ପେଟ୍ରୋଲିୟମ ରପ୍ତାନି କରୁଥିବା ଦେଶମାନଙ୍କର ସଂଘ।
**open** 1. ବି°. ଖୋଲା, ମେଲା, ଉନ୍ମୁକ୍ତ; ଅନାଚ୍ଛାଦିତ, ଅନାବୃତ; ସାଧାରଣରେ ପ୍ରକାଶ୍ୟ; ପ୍ରସାରିତ; ସରଳ, ନିଷ୍କପଟ; ପରିଷ୍କାର; ବିମୁକ୍ତ, ପ୍ରକାଶିତ; 2. ବି. ମୁକ୍ତ ସ୍ଥାନ ବା ବାୟୁ; ଉନ୍ମୁକ୍ତ ପ୍ରତିଯୋଗିତା; 3. କ୍ରି.ବି°. ସ୍ପଷ୍ଟଭାବରେ; ଉନ୍ମୁକ୍ତ ଭାବରେ; ପ୍ରକାଶ୍ୟ ଭାବରେ; ଖୋଲାଖୋଲି; 4. କ୍ରି. ଖୋଲିବା; ମୁକ୍ତ କରିବା; ଉଦ୍‌ଘାଟନ କରିବା; ଆରମ୍ଭ କରିବା; open out ଉନ୍ମୁକ୍ତ ହେବା; ବଢ଼ିବା; open to ଗ୍ରହଣ କରିବାପାଇଁ ଇଚ୍ଛୁକ; ଉପଲବ୍ଧ; open up ଦୃଷ୍ଟିକୁ ଆଣିବା, ସୁଗମ କରିବା; open one's heart (mind) ହୃଦୟ ବା ମନ ଖୋଲିଦେବା; ମନୋଭାବ ବ୍ୟକ୍ତ କରିବା।
**open–air** ବି. ଖୋଲା ବା ମୁକ୍ତ ସ୍ଥାନ।
**open–and–shut** ବି°. *କ.ଭା.* ସରଳ; ସିଧାସଳଖ।
**open book** ବି. ସହଜବୋଧ୍ୟ ବ୍ୟକ୍ତି।
**opencast** ବି°. (ଖଣି ବା ଖଣିଜ ବିଦ୍ୟା ସମ୍ବନ୍ଧୀୟ) ଭୂପୃଷ୍ଠ–ସ୍ତର ଦୂରୀକରଣ ପୂର୍ବକ ଉପରି ଭାଗରୁ ଖନନ କରାଯାଉଥିବା।
**open–ended** ବି°. ସୀମା ବା ପ୍ରତିବନ୍ଧକ ବିନା, ଅବାଧ।

Digitized by srujanika@gmail.com

**opener** ବି. ଟିଣ, ବୋତଲ ପ୍ରଭୃତି ଖୋଲିବାର ଯନ୍ତ୍ର।

**open–handed** ବିଂ. ମୁକ୍ତହସ୍ତ, ବଦାନ୍ୟ, ହାତଖୋଲା।

**open–hearted** ବିଂ. ମୁକ୍ତ ହୃଦୟ, ସରଳ, ନିଷ୍କପଟ, ଉଦାର।

**opening** 1. ବି. ଦ୍ୱାର, ରାସ୍ତା, ଫାଙ୍କ; ମୁଖ; ସୁଯୋଗ, ଅନୁକୂଳ ପରିସ୍ଥିତି; ପ୍ରାରମ୍ଭ; ପ୍ରାରମ୍ଭିକ ଭାଗ; 2. ବିଂ. ପ୍ରାରମ୍ଭିକ, ପ୍ରଥମ।

**openly** କ୍ରି.ବିଂ. ଖୋଲାଖୋଲି ଭାବରେ, ସ୍ପଷ୍ଟରୂପେ, ଗୋପନୀୟ ନ ରଖି; ସର୍ବଜନୀନ ଭାବରେ।

**open–minded** ବିଂ. ଖୋଲାମନ, ନିର୍ମଳମନା।

**open secret** ବି. ବହୁଜନ ବିଦିତ ଗୁପ୍ତ ବିଷୟ।

**Open University** ବି. ମୁକ୍ତ ବିଶ୍ୱବିଦ୍ୟାଳୟ; ବିଧିବଦ୍ଧ ଶିକ୍ଷାଗତ ପ୍ରମାଣପତ୍ର ବିହୀନ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମ ସଞ୍ଚାଳନ କରୁଥବା ବିଶ୍ୱବିଦ୍ୟାଳୟ।

**opera** ବି. ଅପେରା; ଗୀତିନାଟ୍ୟ; ସଙ୍ଗୀତ–ନାଟକ; ଯାତ୍ରା; ସଂଗୀତ–ନାଟକ କଳା; ସଂଗୀତ–ନାଟକ ସମ୍ପାଦନର ସ୍ଥାନ; ଯାତ୍ରା ଗୋଷ୍ଠୀ।

**operable** ବିଂ. ସଂପାଦନ–ଯୋଗ୍ୟ; ଅପରେଶନ୍‌ଯୋଗ୍ୟ; ଅସ୍ତ୍ରୋପଚାର ଯୋଗ୍ୟ।

**opera–house** ବି. ଅପେରା–ଗୃହ, ସଂଗୀତ–ନାଟକଶାଳା, ନାଟ୍ୟଶାଳା, ରଙ୍ଗାଳୟ।

**operate** କ୍ରି. କାର୍ଯ୍ୟ କରିବା; ସମ୍ପାଦନ କରିବା; ନିୟନ୍ତ୍ରଣ କରିବା; ଇପ୍ସିତ ପ୍ରଭାବ ପକାଇବା; ଅପରେଶନ୍ କରିବା, ଅସ୍ତ୍ରୋପଚାର ବା ଶଲ୍ୟ ଚିକିତ୍ସା କରିବା; ପ୍ରଭାବକାରୀ ହେବା, ପ୍ରବର୍ତ୍ତିତ ହେବା।

**operatic** ବିଂ. ଅପେରା ବା ଗୀତିନାଟ୍ୟ ସଦୃଶ; ଅପେରାର କଣ୍ଠଶିଳ୍ପୀ ଭଳି; ବି. operatics; କ୍ରି.ବିଂ. operatically.

**operating theatre** ବି. ଶଲ୍ୟ–କକ୍ଷ, ଶଲ୍ୟଚିକିତ୍ସା–ଗୃହ, ଅସ୍ତ୍ରୋପଚାରଶାଳା।

**operation** ବି. କାର୍ଯ୍ୟ, ପ୍ରକ୍ରିୟା, କାର୍ଯ୍ୟବିଧି; କାର୍ଯ୍ୟକାରିତା; କାର୍ଯ୍ୟ ସମ୍ପାଦନ; ଅପରେଶନ, ଅସ୍ତ୍ରୋପଚାର, ଶଲ୍ୟଚିକିତ୍ସା; ନେଣଦେଣ; ଆର୍ଥିକ କାରବାର; ସାମରିକ କାର୍ଯ୍ୟକଳାପ; ନ୍ୟାୟସଙ୍ଗତତା; ବୈଧତା ବା ମାନ୍ୟତା।

**operational** ବିଂ. ଅପରେଶନ୍ ସମ୍ବନ୍ଧୀୟ; ଶଲ୍ୟ ଚିକିତ୍ସା ବା ଅସ୍ତ୍ରୋପଚାର ସମ୍ବନ୍ଧୀୟ; ଅସ୍ତ୍ରୋପଚାରରେ ନିୟୋଜିତ, କାର୍ଯ୍ୟକାରୀ ହେବାକୁ ସମର୍ଥ, ଯୋଗ୍ୟ ବା ପ୍ରସ୍ତୁତ; କ୍ରି.ବିଂ. operationally.

**operational research** ବି. ବ୍ୟବସାୟ ପରିଚାଳନା ପ୍ରଭୃତିରେ ବୈଜ୍ଞାନିକ ସିଦ୍ଧାନ୍ତ ବା ନୀତିର ପ୍ରୟୋଗ।

**operative** 1. ବିଂ. କାର୍ଯ୍ୟକାରୀ, ଫଳପ୍ରଦ; ବ୍ୟାବହାରିକ; ଅସ୍ତ୍ରୋପଚାର ବା ଅପରେଶନ୍ ସମ୍ବନ୍ଧୀୟ; 2. ବି. କର୍ମୀ; ଶିଳ୍ପୀ ବା କାରିଗର।

**operator** ବି. ମେସିନ୍ ପ୍ରଭୃତିର ଚାଳକ, ବିଶେ. ଟେଲିଫୋନ୍ ଏକ୍ସଚେଞ୍ଜରେ ଲାଇନ୍ ସଂଯୋଗ କରୁଥିବା ବ୍ୟକ୍ତି; ବ୍ୟବସାୟରେ ନିଯୁକ୍ତ ବ୍ୟକ୍ତି; *କ.ଭା.* କୌଣସି ବିଶେଷ ପ୍ରକାରେ କାର୍ଯ୍ୟ କରୁଥିବା ବ୍ୟକ୍ତି।

**operculum** ବି. ( ବ.ବ. opercula) ମାଛର ଗାଲିସିହାଡ଼ ବା ଗାଲିସି–ଆବରଣ; ଉଦ୍ଭିଦର ଢାଙ୍କୁଣି ସଦୃଶ ଗଢ଼ଣ–ଛାଞ୍ଚ; ଶାମୁକା, ଶଙ୍ଖ ପ୍ରଭୃତିର ମୁଖ ପାଟକ।

**operetta** ବି. ହାଲୁକା ଧରଣର ଅପେରା; ଏକାଙ୍କିକା ବା କ୍ଷୁଦ୍ର ଗୀତିନାଟ୍ୟ।

**ophidian** 1. ବି. ସର୍ପ ଆଦି ନିମ୍ନଶ୍ରେଣୀ ସରୀସୃପ–ପରିବାରର ପ୍ରାଣୀ; ସର୍ପ; 2. ବିଂ. ଏହି ଶ୍ରେଣୀର; ସର୍ପସଦୃଶ।

**ophthalmia** ବି. ଚକ୍ଷୁପ୍ରଦାହ ରୋଗ, ଆଖିଧରା ବେମାରି।

**ophthalmic** ବିଂ. ଚକ୍ଷୁ ସମ୍ବନ୍ଧୀୟ; ଆଖିର; ଚକ୍ଷୁରୋଗ ସମ୍ବନ୍ଧୀୟ; ଚକ୍ଷୁପ୍ରଦାହରେ ପ୍ରପୀଡ଼ିତ।

**ophthalmic optician** ବି. ଚକ୍ଷୁ ପରୀକ୍ଷା କରି ଚଷମାର ବ୍ୟବସ୍ଥାକାରୀ ଓ ନିର୍ମାଣକାରୀ ବିଶେଷଜ୍ଞ।

**ophthalmology** ବି. ଚକ୍ଷୁବିଜ୍ଞାନ, ଦୃଷ୍ଟିବିଜ୍ଞାନ, ଚକ୍ଷୁ ତଥା ଏହାର ରୋଗର ବୈଜ୍ଞାନିକ ଅଧ୍ୟୟନ; ବି. opthalmologist.

**ophthalmoscope** ବି. ଚକ୍ଷୁ ପରୀକ୍ଷା ନିମିତ୍ତ ଯନ୍ତ୍ର।

**opiate** 1. ବିଂ. ଅଫିମମିଶ୍ରିତ; ନିଦ୍ରାଜନକ ବା ନିଶାକାରକ; 2. ବି. ଅଫିମମିଶ୍ରିତ ନିଦ୍ରାକାରକ ଔଷଧ, ଯନ୍ତ୍ରଣା ଉପଶମକାରୀ ଔଷଧ।

Digitized by srujanika@gmail.com

**opine** କ୍ରି. *ସାହି.* ମତପ୍ରକାଶ କରିବା; ଅଭିମତ ବ୍ୟକ୍ତ କରିବା।

**opinion** ବି. ମତ, ଅଭିମତ; ଅଳ୍ପ ପ୍ରମାଣ ଉପରେ ଆଧାରିତ ବିଶ୍ୱାସ; ସମ୍ଭାବନାରୂପେ ଗୃହୀତ ମତବାଦ ବା ସିଦ୍ଧାନ୍ତ; ବିବେଚନା; ବିଚାର୍ଯ୍ୟ ବିଷୟ; ବ୍ୟାବସାୟିକ ପରାମର୍ଶ।

**opinionated** ବିଂ. ସ୍ୱମତପୋଷଣକାରୀ; ନିଜ ମତ ବା ମତବାଦରେ ଦୃଢ଼ନିଶ୍ଚୟ; ଏକଜିଦିଆ।

**opium** ବି. ଅଫିମ; ଅହିଫେନ, ଆପୁ।

**opossum** ବି. ଆମେରିକା ଓ ଅଷ୍ଟ୍ରେଲିଆର ବୃକ୍ଷବାସୀ କ୍ଷୁଦ୍ର ପ୍ରାଣୀ ବିଶେଷ।

**opp.** *ସଂଶ.* opposite ବିପରୀତ।

**opponent** ବି. ବିରୋଧୀ ବା ପ୍ରତିପକ୍ଷ ବ୍ୟକ୍ତି; ପ୍ରତିଦ୍ୱନ୍ଦ୍ୱୀ।

**opportune** ବିଂ. (ସମୟ ସମ୍ବନ୍ଧରେ) ଉପଯୁକ୍ତ, ଅନୁକୂଳ; ସୁନିର୍ବାଚିତ, ସୁବିଧାଜନକ; (କାର୍ଯ୍ୟ ସମ୍ପର୍କରେ) ସମୟୋଚିତ; ଯଥା ସମୟରେ ସମ୍ପନ୍ନ; (ପବନ ସମ୍ପର୍କରେ) ବନ୍ଦରର ଅନୁକୂଳରେ ପ୍ରବାହିତ।

**opportunism** ବି. ସୁବିଧାବାଦ, ସୁଯୋଗବାଦ, ନୀତିକୁ ଉପେକ୍ଷା କରି ସୁବିଧା ବା ସୁଯୋଗର ଲାଭଗ୍ରହଣ; ବି. opportunist; ବିଂ. opportunistic; କ୍ରି.ବିଂ. opportunistically.

**opportunity** ବି. ସୁଯୋଗ, ସୁବିଧା; ସୁଅବସର, ଅନୁକୂଳ ପରିସ୍ଥିତି ବା ଘଟଣା।

**oppose** କ୍ରି. ବିରୋଧ କରିବା; ପ୍ରତିରୋଧ କରିବା; ବିରୋଧ ବା ବିପକ୍ଷରେ ଯୁକ୍ତି ଉପସ୍ଥାପନ କରିବା; ତର୍କ ଖଣ୍ଡନ କରିବା; ପ୍ରତିବାଦ କରିବା; ବାଧା ଦେବା; as opposed to (କୌଣସି ବସ୍ତୁ ବା ବିଷୟ ପ୍ରତି) ବିପରୀତ; ବି. opposer.

**opposite** 1. ବିଂ. (ଅଧିକାଂଶ ସମୟରେ to ସହିତ) ସମ୍ମୁଖସ୍ଥ; ବିପରୀତ, ବିରୋଧୀ, ସମ୍ମୁଖୀନ; ସମ୍ମୁଖସ୍ଥ; ବିପରୀତ ପ୍ରକାରର; (କୌଣସି ବସ୍ତୁ ପ୍ରତି ବା ବସ୍ତୁଠାରୁ) ସମ୍ପୂର୍ଣ୍ଣ ଭିନ୍ନ; 2. ବି. ବିପରୀତ ବ୍ୟକ୍ତି, ବସ୍ତୁ ବା ଶବ୍ଦ; 3. କ୍ରି.ବିଂ. ସାମ୍ନାରେ, ବିପରୀତ ସ୍ଥାନରେ; 4. *ଅ.* (ପ୍ରତି) ବିପରୀତ।

**opposite number** ବି. ଅନ୍ୟ ଦଳ ବା ସଂଘରେ ସମାନ ପଦଧାରୀ ବ୍ୟକ୍ତି।

**opposition** ବି. ବିରୋଧ, ପ୍ରତିଦ୍ୱନ୍ଦ୍ୱିତା; ପ୍ରତିକୂଳ ମତ ବା ସିଦ୍ଧାନ୍ତ; ବୈପରୀତ୍ୟ; the Opposition ବିରୋଧୀ ଦଳ; ଶାସକଦଳର ବିରୋଧୀ ମୁଖ୍ୟ ସଂସଦୀୟ ଦଳ।

**oppress** କ୍ରି. ଦମନ କରି ରଖିବା; ଅତ୍ୟାଚାର କରିବା; ବଳପୂର୍ବକ ଅଧୀନ ବା ବଶ କରି ରଖିବା; ଅପ୍ରତିରୋଧ୍ୟ ଶକ୍ତିଦ୍ୱାରା ଦମନ କରିବା।

**oppression** ବି. ଦମନ; ଅତ୍ୟାଚାରପୂର୍ଣ୍ଣ ଶାସନ।

**oppressive** ବିଂ. ଦମନପୂର୍ଣ୍ଣ, ଅତ୍ୟାଚାରପୂର୍ଣ୍ଣ; କର୍କଶ ବା ନିଷ୍ଠୁର; (ପାଗ ସମ୍ବନ୍ଧରେ) ଗୁଳୁଗୁଳିଆ; କ୍ରି.ବିଂ. opperssively; ବି. oppressiveness.

**oppressor** ବି. ଦମନକାରୀ, ଅତ୍ୟାଚାରୀ ବ୍ୟକ୍ତି ବା ଶାସକ।

**opprobrious** ବିଂ. (ଭାଷା ସମ୍ପର୍କରେ) ଅତ୍ୟନ୍ତ ଘୃଣାପୂର୍ଣ୍ଣ, ଅବଜ୍ଞାପୂର୍ଣ୍ଣ, ଭର୍ତ୍ସନାତ୍ମକ, ତିରସ୍କାରଯୁକ୍ତ।

**opprobrium** ବି. ମର୍ଯ୍ୟାଦାହାନି, ତା'ର କାରଣ; ଅପଯଶ।

**oppugn** କ୍ରି. *ସାହି.* ବିରୋଧ କରିବା, ଆପତ୍ତି ଉଠାଇବା; ମତାନୈକ୍ୟ ପ୍ରକାଶ କରିବା।

**opt** କ୍ରି. (ଇଚ୍ଛିତ ବସ୍ତୁ ବା କାର୍ଯ୍ୟ) ଗ୍ରହଣ କରିବା, ବାଛିବା, ପସନ୍ଦ କରିବା; opt out (of) କୌଣସି ବିଷୟରେ ଅଂଶ ଗ୍ରହଣ ନ କରିବାକୁ ଚାହିଁବା।

**optative** *ବ୍ୟା.* 1. ବିଂ. କାମନାତ୍ମକ, ଇଚ୍ଛାର୍ଥକ; 2. ବି. କାମନାତ୍ମକ ବା ଇଚ୍ଛାର୍ଥକ କ୍ରିୟାଭେଦ ବା କ୍ରିୟାରୂପ।

**optic** ବିଂ. ନେତ୍ର ବା ଦୃଷ୍ଟି ସମ୍ବନ୍ଧୀୟ।

**optical** ବିଂ. ଦୃଷ୍ଟି ସମ୍ବନ୍ଧୀୟ, ଦୃଷ୍ଟିଗତ; ଚାକ୍ଷୁଷ; ଦୃଷ୍ଟିର ସହାୟକ; ଦୃଷ୍ଟିବିଜ୍ଞାନ ସମ୍ମତ; କ୍ରି.ବିଂ. optically.

**optical illusion** ବି. ଦୃଷ୍ଟି–ଭ୍ରମ।

**optician** ବି. କଣ୍ଟାକ୍ଟ୍ ଲେନ୍ସ ପ୍ରଭୃତିର ନିର୍ମାତା, ବିକ୍ରେତା, ପ୍ରସ୍ତୁତକାରୀ ବା ବ୍ୟବସ୍ଥାପକ; ଚଷମାର ନିର୍ମାତା।

**optics** ବିଂ. ବ.ବ. *ସା.* ଏ.ବ. ଆଲୋକ ଓ ଦୃଷ୍ଟିର ବିଜ୍ଞାନ।

**optimal** ବିଂ. ସବୁଠାରୁ ଅଧିକ ଅନୁକୂଳ ବା ହିତକର, ଅନୁକୂଳତମ।

Digitized by srujanika@gmail.com

**optimism** ବି. ଆଶାବାଦ, ପ୍ରତ୍ୟେକ ଘଟଣାର ଉଜ୍ଜ୍ୱଳଦିଗ ଦେଖିବାର ପ୍ରବୃତ୍ତି; ଦ. ସଂସାରରେ ଶେଷରେ ସତ୍ୟର ହିଁ ବିଜୟ ହେବ ବୋଲି ଆସ୍ଥା ବା ବିଶ୍ୱାସ।

**optimist** ବି. ଆଶାବାଦୀ, ଘଟଣାର ଉଜ୍ଜ୍ୱଳଦିଗର ଦର୍ଶକ।

**optimistic** ବିଂ. ଆଶାବାଦୀ ସମ୍ବନ୍ଧୀୟ; ଆଶାନ୍ୱିତ; ଆଶାଯୁକ୍ତ; କ୍ରି.ବିଂ. optimistically.

**optimize** ସ.କ୍ରି. ଅନୁକୂଳତମ କରିବା, କୌଣସି ବସ୍ତୁର ଅଧିକରୁ ଅଧିକ ଫାଇଦା ଉଠାଇବା; ବି. optimization.

**optimum** ବି. (ବ.ବ. optima) ବିକାଶ, ବୃଦ୍ଧି ଆଦି ନିମନ୍ତେ ଅନୁକୂଳତମ ପରିସ୍ଥିତି; ସର୍ବୋତ୍ତମ ରାଜିନାମା ବା ସମାଧାନ।

**option** ବି. ପସନ୍ଦ, ଚୟନ; ବିକଳ୍ପ; ନିର୍ବାଚନ, ଚୟନର ସ୍ୱାଧୀନତା; କୌଣସି ବସ୍ତୁକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଶ୍ଚିତ ମୂଲ୍ୟରେ କିଣିବା ବା ବିକିବାର ଅଧିକାର; **keep (leave) one's options open** ଅପ୍ରତିଶ୍ରୁତ ହୋଇ ରହିବା; ହଁ ନାହିଁ କିଛି ନ କହିବା।

**optional** ବିଂ. ଐଚ୍ଛିକ, ଇଚ୍ଛାଧୀନ; ବୈକଳ୍ପିକ, ଇଚ୍ଛାନୁସାରୀ।

**optionally** କ୍ରି.ବିଂ. ଇଚ୍ଛାନୁସାରେ, ଐଚ୍ଛିକ ବା ବୈକଳ୍ପିକ ରୂପେ।

**opulence** ବି. ବୈଭବ, ସମୃଦ୍ଧି, ପ୍ରାଚୁର୍ଯ୍ୟ।

**opulent** ବିଂ. ଧନବାନ୍, ବୈଭବଶାଳୀ; ସମୃଦ୍ଧିଶାଳୀ; ପ୍ରଚୁର; ବିଳାସୀ।

**opus** ବି. (ବ.ବ. opuses, opera) ସଙ୍ଗୀତ ରଚନା (ସଙ୍ଗୀତକାରର କୃତିମାନଙ୍କ ମଧ୍ୟରୁ ସଂଖ୍ୟାରେ ଏହାର ଉଲ୍ଲେଖ କରାଯାଇଥାଏ)।

**or**[1] ସଂଯୋ. ବା, ଅଥବା, କିମ୍ବା, ଅର୍ଥାତ୍, ଅନ୍ୟଥା, ନଚେତ୍, ନୋହିଲେ।

**or**[2] ବି. ସ୍ୱର୍ଣ୍ଣ, ସୁନା।

**–or** ପ.ପ୍ର. ବିଶେଷ୍ୟ–ଗଠନକାରୀ ପ୍ରତ୍ୟୟ (actor, translator, governor).

**oracle** ବି. ପ୍ରାଚୀନ ଗ୍ରୀସ୍‌ରେ ମନୋନୀତ ଦେବଦେବୀମାନଙ୍କଠାରୁ ପୁରୋହିତମାନଙ୍କର ପରାମର୍ଶ ଓ ଭବିଷ୍ୟବାଣୀ ଗ୍ରହଣର ସ୍ଥାନ; ଦେବଦେବୀଙ୍କଦ୍ୱାରା ପ୍ରଦତ୍ତ ଏତଦ୍‌ସମ୍ବନ୍ଧୀୟ ଉତ୍ତର; ଆପ୍ତ ବଚନ, ଦୈବବାଣୀ; ଜ୍ଞାନର ଉତ୍ସ ସ୍ୱରୂପ ବ୍ୟକ୍ତି ବା ବସ୍ତୁ।

**oracular** ବିଂ. ଦୈବବାଣୀ ବା ଆପ୍ତବଚନ ସମ୍ବନ୍ଧୀୟ।

**oral** 1. ବିଂ. କଥିତ, ମୌଖିକ, ବାଚନିକ; ମୁଖରେ କରାଯାଉଥିବା; ମୁଖ ସମ୍ବନ୍ଧୀୟ; 2. ବି. କ.ଭା. କଥିତ ବା ମୌଖିକ ପରୀକ୍ଷା।

**orally** କ୍ରି.ବିଂ. ମୌଖିକ ଭାବରେ; ମୁଖଦେଇ।

**orange** 1. ବି. କମଳା, କମଳାଲେମ୍ବୁ, ନାରଙ୍ଗ ଫଳ; କମଳା ବା ନାରଙ୍ଗ ଫଳର ବୃକ୍ଷ; ଫଳର୍ଗ ପୀତଲୋହିତ ବର୍ଣ୍ଣ; କମଳା ରଂଗ; 2. ବିଂ. ନାରଙ୍ଗ ରଙ୍ଗ ବିଶିଷ୍ଟ; କମଳା ରଙ୍ଗ ବିଶିଷ୍ଟ; କମଳା ଲେମ୍ବୁଜାତୀୟ ।

**orange–blossom** ବି. ନାରଙ୍ଗ ବା କମଳାଲେମ୍ବୁ ବୃକ୍ଷର ସୁଗନ୍ଧିତ ଶ୍ୱେତ ପୁଷ୍ପ।

**orangeade** ବି. କମଳାରସ, ଚିନି ଆଦି ମିଶ୍ରିତ ଏକ ପ୍ରକାର ପାନୀୟ।

**orangery** ବି. କମଳା ବଗିଚା।

**orang–utan** ବି. (orang-outang ମଧ୍ୟ) ଜାଭା, ବୋର୍ଣ୍ଣିଓ, ସୁମାତ୍ରା ଆଦି ପୂର୍ବଭାରତୀୟ ଦ୍ୱୀପରେ ପରିଦୃଷ୍ଟ ବଣମଣିଷ; ଓରାଙ୍ଗ୍ ଓଟାଙ୍ଗ୍।

**oration** ବି. ଔପଚାରିକ ବା ଆନୁଷ୍ଠାନିକ ଭାଷଣ ବା ବକ୍ତୃତା।

**orator** ବି. ବକ୍ତା, ବାଗ୍ମୀ।

**oratorical** ବିଂ. ବାଗ୍ମିତା ସମ୍ବନ୍ଧୀୟ।

**oratorio** ବି. (ବ.ବ. oratorios) ସାଧାରଣତଃ ପବିତ୍ର ବା ଧାର୍ମିକ ବିଷୟ ଉପରେ ଆଧାରିତ ଅର୍ଦ୍ଧ–ନାଟକୀୟ ସଙ୍ଗୀତ ରଚନା।

**oratory** ବି. ସାଧାରଣ ସଭାରେ ଭାଷଣ ଦେବାର କଳା, କୌଶଳ ବା ଦକ୍ଷତା; ବାଗ୍ମିତା; କ୍ଷୁଦ୍ର ଘରୋଇ ଉପାସନା ମନ୍ଦିର; ବିଂ. oratorical.

**orb** ବି. ମଣ୍ଡଳ, ଗୋଲକ, ବୃତ୍ତ; କାବ୍ୟ. ଜ୍ୟୋତିଷ୍କ; ଚକ୍ଷୁର ଗୋଲକ; ଆଖିଡୋଳା।

**orbicular** ବିଂ. ଔପ. ଗୋଲ, ଗୋଲାକାର, ବର୍ତ୍ତୁଳ, ବୃତ୍ତାକାର, ମଣ୍ଡଳାକୃତି।

**orbit** 1. ବି. ଗ୍ରହ, ଉପଗ୍ରହ ଆଦିର ବକ୍ର ଆବର୍ତ୍ତନ ପଥ; ଗ୍ରହ–କକ୍ଷ; ପରିଭ୍ରମଣ–ସୀମା; କର୍ମକ୍ଷେତ୍ର; ଚକ୍ଷୁ–କୋଟର; in orbit କକ୍ଷରେ ଭ୍ରାମ୍ୟମାଣ; ବି. orbiter.

**orbital** ବିଂ. ଆବର୍ତ୍ତନ ପଥ ବା କକ୍ଷ ସମ୍ବନ୍ଧୀୟ; ସହର ବାହାରେ ବୁଲିଥିବା (ରାସ୍ତା)।

**orchard** ବି. ଫଳୋଦ୍ୟାନ, ଫଳବଗିଚା, ଫଳବୃକ୍ଷର ଉପବନ।

Digitized by srujanika@gmail.com

**orchestra** ବି. ବୃନ୍ଦ ବାଦନ; ଗାୟକ ଓ ଯନ୍ତ୍ରବାଦକମାନଙ୍କର ଦଳ; ରଙ୍ଗାଳୟ ବା ଥିଏଟର୍ ପ୍ରଭୃତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥଳ; ସେମାନଙ୍କଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ରସମୂହ; ଅର୍କେଷ୍ଟ୍ରା ।

**orchestral** ବିଂ. ଅର୍କେଷ୍ଟ୍ରାସମ୍ବନ୍ଧୀୟ, ଗାୟକ ବା ବାଦକ ଦଳ ସମ୍ବନ୍ଧୀୟ ।

**orchestrate** କ୍ରି. ଅର୍କେଷ୍ଟ୍ରା ବା ବାଦ୍ୟସଂଗୀତର ରଚନା ବା ବ୍ୟବସ୍ଥା କରିବା; *ଲାକ୍ଷ.* ଐକ୍ୟ ବା ସୁସଙ୍ଗତି ସହିତ ସଜାଇବା ବା ମିଳାଇବା; ବି. orchestration.

**orchid** ବି. ଉଜ୍ଜ୍ୱଳ ରଙ୍ଗ ବିଶିଷ୍ଟ ଯେ କୌଣସି କିସମର ଅର୍କିଡ୍ ଫୁଲ; ସେହି ଗଛ ।

**ordain** କ୍ରି. ପବିତ୍ର ଆଦେଶ ପ୍ରଦାନ ବା ବିଧାନ କରିବା; ଆଦେଶ ଦେବା ବା ସମ୍ପାଦନ କରିବା ।

**ordeal** ବି. କଠୋର ପରୀକ୍ଷା, କଷ୍ଟଦାୟକ ଅନୁଭୂତି; *ଇତି.* ନିର୍ଦ୍ଦୋଷତା ପ୍ରମାଣ ନିମନ୍ତେ କଠୋର ପରୀକ୍ଷା ପଦ୍ଧତି ବା ବିଧାନ ।

**order** 1. ବି. ସୁବ୍ୟବସ୍ଥା; ସୁବିନ୍ୟାସ, ପ୍ରାକୃତିକ ଘଟଣାକ୍ରମର ନିୟମ–ବିଧାନ; ଶୃଙ୍ଖଳାକ୍ରମ; ପଂକ୍ତି; କୋଟି; ଶ୍ରେଣୀ, ବ୍ୟବସ୍ଥା; ପ୍ରବନ୍ଧ; ଆଜ୍ଞା, ନିର୍ଦ୍ଦେଶ, ଆଦେଶ; ସାମାଜିକ ଶ୍ରେଣୀ, ସ୍ଥିତି ବା ବର୍ଗ; ପ୍ରାର୍ଥନା ପ୍ରଭୃତିର ନିର୍ଦ୍ଦିଷ୍ଟ ରୂପ, ଖ୍ରୀଷ୍ଟିଆନ୍ ପୁରୋହିତମାନଙ୍କର ଶ୍ରେଣୀ; ବିଧାନସଭା ବା ସାର୍ବଜନୀନ ସଭା ଦ୍ୱାରା ସ୍ୱୀକୃତ କାର୍ଯ୍ୟବିଧି; 2. କ୍ରି. ଆଦେଶ ବା ଆଜ୍ଞା ଦେବା; କୌଣସି ସ୍ଥାନକୁ ଯିବାକୁ ଆଦେଶ ବା ନିର୍ଦ୍ଦେଶ ଦେବା; ବ୍ୟବସ୍ଥିତ କରିବା; ଯଥାକ୍ରମ ସଜାଇବା; call to order ଶୃଙ୍ଖଳାବଦ୍ଧ ହେବାକୁ ଅନୁରୋଧ କରିବା; ସଭାସମିତିର କାର୍ଯ୍ୟାରମ୍ଭ ଘୋଷଣା କରିବା; holy orders *ଖ୍ରୀ. ବିଶେ.* ଇଂଲଣ୍ଡର ଗୀର୍ଜାରେ ପାଦ୍ରୀମାନଙ୍କର (ବିଶପ୍, ପାଦ୍ରୀ ଓ ଡୀକନ୍) କ୍ରମ; in order ଉଚିତ୍ କ୍ରମରେ; ଠିକ୍‌ଥିବା, ଚାଲୁ ଅବସ୍ଥାରେ ରହିଥିବା; out of order ଅନୁଚିତ କ୍ରମରେ, ଠିକ୍ ନଥିବା, in order that ଯେପରିକି, ଏହି ଉଦ୍ଦେଶ୍ୟରେ ଯେ; in order to ଏହି ଉଦ୍ଦେଶ୍ୟରେ, ଏହି ଦୃଷ୍ଟିକୋଣରୁ; on order ବରାଦ ଦିଆଯାଇଥିବା, କିନ୍ତୁ ଆସିନଥିବା; to order ଗ୍ରାହକଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ମତେ ।

**Order in Council** ବି. ପ୍ରିଭି କାଉନ୍‌ସିଲ୍‌ଙ୍କ ପରାମର୍ଶରେ ଶାସକୀୟ ବ୍ୟାପାର ବିଷୟରେ ସମ୍ରାଟ୍‌ଙ୍କ ଆଦେଶ ।

**orderliness** ବି. ସୁବ୍ୟବସ୍ଥିତତା, କ୍ରମବଦ୍ଧତା, ଆଜ୍ଞାକାରିତା, ସୁଶୀଳତା ।

**orderly** 1. ବିଂ. ସୁବ୍ୟବସ୍ଥିତ, ଯଥାକ୍ରମ, କ୍ରମବଦ୍ଧ; ସୁଶୀଳ, ଶାନ୍ତ ସ୍ୱଭାବ ବିଶିଷ୍ଟ; ଆଜ୍ଞାକାରୀ; 2. ବି. ଅର୍ଦ୍ଦଳି, ଚପରାସି; ଡାକ୍ତରଖାନାର ସଫେଇ କର୍ମଚାରୀ; ଆଦେଶ–ବାହକ ।

**order–paper** ବି. ( *ବିଶେ.* ଲୋକସଭାରେ ପ୍ରସ୍ତୁତ) ଦୈନିକ କାର୍ଯ୍ୟଧାରାର ଲିଖିତ ବା ମୁଦ୍ରିତ ବିବରଣୀ ।

**ordinal** 1. ବିଂ. (ordinal number) ସଂଖ୍ୟାର କ୍ରମସୂଚକ; ଅନୁକ୍ରମରେ ବସ୍ତୁର ସ୍ଥାନ ନିର୍ଦ୍ଧାରଣକାରୀ ( *ଉଦା.* ପ୍ରଥମ, ପଞ୍ଚମ, ଦଶମ ଆଦି); 2. ବି. କ୍ରମସୂଚକ ସଂଖ୍ୟା ।

**ordinance** ବି. ଅର୍ଡ଼ିନାନ୍ସ; ଅଧ୍ୟାଦେଶ, ଧାର୍ମିକ କୃତ୍ୟ ବା ସଂସ୍କାର ।

**ordinand** ବି. ପାଦ୍ରୀ ପଦ ପାଇଁ ପ୍ରାର୍ଥୀ, ଦୀକ୍ଷା–ପ୍ରତ୍ୟାଶୀ ।

**ordinary** 1. ବିଂ. ସାଧାରଣ, ନିୟମିତ, ପ୍ରଥାଗତ, ସାଧାରଣତଃ ପ୍ରଚଳିତ; 2. ବି. *ଖ୍ରୀ.* ନିତ୍ୟକର୍ମ ପଦ୍ଧତି ବା ଦିବ୍ୟ ସେବା, ତାହାର ନିୟମ–ପୁସ୍ତକ; in the ordinary way ସାଧାରଣ ପରିସ୍ଥିତିରେ; out of the ordinary ଅସାଧାରଣ; କ୍ରି.ବିଂ. ordinarily; ବି. ordinariness.

**ordinate** ବି. *ଗଣିତ* ଉଲ୍ଲମ୍ବ ଭାବରେ ମପାଯାଇଥିବା ସ୍ଥାନାଙ୍କ; ବିନ୍ଦୁ, ରେଖା ବା ତଳର ସ୍ଥାନ ପ୍ରଭୃତି ନିର୍ଦ୍ଧାରଣ ପଦ୍ଧତି ।

**ordination** ବି. ଦୀକ୍ଷା; ପାଦ୍ରୀପଦରେ ନିଯୁକ୍ତି, ବିଧିବଦ୍ଧ ପବିତ୍ରାଦେଶ ବିଧାନ ।

**ordnance** ବି. ତୋପଖାନା, ଶସ୍ତ୍ରଭଣ୍ଡାର; ସରକାରୀ ଯୁଦ୍ଧସାମଗ୍ରୀ ବିଭାଗ ।

**ordure** ବି. ଗୋବର ।

**ore** ବି. କଞ୍ଚା ଧାତୁ, ଖଣିଜ ପ୍ରସ୍ତର, ଆକରିକ ଧାତୁ ପଥର ।

**oregano** ବି. ଏକ ପ୍ରକାର ଶୁଷ୍କ ସୁଗନ୍ଧକର ମସଲା ପତ୍ର ।

Digitized by srujanika@gmail.com

**organ** ବି. ଅର୍ଗାନ୍ (ବାଦ୍ୟଯନ୍ତ୍ର), ହାରମୋନିୟମ୍; ଇନ୍ଦ୍ରିୟ, ଅଙ୍ଗ, ଜୀବାଙ୍ଗ, ପ୍ରାଣୀ ବା ଉଦ୍ଭିଦର ବିଶେଷ କାର୍ଯ୍ୟଅଂଶ; ସଞ୍ଚାର ମାଧ୍ୟମ, ବିଶେ. ସମ୍ବାଦପତ୍ର (କୌଣସି ଗୋଷ୍ଠୀର); ବିଶେ. ପରି ଲିଙ୍ଗ।

**organdie** ବି. ଏକ ପ୍ରକାର ଖଳିଦିଆ ସୂକ୍ଷ୍ମ ବସ୍ତ୍ର।

**organ-grinder** ବି. ପିପା-ଅର୍ଗାନ୍ ବାଦକ।

**organic** ବିଂ. ଆଙ୍ଗିକ, ଅଙ୍ଗ ବା ଇନ୍ଦ୍ରିୟ ସମ୍ବନ୍ଧୀୟ, ଜୈବ; ପ୍ରାଣୀ ବା ଉଦ୍ଭିଦ ସମ୍ବନ୍ଧୀୟ; ଦୈହିକ ଗଠନ ସମ୍ବନ୍ଧୀୟ; ସୁସଂଗଠିତ; କ୍ରି.ବିଂ. organically.

**organic chemistry** ବି. ଅଂଗାରକ; ଜୈବ ରସାୟନ ଶାସ୍ତ୍ର।

**organism** ବି. ସ୍ୱତନ୍ତ୍ର ଅଙ୍ଗପ୍ରତ୍ୟଙ୍ଗ ବିଶିଷ୍ଟ ବିଶେଷ ଜୀବ ବା ଉଦ୍ଭିଦ।

**organist** ବି. ଅର୍ଗାନ୍ ବାଦକ।

**organization** ବି. ସଙ୍ଗଠନ; ସଙ୍ଗଠିତ କାର୍ଯ୍ୟପ୍ରଣାଳୀ ବା ସମାଜ; ଶୃଙ୍ଖଳା-ବିଧାନ; ବନ୍ଦୋବସ୍ତ; ବ୍ୟବସ୍ଥା; ବିଂ. organizational.

**organize** କ୍ରି. ସୁବ୍ୟବସ୍ଥିତ କରିବା; ସୁନ୍ଦର ରୂପ ଦେବା; ସଜାଇବା, ଆୟୋଜନ ବା ବ୍ୟବସ୍ଥା କରିବା, ସୁସଂଗଠିତ କରିବା; ଜୀବିତ ତନ୍ତୁର ରୂପ ଦେବା; ବି. organizer.

**organ-loft** ବି. ଅର୍ଗାନ୍ ବାଦନ ନିମିତ୍ତ ଗେଲେରୀ।

**organza** ବି. ରେଶମ ବା କୃତ୍ରିମ ସୂତାର ସୂକ୍ଷ୍ମ, କଠିନ ଓ ସ୍ୱଚ୍ଛ ପୋଷାକ ବା କନା।

**orgasm** ବି. କାମୋତ୍ତେଜନାର ଚରମସୀମା; ବିଂ. orgasmic.

**orgy** ବି. ଅବାଧ ଓ ଉଚ୍ଛୃଙ୍ଖଳ ଯୌନକ୍ରିୟା ସହ ମଉଜମଜଲିସ; କୌଣସି କାର୍ଯ୍ୟରେ ଅତ୍ୟଧିକ ଆସକ୍ତି; ବ.ବ.ରେ ଭୋଗ-ବିଳାସ ବା କାମୁକତା; ବ୍ୟଭିଚାରିତା; (ପ୍ରାଚୀନ ଗ୍ରୀସ୍ ଓ ରୋମ୍‌ରେ) ବିଭିନ୍ନ ଦେବଦେବୀଙ୍କ ପୂଜା ଉପଲକ୍ଷେ ଉନ୍ମତ୍ତ ନୃତ୍ୟ, ମଦ୍ୟପାନ ଓ ଗାୟନ ପ୍ରଭୃତି ସହିତ ସମ୍ପନ୍ନ ପୂଜନୋତ୍ସବ ।

**oriel** ବି. (oriel window) ଉପର ମହଲାରୁ ବାହାରିଥିବା ଝରକା।

**orient** 1. ବି. (the Orient) ପୂର୍ବ, ପ୍ରାଚୀ; ଭୂମଧ୍ୟସାଗରର ପୂର୍ବବର୍ତ୍ତୀ ଦେଶ ସମୂହ, ବିଶେ. ପୂର୍ବ ଏସିଆ; 2. କ୍ରି. ଚତୁଃପାର୍ଶ୍ୱସ୍ଥ ବାତାବରଣ ସହ ନିଜକୁ ଅନୁକୂଳ କରିବା ବା ଖାପ ଖୁଆଇବା; (ପ୍ରାସାଦ, ଭବନ ପ୍ରଭୃତିକୁ) ପୂର୍ବାଭିମୁଖୀ କରିବା; ପୂର୍ବାଭିମୁଖୀ ହେବା; ସୁସ୍ପଷ୍ଟ ସମ୍ବନ୍ଧ ମଧ୍ୟକୁ ଆଣିବା।

**oriental** 1. ବିଂ. Oriental ପ୍ରାଚ୍ୟ, ପୂର୍ବ-ଦିଗସମ୍ବନ୍ଧୀୟ, ପୂ.ଏସିଆ ବା ତାହାର ସଭ୍ୟତାସହ ସଂପୃକ୍ତ; 2. ବି. ପୂ.ଏସିଆର ନିବାସୀ।

**orientate** କ୍ରି. (ପ୍ରାସାଦ, ଭବନ, ପ୍ରଭୃତିକୁ) ପୂର୍ବାଭିମୁଖୀ କରିବା; ପୂର୍ବାଭିମୁଖୀ ହେବା; ଅବସ୍ଥା ବୁଝି ନୀତିନିୟମର ବ୍ୟବସ୍ଥା କରିବା।

**orientation** ବି. ପୂର୍ବାଭିମୁଖୀକରଣ, ଅନୁସ୍ଥାପନ; ବାତାବରଣାନୁଯାୟୀ ସ୍ଥାନ ନିର୍ଣ୍ଣୟ; କୌଣସି ବିଷୟ ବା ପରିସ୍ଥିତି ସଂପର୍କରେ ପରିଚିତି; ବିଂ. orientational.

**orienteering** ବି. ମାନଚିତ୍ର ଓ କମ୍ପାସ୍ ସାହାଯ୍ୟରେ ଦୂରପଥ ଅତିକ୍ରମ କରିବାର ପ୍ରତିଯୋଗିତାମୂଳକ ଦୌଡ଼।

**orifice** ବି. ରନ୍ଧ୍ର, ଛିଦ୍ର, କଣା, ମୁଖ।

**origami** ବି. ଶୋଭାବର୍ଦ୍ଧକ ଆକାରରେ କାଗଜ ଭାଙ୍ଗିବାର କଳା।

**origan** ବି. (origanum ମଧ୍ୟ) ବନ୍ୟ ମସଲାପତ୍ର ବିଶେଷ।

**origin** ବି. ଉତ୍ପତ୍ତିସ୍ଥଳ, ଆରମ୍ଭ; ମୂଳ, ଉଦ୍ଭବ ବା ଉଦ୍ଭବ ସ୍ଥଳ; *ସା.* ବ.ବ.ରେ ବ୍ୟକ୍ତିର କୁଳ ବା ବଂଶ; *ଗଣିତ* ଯେଉଁ ବିନ୍ଦୁରୁ ଉଚ୍ଚତା ମାପ କରାଯାଏ।

**original** 1. ବିଂ. ପ୍ରାରମ୍ଭିକ, ପ୍ରାଥମିକ, ମୌଳିକ; ସର୍ବପ୍ରଥମ; ଆଦିମ, ଅସଲ; ନୂଆ; ସୃଜନାତ୍ମକ, ସ୍ୱାଭାବିକ; 2. ବି. ଆଦର୍ଶ, ମୂଳ ଆଦର୍ଶ, ମୌଳିକ, ନମୁନା, ମୂଳ ରଚନା।

**originality** ବି. ମୌଳିକତା, ଉଦ୍ଭାବନୀ ଶକ୍ତି।

**originally** କ୍ରି.ବିଂ. ମୂଳତଃ, ଆରମ୍ଭରୁ।

**originate** କ୍ରି. ସୃଷ୍ଟି ବା ସୃଜନ କରିବା; ଆରମ୍ଭ କରିବା; ଉତ୍ପାଦନ କରିବା, ଆରମ୍ଭ ହେବା; ଉତ୍ପନ୍ନ ହେବା, ଉଦ୍ଭୂତ ହେବା।

**origination** ବି. ଉତ୍ପତ୍ତି, ମୂଳ, ଆରମ୍ଭ; ବି. origanator.

**oriole** ବି. (golden oriole) କଳା ଓ ହଳଦିଆ ପରବିଶିଷ୍ଟ ଏକ ପ୍ରକାର ପକ୍ଷୀ।

Digitized by srujanika@gmail.com

**ormolu** ବି. ସୁନାର ରଙ୍ଗ ଚଢ଼ା ହୋଇଥିବା କଂସା; ତମ୍ବା, ଦସ୍ତା, ଓ ଟିଣ ସହିତ ସୁନେଲି ରଙ୍ଗର ମିଶ୍ରଣ ବା ମିଶ୍ରିତଧାତୁ; ଏହାଦ୍ୱାରା ନିର୍ମିତ ବା ସଜ୍ଜିତ ବସ୍ତୁ।

**ornament** 1. ବି. ଅଳଂକାର, ଆଭୂଷଣ, ଭୂଷଣ, ଗହଣା; ଶୋଭାବର୍ଦ୍ଧକ ଉପକରଣ ବା ସାମଗ୍ରୀ; ଗୌରବ ବା ସମ୍ମାନର ନିଦର୍ଶନ; 2. କ୍ରି. ଅଳଂକୃତ ବା ଭୂଷିତ କରିବା; ସଜାଇବା।

**ornamental** ବିଂ. ଆଳଙ୍କାରିକ, ଶୋଭାବର୍ଦ୍ଧକ, ସୌନ୍ଦର୍ଯ୍ୟ—ସଂପାଦନକାରୀ।

**ornamentation** ବି. ଅଳଂକରଣ, ମଣ୍ଡନ, ଶୋଭାବର୍ଦ୍ଧନ।

**ornate** ବିଂ. ଅତ୍ୟଧିକ ଅଳଂକୃତ; ବିଭୂଷିତ; ବିମଣ୍ଡିତ; (ଭାଷା ସମ୍ବନ୍ଧରେ) ଅଳଂକାରପୂର୍ଣ୍ଣ, ଆଳଂକାରିକ; କ୍ରି.ବିଂ. ornately; ବି. ornateness.

**ornithology** ବି. ପକ୍ଷୀ ବିଜ୍ଞାନ; ବିଂ. ornithlogical; ବି. ornithologist.

**orotund** ବିଂ. (ଉଚ୍ଚାରଣ ବା ସ୍ୱର ସମ୍ବନ୍ଧରେ) ଗମ୍ଭୀର, ଉନ୍ନତ, ପ୍ରଭାବପୂର୍ଣ୍ଣ; ଆଡ଼ମ୍ବରପୂର୍ଣ୍ଣ; ଛଳନାପୂର୍ଣ୍ଣ (ଭାଷା, ଶୈଳୀ ପ୍ରଭୃତି)।

**orphan** 1. ବି. ପିତୃମାତୃହୀନ ଶିଶୁ, ଅନାଥ ବାଳକ ବା ବାଳିକା; 2. ବିଂ. ପିତୃମାତୃହୀନ, ଅନାଥ; ଛେଉଣ୍ଡ; 3. କ୍ରି. (ପିଲାକୁ) ପିତୃମାତୃହୀନ ବା ଅନାଥ କରିବା।

**orphanage** ବି. ଅନାଥାଶ୍ରମ, ଅନାଥାଳୟ।

**Orphic** ବିଂ. ଗ୍ରୀସ୍‌ର ପୌରାଣିକ କବି ଓ ସଙ୍ଗୀତଜ୍ଞ ଅରଫିଅସ୍‌ଙ୍କ ସମ୍ବନ୍ଧୀୟ; ତାଙ୍କ ସହିତ ସଂପୃକ୍ତ ରହସ୍ୟାବୃତ ଧର୍ମ; ବି. Orphism.

**orrery** ବି. ଗ୍ରହାଦି ଜ୍ୟୋତିଷ ମଣ୍ଡଳର ଘଣ୍ଟା ସଦୃଶ ପ୍ରତିରୂପ ବା ନକ୍ସା।

**orris** ବି. ଏକଜାତୀୟ ଚିରହରିତ୍ ଉଦ୍ଭିଦ।

**ortho—** ଙଂ. ସିଧାସଳଖ, ଉଚିତ, ଉପଯୁକ୍ତ, ଯଥାର୍ଥ ପ୍ରଭୃତି ଅର୍ଥବ୍ୟଞ୍ଜକ *ପୂ.ପ୍ର.।*

**orthodontics** ବି. *ସା.* ଏ.ବ. ଦାନ୍ତ ଓ ମାଢ଼ିରେ ପରିଦୃଷ୍ଟ ଅନିୟମିତତାର ସଂଶୋଧନ; ବିଂ. orthodontic; ବି. orthodontist.

**orthodox** ବିଂ. ନୀତି, ଧର୍ମ ପ୍ରଭୃତିରେ ପ୍ରାଚୀନ ସୁପ୍ରତିଷ୍ଠିତ ମତାବଲମ୍ବୀ; ପୁରାତନପନ୍ଥୀ, ପାରଂପରିକ; ସାଧାରଣ ପ୍ରଚଳିତ; ସଂସ୍କାର—ବିରୋଧୀ; ବି. orthodoxy.

**orthography** ବିଂ. ବନାନ; ସଠିକ ବନାନ ବ୍ୟବହାର; ବର୍ଣ୍ଣଶୁଦ୍ଧି; ବିଂ. orthographic.

**orthopaedics** ବି. *ଆମେ.* orthopedics; *ସା.* ଏ.ବ. ରୁଗ୍ଣ, ଆଘାତପ୍ରାପ୍ତ ବା ଭଗ୍ନ ପେଶୀ ବା ଅସ୍ଥିର ଉପଚାର ବା ଚିକିତ୍ସା ବିଜ୍ଞାନ; ବିଂ. orthopaedic; ବି. orthopaedist.

**orthoptic** ବିଂ. ଚକ୍ଷୁର ଉପଯୁକ୍ତ ଓ ସାଧାରଣ ବ୍ୟବହାର ସମ୍ବନ୍ଧୀୟ।

**—ory** *ପ.ପ୍ର.* ବିଶେଷ୍ୟ ଓ ବିଶେଷଣ ଗଠନକାରୀ ପ୍ରତ୍ୟୟ; ବି. laboratory, dormitory; ବିଂ. mandatory, compulsory.

**Oscar** ବି. ଫିଲ୍ମ ଅଭିନୟ, ନିର୍ଦ୍ଦେଶନା ପ୍ରଭୃତିର ଉତ୍କର୍ଷ ପାଇଁ ଆମେରିକାର ଚଳଚ୍ଚିତ୍ର କଳା ଓ ବିଜ୍ଞାନ ଏକାଡେମୀଦ୍ୱାରା ପ୍ରଦତ୍ତ ବାର୍ଷିକ ପୁରସ୍କାର, ଏହାର ପ୍ରତୀକ ପ୍ରତ୍ୟେକ କ୍ଷୁଦ୍ର ପ୍ରତିମୂର୍ତ୍ତି।

**oscillate** କ୍ରି. ଦୋଳନ କରିବା, ଦୋହଲାଇବା, ହଲିବା; ଘଣ୍ଟାର ପେଣ୍ଡୁଲମ୍ ପରି ଏ ପାଖରୁ ସେପାଖ ଦୋହଲିବା; ଦୋଳାୟମାନ ବା ଅସ୍ଥିର ହେବା; (ବିଦ୍ୟୁତ୍—ପ୍ରବାହ) ଉଚ୍ଚ, ପୁନଃପୌନିକ ପରିବର୍ତ୍ତନର ଅଧୀନ ହେବା।

**oscillation** ବି. ଦୋଳନ, ଅସ୍ଥିରତା, ଦୋଦୁଲ୍ୟମାନ ଅବସ୍ଥା।

**oscillator** ବି. ଦୋଳକ, ପ୍ରଦୋଳକ।

**oscillograph** ବି. ଦୋଳନ ସଂଖ୍ୟାକୁ ଲିପିବଦ୍ଧ କରିବାର ସାଧନ ବା ଉପକରଣ।

**oscilloscope** ବି. (ବିଶେ. ଋଣାତ୍ମକ ତାରର ଜ୍ୟୋତି—ନଳୀର) ପରଦା ଉପରେ ଦୋଳନ ପ୍ରଦର୍ଶନ କରିବାର ଯନ୍ତ୍ର ବିଶେଷ।

**—ose** *ପ.ପ୍ର.* କୌଣସି ଗୁଣ ଦର୍ଶାଉଥିବା ବିଶେଷଣ ଗଠନକାରୀ ପ୍ରତ୍ୟୟ (verbose; grandiose).

**osier** ବି. ଟୋକେଇ ପ୍ରଭୃତି ତିଆରିରେ ବ୍ୟବହୃତ ଉଇଲୋ ଜାତୀୟ ଗଛ; ତାହାର ଶାଖା।

**—osis** *ପ.ପ୍ର.* ଧାରା ବା ଅବସ୍ଥାର ସୂଚକ ବିଶେଷ୍ୟ ପଦର ଗଠନରେ ବ୍ୟବହୃତ ପ୍ରତ୍ୟୟ ବିଶେଷ (metamorphosis, neurosis, thrombosis).

**—osity** *ପ୍ର.* ose ବା -ous ଅନ୍ତରେ ଥିବା ବିଶେଷଣରୁ ବିଶେଷ୍ୟ ପଦର ଗଠନରେ ବ୍ୟବହୃତ ପ୍ରତ୍ୟୟବିଶେଷ (verbosity, curiosity).

Digitized by srujanika@gmail.com

**osmosis** ବି. ପରିସ୍ରବଣଦ୍ୱାରା ତରଳ ଦ୍ରବ୍ୟର ଅର୍ଦ୍ଧ–ଭେଦ୍ୟ ଆଚ୍ଛାଦ ଦେଇ ଅନ୍ୟ ଦ୍ରବ୍ୟ ସହିତ ମିଶ୍ରଣ; ଆସୃତି, ରସାକର୍ଷଣ, ପରିସରଣ; ବିଂ. osmotic.

**osprey** ବି.ଦେଶମଧ୍ୟସ୍ଥ ଜଳଭାଗରେ ମାଛ ଶିକାର କରୁଥିବା ବିରାଟକାୟ ପକ୍ଷୀ ବିଶେଷ।

**osseous** ବିଂ. ଅସ୍ଥିନିର୍ମିତ, ଅସ୍ଥିମୟ, ଅସ୍ଥି ସମ୍ବନ୍ଧୀୟ; ହାଡୁଆ।

**ossicle** ବି. କ୍ଷୁଦ୍ର ଅସ୍ଥି ବା ସେଭଳି ବସ୍ତୁ।

**ossify** କ୍ରି. ଅସ୍ଥିରେ ପରିଣତ କରିବା ବା ହେବା; ହାଡ଼ ପରି କଠିନ ବା ଟାଣ କରିବା; ବି. ossification.

**ostensible** ବିଂ. ପ୍ରତୀୟମାନ; ଛଳନାମୟ; ବାହାର ଦେଖାଣିଆ; ପ୍ରତାରଣାପୂର୍ଣ୍ଣ, ପ୍ରକାଶ୍ୟ।

**ostensibly** କ୍ରି.ବିଂ. ବାହାର ଦେଖାଣିଆ ଭାବରେ, ପ୍ରକାଶ୍ୟ ରୂପେ; ଛଳନା ସହିତ।

**ostensive** ବିଂ. ପ୍ରଦର୍ଶନଶୀଳ; ଦେଖାଣିଆ।

**ostentation** ବି. ବାହ୍ୟଆଡ଼ମ୍ବର, ଜାକଜମକ, ବିଳାସ–ବିଭବର ଛଳନାପୂର୍ଣ୍ଣ ପ୍ରଦର୍ଶନ।

**ostentatious** ବିଂ. ବାହ୍ୟାଡ଼ମ୍ବରପ୍ରିୟ, ଦାମ୍ଭିକ; କ୍ରି.ବିଂ. ostentatiously.

**osteopath** ବି. ପେଶୀ ଓ ଅସ୍ଥିରୋଗର ଚିକିତ୍ସକ।

**osteopathy** ବି. ପେଶୀ ଓ ଅସ୍ଥିରୋଗର ଚିକିତ୍ସା।

**ostler** ବି. ଇତି. (ସରାଇଘର ପ୍ରଭୃତିରେ ନିଯୁକ୍ତ) ଅଶ୍ୱରକ୍ଷକ, ଘୋଡା ଜଗୁଆଳ; ସଇସ।

**ostracism** ବି. ସମାଜଚ୍ୟୁତି, ବାସନ୍ଦ।

**ostracize** କ୍ରି. ସମାଜରୁ ବହିଷ୍କାର କରିବା; ସମାଜଚ୍ୟୁତ କରିବା; ବାସନ୍ଦ କରିବା; ଏକଘରିଆ କରିବା।

**ostrich** ବି. ଅଷ୍ଟ୍ରିଚ୍, ଓଟପକ୍ଷୀ; ଅପ୍ରୀତିକର ସତ୍ୟକୁ ସ୍ୱୀକାର କରିବାପାଇଁ ଅନିଚ୍ଛୁକ ବ୍ୟକ୍ତି।

**OT** ସଂକ୍ଷି. Old Testament ଖ୍ରୀଷ୍ଟ ଧର୍ମଗ୍ରନ୍ଥ ବାଇବେଲ୍‌ର ଦୁଇଟି ଭାଗ ମଧ୍ୟରୁ ପୁରାତନ ଭାଗର ନାମ; operating theatre ଶଲ୍ୟଚିକିତ୍ସା କକ୍ଷ।

**other** 1. ବିଂ. ଅନ୍ୟ, ଅପର, ଭିନ୍ନ, ଅତିରିକ୍ତ, ଅନ୍ୟାନ୍ୟ, କେବଳ ଅବଶିଷ୍ଟ; 2. ବି. ବା ସ. ଅନ୍ୟ ବ୍ୟକ୍ତି ବା ବସ୍ତୁ, ଅନ୍ୟ ବା ଅନ୍ୟାନ୍ୟ ବ୍ୟକ୍ତି ବା ବସ୍ତୁ; 3. କ୍ରି.ବିଂ. ଅନ୍ୟଥା, ନୋହିଲେ, ନଚେତ୍ ଅନ୍ୟ ପ୍ରକାରେ; the other day ସେଦିନ, ନିକଟ ଅତୀତରେ; ଅଳ୍ପଦିନ ପୂର୍ବେ; other than ବ୍ୟତୀତ, ଭିନ୍ନ।

**otherwise** 1. କ୍ରି.ବିଂ.ଅନ୍ୟଥା, ଅନ୍ୟ ପ୍ରକାରେ, ନଚେତ୍, ନୋହିଲେ, ନତୁବା; 2. ବିଂ. ଭିନ୍ନ।

**other–worldly** ବିଂ. ପାରଲୌକିକ।

**otic** ବିଂ. କର୍ଣ୍ଣ ସମ୍ବନ୍ଧୀୟ।

**otiose** ବିଂ. ଅନାବଶ୍ୟକ; ଉପଯୋଗିତାହୀନ (ଭାଷା, ଭାବ ପ୍ରଭୃତି)।

**otter** ବି. ଜଳମାର୍ଜାର, ଓଧ।

**Ottoman** 1. ବି. ଅଟୋମାନକାଳର ତୁରସ୍କନିବାସୀ; 2. ବିଂ. ଅଟୋମାନ୍ ବା ତୁରସ୍କ ସାମ୍ରାଜ୍ୟ ସମ୍ବନ୍ଧୀୟ।

**OU** ସଂକ୍ଷି. Open University ମୁକ୍ତ ବିଶ୍ୱବିଦ୍ୟାଳୟ; Oxford University ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟ।

**oubliette** ବି. ଚୋରା କବାଟ ଥାଇ ଗୁପ୍ତ ଅନ୍ଧକୂପ ବା ଭୂଗର୍ଭସ୍ଥ ଗୁପ୍ତ ବନ୍ଦୀଗୃହ।

**ouch** ଅବ୍ୟ. ତୀକ୍ଷ୍ଣ ବା ଆକସ୍ମିକ ଯନ୍ତ୍ରଣାର ଅଭିବ୍ୟକ୍ତିସୂଚକ ଧ୍ୱନି।

**ought** ସହ. କ୍ରି. (କେବଳ ଅତୀତ ଏବଂ ବର୍ତ୍ତମାନ କାଳରେ ବ୍ୟବହୃତ) ଉଚିତ ହେବା; ଆବଶ୍ୟକ ହେବା; ବାଧ୍ୟ ହେବା; ought not କ.ଭା. oughtn't ଉଚିତ୍ ନୁହେଁ, ଆବଶ୍ୟକ ନୁହେଁ।

**ounce** ବି.ଆଉନ୍ସ, ଓଜନର ଏକକ, ଏକ ପାଉଣ୍ଡର ଷୋଳ ଭାଗରୁ ଏକ ଭାଗ, ପ୍ରାୟ ୨୮ ଗ୍ରାମ୍; ଅତି ଅଳ୍ପ ପରିମାଣ।

**our** ସମ୍ବ. ସ. ଆମର, ଆମ୍ଭର, ଆମ୍ଭମାନଙ୍କର।

**Our Father** ବି.ଖ୍ରୀ. (ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନାର ଆରମ୍ଭ) ଆମର ପିତା।

**ours** ସମ୍ବ. ସ. ଆମର, ଆମ୍ଭର, ଆମ୍ଭମାନଙ୍କର; ଆମର ଅଧିକାରଭୁକ୍ତ (ବସ୍ତୁ ବା ବସ୍ତୁଗୁଡ଼ିକ)।

**ourself** ସ. ପ୍ରା.ପ୍ର. ଗୁରୁତ୍ୱପୂର୍ଣ୍ଣ ଓ ସ୍ୱୟଂ ପ୍ରବର୍ତ୍ତନବୋଧକ ସର୍ବନାମ, myselfର ଅନୁରୂପ (ସମ୍ରାଟ୍ ପ୍ରଭୃତିଙ୍କଦ୍ୱାରା ବ୍ୟବହୃତ)।

**ourselves** ସ. ଗୁରୁତ୍ୱପୂର୍ଣ୍ଣ ଓ ସ୍ୱୟଂ ପ୍ରବର୍ତ୍ତନବୋଧକ ସର୍ବନାମ (myselfର ବ.ବ.); ଆମ୍ଭେମାନେ ସ୍ୱୟଂ, ଆମ୍ଭେମାନେ ନିଜେ ନିଜେ।

**–ous** ପ.ପ୍ର. ଚାରିତ୍ରିକ ବୈଶିଷ୍ଟ୍ୟ ବା ପ୍ରାଚୁର୍ଯ୍ୟ ସୂଚକ, ବିଶେଷଣ ପଦ ଗଠନକାରୀ ପ୍ରତ୍ୟୟ ବିଶେଷ (glorious, mountainous, poisonous)

**ousel** ବି. ouzel ଦ୍ର.।

**oust** କ୍ରି. ବହିଷ୍କୃତ କରିଦେବା; ତଡ଼ିଦେବା; ବିତାଡ଼ିତ କରିବା; ବେଦଖଲ ବା ଉଚ୍ଛେଦ କରିବା।

Digitized by srujanika@gmail.com

**out** 1. କ୍ରି.ବିଂ. ବାହାରେ, ବହିର୍ଦ୍ଦେଶରେ, ବାହାରକୁ; ପ୍ରକାଶିତ; ସ୍ଥାନଭ୍ରଷ୍ଟ; ପ୍ରସ୍ଫୁଟିତ; ବହିର୍ଗତ; ଉଚ୍ଚସ୍ୱରରେ; ବଳ ସହକାରେ; ଅନାବୃତ ବା ଖୋଲାଭାବରେ; ସମ୍ପୂର୍ଣ୍ଣ ଭାବରେ; *କ.ଭା.* ମୂର୍ଚ୍ଛିତ ଅବସ୍ଥାରେ; 2. *ଅନ.* ଦୂର ହୁଅ, ଚାଲିଯାଅ; 3. *ଅ.* ବାହାରେ, ବାହାରକୁ, ବାହାରୁ; 4. ବି. ପଳାୟନର ପଥ; ୫. କ୍ରି. ବାହାରିବା, ପ୍ରକାଶ କରିବା (truth will out); out of ଭିତରୁ, (କୌଣସି ବସ୍ତୁ ବିଷୟରେ); ସୀମା ବାହାରକୁ; ମଧ୍ୟରୁ; out of date ଅପ୍ରଚଳିତ, ଅତି ପୁରାତନ; out of doors ବାହାରେ, ମୁକ୍ତ ସ୍ଥାନରେ, ଖୋଲା ଜାଗାରେ; out of the way ଅସ୍ୱାଭାବିକ; ଜନବସତିଠାରୁ ଦୂରରେ ଅବସ୍ଥିତ, ନିର୍ଜନ; out of sight ଅଦୃଶ୍ୟ, ଦୃଷ୍ଟିପଥରୁ ବହିର୍ଭୂତ; out of mind ମନ ବା ସ୍ମରଣର ବହିର୍ଭୂତ; ବିସ୍ମୃତ; out to କୃତନିଶ୍ଚୟ।

**out–** *ପୂ.ପ୍ର.* ବାହାର, ପୃଥକ୍; ଦୂରସ୍ଥ, ବାହ୍ୟ, କେନ୍ଦ୍ରଠାରୁ ଦୂର; ଅତି, ଅତିଶୟ, ବହୁ ପ୍ରଭୃତି ଅର୍ଥରେ ବ୍ୟବହୃତ ପ୍ରତ୍ୟୟ (outsmart, outline, outgrowth).

**outage** ବି. ଶକ୍ତିଯୋଗାଣ ପ୍ରଭୃତି ବନ୍ଦ ରହୁଥିବା କାଳ ବା ଅବଧି।

**out and out** ବିଂ. କ୍ରି.ବିଂ. ସମ୍ପୂର୍ଣ୍ଣ ରୂପେ, ପୂରାପୂରି।

**outbid** କ୍ରି. ନିଲାମରେ କୌଣସି ବ୍ୟକ୍ତିଠାରୁ ବଢ଼ି ଡାକିବା।

**outboard** ବିଂ. ଜାହାଜ, ଉଡ଼ାଜାହାଜ, ଯାନ–ବାହନ ପ୍ରଭୃତିର ବାହାର ପଟେ ଲାଗିଥିବା।

**outbreak** ବି. କ୍ରୋଧ, ଯୁଦ୍ଧ, ରୋଗ ପ୍ରଭୃତିର ଆକସ୍ମିକ ପ୍ରାଦୁର୍ଭାବ।

**outbuilding** ବି. ବହିର୍ଗୃହ; ବାହାର ଘର।

**outburst** ବି. କ୍ରୋଧ, ଆବେଗ ପ୍ରଭୃତିର ଆକସ୍ମିକ ଉଦ୍‌ଗୀରଣ; ବିସ୍ଫୋରଣ।

**outcast** 1. ବି. ପରିବାରରୁ ବିତାଡ଼ିତ ବା ସମାଜଦ୍ୱାରା ପରିତ୍ୟକ୍ତ ବ୍ୟକ୍ତି; ସମାଜଚ୍ୟୁତ ବ୍ୟକ୍ତି; 2. ବିଂ. ଗୃହହୀନ, ପରିତ୍ୟକ୍ତ, ବହିଷ୍କୃତ, ସମାଜଚ୍ୟୁତ।

**outclass** କ୍ରି. (କୌଣସି ବ୍ୟକ୍ତି ବା ବସ୍ତୁକୁ) ଗୁଣରେ ବଳିଯିବା; ଉତ୍କୃଷ୍ଟତର ହେବା।

**outcome** ବି. ପରିଣାମ, ଫଳ।

**outcrop** ବି. ଭୂପୃଷ୍ଠରେ ଧାତବ ସ୍ତରର ଆକସ୍ମିକ ଆବିର୍ଭାବ; ଆବିର୍ଭୂତ ବସ୍ତୁ।

**outcry** ବି. ଚିତ୍କାର, ଜନ–ପ୍ରତିବାଦ।

**outdated** ବିଂ. ଅପ୍ରଚଳିତ; ଅତି ପ୍ରାଚୀନ।

**outdistance** କ୍ରି. ବହୁତ ଦୂର ଆଗକୁ ବଢ଼ିଯିବା।

**outdo** କ୍ରି. *ଅ.କା.* outdid, *ଅ.କ୍ରି.କ.ପ* outdone ଆଗକୁ ବଢ଼ିଯିବା, ଅତିକ୍ରମ କରିଯିବା; (ଗୁଣରେ) ବଳିଯିବା ବା ଟପିଯିବା।

**outdoor** ବିଂ. ବାହାରେ କରାଯାଉଥିବା, ବାହ୍ୟ; ମୁକ୍ତ ପବନ ପ୍ରତି ଅନୁରକ୍ତ।

**outdoors** 1. କ୍ରି.ବିଂ. ମୁକ୍ତ ପବନ ମଧ୍ୟରେ, ଖୋଲା ପବନ ଭିତରକୁ; 2. ବି. ମୁକ୍ତ ବାୟୁ।

**outer** ବିଂ. ବାହ୍ୟ, ବହିଃସ୍ଥ, ବାହ୍ୟତର।

**outermost** ବିଂ. ବାହ୍ୟତମ, ସର୍ବବହିଃସ୍ଥ; ସର୍ବାପେକ୍ଷା ଅଧିକ ଦୂରବର୍ତ୍ତୀ।

**outer space** ବି. ପୃଥିବୀ ବାୟୁମଣ୍ଡଳର ଊର୍ଦ୍ଧ୍ୱସ୍ଥିତ ମହାକାଶ।

**outface** କ୍ରି. ଏକ ଦୃଷ୍ଟିରେ ଚାହିଁ ବା ଆତ୍ମବିଶ୍ୱାସ ପ୍ରଦର୍ଶନ କରି ଅନ୍ୟକୁ ବିଚଳିତ କରିଦେବା।

**outfall** ବି. ନଦୀ, ନାଳ ପ୍ରଭୃତିର ପତନ ମୁଖ ବା ମୁହାଣ।

**outfield** ବି. କ୍ରିକେଟ୍ ବା ବେସ୍‌ବଲ ପିଚ୍‌ର ବହିରାଂଶ; ବି. outfielder.

**outfit** ବି. ପୋଷାକପତ୍ର ବା ଆବଶ୍ୟକ ସାଜ ସରଞ୍ଜାମ; *କ.ଭା.* ବ୍ୟକ୍ତି ସମୂହ (ସଙ୍ଗଠନର)।

**outfitter** ବି. ସାଜସରଞ୍ଜାମ, ବିଶେ. ପୋଷାକ ପରିଚ୍ଛଦର ଯୋଗାଣକାରୀ ସଂସ୍ଥା ବା ବ୍ୟକ୍ତି।

**outflank** କ୍ରି. ସୈନ୍ୟଚାଳନାରେ ପ୍ରତିପକ୍ଷକୁ ବଳିଯିବା ବା ଟପିଯିବା।

**outflow** ବି. ବହିଃପ୍ରବାହ, ବହିର୍ନିର୍ଗତ ବସ୍ତୁର ପରିମାଣ।

**outfox** କ୍ରି. ବୁଦ୍ଧିରେ ବଳିଯିବା ବା ଟପିଯିବା।

**outgoing** 1. ବିଂ. ବହିର୍ଗାମୀ; ବିଦାୟୀ, ଚାଲିଯାଉଥିବା ବା ବିଦାୟ ନେଉଥିବା; ବହୁଳକନୋଚିତ; 2. ବି. ବ.ବରେ ବ୍ୟୟ, ଖର୍ଚ୍ଚ।

**outgrow** କ୍ରି. *ଅ.କା.* outgrew; [illegible] outgrown (ଅନ୍ୟକୁ) ବୃଦ୍ଧିରେ [illegible], ପିଲାବୁଦ୍ଧି ଛାଡ଼ିବା; କାହା ଦେହରୁ [illegible]; ଅଧିକତର ବୃଦ୍ଧି ପାଇବା।

**outgrowth** ବି. ପ୍ରଶାଖା, ଉଦ୍‌ଗତାଂଶ; ସ୍ୱାଭାବିକ ଅଭିବୃଦ୍ଧି ବା ଉପଜ।

Digitized by srujanika@gmail.com

**outhouse** ବି. ବହିର୍ଗୃହ, ବାହାର ଘର; ପ୍ରଧାନ ଗୃହଠାରୁ ଅଳ୍ପଦୂରରେ ଅବସ୍ଥିତ କ୍ଷୁଦ୍ରଗୃହ।

**outing** ବି. ପ୍ରମୋଦ—ଭ୍ରମଣ, ପରିଭ୍ରମଣ।

**outlandish** ବିଂ. ବିଦେଶୀୟ ବା ବିଜାତୀୟ ଭଳି ଦିଶୁଥିବା; ବିଚିତ୍ର; ଅଦ୍ଭୁତ; କ୍ରି.ବିଂ. outlandishly; ବି. outlandishness.

**outlast** କ୍ରି. (କୌଣସି ବସ୍ତୁକୁ) ସ୍ଥାୟିତ୍ୱରେ ବଳିଯିବା ବା ଅତିକ୍ରମ କରିବା।

**outlaw** 1. ବି. *ଇତି.* ଆଇନ୍‌ର ଆଶ୍ରୟ ବା ରକ୍ଷଣରୁ ବଞ୍ଚିତ ବ୍ୟକ୍ତି, ଅପରାଧୀ; 2. କ୍ରି. କୌଣସି ବ୍ୟକ୍ତିକୁ ଅପରାଧୀ ବୋଲି ଘୋଷଣା କରିବା; ନିଷିଦ୍ଧ ବା ଅବୈଧ କରିବା, ବେଆଇନ୍ କରିବା।

**outlay** ବି. ବ୍ୟୟ, ଖର୍ଚ୍ଚ।

**outlet** ବି. ଦ୍ୱାର, ନିର୍ଗମ ପଥ, ଭାବ ପ୍ରକାଶର ମାଧ୍ୟମ; ମୁହାଣ; ବିକ୍ରୟ ସାମଗ୍ରୀ ପାଇଁ ବଜାର; ଦୋକାନ।

**outline** 1. ବି. ବାହ୍ୟରେଖା, ରୂପରେଖା; ଖସଡ଼ା, ଚିଠା, ନକ୍ସା, ବହିଃସୀମା; ବ.ବ.ରେ ପ୍ରଧାନ ଲକ୍ଷଣ ବା ସିଦ୍ଧାନ୍ତ; 2. କ୍ରି. ବାହ୍ୟରେଖା ଟାଣିବା; ଚିଠା ନକ୍ସା ଅଙ୍କନ କରିବା; ଖସଡ଼ା କରିବା।

**outlive** କ୍ରି. (କୌଣସି ବ୍ୟକ୍ତି ବା ନିର୍ଦ୍ଦିଷ୍ଟ ସମୟ ଅପେକ୍ଷା) ଅଧିକ କାଳ ବଞ୍ଚିବା ବା ଜୀବିତ ରହିବା।

**outlook** ବି. ଦୃଷ୍ଟିକୋଣ, ଦୃଷ୍ଟିଭଙ୍ଗୀ; ମନୋଭାବ।

**outlying** ବିଂ. ବହିଃସ୍ଥ; କେନ୍ଦ୍ରଠାରୁ ଦୂରବର୍ତ୍ତୀ।

**outmanoeuvre** କ୍ରି. ସେନା ବା ଯୁଦ୍ଧଜାହାଜ ସମୂହର ପରିଚାଳନାରେ ବା ଅନ୍ୟ କୌଣସି କାର୍ଯ୍ୟରେ ବଳିଯିବା।

**outmatch** କ୍ରି. ବଳିଯିବା, ଟପିଯିବା, ଅତିକ୍ରମ କରିବା।

**outmoded** ବିଂ. ଫେଶନ ବହିର୍ଭୂତ; ଅତି ପୁରୁଣାକାଳିଆ; ଅପ୍ରଚଳିତ।

**outnumber** କ୍ରି. ସଂଖ୍ୟାରେ ବଳିଯିବା; ଅଧିକ ହେବା।

**outpace** କ୍ରି. ଚାଲି ବା ଦୌଡ଼ ପ୍ରତିଯୋଗିତାରେ ଟପିଯିବା ବା ଅତିକ୍ରମ କରିବା।

**outpatient** ବି. ଚିକିତ୍ସା ସମୟରେ ଡାକ୍ତର—ଖାନାରେ ନ ରହୁଥିବା ରୋଗୀ; ବହିର୍ବାସୀ ରୋଗୀ।

**outpost** ବି. ସେନାଠାରୁ ଦୂରବର୍ତ୍ତୀ ସୈନ୍ୟଶିବିର; ଫାଣ୍ଡି; ଦୂରବର୍ତ୍ତୀ ଛୋଟ ଥାନା।

**output** 1. ବି. ଉତ୍ପନ୍ନ ବା ଉତ୍ପାଦିତ ପରିମାଣ; ଉତ୍ପାଦନ; ବୈଜ୍ଞାନିକ ଯନ୍ତ୍ରପାତିଦ୍ୱାରା ଉତ୍ପନ୍ନ ବୈଦ୍ୟୁତିକ ଶକ୍ତି; କମ୍ପ୍ୟୁଟରଦ୍ୱାରା ଫଳଯୋଗାଣ; 2. କ୍ରି. (କମ୍ପ୍ୟୁଟର ସାହାଯ୍ୟରେ) ଫଳ ଯୋଗାଇବା।

**outrage** 1. ବି. ଅନ୍ୟର ଅଧିକାର ଉପରେ ବଳାତ୍କାର; ଅତ୍ୟାଚାର; ଧର୍ଷଣ; ଭୟଙ୍କର ବିରକ୍ତି ବା ଅସନ୍ତୋଷ ପ୍ରକାଶ; 2. କ୍ରି. ବଳାତ୍କାର ବା ଅତ୍ୟାଚାର କରିବା; ଧର୍ଷଣ କରିବା; କ୍ରୁଦ୍ଧ ହେବା।

**outrageous** ବିଂ. ଆଶାତୀତ, ବୀଭତ୍ସ, ଜଘନ୍ୟ, ଅପମାନଜନକ; ଅନୈତିକ; କ୍ରି.ବିଂ. outrageously.

**outrank** କ୍ରି. ପଦ ବା ଶ୍ରେଣୀରେ ଉତ୍କୃଷ୍ଟତର ହେବା।

**outre** ବିଂ. *ଅବ.* ଅସ୍ୱାଭାବିକ, ଅବାଗିଆ; ମୁଣ୍ଡପାଗଳା।

**outrider** ବି. ଶୋଭାଯାତ୍ରା ପ୍ରଭୃତିର ଆଗରେ ଯାଉଥିବା ଅଶ୍ୱାରୋହୀ ବା ମୋଟର ସାଇକେଲ୍ ଆରୋହୀ।

**outrigger** ବି. ନୌକା ବା ଜାହାଜ ପାର୍ଶ୍ୱରୁ ବାହାରିଥିବା ଡାଙ୍ଗ ବା ଚଉକାଠ।

**outright** 1. କ୍ରି.ବିଂ. ସଙ୍ଗେ ସଙ୍ଗେ, ତତ୍‌କ୍ଷଣାତ୍; ପୂର୍ଣ୍ଣ ରୂପରେ; 2. ବିଂ. ସମ୍ପୂର୍ଣ୍ଣ, ଖୋଲାଖୋଲି; ସିଧାସଳଖ।

**outrun** କ୍ରି. (କୌଣସି ବ୍ୟକ୍ତିକୁ) ଦୌଡ଼ରେ ଅତିକ୍ରମ କରିବା; ବଳିଯିବା ବା ଟପିଯିବା।

**outsell** କ୍ରି. (କାହାଠାରୁ) ଅଧିକ ବିକ୍ରୟ କରିବା; (କୌଣସି ବସ୍ତୁଠାରୁ) ଅଧିକ ବିକ୍ରୀ ହେବା।

**outset** ବି. at (from) the outset ପ୍ରାରମ୍ଭରେ, ଆରମ୍ଭରେ, ପ୍ରଥମେ।

**outshine** କ୍ରି. ଅପେକ୍ଷାକୃତ ଉଜ୍ଜ୍ୱଳତର ବା ଅଧିକ ଦୀପ୍ତିମାନ ହେବା; ଔଜ୍ଜ୍ୱଲ୍ୟରେ (ଅନ୍ୟକୁ) ବଳିଯିବା; ଉତ୍କର୍ଷ ବା ସଦ୍‌ଗୁଣରେ (କୌଣସି ବ୍ୟକ୍ତିକୁ) ଟପିଯିବା।

**outside** 1. ବି. ବହିରାଂଶ, ବହିର୍ଭାଗ, ବହିର୍ଦ୍ଦେଶ; ବାହାର ଚେହେରା; 2. ବିଂ. ବାହ୍ୟ, ବହିଃସ୍ଥ; 3. କ୍ରି.ବିଂ. ବାହାରେ; ବାହାରକୁ; 4. *ଅ.* ବାହାରେ; at the outside (ପରିମାଣ ସମ୍ବନ୍ଧୀୟ) ଖୁବ୍ ବେଶି ବା ଅଧିକ ହେଲେ।

Digitized by srujanika@gmail.com

**outside broadcast** ବି. ବହିଃ ପ୍ରସାରଣ (ଷ୍ଟୁଡ଼ିଓରୁ ନୁହେଁ)।

**outsider** ବି. ବାହାର ଲୋକ; କୌଣସି ବ୍ୟବସାୟ, ଦଳ ବା ଗୋଷ୍ଠୀର ବହିର୍ଭୂତ ବ୍ୟକ୍ତି; ଅପର ବ୍ୟକ୍ତି।

**outsize** 1. ବିଂ. ଅସାଧାରଣ ଭାବରେ ବୃହତ୍ ବା ବଡ଼; 2. ବି. ଅସାଧାରଣ ଭାବରେ ବଡ଼ ପୋଷାକ ବା ବ୍ୟକ୍ତି।

**outskirts** ବି. ବ.ବ. ନଗର ବା ସହର ପ୍ରଭୃତିର ବହିର୍ଦ୍ଦେଶ; ନଗର ବା ସହରର ଉପାନ୍ତ ଅଞ୍ଚଳ।

**outsmart** କ୍ରି. (କାହାକୁ) ବୁଦ୍ଧିରେ ବଳିଯିବା ବା ଟପିଯିବା।

**outspan** କ୍ରି. ଯୁଆଳିରୁ (ବଳଦ ପ୍ରଭୃତିଙ୍କୁ) ଖୋଲିଦେବା।

**outspoken** ବିଂ. ସ୍ପଷ୍ଟବାଦୀ, ସିଧା, ନିର୍ଭୀକ, ଖୋଲା; ବି. outspokenness.

**outspread** 1. ବିଂ. ପ୍ରସାରିତ, ବିସ୍ତୃତ; 2. କ୍ରି. ବିସ୍ତୃତ ବା ପ୍ରସାରିତ କରିବା।

**outstanding** ବିଂ. ଉଲ୍ଲେଖନୀୟ, ବିଶିଷ୍ଟ; ଖ୍ୟାତ, ଉତ୍କର୍ଷ ହେତୁ ପରିଦୃଶ୍ୟମାନ; ଅପରିଶୋଧିତ (ଋଣ, ଦେୟ); କ୍ରି.ବିଂ. outstandingly.

**outstay** କ୍ରି. (କାହାଠାରୁ) ଅଧିକ ସମୟ ରହିବା।

**outstretched** ବିଂ. ପ୍ରସାରିତ, ବିସ୍ତୃତ।

**outstrip** କ୍ରି. (କାହାକୁ) ଅତିକ୍ରମ କରିଯିବା; ପଛରେ ପକାଇ ଦେବା; ବିଶେ. ପ୍ରତିଯୋଗିତାରେ ବଳିଯିବା।

**out-tray** ବି. (ଅଫିସ୍‌ରେ) ବହିର୍ଗାମୀ ଦଲିଲ ପ୍ରଭୃତିର ଡାଲା।

**outvote** କ୍ରି. ଅଧିକ ଭୋଟ୍‌ଦ୍ୱାରା ହରାଇବା ବା ପରାସ୍ତ କରିବା।

**outward** 1. ବିଂ. ବାହ୍ୟ, ବହିଃସ୍ଥ, ବହିର୍ଗାମୀ; ବାହାରକୁ ଦେଖାଯାଉଥିବା, ପରିଦୃଶ୍ୟମାନ; 2. କ୍ରି.ବିଂ. (outwards ମଧ୍ୟ) ବାହାରେ; ବାହାର ଦିଗରେ; ବାହାର ପାଖକୁ।

**outwardly** କ୍ରି.ବିଂ. ବାହାର ପାଖରେ; ବହିଃପାର୍ଶ୍ୱରେ; ବାହ୍ୟତଃ, ଚେହେରାରେ।

**outwardness** ବି. ବାହ୍ୟ ଅସ୍ତିତ୍ୱ ବା ସ୍ଥିତି; ବାସ୍ତବତା; ବସ୍ତୁନିଷ୍ଠତା।

**outweigh** କ୍ରି. ଓଜନ, ମୂଲ୍ୟ, ପ୍ରାଧାନ୍ୟ, ମହତ୍ତ୍ୱ ବା ପ୍ରଭାବରେ (କାହାକୁ) ବଳିଯିବା ବା ଅତିକ୍ରମ କରିବା।

**outwit** କ୍ରି. (କୌଣସି ବ୍ୟକ୍ତିକୁ) ବୁଦ୍ଧି ବା ଚତୁରତାରେ ବଳିଯିବା; ବୁଦ୍ଧିରେ ଅତିକ୍ରମ କରିବା।

**outwork** ବି. ଦୁର୍ଗର ବହିର୍ଦ୍ଦେଶ, ବ୍ୟୂହର ବିଚ୍ଛିନ୍ନାଂଶ।

**outworn** ବିଂ. ବହୁ ବ୍ୟବହୃତ; ଜୀର୍ଣ୍ଣ, ପ୍ରାଚୀନ, ଅତି କ୍ଳାନ୍ତ, ଅବସନ୍ନ।

**ouzel** ବି. (ousel ମଧ୍ୟ) ଏକ ପ୍ରକାର ଗାୟକ ପକ୍ଷୀ (ring ouzel); ଏକ ପ୍ରକାର ବୁଡ଼ାଳି ପକ୍ଷୀ (water ouzel).

**ova** ବି. ovumର ବ.ବ.।

**oval** 1. ବିଂ. ଅଣ୍ଡାକାର; ଡିମ୍ବାକୃତି; ବୃତ୍ତାଭାସ; 2. ବି. ଅଣ୍ଡାକାର ପଦାର୍ଥ; ବୃତ୍ତାଭାସ କ୍ଷେତ୍ର।

**ovarian** ବିଂ. ଗର୍ଭାଶୟ ବା ବୀଜକୋଷ ସମ୍ବନ୍ଧୀୟ।

**ovary** ବି. ଗର୍ଭାଶୟ, ବୀଜକୋଷ, ଡିମ୍ବକୋଷ; (ଫୁଲର) ସ୍ତ୍ରୀକେଶର ବା ଗର୍ଭକେଶରର ନିମ୍ନତର ଅଂଶ।

**ovation** ବି. ଆନନ୍ଦ ବା ଆଗ୍ରହରେ କରତାଳି ସହ ସାଧୁବାଦ ବା ସମ୍ବର୍ଦ୍ଧନା; ହର୍ଷୋଲ୍ଲାସ, ପ୍ରଶଂସାଧ୍ୱନି, ବିଜୟଭିନନ୍ଦନ।

**oven** ବି. ଚୁଲୀ; ଖାଦ୍ୟ ଗରମ କରିବା ପାଇଁ ବା ପ୍ରସ୍ତୁତ କରିବା ପାଇଁ ବ୍ୟବହୃତ ରୁଦ୍ଧ ଉପକରଣ, ଓଭନ୍।

**ovenware** ବି. ଓଭନ୍‌ରେ ବ୍ୟବହୃତ ପାତ୍ର ସମୂହ।

**over** 1. କ୍ରି.ବିଂ. (କୌଣସି ବସ୍ତୁର) ଉର୍ଦ୍ଧ୍ୱରେ; ଉପରେ ବା ଆର ପାଖରେ; ଧାର ବା ପ୍ରାନ୍ତଠାରୁ ବାହାର ଆଡ଼କୁ ବା ତଳ ଆଡ଼କୁ; ଉପର ପାଖ ତଳକୁ କରି; (ବହିର ପୃଷ୍ଠାଦି) ଓଲଟାଇ; ସମ୍ପୂର୍ଣ୍ଣ ରୂପେ; ଅତ୍ୟଧିକ ପରିମାଣରେ; ପୁଙ୍ଖାନୁପୁଙ୍ଖ ଭାବରେ; ନିଃଶେଷ; 2. ବିଂ. ଉପରର ବା ଉପରିସ୍ଥ; ବାହାରର, ବହିଃସ୍ଥ; ଅତିରିକ୍ତ; ଉତ୍କୃଷ୍ଟ; 3. ଅ. ଉପରେ, (କୌଣସି ବସ୍ତୁର) ଉଚ୍ଚତର ସ୍ଥାନରେ; (କୌଣସି ବସ୍ତୁଠାରୁ) ବାହାରେ ବା ଆରପଟେ; ପ୍ରାନ୍ତରୁ, ତଳେ; ଦାୟିତ୍ୱରେ; 4. ବି. କ୍ରିକେଟ୍ ଓଭର, ପିଚ୍‌ର ଏକ ପାର୍ଶ୍ୱରୁ ଛଅଥର ବା (ଆଠଥର) ବୋଲିଂ କରିବାର ଅନୁକ୍ରମ; all over ସମ୍ପୂର୍ଣ୍ଣ ରୂପେ; ସମ୍ପୂର୍ଣ୍ଣ ଶରୀରରେ; over again ଆଉଥରେ, ଆରମ୍ଭରୁ ପୁଣି ଥରେ; ପୁନରାୟ; over all ସମ୍ପୂର୍ଣ୍ଣଭାବେ ବିଚାରକୁ ନେଇ; over and above ଏହାଛଡ଼ା, ଏତଦ୍‌ବ୍ୟତୀତ, ଅଧିକନ୍ତୁ; over and over ପୁନଃ ପୁନଃ, ବାରମ୍ବାର, ଥରକୁ ଥର।

Digitized by srujanika@gmail.com

**over–** *ପୂ.ପ୍ର.* ସମାପ୍ତି, ଉପର, ବାହାର, ଉତ୍କର୍ଷ, ଅତ୍ୟାଧିକ୍ୟ ପ୍ରଭୃତି ଅର୍ଥରେ ବ୍ୟବହୃତ ପ୍ରତ୍ୟୟ (overact, overdo).

**overact** *କ୍ରି.* ଅତ୍ୟଧିକ ଆବେଗ ବା ହାବଭାବର ସହିତ ଅଭିନୟ କରିବା।

**over–active** *ବିଂ.* ଅତିରିକ୍ତ କର୍ମଠ ବା କ୍ରିୟାଶୀଳ।

**overall** 1. *ବିଂ.* ପ୍ରାନ୍ତରୁ ପ୍ରାନ୍ତ, ସମୁଦାୟ, ମୋଟାମୋଟି; 2. *କ୍ରି.ବିଂ.* ମୋଟ ଉପରେ, ସମସ୍ତ ଅଂଶରେ; 3. *ବି.* ରକ୍ଷାପ୍ରଦ ବହିଃପୋଷାକ।

**overarm** *ବିଂ. ଓ କ୍ରି.ବିଂ.* କାନ୍ଧ ଉପରେ ଉଠାଇ।

**overawe** *କ୍ରି.* ସମ୍ମାନ ବା ଭୟଦ୍ୱାରା ପ୍ରଭାବିତ କରିବା।

**overbalance** *କ୍ରି.* ସନ୍ତୁଳନ ହରାଇବା ଏବଂ ପଡିଯିବା।

**overbear** *କ୍ରି.* ଓଜନ, କ୍ଷମତା ବା ବଳଦ୍ୱାରା ଦମନ ବା ପରାସ୍ତ କରିବା; ପରାଜିତ କରିବା।

**overbearing** *ବିଂ.* ଦାମ୍ଭିକ, ଉଦ୍ଧତ, ଅସହିଷ୍ଣୁ।

**overbid** 1. *କ୍ରି.* ଅତ୍ୟଧିକ ପରିମାଣ ଅର୍ଥରେ ନିଲାମ ଡାକିବା; 2. *ବି.* ଅତ୍ୟଧିକ ଅର୍ଥରେ ନିଲାମଡାକ।

**overblown** *ବିଂ.* ସ୍ଫୀତ, ଫୁଲିଥିବା; ଆଡ଼ମ୍ବରପୂର୍ଣ୍ଣ; (ପୁଷ୍ପ ବିଷୟରେ) ଅତିଶୟ ବିକଶିତ।

**overboard** *କ୍ରି.ବିଂ.* ଜାହାଜ ଉପରୁ ଜଳ ଉପରକୁ, ଜାହାଜରୁ; go overboard *ଢ.ଭା.* ଅତ୍ୟନ୍ତ ଉତ୍ସାହୀ ହେବା; ଅସଂଯତ ବ୍ୟବହାର କରିବା।

**overbold** *ବିଂ.* ଦୁଃସାହସୀ, ଅତ୍ୟଧିକ ସାହସୀ, ବେପରବାୟ।

**overbook** *କ୍ରି.* ଉଡ଼ାଜାହାଜ, ଭୋଜନାଳୟ ପ୍ରଭୃତି ପାଇଁ ଅତ୍ୟଧିକ ଟିକେଟ୍ କାଟିବା।

**overburden** *କ୍ରି.* (ବ୍ୟକ୍ତି ବା ବସ୍ତୁ ଉପରେ) ଅତ୍ୟଧିକ କାର୍ଯ୍ୟଭାର ଲଦିଦେବା।

**overbusy** *ବିଂ.* ଅତ୍ୟଧିକ କାର୍ଯ୍ୟବ୍ୟସ୍ତ।

**over–careful** *ବିଂ.* ଅତିଶୟ ସାବଧାନ; ଅତ୍ୟଧିକ ସତର୍କ।

**overcast** *ବିଂ.* (ଆକାଶ ସମ୍ବନ୍ଧରେ) ମେଘାଚ୍ଛନ୍ନ, ମେଘାବୃତ; (ସିଲାଇ ସମ୍ବନ୍ଧରେ) ଘର୍ଷଣଜନିତ କ୍ଷୟରୁ ରକ୍ଷା ପାଇଁ ବସ୍ତ୍ରର ଧାର ବା ସୀମାରେ ସିଲାଇ ହୋଇଥିବା।

**overcautious** *ବିଂ.* ଅତ୍ୟଧିକ ସତର୍କ।

**overcharge** *କ୍ରି.* ଅତ୍ୟଧିକ ମୂଲ୍ୟ ଦାବି କରିବା; (ବେଟେରୀ ପ୍ରଭୃତିରେ) ଅତ୍ୟଧିକ ବୈଦ୍ୟୁତିକ ଶକ୍ତି ପ୍ରୟୋଗ କରିବା।

**overcoat** *ବି.* ଓଭର୍ କୋଟ୍; ଉପର ପିନ୍ଧା ଗରମ କୋଟ୍।

**overcome** *କ୍ରି.* ପରାସ୍ତ କରିବା; ଜୟ କରିବା; ହଟେଇବା; ମୂର୍ଚ୍ଛିତ ବା ଦୁର୍ବଳ କରିବା।

**overcompensate** *କ୍ରି.* ଅତ୍ୟଧିକ ମାତ୍ରାରେ କ୍ଷତିପୂରଣ କରିବା।

**overconfident** *ବିଂ.* ଅତିଶୟ ଅସ୍ଥାବାନ୍, ଅତିଶୟ ପ୍ରତ୍ୟୟାନ୍ୱିତ; ଅତିରିକ୍ତ ଭାବରେ ଆତ୍ମବିଶ୍ୱାସୀ।

**overcook** *କ୍ରି.* (ଖାଦ୍ୟଦ୍ରବ୍ୟକୁ) ଅଧିକ ସମୟ ଧରି ବା ଅତି ମାତ୍ରାରେ ରନ୍ଧନ କରିବା।

**overcrowd** *କ୍ରି.* ଅତିଶୟ ଭିଡ଼ ବା ଗହଳ କରିବା; *ବି.* overcrowding.

**overdevelop** *କ୍ରି.* ଅତିରିକ୍ତ ଭାବେ ବିକଶିତ କରିବା; ଫଟୋ ଅଧିକ ସମୟ ଡେଭଲପରରେ ବୁଡାଇ ରଖିବା।

**overdo** *କ୍ରି.* ଅତିରିକ୍ତ ଭାବେ କରିବା; ଅଧିକ ଗୁରୁତ୍ୱ ଦେବା; ଅଯଥା କଥା ବଢ଼େଇବା; (କୌଣସି ବିଷୟ) ଅତି ଦୂରକୁ ନେବା; ଅତ୍ୟଧିକ ରନ୍ଧନ କରିବା, overdo it (things) *ଢ.ଭା.* କ୍ଲାନ୍ତ କରିଦେବା।

**overdose** 1. *କ୍ରି.* ଅଧିକ ମାତ୍ରାରେ ଔଷଧ ଖୁଆଇବା; 2. *ବି.* ଔଷଧର ଅତିରିକ୍ତ ମାତ୍ରା ବା ପରିମାଣ।

**overdraft** *ବି.* ବେଙ୍କର ସମ୍ମତ ଅର୍ଥରୁ ଅଧିକ ଗ୍ରହଣ ବା ଉଠାଣ।

**overdraw** *କ୍ରି.* (*ଅ.କା.* overdrew, *ଅ.କ୍ରି.ଜ.ପ.* overdrawn) ବେଙ୍କ୍ ଜମାରୁ ଅଧିକ ଅର୍ଥ ଗ୍ରହଣ କରିବା ବା ଉଠାଇବା।

**overdress** *କ୍ରି.* ଅତି ଆଡ଼ମ୍ବର ବା ଔପଚାରିକତା ସହକାରେ ପୋଷାକ ପରିଧାନ କରିବା ବା କରାଇବା।

**overdrive** *ବି.* (ଅଧିକ ଗତିରେ ଯିବାବେଳେ) ଯାନବାହନରେ ଇଂଧନ ମିତବ୍ୟୟିତାପାଇଁ ଟପ୍

Digitized by srujanika@gmail.com

ଗିଅର୍ ଉପରକୁ ସଂଯୋଜିତ ଯନ୍ତ୍ର; ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତତାର ଅବସ୍ଥା।

**overdue** ବିଂ. ଅର୍ଥ ପ୍ରଭୃତି ପରିଶୋଧର ସମୟାତୀତ; ପ୍ରସ୍ଥାନ, ଉପସ୍ଥିତି ଆଦିର ସମୟାତିକ୍ରାନ୍ତ।

**overeager** ବିଂ. ଅତିଶୟ ଉତ୍ସୁକ ବା ଉତ୍କଣ୍ଠିତ, ଅତି ଆଗ୍ରହାନ୍ୱିତ।

**overeat** କ୍ରି. ଅତି ମାତ୍ରାରେ ଖାଇବା।

**overemphasize** କ୍ରି. ଅତି ମାତ୍ରାରେ ଜୋର୍ ବା ଗୁରୁତ୍ୱ ଦେବା।

**overenthusiasm** ବି. ଅତିଶୟ ଉତ୍ସୁକତା, ଆଗ୍ରହ ବା ଉତ୍ସାହ; ବିଂ. overenthusiastic; କ୍ରି.ବିଂ. overenthusiastically.

**overestimate** କ୍ରି. ଅତ୍ୟଧିକ ମୂଲ୍ୟବାନ୍ ମନେ କରିବା, ଅତିରିକ୍ତ ଅନୁମାନ ବା ଅଟକଳ କରିବା; ବି. overestimation.

**overexcite** କ୍ରି. ଅତିରିକ୍ତ ମାତ୍ରାରେ ଉତ୍ତେଜିତ କରିବା; ବି. overexcitement.

**overexert** କ୍ରି. ଅତ୍ୟଧିକ ପରିଶ୍ରମ କରିବା; ଅତିରିକ୍ତ ଉଦ୍ୟମ ବା ଉଦ୍‌ଯୋଗ କରିବା; ବି. overexertion.

**overexpose** କ୍ରି. ସମ୍ପୂର୍ଣ୍ଣ ରୂପେ ଖୋଲା ରଖିବା; ଅତ୍ୟଧିକ ପରିମାଣରେ ପ୍ରଦର୍ଶିତ ହେବା; ବି. overexposure.

**overfeed** କ୍ରି. ଅତି ଭୋଜନ କରିବା ବା କରାଇବା; ଅତି ମାତ୍ରାରେ ଖାଇବା ବା ଖୁଆଇବା।

**overfish** କ୍ରି. ନଦୀ ପ୍ରଭୃତିରୁ ଅତ୍ୟଧିକ ମାଛ ଧରିବା ଫଳରେ ନିଃଶେଷିତ ହେବା।

**overflow** 1. କ୍ରି. ପ୍ଲାବିତ କରିବା; ଅଭିଭୂତ ବା ଉଚ୍ଛ୍ୱସିତ କରିବା; (କୂଳ) ଉଛୁଳି ପଡ଼ିବା; 2. ବି. ପ୍ଲାବନ; ନିଃସରଣ; ଆବଶ୍ୟକତାରୁ ଅଧିକ ଜଳର ନିର୍ଗମପଥ।

**overfly** କ୍ରି. *ଅ.କା.* overflew; *ଅ.କ୍ରି.କ.ପ.* overflown (ସ୍ଥାନ ବା ଦେଶର) ଉପରେ ବା ଅତିକ୍ରମ କରି ଉଡ଼ିବା।

**overfond** ବିଂ. ଅତିଶୟ ଅନୁରକ୍ତ ବା ଆସକ୍ତ।

**overfull** ବିଂ. ଅତିମାତ୍ରାରେ ପୂର୍ଣ୍ଣ।

**overgrown** ବିଂ. ଅତିମାତ୍ରାରେ ତୃଣାଦିଦ୍ୱାରା ଆଚ୍ଛାଦିତ; ଅତିରିକ୍ତ ମାତ୍ରାରେ ବର୍ଦ୍ଧିତ।

**overhang** କ୍ରି. ଉପରେ ଝୁଲି ରହିବା।

**overhaul** 1. କ୍ରି. ସମ୍ପୂର୍ଣ୍ଣ ରୂପେ ଯାଞ୍ଚ ବା ପରୀକ୍ଷା କରି ଆବଶ୍ୟକ ମରାମତି କରିବା; 2. ବି. ସମ୍ପୂର୍ଣ୍ଣ ପରୀକ୍ଷା ପୂର୍ବକ ଆବଶ୍ୟକ ମରାମତି।

**overhead** 1. କ୍ରି.ବିଂ. ମସ୍ତକ ଉପରେ, ଆକାଶରେ, ଊର୍ଦ୍ଧ୍ୱରେ; 2. ବିଂ. ମସ୍ତକ ଉପରେ ସ୍ଥାପିତ; ମୁଣ୍ଡ ଉପରେ ରଖା ହୋଇଥିବା; ଊର୍ଦ୍ଧ୍ୱସ୍ଥ; 3. ବି. ବ.ବ.ରେ ଉପରି ବ୍ୟୟ, ବ୍ୟବସାୟ ସଂଚାଳନ ପାଇଁ ଆବଶ୍ୟକ ବ୍ୟୟ।

**overhear** କ୍ରି. (*ଅ.କା. ଅ.କ୍ରି.କ.ପ.* overheard) ବକ୍ତାର ଅଜ୍ଞାତସାରରେ ଶୁଣିବା।

**overheat** କ୍ରି. ଅତ୍ୟଧିକ ବା ଅତିରିକ୍ତ ଉତ୍ତପ୍ତ କରିବା ବା ହେବା।

**overindulge** କ୍ରି. ଭୋଗବିଳାସରେ ଉନ୍ମତ୍ତ ହେବା; ବି. overindulgence; ବିଂ. overindulgent.

**overjoyed** ବିଂ. ଅତିଶୟ ଆନନ୍ଦିତ ବା ଆହ୍ଲାଦିତ; ଅତିରିକ୍ତ ଉଲ୍ଲସିତ।

**overkill** ବି. ହତ୍ୟା ବା ଧ୍ୱଂସ କରିବା ପାଇଁ ଅତିରିକ୍ତ ସାମର୍ଥ୍ୟ ବା ଶକ୍ତି; ଅତ୍ୟାଚାର।

**overland** 1. କ୍ରି.ବିଂ. ସ୍ଥଳପଥରେ; 2. ବିଂ. ସମ୍ପୂର୍ଣ୍ଣତଃ ଓ ପ୍ରଧାନତଃ ସ୍ଥଳ ଭାଗ ଦେଇ ଯାଉଥିବା।

**overlap** 1. କ୍ରି. ଆଂଶିକ ଭାବରେ ଆବୃତ ବା ଆଚ୍ଛାଦିତ କରିବା; ଆଂଶିକ ଭାବରେ ପରସ୍ପର ସଂଯୁକ୍ତ ହେବା; ଅଧିକ ହେବା; ଆଂଶିକ ଭାବରେ ମେଳ ଖାଇବା; 2. ବି. ଆଂଶିକ ଆଚ୍ଛାଦନ; ଆଚ୍ଛାଦନ କରୁଥିବା ଅଂଶ ବା ପରିମାଣ।

**over–large** ବିଂ. ଅତି ବଡ଼।

**overlay** 1. କ୍ରି. (*ଅ.କା. ଅ.କ୍ରି.କ.ପ* overlaid) (ଉପରେ) ବିସ୍ତୃତ କରିବା ବା ବିଛାଇବା; ଆବୃତ ବା ଆଚ୍ଛାଦିତ କରିବା; ଘୋଡ଼ାଇବା; 2. ବି. ଆସ୍ତରଣ ବା ଆଚ୍ଛାଦନ।

**overleaf** କ୍ରି.ବିଂ. ପୁସ୍ତକପ୍ରଭୃତିର ପୃଷ୍ଠାର ଅନ୍ୟ ପାଖରେ।

**overlie** କ୍ରି. (*ଅ.କା. ଅ.କ୍ରି.କ.ପ.* overlay, overlain) (କୌଣସି ପଦାର୍ଥର) ଉପରେ ପଡ଼ି ରହିବା; ଏଭଳି ଭାବରେ ଶିଶୁକୁ ଶ୍ୱାସରୁଦ୍ଧ କରିବା।

**overload** 1. କ୍ରି. ଅତ୍ୟଧିକ ମାତ୍ରାରେ ଭାରାକ୍ରାନ୍ତ କରିବା; ଅଧିକ ବୋଝାଇ କରିବା; ଅଧିକ ବୈଦ୍ୟୁତିକ ପ୍ରବାହ ପ୍ରୟୋଗ କରିବା; 2. ବି. ଅତ୍ୟଧିକ ବୋଝ ବା କାର୍ଯ୍ୟଭାର।

**over–long** ବିଂ. କ୍ରି.ବିଂ. ଅତି ଦୀର୍ଘ, ସୁଦୀର୍ଘ।

Digitized by srujanika@gmail.com

**overlook** କ୍ରି. ଦେଖି ନ ଦେଖିବା; ଦୃଷ୍ଟିପାତ ନ କରିବା; ଉପେକ୍ଷା କରିବା; ଛାଡ଼ି ଦେବା; ଉପରୁ ଦେଖିବା; ତତ୍ତ୍ୱାବଧାନ କରିବା, କାର୍ଯ୍ୟ ତଦାରଖ କରିବା।

**overlord** ବି. ସର୍ବୋଚ୍ଚ ବା ପରମ ପ୍ରଭୁ, ସର୍ବୋଚ୍ଚ ଶାସକ।

**overly** କ୍ରି.ବିଂ. ଅତ୍ୟଧିକ ଭାବରେ; ଅତିଶୟ।

**overman** କ୍ରି. ବହୁ ସଂଖ୍ୟକ ନାବିକ ବା କର୍ମଚାରୀ ଅନ୍ତର୍ଭୁକ୍ତ କରିବା।

**over–much** 1. ବିଂ. ଅତ୍ୟଧିକ, ପ୍ରଚୁର; 2. କ୍ରି.ବିଂ. ଅତ୍ୟଧିକ ପରିମାଣରେ ବା ମାତ୍ରାରେ; ପ୍ରଚୁର ପରିମାଣରେ ବା ମାତ୍ରାରେ; 3. ବି. ଅତ୍ୟାଧିକ୍ୟ; ପ୍ରାଚୁର୍ଯ୍ୟ।

**overnice** ବିଂ. ଅତିଶୟ ଚିଡ଼ଚିଡ଼ା; ଦୁସ୍ତୋଷଣୀୟ।

**overnight** 1. ବିଂ. ରାତିକ ପାଇଁ ବ୍ୟବହାର୍ଯ୍ୟ; ତୁରନ୍ତ; ରାତାରାତି; 2. କ୍ରି.ବିଂ. ହଠାତ୍, ସଙ୍ଗେ ସଙ୍ଗେ, ତୁରନ୍ତ; ରାତିକ ପାଇଁ; ରାତିରେ।

**overpass** ବି. ପୋଲ ସାହାଯ୍ୟରେ ଗୋଟିଏ ରାସ୍ତା ଉପରେ ଯାଇଥିବା ଅନ୍ୟ ଏକ ରାସ୍ତା।

**overpay** କ୍ରି. ଅଧିକ ମୂଲ୍ୟ ବା ଅର୍ଥ ଦେଇଦେବା; ବି. overpayment.

**overplay** କ୍ରି. ଅତ୍ୟଧିକ ଗୁରୁତ୍ୱ ଦେବା।

**overpower** କ୍ରି. ହରାଇବା, ପରାସ୍ତ କରିବା; ବଶୀଭୂତ କରିବା; କ୍ଷମତାଧୀନ କରିବା।

**overpraise** କ୍ରି. ଅତ୍ୟଧିକ ବା ଅତିରିକ୍ତ ପ୍ରଶଂସା କରିବା।

**overprint** 1. କ୍ରି. ମୁଦ୍ରିତ କାଗଜ ବା ପୃଷ୍ଠା ଉପରେ ପୁନର୍ମୁଦ୍ରଣ କରିବା; 2. ବି. ପୁନର୍ମୁଦ୍ରିତ ବିଷୟବସ୍ତୁ।

**overproduce** କ୍ରି. ଅତ୍ୟଧିକ ପରିମାଣରେ ଉତ୍ପାଦନ କରିବା; ବି. overproduction.

**overqualified** ବିଂ. କୌଣସି ଚାକିରୀ ପାଇଁ ଆବଶ୍ୟକତାରୁ ଅଧିକ ଯୋଗ୍ୟତା ସଂପନ୍ନ।

**overrate** କ୍ରି. (କୌଣସି ବ୍ୟକ୍ତି ବିଷୟରେ) ଅତି ଉଚ୍ଚ ଧାରଣା ରଖିବା; (କାହା ବିଷୟରେ) ଅତି ଉଚ୍ଚ ମତ ପୋଷଣ କରିବା।

**overreach** କ୍ରି. (କୌଣସି ବ୍ୟକ୍ତିକୁ) ବୁଦ୍ଧି ବା ଚତୁରତାରେ ବଳିଯିବା; ଠକିବା।

**overreact** କ୍ରି. ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ପ୍ରତିକ୍ରିୟା ପ୍ରକାଶ କରିବା; ବି. overreaction.

**override** କ୍ରି. (*ଅ.କା.* overrode, *ଅ.କ୍ରି.ଜ.ପ.* overridden) (କାହା ଉପରେ) ନିଜର ଶ୍ରେଷ୍ଠତ୍ୱ ବା ଉତ୍କର୍ଷ ପ୍ରତିପାଦନ କରିବା; ହସ୍ତକ୍ଷେପ ପୂର୍ବକ (କାହାକୁ) ବିଫଳ ବା ବ୍ୟର୍ଥ କରିଦେବା।

**overrider** ବି. ମଟରଗାଡ଼ିର ଧକ୍କାନିରୋଧକ ଅଂଶ ବା ବଂପରର ସଂଯୋଗକାରୀ ରଡ୍।

**overripe** ବିଂ. ଖୁବ୍ ପାଚିଲା।

**overule** କ୍ରି. (କୌଣସି ହାକିମଙ୍କ) ନିଷ୍ପତ୍ତି ପ୍ରଭୃତିକୁ ଉଚ୍ଚତର କର୍ତ୍ତୃପକ୍ଷ ରଦ୍ଦ କରିବା।

**overrun** କ୍ରି. ବହୁ ସଂଖ୍ୟାରେ ବ୍ୟାପିଯିବା; ବିସ୍ତାର କରିବା; ବହୁ ସଂଖ୍ୟକ ସୈନ୍ୟଦ୍ୱାରା ଦେଶ ଜୟ କରିବା; (ସମୟ) ଅତିକ୍ରାନ୍ତ ହେବା।

**overseas** ବିଂ. ଓ କ୍ରି.ବିଂ. ଦରିଆପାରି; ସମୁଦ୍ରପାରି, ବିଦେଶରେ।

**oversee** କ୍ରି. (*ଅ.କା.* oversaw, *ଅ.କ୍ରି.ଜ.ପ.* overseen) ପର୍ଯ୍ୟବେକ୍ଷଣ ବା ଅଧୀକ୍ଷଣ କରିବା।

**overseer** ବି. ପର୍ଯ୍ୟବେକ୍ଷକ, ଅଧୀକ୍ଷକ; ଓଭରସିଅର୍।

**over–sensitive** ବିଂ. ଅତି ସମ୍ବେଦନଶୀଳ, ଅତି ଭାବୁକ, ଅତି ସୂକ୍ଷ୍ମଗ୍ରାହୀ; ବି. over–sensitiviness; oversensitivity.

**overset** କ୍ରି. (*ଅ.କା. ଅ.କ୍ରି.ଜ.ପ.* overset) ଉପରତଳ ବା ଓଲଟ ପାଲଟ କରିଦେବା; ଉଦ୍‌ବିଗ୍ନ ବା ହଇରାଣ କରିବା।

**oversew** କ୍ରି. ଉଭୟ ଧାର ବା ସୀମାକୁ ମିଳାଇ ସିଲେଇବା।

**overshadow** କ୍ରି. (କୌଣସି ବସ୍ତୁ ଅପେକ୍ଷା) ଅଧିକ ଧ୍ୟାନାକର୍ଷଣ କରିବା; ଛାୟାରେ ଢାଙ୍କିଦେବା।

**overshoe** ବି. ସାଧାରଣ ଜୋତା ଉପରେ ପରିହିତ ରକ୍ଷାକାରୀ ବାହାର ଜୋତା।

**overshoot** କ୍ରି. (*ଅ.କା. ଅ.କ୍ରି.ଜ.ପ.* overshot) ଲକ୍ଷ୍ୟସ୍ଥଳ ବା ସୀମା ଆଗକୁ (ଅସ୍ତ୍ର) ନିକ୍ଷେପ କରିବା; overshoot the mark ଉଦ୍ଦେଶ୍ୟ ବା ଆବଶ୍ୟକତାଠାରୁ ଅଧିକ ଦୂର ଚାଲିଯିବା।

**overshot** ବିଂ. ଉପରେ ପ୍ରବାହିତ ଜଳଦ୍ୱାରା ଘୂର୍ଣ୍ଣିତ (ଚକ୍ର)।

Digitized by srujanika@gmail.com

**oversight** ବି. କୌଣସି କାର୍ଯ୍ୟ କରିବାରେ ବା ଲକ୍ଷ୍ୟ କରିବାରେ ବିଫଳତା; ଅସାବଧାନତାଜନିତ ପ୍ରମାଦ ବା ଭୁଲ୍; ନିରୀକ୍ଷଣ; ପର୍ଯ୍ୟବେକ୍ଷଣ।

**oversimplify** କ୍ରି. ଅତ୍ୟଧିକ ସରଳୀକରଣ–ଦ୍ୱାରା ବିକୃତ କରିବା; ବି. oversimplification.

**oversleep** କ୍ରି. (*ଅ.କ୍ରି.କ.ପ.* overslept) ଜାଗରଣର ନିର୍ଦ୍ଦିଷ୍ଟ ସମୟ ପରେ ମଧ ଶୋଇବା।

**overspend** କ୍ରି. ସାମର୍ଥ୍ୟ ଅପେକ୍ଷା ଅଧିକ ବ୍ୟୟ କରିବା।

**overspill** ବି. ପ୍ଲାବନ; ଉଛୁଳି ପଡ଼ିଥିବା ପରିମାଣ; ଲୋକମାନଙ୍କର ନୂତନ ସ୍ଥାନକୁ ଗମନ।

**overspread** କ୍ରି. (କୌଣସି ସ୍ଥାନକୁ) ସମ୍ପୂର୍ଣ୍ଣ ଭାବରେ ଆଚ୍ଛାଦନ କରିବା; ସମ୍ପୂର୍ଣ୍ଣ ଭାବରେ ଆଚ୍ଛାଦିତ ହେବା।

**overstate** କ୍ରି. ଅତିରଞ୍ଜିତ କରିବା, ବାହୁଲ୍ୟ ବା ଅତ୍ୟୁକ୍ତି କରି କହିବା; ବି. overstatement.

**overstay** କ୍ରି. ନିର୍ଦ୍ଧାରିତ ସମୟରୁ ଅଧିକ ଦିନ ରହିବା; ଛୁଟି ଅତିକ୍ରମପୂର୍ବକ ରହିବା।

**oversteer** ବି. ଅଭିପ୍ରେତ ବା ଉଦ୍ଦିଷ୍ଟ ପରିମାଣ ଅପେକ୍ଷା ଯାନର ଦ୍ରୁତତର ଘୂର୍ଣ୍ଣନ ପ୍ରବଣତା।

**overstep** କ୍ରି. (ସୀମା) ଅତିକ୍ରମ କରିବା।

**overstock** କ୍ରି. ଅତ୍ୟଧିକ ପରିମାଣରେ (ଗୋଦାମ ବା ଭଣ୍ଡାରରେ) ସଞ୍ଚିତ କରିବା।

**overstrain** କ୍ରି. ଅତିରିକ୍ତ ଉଦ୍ୟମ ବା କାର୍ଯ୍ୟର ଚାପଦ୍ୱାରା ଅବସନ୍ନ ବା କ୍ଷତିଗ୍ରସ୍ତ କରିବା।

**overstretch** କ୍ରି. ଅତ୍ୟଧିକ ପରିମାଣରେ ବିସ୍ତୃତ ବା ପ୍ରସାରିତ କରିବା; ଅତ୍ୟଧିକ ପ୍ରତ୍ୟାଶା ରଖିବା।

**overstrung** ବିଂ. (ବ୍ୟକ୍ତି ବା ସ୍ନାୟୁ ସମ୍ବନ୍ଧୀୟ) ଅତିଶୟ ଉତ୍ତେଜିତ।

**overstuff** କ୍ରି. ଅତିରିକ୍ତ ପରିମାଣରେ ଭର୍ତ୍ତିକରିବା।

**oversubscribe** କ୍ରି. (ବିଶେ. ବିକ୍ରୟାଂଶ ସମ୍ବନ୍ଧୀୟ) ଉପଲବ୍ଧ ଅର୍ଥ ପରିମାଣରୁ ଅଧିକ (କ୍ରୟ)।

**overt** ବିଂ. ଖୋଲାଖୋଲି, ପ୍ରକାଶ୍ୟ ବା ଅଗୋପନୀୟ ଭାବରେ କୃତ; କ୍ରି.ବିଂ. overtly.

**overtake** କ୍ରି. (*ଅ.କା.* overtook, *ଅ.କ୍ରି.କ.ପ.* overtaken) ସମାନ ଦିଗରେ ଗତି କରିବା ବେଳେ ପଛରୁ ଯାଇ ଅତିକ୍ରମ କରିବା; (ଦୁର୍ଭାଗ୍ୟ ବା ଦୁଃଖ) ଆକସ୍ମିକ ଭାବରେ (କାହା) ଉପରେ ଆସି ପଡ଼ିବା।

**overtax** କ୍ରି. ଅତ୍ୟଧିକ ଭାରାକ୍ରାନ୍ତ କରିବା; ଅତିରିକ୍ତ ପରିମାଣରେ କାମରେ ଲଗାଇବା, ଅଧିକ କର ଦାବି କରିବା।

**overthrow** 1. କ୍ରି. (*ଅ.କା.* overthrew, *ଅ.କ୍ରି.କ.ପ.* overthrown) ବଳପୂର୍ବକ କ୍ଷମତାରୁ ଅପସାରଣ କରିବା; (ଅନୁଷ୍ଠାନ ପ୍ରଭୃତିକୁ) ଧ୍ୱଂସ କରିବା; ଜୟ କରିବା; ତଳେ ପକାଇ ଦେବା; ଓଲଟପାଲଟ କରି ଦେବା; 2. ବି. ପରାଜୟ, ପତନ।

**overtime** 1. ବି. ନିୟମିତ କାର୍ଯ୍ୟ ବ୍ୟବସ୍ଥାଠାରୁ ଅଧିକ କାର୍ଯ୍ୟର ସମୟ; ଅତିରିକ୍ତ କାର୍ଯ୍ୟର ମଜୁରୀ; 2. କ୍ରି.ବିଂ. ନିୟମିତ ସମୟ ବାହାରେ।

**overtone** ବି. ସୂକ୍ଷ୍ମ ଅତିରିକ୍ତ ଗୁଣ; *ସଙ୍ଗୀତ* ସ୍ୱରସଙ୍ଗତି କ୍ରମରେ ନିମ୍ନତମ ସ୍ୱରର ଯେ କୌଣସି ଉର୍ଦ୍ଧ୍ୱସ୍ୱର।

**overture** ବି. ଗୀତିନାଟ୍ୟର ଉପକ୍ରମ ସ୍ୱରୂପ ପରିବେଷିତ ସମୂହ ଯନ୍ତ୍ରସଙ୍ଗୀତ; ଉକ୍ତ ଶୈଳୀର ରଚନା; ବ.ବରେ କୌଣସି ଆପୋଷ ଆଲୋଚନାର ଅୟମାରମ୍ଭ; ଆନୁଷ୍ଠାନିକ ପ୍ରସ୍ତାବ।

**overturn** କ୍ରି. ଲେଉଟାଇ ଦେବା; ଓଲଟାଇ ଦେବା; ଓଲଟି ପଡ଼ିବା; ମୂଳୋତ୍ପାଟନ ବା ଧ୍ୱଂସ କରିଦେବା।

**overuse** 1. କ୍ରି. ଅତିରିକ୍ତ ବା ଅତ୍ୟଧିକ ମାତ୍ରାରେ ବ୍ୟବହାର କରିବା; 2. ବି. ଅତିରିକ୍ତ ବା ଅତ୍ୟଧିକ ବ୍ୟବହାର।

**overvalue** 1. କ୍ରି. ଅତ୍ୟଧିକ ମୂଲ୍ୟ ନିର୍ଦ୍ଧାରଣ କରିବା; 2. ବି. ଅତ୍ୟଧିକ ବା ଅତିରିକ୍ତ ମୂଲ୍ୟ ନିର୍ଦ୍ଧାରଣ।

**overview** ବି. ସାଧାରଣ ଦୃଷ୍ଟିପାତ।

**overweening** ବିଂ. ଉଦ୍ଧତ, ଗର୍ବୀ, ଦାମ୍ଭିକ, ବୃଥାଭିମାନୀ।

**overweight** 1. ବିଂ. ଅତିରିକ୍ତ ଓଜନ ବିଶିଷ୍ଟ; ଅତ୍ୟଧିକ ମାତ୍ରାରେ ଓଜନିଆ; 2. ବି. ଅତିରିକ୍ତ ବା ଅତ୍ୟଧିକ ଓଜନ।

**overwhelm** କ୍ରି. ଅତ୍ୟଧିକ ଭାବରେ ଭାବବିହ୍ୱଳ କରିବା; ଭାବାଭିଭୂତ କରିବା; ପ୍ରକାଣ୍ଡ ବସ୍ତୁ ତଳେ ପୋତି ଦେବା ବା ବୁଡ଼ାଇ ଦେବା; ବିଂ. overwhelming; କ୍ରି.ବିଂ. overwhelmingly.

Digitized by srujanika@gmail.com

**overwind** କ୍ରି. (ଘଣ୍ଟା ପ୍ରଭୃତିର ଚାବି) ଅତିରିକ୍ତ ମାତ୍ରାରେ ଘୂରାଇବା ବା ବୁଲାଇବା।

**overwork** କ୍ରି. ଅତ୍ୟଧିକ ମାତ୍ରାରେ କାର୍ଯ୍ୟ କରାଇବା; ଅତିରିକ୍ତ କାର୍ଯ୍ୟଦ୍ୱାରା ଶ୍ରାନ୍ତ ବା କ୍ଳାନ୍ତ କରାଇବା; ଅତ୍ୟଧିକ ପରିଶ୍ରମ କରିବା।

**overwrought** ବିଂ. ଅତିଶୟ ପରିଶ୍ରାନ୍ତ ବା ଉତ୍ତେଜିତ; ବିବ୍ରତ; ଅତ୍ୟନ୍ତ ବିଶଦ୍।

**ovi–** ସଂ. ଡିମ୍ବ, ଅଣ୍ଡା ବା ଭ୍ରୂଣକୋଷ ଅର୍ଥବ୍ୟଞ୍ଜକ ପ୍ରତ୍ୟୟ (oviduct, oviform).

**oviduct** ବି. (ବିଶେ. ଅଣ୍ଡା ଉତ୍ପାଦନକାରୀ ପ୍ରାଣୀମାନଙ୍କ) ଭ୍ରୂଣ କୋଷରୁ ଗର୍ଭାଶୟକୁ ଡିମ୍ବାଣୁ ଯିବାର ନଳୀ।

**oviform** ବିଂ. ଅଣ୍ଡାକାର, ଡିମ୍ବାକୃତି।

**ovine** ବିଂ. ମେଷସମ୍ବନ୍ଧୀୟ, ମେଣ୍ଢା ଭଳି।

**oviparous** ବିଂ. ଡିମ୍ବପ୍ରସୂ; ଅଣ୍ଡା ଉତ୍ପାଦନକାରୀ।

**ovoid** ବିଂ. ଅଣ୍ଡାକାର, ଡିମ୍ବାକୃତି (ଘନ ପଦାର୍ଥ)।

**ovulate** କ୍ରି. ଡିମ୍ବାଣୁ ଉତ୍ପାଦନ କରିବା।

**ovulation** ବି. ଡିମ୍ବାଣୁ ଉତ୍ପାଦନ।

**ovule** ବି. ସ୍ତ୍ରୀ–ଉଦ୍ଭିଦଠାରେ ଥିବା ବୀଜମୂଳ।

**ovum** ବି. ଭ୍ରୂଣକୋଷ (ବିଶେ. ସ୍ତନ୍ୟପାୟୀ ପ୍ରାଣୀ, ମତ୍ସ୍ୟ ବା ପତଙ୍ଗର)।

**ow** ଅବ୍ୟ. ଆକସ୍ମିକ ଯନ୍ତ୍ରଣା ଅଭିବ୍ୟଞ୍ଜକ ଧ୍ୱନି।

**owe** କ୍ରି. ଋଣୀ ବା କୃତଜ୍ଞ ରହିବା; ବାଧିତ ରହିବା; କର୍ତ୍ତବ୍ୟବୋଧରେ ସଚେତନ ରହିବା।

**owing** ବିଂ. ଦେୟ, ଋଣ; owing to ହେତୁ, କାରଣରୁ, ଯୋଗୁଁ।

**owl** ବି. ପେଚକ, ପେଚା; ପ୍ରଶାନ୍ତ ବା ବିଜ୍ଞ ଦିଶୁଥିବା ବ୍ୟକ୍ତି।

**owlet** ବି. ପେଚକ ଶାବକ, ପେଚାଛୁଆ।

**owlish** ବିଂ. ପେଚା ସଦୃଶ।

**own** 1. ବିଂ. (ସମ୍ବନ୍ଧ ପଦପରେ) ନିଜ, ନିଜର, ସ୍ୱ, ସ୍ୱୀୟ, ବୈୟକ୍ତିକ ବା ବ୍ୟକ୍ତିଗତ; 2. କ୍ରି. ଅଧିକାର କରିବା, ଦଖଲ କରିବା, ମାଲିକ ହେବା; ସ୍ୱତ୍ୱ ପ୍ରତିଷ୍ଠା କରିବା; ନିଜର ବୋଲି ସ୍ୱୀକାର କରିବା; ସ୍ୱୀକାର କରିବା ବା ମାନିବା; come into one's own ନିଜର ପ୍ରାପ୍ୟ ବା ଅଧିକାର ଗ୍ରହଣ କରିବା; ସ୍ୱୀକୃତି, ମଞ୍ଜୁରୀ, ମାନ୍ୟତା ବା ଅନୁମୋଦନ ଲାଭ କରିବା; of one's own ନିଜର; on one's own ସ୍ୱତନ୍ତ୍ର ବା ସ୍ୱାଧୀନ ଭାବରେ; ଏକାକୀ, ସାହାଯ୍ୟ ବିନା; own to (ଦୋଷ, ପାପ ପ୍ରଭୃତି) ମାନିଯିବା ବା ସ୍ୱୀକାର କରିବା; own up (ସା. toସହ) ଖୋଲାଖୋଲି ଭାବରେ ମାନିଯିବା ବା ସ୍ୱୀକାର କରିବା।

**owner** ବି. ମାଲିକ, ଅଧିକାରୀ, ସ୍ୱତ୍ୱାଧିକାରୀ।

**owner–occupier** ବି. ଗୃହର ଦଖଲରେ ଥିବା ମାଲିକ।

**ownership** ବି. ମାଲିକାନା, ସ୍ୱାମିତ୍ୱ; ସ୍ୱତ୍ୱ।

**owt** ବି. କ.ଭା. ଉ.ଭା. ଯେ କୌଣସି ବସ୍ତୁ; ଯାହାକିଛି।

**ox** ବି. (ବ.ବ. oxen) ବଳଦ।

**oxalic acid** ବି. ଅତିଶୟ ବିଷାକ୍ତ ଓ ଅମ୍ଳ ଏସିଡ୍ ବିଶେଷ (ସରେଲ୍ ଓ ରୁବାବ୍ ପତ୍ରରୁ ପ୍ରାପ୍ତ)।

**Oxbridge** ବି. ବିଶେ. ନୂତନ ବିଶ୍ୱବିଦ୍ୟାଳୟ–ମାନଙ୍କ ସହିତ ତୁଳନାତ୍ମକ ଭାବରେ ଅକ୍ସଫୋର୍ଡ଼ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଏକତ୍ର।

**oxen** ବି. oxର ବ.ବ।

**ox–eye** ବି. ବଳଦର ଆଖି ସଦୃଶ ଫୁଲ ଫୁଟୁଥିବା ଡେଜି (daisy) ଫୁଲ; ସେହି ଗଛ।

**Oxf.** ସଂଶ. Oxford ଅକ୍ସଫୋର୍ଡ଼।

**Oxfam** ସଂଶ. Oxford Committee for Famine Relief ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଗଠିତ ଅକ୍ସଫୋର୍ଡ଼ ସମିତି ବା କମିଟି।

**Oxford blue** ବିଂ.ବି. ଘନନୀଳ, କୃଷ୍ଣନୀଳ (ସମୟେ ସମୟେ ନୀଳାଭ ଲୋହିତ ରଙ୍ଗର ମିଶ୍ରଣ ସହିତ)।

**oxherd** ବି. ଗୋପାଳ, ଗଉଡ଼, ଗାଈଆଳ।

**oxhide** ବି. ଗୋଚର୍ମ, ବଳଦ ଚମଡ଼ା।

**oxidation** ବି. ଅମ୍ଳଜାନ ସହିତ ମିଶ୍ରଣ।

**oxide** ବି. ଅମ୍ଳଜାନ ମିଶ୍ରିତ ଯୌଗିକ ବସ୍ତୁ; ଅକ୍ସାଇଡ୍।

**oxidize** କ୍ରି. ଅମ୍ଳଜାନ ସହିତ ମିଶାଇବା; କଳଙ୍କି ବା ଜଙ୍କ ଧରିବା ବା ଲାଗିବା।

**Oxon** ସଂଶ. Oxford University ବା ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର (ଉପାଧି)।

**Oxonian** 1. ବିଂ. ଅକ୍ସଫୋର୍ଡ଼ ବା ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର; 2. ବି. ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ସଦସ୍ୟ ବା ଉପାଧିଧାରୀ ବ୍ୟକ୍ତି; ଅକ୍ସଫୋର୍ଡ଼ର ନାଗରିକ।

Digitized by srujanika@gmail.com

**oxyacetylene** ବିଂ. ଧାତୁ କାଟିବା ବା ଯୋଡେଇ କରିବାରେ ବ୍ୟବହୃତ ଅମ୍ଳଜାନ ଘଟିତ ଏସିଟିଲିନ୍ (ବାଷ୍ପ)।

**oxygen** ବି. ଅମ୍ଳଜାନ।

**oxygenate** କ୍ରି. ଅମ୍ଳଜାନ ସହିତ ମିଶ୍ରଣ କରିବା ଅମ୍ଳଜାନ ଯୋଗାଇବା।

**oxygen tent** ବି. ରୋଗୀକୁ ଅମ୍ଳଜାନ ବାଷ୍ପପୂର୍ଣ୍ଣ ବାୟୁ ଯୋଗାଇବା ଉଦ୍ଦେଶ୍ୟରେ ନିର୍ମିତ ତମ୍ବୁସଦୃଶ ଘେରା ବା ଆବେଷ୍ଟନୀ।

**oxymoron** ବି. ବିରୋଧାଭାସ; ପରସ୍ପର ବିରୋଧୀ ଭାବ ସଂଯୁକ୍ତ ହୋଇ ବ୍ୟବହୃତ ଅଳଂକାର ('darkness visible' –ମିଲ୍‌ଟନ୍)।

**oyez** *ଅବ.* (oyes ମଧ୍ୟ) ସରକାରୀ ଘୋଷଣାକାରୀ ବା କଚେରି ପିଆଦାର (*ସା.* ତିନିଥର) ଡାକ ବା ଚିତ୍କାର: ଶୁଣ ! ଶୁଣ ! ଶୁଣ !

**oyster** ବି. ଶାମୁକା ଜାତୀୟ ଖାଦ୍ୟୋପଯୋଗୀ ଜଳଜ ଜୀବ (ସମୟେ ସମୟେ ମୁକ୍ତା ଉତ୍ପାଦନକାରୀ); ଇଚ୍ଛା ବା କାମନାର ପ୍ରତୀକ।

**oyster–catcher** ବି. ସାମୁଦ୍ରିକ ପକ୍ଷୀ ବିଶେଷ।

**oz** *ସଂକ୍ଷି.* ounce(s) ଆଉନ୍ସ।

**ozone** ବି. *ରସା.* ତୀବ୍ର ଗନ୍ଧବିଶିଷ୍ଟ ତ୍ରି–ଅଣୁ ଅମ୍ଳଜାନ; ଓଯୋନ୍; *କ.ଭା.* ଉଲ୍ଲାସୋତ୍ପାଦକ ବା ସ୍ଫୂର୍ତ୍ତିଜନକ ପ୍ରଭାବ; ସମୁଦ୍ରକୂଳ ପ୍ରଭୃତି ସ୍ଥାନର ମୁକ୍ତ ପବନ।

**ozone layer** ବି. ବାୟୁମଣ୍ଡଳର ଓଜୋନ୍‌ସ୍ତର (ଯାହା ସୂର୍ଯ୍ୟର ଅଲ୍‌ଟ୍ରାଭାୟୋଲେଟ୍ ବିକିରଣର ଅଧିକାଂଶ ପରିଶୋଷଣ କରିଥାଏ)।

Digitized by srujanika@gmail.com

# Pp

**P**[1.]**,p** ବି. ( ବ.ବ. Ps ps, P's p's) ଇଂରାଜୀ ବର୍ଣ୍ଣମାଳାର ଷୋଡ଼ଶ ଅକ୍ଷର।

**P**[2.] *ସ'ଶ.* page ପୃଷ୍ଠା; pawn ଚେସ୍ ବା ସତରଂଞ୍ଚ ଖେଳର ଗୋଟି; penny, pence ପେନି, ପେନ୍ସ (ବ୍ରିଟିଶ୍ ମୁଦ୍ରା); piano ପିଆନୋ।

**P**[3.] *ପ୍ର.* Phosphorous ଫସ୍‌ଫରସ୍।

**pa** ବି. *କ.ଭା.* ବାପା।

**PA.** *ସ'ଶ.* personal assistant ବ୍ୟକ୍ତିଗତ ସହକାରୀ; public address (system) ସଭାସମିତି ଇତ୍ୟାଦିରେ ବ୍ୟବହୃତ ଡାକବାଜି ଯଂତ୍ର ବ୍ୟବସ୍ଥା।

**p.a.** *ସ'ଶ.* per annum ବର୍ଷପିଛା, ବର୍ଷପ୍ରତି, ବର୍ଷକୁ, ବାର୍ଷିକ।

**pabulum** ବି. ଖାଦ୍ୟ (ବିଶେଷତଃ ମସ୍ତିଷ୍କ ପାଇଁ); ମାନସିକ ଖାଦ୍ୟ।

**pace** 1. ବି. ପାହୁଣ୍ଡ, ପାହୁଲ, କଦମ; ପଦକ୍ଷେପ; ଚାଲିବା ବା ଦୌଡ଼ିବାର ବେଗ; ଗତି ବା ପ୍ରଗତିର ବେଗ, ଘୋଡ଼ାର କଦମ; 2. *କ୍ରି.* ଧୀର ବା ନିୟମିତ ପଦକ୍ଷେପରେ ବିଚରଣ କରିବା, ଟହଲିବା; (ଅଶ୍ୱର) କଦମ ଚାଲିବା, ପାଦରେ ବା କଦମରେ ଦୂରତ୍ୱ ମାପିବା; **keep pace (with)** ସମାନ ଭାବରେ କଦମ ପକାଇବା; ସମତାଳରେ ଗତି କରିବା; **put person through his paces** କାର୍ଯ୍ୟରେ କୌଣସି ବ୍ୟକ୍ତିକୁ ପରୀକ୍ଷା କରିବା; **set the pace** ବିଶେ ଗତି ନିର୍ଦ୍ଦେଶଦ୍ୱାରା ବେଗ ନିରୂପଣ କରିବା।

**pacemaker** ବି. ଗତିନିୟାମକ; ଦୌଡ଼ର ବେଗ ନିରୂପକ ଅଗ୍ରଗାମୀ ଅଶ୍ୱାରୋହୀ ବା ଅଗ୍ରଧାବକ; ହୃତ୍‌ପିଣ୍ଡର ମାଂସପେଶୀକୁ ଉତ୍ତେଜିତ କରିବା ପାଇଁ ପ୍ରଯୁକ୍ତ ପ୍ରାକୃତିକ ବା ବୈଦ୍ୟୁତିକ ଯନ୍ତ୍ର।

**pacha** *ଦ୍ର.* pasha.

**pachyderm** ବି. (ହସ୍ତୀ ବା ଗଣ୍ଡାଜାତୀୟ) ସ୍ଥୂଳଚର୍ମବିଶିଷ୍ଟ ସ୍ତନ୍ୟପାୟୀ ପ୍ରାଣୀ।

**pachydermatous** ବିଂ. ସ୍ଥୂଳଚର୍ମବିଶିଷ୍ଟ; ସଂବେଦନହୀନ।

**pacific** ବିଂ. ଶାନ୍ତିପ୍ରିୟ; ପ୍ରଶାନ୍ତ; ଶାନ୍ତ; **the Pacific** 1. ବି. ପ୍ରଶାନ୍ତ ମହାସାଗର; 2. ବିଂ. ପ୍ରଶାନ୍ତ ମହାସାଗରୀୟ।

**pacification** ବି. ଶାନ୍ତିକରଣ, ଶାନ୍ତିସ୍ଥାପନ; (କ୍ରୋଧାଦିର) ପ୍ରଶମନ।

**pacificatory** ବିଂ. ଶାନ୍ତିକାରକ, ଶାନ୍ତିମୂଳକ।

**pacifism** ବି. ଶାନ୍ତିବାଦ; ଯୁଦ୍ଧନିବୃତ୍ତିବାଦ; ଯୁଦ୍ଧବିରୋଧବାଦ।

**pacifist** ବି. ଶାନ୍ତିବାଦୀ; ଯୁଦ୍ଧବିରୋଧୀ; ଯୁଦ୍ଧନିବୃତ୍ତିବାଦୀ।

**pacify** *କ୍ରି.* ଶାନ୍ତ କରିବା; ଶାନ୍ତି ସ୍ଥାପନ କରିବା; (କ୍ରୋଧାଦି) ଉପଶମ କରିବା, ଥଣ୍ଡା କରିବା।

**pack**[1.] 1. ବି. ପୁଟୁଳି, ଗଣ୍ଠିଲି, ବହନ ନିମନ୍ତେ ଆବୃତ ଓ ଆବଦ୍ଧ ଜିନିଷପତ୍ରର ବୋଝ; ବଣ୍ଡଲ; ସମୂହ, ସମଷ୍ଟି; ତାସ୍‌ର ସେଟ୍ ବା ମୁଠା; ବନ୍ୟ ଜୀବଜନ୍ତୁ ବା ଶିକାରୀ କୁକୁରମାନଙ୍କର ଦଳ; ଉତ୍ତର ମହାସାଗରରେ ଭାସୁଥିବା ବିଶାଳ ବରଫଖଣ୍ଡ ସମୂହ; ପେକିଙ୍ଗ୍ କରିବାର ପ୍ରଣାଳୀ; 2. *କ୍ରି.* ଗଣ୍ଠିଲି ବା ବଣ୍ଡିଲ୍ ବାନ୍ଧିବା; (କୌଣସି ସ୍ଥାନକୁ) ବ୍ୟକ୍ତି ବା ସାମଗ୍ରୀସମୂହରେ ପରିପୂର୍ଣ୍ଣ କରିବା, ଖୁନ୍ଦିବା; (ପ୍ରେକ୍ଷାଳୟ ପ୍ରଭୃତିକୁ) ଦର୍ଶକବୃନ୍ଦଙ୍କ ଦ୍ୱାରା ପରିପୂର୍ଣ୍ଣ କରିବା; ନିଜର ଗଣ୍ଠିଲିପୁଟୁଳି ପ୍ରଭୃତି ନେଇ ପ୍ରସ୍ଥାନ କରିବା; ଗଣ୍ଠିଲି ବା ପୁଟୁଳି ବନ୍ଧ ହେବା; **pack it in** *ସା.ପ୍ର.* ଶେଷ ବା ସମାପ୍ତ କରିବା; **pack off** ବିନା ବିଳମ୍ବରେ ଓ ବିନା ବିଚାରରେ (କୌଣସି ବ୍ୟକ୍ତିକୁ) ବିଦା କରିଦେବା ବା ତଡ଼ିଦେବା; **pack up** *ସା.ପ୍ର.* କାର୍ଯ୍ୟ ବନ୍ଦ କରିବା; ଭାଙ୍ଗିପଡ଼ିବା; କାର୍ଯ୍ୟ ବା ପ୍ରତିଯୋଗିତାରୁ ଓହରିଯିବା; **send packing** *କ.ଭା.* ବିନା ବିଳମ୍ବରେ ଓ ବିନା ବିଚାରରେ ବରଖାସ୍ତ କରିବା ବା ଖାରଜ କରିବା।

**pack**[2.] *କ୍ରି.* ନିଜ ପକ୍ଷରେ ନିର୍ଣ୍ଣୟ ବା ନିଷ୍ପତ୍ତି ହାସଲ ପାଇଁ (ଜୁରୀ ପ୍ରଭୃତିକୁ) ମନୋନୟନ କରିବା।

**package** 1. ବି. ପେକେଜ୍, ଗଣ୍ଠିଲି, ପୁଡ଼ାପୁଟୁଳି; ବଣ୍ଡିଲ୍; ଜିନିଷପତ୍ରର ପେକିଂ ହେବାପାଇଁ ଉଦ୍ଦିଷ୍ଟ ପାର୍ଶଲ୍, ବାକ୍ସ ପ୍ରଭୃତି; 2. *କ୍ରି.* ଗଣ୍ଠିଲି ବା ପୁଟୁଳି କରିବା, ପେକ୍ କରିବା, ଗଣ୍ଠିଲି ବା ପୁଟୁଳିରେ ଆବୃତ ବା ଆବଦ୍ଧ କରିବା।

**package deal** ବି. ସମଷ୍ଟି ଚୁକ୍ତି; ସାମୂହିକ ସର୍ତ୍ତ।

Digitized by srujanika@gmail.com

**package holiday (tour)** ବି. ସମ୍ମିଳିତ ମୂଲ୍ୟରେ ଆୟୋଜିତ ସମସ୍ତ ଆନୁଷଂଗିକ ସୁବିଧା ସହ ଅବକାଶ, ପର୍ଯ୍ୟଟନ ପ୍ରଭୃତି ।

**packaging** ବି. ଜିନିଷପତ୍ରର ଆଚ୍ଛାଦନୀ; ମାଲମତାର ଆବରକ ସାମଗ୍ରୀ ।

**packet** ବି. ଛୋଟ ଗଣ୍ଠିଲି ବା ପୁଟୁଳି; *କ.ଭା.* ଜିଣିଥିବା ବା ହାରିଥିବା ବିଶାଳ ଅର୍ଥପରିମାଣ ।

**packet–boat** ବି. ଡାକ ନୌକା, ଡାକଡଙ୍ଗା; ପତ୍ରବାହୀ ଛୋଟ ଜାହାଜ ବା ନୌକା ।

**pack–horse** ବି. ଭାରବାହୀ ଅଶ୍ୱ ।

**packing** ବି. ସୁକୁମାର ବା ଭଙ୍ଗୁର ଜିନିଷପତ୍ରକୁ ଗଣ୍ଠିଲି ବା ପେକିଂ କରିବାରେ ବ୍ୟବହୃତ ଉପକରଣ ବା ସାମଗ୍ରୀ ।

**pack–saddle** ବି. ଗଣ୍ଠିଲି ବା ପୁଟୁଳିକୁ ଧରି ରଖିବା ପାଇଁ ବାହନପୃଷ୍ଠ ସହିତ ସଂଲଗ୍ନ ସାଜ ।

**packthread** ବି. ପେକେଟ୍ ବାନ୍ଧିବା ବା ସିଲେଇ କରିବାରେ ବ୍ୟବହୃତ ଶକ୍ତ ସୂତା; ସୁତୁଲି ।

**pact** ବି. ଚୁକ୍ତି, ବୁଝାମଣା; ସନ୍ଧି ।

**pad**¹· 1. ବି. ନରମ ବସ୍ତୁ; ଗଦି, କୋମଳ ଜିନ୍; (ପ୍ରାଣୀ ବିଶେଷରେ) ମାଂସଳ ପାଦତଳ ବା ତଳିପା; କ୍ରିକେଟ୍ ଖେଳାଳିମାନଙ୍କର ପାଦରକ୍ଷକ କୋମଳ ଗଦି; ହେଲିକୋପ୍ଟରର ଯାତ୍ରାରମ୍ଭ କିମ୍ବା ରକେଟ୍ କ୍ଷେପଣ ନିମନ୍ତେ ନିର୍ଦ୍ଦିଷ୍ଟ ସମତଳ ପୃଷ୍ଠଦେଶ; ଅଲେଖା କାଗଜର ସମଷ୍ଟି; *ସା.ପ୍ର.* ଭଡ଼ାଘର; ବସା; 2. କ୍ରି. ଗଦିଯୁକ୍ତ କରିବା, ନରମ ଦ୍ରବ୍ୟ ଭର୍ତ୍ତି କରିବା; ଅନାବଶ୍ୟକ ବିଷୟ ଦ୍ୱାରା ପୁସ୍ତକ ପ୍ରଭୃତିର କଳେବରକୁ ଦୀର୍ଘ ବା ପରିପୂର୍ଣ୍ଣ କରିବା ।

**pad**²· କ୍ରି. ମୃଦୁ, ଧୀର ଶବ୍ଦରେ ପାଦଚାଳନା କରିବା; ସଡକ ପ୍ରଭୃତିରେ ପାଦରେ ଚାଲିବା ।

**padded cell** ବି. ପାଗଳଖାନାର ଗଦିଯୁକ୍ତ କାନ୍ଥଥିବା କୋଠରୀ ।

**padding** ବି. କୋମଳ ବା ନରମ କରିବାପାଇଁ ବ୍ୟବହୃତ ପଦାର୍ଥ ।

**paddle**¹· 1. ବି. କ୍ଷେପଣୀ, ନୌକାଦଣ୍ଡ, ଆହୁଲା; ପୋତ ବା କଳଚାଳକ ଚକ୍ରର ଅଂଶ ବିଶେଷ; କ୍ଷେପଣୀର କ୍ଷେପଣ ବା କାର୍ଯ୍ୟ; (ପ୍ରାଣୀବିଜ୍ଞାନ) ପ୍ଲବନାଙ୍ଗ, ମାଛର ଡେଣା; 2. କ୍ରି. ଆହୁଲା ସାହାଯ୍ୟରେ (ନୌକା) ଚଳାଇବା, ଧୀର ଭାବରେ ଆହୁଲା ମାରିବା; ଜଳରେ ଗତି କରିବା ।

**paddle**²· କ୍ରି. ଅଗଭୀର ଜଳରେ ଖାଲି ପାଦରେ ଚାଲିବା; ଅଗଭୀର ଜଳରେ ହାତପାଦ ହଲାଇ କ୍ରୀଡା କରିବା ।

**paddle–boat** ବି. ଆହୁଲାଚାଳିତ ନୌକା ।

**paddock** ବି. ବିଶେଷତଃ ଅଶ୍ୱମାନଙ୍କର ରକ୍ଷଣାବେକ୍ଷଣ ପାଇଁ ସୁରକ୍ଷିତ କ୍ଷୁଦ୍ର ପ୍ରାନ୍ତର; ଦୌଡ଼ ପୂର୍ବରୁ ଏହାର ବୃତ୍ତାକାର ପଥସଂଲଗ୍ନ ଅଶ୍ୱ ବା ମଟରଗାଡିମାନଙ୍କର ଏକତ୍ର ହେବାର ଘାସପଡିଆ ।

**paddy**¹· ବି. ଧାନ ।

**paddy**²· ବି. *କ.ଭା.* କ୍ରୋଧ, ରାଗ; Paddy ଆୟର୍‌ଲାଣ୍ଡ ନିବାସୀର ସାଧାରଣ ମଜାଳିଆ ନାମ ।

**paddy–field** ବି. ଧାନକ୍ଷେତ, ଧାନବିଲ ।

**padlock** 1. ବି. ତାଲା, କୋଇପ; 2. କ୍ରି. ତାଲାଦେବା ବା ପକାଇବା; କୋଇପ ଦ୍ୱାରା ବନ୍ଦ କରିବା ।

**padre** ବି. *କ.ଭା.* ସେନା ପ୍ରଭୃତିଙ୍କ ଉପାସନା ଗୃହର ପାଦ୍ରି ବା ପୁରୋହିତ ।

**paean** ବି. ବିଜୟ–ସଙ୍ଗୀତ, ପ୍ରଶସ୍ତିଗାନ ।

**paederast** *ଦ୍ର.* pederast.

**paediatric** ବିଂ. ଶିଶୁ ଓ ଶିଶୁରୋଗ ସମ୍ବନ୍ଧୀୟ ।

**paediatrician** ବି. ଶିଶୁ ଓ ଶିଶୁରୋଗ ବିଶେଷଜ୍ଞ (ଚିକିତ୍ସକ) ।

**paediatrics** ବି. *ସା. ଏ.ବ.* ଶିଶୁ ଓ ଶିଶୁରୋଗ ସମ୍ବନ୍ଧୀୟ ଭେଷଜ ବିଭାଗ ।

**paedo–** ସଂ. ଶିଶୁ– ।

**paella** ବି. ଚାଉଳ, କୁକୁଡା, ମାଂସ, ଚିଙ୍ଗୁଡି, କେଶର ପ୍ରଭୃତିରେ ପ୍ରସ୍ତୁତ ପଲଉଜାତୀୟ ଖାଦ୍ୟ ।

**pagan** 1. ବିଂ. ଅଧାର୍ମିକ, ବିଧର୍ମୀ; ଧର୍ମହୀନ; 2. ବି. ମୂର୍ତ୍ତିପୂଜକ, ଅଧାର୍ମିକ ବ୍ୟକ୍ତି, ବିଧର୍ମୀ ବ୍ୟକ୍ତି; ବି. paganism.

**page**¹· ବି. ପୁସ୍ତକ ପ୍ରଭୃତିର ପୃଷ୍ଠା, ଏହା ଉପରେ ଉଲ୍ଲିଖିତ ବା ମୁଦ୍ରିତ ପ୍ରସଙ୍ଗ; ଲିଖିତ ଇତିହାସ ପ୍ରଭୃତିର ପୃଷ୍ଠାଙ୍କିତ ଘଟଣାବଳୀ ।

**page**²· 1. ବି. ସାଧାରଣତଃ ଖୋରାକ–ପୋଷାକପ୍ରାପ୍ତ ପୁରୁଷ ଭୃତ୍ୟ; ପ୍ରତିଷ୍ଠିତ ବା ଉଚ୍ଚପଦସ୍ଥ ବ୍ୟକ୍ତି, ନବବଧୂ ପ୍ରଭୃତିଙ୍କ ବ୍ୟକ୍ତିଗତ ଅନୁଚର ରୂପେ ନିଯୁକ୍ତ ବାଳକ ଭୃତ୍ୟ; 2. କ୍ରି. ବାଳକଭୃତ୍ୟଦ୍ୱାରା ଡକାଇବା ।

Digitized by srujanika@gmail.com

**pageant** ବି. ଚିତ୍ତାକର୍ଷକ ବା ଆଡ଼ମ୍ବରପୂର୍ଣ ଦୃଶ୍ୟ; ପ୍ରଦର୍ଶନୀ, ସମାରୋହ; ଉନ୍ମୁକ୍ତ ସ୍ଥାନରେ ପ୍ରଦର୍ଶିତ ଐତିହାସିକ ଘଟଣାବଳୀର ଦର୍ଶନୀୟ ଶୋଭାଯାତ୍ରା ବା ଅଭିନୟ; ଗତିଶୀଳ ଯାନବାହନ ବା ସ୍ଥିର ମଞ୍ଚ ଉପରେ ଖଚିତ ପ୍ରଜ୍ଞାପନ ମେଢ଼।

**pageantry** ବି. ଆଡ଼ମ୍ବରପୂର୍ଣ ପ୍ରଦର୍ଶନ, ଚିତ୍ତାକର୍ଷକ ଦୃଶ୍ୟ; ଭବ୍ୟ ସମାରୋହ, ଏତାଦୃଶ ସମାରୋହର ସାଧନ।

**paginate** କ୍ରି. ପୁସ୍ତକପ୍ରଭୃତିର ପୃଷ୍ଠାକୁ ସଂଖ୍ୟାଙ୍କିତ କରିବା।

**pagination** ବି. ପୃଷ୍ଠାସଂଖ୍ୟାଙ୍କନ, ପୃଷ୍ଠାସଂଖ୍ୟା।

**pagoda** ବି. ହିନ୍ଦୁ ବା ବୌଦ୍ଧ ମନ୍ଦିର, ଭାରତବର୍ଷ ଓ ସୁଦୂରପ୍ରାଚ୍ୟ ଦେଶରେ ପରିଦୃଷ୍ଟ ହିନ୍ଦୁ ବା ବୌଦ୍ଧଙ୍କର ପବିତ୍ର ଦେବାଳୟ ପାଗୋଡ଼ା, ପାଗୋଡ଼ାର ଆଳଂକାରିକ ଅନୁକୃତି।

**pah** *ଅବ୍.* ବିରକ୍ତି ବା ଘୃଣାର ଅଭିବ୍ୟଂଜକ ଶବ୍ଦ ଉଚ୍ଚାରଣ।

**paid** କ୍ରି. payର *ଅ.କା. ଓ ଅ.କ୍ରି.କ.ପ.।*

**pail** ବି. ବାଲ୍‌ଟି।

**pailful** ବି. ବାଲ୍ଟିଏ।

**pain** 1. ବି. (ଶାରୀରିକ ବା ମାନସିକ) ଯନ୍ତ୍ରଣା, ବେଦନା, ପୀଡ଼ା, କଷ୍ଟ; ବ.ବ. ଯତ୍ନ ବା କଠିନ ପରିଶ୍ରମ, ଅଧ୍ୟବସାୟ; ପ୍ରସବ ଯନ୍ତ୍ରଣା; ଦଣ୍ଡ; 2. କ୍ରି. କଷ୍ଟ, ଯନ୍ତ୍ରଣା ବା ପୀଡ଼ାଦେବା; pained ଯନ୍ତ୍ରଣା ବା ପୀଡାସୂଚକ (pained look); on pain of death ମୃତ୍ୟୁଦଣ୍ଡ ସହିତ; pain in the neck (arse) *କ.ଭା.* ବିରକ୍ତିକର ବ୍ୟକ୍ତି ବା ବସ୍ତୁ।

**painful** ବିଂ. ଯନ୍ତ୍ରଣାଦାୟକ, କଷ୍ଟକର, ଶ୍ରମସାଧ।

**painfully** କ୍ରି.ବିଂ. ଯନ୍ତ୍ରଣାଦାୟକ ଭାବରେ; କଷ୍ଟ ବା ପୀଡ଼ା ସହିତ।

**pain–killer** ବି. ଯନ୍ତ୍ରଣା ଉପଶମକାରୀ ଔଷଧ।

**painless** ବିଂ. ଯନ୍ତ୍ରଣାହୀନ, କଷ୍ଟଶୂନ୍ୟ।

**painstaking** ବିଂ. ଯତ୍ନବାନ୍; ପରିଶ୍ରମୀ, କଷ୍ଟସହିଷ୍ଣୁ।

**paint** 1. ବି. ତରଳ ରଙ୍ଗ, ରଞ୍ଜନଦ୍ରବ୍ୟ, ରଙ୍ଗର ପ୍ରଲେପ; 2. କ୍ରି. ରଙ୍ଗ କରିବା, ରଞ୍ଜିତ କରିବା; କୌଣସି ବିଶେଷ ପ୍ରକାରର ରଙ୍ଗ ଲଗାଇବା; ସୌନ୍ଦର୍ଯ୍ୟବର୍ଦ୍ଧକ ପ୍ରଲେପ ମୁହଁ ପ୍ରଭୃତିରେ ଲଗାଇବା; ରଙ୍ଗ ସାହାଯ୍ୟରେ ଚିତ୍ର ବା ନକ୍ସା ଆଙ୍କିବା; ଚିତ୍ରାଙ୍କନ ଭଳି ବିଶଦଭାବରେ ବର୍ଣ୍ଣନା କରିବା; paint out ରଙ୍ଗ ଲଗାଇ ଲିଭାଇ ଦେବା; paint the town red *ଗ୍ରା.ପ୍ର.* ଅତ୍ୟଧିକ ଆମୋଦ ପ୍ରମୋଦ, ମଉଜମଜଲିସ ପ୍ରଭୃତି କରି ଉପଭୋଗ କରିବା।

**paintbox** ବି. କଳାକାରର ବ୍ୟବହାର ପାଇଁ ଉଦ୍ଦିଷ୍ଟ ରଙ୍ଗବାକ୍ସ।

**paintbrush** ବି. ରଙ୍ଗବ୍ରଶ୍, ତୂଳି।

**painted lady** ବି. କଳା ଓ ଧଳାଚିହ୍ନ ବିଶିଷ୍ଟ ନାରଙ୍ଗି ରଙ୍ଗର ପ୍ରଜାପତି।

**painter**[1] ବି. ଚିତ୍ରକାର, ରଙ୍ଗଶିଳ୍ପୀ, ଚିତ୍ରଶିଳ୍ପୀ, ରଙ୍ଗଜୀବୀ।

**painter**[2] ବି. ନୌକାକୁ କୂଳବର୍ତ୍ତୀ ଖୁଣ୍ଟି ବା ଜାହାଜସହିତ ବାନ୍ଧି ରଖୁଥିବା ରଜ୍ଜୁ ବା ଦଉଡ଼ି।

**painting** ବି. ଚିତ୍ରକଳା, ଚିତ୍ରବିଦ୍ୟା, ଅଙ୍କିତ ଚିତ୍ର ବା ଛବି।

**pair** 1. ବି. ଯୁଗଳ, ଯୁଗ୍ମ, ଯୋଡ଼ା, ଯୋଡ଼ି, ହଳ, ଦ୍ୱୟ; ଦମ୍ପତି; ପୂର୍ବ ସମ୍ମତିକ୍ରମେ ଭୋଟଦାନବେଳେ ଅନୁପସ୍ଥିତ ଦୁଇ ବିରୋଧୀ ସଂସଦ ସଦସ୍ୟରୁ ଜଣେ ବା ଉଭୟେ; 2. କ୍ରି. ମେଳ ବା ସଂଯୋଗ କରିବା; ଯୁଗଳ ମିଳନ କରିବା, ଯୋଡି କରିବା; ଯୁଗ୍ମବଦ୍ଧ କରିବା; ପ୍ରେମ ବା ବିବାହରେ ମିଳିତ ହେବା; ସଂଯୁକ୍ତ ହେବା; ମେଳ ହେବା; (ଜୀବଜନ୍ତୁ) ଯୌନକ୍ରିୟାରେ ଲିପ୍ତ ହେବା; pair off ଯୋଡ଼ିଯୋଡ଼ି କରି ସଜାଇବା; ଯୋଡ଼ିଯୋଡ଼ି କରିଯିବା; ଭୋଟଦାନ ବେଳେ ଯୋଡ଼ି ଗଠନ କରିବା।

**pajamas, pyjamas** ବି. *ଆମେ.* ପାଇଜାମା।

**Pak** ବି. (Paki ମଧ୍ୟ) *ସଂଶ. ଗ୍ରା.ପ୍ର. ଅପ.* ପାକିସ୍ଥାନୀ।

**Pakistani** 1. ବି. ପାକିସ୍ଥାନୀ, ପାକିସ୍ଥାନର ନିବାସୀ; 2. ବିଂ. ପାକିସ୍ଥାନର, ପାକିସ୍ଥାନୀ।

**pal** *କ.ଭା.* 1. ବି. ବନ୍ଧୁ, ସାଥୀ; 2. କ୍ରି. (up ସହିତ) ବନ୍ଧୁ, ସାଥୀ ବା ସାଙ୍ଗ ହେବା; (କାହା ସହିତ) ସଂଯୁକ୍ତ ବା ସଂବଦ୍ଧ ହେବା।

**palace** ବି. ରାଜଭବନ, ରାଜପ୍ରାସାଦ, ରାଜମହଲ, ନଅର, ଉଆସ; ସମ୍ରାଟ୍, ରାଷ୍ଟ୍ରପତି, ଧର୍ମମୁଖ୍ୟ ପ୍ରଭୃତିଙ୍କ ସରକାରୀ ବାସଭବନ; ପ୍ରକାଣ୍ଡ ଅଟ୍ଟାଳିକା, ପ୍ରଶସ୍ତ ପ୍ରାସାଦ।

**palace revolution** ବି. (palace coup ମଧ୍ୟ) ଗୃହଯୁଦ୍ଧ ବିନା ସମ୍ରାଟ୍ ପ୍ରଭୃତିଙ୍କ ଅପସାରଣ।

Digitized by srujanika@gmail.com

**paladin** ବି. ଚାର୍ଲମେନଙ୍କ ଦରବାରସ୍ଥିତ ବାରଜଣ ଅଭିଜାତ ବା ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ; ଭ୍ରମଣଶୀଳ ଶୂରବୀର ବା ଯୋଦ୍ଧା, ଶ୍ରେଷ୍ଠ ଯୋଦ୍ଧା।

**palaeo–** ସଂ. ପ୍ରାଚୀନ, ପୁରାତନ କାଳର।

**Palaeocene** *ଆମେ.* paleocene 1. ବିଂ. ପ୍ରସ୍ତର ବା ପର୍ବତଗଠନ ଯୁଗର ପ୍ରଥମ ପର୍ଯ୍ୟାୟ ସମ୍ବନ୍ଧୀୟ; 2. ବି. ଉକ୍ତ କାଳ ବା ଅବଧି, ଉକ୍ତ ଯୁଗାରମ୍ଭ।

**palaeography** ବି. ପ୍ରତ୍ନଲିପି ବା ଶିଳାଲେଖର ଅଧ୍ୟୟନ; ପ୍ରାଚୀନ ଲିପି ଓ ଦସ୍ତାବିଜ୍‌ର ପଠନ; ବି. palaeographer; ବିଂ. palaeographic.

**palaeolithic** ବିଂ. ପ୍ରସ୍ତରଯୁଗର ପ୍ରାରମ୍ଭିକ–କାଳୀନ।

**palaeontology** ବି. *ଆମେ.* paleontology ପୃଥିବୀର ପ୍ରାଚୀନ ଜୀବଜନ୍ତୁ ବିଷୟକ ଅଧ୍ୟୟନ; ଆଦିମ ପ୍ରାଣୀବିଜ୍ଞାନ; ବିଂ. palaeontologist.

**Palaeozoic** *ଆମେ.* Paleozoic 1. ବିଂ. ସୁସଂଗଠିତ ପ୍ରାଚୀନତମ ଜୀବନଧାରା ସମ୍ବଳିତ ଭୂତାତ୍ତ୍ୱିକ ଯୁଗ ସମ୍ବନ୍ଧୀୟ; 2. ବି. ଏହି ଯୁଗ।

**palais** ବି. *ଫ.ଭା.* ସର୍ବଜନୀନ ନୃତ୍ୟଶାଳା।

**palanquin** ବି. (palankeen ମଧ୍ୟ) *ଭା.* ପାଲିଙ୍କି, ସବାରୀ।

**palatable** ବିଂ. ସୁସ୍ୱାଦୁ, ରୁଚିକର, ସ୍ୱାଦିଷ୍ଟ; ମନକୁ ରୁଚିକର ବା ପ୍ରୀତିକର।

**palatal** 1. ବିଂ. ତାଳୁ ସମ୍ବନ୍ଧୀୟ, ତାଲବ୍ୟ; 2. ବି. ଜିହ୍ୱା ଓ ତାଳୁଦ୍ୱାରା ଉଚ୍ଚାରିତ ଶବ୍ଦ; ବିଂ. palatally.

**palate** ବି. ତାଳୁ; ଆସ୍ୱାଦନ, ସ୍ୱାଦଜ୍ଞାନ; ମାନସିକ ଅଭିରୁଚି।

**palatial** ବିଂ. ପ୍ରାସାଦତୁଲ୍ୟ; ପ୍ରାସାଦୋପମ; ପ୍ରକାଣ୍ଡ, ପ୍ରଶସ୍ତ, ଭବ୍ୟ, ବିଶାଳ; *କ୍ରି.ବିଂ.* palatially.

**palatinate** ବି. କାଉଣ୍ଟ୍ ପେଲେଟିନ୍‌ଙ୍କ ଅଧୀନସ୍ଥ ସାମନ୍ତଙ୍କ ଜାଗିରି।

**palaver** 1. ବି. ନିରର୍ଥକ କଥାବାର୍ତ୍ତା, ବାଜେକଥା; ବାଗ୍‌ବିତଣ୍ଡା; ଖୋସାମତ, ଫୁସୁଲାଫୁସୁଲି; *ଗା.ପ୍ର.* ଧନ୍ଦା, କାରବାର, ବିଶେ. ଇତି. ଆଫ୍ରିକୀୟ କିମ୍ବା ଅନ୍ୟାନ୍ୟ ଦେଶର ଅଧିବାସୀ ଓ ବଣିକମାନଙ୍କ ମଧ୍ୟରେ ଆଲୋଚନା; 2. କ୍ରି. ଗୁଡାଏ ଗପିବା; ତୋଷାମଦ କରିବା; ମୂଲ୍ୟହୀନ କଥା କହିବା।

**pale¹** 1. ବିଂ. ପାଣ୍ଡୁର; ପାଉଁଶିଆ ଚେହେରାବିଶିଷ୍ଟ, ମଳିନ, ବିବର୍ଣ୍ଣ, ନିଷ୍ପ୍ରଭ, ଧୂସର; କ୍ଷୀଣ ବା ମନ୍ଦ ଜ୍ୟୋତିବିଶିଷ୍ଟ; 2. କ୍ରି. ଅସ୍ୱଚ୍ଛ ବା ନିଷ୍ପ୍ରଭ କରିଦେବା ବା ଓହରିଯିବା; ତୁଳନାତ୍ମକଭାବେ ଫିକା ବା ଦୁର୍ବଳ ପଡିଯିବା।

**pale²** ବି. ବାଡ଼ ତିଆରିରେ ବ୍ୟବହୃତ ଗୋଜିଆ କାଠଖଣ୍ଡ; ସୀମା, ବାଡ଼, ଘେର; beyond the pale ଗ୍ରାହ୍ୟ ବା ମାନ୍ୟ ବ୍ୟବହାର ସୀମାର ବାହାରେ।

**pale–face** ବି. ଶ୍ୱେତାଙ୍ଗ (ଲୋହିତ ଭାରତୀୟମାନେ ଦେଇଥିବା ନାମ)।

**paleo** *ଆମେ.* palaeo.

**palette** ବି. କଳାକାର ବା ଚିତ୍ରକରର ରଙ୍ଗପାତ୍ର ବା ରଙ୍ଗଦାନି।

**palette–knife** ବି. ରଙ୍ଗ ବୋଳିବା ବା ଲେପିବା ପାଇଁ ବ୍ୟବହୃତ ପତଳା ଚାକୁ, ଏକପ୍ରକାର କିଚେନ୍–ନାଇଫ୍ ବା ପରିବାକଟା ଛୁରୀ।

**palfrey** ବି. *ପ୍ରା.ପ୍ର.* ସାଧାରଣ ଆରୋହୀ ଦ୍ୱାରା (ବିଶେ. ମହିଳା) ବ୍ୟବହୃତ ଅଶ୍ୱ।

**palimpsest** ବି. ଏକପ୍ରକାର ଲିଖନ ଉପକରଣ ବା କାଗଜ, ଯହିଁରୁ ମୂଳଲେଖା ଲିଭାଇ ପୁଣିଥରେ ଲେଖା ଯାଇପାରେ; ପରପାର୍ଶ୍ୱରେ ପୁନଃ ଖୋଦିତ ପିତଳ ପତ୍ର।

**palindrome** ବି. ଶବ୍ଦାଳଂକାର ବିଶେଷ, ଯେଉଁଥିରେ ଧାଡ଼ି ବା ପଦ୍ୟର ପାଦକୁ ବାମରୁ ଡାହାଣକୁ ପଢ଼ିଲେ ଯାହା, ବିପରୀତକ୍ରମେ ଡାହାଣରୁ ବାମକୁ ପଢ଼ିଲେ ଠିକ୍ ସେଇଆ ହୁଏ (ଉଦା. ଓଡ଼ିଆରେ କଟକ, ସରସ, ନବଜୀବନ ପ୍ରଭୃତି ଏବଂ ଇଂରାଜୀରେ madam, nurses run ପ୍ରଭୃତି; ଲୋମ–ବିଲୋମ ମେଷଯୁବ–ଉପେନ୍ଦ୍ର ଭଞ୍ଜ); ବିଂ. palindromic.

**paling** ବି. ଖୁଣ୍ଟିର ବାଡ଼, ବେଢ଼ାର ଘେରା।

**palisade** 1. ବି. ବେଢ଼ା କିମ୍ବା ଲୁହାରେଲିଂର ବାଡ଼ ବା ଘେରା; ମଜବୁତ ଗୋଜିଆ ଖୁଣ୍ଟିର ଘେରା; 2. କ୍ରି. ବେଢ଼ା ବା ଲୁହାରେଲିଂରେ ବାଡ଼ କରିବା ବା ଘେରା ବାନ୍ଧିବା।

**pall¹** ବି. ଶବ, ଶବଯାନ ବା ସମାଧି–ସ୍ତମ୍ଭ ଆଚ୍ଛାଦନକାରୀ ବସ୍ତ୍ର; ଯାଜକୀୟ ବା ଆନୁଷ୍ଠାନିକ ପରିଚ୍ଛଦ ବା ପୋଷାକ; କୌଣସି କୃଷ୍ଣ ଆଚ୍ଛାଦନୀ, ଆବରଣ ବା ଆସ୍ତରଣ (pall of smoke).

Digitized by srujanika@gmail.com

**pall**[2] କ୍ରି. ଅରୁଚିକର ହେବା; ଅତି ତୃପ୍ତ ହେବା, ମନ ଭରିଯିବା; pall on ଉତ୍ସାହ, ରୁଚି ବା ଆକର୍ଷଣ ହ୍ରାସପାଇବା ବା ନ ରହିବା।

**palladium** ବି. ପ୍ଲାଟିନମ୍ ଜାତୀୟ ଏକପ୍ରକାର ଦୁଷ୍ପ୍ରାପ୍ୟ କଠିନ ଧଳା ଧାତୁ।

**pallbearer** ବି. ଶବଯାତ୍ରାରେ ଶବାଧାର ବହନରେ ସହାୟକ; ଶବବାହକ।

**pallet**[1] ବି. ତୃଣଶଯ୍ୟା ବା ପାଳତିଆରି ବିଛଣା; ସାଧାରଣ ବା କାମଚଳା ବିଛଣା।

**pallet**[2] (ପେଲିଟ୍) ବି. ଭାର ପରିବହନ ବା ସାଇତିରଖିବାରେ ବ୍ୟବହୃତ ସହଜବାହ୍ୟ ତକ୍ତପୋଷ ବା ପ୍ଲାଟ୍‌ଫର୍ମ୍।

**palliasse** ବି. ନଡ଼ା ବା ପାଳର ଗଦି।

**palliate** କ୍ରି. ଆରୋଗ୍ୟ ନ ହୋଇ ଉପଶମ କରିବା, (ବ୍ୟଥା) ହ୍ରାସ କରିବା; (ଅପରାଧ) ଲାଘବ କରିବା; ଦୋଷର ଗୁରୁତ୍ୱକୁ ହ୍ରାସ କରିବା; ବି.ବିଂ. palliative.

**pallid** ବିଂ. ପାଣ୍ଡୁର; ବିବର୍ଣ୍ଣ; ମଳିନ (ବିଶେ. ରୋଗ ପରେ)।

**pallor** ବି. ପାଣ୍ଡୁରତା; ମଳିନତା।

**pally** ବିଂ. କ.ଭା. ମୈତ୍ରୀପୂର୍ଣ୍ଣ; ବି. palliness.

**palm**[1] ବି. ତାଳଗଛ, ତାଳଜାତୀୟ ଗଛ, ବିଜୟସଂକେତ ରୂପେ ବ୍ୟବହୃତ ଏହି ଗଛର ପତ୍ର; ଶ୍ରେଷ୍ଠତ୍ୱ ବା ଶ୍ରେଷ୍ଠତ୍ୱର ପୁରସ୍କାର।

**palm**[2] 1. ବି. ହାତପାପୁଲି, କରତଳ, ଦସ୍ତାନାର ସେହି ଅଂଶ; 2. କ୍ରି. ହାତରେ ଲୁଚାଇବା; palm off ଭଲଜିନିଷ ବୋଲି କହି ଠକିଦେବା ବା ଛଡିଦେବା; ବିଂ. palmar.

**palmate** ବିଂ. ପାପୁଲି ଆକାରର, କରତଳାକୃତି।

**palmetto** ବି. ତାଳଗଛ, ବିଶେ. ଛୋଟ ଆକାରର।

**palmist** ବି. ହସ୍ତରେଖାବିତ୍, ଯେଉଁ ଜ୍ୟୋତିଷ ହାତର ରେଖା ଦେଖି ଆଗତ ଭବିଷ୍ୟ କହିଥାଏ।

**palmistry** (ପାମିଷ୍ଟ୍ରି) ବି. ହସ୍ତରେଖା ଶାସ୍ତ୍ର, ସାମୁଦ୍ରିକ ବିଦ୍ୟା।

**palm–oil** ବି. ତାଳର ତେଲ।

**Palm Sunday** ବି. ଯୀଶୁଖ୍ରୀଷ୍ଟଙ୍କର ଜେରୁଜେଲମ–ପ୍ରବେଶର ସ୍ମୃତିରେ ପାଳିତ ଉତ୍ସବ (ଇଷ୍ଟର୍‌ର ପୂର୍ବ ରବିବାର)।

**palmy** (ପାମି) ବିଂ. ତାଳଗଛ ପରି, ତାଳବୃକ୍ଷରେ ପରିପୂର୍ଣ୍ଣ; ବିଜୟୀ, ବିକାଶଶୀଳ, ସମୃଦ୍ଧିଶାଳୀ।

**palomino** ବି. ହାଲୁକାରଙ୍ଗର କେଶର ଓ ଲାଞ୍ଜ ବିଶିଷ୍ଟ ସୁନେଲି ବା ଦୁଧିଆ ରଙ୍ଗର ଘୋଡ଼ା।

**palpable** ବିଂ. ସ୍ପର୍ଶଦ୍ୱାରା ଅନୁଭବ ଯୋଗ୍ୟ; ପ୍ରତ୍ୟକ୍ଷ; ଇନ୍ଦ୍ରିୟ ବା ମସ୍ତିଷ୍କଦ୍ୱାରା ବୋଧଗମ୍ୟ; ବି. palpability; କ୍ରି.ବିଂ. palpably.

**palpate** କ୍ରି. (ରୋଗ ପ୍ରଭୃତି) ସ୍ପର୍ଶଦ୍ୱାରା ପରୀକ୍ଷା କରିବା; ବି. palpation.

**palpitate** କ୍ରି. (ହୃତପିଣ୍ଡ) ସ୍ପନ୍ଦିତ ହେବା; ଛାତି ଧୁକ୍‌ଧୁକ୍ ବା ଧଡ଼ଧଡ଼ ହେବା; ହୃଦୟ ସ୍ଫୁରିତ ହେବା ବା ଥରିବା (ଆନନ୍ଦ, ଭୟ ପ୍ରଭୃତି ଯୋଗେ)।

**palpitation** ବି. ହୃତପିଣ୍ଡର ସ୍ପନ୍ଦନ ବା ହୃତ୍‌କମ୍ପନ; ଅଧିକ ପରିଶ୍ରମ, ଆବେଗ ବା କୌଣସି ରୋଗ ହେତୁ ହୃଦୟର ତୀବ୍ର ଗତି।

**palsy** 1. ବି. ପକ୍ଷାଘାତ (ବିଶେ. ସାମୟିକ କମ୍ପନ ସହ); ଲାକ୍ଷ. ସଂପୂର୍ଣ୍ଣ ଅସହାୟତା ବା ତାହାର କାରଣ; 2. କ୍ରି. ପକ୍ଷାଘାତ ଗ୍ରସ୍ତହେବା।

**paltriness** ବି. ତୁଚ୍ଛତା, ନଗଣ୍ୟତା, ନିରର୍ଥକତା, ମୂଲ୍ୟହୀନତା।

**paltry** ବିଂ. ତୁଚ୍ଛ, ନଗଣ୍ୟ, ହେୟ, ଘୃଣ୍ୟ, ନିରର୍ଥକ, ମୂଲ୍ୟହୀନ।

**pampas** ବି. ବ.ବ. ପମ୍ପାସ, ଦକ୍ଷିଣ ଆମେରିକାର ବିସ୍ତୀର୍ଣ୍ଣ ବୃକ୍ଷହୀନ ସମତଳଭୂମି।

**pampas–grass** ବି. ଶୋଭାବର୍ଦ୍ଧନକାରୀ ଘାସ ବିଶେଷ (ଦକ୍ଷିଣ ଆମେରିକାର ପମ୍ପାସ୍)।

**pamper** କ୍ରି. (ବ୍ୟକ୍ତି ବା ରୁଚିକୁ) ଅତ୍ୟଧିକ ସ୍ନେହ ବା ଭୋଗବିଳାସର ପ୍ରଶ୍ରୟ ଦେବା; (କୌଣସି ବ୍ୟକ୍ତିକୁ) ଗେହ୍ଲା କରିବା ବା ଭୋଗବିଳାସଦ୍ୱାରା ବିଗାଡ଼ିବା।

**pamphlet** ବି. ପାମ୍ପ୍‌ଲେଟ୍, ପ୍ରଚାରପତ୍ର; ସୂଚନା, ରାଜିନାମାପ୍ରଭୃତିର ପରିପ୍ରସାର ନିମନ୍ତେ ଉଦ୍ଦିଷ୍ଟ ମୁଦ୍ରିତ ପତ୍ର।

**pamphleteer** ବି. (ବିଶେ. ରାଜନୈତିକ) ପାମ୍ପ୍‌ଲେଟ୍ ବା ପ୍ରଚାରପତ୍ର ଲେଖକ।

**pan**[1] 1. ବି. କରେଇ; ତସଲା; ତାଉଆ; ପାତ୍ର; ତରାଜୁ ବା ଶୌଚାଳୟର ପାତ୍ର, ଅଳ୍ପ ଗଭୀର ଭୂଗର୍ଭ; 2. କ୍ରି. କ.ଭା. କଠୋର ଭାବରେ ସମାଲୋଚନା କରିବା; pan out (ଗୋଡ଼ିମାଟିରୁ) ସୁନା ବାହାର କରିବା; ସଫଳ ମନୋରଥ ବା କୃତକାର୍ଯ୍ୟ ହେବା।

Digitized by srujanika@gmail.com

**pan²** 1. କ୍ରି. (ଚତୁର୍ଦ୍ଦିଗସ୍ଥ କିମ୍ବା ଗତିଶୀଳ ବ୍ୟକ୍ତି ବା ବସ୍ତୁର ଚିତ୍ର ଉତ୍ତୋଳନ ପାଇଁ ଚଳଚ୍ଚିତ୍ର କେମେରା) ବୁଲେଇବା; 2. ବି. ଏତାଦୃଶ ବୁଲେଇବା ବା କେମେରା ଚଳାଇବା।

**pan–** *ଉପ.* ସମସ୍ତ, ସକଳ (ଜାତି, ଧର୍ମ, ମହାଦେଶ ପ୍ରଭୃତି), *ଉଦା.* pan-Indian ସର୍ବଭାରତୀୟ।

**panacea** ବି. ସର୍ବରୋଗହର ଅବ୍ୟର୍ଥ ବା ଅମୋଘ ଔଷଧ ବା ପ୍ରତିକାର; ଔଷଧ ବା ପ୍ରତିକାର।

**panache** (ପନେଶ୍) ବି. ଟୋପି ବା ମୁକୁଟର ଚୂଳପ୍ରଭୃତି; *ଲାକ୍ଷ.* ଆଡ଼ମ୍ବରପୂର୍ଣ୍ଣ, ଚାକଚକ୍ୟପୂର୍ଣ୍ଣ।

**panama** ବି. ପାଇନ୍ ବୃକ୍ଷର ପତ୍ରରେ ନିର୍ମିତ ଟୋପି; Panama ମଧ୍ୟଆମେରିକୀୟ ସ୍ଥାନ।

**panatella** ବି. ଲମ୍ବା, ପତଳା ଚୁରୁଟ୍ ବା ସିଗାର୍।

**pancake** ବି. ମାଲପୁଆ ଜାତୀୟ ଚେପ୍ଟା କେକ୍ ବା ପିଠା।

**Pancake Day** ବି. ଖ୍ରୀଷ୍ଟିୟାନ୍‌ମାନଙ୍କର ପାପପ୍ରକ୍ଷାଳନ ମଙ୍ଗଳବାର (ପରଂପରାନୁଯାୟୀ ସେହିଦିନ ଉକ୍ତ କେକ୍ ଖିଆଯାଏ)।

**pancake landing** ବି. ଉଡ଼ାଜାହାଜର ସିଧାସଳଖ ଅବତରଣ (ଭୂପୃଷ୍ଠ ସହ ସମାନ୍ତରାଳଭାବେ)।

**panchromatic** (ପେନ୍‌କ୍ରୋମେଟିକ୍) ବିଂ. (ଫିଲ୍ମ ବା ରଙ୍ଗପଟ ସମ୍ବନ୍ଧୀୟ) ସମସ୍ତ ଦୃଶ୍ୟମାନ ରଙ୍ଗ ପ୍ରତି ସମ୍ବେଦନଶୀଳ।

**pancreas** ବି. ଅଗ୍ନ୍ୟାଶୟ, ପାଚନରସର ଗ୍ରନ୍ଥି; ବିଂ. pancreatic.

**panda** ବି. ହିମାଳୟ ଓ ତିବ୍ବତର ସମତଳ ପ୍ରଦେଶରେ ପରିଦୃଷ୍ଟ ଏକପ୍ରକାର ସ୍ତନ୍ୟପାୟୀ ଭଲ୍ଲୁକଜାତୀୟ ବିରଳ ପ୍ରାଣୀ; giant panda ଭାରତରେ ପରିଦୃଷ୍ଟ ଭଲ୍ଲୁକଜାତୀୟ ପ୍ରାଣୀ, ପଣ୍ଡା।

**panda car** ବି. ପୋଲିସ୍ ପେଟ୍ରୋଲ୍ ବା ଭ୍ରାମ୍ୟମାଣ ଗାଡ଼ି।

**pandemic** ବିଂ. (ରୋଗ ବିଷୟରେ) ଦେଶବ୍ୟାପୀ, ବିଶ୍ୱବ୍ୟାପୀ।

**pandemonium** ବି. କୋଳାହଳ, ଭୟଙ୍କର ବିଶୃଙ୍ଖଳା; କୋଳାହଳ ଓ ବିଭ୍ରାଟର ଦୃଶ୍ୟ; ନର୍କର ସ୍ଥାନବିଶେଷ (ମିଲ୍‌ଟନ୍‌ଙ୍କ କାବ୍ୟ *ପାରାଡାଇଜ୍ ଲଷ୍ଟ୍‌ରୁ*)।

**pander** 1. କ୍ରି. ଦୁଷ୍କର୍ମରେ ବ୍ୟକ୍ତିକୁ ସାହାଯ୍ୟ କରିବା; ଖରାପ କାମରେ ଦଲାଲି କରିବା; ଅବୈଧ ପ୍ରଣୟ ନିମନ୍ତେ ଦୌତ୍ୟ କରିବା; 2. ବି. ଦଲାଲ, କୁଟୁଣୀ, ବ୍ୟଭିଚାର-ଦୂତ, (Pandare: ଟ୍ରଇଲସ୍ ଏବଂ କ୍ରେସିଡା ଉପାଖ୍ୟାନର ଚରିତ୍ର)।

**Pandora's box** ବି. ପାଣ୍ଡୋରାର ବାକ୍ସ, ଏଭଳି କାର୍ଯ୍ୟ ବା ଘଟଣା ଯାହା ଅନେକ ଅସମାଧେୟ ସମସ୍ୟା ସୃଷ୍ଟି କରିପାରେ; ସମସ୍ତ ଦୁଃଖଦୁର୍ଦ୍ଦଶାର ଆଧାର (ପାଣ୍ଡୋରାଦ୍ୱାରା ସ୍ୱର୍ଗରୁ ଆନୀତ ପେଟିକା ଯାହାମଧ୍ୟରୁ ମନୁଷ୍ୟସମାଜ ଉପରକୁ ଅନେକ ଦୋଷଦୁର୍ଗୁଣ ନିକ୍ଷିପ୍ତ ହୋଇଥିଲା– ଗ୍ରୀକ୍ ପୁରାଣ)।

**P. & P.** *ସଂକ୍ଷି.* postage and packing ଡାକମାସୁଲ ଓ ପାର୍ଶଲ୍ ବନ୍ଧେଇ।

**pane** ବି. ଝରକା, ଦ୍ୱାର ପ୍ରଭୃତିରେ ଖଚିତ ଫଳକ।

**panegyric** ବି. ପ୍ରଶଂସାତ୍ମକ ସଂଳାପ; ପ୍ରଶସ୍ତି, ସ୍ତୁତିଗାନ, ପ୍ରଶଂସା; ବିଂ. panegyrical; ବି. panegyrist.

**panel** 1. ବି. ପେନେଲ୍, ଦ୍ୱାର, କାନ୍ଥ, ଯାନ ପ୍ରଭୃତିରେ ଲାଗିଥିବା ଚତୁର୍ଭୁଜାକାର ତକ୍ତା ବା ପଟା; ଜୁରୀ ବା ନ୍ୟାୟ ପାଳିକାର ସଦସ୍ୟ–ମାନଙ୍କର ତାଲିକା ବା ନାମାବଳୀ; ଜୁରୀ; ବେତାର-ପ୍ରସାରଣ, ବ୍ୟଙ୍ଗପରିହାସ ପ୍ରଭୃତି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଗଣ; ପୋଷାକରେ ଖଚିତ ବିଭିନ୍ନ ରଙ୍ଗୀନ ବସ୍ତ୍ର; 2. କ୍ରି. ଦ୍ୱାର ପ୍ରଭୃତିରେ ପେନେଲ୍ ବସାଇବା।

**panel game** ବି. ଦଳ ଦଳ ହୋଇ ପ୍ରଶ୍ନୋତ୍ତର କରିବା, ସେହିପ୍ରକାର ଖେଳ।

**panelling** ବି. ଚାରିକୋଣିଆ କାଠ ବା ସେଭଳି ବସ୍ତୁ ଖଞ୍ଜିବା; ସେଭଳି ଚାରିକୋଣିଆ ପଟା ବା ଫଳକ।

**panellist** ବି. ବିଚାରକମଣ୍ଡଳୀ ବା ଆଲୋଚନା ଚକ୍ରର ସଦସ୍ୟ।

**pang** ବି. ଆକସ୍ମିକ ତୀବ୍ର ଯନ୍ତ୍ରଣା ବା ମାନସିକ ବେଦନା।

**pangolin** ବି. ମାଲୟେସିଆରେ ପରିଦୃଷ୍ଟ ଏକପ୍ରକାର ପିପିଲିକାଭକ୍ଷୀ ପ୍ରାଣୀ।

**panic** 1. ବି. ଆକସ୍ମିକ ଅସମ୍ଭାଳ ଭୟ ବା ଆତଙ୍କ; ସଂକ୍ରାମକ ଭୟ ବା ଆତଙ୍କ; 2. ବିଂ. ଅତିଶୟ ଆତଙ୍କିତ ବା ଭୀତଗ୍ରସ୍ତ; 3. କ୍ରି. ଆତଙ୍କିତ କରିବା, ଡରାଇବା; ଆତଙ୍କିତ ବା ଭୀତ ହେବା, ଡରିବା; ବିଂ. panicky.

Digitized by srujanika@gmail.com

**panicle** ବି. ପୁଷ୍ପଗୁଚ୍ଛ, ଫୁଲପେଣ୍ଠା ।
**panic–stricken (struck)** ବିଂ. ଆକସ୍ମିକ ଭୟଗ୍ରସ୍ତ, ଆକସ୍ମିକ ଆତଙ୍କାଭିଭୂତ, ଭୀତଗ୍ରସ୍ତ ।
**panjandrum** ବି. ବିଶିଷ୍ଟ ବ୍ୟକ୍ତି ବା ଉଚ୍ଚ ପଦାଧିକାରୀର ଉପହାସାତ୍ମକ ନାମ ।
**pannier** ବି. ଭାରବାହୀ ପଶୁ; ସାଇକେଲ୍ ବା ମୋଟର୍ ସାଇକେଲ୍ ଉପରେ ଜିନିଷ ନେବାଆଣିବାର ଝୁଡ଼ି ।
**panoply** ବି. ସାଞ୍ଜୁ, ସୈନିକର ସର୍ବାଙ୍ଗକବଚ ବା ପୂର୍ଣ୍ଣ ଦେହତ୍ରାଣ; *ଲାକ୍ଷ.* ସଂପୂର୍ଣ୍ଣ ବା ଗୌରବମୟ ସୁବ୍ୟବସ୍ଥା ।
**panorama** ବି. ବିସ୍ତୃତ ଦୃଶ୍ୟର ଛବି ବା ଆଲୋକଚିତ୍ର; ଅବିଚ୍ଛିନ୍ନ ଗତିଶୀଳ ଦୃଶ୍ୟ; ନିରବଚ୍ଛିନ୍ନ ପାରିପାର୍ଶ୍ୱିକ ଦୃଶ୍ୟାବଳୀ; ବିଂ. panoramic.
**pan–pipe** ବି. ଏକପ୍ରକାରର ବଂଶୀ ଜାତୀୟ ସ୍ୱରଯନ୍ତ୍ର ।
**pansy** ବି. ବିବିଧ ଗାଢ଼ ରଙ୍ଗର ଫୁଲ ବିଶିଷ୍ଟ ଉଦ୍ୟାନ ଉଦ୍ଭିଦ ବିଶେଷ; *କ.ଭା.* ମାଇଚିଆ, ସମଲୈଙ୍ଗିକ ପୁରୁଷ ।
**pant** 1. *କ୍ରି.* ଧଇଁସଇଁ ହେବା; ଅଣନିଃଶ୍ୱାସୀ ବା ବେଦମ ହେବା; ଉତ୍ସୁକ ହେବା; ବିଶେଷ ଭାବରେ ଇଚ୍ଛା କରିବା; (ହୃତ୍‌ପିଣ୍ଡ) ପ୍ରବଳ ଭାବରେ ସ୍ପନ୍ଦିତ ହେବା; 2. ବି. ଧଇଁ; ଦ୍ରୁତଶ୍ୱାସ; ରୁଦ୍ଧଶ୍ୱାସ; ହୃଦୟର ସ୍ପନ୍ଦନ ।
**pantaloons** ବି. ବ.ବ. ପାଇଜାମା, *ଆମେ.* ଟ୍ରାଉଜର୍ ।
**pantechnicon** ବି. ଆସବାବପତ୍ର ପରିବହନକାରୀ ଗାଡ଼ି ।
**pantheism** ବି. *ଦ.* ସର୍ବେଶ୍ୱରବାଦ, ସର୍ବାତ୍ମବାଦ; ସମଗ୍ର ବିଶ୍ୱହିଁ ଈଶ୍ୱର ଏବଂ ଈଶ୍ୱରହିଁ ସମଗ୍ର ବିଶ୍ୱ– ଏହି ବିଶ୍ୱାସ ବା ମତବାଦ; "ସର୍ବଂ ଖଳୁ ଇଦଂ ବ୍ରହ୍ମ" ସିଦ୍ଧାନ୍ତ; ବିଶ୍ୱେଶ୍ୱରବାଦ ।
**pantheist** ବି. ସର୍ବେଶ୍ୱରବାଦୀ, ବିଶ୍ୱେଶ୍ୱରବାଦୀ, ସର୍ବାତ୍ମବାଦୀ ।
**pantheistic** ବିଂ. ସର୍ବେଶ୍ୱରବାଦ ସମ୍ବନ୍ଧୀୟ ।
**pantheon** ବି. ସର୍ବଦେବମନ୍ଦିର, କୌଣସି ଜାତିଦ୍ୱାରା ପୂଜିତ ଦେବତାଗଣ; ପ୍ରଖ୍ୟାତ ବ୍ୟକ୍ତିମାନଙ୍କର କବର ବା ସ୍ମାରକପୀଠ ।
**panther** ବି. ଚିତାବାଘ ।
**panties** ବି. ବ.ବ. *କ.ଭା.* ସ୍ତ୍ରୀ ଓ ବାଳିକାମାନଙ୍କର ଅନ୍ତର୍ବାସ, ଜଙ୍ଘିଆ ।
**pantihose** ବି. ବାଳିକାମାନଙ୍କର କସ ଜାମା ।
**pantile** ବି. ବକ୍ର ଛାତ-ଟାଇଲ୍, ଖପର ।
**panto** ବି. *କ.ଭା.* ମୂକ ଅଭିନୟ; .ଅଙ୍ଗଭଙ୍ଗୀ– ଦ୍ୱାରା ଭାବାଭିବ୍ୟକ୍ତି ।
**pantograph** ବି. ନକ୍ସା ବା ମାନଚିତ୍ର ପ୍ରଭୃତିର ନକଲ ଯନ୍ତ୍ର; ବିଦ୍ୟୁତ୍‌ଟ୍ରେନ୍ ପ୍ରଭୃତିରେ ବିଦ୍ୟୁତ୍ ସଂଯୋଗକାରୀ ସରଞ୍ଜାମ ।
**pantomime** ବି. ସାଧାରଣତଃ ଖ୍ରୀଷ୍ଟମାସ୍ ବା ବଡ଼ଦିନ ସମୟରେ ପ୍ରସ୍ତୁତ ଓ ପରୀକଥା ଉପରେ ଆଧାରିତ ନାଟକୀୟ ମନୋରଞ୍ଜନ ବା ଆମୋଦପ୍ରମୋଦ; ଅଙ୍ଗଭଙ୍ଗୀ ଓ ମୁଖମୁଦ୍ରା ଦ୍ୱାରା ଭାବପ୍ରକାଶ; ମୂକାଭିନୟ; ବିଂ. pantomimic.
**pantry** ବି. ଭଣ୍ଡାରଘର; ଖାଦ୍ୟ, ବାସନକୁସନ, ଚାମୁଚ ଆଦିର ଆଲମାରୀ ବା କୋଠରୀ ।
**pants** ବି. ବ.ବ. *କ.ଭା.* ଜଙ୍ଘିଆ, ଅନ୍ତର୍ବାସ ବା ଅଧୋବାସ; ଟ୍ରାଉଜର୍ ବା ଫୁଲ୍‌ପେଣ୍ଟ୍ (pantaloonsର *ସଂଶ.*) ।
**pap**[1.] ବି. ଶିଶୁ ବା ରୋଗୀଙ୍କର ନରମ ବା ଅର୍ଦ୍ଧତରଳ ଖାଦ୍ୟ; ସହଜବୋଧ ପାଠ୍ୟସାମଗ୍ରୀ ।
**pap**[2.] ବି. *ପ୍ରା.ପ୍ର. କ.ଭା.* ସ୍ତନାଗ୍ର, ଚୁଚୁକ ।
**papa** ବି. *ପ୍ରା.ପ୍ର.* ବାପା ।
**papacy** ବି. *ଖ୍ରୀ.* ପୋପ୍‌ତନ୍ତ୍ର; ପୋପ୍ ଶାସନ ବା ପ୍ରଥା; ପୋପ୍ ପଦ; ପୋପ୍‌ଙ୍କର କ୍ଷମତା ବା କାର୍ଯ୍ୟକାଳ ।
**papal** ବିଂ. *ଖ୍ରୀ.* ପୋପ୍ ସମ୍ବନ୍ଧୀୟ, ପୋପ୍‌ଙ୍କ ପଦ, କ୍ଷମତା ବା ଶାସନ ସମ୍ବନ୍ଧୀୟ; *କ୍ରି.ବିଂ.* papally.
**paparazzo** ବି. ବ.ବ. paparazzi ବିଖ୍ୟାତ ବ୍ୟକ୍ତିଙ୍କ ଫଟୋ ଉଠାଇବାପାଇଁ ତାଙ୍କ ପଛରେ ଗୋଡ଼ାଉଥିବା ପେଶାଦାର ଫଟୋଉଠାଳି ।
**papaw** ବି. ଅମୃତଭଣ୍ଡା ଫଳ ବା ଗଛ; ପୃଥିବୀର ବିଭିନ୍ନ ସ୍ଥାନରେ ପରିଦୃଷ୍ଟ ଏହି ଜାତୀୟ ଗଛ ବା ତାର ଫଳ (pawpaw, papaya, Asymina triloba).
**papaya** ବି. papaw ଦ୍ର. ।
**paper** 1. ବି. କାଗଜ; ଲିଖିତ ପ୍ରମାଣରକାଗଜ; ପଟା; ଦଲିଲ, ଦସ୍ତାବିଜ; କାଗଜମୁଦ୍ରା; ପରୀକ୍ଷାର ପ୍ରଶ୍ନପତ୍ର; ପ୍ରବନ୍ଧ; ଗବେଷଣା ସନ୍ଦର୍ଭ; ଆଲୋଚନାତ୍ମକ ବିବରଣ; ସମ୍ବାଦପତ୍ର;

Digitized by srujanika@gmail.com

ବ.ବ‌ରେ ପରିଚୟ ପତ୍ର; କାଗଜପତ୍ର; 2. ବିଂ. କାଗଜ-ନିର୍ମିତ; କାଗଜ ପରି ପତଳା ବା ସୂକ୍ଷ୍ମ; କେବଳ ସିଦ୍ଧାନ୍ତରେ ବିଦ୍ୟମାନ (paper profits); 3. କ୍ରି. (କାନ୍ଥ ପ୍ରଭୃତିକୁ) କାଗଜରେ ସୁସଜ୍ଜିତ କରିବା; on paper ଲିଖିତ ଆକାରରେ; ସିଦ୍ଧାନ୍ତରେ, ଲିଖିତ ବା ମୁଦ୍ରିତ ସାକ୍ଷ୍ୟପ୍ରମାଣକୁ ଆଧାର କରି ନିଷ୍ପତ୍ତି ନେବା।

**paperback** 1. ବିଂ. ଟାଣକାଗଜ ବନ୍ଧା (ବୃହ୍ଦାପଟାରେ ନୁହେଁ), 2. ବି. ଟାଣକାଗଜ ବନ୍ଧେଇ ପୁସ୍ତକ।

**paper–boy (girl)** ବି. ସମ୍ବାଦପତ୍ର-ବିକ୍ରେତା ବାଳକ ବା ବାଳିକା; ହକର।

**paper–chase** ବି. ଏକପ୍ରକାର ଖେଳ ଯେଉଁଥିରେ ଦୂରଦୌଡାଳିମାନେ କାଗଜଟୁକୁରାଗୁଡିକୁ ଦେଖି ଦେଖି ଆଗକୁ ଯାଆନ୍ତି।

**paper–clip** ବି. କାଗଜ-କ୍ଲିପ୍।

**paper–hanger** ବି. କାନ୍ଥରେ କାଗଜ ସଜାଇବା ପାଇଁ ପେଶାଦାର ଲୋକ।

**paper–knife** ବି. ଚିଠିପତ୍ର ପ୍ରଭୃତି ଖୋଲିବାରେ ବ୍ୟବହୃତ ଦାଢ଼ ନ ଥିବା ଛୁରୀ।

**paper money** ବି. ବେଙ୍କ୍ ନୋଟ୍ ପ୍ରଭୃତିର କାଗଜମୁଦ୍ରା।

**paper tiger** ବି. ଭୀତିପ୍ରଦ, କିନ୍ତୁ ପ୍ରଭାବହୀନ ବ୍ୟକ୍ତି ବା ବସ୍ତୁ।

**paperweight** ବି. କାଗଜଚପା କାଚ, ପଥର, ବା କାଠଖଣ୍ଡ।

**paperwork** ବି. ଧରାବନ୍ଧା କାଗଜପତ୍ର କାମ; ଫାଇଲ୍ ଚାଷ; ଧରାବନ୍ଧା ପ୍ରଶାସନିକ ବା କିରାଣିର କାର୍ଯ୍ୟ।

**papery** ବିଂ. କାଗଜ ଛଳି; କାଗଜ ଭଳି ପତଳା।

**papier mache** ବି. ଡବା, ଡାଲା, ଖୋଳ ପ୍ରଭୃତି ତିଆରିରେ ବ୍ୟବହୃତ କାଗଜମଣ୍ଡ। *(ଫ.)*

**papilla** ବି. ବ.ବ. papillae ଭାତୁଡ଼ି; ଶରୀରର କୌଣସି ଅଂଶରେ ଉଦ୍‌ଗତ ବ୍ରଣ, ମଣ୍ଡା ବା ଅଙ୍କୁରକ; ବିଂ. papillary.

**papist** ବି. *ଖ୍ରୀ. ସା. ଅପ.* ପୋପ୍‌ତନ୍ତ୍ରର ସମର୍ଥକ, ରୋମାନ୍ କେଥଲିକ୍ ଧର୍ମାବଲମ୍ବୀ।

**papoose** ବିଂ. ଉତ୍ତର ଆମେରିକା ନିବାସୀ ଲୋହିତଭାରତୀୟ ଶିଶୁ।

**paprika** ବି. ଲାଲରଙ୍ଗର ଗୋଲମରିଚ ବିଶେଷ, ସେଥିରୁ ପ୍ରସ୍ତୁତ ମସଲା ବା ଆଚାର (ହଂଗେରୀ)।

**papyrology** ବି. ପ୍ରାଚୀନ ନଳଜାତୀୟ ଉଦ୍ଭିଦର ବିଜ୍ଞାନ; ପାପିରସ୍ ବିଦ୍ୟା; ବି. papyrologist.

**papyrus** ବି. ବ.ବ. papyri ସେଜ୍ (ଏକପ୍ରକାର ଜଳାୟତୃଣ) ଜାତୀୟ ଜଳୀୟ ଉଦ୍ଭିଦ, ଉକ୍ତ ଉଦ୍ଭିଦର କାଣ୍ଡରୁ ପ୍ରସ୍ତୁତ ପ୍ରାଚୀନ କାଗଜ, ଉକ୍ତ କାଗଜ ଉପରେ ଲିଖିତ ପାଣ୍ଡୁଲିପି।

**par** ବି. ହାରାହାରି ବା ସାଧାରଣ ପରିମାଣ, ମାତ୍ରା, ଅବସ୍ଥା ପ୍ରଭୃତି (feel below par); ସାମ୍ୟ, ସମାନସ୍ତର ବା ପଦ; (ଗଲ୍‌ଫ୍) ପ୍ରଥମଶ୍ରେଣୀ ଖେଳାଳିର ଆବଶ୍ୟକୀୟ ଷ୍ଟ୍ରୋକ୍ ସଂଖ୍ୟା; ସମହାର ବା ସମମୂଲ୍ୟ; ନୋଟ୍ ବା ମୁଦ୍ରା ଉପରେ ଅଙ୍କିତ ବା ମୁଦ୍ରିତ ମୂଲ୍ୟ, ପ୍ରତ୍ୟକ୍ଷ ମୂଲ୍ୟ; at par ସମ ମୂଲ୍ୟରେ, ସମହାର ମୂଲ୍ୟରେ; above par ମୁଦ୍ରିତ ମୂଲ୍ୟରୁ ଅଧିକ ହାରରେ; below par ମୁଦ୍ରିତ ମୂଲ୍ୟରୁ କମ୍ ହାରରେ; par of exchange ବିନିମୟର ମୂଲ୍ୟ; କୌଣସି ନିର୍ଦ୍ଦିଷ୍ଟ ଦେଶର ମୁଦ୍ରାରେ ଅନ୍ୟଦେଶର ମୁଦ୍ରାର ସ୍ୱୀକୃତ ମୂଲ୍ୟ।

**para**[1] ବି. *କ.ଭା.* ପାରାଟ୍ରୁପର୍ (paratrooper); ପାରାଚୁଟ୍ ବାହିନୀର ପ୍ରଶିକ୍ଷିତ ବ୍ୟକ୍ତି।

**para**[2] *ସଂଶ.* ପାରାଗ୍ରାଫ୍ (paragraph), ପାରା, ଅନୁଚ୍ଛେଦ।

**para–**[1] *ପୂ.ପ୍ର.* ପାର୍ଶ୍ୱରେ, ପାଖରେ, (parabola, paramilitary); ଅତୀତ, ବହୁଦୂରରେ (paradox, parapsychology).

**para–**[2] *ସଂ.* ରକ୍ଷାକରିବା; ଦୂରେଇ ଦେବା (parachute, parasol).

**parable** ବି. ନୈତିକ ବା ଆଧ୍ୟାତ୍ମିକ ଶିକ୍ଷାପ୍ରଦ କାଳ୍ପନିକ ଗଳ୍ପ; *ଖ୍ରୀ.* ବାଇବେଲରେ ଲିଖିତ ନୀତିକଥା ବା ଉପଦେଶାତ୍ମକ ଗଳ୍ପ; ରୂପକ।

**parabola** ବି. *ଗଣିତ* ଶଙ୍କୁ ବା କୋନ୍‌ର ପାର୍ଶ୍ୱସହିତ ସମାନ୍ତରାଳ କ୍ଷେତ୍ର ସହିତ ଛେଦନ ଫଳରେ ଗଠିତ ବକ୍ରରେଖା; ପରବଳୟ, ଅନୁବୃତ୍ତ; କ୍ଷେପଣୀକ୍ଷେତ୍ର।

**parabolic** ବିଂ. ନୀତିକଥା ବା ରୂପକ ସମ୍ବନ୍ଧୀୟ, ନୀତିକଥା ବା ରୂପକ ଭାବରେ ଅଭିବ୍ୟକ୍ତ; ପରବଳୟ ସଦୃଶ ବା ସମ୍ବନ୍ଧିତ; କ୍ରି.ବିଂ. parabolically.

Digitized by srujanika@gmail.com

**paracetamol** ବି. ଯନ୍ତ୍ରଣା ଓ ଜ୍ୱର ଉପଶମକାରୀ ଔଷଧ।

**parachute** (ପେରଶୁଟ୍) 1. ବି. ପାରାଚୁଟ୍, ଆକାଶଛତା, ପାରାଚୁଟ୍‌ରୁ ଅବତରିତ (ବ୍ୟକ୍ତି); 2. କ୍ରି. ଆକାଶଛତା ସାହାଯ୍ୟରେ ଓହ୍ଲାଇବା ବା ପ୍ରେରଣ କରିବା।

**parachutist** ବି. ଆକାଶଛତା ବ୍ୟବହାରକାରୀ ସୈନିକ।

**Paraclete** ବି. *ଖ୍ରୀ.* ସମର୍ଥକ ବା ପରାମର୍ଶଦାତା ରୂପେ ପବିତ୍ର ଆତ୍ମା।

**parade** 1. ବି. ପେରେଡ୍, ପରିଦର୍ଶନ ନିମନ୍ତେ ସୈନିକ-ସମାବେଶ, ସମରାଭ୍ୟାସ, ଉକ୍ତ ଉଦ୍ଦେଶ୍ୟରେ ବ୍ୟବହୃତ ସ୍ଥାନ ବା ପଡ଼ିଆ; ପ୍ରଦର୍ଶନ, ସମାରୋହ; 2. କ୍ରି. ପରିଦର୍ଶନ ବା ଯୁଦ୍ଧାଭ୍ୟାସ ଉଦ୍ଦେଶ୍ୟରେ ସମାବେଶ କରିବା; ପ୍ରଦର୍ଶନ ବା ଆଡ଼ମ୍ବର କରିବା; ସାମରିକ ରୀତି ବା ସମାରୋହରେ ଶୋଭାଯାତ୍ରା କରିବା।

**parade-ground** ବି. ପେରେଡ୍ ପଡ଼ିଆ।

**paradigm** (ପେରାଡ଼ାଇମ୍) ବି. ଉଦାହରଣ, ଦୃଷ୍ଟାନ୍ତ, ନମୁନା; ଆଦର୍ଶ, *ବିଶେ.* ବିଶେଷ୍ୟ, କ୍ରିୟା ପ୍ରଭୃତିର ରୂପର।

**paradigmatic** (ପାରାଡିଗ୍‌ମେଟିକ୍) ବିଂ. ଉଦାହରଣପୂର୍ଣ୍ଣ, ନମୁନା ସଦୃଶ, ଉଦାହରଣତଃ, ଆଦର୍ଶ, ଆଦର୍ଶ-ସ୍ୱରୂପ।

**paradise** ବି. ସ୍ୱର୍ଗ, ନନ୍ଦନକାନନ, ସ୍ୱର୍ଗଲୋକ; ପରମାନନ୍ଦର ଧାମ ବା ଅବସ୍ଥା; ଇଡେନ୍ ଉଦ୍ୟାନ; ବିଂ. paradisaical (paradisal, paradisiacal, paradisical ମଧ)।

**paradox** ବି. ଅସମ୍ଭବ ପ୍ରତୀତ, କିନ୍ତୁ ବାସ୍ତବିକ ସତ୍ୟ; ବିରୋଧାଭାସ; ବିରୁଦ୍ଧ ମତ; ପ୍ରଚଳିତ ମତବିରୁଦ୍ଧ ବ୍ୟକ୍ତି ବା ବସ୍ତୁ; ବିଂ. paradoxical.

**paraffin** ବି. ପେଟ୍ରୋଲିୟମ ବା ପଥର କୋଇଲାର ପରିସ୍ରବଣରୁ ପ୍ରାପ୍ତ ମହମ ବା ତେଲଭଳି ତୃକନଶୀଳ ଏବଂ ଜାଳେଣିଭାବେ ବ୍ୟବହୃତ ପଦାର୍ଥ; ଅତ୍ୟଧିକ ଉଦ୍‌ଜାନଯୁକ୍ତ ହାଇଡ୍ରୋକାର୍ବନ (hydrocarbon); liquid paraffin ତରଳ ପାରାଫିନ୍ (ସ୍ୱାଦହୀନ ମୃଦୁ ବିରେଚକ)।

**paraffin wax** ବି. ଘନ ପାରାଫିନ୍।

**paragon** ବି. ଉତ୍କର୍ଷର ଆଦର୍ଶ ବା ପରାକାଷ୍ଠା; ସୌନ୍ଦର୍ଯ୍ୟର ନମୁନା; ଉତ୍କୃଷ୍ଟ (ବା ଶ୍ରେଷ୍ଠ) ବ୍ୟକ୍ତି ବା ବସ୍ତୁ; (ସଦ୍‌ଗୁଣାଦିର) ଆଦର୍ଶ ବା ନମୁନା।

**paragraph** 1. ବି. ପାରାଗ୍ରାଫ୍, ପାରା, ଅନୁଚ୍ଛେଦ; ଦଫା, ସମାଚାର ପତ୍ରରେ ପ୍ରକାଶିତ ସ୍ୱତନ୍ତ୍ର କ୍ଷୁଦ୍ର ବିବରଣ; 2. କ୍ରି. ଅନୁଚ୍ଛେଦାକାରରେ ଲେଖା ସଜାଇବା।

**paragraphic** ବିଂ. ଅନୁଚ୍ଛେଦ ସମ୍ବନ୍ଧୀୟ।

**parakeet** ବି. ଦୀର୍ଘ ପୁଚ୍ଛବିଶିଷ୍ଟ ଏକଜାତୀୟ ଶୁଆ।

**parallax** ବି. ପର୍ଯ୍ୟବେକ୍ଷଣ ପରିବର୍ତ୍ତନ ହେତୁ ପରିଦୃଷ୍ଟ ବସ୍ତୁର ପରିବର୍ତ୍ତିତ ଅବସ୍ଥିତି ପ୍ରତୀତି; ଭେଦାଭାସ; ଭିନ୍ନ ଦୃଷ୍ଟିଭଙ୍ଗୀ ବା ଦୃଷ୍ଟିକୋଣ; ବିଂ. parallactic.

**parallel** 1. ବିଂ. *ଜ୍ୟା.* ସମାନ୍ତର, ସମାନ୍ତରାଳ, ଠିକ୍ ସାଦୃଶ ବା ତୁଲ୍ୟ, ସମକ୍ଷମତାସମ୍ପନ୍ନ, ସମସାମୟିକ; ଏକରୂପ, ଅନୁରୂପ; 2. ବି. ସମରୂପ ବ୍ୟକ୍ତି ବା ବସ୍ତୁ, ପ୍ରତିରୂପ, ସମାନ୍ତରାଳ ରେଖା, ତୁଳନା; 3. କ୍ରି. ସମାନ୍ତରାଳ ବା ତୁଲ୍ୟଭାବରେ ଉପସ୍ଥାପନ କରିବା; ସମାନ ଉଦାହରଣ ଉପସ୍ଥାପନ କରିବା, ତୁଳନା କରିବା; in parallel (ବିଦ୍ୟୁତ୍ ପରିଧି ସମ୍ବନ୍ଧୀୟ) ପ୍ରତ୍ୟେକ ପ୍ରାନ୍ତସ୍ଥିତ ସାଧାରଣ ବିନ୍ଦୁରେ ସମ୍ମିଳିତ ହେବାପାଇଁ ସଜ୍ଜିତ; parallel of latitude ସମାକ୍ଷବୃତ୍ତ; ଅକ୍ଷରେଖା।

**parallel bars** ବି. ବ୍ୟାୟାମଗୃହ ଉପରେ ସ୍ଥାପିତ ସମାନ୍ତରାଳ ଧାରଣାଦ୍ୱୟ (ଜିମ୍‌ନାଷ୍ଟିକ୍‌ସ୍)।

**parallelepiped** ବି. ଘନକ୍ଷେତ୍ର, ସମାନ୍ତରାଳ ଷଟ୍‌ଫଳକ।

**parallelism** ବି. ସମାନ୍ତରତା, ଅନୁରୂପତା, ସମରୂପତା, ସାଦୃଶ୍ୟ; *ଦ.* ସମାନ୍ତରବାଦ।

**parallelogram** ବି. ସମାନ୍ତରାଳ କ୍ଷେତ୍ର, ସମାନ୍ତର ଚତୁର୍ଭୁଜ।

**paralyse** କ୍ରି. *ଆମେ.* paralyze ପକ୍ଷାଘାତଗ୍ରସ୍ତ ହେବା; ଅଚଳ ବା ଅକର୍ମଣ୍ୟ କରିବା; ପଙ୍ଗୁ, ଶକ୍ତିହୀନ ବା ଅକ୍ଷମ କରିଦେବା।

**paralysis** ବି. ପକ୍ଷାଘାତ ରୋଗ, ଅଚଳ ଅବସ୍ଥା; *ଲାକ୍ଷ.* ସଂପୂର୍ଣ୍ଣ ଅକ୍ଷମ ଅବସ୍ଥା।

**paralytic** 1. ବିଂ. ପକ୍ଷାଘାତ-ରୋଗାକ୍ରାନ୍ତ, ପକ୍ଷାଘାତଗ୍ରସ୍ତ *ଲାକ୍ଷ.* ଶକ୍ତିହୀନ, ଅକ୍ଷମ, ପଙ୍ଗୁ; *ଗ୍ରା.ପ୍ର.* ଅତ୍ୟଧିକ ମଦ୍ୟୋନ୍ମତ୍ତ; 2. ବି. ପକ୍ଷାଘାତ ରୋଗଗ୍ରସ୍ତ ବ୍ୟକ୍ତି; *ଗ୍ରା.ପ୍ର.* ମାତାଲ୍।

**paramedic** ବି. ସ୍ୱାସ୍ଥ୍ୟସେବା କର୍ମୀ।

**paramedical** ବିଂ. ଚିକିତ୍ସା କାର୍ଯ୍ୟର ପରିପୂରକ ଓ ସହାୟକ ସଂସ୍ଥା ବା ବ୍ୟକ୍ତି।

Digitized by srujanika@gmail.com

**parameter** ବି. ପରିମେୟ ଲକ୍ଷଣ ବା ସ୍ୱଭାବ; ସାଧାରଣ ଚରିତ୍ର ବା ରୂପରେଖ।
**paramilitary** ବିଂ. ସାମରିକ ବାହିନୀର ପରିପୂରକ ଓ ତତ୍‌ସଦୃଶ ସଂଗଠିତ ବାହିନୀ।
**paramount** ବିଂସର୍ବୋଚ୍ଚ, ସର୍ବୋତ୍ତମ; ପରମ; ସାର୍ବଭୌମ; ସର୍ବୋଚ୍ଚ କ୍ଷମତାସମ୍ପନ୍ନ।
**paramour** ବି. *ପ୍ରା.ପ୍ର.* ବା *ଅବ.* ବିବାହିତ ପୁରୁଷ ବା ବିବାହିତା ସ୍ତ୍ରୀର ପାପପ୍ରଣୟୀ; ଅବୈଧ ପ୍ରେମିକ/ ପ୍ରେମିକା।
**paranoia** ବି. ଉନ୍ମାଦରୋଗ; ମାନସିକ ଅସନ୍ତୁଳନ; ଅନ୍ୟମାନଙ୍କୁ ସନ୍ଦେହ ଓ ଅବିଶ୍ୱାସ କରିବାର ମାନସିକ ବିକୃତି।
**paranoiac** (paranoic ମଧ୍ୟ) 1. ବିଂ. ମାନସିକ ବିକୃତିଗ୍ରସ୍ତ; 2. ବି. ମାନସିକ ବିକୃତି ଭୋଗୁଥିବା ବ୍ୟକ୍ତି; *କ୍ରି.ବିଂ.* paranoically.
**paranoid** 1. ବିଂ. ମାନସିକ ବିକୃତିଗ୍ରସ୍ତ; 2. ବି. ମାନସିକ ରୋଗୀ।
**paranormal** ବିଂ. ସାଧାରଣ ବୈଜ୍ଞାନିକ ଅନୁସନ୍ଧାନ ପ୍ରଭୃତିର ପରିସର-ବହିର୍ଭୂତ; ଅସାଧାରଣ।
**parapet** ବି. ପାରାପେଟ୍; (ଛାତ, ଅଳିନ୍ଦ ବା ପୋଲ ପ୍ରଭୃତିର ପାର୍ଶ୍ୱସ୍ଥ) କାନ୍ଥ ବା ଛୋଟ ପାଚେରୀ; ଶତ୍ରୁସେନାର ଦୃଷ୍ଟି-ରୋଧକ ମାଟି ବା ପଥର ନିର୍ମିତ ପ୍ରାଚୀର।
**paraphernalia** ବି. ବ.ବ. ବିବିଧ ସାମଗ୍ରୀ; ନିଜର ବ୍ୟବହାର୍ଯ୍ୟ ଉପକରଣ ବା ଜିନିଷପତ୍ର; ସାଜସଜ୍ଜା, କଳକବ୍ଜା; ବିଭିନ୍ନ ଆବଶ୍ୟକ ବିଧିବିଧାନ।
**paraphrase** 1. ବି. ଭାବାନୁବାଦ; ଛାୟାନୁବାଦ; ଶବ୍ଦାନ୍ତରଦ୍ୱାରା ଅର୍ଥପ୍ରକାଶ ବା ବିସ୍ତୃତ ବ୍ୟାଖ୍ୟା; ଭାଷ୍ୟ; ଟୀକା; 2. କ୍ରି. ଶବ୍ଦାନ୍ତର ଦ୍ୱାରା ଅର୍ଥପ୍ରକାଶ କରିବା; ଭାବାନୁବାଦ ବା ଛାୟାନୁବାଦ କରିବା।
**paraplegia** ବି. ପକ୍ଷାଘାତ, ଅର୍ଦ୍ଧାଙ୍ଗୀ ବାତ, ଆଂଶିକ ପକ୍ଷାଘାତ।
**paraplegic** 1. ବିଂ. ନିମ୍ନାଙ୍ଗ ବା ଆଂଶିକ ପକ୍ଷାଘାତ ସମ୍ବନ୍ଧୀୟ; 2. ବି. ଉକ୍ତ ପକ୍ଷାଘାତ ରୋଗୀ।
**parapsychology** (ପେରାସାଇକଲଜି) ବି. ସାଧାରଣ ମନୋବିଜ୍ଞାନର ପରିସର ବହିର୍ଭୂତ ମାନସିକ ପ୍ରତିଭାସର ଅଧ୍ୟୟନ; ପରାମନୋବିଜ୍ଞାନ (ସମ୍ମୋହନ, ମାନସ—ସନ୍ଦେଶ ପ୍ରେରଣ ପ୍ରଭୃତି)।
**paraquat** ବି. ଅନାବନା ଉଦ୍ଭିଦ ମାରିବାପାଇଁ ବ୍ୟବହୃତ ଆଶୁକ୍ରିୟାଶୀଳ ବିଷ।
**parasite** ବି. ପରାଙ୍ଗପୁଷ୍ଟ, ପରାଶ୍ରୟୀ ବା ପରଜୀବୀ ବ୍ୟକ୍ତି ବା ଉଦ୍ଭିଦ, *ଲାକ୍ଷ.* ପରାଶ୍ରୟୀ ବ୍ୟକ୍ତି; ବିଂ. parasitic; *କ୍ରି.ବିଂ.* parasitically.
**parasitism** ବି. ପରାଙ୍ଗପୁଷ୍ଟ ଜନ୍ତୁମାନଙ୍କଦ୍ୱାରା ଆକ୍ରାନ୍ତ ଅବସ୍ଥା।
**parasitize** କ୍ରି. ପରାଙ୍ଗଭୋଜୀ ଭାବରେ ବଞ୍ଚିବା ବା ଖାଦ୍ୟ ଯୋଗାଡ଼ କରିବା।
**parasol** ବି. ମହିଳାମାନଙ୍କଦ୍ୱାରା ବ୍ୟବହୃତ ଛୋଟ ଛତା; ଛୋଟ ହାଲୁକା ଛତା।
**paratrooper** ବି. ଆକାଶଛତା ସୈନିକ।
**paratroops** ବି. ବ.ବ. ଆକାଶଛତା ସେନା।
**paratyphoid** ବି. ପାରାଟାଇଫଏଡ୍ ଜ୍ୱର, ଏକପ୍ରକାର ଆନ୍ତ୍ରିକ ଜ୍ୱର।
**parawise** ବିଂ. *କ.ଭା.* ଅନୁଚ୍ଛେଦ ଅନୁକ୍ରମିକ, ପାରାଗ୍ରାଫ୍ ପରେ ପାରାଗ୍ରାଫ୍, ଦଫାୱାରୀ।
**parboil** କ୍ରି. ଅଳ୍ପ ସିଝାଇ ରାନ୍ଧିବା, ଦରସିଝା କରିବା; *ଲାକ୍ଷ.* ଅତିଶୟ କ୍ରୁଦ୍ଧ ବା ଉତ୍ତପ୍ତ କରିବା।
**parcel** 1. ବି. ପୁଟୁଳିରେ ବନ୍ଧା ଜିନିଷପତ୍ର, ବଣ୍ଡଲ୍, ପାର୍ଶଲ୍; ଭୂଭାଗ ବା ଭୂଖଣ୍ଡ; ବାଣିଜ୍ୟବ୍ୟବସାୟରେ ଜିନଷପତ୍ର ବହନର ଗୋଟିଏ କ୍ଷେପ; 2. କ୍ରି. ପାର୍ଶଲ୍ ପରି ଗୁଡ଼ାଇବା; ବିଭିନ୍ନ ଖଣ୍ଡ ବା ଅଂଶରେ ବିଭକ୍ତ କରିବା।
**parch** କ୍ରି. ଉତ୍ତପ୍ତ ବା ଶୁଷ୍କ କରିବା; ଭାଜିବା; ଉତ୍ତପ୍ତ ବା ଶୁଷ୍କ ହେବା।
**parchment** ବି. ଲିଖନ ଓ ଚିତ୍ରାଙ୍କନ ପ୍ରଭୃତି ନିମନ୍ତେ ପ୍ରସ୍ତୁତ (ବିଶେଷତଃ) ଛେଳି ମେଣ୍ଢା ପ୍ରଭୃତିର ଚମଡ଼ା; ଚର୍ମପତ୍ର; ଚମଡ଼ା କାଗଜ, ଏପରି କାଗଜ ଉପରେ ଲିଖିତ ପାଣ୍ଡୁଲିପି; ପାର୍ଚମେଣ୍ଟ୍ ପରି ପ୍ରସ୍ତୁତ ଉଚ୍ଚଶ୍ରେଣୀର କାଗଜ।
**pardon** 1. କ୍ରି. କ୍ଷମା ଦେବା, ମାର୍ଜନା କରିବା; ମୁକ୍ତି ବା ଅବ୍ୟାହତି ଦେବା, ଛାଡ଼ିଦେବା; ମାଫ୍ କରିବା; 2. ବି. କ୍ଷମା, ଦୋଷମୁକ୍ତି, ଅପରାଧମୋଚନ, ଦୋଷମାର୍ଜନା, ଦଣ୍ଡାଦେଶ ବା ଅପରାଧର ବୈଧ ପରିଣାମରୁ ମୁକ୍ତି;

Digitized by srujanika@gmail.com

ଶିଷ୍ଟାଚାରସମ୍ମତ ବା ଭଦ୍ରତାପୂର୍ଣ୍ଣ ସହିଷ୍ଣୁତା; I beg your pardon; *କ.ଭା.* pardon (me) କଥିତ କୌଣସି ବିଷୟର ପୁନରାବୃତ୍ତି ନିମନ୍ତେ ଅନୁରୋଧସୂଚକ ଅଭିବ୍ୟକ୍ତି, (ମୋତେ) କ୍ଷମା କରିବେ।

**pardonable** ବିଂ. କ୍ଷମଣୀୟ, ମାର୍ଜନୀୟ, କ୍ଷମା ବା ମାର୍ଜନାର ଯୋଗ୍ୟ।

**pardonably** *କ୍ରି.ବିଂ* କ୍ଷମଣୀୟ ଭାବରେ।

**pare** *କ୍ରି.* ପୃଷ୍ଠଭାଗ ବା ପ୍ରାନ୍ତଭାଗ କାଟି ପରିଷ୍କାର କରିବା; *ଲାକ୍ଷ.* ଧୀରେ ଧୀରେ କମାଇବା।

**paregoric** ବି. ଅଫିମର କର୍ପୂରାର୍କ।

**parent** 1. ବି. ମାତା ବା ପିତା, ପୂର୍ବଜ, ପୂର୍ବପୁରୁଷ; ଯେଉଁ ପ୍ରାଣୀ ବା ଉଦ୍ଭିଦଠାରୁ ଅନ୍ୟ ପ୍ରାଣୀ ବା ଉଦ୍ଭିଦ ଜାତ; *ଲାକ୍ଷ.* ଉତ୍ପତ୍ତି; 2. *କ୍ରି.* ମାତା ବା ପିତା ହେବା।

**parentage** ବି. ପିତୃପରମ୍ପରା, ବଂଶାବଳୀ, ବଂଶ, କୁଳ।

**parental** ବିଂ. ମାତୃପିତୃ ସମ୍ବନ୍ଧୀୟ; ପୈତୃକ, ମାତୃସୁଲଭ, ପିତୃସୁଲଭ; *କ୍ରି.ବିଂ.* parentally.

**parenthesis** ବି. (ବ.ବ. parentheses) ନିକ୍ଷିପ୍ତ ବାକ୍ୟ, ଶବ୍ଦ ବା ବାକ୍ୟାଂଶ; ବାକ୍ୟାନ୍ତର୍ଗତ ପର୍ଯ୍ୟାୟ କ୍ରମବିହୀନ (ବନ୍ଧନୀ, କମା ବା ଡ୍ୟାସ୍ ଦ୍ୱାରା ସ୍ୱତନ୍ତ୍ର ଭାବେ ଚିହ୍ନିତ) ଶବ୍ଦସମୂହ ବା ବାକ୍ୟାଂଶ; *ଲାକ୍ଷ.* ମଧ୍ୟବର୍ତ୍ତୀ ଘଟଣା, ମଧ୍ୟାନ୍ତର।

**parenthetic** ବିଂ. ନିକ୍ଷିପ୍ତ ବାକ୍ୟର, ଅନ୍ତର୍ନିବିଷ୍ଟ, *କ୍ରି.ବିଂ.* parenthetically.

**parenthood** ବି. ମାତୃତ୍ୱ ବା ପିତୃତ୍ୱ।

**parenting** ବି.ପାଳିପୋଷି ବଢ଼ାଇବା (କାର୍ଯ୍ୟ)।

***par excellence*** *କ୍ରି.ବିଂ.* ସର୍ବଶ୍ରେଷ୍ଠ ରୂପରେ, ସର୍ବୋତ୍କୃଷ୍ଟ ଭାବରେ। *(ଫ.)*

**parfait** ବି. ପୁଡିଙ୍ଗ୍ ବିଶେଷ; ଡେଙ୍ଗା ଗ୍ଲାସ୍‌ରେ ପରିବେଷିତ ଆଇସ୍‌କ୍ରିମ୍, ଫଳ ପ୍ରଭୃତିର ସ୍ତର।

**parget** 1. *କ୍ରି.* (କାନ୍ଥ ପ୍ରଭୃତି) ସୁଶୋଭିତ ଭାବରେ ପଲସ୍ତରା କରିବା; ଛାଞ୍ଚ କରିବା; 2. ବି. ଶୋଭାବର୍ଦ୍ଧକ ପଲସ୍ତରା, ଛାଞ୍ଚ।

**pariah** ବି. ନୀଚଜାତିର ଲୋକ, ଜାତିହୀନ ଲୋକ, *ଲାକ୍ଷ.* ସମାଜଚ୍ୟୁତ ବ୍ୟକ୍ତି।

**parietal** ବିଂ. ପାର୍ଶ୍ୱିକା, ଶରୀରର ପ୍ରାଚୀର ବା ପାର୍ଶ୍ୱ-ସମ୍ବନ୍ଧୀୟ; ଶରୀରର ବିବର ବା ଗର୍ତ୍ତ ସମ୍ବନ୍ଧୀୟ; ଗୁହିକା।

**parietal bone** ବି. କପାଳାସ୍ଥି, ଖପୁରିର ଉଭୟ ପାର୍ଶ୍ୱସ୍ଥ ଅସ୍ଥି।

**paring** ବି. କଟା ହୋଇଥିବା ପଟି ବା ଚକ୍ରୁତା; କଟା ଖଣ୍ଡ ବା ଅଂଶ।

**parish** ବି. ନିଜର ସ୍ୱତନ୍ତ୍ର ଗୀର୍ଜା ଓ ପାଦ୍ରୀ ଥିବା ଅଞ୍ଚଳ; ଯାଜକଙ୍କ ଅଞ୍ଚଳ ବା କ୍ଷେତ୍ର; ପାଦ୍ରୀଙ୍କ ଇଲାକା।

**parish clerk** ବି. ଗୀର୍ଜାର ବିଭିନ୍ନ କାର୍ଯ୍ୟ ତୁଲାଉଥିବା କର୍ମଚାରୀ।

**parish council** ବି. ଗୀର୍ଜାର ପ୍ରଶାସନିକ ପରିଷଦ୍।

**parishioner** ବି. ପେରିଶ୍ ବା କୌଣସି ଗୀର୍ଜା ଅଧୀନସ୍ଥ ଅଞ୍ଚଳର ଅଧିବାସୀ।

**parish register** ବି. ଆଞ୍ଚଳିକ ଗୀର୍ଜାରେ ଅନୁଷ୍ଠିତ ଭୁବନ, ବିବାହ, ଅନ୍ତ୍ୟେଷ୍ଟିକ୍ରିୟା ପ୍ରଭୃତି ଲିପିବଦ୍ଧ ହେଉଥିବା ଖାତା।

**parity** ବି. ସମାନତା, ସମତା (ଦରମା ପ୍ରଭୃତିରେ); ସମ ବିନିମୟ ମୂଲ୍ୟ ବିଶିଷ୍ଟ ମୁଦ୍ରା।

**park** 1. ବି. ପାର୍କ, ପ୍ରମୋଦ-ଉଦ୍ୟାନ, ନଗର ବା ସହରସ୍ଥିତ ସର୍ବଜନୀନ ଉପବନ; ନଗର–ବାସୀମାନଙ୍କର କ୍ରୀଡ଼ା ବା ବିହାରସ୍ଥଳ; ଉନ୍ମୁକ୍ତ ଉଦ୍ୟାନ; ମଟରଗାଡ଼ି ପ୍ରଭୃତିର ଅଳ୍ପସମୟ ପାଇଁ ରହଣିସ୍ଥଳ; *ଆମେ.* ଖେଳ ପଡିଆ; 2. *କ୍ରି.* ମଟରଗାଡ଼ି ପ୍ରଭୃତିକୁ ସାମୟିକ ଭାବରେ ରଖିବା; *କ.ଭା.* ସାମୟିକଭାବେ ରଖିବା ବା ଛାଡିଯିବା; park oneself *କ.ଭା.* ବସି ପଡ଼ିବା।

**parka** ବି. ଏସ୍କିମୋମାନଙ୍କର ଏକପ୍ରକାର ଚମଡ଼ା ଜେକେଟ୍; ପର୍ବତାରୋହୀଙ୍କ ସେହିଭଳି ପବନ ନିରୋଧକ ବସ୍ତ୍ର।

**parking–lot** ବି. *ଆମେ.* ସାମୟିକ ଭାବରେ ଯାନବାହନ ରଖିବା ପାଇଁ ଉଦ୍ଦିଷ୍ଟ ସ୍ଥାନ।

**parking–ticket** ବି. ଅବୈଧ ଭାବରେ ଯାନବାହନ ପ୍ରଭୃତି ରଖିବା ହେତୁ ଜୋରିମାନା।

**Parkinson's disease** ବି. (Parkinsonism ମଧ୍ୟ) ସ୍ନାୟବିକ ଦୁର୍ବଳତାଜନିତ ରୋଗ ବିଶେଷ।

**parkland** ବି. ଗଛପତ୍ର ଥାଇ ଖୋଲା ଘାସପଡିଆ।

**parky** ବିଂ. *ସା.ପ୍ର.* ଶୀତୁଆ।

**parlance** ବି. କୌଣସି ବିଶେଷ ଗୋଷ୍ଠୀର କଥାବାର୍ତ୍ତାର ଢଙ୍ଗ ବା ଭାଷା ବ୍ୟବହାର ଶୈଳୀ।

Digitized by srujanika@gmail.com

**parley** 1. ବି. ଯୁଦ୍ଧବିରତି ବା ସନ୍ଧି ନିମନ୍ତେ ଶତ୍ରୁ ସହିତ ସର୍ତ୍ତସଂପର୍କିତ ଆଲୋଚନା; 2. କ୍ରି. ସନ୍ଧିପ୍ରସ୍ତାବ ସଂପର୍କରେ ଶତ୍ରୁପକ୍ଷ ସହ ଆଲୋଚନା କରିବା।

**parliament** ବି. ପାର୍ଲ୍ୟାମେଣ୍ଟ; ଦେଶର ବ୍ୟବସ୍ଥାପକ ସଭା, ଲୋକସଭା ଓ ରାଜ୍ୟସଭାର ସମ୍ମିଳିତ ବ୍ୟବସ୍ଥା; ସଂସଦ୍; ଜାତୀୟ ବା ରାଷ୍ଟ୍ରୀୟ ବିଧି ମହାସଭା।

**parliamentarian** ବି. ସାଂସଦ, ସଂସଦର ତର୍କକୁଶଳ ସଦସ୍ୟ।

**parliamentary** ବିଂ ସଂସଦ ବା ପାର୍ଲ୍ୟାମେଣ୍ଟର; ସଂସଦୀୟ, ସଂସଦଦ୍ୱାରା ଅଧିନିୟମିତ, ସ୍ୱୀକୃତ ବା ସ୍ଥାପିତ; ସଂସଦ ଦ୍ୱାରା ସ୍ୱୀକୃତ (ଭାଷା)।

**parlour** ବି. *ଆମେ.* parlor ବୈଠକଖାନା; (ହୋଟେଲ୍ ମଠ ପ୍ରଭୃତିରେ) ଘରୋଇ କଥାବାର୍ତ୍ତା ପାଇଁ ନିର୍ଦ୍ଦିଷ୍ଟ କୋଠରୀ; ନିର୍ଦ୍ଦିଷ୍ଟ ଦ୍ରବ୍ୟ ବା ସେବା ଯୋଗାଣକାରୀ ପ୍ରତିଷ୍ଠାନ, *ଉଦା.* beauty parlour.

**parlour game** ବି. ଘର ଭିତରେ ଖେଳା ହେଉଥିବା ଖେଳ (*ବିଶେ.* ଶବ୍ଦଖେଳ)।

**parlous** *ପ୍ରା.ପ୍ର.* 1. ବିଂ. ବିପଜ୍ଜନକ, ସଂକଟପୂର୍ଣ୍ଣ; 2. *କ୍ରି.ବିଂ.* ଅତ୍ୟଧିକ ଭାବରେ ବା ଅତୀବ।

**parochial** ବିଂ. ପାଦ୍ରୀ କ୍ଷେତ୍ର ସମ୍ବନ୍ଧୀୟ; (ଘଟଣା ବା ମତ ସମ୍ବନ୍ଧରେ) କେବଳ ଗ୍ରାମ୍ୟ ବା ଆଞ୍ଚଳିକ; ସ୍ଥାନୀୟ।

**parochialism** ବି. ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ବା ମତବାଦ।

**parochially** *କ୍ରି.ବିଂ.* ଆଞ୍ଚଳିକ ବା ସ୍ଥାନୀୟ ଭାବରେ।

**parody** 1. ବି. ଲାଳିକା; ବ୍ୟଙ୍ଗାତ୍ମକ ଅନୁକରଣ କାବ୍ୟ, ହାସ୍ୟୋଦ୍ଦୀପକ ସାହିତ୍ୟିକ ଅନୁକୃତି; 2. କ୍ରି. (କୌଣସି କାବ୍ୟର) ଲାଳିକା ରଚନା କରିବା; ଅନୁକରଣଦ୍ୱାରା ହାସ୍ୟରସ ସୃଷ୍ଟି କରିବା; ବି. parodist.

**parole** 1. ବି. ବିଶେଷ କାରଣରୁ ସର୍ତ୍ତମୂଳକ ସାମୟିକ କାରାମୁକ୍ତି; ମୌଖିକ ଜବାବ ବା ପ୍ରତିଶ୍ରୁତି; 2. କ୍ରି. ସର୍ତ୍ତାନୁସାରେ ବନ୍ଦୀକୁ ସାମୟିକ କାରାମୁକ୍ତି ଦେବା।

**parotid** 1. ବିଂ. କର୍ଣ୍ଣମୂଳସ୍ଥ, କାନ ନିକଟରେ ଅବସ୍ଥିତ; 2. ବି. କର୍ଣ୍ଣମୂଳ ଗ୍ରନ୍ଥି, କାନ ସମ୍ମୁଖସ୍ଥ ଲାଳଗ୍ରନ୍ଥି।

**paroxysm** ବି. (ହଠାତ୍) କ୍ରୋଧ, ହସ; ଅପ୍ରତ୍ୟାଶିତ ରୋଗ ଆକ୍ରମଣ, ବିଂ. paroxismal.

**parquet** 1. ବି. କାଠପଟାଗୁଡିକଦ୍ୱାରା ସୁସଜ୍ଜିତ ଭାବରେ ନିର୍ମିତ ଚଟାଣ; 2. କ୍ରି. ଏହିପରି ଭାବରେ ଚଟାଣ ବା ମେଜିଆ ନିର୍ମାଣ କରିବା; ବି. parquetry.

**parr** ବି. ସାମନ୍ (salmon) ମାଛଛୁଆ, ସାମନ୍ ମତ୍ସ୍ୟଶାବକ।

**parricide** ବି. ନିକଟ ସଂପର୍କୀୟ (ବିଶେଷତଃ ବାପା କିମ୍ବା ମା')ର ହତ୍ୟା ବା ହତ୍ୟାକାରୀ; ବିଂ. parricidal.

**parrot** 1. ବି. ଶୁକପକ୍ଷୀ, ଶୁଆ; ଶୁଆଭଳି ଅନ୍ଧାନୁକରଣକାରୀ ବା ରଟନାକାରୀ ବ୍ୟକ୍ତି; 2. କ୍ରି. ଶୁଆପରି ଅନ୍ଧାନୁକରଣ ବା ଆବୃତ୍ତି କରିବା।

**parry** 1. କ୍ରି. ନିବାରଣ କରିବା; ଟାଳିଦେବା; ସମୁଚିତ ଉତ୍ତର ଦେବା (ବାଚନିକ ବା ଅସ୍ତ୍ରଶସ୍ତ୍ରରେ); 2. ବି. ନିବାରଣ, ପ୍ରତିରୋଧ।

**parse** କ୍ରି. ବ୍ୟାକରଣର ନିୟମାନୁସାରେ (ଶବ୍ଦ ବା ପଦର ଅନ୍ୱୟ) ବ୍ୟାଖ୍ୟା କରିବା; ପଦବ୍ୟାଖ୍ୟା ବା ପଦଚ୍ଛେଦ କରିବା; ବାକ୍ୟଖଣ୍ଡ କରିବା ବା ତାହାର ବ୍ୟାଖ୍ୟା-ବିଶ୍ଳେଷଣ ପ୍ରଭୃତି କରିବା।

**parsec** ବି. ତାରାମାନଙ୍କର ପରସ୍ପରଠାରୁ ଦୂରତ୍ୱର ଏକକ (ପ୍ରାୟ ୩.୨୫ ଆଲୋକବର୍ଷ)।

**Parsee** ବି. ପାର୍ସି; ସପ୍ତମ-ଅଷ୍ଟମ ଶତାବ୍ଦୀରେ ଭାରତକୁ ଆସିଥିବା ପାରସ୍ୟବାସୀଙ୍କ ବଂଶଧର; ଜରଥୁସ୍ତ୍ର ମତାବଲମ୍ବୀ; ବି. Parseeism.

**parsimony** ବି. ଧନବ୍ୟୟରେ ସାବଧାନତା; ମିତବ୍ୟୟିତା; କାର୍ପଣ୍ୟ, କଂଜୁସ୍‌ପଣିଆ, ବ୍ୟୟକୁଣ୍ଠତା; ବିଂ parsimonious.

**parsley** ବି. ବ୍ୟଞ୍ଜନ ସୁଶୋଭିତ ବା ସୁଗନ୍ଧିତ କରିବାରେ ବ୍ୟବହୃତ ଏକଜାତୀୟ ଶାଗ।

**parsnip** ବି. ହଳଦିଆରଙ୍ଗର ଗାଜର ଜାତୀୟ ପରିବା ବିଶେଷ।

**parson** ବି. *ଖ୍ରୀ.* ରେକ୍ଟର, ଭିକାର ବା ସେଭଳି ପୁରୋହିତ ବା ଧର୍ମଯାଜକ; *କ.ଭା.* ଯେ କୌଣସି ଖ୍ରୀଷ୍ଟୀୟ (ବିଶେଷତଃ ପ୍ରୋଟେଷ୍ଟାଣ୍ଟ) ଯାଜକ।

**parsonage** ବି. ଖ୍ରୀଷ୍ଟୀୟ ଯାଜକଙ୍କ ବାସଗୃହ।

**parson's nose** ବି. ରନ୍ଧା କୁକୁଡାର ଚର୍ବିଳ ହାଡ ବା ଗୋଡ଼।

**part** 1. ବି. କିଛିଅଂଶ, ଭାଗ, ଖଣ୍ଡ, ପୁସ୍ତକର ଭାଗ ବା ଖଣ୍ଡ; ଅଙ୍ଗ; ଅବୟବ; ଅନୁପାତ

Digitized by srujanika@gmail.com

(2 parts sugar and 3 parts flour); ନିର୍ଦ୍ଦିଷ୍ଟଭାଗ, ପୂର୍ଣ୍ଣବସ୍ତୁର ସମାନ ଅଂଶଗୁଡ଼ିକ ମଧ୍ୟରେ ଗୋଟିଏ; ଅଂଶ ବା ଭାଗରୂପେ ନିର୍ଦ୍ଧାରିତ କର୍ତ୍ତବ୍ୟ (will have no part in it); (ନାଟକରେ) ଅଭିନେତାର ଭୂମିକା, ପାର୍ଟ୍, ଅଭିନୟାଂଶ, ଅଭିନେତାର ସଂବାଦ ବା ସଂଳାପ; *ସଙ୍ଗୀତ* (ଶିଳ୍ପୀ ବା ବାଦ୍ୟଯନ୍ତ୍ରର) ଲୟ, ତାନ, ରାଗ; ବ.ବ. ଅଞ୍ଚଳ; ଯୋଗ୍ୟତା (a man of parts); (ବିବାଦ, କଳହ, ପ୍ରଭୃତିରେ) ପକ୍ଷ, ତରଫ; 2. *କ୍ରି.* ବାଣ୍ଟିବା, ବିଭକ୍ତ କରିବା, ଅଲଗା ଅଲଗା କରିବା, ବିଭକ୍ତ ହେବା, ଅଲଗା ବା ବିଯୁକ୍ତ ହେବା; ବିଦାୟ ନେବା ବା ଛାଡ଼ିକରି ଯିବା (part company); ପାନିଆରେ କୁଣ୍ଡେଇ ସିନ୍ଥିଆ କରିବା (part hair); *ସା.ପ୍ର.* ଟଙ୍କା ଶୁଝିବା (part with money); 3. *କ୍ରି.ବି*ଂ. ଅଂଶତଃ, ଆଂଶିକ ରୂପରେ; for my part ମୁଁ ଯେତେ ଦୂର ସଂପୃକ୍ତ, ମୋ ତରଫରୁ, ମୋ ଆଡୁ; on the part of କୌଣସି ବ୍ୟକ୍ତିଦ୍ୱାରା କୃତ; part and parcel ଅତ୍ୟାବଶ୍ୟକ ଅଂଶ ବା ଭାଗ, ଅନିବାର୍ଯ୍ୟ ବା ଅପରିହାର୍ଯ୍ୟ ଅଙ୍ଗ; part with ପରିତ୍ୟାଗ କରିବା, ଛାଡ଼ିବା, ସମର୍ପଣ କରିବା; play a part ଉଲ୍ଲେଖଯୋଗ୍ୟ ବା ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ହେବା; take in good part ଅପମାନିତ ବୋଧ ନ କରିବା; take part ସାହାଯ୍ୟ କରିବା, ଭାଗ ନେବା; take the part of ସମର୍ଥନ କରିବା, ସାହାଯ୍ୟ ଦେବା।

**partake** *କ୍ରି.* (partook, partaken) *କ୍ରି.* ଅଂଶଗ୍ରହଣ କରିବା; ଅଂଶୀଦାର ବା ଭାଗୀ ହେବା; *ସା.ପ୍ର.* ସବୁ ଖାଇଯିବା; (କାହାର ଗୁଣ ପ୍ରଭୃତିର) ପରିଚୟ ମିଳିବା (His manner partakes of insolence ତାଙ୍କ ବ୍ୟବହାରରୁ ଔଦ୍ଧତ୍ୟର ପରିଚୟ ମିଳେ)।

**parterre** ବି. ଉପବନ ମଧ୍ୟବର୍ତ୍ତୀ ପୁଷ୍ପଶଯ୍ୟା ସୁଶୋଭିତ ସମତଳ ଭୂମି; ପ୍ରେକ୍ଷାଳୟ ବା ରଙ୍ଗାଳୟର ପିଟ୍ ବା ସଂଗୀତଶିଳ୍ପୀ ପ୍ରଭୃତିଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ।

**parthenogenesis** ବି. ଜନନେନ୍ଦ୍ରିୟର ସମ୍ବନ୍ଧ ବିନା ବା ଗର୍ଭାଧାନ ବିନା ପ୍ରଜନନ।

**Parthian shot** ବି. ବିଦାୟକାଳୀନ ମନ୍ତବ୍ୟ, ଚାହାଣି ବା ଆଘାତ ପ୍ରଭୃତି (ଇତି. ପଳାୟନୋନ୍ମୁଖ ପାର୍ଥିଆନ୍ ସୈନ୍ୟବାହିନୀଦ୍ୱାରା ଶତ୍ରୁଉପରକୁ କ୍ଷେପଣାସ୍ତ୍ର ପ୍ରୟୋଗ)।

**partial** ବିଂ. ଅପୂର୍ଣ୍ଣ, ଆଂଶିକ; ପକ୍ଷପାତୀ, ଅନ୍ୟାୟସଙ୍ଗତ; partial to (କାହାପ୍ରତି ଅନୁଚିତ ଭାବରେ) ଅନୁରକ୍ତ ବା ଅନୁରାଗୀ; *କ୍ରି.ବିଂ.* partially.

**partial eclipse** ବି. ଆଂଶିକ (ଚନ୍ଦ୍ର ବା ସୂର୍ଯ୍ୟ) ଗ୍ରହଣ।

**partiality** ବି. ପକ୍ଷପାତିତ୍ୱ, ପକ୍ଷପାତିତା; ଅନୁଚିତ ବା ଅନ୍ୟାୟସଙ୍ଗତ ଅନୁରାଗ।

**participant** ବି. ଅଂଶଗ୍ରହଣକାରୀ।

**participate** *କ୍ରି.* (କୌଣସି ଘଟଣା ବା ବିଷୟରେ) ଅଂଶଗ୍ରହଣ କରିବା ବା ଅଂଶୀଦାର ହେବା।

**participation** ବି. (କୌଣସି ବସ୍ତୁ ବା ବିଷୟରେ) ଅଂଶଗ୍ରହଣ।

**participator** ବି. ଅଂଶଗ୍ରହଣକାରୀ।

**participle** ବି. *ବ୍ୟା.* କ୍ରିୟାପଦରୁ ନିଷ୍ପନ୍ନ ଶବ୍ଦ (being, walking, been, driving, driven, painting, painted ପ୍ରଭୃତି); ଯୌଗିକ କ୍ରିୟାପଦରେ (is *being*, has *been*) ବା ବିଶେଷଣଭାବରେ (*used* car, *spoilt* child) ବ୍ୟବହୃତ; ବିଂ. participial.

**particle** ବି. କଣ; କଣିକା, କ୍ଷୁଦ୍ରତମ ଅଂଶ; ଅଣୁ ବା ପରମାଣୁ; *ବ୍ୟା.* ଲଘୁ ଅବ୍ୟୟ ଶବ୍ଦ; ସାଧାରଣ ଉପସର୍ଗ ବା ପ୍ରତ୍ୟୟ (un-, en-, -ness, -ship ପ୍ରଭୃତି)।

**particoloured** ବିଂ. ବହୁରଙ୍ଗୀ; ଗୋଟିଏ ଅଂଶ ଗୋଟିଏ ରଙ୍ଗର, ଆଉ ଗୋଟିଏ ଅଂଶରେ ଭିନ୍ନ ରଙ୍ଗଥିବା।

**particular** 1. ବିଂ. ବିଶେଷ, ବିଶିଷ୍ଟ, ନିର୍ଦ୍ଦିଷ୍ଟ, ସ୍ୱତନ୍ତ୍ର; ବ୍ୟକ୍ତିଗତ ବା ବୈୟକ୍ତିକ; ପୃଥକ୍, ନିଆରା, ବିଲକ୍ଷଣ; ଯଥାର୍ଥ, ବିଶଦ; 2. ବି. ବିଶଦ୍ ବା ଯଥାର୍ଥ ବିବରଣ, ସବିସ୍ତାର ଲିଖନ; ବ.ବ. ଆବଶ୍ୟକ ବିବରଣ ବା ସୂଚନା; in particular ବିଶେଷତଃ; ନିର୍ଦ୍ଦିଷ୍ଟ ଭାବରେ।

**particularity** ବି. ବୈଶିଷ୍ଟ୍ୟ, ବିଶେଷତା, ସ୍ୱାତନ୍ତ୍ର୍ୟ; ବର୍ଣ୍ଣନାରେ ବିବରଣର ପୂର୍ଣ୍ଣତା ବା ସୂକ୍ଷ୍ମତା।

**particularize** *କ୍ରି.* ଗୋଟି ଗୋଟି କରି ଗଣିବା ବା କହିବା; ବିଶେଷ ଭାବରେ ନାମ ଉଲ୍ଲେଖ

Digitized by srujanika@gmail.com

କରିବା; ଘଟଣା ବା ବିବରଣ ନିର୍ଦ୍ଦିଷ୍ଟ ଭାବରେ ସୂଚାଇବା; ବି. particularization.

**particularly** କ୍ରି.ବିଂ. ବିଶେଷ ବା ବିଶିଷ୍ଟ ଭାବରେ; ଅତ୍ୟନ୍ତ।

**parting** ବି. ବିଦାୟ, ବିରହ, ବିୟୋଗ, ବିଚ୍ଛେଦ; ପ୍ରସ୍ଥାନ; ବିଭାଜନ, ପୃଥକୀକରଣ, ସୀମନ୍ତ ବା ସିଉଁଥା (କେଶର)।

**partisan** ବି. (partizan ମଧ୍ୟ) କୌଣସି ପକ୍ଷ ବା ଦଳର ଦୃଢ଼ (କିନ୍ତୁ ଅଯୌକ୍ତିକ) ସମର୍ଥକ; ଅନ୍ଧାନୁଯାୟୀ; ଗରିଲା; ବି. partisanship.

**partition** 1. ବି. ବିଭାଜନ, ବିତରଣ, ବିଭାଗ, ବିଭାଜିତ ଅଂଶ; ଦୁଇଟି ଅଂଶର ବିଭାଜକ କାନ୍ଥ ବା ପରଦା; 2. କ୍ରି. ଖଣ୍ଡ ବା ଅଂଶରେ ବିଭକ୍ତ କରିବା; partition off କୋଠରୀର ବିଭିନ୍ନ ଅଂଶକୁ ପରଦାପ୍ରଭୃତିଦ୍ୱାରା ପୃଥକ୍ କରିବା।

**partitive** ବ୍ୟା. 1. ବିଂ. (ଶବ୍ଦ ପ୍ରଭୃତିର) ବିଭାଗସୂଚକ; ବିତରଣାତ୍ମକ, ବଣ୍ଟନାତ୍ମକ; 2. ବି. ଅଂଶସୂଚକ ବା ବିଭାଗବୋଧକ ପଦ (ଶବ୍ଦ), ଉଦା. some, any ପ୍ରଭୃତି।

**partly** କ୍ରି.ବିଂ. ଆଂଶିକ ଭାବରେ, ଅଂଶତଃ, କିଛି ପରିମାଣରେ।

**partner** 1. ବି. ଭାଗୀ, ଭାଗୀଦାର, ସହଭାଗୀ, ଅଂଶୀଦାର; ବ୍ୟବସାୟ ସହଯୋଗୀ; ପତି ବା ପତ୍ନୀ; ସହନର୍ତ୍ତକ ବା ନର୍ତ୍ତକୀ; ଦଳର ଖେଳସାଥୀ; ସହଯୋଗୀ ଖେଳାଳି; 2. କ୍ରି. ଅଂଶୀଦାର ସ୍ୱରୂପ ଯୋଗଦେବା।

**partnership** ବି. ଅଂଶୀଦାରତ୍ୱ, ବ୍ୟବସାୟ ପ୍ରଭୃତିରେ ସହଯୋଗିତା।

**partook** କ୍ରି. partakeର *ଅ.କା.*।

**part of speech** ବି. ଶବ୍ଦର ବିଭାଗୀକରଣ, ପଦ (ବିଶେଷ୍ୟ, ବିଶେଷଣ, କ୍ରିୟା, ସର୍ବନାମ, ଅବ୍ୟୟ ପ୍ରଭୃତି)।

**partridge** ବି. ତିତିର ଜାତୀୟ ପକ୍ଷୀ ବିଶେଷ।

**part time** ବି. ପୁରାସମୟରୁ କମ୍।

**part–time** ବିଂ. ଉପଲବ୍ଧ କାର୍ଯ୍ୟ ସମୟର ଅଂଶମାତ୍ରର ଅଧିକାରୀ, ପୂରା ସମୟ ପାଇଁ ନିଯୁକ୍ତ ନୁହେଁ।

**part–timer** ବି. ଆଂଶିକ ସମୟରେ କାର୍ଯ୍ୟରତ ବ୍ୟକ୍ତି।

**parturient** ବିଂ. *ଔପ.* ପ୍ରସବୋନ୍ମୁଖୀ, ଆସନ୍ନପ୍ରସବା।

**parturition** ବି. *ଔପ.* ସନ୍ତାନପ୍ରସବ, ସନ୍ତାନଜନନ।

**party** ବି. ସାମାଜିକମିଳନ; ମିଳନ, ନିମଂତ୍ରିତ ଅତିଥିମାନଙ୍କ ସମାବେଶ; କୌଣସି ମତ, ଉଦ୍ଦେଶ୍ୟ ପ୍ରଭୃତି ନିମନ୍ତେ ସଂଗଠିତ ସମୂହ ବା ସମୁଦାୟ, ବିଶେ. ରାଜନୈତିକ ଦଳ; ସହକର୍ମୀ ବା ସହଯାତ୍ରୀମାନଙ୍କର ଦଳ; ପକ୍ଷ; ଆମୋଦପ୍ରମୋଦ, ପ୍ରୀତିଭୋଜନ ପ୍ରଭୃତି ବ୍ୟାପାର; ବାଦୀ ବା ପ୍ରତିବାଦୀ; ବିବାହ ପ୍ରଭୃତି ଉତ୍ସବରେ ବରପକ୍ଷ ବା କନ୍ୟାପକ୍ଷ; କୌଣସି କାର୍ଯ୍ୟର ସହଯୋଗୀ, *କ.ଭା.* ବ୍ୟକ୍ତି।

**party line** ବି. ରାଜନୈତିକ ଦଳର ଅନୁସୃତ ନୀତି; ଦୁଇ ବା ଅଧିକ ଗ୍ରାହକଙ୍କ ଦ୍ୱାରା ଗୋଟିଏ ଟେଲିଫୋନ୍ ଲାଇନ୍ ବ୍ୟବହାର।

**party spirit** ବି. ଦଳୀୟ ମନୋଭାବ, ଦଳଗତ ଭାବନା।

**party–wall** ବି. ଦୁଇଟି ଘର ବା କୋଠରୀର ସଂଯୋଗକାରୀ ସାଧାରଣ କାନ୍ଥ।

***pas*** ବି. ନୃତ୍ୟର ପଦପାତ, *pas the deux* ଦୁଇଜଣଙ୍କ ପାଇଁ ନୃତ୍ୟ। *(ଫ.)*

**PASCAL, Pascal** ବି. ତାଲିମ୍‌ରେ ବ୍ୟବହୃତ କମ୍ପ୍ୟୁଟର୍ ଭାଷା (ପେସ୍କାଲ, ବୈଜ୍ଞାନିକ); ଚାପର ଏକକ।

**paschal** ବିଂ. ଇହୁଦୀମାନଙ୍କର ପର୍ବବିଶେଷ ସମ୍ବନ୍ଧୀୟ; ଖ୍ରୀଷ୍ଟିଆନ୍‌ମାନଙ୍କର ଇଷ୍ଟର୍ ପର୍ବ ସମ୍ବନ୍ଧୀୟ, paschal lamb ଇହୁଦୀମାନଙ୍କ ପାସୋଭର୍ ବା ବାସନ୍ତ ପର୍ବରେ ବଳିବଧ୍ୟ ମେଷଶାବକ।

**pasha** ବି. *ଇତି.* ପାଶା; ତୁର୍କୀରାଜ୍ୟର ଉଚ୍ଚ ପଦାଧିକାରୀଙ୍କର ଉପାଧି (ନାମ ପଛରେ ବ୍ୟବହୃତ)।

**Pashto** 1. ବି. ଇରାନୀ ପଠାଣମାନଙ୍କର ଭାଷା; 2. ବିଂ. ଉକ୍ତ ଭାଷା ସମ୍ବନ୍ଧୀୟ।

**pasque–flower** ବି. ପାସ୍କ ଫୁଲ।

**pass**[1] 1. କ୍ରି. (ଅ.କା. ଓ ଅ.କ୍ରି.କ.ପ. passed; ବିଂରେ past) ଆଗକୁ ବଢ଼ିବା, ଅଗ୍ରସର ହେବା; ଏକ ବ୍ୟକ୍ତି ବା ସ୍ଥାନଠାରୁ ଅନ୍ୟ ବ୍ୟକ୍ତି ବା ସ୍ଥାନକୁ ପ୍ରେରିତ ବା ପ୍ରେଷିତ ହେବା;

Digitized by srujanika@gmail.com

ଅତିକ୍ରମ କରିବା, ଟପିବା; ଚଳିବା, ଚାଲୁହେବା, ପ୍ରଚଳିତ ହେବା; ଘଟିବା, ଅତିବାହିତ ହେବା; କଟିବା, ଯାପନ କରିବା; କଟାଇବା, ଅତିବାହିତ କରିବା, ପ୍ରସ୍ତାବ ପ୍ରଭୃତି ସ୍ୱୀକୃତ ବା ମଞ୍ଜୁର ହେବା; ପ୍ରସ୍ତାବ ପ୍ରଭୃତିକୁ ସ୍ୱୀକାର ବା ମଞ୍ଜୁର କରିବା; (ପରୀକ୍ଷାରେ) ଉତ୍ତୀର୍ଣ୍ଣ ବା କୃତକାର୍ଯ୍ୟ ହେବା, ପାସ୍ କରିବା; ମରିବା, ହସ୍ତାନ୍ତର କରିବା ବା ହାତକୁ ହାତ ଦେବା; (ଆଦେଶ) ଦେବା; ପ୍ରଚାର କରିବା; ବୁଲେଇ ଦେବା; ବିତାଇବା (ସମୟ); ବଲ୍ ଆଗେଇ ଦେବା (ଅନ୍ୟ ଖେଳାଳିକୁ); ପରିତ୍ୟାଗ କରିବା (ମୃତ୍ର ପ୍ରଭୃତି), ନିଜପାଳି ଛାଡ଼ିଦେବା (ଖେଳ ପ୍ରଭୃତିରେ); ଯୋଗ୍ୟ ବା ଭଲ ବୋଲି ମନେହେବା (passes as a singer), ଘୋଷଣା କରିବା (ବିଚାର, ଆଦେଶ); (ବିଲ୍ ପ୍ରଭୃତି) ମଞ୍ଜୁର ହେବା; ବାଣ୍ଟିବା; ପଠେଇବା (pass the information); 2. ବି. ଉତ୍ତୀର୍ଣ୍ଣ, ପାସ୍ (ଅନର୍ସ୍ ବ୍ୟତୀତ); ଅନୁମତିପତ୍ର; ଟିକେଟ; ଜଟିଳ ଅବସ୍ଥା (come to a fine pass); bring to pass ଘଟାଇବା, ସଂଘଟିତ କରିବା; come to pass ଘଟିବା, ବା ସଂଘଟିତ ହେବା; in passing କଥା ପ୍ରସଙ୍ଗରେ, make a pass at *କ.ଭା.* କାମାସକ୍ତ ବ୍ୟବହାର କରିବା; pass by ପାର୍ଶ୍ୱଦେଇ ଆଗେଇଯିବା; ଛାଡ଼ିଯିବା, ଉପେକ୍ଷା କରିବା; pass for (ରୂପେ ବା ଭାବରେ) ଗୃହୀତ ହେବା; pass off (ଭାବ, ସଂବେଗ, ଉତ୍ତେଜନା ପ୍ରଭୃତି) କ୍ରମଶଃ କମିଯିବା; (କାର୍ଯ୍ୟଧାରା ବା କାର୍ଯ୍ୟବିବରଣୀ ବିଷୟରେ) ନିର୍ଦ୍ଦିଷ୍ଟ ଭାବରେ ସଫଳତାର ସହିତ ସଂପନ୍ନ ହେବା; (ବ୍ୟକ୍ତି ବା ବସ୍ତୁକୁ) ମିଥ୍ୟା ବା ଭ୍ରମାତ୍ମକ ଭାବରେ ବର୍ଣ୍ଣନା କରିବା; pass on ଅଗ୍ରସର ହେବା; pass out ଅଚେତ ବା ବେହୋସ ହେବା; ସୈନିକଶିକ୍ଷା ସଂପୂର୍ଣ୍ଣ କରିବା; pass over ଉପେକ୍ଷା କରିବା, ଛାଡ଼ିଦେବା, ବାଦଦେବା; (ଦାବି ପ୍ରଭୃତି) ଉପେକ୍ଷା ବା ଅବହେଳା କରିବା; pass up *କ.ଭା.* ଉପେକ୍ଷା ବା ଅଗ୍ରାହ୍ୟ କରିବା (ସୁବିଧା, ସୁଯୋଗ ପ୍ରଭୃତି)।

**pass²** ବି. ସଂକୀର୍ଣ୍ଣ ଗିରିପଥ, ଗିରିସଂକଟ।

**passable** ବିଂ. (ମୋଟାମୋଟି ଭାବେ) ସନ୍ତୋଷଜନକ; ଯଥେଷ୍ଟ; ଉତ୍ତୀର୍ଣ୍ଣ ହେବାପାଇଁ ଯୋଗ୍ୟ।

**passage** ବି. ଗମନ ବା ବ୍ୟବହାରର ସାଧନ (ବା ଉପାୟ); ଗମନାଗମନ ପଥ; ଗମନ; ଗମନ ବା ସଂକ୍ରମଣର ସ୍ୱାତନ୍ତ୍ର୍ୟ; ସମୁଦ୍ରଯାତ୍ରା ବା ବାୟୁଯାତ୍ରା; ଏକ ଅବସ୍ଥାରୁ ଅନ୍ୟ ଅବସ୍ଥାକୁ ପରିବର୍ତ୍ତନ; ପୁସ୍ତକ, ସଙ୍ଗୀତ ପ୍ରଭୃତିର ଉଦ୍ଧୃତାଂଶ; ବିଲ୍ ପ୍ରଭୃତିର ଆଇନଭାବେ ଅନୁମୋଦନ; ବ.ବ. କଥା କଟାକଟି; passage of arms କଳହ, ବାଦବିବାଦ।

**passageway** ବି. ବଡ଼ଘରର ବିଭିନ୍ନ କୋଠରୀକୁ ପ୍ରବେଶ ପଥ; ଉଭୟ ପାଖରେ କାନ୍ଥଥିବା ସଂକୀର୍ଣ୍ଣ ଗମନାଗମନ ପଥ; ଅଳିନ୍ଦ।

**passbook** ବି. ପାସ୍ ବହି; ବେଙ୍କ୍, ଗୃହନିର୍ମାଣ ସମିତି ପ୍ରଭୃତି ତରଫରୁ ଗ୍ରାହକକୁ ପ୍ରଦତ୍ତ ଜମା ଓ ଉଠାଣର ହିସାବ ବହି।

***passe*** ବିଂ. *ସ୍ତ୍ରୀ.* passee ଯାହାର ସମୟ ଅତୀତ ହୋଇଗଲାଣି; ପୁରୁଣାକାଳିଆ; ପ୍ରତିକୂଳ; ବିଗତ ଯୌବନ। *(ଫ.)*

**passenger** ବି. ଯାତ୍ରୀ (ଟ୍ରେନ୍, ବସ୍, ଜାହାଜ ଆଦିରେ); *କ.ଭା.* କୌଣସି ଟିମ୍ ବା ଦଳର ସଦସ୍ୟ, ଯେ କୌଣସି ଫଳପ୍ରଦ କାର୍ଯ୍ୟ କରେ ନାହିଁ।

**passer-by** ବି. ପଥିକ; ଅତିକ୍ରମ କରି ଯାଉଥିବା ଲୋକ।

**passerine** 1. ବିଂ. ଘରଚଟିଆ ଜାତୀୟ; 2. ବି. ଘରଚଟିଆ ପକ୍ଷୀ।

***passim*** କ୍ରି.ବିଂ. ସର୍ବତ୍ର; ଅନେକ ସ୍ଥାନରେ (ପୁସ୍ତକ, ଲେଖା ପ୍ରଭୃତିରେ)। *(ଲା.)*

**passion** ବି. ଭାବାବେଶ, ପ୍ରଚଣ୍ଡ ଆବେଗ, ତୀବ୍ର ମନୋଭାବ, ପ୍ରବଳ ମାନସିକ ଉତ୍ତେଜନା, କ୍ରୋଧର ପ୍ରକୋପ; ଦେହଜ ପ୍ରେମ, କାମୁକତା; ପ୍ରବଳ ଉତ୍ସାହ; The Passion କ୍ରୁଶବିଦ୍ଧ ଯୀଶୁଙ୍କର ଯନ୍ତ୍ରଣା ବା ତତ୍‌ସଂପର୍କିତ ସାହିତ୍ୟ ବା ସଙ୍ଗୀତ।

**passionate** ବିଂ. ଅତ୍ୟଧିକ ସଂବେଗାନ୍ୱିତ, ପ୍ରବଳ ଭାବାବେଗଜନିତ; କ୍ରି.ବିଂ. passionately.

**passion-flowler** ବି. କ୍ରୁଶବିଦ୍ଧ ଯୀଶୁଙ୍କର ପ୍ରତୀକ ପୁଷ୍ପଲତା।

**passion-fruit** ବି. ପେସନ ଫୁଲ ଜାତୀୟ କେତେକ ଗଛର ଖାଦ୍ୟଯୋଗ୍ୟ ଫଳ।

**passionless** ବିଂ. ନିରୁତ୍ସାହ, ଉଦାସୀନ।

Digitized by srujanika@gmail.com

**passion–play** ବି. *ଖ୍ରୀ.* କ୍ରୁଶବିଦ୍ଧ ଯୀଶୁଖ୍ରୀଷ୍ଟଙ୍କ ଯନ୍ତ୍ରଣା ପ୍ରଦର୍ଶନକାରୀ ଧର୍ମୀୟ ନାଟକ (miracle play).

**Passion Sunday** ବି. *ଖ୍ରୀ.* ଖ୍ରୀଷ୍ଟିଆନ୍‌ମାନଙ୍କର ଲେଣ୍ଟ୍ (ଏଶ୍ ବୁଧବାରଠାରୁ ଇଷ୍ଟର୍ ଇଭ୍) ବା ଉପବାସ ଅବଧିର ପଞ୍ଚମ ରବିବାର।

**passive** ବିଂ. ନିଷ୍କ୍ରିୟ, ନିଶ୍ଚେଷ୍ଟ; ଅପ୍ରତିରୋଧୀ; ସହିଷ୍ଣୁ, ସହନଶୀଳ, *ବ୍ୟା.* କର୍ମବାଚ୍ୟସୂଚକ (she was seen); *କ୍ରି.ବିଂ.* passively; ବି. passivity.

**passive resistance** ବି. ଅସହଯୋଗ ଆନ୍ଦୋଳନ, ଅହିଂସ ସତ୍ୟାଗ୍ରହ।

**passive voice** ବି. *ବ୍ୟା.* କର୍ମବାଚ୍ୟ।

**passkey** ବି. ବ୍ୟକ୍ତିଗତ ଚାବି, ଗୁପ୍ତ ଚାବି, ମାଷ୍ଟର୍ ଚାବି।

**Passover** ବି. ଇସ୍ରାଏଲ୍ (Israel) ବାସୀଙ୍କର ମିଶରୀୟ ମାନଙ୍କଠାରୁ ମୁକ୍ତିର ସ୍ମାରକୀଭାବେ ପାଳିତ ଇହୁଦୀମାନଙ୍କର ବାସନ୍ତ ପର୍ବ।

**passport** ବି. ପାସପତ୍ର, ପାସପୋର୍ଟ, ବିଦେଶ ଯାତ୍ରା ନିମନ୍ତେ ସରକାରଙ୍କଦ୍ୱାରା ଅନୁମୋଦିତ ପତ୍ର; *ଲାକ୍ଷ.* ସଫଳତା ପ୍ରଭୃତି ପାଇଁ ଯାହା ନିଶ୍ଚିତ ସାହାଯ୍ୟ କରେ (passport to filmdom).

**password** ବି. ଅଗ୍ରସର ହେବାପାଇଁ ସୈନିକ, ପ୍ରହରୀ ପ୍ରଭୃତିଙ୍କ ପ୍ରତି ଉଚ୍ଚାରିତ ଗୁପ୍ତ ସାଂକେତିକ ଶବ୍ଦ।

**past** 1. ବିଂ. ଗତ, ଅତୀତ; ଭୂତପୂର୍ବ (the past president); ନିକଟ ଅତୀତ (the past week); ପୂର୍ବ ସମୟର; *ବ୍ୟା.* ଅତୀତ କାର୍ଯ୍ୟ ବା ଅବସ୍ଥାର ସୂଚକ; 2. ବି. ଅତୀତ ସମୟ; ଅତୀତ କାଳରେ ସଂଘଟିତ ଘଟଣା; କୌଣସି ବ୍ୟକ୍ତିର ଅତୀତ ଜୀବନ ବା ଜୀବନ ବୃତ୍ତାନ୍ତ (a man with a past); *ବ୍ୟା.* ଅତୀତ କାଳ (past tense); 3. *ଅ.* ନିର୍ଦ୍ଦିଷ୍ଟ ସମୟ ବା ସ୍ଥାନର ବାହାରେ ବା ପରେ; ଅନୁଭବାତୀତ (past belief, endu- rance); 4. *କ୍ରି.ବିଂ.* ପାର୍ଶ୍ୱ ବା ପାଖ ଦେଇ (flew past); not put it past *କ.ଭା.* (ବ୍ୟକ୍ତିଙ୍କ ବିଷୟରେ) ସମ୍ଭବ ବୋଲି ବିଶ୍ୱାସ କରାଯାଇପାରେ, past it *ଘ୍ରା.ପ୍ର.* ବୟସାଧିକ୍ୟ ଯୋଗୁଁ ବ୍ୟବହାର ଉପଯୋଗୀ ବା କାର୍ଯ୍ୟକ୍ଷମ ନୁହେଁ।

**pasta** ବି. ଚକଟା ଅଟା; ବିଭିନ୍ନ ଆକାରରେ ଗଢ଼ା ମଇଦା ବା ଅଟା ଶୁଖାଇ ସେଥିରେ ପ୍ରସ୍ତୁତ ବ୍ୟଞ୍ଜନ।

**paste** 1. ବି. ଅଠା, ମଣ୍ଡ; ଖଳି; ପାଣି, ଦୁଧ ଆଦି ମିଶା ଜନ୍ତା ଅଟା ବା ମଇଦା; ସହଜରେ ରୁଟି ଉପରେ ବୋଳି ହେଉଥିବା ସେଭଳି ଖାଦ୍ୟପଦାର୍ଥ (anchovy paste); 2. *କ୍ରି.* ଅଠା ଲଗାଇବା, ଅଠାଦ୍ୱାରା ଯୋଡ଼ିବା; *ଘ୍ରା.ପ୍ର.* ପ୍ରବଳ ବାଡେଇବା; ପିଟିବା ବା ବୋମାମାଡ଼ କରିବା।

**pasteboard** ବି. ମୋଟା କାଗଜପଟା।

**pastel** ବି. ରଙ୍ଗୀନ ଖଡ଼ି; ରଙ୍ଗୀନ ପେନ୍‌ସିଲ୍; ରଙ୍ଗୀନ ପେନ୍‌ସିଲ୍‌ରେ ଅଙ୍କିତ ଛବି।

**pastern** ବି. ଘୋଡାର ଖୁରା ଓ ତାହାର ନିକଟବର୍ତ୍ତୀ ଲୋମଗୁଚ୍ଛର ମଧ୍ୟଭାଗ।

**pasteurize** *କ୍ରି.* ଦୁଧ ପ୍ରଭୃତିକୁ ଉତ୍ତାପଦ୍ୱାରା ଆଂଶିକ ଭାବରେ ଜୀବାଣୁମୁକ୍ତ କରିବା; ବି. pasteurization (ପାଶ୍ଚର୍, ବୈଜ୍ଞାନିକ)।

**pastiche** ବି. ବିଭିନ୍ନ ସ୍ଥଳରୁ ସଂଗୃହୀତ ବିଭିନ୍ନ ଚିତ୍ର ବା ସଙ୍ଗୀତର ମିଶ୍ରିତ ସଂରଚନା; ବିଶିଷ୍ଟ ସାହିତ୍ୟିକ ବା ଶିଳ୍ପୀଙ୍କ ଶୈଳୀର ଅନୁକରଣରେ ରଚିତ କୃତି।

**pastille** ବି. ଛୋଟ ମିଠେଇ ବା ଲଜେଞ୍ଚ୍; ଧୂପ ବିଶେଷ।

**pastime** ବି. ଚିତ୍ତବିନୋଦନ, ଆମୋଦପ୍ରମୋଦ, କ୍ରୀଡ଼ାକୌତୁକ, ଅଭିରୁଚି; ଆନନ୍ଦରେ ସମୟ କଟାଇବାର ସାଧନ ବା ଉପାୟ।

**past master** ବି. ପ୍ରବୀଣ, ସୁଦକ୍ଷ।

**pastor** ବି. ଗୀର୍ଜାର ପୁରୋହିତ, ଧର୍ମଯାଜକ; ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନକାରୀ।

**pastoral** 1. ବିଂ. ମେଷପାଳକ ସମ୍ବନ୍ଧୀୟ; ଗୋଠ ବା ପଲ ସମ୍ବନ୍ଧୀୟ; ଚାରଣଭୂମି ରୂପେ ବ୍ୟବହୃତ (ଜମି); ଗ୍ରାମ୍ୟଜୀବନର ବର୍ଣ୍ଣନା ସମ୍ବଳିତ; ପେଷ୍ଟର୍ ବା ଧର୍ମଯାଜକ ସମ୍ବନ୍ଧୀୟ; ଗ୍ରାମ୍ୟଗୀତ; 2. ବି. ଗ୍ରାମ୍ୟ ବା ଗାଉଁଲି ଗୀତ, ଲୋକଗୀତ; ପଲ୍ଲୀନାଟକ, ଗୀତି ବା ଚିତ୍ର; ଖ୍ରୀଷ୍ଟୀୟ ପ୍ରଧାନାଚାର୍ଯ୍ୟ ବା ଅଧ୍ୟକ୍ଷଙ୍କର ପୁରୋହିତବର୍ଗ ବା ଜନସାଧାରଣଙ୍କ ନିକଟକୁ ପତ୍ର; *କ୍ରି.ବିଂ.* pastorally.

**pastorate** ବି. *ଖ୍ରୀ.* ଧର୍ମଯାଜକଙ୍କ ପଦ ବା କାର୍ଯ୍ୟକାଳ; ପେଷ୍ଟର୍‌ମାନଙ୍କ ପରିଷଦ।

Digitized by srujanika@gmail.com

**pastry** ବି. ମଇଦାଖଳିରେ ପ୍ରସ୍ତୁତ ପେଷ୍ଟ୍ରି; ସେଭଳି ପ୍ରସ୍ତୁତ ଖାଦ୍ୟ, ବିଶେଷତଃ କେକ୍ ।

**pastry-cook** ବି. ବିକ୍ରୟପାଇଁ ପେଷ୍ଟ୍ରି ପ୍ରସ୍ତୁତକାରୀ ।

**pasturage** ବି. ତୃଣଭୂମି, ଚାରଣ ଭୂମି ।

**pasture** 1. ବି. ଚାରଣ ଭୂମି, ଗୋଚର; ପଶୁଚାରଣଯୋଗ୍ୟ ତୃଣ ବା ଘାସ; 2. କ୍ରି. ପଶୁମାନଙ୍କୁ ଚରାଇବା; (ପଶୁମାନଙ୍କର) ଘାସ ଚରିବା ।

**pasty** ବିଂ. ଅଠାଳିଆ; (ରୁଗ୍ଣ) ପାଣ୍ଡୁର ବର୍ଣ୍ଣ; କ୍ରି.ବିଂ. pastily; ବି. pastiness.

**pat** 1. କ୍ରି. ଥାପୁଡ଼େଇବା ବା ଚାପୁଡ଼େଇବା; ଥାପୁଡେଇ ଚଟକା କରିବା; ତାରିବା ବା ଗଢ଼ିବା (ପିଠା, ମାଟି ପ୍ରଭୃତି); 2. ବି. ହସ୍ତଦ୍ୱାରା ମୃଦୁ ଆଘାତ; ଆଦରର ଥାପଡ଼; ଥାପୁଡ଼େଇବା ଶବ୍ଦ; ଲହୁଣୀମେଣ୍ଟା; 3. ବିଂ. ସମୟୋଚିତ, ଉପଯୁକ୍ତ, ଯଥୋଚିତ, ପ୍ରସ୍ତୁତ; 4. କ୍ରି.ବିଂ. ସମୟୋଚିତ ବା ଉପଯୁକ୍ତ ଭାବରେ; have off pat ଜାଣିଥିବା ବା ସଂପୂର୍ଣ୍ଣରୂପେ ମୁଖସ୍ଥ ଥିବା; pat on the back ଅଭିନନ୍ଦନାତ୍ମକ ସ୍ୱୀକୃତି; ପିଠିଥାପୁଡ଼ା ।

**Pat** ସଂଖ. patent ପେଟେଣ୍ଟ୍ ।

**patch** 1. ବି. ତାଳି ପକାଇବା ପାଇଁ ବା ମଜବୁତ କରିବାରେ ବ୍ୟବହୃତ ବସ୍ତୁ; ତାଳି; ପଟି; କ୍ଷତସ୍ଥାନ ବା ଘାଆ ଉପରର ପ୍ଲାଷ୍ଟର୍ ବା ପଟି; ଆହତ ଚକ୍ଷୁର ସୁରକ୍ଷା ପାଇଁ ପରିହିତ ତୁଳାଗଦି; କ୍ଷୁଦ୍ର ଭୂମିଖଣ୍ଡ; କ.ଭା. ପୋଲିସ୍‌ବାଲା ପ୍ରଭୃତିଙ୍କ ପାଇଁ ନିରୂପିତ ଅଞ୍ଚଳ; ଗୋଟିଏ ସ୍ଥାନରେ ବଢ଼ୁଥିବା ଉଦ୍ଭିଦସମୂହ; ଛୋଟଖଣ୍ଡ ବା ଟୁକୁଡ଼ା; ଅବଶିଷ୍ଟାଂଶ; 2. କ୍ରି. ତାଳି ପକାଇବା, ତାଳି ପକାଇ ମରାମତି କରିବା; (ବିବାଦାଦି) ତୁଟାଇ ଦେବା ବା ମେଣ୍ଟାଇ ଦେବା; (ସମସ୍ୟା, ବିଷୟ ପ୍ରଭୃତି) ସମାଧାନ କରିଦେବା; not a patch on କ.ଭା. (କୌଣସି ବସ୍ତୁ ଠାରୁ) ନିକୃଷ୍ଟତର; patch up ତାଳି ପକାଇ ମରାମତି କରିଦେବା; (ବିବାଦ ପ୍ରଭୃତି) ତରବରରେ ବା ସାମୟିକ ଭାବରେ ତୁଟାଇ ଦେବା ।

**patchwork** ବି. ବିଭିନ୍ନ ପ୍ରକାର ଓ ରଙ୍ଗର ତାଳିଥିବା ସୂଚୀକାମ; ବିଭିନ୍ନ କ୍ଷୁଦ୍ର ଖଣ୍ଡର ମିଶ୍ରଣରେ ନିର୍ମିତ ପଦାର୍ଥ ।

**patchy** ବିଂ. ଗୁଣରେ ଅସମ; ତାଳିପକା; ଏଇଠିସେଇଠି ଥିବା; କ୍ରି.ବିଂ. patchily; ବି. patchiness.

**pate**[1] ବି. ପ୍ରା.ପ୍ର. କ.ଭା. ମୁଣ୍ଡ, ବିଶେ. ବୁଦ୍ଧିର ଅଧିଷ୍ଠାନ ରୂପେ ।

**pate**[2] ବି. ଟୁକୁରା ମାଂସଚକଟା; ପାଏ, ପେଟି (patty) ପ୍ରଭୃତି ସୁସ୍ୱାଦୁ ଖାଦ୍ୟ ।

**patella** ବି. ବ.ବ. patellae ଆଣ୍ଠୁଟୋପି ବା ନି'କେପ୍ (kneecap); ବିଂ. patellar.

**paten** ବି. ଖ୍ରୀ. ଇଉକେରିଷ୍ଟ (Eucharist) ପର୍ବରେ ରୁଟି ରଖିବା ପାଇଁ ବ୍ୟବହୃତ ଅଗଭୀର ପାତ୍ର ।

**patent** 1. ବି. ସରକାରୀ ସନନ୍ଦ ବା ଅଧିକାରପତ୍ର, ବିଶେ. ନୂତନ ଉଦ୍ଭାବନରେ ଉଦ୍ଭାବକର ସର୍ବସ୍ୱତ୍ୱ ସଂରକ୍ଷଣ ସୂଚକ ପତ୍ର; ଏହି ଅନୁମୋଦିତ ଅଧିକାର; ଏହିରୂପେ ସଂରକ୍ଷିତ ଉଦ୍ଭାବନ ବା ଉଦ୍ଭାବନ ପ୍ରକ୍ରିୟା; ପେଟେଣ୍ଟ୍; 2. ବିଂଉକ୍ତ ସନନ୍ଦଦ୍ୱାରା ପ୍ରତିପାଦିତ ବା ସଂରକ୍ଷିତ (ଖାଦ୍ୟ, ଔଷଧ ପ୍ରଭୃତି ସମ୍ବନ୍ଧୀୟ ଅଧିକାର), ମାଲିକାନା ସଂକ୍ରାନ୍ତ; ସୁସ୍ପଷ୍ଟ; ସନ୍ଦେହାତୀତ (patent disapproval); କ.ଭା. ମୌଳିକ, ସୁଚତୁର; ସାଦାସିଧା; 3. କ୍ରି. ଉଦ୍ଭାବିତ ବା ଆବିଷ୍କୃତ ବସ୍ତୁର ସ୍ୱତ୍ୱସ୍ୱୀକୃତି ଲାଭ କରିବା; କ୍ରି.ବିଂ. patently.

**patentee** ବି. ପେଟେଣ୍ଟ୍ ବା ଉଦ୍ଭାବନ, ଆବିଷ୍କାର ପ୍ରଭୃତିର ସ୍ୱୀକୃତି ସନନ୍ଦ ଏବଂ ସ୍ୱତ୍ୱାଧିକାର ପ୍ରାପ୍ତ ବ୍ୟକ୍ତି ।

**patent leather** ବି. ଚକ୍‌ଚକିଆ ଓ ମସୃଣ ଚମଡ଼ା ।

**patent office** ବି. ପେଟେଣ୍ଟ୍ ମଞ୍ଜୁରକାରୀ ସରକାରୀ କାର୍ଯ୍ୟାଳୟ ।

**pater** ବି. ସା.ପ୍ର. ବାପା ।

**paternal** ବିଂ. ପିତୃସମ୍ବନ୍ଧୀୟ, ପୈତୃକ, ପିତାସଦୃଶ; ବାପାଙ୍କ ଆଡୁ (ସମ୍ବନ୍ଧୀୟ); ମଙ୍ଗଳକର ବିଧାନ ବା ନିୟମ ଦ୍ୱାରା ନାଗରିକର ସୁବିଧା ସୁଯୋଗ ଓ ଦାୟିତ୍ୱର ସ୍ୱାଧୀନତା ସୀମିତ କରାହୋଇଥିବା; କ୍ରି.ବିଂ. paternally.

**paternalism** ବି. ରାଷ୍ଟ୍ରର ପିତାସୁଲଭ ପ୍ରଶାସନ ନୀତି; ବିଂ. paternalistic.

**paternity** ବି. ପିତୃତ୍ୱ; କୌଣସି ବ୍ୟକ୍ତିର ପୈତୃକ ଉତ୍ପତ୍ତି; ଲାକ୍ଷ. ଲେଖକତ୍ୱ, ଉତ୍ସ ।

Digitized by srujanika@gmail.com

**paternoster** ବି. *ଖ୍ରୀ.* (ବିଶେ. ଲାଟିନ୍ ଭାଷାରେ) "ଆମ୍ଭମାନଙ୍କର ପିତା" (ପ୍ରାର୍ଥନା ବିଶେଷ)।

**path** ବି. ପଥ, ରାସ୍ତା, ଚଲାବାଟ; କାର୍ଯ୍ୟପନ୍ଥା; ଯେଉଁ ବାଟରେ (ମଣିଷ ବା ବସ୍ତୁ) ଗତି କରିଥାଏ।

**Pathan** ବି. ପଠାଣ; ଉତ୍ତରପଶ୍ଚିମ ପାକିସ୍ତାନ୍ ଓ ଦକ୍ଷିଣପୂର୍ବ ଆଫଗାନିସ୍ତାନ୍‌ର ଅଧିବାସୀ।

**pathetic** ବିଂ. କରୁଣା, ଦୁଃଖ ବା ଘୃଣା ବ୍ୟଞ୍ଜକ; ଅତି ଅନୁପଯୁକ୍ତ ବା ଅଯୋଗ୍ୟ; *କ୍ରି.ବିଂ.* pathetically.

**pathetic fallacy** ବି. *ଲାକ୍ଷ.* ସଂବେଦନ ଆରୋପ; ଜଡ଼ ବା ନିର୍ଜୀବ ପ୍ରକୃତିକୁ ମାନବିକ ଆବେଗ ପ୍ରଦାନ।

**pathfinder** ବି. ପଥପ୍ରଦର୍ଶକ; ଆବିଷ୍କାରକ।

**pathogen** ବି. ରୋଗର ମୂଳକାରଣ; ବିଂ. pathogenic.

**pathological** ବିଂ. ନିଦାନଶାସ୍ତ୍ର ସମ୍ବନ୍ଧୀୟ; ଶାରୀରିକ ବା ମାନସିକ ବିଶୃଙ୍ଖଳା ସମ୍ବନ୍ଧୀୟ ବା ତହିଁରୁ ଉତ୍ପନ୍ନ (ଯଥା pathological fear of snakes); *କ୍ରି.ବିଂ.* pathologically.

**pathologist** ବି. ରୋଗନିଦାନ ବିଶାରଦ, ନିଦାନଶାସ୍ତ୍ରଜ୍ଞ।

**pathology** ବି. ଶାରୀରିକ ରୋଗବିଜ୍ଞାନ; ରୋଗର ନିଦାନଶାସ୍ତ୍ର।

**pathos** ବି. କରୁଣ ରସ; କଥା ବା ଲେଖା ଯାହା କାରୁଣ୍ୟ ବା ଦୁଃଖ ଜନ୍ମାଏ।

**pathway** ବି. ପାଦଚଲା ରାସ୍ତା, ଚଲାବାଟ।

**patience** ବି. ଧୈର୍ଯ୍ୟ; ବାଧାବିଘ୍ନ, ଉତ୍ତେଜନା, ଯନ୍ତ୍ରଣା, ବିଳମ୍ବ ପ୍ରଭୃତି ଶାନ୍ତଭାବରେ ସହିବାର ଶକ୍ତି; ସହିଷ୍ଣୁତା, ସହନଶୀଳତା, ଅଧ୍ୟବସାୟ; ଏକପ୍ରକାର ତାସଖେଳର ନାମ।

**patient** 1. ବିଂ. ସହିଷ୍ଣୁ, ସହନଶୀଳ, ଧୈର୍ଯ୍ୟବାନ୍, ଧୀର, ସ୍ଥିର, ଅଧ୍ୟବସାୟୀ; 2. ବି. ରୋଗୀ, ଚିକିତ୍ସାଧୀନ ବ୍ୟକ୍ତି; *କ୍ରି.ବିଂ.* patiently.

**patina** ବି. ପୁରୁଣା କଂସା ଉପରେ ପରିଦୃଷ୍ଟ ସବୁଜ ରଙ୍ଗ; ଅନ୍ୟ ବସ୍ତୁମାନଙ୍କ ଉପରେ ସେପ୍ରକାର ଦାଗ; ପୁରୁଣା କାଠକାମ ଉପରେ ପରିଦୃଷ୍ଟ ଚମକ।

**patio** ବି. ବ.ବ. patios ଉନ୍ମୁକ୍ତ ପ୍ରାଙ୍ଗଣ; ଖୋଲା ଅଗଣା।

**patisserie** ବି. ପେଷ୍ଟ୍ରି ପ୍ରସ୍ତୁତକାରୀର ଦୋକାନ ବା ଆସବାବପତ୍ର।

**patois** ବି. କୌଣସି ଅଞ୍ଚଳର ସାଧାରଣ ଲୋକଙ୍କର ବ୍ୟବହୃତ ଭାଷା (ସାହିତ୍ୟିକ ଭାଷାଠାରୁ ଭିନ୍ନ)।

**patriarch** ବି. ପରିବାର, ଗୋଷ୍ଠୀ ବା କୁଳର ପୁରୁଷ ମୁଖ୍ୟ; *ଖ୍ରୀ.* ଉଚ୍ଚଶ୍ରେଣୀୟ ଧର୍ମଗୁରୁ; ସମ୍ମାନନୀୟ ବୃଦ୍ଧ ବ୍ୟକ୍ତି; the Patriarchs ଖ୍ରୀଷ୍ଟୀୟ ଧର୍ମପୁସ୍ତକରେ ମାନବଜାତିର ବା ଇଜ୍‌ରେଲୀୟ ଜନଜାତିମାନଙ୍କର ପୂର୍ବପୁରୁଷ ରୂପେ ନାମିତ ବ୍ୟକ୍ତିଗଣ।

**patriarchal** ବିଂ. ପିତୃପ୍ରଧାନ; ପୁରୁଷପ୍ରଧାନ (ପରିବାର, ଗୋଷ୍ଠୀ ବା ସମାଜ)।

**patriarchate** ବି. *ଖ୍ରୀ.* ଉଚ୍ଚତମ ଧର୍ମଯାଜକଙ୍କ ପଦ ବା ବାସଭବନ।

**patriarchy** ବି. ପିତୃପ୍ରଧାନ ବା ପୁରୁଷପ୍ରଧାନ ପ୍ରଥାନୁସାରୀ ଗୋଷ୍ଠୀ, ସମାଜ ବ୍ୟବସ୍ଥା ବା ସରକାର।

**patrician** 1. ବି. (ପ୍ରାଚୀନ ରୋମ୍‌ର) ଉଚ୍ଚକୁଳୋଦ୍ଭବ ବ୍ୟକ୍ତି; 2. ବିଂ ସମ୍ଭ୍ରାନ୍ତ, କୁଳୀନ; ଅଭିଜାତ; ପ୍ରାଚୀନ ରୋମର ଅଭିଜାତ ଶ୍ରେଣୀୟ।

**patricide** ବି. ପିତୃହତ୍ୟା ବା ପିତୃହନ୍ତା।

**patrimony** ବି. ପୈତୃକ ସମ୍ପତ୍ତି, ଉତ୍ତରାଧିକାର, ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଧନ; *ସାହି ବା ଲାକ୍ଷ.* ଐତିହ୍ୟ; ବିଂ. patrimonial.

**patriot** ବି. ଦେଶପ୍ରେମୀ, ସ୍ୱଦେଶଭକ୍ତ, ଯେ ଦେଶର ରକ୍ଷା ନିମନ୍ତେ ସଦାପ୍ରସ୍ତୁତ; ବିଂ. patriotic; *କ୍ରି.ବିଂ.* patriotically; ବି. patriotism.

**patristic** ବିଂ. ଖ୍ରୀଷ୍ଟିଆନ୍ ଆଦି–ଲେଖକ ବା ସେମାନଙ୍କ ରଚନା ସମ୍ବନ୍ଧୀୟ।

**patrol** 1. *କ୍ରି.* ପହରା ଦେବାପାଇଁ ପରିକ୍ରମା କରିବା, ଉକ୍ତ ଉଦ୍ଦେଶ୍ୟରେ ଘୂରି ବୁଲିବା; 2. ବି. ଭ୍ରାମ୍ୟମାଣ ପହରା ପାଇଁ ନିଯୁକ୍ତ ଆରକ୍ଷୀ ବା ଯାନ, ବାଳଚର (Scout) ବା ଗାଇଡ୍ ଦଳର ସାଧାରଣତଃ ଛଅସଂଖ୍ୟା ବିଶିଷ୍ଟ ଏକକ।

**patrolman** ବି. *ଆମେ.* ନିମ୍ନତମ ଶ୍ରେଣୀର ପୋଲିସ୍।

Digitized by srujanika@gmail.com

**patron** ବି. କୌଣସି ବ୍ୟକ୍ତି, କାର୍ଯ୍ୟ ବା କାରଣର ଆର୍ଥିକ ସହାୟକ; ପୃଷ୍ଠପୋଷକ; ଦୋକାନ, ଭୋଜନାଳୟ ପ୍ରଭୃତିର ଗ୍ରାହକ।

**patronage** ବି. ଆର୍ଥିକ ସହାୟତା, ପୃଷ୍ଠପୋଷକତା, ସଂରକ୍ଷକତା; ନିଯୁକ୍ତି ପାଇଁ ଅନୁଗ୍ରହ ବା ସୁପାରିଶର ଅଧିକାର, ପୃଷ୍ଠପୋଷକ ସୁଲଭ ମନୋଭାବ ବା ବ୍ୟବହାର।

**patronize** କ୍ରି. ସାହାଯ୍ୟ କରିବା; ପୃଷ୍ଠପୋଷକତା କରିବା; ଉତ୍ସାହ ପ୍ରଦାନ କରିବା; କୃପା ବା ଦୟାର ପାତ୍ରଭଳି ବ୍ୟବହାର କରିବା; ବିଂ. patronizing; କ୍ରି.ବିଂ. patronizingly.

**patron saint** ବି. କୌଣସି ସ୍ଥାନ ବା ବ୍ୟକ୍ତିର ସଂରକ୍ଷକ ସନ୍ଥ ବା ମହାପୁରୁଷ।

**patronymic** ବି. ପିତା ବା ପିତୃପୁରୁଷଙ୍କ ନାମାନୁସାରେ ନାମ ବା ପଦବୀ ଉତ୍ତରାଧିକାର ସୂତ୍ରରେ ପାଇବା (ଯଥା, ମିଶ୍ର, ବେହେରା, ଚୁଡ଼ୁ)।

**patten** ବି. କଠଉ ଭଳି ପାଦୁକା ଯାହାତଳେ ଲୁହାଚକି ଲାଗିଥାଏ (ପାଣିକାଦୁଅରୁ ପାଦକୁ ରକ୍ଷା କରିବା ପାଇଁ)।

**patter**[1] 1. କ୍ରି. କ୍ରମାନ୍ୱୟରେ ମୃଦୁ ଶବ୍ଦ କରିବା; (ଝରକା କାଚରେ ବୃଷ୍ଟିପାତ ସଦୃଶ) ଟପର୍ ଟପର୍ ଶବ୍ଦ କରିବା; କ୍ଷୁଦ୍ର ଓ ଚଞ୍ଚଳ କଦମ ପକାଇ ଦୌଡ଼ିବା; 2. ବି. ଧାରାବାହିକ ମୃଦୁ କରାଘାତ ବା ଟପ୍‌ଟପ୍ ଶବ୍ଦ; କ୍ଷୁଦ୍ର ଓ ଚଞ୍ଚଳ ପଦକ୍ଷେପ।

**patter**[2] 1. ବି. ବୃତ୍ତିଭିତ୍ତିକ ବା ନିର୍ଦ୍ଦିଷ୍ଟ ଶ୍ରେଣୀର ବିଶେଷ ଭାଷା; ବ୍ୟବସାୟୀ, ବିକ୍ରେତା ପ୍ରଭୃତିଙ୍କ ବାକ୍‌ପଟୁତା; ଧୂର୍ତ୍ତତାପୂର୍ଣ୍ଣ ବାକ୍‌ଚାତୁରୀ; ହାସ୍ୟକଳାକାରର ସଂଳାପ ବା ତତ୍‌ପରବର୍ତ୍ତୀ ସଙ୍ଗୀତ; 2. କ୍ରି. (ମନ୍ତ୍ର, ସ୍ତୋତ୍ର, ପ୍ରାର୍ଥନା ପ୍ରଭୃତି) ଯାନ୍ତ୍ରିକ ରୀତିରେ ଗଡ଼ଗଡ଼ କରି ଗାଇଯିବା; ବାକ୍‌ପଟୁତା ପ୍ରଦର୍ଶନ କରିବା।

**pattern** 1. ବି. ସତରଞ୍ଜି, ଗାଲିଚା, ବସ୍ତ୍ର ପ୍ରଭୃତିରେ ଅଙ୍କିତ ଆଳଙ୍କାରିକ ଚିତ୍ର, ଡିଜାଇନ୍ ପ୍ରଭୃତି; ନମୁନା; ଡିଜାଇନ୍, ଯାହାକୁ ଅନୁକରଣ କରାଯାଏ (knitting pattern); ଆଦର୍ଶସ୍ଥାନୀୟ, ଚିରାଚରିତ ପ୍ରଥା ବା ରୀତି (behaviour pattern) 2. କ୍ରି. (ନମୁନାନୁସାରେ) ଡିଜାଇନ୍, ଛବି ପ୍ରଭୃତି ସାହାଯ୍ୟରେ ସୁଶୋଭିତ କରିବା।

**patty** ବି. ବ.ବ. patties ଛୋଟ ପେଟି ବା ପୁରଦିଆ ପିଠା; ପେଟିସ୍।

**paucity** ବି. (ପରିମାଣ ବା ଯୋଗାଣର) ସ୍ୱଳ୍ପତା, ଅଭାବ।

**paunch** 1. ବି. ପାକସ୍ଥଳୀ, ପେଟ (ବିଶେ. ଥନ୍ତଲ ବା ଚର୍ବିଳ); ବିଂ. paunchy.

**pauper** ବି. ଅତି ଦରିଦ୍ର ବ୍ୟକ୍ତି; *ଇତି.* ଦୁଃସ୍ଥ-ସାହାଯ୍ୟ ଆଇନର ଗ୍ରହୀତା; ବି. pauperism.

**pause** 1. ବି. ନୀରବତା ବା କାର୍ଯ୍ୟନିବୃତ୍ତିର ସାମୟିକ ବିରାମ; *ସଙ୍ଗୀତ* ପକ୍ ଚିହ୍ନ ଯାହା ଶିଳ୍ପୀକୁ ଗୋଟିଏ ସ୍ୱର ଦୀର୍ଘତର କରିବା ପାଇଁ ସୂଚନା ଦିଏ; 2. କ୍ରି. ବିରତ, କ୍ଷାନ୍ତ ବା ନିବୃତ୍ତ ହେବା; (ସାମୟିକଭାବେ ଶବ୍ଦ, ସ୍ୱର ପ୍ରଭୃତି ଉପରେ) ଦୀର୍ଘତର ସମୟ ରହିଯିବା; give pause to ଦ୍ୱିଧା ବା ସଂଶୟରେ ପକାଇବା।

**pavan** ବି. (pavane ମଧ୍ୟ) ବି. ଏକପ୍ରକାର ଚିତ୍ତାକର୍ଷକ ନୃତ୍ୟ; ତାହାର ସଙ୍ଗୀତ।

**pave** କ୍ରି. (ରାସ୍ତା, ମେଜିଆ, ଚଟାଣ ପ୍ରଭୃତିର ଉପରିଭାଗକୁ) ମଜଭୁତ ବା ସ୍ଥାୟୀ କରିବାପାଇଁ ଇଟା, ପଥରପ୍ରଭୃତି ଦ୍ୱାରା ଆଚ୍ଛାଦନ କରିବା; pave the way ପ୍ରସ୍ତୁତି ବା ଆୟୋଜନ କରିବା; ପଥ ପ୍ରସ୍ତୁତ ବା ପରିଷ୍କାର କରିବା।

**pavement** ବି. ପକ୍କାରାସ୍ତା; ଚଟାଣ, ମେଜିଆ, ପାର୍ଶ୍ୱପଥ ପ୍ରଭୃତି ଇଟା, ପଥର ପ୍ରଭୃତିଦ୍ୱାରା ଆଚ୍ଛାଦିତ ସ୍ଥାନ ବା ମାର୍ଗ, ବିଶେ. ମୁଖ୍ୟପଥ ପାର୍ଶ୍ୱରେ ପାଦଚଲାମାନଙ୍କ ପାଇଁ ରାସ୍ତା (ଫୁଟ୍‌ପାଥ୍)।

**pavilion** ବି. ନଗରଉଦ୍ୟାନ ବା ପାର୍କ ପ୍ରଭୃତିରେ ନିର୍ମିତ ଏବଂ ଆଶ୍ରୟସ୍ଥଳ ରୂପେ ବ୍ୟବହୃତ ସୁଶୋଭନ ମଣ୍ଡପ ବା ଘର; ଖେଳପଡ଼ିଆରେ ଖେଳାଳି ଓ ଦର୍ଶକମାନଙ୍କ ନିମନ୍ତେ ନିର୍ମିତ ଘର; ସର୍ବଜନୀନ ଆମୋଦପ୍ରମୋଦ ନିମନ୍ତେ ନିର୍ମିତ ସୁଶୋଭନ ପ୍ରାସାଦ; ବଡ ତମ୍ବୁ, ଶାମିୟାନା।

**paving** ବି. ଇଟା ବା ପଥରଦ୍ୱାରା ଆଚ୍ଛାଦିତ ଚଟାଣ, ମେଜିଆ ବା ପକ୍କାରାସ୍ତା; ପେଭିଙ୍ଗ୍ ବା ଆଚ୍ଛାଦନ ପାଇଁ ବ୍ୟବହୃତ ଉପାଦାନ।

**pavlova** ବି. କ୍ରିମ୍ ଏବଂ ଫଳସହ କେକ୍।

**paw** 1. ବି. ପଶୁର ପଞ୍ଝା ବା ନଖଯୁକ୍ତ ତଳିପା; *କ.ଭା.* ବ୍ୟକ୍ତିର ହାତ; 2. କ୍ରି. ପଞ୍ଝାଦ୍ୱାରା

Digitized by srujanika@gmail.com

ଆଘାତ କରିବା; ଖୁରାରେ ଭୂଇଁକୁ ଆଘାତ କରିବା; *କ.ଭା.* ଅବାଗିଆ, ଅଭଦ୍ର, ବା ଅଶାଳୀନ ଭାବରେ କାହାକୁ ଛୁଇଁବା ବା ହସ୍ତଚାଳନା କରିବା ।

**pawky** ବିଂ. ସୁଚତୁର; ଶୁଷ୍କଭାବରେ ବିନୋଦପ୍ରିୟ (ସ୍କଟ୍‌ଲେଣ୍ଡ) ।

**pawl** ବି. ଚକଦାନ୍ତର ଅବରୋଧକ ଭାରଦଣ୍ଡ ।

**pawn**[1] ବି. ଚେସ୍ ବା ସତରଞ୍ଜ ଖେଳର ସବା ସାନ ଗୋଟି (ସୈନିକ); ଅନ୍ୟର ଯୋଜନା ଦ୍ୱାରା ପରିଚାଳିତ ବୋଲକରା ଲୋକ ।

**pawn**[2] 1. *କ୍ରି.* ଋଣ ପାଇଁ କୌଣସି ବସ୍ତୁ ବନ୍ଧକ ରଖିବା; *ଲାକ୍ଷ.* ବାଜି ବା ପଣ ରଖିବା; 2. ବି. ବନ୍ଧକ ଥିବା ବା ବନ୍ଧକରେ ପଡିଥିବା ବସ୍ତୁ ।

**pawnbroker** ବି. ବନ୍ଧକଗ୍ରହୀତା; ବନ୍ଧକରଖି ଋଣ ଦେଇଥିବା ମହାଜନ ।

**pawnshop** ବି. ବନ୍ଧକଗ୍ରହୀତାର ବ୍ୟବସାୟ–ସ୍ଥାନ, ବନ୍ଧକୀ ଦୋକାନ ।

**pawpaw** ବି. ଦ୍ର. papaw.

**pay** 1. *କ୍ରି.* ଋଣ ପରିଶୋଧ କରିବା; ମୂଲ୍ୟ, ବେତନ, ଦେୟ, ମଜୁରୀ ପ୍ରଭୃତି ଦେବା; ପ୍ରତିଦାନ କରିବା; (ମନୋଯୋଗ, ସମ୍ମାନ, ଆଦର ପ୍ରଭୃତି) ଦେବା; କ୍ଷତିପୂରଣ ଦେବା; ପୁରସ୍କାର ବା ଦଣ୍ଡ ଦେବା; ଲାଭଜନକ ବା ଉପକାରୀ ହେବା (it will pay you to come); କ୍ଷତିପୂରିତ (paid holiday); 2. ବି. ବେତନ, ମଜୁରୀ; in the pay of (ଦ୍ୱାରା) ନିଯୁକ୍ତ; pay-as-you-earn ମୂଳବେତନରୁ ନିୟମିତ ଆୟକର ପଇଠ କରିବାର ପଦ୍ଧତି; pay back ପରିଶୋଧ କରିବା; ଦଣ୍ଡ ଦେବା ବା ପ୍ରତିଶୋଧ ନେବା; pay back in one's own coin ଯେସାକୁ ତେସା କରିବା; ପ୍ରତିଶୋଧ ନେବା; pay a call (କୌଣସି ବ୍ୟକ୍ତି ସଙ୍ଗେ) ଔପଚାରିକ ସାକ୍ଷାତ୍ କରିବା; pay for ମୂଲ୍ୟ ଇତ୍ୟାଦି ଦେଇଦେବା; ବ୍ୟୟ ବହନ କରିବା; (କୌଣସି କାର୍ଯ୍ୟ ପାଇଁ) ଦଣ୍ଡିତ ହେବା; pay in ବ୍ୟାଙ୍କ୍‌ରେ ଟଙ୍କା ଜମା କରିବା; pay off ଋଣ ବା ଦେଣା ସଂପୂର୍ଣ୍ଣ ରୂପେ ପରିଶୋଧ କରିବା; *କ.ଭା.* ସଫଳତା ଲାଭ କରିବା; ଭଲ ଫଳ ମିଳିବା; pay up ବାକୀ ପଇସାସବୁ ଦେଇ ଦେବା; ହିସାବ ତୁଟାଇଦେବା; pay one's way ଟଙ୍କା ଶୁଝି ଚାଲିବା ।

**payable** ବିଂ. ଦେୟ, ପରିଶୋଧନୀୟ ।

**payee** ବି. ଅର୍ଥଗ୍ରହୀତା, ଟଙ୍କା ପାଇବା ବ୍ୟକ୍ତି ।

**paying guest** ବି. ଯେଉଁ ବ୍ୟକ୍ତି ଅତିଥିଭଳି ଘରେ ରୁହେ କିନ୍ତୁ ରହିବା ଖାଇବା ମୂଲ୍ୟ ଦେଇଥାଏ ।

**payload** ବି. (*ବିଶେ.* ଉଡ଼ାଜାହାଜରେ) ଅଧିକ ପରିମାଣର ଓଜନ ପାଇଁ ମାସୁଲ ଆଦାୟ; (ରକେଟ୍‌ରେ) ବିସ୍ଫୋରକ ଦ୍ରବ୍ୟର ମାରାତ୍ମକତାର ପରିମାଣ ।

**paymaster** ବି. ବେତନ ବଣ୍ଟନକାରୀ କର୍ମଚାରୀ; ବେତନ ବିତରକ ।

**payment** ବି. ଅର୍ଥପ୍ରଦାନ, ଟଙ୍କାଦିଆ, ଟଙ୍କା ଦେବା କାର୍ଯ୍ୟ, ପରିଶୋଧ; ପୁରସ୍କାର; କ୍ଷତିପୂରଣ ।

**pay-off** ବି. *ବିଶେ. ଆମେ. ସା.ପ୍ର* ଟଙ୍କାଦିଆ; ଶୀର୍ଷବିନ୍ଦୁ; ଚୂଡାନ୍ତ ହିସାବନିକାଶ ।

**payola** ବି. ବ୍ୟବସାୟ ବା ସାମଗ୍ରୀ ବିକ୍ରୟରେ ଅବୈଧ ବା ଅନ୍ୟାୟସଙ୍ଗତ ସାହାଯ୍ୟ ପାଇଁ ପ୍ରଦତ୍ତ ଉତ୍କୋଚ, ଲାଞ୍ଚ ।

**payroll** ବି. ନିୟମିତ ବେତନଭୋଗୀ କର୍ମଚାରୀ–ମାନଙ୍କର ତାଲିକା ।

**Pb** *ପ୍ର.* plumbum ପ୍ଲମ୍ବମ୍ ବା ସୀସା ।

**PC** *ସଂଶ.* police constable ପୁଲିସ ସିପାହୀ; Privy Councillor ପ୍ରିଭି କାଉନ୍‌ସିଲର୍; personal computer ପର୍ସନାଲ୍ କମ୍ପ୍ୟୁଟର୍ ।

**p.c.** *ସଂଶ.* per cent ଶତକଡା; postcard ପୋଷ୍ଟକାର୍ଡ୍ ।

**pd.** *ସଂଶ.* paid ପ୍ରଦତ୍ତ ।

**Pd** *ସଂଶ.* palladium ପାଲାଡିୟମ୍ ।

**PE** *ସଂଶ.* physical education ଶାରୀରିକ ଶିକ୍ଷା ।

**pea** ବି. ମଟର, ମଟର ମଞ୍ଜି, ମଟରଦାନା; ମଟରଜାତୀୟ ଲତା ବା ଗୁଳ୍ମ, *ଉଦା.* sweet pea.

**peace** ବି. ଶାନ୍ତି, ପ୍ରଶାନ୍ତି; ନୀରବତା, ମନର ଶାନ୍ତି; ଯୁଦ୍ଧବିରତି, ଯୁଦ୍ଧମୁକ୍ତି; ସନ୍ଧି; ସମାଜରେ ବିଶୃଙ୍ଖଳା ବା ଶାନ୍ତିଭଙ୍ଗ ଦୂରୀକରଣ; at peace ବନ୍ଧୁତ୍ୱପୂର୍ଣ୍ଣ ଭାବରେ, କଳହ ବିନା; *ଲାକ୍ଷ.* ମୃତ; hold one's peace ନୀରବତା ରକ୍ଷା କରିବା; keep the peace ଶାନ୍ତି ରକ୍ଷା କରିବା; କଳହ ବା ଗଣ୍ଡଗୋଳରୁ ନିବୃତ୍ତ ହେବା; make one's peace (କୌଣସି ବ୍ୟକ୍ତି ସହିତ) ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଫେରାଇ ଆଣିବା ।

Digitized by srujanika@gmail.com

**peaceable** ବିଂ. ଶାନ୍ତ; ଶାନ୍ତିକାମୀ, ଶାନ୍ତିପୂର୍ଣ୍ଣ।
**peaceably** କ୍ରି.ବିଂ. ଶାନ୍ତିପୂର୍ଣ୍ଣ ଭାବରେ, ଶାନ୍ତିରେ, ଶାନ୍ତିମନରେ।
**peaceful** ବିଂ ଶାନ୍ତ, ଶାନ୍ତିପୂର୍ଣ୍ଣ; ନୀରବ।
**peacefully** କ୍ରି.ବିଂ. ଶାନ୍ତିପୂର୍ଣ୍ଣ ଭାବରେ, ଶାନ୍ତିରେ।
**peacemaker** ବି. ଶାନ୍ତି–ପ୍ରତିଷ୍ଠାତା।
**peace–offering** ବି. ଶାନ୍ତିସ୍ଥାପନ ଉଦ୍ଦେଶ୍ୟରେ ପ୍ରଦତ୍ତ ଉପହାର ବା କରାଯାଇଥିବା କାର୍ଯ୍ୟ।
**peacetime** ବି. ଶାନ୍ତିର ସମୟ; ଯୁଦ୍ଧନିବୃତ୍ତିର ସମୟ।
**peach**[1] ବି. ପିଚ୍ ନାମକ ବୃକ୍ଷ ବା ଏହାର ଫଳ, ସତାଲୁ; *ସା.ପ୍ର.* ଅତ୍ୟନ୍ତ ଉଚ୍ଚକୋଟୀର ବ୍ୟକ୍ତି ବା ବସ୍ତୁ; ବିଂ. peachy.
**peach**[2] *କ୍ରି. ସା.ପ୍ର.* ଅପରାଧ ବା ଦୁଷ୍କର୍ମରେ ସହାୟକ ବ୍ୟକ୍ତି ସଂପର୍କରେ ସୂଚନା ବା ଏତଲା ଦେବା; ମୁଖବିର ପାଲଟିବା।
**peacock** ବି. ମୟୂର।
**peacock blue** ବି. ମୟୂରକଣ୍ଠ ତୁଲ୍ୟ ଉଜ୍ଜ୍ୱଳ ନୀଳବର୍ଣ୍ଣ।
**peacock throne** ବି. ଇତିହାସପ୍ରସିଦ୍ଧ ମୟୂର ସିଂହାସନ (ଶାହାଜାହାନଙ୍କଦ୍ୱାରା ନିର୍ମିତ)।
**peafowl** ବି. ସୁନ୍ଦରପର ବିଶିଷ୍ଟ ପକ୍ଷୀ ବିଶେଷ; ମୟୂର ବା ମୟୂରୀ।
**pea–green** ବିଂ ଉଜ୍ଜ୍ୱଳ ଶାଗୁଆ (ରଙ୍ଗ)।
**peahen** ବି. ମୟୂରୀ।
**pea–jacket** ବି. ନାବିକମାନଙ୍କଦ୍ୱାରା ପରିହିତ ଏକପ୍ରକାର ମୋଟା ପଶମ ଜାମା।
**peak**[1] 1. ବି. ଶିଖର, ପର୍ବତଶୃଙ୍ଗ, ଯେ କୌଣସି ପଦାର୍ଥର ଅଗ୍ରଭାଗ; ଟୋପିର ସାମନା ଭାଗ; କାର୍ଯ୍ୟସିଦ୍ଧି ବା ସାଫଲ୍ୟର ଚରମସୀମା; *ଗୁଣ.* ଚରମ, ଅତିଶୟ (peak hours); 2. *କ୍ରି.* ସର୍ବୋଚ୍ଚ ମୂଲ୍ୟ ବା ଗୁଣରେ ପହଞ୍ଚିବା।
**peak**[2] *କ୍ରି.* କ୍ରମଶଃ କ୍ଷୀଣ ବା କୃଶ ହୋଇଯିବା, କ୍ରମେକ୍ରମେ ଶୁଖିଯିବା; *କ୍ରି.ଜ.* ବିଂ. ଚିମୁଟି ବା ଚାପି ହୋଇଥିବା; ଟଣା ହୋଇଥିବା।
**peaky** ବିଂ. ରୁଗ୍‌ଣ, ଦୁର୍ବଳ, ସୂକ୍ଷ୍ମାଗ୍ର; ବି. peakiness.
**peal** 1. ବି. ଭିନ୍ନ ଭିନ୍ନ ତାଳରେ ଘଣ୍ଟାମାନଙ୍କର ଉଚ୍ଚ ନିନାଦ; ବିଭିନ୍ନ ସ୍ୱରରେ ବାଜୁଥିବା ଘଣ୍ଟାସମୂହ; ଘଡ଼ଘଡ଼ିର ଗର୍ଜନ; ହାସ୍ୟରୋଳ; 2. *କ୍ରି.* ଧ୍ୱନିତ ହେବା, ବାଜିବା; (ଘଣ୍ଟାପ୍ରଭୃତି) ବଜାଇବା; ଶ୍ରୁତିମଧୁର ଭାବରେ ଉଚ୍ଚାରଣ କରିବା।
**peanut** ବି. ଚିନାବାଦାମ, ବାଦାମମଞ୍ଜି; ବ.ବ. *ସା.ପ୍ର.* ଅତି ସାମାନ୍ୟ ବା ତୁଚ୍ଛ ପରିମାଣ (ଟଙ୍କାପଇସା ପ୍ରଭୃତି)।
**peanut butter** ବି. ଭଜା ଚିନାବାଦାମ ଗୁଣ୍ଡର ଲେହି।
**pear** ବି. ନାସପାତି, ନାସପାତି ବୃକ୍ଷ।
**pearl** 1. ବି. ମୋତି, ମୁକ୍ତା; ସୁନ୍ଦରତମ ଉଦାହରଣ; 2. ବିଂ. ଆକୃତି ବା ବର୍ଣ୍ଣରେ ମୁକ୍ତାତୁଲ୍ୟ; 3. *କ୍ରି.* ମୁକ୍ତା ସନ୍ଧାନ କରିବା; ମୁକ୍ତାଭଳି ବିନ୍ଦୁ ସୃଷ୍ଟିହେବା; ଶସ୍ୟ (ବାର୍ଲି ପ୍ରଭୃତି) ଦାନା ଆକୃତିରେ ଚୂରିବା।
**pearl barley** ବି. କ୍ଷୁଦ୍ର ଦାନାଭାବରେ ଚୂର୍ଣ୍ଣ ବାର୍ଲି।
**pearl button** ବି. ଅସଲି ବା ନକଲି ଶାମୁକାର ମୁକ୍ତାରେ ତିଆରି ବୋତାମ।
**pearl–diver** ବି. ମୁକ୍ତା–ଶୁକ୍ତି–ଅନ୍ୱେଷୀ ବୁଡ଼ାଳି; ମୁକ୍ତାଯୁକ୍ତ ଶାମୁକା ଅନ୍ୱେଷଣକାରୀ।
**pearly** 1. ବିଂ. ମୁକ୍ତାତୁଲ୍ୟ, ମୁକ୍ତାବିଜଡିତ; 2. ବି. ବ.ବ. ଫେରିବାଲା (ବା ତାର ସ୍ତ୍ରୀ) ମୁକ୍ତା ବୋତାମଶୋଭିତ ପୋଷାକ।
**Pearly Gates** ବି. ବ.ବ. *କ.ଭା.* ସ୍ୱର୍ଗର ପ୍ରବେଶ ଦ୍ୱାର।
**peasant** ବି. କୃଷି ଶ୍ରମିକ, ଛୋଟଚାଷୀ।
**peasantry** ବି. କ୍ଷୁଦ୍ର କୃଷକବର୍ଗ, ଚାଷୀକୁଳ।
**pease** ବି. ବ.ବ. *ପ୍ରା.ପ୍ର.* ମଟରଦାନାଗୁଡ଼ିକ।
**pease–pudding** ବି. ସିଝା ମଟରେ, ଅଣ୍ଡା ପ୍ରଭୃତିର ପୁଡିଙ୍ଗ୍।
**peat** ବି. ଉଦ୍ଭିଦ–ପଚାମାଟି ଢେଲା (ଜାଳେଣି ବା ଖତ ରୂପେ ବ୍ୟବହୃତ); ବିଂ. peaty.
**pebble** ବି. ବାଲିଗରଡ଼ା, . ଜଳସ୍ରୋତଦ୍ୱାରା କ୍ଷୟପ୍ରାପ୍ତ ଏବଂ ଗୋଲାକୃତି ଉପଳଖଣ୍ଡ; ବିଂ. pebbly.
**pecan** ବି. ଗୋଲାପୀ–ବାଦାମୀ ରଙ୍ଗର ଚିକ୍କଣ ବାଦାମଜାତୀୟ ଫଳ ବା ଉକ୍ତ ବୃକ୍ଷ।
**peccadillo** ବି. ବ.ବ. peccadillo(e)s କ୍ଷୁଦ୍ର ଅପରାଧ; କ୍ଷମଣୀୟ ପାପ।
**peccary** ବି. ଗ୍ରୀଷ୍ମମଣ୍ଡଳୀୟ ଆମେରିକାର ବନ୍ୟଘୁଷୁରି ବା ଦାନ୍ତିଆ।

Digitized by srujanika@gmail.com

**peck**[1] 1. କ୍ରି. (ଚଞ୍ଚୁ ବା ଥଣ୍ଟରେ) ଆଘାତ କରିବା; ହାଣିବା ବା ଖୁମ୍ପିବା; ତରତରରେ ବା ଯଥାତଥା ଚୁମ୍ବନ ଦେବା; *କ.ଭା.* ଆଗ୍ରହ ନ ଥିବା ଭଳି ବା ଖୁମ୍ପିଖୁମ୍ପି କରି ଖାଇବା; ଛିଦ୍ର ବା ଦୋଷ ବାହାର କରିବା; 2. ବି. ଚଞ୍ଚୁଦ୍ୱାରା ଖୁମ୍ପା ବା ଆଘାତ; ଦ୍ରୁତ ବା ଯଥାତଥା ଚୁମ୍ବନ।

**peck**[2] ବି. ଶୁଷ୍କ ପଦାର୍ଥର ମାପ (ଦୁଇ ଗେଲନ୍ ବା ଆଠ କ୍ୱାର୍ଟ); ଉକ୍ତ ମାପର ପରିମାପକ ପାତ୍ର; ବହୁତ (*ଉଦା.* a peck of trouble).

**pecker** ବି. (ବିଶେଷତଃ keep your pecker upରେ) *ଗ୍ରା.ପ୍ର.* ପ୍ରସନ୍ନ ରୁହ।

**pecking order** ବି. ସାମାଜିକ ଶ୍ରେଣୀ ବିନ୍ୟାସ (ପୋଷା କୁକୁଡ଼ାମାନଙ୍କଠାରେ ପରିଦୃଷ୍ଟ)।

**peckish** ବିଂ. *କ.ଭା.* କ୍ଷୁଧାର୍ତ୍ତ, ଭୋକିଲା।

**pectin** ବି. ପାଚିଲା ଫଳ ପ୍ରଭୃତିରେ ଥିବା ଦ୍ରବଣୀୟ ଅଠାଜାତୀୟ ଶ୍ୱେତସାର ପଦାର୍ଥ ଯାହା ଜାମ୍, ଜେଲି ପ୍ରଭୃତି ପ୍ରସ୍ତୁତିରେ ସାହାଯ୍ୟ କରେ।

**pectoral** 1. ବିଂ. ବକ୍ଷସ୍ଥଳ ବା ଛାତିସମ୍ବନ୍ଧୀୟ; ଛାତିପାଇଁ, ଛାତିର; ବକ୍ଷପରିହିତ; 2. ବି. ବକ୍ଷସ୍ଥିତ ମାଂସପେଶୀ; ଡେଣା; ଛାତି।

**peculate** କ୍ରି. (ସରକାରୀ ବା ସର୍ବଜନୀନ ଧନ ପ୍ରଭୃତି) ଆତ୍ମସାତ୍ ବା ତୋଷରପ କରିବା; ବି. peculation; ବି. peculator.

**peculiar** ବିଂ. ବିଚିତ୍ର, ଅଦ୍ଭୁତ; ଅବାଗିଆ; ଅସାଧାରଣ, ବିଶିଷ୍ଟ, ବିଲକ୍ଷଣ।

**peculiarity** ବି. ବୈଚିତ୍ର୍ୟ ବା ବିଚିତ୍ରତା, ବିଶେଷତ୍ୱ, ବୈଶିଷ୍ଟ୍ୟ, ବିଲକ୍ଷଣତା।

**pecuniary** ବିଂ. ଆର୍ଥିକ, ଅର୍ଥଗତ, ଧନ ସମ୍ବନ୍ଧୀୟ; (ଅପରାଧ ବା ଦୋଷ ସମ୍ବନ୍ଧରେ) ଅର୍ଥଦଣ୍ଡ ସମ୍ବଳିତ, ଜୋରିମାନାମୂଳକ।

**pedagogue** ବି. *ପ୍ରା.ପ୍ର.* ଶିକ୍ଷକ, ସ୍କୁଲ୍ ଶିକ୍ଷକ।

**pedagogy** ବି. ଶିକ୍ଷାବିଜ୍ଞାନ; ବିଂpedagogic; ବିଂ. pedagogical.

**pedal** 1. ବି. ପେଡାଲ୍; ସାଇକଲ୍, ମଟର୍ ବା କୌଣସି ବାଦ୍ୟଯନ୍ତ୍ରର ପଦଚାଳିତ ଅଂଶ; 2. କ୍ରି. ପେଡାଲ୍ କରିବା, ସାଇକଲ୍ ଚଳାଇବା; ପେଡାଲ୍‌ଦ୍ୱାରା ବାଦ୍ୟଯନ୍ତ୍ର ବଜାଇବା ବା ଯନ୍ତ୍ରପାତି ଚଳାଇବା; 3. ବିଂ. ପାଦ ସମ୍ବନ୍ଧୀୟ।

**pedalo** ବି. (ବ.ବ. pedalos) ପେଡାଲ୍‌ଚାଳିତ କ୍ଷୁଦ୍ର ପ୍ରମୋଦ—ନୌକା।

**pedant** ବି. ଶିକ୍ଷା ବା କାର୍ଯ୍ୟବିଧିର ବିଭିନ୍ନ ଦିଗ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଉଥିବା ବ୍ୟକ୍ତି; *ଅବ.* ରୂପରେଖ ବା କାର୍ଯ୍ୟବିଧିର ସଂକୀର୍ଣ୍ଣମନା ବା ରକ୍ଷଣଶୀଳ ପର୍ଯ୍ୟବେକ୍ଷକ; ବିଂ. pedantic; କ୍ରି.ବିଂ. pedantically; ବି. pedantry.

**peddle** କ୍ରି. ଫେରିବାଲାର ବ୍ୟବସାୟ କରିବା; ବୁଲିବୁଲି ବିକ୍ରୀ କରିବା; *ଲାକ୍ଷ.* ଅଳ୍ପ ଅଳ୍ପ କରି କାରବାର କରିବା; ଖୁଚୁରା ବିକ୍ରୀ କରିବା; ଛୋଟ ଛୋଟ କଥାରେ ବ୍ୟସ୍ତ ରହିବା ବା ଘାଣ୍ଟିହେବା।

**peddler** ବି. *ଦ୍ର.* pedlar.

**pederasty** ବି. (paederasty ମଧ) ପୁରୁଷ ଏବଂ ବାଳକ ମଧ୍ୟରେ ଅସ୍ୱାଭାବିକ ଗୁଦାମୈଥୁନ; ବି. pederast.

**pedestal** ବି. ସ୍ତମ୍ଭ, ମୂର୍ତ୍ତି, ପାତ୍ର ପ୍ରଭୃତିର ପାଦପୀଠ ବା ବଇଠି; ମୂଳଦୁଆ ବା ଭିତ୍ତି; put on a pedestal ଅତ୍ୟଧିକ ପ୍ରଶଂସା କରିବା।

**pedestrian** 1. ବି. ପଦଯାତ୍ରୀ, *ବିଶେ.* ସହର ପ୍ରଭୃତିର ରାସ୍ତାରେ ପାଦରେ ଚାଲି ଯାଉଥିବା ଲୋକ; 2. ବିଂ. ଗଦ୍ୟମୟ, ନୀରସ; ପାଦଚଲା, ପାଦଚିଆରି, ପଦଯାତ୍ରୀମାନଙ୍କପାଇଁ ଉଦ୍ଦିଷ୍ଟ; ବି. pedestrianism; କ୍ରି. pedestrianize.

**pedestrian crossing** ବି. ରାସ୍ତାର ଯେଉଁ ସ୍ଥାନରେ ଯାନବାହନ ଅପେକ୍ଷା ରାସ୍ତା ପାରି ହେଉଥିବା ପଦଚାରୀମାନେ ଅଗ୍ରାଧିକାର ପାଆନ୍ତି।

**pediatric** ବିଂ. *ଆମେ. ଦ୍ର.* paediatric.

**pedicure** ବି. ପାଦ ବା ପାଦନଖର ପ୍ରସାଧନ ବା ଚିକିତ୍ସା; ପାଦ ବା ପାଦନଖର ଚିକିତ୍ସକ ବା ପ୍ରସାଧନବିତ୍।

**pedigree** ବି. ବଂଶଲତା, ବଂଶବିବରଣ, କୁଳ ପରିଚୟ; ଉନ୍ନତବଂଶ ବା କୁଳ; ଜାତି ବା ପ୍ରକାର (କୁକୁରର); ଆଭିଜାତ୍ୟ; (ଶବ୍ଦ ସମ୍ବନ୍ଧରେ) ମୂଳ, ବ୍ୟୁତ୍ପତ୍ତି, ପ୍ରାଚୀନ ଉତ୍ପତ୍ତି; (ଗୁଣବାଚକ) ବଂଶାନୁକ୍ରମ ବା ବଂଶଲତା।

**pediment** ବି. କୋଠା ସମ୍ମୁଖସ୍ଥ ସୁଶୋଭନ ତ୍ରିକୋଣାକାର ଭାଗ (*ବିଶେ.* ପୋର୍ଟିକୋ ଉପରେ)।

**pedlar** ବି. ଫେରିବାଲା, ବୁଲାବିକାଳି; ଅବୈଧ ଡ୍ରଗସ୍ ବା ନିଶାଔଷଧର ବିକ୍ରେତା; *ଲାକ୍ଷ.* ଗୁଜବକାରୀ ବା ଚୁଗୁଲିଖୋର୍ ବ୍ୟକ୍ତି।

Digitized by srujanika@gmail.com

**pedo—** *ଆମେ. ଦ୍ର.* paedo–.
**pedometer** ବି. ପଦକ୍ଷେପ ଗଣନା ସାହାଯ୍ୟରେ ପାଦରେ ଚାଲିଥିବା ରାସ୍ତାର ହିସାବ ନେଉଥିବା ଯନ୍ତ୍ର।
**peduncle** ବି. ଫୁଲ, ଫଳ ବା ଗୁଚ୍ଛର ପ୍ରଧାନ ବୃନ୍ତ; ବିଂ. peduncular.
**pee** *କ.ଭା.* 1. *କ୍ରି.* ପରିସ୍ରା କରିବା, ମୂତିବା; 2. ବି. ମୂତ୍ର ତ୍ୟାଗ, ପରିସ୍ରା।
**peek** 1. *କ୍ରି.* ଉଣ୍ଡିବା, ଚୁଙ୍ଗିବା, ଗୋପନରେ ଚାହିଁବା ବା ଅନାଇବା; 2. ବି. ଚୋରା ଚାହାଣି, ଉଙ୍କି।
**peel** 1. ବି. ବଳ୍କଳ, ଛେଲି, କେତେକ ଫଳ ଓ ପନିପରିବାର ବହିରାବରଣ, ଚୋପା; 2. *କ୍ରି.* ଚୋପା ବା ଛେଲି ଛଡ଼ାଇବା; ବୃକ୍ଷର ବଳ୍କଳ ବା ଫଳ ପ୍ରଭୃତିର ବହିରାବରଣ ବାହାର କରିବା; ବଳ୍କଳ ବା ବହିରାବରଣ ବାହାରି ପଡ଼ିବା, ଛେଲିବା, ଚାଞ୍ଛିବା; *ସା.ପ୍ର.* ବ୍ୟାୟାମ ପ୍ରଭୃତି ପାଇଁ ପିନ୍ଧାଲୁଗା ଖୋଲିଦେବା।
**peeling** ବି. ଛଡ଼ାଯାଇଥିବା ଚୋପା (ବିଶେଷତଃ ଫଳର ଚୋପା); ଚୋପା ଛଡ଼ାଇବା କାମ।
**peep**[1] 1. *କ୍ରି.* ଉଣ୍ଡିବା, ଉଙ୍କି ମାରିବା, ଗୋପନରେ ଚାହିଁବା, ଚୁଙ୍ଗିବା; କ୍ରମେ କ୍ରମେ ବା ଆଂଶିକ ଭାବରେ ଦେଖାଦେବା ବା ପ୍ରକାଶିତ ହେବା; 2. ବି. ଉଙ୍କି, ଚୋରାଚାହାଣି; ପ୍ରଥମ ପ୍ରକାଶ ବା ଆବିର୍ଭାବ (peep of day).
**peep**[2] 1. ବି. ମୂଷା ବା ଛୋଟ ଚଢ଼େଇମାନଙ୍କର ଚିଁ ଚିଁ ରବ ବା ଶବ୍ଦ, କାକଳି; 2. *କ୍ରି.* ଏହିପରି ଶବ୍ଦ କରିବା।
**peeping Tom** ବି. ଲୁଚିରହି ବା ଗୋପନରେ ଅନ୍ୟ କାହାରି ଉଲଗ୍ନ ଶରୀର, ରତିକ୍ରୀଡା ବା ଗୁପ୍ତାଙ୍ଗ ଦେଖି ଆନନ୍ଦିତ ବା ଉତ୍ତେଜିତ ହେଉଥିବା ବ୍ୟକ୍ତି।
**peep–show** ବି. ଲେନ୍ସ ସାହାଯ୍ୟରେ ନେତ୍ରଛିଦ୍ର–ଦ୍ୱାରା ପରିଦୃଷ୍ଟ ଚିତ୍ରାବଳୀ ଆଦିର ପ୍ରଦର୍ଶନୀ।
**peer**[1] *କ୍ରି.* ଖୋଜିଲା ଆଖିରେ ଚାହିଁବା; କଷ୍ଟସହକାରେ ଚାହିଁବା; *ପ୍ରା.ପ୍ର.* ଦେଖାଯିବା, ଦୃଶ୍ୟ ହେବା; ଦୃଷ୍ଟି ପଥାରୂଢ଼ ହେବା।
**peer**[2] ବି. ପଦ, ଯୋଗ୍ୟତା, ଗୁଣ ପ୍ରଭୃତିରେ ଅନ୍ୟର ସମକକ୍ଷ ବ୍ୟକ୍ତି; ଡ଼ିଉକ୍, ଆର୍ଲ, ବେରନ୍ ପ୍ରଭୃତି ଅଭିଜାତ ଶ୍ରେଣୀର ସଦସ୍ୟ; ଯେ କୌଣସି ଦେଶର ଅଭିଜାତ ବା ସମ୍ଭ୍ରାନ୍ତ ବ୍ୟକ୍ତି।
**peerage** ବି. ଅଭିଜାତବର୍ଗ।
**peeress** ବି. ଅଭିଜାତବର୍ଗର ବ୍ୟକ୍ତିଙ୍କ ସହଧର୍ମିଣୀ ବା ସେହି ବର୍ଗର ମହିଳା।
**peer group** ବି. କୌଣସି ବ୍ୟକ୍ତିର ସମାନ ସ୍ତର ବା ପଦର ସାଥିବୃନ୍ଦ।
**peerless** ବିଂ. ଅପ୍ରତିମ, ଅନୁପମ, ଅତୁଳନୀୟ, ସର୍ବୋତ୍କୃଷ୍ଟ।
**peer of the realm** ବି. ବିଲାତର ଏକ ଅଭିଜାତବର୍ଗ ଯାହାର ପ୍ରାପ୍ତବୟସ୍କ ବ୍ୟକ୍ତି ହାଉସ୍ ଅଫ୍ ଲର୍ଡ୍ସ୍‌ରେ ବସି ପାରିବେ।
**peeve** *ସା.ପ୍ର.* 1. *କ୍ରି.* ଚିଡ଼ିବା, ରାଗିବା, ବିରକ୍ତ ହେବା; 2. ବି. ବିରକ୍ତି ବା କ୍ରୋଧର କାରଣ; ବିରକ୍ତିକର ମାନସିକ ଭାବ।
**peeved** ବିଂ. *ସା.ପ୍ର.* ବିରକ୍ତ, କ୍ରୁଦ୍ଧ।
**peevish** ବିଂ. ରାଗୀ, କ୍ରୋଧୀ, ଚିଡ଼ା।
**peewit** ବି. ଏକଜାତୀୟ ଜଳଚର ପକ୍ଷୀ, ଟିଟ୍ଟିଭ, ଟେଣ୍ଟେଇ।
**peg** 1. ବି. କୀଳା; କୀଳକ; ଶଙ୍କୁ; ଖୁଣ୍ଟି; ଖିଲ; ଗୋଜ; କାଠ ବା ଧାତୁର ଶଳାକା; ବେହେଲା ପ୍ରଭୃତିର ତାରର ଆକୁଞ୍ଚନ– ପ୍ରସାରଣକାରୀ ଖିଲ ବା ପେଚ; ଅବକାଶ ବା ସୁଯୋଗ, ବାହାନା (peg to hang your ideas); ମଦ ପ୍ରଭୃତି ପେୟର ମାତ୍ରାସୂଚକ ପିନ୍; 2. *କ୍ରି.* କୀଳା ବା ଖିଲ ପିଟିବା, ସୀମା ପ୍ରଭୃତିକୁ ଖୁଣ୍ଟିଦ୍ୱାରା ଚିହ୍ନିତ କରିବା; ଦରଦାମ୍ ପ୍ରଭୃତିକୁ ଗୋଟିଏ ସ୍ତରରେ ସ୍ଥିର ରଖିବା; off the peg (ପୋଷାକ ସମ୍ବନ୍ଧୀୟ) ରେଡିମେଡ୍, ପୂର୍ବପ୍ରସ୍ତୁତ; peg away କୌଣସି କାର୍ଯ୍ୟରେ ଲାଗିରହିବା; peg out ସୀମାପ୍ରଭୃତିକୁ ଖୁଣ୍ଟିଦ୍ୱାରା ଚିହ୍ନିତ କରିବା; *ସା.ପ୍ର.* ମରିଯିବା; square peg in a round hole ପରିପାର୍ଶ୍ୱ, ସାମାଜିକ ବାତାବରଣ ପ୍ରଭୃତିରେ ଖାପ ଖୁଆଇ ପାରୁ ନ ଥିବା ବ୍ୟକ୍ତି; take person down a peg (or two) କୌଣସି ବ୍ୟକ୍ତିକୁ ଅପଦସ୍ଥ କରିବା।
**peg–leg** ବି. *କ.ଭା.* କୃତ୍ରିମ ଗୋଡ଼, ଏହା ବ୍ୟବହାର କରୁଥିବା ବ୍ୟକ୍ତି।
**pejorative** 1. ବିଂ. ନିନ୍ଦାସୂଚକ, ହୀନାର୍ଥକ, ଅପମାନବ୍ୟଞ୍ଜକ; 2. ବି. ନିନ୍ଦାସୂଚକ ଶବ୍ଦ।
**peke** ବି. *କ.ଭା. ସଂଶ.* Pekinese.
**Pekinese** ବି. (Pekingese ମଧ୍ୟ) ଚେପ୍ଟା ନାକ ଏବଂ ଛୋଟଗୋଡ ଥିବା ଚୀନଦେଶୀୟ ଏକଜାତିର କୁକୁର।

Digitized by srujanika@gmail.com

**pelargonium** ବି. ଏକଜାତୀୟ ସୁଗନ୍ଧିତ ପତ୍ର ଓ ଆକର୍ଷଣୀୟ ପୁଷ୍ପର ବୃକ୍ଷ ।
**pelf** ବି. ଅବ. ପରିଅର୍ଥ, ଧନ, ସମ୍ପତ୍ତି ।
**pelican** ବି. ଦୀର୍ଘ ଚଞ୍ଚୁ ବିଶିଷ୍ଟ ଏକଜାତୀୟ ଜଳଚର ପକ୍ଷୀ ।
**pelican crossing** ବି. ପାଦଚଲା ବ୍ୟକ୍ତିମାନେ ରାସ୍ତା ପାରି ହେବାପାଇଁ ଟ୍ରାଫିକ୍ ଆଲୋକ ନିୟନ୍ତ୍ରଣ କରିପାରିବାର ବ୍ୟବସ୍ଥା ଥିବା ଛକ ।
**pelisse** ବି. ଇତି. ମହିଳାମାନଙ୍କର ଏକପ୍ରକାର ସର୍ବାଙ୍ଗ ଗାଉନ୍ ।
**pellagra** ବି. ଦୁର୍ବଳତାଜନିତ ଏକପ୍ରକାର ରୋଗ ଯହିଁରେ ଚର୍ମ ଫାଟିଯାଏ ଏବଂ ପ୍ରାୟତଃ ରୋଗୀ ପାଗଳ ହୋଇଯାଏ ।
**pellet** ବି. କାଗଜ, ରୁଟି ପ୍ରଭୃତିର ଛୋଟ ଗୁଳି ବା ଗୁଟି; ପିଲ୍; ବଟିକା, ଛୋଟ ଗୁଳି ବା ଛର୍‌ରା ।
**pellicle** ବି. ପତଳା ଚମଡ଼ା; ସୂକ୍ଷ୍ମଚର୍ମ ବା ପରଦା, ଫିଲ୍ମ ।
**pell-mell** କ୍ରି.ବିଂ. ବିଶୃଙ୍ଖଳା ମଧ୍ୟରେ, ବିଶୃଙ୍ଖଳିତ ଭାବରେ, ଗୋଳମାଳିଆ ଭାବରେ; ବେପରବାୟ, ବେଖାତିର ବା ବିଚାରହୀନ ଭାବରେ ।
**pellucid** ବିଂ. ସ୍ୱଚ୍ଛ, ପାରଦର୍ଶୀ; ନିର୍ମଳ; ସ୍ପଷ୍ଟ, ପରିଷ୍କାର; ଶୈଳୀ, ଅଭିବ୍ୟକ୍ତି ବା ଚିନ୍ତାରେ ସ୍ପଷ୍ଟ ।
**pelmet** ବି. ଝରକା ବା କବାଟର ପରଦା ବା ଝାଲର ବନ୍ଧା ବାଡ଼ି ପ୍ରଭୃତିର ଘୋଡଣି ।
**pelota** ବି. ବାସ୍କ୍ (Basque) ମାନଙ୍କର ଏକପ୍ରକାର ବାସ୍କେଟ୍ ବଲ୍ ଖେଳ ।
**pelt**[1] 1. କ୍ରି. ଢେଲାପଥରଦ୍ୱାରା ବାରମ୍ବାର ଆକ୍ରମଣ ବା ଆଘାତ କରିବା; (ବୃଷ୍ଟି ସମ୍ବନ୍ଧରେ) ପ୍ରବଳ ବେଗରେ ବୃଷ୍ଟିପାତ ହେବା; ଦ୍ରୁତଗତିରେ ଦୌଡ଼ିବା; 2. ବି. କ୍ଷେପଣାସ୍ତ୍ରଦ୍ୱାରା ବାରମ୍ବାର ଆକ୍ରମଣ ବା ଆଘାତ; ପ୍ରବଳ ବୃଷ୍ଟିପାତ; ଦ୍ରୁତ ଧାବନ; at full pelt ଯଥାସମ୍ଭବ ଶୀଘ୍ର ବା ଦ୍ରୁତ ।
**pelt**[2] ବି. କେଶ ବା ଲୋମ ଥାଇ (ଜୀବଜନ୍ତୁଙ୍କର) ଚମଡ଼ା ।
**pelvis** ବି. ବସ୍ତିଗହ୍ୱର; ତଳିପେଟର ନିମ୍ନାଂଶ; ବିଂ. pelvic.
**pen**[1] 1. ବି. କଲମ; ସ୍ୟାହିରେ ଲେଖିବାର ସାଧନ ବିଶେଷ; (ପୂର୍ବେ ତୀକ୍ଷ୍ଣପରରେ ନିର୍ମିତ) ପରକଲମ, ସଞ୍ଚିତ ସ୍ୟାହିଭଣ୍ଡାର ଓ ଧାତବ ନିବ୍‌ରେ ନିର୍ମିତ ଝରକଲମ; ଲିଖନ, ବିଶେ. ପେଷାଦାରଭାବେ; 2. କ୍ରି. (ଚିଠିପତ୍ର ଇତ୍ୟାଦି) ଲେଖିବା ।
**pen**[2] 1. ବି. ଗୋମେଷାଦି ପଶୁ ବା କୁକୁଡ଼ାମାନଙ୍କ ପାଇଁ ଆବଦ୍ଧ ସ୍ଥାନ; ଖୁଆଡ଼; ଅଟେଇ; 2. କ୍ରି. (ଗୋମେଷାଦି ପଶୁ ପ୍ରଭୃତିଙ୍କୁ) ଅଟେଇରେ ଆବଦ୍ଧ କରିବା ବା ବନ୍ଦ କରିବା ।
**pen**[3] ବି. ରାଜହଂସୀ, ମରାଳୀ ।
**penal** ବିଂ. ଆଇନ୍‌ଦ୍ୱାରା ଦଣ୍ଡନୀୟ; କ୍ରି.ବିଂ. penally.
**penalize** କ୍ରି. ଦଣ୍ଡିତ କରିବା; ଅପେକ୍ଷାକୃତ ଅସୁବିଧାଜନକ ପରିସ୍ଥିତିରେ ପକାଇବା; ଦଣ୍ଡନୀୟ ବୋଲି ଘୋଷଣା କରିବା ।
**penalty** ବି. ଆଇନ୍ ବା ବିଧାନଭଙ୍ଗ ନିମନ୍ତେ ଦଣ୍ଡ; ଖେଳରେ ନିୟମଭଙ୍ଗଜନିତ ଦଣ୍ଡ ବା ଅସୁବିଧା, ଯାହାପ୍ରତି ଖେଳାଳି ବା ଦଳ ନିୟମାନୁଯାୟୀ ଆନୁଗତ୍ୟ ସ୍ୱୀକାର କରେ (penalty kick); penalty area ଫୁଟ୍‌ବଲ୍ ଖେଳରେ ଗୋଲ୍‌ପୋଷ୍ଟ ନିକଟବର୍ତ୍ତୀ ବିଶେଷ କ୍ଷେତ୍ର ଯେଉଁଠାରେ ନିୟମ ବିରୁଦ୍ଧ କାର୍ଯ୍ୟ କଲେ ଶାସ୍ତି ସ୍ୱରୂପ ପେନାଲ୍‌ଟି କିକ୍ ଦିଆହୁଏ ।
**penance** ବି. ପାପର ପ୍ରକ୍ଷାଳନ ବା ଅନୁତାପ ନିମନ୍ତେ କୃଚ୍ଛ୍ର ସାଧନା; ପ୍ରାୟଶ୍ଚିତ୍ତ; କଠୋର ତପସ୍ୟା; ପାପରୁ ବିମୁକ୍ତି–ଲାଭ ନିମନ୍ତେ ଖ୍ରୀଷ୍ଟୀୟ ପୁରୋଧା ବା ଧର୍ମଯାଜକଙ୍କଦ୍ୱାରା ଅଧିରୋପିତ ଦୋଷସ୍ୱୀକାର, ଅନୁତାପ ପ୍ରଭୃତି ସଂସ୍କାର; do penance ଉକ୍ତ କାର୍ଯ୍ୟ ସଂପାଦନ କରିବା ।
**pence** ବି. penny ର ବ.ବ. ।
***penchant*** (ପାଁଶାଁ) ବି. ପ୍ରବୃତ୍ତି, ରୁଚି, ଅଭିରୁଚି, ପ୍ରବଣତା, ଆସକ୍ତି । *(ଫ.)*
**pencil** 1. ବି. ପେନ୍‌ସିଲ୍; 2. କ୍ରି. ପେନ୍‌ସିଲ୍ ଦ୍ୱାରା ଲେଖିବା, ଚିହ୍ନିତ କରିବା; ଅଙ୍କନ ବା ଚିତ୍ର କରିବା ।
**pendant** ବି. ଦୋଳାୟମାନ ଅଳଙ୍କାର; ଦୋଳକ; କୁଣ୍ଡଳ; ହାର ପ୍ରଭୃତିରେ ଝୁଲୁଥିବା ପଦକ ।
**pendent** ବିଂ. ଦୋଳାୟମାନ, ଝୁଲୁଥିବା, ଓହଳିଥିବା; ଅମୀମାଂସିତ, ଅନିଶ୍ଚିତ; ବିଚାରାଧୀନ; ବି. pendency.
**pending** 1. ବିଂ. ଅନିଶ୍ଚିତ, ବିଚାରାଧୀନ, ଅମୀମାଂସିତ; 2. ଅ. (ସମ୍ବନ୍ଧସୂଚକ ଅବ୍ୟୟ) ସେ ମଧ୍ୟରେ, ସେ ପର୍ଯ୍ୟନ୍ତ (pending finalisation.)

Digitized by srujanika@gmail.com

**pendulous** ବିଂ. ଦୋଳାୟମାନ, ଦୋଦୁଲ୍ୟମାନ, ଝୁଲୁଥିବା, ଓହଳିଥିବା ।
**pendulum** ବି. ଦୋଳକ, ଦୋଳାୟମାନ ବା ଦୋଦୁଲ୍ୟମାନ ପଦାର୍ଥ; ଦୋହଲୁଥିବା ବସ୍ତୁ; ଘଣ୍ଟାର ଦୋଳକ ଦଣ୍ଡ ବା ଦୋଳକ; ପେଣ୍ଡୁଲମ୍ ।
**penetrable** ବି. ପ୍ରବିଶ୍ୟ, ପ୍ରବେଶଯୋଗ୍ୟ ବା ପ୍ରବେଶକ୍ଷମ; ଭେଦ୍ୟ, ଭେଦନଯୋଗ୍ୟ ବା ଭେଦନକ୍ଷମ; ବେଧ; ଧାରଣକ୍ଷମ, ଭାବଗ୍ରହଣକ୍ଷମ; ବି. penetrability.
**penetrate** କ୍ରି. ଭିତରକୁ ପ୍ରବେଶ କରିବା ବା କରାଇବା; ଭେଦନ କରିବା ବା କରାଇବା; ପଶେଇବା, ଭର୍ତ୍ତିକରିବା; ବିଦ୍ଧ କରିବା, ଗଳିଯିବା; ମର୍ମଭେଦ ବା ମର୍ମସ୍ପର୍ଶ କରିବା; ପ୍ରଚ୍ଛନ୍ନ ଅର୍ଥ ବୁଝିପାରିବା; ବ୍ୟକ୍ତିର ମନ ବା ଉଦ୍ଦେଶ୍ୟକୁ ଜାଣିପାରିବା; ମାର୍ଗ ଆବିଷ୍କାର କରିବା, ବାଟ କରିବା; ମନକୁ ପାଇବା ବା ଘେନିବା; ବିଂ. penetrative.
**penetrating** ବିଂ. ଅସାଧାରଣ–ଅନ୍ତର୍ଦୃଷ୍ଟିସମ୍ପନ୍ନ; ସୂକ୍ଷ୍ମଦୃଷ୍ଟି, ତୀକ୍ଷ୍ଣବୁଦ୍ଧି ବା ବିଚକ୍ଷଣତା–ପ୍ରଦର୍ଶନକାରୀ; (ସ୍ୱର ବା ଶବ୍ଦ ସମ୍ବନ୍ଧରେ) ସହଜରେ ବା ଅନ୍ୟାନ୍ୟ ଶବ୍ଦଠାରୁ ଅଧିକ ସ୍ପଷ୍ଟଭାବରେ ଶୁଣି ହେଉଥିବା ।
**penetration** ବି. ପ୍ରବେଶ, ଅନ୍ତଃପ୍ରବେଶ, ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ।
**pen–friend** ବି. ପ୍ରଧାନତଃ ବା କେବଳ ପତ୍ରାଳାପ ମାଧ୍ୟମରେ ଲବ୍ଧ ମିତ୍ର ବା ବନ୍ଧୁ; ପତ୍ରବନ୍ଧୁ ।
**penguin** ବି. ଦକ୍ଷିଣ ଗୋଲାର୍ଦ୍ଧର ସାମୁଦ୍ରିକ ପକ୍ଷୀ ବିଶେଷ, ପେଙ୍ଗୁଇନ୍ ପକ୍ଷୀ ।
**penicillin** ବି. ପେନିସିଲିନ୍ ।
**peninsula** ବି. ଉପଦ୍ୱୀପ; ବିଂ peninsular.
**penis** ବି. ପୁଂଜନନେନ୍ଦ୍ରିୟ, ପୁରୁଷର ଲିଙ୍ଗ ଓ ମୂତ୍ରଯନ୍ତ୍ର ।
**penitent** 1. ବିଂ. ଅନୁତପ୍ତ; 2. ବି. ଅନୁତପ୍ତ ପାପୀ ବ୍ୟକ୍ତି; ପାପର ପ୍ରାୟଶ୍ଚିତ୍ତ ନିମନ୍ତେ କୃଚ୍ଛ୍ରସାଧନକାରୀ ବ୍ୟକ୍ତି; ବି. penitence.
**penitential** ବିଂ. ଅନୁତାପ ବା ଅନୁଶୋଚନା ସମ୍ବନ୍ଧୀୟ; ଅନୁଶୋଚନାସୂଚକ ।
**penitentiary** 1. ବି. *ଆମେ.* ସଂସ୍କାରକାରୀ କାରାଗାର; 2. ବିଂ. ପାପର ପ୍ରାୟଶ୍ଚିତ୍ତ ସଂକ୍ରାନ୍ତ ସଂସ୍କାରମୂଳକ ବ୍ୟବହାର ସମ୍ବନ୍ଧୀୟ ।
**penknife** ବି. ପକେଟ୍‌ରେ ରଖିହେବା ଭଳି ଛୋଟ ମୋଡ଼ା ଚାକୁ ।
**penmanship** ବି. ଲେଖାଚାତୁରୀ; ଲିଖନକୌଶଳ ବା ଶୈଳୀ; ସାହିତ୍ୟିକ ରଚନାର ଧାରା ବା ପ୍ରକ୍ରିୟା; ହସ୍ତାକ୍ଷରଲିଖନର ରୀତି ।
**pen–name** ବି. (ଲେଖକର) ଛଦ୍ମନାମ ।
**pennant** ବି. ଜାହାଜ ମାସ୍ତୁଲର ପତାକା ।
**penniless** ବିଂ. ଅର୍ଥଶୂନ୍ୟ, କପର୍ଦ୍ଦକହୀନ, ନିଃସ୍ୱ, ଦରିଦ୍ର ।
**pennon** ବି. ଲମ୍ବା ତ୍ରିକୋଣାକାର ସୂକ୍ଷ୍ମାଗ୍ର ପତାକା ।
**penny** ବି. ବ.ବ. pennies, pence ପେନି (ବ୍ରିଟିଶ୍ ମୁଦ୍ରା); ଏକ ପାଉଣ୍ଡର ଏକଶତାଂଶ ବା ଶିଲିଂର ଏକଦ୍ୱାଦଶାଂଶ ମୂଲ୍ୟ ବିଶିଷ୍ଟ; ଏହାଦ୍ୱାରା ନିରୂପିତ ଆର୍ଥିକ ଏକକ; in for a penny, in for a pound ଆରବ୍ଧ କାର୍ଯ୍ୟକୁ ଯେ କୌଣସି ମତେ ଶେଷ କରିବାକୁ ହେବ; pennies from heaven ଅପ୍ରତ୍ୟାଶିତ ଲାଭ; penny wise (and pound foolish) ଅଯଥା କୃପଣ; ସୁଅ ମୁହଁରେ ବହି ଯାଉଛି, ପିମ୍ପୁଡ଼ିଗାତ ବୁଜା ହେଉଛି; a pretty penny ପ୍ରଚୁର ବା ଆଶାନୁରୂପ ଅର୍ଥ, ବହୁତ ଟଙ୍କାପଇସା; take care of the pennies (and the pounds will take care of themselves) ସାମାନ୍ୟ ଖର୍ଚ୍ଚରେ ମଧ ମିତବ୍ୟୟୀ ହୁଅ, ଇଗିରଖି ଚଳିବା ହିତକର; two a penny ସାଧାରଣ ଭାବରେ ଉପଲବ୍ଧ ଏବଂ ପ୍ରାୟ ମୂଲ୍ୟହୀନ ।
**penny–pinching** ବିଂ. କୃପଣ, କଂଜୁସ୍ ।
**pennyroyal** ବି. ସୁଗନ୍ଧିତ ଲତା ଉଦ୍ଭିଦ ବିଶେଷ ।
**pennyweight** ବି. ୨୪ଗ୍ରେନ୍ ସହିତ ସମାନ ଓଜନର ଏକକ ।
**pennywort** ବି. ଗୋଲାକାର ପତ୍ର ବିଶିଷ୍ଟ ଏକପ୍ରକାର ଉଦ୍ଭିଦ ।
**pennyworth** ବି. ଏକ ପେନି ମୂଲ୍ୟର ପଦାର୍ଥ ।
**penology** ବି. ଦଣ୍ଡ ଓ କାରାପରିଚାଳନା ବିଦ୍ୟା; ବି. penologist.
**pen–pushing** ବି. *କ.ଭା. ଅବ.* କିରାଣି କାମ; ବି. pen–pusher.
**pension**[1] 1. ବି. ପେନ୍‌ସନ୍, ସେବାନିବୃତ୍ତି ବେତନ, ଅବସରକାଳୀନ ବେତନ ବା ବୃତ୍ତି,

Digitized by srujanika@gmail.com

ବିଶ୍ରାମ ବୃତ୍ତି ବା ବେତନ; ନିର୍ଦ୍ଦିଷ୍ଟ ବୟସସୀମା ପରେ ସରକାରଙ୍କଦ୍ୱାରା ବ୍ୟକ୍ତି, ବିଧବା ବା ଶାରୀରିକ ଅକ୍ଷମ ବ୍ୟକ୍ତିକୁ ପ୍ରଦତ୍ତ ବେତନ ବା ବୃତ୍ତି; 2. କ୍ରି ପେନ୍‌ସନ୍ ମଂଜୁର୍ କରିବା; pension off ପେନ୍‌ସନ୍ ଦେଇ କାର୍ଯ୍ୟନିବୃତ୍ତ କରିଦେବା; ବସ୍ତୁ ବା ବ୍ୟକ୍ତିକୁ କାର୍ଯ୍ୟରୁ ଅନ୍ତର କରିଦେବା।

**pension**² ବି. ମହାଦେଶୀୟ ବସାଘର' ବା ବୋଡିଙ୍ଗହାଉସ୍।

**pensionable** ବିଂ. ଅବସର ବା ସେବାନିବୃତ୍ତି ବେତନ ବା ବୃତ୍ତିଯୋଗ୍ୟ; ପେନ୍‌ସନ୍ ପାଇଁ ଉପଯୁକ୍ତ।

**pensionary** 1. ବିଂ. ଅବସର ବା ସେବାନିବୃତ୍ତି ବେତନ ବା ବୃତ୍ତିଭୋଗୀ, ଉକ୍ତ ବେତନ ବା ବୃତ୍ତି ସଂଘଟିତ; 2. ବି. ପେନ୍‌ସନ୍‌ପ୍ରାପ୍ତ, ପେନ୍‌ସନ୍‌ଭୋଗୀ (ବ୍ୟକ୍ତି)।

**pensioner** ବି. ପେନ୍‌ସନ୍‌ଭୋଗୀ ବ୍ୟକ୍ତି; ଅବସର ବା ସେବାନିବୃତ୍ତି ବେତନ ବା ବୃତ୍ତିଭୋଗୀ ବ୍ୟକ୍ତି।

**pensive** ବିଂ ଗଭୀର ଚିନ୍ତାମଗ୍ନ।

**pent** ବିଂ ଅବରୁଦ୍ଧ; ନିରୁଦ୍ଧ; ଆବଦ୍ଧ (pent up anger).

**penta–** ସଂ. ପାଞ୍ଚ।

**pentacle** ବି. ବିଶେ. କୁହୁକ ବିଦ୍ୟାରେ ବ୍ୟବହୃତ ଏକପ୍ରକାର ସାଙ୍କେତିକ ଚିହ୍ନ (ଉଦା. ପଞ୍ଚମୁଖୀ ତାରକା କ୍ଷେତ୍ର)।

**pentagon** ବି. ପଞ୍ଚଭୁଜ ଓ ପଞ୍ଚକୋଣ ବିଶିଷ୍ଟ ସମତଳ କ୍ଷେତ୍ର; ପଞ୍ଚଭୁଜ; the Pentagon ଯୁକ୍ତରାଷ୍ଟ୍ର ଆମେରିକାର ସାମରିକ ମୁଖ୍ୟ କାର୍ଯ୍ୟାଳୟ; ବିଂ. pentagonal.

**pentagram** ବି. ପଞ୍ଚମୁଖୀ ତାରକା।

**pentameter** ବି. ପଞ୍ଚପାଦ ବିଶିଷ୍ଟ କବିତାର ଛନ୍ଦ ବା ପଦର ଗୋଟିଏ ପଂକ୍ତି (*ଯଥା*, iambic pentameter).

**Pentateuch** ବି. ଖ୍ରୀଷ୍ଟ ଧର୍ମଗ୍ରନ୍ଥ ବାଇବେଲ୍‌ର ପ୍ରଥମ ପାଞ୍ଚଟି ପୁସ୍ତକ।

**pentathlon** ବି. ଖେଳର ପ୍ରତିଯୋଗିତା ବିଶେଷ, ଏଥିରେ ପ୍ରତି ପ୍ରତିଯୋଗୀ ସମସ୍ତ ପାଞ୍ଚପ୍ରକାର ଖେଳରେ ଅଂଶଗ୍ରହଣ କରିଥାଏ।

**pentatonic** ବିଂ. *ସଙ୍ଗୀତ* ପଞ୍ଚସ୍ୱରଗ୍ରାମ ବିଶିଷ୍ଟ ସ୍କେଲ୍।

**Pentecost** ବି. ଇହୁଦୀମାନଙ୍କର ଏକ ପର୍ବ; *ଖ୍ରୀ.* ହ୍ୱିଟ୍ ରବିବାର (ଇଷ୍ଟର୍ ପରବର୍ତ୍ତୀ ସପ୍ତମ ରବିବାର); ବିଂ. pentecostal.

**penthouse** ବି. ଉଚ୍ଚ ପ୍ରାସାଦର ଛାତଉପରିସ୍ଥ ଗୃହ; ପ୍ରଧାନ କୋଠାର କାନ୍ଥକୁ ଲାଗି ବାହାରିଥିବା ଢାଲୁ ଛାତ।

**penult** 1. ବି. ପଦର ଉପଧାସ୍ଥିତ ଅଂଶ, ଉପାନ୍ତ ପଦାଂଶ; 2. ବିଂ. ଉପଧାସ୍ଥିତ, ଉପାନ୍ତ୍ୟ।

**penultimate** ବି. ଓ ବିଂ. ଶେଷଟିରେ ଠିକ୍ ପୂର୍ବସଂଖ୍ୟା, ପୂର୍ବଟି।

**penumbra** ବି. ବ.ବ. penumbrae ଅଥବା penumbras ପ୍ରଚ୍ଛାୟା ଚତୁଃପାର୍ଶ୍ୱବର୍ତ୍ତୀ ଅସ୍ୱଚ୍ଛ ଛାୟା; ଉପଛାୟା; ବିଶେଷତଃ ଗ୍ରହଣକାଳୀନ ଚନ୍ଦ୍ର ବା ପୃଥିବୀର ଚତୁର୍ଦ୍ଦିଗସ୍ଥ ଅସ୍ୱଚ୍ଛ ଛାୟାଂଶ; ବିଂ. penumbral.

**penurious** ବିଂ. ଦରିଦ୍ର, ଗରିବ; କୃପଣ; ଅନିଚ୍ଛାପ୍ରକାଶୀ।

**penury** ବି. ଦାରିଦ୍ର୍ୟ, ଅଭାବ, ଦୈନ୍ୟ; ନିଃସ୍ୱତା।

**peon** ବି. (ଭାରତରେ) କାର୍ଯ୍ୟାଳୟର ସନ୍ଦେଶବାହକ; ପିଆଦା; ଚପରାସି; ପିଅନ; (ସ୍ପେନିଶ୍ ଆମେରିକାରେ) ଦିନମଜୁରିଆ।

**peony** ବି. ବଡ଼ ଗୋଲାକୃତି ଲାଲ, ପାଟଳ ବା ଧଳାଫୁଲର ଗଛ ବିଶେଷ।

**people** 1. ବି. ଜନସାଧାରଣ; ରାଷ୍ଟ୍ର ବା ଜାତିର ସମସ୍ତ ବ୍ୟକ୍ତି, ଜାତି, ଦଳ, ଗୋଷ୍ଠୀ; (ବ.ବ. ଭାବରେ) କୌଣସି ସ୍ଥାନର ବ୍ୟକ୍ତିବୃନ୍ଦ; ବିଶେଷ ଦଳ ବା ଶ୍ରେଣୀ ଗଠନକାରୀ ବ୍ୟକ୍ତିଗଣ; ପ୍ରଜାବର୍ଗ, ଅନୁଚରବୃନ୍ଦ; କୌଣସି ଧର୍ମସଭା ବା ଧାର୍ମିକ ପରିଷଦ୍‌ର ସଦସ୍ୟସମୂହ; ପିତାମାତା ବା ସମ୍ବନ୍ଧୀୟ ବ୍ୟକ୍ତି (has permission of her people); ଭୋଟ୍ ଦାନାଧିକାରୀ ବା ଯୋଗ୍ୟତାସମ୍ପନ୍ନ ନାଗରିକ ସମୁଦାୟ; ଜନତା; -2. କ୍ରି. ଲୋକପୂର୍ଣ୍ଣ କରିବା, ଅଧ୍ୟୁଷିତ ବା ଅଧିଷ୍ଠିତ କରିବା ବା ହେବା; ବସବାସ କରିବା।

**pep** 1. ବି. *ସାଂ.ପ୍ର.* ଉତ୍ସାହ, ପ୍ରାଣଶକ୍ତି, ସ୍ଫୂର୍ତ୍ତି; 2. *କ୍ରି.* ଉତ୍ସାହ ବା ସ୍ଫୂର୍ତ୍ତି ସୃଷ୍ଟିହେବା।

**pepper** 1. ବି. ମରିଚ ଗଛ ବା ଏହାର ଫଳ; ଗୋଲମରିଚ (black pepper); ମସଲା ରୂପେ ବ୍ୟବହୃତ ହେଉଥିବା କଟୁ ବା ରାଗ ଫଳ; *ଲାକ୍ଷ.* ଯେ କୌଣସି କଟୁ ବା କଡ଼ା

Digitized by srujanika@gmail.com

ବିଷୟ; 2. କ୍ରି. ଗୋଲମରିଚ ଗୁଣ୍ଡ ଛିଞ୍ଚିବା; ଟେକା, ପଥର ପ୍ରଭୃତି କ୍ଷେପଣାସ୍ତ୍ରଦ୍ୱାରା ଆକ୍ରମଣ କରିବା।

**pepper-and-salt** ବିଂ. (ବସ୍ତ୍ର ସମ୍ବନ୍ଧୀୟ) ତିଳତଣ୍ଡୁଳିତ; କଳା ଓ ହାଲୁକା ରଙ୍ଗ ମିଶାମିଶି।

**peppercorn** ବି. ଶୁଖିଲା ଗୋଲମରିଚ; peppercorn rent ନଗଣ୍ୟ ବା ଅତି ସାମାନ୍ୟ ଭଡ଼ା।

**peppermint** ବି. ସୁଗନ୍ଧଯୁକ୍ତ ଉଦ୍ଭିଦ ବିଶେଷ; ଏଥିରୁ ପ୍ରସ୍ତୁତ ଅର୍କ ବା ତୈଳଦ୍ୱାରା ସୁବାସିତ ଲଜେଞ୍ଜ୍ ବା ମିଠାଇ।

**pepper-pot** ବି. ମରିଚଦାନି, ସଚ୍ଛିଦ୍ର ଠିପି ବା ଢାଙ୍କୁଣିଯୁକ୍ତ ମରିଚଗୁଣ୍ଡର ପାତ୍ର ବା ଡବା।

**peppery** ବିଂ. ମରିଚ ସମ୍ବନ୍ଧୀୟ, ମରିଚ ସଦୃଶ, ମରିଚପୂର୍ଣ୍ଣ; ରାଗମସଲା ପଡିଥିବା; *ଲାକ୍ଷ.* କଡାମିଜାଜବାଲା; ବଦ୍‌ରାଗୀ; କଟୁଭାଷୀ।

**pep pill** ବି. ସ୍ନାୟୁଉତ୍ତେଜକ ବଟିକା।

**peppy** ବିଂ. ଉତ୍ସାହୀ; ଉତ୍ସାହବର୍ଦ୍ଧକ, ସ୍ଫୂର୍ତ୍ତିବାନ୍।

**pepsin** ବି. ପରିପାକ ବା ହଜମରେ ସହାୟକ ତତ୍ତ୍ୱ; ଗେଷ୍ଟ୍ରିକ୍ ରସରେ ସ୍ଥିତ ଏନ୍‌ଜାଇମ୍।

**pep talk** ବି. ଅଧିକ ସାହସୀ ବା କର୍ମଠ ହେବାପାଇଁ ଉତ୍ସାହିତ କରିବା।

**peptic** ବିଂ. ପରିପାକ ସହାୟକ, ଜୀର୍ଣ୍ଣକାରୀ, ହଜମୀ; କ୍ରି.ବିଂ. peptically.

**peptic ulcer** ବି. ପାକସ୍ଥଳୀ ବା ତାହାର ନିମ୍ନବର୍ତ୍ତୀ କ୍ଷୁଦ୍ରାନ୍ତ୍ରର କ୍ଷତ ବା ଘାଆ।

**peptide** ବି. ଜଳକଣା ବିବର୍ଜିତ ଏମିନୋ-ଏସିଡ୍ ସଂଯୁକ୍ତ ଯୌଗିକ।

**per** *ଅ.* ପ୍ରତି (ଉଦା. per hour, per cent); ଦ୍ୱାରା, ମାରଫତ, ଜରିଆରେ (ଉଦା. per post); as per ଅନୁସାରେ, ଅନୁଯାୟୀ, ମତେ (as per your advice); as per usual *କ.ଭା.* ଯଥାରୀତି।

**per–** *ପୂ.ପ୍ର.* ସଂପୂର୍ଣ୍ଣରୂପେ, ପୂରା (pervade); ପୂରାପୂରି, ଅତି, ଧ୍ୱଂସଆଡକୁ (perdition), ଖରାପଆଡକୁ (pervert) ପ୍ରଭୃତି ଅର୍ଥବ୍ୟଞ୍ଜକ ପ୍ରତ୍ୟୟ।

**peradventure** *ପ୍ରା.ପ୍ର.* 1. କ୍ରି.ବିଂ. ସମ୍ଭବତଃ, ଦୈବାତ୍, ହୁଏତ; 2. ବି. ଅନିଶ୍ଚିତତା, ସମ୍ଭାବନା, ଅନୁମାନ, ସନ୍ଦେହ।

**perambulate** କ୍ରି. (ସ୍ଥାନ) ଦେଇ ବା ଚାରିପାଖେ ବୁଲିବା; ଭ୍ରମଣ କରିବା, ଜାଗାଜାଗା ବୁଲିବା; ବି. perambulation.

**perambulator** ବି. ଦ୍ର. pram.

**per annum** କ୍ରି.ବିଂ. ବର୍ଷପ୍ରତି, ବର୍ଷକୁ ବା ବର୍ଷ ପିଛା।

**percale** ବି. ଘଞ୍ଚଭାବେ ବୁଣାଯାଇଥିବା କପାଲୁଗା।

**per caput** କ୍ରି.ବିଂ. (per capita ମଧ୍ୟ) ପ୍ରତ୍ୟେକ ବ୍ୟକ୍ତି ପିଛା, ମୁଣ୍ଡପିଛା।

**perceive** କ୍ରି. ଇନ୍ଦ୍ରିୟ ବା ମସ୍ତିଷ୍କ ଦ୍ୱାରା ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିବା; ଉପଲବ୍ଧି ବା ଅନୁଭବ କରିବା; ଲକ୍ଷ୍ୟ କରିବା; ହୃଦ୍‌ବୋଧ କରିବା।

**per cent** 1. କ୍ରି.ବିଂ. (*ଆମେ.* percent) ପ୍ରତିଶହ ପିଛା, ଶତକଡ଼ା; 2. ବି. ଶତକଡ଼ାହାର, ପ୍ରତିଶହରେ ଏକଅଂଶ ବା ଭାଗ।

**percentage** ବି. ଶତକଡ଼ା ହାର, ଅନୁପାତ ବା ଭାଗ।

**perceptible** ବିଂ. ଯାହା ଇନ୍ଦ୍ରିୟ ବା ବୁଦ୍ଧି ସାହାଯ୍ୟରେ ଉପଲବ୍ଧ କରାଯାଇପାରେ; ବି. perceptibility; କ୍ରି.ବିଂ. perceptibly.

**perception** ବି. ଇନ୍ଦ୍ରିୟଲବ୍ଧ ଜ୍ଞାନ; ପ୍ରତ୍ୟକ୍ଷଜ୍ଞାନ; ପ୍ରତ୍ୟକ୍ଷ ଅନୁଭବ ବା ଉପଲବ୍ଧି; (ସତ୍ୟ, ସୌନ୍ଦର୍ଯ୍ୟ ପ୍ରଭୃତି ଗୁଣର) ସ୍ୱାଭାବିକ ପରିଜ୍ଞାନ ବା ପରିଚୟ; ଦ. ଯେଉଁ କ୍ରିୟା ଦ୍ୱାରା ବାହ୍ୟବସ୍ତୁକୁ ମସ୍ତିଷ୍କ ଅନୁଭୂତି ବା ଉପଲବ୍ଧିର କାରଣ ରୂପେ ବିବେଚନା କରିଥାଏ; ବିଂ. perceptual.

**perceptive** ବିଂ. ଅନୁଭବକ୍ଷମ, ବୋଧକ୍ଷମ, କ୍ଷିପ୍ର ଅବବୋଧକ୍ଷମ; କ୍ରି.ବିଂ. perceptively; ବି. perceptiveness; ବି. perceptivity.

**perch**[1] 1. ବି. ପକ୍ଷୀର ବିଶ୍ରାମସ୍ଥଳୀ ଶାଖା, ଡାଳ ବା ବାଡ଼ା; ଅପେକ୍ଷାକୃତ ଉଚ୍ଚ ନିରାପଦ ସ୍ଥାନ; ଇତି. ୫½ଗଜ ଜମିର ଦୈର୍ଘ୍ୟ ପରିମାଣ; 2. କ୍ରି. (ପକ୍ଷୀର ଶାଖା ପ୍ରଭୃତିରେ) ବସିବା ବା ବିଶ୍ରାମ କରିବା।

**perch**[2] ବି. ଏକପ୍ରକାର ମଧୁର ଜଳ ମାଛ।

**perchance** କ୍ରି.ବିଂ. *ପ୍ରା.ପ୍ର.* ଦୈବାତ୍, ଅକସ୍ମାତ୍, ସମ୍ଭବତଃ, ହୋଇପାରେ।

**percipient** ବିଂ. ପ୍ରତ୍ୟକ୍ଷ ଜ୍ଞାନସଂପନ୍ନ, ଅନୁଭବକ୍ଷମ, ସଚେତନ, ସଂବେଦନଶୀଳ; ବି. percipience.

Digitized by srujanika@gmail.com

**percolate** କ୍ରି. (ତରଳପଦାର୍ଥ) ଛାଣିବା; ଚାଲୁଣୀରେ ଚଳାଇବା; ପରିସ୍ରବଣ କରିବା; ସ୍ରବିବା; ସୂକ୍ଷ୍ମ ଛିଦ୍ରରେ ଝରିବା ବା କ୍ଷରିତ ହେବା; ପରିସ୍ରାବକ ଯନ୍ତ୍ର (ପର୍କୋଲେଟର୍)ରେ କଫି ପ୍ରସ୍ତୁତ କରିବା; ବି. percolation.

**percolator** ବି. ପରିସ୍ରାବକ ଯନ୍ତ୍ର, କଫି ପ୍ରସ୍ତୁତ କରିବାର ପାତ୍ର।

**percussion** ବି. ଦୁଇଟି ଘନପଦାର୍ଥର ପ୍ରବଳ ସଂଘର୍ଷ; (ସଂଗୀତ ବା ବାଦ୍ୟଯନ୍ତ୍ର ସମ୍ବନ୍ଧରେ) ନିନାଦକାରୀ ବସ୍ତୁ ଉପରେ ଆଘାତ ଦ୍ୱାରା ଝଙ୍କାରର ସୃଷ୍ଟି; ଅର୍କେଷ୍ଟ୍ରାର ଏଭଳି ବାଦ୍ୟଯନ୍ତ୍ରସମୂହ, (ଚିକିତ୍ସା ଶାସ୍ତ୍ର) ରୋଗ ନିର୍ଣ୍ଣୟ ନିମନ୍ତେ ଶରୀରରେ ମୃଦୁ ଆଘାତ; ବିଂ. percussive.

**percussion cap** ବି. କାଗଜ ବା ଧାତବ ପାତ୍ରରେ ଥିବା କ୍ଷୁଦ୍ର ପରିମାଣର ବାରୁଦ, ଯାହା ହାତୁଡ଼ି ପ୍ରହାର ଫଳରେ ବିସ୍ଫୋରିତ ହୋଇଥାଏ; ବାରୁଦ ଟୋପି।

**perdition** ବି. ନରକଦଣ୍ଡ, ନରକଯାତନା, ଚିରମୃତ୍ୟୁ, ଚିରଅଭିଶପ୍ତ।

**peregrine** ବି. ଏକଜାତୀୟ କ୍ଷୁଦ୍ର ଶିକାରୀ ବାଜପକ୍ଷୀ।

**peremptory** ବିଂ. (ଉକ୍ତି ବା ଆଦେଶ ସମ୍ବନ୍ଧରେ) ଅଲଂଘନୀୟ, ଅବଶ୍ୟ ପାଳନୀୟ; (ବ୍ୟକ୍ତି ପ୍ରଭୃତି ସମ୍ବନ୍ଧରେ) ମତାନ୍ଧ; ସ୍ୱେଚ୍ଛାଚାରୀ; କ୍ଷମତାଲୋଭୀ; କ୍ରି.ବିଂ. peremptorily; ବି. peremptoriness.

**perennial** 1. ବିଂ. ବର୍ଷବ୍ୟାପୀ, ଦୀର୍ଘକାଳସ୍ଥାୟୀ; ଚିରସ୍ଥାୟୀ, (ନଦୀ ସମ୍ବନ୍ଧରେ) ଚିରସ୍ରୋତା; (ଉଦ୍ଭିଦ ସମ୍ବନ୍ଧରେ) ବହୁବର୍ଷଜୀବୀ; 2. ବି. ବହୁବର୍ଷଜୀବୀ ଉଦ୍ଭିଦ; କ୍ରି.ବିଂ. perennially.

**perfect** 1. ବିଂ. ସମ୍ପୂର୍ଣ୍ଣ; ପରିପୂର୍ଣ୍ଣ; ସର୍ବଗୁଣସଂପନ୍ନ, ସର୍ବଗୁଣାନ୍ୱିତ; ଉତ୍କୃଷ୍ଟ; ନିର୍ଦ୍ଦୋଷ; ସିଦ୍ଧ; ନିଖୁଣ; ଆଦର୍ଶ; ସଠିକ; ନିଶ୍ଚିତ; କ.ଭା. ଶ୍ରେଷ୍ଠ; ଉତ୍ତମ; ନିପୁଣ; ପ୍ରବୀଣ; ମହତ୍ତ୍ୱପୂର୍ଣ୍ଣ; ପୂରାପୂରି (a perfect idiot); ବ୍ୟା. ଗତ, ସମ୍ପନ୍ନ, କ୍ରିୟା ବା କାର୍ଯ୍ୟର ସମ୍ପନ୍ନତାସୂଚକ (he has left); 2. ବି.ବ୍ୟା. କ୍ରିୟାର ସମ୍ପନ୍ନତାସୂଚକ କାଳ; 3. କ୍ରି. ସଂପୂର୍ଣ୍ଣ ବା ସଂପନ୍ନ କରିବା; ନିପୁଣ ବା ପାରଦର୍ଶୀ କରିବା; ସିଦ୍ଧ କରିବା; କ୍ରି.ବିଂ. perfectly.

**perfectible** ବିଂ. ଯାହାକୁ ନିର୍ଦ୍ଦୋଷ ସଠିକ ବା ନିଖୁଣ କରାଯାଇ ପାରେ; ବି. perfectibility.

**perfection** ବି. ଆଦର୍ଶକରଣ; ନିର୍ଦ୍ଦୋଷତା, ଆଦର୍ଶ ବ୍ୟକ୍ତି ବା ବସ୍ତୁ; ସଦ୍‌ଗୁଣ ପ୍ରଭୃତିର ପ୍ରଦର୍ଶନ; (ବ୍ୟକ୍ତିର) ଚରମୋତ୍କର୍ଷ; ପରାକାଷ୍ଠା; ସିଦ୍ଧି; ପରିପୂର୍ଣ୍ଣତା, ନିପୁଣତା; ଭ୍ରାନ୍ତିହୀନତା; to perfection ନିଶ୍ଚିତ ବା ସଠିକ ଭାବରେ, ସଂପୂର୍ଣ୍ଣରୂପେ।

**perfectionist** ବି. ନିରନ୍ତର ଆଦର୍ଶ ବା ସିଦ୍ଧି ଅଭିଳାଷୀ ବ୍ୟକ୍ତି; ବି. perfectionism.

**perfidy** ବି. ବିଶ୍ୱାସଭଙ୍ଗ, ବିଶ୍ୱାସଘାତକତା, ଧୋକା; ବିଂ. perfidious.

**perforate** କ୍ରି. ଛିଦ୍ର କରିବା, ସୂକ୍ଷ୍ମକଣା କରିବା; ବିଦ୍ଧ କରିବା; ଫୋଡ଼ିବା; କାଗଜ ପ୍ରଭୃତିରେ ଶ୍ରେଣୀବଦ୍ଧ ଭାବରେ ଛିଦ୍ର କରିବା; ବି. perforation.

**perforce** କ୍ରି.ବିଂ. ବାଧ୍ୟ ହୋଇ, ବାଧ୍ୟତାବଶତଃ, ଅନିବାର୍ଯ୍ୟତଃ; ଅବଶ୍ୟ।

**perform** କ୍ରି. (କାର୍ଯ୍ୟ, କର୍ତ୍ତବ୍ୟ, ପ୍ରତିଶ୍ରୁତି ପ୍ରଭୃତି) ସମ୍ପାଦନ ବା ପାଳନ କରିବା, କାର୍ଯ୍ୟରେ ପରିଣତ କରିବା, କାର୍ଯ୍ୟନିର୍ବାହ କରିବା; ନାଟକରେ ଅଭିନୟ କରିବା; ଗୀତ ଗାଇବା, ପରିବେଷଣ କରିବା (କାର୍ଯ୍ୟକ୍ରମ ପ୍ରଭୃତି); ବି. performer.

**performance** ବି. ସମ୍ପାଦନ ବା ପାଳନର ଢଙ୍ଗ ବା ଗୁଣ; କର୍ତ୍ତବ୍ୟ ବା କାର୍ଯ୍ୟ ନିର୍ବାହ, ଉଲ୍ଲେଖନୀୟ କାର୍ଯ୍ୟ; କ.ଭା. ହାସ୍ୟାସ୍ପଦ କାର୍ଯ୍ୟ; ଯାତ୍ରା, ତାମସା ବା ଖେଳ; ଅଭିନୟ।

**performing arts** ବି. ସର୍ବସାଧାରଣ ପାଇଁ ପରିବେଷିତ ବା ପ୍ରଦର୍ଶିତ ହେବାପାଇଁ ଉଦ୍ଦିଷ୍ଟ କଳା, ଯଥା ନୃତ୍ୟ, ନାଟକ ପ୍ରଭୃତି।

**perfume** 1. ବି. ସୁଗନ୍ଧ, ଅତର; 2. କ୍ରି. ସୁଗନ୍ଧିତ ବା ସୁବାସିତ କରିବା।

**perfumer** ବି. ସୁଗନ୍ଧିତ ବା ସୁବାସିତ ଦ୍ରବ୍ୟ (ଅତର ପ୍ରଭୃତି)ର ନିର୍ମାତା ବା ବିକ୍ରେତା; ବି. perfumery.

**perfunctory** ବିଂ. ଯାହିତାହି ବା ଯଥାତଥା କରାଯାଇଥିବା; ଅଯତ୍ନକୃତ, ଏହିରୂପେ କାର୍ଯ୍ୟ କରୁଥିବା ବ୍ୟକ୍ତି; କ୍ରି.ବିଂ. perfunctorily.

Digitized by srujanika@gmail.com

**pergola** ବି. ନିକୁଞ୍ଜବୀଥିକା, ଯେଉଁ ଚଲାପଥ ଗଛଲତା ପ୍ରଭୃତିରେ ଆବୃତ ହୋଇଥାଏ ।

**perhaps** କ୍ରି.ବିଂ. ସମ୍ଭବତଃ, ବୋଧ ହୁଏ, ହୁଏତ ।

**peri-** ପୂ.ପ. ଚାରିପାଖେ, ବୁଲାଣିଆ (periphery, periphrasis).

**perianth** ବି. ଫୁଲର ବାହ୍ୟଅଂଶ ।

**pericardium** ବି. ବ.ବ. pericardia ହୃତ୍‌ପିଣ୍ଡର ଆବରଣକାରୀ ସୂକ୍ଷ୍ମ ପରଦା ବା ଝିଲ୍ଲୀ ।

**perigee** ବି. ପୃଥିବୀଠାରୁ ନିକଟତମ ଗ୍ରହକକ୍ଷ ବା ଚନ୍ଦ୍ରକକ୍ଷର ବିନ୍ଦୁ ।

**perihelion** ବି. ବ.ବ. perihelia ସୂର୍ଯ୍ୟର ନିକଟତମ ଗ୍ରହକକ୍ଷ ବା ଧୂମକେତୁ କକ୍ଷର ବିନ୍ଦୁ ।

**peril** ବି. ସାଂଘାତିକ ଓ ଆସନ୍ନ ବିପଦ ବା ସଂକଟ ।

**perilous** ବିଂ. ବିପଜ୍ଜନକ, ବିପଦସଂକୁଳ, ଆସନ୍ନ ବିପଦପୂର୍ଣ୍ଣ; କ୍ରି.ବିଂ. perilously.

**perimeter** ବି. ଆବଦ୍ଧ କ୍ଷେତ୍ରର ପରିସୀମା; ଏହାର ଦୈର୍ଘ୍ୟ; ବୃତ୍ତର ପରିଧି, ଆବଦ୍ଧ କ୍ଷେତ୍ରର ବହିଃସୀମା ।

**perineum** ବି. ଶରୀରରେ ମଳଦ୍ୱାର ଓ ଯୋନିଦ୍ୱାର ବା ଅଣ୍ଡକୋଷର ମଧ୍ୟବର୍ତ୍ତୀ ସ୍ଥାନ; ବିଂ. perineal.

**period** 1. ବି. ସମୟର ଦୈର୍ଘ୍ୟ ବା ଅଂଶ; ଅବଧି, କାଳ-ବିଭାଗ, ନିୟତକାଳ; ଇତିହାସ, ଜୀବନ ପ୍ରଭୃତିର ବିଶେଷ ଅଂଶ; ଭୂତତ୍ତ୍ୱ ସମ୍ବନ୍ଧୀୟ ଯୁଗର ଅଂଶ ବିଶେଷ; ବିଦ୍ୟାଳୟରେ ପାଠ ନିମନ୍ତେ ନିର୍ଦ୍ଧାରିତ ସମୟ; ସ୍ତ୍ରୀମାନଙ୍କର ମାସିକ ରକ୍ତସ୍ରାବ ବା ସେହି ସମୟ; (ବିଶେଷତଃ ବହୁ ଉପବାକ୍ୟ ସମ୍ବଳିତ) ପୂର୍ଣ୍ଣବାକ୍ୟ; ବାକ୍ୟ ଶେଷରେ ପୂର୍ଣ୍ଣଚ୍ଛେଦ ବା ପୂର୍ଣ୍ଣବିରତି; 2. ବିଂ. କୌଣସି ଅତୀତଯୁଗର ବିଶେଷ ଗୁଣ ବା ଲକ୍ଷଣଯୁକ୍ତ ।

**periodic** ବି.ସାମୟିକ ଅନ୍ତର ବା ବ୍ୟବଧାନକ୍ରମେ ଦୃଷ୍ଟିଗୋଚର ବା ସଂଘଟିତ ହେଉଥିବା ।

**periodical** 1. ବିଂ.ଦ୍ର. periodic; 2. ବି. ନିୟମିତ ବ୍ୟବଧାନରେ ପ୍ରକାଶିତ ପତ୍ରପତ୍ରିକା ପ୍ରଭୃତି; କ୍ରି.ବିଂ. periodically.

**periodicity** ବି. ବ୍ୟବଧାନକ୍ରମ; ପୁନଃ ପୁନଃ ସଂଘଟିତ ହେବାର ପ୍ରବୃତ୍ତି ।

**peripatetic** 1. ବିଂ. ବିଚରଣଶୀଳ, ଭ୍ରମଣଶୀଳ; ଏକାଧିକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ; Peripatetic ଏରିଷ୍ଟୋଟଲୀୟ; 2. ବି. ଏକାଧିକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ; ଏରିଷ୍ଟୋଟଲୀୟ ।

**peripheral** ବିଂ. ଅପେକ୍ଷାକୃତ କମ୍ ମହତ୍ତ୍ୱପୂର୍ଣ୍ଣ; ପରିଧି ବା (କ୍ଷେତ୍ରର) ପରିସୀମା ସମ୍ବନ୍ଧୀୟ ।

**periphery** ବି. (ବୃତ୍ତର) ପରିଧି; (କ୍ଷେତ୍ରର) ପରିସୀମା; ସୀମାରେଖା ।

**periphrasis** ବି. ବ.ବ. periphrases ବକ୍ରୋକ୍ତି, ବୁଲାଣିଆ କଥା, ବାଗାଡ଼ମ୍ବର; ବିଂ. periphrastic.

**periscope** ବି. ନଳୀ ଓ ଦର୍ପଣଖଚିତ ବୀକ୍ଷଣଯନ୍ତ୍ର; ବୁଡ଼ାଜାହାଜ, ପରିଖା ପ୍ରଭୃତି ମଧ୍ୟରୁ କିମ୍ବା ଲୋକଗହଳିର ପଶ୍ଚାଦ୍‌ଭାଗରୁ ଗୋପନ ଭାବରେ ବହିର୍ଦୃଶ୍ୟ ଦେଖିବାରେ ବ୍ୟବହୃତ ଯନ୍ତ୍ର; ବିଂ periscopic.

**perish** କ୍ରି. ନଷ୍ଟହେବା, କ୍ଷୟପ୍ରାପ୍ତ ହେବା, ଧ୍ୱସ୍ତ ହେବା; ମରିବା; ପଚିବା; ଶୀତ ବା ଖରାରେ ପକାଇ/ପଡି କଷ୍ଟଦେବା/ପାଇବା ।

**perishable** 1. ବିଂ. କ୍ଷୟଶୀଳ, ବିନାଶଶୀଳ; ଶୀଘ୍ର ପଚନଶୀଳ; 2. ବି. ବିଶେ. ବ.ବରେ ପଚନଶୀଳ ପଦାର୍ଥ (ଖାଦ୍ୟଦ୍ରବ୍ୟ ପ୍ରଭୃତି) ।

**perisher** ବି. ସା.ପ୍ର. ବିରକ୍ତିକର ବ୍ୟକ୍ତି ( ବିଶେ. ଶିଶୁ) ।

**perishing** ବିଂ. କ.ଭା. ପ୍ରଚଣ୍ଡ (ଥଣ୍ଡା); କ.ଭା. ବ୍ୟତିବ୍ୟସ୍ତ, ବିବ୍ରତ ।

**peritoneum** ବି. ଉଦରର ଆବରଣକାରୀ ସୂକ୍ଷ୍ମଚର୍ମ ବା ଝିଲ୍ଲୀ; ବିଂ. peritoneal.

**peritonitis** ବି. ଉଦରର ଝିଲ୍ଲୀର ପ୍ରଦାହ ।

**periwig** ବି. ବିଶେ. ଇତି. କୃତ୍ରିମ କେଶ, ପରଚୁଲ; କୃତ୍ରିମ ବାଳର ଟୋପି ।

**periwinkle**[1] ବି. ନୀଳ ବା ଧଳା ରଙ୍ଗର ଫୁଲ ଫୁଟୁଥିବା ଚିରହରିତ ଲତାବିଶେଷ ।

**periwinkle**[2] ବି. ଖାଦ୍ୟଯୋଗ୍ୟ ସାମୁଦ୍ରିକ ଗେଣ୍ଡା ବିଶେଷ ।

**perjure** କ୍ରି. ଆଇନ୍ ମିଥ୍ୟା ସାକ୍ଷ୍ୟଦାନ ବା ମିଥ୍ୟା ଶପଥଦ୍ୱାରା ନିଜକୁ ଆପେ ଅପରାଧୀ କରିବା; ଅ.କା.କ୍ରି.ଛ.ବିଂ. ମିଥ୍ୟା ସାକ୍ଷ୍ୟଦାନ ବା ମିଥ୍ୟା ଶପଥରେ ଅପରାଧୀ; ବି. perjurer.

**perjury** ବି. ଆଇନ୍ ଶପଥ ନେଇ ଇଚ୍ଛାକୃତ ଭାବରେ ମିଥ୍ୟା ସାକ୍ଷ୍ୟ ପ୍ରଦାନ ।

Digitized by srujanika@gmail.com

**perk**[1] କ୍ରି. କ.ଭା. (up ସହ) ସାହସ ବା ଆସ୍ଥା ପୁନର୍ଲାଭ କରାଇବା, ସ୍ଫୂର୍ତ୍ତିଶୀଳ କରିବା; ଫୂର୍ତ୍ତିର ସହ ମୁଣ୍ଡ ଉଠେଇବା।

**perk**[2] ବି. କ.ଭା. ସା. ବ.ବ.ରେ ଅଧିକ ଭତ୍ତା, ବକ୍ସିସ୍, ଉପୁରି ପାଉଣା।

**perky** ବିଂ. କ.ଭା. ସତେଜ ଓ ପ୍ରଫୁଲ୍ଲ, ଉତ୍‌ଫୁଲ୍ଲ; କ୍ରି.ବିଂ. perkily; ବି. perkiness.

**perm**[1] 1. ବି. କ.ଭା. କେଶର ବହୁସମୟ ସ୍ଥାୟୀ କୁଞ୍ଚିତକରଣ; 2. କ୍ରି. ତରଙ୍ଗାୟିତ କରିବା, ବାଳ କୁଞ୍ଚୁକୁଞ୍ଚିଆକରିବା।

**perm**[2] 1. ବି. କ.ଭା. ଦ୍ରବ୍ୟସମୂହର କ୍ରମପରିବର୍ତ୍ତନ, ରୂପାନ୍ତର, ପ୍ରକାରାନ୍ତର, ରାଶିର ବିବିଧ ବିନ୍ୟାସ; 2. କ୍ରି. ପରିବର୍ତ୍ତନ ବା ରୂପାନ୍ତର କରିବା।

**permafrost** ବି. ମେରୁ ଅଞ୍ଚଳସ୍ଥ ଚିରବରଫାବୃତ ଭୂମିତଳ ମୃତ୍ତିକା।

**permanence** ବି. ସ୍ଥାୟିତ୍ୱ, ଚିରସ୍ଥାୟିତ୍ୱ।

**permanency** ବି. ସ୍ଥାୟୀ ବ୍ୟବସ୍ଥା।

**permanent** ବିଂ ସ୍ଥାୟୀ, ଚିରସ୍ଥାୟୀ, ଅପରିବର୍ତ୍ତନୀୟ; ବହୁସମୟ ପର୍ଯ୍ୟନ୍ତ ରହିବା ପାଇଁ ବା କାର୍ଯ୍ୟକରିବା ପାଇଁ ଉଦ୍ଦିଷ୍ଟ; କ୍ରି.ବିଂ. permanently.

**permanent wave** ବି. କେଶର ବହୁସମୟ ସ୍ଥାୟୀ କୃତ୍ରିମ ତରଙ୍ଗ ବା କୁଞ୍ଚିତକରଣ।

**permanent way** ବି. ରେଳରାସ୍ତାର ସଂପୂର୍ଣ୍ଣ ମୃତ୍ତୁଆ ଶଯ୍ୟା।

**permeable** ବିଂ. ତରଳଦ୍ରବ୍ୟ ପ୍ରଭୃତି ଭେଦି ପାରୁଥିବା ବା ପ୍ରବେଶ କରିପାରୁଥିବା; ବି. permeability.

**permeate** କ୍ରି. ପୂରାପୂରି ପ୍ରବେଶ କରିବା, ବ୍ୟାପିବା; ପୂର୍ଣ୍ଣମାତ୍ରାରେ ଭିଜାଇ ଦେବା; ପରିବ୍ୟାପ୍ତ କରିବା ବା ହେବା, ବି. permeation.

**permissible** ବିଂ. ଅନୁମତିଯୋଗ୍ୟ, ଅନୁମୋଦନୀୟ; ବି. permissibility.

**permission** ବି. (କୌଣସି କାର୍ଯ୍ୟ କରିବା ପାଇଁ) ଅନୁମତି, ସ୍ୱୀକୃତି ବା ଅଧିକାର।

**permissive** ବିଂ ବିଶେଷତଃ ଯୌନ ବ୍ୟାପାରରେ ସହିଷ୍ଣୁ ବା କୋହଳ; ଅନୁମତିପ୍ରଦାୟକ; ଅନୁମୋଦନକାରୀ; ବି. permissiveness.

**permit** 1. କ୍ରି. ଅନୁମତି ବା ଆଦେଶ ଦେବା, ସମ୍ମତି ଦେବା, ମଞ୍ଜୁର କରିବା, ଅନୁମୋଦନ କରିବା; ଅନୁକୂଳ ହେବା, ସୁଯୋଗ ଦେବା; ଅଧିକାର ଦେବା; 2. ବି. ଅନୁମତି-ପତ୍ର, ଆଦେଶ-ପତ୍ର, ଅନୁମତି, ପରମିଟ୍।

**permutation** ବି. ବସ୍ତୁ ସମୂହର କ୍ରମର ପରିବର୍ତ୍ତନ; ରାଶିର ବିବିଧ ବିନ୍ୟାସ; ଏଭଳି ବ୍ୟବସ୍ଥା; ବିନିମୟ; ବୃହତ୍ତର ସମୁଦାୟରୁ ନିର୍ଦ୍ଦିଷ୍ଟସଂଖ୍ୟକ କେତେକ ବସ୍ତୁର ସମ୍ମିଶ୍ରଣ ବା ନିର୍ବାଚନ।

**pernicious** ବିଂ ଧ୍ୱଂସାତ୍ମକ, କ୍ଷତିକାରକ, ଅତି ଅନିଷ୍ଟକାରକ; ମାରାତ୍ମକ।

**pernicious anaemia** ବି. ରକ୍ତହୀନତା ରୋଗର ସାଂଘାତିକ ଓ ଗୁରୁତର ଅବସ୍ଥା।

**pernickety** ବିଂ. କ.ଭା. ଯେ ସହଜରେ ସନ୍ତୁଷ୍ଟ ନୁହେଁ, ଦୁସ୍ତୋଷଣୀୟ; ଅତିଶୟ ନିୟମାନୁବର୍ତ୍ତୀ।

**peroration** ବି. ଭାଷଣ ବା ବକ୍ତୃତାର ଦୀର୍ଘ ଉପସଂହାର।

**peroxide** 1. ବି. କୌଣସି ଏକ ଉପାଦାନ ସହିତ ଅଧିକତମ ଅମ୍ଳଜାନର ଯୌଗିକ, ଉଦା. ହାଇଡ୍ରୋଜେନ୍ ପେରୋକ୍ସାଇଡ୍ (hydrogen peroxide); ଏକ ବର୍ଣ୍ଣହୀନ ତରଳ ପଦାର୍ଥ, ଜଳରେ ଦ୍ରବଣୀୟ, ବାଳ ଧଳାକୁ କହରା କରିବା ପାଇଁ ବା ଘା' ଧୋଇବା ପାଇଁ ବ୍ୟବହୃତ; 2. କ୍ରି. ପେରୋକ୍ସାଇଡ୍ ଯୋଗେ କେଶ ଧଳା ବା କହରା କରିବା।

**perpendicular** 1. ବିଂ. ପ୍ରଦତ୍ତ ରେଖା, ସମତଳ ବା ପୃଷ୍ଠ ପ୍ରତି ସମକୋଣ ସୃଷ୍ଟିପୂର୍ବକ ଦଣ୍ଡାୟମାନ; ଲମ୍ବ ରୂପେ ଦଣ୍ଡାୟମାନ ବା ଅବସ୍ଥିତ; ଖୁବ୍ ସିଧା, ସଳଖ, ଅତି ତିଖ; 2. ବି. ଲମ୍ବରେଖା, ଲମ୍ବ, ସଳଖ ବା ଦଣ୍ଡାୟମାନ ଅବସ୍ଥା; ବି. perpendicularity.

**perpetrate** କ୍ରି. (ପ୍ରମାଦ, ଅପରାଧ, ପରିହାସପୂର୍ଣ୍ଣ କପଟ ପ୍ରଭୃତି କାର୍ଯ୍ୟ) ସମ୍ପାଦନ କରିବା; ବି. perpetration; perpetrator.

**perpetual** ବିଂ. ଚିରନ୍ତନ, ଚିରସ୍ଥାୟୀ; ଦୀର୍ଘସ୍ଥାୟୀ; ଅବିରତ, ନିରନ୍ତର, କ୍ରମାଗତ, କ.ଭା. ଘନଘନ, ମୁହୁର୍ମୁହୁ।

**perpetually** କ୍ରି.ବିଂ. ଚିରସ୍ଥାୟୀ ବା କ୍ରମାଗତ ଭାବରେ, ଅବିରତ, ନିରନ୍ତର।

Digitized by srujanika@gmail.com

**perpetuate** କ୍ରି. ଚିରସ୍ଥାୟୀ କରିବା, ଚିରସ୍ମରଣୀୟ କରିବା; ବି. perpetuation; ବି. perpetuator.

**perpetuity** ବି. ଚିରନ୍ତନତା, ଚିରସ୍ଥାୟିତ୍ୱ; (ସ୍ଥାୟୀ) ଭୋଗ ଦଖଲ ଅବସ୍ଥା; ବାର୍ଷିକ; in perpetuity ଚିରକାଳ ପାଇଁ।

**perplex** କ୍ରି. ହତବୁଦ୍ଧି ବା କିଂକର୍ତ୍ତବ୍ୟବିମୂଢ଼ କରିବା; ବିଭ୍ରାନ୍ତ କରିବା; ବିଚଳିତ ବା ବ୍ୟାକୁଳ କରିବା, ବୁଦ୍ଧିବଣା କରିବା।

**perplexedly** କ୍ରି.ବିଂ. କିଂକର୍ତ୍ତବ୍ୟବିମୂଢ଼ ଭାବରେ, ବିଚଳିତ ବା ବ୍ୟାକୁଳ ଭାବରେ।

**perplexity** ବି. କିଂକର୍ତ୍ତବ୍ୟବିମୂଢ଼ତା, ହତବୁଦ୍ଧିତା, ବ୍ୟାକୁଳତା, ବିଭ୍ରାନ୍ତକାରୀ ବସ୍ତୁ ବା ଘଟଣା; ଯାହା ବ୍ୟାକୁଳ ବା ବିବ୍ରତ କରିଥାଏ।

***per pro*** ସଂଜ୍ଞ. ପ୍ରତିନିଧି କରିଆରେ, ଅନ୍ୟ କାହାରି ଦ୍ୱାରା; (ଲା. *per procurationem*).

**perquisite** ବି. ମୂଳ ଆୟ ଉପରେ ଅଧିକ ଲାଭ ବା ଭତ୍ତା; ପ୍ରଚଳିତ ଅତିରିକ୍ତ ଅଧିକାର ବା ବିଶେଷ ସୁବିଧା।

**perry** ବି. ନାସପାତି ରସରୁ ଅମ୍ଳୀଭବନ ଦ୍ୱାରା ପ୍ରସ୍ତୁତ ପାନୀୟ।

**persecute** କ୍ରି. ବିଶେଷତଃ ଧାର୍ମିକ ବା ରାଜନୈତିକ ବିଶ୍ୱାସ କାରଣରୁ ନିରନ୍ତର ଶତ୍ରୁତା ଆଚରଣ ବା ଦୁର୍ବ୍ୟବହାର କରିବା; କ୍ଳେଶ ବା ନିର୍ଯାତନା ଦେବା, ହଇରାଣ ବା ବିରକ୍ତ କରିବା।

**persecution** ବି. ଉତ୍ପୀଡ଼ନ, ଅତ୍ୟାଚାର।

**persecutor** ବି. ଉତ୍ପୀଡ଼କ, କ୍ଳେଶଦାତା, ଅତ୍ୟାଚାରୀ।

**persevere** କ୍ରି. (କୌଣସି କାର୍ଯ୍ୟରେ) ଅବିରତ ଚେଷ୍ଟା ବା ଯତ୍ନ କରିବା; ଅଧ୍ୟବସାୟ କରିବା; କାର୍ଯ୍ୟରେ ଦୃଢ଼ଭାବରେ ଲାଗିରହିବା, ମନୋନିବେଶ ସହକାରେ କାର୍ଯ୍ୟ କରିବା; ବି. perseverance.

**Persian** 1. ବି. ବିଶେଷତଃ ପ୍ରାଚୀନ ପାରସ୍ୟ (ଆଧୁନିକ ଇରାନ)ର ଅଧିବାସୀ; 2. ବିଂ. ପାରସ୍ୟ ଦେଶୀୟ, ପାର୍‌ସୀ (ଭାଷା)।

**Persian cat** ବି. ଏକଜାତୀୟ ରେଶମୀ ଦୀର୍ଘଲୋମ ବିଶିଷ୍ଟ ବିଲେଇ।

**Persian lamb** ବି. କରାକୁଲ୍ ବା ଏକଜାତୀୟ ମେଷ ଶାବକ ଯାହାର କୁଞ୍ଚିତ ରେଶମୀ ଲୋମ ଫର୍ ଭାବରେ ବ୍ୟବହୃତ ହୁଏ।

**persiflage** ବି. ଉପହାସ; ହାଲୁକା ପରିହାସ ବା ବିଦ୍ରୂପ।

**persimmon** ବି. ଆମେରିକା ବା ପୂର୍ବ ଏସିଆର ବୃକ୍ଷ ବିଶେଷ; ଏହାର କମଳାଲେମ୍ବୁଜାତୀୟ ଖାଦ୍ୟଯୋଗ୍ୟ ଫଳ।

**persist** କ୍ରି. (ବିଶେ. ବାଧାବିଘ୍ନ ବା ଆପତ୍ତି ସତ୍ତ୍ୱେ) ନିଜର ମତ, କାର୍ଯ୍ୟବିଧି ବା କାର୍ଯ୍ୟସଂପାଦନରେ ଦୃଢ଼ ଓ ଅବିଚଳିତ ଭାବରେ ଚେଷ୍ଟିତ ରହିବା; ଅଧ୍ୟବସାୟୀ ହେବା; ଜିଦ୍ କରିବା, (ପ୍ରତ୍ୟକ୍ଷାନୁଭୂତିର ପଦାର୍ଥ, ରୂପ ବା ଆକୃତି ବିଷୟରେ) ସତ୍ତା ବା ଅସ୍ତିତ୍ୱ ନିରବଚ୍ଛିନ୍ନ ରହିବା ବା ଜୀବିତ ରହିବା; ତିଷ୍ଠିବା; ବି. persistence; ବିଂ. persistent; କ୍ରି.ବିଂ. persistently.

**person** ବି. ବ୍ୟକ୍ତି, ଜୀବନ୍ତ ମନୁଷ୍ୟର ଶରୀର; ବ୍ୟା. ପୁରୁଷ (I/we, first person ପ୍ରଥମ ପୁରୁଷ; you, second person ଦ୍ୱିତୀୟ ପୁରୁଷ; he/she etc. third person ତୃତୀୟ ପୁରୁଷ); in person ଶାରୀରିକ ଭାବରେ ଉପସ୍ଥିତ।

**persona** ବି. ( ବ.ବ. personae) ଅନ୍ୟମାନଙ୍କୁ ପ୍ରଦର୍ଶିତ ବା ଅନ୍ୟମାନଙ୍କଦ୍ୱାରା ଅନୁଭୂତ କୌଣସି ବ୍ୟକ୍ତିର ବ୍ୟକ୍ତିତ୍ୱର ରୂପ।

**personable** ବିଂ. ଆକୃତି ବା ବ୍ୟବହାରରେ ଆନନ୍ଦଦାୟକ।

**personage** ବି. ( ବିଶେ ଗୁରୁତ୍ୱପୂର୍ଣ୍ଣ ବା ବିଶିଷ୍ଟ) ବ୍ୟକ୍ତି।

***persona grata*** ବି. ନିର୍ଦ୍ଦିଷ୍ଟ କିଛି ବା ଅନେକ ଲୋକଙ୍କ ପାଇଁ ଗ୍ରହଣୀୟ ବ୍ୟକ୍ତି। *(ଲା.)*

**personal** ବିଂ. ବ୍ୟକ୍ତିଗତ, ବ୍ୟକ୍ତିସମ୍ବନ୍ଧୀୟ, ଘରୋଇ, ସ୍ୱୀୟ, ନିଜ, ସ୍ୱକୃତ।

**personal column** ବି. ସମ୍ବାଦପତ୍ରରେ ବ୍ୟକ୍ତିଗତ ବିଜ୍ଞାପନ ବା ବାର୍ତ୍ତାର ସ୍ତମ୍ଭ।

**personality** ବି. ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ବୈଶିଷ୍ଟ୍ୟ ବା ବିଶେଷତ୍ୱ; ବୈଶିଷ୍ଟ୍ୟସମ୍ପନ୍ନ ବା ପ୍ରସିଦ୍ଧ ବ୍ୟକ୍ତି; ବ୍ୟକ୍ତିର ସ୍ଥିତି ବା ପରିଚୟ; ପ୍ରସିଦ୍ଧି, ଯଶ, କୀର୍ତ୍ତି; ବ.ବ. ବ୍ୟକ୍ତିଗତ ମନ୍ତବ୍ୟ।

**personalize** କ୍ରି. (ବିଶେଷତଃ ସ୍ୱତ୍ୱାଧିକାରୀର ନାମପ୍ରଭୃତିଦ୍ୱାରା ଚିହ୍ନିତ କରି) ବ୍ୟକ୍ତିଗତ କରିବା, ନିଜସ୍ୱ କରିବା; ବ୍ୟକ୍ତିତ୍ୱ ଆରୋପ କରିବା, ମାନବୀକରଣ କରିବା।

Digitized by srujanika@gmail.com

**personally** କ୍ରି.ବିଂ. ନିଜେ, ସ୍ୱୟଂ; ବ୍ୟକ୍ତିଗତ ଭାବରେ; ନିଜ ପକ୍ଷରେ ।

**personal pronoun** ବି. ପୁରୁଷବୋଧକ (ବିଶେ. ସର୍ବନାମ I, we, you, he ପ୍ରଭୃତି) ।

**personal property** ବି. ସମଗ୍ର ଅସ୍ଥାବର ସମ୍ପତ୍ତି (ଯାହା ଉତ୍ତରାଧିକାରୀମାନଙ୍କ ପ୍ରାପ୍ୟ) ।

***persona non grata*** ବି. କେତେକଙ୍କ ପ୍ରତି ଯେଉଁ ବ୍ୟକ୍ତି ଗ୍ରହଣଯୋଗ୍ୟ ନୁହେଁ; ଅବାଞ୍ଛିତ ବ୍ୟକ୍ତି । *(ଲା.)*

**personate** କ୍ରି. କୌଣସି ବ୍ୟକ୍ତିର ଅଭିନୟ କରିବା, ନିଜକୁ ଅନ୍ୟ କେହି ବୋଲି ଛଳନା ବା ଠକାମି କରିବା; ବି. personation; ବି. personator.

**personify** କ୍ରି. ମାନବୀକରଣ କରିବା, ବ୍ୟକ୍ତିତ୍ୱ ଆରୋପ କରିବା, କୌଣସି ଗୁଣକୁ ମାନବୀୟ ରୂପ ଦେବା, ଉଦାହରଣ ଦେବା, ଗୁଣ ପ୍ରଭୃତି ନିଜ ବ୍ୟକ୍ତିତ୍ୱରେ ପରିସ୍ଫୁଟ କରାଇବା; ବି. personification.

**personnel** ବି. ସରକାରୀ ବା ବେସରକାରୀ ସଂସ୍ଥା, ଉଦ୍ୟୋଗ, ସାମରିକ ବାହିନୀ ପ୍ରଭୃତିରେ ନିଯୁକ୍ତ କର୍ମଚାରୀବୃନ୍ଦ ।

**personnel department** ବି. କର୍ମଚାରୀମାନଙ୍କର ନିଯୁକ୍ତି ଓ କଲ୍ୟାଣ ବ୍ୟାପାର ବିଭାଗ ।

**perspective** 1. ବି. ସମତଳ ଉପରେ ଘନବସ୍ତୁ ମାଧ୍ୟମରେ ଚିତ୍ରଣ ଦ୍ୱାରା ପ୍ରଦର୍ଶିତ ଦୃଶ୍ୟରାଜିର ଆପେକ୍ଷିକ ଅବସ୍ଥିତି, ଦୂରତ୍ୱ, ଆକୃତି ପ୍ରଭୃତିର ସଠିକ ପ୍ରଦର୍ଶନ କଳା, ଏହିପରି ଅଙ୍କିତ ଭୂଚିତ୍ର; ଉଚ୍ଚତା, ଅବସ୍ଥିତି, ଦୂରତ୍ୱ ପ୍ରଭୃତି ବିଷୟରେ ଦୁଇଟି ଦୃଶ୍ୟମାନ ବସ୍ତୁର ପ୍ରତ୍ୟକ୍ଷ ସମ୍ପର୍କ; ବିଷୟବସ୍ତୁ ବା ପଦାର୍ଥଗୁଡ଼ିକର ଆପେକ୍ଷିକ ପ୍ରାଧାନ୍ୟର ମାନସିକ ଦୃଷ୍ଟି; ପରିପ୍ରେକ୍ଷଣ; 2. ବିଂ. ଦୃଶ୍ୟସମ୍ବନ୍ଧୀୟ, ଦୃଶ୍ୟାନୁଯାୟୀ, ପରିପ୍ରେକ୍ଷିତ; in perspective ପରିପ୍ରେକ୍ଷଣ ନିୟମାନୁସାରେ ଅଙ୍କିତ ବା ନିରୀକ୍ଷିତ, ଆପେକ୍ଷିକ ଗୁରୁତ୍ୱ ବା ପ୍ରାଧାନ୍ୟ ଦୃଷ୍ଟିରୁ ସଠିକ ଭାବରେ ନିରୀକ୍ଷିତ ।

**perspicacious** ବିଂ. ଅନ୍ତର୍ଦୃଷ୍ଟିସମ୍ପନ୍ନ, ତୀକ୍ଷ୍ଣଦୃଷ୍ଟିସମ୍ପନ୍ନ; ଅନୁଶୀଳନକ୍ଷମ; ବି. perspicacity.

**perspicuous** ବିଂ. ସହଜବୋଧ, ସ୍ପଷ୍ଟ ବା ବିଶଦଭାବରେ ବୁଝା ପଡୁଥିବା; ସ୍ପଷ୍ଟଭାବରେ ଅଭିବ୍ୟକ୍ତ; ବି. perspicuity.

**perspiration** ବି. ଝାଳ; ଝାଳ ବହିବା, ସ୍ୱେଦ ନିର୍ଗମନ ।

**perspire** କ୍ରି. ଝାଳ ବହିବା ।

**persuade** କ୍ରି. (ବ୍ୟକ୍ତିକୁ) କୌଣସି କାର୍ଯ୍ୟ କରିବାକୁ ବା କଥା ବିଶ୍ୱାସ କରିବାକୁ ପ୍ରବର୍ତ୍ତାଇବା; ମନାଇବା, ପ୍ରରୋଚିତ କରିବା; ବିଂ. persuadable; ବିଂ. persuasible.

**persuasion** ବି. ପ୍ରବର୍ତ୍ତନା, ପ୍ରରୋଚନା, ପ୍ରତୀତି, ଦୃଢ଼ବିଶ୍ୱାସ; ବିଶେଷ ଧର୍ମବିଶ୍ୱାସୀ ସଂପ୍ରଦାୟ ।

**persuasive** ବିଂ. ପ୍ରବର୍ତ୍ତନାମୂଳକ, ପ୍ରରୋଚକ, ପ୍ରରୋଚନାମୂଳକ ।

**pert** ବିଂ. ଧୃଷ୍ଟ, ପ୍ରଗଳ୍ଭ, ଦୁର୍ବିନୀତ, ଫିଟ୍‌ଫାଟ୍, ମଉଜିଆ, ଉତ୍ସାହୀ, ସବୁକାମରେ ଆଗଭର; କ୍ରି.ବିଂ. pertly; ବି. pertness.

**pertain** କ୍ରି. ପ୍ରାସଙ୍ଗିକ ବା ଉପଯୁକ୍ତ ହେବା; ସଂପୃକ୍ତ ରହିବା; ଅଂଶ, ପରିଶିଷ୍ଟ ବା ସହଯୋଗୀ ରୂପେ ପରିଚିତ ହେବା; ପ୍ରଯୋଜ୍ୟ ହେବା ।

**pertinacious** ବିଂ. କୌଣସି ବିଶ୍ୱାସ ବା କାର୍ଯ୍ୟପନ୍ଥାରେ ଦୃଢ଼; ଦୃଢ଼ପ୍ରତିଜ୍ଞ, ଅଟଳ, ଏକଜିଦିଆ; ବି. pertinacity.

**pertinent** ବିଂ. ପ୍ରାସଙ୍ଗିକ, ପ୍ରସଙ୍ଗୋଚିତ, ସଙ୍ଗତ, ଉପଯୁକ୍ତ, ଯୁକ୍ତିଯୁକ୍ତ, ଯୁକ୍ତିସଙ୍ଗତ, ଯୌକ୍ତିକ; ବି. pertinence; ବି. pertinency.

**perturb** କ୍ରି. ବିଚଳିତ ବା ବିକ୍ଷୁବ୍ଧ ହେବା ବା କରିବା; ବ୍ୟାକୁଳ କରିବା, ମାନସିକ ଅଶାନ୍ତି ସୃଷ୍ଟି କରିବା; ଉତ୍ତେଜିତ କରିବା ।

**perturbation** ବି. ମାନସିକ ବିକ୍ଷୋଭ; ବ୍ୟାକୁଳତା, ଅଶାନ୍ତି, ଉତ୍ତେଜନା ।

**peruke** ବି. ବିଶେ. ଇତି. କୃତ୍ରିମ କେଶ, ପରଚୁଳ ।

**perusal** ବି. ସଂପୂର୍ଣ୍ଣ ବା ସଯତ୍ନ ଅଧ୍ୟୟନ ବା ପଠନ, ଅନୁଶୀଳନ ।

**peruse** କ୍ରି. ସଂପୂର୍ଣ୍ଣରୂପେ ବା ଯତ୍ନସହକାରେ ଅଧ୍ୟୟନ ବା ପଠନ କରିବା; ବି. perusal.

**pervade** କ୍ରି. ବ୍ୟାପିବା; ବ୍ୟାପ୍ତ ହେବା, ପରିବ୍ୟାପ୍ତ କରିବା; ଦ୍ରବିତ ହେବା; ଆଚ୍ଛନ୍ନ କରିବା; ବି. pervasion; ବିଂ. pervasive.

Digitized by srujanika@gmail.com

**perverse** ବିଂ. (ବ୍ୟକ୍ତି ବା କାର୍ଯ୍ୟ ବିଷୟରେ) ଜାଣିଶୁଣି ବା ଜିଦ୍‌ରେ ଆବଶ୍ୟକ ବା ନ୍ୟାୟସଙ୍ଗତ କର୍ମପଥରୁ ବିଚ୍ୟୁତ; ବିପଥଗାମୀ, ଉଚ୍ଛୃଙ୍ଖଳ।

**perversion** ବି. ବିପଥଗମନ, ବିକୃତି, ଅସ୍ୱାଭାବିକ ଯୌନ କାର୍ଯ୍ୟ ପାଇଁ ବାସନା ବା ଅଭିରୁଚି।

**pervert** 1. *କ୍ରି.* (ପଦାର୍ଥର) ଅପବ୍ୟବହାର କରିବା; (ଶବ୍ଦ ପ୍ରଭୃତିର) ଅପପ୍ରୟୋଗ କରିବା; (ବ୍ୟକ୍ତିକୁ) ସଦ୍‌ବ୍ୟବହାର ବା ସଦ୍‌ବିଶ୍ୱାସର ପଥରୁ ବିଚଳିତ କରିବା; *କ୍ରି.ଜ.ବିଂ*ରେ ଯୌନବିକାର–ଗ୍ରସ୍ତ; 2. ବି. ବିପଥଗାମୀ, ଯୌନବିକାରଗ୍ରସ୍ତ ବ୍ୟକ୍ତି।

**pervious** ବିଂ. ଅନୁପ୍ରବେଶ୍ୟ, ଭେଦନଯୋଗ୍ୟ, ଗ୍ରହଣ ପାଇଁ ପ୍ରସ୍ତୁତ।

**peseta** ବି. ସ୍ପେନୀୟ ମୁଦ୍ରା।

**pesky** ବିଂ. *ଆମେ.* *କ.ଭା.* ଗଣ୍ଡଗୋଳିଆ, ହଇରାଣିଆ, ବିରକ୍ତିକର।

**peso** ବି. (ବ.ବ. pesos) ଲାଟିନ୍ ଆମେରିକାର କେତେକ ଦେଶରେ ଓ ଫିଲିପାଇନ୍‌ସ୍‌ରେ ପ୍ରଚଳିତ ରୌପ୍ୟ ମୁଦ୍ରା।

**pessary** ବି. ଜରାୟୁର ସ୍ଥାନାନ୍ତରଣ ବା ଜନ୍ମନିରୋଧ ପାଇଁ ବ୍ୟବହୃତ ଉପକରଣ; ଯୋନିଗହ୍ୱରରେ ବ୍ୟବହୃତ ଦ୍ରବଣଶୀଳ (ଜନ୍ମନିରୋଧକ) ଔଷଧ।

**pessimism** ବି. ଦ. ନୈରାଶ୍ୟବାଦ, ଦୁଃଖବାଦ, ବିଷାଦବାଦ; "ସଂସାର ଦୁଃଖମୟ, ବାସ୍ତବ ଜଗତ କ୍ଳେଶଭରା"– ଏଭଳି ମତବାଦ।

**pessimist** ବି. ନୈରାଶ୍ୟବାଦୀ, ବିଷାଦବାଦୀ।

**pessimistic** ବିଂ. ନୈରାଶ୍ୟବାଦୀ, ନୈରାଶ୍ୟଜନକ, ବିଷାଦବାଦୀ; *କ୍ରି.ବିଂ.* pessimistically.

**pest** ବି. ଅସୁବିଧାଜନକ ବା ବିରକ୍ତିକର ବ୍ୟକ୍ତି ବା ବସ୍ତୁ; ଉଦ୍ଭିଦ, ଖାଦ୍ୟ ପ୍ରଭୃତିର ଧ୍ୱଂସକାରକ କୀଟ ବା ପ୍ରାଣୀ; *ପ୍ରା.ପ୍ର.* ମହାମାରୀ, ପ୍ଳେଗ୍।

**pester** *କ୍ରି.* କଷ୍ଟ ବା ଯନ୍ତ୍ରଣା ଦେବା; ବିରକ୍ତ ବା ବିବ୍ରତ କରିବା; ହଇରାଣ କରିବା; ବାରମ୍ବାର ଅନୁରୋଧ କରି ବିରକ୍ତ କରିବା।

**pesticide** ବି. କୀଟନାଶକ (ପଦାର୍ଥ)।

**pestiferous** ବି. ଅନିଷ୍ଟକର, ସ୍ୱାସ୍ଥ୍ୟନାଶକ, ମହାମାରୀଜନକ, କ୍ଷତିକାରକ, ଅପକାରକ।

**pestilence** ବି. ମାରାତ୍ମକ ସଂକ୍ରାମକ ରୋଗ (ବିଶେ. ବାଗିଘଟିତ ପ୍ଲେଗ୍); ମହାମାରୀ, ମଡ଼କ।

**pestilent** ବିଂ. ଜୀବନନାଶକ, ମାରାତ୍ମକ; (ବିଶେ. ନୈତିକତା ଦୃଷ୍ଟିରୁ) କ୍ଷତିକାରକ; *କ.ଭା.* ଅସୁବିଧାଜନକ; ବିରକ୍ତିକର।

**pestilential** ବିଂ ମହାମାରୀ ବା ମଡ଼କ ସମ୍ବନ୍ଧୀୟ; ମାରାତ୍ମକ।

**pestle** ବି. ହେମଦସ୍ତା ପ୍ରଭୃତିରେ ମସଲାଇତ୍ୟାଦି କୁଟିବାପାଇଁ ବ୍ୟବହୃତ ଉପକରଣ।

**pestology** ବି. ଅନିଷ୍ଟକାରୀ କୀଟପତଙ୍ଗ ଓ ସେମାନଙ୍କ ନିରାକରଣୋପାୟର ବୈଜ୍ଞାନିକ ଅଧ୍ୟୟନ।

**pet**[1] 1. ବି. ଆନନ୍ଦ ବା ସାହଚର୍ଯ୍ୟ ପାଇଁ ପୋଷା ହୋଇଥିବା ଜୀବଜନ୍ତୁ; ପ୍ରିୟପାତ୍ର; 2. ବିଂ. ପୋଷା ଜୀବଜନ୍ତୁର ବା ତତ୍‌ସଂପର୍କିତ (pet dog); ବିଶିଷ୍ଟ ବା ବିଶେଷ; ସ୍ୱତନ୍ତ୍ର (pet subject); ପରିଚିତି ବା ଅନ୍ତରଙ୍ଗତାସୂଚକ (pet name); 3. *କ୍ରି.* ଆଉଁଷିବା, ବିଶେ. ଯୌନେଚ୍ଛାରେ; ପୋଷା ଜୀବଜନ୍ତୁ ଭଳି ବ୍ୟବହାର କରିବା।

**pet**[2] ବି. ଅବଜ୍ଞା ପ୍ରଦର୍ଶନ ହେତୁ ଅପମାନବୋଧ; ଅସନ୍ତୋଷ, ବଦ୍‌ମିଜାଜ।

**petal** ବି. (ଫୁଲର) ପାଖୁଡ଼ା।

**petalled** ବିଂ. ପାଖୁଡ଼ାଯୁକ୍ତ, ପୁଷ୍ପଦଳ ବିଶିଷ୍ଟ।

**petard** ବି. *ଇତି.* ଦ୍ୱାରପ୍ରଭୃତି ଫଟାଇବା ପାଇଁ ବ୍ୟବହୃତ ଏକପ୍ରକାର କ୍ଷୁଦ୍ର ବୋମା।

**peter** *କ୍ରି.* (peter outରେ) କ୍ରମେକ୍ରମେ ହ୍ରାସ ଭଳି ଶେଷ ହୋଇଯିବା।

**Peter Pan** ବି. ଚିରତରୁଣ ବ୍ୟକ୍ତି, ଯିଏ ବୟସ ତୁଳନାରେ ତରୁଣ ଦେଖାଯାଏ; ଅପରିପକ୍ୱ–ମସ୍ତିଷ୍କ (ବ୍ୟକ୍ତି)।

**petersham** ବି. ଏକପ୍ରକାର ରେଶମ ଫିତା ବା ରିବନ୍।

**petiole** ବି. ପତ୍ରଡେମ୍ଫ, ପତ୍ରବୃନ୍ତ।

**petite** ବିଂ. (ନାରୀ ସମ୍ବନ୍ଧରେ) ଆକୃତିରେ ଅନୁଚ୍ଚ ଓ ଲଳିତ।

**petition** 1. ବି.ଅନୁରୋଧ, ପ୍ରାର୍ଥନା, ନିବେଦନ; ଆବେଦନ–ପତ୍ର, ଅର୍ଜି, ଦରଖାସ୍ତ; (ବହୁଲୋକଙ୍କ ଦସ୍ତଖତ ଥାଇ) ହୁକୁମନାମା ବା ନିର୍ଦ୍ଦେଶ ପାଇଁ

Digitized by srujanika@gmail.com

ଅଦାଲତକୁ ନିବେଦନପତ୍ର; 2. କ୍ରି. ଅର୍ଜି ବା ଆବେଦନପତ୍ର ପ୍ରଦାନ କରିବା; ସବିନୟ ଅନୁରୋଧ କରିବା, ନିବେଦନ ଜଣାଇବା।

**petrel** ବି. ଏକପ୍ରକାର ସାମୁଦ୍ରିକ ପକ୍ଷୀ ଯାହା କୂଳରୁ ବହୁଦୂର ସମୁଦ୍ର ଭିତରକୁ ଉଡି ଯାଇପାରେ।

**petrify** କ୍ରି. ପଥରରେ ପରିଣତ କରିବା; ଭୟ ବା ବିସ୍ମୟରେ ସ୍ତମ୍ଭୀଭୂତ ହୋଇଯିବା ବା ଜଡ଼ କରିଦେବା; ପଥର ପାଲଟି ଯିବା (ଆଶ୍ଚର୍ଯ୍ୟ, ଭୟ ବା ବିସ୍ମୟରେ)।

**petrochemical** ବି. ପେଟ୍ରୋଲିୟମ୍ ବା ପ୍ରାକୃତିକ ବାଷ୍ପରୁ କାରଖାନାରେ ପ୍ରସ୍ତୁତ ଦ୍ରବ୍ୟ।

**petrodollar** ବି. ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶରେ ଉପଲବ୍ଧ ଡଲାର୍ ବା ଆମେରିକୀୟ ମୁଦ୍ରା।

**petrol** ବି. ପେଟ୍ରୋଲ; ମଟରଗାଡ଼ି ପ୍ରଭୃତିରେ ବ୍ୟବହୃତ ବିଶୋଧିତ ପ୍ରେଟ୍ରୋଲିୟମ୍।

**petroleum** ବି. ଖଣିଜ ତୈଳ, ଶିଳା ତୈଳ, ଭୂପୃଷ୍ଠର ଉପର ସ୍ତରରୁ ଲବ୍ଧ ଜାଳେଣି ତୈଳ।

**petrol station** ବି. (filling station ମଧ୍ୟ) ଯେଉଁଠାରେ ପେଟ୍ରୋଲ୍ ବିକ୍ରୟ କରାଯାଏ।

**petticoat** ବି. କାନ୍ଧରୁ ବା ଅଣ୍ଟାରୁ ଝୁଲୁଥିବା (ନାରୀ ବା ବାଳିକାମାନଙ୍କର) ଅନ୍ତର୍ବାସ; (a) petticoat Government ଘରେ ବା ରାଜନୀତିରେ ସ୍ତ୍ରୀ କର୍ତ୍ତୃତ୍ୱାଧୀନ ଶାସନତନ୍ତ୍ର।

**pettifog** କ୍ରି. ସାମାନ୍ୟ କଥାରେ କଳି ବା ବଚସା କରିବା।

**pettish** ବିଂ. ସହଜରେ ବିରକ୍ତ; କ୍ରୋଧୀ, ଚିଡ଼ା; ବିରକ୍ତିକର।

**petty** ବିଂ. ଛୋଟ, କ୍ଷୁଦ୍ରମନା, ନଗଣ୍ୟ, ତୁଚ୍ଛ, ସାମାନ୍ୟ; ବି. pettiness.

**petty sessions** ବି. କେତେକ ନିର୍ଦ୍ଦିଷ୍ଟ ଅପରାଧ ପାଇଁ ସଦ୍ୟ ବିଚାର କରିବାକୁ ଦୁଇ ବା ଅଧିକ ବିଚାରକର ସଭା।

**petulant** ବିଂ. ଅଳ୍ପକେ ଚିଡୁଥିବା; ବଦ୍‌ମିଜାଜୀ।

**petunia** ବିଂ. କାହାଳୀ ଆକୃତିର ଘନ ବାଇଗଣି, ଧଳା ବା ନାଲି ରଙ୍ଗର ଫୁଲ ବା ସେହିଗଛ।

**pew** ବି. ଆଉଜିବାକୁ ସୁବିଧା ଥିବା ଲମ୍ବାବେଞ୍ଚ; ଚର୍ଚ୍ଚରେ ଥିବା ଛୋଟ ପ୍ରକୋଷ୍ଠ।

**phallus** ବି. ଲିଙ୍ଗ; ଲିଙ୍ଗ ପୂଜା (ପ୍ରଜନନ ଶକ୍ତିର ପ୍ରତୀକରୂପେ); ବିଂ. phallic.

**phantasm** ବି. ଭ୍ରମ, ମାୟା, ଅଶରୀରୀ ମୂର୍ତ୍ତି, ଭୂତ।

**phantasy** ବି. fantasy ଦ୍ର.।

**phantom** 1. ଭୂତ, ପ୍ରେତ, ଅଶରୀରୀ ମୂର୍ତ୍ତି, ମାନସିକ ଭ୍ରମ; 2. ଅବାସ୍ତବ ରୂପ, ମାୟା।

**Pharaoh** ବି. ପ୍ରାଚୀନ୍ ମିଶର୍ (ଇଜିପ୍ଟ୍)ର ଶାସକୀୟ ଉପାଧି।

**pharmaceutical** ବିଂ ଔଷଧର ପ୍ରସ୍ତୁତି ବା ବିକ୍ରୟ ସମ୍ପର୍କିତ।

**pharmacist** ବି. ଔଷଧ ତିଆରି ବା ବିକ୍ରୀରେ ନିଯୁକ୍ତ କର୍ମଚାରୀ।

**pharmacology** ବିଂ ଶରୀରରେ ଔଷଧର ପ୍ରକ୍ରିୟାର ଜ୍ଞାନ; ଭେଷଜ ବା ଔଷଧିବିଜ୍ଞାନ; ବିଂ. pharmacological; ବି. pharmacologist.

**pharmacy** ବିଂ ଔଷଧ ପ୍ରସ୍ତୁତି ଏବଂ ବିତରଣ; ଔଷଧ ବିକ୍ରୟ ବା ବିତରଣ ସ୍ଥାନ।

**pharyngitis** ବି. ଫେରିଂକ୍‌ସ୍‌ର ଘା'।

**pharynx** ବି. ମୁଖ ଓ ନାସା ପଶ୍ଚାଦ୍‌ବର୍ତ୍ତୀ ଗହ୍ୱର।

**phase** 1. ବି. ପରିବର୍ତ୍ତନ ବା ଉନ୍ନତିର ସ୍ତର; ଔଜ୍ଜ୍ୱଲ୍ୟ ଅନୁସାରେ ଚନ୍ଦ୍ର ବା ଗ୍ରହର ଭାଗ/କଳା; 2. କ୍ରି. ଅବସ୍ଥାକ୍ରମରେ କାର୍ଯ୍ୟର ସମ୍ପାଦନ; 3. phase in (out) କ୍ରମଶଃ ବ୍ୟବହାରକ୍ଷମ ଅବସ୍ଥାକୁ/ରୁ ଆଣିବା (ବାହାର କରିବା)।

**pheasant** ବି. ଦୀର୍ଘପୁଚ୍ଛ ବିଶିଷ୍ଟ ପକ୍ଷୀ ବିଶେଷ।

**phenomenal** ବିଂ. ପାରିପାର୍ଶ୍ୱିକ ଜଗତର; ପ୍ରକୃତିଗତ; ଅଦ୍ଭୁତ, ବିସ୍ମୟଜନକ, ଅସାଧାରଣ, ଉଲ୍ଲେଖଯୋଗ୍ୟ, ବିଶିଷ୍ଟ।

**phenomenon** ବି. ( ବ.ବ. phenomena) ପରିଦୃଶ୍ୟମାନ ଘଟଣା ବା ସତ୍ୟ; ବିସ୍ମୟକର ଅନୁଭୂତି; ପରିଦୃଶ୍ୟମାନ ବସ୍ତୁ ବା ଆକୃତି।

**phial** ବି. ତରଳ ଔଷଧ ଧାରକ କାଚର ଛୋଟ ବୋତଲ।

**philander** କ୍ରି. ରମଣୀର ମନ ନେବାକୁ ଚାଟୁବାକ୍ୟ କହିବା; ନୁଙ୍ଗୁରାଇବା; ବି. philanderer.

**philanthropy** ବି.ଜନହିତକର କାର୍ଯ୍ୟ, ନିଃସ୍ୱାର୍ଥ ପରୋପକାର; ବିଂ. philanthropic; ବି. philanthropist.

**philately** ବି. ଡାକଟିକଟ ସଂଗ୍ରହ କାର୍ଯ୍ୟ, ଡାକଟିକଟ ଉପରେ ଅନୁସନ୍ଧାନ ବା ଗବେଷଣା କାର୍ଯ୍ୟ; ବି. philatelist.

**philistine** 1. ବି. philistine ପ୍ରାଚୀନ ପାଲେସ୍ତାଇନ୍ ଅଧିବାସୀ; 2. ବିଂ. ଯେ ସଂସ୍କୃତି

Digitized by srujanika@gmail.com

ପ୍ରତି ନିଃସ୍ପୃହ ବା ପ୍ରତିକୂଳଭାବାପନ୍ନ; ବସ୍ତୁବାଦୀ; ବି. philistinism.

**philology** ବି. ଭାଷାତତ୍ତ୍ୱ, ଶବ୍ଦବିଜ୍ଞାନ (ଭାଷାର ଐତିହାସିକ ଗବେଷଣା ବା ତୁଳନାତ୍ମକ ଅଧ୍ୟୟନ); ବିଂ. philological; ବି. philologist.

**philosopher** ବି. ଦାର୍ଶନିକ, ଦର୍ଶନଶାସ୍ତ୍ରଜ୍ଞ; ଚିନ୍ତାଶୀଳ, ଜ୍ଞାନାନୁଶୀଳନକାରୀ।

**philosophic, philosophical** ବିଂ. ଦର୍ଶନଶାସ୍ତ୍ରାନୁସାରୀ, ଦର୍ଶନତତ୍ତ୍ୱ ସମ୍ବନ୍ଧୀୟ, ଦାର୍ଶନିକ; ପ୍ରଶାନ୍ତ, ଅବିଚଳିତ।

**philosophy** ବି. ବାସ୍ତବ ଜ୍ଞାନ ତଥା ସତ୍ୟର ଅନୁସନ୍ଧାନ ପାଇଁ ତର୍କର ପ୍ରୟୋଗ; ଦର୍ଶନଶାସ୍ତ୍ର, ଜ୍ଞାନାନୁଶୀଳନ; ଜାଗତିକ ପ୍ରତି ଘଟଣା ଓ ତାହାର କାରଣ ତଥା ବିଧାନ ସମ୍ବନ୍ଧୀୟ ଜ୍ଞାନଚର୍ଚ୍ଚା; କ୍ରି. philosophize.

**phlegm** ବି. ସିଂଘାଣି, କଫ; ଶାନ୍ତ ଅବସ୍ଥା; ଅଳସୁଆମି।

**phlegmatic** ବିଂ. ଶାନ୍ତ, ସହଜରେ ବିରକ୍ତ ହେଉ ନ ଥିବା; ଶ୍ଳେଷ୍ମାଯୁକ୍ତ; ନିସ୍ତେଜ।

**phobia** ବି. ଅହେତୁକ ଓ ତୀବ୍ର ଭୟ ବା ଘୃଣା; ବିଂ. phobic.

**phoenix** (ଫିନିକ୍ସ୍) ବି. ଅଦ୍ୱିତୀୟ ପୌରାଣିକ ପକ୍ଷୀ ଯେ ଚିତାରେ ନିଜକୁ ପୋଡ଼ିବା ପରେ ପାଉଁଶରୁ ପୁଣି ପୂର୍ବରୂପରେ ବାହାରି ଅଧିକ ଯୌବନୋଦ୍ଦୀପ୍ତ ଭାବେ ବଞ୍ଚି ଉଠିଥିଲା; ଅସାଧାରଣ ବ୍ୟକ୍ତି ବା ବସ୍ତୁ।

**phone** *କ.ଭା. 1.* ବି. ଟେଲିଫୋନ୍; 2. କ୍ରି. ଟେଲିଫୋନ୍‌ରେ କହିବା।

**phoneme** ବି. ଭାଷାର କ୍ଷୁଦ୍ରତମ ଧ୍ୱନି; ବିଂ. phonemic.

**phonetic** ବିଂ. ସ୍ୱର ସମ୍ବନ୍ଧୀୟ, ଉଚ୍ଚାରଣ ସମ୍ପର୍କିତ, ଧ୍ୱନିସୂଚକ; କ୍ରି.ବିଂ. phonetically.

**phonetician** ବି. ଉଚ୍ଚାରଣ ବିଶେଷଜ୍ଞ, ସ୍ୱର ବିଶେଷଜ୍ଞ।

**phonetics** ବି. ଧ୍ୱନିବିଜ୍ଞାନ; ମୁଖନିର୍ଗତ ସ୍ୱରର ଅଧ୍ୟୟନ; ସ୍ୱରଭଙ୍ଗୀ ପ୍ରକାଶନ।

**phoney, phony** ବିଂ. *ସା.ପ୍ର.* କୃତ୍ରିମ; କାଳ୍ପନିକ; ନକଲି।

**phonograph** ବି. ଗ୍ରାମୋଫୋନ୍‌ର ପ୍ରାଚୀନ ନାମ।

**phonology** ବି. ଭାଷାରେ ଧ୍ୱନି ବା ସ୍ୱର ବିଷୟକ ଅଧ୍ୟୟନ।

**phosphate** ବି. ଫସ୍‌ଫେଟ୍ ଲବଣ ବିଶେଷ, କୃତ୍ରିମ ସାର।

**phosphor** ବି. ଗନ୍ଧକ।

**photo** ବି. ଫଟୋଗ୍ରାଫ୍, ଆଲୋକଚିତ୍ର।

**photo–** ସଂ. ଆଲୋକ, ଅଲୋକଚିତ୍ର ସୂଚକ ପୂ.ପ୍ର.।

**photocopier** ବି. ଆଲୋକଚିତ୍ରର ପ୍ରତିଲିପି ତିଆରି କରିବା ଯନ୍ତ୍ର।

**photocopy** 1. ବି. ଦଲିଲ୍ ପ୍ରଭୃତିର ଆଲୋକଚିତ୍ର ପ୍ରତିଲିପି; 2. କ୍ରି. ଆଲୋକଚିତ୍ର ପ୍ରତିଲିପି ତିଆରି କରିବା।

**photogenic** ବିଂ. ଆଲୋକଚିତ୍ର ଉତ୍ତୋଳନ ପାଇଁ ଯୋଗ୍ୟ ବା ଉପଯୁକ୍ତ ବିଷୟ ବା ଚେହେରା।

**photograph** ଦ୍ର. photo.

**photographer** ବି. ଆଲୋକଚିତ୍ର ଉତ୍ତୋଳନକାରୀ, ବିଶେ. ବ୍ୟବସାୟ ଭିତ୍ତିରେ।

**photographic** ବିଂ. ଆଲୋକଚିତ୍ର ସମ୍ପର୍କିତ, ଆଲୋକଚିତ୍ରଦ୍ୱାରା ପ୍ରସ୍ତୁତ; ଅତୀତ ଘଟଣାବଳୀ ପ୍ରାଞ୍ଜଳଭାବେ ମନେ ପକାଉଥିବା।

**photography** ବି. ଆଲୋକଚିତ୍ରର ଉତ୍ତୋଳନ ବା ଦ୍ରବଣ ସାହାଯ୍ୟରେ ଚିତ୍ରର ସ୍ଥାୟୀ ଛାପା।

**photometer** ବି. ଆଲୋକ ମାପିବା ଯନ୍ତ୍ର।

**photostat** 1. ବି. ଆଲୋକଚିତ୍ର–ପ୍ରତିଲିପି; 2. କ୍ରି. ଆଲୋକଚିତ୍ରର ପ୍ରତିଲିପି ପ୍ରସ୍ତୁତ କରିବା।

**photosynthesis** ବିଂ. ଆଲୋକ ସଂଶ୍ଳେଷଣ।

**phrase** 1. ବି. ଶବ୍ଦ ସମୂହ, ବାକ୍ୟାଂଶ; ପ୍ରକାଶ ଭଙ୍ଗୀ; ଲେଖିବା ବା କହିବା ରୀତି; ବିଧେୟ–ବିହୀନ ଶବ୍ଦପୁଞ୍ଜ, କ୍ଷୁଦ୍ର ସାରଗର୍ଭକ ବାକ୍ୟାଂଶ; 2. କ୍ରି. ଶବ୍ଦରେ ପ୍ରକାଶ କରିବା; ବିଂ. phrasal.

**phrase book** ବି. ବୈଦେଶିକ ଭାଷାର ଅର୍ଥ ଥିବା ବ୍ୟାବହାରିକ ବାକ୍ୟାଂଶବଳୀ (ପରିଭ୍ରମଣ–କାରୀମାନଙ୍କ ବ୍ୟବହାର ସୁବିଧା ଲାଗି)।

**phraseology** ବି. ଶବ୍ଦଚୟନ ବା ସଜ୍ଜୀକରଣ; ନିର୍ବାଚିତ (ସଙ୍କଳିତ) ଅକ୍ଷରକ୍ରମାନୁଯାୟୀ ଶବ୍ଦାବଳୀ; ପ୍ରକାଶଭଙ୍ଗୀ।

**phut** ବି. କର୍ଣ୍ଣକଟୁ ଶବ୍ଦ; ଫୁଲିଥିବା ଜିନିଷଟି ଫାଟିବାର ଶବ୍ଦ; go phut ଭୁଷୁଡି ପଡିବା; ଫାଟିଯିବା।

**phylactery** ବି. ଛୋଟ ଚମଡ଼ା ବାକ୍ସଖୋଳ ଯାହା ଭିତରେ ଇହୁଦୀଙ୍କର ଧର୍ମଗ୍ରନ୍ଥ ରଖାଯାଏ ଏବଂ ପ୍ରାର୍ଥନାବେଳେ ବ୍ୟବହାର କରାଯାଏ।

Digitized by srujanika@gmail.com

**physic** ବି. ଚିକିତ୍ସା ବିଜ୍ଞାନ, ଚିକିତ୍ସା ବିଦ୍ୟା, ଡାକ୍ତରୀ ବୃତ୍ତି; *ପ୍ରା.ପ୍ର.* ଔଷଧ।

**physical** ବିଂ. ନୈସର୍ଗିକ, ପ୍ରାକୃତିକ, ପଦାର୍ଥ ବିଜ୍ଞାନ ସଂକ୍ରାନ୍ତ, ଦେହ ସମ୍ପର୍କୀୟ, ପ୍ରକୃତିର ନିୟମାନୁସାରୀ; କ୍ରି.ବିଂ. physically.

**physical astronomy** ବି. ଗ୍ରହନକ୍ଷତ୍ରାଦିଙ୍କ ଗତିବିଧି ବିଷୟକ ଶାସ୍ତ୍ର, ଜ୍ୟୋତିଃଶାସ୍ତ୍ର।

**physical geography** ବି. ପ୍ରାକୃତିକ ଭୂଗୋଳ।

**physical science** ବି. ପଦାର୍ଥ ବିଦ୍ୟା।

**physician** ବି. ଡାକ୍ତର; ଡାକ୍ତରୀ ପଦ୍ଧତିରେ ରୋଗ ନିର୍ଣ୍ଣୟକାରୀ ବିଶେଷଜ୍ଞ ତଥା ଚିକିତ୍ସକ।

**physicist** ବିଂ. ପଦାର୍ଥ ବିଜ୍ଞାନୀ; ପଦାର୍ଥ ବିଜ୍ଞାନ ବିଶେଷଜ୍ଞ।

**physics** ବି. ପଦାର୍ଥ ବିଜ୍ଞାନ; ବସ୍ତୁ ଓ ଶକ୍ତିର ଧର୍ମ ଏବଂ ପରସ୍ପର ସଂପର୍କ ସମ୍ବନ୍ଧୀୟ ବିଜ୍ଞାନ; ଜଡ଼ ବିଜ୍ଞାନ, ଭୌତିକ ବିଜ୍ଞାନ।

**physiognomy** ବି. ମୁଖଗଢ଼ଣ ବା ପ୍ରକାର ଭେଦ; ମୁଖମଣ୍ଡଳର ବା ଶରୀରର ଗଠନ ଦେଖି ଚରିତ୍ର ଅବଧାରଣ କରିବାର ବିଦ୍ୟା; ସ୍ଥଳଭାଗର ବାହ୍ୟ ସ୍ୱରୂପ।

**physiography** ବି. ପ୍ରକୃତି ବା ପ୍ରାକୃତିକ ପରିବେଶର ବିବରଣୀ ବା ଭୂଗୋଳ।

**physiology** ବି. ପ୍ରାଣୀଜଗତର ଶରୀର ଏବଂ ଅଂଗପ୍ରତ୍ୟଂଗର ବିଜ୍ଞାନ; ଶରୀର ବିଜ୍ଞାନ; ଜୀବତତ୍ତ୍ୱ; ବିଂ. physiological; ବି. physiologist.

**physiotherapist** ବି. ଯେଉଁ ବ୍ୟକ୍ତି ମାଲିସ, ବ୍ୟାୟାମ ପ୍ରଭୃତି ଦ୍ୱାରା ଚିକିତ୍ସା କରନ୍ତି।

**physiotherapy** ବି. ରୋଗ, କ୍ଷତ, ବିକଳାଙ୍ଗ ପ୍ରଭୃତିର ମାଲିସ୍; ବ୍ୟାୟାମ ବା ସେକଦ୍ୱାରା ଚିକିତ୍ସା (ଏହା ଔଷଧ ଚିକିତ୍ସାଠାରୁ ଭିନ୍ନ)।

**physique** ବି. ଶାରୀରିକ ଗଠନ ଓ ବିକାଶ।

**pianist** ବି. ପିଆନୋ ବାଦକ।

**piano** ବି. ପାଶ୍ଚାତ୍ୟ ତାର ବାଦ୍ୟଯନ୍ତ୍ର ବିଶେଷ (pianoforte).

**Pianola** ବି. ସ୍ୱୟଂଚାଳିତ ପିଆନୋ ବାଦ୍ୟଯନ୍ତ୍ର।

**pica** ବି. ୧/୬ ଇଞ୍ଚ ଆକାରର ଛାପା ଅକ୍ଷର; ଛାପା ପାଇଁ ବ୍ୟବହୃତ ଆକୃତି; ଦଶଗୋଟି ଅକ୍ଷର ୧ଇଞ୍ଚ ଭିତରେ ରହୁଥିବା ଟାଇପ୍ ଅକ୍ଷର ଆକୃତି, ପାଇକା।

**picaresque** ବିଂ. ଖଳବ୍ୟକ୍ତିମାନଙ୍କର କାହାଣୀ ସମ୍ବଳିତ (କାହାଣୀ–ଶୈଳୀ)।

**piccalilli** ବି. କଟାପରିବା, ସୋରିଷ ଓ ମସଲାର ଆଚାର।

**piccaninny** ବି. କୃଷ୍ଣାଙ୍ଗ ବା ଅଷ୍ଟ୍ରେଲିଆ ଜନଜାତିର କ୍ଷୁଦ୍ର ଶିଶୁ।

**pick** 1. କ୍ରି. ଫୁଲ ତୋଳିବା ବା ଫଳ ଛିଣ୍ଡାଇବା; ଯତ୍ନର ସହିତ ବା ଚିନ୍ତା କରି ବାଛିବା; ତୀକ୍ଷ୍ଣ ଯନ୍ତ୍ର ସାହାଯ୍ୟରେ ଉପର ଅଂଶ ଭାଙ୍ଗିବା ବା କଣା କରିବା; ମୁନିଆ ଯନ୍ତ୍ରାଂଶ ସାହାଯ୍ୟରେ (ତାଲା) ଖୋଲିବା; ଅଦରକାରୀ ଅଂଶକୁ ବାହାର କରିବା; ଛୋଟ ଭାଗରେ ଖାଇବା; ଧୀରେ ଧୀରେ ମାଂସ ଉଠାଇବା; 2. ବି. ବଛାବଛି; ଚୟନ; ବାଛିବାର ଅଧିକାର; pick and choose ଅତ୍ୟନ୍ତ ସାବଧାନତା ସହକାରେ ବାଛିବା; pick at ଦୋଷ ଖୋଜିବା; pick person's brains ନିଜର ଲାଭ ପାଇଁ କାହାଠାରୁ ଧାରଣା ବା ଜ୍ଞାନ ସଂଗ୍ରହ କରିବା; pick off ସଯତ୍ନରେ ଲକ୍ଷ୍ୟଭେଦ କରିବା; pick on ଦୋଷ ବାଛିବା, ଦୋଷ ଖୋଜିବା; pick out ଅନେକ ମଧ୍ୟରୁ ବାଛି ବାହାର କରିବା; pick over ତାଲିକାଭୁକ୍ତ ବିଷୟ ପୁଙ୍ଖାନୁପୁଙ୍ଖ ରୂପେ ଦେଖିବା; pick person's pocket ଅନ୍ୟର ଜିନିଷକୁ ଚୋରି କରିବା; pick to pieces ନିଷ୍ଠୁରଭାବେ ସମାଲୋଚନା କରିବା; pick up ଧରି ଟେକିବା ବା ଉଠାଇବା; (ଯାନବାହନ) ବେଗ ବୃଦ୍ଧି କରିବା; ସହଜରେ ବା ଦୈବାତ୍ ପାଇଯିବା; ଗିରଫ କରିବା; ବି. picker.

**pickaxe** ବି. *ଆମେ.* pickax ଗଇଁତି।

**picket** ବି. କର୍ମସ୍ଥଳୀର ପ୍ରବେଶଦ୍ୱାରରେ ଧର୍ମଘଟକାରୀମାନଙ୍କ ନିର୍ଦ୍ଦେଶରେ ବସିରହି କର୍ମଚାରୀମାନଙ୍କୁ ଓଗାଳୁଥିବା ଏକ ବା ଏକାଧିକ ସତ୍ୟାଗ୍ରହକର୍ମୀ; ଭ୍ରାମ୍ୟମାଣ ପୋଲିସ ଦଳ।

**pickle** ବି. ଆଚାର; ଭିନେଗାର ପ୍ରଭୃତିରେ ବୁଡାଇ ବହୁଦିନ ପାଇଁ ଫଳମୂଳ ବା ପନିପରିବା ସଂରକ୍ଷଣ।

**pickpocket** ବି. ପକେଟମାର।

**pick–up** ବି. ଛୋଟ ଟ୍ରକ୍; ପୋଲିସ୍ ଧରିନେବା; ସ୍ୱାସ୍ଥ୍ୟ, ବେଗ ପ୍ରଭୃତି ଫେରି ପାଇବା।

Digitized by srujanika@gmail.com

**picnic** 1. ବି. ପିକ୍‌ନିକ୍, ବଣଭୋଜି; ଆମୋଦପ୍ରମୋଦ ଓ ଭୋଜନ ପାଇଁ ଦୂରସ୍ଥାନକୁ ଯିବା; *କ.ଭା.* ଅତି ସହଜସାଧ୍ୟ କାର୍ଯ୍ୟ; 2. କ୍ରି. ବଣଭୋଜିରେ ଯୋଗଦେବା ।

**picric acid** ବି. ହଳଦିଆ ରଙ୍ଗର ତୀବ୍ର ସ୍ୱାଦବିଶିଷ୍ଟ ଦ୍ରବ୍ୟ– ଏହା ରଙ୍ଗାଇବାରେ ଓ ବିସ୍ଫୋରକ ପ୍ରସ୍ତୁତିରେ ବ୍ୟବହୃତ ହୁଏ ।

**Pict** ବି. ବ୍ରିଟେନ୍‌ର ଉତ୍ତରାଞ୍ଚଳରେ ପ୍ରାଚୀନତମ ଅଧିବାସୀ ।

**pictograph, pictogram** ବି. ପ୍ରାଚୀନ ଲେଖନ ଶୈଳୀର ଚିତ୍ରାଙ୍କନ ପଦ୍ଧତି ବା ସଙ୍କେତ ।

**pictorial** 1. ବିଂ. ଚିତ୍ରଦ୍ୱାରା ପ୍ରକଟିତ, ଚିତ୍ରସମନ୍ୱିତ; 2. ବି. ଚିତ୍ର ବହୁଳ ସାମୟିକ ପତ୍ରିକା ।

**picture** 1. ବି. ଛବି, ଚିତ୍ର, ପ୍ରତିକୃତି, ରମଣୀୟ ଦୃଶ୍ୟ, ସୁନ୍ଦର ବସ୍ତୁ ବା ବ୍ୟକ୍ତି, ଚଳଚ୍ଚିତ୍ର; 2. କ୍ରି. ଛବି ଆଙ୍କିବା; ଚିତ୍ର କରିବା; କଳ୍ପନା କରିବା; in the picture ସଂପୂର୍ଣ୍ଣ ଜ୍ଞାପିତ ।

**picturesque** ବିଂ. ଦେଖିବାକୁ ସୁନ୍ଦର, ଦର୍ଶନୀୟ; ପ୍ରାଞ୍ଜଳ ବା ପ୍ରକାଶଧର୍ମୀ (ଭାଷା) ।

**picture window** ବି. ରମଣୀୟ ଦୃଶ୍ୟ ଉପଭୋଗ ପାଇଁ ଉଦ୍ଦିଷ୍ଟ ପ୍ରଶସ୍ତ କାଚ ଝରକା ।

**piddle** କ୍ରି. ନିଃସ୍ପୃହ ଭାବରେ କାର୍ଯ୍ୟକରିବା; ଯାହା ତାହା ଭାବେ କରାଯିବା; *କ.ଭା.* ପରିସ୍ରା କରିବା ।

**piddling** ବିଂ. ଗୁରୁତ୍ୱହୀନ ବିଷୟ; ସାମାନ୍ୟ କଥା ।

**pidgin** ବି. ଭିନ୍ନ ଜାତି ବା ଭିନ୍ନ ଭାଷାଭାଷୀମାନେ ବ୍ୟବହାର କରିବାର ଉପଯୋଗୀ ସରଳ ଭାଷା ।

**pidgin English** ବି. ମୁଖ୍ୟତଃ ଚୀନଦେଶବାସୀ ଓ ୟୁରୋପୀୟମାନଙ୍କ ଭିତରେ ଭାବର ଆଦାନ ପ୍ରଦାନ ପାଇଁ ବ୍ୟବହୃତ ଅସ୍ପଷ୍ଟ ଅର୍ଥ ପ୍ରକାଶକ ଚଳନୀୟ ଇଂରେଜୀ ବହୁଳ ଭାଷା ।

**pie** ବି. ଅଟା, ତେଲ ପ୍ରଭୃତି ବୋଳା ମାଂସ, ମାଛ ବା ଫଳର ପୋଡ ଜାତୀୟ ଖାଦ୍ୟ; ମୁଦ୍ରଣ ଯନ୍ତ୍ରରେ ବ୍ୟବହୃତ ଟାଇପ୍ ବା ହରଫର ଗଦା; ବିଶୃଙ୍ଖଳା; easy as pie ଅତି ସହଜ; pie in the sky ଭବିଷ୍ୟତ୍ ସୁଖର ସମ୍ଭାବନା ।

**piece** 1. ବି. ଖଣ୍ଡ, ଭାଗ, ଟୁକୁରା, ଅଂଶବିଶେଷ, ବିଭାଗ; 2. କ୍ରି. ସାମଗ୍ରିକ ଅଂଶ ବା ଟୁକୁରାଗୁଡ଼ିକୁ ଯୋଡ଼ିବା; go to pieces ଆତ୍ମସଂଯମ ହରାଇବା; in one piece ଭାଙ୍ଗିରୁଜି ନ ଯାଇ, ବିନା କ୍ଷତିରେ; of a piece ଏକରୂପ, ସୁସଂହତ ।

**piecemeal** 1. କ୍ରି.ବିଂ ଅଂଶତଃ, ଖଣ୍ଡଶଃ; 2. ବିଂ. ଅଂଶତଃ ସମ୍ପନ୍ନ, ପୃଥକ୍‌ଭାବେ ।

**piece-work** ବି. ପ୍ରତିଅଂଶ ଉପରେ ପ୍ରାପ୍ୟ ମିଳିବା କାର୍ଯ୍ୟ; ଠିକା କାମ ।

**pied** ବିଂ. ଦୁଇଟି ରଙ୍ଗ ବିଶିଷ୍ଟ ।

**pier** ବି. ପାହିଆ, ସ୍ତମ୍ଭ, ଖୁଣ୍ଟି, ଖିଲାଣ ସ୍ତମ୍ଭ, ତରଙ୍ଗବେଗ (ଚାପ) ନିରୋଧକ ପଥରରେ ତିଆରି ବନ୍ଧ, ନଦୀଘାଟ, ସେତୁସ୍ତମ୍ଭ ।

**pierce** କ୍ରି. ବିଦ୍ଧ କରିବା; ଭେଦ କରିବା; ଫୋଡ଼ିବା, କଣା କରିବା; ଫୋଡ଼ିହେବା; ଭିତରକୁ ପଶିବା ।

**piercing** ବିଂ. ତୀବ୍ର (ଥଣ୍ଡା ବା ବ୍ୟଥା ସମ୍ପର୍କରେ) ।

**piety** ବି. ଧର୍ମପରାୟଣତା, ଧର୍ମକାର୍ଯ୍ୟ ।

**piffle** 1. ବି. ମୂଲ୍ୟହୀନ ବା ଫମ୍ପା କଥା; 2. କ୍ରି. ଦୁର୍ବଳଭାବେ କଥା କହିବା ବା କାର୍ଯ୍ୟ କରିବା ।

**pig** ବି. ଘୁଷୁରି, ଶୂକର; ଲୋଭୀ ବା କୁତ୍ସିତ ଲୋକ ।

**pigeon** ବି. ପାରା, କପୋତ, ପାରାବତ ।

**pigeon-hole** 1. ବି. ଆଲମାରି ବା କାନ୍ଥରେ ଥିବା ଖୋପ; ପାରାଭାଡ଼ି; 2. କ୍ରି. ଖୋପଭିତରେ ରଖିବା; ପରେ ବିଚାର କରିବାକୁ ରଖିଦେବା, ମନଭିତରେ ରଖିନେବା ।

**piggery** ବି. ଘୁଷୁରି ପାଳିବାର ସ୍ଥାନ ।

**piggish** ବି. ଘୁଷୁରି ପରି ପେଟୁ ଓ ଅପରିଷ୍କାର ।

**piggy-back** ବି. କାହାର କାନ୍ଧରେ ବସିବା ବା ପିଠିରେ ଲାଉ ହେବା ।

**pigheaded** ବିଂ. ଏକବାଗିଆ, ଜିଦ୍‌ଖୋର, ଅବାଧ୍ୟ ।

**pigment** ବି. ରଞ୍ଜକ; ଜୀବ ବା ଉଦ୍ଭିଦ କୋଷର ପ୍ରାକୃତିକ ରଙ୍ଗ ଉପାଦାନ ।

**pigtail** ବି. ବେଣୀ, ଚୁଟି ।

**pilaff, pilou** ବି. ପଲାଉ ।

**pile** 1. ବି. ଜିନିଷର ଗଦା; ସ୍ତୂପ; ଶବଦାହ ପାଇଁ ସଜ୍ଜିତ ଚିତା; 2. କ୍ରି. ଗଦେଇବା ।

**pilfer** କ୍ରି. ଚୋରି କରିବା; କିଛି ଅଂଶ ହାତେଇ ନେବା ।

Digitized by srujanika@gmail.com

**pilgrim** ବି. ତୀର୍ଥ ଉଦ୍ଦେଶ୍ୟରେ ପରିବ୍ରାଜକ, ତୀର୍ଥଯାତ୍ରୀ, ଯାତ୍ରୀ ।
**pilgrimage** ବି. ତୀର୍ଥଯାତ୍ରା ।
**pill** ବି. ଔଷଧ ବଟିକା; ଅପ୍ରୀତିକର କାର୍ଯ୍ୟ ଯାହା କରିବାକୁ ହିଁ ହେବ ।
**pillage** ବି. ଲୁଟି, ଯୁଦ୍ଧକାଳୀନ ଲୁଟ୍‌ପାଟ୍ ।
**pillar** ବି. ଖୁମ୍ବ, ସ୍ତମ୍ଭ ।
**pillion** ବି. ଦୁଇଚକିଆ ଯାନରେ ଚାଳକ ପଛରେ ଥିବା ଦ୍ୱିତୀୟ ଆସନଗଦି ।
**pillory** ବି. ଅପରାଧୀକୁ ଦଣ୍ଡିତ ବା ଅପମାନିତ କରିବା ପାଇଁ କାଠରେ ନିର୍ମିତ ଫ୍ରେମ୍ ।
**pillow** ବି. ତକିଆ, ମାଣ୍ଡି, ମୁଚୁଳା ।
**pillowcase** ବି. ତକିଆ ଖୋଳ ।
**pilot** ବି. ଉଡାଜାହାଜର ଚାଳକ, ପୋତାଶ୍ରୟରେ ଜାହାଜର ନିୟନ୍ତ୍ରଣ ଦାୟିତ୍ୱରେ ଥିବା ତାଲିମପ୍ରାପ୍ତ କର୍ମଚାରୀ ।
**pilule** ବି. (pillule ମଧ୍ୟ) ଛୋଟ ଔଷଧ ବଟିକା ।
**pimp** ବି. ବେଶ୍ୟାର ଦଲାଲ, ଘଟକ ।
**pimple** ବି. ବୟସର କାଠବ୍ରଣ ।
**pin** ବି. ସରୁ ଧାତବ ଖିଲ; ଏକାଧିକ କାଗଜକୁ ଯୋଡ଼ିବା ପାଇଁ ବ୍ୟବହୃତ ପିନ୍ କଣ୍ଟା ।
**pinafore** ବି. ସ୍ତ୍ରୀଲୋକ କିମ୍ବା ପିଲାମାନଙ୍କର ବେକରୁ ପାଦଯାଏ ଆବୃତ କରି ରଖୁଥିବା ଖୋଲାକୁର୍ତ୍ତା ଯାହାର ହାତ କିମ୍ବା ବେକ ନ ଥାଏ ।
**pince-nez** ବି. ସ୍ପ୍ରିଙ୍ଗ୍ ଦ୍ୱାରା ନାକରେ ଚାପି ରଖାଯାଉଥିବା ଚଷମା ।
**pincers** ବି. ବ.ବ. ସଣ୍ଡୁଆସି, ଚିମୁଟା ।
**pinch** 1. *କ୍ରି.* ଚିମୁଟିବା; *କ.ଭା.* ଚୋରି କରିବା; ଗିରଫ କରିବା; 2. ବି. ଚିପେ (ଜିନିଷ), ଅର୍ଥାତ୍ ଦୁଇଟି ଆଙ୍ଗୁଠିର ଚିପ ଭିତରେ ଯେତିକି ଧରେ ।
**pincushion** ବି. ପିନ୍‌କଣ୍ଟା ଜମା ରଖିବାର ଗଦି ।
**pine**[1] *କ୍ରି.* ଆକୁଳ କାମନା କରିବା, ଆତୁର ସ୍ମରଣ କରିବା ।
**pine**[2] ବି. ଦେବଦାରୁ ଜାତୀୟ ଚିରହରିତ୍ ବୃକ୍ଷ, ପାଇନ ଗଛ ।
**pineapple** ବି. ସପୁରୀ ।
**pinion** ବି. ଚକ ସହ ସଂଯୁକ୍ତ ଅନ୍ୟ ଦାନ୍ତିଦାର ଚକ ।
**pink** ବି. ଈଷତ୍ ନାଲି ରଙ୍ଗ, ଗୋଲାପୀ ବର୍ଣ୍ଣ, in the pink *ଗ୍ରା.ପ୍ର.* ଉତ୍ତମ ସ୍ୱାସ୍ଥ୍ୟ ସମ୍ପନ୍ନ; ବିଂ. pinkish; pinky; ବି. pinkness.
**pinnace** ବି. ଯୁଦ୍ଧପୋତ ବା ଜଳଜାହାଜରେ ଥିବା କ୍ଷୁଦ୍ର ନାବ(ଡଙ୍ଗା) ।
**pinnacle** ବି. ସୌଧ ଚୂଡ଼ା, ସୌଧ ଶୀର୍ଷ, ମନ୍ଦିରର ଚୂଡ଼ା, ପର୍ବତ ଶିଖର; ପରାକାଷ୍ଠା ।
**pin-point** ବି. ପିନ୍‌ର ମୂନ; ଅତୀବ କ୍ଷୁଦ୍ର ବା ତୀକ୍ଷ୍ଣ ।
**pioneer** ବି. କୌଣସି ନବୀନ ଉଦ୍ୟମର ଅଗ୍ରଣୀ ବା ଆରମ୍ଭ କର୍ତ୍ତା, ଆବିଷ୍କାର ନିମନ୍ତେ ସର୍ବପ୍ରଥମ ଅନ୍ୱେଷକ ।
**pious** ବିଂ. ସାଧୁପ୍ରକୃତିର, ଧାର୍ମିକ; କର୍ତ୍ତବ୍ୟପରାୟଣ; *କ୍ରି.ବିଂ.* piously; ବି. piousness.
**pipe** ବି. କାଠ ବା ଧାତୁ ନିର୍ମିତ ଫମ୍ପା ନଳ; ନଳ ।
**pipedream** ବି. ଅଲଭ୍ୟ ସ୍ୱପ୍ନବିଳାସ ।
**piper** ବି. ବେଗ୍ ପାଇପ୍ (ସ୍ୱରଯନ୍ତ୍ର) ବଜାଇବା ଲୋକ ।
**piquant** ବିଂ. ରୋଚକଭାବେ, ଉତ୍ତେଜକ, ଶାଣିତ, ମିଠାକଡ଼ା ।
**pique** *କ୍ରି.* କାହାର ଅହଂକୁ ଆହତ କରିବା; ବିରକ୍ତ କରିବା; ଉତ୍ସାହ ବା କୌତୂହଳ ଜାଗ୍ରତ କରେଇବା ।
**piracy** ବି. ଜଳଦସ୍ୟୁତା, ସାମୁଦ୍ରିକ ଡକାୟତି, ସାହିତ୍ୟିକ ଚୋରି, ଗ୍ରନ୍ଥସ୍ୱତ୍ୱାଧିକାର ନୀତିର ଭଙ୍ଗ ବା ବ୍ୟତିକ୍ରମ ।
**pirate** 1. ବି. ଜଳଦସ୍ୟୁ; ଅନ୍ୟର ଗ୍ରନ୍ଥସ୍ୱତ୍ୱାଧିକାରକୁ ବା ବ୍ୟାବସାୟିକ ସ୍ୱତ୍ୱାଧିକାରକୁ ଲଙ୍ଘନ କରିବା ବ୍ୟକ୍ତି; 2. *କ୍ରି.* ଅଧିକୃତ ସ୍ୱୀକୃତି ବିନା କାହାର ବହି ଛପାଇବା ବା ବ୍ୟବସାୟର ନାମ ବ୍ୟବହାର କରିବା ।
**piscatorial** ବିଂ. କେଉଟ ବା ମାଛମାରିବା ବିଷୟରେ; ମାଛ ସମ୍ପର୍କରେ ।
**Pisces** ବି. ରାଶିଚକ୍ରର ଦ୍ୱାଦଶ ସ୍ଥାନ; ମତ୍ସ୍ୟ, ମୀନ ରାଶି; ଏହି ରାଶିରେ ଜନ୍ମିତ ବ୍ୟକ୍ତି ।
**pisciculture** ବି. ମତ୍ସ୍ୟଚାଷ ।
**piss** *କ୍ରି.* ପରିସ୍ରା କରିବା ।
**pissed** ବିଂ. ମାତାଲ ।
**pistol** ବି. ଛୋଟ ବନ୍ଧୁକ, ପିସ୍ତଲ୍ ।

Digitized by srujanika@gmail.com

**pit** 1. ବି. ଗହ୍ୱର, ଭୂମିରେ ବଡ଼ ଗାତ, ରନ୍ଧ୍ର; ଖାଲ; 2. କ୍ରି. ପ୍ରତିଦ୍ୱନ୍ଦ୍ୱୀ ରୂପେ ଉପସ୍ଥାପନ କରିବା (pitted against).

**pitch**[1] 1. କ୍ରି. ତମ୍ବୁ, ଛାଉଣି ପ୍ରଭୃତି ଠିଆ କରିବା; ନିର୍ଦ୍ଦିଷ୍ଟ ଶୈଳୀ ବା ସ୍ୱରରେ କହିବା; ମୁଣ୍ଡ ଆଡିଆ ଜୋର୍‌ରେ ପଡିବା; *ସଂଗୀତ* ନିର୍ଦ୍ଦିଷ୍ଟ ଶ୍ରୁତିରେ ଗାଇବା ବା ବଜାଇବା; *କ୍ରିକେଟ୍* ନିର୍ଦ୍ଦିଷ୍ଟ ସ୍ଥାନରେ ବଲ୍ ଆଘାତ କରିବା; 2. ବି. ପଡିଆ-ଖେଳରେ ଖେଳର ନିର୍ଦ୍ଦିଷ୍ଟ ସ୍ଥାନ; *ସଂଗୀତ* ଶ୍ରୁତି; ଫୋପଡ଼ା; *କ.ଭା.* ବିକ୍ରେତାର କଥା କହିବାର ଢଙ୍ଗ; ବୁଲାବିକାଳୀ ରାସ୍ତାରେ ଛିଡା ହେବାର ଜାଗା; pitch in ଉତ୍ସାହର ସହିତ କାର୍ଯ୍ୟରେ ଲାଗିଯିବା; pitch into *କ.ଭା.* ଆକ୍ରମଣ କରିବା; ଉତ୍ସାହର ସହ ଖାଇବା ବା କାମ କରିବା।

**pitch**[2] 1. ବି. ପିଚୁ; 2. କ୍ରି. ପିଚୁ କରିବା ବା ବୋଳିବା; ବିଂ. pitchy.

**pitch–black, pitch–dark** ବି. କିଟିକିଟିଆ ଅନ୍ଧାର।

**pitcher** ବି. ମାଠିଆ, ସୁରେଇ, କଳସୀ।

**piteous** ବିଂ କରୁଣ, କରୁଣା-ଉଦ୍ଦୀପକ; କ୍ରି.ବିଂ. piteously; ବି. piteousness.

**pitfall** ବି. ଚୋରା ଗର୍ତ୍ତ, ଅପ୍ରତ୍ୟାଶିତ ବିପଦ ବା ଅସୁବିଧା, ବନ୍ୟପଶୁ ଧରିବା ପାଇଁ ଗାତ ଯାହାର ମୁହଁ ଘୋଡ଼ା ହୋଇଥାଏ।

**pith** ବି. କମଳା ଖୋଷା ଭିତରେ ଥିବା ରୁଆ; ଗଛର ମଜ୍ଜା; ସାରବସ୍ତୁ; ବଳ; ଶକ୍ତି; ପ୍ରାଣ ପ୍ରାଚୁର୍ଯ୍ୟ; ବିଂ. pithy.

**pitiable** ବିଂ. ଶୋଚନୀୟ, ଦୟନୀୟ।

**pitiful** ବିଂ. ସଦୟ, କୋମଳ, କାରୁଣିକ।

**pitiless** ବିଂ ନିର୍ଦ୍ଦୟ, ନିଷ୍ଠୁର, ନିଷ୍କରୁଣ।

**pittance** ବି. ସାମାନ୍ୟ ଭତ୍ତା, ବେତନ ବା ପାରିଶ୍ରମିକ।

**pity** ବି. କରୁଣା, ଅନୁକମ୍ପା, ସହାନୁଭୂତି; ବିଂ. pitying; କ୍ରି.ବିଂ. pityingly.

**pivot** ବି. ବୁଲୁଥିବା ବା ଝୁଲୁଥିବା କୌଣସି ଚକ ବା ବସ୍ତୁର ଅକ୍ଷଦଣ୍ଡ; ଘୂର୍ଣ୍ଣନ-ଅକ୍ଷଦଣ୍ଡ।

**placable** ବିଂ. ସହଜରେ ତୋଷଣୀୟ, କ୍ଷମାଶୀଳ।

**placard** ବି. ଜନସାଧାରଣ ପାଇଁ ଇସ୍ତାହାର; ପ୍ରଚାର ଉଦ୍ଦେଶ୍ୟରେ ଜନସାଧାରଣ ପାଇଁ ବିଜ୍ଞାପନ ଫଳକ।

**place** 1. ବି. ସ୍ଥାନ, ଜାଗା; ନିର୍ଦ୍ଦିଷ୍ଟ ସ୍ଥଳ; ଉପଯୁକ୍ତ ବା ପ୍ରାକୃତିକ ସ୍ଥିତି; ବାସସ୍ଥାନ; ଗ୍ରାମ, ସହର, ନଗର; ପଦବୀ; କର୍ମସ୍ଥଳ, ଚାକିରୀ; 2. କ୍ରି. ସ୍ଥାନଦେବା; ସ୍ଥାନିତ ହେବା, ସଠିକ ଭାବେ ମନେ ପକାଇବା; give place to (କାହାପାଇଁ) ଜାଗା କରିବା; କ୍ରମାନୁସାରେ ପଛକୁ ଆସିବା; ଉପସ୍ଥାପନ କରିବା; ଆଗରେ ସ୍ଥାନ ଦେବା; go places *କ.ଭା.* ସଫଳ ହେବା; in place ଠିକ୍ ସ୍ଥାନରେ; ଉପଯୁକ୍ତ; in place of ପରିବର୍ତ୍ତେ; ଆଉ କାହାରି ସ୍ଥାନରେ; ବଦଳରେ; in places ଏଠିସେଠି; out of place ଭୁଲ ଜାଗାରେ, ଅନୁପଯୁକ୍ତ; put a person in his (her) place (କାହାରି) ଗୁରୁତ୍ୱ ହ୍ରାସ କରିଦେବା; ଭାଉ କମେଇ ଦେବା; take place ଘଟିବା; take the place of ଅନ୍ୟ କାହାରି ସ୍ଥାନ ନେବା;. ବି. placement.

**placenta** ବି. ଜରାୟୁଫୁଲ, ଗର୍ଭଫୁଲ।

**placid** ବିଂ. ଶାନ୍ତ, ଧୀର, ଅବିଚଳିତ।

**plagiarize** କ୍ରି. ଅନ୍ୟର ଚିନ୍ତାଧାରାକୁ ନେଇ ନିଜେ ନିଜ କୃତି ରୂପେ ବ୍ୟବହାର ବା ପ୍ରୟୋଗ କରିବା; ଅନ୍ୟର ଲେଖାକୁ ନିଜର ବୋଲି ଦେଖାଇବା; ସାହିତ୍ୟ ବା ଭାବର ଚୋରି କରିବା; ବି. plagiarism, plagiarist; plagia-riser.

**plague** 1. ବି. ମାରାତ୍ମକ ପ୍ଲେଗ୍ ରୋଗ; 2. କ୍ରି. ବିରକ୍ତ ବା ହଇରାଣ କରିବା।

**plain** 1. ବିଂ. ସ୍ୱଚ୍ଛ ଓ ଅଭ୍ରାନ୍ତ; ସାଧାରଣ ସହଜବୋଧ; 2. ବି. ସମତଳ ଅଞ୍ଚଳ; 3. କ୍ରି.ବିଂ. ସରଳଭାବରେ, ସ୍ୱଷ୍ଟତଃ; କ୍ରି.ବିଂ. plainly; ବି. plainness.

**plaint** ବି. ଅଭିଯୋଗ ପତ୍ର (ଆଇନ କ୍ଷେତ୍ରରେ), ଅଭିଯୋଗ।

**plaintiff** ବି. ଅଦାଲତରେ ଅଭିଯୋଗକାରୀ, ବାଦୀ।

**plait** ବି. ଭାଙ୍ଗ, ବନ୍ଧାବେଣୀ, ବେଣୀ ଭଳି ଗୁନ୍ଥା।

**plan** 1. ବି. ପୂର୍ବରୁ ପରିକଳ୍ପିତ ଯୋଜନା, ମାନଚିତ୍ର, ନକ୍ସା, ଖସଡା; 2. କ୍ରି. ଯୋଜନା କରିବା; ବି. planning.

**plane**[1] 1. ବି. *ଜ୍ୟା.* ସମତଳ କ୍ଷେତ୍ର; ସ୍ତର, ଉଡାଜାହାଜ; 2. ବିଂ. ସମତଳ।

**plane**[2] ବି. ବୃକ୍ଷ ବିଶେଷ।

**plane**[3] ବି. ବଢ଼େଇର ରନ୍ଦା।

Digitized by srujanika@gmail.com

**planet** ବି. ସୂର୍ଯ୍ୟ ଚାରିପଟେ ବୁଲୁଥିବା ଗ୍ରହ; ବିଂ. planetary.

**planetarium** ବି. ଭିନ୍ନ କାଳରେ ଓ ସ୍ଥାନରେ ଦୃଶ୍ୟମାନ ରାତ୍ରିକାଳୀନ ଆକାଶର ପ୍ରତିଫଳନ କରିବାର ବ୍ୟବସ୍ଥା, ବା ସେହି ସ୍ଥଳ।

**plank** ବି. କାଠ ପଟା।

**plant** 1. ବି. ଉଦ୍ଭିଦ, ଚାରାଗଛ, କଳକାରଖାନା ବା ତନ୍ନିମନ୍ତେ ବ୍ୟବହୃତ ଯନ୍ତ୍ରପାତି; 2. କ୍ରି. ରୋପଣ ବା ସ୍ଥାପନ କରିବା।

**plantain** ବି. କଦଳୀ ଗଛ, କଦଳୀ।

**plaque** ବି. କାନ୍ଥରେ ଖଞ୍ଜାଥିବା ସ୍ମାରକୀ ବା ଭୂଷଣରୂପେ ବ୍ୟବହୃତ ସମତଳବିଶିଷ୍ଟ ଧାତୁ ବା ଚୀନାମାଟିର ଫଳକ।

**plaster** ବି. ଚୂନ, ସିମେଣ୍ଟ, ବାଲି ଓ ପାଣିମିଶା ପ୍ରଲେପ; ପଲସ୍ତରା, ଯାହା ଶୁଖିଲେ ଟାଣ ହୋଇ ସମ୍ପୃକ୍ତ ବସ୍ତୁରେ ଲାଗି ରହେ।

**plastic** ବି. ନମନୀୟ, ଛାଞ୍ଚ ଅନୁସାରେ ଢ଼ାଳି ହେଉଥିବା ରାସାୟନିକ ବସ୍ତୁ।

**plate** 1. ବି. ଥାଳି ବା ଥାଳିଆ, ଭୋଜନପାତ୍ର; ପାତ; 2. କ୍ରି. ପାତ ଦେବା; ଧାତବ ପାଣି ଚଢ଼ାଇବା; on a plate ସହଜରେ ଉପଲବ୍ଧ; ବିଂ. plateful.

**plateau** ବି. ଅଧିତ୍ୟକା, ମାଳଭୂମି, ଉଚ୍ଚ ସ୍ଥାନରେ ଅବସ୍ଥିତ ସମତଳ ଭୂମି।

**platform** ବି. ମଞ୍ଚ, ବେଦୀ, ଚଉତରା, ଦଳର ଘୋଷିତ ନୀତି; ରେଲ୍‌ୱେ ପ୍ଲାଟଫର୍ମ।

**platinum** ବି. ପ୍ଲାଟିନମ୍ ନାମକ ଉଜ୍ଜ୍ୱଳ ମୂଲ୍ୟବାନ୍ ଧାତୁ।

**platitude** ବି. ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାଷାରେ କୁହାଯାଉଥିବା ଫମ୍ପା କଥା।

**Platonic** ବିଂ. ପ୍ଲାଟୋଙ୍କର ଦର୍ଶନ ସମ୍ବନ୍ଧୀୟ; ବାଚନିକ, କାର୍ଯ୍ୟକାରିତା ବିହୀନ ମତବାଦ, ଯାହା କ୍ଷତିକାରକ ନୁହେଁ।

**platonic love** ବି. ଅତୀନ୍ଦ୍ରିୟ ପ୍ରେମ, ଯାହା କାମଜ ବା ଦୈହିକ ନୁହେଁ।

**Platonism** ବି. ଦାର୍ଶନିକ ପ୍ଲାଟୋ ବା ତାଙ୍କର ଅନୁଗାମୀମାନଙ୍କର ମତବାଦ।

**platoon** ବି. ପଲଟଣ, କ୍ଷୁଦ୍ର ପଦାତିକ ସୈନ୍ୟଦଳ; ଏକ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଦଳ।

**platter** ବି. ଖାଇବାର ଥାଳି, ଚଟକା ଥାଳି।

**plaudit** ବି. ପ୍ରଶଂସା, ପ୍ରକାଶ୍ୟଭାବେ ସହମତି ପ୍ରଦାନ।

**plausible** ବିଂ. ଆପାତ ସମ୍ଭବ; ଯୁକ୍ତିଯୁକ୍ତ, ଆପାତରମ୍ୟ; ବି. plausibility; କ୍ରି.ବିଂ. plausibly.

**play** 1. କ୍ରି. ଖେଳିବା; କୌତୁକ କରିବା; ଅଭିନୟ କରିବା; (ବାଦ୍ୟଯନ୍ତ୍ର) ବଜାଇବା; ଜୁଆ ଖେଳିବା; ଛଳନା କରିବା; 2. ବି. ଆମୋଦପ୍ରମୋଦ, ଅଭିନୟ, ନାଟକ, ଜୁଆଖେଳ; ଖେଳ; play along ସାହାଯ୍ୟର ଛଳନା କରିବା; play ball *କ.ଭା.* ସହଯୋଗିତା କରିବା; play one's cards right (well) ସୁଯୋଗର ସଦ୍‌ବ୍ୟବହାର କରିବା; ଚତୁରତାର ସହ କାର୍ଯ୍ୟ କରିବା; play down ଗୁରୁତ୍ୱ ହ୍ରାସ କରିବା; play for time ଅଧିକ ସମୟ ପାଇବା ପାଇଁ ଜାଣିଶୁଣି ବିଳମ୍ବ କରିବା ବା ଗଡାଇବା; play the game ନିୟମ ମାନି ଚଳିବା; ସମ୍ମାନଜନକ ବ୍ୟବହାର କରିବା; play havoc (hell) on ବିଶୃଙ୍ଖଳା ବା ଅସୁବିଧା ସୃଷ୍ଟି କରିବା; play on ଖେଳି ଚାଲିବା; କାହାରି ଭାବପ୍ରବଣତାର ଫାଇଦା ଉଠାଇବା; play up ଦୁଷ୍ଟାମି ବା ଫାଜିଲାମି କରିବା, ସେଭଳି କରି ବିରକ୍ତ କରିବା; ଅସୁବିଧା କରିବା; play up to ଖୋସାମତ କରିବା; play with fire ନିଆଁ ସହିତ ଖେଳିବା; ନିର୍ବୋଧ ଭାବରେ ବିପଦ ସାଙ୍ଗରେ ଖେଳିବା।

**playboy** ବି. ଆମୋଦପ୍ରିୟ (ବିଶେ. ଧନୀ) ବ୍ୟକ୍ତି।

**player** ବି. ଖେଳାଳି; *ସଂଗୀତ* ଯନ୍ତ୍ର ଶିଳ୍ପୀ, ଅଭିନେତା।

**playful** ବିଂ. ମଜାକିଆ; ପରିହାସମୂଳକ; କ୍ରି.ବିଂ. playfully; ବି. playfulness.

**playground** ବି. ଖେଳପଡ଼ିଆ।

**playgroup** ବି. କାହାର ଦେଖାଶୁଣାରେ ନିୟମିତ ଭାବେ ଖେଳୁଥିବା ପ୍ରାକ-ବିଦ୍ୟାଳୟ ଶିଶୁଦଳ।

**playhouse** ବି. ନାଟ୍ୟଶାଳା, ଥିଏଟର୍।

**playing-card** ବି. ତାସ୍।

**playmate** ବି. ଖେଳ ପାଇଁ ଶିଶୁର ସାଥି, ଖେଳସାଥି।

**plaything** ବି. ଖେଳଣା, ଅବସର ବିନୋଦନ ଲାଗି ବ୍ୟବହୃତ ସାମଗ୍ରୀ।

**playwright** ବି. ନାଟ୍ୟକାର।

Digitized by srujanika@gmail.com

**plea** ବି. ଓଜର, ଆପତ୍ତି, ଆଳ, ବାହାନା; *ଆଇନ୍* ପ୍ରତିବାଦୀର ଜବାବ।

**plead** *କ୍ରି.* ବାଦୀ ବା ପ୍ରତିବାଦୀ ତରଫରୁ ଅଦାଲତରେ ଓକିଲ ରୂପେ ସଂପୃକ୍ତ ପକ୍ଷ ସମର୍ଥନ କରି ତର୍କ ଉପସ୍ଥାପନ କରିବା; ନିଜକୁ ଦୋଷୀ ବା ନିର୍ଦ୍ଦୋଷ ବୋଲି ଦାବି କରିବା।

**pleading** ବି. ନ୍ୟାୟାଳୟରେ ପକ୍ଷ ସମର୍ଥନରେ ଓକିଲର ଯୁକ୍ତିତର୍କ ବା ସୁଆଲ ଜବାବ।

**pleasant** ବିଂ. ମନ, ଅନୁଭୂତି ବା ଇନ୍ଦ୍ରିୟ ପାଇଁ ପ୍ରୀତିକର।

**pleasantry** ବି. ଥଟ୍ଟାପରିହାସ, ପରିହାସ–ପ୍ରିୟତା, କୌତୁକପ୍ରିୟତା; ସୌଜନ୍ୟମୂଳକ କଥାବାର୍ତ୍ତା।

**please** 1. *କ୍ରି.* ଖୁସି କରିବା ବା ହେବା; ଆନନ୍ଦ ଦେବା, ପ୍ରୀତ କରିବା; ବିନୟଭାବ ବା ସୌଜନ୍ୟ ସୂଚକ ଶବ୍ଦ; be pleased ସନ୍ତୁଷ୍ଟ, ତୃପ୍ତ।

**pleasurable** ବିଂ. ଆନନ୍ଦଦାୟକ; *କ୍ରି.ବିଂ.* pleasurably.

**pleasure** ବି. ସନ୍ତୋଷ ବା ଆନନ୍ଦର ଅନୁଭୂତି; ଆନନ୍ଦ ବା ଆମୋଦ ଲାଭ।

**pleb** ବି. *ସା.ପ୍ର. ଅବ.* ନିମ୍ନସ୍ତରର ବା ଶ୍ରେଣୀର ଲୋକ।

**plebeian** 1. ବି. ସାଧାରଣ ସ୍ତରର ବ୍ୟକ୍ତି; ଖଟିଖିଆ (ପ୍ରାଚୀନ ରୋମ୍); 2. ବିଂ. ନିମ୍ନଶ୍ରେଣୀର, ଇତର ଶ୍ରେଣୀଭୁକ୍ତ, ଅମାର୍ଜିତ।

**plebiscite** ବି. କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଦେଶବାସୀ ଭୋଟଦାତାମାନଙ୍କଠାରୁ ସିଧାସଳଖ ଭୋଟ ଗ୍ରହଣ, ଗଣଭୋଟ।

**pledge** 1. ବି. ବନ୍ଧକ; ଶପଥ, ଅଂଗୀକାର; 2. *କ୍ରି.* ବନ୍ଧକ ଦେବା, କଥା ଦେବା, ଶପଥ ନେବା।

**plenary** ବିଂ. ସର୍ବସାଧାରଣ, ସମଗ୍ର।

**plenipotentiary** ବି. ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ଦାୟିତ୍ୱ ଓ ଅବାଧ ଅଧିକାର ପାଇଥିବା ବ୍ୟକ୍ତି, ବିଶେଷତଃ କୂଟନୀତିଜ୍ଞ।

**plenitude** ବି. *ସାହି.* ସଂପୂର୍ଣ୍ଣତା, ପ୍ରାଚୁର୍ଯ୍ୟ, ପରିପୂର୍ଣ୍ଣତା।

**plentiful** ବିଂ. ପ୍ରଚୁର ସଂଖ୍ୟାରେ ଉପଲବ୍ଧ; *କ୍ରି.ବିଂ.* plentifully.

**plenty** ବି. ପ୍ରାଚୁର୍ଯ୍ୟ, ଯଥେଷ୍ଟ।

**pleonasm** ବି. ଅର୍ଥବୋଧ ପାଇଁ ଅନୁପଯୋଗୀ ଶବ୍ଦାବଳୀର ବ୍ୟବହାର।

**plethora** ବି. ସୀମାତିରିକ୍ତ ପ୍ରାଚୁର୍ଯ୍ୟ।

**pliable** ବିଂ. ନମନୀୟ, ଯାହାକୁ ସହଜରେ ପ୍ରଭାବିତ କରାଯାଇପାରେ; ବି. pliability; ବିଂ. pliant.

**pliers** ବି. ବ.ବ. ସଣ୍ଡୁଆସି, ଚିମୁଟା।

**plight** ବି. ଶୋଚନୀୟ ବା ଅପ୍ରୀତିକର ଅବସ୍ଥା, ଦୁର୍ଦ୍ଦଶା।

**plinth** ବି. ମୂଳ ଭିତ୍ତି, ନିଅ, ମୂଳଦୁଆ; ପରେ ନିର୍ମିତ ଉପରି ଅଂଶର ଓଜନକୁ ସମ୍ଭାଳୁଥିବା ମୂଳ ଭିତ୍ତି।

**plod** 1. *କ୍ରି.* ଅତି ପରିଶ୍ରମରେ ପେଲି ହୋଇ ଚାଲିବା; 2. ବି. ଧୈର୍ଯ୍ୟର ସହିତ ପରିଶ୍ରମ କରିବା ବା ଚାଲିବା।

**plot** 1. ବି. କ୍ଷେତ୍ର, କ୍ଷୁଦ୍ର ଭୂଖଣ୍ଡ; ଚଳଚ୍ଚିତ୍ର, ନାଟକ ବା ଉପନ୍ୟାସରେ ଥିବା ଘଟଣାବଳୀର ପରସ୍ପର ସମ୍ପର୍କ; ବିଷୟବସ୍ତୁ; ଷଡ଼ଯନ୍ତ୍ର, ଗୋପନ ମନ୍ତ୍ରଣା; 2. *କ୍ରି.* ନକ୍ସା, ଯୋଜନା ପ୍ରଭୃତି ପ୍ରସ୍ତୁତ କରିବା; ଷଡଯନ୍ତ୍ର କରିବା।

**plough** 1. ବି. ହଳନଙ୍ଗଳ, ଚାଷଜମି; 2. *କ୍ରି.* ଚଷିବା; *କ.ଭା.* ପରୀକ୍ଷାରେ ଫେଲ୍ ହେବା।

**ploughman** ବି. ଲଙ୍ଗଳିଆ, କର୍ଷଣକାରୀ।

**ploughshare** ବି. ଲଙ୍ଗଳର ଫାଳ, କସ୍ନା।

**pluck** 1. *କ୍ରି.* ତୋଳିବା, ଛିଣ୍ଡାଇବା; ଚଢ଼େଇ ପର ଓପାଡ଼ିବା; ଲୁଟିବା; ଠକିବା; 2. ବି. ସାହସ, ଉତ୍ସାହ।

**plucky** ବିଂ. ସାହସୀ, ଓଜସ୍ୱୀ।

**plug** ବି. କଣାରେ ଠିକ୍ ବସିବା ଗୋଜ ବା କାଠି; ବିଦ୍ୟୁତ୍ ସଂଯୋଗ ପାଇଁ ବ୍ୟବହୃତ ଧାତବ ପିନ୍‌ଯୁକ୍ତ ଉପକରଣ; ପ୍ଲଗ୍।

**plum** ବି. ଇମ୍ବଳିଆ ମଞ୍ଜିଯୁକ୍ତ ଗୋଲାକୃତି ମାଂସଳ ଫଳ ବା କୋଳି।

**plumage** ବି. ଚଢ଼େଇର ପର।

**plumb** 1. ବି. ଓଳମ୍ବ; ସମୁଦ୍ରର ଗଭୀରତା ମାପିବାପାଇଁ ବା କାନ୍ଥ ପ୍ରଭୃତି ସଳଖ ହେଲା କି ନାହିଁ ଜାଣିବାପାଇଁ ବ୍ୟବହୃତ ସୂତାବନ୍ଧା ଓଜନିଆ ଧାତୁ ଗୋଳକ; 2. *କ୍ରି.* ତଥ୍ୟ ଆବିଷ୍କାର କରିବା।

**plumber** ବି. ପାଇପ୍ ମିସ୍ତ୍ରୀ।

Digitized by srujanika@gmail.com

**plume** ବି. ପର, ବିଶେଷତଃ ଭୂଷଣ ରୂପେ ବ୍ୟବହୃତ ପର, ଚୂଳ।
**plummet** ବି. ଓଳମ୍ବ; ବନିଶୀରେ ଖଂଜାଥିବା ଫୁଲକୁ ଭସାଇ ରଖିବାର ଉପକରଣ।
**plump** 1. ବିଂ. ମାଂସଳ; ବର୍ତ୍ତୁଳ ଆକାର, ମାଂସଳ ବସ୍ତୁ, ଚର୍ବିଳ; 2. କ୍ରି. ଆକସ୍ମିକଭାବେ ଦ୍ରୁତ ପତନ; ବି. plumpness.
**plumy** ବିଂ. ପର ସଦୃଶ, ପର ବହୁଳ, ପର– ଦ୍ୱାରା ଅଳଙ୍କୃତ।
**plunder** 1. କ୍ରି. ଲୁଣ୍ଠନ କରିବା, ଲୁଟିବା; (ବିଶେ. ଯୁଦ୍ଧ ସମୟରେ) ବିଧିବଦ୍ଧ ଭାବେ ଲୁଟିବା; ଚୋରି କରିବା; 2. ବି. ଲୁଣ୍ଠିତ ଦ୍ରବ୍ୟ।
**plunge** 1. କ୍ରି. ହଠାତ୍ ଉଗ୍ରଭାବରେ ଧସେଇ ପଶିଯିବା; ତୀବ୍ର ବେଗରେ ବା ଉଦ୍ଦାମ ଗତିରେ ଆଗେଇବା; 2. ବି. ଲଂଫ, ଝାମ୍ପ; take the plunge ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିବା।
**plural** ବିଂ. ସଂଖ୍ୟାରେ ଏକରୁ ଅଧିକ; plural number *ବ୍ୟା.* ବହୁବଚନ; ବହୁବାଚକ।
**plularism** ବି.ଏକସମୟରେ ଏକାଧିକ ଦାୟିତ୍ୱର ଅଧିକାରୀ ହେବା, ସଂଖ୍ୟାନ୍ୟୂନ ଗୋଷ୍ଠୀ ସ୍ୱାଧୀନ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବାର ସମାଜ ବ୍ୟବସ୍ଥା।
**plus** *ଅ.* ଅତିରିକ୍ତ, ଯୋଗ, ଯୁକ୍ତଚିହ୍ନ।
**plutocracy** ବି. ଧନିକ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ସରକାର; ଧନୀ ଅଭିଜାତଶ୍ରେଣୀ; ଧନତନ୍ତ୍ର।
**plutocrat** ବି. ଧନିକ, ଧନିକ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ବ୍ୟବସ୍ଥାର ସଦସ୍ୟ।
**pluvial** ବିଂ. ବୃଷ୍ଟି ସମ୍ପର୍କିତ, ବର୍ଷଣ ଜନିତ।
**ply**[1] ବି. ଲୁଗା ବା କାଠପଟାର ମୋଟେଇ ବା ସ୍ତର।
**ply**[2] କ୍ରି. ହାତହତିଆର ଚଳାଇବା; ଏକାଗ୍ରତା ସହିତ ନିରନ୍ତର କାର୍ଯ୍ୟ କରିବା; ନିୟମିତ ଭାବେ ଯାନବାହନ ଚଳାଚଳ କରିବା।
**plywood** ବି. ଅଠାରେ ଯୋଡ଼ା ହୋଇ ଦୃଢ଼ ହୋଇଥିବା ଅନେକ ପତଳା କାଠପଟାର ଯୋଡେଇ।
**P.M.** *ସଂଶ.* Prime Minister ପ୍ରଧାନମନ୍ତ୍ରୀ।
**p.m.** *ସଂଶ.* (*ଲା. post meridiem*) ଅପରାହ୍ନ (ବାରଟାପରେ)।
**pneumatic** ବିଂ. ବାୟୁ ବା ପବନରେ ଭରା।
**pneumonia** ବି. ନିମୋନିଆ; ଏକ ବା ଉଭୟ ଫୁସ୍‌ଫୁସ୍‌ର ପ୍ରଦାହ।
**P.O.** *ସଂଶ.* Post Office ଡାକଘର।
**P.o.** *ପ୍ର.* polonium ପୋଲନିୟମ୍।
**poach** 1. ବି. ଖୋଳପାବିହୀନ ଅଣ୍ଡାକୁ ଫୁଟାପାଣିରେ ରନ୍ଧନ କରିବା; 2. କ୍ରି. ବେଆଇନ୍‌ଭାବେ ଜୀବଜନ୍ତୁ ବା ମାଛ ଧରିବା ବା ମାରିବା; ଅନଧିକାର ପ୍ରବେଶ କରିବା।
**pock** ବି. (pock–mark ମଧ୍ୟ) ଚମଡ଼ାରେ ଫୋଟକା (ମୁଖ୍ୟତଃ ବସନ୍ତରୋଗ ଜନିତ)।
**pocket** 1. ବି. ପୋଷାକରେ ସିଲାଇ କରାଯାଇଥିବା ଥଳି; ପକେଟ; ଛୋଟ ମୁଣି; ଆର୍ଥିକ ସମ୍ବଳ; 2. କ୍ରି. ପକେଟ୍‌ରେ ଭର୍ତ୍ତି କରିବା।
**pocket knife** ବି. ପକେଟ୍ ପାଇଁ ଉଦ୍ଦିଷ୍ଟ ଛୁରୀ ଯାହାର ଫଳା ବୁଜି ହୋଇପାରେ।
**pocket money** ବି. ହାତଖର୍ଚ୍ଚ, ସାଧାରଣତଃ ଛୋଟ ପିଲାଙ୍କୁ ଖର୍ଚ୍ଚ ପାଇଁ ଦିଆଯିବା ପଇସା।
**pod** ବି. ବୀଜକୋଷ; ଶିମ୍ବ, ମଟର ଆଦିରେ ମଞ୍ଜି ରହିବା ସ୍ଥାନ।
**podgy** ବିଂ.ଖର୍ବାକୃତି କିନ୍ତୁ ମୋଟାସୋଟା; ଚର୍ବିଳ, ଗୋଲ୍‌ଗାଲ୍; ବି. podginess.
**poem** ବି. କବିତା, ପଦ୍ୟ।
**poesy** ବ. *ପ୍ରା.ପ.* କାବ୍ୟକବିତା।
**poet** ବି. କବି, କାବ୍ୟକାର।
**poetaster** ବି. ନିମ୍ନମାନର କବି, ମନ୍ଦ କବି।
**poetess** ବି. କବୟିତ୍ରୀ; ନାରୀକବି।
**poetic, poetical** ବିଂ. କାବ୍ୟିକ, କବିତା ସମ୍ବନ୍ଧୀୟ, ଛନ୍ଦୋମୟ, କାବ୍ୟଛନ୍ଦରେ ରଚିତ; *କ୍ରି.ବିଂ.* poetically.
**poetic justice** ବି. ଯଥାଯୋଗ୍ୟ ପୁରସ୍କାର ବା ଶାସ୍ତି।
**Poet Laurate** ବି. (ବିଶେ. ଇଂଲଣ୍ଡର) ରାଜକବି।
**poetry** ବି. କାବ୍ୟକୃତି, କାବ୍ୟକବିତା; କାବ୍ୟିକ ବା ମଧୁର ପ୍ରୀତିପଦ ଗୁଣ।
**poignant** ବିଂ. ଇନ୍ଦ୍ରିୟାନୁଭୂତି ପାଇଁ ତୀବ୍ର; ବି. poignance; poignancy; *କ୍ରି.ବିଂ.* poignantly.
**point** 1. ବି. ହତିଆରର ମୁନିଆଁ ଭାଗ; ବିନ୍ଦୁ; ନିର୍ଦ୍ଦିଷ୍ଟ ମୁହୂର୍ତ୍ତ; ଯୁକ୍ତିର ସମୀଚୀନତା; ଉଦ୍ଦେଶ୍ୟ, ଲକ୍ଷ୍ୟ, ଅଭିପ୍ରାୟ, (ଖେଳରେ) ହିସାବର ଅଙ୍କ;

Digitized by srujanika@gmail.com

ହରପ୍ରର ମାତ୍ରାବିଶେଷ; 2. କ୍ରି. ଅଙ୍ଗୁଳୀ, ଅସ୍ତ୍ର ପ୍ରଭୃତି ନିର୍ଦ୍ଦେଶ ବା ଲକ୍ଷ୍ୟ କରିବା; ସୂଚାଇବା; point out ନିର୍ଦ୍ଦେଶ କରିବା ବା ଦେଖାଇ ଦେବା; up to a point କିଛି ପରିମାଣରେ, ସମ୍ପୂର୍ଣ୍ଣଭାବେ ନୁହେଁ।

**point–blank** ବିଂ ଅତିନିକଟରୁ ଲକ୍ଷ୍ୟଭେଦ କରିବା; ସିଧାସଳଖ; ସନ୍ନିକଟ।

**pointed** ବିଂ. ତୀକ୍ଷ୍ଣ; ମୁନିଆଁ କରାଯାଇଥିବା; କ୍ରି.ବିଂ. pointedly.

**pointing** ବି. ଯୋଡ଼ାଇ କରାଯିବା ଦୁଇ ଇଟାର ମଝିରେ ଥିବା ସିମେଣ୍ଟ।

**pointless** ବିଂ. ଉଦ୍ଦେଶ୍ୟହୀନ; ନିଷ୍ଫଳ; ଅର୍ଥହୀନ; କ୍ରି.ବିଂ. pointlesslly; ବି. pointlessness.

**point of view** ବି. ଦୃଷ୍ଟିକୋଣ; ଦୃଷ୍ଟିଭଙ୍ଗୀ।

**poise** 1. ବି. ଭାରସାମ୍ୟ, ସନ୍ତୁଳନ, ପାସଙ୍ଗ; 2. କ୍ରି. ପାସଙ୍ଗ କରାଯିବା, ସମଭାର କରିବା।

**poison** 1. ବି. ବିଷ, ଗରଳ; ଯାହା ଅତି ଅଳ୍ପସମୟରେ ଜୀବନକୁ ନାଶ କରେ; କ୍ଷତିକାରକ; 2. କ୍ରି. ବିଷ ପ୍ରୟୋଗ କରିବା; ବିଷାକ୍ତ କରିବା; ବିଂ. poisonous.

**poison pen, letter** ବି. (ନାମହୀନ ଲେଖକର) କୁତ୍ସା ରଚନାକାରୀ ଚିଠି।

**poke** କ୍ରି. ଖେଞ୍ଚିବା; ଖୋଚିବା; *ସା.ପ୍ର.* ରମଣ କରିବା; poke fun at ପରିହାସ କରିବା।

**poker** ବି. ଜଳନ୍ତା ନିଆଁରୁ ପାଉଁଶ ଝାଡ଼ିବାକୁ ବ୍ୟବହୃତ ଲୁହାକାଠି (ଲୌହଦଣ୍ଡ); ତାସଖେଳ ବିଶେଷ।

**polar** ବିଂ. ଧ୍ରୁବୀୟ, ମେରୁ ସମ୍ବନ୍ଧୀୟ, ମେରୁଦେଶୀୟ; ସମ୍ପୂର୍ଣ୍ଣ ବିପରୀତ।

**polar bear** ବି. ମେରୁଅଞ୍ଚଳରେ ଥିବା ଧଳାଭାଲୁ।

**polarize** କ୍ରି. ଦୁଇ ବିରୋଧୀଦଳରେ ବିଭକ୍ତ କରିବା; ବି. polarization.

**pole**[1] ବି. ଲମ୍ବା ଓ ପତଳା ଗୋଲ ଆକାରର ଧାତବ ବା କାଠର ଦଣ୍ଡ।

**pole**[2] ବି. ମେରୁ; North Pole ସୁମେରୁ, South Pole କୁମେରୁ।

**Pole** ବି. ପୋଲାଣ୍ଡ ଦେଶର ଅଧିବାସୀ।

**poleaxe** ବି. ପରଶୁ; ଟାଙ୍ଗି, ଫାର୍‌ସା; କଂସେଇର ଟାଙ୍ଗି।

**polemic** ବି. ବାଚନିକ ଆକ୍ରମଣ, ବିବାଦାସ୍ପଦ ଆଲୋଚନା।

**polemical** ବିଂ. ବିବାଦାସ୍ପଦ।

**polemics** ବି. ବ.ବ. ବହୁ ବିବାଦାସ୍ପଦ ଆଲୋଚନା, ବିତର୍କ, ତାର୍କିକତା।

**pole star** ବି. ଧ୍ରୁବତାରା।

**police** ବି. ପୋଲିସ, ଶାନ୍ତିଶୃଙ୍ଖଳା ରକ୍ଷକ ବେସାମରିକ ସଂସ୍ଥା।

**policeman** ବି. *ସ୍ତ୍ରୀ.* policewoman ଆରକ୍ଷୀ, ପୋଲିସ୍ ସିପାହୀ।

**policy**[1] ବି. ନୀତି, କର୍ମପଦ୍ଧତି, ରାଜ୍ୟର ରାଜନୀତି; ଶାସନ କୌଶଳ; ବିଚାରଶୀଳତା।

**policy**[2] ବି. ବୀମାସର୍ତ୍ତର ଚୁକ୍ତିପତ୍ର ବା ଦଲିଲ।

**polio** ବି. ପୋଲିଓମାଇଲେଟିସ୍; ପୋଲିଓ ରୋଗ।

**polish**[1] 1. କ୍ରି. ଘଷିବାଦ୍ୱାରା ମସୃଣ ଓ ଚିକ୍କଣ କରିବା; 2. ବି. ମସୃଣକାରୀ ଉପାଦାନ; ମସୃଣତା, ଶାଳୀନତା।

**Polish**[2] 1. ବି. ପୋଲାଣ୍ଡ ଦେଶର ଭାଷା; 2. ବିଂ. ପୋଲାଣ୍ଡ ଦେଶ ବା ଭାଷା ସମ୍ବନ୍ଧୀୟ।

**polite** ବିଂ. ଶିଷ୍ଟ, ମାର୍ଜିତ, ବିନୀତ, ସଂସ୍କୃତିସମ୍ପନ୍ନ, ସମ୍ଭ୍ରାନ୍ତ।

**politic** ବିଂ. ବିଚାରବନ୍ତ, ବିଚକ୍ଷଣ (କାର୍ଯ୍ୟ); ଦୂରଦର୍ଶୀ, ବିଜ୍ଞ (ବ୍ୟକ୍ତି)।

**political** ବିଂ. ରାଜନୈତିକ, ରାଜନୀତି ସଂବଂଧିତ, ରାଷ୍ଟ୍ରୀୟ; କ୍ରି.ବିଂ. politically.

**political asylum** ବି. ଏକରାଜ୍ୟରୁ ବହିର୍ଗତ ପାଇଁ ଅନ୍ୟ ସ୍ୱାଧୀନ ରାଷ୍ଟ୍ରରେ ବସବାସ ପାଇଁ ଅନୁମତି; ରାଜନୈତିକ ଶରଣ।

**political prisoner** ବି. ରାଜନୈତିକ ବନ୍ଦୀ।

**political science** ବି. ରାଜନୀତି ବିଜ୍ଞାନ।

**politician** ବି. ରାଜନୀତି କରୁଥିବା ବ୍ୟକ୍ତି, ରାଜନୀତିଜ୍ଞ।

**politicize** କ୍ରି. ରାଜନୈତିକ ରୂପ ଦେବା।

**politics** ବି. ରାଷ୍ଟ୍ରପ୍ରଶାସନର କଳା ଓ ବିଜ୍ଞାନ; ରାଜନୀତି; ରାଜନୀତିକ ଜୀବନଯାତ୍ରା ବା ଘଟଣାବଳୀ।

**polity** ବି. ବେସାମରିକ ପ୍ରଶାସନ ପଦ୍ଧତି; ସଂଗଠିତ ସମାଜ, ରାଜତନ୍ତ୍ର; ରାଷ୍ଟ୍ର।

**poll** 1. ବି. ନିର୍ବାଚନରେ ଭୋଟଦାନ; ନିର୍ବାଚନରେ ମତଦାତାଙ୍କ ମତ ଗଣନା; 2. କ୍ରି. ଭୋଟଦେବା; (ଗାଈଗୋରୁଙ୍କ) ଶିଙ୍ଗ କାଟିଦେବା।

**pollen** ବି. ପୁଷ୍ପରେଣୁ, ପରାଗ।

**poll–tax** ବି. ଇତି. ସମାଜର ପ୍ରତି ବ୍ୟକ୍ତି ପାଇଁ ଉଦ୍ଦିଷ୍ଟ କର।

Digitized by srujanika@gmail.com

**pollute** କ୍ରି. ଦୂଷିତ କରିବା; କଳୁଷିତ କରିବା; ବିଂ. pollutant.

**pollution** ବି. ପ୍ରଦୂଷଣ ।

**polo** ବି. ଘୋଡ଼ା ପିଠିରେ ଚଢ଼ି ବଲ୍ ଗଡ଼ାଇବା ଖେଳ ।

**poltroon** ବି. ଭୀରୁ ବ୍ୟକ୍ତି ।

**poly–** ସଂ. ବହୁ– ।

**polyandry** ବି. ବହୁପତି ବିବାହ ବ୍ୟବସ୍ଥା; ବିଂ. polyandrous.

**polygamy** ବି. ବହୁପତ୍ନୀ ବିବାହ ବ୍ୟବସ୍ଥା; (ସ୍ଥଳବିଶେଷରେ) ବହୁପତି ବିବାହ ବ୍ୟବସ୍ଥା ।

**polyglot** ବିଂ. ବହୁ ଭାଷାଭାଷୀ; ନାନା ଭାଷା ଜାଣିଥିବା, ବ୍ୟବହାର କରିପାରୁଥିବା; ଏକାଧିକ ଭାଷାରେ ଲିଖିତ ।

**polygon** ବି. ଜ୍ୟା. ବହୁଭୁଜ କ୍ଷେତ୍ର ।

**polygyny** ବି. ଜଣେ ପୁରୁଷର ଏକାଧିକ ପତ୍ନୀ ବିବାହ ବ୍ୟବସ୍ଥା; ବିଂ. polygynous.

**polymath** ବି. ବହୁ ବିଷୟରେ ବିଦ୍ୱାନ୍, ମହାନ୍ ବିଦ୍ୱାନ୍ ।

**polytechnic** ବି. ଅନେକ ବିଷୟରେ ଉନ୍ନତମାନର ଧନ୍ଦାମୂଳକ ବା ବୈଷୟିକ ଶିକ୍ଷାଦାନ ବ୍ୟବସ୍ଥାଥିବା ଅନୁଷ୍ଠାନ ।

**polytheism** ବି. ଅନେକେଶ୍ୱର ବାଦ, ଏକାଧିକ ଦେବତାର ପୂଜା ବା ଅସ୍ତିତ୍ୱରେ ବିଶ୍ୱାସ; ବି. polytheist; ବିଂ. polytheistic.

**polythene** ବି. ଶକ୍ତ, ହାଲୁକା ପ୍ଲାଷ୍ଟିକ୍; ପୋଲିଥିନ୍ ।

**pomade** ବି. ମୁଣ୍ଡର ବାଳ ଓ ଚର୍ମ ପାଇଁ ଉଦ୍ଦିଷ୍ଟ ସୁବାସିତ ଲେପ ।

**pomegranate** ବି. ଡାଳିମ୍ବ ଗଛ ବା ଫଳ ।

**Pommy** ବି. ଅଷ୍ଟ୍ରେ. ନିଉଜିଲେଣ୍ଡ ସା.ପ୍ର. ଅବ. ବ୍ରିଟିଶ୍ ଲୋକ (ବିଶେଷତଃ ନିକଟ ଅତୀତରେ ଦେଶାନ୍ତରିତ) ।

**pomp** ବି. ଆଡ଼ମ୍ବର, ଜାକ୍‌ଜମକ୍; ଘଟାଟୋପ ।

**pompous** ବିଂ. ଆତ୍ମଶ୍ଳାଘାପୂର୍ଣ୍ଣ; ଆଡମ୍ବରଭରା; ଛଳନାପୂର୍ଣ୍ଣ ବାଗାଡମ୍ବର; କ୍ରି.ବିଂ. pompously; ବି. pompousness.

**ponce** ବି. ସା.ପ୍ର. ଭାଡୁଆ; ବେଶ୍ୟାର ଉପାର୍ଜନରେ ବଞ୍ଚିବା ଲୋକ; ଅବ. ସମଲିଙ୍ଗୀ, ମାଇଚିଆ ।

**pond** ବି. ପୋଖରୀ ।

**ponder** କ୍ରି. ବିଚାର କରିବା; ଗଭୀର ଚିନ୍ତା କରିବା ।

**ponderable** ବିଂ. ଗୁରୁତ୍ୱପୂର୍ଣ୍ଣ; ବିଚାର୍ଯ୍ୟ ।

**ponderous** ବିଂ. ଓଜନିଆ; ବିରକ୍ତିକର; କଠିନ ଶ୍ରମସାଧ୍ୟ; କ୍ରି.ବିଂ. ponderously; ବି. ponderousness.

**poniard** ବି. ଏକପ୍ରକାର ଛୁରୀ ।

**pontiff** ବି. ଖ୍ରୀ. ବିଶପ୍, ମୁଖ୍ୟ ପୁରୋହିତ(ପୋପ୍) ।

**pontoon**[1] ବି. ଏକପ୍ରକାର ତାସ୍‌ଖେଳ ।

**pontoon**[2] ବି. ଏକପ୍ରକାରର ଡଙ୍ଗା, ନୌସେତୁ, ଅସ୍ଥାୟୀ ପୋଲ ପାଇଁ ଭାସମାନ ବହୁ ନାଆ ।

**pooh** ଅବ୍ୟ. ବିସ୍ମୟ, ଘୃଣା ବା ଅଧୀରତାବ୍ୟଞ୍ଜକ ଧ୍ୱନି ।

**pooh–pooh** କ୍ରି. ଘୃଣା ବା ବିରକ୍ତି ବ୍ୟକ୍ତ କରିବା, ତାଚ୍ଛଲ୍ୟ କରିବା ।

**pool** ବି. ଗାଡ଼ିଆ, ନଦୀର ଗଣ୍ଡ, ସନ୍ତରଣ ପୋଖରୀ ।

**poor** ବିଂ. ଗରିବ, ନିଃସ୍ୱ, ଦରିଦ୍ରପାଇଁ; ନିକୃଷ୍ଟ ଧରଣର; ବିଚରା ।

**poor house** ବି. ଇତି. ଅସହାୟ ଲୋକମାନଙ୍କପାଇଁ ନିବାସ ।

**poorly** କ୍ରି.ବିଂ. ଅସ୍ୱଚ୍ଛନ୍ଦ, ଅପ୍ରଚୁର ବା କଦର୍ଯ୍ୟ ଭାବରେ ।

**pop** ବି. କ.ଭା. ଆଧୁନିକ ଜନପ୍ରିୟ ସଂଗୀତ ।

**Pope, pope** ବି. ଖ୍ରୀ. ରୋମାନ୍ କେଥଲିକ୍ ଚର୍ଚ୍ଚର ମୁଖ୍ୟ ଧର୍ମଗୁରୁ ।

**popgun** ବି. ପିଲାଙ୍କ ଖେଳଣା ବନ୍ଧୁକ ।

**popinjay** ବି. ଆତ୍ମଗର୍ବୀ ବ୍ୟକ୍ତି; ଫୁଲ୍‌ବାବୁ ।

**poppy** ବି. ଉଜ୍ଜ୍ୱଳ ଲାଲ୍ ବର୍ଣ୍ଣର ପୁଷ୍ପବିଶିଷ୍ଟ ଏକ ଉଦ୍ଭିଦ; ଅଫିମ ଗଛ; ପୋସ୍ତକଦାନା ଗଛ ।

**populace** ବି. ଜନସାଧାରଣ, ସାଧାରଣ ସ୍ତରର ଲୋକଦାକ ।

**popular** ବିଂ. ଜନପ୍ରିୟ, ଲୋକପ୍ରିୟ, ଜନପ୍ରଶଂସିତ; ବି. popularity; କ୍ରି.ବିଂ. popularly.

**popularize** କ୍ରି. ଲୋକପ୍ରିୟ କରିବା; ବି. popularization.

**populate** କ୍ରି. ଅଧ୍ୟୁଷିତ କରିବା, ବାହାରୁ ଆଣି ଲୋକଙ୍କୁ ବସବାସ କରାଇବା ।

**population** ବିଂ. ଜନସଂଖ୍ୟା; ଅଧିବାସୀଗଣ ।

Digitized by srujanika@gmail.com

**populous** ବିଂ. ଜନାକୀର୍ଣ୍ଣ।
**porcelain** ବିଂ. ଚୀନାମାଟିର, ଚୀନାମାଟିର ବାସନ।
**porch** ବି. ଆବୃତ ଛାତଥିବା ପ୍ରବେଶ ଦ୍ୱାର।
**porcupine** ବି. ଝିଙ୍କ; ସାଗିଁକଟା।
**pore**[1] ବି. ଛିଦ୍ର, ଲୋମକୂପ; ବିଂ. porous.
**pore**[2] କ୍ରି. ନିବିଷ୍ଟଭାବରେ ପଢ଼ିବା; ଗଭୀର ଓ ଏକନିଷ୍ଠ ଚିନ୍ତନ କରିବା।
**pork** ବି. ଖାଦ୍ୟୋପଯୋଗୀ ଘୁଷୁରି ମାଂସ।
**pornography** ବି. କାମୋତ୍ତେଜନା ବୃଦ୍ଧିକାରୀ ଯୌନଚିତ୍ର ବା ରଚନା; ବିଂ. pornographic.
**port** ବି. ବନ୍ଦର, ପୋତାଶ୍ରୟ; ପୋତାଶ୍ରୟଯୁକ୍ତ ସହର ବା ଅଞ୍ଚଳ; ମଦ୍ୟ ବିଶେଷ।
**portable** 1. ବିଂ. ହାତରେ ସହଜରେ ବୋହି ନେଇ ହେଉଥିବା; ଲଘୁଭାର; ସହଜରେ ନିଆଅଣା କରିହେଉଥିବା; 2. ବି. କୌଣସି ଓଜନିଆ ପଦାର୍ଥର ହାଲୁକା ବା କ୍ଷୁଦ୍ର ରୂପ।
**portal** ବି. ପ୍ରବେଶପଥ, ଫାଟକ, ସଦର ଦରଜା।
**portend** କ୍ରି. କୌଣସି ଅଶୁଭ ସଙ୍କେତର ପୂର୍ବାଭାସ ବା ଚେତାବନୀ।
**portent** ବି. ଶକୁନ; ବିସ୍ମୟକର ବସ୍ତୁ।
**porter** 1. ବି. ବୋଝ ବୋହିବା ଲାଗି ନିଯୁକ୍ତ ଲୋକ; ବିଶାଳ ପ୍ରାସାଦର ଦ୍ୱାରପାଳ ବା ଦରୱାନ୍।
**porterage** ବି. କୁଲି ମଜୁରୀ।
**portfolio** ବି. ସାଧା କାଗଜ, ଡ୍ରଇଂ ପ୍ରଭୃତି ରଖିବାପାଇଁ ଉଦ୍ଦିଷ୍ଟ ଫୋଲ୍‌ଡର୍; (ମନ୍ତ୍ରୀଙ୍କ) ବିଭାଗ, ଦାୟିତ୍ୱ।
**portico** ବି. ଅଟ୍ଟାଳିକାର ପ୍ରବେଶଦ୍ୱାର ସମ୍ମୁଖସ୍ଥ ତଥା ତାହା ସହିତ ସଂଲଗ୍ନ ସ୍ତମ୍ଭ ବିଶିଷ୍ଟ ମଣ୍ଡପ, ସ୍ତମ୍ଭ ଉପରେ ଛାତଥିବା ପ୍ରବେଶଦ୍ୱାର।
**portion** ବି. ଅଂଶ, ବାଣ୍ଟ ବା ଭାଗ, ନିର୍ଦ୍ଧାରିତ ପ୍ରାପ୍ୟ; ଭାଗ୍ୟ।
**Portland cement** ବି. ଚକ୍‌ଖଡ଼ି ଓ ମାଟି ମିଶାଇ ତିଆରି ହୋଇଥିବା ସିମେଣ୍ଟ ବା ଅଠାଗୁଣ୍ଡ।
**portly** ବିଂ. ଗୌରବବ୍ୟଞ୍ଜକ; ମଜବୁତ।
**portrait** ବି. ରେଖାଚିତ୍ର ବା ଆଲୋକଚିତ୍ର ଦ୍ୱାରା ସମ୍ପାଦିତ ପ୍ରତିକୃତି; ଚିତ୍ରପଟ, ଆଲେଖ୍ୟ ବା ଚିତ୍ର।
**portray** କ୍ରି. ପ୍ରତିକୃତି ନିର୍ମାଣ କରିବା; ଶବ୍ଦରେ ବର୍ଣ୍ଣନା କରିବା; ବି. portrayal; portrayer.
**Portuguese** 1. ବି. ପର୍ତ୍ତୁଗାଲ୍ ଦେଶର ଅଧିବାସୀ, ପର୍ତ୍ତୁଗାଲ୍ ଦେଶର ଭାଷା; 2. ବିଂ. ପର୍ତ୍ତୁଗାଲର।
**pose** କ୍ରି. କଳା ପାଇଁ ବା ପ୍ରଭାବିତ କରିବା ପାଇଁ ଭଙ୍ଗୀ ବା ଢଙ୍ଗ ଉପସ୍ଥାପନ କରିବା।
**posh** ବିଂ. ଭବ୍ୟ; ଉଚ୍ଚ ଶ୍ରେଣୀର।
**posit** କ୍ରି. ସତ୍ୟ ବୋଲି ମନେ କରିବା।
**position** ବି. ସ୍ଥିତି, ଅବସ୍ଥିତି, ମର୍ଯ୍ୟାଦା, ପଦବୀ; ବିଂ. positional.
**positive** ବିଂ. ନିର୍ଦ୍ଦିଷ୍ଟ, ବିଧିବଦ୍ଧ, ସ୍ଥିର, ସୁନିଶ୍ଚିତ; ଗଠନ ମୂଳକ; ଦ. ବସ୍ତୁନିଷ୍ଠ; ଅସ୍ତିବାଚକ; ଧନାତ୍ମକ; କ୍ରି.ବିଂ. positively; ବି. positiveness.
**posse** ବି. ସୁରକ୍ଷାବଳ; ଦଳ।
**possess** କ୍ରି. ସ୍ୱତ୍ୱାଧିକାରୀ ହେବା; ଦଖଲ୍ କରିବା, ହସ୍ତଗତ କରିବା।
**possession** ବି. ଅଧିକାର, ଦଖଲ୍।
**possibility** ବି. ସମ୍ଭାବନା, ଯାହା ଥାଇପାରେ ବା ଘଟିପାରେ।
**possible** ବିଂ. ସମ୍ଭାବ୍ୟ; ସମ୍ଭାବିତ; ଯାହା ହୋଇପାରେ, ଘଟିପାରେ ବା କରାଯାଇପାରେ।
**possibly** କ୍ରି.ବିଂ. ବୋଧହୁଏ, ସମ୍ଭବତଃ।
**post**[1] ବି. ଖୁଣ୍ଟି, ଖୁଣ୍ଟ, ଦଣ୍ଡ, ସ୍ତମ୍ଭ।
**post**[2] ବି. ଚାକିରୀ, ନିଯୁକ୍ତି, ପଦ।
**post**[3] 1. ବି. ଡାକ, ଡାକଘର; 2. କ୍ରି. ଚିଠି ପକାଇବା; ସୂଚିତ କରିବା; ଲେଜର୍‌ରେ ଲେଖିବା।
**post–** ପୂ.ପ୍ର. ପରେ, ପରବର୍ତ୍ତୀ।
**postage** ବି. ଡାକରେ ପଠାଯିବା ପାଇଁ ଥିବା ଚିଠି ବା ପାର୍ଶଲର ଦେୟ।
**postage stamp** ବି. ଡାକଟିକଟ।
**postal** ବିଂ. ଡାକ ସମ୍ପର୍କୀୟ।
**postal order** ବି. ଡାକଘରେ ଜମାଦେବା ମୁଦ୍ରାର ଲିଖିତ ପ୍ରମାଣ।
**postcard** ବି. ଖୋଳ ନ ଥିବା ନିର୍ଦ୍ଧାରିତ ମାପର ଟାଣ କାଗଜର ଖଣ୍ଡପତ୍ର, ପୋଷ୍ଟକାର୍ଡ୍।
**poster** ବି. ସର୍ବସାଧାରଣର ଦୃଷ୍ଟିପଥକୁ ଆସିବା ଭଳି ସ୍ଥାନରେ ସ୍ଥାପିତ ବିଜ୍ଞାପନପତ୍ର ବା ପ୍ରଚାର ପତ୍ର; ବିରାଟ ଆକୃତିର ଛାପା ଛବି।
**posterior** ବିଂ. ପଶ୍ଚାଦ୍‌ବର୍ତ୍ତୀ; ପରବର୍ତ୍ତୀ, କ୍ରମାନୁସାରେ ପଛକୁ ଆସୁଥିବା।

Digitized by srujanika@gmail.com

**posterity** ବି. ଉତ୍ତରାଧିକାରୀ, ଦାୟାଦବର୍ଗ, ଉତ୍ତରସୂରୀ, ପରବର୍ତ୍ତୀ ପୀଢ଼ି।

**postgraduate** 1. ବିଂ. ସ୍ନାତକୋତ୍ତର; 2. ବି. ସ୍ନାତକ ଉପାଧି ପାଇବା ପରେ ପରବର୍ତ୍ତୀ ପାଠ୍ୟକ୍ରମ ଅଧ୍ୟୟନଶୀଳ ଛାତ୍ର।

**posthumous** ବିଂ. ମରଣୋତ୍ତର; *କ୍ରି.ବିଂ.* posthumously.

**postman** ବି. ଚିଠି ବଣ୍ଟନକାରୀ ଡାକ କର୍ମଚାରୀ, ଡାକବାଲା।

**postmaster** ବି. ଡାକଘରର ଦାୟିତ୍ୱରେ ଥିବା ମୁଖ୍ୟ ଅଧିକାରୀ, ଡାକପାଳ।

**post–mortem** ବି. ମୃତ୍ୟୁର କାରଣ ଜାଣିବା ପାଇଁ ଶବ–ବ୍ୟବଚ୍ଛେଦ।

**postnatal** ବିଂ. ପ୍ରସବୋତ୍ତର।

**Post Office** ବି. ଡାକଘର।

**postpone** *କ୍ରି.* ସ୍ଥଗିତ ରଖିବା, ପରବର୍ତ୍ତୀ କାଳକୁ ଘୁଞ୍ଚାଇଦେବା; ବି. postponement.

**postprandial** ବିଂ. *ଔପ.* ମଧାହ୍ନ ବା ରାତ୍ରିଭୋଜନ ପରେ।

**postscript** ବି. ଚିଠି ଶେଷରେ ସଂଯୁକ୍ତ ଅତିରିକ୍ତ ଅନୁଚ୍ଛେଦ।

**postulate** *କ୍ରି.* ସତ୍ୟ ବୋଲି ମନେକରିବା ବା ଗ୍ରହଣ କରିବା, ଦାବି କରିବା; ବି. postulation.

**posture** ବି. ଶରୀର ବା ମନର ଅବସ୍ଥା, ଅଙ୍ଗଭଙ୍ଗୀ।

**postwar** ବିଂ. ଯୁଦ୍ଧୋତ୍ତର, ଯୁଦ୍ଧ ପରବର୍ତ୍ତୀ (ଘଟଣା ବା ବିଷୟ)।

**posy** ବି. କ୍ଷୁଦ୍ର ପୁଷ୍ପଗୁଚ୍ଛ।

**pot** ବି. ପାତ୍ର, ମାଟି ଧାତୁ ବା କାଚରେ ନିର୍ମିତ ପାକକାର୍ଯ୍ୟରେ ବ୍ୟବହୃତ ଗୋଲାକୃତି ପାତ୍ର; ଫୁଲକୁଣ୍ଡ; ଚା'ପାତ୍ର; *ସା.ପ୍ର.* ମାରିଜୁଆନା (ନିଶାଦ୍ରବ୍ୟ)।

**potable** ବିଂ. ପାନୋପଯୋଗୀ।

**potash** ବି. କ୍ଷାରଗୁଣଯୁକ୍ତ ପଟାସିୟମ ଯୌଗିକ ବିଶେଷ; ପଟାସ୍।

**potassium** ବି. ପଟାସିୟମ ଲବଣ, କୋମଳ ଧଳାରଙ୍ଗର ଧାତବ ପଦାର୍ଥ।

**potation** ବି. ପାନୀୟ ବସ୍ତୁ, ପାନ।

**potato** ବି. ଆଳୁ।

**pot–belly** ବି. ଗୋଲାକୃତି ପେଟ, ବୃକୋଦର।

**pot–boiler** ବି. ବ୍ୟବସାୟିକ ସଫଳତା ପାଇଁ ଉଦ୍ଦିଷ୍ଟ ଲେଖା ବା ଶିଳ୍ପକଳା।

**poteen** ବି. ଅବୈଧ ମଦ୍ୟ ବା ସୁରାସାର।

**potent** ବିଂ. ଶକ୍ତିଶାଳୀ, କ୍ଷମତାଶାଳୀ; ବଳବାନ; ପ୍ରଭାବଶାଳୀ; ବୀର୍ଯ୍ୟବାନ, ଫଳପ୍ରଦ ଯୌନକ୍ରିୟା–ସମର୍ଥ (ପୁରୁଷ)।

**potency** ବି. ଶକ୍ତି, ବଳ।

**potentate** ବି. ସମ୍ରାଟ, ରାଜା; ଅମିତ ପ୍ରଭାବଶାଳୀ ଶାସକ।

**potential** 1. ବିଂ. ଶକ୍ତିଶାଳୀ, ଫଳପ୍ରଦ, ଅନ୍ତର୍ନିହିତ, ସମ୍ଭାବ୍ୟ; 2. ବି. ଯାହାର ପ୍ରଚ୍ଛନ୍ନ ଶକ୍ତି ଅଛି, ପ୍ରଚ୍ଛନ୍ନଶକ୍ତି।

**potentiality** ବି. ସମ୍ଭାବ୍ୟତା, ଅନ୍ତର୍ନିହିତ ଶକ୍ତି।

**potentially** *କ୍ରି.ବିଂ.* ପ୍ରଚ୍ଛନ୍ନଶକ୍ତି ସହିତ; ଅବ୍ୟକ୍ତ ଶକ୍ତି ଭାବରେ।

**potheen** ବି. poteen *ଦ୍ର.*।

**pother** ବି. *ସାହି.* କୋଳାହଳ, ବିବାଦ।

**pothole** ବି. ପଥରରେ ବା ରାସ୍ତାମଝିରେ ଥିବା ଗର୍ତ୍ତ।

**potion** ବି. ଔଷଧ, ନିଶାଦ୍ରବ୍ୟ ବା ବିଷର ଗୋଟିଏ ମାତ୍ରା ବା ଅନୁପାନ।

**pot plant** ବି. ଗମଲା ବା ଫୁଲକୁଣ୍ଡରେ ଲାଗିଥିବା ଗଛ।

**pot–pourri** ବି. ପୁଷ୍ପର ଶୁଷ୍କ ପାଖୁଡ଼ା ଓ ବିବିଧ ମସଲାର ସୁଗନ୍ଧିତ ମିଶ୍ରଣ; ସାହିତ୍ୟ ବା ସଙ୍ଗୀତ ବିଚିତ୍ରା।

**potsherd** ବି. ଖପରା, (ପ୍ରତ୍ନତତ୍ତ୍ୱରେ) ମାଟି ବା ଚିନାମାଟି ପାତ୍ରର ଖଣ୍ଡବିଶେଷ।

**pottage** ବି. *ପ୍ରା.ପ୍ର.* ଝୋଳ; ଜାଉ, ସୁପ୍।

**potter**[1] *କ୍ରି.* ମନୋଯୋଗୀ ନ ହୋଇ କାମ କରିବା; ଏଠିସେଠି ହୋଇ ସମୟ ବିତାଇଦେବା।

**potter**[2] ବି. କୁମ୍ଭାର।

**potter's wheel** ବି. କୁମ୍ଭାରଚକ।

**pottery** ବି. ମୃଣ୍ମୟପାତ୍ର, ପୋଡ଼ାମାଟିର ପାତ୍ର ପ୍ରଭୃତି, କୁମ୍ଭାରଶାଳ, ମୃଣ୍ମୟ ଶିଳ୍ପ।

**potty**[1] ବିଂ. *ସା.ପ୍ର.* ଆଡବାୟା, ମୂର୍ଖ, ବୋକା; ନଗଣ୍ୟ, ସାମାନ୍ୟ।

**potty**[2] ବି. *କ.ଭା.* ଘରଭିତରେ ଶୌଚ କର୍ମପାଇଁ ବ୍ୟବହୃତ ପାତ୍ର।

Digitized by srujanika@gmail.com

**pouch** 1. ବି. ଛୋଟ ଥଳି, ବାହାର ପକେଟ, ଛୋଟ ଚମଡାଥଳି; ଦ୍ୱି–ଜଠର ପ୍ରାଣୀର ଦେହରେ ଥିବା ଥଳି ଯେଉଁଠି ଶାବକ ସ୍ତନ୍ୟପାନ କଲାବେଳେ ରହେ; 2. କ୍ରି. ଥଳିରେ ରଖିବା; ପକେଟସ୍ଥ କରିବା।

**pouffe** ବି. ଏକପ୍ରକାର ଗଦି ଆସନ, ନରମ କୁସନ ବା ଗଦି।

**poult** ବି. ପୋଷା କୁକୁଡା ବା ତିତିର ଶାବକ, ଶିକାର–ପକ୍ଷୀ।

**poulterer** ବି. କୁକୁଡାପାଳକ ବା ପକ୍ଷୀ ବ୍ୟବସାୟୀ।

**poultice** 1. ବି. ଉଷୁମ ଧଳାମାଟି ବା ଅଟାର ପ୍ରଲେପ, କ୍ଷତରେ ପ୍ରଲେପ ପ୍ରଦାନ; 2. କ୍ରି. ଏଭଳି ପ୍ରଲେପ ଦେବା।

**poultry** ବି. ଗୃହପାଳିତ ପକ୍ଷୀ; କୁକୁଡା, ବତକ ପ୍ରଭୃତି ମାଂସ ନିମିତ୍ତ ପାଳିତ ପକ୍ଷୀ।

**pounce** କ୍ରି. ଆକସ୍ମିକ ଆକ୍ରମଣ କରିବା, ଝାମ୍ପିନେବା, ହଠାତ୍ ଝାମ୍ପମାରିବା।

**pound**[1.] ବି. ଓଜନ ପରିମାଣ ବିଶେଷ, ପ୍ରାୟ ୧୬ ଆଉନ୍ସ ବା ୪୫୦ ଗ୍ରାମ୍; pound sterling (ବ.ବ. pounds, pound) ଇଂଲଣ୍ଡ ଓ ଅନ୍ୟ କେତେକ ଦେଶରେ ପ୍ରଚଳିତ ମୁଦ୍ରା; pound note ଏକପାଉଣ୍ଡ ମୂଲ୍ୟର ବେଙ୍କ୍ ନୋଟ୍।

**pound**[2.] କ୍ରି. ପେଷିବା, ଗୁଣ୍ଡକରିବା, ଖୁବ ଜୋର୍‌ରେ ଆଘାତ କରିବା; ଗୁଳାବାରୁଦ ବର୍ଷଣ କରିବା; ଛାତି ଜୋର୍‌ରେ ଧଡ୍‌ଧଡ୍ ହେବା।

**pound**[3.] ବି. କାଞ୍ଜିଆହୁଦା, ବୁଲା ଗାଈଗୋରୁ ବା ପରିତ୍ୟକ୍ତ ଯାନବାହନ ରଖାହେବା ସ୍ଥାନ।

**poundage** ବି. ପାଉଣ୍ଡ ପ୍ରତି କମିଶନି ବା ଫି; ପ୍ରତି ପାଉଣ୍ଡ ଜିନିଷ ପାଇଁ ନିର୍ଦ୍ଦିଷ୍ଟ ଦେୟ ଶୁଳ୍କ ବା ଟିକସ।

**pounder** ବି. ନିର୍ଦ୍ଦିଷ୍ଟ (ପାଉଣ୍ଡ) ଓଜନର ଗୋଳା ବହନକାରୀ କମାଣ ବା ବନ୍ଧୁକ।

**pound of flesh** ବି. ଆଇନସମ୍ମତ କିନ୍ତୁ ନୈତିକତା ଦୃଷ୍ଟିରୁ ଅସଂଗତ ଦାବି।

**pour** କ୍ରି. ଢାଳିବା, ବହିବା, ବର୍ଷଣ କରିବା, ପ୍ରବାହିତ କରିବା, ପ୍ରବଳଭାବରେ ବର୍ଷିବା, ବହିଯିବା।

**pout** 1. କ୍ରି. ବିରକ୍ତି ପ୍ରକାଶ କରି ଓଠ ଲମ୍ବାଇବା ବା ଫୁଲେଇବା; 2. ବି. ସେଭଳି ଭଙ୍ଗୀ ପ୍ରଦର୍ଶନ।

**pouter** ବି. ପାରାବିଶେଷ ଯେ ନିଜ ଗଳାକୁ ଖୁବ ଫୁଲାଇ ପାରେ।

**poverty** ବି. ଦାରିଦ୍ର୍ୟ, ଅଭାବ, ପ୍ରାଚୁର୍ଯ୍ୟହୀନତା, ଦୈନ୍ୟ।

**poverty line** ବି. ଦାରିଦ୍ର୍ୟ ସୀମାରେଖା, ଜୀବନ ନିର୍ବାହର ସର୍ବନିମ୍ନ ଆୟସ୍ତର।

**poverty–stricken** ବିଂ. ଦାରିଦ୍ର୍ୟ–ନିପୀଡିତ।

**poverty trap** ବି. ଦାରିଦ୍ର୍ୟ ପ୍ରପୀଡିତ ଅବସ୍ଥା, ଯେଉଁଠି ବ୍ୟକ୍ତିଗତ ଆର୍ଥିକ ଅଭିବୃଦ୍ଧି ରାଷ୍ଟ୍ରର କ୍ଷତି କରାଏ ଏବଂ ଆର୍ଥନୈତିକ ପ୍ରଗତିକୁ ପ୍ରତିହତ କରେ।

**POW** ସଂକ୍ଷି. prisoner of war ଯୁଦ୍ଧ ବନ୍ଦୀ।

**powder** 1. ବି. ଚୂର୍ଣ୍ଣ, ଚୂନା, ଧୂଳିକଣା ଗୁଣ୍ଡ; ପ୍ରସାଧନ ପାଉଡର; ବାରୁଦ; 2. କ୍ରି. ମୁହଁ, ଚର୍ମାଦିରେ ପାଉଡର ବୋଳିବା, ଚୂର୍ଣ୍ଣୀଭୂତ କରିବା।

**powder blue** ବିଂ. ହାଲୁକା ନୀଳରଙ୍ଗ।

**powder–puff** ବି. ଶରୀରରେ ପାଉଡର ଲଗାଇବା ପାଇଁ ବ୍ୟବହୃତ ନରମ ପେଡ୍।

**powder–room** ବି. ସର୍ବସାଧାରଣ ସ୍ଥାନ ବା ଅଟ୍ଟାଳିକାରେ ଥିବା ମହିଳାଙ୍କ ଶୌଚାଳୟ।

**powdery** ବିଂ. ପାଉଡରଯୁକ୍ତ, ଚୂର୍ଣ୍ଣିତ, ଧୂଳିଆ।

**power** 1. ବି. ଶକ୍ତି, ସାମର୍ଥ୍ୟ; ମାନସିକ ବା ଶାରୀରିକ ସାମର୍ଥ୍ୟ; ଗୁଣ; ସରକାର ବା ଶାସନ ଚଳାଇବା ଶକ୍ତି, ପ୍ରଭାବ; କର୍ତ୍ତୃତ୍ୱ ବା କ୍ଷମତା, ବ୍ୟକ୍ତିଗତ ପ୍ରଭାବ; ଅଧିକାର ପ୍ରଦାନ, ଐଶୀଶକ୍ତି, ଯାନ୍ତ୍ରିକଶକ୍ତି, ବିଦ୍ୟୁତଶକ୍ତି, ଅଶ୍ୱଶକ୍ତି, ଗାଣିତିକ ଘାତ; 2. କ୍ରି. ଯାନ୍ତ୍ରିକ ବା ବିଦ୍ୟୁତ୍‌ଶକ୍ତି ଯୋଗାଇଦେବା।

**powerful** ବିଂ. ଶକ୍ତିଶାଳୀ, ଶକ୍ତିସଂପନ୍ନ।

**powerfully** କ୍ରି.ବିଂ. ଶକ୍ତିସଂପନ୍ନରୂପେ, ପ୍ରଭାବଶାଳୀଭାବେ।

**power house** ବି. ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର; ବିପୁଳ ଶକ୍ତିସଂପନ୍ନ ବ୍ୟକ୍ତି, ବସ୍ତୁ ଇତ୍ୟାଦି।

**powerless** ବିଂ. ଶକ୍ତିହୀନ, ସଂପୂର୍ଣ୍ଣ ଅକ୍ଷମ, ଅସମର୍ଥ।

**power station** ବି. ବିଦ୍ୟୁତ୍ ଉତ୍ପାଦନ ବା ବିତରଣ କେନ୍ଦ୍ର।

**powwow** 1. ବି. ସମ୍ମିଳନୀ କିମ୍ବା ଆଲୋଚନା ସଭା (ବିଶେ. ଆମେରିକାର ଲୋହିତ ଭାରତୀୟ–ମାନଙ୍କର); 2. କ୍ରି. ଆଲୋଚନା ସଭା ପ୍ରଭୃତି କରିବା।

Digitized by srujanika@gmail.com

**pox** ବି. ବିସ୍ଫୋଟକ ଯୁକ୍ତ ଭାଇରସ୍, ଭୂତାଣୁଜନିତ ରୋଗ, ହାତଫୁଟି (chickenpox), ବସନ୍ତ (smallpox); *କ.ଭା.* ସିଫିଲିସ୍, ଉପଦଂଶ ରୋଗ।

**pp.** *ସଂଶ.* pages ପୃଷ୍ଠା।

**p.p.** *ସଂଶ. per pro* କରିଆରେ।

**pp.** *ସଂଶ.* pianissimo *ସଂଗୀତ* ମଧୁର ବା କୋମଳ ଭାବରେ।

**ppm** *ସଂଶ.* parts per million ଦଶଲକ୍ଷ ପ୍ରତି ଅଂଶ।

**PPS** *ସଂଶ.* Parliamentary Private Secretary ସଂସଦୀୟ ବ୍ୟକ୍ତିଗତ ସଚିବ।

**PR** *ସଂଶ.* proportional represen-tation ଆନୁପାତିକ ପ୍ରତିନିଧିତ୍ୱ; public relations ଲୋକ ସଂପର୍କ।

**pr** *ସଂଶ.* pair ଯୋଡ଼ି।

**Pr** *ପ୍ର.* praseodymium ପ୍ରେଜିଓଡାଇମିଅମ୍।

**practicable** ବିଂ. ସାଧ୍ୟ, ଯାହା କରିବା ସମ୍ଭବ; ବ୍ୟବହାରୋପଯୋଗୀ।

**practicability** ବି. ସାଧ୍ୟତା, ସମ୍ଭାବ୍ୟତା; ବ୍ୟବହାରୋପଯୋଗିତା।

**practical** 1. ବି. ଯାହା ତାତ୍ତ୍ୱିକ ନୁହେଁ, କ୍ରିୟାତ୍ମକ; ବ୍ୟବହାର ବା କାର୍ଯ୍ୟକାରିତା ଦୃଷ୍ଟିରୁ ଉପଯୁକ୍ତ; ବାସ୍ତବବାଦୀ, ବାସ୍ତବ; କର୍ମପ୍ରବଣ (ବ୍ୟକ୍ତି); 2. ବି. କ୍ରିୟାତ୍ମକ ପରୀକ୍ଷା ବା ପାଠ୍ୟକ୍ରମ।

**practically** *କ୍ରି.ବିଂ.* କାର୍ଯ୍ୟତଃ, ପ୍ରକୃତ ପକ୍ଷରେ।

**practice** ବି. ଅଭ୍ୟାସଗତ କାର୍ଯ୍ୟ, ଅଭ୍ୟାସ, ପୁନଃ ପୁନଃ ବ୍ୟବହାର; ସାଧନା; ପ୍ରଥା, ବ୍ୟାବହାରିକ କାର୍ଯ୍ୟ; ଚିକିତ୍ସକ ବା ଓକିଲଙ୍କ ବ୍ୟବସାୟ; in practice କାର୍ଯ୍ୟକ୍ଷେତ୍ରରେ, ଅଭ୍ୟାସରତ; out of practice ପୂର୍ବକୌଶଳ ବା ଅଭ୍ୟାସର ସାମୟିକ ଅଭାବ।

**practise** *କ୍ରି.* ଅଭ୍ୟାସ କରିବା; ନିୟମିତଭାବେ ବାରମ୍ବାର କରିବା; ସ୍ୱୀୟ ସାଧନାକୁ କାର୍ଯ୍ୟକାରୀ କରିବାପାଇଁ ପୁନଃ ପୁନଃ ଚେଷ୍ଟା କରିବା; ଅଭ୍ୟସ୍ତ କରାଇବା; ଅଭ୍ୟାସଦ୍ୱାରା ଶିଖାଇବା; ଆଇନ ବ୍ୟବସାୟ ବା ଚିକିତ୍ସା ଚଳାଇବା; କୌଣସି ଧର୍ମବିଶ୍ୱାସ ବା ପେଶା ଗ୍ରହଣ କରିନେବା।

**practitioner** ବି. ବ୍ୟକ୍ତିଗତ ବୃତ୍ତି ବା ପେଶାରେ ନିଯୁକ୍ତ ଥିବା ବ୍ୟକ୍ତି ( ବିଶେ. ଡାକ୍ତର ବା ଓକିଲ)।

**praenomen** ବି. ପ୍ରାଚୀନ ରୋମୀୟଙ୍କ ବ୍ୟକ୍ତିଗତ ବା ପ୍ରଥମ ନାମ।

**praetor** ବି. ପ୍ରାଚୀନ ରୋମର କନ୍‌ସଲ୍‌ଙ୍କ ଅଧସ୍ତନ ମାଜିଷ୍ଟ୍ରେଟ।

**praetorian guard** ବି. ପ୍ରାଚୀନ ରୋମ ସମ୍ରାଟଙ୍କ ଦେହରକ୍ଷୀ।

**pragmatic** ବିଂ. ବାସ୍ତବତା ଦୃଷ୍ଟିରୁ ଘଟଣାବଳୀର ବିଚାର; ବ୍ୟାବହାରିକ ଦୃଷ୍ଟିରୁ ଇତିହାସର ଘଟଣାବଳୀର ବିଚାର।

**pragmatically** *କ୍ରି.ବିଂ.* ବ୍ୟାବହାରିକ ଦୃଷ୍ଟିକୋଣରୁ।

**pragmatism** ବି. ବାସ୍ତବ ଦୃଷ୍ଟିକୋଣରୁ ବିଚାର; ବାସ୍ତବବାଦ; *ଦ.* ବ୍ୟାବହାରିକ ଦୃଷ୍ଟିରେ ବିଚାରଜନିତ ଦାର୍ଶନିକ ମତବାଦ।

**pragmatist** ବି. ବ୍ୟାବହାରିକବାଦର ଦାର୍ଶନିକ ବା ଅନୁଗାମୀ।

**prairie** ବି. ତରୁଲତାହୀନ ତୃଣମୟ ବିଶାଳ ପ୍ରାନ୍ତର (ଉତ୍ତର ଆମେରିକା)।

**prairie–dog** ବି. କୁକୁରଭଳି ଭୁକୁଥିବା ଉତ୍ତର ଆମେରିକାର ପ୍ରେରି ଅଞ୍ଚଳରେ ମୂଷାଜାତୀୟ ପଶୁ ବିଶେଷ।

**prairie oyster** ବି. ଲୁଣ, ମସଲାଦିଆ କଞ୍ଚା ଅଣ୍ଡା ଯାହା ଗୋଟା ଖିଆଯାଇଥାଏ।

**praise** 1. *କ୍ରି.* ପ୍ରଶଂସା କରିବା, ସ୍ତୁତି କରିବା, ଗୁଣ ଗାଇବା; 2. ବି. ପ୍ରଶଂସା, ଗୁଣଗାନ, ସ୍ତୁତି।

**praiseworthy** ବିଂ. ପ୍ରଶଂସାଯୋଗ୍ୟ, ପ୍ରଶଂସନୀୟ।

**praline** ବି. ଫୁଟନ୍ତା ଶିରାରେ ସିଦ୍ଧ ବାଦାମ ତିଆରି ମିଷ୍ଟାନ୍ନ ବିଶେଷ।

**pram** ବି. ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଚାରିଚକିଆ ଠେଲାଗାଡ଼ି।

**prance** 1. *କ୍ରି.* ଉଲ୍ଲସିତ ବା ଗର୍ବିତଭାବେ ଚାଲିବା ବା ବ୍ୟବହାର କରିବା; (ଘୋଡା ସଂପର୍କରେ) ଉଲ୍ଲସିତଭାବେ ଆଗ ଦୁଇଗୋଡ ଟେକି ପଛ ଗୋଡରେ ଲମ୍ଫ ଦେବା; 2. ବି. ଉଲ୍ଲସିତ ବ୍ୟବହାର ବା ଚାଲି, ଲମ୍ଫ।

**prang** *ଘ.ପ୍ର.* 1. *କ୍ରି.* ଉଡାଜାହାଜ ବା ଯାନବାହାନର ଦୁର୍ଘଟଣା ଘଟିବା; ଲକ୍ଷ୍ୟ ଭେଦକରି ବୋମାମାଡ କରିବା; 2. ବି. ବୋମାମାଡ ବା ଦୁର୍ଘଟଣା।

**prank** ବି. କୌତୁକ, ହାସ୍ୟୋଦ୍ଦୀପକ ଅଥଚ କ୍ଷତିକର ପରିହାସ।

**prankster** ବି. କୌତୁକପରାୟଣ ବ୍ୟକ୍ତି।

Digitized by srujanika@gmail.com

**praseodymium** ବି. ଲାନ୍ଥେନାଇଡ ସିରିଜ୍‌ର ଧାତବ ଉପାଦାନ ବିଶେଷ।

**prat** ବି. *ସା.ପ୍ର.* ବୋକା, ନିର୍ବୋଧ; ନିତମ୍ବ।

**prate** 1. *କ୍ରି.* ବକର ବକର ହେବା; ପ୍ରଗଳ୍ଭ ହେବା; ଅଯଥା ଏଣୁତେଣୁ ବକିବା; ବୋକାଙ୍କ ଭଳି ବା ଅସମ୍ମାନଜନକ ଭାବରେ କଥା କହିବା; 2. ବି. ନିରର୍ଥକ କଥନ, ଏଣୁତେଣୁ ଗପ।

**prattle** *କ୍ରି.* ଛୋଟପିଲାଙ୍କ ଭଳି କଥା ହେବା; ବାଜେକଥା ଗପିବା।

**prawn** ବି. ଖାଦ୍ୟୋପଯୋଗୀ ବଡ ଚିଙ୍ଗୁଡି।

**pray** *କ୍ରି.* ପ୍ରାର୍ଥନା କରିବା; ଆକୁଳଭାବେ ନିବେଦନ କରିବା; ଅନୁନୟ କରିବା; ଅନୁଗ୍ରହ କରିବାକୁ କହିବା।

**prayer**[1.] ବି. ପ୍ରାର୍ଥନା; ଈଶ୍ବର ବା ପୂଜନୀୟ ତତ୍ତ୍ୱର ଉପାସନା; ସ୍ତବ; ପ୍ରାର୍ଥନାବିଧି, ପ୍ରାର୍ଥନା ସମ୍ବଳିତ ଧର୍ମାନୁଷ୍ଠାନ।

**prayer**[2.] ବି. ଯେ ପ୍ରାର୍ଥନା କରେ, ପ୍ରାର୍ଥନାକାରୀ।

**prayer–book** ବି. ଉପାସନା ପୁସ୍ତକ।

**prayer–mat** ବି. ଉପାସନା ଆସନ।

**prayer–wheel** ବି. ତିବ୍ବତ୍‌ର ବୌଦ୍ଧଧର୍ମାବଲମ୍ବୀ ମାନଙ୍କର ଗୋଲାକୃତି ଘୂର୍ଣ୍ଣାୟମାନ ପେଟିକା ଯେଉଁଥିରେ ପ୍ରାର୍ଥନା ଲିପିବଦ୍ଧ ହୋଇ ରହିଥାଏ, ଉପାସନାଚକ୍ର।

**pre–** *ପୂ.* ପ୍ରାକ୍–, ପୂର୍ବ–, *ପ୍ର.* (ସମୟ, ସ୍ଥାନ, କ୍ରମ ପ୍ରଭୃତି) ଅର୍ଥସୂଚକ ଉପସର୍ଗ।

**preach** *କ୍ରି.* ଧର୍ମୋପଦେଶ ଦେବା; ଧର୍ମ ବିଷୟରେ କହିବା; ଉପଦେଶ ଦେବା; ଧର୍ମ ପ୍ରଚାର କରିବା; ନୀତି ବୟାନ କରିବା; ବି. preacher.

**preamble** ବି. ପ୍ରସ୍ତାବନା, ଉପୋଦ୍‌ଘାତ, ମୁଖବନ୍ଧ; (ସମ୍ବିଧାନର) ଭୂମିକା।

**prearrange** *କ୍ରି.* ପୂର୍ବରୁ ବନ୍ଦୋବସ୍ତ କରିବା।

**prearrangement** ବି. ପୂର୍ବପ୍ରସ୍ତୁତି, ପୂର୍ବ ପରିକଳ୍ପନା।

**prebendal** ବିଂ. ଯାଜକବୃତ୍ତି ସଂପର୍କିତ, ଦେବୋତ୍ତର ସଂପତ୍ତି ଭୋଗ ସମ୍ବନ୍ଧୀୟ।

**prebendary** ବି. ଯାଜକବୃତ୍ତି, ଦେବୋତ୍ତର ସଂପତ୍ତି ଭୋଗୀ ଧର୍ମଯାଜକ।

**Precambrian** ବି. ଭୂତତ୍ତ୍ୱ ପ୍ରାକ୍–କାମ୍ବ୍ରିଆନ କାଳ।

**precarious** ବିଂ. ଅନିଶ୍ଚିତ, ସଂଶୟାତ୍ମକ, ସଙ୍କଟପୂର୍ଣ୍ଣ, ବିଧିର ଅଧୀନ; *କ୍ରି.ବିଂ.* precariously; ବିଂ. precariousness.

**precast** ବିଂ. ବ୍ୟବହାର ପାଇଁ ପୂର୍ବରୁ ପ୍ରସ୍ତୁତ (କଂକ୍ରିଟ୍ ଢଳେଇ ଉପାଦାନ)।

**precaution** ବି. ପୂର୍ବ ସାବଧାନତା, ସତର୍କମୂଳକ ବ୍ୟବସ୍ଥା।

**precautionary** ବିଂ. ସତର୍କତାମୂଳକ, ପ୍ରତିଷେଧମୂଳକ।

**precede** *କ୍ରି.* ପୂର୍ବରୁ ସଂଘଟିତ ହେବା (ସମୟ, କ୍ରମ ବା ଗୁରୁତ୍ୱ ଦୃଷ୍ଟିରୁ)।

**precedence** ବି. କାଳ ବା କ୍ରମାନୁସାରେ ପ୍ରଥମେ ଆସିବା; ଅନ୍ୟମାନଙ୍କ ତୁଳନାରେ ପ୍ରଥମସ୍ଥାନ ଗ୍ରହଣର ଅଧିକାର।

**precendent** 1. ବି. ପୂର୍ବ ଦୃଷ୍ଟାନ୍ତ, ପୂର୍ବ ନଜିର, ଉଦାହରଣ, ନିଦର୍ଶନ; 2. ବିଂ. ପୂର୍ବବର୍ତ୍ତୀ, ଅଗ୍ରବର୍ତ୍ତୀ।

**precentor** ବି. ଗୀର୍ଜାପ୍ରଭୃତିରେ ସଂଗୀତଦଳର ମୁଖ୍ୟ ଗାୟକ।

**precept** ବି. ଆଚରଣ ବିଧି; ବିଧାନ, ଅନୁଜ୍ଞା, ନୀତିବାକ୍ୟ, ଉପଦେଶ।

**preceptor** ବି. ଗୁରୁ, ଉପଦେଷ୍ଟା, ଶିକ୍ଷକ।

**precession** ବି. ଗୋଟିଏ ଅକ୍ଷର ଚତୁର୍ପାର୍ଶ୍ୱରେ ଘୂର୍ଣ୍ଣାୟମାନ ବସ୍ତୁର ମନ୍ଥରଗତି।

**pre–Christian** ବିଂ. ଖ୍ରୀଷ୍ଟିୟାନ୍ ପୂର୍ବ, ପ୍ରାକ୍–ଖ୍ରୀଷ୍ଟିୟାନ୍ (କାଳ)।

**precinct** ବି. ପରିବେଷ୍ଟିତ ସ୍ଥାନ; ମନ୍ଦିର ବେଢା; pedestrian precinct ସହରରେ ଯେଉଁଠି ଯାନ ଚଳାଚଳ ନିଷିଦ୍ଧ।

**precincts** ବି. ପରିପାର୍ଶ୍ୱ।

**preciosity** ବି. ଶିଳ୍ପକଳାରେ ଅତି ମାର୍ଜିତ (ବିଶେଷତଃ ଶବ୍ଦ ଚୟନରେ)।

**precious** 1. ବିଂ. ମହାର୍ଘ, ମୂଲ୍ୟବାନ, ଅତି ପ୍ରିୟ; 2. *କ୍ରି.ବିଂ.* *କ.ଭା.* ଅତ୍ୟନ୍ତ; ଅତି ମାତ୍ରାରେ।

**precious metals** ବି. ସୁନା, ରୂପା ଆଦି ମୂଲ୍ୟବାନ ଖଣିଜ ପଦାର୍ଥ।

**precious stone** ବି. ଅଳଙ୍କାରରେ ବ୍ୟବହୃତ ମୂଲ୍ୟବାନ ଖଣିଜ ପଥର।

**precipice** ବି. ପଥରର ସିଧାପାଖ, ପର୍ବତର ତାଖପାଖ।

Digitized by srujanika@gmail.com

**precipitance, precipitancy** ବି. ତରବରିଆ କାର୍ଯ୍ୟ ।

**precipitate** 1. କ୍ରି. କୌଣସି ଘଟଣାକୁ ତ୍ୱରାନ୍ୱିତ କରିବା; କୌଣସି ଘଟଣାର ପରିଣତି କ୍ଷିପ୍ରତର କରିବା; ଘନୀଭୂତ କରିବା; ତରଳରୁ କଠିନ ଅବସ୍ଥାକୁ ଆଣିବା; 2. ବିଂ. ସବେଗ ଗମନକାରୀ; ଅତ୍ୟଧିକ ତରବରିଆ; 3. ବି. *ରସା.* ଦ୍ରବଣରୁ ପ୍ରାପ୍ତ ଘନୀଭୂତ ବସ୍ତୁ; ବାଷ୍ପରୁ ଘନୀଭୂତ ବର୍ଷାଜଳ ।

**precipitation** ବି. ଘନୀକରଣ; ବୃଷ୍ଟି, ତୁଷାର ବା କରକାପାତ; ତରବରିଆ କାର୍ଯ୍ୟ ।

**precipitous** ବିଂ. ସଳଖ, ସିଧାଭାବରେ ଉଠିଥିବା ଶିଖର, ଭୟଙ୍କର ତିଖ ।

**precis** 1. ବି. ବ.ବ. ସାରାଂଶ, ସଂକ୍ଷିପ୍ତସାର; 2. କ୍ରି. ସଂକ୍ଷେପରେ ଲେଖିବା; ସଂକ୍ଷିପ୍ତ କରିବା ।

**precise** ବିଂ. ସଠିକ୍‌ଭାବରେ ବ୍ୟକ୍ତ, ସଠିକ, ସୁସ୍ପଷ୍ଟ, ନିର୍ଦ୍ଦିଷ୍ଟ ।

**precisely** କ୍ରି.ବିଂ. ଠିକ୍‌ଭାବରେ, ନିର୍ଦ୍ଦିଷ୍ଟଭାବରେ, ଯଥାଯଥ ରୂପେ ।

**precision** ବି. ସଠିକତା, ସୁସ୍ପଷ୍ଟତା, ନିର୍ଭୁଲ ମାପ ବା ଗଣନା ।

**preclude** କ୍ରି. ନିବାରଣ କରିବା; ବାରଣ କରିବା; ଅସମ୍ଭବ କରିଦେବା ।

**precocious** ବିଂ. (ବ୍ୟକ୍ତି ସଂପର୍କରେ) ଅକାଳ ବିକଶିତ, ଅକାଳ ପରିଣତ; (କାର୍ଯ୍ୟ ସଂପର୍କରେ) ତାଦୃଶ ବିକାଶର ପରିଚାୟକ; କ୍ରି.ବିଂ. precociously; ବି. precociousness.

**precocity** ବି.ଅକାଳ ବିକାଶ, ଅକାଳ ପରିପକ୍ୱ ।

**precognition** ବି.ପୂର୍ବଜ୍ଞାନ, ବିଶେ.ଅତିମାନସ ଭବିଷ୍ୟତ ଜ୍ଞାନ ।

**preconceive** କ୍ରି. ପୂର୍ବରୁ କଳ୍ପନା ବା ଧାରଣା କରିବା ।

**preconception** ବି. ପୂର୍ବ ଧାରଣା, ପୂର୍ବ କଳ୍ପନା, ପୂର୍ବାଗ୍ରହ ।

**precondition** ବି. ପ୍ରାକ୍‌ସର୍ତ୍ତ, ଆଗତୁରା ପୂରଣ କରିବାକୁ ଥିବା ସର୍ତ୍ତ ।

**precursor** ବି. ଅଗ୍ରଦୂତ, କୌଣସି ପଦବୀରେ ପୂର୍ବ ଅଧିଷ୍ଠିତ ବ୍ୟକ୍ତି; ବାର୍ତ୍ତାବହ ।

**predacious** ବିଂ. ଶିକାରଜୀବୀ ପ୍ରାଣୀ ।

**pre-date** କ୍ରି. ପୂର୍ବ ତାରିଖ ଦେବା ।

**predator** ବି. ଶିକାରଜୀବୀ ପ୍ରାଣୀ ।

**predatory** ବିଂ. ଶିକାରଜୀବୀ; ଲୁଣ୍ଠନକାରୀ; ଅନ୍ୟକୁ ଲୁଣ୍ଠନ ବା ଶୋଷଣ କରି ଜୀବିକାନିର୍ବାହ କରୁଥିବା (ବ୍ୟକ୍ତି) ।

**predecease** କ୍ରି. କାହାରି ପୂର୍ବରୁ ମରିବା ।

**predecessor** ବି. ପୂର୍ବତନ ଅଧିକାରୀ, ପୂର୍ବ ପଦାଧିକାରୀ, ପୂର୍ବପୁରୁଷ ।

**predestine** କ୍ରି. ପୂର୍ବରୁ ନିର୍ଦ୍ଧାରଣ କରିବା; ଭାଗ୍ୟ ବା ନିୟତିଦ୍ୱାରା ପୂର୍ବ ନିର୍ଦ୍ଧାରିତ ହେବା ।

**predestination** ବି. ନିୟତି; ଭଗବଦ୍ ଇଚ୍ଛା; ବିଧିର ବିଧାନ ।

**predetermine** କ୍ରି. ପୂର୍ବରୁ ସ୍ଥିର କରିବା; ପୂର୍ବରୁ ଭାଗ୍ୟ ନିରୂପଣ କରିବା ।

**predicable** ବିଂ. ଯାହା ସତ୍ୟ ବା ଭବିତବ୍ୟ ବୋଲି କୁହାଯାଇପାରିବ ।

**predicament** ବି. ବିଷମ ବା ଅପ୍ରୀତିକର ଅବସ୍ଥା ।

**predicant** ବିଂ. ଧର୍ମ ପ୍ରଚାର ରତ ।

**predicate** 1. କ୍ରି. ସତ୍ୟବୋଲି କହିବା ବା ପ୍ରମାଣ କରିବା; 2. ବି. ତର୍କ ବିଧେୟ; *ବ୍ୟା.* କର୍ତ୍ତା ସମ୍ବନ୍ଧରେ ଯାହା ବାକ୍ୟରେ କୁହାଯାଏ (John went home ବାକ୍ୟରେ went home ହେଉଛି predicate); ବିଂ. predicable.

**predication** ବି. ନିଶ୍ଚିତ କଥନ ।

**predicative** ବିଂ. *ବ୍ୟା.* ବିଧେୟାତ୍ମକ; ସମଗ୍ର ପ୍ରେଡିକେଟ୍ ବା ତା'ର ଅଂଶ ବିଶେଷ (ଯଥା:- the dog is old ରେ old).

**predict** କ୍ରି. ଭବିଷ୍ୟତ ବାଣୀ କହିବା ।

**predictable** ବିଂ. ଯାହା ପ୍ରତ୍ୟାଶିତ ବା ଅପେକ୍ଷିତ; ବି. predictability.

**predictably** ବିଂ. ପ୍ରତ୍ୟାଶିତ ବା ଅପେକ୍ଷିତ ଭାବରେ ।

**prediction** ବି.ଭବିଷ୍ୟବାଣୀ, ଭବିଷ୍ୟଦ୍‌କଥନ ।

**predictor** ବି. ଭବିଷ୍ୟତ ବକ୍ତା ।

**predilection** ବି. ପକ୍ଷପାତିତା, କୌଣସି ଏକ ପକ୍ଷପ୍ରତି ବିଶେଷ ପ୍ରୀତି ବା ଅନୁଗ୍ରହ ପ୍ରଦର୍ଶନ ।

**predispose** କ୍ରି. ପୂର୍ବରୁ ଅନୁକୂଳ ଭାବରେ ପ୍ରଭାବିତ କରିବା ।

**predisposition** ବି. ପୂର୍ବପ୍ରବଣତା, ପୂର୍ବାନୁକୂଲ୍ୟ ।

Digitized by srujanika@gmail.com

**predominance** ବି. ଆଧିପତ୍ୟ, କର୍ତ୍ତୃତ୍ୱ, ପ୍ରାଧାନ୍ୟ ।

**predominant** ବିଂ. ପ୍ରଭାବଶାଳୀ, ସବୁଠାରୁ ବେଶୀ ଶକ୍ତିଶାଳୀ, ପ୍ରଧାନ ବା ଶ୍ରେଷ୍ଠ; କ୍ରି.ବିଂ. predominantly.

**predominate** କ୍ରି. ପ୍ରଭୁତ୍ୱ ବିସ୍ତାର କରିବା; ପ୍ରଭାବଶାଳୀ ହେବା ।

**pre-eminence** ବି. ପ୍ରାଧାନ୍ୟ, ଶ୍ରେଷ୍ଠତା, ସର୍ବଶ୍ରେଷ୍ଠ ସ୍ଥାନ ।

**pre-eminent** ବିଂ. ସର୍ବଶ୍ରେଷ୍ଠ, ସର୍ବାଗ୍ରଗଣ୍ୟ ।

**pre-empt** କ୍ରି. ଅନ୍ୟମାନେ ସୁଯୋଗ ପାଇବା ପୂର୍ବରୁ କୌଣସି ବସ୍ତୁ ବା ସୁବିଧା ହାସଲ କରିନେବା ବା ଆତ୍ମସାତ କରିନେବା ।

**pre-emption** ବି. (ଅନ୍ୟମାନେ ସୁଯୋଗ ପାଇବା ପୂର୍ବରୁ) ଅଗ୍ରକ୍ରୟ, ଅଗ୍ରକ୍ରୟ ଅଧିକାର ।

**pre-emptive** ବିଂ. ଶତ୍ରୁକୁ ଅକ୍ଷମ କରି ଆକ୍ରମଣ ଏଡେଇ ଦେବାପାଇଁ ଉଦ୍ଦିଷ୍ଟ; ଅଗ୍ରକ୍ରୟୀ ।

**preen** କ୍ରି. (ପକ୍ଷୀ ସଂପର୍କରେ) ଚଞ୍ଚୁଦ୍ୱାରା ନିଜପରକୁ ସଫାକରି ସଜାଇବା; ନିଜକୁ ଫିଟ୍‌ଫାଟ୍ କରିବା; ଆତ୍ମସନ୍ତୋଷ ଲଭିବା ।

**pre-exist** କ୍ରି. ପୂର୍ବରୁ ଥିବା ।

**pre-existence** ବି. ପୂର୍ବରୁ ସ୍ଥିତି, ଆଗରୁ ଯାହାର ସ୍ଥିତି ରହିଛି ।

**prefab** ବି. କ.ଭା. ପୂର୍ବରୁ ତିଆରି ହୋଇ ରହିଥିବା ଅଂଶଗୁଡ଼ିକୁ ନେଇ ସନ୍ନିବିତ ହୋଇଥିବା ଗୃହ ।

**prefabricate** କ୍ରି. କୋଠା ନିର୍ମାଣ ପୂର୍ବରୁ ବିଭିନ୍ନ ଅଂଶ ତିଆରି କରିବା ।

**preface** 1. ବି. ଭୂମିକା, ଉପକ୍ରମଣିକା; 2. କ୍ରି. ଉପକ୍ରମ କରିବା; ଭାଷଣ ପୂର୍ବରୁ ସୂଚନା ଦେବା; (ବହିରେ) ଭୂମିକା ଦେବା; ମୁଖବନ୍ଧ ଦେବା ।

**prefatory** ବିଂ. ମୁଖବନ୍ଧ ସୂଚକ, ମୁଖବନ୍ଧ ବା ଭୂମିକା ସମ୍ବନ୍ଧୀୟ ।

**prefect** ବି. ଫ୍ରାନ୍ସ ଓ ଜାପାନରେ ମୁଖ୍ୟ ପ୍ରଶାସନିକ ଅଫିସର୍; ମୁଖ୍ୟଛାତ୍ର (ଯେ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ରହନ୍ତି) ।

**prefecture** ବି. ପ୍ରିଫେକ୍ଟ (ପ୍ରଶାସକ)ଙ୍କ କାର୍ଯ୍ୟକାଳ, ଶାସନାଧୀନ ଜିଲ୍ଲା ବା କାର୍ଯ୍ୟାଳୟ ।

**prefer** କ୍ରି. ଅଧିକ ପସନ୍ଦ କରିବା; ଅନେକ ପଦାର୍ଥ ମଧ୍ୟରେ ବାଛିବା; ଅପେକ୍ଷାକୃତ ଆଦର କରିବା ।

**preferable** ବିଂ. ଗ୍ରାହ୍ୟ, ଅଧିକତର ବାଞ୍ଛନୀୟ; ଅପେକ୍ଷାକୃତ ପ୍ରିୟ ।

**preference** ବି. ପ୍ରାଧାନ୍ୟ, ଅଗ୍ରାଧିକାର; (ବାଣିଜ୍ୟ ବା ବ୍ୟବସାୟରେ) ସ୍ୱତନ୍ତ୍ର ସୁବିଧା, ଅନୁଗ୍ରହ ।

**preference shares (stock)** ବି. ବ.ବ. ଯେଉଁ ଅଂଶଧନ ବିନିଯୋଗରେ ଲାଭ ସର୍ବାଧିକ ମିଳେ ।

**preferential** ବିଂ. ସ୍ୱତନ୍ତ୍ର ସୁବିଧାମୂଳକ, ବିଶେଷ ଅନୁକମ୍ପା ପ୍ରଦର୍ଶନ ବା ଗ୍ରହଣ କରୁଥିବା ।

**preferentially** କ୍ରି.ବିଂ. ପକ୍ଷପାତୀଭାବେ, ସ୍ୱତନ୍ତ୍ର ସୁବିଧାମୂଳକ ରୂପରେ ।

**preferment** ବି. *ଔପ.* ପଦୋନ୍ନତି, ଉଚ୍ଚସ୍ଥାନପ୍ରାପ୍ତି ।

**prefigure** କ୍ରି. ପୂର୍ବାଭାସ ଦେବା, ପୂର୍ବରୁ ପ୍ରତିନିଧିତ୍ୱ କରିବା ।

**prefix** 1. ବି. ପୂର୍ବପ୍ରୟୋଗ, ଉପସର୍ଗ, ଯଥା- ଅ-, ପ୍ର- (ଶବ୍ଦ ପୂର୍ବରେ ସଂଯୋଜିତ); ନାମ ପୂର୍ବରେ ସଂଯୋଜିତ ଉପାଧି (ଯଥା- ଶ୍ରୀ, ଡକ୍ଟର); 2. କ୍ରି. ବହିର ଭୂମିକା ସ୍ୱରୂପ ଯୋଗ କରିବା; ଉପାଧି, ପୂର୍ବପ୍ରୟୋଗ, ଉପସର୍ଗ ପ୍ରଭୃତି ଯୋଗ କରିବା ।

**preform** କ୍ରି. ପୂର୍ବରୁ ଗଠିତ ହେବା; ପୂର୍ବରୁ ଗଠନ କରିବା ।

**pregnancy** ବି. ଗର୍ଭାବସ୍ଥା, ଅର୍ଥପୂର୍ଣ୍ଣତା ।

**pregnant** ବିଂ. ଗର୍ଭବତୀ; ଅର୍ଥଗର୍ଭିତ, ଅର୍ଥପୂର୍ଣ୍ଣ; ଫଳପ୍ରସୂ ।

**prehensile** ବିଂ. (ଲାଞ୍ଜ ଓ ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଂପର୍କରେ) ଧାରଣକ୍ଷମ, ଧରିପାରିବା (କ୍ଷମତା) ।

**prehistoric** ବିଂ. ପ୍ରାଗୈତିହାସିକ, ଇତିହାସ ଲେଖାହେବା ପୂର୍ବରୁ; କ.ଭା. ଅତ୍ୟନ୍ତ ପୁରୁଣାକାଳିଆ ।

**prehistory** ବି. ପ୍ରାକ୍-ଇତିହାସ ।

**prejudge** କ୍ରି. ଉପଯୁକ୍ତ ବିଚାର ବା ଶୁଣାଣି ପୂର୍ବରୁ ମକଦ୍ଦମାର ରାୟ ଦେବା ।

**prejudice** 1. ବି. ଦନ୍ଦମୂଳଧାରଣା, ପୂର୍ବାନୁରାଗ, ପୂର୍ବାଗ୍ରହ; ପକ୍ଷପାତ ବିଚାର; 2. କ୍ରି. ପୂର୍ବାନୁରାଗଦ୍ୱାରା ବଶୀଭୂତ ହେବା; ସପକ୍ଷ ବା ବିପକ୍ଷରେ ପ୍ରଭାବିତ ହେବା ।

Digitized by srujanika@gmail.com

**prejudicial** ବିଂ. ବଦ୍ଧମୂଳଧାରଣାର ବଶବର୍ତ୍ତୀ; କ୍ଷତିକାରକ।

**prejudicially** କ୍ରି.ବିଂ. ବଦ୍ଧମୂଳଧାରଣାର ବଶବର୍ତ୍ତୀ ହୋଇ।

**prelacy** ବି. ଖ୍ରୀଷ୍ଟୀୟ ଧର୍ମଗୁରୁ ପଦ ବା କାର୍ଯ୍ୟ।

**prelate** ବି. ଉଚ୍ଚ ପଦବୀର ଧର୍ମାଧିକାରୀ ବା ଧର୍ମଗୁରୁ, ଯଥା- ବିଶପ୍।

**prelim** ବି. କ.ଭା. preliminary examination ପ୍ରାରମ୍ଭିକ ପରୀକ୍ଷା।

**preliminarily** କ୍ରି.ବିଂ. ପ୍ରାରମ୍ଭିକ ଭାବରେ।

**preliminary** 1. ବିଂ. ପ୍ରାରମ୍ଭିକ, ପ୍ରସ୍ତୁତିମୂଳକ; 2. ବି. ପ୍ରାରମ୍ଭିକ କାର୍ଯ୍ୟ ବା ବ୍ୟବସ୍ଥା।

**prelude** 1. ବି. ଭୂମିକା, ପ୍ରସ୍ତାବନା, ମଙ୍ଗଳାଚରଣ, ପଦ୍ୟର ପ୍ରାରମ୍ଭିକ କଥନ, ଗୀତ ବା ସଂଗୀତ ସଂରଚନାର ପ୍ରାରମ୍ଭିକ ଅଂଶ; 2. କ୍ରି. ପ୍ରସ୍ତାବନା ଦେବା; ପୂର୍ବରୁ ସୂଚନା ଦେବା; ସଂଗୀତ ଆଳାପ କରିବା ।

**pre-marital** ବିଂ. ପ୍ରାକ୍-ବୈବାହିକ।

**premature** ବିଂ. ଅକାଳଘଟିତ, ଅକାଳପକ୍ୱ, ଯଥାସମୟ ପୂର୍ବରୁ ସଂଘଟିତ; ପ୍ରତ୍ୟାଶିତ ସମୟର ୩-୧୨ ସପ୍ତାହ ପୂର୍ବରୁ ଜାତ ଶିଶୁ; କ୍ରି.ବିଂ. prematurely.

**prematurity** ବି. ଅକାଳ ପରିପକ୍ୱନ, ଅକାଳ ଘଟନ; ସମୟ-ପୂର୍ବ ପ୍ରସବ।

**premedication** ବି. ଅସ୍ତ୍ରୋପଚାର ପ୍ରଭୃତି ପୂର୍ବରୁ ପ୍ରସ୍ତୁତିମୂଳକ ଉପଚାର ବା ଚିକିତ୍ସା।

**premeditate** କ୍ରି. ପୂର୍ବରୁ ପରିକଳ୍ପନା କରିବା; ପୂର୍ବରୁ ଚିନ୍ତାକରିବା ବା ଯୋଜନା କରିବା।

**premeditation** ବି. ପୂର୍ବ-କଳ୍ପନା, ପୂର୍ବ-ପରିକଳ୍ପନା।

**premenstrual** ବିଂ. ପ୍ରାକ୍-ମାସିକ, ନାରୀମାନଙ୍କ ମାସିକରତୁ ପୂର୍ବରୁ।

**premier** 1. ବି. ରାଷ୍ଟ୍ରମୁଖ୍ୟ; ପ୍ରଧାନମନ୍ତ୍ରୀ (ବିଲାତ); 2. ବିଂ. ପ୍ରଥମ, ଶ୍ରେଷ୍ଠ, ମୁଖ୍ୟ।

**premiere** 1. ବି. ନାଟକ ବା ଚଳଚ୍ଚିତ୍ରର ପ୍ରଥମ ପ୍ରଦର୍ଶନ; 2. କ୍ରି. ପ୍ରଥମ ପ୍ରଦର୍ଶନ କରିବା।

**premise** ବି. ବ.ବରେ ବାଡିବଗିଚାସହ ଘର ବା ଅଟ୍ଟାଳିକା; ଘର, ଜମିଜମାପ୍ରଭୃତି ଖତିଆନ୍‌ରେ ଲିପିବଦ୍ଧ ସ୍ଥାବର ସମ୍ପତ୍ତି (ଆଇନ)।

**premiss** ବି. ଦ. ହେତୁବଚନ; ପୂର୍ବରୁ କଥିତ କୌଣସି ବକ୍ତବ୍ୟ, ଯାହାଦ୍ୱାରା ଅନ୍ୟ କଥା ଅନୁମାନ କରାଯାଇଥାଏ।

**premium** ବି. ବୀମାର କିସ୍ତି ବା ଦେୟ ଧନ; ପାରିତୋଷିକ, ପୁରସ୍କାର; ସୁଧ ବାହାରେ ମିଳୁଥିବା ଲାଭାଂଶ।

**Premium (Savings) Bond** ବି. ସୁଧବିହୀନ ସରକାରୀ ଜମା ଯେଉଁଥିରେ ପୁରସ୍କାର ଲାଭର ସୁଯୋଗ ଥାଏ।

**premolar** ବି. ଛାମୁଦାନ୍ତ।

**premonition** ବି. ଅମଙ୍ଗଳର ପୂର୍ବାଭାସ।

**premonitory** ବିଂ. ସତର୍କକାରୀ, ପୂର୍ବାଭାସ ପ୍ରଦାୟୀ।

**prenatal** ବିଂ. ଶିଶୁଜନ୍ମ ପୂର୍ବ (ଅବସ୍ଥା ବା ସମୟ)।

**preoccupation** ବି. ଅନ୍ୟମନସ୍କ ଭାବ; ତନ୍ମୟତା।

**preoccupy** କ୍ରି. ମନ ବା ଚିନ୍ତା ଉପରେ ଅଧିକାର ବିସ୍ତାର କରିବା; ନିବିଷ୍ଟ କରିବା।

**preordain** କ୍ରି. ପୂର୍ବ ନିର୍ଦ୍ଧାରିତ ହେବା; ପୂର୍ବରୁ ବିଧାନ କରିବା।

**prep** ବି. କ.ଭା. ପ୍ରସ୍ତୁତି; ସ୍କୁଲପାଠ୍ୟର ପ୍ରସ୍ତୁତି ବା ସେଥିରେ ବିନିଯୋଗ କରାଯାଇଥିବା ସମୟ।

**preparation** ବି. ପ୍ରସ୍ତୁତିକରଣ, ପ୍ରସ୍ତୁତି, ଆୟୋଜନ; ପ୍ରସ୍ତୁତ ସାମଗ୍ରୀ; ଛାତ୍ରମାନଙ୍କ ପାଠ୍ୟପ୍ରସ୍ତୁତି।

**preparatory** 1. ବି. ପ୍ରସ୍ତୁତକାରୀ, ପ୍ରସ୍ତୁତିମୂଳକ; 2. କ୍ରି.ବିଂ. ପ୍ରସ୍ତୁତି ସହାୟକଭାବେ।

**preparatory school** ବି. ପ୍ରସ୍ତୁତି ବିଦ୍ୟାଳୟ, ଉଚ୍ଚତର ସ୍କୁଲରେ ପ୍ରବେଶ ପାଇଁ ପ୍ରସ୍ତୁତକାରୀ ବିଦ୍ୟାଳୟ।

**prepare** କ୍ରି. ପ୍ରସ୍ତୁତ କରିବା, ଅଭ୍ୟାସ କରିବା; ପଠନଦ୍ୱାରା ପ୍ରସ୍ତୁତ କରିବା; ଉପଯୋଗୀ କରିବା; ପ୍ରସ୍ତୁତ କରି ରଖିବା।

**prepay** କ୍ରି. ଅଗ୍ରିମ ଦେବା; ଡାକ ମାସୁଲାଦି ଆଗରୁ ଦେବା।

**prepayment** ବି. ଅଗ୍ରିମ ମାସୁଲଦାନ, ଅଗ୍ରିମ ପଇଠ।

**prepense** ବିଂ. ଇଚ୍ଛାକୃତ, ଉଦ୍ଦେଶ୍ୟମୂଳକ।

**preponderate** କ୍ରି. ସଂଖ୍ୟା, ପରିମାଣ, ପ୍ରଭାବ ବା ଓଜନରେ ଅଧିକ ହେବା; ପ୍ରଭାବ ବିସ୍ତାର କରିବା; ବି. preponderance; ବିଂ. preponderant.

**preposition** ବି. ବ୍ୟା. ସମ୍ବନ୍ଧସୂଚକ ଅବ୍ୟୟପଦ, ପଦାନ୍ୱୟୀ ଅବ୍ୟୟ।

Digitized by srujanika@gmail.com

**prepositional** ବିଂ. ବ୍ୟା. ସମ୍ବନ୍ଧସୂଚକ; ଅବ୍ୟୟାତ୍ମକ।
**prepossess** କ୍ରି. ପୂର୍ବରୁ ଅଧିକାର କରିବା; ପୂର୍ବରୁ ମନ ବା ହୃଦୟକୁ ପ୍ରଭାବିତ କରିବା।
**prepossessing** ବିଂ. ଆକର୍ଷଣୀୟ, ଚିତ୍ତାକର୍ଷକ।
**prepossession** ବି. ପୂର୍ବରୁ ଅନୁକୂଳ ଧାରଣା; ପୂର୍ବାକର୍ଷଣ।
**preposterous** ବିଂ. ଉଦ୍‌ଭଟ; ଅଯୌକ୍ତିକ, ଅସଙ୍ଗତ, ଅସ୍ୱାଭାବିକ; ସାଧାରଣଜ୍ଞାନ ବର୍ଜିତ; କ୍ରି.ବିଂ. preposterously.
**prepuce** ବି. ଜନନେନ୍ଦ୍ରିୟର ଅଗ୍ରଭାଗର ଚର୍ମ।
**Pre-Raphaelite** ବି. ପ୍ରାକ୍-ରାଫେଲାଇଟ୍ କାଳୀନ ଶିଳ୍ପୀ, ଊନବିଂଶ ଶତକରେ ରାଫେଲଙ୍କ ପୂର୍ବ ଇଟାଲୀୟ ଶିଳ୍ପୀମାନଙ୍କୁ ଅନୁକରଣ କରୁଥିବା ଶିଳ୍ପୀଗଣ।
**prerequisite** 1. ବିଂ. କାର୍ଯ୍ୟସାଧନ ପୂର୍ବରୁ ଯାହା ଆବଶ୍ୟକ; 2. ବି. କାର୍ଯ୍ୟସାଧନ ନିମିତ୍ତ ପୂର୍ବରୁ ଆବଶ୍ୟକ ଗୁଣ ବା ବସ୍ତୁ।
**Pres** ସଂଶ. President ରାଷ୍ଟ୍ରପତି, ସଭାପତି।
**presage** 1. ବି. ପୂର୍ବସୂଚନା, ଶୁଭାଶୁଭ ଲକ୍ଷଣ, ପୂର୍ବାଭାସ; 2. କ୍ରି. ପୂର୍ବରୁ ସୂଚନା ଦେବା; ପୂର୍ବରୁ ଶୁଭାଶୁଭ ଲକ୍ଷଣ କହିବା; ପୂର୍ବରୁ ସତର୍କ କରିଦେବା।
**presbyter** ବି. ଖ୍ରୀ. ଦ୍ୱିତୀୟଶ୍ରେଣୀର ଧର୍ମଯାଜକ; (ଏପିସ୍କୋପାଲ୍ ଚର୍ଚ୍ଚ) ଧର୍ମଯାଜକ; ବୟୋଜ୍ୟେଷ୍ଠ (ପ୍ରେସ୍‌ବିଟାରିଆନ୍ ଚର୍ଚ୍ଚ)।
**Presbyterian** ବିଂ. ଖ୍ରୀ. ପ୍ରେସ୍‌ବିଟାର ସଂକ୍ରାନ୍ତ।
**Presbyterianism** ବି. ଖ୍ରୀ. ପ୍ରେସ୍‌ବିଟାର୍-ମାନଙ୍କ ଧର୍ମମତ ବା ନୀତି।
**presbytery** ବି. ଖ୍ରୀ. ପ୍ରେସ୍‌ବିଟାର ସଂସ୍ଥା, ବିଶେ. ଧର୍ମୀୟ ଅଦାଲତ; ଚାନ୍‌ସେଲ୍‌ର ପୂର୍ବୀୟ ଅଞ୍ଚଳ; ରୋମାନ୍ କେଥଲିକ୍ ଧର୍ମଯାଜକଙ୍କ ବାସଗୃହ।
**preschool** ବିଂ. ପ୍ରାକ୍-ବିଦ୍ୟାଳୟ; ସ୍କୁଲ୍ ଗମନ ପୂର୍ବ ବୟସର ପିଲାଙ୍କ ବିଦ୍ୟାଳୟ।
**prescience** ବି. ପୁରୋଦୃଷ୍ଟି, ପୂର୍ବଜ୍ଞାନ।
**prescient** ବିଂ. ପୂର୍ବଜ୍ଞାନ ବା ପୁରୋଦୃଷ୍ଟି ସମ୍ପନ୍ନ।
**prescribe** କ୍ରି. ନିର୍ଦ୍ଧାରଣ କରିବା, ନିୟମ ଧାର୍ଯ୍ୟ କରିବା; ଔଷଧ ବ୍ୟବସ୍ଥା କରିବା; ସୁପାରିଶ କରିବା।
**prescript** ବି. ଅଧ୍ୟାଦେଶ, ନିର୍ଦ୍ଦେଶ, ବିଧାନ।
**prescription** ବି. ଚିକିତ୍ସକଙ୍କ ଦ୍ୱାରା ରୋଗୀପାଇଁ ପ୍ରଦତ୍ତ ଲିଖିତ ବ୍ୟବସ୍ଥା ପତ୍ର; ଔଷଧ ବ୍ୟବସ୍ଥା।
**prescriptive** ବିଂ. ବିଧିବ୍ୟବସ୍ଥିତ, ପ୍ରଥାସମ୍ମତ, ଲୋକାଚରପ୍ରତିଷ୍ଠିତ, ନିୟମାନୁମୋଦିତ।
**presence** ବି. ଉପସ୍ଥିତି; ଉପସ୍ଥାନ ସ୍ଥଳ; (ପ୍ରଭାବଶାଳୀ) ବ୍ୟକ୍ତିତ୍ୱ; ଉପସ୍ଥିତ ବ୍ୟକ୍ତି ବା ଘଟଣା।
**presence of mind** ବି. ଉପସ୍ଥିତ ବୁଦ୍ଧି।
**present**[1] 1. ବିଂ. ଉପସ୍ଥିତ; ହାଜର, ପ୍ରଚଳିତ (କାଳ); 2. ବି. ବ୍ୟା. ବର୍ତ୍ତମାନ କାଳ।
**present**[2] କ୍ରି. ଉପସ୍ଥାପନ କରିବା, ପରିଚୟ କରାଇବା, ନିଜକୁ ଉପସ୍ଥିତ କରାଇବା, ଉପସ୍ଥିତ ହେବା, ପ୍ରକାଶ କରିବା, ଅଭିନୟ ଦେଖାଇବା, ପ୍ରଦର୍ଶନ କରିବା, (ବିଲ୍) ଆଗତ କରିବା; ଲକ୍ଷ୍ୟଭେଦ ପାଇଁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ରଖିବା; present arms ସାମରିକ କାଇଦାରେ ଅଭିବାଦନ ପାଇଁ ବନ୍ଧୁକ ପ୍ରଦର୍ଶନ; present person with ବ୍ୟକ୍ତିକୁ ଉପସ୍ଥାପିତ କରାଇବା; ଉପସ୍ଥାପନ କରିବା।
**present**[3] ବି. ଉପହାର, ଉପଢୌକନ।
**presentability** ବି. ପରିଚିତ ବା ଉପସ୍ଥାପିତ ହେବାର ଯୋଗ୍ୟତା।
**presentable** ବିଂ. ଉତ୍ତମ ବ୍ୟକ୍ତିତ୍ୱ ଯୁକ୍ତ, ଭଦ୍ର ସମାଜରେ ପରିଚିତ କରାଇବା ଯୋଗ୍ୟ।
**presentably** କ୍ରି.ବିଂ. ପ୍ରଦାନ ବା ଉପସ୍ଥାପନ ନିମନ୍ତେ ଯୋଗ୍ୟ ଭାବରେ।
**presentation** ବି. ପ୍ରଦାନ, ଉପସ୍ଥାପନ, ପରିଚିତକରଣ; ଉପହାର; ବକ୍ତୃତା।
**present-day** ବି. ବର୍ତ୍ତମାନ ସମୟ, ସଂପ୍ରତି।
**presentiment** ବି. ବୃଥା ଆଶଙ୍କା ବା ଆଶା, ଭାବୀ ଅଶୁଭ ଆଶଙ୍କା।
**presently** କ୍ରି.ବିଂ. ସତ୍ୱର, ଏହିକ୍ଷଣି, ଅବିଳମ୍ବେ।
**preservative** 1. ବି. ପଚନର ପ୍ରତିଷେଧକ ବସ୍ତୁ, ରକ୍ଷଣ ସହାୟକ ସାମଗ୍ରୀ; 2. ବିଂ. ରକ୍ଷଣ ସହାୟକ, ରକ୍ଷଣକାରୀ।
**preserve** 1. କ୍ରି. ରଖିବା, ସାଇତିବା, ରକ୍ଷଣ କରିବା, ପଚନରୁ ରକ୍ଷା କରିବା, ସଂରକ୍ଷଣ କରିବା, ଅନ୍ୟକୁ ବ୍ୟବହାର କରିବାକୁ ନ ଦେବା; 2. ବି. ସଂରକ୍ଷଣ (ଖାଦ୍ୟ, ସ୍ଥାନ); ସଂରକ୍ଷିତ

Digitized by srujanika@gmail.com

ଅରଣ୍ୟ ପ୍ରଭୃତି; କୌଣସି ବ୍ୟକ୍ତି ବିଶେଷ ପାଇଁ ସଂରକ୍ଷିତ ବୋଲି ମନେ କରାଯାଉଥିବା ଅଧିକାର ବା ସ୍ଥାନ; ବି. preservation.

**preside** କ୍ରି. ସଭାପତିତ୍ୱ କରିବା; ପୀଠାସୀନ ହେବା; ଅଧ୍ୟକ୍ଷତା କରିବା; କର୍ତ୍ତୃତ୍ୱ କରିବା।

**presidency** ବି. ରାଷ୍ଟ୍ରପତିପଦ, ରାଷ୍ଟ୍ରପତିଙ୍କ ବା ସଭାପତିଙ୍କ କାର୍ଯ୍ୟକାଳ; ରାଷ୍ଟ୍ରପତିତ୍ୱ।

**president** ବି. (ସାଧାରଣତନ୍ତ୍ର ଶାସନରେ) ରାଷ୍ଟ୍ରପତି; (ସଭା ସମିତିରେ) ସଭାପତି; କେତେକ କଲେଜର ମୁଖ୍ୟ; *ଆମେ.* ବିଶ୍ୱବିଦ୍ୟାଳୟର ବା କମ୍ପାନୀର ତତ୍ତ୍ୱାବଧାରକ; ଅଧ୍ୟକ୍ଷ; ସଭାର ପରିଚାଳକ।

**presidential** ବିଂ. ସଭାପତୀୟ, ରାଷ୍ଟ୍ରପତି ସମ୍ପର୍କିତ।

**presidium** ବି. (praesidium ମଧ) କମ୍ୟୁନିଷ୍ଟ ଶାସନ ବ୍ୟବସ୍ଥାରେ ସ୍ଥାୟୀ କମିଟି।

**press**[1.] 1. କ୍ରି. ଜୋରରେ ଚାପିଦେବା; ଚିପିବା; ଚାପିବା; ଚିପୁଡି ରସ ବାହାର କରିବା; ଆଶ୍ଲେଷ କରିବା; ତତ୍‌କ୍ଷଣାତ୍ କାର୍ଯ୍ୟ କରିବାକୁ ଚାପ ପକାଇବା; ବିଶେଷ ଅନୁରୋଧ କରିବା; ବଳେଇ କହିବା; ହଇରାଣ କରିବା, କଷ୍ଟ ଦେବା; 2. ବି. ଚାପ ପ୍ରଦାନ; ଚାପ ପ୍ରଦାନ ପାଇଁ ବ୍ୟବହୃତ ଯନ୍ତ୍ର ବା ଉପକରଣ, ଛାପାଖାନା; ଲୋକଭିଡ, ଲୋକ ଗହଳ; ଠେଲାପେଲା, କାର୍ଯ୍ୟର ଚାପ; ଲୋକ ପରିଚିତି; ଖବର କାଗଜରେ ପ୍ରଚାର; ଲୁଗାପଟା ବା ବହିପାଇଁ ଉଦ୍ଦିଷ୍ଟ ବଡ଼ କାଛ ଆଲମାରୀ।

**press**[2.] କ୍ରି. *ଇତି.* ସାମରିକ ବା ନୌବାହିନୀରେ ବାଧ୍ୟତାମୂଳକ ଭାବେ ନିଯୁକ୍ତ କରିବା; ସରକାରୀ ବା ସାଧାରଣ ବ୍ୟବହାର ପାଇଁ ବ୍ୟବହାର କରିବା।

**press agent** ବି. ପ୍ରକାଶନ ବା ବିଜ୍ଞାପନ ପ୍ରତିନିଧି।

**press conference** ବି. ସାମ୍ବାଦିକ ସମ୍ମିଳନୀ।

**press–gallery** ବି. ବ୍ୟବସ୍ଥା ସଭାରେ ସମ୍ବାଦଦାତାମାନଙ୍କପାଇଁ ଉଦ୍ଦିଷ୍ଟ ଗେଲେରୀ।

**press–gang** ବି. *ଇତି.* ସାମରିକ ବା ନୌବାହିନୀରେ କାମ କରିବାକୁ ଲୋକ ଧରିନେବା ପାଇଁ ନିଯୁକ୍ତ ଦଳ; ଜୋର ଜବରଦସ୍ତ କାର୍ଯ୍ୟ କରେଇବା ପାଇଁ ନିଯୁକ୍ତ ଦଳ।

**pressing** 1. ବିଂ. ଜରୁରୀ, ପ୍ରୟୋଜନୀୟ, ଅତ୍ୟାବଶ୍ୟକ; 2. ବି. ଚାପଦ୍ୱାରା ପ୍ରସ୍ତୁତ ପଦାର୍ଥ; ବିଶେ. ଗ୍ରାମୋଫୋନ ରେକର୍ଡ; ଏକକାଳୀନ ଚାପ ଜନିତ ପ୍ରସ୍ତୁତ ପଦାର୍ଥସମୂହ।

**pressure** 1. ବି. ଚାପ, ଗୋଟିଏ ବସ୍ତୁଦ୍ୱାରା ଅନ୍ୟ ବସ୍ତୁ ଉପରେ କ୍ରମାଗତ ଚାପ ପ୍ରଦାନ; ବାୟୁଜନିତ ଚାପ; ଦୁଃସ୍ଥିତି, ଅସୁବିଧା, ଚାପ ପ୍ରୟୋଗ; ପ୍ରଭାବ; 2. କ୍ରି. ଚାପ ପ୍ରୟୋଗ କରିବା, ପ୍ରବର୍ତ୍ତାଇବା।

**pressure–cooker** ବି. ବାଷ୍ପ ସାହାଯ୍ୟରେ ସ୍ୱଳ୍ପ ସମୟରେ ରନ୍ଧନ ପାଇଁ ବ୍ୟବହୃତ ଉପକରଣ, ପ୍ରେସର୍ କୁକର୍; କ୍ରି. pressure–cook.

**pressure group** ବି. ଦଳବଦ୍ଧ ପ୍ରଚାର ଓ କାର୍ଯ୍ୟଦ୍ୱାରା ନୀତି ନିୟନ୍ତ୍ରଣକାରୀ ଦଳ।

**pressurize** କ୍ରି. ଚାପ ପ୍ରୟୋଗ କରିବା; pressurized ବିଂ. ସାଧାରଣ ବାୟୁ ମଣ୍ଡଳୀୟ ଚାପ ଅବ୍ୟାହତ ରଖିବା (ବିଶେ. ବ୍ୟୋମଯାନ ପ୍ରକୋଷ୍ଠରେ)।

**pressurization** ବି. ଉଚ୍ଚଚାପ ପ୍ରୟୋଗ, ବାୟୁମଣ୍ଡଳୀୟ ଚାପ ନିୟନ୍ତ୍ରଣ।

**Prestel** ବି. ବ୍ରି. ଇଂ. ଟେଲି ଯୋଗାଯୋଗଦ୍ୱାରା ପରିଚାଳିତ କମ୍ପ୍ୟୁଟରୀକୃତ ଚାକ୍ଷୁଷ ସୂଚନା ପଦ୍ଧତି।

**prestidigitation** ବି. ହାତ ସଫେଇ, ଇନ୍ଦ୍ରଜାଲ, କୁହୁକ।

**prestidigitator** ବି. *ଔପ.* ଐନ୍ଦ୍ରଜାଲିକ, ଯାଦୁକର; କ୍ରି. prestidigitate.

**prestige** 1. ବି. ଅତୀତର କାର୍ଯ୍ୟାବଳୀ ଦ୍ୱାରା ହାସଲ କରାଯାଇଥିବା ପ୍ରତିପତ୍ତି, ପ୍ରତିଷ୍ଠା, ବା ସମ୍ମାନ; 2. ବିଂ. ପ୍ରତିଷ୍ଠିତ ବା ସମ୍ମାନିତ କରୁଥିବା।

**prestigious** ବିଂ. ସମ୍ମାନଜନକ; ପ୍ରତିପତ୍ତିସମ୍ପନ୍ନ, ସୁପ୍ରତିଷ୍ଠିତ।

**presto** *ସଙ୍ଗୀତ* 1. କ୍ରି.ବିଂ. ଦ୍ରୁତ ଲୟରେ; 2. ବି. ବ.ବ. ଦ୍ରୁତ ଲୟରେ ଗାନପାଇଁ ଉଦ୍ଦିଷ୍ଟ ଅଂଶ।

**prestressed** ବିଂ. ଭିତରେ ଥିବା ତାର ଦ୍ୱାରା ମଜଭୁତ (କଂକ୍ରିଟ୍)।

**presumably** କ୍ରି.ବିଂ. ସମ୍ଭବତଃ, ସ୍ୱୀକାର୍ଯ୍ୟ ଭାବରେ।

**presume** କ୍ରି. ଧରିନେବା; ସତ୍ୟବୋଲି ଗ୍ରହଣ କରିନେବା; ଅନୁମାନ କରିନେବା; କଳ୍ପନା କରିନେବା; ମନେ କରିବା; presume on (upon) ଅନୁଚିତ ସୁବିଧା ନେବା; କାହାର ଭଲ ପଣିଆର ସୁଯୋଗ ନେବା।

Digitized by srujanika@gmail.com

**presumption** ବି. ଧୃଷ୍ଟତା, ଔଦ୍ଧତ୍ୟ, ଉଦ୍ଧତ ବ୍ୟବହାର, ଅନୁମାନ ।

**presumptive** ବିଂ. ଅନୁମାନ ପାଇଁ ଭିତ୍ତିପ୍ରଦାନ କରୁଥିବା ।

**presumptuous** ବିଂ. ଉଦ୍ଧତ, ଦାମ୍ଭିକ; କ୍ରି.ବିଂ. presumptiously; ବି. presumptiousness.

**presuppose** କ୍ରି. ପୂର୍ବରୁ ଧରିନେବା ବା ମାନିନେବା; ବି. presupposition.

**pre-tax** ବିଂ. (ଆୟକର) ଟିକସ ପ୍ରଦାନ ପୂର୍ବରୁ ।

**pretence** ବି. *ଆମେ.* pretense ଛଳ, ଛଳନା, ବାହାନା, ବ୍ୟାଜ, ପ୍ରତାରଣା, ଲୋକଦେଖାଣିଆ ।

**pretend** କ୍ରି. ଛଳନା କରିବା; ବାହାନା କରିବା; ଆଳ ଦେଖାଇବା; (ଜ୍ଞାନ, ଅସୁସ୍ଥତା ପ୍ରଭୃତିର) ଛଳନା କରିବା; (ଖେଳରେ କୁକୁର ବା ଅନ୍ୟ କୌଣସି ପ୍ରାଣୀ ହେବାର) ଛଳନା କରିବା ।

**pretender** ବି. ମିଥ୍ୟା ଦାବିଦାର; ଯେ ସିଂହାସନ ବା ଉପାଧି ଆଦି ଦାବିକରେ ।

**pretense** *ଆମେ.* pretence *ଦ୍ର.* ।

**pretension** ବି. ସଙ୍ଗତ ବା ସମର୍ଥନ ଯୋଗ୍ୟ ଦାବି; ଦାବିଦାର ପଣିଆ ।

**pretentious** ବିଂ. ଅଧିକ ଗୁଣ ବା ଗୁରୁତ୍ୱ ସମ୍ପନ୍ନ ବୋଲି ଦାବିକରୁଥିବା; ଦେଖାଣିଆ; ଦେଖେଇ ହେଉଥିବା; କ୍ରି.ବିଂ. pretentiously; ବି. pretentiousness.

**preterite** *ଆମେ.* preterit 1. ବିଂ. *ବ୍ୟା.* ଗତ, ଅତୀତ, ଭୂତ; 2. ବି. କ୍ରିୟାର ଅତୀତ କାଳ ।

**preternatural** ବିଂ. ଅସାଧାରଣ; ଅସ୍ୱାଭାବିକ, ଅଲୌକିକ ।

**pretext** ବି. ଲୋକଦେଖାଣିଆ କାରଣ; ଛଳ, ଛଳନା, ବାହାନା ।

**prettify** କ୍ରି. ସୌନ୍ଦର୍ଯ୍ୟାନ୍ୱିତ କରିବା ।

**prettily** କ୍ରି.ବିଂ. ମନୋଜ୍ଞ ବା ସୁନ୍ଦର ଭାବରେ ।

**prettiness** ବି. ସୌନ୍ଦର୍ଯ୍ୟ; ଆକର୍ଷଣୀୟତା ।

**pretty** 1. ବିଂ. ସୁନ୍ଦର, ମନୋହର, ଚିତ୍ତାକର୍ଷକ ପ୍ରୀତିପଦ, ସୁଚାରୁ; 2. କ୍ରି.ବିଂ. ସନ୍ତୋଷଜନକ ଭାବେ; pretty much (nearly, well) କ.ଭା. ପ୍ରାୟଶଃ ।

**pretty-pretty** ବିଂ. କ.ଭା. ଖୁବ ସୁନ୍ଦର ।

**pretzel** ବି. ଏକ ପ୍ରକାରର ଲୁଣୀ ବିସ୍କୁଟ ।

**prevail** କ୍ରି. ଜୟଲାଭ କରିବା; ପ୍ରଭୁତ୍ୱ ବିସ୍ତାର କରିବା; ବଳବତ୍ତର ହେବା; ପ୍ରଭାବିତ କରିବା ।

**prevalence** ବି. ପ୍ରାଧାନ୍ୟ, ପ୍ରାବଲ୍ୟ; ସାଧାରଣ ପ୍ରଚଳନ ।

**prevalent** ବିଂ. ବଳବତ୍ତର, ବହୁଳ ପ୍ରଚଳିତ, ପ୍ରଭାବ ବିସ୍ତାରକାରୀ ।

**prevaricate** କ୍ରି. ସତ୍ୟର ଅପଳାପ କରିବା; କଥାରେ ଚାତୁରୀ ଖେଳିବା; ଦ୍ୱ୍ୟର୍ଥବୋଧକ କଥା କହିବା ।

**prevarication** ବି. ବାକ୍‌ଚାତୁରୀ, ସତ୍ୟର ଅପଳାପ, ଦ୍ୱ୍ୟର୍ଥବୋଧକ ଭାଷା ପ୍ରୟୋଗ ।

**prevaricator** ବି. ସତ୍ୟର ଅପଳାପ କରୁଥିବା ବ୍ୟକ୍ତି; ଏଡେଇ ଯିବାଭଳି କଥା କିମ୍ବା କାମ କରୁଥିବା ଲୋକ ।

**prevent** କ୍ରି. ବାଧାଦେବା, ରୋକିବା, ନିବାରଣ କରିବା, ପ୍ରତିରୋଧ କରିବା; ବିଂ. preventable, preventible.

**prevention** ବି. ପ୍ରତିଷେଧ, ପ୍ରତିରୋଧ, ବାଧା, ନିବାରଣ ।

**preventative** ବି., ବିଂ. =preventive.

**preventive** 1. ବିଂ. (ବ୍ୟାଧିର) ପ୍ରତିଷେଧକ, ନିବାରକ, ପ୍ରତିଷେଧମୂଳକ; 2. ବି. ପ୍ରତିଷେଧକ (ଔଷଧ ବ୍ୟବସ୍ଥା ପ୍ରଭୃତି) ।

**preventive detention** ବି. ଅଭ୍ୟାସଗତ ଅପରାଧୀଙ୍କର ଚରିତ୍ର ଶୁଦ୍ଧିପାଇଁ ଅଟକବନ୍ଦୀ ରଖିବା; ପ୍ରତିଷେଧକ ଅଟକ ।

**Preventive Service** ବି. ଚୋରା କାରବାର ପ୍ରତିରୋଧ କରିବା ପାଇଁ ଉଦ୍ଦିଷ୍ଟ ଶୁଳ୍କ ବିଭାଗ ।

**preview** 1. ବି. ସର୍ବସାଧାରଣ ଦେଖିବା ପୂର୍ବରୁ ନାଟକ, ସିନେମାଦି ପ୍ରଦର୍ଶନ; 2. କ୍ରି. ସର୍ବସାଧାରଣ ଦେଖିବା ପୂର୍ବରୁ କରିବା ପ୍ରଦର୍ଶନ ।

**previous** ବିଂ. ପୂର୍ବବର୍ତ୍ତୀ, ଏଥିପୂର୍ବେ; କ.ଭା. ତରବରିଆ; କ୍ରି.ବିଂ. previously.

**pre-war** ବିଂ. ଯୁଦ୍ଧ-ପୂର୍ବବର୍ତ୍ତୀ; ପ୍ରାକ୍-ଯୁଦ୍ଧ ।

**prey** 1. ବି. ଶିକାର, ଖାଦ୍ୟପାଇଁ ମାଂସାଶୀ ପ୍ରାଣୀଦ୍ୱାରା ନିହତ ଜୀବ; (to ସହ) ଶତ୍ରୁ, ବ୍ୟାଧି, ଭୟ ଇତ୍ୟାଦିର ଶିକାର ବ୍ୟକ୍ତି, ପ୍ରାଣୀ ବା ବସ୍ତୁ; 2. କ୍ରି. ଶିକାର କରିବା, ଶିକାର

Digitized by srujanika@gmail.com

କରି ଖାଇବା, ଲୁଟି ଖାଇବା; (ଭୟ, ଲୋଭ ପ୍ରଭୃତିର) ଶିକାର ହେବା; beast (or bird) of prey ଅନ୍ୟ ଜୀବକୁ ମାରି ପ୍ରାଣ ଧାରଣ କରୁଥିବା ପ୍ରାଣୀ।

**price** 1. ବି. ମୂଲ୍ୟ, ଦର; ଦାମ; 2. କ୍ରି. ମୂଲ୍ୟ ସ୍ଥିର କରିବା; ଦର କଷିବା; price on person's head କୌଣସି ବ୍ୟକ୍ତିକୁ ଜୀବିତ ବା ମୃତ ଧରାଇଦେବାକୁ ପୁରସ୍କାର।

**price–fixing** ବି. ଦର ନିର୍ଦ୍ଧାରଣ, ପ୍ରତିଯୋଗୀ ବିକ୍ରେତାମାନଙ୍କର ପରସ୍ପର ସହମତମୂଳକ ମୂଲ୍ୟ ନିର୍ଦ୍ଧାରଣ।

**priceless** ବିଂ. ଅମୂଲ୍ୟ, ଅତି ମୂଲ୍ୟବାନ; *କ.ଭା.* ଆନନ୍ଦଦାୟକ କିମ୍ବା ଉଦ୍ଭଟ।

**price tag** ବି. ବସ୍ତୁର ମୂଲ୍ୟସୂଚକ ଲେବୁଲ୍।

**pricey** ବିଂ. *କ.ଭା.* ବ୍ୟୟବହୁଳ, ଦାମିକା।

**prick** 1. କ୍ରି. ଫୋଡିବା, ବିଦ୍ଧ କରିବା, ଛୋଟ ଗର୍ତ୍ତ କରିବା, ବିଦ୍ଧ କରି ଚିହ୍ନଦେବା; ମାନସିକ ଯନ୍ତ୍ରଣା ଦେବା, ଛୁଞ୍ଚି ଫୋଡି ହେଲାଭଳି ବୋଧ କରିବା; 2. ବି. ଫୋଡ଼ା, ଫୋଡାଦାଗ, କ୍ଷୁଦ୍ର ଗର୍ତ୍ତ, କ୍ଷତଜନିତ ଚିହ୍ନ; ଛୁଞ୍ଚି ବା ପିନ୍‌ଫୋଡା ଯନ୍ତ୍ରଣା; *ସା.ପ୍ର.* ପୁରୁଷାଙ୍ଗ; *ଅବ.* ଘୃଣ୍ୟ ପୁରୁଷ; prick up one's ears (କୁକୁର ପ୍ରଭୃତି) ସଜାଗ ହୋଇ କାନ ଠିଆ କରିବା; (ଲୋକପକ୍ଷେ) ହଠାତ୍ ସଜାଗ ହୋଇ ଉଠିବା।

**prickle** 1. ବି. କ୍ଷୁଦ୍ର କଣ୍ଟା, ଛୁଞ୍ଚି ଫୋଡି ହେବା ଅନୁଭବ; 2. କ୍ରି. ଫୋଡି ହେବାଭଳି ଅନୁଭବ କରିବା।

**prickly** ବିଂ. କଣ୍ଟକିତ; (ବ୍ୟକ୍ତିପକ୍ଷେ) ଚିଡ଼ା, ଚିଙ୍ଗା।

**prickly heat** ବି. ଘିମିରି; ଗ୍ରୀଷ୍ମ ପ୍ରଧାନ ଦେଶରେ ସ୍ୱେଦ ଗ୍ରନ୍ଥିରେ ପ୍ରଦାହ ଜନିତ ଅନୁଭବ।

**prickly pear** ବି. କାକ୍ଟସ୍ ଜାତୀୟ ଗଛର ଖାଦ୍ୟୋପଯୋଗୀ ଫଳ ବିଶେଷ (କଣ୍ଟାସିଝୁ ଭଳି)।

**pride** 1. ବି. ଗର୍ବ, ଦମ୍ଭ, ସ୍ୱୀୟ କୃତିତ୍ୱ ନିମିତ୍ତ ଗୌରବବୋଧ; ସ୍ୱାଭିମାନ; (ପ୍ରାଣୀମାନଙ୍କର) ଗୋଠ, ଦଳ; 2. କ୍ରି. ଗୌରବବୋଧ କରିବା।

**pride of place** ବି. ଗୁରୁତ୍ୱପୂର୍ଣ୍ଣ ଆସନ ବା ସ୍ଥାନ।

**priest** ବି. ପୁରୋହିତ, ବିଶପ୍‌ଙ୍କ ତଳପାହ୍ୟାର ଧର୍ମାଧୀଶ; ଅଣ–ଖ୍ରୀଷ୍ଟିଆନ ଧର୍ମର ଧର୍ମାଧୀଶ ବା ପୁରୋହିତ।

**priestess** ବି. ଅଣ–ଖ୍ରୀଷ୍ଟିଆନ ଧର୍ମର ନାରୀ ଧର୍ମାଧୀଶ।

**priesthood** ବି. ଧର୍ମ ପୁରୋହିତ କାର୍ଯ୍ୟ ବା ତାଙ୍କ ମର୍ଯ୍ୟାଦା।

**priestly** ବିଂ. ଧର୍ମ ପୁରୋହିତସୁଲଭ, ପୁରୋହିତଜନସୁଲଭ।

**priestliness** ବି. ପୁରୋହିତଜନସୁଲଭ ପ୍ରବୃତ୍ତି; ସାଧୁତା।

**prig** ବି. ନିଜକୁ ନିର୍ଭୁଲ ଏବଂ ନୀତିପରାୟଣ ମନେକରୁଥିବା ବ୍ୟକ୍ତି; ବିଂ. priggish; ବି. priggishness.

**priggery** ବି. ନିଜକୁ ନୀତିନିଷ୍ଠ ମନେକରିବା।

**prim** ବିଂ. (ବ୍ୟକ୍ତି ବା ସ୍ୱଭାବ ବିଷୟକ) ନୈଷ୍ଠିକ, ଔପଚାରିକ; ବି. primness.

**prima ballerina** ବି. ବେଲେରେ ମୁଖ୍ୟ ନର୍ତ୍ତକୀ।

**primacy** ବି. ପ୍ରାକ୍‌-ଖ୍ୟାତି, ପ୍ରାକ୍‌ପ୍ରତିଷ୍ଠା; ପ୍ରାଇମେଟ୍ (ଆର୍କ୍‌ବିଶପ୍)ଙ୍କ କାର୍ଯ୍ୟ।

**prima donna** ବି. ଅପେରାର ମୁଖ୍ୟ ଗାୟିକା; ସ୍ୱଭାବତଃ ଆତ୍ମବଡିମାପୂର୍ଣ୍ଣ ବ୍ୟକ୍ତି।

**prima donna–ish** ବିଂ. ମୁଖ୍ୟ ଗାୟିକା ସୁଲଭ, ଆତ୍ମବଡିମାପୂର୍ଣ୍ଣ।

**prima facie** 1. କ୍ରି.ବିଂ. ପ୍ରଥମ ସାକ୍ଷାତରେ; 2. ବିଂ. *ଆଇନ୍‌*ଆପାତ ପ୍ରମାଣଯୋଗ୍ୟ; ପ୍ରାଥମିକ ସାକ୍ଷ୍ୟପ୍ରମାଣ ଉପରେ ଆଧାରିତ।

**primal** ବିଂ. ଆଦିମ, ମୁଖ୍ୟ, ମୌଳିକ।

**primally** କ୍ରି.ବିଂ. ମୁଖ୍ୟତଃ।

**primarily** କ୍ରି.ବିଂ. ମୁଖ୍ୟତଃ, ପ୍ରଧାନତଃ।

**primary** 1. ବିଂ. ମୁଖ୍ୟ; ଆଦ୍ୟତମ; ପ୍ରାଥମିକ, ମୌଳିକ, ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ, ମୁଖ୍ୟ, ସିରିଜ୍‌ର ପ୍ରଥମସ୍ଥାନସ୍ଥ, Primary ସର୍ବନିମ୍ନ ବା ସର୍ବପ୍ରାଚୀନ ଭୂସ୍ତରର; *ପ୍ରାଣୀ.* ପ୍ରଥମ ଜୈବିକ ବିକାଶର; 2. ବି. ଯେଉଁ ଜିନିଷଟି ପ୍ରାଥମିକ ବା ମୌଳିକ; କ୍ରି.ବିଂ. primarily.

**primary battery** ବି. ରାସାୟନିକ ପ୍ରକ୍ରିୟାରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ବେଟେରୀ।

**primary colours** ବି. ମୂଳ ରଙ୍ଗ; ଲାଲ, ସବୁଜ, ବାଇଗଣି କିମ୍ବା ଲାଲ, ନୀଳ, ହଳଦିଆ।

**primary education** ବି. ପ୍ରାଥମିକ ଶିକ୍ଷା।

**primary election** ବି. *ଆମେ.* ପ୍ରାଥମିକ ନିର୍ବାଚନ।

Digitized by srujanika@gmail.com

**primary feather** ବି. ପକ୍ଷୀ ଡେଣାରେ ଉଡିବା ପାଇଁ ଥିବା ଲମ୍ବା ପର।

**primary school** ବି. ପ୍ରାଥମିକ ବିଦ୍ୟାଳୟ।

**primate** ବି. *ଖ୍ରୀ.* ଆର୍କବିଶପ୍; ସ୍ତନ୍ୟପାୟୀଙ୍କର ସର୍ବୋଚ୍ଚ ସ୍ତର (ମଣିଷ, ମାଙ୍କଡ ପ୍ରଭୃତି)।

**prime**[1] 1. ବିଂ. ମୁଖ୍ୟ, ପ୍ରଧାନ, ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଉତ୍କୃଷ୍ଟ, ପ୍ରଥମ ଶ୍ରେଣୀୟ, ଅତ୍ୟୁତ୍ତମ; ପ୍ରାଥମିକ, ମୌଳିକ; 2. ବି. ସର୍ବୋତ୍ତମ ଅବସ୍ଥା (prime of life); ଶ୍ରେଷ୍ଠଭାଗ; ପ୍ରାରମ୍ଭ, ପ୍ରାର୍ଥନାର ଦ୍ୱିତୀୟ ପ୍ରହର।

**prime**[2] *କ୍ରି.* ବସ୍ତୁକୁ ବ୍ୟବହାର ବା କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ କରିବା; ବନ୍ଧୁକ ପ୍ରଭୃତିରେ ବାରୁଦ ଭର୍ତ୍ତି କରିବା; ପମ୍ପକୁ ଚାଲୁ କରିବା ପାଇଁ ପାଣି ବା କୌଣସି ତରଳ ପଦାର୍ଥ ପୂରେଇବା; ରଙ୍ଗଦେବା ପାଇଁ କାଠକୁ ପ୍ରସ୍ତୁତ କରିବା; ବ୍ୟକ୍ତିକୁ ତଥ୍ୟ ଯୋଗାଇବା; ବ୍ୟକ୍ତିକୁ ଖାଦ୍ୟ ଓ ପାନୀୟରେ ପରିତୃପ୍ତ କରିବା।

**Prime Minister** ବି. ପ୍ରଧାନମନ୍ତ୍ରୀ।

**prime number** ବି. ଏକ ବ୍ୟତୀତ ଅନ୍ୟ ମୌଳିକ ସଂଖ୍ୟା, ଯାହା ସେହି ସଂଖ୍ୟା ଏବଂ ଏକ ଦ୍ୱାରା ବିଭାଜ୍ୟ; ଅଭାଜ୍ୟ ସଂଖ୍ୟା।

**primer**[1] ବି. କାଠ ଇତ୍ୟାଦିରେ ରଙ୍ଗଦେବା ପୂର୍ବରୁ ବ୍ୟବହୃତ ଉପାଦାନ।

**primer**[2] ବି. ଶିଶୁଙ୍କ ଶିକ୍ଷାପାଇଁ ଉଦ୍ଦିଷ୍ଟ ମୌଳିକ ପୁସ୍ତକ; କୌଣସି ବିଷୟର ପ୍ରବେଶିକା ପୁସ୍ତିକା।

**prime time** ବି. ଯେଉଁ ସମୟରେ ସଂଖ୍ୟାଧିକ ଲୋକ ଟିଭି ବା ରେଡିଓର କାର୍ଯ୍ୟକ୍ରମ ଦେଖନ୍ତି ବା ଶୁଣନ୍ତି।

**primeval** ବିଂ. ପୃଥିବୀର ପ୍ରଥମ ଯୁଗ ସମ୍ପର୍କିତ, ପ୍ରାଚୀନ, ଆଦିମ; *କ୍ରି.ବିଂ.* primevally.

**primitive** 1. ବିଂ. ପ୍ରାଚୀନ, ଆଦିମ, ସଭ୍ୟତାର ଆଦି ପର୍ଯ୍ୟାୟର; ଅନୁନ୍ନତ, ପୁରୁଣାକାଳିଆ; 2. ବି. ସରଳ ଶୈଳୀ ସମ୍ପନ୍ନ ଅପ୍ରଶିକ୍ଷିତ ଶିଳ୍ପୀ; ଏଭଳି ଶିଳ୍ପୀଙ୍କ କଳାକୃତି; *କ୍ରି.ବିଂ.* primitively; ବି. primitiveness.

**primogeniture** ବି. ଅଗ୍ରଜତ୍ୱ, ପ୍ରଥମଜାତ, ଜ୍ୟେଷ୍ଠାଧିକାର।

**primordial** ବିଂ. ଆଦିକାଳରୁ ଥିବା; ପ୍ରଥମରୁ ଥିବା; ପ୍ରାଚୀନ, ଆଦିମ; *କ୍ରି.ବିଂ.* primordially.

**primp** *କ୍ରି.* କେଶବାସ ସୁସଜ୍ଜିତ କରିବା; ସୁବିନ୍ୟସ୍ତ କରିବା।

**primrose** ବି. ବସନ୍ତ କାଳୀନ ଈଷତ୍ ପୀତାଭ ପୁଷ୍ପ ବିଶେଷ ବା ସେହି ଗଛ; ହାଲୁକା ହଳଦିଆ ରଙ୍ଗ।

**primrose path** ବି. ବିଳାସର ପଥ।

**primula** ବି. ବହୁବର୍ଣ୍ଣର ଫୁଲ ଫୁଟୁଥିବା ବାରମାସୀ ଗଛ ବିଶେଷ।

**Primus** ବି. *ସ୍ତୃ.* ବାଷ୍ପୀକୃତ ତେଲରେ ଜଳୁଥିବା ଏକପ୍ରକାର ଷ୍ଟୋଭ।

**prince** ବି. ଯୁବରାଜ, ରାଜକୁମାର; ସାମନ୍ତ ରାଜା; (of ସହ) ମୁଖ୍ୟ, ଶ୍ରେଷ୍ଠ।

**Prince Consort** ବି. ଶାସନକର୍ତ୍ରୀ ରାଣୀଙ୍କ ସ୍ୱାମୀ, ଯେ ନିଜେ ମଧ୍ୟ ଏକ ରାଜପୁତ୍ର ବା ରାଜା।

**princeling** ବି. ତରୁଣ ବା ଛୋଟ ରାଜପୁତ୍ର।

**princely** ବିଂ. ରାଜୋଚିତ, ରାଜସୁଲଭ; ବିପୁଳ, ମନୋରମ, ମହାର୍ଘ।

**Prince of Wales** ବି. ଇଂଲଣ୍ଡର (ଭାବୀ ସମ୍ରାଟ୍) ଯୁବରାଜଙ୍କ ଉପାଧି।

**princess** ବି. ଯୁବରାଣୀ, ରାଜକୁମାରୀ, କୌଣସି ରାଜପରିବାରର ସଦସ୍ୟା (ରାଣୀ ବ୍ୟତୀତ)।

**Princess Royal** ବି. ଇଂଲଣ୍ଡର ରାଜାଙ୍କର ଜ୍ୟେଷ୍ଠା କନ୍ୟାଙ୍କ ଉପାଧି।

**principal** 1. ବିଂ. ମୁଖ୍ୟ, ପ୍ରଧାନ; ଶ୍ରେଷ୍ଠ; ଗୁରୁତ୍ୱପୂର୍ଣ୍ଣ; 2. ବି. ମୁଖ୍ୟବ୍ୟକ୍ତି; ଅଧ୍ୟକ୍ଷ; ମୁଖ୍ୟଶାସକ; ସ୍କୁଲ କଲେଜ୍ ପ୍ରଭୃତିରେ ଅଧକ୍ଷ; ନାଟକ, ସଙ୍ଗୀତ ପ୍ରଭୃତି କାର୍ଯ୍ୟକ୍ରମର ମୁଖ୍ୟ ଶିଳ୍ପୀ; ମୂଳଧନ ବା ରାଶି; *ଆଇନ୍* ପ୍ରଧାନ ଅପରାଧୀ; ଯେଉଁ ବ୍ୟକ୍ତି ଅନ୍ୟ ଜଣଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରିଥାଏ; *କ୍ରି.ବିଂ.* principally.

**principal boy** ବି. ମୂକ ଅଭିନୟ ପ୍ରଭୃତିରେ ମୁଖ୍ୟ ପୁରୁଷ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତି (ସାଧାରଣତଃ ନାରୀଦ୍ୱାରା ଏହା ଅଭିନୀତ)।

**principality** ବି. ଜଣେ ସାମନ୍ତରାଜା (କ୍ଷୁଦ୍ର ନରପତି)ଦ୍ୱାରା ଶାସିତ ରାଜ୍ୟ ବା ପ୍ରଶାସନ।

**principal parts** ବି. ବ.ବ. *ବ୍ୟା.* ମୂଳ କ୍ରିୟାପଦ, ଯହିଁରୁ ଅନ୍ୟ ସମସ୍ତ କ୍ରିୟାପଦ ନିଷ୍ପନ୍ନ ହୁଏ।

**principle** ବି. ମୌଳିକ ସତ୍ୟ ବା ନିୟମ; ମୂଳସୂତ୍ର; ବ୍ୟକ୍ତିଗତ ଆଚାର ବିଧି; *ପଦାର୍ଥ* ସାଧାରଣ ନିୟମ; ଯନ୍ତ୍ର ଆଦିର ନିର୍ମାଣ ବା କାର୍ଯ୍ୟ ପ୍ରଣାଳୀରେ ନିହିତ ପ୍ରାକୃତିକ ନିୟମ,

Digitized by srujanika@gmail.com

ପଦାର୍ଥର ମୂଳ ଉପାଦାନ; ମୌଳିକ ଧର୍ମ ବା ଗୁଣ; *ଉସା* ସାଧାରଣ ପ୍ରଚଳିତ ସ୍ଥୂଳ ନିୟମ; in principle ମୌଳିକ ନୀତି ବା ସତ୍ୟ ଦୃଷ୍ଟିରୁ; on principle ନୈତିକ ଦୃଷ୍ଟିକୋଣରୁ।

**principled** ବିଂ. ନୀତି ଆଧାରିତ; (ପ୍ରଶଂସନୀୟ) ଆଚରଣ ବିଧି ସଂପନ୍ନ।

**prink** କ୍ରି. ଫିଟ୍ ଫାଟ୍ କରିବା; ପୋଷାକ ପରିଚ୍ଛଦରେ ସଜାଇବା; (ପକ୍ଷୀ) ପର ସଜାଡିବା।

**print** 1. ବି. ଚିହ୍ନ; ଦାଗ; ଛାପ; ମୁଦ୍ରାଙ୍କନ; ଛପାଲେଖା ସହିତ ବିଷୟ; ମୁଦ୍ରିତ ପ୍ରକାଶନ ସାମଗ୍ରୀ (ଯଥା ସମ୍ବାଦପତ୍ର); ଛାପା ଅକ୍ଷର; ଫଟୋର ନେଗେଟିଭ୍‌କୁ ଛାପିବା; ବ୍ଲକ ବା ପ୍ଲେଟରୁ ଛପାଯାଇଥିବା ନକ୍ସା ବା ଚିତ୍ର; ଛାପା ଲୁଗା; 2. କ୍ରି. ବହି, ଚିତ୍ର ଆଦି ଛାପିବା; ଅଙ୍କିତ କରିବା; ମୁଦ୍ରଣ କରିବା; ଫଟୋ ନେଗେଟିଭ୍‌ରୁ ଚିତ୍ର ଉଠାଇବା; ବିବିଧ ବର୍ଣ୍ଣରେ ବସ୍ତ୍ର ରଞ୍ଜିତ କରିବା, ମନରେ କୌଣସି ଦୃଶ୍ୟପଟ ବା ଭାବ ରେଖାପାତ କରିବା/ ଅଙ୍କିତ ହୋଇଯିବା; ମୋହର ମାରିବା; ଛାପା ଅକ୍ଷର ଭଳି ଛଡା ଛଡା ଅକ୍ଷରରେ ଲେଖିବା; in print ଯନ୍ତ୍ରସ୍ଥ; out of print ବହି ବଜାରରେ ନ ମିଳିବା।

**printer** ବି. ମୁଦ୍ରକ, ମୁଦ୍ରାକର, ଛାପାଯନ୍ତ୍ର।

**printer's devil** ବି. ଛାପାଖାନାରେ ବୋଇହାକ କରୁଥିବା ବାଳକ।

**printing** ବି. ମୁଦ୍ରଣ, ମୁଦ୍ରଣ ବିଦ୍ୟା; ଛାପାକାମ; ଛାପା ଅକ୍ଷର ବା ସେହିଭଳି ଲେଖା।

**printing-press** ବି. ମୁଦ୍ରଣ ଯନ୍ତ୍ର, ଛାପାଖାନା।

**printout** ବି. କମ୍ପ୍ୟୁଟର ଯୋଗାଉଥିବା ମୁଦ୍ରିତ ସାମଗ୍ରୀ।

**prior** 1. ବିଂ. ପୂର୍ବବର୍ତ୍ତୀ, ପୂର୍ବତନ, ଉଚ୍ଚପାହ୍ୟାଧାରୀ; 2. ବି. ମଠାଧୀଶ ବା ମହନ୍ତଙ୍କ ପ୍ରତିନିଧି ବା ଉପମଠାଧୀଶ, prior to ପୂର୍ବରୁ (left prior to his arrival); *ସ୍ତ୍ରୀ.* prioress.

**priority** ବି. ପୂର୍ବବର୍ତ୍ତିତା, ଅଗ୍ରଗଣ୍ୟତା, ଅଗ୍ରାଧିକାର, ଅଧିକ ଗୁରୁତ୍ୱପ୍ରଦାନ; କ୍ରି. prioritize.

**priory** ବି. ସନ୍ନ୍ୟାସୀ ବା ସନ୍ନ୍ୟାସିନୀଙ୍କର ପରିଚାଳିତ ଆଶ୍ରମ ବା ମଠ।

**prise** କ୍ରି. ଜୋର୍‌କରି ଖୋଲିବା।

**prism** ବି. ପ୍ରିଜ୍‌ମ୍, ତ୍ରିପାର୍ଶ୍ୱ ସମାନ୍ତର ଘନ ବସ୍ତୁ ବା କାଚ, ତ୍ରିକାଚ।

**prismatic** ବିଂ. ପ୍ରିଜମ୍ ସଦୃଶ, ପ୍ରିଜମ୍ ଦ୍ୱାରା ବିଚ୍ଛୁରିତ (ବର୍ଣ୍ଣାବଳୀ)।

**prism binoculars** ବି. ପ୍ରିଜମ୍ ବାଇନୋକୁଲାର, ତ୍ରିକାଚ ଦୂରବୀକ୍ଷଣ ଯନ୍ତ୍ର।

**prison** ବି. କାରାଗାର, ବନ୍ଦୀଶାଳା, ଜେଲଖାନା।

**prisoner** ବି. ବନ୍ଦୀ, କଏଦୀ, କାରାରୁଦ୍ଧ ବ୍ୟକ୍ତି।

**prisoner at the bar** ବି. ବିଚାରାଧୀନ ବନ୍ଦୀ।

**prisoner of conscience** ବି. ବିବେକାନୁମୋଦିତ ରାଜନୈତିକ ବା ଧାର୍ମିକ କାର୍ଯ୍ୟଯୋଗୁଁ ବନ୍ଦୀ ବ୍ୟକ୍ତି।

**prisoner of State** ବି. ରାଜନୈତିକ ବନ୍ଦୀ।

**prisoner of war** ବି. ଯୁଦ୍ଧବନ୍ଦୀ।

**prissy** ବିଂ. କଥାବାର୍ତ୍ତା, ଚାଲିଚଳନ, ବିଶେ. ଯୌନ ସମ୍ବନ୍ଧୀୟ ବିଷୟରେ ଅତି ମାତ୍ରାରେ ଔଚିତ୍ୟ ସଚେତନ; କ୍ରି.ବିଂ. prissily; ବି. prissiness.

**pristine** ବିଂ. ମୂଳ ଅବସ୍ଥାର, ଅକ୍ଷତ, ନୂଆଭଳି ସତେଜ; ପ୍ରାଚୀନ, ଆଦିମ।

**privacy** ବି. ଏକାନ୍ତତା, ଗୋପନୀୟତା; ଗୋପନୀୟତାର ଅଧିକାର; ଜନସାଧାରଣଙ୍କଠାରୁ ଦୂରେଇ ରହିବା ବା ଏକାନ୍ତ ରହିବାର ଅଧିକାର; ନିଭୃତତା।

**private** 1. ବିଂ. କୌଣସି ବ୍ୟକ୍ତିଙ୍କ ନିଜସ୍ୱ ବା ଏକାନ୍ତ ବ୍ୟକ୍ତିଗତ; ବ୍ୟକ୍ତିଗତ; ଗୋପନୀୟ; ଅନ୍ୟର ଅଜ୍ଞାତ; ଯାହା ସର୍ବସାଧାରଣଙ୍କ ପାଇଁ ନୁହେଁ; ଘରୋଇ ବା ବେସରକାରୀ; ନିଭୃତ; 2. ବି. ସୈନିକ; କ୍ରି.ବିଂ. privately.

**private bill** ବି. ବେସରକାରୀ ବିଲ; ବ୍ୟକ୍ତିଗତ ବା ବ୍ୟାବସାୟିକ ଅଧିନିୟମ ସମ୍ପର୍କିତ ପାର୍ଲ୍ୟାମେଣ୍ଟ ବିଲ୍।

**private company** ବି. ବେସରକାରୀ କମ୍ପାନୀ ଯେଉଁଥିରେ ସଦସ୍ୟ ସଂଖ୍ୟା ସୀମିତ ଥାଏ ଏବଂ ଅଂଶ ବିକ୍ରୀ ହୁଏନାହିଁ।

**private detective** ବି. ବେସରକାରୀ ବା ଘରୋଇ ଗୋଇନ୍ଦା।

**private enterprise** ବି. ଘରୋଇ ବା ବେସରକାରୀ ଉଦ୍ୟୋଗ।

Digitized by srujanika@gmail.com

**privateer** ବି. ବେସରକାରୀ ଯୁଦ୍ଧ ଜାହାଜ ବା ତାହାର ଅଧ୍ୟକ୍ଷ ।

**private eye** ବି. *କ.ଭା.* ବେସରକାରୀ ଗୋଇନ୍ଦା ।

**private hotel** ବି. ଯେଉଁ ହୋଟେଲରେ ସମସ୍ତଙ୍କୁ ଆତିଥ୍ୟ ପ୍ରଦାନ କରାଯାଏ ନାହିଁ ।

**private means** ବି. ବ୍ୟକ୍ତିଗତ ରୋଜଗାର ବାହାରେ ଅଂଶଧନ ପ୍ରଭୃତିରୁ ହେଉଥିବା ଆୟ ।

**private member** ବି. ସରକାରୀ ନିଯୁକ୍ତି ପାଇ ନଥିବା ସାଂସଦ ।

**private parts** ବି. ଜନନେନ୍ଦ୍ରିୟ ।

**privates** ବି. ଯୌନାଙ୍ଗ ।

**private school** ବି. ଘରୋଇ ବା ବେସରକାରୀ ସ୍କୁଲ ।

**private sector** ବି. ଘରୋଇ ଉଦ୍ୟୋଗ ।

**private soldier** ବି. ସାଧାରଣ ସୈନିକ (ଅଫିସର ଶ୍ରେଣୀଭୁକ୍ତ ନୁହେଁ) ।

**privation** ବି. ଅଭାବ; ସ୍ୱଚ୍ଛନ୍ଦ ଜୀବନଯାପନ ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗର ଅଭାବ ।

**privative** ବିଂ. ଅଭାବ ଜନିତ ।

**privatize** କ୍ରି. ଘରୋଇ କରିଦେବା; ଜାତୀୟକରଣ ବ୍ୟବସ୍ଥା ଉଠେଇଦେବା; ବି. privatization.

**privet** ବି. ମସୃଣ ଘନ ଚିରହରିତ ଗୁଳ୍ମ ବିଶେଷ (ଯାହା ବିଶେ. ବାଡ଼ ଦେବା କାର୍ଯ୍ୟରେ ଲାଗେ) ।

**privilege** 1. ବି. କୌଣସି ବ୍ୟକ୍ତି, ଶ୍ରେଣୀ ପ୍ରଭୃତି ଉପଭୋଗ କରୁଥିବା ବିଶେଷ ସୁବିଧା ବା ବିଶେଷ ଅଧିକାର; ବିଶେଷ କ୍ଷମତା; ସ୍ୱାଧିକାର; 2. କ୍ରି. ବିଶେଷ ସୁବିଧା ବା ସୁଯୋଗ ଦେବା; ଅବ୍ୟାହତି ଦେବା ।

**privileged** ବିଂ. ବିଶେଷ ଅଧିକାର ପ୍ରାପ୍ତ, ବିଶେଷ କ୍ଷମତାପ୍ରାପ୍ତ ।

**privy** 1. ବିଂ. କାହାରି ଗୁପ୍ତ କଥା ଜାଣିଥିବା; *ପ୍ରା.ପ୍ର.* ଲୁଚାୟିତ, ଗୁପ୍ତ; 2. ବି. *ଆମେ.* ଶୌଚାଳୟ; *କ୍ରି.ବିଂ.* privily.

**Privy Council** ବି. ସାର୍ବଭୌମ ରାଜାଙ୍କଦ୍ୱାରା ନିର୍ବାଚିତ ଉପଦେଷ୍ଟା ପରିଷଦ (ବିଶେଷତଃ ଇଂଲଣ୍ଡରେ) ।

**Privy Councillor (Counsellor)** ବି. ପ୍ରିଭି କାଉନ୍‌ସିଲ୍‌ର ସଦସ୍ୟ, ରାଜ ଉପଦେଷ୍ଟା ପରିଷଦର ସଭ୍ୟ ।

**privy purse** ବି. ରାଜାଙ୍କର ବ୍ୟକ୍ତିଗତ ଖର୍ଚ୍ଚପାଇଁ ରାଜସ୍ୱରୁ ପ୍ରଦତ୍ତ ଭତ୍ତା ।

**privy seal** ବି. ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ଦଲିଲରେ ପ୍ରଦତ୍ତ ହେଉଥିବା ରାଜମୋହର ।

**prize**[1.] 1. ବି. ପୁରସ୍କାର, ପାରିତୋଷିକ; ପ୍ରତିଯୋଗିତା ଓ ଲଟେରୀ ପ୍ରଭୃତିରେ ଯେଉଁ ପୁରସ୍କାର ମିଳେ; 2. ବିଂ. ଯେଉଁଥିପାଇଁ ପୁରସ୍କାର ମିଳିଥାଏ, ଶ୍ରେଷ୍ଠ; 3. କ୍ରି. ଅତ୍ୟନ୍ତ ମୂଲ୍ୟବାନ ମନେ କରିବା; ସମ୍ମାନ କରିବା ।

**prize**[2.] ବି. ନୌଯୁଦ୍ଧରେ ଲବ୍ଧ ଜାହାଜ ଓ ସମ୍ପଦ ।

**prize**[3.] ଦ୍ର. prise.

**prize-fighter** ବି. ପେଶାଦାର ମୁଷ୍ଟିଯୋଦ୍ଧା ।

**PRO** *ସଂଖ.* public relations officer ଲୋକସଂପର୍କ ଅଧିକାରୀ ।

**pro**[1.] ବି. *କ.ଭା.* ପେଶାଦାର ।

**pro**[2.] ବିଂ. *ଅ.* (ଯୁକ୍ତି) ସପକ୍ଷରେ; 2. ବି. କାରଣ; ସପକ୍ଷ; pros and cons ଭଲ ଓ ମନ୍ଦ, ଉଭୟ ଦିଗ ।

**pro**[1.]- *ପୂ.ପ୍ର.* ସପକ୍ଷବାଦୀ (pro-government); ବିକଳ୍ପ, ସହକାରୀ (pro-chanceller); ଆଗକୁ (produce, progress).

**pro**[2.]- *ପୂ.ପ୍ର.* ଉପସର୍ଗଟି ଆଗରୁ ଅର୍ଥରେ ପ୍ରଯୁକ୍ତ; [କାଳ, ସ୍ଥାନ କିମ୍ବା କ୍ରମର ପୂର୍ବକୁ ସୂଚିତ କରିବାରେ ବ୍ୟବହୃତ] ।

**probability** ବି. ସମ୍ଭାବନା, ସମ୍ଭାବ୍ୟତା, ସମ୍ଭବପର ଘଟଣା ବା ବିଷୟ; in all probability ଖୁବ ସମ୍ଭବ, ସମ୍ଭବତଃ ।

**probable** ବିଂ. ସମ୍ଭବପର, ଯାହା ଘଟିପାରେ ବା ସତ ବୋଲି ପ୍ରମାଣିତ ହୋଇପାରେ ।

**probably** କ୍ରି.ବିଂ. ସମ୍ଭବତଃ ।

**probate** ବି. ଅଦାଲତରେ ଇଚ୍ଛାପତ୍ର ପ୍ରମାଣ କରଣ, ପ୍ରମାଣସିଦ୍ଧ ଇଚ୍ଛାପତ୍ରର ନକଲ ।

**probation** ବି. ବ୍ୟକ୍ତିର ଦକ୍ଷତା ବା ଚରିତ୍ର ପରୀକ୍ଷା ( ବିଶେ. ଶିକ୍ଷାନବିଶର ସମୟ); *ଆଇନ* ବିଚାରାଧୀନ କାଳରେ ଅପରାଧୀର ଉତ୍ତମ ଆଚରଣ ହେତୁ ଦଣ୍ଡବିଧାନ ବାତିଲ କରିବା; on probation ଚାକିରୀରେ ସମ୍ପୂର୍ଣ୍ଣରୂପେ ଗୃହୀତ ହେବା ପୂର୍ବର ସମୟ ।

**probationary** ବିଂ. ପରୀକ୍ଷାଧୀନ ।

**probationer** ବି. ପରୀକ୍ଷାଧୀନ କର୍ମଚାରୀ, ଶିକ୍ଷାନବିଶ ।

Digitized by srujanika@gmail.com

**probation officer** ବି. ବିଚାରାଧୀନ ଅପରାଧୀଙ୍କର ତତ୍ତ୍ୱାବଧାରକ।

**probative** ବିଂ. *ଔପ.* ପ୍ରମାଣ ମୂଳକ।

**probe** 1. ବି. କ୍ଷତର ଅଭ୍ୟନ୍ତର ପରୀକ୍ଷାପାଇଁ ବ୍ୟବହୃତ ସୂଚାଗ୍ର ଅସ୍ତ୍ର ବିଶେଷ; ସୂଚନାପ୍ରଦାନକାରୀ ଯନ୍ତ୍ର ଚାଳିତ ମହାକାଶଯାନ; ଅନୁସନ୍ଧାନ କାର୍ଯ୍ୟ; 2. କ୍ରି. ଅନୁସନ୍ଧାନ କରିବା; ସୂଚାଗ୍ର ଅସ୍ତ୍ରଦ୍ୱାରା କ୍ଷତର ଅଭ୍ୟନ୍ତର ପରୀକ୍ଷା କରିବା।

**probity** ବି. ନିଷ୍ଠାପରତା, ସାଧୁତା, ସତ୍ୟଶୀଳତା।

**problem** ବି. ସମସ୍ୟା; ସନ୍ଦେହମୂଳକ ବା ଜଟିଳ ବିଷୟ ଯାହାର ସମାଧାନ ଆବଶ୍ୟକ; ଯାହା ଦୁର୍ବୋଧ୍ୟ ବା ସମସ୍ୟାତ୍ମକ; ଗଣିତର ପ୍ରଶ୍ନ; ଚେସ୍‌ର ସମସ୍ୟା।

**problematic, problematical** ବିଂ. ସମାଧାନ ପାଇଁ କଠିନ; ସମସ୍ୟାମୂଳକ।

**proboscis** ବି. ହାତୀର ଶୁଣ୍ଢ, ଛୋଟପ୍ରାଣୀର ମୁହଁର ଶୁଣ୍ଢପରି ଲମ୍ବଅଂଶ, କୀଟପତଙ୍ଗର ମୁହଁକୁ ଲାଗି ଶୁଣ୍ଢ ବା ଲାହୁଡ଼।

**procedural** ବିଂ. କାର୍ଯ୍ୟବିଧି ଅନୁସାରୀ।

**procedure** ବି. କାର୍ଯ୍ୟବିଧି, ବିଧି, କାର୍ଯ୍ୟପ୍ରଣାଳୀ, କାର୍ଯ୍ୟରୀତି, ବହୁଘଟଣାକୁ ନିର୍ଦ୍ଦିଷ୍ଟକ୍ରମରେ କରିବା ବିଧି।

**proceed** କ୍ରି. ଅଗ୍ରସର ହେବା; ନିଜ ବାଟରେ ଆଗେଇବା; କ୍ରମାଗତ ଯିବା; କାର୍ଯ୍ୟକ୍ରମକୁ ଚାଲୁରଖିବା; କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା; ଉଦ୍‌ଗତ ବା ସୃଷ୍ଟ ହେବା।

**proceeding** ବି. କାର୍ଯ୍ୟ; ଆଇନଗତ କାର୍ଯ୍ୟାନୁଷ୍ଠାନ; ବ.ବ. ତର୍କସଭା ବା ସମ୍ମିଳନୀର ବିବରଣୀ; କାର୍ଯ୍ୟଧାରା।

**proceeds** ବି. ବ.ବ. ଆୟ, ବିକ୍ରୟ ବା ବ୍ୟବସାୟ ଆଦିରୁ ଲବ୍ଧ ଅର୍ଥ।

**process**[1] 1. ବି. କାର୍ଯ୍ୟ ପ୍ରକ୍ରିୟା, କାର୍ଯ୍ୟକ୍ରମ, କାର୍ଯ୍ୟ ପ୍ରଣାଳୀ; ଅଗ୍ରଗତି; କ୍ରମିକଗତି; ନିର୍ମାଣ କିମ୍ବା ଅନ୍ୟ ପ୍ରକ୍ରିୟାରେ ବିବିଧ ପର୍ଯ୍ୟାୟ; ସମୟ ଅତିକ୍ରମଣ; ପରୱାନା, ଆଦେଶିକା; ଜୀବାଂଶର ପ୍ରାକୃତିକ ଅଭିବୃଦ୍ଧି; 2. କ୍ରି. ପ୍ରକ୍ରିୟାଦ୍ୱାରା ବିପଚନକୁ ରକ୍ଷା କରିବା।

**process**[2] କ୍ରି. ଶୋଭାଯାତ୍ରାରେ ଚାଲିବା।

**procession** ବି. ଶୋଭାଯାତ୍ରା, ପଟୁଆର, ବିକ୍ଷୋଭ ପ୍ରଦର୍ଶନ।

**processional** 1. ବିଂ. ଶୋଭାଯାତ୍ରା ଘଟିତ, ଶୋଭାଯାତ୍ରା ସଂକ୍ରାନ୍ତ, ପଟୁଆର ଜନିତ; 2. ବି. ଶୋଭାଯାତ୍ରାର ଭକ୍ତିଗୀତ।

**processor** ବି. ଯେଉଁ ଯନ୍ତ୍ରଦ୍ୱାରା ପ୍ରସ୍ତୁତି-କ୍ରିୟା କରାଯାଏ; central processor କମ୍ପ୍ୟୁଟରର ମୁଖ୍ୟ ଅଂଶ ବିଶେଷ।

**proclaim** କ୍ରି. ଘୋଷଣା କରିବା; ସରକାରୀ ବା ଆନୁଷ୍ଠାନିକ ଭାବେ ପ୍ରଚାର କରିବା; ରାଜା ବୋଲି ଘୋଷଣା କରିବା, ସ୍ୱତଃ ଘୋଷିତ ହେବା (his accent proclaimed him a Scot).

**proclamation** ବି. ଉଦ୍‌ଘୋଷଣା; ଘୋଷଣା, ଘୋଷଣା ପତ୍ର।

**proclivity** ବି. ପ୍ରବୃତ୍ତି, ପ୍ରବଣତା।

**procrastinate** କ୍ରି. କୌଣସି କାର୍ଯ୍ୟକୁ ପକାଇ ରଖିବା; ଡେରି କରିବା; ସ୍ଥଗିତ ରଖିବା; ବି. procrastination.

**procrastinator** ବି. ଦୀର୍ଘସୂତ୍ରୀ, ବିଳମ୍ବକାରୀ (ବ୍ୟକ୍ତି ପ୍ରଭୃତି)।

**procreate** କ୍ରି. ସନ୍ତାନ ଉତ୍ପାଦନ କରିବା; ପ୍ରଜନନ କରିବା।

**procreation** ବି. ସନ୍ତାନ ଉତ୍ପାଦନ, ପ୍ରଜନନ (ପ୍ରାକୃତିକ ଭାବରେ)।

**procreative** ବିଂ. ପ୍ରଜନନକ୍ଷମ, ସନ୍ତାନ ଉତ୍ପାଦନ ସମ୍ବନ୍ଧିତ।

**Procrustean** ବିଂ. ବଳ ପ୍ରୟୋଗ ମାଧ୍ୟମରେ ସାମ୍ୟସାଧନ ପ୍ରୟାସୀ।

**proctor** ବି. ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କପାଇଁ ନିଯୁକ୍ତ ତତ୍ତ୍ୱାବଧାରକ; ବିଂ. proctorial; ବି. proctorship.

**procuration** ବି. ସଂଗ୍ରହ; ଏଟର୍ଣ୍ଣିଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିତ୍ୱ ବା କାର୍ଯ୍ୟ।

**procurator** ବି. ଅନ୍ୟର ପ୍ରତିନିଧି, ମୋକଦ୍ଦମା ଚଳାଇବା ପାଇଁ ଭାରପ୍ରାପ୍ତ ବ୍ୟକ୍ତି; କ୍ଷମତାପ୍ରାପ୍ତ ଏଟର୍ଣ୍ଣି।

**procurator fiscal** ବି. ସ୍କଟଲେଣ୍ଡରେ ଅପମୃତ୍ୟୁ କାରଣ ଅନୁସନ୍ଧାନକାରୀ କର୍ମଚାରୀ।

**procurator general** ବି. ରାଜକୋଷ ବିଧି ବିଭାଗର ମୁଖ୍ୟ।

**procure** କ୍ରି. ଯତ୍ନ ବା ଉଦ୍ୟମ ଫଳରେ ସଂଗ୍ରହ କରିବା; ହାସଲ କରିବା; ଅର୍ଜନ କରିବା; କୁଟୁଣୀ

Digitized by srujanika@gmail.com

ବା କୁଟୁଣୀ କାର୍ଯ୍ୟ କରିବା; ଯୋଗାଡ଼ କରି ପାଇବା ।

**procurement** ବି. ସଂଗ୍ରହ, ସଂଗ୍ରହ କାର୍ଯ୍ୟ ।

**procurer** ବି. ସଂଗ୍ରାହକ; ବେଶ୍ୟାବୃତ୍ତି ପାଇଁ ଯେ ନାରୀ ଯୋଗାଡ଼ କରେ ।

**procuress** ବି. *ସ୍ତ୍ରୀ.* କୁଟୁଣୀ ।

**prod** 1. କ୍ରି. ଆଙ୍ଗୁଠି ବା ବାଡ଼ିଦ୍ୱାରା ଗୋଜିବା; କାର୍ଯ୍ୟ ପାଇଁ ଉତ୍ତେଜିତ କରିବା; ଗୋଜିବା ବା ଖେଞ୍ଚିବା; 2. ବି. ଗୋଜିଆ ବାଡ଼ି, ଗୋଜା; କାର୍ଯ୍ୟ କରିବା ପାଇଁ ଉତ୍ତେଜକ ।

**prodigal** 1. ବିଂ. ଅପବ୍ୟୟୀ, ଅମିତବ୍ୟୟୀ, ବଦଖର୍ଚ୍ଚୀ; 2. ବି. ବଦଖର୍ଚ୍ଚୀ ବ୍ୟକ୍ତି ।

**prodigality** ବି. ଅମିତବ୍ୟୟିତା, ଅପବ୍ୟୟ, ବଦଖର୍ଚ୍ଚ ।

**prodigal son** ବି. ଅନୁତପ୍ତ ଅପବ୍ୟୟୀ ପୁତ୍ର; ଘରବାହୁଡ଼ା ବାରବୁଲା ।

**prodigious** ବିଂ. ଅତି ଆଶ୍ଚର୍ଯ୍ୟଜନକ, ଅସାଧାରଣ; ବିସ୍ମୟକର; ବିପୁଳ, ବିଶାଳ ।

**prodigy** ବି. ଅତ୍ୟାଶ୍ଚର୍ଯ୍ୟ ବସ୍ତୁ ବା ବ୍ୟକ୍ତି; ଅସାଧାରଣ ପ୍ରତିଭା ସମ୍ପନ୍ନ ବାଳକ, ପ୍ରାଣୀ ବା ବସ୍ତୁ; ଅଦ୍ଭୁତ ବ୍ୟାପାର ।

**produce** 1. କ୍ରି. ପ୍ରସ୍ତୁତ କରିବା; ଉତ୍ପାଦନ କରିବା; ତିଆରି କରିବା, (ପ୍ରାଣୀ ଓ ଉଦ୍ଭିଦ ସମ୍ପର୍କରେ) ଜାତ କରିବା, ଜନ୍ମାଇବା; *ଜ୍ୟା.* ରେଖା ଟାଣିବା, ଲମ୍ବାଇବା; (ଜୈବିକ ପ୍ରତିକ୍ରିୟା) ଘଟାଇବା; 2. ବି. ଉତ୍ପାଦିତ ବସ୍ତୁ (କୃଷି ଜନିତ), ଉତ୍ପାଦନର ପରିମାଣ; ବିଂ. producible.

**producer** ବି. ଉତ୍ପାଦନକାରୀ; ନିର୍ମାତା; (ନାଟକ, ଚଳଚ୍ଚିତ୍ର ଆଦିର) ପ୍ରଯୋଜକ ।

**product** ବି. ଉତ୍ପନ୍ନ ଦ୍ରବ୍ୟ, ଗୁଣଫଳ ।

**production** ବି. ଉତ୍ପାଦନ, ଉତ୍ପନ୍ନ ଦ୍ରବ୍ୟ; ସାହିତ୍ୟ, ନାଟକ ବା କଳାସୃଷ୍ଟିର ପ୍ରଯୋଜନା, ଉପସ୍ଥାପନ, ପ୍ରଦର୍ଶନ ।

**productive** ବିଂ. ଉତ୍ପାଦନକ୍ଷମ, ଉତ୍ପାଦନଶୀଳ, ଜନନକ୍ଷମ; ଉର୍ବର, ବିନିମୟକ୍ଷମ ପଦାର୍ଥର ଉତ୍ପାଦନକାରୀ; କ୍ରି.ବିଂ. productively; ବି. productiveness.

**productivity** ବି. ଉର୍ବରତା, ଉତ୍ପାଦିକା ଶକ୍ତି ।

**proem** ବି. (ବହି ବା ଭାଷଣର) ଭୂମିକା, ମୁଖବନ୍ଧ, ପ୍ରସ୍ତାବନା ।

**Prof** *ସଂକ୍ଷି.* Professor ପ୍ରଫେସର୍ ।

**profanation** ବି. ଅପବିତ୍ର କରଣ; ଅପବ୍ୟବହାର ।

**profane** 1. ବିଂ. ଅପବିତ୍ର; ପବିତ୍ର ବା ଧାର୍ମିକ କଥାର ଅପମାନକର; ଅସମ୍ମାନଜନକ; ଅଶ୍ଳୀଳ (ଭାଷା); 2. କ୍ରି. ପବିତ୍ର ଜିନିଷକୁ ଅସମ୍ମାନ କରିବା; ମାରା କରିବା; କଳୁଷିତ କରିବା ।

**profanity** ବି. ଧର୍ମନିନ୍ଦା, ଦେବନିନ୍ଦା, ଶ୍ରଦ୍ଧାହୀନ କାର୍ଯ୍ୟ ବା ଭାଷା ।

**profess** କ୍ରି. ପ୍ରକାଶ୍ୟରେ ଘୋଷଣା କରିବା; ପ୍ରକାଶ୍ୟରେ ବ୍ୟକ୍ତ କରିବା; ମୁକ୍ତ କଣ୍ଠରେ କହିବା; ଛଳନା କରିବା, ଦେଖାଇ ହେବା; କୌଣସି ପେଶା ବା ମତବାଦ ଅବଲମ୍ବନ କରିବା ।

**professed** ବିଂ. ଆତ୍ମସ୍ୱୀକୃତ; ଦୃଶ୍ୟମାନ; ଛଳନାକାରୀ; ସ୍ୱଘୋଷିତ; ପ୍ରମାଣସିଦ୍ଧ (ଚରିତ୍ର ବା ସ୍ୱଭାବ) ।

**profession** ବି. ବୃତ୍ତି; ପେଶା (ଅଧ୍ୟୟନ ସମ୍ପର୍କିତ); ଏଥିରେ ବ୍ୟାପୃତ ବ୍ୟକ୍ତି ବା ଶ୍ରେଣୀ; ଘୋଷଣା; the oldest profession ବେଶ୍ୟାବୃତ୍ତି ।

**professional** 1. ବିଂ. ପେଶାଦାର, ପେଶା ସମ୍ପର୍କିତ; ବୃତ୍ତି ବା ବ୍ୟବସାୟ ସମ୍ପର୍କିତ; ବୃତ୍ତିଗତ; 2. ବି. ପେଶାଦାର ବ୍ୟକ୍ତି ।

**professionalism** ବି. ବୃତ୍ତି ବା ବ୍ୟବସାୟ ସମ୍ବନ୍ଧିତ ବିଶେଷ ଧର୍ମ ବା ଗୁଣ ।

**professionally** କ୍ରି.ବିଂ. ପେଶାଦାର ଭାବରେ ।

**professor** ବି. ବିଶ୍ୱବିଦ୍ୟାଳୟ ପ୍ରଭୃତିର ଉଚ୍ଚତମ ସ୍ତରର ଅଧ୍ୟାପକ, ଆଚାର୍ଯ୍ୟ, ମୁଖ୍ୟ ଅଧ୍ୟାପକ, ପ୍ରଫେସର; କୌଣସି ଧର୍ମ ବା ଧାରଣାର ପ୍ରଚାରକ ବା ଦୃଢ଼ ଅନୁଗାମୀ; ବି. professorship.

**professorial** ବିଂ. ପ୍ରଫେସର ସୁଲଭ; ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସମ୍ବନ୍ଧୀୟ ।

**professoriate** ବି. ବିଶ୍ୱବିଦ୍ୟାଳୟର ପ୍ରଫେସର୍ ବର୍ଗ ।

**proffer** କ୍ରି. ଦେବାକୁ ଚାହିଁବା; ଯାଚିବା ।

**proficiency** ବି. ପାରଦର୍ଶିତା, ନିପୁଣତା, ପାରଙ୍ଗମତା ।

**proficient** ବିଂ. ଦକ୍ଷ, ପ୍ରବୀଣ, ପାରଙ୍ଗମ, ନିପୁଣ ।

**profile** ବି. ଗୋଟିଏ ପାର୍ଶ୍ୱରୁ ଦିଶୁଥିବା ମୁଖମଣ୍ଡଳର ବାହ୍ୟରେଖା, ରେଖାଚିତ୍ର, ମୁଖମଣ୍ଡଳର ରେଖାଚିତ୍ର; ସଂକ୍ଷିପ୍ତ ଜୀବନ ଚିତ୍ର ବା ଚରିତ ।

Digitized by srujanika@gmail.com

**profit** 1. ବି. ଲାଭ, ମୁନାଫା, ସୁଫଳ; 2. କ୍ରି. ଲାଭବାନ କରିବା, ଉପକୃତ ହେବା ।
**profitability** ବି. ଲାଭ ପ୍ରଦାୟକତା ।
**profitable** ବିଂ. ଲାଭଜନକ, ଲାଭଦାୟକ ।
**profitably** କ୍ରି.ବିଂ. ଲାଭପ୍ରଦ ବା ଲାଭଦାୟକ ଭାବରେ ।
**profiteer** 1. ବି. ଲାଭଖୋର, ମୁନଫାଖୋର; 2. କ୍ରି. ଅଭାବ ବା ଦୁର୍ଭିକ୍ଷ ସମୟରେ ଅଧିକ ଲାଭ ଉଠାଉଥିବା ।
**profiterole** ବି. ମିଠା ପୁରଦିଆ ଏକ ପ୍ରକାର ଚକୋଲେଟ୍ ବନ୍ ।
**profit–sharing** ବି. ବିଶେ. ମାଲିକ ଓ ଶ୍ରମିକ ମଧ୍ୟରେ ଲାଭବଣ୍ଟନ ।
**profligacy** ବି. ଲାମ୍ପଟ୍ୟ, ଅମିତବ୍ୟୟିତା ।
**profligate** ବିଂ. ଲମ୍ପଟ, ଦୁର୍ବୃତ୍ତ, ଭ୍ରଷ୍ଟ, ବଦଖର୍ଚ୍ଚୀ, ଅମିତବ୍ୟୟୀ; କ୍ରି.ବିଂ. profligately.
**pro forma** 1. ବି. ଆବେଦନର ନମୁନାପତ୍ର; 2. ବିଂ. କ୍ରି.ବିଂ. ଫର୍ମ ସାପେକ୍ଷ, ବିଧି ଅନୁସାରୀ; pro forma invoice ଖରିଦଦାରକୁ ଆଗୁଆ ପ୍ରଦତ୍ତ ଫର୍ଦ୍ଦ ।
**profound** ବିଂ. ଗମ୍ଭୀର, ଗଭୀର; ଅଗାଧଜ୍ଞାନ ସମ୍ପନ୍ନ; ଅନ୍ତର୍ଦୃଷ୍ଟି ସମ୍ପନ୍ନ; ପ୍ରଗାଢ଼; କ୍ରି.ବିଂ. profoundly; ବି. profoundness.
**profundity** ବି. ଅଗାଧଜ୍ଞାନ ସମ୍ପନ୍ନତା, ଗଭୀରତା ।
**profuse** ବିଂ. ପ୍ରଚୁର, ପର୍ଯ୍ୟାପ୍ତ, ଅଜସ୍ର; କ୍ରି.ବିଂ. profusely.
**profusion** ବି. ପ୍ରାଚୁର୍ଯ୍ୟ, ଅପବ୍ୟୟିତା, ବହୁ ପରିମାଣ ।
**progenitor** ବି. ଆଦିପୁରୁଷ, ପୂର୍ବପୁରୁଷ, ପୂର୍ବଜ, ମୌଳିକ ।
**progeny** ବି. ସନ୍ତାନସନ୍ତତି, ବଂଶଧର, ସନ୍ତାନ ପରମ୍ପରା ।
**progesterone** ବି. ଋତୁସ୍ରାବର ଶେଷପର୍ଯ୍ୟାୟରେ ଗର୍ଭାଶୟରେ ଗର୍ଭଧାରଣର ପ୍ରସ୍ତୁତିମୂଳକ ପରିବର୍ତ୍ତନକାରୀ ହର୍ମୋନ୍ ।
**prognosis** ବି. (ବ.ବ. prognoses) ରୋଗର ପୂର୍ବସୂଚନା, ଭାବୀ ପରିଣାମ କଥନ, ରୋଗର ଗତି ସମ୍ପର୍କିତ ଅନୁମାନ ।
**prognostic** 1. ବି. ଶକୁନ, ପୂର୍ବସୂଚନା, ଶୁଭାଶୁଭ କଥନ; 2. ବିଂ. ପୂର୍ବସୂଚକ, ଭାବୀ ଫଳାଫଳସୂଚକ ।
**prognosticate** କ୍ରି. ଭବିଷ୍ୟତ ସୂଚନା ଦେବା; ପୂର୍ବାଭାସ ଦେବା, ପୂର୍ବରୁ ସତର୍କ କରିଦେବା ।
**prognostication** ବି. ଭବିଷ୍ୟତ କଥନ, ପୂର୍ବଲକ୍ଷଣ, ପୂର୍ବସୂଚନା ।
**prognosticator** ବି. ଭବିଷ୍ୟତ ବକ୍ତା ।
**programme** *ଆମେ.* program 1. ବି. କାର୍ଯ୍ୟକ୍ରମ, କାର୍ଯ୍ୟସୂଚୀ; ଭବିଷ୍ୟତ କାର୍ଯ୍ୟପନ୍ଥା; ଘଟଣାବଳୀ ବା କାର୍ଯ୍ୟକ୍ରମର ମୁଦ୍ରିତ ତାଲିକା, (ରେଡିଓ ପ୍ରଭୃତିର) କାର୍ଯ୍ୟକ୍ରମ; ବର୍ଣ୍ଣନାତ୍ମକ ତାଲିକା; କମ୍ପ୍ୟୁଟରର କାର୍ଯ୍ୟ ନିୟନ୍ତ୍ରଣ; 2. କ୍ରି. କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା; କମ୍ପ୍ୟୁଟରକୁ ନିର୍ଦ୍ଦେଶ ଦେବା; ବିଂ. programmable; ବିଂ. programmatic; ବି. programmer.
**progress** 1. ବି. ଉନ୍ନତି, ଅଗ୍ରଗତି, ପ୍ରଗତି; *ପ୍ରା.ପ୍ର.* ବିଶେ. ରାଜକୀୟ ଯାତ୍ରା, ରାଜ ଆଗମନ; 2. କ୍ରି. ଆଗକୁ ବଢ଼ିବା; କ୍ରମେ ଆଗେଇବା; ପ୍ରଗତି କରିବା; ଉନ୍ନତି କରିବା ।
**progression** ବି. କ୍ରମବୃଦ୍ଧି, ଅଗ୍ରଗତି, ପ୍ରଗତି ଶ୍ରେଣୀ ବା ଶୃଙ୍ଖଳା ।
**progressive** 1. ବିଂ. ଅଗ୍ରଗାମୀ; ପ୍ରଗତିଶୀଳ (ରାଜନୀତି ବା ସମାଜ); କ୍ରମବର୍ଦ୍ଧନଶୀଳ, ସଂସ୍କାର ପ୍ରୟାସୀ, ପ୍ରଗତିପନ୍ଥୀ; ଉନ୍ନତିକାମୀ; କ୍ରମବର୍ଦ୍ଧିଷ୍ଣୁ (ରୋଗ); ଅଂଶୀଦାରଙ୍କ ସାମୟିକ ପରିବର୍ତ୍ତନ ସହ (ତାସ୍-ଖେଳ, ନାଚରେ); (କ୍ରମବର୍ଦ୍ଧନଶୀଳ) ଆୟକର ଟିକସ; *ବ୍ୟା.* (କ୍ରିୟାର) କାର୍ଯ୍ୟର ଅଗ୍ରଗାମୀ ସୂଚକ (*ଉଦା.* am going, was going); 2. ବି. ପ୍ରଗତିପନ୍ଥାର ପୃଷ୍ଠପୋଷକ, ପ୍ରଗତିକାମୀ ବ୍ୟକ୍ତି; କ୍ରି.ବିଂ. progressively.
**prohibit** କ୍ରି. ନିଷେଧ କରିବା; ବାରଣ କରିବା; ମନା କରିବା; ବାଧାଦେବା ।
**prohibited degrees** ବି. ବିବାହପାଇଁ ନିଷିଦ୍ଧ ପାରିବାରିକ ସଂପର୍କ ।
**prohibition** ବି. ନିଷେଧ, ନିଷେଧାଜ୍ଞା, ନିଷେଧାଦେଶ; ଆଇନଗତ ନିଶାନିବାରଣ, ଅବକାରୀ ବସ୍ତୁର ପ୍ରସ୍ତୁତି ଏବଂ ବିକ୍ରୀ ଉପରେ ନିଷେଧାଦେଶ ।
**prohibitionist** ବି. ନିଶା ନିବାରଣ ସମର୍ଥକ, ନିଶା ନିବାରଣକାମୀ ।
**prohibitive** ବିଂ. ନିବାରଣଶୀଳ, ନିଷେଧାତ୍ମକ, ପ୍ରତିଷେଧାତ୍ମକ, ଅତ୍ୟଧିକ (ମୂଲ୍ୟ, ଦର ବା କର); କ୍ରି.ବିଂ. phohibitively.

Digitized by srujanika@gmail.com

**prohibitor** ବି. ନିଷେଧକ (ବ୍ୟକ୍ତି ବା ବସ୍ତୁ), ପ୍ରତିଷେଧକ।

**prohibitory** ବିଂ. ନିଷେଧକାରୀ, ନିଷେଧକ।

**project** 1. ବି. ଯୋଜନା; ପ୍ରକଳ୍ପ; ପରିଯୋଜନା; ପରିକଳ୍ପିତ ଗବେଷଣାକାର୍ଯ୍ୟ; 2. କ୍ରି. ଯୋଜନା କରିବା; ପ୍ରକଳ୍ପ ପ୍ରସ୍ତୁତ କରିବା; ଆଲୋକ ବା ଛାୟାପାତ କରିବା; ଅନ୍ୟ କୌଣସି ବ୍ୟକ୍ତି, ପ୍ରାଣୀ ବା ବସ୍ତୁର ଭାବନା ନିଜେ ରୂପାୟିତ କରିବା; ଉଦ୍‌ଗତ ହେବା; ବାହାରକୁ ବାହାରି ପଡିବା; ନିଜ ଚିନ୍ତାଧାରା ବା ଭାବନା ଅନ୍ୟ କାହାର ବୋଲି ଭାବିବା।

**projectile** 1. ବି. କୌଣସି ବସ୍ତୁ ଫୋପାଡି ହେବା (ଗୁଳିଭଳି); କ୍ଷେପଣାସ୍ତ୍ର; 2. ବିଂ. କ୍ଷେପଣୀୟ, ନିକ୍ଷିପ୍ତ।

**projection** ବି. ପ୍ରକ୍ଷେପଣ; ଅଭିକ୍ଷେପଣ; ଉଦ୍‌ଗତ ଅଂଶ; ପ୍ରଲମ୍ବିତ ବସ୍ତୁ; ବାସ୍ତବ ରୂପଭଳି ପ୍ରତୀୟମାନ ହେଉଥିବା ମାନସରୂପ; ଭୂପୃଷ୍ଠ ବା ମହାକାଶର ବା ତାହାର ଅଂଶବିଶେଷର ଅନୁକୃତି ସମତଳପୃଷ୍ଠରେ ଆଙ୍କିବା ବା ରୂପଦେବା।

**projectionist** ବି. ପ୍ରକ୍ଷେପ ଯନ୍ତ୍ର ଚାଳନକାରୀ; ପ୍ରୋଜେକ୍ଟର୍ ଚାଳକ।

**projector** ବି. ପ୍ରକ୍ଷେପକ ଯନ୍ତ୍ର, ଯନ୍ତ୍ର ବିଶେଷ ଯେଉଁଥିରେ ଆଲୋକ ସଂପାତ କରାଯାଏ (ଚଳଚ୍ଚିତ୍ର ପ୍ରଭୃତି)।

**prolapse** 1. ବି. (prolapsus ମଧ୍ୟ) ଅଙ୍ଗ ବିଶେଷର ସ୍ଥାନଚ୍ୟୁତି (ବିଶେ. ଜରାୟୁ ବା ଗୁହ୍ୟ ଦ୍ୱାରର); 2. କ୍ରି. ଅଙ୍ଗର ସ୍ଥାନ ଚ୍ୟୁତି ଘଟିବା।

**prolate** ବିଂ. ମେରୁ ବ୍ୟାସ ଦିଗକୁ ବିସ୍ତୃତ (ଉପଗୋଲକ); ପ୍ରଲମ୍ବିତ।

**prolegomenon** ବି. ବ.ବ. prolegomena ପ୍ରାରମ୍ଭିକ ଆଲୋଚନା, ଉପକ୍ରମଣିକା।

**proletarian** 1. ବିଂ. ଶ୍ରମିକ ଶ୍ରେଣୀ ସମ୍ପର୍କିତ; 2. ବି. ଶ୍ରମିକ ଶ୍ରେଣୀର ସଦସ୍ୟ।

**proletariat** ବି. ଶ୍ରମଜୀବୀ; ଶ୍ରମିକ ଶ୍ରେଣୀ।

**proliferate** କ୍ରି. (ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନ) ମୌଳିକ ଅଂଶର ବହୁଳୀଭବନଦ୍ୱାରା ବୃଦ୍ଧିପ୍ରାପ୍ତ ହେବା; ସେହି ରୀତିରେ ଜୀବକୋଷର ସଂଖ୍ୟାରେ ବୃଦ୍ଧି ଘଟିବା; ବଢ଼ିବା; ବି. proliferation.

**prolific** ବିଂ. ବହୁପ୍ରସୂ, ବହୁଫଳପ୍ରଦ, ବହୁ ଉତ୍ପାଦକ, ବହୁ ସୃଜନକ୍ଷମ; କ୍ରି.ବିଂ. prolifically.

**prolix** ବିଂ. ଲମ୍ବା, ବିରକ୍ତିକରଭାବେ ଶବ୍ଦବହୁଳ (ଲେଖା ବା ଭାଷଣ); ବି. prolixity.

**prologue** ବି. କାବ୍ୟ ବା ନାଟକରେ ପ୍ରସ୍ତାବନା; ମଙ୍ଗଳାଚରଣ; କୌଣସି ଘଟଣା ଯାହା ପୂର୍ବସୂଚନା ଭାବେ କାର୍ଯ୍ୟ କରିଥାଏ।

**prolong** କ୍ରି. ବିଲମ୍ବିତ କରିବା, ଦୀର୍ଘତର କରିବା, ବଢ଼ାଇବା।

**prolongation** ବି. ଦୀର୍ଘକରଣ।

**prom** ବି. କ.ଭା. ଦ୍ର. promenade.

**promenade** 1. ବି. ସର୍ବସାଧାରଣ ପାଇଁ ଉଦ୍ଦିଷ୍ଟ ସ୍ଥାନ; ପକ୍କା ବେଳାଭୂମି; ପ୍ରମୋଦ ଭ୍ରମଣ; 2. କ୍ରି. ଆମୋଦରେ ପଦଚାରଣ କରିବା; ପ୍ରଦର୍ଶନ ପାଇଁ ବୁଲାଇବା।

**promenade concert** ବି. ସଙ୍ଗୀତ ଆସର, ଯେଉଁଥିରେ ଦର୍ଶକ ଠିଆହୋଇ ରହିବାପାଇଁ, ଚଲାବୁଲା କରିବା ପାଇଁ ବ୍ୟବସ୍ଥା ଥାଏ।

**promenade deck** ବି. ଯାତ୍ରୀବାହୀ ଜାହାଜର ଉପର ଭାଗର ପୃଷ୍ଠତଳ ବା ଡେକ୍।

**promethium** ବି. ଲାନ୍ଥାନାଇଡ୍ ସିରିଜ୍‌ର କୃତ୍ରିମ ତେଜସ୍କ୍ରିୟ ଧାତବ ଉପାଦାନ।

**prominence** ବି. ଖ୍ୟାତି, ଉତ୍କର୍ଷ।

**prominent** ବିଂ. ପଦାକୁ ବାହାରିପଡିଥିବା; ପଦାକୁ ଦିଶୁଥିବା; ସୁସ୍ପଷ୍ଟ; ପ୍ରସିଦ୍ଧ; ବିଶିଷ୍ଟ।

**promiscuous** ବିଂ. ଅନେକ ବ୍ୟକ୍ତିଙ୍କ ସହ ସଂପୃକ୍ତ; ବହୁଯୌନସଂଭୋଗୀ (ବ୍ୟକ୍ତି); ଏଣୁତେଣୁ ମିଶାମିଶି; ବାଛବିଚାର ବିହୀନ, ବାରମିଶା।

**promiscuity** ବି. ଅବାଧଯୌନ ସଂପୃକ୍ତି; ବାଛବିଚାରହୀନତା।

**promise** 1. ବି. ଅଙ୍ଗୀକାର, ପ୍ରତିଜ୍ଞା, ପ୍ରତିଶ୍ରୁତି; ଭବିଷ୍ୟତ ସଫଳତା ବା ଆଶାର ସୂଚକ; 2. କ୍ରି. ପ୍ରତିଶ୍ରୁତି ଦେବା, ଜବାବ ଦେବା।

**promised land** ବି. ସ୍ୱର୍ଗ, ଅଭିଳଷିତ ସୁଖର ସ୍ଥାନ କାନନ; (ବାଇବେଲ୍)।

**promising** ବିଂ. ଉଜ୍ଜ୍ୱଳ ଆଶା ସମ୍ପନ୍ନ; ସମ୍ଭାବନା ପୂର୍ଣ୍ଣ; ଆଶାପ୍ରଦ।

**promissory** ବିଂ. ଅଙ୍ଗୀକାରାତ୍ମକ, ପ୍ରତିଶ୍ରୁତିବଦ୍ଧ।

**promissory note** ବି. ଅଙ୍ଗୀକାର ପତ୍ର, ବଚନ ପତ୍ର; ନିର୍ଦ୍ଧାର୍ଯ୍ୟ ଅର୍ଥ ପ୍ରଦାନର ଅଙ୍ଗୀକାର ସୂଚକ ସ୍ୱାକ୍ଷରିତ ଦଲିଲ୍।

Digitized by srujanika@gmail.com

**promontory** ବି. ଉଚ୍ଚ ଅନ୍ତରୀପ, ସମୁଦ୍ର ଭିତରକୁ ପଶିଯାଇଥିବା ଉଚ୍ଚଭୂମି।

**promote** କ୍ରି. ଉଚ୍ଚ ପଦ, ମର୍ଯ୍ୟାଦା ପ୍ରଭୃତି ପାଇବା; ଉନ୍ନତ କରିବା; ଆଗେଇ ନେବା; ଉତ୍ସାହିତ କରିବା; ବିଜ୍ଞାପିତ ଓ ବିକ୍ରୟ କରିବା; କୌଣସି ଯୋଜନାର ଅୟମାରମ୍ଭ କରିବା; ପାର୍ଲ୍ୟାମେଣ୍ଟରେ ଘରୋଇ ବିଲ୍ ଗୃହୀତ ହେବାପାଇଁ ବ୍ୟବସ୍ଥା କରିବା।

**promoter** ବି. ପୃଷ୍ଠପୋଷକ; ଖେଳ, ଯୌଥ କମ୍ପାନୀ ପ୍ରଭୃତିର ଆର୍ଥିକ ସାହାଯ୍ୟ ସହ ପୃଷ୍ଠପୋଷକତା କରୁଥିବା ବ୍ୟକ୍ତି ବା ସଂସ୍ଥା।

**promotion** ବି. ଉତ୍ସାହଦାନ, ପଦୋନ୍ନତି; ବିଂ. promotional.

**prompt** 1. ବିଂ. ସତ୍ୱର, ତୁରନ୍ତ, ଅବିଳମ୍ବେ ନିଷ୍ପନ୍ନ; 2. କ୍ରି.ବିଂ. ସତ୍ୱର ରୂପେ, ତ୍ୱରାନ୍ୱିତ ଭାବେ; 3. କ୍ରି. ଉତ୍ସାହିତ କରିବା; ସ୍ମାରକ ଭାବେ ସୂଚାଇ ଦେବା; ଶବ୍ଦ ବା ସଙ୍କେତ ଦ୍ୱାରା ସୂଚେଇ ଦେବା; କ୍ରି.ବିଂ. promptly; ବି. promptness.

**prompter** ବି. ସ୍ମାରକ, ଯେଉଁବ୍ୟକ୍ତି ଅଭିନେତାଙ୍କୁ ଇଙ୍ଗିତ ବା ଶବ୍ଦାବଳୀଦ୍ୱାରା ତାଙ୍କ ସଂଳାପ ସୂଚେଇ ଦିଅନ୍ତି।

**prompt side** ବି. ମଞ୍ଚରେ ଅଭିନେତାଙ୍କର ବାମ ପାଖ (ଯେଉଁଠାରେ ସାଧାରଣତଃ ସ୍ମାରକ ରୁହନ୍ତି)।

**promulgate** କ୍ରି. ପ୍ରଚାର କରିବା; ଘୋଷଣା କରିବା; ପ୍ରସାରଣ କରିବା; ଜାରି କରିବା।

**promulgation** ବି. ପ୍ରଚାର, ପ୍ରକାଶ୍ୟ ଘୋଷଣା।

**promulgator** ବି. ପ୍ରଚାରକ, ଘୋଷଣାକାରୀ।

**prone** ବିଂ. ତଳମୁହାଁ ହୋଇ ଶୋଇଥିବା; ପ୍ରବଣ, ଉନ୍ମୁଖ; accident-prone ଦୁର୍ଘଟଣାପ୍ରବଣ; prone to illness ରୋଗ ପ୍ରବଣ, ରୋଗିଣା।

**prong** ବି. କଣ୍ଟା ଚାମୁଚ, ଚିମୁଟା ପ୍ରଭୃତି ତୀକ୍ଷ୍ଣାଗ୍ର ଯନ୍ତ୍ର ବା ଅସ୍ତ୍ରର ମୁନିଆ ଅଂଶ।

**pronominal** ବିଂ. ବ୍ୟା. ସର୍ବନାମ ସମ୍ବନ୍ଧୀୟ।

**pronoun** ବି. ବ୍ୟା. ସର୍ବନାମ, ବିଶେଷ୍ୟର ପରିବର୍ତ୍ତେ ବ୍ୟବହୃତ ଶବ୍ଦ।

**pronounce** କ୍ରି. ଉଚ୍ଚାରଣ କରିବା; ବିଶେ. ଶୁଦ୍ଧ ଭାବରେ; ଘୋଷଣା କରିବା, ରାୟ ଦେବା,

**pronounced** ବିଂ. ଚିହ୍ନିତ; ଦୃଷ୍ଟି ଆକର୍ଷଣକାରୀ।

**pronouncement** ବି. ଉଦ୍‌ଘୋଷଣା, ଘୋଷଣା, ବିଜ୍ଞପ୍ତି।

**pronto** କ୍ରି.ବିଂ. ସା.ପ୍ର. ତତ୍ପରତା ସହିତ; ତୁରନ୍ତ।

**pronunciation** ବି. ଉଚ୍ଚାରଣ, ଉଚ୍ଚାରଣ ପ୍ରଣାଳୀ, ଉଚ୍ଚାରଣ ରୀତି।

**proof** 1. ବି. ପ୍ରମାଣ; ସତ୍ୟ ପ୍ରମାଣିତ କରିବା ପାଇଁ ବ୍ୟବହୃତ ସାକ୍ଷ୍ୟ ପ୍ରମାଣ; ପରୀକ୍ଷା, ପ୍ରଦର୍ଶନ, ଆଇନଗତ ପ୍ରମାଣ, ଫଟୋଗ୍ରାଫ୍‌ର ପ୍ରୁଫ୍; ଭୁଲ ସଂଶୋଧନ ପାଇଁ ମୁଦ୍ରିତ ପତ୍ର; 2. ବିଂ. ପ୍ରତିରୋଧକ, ପ୍ରତିରୋଧକ୍ଷମ; 3. କ୍ରି. ପ୍ରତିରୋଧକ୍ଷମ କରିବା (ଯଥା waterproof).

**proofread** କ୍ରି. ପ୍ରୁଫ୍ ପଢ଼ିବା; ପ୍ରଥମ ଛପା ପରେ ପଢ଼ି ଲେଖା ସଂଶୋଧନ କରିବା।

**proofreader** ବି. ପ୍ରୁଫ୍ ସଂଶୋଧକ, ମୁଦ୍ରିତ ପତ୍ରର ସଂଶୋଧକ।

**proof spirit** ବି. ନିର୍ଦ୍ଦିଷ୍ଟ ପରିମାଣର ମଦ୍ୟ ଓ ଜଳ ମିଶ୍ରିତ ପାନୀୟ।

**prop**[1] 1. ବି. ପୃଷ୍ଠପୋଷକତା, ଦୃଢ଼ ସମର୍ଥନ; ଯାହା ଭାର ସମ୍ଭାଳିବା ପାଇଁ ଉଦ୍ଦିଷ୍ଟ; 2. କ୍ରି. ସାହାଯ୍ୟ କରିବା; ଭାର ବା ଦାୟିତ୍ୱ ସମ୍ଭାଳିବା।

**prop**[2] ବି. କ.ଭା. propeller ଦ୍ର.।

**prop**[3] ବି. କ.ଭା. ମଞ୍ଚ ସମ୍ପଦ, ମଞ୍ଚର ଆସବାବ ପତ୍ର।

**propaganda** ବି. ପ୍ରଚାର; କୌଣସି ମତବାଦ, ବିଚାରଧାରା ବା ନୀତିନିୟମର ପ୍ରଚାର ପାଇଁ ସୁସଙ୍ଗଠିତ, ଯୋଜନାବଦ୍ଧ କାର୍ଯ୍ୟକ୍ରମ; କ.ଭା. ବିଭ୍ରାନ୍ତିକର ତଥ୍ୟ; କ୍ରି. propagandize.

**propagandist** ବି. ପ୍ରଚାରକ, ଧର୍ମ ପ୍ରଚାରକ।

**propagate** କ୍ରି. ବଂଶବୃଦ୍ଧି କରିବା, (ଉଦ୍ଭିଦ); ଉତ୍ପାଦନ କରିବା, ବଂଶ ବିସ୍ତାର କରିବା, ପ୍ରଜନନ କରିବା; ଜ୍ଞାନ ବିତରଣ କରିବା; ପ୍ରସାରଣ କରିବା।

**propagation** ବି. ପ୍ରଚାର; ଉତ୍ପାଦନ, ବଂଶବିସ୍ତାର; ପ୍ରସାରଣ।

**propagator** ବି. ପ୍ରଚାରକ; ଉତ୍ପାଦକ, ବଂଶବିସ୍ତାରକ; ଅଙ୍କୁରୋଦ୍‌ଗମ ବା ଚାରା ପ୍ରସ୍ତୁତିପାଇଁ ବ୍ୟବହୃତ କ୍ଷୁଦ୍ର ଉତ୍ତପ୍ତ ବାକ୍ସ।

**propane** ବି. ପାରାଫିନ୍ ସିରିଜର ଗ୍ୟାସୀୟ

Digitized by srujanika@gmail.com

**propel** କ୍ରି. ଆଗକୁ ଠେଲିବା; ଧକ୍କାଦେଇ ଆଗକୁ ଚଳାଇବା; ଅଗ୍ରଗାମୀ କରିବା ।

**propellant** ବିଂ.ବି. ଚାଳନକାରୀ, ଯାହା ଦ୍ୱାରା କୌଣସି ବସ୍ତୁ ଆଗକୁ ଯାଏ ।

**propeller** ବି. (screw-propeller) ଚାଳନଚକ୍ର; ପଙ୍ଖାଭଳି ଘୂର୍ଣ୍ଣାୟମାନ ଯନ୍ତ୍ର ଯାହା ବିମାନ ବା ଜାହାଜକୁ ଚଳମାନ କରିଥାଏ ।

**propensity** ବି. ପ୍ରବଣତା, ପ୍ରବୃତ୍ତି ।

**proper** ବିଂ. ଉପଯୁକ୍ତ, ଯଥାଯଥ, ସଠିକ, ସମୀଚୀନ, ସଙ୍ଗତ; (ସାମାଜିକ ପକ୍ଷେ) ଯଥାର୍ଥ, ଠିକ୍, ପ୍ରକୃତ ବା ଶୁଦ୍ଧ, ନ୍ୟାଯ୍ୟ, ସମ୍ପୂର୍ଣ୍ଣ ।

**proper fraction** ବି. ପ୍ରକୃତ ଭଗ୍ନାଂଶ ।

**properly** କ୍ରି.ବିଂ. ଯଥାର୍ଥ ଭାବରେ, ଉଚିତ ଭାବରେ, ସଙ୍ଗତ ବା ଉତ୍ତମ ଭାବରେ, ସୁଚାରୁରୂପେ ।

**proper name (noun)** ବି. ନାମ ବାଚକ (ବିଶେଷ୍ୟ); କୌଣସି ବ୍ୟକ୍ତି, ସ୍ଥାନ ପ୍ରଭୃତିର ନାମ ।

**propertied** ବିଂ. ସଂପତ୍ତିବାନ, ସ୍ଥିତିବାନ୍ ।

**property** ବି. ସମ୍ପତ୍ତି, ବିଷୟ, ବିଷୟ-ବାଡ଼ି (ସ୍ଥାବର); ଗୁଣ ବା ସ୍ୱଭାବ; ମଞ୍ଚ ଓ ସିନେମାରେ ବ୍ୟବହୃତ ଆବଶ୍ୟକ ଦ୍ରବ୍ୟ ।

**prophecy** ବି. ମହାପୁରୁଷ ସୁଲଭ ଭବିଷ୍ୟବାଣୀ, ଭବିଷ୍ୟ କଥନ ।

**prophesy** କ୍ରି. ମହାପୁରୁଷଙ୍କ ଭଳି କହିବା, ଭବିଷ୍ୟବାଣୀ କରିବା ।

**prophet** ବି. ଐଶୀଶକ୍ତି ସମ୍ପନ୍ନ ମହାପୁରୁଷ; ଧର୍ମଦୂତ, ଧର୍ମପ୍ରବକ୍ତା, ଭବିଷ୍ୟତ ବକ୍ତା, ଭବିଷ୍ୟତ ଦ୍ରଷ୍ଟା; ବାଇବଲ୍‌ର ଓଲ୍ଡ୍ ଟେଷ୍ଟାମେଣ୍ଟର ଯେ କୌଣସି ଲେଖକ; କୌଣସି ଆଦର୍ଶର ପ୍ରବକ୍ତା ବା ପ୍ରଚାରକ; the Prophet ମହମ୍ମଦ; *ସ୍ତ୍ରୀ.* prophetess.

**prophetic** ବିଂ. (prophetical ମଧ୍ୟ) ମହାପୁରୁଷ ସମ୍ପର୍କିତ; ଭବିଷ୍ୟଦ୍‌ବାଣୀ ସଦୃଶ; କ୍ରି.ବିଂ. prophetically.

**prophylactic** 1. ବିଂ. ରୋଗ ପ୍ରତିଷେଧକ; 2. ବି. ରୋଗନିବାରକ (ଔଷଧ/ ପ୍ରତିକାର) ବିଶେ. *ଆମେ.* କଣ୍ଡୋମ୍ ।

**prophylaxis** ବି. ରୋଗ ପ୍ରତିଷେଧକ ଚିକିତ୍ସା ।

**propinquity** ବି. ସାମୀପ୍ୟ, ସାଦୃଶ୍ୟ, ନିକଟ ରକ୍ତ–ସଂପୃକ୍ତି ।

**propitiate** କ୍ରି. ପ୍ରସନ୍ନ କରିବା; ଅପଦସ୍ତ ବା ଅପମାନିତ ବ୍ୟକ୍ତିକୁ ତୁଷ୍ଟ କରିବା; ବିଂ. propitiable; ବି. propitiation, propitiator.

**propitiatory** ବିଂ. ଦୋଷ ମାର୍ଜନା ବା ସନ୍ତୁଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ।

**propitious** ବିଂ. ଅନୁକୂଳ, ଶୁଭସୂଚକ, ମଙ୍ଗଳକର, ଉପଯୋଗୀ ।

**proponent** ବି. ପ୍ରସ୍ତାବକ, ପ୍ରସ୍ତାବକାରୀ; ଯେ କୌଣସି ପ୍ରସ୍ତାବ ଆଗତ କରେ ବା ସମର୍ଥନ କରେ ।

**proportion** 1. ବି. ଆନୁପାତିକ ଅଂଶ ବା ଭାଗ; ତୁଳନାତ୍ମକ ସମ୍ପର୍କ, ଅନୁପାତ; ବ.ବ. ଯଥାନୁପାତିକ ଭାଗ, ଆୟତନ; ସମାନୁପାତିକ; ଆନୁପାତିକ; 2. କ୍ରି. ସମାନୁପାତ କରିବା, ଅନୁପାତ ରକ୍ଷା କରିବା; ବି. proportionment.

**proportional** ବିଂ. ଆନୁପାତିକ ।

**proportionally** କ୍ରି.ବିଂ. ସମାନୁପାତିକ ଭାବରେ, ସମାନୁପାତରେ ।

**proportional representation** ବି. ସମାନୁପାତିକ ପ୍ରତିନିଧିତ୍ୱ ।

**proportionate** ବିଂ. ସମାନୁପାତିକ; କ୍ରି.ବିଂ. proportionately.

**proposal** ବି. ପ୍ରସ୍ତାବ, ପ୍ରସ୍ତାବିତ କାର୍ଯ୍ୟକ୍ରମ; ବିବାହ ପ୍ରସ୍ତାବ ।

**propose** କ୍ରି. ପ୍ରସ୍ତାବ ଆଗତ କରିବା; ଯୋଜନା କରିବା ବା ଉଦ୍ଦେଶ୍ୟ ରଖିବା; ମନୋନୟନ କରିବା; ବିବାହ ପ୍ରସ୍ତାବ ଦେବା; propose a toast କାହାରି ସ୍ୱାସ୍ଥ୍ୟ କାମନା କରି ମଦ୍ୟପାନ କରିବା; ବି. proposer.

**proposition** 1. ବି. ପ୍ରସ୍ତାବ; ଯୋଜନା, ପ୍ରସ୍ତାବିତ ବିଷୟ, ସର୍ତ୍ତୋଲ୍ଲେଖ; ଦ. ତର୍କବଚନ; ବିବୃତି; *ଜ୍ୟା.* ଉପପାଦ୍ୟରେ ପ୍ରଦତ୍ତ ପ୍ରତିଜ୍ଞା; 2. କ୍ରି. କ.ଭା. ଅଶ୍ଳୀଳ ପ୍ରସ୍ତାବ ଦେବା ।

**propound** କ୍ରି. ବିଚାର ନିମନ୍ତେ ଉପସ୍ଥାପନ କରିବା; ପ୍ରସ୍ତାବ କରିବା ।

**proprietary** ବିଂ. ମାଲିକ ସଂକ୍ରାନ୍ତ, ମାଲିକାନା ସମ୍ବନ୍ଧୀୟ, ସ୍ୱତ୍ୱାଧିକାରୀର, ସ୍ୱତ୍ୱ ସଂରକ୍ଷିତ (ବସ୍ତୁ), କୌଣସି ଏକ ନିର୍ଦ୍ଦିଷ୍ଟ ସଂସ୍ଥାଦ୍ୱାରା ଉତ୍ପାଦିତ ଏବଂ ବିକ୍ରୀତ ।

Digitized by srujanika@gmail.com

**proprietor** ବି. ଅଧିକାରୀ, ସ୍ୱତ୍ୱାଧିକାରୀ; ମାଲିକ (ବିଶେ. ବ୍ୟବସାୟରେ); ବିଂ. proprietorial; ବି. ସ୍ତ୍ରୀ. proprietress.

**propriety** ବି. ଔଚିତ୍ୟ; ଯୁକ୍ତିଯୁକ୍ତତା, ଉପଯୋଗିତା; ବ.ବରେ ନିର୍ଭୁଲ ବ୍ୟାବହାରିକ ବା ନୈତିକ ଆଚରଣ ବିଧିର ଠିକିନିଖି ଜ୍ଞାନ, ପାଳନ ବା ଆଚରଣ।

**propulsion** ବି. ଆଗକୁ ଠେଲିବା ବା ଆଗେଇ ନେବା; ବିଂ. propulsive.

***pro rata*** ବିଂ. ଯଥାନୁପାତ; ସମାନୁପାତିକ।

**prorogue** କ୍ରି. ସାମୟିକ ଭାବେ ସଭା ସ୍ଥଗିତ ରଖିବା; (ପାର୍ଲ୍ୟାମେଣ୍ଟ) ମୁଲତବୀ ରଖିବା; ବି. prorogation.

**prosaic** ବିଂ. ଗଦ୍ୟମୟ, କବିତ୍ୱବିହୀନ, ଗଦ୍ୟବତ୍ ନୀରସ, ବିରକ୍ତିକର; କ୍ରି.ବିଂ. prosaically.

**proscenium** ବି. (ବ.ବ prosceniums, proscenia) ପରଦାର ସମ୍ମୁଖ ଭାଗରେ ଥିବା ରଙ୍ଗମଞ୍ଚର ଅଂଶ ବିଶେଷ (ବିଶେ. ଚାପ ବୃତ୍ତ ମଧ୍ୟରେ)।

**proscribe** କ୍ରି. ବେଆଇନ କରିବା; ନିଷିଦ୍ଧ କରିବା, ବେଆଇନ ଘୋଷଣା କରିବା; ଦେଶାନ୍ତରିତ ବା ନିର୍ବାସିତ କରିବା।

**proscription** ବି. ଅବୈଧ ଘୋଷଣା, ନିଷେଧ, ନିର୍ବାସନ ଦଣ୍ଡ; ବିଂ. proscriptive.

**prose** 1. ବି. ଗଦ୍ୟ, ଛନ୍ଦହୀନ ଲିଖିତ ଭାଷା, ନୀରସ ବା ତଥ୍ୟ ଗର୍ଭକ ଲେଖା; 2. କ୍ରି. ବିରକ୍ତିକର ଭାବେ କହିଚାଲିବା।

**prosecute** କ୍ରି. କୌଣସି ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବା; କାର୍ଯ୍ୟାନୁଷ୍ଠାନ କରିବା; ବ୍ୟାପୃତ ବା ନିଯୁକ୍ତ କରିବା; ବି. prosecutor.

**prosecution** ବି. ଆଇନଗତ କାର୍ଯ୍ୟାନୁଷ୍ଠାନ; ଯେଉଁ ସଂସ୍ଥା ବା ପକ୍ଷ ଆଇନଗତ କାର୍ଯ୍ୟାନୁଷ୍ଠାନ କରେ।

**proselyte** ବି. ଗୋଟିଏ ଧର୍ମ ବା ବିଚାରଧାରା ବା ବିଶ୍ୱାସରୁ ପରିବର୍ତ୍ତିତ ବା ଧର୍ମାନ୍ତରିତ ବ୍ୟକ୍ତି; ଇହୁଦୀ ଧର୍ମ ଗ୍ରହଣ।

**proselytism** ବି. ଧର୍ମାନ୍ତରଣ, ଧର୍ମାନ୍ତରବାଦ।

**proselytize** କ୍ରି. ଧର୍ମାନ୍ତରଣ କରିବା; ବିଶ୍ୱାସ ବା ମତବାଦର ପରିବର୍ତ୍ତନ ଘଟାଇବା ବା ସେଭଳି ଉଦ୍ୟମ କରିବା।

**prose poem** ବି. କାବ୍ୟିକ ଭାଷା ବା ଶୈଳୀର ଗଦ୍ୟ ରଚନା; ଗଦ୍ୟ କବିତା।

**prosody** ବି. କାବ୍ୟାଳଂକାର; ବାକ୍-ଛନ୍ଦର ଅଧ୍ୟୟନ।

**prosodic** ବିଂ. ଛନ୍ଦ, ଅଳଂକାର ପ୍ରଭୃତି ସମ୍ବନ୍ଧୀୟ; କ୍ରି.ବିଂ. prosodically; ବି. prosodist.

**prospect** 1. ବି. ପ୍ରତ୍ୟାଶା; ସଫଳତାର ସୁଯୋଗ; ବ୍ୟାପକ ଭୂଦୃଶ୍ୟ; ମାନସିକ ସ୍ତର ବା ଅବସ୍ଥା; କ.ଭା. ସମ୍ଭାବ୍ୟ ବା ପ୍ରତ୍ୟାଶିତ ଗ୍ରାହକ; 2. କ୍ରି. ଅନୁସନ୍ଧାନ କରିବା, (ସୁନାଖଣି ପ୍ରଭୃତି) ଖୋଜିବା; ନଜର ରଖିବା।

**prospective** ବିଂ. ପ୍ରତ୍ୟାଶିତ, ଯାହା ଘଟିପାରେ ବୋଲି ଆଶା କରାଯାଏ, ଭବିଷ୍ୟତ; ଭାବୀ; ସମ୍ଭାବ୍ୟ।

**prospector** ବି. ସୁନାଖଣି ପ୍ରଭୃତିର ସନ୍ଧାନୀ।

**prospectus** ବି. କୌଣସି ଶିକ୍ଷାନୁଷ୍ଠାନ 'ବା ବ୍ୟାବସାୟିକ ସଂସ୍ଥାର ଜ୍ଞାତବ୍ୟ ତଥ୍ୟ ସମ୍ବଳିତ ମୁଦ୍ରିତ ପୁସ୍ତିକା।

**prosper** କ୍ରି. ସଫଳ ହେବା, ଉନ୍ନତି କରିବା।

**prosperity** ବି. ସଫଳ ବା ଉନ୍ନତ ଅବସ୍ଥା; ବୈଭବ; ସଫଳତା।

**prosperous** ବିଂ. ସମୃଦ୍ଧ, ସଫଳ (ଆର୍ଥିକ); ଶୁଭସୂଚକ; କ୍ରି.ବିଂ. prosperously.

**prostate** ବି. prostate gland ମୂତ୍ରାଶୟର ଅଗ୍ରଭାଗସ୍ଥିତ ବଡ଼ ଗ୍ରନ୍ଥି, ପୁରୁଷ ଜନନେନ୍ଦ୍ରିୟର ଅତିରିକ୍ତ ଆବଶ୍ୟକୀୟ ଅଂଶ; ବିଂ. prostatic.

**prosthesis** ବି. (ବ.ବ. prostheses) ଶାରୀରିକ ଅଭାବର ପୂର୍ତ୍ତି (ଯଥା କୃତ୍ରିମ ଅଂଗ ସାହାଯ୍ୟରେ); କୃତ୍ରିମ ଅଂଶ ବିଶେଷ; ବିଂ. prosthetic.

**prostitute** 1. ବି. ଯେଉଁ ସ୍ତ୍ରୀଲୋକ ମୁଦ୍ରା ବିନିମୟରେ ବହୁ ପୁରୁଷଙ୍କ ସହ ଯୌନ ସଂପର୍କ ସ୍ଥାପନ କରେ; ବେଶ୍ୟା; ଯେଉଁ ପୁରୁଷ ମୁଦ୍ରା ବିନିମୟରେ (ବିଶେ. ସମଲୈଙ୍ଗିକ) ଯୌନାଚାରରେ ଲିପ୍ତ ହୁଏ; 2. କ୍ରି. ବେଶ୍ୟାବୃତ୍ତି କରିବା; ପଇସା ପାଇଁ ନିଜର ମର୍ଯ୍ୟାଦା ବା ଯୋଗ୍ୟତାର ଅନୁଚିତ ବ୍ୟବହାର କରିବା।

**prostitution** ବି. ବେଶ୍ୟାବୃତ୍ତି।

**prostrate** 1. ବିଂ. ଆତ୍ମସମର୍ପଣ ବା ବିନୟ ପ୍ରଦର୍ଶନ ପାଇଁ ଅଧୋମୁଖ ହୋଇ ଶୋଇଥିବା; ମୁହଁ ମାଡି ପଡ଼ିଥିବା; ବିଜିତ, ବିଗଳିତ

Digitized by srujanika@gmail.com

(ଦୁଃଖରେ); ପରିଶ୍ରାନ୍ତ; 2. କ୍ରି. ସାଷ୍ଟାଙ୍ଗ ପଡିଯିବା, ମଣ କରିବା; ଦୁର୍ବଳ କରିଦେବା; ବି. prostration.

**prosy** ବିଂ. ସାଧାରଣ, ବିରକ୍ତିକର, କ୍ଳାନ୍ତିକର; କ୍ରି.ବିଂ. prosily; ବି. prosiness.

**protactinium** ବି. ତେଜସ୍କ୍ରିୟ ଧାତବ ପଦାର୍ଥ ବିଶେଷ।

**protagonist** ବି. ନାଟକ ବା କାହାଣୀର ମୁଖ୍ୟ ଚରିତ୍ର; ମୁଖ୍ୟ କଳାକାର, କୌଣସି କାର୍ଯ୍ୟପନ୍ଥା ବା ଧାରାର ଉଦ୍‌ଗାତା।

**protean** ବିଂ. ପରିବର୍ତ୍ତନଶୀଳ, ବହୁବିଧ, ଏକାଧିକ ରୂପ ଗ୍ରହଣ କରିବାରେ ସକ୍ଷମ (Proteus- ଗ୍ରୀକ୍ ସମୁଦ୍ର ଦେବତା ଯେ ବହୁ ରୂପ ନେଇ ପାରୁଥିଲେ)।

**protect** କ୍ରି. ସୁରକ୍ଷା ଦେବା; (ବିପଦ, ଆଘାତ ପ୍ରଭୃତିରୁ) ରକ୍ଷା କରିବା; ବୈଦେଶିକ ପଣ୍ୟ ଦ୍ରବ୍ୟ ଉପରେ ବହିଃଶୁଳ୍କ ଧାର୍ଯ୍ୟ କରି ସ୍ୱଦେଶୀ ଉତ୍ପାଦନର ସ୍ୱାର୍ଥରକ୍ଷା କରିବା।

**protection** ବି.ସୁରକ୍ଷା, ସୁରକ୍ଷା ପ୍ରଦାନ; ସୁରକ୍ଷା ପ୍ରଦାନକାରୀ (ବ୍ୟକ୍ତି ବା ବସ୍ତୁ); ସ୍ୱଦେଶୀ ଉତ୍ପାଦନର ସୁରକ୍ଷା; protection money ଦାଦାବଟି; ଦୁର୍ବ୍ୟବହାର ପ୍ରତିଷେଧକ ଅର୍ଥ ଯାହା ଧମକ ଦେଇ ଆଦାୟ କରାଯାଇଥାଏ; ସୁରକ୍ଷା ନିମିତ୍ତ ପ୍ରଦତ୍ତ ପାଉଣା।

**protectionism** ବି.ଅର୍ଥନୈତିକ ସୁରକ୍ଷାର ନୀତି ବା ରୀତି; ବି. protectionist.

**protective** ବିଂ.ରକ୍ଷାକାରୀ, ସୁରକ୍ଷା ଦେବାପାଇଁ ଉଦ୍ଦିଷ୍ଟ, ସୁରକ୍ଷାମୂଳକ; ବି. protectiveness.

**protective custody** ବି. ସୁରକ୍ଷା ଦେବା ଉଦ୍ଦେଶ୍ୟରେ ବା ସେଇ ବାହାନାରେ ଅଟକବନ୍ଦୀ ରଖିବା।

**protector** ବି. ସୁରକ୍ଷା ପ୍ରଦାନକାରୀ ବସ୍ତୁ ବା ବ୍ୟକ୍ତି; *ଇତି.* ରାଜାଙ୍କ ନାବାଳକତ୍ୱ ବେଳେ ବା ରାଜାହୀନ ସମୟରେ ନିଯୁକ୍ତ ପ୍ରଶାସକ ବା ରାଜ ପ୍ରତିନିଧି; ବି. protectorship; *ସ୍ତ୍ରୀ.* protectress.

**protectorate** ବି. *ଇତି.* କୌଣସି ରାଜ୍ୟର ବା ପ୍ରଶାସନର ରକ୍ଷକଙ୍କ କାର୍ଯ୍ୟାଳୟ ବା ଶାସନ କାଳ; ବଳଶାଳୀ ରାଷ୍ଟ୍ରର ଦୁର୍ବଳତର ବା ପଛୁଆ ରାଷ୍ଟ୍ର ଉପରେ ରକ୍ଷାକର୍ତ୍ତାପଣ, ଏଭଳି ଭାବରେ ସୁରକ୍ଷାପ୍ରାପ୍ତ ରାଷ୍ଟ୍ର।

**protege** ବି. ଆଶ୍ରିତ; ଏଭଳି ବ୍ୟକ୍ତି, ଯାହାପାଇଁ ଆଉ ଜଣେ ରକ୍ଷକ ବା ପୃଷ୍ଠପୋଷକ ଥାଆନ୍ତି; *ସ୍ତ୍ରୀ.* protegee.

**protein** ବି. ଜୀବସାର, ସମସ୍ତ ଜୀବ ନିମନ୍ତେ ଆବଶ୍ୟକ ଯବକ୍ଷାରୀୟ ଯୌଗିକ ଉପାଦାନ।

**pro tem** ବିଂ. *ଓ କ୍ରି.ବିଂ. କ.ଭା. ସଂଶ. pro tempore; ଦ୍ର.।*

***pro tempore*** ବିଂ. କ୍ରି.ବିଂ. ଅଳ୍ପକାଳ ସ୍ଥାୟୀ, ଅସ୍ଥାୟୀ ଭାବରେ। *(ଲା.)*

**protest** 1. କ୍ରି. ମତ ପାର୍ଥକ୍ୟ ବା ଅସହମତି ପ୍ରଦର୍ଶନ କରିବା; ପ୍ରତିବାଦ କରିବା, ଦୃଢ଼ ଭାବରେ ବା ଗମ୍ଭୀରତା ସହ ଘୋଷଣା କରିବା (ବିଶେ. ଦୋଷାରୋପ କ୍ଷେତ୍ରରେ); ପ୍ରତିବାଦ ପତ୍ର ଲେଖିବା; 2. ବି.ଅସହମତି ବା ମତପାର୍ଥକ୍ୟ ସୂଚକ ଉକ୍ତି ବା କାର୍ଯ୍ୟ; under protest ସପ୍ରତିବାଦ।

**protester, protestor** ବି. ପ୍ରତିବାଦକାରୀ, ବିକ୍ଷୋଭକାରୀ।

**Protestant** ବି. *ଖ୍ରୀ.* ସଂସ୍କାର ଯୁଗରେ (Reformation, ଷୋଡଶ ଶତାବ୍ଦୀ, ଇଂଲଣ୍ଡ) ରୋମୀୟ ଧର୍ମଧାରାରୁ ବିଚ୍ଛିନ୍ନ ହୋଇ ଯାଇଥିବା ଖ୍ରୀଷ୍ଟିୟାନ୍ ଗୋଷ୍ଠୀ ବିଶେଷର ସଦସ୍ୟ, ଅନୁଗାମୀ ବା ସେମାନଙ୍କର ଉତ୍ତରସୂରୀ; ବି. Protestantism.

**protestation** ବି.ବିକ୍ଷୋଭ ପ୍ରଦର୍ଶନ, ପ୍ରତିବାଦ, ସ୍ୱୀକାରୋକ୍ତି।

**proto–** ସଂ. ପ୍ରଥମ।

**protocol** 1. ବି. ସରକାରୀ ବିଧି ବା ଆଚରଣ ବ୍ୟବସ୍ଥା; ତର୍ହିଁର ପାଳନ; କୂଟନୈତିକ ଦଲିଲର ମୂଳ କାଗଜପତ୍ର, ବିଶେ. ସନ୍ଧିପତ୍ରର ରାଜିନାମା; 2. କ୍ରି. ବିଧି ବା ଆଚରଣ ବ୍ୟବସ୍ଥା ଲିପିବଦ୍ଧ କରିବା।

**proton** ବି. ଧନ–ବିଦ୍ୟୁତ୍‌ଶକ୍ତି ସଂପନ୍ନ ମୌଳିକ ତତ୍ତ୍ୱ ଯାହା ଆଣବିକ ନ୍ୟୁକ୍ଲିୟସ୍‌ର ଆଂଶିକ ବା (ଯବକ୍ଷାରଜାନରେ) ସମ୍ପୂର୍ଣ୍ଣ ଅଂଶ ବିଶେଷ।

**protoplasm** ବି. ଜୀବକୋଷ ଗଠନର ପ୍ରଧାନ ଉପାଦାନ; ବିଂ. protoplasmic.

**prototype** ବି. କୌଣସି ନକଲ, ଅନୁକୃତି ବା ପରିବର୍ଦ୍ଧିତ ରୂପର ମୂଳରୂପ (ବସ୍ତୁ ବା ବ୍ୟକ୍ତି); ପରୀକ୍ଷାମୂଳକ ନମୁନା; ଉଡ଼ାଜାହାଜ ପ୍ରଭୃତିର ପ୍ରାଥମିକ ରୂପ; ବିଂ. prototypic; prototypical.

Digitized by srujanika@gmail.com

**protozoan** ବି. (ବ.ବ. protozoa) ଏକକୋଷୀ ଜୀବ ଯାହା କେବଳ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖାଯାଏ; ବିଂ. protozoic.

**protract** କ୍ରି. ଲମ୍ବେଇ ଦେବା; ବଢ଼େଇ ଦେବା (ସମୟ); ଅଧିକ ଦିନ କରିବା; ବି. protraction.

**protractor** ବି. ଅର୍ଦ୍ଧଗୋଲାକୃତି ଜ୍ୟାମିତିକ ଯନ୍ତ୍ର ଯାହାଦ୍ୱାରା କୋଣ ମପାଯାଏ; ପ୍ରୋଟ୍ରାକ୍‌ଟର।

**protrude** କ୍ରି. ଗୋଟିଏ ସ୍ଥାନ ବା ସ୍ତରରୁ ବଢ଼ି ଆସିବା; ଆଗକୁ ବଢ଼ି ଆସିବା; ବି. protrusion; ବିଂ. protrusive.

**protuberant** ବିଂ. ଉବୁକି ପଡିଥିବା; ଆଖିଦୃଶିଆ; ବି. protuberance.

**proud** ବିଂ. ଗର୍ବିତ; ଗର୍ବୀ; ଅଭିମାନୀ, ସ୍ୱାଭିମାନୀ, ଏକଜିଦିଆ, ଉଦ୍ଧତ; ସମ୍ମାନିତ ବୋଧ କରୁଥିବା; ପ୍ରଭାବଶାଳୀ; ଚମତ୍କାର; ଶୁଖି ଆସୁଥିବା ଘା' ଚାରିପାଖେ ବର୍ଦ୍ଧିତ (ମାଂସ); do person proud କ.ଭା. ସମ୍ମାନର ସହ ବ୍ୟବହାର କରିବା; କ୍ରି.ବିଂ. proudly.

**prove** କ୍ରି. ସତ୍ୟ ବୋଲି ପ୍ରମାଣ କରିବା; ସାକ୍ଷ୍ୟ ବା ଯୁକ୍ତି ସାହାଯ୍ୟରେ ପ୍ରମାଣ କରିବା; ପ୍ରତିପାଦନ କରିବା; ଜଣାପଡିବା; ଇଚ୍ଛାପତ୍ରର ବୈଧତା ପ୍ରମାଣ କରିବା; ଚକଟା ଅଟା ବା ମଇଦା ଫୁଲିବା; not proven (ବିଜ୍ଞାନ, ଆଇନ) ପ୍ରମାଣସିଦ୍ଧ ନ ହେବା; prove oneself କୃତିତ୍ୱ ବା ସାମର୍ଥ୍ୟ ପ୍ରଦର୍ଶନ କରିବା; ବିଂ. provable.

**provenance** ବି. ମୂଳ ଉତ୍ପତ୍ତି ସ୍ଥାନ ବା ଉଦ୍‌ଗମ ସ୍ଥଳ; ଇତିହାସ।

**Provencal** 1. ବିଂ. ପ୍ରୋଭେନ୍‌ସ୍ (ଫ୍ରାନ୍‌ସ୍) ସମ୍ବନ୍ଧୀୟ; 2. ବି. ପ୍ରୋଭେନ୍‌ସ୍‌ର ଅଧିବାସୀ ବା ଭାଷା।

**provender** ବି. ନଡା, ପାଳ (ଗୋଖାଦ୍ୟ); ପରି ମଣିଷମାନଙ୍କ ଖାଦ୍ୟବସ୍ତୁ।

**proverb** ବି. ସର୍ବସାଧାରଣ ବ୍ୟବହାର କରୁଥିବା ସଂକ୍ଷିପ୍ତ, ଭାବଗର୍ଭକ ଉକ୍ତି, ଯାହା କୌଣସି ଚିରନ୍ତନ ସତ୍ୟ ବା ଉପଦେଶାତ୍ମକ ଅର୍ଥ ପ୍ରକାଶ କରିଥାଏ; ଲୋକୋକ୍ତି; କୌଣସି ଗୁଣ ବା ବିଷୟର ନିଦର୍ଶନ ରୂପେ ସର୍ବଜନବିଦିତ ବ୍ୟକ୍ତି ବିଶେଷ ବା ବସ୍ତୁ।

**proverbial** ବିଂ. ଯାହା ଲୋକୋକ୍ତିରେ କୁହାଯାଇଛି; ବିଖ୍ୟାତ, ଜଣାଶୁଣା, କୁଖ୍ୟାତ; କ୍ରି.ବିଂ. proverbially.

**provide** କ୍ରି. ଯୋଗେଇବା, ଯୋଗେଇଦେବା; ବ୍ୟବହାର ବା ଦଖଲ ପାଇଁ ବ୍ୟବସ୍ଥା କରିଦେବା; ଯୋଗାଣ କରିବା; ଦୈନନ୍ଦିନ ଜୀବନଚର୍ଯ୍ୟାପାଇଁ ସର୍ବନିମ୍ନ ଆବଶ୍ୟକତାର ବ୍ୟବସ୍ଥା କରିବା; ଯଥାଯଥ ଭାବେ ପ୍ରସ୍ତୁତ ହେବା; ସର୍ତ୍ତ ରଖିବା; provided (providing) that ଏହି ସର୍ତ୍ତ ବା ବୁଝାମଣା ଉପରେ।

**providence** ବି. ଦୂରଦୃଷ୍ଟି, ସମୟୋଚିତ କାର୍ଯ୍ୟ; ପ୍ରକୃତି ବା ଈଶ୍ୱରଙ୍କ ମଙ୍ଗଳକର ବିଧାନ; Providence ମଙ୍ଗଳମୟ ଈଶ୍ୱର।

**provident** ବିଂ. ଦୂରଦୃଷ୍ଟି ସମ୍ପନ୍ନ; ହିସାବୀ, ମିତବ୍ୟୟୀ।

**providential** ବିଂ. ଐଶ୍ୱରିକ ଦୂରଦୃଷ୍ଟି ଜନିତ; ଐଶ୍ୱରିକ ବା ଆଧିଭୌତିକ (ଇଚ୍ଛା, କାର୍ଯ୍ୟ ବା ସମାଧାନ), ଭାଗ୍ୟବାନ; କ୍ରି.ବିଂ. providentially.

**provider** ବି. ପରିବାରର ଅନ୍ନସଂସ୍ଥାନ କରୁଥିବା ବ୍ୟକ୍ତି; ଖାଦ୍ୟ ଯୋଗାଣକାରୀ।

**province** ବି. ରାଷ୍ଟ୍ର ବିଶେଷର ପ୍ରଶାସନିକ କ୍ଷେତ୍ର (ରାଜ୍ୟ, ପ୍ରଦେଶ); କର୍ମ ବା ବ୍ୟବସାୟର କ୍ଷେତ୍ର; ଜ୍ଞାନର ଶାଖା; ଇତି. ରୋମୀୟ ଶାସନ ବାହାରେ ଥିବା ଅଞ୍ଚଳ; the provinces ରାଜଧାନୀ ସହର ବ୍ୟତୀତ ସମଗ୍ର ରାଷ୍ଟ୍ର।

**provincial** 1. ବିଂ. ପ୍ରାଦେଶିକ, କୌଣସି ପ୍ରଦେଶ ବା ଅଞ୍ଚଳ ବିଶେଷର ସ୍ୱାର୍ଥ ବା ସୀମିତ ବିଚାରଧାରା ସମ୍ପର୍କିତ; 2. ବି. ଗୋଟିଏ ବା ସମସ୍ତ ପ୍ରଦେଶର ଅଧିବାସୀ (ଗଣ); ବି. provincialism.

**provision** 1. ବି. ବ୍ୟବସ୍ଥା; ଭବିଷ୍ୟତ ପାଇଁ ପ୍ରସ୍ତୁତି; କୌଣସି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଅର୍ଥ; ବ.ବରେ ଖାଦ୍ୟ ପାନୀୟର ଯୋଗାଣ ବା ବ୍ୟବସ୍ଥା; ବିଧିବଦ୍ଧ ଭାବରେ ଉଲ୍ଲିଖିତ ବ୍ୟବସ୍ଥା ବା ବିଧି; 2. କ୍ରି. ଖାଦ୍ୟ ପାନୀୟ ଯୋଗାଣ କରିବା।

**provisional** ବିଂ. ତାତ୍‌କ୍ଷଣିକ ଆବଶ୍ୟକତା ପୂରଣ ପାଇଁ ଉଦ୍ଦିଷ୍ଟ, ଅସ୍ଥାୟୀ, କାମଚଳା।

**provisionally** କ୍ରି.ବିଂ. ଅସ୍ଥାୟୀ ଭାବରେ, କାମଚଳା ଭାବରେ।

Digitized by srujanika@gmail.com

**proviso** ବି. ( ବ.ବ. provisos) ସର୍ତ୍ତ, ଚୁକ୍ତି; ବିଂ. provisory.

**provocation** ବି. ଉତ୍ତେଜନା ସୃଷ୍ଟି; କ୍ରୋଧସୃଷ୍ଟି ପାଇଁ କାରଣ; ବିରକ୍ତି ବା ଉତ୍ତେଜନାର କାରଣ।

**provocative** ବିଂ. ଉତ୍ତେଜନା ସୃଷ୍ଟିକାରୀ, କ୍ରୋଧ ବା ବିରକ୍ତି ଜାତ କରୁଥିବା।

**provoke** କ୍ରି. ଉତ୍ତେଜିତ କରିବା; କ୍ରୋଧ, ବିରକ୍ତି ଉତ୍ତେଜନା ପ୍ରଭୃତି ଜାତ କରିବା; ଭାବନା ଜାତ କରିବା, ଭୁଲେଇବା; ଆକର୍ଷଣ ବା ଲୋଭ ସୃଷ୍ଟି କରିବା।

**provost** ବି. କତିପୟ ଉଚ୍ଚଶିକ୍ଷାନୁଷ୍ଠାନର ମୁଖ୍ୟ; ସ୍କଟଲେଣ୍ଡରେ ପୌରସଂସ୍ଥାର ମୁଖ୍ୟ ବା ନଗରପାଳ (provost marshal); ଶିବିରରେ ବା କାର୍ଯ୍ୟରତ ସାମରିକ ପୁଲିସ୍ ବାହିନୀର ମୁଖ୍ୟ।

**prow** ବି. ଡଙ୍ଗା ବା ଜାହାଜର ମଙ୍ଗ ସଂଲଗ୍ନ ଅଂଶ; କ୍ରମଶଃ ସରୁହୋଇ ବାହାରି ଆସିଥିବା ସାମ୍ନା ଭାଗ।

**prowess** ବି. କାଇଦା, କୌଶଳ; ବିଚକ୍ଷଣତା, ବୀରତ୍ୱ, ସାହସିକତା।

**prowl** 1. କ୍ରି. ଆହାର ବା ଶିକାର ଅନ୍ୱେଷଣରେ ଲୁଚିଛପି ବୁଲିବା; କାହାକୁ ହଠାତ୍ ଧରିବା ପାଇଁ ବା କାବୁ କରିବା ପାଇଁ ଲୁଚିଛପି ବା ଗୋପନରେ ବୁଲିବା; ସେଭଳି ଭାବରେ ବୁଲାଚଲା କରିବା; ବିବ୍ରତ ବା ଅଶାନ୍ତ ଭାବରେ ପଦଚାରଣା କରିବା; 2. ବି. ଶିକାର ଅନ୍ୱେଷଣ; ଗୋପନ ଅଭିଯାନ।

**prox** *ସଂଖ. ଦ୍ର.* proximo.

**proximate** ବିଂ. ନିକଟତମ; କାଳ, କ୍ରମ ବା ଘଟଣାଚକ୍ରରେ ଠିକ୍ ପୂର୍ବରୁ ବା ପଛରେ; ପ୍ରାୟ, ଆନୁମାନିକ।

**proximity** ବି. କାଳ ବା ସ୍ଥାନରେ ନିକଟତମ; ପ୍ରତିବେଶୀ, ନୈକଟ୍ୟ।

**proximo** ବିଂ. (ବାଣିଜ୍ୟରେ) ପରବର୍ତ୍ତୀ ମାସର।

**proxy** ବି. ପ୍ରତିନିଧି, ଅନ୍ୟ କାହାରି ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସଂସ୍ଥା; ଅନ୍ୟ କାହାରି ପାଇଁ ମତଦାନ କରିବାର ଅନୁମତିପତ୍ର ବା ସେଭଳି ପ୍ରଦତ୍ତ ମତାଧିକାର।

**prude** ବି. ଆଚାର ବ୍ୟବହାର ବା କଥାବାର୍ତ୍ତାରେ ଅତ୍ୟଧିକ ( ବିଶେ. ଲୋକ ଦେଖାଣିଆ) ଔଚିତ୍ୟ ପ୍ରଦର୍ଶନ କରୁଥିବା ବ୍ୟକ୍ତି (ବିଶେଷ କରି ଯୌନାଚାରରେ); ବି. prudery; ବିଂ. prudish; କ୍ରି.ବିଂ. prudishly; ବି. prudishness.

**prudent** ବିଂ. ସାବଧାନତା ବା ଦୂରଦୃଷ୍ଟି ସଂପନ୍ନ; (ବ୍ୟକ୍ତି, ବ୍ୟବହାର); ଚିନ୍ତାଶୀଳ; ବି. prudence; କ୍ରି.ବିଂ. prudently.

**prudential** ବିଂ. ସାବଧାନତା ବା ଦୂରଦୃଷ୍ଟିପୂର୍ଣ୍ଣ; କ୍ରି.ବିଂ. prudentially.

**prune**[1] କ୍ରି. ଉତ୍ତମ ଅଭିବୃଦ୍ଧି ବା ସୌନ୍ଦର୍ଯ୍ୟ ପାଇଁ ଗଛର ଡାଳପତ୍ର ପ୍ରଭୃତି କାଟିବା; ଅନାବଶ୍ୟକ ବା ଅତିରିକ୍ତ ମନେ କରାଯାଉଥିବା ଅଂଶ କାଟି ବାହାର କରିଦେବା; କମେଇ ଦେବା ବା ନିଷ୍କାସିତ କରିଦେବା।

**prune**[2] ବି. ଶୁଖିଲା ଆଳୁବଖରା।

**prurient** ବିଂ. କାମବିକାରଗ୍ରସ୍ତ, କାମ ବିକାର ଜାତ; ବି. prurience.

**Prussian** 1. ବିଂ. ପ୍ରସିଆର, ପ୍ରସିଆ ଦେଶ ସମ୍ବନ୍ଧିତ; 2. ବି. ପ୍ରସିଆର ଅଧିବାସୀ।

**Prussian blue** ବି. ଓ ବିଂ. ଘନ ନୀଳରଙ୍ଗ।

**Prussic** ବିଂ. ପ୍ରସାନ୍ ନୀଳ ରଙ୍ଗର ବା ତତ୍‌ସମ୍ବନ୍ଧିତ।

**prussic acid** ବି. ଅତ୍ୟନ୍ତ ବିଷକର ହାଇଡ୍ରୋସ୍ୟାନିକ୍ ଅମ୍ଳ।

**pry** କ୍ରି. ଅନଧିକାର ଚର୍ଚ୍ଚା କରିବା; ଅଶାଳୀନ ଭାବରେ କାହାରି ବ୍ୟକ୍ତିଗତ ଜୀବନ ବା ଘରୋଇ କଥା ଜାଣିବା ପାଇଁ ଚାହିଁବା; ଉଣ୍ଡିବା; ପ୍ରଶ୍ନିଳ ଦୃଷ୍ଟିରେ ଦେଖିବା।

**PS** *ସଂଖ. ଦ୍ର.* postscript.

| |
|---|
| ଶବ୍ଦ ଆରମ୍ଭରେ **ps** ଥିଲେ, 'ସ' ଉଚ୍ଚାରିତ ହୁଏ। |

**psalm** (ସାମ୍) ବି. ପବିତ୍ର ଗୀତିକା; ଧର୍ମସଙ୍ଗୀତ; ଭକ୍ତିଗୀତ; (the book of) Psalms ପବିତ୍ର ବାଇବେଲର ଓଲ୍ଡ଼ ଟେଷ୍ଟାମେଣ୍ଟର ଏକ ଅଧ୍ୟାୟ।

**psalmist** (ସାମିଷ୍ଟ) ବି. ଭକ୍ତି ସଙ୍ଗୀତ ବା କାବ୍ୟକବିତାର ରଚୟିତା।

**psalmody** (ସାମଡ଼ି) ବି. ସାମଗାୟନର ପଦ୍ଧତି ବା କଳା ( ବିଶେ. ସାର୍ବଜନୀନ ଆରାଧନାରେ)।

**Psalter** ବି. 'ବୁକ୍ ଅଫ୍ ସାମ୍‌ସ' (ବାଇବେଲ୍); psalter 'ବୁକ୍ ଅଫ୍ ସାମ୍‌ସ' ପୁସ୍ତିକା ବା ତା'ର ରୂପାନ୍ତର।

**psaltery** ବି. ପ୍ରାଚୀନ ତାର ସଙ୍ଗୀତ ଯନ୍ତ୍ର ବିଶେଷ।

**psephology** (ସେଫଲଜି) ବି. ନିର୍ବାଚନ ଏବଂ ମତଦାନର ଧାରା ସମ୍ପର୍କରେ ବିଶେଷ ଅଧ୍ୟୟନ ବା ଜ୍ଞାନ।

Digitized by srujanika@gmail.com

**psephologist** ବି. ନିର୍ବାଚନ ବା ମତଦାନର ଧାରାର ବିଶେଷଜ୍ଞ ।

**pseud** (ସ୍ୟୁଡ୍) *କ.ଭା.* ବିଂ. ଛଳନାକାରୀ, ନକଲି, ଯୋଗ୍ୟତାଠାରୁ ଅଧିକ ଆକାଂକ୍ଷା ବା ପ୍ରତ୍ୟାଶା ରଖୁଥିବା ।

**pseudo** (ସ୍ୟୁଡୋ) ବି., ବିଂ. (ବ.ବ. pseudos) =pseud.

**pseudo–** ଢ଼ଂ. ନକଲି; ଯାହା ଅସଲି ବା ପ୍ରକୃତ ଜିନିଷ ଭଳି ମନେ ହୁଏ ।

**pseudonym** (ସ୍ୟୁଡନମ୍) ବି. ଛଦ୍ମନାମ (ବିଶେ. ଲେଖକମାନଙ୍କ); ବି. pseudonymity; ବିଂ. pseudonymus.

**psi** ବି. (ପ୍‌ସାଇ, ସାଇ) ଗ୍ରୀକ୍ ବର୍ଣ୍ଣମାଳାର ତ୍ରୟବିଂଶତମ ବର୍ଣ୍ଣ( ) ।

**psoriasis** (ସରିଆସିସ୍) ବି. ଚର୍ମରୋଗବିଶେଷ ।

**psst** *ଅବ୍ୟ.* ଦୃଷ୍ଟି ଆକର୍ଷଣ କରିବାପାଇଁ ବା ଅନ୍ୟ କେହି ନଜାଣିବା ଭଳି ଡାକିବା ପାଇଁ ଧ୍ୱନି ।

**PSV** *ସଂକ୍ଷି.* public service vehicle ସର୍ବସାଧାରଣଙ୍କ ସେବାରେ ନିୟୋଜିତ ଯାନବାହନ ।

**psyche** (ସାଇକି) ବି. ଆତ୍ମା, ମନ, ମସ୍ତିଷ୍କ ।

**psychedelic** (ସାଇକିଡେଲିକ୍) ବିଂ. ମାୟାଜାଲ ବା ଇନ୍ଦ୍ରଜାଲ ସୃଷ୍ଟି କରୁଥିବା; ମନୋଭ୍ରମକାରୀ; ମନଶ୍ଚେତନାର ଅଭିବୃଦ୍ଧି କରୁଥିବା; ବହୁବିଧ ରଙ୍ଗ ବା ଧ୍ୱନି ସମ୍ବଳିତ ।

**psychiatric** (ସାଇକିଏଟ୍ରିକ୍) (psychiatrical ମଧ୍ୟ) ମନସ୍ତାତ୍ତ୍ୱିକ, ମନସ୍ତତ୍ତ୍ୱ ସମ୍ବନ୍ଧୀୟ; କ୍ରି.ବିଂ. psychiatrically.

**psychiatrist** ବି. ମନସ୍ତତ୍ତ୍ୱବିତ୍, ମନସ୍ତାତ୍ତ୍ୱିକ ।

**psychiatry** (ସାଇକିଅଟ୍ରି) ବି. ମନସ୍ତତ୍ତ୍ୱ ବିଜ୍ଞାନ; ମାନସିକ ରୋଗର ଅଧ୍ୟୟନ ଏବଂ ଚିକିତ୍ସା ।

**psychic** (ସାଇକିକ୍) 1. ବିଂ. ମନସ୍ତାତ୍ତ୍ୱିକ; ମାନସିକ ବା ତାଂତ୍ରିକ ଶକ୍ତି ପ୍ରୟୋଗ କରିବାରେ ସକ୍ଷମ; ଅଲୌକିକ; 2. ବି. ମନସ୍ତାତ୍ତ୍ୱିକ ପ୍ରଭାବ ପ୍ରବଣ ବ୍ୟକ୍ତି, ମାଧ୍ୟମ ।

**psychical** ବିଂ. ଆତ୍ମା ବା ମନ ସଂକ୍ରାନ୍ତୀୟ; ମାନସିକ; ଦୈହିକ ବା ଜାଗତିକ ନିୟମ ବହିର୍ଭୂତ ମନେ କରାଯାଉଥିବା ଘଟଣାବଳୀ ବା ଅବସ୍ଥା ସମ୍ବନ୍ଧିତ; କ୍ରି.ବିଂ. psychically.

**psychics** ବି. ମନସ୍ତାତ୍ତ୍ୱିକ ଘଟଣାବଳୀର ଅଧ୍ୟୟନ ।

**psycho–** ଢ଼ଂ. ମନ ବା ଆତ୍ମା ସଂପର୍କିତ ।

**psychoanalyse** କ୍ରି. ମନୋବୈଜ୍ଞାନିକ ଅନୁଶୀଳନଦ୍ୱାରା ଉପଚାର ବା ଚିକିତ୍ସା କରିବା ।

**psychoanalysis** ବି. ମନୋବିଜ୍ଞାନିକ ଅନୁଶୀଳନଦ୍ୱାରା ଉପଚାର ବା ଚିକିତ୍ସା; ବି. psychoanalyst; ବିଂ. psychoanalytic; ବିଂ. psychoanalytical.

**psychological** ବିଂ. ମାନସିକ, ମନସ୍ତାତ୍ତ୍ୱିକ ।

**psychologically** କ୍ରି.ବିଂ. ମାନସିକ ଭାବରେ; ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ।

**psychological moment** ବି. ମନସ୍ତାତ୍ତ୍ୱିକ ବା ମାନସିକ ଦୃଷ୍ଟିକୋଣରୁ ସର୍ବୋତ୍କୃଷ୍ଟ ସମୟ; *କ.ଭା.* ସର୍ବୋତ୍କୃଷ୍ଟ ସମୟ ।

**psychological warfare** ବି. ଶତ୍ରୁର ମାନସିକ ଶକ୍ତିକୁ ଦୁର୍ବଳ କରି ଲକ୍ଷ୍ୟହାସଲ କରିବା; ସେଭଳି ଯୁଦ୍ଧ ।

**psychologist** ବି. ମନସ୍ତତ୍ତ୍ୱବିତ୍, ମନୋବିଜ୍ଞାନୀ, ମନୋବୈଜ୍ଞାନିକ ।

**psychology** ବି. ମଣିଷର ମନର ଅନୁଶୀଳନ; ମନୋବିଜ୍ଞାନ, ମନସ୍ତତ୍ତ୍ୱ; ମନସ୍ତତ୍ତ୍ୱ ସଂକ୍ରାନ୍ତୀୟ ଅଧ୍ୟୟନ ବା ଶାସ୍ତ୍ର; *କ.ଭା.* ମାନସିକ ଅବସ୍ଥା ବା ଦୋଷଗୁଣ ।

**psychoneurosis** ବି. ସ୍ନାୟବିକ ଦୁର୍ବଳତା ବା ରୋଗ, ବିଶେ. ପରୋକ୍ଷ ଆବେଗିକ ଅନୁଭୂତି ସହ; ବିଂ. psychoneurotic.

**psychopath** ବି. ଦୀର୍ଘକାଳ ଧରି ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ବା ମାନସିକ ଅସୁସ୍ଥ ବ୍ୟକ୍ତି (ବିଶେଷତଃ ଅସ୍ୱାଭାବିକ ସାମାଜିକ ବ୍ୟବହାର ସହ); ମାନସିକ ବା ଆବେଗିକ ଅସ୍ଥିରତା ଭୋଗୁଥିବା ବ୍ୟକ୍ତି; ବିଂ. psychopathic.

**psychopathology** ବି. ମାନସିକ ରୋଗ ବା ବିକାରର ଅଧ୍ୟୟନ ବା ଅନୁଶୀଳନ ।

**psychopathy** ବି. ମାନସିକ ବିକାରଗ୍ରସ୍ତ ବ୍ୟକ୍ତିର ଅବସ୍ଥା ।

**psychosis** ବି. (ବ.ବ. psychoses) ସମଗ୍ର ବ୍ୟକ୍ତିତ୍ୱକୁ ପ୍ରଭାବିତ କରୁଥିବା ଗୁରୁତର ମାନସିକ ବିକାର ।

**psychosomatic** ବିଂ. ଶରୀର ଓ ମନ ଉଭୟ ସମ୍ବନ୍ଧୀୟ; ମାନସିକ ଚାପ ଦ୍ୱାରା ଘଟିତ ବା ପରିବର୍ଦ୍ଧିତ ରୋଗ; କ୍ରି.ବିଂ. psychosomatically.

Digitized by srujanika@gmail.com

**psychosurgery** ବି. ମାନସିକ ରୋଗର ଚିକିତ୍ସା ପାଇଁ ମସ୍ତିଷ୍କର ଅସ୍ତ୍ରୋପଚାର ।
**psychotherapist** ବି. ମନୋବିଜ୍ଞାନୀ ଚିକିତ୍ସକ, ମନୋବିଜ୍ଞାନିକ ପଦ୍ଧତିରେ ମାନସିକ ରୋଗୀର ଚିକିତ୍ସା କରୁଥିବା ବ୍ୟକ୍ତି ।
**psychotherapy** ବି. ମନୋବିଜ୍ଞାନିକ ପଦ୍ଧତିରେ ମାନସିକ ବିକାରର ଚିକିତ୍ସା; ବିଂ. psychotherapeutic.
**psychotic** 1. ବିଂ. ମାନସିକ ରୋଗଗ୍ରସ୍ତ; 2. ବି. ମାନସିକ ରୋଗୀ ।
**PT** *ସଂଶ.* physical training ଶାରୀରିକ ଶିକ୍ଷା ।
**pt.** *ସଂଶ.* part ଅଂଶ; pint ତରଳ ପଦାର୍ଥର ମାପ ବିଶେଷ; point ବିନ୍ଦୁ; port ପୋତାଶ୍ରୟ ।
**Pt** *ସ୍ତ.* platinum ପ୍ଲାଟିନମ୍ ଧାତୁ ।
**PTA** *ସଂଶ.* parent-teacher association.
**ptarmigan** (ଟାମିଗାନ୍) ବି. ପକ୍ଷୀବିଶେଷ ।
**Pte** *ସଂଶ.* Private (soldier) ସୈନିକ ।
**pterodactyl** (ଟେରୋଡେକ୍‌ଟିଲ୍) ବି. ଅଧୁନା ଲୁପ୍ତ ପକ୍ଷଧାରୀ ସରୀସୃପ ବିଶେଷ ।
**PTO** *ସଂଶ.* please turn over ଦୟାକରି ପୃଷ୍ଠା ଓଲଟାନ୍ତୁ ।
**Ptolemaic** (ଟଲେମେଇକ୍) ବିଂ. *ଜ୍ୟୋ.* ଗ୍ରୀକ୍ ଜ୍ୟୋତିର୍ବିଜ୍ଞାନୀ ଟଲେମିଙ୍କ (ଖ୍ରୀ.ପୂ. ୨ୟ ଶତାବ୍ଦୀ) ତତ୍ତ୍ୱାନୁସାରେ (ପୃଥିବୀର ଚତୁର୍ଦ୍ଦିଗରେ ସୂର୍ଯ୍ୟ ନକ୍ଷତ୍ରାଦି ଘୂର୍ଣ୍ଣାୟମାନ) ।
**ptomaine** (ଟଉମେଇନ୍) ବି. ବହୁବିଧ ଏମିନ୍ ମଧ୍ୟରୁ ଗୋଟିଏ, ଯାହା ଜୀବ ଏବଂ ଉଦ୍ଭିଦ ତନ୍ତ୍ୱକୁ ପଚ଼ମାନଙ୍କରେ ।
**Pu** *ସ୍ତ.* plutonium ପ୍ଲୁଟୋନିୟମ୍ ।
**pub** ବି. *କ.ଭା.* public house ପାନଶାଳା ।
**pub-crawl** ବି. ଏକାଧିକ ପବ୍ ବା ପାନଶାଳା ଗମନ ଏବଂ ପ୍ରତ୍ୟେକ ସ୍ଥାନରେ ମଦ୍ୟପାନ ।
**puberty** ବି. ଯେଉଁ ସମୟରେ ଜନନେନ୍ଦ୍ରିୟ ପ୍ରାକୃତିକ ଏବଂ ସ୍ୱାଭାବିକ ଭାବରେ ପ୍ରଜନନକ୍ଷମ ଅବସ୍ଥାକୁ ଆସେ; ବୟଃପ୍ରାପ୍ତି; ବିଂ. pubertal.
**pubes** ବି. ତଳିପେଟର ନିମ୍ନଭାଗ ।
**pubescence** ବି. ବୟଃପ୍ରାପ୍ତି; ପ୍ରାଣୀ ବା ଉଦ୍ଭିଦର କୋମଳ ଲୋମ; ବିଂ. pubescent.
**pubic** ବିଂ. ତଳିପେଟର ନିମ୍ନାଂଶର ଉପସ୍ଥ ସମ୍ବନ୍ଧିତ ।
**pubis** ବି. ( ବ.ବ. pubes) ତଳିପେଟର (ଅର୍ଦ୍ଧେକ) ସମ୍ମୁଖସ୍ଥ ହାଡ ।
**public** 1. ବିଂ. ସର୍ବସାଧାରଣଙ୍କର ବା ସର୍ବଜନୀନ; ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା, ସାଧାରଣ ଜ୍ଞାତବ୍ୟ; ଯାହା ଗୋପନୀୟ ନୁହେଁ; ଜନସାଧାରଣଙ୍କ ସେବାରେ ନିୟୋଜିତ; ସରକାରୀ; ସର୍ବଜନୀନ କାର୍ଯ୍ୟରତ; 2. ବି. ସର୍ବସାଧାରଣଙ୍କ ଭିତରୁ ଜଣେ, ସର୍ବସାଧାରଣ, ସର୍ବସାଧାରଣ ମଧ୍ୟରେ ଗୋଷ୍ଠୀ ବିଶେଷ (the reading public); in public ଖୋଲାଖୋଲି ଭାବରେ, ସମସ୍ତେ ଜାଣିବା ବା ଦେଖିବା ଭଳି ।
**public-address system** ବି. ଡାକବାଜି ଯନ୍ତ୍ରପାତି ।
**publican** ବି. ପବ୍ ବା ପାନଶାଳାର ମାଲିକ ବା ବ୍ୟବସ୍ଥାପକ ।
**publication** ବି. ପ୍ରକାଶନ; ପୁସ୍ତକ, ପତ୍ରପତ୍ରିକା ପ୍ରକାଶ କରି ପାଠକ ବା ଗ୍ରାହକମାନଙ୍କୁ ଯୋଗାଣ; ସର୍ବସାଧାରଣଙ୍କ ଗୋଚରାର୍ଥେ ଘୋଷଣା ବା ପ୍ରକାଶନ ।
**public company** ବି. ସର୍ବସାଧାରଣଙ୍କ ମଧ୍ୟରୁ ଯେକେହି ଅଂଶ ଖରିଦ୍ କରିପାରୁଥିବା କମ୍ପାନୀ ବା ବ୍ୟବସାୟ ସଂସ୍ଥା ।
**public figure** ବି. ସୁବିଖ୍ୟାତ ବ୍ୟକ୍ତି ।
**public house** ବି. ଲାଇସେନ୍ସ୍ ବା ଅନୁମତିପ୍ରାପ୍ତ ମଦଦୋକାନ ଯେଉଁଠି ଗ୍ରାହକମାନେ ମଦ କିଣି ପିଇ ପାରିବେ ।
**publicist** ବି. ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଅଭିଜ୍ଞ ବ୍ୟକ୍ତି ବା ଲେଖକ; ବିଜ୍ଞାପନ ବା ପ୍ରଚାର କାର୍ଯ୍ୟରେ ଅଭିଜ୍ଞ ବ୍ୟକ୍ତି ।
**publicity** ବି. ପ୍ରଚାର, ବିଜ୍ଞାପନ; ସର୍ବସାଧାରଣଙ୍କ ଗୋଚରାର୍ଥେ ବା ଦୃଷ୍ଟି ଆକର୍ଷଣ ପାଇଁ କରାଯାଉଥିବା କାର୍ଯ୍ୟ; ଅପଯଶ ।
**publicize** *କ୍ରି.* ପ୍ରଚାର କରିବା; ସର୍ବସାଧାରଣଙ୍କୁ ଜଣେଇବା, ବିଶେଷତଃ ବିଜ୍ଞାପନ ମାଧ୍ୟମରେ ।
**public lending right** ବି. ସାଧାରଣ ପାଠାଗାରଦ୍ୱାରା ଯେଉଁ ଲେଖକଙ୍କ ପୁସ୍ତକ ଗ୍ରାହକର ବ୍ୟବହାର ପାଇଁ ମୂଲ୍ୟ ବିନିମୟରେ ଯୋଗାଇ ଦିଆଯାଏ ।
**public relations** ବି. ଜନସାଧାରଣ ବା ଗ୍ରାହକଙ୍କ ସହ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ସରକାର, ବ୍ୟବସାୟ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା କରାଯାଉଥିବା ପ୍ରଚାର କାର୍ଯ୍ୟ; ଲୋକ ସଂପର୍କ ।

Digitized by srujanika@gmail.com

**public school** ବି. ସାଧାରଣ ପାଣ୍ଠିରୁ ଅନୁଦାନପ୍ରାପ୍ତ କିନ୍ତୁ ସ୍ୱାଧୀନ ଭାବରେ ପରିଚାଳିତ ଶିକ୍ଷାନୁଷ୍ଠାନ, ଯେଉଁଠି ବିଦ୍ୟାଧ୍ୟାୟୀମାନେ ନିର୍ଦ୍ଧାରିତ ଫିଜ୍ ଦାଖଲ କରିଥାନ୍ତି।

**public servant** ବି. ସରକାରୀ ଚାକିରିଆ।

**public–spirited** ବିଂ. ସର୍ବସାଧାରଣଙ୍କ କାର୍ଯ୍ୟ କରିବା ପାଇଁ ତତ୍ପର; ବି. public-spirit.

**public transport** ବି. ସର୍ବସାଧାରଣ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଯାନବାହନ (ବସ୍, ଟ୍ରେନ୍ ପ୍ରଭୃତି)।

**public works** ବି. ସରକାରଙ୍କ ଦ୍ୱାରା ଜନସାଧାରଣଙ୍କ ପାଇଁ କୋଠାବାଡ଼ି ନିର୍ମାଣ।

**publish** କ୍ରି. ପ୍ରକାଶ ବା ପ୍ରସାର କରିବା; ବହିପତ୍ର ବା ପତ୍ରିକା ବିକ୍ରୟ ଉଦ୍ଦେଶ୍ୟରେ ବଜାରକୁ ଛାଡ଼ିବା; ସର୍ବସାଧାରଣଙ୍କୁ ଜଣେଇବା।

**publisher** ବି. ପ୍ରକାଶକ ବା ପ୍ରକାଶନ ସଂସ୍ଥା, ଯେ ପୁସ୍ତକ ପତ୍ରପତ୍ରିକା ପ୍ରଭୃତି ପ୍ରକାଶ କରି ବିକ୍ରୀ, ପ୍ରସାର ବା ପ୍ରଚାରର ବ୍ୟବସ୍ଥା କରନ୍ତି।

**puce** ବି. ଓ ବିଂ. ବାଦାମୀ-ବାଇଗଣି ବା ଗାଢ଼ ଲାଇରଙ୍ଗ।

**puck**[1] ବି. ବରଫ-ହକି ଖେଳରେ ବଲ୍ ଭାବରେ ବ୍ୟବହୃତ ରବର ଚକି।

**puck**[2] ବି. ଅନିଷ୍ଟକାରୀ ପ୍ରେତାତ୍ମା; ବିଂ. puckish.

**pucker** 1. କ୍ରି. ସିଲେଇରେ ଟାଣିଶୁଣି ବା ଭୁଲବଶତଃ ଲୁଗା ମୋଟାମୋଟି ବା କୁଞ୍ଚୁକୁଞ୍ଚୁ ହେବା; 2. ବି. କୁଞ୍ଚ, ଭାଙ୍ଗ।

**pud** ବି. କ.ଭା. pudding ପୁଡିଙ୍ଗ।

**pudding** ବି. ପୁଡିଙ୍ଗ୍; ଚିନି, ଅଣ୍ଡା ପ୍ରଭୃତିରେ ତିଆରି ମିଷ୍ଟାନ୍ନ; ମଇଦା ବା ଅଟା ଗୁଣ୍ଡାରେ ପୁରଦେଇ ସିଝାଇ ଛାଣି ବା ବେକ୍ (bake) କରି ପ୍ରସ୍ତୁତ ପିଠା ବା ମଣ୍ଡା ଜାତୀୟ ମିଷ୍ଟାନ୍ନ; ଏକପ୍ରକାର ସସେଜ୍ (sausage), ଯଥା ବ୍ଳେକ୍ ପୁଡିଙ୍ଗ (black pudding); କ.ଭା. ମାଦାଳିଆ, ମୋଟାସୋଟା ବା ବୋକା କିସମର ଲୋକ; ବିଂ. puddingy.

**puddle** 1. ବି. ଛୋଟ ଗାଡିଆ; ରାସ୍ତା ଉପରେ ବର୍ଷାପାଣି ଜମିରହିଥିବା ଖାଲ; କାଦୁଅ; ମାଟିର ଜଳନିରୋଧକ ଲେପ; 2. କ୍ରି. କାଦୁଅ କରିବା; ମାଟି ଓ ବାଲି ପାଣିରେ ଚକଟିବା, ଗିଲା କରିବା; ତରଳୀକୃତ ଲୁହାରୁ ଅଙ୍ଗାର ଅଂଶ ନିଷ୍କାସିତ କରିବା; ବିଂ. puddly.

**pudendum** ବି. (ବ.ବ. pudenda) ଜନନେନ୍ଦ୍ରିୟ (ବିଶେ. ସ୍ତ୍ରୀଲୋକଙ୍କର)।

**puerile** ବିଂ. ପିଲାଳିଆ, ଅପରିପକ୍ୱ, ଗୁରୁତ୍ୱହୀନ; ବି. puerility.

**puerperal** ବିଂ. ସନ୍ତାନ ପ୍ରସବ ଜନିତ।

**puerperal fever** ବି. ପ୍ରସବୋତ୍ତର ଜ୍ୱର (ବିଶେ. ଜରାୟୁରେ ରୋଗ ସଂକ୍ରମଣ ଜନିତ)।

**puff** 1. ବି. ଦମକାଏ ପବନ ବା ନିଃଶ୍ୱାସ, ସେଭଳି ଶବ୍ଦ; ପାଇପ, ସିଗାରେଟ୍ ପ୍ରଭୃତିରେ ଫୁଙ୍କାଏ ଧୂଆଁ ଟାଣିବା; କିଛି ପରିମାଣରେ ଧୂଆଁ ନିର୍ଗତ କରିବା; ଅଯଥାର୍ଥ ପ୍ରଶଂସାପୂର୍ଣ୍ଣ ସମୀକ୍ଷା ବା ବିଜ୍ଞାପନ; cream puff ଏକପ୍ରକାର ହାଲୁକା କେକ୍; powder puff ପାଉଡର ବୋଳିବା ପାଇଁ ବ୍ୟବହୃତ ଗଦି; 2. କ୍ରି. ପବନ ବା ଧୂଆଁ ଫୁଙ୍କାଫୁଙ୍କା କରି ଛାଡିବା; ହୁକା ବା ପାଇପ୍‌ରୁ ଧୂଆଁ ଟାଣିବା; ଧଇଁସଇଁ ହେବା; ଅଣନିଃଶ୍ୱାସୀ ହେବା; ଧୂଳି, ବାଲି ପ୍ରଭୃତି ହାଲୁକା ପଦାର୍ଥ ଫୁଙ୍କି ଉଡେଇବା; ଫୁଲିବା ବା ଫୁଲେଇବା; ଭ୍ରମାତ୍ମକ ବିଜ୍ଞାପନ ସାହାଯ୍ୟରେ ଅଯଥା ପ୍ରଶଂସା କରିବା; puff up ଫୁଲିବା, ଗର୍ବରେ ଫୁଲିଯିବା (puffed up with pride).

**puff–adder** ବିଂ. ବିରାଟ, ବିଷାକ୍ତ ଆଫ୍ରିକୀୟ ସାପ ଯାହାର ଶରୀରର ଉପରିଭାଗ ଉତ୍ତେଜିତ ହେବା ସମୟରେ ଫୁଲି ଉଠେ।

**puffin** ବି. କ୍ଷୁଦ୍ର ରଙ୍ଗୀନ୍ ଚଞ୍ଚୁଯୁକ୍ତ ଆଟ୍ଲାଣ୍ଟିକ୍ ଔକ୍ ପକ୍ଷୀ ବିଶେଷ।

**puff pastry** ବି. ଏକ ପ୍ରକାର ହାଲୁକା ପେଷ୍ଟ୍ରି (ମିଷ୍ଟାନ୍ନ)।

**puff (puffed) sleeve** ବିଂ. ଫୁଲକା ହାତ (ବ୍ଲାଉଜ୍ ପ୍ରଭୃତି)।

**puffy** ବିଂ. ଫୁଲିଥିବା; ଫୁଲି ଉଠିଥବା, କ୍ରି.ବିଂ. puffily; ବି. puffiness.

**pug** ବି. ଚେପ୍‌ଟା ନାକ ଏବଂ କୁଞ୍ଚିତ ମୁହଁଥିବା ଗେଡାଧରଣର କୁକୁର ବିଶେଷ।

**pugilist** ବି. ପେଶାଦାର ମୁଷ୍ଟିଯୋଦ୍ଧା; ବି. pugilism; ବିଂ. pugilistic.

**pugnacious** ବିଂ. ଯୁଦ୍ଧଖୋର; କଳହ ପ୍ରିୟ, ବଦ୍‌ରାଗୀ।

Digitized by srujanika@gmail.com

**pugnacity** ବି. କଳହପ୍ରିୟତା, ବିବାଦପ୍ରିୟତା, ବଦ୍‌ରାଗ।

**pug–nosed** ବିଂ. ଚେପ୍‌ଟାନକା, ଯାହାର ନାକ ଚେପ୍‌ଟା।

**puisne** (ପ୍ୟୁନି) ବି. ମୁଖ୍ୟ ବିଚାରପତିଙ୍କ ପଦଠାରୁ ନିମ୍ନସ୍ଥ ଉଚ୍ଚ ନ୍ୟାୟାଳୟର ବିଚାରପତି।

**puissance** ବି. ପାଚେରି ବା ଉଚ୍ଚ ପ୍ରତିବନ୍ଧକ ଉପରେ ଲଂଫ ପ୍ରଦାନ କରିଯିବାର ପାରଦର୍ଶିତା (ଅଶ୍ୱଚାଳନା, ବିଶେ. ପ୍ରଦର୍ଶନ ସମୟରେ)।

**puissant** ବିଂ. *ପ୍ରା.ପ୍ର. ସାହି.* ଶକ୍ତିଶାଳୀ; ପ୍ରଭୂତ କ୍ଷମତାଶାଳୀ ବା ପ୍ରଭାବଶାଳୀ।

**puke** ବି. *ଓ* ବିଂ. *ସା.ପ୍ର.* ବାନ୍ତି (କରିବା)।

**pukka** ବିଂ. *କ.ଭା.* ପକ୍‌କା, ଅସଲି ଜିନିଷ, ଉତ୍ତମ ଗୁଣ ବିଶିଷ୍ଟ।

**pulchritude** ବି. *ସାହି.* ସୌନ୍ଦର୍ଯ୍ୟ।

**pulchritudinous** ବିଂ. *ସାହି.* ସୌନ୍ଦର୍ଯ୍ୟବାନ୍, ସୁନ୍ଦର।

**pule** କ୍ରି. କଇଁକଇଁ କାନ୍ଦିବା; ଦୁର୍ବଳ ଭାବରେ ବା ଚିଡ଼ ଚିଡ଼ ହୋଇ କାନ୍ଦିବା।

**pull** 1. କ୍ରି. ଟାଣିବା, ଆକର୍ଷିତ କରିବା; ଶକ୍ତି ପ୍ରୟୋଗ କରି ବସ୍ତୁକୁ ନିଜ ଆଡକୁ ବା ଶକ୍ତିର ସ୍ରୋତ ଆଡକୁ ଟାଣିବା; ଶକ୍ତି ପ୍ରୟୋଗ କରିବା; ଅସ୍ୱାଭାବିକ ଚାପଫଳରେ ମାଂସପେଶୀର କ୍ଷତ ସାଧିତ ହେବା; (ଟଂଗା ପ୍ରଭୃତି) ଚାଳନା କରିବା; ରସି ସାହାଯ୍ୟରେ ଚଳମାନ କରିବା; (ପାହାଡ଼ ପ୍ରଭୃତି ଉପରକୁ) କଷ୍ଟ ସ୍ୱୀକାର କରି ଆଗେଇବା; (ମାରଣାସ୍ତ୍ର) କାଢ଼ିବା; ପ୍ରସ୍ତୁତ କରିବା; (ଘୋଡାର) ଗତିରୋଧ କରିବା; ବେରେଲ୍ ପ୍ରଭୃତିରୁ ପାନୀୟ କାଢ଼ିବା; (କ୍ରିକେଟ୍, ଗଲ୍‌ଫ୍) ଲେଗ୍ ସାଇଡ଼କୁ ବଲ୍ ମାରିବା; ଛାପିବା; 2. ବି. ଆକର୍ଷଣ, ଟାଣିବା କାର୍ଯ୍ୟ, ଟାଣିବା ଶକ୍ତି; ପ୍ରଭାବ, ସୁବିଧା; ବଡ଼କରି ଢୋକେ ପିଇବା; ଛାପା ପ୍ରୁଫ୍; ଟାଣିବା ପାଇଁ ଉଦ୍ଦିଷ୍ଟ ହେଣ୍ଡଲ୍; କ୍ରିକେଟ୍ ବା ଗଲ୍‌ଫରେ ବାମ ଦିଗକୁ ବଲ୍‌ମାରିବା; pull apart (pull to pieces) ବିଭିନ୍ନ ଅଂଶଗୁଡିକୁ ବଳପୂର୍ବକ ବାହାର କରି ଆଣିବା; କଟୁ ବା ତୀବ୍ର ସମାଲୋଚନା କରିବା; pull back ପଛେଇ ଆଣିବା; ପଛକୁ ଟାଣିବା; pull down (ଘରବାଡି) ଭାଙ୍ଗିଦେବା; ଅପମାନିତ ବା ହିନସ୍ତା କରିବା; pull a fast one ଅନ୍ୟାୟ ଭାବରେ ଲାଭ ବା ସୁବିଧା ହାସଲ କରିବା; pull in ରୋଜଗାର କରିବା; ଯୋଗାଡ଼ କରିବା; (ଟ୍ରେନ୍, ଟ୍ରାମ୍) ଷ୍ଟେସନକୁ ପ୍ରବେଶ କରିବା; (ଗାଡିମଟର) ପାଖେଇ ଯିବା, ରାସ୍ତା କଡକୁ ବା ରାସ୍ତାତଳକୁ ନେଇ ଆସିବା; pull a person's leg ଥଟ୍ଟାରେ ପରିହାସରେ ଜଣକୁ ଠକିବା; pull off ଟାଣିକରି ବାହାର କରିଦେବା; ସଫଳତା ପାଇବା; ବିଜୟ ହାସଲ କରିବା; pull oneself together ପ୍ରକୃତିସ୍ଥ ହେବା; ନିଜ ଉପରେ ନିୟନ୍ତ୍ରଣ ଫେରିପାଇବା; pull out ବିଦାୟ ନେବା; ଦାୟିତ୍ୱ ବା ଜବାବରୁ ଓହରି ଯିବା; (ଟ୍ରେନ୍) ଷ୍ଟେସନ୍ ଛାଡିବା; କଡରୁ ଗାଡିମଟର ରାସ୍ତା ଉପରକୁ ଆସିବା; pull one's punches ସମଗ୍ର ଶକ୍ତି ବିନିଯୋଗ ନ କରିବା; ପ୍ରତିରୋଧ ପୂର୍ବକ ଶକ୍ତି ବ୍ୟବହାର କରିବା; pull rank ନିଜ ବରିଷ୍ଠତାର ଅପବ୍ୟବହାର କରି ସୁବିଧା ହାସଲ କରିବା; pull round (through) ରୋଗମୁକ୍ତ ହେବା; pull strings ପ୍ରଭାବ ପକାଇବା (ଗୋପନରେ); pull up ଗତିରୋଧ କରିବା, ଚାଳିବା ବନ୍ଦ କରି (ଗାଡି ପ୍ରଭୃତି) ଠିଆ ହେବା; ଭର୍ତ୍ସନା କରିବା; ନିଜକୁ ସଂଯତ କରିବା; pull one's weight ନିଜ ଭାଗରେ ନ୍ୟାଯ୍ୟ ଭାବରେ ପଡୁଥିବା କାର୍ଯ୍ୟ ସମ୍ପନ୍ନ କରିଦେବା।

**pullet** ବି.ପୋଷା କୁକୁଡା ଛୁଆ, ପୋଷା ଚଢ଼େଇ।

**pulley** ବି.କପିକଳ ବା ଖିଡ୍‌ଖିଡି; ଓଜନ ଉଠାଇବା ପାଇଁ ବା ବସ୍ତୁର ବେଗ ପରିବର୍ତ୍ତନ ପାଇଁ ବ୍ୟବହାର କରାଯାଉଥିବା ଭାରଦଣ୍ଡ (ଚକ, ଡ୍ରମ୍ ପ୍ରଭୃତି)।

**pull–in** ବି. ଗାଡିମଟର ସାମୟିକ ଭାବେ ରହିବା ପାଇଁ ବା କଡ଼େଇ ଯିବାପାଇଁ ଉଦ୍ଦିଷ୍ଟ ସ୍ଥାନ।

**Pullman** ବି. ବିଶେଷ ଆରାମଦାୟକ ରେଳବଗି ବା ବସ୍; ଶୟନଯାନ।

**pullover** ବି. ମୁଣ୍ଡ ଗଳେଇ ପିନ୍ଧା ହେଉଥିବା ଲୁଗା ବା ଗରମ ପୋଷାକ।

**pullulate** କ୍ରି. ବଢ଼ିବା; ଅଭିବୃଦ୍ଧି ଲାଭ କରିବା; ଭର୍ତ୍ତି ହୋଇଯିବା; ବି. pullulation.

**pulmonary** ବିଂ. ଫୁସ୍‌ଫୁସ୍ ଜନିତ; ଫୁସ୍‌ଫୁସ୍‌ରେ।

**pulp** 1. ବି. ଫଳର ଶସ ବା ମାଂସଳ ଅଂଶ; କନା ବା କାଠର ମଣ୍ଡ (ଯାହା କାଗଜ ପ୍ରଭୃତି

Digitized by srujanika@gmail.com

ତିଆରିରେ ଲାଗେ); ଶସ୍ତା ଲୋକପ୍ରିୟତା ଚାହୁଁଥିବା ଖବରକାଗଜ ବା ବହି; ନିମ୍ନସ୍ତରର ଲେଖା; 2. କ୍ରି. ମଣ୍ଡରେ ପରିଣତ ହେବା; ବି. pulpiness; ବିଂ. pulpy.

**pulpit** ବି. (ଚର୍ଚ୍ଚର) ପୀଠ ବା ମଣ୍ଡପ, ଯେଉଁଠାରୁ ଯାଜକ ପ୍ରବଚନ ପ୍ରଦାନ କରିଥାନ୍ତି; the pulpit ଧର୍ମଯାଜକଗଣ ବା ଧର୍ମ ପ୍ରବଚନ।

**pulsar** ବି. ମହାକାଶରେ ଅହରହ ତଥା କ୍ଷିପ୍ରଗତିରେ ସୃଷ୍ଟିହେଉଥିବା ତେଜସ୍କ୍ରିୟ ତରଙ୍ଗର ଉତ୍ସ (ଯଥା ଏକ ଘୂର୍ଣ୍ଣାୟମାନ ନ୍ୟୁଟ୍ରନ୍ ତାରକା)।

**pulsate** କ୍ରି. ସ୍ପନ୍ଦିତ ହେବା; ନିର୍ଦ୍ଦିଷ୍ଟ ସମୟାନୁକ୍ରମେ ସଙ୍କୁଚିତ ଏବଂ ପ୍ରସାରିତ ହେବା; ଧକ୍ ଧକ୍ ହେବା; ଦୁକୁଦୁକୁ ହେବା; ଆନ୍ଦୋଳିତ ହେବା, କମ୍ପିତ ହେବା; ବି. pulsation; ବିଂ. pulsatory.

**pulse**[1.] 1. ବି. ସ୍ପନ୍ଦନ; ଧମନୀ ବା ନାଡ଼ିର ରକ୍ତ ପ୍ରବାହ ଜନିତ ତାଳବଦ୍ଧ ସ୍ପନ୍ଦନ; ନାଡ଼ି; ହୃଦ୍‌ସ୍ପନ୍ଦନ; ଛାତିର ଦୁକ୍‌ଦୁକି; ନାଡି ବା ହୃଦ୍‌ସ୍ପନ୍ଦନରେ ବେଗ; କମ୍ପନ; ଶବ୍ଦ, ଆଲୋକ ବା ବୈଦ୍ୟୁତିକ ସ୍ରୋତର ତରଙ୍ଗ; ଜୀବନ ବା ଆବେଗରେ ସ୍ପନ୍ଦନ; ଜନମତ; ସୁପ୍ତ ଭାବନା ବା ଅନୁଭୂତି; 2. କ୍ରି. ସ୍ପନ୍ଦିତ ହେବା, ଧକ୍‌ଧକ୍ ହେବା।

**pulse**[2.] ବି. ମୁଗ, ବିରି, କୋଳଥ, କାନ୍ଦୁଲ, ଶିମ୍ବ ପ୍ରଭୃତି ଡାଲିଜାତୀୟ ଖାଦ୍ୟ (ମଞ୍ଜି)।

**pulverize** କ୍ରି. ଚୂର୍ଣ୍ଣୀଭୂତ କରିବା; ଗୁଣ୍ଡ କରିଦେବା; କ.ଭା. ଭାଙ୍ଗିରୁଜି ଦେବା, ଧ୍ୱସ୍ତ କରିଦେବା; ସମ୍ପୂର୍ଣ୍ଣ ପରାସ୍ତ କରିଦେବା; ବି. pulverization.

**puma** ବି. ବିରାଟକାୟ ଆମେରିକୀୟ ସିଂହ।

**pumice** ବି. (pumice-stone) ହାଲୁକା ଲାଭା; ତାହାର ପଥର ବା ଚୂର୍ଣ୍ଣ (ଦେହରୁ ଦାଗ ଛଡେଇବା ପାଇଁ ବା ଆସବାବପତ୍ର ପାଲିସ୍ କରିବା ପାଇଁ ସାଧାରଣତଃ ବ୍ୟବହୃତ)।

**pummel** କ୍ରି. ଘନଘନ ମୁଷ୍ଟି ଆଘାତ କରିବା।

**pump**[1.] 1. ବି. ତରଳ ବା ଗ୍ୟାସୀୟ ପଦାର୍ଥ ଉତ୍ତୋଳନ ବା ଯୋଗାଣ କରିବା ପାଇଁ ବ୍ୟବହୃତ ଯନ୍ତ୍ର ବା କଳ; ପାଣିପମ୍ପ ବା ପାଣିକଳ; 2. କ୍ରି. ପମ୍ପ ବା କଳ ସାହାଯ୍ୟରେ ତରଳ ବା ଗ୍ୟାସୀୟ ପଦାର୍ଥ କାଢ଼ିବା, ଉଠେଇବା ବା ସ୍ଥାନାନ୍ତର କରିବା; (up ସହ) ଟ୍ୟୁବ୍‌ପ୍ରଭୃତିରେ ପବନ ଭର୍ତ୍ତି କରିବା; ପାଣି ଉଠେଇବା; ପମ୍ପ କଲାଭଳି ଜୋର୍‌ରେ ଉପର ତଳ କରିବା ବା ହେବା।

**pump**[2.] ବି. ରବର ସୋଲ୍‌ବାଲା କେନ୍‌ଭାସ୍ ଖେଳ ଜୋତା; ନାଚପାଇଁ ହାଲୁକା ଜୋତା; *ଆମେ.* ନାରୀମାନଙ୍କର ହାଲୁକା ଜୋତା।

**pumpernickel** ବି. ରାଏ (ଗହମ ଜାତୀୟ ଶସ୍ୟ)ରୁ ପ୍ରସ୍ତୁତ ପାଉଁରୁଟି (ଜର୍ମାନ୍)।

**pumpkin** ବି. କଖାରୁ, ବୋଇତାଳୁ, କଖାରୁ ଲତା।

**pun** 1. ବି. ହାସ୍ୟରସପାଇଁ ଶବ୍ଦର ବିଭିନ୍ନ ଅର୍ଥବୋଧକ ବ୍ୟବହାର; ସମୋଚ୍ଚାରିତ ଶବ୍ଦ ଗୁଡ଼ିକର ବିଭିନ୍ନ ଅର୍ଥ ବ୍ୟଂଜନା ସହ ବ୍ୟବହାର; 2. କ୍ରି. ହାସ୍ୟରସ ବା ବିଭିନ୍ନ ଅର୍ଥ ବ୍ୟଂଜନା ପାଇଁ ଶବ୍ଦର କୌଶଳପୂର୍ଣ୍ଣ ବ୍ୟବହାର କରିବା।

**punch**[1.] 1. କ୍ରି. ମୁଷ୍ଟି ଆଘାତ କରିବା; ଧାତୁ, କାଗଜ, ଟିକେଟ ପ୍ରଭୃତିରେ କଣା କରିବା; 2. ବି. ମୁଷ୍ଟ୍ୟାଘାତ, ମୁଷ୍ଟ୍ୟାଘାତ କରିବା ପାଇଁ ସାମର୍ଥ୍ୟ; କ.ଭା. ସାମର୍ଥ୍ୟ; ପ୍ରଭାବଶାଳୀ ଶକ୍ତି; କଣା କରିବାପାଇଁ ବା ଛାପାପାଇଁ (ଚମଡ଼ା, ଧାତୁ, କାଗଜ ପ୍ରଭୃତିରେ) ବ୍ୟବହୃତ ଯନ୍ତ୍ର ବା କଳ; ସେହି ପ୍ରକାର ଛାପା ବା ଡିଜାଇନ୍।

**punch**[2.] ବି. ମଦ୍ୟ ବା ସୁରାସାର ସହିତ ଥଣ୍ଡା ବା ଗରମ ପାଣି, ମସଲା ପ୍ରଭୃତି ମିଶାହୋଇ ପ୍ରସ୍ତୁତ ପାନୀୟ।

**punch**[3.] ବି. (Suffolk punch) ଏକ ପ୍ରକାର ଖର୍ବାକୃତି, ମୋଟାଳିଆ ଘୋଡ଼ା; କଣ୍ଢେଇ ନାଚରେ (Punch and Judy) ବିଚିତ୍ର କୁବୁଜା ଚରିତ୍ର; as pleased (or proud) as punch କଣ୍ଢେଇ ନାଚରେ ସେହି ଚରିତ୍ରଟି ଭଳି ଆନନ୍ଦ ବା ଗର୍ବ ପ୍ରଦର୍ଶନ କରିବା (Punchinelloର ସଂଶ.)।

**punchball** ବି. ଖୁଣ୍ଟ ପ୍ରଭୃତିରେ ବନ୍ଧା ହୋଇ ରହିଥିବା ବଲ୍ ଯାହାକୁ କସରତ ପାଇଁ ଆଘାତ କରାଯାଏ।

**punch-bowl** ବି. ଯେଉଁ ପାତ୍ରରେ ମଦ୍ୟ ପ୍ରଭୃତି ମିଶ୍ରିତ ହୋଇଥାଏ; ପାହାଡରେ ଥିବା ଗୋଲାକାର ଗଭୀର ଗହ୍ୱର।

**punch (punched) card (tape)** ବି. କମ୍ପ୍ୟୁଟର୍ ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ କାର୍ଡ୍ ଯାହା ସାଙ୍କେତିକ ଭାବରେ ରନ୍ଧ୍ର ବିଶିଷ୍ଟ କରାଯାଇଥାଏ।

Digitized by srujanika@gmail.com

**punch–drunk** ବିଂ. ଭୟଂକର ମୁଷ୍ଟ୍ୟାଘାତରେ ଚଢ଼ ପାଇଛି ଯାଇଥିବା ।
**punch–line** ବି. କୌଣସି ଗଳ୍ପ ବା ମଜା କଥାରେ ମଜାଟି ଯେଉଁ ଶବ୍ଦ ବା ପଦଟିରେ ଥାଏ ।
**punch–up** ବି. ମୁଷ୍ଟିଯୁଦ୍ଧ, ମାରପିଟ୍ ।
**punchy** ବିଂ. ଶକ୍ତିଶାଳୀ, ପ୍ରଭାବଶାଳୀ ।
**punctilio** (ବ.ବ. punctilios) ବି. ଉତ୍ସବ, ମର୍ଯ୍ୟାଦା ବା ଲୋକାଚାରର ସୂକ୍ଷ୍ମଦିଗ; ଶିଷ୍ଟାଚାର ବା ନୀତିନିୟମର ଛୋଟ ଛୋଟ କଥା ।
**punctilious** ବିଂ. ଶିଷ୍ଟାଚାର, ଲୋକାଚାର ବା ନିୟମନିଷ୍ଠାପ୍ରତି ଅତି ସଚେତନ ବା ମନୋଯୋଗୀ; ବ୍ୟବହାରରେ ମାର୍ଜିତ; କ୍ରି.ବିଂ. punctiliously; ବି. punctiliousness.
**punctual** ବିଂ. ସମୟାନୁବର୍ତ୍ତୀ; ନିର୍ଦ୍ଧାରିତ ସମୟର (ଆଗରୁ ନୁହେଁ ବା ପଛରେ ନୁହେଁ) ଅନୁଗାମୀ ।
**punctuality** ବି. ସମାୟାନୁବର୍ତ୍ତିତା ।
**punctually** କ୍ରି.ବିଂ. ସମୟାନୁବର୍ତ୍ତୀ ଭାବରେ, ନିର୍ଦ୍ଧାରିତ ସମୟରେ ।
**punctuate** କ୍ରି. ବିରାମ ଚିହ୍ନ (କମା, ପୂର୍ଣ୍ଣଚ୍ଛେଦ ପ୍ରଭୃତି) ଯୋଗ କରିବା; ମଝିରେ ମଝିରେ କିଛି ଯୋଗ କରିବା ବା ପୂରାଇ ଦେବା; (sermon was punctuated with loud coughing); ଜୋର୍ ଦେବା; ଗୁରୁତ୍ୱ ଦେବା ।
**punctuation** ବି. ବିରାମ ଚିହ୍ନ ପ୍ରଭୃତି ପ୍ରଦାନ; ବିରାମ ଚିହ୍ନର ବ୍ୟବହାର ପ୍ରଣାଳୀ ।
**punctuation mark** ବି. ବିରାମ ଚିହ୍ନ (କମା, ପୂର୍ଣ୍ଣଚ୍ଛେଦ ପ୍ରଭୃତି), ଯାହା ଲେଖାରେ ଭାବର ସୁଗମ ପରିପ୍ରକାଶ ପାଇଁ ଶବ୍ଦ, ପଦ ପ୍ରଭୃତିର ବିଭାଜନ କରିଥାଏ ।
**puncture** 1. ବି. କଣା, ଫୋଡିବା, ଫୋଡା, ଟ୍ୟୁବ୍ ଟାୟାର କଣା ହେବା 2. କ୍ରି. କଣା କରିବା, ଫୋଡିବା; ଫୋଡିହେବା; ବିନ୍ଧ କରିବା, ରନ୍ଧ୍ର କରିବା ।
**pundit** ବି. ପଣ୍ଡିତ (ଭାରତୀୟ) ।
**punditry** ବି. ପାଣ୍ଡିତ୍ୟ, ପଣ୍ଡିତପଣିଆ ।
**pungent** ବିଂ. ତୀବ୍ର ସ୍ୱାଦ ବା ଗନ୍ଧ; ମର୍ମଭେଦୀ, ପୀଡାଦାୟକ ବା ଅପମାନଜନକ କଥା; ମସ୍ତିଷ୍କ ପାଇଁ ଉତ୍ତେଜନାଦାୟକ; ବି. pungency.
**punish** କ୍ରି. ଦୋଷ ବା ଅପରାଧ ପାଇଁ ଅପରାଧୀକୁ ଦଣ୍ଡଦେବା ବା ଶାସ୍ତିଦେବା; କ.ଭା. ପ୍ରତିଯୋଗୀକୁ ଭୀଷଣ ପ୍ରହାର କରିବା; ଅତ୍ୟଧିକ ହଇରାଣ ହରକତ କରିବା; ଭୀଷଣ କଷ୍ଟ ଦେବା ବା ଭୋଗିବା; ବିଂ. punishable.
**punishment** ବି. ଦଣ୍ଡ, ଶାସ୍ତି; ଦଣ୍ଡ ବା ଶାସ୍ତିଜନିତ କ୍ଷୟକ୍ଷତି; ଦୁଃଖକଷ୍ଟ ।
**punitive** ବିଂ. ଶାସ୍ତିଦେବା ବା ଦଣ୍ଡଦେବା ଉଦ୍ଦେଶ୍ୟରେ; ଶାସ୍ତିମୂଳକ ।
**punk** ବି. କ.ଭା. ମୂଲ୍ୟହୀନ ବ୍ୟକ୍ତି ବା ବସ୍ତୁ ।
**punkah** ବି. ଭା. ପଙ୍ଖା ।
**punk rock** ବି. ଲୋକପ୍ରିୟ (ପାଶ୍ଚାତ୍ୟ) ସଙ୍ଗୀତ ଶୈଳୀ ବିଶେଷ ।
**punnet** ବି. ଫଳ ଚାଙ୍ଗୁଡି, ଫଳ ରଖିବା ଢାଗା; ଝୁଡି ।
**punster** ବି. ମଜାକିଆ ଲୋକ; ଯେ ଶବ୍ଦର ଚାତୁରୀ ଦେଖାଇ ହସାଏ ।
**punt**[1] 1. ବି. ଲମ୍ବା କାଠ ଚାଳିତ ଡଙ୍ଗା, ଯାହାର ନିମ୍ନଭାଗ ଚଟକା ଥାଏ; 2. କ୍ରି. ଲମ୍ୱାକାଠ ସାହାଯ୍ୟରେ ଡଙ୍ଗା ଚଳେଇବା; ଏହି ଧରଣର ଡଙ୍ଗାରେ ଯିବା ବା ମାଲପତ୍ର ନେବା ।
**punt**[2] 1. କ୍ରି. ଭୂମିରେ ପଡିବା ପୂର୍ବରୁ ବଲ୍‌କୁ ମାରିବା ବା କିକ୍ କରିବା; 2. ବି.ଏଭଳି କିକ୍ ।
**punt**[3] କ୍ରି.କୌଣସି ତାସ୍‌ଖେଳରେ ବେଂକ୍ ଉପରେ ବାଜି ପକେଇବା; କ.ଭା. ଘୋଡା ଦୌଡରେ ବାଜି ମାରିବା; ଅଂଶଧନ ଉପରେ ଅନ୍ଦାଜ କରିବା ।
**punter** ବି. କ.ଭା. ଜୁଆଡ଼ି; ବାଜିଖୋର; ଗ୍ରାହକ, ମହକିଲ; ଦର୍ଶକ; ବେଶ୍ୟାର ଗରାଖ ।
**puny** ବିଂ. ଖର୍ବାକୃତି, ଦୁର୍ବଳ, ଶୀର୍ଣ୍ଣକାୟ ।
**pup** 1. ବି. କୁକୁର, ମୂଷା, ସିଲ୍, ଗଧିଆ ପ୍ରଭୃତି ଛୁଆ; 2. କ୍ରି. ଛୁଆଜନ୍ମ କରିବା (କୁତୀ); in pup (କୁତୀ) ଗର୍ଭଧାରଣ କରିଥିବା; sell person a pup ଭବିଷ୍ୟତରେ ଲାଭବାନ ହେବାର ଆଶା ରଖି ବିକ୍ରୀ କରିବା; ପ୍ରତାରଣା କରି ବିକିବା ।
**pupa** ବି. (ବ.ବ. pupae) କୀଟର ଲାର୍ଭା ଏବଂ ଇମାଗୋର ମଧ୍ୟବର୍ତ୍ତୀ ଅଭିବୃଦ୍ଧିକାଳୀନ ଅବସ୍ଥା; ବିଂ. pupal.
**pupil** ବି. ଶିକ୍ଷାର୍ଥୀ, ଛାତ୍ର, ଶିଷ୍ୟ; ଆଖି ପୁଅ, ଆଖିପିତୁଳା ।
**puppet** ବି. ମନୋବିନୋଦନ ପାଇଁ ଉଦ୍ଦିଷ୍ଟ ମାନବାକୃତି କଣ୍ଢେଇ ଯାହା ବିଭିନ୍ନ ଉପାୟରେ ସଞ୍ଚାଳିତ ହୁଏ; ଯେ ଅନ୍ୟ କାହାରି କଥାରେ ପରିଚାଳିତ ହୁଏ; ବି. puppetry.

Digitized by srujanika@gmail.com

**puppet state** ବି. ଯେଉଁ ରାଷ୍ଟ୍ର ନାମକୁ ମାତ୍ର ସ୍ୱାଧୀନ, କିନ୍ତୁ ଅନ୍ୟ ଏକ ବାହ୍ୟଶକ୍ତିର ନିୟନ୍ତ୍ରଣାଧୀନ ।

**puppy** ବି. କୁକୁର ଛୁଆ; ଅହଂକାରୀ, ବିଚାରଶୂନ୍ୟ ଯୁବକ ।

**puppy-fat** ବି. ଶୈଶବ ବା କିଶୋରାବସ୍ଥାର ସାମୟିକ ଚର୍ବିଳତା ବା ମୋଟାପଣ ।

**purblind** ବିଂ. ଆଂଶିକ ଅନ୍ଧ; କ୍ଷୀଣଦୃଷ୍ଟି; ନିର୍ବୋଧ; ଅଳ୍ପବୁଦ୍ଧି ।

**purchase** 1. କ୍ରି. କିଣିବା; ମୂଲ୍ୟ ବା ତ୍ୟାଗ ବିନିମୟରେ ପାଇବା ବା ହାସଲ କରିବା; କ୍ରୟ କରିବା; ଅର୍ଜିବା; 2. ବି. କିଣା, ଖର୍ଦ୍ଦି, କ୍ରୟ; ଅର୍ଜନ; ଜମିବାଡ଼ିର ବାର୍ଷିକ ଆୟ; ଭାରଦଣ୍ଡ; କୌଣସି ବସ୍ତୁ ଖସି ନଯିବା ପାଇଁ ବା ଚାଳିତ ହେବାପାଇଁ ଦୃଢ଼ ଭାବରେ ଧାରଣ; ବି. purchaser.

**purdah** ବି. ପର୍ଦ୍ଦା, ପର୍ଦ୍ଦାପ୍ରଥା ।

**pure** ବିଂ. ଅବିମିଶ୍ରିତ, ଯାହା ଅପମିଶ୍ରିତ ନୁହେଁ; ଶୁଦ୍ଧ; ଖାଣ୍ଟି; ଯୌନ ବା ନୈତିକତା ଦୃଷ୍ଟିରୁ ଯେ କଳୁଷିତ ହୋଇନାହିଁ; ଦୋଷହୀନ, ସଚ୍ଚୋଟ, ଅକୃତ୍ରିମ; ସମ୍ପୂର୍ଣ୍ଣଭାବେ, ପୂର୍ଣ୍ଣତୟା, କେବଳ; (ଶବ୍ଦ) ବେସୁରା ନୁହେଁ; (ଗଣିତ, ବିଜ୍ଞାନ ପ୍ରଭୃତି) ତତ୍ତ୍ୱ ବିଷୟକ; ପ୍ରାୟୋଗିକ ନୁହେଁ; ବି. pureness.

**puree** ବି. ଫଳ ବା ପନିପରିବା ଶସର ମସୃଣ ମଣ୍ଡ ।

**purely** କ୍ରି.ବିଂ. ଶୁଦ୍ଧ ଭାବରେ; କେବଳ; ସମ୍ପୂର୍ଣ୍ଣ ଭାବରେ; ପୂରାପୂରି ।

**purgative** 1. ବିଂ. ବିରେଚକ, ବିଶୋଧକ; ମଳ ନିଃସାରକ; ଭେଦୀ; 2. ବି. ବିରେଚନକାରୀ, ବିଶୋଧନକାରୀ, ମଳନିଃସାରକ, ଭେଦୀ (ଔଷଧ ପ୍ରଭୃତି) ।

**purgatory** ବି. *ଖ୍ରୀ.* (ମୃତ୍ୟୁପରେ ସ୍ୱର୍ଗରେ ପ୍ରବେଶ କରିବା ପୂର୍ବରୁ ଥିବା) ପାପନାଶିନୀ କ୍ଷେତ୍ର; ମାନବାତ୍ମାର ପାପକ୍ଷାଳନ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ବା ବ୍ୟବସ୍ଥା; ପ୍ରାୟଶ୍ଚିତ୍ତ ବା ସାମୟିକ କଷ୍ଟଣର ସ୍ଥାନ; ବିଂ. purgatorial.

**purge** 1. କ୍ରି. (ଦୈହିକ ବା ଆଧ୍ୟାତ୍ମିକ) ବିରେଚନ କରିବା; ପରିଷ୍କାର କରିବା; ଶୋଧ କରିବା; ମଳ ନିଃସାରଣ କରିବା; ବର୍ଜ୍ୟବସ୍ତୁ ନିଷ୍କାସନ କରିବା; *ଆଇନ୍* ଅପରାଧ, ମାନହାନି ପ୍ରଭୃତି ଦୋଷ ମାର୍ଜନା କରିବା; 2. ବି. ବିରେଚନ, ବିଶୁଦ୍ଧୀକରଣ, ବିରେଚକ, ବର୍ଜ୍ୟବସ୍ତୁ ନିଷ୍କାସନ ।

**purify** କ୍ରି. ବିଶୁଦ୍ଧ କରିବା; କ୍ଷାଳନ କରିବା, ଆନୁଷ୍ଠାନିକ ଭାବେ ପବିତ୍ର ବା ଶୁଦ୍ଧ କରିବା; ଶୁଚିବନ୍ତ କରିବା; ବର୍ଜ୍ୟବସ୍ତୁ ନିଷ୍କାସନ କରିବା; ବି. purification; ବିଂ. purificatory; ବି. purifier.

**purist** ବି. ଯେ ଶୁଦ୍ଧତା ବା ଶୁଚି ନିଷ୍ଠାପର ଭାବେ ପାଳନ କରିଥାଏ; ଶୁଚିବାୟୁଗ୍ରସ୍ତ; ଭାଷା ବା କଳା କ୍ଷେତ୍ରରେ ଶୁଦ୍ଧତାରେ ବିଶ୍ୱାସୀ; ବି. purism; ବିଂ. puristic.

**puritan** 1. ବି. ଯେ କୌଣସି ଦଳ ବା ଗୋଷ୍ଠୀର ଶୁଦ୍ଧବାଦୀ ବ୍ୟକ୍ତି; ଧାର୍ମିକ ବା ନୈତିକ ବିଷୟରେ ଅତି ନୈଷ୍ଠିକ ବ୍ୟକ୍ତି; 2. ବିଂ. Puritan ପ୍ୟୁରିଟାନ୍ ସମ୍ବନ୍ଧିତ; ଧର୍ମ ବା ନୈତିକ ଆଦର୍ଶ କ୍ଷେତ୍ରରେ ନୈଷ୍ଠିକ; ବିଂ. puritanical; ବି. puritanism.

**purity** ବି. ଶୁଦ୍ଧତା, ପବିତ୍ରତା; ଶୁଚି; ଶାରୀରିକ ବା ନୈତିକ କଳଙ୍କ ବା ଦୁର୍ବଳତାରୁ ମୁକ୍ତ ଅବସ୍ଥା ।

**purl**[1] 1. ବି. ଏକପ୍ରକାର ବୁଣାସିଲେଇ ଯେଉଁଥିରେ ଛୁଞ୍ଚି ବିପରୀତ ଦିଗରେ ଚଳାଇ ଫାଶ କରାଯାଏ; ଛୋଟ ଛୋଟ ଫାଶର ଶୃଙ୍ଖଳା; 2. କ୍ରି. ଫାଶର ଶୃଂଖଳା ସୃଷ୍ଟିକରି ସିଲେଇ କରିବା ।

**purl**[2] କ୍ରି. ଅଙ୍କାବଙ୍କା ହୋଇ ବହି କୁଳୁକୁଳୁ ନାଦ କରିବା (ନଈ, ନାଳ, ଝରଣା) ।

**purler** ବି. *କ.ଭା.* ମୁଣ୍ଡତଳୁଆ ହୋଇ ସଜୋର ପଡ଼ିବା; ଦୁଃସାହସିକ ଲମ୍ଫ ।

**purlieu** ବି. ବ୍ୟକ୍ତିର ସୀମା; ଅଧିକାର ବା ଅନୁମୋଦିତ ବିଚରଣ ବା ବ୍ୟବହାର ପାଇଁ ନିର୍ଦ୍ଦେଶିତ ସ୍ଥାନ; ଚରାଭୂଇଁ; ଖଟି; ଶିକାର ଅଞ୍ଚଳ; *ଇତି.* ଜଙ୍ଗଲର ସୀମାନ୍ତରେ ଥିବା ଜାଗା; ବ.ବ ସୀମାନ୍ତ, ପ୍ରାନ୍ତଭାଗ, ସୀମାନ୍ତବର୍ତ୍ତୀ ଅଞ୍ଚଳ ।

**purlin** ବି. ଛାତର ବିମ୍; କାଠ ବା ଲୁହାର କଡ଼ି ।

**purloin** କ୍ରି. ଚୋରି କରିବା; ଅପହରଣ କରିବା ।

**purple** 1. ବି. ହାଲୁକା ବାଇଗଣି ରଙ୍ଗ, ନାଲି ଏବଂ ନୀଳ ମଧ୍ୟବର୍ତ୍ତୀ ରଙ୍ଗ; Tyrian purple; ରାଜକୀୟ ପୋଷାକ ରଙ୍ଗ; ଧର୍ମଗୁରୁଙ୍କ ପରିଧାନ; 2. ବିଂ. ବାଇଗଣିରଙ୍ଗ ବିଶିଷ୍ଟ; 3. କ୍ରି.

Digitized by srujanika@gmail.com

ବାଇଗଣିରଙ୍ଗ ଦେବା, ଏହି ରଙ୍ଗରେ ରଙ୍ଗେଇବା; born in the purple ରାଜକୁଳ ସମ୍ଭୂତ, ଉଚ୍ଚବର୍ଗର; ବିଂ. purplish.

**purple heart** ବି. ହୃଦୟାକୃତି ସ୍ନାୟୁ ଉତ୍ତେଜକ ବଟିକା।

**purple passage (patch)** ବି. ସାହିତ୍ୟିକ ରଚନାରେ ଆଲଙ୍କାରିକ ଅଂଶ ବିଶେଷ।

**purport** 1. କ୍ରି. ଉଦ୍ଦେଶ୍ୟ ଜଣାଇବା; ଅର୍ଥ ଜ୍ଞାପନ କରିବା; 2. ବି. ଅଭିପ୍ରାୟ, ଉଦ୍ଦେଶ୍ୟ, ଜ୍ଞାପିତ ବା ଅନୁମିତ ଉଦ୍ଦେଶ୍ୟ; ବକ୍ତବ୍ୟ ବା ଦଲିଲ୍‌ର ମର୍ମ ବା ସାରକଥା; କ୍ରି.ବିଂ. purportedly.

**purpose** 1. ବି. ଉଦ୍ଦେଶ୍ୟ, ଲକ୍ଷ୍ୟ, ଅଭିପ୍ରାୟ, ଅଭିସନ୍ଧି, ଦୃଢ଼ ପ୍ରତିଜ୍ଞା, ସଙ୍କଳ୍ପ; 2. କ୍ରି. ଅଭିପ୍ରାୟ କରିବା; ଉଦ୍ଦେଶ୍ୟ ରଖିବା; on purpose ଉଦ୍ଦେଶ୍ୟମୂଳକ ଭାବରେ; to little (no) purpose ନିଷ୍ଫଳ, ଅକାରଣ, ଲାଭହୀନ, ଯାହାଦ୍ୱାରା କୌଣସି ସୁଫଳ ନାହିଁ; to the purpose ଉପଯୁକ୍ତ, ଉପଯୋଗୀ।

**purpose-built (-made)** ବିଂ. କୌଣସି ସ୍ୱବିଶେଷ ଉଦ୍ଦେଶ୍ୟ ବା ଅଭିପ୍ରାୟ ରଖି ପ୍ରସ୍ତୁତ ବା ନିର୍ମିତ।

**purposeful** ବିଂ. ଉଦ୍ଦେଶ୍ୟମୂଳକ, ଉଦ୍ଦେଶ୍ୟପୂର୍ଣ୍ଣ, କୃତସଂକଳ୍ପ; କ୍ରି.ବିଂ. purposefully; ବି. purposefulness.

**purposely** କ୍ରି.ବିଂ. ଉଦ୍ଦେଶ୍ୟମୂଳକ ଭାବରେ।

**purposive** ବିଂ. କୌଣସି ଉଦ୍ଦେଶ୍ୟ ସାଧନ ଲାଗି ବା ଆଖିରେ ରଖି; ଉଦ୍ଦେଶ୍ୟ ପୂର୍ଣ୍ଣ।

**purr** 1. କ୍ରି. ବିରାଡି ଭଳି ଆନନ୍ଦସୂଚକ ଘୁରୁଘୁରୁ ଶବ୍ଦ କରିବା; (ଯନ୍ତ୍ରପାତି) ଏଭଳି ଶବ୍ଦ ସୃଷ୍ଟି କରିବା; 2. ବି. ବିରାଡିର ଆନନ୍ଦସୂଚକ ଶବ୍ଦ; ସେଭଳି ଶବ୍ଦ।

**purse** 1. ବି. ଟଙ୍କାମୁଣି; ପଇସାପତ୍ର ଧରିବା ପାଇଁ ଉଦ୍ଦିଷ୍ଟ କ୍ଷୁଦ୍ର ଚମଡା ବା ଅନ୍ୟ କୌଣସି ଉପାଦାନ ନିର୍ମିତ ମୁଣି, ଗାଞ୍ଜିଆ; *ଆମେ.* ହାତବେଗ୍; ଟଙ୍କାପଇସା, ପାଣ୍ଠି; ପ୍ରତିଯୋଗିତାରେ ପ୍ରଦତ୍ତ ଧନ, ପୁରସ୍କାର ବା ପାରିତୋଷିକ; 2. କ୍ରି. ( *ସା.* up ସହ ) ଓଠ ସଙ୍କୁଚିତ କରିବା ବା ହେବା; hold the purse strings ପାଣ୍ଠି ନିୟନ୍ତ୍ରଣରେ ରଖିବା।

**purser** ବି. ଯାତ୍ରୀ ଜାହାଜରେ ପାଣ୍ଠି ଏବଂ ହିସାବପତ୍ର ଦାୟିତ୍ୱରେ ଥିବା କର୍ମଚାରୀ; ମୁଖ୍ୟ ପରିଚାରକ (head steward).

**pursuance** ବି. (ଯୋଜନା, ନିୟମ ପ୍ରଭୃତି) ପାଳନ, ଅନୁସରଣ, ପ୍ରୟୋଗ।

**pursuant** କ୍ରି.ବିଂ. ବିଧି ବ୍ୟବସ୍ଥାର ଅନୁଯାୟୀ, ଅନୁସାରୀ।

**pursue** କ୍ରି. ଆଗକୁ ବଢ଼ିଯିବା ପାଇଁ, ଧରିବା ପାଇଁ ବା କ୍ଷତି କରିବା ପାଇଁ ପଛରେ ଗୋଡେଇବା; ପଶ୍ଚାଦ୍‌ଧାବନ କରିବା; ଉଦ୍ଦିଷ୍ଟ ବାଟ ବା କାର୍ଯ୍ୟପନ୍ଥା ଅନୁସରଣ କରିବା; ଜ୍ଞାନ ଆହରଣ କରିବା; କୌଣସି ବୃତ୍ତି ଗ୍ରହଣ କରିବା; ଯୋଜନାନୁଯାୟୀ ଆଗେଇବା; ଅନ୍ୱେଷଣ କରିବା; ଲକ୍ଷ୍ୟ ରଖିବା; କୌଣସି ବିଷୟରେ ଆଲୋଚନା ଜାରି ରଖିବା; ଅନୁସନ୍ଧାନ. ଚାଲୁରଖିବା; ଅନୁଧାବନ କରିବା; ବି. pursuer.

**pursuit** ବି. ଅନୁଧାବନ, ଅନୁସରଣ; ଯେଉଁ ବୃତ୍ତି ବା କାର୍ଯ୍ୟ ଅବଲମ୍ବନ କରାହୋଇଛି।

**pursuivant** ବି. କଲେଜ୍ ଅଫ୍ ଆର୍ମସ୍ (College of Arms)ରେ ହେରାଲ୍ଡ୍ (herald)ଙ୍କ ଅଧସ୍ତନ ଅଫିସର।

**pursy**[1.] ବିଂ. ଫୁଲ୍‌କା।

**pursy**[2.] ବିଂ. କୁଞ୍ଚିତ, ମୋଡାମୋଡି ହୋଇଥିବା ବା ଭାଙ୍ଗପଡିଥିବା।

**purulent** ବିଂ. ପୂଜ ଥିବା; ପୂଜ ବାହାରୁଥିବା, ପୂଜର।

**purvey** କ୍ରି. ବ୍ୟବସାୟ ଭିତ୍ତିରେ ଖାଦ୍ୟସାମଗ୍ରୀ ଯୋଗାଇବା।

**purveyor** ବି. ଖାଦ୍ୟସାମଗ୍ରୀ ଯୋଗାଣକାରୀ।

**purview** ବି. ଦଲିଲ ବା ଯୋଜନାର ଅନ୍ତର୍ଗତ; ଶାରୀରିକ ବା ମାନସିକ ଦୃଷ୍ଟିଶକ୍ତିର ସୀମା।

**pus** ବି. ପୂଜ।

**push** 1. କ୍ରି. ଠେଲିବା; ବଳ ବା ଶକ୍ତି ପ୍ରୟୋଗପୂର୍ବକ କୌଣସି ବସ୍ତୁ ବା ପ୍ରାଣୀକୁ ଦୂରକୁ ଘୁଞ୍ଚାଇବା ବା ସେଭଳି ଚେଷ୍ଟା କରିବା; ଧକ୍କାଦେବା; ଉତ୍ସାହିତ କରିବା; ଚାଳିତ କରିବା; ଶକ୍ତିପ୍ରୟୋଗ କରି ଆଗକୁ ବଢ଼ିବା; ଅନ୍ୟମାନଙ୍କଠାରୁ ଆଗକୁ ବଢ଼ିଯିବା ପାଇଁ ଉଦ୍ୟମ କରିବା; ସାମର୍ଥ୍ୟ ବା ସହ୍ୟଶକ୍ତି ଉପରେ ଚାପ ପ୍ରୟୋଗ କରିବା; ଦାବି ହାସଲ ପାଇଁ ଉଦ୍ୟମ

Digitized by srujanika@gmail.com

କରିବା; ବିଜ୍ଞାପନପ୍ରଭୃତି ସାହାଯ୍ୟରେ ବ୍ୟବହାର, ବିକ୍ରୟ ବା ଗ୍ରାହକତା ପ୍ରସାର କରିବା; *କ.ଭା.* ନିଶା ଔଷଧ ପ୍ରଭୃତି ବେଆଇନ୍ ଭାବରେ ବିକ୍ରୟ କରିବା; 2. ବି. ଠେଲା; ଧକ୍କା; ଠେଲିବା ପାଇଁ ଶକ୍ତି ପ୍ରୟୋଗ; ପ୍ରବଳ ଉଦ୍ୟମ; ସାମରିକ ଆକ୍ରମଣ; ଉଦ୍‌ଯୋଗ; ସଫଳତା ନିମନ୍ତେ ଦୃଢ଼ ଉଦ୍ୟମ; କାହାରି ଉନ୍ନତି ବା ସଫଳତା ପାଇଁ ପ୍ରଭାବ ପ୍ରୟୋଗ; ସଙ୍କଟ ବା ଘଟଣାବହୁଳ ଚାପ; be pushed for *କ.ଭା.* (ସମୟର) ସ୍ୱଳ୍ପତା; push around ଜୋର୍‌ଜବର୍‌ଦସ୍ତ କରିବା; push for ଦାବି କରିବା; push one's luck ଭାଗ୍ୟ ପରୀକ୍ଷା କରିବା; push off ଡଙ୍ଗା ପ୍ରଭୃତିକୁ ଠେଲି ପାଣି ଉପରକୁ ଓହ୍ଲାଇବା; push through ସହଜରେ ସରିଯିବା ବା ଗୃହୀତ ହେବା।

**push–bike** ବି. *କ.ଭା.* ପେଡାଲ୍ ଚାଳିତ ସାଇକଲ୍।

**push button** ବି. ବୈଦ୍ୟୁତିକ ସରଞ୍ଜାମ ପ୍ରଭୃତି ଚାଲୁ କରିବା ପାଇଁ ଚିପା ବୋତାମ।

**pushchair** ବି. ଚକଲଗା ଚଉକି (ଶିଶୁମାନଙ୍କ ପାଇଁ) ଯାହାକୁ ଠେଲାଯାଏ; ଠେଲା ଚଉକି।

**pusher** ବି. *କ.ଭା.* ନିଶାଔଷଧର ଚୋରା ବେପାରୀ ବା ବିକ୍ରେତା।

**pushful** ବିଂ. ଉଦ୍ଧତ; କୃତସଂକଳ୍ପ; ଦୃଢ଼ମନା; *କ୍ରି.ବିଂ.* pushfully.

**pushing** ବିଂ. ଦୃଢ଼ମନା; *କ.ଭା.* (ନିର୍ଦ୍ଧାରିତ ବୟସ) ପାଖାପାଖି।

**push–start** ବି. ଯେଉଁ ଗାଡିମଟର ବା ଇଞ୍ଜିନ୍ ଠେଲିଲେ ଚାଲୁହୁଏ।

**Pushtu** ବି. *ଓ* ବିଂ. (Pashto ମଧ) ଇରାନୀ ଭାଷା।

**pushy** ବିଂ. *କ.ଭା.* ଅତ୍ୟନ୍ତ ଦୃଢ଼ମନା।

**pusillanimous** ବିଂ. *ଔପ.* ସାହସହୀନ, ଭୀରୁ, ଭୟାଳୁ; ବି. pusillanimity.

**puss** ବି. ବିଲେଇ (ବିଶେ. ସମ୍ବୋଧନ ନିମନ୍ତେ), ପୁଷି; *କ.ଭା.* ପରିହାସପ୍ରିୟା, ରସିକା; କୌତୁକପ୍ରିୟା ଯୁବତୀ।

**pussy** ବି. (pussy–cat ମଧ) ବିଲେଇ, ପୁଷି; *ସା.ପ୍ର.* ଯୋନି, ସ୍ତ୍ରୀ ଜନନେନ୍ଦ୍ରିୟ।

**pussyfoot** *କ୍ରି.* ବିଲେଇ ଭଳି ନିଃଶବ୍ଦରେ ଚାଲିବା; ସାବଧାନତା ସହକାରେ ବା ନିର୍ଲିପ୍ତ ଭାବରେ କାର୍ଯ୍ୟ କରିବା।

**pussy willow** ବି. ଏକ ଜାତିର ଉଇଲୋଗଛ।

**pustulate** *କ୍ରି.* ବ୍ରଣ ପାଚିଯିବା।

**pustule** ବି. ପୂଜଥିବା ବ୍ରଣ; ବିଂ. pustular.

**put** 1. *କ୍ରି.* (*ଅ.କା. ଅ.କ୍ରି.କ.ପ.* put) ରଖିବା; ନିର୍ଦ୍ଦିଷ୍ଟ ବା ଉଦ୍ଦିଷ୍ଟ ସ୍ଥାନକୁ ଘୁଞ୍ଚାଇବା ବା ଠିକ୍ ଜାଗାରେ ଥୋଇବା; ଉଦ୍ଦିଷ୍ଟ ସ୍ଥାନ ବା ଢଙ୍ଗରେ ରଖିବା; ବିଚାର, ଦୃଷ୍ଟି ଆକର୍ଷଣ ବା ନିର୍ଣ୍ଣୟ କରିବା ପାଇଁ ଦାଖଲ କରିବା; ନିର୍ଦ୍ଦିଷ୍ଟ ଢଙ୍ଗରେ କହିବା; ଅଟକଳ କରିବା; ଟଙ୍କା ଖଟେଇବା; ବାଜି ପକେଇବା; ଖେଳକୁଦରେ ଜେଭେଲିନ୍ ପ୍ରଭୃତି ନିକ୍ଷେପ କରିବା; 2. ବି. ଶଟ୍ ନିକ୍ଷେପ (shot–put); put about (ଗୁଜବ, ତଥ୍ୟ) ପ୍ରଚାର କରିବା; put across ଗ୍ରହଣୀୟ ବା ପ୍ରଭାବଶାଳୀ କରିବା; ହୃଦ୍‌ବୋଧ କରାଇବା; put away ଭବିଷ୍ୟତରେ ବ୍ୟବହାର ପାଇଁ (ସାଇତି) ରଖିବା; *କ.ଭା.* କାରାରୁଦ୍ଧ କରିବା; *କ.ଭା.* (ବୃଦ୍ଧ ବା ରୁଗ୍‌ଣ ଜୀବଜନ୍ତୁ) ହତ୍ୟା କରିବା; (ଖାଦ୍ୟ, ପାନୀୟ) ଖାଇବା, ପିଇବା; put back ପୂର୍ବାବସ୍ଥାକୁ ଫେରାଇ ଆଣିବା; (ଜାହାଜ) ପୋତାଶ୍ରୟକୁ ଫେରିଆସିବା; (ଘଣ୍ଟା) କଣ୍ଟାକୁ ପଛକୁ ଘୁରେଇବା; put by ଭବିଷ୍ୟତ ବ୍ୟବହାର ପାଇଁ ସାଇତି ରଖିବା; put down ଦମନ କରିବା, ଦବେଇ ଦେବା, ହିନସ୍ତା କରିବା; ଲିପିବଦ୍ଧ କରିବା, ଲେଖି ରଖିବା; ଉତ୍ତରଦାୟୀ କରିବା; ମନେ କରିବା; ରୁଗ୍‌ଣ ବା ବୃଦ୍ଧ ଜୀବଜନ୍ତୁକୁ ହତ୍ୟା କରିବା; ଓହ୍ଲେଇବାକୁ ଦେବା; put forward ପ୍ରସ୍ତାବ ଦେବା; ଘଣ୍ଟାକଣ୍ଟା ଆଗକୁ ବଢ଼େଇଦେବା; put in ଦାବି ଦାଖଲ ବା ଗୃହୀତ କରେଇବା; *କ.ଭା.* ସମୟ ବିତେଇବା; (ଜାହାଜ) ପୋତାଶ୍ରୟ ବା ବନ୍ଦରକୁ ପ୍ରବେଶ କରିବା; put in for ପ୍ରାର୍ଥୀଭାବେ ଦରଖାସ୍ତ କରିବା; put it across *ସା.ପ୍ର.* ଭଣ୍ଡିବା, ଠକିବା; put it to person କୌଣସି ବିଷୟ ଅସ୍ୱୀକାର କରିବା ପାଇଁ ଆହ୍ୱାନ କରିବା; put off କାର୍ଯ୍ୟକ୍ରମ, ସାକ୍ଷାତ୍‌କାରପ୍ରଭୃତିର ସମୟ ନିର୍ଘଣ୍ଟ ଘୁଞ୍ଚାଇଦେବା; ମୁଲତବୀ ବା ସ୍ଥଗିତ ରଖିବା; ବାଆଁରେଇ ଦେବା; ନ କରିବା ପାଇଁ ପ୍ରବର୍ତ୍ତେଇବା; (ଜାହାଜ) କୂଳ ବା ବନ୍ଦର ଛାଡିବା; put on ପିନ୍ଧିବା, ପରିଧାନ କରିବା; ନାଟକ ମଞ୍ଚସ୍ଥ କରିବା; (ବୈଦ୍ୟୁତିକ ସରଞ୍ଜାମ, ଆଲୋକ ପ୍ରଭୃତି) ଚାଲୁ କରିବା; (ଆବେଗ) ପ୍ରଦର୍ଶନ କରିବା; ଘଣ୍ଟାକଣ୍ଟା ଆଗକୁ ବଢ଼େଇବା;

Digitized by srujanika@gmail.com

(ଶାରୀରିକ) ଓଜନ ବଢ଼ିବା; put oneself in person's place ଅନ୍ୟ ଜଣକ ସ୍ଥାନରେ ନିଜକୁ ରଖିବାର କଳ୍ପନା କରିବା; put out ବିରକ୍ତ କରିବା; (ଆଲୁଅ, ନିଆଁ) ଲିଭେଇବା, ନିର୍ବାପିତ କରିବା; କ୍ରିକେଟ୍ ବେଟ୍ସ୍‌ମେନ୍ ବା ପକ୍ଷକୁ ଆଉଟ୍ କରିଦେବା ବା ବାହାର କରିଦେବା; ଅନ୍ଧ କରିଦେବା; put (out) to sea ବନ୍ଦର ଛାଡ଼ିବା; put through କାର୍ଯ୍ୟକାରୀ କରିବା, ସମ୍ପୂର୍ଣ୍ଣ କରିବା; ଟେଲିଫୋନ୍ କଥାବାର୍ତ୍ତା ପାଇଁ ଲାଇନ୍ ସଂଯୋଗ କରିବା; put under ଅଚେତ କରିଦେବା; put up ପ୍ରସ୍ତାବପ୍ରଭୃତି ଉପସ୍ଥାପନ କରିବା, ତିଆରି କରିବା; ଦରଦାମ ବଢ଼େଇବା, ବସାଘରେ ବା ହୋଟେଲ୍‌ରେ ରହିବା; ଲଢ଼େଇ ପ୍ରଭୃତିରେ ବ୍ୟାପୃତ ହେବା; ପ୍ରାର୍ଥୀ ଭାବରେ ନିଜକୁ ଉପସ୍ଥାପନ କରିବା; ଟଙ୍କା ଯୋଗେଇବା; ପ୍ରତିଯୋଗିତା ବା ବିକ୍ରୟ ନିମନ୍ତେ ଉପସ୍ଥାପିତ କରିବା; ମନରୁ ଗଢ଼ିବା; put upon *କ.ଭା.* ଅନ୍ୟାୟ ଭାବରେ ଦାୟଗ୍ରସ୍ତ କରିବା ବା ଫାଇଦା ଉଠାଇବା; put a (person) up to ଟିହେଇବା, ଉତ୍ତେଜିତ କରିବା; put up with ସହ୍ୟ କରିବା, ସହିଯିବା।

**putative** ବିଂ. *ଔପ.* ସର୍ବମାନ୍ୟ, ଜଣାଶୁଣା, ସାଧାରଣ ଭାବରେ ସ୍ୱୀକୃତ।

**put–down** ବି. ଦାବନ୍, ତରାଣ।

**putrefy** *କ୍ରି.* ଗଳିତ ହେବା; ସଢ଼ିଯିବା, ପଚିଯିବା; ଖରାପ ହୋଇଯିବା; ନୈତିକ ଅଧୋପତନ ଘଟିବା; ବି. putrefaction; ବିଂ. putrefactive.

**putrescent** ବିଂ. ପଚ଼ମାନ, ପଚ଼ିଯିବାର ଅବସ୍ଥା; ବି. putrescence.

**putrid** ବିଂ. ପଚ଼ିଯାଇଥିବା; ଗଳିତ, ପଚା; ଦୁର୍ଗନ୍ଧଯୁକ୍ତ; ସଢ଼ା; *କ.ଭା.* ଅତି ନିମ୍ନ ଧରଣର; ଅପ୍ରୀତିକର; ବି. putridity.

**putsch** ବି. ରାଜନୈତିକ ବିପ୍ଳବର ଉଦ୍ୟମ; ସହିଂସ ବିଦ୍ରୋହ।

**putt** 1. *କ୍ରି.* ଗଲ୍‌ଫ୍ ମୃଦୁ ଭାବରେ ବଲ୍‌କୁ ଆଘାତ କରିବା; 2. ବି. ଏତାଦୃଶ ଆଘାତ।

**puttee** ବି.*ଭା.* ପଟି।

**putter** ବି. ପୁଟିଂ ପାଇଁ ବ୍ୟବହୃତ ଗଲ୍‌ଫ୍‌କ୍ଲବ୍।

**putting–green** ବି. ଗଲ୍‌ଫ୍‌ଗାତ ଚତୁର୍ପାର୍ଶ୍ୱରେ ଥିବା ମସୃଣ ଘାସର କ୍ଷେତ୍ର।

**putty** 1. ବି. ପୁଟି; କାଠ କାମରେ ବା କାଚ ପ୍ରଭୃତି ଠିକ୍ ଭାବରେ ଖଞ୍ଜିବା ପାଇଁ ବ୍ୟବହୃତ ଚକଗୁଣ୍ଡ, ଫେଣିତେଲ ପ୍ରଭୃତିର ମିଶ୍ରଣରେ ପ୍ରସ୍ତୁତ ଅଠା; 2. *କ୍ରି.* ପୁଟି ପ୍ରୟୋଗ କରିବା।

**puzzle** 1. ବି. କଠିନ ସମସ୍ୟା, ଗୋଲକଧନ୍ଦା; ବୁଦ୍ଧି ପରୀକ୍ଷାପାଇଁ ଉଦ୍ଦିଷ୍ଟ ପ୍ରଶ୍ନ; 2. *କ୍ରି.* ମନକୁ ଆନ୍ଦୋଳିତ ବା ବିଭ୍ରାନ୍ତ କରିବା; ବୁଝିବା ପାଇଁ ଅତ୍ୟଧିକ ଚିନ୍ତା କରିବା; puzzle about ଗଭୀର ଚିନ୍ତା କରିବା; ମୁଣ୍ଡ ଗୋଳମାଳ ହୋଇଯିବା; puzzle out ଗଭୀର ଚିନ୍ତା କରି ବୁଝି ପାରିବା ବା ସମାଧାନ କରିବା; ବି. puzzlement.

**puzzler** ବି. କଠିନ ପ୍ରଶ୍ନ ବା ସମସ୍ୟା।

**PVC** *ସଂଶ.* polyvinyl chloride ପୋଲିଭିନାଇଲ୍ କ୍ଲୋରାଇଡ୍।

**PW** *ସଂଶ.* policewoman ମହିଳା ପୁଲିସ୍।

**pyaemia** ବି. (*ଆମେ.* pyemia) ଶରୀରର ରକ୍ତ ସ୍ରୋତରେ ବେକ୍ଟେରିଆ ବା ଜୀବାଣୁ ଜନିତ ପ୍ରଦାହ ଯୋଗୁଁ ରକ୍ତ ବିଷାକ୍ତ ହୋଇଯିବା।

**pye–dog** ବି. ବୁଲା କୁକୁର।

**pygmy** (pigmy ମଧ୍ୟ) 1. ବି. ପିଗ୍‌ମୀ; ଆଫ୍ରିକାର ବିଷୁବରେଖା ସନ୍ନିକଟ ଅଞ୍ଚଳର ଖର୍ବାକୃତି ଜନଜାତି ବିଶେଷ; ଗେଡା ବା ଖର୍ବାକୃତି ମଣିଷ ବା ବସ୍ତୁ; ଗୁରୁତ୍ୱହୀନ ବ୍ୟକ୍ତି; 2. ବିଂ. ପିଗ୍‌ମୀ ସଂକ୍ରାନ୍ତୀୟ, ଗେଡା।

**pyjamas** ବି. ବ.ବ. ପାଇଜାମା; ଶୋଇବା–ବେଳେ ପିନ୍ଧାହେଉଥିବା ଢିଲା କୁର୍ତ୍ତା ପାଇଜାମା; pyjama jacket (top), pyjama trousers ପାଇଜାମାର ଦୁଇ ଭିନ୍ନ ଅଂଶ ବିଶେଷ।

**pylon** ବି. ତାରା ସମ୍ଭାଳିବାପାଇଁ, ଚୌହଦୀ ପାଇଁ ବା ସାଜସଜ୍ଜା ପାଇଁ ଗଢ଼ା ହୋଇଥିବା ଦୀର୍ଘକାୟ ସ୍ତମ୍ଭ ବା ପିଣ୍ଡି।

**pyorrhoea** ବି. *ଆମେ.* pyorrhea ଦାନ୍ତମୂଳ ପାଚ଼ି ପୂଜ ବାହାରିବା ରୋଗ; ପାଇରିଆ।

**pyracantha** ବି. ଧଳାଫୁଲ ଓ ଧଳା ବା ନାଲି କୋଳି ବିଶିଷ୍ଟ ଚିରହରିତ୍ କଣ୍ଟାଗୁଳ୍ମ।

**pyramid** ବି. ପିରାମିଡ୍; ପ୍ରାଚୀନ ମିଶର ଦେଶୀୟ ପ୍ରସ୍ତରନିର୍ମିତ ସ୍ମୃତିସ୍ତମ୍ଭ, ଯାହା ସାଧାରଣତଃ ଚତୁଷ୍କୋଣୀ ଭୂମି ଉପରେ ନିର୍ମିତ ଏବଂ କ୍ରମଶଃ ସୂକ୍ଷ୍ମାଗ୍ର; ତିନି ବା ତତୋଧିକ ପାର୍ଶ୍ୱବିଶିଷ୍ଟ କ୍ରମ ସୂକ୍ଷ୍ମାଗ୍ର ଗଠନ; ବିଂ. pyramidal.

Digitized by srujanika@gmail.com

**pyramid selling** ବି. କ୍ରମଶଃ ତଳ ସ୍ତରରୁ ଅଧିକ ବିତରକମାନଙ୍କଦ୍ୱାରା ପଣ୍ୟଦ୍ରବ୍ୟର ବିକ୍ରୀ ବା ପ୍ରସାର।

**pyre** ବି. ପ୍ରଜ୍ୱଳିତ ହେବାପାଇଁ ଉଦ୍ଦିଷ୍ଟ କାଠ ବା ଅନ୍ୟ କୌଣସି ଜ୍ୱଳନଶୀଳ ବସ୍ତୁର ସ୍ତୂପ, ବିଶେଷତଃ ଯୁଇ; ଚିତା।

**pyrethrum** ବି. ସୁଗନ୍ଧ ଯୁକ୍ତ ସେବତୀ ଜାତୀୟ ଫୁଲ ବିଶେଷ; ଏହାର ଶୁଖିଲା ପାଖୁଡାରୁ ପ୍ରସ୍ତୁତ କୀଟନାଶକ।

**pyretic** ବିଂ. ଜ୍ୱରର, ଜ୍ୱରକାରକ।

**Pyrex** ବି. *ସ୍ୱ.* ତାପନିରୋଧୀ ଶକ୍ତ କାଚ ବିଶେଷ।

**pyrexia** ବି. ଜ୍ୱର।

**pyrites** ବି. ଖଣିଜ ଦ୍ରବ୍ୟ ବିଶେଷ, ଯାହା ଲୌହ (iron pyrites) ବା ଲୌହ ଏବଂ ତମ୍ବାର (copper pyrites) ସଲ୍‌ଫାଇଡ (sulphide).

**pyro–** ସଂ. ନିଆଁ।

**pyromania** ବି. ନିଆଁଲଗେଇବାପାଇଁ ଅଦମ୍ୟ ଇଚ୍ଛା।

**pyromaniac** ବି. ଓ ବିଂ. ଯେଉଁ ମାନସିକ ରୋଗୀ ନିଆଁଲଗେଇବା ପାଇଁ ଅଦମ୍ୟ ଇଚ୍ଛାର ବଶବର୍ତ୍ତୀ ହୋଇଥାଏ।

**pyrotechnics** ବି. ବ.ବ. ଆତସବାଜି ପ୍ରଭୃତି ବା ପ୍ରଦର୍ଶନ କଳା; କୌଣସି ଘଟାଟୋପ ବା ଚମକ୍‌ପ୍ରଦ ପ୍ରଦର୍ଶନ; ବିଂ. pyrotechnic.

**Pythagoras' theorem** ବି. ପାଇଥାଗୋରାସ୍‌ଙ୍କ ଥିଓରମ୍, ଯେଉଁ ଥିଓରମ୍ ଅନୁସାରେ ସମକୋଣୀ ତ୍ରିଭୁଜର ଦୁଇବାହୁର ବର୍ଗଫଳ କର୍ଣ୍ଣର ବର୍ଗଫଳ ସହ ସମାନ (ପାଇଥାଗୋରାସ୍: ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଗ୍ରୀକ୍ ଦାର୍ଶନିକ)।

**python** ବି. ଅଜଗର ବା ବୋଡା ଜାତୀୟ ସାପ।

**pyx** ବି. *ଖ୍ରୀ.* ନୈବେଦ୍ୟ (Eucharist) ପାଇଁ ଉଦ୍ଦିଷ୍ଟ ରୁଟି ରଖାଯାଉଥିବା ପାତ୍ର।

Digitized by srujanika@gmail.com

# Qq

**Q**[1]**,q** ବି. (ବ.ବ. Qs, Q's; qs, q's) ଇଂରାଜୀ ବର୍ଣ୍ଣମାଳାର ସପ୍ତଦଶ ବର୍ଣ୍ଣ।

**Q**[2] ସଂଶ. Queen ରାଣୀ; question ପ୍ରଶ୍ନ।

**QC** ସଂଶ. Queen's Counsel ମହାରାଣୀଙ୍କ ପରାମର୍ଶଦାତା।

**QED** ସଂଶ. *quod erat demonstrandum* ଯାହା ପ୍ରତିପାଦ୍ୟ।

**QM** ସଂଶ. quartermaster କ୍ୱାଟରମାଷ୍ଟର୍।

**qr.** ସଂଶ. quarter(s) କ୍ୱାଟର୍, କ୍ୱାଟ୍ର୍ସ୍।

**qua** ସଂଯୋ. ଯେଉଁ ଅଧିକାର ବଶତଃ।

**quack**[1] 1. ବି.ହଂସଧ୍ୱନି; ହଂସ, ବତକ ପ୍ରଭୃତିଙ୍କ ରାବ; 2. କ୍ରି. ହଂସ ରାବ କରିବା, ଉଚ୍ଚ କଣ୍ଠରେ ନିର୍ବୋଧଙ୍କ ଭଳି କଥା ହେବା।

**quack**[2] ବି. (ସଂଶ. quacksalver) ଅଣତାଲିମପ୍ରାପ୍ତ ବା ଯୋଗ୍ୟତାବିହୀନ ଚିକିତ୍ସକ ବା ବୈଦ୍ୟ; ଠକ।

**quackery** ବି. ଯୋଗ୍ୟତାବିହୀନ ଚିକିତ୍ସକଙ୍କ ଚିକିତ୍ସାପ୍ରଣାଳୀ।

**quad** ବି. କ.ଭା. quadruplet ଚାରିଗୋଟିଥିବା; quadrangle ଚତୁର୍ଭୁଜ; quadraphonic ଚାରିଟି ଚେନେଲ୍‌ରେ ସଂଚାରିତ।

**Quadragesima** ବି. ଖ୍ରୀଷ୍ଟ ଧର୍ମର ଲେଣ୍ଟ (Lent) ବା ଏଶ୍ ବୁଧବାରଠାରୁ ଇଷ୍ଟର୍ ଇଭ୍ ମଧ୍ୟରେ ପ୍ରଥମ ରବିବାର।

**quadrangle** ବି. ଚତୁର୍ଭୁଜ, ଚତୁଷ୍କୋଣୀ କ୍ଷେତ୍ର; ମହାବିଦ୍ୟାଳୟ ପରିସର ମଧ୍ୟରେ ସ୍ଥିତ ଚତୁଷ୍କୋଣୀ କ୍ଷେତ୍ର।

**quadrangular** ବିଂ. ଚାରିକୋଣିଆ, ଚତୁର୍ଭୁଜାକାର।

**quadrant** ବି. ବୃତ୍ତର ପରିଧିର ଏକଚତୁର୍ଥାଂଶ; ସମକୋଣରେ ଛେଦ କରୁଥିବା ବ୍ୟାସଦ୍ୱୟ ଦ୍ୱାରା ବିଭାଜିତ ବୃତ୍ତାଂଶ; ଏତାଦୃଶ ବସ୍ତୁ ବା କ୍ଷେତ୍ର, କୋଣ ମାପିବା ପାଇଁ ବ୍ୟବହୃତ ଯନ୍ତ୍ର।

**quadraphonic** ବିଂ. ଚାରିଟି ପ୍ରସାରଣ ଚେନେଲ୍ ଯୁକ୍ତ; କ୍ରି.ବିଂ. quadraphonically; ବି. quadraphonics, quadraphony.

**quadrate** ବିଂ. *ପ୍ରାଣୀ.* ଚତୁର୍ଭୁଜାକାର ବା ବର୍ଗାକାର।

**quadratic** 1. ବିଂ. କେବଳ ବର୍ଗୀୟ (ସମୀକରଣ); 2. ବି. ବର୍ଗୀୟ ସମୀକରଣ।

**quadrennial** ବିଂ. ଚାରିବର୍ଷ ପାଇଁ ବା ଚତୁର୍ବର୍ଷୀୟ; କ୍ରି.ବିଂ. quadrennially.

**quadrennium** ବି. ଚାରିବର୍ଷର ଅବଧି।

**quadri–** ସଂ. ଚାରି ଅର୍ଥଜ୍ଞାପକ ଉପସର୍ଗ।

**quadrilateral** 1. ବିଂ. ଚାରିପାର୍ଶ୍ୱ ବିଶିଷ୍ଟ; 2. ବି. ଚତୁର୍ଭୁଜାକାର କ୍ଷେତ୍ର।

**quadrille** ବି. ଏକ ପ୍ରକାର ନୃତ୍ୟ, ତାହାର ସଂଗୀତ।

**quadriplegia** ବି. ଚାରିଅଂଗର ପକ୍ଷାଘାତ ବା ଅଚଳାବସ୍ଥା; ବିଂ. ଓ ବି. quadriplegic.

**quadroon** ବି. ଶ୍ୱେତାଙ୍ଗ ଏବଂ ଅର୍ଦ୍ଧକୃଷ୍ଣାଙ୍ଗ (ମୁଲାଟୋ) ଦଂପତିଙ୍କ ସନ୍ତାନ; ଏକଚତୁର୍ଥାଂଶ ନିଗ୍ରୋ ରକ୍ତ ବିଶିଷ୍ଟ ବ୍ୟକ୍ତି।

**quadruped** ବି. ଚତୁଷ୍ପଦ ପ୍ରାଣୀ (ବିଶେ. ସ୍ତନ୍ୟପାୟୀ)।

**quadruple** 1. ବିଂ. ଚାରିଟିକିଆ, ଚାରିଅଂଶ ବିଶିଷ୍ଟ, ଚାରି ଗୁଣ; 2. ବି. ଚାରିଅଙ୍କ ବିଶିଷ୍ଟ ସଂଖ୍ୟା ବା ପରିମାଣ; 3. କ୍ରି. ଚାରିରେ ଗୁଣନ କରିବା।

**quadruplet** ବି. ଏକସଙ୍ଗରେ ଜାତ ଚାରିଟି ଶିଶୁ ମଧ୍ୟରୁ ଗୋଟିଏ।

**quadruplicate** 1. ବିଂ. ଚାରିଟିକିଆ, ଚାରିଟି ନକଲ ଥିବା; 2. କ୍ରି. ଚାରିରେ ଗୁଣନ କରିବା, ଚାରିଗୋଟି ପ୍ରତିଲିପି କରିବା; in quadruplicate ଚାରି ଗୋଟି ପ୍ରତିଲିପି ବା ନକଲ ସହ।

**quaff** କ୍ରି. *ସାହି.* ବଡ଼ ବଡ଼ ଢୋକରେ ପିଇବା; ବିଂ. quaffable.

**quagmire** ବି. କର୍ଦ୍ଦମାକ୍ତ ସ୍ଥାନ, ସନ୍ତସନ୍ତିଆ ଜାଗା, ଦଲ୍‌ଦଲ୍।

**quail**[1] ବି. ତିତିରଜାତୀୟ ପକ୍ଷୀ ବିଶେଷ।

**quail**[2] କ୍ରି. ଭୟ ଦେଖାଇବା, ସଂକୁଚିତ ହେବା।

**quaint** ବିଂ. ପୁରୁଣାକାଳିଆ, କିନ୍ତୁ ଆକର୍ଷଣୀୟ; ଅଦ୍ଭୁତ, କିନ୍ତୁ ସୁନ୍ଦର; କ୍ରି.ବିଂ. quaintly; ବି. quaintness.

Digitized by srujanika@gmail.com

**quake** 1. *କ୍ରି.* ଆନ୍ଦୋଳିତ ବା କମ୍ପିତ ହେବା, ଥରିବା, ଈଷିତ ହେବା; 2. *ବି. କ.ଭା.* ଭୂମିକମ୍ପ।

**Quaker** ବି. ସୋସାଇଟି ଅଫ୍ ଫ୍ରେଣ୍ଡସ୍ (Society of Friends)ର ସଭ୍ୟ; ବି. Quakerism.

**qualification** ବି. ଯୋଗ୍ୟତା; କୌଣସି ସ୍ଥାନ ବା ପଦପଦବୀ ପାଇଁ ଆବଶ୍ୟକ ଗୁଣ ବା କୃତିତ୍ୱ; ବିଂ. qualificatory.

**qualify** *କ୍ରି.* ଯୋଗ୍ୟତା ହାସଲ କରିବା, କୌଣସି ପଦପଦବୀ ବା ସ୍ଥାନ ପାଇଁ ଯୋଗ୍ୟ ବିବେଚିତ ହେବା, ଆଇନତଃ ହକ୍‌ଦାର ହେବା; *ବ୍ୟା.* ଶବ୍ଦର ଗୁଣପ୍ରକାଶ କରିବା, ବର୍ଣ୍ଣନା କରିବା; ବି. qualifier.

**qualitative** ବିଂ. ଗୁଣବତ୍ତା ଉପରେ ଆଧାରିତ, ଗୁଣସଂପନ୍ନ; *କ୍ରି.ବିଂ.* qualitatively.

**quality** ବି. ଗୁଣବତ୍ତା, ଉତ୍କର୍ଷ, ଆପେକ୍ଷିକ ଚରିତ୍ର ବା ସ୍ୱଭାବ; *ପ୍ରା.ପ୍ର.* ଉଚ୍ଚ ପ୍ରତିପତ୍ତି ବା ସାମାଜିକ ପ୍ରତିଷ୍ଠା (ଥିବା ବ୍ୟକ୍ତି)।

**qualm** ବି. ସଂଶୟ, ଆଶଙ୍କା, ବିବେକର ଦଂଶନ; ସାମୟିକ ଭାବରେ ଅସୁସ୍ଥ ଅନୁଭବ କରିବା; ମୁଣ୍ଡ ବୁଲେଇବା ବା ବାନ୍ତି ଲାଗିବା।

**quandary** ବି. କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା; ମାନସିକ ସଂଘାତ; ଦ୍ୱନ୍ଦ୍ୱ।

**quango** ବି. (ବ.ବ. quangos) ସରକାରୀ ଅନୁଦାନରେ ପରିଚାଳିତ ଅର୍ଦ୍ଧସରକାରୀ ସଂସ୍ଥା ଯାହାର ଉଚ୍ଚ ପଦାଧିକାରୀ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି।

**quanta** ବି. ଏ.ବ. quantum *ଦ୍ର.।*

**quantify** *କ୍ରି.* ସଂଖ୍ୟା ବା ପରିମାଣ ଭାବରେ ସୂଚିତ କରିବା, ପରିମାଣ ନିର୍ଦ୍ଧାରଣ କରିବା; ବିଂ. quantifiable; ବି. quantification.

**quantitative** ବିଂ. ପରିମାଣ ବା ମାତ୍ରା ସଂପର୍କିତ, ପରିମାପିତ।

**quantity** ବି. ପରିମାଣ, ମାତ୍ରା; ପରିମାଣଯୋଗ୍ୟ ସଂଖ୍ୟା, ଆୟତନ, ବ୍ୟାପ୍ତି ବା ଓଜନ; ବ.ବ. ବିପୁଳ ପରିମାଣରେ ବା ସଂଖ୍ୟାରେ ମାତ୍ରା ବା ସ୍ୱରର ଉଚ୍ଚାରଣରେ ଦୀର୍ଘତା ବା ହ୍ରସ୍ୱତା।

**quantity surveyor** ବି. କୋଠାବାଡ଼ି ମାପଚୁପ୍ କରି ମୂଲ୍ୟ ନିର୍ଦ୍ଧାରଣ କରୁଥିବା ବ୍ୟକ୍ତି।

**quantum** ବି. (ବ.ବ. quanta) ପରିମାଣ, ଆବଶ୍ୟକ ବା ଅଭିଳଷିତ ପରିମାଣ।

**quarantine** 1. ବି. ସଂକ୍ରାମକ ବା ପ୍ରଦାହଜନିତ ବ୍ୟାଧି ପ୍ରତିରୋଧ ନିମନ୍ତେ ଜାହାଜ, ବ୍ୟକ୍ତି ବା ଜୀବଜନ୍ତୁମାନଙ୍କ ପ୍ରତି ନିଷେଧାଦେଶ; ଏହାର ଅବଧି; 2. *କ୍ରି.* ଏତାଦୃଶ ନିଷେଧାଦେଶ ଲାଗୁକରିବା।

**quark** ବି. *ପଦାର୍ଥ* ମୌଳିକ ଉପାଦାନର ଅଂଶବିଶେଷ (ଔପନ୍ୟାସିକ ଜେମ୍‌ସ୍ ଜୟେସ୍‌ଙ୍କ *ଫିନେଗାନ୍‌ସ୍ ୱେକ୍‌*ରେ ବ୍ୟବହୃତ)।

**quarrel** 1. ବି. କଳିତକରାଳ, ମନାନ୍ତର, ଝଗଡା, ଅମେଳ, ଅଭିଯୋଗର କାରଣ; 2. *କ୍ରି.* କଳି କରିବା, ଝଗଡା କରିବା, ଦୋଷ ବାହାର କରିବା।

**quarrelsome** ବିଂ. କଳିଆ ବା କଳିହୁଡୀ, କଳହପ୍ରିୟ।

**quarry**[1.] 1. ବି. ଯେଉଁ ସ୍ଥାନରୁ ଘରବାଡ଼ି ନିର୍ମାଣ ପାଇଁ ପଥର ଭଙ୍ଗା ବା ଖୋଳାହୁଏ, ପଥରଖଣି; 2. *କ୍ରି.* ପଥରଖଣିରୁ ପଥର କାଟିବା ବା ଭାଙ୍ଗିବା।

**quarry**[2.] ବି. ଶିକାର, ଯାହାକୁ ଅନୁଧାବନ କରାଯାଏ।

**quart** ବି. ତରଳଦ୍ରବ୍ୟର ପରିମାପକ, ଏକ ଗେଲନ୍‌ର ଚତୁର୍ଥାଂଶ; ଦୁଇ ପାଇଣ୍ଟ୍ (୦.୯୪୬ଲି.)।

**quarter** 1. ବି. ଏକଚତୁର୍ଥାଂଶ, ତିନିମାସ ଅବଧି, ଘଣ୍ଟାର ଚତୁର୍ଥାଂଶ ଅର୍ଥାତ୍ ପନ୍ଦର ମିନିଟ୍, ଆମେରିକାରେ ବା କାନାଡାରେ ୨୫ ସେଣ୍ଟ, ସହରର ଗୋଟିଏ ଭାଗ ବା ଅଞ୍ଚଳ; ବ.ବରେ ରହିବାସ୍ଥାନ, ବାସଗୃହ; ସୈନ୍ୟ ବା ପୁଲିସ ବାହିନୀର ଡେରା, ଚାନ୍ଦ୍ରମାସର ଚତୁର୍ଥାଂଶ, ଲାଶ୍‌ର ଚତୁର୍ଥାଂଶ; ବ.ବ. ଚତୁଷ୍ପଦଜୀବର ପଛ ଦୁଇଗୋଡ଼ ସହିତ ଅଂଗ ସମୁଦାୟ (hind quarters); ଆତ୍ମସମର୍ପଣ ସର୍ତ୍ତମୂଳକ ଦୟାପ୍ରଦାନ; ଆଠ ବୁଶେଲ୍ ପରିମାଣର ଶସ୍ୟ; 2. *କ୍ରି.* ଚାରିଭାଗରେ ବିଭକ୍ତ କରିବା, ସେନାବାହିନୀକୁ କୌଣସି ସ୍ଥାନରେ ରଖାଇବା; ବାସଗୃହ ଯୋଗାଇବା; cry quarter ଦୟାଭିକ୍ଷା କରିବା।

**quarter–day** ବି. ଆର୍ଥିକ ବର୍ଷର ଚାରିଟି ବିଭାଜନର ଦିବସ।

**quarterdeck** ବି. ଜାହାଜର ଉପର ଡେକ୍ ଯାହା ପଦସ୍ଥ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ।

**quarter–final** ବି. ସେମିଫାଇନାଲର ପୂର୍ବବର୍ତ୍ତୀ ଖେଳ।

Digitized by srujanika@gmail.com

**quartering** ବି. *ସା.* ବ.ବ. ପରିବାରମାନଙ୍କ କୋଟ୍ ଅଫ୍ ଆର୍ମସ୍‌ର ସନ୍ନିକରଣ।

**quarter-light** ବି. ମଟରଗାଡ଼ିର ଛୋଟ ଝରକା।

**quarterly** 1. *କ୍ରି.ବିଂ.* ତ୍ରୈମାସିକ, ତିନିମାସରେ ଥରେ; 2. ବିଂ. ତ୍ରୈମାସିକ; 3. ବି. ତ୍ରୈମାସିକ ପତ୍ରପତ୍ରିକା ବା ପ୍ରକାଶନ।

**quartermaster** ବି. ସୈନ୍ୟବାହିନୀର ଡେରାରେ ବସବାସ, ଖାଦ୍ୟପେୟ ପ୍ରଭୃତି ଦାୟିତ୍ୱରେ ଥିବା କର୍ମକର୍ତ୍ତା।

**quarterstaff** ବି. ଲାଠି; ଅସ୍ତ୍ରଭାବରେ ପୂର୍ବେ ବ୍ୟବହୃତ ୬' ରୁ ୮' ର ଠେଙ୍ଗା ବା ଲାଠି।

**quartet** ବି. (quartette ମଧ୍ୟ) ଚାରିଜଣ ଶିଳ୍ପୀଙ୍କ ପାଇଁ ପ୍ରସ୍ତୁତ ସଂଗୀତ ରଚନା; ଏଭଳି ରଚନାର ଶିଳ୍ପୀ; ଚାରିଜଣିଆ ଦଳ।

**quarto** ବି. ସାଧାରଣ ମାପର କାଗଜ ଦୁଇଭାଙ୍ଗ କରିବାପରେ ଯେଉଁ ଚାରିପୃଷ୍ଠିଆ ଆକାର ହୁଏ; ଚଉଠ ଆକାର।

**quartz** ବି. ସିଲିକାର ବିଭିନ୍ନ ଖଣିଜରୂପ; ସ୍ଫଟିକ।

**quartz clock (watch)** ବି. କ୍ୱାଟ୍‌ଜ୍ କ୍ରିଷ୍ଟାଲ୍‌ର ବୈଦ୍ୟୁତିକକଂପନଦ୍ୱାରା ସଞ୍ଚାଳିତ ଘଣ୍ଟା।

**quartz lamp** ବି. ପାରଦ ବାଷ୍ପକୁ ଆଲୋକ-ସ୍ରୋତ ଭାବରେ ବ୍ୟବହାର କରୁଥିବା କ୍ୱାଟ୍‌ଜ୍ ଟ୍ୟୁବ୍।

**quasar** ବି. *ଜ୍ୟୋତି* ତାରକାସଦୃଶ ବସ୍ତୁ।

**quash** *କ୍ରି.* ରଦ୍ଦ ବା ନାକଚ କରିଦେବା; ଆଇନତଃ ନାକଚ କରିବା; ଦମନ କରିବା।

**quasi-** *ଙ୍.* ପ୍ରାୟ, ପ୍ରାୟତଃ।

**quassia** ବି. ଦକ୍ଷିଣ ଆମେରିକୀୟ ଏକ ବୃକ୍ଷ; ତାହାର କାଠ, ବଲ୍କଳ ବା ଚେର; ସେଥିରୁ ପ୍ରସ୍ତୁତ ଏକ ତିକ୍ତ ସ୍ୱାଦର ସ୍ୱାସ୍ଥ୍ୟବର୍ଦ୍ଧକ ରସାୟନ।

**quaternary** ବିଂ. ଚାରି ଅଂଶ ବା ଅଂଗ ବିଶିଷ୍ଟ।

**quatrain** ବି. ଚୌପଦୀ; ଚାରିଧାଡ଼ିର ପଦ।

**quatrefoil** ବି. ଚାରି କୋଣ ବା ପାର୍ଶ୍ୱବିଶିଷ୍ଟ ବସ୍ତୁ ବା ପତ୍ର; ଚାରିପାଖୁଡ଼ା ବିଶିଷ୍ଟ ଫୁଲ।

**quattrocento** ବି. ପଞ୍ଚଦଶ ଶତାବ୍ଦୀର ଇଟାଲୀୟ କଳା।

**quaver** 1. *କ୍ରି.* କଂପିତ ହେବା, କମ୍ପିବା, ଆନ୍ଦୋଳିତ ହେବା; କଂପିତ ସ୍ୱରରେ ଗାନ କରିବା; 2. ବି. କଥା ବା ଗାୟନରେ କଂପିତ ସ୍ୱର।

**quavery** ବିଂ. କଂପିତ ବା ଆନ୍ଦୋଳିତ (ସ୍ୱର); କଂପନଶୀଳ।

**quay** ବି. ଜାହାଜର ମାଲ ଓହ୍ଲାଇବା ବା ଲଦିବା ସ୍ଥାନ।

**queasy** ବିଂ. ବାନ୍ତି ଲାଗିବା; ପେଟ ଗୋଳମାଳ ଯୋଗୁଁ ଅସ୍ୱସ୍ତି; ଅତିମାତ୍ରାରେ ବିବେକବାନ୍; *କ୍ରି.ବିଂ.* queasily; ବି. quesiness.

**queen** 1. ବି. ରାଣୀ, ମହାରାଣୀ, ସାମ୍ରାଜ୍ଞୀ; ରାଣୀମହୁମାଛି, ରାଣୀପିମ୍ପୁଡ଼ି; ଚେସ୍‌ଖେଳରେ ସବୁଠାରୁ ଶକ୍ତିଶାଳୀ ଗୋଟି; *କ.ଭା. ଅପ.* ସମଲିଙ୍ଗୀ ପୁରୁଷ; 2. *କ୍ରି.* ଚେସ୍‌ଖେଳରେ ଅନ୍ୟ କୌଣସି ଗୋଟି ପାଳିର ଶେଷସ୍ଥାନରେ ପହଞ୍ଚିବା ପରେ ରାଣୀରେ ପରିବର୍ତ୍ତିତ ହୋଇଯିବା।

**queen bee** ବି. ରାଣୀ ମହୁମାଛି; କୌଣସି ଦଳରେ ନିଜକୁ ସର୍ବାପେକ୍ଷା ମହତ୍ତ୍ୱପୂର୍ଣ୍ଣ ମନେ କରୁଥିବା ସ୍ତ୍ରୀଲୋକ।

**queen consort** ବି. ରାଜାଙ୍କ ପତ୍ନୀ।

**queenly** ବିଂ. ରାଣୀ ସୁଲଭ, ରାଣୀ ଭଳି; ବି. queenliness.

**queen mother** ବି. ବିଧବା ରାଣୀ (ରାଜା ବା ରାଜପୁତ୍ରଙ୍କ ମାତା)।

**queer** 1. ବିଂ. ବିଚିତ୍ର, ଅଦ୍‌ଭୁତ, ଅଡୁଆ; ଆଡପାଗଳିଆ, ସନ୍ଦିଗ୍ଧ (ବ୍ୟକ୍ତି); ସାମାନ୍ୟ ଅସୁସ୍ଥ; *ସା.ପ୍ର.* ସମଲିଙ୍ଗୀ (ବିଶେ ପୁରୁଷ); 2. *କ୍ରି. ସା.ପ୍ର.* ନଷ୍ଟ କରିଦେବା, ଅକାମୀ କରିଦେବା; 3. ବି. *ସା.ପ୍ର. ଅପ.* ସମଲିଙ୍ଗୀ (ବିଶେ. ପୁରୁଷ)।

**quell** *କ୍ରି.* (ବିଦ୍ରୋହ) ଦମନ କରିବା; (ଭୟ) ଚାପିରଖିବା।

**quench** *କ୍ରି.* ତୃଷା ନିବାରଣ କରିବା; ଶୋଷ ମେଣ୍ଟାଇବା; ନିଆଁ ଲିଭାଇବା; ପାଣି ଢାଳି ଥଣ୍ଡା କରିବା ବା ଲିଭାଇବା; ଇଚ୍ଛା ବା ବାସନା ଦମନ କରିବା।

**quern** ବି. ଚକି; (ପଥରର) ଯନ୍ତା।

**querulous** ବିଂ. ସଦାଅଭିଯୋଗକାରୀ, ଚିଡା; *କ୍ରି.ବିଂ.* querulously.

**query** 1. ବି. ପ୍ରଶ୍ନ, ପ୍ରଶ୍ନଚିହ୍ନ; 2. *କ୍ରି.* ପ୍ରଶ୍ନ କରିବା, ଅନୁସନ୍ଧାନ ବା ପଚରାଉଚୁରା କରିବା।

**quest** 1. ବି. ଅନୁସନ୍ଧାନ, ଅନ୍ବେଷଣ, ଅନ୍ବେଷଣର ବସ୍ତୁ; 2. *କ୍ରି.* ଅନୁସନ୍ଧାନ ବା ଅନ୍ବେଷଣ କରିବା, ଖୋଜିବା।

Digitized by srujanika@gmail.com

**question** 1. ବି. ପ୍ରଶ୍ନ, ସନ୍ଦେହ, ପ୍ରତିପାଦ୍ୟ ବିଷୟ, ସମାଧାନ ପାଇଁ ଉଦ୍ଦିଷ୍ଟ ବିଷୟ; 2. କ୍ରି. ପଚାରିବା, ପ୍ରଶ୍ନ କରିବା, ସନ୍ଦେହ କରିବା, beyond (all) question ସନ୍ଦେହାତୀତ, ନିଶ୍ଚିତ, in question ଯାହା ଆଲୋଚ୍ୟ ବା ସଂପୃକ୍ତ; out of the question ଅସମ୍ଭବ; ଯାହା ଚିନ୍ତାର ଯୋଗ୍ୟ ନୁହେଁ; ବି. questioner; ବି., ବିଂ. questioning; କ୍ରି.ବିଂ. questioningly.

**questionable** ବିଂ. ସନ୍ଦେହଜନକ, ସନ୍ଦିଗ୍ଧ; କ୍ରି.ବିଂ. questionably.

**questionnaire** ବି. ପ୍ରଶ୍ନାବଳୀ, ବହୁ ବ୍ୟକ୍ତିଙ୍କୁ ପଚରାଯିବା ପାଇଁ ପ୍ରସ୍ତୁତ ପ୍ରଶ୍ନାବଳୀ।

**question time** ବି. (ସଂସଦରେ) ପ୍ରଶ୍ନକାଳ।

**queue** 1. ବି. କ୍ୟୁ, ଧାଡି, ନିଜନିଜର ପାଳିକୁ ଅପେକ୍ଷା କରି ରହିବା; ଏକପ୍ରକାର ବେଣୀ; 2. କ୍ରି. ଧାଡି କରି (ଅପେକ୍ଷା କରି) ରହିବା।

**quibble** 1. ବି. ଛୋଟ ଛୋଟ କଥାରେ ଅଭିଯୋଗ ବା ସମାଲୋଚନା; ବାକ୍‌ଚାତୁରୀ; ଶବ୍ଦଚାତୁରୀ; ପ୍ରା.ପ୍ର. ଦ୍ୱିଅର୍ଥବୋଧକ କଥା; ଢୀରାରୁ ଶିରା କାଢ଼ି ଯୁକ୍ତି କରିବା; 2. କ୍ରି. କଥାବାର୍ତ୍ତା ବା ଯୁକ୍ତିରେ ଚାତୁରୀ ଦେଖେଇବା।

**quiche** ବି. ଏକପ୍ରକାର ମିଷ୍ଟାନ୍ନ (ଟାର୍ଟ)।

**quick** 1. ବିଂ. ଶୀଘ୍ର, ଅନତିବିଳମ୍ବେ, ତୁରନ୍ତ; ପ୍ରତ୍ୟୁତ୍ପନ୍ନମତି, ଚତୁର, ସଜାଗ; ପ୍ରାଣୋଚ୍ଛ୍ୱାସଭରା; ଗରମ (ମିଜାସ୍); ପ୍ରା.ପ୍ର. ଜୀବନ୍ତ; 2. କ୍ରି.ବିଂ. ଶୀଘ୍ରତା ସହକାରେ, ଦ୍ରୁତ ଗତିରେ; 3. ବି. ନଖ, ଚର୍ମ ବା ଘା' ତଳେ ଥିବା ସ୍ପର୍ଶକାତର ସ୍ଥାନ; କ୍ରି.ବିଂ. quickly.

**quick–change** ବି. ନାଟକରେ ପାତ୍ରପାତ୍ରୀଙ୍କର ତୁରନ୍ତ ପୋଷାକ ପରିବର୍ତ୍ତନ।

**quicken** କ୍ରି. ଶୀଘ୍ର କରିବା, ବେଗ ବଢ଼େଇବା; ପୁନରୁଜ୍ଜୀବିତ କରିବା ବା ଜନ୍ମ କରିବା; ଯେତେବେଳେ ଶିଶୁର ପାଦପ୍ରହାର ଅନୁଭବ କରିହୁଏ ଗର୍ଭାବସ୍ଥାର ସେହି ସମୟ ପହଞ୍ଚିବା।

**quick–freeze** ବି. ଶୀଘ୍ର ଶୀତଳୀକରଣ।

**quickie** ବି. କ.ଭା. ଯାହା ଶୀଘ୍ର କରିହୁଏ।

**quicklime** ବି. ଚୂନ (ଅବିଭାଜିତ)।

**quick one** ବି. କ.ଭା. ଶୀଘ୍ର ପାନ କରି ହେଉଥିବା ପାନୀୟ।

**quicksand** ବି. ଚୋରାବାଲି।

**quickset** 1. ଗୁଣ. ବିଂ. ବାଡ଼ଭାବରେ ବୃଦ୍ଧିପ୍ରାପ୍ତ ବୃକ୍ଷାଦି; 2. ବି. ଏଭଳି ଭାବରେ ଦିଆହୋଇଥିବା ବାଡ।

**quicksilver** ବି. ପାରଦ, ଗରମ ମିଂଜାସ।

**quickstep** ବି. ଶୀଘ୍ର ପଦଚାଳନା କରାଯାଉଥିବା ବଲ୍‌ନୃତ୍ୟ ବିଶେଷ, ଏହାର ସଙ୍ଗୀତ।

**quick time** ବି. ଗୋଟିଏ ମିନିଟ୍‌ରେ ୧୨୦ ପାଦ ପକେଇ ଚାଲିବା ବା ମାର୍ଚ୍ଚ କରିବା।

**quick–witted** ବିଂ. ପ୍ରତ୍ୟୁତ୍ପନ୍ନମତି, ଶୀଘ୍ର ବୁଝିପାରୁଥିବା ବ୍ୟକ୍ତି; ବି. quick–witted–ness.

**quid**[1.] ବ.ବ. ଓ ଏ.ବ. ବି. ସା.ପ୍ର. ଏକ ପାଉଣ୍ଡ ଷ୍ଟର୍ଲିଙ୍ଗ୍; quids in ସା.ପ୍ର. ଲାଭ କରିବାରେ ସକ୍ଷମ।

**quid**[2.] ବି. ଖଇନି; ଚୋବେଇବା ପାଇଁ ଉଦ୍ଦିଷ୍ଟ ଧୂଆଁପତ୍ର।

**quiddity** ବି. କୌଣସି ବସ୍ତୁର ମୌଳିକ ତତ୍ତ୍ୱ, ବାକ୍‌ଚାତୁରୀ; ସାମାନ୍ୟ କଥାରେ ଅଭିଯୋଗ।

**quid pro quo** ବି. କ୍ଷତିପୂରଣ ପାଇଁ ବା ପାଇଥିବା ଉପହାର ବଦଳରେ ପ୍ରଦତ୍ତ ପଦାର୍ଥ।

**quiescent** ବିଂ ମାନ୍ଦା, ଶାନ୍ତ, ସୁସୁପ୍ତ; ବି. quiescence.

**quiet** 1. ବିଂ. ନୀରବ, ନିଃଶବ୍ଦ, କୋଳାହଳହୀନ, ଶାନ୍ତ, ସଂଯତ, ସାଦାସିଧା, ନିରାଡମ୍ବର, ଶାନ୍ତିପୂର୍ଣ୍ଣ; 2. ବି. ଶାନ୍ତ ଅବସ୍ଥା, ନୀରବତା, କୋଳାହଳହୀନତା, ସମାହିତ ଅବସ୍ଥା; 3. କ୍ରି. ନୀରବ ବା ଶାନ୍ତ କରିବା ବା ହେବା; be quiet କ.ଭା. କଥାବାର୍ତ୍ତା ବନ୍ଦ କରିବା, keep quiet ଚୁପ୍‌ରହିବା, ନୀରବ ରହିବା; on the quiet ଚୁପ୍‌ଚାପ୍, ଗୋପନରେ; କ୍ରି.ବିଂ. quietly; ବି. quietness.

**quieten** କ୍ରି. ନୀରବ ହେବା ବା କରିଦେବା।

**quietism** ବି. ଜୀବନପ୍ରତି ନିରାସକ୍ତଭାବ; ଉଦାସୀନଭାବ, ଅନାସକ୍ତି; ବି., ବିଂ. quietist.

**quietude** ବି. ଶାନ୍ତି; ନୀରବତା, କୋଳାହଳହୀନତା।

**quietus** ବି. ଜୀବନ୍ମୁକ୍ତି, ଶେଷନିଃଶ୍ୱାସ ତ୍ୟାଗ।

**quiff** ବି. କପାଳ ଉପରେ ଚାପିହୋଇ ରଖାଯାଇଥିବା କେଶଗୁଚ୍ଛ।

Digitized by srujanika@gmail.com

**quill** ବି. ପର, ପରକଲମ; ବ.ବ. ଝିଙ୍କକାଠି।
**quilt** ବି. କନ୍ଥା ବା ଶେଯ, ରେଜେଇ; ମିରଜେଇ (କୁର୍ତ୍ତା)।
**quim** ବି. *ସା.ପ୍ର.* ସ୍ତ୍ରୀ ଯୌନାଙ୍ଗ।
**quin** ବି. *କ.ଭା. ସଂଶ.* quintuplet.
**quince** ବି. (ଜାମ୍ ତିଆରିରେ ବ୍ୟବହୃତ) ଏକପ୍ରକାର ଖଟାଫଳ, ସେହି ଗଛ।
**quincentenary** 1. ବି. ପଞ୍ଚଶତତମ ଜନ୍ମଦିବସ, ଏହାର ପାଳନ; 2. ବିଂ. ପଞ୍ଚଶତତମ।
**quincunx** ବି. ଚତୁର୍ଭୁଜାକାର ବା ବର୍ଗାକାର କ୍ଷେତ୍ରର ଚାରିକୋଣୀୟ ବିନ୍ଦୁ ଏବଂ କେନ୍ଦ୍ରବିନ୍ଦୁ; ଏଭଳି ସ୍ଥିତ ପାଞ୍ଚଟି ଗଛ ବା ଅନ୍ୟ ବସ୍ତୁ।
**quinine** ବି. ସିଙ୍କୋନାଗଛର ଛାଲିରୁ ପ୍ରସ୍ତୁତ ତିକ୍ତ ଔଷଧ ଯାହା ମେଲେରିଆ ଜ୍ୱରରେ ଔଷଧଭାବରେ ଏବଂ ଟନିକ୍‌ଭାବରେ ବ୍ୟବହୃତ ହୁଏ; କୁଇନାଇନ୍।
**Quinquagesima** ବି. *ଖ୍ରୀ.* ଲେଣ୍ଟ୍ ପର୍ବ (Lent) ପୂର୍ବବର୍ତ୍ତୀ ରବିବାର।
**quinquennial** ବିଂ. ପଞ୍ଚବାର୍ଷିକ, ପଞ୍ଚବର୍ଷୀୟ; *କ୍ରି.ବିଂ.* quinquennially.
**quinquennium** ବି. ପାଞ୍ଚବର୍ଷର ଅବଧି।
**quinquereme** ବି. ପ୍ରତ୍ୟେକ ଆହୁଲା ପାଇଁ ପାଞ୍ଚଜଣ ଥିବା ପ୍ରାଚୀନ ବୋଇତ।
**quinsy** ବି. ଗଳାର ଘା', କଣ୍ଠନଳୀପ୍ରଦାହ।
**quintessence** ବି. କୌଣସି ବସ୍ତୁର ସାର ବା ଶ୍ରେଷ୍ଠ ଅଂଶ ବା ରୂପ, ଉତ୍କୃଷ୍ଟ ନିର୍ଯ୍ୟାସ; ଚାରି ମୌଳିକ ଉପାଦାନର (ମାଟି, ଜଳ, ଅଗ୍ନି ଏବଂ ବାୟୁ) ଆଧେୟ ପଞ୍ଚମ ଉପାଦାନ; ବିଂ. quintessential; *କ୍ରି.ବିଂ.* quintessen-tially.
**quintet** ବି. ପାଞ୍ଚଜଣ ପରିବେଷଣକାରୀଙ୍କ ସଂଗୀତଦଳ ବା ସେହି କଳାକାରଗଣ; ପାଞ୍ଚଜଣିଆ ଦଳ।
**quintuple** 1. ବିଂ. ପାଞ୍ଚଟିକିଆ, ପାଞ୍ଚଜଣିଆ, ପାଞ୍ଚଟି ଅଂଶ ଥିବା ପଦାର୍ଥ, ପାଞ୍ଚଗୁଣ ପରିମାଣ; 2. ବି. ପାଞ୍ଚଗୁଣ; 3. *କ୍ରି.* ପାଞ୍ଚରେ ଗୁଣନ କରିବା।
**quintuplet** ବି. ଏକସଙ୍ଗରେ ଜାତ ପାଞ୍ଚଟି ଶିଶୁଙ୍କ ମଧ୍ୟରୁ ଜଣେ।
**quintuplicate** ବିଂ. ପାଞ୍ଚଟିକିଆ, ପାଞ୍ଚକିତା ନକଲ ହୋଇଥିବା।
**quip** 1. ବି. ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି, ବକ୍ରୋକ୍ତି; 2. *କ୍ରି.* ଏଭଳି କହିବା।
**quire** ବି. ଚବିଶ ତାଏ କାଗଜ (ଚବିଶ ଫର୍ଦ୍ଦ), ବନ୍ଧେଇ ପାଇଁ ପ୍ରସ୍ତୁତ ମୋଡାକାଗଜ।
**quirk** ବି. ବ୍ୟବହାରରେ ଅସ୍ୱାଭାବିକତା; ଭାଗ୍ୟର ଖେଳ; ଲେଖନକଳା ବିଶେଷ; ବିଂ. quirky.
**quisling** ବି. ପଞ୍ଚମ ସ୍ତମ୍ଭିକ, ଦ୍ରୋହୀ, ବିଶ୍ୱାସଘାତକ।
**quit** *କ୍ରି.* ଛାଡିଦେବା, ତ୍ୟାଗ କରିବା, ପରିତ୍ୟାଗ କରିବା; ମୁକ୍ତିଦେବା, ବନ୍ଦ କରିବା, ଶେଷ ହୋଇଯିବା; ବିଦାୟ ନେବା, ମୁକ୍ତି ମିଳିବା।
**quitch** ବି. ଦୀର୍ଘ ଲତାଜାତୀୟ ଉଦ୍ଭିଦ; କୋଚ୍ ଘାସ।
**quite** *କ୍ରି.ବିଂ.* ସଂପୂର୍ଣ୍ଣଭାବରେ, ପୂରାପୂରି, ପ୍ରକୃତରେ, ବାସ୍ତବରେ, କିଛି ପରିମାଣରେ; quite a few ବେଶ୍ କିଛି ସଂଖ୍ୟାରେ; quite (so) ମୁଁ ତାହାର ସତ୍ୟତା ମାନି ନେଉଛି; quite something ଅସାଧାରଣ, ବିଶିଷ୍ଟ।
**quits** ବିଂ. ପରିଶୋଧ ବା ପ୍ରତିଶୋଧ ପରେ ସମତୁଲ ଅବସ୍ଥା; call it (cry) quits ସବୁକିଛି ସମତୁଲ ହେଲାବୋଲି ସ୍ୱୀକାର କରିବା; କଳି ବା ଝଗଡା ବନ୍ଦ କରିବା ପାଇଁ ସମ୍ମତ ହେବା।
**quittance** ବି. *ପ୍ରା.ପ୍ର.* ଦାୟମୁକ୍ତି, ଋଣ ପରିଶୋଧ।
**quitter** ବି. ପରିତ୍ୟାଗୀ; ଯେ ଶୀଘ୍ର ହାର୍ ମାନିଯାଏ; ପଳାୟନପନ୍ଥୀ।
**quiver**[1] 1. *କ୍ରି.* କମ୍ପିବା, ଥରିବା; 2. ବି. କମ୍ପନ, ଦୋଳନ।
**quiver**[2] ବି. ତୂଣୀର; ଶରାଧାର।
**qui vive** ବି. (on the qui viveରେ) ଜାଗରୂକ ବା ସତର୍କ ରହିବା।
**quixotic** ବିଂ. ମାତ୍ରାଧିକ ବୀରତ୍ୱ ବା ସାହସ ପ୍ରଦର୍ଶନ କରୁଥିବା ବ୍ୟକ୍ତି; *କ୍ରି.ବିଂ.* quixoti-cally (ସେର୍ଭାଣ୍ଟିସ୍‌ଙ୍କ ଡନ କ୍ୱିକ୍‌ସୋଟ୍‌ର ମୁଖ୍ୟ ଚରିତ୍ର)।
**quiz** 1. ବି. ଜ୍ଞାନ ବା ବୁଦ୍ଧିପରୀକ୍ଷା (ରେଡିଓ, ଟିଭି ପ୍ରଭୃତିରେ); ପରୀକ୍ଷା, ପ୍ରଶ୍ନ; 2. *କ୍ରି.*

Digitized by srujanika@gmail.com

ପରୀକ୍ଷା କରିବା, ବୁଦ୍ଧିପରୀକ୍ଷା କରିବା; *ପ୍ରା.ପ୍ର.* ଥଟ୍ଟା କରିବା, ଖତେଇ ହେବା ।

**quizzical** ବିଂ. ସାମାନ୍ୟ ବିବ୍ରତଭାବେ ଦେଖିବା ବା କିଛି କରିବା; ବିଚିତ୍ର; ଅଦ୍ଭୁତ; ହାସ୍ୟୋଦ୍ଦୀପକ, ହାସ୍ୟକର; *କ୍ରି.ବିଂ.* quizzically.

**quod** ବି. *ସା.ପ୍ର.* କାରାଗାର, ବନ୍ଦୀଗୃହ ।

**quoin** ବି. କୋଠାଘରର କୋଣ; କୋଣ ପଥର; ବନ୍ଧୁକ ତିଆରି ଓ ମୁଦ୍ରା ଯନ୍ତ୍ରରେ ବ୍ୟବହୃତ କୀଳକ ।

**quoit** ବି. ବଡ ରିଙ୍ଗ୍ ଫିଙ୍ଗା ଖେଳ ।

**quondam** *ଗୁଣ* ବିଂ. ତଦାନୀନ୍ତନ, ଯାହା ଏକଦା ଥିଲା; ଭୂତପୂର୍ବ, ପୂର୍ବତନ ।

**quorum** ବି. କୋରମ୍, ଏକ ବିଧିବଦ୍ଧ ସଭାପାଇଁ ଆବଶ୍ୟକ ସର୍ବନିମ୍ନ ଉପସ୍ଥାନ; ବିଂ. quorate.

**quota** ବି. ନିର୍ଦ୍ଦିଷ୍ଟଭାଗ ବା ଅଂଶ; ଆନୁପାତିକ ଭାଗ; ଉଦ୍ଦିଷ୍ଟ ଅଂଶ; ଆବଶ୍ୟକୀୟ ପରିମାଣ ବା ସଂଖ୍ୟା, କୋଟା ।

**quotable** ବିଂ. ଉଦ୍ଧରଣଯୋଗ୍ୟ ।

**quotation** ବି. ଉଦ୍ଧରଣ, ଉଦ୍ଧୃତି; ଅପେକ୍ଷିତ ମୂଲ୍ୟ ପ୍ରସ୍ତାବନା ।

**quotation-marks** ବି. ଉଦ୍ଧୃତି ଚିହ୍ନ (‘ ’ ବା “ ”) ।

**quote** 1. *କ୍ରି.* ନିଜ ମତ ବା ବକ୍ତବ୍ୟର ପୁଷ୍ଟି ନିମନ୍ତେ କୌଣସି ପୁସ୍ତକ ବା ଲେଖକଙ୍କ ଉଦ୍ଧରଣ ବା ଉଲ୍ଲେଖ କରିବା; କୌଣସି ଅନୁଚ୍ଛେଦ ଉଦ୍ଧାର କରିବା, ଅପେକ୍ଷିତ ମୂଲ୍ୟ ସୂଚାଇବା; 2. ବି. *କ.ଭା.* ଉଦ୍ଧୃତ ପାଠାଂଶ; ମୂଲ୍ୟ ପ୍ରସ୍ତାବନା ।

**quoth** *କ୍ରି. ପ୍ରା.ପ୍ର.* (କେବଳ I, he ବା she ସହ) କହିଲି, କହିଲା, କହିଲେ ।

**quotidian** ବିଂ. ପ୍ରତ୍ୟହ, ଦୈନନ୍ଦିନ, ସାଧାରଣ, ମାମୁଲି ।

**quotient** ବି. ଭାଗଫଳ ।

**q.v.** *ସଂଶ.* quod vide ତାହା ଦେଖ ।

**qy** *ସଂଶ.* query ପ୍ରଶ୍ନ ।

Digitized by srujanika@gmail.com

# Rr

**R**[1], **r** ବି. (ବ.ବ. Rs, rs, R's, r's) ଇଂରାଜୀ ବର୍ଣ୍ଣମାଳାର ଅଷ୍ଟାଦଶ ବର୍ଣ୍ଣ ବା ଅକ୍ଷର; the three Rs ପଠନ (reading), ଲିଖନ (writing) ଏବଂ ପାଟୀଗଣିତ (arithmetic).

**R**[2] ସଂଖ. ଟ୍ରେଡ୍‌ମାର୍କ ଭାବେ ରେଜିଷ୍ଟ୍ରୀକୃତ; କାହାଜ (ଚେସ୍‌ଖେଳ)।

**R**[3] ସଂଖ. Regina ରାଣୀ; Rex ରାଜା; River ନଦୀ।

**r.** ସଂଖ. right ଠିକ୍, ନିର୍ଭୁଲ।

**RA** ସଂଖ. Royal Academician ରୟେଲ୍ ଏକାଡେମିସିଆନ୍; Royal Academy ରୟେଲ୍ ଏକାଡେମି; Royal Artillery ରୟେଲ୍ ଆର୍ଟିଲେରୀ।

**Ra** ପ୍ର. radium ରେଡିୟମ୍।

**rabbet** 1. ବି. ଖାପ ବା ଖୋପ; କାଠ ଉପରେ ଅନ୍ୟ କାଠ ଖଞ୍ଜିବାପାଇଁ ଯେଉଁ ଖାପ କଟାଯାଏ; 2. କ୍ରି. ଖାପଦ୍ୱାରା ଖଞ୍ଜା ହେବା, ଖାପ କାଟିବା ବା ତିଆରି କରିବା।

**rabbi** ବି. ଇହୁଦୀଧର୍ମର ନେତା, ପଣ୍ଡିତ ବା ଗୁରୁ; ବିଂ. rabbinical.

**rabbit** 1. ବି. ଠେକୁଆ, ଠେକୁଆଜାତୀୟ ଜୀବ ଯେ ଗର୍ତ୍ତ ତିଆରିକରି ରୁହେ; କ.ଭା. ଦୁର୍ବଳ ଖେଳ ପ୍ରଦର୍ଶନ; 2. କ୍ରି. ଠେକୁଆ ଶିକାର କରିବା; କ.ଭା. ଅଯଥା କଥା କହିବା; ବିଂ. rabbity.

**rabbit punch** ବି. ହାତ ଦାଢ଼ରେ ପ୍ରତିପକ୍ଷର ବେକ ପଛକୁ ଆଘାତ କରିବା।

**rabble** ବି. ବିଶୃଙ୍ଖଳିତ ଜନସମୂହ, ଗହଳି, ଲୋକଭିଡ଼; ଇତର ବା ନିମ୍ନଶ୍ରେଣୀର ଲୋକମାନେ; the rabble ନିମ୍ନଶ୍ରେଣୀ ବା ଇତର ଜନସମୂହ।

**rabble–rouser** ବି. ସାମାଜିକ ବା ରାଜନୈତିକ ପରିବର୍ତ୍ତନ ପାଇଁ ହେଉଥିବା ବିଦ୍ରୋହରେ ଲୋକଙ୍କୁ ବିଶୃଙ୍ଖଳା ବା ଗଣ୍ଡଗୋଳ ପାଇଁ ଉସୁକାଉଥିବା ବ୍ୟକ୍ତି।

**Rabelaisian** ବିଂ. ଫରାସୀ ବ୍ୟଙ୍ଗକାର ରେବେଲାଇସ୍‌ଙ୍କ ଭଳି ବା ତାଙ୍କ କୃତିଭଳି; ନିମ୍ନଧରଣର ହାସ୍ୟରସ ସହ ପ୍ରାଣୋଚ୍ଛଳ ଶୈଳୀ ବିଶିଷ୍ଟ।

**rabid** ବିଂ. କ୍ରୁଦ୍ଧ, ଉଦ୍ଭଟ, ପ୍ରଚଣ୍ଡ, ମଦାନ୍ଧ; ଜଳାତଙ୍କ ବା ରେବିଜ୍‌ଜନିତ ବା ସେହି ରୋଗରେ ଆକ୍ରାନ୍ତ; ବି. rabidity.

**rabies** ବି. କୁକୁର ଏବଂ ଅନ୍ୟ ଉଷ୍ଣରକ୍ତଧାରୀ ପ୍ରାଣୀମାନଙ୍କର ସଂକ୍ରାମକ ଭାଇରସ୍‌ଜନିତ ରୋଗ, ଯାହା କାମୁଡାଦ୍ୱାରାହିଁ ସାଧାରଣତଃ ମଣିଷମାନଙ୍କୁ ଆକ୍ରମଣ କରିଥାଏ; ଜଳାତଙ୍କ।

**RAC** ସଂଖ. Royal Automobile Club ରୟେଲ୍ ଅଟୋମୋବାଇଲ୍ କ୍ଲବ୍।

**raccoon** ଦ୍ର. racoon.

**race**[1] 1. ବି. ଘୋଡା, ଗାଡିମଟର, କାହାଜ ବା ଦୌଡ଼ାଳିମାନଙ୍କ ପ୍ରତିଯୋଗିତା; ବ.ବରେ ଧାରାବାହିକ ଭାବରେ; ନିର୍ଦ୍ଦିଷ୍ଟ ସମୟରେ ଏବଂ ପଡିଆରେ ଆୟୋଜିତ ଘୋଡା, କୁକୁର ପ୍ରଭୃତିଙ୍କ ଦୌଡ଼ ପ୍ରତିଯୋଗିତା; ପ୍ରଥମସ୍ଥାନ ଅଧିକାର ପାଇଁ ବା କୌଣସି ଲକ୍ଷ୍ୟ ହାସଲ ପାଇଁ ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରତିଯୋଗିତା; ନଦୀ ବା ସମୁଦ୍ରର ତୀବ୍ର ସ୍ରୋତ; ନାଳ; 2. କ୍ରି. ଦୌଡ଼ରେ ଭାଗନେବା; ପ୍ରତିଯୋଗିତାମୂଳକ ଦୌଡ଼ରେ ଯୋଗଦେବା; ବେଗରେ ଦ୍ରୁତତର ହେବା; ଦୌଡ଼, କାମ ପ୍ରଭୃତିରେ ପୂରାଦମ୍‌ରେ ଲଗେଇବା; ଘୋଡାଦୌଡ଼ରେ ଭାଗନେବା।

**race**[2] ବି. ଜାତି; ନିର୍ଦ୍ଦିଷ୍ଟ ଶାରୀରିକ ଆକାର, ରଙ୍ଗ ପ୍ରଭୃତିକୁ ଭିତ୍ତିକରି ମାନବସମାଜ ମଧ୍ୟରେ ଚିହ୍ନିତ ବିଭିନ୍ନ ଜାତି; ଗୋଷ୍ଠୀ; ବର୍ଣ୍ଣ; ଗୋଟିଏ ଉସରୁ ସୃଷ୍ଟ ବା ଜନ୍ମିତ ପ୍ରାଣୀ ବା ଉଦ୍ଭିଦ; the human race ମାନବଜାତି।

**racecourse** ବି. ଘୋଡାଦୌଡ଼ ପଡିଆ।

**racegoer** ବି. ଯେ ନିୟମିତଭାବରେ ଘୋଡାଦୌଡ଼ ପ୍ରତିଯୋଗିତାକୁ ଯାଇଥାଏ।

**racehorse** ବି. ଦୌଡ଼ପ୍ରତିଯୋଗିତାରେ ଭାଗନେବା ପାଇଁ ପ୍ରସ୍ତୁତ ବା ପାଳିତ ଘୋଡା।

**raceme** ବି. ଫୁଲପେନ୍ଥା।

**race meeting** ବି. ଧାରାବାହିକ ଭାବରେ ନିର୍ଦ୍ଦିଷ୍ଟ ପଡିଆ ଏବଂ ସମୟରେ ହେଉଥିବା ଘୋଡାଦୌଡ଼।

**race relations** ବି. ବ.ବ. କୌଣସି ଦେଶ ବା ସମାଜରେ ବିଭିନ୍ନ ଜାତି ବା ବର୍ଣ୍ଣର ବ୍ୟକ୍ତିମାନଙ୍କ ପରସ୍ପର ସଂପର୍କ।

Digitized by srujanika@gmail.com

**race riot** ବି. ଜାତିଗତ ଦଂଗା ବା ହିଂସାକାଣ୍ଡ।

**race track** ବି. ଘୋଡାଦୌଡ଼ର ପଡିଆ; ଅନ୍ୟ ଯାନବାହନ ପ୍ରଭୃତି ଦୌଡ଼ର ଉଦ୍ଦିଷ୍ଟ ସ୍ଥାନ।

**racial** ବିଂ. ଜାତିଗତ, ବର୍ଣ୍ଣଗତ।

**racialism** ବି. ଉଗ୍ରଜାତିବାଦ, ଗୋଟିଏ ଜାତି ବା ବର୍ଣ୍ଣ ସର୍ବୋତ୍ତମ ବା ସର୍ବୋତ୍କୃଷ୍ଟ ବୋଲି ବିଶ୍ୱାସ; ଜାତିବିଦ୍ୱେଷ, ବର୍ଣ୍ଣବିଦ୍ୱେଷ; ବି. racialist.

**racially** କ୍ରି.ବିଂ. ଜାତିଗତ ବା ବର୍ଣ୍ଣଗତ ଭାବରେ।

**racism** ବି. ଉଗ୍ର ଜାତିବାଦ, ମନୁଷ୍ୟର ଉତ୍କର୍ଷ ବା ଗୁଣ ଜାତି ବା ବର୍ଣ୍ଣ ଉପରେ ନିର୍ଭରଶୀଳ ବୋଲି ବିଶ୍ୱାସ କରୁଥିବା ତତ୍ତ୍ୱ; ବି. racist.

**rack**[1] 1. ବି. ରେକ୍, ଥାକ, ଆଧାର; *ଇତି.* ଶାରୀରିକ ଯନ୍ତ୍ରଣା ଦେବାପାଇଁ ଉଦ୍ଦିଷ୍ଟ ଯନ୍ତ୍ର ବିଶେଷ; 2. *କ୍ରି.* ଯନ୍ତ୍ରଣା ଦେବା; *ଇତି.* ରେକ୍ ନାମକ ଉତ୍ପୀଡ଼କ ଯନ୍ତ୍ରରେ ସ୍ଥାପନ କରିବା; ଜୋର୍‌ରେ ହଲେଇବା; ଅତ୍ୟଧିକ ଯନ୍ତ୍ରଣା ବା ଉତ୍ପୀଡନ ଫଳରେ କ୍ଷତବିକ୍ଷତ ହେବା; on the rack ଯନ୍ତ୍ରଣା ବା ଦୁଃଖ ଭୋଗିବା; rack one's brains ମନେପକେଇବା ପାଇଁ ବା ଚିନ୍ତାକରିବା ପାଇଁ ପ୍ରାଣପଣେ ଉଦ୍ୟମ କରିବା।

**rack**[2] ବି. ଧ୍ୱଂସ, ବିନାଶ।

**racket**[1] ବି. ରେକେଟ୍, ଗୋଲାକୃତି ଫ୍ରେମ୍‌ରେ ନାଇଲନ୍ ସୂତା ବା କେଟ୍‌ଗଟ୍ ଗୁନ୍ଥା ଟେନିସ୍, ବେଡ୍‌ମିଣ୍ଟନ୍ ପ୍ରଭୃତି ଖେଳରେ ବ୍ୟବହୃତ ରେକେଟ୍।

**racket**[2] 1. ବି. ବିଶୃଙ୍ଖଳା, ଗଣ୍ଡଗୋଳ, ହୋ'ହଲ୍ଲା; ଅନୈତିକ ଉପାୟରେ ଅର୍ଥଲାଭ ପାଇଁ ଯୋଜନା ବା ଉଦ୍ୟମ; *କ.ଭା.* ଠକାମି; ଖେଳ, ବ୍ୟବସାୟ ବା ପେଶା; 2. *କ୍ରି.* କୋଳାହଳ ବା ଶବ୍ଦ ସୃଷ୍ଟିକରି ଯା'ଆସ ବା ଚଲାବୁଲା କରିବା।

**racketeer** ବି. ଅସାଧୁ ଯୋଜନାରେ ଲିପ୍ତ ବ୍ୟକ୍ତି; ବି. racketeering.

**rackety** ବିଂ. ବଡ଼ପାଟିଆ; ଗଣ୍ଡଗୋଳିଆ, ଗୁଣ୍ଡାପ୍ରକୃତିର, ବଦମାସ।

**rack-railway** ବି. ପାର୍ବତ୍ୟଅଞ୍ଚଳ ପାଇଁ ଉଦ୍ଦିଷ୍ଟ ବିଶେଷଧରଣର ରେଳ।

**rack-rent** ବି. ମାତ୍ରାଧିକ ଭଡା ବା ମାହାସୁଲ।

**raconteur** ବି. ଛୋଟ ଛୋଟ ଗପ ବା ମଜାକଥା କହିବା ବ୍ୟକ୍ତି।

**racoon** ବି. ପାଉଁଶିଆ–ବାଦାମି ରଙ୍ଗର ଲୋମ, ଝାଂପୁରା ଲାଞ୍ଜ ଏବଂ ଗୋଜିଆ ମୁହଁଥିବା ଉତ୍ତର ଆମେରିକୀୟ ସ୍ତନ୍ୟପାୟୀ ପଶୁବିଶେଷ।

**racquet** ବିକ. racket *ଦ୍ର.।*

**racy** ବିଂ. ପ୍ରାଣୋଲ୍ଲାସପୂର୍ଣ୍ଣ (ଶୈଳୀ); ବିଶେଷଗୁଣ ସଂପନ୍ନ; ଜନ୍ମଗତ ଗୁଣ ବା ବୈଶିଷ୍ଟ୍ୟ ବଜାୟ ରଖିଥିବା।

**RADA** *ସଂଶ.* Royal Academy of Dramatic Art ରୟେଲ୍ ଏକାଡେମି ଅଫ୍ ଡ୍ରାମାଟିକ୍ ଆର୍ଟ।

**radar** ବି. *ସଂଶ.* ରାଡାର (radio detection and ranging); ସଂକ୍ଷିପ୍ତ ବେତାର ତରଙ୍ଗ ପ୍ରେରଣ କରି ତାହାର ପ୍ରତିଫଳନଦ୍ୱାରା କୌଣସି ବସ୍ତୁର ଅବସ୍ଥିତି, ଉପସ୍ଥିତି ବା ଗତିବିଧି ସଂପର୍କରେ ତଥ୍ୟ ଉନ୍ମୋଚନ ବ୍ୟବସ୍ଥା ବା ସେହି ଉପକରଣ।

**radar trap** ବି. ରାଡାର୍ ସାହାଯ୍ୟରେ ନିର୍ଦ୍ଧାରିତ ବେଗଠାରୁ ଅଧିକ ଗତିରେ ଯାଉଥିବା ଯାନବାହାନ ସଂପର୍କରେ ଅନୁସନ୍ଧାନ କରିବାର ବ୍ୟବସ୍ଥା।

**raddle** 1. ବି. ନାଲିମିଶା ହଳଦିଆରଙ୍ଗ; 2. *କ୍ରି.* ଏହିଭଳି ରଙ୍ଗରେ ରଙ୍ଗେଇବା, ଅତିମାତ୍ରାରେ ରୁଜ୍ ବୋଳିବା।

**raddled** ବିଂ. ବହୁବ୍ୟବହୃତ, ପୁରୁଣା।

**radial** 1. ବିଂ. ରଶ୍ମି ସଂପର୍କିତ; ବ୍ୟାସାର୍ଦ୍ଧ ସଂପର୍କିତ; କେନ୍ଦ୍ରସ୍ଥଳରୁ ବାହାରିଥିବା ରେଖାସମୂହ; ତୁମ୍ବରୁ ବାହାରି ପରିଧି ଛୁଇଁଥିବା ଅର ସମୁଦାୟ; 2. ବି. ରେଡ଼ିଆଲ୍ ପ୍ଲାଏ ଟାୟାର୍; *କ୍ରି.ବିଂ.* radially.

**radian** ବି. ବୃତ୍ତର କେନ୍ଦ୍ରବିନ୍ଦୁରେ ବ୍ୟାସାର୍ଦ୍ଧ ସମପରିମିତ ବୃତ୍ତାଂଶ–ବ୍ୟାସାର୍ଦ୍ଧ ଏବଂ ବ୍ୟାସାର୍ଦ୍ଧଦ୍ୱାରା ସୃଷ୍ଟ କୋଣ।

**radiant** 1. ବିଂ. ଆଲୋକରେଖା ନିର୍ଗତ ହେଉଥିବା; (ଆଖି ବା ମୁହଁ) ଆନନ୍ଦ, ଆଶା ବା ପ୍ରେମର ଅନୁଭୂତିରେ ଉତ୍ଫୁଲ୍ଲ; (ସୌନ୍ଦର୍ଯ୍ୟରେ) ମନୋହର, ଚମତ୍କାର, ସମୁଜ୍ଜ୍ୱଳ; (ଆଲୋକ) ରଶ୍ମିରେଖା ସୃଷ୍ଟିକାରୀ; 2. ବି. ଆଲୋକ ବା ଉତ୍ତାପ ବିକିରଣ କରୁଥିବା ଉତ୍ସ; ବି. radiance; ବି. radiancy; *କ୍ରି.ବିଂ.* radiantly.

**radiant heat** ବି. ବିକିରଣ ଦ୍ୱାରା ପ୍ରବାହିତ ଉତ୍ତାପ।

Digitized by srujanika@gmail.com

**radiate** 1. କ୍ରି. ଆଲୋକ ବା ଉତ୍ତାପ ବିକୀର୍ଣ୍ଣ କରିବା; ଆଲୋକ ସ୍ଫୁରିତ ହେବା, କେନ୍ଦ୍ରବିନ୍ଦୁରୁ ବିସ୍ତାରିତ ହେବା; ଆନନ୍ଦ ପ୍ରଭୃତି ପ୍ରଦର୍ଶନ କରିବା; 2. ବିଂ. ବୃତ୍ତରେ ବ୍ୟାସାର୍ଦ୍ଧସମୂହଭଳି ସଜ୍ଜିତ ହୋଇଥିବା (ଅଂଶ ବା କିରଣ)।

**radiation** ବି. ବିକୀର୍ଣ୍ଣ ହେବା, ବିକିରଣ, ଚଳମାନ ଅଣୁଭଳି ବା ବିଦ୍ୟୁତ୍–ଚୁମ୍ବକୀୟ ତରଙ୍ଗ ଭାବରେ ଶକ୍ତିର ଉଦ୍‌ଗମନ।

**radiation sickness** ବି. ଅତ୍ୟଧିକ ତେଜସ୍କ୍ରିୟ ବିକିରଣ ଯୋଗୁଁ ହେଉଥିବା ରୋଗ।

**radiator** ବି. ଉତ୍ତାପ ବିକିରଣ ଦ୍ୱାରା କୋଠରୀକୁ ଉତ୍ତପ୍ତ କରୁଥିବା ଯନ୍ତ୍ର; ମୋଟରଗାଡି ବା ଉଡାଜାହାଜରେ ଇଞ୍ଜିନ୍‌କୁ ଶୀତଳ କରିବାପାଇଁ ବ୍ୟବହୃତ ଯନ୍ତ୍ର।

**radical** 1. ବିଂ. ମୌଳିକ, ପ୍ରାଥମିକ, ସୁଦୂରପ୍ରସାରୀ, ସଂପୂର୍ଣ୍ଣ; ସଂପୂର୍ଣ୍ଣ ପରିବର୍ତ୍ତନ–ମୂଳକ; ବୈପ୍ଳବିକ, ଭିତ୍ତିମୂଳକ; ପ୍ରାଥମିକ; ସଂଖ୍ୟା ବା ପରିମାଣର ମୂଳ; ଶବ୍ଦର ମୂଳ ବା ଧାତୁ; 2. ବିଂ. ବୈପ୍ଳବିକ ବିଚାରଧାରା ସଂପନ୍ନ ବ୍ୟକ୍ତି; ବୈପ୍ଳବିକ ରାଜନୈତିକ ଦଳର ସଦସ୍ୟ ବା ପ୍ରବକ୍ତା; *ରସା.* ଅଣୁସମୂହ ଯାହା ସାଧାରଣ ରାସାୟନିକ ପରିବର୍ତ୍ତନରେ ଅପରିବର୍ତ୍ତନୀୟ ଯୌଗିକ ମିଶ୍ରଣର ଅଂଶବିଶେଷ; ଶବ୍ଦର ମୂଳ; *ଗଣିତ* କୌଣସି ସଂଖ୍ୟାର ବର୍ଗମୂଳ ବା ମୂଳ; ମୂଳରାଶି; ବି. radicalism; କ୍ରି.ବିଂ. radically.

**radicle** ବି. ପ୍ରାଥମିକ ମୂଳରେ ପରିବର୍ତ୍ତିତ ହେଉଥିବା ବୀଜାଂଶ; କ୍ଷୁଦ୍ର ଚେର।

**radii** ବି. radius (ବ୍ୟାସାର୍ଦ୍ଧ)ର ବ.ବ.।

**radio** 1. ବି. ବେତାର; ତାର ସଂଯୋଗ ନକରି ବିଦ୍ୟୁତ୍‌ଚୁମ୍ବକୀୟ ତରଙ୍ଗ ସାହାଯ୍ୟରେ ବାର୍ତ୍ତା ପ୍ରେରଣ, ପ୍ରସାରଣ ଏବଂ ଗ୍ରହଣ; ପ୍ରସାରିତ ଶବ୍ଦ; ବେତାର କେନ୍ଦ୍ର; ରେଡ଼ିଓ ବା ବେତାର ଯନ୍ତ୍ର; 2. ବିଂ. ରେଡିଓ ସଂପର୍କିତ, ରେଡିଓ ବ୍ୟବହାରକାରୀ ବା ରେଡିଓ ସଂଯୋଜିତ; ଗ୍ରହନକ୍ଷତ୍ରାଦି ଯେଉଁଠାରୁ ବେତାର ତରଙ୍ଗ ଗୃହୀତ; 3. କ୍ରି. ରେଡିଓ ବା ବେତାର ମାଧ୍ୟମରେ ସୂଚନା ବା ବାର୍ତ୍ତା ପ୍ରେରଣ କରିବା, ବେତାର ମାଧ୍ୟମରେ ପ୍ରସାରଣ କରିବା।

**radio–** ସଂ. ରଶ୍ମି ବା କିରଣ, ବିକିରଣ, ବେତାର ବା ତେଜସ୍କ୍ରିୟତା ସମ୍ବନ୍ଧୀୟ।

**radioactive** ବିଂ. ତେଜସ୍କ୍ରିୟତା ପ୍ରଦର୍ଶନ କରୁଥିବା; ତେଜସ୍କ୍ରିୟତା ସଂକ୍ରାନ୍ତୀୟ।

**radioactivity** ବି. ତେଜସ୍କ୍ରିୟତା।

**radiocarbon** ବି. ଅଙ୍ଗାର (carbon)ର ରେଡିଓ ଆଇସୋଟୋପ୍ (ପ୍ରାଚୀନ ବସ୍ତୁର କାଳ ନିର୍ଦ୍ଧାରଣ କରିବାରେ ବ୍ୟବହୃତ)।

**radio–controlled** ବିଂ. ସୁଦୂର ସ୍ଥାନରୁ ବେତାର ମାଧ୍ୟମରେ ନିୟଂତ୍ରିତ।

**radio frequency** ବି. ବେତାର ତରଙ୍ଗର ପୁନଃପୌନିକତା (ପ୍ରାୟ ୧୦ କିଲୋହର୍ଟ୍‌ଜ୍ ଏବଂ ୦.୧ ଟେରାହର୍ଟ୍‌ଜ୍ ମଧ୍ୟରେ)।

**radiogram** ବି. ରେଡିଓ ଏବଂ ଗ୍ରାମୋଫୋନ୍ ଏକତ୍ର ସମ୍ବଳିତ ଯନ୍ତ୍ର; ବେତାର ମାଧ୍ୟମରେ ପ୍ରେରିତ ଟେଲିଗ୍ରାମ୍; ଏକ୍ସ୍–ରେ ବା ରଞ୍ଜନରଶ୍ମିଦ୍ୱାରା ପ୍ରାପ୍ତ ଚିତ୍ର।

**radiograph** 1. ବି. ରଞ୍ଜନରଶ୍ମି ପ୍ରଭୃତି ଦ୍ୱାରା ପ୍ରାପ୍ତ ଚିତ୍ର, ବିକିରଣ ପରିମାପକ ଯନ୍ତ୍ର; 2. କ୍ରି. ଏକ୍ସ୍–ରେ ବା ରଞ୍ଜନରଶ୍ମି ସାହାଯ୍ୟରେ ଚିତ୍ରଗ୍ରହଣ କରିବା; ବି. radiographer ବି. radiography.

**radioisotope** ବି. ତେଜସ୍କ୍ରିୟ ଆଇସୋଟୋପ୍।

**radiology** ବି. ରଞ୍ଜନରଶ୍ମି ଏବଂ ଅନ୍ୟ ଉଚ୍ଚଶକ୍ତିସଂପନ୍ନ ବିକିରଣର ବୈଜ୍ଞାନିକ ଅଧ୍ୟୟନ (ବିଶେ. ଚିକିତ୍ସା ବିଜ୍ଞାନରେ); ବି. radiologist.

**radioscopy** ବି. ଆଲୋକ ଭେଦ କରିପାରୁ ନ ଥିବା ବସ୍ତୁଗୁଡିକର ରଞ୍ଜନରଶ୍ମି ସାହାଯ୍ୟରେ ପରୀକ୍ଷା।

**radio star** ବି. ଶକ୍ତିଶାଳୀ ବେତାର ତରଙ୍ଗ ବିକିରଣ କରୁଥିବା ଜ୍ୟୋତିଷ୍କ।

**radio–telegraphy** ବି. ବେତାରଯନ୍ତ୍ର ସାହାଯ୍ୟରେ ଦୂରସ୍ଥାନକୁ ସମ୍ବାଦ ପ୍ରେରଣ ବା ଟେଲିଗ୍ରାଫୀ।

**radio–telephony** ବି. ବେତାର–ଦୂରଭାଷ; ବେତାରଯନ୍ତ୍ର ମାଧ୍ୟମରେ ଟେଲିଫୋନ୍ ବ୍ୟବସ୍ଥା।

**radiotherapy** ବି. ତେଜସ୍କ୍ରିୟ ବିକିରଣ ସାହାଯ୍ୟରେ ରୋଗର ଚିକିତ୍ସା।

**radish** ବି. ମୂଳା।

**radium** ବି. ରେଡିୟମ୍; ୟୁରେନିୟମ୍ ଅକ୍‌ସାଇଡ୍‌ର ପିଚୁ (ପିଚ୍‌ବ୍ଲେଣ୍ଡ)ରୁ ପ୍ରସ୍ତୁତ ତେଜସ୍କ୍ରିୟ ଧାତବ ପଦାର୍ଥ ଯାହା ଚିକିତ୍ସାରେ ଏବଂ ଉଜ୍ଜ୍ୱଳ ବସ୍ତୁରେ ବ୍ୟବହାର କରାଯାଇଥାଏ।

Digitized by srujanika@gmail.com

**radius** ବି. ( ବ.ବ radii) ବ୍ୟାସାର୍ଦ୍ଧ, ବୃତ୍ତ ବା ଗୋଲାକାର ବସ୍ତୁର କେନ୍ଦ୍ର ଓ ପରିଧିକୁ ଯୋଗ କରୁଥିବା ରେଖା ବା ତା'ର ଦୈର୍ଘ୍ୟ; କେନ୍ଦ୍ର ବା କେନ୍ଦ୍ରସ୍ଥଳୀଠାରୁ ଦୂରତ୍ୱ; ବୁଢ଼ାଆଙ୍ଗୁଠି ପଟେ ଥିବା ହାତର ମୋଟା, ଛୋଟ ହାଡ; ଜୀବଜନ୍ତୁମାନଙ୍କର ସେଭଳି ହାଡ; ଚଢ଼େଇଙ୍କ ଡେଣାର ହାଡ।

**radix** ବି. ବ.ବ. radices ଗଣିତ ଯେଉଁ ସଂଖ୍ୟା ବା ପ୍ରତୀକ ନ୍ୟୁମରେସନ୍ ସ୍କେଲ୍‌ର ଭିତ୍ତି ଭାବରେ ବ୍ୟବହାର କରାଯାଏ।

**radon** ବି. ରେଡିୟମ୍‌ର ବିଭାଜନ ଦ୍ୱାରା ନିର୍ଗତ ତେଜସ୍କ୍ରିୟ ନିଷ୍କ୍ରିୟ ଗ୍ୟାସୀୟ ବସ୍ତୁ।

**RAF** *ସଂଶ.* Rapid Action Force ରେପିଡ୍ ଏକ୍‌ସନ୍ ଫୋର୍ସ; *ଇଂ.* Royal Air Force ରୟେଲ୍ ଏଆର୍ ଫୋର୍ସ।

**raffia** ବି. ତାଳଜାତୀୟ ବୃକ୍ଷର ପତ୍ରରୁ ମିଳୁଥିବା ତନ୍ତୁର ଦଉଡି ଯାହା ଗଛ ପ୍ରଭୃତିକୁ ବାନ୍ଧିବାପାଇଁ ଏବଂ ସପ, ଟୋକେଇ ପ୍ରଭୃତି ବୁଣିବାରେ ବ୍ୟବହୃତ ହୁଏ; ରେଫିଆ ଗଛ।

**raffish** ବିଂ. ବଦନାମ୍, କୁଖ୍ୟାତ, ଚାକଚକ୍ୟପୂର୍ଣ୍ଣ କିନ୍ତୁ ମୂଲ୍ୟହୀନ, ବାହ୍ୟ ସୌନ୍ଦର୍ଯ୍ୟପୂର୍ଣ୍ଣ।

**raffle** 1. ବି. ଲଟେରୀ ଦ୍ୱାରା ବିକ୍ରୟ, ମଙ୍ଗଳକର ଉଦ୍ଦେଶ୍ୟରେ ଲଟେରୀ, ଜୁଆଖେଳ; 2. କ୍ରି. ଏହି ପ୍ରଣାଳୀରେ ବିକ୍ରୟ କରିବା।

**raft** ବି. ଭେଳା, କାଠଭେଳା, ଜରୁରୀକାଳୀନ ପରିସ୍ଥିତିରେ ବା ମାଲ ପରିବହନ ପାଇଁ ବ୍ୟବହୃତ କାଠପଟା ପ୍ରଭୃତି ତିଆରି ଭେଳା।

**rafter** ବି. ରାଫ୍‌ଟର୍, ବରଗା, ରୁଅ।

**rag**[1] ବି. ଛିଣ୍ଡାକନା, ପିନ୍ଧା (ପୁରୁଣା) ଲୁଗା; ବ.ବ. କାଗଜ ତିଆରି ପାଇଁ ବ୍ୟବହୃତ ଛିଣ୍ଡାକନା ବା ଲୁଗା; *ଅବ.* ଖବରକାଗଜ; in rags ଛିଣ୍ଡା (ଲୁଗା); rags to riches ଦାରିଦ୍ର୍ୟରୁ ସମୃଦ୍ଧି।

**rag**[2] 1. ବି. ମହତ୍ ଉଦ୍ଦେଶ୍ୟରେ ଛାତ୍ରମାନଙ୍କ ଦ୍ୱାରା ଅର୍ଥଉପାର୍ଜନ ପାଇଁ ଖେଳକୁଦ, ପରେଡ୍, ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଭୃତି ପ୍ରଦର୍ଶନ, କୋଳାହଳପୂର୍ଣ୍ଣ, ବିଶୃଙ୍ଖଳିତ ଦୃଶ୍ୟ; 2. କ୍ରି. *ସା.ପ୍ର.* ଚିଡେଇବା, ଅପ୍ରୀତିକର ଥଟ୍ଟାପରିହାସ କରିବା, ପାଟିତୁଣ୍ଡ କରିବା।

**rag**[3] ବି. *ସଂଶ.* *ଦ୍ର.* ragtime.

**ragamuffin** ବି. ଛିଣ୍ଡା, ମଇଳା ଲୁଗାପିନ୍ଧା ଲୋକ।

**rag-and-bone man** ବି. ପୁରୁଣାଲୁଗା, ଆସବାବପତ୍ର ପ୍ରଭୃତିର ବୁଲାବ୍ୟବସାୟୀ।

**rag-bag** ବି. ଛିଣ୍ଡାଫଟା ଲୁଗା ପାଇଁ ଉଦ୍ଦିଷ୍ଟ ମୁଣା, ଅନାବନା ବସ୍ତୁର ଏକତ୍ର ସମାବେଶ।

**rage** 1. ବି. ଭୀଷଣ କ୍ରୋଧ, କ୍ରୋଧାନ୍ୱିତ ଅବସ୍ଥା, ପ୍ରାକୃତିକଶକ୍ତିର ଭୟଙ୍କର ରୂପ; 2. କ୍ରି. ଭୀଷଣ ରାଗିଯିବା, କ୍ରୋଧାନ୍ୱିତ ହେବା; ପାଗଳଭଳି ବକିବା, ଭୀଷଣ କ୍ରୋଧରେ ପାଟିକରିବା; ଭୟଙ୍କର ବା ଭୟାବହ ରୂପ ଧାରଣ କରିବା; be all the rage ସାମୟିକ ଭାବରେ ଜନପ୍ରିୟତା ଲାଭ କରିବା।

**ragged** ବିଂ. ଛିଣ୍ଡା, ଦଦରା; ଛିଣ୍ଡାଦଦରା ପିନ୍ଧା (ଲୋକ); ଦନ୍ତୁରିତ ବାହ୍ୟରେଖା ବା ଅମସୃଣ ତଳ ବିଶିଷ୍ଟ, ଅମସୃଣ, ଅସମତଳ ବା ଦୋଷଯୁକ୍ତ; run person ragged କ୍ଳାନ୍ତ ବା ଦୁର୍ବଳ କରିଦେବା।

**raglan** ବି. ଓଭର୍‌କୋଟ୍‌ଜାତୀୟ ପରିଧାନ; raglan sleeve ଏହିଭଳି ବସ୍ତ୍ରର ହାତ ଯାହା ବେକପର୍ଯ୍ୟନ୍ତ ଲମ୍ବିଥାଏ।

**ragout** ବି. ମାଂସ ଓ ପରିବାର ସିଝା।

**ragtag (and bobtail)** ବି. *ଅବ.* ଯାଡୁସ୍ୟାଡୁ ଲୋକ; ଇତର, ବଦନାମ ବ୍ୟକ୍ତି।

**ragtime** ବି. ଆମେରିକାର କୃଷ୍ଣକାୟମାନଙ୍କ ଜାଜ୍ ସଂଗୀତ ବିଶେଷ।

**rag trade** ବି. *କ.ଭା.* ଲୁଗା ବା କପଡା ବ୍ୟବସାୟ।

**ragwort** ବି. ହଳଦିଆଫୁଲ ଫୁଟୁଥିବା ଅମସୃଣ ପତ୍ର ବିଶିଷ୍ଟ ଅନାବନା ଗଛ।

**raid** 1. ବି. ଯୁଦ୍ଧରେ ଚୋରି କରିବା ପାଇଁ ବା କ୍ଷତିସାଧନ ପାଇଁ ହଠାତ୍ ତଥା ଅଳ୍ପସମୟ ମଧ୍ୟରେ ଆକ୍ରମଣ କରିବା; ସନ୍ଦିଗ୍ଧବ୍ୟକ୍ତିକୁ ଗିରଫ କରିବାପାଇଁ ବା ବେଆଇନ୍ ବସ୍ତୁ ଜବତ କରିବାପାଇଁ ପୁଲିସପ୍ରଭୃତିଙ୍କ ହଠାତ୍ ଚଢ଼ାଉ; 2. କ୍ରି. ହଠାତ୍ ଆକ୍ରମଣ ବା ଚଢ଼ାଉ କରିବା।

**rail**[1] 1. ବି. ଜିନିଷ ଝୁଲେଇବା ପାଇଁ, ବାଡଦେବା ପାଇଁ ବା ଭାରା ସମ୍ଭାଳିବା ପାଇଁ ପ୍ରଦତ୍ତ କାଠ ବା ଧାତୁ ନିର୍ମିତ ଦଣ୍ଡ ବା ଧାରଣା; ସମାନ୍ତରାଳ ଲୁହାଧାରଣା ଯାହାଉପରେ ରେଳ, ଟ୍ରାମ ପ୍ରଭୃତି ଚାଲେ, ରେଳବାଇ; 2. କ୍ରି. ରେଳଧାରଣା ବିଛାଇବା, ବାଡ଼ଦେବା।

**rail**[2] କ୍ରି. ଭୟଙ୍କର ପାଟିତୁଣ୍ଡ କରିବା, ଗାଳିଫଜିତ କରିବା, ଅଭିଯୋଗ କରିବା।

Digitized by srujanika@gmail.com

**rail**[3] ବି. ସନ୍ତସନ୍ତିଆ ଜାଗାରେ ରହୁଥିବା ପକ୍ଷୀବିଶେଷ।
**railcar** ବି. ସ୍ୱୟଂଚାଳିତ ରେଳଡବା।
**railhead** ବି. ରେଳସଂଯୋଗ ଶେଷ ବା ପ୍ରାରମ୍ଭ ହେଉଥିବା ସ୍ଥାନ।
**railing** ବି. ରେଲିଙ୍ଗ୍; ଲୁହା, କାଠ ପ୍ରଭୃତିରେ ତିଆରି ବାଡ।
**raillery** ବି. ମଧୁର ପରିହାସ, ରସିକତାପୂର୍ଣ୍ଣ ବିଦ୍ରୂପ।
**railman** ବି. ରେଳକର୍ମଚାରୀ।
**railroad** ବି. *ଆମେ.* ରେଳବାଇ।
**railway** ବି. ରେଳବାଇ; ରେଳ ପୋଇ ବା ଧାରଣା; ରେଳବିଭାଗ ବା ତାହାର କର୍ମଚାରୀସମୂହ।
**railwayman** ବି. ରେଳବିଭାଗର କର୍ମଚାରୀ।
**raiment** ବି. *ପ୍ରା.ପ୍ର.* ବସ୍ତ୍ର।
**rain** 1. ବି. ବର୍ଷା, ବୃଷ୍ଟି, ବର୍ଷଣ; ବ.ବଚରେ ବର୍ଷାଋତୁ, ବୃଷ୍ଟିପାତ, ବର୍ଷାଭଳି ପଡୁଥିବା ବସ୍ତୁ; 2. କ୍ରି. ବର୍ଷାହେବା, ବର୍ଷିବା, ବୃଷ୍ଟିହେବା; ବହୁପରିମାଣରେ ଯୋଗେଇଦେବା, ଭରିକରି–ଦେବା; it rains (is raining) ବର୍ଷା ହେଉଛି; rain off (*ଆମେ.* out) ବର୍ଷାଯୋଗୁଁ ବାତିଲ୍।
**rainbow** 1. ବି. ଇନ୍ଦ୍ରଧନୁ; 2. ବିଂ. ବହୁରଙ୍ଗୀ, ବହୁବର୍ଣ୍ଣ।
**rainbow trout** ବି. (ଉତ୍ତର ଆମେରିକାର) ପ୍ରଶାନ୍ତ ମହାସାଗରୀୟ ତଟରେ ମିଳୁଥିବା ଏକପ୍ରକାର ମାଛ।
**raincoat** ବି. ବର୍ଷାତି; ବର୍ଷାଜଳ ଭେଦୁ ନ ଥିବା ବସ୍ତ୍ର।
**raindrop** ବି. ବର୍ଷାଜଳର ଏକ ବିନ୍ଦୁ।
**rainfall** ବି. ବର୍ଷା, ବୃଷ୍ଟିପାତ, ବୃଷ୍ଟି; କୌଣସି ସ୍ଥାନରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବୃଷ୍ଟିହାର।
**rainforest** ବି. ବର୍ଷା ବହୁଳ ଅଞ୍ଚଳର ସୁଶ୍ୟାମଳ ବୃକ୍ଷର ଅରଣ୍ୟ।
**rainwater** ବି. ବର୍ଷାଜଳ।
**rainy** ବିଂ. ବର୍ଷଣମୁଖର (ପାଗ, ଦିନ ବା ଅଞ୍ଚଳ); ବର୍ଷୁକୀ; ବୃଷ୍ଟିପାତ ହେଉଥିବା।
**rainy day** ବି. ଭବିଷ୍ୟତରେ କୌଣସି ଜରୁରୀ ଆବଶ୍ୟକତାର ସମୟ।
**raise** 1. କ୍ରି. ଉଠେଇବା; ଉନ୍ନୀତ କରିବା; ବଢ଼େଇବା; ବୃଦ୍ଧି ବା ଅଭିବୃଦ୍ଧି କରିବା; ଉଠେଇ ସିଧା କରିବା; ନିର୍ମାଣ କରିବା; ତିଆରି କରିବା; ସଂଗ୍ରହ କରିବା, ବୃଦ୍ଧି କରିବା ବା ଲାଗୁ କରିବା (ଟିକସ, ଧନ ବା ସୈନ୍ୟ); (ସ୍ୱର) ଉତ୍ତୋଳନ କରିବା; ପ୍ରତିବାଦ ଜଣାଇବା, ପରିପାଳିତ ବା ପ୍ରତିପାଳିତ କରିବା; (ଜନ୍ମଦେଇ) ଲାଳନପାଳନ କରିବା; ପଦୋନ୍ନତି ପାଇବା; (ଅବରୋଧ ପ୍ରଭୃତି) ପରିତ୍ୟାଗ କରିବା ବା ଶତ୍ରୁକୁ ପରିତ୍ୟାଗ କରିବାପାଇଁ ବାଧ୍ୟ କରିବା; (ପ୍ରତିବନ୍ଧକ) ଦୂରକରିବା; (ଭୂତପ୍ରେତାଦି) ଉଭା କରାଇବା; *କ.ଭା.* ଫେରାର୍ ଆସାମୀ ବା ଖୋଜା ହେଉଥିବା ବ୍ୟକ୍ତିକୁ ପାଇବା; 2. ବି. ଅଧିକ ଡାକ ଦେବା (ନିଲାମ, ଜୁଆଖେଳ); *ଆମେ.* ଦରମା ବଢ଼ିବା; raise fom the dead ପୁନର୍ଜୀବନ ଦେବା; raise a laugh ହସେଇବା; raise one's eyebrows ବିସ୍ମିତ ବା ସନ୍ଦେହୀ ହେବା; raise the wind କୌଣସି କାର୍ଯ୍ୟ ପାଇଁ ଅର୍ଥ ସଂଗ୍ରହ କରିବା।
**raisin** ବି. କିସ୍‌ମିସ୍, ଆଂଶିକ ଶୁଖିଲା ଅଙ୍ଗୁରକୋଳି।
***raison d' etre*** (ରେଇଜ ଡିଟ୍‌ର୍) ବି. କାରଣ ବା ଉଦ୍ଦେଶ୍ୟ ଯାହା କୌଣସି ବସ୍ତୁର ଅସ୍ତିତ୍ୱକୁ ସିଦ୍ଧ କରାଏ। *(ଫ.)*
**raj** ବି. ରାଜ୍; ଭାରତ ବର୍ଷରେ ବ୍ରିଟିଶ୍ ସାର୍ବଭୌମତ୍ୱ।
**raja** ବି. (rajah ମଧ୍ୟ) *ଭା.* ରାଜା।
**rake**[1] 1. ବି. ପାଳ, ନଡା, ନରମ ମାଟି, ଗୋଡି ପ୍ରଭୃତି ସାଉଁଟି ଏକତ୍ରିତ କରିବାପାଇଁ ବା ବିଛେଇବା ପାଇଁ ବ୍ୟବହୃତ ଉପକରଣ; ଏକ ଦୀର୍ଘଦଣ୍ଡର ଅଗରେ ସଂଯୁକ୍ତ ଦନ୍ତଯୁକ୍ତ ଉପକରଣ; 2. କ୍ରି. ଏଭଳି ଭାବରେ ସାଉଁଟି ଆଣିବା ବା ଏହି ଉପକରଣ ବ୍ୟବହାର କରିବା; ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିବା; ଖୋଳିବା, ଚାଞ୍ଚିଦେବା; rake in *କ.ଭା.* ପ୍ରଚୁର ଧନ ଅର୍ଜିବା; rake up ପୁନରୁଜ୍ଜୀବିତ କରିବା ( ବିଶେ. ଦୁଃଖଦ ସ୍ମୃତି)।
**rake**[2] ବି. ବିଳାସୀ, ଦୁଷ୍ଚରିତ୍ର ବ୍ୟକ୍ତି।
**rake**[3] 1. କ୍ରି. ତେରଛାଭାବରେ ବା ବଙ୍କେଇ ରହିବା; 2. ବି. ତେରଛା ବା ବଙ୍କା ସ୍ଥିତି ବା ଅବସ୍ଥା।

Digitized by srujanika@gmail.com

**rake–off** ବି. କ.ଭା. କମିଶନି, ଅଂଶଧନ (ବିଶେ. ଅନୈତିକ)।

**rakish** ବିଂ ଉଚ୍ଛୃଙ୍ଖଳ, ଆଗୁସାର, ଆମୋଦପ୍ରମୋଦପ୍ରିୟ।

**rallentando** *ସଂଗୀତ* 1. *କ୍ରି.ବିଂ. ଓ ବିଂ.* କ୍ରମଶଃ ବେଗ କମେଇ ବା ହ୍ରାସ କରି; 2. ବି. ଏଭଳି ଭାବରେ ପରିବେଷିତ ସଂଗୀତାଂଶ।

**rally**[1.] 1. *କ୍ରିଂ.* ସାମୂହିକ ଭାବରେ କୌଣସି କାର୍ଯ୍ୟ ବା କାରଣ ପାଇଁ ଏକତ୍ରିତ ହେବା; ସାହସ ସଞ୍ଚାର କରିବା ବା ସୃଷ୍ଟି କରିବା; ରୋଗମୁକ୍ତ ହେବା; (ଅଂଶଧନ) ମୂଲ୍ୟ ଖସିଯିବାପରେ ପୁଣି ବଢ଼ିଯିବା; 2. ବି. ରେଲି; ଗଣସମାବେଶ, ସମାବେଶ, ସମ୍ମେଳନ; ସର୍ବସାଧାରଣ ରାସ୍ତାରେ ଯାନବାହନ ପ୍ରତିଯୋଗିତା; ପଏଣ୍ଟ୍ ହେବା ପୂର୍ବରୁ ଧାରାବାହିକ ଷ୍ଟ୍ରୋକ୍ସ୍ (ଟେନିସ୍)।

**rally**[2.] *କ୍ରି.* ଥଟ୍ଟାମଜା କରିବା, ପରିହାସ କରିବା।

**RAM** *ସଂଶ.* Royal Academy of Music ରୟେଲ୍ ଏକାଡେମି ଅଫ୍ ମ୍ୟୁଜିକ୍; random–access memory ରେଣ୍ଡମ୍–ଏକ୍‌ସେସ୍ ମେମୋରି।

**ram** 1. ବି. ମେଣ୍ଢା; the Ram ଏରିଏଜ୍ ବା ମେଷରାଶି; କୋଠାବାଡ଼ି ଭାଙ୍ଗିବାଯନ୍ତ୍ର; ଧୂରମୁସ୍, ଲୁହା ବା କାଠ ପିଟଣା; ପାଣି ଉଠେଇବା ଯନ୍ତ୍ର; 2. *କ୍ରି.* ଚାପ ପ୍ରୟୋଗ କରି ଯଥାସ୍ଥାନକୁ ବଳପୂର୍ବକ ଆଣିବା; ପ୍ରଚଣ୍ଡ ଆଘାତ କରି ବାଡେଇବା, ପଶେଇବା ବା ପୋତିବା, ବାଡେଇ ହେବା; ଭୟଙ୍କର ଭାବେ ଆଘାତ କରିବା।

**Ramadan** ବି. *ଇ.* ରମ୍‌ଜାନ୍, ମୁସଲମାନମାନଙ୍କ ବର୍ଷର ନବମ ମାସ, ଯେଉଁ ମାସବ୍ୟାପୀ ଦିବାସମୟରେ ଉପବାସ ପାଳନ କରାଯାଏ।

**ramble** 1. *କ୍ରି.* ମନଖୁସିରେ ଚାଲିବା; ଅସଂହତ ଭାବରେ ଲେଖିବା ବା କଥା କହିବା; 2. ବି. ଆନନ୍ଦ ଭ୍ରମଣ (ପଦବ୍ରଜରେ)।

**rambler** ବି. ଯେ ଅସଂହତ ଭାବରେ ଲେଖେ ବା କଥା କହେ; ମନଖୁସିରେ ପଦଚାରଣା କରୁଥିବା ବ୍ୟକ୍ତି; ଲତା ଗୋଲାପ ବିଶେଷ।

**rambling** ବିଂ. ଅସଂହତଭାବେ ଲେଖୁଥିବା ବା କହୁଥିବା; (ଘର, ରାସ୍ତା ପ୍ରଭୃତି) ଅନିୟମିତ ଭାବରେ ସଜ୍ଜିତ ବା ଅବସ୍ଥିତ; (ଉଭିଦ) ଲଟେଉଥିବା।

**RAMC** ବି. *ସଂଶ.* Royal Army Medical Corps ରୟେଲ୍ ଆର୍ମି ମେଡିକାଲ କୋର୍।

**ramekin** ବି. ଛୋଟ ଡାଟିଆ, କ୍ଷୁଦ୍ର ଖାଦ୍ୟପାତ୍ର ଯହିଁରେ ଜଣକପାଇଁ ଖାଦ୍ୟ ବଢ଼ାଯାଏ; ଡାଟିଆଏ ଖାଦ୍ୟ।

**ramify** *କ୍ରି.* ଶାଖାପ୍ରଶାଖା ମେଲିବା; ବିଭିନ୍ନ ଶାଖାରେ ବିଭାଜିତ ହେବା; ଶାଖାସଦୃଶ ସଜାଇବା; ବି. ramification.

**ramp**[1.] 1. ବି. ଦୁଇ ଭିନ୍ନ ତଳର ପଡିଆ ବା ଚଟାଣକୁ ସଂଯୋଗ କରୁଥିବା ଢ଼ାଲୁଜାଗା; (ଉଡାଜାହାଜ) ଅବତରଣ ବା ଆରୋହଣ ପାଇଁ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଶିଢ଼ି; 2. *କ୍ରି.* ଏଭଳି ଢ଼ାଲୁଜାଗା, ଶିଢ଼ି ବା ସୋପାନ ତିଆରି କରିବା; ଭୟ ଦେଖେଇଲାଭଳି ଅଙ୍ଗଭଙ୍ଗୀ କରିବା; କ୍ରୋଧ ପ୍ରଦର୍ଶନ କରିବା; ହିଂସାତ୍ମକ ବା ଭୟଙ୍କର ଆଚରଣ ପ୍ରଦର୍ଶନ କରିବା।

**ramp**[2.] *କ.ଭା.* 1. ବି. ଠକିବା, ଭଣ୍ଡିବା; ଅନୈତିକ କାର୍ଯ୍ୟ ଯୋଜନାବଦ୍ଧ ଭାବରେ କରିବା; 2. ଠକାମି, ଭଣ୍ଡାମି, ଦୁର୍ନୀତି।

**rampage** 1. *କ୍ରି.* ଭୟଙ୍କର ବା ହିଂସ୍ରଭାବରେ ପ୍ରଧାବିତ ହେବା; ଭୀଷଣ କ୍ରୋଧ ପ୍ରଦର୍ଶନ କରିବା; 2. ବି. ଭୟଙ୍କର ବା ହିଂସ୍ର ଆଚରଣ; on the rampage ଭୟଙ୍କର ଆଚରଣ ବା ହିଂସାକାଣ୍ଡ; ବିଂ. rampageous.

**rampant** ବିଂ. (ସିଂହ ପ୍ରଭୃତି) ପଛ ବାମଗୋଡ଼ରେ ଠିଆହୋଇ ଆଗ ପଂଝା ପ୍ରଦର୍ଶନ କରୁଥିବା; ନିୟନ୍ତ୍ରଣହୀନ, ନିରଂକୁଶ ଭାବରେ ଘଟିଚାଲୁଥିବା ବା ବୃଦ୍ଧି ହେଉଥିବା; ଉଧଉଥିବା; କାର୍ଯ୍ୟ ବା ମତପ୍ରଦାନରେ ଅତ୍ୟଧିକ ଉତ୍ସାହ ବା ଉଗ୍ରତା ପ୍ରଦର୍ଶନକାରୀ; ପରିପୁଷ୍ଟ; ବି. rampancy.

**rampart** ବି. ଦୁର୍ଗପ୍ରାଚୀର, ପ୍ରାଚୀର ଉପରିସ୍ଥ ପାଦଚଲା ରାସ୍ତା; ପ୍ରତିରକ୍ଷା, ସୁରକ୍ଷା।

**ramrod** ବି. ଯେଉଁ ଲୌହଦଣ୍ଡ ବା ଛୋଟ ଛଡ ପଶେଇ ଟୋପିଦାର ବନ୍ଧୁକର ବାରୁଦ ଖୁନ୍ଦାଯାଏ; ଶକ୍ତ ଏବଂ ସଳଖ ବସ୍ତୁ।

**ramshackle** ବିଂ. (ଘର ବା ଯାନବାହନ) ଗଡ଼ି ପଡିଥିବା; ପରିତ୍ୟକ୍ତ; ଭୁଷୁଡି ପଡିଥିବା; ଜରାଜୀର୍ଣ୍ଣ, ଦୁର୍ବଳ।

**ran** *କ୍ରି.* runର *ଅ.କା.*।

Digitized by srujanika@gmail.com

**ranch** ବି. (ଆମେରିକା ଏବଂ କାନାଡା) ଗାଈ-ଗୋରୁ, ଛେଳି, ମେଣ୍ଢା ପ୍ରଭୃତି ଗୃହପାଳିତ ପଶୁଙ୍କ ଉତ୍ପାଦନ ଏବଂ ପରିବର୍ଦ୍ଧନ ପାଇଁ ଉଦ୍ଦିଷ୍ଟ ସ୍ଥାନ; ଅନ୍ୟ ଜୀବଜନ୍ତୁଙ୍କ ଉତ୍ପାଦନ ଏବଂ ପରିବର୍ଦ୍ଧନ ପାଇଁ ଉଦ୍ଦିଷ୍ଟ ଫାର୍ମ୍ (ଯଥା, mink ranch).

**rancid** ବିଂ. ଗମରା, ରହଣିଆ, ଦୁର୍ଗନ୍ଧଭରା, ପଚା, ପଚାଗନ୍ଧ ବିଶିଷ୍ଟ; ବି. rancidity.

**rancour** ବି. *ଆମେ.* rancor ବଦ୍ଧମୂଳ ତିକ୍ତତା; ଉତ୍କଟ ଘୃଣା; ବିଦ୍ୱେଷ; ପୁରୁଣା ବୈରଭାବ; ବିଂ. rancorous.

**rand** ବି. ଦକ୍ଷିଣ ଆଫ୍ରିକୀୟ ଦେଶସମୂହରେ ପ୍ରଚଳିତ ମୁଦ୍ରା ।

**R&D** *ସଂଶ.* research and development ଗବେଷଣା ଏବଂ ଉନ୍ନୟନ ।

**random** ବିଂ. କୌଣସି ବିଧିବଦ୍ଧ ଯୋଜନା ବା ସଚେତନ ବାଛବିଚାର ନ ଥାଇ; ବିକ୍ଷିପ୍ତ, ନିର୍ଦ୍ଦିଷ୍ଟ ଲକ୍ଷ୍ୟହୀନ; at random କୌଣସି ଲକ୍ଷ୍ୟ, ଉଦ୍ଦେଶ୍ୟ ବା ନୀତି ନ ଥାଇ; କ୍ରି. randomize; ବି. randomization; କ୍ରି.ବିଂ. randomly; ବି. randomness.

**random-access** ବିଂ. (କମ୍ପ୍ୟୁଟର୍ ମେମୋରି ବା ଫାଇଲ୍ ସମ୍ବନ୍ଧୀୟ) ସମସ୍ତ ଅଂଶ ସିଧାସଳଖ ପ୍ରବେଶଯୋଗ୍ୟ ବା ପ୍ରାପ୍ତବ୍ୟ ।

**randy** ବିଂ. କାମୁକ, ଯୌନ ତୃପ୍ତିପାଇଁ ଆତୁର; କାମାତୁର; *ସ୍କଟ୍.* ବଡପାଟିଆ, କୁହାଳିଆ; କ୍ରି.ବିଂ. randily; ବି. randiness.

**ranee** ବି. *ଭା.* ରାଣୀ ।

**rang** କ୍ରି. ringର ଅ.କା. ।

**range** 1. ବି. କୌଣସି ବସ୍ତୁର ପ୍ରାପ୍ତିସ୍ଥଳ; ପ୍ରଭାବିତ ସ୍ଥାନ; ଯୁକ୍ତିଯୁକ୍ତତା ବା ବ୍ୟାପ୍ତିର କ୍ଷେତ୍ର; ବ୍ୟାପ୍ତି; ଯେଉଁ ଦୂରତ୍ୱ ଗୁଳିଗୋଳା ଅତିକ୍ରମ କରିପାରେ; ସମ୍ଭାବ୍ୟ ଦୂରତ୍ୱ; ପରିସର; ବିସ୍ତାର; (ପାର୍ବତ୍ୟ) ଶ୍ରେଣୀ ବା ଶୃଙ୍ଖଳା; ଭ୍ରମଣସୀମା; ଜୀବଜନ୍ତୁ ରହିବା ବା ପାଳିତ ହେବାର ସ୍ଥାନ, ବିସ୍ତୃତ ଚାରଣଭୂମି ବା ଶିକାରକ୍ଷେତ୍ର; ଚାନ୍ଦମାରି ପ୍ରାନ୍ତର; 2. କ୍ରି. ନିରୁଦ୍ଦେଶ୍ୟ ଭାବରେ ଭ୍ରମଣ କରିବା; ପହଞ୍ଚିବା; ବିସ୍ତୃତ ହେବା; ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ମିଳିବା; ବିଭିନ୍ନ ଦିଗରେ ଗତି କରିବା ।

**rangefinder** ବି. ଗୁଳିଗୋଳାର ଲକ୍ଷ୍ୟସ୍ଥଳ ବା ଫଟୋ ଉଠାହେଉଥିବା ବସ୍ତୁର ଦୂରତ୍ୱ ଜାଣିବା ପାଇଁ ବ୍ୟବହୃତ ଉପକରଣ ।

**ranger** ବି. ବନବିଭାଗର କର୍ମକର୍ତ୍ତା, ବନରକ୍ଷକ, ରେଞ୍ଜର୍; ଅଶ୍ୱାରୋହୀ ବାହିନୀର ସଦସ୍ୟ; Ranger ସିନିୟର୍ ଗାଇଡ୍ ।

**rangy** ବିଂ. ପତଳା ଏବଂ ଡେଙ୍ଗା ।

**rani** ବି. *ଭା.* ରାଣୀ (ranee ର ଵିକ.) ।

**rank**[1] 1. ବି. ପାହ୍ୟା, ପଦ, ନିର୍ଦ୍ଦିଷ୍ଟ ସାମାଜିକ ଶ୍ରେଣୀ; ସଫଳତା ବା ସାମର୍ଥ୍ୟର ସ୍ତର; ଶ୍ରେଣୀ, ଧାଡି; ଗ୍ରାହକ ଅପେକ୍ଷାରତ ଟେକ୍ସି ରହିବା ସ୍ଥାନ; ବ୍ୟବସ୍ଥା; 2. କ୍ରି. ଯୋଗ୍ୟତା ବା ସାମର୍ଥ୍ୟର ସ୍ତର ନିରୂପଣ କରିବା, ଶ୍ରେଣୀବିଭାଗ କରିବା, ସୈନ୍ୟମାନଙ୍କୁ ସଜେଇ ଠିଆକରିବା; close ranks ଏକତା ବା ସଂହତି ରକ୍ଷାକରିବା; the ranks ସାଧାରଣ ସୈନିକମାନେ ।

**rank**[2] ବି. ଅତ୍ୟଧିକ ପତ୍ରବହୁଳ; ବର୍ଦ୍ଧନଶୀଳ (ଗଛ); ଅନାବନା ଗଛଲତାଯୁକ୍ତ; ଦୁର୍ଗନ୍ଧଯୁକ୍ତ, ଘୃଣ୍ୟ, ବିରକ୍ତିକର; ଦୁର୍ନୀତିଗ୍ରସ୍ତ, ପ୍ରଚଣ୍ଡ, ଅରୁଚିକର, ପୂରାପୂରି (rank outsider).

**rank and file** ବି. *ସା.* ବ.ବ. ସାଧାରଣ ଲୋକମାନେ, ଇତର ବ୍ୟକ୍ତିସମୂହ ।

**rankle** କ୍ରି. (ଇର୍ଷା, ନୈରାଶ୍ୟ ବା ତାହାର କାରଣ ସମ୍ବନ୍ଧିତ) କ୍ରମାଗତ ବିରକ୍ତି ବା ଅସନ୍ତୋଷର କାରଣ ହେବା ।

**ransack** କ୍ରି. (ଘର, ଦେଶ ପ୍ରଭୃତି) ଲୁଣ୍ଠନ କରିବା; ତନ୍ନତନ୍ନ କରି ଖୋଜିବା, ତଲାସ କରିବା ।

**ransom** 1. ବି. ପଣବନ୍ଦୀର ମୂଲ୍ୟ; ଜଣକୁ ବନ୍ଦୀକରି ତାର ମୁକ୍ତିପାଇଁ ଦାବି ବା ପ୍ରଦାନ କରାଯାଇଥିବା ଅର୍ଥ ବା ଅନ୍ୟ କିଛି; ବନ୍ଦୀ ବଦଳ; 2. କ୍ରି. ମୁକ୍ତି ବା ପୁନଃସଂସ୍ଥାପନ ପାଇଁ ଟଙ୍କାଦେବା, ବନ୍ଦୀର ମୁକ୍ତିପାଇଁ ଅର୍ଥ ଦାବି କରିବା; hold to ransom ବନ୍ଦୀକରି ଅର୍ଥ ଦାବି କରିବା; ଧମକ ଦେଇ ସୁବିଧା ହାସଲ କରିବା ।

**rant** 1. କ୍ରି. ବାଗାଡମ୍ବର ପ୍ରଦର୍ଶନ କରିବା; ଭାଷଣଦେବା ଭଙ୍ଗୀରେ କହିବା; ନାଟକୀୟଭାବେ ଆବୃତ୍ତି କରିବା; ଉଚ୍ଚକଣ୍ଠରେ କହିବା; 2. ବି. ବାଗାଡମ୍ବର, ଆବୃତ୍ତି ।

**ranunculus** ବି. ବଟର୍‌କପ୍ ଅନ୍ତର୍ଭୁକ୍ତ ଉଦ୍ଭିଦଜାତି ବିଶେଷ (ବଟର୍‌କପ୍: ହଳଦିଆରଙ୍ଗର କପ୍‌ଭଳି ଦିଶୁଥିବା ଫୁଲ ବିଶିଷ୍ଟ ବନ୍ୟ ଉଦ୍ଭିଦ) ।

**RAOC** *ସଂଶ.* Royal Army Ordnance Corps ରୟେଲ ଆର୍ମି ଅର୍ଡ୍‌ନାନ୍‌ସ୍ କୋର୍ ।

Digitized by srujanika@gmail.com

**rap**[1.] 1. ବି. ତୀବ୍ର ଆଘାତ, ଠକ୍‌ଠକ୍ ଶବ୍ଦ, କରାଘାତ; *କ.ଭା.* ନିନ୍ଦା, ଶାସ୍ତି; 2. *କ୍ରି.* ତୀବ୍ର ଆଘାତ କରିବା; ଠକ୍‌ଠକ୍ ଶବ୍ଦ କରିବା; ପ୍ରତିକୂଳ ମନ୍ତବ୍ୟ ଦେବା; ସମାଲୋଚନା କରିବା, ନିନ୍ଦା କରିବା; rap out ହଠାତ୍ ଉଚ୍ଚାରଣ କରିବା; କହିଉଠିବା।

**rap**[2.] ବି. କ୍ଷୁଦ୍ର ପରିମାଣ, ଅତ୍ୟଳ୍ପ, ତିଳପ୍ରମାଣେ (don't care a rap).

**rapacious** ବିଂ. ପରଦ୍ରବ୍ୟ ହରଣକାରୀ, ଲୁଣ୍ଠନକାରୀ, ହିଂସ୍ର; ବି. rapacity.

**rape**[1.] 1. ବି. ବଳାତ୍କାର, ଧର୍ଷଣ; ସହମତି ବିନା ନାରୀସହିତ ବଳପୂର୍ବକ ଯୌନାଚାର ବା ଯୌନସଂପର୍କ ସ୍ଥାପନ; ତୀବ୍ର ଆକ୍ରମଣ; 2. *କ୍ରି.* ନାରୀଧର୍ଷଣ କରିବା, ବଳପୂର୍ବକ ଯୌନସଂପର୍କ ସ୍ଥାପନ କରିବା।

**rape**[2.] ବି. ଗୋଖାଦ୍ୟରୂପେ ଚାଷ କରାଯାଉଥିବା ଗଛ, ଯାହାର ମଞ୍ଜିରୁ ତେଲ ପ୍ରସ୍ତୁତ କରାଯାଏ।

**rapid** 1. ବିଂ. ଦ୍ରୁତ, ଶୀଘ୍ର, ଅତ୍ୟଳ୍ପ କମ୍ ସମୟ ମଧ୍ୟରେ କରାଯାଉଥିବା (କାମ) ବା ଘଟିଥିବା (ଘଟଣା); ସିଧା ଏବଂ ଦୁରାରୋହ (ଗଡ଼ାଣି); 2. ବି. *ସା.ବ.ବ.* ପ୍ରଖରସ୍ରୋତ ବିଶିଷ୍ଟ ନଦୀଶଯ୍ୟାର ଦ୍ରୁତ ଗଭୀରତର ଅଂଶ; ବି. rapidity; *କ୍ରି.ବିଂ.* rapidly; ବି. rapidness.

**rapier** ବି. ଛୁରୀ; ଭୁଷିବା ପାଇଁ ଉଦ୍ଦିଷ୍ଟ କ୍ଷୁଦ୍ର, ସରୁ ଫଳକର ତରବାରି।

**rapine** ବି. ଲୁଟ୍‌ତରାଜ, ଲୁଣ୍ଠନ।

**rapist** ବି. ନାରୀ ଧର୍ଷଣକାରୀ, ବଳାତ୍କାରୀ।

**rapport** (ରେପୋ) ବି. ସଦ୍‌ଭାବପୂର୍ଣ୍ଣ ସଂପର୍କ ବା କଥାବାର୍ତ୍ତା।

***rapprochement*** ବି. (ରାଷ୍ଟ୍ରମାନଙ୍କ ମଧ୍ୟରେ) ସୁସଂପର୍କର ପୁନଃପ୍ରତିଷ୍ଠା। *(ଫ.)*

**rapscallion** ବି. *ପ୍ରା.ପ୍ର.*, ପକ୍କା ବଦମାସ, ଦୁଷ୍ଟ ପ୍ରକୃତିର ବ୍ୟକ୍ତି।

**rapt** ବିଂ. ତନ୍ମୟ, ନିବିଷ୍ଟ, ଭାବାପ୍ଲୁତ, ଗଦ୍‌ଗଦ, ବିମୁଗ୍ଧ।

**raptorial** 1. ବିଂ. ହିଂସ୍ର, ଲୁଣ୍ଠନକାରୀ; 2. ବି. ହିଂସ୍ରଜନ୍ତୁ, ଅନ୍ୟ ଜନ୍ତୁକୁ ଶିକାର କରି ଜୀବନଧାରଣ କରୁଥିବା ପ୍ରାଣୀ।

**rapture** ବି. ଆନନ୍ଦର ଶେଷସୀମା; *ବ.ବଚ.ରେ* ଅତ୍ୟଧିକ ଆନନ୍ଦ ବା ଉତ୍ସାହ ବା ତାହାର ପରିପ୍ରକାଶ; ବିଂ. rapturous.

**rare**[1.] ବିଂ. କେବେ କେମିତି ହେଉଥିବା ବା ଘଟୁଥିବା; ଦୁର୍ଲଭ, ଦୁଷ୍ପ୍ରାପ୍ୟ, ଅସାଧାରଣ; ଅତି ଭଲ, ଅସାମାନ୍ୟ; ସାଧାରଣ ଘନତ୍ୱରୁ କମ୍ (ବାୟୁମଣ୍ଡଳ); ପତଳା; ବି. rareness.

**rare**[2.] ବିଂ. (ମାଂସ) ସଂପୂର୍ଣ୍ଣ ସିଝି ନ ଥିବା, ଅର୍ଦ୍ଧପକ୍ୱ।

**rarebit** ବି.*ଦ୍ର.* Welsh rarebit.

**rare earth** ବି. ଲାନ୍ଥାନାଇଡ୍ ତତ୍ତ୍ୱ ବା ତା'ର ଅକ୍‌ସାଇଡ୍।

**rarefy** *କ୍ରି.* ଅପେକ୍ଷାକୃତଭାବେ କମ୍ ଗାଢ଼ ବା କମ୍ ଟାଣ କରିବା; ସୂକ୍ଷ୍ମତର କରିବା; (ଧାରଣା, ଚିନ୍ତାଧାରା) ଦୁର୍ବୋଧ ବା ଅସ୍ପଷ୍ଟ କରିବା; ବି. rarefaction.

**rarely** *କ୍ରି.ବିଂ.* କେବେ କେମିତି, କେବେକେବେ; ସାଧାରଣତଃ ବା ସବୁବେଳେ ଘଟୁ ନ ଥିବା।

**raring** ବିଂ. *କ.ଭା.* ଉତ୍ସାହିତ, ବ୍ୟଗ୍ର (ଯିବାପାଇଁ)।

**rarity** ବି. ଅସାଧାରଣ ବସ୍ତୁ; କେବେ କେମିତି ଘଟୁଥିବା ବା ହେଉଥିବା (ଘଟଣା, କାର୍ଯ୍ୟ)।

**rascal** ବି. ବଦ୍‌ମାସ୍, ଅସାଧୁ ବା ଖଳ ବ୍ୟକ୍ତି; ବିଂ. rascally.

**rase** *ଦ୍ର.* raze.

**rash**[1.] ବିଂ. ଅପରିଣାମଦର୍ଶୀ, ବେପରୱାୟ, ତରତରିଆ, ହୁଙ୍କାପିଟା; ଉଚିତ ଚିନ୍ତା ନ କରି କୌଣସି କାର୍ଯ୍ୟ କରୁଥିବା।

**rash**[2.] ବି. (ଚର୍ମ ଉପରେ) ବିସ୍ଫୋଟକ ବା ଦାଗ ବା ରୋଗ; ହଠାତ୍ ସବୁଆଡେ ବ୍ୟାପିଯିବା (a rash of strikes).

**rasher** ବି. ଘୁଷୁରିମାଂସର ପତଳା, ଚଉଡା ଖଣ୍ଡ।

**rasp** 1. ବି. ରେଘା; ଦନ୍ତଯୁକ୍ତ ଲୁହା ଉପକରଣ (ଫାଇଲ୍); 2. *କ୍ରି.* ଚାଂଛିବା, ଘଷିବା, ଲୁହାଘର୍ଷଣଜନିତ ଶବ୍ଦ ବା ସେହିଳି ଶବ୍ଦ ହେବା; କର୍କଶସ୍ୱରରେ କହିବା, ମନ କଷ୍ଟ ହେବାଭଳି କର୍କଶଭାବରେ କହିବା।

**raspberry** (ରାଜ୍‌ବେରୀ) ବି. ଛୋଟ, ପ୍ରାୟ ନାଲି ରଙ୍ଗର କୋଳି; ସେହି ବୁଦାଳିଆ ଗଛ; *କ.ଭା.* ଘୃଣା ବା ବିରକ୍ତିସୂଚକ ଶବ୍ଦ; raspberry-cane ରାଜ୍‌ବେରୀ କୋଳି ବୁଦା ବା ଗଛ।

**Rastafarian** 1. ବି. ଜାମାଇକା ଉଦ୍‌ଭୂତ ଗୋଷ୍ଠୀବିଶେଷ ଯାହାଙ୍କର ଧାରଣା ଯେ କୃଷ୍ଣକାୟ

Digitized by srujanika@gmail.com

ବ୍ୟକ୍ତିମାନେ ଶ୍ରେଷ୍ଠ; 2. ବିଂ. ସେହି ଗୋଷ୍ଠୀର ବା ସଂପର୍କିତ।

**rat** 1. ବି. ବଡ ମୂଷା ବା ସେହି ଜାତୀୟ ପ୍ରାଣୀ (musk-rat, water-rat); *କ.ଭା.* ଅପ୍ରୀତିକର ବ୍ୟକ୍ତି, ବିଶ୍ୱାସଘାତକ; 2. *କ୍ରି.* ମୂଷାଧରିବା ବା ମାରିବା; ମୁଖବିର୍ ବା ଗୋପନୀୟ ସଂବାଦଦାତା ଭାବରେ କାମ କରିବା; rat on ବିଶ୍ୱାସଘାତକତା କରିବା, (ଦଳ) ତ୍ୟାଗ କରିବା; smell a rat (ବିଶ୍ୱାସଘାତକତା ବା କୃତଘ୍ନତାର) ସନ୍ଦେହ କରିବା।

**ratafia** ବି. ଫଳ ବାସ୍ନାଦେଇ ପ୍ରସ୍ତୁତ ସୁରାସାର ବା ମଦ୍ୟ; ସେଭଳି ଗନ୍ଧବିଶିଷ୍ଟ ବିସ୍କୁଟ୍।

**ratatouille** ବି. ଏକପ୍ରକାର ପରିବା ସନ୍ତୁଳା। *(ଫ.)*

**ratchet** ବି. ଦାନ୍ତବିଶିଷ୍ଟ ଚକି ବା ଦଣ୍ଡ ଯାହା ସାହାଯ୍ୟରେ ଗୋଟିଏ ଦିଗରେ ଯନ୍ତ୍ର ଚାଲିପାରେ।

**rate**[1] 1. ବି. ଦର, ହାର, ଅନୁପାତ; ମୂଲ୍ୟ; ଗତି ବା ପରିବର୍ତ୍ତନର ବେଗ; ଶ୍ରେଣୀ ବା ପାହ୍ୟା; ଜମିଜମା, କୋଠାବାଡିର ମୂଲ୍ୟନିର୍ଦ୍ଧାରଣ; ବ.ବ. ଦେୟ ପରିମାଣ; 2. *କ୍ରି.* ମୂଲ୍ୟ ନିର୍ଦ୍ଧାରଣ କରିବା; ଦର ଠିକ୍ କରିବା; ମନେକରିବା; ପାହ୍ୟା, ସ୍ତର ବା ଯୋଗ୍ୟତା ନିର୍ଣ୍ଣୟ କରିବା; *ଆମେ.* ଯୋଗ୍ୟତା ହାସଲ କରିବା; at any rate ଯେ କୌଣସି ମତେ, ଯେ କୌଣସି ପ୍ରକାରେ; at this rate ଏହି ଦୃଷ୍ଟାନ୍ତ ଭଳି, ଏଭଳି ଭାବରେ।

**rate**[2] *କ୍ରି.* କ୍ରୋଧରେ ଗାଳି କରିବା।

**rateable** ବିଂ. ଦର ବା ମୂଲ୍ୟ ପ୍ରତି ନିର୍ଭରଶୀଳ।

**rateable value** ବି. ଯେଉଁ ମୂଲ୍ୟ ବା ଦରକୁ ଭିତ୍ତିକରି ସ୍ଥାବର ସମ୍ପତ୍ତିର ମୂଲ୍ୟ ନିରୂପଣ କରାଯାଏ।

**ratepayer** ବି. ନିର୍ଦ୍ଧାରିତ ମୂଲ୍ୟ ପ୍ରଦାନ କରିବାକୁ ଥିବା ବ୍ୟକ୍ତି।

**rather** *କ୍ରି.ବିଂ.* ବରଂ, ଅଧିକନ୍ତୁ, ପରିବର୍ତ୍ତେ, ନିର୍ଦ୍ଦିଷ୍ଟ ଭାବରେ (tonight,or rather, this evening); ସାମାନ୍ୟ, କିଛି ପରିମାଣରେ (became rather drunk); *କ.ଭା.* ନିଶ୍ଚିତ ଭାବରେ (ଉତ୍ତରରେ); had rather ବରଂ।

**ratification** ବି. ଅନୁମୋଦନ, ପରିଗ୍ରହଣ ।

**ratify** *କ୍ରି.* (ରାଜିନାମା ପ୍ରଭୃତି) ଦସ୍ତଖତ ଦେଇ ଅନୁମୋଦନ ବା ଗ୍ରହଣ କରିବା।

**rating**[1] ବି. ମୂଲ୍ୟସୂଚୀ ବା ଶ୍ରେଣୀରେ ସ୍ଥାନ ବା ଅବସ୍ଥିତି; ବ୍ୟକ୍ତିର ଆର୍ଥିକ ସ୍ଥିତି (ଋଣପ୍ରଭୃତି ପାଇଁ); ଅଣକମିଶନ୍‌ପ୍ରାପ୍ତ ନାବିକ; ସ୍ଥାନୀୟ ହାର ଅନୁଯାୟୀ ମୂଲ୍ୟ; ଅନୁମିତ ଦର୍ଶକ ସଂଖ୍ୟା ଭିତ୍ତିରେ ଟେଲିଭିଜନ ବା ବେତାର କାର୍ଯ୍ୟକ୍ରମର ଆପେକ୍ଷିକ ବା ତୁଳନାତ୍ମକ ଜନପ୍ରିୟତା।

**rating**[2] ବି. କ୍ରୋଧପୂର୍ଣ୍ଣ ଭର୍ତ୍ସନା।

**ratio** ବି. ଆନୁପାତିକ ସଂପର୍କ, ହାର।

**ratiocinate** *ସାହି.* 1. *କ୍ରି.* ତ୍ରିପଦୀଯୁକ୍ତି (syllogism) ସାହାଯ୍ୟରେ ତର୍କ କରିବା; 2. ବି. ବିଚାରଣା, ତର୍କଣା, ତର୍କସିଦ୍ଧତା; ବି. ratiocination.

**ration** ବି. ଭରା ବା ପଡି; ଭାତିଆ, ତିରୋଟ ସମୟରେ ସରକାରୀଭାବରେ ସ୍ଥିରୀକୃତ ଖାଦ୍ୟ, ବସ୍ତ୍ରଭଳି ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକର ପଡି ବ୍ୟବସ୍ଥା; ସଶସ୍ତ୍ରବାହିନୀରେ ନିର୍ଦ୍ଦିଷ୍ଟ ଦୈନିକ ଖୋରାକୀ ବା ଭାତିଆ; 2. *କ୍ରି.* ଲୋକ ବା ଖାଦ୍ୟପେୟ ସାମଗ୍ରୀର ନିୟନ୍ତ୍ରଣ ବା ପଡ଼ି ବ୍ୟବସ୍ଥା କରିବା; ନିର୍ଦ୍ଦିଷ୍ଟ ଅନୁପାତରେ ଖାଦ୍ୟବସ୍ତ୍ର ପ୍ରଭୃତି ଭାଗ କରିବା।

**rational** ବିଂ. ତର୍କବୁଦ୍ଧି ବା ହେତୁ ଉପରେ ଆଧାରିତ; ସଂବେଦନଶୀଳ; ଦ. ବୌଦ୍ଧିକ, ତର୍କବୁଦ୍ଧିସଂପନ୍ନ; ଆନୁପାତିକ ହାରରେ ପ୍ରକାଶଯୋଗ୍ୟ; ବି. rationality; *କ୍ରି.ବିଂ.* rationally.

**rationale** ବି. ଦ. ବୌଦ୍ଧିକ ମନସ୍ତତ୍ତ୍ୱ, ମୌଳିକ ତର୍କବୁଦ୍ଧି; ତାର୍କିକ ଭିତ୍ତି।

**rationalism** ବି.ବୌଦ୍ଧିକତାବାଦ, ବିଶ୍ୱାସ ଏବଂ ଜ୍ଞାନର ଭିତ୍ତିରୂପେ ତର୍କବୁଦ୍ଧିକୁ ଗ୍ରହଣ କରିବା; ବି. rationalist; ବିଂ. rationalistic.

**rationalize** *କ୍ରି.* (ବ୍ୟବହାର, ଦୃଷ୍ଟିଭଙ୍ଗୀ ପ୍ରଭୃତିରେ) ତାର୍କିକ, କିନ୍ତୁ ଅନୁଭୂତିସିଦ୍ଧ ବ୍ୟାଖ୍ୟା କରିବା; ଯୁକ୍ତିସିଦ୍ଧ ବା ତର୍କସମ୍ମତ କରିବା; (ଶିଳ୍ପସଂସ୍ଥା) ପୁନଃସଂଗଠନ କରି ଏବଂ ଅପବ୍ୟୟ ରୋକି ଅଧିକ କାର୍ଯ୍ୟକ୍ଷମ କରିବା; ବୌଦ୍ଧିକବାଦ ଦ୍ୱାରା ବ୍ୟାଖ୍ୟା କରିବା; ବିଂ. rationalization.

**ratline** ବି. (ratlin ମଧ୍ୟ) ଜାହାଜରେ ମାସ୍ତୁଲକୁ ଦୃଢ଼ ରଖିବା ପାଇଁ ଉଦ୍ଦିଷ୍ଟ ଶକ୍ତ ଦଉଡିର ଶିଢ଼ି।

**rat race** ବି. ତୀବ୍ର ପ୍ରତିଯୋଗିତାମୂଳକ ସଂଘର୍ଷ (ବିଶେ. କାର୍ଯ୍ୟକ୍ଷେତ୍ର ବା ଜୀବନରେ ନିଜ ସ୍ଥିତି ବଜାୟ ରଖିବା ପାଇଁ)।

Digitized by srujanika@gmail.com

**ratsbane** ବି. ମୂଷାପାଇଁ ବିଷାକ୍ତ ଉଦ୍ଭିଦ ପ୍ରଭୃତି।
**rattan** ବି. ତାଳଜାତୀୟ ଗଛ ବିଶେଷ; ବେତଭଳି ବ୍ୟବହୃତ ଏହି ଗଛର କାଣ୍ଡ।
**rat–tat** ବି. ଠକ୍ ଠକ୍ ଶବ୍ଦ; କରାଘାତର ଶବ୍ଦ।
**rattle** 1. କ୍ରି. ଖଡ୍ ଖଡ୍ କରିବା; ଠକ୍ ଠକ୍ କରିବା; ଧଡ୍ ଧଡ୍ କରିବା; ଏଭଳି ଶବ୍ଦ ସୃଷ୍ଟି କରିବା; ବିଡ୍ ବିଡ୍ ହୋଇ ଦ୍ରୁତ ଗତିରେ ଆବୃତ୍ତି କରିବା; ଧକଡ୍ ଚକଡ୍ ହୋଇ ଯାତ୍ରା କରିବା; ଚିନ୍ତାହୀନ ଭାବରେ ମଜାଦାର କଥା କହିବା; *କ.ଭା.* ଉଦ୍‌ବେଗ ବା ଆଶଙ୍କା ଅନୁଭବ କରିବା; 2. ବି. ଠକ୍ ଠକ୍, ଧଡ୍ ଧଡ୍ ପ୍ରଭୃତି ଶବ୍ଦ; ଏଭଳି ଶବ୍ଦ କରୁଥିବା ଖେଳଣା।
**rattlesnake** ବି. *ଆମେ.* ବିଷଯୁକ୍ତ ସାପବିଶେଷ।
**rattletrap** ବି. ପୁରୁଣା ଭଙ୍ଗାଦଦରା ଗାଡ଼ିମଟର ପ୍ରଭୃତି।
**rattling** 1. ବିଂ. ଦ୍ରୁତ, ତତ୍ପର; ପ୍ରାଣୋଚ୍ଛ୍ୱାସପୂର୍ଣ୍ଣ; 2. କ୍ରି.ବିଂ. ଚମତ୍କାର ଭାବରେ (a rattling good story).
**ratty** ବିଂ. ମୂଷା ସମ୍ବନ୍ଧିତ; ମୂଷାବହୁଳ ସ୍ଥାନ; *କ.ଭା.* ବିରକ୍ତିକର; କ୍ରୁଦ୍ଧ।
**raucous** ବିଂ. କର୍କଶ, ଶ୍ରୁତିକଟୁ ଏବଂ କୋଳାହଳପୂର୍ଣ୍ଣ।
**raunchy** ବିଂ. ନିକୃଷ୍ଟ, ରୁଚିହୀନ, ବଡ଼ପାଟିଆ।
**ravage** 1. କ୍ରି. ଲୁଣ୍ଠନ କରିବା; ଧ୍ୱଂସ କରିବା; ଛାରଖାର କରିଦେବା; 2. ବି. ଲୁଣ୍ଠନ; ବ.ବ.ରେ କୌଣସି ବସ୍ତୁର ବିଧ୍ୱଂସକାରୀ ପ୍ରଭାବ।
**rave** 1. କ୍ରି. ବାଉଳିଚାଉଳି ହେବା; ଅସଂଯତ ଭାବରେ ବକ୍‌ବକ୍ ହେବା; ଅସଂଗତ ବା ସଂହତିହୀନ ଭାବରେ କଥା କହିବା; ଅତ୍ୟଧିକ ପ୍ରଶଂସାପୂର୍ଣ୍ଣ ଭାବରେ କହିବା; ଉତ୍‌ଫୁଲ୍ଲିତ ହେବା; 2. ବି. *କ.ଭା.* ଅତ୍ୟଧିକ ପ୍ରଶଂସାପୂର୍ଣ୍ଣ (ସମୀକ୍ଷା); ପାଗଳାମି; ପ୍ରେମମତ୍ତ ଅବସ୍ଥା।
**ravel** 1. କ୍ରି. ସଂଶ୍ଳିଷ୍ଟ ହେବା ବା ହୋଇଯିବା; (ପ୍ରଶ୍ନ ବା ସମସ୍ୟା) ଗୋଳମାଳିଆ ବା ଜଟିଳ କରିଦେବା; ମୁକ୍ତ ବା ମୁକୁଳା କରିଦେବା; ସୂତାର ଖିଅ ଗୋଟି ଗୋଟି କରି ବାହାର କରିବା; 2. ବି. ବନ୍ଧନ; ଗଣ୍ଠି; ଜଟିଳତା; ଗୋଳମାଳ, ଅଡୁଆ।
**raven**[1] 1. ବି. ଡାମରା କାଉ; ଏକ ପ୍ରକାର ବଡ କାଉ; 2. ବିଂ. କାଳକୃଷ୍ଣ (କେଶ)।
**raven**[2] କ୍ରି. ଲୁଟି କରିବା; ଶିକାର ବା ଲୁଟ୍ ଖୋଜିବା; ଅତି ଲୋଭୀ ବା କ୍ଷୁଧାର୍ତ୍ତ ଭାବରେ ଖାଇବା।
**rave–up** ବି. *ସାଂ.ପ୍ର.* ଆନନ୍ଦପୂର୍ଣ୍ଣ ବନ୍ଧୁମିଳନ (ପାର୍ଟି)।
**ravine** ବି. ଗିରିସଙ୍କଟ; ଗିରିବର୍ତ୍ମ।
**raving beauty** ବି. *କ.ଭା.* ଅତୀବ ସୁନ୍ଦର ବ୍ୟକ୍ତି।
**raving mad** ବି. *କ.ଭା.* ସମ୍ପୂର୍ଣ୍ଣ ପାଗଳ।
**ravenous** ବିଂ. ଭୀଷଣ କ୍ଷୁଧାର୍ତ୍ତ; ଖାଦ୍ୟଲୋଭୀ; ହିଂସ୍ର।
**ravioli** ବି. ଅଟାରେ ମାଂସ ପୁରଦିଆ କ୍ଷୁଦ୍ର ମାକାରୋନି ପ୍ରଭୃତି।
**ravish** କ୍ରି. ନାରୀ ଧର୍ଷଣ କରିବା; ଆନନ୍ଦରେ ବିମୋହିତ ହେବା; ବି. ravishment.
**raw** ବିଂ. କଞ୍ଚା; ପ୍ରାକୃତିକ ଅବସ୍ଥାରେ; ଅନୁଭୂତିହୀନ; ତାଲିମହୀନ; ଚମଡା ଉଠି ମାଂସ ଦେଖାଯାଉଥିବା; ଏଭଳି ସ୍ପର୍ଶକାତର ଅବସ୍ଥା; (ବାୟୁମଣ୍ଡଳ, ଦିନ) ଶୀତୁଆ; ଓଦାଳିଆ; କଳାତ୍ମକତା ଦୃଷ୍ଟିରୁ ନିମ୍ନମାନର; ଅଚଞ୍ଚା; in the raw ପ୍ରାକୃତିକ ଅବସ୍ଥାରେ, ଉଲଗ୍ନ; touch person on the raw ମର୍ମସ୍ଥଳରେ ଆଘାତ କରି ମାନସିକ କଷ୍ଟଦେବା।
**raw–boned** ବି. କ୍ଷୀଣକାୟ, ଶୀର୍ଣ୍ଣକାୟ।
**rawhide** ବି. କଷ ହୋଇନଥିବା ଚମଡା; ସେଭଳି ଚମଡାରେ ତିଆରି ଦଉଡି ବା ଚାବୁକ।
**Rawlplug** ବି. *ସ୍ବ.* କଣ୍ଟା ବା ପେଚକୁ ଯନ୍ତ୍ରପାତିରେ ସୁଦୃଢ଼ ରଖିବା ପାଇଁ ବ୍ୟବହୃତ ପତଳା, ବର୍ତ୍ତୁଳ ଗୋଜ ବା ପ୍ଲଗ୍।
**raw material** ବି. କଞ୍ଚା ମାଲ।
**ray**[1] ବି. କିରଣ, ରଶ୍ମି; ଆଲୋକ ରେଖା; ବ.ବ.ରେ ନିର୍ଦ୍ଦିଷ୍ଟ ଧରଣର ବିକିରଣ (ତେଜସ୍କ୍ରିୟ); ମଙ୍ଗଳକର ବା ଶୁଭଙ୍କର ପ୍ରଭାବ; ସମ୍ପୂର୍ଣ୍ଣ ପୁଷ୍ପର କିଛି ଅଂଶ (ଯଥା ଡେଜି)।
**ray**[2] ବି. ବଡ, ଚେପ୍ଟା, ଖାଦ୍ୟୋପଯୋଗୀ ଶାର୍କଜାତୀୟ ସାମୁଦ୍ରିକ ମାଛ ବିଶେଷ।
**ray**[3] ବି. (ପାଶ୍ଚାତ୍ୟ ସଙ୍ଗୀତ) ମେଜର୍ ସ୍କେଲ୍‌ର ଦ୍ୱିତୀୟ ନୋଟ୍ ବା ସ୍ୱର।
**rayon** ବି. ରେୟନ୍; ସେଲୁଲୋଜ୍‌ରୁ ପ୍ରସ୍ତୁତ ତନ୍ତୁ ବା ଲୁଗା।
**raze** କ୍ରି. ସମ୍ପୂର୍ଣ୍ଣ ଧ୍ୱଂସ ବା ଭୂମିସାତ୍ କରିଦେବା।

Digitized by srujanika@gmail.com

**razor** ବି. କ୍ଷୁର; ଖୁର; ଉସ୍ତରା (ମୁଖ୍ୟତଃ ଚର୍ମରୁ କେଶ କ୍ଷୌର କରିବା ପାଇଁ ଉଦ୍ଦିଷ୍ଟ)।

**razor–bill** ବି. ତୀକ୍ଷ୍ଣଚଞ୍ଚୁ ବିଶିଷ୍ଟ ଅକ୍ (auk) ନାମକ ସାମୁଦ୍ରିକ ପକ୍ଷୀ।

**razor–blade** ବି. ଉସ୍ତରା ବା କ୍ଷୁରର ଶାଣିତ ଧାତବ ଫଳକ।

**razor–edge** ବି. ସୁତୀକ୍ଷ୍ଣ ଧାର; କ୍ଷୁରଧାର; ସଙ୍କଟଜନକ ପରିସ୍ଥିତି; ସୁସ୍ପଷ୍ଟ ବିଭାଜନ ରେଖା; ତୀକ୍ଷ୍ଣ, ସଂକୀର୍ଣ୍ଣ (ପର୍ବତ) ଶିଖର।

**razzle** ବି. *ଗ୍ରା.ପ୍ର.* ଫୁର୍ତ୍ତିଭରା ପରିଭ୍ରମଣ; ବେପରବାୟ ଭାବରେ ଖର୍ଚ୍ଚ କରି ବୁଲିବା ବା ଜିନିଷ ପତ୍ର କିଣାକିଣି କରିବା।

**razzle–dazzle** ବି. *ଗ୍ରା.ପ୍ର.* ଉତ୍ସାହ, ଧାଁ ଦଉଡ, କର୍ମତତ୍ପରତା, କାର୍ଯ୍ୟବ୍ୟସ୍ତତା; ଫୁର୍ତ୍ତିଭରା ପରିଭ୍ରମଣ; ବେପରୱାୟ ଖରିଦ; ମାତ୍ରାଧିକ ବା ଖର୍ଚ୍ଚ ବହୁଳ ପ୍ରଚାର।

**razzmatazz** ବି. ଉତ୍ସାହ; କର୍ମମୁଖରତା; ମାତ୍ରାଧିକ ବା ଖର୍ଚ୍ଚବହୁଳ ପ୍ରଚାର; ନିଷ୍ଠାହୀନ କାର୍ଯ୍ୟ; ପ୍ରତାରଣାପୂର୍ଣ୍ଣ ବ୍ୟବହାର ବା କାର୍ଯ୍ୟ।

**Rb** *ପ୍ର.* rubidium ରୁବିଡିୟମ୍।

**RC** *ସଂଶ.* Roman Catholic ରୋମାନ୍ କେଥଲିକ୍।

**RCA** *ସଂଶ.* Royal College of Art ରୟେଲ୍ କଲେଜ୍ ଅଫ୍ ଆର୍ଟ୍।

**RCM** *ସଂଶ.* Royal College of Music ରୟେଲ୍ କଲେଜ୍ ଅଫ୍ ମ୍ୟୁଜିକ୍।

**RCP** *ସଂଶ.* Royal College of Physicians ରୟେଲ୍ କଲେଜ୍ ଅଫ୍ ଫିଜିସିଆନ୍ସ୍।

**RCS** *ସଂଶ.* Royal College of Science ରୟେଲ୍ କଲେଜ୍ ଅଫ୍ ସାଇନ୍ସ; Royal College of Surgeons ରୟେଲ୍ କଲେଜ୍ ଅଫ୍ ସର୍ଜନ୍ସ୍; Royal Corps of Signals ରୟେଲ୍ କୋର୍ ଅଫ୍ ସିଗ୍ନାଲସ୍।

**Rd** *ସଂଶ.* road ରାସ୍ତା।

**Re** *ପ୍ର.* rhenium ରେନିଅମ୍; rupee ରୁପି।

**'re** *ସଂଶ.* are (we're, they're).

**re**[1] *ପୂ.ପ୍ର.* ସମୟସମୟରେ ସ୍ୱରବର୍ଣ୍ଣ ପୂର୍ବରୁ red– (redolent); କ୍ରିୟା ପୂର୍ବରୁ ସଂଯୁକ୍ତ ପୁନଃ, ପରସ୍ପର ସୂଚକ (react, resemble); ବିପରୀତାର୍ଥବୋଧକ (repel, resist); ପଛରେ, ପଶ୍ଚାଦ୍‌ଭାଗରେ (relic, remain); ଅବସର ବା ଗୋପନୀୟତା (recluse, repress); ଦୂରକୁ, ତଳକୁ (recede, relegate, repress); ପୁନଃପୌନିକ ବା ପ୍ରବଳ ଶକ୍ତିର ସୂଚକ (redouble, refine, resplendent); ନଞ୍ଜ ଅର୍ଥ ସୂଚକ (recant, reveal), ପୂର୍ବପ୍ରତ୍ୟୟ।

**re**[2] *ପୂ.ପ୍ର.* କ୍ରିୟାପଦ ସହିତ ସଂଯୁକ୍ତ ପୂର୍ବପ୍ରୟୋଗ– ଆଉଥରେ, ନୂଆକରି, ପଛକୁ ଫେରି ଆସିବା, ପୁଣିଥରେ ପ୍ରଭୃତି ଅର୍ଥବ୍ୟଂଜକ ଭାବରେ; 'e'ରେ ଆରମ୍ଭ ହେଉଥିବା ଶବ୍ଦରେ, ବା ଅଧିକ ପରିଚିତ ଏକ ଶବ୍ଦ ରୂପଠାରୁ ପାର୍ଥକ୍ୟ ସୂଚାଇବା ପାଇଁ, ହାଇଫେନ୍ ସଂଯୁକ୍ତ ହୁଏ ଯଥା re–enact, re–form.

**re** ray[3]ର *ବିକ.*।

**RE** *ସଂଶ.* Royal Engineers ରୟେଲ୍ ଇଞ୍ଜିନିୟରସ୍।

**reach** 1. *କ୍ରି.* ଛୁଇଁବା ବା ପହଞ୍ଚିବା; *ଲାକ୍ଷ. ସାହି.* ଛୁଇଁବା ଭଳି ଅଙ୍ଗଭଙ୍ଗୀ କରିବା ବା ଚେଷ୍ଟା କରିବା; ଯେତେ ପର୍ଯ୍ୟନ୍ତ ଯାଇ ହେବ, ଯିବା; ହାତ ବା ଟେଲିଫୋନ୍ ମାଧମରେ ସଂପର୍କ ସ୍ଥାପନ କରିବା; ବଢ଼େଇବା; 2. ପହୁଞ୍ଚ; ପ୍ରଭାବ, ବିସ୍ତାର; ଯେତେ ଦୂର ଦେଖି ହେବ ବା କଳ୍ପନା କରିହେବ।

**reach–me–down** ବି. *କ.ଭା.* ରେଡିମେଡ୍ ବା ପୂର୍ବପ୍ରସ୍ତୁତ ପୋଷାକ।

**react** *କ୍ରି.* ପ୍ରତିକ୍ରିୟା ପ୍ରକାଶ କରିବା; କୌଣସି ପ୍ରଭାବ ଯୋଗୁଁ ପରିବର୍ତ୍ତନ ଦେଖାଯିବା; ବିକାର ଜାଗ୍ରତ ହେବା, ପଛେଇ ଯିବା।

**reaction** ବି. ପ୍ରତିକ୍ରିୟା, ପ୍ରତିବେଦନା; (ରାଜନୀତି) ପୂର୍ବାବସ୍ଥାକୁ ପ୍ରତ୍ୟାବର୍ତ୍ତନ ବା ପରିବର୍ତ୍ତନର ବିରୋଧ; *ରସା.* ରାସାୟନିକ ପରିବର୍ତ୍ତନବେଳେ ବସ୍ତୁଗୁଡିକର ପରସ୍ପର କ୍ରିୟା।

**reactionary** 1. ବିଂ. ପ୍ରତିକ୍ରିୟାଶୀଳ, *ବିଶେ.* ରାଜନୀତିରେ; 2. ବି. ପ୍ରତିକ୍ରିୟାଶୀଳ ବ୍ୟକ୍ତି।

**reactivate** *କ୍ରି.* ପୁଣିଥରେ କ୍ରିୟାଶୀଳ ଅବସ୍ଥାକୁ ଫେରାଇ ଆଣିବା।

**reactive** ବିଂ. ପ୍ରତିକ୍ରିୟା ଦେଖାଉଥିବା।

**reactor** ବି. (ପୂର୍ଣ୍ଣରୂପ nuclear reactor) ଆଣବିକ ଶକ୍ତିକେନ୍ଦ୍ର।

**read** 1. *କ୍ରି.* (*ଅ.କା. ଅ.କ୍ରି.ଜ.ପ.* read) ପଢ଼ିବା, ପାଠ କରିବା; ଅଧ୍ୟୟନ ବା ଆବୃତ୍ତି କରିବା; (ମାନସିକ) ବ୍ୟାଖ୍ୟା କରିବା; ଅର୍ଥ

Digitized by srujanika@gmail.com

ପ୍ରକାଶ କରିବା; କାର୍ଯ୍ୟ ବା କଥାର ବ୍ୟାଖ୍ୟା କରିବା; ପାଠ କରି ଅଭିଳଷିତ ଅବସ୍ଥା ପ୍ରାପ୍ତ ହେବା (read myself to sleep); ବିଂ. ପାଠୁଆ, ବିଜ୍ଞ (well-read); କଂପ୍ୟୁଟରେ ତାଟା ନକଲ କରିବା ବା ବଦଳ କରିବା; 2. ବି. ପଠନର ଅବଧି; read between the lines ଅନ୍ତର୍ନିହିତ ନିଗୂଢ଼ ଅର୍ଥ ଖୋଜି ବାହାର କରିବା; read into ଏଭଳି ବୁଝାଯାଉଛି ବୋଲି ମନେ କରିବା; read up ବିଶେଷ ଅଧ୍ୟୟନ କରିବା (କୌଣସି ଏକ ବିଷୟରେ); take as read ବାସ୍ତବରେ ପଢ଼ା ନ ହୋଇ ବା ଆଲୋଚିତ ନ ହୋଇ ସେଭଳି ଗ୍ରହଣ କରିନେବା ।

**readable** ବିଂ. ପଠନୀୟ; ପାଠ କରିବା ଯୋଗ୍ୟ; କ୍ରି.ବିଂ. readably.

**reader** ବି. ପାଠକ; ଯେ ଗୀର୍ଜାରେ ବଡ଼ପାଟିରେ ପାଠ ବା ଆବୃତ୍ତି କରନ୍ତି; ଭାଷାଶିକ୍ଷା ପାଇଁ ଉଦ୍ଦିଷ୍ଟ ପାଠାଂଶର ପୁସ୍ତକ; ଯେଉଁ ଯନ୍ତ୍ରରୁ ମାଇକ୍ରୋଫିଲ୍ମ୍‌ର ପ୍ରତିଫଳିତ ଚିତ୍ର ପାଠ କରାଯାଏ; ବିଶ୍ୱବିଦ୍ୟାଳୟପ୍ରଭୃତିରେ ଉଚ୍ଚତର ପାହ୍ୟାର ଅଧ୍ୟାପକ; ପ୍ରାଧ୍ୟାପକ; ପ୍ରକାଶନ ପାଇଁ ଦାଖଲ ହୋଇଥିବା ପାଣ୍ଡୁଲିପି ପାଠ କରି ସୁପାରିଶ କରିବାପାଇଁ ପ୍ରକାଶକଦ୍ୱାରା ନିଯୁକ୍ତ ବ୍ୟକ୍ତି; ପ୍ରୁଫ୍ ସଂଶୋଧନକାରୀ ।

**readership** ବି. ପତ୍ରପତ୍ରିକାର ପାଠକଗଣ ।

**readily** କ୍ରି.ବିଂ. ଅନିଚ୍ଛା ପ୍ରଦର୍ଶନ ନ କରି; ଇଚ୍ଛା ସହକାରେ; ବିନା କଷ୍ଟରେ ।

**readiness** ବି. ପ୍ରସ୍ତୁତି; ସମ୍ମତି; ସୁବିଧା; ଯୁକ୍ତି ବା କାର୍ଯ୍ୟରେ ପ୍ରତ୍ୟୁତ୍ପନ୍ନମତିତା ।

**reading** ବି. ପଠନ; ଅଧ୍ୟୟନ; ପାଠ୍ୟବହି; ସାହିତ୍ୟ ଜ୍ଞାନ; ବ୍ୟାଖ୍ୟା; ମତାମତ; ସର୍ବସାଧାରଣରେ ଆବୃତ୍ତି ।

**reading-room** ବି. କ୍ଲବ୍, ପାଠାଗାର ପ୍ରଭୃତିରେ ସାମୂହିକ ପଠନ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ ।

**ready** 1. ବିଂ. ପ୍ରସ୍ତୁତ; ପୂର୍ଣ୍ଣ ପ୍ରସ୍ତୁତି ସହ; ସଜ୍ଜିତ; ଉତ୍ସାହୀ; ଉଦ୍ୟତ (a bud ready to burst); 2. କ୍ରି.ବିଂ. ପୂର୍ବରୁ; ସମୟ ଆସିଲେ କରିବା ଆବଶ୍ୟକ ନ ଥିବା (ready-mixed paints); କ.ଭା. ହାତରେ ଥିବା (ପଇସାପତ୍ର) (ready cash); 3. କ୍ରି. ପ୍ରସ୍ତୁତ କରିବା; at the ready କାର୍ଯ୍ୟ ପାଇଁ ପ୍ରସ୍ତୁତ; make ready ପ୍ରସ୍ତୁତ କରିବା ।

**ready-made** ବି.ବିଂ. କିଣି ପିନ୍ଧିବା ପାଇଁ ପ୍ରସ୍ତୁତ (ପୋଷାକପ୍ରଭୃତି) ।

**ready money** ବିଂ. ପ୍ରକୃତ ମୁଦ୍ରା ବା ନୋଟ୍; ତୁରନ୍ତ ପଇସା ପଇଠ ।

**ready reckoner** ବି. ବ୍ୟବସାୟ ପ୍ରଭୃତିରେ ଦରକାରୀ ହିସାବ ପତ୍ରର ପୁସ୍ତକ ବା ସାରଣୀ ।

**reagent** ବି. ରସା. ରାସାୟନିକ ପ୍ରକ୍ରିୟା ଘଟାଉଥିବା ବସ୍ତୁ (ବିଶେ. ଅନ୍ୟ ଏକ ବସ୍ତୁର ସନ୍ଧାନ ପାଇଁ) ।

**real**[1.] 1. ବିଂ. ପ୍ରକୃତ; ବାସ୍ତବ; *ଆଇନ* ଜମିବାଡ଼ିପ୍ରଭୃତି ଅସ୍ଥାବର ସମ୍ପତ୍ତି (real estate); କ୍ରୟ ଶକ୍ତି ସୂଚକ (real wages); 2. କ୍ରି.ବିଂ. *ଆମେ.* ସ୍କଟ୍. କ.ଭା. ପ୍ରକୃତରେ, ସତରେ ।

**real**[2.] ବି. ଇତି. ସ୍ପେନିଶ୍‌ଭାଷୀ ଅଞ୍ଚଳରେ ଏକଦା ପ୍ରଚଳିତ ରୌପ୍ୟମୁଦ୍ରା ।

**realign** କ୍ରି. ପୁଣିଥରେ ସମପର୍ଯ୍ୟାୟଭୁକ୍ତ କରିବା ବା ହେବା; ପୁଣିଥରେ ଏକ ସରଳରେଖାରେ ସଜ୍ଜିତ କରିବା; (ରାଜନୀତିରେ) ପୁନର୍ବିନ୍ୟାସ କରିବା; ବି. realignment.

**realism** ବି. ବାସ୍ତବବାଦ; ବସ୍ତୁ ବା ଘଟଣାଗୁଡ଼ିକୁ ସେଗୁଡ଼ିକର ନିଜସ୍ୱ ସ୍ୱଭାବମତେ ବିଚାର କରିବା ଏବଂ ସେଗୁଡ଼ିକ ଯାହା ସେହି ପ୍ରକାରେ ଦେଖିବା; ପରିବେଷଣ ବା ପରିପ୍ରକାଶରେ ପ୍ରକୃତି ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ; ଦ. ବସ୍ତୁ ସ୍ୱାତଂତ୍ର୍ୟବାଦ, ଅମୂର୍ତ୍ତଧାରଣାଗୁଡ଼ିକର ବାସ୍ତବ ସ୍ଥିତି ବିଦ୍ୟମାନ–ଏହି ତତ୍ତ୍ୱ ।

**realist** ବି. ବାସ୍ତବବାଦୀ ।

**realistic** ବିଂ. ବାସ୍ତବବାଦ ଅନୁସାରୀ; ବସ୍ତୁଗୁଡ଼ିକର ନିଜସ୍ୱ ପ୍ରକୃତି ଅନୁସାରେ ବିବେଚନା କରୁଥିବା; ଆଦର୍ଶ ନୁହେଁ, ବାସ୍ତବ ଘଟଣା ଉପରେ ଆଧାରିତ; କ୍ରି.ବିଂ. realistically.

**reality** ବି. ବାସ୍ତବତା; ଯାହା ବାସ୍ତବ ବା ବିଦ୍ୟମାନ; ପରିଦୃଶ୍ୟମାନ ବସ୍ତୁର ଅନ୍ତର୍ନିହିତ ସତ୍ତା; ମୂଳବସ୍ତୁ ଭଳି ଦେଖାଯାଉଥିବା ବସ୍ତୁ; ସତ୍ୟ; ପ୍ରକୃତ ଘଟଣା ।

**realize** କ୍ରି. ସଂପୂର୍ଣ୍ଣ ସଚେତନ ହେବା; ବାସ୍ତବ ଭାବେ ଗ୍ରହଣ କରିବା; ସ୍ପଷ୍ଟରୂପେ ବୁଝିଯିବା; ଟଙ୍କା ପଇସାରେ ପରିଣତ କରିବା; (ପ୍ରାୟ କର୍ମବାଚ୍ୟରେ) ବାସ୍ତବରେ ପରିଣତ କରିବା; ଲାଭ ହାସଲ କରିବା; ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରୀ ହେବା; ବିଂ. realizable; ବି. realization.

Digitized by srujanika@gmail.com

**really** କ୍ରି.ବିଂ. ବାସ୍ତବରେ; ସତରେ; ପ୍ରକୃତରେ; ମୃଦୁ ପ୍ରତିବାଦ ବା ବିସ୍ମୟର ପରିପ୍ରକାଶ।
**realm** ବି. ରାଜ୍ୟ, ସାମ୍ରାଜ୍ୟ, ଦେଶ; ମଣ୍ଡଳ; ରାଷ୍ଟ୍ର।
**real money** ବି. ଟଙ୍କା ପଇସା; ନଗଦ।
**real tennis** ବି. ଭିତର କୋର୍ଟରେ ଖେଳା ଯାଉଥିବା ଟେନିସ୍‌ର ମୂଳରୂପ।
**real time** ବି. ସଠିକ ସମୟ (କଂପ୍ୟୁଟର୍)।
**realty** ବି. ସ୍ଥାବର ସଂପତ୍ତି।
**ream** ବି. ୨୦ ଦିସ୍ତା କାଗଜ (ଦିସ୍ତା= ୨୪ ଫର୍ଦ୍ଦ); ବ.ବରେ ବିପୁଳ ପରିମାଣରେ ଲେଖା ବା ସାହିତ୍ୟ।
**reap** କ୍ରି.କାଟିବା; ଫସଲ ଅମଳ କରିବା; ଦାଇବା; ଫସଲ ସଂଗ୍ରହ କରିବା; ନିଜର ବା ଅନ୍ୟ କାହାରି କାର୍ଯ୍ୟର ଫଳ ଭୋଗ କରିବା।
**reaper** ବି. (ଶସ୍ୟ) କଟାଳି; କାଟିବା ବା ଦାଇବା ବ୍ୟକ୍ତି; ଧାନ ବା ଫସଲ କଟା ଯନ୍ତ୍ର; the Reaper ମାନବୀକୃତ ମୃତ୍ୟୁ।
**reappraise** କ୍ରି. ଆଉଥରେ ଜଣାଇଦେବା; ପୁନର୍ବିଚାର କରିବା; ବି. reappraisal.
**rear**[1.] 1. ବି. ପଛ; ପଶ୍ଚାଦ୍‌ଭାଗ; କୌଣସି ବସ୍ତୁର ପଛପାଖ; କ.ଭା. ନିତମ୍ବ; 2. ବିଂ. ପଛରେ ଥିବା; ପଶ୍ଚାତ୍; bring up the rear ଶେଷରେ ଆସିବା।
**rear**[2.] କ୍ରି. ପାଳିପୋଷି, ପାଠ ପଢ଼େଇ ବଡ଼ କରିବା; ପ୍ରତିପାଳନ କରିବା; (ଜୀବଜନ୍ତୁ) ପ୍ରଜନନ କରାଇ ପ୍ରତିପୋଷଣ କରିବା; ଚାଷ କରିବା; (ଘୋଡା ପ୍ରଭୃତି) ପଛ ଦୁଇ ଗୋଡରେ ଠିଆ ହେବା; ଠିଆ କରାଇବା; ଅତି ଉଚ୍ଚକୁ ଉନ୍ନୀତ କରିବା।
**Rear Admiral** ବି. ନୌସେନାର ଭାଇସ୍ ଏଡ୍‌ମିରାଲ୍‌ଙ୍କ ଅଧସ୍ତନ ଉଚ୍ଚପଦାଧିକାରୀ।
**rearguard** ବି. ସୈନ୍ୟ ବାହିନୀର ପୃଷ୍ଠଭାଗ ରକ୍ଷାକାରୀ ଦଳ।
**rearguard action** ବି. ପୃଷ୍ଠଭାଗ ସୈନ୍ୟ ଏବଂ ଶତ୍ରୁ ସୈନ୍ୟ ମଧ୍ୟରେ ସଂଘର୍ଷ।
**rear-lamp (light)** ବି. ଯାନବାହନର ପଛ ପାଖରେ ଥିବା (ସାଧାରଣତଃ ଲାଲ୍) ବତୀ।
**rearm** କ୍ରି. ପୁଣିଥରେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରିବା (ବିଶେ. ଆଧୁନିକ ଅସ୍ତ୍ରଶସ୍ତ୍ରରେ); ବି. rearmament.
**rearmost** ବିଂ. ସବୁଠାରୁ ପଛରେ ଥିବା।
**rearrange** କ୍ରି. ଆଉଥରେ ସଜେଇବା; ପୁନର୍ସଜ୍ଜୀକରଣ; ବି. rearrangement.
**rearward** 1. ବି. ପଛ, ବିଶେ. ଅବ୍ୟୟପଦୀ ଗୁଡିକରେ (to the rearward of, in the rearward); 2. ବିଂ. ପଛରେ; 3. କ୍ରି.ବିଂ. (rearwardsମଧ୍ଯ) ପଛଆଡକୁ।
**reason** 1. ବି.ଉଦ୍ଦେଶ୍ୟ, କାରଣ ବା ଯୁକ୍ତିଯୁକ୍ତତା; ହେତୁ; ଆଳ; ବୁଦ୍ଧି ବା ବିଚାରସମ୍ମତ ଆଚରଣ; ଭଲ–ମନ୍ଦ, ଭୁଲ–ଠିକ୍ ଜାଣିପାରିବାର ସାମର୍ଥ୍ୟ; ଯୁକ୍ତିବାଦୀ ଆଚରଣ; 2. କ୍ରି. ପରସ୍ପର ସଂପୃକ୍ତ ଚିନ୍ତାଧାରା ସାହାଯ୍ୟରେ ସିଦ୍ଧାନ୍ତରେ ଉପନୀତ ହେବାକୁ ଉଦ୍ୟମ କରିବା ବା ହେବା; ଯୁକ୍ତିଦ୍ଵାରା ପ୍ରବର୍ତ୍ତାଇବା; ଗଭୀର ଅନୁଶୀଳନ କରିବା; ଯୁକ୍ତିଯୁକ୍ତ ବା ତାର୍କିକ ଉପାୟରେ ଭାବପ୍ରକାଶ କରିବା; by reason of କାରଣରୁ, ହେତୁରୁ; in (within) reason ପ୍ରଶମନର ସୀମା ମଧ୍ୟରେ; with reason ଯୁକ୍ତି ବା କାରଣ ସହ।
**reasonable** ବିଂ. ସ୍ଥିର ସିଦ୍ଧାନ୍ତ ବା ପ୍ରଶମନ ସହ ସୈଦ୍ଧାନ୍ତିକ; ବିଚାରବୁଦ୍ଧି ସମ୍ପନ୍ନ; ଅଧିକ ଆଶା ନରଖି; ଖର୍ଚ୍ଚ ବହୁଳ ନ ହୋଇଥିବା; ଠିକ୍; ଉଚିତ; ସହନସୀମା ଭିତରେ; ଯୁକ୍ତିଯୁକ୍ତ କଥା ଶୁଣିବା ପାଇଁ ସମ୍ମତ; କ୍ରି.ବିଂ. reasonably.
**reassure** କ୍ରି. ଆତ୍ମବିଶ୍ୱାସ ଫେରେଇ ଆଣିବା; ଭୟ ବା ଆଶଙ୍କା ଦୂର କରିବା; ଧାରଣା ବା ବିଚାର ପ୍ରତି ସମ୍ମତି ଜଣାଇବା; ବି. reassurance.
**reave** କ୍ରି. (ଅ.କ୍ରି.ଭ.ପ. reft) ପ୍ରା.ପ୍ର. ବଳପୂର୍ବକ ଅଧିକାର ବା ହରଣ କରିବା; ବଳପୂର୍ବକ ଅପହରଣ କରିବା; ଟେକି ନେଇଯିବା; ଲୁଟିବା।
**rebate**[1.] ବି. ନିର୍ଦ୍ଧାରିତ ମୂଲ୍ୟ ବା ଦାମ ହ୍ରାସ କରିବା; ରିହାତି; ଛାଡ଼, ଆଂଶିକ ଫେରସ୍ତ।
**rebate**[2.] ଦ୍ର. rabbet.
**rebel** 1. ବି. ବିଦ୍ରୋହୀ; ସ୍ଥିତାବସ୍ଥା, ପ୍ରଚଳିତ ବ୍ୟବସ୍ଥା ବା ପ୍ରଶାସନ, ବା ରାଜାଙ୍କ ବିରୁଦ୍ଧରେ ସଂଗ୍ରାମ କରୁଥିବା ବ୍ୟକ୍ତି; ଗୁଣ ବିଦ୍ରୋହାତ୍ମକ; 2. କ୍ରି. ବିଦ୍ରୋହ କରିବା, ଅସନ୍ତୋଷ ବା କ୍ଷୋଭ ପ୍ରକାଶ କରିବା।
**rebellion** ବି. ବିଦ୍ରୋହ; ପ୍ରଶାସନ ବା ସରକାର ବିରୁଦ୍ଧରେ ଖୋଲାଖୋଲି ସଂଗ୍ରାମ; ସଶସ୍ତ୍ର ବିପ୍ଳବ।

Digitized by srujanika@gmail.com

**rebellious** ବିଂ. ବିଦ୍ରୋହୀ; ବିଦ୍ରୋହାତ୍ମକ; ଆଇନସମ୍ମତ ସରକାରର ବିରୁଦ୍ଧାଚରଣ କରୁଥିବା।

**rebirth** ବି. ନୂଆ ଜନ୍ମ; ପୁନର୍ଜନ୍ମ; ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି; ପୁନର୍ଜୀବନ।

**rebound** 1. କ୍ରି. ଧକ୍କା ଖାଇ ଫେରି ଆସିବା; ଛିଟିକି ଆସିବା; କର୍ତ୍ତା ନିଜ କର୍ମର ବିପରୀତ ପରିଣାମ ଭୋଗିବା; 2. ବି. ପ୍ରତିଘାତ; ପୁନରାବୃତ୍ତି; ଆବେଗ ପରବର୍ତ୍ତୀ ପ୍ରତିକ୍ରିୟା।

**rebuff** 1. ବି. ସାହାଯ୍ୟପ୍ରାର୍ଥୀ, ପ୍ରେମପ୍ରାର୍ଥୀ ବା ସହାନୁଭୂତି ପ୍ରତ୍ୟାଶୀର ପ୍ରତ୍ୟାଖ୍ୟାନ; ବାଧା; ଦମନ; 2. କ୍ରି. ବାଧା ଦେବା ବା ପ୍ରତ୍ୟାଖ୍ୟାନ କରିବା।

**rebuke** 1. କ୍ରି. ଗାଳିଦେବା; ଭର୍ତ୍ସନା କରିବା; 2. ବି. ଗାଳି; ଭର୍ତ୍ସନା।

**rebus** ବି. କୌଣସି ଶବ୍ଦକୁ (ବିଶେ. ନାମ) ଅଂଶାନୁସାରେ ଛବି ମାଧ୍ୟମରେ ପ୍ରଦର୍ଶନ କରିବା।

**rebut** କ୍ରି. ଅସ୍ୱୀକାର କରିବା; ପ୍ରତିବାଦ କରିବା; ପ୍ରତିରୋଧ ବା ବିରୋଧ କରିବା; ବଳପୂର୍ବକ ପଛକୁ ଫେରାଇବା; ବି. rebuttal.

**recalcitrant** ବିଂ. ଘୋର ଏକଜିଦିଆ ଏବଂ ଦୁର୍ବିନୀତ; ଅବାଧ; ନିୟନ୍ତ୍ରଣହୀନ; ଲଗାମଛଡ଼ା; ବି. recalcitrance.

**recall** 1. କ୍ରି. ଫେରିଆସିବା ପାଇଁ ନିର୍ଦ୍ଦେଶ ଦେବା; ସଜାଗ କରିବା; ସ୍ମରଣ କରିବା; ମନେ ପକାଇବା; ପୁନର୍ଜୀବିତ କରିବା ବା ହେବା, ପ୍ରତ୍ୟାହାର କରିନେବା; 2. ବି. ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶ; ସ୍ମାରକ; ସ୍ମରଣ ଶକ୍ତି; ପ୍ରତ୍ୟାହାର।

**recant** କ୍ରି. ପ୍ରତ୍ୟାହାର ବା ପରିତ୍ୟାଗ (ପୂର୍ବ ବିଶ୍ୱାସ ପ୍ରଭୃତି); ସର୍ବସାଧାରଣରେ ଦୋଷ ସ୍ୱୀକାର କରିବା ବା ପୂର୍ବକର୍ମ ପାଇଁ ଅନୁତାପ କରିବା; ବି. recantation

**recap** କ.ଭା. 1. କ୍ରି. ସ୍ମରଣ କରିବା ବା କରାଇବା; 2. ବି. ପୁନଃସ୍ମରଣ, ପୁନଃବର୍ଣ୍ଣନ।

**recapitulate** କ୍ରି. ଆଉଥରେ ସଂକ୍ଷେପରେ ବର୍ଣ୍ଣନା କରିବା; ସଂକ୍ଷିପ୍ତସାର ବା ବିବରଣୀ ପ୍ରଦାନ କରିବା; ମୁଖ୍ୟ ଅଂଶ ଗୁଡ଼ିକ ପୁଣିଥରେ କହିବା।

**recapitulation** ବି. ପୁନର୍ବିବରଣ; ପୁନଃ ସଂସ୍କରଣ; ସଂଗୀତ ପ୍ରାରମ୍ଭିକ ଅଂଶରେ ପରିବେଷିତ କଥାବସ୍ତୁ ବା କଥ୍ୟର ପୁନରୁଚ୍ଚାରଣ।

**recapture** 1. କ୍ରି. ଆଉଥରେ ଧରିବା ବା ବନ୍ଦୀ କରିବା; ଅତୀତର ସ୍ମୃତି ବା ଆବେଗ ଆଉଥରେ ଅନୁଭବ କରିବା।

**recast** 1. କ୍ରି. (ଅ.କା., ଅ.କ୍ରି.କ.ପ. recast) ନୂଆ ଛାଞ୍ଚରେ ଢାଳିବା ବା ପକେଇବା; ପୁନର୍ବିନ୍ୟାସ କରିବା; ସୁବିନ୍ୟସ୍ତ କରିବା; 2. ବି. ପୁନର୍ବିନ୍ୟାସ, ନୂଆ ଛାଞ୍ଚ।

**recce** ସା.ପ୍ର. 1. ବି. ପର୍ଯ୍ୟବେକ୍ଷଣ; ନିରୀକ୍ଷଣ; 2. କ୍ରି. ପର୍ଯ୍ୟବେକ୍ଷଣ ବା ନିରୀକ୍ଷଣ କରିବା।

**recede** କ୍ରି. ପଛେଇ ଯିବା; ଅପସରି ଯିବା; ପଛକୁ ଫେରିଯିବା ବା ଘୁଞ୍ଚିଯିବା, କ୍ରମଶଃ ଅପସୃୟମାନ ହେବା; ଶକ୍ତି, କ୍ଷମତା ବା ମୂଲ୍ୟ ହ୍ରାସ ପାଇବା।

**receipt** ବି. ରସିଦ, ପାଉତି; ପ୍ରାପ୍ତିସ୍ୱୀକାର; ପ୍ରାପ୍ତି; ବ.ବ. ପାଉଥିବା ଟଙ୍କା ପଇସା; ପ୍ରା.ପ୍ର. ରନ୍ଧନ ବା ଔଷଧ ପ୍ରସ୍ତୁତି ପ୍ରଣାଳୀ।

**receive** କ୍ରି. ଗ୍ରହଣ କରିବା; ପାଇବା; ହାତକୁ ଆସିବା; ଯୋଗାଡ଼ କରିବା; ବିରୋଧର ସମ୍ମୁଖୀନ ହେବା; ଆଘାତ ପାଇବା; ଶୁଣାଣି ବା ବିଚାର ପାଇଁ ଗୃହୀତ ହେବା; ଜ୍ଞାତସାରରେ ଚୋରିମାଲ ଗ୍ରହଣ କରିବା; (ସଦସ୍ୟତା) ଗ୍ରହଣ କରିବା; ପ୍ରସାରଣ ସଙ୍କେତ ଶବ୍ଦ ଏବଂ ଆଲୋକ ମାଧ୍ୟମରେ ରୂପାନ୍ତରିତ ହେବା; ଅତିଥି ଭାବେ ସ୍ୱୀକାର କରିବା; ସ୍ୱାଗତ କରିବା ବା ଅଭିବାଦନ ଜଣାଇବା; ପ୍ରାମାଣିକ ବା ସତ୍ୟ ଭାବରେ ସ୍ୱୀକୃତ ହେବା; **be at (on) the receiving end** କ.ଭା. କୌଣସି ଅପ୍ରୀତିକର ପରିସ୍ଥିତିର ତୋଡ ବା ଧକ୍କା ସମ୍ଭାଳିବା।

**received pronunciation** ବି. ଅଧିକ ସଂଖ୍ୟକ ଇଂଲିଶ୍‌ଭାଷୀ ଶିକ୍ଷିତ ଲୋକଙ୍କ ଦ୍ୱାରା ବ୍ୟବହୃତ ଇଂଲିଶ୍ ଭାଷାର ଉଚ୍ଚାରଣ ବା କଥନ ପଦ୍ଧତି।

**receiver** ବି. ଦେବାଳିଆ ବା ପାଗଳ ବ୍ୟକ୍ତିଙ୍କ ସମ୍ପତ୍ତି ବା ମାଲିମୋକଦ୍ଦମାରେ ଜଡିତ ସମ୍ପତ୍ତିର ବୁଝାଶୁଣା କରିବା ପାଇଁ ନ୍ୟାୟାଳୟଦ୍ୱାରା ଅଧିକାରପ୍ରାପ୍ତ ବ୍ୟକ୍ତି; ଚୋରିମାଲ ଗ୍ରହଣ କରୁଥିବା ବ୍ୟକ୍ତି; (ଯନ୍ତ୍ରପାତିରେ) ଗ୍ରହଣ କରୁଥିବା ଅଂଶ, ଯଥା ଟେଲିଫୋନ୍‌ର ରିସିଭର; ବେତାର ବା ଦୂରଦର୍ଶନର ସଙ୍କେତ ଗ୍ରହଣ କରୁଥିବା ଯନ୍ତ୍ର, ଯଥା ରେଡିଓ।

Digitized by srujanika@gmail.com

**recent** 1. ବିଂ. ନିକଟ ଅତୀତ; ଯାହା ଅଳ୍ପ ସମୟ ବା ଅଳ୍ପ କାଳ ପୂର୍ବରୁ ଆରମ୍ଭ ହୋଇଛି ବା ଘଟିଛି; ସାଂପ୍ରତିକ; ଅଧୁନାତନ; Recent ଭୂତାତ୍ତ୍ୱିକ ଚତୁର୍ଥାଂଶ କାଳର ଶେଷ ସମୟ, ସାଂପ୍ରତିକ କାଳ; କ୍ରି.ବିଂ. recently.

**receptacle** ବି. ପାତ୍ର; ଆଧାର; ଧାରଣ କରୁଥିବା ସ୍ଥାନ, ଜାଗା ବା ପାତ୍ର; ଫୁଲର ଅଂଶଗୁଡ଼ିକର ମୂଳ ବା ପୁଷ୍ପମୂଳ; କୌଣସି ସମୂହର ଅକ୍ଷ ବା କେନ୍ଦ୍ରସ୍ଥଳ।

**reception** ବି. ଗ୍ରହଣ; ପ୍ରାପ୍ତି; ସ୍ୱାଗତ; ଅଭିନନ୍ଦନ; ଅଭ୍ୟର୍ଥନା; ବିବାହ ପ୍ରଭୃତି ପରେ ଅତିଥିମାନଙ୍କ ପାଇଁ ଆୟୋଜିତ ସାମାଜିକ ମିଳନ; ସ୍ୱାଗତ ବା ଅଭ୍ୟର୍ଥନା ପାଇଁ ଉଦ୍ଦିଷ୍ଟ ସ୍ଥାନ ବା ବିଭାଗ (ହୋଟେଲ୍, ଅଫିସ୍ ପ୍ରଭୃତିରେ); ପ୍ରସାରଣ ସଙ୍କେତ ଗ୍ରହଣ ବା ତାହାର ଗୁଣବତ୍ତା।

**receptionist** ବି. ଅତିଥି, ରୋଗୀ, ମକ୍‌କିଲ୍ ପ୍ରଭୃତିଙ୍କୁ ଅଭ୍ୟର୍ଥନା ଜଣାଇବା ପାଇଁ ନିଯୁକ୍ତ ବ୍ୟକ୍ତି; ଅଭ୍ୟର୍ଥନାକାରୀ।

**reception room** ବି. ଆଗନ୍ତୁକ ବା ଅତିଥିମାନଙ୍କୁ ସ୍ୱାଗତ ବା ଅଭ୍ୟର୍ଥନା ଜଣାଇବା ନିମନ୍ତେ ଉଦ୍ଦିଷ୍ଟ ପ୍ରକୋଷ୍ଠ।

**receptive** ବିଂ. ଗ୍ରହଣକ୍ଷମ; ଧାରଣକ୍ଷମ; ବିଚାରଧାରା, ପ୍ରଭାବ ପ୍ରଭୃତି ଗ୍ରହଣ କରିବାରେ ସକ୍ଷମ; କ୍ରି.ବିଂ. receptively; ବି. receptiveness.

**recess** 1. ବି. କାନ୍ଥରେ କଡ଼ା ହୋଇଥିବା ଖାଲି ସ୍ଥାନ; ଠଣା; ନିଭୃତ ବା ଗୋପନୀୟ ସ୍ଥାନ; ବିରତି; ଅବସର; ବିରାମ; ସାମୟିକ କାର୍ଯ୍ୟବିରତି; (ବିଶେ. ସଂସଦରେ) ମୁଲତବି; 2. କ୍ରି. ଠଣା ବା ସେଭଳି ସ୍ଥାନ ତିଆରି କରିବା; ମୁଲତବି ରଖିବା; ବିରତି ନେବା।

**recession** ବି. ଆର୍ଥନୀତିକ ଅଭିବୃଦ୍ଧି ବା ସମୃଦ୍ଧିରେ ସାମୟିକ ପ୍ରତିଗମନ ବା ପତନ; ନିର୍ଦ୍ଧାରିତ ସ୍ଥାନରୁ ଅପସାରଣ ବା ପ୍ରତିଗମନ।

**recessional** 1. ବିଂ. ସେବାପରେ ପୁରୋହିତ ଏବଂ ଗାୟକବୃନ୍ଦ ଅପସରି ଯିବାପରେ ଗାନ କରାଯାଉଥିବା ଗୀତ; 2. ବି. ସେ ସମୟରେ ଗାନ କରାଯାଉଥିବା ଭକ୍ତି ସଂଗୀତ।

**recessive** ବିଂ. ଅପସୃୟମାନ; ଅପସରି ଯାଉଥିବା; କୌଣସି ପ୍ରାଧାନ୍ୟ ବିସ୍ତାରକାରୀ ଗୁଣ ଯୋଗୁଁ (ଅନ୍ୟ ଏକ ଗୁଣ) ଅବିକଶିତ ରହିଯିବା।

**recherche** (ରଶେର୍ଶେଇ) ବିଂ. ଯତ୍ନର ସହ ବା କଷ୍ଟ ସହକାରେ ପ୍ରାପ୍ତ ବା ନିର୍ମିତ; ସୁଦୂରପରାହତ।

**rechristen** କ୍ରି. ନୂଆ ନାମ ଦେବା; *ଖ୍ରୀ.* ତୁବନ ଯୋଗେ ଖ୍ରୀଷ୍ଟିୟାନ ଧର୍ମରେ ଗ୍ରହଣ କରିବା।

**recidivist** ବି. ପୁଣିଥରେ ଅପରାଧ କରିଥିବା ବା ଅପରାଧ ଜଗତକୁ ଫେରି ଆସିଥିବା; ବି. recidivism.

**recipe** (ରେସିପି) ବି. ରନ୍ଧନ ପ୍ରଣାଳୀ ଏବଂ ଆବଶ୍ୟକ ଉପାଦାନ; ଡାକ୍ତରୀ ବ୍ୟବସ୍ଥାପତ୍ର; ଉପଯୋଗୀ ବସ୍ତୁ।

**recipient** ବି. ପ୍ରାପକ; ଗ୍ରହୀତା; ଗ୍ରହଣକାରୀ।

**reciprocal** 1. ବିଂ. ବଦଳରେ, ପରସ୍ପର (reciprocal love); ପରସ୍ପର ସମ୍ବନ୍ଧସୂଚକ; କ୍ରି.ବିଂ. reciprocally.

**reciprocate** କ୍ରି.ପରସ୍ପର ଦିଆନିଆ ବା ଆଦାନ ପ୍ରଦାନ କରିବା; ପରସ୍ପର ବଦଳ କରିବା; ସୁଝିବା (ଉପକାର ବା ସାହାଯ୍ୟ); (ଯନ୍ତ୍ରପାତିର ଅଂଶ) ଆଗକୁ ପଛକୁ ହେବା; ବି. reciprocation.

**reciprocity** ବି. ପରସ୍ପର ସମ୍ପର୍କର ସ୍ଥିତି; ପରସ୍ପର କାର୍ଯ୍ୟ; ଦିଆନିଆ ବା ଆଦାନ ପ୍ରଦାନ (ବିଶେ. ସୁବିଧା ସୁଯୋଗ)।

**recital** ବି. ଆବୃତ୍ତି; ପରସ୍ପର ସଂପୃକ୍ତ ଘଟଣା ବା ତଥ୍ୟ ଗୁଡ଼ିକର ବିସ୍ତୃତ ବିବରଣୀ; ଜଣେ ସଙ୍ଗୀତଜ୍ଞ ବା ଶିଳ୍ପୀଦ୍ୱାରା (ବିନା ସଂଗତରେ) କାର୍ଯ୍ୟକ୍ରମ ପରିବେଷଣ।

**recitation** ବି. ଆବୃତ୍ତି, ଆବୃତ୍ତ ପାଠ ବା କବିତା।

**recitative** ବି. ଓରେଟୋରିଓ ଏବଂ ଅପେରାରେ ବର୍ଣ୍ଣନା ବା ସଂଳାପ ପରିବେଷଣ ବେଳେ ସାଧାରଣତଃ ବ୍ୟବହୃତ ସାଂଗୀତିକ ଶୈଳୀ।

**recite** କ୍ରି. ଆବୃତ୍ତି କରିବା; ସ୍ମୃତିରୁ ବଡ଼ ପାଟିରେ ବୋଲିବା ବା ସଂଗୀତାତ୍ମକ ଭାବରେ ପରିବେଷଣ କରିବା; ଶୁଣିବା ଭଳି କହିବା।

**reckless** ବିଂ. ଅପରିଣାମଦର୍ଶୀ, ବିପଦ ବା ପରିଣାମ ପ୍ରତି ବେପରବାୟ; ହୁଙ୍କାପିଟା; ବେଖାତିର।

**reckon** କ୍ରି. ଗଣତି କରିବା, ହିସାବ କରିବା; ହିସାବ ବା ଗଣତିକୁ ନେବା; ବିଚାର କରିବା; reckon on ବିଶ୍ୱାସ ବା ଭରସା ରଖିବା;

Digitized by srujanika@gmail.com

ଯୋଜନାର ଭିତ୍ତି ରୂପେ ଗ୍ରହଣ କରିବା; reckon with ଗଣତି ବା ହିସାବକୁ ନେବା; ହିସାବ ନିକାଶ କରିବା ।

**reckoning** ବି. ଗଣତି ବା ହିସାବ, ବିଚାରଧାରା ବା ମତ; ହିସାବ ନିକାଶ; day of reckoning ହିସାବନିକାଶ, ବୁଝାମଣା ବା ପ୍ରତିଶୋଧର ସମୟ ।

**reclaim** କ୍ରି. (ସଂପତ୍ତି) ଫେରସ୍ତ ପାଇଁ ଦାବି କରିବା; ଜମି ଉଠିଆ କରିବା; (ବିଶେ. ଜଳମଗ୍ନ ଜମି) ଚାଷୋପଯୋଗୀ କରିବା; ପାପ, ଦୋଷ ବା ଅପଚୟରୁ ମୁକ୍ତକରାଇ ଆଣିବା ବା ଉଦ୍ଧାର କରିବା; ଚରିତ୍ର ସୁଧାରିବା; ବିଂ. reclaimable; ବି. reclamation.

**recline** କ୍ରି. ଆଉଜିବା, ଢଳିବା; ଲମ୍ବହୋଇ ଶୋଇବା ।

**recluse** ବି. ଏକାନ୍ତରେ ବା ଅଲଗା ରହୁଥିବା ବ୍ୟକ୍ତି; ବୈରାଗୀ; ସନ୍ନ୍ୟାସୀ; ବିଂ. reclusive.

**recognition** ବି. ସ୍ୱୀକୃତି, ଅନୁମତି; ପ୍ରତିଷ୍ଠା ।

**recognizable** ବିଂ. ଯାହା ଚିହ୍ନିତ ବା ପରିଚିତ ହୋଇପାରେ; କ୍ରି.ବିଂ. recognizably.

**recognizance** ବି. ମୁଚାଲିକା; ଅଙ୍ଗୀକାରପତ୍ର ବା ସେଥିପାଇଁ ଉଦ୍ଦିଷ୍ଟ (ଜାମିନ) ପରିମାଣ ।

**recognize** କ୍ରି. ଚିହ୍ନିବା; ପୁଣି ଚିହ୍ନିପାରି ଗ୍ରହଣ କରିବା; ସ୍ୱଭାବ, ଗୁଣ ବା ପ୍ରକୃତି ଆବିଷ୍କାର କରିବା ବା ବୁଝିପାରିବା; ସ୍ଥିତି, ଯୁକ୍ତିଯୁକ୍ତତା, ସତ୍ୟତା, ଦାବି ବା ଚରିତ୍ର ସ୍ୱୀକାର କରିବା; ମଞ୍ଜୁରି ଦେବା; ଗୁଣ ଚିହ୍ନିବା, ପୁରସ୍କାର ଦେବା ।

**recoil** 1. କ୍ରି. ହଠାତ୍ ପଛକୁ ଫେରିଆସିବା; ଚମକି ଉଠିବା; ଭୟ, ଆଶଙ୍କା ବା ଘୃଣାରେ ମନେ ମନେ ସଙ୍କୁଚିତ ହେବା; ଆଘାତ ବା ଧକ୍କା ଖାଇବା ପରେ ଲେଉଟି ଆସିବା; କର୍ତ୍ତା ଉପରେ କାର୍ଯ୍ୟର ବିପରୀତ ପ୍ରଭାବ ପଡିବା; (ବନ୍ଧୁକ ପ୍ରଭୃତି) ଗୁଳିଗୋଳା ଫୁଟିବା ପରେ ପଛକୁ ଧକ୍କା ଦେବା; 2. ବି. ପଛକୁ ଫେରି ଆସିବା ବା ଧକ୍କା ଖାଇବାର ଅନୁଭୂତି ବା ଆଘାତ ।

**recollect** କ୍ରି. ମନେ ପକେଇବା, ସ୍ମରଣ କରିବା; ହେଜିବା ।

**recollection** ବି. ସ୍ମରଣ ବା ସ୍ମୃତିଶକ୍ତି; ସ୍ମୃତି; ସ୍ମରଣର ଅବଧି ବା କାଳ (happened within my recollection).

**recommend** କ୍ରି. ଚାକିରୀ, ସୁବିଧା ସୁଯୋଗ ବା ବିଚାର ନିମନ୍ତେ ଯୋଗ୍ୟ ବୋଲି ସୁପାରିଶ କରିବା; ଗ୍ରହଣୀୟ ବା ଆଦରଣୀୟ କରିବା; ଜଣକ ଜିମା ଦେବା ବା ମାର୍ଫତରେ ରଖିବା; ବି. recommendation.

**recompense** କ୍ରି. କ୍ଷତିପୂରଣ ଦେବା ବା କରିବା; ପ୍ରତିଦାନ, ପୁରସ୍କାର ବା ଦଣ୍ଡଦେବା ।

**reconcile** କ୍ରି. ବିବାଦ ବା କଳହ ପରେ ପୁଣି ବନ୍ଧୁତା ସ୍ଥାପନ କରିବା; କୌଣସି ଅପ୍ରୀତିକର ପରିସ୍ଥିତି ବା ଘଟଣାକୁ ଆଦରି ନେବା; (କଳିତକରାଳ) ସମାଧାନ କରିବା ବା ମିଳାମିଶା କରିବା; ସଂହତି ସ୍ଥାପନ କରିବା; ବିଂ. reconciliable; ବି. reconcilation.

**recondite** ବିଂ. (ବିଷୟବସ୍ତୁ ବା ଜ୍ଞାନ ସଂପର୍କରେ) ଗୂଢ଼, ଦୁର୍ବୋଧ, ଅସାଧାରଣ; (ଲେଖକ ବା ଶୈଳୀ) ଦୁର୍ବୋଧ ବା ଅବୋଧ୍ୟ ବିଷୟବସ୍ତୁ ସମ୍ପନ୍ନ; କ୍ଲିଷ୍ଟ ।

**recondition** କ୍ରି. ସଂପୂର୍ଣ୍ଣ ମରାମତି ବା ପୁନର୍ନିର୍ମାଣ କରିବା; ପୁଣି ବ୍ୟବହାର ଉପଯୋଗୀ କରିବା ।

**reconnaissance** ବି. କୌଣସି ଅଞ୍ଚଳର ଟିକିନିଖି ପର୍ଯ୍ୟବେକ୍ଷଣ; ବିଶେ. ସାମରିକ ବାହିନୀ ଦ୍ୱାରା ଶତ୍ରୁରସ୍ଥିତି ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନିରୂପଣ; ପ୍ରାଥମିକ ସର୍ବେକ୍ଷଣ ।

**reconnoitre** କ୍ରି. *ଆମେ.* reconnoiter ସର୍ବେକ୍ଷଣ, ପର୍ଯ୍ୟବେକ୍ଷଣ ବା ନିରୀକ୍ଷଣ କରିବା ।

**reconsider** କ୍ରି. ପୁନର୍ବିଚାର କରିବା; ବି. reconsideration.

**reconstitute** କ୍ରି. ପୁନର୍ଗଠନ କରିବା; ପୁନର୍ସଂଗଠନ କରିବା; ପାଣିଦେଇ (ଶୁଖିଲା ଖାଦ୍ୟ ପ୍ରଭୃତିରେ) ପୂର୍ବ ସ୍ଥିତି ବା ଅବସ୍ଥା ଫେରାଇ ଆଣିବା; ବି. reconstitution.

**reconstruct** କ୍ରି. ପୁନର୍ଗଠନ କରିବା; ପୁଣିଥରେ ନିର୍ମାଣ କରିବା; କଳ୍ପନା ବା ପୁନରଭିନୟ ଦ୍ୱାରା ଅତୀତର ଘଟଣା ପୁନରାବୃତ୍ତି କରିବା ବା ସେହିଭଳି ସ୍ଥିତି ସୃଷ୍ଟି କରିବା; ବି. reconstruction.

**record** 1. କ୍ରି. ସ୍ମାରକୀ ବା ଉଦ୍ଧୃତି ନିମନ୍ତେ ସାଇତିବା ବା ଲିପିବଦ୍ଧ କରିବା; ଲେଖି ରଖିବା ବା ଅନ୍ୟ କୌଣସି ମାଧ୍ୟମରେ ରଖିବା; ଶବ୍ଦ, ଦୃଶ୍ୟ, ପ୍ରସାରଣପ୍ରଭୃତି ପରବର୍ତ୍ତୀ ପୁନଃପ୍ରସାରଣ ପାଇଁ ସ୍ଥାୟୀ ଭାବରେ ରଖିବା; 2. ବି. ଅନୁଲିପି;

Digitized by srujanika@gmail.com

ଦଲିଲ୍; ଦସ୍ତାବିଜ୍; ଲିପିବଦ୍ଧ ସାକ୍ଷ୍ୟ ବା ତଥ୍ୟ; ସ୍ମାରକୀ; କୀର୍ତ୍ତିମାନ; ସରକାରୀ ବା ଆଇନଗତ କାର୍ଯ୍ୟାବଳୀର ନଥିପତ୍ର; ବ୍ୟକ୍ତିର ଅତୀତର ଜ୍ଞାତ ତଥ୍ୟାବଳୀ; ପୂର୍ବ ଅପରାଧ ଗୁଡ଼ିକର ବିବରଣୀ; (ଗ୍ରାମୋଫୋନ୍) ରେକର୍ଡ୍; ଶ୍ରେଷ୍ଠତମ କୃତିତ୍ୱ; for the record ବିଧିବଦ୍ଧ ଭାବରେ; go on record ପ୍ରକାଶିତ ହେବା ଉଦ୍ଦେଶ୍ୟରେ ମତାମତ ବ୍ୟକ୍ତ କରିବା; have a record ପୂର୍ବରୁ ଦଣ୍ଡିତ ହୋଇଥିବା; off the record ଗୋପନରେ, ଯାହା ଲିପିବଦ୍ଧ ହେବାପାଇଁ ଉଦ୍ଦିଷ୍ଟ ନୁହେଁ; on record ବିଧିବଦ୍ଧ ଭାବେ ଲିପିବଦ୍ଧ ହୋଇଥିବା।

**recorded delivery** ବି. ପ୍ରାପକର ଦସ୍ତଖତ ନେଇ ଡାକଦ୍ୱାରା ଚିଠିପତ୍ର ଯୋଗାଣ।

**recorder** ବି. ରେକର୍ଡ୍ ବା ଦଲିଲ୍ ସଂରକ୍ଷକ; କେତେକ ବିଚାରାଳୟର ନ୍ୟାୟାଧୀଶ; ରେକର୍ଡ୍‌କାରୀ ଯନ୍ତ୍ର, ଯଥା ଟେପ୍–ରେକର୍ଡର୍; ଏକ ପ୍ରକାର ଠିଆ ବଂଶୀ।

**recording** ବି. ଶବ୍ଦଗ୍ରହଣ, ଦୃଶ୍ୟଗ୍ରହଣ, ଯାହାପରେ ପୁନଃପ୍ରଦର୍ଶିତ ବା ପୁନଃସଞ୍ଚାଳିତ ହୋଇପାରିବ; ଏହିଭଳି ଗୃହୀତ କାର୍ଯ୍ୟକ୍ରମ, ସଂଗୀତ ଇତ୍ୟାଦି।

**record–player** ବି. ଗ୍ରାମୋଫୋନ୍, କଳଗାଉଣା।

**recount** କ୍ରି. ବର୍ଣ୍ଣନା କରିବା; ବିସ୍ତାର ସହକାରେ କହିବା।

**re–count** 1. କ୍ରି. ପୁଣିଥରେ ଗଣିବା; ପୁନର୍ଗଣନା କରିବା; 2. ବି. ପୁନର୍ଗଣନା (ବିଶେ. ନିର୍ବାଚନରେ ଭୋଟ ସଂଖ୍ୟା)।

**recoup** କ୍ରି. (କ୍ଷତି) ପରିପୂରଣ କରିବା; ଫେରିପାଇବା; କ୍ଷତିପୂରଣ କରିବା; recoup oneself କ୍ଷତି ପୂରଣ କରିବା; ବି. recoupment.

**recourse** ବି. ସାହାଯ୍ୟର ସମ୍ଭାବ୍ୟ ଉତ୍ସ ଖୋଜିବା; ବ୍ୟକ୍ତି ବା ବସ୍ତୁର ଆଶ୍ରୟ ନେବା ବା ସାହାଯ୍ୟ ନେବା; have recourse to ସାହାଯ୍ୟ ଭିକ୍ଷା କରିବା।

**recover** କ୍ରି. ମାଲିକାନା ବା ନିୟନ୍ତ୍ରଣ ପୁଣି ହାସଲ କରିବା; ସାଧାରଣ ସ୍ଥିତି, ଚେତନା ବା ସ୍ୱାସ୍ଥ୍ୟ ଫେରିପାଇବା; ପୁନର୍ଲାଭ କରିବା; ଫେରିପାଇବା; recover oneself ଶାନ୍ତି, ଚେତନା ବା ଅଙ୍ଗପ୍ରତ୍ୟଙ୍ଗର ଚଳତ୍ ଶକ୍ତି ପୁନର୍ଲାଭ କରିବା।

**recovery** ବି. ପୁନର୍ଲାଭ ପ୍ରକ୍ରିୟା; ପୁନଃପ୍ରାପ୍ତି; ଆରୋଗ୍ୟଲାଭ।

**recreant** *ସାହି.* 1. ବିଂ. ଭୀରୁ; କାପୁରୁଷ; 2. ବି. ଭୀରୁତା।

**recreation** ବି. ମନୋରଞ୍ଜନ; ଅବସର ବିନୋଦନ, ଆମୋଦପ୍ରମୋଦ; ଆନନ୍ଦଦାୟକ କାର୍ଯ୍ୟ କଳାପ; ବିଂ. recreational.

**recriminate** କ୍ରି. ପରସ୍ପର ଦୋଷାରୋପ କରିବା; ବି. recrimination; ବିଂ. recriminatory.

**recrudesce** କ୍ରି. *ଔପ.* (ରୋଗ, ଘା' ବା ଅସନ୍ତୋଷ) ପୁଣିଥରେ ବାହାରିବା ବା ପ୍ରକାଶ ପାଇବା; ବି. recrudescence ବିଂ. recrudescent.

**recruit** 1. ବି. ନୂଆ ଚାକିରୀ ପାଇଥିବା ଏବଂ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଲାଭ କରି ନଥିବା ସୈନିକ; କୌଣସି ସମାଜର ନୂତନ ସଦସ୍ୟ; ନୂଆ ଶିଖାଳିଆ; 2. କ୍ରି. ସୈନିକ ଭାବରେ ମନୋନୟନ କରିବା; ନିଯୁକ୍ତି ପ୍ରଦାନ କରିବା; ଶକ୍ତି ଅଭିବୃଦ୍ଧି କରିବା; ବି. recruitment.

**rectangular** ବିଂ. ଚତୁର୍ଭୁଜାକାର।

**rectify** କ୍ରି. ସଜାଡିବା; ଠିକ୍ କରିବା; ବାରମ୍ବାର ଶୋଧନ କରି ବିଶୁଦ୍ଧ ବା ଦୋଷଶୂନ୍ୟ କରିବା; ଭ୍ରମ ସଂଶୋଧନ କରିବା; ବି. rectification; ବି. rectifier.

**rectilinear** ବିଂ. ସରଳରୈଖିକ; ସରଳ ରେଖାଗୁଡ଼ିକଦ୍ୱାରା ଆବଦ୍ଧ ବା ପରିଚ୍ଛିତ।

**rectitude** ବି. ନୈତିକ ଦୃଢ଼ତା; ସତ୍ୟନିଷ୍ଠତା; ସଠିକତା।

**recto** ବି. ଖୋଲା ବହିର ଡାହାଣ ପଟେ ଥିବା ପୃଷ୍ଠା; ପତ୍ରର ସମ୍ମୁଖ ଭାଗ।

**rector** ବି. ଆୟର ଏକଦଶମାଂଶ ଭୋଗ କରିବା ପାଇଁ ହକ୍‌ଦାର ପୂର୍ବତନ ଚର୍ଚ୍ଚ ଅଫ୍ ଇଂଲଣ୍ଡର ଧର୍ମାଧିକାରୀ; ରୋମାନ୍ କେଥଲିକ୍ ଚର୍ଚ୍ଚର ମୁଖ୍ୟ ପୁରୋହିତ; ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବା ଧର୍ମ ସଂସ୍ଥାର ମୁଖ୍ୟ; ବି. rectorship.

**rectory** ବି. ରେକ୍ଟରଙ୍କ ପଦବୀ ବା ବାସଗୃହ।

**rectum** ବି. ବୃହଦନ୍ତ୍ରର ଶେଷଅଂଶ (ମଳଦ୍ୱାର ପର୍ଯ୍ୟନ୍ତ)।

Digitized by srujanika@gmail.com

**recumbent** ବିଂ. ଆଉଜିଥିବା, ଶୋଇ ରହିଥିବା ।

**recuperate** କ୍ରି. ରୋଗମୁକ୍ତ ହେବା; କ୍ଲାନ୍ତି ଅପନୋଦନ କରିବା; କ୍ଷତି ପୂରଣ କରିବା; ପୁନର୍ବାର ସ୍ୱାସ୍ଥ୍ୟ ଲାଭ କରିବା; ସ୍ୱାସ୍ଥ୍ୟ ଫେରିପାଇବା; ବି. recuperation; ବିଂ. recuperative.

**recur** କ୍ରି. ପୁଣିଥରେ ଘଟିବା; ପୁନର୍ବାର ହେବା; ବାରମ୍ବାର ଘଟିବା; ପୁନରାବୃତ୍ତି ହେବା ।

**recurrent** ବିଂ. ବାରମ୍ବାର ଘଟୁଥିବା; ପୁନଃପୌନିକ; ବି. recurrence.

**recurring decimal** ବି. ଦଶମିକ ସ୍ଥାନରେ କୌଣସି ସଂଖ୍ୟା ପୁନଃପୌନିକ ଭାବରେ ଆସିବା ।

**recusant** ବି. ଯେଉଁ ବ୍ୟକ୍ତି ପ୍ରଶାସନର ବଶ୍ୟତା ସ୍ୱୀକାର କରେ ନାହିଁ ବା ଆଇନ କାନୁନ ମାନେ ନାହିଁ; ବିଶେ. (ବ୍ରିଟିଶ୍ ଇତିହାସରେ) ଏଂଗ୍ଲିକାନ୍ ଧର୍ମବ୍ୟବସ୍ଥାରେ ଯୋଗ ଦେବାପାଇଁ ଅନିଚ୍ଛୁକ ବ୍ୟକ୍ତି; ବି. recusancy.

**recycle** କ୍ରି. ବସ୍ତୁର ପୂର୍ବାବସ୍ଥାକୁ ଫେରି ଆସିବା; ବିଶେ. ବର୍ଜ୍ୟ ବା ଅଦରକାରୀ ବସ୍ତୁକୁ ପୁଣି ବ୍ୟବହାର ଉପଯୋଗୀ କରିବା ।

**red** 1. ବିଂ. ରକ୍ତବର୍ଣ୍ଣଠାରୁ ଗୋଲାପୀ ବା କମଳା ପର୍ଯ୍ୟନ୍ତ ରଂଗ; ନାଲିରଙ୍ଗ; ଲଜ୍ଜା ବା କ୍ରୋଧରେ ମୁହଁ ରଙ୍ଗା ବା ନାଲି ପଡିବା; ରକ୍ତଚକ୍ଷୁ; ନାଲି–ଧୂସର ରଙ୍ଗର (କେଶ); ରକ୍ତପାତ, ପୋଡାଜଳା, ହିଂସା ବା ବିପ୍ଳବ ସମ୍ବନ୍ଧିତ; Red ରୁଷୀୟ, ସୋଭିଏଟ୍, ସମାଜବାଦୀ ବା ସାମ୍ୟବାଦୀ; 2. ବି. ଲାଲ୍ ରଙ୍ଗ ବା ରଙ୍ଗକାରୀ ତତ୍ତ୍ୱ; in the red ଋଣଗ୍ରସ୍ତ; ବିଂ. reddish.

**red admiral** ବି. ପ୍ରଜାପତି ବିଶେଷ ।

**red–blooded** ବିଂ. ପୌରୁଷପୂର୍ଣ୍ଣ; ବଳୀୟାନ, ଉତ୍ସାହୀ ।

**redbreast** ବି. ରବିନ୍ ପକ୍ଷୀ ।

**redbrick** ବିଂ. (ବିଶ୍ୱବିଦ୍ୟାଳୟ ସମ୍ପର୍କିତ) ଅପେକ୍ଷାକୃତ ନିକଟ ଅତୀତରେ ସ୍ଥାପିତ ।

**redcap** ବି. ବ୍ରିଟିଶ୍ ସାମରିକ ପୁଲିସ ବାହିନୀର ସଦସ୍ୟ ।

**red carpet** ବି. ବିଶିଷ୍ଟ ଅତିଥିଙ୍କପାଇଁ ସମ୍ମାନପୂର୍ଣ୍ଣ ଆଦର ସତ୍କାର ବା ବ୍ୟବହାର ।

**red cell (corpuscle)** ବି. ଲୋହିତ ରକ୍ତ କଣିକା ।

**red cent** ବି. *ଆମେ.* ସବୁଠାରୁ କମ୍ ମୂଲ୍ୟର ମୁଦ୍ରା ।

**redcoat** ବି. ଇତି. ବ୍ରିଟିଶ୍ ସୈନିକ ।

**Red Crescent** ବି. ଇସ୍‌ଲାମୀୟ ରାଷ୍ଟ୍ରମାନଙ୍କରେ ରେଡ୍‌କ୍ରସ୍‌ର ସମତୁଲ ।

**Red Cross** ବି. ରେଡ୍ କ୍ରସ୍; ଯୁଦ୍ଧ ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବାକାର୍ଯ୍ୟ ପାଇଁ ସ୍ଥାପିତ ଆନ୍ତର୍ଜାତିକ ସଂସ୍ଥା ।

**redcurrant** ବି. କ୍ଷୁଦ୍ର ଗୋଲାକୃତି ଲାଲ୍‌ରଙ୍ଗର ଖାଦ୍ୟୋପଯୋଗୀ କୋଳି ବା ବେରୀ; ଏହି ଫଳ ଫଳୁଥିବା ବୁଦା ।

**redden** କ୍ରି. ନାଲି ପଡିଯିବା; ନାଲି ରଙ୍ଗରେ ରଙ୍ଗେଇବା ।

**redeem** କ୍ରି. କଷ୍ଟ ସହକାରେ ବା ଆବଶ୍ୟକ ଅର୍ଥ ପଇଠ କରି ମୁକୁଳାଇବା; ଥରେ ପାଉଣା ଦେଇ ଦାୟିତ୍ୱରୁ ମୁକ୍ତି ପାଇବା; ଟୋକନ୍ ବା ବସ୍ତୁକୁ ଟଙ୍କା ବା ଜିନିଷ ପତ୍ରରେ ପରିବର୍ତ୍ତିତ କରିବା; ପାପ ଏବଂ ଶାସ୍ତିରୁ ମୁକ୍ତ କରିବା; ପ୍ରାୟଶ୍ଚିତ୍ତ କରିବା; କ୍ଷମା ଭିକ୍ଷା କରିବା; ଦୋଷକ୍ଷମା କରିବା; କ୍ଷତିପୂରଣ କରିବା; ନିନ୍ଦା, ଅପଯଶରୁ ମୁକ୍ତି ପାଇବା; ଦାସତ୍ୱ ବା ବନ୍ଧନରୁ ମୁକ୍ତ ବା ଉଦ୍ଧାର କରିବା; ପୂରଣ କରିବା; ରକ୍ଷା, ଉଦ୍ଧାର ବା ପୁନରୁଦ୍ଧାର କରିବା ।

**redeemer** ବି. ରକ୍ଷାକର୍ତ୍ତା; the Redeemer ଭଗବାନ; ଯୀଶୁଖ୍ରୀଷ୍ଟ ।

**redemption** ବି. ମୁକ୍ତି; ପୁନରୁଦ୍ଧାର; ମୁକ୍ତିଦାତା ।

**redeploy** କ୍ରି. ନୂଆ ସ୍ଥାନ ବା କାର୍ଯ୍ୟ ପାଇଁ ସୈନ୍ୟବାହିନୀ ବା ଶ୍ରମିକ ପ୍ରେରଣ କରିବା; ବି. redeployment.

**red flag** ବି. ବିପଦ ବା ବିପ୍ଳବର ପ୍ରତୀକ ।

**red–handed** ବିଂ. ଅପରାଧ ବା ଦୋଷ କରୁଥିବା ସମୟରେ ଧରାପଡିଥିବା ।

**red hat** ବି. କାର୍ଡିନାଲଙ୍କ ଟୋପି, ତାଙ୍କ ଅଧିକାରର ପ୍ରତୀକ ।

**redhead** ବି. ଯେଉଁ ବ୍ୟକ୍ତିର କେଶର ରଙ୍ଗ ଲାଲ ।

**red herring** ବି. ଅସଂଗତ ଅନ୍ୟମନସ୍କତା ବା ଚିତ୍ତବିଭ୍ରମ ।

**red–hot** ବିଂ. ଉତ୍ତପ୍ତ ହୋଇ ଲାଲରଙ୍ଗ ଧାରଣା କରିଥିବା; ପ୍ରଚଣ୍ଡ ଉତ୍ତେଜିତ; କ୍ରୁଦ୍ଧ; ତାଜା (ଖବର); ସମ୍ପୂର୍ଣ୍ଣ ନୂଆ ।

Digitized by srujanika@gmail.com

**red–hot poker** ବି. ନାଲି ବା ହଳଦିଆ ଫୁଲ ଫୁଟୁଥିବା ଏକ ଗଛ।

**rediffusion** ବି. ପ୍ରସାରଣ କାର୍ଯ୍ୟକ୍ରମ ଗିଲେ କରିବା ବା ଅନ୍ୟ କେନ୍ଦ୍ର ଗୁଡିକୁ ପ୍ରସାରିତ କରିବା (କେନ୍ଦ୍ରୀୟ ଗ୍ରହଣକାରୀ ଯନ୍ତ୍ରଠାରୁ ତାର ଛରିଆରେ)।

**Red Indian** ବି. ଉତ୍ତର ଆମେରିକା ଅଧିବାସୀ ରକ୍ତାଭ ଚର୍ମଧାରୀ ଜନଜାତି; ଲୋହିତ ଭାରତୀୟ।

**red lead** ବି. ସୀସାର ରକ୍ତାଭ ଅକ୍ସାଇଡ୍‌ରୁ ପ୍ରସ୍ତୁତ ରଙ୍ଗ।

**red–letter day** ବି. ସ୍ମରଣୀୟ ବା ଆନନ୍ଦମୟ ଦିବସ; ପର୍ବପର୍ବାଣୀ ବା ଶୁଭଦିନ ଯାହା କେଲେଣ୍ଡରରେ ନାଲି ଅକ୍ଷରରେ ଛାପା ହୋଇଥାଏ।

**red light** ବି. ନାଲି ଆଲୁଅ, ରାସ୍ତା ବା ରେଳପଥରେ ଦିଆଯାଉଥିବା ସଙ୍କେତ (ଆଗେଇ ଯିବାକୁ ବାରଣ କରି)।

**red–light district (area)** ବି. ଅନେକ ବେଶ୍ୟାଳୟ ଥିବା ଅଞ୍ଚଳ।

**red meat** ବି. କଞ୍ଚା ଅବସ୍ଥାରେ ନାଲି ଦିଶୁଥିବା (ଗୋରୁ ବା ମେଣ୍ଢା) ମାଂସ।

**redo** କ୍ରି. ପୁଣି ଥରେ କରିବା; ପୁନର୍ବିନ୍ୟାସ କରିବା।

**redolent** ବିଂ. ତୀବ୍ର ସୁଗନ୍ଧଯୁକ୍ତ; ମନେ ପକେଇ ଦେଉଥିବା; ସ୍ମୃତି–ଉଦ୍ରେକକାରୀ ସୁଗନ୍ଧଯୁକ୍ତ; ବି. redolence.

**redouble** 1. କ୍ରି. ସଂଖ୍ୟା, ଶକ୍ତି ବା ପରିମାଣ ବୃଦ୍ଧି କରିବା; ବ୍ରିଜ୍ ପ୍ରଭୃତି ଖେଳରେ ପ୍ରତିଯୋଗୀ ଡବଲ୍ ଦେଉଥିବା ବେଳେ ପୁଣି ଡବଲ୍ ଦେବା; 2. ବି. ବ୍ରିଜ୍ ପ୍ରଭୃତି ତାସ୍ ଖେଳରେ ରିଡବଲ୍ ଦେବା।

**redoubt** ବି. ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ନଥିବା ଉପଦୁର୍ଗ, ଦୁର୍ଗର ଅଂଶବିଶେଷ ବା ରଣସଜ୍ଜା।

**redoubtable** ବିଂ. ଅମିତ ଶକ୍ତିଶାଳୀ ବା ଦୁର୍ଦ୍ଧର୍ଷ (ବିଶେ. ପ୍ରତିଯୋଗୀ ବା ଶତ୍ରୁ ଭାବରେ)।

**redound** କ୍ରି. କାହାରି ଲାଭ ବା ଅନ୍ୟ ସୁବିଧା ପାଇଁ ସାହାଯ୍ୟ କରିବା; ଅଭିବୃଦ୍ଧି କରିବା।

**red pepper** ବି. କେପ୍‌ସିକମ୍ ଗଛର ପାଚିଲା ଫଳ।

**redpoll** ବି. ଲିନେଟ୍ ସଦୃଶ ନାଲିରଙ୍ଗ କପାଳ ଥିବା ଏକ ଜାତିର ପକ୍ଷୀ।

**red rag** ବି. କୌଣସି ବ୍ୟକ୍ତିକୁ କ୍ରୋଧାନ୍ଧ କରିଦେଉଥିବା ବସ୍ତୁ।

**redress** 1. କ୍ରି. ପ୍ରତିକାର କରିବା (ଦୁଃଖ, ଅନ୍ୟାୟ); ସଜାଡିଦେବା; ବାଗେଇବା; କ୍ଷତିପୂରଣ କରିବା; 2. ବି. ପ୍ରତିକାର; ପ୍ରତିବିଧାନ; ନିରାକରଣ; redress the balance ସମତୁଲ ଅବସ୍ଥା ଫେରାଇ ଆଣିବା।

**red rose** ବି. ଲାଂକାଶୟାରର ପ୍ରତୀକ।

**redshank** ବି. ଓଦା, ବାଲିଆ ସ୍ଥାନରେ ରହୁଥିବା ବଡ଼ ସେଣ୍ଡପାଇପର୍ ଚଢ଼େଇ।

**redshift** ବି. ସୁଦୂର ତାରାପୁଞ୍ଜରୁ ଆସୁଥିବା ଆଲୋକର ଦୀର୍ଘତର ତରଙ୍ଗ ଦୈର୍ଘ୍ୟକୁ ବର୍ଣ୍ଣାଳୀର ଗତି।

**redskin** ବି. *କ.ଭା. ଜ୍ଞା. ଅବ.* ଲୋହିତ ଭାରତୀୟ।

**red squirrel** ବି. ନାଲି ଗୁଣ୍ଡୁଚିମୂଷା (ବିଲାତି)।

**redstart** ବି. ନାଲି ଲାଞ୍ଜ ବିଶିଷ୍ଟ କ୍ଷୁଦ୍ରାକୃତି ମିଷ୍ଟସ୍ୱର ପକ୍ଷୀବିଶେଷ।

**red tape** ବି. ନାଲିଫିତା; ଅମଲାତାନ୍ତ୍ରିକ ଅବହେଳା ଏବଂ ଦୀର୍ଘସୂତ୍ରୀ ଗୁଣର ପ୍ରତୀକ।

**reduce** କ୍ରି. ହ୍ରାସ କରିବା; କମେଇ ଦେବା; ଏକ ନିର୍ଦ୍ଦିଷ୍ଟ ବା ଅଭିପ୍ରେତ ସ୍ତରକୁ ଖସାଇ ଆଣିବା (was reduced to borrowing); ସରଳତର ବା ନିମ୍ନତର ଅବସ୍ଥାକୁ ପରିବର୍ତ୍ତିତ କରିବା (reduce to dust, reduce to writing); ଭଗ୍ନାଂଶକୁ ନିମ୍ନତମ ସ୍ତରକୁ ଆଣିବା; ରୂପାନ୍ତରିତ କରିବା; ଓଜନ ବା ଆକାରପ୍ରକାର ହ୍ରାସ କରିବା; ଶୀର୍ଣ୍ଣକାୟ ହେବା; ଦୁରବସ୍ଥାରେ ପଡ଼ିଥିବା; ଅକ୍ସାଇଡ୍ ପ୍ରଭୃତିକୁ ଧାତୁରେ ପରିଣତ କରିବା; (ଶଲ୍ୟ ଚିକିତ୍ସାରେ) ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଜାଗାକୁ ନେଇ ଆସିବା; ବିଂ. reducible.

***reductio ad absurdum*** ବି. ଅବାସ୍ତବ ଯୁକ୍ତିଦ୍ୱାରା ଭୁଲ ବୋଲି ପ୍ରମାଣ କରିବା; କୌଣସି ନୀତି ବା ଆଦର୍ଶକୁ କାର୍ଯ୍ୟତଃ ଅସମ୍ଭବ ସ୍ତରକୁ ନେଇଯିବା। *(ଲା.)*

**reduction** ବି. ହ୍ରାସ; ମୂଲ୍ୟ ହ୍ରାସର ପରିମାଣ; ଛବି ବା ସାଂଗୀତିକ ବିବରଣୀର କ୍ଷୁଦ୍ରତର ନକଲ।

**redundant** ବିଂ. ଅନାବଶ୍ୟକ ଜିନିଷ ବା କଥା, ଯାହାକୁ ବାଦଦେଲେ କୌଣସି ବିଶେଷ କ୍ଷତି ହେବନାହିଁ; ଅତିରିକ୍ତ; ଯେଉଁ ପଦର ଆଉ ଆବଶ୍ୟକତା ନାହିଁ, ତେଣୁ ଉଠେଇ ଦିଆଯିବ।

Digitized by srujanika@gmail.com

**reduplicate** କ୍ରି. ଦ୍ୱିଗୁଣିତ କରିବା; ପୁନରାବୃତ୍ତି କରିବା; ସାମାନ୍ୟ ପରିବର୍ତ୍ତନ ସହ କୌଣସି ଶବ୍ଦ ପୁନରୁଚ୍ଚାରଣ କରିବା; (ଯଥା, hurly-burly, see-saw); ବି. reduplication; ବିଂ. reduplicative.

**redwing** ବି. ନାଲିପକ୍ଷ ବିଶିଷ୍ଟ ଥ୍ରଶ୍ ଜାତୀୟ ପକ୍ଷୀ ବିଶେଷ।

**redwood** ବି. ବିଶାଳକାୟ ଉତ୍ତର ଆମେରିକୀୟ ବୃକ୍ଷ ଯାହାର କାଠ ନାଲିରଙ୍ଗର।

**re-echo** କ୍ରି. ବାରମ୍ବାର ପ୍ରତିଧ୍ୱନିତ ହେବା।

**reed** ବି. ସନ୍ତସନ୍ତିଆ ସ୍ଥାନରେ ବଢୁଥିବା ଏକ ପ୍ରକାର ଉଦ୍ଭିଦ (ନଳ ବା ଶରଗଛ ଭଳି); ତାହାର ଦୀର୍ଘ ନାଡ଼; ହାର୍‌ମୋନିୟମ୍ ଜାତୀୟ ବାଦ୍ୟଯନ୍ତ୍ରରେ ଆନ୍ଦୋଳିତ ହେଉଥିବା ଅଂଶ।

**reeded** ବିଂ. ଆନ୍ଦୋଳିତ ରିଡ୍ ସହିତ।

**reedy** ବିଂ. ନଳ (ବା ଶର) ଗଛରେ ପରିପୂର୍ଣ୍ଣ; ନଳଗଛଭଳି ଲମ୍ବାଳିଆ; ହାର୍‌ମୋନିୟମ୍ ସ୍ୱରଭଳି।

**reef**[1.] ବି. ଜଳାଶୟ ସନ୍ନିକଟ ବା ନିମଜ୍ଜିତ ପାହାଡ ବା ସୁଉଚ୍ଚ ପଥର।

**reef**[2.] ବି. ବୋଇତ ବା ଜାହାଜର ପାଲର ଅଂଶବିଶେଷ ଯାହାଦ୍ୱାରା ପାଲର ସଙ୍କୋଚନ ବା ପ୍ରସାରଣ କରାଯାଏ।

**reefer** ବି. ମାରିଜୁଆନା ବା ନିଶା ସିଗାରେଟ୍; ମୋଟା ଡବଲ୍-ବ୍ରେଷ୍ଟେଡ୍ ଜେକେଟ୍।

**reef-knot** ବି. ଖସଡା ଗଣ୍ଠି ବା ଫାସ।

**reek** 1. କ୍ରି. ତୀବ୍ର ବା ଅପ୍ରୀତିକର ଗନ୍ଧ ହେବା; ଧୂଆଁଳିଆ ଗନ୍ଧ ହେବା; ଅପ୍ରୀତିକର ବା ସନ୍ଦିଗ୍ଧ ସମ୍ପର୍କ ଥିବା (reeks of corruption); 2. ବି. ଦୁର୍ଗନ୍ଧ, ପଚା ଗନ୍ଧ; ସ୍କଟ୍. ଧୂଆଁ, ଜଳୀୟ ବାଷ୍ପ।

**reel** 1. ବି. ରିଲ୍; କଣ୍ଡାନଳୀ ବା କଣ୍ଡାକାଠି ବା ସେଭଳି ବସ୍ତୁ (ସୂତା, କାଗଜ, ଦଉଡି, ତାର, ଫିଲ୍ମ୍ ପ୍ରଭୃତି ଗୁଡେଇ ରଖିବା ପାଇଁ ଉଦ୍ଦିଷ୍ଟ); ଗୁଡ଼େଇବା ଏବଂ ଖୋଲିବା ପାଇଁ ଉଦ୍ଦିଷ୍ଟ କଳ; ବିଭିନ୍ନ ଯନ୍ତ୍ରପାତିର ଘୂର୍ଣ୍ଣାୟମାନ ଅଂଶ; ମନୋମୁଗ୍ଧକର ଲୋକନୃତ୍ୟ; ସ୍କଟ୍‌ଲେଣ୍ଡର୍ ନୃତ୍ୟ ବିଶେଷ; ତାହାର ସଙ୍ଗୀତ; 2. କ୍ରି. ସୂତା, ବନ୍‌ଶୀ ଡୋର ପ୍ରଭୃତି ଗୁଡେଇବା ବା ବନଶୀଡୋର ସାହାଯ୍ୟରେ ମାଛ ଭିଡିବା; ଟଳମଟଳ ଭାବେ ଠିଆ ହେବା ବା ଚାଲିବା; ଶାରୀରିକ ବା ମାନସିକ ସ୍ତର ଦୋହଲିଯିବା; ଦୋହଲିବା; ରିଲ୍ ନୃତ୍ୟ ନାଚିବା; reel off ଅନର୍ଗଳ ଭାବରେ ଗାଇଯିବା ବା କହିବା।

**reeve**[1.] ବି. *ଇତି.* ସହର ବା ଜିଲ୍ଲାର ମୁଖ୍ୟ ମାଜିଷ୍ଟ୍ରେଟ୍।

**reeve**[2.] କ୍ରି. (*ଅ.କା.* rove) ଗୋଲାକାର ରନ୍ଧ୍ର ଇତ୍ୟାଦି ଭିତରେ ସୂତା, ଦଉଡି ପ୍ରଭୃତି ଗଳେଇବା; ଦଉଡି ପ୍ରଭୃତିରେ ବାନ୍ଧିବା।

**reeve**[3.] ବି. ମାଈ ପାରା ବା କପୋତୀ।

**ref.** ବି. *କ.ଭା.* ଖେଳକୁଦର ବିଚାରକ, ରେଫରୀ।

**refectory** ବି. (ମଠ ବା ମହାବିଦ୍ୟାଳୟରେ) ସାର୍ବଜନିକ ଭୋଜନ ସ୍ଥଳ।

**refectory table** ବି. ଲମ୍ବା, ଅଣଓସାରିଆ ଖାଇବା ଟେବୁଲ୍।

**refer** କ୍ରି. ନିର୍ଦ୍ଦେଶିତ କରିବା; ସୂତ୍ର ବା ଉତ୍ସ ଭାବରେ ଉଲ୍ଲେଖ କରିବା; କୌଣସି ବଡ ଲୋକ ବା ତଥ୍ୟଜ୍ଞ ବ୍ୟକ୍ତିଙ୍କ ପାଖକୁ ସିଧାସଳଖ ପ୍ରେରଣ କରିବା; ରୋଗୀକୁ ବିଶେଷଜ୍ଞ ନିକଟକୁ ପଠାଇବା; ଅଧସ୍ତନ ସଂସ୍ଥା ବା ନ୍ୟାୟାଳୟକୁ ପଠାଇଦେବା; ବିଂ. referable.

**referee** 1. ବି. ରେଫରୀ; ଯେଉଁ ବ୍ୟକ୍ତିଙ୍କ ପାଖକୁ ବିବାଦ ସମାଧାନ ହେବାପାଇଁ ଯାଇଥାଏ; ଫୁଟ୍‌ବଲ, ମୁଷ୍ଟିଯୁଦ୍ଧ ପ୍ରଭୃତି ଖେଳର ବିଚାରକ; କର୍ମନିଯୁକ୍ତି ସମୟରେ ପ୍ରତ୍ୟାଶୀର ଚରିତ୍ର ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ସମ୍ମତ ବ୍ୟକ୍ତି; 2. କ୍ରି. ବିଚାରକ (ଖେଳ କୁଦରେ) ଭାବରେ କାର୍ଯ୍ୟ କରିବା।

**reference** ବି. ନିର୍ଣ୍ଣୟ ବା ସମାଧାନ ପାଇଁ କୌଣସି ବିବାଦାସ୍ପଦ ବିଷୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ପ୍ରେରଣ; ଉଦ୍ଧୃତ ପୁସ୍ତକ ବା ଅନୁଚ୍ଛେଦ ବା ବାକ୍ୟ; ନିଯୁକ୍ତି ପ୍ରତ୍ୟାଶୀ ପାଇଁ ଲିଖିତ ପ୍ରମାଣପତ୍ର ବା ତାହା ପ୍ରଦାନ କରିଥିବା ବ୍ୟକ୍ତି; in (with) reference to ବାବଦରେ; ବିଷୟରେ; ବିଂ. referential.

**reference book** ବି. ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ଉପରେ ତଥ୍ୟ ସମ୍ବଳିତ ବା ତଥ୍ୟଭିତ୍ତିକ ପୁସ୍ତକ, ଯାହା ଆବଶ୍ୟକମତେ ସମୟ ସମୟରେ ଦେଖିବାକୁ ହୁଏ।

**referendum** ବି. ଗଣଭୋଟ୍; ଗଣଭୋଟ ଦ୍ୱାରା କୌଣସି ରାଜନୈତିକ ବିବାଦ ବା ସମସ୍ୟାର ସିଧାସଳଖ ସମାଧାନ ଉଦ୍ୟମ।

Digitized by srujanika@gmail.com

**referral** ବି. ବିଶେଷଜ୍ଞ ଚିକିତ୍ସକଙ୍କ ନିକଟକୁ ରୋଗୀ ପ୍ରେରଣ ।

**referred pain** ବି. (ଯନ୍ତ୍ରଣାର) ଉଦ୍‌ଗମସ୍ଥଳରେ ନ ହୋଇ ଅନ୍ୟ ଏକ ସ୍ଥାନରେ କଷ୍ଟହେବା ।

**refill** 1. କ୍ରି. ପୁଣି ଭର୍ତ୍ତି କରିବା, ପୂରେଇବା ବା ପୂର୍ଣ୍ଣ କରିବା; 2. ବି. ପୁଣି ଭର୍ତ୍ତି ହୋଇଥିବା; ସେହି ପଦାର୍ଥ ।

**refine** କ୍ରି. ଦୂଷଣ, ମଇଳା ବା ଗଳତି ଠିକ୍ କରିବା; ଅଧିକ ମାର୍ଜିତ, ସଂଭ୍ରାନ୍ତ ବା ସଂସ୍କୃତି ସଂପନ୍ନ କରିବା ।

**refined** ବିଂ. ମାର୍ଜିତ; ସଂଭ୍ରାନ୍ତ; ସୁସଂସ୍କୃତ, ରୁଚିସମ୍ପନ୍ନ ।

**refinement** ବି. ମାର୍ଜିତ, ସଂଭ୍ରାନ୍ତ ବା ରୁଚିପୂର୍ଣ୍ଣ ଅବସ୍ଥା ବା ବ୍ୟବହାର; ଅଧିକ ବିକାଶ ବା ପ୍ରଗତିର ନମୁନା (new car has many refinements); ନିଗୂଢ଼ ବା ମାର୍ଜିତ ଚିନ୍ତାଧାରା; ଭଲମନ୍ଦ ବିଚାର ଶକ୍ତି ।

**refiner** ବି. ଶୋଧକ; ବିଶୋଧନ କେନ୍ଦ୍ର (ବିଶେ. ତୈଳର); ବି. refinery.

**refit** 1. କ୍ରି. ପୁଣି ଯୋଗ୍ୟ ବା ଉପଯୁକ୍ତ ହେବା ବା କରିବା; 2. ବି. ଯୋଗ୍ୟ କରଣ ।

**reflate** କ୍ରି. ମୁଦ୍ରା ସଙ୍କୋଚନ ଦୂରକରି ପୂର୍ବାବସ୍ଥା ଫେରାଇ ଆଣିବା ।

**reflation** ବି. ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ମୁଦ୍ରା ସଙ୍କୋଚନ ପରେ ମୁଦ୍ରାସ୍ଫୀତି କରିବା; ବିଂ. reflationary.

**reflect** କ୍ରି. ପ୍ରତିଫଳନ କରିବା; ପ୍ରତିଫଳିତ ହେବା (ତାପ ବା ଆଲୋକ); ପ୍ରତିଛବି ଦେଖାଇବା; ଆଖିରେ ବା ମନଭିତରେ ପୁଣି ପ୍ରତିଫଳିତ ହେବା; ଚିନ୍ତା ବା ଅନୁଶୀଳନ କରିବା; ନିଜକୁ ସ୍ମରଣ କରାଇଦେବା ।

**reflection** ବି. (reflexion ମଧ୍ୟ) ବି. ପ୍ରତିଫଳନ; ଅସମ୍ମାନ; ଅସମ୍ମାନକର ଘଟଣା ବା ବିଷୟ; ପୁନର୍ବିଚାର; ମନଭିତରେ ଜନ୍ମ ହେଉଥିବା ଚିନ୍ତା ବା ଭାବନା ।

**reflective** ବିଂ. ପ୍ରତିଫଳନକ୍ଷମ (ବସ୍ତୁ ବା ତଳ); ଚିନ୍ତାଶୀଳ; ଭାବୁକ; ଧ୍ୟାନମଗ୍ନ ।

**reflector** ବି. ନିର୍ଦ୍ଦିଷ୍ଟ ଦିଗକୁ ଆଲୋକର ପ୍ରତିଫଳନ ପାଇଁ ବ୍ୟବହୃତ କାଚ ବା ଧାତବ ତଳ; ଦର୍ପଣ; ଦୂରବୀକ୍ଷଣ ଯନ୍ତ୍ର ପ୍ରଭୃତିରେ ବ୍ୟବହୃତ ଦର୍ପଣ ।

**reflex** 1. ବିଂ. ସ୍ନାୟବିକ ଉତ୍ତେଜନାଜନିତ ବା ଆପେ ଆପେ ହୋଇଯାଉଥିବା (ଶାରୀରିକ ପ୍ରତିକ୍ରିୟା, ଯଥା, ଛିଙ୍କ); *ଜ୍ୟା.* ୧୮୦°ରୁ ଅଧିକ କୋଣର; 2. ବି. ସ୍ୱୟଂଚାଳିତ ସ୍ନାୟବିକ ପ୍ରତିକ୍ରିୟା; ପ୍ରତିଫଳିତ ଆଲୋକ ବା ଚିତ୍ର ।

**reflex camera** ବି. ଯେଉଁ କେମେରା ବା ଫଟୋଉଠା ଯନ୍ତ୍ରରେ ଦର୍ପଣ ସାହାଯ୍ୟରେ ପ୍ରତିଫଳନଦ୍ୱାରା ଚିତ୍ର ଉତ୍ତୋଳିତ ହୁଏ ।

**reflexive** 1. ବିଂ.*ବ୍ୟା.* ଯେଉଁ ଶବ୍ଦ ଦ୍ୱାରା କର୍ତ୍ତାର ନିଜ ଉପରେ କ୍ରିୟା ବା କାର୍ଯ୍ୟ ଆରୋପିତ ହୁଏ; 2. ବି. ଏହି ଧରଣର ଶବ୍ଦ; *ବିଶେ.* ସର୍ବନାମ (ଯଥା, myself) ।

**reform** 1. କ୍ରି. ସଂସ୍କାର କରିବା; ଦୋଷତ୍ରୁଟି ଦୂରକରି ଉତ୍ତମତର କରିବା; କୁସଂସ୍କାର ବା କୁପ୍ରଥା ଲୋପ କରିବା; 2. ବି. ସଂସ୍କାର; ଦୋଷ ଦୂରୀକରଣ; ସାମାଜିକ, ରାଜନୈତିକ ବା ଧାର୍ମିକ ସଂସ୍କାର କାର୍ଯ୍ୟ ।

**reformation** ବି. ସଂସ୍କାର; ରାଜନୈତିକ, ସାମାଜିକ ବା ନୈତିକ କ୍ଷେତ୍ରରେ ପୁନଃସଂସ୍କାର; the Reformation *ଖ୍ରୀ.* ଷୋଡଶ ଶତାବ୍ଦୀରେ ଇଂଲଣ୍ଡରେ ଘଟିତ ସଂସ୍କାର ଆନ୍ଦୋଳନ (ରୋମାନ ଚର୍ଚ୍ଚର କଥିତ ଦୁର୍ନୀତି ବିରୁଦ୍ଧରେ) ଏବଂ ରିଫର୍ମଡ୍ ବା ପ୍ରୋଟେଷ୍ଟେଣ୍ଟ ଚର୍ଚ୍ଚ ସ୍ଥାପନ ।

**reformative** ବିଂ. ସଂସ୍କାରମୂଳକ; ସଂସ୍କାରବାଦୀ ।

**reformatory** 1. ବିଂ. ସଂସ୍କାର ମୂଳକ; 2. ବି. *ଆମେ. ପ୍ରା.ପ୍ର.* ଯୁବ ଅପରାଧୀମାନଙ୍କର ଚାରିତ୍ରିକ ସଂସ୍କାର ପାଇଁ ଉଦ୍ଦିଷ୍ଟ ସଂସ୍ଥା ।

**Reformed Church** ବି. ପ୍ରୋଟେଷ୍ଟେଣ୍ଟ୍ (ବିଶେ. କେଲ୍‌ଭିନିଷ୍ଟ) ଚର୍ଚ୍ଚ ।

**reformer** ବି. ସମାଜ ସଂସ୍କାରକ; ଯେଉଁ ବ୍ୟକ୍ତି ସାମାଜିକ, ରାଜନୈତିକ ପ୍ରଭୃତି ସ୍ତରରେ ସଂସ୍କାରବାଦୀ ।

**refract** କ୍ରି. (ଜଳ, ପବନ, କାଚ ପ୍ରଭୃତିରେ) ଆଲୋକ ପ୍ରତିସରିତ ହେବା ।

**refraction** ବି. ଆଲୋକର ପ୍ରତିସରଣ; ବିଂ. refractive.

**refractor** ବି. ପ୍ରତିସରଣକାରୀ ମାଧ୍ୟମ ବା ଯବକାଚ; ଯବକାଚ ବ୍ୟବହୃତ ଦୂରବୀକ୍ଷଣ ଯନ୍ତ୍ର ।

Digitized by srujanika@gmail.com

**refractory** ବିଂ.ଅମଣିଆ; ଏକଜିଦିଆ; ଅବାଧ; ଚିକିତ୍ସା ମାନୁ ନଥିବା ରୋଗ ବା ଘା'; ଦୁର୍ବିନୀତ।
**refrain**[1] କ୍ରି. ନିବୃତ୍ତ କରିବା, ବିରତ ହେବା, କ୍ଷାନ୍ତ ହେବା।
**refrain**[2] ବି. ଗୀତର ସ୍ଥାୟୀ ପଦ ବା ଘୋଷା, ଲହର।
**refrangible** ବିଂ. ପ୍ରତିସରିତ, ଯାହା ପ୍ରତିସରଣୀୟ।
**refresh** କ୍ରି. ସତେଜ କରିବା, ନୂତନ ଶକ୍ତି ଦେବା, ସ୍ମୃତି ପୁନରୁଜ୍ଜୀବିତ କରିବା।
**refresher** ବି. ଦୀର୍ଘ ମାମଲାମକଦ୍ଦମାରେ ଓକିଲଙ୍କୁ ଦିଆଯାଉଥିବା ଅତିରିକ୍ତ ପାଉଣା ବା ଫିସ୍।
**refresher course** ବି. ପୂର୍ବପଠିତ ବିଷୟର ପୁନରନୁଧ୍ୟାନ ବା ନୂତନ ଜ୍ଞାନ ଆହରଣ ନିମନ୍ତେ ପାଠ୍ୟକ୍ରମ।
**refreshment** ବି. ସତେଜତା; ବ.ବରେ ଆହାର ବା ଜଳଯୋଗ,।
**refrigerant** 1. ବି. ଶୀତଳକାରୀ ଉପାଦାନ; 2. ବିଂ. ଶୀତଳକାରୀ।
**refrigerate** କ୍ରି. ଥଣ୍ଡା କରିବା, ଶୀତଳ କରିବା; ବି. refrigeration.
**refrigerator** ବି. ଶୀତଳୀକରଣ ଯନ୍ତ୍ର ବା ଶୀତଳ ଭଣ୍ଡାର, ରେଫ୍ରିଜରେଟର୍।
**refuel** କ୍ରି. ପୁଣି ଜାଳେଣି ଯୋଗେଇବା।
**refuge** ବି. ବିପଦ, ଅସୁବିଧା ପ୍ରଭୃତିରୁ ରକ୍ଷା ପାଇବା ପାଇଁ ଆଶ୍ରୟସ୍ଥଳ; ଶରଣ; ଆଶ୍ରୟ, ଆଶ୍ରୟଦାତା।
**refugee** ବି. ଶରଣାର୍ଥୀ; ଯୁଦ୍ଧ, ଅତ୍ୟାଚାର ବା ପ୍ରାକୃତିକ ବିପଦରୁ ରକ୍ଷାପାଇବା ପାଇଁ ବିଦେଶରେ ଶରଣାପନ୍ନ ବ୍ୟକ୍ତି।
**refulgent** ବିଂ. *ସାହି.* ଦୀପ୍ତିମାନ, ଅତି ଉଜ୍ଜ୍ୱଳ; ବି. refulgence.
**refund** କ୍ରି. ପଇସାପତ୍ର ବା ଖର୍ଚ୍ଚ ଫେରସ୍ତ ଦେବା, ପଇଠ କରିବା; ବିଂ. refundable
**refurbish** କ୍ରି. ନୂଆଭାବରେ ସଜାଇବା; ସଜ୍ଜୀକରଣ କରିବା; ବି. refurbishment.
**refusal** ବି. ପ୍ରତ୍ୟାଖ୍ୟାନ; କୌଣସି ପଦାର୍ଥ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିବା ପାଇଁ ବିଶେଷାଧିକାର (first refusal).
**refuse**[1] କ୍ରି. ପ୍ରତ୍ୟାଖ୍ୟାନ କରିବା, ଅସମ୍ମତ ହେବା, ଅଗ୍ରାହ୍ୟ କରିବା, ଅନିଚ୍ଛା ପ୍ରକାଶ କରିବା; ଅନୁରୋଧ ନ ରଖିବା।
**refuse**[2] ବି. ଆବର୍ଜନା; ବର୍ଜ୍ୟ ବା ପରିତ୍ୟକ୍ତ ବସ୍ତୁ।
**refute** କ୍ରି. ଖଣ୍ଡନ କରିବା (ଦୋଷାରୋପ ବା ଅଭିଯୋଗ); ଯୁକ୍ତିଦ୍ୱାରା ବିରୋଧ କରିବା; ବି. refutation.
**regain** କ୍ରି. ପୁନଃପ୍ରାପ୍ତ ହେବା, ଫେରିପାଇବା, ଫେରସ୍ତ ପାଇବା, ପୂର୍ବ ସ୍ଥିତି ବା ସ୍ଥାନ ପୁଣି ହାସଲ କରିବା।
**regal** ବିଂ. ରାଜକୀୟ, ରାଜୋଚିତ, ମହାର୍ଘ; ବି. regality; କ୍ରି.ବିଂ. regally.
**regale** କ୍ରି. ଭୋଜିଭାତ ସହ ଉଲ୍ଲସିତ ଆତିଥ୍ୟ ପ୍ରଦାନ କରିବା; ସୁନ୍ଦର କଥାରେ ମୁଗ୍ଧ କରିବା; (ଫୁଲ, ସୌନ୍ଦର୍ଯ୍ୟ ପ୍ରଭୃତିରେ) ଆନନ୍ଦ ପ୍ରଦାନ କରିବା।
**regalia** ବି. ଅଭିଷେକ ବେଳେ ବ୍ୟବହୃତ ରାଜଚିହ୍ନ; ମାନପତ୍ର ବା ରାଜଚିହ୍ନ।
**regard** କ୍ରି. ନିର୍ନିମେଷ ନୟନରେ ଚାହିଁବା; ମନୋଯୋଗ ସହକାରେ ଶୁଣିବା ବା ଦେଖିବା; ମନେ କରିବା; ହିସାବକୁ ନେବା; ନିର୍ଦ୍ଦିଷ୍ଟ ଧାରଣା କରିବା; 2. ବି. ନିର୍ନିମେଷ ଦୃଷ୍ଟି; ସମ୍ମାନ, ଶ୍ରଦ୍ଧା; ବ.ବରେ ପତ୍ରରେ ବନ୍ଧୁଭାବନାର ସୂଚକ ଶୁଭେଚ୍ଛା; as regards ବାବଦରେ, ବିଷୟରେ; in (with) regard to (ନିର୍ଦ୍ଦିଷ୍ଟ) ବିଷୟରେ।
**regardful** ବିଂ. ମନୋଯୋଗୀ।
**regarding** ଅ. ସମ୍ପର୍କରେ, ସମ୍ବନ୍ଧରେ, ବିଷୟରେ।
**regardless** 1. ବିଂ. ବିଚାରକୁ ନନେଇ, ଦୃଷ୍ଟି ନଦେଇ, ଉପେକ୍ଷା ପରାୟଣ; 2. କ୍ରି.ବିଂ. ଦୃଷ୍ଟିପାତ ନ କରି।
**regatta** ବି. ନୌକାଚାଳନା ପ୍ରତିଯୋଗିତା ପାଇଁ ମିଳିତ ହେବା।
**regency** ବି. ରାଜପ୍ରତିନିଧିତ୍ୱ ବା ତାହାର ଅବଧି।
**regenerate** 1. କ୍ରି. ପୁଣି ଜନ୍ମ ଦେବା, ନୂଆ ରୂପ ଦେବା, ଏକ ନୂତନ ଆଧ୍ୟାତ୍ମିକତାରେ ଉଦ୍‌ବୁଦ୍ଧ ହେବା; 2. ବିଂ. ଆଧ୍ୟାତ୍ମିକ ପୁନର୍ଜନ୍ମ ଲାଭ କରିଥିବା; ନୂତନ ସଂସ୍କାର ଲାଭ କରିଥିବା; ବି. regeneration; ବିଂ. regenerative.
**regicidal** ବିଂ. ରାଜହତ୍ୟାଜନିତ, ରାଜହତ୍ୟା ସମ୍ପର୍କୀୟ।
**regicide** ବି. ରାଜହତ୍ୟା, ରାଜହନ୍ତା, ରାଜହତ୍ୟାରେ ଭାଗୀଦାର।

Digitized by srujanika@gmail.com

**regime** ବି. ରାଜ୍ୟଶାସନ ପ୍ରଣାଳୀ; ଶାସନ ପଦ୍ଧତି; ପ୍ରଚଳିତ ବ୍ୟବସ୍ଥା ବା ପଦ୍ଧତି ।

**regimen** ବି. ଚିକିତ୍ସକଙ୍କଦ୍ୱାରା ନିର୍ଦ୍ଦେଶିତ ବ୍ୟାୟାମ, ଜୀବନଯାପନ ପ୍ରଣାଳୀ ବା ପଥ୍ୟ ବ୍ୟବସ୍ଥା ।

**regiment** 1. ବି. ପଦାତିକ ବାହିନୀର ଏକାଂଶ, ଗୋଲନ୍ଦାଜ ବାହିନୀ; 2. କ୍ରି. ଦମନମୂଳକ ଭାବେ ଗୋଷ୍ଠୀଗଠନ କରିବା; ବାହିନୀ ଗଠନ କରିବା; ବି. regimentation.

**regimental** 1. ବିଂ. ସୈନ୍ୟଦଳ ସଂକ୍ରାନ୍ତ; 2. ବି. କୌଣସି ବାହିନୀର ନିର୍ଦ୍ଧାରିତ ପୋଷାକପତ୍ର; କ୍ରି.ବିଂ. regimentally.

***Regina*** ବି. (ନାମପରେ ବ୍ୟବହୃତ) ସାମ୍ରାଜ୍ଞୀ । *(ଲା.)*

**region** ବି. ନିର୍ଦ୍ଦିଷ୍ଟ ସୀମାଙ୍କିତ କ୍ଷେତ୍ର; କ୍ଷେତ୍ର, ଅଞ୍ଚଳ, ପ୍ରଶାସନିକ କ୍ଷେତ୍ର; in the region of ପ୍ରାୟ ।

**regional** ବିଂ. ଆଞ୍ଚଳିକ, କ୍ଷେତ୍ରୀୟ; କ୍ରି.ବିଂ. regionally.

**register** 1. ବି. ନଥିପତ୍ର, ସରକାରୀ ଖାତାପତ୍ର. ତାଲିକା, ପଞ୍ଜି, ଲିଖିତ ବିବରଣୀ; ରେଜିଷ୍ଟର୍; 2. କ୍ରି. ଲିପିବଦ୍ଧ ବା ପଞ୍ଜୀକରଣ କରିବା, ତାଲିକାଭୁକ୍ତ କରିବା, ଲେଖି ରଖିବା, ନାମ ଲେଖାଇବା, ଚିଠିପତ୍ର ରେଜିଷ୍ଟ୍ରୀ କରିବା, ସୂଚିତ କରିବା, ଇଙ୍ଗିତ କରିବା, ଭାବ ପ୍ରକାଶ କରିବା; (ବ୍ୟକ୍ତିର) ମନକୁ ପ୍ରଭାବିତ କରିବା ।

**registrar** ବି. ନିବନ୍ଧକ, ତାଲିକା ରକ୍ଷକ, ବିବରଣୀ ରକ୍ଷକ; ବିଶ୍ୱବିଦ୍ୟାଳୟର ନିବନ୍ଧକ; ଡାକ୍ତର ଖାନାରେ ତାଲିମରତ ବିଶେଷଜ୍ଞ ଡାକ୍ତର ।

**registration** ବି. ପଞ୍ଜୀକରଣ, ନିବନ୍ଧୀକରଣ, ଲିଖନ, ରେଜିଷ୍ଟ୍ରୀକରଣ ।

**registry** ବି. ଦଲିଲ୍ ବା ନଥିପତ୍ର ରହୁଥିବା ଦପ୍ତର ବା ସ୍ଥାନ (registry office).

**Regius professor** ବି. ରାଜପ୍ରତିଷ୍ଠିତ ବିଶେଷ ସମ୍ମାନଯୋଗ୍ୟ ଅଧାପକ (ଅକ୍ସଫୋର୍ଡ୍ ଓ କେମ୍ବ୍ରିଜ୍‌ରେ) ।

**regress** 1. କ୍ରି. ପଛେଇବା, ପ୍ରତ୍ୟାଗମନ କରିବା; 2. ବି. ପଶ୍ଚାଦ୍‌ଗମନ; ରୋଗର ପୁନଃଆକ୍ରମଣ; ପୂର୍ବାବସ୍ଥାକୁ ଫେରି ଆସିବା; ପଛୁଆ ପ୍ରବୃତ୍ତି ।

**regression** ବି. ପ୍ରତ୍ୟାଗମନ, ପଶ୍ଚାଦ୍‌ଗତି, ପ୍ରତ୍ୟାବୃତ୍ତି ।

**regret** 1. କ୍ରି. ଦୁଃଖ, ଅନୁଶୋଚନା ବା ଖେଦ ଅନୁଭବ କରିବା ବା ପ୍ରକାଶ କରିବା; ଦୁଃଖର ସହ ଜଣାଇବା; 2. ବି. ପରିତାପ, ଦୁଃଖ, ପଶ୍ଚାତ୍ତାପ, ଅନୁଶୋଚନା; give (send) one's regrets ନିମନ୍ତ୍ରଣ ଅସ୍ୱୀକାର କରିବା ।

**regretful** ବିଂ. ଦୁଃଖପୂର୍ଣ୍ଣ; ପରିତାପପୂର୍ଣ୍ଣ ।

**regretfully** କ୍ରି.ବିଂ. ଖେଦର ସହ, ଦୁଃଖର ସହିତ ।

**regrettable** ବିଂ. ଅବାଂଛନୀୟ, ଅସଂଗତ, ନିନ୍ଦନୀୟ (ଘଟଣା ବା ବ୍ୟବହାର); କ୍ରି.ବିଂ. regrettably.

**regular** ବିଂ. ନିୟମିତ, କାଳାନୁବର୍ତ୍ତୀ, ନିୟତ, ସୁସଂହତ, ଗତାନୁଗତିକ, ବିଧିସମ୍ମତ, ନିୟମାନୁମୋଦିତ, ଅବିସମ୍ବାଦିତ; କ୍ରି.ବିଂ. regularly.

**regularity** ବି. ନିୟମିତତା, ନିୟମାନୁବର୍ତ୍ତିତା ।

**regularize** କ୍ରି. ନିୟମିତ କରିବା, ସମୟାନୁବର୍ତ୍ତୀ କରିବା; ବିଧିସମ୍ମତ କରିବା ।

**regulate** କ୍ରି. ନିୟମାଧୀନ କରିବା, ସୁବ୍ୟବସ୍ଥା କରିବା, ନିୟନ୍ତ୍ରଣ କରିବା, ବେଗ ପରିବର୍ତ୍ତନ କରିବା (ଯନ୍ତ୍ର ବା ଘଣ୍ଟାରେ) ।

**regulation** 1. ବି. ବିଧି, ବ୍ୟବସ୍ଥା, ବ୍ୟବସ୍ଥାପନ, ଆଇନ; 2. ବିଂ. ଆଇନ ଅନୁମୋଦିତ ।

**regurgitate** କ୍ରି. ଗିଳିଲା ଖାଦ୍ୟ ପୁଣି ପାଟିକୁ ଆଣିବା, ପାକୁଳି କରିବା; ଆଉ ଥରେ ଢାଳିବା ବା ଢ଼ଳେଇ କରିବା; ବି. regurgitation.

**rehabilitate** କ୍ରି. ବ୍ୟାଧିମୁକ୍ତ ହେବାପରେ ବା କାରାଗାର ମୁକ୍ତିପରେ ଥଇଥାନ କରିବା, ଥଇଥାନ କରିବା; ପୁନଃ ପ୍ରତିଷ୍ଠିତ କରିବା; ବି. rehabilitation.

**rehash** କ୍ରି. ପୁରୁଣା ବସ୍ତୁକୁ ନୂଆ ଭାବରେ ଥୋଇବା ।

**rehearsal** ବି. ପୂର୍ବାଭ୍ୟାସ, ପୂର୍ବାଭିନୟ ।

**rehearse** କ୍ରି. ପୂର୍ବାଭ୍ୟାସ କରିବା, ପୂର୍ବାଭିନୟ କରିବା, ଆବୃତ୍ତି କରିବା; ଅଭ୍ୟାସଦ୍ୱାରା ତାଲିମ ଦେବା; ତାଲିକା ଦେବା ।

**Reich** ବି. ପୂର୍ବତନ ଜର୍ମାନରାଷ୍ଟ୍ର (ନାଜି ଶାସନ କାଳ) ।

**reimburse** କ୍ରି. ପଇଠ କରିବା, ପ୍ରତିପୂରଣ ବା ପ୍ରତିପ୍ରଦାନ କରିବା ।

Digitized by srujanika@gmail.com

**reimbursement** ବି. ପ୍ରତିପୂରଣ, ପ୍ରତିପ୍ରଦାନ; ପଇଠିକରଣ ।

**rein** 1. ବି. ଲଗାମ, ଦମନ, ନିୟନ୍ତ୍ରଣ; ଶାସନ; 2. କ୍ରି. ଲଗାମ ଦେବା; ଶାସନ କରିବା; give free rein to ପୂର୍ଣ୍ଣ ସୁଯୋଗ ଦେବା; keep a tight rein on ନିୟନ୍ତ୍ରଣରେ ରଖିବା ।

**reincarnate** କ୍ରି. ପୁନର୍ଜନ୍ମ ନେବା; ବି. reincarnation.

**reindeer** ବି. ବଲ୍ଗା ହରିଣ ।

**reinforce** କ୍ରି. ପୁନର୍ବାର ବଳଶାଳୀ କରିବା, ପ୍ରବଳତର କରିବା, ନୂତନ ସୈନ୍ୟସଜ୍ଜା କରିବା ।

**reinforced concrete** ବି. ସିମେଣ୍ଟ ପ୍ରଭୃତି ସହ ଲୁହାଛଡ, ତାର ଇତ୍ୟାଦି ଦେଇ ଢଳେଇ ମଜବୁତ କରିବା ।

**reinforcement** ବି. ଅତିରିକ୍ତ ସୈନ୍ୟଦଳ; ଅଧିକ ଶକ୍ତି ଯୋଗାଣ ।

**reinstate** କ୍ରି. ହରାଇଥିବା ସ୍ଥିତି ବା ସୁବିଧା ସୁଯୋଗ ପୁଣି ଫେରି ପାଇବା ।

**reinstatement** ବି. ପୁନଃ ସ୍ଥାପନ ।

**reinsure** କ୍ରି. ପୁଣି ବୀମାଭୁକ୍ତ କରିବା ।

**reiterate** କ୍ରି. ପୁନଃ ପୁନଃ କହିବା ବା କରିବା; ବି. reiteration.

**reject** 1. କ୍ରି. ପ୍ରତ୍ୟାଖାନ କରିବା, ଅଗ୍ରାହ୍ୟ କରିବା, ନାମଞ୍ଜୁର କରିବା; 2. ବି. ପ୍ରତ୍ୟାଖ୍ୟାତ ବସ୍ତୁ ବା ବ୍ୟକ୍ତି ।

**rejection** ବି. ଅସ୍ୱୀକାର, ବର୍ଜନ, ପ୍ରତ୍ୟାଖ୍ୟାନ ।

**rejig** କ୍ରି. ନୂଆ ଉତ୍ପାଦନ ପାଇଁ କାରଖାନାକୁ ପ୍ରସ୍ତୁତ କରିବା ।

**rejoice** କ୍ରି. ଆନନ୍ଦିତ ହେବା, ଉତ୍ଫୁଲ୍ଲିତ ହେବା, ଖୁସି ହେବା ।

**rejoin**[1] କ୍ରି. ପୁନର୍ମିଳିତ ହେବା, ପୁଣି ଯୋଗ ଦେବା ।

**rejoin**[2] କ୍ରି. ପ୍ରତ୍ୟୁତ୍ତର ବା ଜବାବ ଦେବା; ମୋକଦ୍ଦମାରେ ଅଭିଯୋଗର ଉତ୍ତର ଦେବା ।

**rejoinder** ବି. ପ୍ରତ୍ୟୁତ୍ତର, ପ୍ରତ୍ୟୁକ୍ତି ।

**rejuvenate** କ୍ରି. ପୁନର୍ବାର ଯୌବନ ପ୍ରଦାନ କରିବା; ବି. rejuvenation; ବି. rejuvenator.

**relapse** 1. ବି. ଆଂଶିକ ସୁସ୍ଥ ହେବାପରେ ପୁଣି ସେଇ ରୋଗ ଫେରିଆସିବା; 2. କ୍ରି. ରୋଗ ଲେଉଟିବା ।

**relate** କ୍ରି. ବର୍ଣ୍ଣନା କରିବା, ସମ୍ବନ୍ଧାନ୍ୱିତ ହେବା, ସଂଯୁକ୍ତ ହେବା, ସଂପୃକ୍ତ ହେବା ବା କରିବା ।

**related** ବିଂ. ସଂପୃକ୍ତ; ସମ୍ବନ୍ଧିତ (ରକ୍ତଗତ ବା ବୈବାହିକ) ।

**relation** ବି. ସମ୍ପର୍କ, ସମ୍ବନ୍ଧ, ରକ୍ତ ସମ୍ପର୍କ, ଜ୍ଞାତି; ବର୍ଣ୍ଣନା, ଉଲ୍ଲେଖ; ପରସ୍ପର ସମ୍ପର୍କ, ଯୌନ–ସମ୍ପର୍କ ।

**relationship** ବି. ସମ୍ପର୍କ, ଆତ୍ମୀୟତା, ଆତ୍ମୀୟଭାବ, ଜ୍ଞାତିକୁଟୁମ୍ବ ।

**relative** 1. ବିଂ. ଆପେକ୍ଷିକ, ସମ୍ପର୍କିତ, ସମ୍ବନ୍ଧିତ; ତୁଳନାତ୍ମକ; 2. ବି. ଆତ୍ମୀୟ; ଜ୍ଞାତି; ବ୍ୟା. ଆପେକ୍ଷିକ ଶବ୍ଦ, ବିଶେ. ସର୍ବନାମ (which, who ପ୍ରଭୃତି); କ୍ରି.ବିଂ. relatively.

**relativity** ବି. ଆପେକ୍ଷିକତା, ସାପେକ୍ଷିକତା; ଆପେକ୍ଷିକ ତତ୍ତ୍ୱ; special theory of relativity ସମସ୍ତ ଗତି ଆପେକ୍ଷିକ ଏବଂ ଆଲୋକର ବେଗ ଅପରିବର୍ତ୍ତିତ; general theory of relativity ମାଧ୍ୟାକର୍ଷଣ ଏବଂ ବେଗକୁ ସଂପ୍ରସାରିତ ଏହି ତତ୍ତ୍ୱ ।

**relax** କ୍ରି. ଶିଥିଳ ବା ହୁଗୁଳା କରିବା; ହୁଗୁଳେଇବା; ବିଶ୍ରାମ କରିବା, ରିହାତି ଦେବା; କମେଇ ଦେବା, କାମ ବା ଉଦ୍ୟମ ବନ୍ଦ କରିଦେବା; ଲାଘବ କରିବା ।

**relaxation** ବି. ବିଶ୍ରାମ, ଆରାମ, ଶୈଥିଲ୍ୟ, ଚିତ୍ତବିନୋଦନ ।

**relay**[1] 1. ବି. ଦଳେ ନୂଆ କର୍ମଚାରୀ ପ୍ରଭୃତି ଅନ୍ୟମାନଙ୍କ ସ୍ଥାନରେ ଯୋଗଦେଇ କାମ ଆଗେଇ ଦେବା; ବେତାର କାର୍ଯ୍ୟକ୍ରମର ପ୍ରସାରଣ; 2. କ୍ରି. ସଞ୍ଚାର କରିବା, ପ୍ରସାରଣ କରିବା, ପୁନଃପ୍ରସାରଣ କରିବା ।

**relay race** ବି. ଜଣଜଣ କରି ପାଳି କରି ଦୌଡ ପ୍ରତିଯୋଗିତାରେ ଦଳବଦ୍ଧ ଭାବରେ ଭାଗନେବା ।

**release** 1. କ୍ରି. ମୁକ୍ତ କରିବା, ଛାଡିଦେବା, ବାହାର କରିବା, କୌଣସି ତଥ୍ୟ ପ୍ରକାଶ କରିବା; ପୁସ୍ତକ, ଚଳଚ୍ଚିତ୍ର ପ୍ରଭୃତି ମୁକ୍ତିଲାଭ କରିବା; 2. ବି. ମୁକ୍ତି; ଛାଡ; ପ୍ରକାଶନ ପାଇଁ ତଥ୍ୟ ବା ବିବରଣୀ ପ୍ରଦାନ (press release).

**relegate** କ୍ରି. ତଳକୁ ଖସାଇ ଦେବା; ନ୍ୟସ୍ତ କରିବା; ବି. relegation.

Digitized by srujanika@gmail.com

**relent** କ୍ରି. ନରମ ହେବା, ସହାନୁଭୂତିଶୀଳ ହେବା, ଦୟାର୍ଦ୍ର ହେବା ।

**relentless** ବିଂ. ନିଷ୍ଠୁର, ନିର୍ଦ୍ଦୟ, କଠୋର, ନିର୍ମମ; କ୍ରି.ବିଂ. relentlessly.

**relevance** ବି. ସଂଗତି; ସମ୍ପର୍କ, ପ୍ରାସଙ୍ଗିକତା; ପ୍ରସଙ୍ଗ ।

**relevant** ବିଂ. ସଂଗତ, ପ୍ରାସଙ୍ଗିକ, ସଂପୃକ୍ତ ।

**reliability** ବି. ବିଶ୍ୱସ୍ତତା, ବିଶ୍ୱସନୀୟତା ।

**reliable** ବିଂ. ବିଶ୍ୱସ୍ତ, ବିଶ୍ୱାସଯୋଗ୍ୟ, ନିର୍ଭରଯୋଗ୍ୟ ।

**reliance** ବି. ବିଶ୍ୱାସ, ନିର୍ଭରତା, ଭରସା, ପ୍ରତ୍ୟୟ ।

**relic** ବି. ଧ୍ୱଂସାବଶେଷ, ଦେହାବଶେଷ; ବ.ବ. ସ୍ମାରକ ଚିହ୍ନ, ସ୍ମୃତି ନିଦର୍ଶନ ।

**relict** ବି. ଆଦିମ ରୂପରେ ଏ ପର୍ଯ୍ୟନ୍ତ ରହିଥିବା ପଦାର୍ଥ ।

**relief** ବି. ଯନ୍ତ୍ରଣା, ରୋଗ ପ୍ରଭୃତିରୁ ଉପଶମ; ଆରାମ, ଉପଶମ, ସାହାଯ୍ୟ, ପ୍ରତିକାର, ସ୍ୱାଚ୍ଛନ୍ଦ୍ୟ, ଦାୟିତ୍ୱମୁକ୍ତି; ସମତଳ ପୃଷ୍ଠରୁ ଉଦ୍‌ଗତ ମାନଚିତ୍ର, ଚିତ୍ର ପ୍ରଭୃତି ।

**relief map** ବି. ଯେଉଁମାନଚିତ୍ରରେ ରଙ୍ଗ ପ୍ରଭୃତି ସାହାଯ୍ୟରେ ପର୍ବତ, ନଦୀ ଇତ୍ୟାଦି ଦେଖାଇ ଦିଆଯାଏ ।

**relieve** କ୍ରି. ଉପଶମ କରିବା, ପଦମୁକ୍ତ କରିବା, ସାହାଯ୍ୟ କରିବା, ପ୍ରତିକାର କରିବା, ଉଦ୍ଧାର କରିବା; relieve one's feelings କ୍ରୋଧାବସ୍ଥାରେ କଡ଼ା କଥା କହିବା; relieve a person of ଅନ୍ୟଜଣକ ପାଖରୁ ଦାୟିତ୍ୱ ଗ୍ରହଣ କରିବା; relieve oneself ପରିସ୍ରା ବା ମଳତ୍ୟାଗ କରିବା ।

**relievo** ବି. ସ୍ଥାପତ୍ୟ କଳା ବିଶେଷ ।

**religion** ବି. ଧର୍ମ, ଧର୍ମବିଶ୍ୱାସ, ଈଶ୍ୱର ଭକ୍ତି, ଭଗବତ୍‌ନିଷ୍ଠା, ସନ୍ନ୍ୟାସବ୍ରତ ।

**religious** 1. ବି. ଧାର୍ମିକ, ପୁଣ୍ୟାତ୍ମା, ଧର୍ମପରାୟଣ; ବ୍ରତ ଆଚରଣକାରୀ; ବିବେକୀ; 2. ବି. ସନ୍ନ୍ୟାସବ୍ରତ ଗ୍ରହଣ କରିଥିବା ବ୍ୟକ୍ତି; କ୍ରି.ବିଂ. religiously.

**relinquish** କ୍ରି. ପରିତ୍ୟାଗ କରିବା, ଛାଡ଼ିଦେବା; ହସ୍ତାନ୍ତର କରିବା; ବିସର୍ଜନ କରିଦେବା; ବି. relinquishment.

**reliquary** ବି. ଧର୍ମ. ଦେହାବଶେଷଧାରଣ ପାତ୍ର ।

**relish** 1. ବି. ଆସ୍ୱାଦ, ରୁଚି, ଅନୁରାଗ, ରସ, ଇଚ୍ଛା, କ୍ଷୁଧା, ଖାଦ୍ୟର ସ୍ୱାଦ ବା ସୁଗନ୍ଧ ବର୍ଦ୍ଧନକାରୀ ବସ୍ତୁ; 2. କ୍ରି. ପସନ୍ଦ କରିବା; ଭୋଗ କରିବା; ରସାସ୍ୱାଦ କରିବା; ତୃପ୍ତିର ସହିତ ଭୋଜନ କରିବା ।

**relive** କ୍ରି. ପୂର୍ବ ଅନୁଭୂତି ଆଉଥରେ ଦୋହରାଇବା ବା ସ୍ମରଣ କରିବା (ବିଶେ. କଳ୍ପନାରେ) ।

**relocate** କ୍ରି. ପୁଣିଥରେ ଖୋଜିପାଇବା ବା ନୂଆ ଜାଗାକୁ ଚାଲିଯିବା; ବି. relocation.

**reluctance** ବି. ଅନିଚ୍ଛା, ବିରାଗ, ଅସନ୍ତୋଷ, ବିମୁଖତା, ବିତୃଷ୍ଣା ।

**reluctant** ବିଂ. ଅନିଚ୍ଛୁକ, ବିମୁଖ, ବିତୃଷ୍ଣ; କ୍ରି.ବିଂ. reluctantly.

**rely** କ୍ରି. ବିଶ୍ୱାସ କରିବା, ଆସ୍ଥା ସ୍ଥାପନ କରିବା, ନିର୍ଭର କରିବା ।

**remain** କ୍ରି. ଅବଶିଷ୍ଟ ରହିବା, ଅବସ୍ଥାନ କରିବା, ବାକି ରହିବା ।

**remainder** ବି. ଅବଶେଷ, ଅବଶିଷ୍ଟାଂଶ; ଭାଗଶେଷ ।

**remains** ବି. ବ.ବ. ଅବଶିଷ୍ଟ ପଦାର୍ଥ, ଅବଶେଷ, ଧ୍ୱଂସାବଶେଷ; ଶବ ।

**remand** କ୍ରି. ଅଧିକ ଅନୁସନ୍ଧାନର ସୁବିଧାପାଇଁ ପୁନର୍ବାର ହାଜତକୁ ପଠାଇବା; on remand ହାଜତକୁ ପୁନଃପ୍ରେରିତ ।

**remand centre (home)** ବି. ଅଭିଯୁକ୍ତମାନଙ୍କ ରହଣି ପାଇଁ ଉଦ୍ଦିଷ୍ଟ ସଂସ୍ଥା ।

**remark** 1. କ୍ରି. ମନ୍ତବ୍ୟ ଦେବା, କହିବା, ମତଦେବା; ଦୃଷ୍ଟି ଆକର୍ଷିତ ହେବା; 2. ବି. ମନ୍ତବ୍ୟ, ବକ୍ତବ୍ୟ ।

**remarkable** ବିଂ. ବିଖ୍ୟାତ, ଅସାଧାରଣ, ଚମତ୍କାରପ୍ରଦ ।

**REME** ସଂଶ. Royal Electrical and Mechanical Engineers ରୟେଲ୍ ଇଲେକ୍ଟ୍ରିକାଲ ଏଣ୍ଡ ମେକାନିକାଲ୍ ଇଞ୍ଜିନିୟରସ୍ ।

**remedial** ବିଂ. ପ୍ରତିକାରମୂଳକ (ଯଥା, ପୁସ୍ତକ) ।

**remedy** 1. ବି. ରୋଗ ପାଇଁ ପ୍ରତିକାର; ଉପଚାର, ଉପାୟ; ପ୍ରତିବିଧାନ; ଆଇନଗତ ସହାୟତା; 2. କ୍ରି. ସଜାଡିବା, ଭଲ କରିବା; ବିଂ. remediable.

Digitized by srujanika@gmail.com

**remember** କ୍ରି. ସ୍ମରଣ କରିବା, ମନେ ପକାଇବା; ନ ଭୁଲିବା; ଶୁଭେଚ୍ଛା ବା ଅଭିନନ୍ଦନ ଜଣାଇବା (remember me to your mother).

**remembrance** ବି. ସ୍ମରଣ, ସ୍ମରଣଶକ୍ତି, ସ୍ମୃତି ନିଦର୍ଶନ, ସାଇତା ଦ୍ରବ୍ୟ, ସ୍ମାରକୀ; ବ.ବରେ (କାହା ଜରିଆରେ) ଅଭିବାଦନ ଜ୍ଞାପନ।

**Remembrance Sunday** ବି. ନଭେମ୍ବର ୧୧ର ନିକଟତମ ରବିବାର, ଯେଉଁଦିନ ଦୁଇ ବିଶ୍ୱଯୁଦ୍ଧର ଶହୀଦମାନଙ୍କ ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଏ।

**remind** କ୍ରି. ସ୍ମରଣ କରିବା, ମନେ ପକାଇ ଦେବା।

**reminder** ବି. ଅନୁସ୍ମାରକ, ସ୍ମାରକ, ସ୍ମରଣପତ୍ର, ତାଗିଦ୍‌ପତ୍ର।

**reminisce** କ୍ରି. ପୂର୍ବସ୍ମୃତିଚାରଣ କରିବା।

**reminiscence** ବି. ପୂର୍ବସ୍ମୃତି, ସ୍ମୃତି; ବ.ବ. ସ୍ମୃତିକଥା।

**reminiscent** ବିଂ. ସ୍ମାରକ, ସ୍ମୃତି ଉଦ୍ରେକକାରୀ।

**remiss** ବିଂ. କର୍ତ୍ତବ୍ୟରେ ଅବହେଳାକାରୀ; ଅସାବଧାନ; ଶିଥିଳ।

**remission** ବି. ଦାୟିତ୍ୱ ମୋଚନ କରଣ; କ୍ଷମା; ମାର୍ଜନା; ଉପଶମ; ଶାସ୍ତି ବା ଦେଣାରୁ ଅବ୍ୟାହତି।

**remit** 1. କ୍ରି. ଋଣ ଆଦାୟ ବା ଶାସ୍ତି ମୋଚନ କରିବା; ଛାଡ଼ କରିବା; ଟଙ୍କା ପଠାଇବା; ତାର କରିବା; ତଳ ଅଦାଲତକୁ କେସ୍ ପଠେଇଦେବା; ଦୋଷ ବା ପାପ କ୍ଷମା ଦେବା; କମେଇବା, ଘୁଞ୍ଚାଇ ଦେବା; 2. ବି. ବିଚାର ପାଇଁ ପ୍ରେରିତ ବିଷୟ।

**remittance** ବି. ଟଙ୍କା ପ୍ରେରଣ; ପ୍ରେରିତ ଅର୍ଥ।

**remittent** ବିଂ. ସମୟାନ୍ତରରେ ହ୍ରାସ ପାଉଥିବା (ଜ୍ୱର ପ୍ରଭୃତି)।

**remix** 1. କ୍ରି. ପୁନର୍ମିଶ୍ରଣ କରିବା; 2. ବି. ପୁନର୍ମିଶ୍ରିତ ସଙ୍ଗୀତ ପ୍ରଭୃତି।

**remnant** ବି. ଅବଶିଷ୍ଟାଂଶ; ଭଗ୍ନାଂଶ; ବଳକା କପଡ଼ା।

**remold** କ୍ରି. ଆମେ. ବନ. remould.

**remonstrate** କ୍ରି. ପ୍ରତିବାଦ କରିବା; ଦୃଢ଼ ଆପତ୍ତି କରିବା; ବି. remonstrance.

**remonstration** ବି. ଆପତ୍ତି, ପ୍ରତିବାଦ, ଆକ୍ଷେପ।

**remorse** ବି. ମନସ୍ତାପ, ପରିତାପ, ଅନୁଶୋଚନା, ମର୍ମପୀଡ଼ା, କରୁଣା।

**remorseful** ବିଂ. ଅନୁଶୋଚନା ଯୋଗ୍ୟ, ମନସ୍ତାପକାରୀ, ମନସ୍ତାପ ଦାୟକ।

**remorsefully** କ୍ରି.ବିଂ. ପରିତାପର ସହିତ, ଅନୁଶୋଚନା ସହିତ।

**remorseless** ବିଂ. ନିଷ୍ଠୁର, ନିର୍ମମ, ନିଷ୍କରୁଣ; କ୍ରି.ବିଂ. remorselessly.

**remote** ବିଂ. ଦୂରବର୍ତ୍ତୀ, (ସମୟ ବା ସ୍ଥାନ) ସୁଦୂର; ପରୋକ୍ଷ, ନିକାଞ୍ଚନ; ଅତ୍ୟଳ୍ପ (haven't the remotest idea); ଦୂରତ୍ୱତା; କ୍ରି.ବିଂ. remotely; ବି. remoteness.

**remote control** ବି. ବିଦ୍ୟୁତ୍ ବା ବେତାର ସଞ୍ଚାଳିତ ଯନ୍ତ୍ରଦ୍ୱାରା ଦୂରବର୍ତ୍ତୀ ଯନ୍ତ୍ରପାତିର ନିୟନ୍ତ୍ରଣ।

**remould** 1. କ୍ରି. ପୁନର୍ଗଠନ କରିବା; ନୂଆ ଛାଞ୍ଚରେ ପକାଇବା; ଟାୟାର୍ ରିଟ୍ରେଡିଂ କରିବା; 2. ବି. ରିଟ୍ରେଡିଂ କରାଯାଇଥିବା ଟାୟାର୍।

**removal** ବି. ଅପସାରଣ, ସ୍ଥାନାନ୍ତରଣ, ପଦଚ୍ୟୁତି।

**remove** 1. କ୍ରି. ଅପସାରଣ କରିବା, ସ୍ଥାନାନ୍ତର କରିବା, ପଦଚ୍ୟୁତ କରିବା, ହଟାଇବା; 2. ବି. ଦୂରତ୍ୱ; ଯୋଗ୍ୟତା ବା ସଫଳତାର ସ୍ତର; (କେତେକ ବିଦ୍ୟାଳୟରେ) ଶ୍ରେଣୀ; ବିଂ. removable.

**remunerate** କ୍ରି. ପାରିଶ୍ରମିକ ଦେବା, ପାରିତୋଷିକ ବା ପୁରସ୍କାର ଦେବା।

**remuneration** ବି. ପାରିଶ୍ରମିକ, ପାରିତୋଷିକ, ପୁରସ୍କାର; ବିଂ. remunerative.

**Renaissance** ବି. ଚତୁର୍ଦ୍ଦଶ–ଷୋଡଶ ଖ୍ରୀଷ୍ଟାବ୍ଦରେ ୟୁରୋପରେ ଘଟିତ କଳା ଓ ସାହିତ୍ୟର ପୁନରଭ୍ୟୁଦୟ; ସେହି କାଳର ସାହିତ୍ୟ, କଳା ପ୍ରଭୃତି।

**renal** ବିଂ. ବୃକ୍କୀୟ।

**renascence** ବି. ନବଜନ୍ମ, ନବଜାଗୃତି।

**renascent** ବିଂ. ପୁନରଭ୍ୟୁତ୍ଥାନ ପ୍ରାପ୍ତ, ପୁନରୁଜ୍ଜୀବିତ, ନବଜନ୍ମପ୍ରାପ୍ତ।

Digitized by srujanika@gmail.com

**rend** କ୍ରି. (*ଅ.କା., ଅ.କ୍ରି.ଜ.ପ.* rent) *ପ୍ରା.ପ୍ର.* ବିଦୀର୍ଣ୍ଣ ହେବା ବା କରିବା, ଛିନ୍ନଭିନ୍ନ କରିବା ।

**render** କ୍ରି. ହେବା ବା ହୋଇଯିବା; ଦେବା; ପ୍ରତ୍ୟର୍ପଣ କରିବା; ସାହାଯ୍ୟ କରିବା; ତ୍ୟାଗ କରିବା; ଅର୍ପଣ କରିବା; ଚିତ୍ରଣ କରିବା; ଅନୁବାଦ କରିବା; ସମ୍ପନ୍ନ କରିବା; ଅଭିନୟ କରିବା; (ସଂଗୀତ) ପରିବେଷଣ କରିବା; ତରଳି ଯିବା; ପଲସ୍ତରା କରିବା ।

**rendezvous** (ରେଣ୍ଡିଭୁ) ବି. ମିଳନ ସ୍ଥାନ, ଅଭିସାର ସ୍ଥାନ ।

**rendition** ବି. ନାଟ୍ୟାଭିନୟ ବା ସଙ୍ଗୀତ ପରିବେଷଣ ବା ତାହାର ବ୍ୟାଖ୍ୟା ।

**renegade** ବି. ସ୍ୱଧର୍ମତ୍ୟାଗୀ; ଦଳତ୍ୟାଗୀ; ସ୍ୱପକ୍ଷତ୍ୟାଗୀ ।

**renege** କ୍ରି. ପରିତ୍ୟାଗ କରିବା; **renege on** କଥା ରଖି ନ ପାରିବା; ହତାଶ କରିବା ।

**renew** କ୍ରି. ନବଜୀବନ ଦାନ କରିବା, ପୁଣି ନୂଆ କରିବା; ପୂର୍ବାବସ୍ଥାକୁ ଫେରାଇ ଆଣିବା; ବିରତି ପରେ ପୁଣି ଆରମ୍ଭ କରିବା; ନବୀକରଣ କରିବା; ଶକ୍ତି ଫେରି ପାଇବା; ବିଂ. renewable.

**renewal** ବି. ନବୀକରଣ, ନୂତନୀକରଣ ।

**rennet** ବି. କଅଁଳା ବାଛୁରା ପେଟରେ ଦହି ହୋଇଯାଇଥିବା ଦୁଧ; ଦୁଧରୁ ଦହି ଓ ଛେନା ପ୍ରସ୍ତୁତ କରିବା ପାଇଁ ବ୍ୟବହୃତ ଦ୍ରବ୍ୟ ।

**renounce** କ୍ରି. ଦାବି, ଅଧିକାର ପ୍ରଭୃତି ତ୍ୟାଗ କରିବା; ପରିତ୍ୟାଗ କରିବା; ସମ୍ପର୍କ ଅସ୍ୱୀକାର କରିବା ବା ଛିନ୍ନ କରିବା ।

**renovate** କ୍ରି. ଭଲ ଅବସ୍ଥାକୁ ଆଣିବା; ମରାମତି କରିବା; ବି. renovation; ବି. renovator.

**renown** ବି. ପ୍ରତିଷ୍ଠା, ଯଶ, କୀର୍ତ୍ତି, ସୁନାମ ।

**renowned** ବିଂ. ଯଶସ୍ୱୀ, ବିଖ୍ୟାତ, ପ୍ରତିଷ୍ଠିତ ।

**rent**[1.] 1. ବି. ଭଡ଼ା; ଘରଭଡା; 2. କ୍ରି. ଭଡାରେ ନେବା, ଘର ଭଡା ନେବା ।

**rent**[2.] ବି. ଛିଣ୍ଡା ଲୁଗା, ମେଘର ଫାଙ୍କ ।

**rent**[3.] କ୍ରି. rendର *ଅ.କା., ଅ.କ୍ରି.ଜ.ପ.* ।

**rental** ବି. ଭଡା ପରିମାଣ; ଭଡା; ଭଡାରୁ ଆୟ ।

***rentier*** ବି. ଘରଭଡା ବା ଧନ ବିନିଯୋଗ କରି ହେଉଥିବା ଆୟରେ ଚଳୁଥିବା ବ୍ୟକ୍ତି । *(ଫ.)*

**renunciation** ବି. ତ୍ୟାଗ, ପରିହାର, ସନ୍ନ୍ୟାସ, ସଂସାର ତ୍ୟାଗ ।

**reorder** କ୍ରି. ପୁନଃ ଆଦେଶ ଦେବା; ନୂଆ ବ୍ୟବସ୍ଥାରେ ପକାଇବା ।

**reorganize** କ୍ରି. ପୁନର୍ଗଠନ କରିବା; ବି. reorganization.

**rep**[1.] ବି. ପର୍ଦ୍ଦାପ୍ରଭୃତି ଭାବେ ବ୍ୟବହୃତ ଏକପ୍ରକାର କପଡ଼ା ।

**rep**[2.] ବି. *କ.ଭା.* ବ୍ୟବସାୟୀ ପ୍ରତିନିଧି; ଭ୍ରାମ୍ୟମାଣ ବ୍ୟବସାୟୀ ।

**rep**[3.] ବି. *କ.ଭା.* ଥିଏଟରଦଳ ବା କମ୍ପାନୀ (repertory).

**repair**[1.] 1. କ୍ରି. ମରାମତି କରିବା, ପ୍ରତିକାର କରିବା, ସଜାଡିବା; ଭଲ ଅବସ୍ଥାକୁ ଆଣିବା; 2. ବି. ମରାମତି, ପ୍ରତିକାର; ସଜଡା; ବିଂ. repairable; ବି. repairer.

**repair**[2.] କ୍ରି. (to ସହ) ଯିବା; ଭରିବା ।

**reparable** ବିଂ. ଯେଉଁକ୍ଷତି ପୂରଣୀୟ ।

**reparation** ବି. ଦୋଷ ସ୍ୱୀକାର; (ଯୁଦ୍ଧ ପ୍ରଭୃତି ଜନିତ) କ୍ଷତି ପୂରଣ ।

**repartee** ବି. ପ୍ରଶ୍ନୋତ୍ତରମାଳିକା; ଶ୍ଳେଷଯୁକ୍ତ ଉତ୍ତର ଜବାବ, ଚାତୁର୍ଯ୍ୟପୂର୍ଣ୍ଣ ପ୍ରତ୍ୟୁତ୍ତର ।

**repast** ବି. ଖିଆ; ଆହାର ଏବଂ ପାନୀୟ; ଭୋଜନ ।

**repatriate** 1. କ୍ରି. ସ୍ୱଦେଶକୁ ଫେରାଇବା, ଜନ୍ମଭୂମିକୁ ପ୍ରତ୍ୟାବର୍ତ୍ତନ କରିବା; 2. ବି. ସ୍ୱଦେଶାବର୍ତ୍ତିତ ବ୍ୟକ୍ତି ।

**repatriation** ବି. ସ୍ୱଦେଶ ପ୍ରେରଣ ବା ପ୍ରତ୍ୟାବର୍ତ୍ତନ ।

**repay** କ୍ରି. ପରିଶୋଧ କରିବା; ପ୍ରତିଦାନ କରିବା; କ୍ଷତିପୂରଣ ଦେବା; ସୁଝିବା; ବିଂ. **repayable**; ବି. **repayment**.

**repeal** 1. କ୍ରି. ରଦ୍ଦ କରିବା, ରହିତ କରିବା; 2. ବି. ରଦ୍ଦ, ପ୍ରତ୍ୟାହାର ।

**repeat** 1. କ୍ରି. ପୁନର୍ବାର କହିବା ବା କରିବା; ପୁନରାବୃତ୍ତି କରିବା; ବାରମ୍ବାର ଘଟିବା ବା ହେବା; 2. ବି. ପୁନଃଯୌଗିକ ଘଟଣା; ପୁନରାବୃତ୍ତି; (ରେଡିଓ, ଦୂରଦର୍ଶନରେ) କାର୍ଯ୍ୟକ୍ରମର ପୁନଃପ୍ରସାରଣ; ସଙ୍ଗୀତ ଘୋଷା ବା ଭାଗ; **repeat itself** ପୂର୍ବରୂପରେ ପୁଣି ଦେଖାଦେବା; **repeat oneself** ସେଇ କଥା ଆଉଥରେ କହିବା ବା କରିବା; ବିଂ. **repeatable**.

**repeatedly** କ୍ରି.ବିଂ. ବାରମ୍ବାର, ଥରକୁଥର, ଘନଘନ ।

Digitized by srujanika@gmail.com

**repeater** ବି. ବାରମ୍ବାର କହୁଥିବା ବା କରୁଥିବା ବ୍ୟକ୍ତି ।

**repel** କ୍ରି. ହଟାଇଦେବା; ବିତାଡ଼ିତ କରିବା; ବିକର୍ଷିତ କରିବା, ଅପ୍ରିୟ ବା ଅରୁଚିକର ହେବା; ପ୍ରତିରୋଧ କରିବା ।

**repellent** 1. ବିଂ. ଯାହା ପ୍ରତିହତ କରେ; 2. ବି. ନିବାରଣକ୍ଷମ, ପ୍ରତିହତକାରୀ ।

**repent** କ୍ରି. ଅନୁତାପ କରିବା, ପଶ୍ଚାତ୍ତାପ କରିବା; ଗଭୀର ଅନୁଶୋଚନା କରିବା ।

**repentance** ବି. ଅନୁତାପ, ପଶ୍ଚାତ୍ତାପ ।

**repentant** ବିଂ. ଅନୁତପ୍ତ ।

**repercussion** ବି. ପ୍ରତିକ୍ରିୟା; ଘଟଣା ବା କାର୍ଯ୍ୟର ପ୍ରତିକ୍ରିୟା ବା ପରୋକ୍ଷ ପ୍ରଭାବ; ପ୍ରତିଧ୍ୱନି ।

**repertoire** ବି. ନିୟମିତ ବ୍ୟବହୃତ କୌଶଳ; ନିତ୍ୟନୈମିତ୍ତିକ କାର୍ଯ୍ୟକ୍ରମର ଅଂଶବିଶେଷ ।

**repertory** ବି. କୌଣସି ନାଟ୍ୟଦଳଦ୍ୱାରା ସ୍ୱଳ୍ପ କାଳମଧ୍ୟରେ ପରିବେଷିତ ନାଟକ ସମୂହ; ଘଟଣା ବା ସୂଚନା ସମୂହ ।

**repetition** ବି. ପୁନରାବୃତ୍ତି; ପୁନର୍କଥନ, ପୁନରୁକ୍ତି, ନକଲ; ବିଂ. repetitious; repetitive.

**repine** କ୍ରି. ଅସନ୍ତୁଷ୍ଟ ହେବା, ମନ କଷ୍ଟ କରିବା ।

**replace** କ୍ରି. ପୁନର୍ବାର ସ୍ୱସ୍ଥାନରେ ରଖିବା; ବଦଳ ଦେବା; ପୁନଃସ୍ଥାପିତ କରିବା, ସ୍ଥାନ ପୂରଣ କରିବ ।

**replacement** ବି. ପୁନଃସ୍ଥାପନ, ବଦଳ, ପୂର୍ତ୍ତି; ତୁଲ୍ୟ ବସ୍ତୁ ସ୍ଥାପନ ।

**replay** 1. କ୍ରି. ଆଉ ଥରେ ଉପସ୍ଥାପନ ବା ପ୍ରଦର୍ଶନ କରିବା (ସଙ୍ଗୀତ, ନାଟକ, କ୍ରୀଡାପ୍ରଭୃତି); 2. ବି. (ଖେଳ ପ୍ରଭୃତିର) ପୁନଃ ପ୍ରସାରଣ ।

**replenish** କ୍ରି. ପୂର୍ଣ୍ଣକରିବା; ପୁଣି ପୂର୍ଣ୍ଣ କରିବା; ବି. replenishment.

**replete** ବିଂ. (ଭୋଜନରେ) ପରିତୃପ୍ତ; ପରିପୂର୍ଣ୍ଣ, ଭରପୂର ।

**replica** ବି. ଅନୁକୃତି, ବିଶେ. ଶିଳ୍ପୀଙ୍କ ଦ୍ୱାରା ସ୍ୱକୃତ ଚିତ୍ରର ନକଲ; କ୍ଷୁଦ୍ରାକୃତି ମଡେଲ୍ ।

**reply** 1. କ୍ରି. ଚିଠିର ଜବାବ ଦେବା; କଥା ବା କାର୍ଯ୍ୟରେ ଉତ୍ତର ଦେବା; 2. ବି. ଜବାବ, ଉତ୍ତର ।

**report** 1. କ୍ରି. ବିବରଣୀ ଦେବା; ସାକ୍ଷ୍ୟ ପ୍ରଦାନ କରିବା; ସମ୍ବାଦ ଦେବା, ସମ୍ବାଦ ପତ୍ରରେ ଖବର ଦେବା; ଅବଗତ କରାଇବା; ବର୍ଣ୍ଣନା କରିବା; ଉପସ୍ଥିତି ବା ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଜଣାଇବା; ଅଭିଯୋଗ କରିବା, ହାଜିରା ଦେବା; ପ୍ରକାଶନ ବା ମୁଦ୍ରଣ ପାଇଁ ଲିପିବଦ୍ଧ କରିବା; ଜଣେଇବା; 2. ବି. ସମ୍ବାଦ, ବିବରଣୀ, ବର୍ଣ୍ଣନ, ବିବୃତି, ଅଭିଯୋଗ, ସାଧାରଣ ବାର୍ତ୍ତାଳାପ, ଗୁଜବ; ଛାତ୍ରର କାର୍ଯ୍ୟ ସମ୍ପର୍କରେ ସାମୟିକ ବିବରଣୀ; (ଗୁଳିଗୋଳାର) ବିସ୍ଫୋରଣ ଶବ୍ଦ ।

**reported speech** ବି. ବ୍ୟା. ପରୋକ୍ଷ ଉକ୍ତି ।

**reporter** ବି. ସମ୍ବାଦଦାତା, ସାମ୍ବାଦିକ ।

**repose**[1] 1. ବି. ବିଶ୍ରାମ, ନିଦ୍ରା, ଶୟନ, ମନର ସ୍ଥିର ବା ଶାନ୍ତ ଅବସ୍ଥା; 2. କ୍ରି. ବିଶ୍ରାମ କରିବା; ନିଦ୍ରାଯିବା; ଶୋଇପଡ଼ିବା; ନିଦ୍ରା ବା ମୃତ୍ୟୁରେ ଶୋଇଯିବା ।

**repose**[2] କ୍ରି. (ବିଶ୍ୱାସ ପ୍ରଭୃତି) ସ୍ଥାପନ କରିବା ।

**reposeful** ବିଂ. ଶାନ୍ତି ପ୍ରଦାୟକ; ବିଶ୍ରାମଯୁକ୍ତ, ନିଦ୍ରାକାରକ ।

**repository** ବି. ଭଣ୍ଡାର, ଗୋଦାମ, ସଂଗ୍ରହାଳୟ, ଆଧାର ।

**repossess** କ୍ରି. ପୁନର୍ଦଖଲ କରିବା; ପୁଣି ହାସଲ କରିବା; ବି. repossession.

**reprehend** କ୍ରି. ଗାଳି ଦେବା, ନିନ୍ଦା କରିବା ।

**reprehensible** ବିଂ. ନିନ୍ଦନୀୟ ।

**represent** କ୍ରି. ପ୍ରତିନିଧିତ୍ୱ କରିବା; ବର୍ଣ୍ଣନା କରିବା; ଚିତ୍ରିତ କରିବା; ଅଭିନୟ କରିବା ।

**representation** ବି. ବର୍ଣ୍ଣନା, ଚିତ୍ରଣ; ନିବେଦନ, ପ୍ରତିନିଧିତ୍ୱ, ପ୍ରତିମୂର୍ତ୍ତି; ମତ ବା ବିଚାରଧାରା ଉପସ୍ଥାପନ ।

**representational** ବିଂ. ପ୍ରତୀକାତ୍ମକ; ପ୍ରତିନିଧିମୂଳକ ।

**representative** 1. ବିଂ. ପ୍ରତିନିଧି ସ୍ଥାନୀୟ; ପ୍ରତିନିଧିମୂଳକ; ପ୍ରତୀକାତ୍ମକ; 2. ବି. ପ୍ରତିନିଧି, ଦୃଷ୍ଟାନ୍ତ; କୌଣସି ସଂସ୍ଥା ବା ଗୋଷ୍ଠୀର ପ୍ରତିନିଧି ।

**repress** କ୍ରି. ଦମନ କରିବା; ନିବାରଣ କରିବା; ଦବେଇବା; ମନ ବା ଚେତନାରୁ ଅସଂଗତ ଚିନ୍ତା ବା କାମନା ବହିଷ୍କୃତ କରିବା; ପ୍ରବୃତ୍ତି ଦମନ କରିବା; ବି. repression ବିଂ. repressive.

**reprieve** କ୍ରି. ମୃତ୍ୟୁଦଣ୍ଡ ସ୍ଥଗିତ କରିବା; ଅବ୍ୟାହତି ଦେବା; ଦଣ୍ଡଦାନ ସ୍ଥଗିତ ରଖିବା ।

Digitized by srujanika@gmail.com

**reprimand** 1. ବି. ତୀବ୍ର ଭର୍ତ୍ସନା, ତିରସ୍କାର (ଦୋଷପାଇଁ); 2. କ୍ରି. ଭର୍ତ୍ସନା କରିବା।

**reprint** 1. କ୍ରି. ପୁନର୍ମୁଦ୍ରଣ କରିବା, ପୁଣି ଥରେ ଛାପିବା; 2. ବି. ପୁନର୍ମୁଦ୍ରଣ, ପୁନର୍ମୁଦ୍ରିତ ପୁସ୍ତକ।

**reprisal** ବି. ପ୍ରତିଶୋଧ ଗ୍ରହଣ, ପ୍ରତିଶୋଧ।

**reprise** ବି. ସଙ୍ଗୀତରେ ଘୋଷାପଦ, ସଙ୍ଗୀତ କାର୍ଯ୍ୟକ୍ରମରେ ବାରମ୍ବାର ବାଦନ କରାଯାଉଥିବା ଅଂଶ।

**reproach** 1. କ୍ରି. ଭୁଲପାଇଁ ଭର୍ତ୍ସନା କରିବା, ତିରସ୍କାର କରିବା; 2. ବି. ତିରସ୍କାର, ନିନ୍ଦା, ଭର୍ତ୍ସନା; beyond (above) reproach ନିଖୁଣ, ନିର୍ଦ୍ଦୋଷ, ନିନ୍ଦାର ଊର୍ଦ୍ଧ୍ୱରେ।

**reproachful** ବିଂ. ନିନ୍ଦାପୂର୍ଣ୍ଣ, ନିନ୍ଦାସୂଚକ; କ୍ରି.ବିଂ. reproachfully.

**reprobate** ବି. ପାପାଚାରୀ ବା ନୀତିହୀନ ବ୍ୟକ୍ତି, ପାଷଣ୍ଡ, ନୀତିଚ୍ୟୁତ।

**reprobation** ବି. କଠୋର ନିନ୍ଦା ବା ଶାସ୍ତି।

**reproduce** କ୍ରି. ଅନୁକୃତି ବା ନକଲ ପ୍ରସ୍ତୁତ କରିବା; ଆଉଥରେ ଦେଖାଇବା ବା ଶୁଣାଇବା; ପ୍ରାକୃତିକ ଭାବରେ ବଂଶ ବୃଦ୍ଧି କରିବା; ସନ୍ତାନ ଉତ୍ପାଦନ କରିବା; ବିଂ. reproducible.

**reproduction** ବି. ପୁନରୁତ୍ପାଦନ, ଅନୁକୃତି; କୌଣସି ବିଶେଷ ଶୈଳୀର ଅନୁକରଣ; ବିଂ. reproductive.

**reproof** ବି. ତିରସ୍କାର, ଭର୍ତ୍ସନା, ନିନ୍ଦା।

**reprove** କ୍ରି. ତିରସ୍କାର କରିବା; ଭର୍ତ୍ସନା କରିବା; ଗାଳିଦେବା।

**reptile** ବି. ସରୀସୃପ (ସାପ, ଝିଟିପିଟି, କୁମ୍ଭୀର, କଇଁଛ ପ୍ରଭୃତି ଶୀତଳ ରକ୍ତଧାରୀ ମେରୁଦଣ୍ଡୀ ପ୍ରାଣୀ); ନୀଚ ବା କୁତ୍ସିତ ପ୍ରକୃତିର ବ୍ୟକ୍ତି; ବିଂ. reptilian.

**republic** ବି. ସାଧାରଣତନ୍ତ୍ର; ପ୍ରଜାତନ୍ତ୍ର ରାଷ୍ଟ୍ର (ଯେଉଁଠି ନିର୍ବାଚିତ ଜନ ପ୍ରତିନିଧି ଶାସନ କରନ୍ତି)।

**republican** 1. ବିଂ. ଜନତନ୍ତ୍ରୀୟ, ଜନତନ୍ତ୍ରବାଦୀ; 2. ବି. ଜନତନ୍ତ୍ରବାଦୀ ବ୍ୟକ୍ତି; Republican *ଆମେ.* ରିପବ୍ଲିକାନ୍ ଦଳର ସମର୍ଥକ; ବି. republicanism.

**repudiate** କ୍ରି. ଅଗ୍ରାହ୍ୟ କରିବା; ପ୍ରତ୍ୟାଖ୍ୟାନ କରିବା; ଅସ୍ୱୀକାର କରିବା; ବି. repudiation; ବି. repudiator.

**repugnance** ବି. ତୀବ୍ର ବିରକ୍ତି, ବିରୋଧ ବା ଅସନ୍ତୋଷ; ଚିନ୍ତାଧାରାରେ ବୈସାଦୃଶ୍ୟ।

**repugnant** ବିଂ. ଅତ୍ୟନ୍ତ ପ୍ରତିକୂଳ; ଅରୁଚିକର; ପରସ୍ପରବିରୋଧୀ।

**repulse** 1. କ୍ରି. ତଡିଦେବା, ବଳପୂର୍ବକ ପ୍ରତିହତ କରିବା; ହଟାଇଦେବା; ଖେଦିଦେବା, ଦୂରେଇ ଦେବା; ପ୍ରତ୍ୟାଖ୍ୟାନ କରିବା; 2. ବି. ପ୍ରତ୍ୟାଖ୍ୟାନ, ପ୍ରତିଘାତ।

**repulsion** ବି. ବିକାର, ବିରକ୍ତି, ବିକର୍ଷଣ ଶକ୍ତି।

**repulsive** ବିଂ. ଅପ୍ରୀତିକର, ଘୃଣାଜନକ, ବିରକ୍ତିକର।

**reputable** ବିଂ. ପ୍ରଖ୍ୟାତ, ସମ୍ମାନନୀୟ।

**reputation** ବି. ଯଶ, ଖ୍ୟାତି; ବ୍ୟକ୍ତି ବା ବସ୍ତୁ ସଂପର୍କରେ ସାଧାରଣ ଧାରଣା; ପ୍ରତିଷ୍ଠା, ସୁଖ୍ୟାତି।

**repute** 1. ବି. ଯଶ, ସୁଖ୍ୟାତି; 2. କ୍ରି. ସାଧାରଣ ଭାବରେ ଗୃହୀତ ହେବା।

**reputed** ବିଂ. ସୁଖ୍ୟାତ ବୋଲି ମନେ କରାଯାଉଥିବା; ପ୍ରକୃତରେ ଯାହା ସେଭଳି ନୁହେଁ; କ୍ରି.ବିଂ. reputedly.

**request** 1. ବି. ଅନୁରୋଧ, ପ୍ରାର୍ଥନା, ନିବେଦନ; ଇପ୍ସିତ ପଦାର୍ଥ; 2. କ୍ରି. ଅନୁରୋଧ କରିବା; ପ୍ରାର୍ଥନା କରିବା; ନିବେଦନ କରିବା; by (on) request ଅନୁରୋଧ ଫଳରେ।

**request stop** ବି. ଯେଉଁ ସ୍ଥାନରେ ଯାତ୍ରୀଙ୍କ ବିଶେଷ ଅନୁରୋଧରେ ବସ୍ ରହେ।

**requiem** ବି. ସମୂହପ୍ରାର୍ଥନା (ମୃତାତ୍ମାର ଶାନ୍ତି ପାଇଁ); ସେହି ସଙ୍ଗୀତ।

**require** କ୍ରି. ଲୋଡିବା, ଆବଶ୍ୟକ କରିବା; ଚାହିଁବା; ପ୍ରାର୍ଥନା କରିବା; ପ୍ରୟୋଜନ ବୋଧ କରିବା; ଇଚ୍ଛା କରିବା; ଆଦେଶ ଦେବା।

**requirement** ବି. ଆବଶ୍ୟକତା, ପ୍ରୟୋଜନ।

**requisite** 1. ବିଂ. ଆବଶ୍ୟକ, ପ୍ରୟୋଜନୀୟ; 2. ବି. ସଫଳତା ପାଇଁ ଆବଶ୍ୟକ ଉପାଦାନ; ଆବଶ୍ୟକ ବସ୍ତୁ।

**requisition** 1. ବି. ଲିଖିତ ପ୍ରାର୍ଥନା, ଅଧିଗ୍ରହଣ; ବରାଦ; କୌଣସି କାର୍ଯ୍ୟ ସାଧନପାଇଁ ବିଧିବଦ୍ଧ ଅନୁଜ୍ଞା; 2. କ୍ରି. ବ୍ୟବହାର ବା ଯୋଗାଣ ପାଇଁ ବରାଦ କରିବା।

**requite** କ୍ରି. ପ୍ରତିଦାନ ଦେବା; ପ୍ରତିଫଳଦେବା, ପ୍ରତିଶୋଧ ନେବା ବା ପୁରସ୍କୃତ କରିବା।

Digitized by srujanika@gmail.com

**reredos** ବି. ଚର୍ଚ୍ଚର ପୂଜାବେଦୀ ପଛରେ ଥିବା ଆଳଙ୍କାରିକ ପର୍ଦା ।
**re-route** କ୍ରି. ଅନ୍ୟ ବାଟରେ ପଠାଇବା ବା ନେବା ।
**rerun** 1. କ୍ରି. ଆଉଥରେ ଦୌଡ଼ିବା; 2. ବି. ପୁନର୍ବାର ଦୌଡ଼; ଫିଲ୍ମ୍ ପ୍ରଭୃତିର ପୁନଃପ୍ରଦର୍ଶନ ।
**resale** ବି. କିଣିଥିବା ଜିନିଷର ପୁନଃ ବିକ୍ରୟ ।
**rescind** କ୍ରି. ବାତିଲ୍ ବା ରଦ୍ଦ କରିବା; ରହିତ କରିବା; ନାକଚ କରିବା; ବି. rescission.
**rescript** ବି. ରୋମର ସମ୍ରାଟ କିମ୍ବା ପୋପ୍‌ଙ୍କ ଲିଖିତ ଉତ୍ତର; ବିଧିବଦ୍ଧ ସୈଦ୍ଧାନ୍ତିକ ଘୋଷଣା ବା ଅଧ୍ୟାଦେଶ ।
**rescue** 1. କ୍ରି. (କ୍ଷତି ବା ବିପଦରୁ) ଉଦ୍ଧାର କରିବା; ମୁକ୍ତିଦେବା; ମୁକୁଳେଇବା; ରକ୍ଷାକରିବା; 2. ବି. ଉଦ୍ଧାର, ମୁକ୍ତି, ରକ୍ଷା; ବି. rescuer.
**research** 1. ବି. ଗବେଷଣା, ନୂତନ ତଥ୍ୟ ବା ସତ୍ୟସନ୍ଧାନ ପାଇଁ ବିଧିବଦ୍ଧ ଅଧ୍ୟୟନ; 2. କ୍ରି. ଗବେଷଣା କରିବା; ଅନୁସନ୍ଧାନ କରିବା; ଗଭୀର ଅଧ୍ୟୟନ କରିବା; ବି. researcher.
**resemblance** ବି. ସାଦୃଶ୍ୟ, ସାମ୍ୟ ।
**resemble** କ୍ରି. ଏକାଭଳି ଦେଖାଯିବା; ସଦୃଶ କରିବା ବା ହେବା; ଅନୁରୂପ ହେବା ।
**resent** କ୍ରି. ବିରକ୍ତି ବା ରୋଷ ପ୍ରକାଶ କରିବା, ଅପମାନିତ ବୋଧ କରିବା ।
**resentful** ବିଂ. ରୁଷ୍ଟ, କ୍ରୁଦ୍ଧ; କ୍ରି.ବିଂ. resentfully.
**resentment** ବି. କ୍ରୋଧ ବା ବିରକ୍ତିଭାବ ।
**reservation** ବି. ଆରକ୍ଷଣ; ଏକମତ ନ ହେବା; ଦୁଇଟି ରାସ୍ତା ମଧ୍ୟଭାଗରେ ସ୍ଥିତ ଖାଲି ସ୍ଥାନ ।
**reserve** 1. କ୍ରି. ସଂରକ୍ଷିତ କରିବା; ସଞ୍ଚିତ କରିବା, ଜମାରଖିବା; ହାତରେ ରଖିବା; ଭବିଷ୍ୟତ ପାଇଁ ରଖିବା; 2. ବି. ସଞ୍ଚିତ ଦ୍ରବ୍ୟ, ସାବଧାନତା; ବାକ୍ୟ ବା କାର୍ଯ୍ୟରେ ସଂଯମ; ଦଳର ଅତିରିକ୍ତ ଖେଳାଳି; ସଂରକ୍ଷିତ ଜମି ବା ଜଙ୍ଗଲ; in reserve ଅବ୍ୟବହୃତ କିନ୍ତୁ ଆବଶ୍ୟକତାନୁସାରେ ଉପଲବ୍ଧ ।
**reserve price** ବି. ନିଲାମରେ ବସ୍ତୁପାଇଁ ସର୍ବନିମ୍ନ ସ୍ଥିରୀକୃତ ମୂଲ୍ୟ ।
**reserved** ବିଂ. ସଂରକ୍ଷିତ; ଆରକ୍ଷିତ; ସଂଯତ, ମତାମତଦେବାରେ ଯେ ତତ୍ପର ନୁହେଁ ।
**reservist** ବି. ସଂରକ୍ଷିତ ସେନାବାହିନୀର ସଭ୍ୟ ।
**reservoir** ବି. ଜଳଯୋଗାଣ ପାଇଁ ଉଦ୍ଦିଷ୍ଟ ପ୍ରାକୃତିକ ବା କୃତ୍ରିମ ଜଳଭଣ୍ଡାର; ଜଳାଶୟ ।
**reshuffle** 1. କ୍ରି. (ତାସ୍) ପୁଣି ଫେଣ୍ଟାଫେଣ୍ଟି କରିବା; ଅଦଳବଦଳ କରିବା; ମିଶାଇବା; 2. ବି. ଅଦଳବଦଳ, ଫେଣ୍ଟାଫେଣ୍ଟି ।
**reside** କ୍ରି. ସ୍ଥାୟୀଭାବରେ ବାସକରିବା; ବସବାସ କରିବା; (କ୍ଷମତା) ନ୍ୟସ୍ତହେବା; (ଗୁଣବତ୍ତା) ନିହିତ ଥିବା ।
**residence** ବି. ବାସସ୍ଥାନ; ଆବାସ; in residence କାର୍ଯ୍ୟନିର୍ବାହ ପାଇଁ ନିବାସ କରିବା ।
**resident** 1. ବି. ସ୍ଥାୟୀବାସିନ୍ଦା, ଅଧିବାସୀ, ନିବାସୀ; ହୋଟେଲ୍‌ରେ ରାତ୍ରିଯାପନ କରୁଥିବା ଅତିଥି; 2. ବିଂ. ନିବାସୀ, ସେହିସ୍ଥାନରେ ରହୁଥିବା; ସ୍ଥାନିତ ।
**residential** ବିଂ. ଆବାସିକ, ଅଧିବାସୀୟ ଗୃହବିଶିଷ୍ଟ; ବାସଗୃହ ସଂବଧିତ; କ୍ରି.ବିଂ. residentially.
**residual** 1. ବିଂ. ଅବଶିଷ୍ଟ, ଉଦ୍‌ବୃତ୍ତ; 2. ବି. ଅବଶିଷ୍ଟାଂଶ; କ୍ରି.ବିଂ. residually.
**residuary** ବିଂ. ଅବଶିଷ୍ଟ; ଭୂସମ୍ପତ୍ତିର ଅବଶିଷ୍ଟାଂଶ ସମ୍ବନ୍ଧୀୟ ।
**residue** ବି. ବାକି, ଅବଶେଷ, ଅବଶିଷ୍ଟାଂଶ; ପାଉଣା, ଋଣ ପ୍ରଭୃତି ପରିଶୋଧ କରିବାପରେ ସମ୍ପତ୍ତିର ବଳକା ଅଂଶ ।
**residuum** ବି. (ବ.ବ. residua) ଯାହା ଶେଷରେ ରହିଥାଏ; ଜ୍ୱଳନ ବା ବାଷ୍ପୀକରଣ ପରେ ଯାହା ଅବଶେଷ ରୁହେ ।
**resign** କ୍ରି. ଇସ୍ତଫା ଦେବା; ପଦତ୍ୟାଗ କରିବା; ଆଦରି ନେବା; ଛାଡ଼ି ଦେବା ।
**resignation** ବି. ପଦତ୍ୟାଗ, ଇସ୍ତଫା, ଇସ୍ତଫାପତ୍ର; ଦୁଃଖକଷ୍ଟ ବିନା ପ୍ରତିବାଦରେ ସହିନେବା ।
**resigned** ବିଂ. ସମର୍ପିତ; ବିନା ପ୍ରତିବାଦ ବା ଅଭିଯୋଗରେ ଆଦରିନେଉଥିବା; କ୍ରି.ବିଂ. resignedly.
**resilient** ବିଂ. ସଂକୋଚନ ପରେ ପୂର୍ବାବସ୍ଥାକୁ ଫେରିଥିବା; ମାନସିକ ଆଘାତ ବା ନିଷ୍ପୃହତାରୁ ଶୀଘ୍ର ମୁକ୍ତ ହୋଇପାରିବା ।
**resin** 1. ବି. ଝୁଣା ବା ସେହି ଧରଣର ରାସାୟନିକ ବସ୍ତୁ; ପଲିମର ବା ପ୍ଲାଷ୍ଟିକ୍‌ଜାତୀୟ ଯୌଗିକ ତତ୍ତ୍ୱ; 2. କ୍ରି. ଝୁଣାରେ ଘଷିବା; ବିଂ. resinous.

Digitized by srujanika@gmail.com

**resist** 1. କ୍ରି. ବାଧାଦେବା, ରୋକିବା ବା ପ୍ରତିରୋଧ କରିବା; ପରିହାର କରିବା; 2. ବି. ସଂରକ୍ଷକ ପ୍ରଲେପ; ବିଂ. resistible.
**resistance** ବି. ବାଧା, ପ୍ରତିରୋଧ; ପ୍ରତିକୂଳାଚରଣ; ନିବାରଣ କ୍ଷମତା, ପ୍ରତିରୋଧ–ଶକ୍ତି; ବୈଦେଶିକ ଶାସନ ବିରୋଧରେ ବିଦ୍ରୋହ; line of least resistance ସହଜ ବା ସୁବିଧା ବାଟ; ବିଂ. resistant.
**resistor** ବି. ବିଦ୍ୟୁତ୍‌ଶକ୍ତି ପ୍ରବାହର ପ୍ରତିରୋଧକ ତତ୍ତ୍ୱ।
**resit** କ୍ରି. ଅକୃତକାର୍ଯ୍ୟ ହେବାପରେ ପୁଣି ପରୀକ୍ଷା ଦେବା।
**resoluble** ବିଂ. ଯାହା ସମାହିତ ହୋଇପାରିବ; ସମାଧାନଯୋଗ୍ୟ।
**resolute** ବିଂ. କୃତସଂକଳ୍ପ, ଦୃଢ଼ପ୍ରତିଜ୍ଞ, ସୁସ୍ଥିର।
**resolution** ବି. ମାନସିକ ବା ଚାରିତ୍ରିକ ଦୃଢ଼ସଂକଳ୍ପଭାବ; ସଂକଳ୍ପ, ଦୃଢ଼ପ୍ରତିଜ୍ଞା; ସମାଧାନ, ନିର୍ଣ୍ଣୟ; ସଭାରେ ଗୃହୀତ ପ୍ରସ୍ତାବ; ରୂପାନ୍ତରଣ; ବୈଜ୍ଞାନିକ ଯନ୍ତ୍ରରେ ମାପି ହେଉଥିବା ସଂକ୍ଷିପ୍ତତମ ମଧ୍ୟାନ୍ତର।
**resolve** 1. କ୍ରି. ମନ ସ୍ଥିର କରିବା; ନିର୍ଣ୍ଣୟ ନେବା; ବ୍ୟାଖ୍ୟା କରିବା; ବିଶ୍ଲେଷଣ କରିବା; ଦ୍ରବ କରିବା; ମନସ୍ଥ କରିବା; 2. ବି. ଦୃଢ଼ ସଂକଳ୍ପ ବା ନିର୍ଣ୍ଣୟ; ସିଦ୍ଧାନ୍ତ।
**resolved** ବିଂ. ସମାହିତ, ଦୃଢ଼ନିଶ୍ଚିତ, ଦୃଢ଼ସଂକଳ୍ପ।
**resonant** ବିଂ. ପ୍ରତିଧ୍ୱନିତ, ମୁଖରିତ, ନିନାଦିତ, ସୁଦୀର୍ଘ ଧ୍ୱନିଦ୍ୱାରା କମ୍ପିତ; ବି. resonance.
**resonate** କ୍ରି. ପ୍ରତିଧ୍ୱନି ସୃଷ୍ଟି କରିବା; ପ୍ରତିଧ୍ୱନିତ ହେବା; ବି. resonator.
**resort** 1. ବି. ବାରମ୍ବାର ଯାଉଥିବା ସ୍ଥାନ; ଆଶ୍ରୟ, ଉପାୟ, ସ୍ଥାନ, ଗମନାଗମନ ସ୍ଥାନ; 2. କ୍ରି. ସାହାଯ୍ୟ ଚାହିଁବା ବା ନେବା; ବହୁ ସଂଖ୍ୟାରେ ବା ବାରମ୍ବାର ଯିବା; in the last resort ସବୁ ଉଦ୍ୟମ ବିଫଳ ହେବାପରେ ସର୍ବଶେଷ ଆଶା।
**resound** କ୍ରି. ପ୍ରତିଧ୍ୱନି କରିବା; ପ୍ରତିଧ୍ୱନିତ ହେବା; ବହୁଚର୍ଚ୍ଚିତ ହେବା।
**resounding** ବିଂ. ପ୍ରତିଧ୍ୱନି ସୃଷ୍ଟି କରୁଥିବା; ଉଲ୍ଲେଖଯୋଗ୍ୟ ବା ନିର୍ଣ୍ଣାୟକ।
**resource** ବି. ସମ୍ଭାବନା, ଉପାୟ, ସଂପଦ; ସମ୍ବଳ; ଆବଶ୍ୟକ ବସ୍ତୁ ପ୍ରାପ୍ତିର ଉପାୟ; ସାଧନ।
**resourceful** ବିଂ. କୁଶଳୀ; ସମସ୍ୟା ସମାଧାନରେ ପାରଂଗମ; କ୍ରି.ବିଂ. resourcefully.
**respect** 1. ବି. ସମ୍ମାନ, ଆଦର, ସମ୍ବନ୍ଧ, ବିଷୟ, ସଂପର୍କ; ବ.ବ.ରେ ବିନମ୍ର ଅଭିବାଦନ; 2. କ୍ରି. ସମ୍ମାନ ଦେବା; ଆଦର କରିବା; କ୍ଷତି ବା ଅସମ୍ମାନ ନ କରିବା; in respect of (with respect to) ସଂପର୍କରେ, ବାବଦରେ; pay one's respects ସୌଜନ୍ୟମୂଳକ ସାକ୍ଷାତ କରିବା; pay one's last respects ଶେଷ ଦର୍ଶନ କରିବା; ବି. respecter.
**respectable** ବିଂ. ସମ୍ମାନାସ୍ପଦ, ସମ୍ମାନନୀୟ, ମାନନୀୟ, ମାନ୍ୟ; ପ୍ରତିଷ୍ଠାବାନ; ସଂଖ୍ୟା ବା ଆକାରରେ ବେଶ୍ ବଡ଼; ବି. respectability; କ୍ରି.ବିଂ. respectably.
**respectful** ବିଂ. ଶିଷ୍ଟ, ବିନୀତ; ବିଶ୍ୱମ୍ବଦ; କ୍ରି.ବିଂ. respectfully.
**respecting** ଅ. ସମ୍ବନ୍ଧରେ, ବିଷୟରେ।
**respective** ବିଂ. ସମ୍ବନ୍ଧୀୟ, ପରସ୍ପର, ସାପେକ୍ଷ, ଆପେକ୍ଷିକ।
**respectively** କ୍ରି.ବିଂ. ଯଥାକ୍ରମେ, କ୍ରମାନୁଯରେ।
**respiration** ବି. ଶ୍ୱାସପ୍ରଶ୍ୱାସ, ଶ୍ୱାସକ୍ରିୟା, ଉଦ୍‌ଭିଦର ଅମ୍ଳଜାନ ଗ୍ରହଣ।
**respirator** ବି. ଶ୍ୱାସପ୍ରଶ୍ୱାସ କ୍ରିୟାପାଇଁ ବ୍ୟବହୃତ ଯନ୍ତ୍ର।
**respiratory** ବିଂ. ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ; ଶ୍ୱାସକ୍ରିୟାଜନିତ।
**respire** କ୍ରି. ନିଃଶ୍ୱାସ ଗ୍ରହଣ କରିବା ଓ ପ୍ରଶ୍ୱାସ ତ୍ୟାଗ କରିବା।
**respite** 1. ବି. ନିଃଶ୍ୱାସ ଗ୍ରହଣ; ବିରାମ, ଅବକାଶ, ବିରତି; ଫୁରୁସତ; 2. କ୍ରି. ଫୁରୁସତ ପାଇବା; ସମୟ ନେବା।
**resplendence** ବି. ଜ୍ୟୋତି, ତେଜ, ଚମକ।
**resplendent** ବିଂ. ସମୁଜ୍ଜ୍ୱଳ, ତେଜୋଦୀପ୍ତ।
**respond** କ୍ରି. ଉତ୍ତର ଦେବା; ଜବାବ ଦେବା; ଅନୁରୂପ ହେବା; ଉପଯୁକ୍ତ ହେବା; ପୁରୋହିତଙ୍କୁ ପୂର୍ବ ନିର୍ଦ୍ଦିଷ୍ଟ ଉତ୍ତର ଦେବା।
**respondent** 1. ବି. ପ୍ରତିବାଦୀ, ପ୍ରତିପକ୍ଷ; ଜବାବଦାତା; 2. ବିଂ. ପ୍ରତିବାଦୀପକ୍ଷର ଭୂମିକାରେ।
**response** ବି. ଜବାବ, ଉତ୍ତର; ପ୍ରତିକ୍ରିୟା (ଭାଷା ବା କାର୍ଯ୍ୟରେ); ପୁରୋହିତଙ୍କୁ ଉତ୍ତର।

Digitized by srujanika@gmail.com

**responsibility** ବି. ଦାୟିତ୍ୱ, ଭାର, ଉତ୍ତରଦାୟିତ୍ୱ।

**responsible** ବି॰. ଦାୟୀ, ଉତ୍ତରଦାୟୀ; ସମ୍ମାନଜନକ, ଦାୟିତ୍ୱସମ୍ପନ୍ନ, ବିଶ୍ୱସନୀୟ; କ୍ରି.ବି॰. responsibly.

**responsive** ବି॰. ଉତ୍ତରପ୍ରଦାନକାରୀ, ସହାନୁଭୂତିଶୀଳ, ସଂବେଦନଶୀଳ; ବି. responsiveness.

**respray** କ୍ରି. ଆଉଥରେ ରଙ୍ଗଦେବା।

**rest**[1] 1. କ୍ରି. କାର୍ଯ୍ୟରୁ ବିଶ୍ରାମନେବା; ଆରାମ କରିବା; ନିର୍ଭର କରିବା; 2. ବି. ବିଶ୍ରାମ, ଆଶ୍ରୟ, ନିଦ୍ରା; କାର୍ଯ୍ୟରୁ ଅବ୍ୟାହତି, ସ୍ଥିରତା; ଅବଲମ୍ବନ; at rest ଯାହା ଚଳମାନ ନୁହେଁ, ସ୍ଥିର, ଶାନ୍ତ (ମୃତବ୍ୟକ୍ତି); be resting (ଅଭିନେତା ପ୍ରଭୃତି) କାର୍ଯ୍ୟ ନ ପାଇବା ଅବସ୍ଥା; ବେକାର; rest one's case ଉପସ୍ଥାପନର ସମାପ୍ତି ହେବା; rest on one's oars ଉଦ୍ୟମ କୋହଳ କରିବା; put (set) person's mind at rest ବୁଝାଇ ଶାନ୍ତ କରିବା, ଉତ୍ସାହ ଦେବା।

**rest**[2] 1. ବି. (the rest) ଅବଶିଷ୍ଟାଂଶ, ଅବଶେଷ, ବଳକା; 2. କ୍ରି. ନିର୍ଦ୍ଦିଷ୍ଟ ଅବସ୍ଥାରେ ରହିବା (rest assured); for the rest ଅନ୍ୟ କଥାଗୁଡିକ ସଂପର୍କରେ; rest with କାହା ହାତରେ ବା ଦାୟିତ୍ୱରେ ଛାଡିଦେବା ବା ନ୍ୟସ୍ତ କରିବା।

**restaurant** ବି. ସାଧାରଣ ଭୋଜନାଳୟ. ଯେଉଁଠାରୁ ଖାଦ୍ୟ କ୍ରୟକରି ଖିଆଯାଇପାରେ।

**restaurant car** ବି. ଖାଦ୍ୟ ପ୍ରସ୍ତୁତକାରୀ ବା ପରିବେଷଣକାରୀ ଭ୍ରାମ୍ୟମାଣ ବାହନ (ଯଥା ଟ୍ରେନ୍‌ରେ)।

**restaurateur** ବି. ଭୋଜନାଳୟ ବା ହୋଟେଲ୍‌ର ମାଲିକ, ହୋଟେଲ୍‌ବାଲା।

**rest-cure** ବି. ଆରୋଗ୍ୟଲାଭ ନିମିତ୍ତ ଦୀର୍ଘଦିନ ଶଯ୍ୟାଶାୟୀ ହୋଇ ବିଶ୍ରାମ ନେବା।

**restful** ବି॰. ଆରାମଦାୟକ, ଶାନ୍ତିପ୍ରଦାୟକ, ଶାନ୍ତ (ପରିବେଶ), ବିଶ୍ରାମଦାୟିନୀ; କ୍ରି.ବି॰. restfully; ବି. restfulness.

**restitution** ବି. (ଉପଯୁକ୍ତ ମାଲିକଙ୍କୁ) ପ୍ରତ୍ୟର୍ପଣ; କ୍ଷତିପୂରଣ।

**restive** ବି॰. ଅସ୍ଥିର, ଅଶାନ୍ତ, ଅବାଧ, ଅମଣ (ଘୋଡା ପ୍ରଭୃତି); କ୍ରି.ବି॰. restively; ବି. restive- ness.

**restless** ବି॰. ଅଶାନ୍ତ, ନିୟନ୍ତ୍ରଣ ବାହାରେ, ଅଧୀର, ଅସ୍ଥିର, ବ୍ୟାକୁଳ, ବ୍ୟଗ୍ର; କ୍ରି.ବି॰. restlessly; ବି. restlessness.

**restoration** ବି. ପୁନରୁଦ୍ଧାର, ପୁନଃସ୍ଥାପନ, ବିଲୁପ୍ତ ପ୍ରାଣୀ ବା ପ୍ରାଚୀନ କଳାକୀର୍ତ୍ତିର ଅନୁକୃତି ନିର୍ମାଣ; the Restoration ଇଂଲଣ୍ଡର ସମ୍ରାଟ୍ ଦ୍ୱିତୀୟ ଚାର୍ଲସ୍‌ଙ୍କ ପ୍ରତ୍ୟାବର୍ତ୍ତନ (ଖ୍ରୀ. ୧୬୬୦)।

**restorative** 1. ବି॰. ବଳକାରକ, ସ୍ୱାସ୍ଥ୍ୟଲାଭରେ ସହାୟକ; 2. ବି. ସ୍ୱାସ୍ଥ୍ୟଲାଭ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ବା ଔଷଧ।

**restore** କ୍ରି. ପୁନର୍ନିର୍ମାଣ କରି ପୂର୍ବାବସ୍ଥାକୁ ଫେରେଇ ଆଣିବା; ଆରୋଗ୍ୟ କରିବା; ପ୍ରତ୍ୟର୍ପଣ କରିବା; ପୁନଃସ୍ଥାପନ କରିବା; ପୂର୍ବାବସ୍ଥାକୁ ଆଣିବା; ବି. restorer.

**restrain** କ୍ରି. ସଂଯତ କରିବା; ଦମନ କରିବା; ନିୟମିତ କରିବା; ନିୟନ୍ତ୍ରଣରେ ରଖିବା; ବନ୍ଦୀ କରିବା; ଆଟକ କରିବା।

**restraint** ବି. ଆଟକ, ସଂଯମ, ଦମନ, ନିରୋଧ, ନିଗ୍ରହ, ଆତ୍ମନିୟନ୍ତ୍ରଣ, ସଂଯତ ବ୍ୟବହାର; ଆବଦ୍ଧ ଅବସ୍ଥା (ପାଗଳାମିଯୋଗୁଁ)।

**restrict** କ୍ରି. ସୀମାବଦ୍ଧ କରିବା; ଆବଦ୍ଧ କରିବା; ନିରୋଧ କରିବା; ନିଷେଧ କରିବା; ବି. restriction.

**restrictive** ବି॰. ବାଧାପ୍ରଦାନକାରୀ, ନିଷେଧାତ୍ମକ।

**restrictive practice** ବି. ଶିଳ୍ପକ୍ଷେତ୍ରରେ ଉତ୍ପାଦନ ବା ଗୁଣବତ୍ତାର ନିୟନ୍ତ୍ରଣ।

**restructure** କ୍ରି. ପୁନର୍ନିର୍ମାଣ କରିବା; ପୁନର୍ଗଠନ କରିବା; ପୁଣି ସଜେଇବା।

**result** 1. ବି. ଫଳ, ପରିଣାମ; ପରୀକ୍ଷା ଫଳ; 2. କ୍ରି. ଘଟିବା; ପରିଣତ ହେବା; ଫଳସ୍ୱରୂପ ଉତ୍ପନ୍ନହେବା।

**resultant** 1. ବି॰. ପରସ୍ପର ବିରୋଧୀଶକ୍ତିର ପରିଣାମ ସ୍ୱରୂପ ଜାତ; 2. ବି. ଗୋଟିଏ ବିନ୍ଦୁରେ ବିଭିନ୍ନ ଦିଗରୁ କାର୍ଯ୍ୟ କରୁଥିବା ଦୁଇ ବା ତତୋଽଧିକ ଶକ୍ତିର ପ୍ରଭାବ ବା ପରିଣାମ।

Digitized by srujanika@gmail.com

**resume**[1] କ୍ରି. ପୁନର୍ବାର ଆରମ୍ଭ କରିବା, ପୁନର୍ଦଖଲ କରିବା; ବିରତି ପରେ ପୁଣି ଆରମ୍ଭ କରିବା ।

**resume**[2] (ରେଜ୍ୟୁମେ) ବି. ସାରାଂଶ, ସାରକଥା ।

**resumption** ବି. ପୁନର୍ଗ୍ରହଣ, ପୁନରାରମ୍ଭ; ବିଂ. resumptive.

**resurface** କ୍ରି. ଉପରିଭାଗକୁ ଆସିବା; ଆଉଥରେ ଉପରଅଂଶ ତିଆରି କରିବା ।

**resurgent** ବିଂ. ପୁନରୁତ୍ଥିତ, ପୁଣିଥରେ ଉଠୁଥିବା ବା ଜାଗ୍ରତ ହେଉଥିବା ।

**resurrect** କ୍ରି. ପରମ୍ପରା ବା ସ୍ମୃତି ପୁନରୁଜ୍ଜୀବିତ କରିବା; ପୁଣି ଉଠିବା; ମୃତ୍ୟୁରୁ ଜୀବନ ପାଇବା; ଖୋଳି ବାହାର କରିବା ।

**resurrection** ବି. ପୁନରୁତ୍ଥାନ, ପୁନର୍ଜୀବନ; Resurrection ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟାଗମନ; ପତିତ ବା ଅବ୍ୟବହୃତ ବସ୍ତୁର ପୁନରୁଦ୍ଧାର ।

**resuscitate** କ୍ରି. ପୁନର୍ଜୀବିତ କରିବା; ଅଚେତନ ବା ମୃତପ୍ରାୟ ଅବସ୍ଥାରୁ ଉଦ୍ଧାର କରିବା; ପ୍ରାଚୀନ ପରଂପରା ପୁନରୁଜ୍ଜୀବିତ କରିବା ।

**resuscitation** ବି. ପୁନର୍ଜୀବନ, ପୁନଃପ୍ରଚଳନ ।

**retail** 1. ବି. ଖୁଚୁରା ବିକ୍ରୟ; 2. ବିଂ. ଖୁଚୁରା (ବିକ୍ରୀ) (retail sale); 3. କ୍ରି.ବିଂ. ଖୁଚୁରା ଦରରେ, ବିଶଦ୍ ଭାବରେ; ବି. retailer.

**retain** କ୍ରି. ଧରିରଖିବା; ଧାରଣ କରିବା; ମଜୁରୀ ବା ବେତନଦେଇ ଅଟାକାଇବା; ରଖିବା ।

**retainer** ବି. ବିଶ୍ୱସ୍ତ ଅନୁଚର; ଆଶ୍ରିତ ବ୍ୟକ୍ତି; ଓକିଲ ପ୍ରଭୃତିଙ୍କୁ ଦିଆଯାଉଥିବା ପାଉଣା; ଗଳଗ୍ରହ ।

**retake** କ୍ରି. (ଦୃଶ୍ୟ ବା ଶ୍ରାବ୍ୟ ରେକର୍ଡିଙ୍ଗ୍) ପୁନର୍ଗ୍ରହଣ କରିବା, ଆଉ ଥରେ ନେବା ।

**retaliate** କ୍ରି. ପ୍ରତିଶୋଧ ନେବା; ଦାଉସାଧିବା; ଉପଯୁକ୍ତ ପ୍ରତିଫଳ ଦେବା; ବି. retaliation; ବିଂ. retaliatory.

**retard** କ୍ରି. ବିଳମ୍ବିତ କରିବା; ବାଧାଦେବା; ପ୍ରତିରୋଧ କରିବା; ପ୍ରଗତି ବା ସଫଳତା ବିଳମ୍ବିତ କରିବା ବା ସ୍ଥଗିତ ରଖିବା; ବି. retardation; ବିଂ. retardant.

**retarded** ବିଂ. ମାନସିକ କିମ୍ବା ଶାରୀରିକ ଅନଗ୍ରସର ।

**retch** କ୍ରି. ବାନ୍ତି ଦେଖାଇବା; ଓକାଳି ହେବା ।

**retention** ବି. ସ୍ମୃତିଶକ୍ତି, ରକ୍ଷା, ଧାରଣଶକ୍ତି; ରକ୍ଷଣ; ବେଗଧାରଣ ।

**retentive** ବିଂ. ଧାରଣକ୍ଷମ, ସ୍ମରଣକ୍ଷମ ।

**rethink** କ୍ରି. ପୁନର୍ବିଚାର କରିବା; ଆଉ ଥରେ ଭାବିବା ।

**reticence** ବି. ମୌନଭାବ; ବାକ୍ସଂଯମ; ଭାବନା, ଚିନ୍ତା, ଜ୍ଞାନ ବା ଆବେଗର ସୀମିତ ପରିପ୍ରକାଶ; ବିଂ. reticent.

**reticulate** କ୍ରି. ଜାଲଦ୍ୱାରା ଆଚ୍ଛାଦିତ କରିବା; ଭାଗଭାଗ କରିବା; ବି. reticulation.

**retina** ବି. ଅକ୍ଷିପଟ; ବିଂ. retinal.

**retinue** ବି. ବିଶିଷ୍ଟବ୍ୟକ୍ତିଙ୍କ ସାଙ୍ଗରେ ଥିବା ଅନୁଚରବର୍ଗ ।

**retire** କ୍ରି. ଅବସରନେବା; କର୍ମତ୍ୟାଗ କରିବା; ନିର୍ଦ୍ଦିଷ୍ଟବୟସରେ ସେବାନିବୃତ୍ତ ହେବା; ଅପସରି ଯିବା; ପ୍ରସ୍ଥାନ କରିବା; ବିଶ୍ରାମ ବା ନିଦ୍ରା ଚାହିଁବା; ଶଯ୍ୟାଗ୍ରହଣ କରିବା; ପ୍ରତ୍ୟାବୃତ୍ତ ହେବା; retire into oneself ନୀରବ ରହିବା ବା ସମାଜଠାରୁ ଦୂରେଇ ରହିବା ।

**retired** ବିଂ. ଅବସରପ୍ରାପ୍ତ; ସେବାନିବୃତ୍ତ; ସଂଗହୀନ ବା ଏକାକୀ ।

**retirement** ବି. ଅବସରଗ୍ରହଣ, ସେବାନିବୃତ୍ତି, ନିଃସଂଗତା; ନିଭୃତସ୍ଥଳ ।

**retiring** ବିଂ. ଲାଜକୁଳା, ନିର୍ଜନତାପ୍ରିୟ ।

**retort**[1] 1. ବି. ପ୍ରତ୍ୟାକ୍ଷେପ, ପ୍ରତ୍ୟୁତ୍ତର, ସରସ ଉତ୍ତର, ଜବାବ; 2. କ୍ରି. ପ୍ରତ୍ୟୁତ୍ତର ଦେବା; ତୁରିତଜବାବ ଦେବା, ପ୍ରତିଶୋଧ ନେବା ।

**retort**[2] ବି. ତରଳପଦାର୍ଥ ନିର୍ଗମନ ପାଇଁ ବ୍ୟବହୃତ ଲମ୍ବାବେକଯୁକ୍ତ ପାତ୍ର; କୋଇଲା ଉତ୍ତପ୍ତ କରି ଗ୍ୟାସ ଉତ୍ପନ୍ନ କରିବାପାଇଁ ବ୍ୟବହୃତ ପାତ୍ର ।

**retouch** କ୍ରି. ଛବି ପ୍ରଭୃତିକୁ ଆଉଥରେ ରଙ୍ଗଦେଇ ବା ସାମାନ୍ୟ ବାଗେଇ ସୁନ୍ଦରତର କରିବା ।

**retrace** କ୍ରି. ପ୍ରତ୍ୟନୁସରଣ କରିବା; ପୁନରଙ୍କିତ କରିବା; ମୂଳପର୍ଯ୍ୟନ୍ତ ଅନୁସରଣ କରିଯିବା; ସ୍ମୃତିଚାରଣ କରିବା ।

**retract** କ୍ରି. ପଛକୁ ଫେରିବା; ପ୍ରତ୍ୟାହାର କରିବା (କଥା ବା ମତ); ପଛଘୁଞ୍ଚା ଦେବା; ବି. retraction; ବିଂ. retractable.

**retractile** ବିଂ. ପ୍ରତ୍ୟାହାର–ସମର୍ଥ ।

Digitized by srujanika@gmail.com

**retread** 1. କ୍ରି. ଯାନବାହନର ଚକା ବା ଟାୟାର୍ ମରାମତି କରି ବ୍ୟବହାରଯୋଗ୍ୟ କରିବା; 2. ବି. ମରାମତି ହୋଇଥିବା ଟାୟାର୍ ।

**retreat** 1. କ୍ରି. ପଶ୍ଚାଦ୍‌ଗମନ କରିବା; ଅପସୃତ ହେବା; ପଳାୟନ କରିବା; ପୃଷ୍ଠଭଙ୍ଗ ଦେବା; ବିଶ୍ରାମ କରିବା; 2. ବି. ପଶ୍ଚାଦ୍‌ଗମନ, ପଛଘୁଞ୍ଚା, ବିଶ୍ରାମ; ବିଶ୍ରାମ ବା ଆଶ୍ରୟସ୍ଥଳ; ସୂର୍ଯ୍ୟାସ୍ତ ସମୟରେ ବିଗୁଲ ବାଦନ; beat a retreat ପଛଘୁଞ୍ଚା ଦେବା; କୌଣସି ବାକ୍ୟ ଅଧାରୁ ଛାଡିଦେବା ।

**retrench** କ୍ରି. କାଟଛାଂଟ କରିବା; ଖର୍ଚ୍ଚକାଟ କରିବା; ଛଟେଇ କରିବା ।

**retrenchment** ବି. ଛଟେଇ, ଖର୍ଚ୍ଚକାଟ, କାଟଛାଂଟ ।

**retrial** ବି. ପୁନି ବିଚାର, ପୁନର୍ବିଚାର ।

**retribution** ବି. ପ୍ରତିଶୋଧ; (ପାପର) ପ୍ରତିଫଳ; ଦଣ୍ଡ; ବିଂ. retributive.

**retrieve** 1. କ୍ରି. ପୁନରୁଦ୍ଧାରକରିବା; ସଂସ୍କାର କରିବା; ପ୍ରତିକାର କରିବା, ମନ୍ଦ ଅବସ୍ଥାରୁ ରକ୍ଷାକରିବା; 2. ବି. ପୁନରୁଦ୍ଧାରର ସମ୍ଭାବନା; ବିଂ. retrievable; ବି. retrieval.

**retriever** ବି. ଶିକାରରେ ବ୍ୟବହୃତ କୁକୁର ବିଶେଷ ।

**retro–** ପୂ.ପ୍ର. ପୁନର୍ଗମନ, ପଛ, ବଦଳରେ ପ୍ରଭୃତି ଅର୍ଥସୂଚକ ଉପସର୍ଗ ।

**retroactive** ବିଂ. ଅତୀତାପେକ୍ଷୀ, ଅତୀତରୁ କାର୍ଯ୍ୟକାରୀ ।

**retrograde** 1. ବିଂ. ପଶ୍ଚାଦ୍‌ଗାମୀ, ପ୍ରତିଗାମୀ, ନିମ୍ନଗାମୀ, ବିପରୀତ, ପ୍ରତିକ୍ରିୟାଶୀଳ, ଅପକର୍ଷକାରୀ; 2. କ୍ରି. ପଛକୁ ଫେରିବା, ପଶ୍ଚାଦ୍‌ଗାମୀ ହେବା, ଅବନତି ହେବା ।

**retrogress** କ୍ରି. ପଶ୍ଚାଦ୍‌ଗତି କରିବା, ଅବନତି ଘଟିବା; ବି. retrogression; ବିଂ. retrogressive.

**retrorocket** ବି. ମହାକାଶଯାନର ଗତି ମନ୍ଥର କରିବା ପାଇଁ ବ୍ୟବହୃତ ସହାୟକ ରକେଟ ।

**retrospect** ବି. ସିଂହାବଲୋକନ; ଅତୀତର ବିଷୟ ବା ସମୟ; ପଶ୍ଚାଦ୍‌ଦୃଷ୍ଟି; in retrospect ପଶ୍ଚାଦ୍ ଦୃଷ୍ଟିରେ ।

**retrospection** ବି. ପଶ୍ଚାଦ୍‌ଦୃଷ୍ଟି, ସିଂହାବଲୋକନ (ଅତୀତ ସମ୍ବନ୍ଧୀୟ) ।

**retrospective** ବିଂ. ଅତୀତ ସମ୍ବନ୍ଧୀୟ, ଅତୀତାପେକ୍ଷୀ ।

**retrousse** ବିଂ. ଅଗ୍ରଭାଗ ଉଠିଥିବା (ନାକ) ।

**retroverted** ବିଂ. ପଶ୍ଚାଦ୍‌ମୁଖୀ (ଜରାୟୁ) ।

**retry** କ୍ରି. (ନ୍ୟାୟାଳୟରେ) ପୁନର୍ବିଚାର କରିବା ।

**retsina** ବି. ଝୁଣା ଗନ୍ଧଯୁକ୍ତ ଗ୍ରୀସ୍‌ଦେଶୀୟ ମଦ୍ୟ ବିଶେଷ ।

**return** 1. କ୍ରି. ଫେରିଆସିବା; ପ୍ରତ୍ୟାବର୍ତ୍ତନ କରିବା; ପଠେଇଦେବା; ଉତ୍ତର ଦେବା; ଲାଭ କରିବା; ପ୍ରତ୍ୟୁତ୍ତର ଦେବା; ନ୍ୟାୟାଳୟରେ ପ୍ରତ୍ୟୁତ୍ତର ଦେବା; ନିର୍ବାଚିତ ହେବା; 2. ବି. ପ୍ରତିଗମନ, ପ୍ରତ୍ୟାବର୍ତ୍ତନ, ଫେରସ୍ତ, ପରିଶୋଧ, ପ୍ରତିଶୋଧ, ପ୍ରତ୍ୟର୍ପଣ, ଲାଭକ୍ଷତିର ବିବରଣୀ, ଫଳ, ପୁରସ୍କାର, ଆୟ, ସରକାରୀ ବିବରଣ, ଉତ୍ତର; by return of post ପରବର୍ତ୍ତୀ ଫେରସ୍ତ ଡାକଦ୍ୱାରା; in return ପ୍ରତିଦାନରେ, ବଦଳରେ; many happy returns (of the day) ଜନ୍ମଦିନ ବା ପର୍ବପର୍ବାଣୀର ଅଭିନନ୍ଦନ ।

**returning officer** ବି. ନିର୍ବାଚନ ପରିଚାଳନା କରି ଫଳାଫଳ ଘୋଷଣା କରୁଥିବା ଅଧିକାରୀ ।

**return match** ବି. ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳ ।

**return ticket** ବି. ଯିବା ଓ ଆସିବା ପାଇଁ ଏକତ୍ର ଟିକଟ ।

**reunion** ବି. ପୁନର୍ମିଳନ, ଆଗରୁ ଘନିଷ୍ଠ ବ୍ୟକ୍ତିମାନଙ୍କର ସାମାଜିକ ମିଳନ ।

**rev** କ.ଭା. 1. ବି. ଇଂଜିନ୍‌ର (ପ୍ରତିମିନିଟ୍) ଆବର୍ତ୍ତନ; 2. କ୍ରି. ଇଂଜିନ୍ ଗତି ଦ୍ରୁତତର କରିବା ।

**Rev.** ସଂଶ. Reverend ରେଭରେଣ୍ଡ୍ ।

**revalue** କ୍ରି. ପୁନର୍ମୂଲ୍ୟାୟନ କରିବା; ମୁଦ୍ରାର ମୂଲ୍ୟ ବୃଦ୍ଧି କରିବା ବା ପୁନର୍ମୂଲ୍ୟାୟନ କରିବା; ବି. revaluation.

**revamp** କ୍ରି. ଜୀର୍ଣ୍ଣୋଦ୍ଧାର କରିବା; ପୁନର୍ଗଠନ କରିବା; ତାଳି ପକାଇବା ।

**Revd** ସଂଶ. ବିଂ. Reverend ରେଭରେଣ୍ଡ ।

**reveal** କ୍ରି. ପ୍ରଦର୍ଶନ କରିବା; ପ୍ରକାଶ କରିବା; ପ୍ରକଟ କରିବା ।

**reveille** ବି. ସୈନିକମାନଙ୍କୁ ନିଦ୍ରାରୁ ଜାଗ୍ରତ କରିବା ପାଇଁ ସୂଚନା ବା ସିଗ୍‌ନାଲ ।

**revel** 1. କ୍ରି. ମଉଜ କରିବା; ଆମୋଦପ୍ରମୋଦ କରିବା; ମେଳାମଉଚ୍ଛବ କରିବା; 2. ବି.

Digitized by srujanika@gmail.com

ଆମୋଦପ୍ରମୋଦ, ମଉଜମଜଲିସ୍, ଆନନ୍ଦ ଉତ୍ସବ ।

**revelation** ବି. ପ୍ରକାଶ, ପ୍ରକଟନ; ଐଶୀସତ୍ୟ ପ୍ରକଟନ; ଚାଞ୍ଚଲ୍ୟକର ସତ୍ୟ ଉଦ୍‌ଘାଟନ; Revelation *ଖ୍ରୀ.* (ସଂପୂର୍ଣ୍ଣ ଶୀର୍ଷକ The Revelation of St. John the Divine) ବାଇବେଲ୍‌ର ନ୍ୟୁ ଟେଷ୍ଟାମେଣ୍ଟର ଶେଷ ଅଧ୍ୟାୟ ।

**revelry** ବି. ଧୁମ୍‌ଧାମ୍, ପ୍ରମୋଦଉତ୍ସବ, ମଉଜମଜଲିସ୍ ।

**revenge** 1. ବି. କ୍ଷତି ବା ଅପମାନର ପ୍ରତିଶୋଧ ବା ପ୍ରତିହିଂସା; ପ୍ରତିଶୋଧପରାୟଣତା; (ଖେଳରେ) ପୂର୍ବପରାଜୟ ପରେ ବିଜୟର ସମ୍ଭାବନା; 2. *କ୍ରି.* ପ୍ରତିଶୋଧ ନେବା; be revenged ପ୍ରତିଶୋଧ ନେବା ।

**revengeful** ବିଂ. ପ୍ରତିଶୋଧପରାୟଣ; *କ୍ରି.ବିଂ.* revengefully.

**revenue** ବି. ଯେ କୌଣସି ସୂତ୍ରରୁ ଉପଲବ୍ଧ ବିପୁଳ ଆୟ; ଖଜଣା, ରାଜସ୍ୱ, ରାଜ୍ୟର ଆୟ, କର; ରାଜସ୍ୱ ବିଭାଗ ।

**reverberate** *କ୍ରି.* (ଶବ୍ଦ, ଉତ୍ତାପ ବା ଆଲୋକ) ପ୍ରତିଧ୍ୱନିତ, ପ୍ରତିଫଳିତ ବା ପ୍ରତିସରିତ ହେବା; ବି. reverberation; ବିଂ. reverberant; ବିଂ. reverberative.

**revere** *କ୍ରି.* ଗଭୀର ଭକ୍ତିପୂର୍ଣ୍ଣଭାବରେ ସମ୍ମାନ କରିବା ।

**reverence** 1. ବି. ଗଭୀର ସମ୍ମାନ, ଭକ୍ତିପୂର୍ଣ୍ଣ ଶ୍ରଦ୍ଧା, ସମ୍ମାନବୋଧ; 2. *କ୍ରି.* ସମ୍ମାନ ବା ଭକ୍ତି ପ୍ରଦର୍ଶନ କରିବା ।

**reverend** ବିଂ. ସମ୍ମାନୀୟ, ପୂଜ୍ୟ; the Reverend *ଖ୍ରୀ.* ରେଭେରେଣ୍ଡ ।

**Reverend Mother** ବି. ମଠର ମଦର୍ ସୁପିରିଅର୍ ବା ମୁଖ୍ୟା ।

**reverent** ବିଂ. ସମ୍ମାନପୂର୍ଣ୍ଣ, ଭକ୍ତିପୂର୍ଣ୍ଣ ।

**reverential** ବିଂ. ଭକ୍ତିମୂଳକ, ଭକ୍ତିସୂଚକ, ସଶ୍ରଦ୍ଧ; *କ୍ରି.ବିଂ.* reverentially.

**reverie** ବି. ଦିବାସ୍ୱପ୍ନ, ଅଳୀକ କଳ୍ପନା ।

**revers** ବି. ପୋଷାକର ପଶ୍ଚାଦ୍ ପାର୍ଶ୍ୱ ।

**reversal** ବି. ଓଲଟପାଲଟ, ପରିବର୍ତ୍ତନ ।

**reverse** 1. *କ୍ରି.* ବିପରୀତମୁଖୀ କରିବା; ଓଲଟପାଲଟ କରିବା; ପଛେଇବା; ପଶ୍ଚାଦ୍‌ଗତି କରିବା; 2. ବିଂ. ବିପରୀତମୁଖୀ; ପଶ୍ଚାଦ୍‌ଗାମୀ; ବିଂ. reversible.

**reversion** ବି. ସମ୍ପତ୍ତିର ମାଲିକାନାର ଆଇନସମ୍ମତ ଉତ୍ତରାଧିକାରୀ; ପୂର୍ବାବସ୍ଥାକୁ ପ୍ରତ୍ୟାବର୍ତ୍ତନ; *ପ୍ରାଣୀ.* ପ୍ରାଣୀର ପୂର୍ବାବସ୍ଥାର ପୁନଃପ୍ରାପ୍ତି ।

**revert** *କ୍ରି.* ପ୍ରତ୍ୟାବୃତ୍ତ କରିବା ବା ପୂର୍ବ ଅବସ୍ଥା ବା ସ୍ଥିତିକୁ ପ୍ରତ୍ୟାବର୍ତ୍ତନ କରିବା; ଉତ୍ତରାଧିକାର ସୂତ୍ରରେ ପାଇବା; ବିଂ. revertible.

**revetment** ବି. ପଥର ବା ଇଟାର କାନ୍ଥାବନ୍ଧ ।

**review** 1. ବି. ପୁନଃପରୀକ୍ଷା; (ପୁସ୍ତକ, ଚଳଚ୍ଚିତ୍ର ପ୍ରଭୃତିର) ସମୀକ୍ଷା; 2. *କ୍ରି.* ପୁନଃପରୀକ୍ଷା କରିବା; ପୁନର୍ବିଚାର କରିବା; ସମୀକ୍ଷା ବା ସଂଶୋଧନ କରିବା; ସୈନ୍ୟବାହିନୀ ପ୍ରଭୃତିର ପ୍ରଦର୍ଶନ ବା ବିଧିବଦ୍ଧ ନିରୀକ୍ଷଣ କରିବା; ପୁସ୍ତକ, ଚଳଚ୍ଚିତ୍ର, ନାଟକ ପ୍ରଭୃତିର ସମୀକ୍ଷା କରିବା ।

**reviewer** ବି. ପୁସ୍ତକ, ଚଳଚ୍ଚିତ୍ର, କଳାକୃତି ପ୍ରଭୃତିର ସମୀକ୍ଷକ ବା ସମାଲୋଚକ ।

**revile** *କ୍ରି.* ନିନ୍ଦା କରିବା; ତିରସ୍କାର କରିବା ।

**revise** 1. *କ୍ରି.* ପୁନଃପରୀକ୍ଷା କରିବା; ବାଗେଇବା; ସଂଶୋଧନ କରିବା; ପୁଣି ପାଠ କରିବା; 2. ବି. ଛାପାଖାନାର ସଂଶୋଧନ ସମ୍ବଳିତ ପ୍ରୁଫ୍‌କାଗଜ ।

**Revised Standard Version** ବି. ବାଇବେଲ୍‌ର ସଂଶୋଧିତ ସଂସ୍କରଣ (୧୯୪୬–୫୨) ।

**Revised Version** ବି. ବାଇବେଲର ସଂଶୋଧିତ ସଂସ୍କରଣ (୧୮୮୧–୯୫) ।

**revision** ବି. ସଂଶୋଧନ, ପୁନଃପାଠ, ସଂଶୋଧିତ ବା ଶୁଦ୍ଧ ପାଠ; ସଂଶୋଧିତ ସଂସ୍କରଣ ବା ଆକାର ।

**revisory** ବିଂ. ସଂଶୋଧନୀୟ; ପୁନଃପଠନୀୟ ।

**revival** ବି. ସଂଜ୍ଞାଲାଭ; ପୁନରୁଜ୍ଜୀବନ, ଧାର୍ମିକ ବା ସାଂସ୍କୃତିକ ପୁନର୍ଜାଗରଣ; ପୁରାତନ ନାଟକ ପ୍ରଭୃତିର ନୂତନ ପରିବେଷଣ ।

**revivalist** ବି. ଯିଏ ଧର୍ମୀୟ ପୁନର୍ଜାଗରଣ ଆଣିଥାଏ, ପୁନର୍ଜାଗରଣବାଦୀ; ବି. revivalism.

**revive** *କ୍ରି.* ଜାଗରିତ କରିବା; ସଚେତନ, ବଳଶାଳୀ ବା ପୁନର୍ଜୀବିତ କରିବା; ପୁନଃପ୍ରଚଳନ କରିବା ।

**revivify** *କ୍ରି.* ପୁନର୍ଜୀବନ ଦେବା, ବଳଶାଳୀ କରିବା ବା ସକ୍ଷମ କରିବା; ବି. revivification.

Digitized by srujanika@gmail.com

**revocable** ବିଂ. ଖଣ୍ଡନଯୋଗ୍ୟ, ରଦ୍ଦ ବା ପ୍ରତ୍ୟାହାର ଯୋଗ୍ୟ ।

**revoke** କ୍ରି. ପ୍ରତ୍ୟାହାର କରିନେବା; ରଦ୍ଦ କରିବା; ବି. revocation.

**revolt** 1. କ୍ରି. ସତ୍ତା ବା ପ୍ରଶାସନ ବିରୋଧରେ ବିଦ୍ରୋହ କରିବା; ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା; ତୀବ୍ର ବିରକ୍ତି ଅନୁଭବ କରିବା ବା ପ୍ରକାଶ କରିବା; 2. ବି. ବିଦ୍ରୋହ, ତୀବ୍ର ପ୍ରତିକ୍ରିୟା. ବିରକ୍ତିଭାବ ।

**revolting** ବିଂ. ବିରକ୍ତିକର, ବୀଭତ୍ସ; କ୍ରି.ବିଂ. revoltingly.

**revolution** ବି. ସତ୍ତା ବା ପ୍ରଚଳିତ ସମାଜ ବ୍ୟବସ୍ଥା ବିରୋଧରେ ବିପ୍ଲବ; ଆମୂଳ ପରିବର୍ତ୍ତନ; ଘୂର୍ଣ୍ଣନ, ଥରେ ବୃତ୍ତାକାରରେ ଘୂରିଆସିବା ବା ସେହି ସମୟ; ପୁନରାବୃତ୍ତି ।

**revolutionary** 1. ବିଂ. ବିରାଟ, ବିଶେ. ହିଂସାତ୍ମକ ପରିବର୍ତ୍ତନ ବା ରାଜନୈତିକ ବିପ୍ଲବ ସଂବନ୍ଧିତ; ବୈପ୍ଲବିକ; 2. ବି. ରାଜନୈତିକ ବିପ୍ଲବର ସମର୍ଥକ ବା ନେତା; ବିପ୍ଲବୀ ।

**revolutionize** କ୍ରି. ଆମୂଳ ପରିବର୍ତ୍ତନ କରିବା; ବିପ୍ଲବ ଘଟାଇବା ।

**revolve** କ୍ରି. ଆବର୍ତ୍ତନ କରିବା; ଘୂରିବା (ଅକ୍ଷ ବା କେନ୍ଦ୍ରର ଚତୁର୍ଦ୍ଦିଗରେ); ଗଭୀର ଅନୁଶୀଳନ କରିବା ।

**revolver** ବି. ରିଭଲ୍‌ଭର୍; ଏକପ୍ରକାର ପିସ୍ତଲ, ଯେଉଁଥିରେ ଘୂର୍ଣ୍ଣାୟମାନ କାରତୁଜ ଘର ଥାଏ, ତେଣୁ ବାରମ୍ବାର ଗୁଳି ଭର୍ତ୍ତି କରାଯାଏ ନାହିଁ ।

**revue** ବି. ମନୋରଞ୍ଜନଧର୍ମୀ ତଥା ବିଦ୍ରୂପାତ୍ମକ କ୍ଷୁଦ୍ର ନାଟିକା ।

**revulsion** ବି. ବିରାଗ, ବିତୃଷ୍ଣା; ମନୋଭାବର ସଂପୂର୍ଣ୍ଣ ପରିବର୍ତ୍ତନ ।

**reward** 1. ବି. ପୁରସ୍କାର, ପାରିତୋଷିକ, ପ୍ରତିଫଳ; ଭଲ ବା ମନ୍ଦ କାର୍ଯ୍ୟ ପାଇଁ ଫଳପ୍ରାପ୍ତି; ଫେରାର ଆସାମୀର ସନ୍ଧାନ ନିମନ୍ତେ ପାରିତୋଷିକ; ହୃତସଂପତ୍ତି ପୁନର୍ଲାଭ; 2. କ୍ରି. ପୁରସ୍କାର ଦେବା; ପାରିତୋଷିକ ଦେବା ।

**rewarding** ବିଂ. ଉତ୍ତମ, ଲାଭଜନକ ବା ସନ୍ତୋଷଦାୟକ (କାର୍ଯ୍ୟ) ।

**rewind** କ୍ରି. (ଫିଲ୍ମ, ଟେପ୍ ପ୍ରଭୃତି) ପଛକୁ ଘୂରାଇବା ।

**rewire** କ୍ରି. ନୂଆଭାବେ (ଘରର) ବିଦ୍ୟୁତ୍ ତାର ସଂଯୋଗ କରିବା ।

**reword** କ୍ରି. ଭିନ୍ନ ଶବ୍ଦରେ ପ୍ରକାଶ କରିବା ।

**rewrite** 1. କ୍ରି. ପୁନର୍ଲିଖନ କରିବା, ଆଉ ଥରେ ଅନ୍ୟଭାବରେ ଲେଖିବା; 2. ବି. ପୁନର୍ଲିଖିତ ସାମଗ୍ରୀ ।

***Rex*** ବି. ରାଜତ୍ୱ କରୁଥିବା ରାଜା ( ସ୍ତ୍ରୀRegina).

**Rh** ପ୍ର. rhodium ରୋଡ଼ିଅମ୍ ।

**r.h.** ସଂକ୍ଷି. ଦକ୍ଷିଣହସ୍ତ ।

**rhapsodize** କ୍ରି. ଆଳଙ୍କାରିକ ରଚନା ଲେଖିବା ବା ଆବୃତ୍ତି କରିବା ।

**rhapsody** ବି. ଅଳଙ୍କାରପୂର୍ଣ୍ଣ ଉଲ୍ଲସିତ ଉକ୍ତି ବା ରଚନା; ଆବେଗପୂର୍ଣ୍ଣ ସଙ୍ଗୀତ ।

**rhenium** ବି. ରେନିୟମ୍, ମାଙ୍ଗାନିଜ ଜାତୀୟ ଏକପ୍ରକାର ବିରଳ ଧାତବ ପଦାର୍ଥ ।

**rhesus** ବି. ଏକପ୍ରକାର କ୍ଷୁଦ୍ରକାୟ ଭାରତୀୟ ମାଙ୍କଡ଼ ।

**rhesus factor** ବି. ସଂଖ୍ୟାଧିକ ମଣିଷ ଏବଂ କିଛି ପ୍ରାଣୀଙ୍କ ଲୋହିତରକ୍ତ କଣିକାରେ ଉପସ୍ଥିତ ଏଣ୍ଟିଜେନ୍ ।

**rhesus–negative (or positive)** ବି. ରେସସ୍ ଫେକ୍‌ଟର୍‌ର ଅନୁପସ୍ଥିତି (ବା ଉପସ୍ଥିତି) ।

**rhetoric** ବି. ଅଳଙ୍କାର ଶାସ୍ତ୍ର; ପ୍ରଭାବଶାଳୀ ଭାବରେ କହିବା ବା ଲେଖିବା ଶୈଳୀ ।

**rhetorical** ବିଂ. ଆଳଙ୍କାରିକ, ଅଳଙ୍କାର ଶାସ୍ତ୍ର ସମ୍ବନ୍ଧୀୟ; ପ୍ରଭାବଶାଳୀ କଥନ ବା ଲିଖନ ଶୈଳୀଯୁକ୍ତ; କ୍ରି.ବିଂ. rhetorically.

**rhetorical question** ବି. ଉତ୍ତର ପାଇବା ନିମନ୍ତେ ନହୋଇ ଦେଖାଇ ହେବାପାଇଁ ପ୍ରଶ୍ନ ।

**rheumatic** ବିଂ. ବାତରୋଗଗ୍ରସ୍ତ, ବାତରୋଗ ସମ୍ବନ୍ଧୀୟ; କ୍ରି.ବିଂ. rheumatically.

**rheumatic fever** ବି. ଆଣ୍ଠୁଗଣ୍ଠିରେ ବ୍ୟଥାହୋଇ ଜ୍ୱର ।

**rheumaticky** ବିଂ. କ.ଭା. ବାତରୋଗ ପରି, ବାତରୋଗ ସଂପର୍କୀୟ ।

**rheumatism** ବି. ବାତରୋଗ; ଆଣ୍ଠୁଗଣ୍ଠି ଫୁଲା ଓ ଦରଜ ସହ ଜ୍ୱର ରୋଗ ।

**rheumatoid arthritis** ବି. ପୁରୁଣା ଆଣ୍ଠୁଗଣ୍ଠି ବ୍ୟଥାରୋଗ ।

**rhinestone** ବି. ନକଲି ହୀରା ।

Digitized by srujanika@gmail.com

**rhino** ବି. *କ.ଭା. ଦ୍ର.* rhinoceros.
**rhinoceros** ବି. ଗଣ୍ଡା; ଗଣ୍ଡାର।
**rhizome** ବି. ଭୂନିମ୍ନସ୍ଥ ମୂଳସଦୃଶ କାଣ୍ଡ।
**rho** ବି. ଗ୍ରୀକ୍ ବର୍ଣ୍ଣମାଳାର ସପ୍ତଦଶ ଅକ୍ଷର (P,p).
**rhodium** ବି. ରୋଡିୟମ୍, ପ୍ଲାଟିନମ୍ ଜାତୀୟ ଧଳା କଠିନ ଧାତବ ବସ୍ତୁ ବିଶେଷ।
**rhododendron** ବି. ତୂରୀଆକୃତିର ଗୋଛା ଫୁଲ ଫୁଟୁଥିବା ଏକପ୍ରକାର ଚିରହରିତ୍ ଉଦ୍ଭିଦ।
**rhomboid** (rhomboidal ମଧ୍ୟ) 1. ବିଂ. ରମ୍‌ବସ୍ ସଦୃଶ; 2. ବି. ବିପରୀତ ବାହୁ ଏବଂ କୋଣ ସମାନଥିବା ଚତୁର୍ଭୁଜ।
**rhombus** ବି. *ଜ୍ୟା.* ରମ୍‌ବସ୍; ତାସ୍‌ରେ ଥିବା ଠିକିରି ଚିହ୍ନପରି ଆକୃତିର ତିର୍ଯ୍ୟକ୍ ସମବାହୁ ସମାନ୍ତରାଳ କ୍ଷେତ୍ର।
**rhubarb** ବି. ଏକପ୍ରକାର ଉଦ୍ୟାନ ଉଦ୍ଭିଦ ଯାହାର ମାଂସଳ ବୃନ୍ତକୁ ଫଳଭଳି ବ୍ୟବହାର କରାଯାଏ; ଏକପ୍ରକାର ଚୀନଦେଶୀୟ ଗଛର ମୂଳ; *ସା.ପ୍ର.* ବାଜେ କଥା।
**rhyme** *କାବ୍ୟ.* 1. ବି. ମିତ୍ରାକ୍ଷର, ପଦ୍ୟରେ ଅନ୍ତ୍ୟବର୍ଣ୍ଣ ବା ଧ୍ୱନି ମେଳ, ଛନ୍ଦୋବଦ୍ଧ କବିତା, ମେଳକ ଶବ୍ଦ ବା ଧ୍ୱନି; 2. କ୍ରି. ପଦ୍ୟରେ ମିତ୍ରାକ୍ଷର ବା ଅନ୍ତ୍ୟବର୍ଣ୍ଣମିଳନ ଘଟାଇବା; without rhyme or reason କୌଣସି କାରଣ ନ ଥାଇ।
**rhymester** ବି. ଗୀତି କବି, ଗୀତିକାର।
**rhythm** ବି. *କାବ୍ୟ.* ଛନ୍ଦ; *ସଙ୍ଗୀତ* ତାଳ; ଘଟଣା ପ୍ରଭୃତିର ନିୟମିତତା; ବିଂ. rhythmic.
**rhythm and blues** ବି. ଜନପ୍ରିୟ ସଙ୍ଗୀତ ବିଶେଷ।
**rhythmical** ବିଂ. ଛନ୍ଦଯୁକ୍ତ, ତାଳବଦ୍ଧ; କ୍ରି.ବିଂ. rhythmically.
**rib** 1. ବି. ପଞ୍ଜରାହାଡ, ପଞ୍ଜର; ପତ୍ରଶିରା; 2. କ୍ରି. ପଞ୍ଜରାକୃତି କରିବା; *କ.ଭା.* ଥଟ୍ଟା କରିବା, ଚିଡେଇବା।
**ribald** ବିଂ. ଇତର, ନିମ୍ନରୁଚିପୂର୍ଣ୍ଣ (କଥା ବା ଥଟ୍ଟା); ଅଶ୍ଳୀଳ।
**ribaldry** ବି. ଅଶ୍ଳୀଳ ବା କୁରୁଚିପୂର୍ଣ୍ଣ କଥା ବା ପରିହାସ।
**riband** ବି. ରେଶମ ଫିତା, ରିବନ୍।
**ribbed** ବିଂ. ପଞ୍ଜରାହାଡଯୁକ୍ତ, ଶିରାଯୁକ୍ତ।
**ribbing** ବି. ପଞ୍ଜରାହାଡ, ପଞ୍ଜରାପରି ଗଠିତ ବସ୍ତୁ; *କ.ଭା.* ଚିଡାଇବା।
**ribbon** ବି. ରେଶମ ଫିତା (ବିଭିନ୍ନ ରଙ୍ଗର); ରିବନ୍; (ସାମରିକବାହିନୀ ବା ଖେଳକୁଦରେ ପ୍ରାପ୍ତ) ମର୍ଯ୍ୟାଦାସୂଚକ ଫିତା; ଫିତା।
**ribonucleic acid** ବି. ଏକପ୍ରକାର ଅମ୍ଳ ଯାହା କୋଷ ଭିତରେ ପ୍ରୋଟିନ୍ ସଂଶ୍ଳେଷଣରେ ସାହାଯ୍ୟ କରିଥାଏ।
**rice** ବି. ଚାଉଳ, ଭାତ, ଅନ୍ନ।
**rich** ବିଂ. ଧନବାନ୍, ମୂଲ୍ୟବାନ୍, ବହୁମୂଲ୍ୟ; ଯଥେଷ୍ଟ, ପ୍ରଚୁର; ଉର୍ବରତର; ଗୁରୁପାକ, ମସଲାଯୁକ୍ତ, ଉଜ୍ଜ୍ୱଳ, ମନୋରମ; ବି. richness.
**riches** ବି. ବ.ବ. ଧନ, ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ।
**richly** କ୍ରି.ବିଂ. ପରିପୂର୍ଣ୍ଣଭାବରେ, ସମୃଦ୍ଧ ଭାବରେ, ଚିକ୍କଣିଆଭାବରେ।
**Richter scale** ବି. ଭୂମିକମ୍ପର ଶକ୍ତିମାପକ ଯନ୍ତ୍ର।
**rick**[1] ବି. ପାଳ ବା ନଡାଗଦା।
**rick**[2] (wrick ମଧ୍ୟ) 1. କ୍ରି. ସାମାନ୍ୟ ମୋଡି ବା ମକଚିଯିବା; 2. ବି. ସାମାନ୍ୟ ମକଚିଯିବାର ଯନ୍ତ୍ରଣା।
**rickets** ବି. ରିକେଟ୍, ଶିଶୁମାନଙ୍କର ହାଡର ପୁଷ୍ଟିହୀନତାରୋଗ।
**rickety** ବିଂ. ରିକେଟ୍‌ରୋଗଗ୍ରସ୍ତ; ଦୁର୍ବଳ, ନଡନଡିଆ, ଶୀର୍ଣ୍ଣ, ବାଙ୍କାଯିବିକୃତ; ବି. ricketiness.
**rickshaw** ବି. (ricksha ମଧ୍ୟ) ରିକ୍ସା, ମଣିଷଦ୍ୱାରା ଟଣାଯାଉଥିବା ଦୁଇଚକିଆ ଯାନ।
**ricochet** ବି. ଡିଆଁ; ଗୁଳି ବା କ୍ଷେପଣାସ୍ତ୍ରର ଡିଆଁ ବା ପ୍ରତ୍ୟାବର୍ତ୍ତନ; ତଜ୍ଜନିତ ଆଘାତ।
**ricrac** ବି. (rickrack ମଧ୍ୟ) ପୋଷାକପତ୍ରର ଅଙ୍କାବଙ୍କା ଛବି ବା ସିଲେଇ।
**rid** କ୍ରି. ମୁକ୍ତ କରିବା; (be) get rid of ମୁକ୍ତିପାଇବା, ମୁକ୍ତହେବା।
**riddance** ବି. ଉଦ୍ଧାର, ମୁକ୍ତି; good riddance ବିରକ୍ତିକର ବ୍ୟକ୍ତିଠାରୁ ବା କାର୍ଯ୍ୟରୁ ଆନନ୍ଦଦାୟକ ମୁକ୍ତି।
**riddle**[1] 1. ବି. ଗୋଲକଧନ୍ଦା, କୂଟପ୍ରଶ୍ନ, ପ୍ରହେଳିକା, ସମସ୍ୟା; 2. କ୍ରି. ପ୍ରହେଳିକାମୟ କଥା କହିବା।
**riddle**[2] 1. କ୍ରି. ଗୁଳି ପ୍ରଭୃତିଦ୍ୱାରା ବିଦୀର୍ଣ୍ଣ କରିବା; (ଭୁଲ ଇତ୍ୟାଦିରେ) ପରିପୂର୍ଣ୍ଣ ହେବା; 2. ବି. ବଡ କଣା ଥିବା ଚାଲୁଣୀ।

Digitized by srujanika@gmail.com

**ride** 1. କ୍ରି. ଘୋଡ଼ା ଚଢ଼ିବା; ଗାଡ଼ିରେ ଯିବା; ସାଇକେଲ ଚଢ଼ିବା; 2. ବି. ଯାତ୍ରା, ଅଶ୍ୱାରୋହଣ; **ride high** ସଫଳ ହେବା, ପ୍ରଫୁଲ୍ଲ ବୋଧ କରିବା; **ride out** (ଝଡ଼ଝଞ୍ଜା) ଅତିକ୍ରମ କରିବା; **take for a ride** କ.ଭା. ଠକିବା; ଭଣ୍ଡେଇବା।

**rider** ବି. ଘୋଡ଼ାସବାର; କ୍ରୋଡପତ୍ର; ଅତିରିକ୍ତ ଦଫା, ସର୍ତ୍ତଜ୍ଞାପକ ଦଫା।

**ridge** ବି. ଶିଙ୍ଗ, ଚୂଡ଼ା, ଅନୁଚ୍ଚ ଶୈଳଶ୍ରେଣୀ, ପର୍ବତମାଳା, ପୃଷ୍ଠ, ପୃଷ୍ଠର ଉପରିଭାଗ; ବର୍ଷାଚି; ବିଂ. **ridgy**.

**ridge–pole** ବି. ଛାତମୁନରେ ଲଗାହୋଇଥିବା ବଷ।

**ridgeway** ବି. ପର୍ବତମାଳାଦେଇ ରାସ୍ତା।

**ridicule** 1. ବି. ପରିହାସ, ଥଟ୍ଟା, ବିଦ୍ରୂପ, କୌତୁକ; 2. କ୍ରି. ତାଚ୍ଛଲ୍ୟ କରିବା, ଥଟ୍ଟା କରିବା।

**ridiculous** ବିଂ. ଉପହାସ୍ୟ, ହାସ୍ୟାସ୍ପଦ, ହାସ୍ୟଜନକ; ଅଯୌକ୍ତିକ।

**riding** ବି. ଇତି. ୟର୍କଶାୟାରର ପ୍ରଶାସନିକ ଅଞ୍ଚଳ ବିଶେଷ।

**Riesling** ବି. ଏକପ୍ରକାର ଅଙ୍ଗୁର; ସେଥିରୁ ପ୍ରସ୍ତୁତ ଧଳା (ରିଜ୍‌ଲିଙ୍ଗ୍) ମଦ।

**rife** ବିଂ. ପ୍ରଚଳିତ, ପ୍ରବଳ, ପ୍ରଚୁର।

**riffle** କ୍ରି. ଦ୍ରୁତଭାବେ ଗଣି ପୃଷ୍ଠା ଓଲଟାଇବା; ତାସ୍ ଫେଣ୍ଟିବା।

**riff–raff** ବି. ନୀଚ ବା ଅବାଞ୍ଛିତ ବ୍ୟକ୍ତି (ଗଣ)।

**rifle** 1. ବି. ରାଇଫଲ୍, ଏକପ୍ରକାର ବନ୍ଧୁକ; ରାଇଫଲଚାଳିତା; 2. କ୍ରି. ଲୁଣ୍ଠନ କରିବା।

**rifleman** ବି. ବନ୍ଧୁକଧାରୀ ସୈନିକ।

**rifling** ବି. ବନ୍ଧୁକନଳୀରେ ଗୁଳିଚାଳନା ପାଇଁ କୁଣ୍ଡଳ ଖାଞ୍ଜ।

**rift** ବି. ଛିଦ୍ର, ଫାଟ, ଭେଦ, ମନାନ୍ତର, ମତାନ୍ତର।

**rig**[1] 1. କ୍ରି. ଜାହାଜକୁ ଦଉଡ଼ି, ପାଲ ପ୍ରଭୃତିରେ ସଜ୍ଜିତ କରିବା; ପୋଷାକ ପିନ୍ଧାଇବା, ସଜ୍ଜିତ କରିବା; ଉଡ଼ାଜାହାଜର ଅଂଶଗୁଡ଼ିକୁ ଯୋଡ଼ିବା; 2. ବି. ଜାହାଜ ବା ଉଡ଼ାଜାହାଜ ସଜ୍ଜୀକରଣ; କ.ଭା. ବେଶଭୂଷାର ଶୈଳୀ।

**rig**[2] କ୍ରି. ଚାତୁରୀ ଖେଳିବା, ଫନ୍ଦିଫିକର କରିବା; ବି. **rigger**.

**rigging** ବି. ଜାହାଜର ଖୁଣ୍ଟ, ଦଉଡ଼ି ଇତ୍ୟାଦି।

**right** 1. ବିଂ. ଠିକ୍, ଉଚିତ, ନ୍ୟାଯ୍ୟ, ଭଲ, ଯୁକ୍ତିସଙ୍ଗତ, ସତ, ସନ୍ତୋଷଜନକ, ଉପଯୁକ୍ତ; ଦକ୍ଷିଣପାର୍ଶ୍ୱ; 2. ବି. ଔଚିତ୍ୟ, ନ୍ୟାଯ୍ୟ ଅଧିକାର, ପ୍ରାପ୍ୟ; ଦକ୍ଷିଣଦିଗ ବା ପାର୍ଶ୍ୱ; 3. କ୍ରି. ଠିକ୍, ସିଧା ବା ଉଚିତ ଅବସ୍ଥାକୁ ଫେରାଇ ଆଣିବା; ପ୍ରତିଶୋଧ ନେବା; ହିସାବନିକାଶ କରିବା; ଭୁଲ ସୁଧାରିବା, ଯୁକ୍ତିଦ୍ୱାରା ସାବ୍ୟସ୍ତ କରିବା; 4. କ୍ରି.ବିଂ. ସିଧା ଚାଲିଯିବା (go right on); ସଙ୍ଗେ ସଙ୍ଗେ (I'll be right back); ଏକଦମ (right in the middle); ଉଚିତ ବା ସନ୍ତୋଷଜନକ ଭାବରେ; by right (rights) ଯଦି ଉଚିତ ଭାବରେ ହୁଅନ୍ତା; in one's own right ବ୍ୟକ୍ତିଗତ ଉଦ୍ୟମ ବା ପ୍ରଭାବ ବଳରେ; in the right ନ୍ୟାୟ ବା ସତ୍ୟର ପକ୍ଷରେ; on the right side of ସପକ୍ଷରେ (ବ୍ୟକ୍ତିର), କମ୍ (ଘୋଷିତ ବୟସରୁ); put (set) right ଠିକ୍ ଅବସ୍ଥା ଫେରାଇ ଆଣିବା; ସଜାଡ଼ିବା; ବି. rightness.

**right and left** କ୍ରି.ବିଂ. ସବୁଆଡ଼ୁ, ସବୁଦିଗରେ(ରୁ)।

**right angle** ବି. ସମକୋଣ (୯୦°); at right angles ସମକୋଣୀ।

**right arm** ବି. ଦକ୍ଷିଣହସ୍ତ; ସବୁଠାରୁ ବିଶ୍ୱାସୀ ବ୍ୟକ୍ତି।

**right bank** ବି. ନଦୀସ୍ରୋତର ଡାହାଣଦିଗର କୂଳ ବା ବନ୍ଧ।

**righteous** ବିଂ. ନୀତିସଂଗତ; ନୀତିବାଦୀ, ଧାର୍ମିକ, ପୁଣ୍ୟାତ୍ମା; କ୍ରି.ବିଂ. righteously; ବି. righteousness.

**rightful** ବିଂ. ନ୍ୟାୟସମ୍ମତ, ବିଧିସମ୍ମତ; କ୍ରି.ବିଂ. rightfully.

**right hand** ବି. ଡାହାଣ ପଟ।

**right–handed** ବିଂ. ଡାହାଣହାତ ସ୍ୱାଭାବିକ ଭାବରେ ବ୍ୟବହାର କରୁଥିବା ବ୍ୟକ୍ତି।

**right–handman** ବି. ନିକଟତମ ସହଯୋଗୀ।

**rightism** ବି. ରାଜନୈତିକ ଦକ୍ଷିଣପନ୍ଥା; ବି. rightist.

**rightly** କ୍ରି.ବିଂ. ନ୍ୟାୟପୂର୍ଣ୍ଣଭାବରେ, ଠିକ୍‌ଭାବରେ।

**right–minded** ବିଂ. ଉଚିତ ବା ନ୍ୟାୟସଙ୍ଗତ ବିଚାରଧାରା ସଂପନ୍ନ (ବ୍ୟକ୍ତି)।

Digitized by srujanika@gmail.com

**rightmost** ବିଂ. ଡାହାଣର ଶେଷତମ ।
**right of way** ବି. ରାସ୍ତାଭାବରେ ବ୍ୟବହାର କରିବା ଅଧିକାର ।
**Right Reverend** ବି. ବିଶପ୍‌ଙ୍କ ଉପାଧି ।
**rightward** କ୍ରି.ବିଂ. (rightwards ମଧ୍ୟ) ଦକ୍ଷିଣଆଡ଼ ।
**right wing** ବି. ପଟିଆର ଦକ୍ଷିଣପାର୍ଶ୍ୱ; ଦକ୍ଷିଣପନ୍ଥୀ (ରାଜନୈତିକ) ।
**rigid** ବିଂ. ଶକ୍ତ, କଠୋର, ଦୃଢ଼, ଅନମନୀୟ, କର୍କଶ, କଠିନ; ବି. rigidity; rigidness; କ୍ରି.ବିଂ. rigidly.
**rigmarole** ବି. ଅନର୍ଥକ ଗପ; ବାଜେ ଗପ; ଦୀର୍ଘ ପ୍ରକ୍ରିୟା ବା ବିରକ୍ତିକର କାହାଣୀ ।
**rigor** ବି. ହଠାତ୍ କୋଲମାରି କଂପ ଏବଂ ଜର ।
**rigor mortis** ବି. ମୃତ୍ୟୁପରେ ଶରୀର ଅନମନୀୟ ହୋଇଯିବା ।
**rigour** ବି. କଠୋରତା, କଠିନତା, ଉଗ୍ରତା; କଡ଼ା ଅବସ୍ଥା, କଠୋର ଭାବେ ନିୟମ ପାଳନ; ନୈଷ୍ଠିକତା; କ୍ରି.ବିଂ. rigorously; ବି. rigorousness.
**rile** କ୍ରି. କ.ଭା. ରାଗିବା, ବିରକ୍ତ କରିବା, ଉତ୍ତେଜିତ କରିବା ।
**rill** ବି. କ୍ଷୁଦ୍ର ଝରଣା ବା ନାଳ ।
**rim** ବି. ସୀମା, ଧାର, ପ୍ରାନ୍ତ; ଚକର ରିମ୍ ବା ବଳୟ ଯାହା ଉପରେ ଟ୍ୟୁବ୍ ଓ ଟାୟାର ଲଗାଯାଏ; ବିଂ. rimless.
**rime**[1] 1. ବି. ତୁହିନ–କଣା, ନୀହାର; 2. କ୍ରି. ବରଫ ବା ତୁହିନରେ ଘୋଡ଼େଇ ହେବା ।
**rime**[2] ବି. rhymeର *ପ୍ରା.ପ୍ର.।*
**rimmed** ବିଂ. ସୀମାବଦ୍ଧ, ସୀମାଯୁକ୍ତ, ରେଖାଯୁକ୍ତ ।
**rind** ବି. ଫଳ, ପନିପରିବା ପ୍ରଭୃତିର କଠିଣ ବାହ୍ୟ ଆବରଣ; ଚର୍ମ ।
**rinderpest** ବି. ଗୋରୁଗାଈ ପ୍ରଭୃତି ପ୍ରାଣୀଙ୍କର ରୋଗବିଶେଷ ।
**ring**[1] 1. ବି. ମୁଦି, ମୁଦ୍ରିକା, ଚକ୍ର, ମଣ୍ଡଳ; ସର୍କସଖେଳ, ମୁଷ୍ଟିଯୁଦ୍ଧ, କୁସ୍ତି ପ୍ରଭୃତି ଖେଳ ପାଇଁ ଉଦ୍ଦିଷ୍ଟ ବୃତ୍ତାକାର କ୍ଷେତ୍ର ବା ମଣ୍ଡଳ; ବୃତ୍ତାକାରରେ ସଜ୍ଜିତ ବସ୍ତୁ ବା ଜନସମୁଦାୟ; 2. କ୍ରି. ମୁଦି ଲଗାଇବା, ବେଷ୍ଟନ କରିବା ।
**ring**[2] କ୍ରି. ନିନାଦିତ ହେବା; ଅନୁରଣିତ ହେବା; ବାଜିବା; ଶବ୍ଦ ହେବା; ପ୍ରତିଧ୍ୱନିତ ହେବା; ଘଣ୍ଟି ବାଜିବା; (ଟେଲିଫୋନ୍ ବା ଘଡ଼ିର ଆଲାର୍ମ) ବାଜିବା; 2. ବି. ସ୍ୱନ, ଅନୁରଣନ, ନିନାଦ; କ.ଭା. ଟେଲିଫୋନ୍; **ring a bell** କ.ଭା. ସ୍ମୃତି ଜାଗରିତ ହେବା ।
**ringleader** ବି. ଦଳପତି; ଅପରାଧୀ ବା ବଦମାସମାନଙ୍କ ସର୍ଦ୍ଦାର ।
**ringlet** ବି. ଚୂର୍ଣ୍ଣକୁନ୍ତଳ, ବାଳର କୁଞ୍ଚ; ବିଂ. ringleted.
**ringmaster** ବି. ସର୍କସ ବା ଆଖଡ଼ାର ପ୍ରଶିକ୍ଷକ ବା ବ୍ୟବସ୍ଥାପକ ।
**ringside** 1. ବି. ମୁଷ୍ଟିଯୁଦ୍ଧ ବଳୟର ପାର୍ଶ୍ୱସ୍ଥାନ; 2. ବିଂ. ଘଟଣାସ୍ଥଳ ସନ୍ନିକଟ (ସ୍ଥାନ, ଆସନ) ।
**ringworm** ବି. ଯାଦୁ; ଏକପ୍ରକାର ସଂକ୍ରାମକ ଫଙ୍ଗାଲ୍ ଚର୍ମରୋଗ ।
**rink** ବି. କୃତ୍ରିମ ବା ପ୍ରାକୃତିକ ବରଫାବୃତ ସ୍ଥାନ (ସ୍କେଟିଙ୍ଗପ୍ରଭୃତି କ୍ରୀଡ଼ା ପାଇଁ); ରୋଲର–ସ୍କେଟିଙ୍ଗ ପାଇଁ ଚଟାଣ ।
**rinse** 1. କ୍ରି. ସଫା ପାଣିରେ ଲୁଗା ଧୋଇବା; ଅଂଖାଳିବା; 2. ବି. ଲୁଗାଧୁଆ; ବାଳ ରଙ୍ଗେଇବା ଦ୍ରବଣ ।
**riot** 1. ବି. ଭୟଙ୍କର ଗୋଳମାଳ, ଗଣ୍ଡଗୋଳ, ବିଶୃଙ୍ଖଳା; ଦଙ୍ଗାହାଙ୍ଗାମା, ଶାନ୍ତିଭଙ୍ଗ, ଅତିରିକ୍ତ କୋଳାହଳମୟ ପାନଭୋଜନୋତ୍ସବ; କ.ଭା. ଅତ୍ୟନ୍ତ ଆମୋଦଜନକ ବ୍ୟକ୍ତି ବା ବସ୍ତୁ; 2. କ୍ରି. ଗଣ୍ଡଗୋଳ ବା ବିଶୃଙ୍ଖଳା କରିବା; **run riot** ବିଶୃଙ୍ଖଳ ହେବା; ବିଂ. **riotous.**
**rip**[1] 1. କ୍ରି. ଫଟେଇବା; ଚିରିଦେବା; ହଠାତ୍ ଛିନ୍ନ କରିଦେବା; 2. ବି. ଫାଟ, ଛିଦ୍ରସ୍ଥଳ; ଚିରିଯାଇଥିବା ବା କଟିଯାଇଥିବା ସ୍ଥାନ; **let rip** କ.ଭା. ଗତି ହ୍ରାସ କରିବାକୁ ନ ଦେବା; ଉତ୍ତେଜିତ ଭାବରେ କହିବା, **rip off** କ.ଭା. ଠକିବା, ଚୋରି କରିବା ।
**rip**[2] ବି. ନୀଚ ବା ଦୁଶ୍ଚରିତ୍ର ବ୍ୟକ୍ତି, ଅକର୍ମଣ୍ୟ ଘୋଡ଼ା ।
**rip**[3] ବି. ପ୍ରବଳ ଜଳ ସ୍ରୋତ ।
**RIP** ସଂଖ. *[requiesca(n)t in pace]* ଶାନ୍ତିରେ ସେ (ସେମାନେ) ବିଶ୍ରାମ କରନ୍ତୁ ।
**riparian** ବିଂ. ତଟବର୍ତ୍ତୀ, କୂଳବର୍ତ୍ତୀ, ନଈକୂଳିଆ, କଛାର ।
**ripe** ବିଂ. ପାଚିଲା, ପକ୍ୱ, ପରିଣତ, ପରିପକ୍ୱ, ବ୍ୟବହାରଯୋଗ୍ୟ, ପୂର୍ଣ୍ଣ, ପରିପୂର୍ଣ୍ଣ; ସୁପରିଣତ, ଅଭିଜ୍ଞ, ପ୍ରସ୍ତୁତ, ଉଦ୍ୟତ; ବି. **ripeness.**

Digitized by srujanika@gmail.com

**ripen** କ୍ରି. ପାଚିବା, ପଚେଇବା; ପରିପକ୍ୱ ହେବା ।

**riposte** 1. ବି. ସାଙ୍ଗେ ସାଙ୍ଗେ ଜବାବ; 2. କ୍ରି. ତୁରନ୍ତ ଜବାବ ଦେବା ।

**ripple** 1. ବି. ମୃଦୁ ତରଙ୍ଗ, ଲହରୀ, ଲହରୀର ମଧୁର ଶବ୍ଦ; କୁଣ୍ଡୁକୁଣ୍ଡିଆ ବାଳ; 2. କ୍ରି. ଲହରୀ ସୃଷ୍ଟି କରିବା; ତରଙ୍ଗାୟିତ କରିବା; ବିଂ. rippIy.

**rise** 1. କ୍ରି. ଉଠିବା; ଉତ୍‌ଥିତ ହେବା; (ଆକାଶରେ) ଉଦିତ ହେବା; ଉର୍ଦ୍ଧ୍ୱଗାମୀ ହେବା; ଉତ୍ତେଜିତ ହେବା; ବୃଦ୍ଧି ପାଇବା; ସଳଖ ଭାବେ ଛିଡ଼ା ହେବା; ଆବିର୍ଭୂତ ହେବା; ନିର୍ଗତ ହେବା; ଉତ୍ପନ୍ନ ହେବା; ବିଦ୍ରୋହ କରିବା; (ପବନ) ବହିବା; (ନଦୀ) ଉଦ୍‌ଗତ ହେବା; ଉତ୍‌ଫୁଲ୍ଲିତ ହେବା; ଉଠାଣିଆ ହେବା; 2. ବି. ଉଦୟ, ଉତ୍‌ଥାନ, ଆରୋହଣ, ଉଦ୍‌ଗମ, ଉତ୍‌ପତ୍ତି, ବୃଦ୍ଧି, ଉନ୍ନତି, ଉଦ୍‌ଭବ; get (take) a rise out of କ.ଭା. ଚିଡ଼ାଇବା, ରଗାଇବା; give rise to ସୃଷ୍ଟିର କାରଣ ହେବା; on the rise ବୃଦ୍ଧିଶୀଳ; ବଢୁଥିବା; rise above (ବାଧାବିଘ୍ନ ପ୍ରଭୃତିର) ଊର୍ଦ୍ଧ୍ୱକୁ ଯିବା; rise to (ପରିସ୍ଥିତି ମୁତାବକ) ଶକ୍ତି ବା ସାମର୍ଥ୍ୟ ହାସଲ କରିବା ।

**riser** ବି. ଦୁଇ ପାହାଚ ମଧ୍ୟସ୍ଥ ଉତ୍‌ଥାନ ।

**risible** ବିଂ. ହାସ୍ୟାସ୍ପଦ; ହାସ୍ୟ ଉଦ୍ରେକକାରୀ ।

**rising** 1. ବିଂ. ଉଦୀୟମାନ, ବର୍ଦ୍ଧିଷ୍ଣୁ, ବର୍ଦ୍ଧମାନ, ଆରୋହଣଶୀଳ, ଉଠୁଥିବା; 2. ବି. ବିଦ୍ରୋହ, ପୁନରୁତ୍‌ଥାନ ।

**risk** 1. ବି. ବିପଦ, କ୍ଷତି ବା ମନ୍ଦ ପରିଣତିର ଆଶଙ୍କା; ଆଶଙ୍କା ସୃଷ୍ଟିକାରୀ ବସ୍ତୁ ବା ବ୍ୟକ୍ତି; 2. କ୍ରି. କ୍ଷତି ବା ବିପଦର ସମ୍ମୁଖୀନ ହେବା ବା ତାକୁ ଆଦରି ନେବା; at risk ବିପଦର ସମ୍ମୁଖୀନ; at one's (own) risk କ୍ଷୟକ୍ଷତି ପାଇଁ ଦାବି କରିବାକୁ ସମ୍ମତ ହେବା ଓ ଦାୟିତ୍ୱ ନେବା; run a (the) risk କ୍ଷତି ବା ବିପଦର ସମ୍ମୁଖୀନ ହେବା ।

**risky** ବିଂ. ବିପଦପୂର୍ଣ୍ଣ, ଆଶଙ୍କା ପରିପୂର୍ଣ୍ଣ, ବିପଜ୍ଜନକ; କ୍ରି.ବିଂ. riskily; ବି. riskiness.

**risotto** ବି. ଭାତ, ମାଂସ ଓ ପିଆଜ ସମ୍ମିଶ୍ରିତ ଇଟାଲୀୟ ଖାଦ୍ୟ ବିଶେଷ ।

***risque*** ବିଂ. ସାମାନ୍ୟ ଅଶ୍ଳୀଳ (ଗଳ୍ପ ପ୍ରଭୃତି) । *(ଫ.)*

**rissole** ବି. ପାଉଁରୁଟି ଚୁକୁରା ଏବଂ ମାଂସରେ ପ୍ରସ୍ତୁତ କେକ୍ ବିଶେଷ ।

**rite** ବି. ଧର୍ମବିଧି, ଧାର୍ମିକ ଅନୁଷ୍ଠାନ; ଧର୍ମାଚାର, ଧର୍ମାଚରଣ; ଚର୍ଚ୍ଚ ବା ଗୀର୍ଜା ପ୍ରଭୃତିରେ ଧର୍ମୀୟ ରୀତି ଓ ଚଳଣି ।

**ritual** 1. ବି. ଧାର୍ମିକ କର୍ମାନୁଷ୍ଠାନ ବା କର୍ମକାଣ୍ଡ, ଶାସ୍ତ୍ରସିଦ୍ଧ ପୂଜାପ୍ରଥା; କର୍ମକାଣ୍ଡ; ଆନୁଷ୍ଠାନିକ ରୀତି; 2. ବି. ଶାସ୍ତ୍ରସିଦ୍ଧ, ଆନୁଷ୍ଠାନିକ, ଧର୍ମୀୟ କର୍ମକାଣ୍ଡ ଜନିତ; କ୍ରି.ବିଂ. ritually.

**ritualism** ବି. ଆଚାରବିଧି, କ୍ରିୟାପଦ୍ଧତି, ନିତ୍ୟନୈମିତ୍ତିକ (ବା ଅତି ମାତ୍ରାରେ) ପାଳିତ ଧର୍ମୀୟ ଆଚରଣ ବା ପୂଜା, ଆଚାର ବିଧି; ବି. ritualist; ବିଂ. ritualistic; କ୍ରି.ବିଂ. ritualistically.

**ritzy** କ.ଭା. ବିଂ. ଉଚ୍ଚଶ୍ରେଣୀୟ, ବିଳାସପୂର୍ଣ୍ଣ, ଚାକଚକ୍ୟ ପୂର୍ଣ୍ଣ; (Ritz ବିଳାସପୂର୍ଣ୍ଣ ହୋଟେଲ୍‌ର ନାମ ବିଶେଷ) ।

**rival** 1. ବି. ପ୍ରତିଦ୍ୱନ୍ଦ୍ୱୀ, ବିପକ୍ଷ, ପ୍ରତିଯୋଗୀ, ପ୍ରତିପକ୍ଷ; ସମାନ ଗୁଣବତ୍ତାର ଅନ୍ୟ ବସ୍ତୁ ବା ବ୍ୟକ୍ତି; 2. ବି. ପ୍ରତିଦ୍ୱନ୍ଦ୍ୱୀ ଭାବଥାଇ; 3. କ୍ରି. ପ୍ରତିଦ୍ୱନ୍ଦ୍ୱିତା ବା ପ୍ରତିଯୋଗିତା କରିବା; ସମଗୁଣୀ ହେବା ।

**rivalry** ବି. ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ।

**riven** ବିଂ. *ସାହି.* ବିଦୀର୍ଣ୍ଣ, ଫଟା ।

**river** ବି. ନଈ, ନଦୀ, ସରିତ; sell down the river କ.ଭା. ଠକିଦେବା, ବିଶ୍ୱାସଘାତକତା କରିବା ।

**riverside** ବି. ନଦୀକୂଳ, ନଦୀତଟ, ତଟବର୍ତ୍ତୀ ଅଞ୍ଚଳ, କଛାର ।

**rivet** 1. ବି. କୀଲକ, ବୋଲଟ୍ ବିଶେଷ; ରିପିଟ୍; 2. କ୍ରି. ରିଭେଟ୍ ସାହାଯ୍ୟରେ ଯୋଡ଼ିବା; ସୁଦୃଢ଼ କରିବା; ଦୃଷ୍ଟି ନିବଦ୍ଧ କରିବା; ତଲ୍ଲୀନ ହେବା ।

**rivulet** ବି. କ୍ଷୁଦ୍ରନଦୀ, ସରିତା ।

**RM** ସଂଶ. Royal Marines ରୟେଲ୍ ମେରାଇନ୍‌ସ ।

**RMA** ସଂଶ. Royal Military Academy ରୟେଲ୍ ମିଲିଟାରୀ ଏକାଡେମୀ ।

**RN** ସଂଶ. Royal Navy ରୟେଲ୍ ନେଭି ।

**Rn** ପ୍ର. radon ରେଡନ୍ ।

**RNA** ସଂଶ. ribonucleic acid ରିବନ୍ୟୁକ୍ଲିକ୍ ଏସିଡ୍ ।

Digitized by srujanika@gmail.com

**roach** ବି. ଏକ ପ୍ରକାର କ୍ଷୁଦ୍ର ମଧୁର ମାଛ।

**road** ବି. ରାସ୍ତା, ପଥ, ବାଟ; ବ.ବ. କୂଳ ସନ୍ନିକଟ ଜଳାଶୟ (ଜାହାଜ ନଙ୍ଗର ପକାଇବା ପାଇଁ); one for the road କ.ଭା. ବିଦାୟପୂର୍ବ ମଦ୍ୟପାନ; on the road ଭ୍ରାମ୍ୟମାଣ ବ୍ୟବସାୟୀ; ବାରବୁଲା; ଯାତ୍ରାଦଳ।

**road block** ବି. ରାସ୍ତା ଅବରୋଧ।

**road–hog** ବି. ବେପରୁଆ ପଥଚାରୀ ବା ଗାଡ଼ିଚାଳକ।

**roadie** ବି. କ.ଭା. ଭ୍ରାମ୍ୟମାଣ ସଙ୍ଗୀତ ପରିବେଷଣକାରୀ ଦଳର ସହାୟକ (ବାଦ୍ୟଯନ୍ତ୍ରର ଦାୟିତ୍ୱବହନକାରୀ)।

**roadside** ବି. ପଥପ୍ରାନ୍ତ, ରାସ୍ତାପାର୍ଶ୍ୱ, ରାସ୍ତାକଡ଼ ଖାଲିଜାଗା।

**roadstead** ବି. ଜାହାଜର ଆଶ୍ରୟସ୍ଥଳ।

**roadster** ବି. ପଛପାଖରେ ସିଟଥିବା ଖୋଲା ମଟରକାର୍।

**roadway** ବି. ଯାନପଥ, ପ୍ରଶସ୍ତରାସ୍ତା, ଗାଡ଼ିରାସ୍ତା।

**roadworthy** ବିଂ. ରାସ୍ତାରେ ଚାଲିବାକ୍ଷମ (ଗାଡ଼ି, ମଟର); ବି. roadworthiness.

**roam** କ୍ରି. ବୁଲିବା, ଲକ୍ଷ୍ୟଶୂନ୍ୟ ହୋଇ ଭ୍ରମଣ କରିବା; 2. ବି. ଲକ୍ଷ୍ୟହୀନ ଭ୍ରମଣ; ବି. roamer.

**roan** 1. ବିଂ. (ପଶୁ ଚର୍ମ) ଚିତ୍ରବିଚିତ୍ର, ଚିତ୍‌କାବ୍‌ରା, କବରାଚିତ୍‌ରା; 2. ବି. ଚିତ୍‌କାବ୍‌ରା (ପଶୁ, ବିଶେ. ଘୋଡ଼ା)।

**roar** 1. ବି. ଗର୍ଜନ, ଉଚ୍ଚଶବ୍ଦ, ହୁଙ୍କାର; 2. କ୍ରି. ଗର୍ଜନ କରିବା; ଉଚ୍ଚଶବ୍ଦ କରିବା; ହୁଙ୍କାର କରିବା; ତୀବ୍ର ଗତିରେ ଗାଡ଼ି ଚଳେଇବା।

**roaring** 1. ବିଂ. ଗର୍ଜମାନ, ଗର୍ଜନକାରୀ; କର୍ମଚଞ୍ଚଳ; 2. କ୍ରି.ବିଂ. ଅତ୍ୟନ୍ତ (roaring drunk).

**roast** 1. କ୍ରି. ନିଆଁରେ ଭାଜିବା; କବାବ କରିବା; ଉତ୍ତାପ ଦେବା; 2. ବିଂ. ଭଜା (ମାଂସ, ଆଳୁ); 3. ବି. ଭଜାମାଂସ, ଭାଜିବା।

**roaster** ବି. କବାବ କରିବା ପାଇଁ କୁକୁଡ଼ା; ଭାଜିବା ବା କବାବ କରିବା ଉପକରଣ।

**roasting** 1. ବିଂ. ଖୁବ୍ ଉତ୍ତପ୍ତ; 2. ବି. ତୀବ୍ର ସମାଲୋଚନା।

**rob** କ୍ରି. ଲୁଣ୍ଠନ କରିବା; ଅପହରଣ କରିବା; ବଳପୂର୍ବକ ନେଇଯିବା; ବଞ୍ଚିତ କରିବା।

**robber** ବି. ଅପହରଣକାରୀ; ଲୁଣ୍ଠନକାରୀ; ଦସ୍ୟୁ, ତସ୍କର।

**robbery** ବି. ଲୁଣ୍ଠନ, ଡକାୟତି; କ.ଭା. ଅତ୍ୟଧିକ ମୂଲ୍ୟ ବା ଦର।

**robe** 1. ବି. ପୋଷାକ, ରାଜବେଶ, ବହୁମୂଲ୍ୟ ବେଶ; ଢ଼ିଲା ଲମ୍ବା ଜାମା; ବହିଃପରିଚ୍ଛଦ; 2. କ୍ରି. ପିନ୍ଧିବା; ପରିଧାନ କରିବା।

**robin** ବି. (robin redbreast ମଧ୍ୟ) ଏକ ପ୍ରକାର ଧୂସର ରଙ୍ଗର ପକ୍ଷୀ ଯାହାର ଛାତି ନାଲି ରଙ୍ଗର; ରବିନ୍।

**robot** ବି. ରୋବୋଟ; ଯନ୍ତ୍ରମଣିଷ, ମାନବବତ୍ ସ୍ୱୟଂକ୍ରିୟ ଯନ୍ତ୍ର, ଯନ୍ତ୍ରବତ୍ ମନୁଷ୍ୟ; ବିଂ. robotic; କ୍ରି. robotize.

**robust** ବିଂ. ହୃଷ୍ଟପୁଷ୍ଟ, ବଳବାନ୍, ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ; ଦୃଢ଼; କ୍ରି.ବିଂ. robustly; ବି. robustness.

**roc** ବି. ପ୍ରାଚ୍ୟ କିମ୍ବଦନ୍ତୀର ବିରାଟକାୟ ପକ୍ଷୀ (ଆରବ୍ୟ)।

**rochet** ବି. କାରୁକାର୍ଯ୍ୟଯୁକ୍ତ ପୋଷାକ (ମହନ୍ତ, ମଠାଧୀଶ ଏବଂ ବିଶପ୍‌ଙ୍କର)।

**rock**[1] ବି. ପଥର, ପଥୁରିଆ ଭୂତଳ, ମୁଣ୍ଡିଆ, ଡଙ୍ଗର; ପେପରମିଣ୍ଟ୍ ସୁଗନ୍ଧ ଯୁକ୍ତ କଠିନ ମିଠେଇ; ଆ.ପ୍ର. ମୂଲ୍ୟବାନ ପଥର; ବିଶେ. ହୀରା; get one's rocks off ଆ.ପ୍ର. ଯୌନ ତୃପ୍ତି ପାଇବା; on the rocks କ.ଭା. ଅର୍ଥାଭାବ; (ଅସଫଳ) ବିବାହ; ବରଫ ସହ ପରିବେଷିତ ନିରୁତା ମଦ୍ୟ।

**rock**[2] 1. କ୍ରି. ଦୋହଲିବା, ହଲିବା, ଝୁଲିବା, ଝୁଲାଇବା, ଦୋହଲାଇବା, ଆଗପଛ ହେବା; 2. ବି. ଆଗପଛ ଦୋଳନ; ତୀବ୍ର ତାଳଯୁକ୍ତ ଆଧୁନିକ ସଙ୍ଗୀତ।

**rock–bottom** ବି. କ.ଭା. ନିମ୍ନତମ ତଳ।

**rock–bound** ବିଂ. ପଥୁରିଆ (ଉପକୂଳ)।

**rock and roll** ବି. (rock'n roll ମଧ୍ୟ) ଷାଠିଏ ଦଶକର ଜନପ୍ରିୟ ଦ୍ରୁତତାଳ ବିଶିଷ୍ଟ ସଙ୍ଗୀତ।

**rocker** ବି. ଦୋହଲାଇବା ବା ହଲାଇବା ପାଇଁ କୌଶଳଯୁକ୍ତ ଉପାୟ ବା ଉପକରଣ; ଝୁଲାଚଉକି; off one's rocker ଆ.ପ୍ର. ଆଡପାଗଳା।

Digitized by srujanika@gmail.com

**rockery** ବି. ପାହାଡ଼ୀ ବୃକ୍ଷରୋପଣପାଇଁ ପଥରଯୁକ୍ତ ମୃତ୍ତିକା ।

**rocket** ବି. ରକେଟ; କ୍ଷେପଣାସ୍ତ୍ର; *କ.ଭା.* ତୀବ୍ର ଭର୍ତ୍ସନା ।

**rocketry** ବି. କ୍ଷେପଣାସ୍ତ୍ର ବା ରକେଟ ସମ୍ବନ୍ଧୀୟ ପ୍ରଯୁକ୍ତିବିଦ୍ୟା ।

**rocking–chair** ବି. ଆଗ–ପଛ ହୋଇପାରୁଥିବା ଆରାମ୍ ଚଉକି ।

**rocking–horse** ବି. କାଠଘୋଡ଼ା ବିଶେଷ ।

**rock–plant** ବି. ପଥୁରିଆ ଜମିରେ ବଢୁଥିବା ଗଛ ।

**rock salmon** ବି. ଖାଦ୍ୟଯୋଗ୍ୟ ମାଛ ବିଶେଷ ।

**rock–salt** ବି. କଠିନ ଖଣିଜ ଲବଣ ।

**rocky**[1] ବିଂ. ପଥୁରିଆ; ପଥରବହୁଳ; ବି. rockiness.

**rocky**[2] ବିଂ. *କ.ଭା.* ଅସ୍ଥିର, ଟଳମଳ; କ୍ରି.ବିଂ. rockily; ବି. rockiness.

**rococo** 1. ବିଂ. ଅଷ୍ଟାଦଶ ଶତାବ୍ଦୀୟ କଳା, ସଙ୍ଗୀତ ଏବଂ ସାହିତ୍ୟର ଆଳଂକାରିକ ଶୈଳୀ (ଇଉରୋପୀୟ); 2. ବି. ଏହି ଶୈଳୀ ।

**rod** ବି. ଯଷ୍ଟି, ବାଡ଼ି, ବେତ, ଛଡ଼; make a rod for one's own back ନିଜପାଇଁ ସମସ୍ୟା ନିଜେ ସୃଷ୍ଟି କରିବା ।

**rode** କ୍ରି. rideର *ଅ.କା.* ।

**rodent** ବି. ମୂଷା, ଗୁଣ୍ଡୁଚିମୂଷା ଜାତୀୟ ପ୍ରାଣୀ ।

**rodent officer** ବି. ମୂଷା ଧରିବା ବା ମାରିବା ପାଇଁ ନିଯୁକ୍ତ କର୍ମଚାରୀ ।

**rodeo** ବି. *ଆମେ.* କାଓବୟ ବା ଗୋଠଜଗାର କୌଶଳ; ଦାଗିବା ପାଇଁ (ଗୃହପାଳିତ ପଶୁମାନଙ୍କୁ) ଏକାଠି କରିବାର ଉପାୟ ।

**rodomontade** ବି. ଆସ୍ଫାଳନ; ଫୁଟାଣିଆ କଥା ।

**roe**[1] ବି. ମାଇମାଛର ଗର୍ଭାଶୟରେ ଗଚ୍ଛିତ ଅଣ୍ଡା ।

**roe**[2] ବି. (ବ.ବ. roes or roe) କ୍ଷୁଦ୍ରାକୃତି ହରିଣ ଜାତି ।

**roebuck** ବି. ପୁରୁଷ ହରିଣ ।

**roentgen** ବି. ରଂଜନ (ରଣ୍ଟ୍ଗେ); ବିକିରଣର ଏକକ ।

**rogation** ବି. *ଖ୍ରୀ.* ବ.ବରେ ତିନିଦିନ ବ୍ୟାପୀ ଧାର୍ମିକ ମନ୍ତ୍ରପାଠ ।

**roger** *ଅବ୍ଯ.* ବେତାର ପ୍ରଭୃତିରେ ବ୍ୟବହୃତ ସଙ୍କେତ; "ଆପଣଙ୍କ ସନ୍ଦେଶ ପାଇଛୁ ଏବଂ ମର୍ମ ବୁଝିଛୁଁ"; *ସା.ପ୍ର.* "ମୁଁ ସମ୍ମତ" ।

**rogue** ବି. ଦୁର୍ବୃତ୍ତ, ଠକ, ପ୍ରତାରକ; ଦୁଷ୍ଟ (ଶିଶୁ); ଖଳବ୍ୟକ୍ତି; ଗୋଠରୁ ବାହାରିଯାଇ ବିଶୃଙ୍ଖଳ ବ୍ୟବହାର କରୁଥିବା ପଶୁ (rogue elephant); ବହୁ ଉତ୍ତମ ବସ୍ତୁ ମଧ୍ୟରେ ନିକୃଷ୍ଟ ବସ୍ତୁ ।

**rogue's gallery** ବି. ଜଣାଶୁଣା ଦାଗୀମାନଙ୍କ ଫଟୋଚିତ୍ର ସଙ୍କଳନ ।

**rouguish** ବି. ବଦମାସିଆ, ସଇତାନୀ; କ୍ରି.ବିଂ. roguishly; ବି. roguishness.

**roguery** ବି. ବଦମାସୀ, ଶଠତାପୂର୍ଣ୍ଣ ବା ସଇତାନୀ କାର୍ଯ୍ୟ, ଶଠତା ।

**roister** କ୍ରି. କୋଳାହଳପୂର୍ଣ୍ଣ ଆମୋଦ ପ୍ରମୋଦ କରିବା ।

**role** ବି. ଅଭିନେତାର ଭୂମିକା ବା ଅଂଶ, ବ୍ୟକ୍ତି ବା ବସ୍ତୁର କାର୍ଯ୍ୟ ।

**roll** 1. ବି. ଗୋଲ ଭାବରେ ଗୁଡ଼ା ହୋଇଥିବା ଜିନିଷ (sausage roll, roll of butter); ଅଲଗା ଭାବରେ ପ୍ରସ୍ତୁତ ପାଉରୁଟି; ତାଲିକା; ମାଂସ, ଅଣ୍ଡା ପ୍ରଭୃତି ପୁରଦିଆ ରୋଲ୍; ନିରବଚ୍ଛିନ୍ନ ମେଘଗର୍ଜନ ବା ତାଳବାଦ୍ୟ; 2. କ୍ରି. ଗଡ଼ିବା; ଗଡ଼ିଗଡ଼ିଯିବା ବା ଗଡ଼ାଇ ନେବା; ଚକ ଗତି କରିବା; ଗୁଡ଼େଇବା, ରୋଲର୍ ତଳେ ପେଷିବା, ଦୋହଲିବା, ଆଗପଛ ହେବା; ନଳୀ ଆକୃତି କରିବା; ବେଲିବା; ଘୂରାଇବା; ଚାଲୁ କରିବା; be rolling in *କ.ଭା.* ଯଥେଷ୍ଟ ପରିମାଣରେ (ପଇସାପତ୍ର) ମହଜୁଦ ଥିବା; roll by (or on) ସୁରୁଖୁରୁରେ ଗଡ଼ିଯିବା; roll up ଗାଡ଼ିରେ ଆସିବା; ପହଞ୍ଚିବା; ଗୁଡ଼େଇବା, strike off the roll ହାଜିରା ଖାତାରୁ ନାମ କାଟି ଦେବା ।

**roll–call** ବି. ହାଜିରା ନେବା ନିମିତ୍ତ ନାମ ବା କ୍ରମିକ ସଂଖ୍ୟା ପଢ଼ିବା ।

**rolled gold** ବି. ଇତର ଧାତୁ ଉପରେ ସୁନାର ପତଳା ଆବରଣ; roll one's eyes ଆଖି ତରାଟିବା; roll in ଅଧିକ ସଂଖ୍ୟାରେ ଉପସ୍ଥିତ ହେବା ।

**rolling–mill** ବି. ଯେଉଁ କାରଖାନାର ବା ଯନ୍ତ୍ର ଦ୍ୱାରା ଧାତୁକୁ ଇଚ୍ଛିତ ଆକାରକୁ ଅଣାଯାଏ ।

**rolling–pin** ବି. ବେଲଣା କାଠି ।

Digitized by srujanika@gmail.com

**rolling stone** ବି. କୌଣସି ଗୋଟାଏ ସ୍ଥାନରେ ସ୍ଥାୟୀ ଭାବରେ ରହିପାରୁ ନଥିବା ବ୍ୟକ୍ତି ।

**roller** ବି. ରୋଲର୍ (ମାଟି ପ୍ରଭୃତି ସମତୁଲ କରିବା ପାଇଁ); ପେଷିବା ପାଇଁ ସିଲିଣ୍ଡରାକୃତି ଯଂତ୍ର; କେଶ କୁଞ୍ଚକୁଞ୍ଚିଆ କରିବା ପାଇଁ ଉଦ୍ଦିଷ୍ଟ ଛୋଟ ଉପକରଣ; ବଡ଼ ଲହରୀ ।

**roller towel** ବି. ଦୁଇପାଖ ସିଲେଇ ହୋଇଥିବା ଏବଂ ରୋଲରରୁ ଝୁଲା ହୋଇଥିବା ତଉଲିଆ ।

**rollicking** ବିଂ. ମଉଜିଆ; ଉଦ୍ଦାମ ଆନନ୍ଦ ପ୍ରଦର୍ଶନ କରୁଥିବା ।

**rollmop** ବି. ମସଲାଦିଆ ମାଛରୋଲ୍ ।

**roly–poly** 1. ବି. ଏକପ୍ରକାର ପେଷ୍ଟ୍ରି ବା ପୁଡିଙ୍ଗ; 2. ବି. ଗୋଲ୍‌ଗାଲ୍ ଶିଶୁ ।

**rom** *ସଂଣ.* roman, ରୋମାନ୍ ଟାଇପ୍ (ଛାପା) ।

**Roman** 1. ବିଂ. ପ୍ରାଚୀନ ରୋମ୍‌ର ବା ରୋମ୍ ସମ୍ବନ୍ଧୀୟ; *ଖ୍ରୀ.* ରୋମାନ୍ କେଥଲିକ୍; roman ସାଧାରଣ ଛାପାରେ ବ୍ୟବହୃତ ଟାଇପ୍; 2. ବି. ପ୍ରାଚୀନ ରୋମ୍ ଅଧିବାସୀ; ରୋମାନ୍ କେଥଲିକ୍, ରୋମାନ୍ ଟାଇପ୍ ।

**Roman Catholic** ବି. *ଖ୍ରୀ.* ରୋମାନ୍ କେଥଲିକ୍; ପୋପ୍‌ଙ୍କୁ ସର୍ବୋଚ୍ଚ ମାନ୍ୟତା ପ୍ରଦାନ କରୁଥିବା ଖ୍ରୀଷ୍ଟୀୟ ଧର୍ମସଂପ୍ରଦାୟ; ଏହି ସଂପ୍ରଦାୟର ସଦସ୍ୟ; Roman Catholicism ଏହି ସଂପ୍ରଦାୟର ଧର୍ମୀୟ ବିଶ୍ୱାସ ।

**Roman nose** ବି. ଉଚ୍ଚ ନାସା ।

**Roman numerals** ବି. ରୋମାନ୍ ସଂଖ୍ୟା (I–1, v–5, x–10, L–50, C–100, D–500, M–1000).

**romance** 1. ବି. ରୋମାନ୍‌ସ୍; ଦୀର୍ଘ କଳ୍ପନାଶ୍ରୟୀ କାହାଣୀ ଯେଉଁଥିରେ ପ୍ରେମ, ବୀରତ୍ୱ ପ୍ରଭୃତିର ପ୍ରାଧାନ୍ୟ ରହିଥାଏ; ଏଭଳି କାହାଣୀ ସମ୍ବଳିତ ଦୀର୍ଘ ଗାଥା କବିତା; ରୋମାନ୍‌ସ୍ ସୁଲଭ ପ୍ରେମ, ଅତିରଞ୍ଜନ ବା ଅଳୀକ ଚିତ୍ରଣ; Romance ପ୍ରାଚୀନ ଫରାସୀ ଭାଷା; (ମୁଖ୍ୟତଃ ଲାଟିନ୍‌ରୁ ଉଦ୍‌ଭୂତ); 2. ବିଂ. ଲାଟିନ୍ ଉଦ୍‌ଭୂତ କୌଣସି ଭାଷା (ଫରାସୀ, ଇଟାଲୀୟ ବା ସ୍ପେନୀୟ); 3. କ୍ରି. ସତ୍ୟର ଅପଳାପ କରିବା; ଅତିରଞ୍ଜିତ କରିବା; କାଳ୍ପନିକ କାହାଣୀ ରଚନା କରିବା ।

**Romanesque** 1. ବି. ପ୍ରାଚୀନ ୟୁରୋପର (୯୦୦–୧୨୦୦ ଖ୍ରୀ:) କଳା ଓ ସ୍ଥାପତ୍ୟ ଶୈଳୀ; 2. ବିଂ. ଏହି ଶୈଳୀ ସମ୍ବନ୍ଧୀୟ ।

**Romanian** (Rumanian ମଧ) 1. ବିଂ. ରୋମାନିଆର; 2. ବି. ରୋମାନିଆର ଅଧିବାସୀ ବା ଭାଷା ।

**Romanic** 1. ବିଂ. ରୋମାନ୍‌ସ୍ ବା କାଳ୍ପନିକ କାହାଣୀଧର୍ମୀ; 2. ବି. ରୋମାନ୍‌ସ୍; ରୋମାନ୍‌ସ୍ ଭାଷାଭାଷୀ ବା ଭାଷାର ଉତ୍ତରାଧିକାରୀ; ପ୍ରାଚୀନ୍ ରୋମୀୟ ସଭ୍ୟତାର ଦାୟାଦ ।

**romanize** କ୍ରି. ରୋମୀୟ ବା ରୋମାନ୍ କେଥଲିକ୍‌ରେ ରୂପାନ୍ତରିତ କରିବା; ରୋମାନ୍ ବର୍ଣ୍ଣମାଳା ବା ଛାପାଟାଇପ୍‌ରେ ରୂପାନ୍ତରିତ କରିବା; ବି. romanization.

**Romano–** *ସଂ.* ରୋମାନ୍, ରୋମୀୟ ।

**romantic** 1. ବିଂ. ରୋମାଣ୍ଟିକ୍, ରୋମାନ୍‌ସ୍‌ଧର୍ମୀ, କଳ୍ପନାପ୍ରବଣ, ଭାବୁକ; (କଳା, ସଙ୍ଗୀତ ପ୍ରଭୃତି) ଭାବନା ଏବଂ ଆବେଗ ସହିତ ମୁଖ୍ୟତଃ ସଂପୃକ୍ତ, ଆଂଗିକ ବା ଫର୍ମ୍ ସହିତ ନୁହେଁ; (ଧାରଣା) କଳ୍ପନାପ୍ରବଣ, ଅବାସ୍ତବ; 2. ବି. ରୋମାଣ୍ଟିକ୍ ବା କଳ୍ପନାବିଳାସୀ ମିଜାଜର ବ୍ୟକ୍ତି; Romantic ରୋମାଣ୍ଟିକ୍ କଳା ବା ସାହିତ୍ୟର ସାଧକ ବା ଶିଳ୍ପୀ; କ୍ରି.ବିଂ. romantically.

**romanticism** ବି. (Romanticism ମଧ) କଳା, ସାହିତ୍ୟ ପ୍ରଭୃତିରେ ରୋମାଣ୍ଟିକ୍ ଭାବଧାରା ଓ ଶୈଳୀ ।

**romanticist** ବି. ରୋମାଣ୍ଟିକ୍ ଭାବଧାରାର କବି ବା ଶିଳ୍ପୀ ।

**romanticize** କ୍ରି. କାଳ୍ପନିକ ଚିତ୍ର ପ୍ରଦାନ କରିବା; ରୋମାଣ୍ଟିକ୍ କଳ୍ପନାବିଳାସରେ ବ୍ୟାପୃତ ହେବା ।

**Romany** 1. ବି. ଜିପ୍‌ସୀ (ଏକପ୍ରକାର ବାରବୁଲା ସଂପ୍ରଦାୟ), ଜିପ୍‌ସୀ ଭାଷା; 2. ବିଂ. ଜିପ୍‌ସୀ ସଂପ୍ରଦାୟ ବା ଭାଷା ସମ୍ବନ୍ଧୀୟ ।

**romp** 1. କ୍ରି. ଦୁମ୍‌ଦାମ୍ ବା ହୋହଲ୍ଲା କରି ଖେଳକୁଦ କରିବା; *କ.ଭା.* ସହଜରେ ଆଗେଇବା ବା ସଫଳତା ପାଇବା; 2. ବି. ଖେଳକୁଦ; romp in (home) ସହଜରେ ଜୟଲାଭ କରିବା ।

**rompers** ବି. ଛାତିରୁ ଗୋଡ ପର୍ଯ୍ୟନ୍ତ ଆବୃତ କରୁଥିବା ଶିଶୁମାନଙ୍କ ଖେଳପୋଷାକ ।

**rondeau** ବି. ବ.ବ. rondeaux ଏକପ୍ରକାର କ୍ଷୁଦ୍ର କବିତା ଯେଉଁଥିରେ ମାତ୍ର ଦୁଇଟି ଧ୍ୱନିମେଳ ଥାଏ ଏବଂ ପ୍ରଥମ ଶବ୍ଦଗୁଡିକ ଦୁଇଥର ଲେଖାଏଁ ଘୋଷାପଦଭଳି ଥାଏ ।

Digitized by srujanika@gmail.com

**rondel** ବି. ବିଶେଷଧରଣର କ୍ଷୁଦ୍ରକବିତା (rondeau).

**rondo** ବି. ବାରମ୍ବାର ଘୋଷାପଦ ଥାଇ ଏକ ପ୍ରକାର ସଙ୍ଗୀତ।

**Rontgen rays** ବି. ରଂଜନ ରଶ୍ମି, ଏକ୍ସ୍-ରେ (Rontgen, ପଦାର୍ଥ ବିଜ୍ଞାନୀ)।

**rood** ବି. ପବିତ୍ର କ୍ରୁଶ; ଏକ ଏକରର ଚଉଠ ଭାଗ।

**roof** 1. ବି. ଛାତ, ଚାଳ; ଯାନବାହନର ଛାତ; ଗୁମ୍ଫା ବା ଖଣିରେ ଥିବା ଛାତଭଳି ପଥର; 2. କ୍ରି. ଘୋଡେଇବା; ଛାତ ଭଳି କରିବା; hit (raise) the roof କ.ଭା.ଅତ୍ୟନ୍ତ ରାଗିଯିବା।

**roof-garden** ବି. ଛାତ ଉପରେ ଥିବା ଛୋଟ ବଗିଚା।

**roofing** ବି. ଛାତରେ ବ୍ୟବହୃତ ସାମଗ୍ରୀ।

**roof of the mouth** ବି. ତାଳୁ।

**roof top** ବି. ଛାତର ଉପରି ଭାଗ।

**rook**[1] 1. ବି. କାଉଜାତୀୟ ପକ୍ଷୀବିଶେଷ; 2. କ୍ରି. ତାସ୍‌ଖେଳ ବା ଜୁଆରେ ଠକିଭଣ୍ଡି ଅର୍ଥ ଉପାର୍ଜନ କରିବା; ଗ୍ରାହକକୁ ଅତ୍ୟଧିକ ଦରରେ ଜିନିଷ ବିକିବା।

**rook**[2] ବି. ଚେସ୍ ବା ଶତରଞ୍ଜ ଖେଳରେ ଦୁର୍ଗ ବା ନୌକା ବା ଜାହାଜ।

**rookery** ବି. କାଉ, ପେଙ୍ଗୁଇନ୍ ବା ସିଲ୍‌ମାନଙ୍କର ବସତି।

**rookie** ବି. *ସା.ପ୍ର.* ତାଲିମନବିସ୍; ଶିକ୍ଷାର୍ଥୀ (ପୁଲିସ ପ୍ରଭୃତି)।

**room** 1. ବି. କୋଠରୀ; ପ୍ରକୋଷ୍ଠ; ଜାଗା; ବ.ବରେ ଏପାର୍ଟମେଣ୍ଟ୍ ଘର, ବସାଘର; 2. କ୍ରି. *ଆମେ.* ରହିବା, ସାମୟିକ ଅବସ୍ଥାନ କରିବା।

**rooming-house** ବି. ଲଜିଙ୍ଗ୍ ଘର, ବସାଘର।

**room-mate** ବି. ଏକତ୍ର ପ୍ରକୋଷ୍ଠରେ ରହୁଥିବା ବ୍ୟକ୍ତି।

**room service** ବି. ହୋଟେଲ୍ ପ୍ରଭୃତିର କୋଠରୀରେ ଖାଦ୍ୟ ପ୍ରଭୃତି ପରିବେଷଣ ବ୍ୟବସ୍ଥା।

**roomy** ବିଂ. ବେଶ ପ୍ରଶସ୍ତ (ରହିବା ଘର); ବି. roominess.

**roost** 1. ବି. ଚଢ଼େଇ ବସା; 2. କ୍ରି. ଶୋଇବା ବ୍ୟବସ୍ଥା କରିବା; come home to roost (ଯୋଜନା ପ୍ରଭୃତି) ମୂଳଲୋକ ପାଖକୁ ଲେଉଟି ଆସିବା।

**rooster** ବି. ଗୃହପାଳିତ କୁକୁଡ଼ା।

**root**[1] 1. ବି. ମୂଳ, ଚେର; ପଲ୍ଲହା; ଖାଦ୍ୟୋପଯୋଗୀ ଚେର ବା ସେହି ଗଛ; ଦନ୍ତମୂଳ; କେଶ ମୂଳ; ବ.ବରେ ମୂଳସ୍ଥାନ, ଭିଟାମାଟି; *ଗଣିତ* ମୂଳକ ସଂଖ୍ୟା, ବର୍ଗମୂଳ; *ଭାଷା* ଶବ୍ଦର ମୂଳରୂପ ଯାହା ପରିବର୍ତ୍ତିତ ବା ଅନ୍ୟ କିଛି ସଂଯୁକ୍ତ ହୋଇ ନୂଆ ଶବ୍ଦ ତିଆରି ହୋଇଛି; 2. କ୍ରି. ଚେରେଇବା; ବଦ୍ଧମୂଳ ହେବା; ସ୍ଥିତି ଦୃଢ଼ୀଭୂତ ହେବା; (out, up ସହ) ସମୂଳୋତ୍ପାଟିତ କରିବା; root and branch ଆମୂଳଚୂଳ, ସମ୍ପୂର୍ଣ୍ଣ; root out ସମୂଳେ ଧ୍ୱଂସ କରିବା, ଉତ୍ପାଟିତ କରିବା; take (strike) root ମାଟିରୁ ସାର ସଂଗ୍ରହ କରିବା; ଚେରେଇଯିବା; ପ୍ରତିଷ୍ଠିତ ହୋଇଯିବା; ବିଂ. rootless.

**root**[2] କ୍ରି. ଖାଦ୍ୟ ବା ଚାରା ସନ୍ଧାନରେ ଚଂଚୁ ବା ମୁହଁରେ ମାଟି ଖୋଳିବା; ଖୋଳାଖୋଳି କରିବା; root for *ସା.ପ୍ର. ଆମେ.* ପ୍ରଶଂସା ବା ସହଯୋଗ କରି ଉତ୍ସାହିତ କରିବା।

**rope** 1. ବି. ଦଉଡ଼ି, ରଜ୍ଜୁ; the rope ଫାଶୀ ଦଉଡ଼ି; 2. କ୍ରି. ଦଉଡ଼ିରେ ବାନ୍ଧିବା, ଧରିବା ବା ଗୁଡ଼େଇବା; know (show, learn) the ropes କୌଣସି କାର୍ଯ୍ୟର ପଦ୍ଧତି ଶିଖିବା ବା ଜାଣିବା; rope in ସଂଶ୍ଳିଷ୍ଟ ହେବାପାଇଁ ବା ଭାଗନେବା ପାଇଁ ରାଜି କରିବା।

**rope-ladder** ବି. ଦଉଡ଼ିରେ ଫାଶଦେଇ ପ୍ରସ୍ତୁତ ଶିଢ଼ି।

**rope-walk** ବି. ଦଉଡ଼ି ବଳିବା ପାଇଁ ବ୍ୟବହୃତ ଦୀର୍ଘସ୍ଥାନ।

**rope-walker** ବି. କେଳା; ଦୁଇଖୁଣ୍ଟରେ ବନ୍ଧା ଦଉଡ଼ିରେ ଚାଲିପାରୁଥିବା ବ୍ୟକ୍ତି।

**ropy** ବିଂ. *କ.ଭା.* ନିକୃଷ୍ଟ କିସମର; ବି. ropiness.

**Roquefort** ବି. ମେଣ୍ଢା କ୍ଷୀରରୁ ପ୍ରସ୍ତୁତ ନୀଳବର୍ଣ୍ଣ ଛେନା।

**rorqual** ବି. ଏକ ଜାତୀୟ ତିମି (ଫିନ୍‌ଯୁକ୍ତ)।

**rosaceous** ବିଂ. ଗୋଲାପଜାତୀୟ ଉଦ୍‌ଭିଦ ପରିବାରର।

**rosary** ବି. *କ୍ୟଥ* ପୁନଃପୌନିକ ପ୍ରାର୍ଥନା ଦ୍ୱାରା ଭକ୍ତି ପ୍ରଦର୍ଶନ; ଏହା ଗଣନା କରିବା ପାଇଁ ବ୍ୟବହୃତ ଜପାମାଳି।

Digitized by srujanika@gmail.com

**rose**[1] 1. ବି. ଗୋଲାପ ଫୁଲ ବା ଗଛ; ଏହାର ବିଭିନ୍ନ ଜାତି ବା କିସମ; ଗୋଲାପ ଭଳି ଦିଶୁଥିବା ଅନ୍ୟ ଫୁଲ (ଯଥା କ୍ରିସ୍‌ମାସ୍ ରୋଜ୍); ଗୋଲାପୀ ବା ଇଷତ୍ ନାଲିରଙ୍ଗ; ଗୋଲାପଫୁଲର ଚିତ୍ରାକୃତି; 2. ବିଂ. ହାଲୁକା ନାଲି ରଙ୍ଗ; ଗୋଲାପୀ ରଙ୍ଗ।

**rose**[2] କ୍ରି. riseର ଅ.କା.।

***rose*** ବି. ଇଷତ୍ ଗୋଲାପୀ ରଙ୍ଗର ମଦ୍ୟ। *(ଫ.)*

**rose–bay** ବି. ଏକ ପ୍ରକାର ଔଷଧୀ ଉଭିଦ।

**rose–bud** ବି. ଗୋଲାପର କଢ଼; ସୁନ୍ଦର ଝିଅ।

**rose–bush** ବି. ଗୋଲାପ ଗଛ ବା ବୁଦା।

**rose–coloured** ବିଂ. ଗୋଲାପୀ ରଙ୍ଗର; ଆଶାବାଦୀ।

**rose–water** ବି. ଗୋଲାପ ଜଳ; ଗୋଲାପ ଫୁଲର ନିର୍ଯ୍ୟାସରୁ ପ୍ରସ୍ତୁତ ଅତର।

**roseate** ବିଂ. ଗୋଲାପୀ, ଇଷତ୍ ନାଲି ରଙ୍ଗର।

**rosemary** ବି. ଚିରହରିତ୍ ସୁଗନ୍ଧିତ ଔଷଧୀ ଉଦ୍‌ଭିଦ, ଯାହା ପାକ କାର୍ଯ୍ୟରେ ମଧ ବ୍ୟବହୃତ ହୁଏ।

**rosery** ବି. ଗୋଲାପ ବଗିଚା।

**rosette** ବି. ଗୋଲାପ ଫୁଲର ଅନୁକୃତି; ରିବନ୍‌ରେ ଗୁନ୍ଥା ଗୋଲାପ ସଦୃଶ ଅଳଂକରଣ ବା ପୁରସ୍କାର; ଗୋଲାପାକୃତି ଖୋଦେଇ।

**rosewood** ବି. ଆସବାବପତ୍ର ତିଆରିରେ ବ୍ୟବହୃତ ସୁଗନ୍ଧିତ କାଠ ବା ସେହି ଜାତିର ଗଛ।

**Rosicrucian** 1. ବି. ସପ୍ତଦଶ–ଅଷ୍ଟାଦଶ ଶତାବ୍ଦୀର (ୟୁରୋପ୍) ଏକ ସଂପ୍ରଦାୟର ସଦସ୍ୟ; 2. ବିଂ. ଏହି ରଜିକ୍ରୁସନ୍ ସମ୍ପ୍ରଦାୟ ସମ୍ବନ୍ଧିତ।

**rosin** 1. ବି. ଝୁଣା; ଗୁଗ୍‌ଗୁଳ; 2. କ୍ରି. ଝୁଣାଦ୍ୱାରା (ବେହେଲାର ବୋ ବା ଧନୁ) ଘଷିବା।

**RoSPA** ସଂଶ. Royal Society for the Prevention of Accidents ରୟେଲ୍ ସୋସାଇଟି ଫର ଦ ପ୍ରିଭେନ୍‌ସନ୍ ଅଫ୍ ଏକ୍‌ସିଡେଣ୍ଟସ୍।

**roster** 1. ବି. ଦାୟିତ୍ୱ ବଣ୍ଟନର ଯୋଜନାବଦ୍ଧ ତାଲିକା; 2. କ୍ରି. ରୋଷ୍ଟର୍ ବା ଦାୟିତ୍ୱରେ ରଖିବା।

**rostrum** ବି. (ବ.ବ. rostrums, rostra) ସଭାରେ ବକ୍ତାପାଇଁ ବା ସଙ୍ଗୀତ କାର୍ଯ୍ୟକ୍ରମରେ ସଞ୍ଚାଳକ ପାଇଁ ଉଦ୍ଦିଷ୍ଟ ମଞ୍ଚ।

**rosy** ବିଂ. ଗୋଲାପୀ (ରଙ୍ଗ); ଉତ୍‌ଫୁଲ୍ଲ; ଆଶାଜନକ (a rosy future); କ୍ରି.ବିଂ. rosily; ବିଂ. rosiness.

**rot** 1. କ୍ରି. ପଚିଯିବା, ସଢ଼ିଯିବା; ନଷ୍ଟ ହେବା; ବିନା ବ୍ୟବହାରରେ ପଡି ରହି ନଷ୍ଟ ହୋଇଯିବା ବା ଅକାମୀ ହୋଇଯିବା; 2. ବି. ପଚନ, କ୍ଷୟ; କ.ଭା. ବାଜେ କଥା; ଉଦ୍‌ଭଟ ଯୁକ୍ତି ବା କଥା; ଲାଗ୍‌ଲାଗ୍ ବିଫଳତା; ଦ୍ରୁତ ଅବନତି; 3. ଅନ୍ତ. ଅବିଶ୍ୱାସ ବା ତାଚ୍ଛଲ୍ୟସୂଚକ।

**rota** ବି. କୁଶୀଲବ; ଅଭିନୟକାରୀମାନଙ୍କ ତାଲିକା; ଦାୟିତ୍ୱବଣ୍ଟନର ତାଲିକା; କାହାପରେ କିଏ ସୂଚାଉଥିବା ତାଲିକା; ରୋଷ୍ଟର୍।

**Rotarian** 1. ବି. ରୋଟାରୀ ସଙ୍ଗଠନର ସଦସ୍ୟ; 2. ବିଂ. ରୋଟାରୀ ସମ୍ବନ୍ଧୀୟ।

**rotary** 1. ବିଂ. ଆବର୍ତ୍ତନରେ କାର୍ଯ୍ୟରତ (rotary drill); 2. ବି. Rotary International ଆବର୍ତ୍ତନାନୁଯାୟୀ ସମାଜସେବା କାର୍ଯ୍ୟରେ ବ୍ୟାପୃତ ମୁଖ୍ୟତଃ ବ୍ୟବସାୟୀମାନଙ୍କର ଆନ୍ତର୍ଜାତିକ ସଙ୍ଗଠନ, ଯାହାର ଶାଖା ବିଭିନ୍ନ ସ୍ଥାନରେ ରହିଛି।

**Rotary Club** ବି. ରୋଟାରୀ କ୍ଲବ୍; ଆନ୍ତର୍ଜାତିକ ରୋଟାରୀ ସଙ୍ଗଠନର ସ୍ଥାନୀୟ ସଂସ୍ଥା।

**rotate** କ୍ରି. ଅକ୍ଷ ବା କେନ୍ଦ୍ର ଚାରିପାଖରେ ବୁଲିବା; ଆବର୍ତ୍ତନ କରିବା, ଘୂରିବା, କିନ୍ଦିରିବା; ବିଂ. rotable.

**rotation** ବି. ଘୂର୍ଣ୍ଣନ; ଆବର୍ତ୍ତନ; କେନ୍ଦ୍ର ବା ଅକ୍ଷ ଚତୁର୍ପାର୍ଶ୍ୱରେ ଆବର୍ତ୍ତନ; ପାଳି; ଜଣକ ପରେ ଆଉଜଣେ; ମୃତ୍ତିକା ସଂରକ୍ଷଣ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ କ୍ରମରେ ଭିନ୍ନ ଭିନ୍ନ ଫସଲ କରିବା; ବିଂ. rotational.

**rotatory** ବିଂ. ଘୂର୍ଣ୍ଣାୟମାନ; ଘୂରୁଥିବା।

**rote** ବି. by rote ଅଭ୍ୟାସକ୍ରମେ ଘୋଷିବା; ମୁଖସ୍ଥ କରିବା।

**rot–gut** ବି. ନିମ୍ନମାନର ବା କ୍ଷତିକାରକ ସୁରାସାର ବା ମଦ୍ୟ।

**rotisserie** ବି. ରନ୍ଧନ ପାଇଁ ବ୍ୟବହୃତ ଉପକରଣବିଶେଷ, ଯେଉଁଥିରେ ଖାଦ୍ୟବସ୍ତୁ ଭାଜିହୁଏ।

**rotor** ବି. ଯନ୍ତ୍ରର ଘୂର୍ଣ୍ଣାୟମାନ ଅଂଶ।

**rotten** ବିଂ. ପଚା; ସଢ଼ା; ପଚାସଢ଼ା, ଦଦରା; ଗଳିତ; ଦୁର୍ନୀତିଗ୍ରସ୍ତ, ଅଧୋପତିତ; ଅଯୋଗ୍ୟ;

Digitized by srujanika@gmail.com

ବାଜେ; *କ.ଭା.* ବିରକ୍ତିକର; *କ୍ରି.ବିଂ.* rottenly; *ବି.* rottenness.

**rotten borough** *ବି.* ଇତି. ଯେଉଁ ନିର୍ବାଚନ ମଣ୍ଡଳୀରେ ଅଳ୍ପ ସଂଖ୍ୟକ ଭୋଟ ଦାତାଙ୍କ ମତଦାନଦ୍ୱାରା ସାଂସଦ ନିର୍ବାଚିତ ହୋଇଥାନ୍ତି।

**rotter** *ବି.* *ସା.ପ୍ର.* ବିରକ୍ତିକର ବା ଘୃଣ୍ୟ ଚରିତ୍ରର ବ୍ୟକ୍ତି।

**rotund** *ବିଂ.* (ବ୍ୟକ୍ତି) ମୋଟାସୋଟା, ଗୋଲ୍‌ଗାଲ୍; (ବକ୍ତୃତା ବା ସାହିତ୍ୟର ଶୈଳୀ) ସାଙ୍ଗୀତିକ; ଶ୍ରୁତିମଧୁର; ସାବଲୀଳ; *ବି.* rotundity.

**rotunda** *ବି.* ଗମ୍ବୁଜାକୃତି ବା ଗୋଲାକାର ଗୃହ ବା ହଲ୍।

**rouble** *ବି.* ରୁବଲ୍, ରୁଷିଆର ପ୍ରଚଳିତ ମୁଦ୍ରା।

**roue** *ବି.* ବ୍ୟଭିଚାରୀ, ଲମ୍ପଟ, କାମୁକ ବ୍ୟକ୍ତି (ବିଶେ. ବୟସ୍କ ବ୍ୟକ୍ତି)।

**rouge** 1. *ବି.* ରୁଜ୍; ଗାଲ ଓ ଓଠର ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ବ୍ୟବହୃତ ଲାଲ୍ ରଙ୍ଗର ପାଉଡର୍; 2. *କ୍ରି.* ନାଲିରଙ୍ଗ ଦେବା; ରଙ୍ଗେଇବା; ରୁଜ୍ ବୋଳିବା।

**rough** 1. *ବିଂ.* ବନ୍ଧୁର, ଅସମାନ, ଆବଡ଼ାଖାବଡ଼ା, ରୂକ୍ଷ, ଅମସୃଣ, କର୍କଶ, କଠୋର, ଅପ୍ରୀତିକର, ପ୍ରାରମ୍ଭିକ (a rough sketch); 2. *କ୍ରି.ବିଂ.* ରୂକ୍ଷଭାବରେ; 3. *ବି.* କଷ୍ଟ; ବଦମାସ; ଅସଂପୂର୍ଣ୍ଣ ବା ପ୍ରାକୃତିକ ଅବସ୍ଥା; 4. *କ୍ରି.* ଘଷିବା (ଲୋମ), ପ୍ରାରମ୍ଭିକ ଭାବରେ ଯୋଜନା କରିବା; rough up ଆକ୍ରମଣ କରିବା, ଭୟଙ୍କର ଆଘାତ ଦେବା; *ବିଂ.* roughish; *ବି.* roughness.

**rough-and-ready** *ବିଂ.* ପ୍ରାରମ୍ଭିକ ବା ଅପରିଣତ, କିନ୍ତୁ କାର୍ଯ୍ୟକ୍ଷମ।

**rough-and-tumble** 1. *ବିଂ.* ଅବ୍ୟବସ୍ଥିତ, ବିଶୃଙ୍ଖଳ; 2. *ବି.* ଅସଂଗଠିତ ଲଢ଼େଇ।

**rough diamond** *ବି.* ଅକଟା ହୀରା; ଅଶାଳୀନ ବ୍ୟବହାର କରୁଥିବା ଭଲଲୋକ।

**roughage** *ବି.* ତନ୍ତୁଯୁକ୍ତ ଖାଦ୍ୟ ବା ଯେଉଁ ଖାଦ୍ୟ ହଜମ ହୁଏ ନାହିଁ, କିନ୍ତୁ କୋଷ୍ଠକାଠିନ୍ୟ ଦୂରକରେ।

**roughcast** 1. *ବି.* ମୋଟା ଚୂନ ଏବଂ ବାଲି ବା ଗୋଡିର ପଲସ୍ତରା; ବାହ୍ୟକାନ୍ଥର ଲାଗିଥିବା ମୋଟା ପଲସ୍ତରା; 2. *କ୍ରି.* ମୋଟା ପଲସ୍ତରା ଦେବା।

**roughen** *କ୍ରି.* କର୍କଶ, ରୂକ୍ଷ ବା ଅସମାନ ହେବା ବା କରିବା।

**roughneck** *ବି.* *କ.ଭା.* ତେଲ ରିଗ୍ ଖୋଳିବା ବ୍ୟକ୍ତି ବା ଯନ୍ତ୍ର; ରୂକ୍ଷ ବ୍ୟକ୍ତି।

**roughshod** *ବିଂ.* ଘୋଡାଖୁରାରେ ଲାଗିଥିବା ନାଲ୍, ride roughshod over ଉଦ୍ଧତ ବା ବିଚାରଶୂନ୍ୟ ବ୍ୟବହାର କରିବା।

**roulette** *ବି.* ଜୁଆଖେଳ ବିଶେଷ।

**round** 1. *ବିଂ.* ଗୋଲ, ଗୋଲାକାର, ଚକ୍ରାକାର ଗତିବିଶିଷ୍ଟ; ପୂରା; କ୍ରମିକ, ସମ୍ପୂର୍ଣ୍ଣ; ସ୍ପଷ୍ଟଭାଷୀ; ପୂର୍ଣ୍ଣ (ସଂଖ୍ୟା); 2. *ବି.* ଗୋଲବସ୍ତୁ, ବୃତ୍ତାକାର ଗତି, ଆବର୍ତ୍ତନ; ଖାଦ୍ୟ ବା ପାନୀୟ ଜଣକଣ କରି ଥରକୁଥର ପ୍ରଦାନ; ପାଳି; ଗୋଟିଏ ଗୁଳି; ପରିଦର୍ଶନ; 3. *କ୍ରି.ବିଂ.* ଚକ୍ରାକାରରେ, ବୃତ୍ତାକାରରେ; ଚାରିପାଖ ଘୂରିକରି, ବୁଲିକରି; 4. *ଅ.* (ସମ୍ବନ୍ଧସୂଚକ ଅବ୍ୟୟପଦ) ଚତୁର୍ଦ୍ଦିଗକୁ ଘେରିକରି, ଚାରିପାଖରେ (sat round the table); ବିଭିନ୍ନ ଦିଗରେ (towns round); 5. *କ୍ରି.* ଗୋଲାକାର ଧାରଣ କରିବା; ଆନୁପାତିକ ଭାବେ ଗାଣିତିକ ସଂଖ୍ୟା କହିବା; go the rounds ଜଣ ଜଣ କରି ପରିବେଷଣ କରିବା; round and round ବାରମ୍ବାର ଘୂରିଘୂରି; round about ସବୁଦିଗରୁ, ସବୁଆଡୁ, ପ୍ରାୟ; round off ପୂର୍ଣ୍ଣାବସ୍ଥାକୁ ଆଣିବା; round on ହଠାତ୍ ଆକ୍ରମଣ କରିବା (ବିଶେ. ବାଚନିକ); round out ସମ୍ପୂର୍ଣ୍ଣ କରିବା; *ବିଂ.* roundish; *ବି.* roundness.

**roundabout** 1. *ବି.* ଗୋଲେଇ ଛକ, ଯେଉଁଠି ଯାନବାହନ ଗୋଟିଏ ନିର୍ଦ୍ଦିଷ୍ଟ ଦିଗରେ ଗତିକରେ; ବୁଲି ବାଙ୍କି ଯାଉଥିବା ରାସ୍ତା, ମେରିଗୋରାଉଣ୍ଡ ବା ସେଭଳି କୌଣସି ଘୂର୍ଣ୍ଣାୟମାନ ଖେଳ ସାମଗ୍ରୀ; 2. *ବିଂ.* ବୁଲାଣିଆ।

**roundel** *ବି.* କ୍ଷୁଦ୍ର ଚକତି ବା ପଦକ; ଗୋଲାକୃତି ପରିଚିତି ଚିହ୍ନ।

**roundelay** *ବି.* ଘୋଷା ବିଶିଷ୍ଟ କ୍ଷୁଦ୍ର, ସରଳ ଗୀତ।

**rounders** *ବି.* ବେଟ୍ ଓ ବଲ୍ ବ୍ୟବହାର ହେଉଥିବା ଏକ ଖେଳ (ବେସ୍‌ବଲ୍ ଭଳି)।

Digitized by srujanika@gmail.com

**round figure (number)** ବି. କ୍ଷୁଦ୍ର ଏକକ ନ ଥାଇ ସଂଖ୍ୟା ।

**Roundhead** ବି. ଇଂଲିଶ୍ ଗୃହଯୁଦ୍ଧ ସମୟରେ ସଂସଦୀୟ ଦଳର ସଦସ୍ୟ ।

**roundly** କ୍ରି.ବିଂ. ରୂକ୍ଷଭାବରେ; ଠୋକଠୋକ୍ ଭାବରେ ।

**round robin** ବି. ଦସ୍ତଖତକାରୀଙ୍କ କ୍ରମ ଲୁଚାଇବା ପାଇଁ ବୃତ୍ତାକାରରେ ସ୍ୱାକ୍ଷର କରାଯାଇଥିବା ଆବେଦନ ପତ୍ର; *ଆମେ.* ପ୍ରତ୍ୟେକ ପ୍ରତିଯୋଗୀ ପରସ୍ପର ପ୍ରତିଯୋଗିତାମୂଳକ ଭାବରେ ଖେଳୁଥିବା ଖେଳର ଟୁର୍ଣ୍ଣାମେଣ୍ଟ୍ ।

**roundsman** ବି. ଯେଉଁ ଦୋକାନ–କର୍ମଚାରୀ ଘରଘର ବୁଲି ବରାଦ ମୁତାବକ ଜିନିଷ ଯୋଗାଏ ।

**round–table conference** ବି. ଗୋଲଟେବୁଲ ବୈଠକ ।

**round trip** ବି. ଏକାଧିକ ସ୍ଥାନକୁ ଯାତ୍ରା ଏବଂ ପ୍ରତ୍ୟାବର୍ତ୍ତନ ।

**round–up** ବି. ଏକାଠି କରିବା; ସାରାଂଶ ।

**roundworm** ବି. ପେଟରେ ହେଉଥିବା ଜିଆ, କୃମି ।

**rouse** କ୍ରି. ଉଠେଇ ଦେବା; ହୁରୁଡାଇ ଦେବା; ଚମକାଇ ଦେବା; ରଗାଇଦେବା; ଉତ୍ତେଜିତ କରିବା ।

**rousing** ବିଂ. ଉତ୍ତେଜକ, ଚାଞ୍ଚଲ୍ୟକାରୀ ।

**roustabout** ବି. ତେଲରିଗ୍‌ରେ କାମ କରୁଥିବା ଶ୍ରମିକ; ଅଣତାଲିମ ପ୍ରାପ୍ତ ବା ଅନିୟମିତ ଶ୍ରମିକ ।

**rout**[1] 1. ବି. ପରାଜିତ ସେନାବାହିନୀର ଅସଂଗଠିତ ପଛଘୁଞ୍ଚା; ପରାଜୟ; 2. କ୍ରି. ଘଉଡାଇ ଦେବା; ସମ୍ପୂର୍ଣ୍ଣ ଭାବେ ପରାସ୍ତ କରିବା ।

**rout**[2] କ୍ରି. root ର ବିକ. ।

**route** 1. ବି. ରାସ୍ତା, ଗତିପଥ; 2. କ୍ରି. ନିର୍ଦ୍ଦିଷ୍ଟ ରାସ୍ତାରେ ପଠାଇବା ।

**route march** ବି. ସେନା ତାଲିମ୍ ସମୟରେ ମାର୍ଚ୍ଚ ବା ପଦଯାତ୍ରା ।

**routine** 1. ବି. ନିତ୍ୟକର୍ମ ନିର୍ଘଣ୍ଟ; ସାଧାରଣ କାର୍ଯ୍ୟ ପ୍ରଣାଳୀ; ଅପରିବର୍ତ୍ତିତ ନିତ୍ୟନୈମିତ୍ତିକ କାର୍ଯ୍ୟ; କଂପ୍ୟୁଟର୍ ପାଇଁ ନିର୍ଦ୍ଦେଶକ୍ରମ; ରୁଟିନ୍; 2. ବିଂ. ନିତ୍ୟନୈମିତ୍ତିକ ବା ଅଭ୍ୟାସଗତ; କ୍ରି.ବିଂ. routinely.

**roux** ବି. ଚର୍ବି ଏବଂ ମଇଦାର ମିଶ୍ରଣ (ସସ୍ ପ୍ରସ୍ତୁତି ପାଇଁ) ।

**rove**[1] କ୍ରି. ଲକ୍ଷ୍ୟହୀନ ଭାବେ ଘୂରିବା ବା ବୁଲିବା ।

**rove**[2] କ୍ରି. reeve ର *ଅ.କା.* ।

**rover**[1] ବି. ଏଣେ ତେଣେ ବୁଲିବା ଲୋକ, ବାରବୁଲା ।

**rover**[2] ବି. ଜଳଦସ୍ୟୁ ।

**roving eye** ବି. ସଂଧାନୀ ଦୃଷ୍ଟି; ଲୋଭିଲା ଚାହାଣି ।

**row**[1] ବି. ଶ୍ରେଣୀ, ଧାଡି, ପଂକ୍ତି; in a row *କ.ଭା.* ଗୋଟିକ ପରେ ଗୋଟାଏ, ଧାଡି ବାନ୍ଧି ।

**row**[2] 1. କ୍ରି. କାତି ବା ଆହୁଲା ମାରି ଡଙ୍ଗା ଚଳାଇବା; ଡଙ୍ଗା ବାହିବା; ଯାତ୍ରୀଙ୍କୁ ଏଭଳି ଡଙ୍ଗାରେ ପାରି କରିବା; 2. ବି. ଆହୁଲା ବା କାତ ମାରିବା ସମୟ; ନୌକାଯାତ୍ରା ।

**row**[3] *କ.ଭା.* 1. ବି. ଭୀଷଣ କୋଳାହଳ, ପାଟିତୁଣ୍ଡ, କଳିତକରାଳ ବା ଝଗଡା; କଠୋର ଭର୍ତ୍ସନା; 2. କ୍ରି. କୋଳାହଳ; ପାଟିତୁଣ୍ଡ ବା ଝଗଡା କରିବା; ଭର୍ତ୍ସନା କରିବା ।

**rowan** ବି. ପାହାଡୀ ବା ଜଙ୍ଗଲୀ ଏଶ୍‌ଗଛ (ଗୋଲାପ ପରିବାରର); ତା'ର ନାଲିରଙ୍ଗ କୋଳି ।

**row–boat** ବି. (rowing–boat ମଧ) ଆହୁଲା ବା କାତମରା ଡଙ୍ଗା ।

**rowdy** 1. ବିଂ. କୁହାଳିଆ; ଗଣ୍ଡଗୋଳିଆ; ଅବ୍ୟବସ୍ଥିତ; 2. ବି. ଗୁଣ୍ଡା, ବଦମାସ, ଗଣ୍ଡଗୋଳକାରୀ; କ୍ରି.ବିଂ. rowdily; ବି. rowdiness; ବି. rowdyism.

**rowel** ବି. ଅଂକୁଶ ଅଗ୍ରଭାଗରେ ଲାଗିଥିବା କଣ୍ଟାଯୁକ୍ତ ଚକତି ।

**rowlock** ବି. ନୌକାର କାତ ରଖିବା ଯାଗା ।

**royal** 1. ବିଂ. ରାଜକୀୟ, ରାଜାରାଣୀ ସମ୍ବନ୍ଧୀୟ; ରାଜାଶ୍ରିତ (ଯଥା, Royal Air Force); ରାଜପରିବାରର; ଖୁବ୍ ସୁନ୍ଦର; ଚମତ୍କାର; ବିପୁଳ ପରିମାଣରେ; ଖୁବ୍ ବଡ ଆକାରରେ; 2. ବି. *କ.ଭା.* ରାଜପରିବାରର ସଦସ୍ୟ; କ୍ରି.ବିଂ. royally.

**royal blue** ବି.ବିଂ. ଗାଢ଼ ନୀଳରଙ୍ଗ ।

**Royal British Legion** ବି. ଇଂ. ୧୯୨୧ରେ ସ୍ଥାପିତ ପୂର୍ବତନ ସାମରିକ ଅଫିସର୍‌ମାନଙ୍କ ସଂଗଠନ ।

**Royal Commission** ବି. ସରକାରଙ୍କ ଅନୁରୋଧରେ ବ୍ରିଟିଶ ରାଜା/ରାଣୀଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ କମିଶନ ।

Digitized by srujanika@gmail.com

**Royal Family** ବି. ରାଜ ପରିବାର ।
**royalist** ବି. ରାଜା ବା ରାଣୀଙ୍କ ସମର୍ଥକ; ଗୃହଯୁଦ୍ଧବେଳେ ରାଜାଙ୍କ ପକ୍ଷ ସମର୍ଥନକାରୀ ।
**royalty** ବି. ରାଜବଂଶୀୟ, ରାଜପରିବାରର ସଦସ୍ୟ; ରାଜଭାଗ; ଆବିଷ୍କର୍ତ୍ତା, ସଙ୍ଗୀତକାର, ସାହିତ୍ୟିକ ପ୍ରଭୃତିଙ୍କ ନିଜସ୍ୱ କୃତିଜନିତ ବ୍ୟବସାୟରେ ଲାଭାଂଶ ।
**R.P.** *ସଂଶ.* received pronunciation ସ୍ୱୀକୃତିପ୍ରାପ୍ତ (ଇଂରାଜୀ) ଉଚ୍ଚାରଣ ଶୈଳୀ ।
**r.p.m.** *ସଂଶ.* revolutions per minute ପ୍ରତିମିନିଟରେ ହେଉଥିବା ଆବର୍ତ୍ତନ ।
**RSM** *ସଂଶ.* Regimental Sergeant–Major ରେଜିମେଣ୍ଟାଲ୍ ସର୍ଜେଣ୍ଟ–ମେଜର୍ ।
**RSPCA** *ସଂଶ.* Royal Society for the Prevention of Cruelty to Animals ରୟେଲ୍ ସୋସାଇଟି ଫର ଦି ପ୍ରିଭେନ୍ସନ୍ ଅଫ୍ କ୍ରୁଏଲ୍ଟି ଟୁ ଏନିମଲ୍ସ୍ ।
**RSV** *ସଂଶ.* Revised Standard Version ବାଇବେଲ୍‌ର ସଂଶୋଧିତ ମାନକ ସଂସ୍କରଣ ।
**RSVP** *ସଂଶ.* ଦୟାକରି ଉତ୍ତର ଦେବେ; *(repondez s'll vous plait). (ଫ.)*
**rt.** *ସଂଶ.* right ଠିକ୍ ।
**Rt. Hon.** *ସଂଶ.* Right Honourable ସମ୍ମାନସୂଚକ ସମ୍ବୋଧନ ।
**Rt. Revd.** *ସଂଶ.* Right Reverend (Rt. Rev. ମଧ) ଧର୍ମଗୁରୁଙ୍କର ସମ୍ମାନସୂଚକ ଉପାଧି/ ସଂବୋଧନ ।
**Ru** *ପ୍ର.* ruthenium ରୁଥେନିଅମ୍ ।
**rub** 1. *କ୍ରି.* ଘଷିବା; ଘର୍ଷଣ କରିବା; ଘଷି ସଫା କରିବା; 2. ବି. ଘର୍ଷଣ; ବାଧା; ପ୍ରତିବନ୍ଧକ (there's the rub); rub along *କ.ଭା.* ଅସୁବିଧାସତ୍ତ୍ୱେ ଚଳେଇ ନେବା; rub down ଘଷିମାଜି ସଫା କରିବା, ଶୁଖାଇବା ବା ମସୃଣ କରିବା; rub it in (rub a person's nose in it) ବାରମ୍ବାର କହି ଅପ୍ରୀତିକର ବିଷୟର ଗୁରୁତ୍ୱ ବୁଝାଇବା; rub off ସଂସର୍ଗ ଦ୍ୱାରା ପ୍ରଭାବିତ ହେବା; ଘଷି ବା ପୋଛି ପରିଷ୍କାର କରିବା; rub shoulders with ମିଳାମିଶା କରିବା; rub up ପାଲିସ୍ କରିବା ।
**rubato** ବି. *ସଙ୍ଗୀତ* ସାମୟିକ ଭାବେ ପ୍ରଖର ଗତିକୁ ଟାଳିଦେବା ।
**rubber**[1] ବି. ରବର, ପେନ୍ସିଲ୍ ଦାଗ ଲିଭାଇବା ପାଇଁ ବ୍ୟବହୃତ ରବର; *କ.ଭା.* କଣ୍ଡୋମ୍; *ଆମେ.* ରବର ଜୋତା; ବିଂ. rubbery.
**rubber**[2] ବି. ବ୍ରିକ୍, କ୍ରିକେଟ୍ ପ୍ରଭୃତି ଖେଳରେ ଲାଗ୍‌ଲାଗ୍ ୩ଥର ସେହି ଏକା ଦଳ ବା ଅନ୍ୟ ଦଳର ଖେଳାଳିମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ।
**rubberneck** *କ.ଭା. 1.* ବି. ଅନୁସନ୍ଧିତ୍ସୁ ବ୍ୟକ୍ତି; ଦେଖଣାହାରୀ; 2. *କ୍ରି.* ଅନୁସନ୍ଧିତ୍ସୁ ବ୍ୟକ୍ତି ବା ଦେଖଣାହାରୀ ଭଳି ବ୍ୟବହାର କରିବା ।
**rubber plant** ବି. ରବର ଗଛ ।
**rubber stamp** ବି. ରବର ତିଆରି ମୋହର ।
**rubbing** ବି. ପତଳା କାଗଜ ରଖି କୌଣସି ରଙ୍ଗ କରିବା ଦ୍ରବ୍ୟ ଘଷି ପିତ୍ତଳ ପ୍ରଭୃତିରେ ଛାପ ଉଠାଇବା ।
**rubbish** ବି. ଆବର୍ଜନା, ଅଳିଆ, ମଇଳା; ତୁଚ୍ଛ ବା ନଗଣ୍ୟ ପଦାର୍ଥ, ବାଜେ ଜିନିଷ; ବାଜେ ଲେଖା, ପ୍ରସ୍ତାବ ବା ଚିନ୍ତାଧାରା; ବିଂ. rubbishy.
**rubble** ବି. ଛୋଟ ଭଙ୍ଗା ପଥର ବା ଇଟା ଖଣ୍ଡ; ବିଂ. rubbly.
**rubella** ବି. *ଔଷ.* ଜର୍ମାନ ମିଳିମିଳା ।
**Rubicon** ବି. ହଦା, ସୀମାରେଖା; ଯେଉଁ ସ୍ଥାନରୁ ଆଉ ପ୍ରତ୍ୟାବର୍ତ୍ତନ କରିହୁଏ ନାହିଁ; cross the Rubicon ଏଭଳି କୌଣସି କାର୍ଯ୍ୟ କରିବା, ଯାହାଫଳରେ ଏକ ନିର୍ଦ୍ଦିଷ୍ଟ ଧନ୍ଦା ବା ଦାୟିତ୍ୱ ସହିତ ଜଡ଼ିତ ହୋଇଯିବା ।
**rubicund** ବିଂ. (ବ୍ୟକ୍ତିର ମୁହଁ କିମ୍ବା ରଙ୍ଗ) ଈଷତ୍ ଲାଲ ବା ଗୋଲାପୀ ।
**rubidium** ବି. ନରମ ରଜତ–ଧବଳ ଧାତବ ପଦାର୍ଥ ବିଶେଷ ।
**rubric** ବି. ଧର୍ମୀୟ ରୀତି ପାଇଁ ନିର୍ଦ୍ଦେଶାବଳୀ; ସୁପ୍ରତିଷ୍ଠିତ ରୀତି ବା ପରମ୍ପରା; ଟୀକା; ନାଲି କିମ୍ବା ବଡ଼ ଅକ୍ଷରରେ ଲେଖା ହୋଇଥିବା ଶୀର୍ଷକ ।
**ruby** 1. ବି. ପଦ୍ମରାଗ ମଣି; ଗୋଲାପୀ ଠାରୁ ରକ୍ତ ବର୍ଣ୍ଣ ଯାଏଁ ଦୁଷ୍ପ୍ରାପ୍ୟ ବହୁମୂଲ୍ୟ ପ୍ରସ୍ତରବିଶେଷ; ଗାଢ଼ ନାଲିରଙ୍ଗ; 2. ବିଂ. ଗାଢ଼ ନାଲି ।
**ruby wedding** ବି. ୪୦ତମ ବିବାହ ବାର୍ଷିକୀ ।
**ruche** ବି. ଲେସ୍ ଗୁଚ୍ଛ ବା କୁଞ୍ଚ ।
**ruck**[1] ବି. ଜନସମୁଦାୟ; ଜିନିଷପତ୍ର; ଗୁଡ଼ିଏ ବସ୍ତୁର ସମାହାର ।

Digitized by srujanika@gmail.com

**ruck**[2] କ୍ରି. ଭାଙ୍ଗ ପଡିଯିବା; (ବାର୍ଦ୍ଧକ୍ୟ ଜନିତ) କୁଞ୍ଚିତ ରେଖା ବା ଶ୍ଳଥଚର୍ମ ହେବା।

**rucksack** ବି. କାନ୍ଧରୁ ଫିତା ସାହାଯ୍ୟରେ ପିଠିରେ ଝୁଲା ହେଉଥିବା ବେଗ୍।

**ruction** ବି. *କ.ଭା.* ଗୋଳମାଳ, କୋଳାହଳ, କଳିତକରାଳ, ପାଟିତୁଣ୍ଡ।

**rudder** ବି. ଜାହାଜ ବା ଉଡାଜାହାଜର ମଙ୍ଗ ବା ପଶ୍ଚାଦ୍‌ଭାଗରେ ସଂଯୁକ୍ତ କାଠ ବା ଧାତୁ ଫଳକ ଯାହାଦ୍ୱାରା ଜାହାଜର ଦିଗ ନିୟନ୍ତ୍ରଣ କରାଯାଏ; ବିଂ. rudderless.

**ruddy** ବିଂ. (ବ୍ୟକ୍ତି ବା ଦେହରଙ୍ଗ) ସତେଜ ବା ସୁନ୍ଦର ସ୍ୱାସ୍ଥ୍ୟର ରକ୍ତିମାଭା ବିଶିଷ୍ଟ; ନାଲିଆ; *ଗ୍ରା.ପ୍ର.* ବଜାତ୍; *କ୍ରି.ବିଂ.* ruddily; ବି. ruddiness.

**rude** ବିଂ. ଅଭଦ୍ର, ଅଶିଷ୍ଟ, ରୂକ୍ଷ, ଉଦ୍ଧତ; ସୌଜନ୍ୟବିହୀନ, ଆଦିମ ବା ଅଶିକ୍ଷିତ; ହଠାତ୍ ବା ଅପ୍ରତ୍ୟାଶିତ; ପ୍ରାଣପ୍ରାଚୁର୍ଯ୍ୟଭରା ବା ହାର୍ଦ୍ଦିକ; *କ୍ରି.ବିଂ.* rudely; ବି. rudeness.

**rudiment** ବି. ଯେ କୌଣସି ବିଦ୍ୟାର ମୂଳନୀତି; ପ୍ରାଥମିକ ତତ୍ତ୍ୱାବଳୀ, ଉପକ୍ରମଣିକା; ପଦାର୍ଥର ମୌଳିକ ବା ପ୍ରାଥମିକ ଅବସ୍ଥା; ଅନୁନ୍ନତ ଏବଂ ଅସମାପ୍ତ ଅବସ୍ଥା; ଠିକ ଭାବରେ ବର୍ଦ୍ଧିତ ହୋଇନଥିବା ଅଂଶ; ବିଂ. rudimentary.

**rue**[1] କ୍ରି. ଦୁଃଖିତ ହେବା, ଅନୁତାପ କରିବା, ଅନୁଶୋଚନା କରିବା।

**rue**[2] ବି. ପିତା ପତ୍ରବିଶିଷ୍ଟ ଏକ ଚିରହରିତ୍ ଗଛ।

**rueful** ବିଂ. ଦୁଃଖ ବା ଅନୁଶୋଚନା ପ୍ରକାଶ କରିବା; *କ୍ରି.ବିଂ.* ruefully; ବି. ruefulness.

**ruff**[1] ବି. ଷୋଡଶ ଶତାବ୍ଦୀର ବ୍ୟବହୃତ ଗଳାବସ୍ତ୍ର ବା ଗଳାବନ୍ଦ; ପକ୍ଷୀ ବା ପଶୁର ବେକ ଚାରିପାଖରେ ଥିବା ଆଖିଦୃଶିଆ ଲୋମ ବା ପରର ରଙ୍ଗୀନ ଆବେଷ୍ଟନ; ସେଣ୍ଡପାଇପର୍ ଜାତୀୟ ପକ୍ଷୀ; ଏକ ପ୍ରକାର ପାରା।

**ruff**[2] 1. *କ୍ରି.* ତାସ୍ ଖେଳରେ ରଙ୍ଗ ବା ଜିତାପଟ ପରା; 2. ବି. ଜିତାପଟ ବା ରଙ୍ଗ ପରା (ତାସ୍‌ଖେଳ)।

**ruffian** ବି. ଅସାମାଜିକ ବ୍ୟକ୍ତି, ଗୁଣ୍ଡା; ବି. ruffianism; ବିଂ. ruffianly.

**ruffle** 1. *କ୍ରି.* ସ୍ଥିରତା ବା ଶାନ୍ତି ନଷ୍ଟ କରିବା; ମନର ଶାନ୍ତି ନଷ୍ଟ କରିବା; 2. ବି. ମଣିବନ୍ଧ ବା ଗଳା ଆବେଷ୍ଟିତ କରୁଥିବା ଲେସ୍ କାମ ବା କୁଞ୍ଚ।

**rufous** ବିଂ. ନାଲିଆ–ବାଦାମୀ ରଙ୍ଗ ବିଶିଷ୍ଟ (ଜୀବଜନ୍ତୁ)।

**rug** ବି. ଚଟାଣରେ ବିଛାଇବା ନିମନ୍ତେ ମୋଟା ଆଚ୍ଛାଦନ; ଦରି, ଗାଲିଚା; ଘୋଡାଇବା ନିମନ୍ତେ କମ୍ବଳ, ପଶମ ଚଦର ପ୍ରଭୃତ; pull the rug from under ସାହାଯ୍ୟ ପ୍ରତ୍ୟାହାର କରିନେବା; ଦୁର୍ବଳ କରିଦେବା; ଅବ୍ୟବସ୍ଥିତ କରିଦେବା।

**Rugby** ବି. (Rugby football) ଫୁଟବଲ୍ ପରି ଏକ ଅଣ୍ଡାକୃତି ବଲ୍‌ଖେଳ।

**Rugby League** ବି. ତେରଜଣିଆ ଆଂଶିକ ପେଶାଦାର ରଗ୍‌ବି ଦଳଗୁଡିକ ମଧ୍ୟରେ ପ୍ରତିଯୋଗିତା।

**rugged** ବିଂ. ବନ୍ଧୁର, ଅସମତଳ, ରୁକ୍ଷ; ଅସମାନ (ଭୂମି); ଅନିୟମିତ ଏବଂ ଆବୁଡାଖାବୁଡା (ଆକୃତି); ରୂକ୍ଷ ଏବଂ ଅଶାଳୀନ କିନ୍ତୁ ନିଷ୍କପଟ (ବ୍ୟବହାର); କର୍କଶସ୍ୱରଯୁକ୍ତ (ଯନ୍ତ୍ରପାତି); ତଗଡା; ଶକ୍ତ; *କ୍ରି.ବିଂ.* ruggedly; ବି. ruggedness.

**rugger** ବି. *କ.ଭା.* ରଗ୍‌ବି ଫୁଟ୍‌ବଲ୍ (Rugby Football).

**ruin** 1. ବି. ଧ୍ୱଂସାବଶେଷ; ଧ୍ୱଂସ, ବିନାଶ, ସର୍ବନାଶ, କ୍ଷୟ, କ୍ଷତି; ବିଫଳତା, ଆର୍ଥିକ କ୍ଷତି; 2. *କ୍ରି.* ଧ୍ୱଂସ ସାଧନ କରିବା; ନଷ୍ଟ କରିବା; ଭାଙ୍ଗିରୁଜି ଦେବା।

**ruinatian** ବି. ଧ୍ୱଂସସାଧନ, ଧ୍ୱଂସ।

**ruinous** ବିଂ. ଧ୍ୱଂସକାରୀ; ବିନାଶକାରୀ; ଧ୍ୱସ୍ତ।

**rule** 1. ବି. ନିୟମ, ବିଧି, ନୀତି, ବ୍ୟବସ୍ଥା, ଅଭ୍ୟାସ, ଧାରା, ସ୍ୱାଭାବିକ ରୀତି; ଚଳଣି, ଶାସନ, ରାଜତ୍ୱ, କର୍ତ୍ତୃତ୍ୱ; ମାପ (ସ୍କେଲ୍); ଧର୍ମ ନୀତି; ଆଇନଗତ ବା ନ୍ୟାୟିକ ଆଦେଶ (ନିର୍ଦ୍ଦିଷ୍ଟ ମାମଲାକୁ ନେଇ); 2. *କ୍ରି.* ଶାସନ କରିବା; ପ୍ରଭାବିତ କରିବା; ନିୟନ୍ତ୍ରଣରେ ରଖିବା; ସାର୍ବଭୌମ ଶାସନ କରିବା; ଅନୁଜ୍ଞା କରିବା; ଘୋଷଣା କରିବା; ରୁଲର୍ ସାହାଯ୍ୟରେ ସମାନ୍ତରାଳ ରେଖା ଟାଣିବା (କାଗଜରେ); as a rule ସାଧାରଣତଃ; rule out ବାତିଲ୍ କରିବା; ଅବାନ୍ତର ବା ଅଯୋଗ୍ୟ ଘୋଷଣା କରିବା; rule the roost ପୂରାପୂରି ଭାବେ ନିୟନ୍ତ୍ରଣାଧୀନ କରିବା।

**rule of thumb** ବି. ଯାହା ନୀତି ଉପରେ ନୁହେଁ, ଅଭିଜ୍ଞତା ବା ଚଳଣି ଉପରେ ଆଧାରିତ।

Digitized by srujanika@gmail.com

**ruler** ବି. ଶାସନ କର୍ତ୍ତା, ଶାସକ, ଆଦେଶକାରୀ; ରୁଲବାଡି ବା ସ୍କେଲ।

**ruling** ବି. (ବିଧିଗତ) ନିର୍ଦ୍ଦେଶନାମା।

**rum[1]** ବି. ରମ୍, ଗୁଡ ବା ଆଖୁ ରସରୁ ପ୍ରସ୍ତୁତ ସୁରାସାର।

**rum[2]** ବିଂ. କ.ଭା. ଅଦ୍ଭୁତ, ଅବାଗିଆ; କୌତୁକିଆ।

**Rumanian** ଦ୍ର. Romanian.

**rumba** ବି. କ୍ୟୁବାରୁ ଉଦ୍ଭୁତ ଏକପ୍ରକାର ବଲ୍‌ରୁମ୍ ନୃତ୍ୟ; ଏହାର ସଙ୍ଗୀତ।

**rumble[1]** 1. କ୍ରି. ଘଡଘଡି ଭଳି ଦୀର୍ଘ ଗୁରୁଗମ୍ଭୀର ଶବ୍ଦ କରିବା; (ବ୍ୟକ୍ତି, ଯାନବାହନ) ଏଭଳି ଶବ୍ଦ ସୃଷ୍ଟିକରି ଆଗେଇବା; 2. ବି. ଘୋରଘର୍ଘର ଶବ୍ଦ।

**rumble[2]** କ୍ରି. କ.ଭା. ଭିତିରି ଉଦ୍ଦେଶ୍ୟ ଜାଣିପାରିବା; ଦୋଷ ବା ଅପରାଧ ଧରିପାରିବା।

**rumbustious** ବିଂ. କ.ଭା. ବଡ଼ପାଟିକରି ହସି ହସି କଥା କହୁଥିବା, କଥା କଥାକେ ହୋ ହୋ ହେଉଥିବା।

**ruminant** 1. ବି. ରୋମନ୍ଥକ; ରୋମନ୍ଥନକାରୀ ଜୀବ; ଗଭୀର ଚିନ୍ତା; 2. ବିଂ. ରୋମନ୍ଥନକାରୀ; ଚିନ୍ତାଶୀଳ; ଭାବନାମଗ୍ନ।

**ruminate** କ୍ରି. (ପ୍ରାଣୀ) ପାକୁଳି କରିବା; ରୋମନ୍ଥନ କରିବା; ଚର୍ବିତ–ଚର୍ବଣ କରିବା; (ବ୍ୟକ୍ତି) ଅନୁଧ୍ୟାନ ବା ଗଭୀର ଚିନ୍ତା କରିବା; ବି. rumination; ବିଂ. ruminative.

**rummage** 1. କ୍ରି. କୌଣସି ଜିନିଷ ଖୋଜି ବାହାର କରିବା ପାଇଁ ଘଣ୍ଟାଘଣ୍ଟି କରିବା; ଚିଙ୍କିନିଖି କରି ଖୋଜିବା; ଖାନତଲାସ କରିବା; ଅନ୍ୟ ଜିନିଷପତ୍ର ଭିତରେ ଖୋଜି ପାଇବା; 2. ବି. ଖାନ୍‌ତଲାସ୍; ଘଣ୍ଟାଘଣ୍ଟିକରି ଖୋଜିବା।

**rummage sale** ବି. ଘଣ୍ଟାଘଣ୍ଟି ବା ଖୋଜାଖୋଜି କରି କିଣିବା।

**rummy** ବି. ରମି, ତାସଖେଳ ବିଶେଷ।

**rumour** *ଆମେ.* rumor 1. ବି. ଗୁଜବ, ଜନରବ, ଉଡ଼ା ଖବର, ଅସମର୍ଥିତ ସମ୍ବାଦ; 2. କ୍ରି. ଗୁଜବ ଶୁଣିବା; ଉଡ଼ାଖବର ପାଇବା।

**rump** ବି. ମନୁଷ୍ୟ, ପଶୁ, ପକ୍ଷୀପ୍ରଭୃତିର ପଶ୍ଚାତ୍‌ଭାଗ ବା ନିତମ୍ବ; ପିଚା।

**rumple** କ୍ରି. କୁଞ୍ଚ ବା ଭାଙ୍ଗ ପଡିବା; ମୋଚାକୋଚା କରିବା।

**rumpus** ବି. କ.ଭା. ପାଟିତୁଣ୍ଡ, ହୋ ହଲ୍ଲା, କଜିଆକରାଳ।

**run** 1. କ୍ରି. ଦଉଡିବା; ପଳାୟନ କରିବା; ଦ୍ରୁତ ଗତିରେ ପଳାଇବା; ଯିବା; (ପାଣି) ବହିବା; କୌଣସି ପଦବୀ ପାଇଁ ପ୍ରତିଯୋଗିତା କରିବା; ଚାଲୁରଖିବା (keep the engine running); ଯାତାୟତ କରିବା; ଚଳେଇବା (run business); ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବା; 2. ବି. ଦଉଡ; ଧାବନ, ପଳାୟନ; ଯାତ୍ରା କରିଥିବା ଦୂରତ୍ୱ; ସାଧାରଣ ମନୋଭାବ ବା ଅଭ୍ୟାସ; କ୍ରିକେଟ୍ ବା ବେସ୍‌ବଲ୍‌ର ପଏଣ୍ଟ; ଜୀବଜନ୍ତୁଙ୍କ ନିୟମିତ ଯାତାୟତ ବାଟ; on the run ପଳାୟନକାରୀ; run across ସମ୍ମୁଖୀନ ହେବା; ସାମ୍ନାସାମ୍ନି ହେବା; run after ପଶ୍ଚାତ୍‌ଧାବନ କରିବା; ଗୋଡ଼ାଇବା; ପଛରେ ଦଉଡିବା, run away ପଳାୟନ କରିବା; ତରବରରେ ଚାଲିଯିବା; ଘରଛାଡି ଚାଲିଯିବା; run down ଧକ୍କା କରିବା ବା ହେବା; ସଂଖ୍ୟା କମାଇ ଦେବା; ଚାବି ନଦେଇ ଥିବାରୁ ଘଣ୍ଟା ବନ୍ଦ ହୋଇଯିବା; କାର୍ଯ୍ୟାଧିକ୍ୟଯୋଗୁଁ ସ୍ୱାସ୍ଥ୍ୟହାନି ଘଟିବା; ଖୋଜି ପାଇବା; run dry ବହିବା ବନ୍ଦ ହୋଇଯିବା; run for it ପଳାୟନ କରି ନିରାପଦ ସ୍ଥାନରେ ପହଞ୍ଚିବା; run in ଗିରଫ କରିବା; run in the family କୁଳ ବା ପରିବାରର ପ୍ରକୃତି ବା ଅଭ୍ୟାସ; run into ଧକ୍କା କରିବା; ହଠାତ୍ ଭେଟିବା; ସାମ୍ନାସାମ୍ନି ହେବା; run off ପଳାଇଯିବା; ସାବଲୀଳ ଭାବରେ ଲେଖିବା ବା ଆବୃତ୍ତି କରିବା; (with ସହ) ଚୋରି କରିବା; run out ଶେଷ ହୋଇଯିବା, ସରିଯିବା; run over (ଗାଡି) ଚଢ଼ିଯିବା, ମାଡ଼ିଯିବା; ଉଛୁଳି ଯିବା; run through ପରୀକ୍ଷା କରି ଦେଖିବା; ଅଧ୍ୟୟନ କରିବା; ପଇସା ଉଡାଇବା।

**runaway** ବି. ଓ ବିଂ. ପଳାତକ।

**rune** ବି. ପ୍ରାଚୀନ ଜର୍ମାନ ଅକ୍ଷର, ସେଭଳି କୌଣସି ରହସ୍ୟମୟ ବା ଐନ୍ଦ୍ରଜାଲିକ ଚିହ୍ନ; ବିଂ. runic.

**run–down** 1. ବି. ସଂଖ୍ୟାହ୍ରାସ; 2. ଭଗ୍ନ; ପ୍ରାଚୁର୍ଯ୍ୟ ଯୋଗୁଁ କ୍ଷୟିଷ୍ଣୁ।

**rung[1]** ବି. ସିଡିର ପଟି; ଚଉକିର ବାଡ଼ରେ ଲାଗିଥିବା ଫଳକ।

**rung[2]** କ୍ରି. ringର ଅ.କ୍ରି.କ.ପ.।

Digitized by srujanika@gmail.com

**runnel** ବି. ନାଳ, ନାଳିଆ ।

**runner** ବି. ଦୌଡାଳି; ଯେଉଁ ବ୍ୟକ୍ତି ଦୌଡ ପ୍ରତିଯୋଗିତାରେ ଭାଗ ନିଏ; ସମ୍ବାଦବାହକ; ହରକରା; ଯେଉଁ ଲତା କାଣ୍ଡରୁ ଚେରେଇ ପାରେ ।

**runner-up** ବି. ପ୍ରତିଯୋଗିତା ବା ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ବା ବ୍ୟକ୍ତି ।

**running** 1. ବି. ଦୌଡ଼, ପ୍ରତିଯୋଗୀଙ୍କ ଦୌଡ଼; 2. ବିଂ. ଲାଗିରହିଥିବା; ଚାଲିରହିଥିବା (running battle); ଲଗାତାର (three days running); in (out of) the running ସଫଳତାର ସମ୍ଭାବନା ଥାଇ (ନଥାଇ) ।

**running commentary** ବି. (ଖେଳ ପ୍ରଭୃତିର) ଧାରାବାହିକ ବିବରଣୀ ।

**running repairs** ବି. ସାଧାରଣ ମରାମତି କାମ ।

**runny** ବିଂ. ଧାବମାନ, ଧାବନଶୀଳ; ବିଶେଷଭାବରେ ପାଣିଆ ।

**run-of-the-mill** ବିଂ. ସାଧାରଣ, ଗତାନୁଗତିକ ।

**runt** ବି. ବାମନ ଭଳି ଛୋଟ ମନୁଷ୍ୟ ବା ପଶୁ; ଅତି ଦୁର୍ବଳ ବ୍ୟକ୍ତି; କ୍ଷୁଦ୍ରତମ ଶାବକ ।

**runway** ବି. ଉଡ଼ାଜାହାଜ ଅବତରଣ ଏବଂ ଉଡ଼ାଣପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଭୂପୃଷ୍ଠ ।

**rupee** ବି. ଟଙ୍କା; ଭାରତ ଓ ପାକିସ୍ଥାନର ପ୍ରଚଳିତ ମୁଦ୍ରା ।

**rupture** 1. ବି. ଭାଙ୍ଗ, ଫାଟ; ମନାନ୍ତର; ହାର୍ଣ୍ଣିଆ ରୋଗ; 2. କ୍ରି. ହଠାତ୍ ଫାଟିଯିବା; ଛିଣ୍ଡିଯିବା; ଛିନ୍ନ ହେବା; ବିଦୀର୍ଣ୍ଣ ହେବା; ହାର୍ଣ୍ଣିଆ ଭୋଗିବା ।

**rural** ବିଂ. ଗାଉଁଲି, ମଫସଲି; ଗ୍ରାମ୍ୟ ।

**ruse** ବି. କୌଶଳ, ଶଠତା, ଚାତୁର୍ଯ୍ୟ, ବାହାନା ।

**rush**[1] 1. କ୍ରି. ଦ୍ରୁତ ଗତିରେ ଯିବା; ତୁରନ୍ତ ବୋହିନେବା ବା ନେଇଯିବା (was rushed to hospital); ଆକ୍ରମଣ କରିବା; ତରବର ହୋଇ ଯିବା; *ଗା.ପ୍ର.* ଗ୍ରାହକଠାରୁ ଅଧିକ ମୂଲ୍ୟ ନେବା; 2. ବି. ତରବର; ଦ୍ରୁତଗତି; ଆକ୍ରମଣ; ଗହଳି; କାର୍ଯ୍ୟବ୍ୟସ୍ତ ସମୟ; ହଠାତ୍ ବେଶୀ ସଂଖ୍ୟାରେ ସ୍ଥାନାନ୍ତରଣ; *କ.ଭା.* ଚଳଚ୍ଚିତ୍ର ନିର୍ମାଣ ପରେ ପ୍ରଥମ ପ୍ରଦର୍ଶନ; rush at ହଠାତ୍ ତୀବ୍ର ଆକ୍ରମଣ କରିବା; rush one's fences ଅଯଥା ତରବର ହେବା ।

**rush**[2] ବି. ଶର ବା ନଳ ଗଛ ଭଳି ସନ୍ତସନ୍ତିଆ ସ୍ଥାନର ଗଛ; ସେଇ ଗଛର କାଣ୍ଡ ।

**rush hour** ବି. ଭିଡ ସମୟ; କାର୍ଯ୍ୟ ବ୍ୟସ୍ତ ସମୟ ।

**rushlight** ବି. ରଶ୍ମି ମହମବତୀ; କ୍ଷୀଣ ଜ୍ଞାନ ବା ବୁଦ୍ଧି ।

**rusk** ବି. ପୁନର୍ବାର ସେକା ହୋଇଥିବା (ବିସ୍କୁଟ୍‌ଭଳି) ପାଉରୁଟି (ଯାହା ଛୋଟ ଛୁଆଙ୍କୁ ଖାଇବାକୁ ଦିଆଯାଏ) ।

**russet** 1. ବିଂ. ନାଲିମିଶା ବାଦାମୀ; 2. ବି. ନାଲିଆ ବାଦାମୀ ରଙ୍ଗ; ଏକ ପ୍ରକାର ଅମସୃଣ ଆବରଣ ବିଶିଷ୍ଟ ସେଓ ।

**Russian** 1. ବିଂ. ରୁଷିଆର ବ୍ୟକ୍ତି, ବସ୍ତୁ, ବା ଭାଷା ସମ୍ବନ୍ଧିତ; 2. ବି. ରୁଷିଆର ଅଧିବାସୀ ବା ଭାଷା ।

**Russo-** ସଂ. ରୁଷୀୟ ।

**rust** 1. ବି. (ଲୁହାର) କଳଙ୍କି, ଜଙ୍ଗ; ଉଦ୍ଭିଦରୋଗବିଶେଷ, ଯାହାଫଳରେ କଳଙ୍କଗୁଣ୍ଡି ଭଳି ଦାଗହୁଏ; ନିଷ୍କ୍ରିୟତା ବା ପଡି ରହିବା ଯୋଗୁଁ ଅଚଳ ଅବସ୍ଥା; 2. କ୍ରି. କଳଙ୍କି ଧରିବା; ବେକାର ବା ଅକାମୀ ହେବା ।

**rustic** 1. ବିଂ. ଗ୍ରାମ୍ୟ, ପଲ୍ଲୀ ସମନ୍ଧୀୟ; ଗାଉଁଲି; ମଫସଲି; ଅମାର୍ଜିତ; ଅଚଞ୍ଛା କାଠରେ ଅମସୃଣ ଭାବରେ ପ୍ରସ୍ତୁତ ବା ନିର୍ମିତ; 2. ବି. ଗ୍ରାମ୍ୟ ବ୍ୟକ୍ତି, କୃଷକ; ବି. rusticity.

**rusticate** କ୍ରି. କୌଣସି ଛାତ୍ରକୁ ଶିକ୍ଷାନୁଷ୍ଠାନରୁ ଦଣ୍ଡ ସ୍ୱରୂପ ସାମୟିକ ଭାବେ ବହିଷ୍କାର କରିବା; ଗାଁକୁ ଯାଇ ବାସ କରିବା, ଅବସର ଜୀବନ ଯାପନ ପାଇଁ ଗାଁକୁ ଯିବା; ବି. rustication.

**rustle** 1. କ୍ରି. ଖସ୍ ଖସ୍ ଶବ୍ଦ ହେବା; ବାୟୁଚାଳିତ ଶୁଷ୍କ ପତ୍ରର ଶବ୍ଦହେବା; (ଘୋଡା, ଗାଈଗୋରୁ ପ୍ରଭୃତି) ଚୋରି କରିବା; 2. ବି. ମର୍ମର; ପତ୍ରର ଖସ୍‌ଖସ୍ ଶବ୍ଦ; rustle up *କ.ଭା.* ଆବଶ୍ୟକବେଳେ ଅଳ୍ପ ସମୟ ମଧ୍ୟରେ ଯୋଗାଇ ଦେବା; ବି. rustler.

**rusty** ବିଂ. କଳଙ୍କିଧରା; ବୟସାଧିକ୍ୟ ବା ବ୍ୟବହାର ହେଉନଥିବା ଯୋଗୁଁ ମାନ୍ଦା; ପଡିରହି ବା ବ୍ୟବହାରରେ ନ ଲାଗି ଅକାମୀ; କଳଙ୍କିଭଳି

Digitized by srujanika@gmail.com

(ରଙ୍ଗ); (କଳାରଙ୍ଗର ଲୁଗାପଟା) ଫିକା ପଡିଯାଇଥିବା; କ୍ରି.ବିଂ. rustily; ବି. rustiness.

**rut**[1]. ବି. ଶଗଡ ଗୁଳା, ଗାଡ଼ିବାଟ; ଗତାନୁଗତିକ ବା ପରିବର୍ତ୍ତନହୀନ କାର୍ଯ୍ୟ।

**rut**[2]. 1. ବି. ଅଣ୍ଡିରା ହରିଣ ତଥା ଅନ୍ୟ ଶ୍ବାପଦମାନଙ୍କର କାମ ଉଦ୍ରେକ ସମୟ; 2. କ୍ରି. (ଜୀବଜନ୍ତୁମାନେ) କାମୋତ୍ତେଜିତ ହେବା।

**ruthenium** ବି. ରୁଥିନିଅମ୍; କଠିନ ଧଳା ପ୍ଲାଟିନମ୍ ଶ୍ରେଣୀୟ ବିରଳ ଧାତବ ପଦାର୍ଥ।

**ruthless** ବିଂ. ନିର୍ଦ୍ଦୟ, ନିଷ୍ଠୁର; କ୍ରି.ବିଂ. ruthlessly; ବି. ruthlessness.

**rutted** ବିଂ. ଗାଡି ଯିବାଆସିବା ଫଳରେ ସୃଷ୍ଟି ହୋଇଥିବା ଚିହ୍ନ।

**RV** *ସଂକ୍ଷ.* Revised Version ବାଇବେଲ୍‌ର ସଂଶୋଧିତ ସଂସ୍କରଣ।

**–ry** *ପ୍ର.ପ୍ର.* (*ଦ୍ର.* -ery) ବିଶେଷ୍ୟପଦ ନିଷ୍ପାଦକ ପ୍ରତ୍ୟୟ (cavalry, rivalry).

**rye** ବି. ଗହମ ଜାତୀୟ ଏକ ପ୍ରକାର ଗଛ; ତା'ର ଶସ୍ୟ ଯାହା ରୁଟି ଏବଂ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ; rye whisky ରାଏ ହ୍ୱିସ୍କୀ ବା ମଦ୍ୟ (ରାଏରୁ ପ୍ରସ୍ତୁତ)।

**rye–grass** ବି. ଏକ ପ୍ରକାର ଘାସ, ଯାହା ଲନ୍ ପ୍ରସ୍ତୁତି ଏବଂ ଗୋଖାଦ୍ୟ ରୂପେ ବ୍ୟବହୃତ ହୁଏ।

Digitized by srujanika@gmail.com

# Ss

**S**[1]**, s** ବି. ( ବ.ବ. Ss, S's; ss, s's) ଇଂରାଜୀ ବର୍ଣ୍ଣମାଳାର ଊନବିଂଶ ଅକ୍ଷର; ଏହି ଆକାରର ବସ୍ତୁ।

**S**[2] *ସଂଶ.* south ଦକ୍ଷିଣ, ଦକ୍ଷିଣଦିଗ।

**S**[3] *ପ୍ର.* sulphur ଗନ୍ଧକ ବା ସଲ୍‌ଫର।

**s.** *ସଂଶ.* second ସେକେଣ୍ଡ; *ପ୍ରା.ପ୍ର.* shilling ସିଲିଙ୍ଗ୍; son ପୁତ୍ର।

**'s** *ସଂଶ.* has, is, us (he's done, it's time, let's go).

**SA** *ସଂଶ.* Salvation Army ସେଲ୍‌ଭେସନ୍ ଆର୍ମି; South Africa ସାଉଥ୍ ଆଫ୍ରିକା; sex appeal ଯୌନ ଆକର୍ଷଣ ବା ସେକ୍‌ସ ଏପିଲ୍; South Australia ଦକ୍ଷିଣ ଅଷ୍ଟ୍ରେଲିଆ।

**Sabbatarian** ବି. ନିଷ୍ଠାର ସହିତ ସାବାଥ୍ (sabbath) ପାଳନ କରୁଥିବା ଖ୍ରୀଷ୍ଟିଆନ୍।

**sabbath** ବି. ଧର୍ମାନୁଯାୟୀ ଏକ ବିଶ୍ରାମଦିନ (ଇହୁଦୀମାନଙ୍କର ସପ୍ତାହର ଶେଷଦିନ, ଶନିବାର ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କର ସପ୍ତାହର ପ୍ରଥମଦିନ, ରବିବାର)।

**sabbatical** 1. ବିଂ. ସାବାଥ୍ ସମ୍ବନ୍ଧୀୟ; (ବିଶ୍ୱବିଦ୍ୟାଳୟ) ଶିକ୍ଷକମାନଙ୍କୁ ଯେଉଁ ଛୁଟି କିଛି ସମୟ ବ୍ୟବଧାନରେ ଦିଆଯାଏ (ଗବେଷଣା ଏବଂ ଭ୍ରମଣ ପାଇଁ); 2. ବି. ଛୁଟି ଅବଧି।

**saber** *ଆମେ.* sabre *ଦ୍ର.*।

**sable** 1. ବି. ନେଉଳଭଳି କ୍ଷୁଦ୍ରାକୃତି ଲୋମଶ ସ୍ତନ୍ୟପାୟୀ ମେରୁମଣ୍ଡଳୀୟ ପ୍ରାଣୀ; ତାହାର ବାଦାମୀଲୋମ ବା ଚମଡ଼ା; ବାଦାମୀ ବା କଳାରଙ୍ଗ; 2. ବିଂ. କଳା, କଳାରଙ୍ଗ; ଅନ୍ଧାର।

**sabot** ବି. କଠଉ; କାଠନିର୍ମିତ ଯୋତା ବା ପାଦୁକା।

**sabotage** 1. ବି. ଭଙ୍ଗାରୁଜା; ଅନ୍ତର୍ଘାତୀ କାର୍ଯ୍ୟ; ମନ୍ଦ ଉଦ୍ଦେଶ୍ୟରେ ନଷ୍ଟ ବା କ୍ଷତି ସାଧନ (ରାଜନୈତିକ, କଳକାରଖାନାରେ); 2. କ୍ରି. ଭଙ୍ଗାରୁଜା କରିବା; ଅନ୍ତର୍ଘାତୀ କାର୍ଯ୍ୟ କରିବା; ନଷ୍ଟ କରିଦେବା, ଧ୍ୱଂସ କରିଦେବା; ପଣ୍ଡ କରିଦେବା।

**saboteur** ବି. ଯେ ଅନ୍ୟର କ୍ଷତି ଘଟାଏ ବା ଅନ୍ୟର କାମରେ ବାଧାଦିଏ; ଅନ୍ତର୍ଘାତୀ; ଧ୍ୱଂସକାରୀ।

**sabre** ବି. ବକ୍ର ଖଡ୍‌ଗ (ଅଶ୍ୱାରୋହୀ ସୈନ୍ୟଦ୍ୱାରା ବ୍ୟବହୃତ); ତୀକ୍ଷ୍ଣଧାର ଥିବା ସରୁଫଳକର ଖଣ୍ଡା।

**sabre-rattling** ବି. ଅସ୍ତ୍ର ଝଂକାରକରି ଭୟ ସୃଷ୍ଟି କରିବା; ସାମରିକଶକ୍ତି ପ୍ରଦର୍ଶନ କରି ଭୀତି ସଞ୍ଚାର କରିବା।

**sac** ବି. ପ୍ରାଣୀ ବା ଉଦ୍ଭିଦ ଶରୀରରୁ ନିଃସୃତ ରସର ଆଧାର ସ୍ୱରୂପ କ୍ଷୁଦ୍ରକୋଷ ବା ଥଳି; ଥଳି, ମୁଣି।

**SAC** *ସଂଶ.* Senior Aircraftman ବରିଷ୍ଠ ବୈମାନିକ।

**saccharin** ବି. ସାକାରିନ୍; ଖୁବ୍ ମିଠା, ଚିନିର ବିକଳ୍ପଭାବେ ବ୍ୟବହୃତ ପଦାର୍ଥ।

**saccharine** ବିଂ. ଅତ୍ୟଧିକ ମିଠା।

**sacerdotal** ବିଂ. ଯାଜକୀୟ, ଯାଜକ ସମ୍ପ୍ରଦାୟ ସଂକ୍ରାନ୍ତ।

**sachet** ବି. କ୍ଷୁଦ୍ର ପେକେଟ୍ ବା ମୁଣି; ସୁଗନ୍ଧ ଦ୍ରବ୍ୟପୂର୍ଣ୍ଣ କ୍ଷୁଦ୍ର ଥଳି।

**sack**[1] 1. ବି. ଅଖା, ବସ୍ତା; ଛୋଟ କିମ୍ବା ବଡ଼ କପଡା ବା ଝୋଟରେ ତିଆରି ମୁଣି ବା ଥଳି; ବସ୍ତାଏ ଜିନିଷ, ମହିଳାମାନଙ୍କ ଢିଲା ପୋଷାକ ବିଶେଷ; 2. କ୍ରି. ଅଖାବସ୍ତାରେ ଭର୍ତ୍ତିକରିବା; *କ.ଭା.* ଚାକିରୀରୁ ବାହାର କରିଦେବା; **the sack** *କ.ଭା.* ଚାକିରୀରୁ ବହିଷ୍କାର; **hit the sack** *ସା.ପ୍ର.* ଶୋଇବାକୁ ଯିବା।

**sack**[2] 1. କ୍ରି. (ବିଜିତ ସହର ବା ଗ୍ରାମ) ଲୁଣ୍ଠନ କରିବା; ଧ୍ୱଂସ କରିବା; 2. ବି. ଲୁଣ୍ଠନ, ଲୁଟତରାଜ, ଧ୍ୱଂସସାଧନ।

**sack**[3] ବି. *ଐତି.* ସ୍ପେନ୍ ବା କାନାରୀ ଦ୍ୱୀପସମୂହରୁ ଆମଦାନୀ କରାଯାଉଥିବା ଧଳାମଦ୍ୟ।

**sackbut** ବି. ଟ୍ରମ୍ବୋନ୍‌ର (ବିଗୁଲ ଜାତୀୟ ସ୍ୱରଯନ୍ତ୍ର) ଆଦ୍ୟରୂପ।

**sackcloth** ବି. ମୋଟାଲୁଗା; ଶୋକପାଳନ ବା ଶୁଦ୍ଧୀକରଣ ସମୟରେ ପରିଧାନ କରାଯାଉଥିବା ମୋଟା କପଡା ତିଆରି ପୋଷାକ।

**sacking** ବି. ମୋଟା କପଡା, ଅଖା, ଝୋଟ।

**sacral** ବିଂ. ଅଣ୍ଟାର ତ୍ରିକୋଣାକାର ହାଡ ସମ୍ବନ୍ଧୀୟ; ଧର୍ମୀୟ ରୀତି ସମ୍ବନ୍ଧୀୟ।

Digitized by srujanika@gmail.com

**sacrament** ବି. ଖ୍ରୀଷ୍ଟିଆନ୍‌ମାନଙ୍କର ଧର୍ମୀୟ ଅନୁଷ୍ଠାନ, ଯଥା ତୁରନ; (ସଂପୂର୍ଣ୍ଣରୂପ Blessed or Holy Sacrament) ଇଉକେରିଷ୍ଟ (Eucharist); ରୁଟି ଏବଂ ମଦ୍ୟର ନୈବେଦ୍ୟ; ପବିତ୍ର ବସ୍ତୁ; ବିଂ. sacramental.

**sacred** ବିଂ. ଧର୍ମ ସଂକ୍ରାନ୍ତୀୟ, ଧାର୍ମିକ, ଈଶ୍ୱରଙ୍କୁ ନିବେଦିତ; କୌଣସି ବ୍ୟକ୍ତି ବା ଉଦ୍ଦେଶ୍ୟରେ ସମର୍ପିତ; ଧର୍ମବିଶ୍ୱାସ ବା ପରଂପରା ଅନୁମୋଦିତ; ପୂଜନୀୟ, ପବିତ୍ର।

**sacred cow** ବି. ସମାଲୋଚନା ବା ନିନ୍ଦାର ଊର୍ଦ୍ଧ୍ୱରେ ବୋଲି ମନେ କରାଯାଉଥିବା ଧାରଣା, ଅନୁଷ୍ଠାନ ବା ରୀତିନୀତି।

**sacrifice** 1. ବି. ତ୍ୟାଗ, ବଳିଦାନ, ଉତ୍ସର୍ଗ; ବଳି, ବଳିବଧ୍ୟ; 2. କ୍ରି. ତ୍ୟାଗ କରିବା, ବଳିଦାନ ଦେବା; ବଳି ନିମନ୍ତେ ବଧ କରିବା; ବିଂ. sacrificial.

**sacrilege** ବି. ପବିତ୍ର ଧର୍ମୀୟସ୍ଥାନ ବା ଅନୁଷ୍ଠାନ ଅପବିତ୍ର କରିବା; ଧର୍ମ ସମ୍ବନ୍ଧୀୟ ଜିନିଷର ଅସମ୍ମାନ କରିବା, ଧର୍ମ ନାମରେ ଅପକର୍ମ କରିବା; ବିଂ. sacrilegious.

**sacristan** ବି. ଚର୍ଚ୍ଚ ବା ଗୀର୍ଜାର ଜିନିଷପତ୍ର ଦାୟିତ୍ୱରେ ଥିବା ବ୍ୟକ୍ତି।

**sacristy** ବି. ଗୀର୍ଜାକୁ ଉତ୍ସର୍ଗୀକୃତ ଜିନିଷପତ୍ର ରଖାଯାଉଥିବା କକ୍ଷ।

**sacrosanct** ବିଂ. ଅତି ପବିତ୍ର, ଅଲଂଘ୍ୟ; ବି. sacrosanctity.

**sacrum** ବି. ତ୍ରିଭୁଜାକାର ଅଣ୍ଟାହାଡ।

**sad** ବିଂ. ଦୁଃଖିତ; ବିଷଣ୍ଣ; ଦୁଃଖଦାୟକ, ଶୋକାବହ; ଅସୁଖୀ; ଅତ୍ୟନ୍ତ ଖରାପ; ବାଜେ; କ୍ରି. sadden; କ୍ରି.ବିଂ. sadly.

**saddle** 1. ବି. (ଘୋଡ଼ାପ୍ରଭୃତିରେ) ଆରୋହୀର ଆସନ; ସାଇକେଲ୍‌ପ୍ରଭୃତିର ସିଟ୍, ଘୋଡାର ଜିନ୍, ଘୋଡାର ସାଜ; ଅଣ୍ଟା ହାଡ ସଂଯୁକ୍ତ ଥାଇ ମାଂସଖଣ୍ଡ; 2. କ୍ରି. ଘୋଡାର ସାଜ ପିନ୍ଧାଇଦେବା; କାହାଉପରେ ଅଧିକ କାର୍ଯ୍ୟଭାର ବା ଦାୟିତ୍ୱ ଲଦିଦେବା; in the saddle ଘୋଡାପିଠିରେ; ପୂର୍ଣ୍ଣଦାୟିତ୍ୱ ବା ନିୟନ୍ତ୍ରଣରେ।

**saddleback** ବି. ଘୋଡାପିଠିରେ ଥିବା ଯାଉଁଳି ଆକୃତିର ପାହାଡ ବା ଛାତ; ପିଠିରେ ଧଳାଗାର ବଙ୍କିପଟା ଥିବା କଳା ଘୁଷୁରି।

**saddlebacked** ବିଂ. ବୃତ୍ତାକାର ଉପରିଭାଗ।

**saddle-bag** ବି. ଘୋଡାପିଠିର ଦୁଇପାଖରେ ଯେଉଁ ଦୁଇଟି ଥଳି ଝୁଲେ ତହିଁରୁ ଗୋଟିଏ; ସାଇକେଲ୍ ପ୍ରଭୃତିର ପଛରେ ଝୁଲାହେବା ବେଗ୍ ବା ଥଳି।

**saddler** ବି. ଯିଏ ଘୋଡା ବା ବାହନର ପୃଷ୍ଠସ୍ଥ ଆରୋହୀ ଆସନ ତିଆରି କିମ୍ବା ବିକ୍ରୟ କରେ।

**saddlery** ବି. ଘୋଡାସାଜ ବା ତା'ର ବ୍ୟବସାୟ।

**sadhu** ବି. ଭା. ସାଧୁ, ସନ୍ନ୍ୟାସୀ।

**sadism** ବି. ନିଷ୍ଠୁରତାରୁ ଆନନ୍ଦ ଅନୁଭବ କରିବା; ଅନ୍ୟକୁ ଶାରୀରିକ କଷ୍ଟ ଦେଇ ଯୌନବିକାରଜନିତ ଆନନ୍ଦ ପାଇବା (Marquis de Sade ଲେଖକ)।

**sadist** ବି. ଯେଉଁଲୋକ ଅନ୍ୟକୁ ଶାରୀରିକ ଯନ୍ତ୍ରଣା ଦେଇ ଖୁସି ହୁଏ ବା ଯୌନବିକାରଗ୍ରସ୍ତ ଆନନ୍ଦ ପାଏ; ବିଂ. sadistic.

**s.a.e.** *ସଂଣ.* stamped addressed envelope ଡାକଟିକେଟଯୁକ୍ତ ଠିକଣା ଲେଖାହୋଇଥିବା ଲଫାପା।

**safari** ବି. (ଦକ୍ଷିଣଆଫ୍ରିକାରେ) ଶିକାର ଏବଂ ବୈଜ୍ଞାନିକ ତଥ୍ୟ ପାଇଁ ସାହସିକ ଯାତ୍ରା।

**safari park** ବି. ଯେଉଁ ଅଭୟାରଣ୍ୟରେ ପରିଦର୍ଶକମାନଙ୍କ ଦେଖିବାଲାଗି ହିଂସ୍ରଜନ୍ତୁ, ବିଶେ. ସିଂହମାନେ ରଖାଯାଇଥାନ୍ତି।

**safe** 1. ବିଂ. ନିରାପଦ, ନିର୍ବିଘ୍ନ, ଅକ୍ଷତ, ବିପଦମୁକ୍ତ; ବିପଦର ଆଶଙ୍କାରହିତ, ସତର୍କ, ନିରାପଦ; 2. ବି. ମୂଲ୍ୟବାନ ଜିନିଷ ରଖିବାପାଇଁ କ୍ଷୁଦ୍ର ତାଲାଦିଆ (ଲୁହା)ବାକ୍ସ; on the safe side ଆପଦବିପଦକୁ ଦୃଷ୍ଟିରେ ରଖି ନିରାପତ୍ତାମୂଳକ ବ୍ୟବସ୍ଥା କରିବା।

**safe deposit** ବି. ବେଙ୍କମାନଙ୍କରେ ସ୍ୱତନ୍ତ୍ର କକ୍ଷ ଯେଉଁଠି ଗ୍ରାହକମାନଙ୍କ ମୂଲ୍ୟବାନ ପଦାର୍ଥ ଶୁଳ୍କ ବିନିମୟରେ ସଂରକ୍ଷିତ ହୁଏ।

**safeguard** 1. ବି. ଯାହା ରକ୍ଷା କରେ, ନିରାପତ୍ତାମୂଳକ ବ୍ୟବସ୍ଥା; 2. କ୍ରି. ସୁରକ୍ଷିତ ହେବା।

**safe period** ବି. ନାରୀର ଋତୁସ୍ରାବ ଠିକ୍ ପୂର୍ବରୁ ବା ମଧ୍ୟରେ, ଯେଉଁସମୟରେ ଗର୍ଭଧାରଣର କମ୍ ସମ୍ଭାବନା ଥାଏ।

**safety** ବି. ବିପଦମୁକ୍ତି, ନିରାପତ୍ତା, ବିପଦରୁ ମୁକ୍ତି।

Digitized by srujanika@gmail.com

**safety–belt** ବି. ଯେଉଁ ଫିତା ଲୋକମାନଙ୍କୁ ନିରାପତ୍ତା ଯୋଗାଏ, ଉଦା. ଉଡାଜାହାଜର ସିଟ୍–ବେଲ୍ଟ୍।

**safety lamp** ବି. ଖଣିରେ କାମ କରୁଥିବା ଶ୍ରମିକମାନଙ୍କଦ୍ୱାରା ବ୍ୟବହୃତ ଲଣ୍ଠନ।

**safety match** ବି. ଯେଉଁ କାଠି କେବଳ ନିର୍ଦ୍ଦିଷ୍ଟଭାବେ ତିଆରି ହୋଇଥିବା ସମତଳରେ ଘଷିଲେ ଜଳେ, ଦିଆସିଲି, ମାଚିସ୍।

**safety pin** ବି. ସେଫ୍ଟିପିନ୍; କଣ୍ଟାକଣ୍ଟା।

**safety razor** ବି. ମୁହଁକୁ କ୍ଷତି କରିବାରୁ ରକ୍ଷା କରିବା ବ୍ୟବସ୍ଥାଥିବା ରେଜର୍ ବା କ୍ଷୁର।

**safety–valve** ବି. ବଏଲର୍ ପ୍ରଭୃତିରେ ଚାପ ନିଷ୍କାସନକାରୀ ଉପକରଣ; *ଲାକ୍ଷ.* ବିନା କିଛି କ୍ଷତିରେ ଭାବପ୍ରବଣତା ବା ଉତ୍ତେଜନା ପରିପ୍ରକାଶର ସୁଯୋଗ ଦେଉଥିବା ଘଟଣା ବା ବିଷୟ।

**saffron** ବି. ଜାଫ୍ରାନ୍ ଫୁଲର କୁଙ୍କୁମ ବର୍ଣ୍ଣର କେଶର (ରଙ୍ଗ ଓ ସୁଗନ୍ଧ ପାଇଁ ବ୍ୟବହୃତ); କେଶରୀ ବା କୁଙ୍କୁମରଙ୍ଗ।

**sag** 1. କ୍ରି. ନଇଁଯିବା, ବାଙ୍କିଯିବା, ମଝିରେ ଦବିଯିବା; ମୂଲ୍ୟହ୍ରାସ ହେବା; 2. ବି. ନୁଆଁଣ, ମୂଲ୍ୟହ୍ରାସ।

**saga** ବି. ସ୍କେଣ୍ଡିନେଭିଆନ ନାୟକର ବୀରତ୍ୱ କାହାଣୀ, ଦୀର୍ଘ ବୀରତ୍ୱପୂର୍ଣ୍ଣ କାହାଣୀ; ଗୋଟିଏ ବ୍ୟକ୍ତି ବା ପରିବାର ସଂପର୍କିତ କାହାଣୀକ୍ରମର ଏକାଧିକ ପୁସ୍ତକ।

**sagacious** ବିଂ. ଅନ୍ତର୍ଦୃଷ୍ଟିସଂପନ୍ନ, ବିଚକ୍ଷଣ; ବି. sagacity.

**sage**[1] ବି. ସୁଗନ୍ଧିତ ଉଦ୍ୟାନ ଗୁଳ୍ମ ବିଶେଷ।

**sage**[2] 1. ବିଂ. ବିଜ୍ଞ, ବିବେକୀ, ପ୍ରାଜ୍ଞ, ବହୁଦର୍ଶୀ; 2. ବି. ପ୍ରାଜ୍ଞ, ବିଜ୍ଞବ୍ୟକ୍ତି।

**Sagittarius** ବି. ଜୋଡିଆକ୍‌ର ନବମ ଚିହ୍ନ; ଶରସନ୍ଧାନୀ ସେଣ୍ଟାଉର୍।

**sago** ବି. ସାଗୁ, ସାଗୁଦାନା; ଏହି ଉଦ୍ଭିଦ; ଶର୍କରାଜାତୀୟ ପଦାର୍ଥ (ପୁଡିଙ୍ଗରେ ବ୍ୟବହୃତ)।

**sahib** ବି. ଇତି. ସାହେବ, ଭାରତରେ ୟୁରୋପୀୟ ଲୋକମାନଙ୍କୁ ସମ୍ବୋଧନ।

**said** କ୍ରି. sayର *ଅ.କା., ଅ.କ୍ରି.ଢ.ପ.।*

**sail** 1. ବି. ପାଲ; ପୋତ, ଆକୃତିରେ ପାଲ ସଦୃଶ; ପାଲଦ୍ୱାରା ଟଣାହୋଇ ଚାଲୁଥିବା ଡଙ୍ଗା ବା ନୌକା; ନୌଯାତ୍ରା; 2. କ୍ରି. ଜଳଯାତ୍ରା କରିବା, ଭସେଇବା, ଭାସିଯିବା; sail close to the wind ପବନର ପ୍ରତିକୂଳ ଦିଗରେ ଯାତ୍ରା କରିବା; *ଲାକ୍ଷ.* ଅସାଧୁତା ଏବଂ ଅଶ୍ଳୀଳତାର ନିକଟବର୍ତ୍ତୀ ହେବା; sail into ସଜୋରରେ ଶାରୀରିକ ବା ବାଚନିକ ଆକ୍ରମଣ କରିବା।

**sailboard** ବି. ପାଲ ଲାଗିଥିବା ଏକପ୍ରକାର ସର୍ଫବୋର୍ଡ୍।

**sailboarding** ବି. ସେଲ୍‌ବୋର୍ଡିଙ୍ଗ୍ ବା ଓ୍ୱିଣ୍ଡସର୍ଫିଙ୍ଗ୍ ଖେଳ।

**sailcloth** ବି. ପାଲ ତିଆରିରେ ବ୍ୟବହୃତ ମୋଟାକପଡା ବା କେନ୍‌ଭାସ୍; ସେଭଳି ପୋଷାକ ତିଆରି କପଡା।

**sailing–boat (or–ship)** ବି. ପାଲଟଣା ଡଙ୍ଗା।

**sailor** ବି. ନାବିକ, ଅଫିସର ତଳ ପାହ୍ୟାର ନାବିକ।

**sailplane** ବି. ଆକାଶରେ ଅତି ଉଚ୍ଚକୁ ଉଠିବା ପାଇଁ ସ୍ୱତନ୍ତ୍ର ଭାବରେ ନିର୍ମିତ ଗ୍ଲାଇଡର୍ ବା ଛୋଟ ଉଡାଜାହାଜ।

**sainfoin** ବି. ଈଷତ୍ ହଳଦିଆ ଫୁଲବିଶିଷ୍ଟ ପଶୁଖାଦ୍ୟ ରୂପେ ବ୍ୟବହୃତ ଉଦ୍ଭିଦ।

**saint** (*ସଂକ୍ଷି.* St, S.) 1. ବି. ସନ୍ଥ ବା ମହାପୁରୁଷ, ଖ୍ରୀଷ୍ଟିଆନ୍ ବିଶ୍ୱାସ ଅନୁସାରେ ଯେ ସ୍ୱର୍ଗର ସ୍ଥାନ ପାଇବାର ହକ୍‌ଦାର; *ଗୁଣ ଉଦା.* Saint or St. Augustine; 3. କ୍ରି. ସନ୍ଥ ବା ମହାପୁରୁଷଭାବେ ସ୍ୱୀକୃତ ବା ପରିଣତ ହେବା; All Saint's Day ନଭେମ୍ବର ୧; St. Swithun's Day ଜୁଲାଇ ୧୫, ଯେଉଁଦିନ ବର୍ଷା ହେବା ବା ନ ହେବା ପରବର୍ତ୍ତୀ ଚାଳିଶିଦିନର ବୃଷ୍ଟିପାତ ସଂପର୍କରେ ସୂଚନା ଦିଏ ବୋଲି ବିଶ୍ୱାସ; ବି. sainthood.

**saintly** ବିଂ. ଋଷିତୁଲ୍ୟ, ପୁଣ୍ୟବାନ୍; ପବିତ୍ର; ବି. saintliness.

**sake**[1] ବି. for the sake of, for (person's) sakeରେ: ପାଇଁ, ଖାତିରିରେ, ହେତୁରୁ; କାହାରି ସମ୍ମାନ ବା ମର୍ଯ୍ୟାଦା ପାଇବା ବା ରକ୍ଷିବାପାଇଁ; for heaven's (God's etc) sake ବିରକ୍ତି, ନୈରାଶ୍ୟ ବା ପ୍ରାର୍ଥନାଜନିତ ଉଚ୍ଚାରଣ।

**sake**[2] ବି. ଚାଉଳରୁ ପ୍ରସ୍ତୁତ ଜାପାନର ମଦ୍ୟବିଶେଷ; ଚାଉଳି(ମଦ)।

Digitized by srujanika@gmail.com

**salaam** 1. ବି. ସଲାମ୍, ପ୍ରାଚ୍ୟ ଦେଶମାନଙ୍କରେ ଅଭିବାଦନ, ଚ.ବ. ସମ୍ମାନଜନକ ଅଭିନନ୍ଦନ; 2. କ୍ରି. ସଲାମ କରିବା।

**salacious** ବିଂ. ଅଶ୍ଳୀଳ, କାମୋଦ୍ଦୀପକ, ଯୌନଉତ୍ତେଜକ, ଲମ୍ପଟ; ବି. salacity.

**salad** ବି. ପନିପରିବା ସହିତ ତେଲ, ଭିନିଗାର୍ ପ୍ରଭୃତିର ମିଶ୍ରଣ ଯାହା ମୁଖ୍ୟ ଖାଦ୍ୟ ମାଂସ, ଛେନା ପ୍ରଭୃତି ସହ ଖିଆଯାଏ; ସାଲାଡ୍ ପାଇଁ ଉପଯୁକ୍ତ ପନିପରିବା, ଫଳମୂଳ ପ୍ରଭୃତି।

**salad days** ବି. ଯୌବନର ଅନୁଭବହୀନତାର ସମୟ।

**salad dressing** ବି. ସାଲାଡ୍‌ରେ ବ୍ୟବହୃତ ତେଲ, ଭିନିଗାର ପ୍ରଭୃତିର ସମ୍ମିଶ୍ରଣ।

**salamander** ବି. ନିଆଁରେ ରହିପାରେ ବୋଲି ପୂର୍ବେ ବିଶ୍ୱାସ କରାଯାଉଥିବା ଝିଟିପିଟି ଜାତୀୟ ସରୀସୃପ; ଲାଞ୍ଜଥିବା ଏକପ୍ରକାର ଉଭୟଚର ପ୍ରାଣୀ।

**salami** ବି. ଉତ୍ତମରୂପେ ଲୁଣ, ମସଲା ପ୍ରଭୃତି ଦିଆ ସସେଜ୍ ବା ମାଂସ।

**sal ammoniac** ବି. ଏମୋନିୟମ୍ କ୍ଲୋରାଇଡ୍, କଠିନ ଧଳା ରାସାୟନିକ ଲବଣ।

**salary** 1. ବି. ଦରମା, ମାସିକ ବା ତ୍ରୈମାସିକ ନିର୍ଦ୍ଦିଷ୍ଟ ପାଉଣା ଯାହା ନିଯୁକ୍ତିଦାତା କର୍ମଚାରୀକୁ ପ୍ରଦାନ କରନ୍ତି; 2. କ୍ରି. (*ସା. ଅ.କ୍ରି.କ.ପ.*) ଦରମାଦେବା, ଦରମାଦିଆ।

**sale** ବି. ବିକ୍ରୟ, ବିକ୍ରୀ, ବିକ୍ରୟ ପ୍ରକ୍ରିୟା ବା କାର୍ଯ୍ୟ; ବିକ୍ରୀତ ପଦାର୍ଥର ପରିମାଣ, ବିକ୍ରୟର ସମୟ ବା ଅବସର, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ରିହାତି ମୂଲ୍ୟରେ ବିକ୍ରୀ; for (on) sale ବିକ୍ରୀପାଇଁ ଉଦ୍ଦିଷ୍ଟ।

**saleable** ବିଂ. ବିକ୍ରୟଯୋଗ୍ୟ; ଯାହା ବିକ୍ରୀ ହେବାର ଯୋଗ୍ୟ; ବି. saleability.

**sale of work** ବି. ଲୋକହିତକର କାର୍ଯ୍ୟରେ ବିନିଯୋଗ ପାଇଁ ବିକ୍ରୟ କରାଯାଉଥିବା ବସ୍ତୁର ମୂଲ୍ୟ।

**sale or return** ବି. ବିକ୍ରୀ ନ ହେଲେ ଫେରସ୍ତ ଦେବାର ବ୍ୟବସାୟିକ ବ୍ୟବସ୍ଥା।

**sale–room** ବି. ଯେଉଁ କୋଠରୀରେ ନିଲାମ ଡକାଯାଏ।

**salesman** ବି. ବିକାଳୀ, ଦୋକାନରେ ବିକ୍ରୀକାର୍ଯ୍ୟରେ ନିଯୁକ୍ତ କର୍ମଚାରୀ।

**salesmanship** ବି. ବିକ୍ରୀକରିବାର କଳା ବା ପାରଦର୍ଶିତା।

**salesperson** ବି. ଯେଉଁ ସ୍ତ୍ରୀ ବା ପୁରୁଷ ବିକ୍ରୀକାର୍ଯ୍ୟରେ ନିଯୁକ୍ତ ହୋଇଥାଏ।

**sales talk** ବି. ମାଲପତ୍ର ବିକ୍ରୟ ପାଇଁ ଚାତୁର୍ଯ୍ୟପୂର୍ଣ୍ଣ କଥା।

**saleswoman** ବି. ବିକ୍ରୀ କାର୍ଯ୍ୟରେ ନିୟୋଜିତ ହୋଇଥିବା ସ୍ତ୍ରୀଲୋକ।

**Salic law** ବି. ଯେଉଁ ଆଇନ ସ୍ତ୍ରୀଲୋକମାନଙ୍କୁ ବଂଶଗତ ଉତ୍ତରାଧିକାର ସୁଯୋଗରୁ ବଞ୍ଚିତ କରେ।

**salicylic acid** ବି. ପ୍ରଦାହ ଓ ବ୍ୟଥା ଉପଶମନ ନିମନ୍ତେ ବ୍ୟବହୃତ ପଦାର୍ଥ।

**salient** ବିଂ. ପ୍ରଧାନ, ମୁଖ୍ୟ, ବିଶିଷ୍ଟ, ଉଲ୍ଲେଖଯୋଗ୍ୟ, ଆଖିଦୃଶିଆ।

**saline** 1. ବିଂ. ଲବଣ ବା ଲବଣ ସମ୍ପର୍କିତ; ଲବଣଯୁକ୍ତ; ଲୁଣିଆ, ଲବଣାକ୍ତ; 2. ବି. ଲୁଣିଆ ଜିନିଷ, ଲବଣାକ୍ତ ପଦାର୍ଥ ବା ଔଷଧ; ଲବଣ ହ୍ରଦ ବା ଝର; ବି. salinity.

**saliva** ବି. ଛେପ, ଲାଳ, ମୁଖସ୍ରାବ; ବିଂ. salivary.

**salivate** କ୍ରି. ଲାଳ ବହିବା, ଗଡିବା ବା ଗଡେଇବା; ଛେପ ବହିବା; ବିଂ. salivation.

**sallow**[1] 1. ବିଂ. ରୋଗିଣା, ହଳଦିଆ ବା ହାଲୁକା ବାଦାମୀ (ଦେହ ରଙ୍ଗ); 2. କ୍ରି. ହଳଦିଆ ବା ବାଦାମୀ ରଙ୍ଗ ନେବା।

**sallow**[2] ବି. ଏକ ପ୍ରକାର ଅଳ୍ପ ବଢୁଥିବା ଉଇଲୋ ଗଛ; ତାହାର ଡାଳ ବା ଶାଖା।

**sally** 1. ବି. ଅବରୁଦ୍ଧ ଲୋକମାନଙ୍କ ହଠାତ୍ ଅବରୋଧକାରୀମାନଙ୍କ ଆଡକୁ ନିର୍ଗମନ; ଲମ୍ଫ; ଉଡ଼ାଣ; ମଜାଦାର୍ ବା ବୁଦ୍ଧିଆ ମନ୍ତବ୍ୟ।

**Sally Lunn** ବି. ଏକ ପ୍ରକାର ଟି କେକ୍।

**salmon** (ଏ.ବ. ଓ ବ.ବ.) 1. ବି. ଅତ୍ୟନ୍ତ ଉପାଦେୟ ସାମୁଦ୍ରିକ ମତ୍ସ୍ୟ ବିଶେଷ; ତା'ର ନାରଙ୍ଗି ମାଂସରଙ୍ଗ; 2. ବିଂ. ନାରଙ୍ଗି ରଙ୍ଗ।

**salmonella** ବି. ଏକ ପ୍ରକାର ବେକ୍ଟେରିଆ ଯାହା ଖାଦ୍ୟକୁ ବିଷାକ୍ତ କରେ।

**salmon trout** ବି. ଛୋଟ ସାମୁଦ୍ରିକ ମାଛ ବିଶେଷ।

**salon** ବି. ପ୍ରାସାଦର ସ୍ୱାଗତ କକ୍ଷ; ସେଠାରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ସଭା ବା ସମ୍ମେଳନ;

Digitized by srujanika@gmail.com

କେଶ ପ୍ରସାଧନକାରୀ ବା ପୋଷାକ ନିର୍ମାତାଙ୍କ ସଂସ୍ଥାର ଅଭ୍ୟର୍ଥନାକକ୍ଷ ।

**saloon** ବି. ସମ୍ମେଳନ, ସଭାସମିତି ପ୍ରଭୃତି ପାଇଁ ଉଦ୍ଦିଷ୍ଟ କୋଠରୀ ବା ହଲ୍; ଜାହାଜରେ ପାନଶାଳା; *କ.ଭା.* କ୍ଷୌର ଦୋକାନ; *ଆମେ.* ପାନଶାଳା, ବାର୍ ।

**saloon bar** ବି. ସର୍ବସାଧାରଣ ସ୍ଥାନରେ ଥିବା ଉଚ୍ଚଶ୍ରେଣୀର ପାନଶାଳା ।

**saloon car** ବି. ଚାଳକ ଏବଂ ଯାତ୍ରୀଙ୍କ ପାଇଁ ଅବରୁଦ୍ଧ ମଟରଗାଡ଼ି ।

**salsify** ବି. ଖାଦ୍ୟୋପଯୋଗୀ ମାଂସଳ ମୂଳ ବିଶିଷ୍ଟ ଉଦ୍‌ଭିଦ ବିଶେଷ ।

**salt** 1. ବି. ସୋଡ଼ିୟମ୍ କ୍ଲୋରାଇଡ୍; ଲବଣ (ସାମୁଦ୍ରିକ ବା ଖଣିଜ); ଖାଦ୍ୟ, ଆଚାର ପ୍ରଭୃତିରେ ବ୍ୟବହୃତ ଲୁଣ; ବେସିକ୍ ଏବଂ ଏସିଡ୍ ରେଡିକାଲ୍ ଗୁଡ଼ିକର ରାସାୟନିକ ଯୌଗିକ; ଲବଣ ଭଳି ସ୍ୱାଦ ବା ବର୍ଣ୍ଣଯୁକ୍ତ ପଦାର୍ଥ; ବିରେଚକ ରୂପେ ବ୍ୟବହୃତ ଏଭଳି ପଦାର୍ଥ; ତୀବ୍ରତା, ଚାତୁର୍ଯ୍ୟ; old salt ଅଭିଜ୍ଞ ନାବିକ; 2. ବିଂ. ଲୁଣଯୁକ୍ତ, ଲୁଣଭଳି ସ୍ୱାଦୁଯୁକ୍ତ, ଲୁଣିଆ; ଲୁଣଦିଆ; 3. କ୍ରି. ଲୁଣଦେବା; ଲୁଣ ସାହାଯ୍ୟରେ ସଂରକ୍ଷିତ କରିବା; କୁର୍ଶିଇବା; ରାସ୍ତା ଉପରେ ଲୁଣ ବିଞ୍ଚିବା; *ସା.ପ୍ର.* ହିସାବପତ୍ରପ୍ରଭୃତିରେ ଜାଲିଆତି ବା ହେରଫେର କରିବା; salt away (down) *କ.ଭା.* ଭବିଷ୍ୟତ ପାଇଁ ସଞ୍ଚିବା ବା ରଖିଦେବା; the salt of the earth ଜଗତର ଉତ୍କୃଷ୍ଟ ବ୍ୟକ୍ତିଗଣ, ଯେଉଁମାନଙ୍କ ପାଇଁ ସମାଜ ପୂର୍ଣ୍ଣତା ପାଇଥାଏ; take with a grain (or pinch) of salt ସନ୍ଦେହ ବା ଅବିଶ୍ୱାସର ଦୃଷ୍ଟିରେ ଦେଖିବା; worth one's salt ନିଜ ସ୍ଥାନ ବା ପଦପାଇଁ ଉପଯୁକ୍ତ; ଯୋଗ୍ୟ ସମର୍ଥ ।

**SALT** *ସଂଖ.* Strategic Arms Limitation Talks ଷ୍ଟ୍ରେଟେଜିକ୍ ଆର୍ମସ୍ ଲିମିଟେସନ ଟକ୍‌ସ୍ ।

**salt–cellar** ବି. ଖାଇବା ଟେବୁଲ୍‌ରେ ବ୍ୟବହୃତ ଲୁଣଦାନି ।

**salting** ବି. ସମୁଦ୍ରଧୌତ କର୍ଦ୍ଦମାକ୍ତ ଉପକୂଳ ।

**salt–lick** ବି. ମାଟିର ଲୁଣିଆ ସ୍ଥାନ ଯେଉଁଠି ଜୀବଜନ୍ତୁମାନେ ଚାଟନ୍ତି ।

**salt–mine** ବି. ଖଣିଜ ଲବଣର ଖଣି ବା ଉତ୍ସ; *ଲାକ୍ଷ.* ଅବିଶ୍ରାନ୍ତ ପରିଶ୍ରମ ସ୍ଥଳୀ ।

**salt–pan** ବି. ସମୁଦ୍ର ତଟବର୍ତ୍ତୀ ଖାଲୁଆ ଜାଗା ଯେଉଁଠି ବାଷ୍ପୀକରଣ ଦ୍ୱାରା ଲୁଣ ମରାହୁଏ ।

**saltpetre** ବି. (*ଆମେ.* saltpeter) ବନ୍ଧୁକ ଗୁଳିରେ ବ୍ୟବହୃତ ଏକ ପ୍ରକାର ଧଳା ଲୁଣିଆ ବସ୍ତୁ; ଔଷଧ ପ୍ରସ୍ତୁତି ଏବଂ ମାଂସପ୍ରଭୃତି ସଂରକ୍ଷଣରେ ବ୍ୟବହୃତ ଏହି ଲବଣ ।

**salty** ବିଂ. ଲୁଣିଆ, ଲବଣାକ୍ତ; ଅରୁଚିକର; ବି. saltiness.

**salubrious** ବିଂ. ସ୍ୱାସ୍ଥ୍ୟକର; ସୁସ୍ଥ; ସ୍ୱାସ୍ଥ୍ୟବର୍ଦ୍ଧକ; ବି. salubrity.

**saluki** ବି. ଦୀର୍ଘ, ଶୀର୍ଣ୍ଣକାୟ କୋମଳ ଲୋମ ବିଶିଷ୍ଟ କୁକୁର ବିଶେଷ ।

**salutary** ବିଂ. ଉତ୍ତମ ଫଳଦାୟୀ, ମଙ୍ଗଳକର; କ୍ରି.ବିଂ. salutarily.

**salutation** ବି. ଅଭିବାଦନ, ସମ୍ମାନ ପ୍ରଦର୍ଶନ, ପ୍ରଣାମ; ବିଂ. salutatory.

**salute** 1. ବି. ସମ୍ମାନ ବା ଅଭିବାଦନ ପ୍ରଦର୍ଶନ ବା ତାହାର ଭଙ୍ଗୀ; ନମସ୍କାର; ସଲାମ୍; ସେଲ୍ୟୁଟ୍; ବନ୍ଧୁକ ବା ତୋପର ଗୁଳି ଫୁଟାଇ ସମ୍ମାନ ପ୍ରଦର୍ଶନ; 2. କ୍ରି. ସମ୍ମାନ ଦେଖାଇବା; ଅଭିବାଦନ ଜଣାଇବା; ନମସ୍କାର ହେବା; ସେଲ୍ୟୁଟ୍ କରିବା; ପ୍ରଶଂସା କରିବା ।।

**salvage** 1. ବି. ସମୁଦ୍ର ବା ଅଗ୍ନିମଧ୍ୟରୁ ମୂଲ୍ୟବାନ ବସ୍ତୁ ଉଦ୍ଧାର; ଏହି କାର୍ଯ୍ୟପାଇଁ ପ୍ରଦତ୍ତ ଟଙ୍କା; ଜୀର୍ଣ୍ଣୋଦ୍ଧାର; ବର୍ଜ୍ୟବସ୍ତୁକୁ ପୁଣିଥରେ ବ୍ୟବହାର ଉପଯୋଗୀକରଣ; 2. କ୍ରି. ନୌକାଡୁବି, ଅଗ୍ନ୍ୟୁତ୍ପାତ ପ୍ରଭୃତିରୁ ଧନସମ୍ପତ୍ତି ଉଦ୍ଧାର କରିବା; ଉଦ୍ଧାର କରିବା ।

**salvageable** ବିଂ. ଉଦ୍ଧାର ଯୋଗ୍ୟ ।

**salvation** ବି. ପାପମୁକ୍ତି; ଧର୍ମାନ୍ତରଣ; ମୋକ୍ଷ; ନିର୍ବାଣ; ରକ୍ଷାକର୍ତ୍ତା; ବି. salvationist.

**salve**[1] 1. ବି. ମଲମ; ଉପଶମକାରୀ; ସାନ୍ତ୍ୱନାପ୍ରଦାୟକ; 2. କ୍ରି. ଆଶ୍ୱାସନା ଦେବା ।

**salve**[2] କ୍ରି. ନୌକାଡୁବି, ଅଗ୍ନ୍ୟୁତ୍ପାତ ପ୍ରଭୃତିରୁ ରକ୍ଷା କରିବା ବା ଉଦ୍ଧାର କରିବା; ବି. salvor.

**salver** ବି. ଟ୍ରେ; ଜଳଖିଆ, ଚା, ଚିଠିପତ୍ର ପ୍ରଭୃତି ବଢ଼ାଇଦେବା ପାଇଁ ଉଦ୍ଦିଷ୍ଟ ଥାଳି ।

**salvia** ବି. ସେଜ୍‌ଜାତୀୟ ଲାଲଫୁଲ ବିଶିଷ୍ଟ ଉଦ୍ୟାନଗୁଳ୍ମ ।

**salvo** ବି. ଗୁଳିଗୋଳା ପ୍ରଭୃତିର ଏକସଙ୍ଗେ ଫୁଟିବା ଶବ୍ଦ; କରତାଳି ବା ଉଲ୍ଲସିତ ପ୍ରଶଂସା ।

Digitized by srujanika@gmail.com

**Samaritan** ବି. (good Samaritan) ପରୋପକାରୀ; ସାହାଯ୍ୟପରାୟଣ ଓ ଉପକାରୀ ବ୍ୟକ୍ତି ବା ସଂସ୍ଥା ।

**samba** ବି. ବ୍ରାଜିଲୀୟ ବଲ୍‌ରୁମ୍ ନୃତ୍ୟ ବିଶେଷ ।

**same** 1. ବିଂ. ସମାନ, ଏକପ୍ରକାର, ସମାକୃତି ବା ସାଦୃଶ୍ୟ ବିଶିଷ୍ଟ; ସଦୃଶ; ଅପରିବର୍ତ୍ତିତ; ପୂର୍ବୋକ୍ତ; 2. ସ. ସେହି, ସେଇଟା ବା ସେଇଗୋଟିକ; 3. କ୍ରି.ବିଂ. (the same) ସେହିଭଳି, ସେହି ପ୍ରକାରେ; be all (just) the same କୌଣସି ପାର୍ଥକ୍ୟ ନଥାଇ; same here କ.ଭା. ମୋର ମଧ୍ୟ ସେହି ଏକା ଦଶା ବା ଅବସ୍ଥା ।

**samizdat** ବି. ନିଷିଦ୍ଧ ସାହିତ୍ୟ ବା ରଚନା ପ୍ରକାଶନର ବ୍ୟବସ୍ଥା ବା ସଂଗଠନ ।

**samovar** ବି. ଚା' ବା କଫି ପ୍ରସ୍ତୁତକାରୀ ପାତ୍ର (ରୁଷିଆ) ।

**Samoyed** ବି. ଉତ୍ତର ସାଇବେରିଆ ଅଧିବାସୀ; samoyed ଏକଜାତୀୟ ଧଳାରଙ୍ଗର କୁକୁର ।

**sampan** ବି. ସୁଦୂର ପ୍ରାଚ୍ୟଦେଶୀୟ କ୍ଷୁଦ୍ରଡଙ୍ଗା ।

**sample** 1. ବି. ନମୁନା; ଉଦାହରଣ ବା ଦୃଷ୍ଟାନ୍ତ ସଦୃଶ ପ୍ରଦର୍ଶିତ ବସ୍ତୁ; କୌଣସି ବସ୍ତୁର କ୍ଷୁଦ୍ର ଅଂଶ ବା ଏକାଂଶ; 2. କ୍ରି. ନମୁନା ନେବା; ନମୁନା ବା ଦୃଷ୍ଟାନ୍ତ ପ୍ରସ୍ତୁତ କରିବା; ବି. sampler.

**Samson** ବି. ମହାଶକ୍ତିଶାଳୀ ବ୍ୟକ୍ତି (ବାଇବେଲ୍‌ର ଓଲ୍ଡ୍ ଟେଷ୍ଟାମେଣ୍ଟର ଚରିତ୍ର) ।

**samurai** ବି. (ଏ.ବ. ଏବଂ ବ.ବ.) ଜାପାନର ସାମରିକ କର୍ମକର୍ତ୍ତା; ଇତି. ଜାପାନର ସାମରିକ ଜାତି ବିଶେଷ ।

**sanatorium** ବି. ଶାରୀରିକ ଅକର୍ମଣ୍ୟ, ମାନସିକ ରୋଗୀ ବା ଦୀର୍ଘକାଳୀନ ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ସଂସ୍ଥା ବା ଆବାସ; ଚିକିତ୍ସାଳୟ ।

**sanctify** କ୍ରି. ଶୁଦ୍ଧପୂତ କରିବା; ପବିତ୍ର କରିବା; ଶୋଧନ କରିବା; ସ୍ୱୀକୃତି ବା ସମର୍ଥନ ଦେବା; ବି. sanctification.

**sanctimonious** ବିଂ. ସାଧୁପଣିଆ ବା ଧର୍ମଭାବ ଦେଖାଇବା ବା ସେଭଳି ଦେଖେଇ ହେବା ।

**sanction** 1. ବି. ସ୍ୱୀକୃତି, ସମର୍ଥନ, ଅନୁମତି; ଧାର୍ମିକ ବା ସାମାଜିକ ଅଧିସ୍ୱୀକୃତି; ବ.ବ ଆନ୍ତର୍ଜାତିକ ବୁଝାମଣା ଅନ୍ତର୍ଗତ (କୌଣସି ଦେଶପ୍ରତି) ଲାଗୁହୋଇଥିବା (ଆର୍ଥନୀତିକ) କାର୍ଯ୍ୟାନୁଷ୍ଠାନ; 2. କ୍ରି. ସ୍ୱୀକୃତି, ସମର୍ଥନ ପ୍ରଭୃତି ପ୍ରଦାନ କରିବା; ମଞ୍ଜୁର ହେବା; ପୁରସ୍କାର ବା ଶାସ୍ତି ବିଧାନ କରିବା ।

**sanctity** ବି. ପବିତ୍ରତା; ଶୁଦ୍ଧତା ।

**sanctuary** ବି. ପବିତ୍ର ଧର୍ମସ୍ଥଳୀ; ମନ୍ଦିରର ଗମ୍ଭୀରା ବା ପବିତ୍ରତମ ସ୍ଥାନ; ଅଭୟାରଣ୍ୟ; ଆଶ୍ରୟସ୍ଥଳୀ ।

**sanctum** ବି. ଦେବାଳୟର ପବିତ୍ରତମ ଅଂଶ, ପୋଖରିଆ ବା ଗମ୍ଭୀରା; ବ୍ୟକ୍ତିଗତ ପ୍ରକୋଷ୍ଠ ।

**sand** 1. ବି. ବାଲି, ଧୂଳି; ବ.ବରେ ବାଲୁକା ପ୍ରାନ୍ତର; ଧୂଳିକଣା; 2. କ୍ରି. ବାଲିକାଗଜରେ ଘଷି ମସୃଣ ବା ଚକ୍‌ଚକ୍ କରିବା; ବାଲି ବା ଧୂଳି ଛିଞ୍ଚିବା ।

**sandal**[1] ବି. ସେଣ୍ଡାଲ୍, ଫିତାବନ୍ଧା ବା ପଟିଯୁକ୍ତ ପାଦୁକା ।

**sandal**[2] ବି. (sandal wood) ଚନ୍ଦନ କାଠ, ଚନ୍ଦନ ଗଛ ।

**sandbag** ବି. ବାଲିବସ୍ତା (ସାମୟିକ ପ୍ରାଚୀର, ବନ୍ଧ ବା ପ୍ରତିରକ୍ଷାମୂଳକ ବ୍ୟବସ୍ଥା ରୂପେ ବ୍ୟବହୃତ) ।

**sandbank** ବି. ବାଲିଚଡ଼ା, ନଦୀ ବା ସମୁଦ୍ରର ଅଗଭୀର ବାଲୁକାମୟ ଅଂଶ ।

**sandblast** ବି. ଧୂଳିଝଡ, ବାଲିଝଡ ।

**sandcastle** ବି. ବାଲିଘର ।

**sand–dune (–hill)** ବି. ବାଲିବନ୍ତ ।

**sandpaper** ବି. ବାଲିକାଗଜ, ଯାହା ଘଷି ବସ୍ତୁକୁ ମସୃଣ ବା ଚକ୍‌ଚକ୍ କରାଯାଏ ।

**sandpiper** ବି. ବାଲିଆସ୍ଥାନରେ ବସାବାନ୍ଧି ରହୁଥିବା ପକ୍ଷୀ ବିଶେଷ ।

**sandstone** ବି. ବାଲି ପଥର; ମାଙ୍କଡା ପଥର ।

**sandwich** 1. ବି. ମଝିରେ ମାଂସ, ଅଣ୍ଡା, ପରିବା ବା ସେଭଳି ଖାଦ୍ୟ ପୂରଦିଆ ଦୁଇଖଣ୍ଡ ପାଉଁରୁଟି; 2. କ୍ରି. ଏଭଳି ଖାଦ୍ୟ ପ୍ରସ୍ତୁତ କରିବା; ଦୁଇଟିର ମଝିରେ ରହିବା, ଚିପି ହୋଇଯିବା ।

**sandy** ବିଂ. ବାଲିଆ; ଧୂଳିରଙ୍ଗର; ପୀତାଭନାଲି; ବି. sandiness.

**sane** ବିଂ. ସୁସ୍ଥ ମନ ବା ମସ୍ତିଷ୍କ ବିଶିଷ୍ଟ; ପାଗଳ ବା ଅସ୍ଥିରଚିତ୍ତ ନୁହେଁ; ଯୁକ୍ତିଯୁକ୍ତ ।

**sang–froid** ବି. ବିପତ୍ତି ବା ଅସୁବିଧା ବେଳେ ମଧ୍ୟ ମାନସିକ ସ୍ଥିରତା; ସମାହିତଭାବ ।

**sanguinary** ବିଂ. ରକ୍ତପାତ ସହ, ରକ୍ତପାତରେ ଆନନ୍ଦିତ; ରକ୍ତାକ୍ତ; ରକ୍ତମୁଖା; ରକ୍ତଲୋଲୁପୀ ।

Digitized by srujanika@gmail.com

**sanguine** ବିଂ. ଆଶାବାଦୀ; ଆଶାଜନକ, ଲୋହିତ୍ ରକ୍ତିମାଭ; ଉଦୟରାଗ।

**sanitarium** ବି. *ଆମେ.* sanatorium.

**sanitary** ବି. ସ୍ୱାସ୍ଥ୍ୟ ବା ପରିମଳ ସଂକ୍ରାନ୍ତ, ସ୍ୱାସ୍ଥ୍ୟରକ୍ଷାମୂଳକ।

**sanitary towel** ବି. ରକ୍ତସ୍ରାବବେଳେ ବ୍ୟବହୃତ ସୁରକ୍ଷାମୂଳକ ପେଡ୍ ବା ତୁଳାବେଣ୍ଡେଜ୍।

**sanitation** ବି. ସ୍ୱାସ୍ଥ୍ୟରକ୍ଷା; ପରିମଳ; ନାଳନର୍ଦ୍ଦମାର ଦୂଷିତ ବସ୍ତୁ/ଜଳ ନିଷ୍କାସନ ପ୍ରକ୍ରିୟା।

**sanitize** କ୍ରି. ପରିମଳ କରିବା, ଜୀବାଣୁରହିତ କରିବା।

**sanity** ବି. ମାନସିକ ସୁସ୍ଥତା।

**sank** କ୍ରି. sinkର ଅ.କା.।

**Sanskrit** ବି. ସଂସ୍କୃତ; ବିଂ. Sanskritic.

**Santa Claus** ବି. ସାଂତାକ୍ଲଜ୍, ଯେଉଁବ୍ୟକ୍ତି ଖ୍ରୀଷ୍ଟମାସ ପୂର୍ବରାତିରେ ଶିଶୁମାନଙ୍କୁ ଖେଳଣା ପ୍ରଭୃତି ଉପହାର ଦେଇଥାନ୍ତି ବୋଲି ବିଶ୍ୱାସ ରହିଛି।

**sap**[1.] 1. ବି. ପ୍ରାଣରସ (ଉଦ୍ଭିଦରେ); ପ୍ରାଣପ୍ରାଚୁର୍ଯ୍ୟ; ଜୀବନୀଶକ୍ତି; ବୋକା ଲୋକ, 2. କ୍ରି. ରସହୀନ ବା ଶୁଷ୍କକରିଦେବା; ଦୁର୍ବଳ କରିଦେବା; ବଳବୀର୍ଯ୍ୟ କ୍ଷୀଣ କରିଦେବା।

**sap**[2.] 1. ବି. ନାଳ ବା ସୁଡ଼ଙ୍ଗ, 2. କ୍ରି. ସୁଡ଼ଙ୍ଗପଥ ବା ନାଳ ଖୋଳିବା; ଦୁର୍ବଳ କରିଦେବା।

**sapid** ବିଂ. ରସଯୁକ୍ତ, ସୁଆଦିଆ; ସୁଖପାଠ୍ୟ, ବି. sapidity.

**sapient** ବିଂ. ପଣ୍ଡିତମନ୍ୟ; ପଣ୍ଡିତ ବା ଜ୍ଞାନୀ ବୋଲି ଦେଖାଇହେଉଥିବା।

**sapling** ବି. ଚାରା।

**sapper** ବି. ସୁଡ଼ଙ୍ଗଖନନକାରୀ ସୈନିକ ବା ସୈନ୍ୟବାହିନୀ; ସୁଡ଼ଙ୍ଗ ପ୍ରଭୃତି ଖୋଳାଳି।

**sapphire** 1. ବି. ଇନ୍ଦ୍ରନୀଳମଣି, ତାର ରଙ୍ଗ, 2. ବିଂ. ନୀଳ ମଣିର ରଙ୍ଗ।

**sappy** ବିଂ. ପ୍ରାଣରସପୂର୍ଣ୍ଣ, ଯୁବା ଏବଂ ସାମର୍ଥ୍ୟଭରା।

**saraband** ବି. ଧୀରଗତିର ସ୍ପେନୀୟ ନୃତ୍ୟବିଶେଷ ବା ତାହାର ସଂଗୀତ।

**Saracen** ବି. କ୍ରୁସେଡ୍ ବା ଜେହାଦ କାଳର ଆରବୀ ବା ମୁସଲିମ୍ ବ୍ୟକ୍ତି।

**sarcasm** ବି. ବିଦ୍ରୂପ, ତାଚ୍ଛଲ୍ୟ; ମର୍ମଭେଦୀ କଥା ବା ଟିପ୍ପଣୀ।

**sarcastic** ବିଂ. ତାଚ୍ଛଲ୍ୟପୂର୍ଣ୍ଣ, ବିଦ୍ରୂପ ମୂଳକ; କ୍ରି.ବିଂ. sarcastically.

**sarcoma** ବି. (ବ.ବ. sarcomata) କର୍କଟ ଜାତୀୟ ତନ୍ତୁ, ଶରୀରର ତନ୍ତୁର କ୍ଷତିକାରକ ଘା ବା ଆବୁ।

**sarcophagus** ବି. (ବ.ବ. sacrophagi) ପଥରର କବର ବା ଶବାଧାର।

**sardine** ବି. ସାମୁଦ୍ରିକ ମାଛ ବିଶେଷ (ତେଲରେ ବୁଡ଼ାଇ ବାୟୁ ନିରୋଧକ ଡବା ବା ଟିଣରେ ସଂରକ୍ଷିତ); like sardines ଘଞ୍ଚ ଲୋକ ବସତି; ଖେଞ୍ଚାଖେଞ୍ଚି ହୋଇ।

**sardonic** ବିଂ. କଟୁ ଉପହାସପୂର୍ଣ୍ଣ; ବିଦ୍ରୂପାତ୍ମକ; ତାଚ୍ଛଲ୍ୟଭରା; କ୍ରି.ବିଂ. sardonically.

**sargasso** ବି. ସାମୁଦ୍ରିକ ଉଦ୍ଭିଦ ବିଶେଷ।

**sarsen** ବି. ବାଲିପଥର, ମାକଡ଼ା ପଥର; ଶିଳାଖଣ୍ଡ।

**sarsenet** ବିଂ. ନରମ ରେଶମ ବା ରେଶମୀ ଅସ୍ତର କନା।

**sartorial** ବିଂ. ସିଲେଇ, ଦର୍ଜି ବା ପୋଷାକପରିଚ୍ଛଦ ସମ୍ବନ୍ଧୀୟ।

**sash**[1.] ବି. ଲମ୍ବା ପଟି ବା ଲୁଗା ଯାହା କାନ୍ଧଉପରେ ବା ଅଣ୍ଟାରେ ପରିହିତ ହୁଏ; ଉତ୍ତରୀୟ; କମରପଟି।

**sash**[2.] ବି. ଝରକା କାଚ଼ର ଫ୍ରେମ୍।

**sash–window** ବି. ଉପରତଳ ହୋଇପାରୁଥିବା ଝରକା।

**sassafras** ବି. ଏକ ପ୍ରକାର ଗଛର ଛାଲି ଯାହା ଔଷଧ ତିଆରିରେ ବ୍ୟବହୃତ ହୁଏ; ସେହି ଉକ୍ତ ଆମେରିକୀୟ ଗଛ।

**Sassenach** ବି. *ଅବ.* ଇଂରେଜ୍ ଲୋକ (ସ୍କଟ୍‌ଲେଣ୍ଡ ଏବଂ ଆୟାର୍‌ଲେଣ୍ଡରେ ବ୍ୟବହୃତ ଅଶ୍ରଦ୍ଧାବ୍ୟଞ୍ଜକ ଶବ୍ଦ)।

**sat** କ୍ରି. sitର *ଅ.କା ଏବଂ ଅ.କ୍ରି.ଜ.ପ.।*

**Sat.** *ସଂଶ.* Saturday ଶନିବାର।

**Satan** ବି. ଶୟତାନ (ସଇତାନ ମଧ୍ୟ)।

**satanic** ବିଂ. ଶୟତାନ୍ ଭଳି; ସଇତାନୀ; ପୈଶାଚିକ; ମନ୍ଦ; କ୍ରି.ବିଂ. satanically.

**Satanism** ବି. ଶୟତାନ–ଆରାଧନା; ମନ୍ଦ–ପଣିଆ।

**satchel** ବି. କାନ୍ଧଝୁଲା ମୁଣା ବା ବେଗ୍; ସ୍କୁଲବେଗ।

**sate** କ୍ରି. ସନ୍ତୁଷ୍ଟ ବା ପରିତୃପ୍ତ ହେବା ବା କରିବା।

Digitized by srujanika@gmail.com

**sateen** ବି. ସାଟିନ୍ କନା; ସାଟିନ୍‌ଭଳି ବୁଣା ହୋଇଥିବା ମସୃଣ ସୂତିକନା ।

**satellite** ବି. ପୃଥିବୀ ବା ଅନ୍ୟ ଯେ କୌଣସି ଗ୍ରହ ଚତୁର୍ପାର୍ଶ୍ୱରେ କିହ୍ରୁଥିବା ବା ଘୂର୍ଣ୍ଣାୟମାନ ଜ୍ୟୋତିଷ; ଉପଗ୍ରହ ବା କୃତ୍ରିମ ଉପଗ୍ରହ; ଅନୁକରଣକାରୀ ଚାମଚା; ଅନ୍ୟ ଦେଶଦ୍ୱାରା ପରିଚାଳିତ ବା ଶାସିତ ଦେଶ ।

**satiate** କ୍ରି. ସମ୍ପୂର୍ଣ୍ଣ ତୃପ୍ତି ଲାଭ କରିବା; ପରିତୃପ୍ତ ହେବା ବା କରିବା; ମନ ଭରିଯିବା; ବିଂ. satiable.

**satiation** ବିଂ. ପରିତୃପ୍ତି; ତୃପ୍ତିସାଧନ ।

**satiety** ବି. ପେଟ ବା ମନ ଭରିଯାଇଥିବା ଅନୁଭୂତି; ଅତ୍ୟଧିକ ଭୋଜନ; to satiety ଅତି ମାତ୍ରାରେ, ଅତ୍ୟଧିକ ।

**satin** 1. ବି. ଗୋଟିଏ ପାଖ ମସୃଣ ଥାଇ ରେଶମ ପ୍ରଭୃତି କନା; ସାଟିନ; 2. ବିଂ. ସାଟିନ୍ ଭଳି ନରମ ଓ ମସୃଣ; 3. କ୍ରି. କାଗଜ ପ୍ରଭୃତିକୁ ସାଟିନ୍ ଭଳି ମସୃଣ କରିବା; ବିଂ. satiny.

**satinwood** ବି. ମସୃଣ କାଠ ବିଶେଷ ।

**satire** ବି. ବ୍ୟଙ୍ଗ; ବିଦ୍ରୂପ; ବ୍ୟଙ୍ଗାତ୍ମକ କଥା ବା ରଚନା (ସମାଜର ମଙ୍ଗଳପାଇଁ ସମାଲୋଚନାମୂଳକ ସାହିତ୍ୟ); ବିଂ. satirical.

**satirist** ବି. ବ୍ୟଙ୍ଗକାର; ବ୍ୟଙ୍ଗ ରଚନାକାରୀ ।

**satirize** କ୍ରି. ବ୍ୟଙ୍ଗ କରିବା; ବ୍ୟଙ୍ଗ ସାହିତ୍ୟ ରଚନା କରିବା ।

**satisfaction** ବି. ସନ୍ତୋଷ; ତୃପ୍ତି; ସନ୍ତୋଷ ବା ତୃପ୍ତିଦାୟକ ବସ୍ତୁ; କ୍ଷତିପୂରଣକାରୀ ବା କୃତଜ୍ଞତାସୂଚକ ବସ୍ତୁ ବା କାର୍ଯ୍ୟ ।

**satisfactory** ବିଂ. ସନ୍ତୋଷଜନକ; ତୋଷଦାୟୀ; ଯଥେଷ୍ଟ; କ୍ରି.ବିଂ. satisfactorily.

**satisfy** କ୍ରି. ସନ୍ତୋଷ ବା ତୃପ୍ତି ଦେବା; ତୃପ୍ତ ବା ସନ୍ତୁଷ୍ଟ କରିବା; (କ୍ଷୁଧା, ତୃଷା) ପରିତୁଷ୍ଟ ବା ପରିତୃପ୍ତ କରିବା; ଉପଯୁକ୍ତ ପ୍ରମାଣ ବା ତଥ୍ୟ ପ୍ରଦାନ କରିବା; ସନ୍ତୁଷ୍ଟ କରିବା; satisfy oneself ସୁନିଶ୍ଚିତ ହେବା ।

**satrap** ବି. ପ୍ରାଚୀନ ପାରସ୍ୟ ଦେଶୀୟ ପ୍ରାଦେଶିକ ଶାସନ ମୁଖ୍ୟ ।

**saturate** କ୍ରି. ଜଳକଣା, ଜଳ ବା ଦ୍ରବଣରେ ସିକ୍ତ କରିବା; କୌଣସି ବସ୍ତୁର ପୂର୍ଣ୍ଣ ଧାରଣ କ୍ଷମତା ପର୍ଯ୍ୟନ୍ତ ବାହ୍ୟ ପଦାର୍ଥ ଗ୍ରହଣ ବା ଧାରଣ କରିବା ।

**satuaration** ବି. ଗ୍ରହଣ ବା ଧାରଣର ସର୍ବଶେଷ ଅବସ୍ଥା; ସିକ୍ତକରଣ ।

**saturation point** ବି. ଯେଉଁ ଅବସ୍ଥା ପରେ ଆଉ ଅଧିକ ଗ୍ରହଣ କରିବା ସମ୍ଭବ ନୁହେଁ ।

**Saturday** 1. ବି. ଶନିବାର; ସପ୍ତାହର ଗୋଟିଏ ଦିନ; ଶୁକ୍ରବାର ପରବର୍ତ୍ତୀ ଏବଂ ରବିବାର ପୂର୍ବବର୍ତ୍ତୀ ଦିନ; 2. କ୍ରି.ବିଂ. କ.ଭା. ଶନିବାର ଦିନ; ଶନିବାରିଆ; 3. ବିଂ. ଶନିବାସରୀୟ; ଶନିବାରିଆ; (ବ.ବ.ରେ) ଶନିବାର ଦିନ ଗୁଡ଼ିକରେ; ପ୍ରତି ଶନିବାର ।

**Saturn** ବି. ଶନି; ଶନିଗ୍ରହ; ପ୍ରାଚୀନ ରୋମର କୃଷିଦେବତା ।

**Saturnalia** ବି. ପ୍ରାଚୀନ ରୋମର ଶନି ଉତ୍ସବ; ଆନନ୍ଦ ଉଲ୍ଲାସମୟ ରୋମୀୟ ପର୍ବ; ଉଦ୍ଦାମ ଆନନ୍ଦ ଏବଂ ଉତ୍ସବର ସମୟ ବା ଦୃଶ୍ୟ ।

**saturnine** ବିଂ. ଉଦାସ ବା ଗମ୍ଭୀର ମିଜାଜ ବା ଚେହେରା; ବିଷଣ୍ଣ ।

**satyr** ବି. ଗ୍ରୀକ୍ ଏବଂ ରୋମାନ ପୁରାଣ ବର୍ଣ୍ଣିତ ଅର୍ଦ୍ଧମାନବ—ଅର୍ଦ୍ଧପଶୁ ବଣଦେବତା ଯେ ଲମ୍ପଟତା ପାଇଁ ଖ୍ୟାତ; ଲମ୍ପଟ ବା କାମାସକ୍ତ ବ୍ୟକ୍ତି ।

**sauce** 1. ବି. ସସ୍, ଚଟଣି, ରୋଚକ ବା ସ୍ୱାଦବର୍ଦ୍ଧକ ବସ୍ତୁ; ଧୃଷ୍ଟତା; ଅବାନ୍ତର କଥା ବା କାର୍ଯ୍ୟ; 2. କ୍ରି. କ.ଭା. ଅମାର୍ଜିତ ବ୍ୟବହାର କରିବା ।

**saucepan** ବି. ସସ୍‌ପେନ୍, ଚା'କରା; ଗୋଲାକାର ଚଟ ଓ ହେଣ୍ଡଲ୍ ଯୁକ୍ତ ରନ୍ଧନ ପାତ୍ର ।

**saucer** ବି. ଥାଳିଆ; (ଚା') ପିଆଲା; ଏହି ଆକୃତି ବିଶିଷ୍ଟ ବସ୍ତୁ ।

**saucy** ବି. ଧୃଷ୍ଟ; ଦୁର୍ବିନୀତ; କ.ଭା. ଫିଟ୍‌ଫାଟ୍, ପୋଷାକୀ (ଲୋକ); କ୍ରି.ବିଂ. saucily.

**sauerkraut** ବି. କଟା ବନ୍ଧାକୋବିର ଆଚାର (ଜର୍ମାନୀ) ।

**sauna** ବି. ବାଷ୍ପ—ସ୍ନାନ; ସେଥିପାଇଁ ଉଦ୍ଦିଷ୍ଟ ଗୃହ ବା ପ୍ରକୋଷ୍ଠ ।

**saunter** 1. କ୍ରି. ଧୀରମନ୍ଥର ଗତିରେ ଚାଲିବା; ଚାଲ୍‌ଚାଲ୍ ହୋଇ ଆଗେଇବା; 2. ବି. ଧୀରଗତି ।

**saurian** ବି. ଝିଟିପିଟି ଜାତୀୟ ପ୍ରାଣୀ ବିଶେଷ ।

**sausage** ବି. ପତଳା ନଳୀ ଆକୃତିର ଖୋଳ ଭିତରେ ଭର୍ତ୍ତି ଚିକିଟିକି କଟାମାଂସର ଖାଦ୍ୟ; ଏଥିରୁ କିଛି ଅଂଶ; ସସେଜ୍; ସସେଜ୍ ଭଳି

Digitized by srujanika@gmail.com

ଦିଶୁଥିବା ବସ୍ତୁ; not a sausage *ସା.ପ୍ର.* କିଛି କାମକୁ ନୁହେଁ।

**sausage meat** ବି. ସସେଜ୍ ବା ଆଚାର ପାଇଁ ଚିକ୍‌ଚିକ୍ କଟାମାଂସ।

**sausage roll** ବି. ନଳୀ ଆକୃତିର ପେଷ୍ଟ୍ରି ତିଆରି ଉପକରଣରେ ତନ୍ଦୁର କରାଯାଇଥିବା ସସେଜ୍ ମାଂସ।

**saute**[1] 1. ବିଂ. ଅଳ୍ପ ତେଲ ବା ଚର୍ବିରେ ଅଳ୍ପ ସମୟ ହାଲୁକା ଭାବରେ ଭଜା ହୋଇଥିବା; 2. ବି. ଏଭଳି ଭଜା ହୋଇଥିବା ଖାଦ୍ୟ।

**Sauternes** ବି. ମିଠା ଧଳାମଦ ବିଶେଷ।

**savage** 1. ବିଂ. ଅସଭ୍ୟ, ବର୍ବର, ଆଦିମ; ଭୟଙ୍କର; ହିଂସ୍ର; ନିଷ୍ଠୁର; *କ.ଭା.* ଭୀଷଣ କ୍ରୋଧୀ; 2. ବି. ଆଦିମ ସଂପ୍ରଦାୟ; ଅସଭ୍ୟ; ବର୍ବର; ହିଂସ୍ରବ୍ୟକ୍ତି; 3. *କ୍ରି.* ହିଂସ୍ରଭାବେ ଆକ୍ରମଣ କରିବା; ବିଦାରି ପକାଇବା; (ସମୀକ୍ଷକ/ ସମାଲୋଚକ) ତୀବ୍ର ସମାଲୋଚନାର ଶରବ୍ୟ କରିବା।

**savagery** ବି. ନିଷ୍ଠୁରତା; ହିଂସ୍ରତା; ଆଦିମତା; ଅସଭ୍ୟ ବା ବର୍ବର ଅବସ୍ଥା।

**savannah** ବି. ବିଷୁବ ମଣ୍ଡଳୀୟ ତୃଣଭୂମି।

**savant** ବି. ବିଦ୍ୱାନ୍ ବ୍ୟକ୍ତି।

**save** 1. *କ୍ରି.* ବିପଦ, କ୍ଷତି ପ୍ରଭୃତିରୁ ରକ୍ଷା କରିବା; ଭବିଷ୍ୟତ ପାଇଁ ସାଇତି ରଖିବା, ସଞ୍ଚୟ କରିବା; ମୁକ୍ତି ବା ମୋକ୍ଷ ପାଇବା; 2. ବି. ଫୁଟବଲ ଖେଳରେ ପ୍ରତିପକ୍ଷକୁ ଗୋଲଦେବାର ସୁଯୋଗ ନ ଦେବା; 3. *ଅ.* ବ୍ୟତୀତ, କିନ୍ତୁ; 4. *କ୍ରି.ବିଂ.* *ପ୍ରା.ପ୍ର.* ବ୍ୟତୀତ, ଯଦିବା।

**saveloy** ବି. ପ୍ରଚୁର ମସଲାଦିଆ ଶୁଷ୍କ ସସେଜ୍।

**saving** 1. ବି. ମୁକ୍ତି; ରକ୍ଷା ପ୍ରଦାନ, ସଞ୍ଚୟ; 2. ବିଂ. ରକ୍ଷାକାରୀ, ମୁକ୍ତିଦାୟୀ; 3. *ଅ.* ଛଡା, ବ୍ୟତୀତ।

**savings bank** ବି. ଅଳ୍ପ ପରିମାଣର ଟଙ୍କା ସଞ୍ଚୟ ଉପରେ ସୁଧ ପ୍ରଦାନ କରୁଥିବା ବେଙ୍କ୍ ବା ତାହାର ସ୍ୱତନ୍ତ୍ର ବିଭାଗ; savings bank deposit ସଞ୍ଚୟ ଜମା।

**savings certificate** ବି. ସରକାର ବା ଅନ୍ୟ ସଂସ୍ଥାଦ୍ୱାରା ପ୍ରଦତ୍ତ ଦୀର୍ଘମିଆଦୀ ଜମାର ପ୍ରମାଣପତ୍ର; National Savings Certificate *ଭା.* ଜାତୀୟ ସଞ୍ଚୟ ପ୍ରମାଣ ପତ୍ର।

**saviour** ବି. (*ଆମେ.* savior) ମୁକ୍ତିଦାତା, ରକ୍ଷାକର୍ତ୍ତା, ସୁରକ୍ଷା ପ୍ରଦାନ କରୁଥିବା ବ୍ୟକ୍ତି; our (the) Saviour *ଖ୍ରୀ.* ଯୀଶୁଖ୍ରୀଷ୍ଟ।

**savoir faire** ବି. ପ୍ରତ୍ୟୁତ୍ପନ୍ନମତିତା; ଉପସ୍ଥିତ ବୁଦ୍ଧି ବା କୌଶଳ। *(ଫ.)*

**savor** *ଆମେ.* savourର ବିକ.।

**savory**[1] ବି. ରନ୍ଧନ କାର୍ଯ୍ୟରେ ବ୍ୟବହୃତ ସୁଗନ୍ଧିତ ପତ୍ର ପ୍ରଭୃତି।

**savory**[2] *ଆମେ.* ବି.କ. savoury.

**savour** 1. ବି. ବିଶେଷ ସୁଗନ୍ଧ ବା ସ୍ୱାଦୁ (ବସ୍ତୁର); ରୁଚି ବା ସ୍ୱାଦ ପରିବର୍ଦ୍ଧକ ପଦାର୍ଥ; 2. *କ୍ରି.* ସ୍ୱାଦୁ ଉପଭୋଗ କରିବା, ଉପଭୋଗ କରି ଖାଇବା ବା କୌଣସି କାର୍ଯ୍ୟ କରିବା।

**savoury** 1. ବିଂ. କ୍ଷୁଧାବର୍ଦ୍ଧକ ସ୍ୱାଦୁ ବା ସୁଗନ୍ଧ ବିଶିଷ୍ଟ; ନମକିନ୍, ମୁଖରୋଚକ (ମିଠାନୁହେଁ); 2. ବି. କ୍ଷୁଧାବର୍ଦ୍ଧକ ବା ସ୍ୱାଦିଷ୍ଟ ଖାଦ୍ୟ; ବି. savouriness.

**savoy** ବି. ଏକ ପ୍ରକାର ବନ୍ଧାକୋବି।

**savvy** *ସା.ପ୍ର.* 1. *କ୍ରି.* ଜାଣିବା; 2. ବି. ଜାଣିବାପଣ; 3. ବିଂ. *ଆମେ.* ବୁଦ୍ଧିଆ; ସିଆଣା।

**saw**[1] 1. ବି. କରତ; 2. *କ୍ରି.* କରତରେ କାଟିବା; କରତିବା; ସିଆର କାଟି ଆଗେଇବା (ପାଣି ବା ପବନରେ); saw off କରତ ବା କରତରେ କାଟି ଗତଗତ କରିବା; ଛୋଟ କରିଦେବା ବା ଅନାବଶ୍ୟକ ଅଂଶ ବାହାର କରିଦେବା।

**saw**[2] ବି. ନୀତିବାକ୍ୟ; ଆପ୍ତବାକ୍ୟ।

**saw**[3] *କ୍ରି.* seeର *ଅ.କା.*।

**sawdust** ବି. କରତ ଗୁଣ୍ଡ, ଭୁସା।

**sawfish** ବି. କରତ ଆକୃତିର ମୁହଁ ବା ଥୋଥିନାଥିବା ସାମୁଦ୍ରିକ ମାଛ ବିଶେଷ।

**sawmill** ବି. କରତ କଳ।

**sawn** *କ୍ରି.* sawର *ଅ.କ୍ରି.ଛ.ପ.*।

**saw-tooth (-toothed)** ବିଂ. କରତ ଦାନ୍ତ, କରତ ଦାଢ଼, ଦାନ୍ତି।

**sawyer** ବି. କରତିଆ; କରତ ବ୍ୟବହାରକାରୀ।

**sax** ବି. *କ.ଭା.* ସେକ୍ସୋଫୋନ୍ (ବାଦ୍ୟଯନ୍ତ୍ର)।

**saxe** ବି. (saxe blue ମଧ୍ୟ) ହାଲୁକା ପାଉଁଶିଆ ନୀଳରଙ୍ଗ।

**saxifrage** ବି. କଙ୍କରିଳ ମାଟିରେ ବଢୁଥିବା ଏକ ପ୍ରକାର ଗୁଳ୍ମ।

**Saxon** 1. ବିଂ. ପଞ୍ଚମ—ଷଷ୍ଠ ଶତାବ୍ଦୀରେ ଇଂଲଣ୍ଡର କିଛି ଅଂଶ ଅଧିକାର କରିଥିବା ଜର୍ମାନ ଜାତି ବା ତତ୍‌ସମ୍ବନ୍ଧୀୟ (Anglo Saxon); 2. ବି. ସେହି ଜାତି ବା ସେମାନଙ୍କର ଭାଷା।

Digitized by srujanika@gmail.com

**saxophone** ବି. ସେକ୍ସୋଫୋନ୍ (ଏକ ପ୍ରକାର ଭିଲ୍‌ଯୁକ୍ତ ପବନଚାଳିତ ବାଦ୍ୟଯନ୍ତ୍ର)।

**saxophonist** ବି. ସେକ୍ସୋଫୋନ୍ ବାଦକ।

**say** 1. କ୍ରି. କହିବା, ବୋଲିବା, ଉଚ୍ଚାରଣ କରିବା; ପ୍ରକାଶ କରିବା; ଜଣେଇଦେବା, ସୂଚାଇବା, ମତଦେବା, ମନ୍ତବ୍ୟ ପ୍ରଦାନ କରିବା; ନିର୍ଣ୍ଣୟ କରିବା; (ଦୃଷ୍ଟାନ୍ତ ଭାବେ) ଧର, ମନେକର (ପ୍ରାୟ, ପାଖାପାଖି); 2. ବି. ବକ୍ତବ୍ୟ, କଥା, ବିଷୟ; ଆଲୋଚନାରେ ଅଂଶ ଗ୍ରହଣ; ଚୂଡ଼ାନ୍ତ ନିଷ୍ପତ୍ତିର ଅଧିକାର; go without saying କହିବା ବାହୁଲ୍ୟ; I'll say *କ.ଭା.* ସତରେ, ପ୍ରକୃତରେ; I say ଆଶ୍ଚର୍ଯ୍ୟ, ବିସ୍ମୟ ବା କଥା ଆରମ୍ଭ କରିବାର ସୂଚକ; says you *ସା.ପ୍ର.* ତୁମ ମତ, ମୁଁ କହୁନାହିଁ; that is to say ଅଥବା, ଅନ୍ୟ କଥାରେ କହିଲେ।

**SAYE** *ସଂଶ.* save-as-you-earn ରୋଜଗାର ସହିତ ସଞ୍ଚୟ।

**saying** ବି. ବକ୍ତବ୍ୟ; ବହୁ ପ୍ରଚଳିତ ବକ୍ତବ୍ୟ ବା ମତ।

**Sb** *ପ୍ର.* antimony ଏଣ୍ଟିମନି।

**s.c.** *ସଂଶ.* small capitals କ୍ଷୁଦ୍ର ମୂଳଧନ।

**sc.** *ସଂଶ.* scilicet ସିଲିସେଟ୍।

**Sc** *ପ୍ର.* scandium ସ୍କେଣ୍ଡିଅମ୍।

**SC** *ସଂଶ.* Supreme Court ପ୍ରଧାନ ନ୍ୟାୟାଳୟ, ସୁପ୍ରିମ୍ କୋର୍ଟ୍।

**scab** 1. ବି. ଘା' ଶୁଖି ଆସୁଥିବା ବେଳେ ଉପରିସ୍ଥ ଶୁଷ୍କ ଚର୍ମ, ଖଁଟି; ଚର୍ମରୋଗ ବା ଉଦ୍ଭିଦ ରୋଗ ବିଶେଷ; 2. କ୍ରି. ଘା' ଶୁଖି ଆସିବା, ଜଳା ପଡି ଶୁଖିବା; ଖଁଟି ବସିବା; ବିଂ. scabby.

**scabbard** ବି. ଖଣ୍ଡା ପ୍ରଭୃତିର କୋଷ ବା ଖୋଳ।

**scabies** ବି. ସଂକ୍ରାମକ ଚର୍ମରୋଗ ବିଶେଷ; କୁଣ୍ଡିଆ, କାଛୁ।

**scabious** ବି. କାଛୁକୁଣ୍ଡିଆ ରୋଗର ଔଷଧ ମନେକରାଯାଉଥିବା ଗୁଳ୍ମ ବିଶେଷ।

**scabrous** ବିଂ. ଶୁଖିଲା, କାଡିଆ (ଚମଡା); ଅଶାଳୀନ।

**scaffold** ବି. ଫାଶୀଖୁଣ୍ଟର ଆଧାର; ନିର୍ମାଣ ପାଇଁ ଛାଞ୍ଚ।

**scaffolding** ବି. ବଲ୍ଲା, ବାଉଁଶ ପ୍ରଭୃତି ଦ୍ୱାରା ନିର୍ମିତ ଅସ୍ଥାୟୀ ଛାଞ୍ଚ ଯାହା ସାହାଯ୍ୟରେ କୋଠାବାଡ଼ି ନିର୍ମିତ ହୁଏ, ଏଥିରେ ବ୍ୟବହୃତ ସରଞ୍ଜାମ (ବଲ୍ଲା, ବାଉଁଶ, ପଟା ପ୍ରଭୃତି); ଅସ୍ଥାୟୀ ଫ୍ରେମ୍ ବା ଛାଞ୍ଚ।

**scalar** ବି. *ଗଣିତ ପଦାର୍ଥ* ଆୟତନ ବା ପରିମାଣ ଥିବା କିନ୍ତୁ ଦିଗ ନଥିବା ସଂଖ୍ୟା (scalar quantities).

**scalawag** scallywagର ବିକ.।

**scald**[1] 1. କ୍ରି. ଉତ୍ତପ୍ତ ତରଳ ପଦାର୍ଥ ବା ବାଷ୍ପରେ ପୋଡିଯିବା, ପ୍ରାୟ ଫୁଟନାଙ୍କ ପର୍ଯ୍ୟନ୍ତ କ୍ଷୀର ଗରମ କରିବା, ଫୁଟା ପାଣିରେ ବାସନ କୁସନ ଧୋଇବା ବା ଅଂଶାଳିବା; 2. ବି. ଗରମ ପାଣି, ବାଷ୍ପ, ତେଲ ପ୍ରଭୃତି ଦ୍ୱାରା ପୋଡିବା।

**scald**[2] skald ଦ୍ର.।

**scale**[1] 1. ବି. ସ୍କେଲ୍; ମାପିବା କାର୍ଯ୍ୟରେ ସହାୟକ ସଂଖ୍ୟାଙ୍କିତ ମାନକ ଦଣ୍ଡ; ମାନଚିତ୍ର, ଡ୍ରଇଂ ପ୍ରଭୃତିରେ ଆନୁପାତିକ ହ୍ରାସକରଣ ବା ଅଭିବୃଦ୍ଧି; ସୋପାନିତ ବା ଶ୍ରେଣୀବଦ୍ଧ ଅବସ୍ଥା; *ସଙ୍ଗୀତ* ଏକ ନିର୍ଦ୍ଦିଷ୍ଟ ସପ୍ତକର କ୍ରମସଜ୍ଜିତ ସ୍ୱର ସମୂହ ବା ବ୍ୟାପ୍ତି (ଯଥା, ଜି-ଶାର୍ପ, ବି ଫ୍ଲାଟ୍, ସି); 2. କ୍ରି. ଚଢ଼ିବା, ଆରୋହଣ କରିବା (କାନ୍ଥ, ନିଶୁଣୀ ପ୍ରଭୃତି); ଆନୁପାତିକ ଦୂରତ୍ୱ ବା ବ୍ୟାପ୍ତି ସୂଚାଇବା; in scale ଆନୁପାତିକ ଭାବରେ; on a large (small) scale ବିଶାଳ ବା ବଡ଼ (ଛୋଟ) ଆକାରରେ; scale down (up) ଆନୁପାତିକ ଭାବରେ ଆକାର ଦେବା (ବଢ଼େଇବା); to scale ସମପରିମାଣ ବା ସମାନୁପାତରେ ପରିବର୍ତ୍ତନ ବା ହ୍ରାସକରଣ।

**scale**[2] 1. ବି. କାତି (ସାପ, ମାଛ ପ୍ରଭୃତିର); 2. କ୍ରି. କାତି ଛାଡିବା/ ଛଡ଼େଇବା।

**scale**[3] ବି. ତୁଳା ଦଣ୍ଡ, ନିକିତି; the Scales ତୁଳାରାଶି; tip (turn) the scale ନିର୍ଣ୍ଣାୟକ ଘଟଣା ବା ବିଷୟ।

**scalene** ବିଂ. ବିଷମ ବାହୁ ବିଶିଷ୍ଟ (ତ୍ରିଭୁଜ ପ୍ରଭୃତି)।

**scallion** ବି. ଏକ ପ୍ରକାର ପିଆଜ, ଉଲି।

**scallop** ବି. ଶାମୁକା ଜାତୀୟ ସାମୁଦ୍ରିକ ଜୀବ; ଶେଲ୍‌ଫିଶ୍।

**scallywag** ବି. ବଦମାସ, ଦୁଷ୍ଟ ପ୍ରକୃତିର ଲୋକ।

**scalp** 1. ବି. ବାଳ ଓ ଚମଡା ସହିତ ଖପୁରୀ; 2. କ୍ରି. ଖପୁରୀ କାଟି ବାହାର କରିଦେବା; ଭୟଙ୍କର ସମାଲୋଚନା କରିବା; *ଆମେ. କ.ଭା.* ପୁରୁଣା ଜିନିଷ ଚଢ଼ା ଦାମରେ ଚଟାପଟ ବିକ୍ରି କରିଦେବା।

Digitized by srujanika@gmail.com

**scalpel** ବି. କ୍ଷୁଦ୍ର ଛୁରୀ (ଶଲ୍ୟ ଚିକିତ୍ସାରେ ବ୍ୟବହୃତ)।
**scaly** ବିଂ. କାତିଆ, କାତିଯୁକ୍ତ।
**scam** ବି. ବଡ଼ଧରଣର ଠକାମି ବା ଜାଲିଆତି; ଘୋଟାଲା।
**scamp** 1. ବି. ବଦମାସ, ଦୁଷ୍ଟ ପ୍ରକୃତିର ଲୋକ; 2. କ୍ରି. ଉପରଠାଉରିଆ ବା ଅଧାପନ୍ତରିଆ କାମ କରିବା।
**scamper** କ୍ରି. ତରତର ଭାବେ ବା ହଠାତ୍ ଚାଲିଯିବା ବା ଧାଇଁବା।
**scampi** ବି. ବ.ବ. ବଡ଼ ଆକୃତିର ଚିଙ୍ଗୁଡ଼ି, ବାଗଦା।
**scan** 1. କ୍ରି. ତନ୍ନତନ୍ନ କରି ଦେଖିବା ବା ଅନୁସନ୍ଧାନ କରିବା; ଚାହିଁଦେବା; ଯନ୍ତ୍ର ସାହାଯ୍ୟରେ ଶରୀର ଅଭ୍ୟନ୍ତରସ୍ଥ ଅଙ୍ଗ ପର୍ଯ୍ୟବେକ୍ଷଣ କରିବା; ରାଡାର୍ ବା ଇଲେକ୍ଟ୍ରୋନିକ ରେଖା ଦ୍ୱାରା ପର୍ଯ୍ୟବେକ୍ଷଣ କରିବା; ଟିଭି ପ୍ରସାରଣ ପାଇଁ ଆଲୋକ ଓ ଛାୟାର ମୂଳତତ୍ତ୍ୱକୁ ଆସିବା; (ପଦ୍ୟରେ) ଛନ୍ଦ, ଯତିପାତ ପ୍ରଭୃତି ଅନୁଧାନ କରିବା।
**scandal** ବି. ଅପବାଦ; ଅପପ୍ରଚାର; ଗୁଜବ; ଗୁଜବ ପ୍ରଚାର।
**scandalize** କ୍ରି. ନୈତିକ ଭାବନା ବା ଔଚିତ୍ୟଜ୍ଞାନର ଅବମାନନା କରିବା।
**scandalmonger** ବି. ଗୁଜବରଟନାକାରୀ, ଗୁଳିଆ।
**scandalous** ବିଂ. ଗୁଜବ ବା ଅପପ୍ରଚାରମୂଳକ; ଅଶାଳୀନ; କୁରୁଚିପୂର୍ଣ୍ଣ, ଆଘାତ ଦେବାଭଳି।
**Scandinavian** 1. ବିଂ. ସ୍କେଣ୍ଡିନେଭିଆ (ଡେନ୍‌ମାର୍କ, ନର୍‌ୱେ, ସ୍ୱିଡେନ୍ ଏବଂ ଆଇସ୍‌ଲେଣ୍ଡ)ର; 2. ବି. ସେହି ଅଞ୍ଚଳର ଅଧିବାସୀ ବା ଭାଷା।
**scandium** ବି. ଲାଥାନାଇଡ଼ ସଦୃଶ ଧାତବ ତତ୍ତ୍ୱ।
**scansion** ବି. ଛନ୍ଦ ବିଚାର; ପଦ୍ୟ ରଚନାର ଛନ୍ଦ, ଯତିପାତ, ପାଦ ପ୍ରଭୃତିର ଅନୁଶୀଳନ।
**scant** ବିଂ. ଅତ୍ୟଳ୍ପ; ଅଯଥେଷ୍ଟ, ସ୍ୱଳ୍ପ।
**scanty** ବିଂ. ସ୍ୱଳ୍ପ ବା ଅଯଥେଷ୍ଟ ପରିମାଣର; ଆବଶ୍ୟକତା ତୁଳନାରେ କମ୍; କ୍ରି.ବିଂ. scantily; ବି. scantiness.
**scapegoat** ବି. ଅନ୍ୟମାନଙ୍କ ଭୁଲ ବା ମନ୍ଦକାର୍ଯ୍ୟର ପରିଣାମ ଭୋଗୁଥିବା ବ୍ୟକ୍ତି।
**scapula** ବି. କାନ୍ଧ–ହାଡ଼।
**scapular** 1. ବିଂ. କାନ୍ଧହାଡ ସଂକ୍ରାନ୍ତ; 2. ବି. ଧର୍ମଯାଜକଙ୍କ ପରିଧେୟ ସଂକ୍ଷିପ୍ତ ଚୋଗା।
**scar**[1.] 1. ବି. କ୍ଷତଚିହ୍ନ, ଦାଗ; ଦୁଃଖଦ ସ୍ମୃତି; 2. କ୍ରି. କ୍ଷତବିକ୍ଷତ ହେବା ବା କରିବା; ଦାଗ କରିବା, ଦାଗିବା।
**scar**[2.] ବି. ପାହାଡପର୍ବତର ସଳଖ ଅଂଶ, ତୀଖ ପ୍ରଭୃତି।
**scarab** ବି. ଗୋବର ପୋକ; ସେଭଳି ପୋକ, ସେହି ଆକୃତିରେ କର୍ତ୍ତିତ ମଣି।
**scarce** 1. ବିଂ. ଅଯଥେଷ୍ଟ, ଅଳ୍ପ, କ୍ୱଚିତ୍ ପ୍ରାପ୍ତ, ଦୁଷ୍ପ୍ରାପ୍ୟ, ବିରଳ, 2. କ୍ରି.ବିଂ. *ସାହି.* ଅଳ୍ପ, ସ୍ୱଳ୍ପ ବା ଅଯଥେଷ୍ଟ ଭାବରେ; make oneself scarce ଚାଲିଯିବା, ଦେଖା ନଦେବା; ଦୂରେଇ ଯିବା।
**scarcely** କ୍ରି.ବିଂ. କ୍ୱଚିତ୍, କଦବା କେବେ; ନାମକୁ ମାତ୍ର; ନୁହେଁ ଭଳି।
**scarcity** ବି. ଅଭାବ, ସ୍ୱଳ୍ପତା।
**scare** 1. କ୍ରି. ହଠାତ୍ ଭୀତ ବା ତ୍ରସ୍ତ ହେବା; ଡରାଇବା; ଡରିଯିବା; ଆତଙ୍କିତ ହେବା; ଚମକି ପଡିବା (ଭୟ ବା ଆଶଙ୍କାରେ); ଘଉଡାଇ ଦେବା; 2. ବି. ଭୟ, ଆତଙ୍କ, କୋକୁଆଭୟ।
**scarecrow** ବି. ପାଳଭୂତ; ପକ୍ଷୀହରୁଡା; ଅବାଗିଆ ଲୋକ; ରୁଚିପୂର୍ଣ୍ଣ ଭାବରେ ପୋଷାକ ପିନ୍ଧି ନଥିବା ବ୍ୟକ୍ତି।
**scaremonger** ବି. ଅନ୍ୟମାନଙ୍କୁ ହଠାତ୍ ଚମକାଇ ଦେଉଥିବା ବା କୋକୁଆଭୟ ସୃଷ୍ଟି କରୁଥିବା ବ୍ୟକ୍ତି।
**scarf**[1.] ବି. (ବ.ବ. scarves) ଗଳାବନ୍ଧ; ଓଢ଼ଣା; ସ୍କାର୍ଫ।
**scarf**[2.] ବି. ଦୁଇଟି କାଠି, ପଟା ବା ସେଭଳି ବସ୍ତୁର ଅଗ ପତଳା କରି ବୋଲ୍ଟ ବା ଅଠାରେ ଯୋଡିବା ପ୍ରକ୍ରିୟା।
**scarify**[1.] କ୍ରି. ହାଲୁକା ବା ନରମ କରିଦେବା (ମାଟି, ଜମି); ଚର୍ମ ଉପରେ କ୍ଷୁଦ୍ର କ୍ଷତ ସୃଷ୍ଟି କରିବା ବା ଚର୍ମ କାଟି ବାହାର କରିଦେବା; ବି. scarification.
**scarify**[2.] କ୍ରି. *କ.ଭା.* ଡରାଇବା; ଭୟ ଦେଖାଇବା।
**scarlatina** ବି. ଏକ ପ୍ରକାର ସଂକ୍ରାମକ ଜ୍ୱର ଯାହା ହେଲେ ରୋଗୀର ଚର୍ମ ନାଲିଆ ଦେଖାଯାଏ।

Digitized by srujanika@gmail.com

**scarlet** 1. ବିଂ. ଉଜ୍ଜ୍ୱଳ ରକ୍ତବର୍ଣ୍ଣ (ପାଖାପାଖି ନାରଙ୍ଗି)ର 2. ବି. ସେହି ରଙ୍ଗ, ଉଜ୍ଜ୍ୱଳ ନାଲିରଙ୍ଗର ଲୁଗା ପ୍ରଭୃତି।
**scarlet fever** ବି. ସଂକ୍ରାମକ ଜ୍ୱରବିଶେଷ, ଯେଉଁ ରୋଗରେ ଚମଡା ନାଲି ପଡିଯାଏ।
**scarlet runner** ବି. ଏକ ପ୍ରକାର ବିନ୍ ବା ତାହାର ଲତା।
**scarp** ବି. ଢାଲୁଜାଗା; ଦୁର୍ଗ ପ୍ରଭୃତିର ଗଡଖାଇ ବା ବଙ୍କର୍‌ର ଭିତର ପାଖ।
**scarper** କ୍ରି. କ.ଭା. ପଳାୟନ କରିବା, ଖସି ଚାଲିଯିବା।
**scary** ବିଂ. କ.ଭା. ଭୀତିପ୍ରଦ, ଡର୍‌ଡରାନୁ।
**scat**[1] କ୍ରି. କ.ଭା. ହଠାତ ସ୍ଥାନ ଛାଡ଼ି ପଳାଇଯିବା।
**scat**[2] ବି. ଜାଜ୍ ସଙ୍ଗୀତ ବିଶେଷ ଯହିଁରେ ଗୀତର ଶବ୍ଦ ବୋଲା ଯାଏ ନାହିଁ କିନ୍ତୁ ବାଦ୍ୟଯନ୍ତ୍ରର ଶବ୍ଦ କଣ୍ଠସ୍ୱରରେ ସୃଷ୍ଟି କରାଯାଏ।
**scathe** କ୍ରି. ପ୍ରା.ପ୍ର. ଆଘାତ ଦେବା; କ୍ଷତି କରିବା।
**scathing** ବିଂ. କଠୋର, ନିଷ୍ଠୁର (ଚାହାଣି, ଆକ୍ଷି, ସମାଲୋଚନା)।
**scatology** ବି. ଅଶ୍ଳୀଳ ବା କୁତ୍ସିତ କଥାବସ୍ତୁ ବା ରଚନା ପ୍ରତି ବିଶେଷ ଆଗ୍ରହ।
**scatter** 1. କ୍ରି. ବିଛାଡି ଦେବା; ବୁଣିବା; ଏଠି ସେଠି ପକେଇବା ବା ଫୋପାଡିବା; ବିକ୍ଷୁରିତ କରିବା; ଅ.କ୍ରି.କ.ପ.ରେ ଯତ୍ରତତ୍ର, ପରସ୍ପର ଦୂରବର୍ତ୍ତୀ; 2. ବି. ବୁଣା, ଫୋପଡା ବା ବିଛାଡ଼ି ହୋଇଥିବା ବସ୍ତୁ ବା ଅବସ୍ଥା।
**scatterbrain** ବି. ଅବ୍ୟବସ୍ଥିତ ମସ୍ତିଷ୍କର ବ୍ୟକ୍ତି।
**scatter-brained** ବିଂ. ଅବ୍ୟବସ୍ଥିତ–ମସ୍ତିଷ୍କ; ଅସଂଗଠିତ; ଅମନୋଯୋଗୀ, ବିଭ୍ରାନ୍ତ।
**scatty** ବିଂ. ଘୀ.ପ୍ର. ବିକୃତ–ମସ୍ତିଷ୍କ, ଅବ୍ୟବସ୍ଥିତ–ମସ୍ତିଷ୍କ; କ୍ରି.ବିଂ. scattily; ବି. scattiness.
**scaur** scar[2]ର ଵିକ. ।
**scavenge** କ୍ରି. ଆବର୍ଜନା ବା ମଇଳା ସଫାକରିବା; ନିର୍ମଳ କରିବା।
**scavenger** ବି. ବର୍ଜ୍ୟବସ୍ତୁ ବା ଆବର୍ଜନା ଘାଣ୍ଟିବା ବା ସଫା କରିବା ବ୍ୟକ୍ତି; ପଚାସଢ଼ା ବସ୍ତୁ, ଖାଦ୍ୟ ବା ଶବ ପ୍ରଭୃତି ଭକ୍ଷଣ କରି ଜୀବନ ଧାରଣ କରୁଥିବା ପ୍ରାଣୀ ବା ପକ୍ଷୀ।
**Sc. D.** ସଂକ୍ଷି. Doctor of Science ଡକ୍‌ଟର୍ ଅଫ୍ ସାଇନ୍‌ସ୍।
**scenario** ବି. ନାଟକ, ଚଳଚ୍ଚିତ୍ର ପ୍ରଭୃତିର ଚିତ୍ରନାଟ୍ୟ; ସାରକଥା ବା ବିଷୟବସ୍ତୁ, ଅନାଗତ ସମୟର କାଳ୍ପନିକ ବା ଆନୁମାନିକ ଚିତ୍ର।
**scene** ବି. ଦୃଶ୍ୟ, ଘଟଣାସ୍ଥଳ, ସ୍ଥାନ ବିଶେଷ; (ନାଟକ ପ୍ରଭୃତିର) ଦୃଶ୍ୟ; ଭୂଦୃଶ୍ୟ; ଦୃଶ୍ୟ ବା ସୌନ୍ଦର୍ଯ୍ୟ ବର୍ଣ୍ଣନା; ଅପ୍ରୀତିକର ଘଟଣା ବା ବାକ୍‌ବିତଣ୍ଡା; behind the scenes ପରଦା ଅନ୍ତରାଳରେ; ଅଜ୍ଞାତ ବା ଗୁପ୍ତଭାବରେ; come on the scene ଆବିର୍ଭୂତ ହେବା; ଦୃଶ୍ୟ ହେବା; set the scene ଘଟଣା ସ୍ଥଳର ବର୍ଣ୍ଣନା।
**scenery** ବି. ଦୃଶ୍ୟରାଜି; ଦୃଶ୍ୟପଟ; ଭୂଦୃଶ୍ୟ।
**scenic** ବିଂ. ସୁଦୃଶ୍ୟ, ଚିତ୍ରବତ୍; କ୍ରି.ବିଂ. scenically.
**scent** 1. ବି. କୌଣସି ବସ୍ତୁର ଚାରିତ୍ରିକ ଗନ୍ଧ; ସୁଗନ୍ଧି; ଅତର; ଅନୁସନ୍ଧାନର ମାର୍ଗ; 2. କ୍ରି. ଗନ୍ଧ ବାରିବା; ଗନ୍ଧବାରି ଖୋଜିବା ବା ପିଛା କରିବା; ଉପସ୍ଥିତି ବା ସ୍ଥିତି ସମ୍ପର୍କରେ ଅନୁମାନ କରିବା; ସୁବାସିତ ବା ସୁଗନ୍ଧିତ କରିବା; off the scent ଭୁଲ ସୂଚନାଦ୍ୱାରା ବିଭ୍ରାନ୍ତ ହେବା; scent out ଆଘ୍ରାଣ ଦ୍ୱାରା ଖୋଜି ବାହାର କରିବା।
**scepter** ଆମେ. sceptreର ଵିକ. ।
**sceptic** ବି. କୌଣସି ଧାର୍ମିକ ତତ୍ତ୍ୱ ବା ବିଶ୍ୱାସରେ ଅନାସ୍ଥା ପୋଷଣ କରୁଥିବା ବ୍ୟକ୍ତି; ସନ୍ଦେହୀ ବ୍ୟକ୍ତି; ଅନୁସଂଧିତ୍ସୁ; ଦ. ତର୍କବାଦୀ; ସଂଶୟବାଦୀ; ବିଂ. sceptical; ବି. scepticism.
**sceptre** ବି. ରାଜଦଣ୍ଡ।
***schadenfreude*** ବି. ଅନ୍ୟମାନଙ୍କ ଦୁର୍ଭାଗ୍ୟ ବା ବିପତ୍ତିରେ ପୈଶାଚିକ ଆନନ୍ଦ ପାଉଥିବା ବ୍ୟକ୍ତି। *(ଜ.)*
**schedule** 1. ବି. କାର୍ଯ୍ୟକ୍ରମର ଚିଠା ବା ଖସଡା; କାର୍ଯ୍ୟନିର୍ଘଣ୍ଟ; ଅତିରିକ୍ତ ବିବରଣ; 2. କ୍ରି. ଚିଠା ବା ଖସଡା ପ୍ରସ୍ତୁତ କରିବା; ସମୟ ଧାର୍ଯ୍ୟ କରିବା; on schedule ସମୟାନୁସାରେ; ବିଳମ୍ବ ନ କରି।
**scheduled flight** ବି. ନିୟମିତ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ଉଡାଣ।
**schematic** ବିଂ. ଯୋଜନାନୁଯାୟୀ; ଯୋଜନାନୁସାରେ; ଚିତ୍ର ବା ଅନୁସୂଚୀ ଅନୁସାରେ; କ୍ରି.ବିଂ. schematically.
**schematize** କ୍ରି. ଯୋଜନାବଦ୍ଧ କରିବା।

Digitized by srujanika@gmail.com

**scheme** 1. ବି. ପରିକଳ୍ପନା; ଯୋଜନା; ପ୍ରକଳ୍ପ; କାର୍ଯ୍ୟର ଯୋଜନା, ଚିଠା ବା ଖସଡା; ଚାତୁର୍ଯ୍ୟପୂର୍ଣ୍ଣ ବା କୌଶଳପୂର୍ଣ୍ଣ କାର୍ଯ୍ୟ; 2. କ୍ରି. ଲୁଚାଚୋରା ବା ଗୋପନରେ ଯୋଜନା ବା ଷଡଯନ୍ତ୍ର କରିବା; ପ୍ରକାଶନ ପାଇଁ ଯୋଜନା କରିବା।

**scherzo** ବି. ସଙ୍ଗୀତ ବା ବାଦ୍ୟବୃନ୍ଦରେ ଦ୍ରୁତ, ପ୍ରାଣପ୍ରାଚୁର୍ଯ୍ୟଭରା ମୂର୍ଚ୍ଛନା; ମନମତାଣିଆ ସଙ୍ଗୀତ ରଚନା ବା ସଂଯୋଜନା।

**schism** ବି. ତତ୍ତ୍ୱଗତ ବୈସାଦୃଶ୍ୟଭିତ୍ତିକ ଧର୍ମୀୟ ଗୋଷ୍ଠୀ ବିଭାଜନ; ବିଂ. schismatic.

**schist** ବି. ସ୍ତରୀଭୂତ ସ୍ଫଟିକାକୃତି ଶିଳା।

**schizo** ବି. କ.ଭା. ସିଜୋଫ୍ରେନିକର ସଂକ୍ଷେପଣ।

**schizoid** 1. ବିଂ. ସିଜୋଫ୍ରେନିଆ ଭଳି ମାନସିକ ରୋଗଗ୍ରସ୍ତ; 2. ବି. ସେହି ରୋଗଗ୍ରସ୍ତ ବ୍ୟକ୍ତି।

**schizophrenia** ବି. ମନ. ଚିନ୍ତା, ଭାବନା ଏବଂ କାର୍ଯ୍ୟ ମଧ୍ୟରେ ସଂଯୋଗହୀନତାର ମାନସିକ ବ୍ୟାଧି; ବି. ଏବଂ ବିଂ. schizophrenic.

**schmaltz** ବି. କ.ଭା. ମଧୁର ଭାବପ୍ରବଣତା।

**schnapps** ବି. ଉତ୍କଟ ଜିନ୍‌ଜାତୀୟ ମଦ ବିଶେଷ।

**schnitzel** ବି. ବାଛୁରୀ ମାଂସର କଟ୍‌ଲେଟ୍।

**schnorkel** ବି. snorkelର ଭିନ୍ନ.।

**scholar** ବି. ବିଦ୍ୱାନ୍ ବ୍ୟକ୍ତି; ବିଶେଷଜ୍ଞ; ଶିକ୍ଷାର୍ଥୀ; ଶିକ୍ଷାନୁଷ୍ଠାନରେ ଅଧ୍ୟୟନ ନିମନ୍ତେ ଆର୍ଥିକ ସାହାଯ୍ୟ ପ୍ରାପ୍ତ ଶିକ୍ଷାର୍ଥୀ; ବିଂ. scholarly.

**schorlarship** ବି. ଛାତ୍ରବୃତ୍ତି; ବିଦ୍ୱତ୍ତା; ବିଶେଷଜ୍ଞାନ; ବ୍ୟୁତ୍ପତ୍ତି।

**scholastic** ବିଂ. ଶିକ୍ଷାନୁଷ୍ଠାନ ସଂକ୍ରାନ୍ତ; ଅଧିବିଦ୍ୟାଜନିତ; ପାଣ୍ଡିତ୍ୟପୂର୍ଣ୍ଣ; କ୍ରି.ବିଂ. scholastically.

**scholasticism** ବି. ପାଣ୍ଡିତ୍ୟ ବାହୁଲ୍ୟ; ସୁପ୍ରତିଷ୍ଠିତ ତତ୍ତ୍ୱର ସଂଜ୍ଞା, ନିଷ୍କର୍ଷ ପ୍ରଭୃତି ବା ତାହା ଉପରେ ଅଖଣ୍ଡ ବିଶ୍ୱାସ।

**school**[1] 1. ବି. ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ପାଠଶାଳା; ପାଠପଢ଼ା ସମୟ; ପ୍ରତିକୂଳ ଅବସ୍ଥାରୁ ଶିକ୍ଷାଲାଭ; ସମାନ ବିଚାରଧାରା, ଶୈଳୀ, ପଦ୍ଧତି ପ୍ରଭୃତି ଅନୁସରଣ କରୁଥିବା ବିଦ୍ୱାନ୍, ସାହିତ୍ୟିକ ବା ତାତ୍ତ୍ୱିକ ଗୋଷ୍ଠୀ; ତାସ୍ ଖେଳାଳି ବା ଜୁଆଡି ଦଳ; ମଧ୍ୟଯୁଗୀୟ ବକ୍ତୃତା କକ୍ଷ; 2. କ୍ରି. ଶିକ୍ଷାଲାଭ କରିବା; ଶିକ୍ଷା ପ୍ରଦାନ କରିବା; ପ୍ରଶିକ୍ଷିତ ବା ଯୋଗ୍ୟ କରିବା; at school ବିଦ୍ୟାଳାଭ ସମୟରେ ବା ଛାତ୍ରାବସ୍ଥାରେ।

**school**[2] ବି. ମାଛ, ତିମି ପ୍ରଭୃତିର ସମଷ୍ଟି।

**school age** ବି. ବିଦ୍ୟାଳୟ ଯିବା ବୟସ।

**schoolchild** ବି. (schoolboy, schoolgirl ମଧ୍ୟ) ସ୍କୁଲ ଯାଉଥିବା ପିଲା।

**schoolhouse** ବି. ସ୍କୁଲଘର (ବିଶେ. ଗ୍ରାମରେ)।

**schoolmaster** ବି. ସ୍କୁଲଶିକ୍ଷକ।

**schoolmistress** ବି. ଶିକ୍ଷୟିତ୍ରୀ।

**schoolroom** ବି. ବିଦ୍ୟାଳୟର ଯେଉଁ କୋଠରୀଗୁଡ଼ିକରେ ପାଠପଢ଼ା ହୁଏ; ଘରୋଇ ଶିକ୍ଷାର ପଢ଼ାଘର।

**schoolteacher** ବି. ସ୍କୁଲ ଶିକ୍ଷକ/ ଶିକ୍ଷୟିତ୍ରୀ।

**school year** ବି. ଶିକ୍ଷାବର୍ଷ।

**schooner** ବି. ଏକରୁ ଅଧିକ ମାସ୍ତୁଲଥିବା ଏକ ପ୍ରକାର ଜାହାଜ; ବିଅର୍ ପ୍ରଭୃତି ପାନୀୟର ବଡ଼ ପାନପାତ୍ର।

**schottische** ବି. ସ୍କଟ୍‌ଲେଣ୍ଡର ମନ୍ଥରଗତି ନୃତ୍ୟଶୈଳୀ।

**schwa** ବି. ଅନିର୍ଦ୍ଦିଷ୍ଟ ସ୍ୱରବର୍ଣ୍ଣ, ଉଦା. mother ତାହାର ଚିହ୍ନ( )।

**sciatic** ବିଂ. ପିଚା ସଂକ୍ରାନ୍ତ, ପିଚ୍ଛା ବା ସିଆଟିକ ସ୍ନାୟୁଜନିତ, ସିଆଟିକା ରୋଗଗ୍ରସ୍ତ।

**sciatica** ବି. ପିଚା ଏବଂ ଜଂଘର ସ୍ନାୟବିକ ରୋଗ।

**sciatic nerve** ବି. ଅଣ୍ଟା ପଛପାଖରୁ ଜଂଘକୁ ଯାଇଥିବା ସ୍ନାୟୁ।

**science** ବି. ବିଜ୍ଞାନ; ବିଧିବଦ୍ଧ ଏବଂ ନିୟମବଦ୍ଧ ଜ୍ଞାନ, ବୈଷୟିକ ଜ୍ଞାନ।

**science fiction** ବି. ବିଜ୍ଞାନ ଭିତ୍ତିକ କାଳ୍ପନିକ କାହାଣୀ ବା ଉପନ୍ୟାସ।

**scientific** ବିଂ. ବିଜ୍ଞାନ ସମ୍ମତ, ବିଜ୍ଞାନ ସଂବଂଧୀୟ; କ୍ରି.ବିଂ. scientifically.

**sci-fi** ବି. କ.ଭା. ବିଜ୍ଞାନଭିତ୍ତିକ କାହାଣୀ।

**scilicet** କ୍ରି.ବିଂ. ଅର୍ଥାତ୍ କହିବାକୁ ଗଲେ।

**scimitar** ବି. ବକ୍ରାକୃତି ପ୍ରାଚ୍ୟ ଖଣ୍ଡା।

**scintilla** ବି. ଚିହ୍ନବର୍ଣ୍ଣ; ସଂକେତ।

**scintillate** କ୍ରି. ଚକ୍‌ଚକ୍ କରିବା; ଦପ୍‌ଦପ୍ କରିବା; ବିଜ୍ଞଭାବରେ କହିବା; ବି. scintillation.

Digitized by srujanika@gmail.com

**sciolism** ବି. ଉପରଠାଉରିଆ ଜ୍ଞାନ, ତୁଚ୍ଛାଜ୍ଞାନ ପ୍ରଦର୍ଶନ; ବି. sciolist; ବିଂ. sciolistic.

**scion** ବି. ଗଜା, ପଲା, ଚାରା ( ବିଶେ. କଲମୀ); ବଂଶଧର; ପରିବାରର ଯୁବା ବ୍ୟକ୍ତି ।

**scissors** ବି. ବ.ବ. (pair of scissors) କଇଁଚି, କତୁରୀ ।

**sclerosis** ବି. ଶରୀରର ଟିସୁ ଅସ୍ୱାଭାବିକ ଭାବରେ ଶକ୍ତ ହୋଇଯିବା, disseminated (or multiple) sclerosis ଶରୀରର ବିଭିନ୍ନ ସ୍ଥାନରେ ଏହି ରୋଗର ଅଭିବୃଦ୍ଧି; ବିଂ. sclerotic.

**scoff**[1.] 1. କ୍ରି. ଛିଗୁଲେଇବା; କଡ଼ା କଥା କରିବା; ଉପହାସ କରିବା; 2. ବି. ଉପହାସପୂର୍ଣ୍ଣ କଥା, ଛିଗୁଲା; ବି. scoffer.

**scoff**[2.] *ସା.ପ୍ର. 1. କ୍ରି.* ଲୋଲୁପଭଳି ଖାଇବା; 2. ବି. ଖାଦ୍ୟ, ଭୋଜନ ।

**scold** 1. କ୍ରି. ଗାଳି କରିବା; ଦୋଷ ଦେଖାଇ କହିବା; 2. ବି. ସବୁବେଳେ ଅଭିଯୋଗ କରୁଥିବା ସ୍ତ୍ରୀଲୋକ ।

**scolding** ବି. ଭୀଷଣ ଗାଳି ।

**scollop** scallopର ବିକ. ।

**sconce**[1.] ବି. ମହମବତୀ ବା ଆଲୋକ–ସରଂଜାମ ରଖିବା ପାଇଁ ଉଦ୍ଦିଷ୍ଟ କାନ୍ଥ–ବ୍ରେକେଟ୍ ।

**sconce**[2.] ବି. କ୍ଷୁଦ୍ର ଦୁର୍ଗ ବା କିଲ୍ଲାବନ୍ଦି ।

**scone** ବି. ଏକ ପ୍ରକାର ହାଲୁକା ଶୀଘ୍ର–ପ୍ରସ୍ତୁତ କେକ୍ ।

**scoop** 1. ବି. ଛୋଟ ରଫା ବା ଫାଉଡ଼ା; ଛୋଟ କୋଡି, କ୍ଷୁଦ୍ରାକୃତି ଚଟୁ ସଦୃଶ ଉପକରଣ; ଏଥିରେ ଧରୁଥିବା ପରିମାଣ; ଆଇସକ୍ରିମ୍ ପରିବେଷଣ ଉପକରଣ; ଅଳ୍ପ ସମୟ ମଧ୍ୟରେ ହାସଲ କରାଯାଉଥିବା ଲାଭ; ଖବରକାଗଜର ବିଶେଷ ସମ୍ବାଦ; 2. କ୍ରି. ରଫା ବା ଫାଉଡାରେ ମାଟି ଖୋଳିବା ବା ବାହାର କରିବା; ଚଟୁରେ ତରଳ ପଦାର୍ଥ ହାଣ୍ଡି ପ୍ରଭୃତିରୁ ଆଣିବା; ହଠାତ୍ ଲାଭ ପାଇବା; ବିଶେଷ ସମ୍ବାଦ ଛାପି ଅନ୍ୟ ଖବରକାଗଜଗୁଡ଼ିକୁ ପଛରେ ପକାଇଦେବା ।

**scoot** କ୍ରି. କ.ଭା. ଦଉଡି ପଳେଇବା; ତରତର ହୋଇ ଚାଲିଯିବା ।

**scooter** ବି. ପାଦ ଦ୍ୱାରା ପେଡାଲ ଚାଳିତ ଶିଶୁମାନଙ୍କ ଖେଳଣା ଗାଡି ବିଶେଷ; ସ୍କୁଟର୍ (motor scooter).

**scooty** ବି. ସ୍ୱଳ୍ପ ଅଶ୍ୱଶକ୍ତି ସମ୍ପନ୍ନ କ୍ଷୁଦ୍ରାକୃତି ସ୍କୁଟର୍ ।

**scope** ବି. ସୁଯୋଗ; ଅବସର; ନିରୀକ୍ଷଣ ବା କାର୍ଯ୍ୟସାଧନ ପାଇଁ କ୍ଷେତ୍ର ।

**–scope** *ପ.ପ୍ର.* ଯାହା ଦେଖାଯିବ ବା ଯାହା ମାଧ୍ୟମରେ ଦେଖାଯିବ ସୂଚାଉଥିବା ବିଶେଷ୍ୟ ପଦ ନିଷ୍ପନ୍ନ ପାଇଁ ବ୍ୟବହୃତ ପ୍ରତ୍ୟୟ (periscope, telescope).

**–scopic** *ପ.ପ୍ର.* ଯାହା ଦେଖିବା ପାଇଁ ଉଦ୍ଦିଷ୍ଟ ତାହା ସୂଚାଇବା ପାଇଁ ବା –scope ଶବ୍ଦାନ୍ତର ବିଶେଷଣ ନିଷ୍ପନ୍ନ ପାଇଁ ବ୍ୟବହୃତ; ଉଦା. microscopic.

**–scopy** *ପ.ପ୍ର.* ବିଶେଷ୍ୟପଦ ନିଷ୍ପନ୍ନ ପାଇଁ ବ୍ୟବହୃତ; ଉଦା. endoscopy.

**scorbutic** ବିଂ. ସ୍କର୍ଭିରୋଗାକ୍ରାନ୍ତ ବା ତଦ୍ଦୃଶ ।

**scorch** 1. କ୍ରି. ସୂର୍ଯ୍ୟତାପ ବା କୌଣସି ଶୁଷ୍କତାପ ଦ୍ୱାରା ଚମଡା ସିଝିଯିବା ବା ବର୍ଣ୍ଣହୀନ ହୋଇଯିବା; *ସା.ପ୍ର.* ତୀବ୍ରଗତିରେ ଯିବା; 2. ବି. ଏଭଳି ପୋଡା ଦାଗ ।

**scorcher** ବି. *କ.ଭା.* ଖୁବ୍ ଗରମ ହେଉଥିବା ଦିନ ।

**score** 1. ବି. ଖେଳରେ ନିଜ ଦଳ ପାଇଁ ବା ନିଜପାଇଁ ହାସଲ କରିଥିବା ଗୋଲ୍, ପଏଣ୍ଟ, ରନ୍ ପ୍ରଭୃତି; ଏକ କୋଡି, କୋଡିଏ; 2. କ୍ରି. ପଏଣ୍ଟ, ରନ୍ ପ୍ରଭୃତି ହାସଲ କରିବା; ଜିଣିବା; ସଫଳ ହେବା; ସୌଭାଗ୍ୟବାନ୍ ହେବା; ଗାର କାଟିବା; ଚିହ୍ନିତ କରିବା; keep the score ସ୍କୋର ଲିପିବଦ୍ଧ କରିବା; know the score ଆବଶ୍ୟକ ତଥ୍ୟ ଜାଣି ରଖିବା; on that score ସେହି ବିଷୟରେ ବା ସଂକ୍ରାନ୍ତରେ; pay off old scores ପ୍ରତିଶୋଧ ନେବା; score off *କ.ଭା.* ହିନସ୍ତା କରିବା; ଯୁକ୍ତିତର୍କ ବା ପରିହାସରେ ହରେଇ ଦେବା; score out ବାଦ୍‌ଦେବା ।

**scoreboard** ବି. (ବା –book, –card, –sheet) ଯେଉଁଥିରେ ସ୍କୋର ଲେଖାହୁଏ ବା ପ୍ରଦର୍ଶିତ ହୁଏ ।

**scorer** ବି. ସ୍କୋର, ରନ୍, ଗୋଲ୍ ପ୍ରଭୃତିର ହିସାବ ରକ୍ଷକ ।

**scoria** ବି. ( ବ.ବ. scoriae) ଲାଭାର ଘନୀଭୂତ ରୂପ; ବିଂ. scoriaceous.

**scorn** 1. କ୍ରି. ଘୃଣା, ଅନାଦର ବା ବିରକ୍ତି ଦେଖାଇବା; 2. ବି. ଘୃଣା, ଅନାଦର, ବିରକ୍ତି, ତୁଚ୍ଛତାଚ୍ଛଲ୍ୟ ।

Digitized by srujanika@gmail.com

**scornful** ବିଂ. ଘୃଣାସ୍ପଦ ।

**scornfully** କ୍ରି.ବିଂ. ଘୃଣାସ୍ପଦ ଭାବରେ ।

**Scorpio** ବି. ରାଶିଚକ୍ରର ଅଷ୍ଟମ ସ୍ଥାନ, ବିଚ୍ଛାରାଶି ।

**scorpion** ବି. ବିଚ୍ଛା ।

**Scorpion** ବି. ବିଚ୍ଛାରାଶି ବା ତାର ଚିହ୍ନ ।

**Scot** ବି. ସ୍କଟ୍‌ଲେଣ୍ଡର ଅଧିବାସୀ ।

**Scotch**[1] 1. ବିଂ. ସ୍କଟ୍‌ଲେଣ୍ଡର୍ ଅଧିବାସୀ ବା ଭାଷା ସମ୍ପର୍କୀୟ; 2. ବି. ସ୍କଟ୍‌ଲେଣ୍ଡରେ (ବିଶେ. ନିମ୍ନଭୂମି ଅଞ୍ଚଳରେ) ବ୍ୟବହୃତ ଇଂରାଜୀ ଭାଷା; ଏକ ପ୍ରକାର ମଦ୍ୟ ।

**scotch**[2] କ୍ରି. ନିର୍ଣ୍ଣାୟକ ଭାବରେ କୌଣସି ବିଷୟ ଶେଷ କରିବା; (ଯୋଜନା ପ୍ରଭୃତି) ନିଷ୍ଫଳ କରିଦେବା ।

**Scotch broth** ବି. ମାଂସ, ପରିବା, ବାର୍ଲି ପ୍ରଭୃତିର ମିଶ୍ରଣରୁ ପ୍ରସ୍ତୁତ ସୁପ୍ ।

**Scotch egg** ବି. ଟାଣସିଝାଅଣ୍ଡାଦିଆ ସସେଜ୍ ।

**Scotch fir (pine)** ବି. ପାଇନ୍ ବୃକ୍ଷ ବିଶେଷ ।

**Scotch kale** ବି. ବାଇଗଣି ରଙ୍ଗର ପତ୍ର ବିଶିଷ୍ଟ କେଲ୍ (କୋବି) ।

**Scotch mist** ବି. ଘଞ୍ଚ କୁହୁଡ଼ି ଏବଂ ମୃଦୁବର୍ଷା ।

**Scotch terrier** ବି. କ୍ଷୁଦ୍ର ଗୋଡ଼ ବିଶିଷ୍ଟ ଏକ ଜାତୀୟ ଟେରିଅର୍ (କୁକୁର) ।

**Scotch whisky** ବି. ସ୍କଟ୍‌ଲେଣ୍ଡରେ ପ୍ରସ୍ତୁତ ବିଖ୍ୟାତ ମଦ ।

> ବି.ଦ୍ର. ଉପର୍ଯ୍ୟୁକ୍ତ ଯୌଗିକ ଶବ୍ଦଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ ସ୍ଥଳେ Scots ବା Scottish ସ୍କଟ୍‌ଲେଣ୍ଡରେ ସାଧାରଣତଃ ଗ୍ରହଣଯୋଗ୍ୟ ।

**scot-free** ବିଂ. ବିନା କ୍ଷତିରେ; ବିନା ଶାସ୍ତିରେ ।

**Scots** ବିଂ. ଓ ବି. ସ୍କଟ୍‌ଲେଣ୍ଡୀୟ; Scottishର ବିକ.; ଦ୍ର. Scotch.

**Scotsman** ବି. ସ୍କଟ୍‌ଲେଣ୍ଡ ଅଧିବାସୀ ।

**Scotswoman** ବି. ସ୍କଟ୍‌ଲେଣ୍ଡର ଅଧିବାସିନୀ ।

**Scottie** ବି. କ.ଭା. ସ୍କଟ୍‌ଲେଣ୍ଡବାସୀ; ସ୍କଚ୍ ଟେରିଅର୍ (କୁକୁର) ।

**Scottish** ବିଂ. ସ୍କଟ୍‌ଲେଣ୍ଡୀୟ ।

**scoundrel** ବି. ବଦମାସ, ଖଳବ୍ୟକ୍ତି; ବିଂ. scoundrelly.

**scour**[1] 1. କ୍ରି. ଘଷିମାଜି ସଫାକରିବା; 2. ବି. ଘଷାମଜା ।

**scour**[2] କ୍ରି. ତରତର ହୋଇ ବା ଟିକିନିଖି କରି ଖୋଜିବା; ଦ୍ରୁତ ଅନୁଧାବନ କରିବା ।

**scourer** ବି. ଘଷିବା ବା ମାଜିବା ପାଇଁ ବ୍ୟବହୃତ ଗୁଣ୍ଡ ।

**scourge** 1. ବି. ପ୍ରତିଶୋଧ ବା ଶାସ୍ତି ପ୍ରଦାନକାରୀ ବ୍ୟକ୍ତି; ଚାବୁକ୍; 2. କ୍ରି. ଶାସ୍ତି ବା କଷ୍ଟ ଦେବା; ଚାବୁକ୍‌ରେ ମାରିବା ।

**Scouse** କ.ଭା. 1. ବିଂ. ଲିଭରପୁଲ୍‌ର; 2. ବି. ଲିଭରପୁଲର ଅଧିବାସୀ ବା ସେଠାକାର କଥିତ ଭାଷା ।

**scout**[1] 1. ବି. ଶତ୍ରୁପକ୍ଷର ସମ୍ବାଦ ସଂଗ୍ରହ ପାଇଁ ପ୍ରେରିତ ବ୍ୟକ୍ତି ବା ସୈନିକ; ସୂଚନା ବା ତଥ୍ୟସଂଗ୍ରହ; ସ୍କାଉଟ୍ ସଂସ୍ଥାର ସଦସ୍ୟ; କ.ଭା. ସାଙ୍ଗ; ବ୍ୟକ୍ତି; 2. କ୍ରି. ସ୍କାଉଟ୍ ଭଳି କାର୍ଯ୍ୟ କରିବା; ଖୋଜିବା; ଅନୁସନ୍ଧାନ କରିବା; scout about (around) ସନ୍ଧାନ କରିବା; ଖୋଜିବା ।

**scout**[2] କ୍ରି. ଭର୍ତ୍ସନା ସହ ପ୍ରତ୍ୟାଖ୍ୟାନ କରିବା (ପରିକଳ୍ପନା, ଯୋଜନା ପ୍ରଭୃତି) ।

**Scouter** ବି. ସ୍କାଉଟ ସଙ୍ଗଠନର ବୟସ୍କ ସଦସ୍ୟ ।

**scow** ବି. ଚେପ୍ଟା ତଳ ବିଶିଷ୍ଟ ଡଙ୍ଗା ।

**scowl** 1. ବି. ମୁହଁରେ ପ୍ରକଟିତ ବିରକ୍ତି, ରାଗ ପ୍ରଭୃତିର ଭାବ; 2. କ୍ରି. ମୁହଁରେ ଏଭଳି ଭାବ ପ୍ରକଟିତ ହେବା ।

**scrabble** 1. କ୍ରି. ଆଞ୍ଚୁଡି ବା ଅଣ୍ଡାଳି ଜିନିଷ ଖୋଜିବା; 2. ବି. ସେଭଳି ଖୋଜା; ଶବ୍ଦ–ତିଆରି ଖେଳ (ବୋର୍ଡ୍ ଉପରେ, ଅକ୍ଷରାଙ୍କିତ ଗୋଟି ବା ବ୍ଲକ୍ ସାହାଯ୍ୟରେ) ।

**scrag** 1. ବି. ମାଂସର ନିକୃଷ୍ଟ ଅଂଶ; ଧେଡିଆ ବା କ୍ଷୀଣକାୟ ବ୍ୟକ୍ତି ବା ପ୍ରାଣୀ; 2. କ୍ରି. ତଣ୍ଟି ଚିପିବା; ମାଡ ମାରିବା; ମାରଧର କରିବା ।

**scraggy** ବିଂ. କ୍ଷୀଣକାୟ, ହାଡୁଆ; କ୍ରି.ବିଂ. scraggily; ବି. scragginess.

**scram** କ୍ରି. ଅ.ପ୍ର. ଚାଲିଯିବା; (ଆଦେଶାତ୍ମକ) ଯାଅ ।

**scramble** 1. କ୍ରି. ଚଢ଼ି, ଘୁଷୁରି ଆଗେଇବା; ପ୍ରତିଯୋଗିତା କରିବା; ନିର୍ବିଚାରରେ ମିଶାମିଶି କରିବା; ଲହୁଣୀ, କ୍ଷୀର ପ୍ରଭୃତି ମିଶାଇ ତାବାରେ ଅଣ୍ଡା ଭାଜିବା; (ଟେଲିଫୋନ୍) ବିଶେଷ ଶ୍ରବଣଯନ୍ତ୍ର ବିନା ଶୁଣାଯାଉ ନଥିବା ଭିନ୍ନ ତରଙ୍ଗ

Digitized by srujanika@gmail.com

ଗତିର ବାର୍ତ୍ତା ବ୍ୟବହାର କରିବା; ତରତର ହୋଇ ଚଳାବୁଲା କରିବା (ଉଡାଜାହାଜ) ଜରୁରୀ କାଳୀନ ପରିସ୍ଥିତିରେ କ୍ଷିପ୍ରଗତିରେ ଉଡାଣ ପାଇଁ ଭୂମି ପରିତ୍ୟାଗ କରିବା; 2. ବି. ଆବୁଡାଖାବୁଡା ରାସ୍ତାରେ ଚାଳିତ, ଗୁରୁଣ୍ଡିବା ବା ମଟରଦୌଡ କାର୍ଯ୍ୟ; ପ୍ରାଣମୂର୍ଚ୍ଛା ପ୍ରତିଯୋଗିତା ।

**scrambled egg** ବି. କ.ଭା. ସାମରିକ ଅଫିସର୍‌ମାନଙ୍କ ଟୋପିରେ ଥିବା ସୁନେଲି ଫିତା ବା ଡୋର ।

**scrambler** ବି. ବିଶେଷ ଧରଣର ଟେଲିଫୋନ୍ ।

**scrap**[1] 1. ବି. ଖଣ୍ଡ, ଟୁକୁରା, ଅଂଶବିଶେଷ; କଚରା; ଆବର୍ଜନା; ବ.ବଚରେ ବଳି ଯାଇଥିବା ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ; ଇଆଡୁସିଆଡୁ; 2. କ୍ରି. ଅଦରକାରୀ ବୋଲି ଫୋପାଡି ଦେବା ।

**scrap**[2] ବି. କ.ଭା. ମାରପିଟ ବା ଗଣ୍ଡଗୋଳ ।

**scrapbook** ବି. ଯେଉଁ ବହିରେ ସମ୍ବାଦପତ୍ରର କଟା ଅଂଶ, ଫଟୋଚିତ୍ର ପ୍ରଭୃତି ଅଠାମାରି ରଖାଯାଇଥାଏ ।

**scrape** 1. କ୍ରି. ଘଷି ବା ଚାଞ୍ଛି ମସୃଣ ବା ପରିଷ୍କୃତ କରିବା; ଘଷି ଦାଗ କରିବା; ଖୋଳିବା; ଗାଡିମଟର ବ୍ୟକ୍ତିର ପାଖଦେଇ ଛୁଇଁ–ନ–ଛୁଇଁ ଚାଲିଯିବା; ଅଧ୍ୟବସାୟ ଫଳରେ ଲାଭାନ୍ୱିତ ହେବା; ମିତବ୍ୟୟୀ ହେବା; ଖୁବ୍ କଷ୍ଟରେ ଗୁଜରାଣ ମେଣ୍ଟାଇବା; 2. ବି. ଘଷିବା, ଚାଞ୍ଛିବା ବା ରାମ୍ପୁଡିବା ଶବ୍ଦ; ରାମ୍ପୁଡା ବା ଆଞ୍ଚୁଡା ଦାଗ; scrape the barrel କ.ଭା. ଶେଷ ସମ୍ବଳ ବା ଶକ୍ତି ବ୍ୟବହାର କରିବା ।

**scraper** ବି. ଘଷିବା, ମାଜିବା ପ୍ରଭୃତିରେ ବ୍ୟବହୃତ ଉପକରଣ ।

**scraping** ବି. ସା.ବ.ବ. ଘଷିବା ବା ଚାଞ୍ଛିବାଦ୍ୱାରା ବାହାରିଥିବା ଟୁକୁରା ବା ଖଣ୍ଡ ।

**scrap–merchant** ବି. କବାଡିବାଲା ।

**scrappy** ବିଂ. ଖଣ୍ଡବିଖଣ୍ଡିତ, ଅସଂପୂର୍ଣ୍ଣ; ଅଯତ୍ନସଜ୍ଜିତ, ଅବିନ୍ୟସ୍ତ; କ୍ରି.ବିଂ. scrappily; ବି. scrappiness.

**scrapyard** ବି. କବାଡିଖାନା, ଅଳିଆ ମଳିଆ ଜମା କରିବା ସ୍ଥାନ ।

**scratch** 1. କ୍ରି. ଆଞ୍ଚୁଡିବା; ରାମ୍ପୁଡିବା; ଏଭଳି ଦାଗ କରିବା; କୁଣ୍ଡେଇବା (ଆଙ୍ଗୁଠି ବା ନଖଦ୍ୱାରା); କାଟିଦେବା ବା ଲିଭାଇ ଦେବା; ଅଯୋଗ୍ୟ ଘୋଷଣା କରିବା; 2. ବି. ଆଞ୍ଚୁଡିବା, କୁଣ୍ଡେଇବା ବା ରାମ୍ପୁଡିବା ଦାଗ, ଚିହ୍ନ ବା ଶବ୍ଦ; କ.ଭା. ସାମାନ୍ୟ କ୍ଷତ ବା ଘା'; ଆରମ୍ଭ କରିବା ସ୍ଥାନ; 3. ବିଂ. ଭାଗ୍ୟବଶତଃ ବା ହଠାତ୍ ପ୍ରାପ୍ତ; ଉପଲବ୍ଧ ସାମଗ୍ରୀରୁ ସଂଗୃହୀତ ବା ପ୍ରସ୍ତୁତ; from scratch ମୂଳରୁ କୌଣସି ସାହାଯ୍ୟ ବା ସୁବିଧା ବିନା କାର୍ଯ୍ୟ ଆରମ୍ଭ କରିବା; scratch one's head ବିବ୍ରତ ବୋଧ କରିବା; scratch the surface କେବଳ ଉପର ଠାଉରିଆ ଭାବରେ କୌଣସି ଘଟଣାର ବ୍ୟବସ୍ଥା କରିବା; up to scratch ଆବଶ୍ୟକ ସ୍ତର ପର୍ଯ୍ୟନ୍ତ ।

**scratchy** ବିଂ. ଆଞ୍ଚୁଡା ବା ରାମ୍ପୁଡା ଦାଗ ବା ସେଭଳି ଶବ୍ଦ ସୃଷ୍ଟିକାରୀ ବସ୍ତୁ ବା କାର୍ଯ୍ୟ; ଯାହା କୁଣ୍ଡେଇ ହୁଏ; କ୍ରି.ବିଂ. scratchily; ବି. scratchiness.

**scrawl** 1. କ୍ରି. ତରତର ହୋଇ ଲେଖିବା; 2. ବି. ତରତର ଭାବେ ଲେଖା ।

**scrawny** ବିଂ. ଧେଡିଆ, ଶୀର୍ଣ୍ଣକାୟ ।

**scream** 1. କ୍ରି. ଚିତ୍କାର କରିବା; ହସିହସି ଗଡିଯିବା; ଜଳଜଳ ହୋଇ ଦେଖାଯିବା; 2. ବି. ଚିତ୍କାର; କ.ଭା. ଭାରି ମଜାଦର ଘଟଣା ବା ଲୋକ ।

**scree** ବି. ଏ.ବ. ବ.ବ. କ୍ଷୁଦ୍ରାକୃତି ଢେଲାପଥର ଗୁଡିଏ; ଏଥିରେ ଭର୍ତ୍ତି ପାହାଡର ଢାଲୁ ଅଂଶ ।

**screech** 1. ବି. ଶ୍ରୁତିକଟୁ ଚିତ୍କାର (ଉଚ୍ଚ ସ୍ୱରରେ); 2. କ୍ରି. ଏଭଳି ଚିତ୍କାର ବା ଶବ୍ଦ ସୃଷ୍ଟି କରିବା ।

**screech–owl** ବି. କର୍କଶ ଚିତ୍କାର କରୁଥିବା ପେଚା ।

**screed** ବି. ଦୀର୍ଘ ବିରକ୍ତିକର ବକ୍ତବ୍ୟ ବା ଲେଖା ।

**screen** 1. ବି. ପରଦା, ଘୋଡଣି; ଚଳଚ୍ଚିତ୍ର ଶିଳ୍ପ; 2. କ୍ରି. ପରଦା ପକେଇ ଦେବା; ଘୋଡାଇ ଦେବା, ଲୁଚାଇ ଦେବା; screen off ପରଦା ଦ୍ୱାରା ଲୁଚାଇବା ।

**screenplay** ବି. ଚିତ୍ରନାଟ୍ୟ; ଉପନ୍ୟାସ ପ୍ରଭୃତିର ନାଟ୍ୟ ବା ଚଳଚ୍ଚିତ୍ର ରୂପାୟନ ।

**screen–printing** ବି. ଷ୍ଟେନ୍‌ସିଲ୍ ପ୍ରକ୍ରିୟାଭଳି ଛାପା ପଦ୍ଧତି, ଯହିଁରେ ସୂକ୍ଷ୍ମ ଉପାଦାନ ଦ୍ୱାରା ପ୍ରସ୍ତୁତ ପର୍ଦ୍ଦା ଉପରେ ସ୍ୟାହି ମାଡି ଯାଇଥାଏ ।

**screw** 1. ବି. ସ୍କ୍ରୁ; ପେଚ; (ବିଲିୟାଡ୍‌ରେ) ବଲ୍‌ର ତିର୍ଯ୍ୟକ୍ ଗତି; ସା.ପ୍ର. ଜେଲ୍ ୱାର୍ଡର; ଦରମା ବା ମଜୁରୀ; ଯୌନକ୍ରିୟା, ଯୌନକ୍ରିୟାରେ

Digitized by srujanika@gmail.com

ଅଂଶୀଦାର; 2. *କ୍ରି.* ପେଚ୍ ବା ସ୍କ୍ରୁ ମୋଡ଼ିବା; (ବଲ୍) ବଙ୍କେଇକରି ଗତି କରିବା; ନିର୍ଯ୍ୟାତନା ଦେବା; (ପଇସାପତ୍ର ବା ସମ୍ମତି) ଜୋର୍‌କରି ଆଦାୟ କରିବା; ମୁଖ ବିକୃତ କରିବା; *ସା.ପ୍ର.* ଯୌନ କ୍ରିୟାରେ ଲିପ୍ତ ହେବା; have a screw loose *କ.ଭା.* ସାମାନ୍ୟ ଆଡ଼ପାଗଳା; put the screws on *କ.ଭା.* ଚାପ ଦେବା ବା ଜୋର୍ କରିବା; screw up ମୁହଁ ପ୍ରଭୃତି ବିକୃତ କରିବା; ସାହସ ସଞ୍ଚୟ କରିବା; *ସା.ପ୍ର.* ବେଙ୍ଗା କରିଦେବା; ନଷ୍ଟ କରିଦେବା।

**screwball** ବି. *ଆମେ. ସା.ପ୍ର.* ଆଡପାଗଳା ବ୍ୟକ୍ତି।

**screwdriver** ବି. ପେଚ୍‌କସ୍, ସ୍କ୍ରୁଡ୍ରାଇଭର୍।

**screwed** ବିଂ. ବଙ୍କା, ଟେଢ଼ା; *ସା.ପ୍ର.* ମାତାଲ୍ ଲୋକ।

**screwy** ବିଂ. *ସା.ପ୍ର.* ପାଗଳା, ଆଡପାଗଳା, ଉଦ୍‌ଭଟ।

**scribble** *କ୍ରି.* ତରତର ହୋଇ ବା ଅଯତ୍ନରେ ଲେଖିବା।

**scribe** 1. ବି. ଲିପିକାର, ଲେଖକ; ସୁନ୍ଦର ଅକ୍ଷରରେ ଲେଖୁଥିବା ବ୍ୟକ୍ତି; କାଠ ପ୍ରଭୃତିରେ ଚିହ୍ନ ଦେବା ପାଇଁ ବ୍ୟବହୃତ ମୁନିଆ ଉପକରଣ; 2. *କ୍ରି.* ଏହି ଉପକରଣ ସାହାଯ୍ୟରେ ଚିହ୍ନଦେବା; ବିଂ. scribal.

**scrim** ବି. ଖୋଲା–ବୁଣା କପଡ଼ା।

**scrimmage** 1. ବି. ଭିଡାଓଟରା, କଳି, ମାରପିଟ; 2. *କ୍ରି.* କଳିତକରାଳ କରିବା।

**scrimp** *କ୍ରି. ଦ୍ର.* skimp.

**scrip** ବି. ଅର୍ଥଲଗାଣର ସାମୟିକ ପ୍ରମାଣପତ୍ର।

**script** 1. ବି. ହସ୍ତଲିପି, ହାତଲେଖା; ବର୍ଣ୍ଣମାଳା ବା ଲିଖନ ପଦ୍ଧତି; ନାଟକ, ଚଳଚ୍ଚିତ୍ର ପ୍ରଭୃତିର ପାଠ; ପରୀକ୍ଷାର୍ଥୀର ଉତ୍ତର ଖାତା; 2. *କ୍ରି.* ଚଳଚ୍ଚିତ୍ର ପ୍ରଭୃତି ପାଇଁ ଲେଖିବା।

**scripture** ବି. ଧର୍ମ ପୁସ୍ତକ; ଧର୍ମଶାସ୍ତ୍ର; ଧର୍ମୀୟ ରଚନା; Scripture ବା the Scriptures ବାଇବେଲ୍; ବିଂ. scriptural.

**scriptwriter** ବି. ରେଡିଓ, ଟେଲିଭିଜନ ବା ଚଳଚ୍ଚିତ୍ର ପାଇଁ କାହାଣୀ ବା ଚିତ୍ରନାଟ୍ୟ ଲେଖକ।

**scrivener** ବି. *ଇତି.* ଦଲିଲ ପ୍ରଭୃତିର ଲେଖକ; ନକଲକାରୀ, ନୋଟାରୀ।

**scrofula** ବି. ଫୁଲାରୋଗ, ଯକ୍ଷ୍ମାଜନିତ ଫୁଲା; ବିଂ. scrofulous.

**scroll** 1. ବି. ଭୂର୍ଜପତ୍ର ବା କାଗଜରେ ଲିଖିତ ରୋଲ୍; ପ୍ରାଚୀନ ଲିଖନ ଶୈଳୀ ବା ପଦ୍ଧତି।

**Scrooge** ବି. କୃପଣ, କାମ୍ପି (ଡିକେନ୍‌ସ୍‌ଙ୍କ ଉପନ୍ୟାସର ଚରିତ୍ର ବିଶେଷ)।

**scrotum** ବି. (ବ.ବ. scrota) ଅଣ୍ଡକୋଷ; ବିଂ. scrotal.

**scrounge** *କ୍ରି. ସା.ପ୍ର.* ବେଆଇନ୍ ଭାବେ କୌଣସି ଜିନିଷ ହାସଲ କରିବା।

**scrub**[1] 1. *କ୍ରି.* ସଫା ବା ପରିଷ୍କାର କରିବା ପାଇଁ ଘଷିବା ବା ମାଜିବା, *ବିଶେ.* ଟାଣ ବ୍ରଶ୍‌ରେ; ମଇଳା ନିଷ୍କାସନ କରିବା ପାଇଁ ପାଣିରେ ଧୋଇବା; *ସା.ପ୍ର.* (ଯୋଜନା, ଆଦେଶ ପ୍ରଭୃତି) ବାତିଲ୍ କରିଦେବା; 2. ବି. ଘଷାମଜା।

**scrub**[2] ବି. ବୁଦୁବୁଦିକିଆ ଜଙ୍ଗଲ ବା ସେଭଳି ଜାଗା; ପତ୍ରା; ଗେଡା ବା ଗୁରୁତ୍ୱହୀନ ବ୍ୟକ୍ତି; ବିଂ. scrubby.

**scrubber**[1] ବି. ବାଷ୍ପ ପରିଷ୍କରଣ ଉପକରଣ; *ସା.ପ୍ର.* ଚରିତ୍ରହୀନ; ବେଶ ପୋଷାକ ବା ଆଚରଣରେ ଅମାର୍ଜିତ ସ୍ତ୍ରୀଲୋକ।

**scrubber**[2] ବି. ବଳଦ ବା ଅନ୍ୟ କୌଣସି ଇତର ପ୍ରାଣୀ।

**scruff** ବି. ବେକର ପଛପାଖ।

**scruffy** ବିଂ. *କ.ଭା.* ଅମାର୍ଜିତ; ରୁଚିହୀନ, ଅସଂଯତ; *କ୍ରି.ବିଂ.* scruffily; ବି. scruffi–ness.

**scrum** ବି. (ରଗ୍‌ବି ଫୁଟ୍‌ବଲ୍‌ରେ) ସମସ୍ତ ପୁରୋଭାଗ ଖେଳାଳି ସାମୂହିକ ଭାବରେ ଶକ୍ତି ପ୍ରୟୋଗ କରିବା (ଅପର ପକ୍ଷରୁ ବଲ୍ ଛଡେଇ ଆଣିବା ପାଇଁ)।

**scrum–half** ବି. ରଗ୍‌ବି ଖେଳରେ ସ୍କ୍ରମ୍ ମଧ୍ୟକୁ ବଲ୍ ନିକ୍ଷେପ କରୁଥିବା ହାଫ–ବେକ୍।

**scrummage** ବି. *ଦ୍ର.* scrum.

**scrumptious** ବିଂ. *କ.ଭା.* ସୁସ୍ୱାଦୁ, ଆନନ୍ଦ–ଦାୟକ।

**scrumpy** ବି. *କ.ଭା.* ଅମସୃଣ ସାଇଡର୍ ବୃକ୍ଷ।

**scrunch** ବି. ଏବଂ *କ୍ରି.* crunchର ଚିହ୍ନ. /

**scruple** 1. ବି. କାର୍ଯ୍ୟସାଧନରେ ଔଚିତ୍ୟଜ୍ଞାନ; ହିତାହିତ, ନ୍ୟାୟାନ୍ୟାୟ ସଚେତନତା;

Digitized by srujanika@gmail.com

ନ୍ୟାୟାନ୍ୟାୟର ଦ୍ୱନ୍ଦ୍ୱ; ୨୦ ଗ୍ରେନ୍ ପରିମାଣ ଓଜନ; 2. କ୍ରି. ଭଲମନ୍ଦ ବା ନ୍ୟାୟାନ୍ୟାୟ ଦ୍ୱନ୍ଦ୍ୱରେ ପଡିବା ।

**scrupulous** ବିଂ. ଭୁଲ୍ ବା ଅନ୍ୟାୟ କାର୍ଯ୍ୟ କରିବାରେ ବିମୁଖ; ଛୋଟ କଥା ଗୁଡ଼ିକରେ ମଧ୍ୟ ବିବେକୀ ବା ଭ୍ରାନ୍ତିହୀନ; ବିବେକବାନ୍, ସଚେତନ; ବି. scrupulosity.

**scrutineer** ବି. ଭୋଟ କାଗଜ ତନଖି କରିବା ବ୍ୟକ୍ତି ।

**scrutinize** କ୍ରି. ତନଖି କରିବା; ପରୀକ୍ଷା କରି ଦେଖିବା ।

**scrutiny** ବି. ସମାଲୋଚନାତ୍ମକ ଦୃଷ୍ଟିଭଙ୍ଗୀ; ପୁଙ୍ଖାନୁପୁଙ୍ଖ ତର୍ଜମା, ଅନୁଶୀଳନ ବା ତଦନ୍ତ; ଭୋଟ ଗଣନା ବା ଭୋଟ କାଗଜର ସଠିକତା ପରୀକ୍ଷଣ ।

**scuba** ବି. ସ୍ୱୟଂ–ସଂପୂର୍ଣ୍ଣ ଜଳନିମ୍ନ ଶ୍ୱାସ ଉପକରଣ ।

**scud** 1. କ୍ରି. ସଳଖ ଭାବରେ ତଥା ତୀବ୍ର ବେଗରେ ଛୁଟିଯିବା ବା ଦଉଡ଼ିବା; 2. ବି. ବର୍ଷା; ଝୁରି ପଡ଼ିବା ।

**scuff** 1. କ୍ରି. ଗୋଡ ଘୋଷାରି ଚାଲିବା; ଘଷିହୋଇ ଯିବା; ଦାଗ କରିବା; ଘଷରା କରିବା; 2. ବି. ଘଷରା; ଦାଗ ।

**scuffle** 1. ବି. ଗଣ୍ଡଗୋଳ, ଧସ୍ତାଧସ୍ତି, ହାତାହାତି; ମୁହାଁମୁହିଁ ସଂଘର୍ଷ; 2. କ୍ରି. ଏହିଭଳି ଗଣ୍ଡଗୋଳ କରିବା ବା ଧସ୍ତାଧସ୍ତି ହେବା ।

**scull** 1. ବି. ଆହୁଲା ଯୋଡି ମଧ୍ୟରୁ ଗୋଟିଏ; 2. କ୍ରି. ଆହୁଲାମାରି ଡଙ୍ଗା ବାହିବା ।

**sculler** ବି. ଆହୁଲା ମାରିବା ବ୍ୟକ୍ତି; ଆହୁଲା ଡଙ୍ଗା ।

**scullery** ବି. ରୋଷେଇ ଘରର ପଛପାଖ, ଯେଉଁଠି ସାଧାରଣତଃ ବାସନକୁସନ ଧୁଆ– ମଜା ହୁଏ ।

**scullion** ବି. *ପ୍ରା.ପ୍ର.* ରାନ୍ଧୁଣିଆର ସହକାରୀ ବାଳକ; ବାସନକୁସନ ସଫା କରିବା ଲୋକ ।

**sculpt** ବି. *କ.ଭା. ସଂଶ.* sculpture.

**sculptor** ବି. ଭାସ୍କର, ମୂର୍ତ୍ତିଶିଳ୍ପୀ ।

**sculpture** 1. ବି. ଭାସ୍କର୍ଯ୍ୟ; ମୂର୍ତ୍ତିକଳା; ଖୋଦେଇ କଳା; ପଥର, ମାଟି, ତରଳ ଧାତୁ, କାଷ୍ଠ ପ୍ରଭୃତିରେ ପ୍ରସ୍ତୁତ ଶିଳ୍ପକଳା; 2. କ୍ରି. ମୂର୍ତ୍ତିପ୍ରଭୃତି ତିଆରି କରିବା; କାଠ ଖୋଦେଇ କରିବା; ଭାସ୍କର୍ଯ୍ୟ ବା ମୂର୍ତ୍ତି ପ୍ରଭୃତିରେ ସଜାଇବା; ବିଂ. sculptural; କ୍ରି.ବିଂ. sculpturally.

**scum** 1. ବି. ତରଳ ପଦାର୍ଥ ଉପରେ ଭାସମାନ ମଇଳା, ଫେଣ ପ୍ରଭୃତି; ମୂଲ୍ୟହୀନ ଅଂଶ ବିଶେଷ; ଅବାଂଛିତ ବା ଅଯୋଗ୍ୟ ବ୍ୟକ୍ତି; 2. କ୍ରି. ତରଳ ପଦାର୍ଥ ଉପରୁ ମଇଳା ପ୍ରଭୃତି ସଫା କରିବା ବା ଏଭଳି ମଇଳା ସୃଷ୍ଟି ହେବା; ବିଂ. scummy.

**scupper** 1. ବି. ଜାହାଜର ପଟାତନରେ ଜମି ରହିଥିବା ଜଳର ନିଷ୍କାସନ ନିମନ୍ତେ ଉଦ୍ଦିଷ୍ଟ ନଳୀ; 2. କ୍ରି. *ସା.ପ୍ର.* ଜାହାଜ ବା ନାବିକକୁ ବୁଡାଇ ଦେବା; ଯୋଜନା ପ୍ରଭୃତି ପଣ୍ଡ କରିଦେବା; ହତ୍ୟା କରିବା ।

**scurf** ବି. ମୃତ ଚର୍ମର ଚେକା, ବିଶେଷତଃ ଖପୁରୀ ଉପରେ; ରୁପି; ବିଂ. scurfy.

**scurrilous** ବିଂ. ଅଶାଳୀନ; ଅଶ୍ଳୀଳ (ଗାଳି); ବି. scurrility.

**scurry** 1. କ୍ରି. କ୍ଷିପ୍ର ଗତିରେ ଧାଇଁଯିବା; ତରତର ହୋଇ ଚାଲିଯିବା; 2. ବି. ଏଭଳି ଚାଲିର ଶବ୍ଦ; ହଠାତ୍ ବୃଷ୍ଟି ବା ବରଫପାତ ।

**scurvy** 1. ବି. ଭିଟାମିନ୍ ସି ଅଭାବରୁ ହେଉଥିବା ରୋଗ; 2. ବିଂ. ନୀଚମନା, ଘୃଣ୍ୟ, ଅସମ୍ମାନଜନକ, ହୀନ; କ୍ରି.ବିଂ. scurvily; ବି. scurviness.

**scut** ବି. କ୍ଷୁଦ୍ର ଲାଙ୍ଗୁଳ, ବିଶେଷତଃ ଠେକୁଆ, ହରିଣ ପ୍ରଭୃତିର ।

**scutter** କ୍ରି. ଓ ବି. *କ.ଭା.* scurry *ଦ୍ର.* ।

**scuttle**[1.] ବି. କୋଇଲା ଝୁଡି ବା ଡବା; (ମଟରଗାଡିରେ) ସାମ୍ନା କାଚ୍ ଏବଂ ବନେଟ୍ ମଧ୍ୟବର୍ତ୍ତୀ ଅଂଶ ।

**scuttle**[2.] 1. ବି. ଜାହାଜର ପଟାତନ ବା ପାର୍ଶ୍ୱସ୍ଥିତ ଢାଙ୍କୁଣିଯୁକ୍ତ ରନ୍ଧ୍ର; 2. କ୍ରି. ଜାହାଜରେ ପାଣି ପଶିବା ପାଇଁ ଦେବା, ବିଶେଷତଃ ବୁଡାଇଦେବା ପାଇଁ ।

**scuttle**[3.] 1. କ୍ରି. ବିପଦ ବା ଅସୁବିଧାରୁ ରକ୍ଷା ପାଇବା ପାଇଁ ପଳାୟନ କରିବା; 2. ବି. ତରତର ଚାଲି ।

**Scylla and Charybdis** ବି. ଚ.ଚ. ଏପଟେ ବ୍ରହ୍ମହତ୍ୟା, ସେପଟେ ଗୋହତ୍ୟା; ଦୁଇପଟେ ବିପଦ; ଗ୍ରୀକ୍ ପୁରାଣ ବର୍ଣ୍ଣିତ ରାକ୍ଷସ ଏବଂ ଜଳାବର୍ତ୍ତ ଉପାଖ୍ୟାନ ଭଳି ଦ୍ୱନ୍ଦ୍ୱାତ୍ମକ ଅବସ୍ଥା ।

Digitized by srujanika@gmail.com

**scythe** 1. ବି. ଘାସ ବା ଫସଲ କାଟିବା ନିମନ୍ତେ ବ୍ୟବହୃତ ଲମ୍ବା ଦା'ଭଳି ଉପକରଣ; 2. କ୍ରି. ଦାଇବା ।

**SDP** ସଂଖ. *Social Democratic Party* ଛଟି. ସୋସିଆଲ୍ ଡେମୋକ୍ରେଟିକ୍ ପାର୍ଟି ।

**SE** ସଂଖ. ଦକ୍ଷିଣ–ପୂର୍ବ ।

**Se** ପ୍ର. selenium ସେଲିନିଅମ୍ ।

**sea** 1. ବି. ସାଗର, ସମୁଦ୍ର; ସ୍ଥଳ ବିଶେଷରେ ଭୂଭାଗ ମଧ୍ୟସ୍ଥ (ଆଂଶିକ ବା ସମ୍ପୂର୍ଣ୍ଣ) ବୃହତ୍ ଜଳାଶୟ, ଉଦା. ଡେଡ୍ ସି, ସି ଅଫ୍ ଗାଲିଲି; ସାମୁଦ୍ରିକ ତରଙ୍ଗ, ଢେଉ; ବିଶାଳ ବା ବିପୁଳ ପରିମାଣ; 2. ଗୁଣ ସାମୁଦ୍ରିକ ବା ତଟବର୍ତ୍ତୀ; ବିଶେଷତଃ ଜୀବଜନ୍ତୁଙ୍କ ନାମ ସମ୍ମୁଖରେ ସଂଯୋଜିତ (ଯଥା sea, horse); at sea (ସମୁଦ୍ର ବକ୍ଷରେ) ଜାହାଜରେ; ଲାକ୍ଷ. ବିବ୍ରତ, ଦ୍ୱନ୍ଦ୍ୱଗ୍ରସ୍ତ; by sea ଜାହାଜରେ; go to sea ନାବିକ ହେବା; on the sea ସମୁଦ୍ରସ୍ଥ ଜାହାଜରେ; ତଟବର୍ତ୍ତୀ ଅଞ୍ଚଳରେ ସ୍ଥିତ ।

**sea bird** ବି. ସାମୁଦ୍ରିକ ପକ୍ଷୀ ।

**seaboard** ବି. ସମୁଦ୍ରତଟ ବା ତଟବର୍ତ୍ତୀ ଅଞ୍ଚଳ ।

**seaborne** ବିଂ. ସମୁଦ୍ରରେ ଚାଲାଣ ହେଉଥିବା ।

**sea change** ବି. ଉଲ୍ଲେଖ୍ୟ ବା ଅପ୍ରତ୍ୟାଶିତ ପରିବର୍ତ୍ତନ ।

**sea cow** ବି. ୱାଲ୍‌ରସ୍ ।

**sea dog** ବି. ବୃଦ୍ଧ, ଅଭିଜ୍ଞ କପ୍ତାନ୍ ।

**seafarer** ବି. ନାବିକ, ସମୁଦ୍ର ପଥର ଯାତ୍ରୀ ।

**seafaring** ବିଂ. ଓ ବି. ନିୟମିତ ସମୁଦ୍ରଯାତ୍ରା କରୁଥିବା (ଲୋକ ବା ଜାହାଜ) ।

**seafood** ବି. ସମୁଦ୍ରଜାତ ଖାଦ୍ୟ (ମାଛ, ଚିଙ୍ଗୁଡି ପ୍ରଭୃତି) ।

**sea–girt** ବି. ସମୁଦ୍ର ପରିବେଷ୍ଟିତ ।

**seagoing** ବିଂ. ସମୁଦ୍ର ଯାତ୍ରା ପାଇଁ ଯୋଗ୍ୟ (ଜାହାଜ); ନିୟମିତ ଯାତ୍ରା କରୁଥିବା ବ୍ୟକ୍ତି ବା ଜାହାଜ ।

**sea–green** ବି. ଓ ବିଂ. ନୀଳାଭ ସବୁଜ ।

**seagull** ବି. ସିଗଲ୍ ନାମକ ସାମୁଦ୍ରିକ ପକ୍ଷୀ ।

**sea horse** ବି. ଘୋଡାମୁହଁ ସଦୃଶ ମୁଖାକୃତି ବିଶିଷ୍ଟ କ୍ଷୁଦ୍ର ସାମୁଦ୍ରିକ ମତ୍ସ୍ୟ; ପୁରାଣ ବର୍ଣ୍ଣିତ ଘୋଡା–ମୁହଁ ଏବଂ ମାଛ–ଲାଞ୍ଜ ଥାଇ କାଳ୍ପନିକ ଜୀବ ।

**seal**[1.] 1. ବି. ସିଲ୍, ମୁଦ୍ରା (ଯାହା ମହମ, ଲାଖ ପ୍ରଭୃତିରେ ଚପାଯାଇ ପ୍ରାମାଣିକତା ଯୋଗାଇ ଦିଆଯାଇଥାଏ); ସଙ୍କେତ ବା ଚିହ୍ନ; ମୋହର; ମୋହର ମାରି ପ୍ରାମାଣିକତା ଯୋଗାଣ; 2. କ୍ରି. ମୋହର ମାରିବା ବା ମୋହର ଯୁକ୍ତ କରିବା; ମୁଦ୍ରାଙ୍କିତ କରିବା; ଭଲଭାବେ ବନ୍ଦ କରିବା; ମୋହର ମାରି ପ୍ରାମାଣିକତା ଯୋଗାଇବା; ତୁଟାଇଦେବା, ଫଇସଲା କରିଦେବା; ରାସ୍ତା ବା ପ୍ରବେଶ/ନିର୍ଗମନ ଦ୍ୱାର ଅବରୁଦ୍ଧ କରିବା (ପୋଲିସ୍ ବା ସୁରକ୍ଷା ବାହିନୀ ଦ୍ୱାରା); seal off ଯାତାୟାତ ବନ୍ଦ କରିଦେବା; seals of office ବିଶେଷାଧିକାର ସୂଚକ ସିଲ୍ ବା ମୋହର; set one's seal to ସମ୍ମତି ପ୍ରଦାନ କରିବା, କ୍ଷମତା ପ୍ରଦାନ କରିବା ।

**seal**[2.] 1. ବି. ମତ୍ସ୍ୟଭୋଜୀ ଉଭୟଚର ସ୍ତନ୍ୟପାୟୀ ସାମୁଦ୍ରିକ ଜୀବ, ସିଲ୍; 2. କ୍ରି. ସିଲ୍ ଶିକାର କରିବା ।

**sealant** ବି. ବାୟୁ ବା ଜଳ ନିରୋଧକ ବସ୍ତୁ ଯାହା ସାହାଯ୍ୟରେ ଟିଣ, ଡବା ପ୍ରଭୃତି ବନ୍ଦ କରାଯାଏ ।

**sealer** ବି. ସିଲ୍ ଶିକାରରେ ନିଯୁକ୍ତ ବ୍ୟକ୍ତି ବା ଜାହାଜ ।

**sea·level** ବି. ସମୁଦ୍ର ପତ୍ତନ ।

**sealing–wax** ବି. ଜଉ, ଲାଖ, ଯାହା ତରଳାଇ ସିଲ୍ ଦିଆଯାଏ ।

**sea lion** ବି. ବଡ଼ କାନଥିବା ସିଲ୍ ।

**sealskin** ବି. ସିଲ୍ ଚମଡା ବା ଲୋମ; ସେଥିରେ ନିର୍ମିତ ବସ୍ତ୍ର ।

**Sealy ham** ବି. ଗୈଁଆସ ଲୋମ ବିଶିଷ୍ଟ ଗେଡା କୁକୁର ବିଶେଷ ।

**seam** 1. ବି. ଯୋଡେଇ ରେଖା (ଲୁଗା ପଟା ପ୍ରଭୃତିରେ); ଦୁଇ ସମାନ୍ତରାଳ ଧାର ମଧ୍ୟବର୍ତ୍ତୀ ସ୍ଥାନ; (ବସ୍ତ୍ରରେ) ସିଲେଇ ସ୍ଥାନ; ଯୋଡ; ବକ୍ରରେଖା; କୋଇଲା ପ୍ରଭୃତିର ସ୍ତର; 2. କ୍ରି. ଯୋଡ ସିଲେଇ କରିବା; ଯୋଡିବା; ଦାଗହେବା ।

**seaman** ବି. ନାବିକ, ଜାହାଜୀ ।

**seamanship** ବି. ଜାହାଜ ବା ନୌକା ଚାଳନାର କାଇଦା ।

**seam bowler** ବି. କ୍ରିକେଟ୍ ଯେଉଁ ବୋଲର୍ ବଲ୍‌କୁ ତାହାର ସିମ୍ ବା ଯୋଡେଇ ଧାର ବାହାରେ ପକାଇ ଦିଗ ପରିବର୍ତ୍ତନ କରାଇ ପାରନ୍ତି ।

**sea mile** ବି. ନଟିକାଲ୍ ମାଇଲ୍ ।

**seamstress** ବି. ପେଷାଦାର ସିଲେଇକାରିଣୀ; ଦର୍ଜିଆଣୀ ।

Digitized by srujanika@gmail.com

**seamy** ବିଂ. ଯୋଡ ବା ସିଲେଇ ବନ୍ଧକ; **seamy side** ବଦନାମ ବା ଅନାକର୍ଷଣୀୟ ଦିଗ।

**seance** ବି. ଅଲୌକିକ ବା ଆଧ୍ୟାତ୍ମିକ ଘଟଣା ପ୍ରଦର୍ଶନ କିମ୍ବା ପରୀକ୍ଷଣ ନିମନ୍ତେ ସଭା।

**seaplane** ବି. ଭୂମି ଓ ଜଳ ଉଭୟ ଚଳରୁ ଉଡ୍ଡୀୟମାନ ଉପଯୋଗୀ ଉଡାଜାହାଜ।

**seaport** ବି. ବନ୍ଦର ଥିବା ସହର; ପୋତାଶ୍ରୟ ନଗରୀ।

**sear** କ୍ରି. ପୋଡିବା, ଦାଗିବା; (ଭାବନା, ଆବେଗ ପ୍ରଭୃତିରେ) ଅପ୍ରଭାବିତ ହେବା, ଟେମର ପାକଇବା।

**search** 1. କ୍ରି. ଖୋଜିବା, ଅନ୍ବେଷଣ କରିବା; ଦଉାଣ୍ଡିବା; 2. ବି. ଖୋଜା, ତଦନ୍ତ, ଅନ୍ବେଷଣ; in search of ଅନ୍ବେଷଣରେ; search me କ.ଭା. ମୁଁ ଜାଣେନା; search out ଖୋଜି ବାହାର କରିବା।

**searchlight** ବି. ଯେ କୌଣସି ଦିଗକୁ ବୁଲାଇ ହେଉଥିବା ତୀବ୍ର, ଶକ୍ତିଶାଳୀ ଆଲୋକ ରେଖା (ଗୃହବାହାରେ ବ୍ୟବହୃତ) ବା ତାର ସରଞ୍ଜାମ।

**search-party** ବି. ଅନ୍ବେଷଣକାରୀ ଦଳ।

**search warrant** ବି. କୌଣସି ଘର ଭିତରକୁ ପ୍ରବେଶ କରି ଖୋଜାଖୋଜି କରିବା ପାଇଁ ସରକାରୀ ଅଧିକାର ପତ୍ର।

**sea salt** ବି. ସାମୁଦ୍ରିକ ଲବଣ।

**seascape** ବି. ସମୁଦ୍ରର ଦୃଶ୍ୟ ବା ଛବି।

**sea shore** ବି. ସମୁଦ୍ରକୂଳ।

**seasick** ବିଂ. ଜାହାଜ ଯାତ୍ରାଜନିତ ବାନ୍ତିରୋଗ ବା ଅନ୍ୟ ରୋଗ; ବି. **seasickness**.

**seaside** ବି. ସମୁଦ୍ରତଟ, ଉପକୂଳ (ବିଶେ. ଛୁଟିଦିନ ବିତାଇବା ପାଇଁ ଉଦ୍ଦିଷ୍ଟ)।

**season** 1. ବି. ଋତୁ (ଗ୍ରୀଷ୍ମ, ବର୍ଷା ପ୍ରଭୃତି ଛ'ଋତୁ); ଉପଯୁକ୍ତ ସମୟ; ବହୁଳଭାବେ କୌଣସି ବସ୍ତୁ ମିଳୁଥିବା ବା କୌଣସି ଘଟଣା ଘଟୁଥିବା ସମୟକାଳ; ଅନିର୍ଦ୍ଦିଷ୍ଟ ସମୟକାଳ; 2. କ୍ରି. ଲୁଣ, ମସଲା ପ୍ରଭୃତି ଦ୍ବାରା ସଂରକ୍ଷିତ କରିବା, ଆଚାର କରିବା; ଚାତୁର୍ଯ୍ୟଦ୍ବାରା କଥାକୁ ସୁନ୍ଦର କରିବା; ବାଗେଇବା; ବିଭିନ୍ନ ଋତୁ ବା ପାଗ ଖୁଆଇ କାଠ ପ୍ରଭୃତିକୁ ବ୍ୟବହାର ଉପଯୋଗୀ କରିବା; in season (ଖାଦ୍ୟବସ୍ତୁ) ପ୍ରଚୁର ଭାବରେ ଏବଂ ଭଲ ଅବସ୍ଥାରେ ମିଳୁଥିବା ସମୟ; (ପ୍ରାଣୀ) ଗରମ ହେବା ସମୟ।

**seasonable** ବିଂ. ଋତୁସୁଲଭ, ସମୟୋପଯୋଗୀ; କ୍ରି.ବିଂ. seasonably.

**seasonal** ବିଂ. ଋତୁ ବା ସମୟ ଅନୁସାରେ ମିଳୁଥିବା ବା ଘଟୁଥିବା; ବିଶେଷ ଋତୁ ଉପରେ ନିର୍ଭରଶୀଳ; କ୍ରି.ବିଂ. seasonally.

**seasoned** ବିଂ. ଅନୁଭୂତି ଓ ଅଭିଜ୍ଞତାରେ ପାକଳ।

**seasoning** ବି. ଖାଦ୍ୟରେ ବ୍ୟବହୃତ ସୁଗନ୍ଧି, ଲୁଣ, ମସଲା ପ୍ରଭୃତି।

**season ticket** ବି. କ.ଭା. ବିଶେଷ ସମୟ ମଧ୍ୟରେ ଯାତ୍ରା କରିବା ପାଇଁ ବା ଖେଳ ପ୍ରଭୃତି ଦେଖିବା ପାଇଁ ବିକ୍ରୟ କରାଯାଉଥିବା ଟିକେଟ୍।

**seat** 1. ବି. ଆସନ, ବସିବା ସ୍ଥାନ; (ପେଣ୍ଟ ପ୍ରଭୃତିରେ) ପଛ ପାଖ ବା ବସିବା ସ୍ଥାନ; ସଂରକ୍ଷିତ ସ୍ଥାନ; ସ୍ଥଳୀ; ଗ୍ରାମାଞ୍ଚଳର ବିଲ, ଉପବନ ଥାଇ ଘର; 2. କ୍ରି. ବସାଇବା; ବସାଇବାର ବ୍ୟବସ୍ଥା କରିବା; be seated ବସନ୍ତୁ; by the seat of one's pants କ.ଭା. ଜ୍ଞାନ ବା ତର୍କ ନୁହେଁ; ଅନୁମାନ କରି ଜାଣିପାରିବା; take a seat ଆସନ ଗ୍ରହଣ କରିବା।

**seat-belt** ବି. ମଟର କାର, ଉଡାଜାହାଜ ପ୍ରଭୃତିରେ ସୁରକ୍ଷିତ ଭାବରେ ବସି ରହିବା ପାଇଁ ବ୍ୟବହୃତ ଫିତା।

**-seater** ସଂ. ନିର୍ଦ୍ଦିଷ୍ଟ ଆସନ ସଂଖ୍ୟା ବିଶିଷ୍ଟ (three-seater plane).

**seating** ବି. ବସିବା ବ୍ୟବସ୍ଥା; ବସିବା ସ୍ଥାନ।

**seaward** 1. କ୍ରି.ବିଂ. (seawards ମଧ୍ୟ) ସମୁଦ୍ର ଆଡକୁ, ସମୁଦ୍ରାଭିମୁଖୀ; 2. ବିଂ. ସମୁଦ୍ରାଭିମୁଖୀ; 3. ବି. ସେହି ଦିଗ।

**seaweed** ବି. ସାମୁଦ୍ରିକ ବା ସମୁଦ୍ର ତଟବର୍ତ୍ତୀ ଉଦ୍ଭିଦ।

**seaworthy** ବିଂ. ସମୁଦ୍ରଯାତ୍ରା ପାଇଁ ଉପଯୁକ୍ତ ବା ଯୋଗ୍ୟ।

**sebaceous** ବିଂ. ତେଲିଆ, ଚର୍ବିଳ; ତେଲିଆ ପଦାର୍ଥ ବାହାରୁଥିବା ବସ୍ତୁ।

**sec** ବିଂ. ଶୁଷ୍କ (ମଦ୍ୟ)।

**Sec.** ବି. ସଂଶ. ସେକ୍ରେଟାରୀ।

**sec.** ବି. ସଂଶ. ସେକେଣ୍ଡ।

**secateurs** ବି. ବ.ବ. ଗୋଟିଏ ହାତରେ ବ୍ୟବହୃତ ଡାଳପତ୍ର କଟା କତୁରୀ।

**secede** କ୍ରି. କୌଣସି ରାଜନୈତିକ ବା ଧାର୍ମିକ ସଂଘଠାରୁ ବିଧିବଦ୍ଧ ଭାବେ ସମର୍ଥନ ପ୍ରତ୍ୟାହାର କରିନେବା।

Digitized by srujanika@gmail.com

**secession** ବି. ପ୍ରତ୍ୟାହାର ।
**secessionist** ବି. ଓ ବିଂ. ପ୍ରତ୍ୟାହାରବାଦୀ; ବିଚ୍ଛିନ୍ନତାବାଦୀ ।
**seclude** କ୍ରି. ଦୂରେଇ ରଖିବା; ଲୁଚାଇ ଦେବା ।
**seclusion** ବି. ନିର୍ବାସନ; ଦୂରେଇ ଦେବା କାର୍ଯ୍ୟ ।
**second**[1] 1. ବିଂ. ଦ୍ୱିତୀୟ; ଅତିରିକ୍ତ; ନିମ୍ନସ୍ଥ, ଅଧସ୍ତନ; *ଲାକ୍ଷ.* ଭଳି, ସଦୃଶ (a second Gandhi); 2. ବି. ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତି; ଦ୍ୱିତୀୟ ବ୍ୟକ୍ତି; 3. କ୍ରି. ସମର୍ଥନ ଜଣାଇବା; ସାହାଯ୍ୟ କରିବା ।
**second**[2] ବି. ଗୋଟିଏ ସେକେଣ୍ଡ; (ସମୟ ବା କୋଣ) ମିନିଟ୍‌ର ଷାଠିଏ ଭାଗରୁ ଭାଗେ; *କ.ଭା.* ଅତି କମ୍ ସମୟ ।
**secondary** ବିଂ. ପରବର୍ତ୍ତୀ; ମାଧ୍ୟମିକ; ପ୍ରାଥମିକ ଶିକ୍ଷା ପରବର୍ତ୍ତୀ ଶିକ୍ଷା; କ୍ରି.ବିଂ. secondarily.
**secondary colours** ଦ୍ର. colour.
**second–best** ବି. ଓ ବିଂ. ଦ୍ୱିତୀୟ ସର୍ବୋତ୍ତମ ।
**second chamber** ବି. ରାଜ୍ୟସଭା ।
**second class** ବି. ଦ୍ୱିତୀୟ ଶ୍ରେଣୀ ।
**second–class** ବିଂ. କ୍ରି.ବିଂ. ନିକୃଷ୍ଟତର ଶ୍ରେଣୀ ବା ଗୋଷ୍ଠୀଭାବେ ବିବେଚିତ ।
**second fiddle** ବି.ଅପେକ୍ଷାକୃତ କମ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ।
**second–hand** ବିଂ. ପୁରୁଣା; ବ୍ୟବହୃତ ବା ଆଗରୁ ଆଉଜଣେ ମାଲିକ ଥିବା; ନୂତନ ହୋଇନଥିବା (ବସ୍ତୁ) ।
**second lieutenant** ବି. ଲେଫ୍‌ଟାନାଣ୍ଟଙ୍କ ଠିକ୍ ଅଧସ୍ତନ ଅଫିସର୍ ।
**secondly** କ୍ରି.ବିଂ. ଦ୍ୱିତୀୟତଃ; ଦ୍ୱିତୀୟ ସ୍ଥାନରେ; ଅଧିକନ୍ତୁ ।
**secondment** ବି. ଅନ୍ୟ ଏକ ବିଭାଗକୁ କର୍ମଚାରୀଙ୍କର ସାମୟିକ ବଦଳି ।
**second nature** ବି. ଯେଉଁ ଅଭ୍ୟାସ ସ୍ୱାଭାବିକ ଭଳି ଜଣାଯାଏ ।
**second person** ବି. *ବ୍ୟା.* ଦ୍ୱିତୀୟ ପୁରୁଷ (you).
**second thoughts** ବି. ବ.ବ. ପୁନର୍ବିଚାର ପରେ ନୂଆମତ ବା ମତ ପରିବର୍ତ୍ତନ ।
**secrecy** ବି. ଗୋପନୀୟତା; sworn to secrecy ଗୋପନୀୟତା ପାଇଁ ଶପଥବଦ୍ଧ ।
**secret** 1. ବିଂ. ଗୁପ୍ତ; ଗୋପନୀୟ; ଏକାନ୍ତ ବ୍ୟକ୍ତିଗତ, ଯାହା ଅନ୍ୟ କେହି ଜାଣିବା କଥା ନୁହେଁ; ଗୁପ୍ତଭାବରେ କାର୍ଯ୍ୟରତ; 2. ବି. ଗୋପନୀୟ କଥା, ବିଷୟ, ଘଟଣା ବା ତଥ୍ୟ; ରହସ୍ୟ; ଅନୁଦ୍‌ଘାଟିତ ବିଷୟ; in secret ଗୋପନୀୟ ଭାବରେ ।
**secret agent** ବି. ଗୁପ୍ତଚର (ନିଜ ଦେଶପାଇଁ ଅନ୍ୟ ଦେଶରେ କାର୍ଯ୍ୟରତ) ।
**secret ballot** ବି. ଗୁପ୍ତଭୋଟ, ଗୋପନୀୟ ମତଦାନ ।
**secretaire** ବି. ଖୋପଥିବା ଲେଖାଟେବୁଲ ।
**secretariat** ବି. ସଚିବାଳୟ; ମନ୍ତ୍ରାଳୟ, ମୁଖ୍ୟ ପ୍ରଶାସନିକ କାର୍ଯ୍ୟାଳୟ; ସଚିବ ବା ସମ୍ପାଦକ ସମୂହ ।
**secretary** ବି. ସଚିବ, ସମ୍ପାଦକ; ସହକାରୀ (ଚିଠିପତ୍ର ଓ ଅନ୍ୟାନ୍ୟ ଅଫିସ୍ କାମରେ ସାହାଯ୍ୟ କରିବା ପାଇଁ); ମନ୍ତ୍ରୀ ପ୍ରଭୃତିଙ୍କ ବ୍ୟକ୍ତିଗତ ସଚିବ; ବି. secretarial; ବି. secretaryship.
**secretary bird** ବି. ଲମ୍ବାଗୋଡ଼ ଏବଂ ମୁଣ୍ଡରେ ଚୂଳଥିବା ଆଫ୍ରିକୀୟ ପକ୍ଷୀବିଶେଷ ।
**Secretary–General** ବି. କୌଣସି ସଂସ୍ଥା ବା ସଙ୍ଗଠନର ପ୍ରଧାନ ସମ୍ପାଦକ ।
**Secretary of State** ବି. ରାଷ୍ଟ୍ରର କୌଣସି ପ୍ରଶାସନିକ ବିଭାଗର ମୁଖ୍ୟ ।
**secrete** କ୍ରି. ଲୁଚାଇବା; କ୍ଷରିତ ହେବା ।
**secretion** ବି. କ୍ଷରଣ; କ୍ଷରିତ ବା ନିଃସରିତ ରସ ପ୍ରଭୃତି ।
**secretive** ବିଂ. ଗୋପନ ରଖିବା ପାଇଁ ଇଚ୍ଛୁକ; କଥାବାର୍ତ୍ତା କରିବାରେ ଅନିଚ୍ଛୁକ ।
**secretory** ବିଂ. ଶରୀରତାତ୍ତ୍ୱିକ କ୍ଷରଣ ସମ୍ବନ୍ଧୀୟ ।
**secret police** ବି. ଗୁପ୍ତ ଭାବରେ କାର୍ଯ୍ୟକରୁଥିବା ପୋଲିସ ବାହିନୀ (ବିଶେଷତଃ ଶାସକ ଗୋଷ୍ଠୀର ସ୍ୱାର୍ଥ ସଂରକ୍ଷଣ ପାଇଁ) ।
**secret service** ବି. ଗୁପ୍ତଚର ବୃତ୍ତି (ବିଶେଷତଃ ବୈଦେଶିକ) ସଂକ୍ରାନ୍ତ ସରକାରୀ ବିଭାଗ ।
**sect** ବି. ଗୋଷ୍ଠୀ; ସମ୍ପ୍ରଦାୟ (ବିଶେ. ଧାର୍ମିକ); କୌଣସି ଏକ ଦାର୍ଶନିକ ବା ଆଧ୍ୟାତ୍ମିକ ମତବାଦରେ ବିଶ୍ୱାସୀ ବ୍ୟକ୍ତିଗଣଙ୍କ ସମୂହ ।
**sectarian** 1. ବିଂ. ସାମ୍ପ୍ରଦାୟିକ; ସମ୍ପ୍ରଦାୟଗତ; ଗୋଷ୍ଠୀଗତ; ନିଜ ଧର୍ମମତ ବା ଦର୍ଶନକୁ ନେଇ

Digitized by srujanika@gmail.com

ସଂକୀର୍ଣ୍ଣ ମନୋଭାବଗ୍ରସ୍ତ; ମତାନ୍ଧ; 2. ବି. (ଧର୍ମ ପ୍ରଭୃତି) ସଂପ୍ରଦାୟର ସଦସ୍ୟ; ବି. sectarianism.

**section** 1. ବି. ଅଂଶ ବିଶେଷ; କଟା ହୋଇ ବାହାରିଥିବା ଅଂଶ; କୌଣସି ବସ୍ତୁର ବିଭିନ୍ନ ଅଂଶ ଯେଉଁ ଗୁଡିକୁ ଯୋଡି ପୁଣି ସମ୍ପୂର୍ଣ୍ଣ ରୂପ ପାଇ ହେବ; ପୁସ୍ତକ, ନିୟମାବଳୀ, ଜନଗୋଷ୍ଠୀ ପ୍ରଭୃତିର ଅଂଶବିଶେଷ; ପଦାତିକ ବାହିନୀର କ୍ଷୁଦ୍ରଅଂଶ; ବିଭାଗ; 2. କ୍ରି. ଭାଗଭାଗ କରି ବା ଅଂଶ ଗୁଡିକୁ ନେଇ ସଜ୍ଜିତ କରିବା।

**sectional** ବିଂ. ବିଭାଗୀୟ, ବିଭାଗୀକୃତ; ସ୍ଥାନୀୟ; କ୍ରି.ବିଂ. sectionally.

**sector** ବି. ଉଦ୍ୟୋଗ ସମାଜ ବା ଅର୍ଥନୀତିର କୌଣସି ସ୍ୱଷ୍ଟ ଅଂଶ ବା ଶାଖା; ବୃତ୍ତର ଦୁଇ ବ୍ୟାସାର୍ଦ୍ଧ ମଧ୍ୟବର୍ତ୍ତୀ ସମତଳ; ସାମରିକ କାର୍ଯ୍ୟକଳାପ ପାଇଁ ବ୍ୟବହୃତ କ୍ଷେତ୍ର।

**secular** ବିଂ. ଜାଗତିକ ବା ପାର୍ଥିବ (ଆଧ୍ୟାତ୍ମିକ ବା ଧାର୍ମିକ ନୁହେଁ); କୌଣସି ଗୋଟାଏ ଶତାବ୍ଦୀ ବା ଯୁଗ ମଧ୍ୟରେ ଥରେ ମାତ୍ର ଘଟୁଥିବା; ଧର୍ମନିରପେକ୍ଷ; ବି. secularity.

**secularism** ବି. ଧର୍ମନିରପେକ୍ଷବାଦ, ଧର୍ମନିରପେକ୍ଷତା; ନୈତିକତା କିମ୍ବା ଶିକ୍ଷା ଧର୍ମକୁ ଭିତ୍ତିକରି ନ ହେବା ଉଚିତ– ଏହି ମତ ବା ବିଶ୍ୱାସ; ବି. secularist.

**secure** 1. ବିଂ. ନିରାପଦ; ଭୟଶୂନ୍ୟ; ସୁରକ୍ଷିତ; ଅଭେଦ୍ୟ; ବିଶ୍ୱସନୀୟ; କାର୍ଯ୍ୟକ୍ଷମ; 2. କ୍ରି. ସୁରକ୍ଷିତ ବା ନିରାପଦ କରିବା; ଭଲରୂପେ ବାନ୍ଧିବା, ବନ୍ଦ କରିବା, ତାଲା ପକାଇବା ବା ଅଭେଦ୍ୟ କରିବା; ପାଇବାରେ ସକ୍ଷମ ହେବା; କ୍ରି.ବିଂ. securely.

**security** ବି. ନିରାପତ୍ତା, ସୁରକ୍ଷା, ସୁରକ୍ଷା ବା ନିରାପତ୍ତା ପ୍ରଦାନକାରୀ ବ୍ୟକ୍ତି ବା ପଦାର୍ଥ; ଋଣ ପ୍ରଭୃତି ପାଇବା ପାଇଁ ଦେବାକୁ ହେଉଥିବା ମୂଲ୍ୟବାନ ପଦାର୍ଥ ବା ଅନ୍ୟ କିଛି (ଋଣ ପରିଶୋଧ କରି ନ ପାରିଲେ ଯାହା ବାଜ୍ୟାପ୍ତ କରାଯାଇ ପାରିବ); ବ.ବରେ ଋଣ ପ୍ରମାଣ ପତ୍ର; ବଣ୍ଡ ବା ଷ୍ଟକର ପ୍ରମାଣ ପତ୍ର।

**security-guard** ବି. ନିରାପତ୍ତାରକ୍ଷୀ।

**security risk** ବି. ଯେଉଁ ବ୍ୟକ୍ତିର ଉପସ୍ଥିତି ଶାନ୍ତି ଶୃଙ୍ଖଳା ଭଙ୍ଗ କରିବାର ଆଶଙ୍କା କରାଯାଏ।

**sedan** ବି. ହାଦୋଳା; ଜଣେ ବ୍ୟକ୍ତି ବସିବା ବ୍ୟବସ୍ଥା ଥାଇ ତଥା ଦୁଇଜଣ ଲୋକ ବହନ କରିନେଉଥିବା ପାଲିଙ୍କି ବା ସବାରୀ (sedan-chair); *ଆମେ.* ଚାରିଜଣ ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ବସିପାରିବା ଭଳି ମଟରକାର।

**sedate** 1. ବିଂ. ଶାନ୍ତ; ସମାହିତ; ଗମ୍ଭୀର; 2. କ୍ରି. ନିଶା ବା ନିଦ ବଟିକା ଖୁଆଇ (ବା ସେଭଳି ଇଂଜେକ୍ସନ୍ ଦେଇ) ଶାନ୍ତ କରିବା ବା ଶୁଆଇ ପକାଇବା।

**sedation** ବି. ଶାନ୍ତକରଣ (ବିଶେ. ଔଷଧ ପ୍ରଭୃତି ଦ୍ୱାରା)।

**sedative** 1. ବିଂ. ଶାନ୍ତିଦାୟକ, ସାନ୍ତ୍ୱନାପ୍ରଦାୟକ; 2. ବି. ଶାନ୍ତ କରିବା ପାଇଁ ଔଷଧ; ନିଦ ବଟିକା।

**sedentary** ବିଂ. ବସିଥିବା; ବେଶୀ ସମୟ ବସି ରହିବା ଏବଂ ଶାରୀରିକ ପରିଶ୍ରମ ନ ଥିବା (କାର୍ଯ୍ୟ ବା ଚାକିରୀ); ବସି ରହି ଅଧିକାଂଶ ସମୟ ବିତାଉଥିବା (ବ୍ୟକ୍ତି)।

**sedge** ବି. ସନ୍ତସନ୍ତିଆ ସ୍ଥାନରେ ହେଉଥିବା ଘାସ ବା ଲତା ବିଶେଷ; ବିଂ. sedgy.

**sediment** ବି. କାଣ୍ଟି, ଚିକ୍କଟା, ଖାଦ; ତରଳପଦାର୍ଥରେ ରହିଥିବା ମଇଳା, ଯାହା ତଳେ ବସିଯାଏ; ବିଂ. sedimentary; ବି. sedimentation.

**sedition** ବି. ଭାଷଣ ବା ଆଚରଣ ଯାହା ବିଦ୍ରୋହ ସୃଷ୍ଟି କରେ; ରାଜଦ୍ରୋହ, ରାଜଶକ୍ତି ବିରୁଦ୍ଧରେ ଉତ୍ତେଜନା ବା ଅସନ୍ତୋଷ; ଶାନ୍ତି ଓ ଶୃଙ୍ଖଳା ଭଙ୍ଗ; ବିଂ. seditious.

**seduce** କ୍ରି. ଯୌନକ୍ରିୟା ପାଇଁ ପ୍ରଲୁବ୍ଧ କରିବା; ଫୁସୁଲାଇ ଅପଥରେ ନେବା; ଚରିତ୍ର ନଷ୍ଟ କରାଇବା।

**seduction** ବି. ଯୌନକ୍ରିୟା ପାଇଁ ପ୍ରଲୋଭନ; ଆକର୍ଷଣୀୟ ବସ୍ତୁ ବା ବ୍ୟକ୍ତି।

**seductive** ବିଂ. ଆକର୍ଷଣୀୟ, ମନୋମୁଗ୍ଧକାରୀ; ପ୍ରଲୋଭନକାରୀ।

**sedulous** ବିଂ. ପରିଶ୍ରମୀ, ଶ୍ରମଶୀଳ, ଅଧ୍ୟବସାୟୀ; ନଛୋଡବନ୍ଧା; ବିଂ. sedulity.

**sedum** ବି. ମାଂସଳ ପତ୍ରବିଶିଷ୍ଟ ଗଛ ଯହିଁରେ ଧଳା, ହଳଦିଆ କିମ୍ବା ଗୋଲାପୀରଙ୍ଗର ଫୁଲ ଫୁଟେ।

Digitized by srujanika@gmail.com

**see**[1] *କ୍ରି.* ଦେଖିବା, ଦର୍ଶନ କରିବା, ସାକ୍ଷାତ୍ କରିବା, ମନୋଯୋଗୀ ବା ସାବଧାନ ହେବା; ଚାହିଁବା, ଚକ୍ଷୁ ଖୋଲିବା, ବୁଝିବା, ଅନୁଭବ କରିବା; ଦେଖାଚାହାଁ କରିବା; ଆକର୍ଷଣୀୟ ମନେହେବା; ନିଶ୍ଚିତ କରିବା; see about କୌଣସି ବିଷୟରେ ଅନୁସନ୍ଧାନ କରିବା ବା ଚିନ୍ତାକରିବା, ଉପାୟ ଅବଲମ୍ବନ କରିବା; see after ମନୋଯୋଗ ସହକାରେ ତତ୍ତ୍ୱନେବା; see into ଅନୁସନ୍ଧାନ କରିବା, ଭଲମନ୍ଦ ବିଚାର କରି ଦେଖିବା; see off ବିଦାୟଦେବା, ବାଟେଇଦେବା; see out ବାଟେଇ ଦେବା, କୌଣସି ଯୋଜନା ସମାପ୍ତ କରିବା, ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବା; see over ପରିଦର୍ଶନ ବା ଗସ୍ତରେ ଯାଇ ପରୀକ୍ଷା କରିବା; see red ହଠାତ୍ ରାଗିଯିବା, ତତ୍‌କ୍ଷଣାତ୍ କ୍ରୁଦ୍ଧହେବା; see stars ମୁଣ୍ଡରେ ମାଡହୋଇ ଆଖିରୁ ଜୁଳୁଜୁଳିଆ ପୋକ ବାହାରିପଡିବା ବା ଚାରିଆଡଯାକ ଜୁଳୁଜୁଳିଆ ପୋକଭଳି ଦେଖାଯିବା; see things ମତିଭ୍ରମ, ଚକ୍ଷୁଭ୍ରମ, ଅବାସ୍ତବ ବସ୍ତୁ ଦର୍ଶନ; see through ଠକାମିରେ ନ ପଡିବା, ଭଲଭାବେ ଅନୁଧ୍ୟାନକରିବା ବା ବୁଝିପାରିବା, ଆଲୋକ ଭେଦ କରିପାରୁଥିବା ବସ୍ତୁର ଶେଷପର୍ଯ୍ୟନ୍ତ ଦେଖିପାରିବା; see thing through ଶେଷକରି ଛାଡ଼ିବା; see to ନିଶ୍ଚିତ କରିବା, ସଜାଡିବା. ବାଗେଇଦେବା ।

**see**[2] *ବି.* ଧର୍ମାଧ୍ୟକ୍ଷ ବା ବିଶପ୍‌ଙ୍କ ଅଧିକାର କ୍ଷେତ୍ର ବା ପଦବୀ ।

**seed** 1. *ବି.* ମଞ୍ଜି, ବୀଜ, ମୂଳ, ଆଦିକାରଣ; ବଂଶ, ଶୁକ୍ର; ଉତ୍ତରସୂରୀ; (ଟେନିସ୍‌ରେ) ଯୋଗ୍ୟତାନୁକ୍ରମ; 2. *କ୍ରି.* ମଞ୍ଜି ବୁଣିବା ବା ରୋପଣ କରିବା, ମଞ୍ଜି ବାହାର କରିବା; (ଖେଳରେ) ଯୋଗ୍ୟତାନୁକ୍ରମ ପ୍ରସ୍ତୁତ କରିବା; go (run) to seed ମଞ୍ଜି ହେବା ଯୋଗୁଁ ଫୁଲ ନଫୁଟିବା; *ଲାକ୍ଷ.* ନଷ୍ଟ ହୋଇଯିବା, ଅବିନ୍ୟସ୍ତ ହେବା; *ବିଂ.* seedless.

**seed–bed** *ବି.* ମଞ୍ଜି ବା ବିହନ ବୁଣିବା ପାଇଁ ପ୍ରସ୍ତୁତ କିଆରୀ; *ଲାକ୍ଷ.* ଅଭିବୃଦ୍ଧିର କ୍ଷେତ୍ର ।

**seeding** *ବି.* ଚାରା, ପହ୍ଳା, ପିଲ ।

**seed–pearl** *ବି.* ଛୋଟ ମୁକ୍ତା ।

**seed–potato** *ବି.* ବିହନ ଆଳୁ, ମଞ୍ଜି ପାଇଁ ରଖାଯାଇଥିବା ଆଳୁ ।

**seedsman** *ବି.* ବିହନ ବା ବୀଜ ବ୍ୟବସାୟୀ ।

**seedy** *ବିଂ.* ବୀଜପୂର୍ଣ୍ଣ, ମଞ୍ଜିଆ, ମଞ୍ଜି ଧରିବାକୁ ଯାଉଥିବା; ଅବିନ୍ୟସ୍ତ; *କଥା.* ଅସୁସ୍ଥ; *କ୍ରି.ବିଂ.* seedily.

**seeing** 1. *ବି.* ଦର୍ଶନ; ଦୃଷ୍ଟି; 2. *ସଂଯୋ.* ଯେହେତୁ, ଦୃଷ୍ଟିରୁ, କାରଣ (seeing that).

**seek** *କ୍ରି.* ଖୋଜିବା, ଅନୁସନ୍ଧାନ ବା ଅନ୍ୱେଷଣ କରିବା, ପାଇବା ପାଇଁ ପ୍ରଚେଷ୍ଟା କରିବା; *ପ୍ରା.ପ୍ର.* ଲକ୍ଷ୍ୟ ରଖିବା; seek out ଖୋଜି ବାହାର କରିବା ।

**seem** *କ୍ରି.* ବୋଧହେବା, ପ୍ରତୀୟମାନ ହେବା, ମନେହେବା; କଥା ବା କାର୍ଯ୍ୟରେ କିଛିଟା ଧାରଣା ଜନ୍ମାଇବା ।

**seeming** *ବିଂ.* ଆପାତତଃ ପ୍ରତୀୟମାନ, କିନ୍ତୁ ବୋଧହୁଏ ବାସ୍ତବ ନୁହେଁ; *କ୍ରି.ବିଂ.* seemingly.

**seemly** *ବିଂ.* ସୁରୁଚିପୂର୍ଣ୍ଣ, ସୁନ୍ଦର; *ବି.* seemliness.

**seen** seeର *ଅ.କ୍ରି.କ.ପ.* ।

**seep** *କ୍ରି.* ନିଃସରିତ ହେବା, ବହିଯିବା, ରିସିବା ।

**seepage** *ବି.* ନିଃସରିତ ପଦାର୍ଥ, ବହିଯିବାର ପରିମାଣ ।

**seer** *ବି.* ଦ୍ରଷ୍ଟା, ମହାପୁରୁଷ ।

**seersucker** *ବି.* ଚିତ୍ରବିଚିତ୍ର ମୁହଁଥିବା ପଟାପଟା ସୂତା କିମ୍ବା ଲିନେନ୍ ଲୁଗା ।

**see–saw** 1. *ବି.* ପିଲାଙ୍କଦ୍ୱାରା ବ୍ୟବହୃତ ଚିଙ୍କିଚକ ଖେଳ; 2. *କ୍ରି.* ଏଥିରେ ଯଥାକ୍ରମେ ଉପରତଳ ହେବା କିମ୍ବା ଯିବାଆସିବା କରିବା; ଅସ୍ଥିରମତି ହେବା; 3. *ବିଂ.* ଓ *କ୍ରି.ବିଂ.* ଉପରତଳ ବା ଆଗପଛ ହେଉଥିବା ।

**seethe** *କ୍ରି.* ଟକମକ ହୋଇ ଫୁଟିବା (ତରଳପଦାର୍ଥ); ସିଝିବା; କ୍ରୋଧାନ୍ୱିତ ହେବା, ଉତ୍ତେଜିତ ହେବା ।

**see–through** *ବିଂ.* ଝିନ; ସ୍ୱଚ୍ଛ ବା ପାରଦର୍ଶୀ ପୋଷାକ ।

**segment** 1. *ବି.* ଅଂଶ, ଖଣ୍ଡ, ଗୋଲକ ବା ବୃତ୍ତର ଅଂଶବିଶେଷ, ବିଭାଜନ; 2. *କ୍ରି.* ଭାଗଭାଗ କରିବା; *ବିଂ.* segmental; *ବି.* segmentation.

**segregate** *କ୍ରି.* ପୃଥକ୍ କରିବା, ଅଲଗା କରିବା, ସ୍ୱତନ୍ତ୍ର କରିବା; ବାସନ୍ଦ କରିବା ।

**segregation** *ବି.* ବାସନ୍ଦ; *ବି.* segregationist.

Digitized by srujanika@gmail.com

**seigneur** ବି. ଜମିଦାର, ସାମନ୍ତ, ଭୂମିଅଧିକାରୀ; ବିଂ. seigneurial.

**seine** 1. ବି. ଭଉଁରୀ ଜାଲ; 2. କ୍ରି. ଭଉଁରୀ ଜାଲରେ ମାଛ ଧରିବା।

**seise** ବି. *ଆଇନ୍* ଦଖଲରେ ରଖିବା।

**seismic** ବିଂ. (seismical ମଧ) ଭୂମିକମ୍ପ ସଂକ୍ରାନ୍ତ; କ୍ରି.ବିଂ. seismically.

**seismogram** ବି. ଭୂମିକମ୍ପ ବିବରଣୀ ପ୍ରଦାନକାରୀ।

**seismograph** ବି. ଯେଉଁ ଯନ୍ତ୍ର ସାହାଯ୍ୟରେ ଭୂମିକମ୍ପର ଶକ୍ତି ଓ ଦିଗ ଜଣାଯାଏ।

**seismography** ବି. ଭୂମିକମ୍ପ ସମ୍ବନ୍ଧୀୟ ଅଧ୍ୟୟନ ବା ବିଶେଷଜ୍ଞାନ; ବି. seismographer.

**seismology** ବି. seismography ଦ୍ର.; ବି. seismologist.

**seize** କ୍ରି. ଜବତ କରିବା, ଜବରଦସ୍ତ ଅଧିକାର କରିନେବା; ବଳପୂର୍ବକ ରଖିବା; ଗିରଫକରିବା; ବ୍ୟାଜ୍ୟାପ୍ତ କରିବା, ମନରେ ଧାରଣା କରିବା, କ୍ରୋକ କରିବା; ହଠାତ୍ ଆକ୍ରାନ୍ତ ହେବା; ଅଳ୍ପସମୟ ଭିତରେ ତଥା ସ୍ୱଚ୍ଛଭାବରେ ହୃଦୟଙ୍ଗମ କରିବା; seize on (upon) ଲୋଭରେ ଅଧିକାର କରିବା; seize up (ଅତ୍ୟଧିକ ଉତ୍ତାପ ବା ଘର୍ଷଣହେତୁ) ଇଞ୍ଜିନ୍ ବନ୍ଦ ହୋଇଯିବା।

**seizure** ବି. ବ୍ୟାଜ୍ୟାପ୍ତ ବସ୍ତୁ, କୋରକ; ଦଖଲ; (ରୋଗର) ଆକସ୍ମିକ ଆକ୍ରମଣ।

**seldom** କ୍ରି.ବିଂ. କ୍ୱଚିତ, କେବେ କେମିତି।

**select** 1. କ୍ରି. ମନୋନୀତ ବା ପସନ୍ଦ କରିବା, ନିର୍ବାଚନ କରିବା, ସର୍ବଶ୍ରେଷ୍ଠକୁ ବାଛିବା; 2. ବିଂ. ସୁନିର୍ବାଚିତ, ଗୁଣବତ୍ତା ବା ଯୋଗ୍ୟତା ଭିତ୍ତିରେ ମନୋନୀତ।

**select committee** ବି. ନିର୍ଦ୍ଦିଷ୍ଟ ଘଟଣା ଅନୁସନ୍ଧାନ ପାଇଁ ଗଠିତ (ସଂସଦୀୟ) ଛୋଟ ପରିଷଦ।

**selection** ବି. ମନୋନୟନ, (ବସ୍ତୁ ବା ବ୍ୟକ୍ତିର) ନିର୍ବାଚନ; ଯେଉଁଗୁଡ଼ିକରୁ ବଛାବଛି ହୁଏ; ବିବର୍ତ୍ତନ ପ୍ରକ୍ରିୟାର ଯେଉଁ ନିୟମରେ ପ୍ରାଣୀ ଓ ବୃକ୍ଷ ବଞ୍ଚି ରହନ୍ତି।

**selective** ବିଂ. ପସନ୍ଦ ମୁତାବକ, ପସନ୍ଦଯୋଗ୍ୟ; ପସନ୍ଦ କରିବାପାଇଁ ଯୋଗ୍ୟ; ବି. selectivity.

**selector** ବି. ମନୋନୟନକାରୀ, ନିର୍ବାଚକ; ଭଲଠିକ୍ ବାଛୁଥିବା ଯନ୍ତ୍ର।

**selenium** ବି. ଉପଗନ୍ଧକ, ସଲ୍‌ଫର୍ ଜାତୀୟ ଧାତବ ପଦାର୍ଥ।

**self** 1. ବି. (ବ.ବ. selves) ସ୍ୱୟଂ, ନିଜେ, ଆପଣାର ସ୍ୱାର୍ଥ; ବ୍ୟକ୍ତି ଚରିତ୍ରର ବୈଶିଷ୍ଟ୍ୟ, ଆତ୍ମା; 2. ବିଂ. ଏକା ରଙ୍ଗ ବିଶିଷ୍ଟ।

**self–** ପୂ.ପ୍ର. ଆତ୍ମପ୍ରତିଫଳନକ୍ଷମ କାର୍ଯ୍ୟକୁ ସୂଚାଇବା ପାଇଁ ଉପସର୍ଗ।

**self–abuse** ବି. ନିଜ ଶକ୍ତିର ଅପଚୟ; *ପ୍ରା.ପ୍ର.* ହସ୍ତମୈଥୁନ।

**self–addressed** ବିଂ. ଆତ୍ମଠିକଣା ସମ୍ବଳିତ (ଲଫାଫା ପ୍ରଭୃତି)।

**self–appointed** ବିଂ. ଆତ୍ମନିଯୁକ୍ତ (ଅନ୍ୟ କାହାରିଦ୍ୱାରା ମାନ୍ୟତାପ୍ରାପ୍ତ ନ ହୋଇ ମଧ)।

**self–assertive** ବିଂ. ଆତ୍ମବଡ଼ିମାପୂର୍ଣ୍ଣ, ଉଦ୍ଧତ, ଆତ୍ମମ୍ଭାରୀ; ନିଜ ଅଧିକାରପ୍ରଭୃତିରେ ସଚେତନ; ବି. self-assertion.

**self–assured** ବି. ଆତ୍ମପ୍ରତ୍ୟୟୀ, ଆତ୍ମବିଶ୍ୱାସପୂର୍ଣ୍ଣ; ବି. self-assurance.

**self–catering** ବିଂ. ନିଜେ ନିଜର ଖାଦ୍ୟ ଯୋଗାଡ଼କାରୀ; ଖାଦ୍ୟ–ସ୍ୱାବଲମ୍ବୀ।

**self–centred** ବିଂ. ସ୍ୱାର୍ଥପର, ଆତ୍ମକୈନ୍ଦ୍ରିକ।

**self–confessed** ବିଂ. ଆତ୍ମଘୋଷିତ।

**self–confident** ବିଂ. ଆତ୍ମବିଶ୍ୱାସୀ; ବି. self-confidence.

**self–conscious** ବିଂ. ଆତ୍ମଜ୍ଞାନୀ, ଆତ୍ମସଚେତନ।

**self–contained** ବିଂ. ସ୍ୱୟଂସମ୍ପୂର୍ଣ୍ଣ, ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ।

**self–control** ବି. ଆତ୍ମସଂଯମ, ଆତ୍ମନିୟନ୍ତ୍ରଣ।

**self–criticism** ବି. ଆତ୍ମସମୀକ୍ଷା।

**self–deception** ବି. ଆତ୍ମପ୍ରବଞ୍ଚନା, ଆତ୍ମପ୍ରତାରଣା।

**self–defeating** ବିଂ. ସ୍ୱଲକ୍ଷ୍ୟ ପରାସ୍ତକାରୀ, ଯେ ନିଜ ଉଦ୍ଦେଶ୍ୟ ସାଧନ କରିପାରେ ନାହିଁ।

**self–defence** ବି. ଆତ୍ମରକ୍ଷା, ଆତ୍ମସ୍ୱାର୍ଥ ବା ସମ୍ମାନରକ୍ଷା।

**self–denial** ବି. ଆତ୍ମସଂଯମ, ସ୍ୱେଚ୍ଛାତ୍ୟାଗ।

**self–denying** ବିଂ. ଆତ୍ମ–ପରିତ୍ୟାଗୀ।

**self–determination** ବି. ଆତ୍ମସିଦ୍ଧାନ୍ତ; (ଜାତି ବା ରାଷ୍ଟ୍ର ସଂପର୍କରେ) ଶାସନ ବା

Digitized by srujanika@gmail.com

ସନ୍ଧି ସଂକ୍ରାନ୍ତରେ ରାଷ୍ଟ୍ରର ନିଜସ୍ୱ କ୍ଷମତା ବା ନିଷ୍ପତ୍ତି ।

**self–discipline** ବି. ଆତ୍ମଶୃଙ୍ଖଳା, ଆତ୍ମନିୟନ୍ତ୍ରଣ ।

**self–drive** ବିଂ. ଭଡାନେଇଥିବା ବ୍ୟକ୍ତିଦ୍ୱାରା ଚାଳିତ (ଭଡାଗାଡି) ।

**self–educated** ବିଂ. ଆତ୍ମ–ଶିକ୍ଷିତ; ବିଦ୍ୟାଳୟର ସାମାନ୍ୟ ସାହାଯ୍ୟ କିମ୍ବା ବିନାସାହାଯ୍ୟରେ ନିଜେ ନିଜେ ଶିକ୍ଷିତ ହୋଇଥିବା ।

**self–effacing** ବିଂ. ସାଦାସିଧା, ସରଳ ତଥା ସ୍ୱଳ୍ପଭାଷୀ ।

**self–employed** ବିଂ. ନିଜବ୍ୟବସାୟରେ ନିଜେ ହିଁ ମାଲିକ; ଆତ୍ମନିଯୁକ୍ତ ।

**self–esteem** ବି. ଆତ୍ମସମ୍ମାନ, ନିଜସମ୍ବନ୍ଧରେ ନିଜର ଭଲ ମତପୋଷଣ, ଆତ୍ମପ୍ରଶଂସା ।

**self–evident** ବିଂ. ଏକାନ୍ତ ସତ୍ୟ (ଯାହାପାଇଁ ପ୍ରମାଣ ବା ବାଖ୍ୟା ଅନାବଶ୍ୟକ) ସ୍ୱତଃସିଦ୍ଧ, ସ୍ୱୟଂସିଦ୍ଧ ।

**self–examination** ବି. ଆତ୍ମପରୀକ୍ଷଣ, ଆତ୍ମସମୀକ୍ଷା ।

**self–explanatory** ବିଂ. ସରଳ, ସହଜ ଅର୍ଥବିଶିଷ୍ଟ (ଯାହାର ଆଉ ଅଧିକ ବାଖ୍ୟାଦରକାର ନାହିଁ) ।

**self–fulfilment** ବି. ନିଜ ଆଶା ଓ ଲକ୍ଷ୍ୟର ସଫଳତା ବା ପରିପୂର୍ଣ୍ଣତା ।

**self–governing** ବିଂ. ଆତ୍ମଶାସିତ, ସ୍ୱୟଂଶାସିତ ।

**self–help** ବି. ଆତ୍ମ–ସାହାଯ୍ୟ, କୃତକାର୍ଯ୍ୟ ହେବାପାଇଁ ନିଜର ଦକ୍ଷତା ଓ ଶକ୍ତି ବିନିଯୋଗ ।

**self–important** ବିଂ. ଆତ୍ମଗର୍ବୀ, ଆତ୍ମଶ୍ଳାଘାପୂର୍ଣ୍ଣ; ବି. self–importance.

**self–imposed** ବିଂ. ଆତ୍ମନ୍ୟସ୍ତ, ନିଜଦ୍ୱାରା ନିଜଉପରେ ନ୍ୟସ୍ତ ଦାୟିତ୍ୱ ବା କାର୍ଯ୍ୟ ।

**self–improvement** ବି. ଆତ୍ମୋନ୍ନତି, ନିଜ ପ୍ରଚେଷ୍ଟା ଏବଂ ଅଧ୍ୟବସାୟ ବଳରେ ନିଜର ଉନ୍ନତି ସାଧନ ।

**self–induced** ବିଂ. ଆତ୍ମ–ପ୍ରବର୍ତ୍ତିତ; ଆତ୍ମପ୍ରବୃତ୍ତ ।

**self–indulgent** ବିଂ. ସ୍ୱେଚ୍ଛାଚାରୀ, ଭୋଗାସକ୍ତ, ଆପଣା ସୁଖସ୍ୱାଚ୍ଛନ୍ଦ୍ୟ ବା ବିଳାସବ୍ୟସନରେ ବେଶୀ ବ୍ୟାପୃତ; ବି. self–indulgence.

**self–inflicted** ବିଂ. ଆତ୍ମ–ବିଧାନକାରୀ, ନିଜଦ୍ୱାରା ନିଜପାଇଁ (କଷ୍ଟ ବା ଯନ୍ତ୍ରଣା) ବରଣକାରୀ; ଆତ୍ମ–ନିର୍ଯ୍ୟାତିତ ।

**self–interest** ବି. ନିଜ ଲାଭ ବା ସ୍ୱାର୍ଥ ପାଇଁ ସଚେତନ, ଆତ୍ମହିତ; ବିଂ. self–interested.

**selfish** ବିଂ. ସ୍ୱାର୍ଥପର, ସ୍ୱଲାଭ–ସଚେତନ, ସ୍ୱାର୍ଥକୈନ୍ଦ୍ରିକ; କ୍ରି.ବିଂ. selfishly; ବି. selfishness.

**selfless** ବିଂ. ନିଃସ୍ୱାର୍ଥ, ନିଃସ୍ୱାର୍ଥପର; କ୍ରି.ବିଂ. selflessly; ବି. selflessness.

**self–made** ବିଂ. ସ୍ୱାବଲମ୍ବୀ, ନିଜ ଶକ୍ତି ଓ ଅଧ୍ୟବସାୟ ବଳରେ ଦାରିଦ୍ର୍ୟ ଓ ବାଧାବିଘ୍ନକୁ ଅତିକ୍ରମ କରି ଯେ ଉଠିଥାଏ ।

**self–opinionated** ବିଂ. ନିଜ ମତ ଉପରେ ଦୃଢ଼; ଅପରିବର୍ତ୍ତନୀୟ ସ୍ୱମତଧାରୀ ।

**self–pity** ବି. ଆତ୍ମକରୁଣା ।

**self–portrait** ବି. ଆତ୍ମଚିତ୍ରଣ, ଆତ୍ମପ୍ରତିକୃତି ।

**self–possessed** ବିଂ. ଅସୁବିଧାବେଳେ ପ୍ରଶାନ୍ତ, ବିପଦବେଳେ ମଧ୍ୟ ଶାନ୍ତସମାହିତ; ବି. self–possession.

**self–preservation** ବି. ଆତ୍ମ–ସଂରକ୍ଷଣ, ମୃତ୍ୟୁ ବା କ୍ଷତି ନିକଟରୁ ଆପଣାକୁ ବଞ୍ଚାଇ ରଖିବା ।

**self–propelled** ବିଂ. ନିଜ ଶକ୍ତିରେ ଆଗକୁ ପରିଚାଳିତ; ଆତ୍ମପରିଚାଳିତ ।

**self–raising** ବିଂ. (ଅଟା ପ୍ରଭୃତି) ଆପେ ଫୁଲି ଉଠୁଥିବା ।

**self–realization** ବି. ଆତ୍ମସିଦ୍ଧି, ଆତ୍ମୋପଲବ୍ଧି ।

**self–regard** ବି. ଆତ୍ମସମ୍ମାନ ।

**self–reliant** ବିଂ. ଆତ୍ମନିର୍ଭରଶୀଳ; ବି. self–reliance.

**self–reproach** ବି. ଆତ୍ମନିନ୍ଦା, ଆତ୍ମ–ଭର୍ତ୍ସନା ।

**self–respect** ବି. ଆତ୍ମସମ୍ମାନ, ଆତ୍ମମର୍ଯ୍ୟାଦା; ବିଂ. self–respecting.

**self–restrained** ବିଂ. ଆତ୍ମସଂଯମୀ, ସ୍ୱ–ଆବେଗ–ନିୟନ୍ତ୍ରକ ।

**self–restraint** ବି. ଆତ୍ମସଂଯମ, ଆତ୍ମନିୟନ୍ତ୍ରଣ ।

**self–righteous** ବିଂ. ନିଜର ସଠିକତା ସମ୍ବନ୍ଧରେ ଆତ୍ମାଭିମାନସହ ସଚେତନ; ବୃଥାଗର୍ବୀ; ଅହଂବାଦୀ ।

Digitized by srujanika@gmail.com

**self–sacrifice** ବି. ଆତ୍ମବଳି, ଆତ୍ମୋତ୍ସର୍ଗ, ଆତ୍ମତ୍ୟାଗ ।

**selfsame** ବିଂ. ଠିକ୍ ସେହି, ତାଗିପରି, ଅଭିନ୍ନ ।

**self–satisfied** ବିଂ. ଆତ୍ମ–ସନ୍ତୁଷ୍ଟ, ନିଜ ସମ୍ବନ୍ଧରେ କିମ୍ବା ନିଜ ସଫଳତା ସମ୍ବନ୍ଧରେ ଅଯଥା ସନ୍ତୋଷ ପ୍ରକଟନକାରୀ; ବି. self-satisfaction.

**self–sealing** ବିଂ. ସ୍ୱୟଂମୁଦ, (ଟାୟାର୍ ପ୍ରଭୃତିରେ) ଆପେ ମୁଦ ହୋଇଯିବା ବା ରନ୍ଧ୍ର ପ୍ରଭୃତି ବୁଜି ହେବାର ବ୍ୟବସ୍ଥା ।

**self–seeking** ବିଂ. ଓ ବି. ଆତ୍ମଦର୍ଶୀ, ସ୍ୱାର୍ଥାନ୍ବେଷୀ ।

**self–service** ବିଂ. ଭୋଜନାଳୟରେ କିମ୍ବା ଜଳଖିଆ ଦୋକାନରେ ଖାଇବାପଦାର୍ଥ ନିଜେ ନିଜପାଇଁ କିଣି ସଂଗ୍ରହ କରିବା ବ୍ୟବସ୍ଥା ।

**self–starter** ବି. ଆଭ୍ୟନ୍ତରୀଣ ଦହନ ଯନ୍ତ୍ର ପରିଚାଳିତ କରିବା ପାଇଁ ବୈଦ୍ୟୁତିକ ବ୍ୟବସ୍ଥା, ମଟରଗାଡ଼ି ପ୍ରଭୃତିରେ ସୁଇଚ୍ ଟିପିଲେ ଇଞ୍ଜିନ୍ ଚାଲୁହେବା ବ୍ୟବସ୍ଥା ।

**self–styled** ବିଂ. ଆତ୍ମଘୋଷିତ, ନିଜପାଇଁ ନିଜେ ନାମ ବା ପଦବୀ ଗ୍ରହଣକାରୀ (ଆଉ କାହାରି ସମର୍ଥନ ବା ସ୍ୱୀକୃତିକୁ ଅପେକ୍ଷା ନ କରି) ।

**self–sufficient** ବିଂ. ଆତ୍ମନିର୍ଭର, ଆତ୍ମପର୍ଯ୍ୟାପ୍ତ, ସ୍ୱୟଂ–ପର୍ଯ୍ୟାପ୍ତ; ବି. self–sufficiency.

**self–supporting** ବିଂ. ସ୍ୱନିର୍ଭରଶୀଳ, ଆତ୍ମନିର୍ଭରଶୀଳ, ସ୍ୱୟଂ–ପର୍ଯ୍ୟାପ୍ତ ।

**self–taught** ବିଂ. ଆତ୍ମଶିକ୍ଷିତ, ବିନା ଗୁରୁରେ ଆପେ ପଢ଼ିଥିବା ବା ଶିଖିଥିବା ।

**self–willed** ବିଂ. ସ୍ୱେଚ୍ଛାଚାରୀ, ଏକଜିଦିଆ–ଭାବେ ନିଜର ଇଚ୍ଛା ବା ଉଦ୍ଦେଶ୍ୟ ପୂରଣ ପାଇଁ ତତ୍ପର; ବି. self–will.

**sell** 1. କ୍ରି. ବିକିବା; ଅର୍ଥବଦଳରେ ପଦାର୍ଥ ଦେବା; ବିକ୍ରୟ କରିବା, ବିକ୍ରୟପାଇଁ ପଦାର୍ଥ ରଖିବା; 2. ବି. କ.ଭା. ବିକ୍ରୟକୌଶଳ; ଠକାମି; ନୈରାଶ୍ୟ; **be sold on** ଆଗ୍ରହୀ ବା ଉତ୍ସାହିତ ହେବା; **sell short** ଛିଂଛାକର କରିବା; ନ୍ୟୂନ ମନେକରିବା; ବେଖାତିର କରିବା; **sell up** ଘରବାଡ଼ି, ବ୍ୟବସାୟ ପ୍ରଭୃତି ବିକ୍ରୀ କରିଦେବା ।

**seller** ବି. ବିକ୍ରେତା, ଅତି ଭଲ ବିକ୍ରୀ ହେଉଥିବା (ବା ବିକ୍ରୀ ହେଉ ନ ଥିବା) ମାଲ ।

**seller's market** ବି. ବିକ୍ରେତା ପାଇଁ ସୁବିଧାଜନକ ବ୍ୟବସାୟ ବା କାରବାର ।

**selling–point** ବି. ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁର ସୁପାରିଶ୍ କରିବା ପାଇଁ ତାହାର ବିଶେଷ ଗୁଣ ।

**sell–off** ବି. ଗୋଦାମସଫାପାଇଁ ଜିନିଷକୁ ଶସ୍ତାରେ ବିକିବା ।

**Sellotape** ସ୍ବ. 1. ବି. ସ୍ୱଚ୍ଛ, ଅଠାଦିଆ ସେଲୁଲୋଜ୍ ପ୍ଲାଷ୍ଟିକ୍ ଫିତା; 2. କ୍ରି. ସେଲୋଟେପ୍ ଲଗାଇବା ।

**sell–out** 1. ବି. ଗଚ୍ଛିତ ମାଲ ବା ଅଂଶ ବିକ୍ରୀ ହୋଇଯିବା; ଠକାମି; ନାଟକ, ଚଳଚ୍ଚିତ୍ରପ୍ରଭୃତିର ସମସ୍ତଟିକେଟ ବିକ୍ରୀ, ବ୍ୟବସାୟିକ ସଫଳତା ଲାଭ, ବିଶ୍ୱାସଘାତକତା ।

**selvage** ବି. ଲୁଗାର ଧଡ଼ି, ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ପୋଷାକର ଧାର ବା କୋଣ (ଯାହା ଶୀଘ୍ର ଫାଟେ ନାହିଁ) ।

**selves** selfର ବ.ବ. ।

**semantic** ବିଂ. ଭାଷାର ଅର୍ଥ ସମ୍ବନ୍ଧୀୟ; କ୍ରି.ବିଂ. semantically.

**semantics** ବି. ଏ.ବ. (ବ.ବ. ଭାବରେ ବ୍ୟବହୃତ) ଭାଷାତତ୍ତ୍ୱର ବିଭାଗ ଯାହା ଅର୍ଥସହ ସଂପୃକ୍ତ, ଦର୍ଶନ ସଂଜ୍ଞା, ମୀମାଂସା ।

**semaphore** 1. ବି. ବର୍ଣ୍ଣମାଳା ସଙ୍କେତ ଅନୁଯାୟୀ ଦୁଇଟି ଶଳାକା ସାହାଯ୍ୟରେ ବା ଦୁଇହାତରେ ଭିନ୍ନ ଭିନ୍ନ ରଙ୍ଗର ପତାକା ଧରି ସଙ୍କେତ ଦେବା; ରେଲ୍‌ୱେରେ ବିଭିନ୍ନରଙ୍ଗର ବାହୁ ବା ଆଲୋକବିଶିଷ୍ଟ ସଙ୍କେତ ଉପକରଣ; 2. କ୍ରି. ସିମାଫୋର୍ ମାଧ୍ୟମରେ ସଙ୍କେତ ବା ସୂଚନା ପ୍ରେରଣ କରିବା ।

**semblance** ବି. କୌଣସି ବସ୍ତୁର ବାହ୍ୟରୂପ; ଆଭାସ ।

**semen** ବି. ପୁରୁଷର ଶୁକ୍ର, ବୀର୍ଯ୍ୟ ।

**semester** ବି. ବିଶ୍ୱବିଦ୍ୟାଳୟରେ ପ୍ରବର୍ତ୍ତିତ ହେଉଥିବା ଷାଣ୍ମାସିକ ପାଠ୍ୟକ୍ରମ ।

**semi** ବି. କ.ଭା. ସେମି–ଫାଇନାଲ୍ ।

**semi–** ପୂ.ପ୍ର. ଆଂଶିକ; ଅର୍ଦ୍ଧେକ, ନିର୍ଦ୍ଧାରିତ ସମୟମଧ୍ୟରେ ଦୁଇଥର ଘଟୁଥିବା ବା ଦେଖିବାକୁ ମିଳୁଥିବା ଅର୍ଥଦ୍ୟୋତକ ଉପସର୍ଗ ।

**semibreve** ବି. *ସଙ୍ଗୀତ* ସାଧାରଣଭାବରେ ବ୍ୟବହୃତ ଦୀର୍ଘତମ ନୋଟ୍ ବା ସ୍ୱର ।

Digitized by srujanika@gmail.com

**semicircle** ବି. ଅର୍ଦ୍ଧବୃତ୍ତ; ଅର୍ଦ୍ଧପରିଧି, ବୃତ୍ତ ବା ପରିଧିର ଅର୍ଦ୍ଧେକ; ବିଂ. semicircular.

**semicolon** ବି. ସେମିକୋଲନ୍, ଅର୍ଦ୍ଧବିରାମଚିହ୍ନ(;)।

**semiconductor** ବି. ଅର୍ଦ୍ଧପରିବାହୀ; କେତେକ ପରିସ୍ଥିତିରେ ଇନ୍‌ସୁଲେଟର୍ ଏବଂ ଧାତୁ ମଧ୍ୟବର୍ତ୍ତୀ ବୈଦ୍ୟୁତିକ ପରିବାହୀଭାବେ କାର୍ଯ୍ୟକ୍ଷମ ବସ୍ତୁ।

**semi-detached** ବିଂ. ଅର୍ଦ୍ଧ–ଅସଂଲଗ୍ନ (ଘର); ଯେଉଁ ଘରର କେବଳ ଗୋଟିଏ ପାଖରେ ଅନ୍ୟ ଘର ଲାଗିଥାଏ।

**semifinal** ବି. ଖେଳ ପ୍ରତିଯୋଗିତାର ଫାଇନାଲ୍ ପୂର୍ବବର୍ତ୍ତୀ ଖେଳ, ସେମିଫାଇନାଲ; ବି. semifinalist.

**seminal** ବିଂ. ବୀଜ, ଶୁକ୍ର, ପ୍ରଜନନ ବା ଅଙ୍କୁରୋଦ୍‌ଗମ ସଂପର୍କରେ; (ଚିନ୍ତାଧାରା, କାର୍ଯ୍ୟ ପ୍ରଭୃତି) ଭବିଷ୍ୟତ ପାଇଁ ଭିତ୍ତି ବା ମୂଳ।

**seminar** ବି. ଆଲୋଚନା ଓ ଗବେଷଣା ପାଇଁ ହେଉଥିବା ଛୋଟ ଶ୍ରେଣୀ; ସଂକ୍ଷିପ୍ତ ପାଠ୍ୟକ୍ରମ, ସଂପାନ, ପାଠଚକ୍ର, ସେମିନାର୍।

**seminary** ବି. ଧର୍ମଯାଜକମାନଙ୍କ ତାଲିମ ଶିକ୍ଷାଳୟ; ବି. seminarist.

**semiosis** ବି. ଶବ୍ଦ ସଙ୍କେତରେ ପରିଣତ ହେବାର ବିଧି; ବିଂ. semiotic.

**semi-permeable** ବିଂ. କ୍ଷୁଦ୍ରତମ ଅଣୁ ବା ଅଂଶ ପ୍ରବେଶ କରିପାରୁଥିବା ଝିଲ୍ଲୀ ବା ସୂକ୍ଷ୍ମତ୍ୱକ୍।

**semiprecious** ବିଂ. ମୂଲ୍ୟବାନ ପଥର ଅପେକ୍ଷା କମ୍ ମୂଲ୍ୟ, କିନ୍ତୁ ବେଶ୍ ଦାମୀ।

**semiquaver** ବି. *ସଙ୍ଗୀତ* ଅର୍ଦ୍ଧକମ୍ପନ ପରିମିତ ସ୍ୱର।

**semi-skilled** ବିଂ. ପୂର୍ଣ୍ଣ ତାଲିମପାଇ ନ ଥିବା ଶ୍ରମିକ ବା କାରିଗର।

**Semite** ବି. ଶେମ୍ (ବାଇବେଲ ବର୍ଣ୍ଣିତ) ଜାତିଠାରୁ ଜାତ ବୋଲି ମନେକରାଯାଉଥିବା ଅନ୍ୟାନ୍ୟ ଜାତି (*ବିଶେ.* ଆରବୀ ଓ ଇହୁଦୀ); ବି. Semitism.

**Semitic** ବିଂ. ହିବ୍ରୁ ଓ ଆରବୀୟ ପ୍ରଭୃତି ସେମିଟିକ୍‌ମାନଙ୍କ ଭାଷା ପରିବାର; ସେମାଇଟ୍, *ବିଶେ.* ଇହୁଦୀ ବା ପାର୍ସିମାନଙ୍କର।

**semitone** ବି. ଅର୍ଦ୍ଧସ୍ୱର (ସଙ୍ଗୀତ ମାପକରେ)।

**semi-trailer** ବି. ଟ୍ରଲି ପଛରେ ଦୁଇଟି ଚକଥାଇ ଏବଂ ଅଗ୍ରଭାଗ କୌଣସି ଯାନରେ ସଂଯୁକ୍ତ ହୋଇ ଟଣା ହେଉଥିବା ଟ୍ରେଲର୍।

**semitropical** ବିଂ. ଅର୍ଦ୍ଧ–ଗ୍ରୀଷ୍ମପ୍ରଧାନ; ନାତିଉଷ୍ଣପ୍ରଧାନ।

**semivowel** ବି. ଅର୍ଦ୍ଧସ୍ୱର, ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ମଧ୍ୟବର୍ତ୍ତୀ ସ୍ୱର (ଉଦା, w, y).

**semolina** ବି. ସୁଜି, ସୁଜିକ୍ଷୀରି।

**sempstress** *ଦ୍ର.* seamstress.

**SEN** *ସଂଶ.* State Enrolled Nurse ସରକାରୀ ତାଲିକାଭୁକ୍ତ ନର୍ସ୍।

**Sen.** *ସଂଶ.* Senator ସିନେଟର୍, Senior ସିନିଅର୍।

**senate** ବି. ବ୍ୟବସ୍ଥାସଭା (ଆମେରିକା ଏବଂ ଫ୍ରାନ୍‌ସ); ସିନେଟ୍, ବିଶ୍ୱବିଦ୍ୟାଳୟ ପରିଚାଳନା ସଭା; ପ୍ରାଚୀନ ରୋମୀୟ ରାଷ୍ଟ୍ରପରିଷଦ।

**senator** ବି. ସିନେଟ ସଭ୍ୟ; ବିଂ. senatorial.

**send** *କ୍ରି.* ପଠାଇବା; ନିର୍ଦ୍ଦେଶ କିମ୍ବା ଆଦେଶ ପଠାଯିବା ବା ଜଣାଇ ଦିଆଯିବା, ପ୍ରେରଣ କରିବା; (ଚିଠି କିମ୍ବା ସମ୍ବାଦ) ଛାଡ଼ିବା, ସୁପାରିଶ୍ କରିବା; ପ୍ରଦାନ କରିବା, ଘଟାଇବା; send away ପ୍ରେରଣ କରିବା; ମନିଅର୍ଡର ପ୍ରଭୃତି ପଠାଇବା; send down ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯିବା; କାରାରୁଦ୍ଧ କରିବା; send for ବିଚାରବିଭାଗୀୟ ନିର୍ଦ୍ଦେଶନାମା ଡାକଦ୍ୱାରା ପଠାଯିବା, ମଗାଯିବା, ଡକାଇବା; send in ପ୍ରତିଯୋଗିତା ପାଇଁ ଦାଖଲ କରିବା ବା ପଠାଇବା; send off ଦୂରକୁ ପଠାଇବା, ସମ୍ମାନର ସହ ବିଦାୟ ଦେବା, (ଖେଳାଳିକୁ) ଖେଳପଡ଼ିଆରୁ ବାହାର କରିଦେବା; send on ଆଗରୁ ପଠାଇଦେବା, ନିଜେ ପହଞ୍ଚିବା ପୂର୍ବରୁ ଅନ୍ୟକାହାକୁ ପ୍ରେରଣ କରିବା; send up ଉପରକୁ ପଠାଇବା, ଉନ୍ନୀତ କରିବା; send word ସମ୍ବାଦ ପଠାଇବା, ଖବର ଦେବା, କହିପଠାଇବା।

**send-off** ବି. ଭବ୍ୟ ବିଦାୟ, ବିଦାୟ ସମ୍ବର୍ଦ୍ଧନା।

**send-up** ବି. *କ.ଭା.* ବ୍ୟଙ୍ଗ, ଲାଳିକା।

**senescent** ବିଂ. ବାର୍ଦ୍ଧକ୍ୟମୁଖୀ ହେଉଥିବା, ବୁଢ଼ାହେବାକୁ ଆରମ୍ଭ କରୁଥିବା; ବି. senescence.

**seneschal** ବି. ମଧ୍ୟଯୁଗର ଧନିକ ବ୍ୟକ୍ତି ବା ଜମିଦାରଙ୍କ ଘରେ ରହୁଥିବା ଭୃତ୍ୟ।

**senile** ବିଂ. ଜରାଗ୍ରସ୍ତ, ବାର୍ଦ୍ଧକ୍ୟସମ୍ବନ୍ଧୀୟ, ବାର୍ଦ୍ଧକ୍ୟହେତୁ; ବୃଦ୍ଧାବସ୍ଥାର ଲକ୍ଷଣସଂପନ୍ନ; ବି. senility.

Digitized by srujanika@gmail.com

**senior** 1. ବିଂ. ବୟୋଜ୍ୟେଷ୍ଠ, ଉଚ୍ଚତର ପଦବୀଧାରୀ, ବରିଷ୍ଠ, ଏକା ନାମ ଥିଲେ ମାନ୍ୟତାହେତୁ ଶ୍ରେଷ୍ଠତର, ସମ୍ମାନନୀୟ; 2. ବି. କର୍ମରେ ଆଗୁଆ ବାହେଲ ହୋଇଥିବା ବ୍ୟକ୍ତି, ବରିଷ୍ଠତର ବା ଉଚ୍ଚତନ।

**senior citizen** ବି. ବର୍ଷୀୟାନ ବ୍ୟକ୍ତି; ପେନ୍‌ସନଭୋଗୀ।

**seniority** ବି. ଜ୍ୟେଷ୍ଠତ୍ୱ, ବରିଷ୍ଠତ୍ୱ।

**senior nursing officer** ବି. ଡାକ୍ତରଖାନାର ସ୍ୱାସ୍ଥ୍ୟ–ସେବା ଦାୟିତ୍ୱରେ ଥିବା ପଦାଧିକାରୀ।

**senior school** ବି. ୧୧ବର୍ଷ ବୟସରୁ ଅଧିକ ବୟସର ପିଲାଙ୍କ ପାଇଁ ଉଦ୍ଦିଷ୍ଟଥିବା ବିଦ୍ୟାଳୟ।

**senior service** ବି. ରୟେଲ୍ ନୌବାହିନୀ।

**senna** ବି. ସୁନାମୁଖୀ ଗଛର ଶୁଖିଲାପତ୍ର, ଏଥିରୁ ତିଆରି ହେଉଥିବା ବିରେଚକ।

**senor** ବି. ସ୍ପେନୀୟ ପୁରୁଷ ବା ତାଙ୍କର ଉପାଧି।

**senora** ବି. ସ୍ପେନୀୟ ବିବାହିତା ମହିଳା ବା ତାଙ୍କର ଉପାଧି।

**senorita** ବି. ସ୍ପେନିଶ୍‌ଭାଷୀ ଅବିବାହିତା ମହିଳା ବା ତାଙ୍କର ଉପାଧି।

**sensation** ବି. କୌଣସି ବ୍ୟକ୍ତିର ନିର୍ଦ୍ଦିଷ୍ଟ ଅବବୋଧ ବା ପ୍ରତିକ୍ରିୟା ଯାହା ବିଶେଷ ମାନସିକ, ଶାରୀରିକ ବା ଆବେଗିକ ଅବସ୍ଥାଦ୍ୱାରା ଜାତ ହୋଇଥାଏ, ଇନ୍ଦ୍ରିୟବୋଧ, ଇନ୍ଦ୍ରିୟାନୁଭୂତି; ଚାଞ୍ଚଲ୍ୟ, ଚମକ, ବିସ୍ମୟ–ବିମୂଢ଼କାରୀ ଆକସ୍ମିକ ଘଟଣା।

**sensational** ବିଂ. ଇନ୍ଦ୍ରିୟାନୁଭୂତି ସମ୍ବନ୍ଧୀୟ; ସର୍ବସାଧାରଣରେ ଚାଞ୍ଚଲ୍ୟ ବା ଉତ୍ତେଜନା ସୃଷ୍ଟି କଲାଭଳି (କାରଣ ବା ଘଟଣା); ବିଂ. sensationally.

**sensationalism** ବି. ଇନ୍ଦ୍ରିୟଲବ୍ଧ ଜ୍ଞାନ ହିଁ ଏକମାତ୍ର ଜ୍ଞାନ ବୋଲି ଧାରଣା; ଦ. ସଂବେଦନ; ଚାଞ୍ଚଲ୍ୟ ବା ଉତ୍ତେଜନା ସୃଷ୍ଟି କରିବାରେ ବିଶ୍ୱାସ; ବି. sensationalist.

**sense** 1. ବି. ଚୈତନ୍ୟ; ଇନ୍ଦ୍ରିୟ; ଉପଲବ୍ଧି, ବୋଧ, ସଚେତନତା, ବାସ୍ତବ ଧାରଣା, ସାର୍ଥକ ବିଚାରବୋଧ; ବ.ବ. ବ୍ୟକ୍ତିର ମାନସିକ ସୁସ୍ଥତା ବା ସ୍ୱାଭାବିକତା; 2. କ୍ରି. ଇନ୍ଦ୍ରିୟ ବା ବୋଧଶକ୍ତି ଦ୍ୱାରା ଜାଣିବା; ଅନୁମାନ କରିବା, ସଚେତନ ହେବା, ହୃଦ୍‌ବୋଧ ହେବା; common sense ବ୍ୟକ୍ତିର ସାଧାରଣଜ୍ଞାନ, କାଣ୍ଡଜ୍ଞାନ, ସାଧାରଣ ବିଚାରଶକ୍ତି; come to one's senses ସଂଜ୍ଞା ଲାଭକରିବା, ଚେତିବା, ବୋକାମି କରି ଚୈତନ୍ୟୋଦୟ ହେବା; in a (one) sense ଗୋଟିଏ ଅର୍ଥରେ; make sense ବୋଧଗମ୍ୟ ବା କାର୍ଯ୍ୟକାରୀ ହେବା; make sense of ଅର୍ଥ ପ୍ରକାଶ କରାଇବା ବା ଖୋଜି ବାହାର କରିବା।

**senseless** ବିଂ ଚେତନାଶୂନ୍ୟ; ନିର୍ବୋଧ, ନିରର୍ଥକ।

**sense–organ** ବି. ଇନ୍ଦ୍ରିୟ; ଯେଉଁ ଅଙ୍ଗପ୍ରତ୍ୟଙ୍ଗ ବାହ୍ୟପ୍ରଭାବକୁ ଗ୍ରହଣ କରି ସ୍ନାୟୁମାନଙ୍କ ମାଧ୍ୟମରେ ଅବବୋଧ କରାଇଥାନ୍ତି।

**sensibility** ବି. ଶାରୀରିକ କିମ୍ବା ଆବେଗିକ ଦୃଷ୍ଟିରୁ ଅନୁଭବ କରିବା କ୍ଷମତା, ସଂବେଦନ–ଶୀଳତା; ଇନ୍ଦ୍ରିୟଗ୍ରାହ୍ୟ ସୂକ୍ଷ୍ମ ବିଚାରବୋଧ, ଆବେଗପ୍ରବଣତା; ବ.ବରେ ଭାବାନୁଭୂତି; ବିଚାର କରିପାରିବାର କ୍ଷମତା।

**sensible** ବିଂ. ବିଜ୍ଞ, ବୁଦ୍ଧିମାନ, ବିଚାରବନ୍ତ, ବିବେକୀ, ଇନ୍ଦ୍ରିୟାନୁଭୂତିଯୋଗ୍ୟ; ପ୍ରତିକ୍ରିୟାକ୍ଷମ, ଅନୁଭୂତିସମ୍ପନ୍ନ; କାର୍ଯ୍ୟକାରୀ ଏବଂ ବ୍ୟବହାର୍ଯ୍ୟ (ବସ୍ତୁ ପ୍ରଭୃତି), ସଚେତନ; କ୍ରି.ବିଂ. sensibly.

**sensitive** ବିଂ. ଅନୁଭବଶକ୍ତି ବିଶିଷ୍ଟ, ସଂବେଦନଶୀଳ, ଭାବପ୍ରବଣ; ସ୍ପର୍ଶକାତର (ବିଷୟ, ଘଟଣା); ଅଭିମାନୀ; (ଫଟୋଗ୍ରାଫି କାଗଜ ପ୍ରଭୃତି) ଆଲୋକ ପ୍ରତି ସମ୍ବେଦନଶୀଳ।

**sensitive plant** ବି. ଲାଜକୁଳିଲତା; ସ୍ପର୍ଶକାତର ବ୍ୟକ୍ତି।

**sensitivity** ବି. ସ୍ପର୍ଶକାତରତା, ସଂବେଦନଶୀଳତାର ଗୁଣ ବା ମାତ୍ରା।

**sensitize** କ୍ରି. ସଂବେଦନକ୍ଷମ କରାଇବା, ଆଲୋକଚିତ୍ରର ଛାପ ଗ୍ରହଣଯୋଗ୍ୟ କରାଇବା; ବି. sensitization.

**sensor** ବି. ପଦାର୍ଥର ଧର୍ମ ଜାଣିବା, ଲିପିବଦ୍ଧ କରିବା ବା ମାପିବାପାଇଁ ବ୍ୟବହୃତ ଉପକରଣ।

**sensory** ବିଂ. ଚେତନା ବା ଇନ୍ଦ୍ରିୟ ସମ୍ବନ୍ଧୀୟ।

**sensual** ବିଂ. ଇନ୍ଦ୍ରିୟ ପରତନ୍ତ୍ରତା, ଦେହ ଓ ଚେତନା ସଂପର୍କିତ, କାମୁକତା, ଯୌନ ଉତ୍ତେଜକ, ଇନ୍ଦ୍ରିୟାସକ୍ତ ବା ଇନ୍ଦ୍ରିୟପରାୟଣ।

**sensuality** ବି. ଇନ୍ଦ୍ରିୟପରାୟଣତା, ଯୌନତା, ଇନ୍ଦ୍ରିୟପରିତୃପ୍ତି।

**sensuous** ବିଂ. ଇନ୍ଦ୍ରିୟସୁଖକର, ସୌନ୍ଦର୍ଯ୍ୟାତ୍ମକ; ଚେତନାଲବ୍ଧ, ଇନ୍ଦ୍ରିୟଗତ।

Digitized by srujanika@gmail.com

**sent** sendର *ଅ.କା./ଅ.କ୍ରି.କ.ପ।*

**sentence** 1. ବି. ବାକ୍ୟ; ଫୌଜଦାରୀ ମାମଲାରେ ଦଣ୍ଡାଦେଶ; 2. *କ୍ରି.* ଦଣ୍ଡାଦେଶ ଘୋଷଣା କରିବା; ଅଭିଶାପ ଦେବା; ବିଂ. sentential.

**sententious** ବିଂ. ନୀତିଗର୍ଭକ, ସଂକ୍ଷିପ୍ତ ଓ ସାରଗର୍ଭକ, ନୀତିବାଦୀ ଓ ଆଦର୍ଶବାଦୀ ବୋଲି ଦେଖାଇହେଉଥିବା।

**sentient** ବିଂ. ଅନୁଭବକ୍ଷମ, ସଚେତନ, ବୋଧଗମ୍ୟ; ବି. sentience; ବି. sentiency.

**sentiment** ବି. ଆବେଗ, ଭାବପ୍ରବଣତା, ନିର୍ଦ୍ଦିଷ୍ଟ ବିଷୟରେ ସାମଗ୍ରିକ ଭାବାନୁଭୂତି; ଦ. ସ୍ଥାୟୀଭାବ; ଆବେଗିକ ଦୁର୍ବଳତା ଓ ତାହାର ପରିପ୍ରକାଶ।

**sentimental** ବିଂ. ଭାବପ୍ରବଣ, ଆବେଗିକ, ଆବେଗଯୁକ୍ତ; ବିଚାରଶକ୍ତି ନୁହେଁ, ଆବେଗ ବା ଭାବାନୁଭୂତିଦ୍ୱାରା ଅଧିକ ପରିଚାଳିତ; ବି. sentimentalism; sentimentalist; sentimentality; *କ୍ରି.* sentimentalize; *କ୍ରି.ବିଂ.* sentimentally.

**sentimental value** ବି. କୌଣସି ପ୍ରିୟବସ୍ତୁ ପାଇଁ ବ୍ୟକ୍ତିର ଆବେଗିକ ସଂପୃକ୍ତିଜନିତ ମୂଲ୍ୟ।

**sentinel** ବି. ପ୍ରହରୀ, ଜଗୁଆଳ।

**sentry** ବି. ପ୍ରହରୀ, ଜଗୁଆଳ, ସନ୍ତରୀ।

**sentry-box** ବି. ଯେଉଁ କାଠବାକ୍ସ ବା କେବିନ୍ ଭିତରେ ଜଗୁଆଳ ଛିଡାହୁଏ।

**sentry-go** ବି. ପ୍ରହରୀର ଟହଲମରା।

**sepal** ବି. ବୃତି ବା ଫୁଲଦଳର ବିଭାଗ।

**separable** ବିଂ. ବିଭାଜ୍ୟ, ଯାହା ମୂଳବସ୍ତୁଠାରୁ ଅଲଗା କରିଦେଇହେବ; ବି. separability.

**separate** 1. ବିଂ. ପୃଥକ୍, ସଂପୂର୍ଣ୍ଣ ଅଲଗା, ସ୍ୱତନ୍ତ୍ର, ଛଡାଛଡା, ଗୋଟା; 2. ବି. ବ.ବ.ରେ ଏକାଠି ପିନ୍ଧିବାଯୋଗ୍ୟ ପୋଷାକର ବିଭିନ୍ନ ଅଂଶ; 3. *କ୍ରି.* ଅଲଗା କରିବା, ଭିନେକରିବା; ଛଡାଛଡିହେବା; ଭିନବାଟରେ ଯିବା, ଛିନ୍ନକରିବା; ଦମ୍ପତିଭାବରେ ଆଉ ମିଶିକରି ନ ରହିବା; ଭାଗ ଭାଗ କରିଦେବା; ବିଂ. separative.

**separation** ବି. ବିଚ୍ଛେଦ, ପୃଥକୀକରଣ; judicial (legal) separation ସ୍ୱାମୀ ଓ ସ୍ତ୍ରୀ ବିବାହିତଥାଇ ଅଲଗା ଅଲଗା ରହିବା ବ୍ୟବସ୍ଥା।

**separatism** ବି. ରାଜନୀତି କିମ୍ବା ଧର୍ମୀୟ ବ୍ୟବସ୍ଥାରେ ପୃଥକତା ବା ସ୍ୱାତନ୍ତ୍ର୍ୟ ନୀତି, ପୃଥକ୍‌ଭାବ, ବିଚ୍ଛିନ୍ନତାବାଦ; ବି. separatist.

**separator** ବି. ଯେଉଁ ଯନ୍ତ୍ର ସାହାଯ୍ୟରେ ଅଲଗା କରାଯାଏ (ଯଥା ଦୁଗ୍ଧରୁ ସର)।

**Sephardi** ବି. (ବ.ବ. Sephardim) ସ୍ପେନ୍ ବା ପର୍ତ୍ତୁଗାଲ ଉଦ୍‌ଭୂତ ଇହୁଦୀ; ବିଂ. Sephardic.

**sepia** ବି. ଘନ ରକ୍ତାଭ–ବାଦାମୀରଙ୍ଗ ବା ରଞ୍ଜକ।

**sepoy** ବି. *ଇତି.* ଭାରତୀୟ ସୈନିକ ଯେଉଁମାନେ ୟୁରୋପୀୟ, *ବିଶେ.* ବ୍ରିଟିଶ ଅଧୀନରେ ଥିଲେ; ସିପାହୀ।

**sepsis** ବି. ପଚନଶୀଳ ଅବସ୍ଥା, ରକ୍ତଦୂଷଣ, ପଚା।

**sept** ବି. ଉପଜାତି ବିଶେଷ (*ବିଶେ.* ଆୟରଲେଣ୍ଡର)।

**Sept.** *ସଂଶ.* September ସେପ୍ଟେମ୍ବର।

**September** ବି. ସେପ୍ଟେମ୍ବର, ଇଂରାଜୀବର୍ଷର ନବମ ମାସ।

**septennial** ବିଂ. ସାତବର୍ଷବ୍ୟାପୀ, ସପ୍ତମବାର୍ଷିକ, ସାତବର୍ଷିଆ; *କ୍ରି.ବିଂ.* septennially.

**septet** ବି. ସାତଜଣ ଶିଳ୍ପୀଙ୍କ ପାଇଁ ସଙ୍ଗୀତ ସଂରଚନା ବା ସେଇ ଗୋଷ୍ଠୀର ଶିଳ୍ପୀଗଣ; ସାତଜଣିଆ ଦଳ।

**septic** ବିଂ. (ଘା') ପଚ୍‌ନଶୀଳ, ବେକ୍ଟେରିଆଗ୍ରସ୍ତ; *କ୍ରି.ବିଂ.* septically.

**septicaemia** ବି. (*ଆମେ.* septicemia) ରକ୍ତଦୁଷ୍ଟରୋଗ; ବିସର୍ପରୋଗ; ରକ୍ତ ବିଷାକ୍ତ ହୋଇଯିବା ରୋଗ; ବିଂ. septicaemic.

**septic tank** ବି. ମଳ–ଶୋଧନ–କୁଣ୍ଡ, ଯେଉଁଥିରେ ମଳ ଆଦି ଜୀବାଣୁଦ୍ୱାରା ବିଶୋଧିତ ହୁଏ।

**septuagenarian** 1. ବିଂ. ସପ୍ତତିବର୍ଷ ବୟସ୍କ; 2. ବି. ଯାହାର ବୟସ ୭୦ରୁ ୭୯ବର୍ଷ ମଧ୍ୟରେ।

**Septuagesima** ବି. *ଖ୍ରୀ.* ସେପ୍‌ଟୁଆଗେସିମା ପୂର୍ବବର୍ତ୍ତୀ ରବିବାର (ଲେଣ୍ଟପର୍ବ ସମ୍ବନ୍ଧିତ)।

**Septuagint** ବି. ଓଲ୍ଡ୍ ଟେଷ୍ଟମେଣ୍ଟ (ବାଇବେଲ୍)ର ପ୍ରାଚୀନ ଗ୍ରୀକ ଅନୁବାଦ (ଏପୋକ୍ରିଫା ସମେତ)।

Digitized by srujanika@gmail.com

**septum** ବି. ( ବ.ବ. septa) ନାକର ଦୁଇପୁଡା ମଧ୍ୟସ୍ଥ ଝିଲ୍ଲୀ, ଫଳର ଦୁଇକୋଷ ମଧ୍ୟରେ ଥିବା ପତଳା ଆବରଣ।

**septuple** 1. ବିଂ. ସାତଗୁଣା, ସାତଅଂଶ ବିଶିଷ୍ଟ, ସପ୍ତାଙ୍ଗ, ସାତସ୍ତରୀୟ; 2. ବି. ସାତଗୁଣା ସଂଖ୍ୟା ବା ପରିମାଣ।

**sepulchral** ବିଂ. ସମାଧି ସଂକ୍ରାନ୍ତ, ଅନ୍ତ୍ୟେଷ୍ଟିକ୍ରିୟା; ବିମର୍ଷ।

**sepulchre** (*ଆମେ.* sepulcher) 1. ବି. ସମାଧି. *ବିଶେ.* ପଥର କଟାହୋଇ ବା ପଥର ବା ଇଟା ନିର୍ମିତ; 2. କ୍ରି. ସମାଧି ପାଇଟିବା, ସମାଧି ଦେବା।

**sepulture** ବି. ସମାଧି ବା କବରକ୍ରିୟା।

**sequel** ବି. ପରିଣତି; ଉତ୍ତରଭାଗ; କାହାଣୀର ଧାରାବାହିକତା (ଚଳଚ୍ଚିତ୍ର, ଦୂରଦର୍ଶନ, ଉପନ୍ୟାସ ପ୍ରଭୃତିରେ)।

**sequence** ବି. କ୍ରମାନୁକ୍ରମଣିକା, କ୍ରମାନୁବନ୍ଧ ନିୟମ, ଅନୁକ୍ରମ; ପର୍ଯ୍ୟାୟକ୍ରମ; (ଚଳଚ୍ଚିତ୍ର ପ୍ରଭୃତିରେ) ଗୋଟିଏ ଦୃଶ୍ୟ ବା ଘଟଣା।

**sequential** ବିଂ. ଆନୁକ୍ରମିକ, ପରିଣାମ ସ୍ୱରୂପ; ପର୍ଯ୍ୟାୟକ୍ରମିକ।

**sequentially** କ୍ରି.ବିଂ. ଘଟଣାବଶତଃ, ପରିଣାମତଃ।

**sequester** କ୍ରି. ସମାଜରୁ ପୃଥକ୍ କରିବା, ସ୍ୱତନ୍ତ୍ର କରିବା, ବିଚ୍ଛିନ୍ନ କରିବା।

**sequestrate** କ୍ରି. ଜବତ କରିବା, (ଋଣୀ ବା ଖାତକର ସମ୍ପତ୍ତି) ସାମୟିକଭାବେ ଦଖଲନେବା, କୋରକ କରିବା; ବି. sequestration, sequestrator.

**sequin** ବି. ଧାତୁନିର୍ମିତ କ୍ଷୁଦ୍ର ଚକ୍ରାକାର ପଦାର୍ଥ ଯାହା ଶୋଭାବର୍ଦ୍ଧନ ପାଇଁ ପୋଷାକରେ ଲଗାଯାଇଥାଏ; ଏକଦା ଆରବରେ ବ୍ୟବହୃତ ହେଉଥିବା ସ୍ୱର୍ଣ୍ଣମୁଦ୍ରା; ବିଂ. sequinned.

**sequoia** ବି. କାଲିଫର୍ଣ୍ଣିଆର ବହୁ ଉଚ୍ଚ ଦେବଦାରୁ ବା ପାଇନ୍‌ଜାତୀୟ ବୃକ୍ଷ।

**seraglio** ବି. (ପ୍ରାଚୀନ ତୁରସ୍କ) ସୁଲତାନମାନଙ୍କ ପ୍ରାସାଦ, ହାରେମ୍ , ଅନ୍ତଃପୁର।

**seraph** ବି. (ବ.ବ. seraphim ବା seraphs) ଦେବଦୂତ, ସ୍ୱର୍ଗଦୂତ; ବିଂ. seraphic.

**Serb** ବି. ଏବଂ ବିଂ. Serbian *ଦ୍ର.*।

**Serbian** 1. ବି. ସର୍ବିଆର ଭାଷା ବା ଅଧିବାସୀ; 2. ବିଂ. ସର୍ବିଆ ସମ୍ବନ୍ଧିତ।

**Serbo–Croat** (Serbo-Croatian ମଧ୍ୟ) 1. ବି. ସର୍ବିଆନ୍ ଓ କ୍ରୋଟ ଜାତିର ଲୋକମାନଙ୍କ ଦ୍ୱାରା କଥିତ ସ୍ଲାଭୋନିକ୍ ଭାଷା; 2. ବିଂ. ସ୍ଲାଭୋନିକ ଭାଷା ସମ୍ବନ୍ଧୀୟ।

**serenade** 1. ବି. ରାତ୍ରିରେ ପରିବେଷଣ କରାଯାଉଥିବା ସଙ୍ଗୀତ (*ବିଶେ.* ପ୍ରେମିକାର ଝରକାର ନିମ୍ନଦେଶରେ ପ୍ରେମିକ ଦ୍ୱାରା); 2. କ୍ରି. ସେରନିଡ୍ ଗାଇବା ବା ବଜାଇବା।

**serendipity** ବି. ଦୁର୍ଘଟଣାବଶତଃ ବା ଆକସ୍ମିକ ଭାବରେ ସୁଖଦ ଘଟଣା ଘଟିବା ବା ରହସ୍ୟ ଉନ୍ମୋଚିତ ହେବା (ହୋରେସ୍ ୱାଲ୍‌ପୋଲଙ୍କଦ୍ୱାରା ଗଠିତ ଶବ୍ଦ)।

**serene** ବିଂ. ସ୍ୱଚ୍ଛ ଓ ସ୍ଥିର; ପ୍ରଶାନ୍ତ, ଅବିଚଳିତ; ବି. sereneness; serenity.

**serf** ବି. *ଇତି.* ଦାସ, ଯେଉଁ ଗୋଡି ବା ହଳିଆମାନେ ଭୂମ୍ୟଧିକାରୀମାନଙ୍କ ପାଖରୁ ପଳାଇଯାଇପାରୁ ନ ଥିଲେ; ନିଷ୍ପେଷିତ ବ୍ୟକ୍ତି; ବିରକ୍ତିଭାବ; ବି. serfdom.

**serge** ବି. ମୋଟା ଗରମ ବସ୍ତ୍ର, ପଶମବସ୍ତ୍ର ବିଶେଷ।

**sergeant** ବି. ସାମରିକ ବା ଅର୍ଦ୍ଧ–ସାମରିକ ବାହିନୀର ଅଣ–କମିଶନ୍‌ଡ୍ କର୍ମଚାରୀ, ହାବିଲଦାର, ସର୍ଜେଣ୍ଟ୍।

**serial** ବି. 1. ବି. ଧାରାବାହିକ ପ୍ରକାଶ ପାଉଥିବା ବା ପ୍ରସାରିତ ହେଉଥିବା କାହାଣୀ, ଚଳଚ୍ଚିତ୍ର ପ୍ରଭୃତି; 2. ବିଂ. କ୍ରମିକ, ଧାରାବାହିକ (କାହାଣୀ, ବେତାର/ ଦୂରଦର୍ଶନ କାର୍ଯ୍ୟକ୍ରମ ପ୍ରଭୃତି); କ୍ରି.ବିଂ. serially.

**serialize** କ୍ରି. ଧାରାବାହିକ ଭାବରେ ବା କ୍ରମାନ୍ୱୟେ ପ୍ରକାଶ ପାଇବା ବା ପ୍ରସାରିତ ହେବା; ବି. serialization.

**serial number** ବି. କ୍ରମାନ୍ୱୟରେ ଲିଖିତ ସଂଖ୍ୟା।

**series** ବି. ଏ.ବ./ ବ.ବ. ଅନୁକ୍ରମ, ପର୍ଯ୍ୟାୟ ଶ୍ରେଣୀ, କ୍ରମିକ ରୀତିରେ ପରିବେଷିତ ଘଟଣା, ଗୋଟିକ ପରେ ଗୋଟିଏର ଶୃଙ୍ଖଳାବଦ୍ଧତା; *ସଂଗୀତ* ମୂଳ ବାରଟି ସ୍ୱରର ସଜ୍ଜୀକରଣ, in series କ୍ରମାନ୍ୱୟରେ, ଗୋଟିକ ପରେ ଗୋଟିଏ।

Digitized by srujanika@gmail.com

**serio—comic** ବିଂ. ବିଷାଦ ଓ ହାସ୍ୟ ମିଶ୍ରିତ; ହସ—କାନ୍ଦଭରା ।

**serious** ବିଂ. ଚିନ୍ତାଶୀଳ; ନିଷ୍ଠାବାନ; ଉଦ୍‌ବେଗଜନକ (ଅସୁସ୍ଥତା), ଗୁରୁତ୍ୱପୂର୍ଣ୍ଣ; ବୌଦ୍ଧିକ; ସାଂଘାତିକ (ଦୁର୍ଘଟଣା); କ୍ରି.ବିଂ. seriously; ବି. seriousness.

**serjeant** ବି. (serjeant-at-law ମଧ) ଇତି. ଉଚ୍ଚ ମାନର ବାରିଷ୍ଟର ।

**serjeant—at—arms** ବି. ବିଧାନ ପରିଷଦ, ବିଚାରାଳୟ ଆଦିର ଉତ୍ସବ ଦାୟିତ୍ୱରେ ଥିବା କର୍ମଚାରୀ ।

**sermon** ବି. ଧର୍ମୋପଦେଶ, ଧର୍ମୀୟ ପ୍ରବଚନ, ନୀତିବାଣୀ, ଉପଦେଶ ।

**sermonize** କ୍ରି. ଧର୍ମୋପଦେଶ ଦେବା, ନୀତିବାଣୀ ଶୁଣାଇବା ।

**serous** ବିଂ. ରକ୍ତମସ୍ତୁ ବା ରକ୍ତର ଜଳୀୟ ଅଂଶ ସମ୍ବନ୍ଧୀୟ, ଗ୍ରନ୍ଥୀଗୁଡ଼ିକରୁ କ୍ଷରଣ ସମ୍ବନ୍ଧୀୟ ।

**serpent** ବି. ସାପ, ବିଶେ. ବଡ଼ଧରଣର; ଧୂର୍ତ୍ତ, ବିଶ୍ୱାସଘାତକ ବ୍ୟକ୍ତି; ପୁରାତନ କାଳରେ ବ୍ୟବହୃତ ବାଦ୍ୟଯନ୍ତ୍ର ଯାହାର ଆକୃତି 'S' ଭଳି ।

**serpentine** 1. ବିଂ. ସାପଭଳି, ଅଙ୍କାବଙ୍କା; ଧୂର୍ତ୍ତ, ଠକ; ପୀଡାପ୍ରଦାୟକ; 2. ବି. କୋମଳ ଘନ ସବୁଜ ପଥର ।

**serrated** ବିଂ. କରତ ଧାରଭଳି ଦନ୍ତ ବିଶିଷ୍ଟ ।

**serried** ବିଂ. ଏକତ୍ରିତ (ସୈନ୍ୟସାମନ୍ତ) ।

**serum** ବି. ( ବ.ବ. sera, serums) ସାମାନ୍ୟ ହଳଦିଆ ରକ୍ତର ଜଳୀୟ ଅଂଶ ଯାହା ଘନୀଭୂତ ରକ୍ତଠାରୁ ପୃଥକ୍ ହୋଇଯାଏ; ରକ୍ତମସ୍ତୁ; ପ୍ରାଣୀରକ୍ତର ଜଳୀୟ ଅଂଶ ।

**servant** ବି. ଭୃତ୍ୟ, ସେବକ, ଚାକର, ବ୍ୟକ୍ତିଗତ ସେବାକାରୀ, ଅନ୍ୟପାଇଁ ସେବାଦେବାକୁ ଇଚ୍ଛୁକ ବ୍ୟକ୍ତି; ଅନୁଗତ ଶିଷ୍ୟ ବା ସେବକ; କର୍ମଚାରୀ ।

**serve** 1. କ୍ରି. କର୍ମକରିବା, ଚାକିରୀ କରିବା; ଅନୁଗତ ହେବା, ପରିଚର୍ଯ୍ୟା କରିବା, ସାହାଯ୍ୟ କରିବା, ସେବା କରିବା; ଯୋଗାଇବା, ବାଣ୍ଟିବା, କାମରେ ଆସିବା, ପ୍ରୟୋଜନପୂର୍ଣ୍ଣ କରିବା, ପରଷିବା, କାର୍ଯ୍ୟ କରିବା; (ଟେନିସ୍ ପ୍ରଭୃତିରେ) ବଲ୍ ପକାଇବା; କଟାଇବା (ବନ୍ଦୀଜୀବନ); (ପଶୁ) ସହବାସ କରିବା (ମାଈ ସହିତ); serve person right ଯୋଗ୍ୟ ଶାସ୍ତି ପାଇବା; serve up ଗ୍ରହଣ ପାଇଁ ପ୍ରଦାନ କରିବା ।

**server** ବି. ପରିବେଷକ, ସେବାକାରୀ, ଧର୍ମୀୟ ଉତ୍ସବାନୁଷ୍ଠାନରେ ସାହାଯ୍ୟକାରୀ ।

**servery** ବି. ଯେଉଁ ପ୍ରକୋଷ୍ଠରୁ ଖାଦ୍ୟ ପଦାର୍ଥାଦି ପରିବେଷଣ କରାଯାଏ ।

**service** 1. ବି. ସେବା; ଦେଶ ବା ଜାତିପାଇଁ କାର୍ଯ୍ୟ; ସରକାରୀ କାମ; ଧର୍ମକାର୍ଯ୍ୟ; ପୂଜନୋତ୍ସବ, ଖାଦ୍ୟ ପରିବେଷଣ, ଜନସେବା, (ଟେନିସ୍ ପ୍ରଭୃତି ଖେଳରେ) ବଲ୍‌ଦେବା; 2. କ୍ରି. ଗାଡି ମରାମତି, ରକ୍ଷଣାବେକ୍ଷଣ ପ୍ରଭୃତି ସେବା ଯୋଗାଇବା; at person's service ସେବାଦେବା ପାଇଁ ପ୍ରସ୍ତୁତ; in service ଚାକିରୀରେ; ବ୍ୟବହୃତ ହେଉଥିବା ଅବସ୍ଥାରେ; of service ସାହାଯ୍ୟକାରୀ, ଦରକାରୀ; on active service ଯୁଦ୍ଧ ସମୟରେ ସୈନ୍ୟ ବାହିନୀରେ କାର୍ଯ୍ୟକରିବା; see service ସାମରିକ ବାହିନୀରେ କାର୍ଯ୍ୟ କରିଥିବାର ଅଭିଜ୍ଞତା ।

**serviceable** ବିଂ. ବ୍ୟବହାରୋପଯୋଗୀ, ସେବାଯୋଗ୍ୟ, ମଜବୁତ୍, ଦରକାରୀ; ବ୍ୟବହାର ପାଇଁ ଉପଯୁକ୍ତ, ଆଳଂକାରିକ ନୁହେଁ; ବି. serviceability; କ୍ରି.ବିଂ. serviceably.

**service area** ବି. ରାସ୍ତାକଡରେ ସର୍ବପ୍ରକାର ସେବା ଦେବା ଭଳି ସ୍ଥାନ (ଜଳଖିଆ, ତେଲ ଇତ୍ୟାଦି) ।

**service charge** ବି. ସେବାପାଇଁ ଅଧିକ ପ୍ରାପ୍ୟ ଦାବି ।

**service flat** ବି. ଯେଉଁ ଫ୍ଲାଟ୍ ଘରେ ସମୟେ ସମୟେ ପରିଚାଳକଙ୍କଦ୍ୱାରା ଖାଦ୍ୟ ପ୍ରଭୃତି ଘରୋଇ ସେବା ଯୋଗାଇ ଦିଆଯାଏ ।

**service industry** ବି. ସେବା ଯୋଗାଣ (ବସ୍ତୁ ନୁହେଁ) ସଂସ୍ଥା ।

**serviceman** ବି. ସାମରିକ କର୍ମଚାରୀ; ରକ୍ଷଣାବେକ୍ଷଣ କିମ୍ବା ଅନ୍ୟ କୌଣସି ସେବା ଯୋଗାଇ ଦେଉଥିବା ବ୍ୟକ୍ତି ।

**service road** ବି. ମୁଖ୍ୟ ରାସ୍ତାର ପଛପାର୍ଶ୍ୱସ୍ଥ ଘରଗୁଡ଼ିକର ସୁବିଧା ପାଇଁ ରାସ୍ତା ।

**service station** ବି. ପେଟ୍ରୋଲ, ମୋବିଲ୍ ପ୍ରଭୃତି ଭର୍ତ୍ତିପାଇଁ ରାସ୍ତା ପାର୍ଶ୍ୱସ୍ଥ ସ୍ଥାନ ।

**servicewoman** ବି. ସାମରିକ ବାହିନୀର ମହିଳା ।

**serviette** ବି. ଟେବୁଲ୍ ନେପ୍‌କିନ୍ ।

Digitized by srujanika@gmail.com

**servile** ବିଂ. ଦାସ ସଂକ୍ରାନ୍ତ, ଦାସ ସଦୃଶ; ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ; ଚାଟୁକାରୀ; ବି. servility.
**serving** ବି. ଜଣକ ପାଇଁ ଖାଦ୍ୟର ପରିମାଣ।
**servitor** ବି. *ପ୍ରା.ପ୍ର.* କିଙ୍କର, ଦାସ।
**servitude** ବି. ଦାସତ୍ୱ; ସଶ୍ରମ ଦୀର୍ଘକାରାବାସ।
**servo** ବି. ସର୍ଭୋ ମଟର ବା ଯନ୍ତ୍ର।
**servo–** ସଂ. ବୃହତ୍ତର ଇଂଜିନ୍ ବା ଯନ୍ତ୍ରପାତିର ଶକ୍ତିଚାଳିତ ସ୍ୱୟଂକ୍ରିୟ ବ୍ୟବସ୍ଥା।
**sesame** ବି. ତିଳଗଛ ଓ ତାର ମଞ୍ଜି; ରାଶି; open sesame ରୁଦ୍ଧଦ୍ୱାର ଖୋଲିବାର ମନ୍ତ୍ର; ରହସ୍ୟମୟ ଜଟିଳ ପରିସ୍ଥିତିକୁ ଅତିକ୍ରମ କରିବାର ସହଜ ଉପାୟ।
**sesqui–** *ପୂ.ପ୍ର.* ଦେଢ଼, ୧୧/୨।
**sessile** ବିଂ. (ଫୁଲ, ପତ୍ର ବା ଆଖି) ଡେମ୍ଫ କିମ୍ବା ବୃନ୍ତରେ ନଥାଇ ଗଣ୍ଡିରେ ଲାଗିଥିବା; ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥିବା; ସ୍ଥିର, ଚଳଚ୍ଛକ୍ତିହୀନ।
**session** ବି. ଅଧିବେଶନ, ଅଦାଲତ ପ୍ରଭୃତିର ବୈଠକ, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆହୂତ ସଭା; ଯେଉଁ ସମୟରେ (ନିର୍ଦ୍ଦିଷ୍ଟଭାବେ) ସଭା ହୁଏ; ସ୍କୁଲ କଲେଜ ପ୍ରଭୃତିର ଶିକ୍ଷାବର୍ଷ; ନିର୍ଦ୍ଦିଷ୍ଟ କାର୍ଯ୍ୟପାଇଁ ଉଦ୍ଦିଷ୍ଟ ଅବଧି ବା ସମୟ (music session); in session କାର୍ଯ୍ୟରତ; ବିଂ. sessional.
**sestet** ବି. ସନେଟ୍ ବା ଚତୁର୍ଦ୍ଦଶପଦୀ କବିତାର ଶେଷ ଛ' ଧାଡ଼ି; ଷଟ୍‌ପଦୀ।
**set¹** 1. *କ୍ରି.* ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା, ଥୋଇବା, ପକାଇବା ବା ଛିଡାହେବା; ବିନିଯୋଗ କରିବା; ସଜାଡି ରଖିବା; ବ୍ୟବସ୍ଥିତକରି ରଖିବା; କୌଣସି କାର୍ଯ୍ୟପାଇଁ ପ୍ରସ୍ତୁତ ହୋଇ ରହିବା; ଘଡ଼ିରେ ଆଲାର୍ମ ଦୋବ, ବାଜ (ଓଦାଥିବା ବେଳେ) ସଜାଡି ରଖିବା; (ପଥର ପ୍ରଭୃତି) ଅଳଂକାରରେ ବସାଇବା; ଠିକ୍‌ଭାବେ ସମ୍ପନ୍ନ କରିବା; ଆରମ୍ଭ କରିବା, (ଆଦର୍ଶ) ପ୍ରଦର୍ଶନ କରିବା, (ନିଆଁ) ଲଗାଇବା; (କାହାଣୀ ପ୍ରଭୃତିରେ) ସ୍ଥାନ ଓ କାଳ ନିର୍ଦ୍ଦିଷ୍ଟ କରିବା; (କାମରେ) ଲଗାଇବା; (ପଦାର୍ଥ ଗୁଡିକୁ) ସଜାଡିବା; ଆଗେଇବା, (ଭଙ୍ଗାହାଡ଼) ଯୋଡିବା; (ଶବ୍ଦ, ସ୍ୱର ପ୍ରଭୃତି) ସଂଯୋଜନା କରିବା; (ଅକ୍ଷର) ଖଞ୍ଜିବା (ଛାପାପାଇଁ); (ସୂର୍ଯ୍ୟଚନ୍ଦ୍ର ନକ୍ଷତ୍ରାଦି) ଅସ୍ତହେବା, ସ୍ଥାପନ କରିବା; (ଅଣ୍ଡା ଉଷୁମାଇବା ପାଇଁ କୁକୁଡାକୁ) ବସାଇବା; (ମୁଖମଣ୍ଡଳ) କଠୋର ଦେଖାଯିବା; ଖାଇବା ପାଇଁ ସଜାଡି ରଖିବା, କଷିଧରିବା; ଫଳିବା; set about ଆରମ୍ଭ କରିବା, ଆଗେଇ ଯିବା; set against ବିରୁଦ୍ଧ ବା ପ୍ରତିପକ୍ଷ ମନେକରିବା; set apart ଅଲଗେଇ ଦେବା; ଭିନ୍ନତା ଦେଖାଇବା; ସାଇତିବା; set aside ଅଲଗା ରଖିବା, ଭବିଷ୍ୟତରେ ବ୍ୟବହାର ପାଇଁ ରଖିବା; ନାପସନ୍ଦ ବା ଅଗ୍ରାହ୍ୟ କରିବା, ସ୍ୱତନ୍ତ୍ର କରି ରଖିବା; set back (ସମୟ ବା ସ୍ଥାନ) ପଛେଇ ଦେବା; ଲେଉଟାଣି କରିବା; ବାଧାଦେବା; set down ଲେଖି ରଖିବା, ଓହ୍ଲେଇବାକୁ ଦେବା, ନିର୍ଦ୍ଧାରଣ କରିବା; set eyes on ନଜର ପକେଇବା; set foot in (on) ପଦକ୍ଷେପ ବା ପ୍ରବେଶ କରିବା, ଯିବା; set forth ଯାତ୍ରାରମ୍ଭ କରିବା; ଜ୍ଞାତ କରାଇବା; ଯୁଦ୍ଧଯାତ୍ରା କରିବା, set in ଆରମ୍ଭ ହେବା; ପ୍ରତିଷ୍ଠିତ ହେବା; ଭିତରେ ଭର୍ତ୍ତି କରିବା; set off ଯାତ୍ରା ଆରମ୍ଭ କରିବା, ପ୍ରବର୍ତ୍ତାଇବା, (ବୋମା) ବିସ୍ଫୋରଣ କରାଇବା; ଆରମ୍ଭ କରିବା; ତୁଲ୍ୟମୂଲ୍ୟ ରୂପେ ସ୍ଥାପନ କରିବା, ଅଳଂକୃତ କରିବା, ହସାଇବା; କଥା କୁହାଇବା; ଅଭିବୃଦ୍ଧି କରିବା, ସଜ୍ଜିତ କରିବା; set on (upon) ଭୟଙ୍କର ଭାବେ ଆକ୍ରମଣ କରିବା, ଆକ୍ରମଣ କରିବା ବା କରାଇବା; set out ଯାତ୍ରାରମ୍ଭ କରିବା, କିଛି କରିବାର ଉଦ୍ଦେଶ୍ୟ ବା ଲକ୍ଷ୍ୟ ପୋଷଣ କରିବା; ବିଦିତ କରାଇବା, ବ୍ୟବସ୍ଥିତ କରିବା, ଚିହ୍ନିତ କରାଇବା, ଘୋଷଣା କରିବା, ପ୍ରଦର୍ଶନ କରିବା; set sail ପାଲ ବା ଜାହାଜ ମେଲିବା; ଯାତ୍ରାରମ୍ଭ କରିବା; set to ଜୋରସୋରରେ କିଛି କାର୍ଯ୍ୟାରମ୍ଭ କରିବା (ମୁଖ୍ୟତଃ ଯୁଦ୍ଧ, ଯୁକ୍ତି ବା ଭୋଜନ); set up ସାମ୍ନାରେ ରଖିବା; ବ୍ୟବସ୍ଥିତ ଭାବେ ଆରମ୍ଭ କରିବା, (ବ୍ୟବସାୟ) ପ୍ରତିଷ୍ଠିତ ହେବା ବା କରିବା, ଆବଶ୍ୟକତାନୁଯାୟୀ ଯୋଗାଇ ଦେବା; (ଉଚ୍ଚଧ୍ୱନି) ସୃଷ୍ଟି କରିବା ବା ଆରମ୍ଭ କରିବା; (ଅବସ୍ଥା) ସୃଷ୍ଟି କରିବା; ଅନ୍ୟ କାହାରି ପାଇଁ କାର୍ଯ୍ୟକୁ ପ୍ରସ୍ତୁତ କରିଦେବା, (ସ୍ୱାସ୍ଥ୍ୟ) ଫେରେଇ ଆଣିବା; (କୀର୍ତ୍ତିମାନ) ପ୍ରତିଷ୍ଠା କରିବା।
**set²** ବି. 1. ସମାନ ଧରଣର ବା ଏକ ବିଶେଷ ପ୍ରକାରର ବସ୍ତୁ କିମ୍ବା ବ୍ୟକ୍ତି; ଗୋଷ୍ଠୀ, ଦଳ, ସାମାଜିକ ଗୋଷ୍ଠୀ (ଏକ ବୃତ୍ତି ବା ମନୋଭାବଥିବା); ହାତହତିଆର, ଯନ୍ତ୍ରପାତି,

Digitized by srujanika@gmail.com

ବାସନକୁସନ ପ୍ରଭୃତି; ଟେଲିଫୋନ୍, ବେତାର, କିମ୍ବା ଟେଲିଭିଜନ୍ ଯନ୍ତ୍ର; ଟେନିସ୍ ଖେଳର ବିଜୟ ସୂଚକ ଏକକ; *ଗଣିତ* ସମଜାତୀୟ ବସ୍ତୁଗୁଡ଼ିକର ସମୂହ; ରଙ୍ଗମଞ୍ଚ, ଚଳଚ୍ଚିତ୍ର ପ୍ରଭୃତିରେ ଦୃଶ୍ୟସଜ୍ଜା; (sett ମଧ୍ୟ) କୋରଣା ମୂଷାର ବିବର; ରାସ୍ତା ନିର୍ମାଣରେ ବ୍ୟବହୃତ ଗ୍ରାନାଇଟ୍ ପ୍ରସ୍ତର ଖଣ୍ଡ; ରୋପଣ ଉପଯୋଗୀ ଚାରା ବା ମୂଳ; **dead set** ଦୃଢ଼ମନା ଆକ୍ରମଣ ବା ପଦକ୍ଷେପ; **set theory** *ଗଣିତ* ସେଟ୍‌ର ଅଧ୍ୟୟନ ବା ବ୍ୟବହାର।

**set³** ବିଂ. ପୂର୍ବନିର୍ଦ୍ଧାରିତ, ଅପରିବର୍ତ୍ତିତ, ଦୃଢ଼; ପୂର୍ବସ୍ଥିରୀକୃତ, (ବାକ୍ୟ ବା କଥା) ଚିରାଚରିତ ବା ଅପରିବର୍ତ୍ତିତ; ଶବ୍ଦସଂଯୋଜିତ, ପୂର୍ବପ୍ରସ୍ତୁତ, କାର୍ଯ୍ୟପାଇଁ ପ୍ରସ୍ତୁତ; **set on (upon)** ପ୍ରାପ୍ତିପାଇଁ କିମ୍ବା ଜୟଯୁକ୍ତ ହେବାପାଇଁ ସଂକଳ୍ପବଦ୍ଧ।

**set–back** ବି. ଅଧୋଗତି, ବିପର୍ଯ୍ୟୟ।

**set piece** ବି. (କଳା, କିମ୍ବା ସାହିତ୍ୟରେ) ଆନୁଷ୍ଠାନିକ ବା ବିସ୍ତୃତ ବ୍ୟବସ୍ଥା, ଉତ୍ସବ ପ୍ରଭୃତିରେ ଆତସବାଜିର ବ୍ୟବସ୍ଥା।

**set square** ବି. ସମକୋଣୀ ତ୍ରିଭୁଜାକାର ଜ୍ୟାମିତିକ ଉପକରଣ, ସେଟ୍ ସ୍କୁଏର୍।

**sett** ଦ୍ର. set².

**settee** ବି. ପଛ ବାଡ଼ା ବା ହାତ ଥାଇ ଏକାଧିକ ବ୍ୟକ୍ତି ବସିବାପାଇଁ ଉଦ୍ଦିଷ୍ଟ ଲମ୍ବାଚୌକି ବା ଆସ୍ଥାନ ବିଶେଷ।

**setter** ବି. ଦୀର୍ଘଲୋମବିଶିଷ୍ଟ ପ୍ରଶିକ୍ଷିତ ଶିକାରୀ କୁକୁର (ଶିକାରୀର ଗନ୍ଧ ଆଘ୍ରାଣ କରି ନିଶ୍ଚଳଭାବେ ରହିଥାଏ)।

**setting** ବି. ଯେଉଁ ସ୍ଥିତି ଓ ରୀତିରେ ବସ୍ତୁ ସଜତା ହୋଇଥାଏ, ଗୃହର ପରିପାର୍ଶ୍ୱ; (ଗଳ୍ପ, ନାଟକ ପ୍ରଭୃତିରେ) ସ୍ଥାନ, ସମୟ, ଦୃଶ୍ୟ ଇତ୍ୟାଦି; *ସଙ୍ଗୀତ* ଶବ୍ଦ ସଂଯୋଜନା; ଜଣେ ବ୍ୟକ୍ତିପାଇଁ ଖାଇବାମେଜ ଉପରେ ଛୁରୀ, କଣ୍ଟା ଚାମୁଚ ଇତ୍ୟାଦି।

**settle¹** କ୍ରି. ଜୀବନରେ କୌଣସି ସ୍ଥାନରେ ବା ଧନ୍ଦାରେ ପ୍ରତିଷ୍ଠିତ ହେବା; କିଛିସମୟ ପାଇଁ ବସିରହିବା; ସିଦ୍ଧାନ୍ତ କରିବା, ମୀମାଂସା କରିବା, ରାଜିହେବା, ଫଇସଲା କରିବା, କାର୍ଯ୍ୟକାରୀଭାବେ ବ୍ୟବହାର କରିବା; (ମାଲିମୋକଦ୍ଦମା) ଆପୋଷ ମିଳାମିଶା କରିବା; ବସବାସ କରି ଗୋଟାଏ ସ୍ଥାନରେ ରହିଯିବା, ଆତ୍ମନିର୍ଭରଶୀଳ କରାଇବା; ତଳେ ଜମିଯିବା (କାଣ୍ଡି); **settle down** ବହୁ ଗଣ୍ଡଗୋଳିଆ ପରିସ୍ଥିତି ଓ ଧାଁ ଦଉଡ଼ପରେ ସ୍ଥିର ହୋଇଯିବା, ନିୟମିତ ଓ ନିରାପଦ ଜୀବନଯାପନ ଗ୍ରହଣ କରିନେବା, କୌଣସି କାର୍ଯ୍ୟରେ ବା ଧନ୍ଦାରେ ଲାଗିଯିବା; **settle for** ଗ୍ରହଣକରିବା କିମ୍ବା ରାଜିହେବା; **settle up** ଦେଣନେଣ ବା ହିସାବପତ୍ର ଚୁକ୍ତି କରିଦେବା; **settle with** ଭରଣା ପାଇଁ ଆବଶ୍ୟକ ପଡୁଥିବା ଅର୍ଥ ଆଂଶିକ କିମ୍ବା ସମୁଦାୟ ଦେବା; ମହାଜନକୁ ମୂଳଟଙ୍କା ଆଂଶିକ କିମ୍ବା ସମୁଦାୟ ପରିଶୋଧ କରିବା, ହିସାବନିକାଶ କରିବା।

**settle²** ବି. ପଛପଟେ ବାଡ଼ା ଓ ସ୍କନ୍ଧବିଶେଷରେ ତଳେ ବାକ୍ସ ଥିବା ବେଞ୍ଚ।

**settlement** ବି. ସ୍ଥିରୀକରଣ, ଜମିଜମା ବନ୍ଦୋବସ୍ତ, ରାଜିନାମା; ଋଣପରିଶୋଧ, ଅସନ୍ତୋଷ ଶେଷକରିବାପାଇଁ ବ୍ୟବସ୍ଥା; (ସମ୍ପତ୍ତିବାଡ଼ିପ୍ରଭୃତି ବିଷୟରେ) ଚୁକ୍ତି, ବ୍ୟବସ୍ଥାପତ୍ର, ଦଲିଲ୍ ବା ଏକରାରନାମା; ପ୍ରବାସୀମାନଙ୍କ ବସତିସ୍ଥାପନ ବା ଔପନିବେଶିକ ଅଞ୍ଚଳ।

**settler** ବି. ପ୍ରବାସୀ, ଯେଉଁବ୍ୟକ୍ତି ଅନ୍ୟସ୍ଥାନରୁ ଆସି ବସବାସ କରି ରହିଯା'ନ୍ତି।

**set–to** ବି. (ବ.ବ. set–tos) ଲଢ଼େଇ, ଯୁକ୍ତିତର୍କ।

**set up** ବି. ବ୍ୟବସ୍ଥା, ସଙ୍ଗଠନ, ସେଗୁଡ଼ିକର କାର୍ଯ୍ୟପ୍ରଣାଳୀ ବା କାର୍ଯ୍ୟକାରିତା।

**seven** ବିଂ. ଓ ବି. ସାତ, (୭, VII, vii) ସଂଖ୍ୟାବିଶେଷ; **the seven seas** ସପ୍ତସମୁଦ୍ର, ପୃଥିବୀର ସମସ୍ତ ସମୁଦ୍ର।

**sevenfold** ବିଂ./କ୍ରି.ବିଂ. ସାତଗୁଣ; ସପ୍ତଖଣ୍ଡ, ସାତଚିକିଆ, ସପ୍ତସଂଖ୍ୟକ।

**seventeen** ବିଂ./ବି. ସତର, ସପ୍ତଦଶ, ସଂଖ୍ୟାବିଶେଷ (୧୭, XVII, xvii); ବି./ବିଂ. seventeenth.

**seventh** ବି./ବିଂ. ସପ୍ତମ, ଏକ ସପ୍ତାଂଶ, ସାତଭାଗରୁ ଏକଭାଗ।

**Seventh–Day Adventist** ବି. *ଖ୍ରୀ.* ଶନିବାରଦିନ ସାବାଥ ପାଳନ କରୁଥିବା ଏଡ୍‌ଭେଣ୍ଟିଷ୍ଟ୍।

**seventh heaven** ବି. ଚରମ ସୁଖର ଅବସ୍ଥା।

**seventhly** କ୍ରି.ବିଂ. ସପ୍ତମତଃ।

**seventy** ବିଂ./ବି.ସତୁରି, ସପ୍ତତି, (୭୦, LXX, lxx); ବିଂ/ବି. seventieth.

Digitized by srujanika@gmail.com

**sever** *କ୍ରି.* କାଟିକରି ଭାଗ ଭାଗ କରିବା, ବିଭକ୍ତ କରିବା, ପୃଥକ୍ କରିବା, ଭିନ୍ନ କରିବା; ସଂପର୍କ ତୁଟାଇଦେବା; ଚାକିରୀର ଚୁକ୍ତି ରଦ୍ଦ କରିବା।

**several** *ବିଂ. ଓ ସ.* ଅନେକ, ଦୁଇରୁ ଅଧିକ ମାତ୍ର ଖୁବ୍ ବେଶି ନୁହେଁ; ବିଭିନ୍ନ; ବିବିଧ; *କ୍ରି.ବିଂ.* severally.

**severance** *ବି.* ଛେଦନ, କର୍ତ୍ତନ; ବିଚ୍ଛେଦ, ପୃଥକୀକରଣ, ପୃଥକୀକୃତ ଅବସ୍ଥା; severance pay ଚାକିରୀ ଚୁକ୍ତି ଶେଷକାଳରେ କର୍ମଚାରୀର ପାଉଣା।

**severe** *ବିଂ.* (ବ୍ୟବହାର ବା ମନୋବୃତ୍ତିରେ) କଠୋର, ତୀବ୍ର, କର୍କଶ, ରୁକ୍ଷ; ପ୍ରଚଣ୍ଡ, ଉଗ୍ର, କ୍ଳେଶଦାୟକ; ନିରାଡମ୍ବର, ସରଳ ଶୈଳୀ।

**severity** *ବି.* କଠୋରତା, ପ୍ରଚଣ୍ଡତା, ଉଗ୍ରତା, ଆତିଶଯ୍ୟ।

**Seville orange** *ବି.* ମାର୍ମାଲେଡ୍, ଆଚାର ପ୍ରଭୃତିପାଇଁ ବ୍ୟବହୃତ ଖଟା କମଳା (ସ୍ପେନ୍)।

**sew** *କ୍ରି.* (*ଅ.କ୍ରି.କ.ପ.* sewed ବା sewn) ସିଲାଇକରିବା, ଛୁଞ୍ଚିସୂତାରେ ବା ମେସିନ୍‌ରେ ସିଲାଇ କରିବା; sew up ସିଲାଇ କରି ବନ୍ଦ କରିବା; *କ.ଭା.* କାର୍ଯ୍ୟ ସମାପ୍ତି କରିବା।

**sewage** *ବି.* ନର୍ଦ୍ଦମାର ପଚାପାଣି ବା ମଇଳା, ଭୂଗର୍ଭସ୍ଥ ନଳବାହିତ ଆବର୍ଜନା।

**sewage farm (works)** *ବି.* ଯେଉଁ ସ୍ଥାନରେ ଆବର୍ଜନାକୁ ଜମାକରି ଖତରେ ପରିଣତ କରାଯାଏ।

**sewer** *ବି.* ଭୂଗର୍ଭସ୍ଥ ଦୂଷିତଜଳ ନିଷ୍କାସନ ବ୍ୟବସ୍ଥା, ମଇଳାପାଣି ପ୍ରଭୃତି ଦୂରକୁ ବାହିନେବା ପାଇଁ ମାଟିଭିତର ନଳ।

**sewerage** *ବି.* ଭୂଗର୍ଭସ୍ଥ ଦୂଷିତଜଳ, ଆବର୍ଜନା ପ୍ରଭୃତି ନିଷ୍କାସନ ବ୍ୟବସ୍ଥା।

**sewing-machine** *ବି.* ସିଲାଇକଳ।

**sewn** *କ୍ରି. sewର ଅ.କ୍ରି.କ.ପ.।*

**sex** 1. *ବି.* ଲିଙ୍ଗ; ସ୍ତ୍ରୀ, ପୁରୁଷ ଭେଦସୂଚକ ଚିହ୍ନ, ପ୍ରଜନନ କ୍ଷମତା ଭିତ୍ତିରେ ପ୍ରାଣୀଙ୍କର ଦୁଇ ପ୍ରଧାନ ବିଭାଗ– ସ୍ତ୍ରୀ ବା ପୁରୁଷଜାତି; ସମଷ୍ଟିଗତଭାବେ ସ୍ତ୍ରୀ ବା ପୁରୁଷ; ଯୌନ ଆବେଗ, ବାସନା ବା ତାହାର ପରିପ୍ରକାଶ; *କ.ଭା.* ଯୌନକ୍ରିୟା; 2. *ବିଂ.* ଯୌନ ସମ୍ବନ୍ଧୀୟ, ଯୌନମୂଳକ; 3. *କ୍ରି.* ଲିଙ୍ଗ ନିରୂପଣ କରିବା; *ଅ.କ୍ରି.କ.ପରେ* ଯୌନକ୍ଷୁଧା ସମନ।

**sexagenarian** 1. *ବିଂ.* ଷାଠିଏରୁ ଅଣସ୍ତରୀ ବର୍ଷ ବୟସ୍କ; 2. *ବି.* ଷଷ୍ଟୀତୀପର ବ୍ୟକ୍ତି।

**Sexagesima** *ବି.* ଖ୍ରୀଷ୍ଟୀୟ ଚାଳିଶଦିନ ବ୍ୟାପୀ ଉପବାସର ପୂର୍ବ ରବିବାର।

**sex appeal** *ବି.* ଯୌନ ଆବେଦନ ବା ଆକର୍ଷଣ।

**sexism** *ବି.* ଲିଙ୍ଗ ଭେଦଜନିତ ବଦ୍ଧମୂଳ ଧାରଣା, ବିଶେ. ସ୍ତ୍ରୀଜାତି ବିରୁଦ୍ଧରେ ବଦ୍ଧମୂଳ ଧାରଣା; *ବିଂ./ବି.* sexist.

**sexless** *ବିଂ.* ସ୍ତ୍ରୀ ନୁହେଁ ବା ପୁରୁଷ ନୁହେଁ; ଯୌନପ୍ରବୃତ୍ତିବିହୀନ ବା ଅନାକର୍ଷଣୀୟ।

**sex maniac** *ବି.* କାମୀପୁରୁଷ ବା ସ୍ତ୍ରୀ, ଅତ୍ୟଧିକ ଯୌନବାସନାଗ୍ରସ୍ତ ବ୍ୟକ୍ତି।

**sexology** *ବି.* ଯୌନବିଜ୍ଞାନ, ଯୌନଜୀବନ ବା ସଂପର୍କ ସମ୍ବନ୍ଧୀୟ ଅଧ୍ୟୟନ; *ବି.* sexologist.

**sex-starved** *ବି.* ଯୌନ–କ୍ଷୁଧାର୍ତ୍ତ।

**sextant** *ବି.* ନାବିକର ଯନ୍ତ୍ରବିଶେଷ, ବୃତ୍ତର ଏକ ଷଷ୍ଠାଂଶ ବା ୬୦° ଚିହ୍ନାଙ୍କିତ ଚାପ।

**sextet** *ବି.* ଛ'ଜଣ ଶିଳ୍ପୀଙ୍କ ପାଇଁ ସଙ୍ଗୀତରଚନା, ଷଡ୍‌–ସଙ୍ଗୀତଶିଳ୍ପୀ; ଛ'ଜଣିଆ ଦଳ।

**sexton** *ବି.* ଗୀର୍ଜାର ଦେଖାଚାହାଁ କରିବା, ଘଣ୍ଟି ବଜେଇବା ଓ ସମାଧି ଖୋଳିବା କର୍ମଚାରୀ।

**sextuple** 1. *ବିଂ.* ଛ'ଭାଗ ବା ଖଣ୍ଡବିଶିଷ୍ଟ, ଛ'ଗୁଣା; 2. *ବି.* ଛଅଗୁଣ ବା ଛ' ଟିକିଆ ସଂଖ୍ୟା।

**sextuplet** *ବି.* ଏକତ୍ର ଜନ୍ମିଥିବା ଛଅଟି ସନ୍ତାନ ମଧ୍ୟରୁ ପ୍ରତ୍ୟେକେ।

**sexual** *ବିଂ.* ସ୍ତ୍ରୀ–ପୁରୁଷ ସମ୍ବନ୍ଧୀୟ, ଲିଙ୍ଗସଂକ୍ରାନ୍ତ, ଯୌନ, କାମଜ, ଯୌନସଂକ୍ରାନ୍ତ; *ବି.* sexuality; *କ୍ରି.ବିଂ.* sexually.

**sexual intercourse** *ବି.* ଯୌନମିଳନ।

**sexy** *ବିଂ.* ଯୌନଉତ୍ତେଜକ; କାମୋତ୍ତେଜିତ; *କ୍ରି.ବିଂ.* sexily; *ବି.* sexiness.

**sez** *ସା.ପ୍ର.* =says (says you).

**SF** *ସଂକ୍ଷି.* science fiction ବିଜ୍ଞାନ କାହାଣୀ।

**sf.** *ସଂକ୍ଷି. ସ୍ତ.* sforzando.

**sforzando** *ବିଂ. କ୍ରି.ବିଂ. ସଙ୍ଗୀତ* ବିଶେଷ ସ୍ଥାନରେ ହଠାତ୍ ଜୋରଦେବା।

**Sgt.** *ସଂକ୍ଷି.* Sergeant ସର୍ଜେଣ୍ଟ।

**sh** *ଅବ୍ୟ.* hush ଶ୍ଶ୍... ଧ୍ୱନି।

**shabby** *ବିଂ.* ଜୀର୍ଣ୍ଣ ଓ ମଳିନ, ପୁରାତନ, ଘୃଣ୍ୟ, ହୀନ, ନୀଚ ବା ଅସାଧୁ; *କ୍ରି.ବିଂ.* shabbily; *ବି.* shabbiness.

Digitized by srujanika@gmail.com

**shack** ବି. ଯଥାତଥା ତିଆରି କୁଡିଆଘର ବା କେବିନ୍; shack up ସହବାସ କରିବା, ଯୌନସଙ୍ଗମ କରିବା।

**shackle** 1. ବି. ହାତକଡି ବା ପାଦବେଡି; 2. କ୍ରି. ପ୍ରତିବନ୍ଧକ ସୃଷ୍ଟି କରିବା; ବେଡି ବା ଶିକୁଳି ପିନ୍ଧାଇବା, ବାଧାଦେବା, ସାଙ୍କୋଳି ପକାଇବା।

**shad** ବି. (ବ.ବ. shads ବା shad) ଖାଇବାଯୋଗ୍ୟ ବଡ ମାଛ ବିଶେଷ।

**shade** 1. ବି. ଛାଇ, ଛାୟା; ଶୀତଳ ବିଶ୍ରାମସ୍ଥାନ; ଛବିର ଅପରିସ୍ଫୁଟ ଅଂଶ, ଚିତ୍ରର କେତେକାଂଶକୁ ଅପରିସ୍ଫୁଟ କରିବାପାଇଁ ବା ଗାଢତର କରିବାପାଇଁ ବ୍ୟବହୃତ ରଙ୍ଗ; ସୂକ୍ଷ୍ମପ୍ରଭେଦ, ବତୀର ଈଷତ୍‌ସ୍ୱଚ୍ଛ ଆବରଣ; ଆଲୋକକୁ କମାଇଦେବା ପାଇଁ ପର୍ଦ୍ଦା; ଛାୟାମୂର୍ତ୍ତି; ଭୂତ; 2. କ୍ରି. ଆଲୋକକୁ ଆଚ୍ଛାଦିତ କରିବା; ଘୋଡାଇଦେବା; ଆଢୁଆଳ କରିବା, ପେନ୍‌ସିଲ୍‌ଦ୍ୱାରା ଛାୟା ପ୍ରଭୃତି ଦେଖାଇବା, କ୍ରମଶଃ ପରିବର୍ତ୍ତିତ ହେବା; in the shade ଅପେକ୍ଷାକୃତ ଅଜ୍ଞାତଭାବରେ।

**shadow** 1. ବି. ଛାଇ, ଛାୟା, ଛାୟାମୂର୍ତ୍ତି, ଆଂଶିକ ଅନ୍ଧକାର, ଟେନାଏ ଛାଇ, ଗୁପ୍ତ ଅନୁସରଣକାରୀ, ଅନୁଚର, ଆଲୋକ ସମ୍ମୁଖରେ ଥିବା ବସ୍ତୁର ଛାଇ, ଲେଶ ମାତ୍ର ଚିହ୍ନ; ଦୁଃଖ ବା ବିଷାଦ; 2. କ୍ରି. ଛାଇକରିବା, ପିଛାଧରିବା, ଗୋପନରେ ଗତିବିଧି ଲକ୍ଷ୍ୟ କରିବା।

**shadow–boxing** ବି. ଶୂନ୍ୟରେ ମୁଷ୍ଟିଯୁଦ୍ଧ ବା କାଳ୍ପନିକ ମୁଷ୍ଟିଯୁଦ୍ଧ (ବିଶେ. ତାଲିମ ସମୟରେ)।

**Shadow Cabinet (Chancellor, etc.)** ବି. ମନ୍ତ୍ରୀମଣ୍ଡଳର କାର୍ଯ୍ୟାବଳୀର ମୁଖପାତ୍ରରୂପେ କାର୍ଯ୍ୟ କରୁଥିବା ବିରୋଧୀଦଳ ସଦସ୍ୟ ପ୍ରଭୃତି।

**shadowy** ବିଂ. ଛାୟାପ୍ରଦାନକାରୀ, ଛାୟାସଦୃଶ, ଅସ୍ପଷ୍ଟ।

**shady** ବିଂ. ଛାୟାପ୍ରଦ, ଛାଇରେ ଥିବା; ଅସାଧୁ, ସନ୍ଦିଗ୍ଧ ଚରିତ୍ର; କ୍ରି.ବିଂ. shadily; ବି. shadiness.

**shaft** ବି. ତୀର, ଶର, ବର୍ଚ୍ଛା, ତୀର ବା ବର୍ଚ୍ଛାର ଦୀର୍ଘ ବେଣ୍ଟ; ଅଭିମତ (ଆଘାତ ଦେବାପାଇଁ ବା ଉତ୍ତେଜିତ କରିବାପାଇଁ), ରଶ୍ମି; ଶଳାକା (ବିଜୁଳିର); (ହତିଆରର) ବେଣ୍ଟ; ଇଞ୍ଜିନ୍‌ର ଚାଳକ ଦଣ୍ଡ; ଲମ୍ବା ସୁଡଙ୍ଗପଥ (ଖଣିପାଇଁ କିମ୍ବା ଉତ୍ତୋଳକ ପାଇଁ); ଘୋଡାଗାଡିର ଦଣ୍ଡାକାଠି।

**shag** ବି. ଟାଆଁସା ବାଳ; ଧୂଆଁପତ୍ର; ଚୂଳବିଶିଷ୍ଟ କର୍ମୋରେଣ୍ଟ୍ (ପକ୍ଷୀ ବିଶେଷ)।

**shaggy** ବିଂ. ଲୋମଶ, କର୍କଶ କେଶବିଶିଷ୍ଟ, ଆଲୁଳାୟିତ କେଶ; କ୍ରି.ବିଂ. shaggily; ବି. shagginess.

**shaggy–dog story** ବି. ଦୀର୍ଘ କାହାଣୀ ବା ହସ କଥା।

**shagreen** ବି. ଫ୍ରେଞ୍ଚ. chagrin ଅମସୃଣ ଚମଡା, ଶାଂକୁଚ ଚମଡା।

**shah** ବି. ଇତି. ଶାହା; ପ୍ରାଚୀନ ଇରାନ ବା ପାରସ୍ୟ ସମ୍ରାଟ।

**shake** 1. କ୍ରି. ଜୋରରେ ହଲାଇବା, ଦୋହଲାଇବା; କମ୍ପିବା, ଥରିବା, ବିଚଳିତ କରିବା; ସନ୍ଦିତ ହେବା; କ.ଭା. ଦୁର୍ବଳ ବା ଅସ୍ଥିର କରିବା; (ସ୍ୱର) ଥରିବା; ଭାବଭଂଗୀ ଦେଖାଇ ଡରାଇବା; ହାତ ମିଳାଇବା; 2. ବି. କମ୍ପନ, କମ୍ପିତଅବସ୍ଥା, ମନ୍ଥନ; ଆକସ୍ମିକ ଧକ୍କା; କମ୍ପିତ ସ୍ୱର; the shakes କମ୍ପନ; no great shakes କ.ଭା. ଖୁବ୍ ଭଲ ବା ଉଲ୍ଲେଖଯୋଗ୍ୟ ନୁହେଁ; shake down ଜମିଯିବା ବା ବସିଯିବା, ପ୍ରତିଷ୍ଠିତ ହେବା; shake hands କରମର୍ଦ୍ଦନ କରିବା (ସ୍ୱାଗତ, ବିଦାୟ ବା ମିଳାମିଶା ସମୟରେ); shake one's head ନାସ୍ତିସୂଚକ ମୁଣ୍ଡ ହଲାଇବା, ଅସମ୍ମତି ପ୍ରଦାନ କରିବା; shake off ଅବାଞ୍ଛିତ ପଦାର୍ଥରୁ ମୁକ୍ତି ପାଇବା, ପରିତ୍ୟାଗ କରିବା, ଚତୁରତାର ସହ ଏଡାଇଦେବା, ଫାଙ୍କିଦେବା; shake out ଝାଡିଦେବା, ଉଡ଼ାଇବା (ପାଲ, ପତାକା ଇତ୍ୟାଦି); shake up ହଲାଇ ମିଶାଇବା ବା ଯଥାସ୍ଥାନକୁ ଆଣିବା, ଆଲୋଡନ ସୃଷ୍ଟି କରିବା; ଆଳସ୍ୟ, ଜଡତା ବା ସ୍ଥିତାବସ୍ଥାରୁ ଜାଗ୍ରତ କରିବା; ବିଂ. shakeable.

**shaker** ବି. ପାଛୁଡିବା ବ୍ୟକ୍ତି ବା କୁଲା ପ୍ରଭୃତି; ଫେଣିବା ପାତ୍ର।

**Shakespearian** ବିଂ. (Shakespearean ମଧ) ବିଖ୍ୟାତ ଇଂରାଜୀ ନାଟ୍ୟକାର ସେକ୍ସପିୟର୍ ସମ୍ବନ୍ଧୀୟ।

**shake–up** ବି. ପୁନରୁତ୍‌ଥାନ, ପୁନର୍ଗଠନ।

**shako** ବି. ପରଯୁକ୍ତ ଲମ୍ବାଳିଆ ଚୂଳବିଶିଷ୍ଟ ସାମରିକ ଟୋପି।

**shaky** ବିଂ. ଅସ୍ଥିର, ଥରଥରିଆ, ଟଳମଳ, ଦୁର୍ବଳ, ଅବିଶ୍ୱାସ୍ୟ; କ୍ରି.ବିଂ. shakily; ବି. shakiness.

Digitized by srujanika@gmail.com

**shale** ବି. ନରମ ପଥର ଯାହା ଅତିସହଜରେ ଭାଙ୍ଗିଯାଏ, ସ୍ଲେଟ୍ ଜାତୀୟ ପଥର; ବିଂ. shaly.

**shall** କ୍ରି. (ଭବିଷ୍ୟତ ସୂଚକ ସହାୟକ କ୍ରିୟା) ପ୍ରଥମ ପୁରୁଷର ଭବିଷ୍ୟତ କାର୍ଯ୍ୟାବଳୀ ସୂଚକ (ମୁଁ, ଆମେ; I, we); ଦ୍ୱିତୀୟ ଓ ତୃତୀୟ ପୁରୁଷରେ ଦୃଢସମ୍ମତି, ଆଦେଶ, କର୍ତ୍ତବ୍ୟ ପ୍ରଭୃତି ସୂଚକ (they shall agree) କ୍ରିୟା; shall I? (we) ମୋତେ/ ଆମକୁ ଚାହାନ୍ତି କି ?

**shallot** ବି. ଗୋଛା ଗୋଛା ଗଣ୍ଠି ବିଶିଷ୍ଟ ପିଆଜ ଜାତୀୟ ଉଦ୍ଭିଦ।

**shallow** 1. ବିଂ. ଅଗଭୀର, ସ୍ୱଳ୍ପଜଳ ବିଶିଷ୍ଟ; ଉପରଠାଉରିଆ; ସ୍ୱଳ୍ପଜ୍ଞାନ ବିଶିଷ୍ଟ; 2. ବି. ବିଶେ. ବ.ବ. ଅଗଭୀର ସ୍ଥାନ; 3. କ୍ରି. ଅଗଭୀର ହେବା ବା କରିବା।

**shalom** ବି. ସଲାମ୍, ମିଳନ ଓ ବିଦାୟସମୟରେ ଇହୁଦୀମାନଙ୍କ ଅଭିବାଦନ।

**shalt** କ୍ରି. ପ୍ରା.ପ୍ର. (ଦ୍ୱିତୀୟ ପୁରୁଷ, ଏକବଚନ) =shall.

**sham** 1. କ୍ରି. ପ୍ରତାରଣା ବା ଛଳନା କରିବା; 2. ବି. ଶଠତା, ପ୍ରତାରଣା, ଛଳନା; 3. ବିଂ. ନକଲି, ଜାଲି, ପ୍ରତାରଣାପୂର୍ଣ୍ଣ।

**shaman** ବି. ଗୁଣିଗାରେଡି ବା ମନ୍ତ୍ରତନ୍ତ୍ର ଜାଣିଥିବା ବ୍ୟକ୍ତି, ଗୁଣିଆ; ବି. shamanism.

**shamateur** ବି. ପେଷାଦାର ଭଳି ସମୟ ସମୟରେ ଅର୍ଥଉପାର୍ଜନକାରୀ ସୌଖୀନ ଖେଳାଳି।

**shamble** 1. କ୍ରି. ଥରିଥରି ବା ଅବାଗରେ ଦୌଡିବା ବା ଚାଲିବା; 2. ବି. ଅବାଗିଆ ବା ଅସ୍ଥିର ଚାଲି।

**shambles** ବି. ବ.ବ. ସା.ଏ.ବ. କ.ଭା. ବିଶୃଙ୍ଖଳ ବା ଅବ୍ୟବସ୍ଥିତ ସ୍ଥାନ ବା ଅବସ୍ଥା, କଂସେଇଖାନା, ରକ୍ତପାତର ସ୍ଥାନ।

**shambolic** ବିଂ. କ.ଭା. ବିଶୃଙ୍ଖଳ, ଅବ୍ୟବସ୍ଥିତ।

**shame** 1. ବି. ଲାଜ, ଲଜ୍ଜାବୋଧ, ଅପମାନବୋଧ; (ସ୍ୱକୃତ—ତ୍ରୁଟିଜନିତ) ସରମ, ଅସମ୍ମାନଜନକ ବା ଲଜ୍ଜାଜନକ ବ୍ୟକ୍ତି ବା ଅବସ୍ଥା; ଶୋଚନୀୟ ବା ଦୁଃଖଦାୟକ ଘଟଣା; 2. କ୍ରି. ଲଜ୍ଜିତ ହେବା, ଲଜ୍ଜାଦେବା, ଲଜ୍ଜାଦେଇ କୌଣସି କାର୍ଯ୍ୟ କରାଇବା; for shame! ଲଜ୍ଜିତ ହେଉ ନ ଥିବା ବ୍ୟକ୍ତିକୁ ଧିକ୍କାର କରିବା; put to shame ଉତ୍କୃଷ୍ଟ ଗୁଣ ବା କାର୍ଯ୍ୟ ପ୍ରଦର୍ଶନକରି କାହାରିକୁ ଲଜ୍ଜାଦେବା ବା ଅପମାନିତ କରିବା।

**shamefaced** ବିଂ. ଲଜ୍ଜାଶୀଳ, ଲାଜକୁଳା, ଅତି ନମ୍ର।

**shameful** ବିଂ. ଲଜ୍ଜାଜନକ, ଲଜ୍ଜାକର; କ୍ରି.ବିଂ. shamefully.

**shameless** ବିଂ. ଲଜ୍ଜାହୀନ, ନିର୍ଲ୍ଲଜ୍ଜ, ବେହିଆ।

**shammy** ବି. ନରମ ହରିଣ ଚମଡ଼ା।

**shampoo** 1. ବି.କେଶ ପରିଷ୍କାର ପାଇଁ ବ୍ୟବହୃତ ଫେଣଯୁକ୍ତ ବହଳିଆ ତରଳପଦାର୍ଥ; ତରଳସାବୁନ (ଗାଡିମଟର, ଗାଲିଚା ପ୍ରଭୃତି ପାଇଁ), ଶେମ୍ପୁ; 2. କ୍ରି.ଶେମ୍ପୁରେ ମୁଣ୍ଡ ଛଡାଇବା; ତରଳ ସାବୁନରେ ସଫାକରିବା।

**shamrock** ବି. ତ୍ରିପତ୍ରୀ, ଆୟର୍ଲେଣ୍ଡର ଜାତୀୟ ଚିହ୍ନ।

**shandy** ବି. ବିଅର ସହିତ ଲେମୋନେଡ୍ ବା ଜିଞ୍ଜର ବିଅର୍‌ର ସମ୍ମିଶ୍ରଣ।

**shanghai** କ୍ରି. ଜାହାଜରେ ନାବିକ କରାଇବା ପାଇଁ କୌଣସି ବ୍ୟକ୍ତିକୁ ଜୋର କରି ବା ଭୁଲାଇ ନେଇଯିବା; କୌଶଳ କରି ଲୋକକୁ ଅଟକ ରଖିବା ବା ହଇରାଣ ହରକତ କରିବା।

**shank** ବି. ନଳିଗୋଡ; ଆଣ୍ଠୁଠାରୁ ଗଣ୍ଠି ପର୍ଯ୍ୟନ୍ତ ଅଂଶ; ବେଣ୍ଟ, କୌଣସି ହତିଆରର ସରୁ, ଲମ୍ବାଳିଆ ଭାଗ।

**shanks's mare (pony)** ବି. ପାଦରେ ଚାଲି ଯିବା।

**shan't** କ.ଭା. shall not.

**shantung** ବି. ଚୀନଦେଶର ଏକପ୍ରକାର ମୋଟା ରେଶମ; ମସୃଣ ବା ରଙ୍ଗ ହୋଇ ନଥିବା ରେଶମ।

**shanty**[1] ବି. କୁଡିଆ, କୁଟୀର, ଚାଳିଘର।

**shanty**[2] ବି. ନାବିକର ଗୀତ।

**shanty town** ବି. କୁଟୀରପୂର୍ଣ୍ଣ ସହର ବା ବସ୍ତି ଅଞ୍ଚଳ।

**shape** 1. ବି. ବାହ୍ୟଆକୃତି, ରୂପରେଖ, ନିର୍ଦ୍ଦିଷ୍ଟ ଆକାର, ବ୍ୟବସ୍ଥା, ଅବସ୍ଥା, ଛାଞ୍ଚ; 2. କ୍ରି. ନିର୍ଦ୍ଦିଷ୍ଟ ଆକାର ଦେବା, ଗଠନ କରିବା, ରୂପଦେବା; ସୃଷ୍ଟି କରିବା, ମନରେ ଗଢିବା, ତିଆରି କରିବା, କଳ୍ପନା କରିବା, ଧାରଣା କରିବା; shape up ନିର୍ଦ୍ଦିଷ୍ଟ ରୂପ ବା ଆକାର ଦେବା; ଅଗ୍ରଗତି କରିବା।

**shapeless** ବିଂ. ଅନାକର୍ଷଣୀୟ, ନିର୍ଦ୍ଦିଷ୍ଟ ଆକୃତି–ବିହୀନ; ବି. shapelessness.

Digitized by srujanika@gmail.com

**shapely** ବିଂ. ସୁନ୍ଦର ଆକୃତି ବିଶିଷ୍ଟ, ସୁଗଠିତ ଶରୀର ବିଶିଷ୍ଟ, ମନୋରମ, ଆକର୍ଷଣୀୟ; ବି. shapeliness.

**shard** ବି. ଖପରା, ମାଟିପାତ୍ରର ଭଙ୍ଗାଅଂଶ, ଖଣ୍ଡିଆକାଚ, କାଚଟୁକୁରା।

**share**[1] 1. ବି. ଭାଗ, ଅଂଶ; ବଣ୍ଟା ହୋଇଥିବା ଅଂଶ, ଅଂଶଧନ: କୌଣସି କାର୍ଯ୍ୟରେ ବ୍ୟକ୍ତିର ଭାଗ ବା ଅଂଶ; 2. କ୍ରି. ଭାଗ ବାଣ୍ଟିବା, ଭାଗଦେବା ବା କରିବା, ଅଂଶଗ୍ରହଣ କରିବା।

**share**[2] ବି. *ସଂଶ.* ploughshare ଲଙ୍ଗଳ ଫାଳ, କଷନା।

**shareholder** ବି. କମ୍ପାନୀ ବା ଯୌଥବ୍ୟବସାୟରେ ଅଂଶୀଦାର।

**share-out** ବି. ଲାଭାଂଶ ବଣ୍ଟନ କରିବା, ଭାଗ।

**shark** ବି. ବିରାଟକାୟ ସମୁଦ୍ରମାଛ, ମଗରମାଛ; ପ୍ରତାରକ, ଠକ।

**sharkskin** ବି. ମଗରମାଛର ଚମଡା, ଫିକା ମସୃଣ ବସ୍ତ୍ର।

**sharp** 1. ବିଂ. ଦାଜୁଆ, ତୀକ୍ଷ୍ଣଧାର ବିଶିଷ୍ଟ, ମୁନିଆଁ; ତୀବ୍ର (ସ୍ୱର); ଉଗ୍ର (ସ୍ୱଭାବ); କଟୁ (ଭାଷା, ଖାଦ୍ୟ); ସୁଠାମ, ବିଚକ୍ଷଣ, ସୁବିଧାବାଦୀ, ନୀତିହୀନ; *ସଙ୍ଗୀତ* ସ୍ୱାଭାବିକ ସ୍ୱରର ଉପରେ (*ଉଦା.* ସି ଶାର୍ପ); 2. ବି. *ସଙ୍ଗୀତ* ଉଚ୍ଚ ବା ଚଢ଼ାସ୍ୱର; *କ.ଭା.* ପ୍ରତାରକ, ଶଠ; 3. *କ୍ରି.ବିଂ.* ନିର୍ଦ୍ଦିଷ୍ଟ ସମୟରେ, *ସଙ୍ଗୀତ* ହଠାତ୍ ଚଢ଼ାସ୍ୱରରେ।

**sharpen** କ୍ରି. ତୀକ୍ଷ୍ଣ କରିବା, ଧାରୁଆ କରିବା, ତୀକ୍ଷ୍ଣ ହେବା, ପଜେଇବା।

**sharper** ବି. ଧୂର୍ତ୍ତ, ପ୍ରବଞ୍ଚକ, ଜୁଆଚୋର।

**sharpish** *କ୍ରି.ବିଂ.* ବିଂ. *କ.ଭା.* ସାଧାରଣଭାବେ ତୀକ୍ଷ୍ଣ; ବେଶ୍ ଚଞ୍ଚଳ।

**sharp practice** ବି. ଅସାଧୁ କାରବାର।

**sharpshooter** ବି. ସୁଦକ୍ଷ ଲକ୍ଷ୍ୟଭେଦୀ।

**shatter** କ୍ରି. ଭାଙ୍ଗି ଖଣ୍ଡ ଖଣ୍ଡ କରିବା, ସଂପୂର୍ଣ୍ଣ ଭାଙ୍ଗିଦେବା, ଧ୍ୱଂସ କରିବା, ଭୀଷଣ କ୍ଷତିସାଧନ କରିବା; be shattered *କ.ଭା.* ଥକିଯିବା, କ୍ଳାନ୍ତ ହୋଇ ପଡିବା।

**shave** 1. କ୍ରି. ଖିଅର କରିବା ବା ହେବା, ନିଶଦାଢ଼ି କାଟିବା; ରଂଜାମାରି ପାଲିସ୍ କରିବା ବା ଚାଂଛିବା; ଅଳ୍ପକେ ବର୍ତ୍ତିଯିବା; 2. ବି. କ୍ଷୌର କର୍ମ, ଖିଅର; ଅଳ୍ପକେ ରକ୍ଷା, ଦୈବାତ୍ ନିଷ୍କୃତି; ରଂଜା।

**shaver** ବି. କ୍ଷୁର, *ବିଶେ.* ରେଜର୍; *କ.ଭା.* ଟୋକା, ଛୋଟ ପିଲା।

**Shavian** 1. ବିଂ. *ଇଂ.* ସାହିତ୍ୟିକ ବର୍ଣ୍ଣାଡ୍ ଶ' ସମ୍ବନ୍ଧୀୟ; 2. ବି. ବର୍ଣ୍ଣାଡ୍ ଶ'ଙ୍କ ପ୍ରଶଂସକ।

**shaving** ବି. କାଠ ଚୋପି ବା ବକଳା।

**shawl** 1. ବି. ଦେହରେ ପକାଇବା ବା ଘୋଡିହେବା ଚାଦର, ଶାଲ୍; 2. କ୍ରି. ଶାଲ୍ ବା ଚାଦରରେ ଘୋଡାଇଦେବା, ଘୋଡିହେବା।

**she** 1. *ସ.* ସେ (ସ୍ତ୍ରୀ ଲିଙ୍ଗ ସୂଚକ); 2. ବି. ମାଈ, ସ୍ତ୍ରୀ; 3. ବିଂ. *ସଂ.* ମାଈ (କୌଣସି ଜୀବର ପୂର୍ବରୁ ବ୍ୟବହୃତ); *ଉଦା.* she-goat.

**sheaf** 1. ବି. ଗୋଛା, କଳେଇ, ବିଡା, ତାଡ଼ା; 2. କ୍ରି. =sheave.

**shear** 1. କ୍ରି. ବଡ କଇଁଚି ବା କତୁରୀରେ କାଟିବା, କତୁରିବା, ଚାଣ୍ଟିଦେବା, ବଞ୍ଚିତ କରିବା; 2. ବି. ଚାପଜନିତ ଦାଗ ବା ପ୍ରତିକ୍ରିୟା, ଚିପୁଣି, ଚାପରେ ପଡିଥିବା ଭାଙ୍ଗ; ବ.ବ. pair of shears କତୁରୀ।

**sheath** ବି. ଛୁରୀ, ତରବାରି ପ୍ରଭୃତିର କୋଷ ବା ଖୋଳ; କଣ୍ଡୋମ୍; ଚିପାପୋଷାକ (ନାରୀମାନଙ୍କର)।

**sheathe** କ୍ରି. କୋଷବଦ୍ଧ କରିବା, ଖୋଳରେ ରଖିବା ବା ଭର୍ତ୍ତିକରିବା।

**sheath-knife** ବି. ଖୋଳରେ ଥିବା ଛୁରୀ।

**sheave** କ୍ରି. ବିଡା ବା ଗୋଛା କରି ବାନ୍ଧିବା।

**sheaves** sheafର ବ.ବ.।

**shebeen** ବି. ଲାଇସେନ୍ସ୍ ପାଇ ନ ଥିବା ମଦଦୋକାନ।

**shed**[1] ବି. ଜିନିଷପତ୍ର ରଖିବା ପାଇଁ ବା ରହିବା ପାଇଁ ଛୋଟଘର, ଚାଳିଘର, ଶାଳ।

**shed**[2] କ୍ରି. (ରକ୍ତ, ଝାଳ, ଲୁହ) ଝରିବା; (ପତ୍ର ପ୍ରଭୃତି) ଝଡିବା; (ବିଜୁଳି) କାଟ କରିବା; (ଆଲୋକ) ବିଚ୍ଛୁରିତ କରିବା; shed light on ଆଲୋକପାତ କରିବା।

**sheen** ବି. ଉଜ୍ଜ୍ୱଳତା, ଜ୍ୟୋତି; ବିଂ. sheeny.

**sheep** ବି. (ବ.ବ. sheep) ମେଣ୍ଢା, ଗାଡ଼ରା; ଭୀରୁ, ନିର୍ବୋଧ ବା ଦୁର୍ବଳମନା ବ୍ୟକ୍ତି; ବ.ବରେ ଧର୍ମଯାଜକଙ୍କ ଉପାସନାସଭାର ସଦସ୍ୟ।

Digitized by srujanika@gmail.com

**sheep–dip** ବି. ମେଣ୍ଢାଦେହରୁ ପୋକଜୋକ ସଫାକରିବାର ବ୍ୟବସ୍ଥା ବା ସ୍ଥାନ।

**sheepdog** ବି. ମେଣ୍ଢା–ଜଗୁଆଳି କୁକୁର।

**sheepfold** ବି. ମେଣ୍ଢାଶାଳ, ମେଣ୍ଢାଖୁଆଡ଼।

**sheepish** ବିଂ. ମୁହଁଚୋର, ଲାଜଯୋଗୁଁ ଅପ୍ରସ୍ତୁତ।

**sheepshank** ବି. ଦଉଡିକୁ ଛୋଟ କରିବାପାଇଁ ପକାଯିବା ଗଣ୍ଠି।

**sheepskin** ବି. ମେଷଚର୍ମ, ଲୋମବିଶିଷ୍ଟ ମେଷଚର୍ମର ଗାଲିଚା, ବସ୍ତ୍ର ବା କମ୍ବଳ; ପୁସ୍ତକ ବନ୍ଧେଇ ପାଇଁ ବ୍ୟବହୃତ ମେଷ ଚମଡା।

**sheer**[1] 1. ବିଂ. ଅମିଶ୍ର, କେବଳ, ନିରୋଳା; ଅତି ସୂକ୍ଷ୍ମ; ଲମ୍ବଭାବେ ଅବସ୍ଥିତ; ଅତି ପାତଳା ହାଲୁକା (ଲୁଗା), ଝିନ; 2. କ୍ରି.ବିଂ. ସିଧାସଳଖ, ସମକୋଣରେ।

**sheer**[2] କ୍ରି. ବାଟ ଛାଡ଼ିବା, ମୋଡ ବୁଲିବା, ପଥ ବଦଳାଇବା; sheer off (ଭୟ ବା ବିରକ୍ତିର କାରଣ ପାଖରୁ) ଚାଲିଯିବା।

**sheet**[1] 1. ବି. (ବିଛଣା) ଚାଦର; ମାଳବନ୍ଧା ରଜ୍ଜୁ; (ଲୁହା, କାଗଜ, କାଚ ପ୍ରଭୃତିର) ଚଦର; ଜଳ, ବରଫ, ବର୍ଷା ବା ନିଆଁ ପ୍ରଭୃତିର ବିସ୍ତାର; ଅବ. ଖବରକାଗଜ; 2. କ୍ରି. ଚାଦର ବିଛାଇବା; ଲୁହା, କାଚ ପ୍ରଭୃତିର ଚଦର ତିଆରିକରିବା।

**sheet**[2] ବି. ପାଲର ନିମ୍ନଭାଗର କୋଣରେ ବନ୍ଧାହୋଇଥିବା ଦଉଡି ବା ଶିକୁଳି।

**sheet anchor** ବି. ଆପତ୍‌କାଳୀନ ଅବସ୍ଥା ପାଇଁ ଉଦ୍ଦିଷ୍ଟ (ଜାହାଜର) ଦ୍ୱିତୀୟ ନଙ୍ଗର; ଶେଷ ଭରସା ବା ଅବଲମ୍ବନ।

**sheeting** ବି. ବିଛଣା ଚାଦର ତିଆରି ଉପକରଣ।

**sheet metal** ବି. ଧାତୁର ପତଳା ଚାଦର।

**sheet music** ବି. ଅଲଗା ଅଲଗା କାଗଜରେ ମୁଦ୍ରିତ ସଙ୍ଗୀତ ଲିପି।

**sheikh** ବି. ଶେଖ୍, ଆରବ ପରିବାର, ଗ୍ରାମ ବା ଗୋଷ୍ଠୀର ମୁଖ୍ୟ; ମୁସଲମାନ ନେତା ବା ଧର୍ମଗୁରୁ; ବି. sheikhdom.

**sheila** ବି. ସା.ପ୍ର. ତରୁଣୀ, ଯୁବତୀ (ଅଷ୍ଟ୍ରେଲିଆ, ନିଉଜିଲେଣ୍ଡ)।

**shekel** ବି. ଇସ୍ରାଏଲରେ ପ୍ରଚଳିତ ମୁଦ୍ରା, ଇହୁଦୀମାନଙ୍କ ପ୍ରାଚୀନ ଓଟକରା ବା ରୌପ୍ୟମୁଦ୍ରା; ବ.ବରେ କ.ଭା. ଧନ, ଟଙ୍କାପଇସା।

**sheldrake** ବି. (ବ.ବ. shelduck) ଉଜ୍ଜ୍ୱଳ ପର ବିଶିଷ୍ଟ ବନ୍ୟବତକ।

**shelduck** ବି. ମାଈ ଶେଲ୍‌ଡ୍ରେକ୍।

**shelf** ବି. (ବ.ବ. shelves) ବହିଥାକ (ଆଲମିରା ପ୍ରଭୃତିର), କାଛଆଲମିରାର ଥାକ; ପର୍ବତରୁ ପାହାଚପରି ବାହାରକୁ ବାହାରିଥିବା ଅଂଶ; ସମୁଦ୍ରପୃଷ୍ଠରେ ଥିବା ବା ସମୁଦ୍ରରେ ବୁଡି ରହିଥିବା ଶୈଳଶ୍ରେଣୀ, ବାଲିର ପ୍ରାଚୀର; on the shelf ଅଦରକାରୀ ବା କର୍ମକ୍ଷମତାହୀନ ବ୍ୟକ୍ତି, ବିବାହବୟସ ଅତିକ୍ରାନ୍ତ ଅଭିଆଡୀ।

**shelf–life** ବି. ସଂରକ୍ଷିତ ପଦାର୍ଥ ବ୍ୟବହାର–ଯୋଗ୍ୟ ହେବାର ସମୟ।

**shelf–mark** ବି. ପାଠାଗାରରେ ପୁସ୍ତକର ସ୍ଥାନ ସୂଚକ ଚିହ୍ନ।

**shell** 1. ବି. ମଞ୍ଜି, ଫଳ ପ୍ରଭୃତିର କଠିନ ବାହ୍ୟ ଆବରଣ; ଅଣ୍ଡା ଖୋଳପା; କଙ୍କଡା, କଇଁଛ ପ୍ରଭୃତିର ଆବରଣ, ଖୋଳ; ଛାଞ୍ଚ; ଗୁଳି, ବାଣ ପ୍ରଭୃତିର ଖୋଳ; ଅଗ୍ନିବିଧ୍ୱସ୍ତ ବା ଅସଂପୂର୍ଣ୍ଣ ଜାହାଜ ବା କୋଠାର କାଛ ବା ଛାଞ୍ଚ; ହାଲୁକା ଦୌଡଡଙ୍ଗା; 2. କ୍ରି. ଖୋଳରୁ ବାହାର କରିବା, ଖୋଳ ଭାଙ୍ଗିବା; ଗୋଳା ବର୍ଷଣ କରିବା; come out of one's shell ଅଧିକ ମେଳାପୀହେବା; ଲାଜକୁଳା ସ୍ୱଭାବ ପରିତ୍ୟାଗ କରିବା; shell out ସା.ପ୍ର. (ଟଙ୍କାପଇସା) ପଇଠ କରିବା; ବିଂ. shell-less, shelly.

**shellac** ବି. ବାର୍ଣ୍ଣିସ୍ ପ୍ରସ୍ତୁତି ଲାଗି ବ୍ୟବହୃତ ଝୁଣାଜାତୀୟ ପଦାର୍ଥ।

**shelled** ବିଂ. ଖୋଳପାଯୁକ୍ତ, ଖୋଳପା ଛଡାଯାଇଥିବା।

**shellfish** ବି. (ବ.ବ. shellfish) ଖୋଳପା ବିଶିଷ୍ଟ ଜଳଚରପ୍ରାଣୀ (ଗେଣ୍ଡା, ଶାମୁକା, ଶଙ୍ଖ, କଙ୍କଡା ପ୍ରଭୃତି)।

**shell–shock** ବି. ଦୀର୍ଘସମୟ ବ୍ୟାପୀ ଯୁଦ୍ଧକାଳୀନ ସ୍ଥିତିହେତୁ ଉତ୍ପନ୍ନ ସ୍ନାୟବିକ ଅସୁସ୍ଥତା।

**Shelta** ବି. ପ୍ରାଚୀନ ଆଇରିଶ୍ ବାରବୁଲା ତଥା ପାଇପ୍–ବାଦକ ଏବଂ ଓ୍ୱେଲଶର ବାସନକୁସନ ମରାମତକାରୀଙ୍କ ଦୋମିଶା ଭାଷା।

**shelter** 1. ବି. (ଆପଦ ବିପଦ ବା ପ୍ରାକୃତିକ ପ୍ରକୋପଠାରୁ) ଆଶ୍ରୟସ୍ଥାନ, ଆଶ୍ରା, ନିରାପଦ ସ୍ଥାନ; 2. କ୍ରି. ଆଶ୍ରୟନେବା ବା ଦେବା, ଅପବାଦ ବା ଅସୁବିଧାରୁ ରକ୍ଷାକରିବା।

**shelve** କ୍ରି. ବହି ପ୍ରଭୃତି ଥାକରେ ରଖିବା; ସ୍ଥଗିତ ରଖିବା; ପକାଇ ରଖିବା; କାର୍ଯ୍ୟରୁ (କୌଣସି

Digitized by srujanika@gmail.com

ବ୍ୟକ୍ତିକୁ) ଦୂରେଇ ରଖିବା, ପାଠାଗାର ବା ଆଲମିରା ଥାକଯୁକ୍ତ କରିବା; (ପଡିଆ, ଜମି) କ୍ରମଶଃ ଢ଼ାଲୁ ବା ଗଡାଣିଆ ହେବା ।

**shelves** shelfର ବ.ବ. ।

**shelving** ବି. ଥାକ ଉପକରଣ, ଥାକ ସମୁଦାୟ, ଥାକ ସଜ୍ଜୀକରଣ ।

**shemozzle** ବି. *ସା.ପ୍ର.* ଗଣ୍ଡଗୋଳ, ଉଚ୍ଚ କୋଳାହଳ, ବିଶୃଙ୍ଖଳା, ଗୋଳମାଳିଆ ଅବସ୍ଥା, କଳିତକରାଳ ।

**shenanigan** ବି. *କ.ଭା.* ଅବାନ୍ତର କଥା, ଛନ୍ଦକପଟ, ଫାଙ୍କିବାଜି ।

**shepherd** 1. ବି. ମେଷପାଳକ; ପୁରୋହିତ, ଧର୍ମୀୟନେତା, ଧର୍ମଯାଜକ; 2. *କ୍ରି.* ମେଣ୍ଢା ଚରାଇବା; ଜନସମାବେଶକୁ ନିୟନ୍ତ୍ରିତ ବା ପରିଚାଳିତ କରିବା; ଆଧ୍ୟାତ୍ମିକ ନେତୃତ୍ୱ ନେବା; ବି. *ସ୍ତ୍ରୀ.* shepherdess.

**Sheraton** ବି. ଅଷ୍ଟାଦଶ ଶତାବ୍ଦୀ ଶେଷଭାଗରେ ଇଂରାଜୀ ଆସବାବ ନିର୍ମାଣ ଶୈଳୀ ।

**sherbet** ବି. (ପ୍ରାଚ୍ୟ ଦେଶୀୟ) ସରବତ, ସୁମିଷ୍ଟ ପାନୀୟ, ପତଳା ଫଳରସ, ଥଣ୍ଡା ସୁବାସିତ ପାନୀୟ ।

**sherd** ବି.*ଦ୍ର.* potsherd.

**sheriff** ବି. ଶେରିଫ୍, ନିର୍ଦ୍ଦିଷ୍ଟ ଅଞ୍ଚଳ ନିମନ୍ତେ ନିଯୁକ୍ତ ବା ନିର୍ବାଚିତ ମୁଖ୍ୟ କାର୍ଯ୍ୟନିର୍ବାହୀ ରାଜ କର୍ମଚାରୀ (ଆଇନ ଓ ଫୌଜଦାରୀ କ୍ଷମତାସହ) ।

**Sherpa** ବି. ଶେର୍ପା, ନେପାଳ ଓ ତିବ୍ବତର ସୀମାନ୍ତର ଅଧିବାସୀ ।

**sherry** ବି. ଦକ୍ଷିଣ ସ୍ପେନୀୟ ଧଳାମଦ, ଏକ ଗ୍ଲାସ ଶେରୀ ।

**Shetland pony** ବି. ସ୍କଟଲେଣ୍ଡର ଉତ୍ତର–ପୂର୍ବ କୋଣର ଶେଟ୍‌ଲ୍ୟାଣ୍ଡ ଦ୍ୱୀପପୁଞ୍ଜରେ ଜାତ କ୍ଷୁଦ୍ରକାୟ ଆବଡା ଖାବଡା ଚମଡାଯୁକ୍ତ ଟଟୁ ଘୋଡା ।

**shew** *ପ୍ରା.ପ୍ର.* =show.

**shibboleth** ବି. କୌଣସି ଦଳ ବା ସଂପ୍ରଦାୟର ପୁରୁଣାକାଳିଆ ସିଦ୍ଧାନ୍ତ ବା ସୂତ୍ର, ମଂକକଥା; କୌଣସି ବ୍ୟକ୍ତିର ମରହଟୀ ଚିନ୍ତାଧାରାର ପରିଚୟସୂଚକ ରୀତିନୀତି ବା ଭାଷା ।

**shield** 1. ବି. ଢାଲ, ରକ୍ଷାଫଳକ, ବଂଶମର୍ଯ୍ୟାଦା ସୂଚକ ଫଳକ; ପୁରସ୍କାରରୂପେ ପ୍ରାପ୍ତ ସେହିଭଳି ଫଳକ; 2. *କ୍ରି.* ରକ୍ଷାକରିବା ବା ଘୋଡାଇବା, ଆଶ୍ରୟଦେବା, ଆଢୁଆଳ କରିବା ।

**shift** 1. *କ୍ରି.* ଚରିତ୍ର ବା ସ୍ଥାନ ପରିବର୍ତ୍ତନ କରିବା, ଅବସ୍ଥିତି ବଦଳାଇବା, ଘୁଞ୍ଚାଇବା; ଅନ୍ୟ ଉପରେ (ଦାୟିତ୍ୱ ଆଦି) ଲଦିଦେବା; *ସା.ପ୍ର.* ଫୁର୍ତ୍ତିରେ ଘୁଞ୍ଚିବା, ଖାଇବା ବା ପିଇବା; *ଆମେ.* ମଟରଗାଡିରେ ଗିଅର୍ ବଦଳାଇବା; 2. ବି. ଆକାର, ପ୍ରକୃତି ବା ସ୍ଥାନ ପରିବର୍ତ୍ତନ; ଗୋଟାଏ ପାଳିରେ କାମ କରୁଥିବା ଶ୍ରମିକ ଦଳ; ପାଳି ଅନୁଯାୟୀ କାର୍ଯ୍ୟକାଳ, କୌଶଳ, ଚାତୁର୍ଯ୍ୟ, ଚଞ୍ଚକତା; ସ୍ତ୍ରୀମାନଙ୍କ ଢିଲା, ଲମ୍ବା ପୋଷାକ; *ଆମେ.* ଗିଅର୍ ବଦଳ; make shift ଯେନ ତେନ କାମ ଚଳାଇନେବା, କାମଚଳା ବ୍ୟବସ୍ଥା (କରିବା); shift for oneself ନିଜ ଚେଷ୍ଟା ଉପରେ ନିର୍ଭର କରିବା; shift one's ground ବିତର୍କରେ ପୂର୍ବମତ ପରିବର୍ତ୍ତନ କରିବା, ନୂଆବାଟ ଧରିବା ।

**shiftless** ବିଂ. ଅଳସୁଆ, ଅପାରୁ, ଅଯୋଗ୍ୟ ।

**shifty** ବିଂ. ଯେ ବିଶ୍ୱାସଯୋଗ୍ୟ ନୁହେଁ, ଅସାଧୁ, ଧୂର୍ତ୍ତ; *କ୍ରି.ବିଂ.* shiftily; ବି. shiftiness.

**Shiite** 1. ବି. ପ୍ରଥମ ତିନିଜଣ ସୁନ୍ନୀ ଖଲିଫାଙ୍କୁ ମାନୁ ନ ଥିବା ମୁସଲମାନ ସଂପ୍ରଦାୟର ସଦସ୍ୟ; 2. ବିଂ. ଏହି ସଂପ୍ରଦାୟ ସମ୍ବନ୍ଧୀୟ ।

**shillelagh** ବି. ଆୟର୍ଲେଣ୍ଡର ଛୋଟ, ମୋଟା ଓ ଭାରି ଠେଙ୍ଗୁଣି ।

**shilling** ବି. ଶିଲିଙ୍ଗ୍, ବ୍ରିଟେନ୍‌ରେ ପୂର୍ବପ୍ରଚଳିତ ମୁଦ୍ରାର ଏକକ (ଏକପାଉଣ୍ଡର ୧/୨୦), ପୂର୍ବ ଆଫ୍ରିକୀୟ ଦେଶଗୁଡିକର ମୁଦ୍ରା ଏକକ ।

**shilly–shally** *କ୍ରି.* ଇତସ୍ତତଃ ହେବା, ଦ୍ୱିଧାଗ୍ରସ୍ତ ହେବା, ଦୋ–ଦୋ ପାଞ୍ଚ ହେବା ।

**shim** 1. ବି. ମେସିନ୍‌ରେ ବିଭିନ୍ନଅଂଶ ଠିକ୍‌ଭାବେ ଯୋଡିବା ପାଇଁ ବ୍ୟବହୃତ ସରୁ କୀଳା; 2. *କ୍ରି.* କୀଳା ଭର୍ତ୍ତିକରିବା ବା ଯୋଡିବା ।

**shimmer** 1. ବି. କମ୍ପିତ ବା କ୍ଷୀଣ ଆଲୋକ; 2. *କ୍ରି.* କମ୍ପିତ ବା ମୃଦୁ ଆଲୋକ ଦେବା ।

**shin** 1. ବି. ନଳିଗୋଡ, ଆଣ୍ଠୁଠାରୁ ଗଲାଗଣ୍ଠି ପର୍ଯ୍ୟନ୍ତ; 2. *କ୍ରି.* ହାତ ଓ ଗୋଡରେ କୁଣ୍ଢାଇ ଗଛ ପ୍ରଭୃତି ଚଢିବା ।

**shin–bone** ବି. ନଳିଗୋଡର ଦୁଇହାଡ ମଧ୍ୟରୁ ଭିତରପାଖର ଲମ୍ବାହାଡ ।

Digitized by srujanika@gmail.com

**shindig, shindy** ବି.କ.ଭା. କୌଣସି ଉତ୍ସବ ବା ମେଳାର ହୋ–ହଲ୍ଲା ପୂର୍ଣ୍ଣ ଜନସମାବେଶ, ଜନସମାବେଶରେ ଗଣ୍ଡଗୋଳ, କଳିତକରାଳ, ପାଟିତୁଣ୍ଡ।

**shine** 1. କ୍ରି. (*ଅ.କା. ଅ.କ୍ରି.ଜ.ପ.* shone) ଆଲୋକଦେବା, ଆଲୋକ ବିଚ୍ଛୁରଣ କରିବା, ଉଜ୍ଜଳ ବା ଚକ୍‌ଚକ୍ ହେବା ବା ଦେଖାଯିବା; ବୁଦ୍ଧିର ଅସାଧାରଣ ପ୍ରଖରତା ଦେଖାଇବା; (*ଅ.କ୍ରି.ଜ.ପ.* shined) ଚକଚକ୍ କରିବାପାଇଁ ପାଲିସ୍ କରିବା; 2. ବି. ଔଜ୍ଜଲ୍ୟ, ଦୀପ୍ତି, ପାଲିଶ୍, ଆଲୋକ ବା କିରଣ; take a shine to *କ.ଭା* ପସନ୍ଦ କରିବା।

**shiner** ବି.*କ.ଭା* ମାଡ ବା ଆଘାତ ଯୋଗୁଁ ଆଖି ଚାରିପାଖର ଦାଗ ବା ଖଣ୍ଡିଆ।

**shingle**[1] 1. ବି. ବାଲିଗରଡ଼ାର ସ୍ତୂପ (ବିଶେ. ସମୁଦ୍ରକୂଳରେ); ବି. shingly.

**shingle**[2] 1. ବି. ଛାତରେ ଟାଇଲ୍‌ପରି ବ୍ୟବହୃତ ଚାରିକୋଣିଆ କାଠପଟା; *ପ୍ରା.ପ୍ର.* କେଶକର୍ତ୍ତନର ଶୈଳୀ; 2. କ୍ରି. କାଠ ଟାଇଲ୍‌ରେ ଛାତ ଛାଇଁବା; ମୁଣ୍ଡ ପଛପଟରୁ ବେକପର୍ଯ୍ୟନ୍ତ କେଶ କମିକମି ଆସିବା; ଏଭଳି କେଶବିନ୍ୟାସ କରିବା।

**shingles** ବି. (ବ.ବ. *ସା.ଏ.ବ.* ଭାବେ ବ୍ୟବହୃତ) ଅଣ୍ଡାଯାଦୁ; ଭୂତାଣୁଜନିତ ପ୍ରଦାହ ବିଶେଷ।

**Shinto** ବି. ପୂର୍ବପୁରୁଷ ଏବଂ ପ୍ରାକୃତିକଶକ୍ତି ପାଇଁ ଶ୍ରଦ୍ଧାମୂଳକ ଜାପାନୀ ଧର୍ମବିଶ୍ୱାସ, ଜାପାନୀମାନଙ୍କ ପ୍ରକୃତି ଓ ବୀର–ପୂଜା ପଦ୍ଧତି; ବି. Shintoism; ବି. Shintoist.

**shinty** ବି. ହକିଜାତୀୟ ଖେଳ ବିଶେଷ ବା ତାହାର ଖେଳ ଉପକରଣ (ଏଥିରେ ଗୋଲ୍‌ପୋଷ୍ଟ ଅଧିକ ଉଚ୍ଚତା ବିଶିଷ୍ଟ)।

**shiny** ବିଂ. ଉଜ୍ଜଳ, ଚକ୍‌ଚକ୍ (ବସ୍ତ୍ର), କ୍ରି.ବିଂ. shinily; ବି. shininess.

**ship** 1. ବି. ଜାହାଜ; *କ.ଭା.* ମହାକାଶଯାନ, *ଆମେ.* ଉଡାଜାହାଜ; 2. କ୍ରି. ଜାହାଜରେ ବୋଝେଇ କରିବା, ନେବା ବା ଆଣିବା, ଜାହାଜରେ କର୍ମଚାରୀ ନିଯୁକ୍ତ କରିବା, ମାଲ ପ୍ରଭୃତି ସରବରାହ କରିବା; ship comes home (in) କୌଣସି ବ୍ୟକ୍ତିର ଭାଗ୍ୟ ତେଜିବା।

**–ship** *ପ.ପ୍ର.* ଗୁଣ, ଅବସ୍ଥା ବା କର୍ମସୂଚକ ବିଶେଷ୍ୟଉତ୍ପନ୍ନକାରୀ ପ୍ରତ୍ୟୟ (hardship, friendship); ସମ୍ମାନସୂଚକ ଶବ୍ଦପାଇଁ (Lordship, authorship); କାର୍ଯ୍ୟକାଳ ପାଇଁ (membership); ସମୂହସୂଚକ ବିଶେଷ କାର୍ଯ୍ୟଦକ୍ଷତା ପାଇଁ (penmanship); କୌଣସି ଗୋଷ୍ଠୀର ସଭ୍ୟ ପାଇଁ (readership).

**shipboard** ବି. on shipboard ଜାହାଜ ଉପରେ।

**ship's boat** ବି.ଜାହାଜରେ ଥିବା ଛୋଟନୌକା।

**shipbuilder** ବି. ଜାହାଜ ନିର୍ମାଣ ବ୍ୟବସାୟରେ ସଂପୃକ୍ତ ବ୍ୟକ୍ତି।

**ship–canal** ବି. ବଡ ଜାହାଜ ପ୍ରବେଶ ପାଇଁ ଉଦ୍ଦିଷ୍ଟ ନାଳ।

**shipload** ବି. ଜାହାଜରେ ମାଲ ବା ଯାତ୍ରୀ ପରିବହନ କ୍ଷମତା।

**shipmate** ବି. ଏକା ଜାହାଜରେ କାମ କରୁଥିବା ବା ଯାତ୍ରା କରୁଥିବା ବ୍ୟକ୍ତିମାନେ।

**shipment** ବି. ଜାହାଜରେ ମାଲ ସଜ୍ଜୀକରଣ, ଚାଲାଣ ହେଉଥିବା ମାଲର ପରିମାଣ।

**shipowner** ବି. ଜାହାଜର ମାଲିକ ବା ମାଲିକାନାରେ ଅଂଶୀଦାର।

**shipper** ବି. ଯେ ଯାହାଜରେ ମାଲ ଆମଦାନୀ, ରପ୍ତାନି କରେ।

**shipping** ବି. ଜାହାଜ ବ୍ୟବସାୟ, ଜାହାଜରେ ମାଲ ପରିବହନ; ନୌବାହିନୀ ବା ଜାହାଜବାହିନୀ (ନୌସେନା)।

**shipshape** ବିଂ. ଓ କ୍ରି.ବିଂ. ସୁବ୍ୟବସ୍ଥିତ, ସୁଶୃଙ୍ଖଳ; ପରିଷ୍କାର, ପରିଚ୍ଛନ୍ନଭାବରେ।

**ship water** ବି. ନୌକା ବା ଜାହାଜ ଭିତରକୁ ପଶିଆସିବା ପାଣି।

**shipwreck** 1. ବି. ନୌକା ବା ଜାହାଜଡୁବି, ବଡାସରେ ବା ଜଳଭିତରେ ଥିବା ପର୍ବତରେ ଧକ୍କାଖାଇ ଜାହାଜ ଧ୍ୱସ୍ତବିଧ୍ୱସ୍ତ ହେବା; ବୁଡିଯାଇଥିବା ବା ଧ୍ୱଂସପ୍ରାପ୍ତ ଜାହାଜର ଅଂଶବିଶେଷ; 2. କ୍ରି. ଜାହାଜ ବୁଡିଯିବା ବା ଜାହାଜ ଧ୍ୱଂସ ପାଇବା।

**shipwright** ବି.ଜାହାଜ ମିସ୍ତ୍ରୀ, ଜାହାଜ ନିର୍ମାତା।

**shipyard** ବି. ଜାହାଜ ନିର୍ମାଣ ଓ ମରାମତି ସ୍ଥାନ।

**shire** ବି. ଅଞ୍ଚଳ।

**shire–horse** ବି. ଖୁବ୍ ଶକ୍ତିଶାଳୀ ଗାଡିଟଣା ଘୋଡା।

Digitized by srujanika@gmail.com

**shirk** *କ୍ରି.* (କର୍ତ୍ତବ୍ୟ) ଏଡ଼ିବା, ଫାଙ୍କିମାରିବା, ଭୀରୁତାବଶତଃ ପଛଘୁଞ୍ଚା ଦେବା।

**shirr** ବି. ପୋଷାକରେ ବ୍ୟବହୃତ ଇଲାଷ୍ଟିକ୍‌ମିଶା ସୂତା।

**shirt** ବି. କୁର୍ତ୍ତା, ସାର୍ଟ, ହାତଥିବା ଢିଲାକାମିଜ; keep one's shirt on *ସା.ପ୍ର.* ମିଜାଜ୍ ଠିକ୍ ରଖିବା; put one's shirt on *ସା.ପ୍ର.* ସମସ୍ତ ଧନକୁ ବାଜିରେ ଲଗାଇବା।

**shirt dress** ବି. ଝିଅମାନଙ୍କର କାମିଜ ପରି ପୋଷାକ।

**shirting** ବି. କୁର୍ତ୍ତା ବା ସାର୍ଟ ପାଇଁ କପଡ଼ା।

**shirtwaister** ବି. ସ୍ତ୍ରୀଲୋକମାନଙ୍କର କାମିଜ ପୋଷାକ।

**shirty** ବିଂ. *ସା.ପ୍ର.* ବଦରାଗୀ, ରାଗୀ; *କ୍ରି.ବିଂ.* shirtily; ବି. shirtiness.

**shish kebab** ବି. ଶିଶ୍‌କବାବ୍, କବାବ ହୋଇଥିବା ମାଂସଖଣ୍ଡ ଓ ପରିବା।

**shit** *ସା.ପ୍ର.* 1. *କ୍ରି.* ଝାଡାଫେରିବା, ମଳତ୍ୟାଗ କରିବା; 2. ବି. ଗୁହ, ମଳତ୍ୟାଗ; ବାଜେକଥା ବା ଲୋକ, ନୀଚ ବ୍ୟକ୍ତି; 3. *ଅବ୍ୟ.* କ୍ରୋଧ ବା ବିରକ୍ତି ପ୍ରଦର୍ଶନ ସୂଚକ।

**shitty** ବିଂ. *ସା.ପ୍ର.* ବିରକ୍ତିକର, ଘୃଣ୍ୟ, ଗୁହବୋଳା।

**shiver**[1.] 1. *କ୍ରି.* କମ୍ପିବା, ଥରିବା, (ଶୀତ କିମ୍ବା ଭୟରେ); 2. ବି. କମ୍ପନ; the shivers, କମ୍ପ, ଥରାରୋଗ, ଭୟ।

**shiver**[2.] 1. ବି. *ସା.ବ.ବ.* ଭଙ୍ଗା ଟୁକୁରା; କାଠ, ଧାତୁ କାଚ ପ୍ରଭୃତିର ଭଗ୍ନାଂଶ; 2. *କ୍ରି.* ଚିକିଟିକି କରି ଭାଙ୍ଗିବା, ଭାଙ୍ଗି ଟୁକୁରା କରିବା।

**shivery** ବିଂ. ଥରାବାତାକ୍ରାନ୍ତ, କମ୍ପନଗ୍ରସ୍ତ, ଭୟରେ ଆକ୍ରାନ୍ତ; ବି. shiveriness.

**shoal**[1.] 1. ବି. ମନ୍ଦା (ବିଶେ. ପହଁରୁଥିବା ମାଛଗୁଡିକର); 2. *କ୍ରି.* ମନ୍ଦା ମନ୍ଦା ହେବା, ବହୁସଂଖ୍ୟାରେ ଏକତ୍ରହେବା।

**shoal**[2.] 1. ବି. ସମୁଦ୍ରର ଅଳ୍ପ ଗଭୀର ସ୍ଥାନ, ଜଳରେ ଅଳ୍ପ ବୁଡିରହିଥିବା ବାଲିଚଡା; *ସା.ବ.ବ.* ଲୁକ୍କାୟିତ ବିପଦ; 2. *କ୍ରି.* ଅଗଭୀର ହେବା; ସ୍ୱଚ୍ଛ ଜଳାବିଷ୍ଟ ହେବା।

**shock**[1.] 1. ବି. ଭୟଙ୍କର ସଂଘର୍ଷ ବା ଆଘାତ; ଆକସ୍ମିକ ଶାରୀରିକ ବା ମାନସିକ ଅସ୍ଥିରତା; ଭୂକମ୍ପ, ବ୍ୟକ୍ତି ବା ସଂସ୍ଥା ପ୍ରତି ହଠାତ୍ ଦାରୁଣ ଧକ୍‌କା; electric shock ବିଦ୍ୟୁତ୍ ସଂପର୍କ ଜନିତ ସ୍ନାୟବିକ ଧକ୍‌କା; 2. *କ୍ରି.* (ମାନସିକ ବା ଦୈହିକ) ଆଘାତ ପାଇବା ବା ହେବା; ବୈଦ୍ୟୁତିକ ଆଘାତ ଦେବା ବା ଲାଗିବା, ବିଚଳିତ ହେବା।

**shock**[2.] 1. ବି. ଶସ୍ୟଗଦା, କଳେଇଗଦା; 2. *କ୍ରି.* ଗଦାମାରି ରଖିବା, କଟାଧାନ ବା ଶସ୍ୟ ସଜେଇ ଗଦାକରି ରଖିବା।

**shock**[3.] ବି. ଅଳରା ବାଳ, ଅଯତ୍ନବର୍ଦ୍ଧିତ କେଶଗୁଚ୍ଛ।

**shock absorber** ବି. ମୋଟରଗାଡି ପ୍ରଭୃତିରେ ସଂଯୁକ୍ତ ଆନ୍ଦୋଳନ ବା ଆଘାତ ନିରୋଧକ ଉପକରଣ।

**shocker** ବି. *କ.ଭା.* ଯେ ଆଘାତ ଦିଏ; ଅତି ନିକୃଷ୍ଟ ଜିନିଷ; ରୋମାଞ୍ଚକାରୀ ଶସ୍ତା ଉପନ୍ୟାସ କିମ୍ବା ଚଳଚ୍ଚିତ୍ର।

**shocking** ବିଂ. ଅସଂଗତ; ଅରୁଚିକର; କୁରୁଚିପୂର୍ଣ୍ଣ; *କ.ଭା.* ଅତି ବାଜେ।

**shock therapy (treatment)** ବି. ବୈଦ୍ୟୁତିକ ଆଘାତ (ବା ଔଷଧ) ଦ୍ୱାରା ମାନସିକରୋଗୀର ଚିକିତ୍ସା।

**shock wave** ବି. ଶବ୍ଦଠାରୁ ଅଧିକ ବେଗରେ ଯାଉଥିବା ବସ୍ତୁର ଗତିରୁ ଉତ୍ପନ୍ନ ବା ବିସ୍ଫୋରଣ ଜନିତ ବାୟୁତରଙ୍ଗ।

**shod** shoeର *ଅ.କା.* ଏବଂ *ଅ.କ୍ରି.ଜ.ପ.।*

**shoddy** ବିଂ. ଖରାପଧରଣର, ନିକୃଷ୍ଟ; ନକଲି; ଅସଂଯତ; *କ୍ରି.ବିଂ.* shoddily; ବି. shoddiness.

**shoe** 1. ବି. ଜୋତା, ପାଦୁକା; ଘୋଡାର ନାଲ (ଘୋଡାର ଖୁରାରେ ପିଟାଯାଉଥିବା); ଜୋତା ଆକୃତିର ବା ଜୋତାସଦୃଶ ପଦାର୍ଥ; 2. *କ୍ରି.* *ଅ.କା. ଓ ଅ.କ୍ରି.ଜ.ପ.* shod (ଘୋଡାଖୁରାରେ) ନାଲ ମାରିବା, ଜୋତା ପିନ୍ଧାଇବା, ବିଶେଷ ଧରଣର ଜୋତା ପିନ୍ଧିବା; in person's shoes ଅନ୍ୟର ଅବସ୍ଥାରେ ବା ଦୂରବସ୍ଥାରେ।

**shoe-lace** ବି. ଜୋତାଫିତା।

**shoehorn** ବି. ଜୋତାରେ ଗୋଇଠିକୁ ସୁବିଧାରେ ପଶାଇବାଲାଗି ବଙ୍କା ଧାତୁଖଣ୍ଡ।

**shoemaker** ବି. ଜୋତାତିଆରି ବା ମରାମତି କରିବା ବ୍ୟକ୍ତି, ମୋଚି।

**shoemaking** ବି. ଜୋତାତିଆରି।

Digitized by srujanika@gmail.com

**shoe–string** ବି. ଜୋତାଫିତା; *କ.ଭା.* ସୀମିତ ଅର୍ଥ ବା ମୂଳଧନ।

**shoe–tree** ବି. ଜୋତାର ଆକାର ବଜାୟ ରଖିବାପାଇଁ ଉଦ୍ଦିଷ୍ଟ ଉପକରଣ।

**shone** କ୍ରି. shineର *ଅ.କା. ଓ ଅ.କ୍ରି.ଜ.ପ.।*

**shoo** 1. *ଅନ୍ତ.* ହୁସ୍, ଜୀବଜନ୍ତୁଙ୍କୁ ଡରାଇ ଘଉଡାଇବା ପାଇଁ ଶବ୍ଦ; 2. *କ୍ରି.* ଘଉଡେଇ ବା ଉଡେଇ ଦେବାପାଇଁ ଶବ୍ଦ କରିବା, ହୁସ୍ ହୁସ୍ କରିବା।

**shook** କ୍ରି. shakeର *ଅ.କା ଓ ଅ.କ୍ରି.ଜ.ପ.।*

**shoot** 1. *କ୍ରି.* ପିସ୍ତଲ, ବନ୍ଧୁକ ପ୍ରଭୃତି ଫୁଟାଇବା; (ତୀର, ଗୁଳି ପ୍ରଭୃତି) ନିକ୍ଷେପ କରିବା; ନିକ୍ଷେପ କରି ମାରିବା ବା କ୍ଷତାକ୍ତ କରିବା; ଦ୍ରୁତବେଗରେ ଆସିବା ବା ଚାଲିଯିବା; (ବନ୍ଧୁକରେ) ଶିକାର କରିବା; ଜୋରରେ ତଳକୁ ଖସିବା; ହଠାତ୍ ଯନ୍ତ୍ରଣା ଆସି ଚାଲିଯିବା; ଅଙ୍କୁର ନିର୍ଗତ ହେବା; ଗଜାହେବା; ଗୋଲ୍ କରିବା; ଫଟୋ ଉଠାଇବା (ଚଳଚ୍ଚିତ୍ର ପ୍ରଭୃତି ପାଇଁ); *ଆମେ. ଅନ୍ତ.* ଯାହା କହିବାର ଅଛି କୁହ; 2. *ବି.* ଅଙ୍କୁର, ନବପଲ୍ଲବ, ଗଜା; ଶିକାର, ଶିକାର ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ଶିକାରୀଦଳ; be (get) shot of ମୁକ୍ତି ପାଇବା (ଅପ୍ରୀତିକର ବସ୍ତୁ ବା ବ୍ୟକ୍ତିଠାରୁ); shoot down ବିନାଉଦ୍ଦେଜନାରେ ଗୁଳିକରି ମାରିବା; (ଉଡାଜାହାଜ ବା ତାର ଚାଳକଙ୍କୁ) ଗୁଳି ମାରି ତଳେ ପକାଇଦେବା; ବଳିଷ୍ଠଯୁକ୍ତି ବାଢ଼ିବା; shoot one's bolt *କ.ଭା.* ସାଧ୍ୟମତେ ଉଦ୍ୟମ କରିବା; shoot one's mouth off *ଗ୍ରା.ପ୍ର.* ଆଗପଛ ନ ଭାବି ଖୋଲାଖୋଲି କହିବା; shoot up ଖୁବ୍ ଅଳ୍ପସମୟ ଭିତରେ ବଢ଼ିଯିବା, ଗୁଳିଗୋଳା ବର୍ଷଣ କରି ଆତଙ୍କିତ କରିବା; the whole shoot (*or* the whole shooting mouth) *ଗ୍ରା.ପ୍ର.* ସମସ୍ତ କଥା, ସବୁକିଛି।

**shooting–brake** ବି. *ପ୍ରା.ପ୍ର.* ଇଷ୍ଟେଟ୍ ଗାଡି।

**shooting–gallery** ବି. ଯେଉଁସ୍ଥାନରେ ବନ୍ଧୁକଚାଳନା ଅଭ୍ୟାସ କରାଯାଏ।

**shooting star** ବି. ଉଲ୍କା।

**shooting–stick** ବି. ଧରିଚାଲିବା ବାଡି ଯାହାର ମୁଠିକୁ ଭାଙ୍ଗିଦେଲେ ଆସନଭଳି ହୋଇଯାଏ।

**shop** 1. ବି. ଦୋକାନ; ବିକାକିଣା, ତିଆରି ବା ମରାମତିର ସ୍ଥାନ, ସଉଦା କରିବାସ୍ଥାନ; କାର୍ଯ୍ୟସ୍ଥଳ (talk shop); *ଗ୍ରା.ପ୍ର.* 2. *କ୍ରି.* ଦୋକାନକୁ ଯାଇ କିଣାକିଣି କରିବା, ବଜାର କରିବା, *ଗ୍ରା.ପ୍ର.* କାହା ବିଷୟରେ ଜଣାଇବା (ବିଶେ. ପୋଲିସ୍‌କୁ); all over the shop *ଗ୍ରା.ପ୍ର.* ଅତି ବିଶୃଙ୍ଖଳଭାବେ, ଛିନ୍‌ଛତ୍ର ହୋଇଥିବା; shop around ସୁବିଧାଦର ଖୋଜି ବୁଲିବା; ବି. shopper.

**shop assistant** ବି. ଖୁଚୁରା ଦୋକାନର କର୍ମଚାରୀ।

**shop–floor** ବି. କାରଖାନାର ଉତ୍ପାଦନସ୍ଥଳୀ; ପରିଚାଳକ ଗୋଷ୍ଠୀଠାରୁ ପୃଥକ୍‌ଭାବେ ଶ୍ରମିକ ଗୋଷ୍ଠୀ।

**shopkeeper** ବି. ଦୋକାନର ମାଲିକ ବା ପରିଚାଳକ।

**shoplifter** ବି. ସଉଦା କରିବା ଛଳରେ ଦୋକାନର ଜିନିଷ ଚୋରି କରୁଥିବା ବ୍ୟକ୍ତି; କ୍ରି. shoplift; ବି. shoplifting.

**shopping** ବି. ଦୋକାନକୁ ଯାଇ କିଣାକିଣି କରିବା; କିଣିଥିବା ଜିନିଷପତ୍ର।

**shopping centre** ବି. ଗୁଡାଏ ଦୋକାନ ଥିବା ସ୍ଥାନ।

**shop–soiled** ବି. ଦୋକାନରେ ପ୍ରଦର୍ଶିତ ହେବାଯୋଗୁ ମଇଳା ହେବା ବା ରଙ୍ଗ ଉଡିଯିବା।

**shop steward** ବି. କାରଖାନା କର୍ମଚାରୀମାନଙ୍କ ନିର୍ବାଚିତ ପ୍ରତିନିଧି।

**shopwalker** ବି. ବଡଦୋକାନର ତଦାରଖକାରୀ କର୍ମଚାରୀ।

**shore**1. ବି. ହ୍ରଦ ବା ସମୁଦ୍ରର କୂଳ; ନଦୀତଟ; ବ.ବ.ରେ ଦେଶ (foreign shores); on shore କୂଳରେ, ତଟଦେଶରେ।

**shore**2. 1. ବି. କାନ୍ଥ, ଜାହାଜ ପ୍ରଭୃତିରେ ତିର୍ଯ୍ୟକଭାବେ ଦିଆଯାଇଥିବା ଠେସ ବା ଭିରା; 2. *କ୍ରି.* ଭିରା ବା ଠେସ ଦେଇ ସୁଦୃଢ଼ କରି ଧରିବା।

**shoreline** ବି. ଜଳ ଏବଂ କୂଳର ମିଳନ ରେଖା।

**shorn** କ୍ରି. sheerର *ଅ.କ୍ରି.ଜ.ପ.।*

**short** 1. ବିଂ. ଗେଡା, ଆକୃତିରେ କ୍ଷୁଦ୍ର, ଛୋଟ; (ଦୂରତ୍ୱ ଏବଂ ସମୟରେ) ସ୍ୱଳ୍ପ, ଅଳ୍ପ ଦୂରତ୍ୱ ବିଶିଷ୍ଟ, ନାତିଦୀର୍ଘ, ନିକଟସ୍ଥ, ନିକଟ ଅତୀତ; କ୍ଷଣସ୍ଥାୟୀ, କ୍ଷୀଣ (ସ୍ମରଣଶକ୍ତି); ସଂକ୍ଷିପ୍ତ, ଆବଶ୍ୟକତାଠାରୁ କମ୍ (କମ୍ ଓଜନ);

Digitized by srujanika@gmail.com

କ୍ଷଣଭଙ୍ଗୁର; ହ୍ରସ୍ୱ ସ୍ୱର; 2. କ୍ରି.ବିଂ. ଅଳ୍ପରେ; ଖୁବ୍ ଶୀଘ୍ର, ତତ୍କ୍ଷଣାତ୍, ନିର୍ଦ୍ଧାରିତ ସମୟ ପୂର୍ବରୁ; 3. ବି. କ୍ଷୁଦ୍ର ପଦାର୍ଥ ବିଶେ. ଛୋଟଅକ୍ଷର; ହ୍ରସ୍ୱ ସ୍ୱର; କ୍ଷୁଦ୍ର ଚଳଚ୍ଚିତ୍ର; ବିଦ୍ୟୁତ୍‌ପ୍ରବାହ ଦ୍ୱାରା ସୃଷ୍ଟ ନୂତନପରି ପଥ; କ.ଭା. ଅଳ୍ପପରିମାଣ ପାନୀୟ; 4. କ୍ରି. ବିଦ୍ୟୁତ ପ୍ରବାହରେ ନୂତନ ପରିପଥ ଫିଟାଇବା (ଯେଉଁଠାରେ ପ୍ରତିରୋଧ ଅପେକ୍ଷାକୃତ କମ୍, ଶର୍ଟ ସର୍କିଟ୍); be caught (taken) short ଅସୁବିଧାରେ ପଡିବା, କ.ଭା ହଠାତ୍ ପାଇଖାନା ଯିବା ଦରକାର ପଡିବା; come (fall) short of ନିଅଣ୍ଟ ପଡିବା, କମ୍ ପଡିବା; for short ସଂକ୍ଷିପ୍ତତା ନିମନ୍ତେ; ବିଶେ. ନାମକୁ ଛୋଟ କରିବା ପାଇଁ; in short ସଂକ୍ଷେପରେ; short of କମ୍ ନୁହେଁ; ନିଅଣ୍ଟ, ଛାଡି (did everything short of beating); short on କ.ଭା. ନିଅଣ୍ଟ; ବିଂ: shortish; ବି. shortness.

**shortage** ବି. ନିଅଣ୍ଟ ପରିମାଣ, କମତି, ଅଭାବ।

**short back and sides** ବି. ସରଳଭାବରେ ଛୋଟ ଛୋଟ କରି ବାଳ କାଟିବା।

**shortbread** ବି. ଲହୁଣୀ, ଅଟା ଏବଂ ଚିନିରେ ପ୍ରସ୍ତୁତ ବିସ୍କୁଟ୍।

**shortcake** ବି. =shortbread; ଫଳ ଏବଂ କ୍ରିମ୍ ପୁରଦିଆ ପେଷ୍ଟି।

**short–change** କ୍ରି. ଠକିବା (ବିଶେଷତଃ କମ୍ ଖୁଚୁରା ଦେଇ)।

**short circuit** 1. ବି. ଦୁର୍ବଳ ପ୍ରତିରୋଧ ମାଧ୍ୟମରେ ବିଦ୍ୟୁତ୍ ପ୍ରବାହ (ବିଶେଷତଃ ସାଧାରଣ ପ୍ରବାହ ସ୍ଥାନରେ); 2. କ୍ରି. ଶର୍ଟ ସର୍କିଟ୍ ହୋଇଯିବା, ବୁଲାଣିଆ ରାସ୍ତାରେ ନ ଯାଇ ସିଧାସଳଖ ଯିବା।

**shortcoming** ବି. ଅଭାବ, ତ୍ରୁଟି।

**shortcut** ବି. ନିୟମିତ ରାସ୍ତା ତୁଳନାରେ ସିଧା ଏବଂ କମ୍ ବାଟ; ଚଞ୍ଚଳ କାମହାସଲ ପଦ୍ଧତି।

**shorten** କ୍ରି. କ୍ଷୁଦ୍ରତର ବା ଛୋଟ କରିଦେବା।

**shortening** ବି. ପେଷ୍ଟ୍ରି ପାଇଁ ଚର୍ବି।

**shortfall** ବି. ନିଅଣ୍ଟ, ଅଭାବ, ତ୍ରୁଟି।

**shorthand** ବି. କ୍ଷିପ୍ରଲିପି, ବିଶେଷ ସାଙ୍କେତିକ ପଦ୍ଧତିରେ ଶୀଘ୍ର ଲେଖିବା ପଦ୍ଧତି; ସଂକ୍ଷିପ୍ତ ବା ପ୍ରତୀକାତ୍ମକ ଭାବପ୍ରକାଶ।

**short–handed** ବିଂ. ଆବଶ୍ୟକତାରୁ କମ କର୍ମଚାରୀ ବିଶିଷ୍ଟ।

**shorthorn** ବି. ଛୋଟ ଶିଙ୍ଗ ବିଶିଷ୍ଟ ଏକପ୍ରକାର ଗାଈଗୋରୁ ଜାତୀୟ ପ୍ରାଣୀ।

**shortie** ବିକ. shorty.

**short list** 1. ବି. ନିର୍ବାଚିତ ପ୍ରାର୍ଥୀଙ୍କ ତାଲିକା ଯେଉଁଥିରୁ ଚୂଡାନ୍ତ ମନୋନୟନ ହୁଏ; 2. କ୍ରି. ଏହି ତାଲିକାରେ ରହିବା।

**short–lived** ବିଂ. ଅଳ୍ପାୟୁ, କ୍ଷଣସ୍ଥାୟୀ।

**shortly** କ୍ରି.ବିଂ. ଶୀଘ୍ର, ଅନତିବିଳମ୍ବେ, ନିକଟ ଭବିଷ୍ୟତରେ, ଅଳ୍ପ ଶବ୍ଦରେ।

**short–range** ବିଂ. ଅଳ୍ପଦୂରକୁ କ୍ଷେପଣୀୟ, ଅଳ୍ପକାଳ ପାଇଁ ଉଦ୍ଦିଷ୍ଟ।

**shorts** ବି.ବ.ବ. ହାଫ୍‌ପେଣ୍ଟ, ଆଣ୍ଠୁ ପର୍ଯ୍ୟନ୍ତ (ବା ଉପରକୁ) ରହୁଥିବା ପେଣ୍ଟ।

**short shrif** ବି. କଡା ବା ରୁକ୍ଷ ବ୍ୟବହାର।

**short sight** ବି. ସମୀପଦୃଷ୍ଟି, କେବଳ ପାଖଜିନିଷ ଭଲଭାବେ ଦେଖିପାରିବାର ଶକ୍ତି।

**short–sighted** ବିଂ. ଯେ କେବଳ କମ୍ ଦୂରର ଜିନିଷ ଦେଖିପାରେ ମାତ୍ର ଦୂରରେଥିବା ପଦାର୍ଥ ଭଲଭାବେ ଦେଖିପାରେ ନାହିଁ; ଅଦୂରଦର୍ଶୀ, ଦୂରଦୃଷ୍ଟିବିହୀନ; କ୍ରି.ବିଂ. short–sightedlly; ବି. short–sightedness.

**short–staffed** ବିଂ. ଆବଶ୍ୟକତାରୁ କମ କର୍ମଚାରୀବିଶିଷ୍ଟ (ସଂସ୍ଥା, ଅଫିସ)।

**short temper** ବି. ବଦ୍‌ରାଗ।

**short–tempered** ବିଂ. ବଦ୍‌ରାଗୀ, କ୍ଷଣକୋପୀ।

**short–term** ବିଂ. ସ୍ୱଳ୍ପକାଳ ପାଇଁ, ଅଳ୍ପ ସମୟ ମଧ୍ୟରେ ସୀମିତ।

**short wave** ବି. 3MHz ଠାରୁ ଅଧିକ ବେତାର ତରଙ୍ଗ।

**short–winded** ବିଂ. ଶୀଘ୍ର ଅଣନିଃଶ୍ୱାସୀ ହେଉଥିବା।

**shorty** ବି. (shortie ମଧ୍ୟ) କ.ଭା. ଗେଡା ବ୍ୟକ୍ତି; ସଂକ୍ଷିପ୍ତ ପୋଷାକ।

**shot**[1] 1. ବି. ବନ୍ଧୁକ, କମାଣ ପ୍ରଭୃତି ଫୁଟିବା; ଲକ୍ଷ୍ୟଭେଦ, ଶର ନିକ୍ଷେପ; ଫୁଟ୍‌ବଲ ପ୍ରଭୃତି ଖେଳରେ ବଲ୍‌କୁ ପ୍ରହାର; ବନ୍ଧୁକ ଫୁଟାଇବାରେ ଦକ୍ଷବ୍ୟକ୍ତି (a good shot); ବନ୍ଧୁକର ଏକକ

Digitized by srujanika@gmail.com

ଗୁଳି, ବିଶେ. ଅଣବିସ୍ଫୋରକ ପ୍ରକ୍ଷେପକ; ସଟ୍‌ପୁଟ ଖେଳର ଲୁହାପେଣ୍ଡୁ; କେମେରାରେ ଉଠାଯାଇଥିବା ଫଟୋ ବା ଚିତ୍ର; ମହାକାଶଯାନର ନିକ୍ଷେପ; ଇଂଜେକ୍‌ସନ୍; like a shot ତୀରବେଗରେ; ବିନା ଆପତ୍ତିରେ; putting the shot କ୍ରୀଡା ପ୍ରତିଯୋଗିତାରେ ଓଜନଦାର ଲୁହାପେଣ୍ଡୁ ଫୋପାଡ଼ିବା; shot in the arm ଉତ୍ସାହ, ଉତ୍ତେଜନା; shot in the dark ଅନୁମାନ, ମନଗଢ଼ା।

**shot**[2] ବିଂ. ନିକ୍ଷିପ୍ତ; ବିଭିନ୍ନ ରଙ୍ଗରେ ଚିତ୍ରିତ ହୋଇଥିବା ବସ୍ତ୍ର, ଚିତ୍ରବିଚିତ୍ର; shot through ଆବୃତ୍ତ, ପରିପୂର୍ଣ୍ଣ।

**shotgun** ବି. ଶଟ୍‌ଗନ; ଅଳ୍ପଦୂରଗାମୀ କ୍ଷୁଦ୍ରଗୁଳି ଫୁଟିପାରିବା ବନ୍ଧୁକ।

**shotgun wedding** ବି. କନ୍ୟା ଅନ୍ତଃସତ୍ତ୍ୱା ହେବା ଯୋଗୁଁ ହେଉଥିବା ବିବାହ।

**shot–put** ବି. କ୍ରୀଡ଼ାପ୍ରତିଯୋଗିତାରେ ବ୍ୟବହୃତ ଲୌହ ଗୋଲକ।

**should** *ସହା.* shallର *ଅ.କା.* ସାଧାରଣତଃ ପରୋକ୍ଷ ଉକ୍ତିରେ, କର୍ତ୍ତବ୍ୟ ବିଧାନ କ୍ଷେତ୍ରରେ, ସର୍ତ୍ତମୂଳକ ଉକ୍ତିରେ, ସମ୍ଭାବନା କ୍ଷେତ୍ରରେ କିମ୍ବା ପରାମର୍ଶ ଦେବା କ୍ଷେତ୍ରରେ ବ୍ୟବହୃତ।

**shoulder**[1] ବି. କାନ୍ଧ, ବେକର ନିମ୍ନାଂଶ, ପିଠିର ଉପରଅଂଶ; ଭାର ଉତ୍ତୋଳକ ଭାବେ ସ୍ୱୀକୃତ ଶାରୀରିକ ଅଂଶ; ରାସ୍ତା ସନ୍ନିକଟ ଲମ୍ବିଥିଆ ଜମି, ପୋଷାକର ଅଂଶବିଶେଷ; 2. କ୍ରି. କାନ୍ଧେଇବା, କାନ୍ଧରେ ଥୋଇବା ବା ଠେଲିବା, ଭାର ଗ୍ରହଣ କରିବା, ଦାୟିତ୍ୱ ବହନ କରିବା; କାନ୍ଧରେ ଠେଲି ଠେଲି ବାଟ କରିବା; put one's shoulder to the wheel ଦୃଢ଼ ଉଦ୍ୟମ କରିବା, ନିଷ୍ଠାପରଭାବେ କାର୍ଯ୍ୟରେ ଲାଗିବା; shoulder arms କାନ୍ଧ ଉପରେ ସିଧାଭାବେ ବନ୍ଧୁକ ଟେକି ଧରିବା; shoulder to shoulder କାନ୍ଧକୁ କାନ୍ଧ ମିଶାଇବା, ପରସ୍ପରକୁ ସାହାଯ୍ୟ କରିବା; straight from the shoulder ଠିକ୍‌ଭାବେ ପ୍ରଦତ୍ତ (ମୁଷ୍ଟି ଆଘାତ ସମ୍ବନ୍ଧରେ), ସିଧାସଳଖ ସମାଲୋଚନା।

**shoulder bag** ବି. ଫିତା ସାହାଯ୍ୟରେ କାନ୍ଧରେ ଝୁଲାଇବା ବେଗ୍।

**shoulder–blade** ବି. କାନ୍ଧହାଡ଼, ପିଠିର ଉପରିଭାଗରେ ଦୁଇପଟକୁ ଥିବା ଦୁଇଟି ଚଟକା ହାଡ଼।

**shoulder–strap** ବି. କୌଣସି ଜିନିଷ ଦୃଢ଼ଭାବେ ଧରିବାପାଇଁ କାନ୍ଧ ଉପର ଦେଇ ଯାଇଥିବା ଫିତା; ସାମରିକ ପୋଷାକ ଉପରେ ପରିହିତ ପରିଚୟଜ୍ଞାପକ ଫିତା।

**shout** 1. କ୍ରି. ଚିତ୍କାର ବା ଉଚ୍ଚ ଧ୍ୱନି କରିବା, ବଡ ପାଟିରେ ଡାକିବା ବା କହିବା; 2. ବି. ଚିତ୍କାର, ପାଟି; *କ.ଭା.* ପାନୀୟ ଇତ୍ୟାଦି କିଣିବା ପାଇଁ ଜଣଙ୍କର ପାଳି; shout down ଚିତ୍କାର କରି ଚୁପ୍ କରିବା।

**shove** 1. କ୍ରି. ଜୋର୍‌ରେ ଠେଲିବା, ଧକ୍କା ଦେବା, (କୌଣସି ବସ୍ତୁ) ଉତ୍ସାହହୀନ ଭାବରେ ରଖିବା ବା ଥୋଇବା; 2. ବି. ଠେଲିବା କାର୍ଯ୍ୟ; shove off ନୌକାରେ କୂଳ ଛାଡ଼ିବା; ବିଦାୟ ନେବା।

**shove–halfpenny** ବି. ଏକପ୍ରକାର ଖେଳ ଯେଉଁଥିରେ ଚିହ୍ନ ଦିଆଯାଇଥିବା ପଟାରେ ମୁଦ୍ରା ଠେଲି ଖେଳ ହୁଏ।

**shovel** 1. ବି. କୋଦାଳ ପରି ଜିନିଷ ଯେଉଁଥିରେ କୋଇଲା ଉତ୍ତୋଳିତ ହୁଏ, କୌଣସି ପଦାର୍ଥର ଉତ୍ତୋଳନ ପାଇଁ କୋଦାଳ ପରି ଥିବା ଯନ୍ତ୍ରର ଅଂଶବିଶେଷ, ଫାଉଡ଼ା; 2. କ୍ରି. କୋଦାଳ ବା ଫାଉଡ଼ା ସାହାଯ୍ୟରେ ଉତ୍ତୋଳନ କରିବା, ସଂଗ୍ରହ କରିବା, ବହୁ ପରିମାଣରେ ତୀବ୍ର ବେଗରେ ନେବା; ବିଂ. shovelful.

**shovelboard** ବି. ଜାହାଜର ପଟାତନ ବା ଡେକ୍ ଉପରେ ଚିହ୍ନିତ ଚଟାଣରେ ଡିସ୍କ ଠେଲି ଖେଳାଯାଇଥିବା ଖେଳ।

**shoveller** ବି. କୋଦାଳ ପରି ଥଣ୍ଟଯୁକ୍ତ ହଂସ।

**show** 1. କ୍ରି. (*ଅ.କ୍ରି.ଜ.ପ.* shown ବା showed) ଦେଖାଇବା, ପ୍ରଦର୍ଶନ କରିବା, ପ୍ରକାଶ କରିବା, ପ୍ରଦାନ କରିବା; ଚିହ୍ନାଇଦେବା, ବୁଝାଇଦେବା, ପ୍ରମାଣ କରିବା, ସକ୍ଷମହେବା, ଦେଖାଇହେବା; 2. ବି. ପ୍ରଦର୍ଶନ, ଦୃଶ୍ୟ, ଅଭିନୟ; ପ୍ରଦର୍ଶନୀ, ବ୍ୟବସାୟିକ ପ୍ରଦର୍ଶନୀ; ବାହ୍ୟଆଡମ୍ବର, ଧନ ଓ ବିଳାସର ଛଳନାପୂର୍ଣ୍ଣ ପ୍ରଦର୍ଶନ; ବୈ. ପ୍ରସବର ପ୍ରାଥମିକ ସଙ୍କେତ ସୂଚକ ରକ୍ତସ୍ରବଣ; *କ.ଭା.* ବ୍ୟବସାୟ; good (bad/poor) show *କ.ଭା.* ଭଲ (ଖରାପ) ଭାବରେ କରାଯାଇଥିବା; on show ପ୍ରଦର୍ଶିତ ହେଉଥିବା; show one's hand ଇଚ୍ଛାପ୍ରକାଶ କରିବା, ଅଭିଳାଷ ଜଣାଇବା; show off ଦେଖେଇହେବା, ଲାଭଜନକ ଭାବେ ପ୍ରଦର୍ଶନ

Digitized by srujanika@gmail.com

କରିବା, ଅନ୍ୟକୁ ପ୍ରଭାବିତ କରିବାପରି କାର୍ଯ୍ୟ କରିବା; show up ଦେଖାଦେବା, ଉପସ୍ଥିତ ରହିବା, ଅପମାନ କରିବା ।

**showbiz** ବି. କ.ଭା. ଦ୍ର. show business.

**show business** ବି. କ.ଭା. ରଙ୍ଗମଞ୍ଚ ବା ଫିଲ୍ମ୍ ବ୍ୟବସାୟ ।

**showcase** ବି. କାଚନିର୍ମିତ ପ୍ରଦର୍ଶନ ଡବା, ବିକ୍ରୟଦ୍ରବ୍ୟର ପ୍ରଦର୍ଶନ ନିମନ୍ତେ କାଚବାକ୍ସ ।

**showdown** ବି. ଚୂଡ଼ାନ୍ତ ବା ଶେଷ ପ୍ରତିଯୋଗିତା ବା ସଂଘର୍ଷ ।

**shower** 1. ବି. ଅସରାଏ ବର୍ଷା ବା ତୁଷାରପାତ; ଶର, ଗୁଳି, ଧୂଳି ପ୍ରଭୃତିର ବର୍ଷଣ; ହଠାତ୍ ସମ୍ମାନ, ପୁରସ୍କାର ପ୍ରଭୃତିର ପ୍ରାପ୍ତି; (ଗାଧୁଆଘରେ) ପାଣିକଳ ବା ବର୍ଷଣ ଯନ୍ତ୍ର; 2. କ୍ରି. ପ୍ରଚୁରଭାବେ ବର୍ଷିବା, ଅସରାଅସରା ହୋଇ ବର୍ଷିବା; ପାଣି, ଶର, ଗୁଳି ଆଦି ବର୍ଷଣ କରିବା, କୃତ୍ରିମ ବର୍ଷଣଯନ୍ତ୍ର ବ୍ୟବହାର କରିବା; ବିଂ. showery.

**showgirl** ବି. ବିଚିତ୍ରା, ସଙ୍ଗୀତ କାର୍ଯ୍ୟକ୍ରମ ପ୍ରଭୃତିରେ ଗାୟିକା ବା ନର୍ତ୍ତକୀ ।

**show house** ବି. ଇଲାକାର ପ୍ରଦର୍ଶନଯୋଗ୍ୟ ଏକ ସଜ୍ଜିତ ଘର ।

**showing** ବି. ପ୍ରଦର୍ଶନୀ, ପରିବେଷଣ; ସାକ୍ଷ୍ୟ, ପ୍ରମାଣ (ମକଦ୍ଦମା ପାଇଁ) ।

**showjumping** ବି. ଘୋଡାପିଠିରୁ ପ୍ରତିଯୋଗିତାମୂଳକ ଲମ୍ଫ ପ୍ରଦାନ ।

**showman** ବି. ଆତ୍ମପ୍ରଚାର ବା ବିଜ୍ଞାପନରେ କୁଶଳୀ ବ୍ୟକ୍ତି; ଦକ୍ଷ ପରିଚାଳକ (ମନୋରଞ୍ଜନର), ସିନେମା, ଯାତ୍ରା, ତାମସା, ଖେଳ ଇତ୍ୟାଦିର ସଂଗଠକ; ବି. showmanship.

**shown** କ୍ରି. show ର ଅ.କ୍ରି.କ.ପ. ।

**show-off** ବି. କ.ଭା. ଦେଖାଇ ହେଉଥିବା ବ୍ୟକ୍ତି ।

**show of hands** ବି. ହାତଟେକି ସପକ୍ଷ ବା ବିପକ୍ଷରେ ମତ ଦେବା, ହାତଟେକା ।

**show-piece** ବି. ଦର୍ଶନୀୟ ସ୍ଥାନ ବା ପ୍ରଦର୍ଶିତ ବସ୍ତୁ ।

**show-place** ବି. ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣୀୟ ବସ୍ତୁ ।

**showroom** ବି. ବିକ୍ରୟ ପାଇଁ ଉଦ୍ଦିଷ୍ଟ ବସ୍ତୁଗୁଡ଼ିକର ପ୍ରଦର୍ଶନୀ କକ୍ଷ ।

**show trial** ବି. ଜନସାଧାରଣଙ୍କ ମତକୁ ଗୁରୁତ୍ୱ ଦେବା ଲକ୍ଷ୍ୟରେ ଅଦାଲତର ବିଚାର ।

**showy** ବି. ସର୍ବସାଧାରଣଙ୍କୁ ପ୍ରଭାବିତ କରିବାପାଇଁ ଉଦ୍ଦିଷ୍ଟ; ଆଡମ୍ବରପୂର୍ଣ୍ଣ, ଜାକ୍‌ଜମକ ପୂର୍ଣ୍ଣ; ରଙ୍ଗରଙ୍ଗିଆ, ଦୃଷ୍ଟି ଆକର୍ଷଣକାରୀ; କ୍ରି.ବିଂ. showily; ବି. showiness.

**shrank** କ୍ରି. shrinkର ଅ.କା. ।

**shrapnel** ବି. ନିର୍ଦ୍ଦିଷ୍ଟ ସମୟରେ ବିସ୍ଫୋରିତ ହେଉଥିବା ବୋମାର ସୀସା, ଲୁହାଖଣ୍ଡ ପ୍ରଭୃତି; ବିସ୍ଫୋରିତ ବୋମାର ନିକ୍ଷିପ୍ତାଂଶ ।

**shred** 1. ବି. ଟୁକୁରା, ଭଙ୍ଗାଖଣ୍ଡ, ଚିରାଖଣ୍ଡ; 2. କ୍ରି. ଟୁକୁରା କରି ଚିରିବା ବା କାଟିବା; ବି. shredder.

**shrew** ବି. ଲମ୍ବା ନାକ ବିଶିଷ୍ଟ ମୂଷାଜାତୀୟ କ୍ଷୁଦ୍ରପ୍ରାଣୀ; କଳହପ୍ରିୟା ସ୍ତ୍ରୀ, କଳିହୁଡୀ, ମୁଖରା; ବିଂ. shrewish.

**shrewd** ବିଂ. ତୀକ୍ଷ୍ଣ ବୁଦ୍ଧି ସଂପନ୍ନ, ଚତୁର, ଚାଲାକ, ବିଚାରବନ୍ତ; କ୍ରି.ବିଂ. shrewdly; ବି. shrewdness.

**shriek** 1. ବି. ଚିତ୍କାର, ଆର୍ତ୍ତନାଦ, ଉଚ୍ଚଧ୍ୱନି; 2. କ୍ରି. ଚିତ୍କାର କରିବା, ଚିରଚିରେଇବା (ଭୟ ବା ଯନ୍ତ୍ରଣାରେ) ।

**shrift** ବି. ପ୍ରା.ପ୍ର. (ଧର୍ମଯାଜକଙ୍କ ନିକଟରେ) ପାପ ସ୍ୱୀକାର ଓ ଦଣ୍ଡମୁକ୍ତି; short shrift ସ୍ୱୀକାରୋକ୍ତି ଶୁଣାଣି ଏବଂ ଦଣ୍ଡର ବିଧାନ ।

**shrike** ବି. ଆକୃତି ପରି ଦାନ୍ତୁରା ଚଞ୍ଚୁବିଶିଷ୍ଟ ପକ୍ଷୀ ବିଶେଷ ।

**shrill** 1. ବି. ତୀବ୍ର, କର୍କଶ ଓ ଉଚ୍ଚସ୍ୱର, ଫୋଡି ପକାଇବା ପରି ଶବ୍ଦ; ଅବ. ତୀବ୍ର, ଉଚ୍ଛୃଙ୍ଖଳ; 2. କ୍ରି. ତୀକ୍ଷ୍ଣ, କର୍କଶ ସ୍ୱରରେ କଥା କହିବା ବା ଶବ୍ଦ କରିବା; ବି. shrillness; କ୍ରି.ବିଂ. shrilly.

**shrimp** 1. ବି. ଚିଙ୍ଗୁଡ଼ି; କ.ଭା. ଖର୍ବକାୟ ବ୍ୟକ୍ତି; 2. କ୍ରି. ଚିଙ୍ଗୁଡ଼ି ଧରିବା ।

**shrine** ବି. ତୀର୍ଥସ୍ଥାନ, ମନ୍ଦିର, ଦେବାଳୟ; ସମାଧି, ସାଧୁ ବା ପବିତ୍ର ପୁରୁଷଙ୍କ ଦେହାବଶେଷ ରଖାଯାଇଥିବା ସ୍ଥାନ, ସ୍ମୃତିପୀଠ ।

**shrink** 1. କ୍ରି. (ଅ.କା. shrank, ଅ.କ୍ରି.କ.ପ. shrunk, shrunken) ସଂକୁଚିତ ହେବା ବା କରାଇବା, (ଲୁଗା) ସଙ୍କୁରି ଯିବା; (ଉତ୍ତାପ ବା ଥଣ୍ଡାଯୋଗୁ) ମୋଡିମାଡି ହେବା,

Digitized by srujanika@gmail.com

ପଛଘୁଞ୍ଚା ଦେବା, ସଂକୋଚ କରିବା; 2. ବି. ସଂକୋଚନ; ପଛଘୁଞ୍ଚା; ସଂକୋଚବୋଧ; *ସା.ପ୍ର.* ମାନସିକରୋଗର ଚିକିତ୍ସକ ।

**shrinkage** ବି. ସଂକୋଚନ, ସଂକୋଚନଜନିତ ହ୍ରାସ ।

**shrive** କ୍ରି. (ଧର୍ମଯାଜକ) ପାପ ସ୍ୱୀକାର ଶୁଣିବା ଏବଂ ପାପରୁ ମୁକ୍ତ କରିବା ।

**shrivel** କ୍ରି. କୁଞ୍ଚିତ ଓ ଶୁଷ୍କ କରିବା, କୁଞ୍ଚୁକୁଞ୍ଚିଆ ହେବା ।

**shroud** 1. ବି. ଶବ ଆଚ୍ଛାଦନ ବସ୍ତ୍ର; ଯାହା ଘୋଡାଇ ରଖେ ବା ଆଚ୍ଛାଦିତ କରେ; ବ.ବ. ଜାହାଜର ମାସ୍ତୁଲକୁ ଦୃଢ଼କରି ଭିଡି ଧରିବାପାଇଁ ବ୍ୟବହୃତ ଦଉଡି; 2. କ୍ରି. (ଶବକୁ ବସ୍ତ୍ରଦ୍ୱାରା) ଆଚ୍ଛାଦିତ କରିବା, ଲୁକ୍କାୟିତ କରି ରଖିବା, ଘୋଡ଼ାଇ ରଖିବା, ଆବୃତ କରିବା ।

**shrove** କ୍ରି. shriveର *ଅ.କା.* ।

**Shrovetide** ବି. *ଖ୍ରୀ.* ଶ୍ରୋଭ୍ ମଙ୍ଗଳବାର ଏବଂ ତାର ପୂର୍ବ ଦୁଇଦିନ; ପାପସ୍ୱୀକାର ଦିବସ ।

**Shrove Tuesday** ବି. ଖ୍ରୀଷ୍ଟୀୟ ଉପବାସ ଦିନ, ଏଶ୍ ବୁଧବାରର ପୂର୍ବଦିନ, ପାପକ୍ଷାଳନ ମଙ୍ଗଳବାର ।

**shrub** ବି. ଗୁଳ୍ମ, ବୁଦାଗଛ, ବୁଟା ।

**shrubbery** ବି. ଗୁଳ୍ମମୟ ସ୍ଥାନ, ବୁଦାବହୁଳ ସ୍ଥାନ ।

**shrubby** ବିଂ ବୁଦାଭଳି, ବୁଦାପୂର୍ଣ୍ଣ, ବୁଦୁବୁଦିକିଆ ।

**shrug** କ୍ରି. ଉଦାସୀନତା, ସନ୍ଦେହଭାବ ପ୍ରଭୃତି ପ୍ରଦର୍ଶନ ପାଇଁ କାନ୍ଧକୁ ମୁହୂର୍ତ୍ତକ ପାଇଁ ଉପରକୁ ଉଠାଇବା; shrug off ଗୁରୁତ୍ୱହୀନ ଭାବେ ପ୍ରତ୍ୟାଖ୍ୟାନ କରିବା ।

**shrunk, shrunken** କ୍ରି. shrinkର *ଅ.କ୍ରି.କ.ପ.* ।

**shudder** 1. କ୍ରି. (ଶୀତ, ଭୟଯୋଗୁଁ) କମ୍ପିବା ବା ଥରିବା, ଖୁବ୍ ଭୟ ପାଇଯିବା; 2. ବି. ଥରା ବା କମ୍ପନ ।

**shuffle** 1. କ୍ରି. ପାଦ ଘୋଷାରି ଚାଲିବା; ତାସ୍ ଫେଣ୍ଟିବା; କର୍ତ୍ତବ୍ୟରୁ ଖସିଯିବା, ସତ୍ୟକୁ ଏଡିବା; ଦ୍ୱ୍ୟର୍ଥବୋଧକ କଥା କହିବା; ଏପାଖ ସେପାଖ କରିବା; ଛଳନାପୂର୍ଣ୍ଣ ଆଚରଣ କରିବା; 2. ବି. ପାଦ ଘୋଷରା ଚାଲି, ବିଶୃଙ୍ଖଳ ଅବସ୍ଥା; ତାସ ଫେଣ୍ଟା; ବିଭ୍ରାନ୍ତିକର କାର୍ଯ୍ୟ; shuffle off ଦୂର କରିବା, ନିଷ୍କୃତି ପାଇବା ।

**shufti** ବି.*କ.ଭା.* ଚାହାଣି, ଦେଖା ।

**shun** କ୍ରି. ତ୍ୟାଗ କରିବା, ଦୂରେଇ ରହିବା ।

**shunt** 1. କ୍ରି. (ରେଳଗାଡି ଇତ୍ୟାଦିକୁ) ଅନ୍ୟ ରାସ୍ତାରେ ନେବା, ପାର୍ଶ୍ୱ ରାସ୍ତାକୁ ଘୁଞ୍ଚାଇନେବା; ପୁନଃ-ନିର୍ଦ୍ଦେଶିତ କରିବା, ଗତିପଥ ବଦଳାଇବା; 2. ବି. ଗତିପଥରେ ପରିବର୍ତ୍ତନକାରୀ ଦଣ୍ଡ; ରକ୍ତ ସଂଚାଳନରେ ବିକଳ୍ପ ବ୍ୟବସ୍ଥା (ଅସ୍ତ୍ରୋପଚାର ବେଳେ); *ସା.ପ୍ର.* ଦୁଇଗାଡି ମଧ୍ୟରେ ସଂଘର୍ଷ, ବିଶେ. ଗୋଟିଏ ପଛରେ ଆଉ ଗୋଟିଏର ଧକ୍କା ।

**shush** 1. *ଅବ.* ଚୁପ୍ କରାଇବାର ଶବ୍ଦ; 2. କ୍ରି. ଚୁପ୍ ହେବାପାଇଁ ନିର୍ଦ୍ଦେଶ ଦେବା, ଚୁପ୍ ହେବା ।

**shut** କ୍ରି. ଦ୍ୱାର, ଝରକା, ଘୋଡଣି ପ୍ରଭୃତି ବନ୍ଦ କରିବା ବା ବୁଜିବା; ପ୍ରବେଶ ବନ୍ଦ କରିବା; ଯିବା ଆସିବା ପଥ ରୁଦ୍ଧ କରିବା; (ଘର) ବନ୍ଦ କରିବା; (ଆଖି) ବୁଜିବା; (ଦ୍ୱାର ପ୍ରଭୃତିରେ) ଆଙ୍ଗୁଠି ଚାପି ହୋଇଯିବା; be (get) shut of ନିଷ୍କୃତି ପାଇବା; shut down (କାରଖାନା ପ୍ରଭୃତି) କାର୍ଯ୍ୟ ବନ୍ଦ କରିବା; shut off ରୋକିବା, ବନ୍ଦ କରିବା; ସମାଜରୁ ବିଚ୍ଛିନ୍ନ କରିବା; shut out ବହିର୍ଭୂତ କରିବା, ବାଧାଦେବା, ନିଷେଧ କରିବା, ଦେଖିବାରେ ବାଧା ସୃଷ୍ଟି ହେବା; shut up ବନ୍ଦ କରିବା, ବନ୍ଦୀ କରିବା, ବାକ୍ସରେ ପୂରାଇ ରଖିବା, ଦୁଆର ଝରକା ବନ୍ଦ କରିବା; *କ.ଭା.* ଚୁପ୍ କରିବା ବା ପାଟି ବନ୍ଦ କରିବା ପାଇଁ ଆଦେଶ ଦେବା; shut-up shop କାର୍ଯ୍ୟ ବା ବ୍ୟବସାୟ ସାମୟିକଭାବେ ବା ସବୁଦିନ ପାଇଁ ବନ୍ଦ କରିବା ।

**shut-down** ବି. କାରଖାନା ପ୍ରଭୃତିର ବନ୍ଦକରଣ ।

**shut- eye** ବି. *କ.ଭା.* ନିଦ୍ରା, ନିଦ ।

**shutter** 1. ବି. ଝରକା ପ୍ରଭୃତିର କବ୍‌ଜା ଲଗା ଚଳନକ୍ଷମ ଆବରଣ; ଝିଲିମିଲି; କେମେରାରେ ଆଲୋକ ନିୟନ୍ତ୍ରଣ ପାଇଁ ବୀକ୍ଷଣ କାଚକୁ ବନ୍ଦକରି ଓ ଖୋଲି ପାରୁଥିବା ଅଂଶ; 2. କ୍ରି. ଝିଲିମିଲି ଦ୍ୱାରା ଝରକା ପ୍ରଭୃତିକୁ ଆବୃତ କରିବା, କେମେରାର ବୀକ୍ଷଣକାଚକୁ ଆବୃତ କରିବା; put up the shutters ଦିନକ ପାଇଁ ବା ସବୁଦିନ ପାଇଁ ବ୍ୟବସାୟ ବନ୍ଦ କରିବା ।

**shuttle** ବି. ତନ୍ତୁବାୟର ଉପକରଣ, ତନ୍ତରେ ଗୁଡା ହୋଇଥିବା ଲମ୍ୱାବାଗର ସୂତା ଉପରେ ଓସାରବାଗର ସୂତା ପକାଇବା ପାଇଁ ବ୍ୟବହୃତ

Digitized by srujanika@gmail.com

ତନ୍ତୁବାୟର ଅଂଶବିଶେଷ ବା ମାକୁ, ବବିନ୍ ବା ସିଲାଇକଳର ଏହିପ୍ରକାର ଅଂଶ; ଅଳ୍ପ ଦୂରତା ଭିତରେ ଯିବାଆସିବା କରୁଥିବା ରେଳଗାଡି, ବସ୍ ବା ଉଡାଜାହାଜ।

**shuttlecock** ବି. ବେଡ୍‌ମିଣ୍ଟନ୍ ଖେଳରେ ବ୍ୟବହୃତ ପରଯୁକ୍ତ ବା ପ୍ଲାଷ୍ଟିକର କର୍କ୍।

**shuttle service** ବି. ଅଳ୍ପ ଦୂରତ୍ୱ ମଧ୍ୟରେ ଯିବାଆସିବା କାରବାର କରୁଥିବା ପରିବହନ ସଂସ୍ଥା।

**shy**[1.] 1. ବିଂ. ଲାଜକୁଳୀ ବା ଲାଜକୁଳା, ଲଜ୍ଜାଶୀଳ, ଆତ୍ମସଚେତନ; ଭୀତ ବା ବିରକ୍ତ ହେଉଥିବା (camera shy); 2. କ୍ରି. ଲାଜ କରିବା, ଆଡେଇ ହୋଇ ରହିବା, ସଂକୋଚ ଅନୁଭବ କରିବା, (ଘୋଡା ପ୍ରଭୃତିଙ୍କ) ହଠାତ୍ ଚମକିବା ବା ହୁରୁଡିଯିବା; 3. ବି. ଅତର୍କିତ ଚମକ; କ୍ରି.ବିଂ. shily, shyly; ବି. shyness.

**shy**[2.] 1. କ୍ରି. ଫିଙ୍ଗିବା, ନିକ୍ଷେପ କରିବା; 2. ବି. କ୍ଷେପଣ, ଫୋପଡା।

**Shylock** ବି. ନିଷ୍ଠୁର ମହାଜନ ବା ସୁଧଖୋର ଋଣଦାତା, (ସେକ୍ସପିୟରଙ୍କ ନାଟକ *The Merchant of Venice* ନାଟକର ଚରିତ୍ର)।

**shyster** ବି. କ.ଭା. ଅବିବେକୀ ବା ନୀତିଜ୍ଞାନ ବିବର୍ଜିତଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି, ବ୍ୟବସାୟରେ ନୀତିବିରୁଦ୍ଧ କାର୍ଯ୍ୟ କରୁଥିବା ବ୍ୟକ୍ତି।

**SI** *ସଂ.ଣ.* System International ପରିମାପର ଆନ୍ତର୍ଜାତିକ ମାନକ।

**Si** *ପ୍ର.* silicon ସିଲିକନ୍।

**Siamese** 1. ବି. ଶ୍ୟାମଦେଶର ଲୋକ ବା ଭାଷା; 2. ବିଂ. ଶ୍ୟାମଦେଶୀୟ।

**Siamese cat** ବି. ଛୋଟ ଛୋଟ ଘିଅରଙ୍ଗର ଲୋମ ସହ କଳାଛାପ ଥିବା ଏକପ୍ରକାର ନୀଳଚକ୍ଷୁ ବିରାଡି।

**Siamese twins** ବି. ବ.ବ. ଜନ୍ମବେଳେ ଶରୀରର କିଛିଅଂଶ ଲାଖି ରହିଥିବା ଯମଜ ସନ୍ତାନ; ନିବିଡ଼ ସଂପର୍କ ଥିବା ଯୋଡ଼ି।

**sib** ବି.ଦ୍ର. sibling.

**sibilant** 1. ବିଂ. ସ–କାର ଧ୍ୱନି ସଂପନ୍ନ, ହିସ୍ ହିସ୍ ବା ସୁ ସୁ ଶବ୍ଦକାରୀ; 2. ବି. *ଭାଷା* ଉଷ୍ମବର୍ଣ୍ଣ (ସ, ଜ; s, z ପ୍ରଭୃତି), ସେହିଭଳି ଧ୍ୱନି; ବି. sibilance; ବି. sibilancy.

**sibling** ବି. ଭାଇ, ଭଉଣୀ; ଯେଉଁ ପିଲାମାନଙ୍କର ବାପା ଓ ମା' କିମ୍ବା ସେମାନଙ୍କ ମଧ୍ୟରୁ ଜଣେ ସମାନ।

**sibyl** ବି. ଭବିଷ୍ୟତଭାଷିଣୀ, ଭବିଷ୍ୟ ବାଣୀକାରିଣୀ।

**sibylline** ବିଂ. ଭବିଷ୍ୟଭାଷିଣୀ କର୍ତ୍ତୃକ କଥିତ, ଭବିଷ୍ୟବାଣୀ ସମ୍ବନ୍ଧୀୟ।

***sic*** କ୍ରି.ବିଂ. ଏହିପରି ଲିଖିତ ବା ବ୍ୟବହୃତ, ଏହିପରି (ପ୍ରାୟତଃ ବନ୍ଧନୀ ଭିତରେ କୌଣସି ଉକ୍ତି ଉଦ୍ଧରଣର ଶୁଦ୍ଧତାସୂଚକ ଶବ୍ଦ)। *(ଲା.)*

**sick** 1. ବିଂ. ପୀଡିତ, ଅସୁସ୍ଥ, ବମନୋଦ୍ୟତ; କ.ଭା. (of ସହ) ବିରକ୍ତ; କ.ଭା. ନିଷ୍ଠୁର; ଅପମାନଜନକ, ଆଶାହୀନ (ପରିହାସ), ମାନସିକ (ରୋଗୀ); 2. ବି. କ.ଭା. ବାନ୍ତି, ବମନ; 3. କ୍ରି. ବାନ୍ତି କରିବା।

**sickbay** ବି. କୌଣସି ଅନୁଷ୍ଠାନ ବା ଜାହାଜରେ ରୋଗୀମାନଙ୍କ ପାଇଁ ସଂରକ୍ଷିତ ସ୍ଥାନ ବା ଶଯ୍ୟା।

**sickbed** ବି. ରୋଗ ଶଯ୍ୟା।

**sicken** କ୍ରି. ରୋଗରେ ପଡ଼ିବା, ବାନ୍ତି ମାଡ଼ିବା; ବିରକ୍ତ ହେବା।

**sickening** ବିଂ. ବିରକ୍ତିକର, ଅପ୍ରୀତିକର; କ୍ରି.ବିଂ. sickeningly.

**sickle** ବି. ଦା', ଇଳା; ଶସ୍ୟ ଅମଳରେ ବ୍ୟବହୃତ ଉପକରଣ।

**sick leave** ବି. ପୀଡିତ ଅବକାଶ, ରୋଗପାଇଁ ଛୁଟି।

**sickle-cell** ବି. ଦା' ଆକୃତିର ଲୋହିତ ରକ୍ତକଣିକା (ବଂଶାନୁକ୍ରମିକ ରକ୍ତହୀନତା ରୋଗ ବିଶେଷ)।

**sickly** ବିଂ. ରୋଗା, ରୋଗିଣା, ଅସୁସ୍ଥ, ଦୁର୍ବଳ, ରକ୍ତହୀନ; ପାଣ୍ଡୁର; ରୋଗକାରକ, ରୋଗ–ଉତ୍ପାଦକ; ବାନ୍ତିକାରକ, ଅରୁଚିକର; ବି. sickliness.

**sickness** ବି. ରୋଗ, ଅସୁସ୍ଥତା, ବମନେଚ୍ଛା।

**sick-pay** ବି. ଅସୁସ୍ଥତାଜନିତ ଛୁଟିକାଳୀନ ଦରମା।

**sickroom** ବି. ଛାତ୍ରାବାସ, ଶିକ୍ଷାକେନ୍ଦ୍ର ପ୍ରଭୃତିରେ ଅସୁସ୍ଥ ବ୍ୟକ୍ତି ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠ।

**side** 1. ବି. କୌଣସି ଜିନିଷର ଗୋଟିଏ ପାର୍ଶ୍ୱ; ତ୍ରିଭୁଜ, ଚତୁର୍ଭୁଜ ପ୍ରଭୃତି ଜ୍ୟାମିତିକ କ୍ଷେତ୍ରର

Digitized by srujanika@gmail.com

ଗୋଟିଏ ବାହୁ; କାଗଜ ପ୍ରଭୃତି ଦୁଇପାର୍ଶ୍ୱ ବିଶିଷ୍ଟ ବସ୍ତୁର ଯେକୌଣସି ଗୋଟିଏ ପାଖ; କୌଣସି ପ୍ରାଣୀର ବାମ କିମ୍ବା ଡାହାଣପାର୍ଶ୍ୱ, ଦର୍ଶକର ବାମ କିମ୍ବା ଦକ୍ଷିଣପଟ; ରାସ୍ତାର ବାମ କିମ୍ବା ଦକ୍ଷିଣପଟ; ଯୁଦ୍ଧ, ସଂଘର୍ଷ କିମ୍ବା ପ୍ରତିଯୋଗିତାର ପ୍ରତିଯୋଗୀଦଳ; ସପକ୍ଷ ବା ପକ୍ଷ; ପଟ (ମା'ଙ୍କ ପଟ); ଦିଗ (ଭଲ ଦିଗ, ମନ୍ଦ ଦିଗ), କଡ଼ପ୍ରଚ; *କ.ଭା.* ଟେଲିଭିଜନ୍‌ର ଚେନେଲ୍; ଚିବୁକ; 2. *ସଂଯୋ.* କୌଣସି ପଟ ବା ପାଖରେ ରହିବା, ଲାଗନେବା; by the side of ନିକଟସ୍ଥ, ପାଖାପାଖି, ଲାଗିକରି ଥିବା; let the side down ସହକର୍ମୀ ହତାଶ ହେବାପରି କାର୍ଯ୍ୟ କରିବା; on one side ଏକପାଖିଆ, ମୁଖ୍ୟ ବା କେନ୍ଦ୍ରସ୍ଥଳରେ ନୁହେଁ; on the... side ନିର୍ଦ୍ଦିଷ୍ଟ ପରିମାଣରେ; on the side ସହାୟକ କାର୍ଯ୍ୟ ବା ପେଶା ଭାବରେ, ବେଆଇନ୍ ଭାବରେ; side by side ପରସ୍ପରର ସହଯୋଗରେ, ହାତକୁ ହାତ ମିଳାଇ; take sides ଯେକୌଣସି ଗୋଟିଏ ପକ୍ଷର ସମର୍ଥନ କରିବା।

**sideboard** ବି. ବାସନକୁସନ ପ୍ରଭୃତି ରଖିବା ପାଇଁ ମେଜ।

**sideburns** ବି.ବ.ବ. ଗାଲମୁଛା, ଲମ୍ବାକଲି।

**side–car** ବି. ମୋଟର ସାଇକେଲ୍ ବା ସ୍କୁଟର୍‌ର ପାର୍ଶ୍ୱରେ ଯୋଡା ଯାଇଥିବା ଛୋଟ ଗାଡି।

**sided** ବିଂ. ନିର୍ଦ୍ଦିଷ୍ଟ ସଂଖ୍ୟକ ପାର୍ଶ୍ୱ ବା ବାହୁ ବିଶିଷ୍ଟ।

**side–door** ବି. ଘରର କୌଣସି ଏକପାଖରେ ଥିବା ଦ୍ୱାର, ପରୋକ୍ଷ ପ୍ରବେଶ ପଥ।

**side–drum** ବି. ଛୋଟ ଦୁଇମୁଣ୍ଡିଆ ଢୋଲ।

**side–effect** ବି. ଔଷଧ ପ୍ରଭୃତି ସେବନଜନିତ ଅବାଂଛିତ ପ୍ରତିକ୍ରିୟା।

**sidekick** ବି. *ଆମେ. କ.ଭା.* ବନ୍ଧୁ, ସହଯୋଗୀ।

**sideline** ବି. ଜଣକର ମୁଖ୍ୟ କାର୍ଯ୍ୟ ସହ କରାଯାଉଥିବା ସହାୟକ କାର୍ଯ୍ୟ ବା ପେଶା।

**sidelong** ବିଂ. ଚୋରା, ବାଙ୍କ, (ଚାହାଣି)।

**side–saddle** 1. ବି. ଅଶ୍ୱପୃଷ୍ଠରେ ଦୁଇଗୋଡ଼ ଏକପାର୍ଶ୍ୱରେ ରଖିବା ପାଇଁ ଜିନ୍; 2. କ୍ରି.ବିଂ. ଦୁଇଗୋଡ ଘୋଡାର ଏକପାର୍ଶ୍ୱରେ ରଖି (ବସିଥିବା)।

**sideshow** ବି. ଉପ–ଅଭିନୟ; ମେଳା, ପ୍ରଦର୍ଶନୀ ଇତ୍ୟାଦିରେ ଦେଖାଯାଉଥିବା ଗୌଣ ଅଭିନୟ; କ୍ଷୁଦ୍ର ଦୋକାନ ପ୍ରଭୃତି; ଛୋଟ ଘଟଣା ବା ବିଷୟ।

**side–splitting** ବିଂ. ହୃଦୟ ଖୋଲା ବା ଉଲ୍ଲସିତ (ହସ)।

**sidestep** 1. ବି. ପାର୍ଶ୍ୱସ୍ଥ ପାହାଚ; 2. କ୍ରି. ପାଖେଇଯିବା, ଆଡେଇ ହେବା, ଚତୁରତାର ସହ ଏଡ଼େଇ ଦେବା।

**side–swipe** 1. ବି. ଘନଘନ ପାର୍ଶ୍ୱ ମୁଷ୍ଟି ପ୍ରହାର; ପରୋକ୍ଷ ସମାଲୋଚନା; 2. କ୍ରି. ପାର୍ଶ୍ୱମୁଷ୍ଟି ପ୍ରହାରରେ ଆଘାତ କରିବା, ସମାଲୋଚନା କରିବା।

**sidetrack** କ୍ରି. ମୂଳ ବା ପ୍ରଧାନରାସ୍ତା (ବା ବିଷୟ)ରୁ ବିଚ୍ୟୁତହେବା।

**sidewalk** ବି. *ଆମେ.* ମୁଖ୍ୟରାସ୍ତା ପାର୍ଶ୍ୱସ୍ଥ ପାଦଚଲା ରାସ୍ତା।

**side–whiskers** ବି. ବ.ବ. ଗାଲମୁଛା; ଲମ୍ବା କଲି।

**side wind** ବି. ଗୋଟିଏ ପାର୍ଶ୍ୱରୁ ଆସୁଥିବା ପବନ, କଡୁଆ ପବନ।

**siding** ବି. ପ୍ରଧାନ ରେଳ ରାସ୍ତା ପାର୍ଶ୍ୱସ୍ଥ ଅନତିଦୀର୍ଘ ରେଳଲାଇନ୍, (ଶଣ୍ଟିଙ୍ଗ୍ ପାଇଁ ଉଦ୍ଦିଷ୍ଟ)।

**sidle** କ୍ରି. ବଙ୍କେଇ କରି ଚାଲିବା, ଲଜ୍ଜା ବା ଭୟରେ ଚାଲିବା।

**SIDS** ସଂଶ. sudden infant death syndrome; ଶିଶୁ ଅପମୃତ୍ୟୁ।

**siege** ବି. ସହର, ଦୁର୍ଗ ପ୍ରଭୃତି ସ୍ଥାନର ଅବରୋଧ; ଲୁଚିରହିଥିବା ସଶସ୍ତ୍ର ଅପରାଧୀ ପ୍ରଭୃତିଙ୍କୁ ବାହାରି ଆସିବାକୁ ବାଧ କରିବାପାଇଁ ସେନା ବା ପୋଲିସ ଦ୍ୱାରା କୌଣସି ଗୃହର ଘେରାଉ; lay siege to ଅବରୋଧ କରିବା; raise the siege of ଅବରୋଧ ଉଠାଇନେବା।

**sienna** ବି. ଏକପ୍ରକାର ପିଙ୍ଗଳ ବର୍ଣ୍ଣର ମାଟି ଯାହା ରଙ୍ଗ ତିଆରି କରିବାରେ ବ୍ୟବହୃତ ହୁଏ, ସେହି ରଙ୍ଗ – ରକ୍ତାଭ ବାଦାମୀ (burnt sienna), ପୀତାଭ ବାଦାମୀ (raw sienna).

**sierra** ବି. ଦନ୍ତୁରିତ ବା ବହୁଶୃଙ୍ଗ ବିଶିଷ୍ଟ (ସ୍ପେନ ଦେଶୀୟ) ପର୍ବତମାଳା।

**siesta** ବି. (ଗ୍ରୀଷ୍ମପ୍ରଧାନ ଦେଶରେ) ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ବିଶ୍ରାମ ବା ନିଦ୍ରା।

**sieve** 1. ବି. ଚାଲୁଣୀ; 2. କ୍ରି. (ଚାଲୁଣୀରେ) ଚଲାଇବା।

Digitized by srujanika@gmail.com

**sift** କ୍ରି. ଚାଲୁଣୀରେ ଚଲାଇ ଅଲଗା କରିବା, ଚଲାଇବା (ଅଟା, ମଇଦା ଇତ୍ୟାଦି); (ସାକ୍ଷ୍ୟ, ପ୍ରମାଣ ପ୍ରଭୃତି; ତନ୍ନତନ୍ନ କରି ପରୀକ୍ଷା କରି ଦେଖିବା; (ବରଫ, ଆଲୋକ ପ୍ରଭୃତି) ବିଛାଡି ହୋଇ ପଡ଼ିବା।

**sigh** 1. କ୍ରି. ଦୀର୍ଘଶ୍ୱାସ (ଦୁଃଖ, କ୍ଲାନ୍ତି, ଶାନ୍ତି ପ୍ରଭୃତିରେ) ତ୍ୟାଗ କରିବା; କାମନା କରିବା (for ସହ), ଦୀର୍ଘନିଃଶ୍ୱାସ ପକାଇବା ପରି ଶବ୍ଦ ବା କାର୍ଯ୍ୟ କରିବା; 2. ବି. ଦୀର୍ଘନିଃଶ୍ୱାସ ବା ତାହାର ଶବ୍ଦ।

**sight** 1. ବି. ଦୃଷ୍ଟି ଶକ୍ତି, ଦୃଶ୍ୟ, ଦର୍ଶନୀୟ ସ୍ଥାନ, ଦୃଷ୍ଟିକୋଣ, ଦୃଷ୍ଟିପଥ, ଦୃଷ୍ଟିର ସୀମା; ବ.ବ. କୌଣସି ସ୍ଥାନର ଦର୍ଶନୀୟ ବସ୍ତୁଗୁଡ଼ିକ; 2. କ୍ରି. ଦେଖିବା, ପର୍ଯ୍ୟବେକ୍ଷଣ କରିବା, ଲକ୍ଷ୍ୟ କରିବା (ବନ୍ଧୁକ ଇତ୍ୟାଦିରେ); a sight ଦେଖିବା ଜିନିଷ, ଦର୍ଶନୀୟ ବସ୍ତୁ; at first sight ପ୍ରଥମ ଦର୍ଶନରେ, ପ୍ରଥମ ଦେଖାରେ; at (on) sight ଦେଖିବା ମାତ୍ରେ; catch (lose) sight of ଦେଖିବାକୁ ପାଇବା (ନ ପାଇବା), ସଚେତନ ହେବା (ନ ହେବା); in sight ଦୃଷ୍ଟିସୀମାର ଅନ୍ତର୍ଗତ, ଦେଖି ହେଉଥିବା, ନିକଟବର୍ତ୍ତୀ, ପାଖାପାଖି; set one's sights on ଲକ୍ଷ୍ୟ ସ୍ଥିର କରିବା, ପାଇବା ପାଇଁ ସଂକଳ୍ପବଦ୍ଧ ହେବା; sight for sore eyes ଯାହାକୁ (ବ୍ୟକ୍ତି ବା ବସ୍ତୁ) ଦେଖିଲେ ଖୁସି ଲାଗେ।

**sighted** ବିଂ. ଦୃଷ୍ଟିଶକ୍ତି ସଂପନ୍ନ।

**sightless** ବିଂ. ଅନ୍ଧ, ଦୃଷ୍ଟିଶକ୍ତିହୀନ।

**sightly** ବିଂ. ଦେଖିବାକୁ ସୁନ୍ଦର।

**sight–screen** ବି. କ୍ରିକେଟ୍ ଖେଳରେ ପଡିଆ ସୀମାରେ ୱିକେଟ୍ ସାମ୍ନାରେ ରଖାଯାଉଥିବା ବଡ ଧଳା (ବା କଳା) ପର୍ଦ୍ଦା ଯାହା ବେଟ୍‌ଧାରୀକୁ ବଲ୍‌ଟି ଦେଖିବାରେ ସାହାଯ୍ୟ କରେ।

**sightseer** ବି. ଦର୍ଶନୀୟ ସ୍ଥାନ ପରିଦର୍ଶନ କରୁଥିବା ବ୍ୟକ୍ତି, ପର୍ଯ୍ୟଟକ; ବି. sightseeing.

**sight unseen** କ୍ରି.ବିଂ. ପୂର୍ବ ପରିଦର୍ଶନ ବିନା।

**sigma** ବି. ଗ୍ରୀକ୍ ଅକ୍ଷରମାଳା ବା ବର୍ଣ୍ଣମାଳାର ଅଷ୍ଟାଦଶତମ ଅକ୍ଷର ବା ବର୍ଣ୍ଣ।

**sign** 1. ବି. ଚିହ୍ନ, ନିଦର୍ଶନ; ଗୁଣ ବା ବସ୍ତୁର ସୂଚକ; ଭବିଷ୍ୟତ ଘଟଣାବଳୀର ସୂଚକ, ସଙ୍କେତ ସ୍ୱରୂପ ବ୍ୟବହୃତ ଶବ୍ଦ; ରାଶି ଚିହ୍ନ (ମେଷ; ବୃଷାଦି ରାଶି); ବିଜ୍ଞାପନ ଫଳକ; 2. କ୍ରି. ଦସ୍ତଖତ କରିବା, ନିଜନାମ ନିଜେ ଲେଖିବା; ସ୍ୱାକ୍ଷର କରିବା; ପ୍ରମାଣପତ୍ରରେ ସ୍ୱାକ୍ଷର କରିବା (ପ୍ରମାଣ ସିଦ୍ଧ କରିବା ପାଇଁ); ଚୁକ୍ତିନାମାରେ ଦସ୍ତଖତ କରି ଚୁକ୍ତିବଦ୍ଧ ହେବା; ଇଶାରା ଦେବା; sign away ଦସ୍ତଖତ କରି କ୍ଷମତା ବା ଅଧିକାର ହସ୍ତାନ୍ତର କରିବା; sign in (କୌଣସି ସ୍ଥାନରେ) ପହଞ୍ଚିବା ପରେ ଦସ୍ତଖତ କରିବା, ଖାତାରେ ଦସ୍ତଖତ କରି ପ୍ରବେଶ ଅନୁମତି ନେବା; sign off ଚୁକ୍ତି, କାର୍ଯ୍ୟ ବା ପ୍ରସାରଣର ସମାପ୍ତି; sign on ବେକାରୀ ସୁବିଧା ପାଇବା ପାଇଁ ନାମ ତାଲିକାଭୁକ୍ତ କରିବା, ରାଜିନାମାରେ ସ୍ୱାକ୍ଷର କରିବା, sign out ପ୍ରସ୍ଥାନ ସମୟରେ ଖାତାରେ ସ୍ୱାକ୍ଷର କରିବା; sign up (ବ୍ୟକ୍ତିକୁ) କାର୍ଯ୍ୟରେ ଲଗାଇବା, ନାଁ ଲେଖାଇବା, ସେନାବାହିନୀରେ ନିଯୁକ୍ତି ଦେବା।

**signal**[1] 1. ବି. ସୂଚନା ସମ୍ବନ୍ଧୀ ସଙ୍କେତ, ସାଙ୍କେତିକ ସମ୍ବାଦ; ରେଳଗାଡି ଚାଳକଙ୍କ ଉଦ୍ଦେଶ୍ୟରେ ସଙ୍କେତ ବା ସଙ୍କେତ ଫଳକ, ସିଗ୍ନାଲ୍; ହଠାତ୍ କାର୍ଯ୍ୟାନୁଷ୍ଠାନର କାରକ ଘଟଣାବିଶେଷ; ପ୍ରେରିତ ବେତାର ତରଙ୍ଗ ବା ବିଦ୍ୟୁତ୍‌ପ୍ରବାହ; 2. କ୍ରି. ସୂଚନା ଦେବା, ସଙ୍କେତ ଦ୍ୱାରା ଘୋଷଣା କରିବା, ସଙ୍କେତ ପ୍ରେରଣ କରିବା; ସଙ୍କେତ ଦ୍ୱାରା ନିର୍ଦ୍ଦେଶ ଦେବା।

**signal**[2] ବି. ବିଶେଷଭାବେ ଭଲ ବା ମନ୍ଦ, ଉଲ୍ଲେଖଯୋଗ୍ୟ; କ୍ରି.ବିଂ. signally.

**signal–box** ବି. ରେଳଷ୍ଟେସନ୍‌ସ୍ଥିତ ସଙ୍କେତ ଯନ୍ତ୍ର ନିୟନ୍ତ୍ରଣ ଗୃହ।

**signalize** କ୍ରି. ଉଲ୍ଲେଖଯୋଗ୍ୟ ବା ପ୍ରଣିଧାନଯୋଗ୍ୟ କରିବା; ସୂଚନା ବା ସଙ୍କେତ ଦେବା।

**signaller** ବି. ଯେଉଁ ବ୍ୟକ୍ତି ସଙ୍କେତ ପ୍ରଦାନ କରେ।

**signalman** ବି. (ରେଳଗାଡି ପ୍ରଭୃତିରେ) ସିଗ୍ନାଲ୍ ବା ସଙ୍କେତଯନ୍ତ୍ର ପରିଚାଳକ।

**signatory** 1. ବିଂ. ସ୍ୱାକ୍ଷରକାରୀ; 2. ବି. ଯେଉଁ ବ୍ୟକ୍ତି ଚୁକ୍ତିନାମା ବା ସନ୍ଧିପତ୍ର ସ୍ୱାକ୍ଷର କରିଥାଏ; ଚୁକ୍ତିବଦ୍ଧ ହୋଇଥିବା ଗୋଷ୍ଠୀ ବା ରାଜ୍ୟ।

**signature** ବି. ଦସ୍ତଖତ, ସ୍ୱାକ୍ଷର, ସହି; ସଙ୍କେତ; ପୁସ୍ତକର ଅଂଶ, ଯାହା ଗୋଟିଏ ଫର୍ଦ୍ଦ କାଗଜ ନିର୍ଦ୍ଦିଷ୍ଟ ଆକାରରେ କାଟି ତିଆରି ହୋଇଥାଏ।

Digitized by srujanika@gmail.com

**signature tune** ବି. ନିର୍ଦ୍ଦିଷ୍ଟ ଏକ କାର୍ଯ୍ୟକ୍ରମକୁ ସଂପ୍ରସାରିତ କରିବାପାଇଁ ବ୍ୟବହୃତ ସଙ୍ଗୀତର ସ୍ୱର।

**signboard** ବି. ସାଇନ୍‌ବୋର୍ଡ୍; ଦୋକାନ, ଭୋଜନାଳୟ ପ୍ରଭୃତିର ବାହାରେ ଲଗାଯାଇଥିବା ବିଜ୍ଞାପନ ଫଳକ, ନାମଫଳକ।

**signet** ବି. ଛୋଟ ମୋହର।

**signet ring** ବି. ନାମାଙ୍କିତ ମୁଦ୍ରିକା।

**significance** ବି. ତାତ୍ପର୍ଯ୍ୟ, ଗୁରୁତ୍ୱ; ପ୍ରସିଦ୍ଧି; ଅର୍ଥ।

**significant** ବିଂ. ତାତ୍ପର୍ଯ୍ୟପୂର୍ଣ୍ଣ; ଉଲ୍ଲେଖଯୋଗ୍ୟ, ଅର୍ଥପୂର୍ଣ୍ଣ, ଗୁରୁତ୍ୱପୂର୍ଣ୍ଣ; ପ୍ରସିଦ୍ଧ; କ୍ରି.ବିଂ. significantly.

**significant figure** ବି. ସନ୍ନିହିତ ଗାଣିତିକ ସଂଖ୍ୟାସୂଚକ ଅଙ୍କ।

**signify** କ୍ରି. ଚିହ୍ନ ବା ଲକ୍ଷଣଦ୍ୱାରା ପ୍ରକାଶ କରିବା; ସଙ୍କେତଦ୍ୱାରା ଜଣାଇବା; ଅର୍ଥ ପ୍ରକାଶ କରିବା; ଜ୍ଞାତ କରାଇବା; ଗୁରୁତ୍ୱ ପ୍ରକାଶ କରିବା; ବି. signification.

**sign language** ବି. (ମୁଖ୍ୟତଃ) ମୂକ ଓ ବଧିରଙ୍କ ପାଇଁ ଭାବ ବିନିମୟ ନିମିତ୍ତ ବ୍ୟବହାର କରାଯାଉଥିବା ସଙ୍କେତାବଳି।

**sign of the cross** ବି. ହସ୍ତଭଙ୍ଗୀ ଦ୍ୱାରା କ୍ରୁଶର ଚିହ୍ନ କରିବା।

**signor** ବି. ବ.ବ. signori ଇଟାଲୀବାସୀଙ୍କ (ପୁରୁଷଙ୍କ ପାଇଁ) ପାଇଁ ବ୍ୟବହୃତ ଉପାଧି।

**signora** ବି. ଇଟାଲୀଦେଶର (ବିଶେ. ବିବାହିତା) ମହିଳାଙ୍କ ପାଇଁ ବ୍ୟବହୃତ ଉପାଧି।

**signorina** ବି. ଇଟାଲୀଦେଶର (ବିଶେ. ଅବିବାହିତା) ମହିଳାଙ୍କ ପାଇଁ ବ୍ୟବହୃତ ଉପାଧି।

**signpost** 1. ବି. ଦିଗନିର୍ଦ୍ଦେଶକ ଖୁଣ୍ଟ (ରାସ୍ତାରେ), ସୂଚନା; 2. କ୍ରି. ସଙ୍କେତ ବହନକାରୀ ସ୍ତମ୍ଭ ଯୋଗାଇଦେବା।

**signwriter** ବି. ନାମଫଳକ ବା ସାଇନ୍‌ବୋର୍ଡ ଲେଖାଳି।

**Sikh** ବି. ଭା. ଶିଖ୍ ସଂପ୍ରଦାୟ (ଏକେଶ୍ୱରବାଦୀ ଭାରତୀୟ ଧର୍ମସଂପ୍ରଦାୟ), ଶିଖ୍ ଧର୍ମାବଲମ୍ବୀ ବ୍ୟକ୍ତି।

**silage** ବି. ଖଣିରେ ସଞ୍ଚିତ ସବୁଜ ଗୋଖାଦ୍ୟ; ଭୂଗର୍ଭରେ ସଞ୍ଚୟ।

**silence** 1. ବି. ନୀରବତା, ଗୋପନୀୟତା; 2. କ୍ରି. ନୀରବ ବା ଚୁପ୍ କରାଇବା; ବଳପୂର୍ବକ ବା ଯୁକ୍ତିଦ୍ୱାରା ନିରୁତ୍ତର କରିଦେବା; in silence ଚୁପ୍‌ଚାପ୍, କୌଣସି ଶବ୍ଦ ବା କଥାବାର୍ତ୍ତା ବିନା।

**silencer** ବି. ବନ୍ଧୁକ, ମୋଟର ଗାଡି ପ୍ରଭୃତିରୁ ନିର୍ଗତ ଶବ୍ଦକୁ ହ୍ରାସ କରିଦେଉଥିବା ଉପକରଣ, ଶବ୍ଦ ନିବାରକ ଯନ୍ତ୍ର।

**silent** ବିଂ. ନୀରବ, ନିସ୍ତବ୍ଧ, ନିଃଶବ୍ଦ, ନିର୍ବାକ; କ୍ରି.ବିଂ. silently.

**silent majority** ବି. ମୌନତା ଧାରଣ କରୁଥିବା ତଥାକଥିତ ମଧ୍ୟମପନ୍ଥୀ ଜନସମୁଦାୟ ବା ନରମପନ୍ଥୀ ସଂଖ୍ୟାଗରିଷ୍ଠ।

**silhouette** 1. ବି. ଧଳାକାଗଜ ଉପରେ କଳାରଙ୍ଗରେ ଅଙ୍କାଯାଇଥିବା କୌଣସି ବ୍ୟକ୍ତି ବା ପଦାର୍ଥର ବାହ୍ୟରେଖା ବା ରୂପରେଖ; କାଗଜରୁ କଟାହୋଇଥିବା ରୂପରେଖ; ଫିକାରଙ୍ଗର ପୃଷ୍ଠପଟରେ କଳାରଙ୍ଗରେ ଅଙ୍କାଯାଇଥିବା ରୂପରେଖ ବା ଛାୟା; ଛାୟାଛବି, ସିଲୁଏଟ୍ (ସିଲ୍‌ହଟ); 2. କ୍ରି. ଫିକାରଙ୍ଗର ପୃଷ୍ଠପଟରେ କଳାରଙ୍ଗରେ ରୂପରେଖ ଅଙ୍କନ କରିବା ବା ଛାୟା ସଂପାତ କରିବା; ଏହିପ୍ରକାର ଚିତ୍ରରେ ଦର୍ଶାଇବା।

**silica** ବି. ସିଲିକନ ଡାଇଅକ୍‌ସାଇଡ୍, ବାଲିପଥର ଏବଂ ଅନ୍ୟାନ୍ୟ ପଥରର କ୍ୱାର୍ଜ୍ ସଦୃଶ ଉପାଦାନ; କରାପଥର; ବିଂ. siliceous.

**silicate** ବି. କୌଣସି ଧାତୁର ସିଲିକନ୍ ଓ ଅମ୍ଳଜାନ ଘଟିତ ଯୌଗିକ ଅବସ୍ଥା।

**silicon** ବି. ବୈ. ସିଲିକା ଓ ସିଲିକେଟ୍‌ରେ ଥିବା ଅଣଧାତବ ମୌଳିକ ପଦାର୍ଥ।

**silicon chip** ବି. ସିଲିକନ୍‌ରୁ ପ୍ରସ୍ତୁତ ଅତି କ୍ଷୁଦ୍ର ଅର୍ଦ୍ଧପରିବାହୀ ଟୁକୁରା ବା ମାଇକ୍ରୋଚିପ୍।

**silicone** ବି. ସିଲିକନ୍‌ର ବହୁ ଜୈବିକ ଯୌଗିକ ପଦାର୍ଥରୁ ଗୋଟିଏ (ଉତ୍ତାପ, ଜଳ ପ୍ରଭୃତିର ଉଚ୍ଚ ପ୍ରତିରୋଧକ ଶକ୍ତି ସଂପନ୍ନ)।

**silicosis** ବି. ସିଲିକା ଥିବା ଧୂଳି ପ୍ରଶ୍ୱାସରେ ଯିବାଦ୍ୱାରା ଫୁସ୍‌ଫୁସ୍‌ରେ ହେଉଥିବା ରୋଗ।

**silk** ବି. ସିଲ୍କ; ପାଟ, ରେଶମ; ଟସର; ବ.ବ. ପାଟବସ୍ତ୍ର ବା ରେଶମବସ୍ତ୍ର; କ.ଭା. ରାଜା ବା ରାଣୀଙ୍କ ପରାମର୍ଶଦାତା (ରେଶମୀ ଗାଉନ୍ ପରିଧାନ କରିବାର ଅଧିକାର ପ୍ରାପ୍ତ); ସୂକ୍ଷ୍ମ

Digitized by srujanika@gmail.com

ନରମ ସୂତା; take silk ରାଜା କିମ୍ବା ରାଣୀଙ୍କ ଆଇନ୍ ପରାମର୍ଶଦାତା ହେବା।

**silken** ବିଂ. ରେଶମୀ, ପାଟରେ ତିଆରି; ରେଶମ ସଦୃଶ ନରମ, ମସୃଣ।

**silkworm** ବି. କୋଷାପୋକ, ଗୁଟିପୋକ, ରେଶମ ପୋକ।

**silky** ବିଂ. ରେଶମ ଭଳି (ନରମ ଓ ମସୃଣ); ଅତି ଭଦ୍ର, ଶିଷ୍ଟ; କ୍ରି.ବିଂ. silkily; ବି. silkiness.

**sill** ବି. ଏରୁଣ୍ଡିବନ୍ଧ, ଦ୍ୱାର ବା ଝରକାର ନିମ୍ନବର୍ତ୍ତୀ କାଠ ବା ପଥରବନ୍ଧ।

**sillabub** ବି. (syllabub ମଧ୍ୟ) ଦୁଗ୍ଧ ବା ସର ସହ ମଦ୍ୟ ମିଶ୍ରିତ ଏକପ୍ରକାର ପାନୀୟ।

**silly** 1. ବିଂ. ନିର୍ବୋଧ, ମୂର୍ଖ, ନିର୍ବୁଦ୍ଧିଆ; ଦୁର୍ବଳମନା; କ୍ରିକେଟ୍ ବେଟ୍‌ଧାରୀର ନିକଟରେ ଫିଲ୍‌ଡିଙ୍ଗ୍ କରୁଥିବା କ୍ଷେତ୍ରରକ୍ଷକ ଖେଳାଳି ବା ତାର ଅବସ୍ଥିତି; 2. ବି. କ.ଭା. ନିର୍ବୋଧ ବ୍ୟକ୍ତି, ବୋକା ଲୋକ; କ୍ରି.ବିଂ. sillily; ବି. silliness.

**silo** ବି. (ବ.ବ. silos) ସବୁଜ ଗୋଖାଦ୍ୟ ରଖିବାର ଖଣି ବା ବାୟୁ ନିଷ୍କାସିତ ଗର୍ତ୍ତ; ସିମେଣ୍ଟ କିମ୍ବା ଶସ୍ୟର ସଂରକ୍ଷଣ ପାଇଁ ଗର୍ତ୍ତ ବା ଘର; କ୍ଷେପଣାସ୍ତ୍ର ରଖିବା ପାଇଁ ଭୂତଳ ପ୍ରକୋଷ୍ଠ।

**silt** 1. ବି. ପଟୁ, କେନାଲ ବା ପୋତାଶ୍ରୟରେ ପାଣିରେ ବହିଆସି ଜମିଥିବା ପଙ୍କ ବା ମାଟି; 2. କ୍ରି. (ସା. up ସହ) ପଟୁ ଜମାହେବା, ପଟୁମାଟିଦ୍ୱାରା ରୁଦ୍ଧ ହେବା।

**Silurian** ଭୂ. 1. ବିଂ. ପ୍ରଥମ ଭୂତାତ୍ତ୍ୱିକ କାଳ ସଂକ୍ରାନ୍ତ, ପେଲେଜଇକ୍ ଯୁଗର ତୃତୀୟକାଳ; 2. ବି. ଏହି ଭୂତାତ୍ତ୍ୱିକ କାଳ।

**silvan** ବିଂ. (ବିକ. sylvan) ଆରଣ୍ୟ, ଅରଣ୍ୟ ସମ୍ବନ୍ଧୀୟ; ଗ୍ରାମ୍ୟ।

**silver** 1. ବି. ରୂପା (ଧାତୁ, ମୁଦ୍ରା ଇତ୍ୟାଦି); ଉଜ୍ଜ୍ୱଳ ଧଳାରଙ୍ଗ; ରୂପାତିଆରି ମୁଦ୍ରା, ପଦକ, କଣ୍ଟାଚାମୁଚ, ଛୁରୀ ପ୍ରଭୃତି; 2. ବିଂ. ରୂପାପରି ରଙ୍ଗ ବିଶିଷ୍ଟ, ରୂପେଲି, ରୌପ୍ୟ, ରୂପାତିଆରି; 3. କ୍ରି. ରୂପା ଛିଆଣି କରିବା, ରୌପ୍ୟ ବା ରୌପ୍ୟ ସଦୃଶ ପଦାର୍ଥରେ ଆଚ୍ଛାଦନ କରିବା, ରୂପେଲି ବର୍ଣ୍ଣ ପ୍ରଦାନ କରିବା, ରଜତଧବଳ ରୂପଦେବା; ଦର୍ପଣ କାଚରେ ପାରା ଲଗାଇବା; କେଶ ପାଚିବା, ଧଳା ବା ପାଉଁଶିଆ ପାଲଟିଯିବା।

**silver birch** ବି.ଧଳା ବକଳଯୁକ୍ତ ବୃକ୍ଷ ବିଶେଷ।

**silverfish** ବି. ଧଳାରଙ୍ଗର ମାଛ; କ୍ଷୁଦ୍ର ପକ୍ଷହୀନ ରୂପେଲି ପୋକ ବିଶେଷ।

**silver jubilee** ବି. ପଞ୍ଚବିଂଶ ବା ପଚିଶିତମ ବର୍ଷ, ଜୟନ୍ତୀ ପ୍ରଭୃତି।

**silver lining** ବି. ଦୁଃଖ ବା ବିପଦବେଳେ ସାନ୍ତ୍ୱନା ବା ଆଶା।

**silver medal** ବି. ଦ୍ୱିତୀୟ ପୁରସ୍କାର ରୂପେ ଦିଆଯାଉଥିବା ରୌପ୍ୟ ପଦକ।

**silver paper** ବି. ଆଲୁମିନିୟମର ପାତ।

**silver plate** ବି. ରୂପା ଆଚ୍ଛାଦିତ ଛୁରୀ, ଚାମୁଚ, ବାସନକୁସନ ପ୍ରଭୃତି।

**silver-plated** ବିଂ. ରୌପ୍ୟ ମଣ୍ଡିତ, ରୂପାରେ ଆଚ୍ଛାଦିତ।

**silver sand** ବି. ବଗିଚାରେ ବ୍ୟବହୃତ ସୂକ୍ଷ୍ମ ଓ ବିଶୁଦ୍ଧ ବାଲୁକା।

**silver screen** ବି. (ସାମୂହିକ ଭାବରେ) ଚଳଚ୍ଚିତ୍ର ବା ସିନେମାଜଗତ।

**silverside** ବି. ଉତ୍କୃଷ୍ଟ ଗୋମାଂସ, ଟଙ୍କିଏ ଗୋମାଂସର ଉପରଭାଗ।

**silversmith** ବି. ରୌପ୍ୟକାର, ରୁପାକାମ କରୁଥିବା ବଣିଆ।

**silver tongue** ବି. ବାଗ୍ମିତା।

**silverware** ବି. ରୂପାରେ ତିଆରି ବା ରୂପାରେ ଆଚ୍ଛାଦିତ ପଦାର୍ଥ।

**silver wedding** ବି. ପଞ୍ଚବିଂଶତିତମ ବିବାହ ବାର୍ଷିକୀ।

**silvery** ବିଂ. ବର୍ଣ୍ଣନା ବା ରୂପରେ ରୂପା ସଦୃଶ; ରୂପାଭଳି; ଶୁକ୍ଳ, ଶୁଭ୍ର; ମଧୁର; ସ୍ପଷ୍ଟ ସ୍ୱର ବା ଶବ୍ଦ।

**silviculture, sylviculture** ବି. ଆରଣ୍ୟ ବୃକ୍ଷର ଚାଷ।

**simian** 1. ବିଂ. ମର୍କଟ ପରି, ମାଙ୍କଡ଼ ଜାତୀୟ; 2. ବି. ମର୍କଟ, ବାନର।

**similar** ବିଂ. ତୁଲ୍ୟ, ସମ, ସମାନ, ସଦୃଶ, ଏକାପ୍ରକାରର, ସମାନ ପ୍ରକୃତି ବା ପରିମାଣ ବିଶିଷ୍ଟ; ଜ୍ୟା. ସମାକୃତି ବିଶିଷ୍ଟ; କ୍ରି.ବିଂ. similarly.

**similarity** ବି.ସାମଞ୍ଜସ୍ୟ, ସାଦୃଶ୍ୟ, ସମାନତା।

**simile** ବି. ଉପମା, ଉପମାଳଙ୍କାର, ସାଦୃଶ୍ୟ କଥନ; ଉପମା ବ୍ୟବହାର।

Digitized by srujanika@gmail.com

**similitude** ବି. ବାହ୍ୟରୂପ, ବେଶପୋଷାକ; ତୁଳନା, ଉପମା, ତୁଳନାତ୍ମକ ପରିପ୍ରକାଶ ।

**simmer** 1. କ୍ରି. ଅଳ୍ପଗତିରେ ଫୁଟାଇବା, ମନ୍ଦ ଅଗ୍ନିରେ ସିଝାଇବା, କ୍ରୋଧ, ଉତ୍ତେଜନା ପ୍ରଭୃତି ଚପାଇଦେବା; 2. ବି. ଧୀରେ ଧୀରେ ସିଦ୍ଧହେବା ବା ଫୁଟିବା ଅବସ୍ଥା; simmer down ଉତ୍ତେଜନା ଶାନ୍ତ ପଡିବା, କ୍ରମେ ଥଣ୍ଡା ହେବା ।

**simnel cake** ବି. ସୁନ୍ଦର, ସୁମିଷ୍ଟ (ବିଶେ. ଇଷ୍ଟର୍‌କାଳୀନ) କେକ୍ ।

**simony** ବି. ଧାର୍ମିକ ସୁବିଧା ସୁଯୋଗର ବିକାକିଣା ।

**simoom** ବି. ଉତପ୍ତ, ଶୁଷ୍କ ଧୂଳିକଣା ମିଶ୍ରିତ ମରୁଭୂମିର ବାୟୁପ୍ରବାହ ।

**simper** 1. କ୍ରି. ନିର୍ବୋଧ ବା ଛଳନାପୂର୍ଣ୍ଣ ଭାବେ ମୃଦୁହାସ କରିବା; 2. ବି. ଛଳନାପୂର୍ଣ୍ଣ ବା ନିର୍ବୋଧତାପୂର୍ଣ୍ଣ ମୃଦୁହାସ୍ୟ ।

**simple** ବିଂ. ସହଜ, ସହଜବୋଧ, ସହଜସାଧ, ଅଜଟିଳ, ଅନାଡମ୍ବର, ନିରାଡମ୍ବର; ବିଳାସହୀନ, ଜାକଜମକହୀନ, ଅମିଶ୍ର; ସିଧାସଳଖ (ସତ୍ୟ); ନିର୍ବୋଧ, ସରଳ, ସରଳବିଶ୍ୱାସୀ; ଦୁର୍ବଳମନା; ବି. simpleness.

**simple fracture** ବି. କୌଣସି କ୍ଷତ ବିନା କେବଳ ହାଡ ଭାଙ୍ଗିବା ।

**simple interest** ବି. ସରଳସୁଧ, କେବଳ ମୂଳ ଉପରେ ସୁଧ ।

**simple-minded** ବିଂ. ସରଳମନା, ସରଳବିଶ୍ୱାସୀ; ବି. simple-mindedness.

**simple sentence** ବି. ବ୍ୟା. ସରଳବାକ୍ୟ, ଏକମାତ୍ର କର୍ତ୍ତା ଓ ବିଧେୟଯୁକ୍ତ ବାକ୍ୟ ।

**simpleton** ବି. ନିର୍ବୋଧ, ସହଜରେ ପ୍ରତାରିତ ହେବା ବ୍ୟକ୍ତି; ବୋକା ।

**simplicity** ବି. ସହଜବୋଧତା, ସରଳତା, ଅକପଟତା ।

**simplification** ବି. ସରଳୀକରଣ ।

**simplify** କ୍ରି. ସରଳ ବା ସୁବୋଧ କରିବା ।

**simplistic** ବିଂ. ଖୁବ୍ ସହଜ, ଅତ୍ୟଧିକ ସରଳ, ଆପାତ ସରଳ ।

**simplistically** କ୍ରି.ବିଂ. ଅତ୍ୟଧିକ ସରଳଭାବେ ।

**simply** କ୍ରି.ବିଂ. ସରଳଭାବେ, ନିଃସନ୍ଦେହ ଭାବେ; ବିଲ୍‌କୁଲ, ପୂରାପୂରି ।

**simulate** କ୍ରି. ଛଳନା କରିବା, ବାହାନା କରିବା; ଅନୁକରଣ କରିବା, ନକଲ କରିବା, କପଟତା କରିବା ଅନୁକୃତି ପ୍ରସ୍ତୁତ କରିବା; ବି. simulation; ବି. simulator.

**simultaneous** ବି. ଏକକାଳୀନ, ସମସାମୟିକ, ଏକାସାଙ୍ଗରେ; ବି. simultaneity; କ୍ରି.ବିଂ. simultaneously.

**sin**[1] 1. ବି. ଧାର୍ମିକ ବା ନୈତିକ ନିୟମ ଲଙ୍ଘନ; ଶିଷ୍ଟାଚାର ବିରୋଧୀ କାର୍ଯ୍ୟ, ସଚେତନଭାବେ କରିଥିବା ଅନୈତିକ କାର୍ଯ୍ୟ, ପାପ; 2. କ୍ରି. ପାପ କରିବା, ଅନ୍ୟାୟ କରିବା, ଈଶ୍ୱରବିରୋଧୀ କାର୍ଯ୍ୟ କରିବା ।

**sin**[2] ସଂଶ. ଦ୍ର. sine.

**since** 1. ଅ. ସେହିଦିନଠାରୁ ଏ ପର୍ଯ୍ୟନ୍ତ, ନିର୍ଦ୍ଦିଷ୍ଟ ସମୟଠାରୁ (since 1947), କାରଣ, ସେହିହେତୁରୁ; 2. ସଂଯୋ. ସେହି ସମୟରେ, ପରବର୍ତ୍ତୀ କାଳରେ, କାରଣ; 3. କ୍ରି.ବିଂ. ସେହି ସମୟ ବା ଘଟଣାଠାରୁ ଏ ପର୍ଯ୍ୟନ୍ତ ବହୁଦିନ ହେଲା, (haven't met him since); ପୂର୍ବେ (many weeks since).

**sincere** ବିଂ. ଅକପଟ, ଛଳନାହୀନ, ସାଧୁ, ସଚ୍ଚୋଟ, ସଠିକ୍, ଅକୃତ୍ରିମ ।

**sincerely** କ୍ରି.ବିଂ. ସଚ୍ଚୋଟଭାବେ, ଅକପଟଭାବେ; yours sincerely ବ୍ୟକ୍ତିଗତ ଚିଠି ଶେଷ କରିବା ପଦ୍ଧତି ।

**sincerity** ବି. ସାଧୁତା, ସଚ୍ଚୋଟତା, ଅକପଟତା ।

**sine** ବି. ଗଣିତ ସମକୋଣୀ ତ୍ରିଭୁଜରେ ସୂକ୍ଷ୍ମକୋଣର ବିପରୀତ ବାହୁ ଓ କର୍ଣ୍ଣର ଅନୁପାତ ।

**sinecure** ବି. ସ୍ୱଳ୍ପଶ୍ରମ ବା ବିନା ଶ୍ରମରେ ଲାଭଦାୟକ କାର୍ଯ୍ୟ; ଆରାମଦାୟକ ଚାକିରୀ, ସ୍ୱଳ୍ପଶ୍ରମ ବିଶିଷ୍ଟ ସମ୍ମାନଜନକ ଓ ଲାଭଦାୟକ ପଦବୀ ।

***sine die*** କ୍ରି.ବିଂ. ଔପ. ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ । *(ଲା.)*

***sine qua non*** ବି. ଅପରିହାର୍ଯ୍ୟ ସର୍ତ୍ତ ବା ଯୋଗ୍ୟତା, ଅପରିହାର୍ଯ୍ୟ ବିଷୟ । *(ଲା.)*

**sinew** ବି. ପେଶୀବନ୍ଧ, ମାଂସପେଶୀସହ ହାଡକୁ ସଂଯୋଗ କରୁଥିବା ଟାଣ ତନ୍ତୁ; ବ.ବ. ମାଂସପେଶୀ, ଶାରୀରିକ ବଳ, ଯାହା ଶକ୍ତିଶାଳୀ କରେ ବା ବଳିଷ୍ଠ କରେ ।

Digitized by srujanika@gmail.com

**sinewy** ବିଂ. ବଳିଷ୍ଠ ପେଶୀବନ୍ଧଯୁକ୍ତ, ବଳିଷ୍ଠ, ପେଶୀବହୁଳ।

**sinful** ବିଂ. ପାପଯୁକ୍ତ, ପାପଲିପ୍ତ, ଦୁରାଚାରୀ; କ୍ରି.ବିଂ. sinfully; ବି. sinfulness.

**sing** 1. (*ଅ.କା.* sang, *ଅ.କ୍ରି.ଜ.ପ.* sung) କ୍ରି. ଗୀତ ବୋଲିବା; ଗାନ କରିବା; ସଙ୍ଗୀତମୟ ଶବ୍ଦ କରିବା; ସୁ-ସୁ, ସେଁ ସାଁ, ଗୁଣୁ ଗୁଣୁ ପ୍ରଭୃତି ଶବ୍ଦ କରିବା (ପବନ ପ୍ରଭୃତି); କାନ ଭାଁଭାଁ ହେବା; *ସା.ପ୍ର.* ମୁଖବିରି କରିବା; *ସାହି.* ପ୍ରଶଂସା ଗାନ କରିବା; 2. ବି. ଗାୟନ, ଗାନ; sing of କୌଣସି ବୀରପୁରୁଷ ବା ବିଶିଷ୍ଟ ଘଟଣାର ଗାଥା ଛନ୍ଦରେ ଗାନ କରିବା; sing out ଜୋର୍‌ରେ ଡାକିବା, ଉଚ୍ଚ ଧ୍ୱନି କରିବା; sing the praises of ଉଲ୍ଲସିତଭାବେ ବା ନିରବଚ୍ଛିନ୍ନଭାବେ ପ୍ରଶଂସାଗାନ କରିବା।

**singe** 1. କ୍ରି. ଉପରିଭାଗ ସାମାନ୍ୟ ପୋଡିଦେବା, ସେକିଦେବା, ଚେଙ୍କଦେବା ବା ଚିଆଁ ଦେବା, ଅଗ୍ରଭାଗ ପୋଡିଯିବା; 2. ବି. ଚେଙ୍କ, ସେକ।

**singer** ବି. ଗାୟକ ବା ଗାୟିକା।

**Singhalese** ବି. (Sinhalese ମଧ୍ୟ) 1. ବି. ସିଂହଳବାସୀ ବା ଭାଷା; 2. ବିଂ. ସିଂହଳଦ୍ୱୀପ, ସିଂହଳବାସୀ ବା ସିଂହଳର ଭାଷା ସଂପର୍କୀୟ।

**single** 1. ବିଂ. ଏକମାତ୍ର, ଗୋଟିଏ ମାତ୍ର; ସମନ୍ୱିତ, ଅଭିନ୍ନ; ଅବିଭକ୍ତ, ଜଣେ ବ୍ୟକ୍ତିଦ୍ୱାରା ସଂଗଠିତ, ଐକାନ୍ତିକ, ପ୍ରତ୍ୟେକ; ଅବିବାହିତ; ଏକ ପଟ; 2. ବି. ବହୁ ମଧ୍ୟରୁ ଗୋଟିଏ ମାତ୍ର ଜିନିଷ, ଦୁଇପାଖରେ ଗୋଟିଏ ଲେଖାଁ ଗୀତଥିବାରେକର୍ଡ; କ୍ରିକେଟ ଥରେ ମାତ୍ର ୱିକେଟ୍ ଭିତରେ ଦୌଡ ଏବଂ ରନ୍; ବ.ବ. ଦୁଇପଟରେ ଜଣେ ଲେଖାଏଁ ଖେଳାଳି ଥାଇ ଯେଉଁ ଖେଳ ହୁଏ; ବ.ବ. ଅବିବାହିତ ବ୍ୟକ୍ତିଗଣ; 3. କ୍ରି. (out ସହ) ବାଛିବା, ବାଛି ଅଲଗା କରିବା।

**single-breasted** ବିଂ. ଗୋଟିଏ ସେଟ୍ ବୋତାମ ଲାଗିଥିବା ଏବଂ ଗୋଟିଏ ପାଖ ଆରପାଖକୁ ସାମାନ୍ୟ ଘୋଡାଇଥିବା କୋଟ୍।

**single combat** ବି. ମଲ୍ଲଯୁଦ୍ଧ, (ପ୍ରତ୍ୟେକ ପଟରେ ଜଣେ ଲେଖାଏଁ ଖେଳାଳି ଥିବା) ଦ୍ୱନ୍ଦ୍ୱ ଯୁଦ୍ଧ।

**single file** 1. ବି. ପଛକୁ ପଛ ଗୋଟିଏ ଧାଡି; 2. କ୍ରି.ବିଂ. ପଛକୁ ପଛ ଗୋଟିଏ ଧାଡିରେ।

**single-handed** କ୍ରି.ବିଂ. ବିନା ସାହାଯ୍ୟରେ, ଅନ୍ୟ କାହାରି ସାହାଯ୍ୟ ବ୍ୟତୀତ, ଏକାକୀ; କ୍ରି.ବିଂ. single-handedly.

**single-minded** ବିଂ. ଏକନିଷ୍ଠ, ଏକାଗ୍ର; କ୍ରି.ବିଂ. single-mindedly; ବି. single-mindedness.

**singlet** ବି. ପୁରୁଷମାନେ କୁର୍ତ୍ତା ତଳେ ପିନ୍ଧୁଥିବା ହାତକଟା ଗେଞ୍ଜି ବା କୋଟ୍ ତଳେ ପିନ୍ଧୁଥିବା କସ୍ କାମିଜ୍।

**singleton** ବି. ଏକମାତ୍ର ବ୍ୟକ୍ତି ବା ପଦାର୍ଥ, ଖେଳାଳି ହାତରେ ଥିବା କୌଣସି ଘର ବା ସରର ଏକମାତ୍ର ତାସ୍।

**singly** କ୍ରି.ବିଂ. ଏକଲା, ଜଣ ଜଣ କରି।

**singsong** 1. ବିଂ. ଏକତାନିଆ, ଏକରାହିଆ, ପରିବର୍ତ୍ତନହୀନ ସ୍ୱରଭଙ୍ଗୀରେ ଉଚ୍ଚାରିତ; 2. ବି. ଗୀତ ବୋଲିବା ପାଇଁ ଅଣଆନୁଷ୍ଠାନିକ ମେଳ।

**singular** 1. ବିଂ. ଅସାଧାରଣ, ଅଦ୍ଭୁତ, ଅନନ୍ୟ ସାଧାରଣ; *ବ୍ୟା.* ଏକବଚନ (singular number); 2. ବି. *ବ୍ୟା.* ଏକବଚନ ଶବ୍ଦ ବା ରୂପ; କ୍ରି.ବିଂ. singularly.

**singularity** ବି. ଅସାଧାରଣତ୍ୱ, ଅଦ୍ୱିତୀୟତ୍ୱ, ଅପୂର୍ବତା।

**Sinhalese** ଦ୍ର. Singhalese.

**sinister** ବିଂ. ଅମଙ୍ଗଳସୂଚକ, କୁତ୍ସିତ, ମନ୍ଦ, ଦୁରଭିସନ୍ଧିସୂଚକ।

**sink** 1. କ୍ରି. ବୁଡିବା, ଡୁବିବା, ବୁଡିଯିବା, କ୍ରମ ନିମ୍ନହେବା, ପାଣିର ଗଭୀରତାକୁ ଚାଲିଯିବା, ତଳକୁ ଖସିବା; ଅଧୋଗତିର କାରଣ ହେବା, ଡୁବାଇଦେବା, ବୁଡାଇଦେବା; ଅବସନ୍ନ ହେବା; ବିଲିଆର୍ଡ ବା ଗଲ୍ଫ୍ ଖେଳରେ ପେଣ୍ଡୁକୁ ଗାତରେ ପକାଇବା; ଭୁଲାଇଦେବା; 2. ବି. ପାଣିନଳ ତଳେ ରକ୍ଷିତ ନର୍ଦ୍ଦମା ନାଳସହ ସଂଯୁକ୍ତ ପାତ୍ର, ମଇଳାପାଣି ଗ୍ରହଣ ଏବଂ ନିଷ୍କାସନ କରାଯିବାର ସ୍ଥାନ, ଅସନାପାଣି ଜମି ରହୁଥିବା ସ୍ଥାନ; ଅପରାଧ ସ୍ଥଳ; sink in ପ୍ରବେଶ କରିବା, କ୍ରମ ଅନ୍ତର୍ଭୁକ୍ତ ହେବା, ବୋଧଗମ୍ୟ ହେବା।

**sinker** ବି. ବନ୍ଶୀ ସୂତାକୁ ବୁଡାଇବା ପାଇଁ ଲାଗିଥିବା ଓଜନିଆ ପଦାର୍ଥ; ଯାହା ବୁଡାଇ ଦିଏ।

**sinking fund** ବି. ଋଣ ପରିଶୋଧ ପାଇଁ ଅଲଗା ହୋଇ ରଖାଯାଇଥିବା ଟଙ୍କା।

Digitized by srujanika@gmail.com

**sinner** ବି. ପାପୀ, ଅପରାଧୀ ।
**Sinn Fein** ବି. ଆଇରିଶ୍ ବିପ୍ଳବୀ ବାହିନୀର ରାଜନୈତିକ ଶାଖା ।
**Sino–** ସଂ. ଚୈନିକ, ଚୀନ ଏବଂ– (ଉଦା. Sino-American).
**sinology** ବି. ଚୀନର ସାହିତ୍ୟ ଓ ଇତିହାସ–ତତ୍ତ୍ୱ ପ୍ରଭୃତିର ଅଧ୍ୟୟନ; ବି. sinologist.
**sinter** ବି. ଖଣିଜ ଆସ୍ତରଣ ।
**sinuous** ବିଂ. ଅଙ୍କାବଙ୍କା, ସର୍ପିଳ; ବି. sinuosity.
**sinus** ବି. ନାକରେ ଯୁକ୍ତହୋଇଥିବା ଖପୁରୀହାଡର ଗର୍ତ୍ତ ।
**sinusitis** ବି. ସାଇନସ୍‌ର ପ୍ରଦାହ, ଅଧକପାଳି ବିନ୍ଧା ।
**–sion** ପ.ପ୍ର. ବିଶେଷ୍ୟ ଗଠନକାରୀ ପ୍ରତ୍ୟୟ ।
**sip** 1. କ୍ରି. ଅଳ୍ପ ଅଳ୍ପ କରି ପାନ କରିବା (ତରଳ ପଦାର୍ଥ); 2. ବି. ଢ଼ୋକେ ।
**siphon** 1. ବି. ବକ୍ରନଳ; ଗୋଟାଏ ପାତ୍ରରୁ ତରଳ ପଦାର୍ଥ ଅନ୍ୟ ପାତ୍ରକୁ ଟାଣିନେବାର ବଙ୍କାନଳ ବିଶେଷ; 2. କ୍ରି. ବକ୍ରନଳ ସାହାଯ୍ୟରେ ତରଳ ପଦାର୍ଥ ପ୍ରବାହିତ କରିବା; (ଟଙ୍କାପଇସା) ଅନ୍ୟ ଆଡ଼େ ଖର୍ଚ୍ଚ କରିବା ବା ଅନ୍ୟ କାର୍ଯ୍ୟ ପାଇଁ ରଖିବା ।
**sir** ବି. ମହାଶୟ, ସାର୍, ସମ୍ମାନସୂଚକ ସମ୍ବୋଧନ; Sir ନାଇଟ୍‌ର ପଦବୀ ବିଶେଷ ।
**sire** ବି. କୌଣସି ପ୍ରାଣୀ (ବିଶେ. ଘୋଡାର) ଜନକ; ପ୍ରା.ପ୍ର. ଅତୀତରେ ରାଜାଙ୍କ ପ୍ରତି ସମ୍ବୋଧନ; ପ୍ରା.ପ୍ର. ପିତା କିମ୍ବା ପିତୃପୁରୁଷ ।
**siren** ବି. ସତର୍କ ସୂଚନା ପ୍ରଦାନକାରୀ ଉପକରଣ ବା ସେଇ ଶବ୍ଦ; (ଗ୍ରୀକ୍ ପୁରାଣ) ଅର୍ଦ୍ଧ ପକ୍ଷୀ, ଅର୍ଦ୍ଧ ନାରୀରୂପ କିନ୍ନରୀ ବିଶେଷ, ମନମୋହିନୀ; ପୁରୁଷଙ୍କୁ ଆକୃଷ୍ଟ କରୁଥିବା ନାରୀ ।
**sirenian** ବି. ବିଶାଳକାୟ ତୃଣଭୋଜୀ ଜଳଚର ସ୍ତନ୍ୟପାୟୀ ପ୍ରାଣୀ ବିଶେଷ ।
**sirloin** ବି. (ଗୋମାଂସ) ପଛପଟିଆର ଉପରିଭାଗ ।
**sirocco** ବି. (ବ.ବ. siroccos) ସାହାରାର ମରୁଝଡ; ଦକ୍ଷିଣ ୟୁରୋପର ଗରମପବନ ବା ଗୁଳୁଗୁଳି ।
**sirup** ବି. (ଆମେ. syrup) ସିରପ୍, ଚିନିମିଶ୍ରିତ ଗାଢ଼ ଫଳ ରସ ।
**sis** ବି.କ.ଭା. ଭଉଣୀ ।
**sisal** ବି. ପଶ୍ଚିମଭାରତୀୟ ବୃକ୍ଷରୁ ପ୍ରାପ୍ତ ଶକ୍ତତନ୍ତୁ ବିଶେଷ, ସିସିଲ୍ ଗଛ ।
**siskin** ବି. ପୀତାଭ ସବୁଜରଙ୍ଗର ଛୋଟ ଗାୟକ ପକ୍ଷୀ ।
**sissy** (cissy ମଧ) 1. ବି. କ.ଭା. ଭୀରୁଲୋକ, ଭୟାଳୁ ବ୍ୟକ୍ତି; 2. ବିଂ. ଡରୁଆ, ମାଇଚିଆ ।
**sister** ବି. ଭଉଣୀ; ଧର୍ମୀୟ ସଂଘର ସଦସ୍ୟା, ଡାକ୍ତରଖାନାର ବରିଷ୍ଠା ପରିସେବିକା; ଏକସମୟରେ, ଏକାଭଳି ବା ଏକଧରଣର ତିଆରି ବସ୍ତୁ; ବିଂ. sisterly.
**sisterhood** ବି. ଭଗିନୀ ସଂପ୍ରଦାୟ, ଏକସଂପ୍ରଦାୟର ମହିଳାଗଣ, ଭଗିନୀତ୍ୱ ।
**sister–in–law** ବି. (ବ.ବ. sisters-in-law) ସ୍ୱାମୀ ବା ସ୍ତ୍ରୀର ଭଉଣୀ; ଭାଉଜ, ଭାଇବୋହୂ ପ୍ରଭୃତି ।
**Sisyphean** ବିଂ. ନିରର୍ଥକ ବା ଅଯଥା (ପରିଶ୍ରମ); (ଗ୍ରୀକ୍ ପୁରାଣ) ସିସିଫସ୍ ସମ୍ବନ୍ଧୀୟ ।
**sit** କ୍ରି. ବସିବା, ବସେଇବା, ବିଶ୍ରାମ କରିବା, (ପକ୍ଷୀ) ଡିମ୍ବ ଉଷୁମାଇବା; baby sit ଛୁଆ ସମ୍ଭାଳିବା; be sitting pretty ସୁବିଧାଜନକ ସ୍ଥାନରେ ସ୍ଥିତ; sit at a person's feet କାହାରି ଶିଷ୍ୟତ୍ୱ ଗ୍ରହଣ କରିବା; sit back ଉଦ୍ୟମ ହ୍ରାସ କରିବା; sit down ବସିଯିବା, ବସିପଡିବା; sit in ଧାରଣା ଦେବା; sit in judgement ସମାଲୋଚନା କରିବା; sit on କମିଟି ପ୍ରଭୃତିରେ ସଦସ୍ୟ ହେବା; କୌଣସି ବିଷୟରେ ତଦନ୍ତ କରିବା; କ.ଭା. କାର୍ଯ୍ୟପନ୍ଥା ବିଳମ୍ବିତ କରିବା; କ.ଭା. ଦବେଇଦେବା, ଗାଳିଫଜିତ କରିବା; sit on the fence ନିରପେକ୍ଷ ଆଚରଣ କରିବା; ଦ୍ୱନ୍ଦ୍ୱଗ୍ରସ୍ତ ହେବା; sit out ନୃତ୍ୟ ପ୍ରଭୃତିରେ ଅଂଶଗ୍ରହଣ ନ କରି ବସିରହିବା; କୌଣସି ଘଟଣା ବା ବିପତ୍ତିର ଶେଷପର୍ଯ୍ୟନ୍ତ ରହିବା; ବାହାରେ ବସିବା; sit tight କ.ଭା. ନିଜ ସ୍ଥାନ ବା ନିଷ୍ପତ୍ତିରେ ଦୃଢ଼ ରହିବା; sit up ଶୋଇବା ଅବସ୍ଥାରୁ ଉଠି ବସିବା; ସଳଖ ହୋଇ ବସିବା; ବିଳମ୍ବରେ ଶୋଇବା; (କୌଣସି ବିଷୟରେ) ଉତ୍ସାହିତ ବା ଉତ୍ତେଜିତ ହେବା; sit well on ଠିକ୍ ମାପ ହେବା; ମାନିବା ।

Digitized by srujanika@gmail.com

**sitar** ବି. ସୀତାର୍, ଭାରତୀୟ ତାର ବାଦ୍ୟ ବିଶେଷ।

**sitcom** ବି.କ.ଭା. ସଂଣ. situation comedy; ପରିସ୍ଥିତିଜନିତ ହାସ୍ୟନାଟିକା, ହାସ୍ୟନାଟିକା।

**site** ବି. କୋଠାବାଡି ବା ସହର ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗା; କର୍ମ ବା କାର୍ଯ୍ୟସ୍ଥଳ।

**sit–in** ବି. (ଧର୍ମଘଟ ପାଇଁ) ଧାରଣା।

**sitter** ବି. ବସିବା ବ୍ୟକ୍ତି (ବିଶେଷତଃ ପ୍ରତିକୃତି ଅଙ୍କନ ପାଇଁ)।

**sitting** 1. ବି. ଉପବେଶନ, ସଭାର ଅଧିବେଶନ, ପରୀକ୍ଷାପ୍ରଭୃତିର ଅବଧି, ବସିବା (ଭଙ୍ଗୀ ପ୍ରଭୃତି); 2. ବିଂ. ବସିଥିବା, ଉପବିଷ୍ଟ, ସ୍ଥିର (ପକ୍ଷୀମାନଙ୍କର ଅବସ୍ଥିତି); ଚଳନ୍ତି (ସାଂସଦ ପ୍ରଭୃତି)।

**sitting–room** ବି. ବୈଠକଖାନା।

**situate** କ୍ରି. ନିର୍ଦ୍ଦିଷ୍ଟ ଅବସ୍ଥାରେ ବା ସ୍ଥାନରେ ରହିବା ବା ରଖିବା; ସ୍ଥାନ ନିର୍ଦ୍ଦେଶ କରିବା ବା ନିର୍ଦ୍ଦିଷ୍ଟ କରିବା।

**situation** ବି. ଅବସ୍ଥା, ଅବସ୍ଥାନ, ପରିସ୍ଥିତି, ପରିବେଷ୍ଟନୀ, ପଦ, ଚାକିରୀ, କାର୍ଯ୍ୟ, ସ୍ଥିତି; ବିଂ. situational.

**situation comedy** ବି. ଦ୍ର. sitcom.

**six** ବିଂ. ଏବଂ ବି. ଛଅ (୬, vi, VI); କ୍ରିକେଟ୍‌ଛକା, ବଲ୍ ଭୂମି ସ୍ପର୍ଶ ନ କରି ସୀମାରେଖା ବାହାରକୁ ଚାଲିଗଲେ ବେଟ୍ସ୍‌ମ୍ୟାନ୍‌କୁ ମିଳୁଥିବା ଛ' ରନ୍; ଛ'ଟା ସମୟ; at sixes and sevens ବିଶୃଙ୍ଖଳ ବା ଅସ୍ତବ୍ୟସ୍ତ ଭାବରେ; knock (hit) for six କ.ଭା. ଚକିତ ବା ବିସ୍ମୟାଭିଭୂତ କରିଦେବା।

**sixer** ବି. କ୍ରିକେଟ୍ ଖେଳର ଛକା; ଏକାଥରେ ପ୍ରାପ୍ତ ଛ' ରନ୍।

**sixfold** ବିଂ. କ୍ରି.ବିଂ. ଛ'ଗୁଣ; ଷଡ୍‌ଗୁଣିତ; ଛ'ଟିକିଆ।

**sixteen** ବିଂ.ବି. ଷୋଡଶ, ଷୋହଳ (୧୬)।

**sixth** ବିଂ.ବି. ଷଷ୍ଠ; ଛ'ଭାଗରୁ ଭାଗେ; ଷଷ୍ଠାଂଶ।

**sixth sense** ବି. ଷଷ୍ଠ ଚେତନା, ଇନ୍ଦ୍ରିୟଲବ୍ଧ ଜ୍ଞାନ ବା ଅନୁଭୂତି ଭିନ୍ନ ରହସ୍ୟମୟ ଚେତନା।

**sixties** ବି. ୬୦ରୁ ୬୯ ମଧ୍ୟରେ।

**sixty** ବିଂ.ବିଂ. ଷଷ୍ଟି, ଷାଠିଏ (୬୦); ବିଂ.ବି. sixtieth.

**sizable** ବିଂ.ଦ୍ର. sizeable.

**size**[1.] 1. ବି. ଆୟତନ, ଆକାର, ପରିମାଣ, ମାପ; 2. କ୍ରି. ମାପ ବା ଆକାର ଅନୁଯାୟୀ ସଜାଇବା; the size of it କ.ଭା. ଭିତିରି କଥା, ଅସଲ କଥା; size up ଆକଳନ କରିବା।

**size**[2.] ବି. କାଗଜ, ଲୁଗା ପ୍ରଭୃତିର ଏକପ୍ରକାର ମଣ୍ଡ।

**sizeable** ବିଂ. ବଡ ଆକାରର, ବେଶ୍ ବଡ।

**sizzle** କ୍ରି. ତେଲରେ ଭାଜିବା ବା ଛାଣିବାବେଳେ ହିସ୍‌ହିସ୍ ଶବ୍ଦ ହେବା; କ.ଭା. କାମୋତ୍ତେଜିତ ହେବା।

**sjambok** ବି. ଦକ୍ଷିଣ ଆଫ୍ରିକାର ଚମଡ଼ାତିଆରି ଚାବୁକ୍।

**skald** ବି. ପ୍ରାଚୀନ ସ୍କେଣ୍ଡିନାଭିଆର କବି।

**skate**[1.] ବି. ବରଫଉପରେ ଦ୍ରୁତ ଭାବରେ ଖସିବାର ଉପକରଣ ବିଶେଷ।

**skate**[2.] ବି. ବଡ, ଚେପ୍‌ଟା ଖାଦ୍ୟୋପଯୋଗୀ ସମୁଦ୍ରମାଛ।

**skedaddle** ବି. କ.ଭା. ଦ୍ରୁତ ପ୍ରସ୍ଥାନ କରିବା, ପଳାଇଯିବା।

**skein** ବି. ସୂତାଗୋଛା; ବନ୍ୟହଂସର ଦଳ।

**skeleton** ବି. କଙ୍କାଳ; କୌଣସି ପଦାର୍ଥର ଛାଞ୍ଚ ବା ଗଢ଼ଣ, ଖେଡ଼ିଆ ବା ଶୀର୍ଣ୍ଣକାୟ ବ୍ୟକ୍ତି।

**skeleton key** ବି. ବହୁତାଲା ଖୋଲିବା ପାଇଁ ନିର୍ମିତ ଚାବି।

**skep** ବି. ବେତ ବା ବତାରେ ତିଆରି ପାଛିଆ ବା ଟୋକେଇ।

**skeptic** ବି. *ଆମେ.* ଦ୍ର. sceptic.

**skerry** ବି. ପଥୁରିଆ ଦ୍ୱୀପ।

**sketch** 1. ବି. ଖସଡା, ନକ୍‌ସା, ସଂକ୍ଷିପ୍ତ ବିବରଣ; ବ୍ୟଙ୍ଗ ବା ହାସ୍ୟ ନାଟିକା; ଅସମ୍ପୂର୍ଣ୍ଣ ଚିତ୍ର; କ୍ଷୁଦ୍ର ବର୍ଣ୍ଣନାତ୍ମକ ରଚନା; 2. କ୍ରି. ଖସଡା ବା ପ୍ରାଥମିକ ଚିତ୍ର ପ୍ରସ୍ତୁତ କରିବା, ନକ୍‌ସା ତିଆରି କରିବା।

**sketchy** ବିଂ. ଅସଂପୂର୍ଣ୍ଣ ବା ପ୍ରାଥମିକ (ନକ୍‌ସା, ଚିତ୍ର ପ୍ରଭୃତି); କ.ଭା. ଅଧାପତରିଆ, ସାରହୀନ ବା ଅସଂପୂର୍ଣ୍ଣ, ବିଶେ. ତରବରିଆ (କାର୍ଯ୍ୟ); କ୍ରିଂ.ବିଂ. sketchily; ବି. sketchiness.

**skew** 1. ବିଂ. ବକ୍ର ଢାଲୁ, ତେରଛା; 2. କ୍ରି. ବିକୃତ ବା ବଙ୍କା କରିବା।

Digitized by srujanika@gmail.com

**skewbald** 1. ବିଂ. ଧଳାସହ ଅନ୍ୟ ରଙ୍ଗର ମିଶ୍ରଣରେ ଚିତ୍ରିତ (*ସା.* ଘୋଡା), ଚିତ୍‌କବରା; 2. ବି. ଛାପିଛାପିକିଆ ବା ଚିତକବରା ଜୀବଜନ୍ତୁ।

**skewer** ବି. ଲୁହାର କଣ୍ଟା (*ବିଶେ.* ମାଂସ ରନ୍ଧନବେଳେ ଖଣ୍ଡଗୁଡିକୁ ଏକତ୍ର ଧାରଣ କରିବା ପାଇଁ)।

**skew-whiff** ବିଂ., କ୍ରି.ବିଂ. ବକ୍ର, ବକ୍ରଭାବରେ; ତେରଛା ଢଙ୍ଗରେ।

**ski** ବି. ବରଫ ଉପରେ ଖସିବାଯୋଗ୍ୟ ଲମ୍ବ ପଟାକୃତିର ଚଉଡାକାଠ ଉପକରଣ ବିଶେଷ; ଯାନବାହନ ବା ଉଡାଜାହାଜ ତଳେ ସଂଯୁକ୍ତ ସେଭଳି ଉପକରଣ।

**skid** 1. କ୍ରି. ପିଚ୍ଛିଳ ରାସ୍ତାରେ ଖସିଯିବା, ସରକିଯିବା; 2. ବି. ଖସିବା (କାର୍ଯ୍ୟ), ଉଡାଜାହାଜର ନିମ୍ନଭାଗସ୍ଥ ଖସଡା ଉପକରଣ।

**skiff** ବି. ହାଲୁକା କ୍ଷୁଦ୍ରନୌକା।

**skilful** ବିଂ. ନିପୁଣ, ପଟୁ; କ୍ରି.ବିଂ. skilfully.

**skill** ବି. ନୈପୁଣ୍ୟ, ଦକ୍ଷତା; କାର୍ଯ୍ୟକୁଶଳତା; କୌଶଳ, ସିଦ୍ଧହସ୍ତତା।

**skilled** ବିଂ. ନିପୁଣ; ଉପଯୁକ୍ତ ତାଲିମପ୍ରାପ୍ତ, କୁଶଳୀ।

**skillet** ବି. ହେଣ୍ଡଲଯୁକ୍ତ ରୋଷେଇପାତ୍ର; ତାବା; ଫ୍ରାଇଙ୍ଗ୍‌ପେନ୍।

**skillful** *ଆମେ.* ବିକ. skilful.

**skim** କ୍ରି. ଦୁଧଉପରୁ ସର ତୋଳିବା; ଯେକୌଣସି ତରଳପଦାର୍ଥ ମଛି ଭାସମାନ ସ୍ତରର ପଦାର୍ଥ କାଢିଆଣିବା; ଉପରଠାଉରିଆଭାବେ କାର୍ଯ୍ୟ କରିବା; (ବହି ପ୍ରଭୃତି ଉପରେ) ଆଖି ବୁଲେଇ ଆଣିବା।

**skimp** କ୍ରି. ମିତବ୍ୟୟୀ ହେବା, ଅତ୍ୟନ୍ତ କମ୍ ଦେବା; ଆବଶ୍ୟକତାରୁ କମ୍ ଯୋଗାଣ କରିବା।

**skimpy** ବିଂ. ଅତ୍ୟଳ୍ପ; ଅଯଥେଷ୍ଟ; କାମି; ଶୀର୍ଣ୍ଣକାୟ (ବ୍ୟକ୍ତି)।

**skin** 1. ବି. ଚର୍ମ, ତ୍ୱକ୍, ଚମଡା; ବୃକ୍ଷର ବକଳ, ଛାଲ; ଚର୍ମନିର୍ମିତ ବସ୍ତୁ; ଚୋପା; ତରଳପଦାର୍ଥ ଉପରିସ୍ଥ ସର; 2. କ୍ରି. ଚମଡା ବା ଛାଲ ଉତାରିଦେବା; ଚାଞ୍ଛିବା; *କ.ଭା.* ଠକିବା; be skin and bone ଶୁଖି କଣ୍ଟା ହୋଇଯିବା; by (with) the skin of one's teeth ଅଳ୍ପକେ, ଅତି କମ୍ ବ୍ୟବଧାନରେ; get under a person's skin *କ.ଭା.* କାହାକୁ ଭୀଷଣ ବିରକ୍ତ କରିବା, ଆକୃଷ୍ଟ ହେବା; have a thick (thin) skin; ଚମଡା ବଧିରା ହେବା, କାହାରି କିଛି କଥା ନ ବାଧିବା (ବା ସହଜରେ ବାଧିବା, ସ୍ପର୍ଶକାତର ହେବା); no skin off one's nose *କ.ଭା.* (କାହାରି) ଯାଏ ଆସେ ନାହିଁ।

**skin-deep** ବିଂ. ବାହ୍ୟସ୍ତରୀୟ; ଗଭୀର ନୁହେଁ।

**skinflint** ବି. କୃପଣ।

**skinful** ବି. *କ.ଭା.* ନିଶାସକ୍ତ କରିବାପାଇଁ ପର୍ଯ୍ୟାପ୍ତ ପରିମାଣର ମଦ୍ୟ ବା ସୁରାସାର।

**skinhead** ବି. ଲଣ୍ଡାମୁଣ୍ଡିଆ ଯୁବକ, ଲଣ୍ଡିତମସ୍ତକ ଦୁର୍ଦ୍ଦାନ୍ତ ଦଳର ସଭ୍ୟ।

**skinny** ବିଂ. ଅତ୍ୟନ୍ତ ରୋଗା, ଅତିକୃଶ; କ୍ଷୀଣକାୟ; ବି. skinniness.

**skint** ବିଂ. *ସା.ପ୍ର.* ଅର୍ଥଶୂନ୍ୟ, କଉର୍ଦ୍ଦିକଶୂନ୍ୟ।

**skin-tight** ବିଂ. ଅତି ଚିପା ବା ଅଙ୍ଗଜଡା (ପୋଷାକ)।

**skip**[1] କ୍ରି. ଲମ୍ଫଦେଇ ପାରିହେବା, ଡେଇଁ ପଡିବା; ଦଉଡିଡିଆଁ କରିବା; ବାଦ୍‌ଦେବା; *କ.ଭା.* (କ୍ଲାସ୍ ପ୍ରଭୃତି) ଜାଣିଶୁଣି ଅନୁପସ୍ଥିତ ରହିବା; ତରତର ହୋଇ ସ୍ଥାନ ଛାଡି ଚାଲିଯିବା; skip it *କ.ଭା.* (ବିଷୟ ପ୍ରଭୃତି) ବାଦ୍‌ଦେବା, ଛାଡିଯିବା।

**skip**[2] ବି. ବାଲ୍‌ଟି ଇତ୍ୟାଦି ପାତ୍ର ଯେଉଁଥିରେ କିଛିପଦାର୍ଥ ଉର୍ଦ୍ଧ୍ୱକୁ ଉଠାଯାଇପାରେ ବା ଅବନମିତ କରାଯାଇପାରେ।

**skipper** ବି. ଜାହାଜର କପ୍ତାନ୍; ଖେଳାଳିମାନଙ୍କ ଦଳର କେପ୍‌ଟେନ୍ ବା ଅଧିନାୟକ।

**skipping-rope** ବି.ଦଉଡିଡିଆଁ ପାଇଁ ବ୍ୟବହୃତ ଲମ୍ବ ଦଉଡି।

**skirl** ବି. କର୍କଶ, ତୀକ୍ଷ୍ଣ ସ୍ୱର।

**skirmish** 1. ବି. ଖଣ୍ଡଯୁଦ୍ଧ, ବାକ୍‌ବିତଣ୍ଡା; 2. କ୍ରି. ଖଣ୍ଡଯୁଦ୍ଧରେ ଲିପ୍ତ ହେବା।

**skirt** 1. ବି. ସ୍କଟ୍, ସ୍ତ୍ରୀଲୋକଙ୍କ ନିମ୍ନାଙ୍ଗ ପରିଧାନ ବିଶେଷ; ଘାଗରା; ଜାମା ଇତ୍ୟାଦିର ଯେଉଁ ଅଂଶ ଅଣ୍ଟା ତଳକୁ ଝୁଲିଥାଏ; ସୀମା, ଧାର, ଶେଷାଂଶ; ସୀମାନ୍ତ; bit of skirt *ସା.ପ୍ର.ଅବ.* ସ୍ତ୍ରୀଲୋକ, ମାଇକିନା; 2. କ୍ରି. (*ସା.* round ସହ) କଡ ବା ସୀମା ଧାରେ ଧାରେ ଯିବା ବା ରହିଯିବା; କୌଣସି ବିଷୟର ମୁଖ୍ୟଭାଗକୁ ଏଡେଇ ଯିବା।

**skit** ବି. କ୍ଷୁଦ୍ର ହାସ୍ୟ ବା ବ୍ୟଙ୍ଗ ନାଟିକା ବା ରଚନା।

Digitized by srujanika@gmail.com

**skittish** ବିଂ. ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ; ମଉଜିଆ; ଅସ୍ଥିର ବା ଲାଜକୁଳା (ଘୋଡା)।

**skittle** ବି. ଯେଉଁ ଖେଳରେ ନଅଟି କାଠଖଣ୍ଡ ମଧ୍ୟଦେଇ ବଲ ଚାଳନା ହୁଏ।

**skive** କ୍ରି. *ସା.ପ୍ର.* କାମ ନ କରି ଠକିବା।

**skivvy** ବି. *କ.ଭା. ଅବ.* ଚାକରାଣୀ।

**skua** ବି. ବୃହଦ୍‌କାୟ ଶିକାରୀ ସାମୁଦ୍ରିକ ପକ୍ଷୀ।

**skulduggery** ବି. ଚାଲାକି; ନୀତିହୀନ ବ୍ୟବହାର।

**skulk** କ୍ରି. ଲୁଚିଲୁଚି ବୁଲିବା; ଲୁଚିରହିବା; ବିପଦ ବା କର୍ତ୍ତବ୍ୟ ଏଡାଇ ଚାଲିବା।

**skull** ବି. ମେରୁଦଣ୍ଡୀପ୍ରାଣୀର ଖପୁରୀ, କରୋଟି।

**skunk** ବି. କଳାଧଳା ରଙ୍ଗର ସ୍ତନ୍ୟପାୟୀ ପ୍ରାଣୀ ବିଶେଷ (ବିପଦ ସମୟରେ ଶରୀରରୁ ଉତ୍କଟ ଦୁର୍ଗନ୍ଧ ତ୍ୟାଗ କରିପାରେ); *କ.ଭା.* ଘୃଣ୍ୟବ୍ୟକ୍ତି।

**sky** 1. ବି. ଆକାଶ, ନଭୋମଣ୍ଡଳ; 2. କ୍ରି. କ୍ରିକେଟ୍ ଖୁବ୍ ଉଚ୍ଚକୁ ବଲ୍ ମାରିବା; to the skies ସୀମାହୀନଭାବେ।

**sky blue** ବିଂ.ବି. ଆକାଶୀ ନୀଳ, ଉଜ୍ଜ୍ୱଳ ନୀଳବର୍ଣ୍ଣ।

**Skye** ବି. ଲମ୍ବ ପୁଚ୍ଛଧାରୀ କୁକୁର ବିଶେଷ।

**skyey** ବିଂ. ଆକାଶପରି ନୀଳ, ଅତ୍ୟୁଚ୍ଚ; ଆକାଶୀ।

**sky-high** କ୍ରି.ବିଂ. ବିଂ. ଅତ୍ୟୁଚ୍ଚ; ଖୁବ୍ ଉଚ୍ଚରେ।

**skyjack** କ୍ରି. *ସା.ପ୍ର.* ଉଡାଜାହାଜ ଅପହରଣ କରିବା।

**skylark** ବି. ଚାତକପକ୍ଷୀ, ଭରତପକ୍ଷୀ ଭଳି ଉଚ୍ଚକୁ ଉଡିଯାଉଥିବାବେଳେ ଗାନକାରୀ ପକ୍ଷୀ।

**skylight** ବି. କାନ୍ଥର ଉପରିଭାଗରେ ବା ଛାତରେ ଥିବା କ୍ଷୁଦ୍ର ଝରକା।

**skyline** ବି. ଚକ୍ରବାଳ, ଦିଗ୍‌ବଳୟ, ଆକାଶର ପୃଷ୍ଠଭୂମିରେ ଦୃଶ୍ୟମାନ ପାହାଡ, ବୃକ୍ଷ ଇତ୍ୟାଦିର ସୀମାରେଖା ବା ଆକୃତି।

**sky-rocket** କ୍ରି. ତୀବ୍ରଗତିରେ ଉର୍ଦ୍ଧ୍ୱକୁ ଉଠିବା ବା ବୃଦ୍ଧିପ୍ରାପ୍ତ ହେବା।

**skyscraper** ବି. ଅତ୍ୟୁଚ୍ଚ ଅଟ୍ଟାଳିକା; ନଭଶ୍ଚୁମ୍ବୀ କୋଠା।

**skyward** 1. କ୍ରି.ବିଂ. ଆକାଶ ଦିଗରେ; 2. ବିଂ. ଆକାଶ ଅଭିମୁଖୀ।

**skyway** ବି. ବିମାନପଥ, ଆକାଶପଥ।

**slab** ବି. ଚେପେଟାଖଣ୍ଡ; ଚଉକୋଣିଆ ଘନ ପଦାର୍ଥ।

**slack**[1] 1. ବିଂ. ଢିଲା, ଶିଥିଳ (ଦଉଡି ବା ଗଣ୍ଠି), ମନ୍ଥର; ନିସ୍ତେଜ, ଅବହେଳାକାରୀ; 2. କ୍ରି. ହୁଗୁଳା କରିବା; *କ.ଭା.* ଥକାମାରିବା, ଅଳସେଇବା; 3. ବି. ହୁଗୁଳା ଦଉଡି; ମାନ୍ଦା ସମୟ; ବ.ବ. ସାଧାରଣ ଭାବରେ ପିନ୍ଧିବାପାଇଁ ଉଦ୍ଦିଷ୍ଟ ଟ୍ରାଉଜର୍ସ; slack off ହୁଗୁଳା କରିବା, ଢିଲା ଛାଡିଦେବା; slack up କାର୍ଯ୍ୟ ତତ୍ପରତା କମେଇଦେବା; ବି. slackness. —

**slack**[2] ବି. କୋଇଲାଗୁଣ୍ଡର ବା ଚୂନ୍ଦୁରା।

**slacken** କ୍ରି. ଢିଲାହେବା; ଶିଥିଳ କରିବା।

**slacker** ବି. ଅଳସୁଆ ବ୍ୟକ୍ତି; କାମଚୋର ଲୋକ।

**slag** 1. ବି. ଧାତୁମଳ; *ସା.ପ୍ର. ଅବ.* ବେଶ୍ୟା; ଦୁଶ୍ଚରିତ୍ରା; 2. କ୍ରି. ଧାତୁମଳ ସୃଷ୍ଟିହେବା; *ସା.ପ୍ର.* ଅପମାନିତ କରିବା; ଗାଳିଦେବା।

**slain** କ୍ରି. slayର *ଅ.କ୍ରି.କ.ପ.।*

**slake** କ୍ରି. ତୃପ୍ତ କରିବା, ଉପଶମ କରିବା; ପାଣି ପ୍ରଭୃତି ମିଶାଇ ହାଲୁକା କରିବା।

**slalom** ବି. ସ—ପ୍ରତିବନ୍ଧକ ସ୍କି ବା ଦୌଡ ପ୍ରତିଯୋଗିତା।

**slam**[1] କ୍ରି. ଧଡ୍‌କିନା ବନ୍ଦ କରିଦେବା, ସଜୋରେ କଚାଡିଦେବା; ହଠାତ୍ ଚାପିଦେବା ବା ଦବେଇବା; *ସା.ପ୍ର.* କଠୋର ସମାଲୋଚନା କରିବା; *କ.ଭା.* ବାଡେଇଦେବା, ପିଟିବା, ସହଜରେ ପରାଜିତ କରିବା।

**slam**[2] ବି. (ତାସ୍‌ଖେଳ) ଖେଳରେ ପ୍ରତ୍ୟେକ ବାଜି ଜିଣିବା।

**slander** 1. ବିଂ. କୁତ୍ସା, ନିନ୍ଦା, ମିଥ୍ୟା ଅପବାଦ, ବିଦ୍ୱେଷମୂଳକ ଅପପ୍ରଚାର; 2. କ୍ରି. ନିନ୍ଦାକରିବା; ବିଂ. slanderous.

**slang** 1. ବି. ଅପଭାଷା; ଚଳନ୍ତି ଅଥଚ ଅମାର୍ଜିତ ଭାଷା; *ଭାଷା.* ସୀମିତ ପ୍ରୟୋଗ (କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଶ୍ରେଣୀ ବା ସଂପ୍ରଦାୟରେ ପ୍ରଚଳିତ); 2. କ୍ରି. ଅଶାଳୀନ ଭାଷା ପ୍ରୟୋଗ କରିବା; ବିଂ. slangy.

**slant** 1. ବି. ଢାଲୁଢାଗା, କ୍ରମନିମ୍ନ ଭୂମି; 2. କ୍ରି. କ୍ରମନିମ୍ନ ହେବା, ଝୁଙ୍କାଇବା, ଗଡାଣିଆ ହେବା; on a (the) slant ଗଡନ୍ତି, ଢାଲୁ।

**slantwise** ବିଂ. ତେରଛା, ବଙ୍କା, ଢାଲୁ।

**slap** 1. କ୍ରି. ଚାପୁଡା ମାରିବା; ଚେପେଟାଘାତ କରିବା; ସଶବ୍ଦେ ମାରିବା; 2. ବି. ଥାପଡ; ଚାପୁଡା; 3. କ୍ରି.ବିଂ. ହଠାତ୍, ପୂରାପୂରି, ସିଧାସିଧି।

Digitized by srujanika@gmail.com

**slap and tickle** ବି. କ.ଭା. ଯୌନମୂଳକ ଫାର୍ସ୍ ବା ହାସ୍ୟଦୃଶ୍ୟ।
**slapdash** ବିଂ. ତରବରିଆ, ଯତ୍ନହୀନଭାବେ।
**slap–happy** ବିଂ. କ.ଭା. ମନଫୁଲାଣିଆ, ମନମଉଜି।
**slap in the face** ବି. ଅପମାନ ବା ଭର୍ତ୍ସନା।
**slap on the back** ବି. ଅଭିନନ୍ଦନ, ସାବାସି।
**slapstick** ବି. ସ୍ଥୂଳତାମସା, ହାସ୍ୟନାଟିକା।
**slap–up** ବିଂ. କ.ଭା. ଚମତ୍କାର; ବର୍ଣ୍ଣାଢ୍ୟ।
**slash** 1. କ୍ରି. ଛୁରୀପ୍ରଭୃତି ଧାରୁଆ ଅସ୍ତ୍ରଦ୍ୱାରା ଆଘାତ କରିବା, କାଟିପକାଇବା, କଠୋରଭାବେ ସମାଲୋଚନା କରିବା; ଦରଦାମ ହ୍ରାସ କରିବା; 2. ବି. କ୍ଷତ; *ସା.ପ୍ର.* ମୁଦ୍ରତ୍ୟାଗ।
**slat** ବି. କାଠ, ଧାତୁ ପ୍ରଭୃତିର ଲମ୍ବାପତଳା ପାତ ବିଶେଷ (ବାଡ ପ୍ରଭୃତିରେ ବ୍ୟବହୃତ)।
**slate** 1. ବି. ଲେଖିବାର ସ୍ଲେଟ, ପ୍ରସ୍ତର ବିଶେଷ; ସ୍ଲେଟପଥର, ପଥର ପଟା, ଘରର ଚାଳର ଆଚ୍ଛାଦନ ନିମନ୍ତେ ବ୍ୟବହୃତ ପଦାର୍ଥ ବିଶେଷ; ନୀଳାଭ ପାଉଁଶିଆ ରଙ୍ଗ; 2. କ୍ରି. କ.ଭା. ତୀବ୍ର ସମାଲୋଚନା କରିବା; *ଆମେ.* କାର୍ଯ୍ୟକ୍ରମର ବ୍ୟବସ୍ଥା କରିବା, (କମିଟି ପ୍ରଭୃତି ପାଇଁ) ସଭ୍ୟ ମନୋନୟନ କରିବା; ବିଂ. slaty.
**slattern** ବି. ଅପରିଚ୍ଛନ୍ନା ସ୍ତ୍ରୀଲୋକ; ବିଂ. slatternly.
**slaughter** 1. କ୍ରି. ଖାଦ୍ୟ, ଚମଡା ପ୍ରଭୃତିପାଇଁ ବା ରୋଗଯୋଗୁଁ ପଶୁପକ୍ଷୀ ହତ୍ୟା କରିବା, ଗଣହତ୍ୟା କରିବା; କ.ଭା. ସଂପୂର୍ଣ୍ଣ ପରାସ୍ତ କରିବା; 2. ବି. ସମୂହହତ୍ୟା, ହତ୍ୟା, ଗଣହତ୍ୟା; ବି. slaughterer.
**slaughterhouse** ବି. ଖାଦ୍ୟ ନିମନ୍ତେ ଜୀବହତ୍ୟା ଗୃହ, କିଲ୍‌ଖାନା।
**Slav** 1. ବି. ମଧ୍ୟ ଏବଂ ପୂର୍ବ ୟୁରୋପର ସ୍ଲାଭୋନିକ୍‌ଭାଷାଭାଷୀ ଜାତିବିଶେଷର ଲୋକ; 2. ବିଂ. ସ୍ଲାଭ୍ ସମ୍ବନ୍ଧୀୟ।
**slave** 1. ବି. କ୍ରୀତଦାସ, ଭୂମିଦାସ, (କ୍ରୀତଦାସଭଳି) ପରିଶ୍ରମୀଲୋକ; ଏକାନ୍ତ ଅନୁଗତ ବ୍ୟକ୍ତି ବା ଭୃତ୍ୟ; 2. କ୍ରି. କଠିନ ପରିଶ୍ରମ କରିବା।
**slave–driver** ବି. କ୍ରୀତଦାସମାନଙ୍କ ପରିଚାଳକ; ଅଧିକ କାମ ଆଦାୟକାରୀ ମାଲିକ।
**slaver**[1] 1. କ୍ରି. ଟୋପା ଟୋପା ହୋଇ ପଡିବା; ଲାଳ ନିଃସୃତ ହେବା, ଚୁମ୍ବନ କରିବାବେଳେ ଲାଳ ଲାଗିବା; 2. ବି. ଲାଳ; ତୋଷାମଦ; ବାଜେକଥା।
**slaver**[2] ବି. ଇତି. କ୍ରୀତଦାସ ବ୍ୟବସାୟରେ ନିଯୁକ୍ତ ଜାହାଜ ବା ବ୍ୟକ୍ତି।
**slavery** ବି. ଦାସତ୍ୱ, ଅଧୀନତା; କ୍ରୀତଦାସ ପ୍ରଥା; କଠୋର ପରିଶ୍ରମ।
**slave–trade** ବି. ଇତି. ଦାସବ୍ୟବସାୟ; କ୍ରୀତଦାସ କିଣାବିକା।
**slavish** ବିଂ. ଦାସୋଚିତ, ଦାସବତ୍; ମୌଳିକତାହୀନ; କ୍ରି.ବିଂ. slavishly.
**Slavonic** 1. ବିଂ. ସ୍ଲାଭ୍‌ଜାତି ବା ଭାଷା ସମ୍ବନ୍ଧିତ; 2. ବି. ରୁଷ୍, ପୋଲିଶ୍, ଚେକ୍ ପ୍ରଭୃତି ସ୍ଲାଭ୍‌ଭାଷା।
**slay** କ୍ରି. *ସାହି.* ହତ୍ୟାକରିବା; ବି. slayer.
**sleazy** ବିଂ. ଅପରିଚ୍ଛନ୍ନ, କଦାକାର, କୁତ୍ସିତ।
**sled** ବି. *ଆମେ.* ଦ୍ର. sledge.
**sledge** ବି. ବରଫଉପରେ ଚାଲିବାପାଇଁ ଉଦ୍ଦିଷ୍ଟ ଗାଡି।
**sledge–hammer** ବି. ଲମ୍ବା ଭାରୀ ହାତୁଡି; ମୁଗ୍‌ଲା; ପ୍ରଚଣ୍ଡ ଆଘାତ।
**sleek** ବିଂ. ମସୃଣ, ଚିକ୍କଣ, କୋମଳ (ଚର୍ମ କେଶ ପ୍ରଭୃତି); ଅତ୍ୟନ୍ତ ମାର୍ଜିତ; ସୁଖୀ, ସନ୍ତୁଷ୍ଟ ଦେଖାଯାଉଥିବା; କ୍ରି.ବିଂ. sleekly; ବି. sleekness.
**sleep** 1. ବି. ନିଦ୍ରା, ଶୟନ, ବିଶ୍ରାମ; ସୁଷୁପ୍ତି; ମୃତ୍ୟୁ; 2. କ୍ରି. ଶୋଇବା; ନିଦ୍ରାଯିବା, ରାତ୍ରିଯାପନ କରିବା; (with together ସହ) ଯୌନ ସହବାସ କରିବା (ବିଶେ. ଶଯ୍ୟାରେ); (on ସହ) ପରବର୍ତ୍ତୀ ଦିନ ପର୍ଯ୍ୟନ୍ତ ଘଡାଇଦେବା; (off ସହ) ନିଦ୍ରାଦ୍ୱାରା କଷ୍ଟ ପ୍ରଭୃତି ଲାଘବ କରିବା; ଗତିହୀନ ବା ନିଷ୍କ୍ରିୟ ରହିବା; get to sleep ଶୋଇପଡିବା; go to sleep ଶୋଇବାକୁ ଯିବା; ଝିମ ହୋଇଯିବା ବା ଝୁନ୍‌ଝୁନି ମାରିବା (ଅଙ୍ଗପ୍ରତ୍ୟଙ୍ଗ); put to sleep ଅଚେତନ କରିବା; sleep around କ.ଭା. ବିଭିନ୍ନ ବ୍ୟକ୍ତିଙ୍କ ସାଙ୍ଗରେ ଯୌନ ସହବାସ କରିବା।
**sleeper** ବି. ନିଦ୍ରାମଗ୍ନ ବ୍ୟକ୍ତି; ବସ୍ ବା କାରରେ ଶୋଇବା ସ୍ଥାନ; ରେଳପୋଲକୁ ଧରି ରଖୁଥିବା ପଟା; କାନର ଫୋଡକୁ ମେଲା ରଖିବାପାଇଁ ବ୍ୟବହୃତ କାଠି, ରିଙ୍ଗ ପ୍ରଭୃତି।
**sleeping partner** ବି. ସଂସ୍ଥାର ପ୍ରକୃତ କାର୍ଯ୍ୟକଳାପରେ ଭାଗନେଉ ନ ଥିବା ଅଂଶୀଦାର।
**sleeping–pill** ବି. ନିଦବଟିକା।

Digitized by srujanika@gmail.com

**sleepless** ବିଂ. ବିନିଦ୍ର, ନିଦ୍ରାହୀନ; ସଦାକର୍ମତତ୍ପର; ବି. sleeplessness.
**sleep-walk** କ୍ରି. ନିଦ୍ରିତଅବସ୍ଥାରେ ଚଲାବୁଲା କରିବା; ବି. sleepwalker.
**sleepy** ବିଂ. ନିଦ୍ରାଳୁ, ନିଦୁଆ; ଶାନ୍ତ, ନିଷ୍କ୍ରିୟ, ନିସ୍ତେଜ; କ୍ରି.ବିଂ. sleepily.
**sleet** ବି. ଏକତ୍ର ବର୍ଷା ଏବଂ ବରଫପାତ; ବରଫ ବା କରକା ବୃଷ୍ଟି ପରେପରେ ତରଳିଯିବା; ବିଂ. sleety.
**sleeve** ବି. ଜାମାର ଆସ୍ତିନ; ସାର୍ଟର ଯେଉଁ ଅଂଶ ହସ୍ତ ଆଚ୍ଛାଦନ କରେ; ଗ୍ରାମୋଫୋନ୍ ରେକର୍ଡ଼ର ଘୋଡଣି; up one's sleeve ଭବିଷ୍ୟତ ପାଇଁ ସଂରକ୍ଷିତ ବସ୍ତୁ ବା କୌଶଳ; ବିଂ. sleeved.
**sleeveless** ବିଂ. ହାତକଟା (ବ୍ଲାଉଜ୍ ବା ଜାମା)।
**sleigh** 1. ବି. ସ୍ଲେଜ୍‌ଗାଡ଼ି; 2. କ୍ରି. ସ୍ଲେଜ୍‌ରେ ଯାତାୟାତ କରିବା।
**sleight of hand** ବି. ହସ୍ତ–କୌଶଳ, ଚାତୁରୀ, ବିଶେ. ଯାଦୁବିଦ୍ୟା ପ୍ରଦର୍ଶନରେ।
**slender** ବିଂ. ସରୁ, କ୍ଷୀଣାଙ୍ଗ, ପତଳା; ଅପେକ୍ଷାକୃତ ଅଳ୍ପ, ସାମାନ୍ୟ ବା ଅଯଥେଷ୍ଟ।
**slept** କ୍ରି. sleepର *ଅ.କା., ଅ.କ୍ରି.କ.ପ.।*
**sleuth** ବି. ଗୋଇନ୍ଦା।
**sleuth–hound** ବି. ଘ୍ରାଣଶକ୍ତି ସାହାଯ୍ୟରେ ଅନୁସରଣ କରିପାରୁଥିବା ପ୍ରଶିକ୍ଷିତ କୁକୁର।
**slew**[1] କ୍ରି. slayର *ଅ.କା.।*
**slew**[2] କ୍ରି. (slue ମଧ୍ୟ) ବଳପୂର୍ବକ ଘୂରାଇ ଏକ ନୂଆ ସ୍ଥିତିକୁ ଆଣିବା।
**slice** 1. ବି. ପତଳାଖଣ୍ଡ ବା ଟୁକୁରା, ଅଂଶ, ଭାଗ; 2. କ୍ରି. ପତଳାଖଣ୍ଡଗୁଡ଼ିକରେ କାଟିବା; (off ସହ) କାଟିପକେଇବା।
**slick** 1. ବିଂ. କୁଶଳୀ, ଦକ୍ଷ; ପ୍ରତାରଣାପୂର୍ଣ୍ଣ; ଚିକ୍କଣ, ପିଚ୍ଛିଳ; 2. ବି. ସମୁଦ୍ରଉପରେ ଭାସମାନ ପେଟ୍ରୋଲ୍ ପ୍ରଭୃତି; 3. କ୍ରି. ଫିଟ୍‌ଫାଟ୍ କରିବା, (କେଶ) ଚାପିକରି କୁଣ୍ଡେଇବା।
**slide** 1. କ୍ରି. ଗଡ଼ାଇନେବା; ଭୂମିରେ ଗଡ଼ିଗଡ଼ି ବା ଖସିଖସିଯିବା; ଯଥାସମ୍ଭବ ନିଃଶବ୍ଦରେ ଚାଲିବା; 2. ବି. ପର୍ବତ ବା ଉଚ୍ଚସ୍ଥାନରୁ ପ୍ରସ୍ତରାଦିର ପତନ, ଗଡ଼ାଣିଆ ସ୍ଥାନ; ପ୍ରୋଜେକ୍ଟର୍ ମାଧ୍ୟମରେ ଦୃଶ୍ୟ ପାରଦର୍ଶୀ ଛବି, ଅଣୁବୀକ୍ଷଣଯନ୍ତ୍ରରେ ଦୃଶ୍ୟ ବସ୍ତୁ ସମନ୍ୱିତ କାଚଫଳକ।
**slight** 1. ବିଂ. ଛୋଟ, ସାମାନ୍ୟ, ତୁଚ୍ଛ, ଲଘୁ, ଈଷତ୍, ଅଳ୍ପ, ସାମାନ୍ୟ, ଦୁର୍ବଳ; 2. କ୍ରି. ଅବହେଳା କରିବା, ଅବଜ୍ଞା କରିବା; 3. ବି. ଅବହେଳା, ଉପେକ୍ଷା, ଅବଜ୍ଞା, ଅବମାନନା; କ୍ରି.ବିଂ. slightly; ବି. slightness.
**slim** 1. ବିଂ. କ୍ଷୀଣାଙ୍ଗୀ ବା କ୍ଷୀଣାଙ୍ଗ, ପତଳା, ସାମାନ୍ୟ, ଅଯଥେଷ୍ଟ; 2. କ୍ରି. ସଂଯତ ଭୋଜନ ଏବଂ କସରତ ସାହାଯ୍ୟରେ ଓଜନ କମାଇବା, ଛୋଟ ବା ସଂକ୍ଷିପ୍ତ କରିଦେବା; ବି. slimmer; ବି. ଓ ବିଂ. slimming; ବିଂ. slimmish.
**slime** ବି. ଜୀବଜନ୍ତୁ ବା ଉଦ୍‌ଭିଦ ତ୍ୟାଗକରୁଥିବା ଅଠାଳିଆ ବା କାଦୁଅଭଳି ପଦାର୍ଥ।
**slimline** ବିଂ. କ୍ଷୀଣ ବା କୃଶ ଆକାରବିଶିଷ୍ଟ।
**slimy** ବିଂ. ଅଠାଳିଆ କାଦୁଅ ଭଳି ବା ସେଥିରେ ଆବୃତ; *କ.ଭା.* ବିରକ୍ତିକରଭାବେ ଦାସ୍ୟଭାବ ପ୍ରଦର୍ଶନକାରୀ।
**sling**[1] 1. ବି. ପ୍ରସ୍ତରାଦି ନିକ୍ଷେପ କରିବାର ଶସ୍ତ୍ର; (କିଛି ଝୁଲାଇବା ପାଇଁ) ଫିତା; ଆଘାତପ୍ରାପ୍ତ ହାତ ଟେକିହୋଇ ରହିବାପାଇଁ ବେଣ୍ଡେଜ୍; 2. କ୍ରି. ଫୋପାଡ଼ିବା, ଫିଙ୍ଗିବା; ଅଳଗାଭାବେ ଝୁଲାଇବା; ଫିତା ବା ରଜ୍ଜୁଦ୍ୱାରା ଝୁଲାଇବା; sling one's hook *ଗା.ପ୍ର.* ଚାଲିଯିବା।
**sling**[2] ବି. ସୁରାସାର ଓ ପାଣିମିଶ୍ରିତ ସୁମିଷ୍ଟ ପାନୀୟ।
**slink** କ୍ରି. ଚୋରଭଳି ଚୁପିଚୁପି ଯିବା, ଲୁଚି ପଳାୟନ କରିବା।
**slinky** ବିଂ. ଲୁଚିଛପି; (ପୋଷାକ) ଅଙ୍ଗଲଗା; ଅଙ୍ଗପ୍ରତ୍ୟଙ୍ଗର ବର୍ତ୍ତୁଳତା ପ୍ରଦର୍ଶନକାରୀ।
**slip**[1] 1. କ୍ରି. ଖସିବା; (ଗୋଡ଼) ଖସିଯିବା; ଭାରସାମ୍ୟ ହରାଇବା, ଖସି ପଡ଼ିଯିବା, ଖସି ଚାଲିଯିବା, ଭୁଲ କରିବା, ସ୍ୱଚ୍ଛନ୍ଦରେ ବା ତରତରରେ (ପୋଷାକ) ପରିଧାନ କରିବା ବା ଖୋଲିପକାଇବା; 2. ବି. ସ୍ଖଳନ; ଶାୟା, ପେଟିକୋଟ୍ ପ୍ରଭୃତି ଅଧୋବାସ; ତକିଆଖୋଳ; ଲେଖାରେ ସାମାନ୍ୟ ଭୁଲ୍, ଲିପିପ୍ରମାଦ; କ୍ରିକେଟ୍ ଅଫ୍‌ସାଇଡ୍ ଦିଗରେ ପ୍ରେରିତ ବଲ୍‌ପାଇଁ ଉଦ୍ଦିଷ୍ଟ କ୍ଷେତ୍ରରକ୍ଷକ ବା ସେହିସ୍ଥାନ; give person the slip (କାହାଠାରୁ) ଖସି ଚାଲି ଆସିବା, ଏଡ଼ାଇଦେବା; let slip ଭୁଲରେ କହି ହୋଇଯିବା; slip up *କ.ଭା.* ଭୁଲ୍ କରିଦେବା।

Digitized by srujanika@gmail.com

**slip**[2] ବି. ଚିରିକୁଟି, କାଗଜ ଟୁକୁରାଏ; (ଗଛର) କଲମିକରା ଅଂଶ ।

**slip**[3] ବି. ମାଟିପାତ୍ର ସୁନ୍ଦର କରିବାପାଇଁ ଗିଲା ବା ଚକଟାମାଟି ।

**slip–carriage** ବି. ଦ୍ରୁତଗାମୀ ଟ୍ରେନ ଶେଷରେ ଯୋଡା ହୋଇଥିବା ଡବା, ଯାହାକୁ ଆବଶ୍ୟକ ବେଳେ ପୃଥକ୍ କରିଦିଆଯାଇପାରେ ।

**slip–knot** ବି. ଟାଣିଦେଲେ ସହଜରେ ଫିଟିଯାଉଥିବା ଗଣ୍ଠି ।

**slip of the tongue (pen)** ବି. ଅସାବଧାନତାବଶତଃ ଘଟିଯାଉଥିବା ଛୋଟ ଭୁଲ୍ ।

**slipped disc** ବି. ମେରୁଦଣ୍ଡସ୍ଥିତ କୌଣସି ସ୍ଥାନଚ୍ୟୁତ ଡିସ୍କଜନିତ ଯନ୍ତ୍ରଣା ।

**slipper** ବିଂ. ଘରମଧରେ ପିନ୍ଧିବା ଚପଲ, ସ୍ଲିପର(ଚପଲ) ।

**slippery** ବିଂ. (ମସୃଣତା ବା ଆର୍ଦ୍ରତାଯୋଗୁଁ) ପିଚ୍ଛିଳ; ନିର୍ଭରଯୋଗ୍ୟ ନୁହେଁ; ନୀତିବିହୀନ; ବି. slipperiness.

**slippy** ବିଂ. *କ.ଭା.* ଖସଡା ।

**slipshod** ବିଂ. ଚଟିଜୋତା ପରିହିତ; ଅମନୋଯୋଗୀ, ଅଯତ୍ନକୃତ ।

**slip–up** ବି. ଭୁଲ୍, ଗଳତି ।

**slipway** ବି. (ଡକ୍ ଇତ୍ୟାଦିରେ) ପୋତାଗମ ବା ଜାହାଜନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଢାଲୁସ୍ଥାନ ।

**slit** 1. *କ୍ରି.* କାଟି ଫାଳ କରିବା, ଲମ୍ବଭାବରେ କାଟିବା; 2. ବି. ଲମ୍ବା, ଅଣଓସାରିଆ କ୍ଷତ ବା ଫାଟ; ଫାଟ; ଲମ୍ବାଳିଆ, ଅଣଓସାରିଆ ମୁହଁ (ବାକ୍ସ ପ୍ରଭୃତିର) ।

**slither** *କ୍ରି.* ଡରବର ହୋଇ ବା ଅସ୍ଥିରଭାବରେ ରଙ୍ଗିଯିବା ବା ଖସଡ଼ିବା; ବିଂ. **slithery**.

**sliver** 1. ବି. ଫାଳ ବା ଫାଳିଆ; ଲମ୍ବା, ପତଳା କଟାହୋଇଥିବା ଅଂଶ ବା ଖଣ୍ଡ; 2. ଏଭଳି ଫାଳିଆ ବା ଖଣ୍ଡଖଣ୍ଡ କରିବା ।

**slob** ବି. *କ.ଭା. ଅବ.* ଅଳସୁଆ, ଅପରିଚ୍ଛନ୍ନ ବା ମୋଟାବ୍ୟକ୍ତି ।

**slobber** *କ୍ରି.* ଲାଳ ନିଃସୃତ ହେବା, ଲାଳରେ ଭିଜିବା ।

**sloe** ବି. ଏକଜାତୀୟ ବନ୍ୟଗୁଳ୍ମ ଓ ଏହାର ନୀଳାଭ କୃଷ୍ଣବର୍ଣ୍ଣ କୋଳି ।

**slog** 1. *କ୍ରି.* ( ବିଶେ. ବକ୍ସିଂ ଓ କ୍ରିକେଟ୍‌ରେ) ଜୋରରେ ବାଡେଇବା; ସ୍ଥିରଭାବେ କଠୋର ପରିଶ୍ରମ କରିବା; 2. ବି. ପ୍ରଚଣ୍ଡ ମାଡ; ସ୍ଥିର, ଏକନିଷ୍ଠ ଅଧ୍ୟବସାୟ ।

**slogan** ବି. ସ୍ଲୋଗାନ୍; କୌଣସି ଦଳ ବା ଗୋଷ୍ଠୀର ଧ୍ୱନି, ରଣଧ୍ୱନି; ବିଜ୍ଞାପନ ପ୍ରଭୃତିରେ ବ୍ୟବହୃତ ଆକର୍ଷକ ଶବ୍ଦଗୁଚ୍ଛ ବା ପଦ ।

**sloop** ବି. ଏକ ମାସ୍ତୁଲ ବିଶିଷ୍ଟ ହାଲୁକା ପୋତ ବିଶେଷ ।

**slop** 1. *କ୍ରି.* ଚହଲି ପଡିବା, ଉପୁଚାଇ ପଡିଯିବା, ଛଲକିବା; 2. ବି. ଛଲକାପାଣି ବା ତରଳ ପଦାର୍ଥ; ସ୍ୱାଦୁହୀନ ତରଳଖାଦ୍ୟ; ଅସଂଯତ ବା ଆବେଗପୂର୍ଣ୍ଣ ଭାଷା; ରୋଷାଇଘର ଇତ୍ୟାଦିର ମଇଳାଜଳ ।

**slope** 1. ବି. ଢାଲୁଜାଗା, ଗଡ଼ାଣି, ଗଡ଼ା, ଗଡ଼ନ୍ତି; 2. *କ୍ରି.* ଗଡାଣିଆ ହେବା, ଗଡ଼ାଣିରେ ଗଡ଼ିବା; slope off *ସା.ପ୍ର.* କାମ ଏଡ଼େଇବା ନିମନ୍ତେ ଖସି ଚାଲିଯିବା ।

**sloppy** ବିଂ. ଭିଜା ଓ ମଇଳା; ପାଣିଆ; ଓଦା; ଅଯତ୍ନକୃତ; ଅଶୃଙ୍ଖଳିତ; ତରଳ; ଅସଂଯତ, ନିର୍ବୋଧଭାବରେ ଭାବପ୍ରବଣ; *କ୍ରି.ବିଂ.* slo–ppily; ବି. sloppiness.

**slosh** 1. *କ୍ରି.* ଓଦା କରିବା, ପାଣି ଛିଞ୍ଚାଡିବା; *ସା.ପ୍ର.* ଜୋର୍‌ରେ ଆଘାତ କରିବା; *କ.ଭା.* (ତରଳ ପଦାର୍ଥ) ଢାଳିବା; 2. ବି. *ସା.ପ୍ର.* ଜୋର୍ ଆଘାତ ବା ମାଡ଼ ।

**sloshed** ବିଂ. *ସା.ପ୍ର.* ନିଶାଗ୍ରସ୍ତ ।

**slot** ବି. ସରୁ ଛିଦ୍ର ବା ଅଣଓସାରିଆ ମୁହଁ (ପଇସା ପ୍ରଭୃତି ଗଳେଇବା ପାଇଁ); (ବେତାର/ ଟେଲିଭିଜନ ପ୍ରସାରଣ ପାଇଁ) କାର୍ଯ୍ୟକ୍ରମର ଉଦ୍ଦିଷ୍ଟ ସମୟ ।

**sloth** ବି. ଆଳସ୍ୟ; ମନ୍ଥରଗତି ବିଶିଷ୍ଟ, ଦକ୍ଷିଣଆମେରିକାର ବୃକ୍ଷଜୀବୀ ସ୍ତନ୍ୟପାୟୀ ଜନ୍ତୁ ବିଶେଷ ।

**slothful** ବିଂ. କୁଡିଆ, ଅଳସୁଆ ।

**slot–machine** ବି. ଯେଉଁ ଯନ୍ତ୍ର ଗର୍ଭରେ ପଇସା ଗଳାଇଲେ ତାହାଭିତରୁ ସେହି ମୂଲ୍ୟର ଜିନିଷ ବାହାରି ଆସେ ।

**slouch** 1. *କ୍ରି.* ଝୁଙ୍କିହୋଇ ଠିଆହେବା, ବସିବା ବା ଚାଲିବା; 2. ଝୁଙ୍କାଭଙ୍ଗୀ; *ସା.ପ୍ର.* ଅଯୋଗ୍ୟ ବା ନିକୃଷ୍ଟଧରଣର କର୍ମୀ ।

**slouch hat** ବି. ଚଉଡା, ନମନୀୟ ଧାରବିଶିଷ୍ଟ ଏକପ୍ରକାର ଟୋପି ।

Digitized by srujanika@gmail.com

**slough**[1] ବି. ପଙ୍କିଳସ୍ଥାନ, ଜଳଭୂମି, ଗଭୀର କର୍ଦ୍ଦମପୂର୍ଣ୍ଣ ସ୍ଥାନ ବା ଗର୍ତ୍ତ; ସନ୍ତସନ୍ତିଆ ଜାଗା ।

**slough**[2] 1. ବି. ସାପର କାତି, କ୍ଷତାଦିରୁ ଖସିପଡୁଥିବା ଖଁଟି ବା ବକଳା; 2. *କ୍ରି.* କାତି ଛାଡିବା; ଖଁଟି ବା ବକଳା ଛାଡିବା; ଖୋଳପା ତ୍ୟାଗ କରିବା ।

**Slough of Despond** ବି. ନୈରାଶ୍ୟଜନିତ ମାନସିକ ଅବସାଦଗ୍ରସ୍ତ ଅବସ୍ଥା ।

**Slovak** 1. ବି. ସ୍ଲୋଭାକିଆ ଭାଷା ବା ବ୍ୟକ୍ତି; 2. ବିଂ. ସ୍ଲୋଭାକ୍‌ଜାତି ବା ସେମାନଙ୍କ ଭାଷା ସମ୍ବନ୍ଧୀୟ ।

**sloven** ବି. ମଇଳା ପୋଷାକ ପିନ୍ଧାଲୋକ; ଅପରିଚ୍ଛନ୍ନିଆ ଲୋକ ।

**slovenly** ବିଂ. ମଇଳା; ପୋଷାକ ସମ୍ବନ୍ଧରେ ଯତ୍ନହୀନ, ଅପରିଚ୍ଛନ୍ନ, କଦର୍ଯ୍ୟଭାବେ ସଂପାଦିତ, ଶୃଙ୍ଖଳାହୀନ; ବି. slovenliness.

**slow** 1. ବିଂ. ଧୀର, ମନ୍ଥର, ମନ୍ଦଗତି; ମନ୍ଦବୁଦ୍ଧି, ବିଳମ୍ବକାରୀ, ଆଶୁଫଳହୀନ; ମାନ୍ଦା (ବ୍ୟବସାୟ ପ୍ରଭୃତି); (ଘଣ୍ଟା ସମ୍ବନ୍ଧରେ) ଠିକ୍ ସମୟର ପଶ୍ଚାଦ୍‌ବର୍ତ୍ତୀ; 2. *କ୍ରିଂ.ବିଂ.* ଧୀର ବା ମନ୍ଥର ଗତିରେ; 3. *କ୍ରି.* ବେଗ ହ୍ରାସକରିବା; ଧୀରେଇବା; *କ୍ରିଂ.ବିଂ.* slowly; ବି. slowness.

**slowcoach** ବି. ମନ୍ଥର କିମ୍ବା ଅଳସୁଆ ବ୍ୟକ୍ତି ।

**slow–down** ବି. ବେଗ ବା କାର୍ଯ୍ୟତପରତା ହ୍ରାସକରଣ ।

**slow–worm** ବି. ଇଉରୋପ୍‌ର କ୍ଷୁଦ୍ର ପାଦହୀନ ଝିଟିପିଟିଜାତୀୟ ପ୍ରାଣୀ ।

**sludge** ବି. ଅଠାଳିଆ କାଦୁଅ, ପଙ୍କ, କସ୍ଟ; ନର୍ଦ୍ଦମା; ବିଂ. sludgy.

**slue** *କ୍ରି.* ବିକ. slew *ଦ୍ର.* ।

**slug**[1] ବି. ଖୋଳପାହୀନ ଗେଣ୍ଡାଜାତୀୟ ଶସ୍ୟଭୋଜୀ ପ୍ରାଣୀ; ଏକପ୍ରକାର କ୍ଷେପଣାସ୍ତ୍ର; ଗୁଳି ବା କ୍ଷେପଣାସ୍ତ୍ର; ମୁହଁଭର୍ତ୍ତି ପାନୀୟ (ସୁରାସାର) ।

**slug**[2] 1. *କ୍ରି.* ଜୋର୍ ଆଘାତ କରିବା; 2. ବି. ଜୋର୍ ଆଘାତ ।

**sluggard** ବି.ଅଳସୁଆ ବା ଢିଲାପ୍ରକୃତିର ଲୋକ ।

**sluggish** ବିଂ. ଅଳସ, କୁଡିଆ, ଜଡ଼, ଢିଲା, ମନ୍ଥରଗତି; *କ୍ରି.ବିଂ.* sluggishly; ବି. sluggishness.

**sluice** 1. ବି. ଜଳରାଶିର ବେଗ ଓ ପରିମାଣ ନିୟନ୍ତ୍ରଣ କରିବାର ଦରଜା ବିଶେଷ, ଜଳଦ୍ୱାର; 2. *କ୍ରି.* ଜଳପ୍ଲାବିତ କରିବା, ବେଗରେ ନିର୍ଗତ ହେବା, ବହିଲା ପାଣିରେ ଧୋଇବା ବା ଅଂଖାଳିବା ।

**slum** ବି. ବାସ–ଅନୁପଯୋଗୀ ଘର; ବସ୍ତି ଅଞ୍ଚଳ; ଯେଉଁ ଅଞ୍ଚଳରେ ଦରିଦ୍ରତମ ଲୋକମାନେ ବାସ କରନ୍ତି; slum it ଅପେକ୍ଷାକୃତ ନିକୃଷ୍ଟ ବା ସ୍ୱାଚ୍ଛନ୍ଦ୍ୟହୀନ ଅବସ୍ଥାରେ ଚଳିବା ବା ଚଳେଇନେବା ।

**slumber** *କ୍ରି. କାବ୍ୟ.* ନିଦ୍ରାଯିବା ।

**slumberous** ବିଂ. *କାବ୍ୟ.* ନିଦ୍ରାଳୁ, ନିଦ୍ରାଜନକ ।

**slump** 1. *କ୍ରି.* ଜୋର୍‌ରେ ବା ହଠାତ୍ ପଡିଯିବା; (ବ୍ୟବସାୟ, ଦର ଇତ୍ୟାଦିର) ହଠାତ୍ ମାନ୍ଦା ଅବସ୍ଥା ଆସିଯିବା; 2. ବି. ମାନ୍ଦାଅବସ୍ଥା, ଜିନିଷପତ୍ରର ବଜାରଦର ବା ଚାହିଦାର ଆକସ୍ମିକ ପତନ ।

**slung** *କ୍ରି.* slingର *ଅ.କା.* ଏବଂ *ଅ.କ୍ରି.ଢ.ପ.* ।

**slur** 1. *କ୍ରି.* ଅସ୍ପଷ୍ଟଭାବେ ଉଚ୍ଚାରଣ କରିବା ବା ଲେଖିବା; *ପ୍ରା.ପ୍ର.* କଳଙ୍କ ଆରୋପ କରିବା; 2. ବି. ଦୋଷାରୋପ ।

**slurp** *କ୍ରି. କ.ଭା.* ତରଳପଦାର୍ଥ ସଶବ୍ଦେ ପାନ କରିବା, ହାପୁଡିବା ।

**slurry** ବି. ଅର୍ଦ୍ଧ–ତରଳ ସିମେଣ୍ଟ, କାଦୁଅ, ଗିଲା, ଖତ ପ୍ରଭୃତି ।

**slush** ବି. ପାଣିଆକାଦୁଅ; କାଦୁଆ ବରଫ; ନିର୍ବୋଧ ଭାବାବେଗ; ବିଂ. slushy.

**slush fund** ବି. ସଂରକ୍ଷିତ ଧନ; ରାଜନୈତିକ ଉତ୍କୋଚ ପାଇଁ ଉଦ୍ଦିଷ୍ଟ ଅର୍ଥ ।

**slut** ବି. *ସ୍ତ୍ରୀ.ପ୍ର.* ଅପରିଚ୍ଛନ୍ନା ବା ଅସତ୍ ଚରିତ୍ରା ନାରୀ; ବିଂ. sluttish.

**sly** ବିଂ. ଧୂର୍ତ୍ତ, ଶଠ; ଚାତୁର୍ଯ୍ୟର ସହିତ ସଂପାଦିତ, ଜାଣିସିଆଣିଆ; on the sly ଗୋପନ ଭାବରେ; *କ୍ରି.ବିଂ.* slyly; ବି. slyness.

**Sm** *ପ୍ର.* samarium ସମରିଅମ୍ ।

**smack**[1] 1. ବି. ଶବ୍ଦ ଚାପୁଡା ବା ମାଡ; କ୍ରିକେଟ୍ ସଶବ୍ଦ ପ୍ରହାର; ତୀବ୍ର ଶବ୍ଦ; ସଶବ୍ଦେ ଚୁମ୍ବନ; 2. *କ୍ରି.* ଚାପୁଡା ମାରିବା, ସପାଟ୍ କରି ଶବ୍ଦ ହେବା ବା କରିବା (ଚାବୁକ); ଖାଦ୍ୟ ଆଶାରେ ସଶବ୍ଦେ ଓଠଦୁଇଟି ଫାଙ୍କ କରିବା;

Digitized by srujanika@gmail.com

ସଶବ୍ଦେ ମାଡଦେବା; 3. କ୍ରି.ବିଂ. କ.ଭା. ସଟାକ୍‌କରି; ହଠାତ୍, ସିଧାସଳଖ ବା ଆକ୍ରାମକ ଭାବେ; ସିଧା (smack in the centre), smack in the eye (face); କ.ଭା. ହୁରୁଡାଇଦେବା; ପ୍ରତ୍ୟାଖ୍ୟାନ କରିବା ।

**smack²** 1. କ୍ରି. (of ସହ) ସ୍ୱାଦୁ ବା ସୁଗନ୍ଧ ଅନୁଭବ କରିବା; 2. ବି. ସୁଗନ୍ଧ (ଖାଦ୍ୟ ବା ପାନୀୟର) ।

**smack³** ବି. ଏକମାସ୍ତୁଲ ବିଶିଷ୍ଟ ପୋତ ବା ନୌକା ।

**smack⁴** ବି. ସା.ପ୍ର. ହେରୋଇନ୍ ବା ସେଭଳି କୌଣସି ଉତ୍କଟ ନିଶାଦ୍ରବ୍ୟ ।

**smacker** ବି. ସା.ପ୍ର. ସଶବ୍ଦ ଚୁମ୍ବନ; ଏକ ପାଉଣ୍ଡ ବା ଡଲାର୍ ।

**small** 1. ବିଂ. ଛୋଟ, କ୍ଷୁଦ୍ର, ଅକିଞ୍ଚିତ୍କର, ସାମାନ୍ୟ, ଅଳ୍ପ; ଗୁରୁତ୍ୱହୀନ; ଦରିଦ୍ର, ଦୀନ; ଅଖ୍ୟାତ; ହୀନ, ନୈତିକତାହୀନ, ଅନୁଦାର; 2. ବି. କୌଣସି ବସ୍ତୁର ପତଳା ଭାଗ (ଯଥା ପିଠିର); ବ.ବ. କ.ଭା. ଅନ୍ତର୍ବାସ; feel (look) small ନ୍ୟୂନ ମନେକରିବା, ଅପମାନିତ ବା ଲଜ୍ଜିତ ବୋଧକରିବା; ବିଂ. smallish; ବି. smallness.

**small arms** ବି. ବ.ବ. ବହନଯୋଗ୍ୟ କ୍ଷୁଦ୍ର ଆଗ୍ନେୟାସ୍ତ୍ର ।

**small fry** ବି. ମହତ୍ତ୍ୱହୀନ ଲୋକମାନେ; ଛୋଟ ଛୁଆମାନେ ।

**smallholder** ବି. କ୍ଷୁଦ୍ର ଅଂଶୀଦାର, ଅଳ୍ପ ଜମିର ମାଲିକ ।

**smallholding** ବି. ଅପେକ୍ଷାକୃତ ଅଳ୍ପ ଭୂସମ୍ପତ୍ତି ।

**small hour** ବି. ବ.ବ. ମଧ୍ୟରାତ୍ରିର ଅବ୍ୟବହିତ ପରବର୍ତ୍ତୀ କାଳ ।

**small-minded** ବିଂ. କ୍ଷୁଦ୍ରମନା; ସଂକୀର୍ଣ୍ଣମନା ।

**smallpox** ବିଂ. ବସନ୍ତରୋଗ ।

**small-scale** ବିଂ. ଛୋଟ ବା ସୀମିତ ଆକାରରେ କରାଯାଉଥିବା (ବ୍ୟବସାୟ, ଶିଳ୍ପ ପ୍ରଭୃତି) ।

**small talk** ବି. ହାଲୁକା, ସାମାଜିକ କଥାବାର୍ତ୍ତା ।

**small-time** ବିଂ. କ.ଭା. କ୍ଷୁଦ୍ର, ଗୁରୁତ୍ୱବିହୀନ, ଛୋଟକାଟିଆ ।

**smarm** 1. କ୍ରି. କ.ଭା. ଲେପନ କରିବା, ବୋଳିବା (ତୈଳ); ତେଲେଇବା, କାହାକୁ ଖୁସି କରିବାପାଇଁ ଚେଷ୍ଟା କରିବା; 2. ବି. ଅତ୍ୟଧିକ ଦାସ୍ୟଭାବ ।

**smarmy** ବିଂ. କ.ଭା. ଖୋସାମତିଆ; ତେଲିଆ; (କାହାକୁ) ଖୁସି କରିବାପାଇଁ ଉଦ୍ୟମଶୀଳ; କ୍ରି.ବିଂ. smarmily; ବି. smarminess.

**smart** 1. ବିଂ. ସୁବେଶ, ସୁନ୍ଦର ପୋଷାକ ପରିହିତ; ସୁଶିକ୍ଷିତ; ପରିଚ୍ଛନ୍ନ, ବର୍ଣ୍ଣାଢ୍ୟ; ରଙ୍ଗୀନ; ଆଧୁନିକ ବେଶପରିପାଟୀ ଏବଂ ଆଚାର ବ୍ୟବହାରଯୁକ୍ତ; ମାର୍ଜିତ; ଉତ୍ସାହୀ, ପ୍ରାଣବନ୍ତ; ପ୍ରତ୍ୟୁତ୍ପନ୍ନମତି, ଚତୁର, ଚାଲାକ; ତୀକ୍ଷ୍ଣ, ତୀବ୍ର, ଉଗ୍ର; 2. ବି. (ଦୈହିକ ବା ମାନସିକ) ତୀବ୍ର ଜ୍ୱାଳା ବା ଯନ୍ତ୍ରଣା; 3. କ୍ରି. ତୀବ୍ର ଯନ୍ତ୍ରଣା ଅନୁଭବ କରିବା; ଚାଇଁଚାଇଁ ମାରିବା; 4. କ୍ରି.ବିଂ. ଚଟାପଟ୍; ପରିଚ୍ଛନ୍ନତା ସହିତ; କ୍ରି. smarten; ବିଂ. କ୍ରି.ବିଂ. smartish; କ୍ରି.ବିଂ. smartly; ବି. smartness.

**smart alec (aleck)** ବି. କ.ଭା. ପ୍ରୌଢ଼ୀ, ନିଜକୁ ଜ୍ଞାନୀ ବୋଲି ଗର୍ବ କରୁଥିବା ବ୍ୟକ୍ତି ।

**smart money** ବି. ଅଭିଜ୍ଞଭାବେ ଖଟାଯାଉଥିବା ଧନ ।

**smash** 1. କ୍ରି.ବିଂ. ଚୂର୍ଣ୍ଣବିଚୂର୍ଣ୍ଣ କରିବା, ପେଷିଦେବା; ଖଣ୍ଡ ଖଣ୍ଡ ବା ଟୁକୁରା ଟୁକୁରା କରି ଭାଙ୍ଗିଦେବା; ସଂପୂର୍ଣ୍ଣରୂପେ ପରାସ୍ତ କରିବା; ଦେବାଳିଆ ହେବା; ଧ୍ୱଂସ ହୋଇଯିବା; 2. ବି. ଚୂର୍ଣ୍ଣ—ବିଚୂର୍ଣ୍ଣକରଣ, ଦୁର୍ଘଟଣା, ଦୁର୍ଦୈବ, ଧକ୍କା; ଦେବାଳିଆ ଅବସ୍ଥା ।

**smasher** ବି. କ.ଭା. ସୁନ୍ଦର, ମନଲୋଭା ବସ୍ତୁ ବା ବ୍ୟକ୍ତି ।

**smashing** ବିଂ. କ.ଭା. ଅସ୍ୱାଭାବିକରୂପେ ଭଲ; ଚମତ୍କାର; ଉତ୍କୃଷ୍ଟ ।

**smash hit** ବି. ଅତି ସଫଳ ଗୀତ, ସିନେମା ପ୍ରଭୃତି ।

**smash-up** ବି. ଧକ୍କା; ଭୟଙ୍କର ଦୁର୍ଘଟଣା ।

**smatterer** ବି. ଯାହାର ଉପରଠାଉରିଆ ଜ୍ଞାନ ଅଛି; ପଲ୍ଲବଗ୍ରାହୀ ।

**smattering** ବି. ଅଳ୍ପ ବା ଉପରଠାଉରିଆ ଜ୍ଞାନ (ଭାଷା ପ୍ରଭୃତିର) ।

**smear** 1. କ୍ରି. ଚର୍ବି ଇତ୍ୟାଦିଦ୍ୱାରା ଲେପନ କରିବା; ବୋଳିବା; ଚର୍ବି ଇତ୍ୟାଦି ପ୍ରୟୋଗ କରିବା; ବଦନାମ କରିବା; 2. ବି. ଲେପନ; (ଚିକିତ୍ସା) ପରୀକ୍ଷା ପାଇଁ ସ୍ଲାଇଡ୍‌ରେ ଲେପନ; କଳଙ୍କ, ଦାଗ; ବିଂ. smeary.

Digitized by srujanika@gmail.com

**smell** 1. *କ୍ରି.* ଶୁଂଘିବା, ଘ୍ରାଣନେବା, ଆଘ୍ରାଣ କରିବା; ବାସ୍ନା ପାଇବା ବା ବାରିବା; ଗନ୍ଧେଇବା; ଅନୁମାନ କରିବା, 2. *ବି.* ଗନ୍ଧ, ବାସ, ସୁଗନ୍ଧ, ଘ୍ରାଣଶକ୍ତି; smell a rat ସନ୍ଦିଗ୍ଧ ହେବା, ଦୁରଭିସନ୍ଧି ଥିବା ସନ୍ଦେହ କରିବା; smell out ଗନ୍ଧ ବାରି ବା ଅନୁସନ୍ଧାନ କରି ରହସ୍ୟ ଉନ୍ମୋଚନ କରିବା।

**smelling–salts** *ବି.ବ.ବ.* ମୂର୍ଚ୍ଛାରୋଗ ଇତ୍ୟାଦିର ଔଷଧରୂପେ ବ୍ୟବହୃତ ଉଗ୍ର ଗନ୍ଧ ବିଶିଷ୍ଟ ପଦାର୍ଥ ବିଶେଷ।

**smelly** *ବିଂ.* ଦୁର୍ଗନ୍ଧଯୁକ୍ତ; ତୀବ୍ରଗନ୍ଧଯୁକ୍ତ; *ବି.* smelliness.

**smelt**[1] *କ୍ରି.* ଅପରିଷ୍କାର ଖଣିଜପଦାର୍ଥ ତରଳାଇ ଧାତୁ ନିଷ୍କାସନ କରିବା; *ବି.* smelter.

**smelt**[2] *ବି.* ଛୋଟ ଛୋଟ ଖାଦ୍ୟୋପଯୋଗୀ ଧଳା ଏବଂ ଖାଗୁଆ ମାଛ ବିଶେଷ।

**smelt**[3] *କ୍ରି.* smellର *ଅ.କା.*ଏବଂ *ଅ.କ୍ରି.ଜ.ପ.।*

**smew** *ବି.* ଏକପ୍ରକାର ବତକ।

**smidgen, smidgin** *ବି. କ.ଭା.* କିଛି ପରିମାଣ, କ୍ଷୁଦ୍ର ଅଂଶ।

**smilax** *ବି.* ଲତା ବିଶେଷ; ଘରେ ସଜ୍ଜୀକରଣ ନିମନ୍ତେ ଲଗାଯାଇଥିବା ଲତାଳିଆ ଗଛ।

**smile** 1. *କ୍ରି.* ମୃଦୁହାସ୍ୟ କରିବା; ମୁରୁକି ହସିବା, ଆନନ୍ଦିତ ହେବା; 2. *ବି.* ସ୍ମିତ ହସ, ଈଷଦ୍‌ହାସ୍ୟ, ପ୍ରଫୁଲ୍ଲ ବଦନ, ଅନୁଗ୍ରହ।

**smiling** *ବିଂ.* ହସହସ, ପ୍ରଫୁଲ୍ଲ; *ବିଂ.* smilingly.

**smirch** 1. *କ୍ରି.* ମଳିନ କରିବା; ଲେପନ କରିବା; ବଦନାମ କରିବା; 2. *ବି.* ଦାଗ, କଳଙ୍କ।

**smirk** 1. *କ୍ରି.* କପଟହାସ୍ୟ କରିବା, ବାହ୍ୟ ସଦୟଭାବ ଦେଖାଇବା; 2. *ବି.* କପଟହାସ୍ୟ, ନିର୍ବୋଧ ହସ।

**smite** *କ୍ରି. ପ୍ରା.ପ୍ର.* ପ୍ରହାର କରିବା, ଶାସ୍ତିଦେବା; *ଅ.କ୍ରି.ଜ.ପ.*ରେ ଅଭିଭୂତ କରିବା; ଆଘାତ ପାଇବା, ଆହତ ହେବା।

**smith** *ବି.ସଂ* ଧାତୁଶିଳ୍ପୀ, *ବିଶେ.* blacksmith କମାର, ଲୁହୁରା; କାରିଗର (*ଯଥା* word-smith).

**smithereens** *ବି.* ଛୋଟ ଛୋଟ ଟୁକୁରା।

**smithery** *ବି.* ଧାତୁଶିଳ୍ପୀର କାର୍ଯ୍ୟ।

**smithy** *ବି.* କମାରଶାଳ।

**smitten** *କ୍ରି.* smiteର *ଅ.କ୍ରି.ଜ.ପ.।*

**smock** *ବି.* ଢିଲା ବହିର୍ବାସ, ଶେମିଜ।

**smocking** *କ୍ରି.* ଉପରପିନ୍ଧା ଲମ୍ବା ଢିଲାକୋଟ୍ ବା ସେମିଜର ବେକ ଓ ହାତର ଉପର ଓ ଶେଷାଂଶକୁ କୁଞ୍ଚ କୁଞ୍ଚ କରିବା।

**smog** *ବି.* ଧୂଆଁ ଏବଂ କୁହୁଡିର ମିଶ୍ରଣ; *ବିଂ.* smoggy.

**smoke** 1. *ବି.* ଧୂମ, ନିଆଁ; ଧୂମପାନ; 2. *କ୍ରି.* ଧୂମାୟିତ ହେବା, ଧୂମନିର୍ଗତ ହେବା; ଧୂମପାନ କରିବା, ସାମାନ୍ୟ ଅଭ୍ୟାସଗତଭାବେ ବିଡି, ସିଗାରେଟ୍ ଟାଣିବା; go up in smoke *କ.ଭା.* ନିଷ୍ଫଳ ହେବା; smoke out ଧୂଆଁଦେବା. ଧୂଆଁ କରି ଉଡାଇ ଦେବାର ଚେଷ୍ଟାକରିବା।

**smoke bomb** *ବି.* ଧୂଆଁ ଛାଡୁଥିବା ବୋମା।

**smoke–free** *ବିଂ.*ଧୂମରହିତ; ଯେଉଁଠି ଧୂମପାନ ନିଷିଦ୍ଧ।

**smokeless** *ବିଂ.* ଧୂମହୀନ; ଧୂମରହିତ।

**smoker** *ବି.* ଧୂମଦ୍ୱାରା ଯିଏ ଶୁଷ୍କ କରେ; ଅଭ୍ୟାସଗତ ଧୂମପାୟୀ; ଧୂମପାନ ନିଷିଦ୍ଧ ହୋଇ ନ ଥିବା ସ୍ଥାନ (ରେଳଡବା ପ୍ରଭୃତି)।

**smokescreen** *ବି.* ଧୂମ ମେଘଜାଲ (ଯୁଦ୍ଧସମୟରେ ସୃଷ୍ଟ); ଅସଲି କାର୍ଯ୍ୟକଳାପ ଲୁଚାଇବା ପାଇଁ କରାଯାଉଥିବା କାର୍ଯ୍ୟ।

**smoking–room** *ବି.* ହୋଟେଲ ପ୍ରଭୃତିରେ ଧୂମପାନ ନିମନ୍ତେ ଉଦ୍ଦିଷ୍ଟ ପ୍ରକୋଷ୍ଠ।

**smoky** *ବିଂ.* ଧୂମବଦ୍, ଧୂଆଁଳିଆ, ଧୂମ ପରିପୂର୍ଣ୍ଣ, ଧୂମମୟ; ଧୂଆଁରେ ଆଚ୍ଛାଦିତ; *ବି.* smoki-ness.

**smolder** *ଆମେ. ଦ୍ର.* smoulder.

**smooch** *ବି. କ.ଭା.* ମନ୍ଥର, ନିବିଡ ନୃତ୍ୟର ଅବଧି; ଚୁମ୍ବନରତ ବା ଆଲିଙ୍ଗନରତ ସମୟ; *ବିଂ.* smoochy.

**smooth** 1. *ବିଂ.* ସମତଳ, ମସୃଣ, ଚିକ୍କଣ, କୋମଳ, ସହଜ, ସ୍ନିଗ୍ଧ, ଶାନ୍ତ; ଅପ୍ରତିହତ; 2. *କ୍ରି.* ସମାନ ବା ମସୃଣ କରିବା; *କ୍ରି.ବିଂ.* smoothly; *ବି.* smoothness.

**smoothing–iron** *ବି.* ଇସ୍ତ୍ରୀ।

**smooth–tongued** *ବିଂ.* ମିଷ୍ଟଭାଷୀ, ତୋଷାମଦିଆ।

**smorgasbord** *ବି.* ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ, ଖାଦ୍ୟ ପ୍ରଭୃତି ଏକତ୍ର।

Digitized by srujanika@gmail.com

**smote** କ୍ରି. smiteର ଅ.କା. ।
**smother** କ୍ରି. ଶ୍ୱାସରୁଦ୍ଧ କରିବା; ଚାପିଦେବା, ଶ୍ୱାସରୁଦ୍ଧ କରି ମାରିବା, ନିଃଶ୍ୱାସ ବନ୍ଦ କରିବା; ଅଣନିଃଶ୍ୱାସୀ ହେବା; ଆଦର, ଉପହାର; ଚୁମ୍ବନାଦିରେ ଅଭିଭୂତ କରିବା; ସଂପୂର୍ଣ୍ଣ ଆବୃତ କରିବା, (up ସହ) ଲୁଚାଇବା; ଦବେଇଦେବା ।
**smoulder** କ୍ରି. ଧିକିଧିକି କରି ପୋଡିବା ବା ଜଳିବା; ପ୍ରଚଣ୍ଡ କିନ୍ତୁ ଅବଦମିତ (ଭାବପ୍ରବଣତା) ଦେଖାଇବା ।
**smudge** 1. ବି. ଅସ୍ପଷ୍ଟ ବା ଲେପି ହୋଇଯାଇଥିବା ରେଖା, ଚିହ୍ନ ପ୍ରଭୃତି; 2. କ୍ରି. (ଲେଖା ପ୍ରଭୃତି) ଅସ୍ପଷ୍ଟ କରିବା; ମଇଳା ଦାଗ କରିବା; ବିଂ. smudgy.
**smug** ବିଂ. ଆତ୍ମସନ୍ତୁଷ୍ଟ; କ୍ରି.ବିଂ. smugly; ବି. smugness.
**smuggle** କ୍ରି. ଶୁଳ୍କ ନ ଦେଇ ଆମଦାନୀ–ରପ୍ତାନି କରିବା; ଚୋରାକାରବାର କରିବା; ଗୋପନରେ ଜିନିଷପତ୍ର ସରବରାହ କରିବା; ବି. smuggler; ବି. smuggling.
**smut** 1. ବି. ଧୂଆଁ ବା ଝୁଲ ବା ତାହାର ଦାଗ; ମଇଳାଦାଗ; ଶସ୍ୟର ରୋଗ ବିଶେଷ; ଅଶ୍ଳୀଳ କଥା, ଛବି ଗପ ପ୍ରଭୃତି; 2. କ୍ରି. ଧୂଳି ବା ଝୁଲଦ୍ୱାରା ମଇଳାହେବା; ମଳିନ କରିବା; ଝୁଲଲାଗିବା, ଝୁଲରେ ପରିଣତ ହେବା; ବି. smutty.
**Sn** ପ୍ର. tin ଟିଣ ।
**snack** ବି. ହାଲୁକା, ତରବରିଆ ବା କାମଚଳା ଅଳ୍ପାହାର; ଜଳଖିଆ ।
**snack bar** ବି. ଅଳ୍ପାହାର ଦୋକାନ; ଯେଉଁଠି ହାଲୁକା ବା କାମଚଳା ଜଳଖିଆ ମିଳେ ।
**snaffle (snaffle–bit)** ବି. ଲଗାମ ବିଶେଷ ।
**snag** ବି. ଅପ୍ରତ୍ୟାଶିତ ପ୍ରତିବନ୍ଧକ ବା ଅସୁବିଧା, ବାଧା; ଦନ୍ତୁରିତ ବସ୍ତୁ ବା ତା'ର ଅଂଶ ।
**snail** ବି. ଗେଣ୍ଡା; ଘୋଙ୍ଗି ।
**snail's pace** ବି. (ଗେଣ୍ଡାଭଳି) ଧୀର ଗତି; ମନ୍ଥର ଗତି ।
**snake** 1. ବି. ସାପ; snake in the grass ଗୋପନ ଶତ୍ରୁ; ବିଶ୍ୱାସଘାତକ; 2. କ୍ରି. ସର୍ପିଳ ଗତିରେ ଯିବା ।
**snake–charmer** ବି. ସାପୁଆକେଳା ।
**snakes and ladders** ବି. ସାପ–ଶିଡି ଖେଳ ।
**snakeskin** 1. ବି. ସାପଛାଲ ବା ଚମଡା; 2. ବିଂ. ସାପଛାଲରେ ତିଆରି ।
**snaky** ବିଂ. ସାପଭଳି; ସର୍ପବତ୍; ସର୍ପିଳ; ଧୂର୍ତ୍ତ, ବିଶ୍ୱାସଘାତକ ।
**snap** 1. କ୍ରି. ମଟ୍ କରି ଭାଙ୍ଗିଯିବା, କଟ୍ କରି କାମୁଡିବା; ହଠାତ୍ କାମୁଡିବା, ଚଟ୍‌କରି ଖୋଲିବା ବା ବନ୍ଦ କରିବା, ମଟ୍‌କରି ଶବ୍ଦ କରିବା; କଠୋର ବା ରୁକ୍ଷ ସ୍ୱରରେ କହିବା; ଦାନ୍ତରେ ଫଟେଇବା; 2. ବି. ହଠାତ୍ ଶବ୍ଦକରି ଭଗ୍ନକରଣ; କଟ୍ କରି ବା ହଠାତ୍ କାମୁଡିବା; ପ୍ରାଣପ୍ରାଚୁର୍ଯ୍ୟ; କୁରୁମୁରିଆ ବିସ୍କୁଟ୍; ଫଟୋ, 3. କ୍ରି.ବିଂ ଠକ୍‌କିନା; 4. ବିଂ. ହଠାତ୍ କରାଯାଇଥିବା (କାର୍ଯ୍ୟ); snap up ଚଟ୍‌କରି ବା ଆଗ୍ରହର ସହ (ପ୍ରସ୍ତାବ ପ୍ରଭୃତି) ଗ୍ରହଣ କରିବା ।
**snapdragon** ବି. ଦ୍ୱି–ଓଷ୍ଠ ଫୁଲବିଶିଷ୍ଟ ଗଛ ବିଶେଷ ।
**snappish** ବିଂ. ରୋକଠୋକ; ବଦ୍‌ମିଜାଜୀ; ତୀବ୍ର; ଭଙ୍ଗପ୍ରବଣ ।
**snappy** ବିଂ. କ.ଭା. ବଦ୍‌ମିଜାଜୀ; ରୁକ୍ଷ; ପ୍ରାଣବନ୍ତ ଓ କର୍ମଚଞ୍ଚଳ; ପରିଚ୍ଛନ୍ନ ଓ ସୁବେଶ ।
**snapshot** ବି. ଫଟୋ, ଆଲୋକଚିତ୍ର; ଲକ୍ଷ୍ୟ ସ୍ଥିରକରିବାର ସମୟ ନ ପାଇ ନିକ୍ଷିପ୍ତ ବନ୍ଧୁକର ଗୁଳି ।
**snare** 1. ବି. ଫାନ୍ଦ, ଫାଶ; ପ୍ରଲୋଭନ; 2. କ୍ରି. ଫାନ୍ଦରେ ପକାଇବା, ପ୍ରଲୁବ୍ଧ କରିବା, ଫସେଇବା ।
**snarl**[1] କ୍ରି. ଖିଙ୍କାରିହେବା; କ୍ରୁଦ୍ଧ ଗର୍ଜନ କରିବା, ଖିଙ୍କାରି କଥା କହିବା ।
**snarl**[2] 1. କ୍ରି. ଯୋଡିହେବା; ଗୁଡେଇହେବା, (ରାସ୍ତାରେ) ଭିଡ଼ ହୋଇ ଯାତାୟତ କଷ୍ଟକର ହେବା; 2. ବି. ଗଣ୍ଠି; ଅଡୁଆତଡୁଆ ।
**snarl–up** ବି. କ.ଭା. ଟ୍ରାଫିକ୍‌ଜାମ୍; ଅସମ୍ଭବ ଗହଳି; ବିଭ୍ରାଟ ।
**snatch** 1. କ୍ରି.କାଢିନେବା; ଛଡାଇନେବା; ହଠାତ୍ ବା ସଜୋରରେ ଧରିବାର ବା ଟାଣିନେବାର ଚେଷ୍ଟାକରିବା; ହାତବେଗ୍, ହାର ପ୍ରଭୃତି ଟାଣିନେବା (ଚୋରଦ୍ୱାରା); ସା.ପ୍ର. (ବ୍ୟକ୍ତିକୁ) ଅପହରଣ କରିବା; 2. ବି. ଅପହରଣ; ଗୀତ ପ୍ରଭୃତିର ଅଂଶ; ହଠାତ୍ ଚେଷ୍ଟା; ଅସଂପୂର୍ଣ୍ଣ ଖଣ୍ଡ, ଅଳ୍ପକାଳବ୍ୟାପୀ କାର୍ଯ୍ୟ ।

Digitized by srujanika@gmail.com

**snazzy** ବିଂ.*ସାପ୍ର.* ପ୍ରାଣବନ୍ତ, ସୁବେଶ, ଚମତ୍କାର; ଦେଖାଣିଆ; ଦେଖେଇହେଉଥିବା; *କ୍ରି.ବିଂ.* snazzily; *କ୍ରି.ବିଂ.* snazziness.

**sneak** 1. *କ୍ରି.* ଲୁଚି ଲୁଚି ପଳାୟନ କରିବା, ଗୋପନରେ ପଳେଇଯିବା ବା ପଠାଇଦେବା; ନୀଚ ବ୍ୟବହାର କରିବା; *ସା.ପ୍ର.* କେହି ନ ଦେଖିବାବେଳେ ନେଇଯିବା; *ସା.ପ୍ର.* ମନରୁ ଫାନ୍ଦି କହିବା; ମୁଖବିରି କରିବା; 2. *ବି.* ହୀନ ମନୋବୃତ୍ତିର ଲୋକ; କାପୁରୁଷ; ମୁଖବିର; 3. *ବିଂ.* ଗୁପ୍ତ; ଲୁଚାଚୋରା; *ବିଂ.* sneaky.

**sneakers** *ବି.* କୋମଳ କେନ୍‌ଭାସ୍ ଜୋତା।

**sneaking** *ବିଂ.* ଭିତରେ ଭିତରେ ସାଧିତ; ଯାହା ଗୋପନରେ କରାଯାଏ; *କ୍ରି.ବିଂ.* sneakingly.

**sneak thief** *ବି.* ଛୋଟକାଟିଆ ଚୋର।

**sneer** 1. *କ୍ରି.* ମୁଖ ବିକୃତକରି କହିବା; ତାଚ୍ଛଲ୍ୟ କରି ହସିବା; ଅଶ୍ରଦ୍ଧା ପ୍ରଦର୍ଶନ କରିବା; ଉପହାସ କରିବା, ହେୟଜ୍ଞାନ କରିବା; 2. *ବି.* ଅବଜ୍ଞାପୂର୍ଣ୍ଣ ହସ ବା ମନ୍ତବ୍ୟ।

**sneering** *ବିଂ.*ଅବଜ୍ଞାପୂର୍ଣ୍ଣ; ତାଚ୍ଛଲ୍ୟସୂଚକ (ହସ, ମନ୍ତବ୍ୟ ବା ମୁଖଭଙ୍ଗୀ); *କ୍ରି.ବିଂ.* sneeringly.

**sneeze** 1. *କ୍ରି.* ଛିଙ୍କ; 2. *ବି.* ଛିଙ୍କିବା; not to be sneezed at *କ.ଭା.* ବିଚାରଯୋଗ୍ୟ; ପ୍ରଣିଧାନଯୋଗ୍ୟ; ଗ୍ରହଣୀୟ।

**snick** 1. *କ୍ରି.* ଛୋଟ ଗର୍ତ୍ତ ବା କଣା କରିବା; କ୍ରିକେଟ୍ ବେଟ୍‌ଦ୍ୱାରା ବଲ୍‌ର ଦିଗ ସାମାନ୍ୟ ପରିବର୍ତ୍ତନ କରିଦେବା; 2. *ବି.* ସାମାନ୍ୟକଟା, ବେଟ୍‌ରେ ବଲ୍ ଧୀରେ ମାରି ଦିଗପରିବର୍ତ୍ତନକରଣ।

**snicker** *ବି. କ୍ରି.* ଚାପାହସ (ହସିବା)।

**snide** *ବିଂ. କ.ଭା.* ଅବଜ୍ଞାପୂର୍ଣ୍ଣ; ଅବଜ୍ଞାସୂଚକ।

**sniff** 1. *କ୍ରି.* ଶୁଂଘିବା; ନିଃଶ୍ୱାସରେ (ଗନ୍ଧ ପ୍ରଭୃତି) ଟାଣିନେବା; ଶବ୍ଦକରି ନିଃଶ୍ୱାସ ନେବା, ନିଃଶ୍ୱାସଦ୍ୱାରା ଗନ୍ଧ ନେବା (ଫୁଲଆଦିରୁ), 2. *ବି.* ନିଃଶ୍ୱାସଗ୍ରହଣ ବା ନିଃଶ୍ୱାସଗ୍ରହଣର ଶବ୍ଦ; ଆଘ୍ରାଣ; sniff at ଗନ୍ଧେଇବା; ଘୃଣା ବା ଅବଜ୍ଞା ପ୍ରଦର୍ଶନ କରିବା।

**sniffer** *ବି.* ନିଃଶ୍ୱାସଦ୍ୱାରା (ନିଶାଦ୍ରବ୍ୟ ପ୍ରଭୃତି) ଟାଣିବାରେ ଅଭ୍ୟସ୍ତ ବ୍ୟକ୍ତି; ଆଘ୍ରାଣକାରୀ।

**sniffer–dog** *ବି.* ଆଘ୍ରାଣଦ୍ୱାରା ନିଶାଦ୍ରବ୍ୟ, ବିସ୍ଫୋରକ ପ୍ରଭୃତି ଠାବ କରିବାପାଇଁ ପ୍ରଶିକ୍ଷିତ କୁକୁର।

**sniffle** *କ୍ରି.* ଶୁଂଘିବା; ଆଘ୍ରାଣ କରିବା; ନିଃଶ୍ୱାସଦ୍ୱାରା ନାକପୁଡ଼ାଭିତରକୁ ଟାଣିବା।

**sniffy** *ବିଂ. କ.ଭା.* ଘୃଣାପୂର୍ଣ୍ଣ, ସାମାନ୍ୟ ଦୁର୍ଗନ୍ଧଯୁକ୍ତ; *କ୍ରି.ବିଂ.* sniffily; *ବି.* sniffiness.

**snigger** *ବି.* (ଅଶ୍ଳୀଳ ବିଷୟରେ) ଚାପାହସ।

**snip** 1. *କ୍ରି.* କତୁରୀଦ୍ୱାରା, ବିଶେ. ଶୀଘ୍ରଶୀଘ୍ର କାଟିପକାଇବା; 2. *ବି.* କର୍ତ୍ତନ; *ସା.ପ୍ର.* ସହଜ କାମ; ମନଲାଖି ଦର; ଦର କଷାକଷି।

**snipe** 1. *ବି.* କାଦୁଅଖୁମ୍ପିଭଳି ଏକପକ୍ଷୀ; 2. *କ୍ରି.* ଲୁଚିବାସ୍ଥାନରୁ ଗୁଳି ମାରିବା; ପରୋକ୍ଷ କଟୁ ସମାଲୋଚନାର ଶରବ୍ୟ କରିବା; *ବି.* sniper.

**snippet** *ବି.* କୌଣସି ପଦାର୍ଥର କଟା ଅଂଶ; କର୍ତ୍ତିତାଂଶ; ସୂଚନା ବା ସମ୍ବାଦ; ବିଶେଷ ପୁସ୍ତକପ୍ରଭୃତିର ଉଦ୍ଧୃତାଂଶ।

**snitch** 1. *କ୍ରି. ସା.ପ୍ର.* ଚୋରି କରିବା; ମୁଖବିରି କରିବା; 2. *ବି.* ମୁଖବିର; (ଅନ୍ୟ କାହା ସଂପର୍କରେ) ଗୋପନରେ ସମ୍ବାଦ ବା ସୂଚନା ଦେଉଥିବା ବ୍ୟକ୍ତି।

**snivel** 1. *କ୍ରି.* ସିଂଘାଣି ବହିବା; ଶିଶୁଙ୍କପରି ଅଳ୍ପକେ କାନ୍ଦିବା; ନାକରେ କଥା କହି ଅନୁଯୋଗ କରିବା; ନାକ ବହିବା; 2. *ବି.* ନାକକାନ୍ଦଣା; (ବହୁଥିବା) ସିଂଘାଣି।

**snob** *ବି.* ବଡଲୋକୀ ଦେଖାଉଥିବା ବ୍ୟକ୍ତି; ଧନ; ପ୍ରତିପତ୍ତି, ଆଭିଜାତ୍ୟ, ଜ୍ଞାନ ପ୍ରଭୃତିରେ ନ୍ୟୂନତର ବ୍ୟକ୍ତିଙ୍କୁ ହେୟଜ୍ଞାନ; *ବି.* snobbery; *ବିଂ.* snobbish, snobby.

**snog** *କ୍ରି. ସା.ପ୍ର.* ଚୁମ୍ବନ, ଆଦର, ସୋହାଗ ବା ଆଲିଙ୍ଗନ କରିବା।

**snood** *ବି.* କାରୁକାର୍ଯ୍ୟମଣ୍ଡିତ କେଶବନ୍ଧନୀ; କେଶଜାଲ (ମୁଣ୍ଡର ପଛପଟେ ପିନ୍ଧିବାପାଇଁ)।

**snook** *ବି. ସା.ପ୍ର.* ନାକ ଉପରେ ବୃଦ୍ଧାଙ୍ଗୁଳି ଏବଂ ଅନ୍ୟ ଆଙ୍ଗୁଠିଗୁଡିକ ମେଲାରଖି ଅବଜ୍ଞାଭଙ୍ଗୀ ପ୍ରଦର୍ଶନ; ଅବଜ୍ଞା ପ୍ରଦର୍ଶନ।

**snooker** 1. *ବି.* ସ୍ନୁକର୍; ଏକପ୍ରକାର ଖେଳ (ଯେଉଁ ଖେଳରେ ପନ୍ଦରଟି ଲାଲ ଓ ଛଅଟି ଅନ୍ୟ ରଙ୍ଗର ବଲ୍ ଗୋଟିଏ ବିଲିଆର୍ଡ ଟେବୁଲ ଉପରେ ଖେଳାଯାଏ); 2. *କ୍ରି.* (snookered *ବିଂ.*) *ସା.ପ୍ର.* ଦବେଇଦେବା; ହରାଇବା।

**snoop** 1. *କ୍ରି. କ.ଭା.* ଅନ୍ୟର ବ୍ୟକ୍ତିଗତ ବିଷୟ ଜାଣିବାଲାଗି ଆଗ୍ରହ ପ୍ରକାଶ କରିବା; ଗୋପନରେ

Digitized by srujanika@gmail.com

ତଦନ୍ତ କରିବା; 2. ବି. ତଦନ୍ତ; (ଗୁପ୍ତକଥା ଜାଣିବାପାଇଁ) ଉତ୍ସୁକତା ।

**snoot** ବି. ନାକ ।

**snooty** ବିଂ. କ.ଭା. ଅହମିକାପୂର୍ଣ୍ଣ; ଉଦ୍ଧତ; ଫୁଟାଣିଆ ।

**snooze** 1. କ୍ରି. କ.ଭା. ଅଳ୍ପସମୟ ପାଇଁ ଶୋଇବା; ଢୁମାଇପଡିବା; 2. ବି. ଅଳ୍ପନିଦ୍ରା ।

**snore** 1. କ୍ରି. ଘୁଙ୍ଗୁଡି ମାରିବା; 2. ବି. ଘୁଙ୍ଗୁଡି; ବି. snorer.

**snorkel** ବି. ଜଳ ଭିତରେ ସନ୍ତରଣକାରୀ ନିଃଶ୍ୱାସନେବା ନିମନ୍ତେ ବ୍ୟବହୃତ ନଳୀ ବିଶେଷ; ବୁଡାଜାହାଜକୁ ବାୟୁ ପ୍ରବାହିତ କରିବାର ଉପକରଣ ।

**snort** 1. ବି. (ଘୋଡାର) ହ୍ରେଷାରବ; (ମଣିଷ) ଘୋଡା ହିଁହିଁହିଁନାଇବା ଭଳି ଶବ୍ଦ କରିବା; ଅବଜ୍ଞାସୂଚକ ଶବ୍ଦ କରିବା; ଅଳ୍ପ ପରିମାଣର ମଦ; *ସା.ପ୍ର.* କୋକେନ୍ ପ୍ରଭୃତି ନିଶାଗୁଣ୍ଡ ନାସାରେ ଗ୍ରହଣ; ତା'ର ପରିମାଣ; 2. କ୍ରି. (ଘୋଡାର) ହ୍ରେଷାରବ ବା ସେଭଳି ଶବ୍ଦ କରିବା; ନାସାରନ୍ଧ୍ରରେ କୋକେନ୍ ସେବନ କରିବା ।

**snorter** ବି. *ସା.ପ୍ର.* ଦୁରୂହ ବା ଉତ୍ସାହଜନକ କୌଣସି ବସ୍ତୁ ।

**snorty** ବିଂ. ଅଧୀର, ବଦମିଜାଜୀ ।

**snot** ବି. *ସା.ପ୍ର.* ସିଙ୍ଘାଣି ।

**snotty** ବିଂ. *ସା.ପ୍ର.* ସିଙ୍ଘାଣିନକା; ସିଙ୍ଘାଣିବୋଳା; ଘୃଣ୍ୟ(ବ୍ୟକ୍ତି); ଫୁଟାଣିଆ ।

**snout** ବି. ଥୋଥନା, ପଶୁର ଲମ୍ବାନାକ ଓ ମୁଖ; ମଣିଷର ନାକ; ବସ୍ତୁର ନାକୁଆ ବା ଗୋଜିଆ ଅଂଶ ।

**snow** 1. ବି. ତୁଷାର, ବରଫ, ବରଫବର୍ଷା; ବରଫର ସ୍ତର; ବରଫସଦୃଶ ବସ୍ତୁ; *ସା.ପ୍ର.* କୋକେନ୍; 2. କ୍ରି. ବରଫ ପଡିବା; be snowed under ବ୍ୟତିବ୍ୟସ୍ତ ହେବା (*ବିଶେ.* କାମ ଚାପାରେ) ।

**snowball** 1. ବି. ବରଫର ଗୋଳା ବା ବଲ୍ (ଫୋପାଡି ଖେଳିବା ପାଇଁ); 2. କ୍ରି. ବରଫଗୋଲା ଫୋପାଡିବା; ଦ୍ରୁତଗତିରେ ବୃଦ୍ଧି ପାଇବା ।

**snowball–tree** ବି. ଗୁଏଲ୍ଡର ଗୋଲାପ ।

**snowberry** ବି. ଧଳାରଙ୍ଗର କୋଳି ଫଳୁଥିବା ଗୁଳ୍ମ ବିଶେଷ ।

**snow–blindness** ବି. ତୁଷାରପ୍ରଭାରେ ନଷ୍ଟ ଦୃଷ୍ଟି, ହିମାନ୍ଧତା; ବିଂ. snow -blind.

**snowblower** ବି. ବରଫ ଉଡେଇ ସଫାକରିବା ଯନ୍ତ୍ର ।

**snowbound** ବିଂ. ଗଭୀର ତୁଷାରପାତଯୋଗୁଁ ଅଟକି ରହିବା ।

**snowcapped** ବିଂ. ତୁଷାରମଣ୍ଡିତ, ତୁଷାରାବୃତ; ବି. snowcap.

**snowdrift** ବି. ବାୟୁତାଡିତ ତୁଷାରରାଶି ।

**snowdrop** ବି. ଆଦ୍ୟବସନ୍ତରେ ଝୁମ୍ପାହୋଇ ଫୁଟୁଥିବା ଧଳାଫୁଲର ଗଛ ।

**snowfall** ବି. ତୁଷାରପାତ ବା ତା'ର ପରିମାଣ ।

**snowflake** ବି. ପାତଳତୁଷାର; ବର୍ଷୁଥିବା ବରଫଖଣ୍ଡ ।

**snow goose** ବି. ଆର୍କଟିକ୍ ଅଞ୍ଚଳର ଧଳାହଂସ ।

**snowline** ବି. ଚିର ତୁଷାରରେଖା, ହିମରେଖା ।

**snowman** ବି. ତୁଷାରମାନବ, ହିମାଳୟରେ ବାସ କରୁଥିବା କଥିତ ମାନବ ଆକୃତିର ପ୍ରାଣୀ; ବରଫନିର୍ମିତ ମାନବାକୃତି ମୂର୍ତ୍ତି ।

**snowplough** ବି. *ଆମେ.* snowplow ରାସ୍ତା ବା ରେଳପଥ ଉପରୁ ତୁଷାର ସଫା କରିବାରେ ବ୍ୟବହୃତ ଲଙ୍ଗଳପରି ଯନ୍ତ୍ର ।

**snowshoe** ବି. ବରଫ ଉପରେ ବ୍ୟବହୃତ ଜୋତା, ତୁଷାରପାଦୁକା ।

**snow–spectacles** ବି. ତୁଷାରଦୀପ୍ତିରୁ ଚକ୍ଷୁକୁ ରକ୍ଷା କରିବାଲାଗି ବ୍ୟବହୃତ ଚଷମା ।

**snowstorm** ବି. ତୁଷାର ଝଡ; ହିମଝଡ; ପ୍ରବଳ ଝଡସହ ତୁଷାରପାତ ।

**snow white** ବି. ଓ ବିଂ. ତୁଷାରଧବଳ; ଉଜ୍ଜ୍ୱଳ ଧଳାରଙ୍ଗ ।

**snowy** ବିଂ. ବରଫ ସଦୃଶ, ତୁଷାରମୟ, ତୁଷାରଦ୍ୱାରା ଆବୃତ ।

**snowy owl** ବି. ଆର୍କଟିକ୍ ଅଞ୍ଚଳର ବିଶାଳ ଧଳାପେଚା ।

**Snr.** ସଂକ୍ଷି. senior ସିନିଅର, ବରିଷ୍ଠ ।

**snub** 1. କ୍ରି. ଦବାଇଦେବା ବା ତୁଚ୍ଛ ତାଚ୍ଛଲ୍ୟ କରିବା; ହେୟଜ୍ଞାନ କରି କଡ଼ା କଥା କହିବା; 2. ବି. ତୁଚ୍ଛତାଚ୍ଛଲ୍ୟ; ଧମକ, ପ୍ରୌଢ଼ୀବ୍ୟକ୍ତି; 3. ବିଂ. କ୍ଷୁଦ୍ର ଏବଂ ଚେପ୍‌ଟା (ନାକ ପ୍ରଭୃତି) ।

**snub–nose** ବି. କ୍ଷୁଦ୍ର ଓ ଚେପ୍‌ଟା ନାକ ।

**snub–nosed** ବିଂ. ଚେପ୍ଟାନାକ ବିଶିଷ୍ଟ ।

Digitized by srujanika@gmail.com

**snuff**[1.] ବି. ମହମବତୀ ବଳିତାର ପୋଡାଅଂଶ; snuff it *ଗ୍ରା.ପ୍ର.* ମରିଯିବା; snuff out ଲିଭିଯିବା; (ଆଶା, ସମ୍ଭାବନା) ଧ୍ୱଂସ କରିଦେବା।

**snuff**[2.] 1. ବି.ନସ୍ୟ, ନାକରେ ଶୁଙ୍ଘିବା ନାସଗୁଣ୍ଡ; 2. *କ୍ରି.* ନସ୍ୟଗ୍ରହଣ କରିବା।

**snuffbox** ବି. ନସ୍ୟଦାନି; ନାସଡିବା।

**snuffer** ବି. ପୋଡାବଳିତା କାଟିବାର ବା ମହମବତୀ ଲିଭାଇବାର ଉପକରଣ।

**snuffle** 1. *କ୍ରି.* ନାକରେ ଜୋର୍ ନିଃଶ୍ୱାସ ନେବା; ନାକରେ କହିବା; 2. ବି. ନାକ ବନ୍ଦ ଥିଲେ ଲୋକ ଯେପରିଭାବେ କଥା କହେ ସେହିପରି ଉଚ୍ଚାରଣ ବା ସ୍ୱର; ବିଂ. snuffly.

**snug** 1. ବିଂ.ଉଷ୍ମ, ଆରାମପ୍ରଦ; ଆଶ୍ରୟ ଭିତରେ ଥାଇ ନିରାପଦ; ଚିପା ବା ଅଙ୍ଗଜତା; 2. ବି. ପାନଶାଳା ଭିତରେ ଥିବା ଛୋଟ କୋଠରୀ; *କ୍ରି.ବିଂ.* snugly.

**snuggery** ବି. ଆରାମପ୍ରଦ ସ୍ଥାନ; ଆଡ୍ଡା; ଗୁମ୍ଫା।

**snuggle** *କ୍ରି.* ଉତ୍ତାପ ଓ ଆରାମ ପାଇଁ ଜକାଜକି ହେବା ବା ଜାକିଜୁକି ହେବା।

**so**[1.] 1. *କ୍ରି.ବିଂ.* ସେହିପରି, ଏହିରୂପେ, ସେହିରୂପେ, ସେହିଭାବେ, ଏଭଳି ବା ସେଭଳି; ମଧ୍ୟ; ସତରେ; ପ୍ରକୃତରେ, ନିହାତି, ତାହା, ତେବେ, ଅତଏବ, ତାହାହିଁ ହେଉ; 2. *ସଂଯୋ.* ଏଣୁ, ପରିଣାମତଃ, ଏବଂ ତା'ପରେ, ତା'ପରେ; and so on (forth) ଏଭଳି ଅନେକ; or so ପ୍ରାୟ, ଆନୁମାନିକ; so as to ଯାହାଦ୍ୱାରା, ଯାହାଫଳରେ; so be it ତାହିଁ ହେଉ; so long *କ.ଭା.* ବିଦାୟ; so much ଏକ ନିର୍ଦ୍ଦିଷ୍ଟ ପରିମାଣର; so much for (କୌଣସି ବିଷୟରେ) ଯେତେ କହିବା ବା କରିବା ସମ୍ଭବ ବା ଆବଶ୍ୟକ; so so ବିଂ. *କ୍ରି.ବିଂ. କଭା.* ସେମିତିସେମିତି, ନା ବେଶୀ ଭଲ ନା ଖରାପ; so what? *କ.ଭା.* ସେଇଠୁ କଣ ହୋଇଗଲା ?

**so**[2.] soh ର *ବିକ.।*

**soak** 1. *କ୍ରି.* ସଂପୂର୍ଣ୍ଣ ଓଦା କରିବା ବା ଭିଜାଇବା; ଜଳୀୟ ପଦାର୍ଥରେ ବୁଡ଼ାଇ ରଖିବା; ଶୋଷିନେବା; ଦ୍ରବିତ ହେବା; ସୂକ୍ଷ୍ମନଳୀ ଦ୍ୱାରା ଶୋଷଣ କରିବା; *କ.ଭା.* ଅତିରିକ୍ତ ମଦ୍ୟପାନ କରିବା; (ଜ୍ଞାନ ଆହରଣ ପ୍ରଭୃତିରେ) ନିମଜ୍ଜିତ ହେବା; *କ.ଭା.* ଟଙ୍କା ଆଦାୟ କରିବା; 2. ବି. ଦୀର୍ଘ ଗାଧୁଆ; *କ.ଭା.* ପ୍ରଚୁର ମଦ୍ୟପାନ।

**soakaway** ବି. ଯେଉଁ ଗର୍ତ୍ତଭିତରକୁ ମଇଳାପାଣି ପ୍ରଭୃତି ବହି ଆସେ ମାଟିତଳେ ମିଶିଯାଏ।

**soaker** ବି. ବେଶ୍ ଅସରାଏ ବର୍ଷା; ଯିଏ ଖୁବ୍ ମଦ୍ୟପାନ କରେ।

**soaking** ବିଂ. (soaking wet) ସଂପୂର୍ଣ୍ଣ ଭିଜିଯିବାଭଳି।

**so–and–so** ବି. ଅମୁକତମୁକ, ନିର୍ଦ୍ଦିଷ୍ଟ କିନ୍ତୁ କୁହାଯାଇ ନ ଥିବା ବସ୍ତୁ ବା ବ୍ୟକ୍ତି; *କ.ଭା.* ବିଦ୍ଵେଷମାନ ବ୍ୟକ୍ତି।

**soap** 1. ବି.ସାବୁନ; 2. *କ୍ରି.* ସାବୁନ ଲଗାଇବା, ସାବୁନଦ୍ୱାରା ସଫାକରିବା; ତୋଷାମଦ କରିବା।

**soapberry, soapnut** ବି. ରିଠା ବା ଖରଖଟିଆ ଯାହା ସାବୁନ ଭଳି ବ୍ୟବହାର କରାଯାଇପାରେ।

**soapbox** ବି.ରାସ୍ତାଘାଟରେ ଠିଆହୋଇ ଭାଷଣ ଦେବାପାଇଁ ଉଦ୍ଦିଷ୍ଟ କ୍ଷୁଦ୍ର କାମଚଳା ମଞ୍ଚ।

**soapbubble** ବି. ସାବୁନ ପାଣିର ବୁଦ୍‌ବୁଦ୍ ବିଶେଷ।

**soap opera** ବି.ପାରିବାରିକ କାହାଣୀ ସମ୍ବଳିତ ଧାରାବାହିକ ନାଟକ ପ୍ରଭୃତି (ଟେଲିଭିଜନ୍‌ରେ)।

**soap powder** ବି.ସାବୁନଗୁଣ୍ଡ ବା ତାହାସହିତ ଲୁଗାସଫାକାରୀ ତତ୍ତ୍ୱର ମିଶ୍ରଣ।

**soapstone** ବି. ସାବୁନ–ପଥର ବା ଅଶୋଧିତ ଟାଲ୍‌କ୍ (ମେଗ୍ନିସିଅମ୍ ସଲ୍‌ଫେଟ୍)।

**soapsuds** ବି.ସାବୁନପାଣିର ଫେଣ।

**soapy** ବିଂ.ସାବୁନପରି, ସାବୁନବୋଳା; ତେଲିଆ; ତୋଷାମଦକାରୀ; *କ୍ରି.ବିଂ.* soapily; ବି. soapiness.

**soar** *କ୍ରି.* ଉଚ୍ଚରେ ଉଡିବା; ଉଚ୍ଚକୁ ଉଠିବା; ଊର୍ଦ୍ଧ୍ୱଗାମୀ ହେବା।

**sob** 1. *କ୍ରି.* କଇଁକଇଁ କାନ୍ଦିବା; କାନ୍ଦି କାନ୍ଦି କଥା କହିବା; 2. ବି. କ୍ରନ୍ଦନ।

**sober** 1. ବିଂ. ନିଶାଗ୍ରସ୍ତ ବା ମାତାଲ ନୁହେଁ; ଶାନ୍ତ, ସ୍ଥିରମସ୍ତିଷ୍କ; ଗମ୍ଭୀର; (ରଙ୍ଗ ସମ୍ବନ୍ଧରେ) ଅନୁଜ୍ଜ୍ୱଳ; 2. *କ୍ରି.* ସଂଯତ ହେବା ବା କରିବା; ନିଶାର ପ୍ରଭାବ ହ୍ରାସ କରିବା; (ରଙ୍ଗ) ଫିକା ବା ମଳିନ କରିବା; *କ୍ରି.ବିଂ.* soberly.

**sober–minded** ବିଂ. ଧୀର, ଶାନ୍ତ, ସ୍ଥିରଚିତ୍ତ।

Digitized by srujanika@gmail.com

**sobriety** ବି. ମିତାଚାର, ପ୍ରଶାନ୍ତଭାବ, ଗାମ୍ଭୀର୍ଯ୍ୟ; ନିଶା–ପ୍ରଭାବ ନ ଥାଇ।

**sobriquet** ବି. ଦ୍ରି. soubriquet ଡାକନାମ।

**sob story** ବି. କ.ଭା. କାନ୍ଦଗପ; ସହାନୁଭୂତି ବା ଭାବପ୍ରବଣତା ସୃଷ୍ଟି କରିବାପାଇଁ ଉଦ୍ଦିଷ୍ଟ କାହାଣୀ ବା କୈଫିୟତ।

**sob stuff** ବି. ଭାବପ୍ରବଣତାରେ ପୂର୍ଣ୍ଣ ଚଳଚ୍ଚିତ୍ର ବା ଲେଖା।

**so-called** ବିଂ. ତଥାକଥିତ (ଯାହା ସମ୍ବନ୍ଧରେ ଯାହା କୁହାଯାଏ, ପ୍ରକୃତରେ ସେ ତାହା ନୁହେଁ)।

**soccer** ବି. ଫୁଟବଲ୍ ଖେଳ; ବିଭିନ୍ନ ସଂସଦ (ଏସୋସିଏସନ୍) ଆୟୋଜିତ ଫୁଟବଲ୍ ପ୍ରତିଯୋଗିତା।

**sociable** ବିଂ. ସାମାଜିକ, ମିଶାଣିଆ, ମେଳାପୀ, ବନ୍ଧୁଭାବାପନ୍ନ; ବି. sociability; କ୍ରି.ବିଂ. sociably.

**social** 1. ବିଂ. ସମାଜ ସମ୍ବନ୍ଧୀୟ, ସାମାଜିକ, ସମାଜବଦ୍ଧ, ମିଶାଣିଆ, ମେଳାପୀ; 2. ବି. ସାମାଜିକ ମିଳନ; ବିଶେ. କ୍ଲବ; କ୍ରି.ବିଂ. socially; ବି. sociality.

**social contract** ବି. ପାରସ୍ପରିକ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ରାଷ୍ଟ୍ର ଏବଂ ଜନସାଧାରଣ ମଧ୍ୟରେ ବୁଝାମଣା।

**socialism** ବି. ସମାଜବାଦ; ଉତ୍ପାଦନ ପ୍ରକ୍ରିୟା, ସାଧାରଣ ବଣ୍ଟନ ଏବଂ ବିନିମୟର ରାଷ୍ଟ୍ରୀୟ ମାଲିକାନାର ସମର୍ଥକ ରାଜନୈତିକ ଓ ଅର୍ଥନୈତିକ ତତ୍ତ୍ୱ; ଏହି ମତବାଦ ଉପରେ ଆଧାରିତ ସମାଜ–ବ୍ୟବସ୍ଥା; ବି. socialist; ବିଂ. socialistic.

**socialite** ବି. ଅଭିଜାତ ବା ସଂଭ୍ରାନ୍ତ ସମାଜରେ ବିଶେଷ ଆତଯାତ ହେଉଥିବା ବ୍ୟକ୍ତି।

**sociality** ବି. ସାମାଜିକତା।

**socialize** କ୍ରି. ସାମାଜିକ ବା ମିଶାଣିଆ ହେବା; ସାମାଜିକ କରିବା; ସମାଜବାଦୀ ମତବାଦର ସଂଗଠନ କରିବା; ବି. socialization.

**social science** ବି. ସମାଜ ବିଜ୍ଞାନ; ସମାଜ ଏବଂ ସାମାଜିକ ସଂପର୍କର ଅଧ୍ୟୟନ; ବି. social scientist.

**social security** ବି. ସାମାଜିକ ସୁରକ୍ଷା; ରାଷ୍ଟ୍ରଦ୍ୱାରା ଦରିଦ୍ର, ବେକାର ପ୍ରଭୃତି ବ୍ୟକ୍ତିମାନଙ୍କୁ ସାହାଯ୍ୟ ଓ ସୁରକ୍ଷା।

**social services** ବି. ବ.ବ. ରାଷ୍ଟ୍ର ପରିଚାଳିତ (ଶିକ୍ଷା, ସ୍ୱାସ୍ଥ୍ୟପ୍ରଭୃତି) ସମାଜ ମଙ୍ଗଳ କାର୍ଯ୍ୟ।

**social work** ବି. ସମାଜସେବା; ଅବହେଳିତ, ଦଳିତମାନଙ୍କ ପାଇଁ ପେଶାଦାର ବା ସ୍ୱେଚ୍ଛାସେବୀ ବ୍ୟକ୍ତି ବା ସଂଗଠନର ସେବାକାର୍ଯ୍ୟ; ବି. social worker.

**society** ବି. ସମାଜ, ସଂପ୍ରଦାୟ, ସଂସର୍ଗ, ସଂଘ, ଅଭିଜାତ ବା ଧର୍ମ ସଂପ୍ରଦାୟ; କ୍ଲବ, ସଂସଦ ପ୍ରଭୃତି ସଂସ୍ଥା; ବିଂ. societal.

**sociology** ବି. ସମାଜବିଜ୍ଞାନ; ସମାଜତତ୍ତ୍ୱ; ବିଂ. sociological; ବି. sociologist.

**sock**[1] ବି. ଛୋଟ ମୋଜା; *ପ୍ରା.ପ୍ର.* ହାସ୍ୟ; ଅଭିନେତାର ହାଲୁକା ପାଦୁକା ବିଶେଷ; pull one's socks up *କ.ଭା.* ଉନ୍ନତି କରିବାପାଇଁ ଚେଷ୍ଟିତ ହେବା; put a sock in it *ସା.ପ୍ର.* ଚୁପ୍ ରହିବା।

**sock**[2] *କ.ଭା.* *1.* *କ୍ରି.* ଜୋର୍‌ରେ ଆଘାତ ବା ଆକ୍ରମଣ କରିବା; କଠୋରଭାବେ କହିବା; 2. ବି. ପ୍ରଚଣ୍ଡ ପ୍ରହାର।

**socket** ବି. କୌଣସି ବସ୍ତୁ ବସାଇବାର ଉପଯୋଗୀ ଗର୍ତ୍ତ ବା ଫାଙ୍କା ସ୍ଥାନ (ବୈଦ୍ୟୁତିକ ପ୍ଲଗ ପ୍ରଭୃତି)।

**Socratic** ବିଂ. ପ୍ରାଚୀନ ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍ ବା ତାଙ୍କ ଦର୍ଶନ ସମ୍ବନ୍ଧୀୟ।

**Socratic irony** ବି. ଅଜ୍ଞତାର ଛଳନା କରି ତର୍କ ଆହ୍ୱାନ କରିବା।

**sod**[1] ବି. ଘାସର ଚେକା; ଘାସ ଆଚ୍ଛାଦିତ ସ୍ଥାନ; ମାଟିର ଉପର ସ୍ତର।

**sod**[2] ବି. *ସା.ପ୍ର.* ଅପ୍ରୀତିକର ବା ଅବାଗିଆ ବ୍ୟକ୍ତି (ବା ବସ୍ତୁ); ଲୋକ (ଉଦା. lonely sod).

**soda** ବି. ସୋଡା, କ୍ଷାର ବିଶେଷ; ସୋଡାଖାର (କ୍ଷାର); ସୋଡାପାଣି।

**soda fountain** ବି. ସୋଡାପାଣି ପ୍ରସ୍ତୁତକାରୀ ଉପକରଣ; ସୋଡାପାଣି ବିକ୍ରୀ ହେଉଥିବା ସ୍ଥାନ।

**soda-water** ବି. କାର୍ବନିକ ଏସିଡ ଗ୍ୟାସ ମିଶ୍ରିତ ପାନୀୟ ବିଶେଷ; ସୋଡାପାଣି।

**sodden** ବିଂ. ସଂପୂର୍ଣ୍ଣ ସିକ୍ତ, (ମଦ୍ୟପାନହେତୁ) ବୋକା ବା ମାନ୍ଦା।

**sodium** ବି. ଶ୍ୱେତବର୍ଣ୍ଣ ନରମ ଧାତୁ ଉପାଦାନ ବିଶେଷ; ସୋଡିଅମ୍।

**sodium chloride** ବି. ଖାଇବା ଲୁଣ।

**sodomite** ବି. ସମଲିଙ୍ଗୀ ବ୍ୟକ୍ତି।

**sodomy** ବି. ସମଲିଙ୍ଗୀ ଯୌନ ସମ୍ବନ୍ଧ; କ୍ରି. sodomize.

Digitized by srujanika@gmail.com

**soever** *କ୍ରି.ବିଂ. ସାହି.* ଯେତେଦୂର ଘଟିବା ସମ୍ଭବ; ଯେକୌଣସି ଧରଣର ବା କିସମର।

**–soever** *ସଂ.* ଯେକୌଣସି ଧରଣର; ଯେତେଦୂର ଘଟିବା ସମ୍ଭବ; (howsoever, whatsoever).

**sofa** ବି. ସୋଫା; ଉଚ୍ଚ ପିଠି, ହାତବାଲା ଆରାମପ୍ରଦ ଚୌକି, ଗଦିଯୁକ୍ତ ଚୌକି।

**sofa–bed, sofa–cum–bed** ବି. ଯେଉଁ ସୋଫାକୁ ଖଟରେ ପରିଣତ କରାଯାଇପାରେ।

**soffit** ବି. ଲିଣ୍ଟେଲ୍ ପ୍ରଭୃତିର ନିମ୍ନତଳ।

**soft** 1. ବିଂ. ନରମ, ମୃଦୁ, ଶାନ୍ତ, ଧୀର, ମଧୁର, କୋମଳ, ସହାନୁଭୂତିଶୀଳ; ଦୁର୍ବଳ; ଅପୁରୁଷୋଚିତ, ପ୍ରଣୟାସକ୍ତ; ସୁରାସାରବର୍ଜିତ; ନମନୀୟ, ଭାବପ୍ରବଣ, ସଦୟ; ବୋକା, ଦୁର୍ବଳମନା; *କ.ଭା.* ସହଜ (କାମ ବା ଚାକିରୀ); ଅତିଶୟ ଯୌନୋତ୍ତେଜକ ହୋଇ ନ ଥିବା ଅଶ୍ଳୀଳ ପୁସ୍ତକ, ଚଳଚ୍ଚିତ୍ର ପ୍ରଭୃତି (soft–core); 2. *କ୍ରି.ବିଂ.* ମୃଦୁଭାବେ, ଧୀରେଧୀରେ; be soft on ନରମ ବ୍ୟବହାର କରିବା, (କାହାପ୍ରତି) ଆସକ୍ତ ହେବା; have a soft spot for ଭଲ ଲାଗିବା; ପସନ୍ଦ କରିବା; ବିଂ. softish; *କ୍ରି.ବିଂ.* softly; ବି. softness.

**softball** ବି. ଏକ ଧରଣର ବେସ୍ ବଲ୍ (ଖେଳ), ଯହିଁରେ ପେଣ୍ଡୁ ନରମତର ଏବଂ ଆକାରରେ ଅପେକ୍ଷାକୃତ ବଡ।

**soft–boiled** ବିଂ. ଅଧାସିଝା ବା କେଶର ନରମ ରହି ସିଝିଥିବା (ଅଣ୍ଡା)।

**soft drink** ବି. (ସୁରାସାର ବର୍ଜିତ) ମୃଦୁ ପାନୀୟ।

**soften** *କ୍ରି.* ନରମ କରିବା; କୋମଳତର କରିବା, ଦୁର୍ବଳତର କରିଦେବା; ଲଘୁ କରିବା; ବି. softener.

**soft fruit** ବି. କ୍ଷୁଦ୍ର ମଞ୍ଜିହୀନ ଫଳ ବା କୋଳି (ଷ୍ଟ୍ରବେରି ପ୍ରଭୃତି)।

**soft–hearted** ବିଂ. କୋମଳହୃଦୟ, ଦୟାଳୁ (ବ୍ୟକ୍ତି)।

**softie** ବି.*କ.ଭା.* ଦୁର୍ବଳିଆ ବା ନରମା ବ୍ୟକ୍ତି।

**soft soap** 1. ବି. *କ.ଭା.* ସଫଳ ତୋଷାମଦ; 2. *କ୍ରି.କ.ଭା.* ତୋଷାମଦ କରି ମନେଇବା ବା ରାଜି କରେଇବା।

**soft–spoken** ବିଂ. ମୃଦୁଭାଷୀ।

**softy** ବି.*ଦ୍ର.* softie.

**software** ବି. କମ୍ପ୍ୟୁଟରରେ ବ୍ୟବହୃତ ପ୍ରୋଗ୍ରାମ।

**softwood** ବି. ନରମକାଠ; ଯେଉଁକାଠ ସହଜରେ କରତି ହୁଏ।

**soggy** *କ୍ରି.* ସଂପୂର୍ଣ୍ଣ ଓଦା; ସିକ୍ତ; ଦ୍ରବୀଭୂତ; ବି. sogginess.

**soh** ବି. *ସଂଗୀତ* ମେଜର୍‌ସ୍କେଲ୍‌ର ପଞ୍ଚମସ୍ୱର ବା ନୋଟ୍।

***soigne*** ବିଂ. (*ସ୍ତ୍ରୀ soignee*) ଉତ୍ତମ ବର୍ଦ୍ଧିତ (ସୁସଂସ୍କୃତ, ମାର୍ଜିତ ଭାବରେ)। *(ଫ.)*

**soil**[1] ବି. ମୃତ୍ତିକା, ମାଟି; କୌଣସି ଦେଶର ଭୂମି।

**soil**[2] 1. *କ୍ରି.ବିଂ.* ମଇଳା କରିବା; ମଳିନ କରିବା; ସାରଦେବା; କଳଙ୍କିତ ହେବା ବା କରିବା; 2. ବି. ମଇଳାଦାଗ; ମଇଳା, ବର୍ଜ୍ୟବସ୍ତୁ, ଆବର୍ଜନା।

**soil pipe** ବି. ପାଇଖାନା ପ୍ରଭୃତିର ନଳା।

**soiree** ବି. (ସଂଗୀତ, ଗପସପ ପ୍ରଭୃତିଲାଗି) ସାନ୍ଧ୍ୟସମ୍ମେଳନ, ସାନ୍ଧ୍ୟକାଳୀନ ବନ୍ଧୁମିଳନ।

**sojourn** 1. *କ୍ରି.* ଅଳ୍ପ କାଳ ଲାଗି ଅବସ୍ଥାନ କରିବା; 2. ବି. ଅଳ୍ପ ସମୟ ପାଇଁ ଅବସ୍ଥିତି, ସାମୟିକ ରହଣି; ବି. sojourner.

**sol** ବି. ତରଳ ପଦାର୍ଥ, ସିରପ୍ ଇତ୍ୟାଦି।

**sola** ବି. *ଭା.* ସୋଲ।

**solace** 1. ବି. ସାନ୍ତ୍ୱନା, ଉପଶମ, ପ୍ରବୋଧ; 2. *କ୍ରି.ବିଂ.* ସାନ୍ତ୍ୱନାଦେବା, ଦୁଃଖରେ ପ୍ରବୋଧ ଦେବା, ପ୍ରଶମିତ କରିବା।

**solan** ବି. (solan goose) ବୃହଦ୍‌କାୟ ହଂସଜାତୀୟ ପକ୍ଷୀ (ଗୁଜେଲିଲ୍, ଗେନେଟ୍)।

**solar** ବିଂ. ସୂର୍ଯ୍ୟ ସମ୍ବନ୍ଧୀୟ, ସୌର।

**solar battery** ବି. (solar cell ମଧ୍ୟ) ବି. ସୌରଶକ୍ତିକୁ ବୈଦ୍ୟୁତିକ ଶକ୍ତିରେ ପରିଣତ କରୁଥିବା ଉପକରଣ।

**solar calender** ବି. ସୌର ପଞ୍ଜିକା ବା କେଲେଣ୍ଡର।

**solar eclipse** ବି. ସୂର୍ଯ୍ୟପରାଗ।

**solarium** ବି. ସୂର୍ଯ୍ୟ–ଦୀପ ବା କାଚ ଆବୃତ ଛାତ ଥିବା ଘର।

**solar panel** ବି. ଶକ୍ତିର ଉତ୍ସଭାବରେ ସୂର୍ଯ୍ୟକିରଣକୁ ପରିଶୋଷିତ କରୁଥିବା ପେନେଲ୍।

**solar system** ବି. ସୌରମଣ୍ଡଳ, ସୂର୍ଯ୍ୟସମେତ ସୂର୍ଯ୍ୟଦ୍ୱାରା ପରିଚାଳିତ ଗ୍ରହଉପଗ୍ରହ ପ୍ରଭୃତି।

Digitized by srujanika@gmail.com

**solar year** ବି. ସୌରବର୍ଷ; ସୂର୍ଯ୍ୟ ଚାରିପାଖେ ପ୍ରଦକ୍ଷିଣ କରିବାପାଇଁ ପୃଥିବୀ ନେଉଥିବା ସମୟ (୩୬୫ଦିନ, ପାଞ୍ଚଘଣ୍ଟା, ୪୮ମିନିଟ୍, ୪୦ସେକେଣ୍ଡ)।

**sola topi** ବି. ସୂର୍ଯ୍ୟକିରଣରୁ ରକ୍ଷାପାଇବା ପାଇଁ ମୁଣ୍ଡରେ ଦିଆଯାଉଥିବା ଚଉଡା ସୋଲ ଟୋପି।

**sold** କ୍ରି. sell ର *ଅକା. ଅ.କ୍ରି.ଳ.ପ. କ.ଭା.* (on ସହ) କୌଣସି ବିଷୟରେ ଉତ୍ସାହୀ।

**solder** 1. କ୍ରି. ତରଳଯୋଗ୍ୟ ଏଲୟ୍ ଦେଇ ଝାଳିବା; ତାର, ଧାତୁ ପ୍ରଭୃତି ଯୋଡିବା; 2. ବି. ଝଳେଇ, ଯୋଡେଇ।

**soldering iron** ବି. ଝଳେଇକାର୍ଯ୍ୟରେ ବ୍ୟବହୃତ ଉତ୍ତପ୍ତ ଉପକରଣ।

**soldier** 1. ବି. ସୈନିକ; ସୈନ୍ୟବାହିନୀର ସଦସ୍ୟ; 2. କ୍ରି. ସୈନ୍ୟବାହିନୀରେ କାର୍ଯ୍ୟ କରିବା, soldier on ସ୍ୱୀୟ ଉନ୍ନତିଲାଗି କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ; କ୍ରି.ବିଂ. soldierly.

**soldierlike** ବିଂ. ସୈନିକ ସଦୃଶ, ସାହସିକ, ବୀରୋଚିତ।

**soldier of fortune** ବି. ଭଡାଟିଆ ସୈନିକ; ଅର୍ଥବିନିମୟରେ ଯେକୌଣସି ଦେଶ ବା ସଂସ୍ଥା ପାଇଁ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ପ୍ରଶିକ୍ଷିତ ସୈନିକ।

**soldiership** ବି. ରଣନୈପୁଣ୍ୟ, ସାମରିକ କୌଶଳ।

**soldiery** ବି. ସୈନ୍ୟସମୂହ; ସୈନିକଦଳ (କୌଣସି ବିଶେଷ କାର୍ଯ୍ୟ ପାଇଁ)।

**sole**[1.] 1. ବି. ପାଦତଳ, ଜୋତା ବା ମୋଜାର ପାଦତଳ ଅଂଶ; 2. କ୍ରି. ଜୋତାର ସୋଲ୍ ଲଗାଇବା।

**sole**[2.] ବି. ଚେପ୍ଟାକୃତି ଖାଦ୍ୟଉପଯୋଗୀ ସାମୁଦ୍ରିକମାଛ ବିଶେଷ।

**sole**[3.] ବିଂ. ଏକମାତ୍ର; ଏକାକୀ; ଏକା।

**solecism** ବି. ଶବ୍ଦ ପ୍ରୟୋଗ ବା ବାକ୍ୟଗଠନର ଭୁଲ; ଆଦବକାଇଦା ବା ସାମାଜିକ ଆଚାରର ବିରୁଦ୍ଧାଚରଣ; ବି. solecist; ବିଂ. solecistic.

**solely** କ୍ରି.ବିଂ. ଏକାକୀ, କେବଳ (did it solely out of love).

**solemn** ବିଂ. ଗମ୍ଭୀର ଏବଂ ମହିମାନ୍ୱିତ; ବିଧିସମ୍ମତ; ଶ୍ରଦ୍ଧାଭୟମିଶ୍ରିତ, ଧର୍ମସମ୍ମତ; ଭାବଗମ୍ଭୀର; ନିଷ୍ଠା ଓ ସଦିଚ୍ଛା ସହ; କ୍ରି.ବିଂ. solemnly; ବି. solemness.

**solemnity** ବି. ପୁଣ୍ୟକ୍ରିୟା ବା ଧର୍ମକାର୍ଯ୍ୟ; ଭାବଗାମ୍ଭୀର୍ଯ୍ୟ, ପବିତ୍ରତା; ଶୁଦ୍ଧତା।

**solemnize** କ୍ରି. ଧର୍ମସଙ୍ଗତଭାବେ ଅନୁଷ୍ଠାନ କରିବା; ବିଧିମତ ସଂପାଦନ କରିବା; ଗାମ୍ଭୀର୍ଯ୍ୟ–ମଣ୍ଡିତ କରିବା; ବି. solemnization.

**solenoid** ବି. ବିଜୁଳିଶକ୍ତିର ପ୍ରବାହରେ ଚୁମ୍ବକପରି କାର୍ଯ୍ୟ କରୁଥିବା ସିଲିଣ୍ଡର ଆକୃତିର ତାରଗୁଚ୍ଛ।

**sol–fa** ବି. ସଙ୍ଗୀତର ସ୍ୱର ଲିପି ସମୂହ।

**solicit** କ୍ରି. ଆନ୍ତରିକଭାବେ ଚାହିଁବା; ପାଇବାର ଚେଷ୍ଟା କରିବା; ଅନୁନୟ କରିବା; (ବେଶ୍ୟା ସମ୍ବନ୍ଧରେ) ପ୍ରକାଶ୍ୟ ସ୍ଥାନରେ ଗ୍ରାହକ ଯୋଗାଡ କରିବା।

**solicitation** ବି. ଆନ୍ତରିକ ଅନୁରୋଧ, ଆମନ୍ତ୍ରଣ।

**solicitor** ବି. ଆଇନଜ୍ଞ; ଆଇନଜୀବୀ; ଆଇନ ପରାମର୍ଶଦାତା; ପ୍ରାର୍ଥୀ।

**Solicitor–General** ବି. ଇଂ. ଏଟର୍ଣ୍ଣି ଜେନେରାଲ୍‌ଙ୍କ ନିମ୍ନସ୍ଥ ଆଇନ ପରାମର୍ଶଦାତା ବା କାର୍ଯ୍ୟକର୍ତ୍ତା।

**solicitous** ବିଂ. ଉତ୍‌କଣ୍ଠିତ; ଉତ୍ସୁକ; ଉଦ୍‌ଗ୍ରୀବ; କ୍ରି.ବିଂ. solicitously.

**solicitude** ବି. ଉଦ୍‌ବେଗ, ଉତ୍କଣ୍ଠା; ଉତ୍ସୁକ ଅବସ୍ଥା।

**solid** 1. ବିଂ. କଠିନ, ଶକ୍ତ, ଯାହା ଶୂନ୍ୟଗର୍ଭ ବା ତରଳ ନୁହେଁ; ସଂପୂର୍ଣ୍ଣଭାବରେ ଗୋଟିଏ ନିର୍ଦ୍ଦିଷ୍ଟ ଧାତୁ ବା ଉପାଦାନରେ ତିଆରି; ଦୃଢ଼ଭାବରେ ନିର୍ମିତ ବା ପ୍ରସ୍ତୁତ; ଘନ; ଦୈର୍ଘ୍ୟ–ପ୍ରସ୍ଥ–ବେଧ ବିଶିଷ୍ଟ; (ଆର୍ଥିକ) ସଂଗତିସଂପନ୍ନ; ସର୍ବସମ୍ମତ; 2. ବି. ଯାହା ତରଳ ବା ଗ୍ୟାସୀୟ ନୁହେଁ; ଦୈର୍ଘ୍ୟ, ପ୍ରସ୍ଥ ଓ ବେଧ ବିଶିଷ୍ଟ ଘନବସ୍ତୁ ବା ପଦାର୍ଥ; ବ.ବ.ରେ ଘନ ଖାଦ୍ୟ; 3. କ୍ରି.ବିଂ. ଘନ ବା ଦୃଢ଼ଭାବରେ; କ୍ରି.ବିଂ. solidly; ବି. solidness.

**solidarity** ବି. (ମତରେ ଓ କାର୍ଯ୍ୟରେ) ଏକତା, ଐକ୍ୟ; ପରସ୍ପର ସହଯୋଗ।

**solidification** ବି. ଘନୀକରଣ, କଠିନୀକରଣ।

**solidify** କ୍ରି. ଘନୀଭୂତ କରିବା ବା ହେବା; ବିଂ. solidifiable.

Digitized by srujanika@gmail.com

**solidity** ବି. କାଠିନ୍ୟ, ଘନତ୍ୱ, ନୈତିକ ବା ମାନସିକ ଦୃଢ଼ତା ।
**solid–state** ବି. ଭାଲ୍‌ଭ୍ ପରିବର୍ତ୍ତେ ଘନବସ୍ତୁଗୁଡ଼ିକର ଇଲେକ୍ଟ୍ରୋନିକ ଗୁଣର (ଯଥା, ଅର୍ଦ୍ଧ–ପରିବାହୀ) ବ୍ୟବହାର ।
**solidus** ବି. ବ.ବ. solidi ତିର୍ଯ୍ୟକରେଖା(/) ।
**soliloquy** ବି. (ନାଟକରେ) ସ୍ୱଗତୋକ୍ତି, ଶ୍ରୋତାମାନଙ୍କର ଉପସ୍ଥିତି ବିନା ନିଜକୁ ନିଜେ ଚରିତ୍ର କହୁଥିବା ସଂଳାପ; ସ୍ୱଗତ ସଂଳାପ; ବି. soliloquist; କ୍ରି. soliloquize.
**solipsism** ବି. ଦ. ଅହଂମାତ୍ରବାଦ, କେବଳ ଅହଂ ବା ଆତ୍ମସତ୍ତାହିଁ ବିଦ୍ୟମାନ ବା ଜ୍ଞାତବ୍ୟ–ଏହି ଦାର୍ଶନିକ ମତବାଦ; ବି. solipsist.
**solitaire** ବି. ଗୋଟିଏ ମାତ୍ର ରତ୍ନ ବା ମୂଲ୍ୟବାନ ପଥର ଖଚିତ ଅଳଙ୍କାର ବା ମୁଦି; ଏକପ୍ରକାର ତାସ୍ ଖେଳ ଯେଉଁଥିରେ ଜଣେ ଏକୁଟିଆ ଖେଳିପାରେ ।
**solitary** 1. ବିଂ. ଏକାକୀ; ଏକ, ଏକମାତ୍ର, ନିଃସଙ୍ଗ, ନିଭୃତ, ନିର୍ଜନ; 2. ବି. ନିଭୃତବାସୀ ବ୍ୟକ୍ତି, ସନ୍ନ୍ୟାସୀ; ବି. solitariness.
**solitary confinement** ବି. କାରାକକ୍ଷରେ ନିଃସଙ୍ଗଭାବରେ ବନ୍ଦୀଜୀବନ ଯାପନ ।
**solitude** ବି. ନିଃସଙ୍ଗ ଜୀବନ, ନିର୍ଜନ ସ୍ଥାନ; ଏକାକିତ୍ୱ ।
**solo** 1. ବି. ଏକକ ସଂଗୀତ, ନୃତ୍ୟ ପ୍ରଭୃତି; ଜଣେ ବ୍ୟକ୍ତିଦ୍ୱାରା ସଂପାଦିତ ବା କୃତ କାର୍ଯ୍ୟ ବା କାର୍ଯ୍ୟକ୍ରମ; 2. କ୍ରି. ଏକକ କାର୍ଯ୍ୟକ୍ରମ ପରିବେଷଣ କରିବା; 3. କ୍ରି.ବିଂ. ଏକାକୀ; ଅନ୍ୟ କୌଣସି ସାହାଯ୍ୟ ବିନା ।
**soloist** ବି.ସୋଲୋ ବା ଏକକ କଳାପ୍ରଦର୍ଶନକାରୀ (ବିଶେ. ସଂଗୀତଶିଳ୍ପୀ) ।
**Solomon's seal** ବି. ଝୁଲନ୍ତା ଧଳା ଏବଂ ଶାଗୁଆ ଫୁଲ ଫୁଟୁଥିବା ଗଛ ।
**solstice** ବି. ଅୟନାନ୍ତ ବିନ୍ଦୁ, ସୂର୍ଯ୍ୟଙ୍କ ପଥରେ ଯେଉଁବିନ୍ଦୁ ବିଷୁବରେଖାଠାରୁ ସମସ୍ତଙ୍କ ଅପେକ୍ଷା ଖୁବ୍ ଦୂରରେ ଅବସ୍ଥିତ; ଉତ୍ତରଅୟନାନ୍ତ: କର୍କଟକ୍ରାନ୍ତି (୨୧ ବା ୨୨ ଜୁନ୍), ସୂର୍ଯ୍ୟଙ୍କ ଉତ୍ତରଗତିର ଶେଷସୀମା; ଦକ୍ଷିଣଅୟନାନ୍ତ: ମକରକ୍ରାନ୍ତି (୨୧ ବା ୨୨ ଡିସେମ୍ବର), ସୂର୍ଯ୍ୟଙ୍କ ଦକ୍ଷିଣଗତିର ଶେଷସୀମା ।
**solubility** ବି. ଦ୍ରବଣୀୟତା, ତରଳୀୟପଦାର୍ଥରେ, ବିଶେ. ପାଣିରେ, କୌଣସି ଦ୍ରବ୍ୟ ଦ୍ରବୀଭୂତ ହେବା ବା ମିଳେଇଯିବା ବା ସେହି ଧର୍ମ ବା କ୍ଷମତା ।
**soluble** ବିଂ. ଦ୍ରବଣୀୟ ।
**solute** ବି. ଦ୍ରବୀଭୂତ ପଦାର୍ଥ; ମିଳେଇ ଯାଉଥିବା ଜିନିଷ ।
**solution** ବି. ଦ୍ରବୀକରଣ; ବିଦ୍ରବଣ; ଦ୍ରବଣ, ତରଳପଦାର୍ଥରେ କଠିନ ବା ଗ୍ୟାସୀୟପଦାର୍ଥ ମିଳେଇଯିବା; ଦ୍ରବ; ଯେଉଁ ତରଳପଦାର୍ଥରେ କିଛି ପଦାର୍ଥ ଦ୍ରବୀଭୂତ; (ସମସ୍ୟାର) ସମାଧାନ, ବିଶ୍ଳେଷଣ, ସନ୍ଦେହମୋଚନ ।
**solvable** ବିଂ. ସମାଧାନଯୋଗ୍ୟ, ବ୍ୟାଖ୍ୟାଯୋଗ୍ୟ ।
**solve** କ୍ରି. (ପ୍ରଶ୍ନ ବା ସମସ୍ୟାର) ମୀମାଂସା ବା ସମାଧାନ କରିବା; ବ୍ୟାଖ୍ୟା କରିବା; ସନ୍ଦେହମୋଚନ କରିବା ।
**solvency** ବି. ଋଣଶୋଧ କରିବାର କ୍ଷମତା; ଆର୍ଥିକ ସାମର୍ଥ୍ୟ ।
**solvent** 1. ବିଂ. ଦ୍ରାବକ; (ତରଳପଦାର୍ଥର) ଅନ୍ୟ ପଦାର୍ଥ ଦ୍ରବୀଭୂତ କରାଇବାରେ ସମର୍ଥ; ଋଣଶୋଧରେ ସକ୍ଷମ; ଋଣହୀନ; 2. ବି. ଦ୍ରାବକ ତରଳପଦାର୍ଥ ।
**somatic** ବିଂ. ଦୈହିକ (ଯାହା ମାନସିକ ନୁହେଁ); ଦେହସର୍ବସ୍ୱ; କ୍ରି.ବିଂ. somatically.
**sombre** ବିଂ. *ଆମେ.* somber ଅନ୍ଧକାରମୟ; ଅନ୍ଧକାରାଚ୍ଛନ୍ନ; ଶୋକାତ୍ମକ, ବିଷଣ୍ଣ; କ୍ରି.ବିଂ. sombrely; ବି. sombreness.
**sombrero** ବି. ସ୍ପେନ୍, ମେକ୍ସିକୋ ଇତ୍ୟାଦି ସ୍ଥାନର ପ୍ରଶସ୍ତ କିନାରାଯୁକ୍ତ ଟୋପି ।
**some** 1. ବିଂ. କେତେକ, କିଛି, କେହିକେହି, କେତେଗୁଡ଼ିଏ, କିଛିପରିମାଣରେ; ଅଜ୍ଞାତ ବା ଅନୁକ୍ତ (some day); ପ୍ରାୟ (some one week); ବେଶ୍ କିଛି (at some cost); *କ.ଭା.* ଅସାଧାରଣ, ଅଦ୍‌ଭୁତ; 2. ସ. କିଛି (ଲୋକ, ବସ୍ତୁ ପ୍ରଭୃତି, ଉଦା. They have some already); 3. କ୍ରି.ବିଂ. କିଛି ପରିମାଣରେ ।
**–some**[1] *ପ.ପ୍ର.* ବିଶେଷଣ ନିଷ୍ପନ୍ନକାରୀ, *ପ.ପ୍ର.*, *ଉଦା.* awesome, tiresome.
**–some**[2] *ପ.ପ୍ର.* ସଂଖ୍ୟାବାଚକ ଶବ୍ଦରୁ ବିଶେଷ୍ୟ ନିଷ୍ପନ୍ନକାରୀ *ପ.ପ୍ର.*, *ଉଦା.* threesome.
**somebody** 1. ସ. କେହି; କୌଣସି ଅଚିହ୍ନାଲୋକ; 2. ବି. ବିଶିଷ୍ଟ ଲୋକ ।

Digitized by srujanika@gmail.com

**somehow** କ୍ରି.ବିଂ. କୌଣସି ପ୍ରକାରେ; ଯେପରି ହେଉ ପଛେ; କୌଣସି କାରଣରୁ ।

**someone** ବି. ଏବଂ ସ. =somebody.

**someplace** କ୍ରି.ବିଂ. *ଆମେ. କ.ଭା.* =somewhere.

**somersault** 1. ବି. ଡିଗବାଜି; ଓଲଟଡିଆଁ; ଶୂନ୍‌ଟିତ୍; (ଶରୀରର) ବୃତ୍ତାକାର ଗତି ସହ ଲମ୍ଫପ୍ରଦାନ; 2. କ୍ରି. ଡିଗବାଜି ଖାଇବା; ଶୂନଚିତ୍ ମାରିବା; ସେଭଳି ଡେଇଁବା ।

**something** ବି. ଓ ସ. ଅଜଣା ବା ଅନୁକ୍ତ ଘଟଣା ବା ବସ୍ତୁ; କିଛି; କେତେକ ଅଂଶ; *କ.ଭା.* ବିଶିଷ୍ଟ ବ୍ୟକ୍ତି; ଅସାଧାରଣ ବସ୍ତୁ; something else *କ.ଭା.* କୌଣସି ଅସାଧାରଣ କଥା ବା ବସ୍ତୁ; something like ପ୍ରାୟ, ଆନୁମାନିକ; something of କିଛି ପରିମାଣରେ ।

**sometime** କ୍ରି.ବିଂ. ଏକଦା; କୌଣସି ସମୟରେ, ଭୂତପୂର୍ବ ।

**sometimes** କ୍ରି.ବିଂ. ମଝିରେ ମଝିରେ; କେତେବେଳେ କେମିତି ।

**somewhat** କ୍ରି.ବିଂ. କିଛିଟା; ଅନିର୍ଦ୍ଦିଷ୍ଟ ପରିମାଣ ବା ମାତ୍ରାରେ; କିଞ୍ଚିତ୍ ପରିମାଣରେ ।

**somewhen** କ୍ରି.ବିଂ. *କ.ଭା.* କୌଣସିସମୟରେ; ଭୂତପୂର୍ବ ।

**somewhere** 1. କ୍ରି.ବିଂ. କୌଣସି ସ୍ଥାନରେ ବା ସ୍ଥାନକୁ; 2. ସ. କୌଣସି ଅଜଣା ସ୍ଥାନ ।

**somnambulism** ବି. (ମାନସିକ ଅସୁସ୍ଥତା ବା ବିକାର ଯୋଗୁଁ) ନିଦରେ ଚାଲିବା; ନିଦ୍ରାଚାରଣ; ବିଂ. somnambulant; ବି. somnambulist.

**somnolence** ବି. ନିଦ୍ରାଳୁତା; ତନ୍ଦ୍ରାଳୁତା ।

**somnolent** ବିଂ. ନିଦ୍ରାଳୁ, ତନ୍ଦ୍ରାଳୁ; ନିଦ୍ରାକାରୀ ।

**son** ବି. ପୁଅ; ବଂଶଧର; (of ସହ) କୌଣସି ପରିବାରର ପୁରୁଷ ସଭ୍ୟ ବା କୌଣସି ଦେଶର ଅଧିବାସୀ ।

**sonar** ବି. ଜଳ ମଧରୁ ଶବ୍ଦ ପ୍ରସରଣ ସାହାଯ୍ୟରେ ବସ୍ତୁର ସ୍ଥାନ ନିରୂପଣ କରିବାର ପ୍ରଣାଳୀ ବା ଯନ୍ତ୍ର ବିଶେଷ ।

**sonata** ବି. *ସଙ୍ଗୀତ* ତିନି ବା ଚାରି ଚରଣ ବିଶିଷ୍ଟ ଗୋଟିଏ ବା ଦୁଇଟି ବାଦ୍ୟଯନ୍ତ୍ର ପାଇଁ ବିଶେଷ ରଚନା ।

**sonatina** ବି. ସରଳ ବା କ୍ଷୁଦ୍ର ସୋନାଟା ।

**song** ବି. ଗୀତ, ଗାନ, କଣ୍ଠସଙ୍ଗୀତ; ଗୀତିକବିତା; ପକ୍ଷୀର କୂଜନ; for a song *କ.ଭା.* ନିହାତି ଶସ୍ତାରେ ।

**song and dance** ବି. ଗୋଳମାଳିଆ ବା ବିଶୃଙ୍ଖଳ ଅବସ୍ଥା ।

**songbird** ବି. ଗାୟକପକ୍ଷୀ; ମଧୁର କଣ୍ଠସ୍ୱର ଥିବା ଚଢ଼େଇ ।

**songster** ବି. ଗାୟକ, ଗାୟକ ପକ୍ଷୀ; *ସ୍ତ୍ରୀ.* songstress.

**song thrush** ବି. ବୁଲ୍‌ବୁଲ୍ ଜାତୀୟ ପକ୍ଷୀ ବିଶେଷ ।

**sonic** ବିଂ. ଶବ୍ଦ ବା ତରଙ୍ଗ ସମ୍ବନ୍ଧୀୟ ।

**son-in-law** ବି. ବ.ବ. sons-in-law ଜାମାତା, ଜ୍ୱାଇଁ; କନ୍ୟାର ସ୍ୱାମୀ ।

**sonnet** ବି. ସନେଟ୍; ଚତୁର୍ଦ୍ଦଶପଦୀ କବିତା ।

**sonneteer** ବି. ସନେଟ୍ ରଚୟିତା; ଚତୁର୍ଦ୍ଦଶୀପଦୀ କବିତା ରଚନାକାରୀ ।

**sonny** ବି. *କ.ଭା.* ଛୋଟ ପୁଅପିଲାମାନଙ୍କୁ ସାଧାରଣତଃ କରାଯାଉଥିବା ସମ୍ବୋଧନ ।

**sonorous** ବିଂ. ଉଚ୍ଚସ୍ୱର ବା ସୁସ୍ପଷ୍ଟ ଧ୍ୱନି ବା ଶବ୍ଦ ବିଶିଷ୍ଟ ଗମ୍ଭୀର ଭାବପୂର୍ଣ୍ଣ; ବି. sonority, sonorousness; କ୍ରି.ବିଂ. sonorously.

**soon** କ୍ରି.ବିଂ. ଶୀଘ୍ର, ଅବିଳମ୍ବେ; ଅଳ୍ପ ସମୟ ମଧ୍ୟରେ; ସଅଳ; ଆଗ୍ରହସହକାରେ; as (so) soon as ଯେଉଁ ମୁହୂର୍ତ୍ତରେ, ଯେତେ ଶୀଘ୍ର ହୋଇପାରେ, ଯେଉଁ କ୍ଷଣହିଁ; sooner or later ଯେକୌଣସି ଭବିଷ୍ୟତ ସମୟରେ; କାଳକ୍ରମେ; କ୍ରି.ବିଂ. soonish.

**soot** ବି. ଅଳନ୍ଧୁ, ଅଳନ୍ଧମ ।

**sooth** ବି. *ପ୍ରା.ପ୍ର.* ସତ୍ୟ କଥା; in sooth ସତରେ, ପ୍ରକୃତରେ ।

**soothe** କ୍ରି. (ବ୍ୟକ୍ତିକୁ) ଶାନ୍ତକରିବା; (ଯନ୍ତ୍ରଣା ପ୍ରଭୃତି) ଉପଶମ କରିବା ।

**soothsayer** ବି. ଗଣକ; ଭବିଷ୍ୟତ୍ ବକ୍ତା; ଖଡିକାର; ଭବିଷ୍ୟତ୍‌ଦ୍ରଷ୍ଟା ।

**soothsaying** ବି. ଭବିଷ୍ୟତ୍ ବାଣୀ ।

**sooty** ବିଂ. ଅଳନ୍ଧୁବୋଳା; ଘନବାଦାମୀ–କଳା ବା କଳାରଙ୍ଗ ।

**sop** 1. ବି. ଝୋଳ ଇତ୍ୟାଦିରେ ଭିଜା ଯାଉଥିବା ରୁଟି ବା ଅନ୍ୟ ଖାଦ୍ୟ; ଶାନ୍ତ କରିବାଲାଗି ପ୍ରଦତ୍ତ ପଦାର୍ଥ ବା ଲାଞ୍ଚ; 2. କ୍ରି. sopping

Digitized by srujanika@gmail.com

ବିଂ. ଓଦା, ଭିଜି ଯାଇଥିବା (came back sopping); (up ସହ) ଓଦାକନାରେ ପୋଛିବା।

**sophism** ବି. ଦ. କୂଟତର୍କ, ଛଳତର୍କ; ଫାଙ୍କି ଦେବାପାଇଁ ଉଦ୍ଦିଷ୍ଟ ଯୁକ୍ତି।

**sophist** ବି. ଦ. (ପ୍ରାଚୀନ ଗ୍ରୀକ୍ ତାର୍କିକ ପଣ୍ଡିତ ସୋଫିଆଙ୍କ ନାମାନୁସାରେ) କୂଟତାର୍କିକ; ଛଳତାର୍କିକ; ଚତୁର ବା ବିଚକ୍ଷଣ କିନ୍ତୁ ତର୍କ–ଦୋଷଦୁଷ୍ଟ ତାର୍କିକ; ଭ୍ରମାତ୍ମକ ଯୁକ୍ତି କରି ଠକିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି।

**sophistic, sophistical** ବିଂ. ସୂକ୍ଷ୍ମ କିନ୍ତୁ ଭ୍ରାନ୍ତିପୂର୍ଣ୍ଣ, କୂଟତର୍କ ସମ୍ବନ୍ଧୀୟ; (ଲୋକ ସଂପର୍କରେ) ଚତୁର ଅଥଚ ଆନ୍ତରିକତାହୀନ ଭାବରେ ତର୍କକାରୀ।

**sophisticate** ବି. ମାର୍ଜିତ, ସୁସଂସ୍କୃତ ବ୍ୟକ୍ତି।

**sophisticated** ବିଂ. ସଂସାରାଭିଜ୍ଞ; ମାର୍ଜିତ; ସୁସଂସ୍କୃତ (ବ୍ୟକ୍ତି); ଜଟିଳ ଏବଂ ବିକଶିତ (ବସ୍ତୁ, ଧାରଣା ପ୍ରଭୃତି); ବି. sophistication.

**sophistry** ବି. ଦ. କୂଟତର୍କ; ସତ୍ୟାରୂପେ ପ୍ରତୀୟମାନ ହେଲେହେଁ ଭ୍ରାନ୍ତିପୂର୍ଣ୍ଣ ଯୁକ୍ତି; ଛଳତର୍କବାଦ।

**sophomore** ବି. *ଆମେ.* ବିଶ୍ୱବିଦ୍ୟାଳୟ ବା ଉଚ୍ଚବିଦ୍ୟାଳୟର ଦ୍ୱିତୀୟବାର୍ଷିକ ଶ୍ରେଣୀର ଛାତ୍ର।

**soporific** 1. ବିଂ. ନିଦ୍ରାକାରକ; 2. ବି. ନିଦ୍ରାକାରୀ ଔଷଧ ବା ପ୍ରଭାବ।

**sopping** ବିଂ.*ଦ୍ର.* sop.

**soppy** ବିଂ. *କ.ଭା.* ଅତିଶୟ ଭାବପ୍ରବଣ; ନାକକାନ୍ଦୁରା; ଆସକ୍ତ; ବୋକା।

**soprano** ବି. *ସଙ୍ଗୀତ* ନାରୀ ବା ବାଳକ କଣ୍ଠର ସର୍ବୋଚ୍ଚ ସ୍ୱର; ସେଭଳି ସ୍ୱରରେ ଗାଇପାରୁଥିବା ଗାୟକ ବା ଗାୟିକା; ସେଭଳି ବାଦ୍ୟଯନ୍ତ୍ର।

**sorbet** ବି. ବରଫ ପଡିଥିବା ମଧୁର ପାନୀୟ; ସର୍ବତ।

**sorcerer** ବି. *ସ୍ତ୍ରୀ.* sorceress ଯାଦୁକର; ଐନ୍ଦ୍ରଜାଲିକ।

**sorcery** ବି. ଇନ୍ଦ୍ରଜାଲ, ଭୋଜବିଦ୍ୟା, ଯାଦୁବିଦ୍ୟା।

**sordid** ବିଂ. ମଇଳା, ଆବର୍ଜନାପୂର୍ଣ୍ଣ; ହୀନ, ନୀଚ, ଉଚ୍ଚ ଆଦର୍ଶହୀନ, ଅର୍ଥଲୋଭୀ; ସ୍ୱାର୍ଥପୂର୍ଣ୍ଣ; *କ୍ରି.ବିଂ.* sordidly; ବି. sordidness.

**sore** 1. ବିଂ. କ୍ଷତଯୁକ୍ତ; ବେଦନାଯୁକ୍ତ; ପୀଡାଦାୟକ; 2. ବି. କ୍ଷତ, ଘା; ବିରକ୍ତି ବା କଷ୍ଟର କାରଣ; 3. *କ୍ରି.ବିଂ.* *ପ୍ରା.ପ୍ର.* ଉତ୍କଟରୂପେ, କ୍ଲେଶକରଭାବେ; ବି. soreness.

**sorely** *କ୍ରି.ବିଂ.* ନିଦାରୁଣଭାବେ, ଅତ୍ୟନ୍ତ (sorely disturbed).

**sorghum** ବି. ଗ୍ରୀଷ୍ମମଣ୍ଡଳୀୟ ଖାଦ୍ୟଶସ୍ୟଜାତୀୟ ଗଛ।

**sorites** ବି. ତର୍କସଂକ୍ଷିପ୍ତ ଅଗ୍ରଗାମୀ ନ୍ୟାୟଶୃଙ୍ଖଳ।

**sorority** ବି. ଧର୍ମୀୟ ଭଗ୍ନୀସଂପ୍ରଦାୟ; *ଆମେ.* ବିଶ୍ୱବିଦ୍ୟାଳୟ ଅଥବା ମହାବିଦ୍ୟାଳୟରେ ଛାତ୍ରୀ ସଂସଦ।

**sorrel**[1] 1. ବିଂ. ହାଲୁକା ଲାଲ–ବାଦାମୀ; 2. ବି. ଏହି ରଙ୍ଗ; ଏହି ରଙ୍ଗର ପ୍ରାଣୀ, ବିଶେ. ଘୋଡା।

**sorrel**[2] ବି. ଆମ୍ବିଳିଆ ପତ୍ରବିଶିଷ୍ଟ ଗୁଳ୍ମ ବିଶେଷ।

**sorrow** 1. ବି. ଦୁଃଖ, ଅନୁଶୋଚନା, ଦୁଃଖର କାରଣ; ଶୋକ; 2. କ୍ରି. ଦୁଃଖ ବୋଧ କରିବା; ଶୋକ ପାଳନ କରିବା।

**sorrowful** ବିଂ. ଦୁଃଖିତ; ବିଷଣ୍ଣ; ଦୁଃଖପୂର୍ଣ୍ଣ; ଦୁଃଖଦାୟକ; *କ୍ରି.ବିଂ.* sorrowfully.

**sorry** 1. ବିଂ. ଦୁଃଖିତ; ଅନୁତପ୍ତ; (for ସହ) ଦୟା ବା କରୁଣା ଅନୁଭବ କରିବା; ହୀନ, ଦୁଃଖଦାୟକ (a sorry sight); 2. *ଅବ୍ୟ.* କ୍ଷମାଯାଚନାର ଅଭିବ୍ୟକ୍ତି; sorry for myself ନିରୁତ୍ସାହିତ, ହତାଶ।

**sort** 1. ବି. ରକମ, ଶ୍ରେଣୀ, ଜାତି, ପଦ, ପ୍ରକାର; ଛାପାଖାନାର ଅକ୍ଷରାଦି, *କ.ଭା.* ଏକ ବିଶେଷଧରଣର ବ୍ୟକ୍ତି (a bad sort); 2. କ୍ରି. ଶ୍ରେଣୀ ବିଭାଗ କରିବା; ସମଶ୍ରେଣୀୟ ସହିତ ସଜାଇବା; ସଜେଇ ରଖିବା, ସଜାଡିବା; of a sort (of sorts) ନାମକୁ ମାତ୍ର; out of sorts ସାମାନ୍ୟ ଅସୁସ୍ଥ; ମାନ୍ଦା; sort of *କ.ଭା.* କିଛି ପରିମାଣରେ; ସତେ ଯେପରି; sort out ସମଜାତୀୟ ପଦାର୍ଥଗୁଡିକୁ ଏକତ୍ର କରିବା; ବାଛିବା; ଚୟନ କରିବା; ସଜାଡିବା; ସମାଧାନ କରିବା; ଗାଳିଦେବା।

**sorter** ବି. ଯେଉଁ ବ୍ୟକ୍ତି ଚିଠିପତ୍ର ବଛାବଛି କରି ବିଭିନ୍ନ ଶ୍ରେଣୀରେ ଭାଗ କରେ; ବଛାଳି।

**sortie** ବି. ଅବରୁଦ୍ଧ ସୈନିକଦଳର ବା ବ୍ୟକ୍ତିମାନଙ୍କର ହଠାତ୍ ବହିର୍ଗମନ, ଯୁଦ୍ଧସଂକ୍ରାନ୍ତ କାର୍ଯ୍ୟ ଉପଲକ୍ଷ୍ୟେ ବିମାନର ଉଡ୍ଡୟନ ବା ଏକସଙ୍ଗରେ ପଳାୟନ।

Digitized by srujanika@gmail.com

**SOS** ବି. ଅତ୍ୟନ୍ତ ଆପଦ୍‌କାଳୀନ ପରିସ୍ଥିତି ସୂଚକ ଆନ୍ତର୍ଜାତିକ ସଙ୍କେତ; ତୁରନ୍ତ ସାହାଯ୍ୟ ନିମନ୍ତେ ଆବେଦନର ବାର୍ତ୍ତା (ସହଜପାଠ୍ୟ ମୋର୍ସ ସଙ୍କେତ ମାଧ୍ୟମରେ)।

**so–so** ବିଂ. ଖୁବ୍ ଭଲ ନୁହେଁ କି ଖୁବ୍ ମନ୍ଦ ବି ନୁହେଁ; ସେମିତି–ସେମିତି; ଚଳନୀୟ।

**sostenuto** *ସଙ୍ଗୀତ* 1. ବିଂ. କ୍ରି.ବିଂ. ନିରବଚ୍ଛିନ୍ନ ଓ ବିଳମ୍ବିତ; 2. ବି. ଏହି ଶୈଳୀରେ ଗାୟନ ବା ପରିବେଷଣ କରାଯାଉଥିବା ସଙ୍ଗୀତାଂଶ।

**sot** ବି. ଅଭ୍ୟାସଗତ ମଦ୍ୟପ; ମଦୁଆ; ବିଂ. sottish.

***sotto voce*** କ୍ରି.ବିଂ. ନିମ୍ନସ୍ୱରରେ। *(ଇଟ)*

**sou** ବି.*ଇତି.* ଅତ୍ୟନ୍ତ ଅଳ୍ପମୂଲ୍ୟର ଫରାସୀମୁଦ୍ରା ବିଶେଷ; *କ.ଭା.* ଅଳ୍ପ ପରିମାଣର ଅର୍ଥ।

**soubrette** ବି. (ହାସ୍ୟନାଟକରେ) ପରିହାସମୟୀ ଚାକରାଣୀ; ନାଟକରେ ସେହି ଅଂଶଗ୍ରହଣ କରୁଥିବା ହାସ୍ୟ ଅଭିନେତ୍ରୀ।

**soubriquet** ବି.*ଦ୍ର.* sobriquet.

**souffle** ବି. ହାଲୁକାଖାଦ୍ୟ ଯାହା ସାଧାରଣତଃ ଅଣ୍ଡାର ଧଳାଅଂଶ ଏବଂ ଜିଲାଟିନ୍‌ରେ ତିଆରି; ହାଲୁକା ସଂଜ୍ଞଭଜି ମିଠାଇ।

**sough** 1. କ୍ରି. (ପବନ) ସୁ' ସୁ' କରିବା; 2. ବି. ବତାସର ସୁ' ସୁ' ଶବ୍ଦ; ଅସ୍ପଷ୍ଟ ଗୁଞ୍ଜନ।

**sought** କ୍ରି. seekର *ଅ.କା.* ଏବଂ *ଅ.କ୍ରି.କ.ପ.।*

**sought–after** ବିଂ. ସାଧାରଣତଃ (ସମସ୍ତଙ୍କ ଦ୍ୱାରା) ବାଂଛିତ।

**souk** ବି. (ମୁସଲମାନ ଦେଶର) ବଜାରସ୍ଥଳୀ, ହାଟ।

**soul** ବି.ଆତ୍ମା; ଅମର ବୋଲି ମନେକରାଯାଉଥିବା ଆଧ୍ୟାତ୍ମିକ ଅଶରୀରୀ ଅଂଶ; ମନୁଷ୍ୟର (ବ୍ୟକ୍ତିର) ସୂକ୍ଷ୍ମ ମନୋଭାବର ପ୍ରକାଶ; ସାରଭାଗ, ପ୍ରଧାନ ଅଂଶ, ଜୀବନୀଶକ୍ତି, ପ୍ରାଣଶକ୍ତି ଓ ଉତ୍ସାହର କାରଣ, ସର୍ବାନ୍ତକରଣରେ ବ୍ୟକ୍ତିର ଆବେଗିକ, ଆଧ୍ୟାତ୍ମିକ, ନୈତିକ ବା ବୌଦ୍ଧିକ ସତ୍ତା; ବ୍ୟକ୍ତି (not a soul was there); ଆତ୍ମୀୟତା ବା କରୁଣାର ଭାଜନ ବ୍ୟକ୍ତି (a poor soul): upon my soul ଆଶ୍ଚର୍ଯ୍ୟ ବା ବିସ୍ମୟ ଦ୍ୟୋତକ ଅଭିବ୍ୟକ୍ତି।

**soulfood** ବି. ଆମେରିକାର ନିଗ୍ରୋମାନଙ୍କର ପାରଂପରିକ ଖାଦ୍ୟ।

**soulful** ବିଂ. ଆବେଗମୟ, ଭାବପୂର୍ଣ୍ଣ, ଆବେଗିକ; କ୍ରି.ବିଂ. soulfully.

**soulless** ବିଂ. ଆତ୍ମାହୀନ; ମହତ୍ତ୍ୱହୀନ, ଆବେଗହୀନ, ଉତ୍ସାହହୀନ, ହୃଦୟହୀନ; କ୍ରି.ବିଂ. soullessly.

**soul mate** ବି. (ବ୍ୟକ୍ତିର) ସ୍ୱଭାବ ବା ଚରିତ୍ର ଅନୁରୂପ ବ୍ୟକ୍ତି।

**soul–searching** ବି. ଆତ୍ମସମୀକ୍ଷଣ; ଗଭୀର ଆତ୍ମ–ଅନୁଶୀଳନ।

**soul–stirring** ବିଂ. ହୃଦୟ ଅନୁଭୂତିର ଉତ୍ତେଜକ; ମର୍ମସ୍ପର୍ଶୀ।

**sound**[1] 1. ବି.ଶବ୍ଦ, ଧ୍ୱନି, ଆବାଜ; ଶ୍ରାବ୍ୟସ୍ୱର; 2. କ୍ରି. ଶବ୍ଦ କରିବା; ଶୁଭିବା; *ସଙ୍ଗୀତ* ଧ୍ୱନି ସୃଷ୍ଟି କରିବା; sound off ବଡ଼ ପାଟିରେ କଥା କହିବା ବା ଦୃଢ଼ଭାବରେ ସ୍ୱମତ ଉପସ୍ଥାପନ କରିବା; ବିଂ. soundless.

**sound**[2] 1. ବିଂ. ନୀରୋଗ, ସୁସ୍ଥ; ଅକ୍ଷତ; ଠିକ୍, ବଳିଷ୍ଠ,ଦୃଢ଼, ନିର୍ଦ୍ଦୋଷ, ନିଖୁଣ; ଗଭୀର (ନିଦ୍ରା); 2. କ୍ରି.ବିଂ. ଗାଢ଼ରୂପେ (sound asleep); କ୍ରି.ବିଂ. soundly; ବି. soundness.

**sound**[3] କ୍ରି. ନଦୀ, ସମୁଦ୍ର ପ୍ରଭୃତିର ଗଭୀରତା ଅନୁଧ୍ୟାନ କରିବା; ଗୋପନରେ କାହାରି ମନୋଭାବ ବା ଚିନ୍ତାଧାରା ଜାଣିବାପାଇଁ ଚେଷ୍ଟା କରିବା।

**sound**[4] ବି. ଜଳ ପ୍ରଣାଳୀ (strait).

**soundbox** ବି. ଧ୍ୱନିଯନ୍ତ୍ର; ତାରବାଦ୍ୟ ଯନ୍ତ୍ରର ତୁମ୍ୱାସଦୃଶ ଫମ୍ପା ଅଂଶ।

**sound effect** ବି. ଚଳଚ୍ଚିତ୍ର, ବେତାର ପ୍ରସାରଣ ପ୍ରଭୃତିରେ ବ୍ୟବହୃତ କୃତ୍ରିମଶବ୍ଦ ବା ଧ୍ୱନି (ସଙ୍ଗୀତ ବା କଥାବାର୍ତ୍ତାବ୍ୟତୀତ)।

**sounder** ବି. ଜଳର ଗଭୀରତା ମାପୁଥିବା ବ୍ୟକ୍ତି ବା ଉପକରଣ।

**sounding** ବି. ଜଳର ଗଭୀରତା ପରିମାପ; ଚ.ବରେ ସତର୍କ ଅନୁସନ୍ଧାନ।

**sounding–board** ବି. ମତାମତ ପରୀକ୍ଷା କରିବାପାଇଁ ନିଯୁକ୍ତ ବ୍ୟକ୍ତି; ମତ ବା ବିଚାରଧାରା ପରିପ୍ରସାରର ମାଧ୍ୟମ।

**soundproof** 1. ବିଂ. ଶବ୍ଦନିରୋଧକ; 2. କ୍ରି. ଶବ୍ଦନିରୋଧ ବ୍ୟବସ୍ଥା କରିବା।

Digitized by srujanika@gmail.com

**sound system** ବି. ଧ୍ୱନି ବ୍ୟବସ୍ଥା; ଧ୍ୱନି ପ୍ରସାରଣର ଉପକରଣ ।

**soundtrack** ବି. (ସିନେମା ଓ ଭିଡିଓ ପାଇଁ) ଶବ୍ଦଲିପି; ଅଲଗାକରି ଶୁଣି ହେଉଥିବା ଲିପିବଦ୍ଧ ଶବ୍ଦ; ଏକାଧିକ ଟ୍ରେକ୍ ବା ଶବ୍ଦଗ୍ରହଣମାଧ୍ୟମ ଭିତରୁ ଗୋଟିଏ ।

**sound wave** ବି. ଶବ୍ଦତରଙ୍ଗ ।

**soup** 1. ବି. ସୁପ୍, ଝୋଳ; ମାଂସ, ମାଛ, ପରିବାର ସିଝାପାଣି ସହିତ ରୁଚି ବା ଆବଶ୍ୟକମତେ ଚଟଣି, ସସ୍ ପ୍ରଭୃତି ମିଶି ପ୍ରସ୍ତୁତ ତରଳ ଖାଦ୍ୟ; 2. କ୍ରି. (ଇଞ୍ଜିନ୍‌ର) ଶକ୍ତି ବୃଦ୍ଧି କରିବା; ଅଧିକ ପ୍ରାଣବନ୍ତ କରିବା; in the soup *କ.ଭା.* ଅସୁବିଧାଜନକ ଅବସ୍ଥାରେ ।

**soupy** ବିଂ. ସୁପ୍‌ଭଳି; ଭାବପ୍ରବଣ ।

**sour** 1. ବିଂ. ଅମ୍ଳ; ଆମ୍ବିଳା; ଖଟା; ଅପକ୍ୱ; ବିରକ୍ତ; ଅପ୍ରସନ୍ନ; ଅପ୍ରୀତିକର, ଅରୁଚିକର, ସନ୍ତସନ୍ତିଆ ବା ଓଦା (ମାଟି); 2. କ୍ରି. ଅମ୍ଳଯୁକ୍ତ କରିବା; ଅପ୍ରସନ୍ନ କରିବା; go (turn) sour ଆଗ୍ରହ ହରାଇବା; କ୍ରି.ବିଂ. sourly; ବି. sourness.

**source** ବି. ମୂଳ କାରଣ, ଉତ୍ସ, ଉତ୍ପତ୍ତିସ୍ଥାନ; (ନଦୀ ପ୍ରଭୃତିର) ଉଦ୍‌ଗମ ସ୍ଥଳ; ତଥ୍ୟ ପ୍ରଦାନକାରୀ ବ୍ୟକ୍ତି, ପୁସ୍ତକ, ନଥିପତ୍ର ପ୍ରଭୃତି; at source ମୂଳ ବା ଉତ୍ପତ୍ତି ସ୍ଥାନରେ ।

**sour grapes** ବି. ବ.ବ. ଇଚ୍ଛିତ ବସ୍ତୁ ଅପ୍ରାପ୍ତିରେ ସେହି ବସ୍ତୁର ନିନ୍ଦା ।

**sourmilk** ବି. ଘୋଳ ।

**sourpass** ବି. *କ.ଭା.* ଚିଡାଲୋକ ।

**souse** 1. ବି. ଜଳରେ ନିମଜ୍ଜନ ବା ଲମ୍ଫପ୍ରଦାନ; ଲୁଣିଆ ଆଚାର; *ଆମେ.* ଆଚାରଭଳିଆ ଖାଦ୍ୟ; 2. କ୍ରି. ଲବଣରେ ଜଡାଇବା; ଆଚାର, ଚଟଣି ପ୍ରଭୃତିରେ ବୁଡ଼ିଥିବା ବା ବୁଡାଇବା; *କ.ଭା.* (soused) ମଦ୍ୟଗ୍ରସ୍ତ; ମଦନିଶାରେ ଆସକ୍ତ ।

**south** 1. ବି. ଦକ୍ଷିଣ, ଦକ୍ଷିଣଦିଗ; 2. ବିଂ. କ୍ରି.ବିଂ. ଦକ୍ଷିଣରେ; ଦକ୍ଷିଣଆଡକୁ ବା ଦକ୍ଷିଣଦିଗସ୍ଥ; ଦକ୍ଷିଣମୁହାଁ; ଦକ୍ଷିଣଦିଗରୁ ।

**South African** 1. ବିଂ. ଦକ୍ଷିଣ ଆଫ୍ରିକୀୟ; 2. ବି. ଦକ୍ଷିଣ ଆଫ୍ରିକାର ଅଧିବାସୀ; ଦକ୍ଷିଣ ଆଫ୍ରିକା ବଂଶୋଦ୍‌ଭବ ବ୍ୟକ୍ତି ।

**south bound** ବିଂ. ଦକ୍ଷିଣଗାମୀ ।

**south–east** 1. ବି. ଦକ୍ଷିଣ–ପୂର୍ବକୋଣ ବା ଦିଗ; ଅଗ୍ନିକୋଣ; 2. ବିଂ. ଦକ୍ଷିଣ–ପୂର୍ବୀୟ, ଅଗ୍ନିକୋଣୀୟ; 3. କ୍ରିଂବିଂ. ଦକ୍ଷିଣ–ପୂର୍ବ ଦିଗରେ, ଦିଗରୁ ବା ଆଡକୁ ।

**southeaster** ବି. ଦକ୍ଷିଣ–ପୂର୍ବ ବା ଅଗ୍ନିକୋଣରୁ ବହୁଥିବା ପବନ ।

**south–easterly** କ୍ରି.ବିଂ. ବିଂ. = south east.

**south–eastern** ବିଂ. ଦକ୍ଷିଣ–ପୂର୍ବୀୟ ।

**southerly** 1. କ୍ରି.ବିଂ. ବିଂ. ଦକ୍ଷିଣଦିଗ ସମ୍ବନ୍ଧୀୟ; ଦକ୍ଷିଣଦିଗସ୍ଥ, ଦକ୍ଷିଣା (ପବନ); 2. ବି. ଦକ୍ଷିଣା ପବନ ।

**southern** ବିଂ. ଦକ୍ଷିଣଦିଗସ୍ଥ, ଦକ୍ଷିଣଦିଗର; ଦକ୍ଷିଣା ।

**southerner** ବି. ଦକ୍ଷିଣ ଦିଗର ବ୍ୟକ୍ତି, ଦକ୍ଷିଣୀ (ବ୍ୟକ୍ତି) ।

**Southern hemisphere** ବି. ଦକ୍ଷିଣ ଗୋଲାର୍ଦ୍ଧ ।

**southern lights** ବି. ବ.ବ. ଦକ୍ଷିଣ ମେରୁଜ୍ୟୋତି, ଅରୋରା ଅଷ୍ଟ୍ରାଲିସ (aurora australis).

**southernly** 1. ବିଂ. କିଛିଟା ଦକ୍ଷିଣ ଦିଗର; 2. କ୍ରି.ବିଂ. ଦକ୍ଷିଣାଭିମୁଖେ ।

**southernmost** ବିଂ. ସର୍ବାପେକ୍ଷା ଦକ୍ଷିଣ, ଦକ୍ଷିଣତମ ।

**southpaw** *କ.ଭା.* 1. ବି. ବାଉଁଆ ବ୍ୟକ୍ତି; ଡେଵ୍‌ରିଆ; 2. ବିଂ. ବାଉଁଆ ।

**south pole** ବି. ଦକ୍ଷିଣ ମେରୁ ।

**southward, southwards** 1. ବିଂ. ଦକ୍ଷିଣାଭିମୁଖୀ; 2. କ୍ରି.ବିଂ. ଦକ୍ଷିଣାଭିମୁଖେ, ଦକ୍ଷିଣ ଦିଗରେ ।

**south–west** 1. ବି. ଦକ୍ଷିଣପଶ୍ଚିମ ଦିଗ; ନୈଋତ କୋଣ; 2. ବିଂ. ନୈଋତକୋଣୀୟ; ଦକ୍ଷିଣ–ପଶ୍ଚିମ; 3. କ୍ରି.ବିଂ. ଦକ୍ଷିଣ–ପଶ୍ଚିମ ଦିଗରେ ବା ଆଡକୁ ।

**southwester** ବି. ଦକ୍ଷିଣପଶ୍ଚିମ କୋଣରୁ ଆଗତ ପବନ ।

**south–westerly** କ୍ରି.ବିଂ. ବିଂ. = south west.

**south–western** ବିଂ. ଦକ୍ଷିଣ–ପଶ୍ଚିମ ଦିଗର ।

**souvenir** ବି. ସ୍ମାରକୀ; ସ୍ମୃତିଚିହ୍ନ; ସ୍ମରଣିକା ।

Digitized by srujanika@gmail.com

**sou'wester** ବି. ବେକପର୍ଯ୍ୟନ୍ତ ଘୋଡାଉଥିବା ବର୍ଷାତି ଟୋପି; ଦକ୍ଷିଣପଶ୍ଚିମ ଦିଗରୁ ବହୁଥିବା ପବନ।

**sovereign** 1. ବି. ସାର୍ବଭୌମ ଶାସନକର୍ତ୍ତା, ବିଶେ. ସମ୍ରାଟ; ରାଜା କିମ୍ବା ରାଣୀ; *ଇତି.* ସ୍ୱର୍ଣ୍ଣମୁଦ୍ରା ବିଶେଷ, (ବ୍ରିଟିଶ୍); 2. ବିଂ ସାର୍ବଭୌମ; ସର୍ବଶକ୍ତିମାନ; ରାଜକୀୟ; ପ୍ରଧାନ; ପରମ ଫଳପ୍ରଦ (sovereign remedy); ଉତ୍କୃଷ୍ଟ।

**sovereignty** ବି. ସର୍ବମୟ କର୍ତ୍ତୃତ୍ୱ; ସାର୍ବଭୌମ କ୍ଷମତା; ସ୍ୱୟଂ—ଶାସନ; ସ୍ୱୟଂଶାସିତ ବା ସାର୍ବଭୌମ ରାଷ୍ଟ୍ର।

**Soviet** 1. ବି.*ଇତି.* ସୋଭିଏତ୍ ରୁଷିଆ ବା ତାହାର ଅଧିବାସୀ ସମ୍ବନ୍ଧୀୟ; 2. ବି. ସେଠାରେ ପ୍ରତିଷ୍ଠିତ ଶ୍ରମିକ ଓ କୃଷକମାନଙ୍କର ନିର୍ବାଚିତ ପ୍ରତିନିଧି ସଭା (soviet); ସୋଭିଏତ୍ ରୁଷିଆର ଅଧିବାସୀ ବା ନାଗରିକ।

**sow**[1] କ୍ରି. (*ଅ.କା.* sowed, *ଅ.କ୍ରି.ଜ.ପ.* sowed, sown) ମାଟିଉପରେ (ମଂଜି) ବୁଣିବା; ବିଞ୍ଚିବା; ରୋପଣ କରିବା, ଆରମ୍ଭ କରିବା ବା ହେବା; sow one's wild oats ବିଳାସବ୍ୟସନ ବା ଯୌନସ୍ୱେଚ୍ଛାଚାରରେ ମାତିବା।

**sow**[2] ବି. ମାଈ ଘୁଷୁରି, ଶୂକରୀ।

**soy** ବି. soy sauce ତିଆରି ହୋଇଥିବା ସୋୟାବିନ୍‌ର ସସ୍; ସୋୟାବିନ୍; *ଦ୍ର.* soya.

**soya** ବି.*ସଂଶ.* soya bean ସୋୟାବିନ; ତାର ମଂଜି ବା ତେଲ; *ସଂଶ.* soya sauce ସୋୟାବିନ୍‌ରୁ ପ୍ରସ୍ତୁତ ସସ୍ ବା ଚଟଣି।

**sozzled** ବିଂ. *ସା.ପ୍ର.* ପ୍ରଚୁର ମଦ୍ୟପାନ କରିଥିବା।

**spa** ବି. ଖଣିଜ ଜଳର ଉତ୍ସ; ଖଣିଜ ଜଳର ଉତ୍ସ ଥିବା ସ୍ଥାନ।

**space** 1. ବି. ସ୍ଥାନ; ଇଲାକା; ଚତୁର୍ଦ୍ଦିଗର ବିସ୍ତୃତି ବା ପ୍ରସାର; କୌଣସି ବସ୍ତୁ ଅଧିକାର କରିଥିବା ସ୍ଥାନ; ଶୂନ୍ୟସ୍ଥାନ, ମହାଶୂନ୍ୟ; ସମୟର ପରିମାଣ; ଦୁଇସ୍ଥାନର ମଧ୍ୟବର୍ତ୍ତୀ ଦୂରତ୍ୱ, ବ୍ୟବଧାନ, ଫାଙ୍କ; ଖୋଲାମେଲା ଜାଗା; 2. କ୍ରି. (spacing) ଅକ୍ଷର, ଶବ୍ଦ ଇତ୍ୟାଦି ଫାଙ୍କାସ୍ଥାନ ଦେଇ ସଜାଇବା।

**space age** 1. ବି. ମହାକାଶ ଯୁଗ; 2. ବିଂ. ଅତ୍ୟାଧୁନିକ।

**space–bar** ବି. ଟାଇପ୍ ରାଇଟରର ଚେପ୍‌ଟା ଦଣ୍ଡ।

**spacecraft** ବି. ମହାକାଶ ଯାନ।

**spaced** ବିଂ. (ସା. out ସହ) *ସା.ପ୍ର.* ଡ୍ରଗସ୍ ବା ନିଶା ପ୍ରଭାବରେ ଅନୁଭୂତ କୃତ୍ରିମ ଆନନ୍ଦର ଅବସ୍ଥାରେ।

**spaceman** ବି. *ସ୍ତ୍ରୀ.* spacewoman ମହାକାଶଯାତ୍ରୀ।

**spaceship** ବି. ମହାକାଶଯାନ।

**space shuttle** ବି. ପୁନର୍ବ୍ୟବହାର ପାଇଁ ଉଦ୍ଦିଷ୍ଟ ମହାକାଶଯାନ।

**spacesuit** ବି. ମହାକାଶ ପରିଭ୍ରମଣର ଉପଯୋଗୀ ପୋଷାକ ବିଶେଷ।

**spacious** ବିଂ ବିସ୍ତୃତ, ପ୍ରଶସ୍ତ; *କ୍ରି.ବିଂ.* spaciously; ବି. spaciousness.

**spade**[1] 1. ବି. କୋଦାଳ, ଫାଉଡା; call a spade a spade ସ୍ପଷ୍ଟକଥା କହିବା; ବି. spadeful.

**spade**[2] ବି. ତାସ୍‌ର କଳାପାନ; *ଅପ. ସା.ପ୍ର.* କଳାଲୋକ; ନିଗ୍ରୋ।

**spadework** ବି. ସଫଳତା ହାସଲ ନିମନ୍ତେ କରାଯାଉଥିବା ପ୍ରସ୍ତୁତିମୂଳକ କାର୍ଯ୍ୟ।

**spaghetti** ବି. ବିସ୍କୁଟ ପରି ଲମ୍ୱା ପତଳା ପେଷ୍ଟା (pasta).

**spake** କ୍ରି. *ପ୍ରା.ପ୍ର.* speakର *ଅ.କା.*।

**Spam** ବି. *ସ୍ପୃ.* ଟିଣରେ ଆବଦ୍ଧ ଘୁଷୁରିମାଂସ।

**span** 1. ବି. ଅର୍ଦ୍ଧହସ୍ତ ପରିମାଣ; ଚାଖଣ୍ଡେ; ଏକଖିତା ପରିମାଣ; କିୟତ୍‌କାଳ, ଏକପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ ଦୈର୍ଘ୍ୟ; 2. କ୍ରି. ଗୋଟାଏ ପାଖରୁ ଅନ୍ୟପାଖକୁ ଲମ୍ବିଯିବା, ପ୍ରସରିଯିବା।

**spangle** 1. ବି. ଚୁମକି; ଚିକିମିକି; 2. କ୍ରି. ଚୁମକି ବା ଚିକିମିକିଦ୍ୱାରା ସଜାଇବା, ଚକମକ୍ କରିବା।

**Spaniard** ବି. ସ୍ପେନଦେଶର ଅଧିବାସୀ ବା ନାଗରିକ; ମୂଳ ସ୍ପେନ୍ ବଂଶୋଦ୍ଭବ।

**Spaniel** ବି. ଲୋମଶ ଛୋଟ କୁକୁର ବିଶେଷ।

**Spanish** 1. ବିଂ. ସ୍ପେନ ଦେଶୀୟ; ସ୍ପେନୀୟ; 2. ବି. ସ୍ପେନିଶ୍ ଆମେରିକା ଓ ସ୍ପେନର ଭାଷା; the Spanish ସ୍ପେନ୍‌ବାସୀ।

**Spanish omelette** ବି. କଟାପରିବା ମିଶ୍ରିତ ଅଣ୍ଡାଭଜା ବା ଅମ୍‌ଲେଟ୍।

Digitized by srujanika@gmail.com

**spank** 1. *କ୍ରି.* (ଶାସ୍ତି ପାଇଁ), ଚାପୁଡ଼ା ମାରିବା (ବିଶେ. ପିଚାରେ); (ଘୋଡ଼ା) ତୀବ୍ର ବେଗରେ ଗମନ କରିବା; 2. *ବି.* (ପିଚାରେ) ଚପେଟାଘାତ।

**spanker** *ବି.* ଜାହାଜର ପଛ ମାସ୍ତୁଲରେ ବନ୍ଧା ପାଲ; *କ.ଭା.* ବେଗଗାମୀ ଘୋଡ଼ା; ବିଶାଳ ବା ସୁନ୍ଦର ବସ୍ତୁ ବା ବ୍ୟକ୍ତି।

**spanking** 1. *ବିଂ.* ଚଞ୍ଚଳ; ଚିତ୍ତାକର୍ଷକ; 2. *କ୍ରି.ବିଂ.* ଅତ୍ୟନ୍ତ (spanking new); 3. *ବି.* (ପିଚାରେ) ଚପେଟାଘାତ।

**spanner** *ବି.* ବୋଲ୍ଟ୍‌ରେ ନଟ୍ ଘୁରାଇବା ପାଇଁ ଉଦ୍ଦିଷ୍ଟ ଉପକରଣ ବିଶେଷ; ସ୍ପେନର୍।

**spanner in the works** *ବି.* *କ.ଭା.* ପ୍ରତିବନ୍ଧକ।

**spar**[1.] *ବି.* ଦୀର୍ଘ କାଠଖଣ୍ଡ; ବଲ୍ଲା; ଲମ୍ବା ଲାଠି।

**spar**[2.] 1. *କ୍ରି.* ବାକ୍‌ଯୁଦ୍ଧ କରିବା; ଯୁକ୍ତି କରିବା; ମୁଷ୍ଟିଯୁଦ୍ଧ ଭଙ୍ଗୀରେ ଅଙ୍ଗଚାଳନା କରିବା; 2. *ବି.* ମୁଷ୍ଟିଯୁଦ୍ଧ ଭଳି ଅଙ୍ଗଚାଳନା; ମୁଷ୍ଟିଯୁଦ୍ଧ, ତାଇକୋଣ୍ଡୋ, କରାଟେ ପ୍ରଭୃତି ସାମରିକକ୍ରୀଡ଼ାର ଦ୍ୱନ୍ଦ୍ୱ ପ୍ରତିଯୋଗିତା।

**spar**[3.] *ବି.* ସହଜଭଙ୍ଗୁର ସ୍ଫଟିକ ସଦୃଶ ଖଣିଜପଦାର୍ଥ।

**spare** 1. *ବିଂ.* ଅତିରିକ୍ତ; ବର୍ତ୍ତମାନ ପାଇଁ ଅନାବଶ୍ୟକ; ଜରୁରୀକାଳୀନ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ; ଶୀର୍ଣ୍ଣକାୟ; ପତଳା; ମିତବ୍ୟୟୀ; 2. *କ୍ରି.* ଇଚ୍ଛାପୂର୍ବକ ଛାଡ଼ିଦେବା, ଅବ୍ୟାହତି ଦେବା; ତ୍ୟାଗକରିବା; ବଞ୍ଚାଇବା, ଛାଡ଼ିଦେବା; ସଦୟ ବ୍ୟବହାର କରିବା, କ୍ଷମାକରିବା; ମିତବ୍ୟୟୀ ହେବା; କ୍ଷାନ୍ତ ହେବା; (ଶିକାର ବା ହତ୍ୟାରୁ) ନିବୃତ୍ତ ହେବା; 3. *ବି.* ଅତିରିକ୍ତ ବା ଉଦ୍‌ବୃତ୍ତ ଅଂଶ; ଅତିରିକ୍ତ ଯନ୍ତ୍ରପାତି (spare parts); go spare *କ.ଭା.* ଅତ୍ୟନ୍ତ କ୍ରୁଦ୍ଧ ବା ଅପ୍ରସନ୍ନ ହେବା; not spare oneself ପାରୁପର୍ଯ୍ୟନ୍ତ ଚେଷ୍ଟା କରିବା; spare person's life (କାହାକୁ) ହତ୍ୟା ନ କରି ଛାଡ଼ିଦେବା; to spare ଉଦ୍‌ବୃତ୍ତ, ଅତିରିକ୍ତ; *କ୍ରି.ବିଂ.* sparely; *ବି.* spareness.

**spare time** *ବି.* ଅବସର ସମୟ।

**sparing** *ବିଂ.* ମିତବ୍ୟୟୀ; ସଂଯତ; *କ୍ରି.ବିଂ.* sparingly.

**spark** 1. *ବି.* ଅଗ୍ନିକଣା; ସ୍ଫୁଲିଙ୍ଗ; କ୍ଷଣିକ ଆଲୋକ ବା ଅସ୍ଥିର ଚମକ; ଆମୋଦଦାୟକ ବ୍ୟକ୍ତି; ବୁଦ୍ଧିମାନ ବ୍ୟକ୍ତି; 2. *କ୍ରି.* (ଅଗ୍ନିକଣା ବା ସ୍ଫୁଲିଙ୍ଗ) କ୍ଷଣଇକପାଇଁ ଝଲକିବା ବା ଚମକ୍ ଦେବା; (*ସା.* off ସହ) କୌଣସି କାର୍ଯ୍ୟରେ ଲାଗିଯିବା; କାର୍ଯ୍ୟ ଆରମ୍ଭ କରିବା; *ବିଂ.* sparky.

**sparkle** 1. *ବି.* ଆଲୋକର ଚମକ, ଦୀପ୍ତି; ଔଜ୍ଜ୍ୱଲ୍ୟ; 2. *କ୍ରି.* ସ୍ଫୁଲିଙ୍ଗ ନିର୍ଗତ ହେବା; ଚକ୍‌ଚକ୍ କରିବା; ଜୁଳୁଜୁଳୁ ହେବା; (ମଦ୍ୟଆଦିର) ଫେଣ ବା ବୁଦ୍‌ବୁଦ୍ ଉଠିବା; ବିଚକ୍ଷଣତା ପ୍ରଦର୍ଶନ କରିବା; *ବିଂ.* sparkly.

**sparkler** *ବି.* ଜଳାଇ ହାତରେ ଧରି ହେଉଥିବା ଉଜ୍ଜ୍ୱଳ ବାଣ; *କ.ଭା.* ହୀରା।

**spark–plug** *ବି.* (sparking–plug ମଧ୍ୟ) *ବି.* ମୋଟରଗାଡ଼ି ପ୍ରଭୃତିର ଆଭ୍ୟନ୍ତରୀଣ ଦହନ ଯନ୍ତ୍ରରେ ବ୍ୟବହୃତ ଉପକରଣ।

**sparrow** *ବି.* ଘରଚଟିଆ।

**sparrowhawk** *ବି.* କ୍ଷୁଦ୍ରଆକୃତିର ଛଞ୍ଚାଣ ବିଶେଷ।

**sparse** *ବିଂ.* ବିରଳଭାବେ ବିକ୍ଷିପ୍ତ, ପାତଳ ବୁଣା; *କ୍ରି.ବିଂ.* sparsely; *ବି.* sparseness, sparsity.

**Spartan** 1. *ବିଂ.* ପ୍ରାଚୀନ ଗ୍ରୀସ୍‌ଦେଶର ସ୍ପାର୍ଟାନଗର ସମ୍ବନ୍ଧୀୟ; କଷ୍ଟସହିଷ୍ଣୁ ପରିଶ୍ରମୀ; ମିତବ୍ୟୟୀ; 2. *ବି.* ସ୍ପାର୍ଟାବାସୀ।

**spasm** *ବି.* ପେଶୀ–ସଂକୋଚନ (ହଠାତ୍ ଏବଂ ଅନୈଚ୍ଛିକ); ଆକସ୍ମିକ ପ୍ରବଳ ଆବେଗ; *କ.ଭା.* ଅଳ୍ପ ସମୟପାଇଁ ଘଟୁଥିବା ଘଟଣା, ଯନ୍ତ୍ରଣା ପ୍ରଭୃତି।

**spasmodic** *ବିଂ.* ଆକସ୍ମିକ ଓ ପ୍ରଚଣ୍ଡ (ଯନ୍ତ୍ରଣା, ପେଶୀସଂକୋଚନ ପ୍ରଭୃତି); ଛାଡ଼ି ଛାଡ଼ି ହେଉଥିବା ବା ଘଟୁଥିବା; *କ୍ରି.ବିଂ.* spasmodically.

**spastic** 1. *ବିଂ.* ପକ୍ଷାଘାତ ରୋଗ ସମ୍ବନ୍ଧିତ; ପକ୍ଷାଘାତଗ୍ରସ୍ତ; 2. *ବି.* ପକ୍ଷାଘାତରୋଗରେ ଆକ୍ରାନ୍ତ ବ୍ୟକ୍ତି; *ସା.ପ୍ର.* *ଅବ.* ବୋକା ବା ଅଯୋଗ୍ୟ ବ୍ୟକ୍ତି।

**spat**[1.] *କ୍ରି.* spit ର *ଅ.କା.* ଏବଂ *ଅ.କ୍ରି.ଜ.ପ.*।

**spat**[2.] *ବି.* ଶାମୁକା ଇତ୍ୟାଦିର ଡିମ୍ବ।

**spat**[3.] *ବି.* (ବ.ବରେ) ଛୋଟ ଜୋତାର ଅଣ୍ଟଓସାରିଆ ଢାଉଣି।

Digitized by srujanika@gmail.com

**spat**[4] ବି. କ.ଭା. ଛୋଟ ଛୋଟ କଳି; ଅଳ୍ପସମୟ ଛାୟା କଳିତକରାଳ।
**spate** ବି. ବନ୍ୟାଜଳ; ଏକାଧରଣର ଘଟଣାଗୁଡ଼ିକର ଅପ୍ରତ୍ୟାଶିତ ସଂଘଟନ (spate of murders).
**spathe** ବି. ଫୁଲଗୋଛାକୁ ଧରିରଖିଥିବା ବହିରାବରଣ।
**spatial** ବିଂ. ସ୍ଥାନ ସମ୍ବନ୍ଧୀୟ; ମହାଶୂନ୍ୟ ସଂକ୍ରାନ୍ତ; କ୍ରି.ବିଂ. spatially.
**spatter** କ୍ରି. ଛିଟିକିବା; ଛିଞ୍ଚିବା ବା ଛିଞ୍ଚିହେବା; ଟପ୍‌ଟପ୍ ପଡ଼ିବା; ବୁନ୍ଦାବୁନ୍ଦା କରି ପକାଇବା; ଅପବାଦ ଦେବା।
**spatter-dash** ବି. ଜଳ କିମ୍ବା କାଦୁଅରୁ ରକ୍ଷାକରିବା ନିମନ୍ତେ ପାଦର ଆଚ୍ଛାଦନ।
**spatula** ବି. ଘାଣ୍ଟିବା ବା ପ୍ରଲେପ ଦେବା ନିମନ୍ତେ ବ୍ୟବହୃତ ଚଉଡ଼ା ପତଳା ଛୁରୀପରି ଉପକରଣ।
**spawn** 1. କ୍ରି. (ବେଙ୍ଗ, ମତ୍ସ୍ୟ ପ୍ରଭୃତି) ପ୍ରସବ କରିବା; ପ୍ରଜନନ କରିବା; ବହୁସଂଖ୍ୟାରେ ଜନ୍ମନେବା; 2. ବି. ଜଳଉପରେ ଭାସୁଥିବା (ମତ୍ସ୍ୟ, ବେଙ୍ଗ ପ୍ରଭୃତିର) ରାଶିରାଶି ଡିମ୍ବ।
**spay** କ୍ରି. (ମାଈପଶୁର) ଡିମ୍ବାଶୟ ସ୍ଥାନାନ୍ତରିତ କରି ବନ୍ଧ୍ୟାକରଣ କରିବା।
**speak** କ୍ରି. କହିବା; କଥା କହିବା; କଥୋପକଥନ କରିବା, ବକ୍ତୃତା ଦେବା, ଶବ୍ଦ ଉଚ୍ଚାରଣ କରିବା; ପ୍ରକାଶ କରିବା; ଘୋଷଣା କରିବା; ନିର୍ଭୟରେ ଖୋଲାଖୋଲିଭାବେ କହିବା; କୌଣସି ଭାଷା ବ୍ୟବହାର କରିବାରେ ସକ୍ଷମ ହେବା; generally speaking ସାଧାରଣ ଭାବରେ କହିବାକୁ ଗଲେ; on speaking terms କଥାବାର୍ତ୍ତା ହେବାଭଳି ବନ୍ଧୁତା; speak for itself ଯଥେଷ୍ଟ ପ୍ରମାଣ (ନିଜେହିଁ) ହେବା; speak out (against) ସାହସର ସହ ମୁହଁ ଖୋଲିବା; speak up ବଡ଼ ପାଟିରେ ବା ଖୋଲାଖୋଲି ଭାବରେ କହିବା; speak up for ପ୍ରତିବାଦ ବା ପକ୍ଷସମର୍ଥନ କରିବା; speak volumes ମହତ୍ତ୍ୱପୂର୍ଣ୍ଣ ହେବା।
**speaker** ବି. ଯେ କଥା କହେ; କଥକ; ବକ୍ତା; ବାଗ୍ମୀବ୍ୟକ୍ତି; କୌଣସି ଭାଷା ବ୍ୟବହାର କରିପାରୁଥିବା ବ୍ୟକ୍ତି; ସ୍ୱରବର୍ଦ୍ଧକଯନ୍ତ୍ର (loud speaker), Speaker ସଂସଦୀୟ ବାଚସ୍ପତି।
**spear** 1. ବି. ବଲ୍ଲମ, ବର୍ଚ୍ଛା; 2. କ୍ରି. ବଲ୍ଲମଦ୍ୱାରା ବିଦ୍ଧ କରିବା; ବର୍ଚ୍ଛାରେ ଭୁଷିବାଭଳି ଭୁଷିବା।
**spearhead** 1. ବି. ବର୍ଚ୍ଛାର ମୁନ; ଆକ୍ରମଣର ନେତୃତ୍ୱ ନେଉଥିବା ବ୍ୟକ୍ତି ବା ଦଳ; 2. କ୍ରି. ଅଭିଯାନ, ଆକ୍ରମଣ ପ୍ରଭୃତିର ନେତୃତ୍ୱ ନେବା।
**spearman** ବି. ବର୍ଚ୍ଛାଧାରୀ, ବଲ୍ଲମଧାରୀ।
**spearmint** ବି. ବ୍ୟଞ୍ଜନ ପ୍ରଭୃତିରେ ବା ଚୁଇଙ୍ଗଗମ୍‌ରେ ସୁଗନ୍ଧ ପାଇଁ ବ୍ୟବହୃତ ପୋଦିନା-ଜାତୀୟ ଗୁଳ୍ମ ବା ତା'ର ପତ୍ର।
**spec.** ବି. ସଂକ୍ଷି. କ.ଭା. ଅନୁମାନ।
**special** 1. ବିଂ. ବିଶେଷ, ସ୍ୱତନ୍ତ୍ର; ବ୍ୟତିକ୍ରମ; ନିର୍ଦ୍ଦିଷ୍ଟ; 2. ବି. ସ୍ୱତନ୍ତ୍ର ଟ୍ରେନ୍, ପ୍ରହରୀ, ସମ୍ବାଦପତ୍ର ଇତ୍ୟାଦି; ନିଜସ୍ୱ ସମ୍ବାଦଦାତା (special correspondent); ବି. specialness.
**Special Branch** ବି. ରାଜନୈତିକ ନିରାପତ୍ତା ଦାୟିତ୍ୱରେ ଥିବା ପୋଲିସ୍ ବିଭାଗ।
**special effects** ବି. ସାଜସଜ୍ଜା, ଚିତ୍ରଗ୍ରହଣ, ଶବ୍ଦଗ୍ରହଣ ପ୍ରଭୃତି ସାହାଯ୍ୟରେ ପ୍ରସ୍ତୁତ ମଞ୍ଚମାୟା।
**specialist** ବି. ବିଶେଷଜ୍ଞ।
**speciality** ବି. ବିଶେଷତ୍ୱ; ବୈଶିଷ୍ଟ୍ୟ; ବିଶେଷ ଉତ୍ପନ୍ନ ଦ୍ରବ୍ୟ, ଖାଦ୍ୟ, କାର୍ଯ୍ୟକ୍ରମ ପ୍ରଭୃତି।
**specialize** କ୍ରି. ବିଶିଷ୍ଟ କରିବା; ବିଶେଷଜ୍ଞ ହେବା; ବିଶେଷ ଜ୍ଞାନ ବା କୌଶଳ ହାସଲ କରିବା; ବି. specialization.
**specially** କ୍ରି.ବିଂ. ବିଶେଷତଃ, ବିଶେଷ ଉଦ୍ଦେଶ୍ୟରେ; ବିଶେଷ ଭାବରେ।
**specialty** ବି. ଆମେ. ଦ୍ରଷ୍ଟ. speciality.
**specie** ବି. ଧାତବ ମୁଦ୍ରା।
**species** ବି. ପ୍ରଜାତି; ଶ୍ରେଣୀ, ପ୍ରକାର, ରକମ; କିସମ।
**specific** 1. ବିଂ. ସୁନିର୍ଦ୍ଦିଷ୍ଟ; ସ୍ୱତନ୍ତ୍ର, ବିଶେଷ, ଠିକ୍; ପ୍ରା.ପ୍ର. ଯେଉଁ ଔଷଧରେ କୌଣସି ବିଶେଷ ରୋଗ ଦୂର ହୁଏ; ସଠିକ୍; 2. ବି. ପ୍ରା.ପ୍ର. ବିଶେଷ ରୋଗ ଲାଗି ନିର୍ଦ୍ଦିଷ୍ଟ ଔଷଧ; ନିର୍ଦ୍ଦିଷ୍ଟ ବିଷୟବସ୍ତୁ; ବି. specificity.
**specifically** କ୍ରି.ବିଂ. ସୁନିର୍ଦ୍ଦିଷ୍ଟଭାବେ; ବିଶେଷରୂପେ; ବିଶେଷତଃ।
**specification** ବି. ନିର୍ଦ୍ଦିଷ୍ଟକରଣ, ବିନିର୍ଦ୍ଦେଶ, ବିଶଦ୍ ବିବରଣ।
**specific gravity** ବି. ବୈ. ଆପେକ୍ଷିକ ଗୁରୁତ୍ୱ।
**specify** କ୍ରି. ବିଶେଷଭାବେ ଉଲ୍ଲେଖ କରିବା; ସବିସ୍ତାରେ ବା ପରିଷ୍କାରଭାବେ ବର୍ଣ୍ଣନା କରିବା।
**specimen** ବି. ନମୁନା, ଆଦର୍ଶ, ନିଦର୍ଶନ।

Digitized by srujanika@gmail.com

**specious** ବିଂ. ସଂଗତ ବା ସତ୍ୟବୋଲି ପ୍ରତୀୟମାନ (କିନ୍ତୁ ପ୍ରକୃତପକ୍ଷେ ତାହାନୁହେଁ)।
**speck** 1. ବି. ଦାଗ, ଚିହ୍ନ, କଳଙ୍କ; 2. କ୍ରି. ଚିହ୍ନିତ କରିବା; ଛଉଛଉକା କରିବା।
**speckle** 1. ବି. କ୍ଷୁଦ୍ରଚିହ୍ନ, ଛୋଟଦାଗ; 2. କ୍ରି.ବିଂ. କ୍ଷୁଦ୍ର କ୍ଷୁଦ୍ର ଚିହ୍ନରେ ଚିହ୍ନିତ କରିବା; ଛଉଛଉକା କରିବା।
**speckless** ବିଂ. ଦାଗହୀନ, ନିଖୁଣ।
**specs** ବି. ବ.ବ. କ.ଭା. ଚଷମା।
**spectacle** ବି. (ଆକର୍ଷଣୀୟ, ଅଦ୍ଭୁତ, ବିଚିତ୍ର, ହାସ୍ୟକର ବା ଅତି ସୁନ୍ଦର) ଦୃଶ୍ୟ; ପ୍ରଦର୍ଶନୀ; ଆକର୍ଷଣୀୟ ବସ୍ତୁ।
**spectacled** ବିଂ. ଚଷମାପିନ୍ଧା; ଚଷମାପରିହିତ।
**spectacles** ବି. ବ.ବ. ଚଷମା; ପ୍ରଚକ୍ଷୁ।
**spectacular** ବିଂ. ଆକର୍ଷଣୀୟ; ମନୋହର; ଚିତ୍ତାକର୍ଷକ।
**spectator** ବି. ଦର୍ଶକ, ଦ୍ରଷ୍ଟା।
**spectator sport** ବି. ବହୁଦର୍ଶକ ଆକୃଷ୍ଟ କରିପାରୁଥିବା ଖେଳ।
**specter** *ଆମେ.* spectre *ଦ୍ର.।*
**spectre** ବି. ଭୂତ, ପ୍ରେତ; ଛାୟାମୂର୍ତ୍ତି; ବିଂ. spectral.
**spectra** ବି. spectrumର ବ.ବ.।
**spectrometer** ବି. ରଙ୍ଗବାରିବା ଯନ୍ତ୍ର।
**spectroscope** ବି. ବର୍ଣ୍ଣାଳୀବୀକ୍ଷଣ ଯନ୍ତ୍ର; ବିଂ. spectroscopic, spectroscopical; ବି. spectroscopy.
**spectrum** ବି. ବ.ବ. spectra ଇନ୍ଦ୍ରଧନୁର ସପ୍ତରଙ୍ଗ; ବର୍ଣ୍ଣାଳୀ; ପ୍ରିଜ୍‌ମ୍ ବା ତ୍ରି-କାଚଦ୍ୱାରା ବିଭାଜିତ ଆଲୋକର ବର୍ଣ୍ଣ; କୌଣସି ବିଷୟର ବ୍ୟାପକ ବା ସଂପୂର୍ଣ୍ଣ ଅଂଶ।
**spectrum analysis** ବି. ବର୍ଣ୍ଣାଳୀ ବିଶ୍ଳେଷଣ।
**specula** ବି. speculumର ବ.ବ.।
**speculate** କ୍ରି. ଅନୁମାନ କରିବା, ଚିନ୍ତାକରିବା, ମତବାଦ ବା ତତ୍ତ୍ୱଚିନ୍ତନ କରିବା; ପରେ ଅଧିକ ଲାଭ ନିମନ୍ତେ ପଣ୍ୟବସ୍ତୁ ବା ସ୍ଥାବର ସଂପତ୍ତି କ୍ରୟକରିବା; ବି. speculation; ବିଂ. speculative; ବି. speculator.
**speculum** ବ.ବ. specula ବି. ଶରୀରର ରନ୍ଧ୍ରଦେଇ ଶରୀର ଅଭ୍ୟନ୍ତର ନିରୀକ୍ଷଣ ନିମନ୍ତେ ବ୍ୟବହୃତ ଯନ୍ତ୍ର; ଦୂରବୀକ୍ଷଣ ଯନ୍ତ୍ରର ଅତି ମସୃଣ ଧାତବ ଦର୍ପଣ; ସ୍ପେକୁଲମ ଯନ୍ତ୍ର।
**sped** କ୍ରି. speedର *ଅ.କା.* ଏବଂ *ଅ.କ୍ରି.ଜ.ପ.।*
**speech** ବି. କଥା, ବାକ୍‌ଶକ୍ତି; ବକ୍ତୃତା, ବକ୍ତବ୍ୟ; ଭାଷଣ; ଭାଷା (କୌଣସି ଦେଶ ବା ଗୋଷ୍ଠୀର)।
**speechify** କ୍ରି. ଦୀର୍ଘ ବା ବିରକ୍ତିକର ବକ୍ତୃତା ଦେବା।
**speechless** ବିଂ. ଅବାକ୍, ନିର୍ବାକ୍; ଯାହା ଭାଷାରେ ପ୍ରକାଶିତ ହୋଇପାରେ ନାହିଁ; ଭାବାବେଗ ଯୋଗୁଁ ସାମୟିକ ନିର୍ବାକ୍ (ଅବସ୍ଥା)।
**speech therapy** ବି. ବାକ୍‌ଦୋଷ ନିରାକରଣ ପାଇଁ ଚିକିତ୍ସା।
**speed** 1. ବି. ବେଗ; କ୍ଷିପ୍ରତା, ଗତି; (ଫଟୋଗ୍ରାଫି) ଫିଲ୍‌ମ୍‌ର ଆଲୋକ ସମ୍ବେଦନ-ଶୀଳତା; ଲେନ୍ସ୍ ଖୋଲା ରହିବାର ଅବଧି; *ସା.ପ୍ର.* ଏମ୍ଫିଟାମିନ୍ ଔଷଧ; *ପ୍ରା.ପ୍ର.* ସଫଳତା; ସମୃଦ୍ଧି; 2. କ୍ରି. ଅଧିକ ଜୋରରେ ଚଳାଇବା; ଗତିର ବେଗ ବଢାଇବା; ଅତିରିକ୍ତ ବେଗରେ ଚଳାଇବା; *ପ୍ରା.ପ୍ର.* ସାଫଲ୍ୟ ବା ସମୃଦ୍ଧି ହାସଲ କରିବା; ସମୃଦ୍ଧି କରିବା; at speed ଅଧିକ ବେଗରେ ଯାଉଥିବା; speed up (ଗତି ବା କାର୍ଯ୍ୟର ବେଗ) ବଢ଼ାଇବା; ବି. speeder.
**speedboat** ବି. ବେଗଗାମୀ ମଟରବୋଟ୍।
**speed limit** ବି. ଆଇନାନୁମୋଦିତ (ଯାନବାହନର) ବେଗସୀମା।
**speedo** ବି. କ.ଭା. ଦ୍ର. speedometer.
**speedometer** ବି. ଯାନବାହନରେ ଗତି ବା ବେଗ ସୂଚକ ଯନ୍ତ୍ର।
**speedster** ବି. ବେନିୟମଭାବେ ଦ୍ରୁତବେଗରେ ଗାଡ଼ି ଚଳାଉଥିବା ବ୍ୟକ୍ତି।
**speedtrack** ବି. ଦ୍ରୁତଗତିରେ ଯାନ ଚଳାଇବା ପାଇଁ ରାସ୍ତା।
**speedway** ବି. ମଟରସାଇକଲର ଦ୍ରୁତଚାଳନା ପ୍ରତିଯୋଗିତା ବା ସେଥିପାଇଁ ଉଦ୍ଦିଷ୍ଟ ପଥ; *ଆମେ.* ଯାନବାହନ ଦ୍ରୁତଗତିରେ ଯିବାପାଇଁ ଉଦ୍ଦିଷ୍ଟ ପଥ।
**speedwell** ବି. ଉଜ୍ଜ୍ୱଳ ନୀଳବର୍ଣ୍ଣ ଫୁଲବିଶିଷ୍ଟ କ୍ଷୁଦ୍ର ଉଦ୍ଭିଦ।
**speedy** ବିଂ. ଦ୍ରୁତ, ତୀବ୍ରବେଗ ସଂପନ୍ନ; ତୁରନ୍ତ, ତ୍ୱରିତ; କ୍ରି.ବିଂ. speedily; ବି. speediness.

Digitized by srujanika@gmail.com

**speleology** ବି. ଗୁମ୍ଫାମାନଙ୍କ ସଂପର୍କରେ ବୈଜ୍ଞାନିକ ଅଧ୍ୟୟନ।

**spell**[1] କ୍ରି. (ଶବ୍ଦ ସଂପର୍କରେ) ସଠିକ ବନାନ କରିବା; spell out ଗୋଟି ଗୋଟି କରି ଅକ୍ଷର ପଢ଼ିବା; ବିଶଦ୍‌ଭାବେ ବୁଝାଇବା; ବି. speller.

**spell**[2] ବି. ଯାଦୁ; ମନ୍ତ୍ର ବା ସମ୍ମୋହନ; (ବ୍ୟକ୍ତି ବା କାର୍ଯ୍ୟର) ଆକର୍ଷଣ।

**spell**[3] ବି. ସଂକ୍ଷିପ୍ତ ବା ସୀମିତ ସମୟ; କୌଣସି କାର୍ଯ୍ୟ ବା ଘଟଣାର ଅବଧି।

**spellbind** କ୍ରି. ମନ୍ତ୍ରମୁଗ୍ଧ ବା ମୋହିତ କରିବା।

**spellbound** ବିଂ. ମନ୍ତ୍ରମୁଗ୍ଧ; ସମ୍ମୋହିତ।

**spelling** ବି. ବନାନ; ଠିକ୍‌ରୂପେ ବନାନ କରିବାର ବ୍ୟକ୍ତିର କ୍ଷମତା; ବନାନ କରିବାର ପ୍ରଥା।

**spelt**[1] କ୍ରି. spellର *ଅ.କା., ଅ.କ୍ରି.ବ.ପ.।*

**spelt**[2] ବି. ଅତି ମସୃଣ ଅଟା ହୋଇପାରୁଥିବା ଏକପ୍ରକାର ଗହମ।

**spelter** ବି. ବ୍ୟବସାୟ ଉଦ୍ଦେଶ୍ୟରେ ବ୍ୟବହୃତ ଦସ୍ତା (zinc).

**spence** ବି. ଭଣ୍ଡାରଘର; ଖାଦ୍ୟସାମଗ୍ରୀ ରଖିବା ସ୍ଥାନ।

**spencer** ବି. *ଇତି.* ଛୋଟ ଓଭର କୋଟ୍; ଛୋଟ ଜ୍ୟାକେଟ୍ ବା ଅଙ୍ଗରଖା ଜାମା।

**spend** କ୍ରି. ବ୍ୟୟକରିବା, ଖର୍ଚ୍ଚକରିବା; ନଷ୍ଟକରିବା ବା ଉଡାଇଦେବା, ସମୟ ବିତାଇବା; spend a penny *କଥ.* ପାଇଖାନା ଯିବା।

**spender** ବି. ଅମିତବ୍ୟୟୀ ବ୍ୟକ୍ତି; ଖର୍ଚ୍ଚୀଲୋକ।

**spending** ବି. ଖର୍ଚ୍ଚ, ବ୍ୟୟ।

**spendthrift** ବି. ଏବଂ ବିଂ.ଅପବ୍ୟୟୀ (ବ୍ୟକ୍ତି), ଅମିତବ୍ୟୟୀ।

**spent** ବିଂ. ଶକ୍ତି ହରାଇଥିବା; କ୍ଳାନ୍ତ; ଅବସନ୍ନ।

**sperm** ବି. ଶୁକ୍ର; ବୀର୍ଯ୍ୟ।

**spermaceti** ବି. ମଲମ ତିଆରିରେ ବ୍ୟବହୃତ ସର୍ମ ତିମିର ମୁଣ୍ଡର ଚର୍ବିଜାତୀୟ ପଦାର୍ଥ।

**spermatic** ବିଂ. ଶୁକ୍ର ସମ୍ବନ୍ଧୀୟ; ଶୁକ୍ର ବା ବୀର୍ଯ୍ୟ ସଦୃଶ।

**spermatorrhoea** ବି. ଧାତୁଦୌର୍ବଲ୍ୟ; ସ୍ୱପ୍ନଦୋଷ ବା ଅନ୍ୟକାରଣରୁ ଅନୈଚ୍ଛିକ ବୀର୍ଯ୍ୟକ୍ଷରଣ।

**spermatozoon** ବି. ପରିଣତ ଶୁକ୍ରାଣୁ ବା ଶୁକ୍ରକୀଟ।

**sperm bank** ବି. କୃତ୍ରିମ ପ୍ରଜନନରେ ବ୍ୟବହାର ପାଇଁ ସଂରକ୍ଷିତ ଶୁକ୍ରଭଣ୍ଡାର।

**sperm count** ବି.ନିର୍ଦ୍ଦିଷ୍ଟପରିମାଣର ବୀର୍ଯ୍ୟରେ ଉପସ୍ଥିତ ଶୁକ୍ରାଣୁର ଗଣନା।

**spermicide** ବି. ଶୁକ୍ରାଣୁ ନଷ୍ଟକାରୀ ପଦାର୍ଥ; ବିଂ. spermicidal.

**sperm-oil** ବି. ତିମିମାଛର ତେଲ।

**sperm whale** ବି.ଏକଜାତୀୟ ତିମି; ସର୍ମତିମି।

**spew, spue** କ୍ରି. (*ସା. up* ସହ) ବାନ୍ତିକରିବା; (out ସହ) ହଠାତ୍ (ତରଳପଦାର୍ଥ) ନିର୍ଗତ ହେବା।

**sphagnum** ବି. ସନ୍ତସନ୍ତିଆଜାଗାରେ ଜନ୍ମୁଥିବା ଶିଉଳି (*ସା.* ପେକିଙ୍ଗ୍ କରିବାରେ ବ୍ୟବହୃତ)।

**sphere** ବି. ଗୋଲକ, ମଣ୍ଡଳ, ଯେଉଁ ପରିବେଶରେ କୌଣସି ବ୍ୟକ୍ତି ବାସକରେ ବା କାର୍ଯ୍ୟ କରେ; କାର୍ଯ୍ୟକ୍ଷେତ୍ର; ସାମାଜିକବର୍ଗ; *ଇତି.* ଜ୍ୟୋତିଷ୍କଖଚିତ ଆବର୍ତ୍ତନରତ ଗୋଲକ।

**spherical** ବିଂ. ଗୋଲକବତ୍, ଗୋଲାକାର; ବର୍ତ୍ତୁଳାକାର; ଗୋଲକ ସମ୍ବନ୍ଧୀୟ; କ୍ରି.ବିଂ. spherically.

**spheroid** ବି. ଉପଗୋଲକ; ଗୋଲାକୃତି କିନ୍ତୁ ସଂପୂର୍ଣ୍ଣ ବର୍ତ୍ତୁଳ ହୋଇ ନ ଥିବା ବସ୍ତୁ; ବିଂ. spheroidal.

**sphincter** ବି. ଶରୀରର କୌଣସି ରନ୍ଧ୍ରକୁ ବନ୍ଦ କରିପାରୁ ଥିବା ଚତୁପାର୍ଶ୍ୱସ୍ଥ ଚକ୍ରାକାର ମାଂସପେଶୀ।

**sphinx** ବି. (ଗ୍ରୀକ୍‌ପୁରାଣ) ନାରୀର ମସ୍ତକ ଓ ସିଂହୀ ଶରୀରବିଶିଷ୍ଟ ବିକଟାକାର ପକ୍ଷଯୁକ୍ତ ଦାନବୀ ଯାହାର ପ୍ରହେଳିକା ଇଡିପସ୍ ଅନୁମାନ କରିବାରେ ସମର୍ଥ ହୋଇଥିଲେ; (ପୁରାତତ୍ତ୍ୱ) ମିଶରର ସିଂହଶରୀର ଏବଂ ମନୁଷ୍ୟ ବା ପଶୁ ମସ୍ତକବିଶିଷ୍ଟ ପ୍ରସ୍ତର ମୂର୍ତ୍ତି; the sphinx ଗିଜାର ପିରାମିଡ ନିକଟସ୍ଥ ବିଶାଳକାୟ ସ୍ଫିଙ୍କ୍‌ସ୍ ମୂର୍ତ୍ତି।

**spice** 1. ବି. ମସଲା; ଖାଦ୍ୟର ସ୍ୱାଦୁ ଏବଂ ସୁଗନ୍ଧ ପାଇଁ ବ୍ୟବହୃତ ବିଭିନ୍ନ ମସଲା; 2. କ୍ରି. ମସଲାଦେବା; ବୃଦ୍ଧି କରିବା; ବି. spicery.

**spick** ବି. କୀଳକ, ପିରକ।

**spick and span** ବିଂ. ପରିଷ୍କାର ପରିଚ୍ଛନ୍ନ; ଫିଟ୍‌ଫାଟ୍ ଓ ନୂଆ।

**spicy** ବିଂ. ମସଲାଦିଆ; ମସଲାଯୁକ୍ତ; ଉଗ୍ରସ୍ୱାଦଯୁକ୍ତ; (ଗଳ୍ପାଦି ସମ୍ବନ୍ଧରେ) ଅଶ୍ଳୀଳ

Digitized by srujanika@gmail.com

ବର୍ଣ୍ଣନାରେ ପୂର୍ଣ୍ଣ; ଅରୁଚିକର; ଚାଞ୍ଚଲ୍ୟ ଜନକ; ବି. spiciness.

**spider** ବି. ମାକଡସା, ବୁଢିଆଣୀ, ଭର୍ଣ୍ଣନାଭ।

**spider crab** ବି. ଲମ୍ବା, ପତଳା ଗୋଡବିଶିଷ୍ଟ କଙ୍କଡା ବିଶେଷ।

**spider plant** ବି. ଦୀର୍ଘପତ୍ର ବିଶିଷ୍ଟ ଏକଗଛ।

**spidery** ବିଂ. ଅତ୍ୟନ୍ତ ସରୁ ଏବଂ ଲମ୍ବା।

**spiel** ବି. *ସା.ପ୍ର.* ଦୀର୍ଘ ବକ୍ତବ୍ୟ, ଦୀର୍ଘ ଗପ।

**spigot** ବି. କାଠର ଛିଦ୍ର ବନ୍ଦ କରିବାର କୀଳକ ବିଶେଷ; ଠିପି; କଳରେ ତରଳପଦାର୍ଥ ପ୍ରବାହ ନିୟନ୍ତ୍ରଣକାରୀ ଉପକରଣ।

**spike**[1.] 1. ବି. ତୀକ୍ଷ୍ଣ ମୁନ; ମୁନିଆ କୀଳକ, ଦଣ୍ଡ ପ୍ରଭୃତି; ବ.ବ.ରେ ଖେଳାଳିମାନଙ୍କର କଣ୍ଟାଦିଆ ଜୋତା, ଲମ୍ବା କଣ୍ଟା; 2. କ୍ରି. କୀଳକ ବା କଣ୍ଟା ଲଗାଇବା, ଅପମିଶ୍ରିତ କରିବା।

**spike**[2.] ବି. ଶସ୍ୟର ଶିଷା; ପୁଷ୍ପମଞ୍ଜରୀ।

**spikenard** ବି. ଡେଙ୍ଗା ସୁଗନ୍ଧିଯୁକ୍ତ (ଭାରତୀୟ) ଉଦ୍ଭିଦ, ଇତି. ସେଥିରୁ ପୂର୍ବକାଳରେ ପ୍ରସ୍ତୁତ କରାଯାଉଥିବା ସୁଗନ୍ଧି ମଲମ।

**spiky** ବିଂ. ତୀକ୍ଷ୍ଣାଗ୍ର, କୀଳକବିଶିଷ୍ଟ; କ.ଭା. ସ୍ପର୍ଶକାତର; ଚିଡ଼ଚିଡ଼ା; କ୍ରି.ବିଂ. spikily; ବି. spikiness.

**spill**[1.] 1. କ୍ରି. (ତରଳପଦାର୍ଥ) ଛଲକିବା; ଛଲକି ପଡିଯିବା; ଉଛୁଳି ପଡିବା; ଗାଡିମଟରରୁ ଫୋପାଡିଦେବା; ଶୀଘ୍ର ସ୍ଥାନ ଛାଡି ଚାଲିଯିବା; spill the beans ଗୁପ୍ତରହସ୍ୟାଦି ପ୍ରଘଟ କରିଦେବା; spill over ଉଛୁଳି ବହିଯିବା; ବି. spillage.

**spill**[2.] ବି. ନିଆଁ ଧରେଇବାପାଇଁ ବ୍ୟବହୃତ କାଗଜ ଟୁକୁରା, କାଠର ପତଳା ଟୁକୁରା ବା କରଚାଲି।

**spillikin** ବି. କାଠର ଟୁକୁରା; କରଚାଲି; ବ.ବ. ଏକପ୍ରକାର ଖେଳ, ଯେଉଁଥିରେ ଗଦା ହୋଇଥିବା ସରୁକାଠିଗୁଡିକୁ ନ ପକାଇ ଖଣ୍ଡିଏ ଲେଖା କାଠି ଉଠାଇ ନିଆହୁଏ।

**spillway** ବି. ବନ୍ଧର ଯେଉଁ ବାଟଦେଇ ଉଦ୍‌ବୃତ୍ତ ଜଳ ଉଛୁଳି ବାହାରିଯାଏ।

**spilt** spillର *ଅ.କା. ଏବଂ ଅ.କ୍ରି.ଜ.ପ.।*

**spin** 1. କ୍ରି. ଘୂରିବା ବା ଘୂରାଇବା; ସୂତା କାଟିବା; ପଶମପ୍ରଭୃତିର ସୂତା ପ୍ରସ୍ତୁତ କରିବା; (ବୁଢ଼ିଆଣୀ) ଜାଲ ବୁଣିବା; (ମୁଣ୍ଡ) ବୁଲାଇହେବା; (କାହାଣୀ) ରଚନା କରିବା; (ବଲ୍) ଘୂରି ଘୂରି ଯିବା; 2. ବି. ଆବର୍ତ୍ତନ; (ବଲ୍‌ର) ଘୂର୍ଣ୍ଣନ; କ.ଭା. ଅଳ୍ପ ସମୟ ପାଇଁ ଯାନବାହନରେ ଯାତ୍ରା; spin out ଲମ୍ବେଇବା; spin a yarn କାହାଣୀ ଫାନ୍ଦିବା; ଗପ କହିବା।

**spina bifida** ବି. ଜନ୍ମରୁ ବିକୃତ ମେରୁଦଣ୍ଡ; କୁଜ।

**spinach** ବି. ଖାଇବାର ଶାଗ ବିଶେଷ।

**spinal** ବିଂ. ମେରୁଦଣ୍ଡ ସମ୍ବନ୍ଧୀୟ।

**spinal column** ବି. ମେରୁଦଣ୍ଡ; ମେରୁହାଡ।

**spinal cord** ବି. ସୁଷୁମ୍ନାକାଣ୍ଡ, ମେରୁଦଣ୍ଡ ମଧ୍ୟରେ ଲମ୍ବାଳିଆଭାବେ ଅବସ୍ଥିତ ସ୍ନାୟୁରଜ୍ଜୁ।

**spin bowler** ବି. କ୍ରିକେଟ୍‌ବଲ୍‌କୁ ଘୂର୍ଣ୍ଣନ ଦେଇ ବୋଲିଂ କରିବାରେ ଦକ୍ଷ ବୋଲର୍।

**spindle** ବି. ତାକୁଡି; କଣ୍ଟା; ଲମ୍ବା, ସରୁ ଓ ମୁନିଆ କାଠି।

**spindly** ବିଂ. ଲମ୍ବା ବା ଡେଙ୍ଗା ଓ ସରୁ; ପତଳା ଓ ଦୁର୍ବଳକାୟ।

**spine** ବି. ମେରୁଦଣ୍ଡ; ମେରୁହାଡ; କଣ୍ଟକ; ଜୀବଜନ୍ତୁଙ୍କ ଶରୀର ଉପରିସ୍ଥ କଣ୍ଟା; ବହିର ପୃଷ୍ଠାଗୁଡିକର ସିଲାଇ ଆବୃତ କରୁଥିବା ଅଂଶ।

**spine–chiller** ବି. ଲୋମହର୍ଷକ, ଉତ୍ତେଜନା–ପୂର୍ଣ୍ଣ କାହାଣୀ, ଚଳଚ୍ଚିତ୍ର ପ୍ରଭୃତି।

**spineless** ବିଂ. ଅମେରୁଦଣ୍ଡୀ; ମେରୁଦଣ୍ଡହୀନ; ସାହସହୀନ, ଦୁର୍ବଳମନା।

**spinnaker** ବି. ପ୍ରତିଯୋଗିତାରେ ବ୍ୟବହୃତ ହାଲୁକା ନୌକାର ତିନିକୋଣିଆ ବଡ ପାଲ।

**spinner** ବି. କ୍ରିକେଟ୍ ସ୍ପିନ୍ ବୋଲର୍; ସୂତା କାଟିବାର କଳ, ସୂତାକଟାଳି; ଘୂର୍ଣ୍ଣାୟମାନ (ବନ୍‌ଶୀର) ଚାରା।

**spinneret** ବି. ବୁଢ଼ିଆଣୀର ସୂତା ବୁଣିବାର ଅଂଶବିଶେଷ; ସଂଶ୍ଳେଷିତ (ସିନ୍ଥେଟିକ୍) ସୂତା ପ୍ରସ୍ତୁତିର ଉପକରଣ।

**spinney** ବି. ଛୋଟ ଜଙ୍ଗଲ; ପତରା; ମନାରି।

**spinning–jenny** ବି. ଇତି. ଏକାଥରେ ଏକାଧିକ କଣ୍ଟା ବ୍ୟବହାର କରି ସୂତାକାଟିବା ଯନ୍ତ୍ର।

**spinning–wheel** ବି. ଚରଖା, ସୂତାକଟା ଯନ୍ତ୍ର।

**spin–off** ବି. ଆନୁଷଙ୍ଗିକ ବା ଅପ୍ରତ୍ୟାଶିତ ଫଳ ବା ଲାଭ; ବିଶେ. ବୈଷୟିକ କୌଶଳରେ।

Digitized by srujanika@gmail.com

**spinster** ବି. ଅବିବାହିତା ନାରୀ; କୁମାରୀ; ଅନୂଢ଼ା; ବିବାହର ସମ୍ଭାବନା ନ ଥିବା, *ସା.* ବୟସ୍କା ନାରୀ; ବିଂ. spinsterish.

**spiny** ବିଂ. କଣ୍ଟକଯୁକ୍ତ।

**spiraea** ବି. ଛୋଟ ଛୋଟ ଧଳା ବା ଈଷତ୍ ନାଲିରଙ୍ଗର ପେଛାପେଛା ଫୁଲ ଫୁଟୁଥିବା ଗଛ।

**spiral** 1. ବିଂ. ଶଂଖିଳ, ଚକ୍ରାକାର; 2. ବି. ଶଂଖିଳ ବା ଘୂରିଘୂରିଆ ବସ୍ତୁ; କୁଣ୍ଡଳୀ; କ୍ରି.ବିଂ. spirally.

**spirant** ବିଂ. ଏକନିଃଶ୍ବାସରେ କଥିତ, ଏକାନିଃଶ୍ବାସରେ ଉଚ୍ଚାରିତ (ଶବ୍ଦ)।

**spire** ବି. ସୂକ୍ଷ୍ମାଗ୍ର ଚୂଡାବିଶିଷ୍ଟ ସ୍ତମ୍ଭ, ଗମ୍ବୁଜ; ଯେକୌଣସି ସୂକ୍ଷ୍ମାଗ୍ର ବସ୍ତୁ।

**spirea** *ଆମେ. ଦ୍ର.* spiraea.

**spirit** 1. ବି. ଆତ୍ମା; ମନୁଷ୍ୟର ଆତ୍ମସତ୍ତା; ଭୂତ, ପ୍ରେତ; ଜୀବନ, ଚେତନା, ସାହସ, ଉତ୍ସାହ, ଜୀବନୀଶକ୍ତି, ମନୋଭାବ; ମନ; ବ୍ୟକ୍ତି–ଚରିତ୍ର; ପ୍ରକୃତି, ମିଜାଜ, ତାତ୍ପର୍ଯ୍ୟ, ମାନସିକ ବା ନୈତିକ ଦୃଷ୍ଟିଭଙ୍ଗୀ; *ସା.ବ.ବ*ରେ ବିଶୋଧିତ ସୁରାସାର (ହ୍ବିସ୍କି, ଜିନ୍ ପ୍ରଭୃତି); ମଦ; 2. କ୍ରି. ତୀବ୍ର ବେଗରେ ବା ରହସ୍ୟମୟଭାବରେ ପଠାଇଦେବା ବା ନେଇଯିବା।

**spirited** ବିଂ. ସାହସୀ; *ସଂ.* ନିର୍ଦ୍ଦିଷ୍ଟ ମାନସିକ ଅବସ୍ଥାରେ ( *ଉଦା.* high–spirited); କ୍ରି.ବିଂ. spiritedly.

**spirit–lamp** ବି. ମେଥିଲେଟେଡ୍ ସ୍ପିରିଟ ସାହାଯ୍ୟରେ ପ୍ରଜ୍ବଳିତ ବତୀ।

**spiritless** ବିଂ. ନିସ୍ତେଜ, ଉତ୍ସାହହୀନ।

**spiritual** 1. ବିଂ. ଆଧ୍ୟାତ୍ମିକ, ପାରମାର୍ଥିକ; ଅଶରୀରୀ, ଆତ୍ମିକ; ପବିତ୍ର, ମାର୍ଜିତ; ସ୍ପର୍ଶକାତର; ଆତ୍ମା ସମ୍ବନ୍ଧୀୟ, ଆତ୍ମାଗତ; 2. ବି. ଆଧ୍ୟାତ୍ମିକ ସଙ୍ଗୀତ ( *ବିଶେ.* କୃଷ୍ଣକାୟ ଆମେରିକୀୟ–ମାନଙ୍କର); ବି. spirituality; କ୍ରି.ବିଂ. spiritually.

**spiritualism** ବି. ପ୍ରେତତତ୍ତ୍ବ; ମାଧ୍ୟମ ଜରିଆରେ ପ୍ରେତ ଆବାହନ ଏବଂ ଭାବର ଆଦାନପ୍ରଦାନ ବା ସେଥିରେ ବିଶ୍ବାସ; ଦ. ଅଧ୍ୟାତ୍ମବାଦ; ବି. spiritualist; ବିଂ. spiritualistic.

**spirituality** ବି.ଆଧ୍ୟାତ୍ମିକତା, ପାରଲୌକିକତା, ଅପାର୍ଥିବଭାବ।

**spirituous** ବିଂ. ସୁରାସାର ବା ମଦ୍ୟଥିବା।

**spit**¹ 1. କ୍ରି. ଛେପ ପକାଇବା; ଥୁକିବା, ଥୁ'କରି ପକାଇବା; (ରାଗ ବା ଘୃଣାରେ) ଥୁ' କରିବା; (ନିଆଁ ପ୍ରଭୃତି) ଉଦ୍‌ଗୀରଣ କରିବା; 2. ବି. ଛେପ; ଥୁକ; ଛେପ ପକାଇବା କ୍ରିୟା; spit it out ସଂକ୍ଷେପରେ ଏବଂ ଶୀଘ୍ର କରିବା।

**spit**² 1. ବି. ନିଆଁରେ ମାଂସ ପ୍ରଭୃତି ସେକିବା ପାଇଁ ବ୍ୟବହୃତ ଲୁହାକଣ୍ଟକ ବା ଛଡ; ସମୁଦ୍ରଭିତରକୁ ପଶିଥିବା ଭୂଭାଗ; 2. କ୍ରି. କଣ୍ଟକ ବା ଛଡରେ ପୂରାଇବା ବା ସେକିବା।

**spit–box** ବି. ପିକଦାନି, ଛେପପକାଇବା ସ୍ଥାନ।

**spite** 1. ବି. ଦ୍ବେଷ, ଆକ୍ରୋଶ, ମନ୍ଦ ଉଦ୍ଦେଶ୍ୟ; 2. କ୍ରି. କାହାକୁ ଘୃଣାବଶତଃ କ୍ଷତି କରିବା ବା ହଇରାଣ କରିବା; in spite of ତାହା ସତ୍ତ୍ବେବି, ତଥାପି।

**spiteful** ବିଂ. ଦୁଷ୍ଟବୁଦ୍ଧି, ଅସୂୟାପରାୟଣ, ଦ୍ବେଷପରବଶ; କ୍ରି.ବିଂ. spitefully; ବି. spitefulness.

**spitfire** ବି. ଅଗ୍ନିବର୍ଷୀ ଯେ କୌଣସି ପଦାର୍ଥ; କ୍ରୋଧୀଲୋକ; ଅଗ୍ନିଶର୍ମା।

**spitting distance** ବି. *କ.ଭା.* ଅତି ପାଖ; ଖୁବ୍ ଅଳ୍ପଦୂର।

**spittle** ବି. (ମୁଖରୁ ନିଃସୃତ) ଲାଳ; ଛେପ।

**spittoon** ବି.ଦ୍ର. spit–box.

**spiv** ବି. *କ.ଭା.* ବ୍ୟକ୍ତି ( *ବିଶେ.* ଉତ୍ତମ ଓ ଆକର୍ଷଣୀୟ ପୋଷାକ ପରିହିତ)।

**splash** 1. କ୍ରି. (ପାଣି, କାଦୁଅ ପ୍ରଭୃତି) ଛିଟିକିବା ବା ଛାଟିବା; ପାଣି ବା ତରଳପଦାର୍ଥ ଛାଟି ଓଦା କରିବା; ଛପ୍‌କିନା ପାଣିରେ ପଡିବା; 2. ବି. (ଜଳ ବା କାଦୁଅର) ଛିଟା; ଛପ୍‌ଛପ୍ ଶବ୍ଦ; ଗୁରୁତ୍ବପୂର୍ଣ୍ଣ ସମ୍ବାଦ (ସମ୍ବାଦପତ୍ରରେ); make a splash ଦୃଷ୍ଟି ଆକର୍ଷଣ କରିବା; spalsh out *କ.ଭା.* ପାଣିପରି ପଇସା ଖର୍ଚ୍ଚ କରିବା; ବିଂ. splashy.

**splashboard** ବି. ଗାଡ଼ିର ସାମ୍ନାରେ ଥିବା ମଡ୍‌ଗାର୍ଡ ବା କାଦୁଅନିବାରକ ବ୍ୟବସ୍ଥା ବିଶେଷ।

**splat** *ସଂଶ.* 1. *କ.ଭା.* ଛପ୍‌ଛପ୍ ଶବ୍ଦ; 2. କ୍ରି. ଛପ୍‌ଛପ୍ ଶବ୍ଦ କରିବା।

**splatter** ଦ୍ର. splat.

**splatterdash** ବି. କୋଳାହଳ।

Digitized by srujanika@gmail.com

**splay** 1. କ୍ରି. ମେଲେଇବା; (ରନ୍ଧ୍ର ପ୍ରଭୃତି) ପ୍ରସାରିତ କରିବା; ବାଟ ପ୍ରଶସ୍ତ କରିବା; 2. ବି. ଗଡାଣିଆ ଧାର ବା ତଳ।

**splayfoot** ବି. ଏବଂ ବିଂ. ଚେପ୍ଟା ପାଦ ବା ବଙ୍କା ଗୋଇଠିଥିବା ବ୍ୟକ୍ତି, କେମ୍ପା ବା କେର୍ପା ପାଦ ବା ଗୋଡ।

**spleen** ବି. ପ୍ଲୀହା; ଈର୍ଷା, ବିରକ୍ତି।

**spleenwort** ବି. ଏକପ୍ରକାର ଚିରଶ୍ୟାମଳ ଉଦ୍ଭିଦ (ପୂର୍ବେ ଔଷଧରୂପେ ବ୍ୟବହୃତ)।

**splendent** ବିଂ. ଦୀପ୍ତିମାନ; ଉଜ୍ଜ୍ୱଳ।

**splendid** ବିଂ. ଉଜ୍ଜ୍ୱଳ, ଦୀପ୍ତିମାନ; ଚମତ୍କାର; ସୁଦୃଶ୍ୟ; ଗୌରବମୟ, ମହତ୍; ଅତ୍ୟନ୍ତ ସନ୍ତୋଷଜନକ; ରୁଚିପୂର୍ଣ୍ଣ; କ୍ରି.ବିଂ. splendidly.

**splendiferous** ବି. କ.ଭା. ଦ୍ର. splendid.

**splendour** ବି. *ଆମେ.* splendor ପ୍ରଭା, ଦୀପ୍ତି, ଔଜ୍ଜ୍ୱଲ୍ୟ।

**splenetic** ବିଂ. ଚିଡ଼ା; ଖିଟ୍‌ଖିଟା, ବଦ୍‌ରାଗୀ; ପ୍ଲୀହା ସମ୍ବନ୍ଧୀୟ; କ୍ରି.ବିଂ. splenetically.

**splenic** ବିଂ. ପ୍ଲୀହା ସମ୍ବନ୍ଧୀୟ।

**splice** 1. କ୍ରି. ଦଉଡି ବଳିବା ବା ସଂଯୁକ୍ତକରିବା; ଯୁକ୍ତକରିବା; ଉପରେ ଉପରେ ପଟା ବା ତକ୍ତା ରଖି ଯୋଡିବା; 2. ବି. ପଟା ବା କାଠ ଯୋଡେଇ।

**splint** 1. ବି. କାଠପ୍ରଭୃତିର ପତଳା ତକ୍ତା; ଭଙ୍ଗାହାଡ ଯୋଡିବା ପାଇଁ କାଠଖଣ୍ଡ, ସ୍ୱସ୍ଥାନରେ ଦୃଢ଼ଭାବରେ ରଖିବା ନିମନ୍ତେ ବ୍ୟବହୃତ ପତଳା ତକ୍ତା ବା ପାଟିଆ; 2. କ୍ରି. ପତଳା ତକ୍ତା ଦେବା (ଭଙ୍ଗାହାଡ ଯୋଡିବାରେ ସାହାଯ୍ୟ କରିବାପାଇଁ)।

**splinter** 1. ବି. କାଠ, ପଥର, କାଚ ପ୍ରଭୃତିର କ୍ଷୁଦ୍ର ମୁନିଆ ଛେଲା; 2. କ୍ରି. ଭାଙ୍ଗିବା; ଖଣ୍ଡଖଣ୍ଡ ହୋଇଯିବା; ବିଂ. splintery.

**splinter group** ବି. ଦଳତ୍ୟାଗୀ ରାଜନୈତିକ ଗୋଷ୍ଠୀ।

**splinter–proof** ବିଂ. (ବୋମା ଇତ୍ୟାଦିରୁ ନିକ୍ଷିପ୍ତ) ଟୁକୁରାରୁ ରକ୍ଷାକରୁଥିବା।

**split** 1. କ୍ରି.ବିଂ. ଫାଟିଯିବା ବା ଫଟାଇଦେବା; ଭାଙ୍ଗିଯିବା; ବିଭକ୍ତ କରିବା, ବିଦୀର୍ଣ୍ଣ ହେବା, ସମାନଭାଗରେ ବାଣ୍ଟିନେବା (let's split the money); ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବା; ବିରୁଦ୍ଧ ମତାବଲମ୍ବୀ ବା ବିରୋଧୀ ଦଳରେ ବିଭକ୍ତ କରିବା ବା ହେବା; ଅପଡ଼ ହେବା; *ଗା.ପ୍ର.* ହଠାତ୍ ସ୍ଥାନ ଛାଡି ଚାଲିଯିବା; 2. ବି. ଫାଟ; ଫଟା; ଅପଡ଼; split hairs ମହତ୍ତ୍ୱହୀନ ତାରତମ୍ୟ ଗୁଡିକ ଖୋଜି ବାହାର କରିବା; split one's sides ହସିହସି ଫାଟିପଡିବା; split up ବିଚ୍ଛିନ୍ନ ହେବା; ସଂପର୍କ ଛିନ୍ନ କରିବା।

**split infinitive** ବି.ବ୍ୟା. *to* ଏବଂ କ୍ରିୟାପଦ ମଧ୍ୟରେ କ୍ରିୟାବିଶେଷଣ ଥାଇ ଅସମାପିକା କ୍ରିୟା, *ଯଥା,* to slowly read the passage.

**split pea** ବି. ଶୁଖିଲା ଚିନାବାଦାମ ମଞ୍ଜିଫାଳ।

**split personality** ବି. *ମନ.* ବିଚ୍ଛିନ୍ନ ବ୍ୟକ୍ତିତ୍ୱ; ଦୁଇ ବା ବହୁ ବିଭିନ୍ନ ବ୍ୟକ୍ତିତ୍ୱ ଥିବା ଭଳି ପ୍ରତୀୟମାନ ହେଉଥିବା ବ୍ୟକ୍ତି।

**split second** 1. ବି. ମୁହୂର୍ତ୍ତଟିଏ; ଖୁବ୍ ଅଳ୍ପ ସମୟ; 2. ବିଂ. ଖୁବ୍ ଶୀଘ୍ର; ସମୟାନୁବର୍ତ୍ତୀ; ଠିକ୍ ସମୟରେ।

**splodge** କ.ଭା. 1. ବି. ପ୍ରଲେପ; ଦାଗ; 2. କ୍ରି. ପ୍ରଲେପଦେବା; ଦାଗଦେବା।

**splosh** କ.ଭା. *1.* କ୍ରି. ଜଳ ବା କାଦୁଅ ଫୋପାଡିବା; ସ୍ପ'ସ୍ପ' କରି ବା ଛପାସ୍‌ଛପାସ୍ (ତରଳପଦାର୍ଥ) କରି ଯିବା; 2. ବି. ଛିଟା ବା ଛିଞ୍ଚିବା ଶବ୍ଦ।

**splotch** ବି. ଓ କ୍ରି. =splodge; ବି. splotchy.

**splurge** କ.ଭା. 1. ବି. ସଶବ୍ଦ ଉଦ୍ୟମ; ହଠାତ୍ ହାତଖୋଲା ଖର୍ଚ୍ଚ; ଦେଖାଣିଆ; 2. କ୍ରି. ବିପୁଳ ଅର୍ଥବ୍ୟୟ କରିବା; ପ୍ରଗାଢ ଉଦ୍ୟମ କରିବା।

**splutter** 1. କ୍ରି. ଥୁ ଥୁ କରିବା; ରୁଦ୍ଧକଣ୍ଠରେ କହିବା; ଅନର୍ଗଳ ବା ଅସଂହତ ଭାବରେ କହିବା; 2. ବି. ଅସହତ ବା ଅବିରାମ ଭାଷଣ ବା ଶବ୍ଦ।

**spoil** 1. କ୍ରି. ନଷ୍ଟ ହୋଇଯିବା; ନଷ୍ଟ କରିଦେବା; (ଖାଦ୍ୟ) ପଚିଯିବା; ବିଗାଡିଦେବା; କ୍ଷତିସାଧନ କରିବା; ଲୁଣ୍ଠନ ବା ଧ୍ୱଂସ କରିବା; ଅଧିକ ସ୍ନେହ ବା ପ୍ରଶ୍ରୟ ଦେଇ ନଷ୍ଟ କରିବା; 2. ବି. *ସା.ବ.ବ.* ରେ ଲୁଣ୍ଠନ ବା ଚୋରି ଦ୍ରବ୍ୟ।

**spoiler** ବି. ଭୂମିସହ ଗାଡିର ସଂଯୋଗକାରୀ ଯନ୍ତ୍ର; ପବନରବେଗକୁ ପ୍ରତିହତ କରୁଥିବା (ବିମାନର) ଯନ୍ତ୍ର।

**spoilsport** ବି. ଅନ୍ୟମାନଙ୍କ ଆନନ୍ଦ ବା ମଉଜମଜଲିସ୍ ନଷ୍ଟ କରିଦେଉଥିବା ବ୍ୟକ୍ତି।

**spoke** ବି. ଚକର ଅର ବା ପକ୍ଷ; put a spoke in a person's wheel କାହାରି ଉଦ୍ଦେଶ୍ୟ ପ୍ରତିହତ କରିବା।

Digitized by srujanika@gmail.com

**spoke** କ୍ରି. speakର *ଅ.କା.* ।

**spoken** କ୍ରି. speakର *ଅ.କ୍ରି.ବ.ପ.;* ନିର୍ଦ୍ଦିଷ୍ଟ ପ୍ରଣାଳୀର କଥନଭଙ୍ଗୀ (well-spoken).

**spokeshave** ବି. ରନ୍ଦା; କାଠ ପ୍ରଭୃତି ଚାଞ୍ଛି ପାଲିସ୍ କରିବା ଉପକରଣ ।

**spokesman** ବି. ( *ସ୍ତ୍ରୀ.* spokeswoman) ମୁଖପାତ୍ର ।

**spoliation** ବି. ଲୁଣ୍ଠନ; ଅପହରଣ, ଲୁଟିମାଲ ।

**spondee** ବି. ଦୁଇଗୁରୁ ମାତ୍ରାର ପାଦ ବିଶିଷ୍ଟ ପଦ୍ୟରଚନା; ବିଂ. spondaic.

**sponge** 1. ବି. ସ୍ପଞ୍ଜ୍, ତରଳପଦାର୍ଥ ପରିଶୋଷକ ବହୁରନ୍ଧ୍ର ବିଶିଷ୍ଟ କୋମଳ ବସ୍ତୁ; ସାମୁଦ୍ରିକ ଜୀବ ବିଶେଷ; 2. କ୍ରି. (ସ୍ପଞ୍ଜ୍‌ରେ) ପୋଛିବା; ସଫାକରିବା; ପରାଂଗପୁଷ୍ଟଭାବେ ବଞ୍ଚିବା; ବିଂ. spongiform.

**sponge bag** ବି. ପ୍ରସାଧନ ସାମଗ୍ରୀ ରଖିବା ନିମିତ୍ତ ଜଳାଭେଦ୍ୟ ଥଳି ।

**sponge cake** ବି. ହାଲୁକା କେକ୍ ବିଶେଷ ।

**sponger** ବି. ପରାନ୍ନଭୋଜୀ; ପରାଂଗପୁଷ୍ଟ ବ୍ୟକ୍ତି ।

**sponge-rubber** ବି. ସ୍ପଂଜଭଳି ଛିଦ୍ରବହୁଳ ରବର ।

**spongy** ବିଂ. ସ୍ପଂଜପରି ନରମ ଓ ଶୋଷଣ ଗୁଣଯୁକ୍ତ; ନରମ ଓ ଛିଦ୍ରବହୁଳ; ବି. sponginess.

**sponsor** 1. ବି. ପ୍ରତିଭୂ; ଜାମିନଦାର; ଧର୍ମପିତା ବା ଧର୍ମମାତା; ପୃଷ୍ଠପୋଷକ; ଟେଲିଭିଜନ ପ୍ରଭୃତି କାର୍ଯ୍ୟକ୍ରମରେ ପ୍ରାୟୋଜକ ବା ଅର୍ଥଲଗାଣକାରୀ (ବିଜ୍ଞାପନ ସମୟ ବିନିମୟରେ); ପ୍ରତିଯୋଗିତା ବା ଖେଳରେ ଅର୍ଥଲଗାଣକାରୀ ସଂସ୍ଥା; 2. କ୍ରି. ପୃଷ୍ଠପୋଷକତା କରିବା, ଅର୍ଥଲଗାଣ କରିବା; ବିଂ. sponsorial; ବି. sponsorship.

**spontaneous** ବିଂ. ସ୍ୱତଃସ୍ଫୂର୍ତ୍ତ; ସ୍ୱାଭାବିକ; ନିଜ ଇଚ୍ଛାନୁସାରେ; ସହଜ; ଅକଷ୍ଟକଳ୍ପିତ, ସ୍ୱୟଂଚାଳିତ; ବି. spontaneity; ବି. spontaneously.

**spontaneous combustion** ବି. ଆଭ୍ୟନ୍ତରୀଣ ରାସାୟନନିକ ପରିବର୍ତ୍ତନ ବା ଉତ୍ତାପ ଦ୍ୱାରା ଦଗ୍ଧ ବା ଅଗ୍ନିସଂଯୁକ୍ତ ହେଉଥିବା ଯନ୍ତ୍ର ।

**spoof** 1. ବି. ଛାଳିକା, ପ୍ରତାରଣା; 2. କ୍ରି. ପ୍ରତାରଣା କରିବା; ଠକିବା ।

**spook** 1. ବି. *କ.ଭା.* ଭୂତ; 2. କ୍ରି. *ବିଶେ. ଆମେ.* ଡରାଇବା ।

**spooky** ବିଂ. *କ.ଭା.* ଭୂତୁଡି, ଭୂତାବିଷ୍ଟ, ଭୀତିପ୍ରଦ; କ୍ରି.ବିଂ. spookily; ବି. spookiness.

**spool** 1. ବି. ସୂତା, ଫଟୋଫିଲ୍ମ ପ୍ରଭୃତି ଗୁଡେଇ ରଖିବା ନଟେଇ; 2. କ୍ରି. ନଟେଇରେ ଗୁଡେଇବା ।

**spoon** 1. ବି. ଚାମୁଚ; ଚାମୁଚଆକାର ବସ୍ତୁ; ବୋକା ତଥା ଦୁର୍ବଳମନା ପ୍ରଣୟପ୍ରାର୍ଥୀ; 2. କ୍ରି. ଚାମୁଚଦ୍ୱାରା କାଢିଆଣିବା ବା ଅଲଗାକରିବା; ବଲ୍‌କୁ ହାଲୁକାଭାବେ ଶୂନ୍ୟକୁ ଉଠେଇବା; *କ.ଭା.* ଚୁମ୍ବନ ଦେଇ ଆଲିଙ୍ଗନ କରିବା; ନିର୍ବୋଧ ଲଂପଟତା ପ୍ରଦର୍ଶନ କରିବା ।

**spoonbill** ବି. ଚାମୁଚଆକୃତି ଥଣ୍ଟଯୁକ୍ତ ପକ୍ଷୀବିଶେଷ ।

**spoonerism** ବି. ଦୁଇଶବ୍ଦର ପ୍ରଥମ ଧ୍ୱନି ପରିବର୍ତ୍ତନ; ଶବ୍ଦଧ୍ୱନିର ବିପର୍ଯ୍ୟୟ; *ଉଦା.* down train ପରିବର୍ତ୍ତେ town drain; loving shepherd ପରିବର୍ତ୍ତେ shoving leopard କହିବା (ଡ: ସ୍ପୁନର୍‌ଙ୍କ ନାମାନୁସାରେ) ।

**spoonfeed** ପିଲାକୁ ଚାମଚରେ ଖୁଆଇବା; ବ୍ୟକ୍ତିକୁ ଏପରି ସାହାଯ୍ୟ କରିବା ଯେପରି ତାର କୌଣସି ପରିଶ୍ରମ ନ ହୁଏ ।

**spoonful** ବି. ଏକଚାମଚରେ ଯେତେଧରେ; ଚାମଚେ ।

**spoor** ବି. ପଶୁର ପଦରେଖା ବା ଗନ୍ଧ ।

**sporadic** ବିଂ. ବିକ୍ଷିପ୍ତ; ସମୟସମୟରେ ଘଟୁଥିବା; କ୍ରି.ବିଂ. sporadically.

**spore** ବି. ଉଦ୍‌ଭିଦର ପ୍ରଜନନକ୍ଷମ କୋଷ ।

**sporangium** ବି.ଆଲ୍‌ଗି ଶିଉଳି ପ୍ରଭୃତି ଅଯୌନ ଉଦ୍‌ଭିଦର ରେଣୁଥଳୀ ।

**sporran** ବି. (ସିପାହୀଙ୍କ) ଅଣ୍ଟାଉପରେ ଝୁଲିଥିବା ଝାଲରଯୁକ୍ତ ଥଳି ।

**sport** 1. ବି. ବହିରଙ୍ଗନ କ୍ରୀଡା; ଶାରୀରିକ ବ୍ୟାୟାମ; ଖେଳକୌତୁକ; ଖେଳକୁଦ, ଶିକାର; ବ.ବରେ ଦୌଡକୁଦ ପ୍ରତିଯୋଗିତା; ମନୋରଞ୍ଜନ; 2. କ୍ରି. ଖେଳିବା; କୌତୁକ କରିବା; ଦେଖାଇହେବା; in sport ଥଟ୍ଟାରେ; କୌତୁକରେ; make sport of ତାଚ୍ଛଲ୍ୟ କରିବା, ପରିହାସ କରିବା ।

**sporting** ବିଂ. ଆମୋଦ ପ୍ରମୋଦ ବିଷୟରେ; କ୍ରୀଡା-ଅନୁରକ୍ତ; ଉଦାର, ବିଚାରବନ୍ତ; ଜୟ ପରାଜୟରେ ଅବିଚଳିତ; ଖେଳାଳି ମନୋବୃତ୍ତି ସଂପନ୍ନ; କ୍ରି.ବିଂ. sportingly.

Digitized by srujanika@gmail.com

**sportive** ବିଂ. କୌତୁକପ୍ରିୟ, ଆମୋଦପ୍ରମୋଦ ପ୍ରିୟ।

**sports car** ବି. କ୍ଷୁଦ୍ର ଆକୃତିର ଦ୍ରୁତଗାମୀ କାର୍।

**sportsman** ବି. *ସ୍ତ୍ରୀ.* sportswoman କ୍ରୀଡାବିତ୍; ଖେଳାଳି; ଖେଳାଳି ମନୋବୃତ୍ତିସଂପନ୍ନ ବ୍ୟକ୍ତି; ଅବିଚଳିତ ଓ ଉଦାର ବ୍ୟକ୍ତି; ବିଂ. sportsmanlike; ବି. sportsmanship.

**sportswear** ବି. ଖେଳାଳିମାନଙ୍କ ସ୍ୱତନ୍ତ୍ର ପୋଷାକ, ଜୋତା ପ୍ରଭୃତି।

**sporty** ବିଂ. *କ.ଭା.* ଖେଳପ୍ରିୟ; ବାହାଦୁରିଆ; ମଉଜିଆ।

**spot** 1. ବି. ଚିହ୍ନ ବା ଦାଗ; ଚର୍ମଉପରେ କ୍ଷୁଦ୍ର ସ୍ଫୋଟକ; ଜାଗା; ନିର୍ଦ୍ଦିଷ୍ଟ ସ୍ଥାନ ବା ଅଞ୍ଚଳ; ବିନ୍ଦୁ, ଅଳ୍ପ ପରିମାଣ; କଳଙ୍କ; ଟୋପା; 2. *କ୍ରି.* ବିନ୍ଦୁସମୂହରେ ଚିତ୍ରିତ କରିବା (spotted); ବାଛିନେବା; କାହାରି ପ୍ରତିଭାକୁ ଲକ୍ଷ୍ୟ କରିବା ବା ସନ୍ଧାନ କରିବା।

**spot cash** ବି. କିଣିବା ସଙ୍ଗେସଙ୍ଗେ ଦ୍ରବ୍ୟମୂଲ୍ୟ ପ୍ରଦାନ।

**spot check** ବି. ହଠାତ୍ ଯାଞ୍ଚକରିବା; ଏଠିସେଠି ତଦାରଖ କରିବା।

**spotless** ବିଂ. ଦାଗହୀନ, ନିଷ୍କଳଂକ।

**spotlight** ବି. କୌଣସି ବସ୍ତୁ, ବ୍ୟକ୍ତି ବା ସ୍ଥାନଉପରେ ପତିତ ଉଜ୍ଜ୍ୱଳ ଆଲୋକ; ମଞ୍ଚଉପରେ ପତିତ ବୃତ୍ତାକାର ଆଲୋକ; ଏହି ଆଲୋକ ସୃଷ୍ଟିକାରୀ ପ୍ରଦୀପ; ସୁପ୍ରଚାରିତ ବ୍ୟକ୍ତି।

**spot on** ବିଂ. *କ.ଭା.* ଲକ୍ଷ୍ୟଭେଦୀ; ସଂକ୍ଷିପ୍ତ।

**spotty** ବିଂ. ଚିହ୍ନ ବା ଦାଗଯୁକ୍ତ; ଛଉଛଉକା; ଅସ୍ଥିର; ଅନିମିୟତ।

**spouse** ବି. ଦମ୍ପତି ମଧ୍ୟରୁ ଜଣେ; ପତି ବା ପତ୍ନୀ।

**spout** 1. ବି. ତରଳପଦାର୍ଥ ଢାଳି ବାହାରକରିବା ନିମିତ୍ତ ଉଦ୍ଦିଷ୍ଟ ନଳର ମୁଖ; ଚା'ପାତ୍ର, ଜଗ୍ କିମ୍ବା ଛାତରୁ ତରଳପଦାର୍ଥ ନିଃସରଣ ନଳ; ତୀବ୍ରବେଗରେ ବା ନଳାକାରରେ ନିର୍ଗମନ; 2. *କ୍ରି.* ଛିଦ୍ର ବା ନଳରୁ ନିଃସାରିତ ହେବା; ଉଚ୍ଚକଣ୍ଠରେ ଘୋଷଣା କରିବା; ବିସ୍ତୃତରୂପେ କହିବା; up the spout *ଗା.ପ୍ର.* ଅଦରକାରୀ; ବିଧ୍ୱସ୍ତ; ଗର୍ଭବତୀ।

**sprain** 1. *କ୍ରି.* ମକ୍‌ଚିଯିବା; ରକାହେବା; 2. ବି. ମକ୍‌ଚା; ରକା।

**sprang** *କ୍ରି.* springର *ଅ.କା.* ।

**sprat** ବି. ଏକଜାତୀୟ କ୍ଷୁଦ୍ର, ଖାଦ୍ୟୋପଯୋଗୀ ସାମୁଦ୍ରିକ ମତ୍ସ୍ୟ; କ୍ଷୁଦ୍ର ଶିଶୁ; ରୋଗା ଲୋକ।

**sprawl** 1. *କ୍ରି.* ଚଉକାତ ମେଲି ପଡିବା; ହାତଗୋଡ ମେଲାଇ ଶୋଇବା, ଅଛାଡ଼ ବିଛାଡି ହୋଇପଡିବା; (ଜନବସତି, ଗଛ, ଲେଖା ପ୍ରଭୃତି) ଅନିୟମିତ ହେବା; 2. ବି. ଚାରିକାତ ମେଲିବା; ଅଯତ୍ନବର୍ଦ୍ଧିଷ୍ଣୁ ସହର ପ୍ରଭୃତି।

**spray**[1.] 1. ବି. ଜଳ ବା ତରଳପଦାର୍ଥର ବିନ୍ଦୁ ବିନ୍ଦୁ ସେଚନ; ଏଭଳିଭାବରେ ତରଳପଦାର୍ଥ ପ୍ରୟୋଗ ବା ସିଞ୍ଚନ; 2. *କ୍ରି.* ସେଚନ କରିବା; ସିଞ୍ଚିବା; ସ୍ପ୍ରେ କରିବା; ବି. sprayer.

**spray**[2.] ବି. ନବମୁକୁଳ ବା ପଲ୍ଲବଧାରଣ; ପଲ୍ଲବାକାର ଅଳଂକାର ବା ଅଳଂକରଣ।

**spray-gun** ବି. ରଙ୍ଗପ୍ରଭୃତି ସିଞ୍ଚିବାପାଇଁ ଯନ୍ତ୍ର।

**spread** 1. *କ୍ରି.* (*ଅ.କା.* ଏବଂ *ଅ.କ୍ରି.ଜ.ପ.* spread) ପତଳା ବା ବ୍ୟାପକଭାବେ ପ୍ରସାରିତ ହେବା; ସବୁଦିଗକୁ ବିସ୍ତାରିତ ହେବା; ଘୋଡାଇବା; ବୃଦ୍ଧିପ୍ରାପ୍ତ ହେବା; ବ୍ୟାପକଭାବେ ପରିଚିତ ହେବା; ମେଲିଯିବା; ଖୋଲିଯିବା; ଖାଇବା ଟେବୁଲ ପ୍ରସ୍ତୁତ କରିବା; 2. ବି. ପ୍ରସାର; ବିସ୍ତାର; ବ୍ୟାପକତା; *କ.ଭା.* ବହୁବ୍ୟଞ୍ଜନଯୁକ୍ତ ଖାଦ୍ୟ; ଚାଦର; spread oneself ବଦଖର୍ଚ୍ଚ କରିବା; ଉଦ୍ଦେଶ୍ୟହୀନଭାବେ ଭ୍ରମଣ କରିବା; spread one's wings ଶକ୍ତି ବା ପ୍ରଭାବ ବିସ୍ତାର କରିବା।

**spread eagle** 1. ବି. ପାଦ ବା ଡେଣା ବିସ୍ତାରିତ ଈଗଲର ଚିତ୍ର ବା ମୂର୍ତ୍ତି; 2. *କ୍ରି.* ହାତଗୋଡ ମେଲେଇ ଶୋଇବା; ସଂପୂର୍ଣ୍ଣ ପରାସ୍ତ ହେବା।

**spree** ବି. ଆନନ୍ଦଉତ୍ସବ; ନାଚରଙ୍ଗ; ମାତଲାମି; ମଦୋନ୍ମତ୍ତତା; ଉଚ୍ଛୃଙ୍ଖଳ କାଣ୍ଡ ବା କାର୍ଯ୍ୟକଳାପ।

**sprig** 1. ବି. ବୃକ୍ଷର କଅଁଳ ଶାଖା; ଏଭଳି ଅଳଙ୍କାର ବା ଅଳଙ୍କରଣ; ତରୁଣ ବଂଶଧର; 2. *କ୍ରି.* ବୃକ୍ଷଶାଖାଭଳି ଅଳଂକରଣ କରିବା।

**sprightly** ବିଂ. ପ୍ରାଣଚଞ୍ଚଳ; ପ୍ରଫୁଲ୍ଲ; ତତ୍ପର, କ୍ଷିପ୍ର; ବି. sprightliness.

**spring** 1. *କ୍ରି.* (*ଅ.କା.* sprang, *ଅ.କ୍ରି.ଜ.ପ.* sprung) ଲମ୍ଫଦେବା; ହଠାତ୍ ଉଠିବା; ଡେଇଁବା;

Digitized by srujanika@gmail.com

ହଠାତ୍ ଚମକାଇଦେବା; ଉଦ୍‌ଭୂତହେବା; ହଠାତ୍ ଆବିର୍ଭୂତହେବା; 2. ବି. ଉଲ୍ଲଂଘନ; ସ୍ଥିତିସ୍ଥାପକତା; ମୋଡ଼ାମୋଡ଼ା ତାର; ସ୍ପ୍ରିଙ୍ଗ୍; ବସନ୍ତଋତୁ; ନିର୍ଝର, ବା ତା'ର ଉତ୍ସ; spring up ଉତ୍ପନ୍ନହେବା; ଗଜା ବା ମୁକୁଳଧରିବା; ବିଂ. springlike.

**spring balance** ବି. ସ୍ପ୍ରିଂଗ୍‌ଦ୍ୱାରା ପରିଚାଳିତ ତରାଜୁ।

**springboard** ବି. ଡେଇଁବା ନିମିତ୍ତ ସ୍ପ୍ରିଂଗ୍‌ଯୁକ୍ତ ତକ୍ତା; ପ୍ରେରଣା ବା ଉଦ୍ୟମର ଉତ୍ସ।

**springbok** ବି. ଦକ୍ଷିଣ ଆଫ୍ରିକାର ଏକପ୍ରକାର କ୍ଷୁଦ୍ର କୃଷ୍ଣସାର ମୃଗ।

**spring chicken** ବି.ଆହାର ନିମିତ୍ତ ଉପଯୁକ୍ତ ଛୋଟ କୁକୁଡ଼ା; ତାରୁଣ୍ୟପୂର୍ଣ୍ଣ ବା ଉତ୍‌ଫୁଲ୍ଲ ବ୍ୟକ୍ତି।

**spring–clean** ବି. ଗୃହର ବ୍ୟାପକ ସଫେଇ।

**springer** ବି. ବିଶେ. ବସନ୍ତଋତୁରେ ଖେଳପାଇଁ ବ୍ୟବହୃତ ଏକପ୍ରକାର କ୍ଷୁଦ୍ରାକୃତି ସ୍ପେନିଏଲ୍ (କୁକୁର)।

**spring fever** ବି. ବସନ୍ତଋତୁରେ ପରିଦୃଷ୍ଟ ଅସ୍ଥିରତା ଓ ଆଳସ୍ୟ।

**spring onion** ବି. କଞ୍ଚାଖିଆ ପିଆଜ।

**spring tide** ବି. ଅମାବାସ୍ୟା ଓ ପୂର୍ଣ୍ଣିମା ପରେପରେ ଆସୁଥିବା ଦୀର୍ଘ ଜୁଆର।

**springtime** ବି. ବସନ୍ତକାଳ।

**springy** ବିଂ. ସ୍ଥିତିସ୍ଥାପକପୂର୍ଣ୍ଣ; ଚିପିଲେ, ଟାଣିଲେ ବା ବଙ୍କାଇଲେ ସଙ୍ଗେସଙ୍ଗେ ପୂର୍ବାବସ୍ଥାକୁ ଫେରିଆସୁଥିବା (ବସ୍ତୁ)।

**sprinkle** 1. କ୍ରି. କ୍ଷୁଦ୍ର କଣିକାରେ ବିଞ୍ଚିବା; ତରଳପଦାର୍ଥକୁ ସିଞ୍ଚିବା; ଅଳ୍ପ ପରିମାଣରେ ବାଣ୍ଟିବା; 2. ବି. ସିଞ୍ଚାଣ; ବର୍ଷା; ସିଞ୍ଚନ।

**sprinkler** ବି. ତୃଣାଚ୍ଛାଦିତ ପଡିଆରେ କିମ୍ବା ଅଗ୍ନିନିର୍ବାପନ ନିମିତ୍ତ ପାଣି ସିଞ୍ଚିବା ଯନ୍ତ୍ର।

**sprinkling** ବି. ଛିଟା; କ୍ଷୁଦ୍ରପଦାର୍ଥ ବା ଅଳ୍ପ ମୂଲ୍ୟ।

**sprint** 1. କ୍ରି. ପୂର୍ଣ୍ଣବେଗରେ ଅଳ୍ପଦୂର ଦଉଡ଼ିବା; 2. ବି. ପୂର୍ଣ୍ଣବେଗରେ ଅଳ୍ପ ଦୂର ଦୌଡ; ଦୌଡ, ପହଁରା; ସାଇକେଲଚାଳନାପ୍ରଭୃତି ପ୍ରତିଯୋଗିତା; ବି. sprinter.

**sprit** ବି. ଜାହାଜର ପାଲଟାଣିବା ନିମିତ୍ତ ବ୍ୟବହୃତ ଦଣ୍ଡ।

**sprite** ବି. ଭୂତ; ପରୀ।

**spritzer** ବି. ସୋଡାପାଣି ସହିତ ମଦ୍ୟର ମିଶ୍ରଣରେ ପ୍ରସ୍ତୁତ ପାନୀୟ।

**sprocket** ବି. ଚେନ୍ ସହିତ ସମତାଳରେ ଲାଗୁଥିବା ଚକର ଦାନ୍ତ।

**sprout** କ୍ରି. ଅଙ୍କୁରିବା; ଉତ୍ପନ୍ନହେବା; ପଲ୍ଲବିତ ବା ମଞ୍ଜରିତହେବା।

**spruce**[1.] 1. ବିଂ. ଫିଟ୍‌ଫାଟ୍, ପରିଷ୍କାର, ପରିଚ୍ଛନ୍ନ; 2. କ୍ରି. ଫିଟଫାଟ୍‌ହେବା ବା କରିବା; କ୍ରି.ବିଂ. sprucely; ବି. spruceness.

**spruce**[2.] ବି. ପାଇନ୍‌ଜାତୀୟ ବୃକ୍ଷ ବିଶେଷ।

**sprung** କ୍ରି. springର *ଅ.କ୍ରି.କ.ପ.।*

**spry** ବିଂ. ପ୍ରାଣୋଚ୍ଛଳ; ତତ୍ପର, ଚଞ୍ଚଳ।

**spud** 1. ବି. *କ.ଭା.* ଆଳୁ; କ୍ଷୁଦ୍ର କୋଡି; 2. କ୍ରି. କୋଡିଦ୍ୱାରା ଅନାବନା ଘାସ ଖୋଳି ସଫାକରିବା।

**spue** ଦ୍ର. spew.

**spumante** ବି. ଇଟାଲୀୟ ଧଳାମଦ୍ୟ ବିଶେଷ।

**spume** ବି.ବିଂ. ଫେଣ; ବୁଦ୍‌ବୁଦ୍‌ପୂର୍ଣ୍ଣ; ବିଂ. spumy.

**spun** କ୍ରି. spinର *ଅ.କା., ଅ.କ୍ରି.କ.ପ.।*

**spunk** ବି. *କ.ଭା.* ସାହସ; ଉତ୍ସାହ; ସହଜଦାହ୍ୟ କାଷ୍ଠ; ଶୁକ୍ର, ବୀର୍ଯ୍ୟ।

**spunky** ବିଂ. *କ.ଭା.* ସାହସୀ; ଉତ୍ସାହୀ; ବୀର୍ଯ୍ୟବାନ୍।

**spur** 1. ବି. ଘୋଡସବାର ଜୋତାର କଣ୍ଟା ବା ନାଳ; ଉଦ୍ଦୀପନା; ପ୍ରେରଣା, ଉତ୍ସାହ; ପୁଷ୍ଠପିଠିକା; ଶୈଳମାଳାର ପାର୍ଶ୍ୱଅଂଶ; 2. କ୍ରି. ଘୋଡାକୁ ନାଳରେ ଆଘାତ କରିବା; ଅନୁପ୍ରାଣିତ କରିବା; on the spur of the moment ଆବେଗବଶତଃ; କ୍ଷଣିକ ଉତ୍ତେଜନାବଶତଃ।

**spurge** ବି. ତିକ୍ତସ୍ୱାଦଯୁକ୍ତ ଦୁଧିଆରସ ଦାନକାରୀ ବୃକ୍ଷ ବିଶେଷ।

**spurious** ବିଂ. ଭେଜାଲ, ନକଲି; ଜାଲ।

**spurn** କ୍ରି. ଘୃଣା ବା ଅବଜ୍ଞାସହ ପ୍ରତ୍ୟାଖ୍ୟାନ କରିବା।

**spurt** 1. କ୍ରି. ସବେଗରେ ତରଳପଦାର୍ଥ ଫୋପାଡିବା ବା ବାହାରିଆସିବା; ସବେଗରେ ବା ସହସା ତତ୍ପରହେବା; 2. ବି. କ୍ଷଣସ୍ଥାୟୀ ତତ୍ପରତା, ବେଗ ବା ସ୍ଥିତି।

**sputnik** ବି. ରୁଷଦେଶରୁ ମହାକାଶକୁ ପ୍ରେରିତ କୃତ୍ରିମ ଉପଗ୍ରହ; ସ୍ପୁଟ୍‌ନିକ୍।

Digitized by srujanika@gmail.com

**sputter** କ୍ରି. ତରବର ହୋଇ ଅସ୍ପଷ୍ଟଭାବେ କହିବା; ଗଡଗଡ କହିଯିବା; କ୍ରମାଗତଭାବେ ବିସ୍ଫୋରକ ଶବ୍ଦ ବା ଧ୍ୱନି ସୃଷ୍ଟିକରିବା।

**sputum** ବି. ବ.ବ. sputa ଛେପ; ଖଙ୍କାର (ବିଶେ. ଡାକ୍ତରୀ ପରୀକ୍ଷା ନିମନ୍ତେ)।

**spy** 1. ବି. ଗୁପ୍ତଚର; ଗୋଏନ୍ଦା; 2. କ୍ରି. ଗୋଏନ୍ଦାଗିରି କରିବା; ଗୋପନରେ ଲକ୍ଷ୍ୟକରିବା, ତଦନ୍ତ କରିବା; spy out ଅନୁସନ୍ଧାନ ବା ଅନ୍ୱେଷଣ କରିବା (ବିଶେ. ଗୁପ୍ତରେ)।

**spyglass** ବି. କ୍ଷୁଦ୍ର ଦୂରବୀକ୍ଷଣ ଯନ୍ତ୍ର।

**spyhole** ବି. ଉଙ୍କିମାରି ଦେଖିବା ନିମିତ୍ତ ଛିଦ୍ର।

**sq.** *ସଂଶ.* square ସ୍କୋଏର୍।

**Sqn. Ldr.** *ସଂଶ.* Squadron Leader ସ୍କାଡ୍ରନ୍ ଲିଡର୍।

**squab** 1. ବି. ଡେଣା ଉଠି ନଥିବା ପକ୍ଷୀଶାବକ; ଗେଡା ଓ ମୋଟାବ୍ୟକ୍ତି; ସୋଫା ବା ନରମଗଦି; 2. ବିଂ. ଖର୍ବ ଏବଂ ସ୍ଥୂଳକାୟ।

**squabble** 1. କ୍ରି. ଉଚ୍ଚକଣ୍ଠରେ କଳହ କରିବା; 2. ବି. କଳି।

**squad** ବି. ଏକତ୍ର ପ୍ରଶିକ୍ଷଣରତ ବା ଅବସ୍ଥାପିତ ସୈନ୍ୟ ବା ପୋଲିସ୍‌ର କ୍ଷୁଦ୍ର ଦଳ, କ୍ଷୁଦ୍ର କର୍ମୀଗୋଷ୍ଠୀ, ଜଣେ ସର୍ଜେଣ୍ଟ ଅଧୀନରେ ଥିବା ୧୦ଜଣ ସୈନିକ; ଖେଳାଳିଦଳ।

**squaddie, squaddy** ବି. *ସା.ପ୍ର.* ତାଲିମରତ ସୈନିକ; ସିପାହୀ।

**squadron** ବି. ସୈନ୍ୟବାହିନୀର ଅଂଶବିଶେଷ।

**squadron leader** ବି. ବାୟୁସେନାର ଏକ ସ୍କାଡ୍ରନ୍‌ର କମାଣ୍ଡର୍; ୱିଙ୍ଗ୍ କମାଣ୍ଡରର ଠିକ ନିମ୍ନବର୍ତ୍ତୀ ପଦବୀ।

**squalid** ବିଂ. ଅସନା; ମଇଳା; ଅପରିଷ୍କାର; ଦୀନହୀନ ଦିଶୁଥିବା।

**squall** 1. ବି. ସ୍ୱଳ୍ପକ୍ଷଣ ପାଇଁ ପ୍ରବାହିତ ବାତ୍ୟା ସହ ବର୍ଷା ବା ବରଫପାତ; ବେସୁରା କ୍ରନ୍ଦନ; ଚିତ୍କାର; 2. କ୍ରି. କାନ୍ଦିବା; ବିଂ. squally.

**squalor** ବି. ମଳିନତା, ଅସନା ଅବସ୍ଥା।

**squander** ବି. ଅପବ୍ୟୟ କରିବା।

**square** 1. ବି. ସମଚତୁର୍ଭୁଜ; ବର୍ଗକ୍ଷେତ୍ର; ବର୍ଗାକାରକ୍ଷେତ୍ର; ଅଟ୍ଟାଳିକାଘେରା ମୁକ୍ତକ୍ଷେତ୍ର; *ଗଣିତ* ବର୍ଗରାଶି; ବର୍ଗ; *ସା.ପ୍ର.* ପୁରୁଣାକାଳିଆ ବା ରକ୍ଷଣଶୀଳ ବ୍ୟକ୍ତି; 2. ବିଂ. *ଗଣିତ* ବର୍ଗାକାର; ସମକୋଣୀ; ବର୍ଗ; ଯଥାଯଥ; ସିଧାସଳଖ; *ସା.ପ୍ର.* ପୁରୁଣାକାଳିଆ, ରକ୍ଷଣଶୀଳ; 3. କ୍ରି. ବର୍ଗକ୍ଷେତ୍ର କରିବା; ଉତ୍କୋଚ ବା ଲାଞ୍ଚ ଦେବା, ଖାପଖୁଆଇବା; 4. କ୍ରି.ବିଂ. ଯଥାଯଥ ବା ଠିକ୍ ଭାବରେ; ସିଧାସଳଖ; back to square one *କ.ଭା.* କୌଣସି ପ୍ରଗତି ବିନା ପୁଣି ମୂଳଅବସ୍ଥା ବା ସ୍ଥିତିକୁ ଫେରିଆସିବା; out of square ସମକୋଣୀ ନୁହେଁ; square the circle ଦତ୍ତ ବୃତ୍ତର କ୍ଷେତ୍ରଫଳ ସହିତ ସମାନ ବର୍ଗାକାରକ୍ଷେତ୍ର ଅଙ୍କନ କରିବା; ଅସମ୍ଭବକୁ ସମ୍ଭବ କରିବା; square peg in a round hole ବ୍ୟକ୍ତିର ଦକ୍ଷତା ବା ସ୍ୱଭାବର ଅନୁକୂଳ ସ୍ଥାନ ନ ପାଇବା; square up ହିସାବ ଚୁକ୍ତି କରିବା; ହିସାବନିକାଶ କରିବା; କ୍ରି.ବିଂ. squarely; ବିଂ. squarish.

**square brackets** ବି. ବ.ବ. ବର୍ଗବନ୍ଧନୀ [ ]।

**square leg** ବି. କ୍ରିକେଟ୍ ବେଟ୍ସ୍‌ମେନ୍‌ର ଲେଗ୍‌ଅଞ୍ଚଳରେ ଥିବା କ୍ଷେତ୍ରରକ୍ଷଣ ସ୍ଥାନ (ଅଂପର ପ୍ରାୟ ସାମ୍ନାରେ)।

**square meal** ବି. ପେଟଭରା ସୁଖାଦ୍ୟ।

**square root** ବି. *ଗଣିତ* ବର୍ଗମୂଳ।

**squash**[1.] 1. କ୍ରି. ପେଷିଦେବା ବା ଚିପୁଡିଦେବା; ଧମକଦେବା, ସଂକୁଚିତ ହୋଇ ଅନ୍ୟକୁ ବାଟ ଦେବା; ଦମନ କରିବା; ଦବେଇଦେବା; 2. ବି. ଭିଡ଼ ବା ଗହଳି; ଭିଡ଼ ଅବସ୍ଥା; ଫଳରସରୁ ପ୍ରସ୍ତୁତ ପାନୀୟ, ସ୍କ୍ୱାସ୍; ବିଂ. squashy.

**squash**[2.] ବି. ପୂର୍ଣ୍ଣରୂପ squash rackets ଟେନିସ୍‌ଜାତୀୟ ଖେଳ ବିଶେଷ।

**squash**[3.] ବି. ଲତା ବିଶେଷ, ତାହାର ଲାଉଜାତୀୟ ଫଳ।

**squat** 1. କ୍ରି. ଚକାପାରି ବସିବା; ଆଣ୍ଠୁ ଉପରକୁ କରି ବା ଭୂମିଉପରେ ବସିବା; ବସିବା; ବିନାସ୍ୱତ୍ୱରେ ଅନ୍ୟର ଜମି ବା ଘରେ ବାସକରିବା; 2. ବି. ବୈଠକୀ; ଅନ୍ୟ କାହାରିଘରେ ବା ଜାଗାରେ ବେଆଇନ୍ ଭାବରେ ବାସକରିବା; 3. ବିଂ. ମୋଟା ଏବଂ ଗେଡା।

**squatter** ବି. ଯେଉଁ ବ୍ୟକ୍ତି ଅନ୍ୟର ସ୍ଥାନରେ ବିନାନୁମତିରେ ବସବାସ କରିଥାଏ।

**squaw** ବି. *ଆମେ* ଲୋହିତଭାରତୀୟ ପତ୍ନୀ ବା ସ୍ତ୍ରୀଲୋକ।

**squawk** 1. ବି. (ବିଶେ. ପକ୍ଷୀମାନଙ୍କ) କର୍କଶ ଚିତ୍କାର; ଅଭିଯୋଗ; 2. କ୍ରି. କର୍କଶ ଶବ୍ଦ କରିବା; ଅଭିଯୋଗ କରିବା।

Digitized by srujanika@gmail.com

**squeak** 1. ବି. ଚିଁ ଚିଁ ଶବ୍ଦ; ତୀବ୍ର ଚିତ୍କାର ବା ଧ୍ୱନି; ଅତି ଅଳ୍ପକେ ରକ୍ଷାପାଇବା (narrow squeak); 2. କ୍ରି. ଚିଁ ଚିଁ ଶବ୍ଦ କରିବା, ତୀବ୍ରସ୍ୱରରେ କଥା କହିବା; କ.ଭା. ଅଳ୍ପକେ ବର୍ତ୍ତିଯିବା; ସା.ପ୍ର. ମୁଖବିର ବା ଗୁପ୍ତତଥ୍ୟ ପ୍ରଦାନକାରୀ ପାଲ୍‌ଟିଯିବା ।

**squeaky** ବିଂ. ଚିଁ ଚିଁ ଶବ୍ଦ ବା ତୀବ୍ର ଧ୍ୱନିକାରୀ; କ୍ରି.ବିଂ. squeakily; ବି. squeakiness.

**squeal** 1. ବି. ଉଚ୍ଚ ଚିତ୍କାର ବା କ୍ରନ୍ଦନ; 2. କ୍ରି. ଉଚ୍ଚ ଚିତ୍କାର କରିବା; ଅଭିଯୋଗ କରିବା; ଗୁପ୍ତଖବର ଦେବା ।

**squeamish** ବିଂ.ଅଳ୍ପରେ ବିରକ୍ତ ବା ଅପମାନିତ; ଅତ୍ୟନ୍ତ ନୀତିବାଦୀ; କ୍ରି.ବିଂ. squeamishly; ବି. squeamishness.

**squeegee** ବି. ଜାହାଜର ଡେକ୍, ଚଟାଣ ପ୍ରଭୃତି ସଫା କରିବାପାଇଁ ଲମ୍ବା ଦଣ୍ଡଯୁକ୍ତ ରବର ଝାଡୁ ବିଶେଷ ।

**squeeze** 1. କ୍ରି. ଚିପିବା; ଚାପପ୍ରୟୋଗ କରିବା; ନିଷ୍ପେଷଣ କରିବା; ଆଲିଙ୍ଗନ କରିବା, ଚିପୁଡି ରସ ବାହାର କରିବା; 2. ବି. ନିଷ୍ପେଷଣ; ଚାପ; ଆଲିଙ୍ଗନ; put the squeeze on କ.ଭା. ଚାପଦେବା; ଶକ୍ତି ପ୍ରୟୋଗ କରିବା ।

**squelch** 1. ବି.ପଚ୍‌ପଚ୍ ଶବ୍ଦ; 2. କ୍ରି.କାଦୁଅରେ ପଚ୍‌ପଚ୍ ଶବ୍ଦକରି ଚାଲିବା; ବିବ୍ରତ କରିବା; ନୀରବ କରିଦେବା ।

**squib** ବି. ହୁସ୍‌ହୁସ୍ ହୋଇ ଜଳି ଫୁଟୁଥିବା ବାଣ; ବ୍ୟଙ୍ଗରଚନା ।

**squid** ବି. ଖାଦ୍ୟୋପଯୋଗୀ ଶମ୍ବୁକଜାତୀୟ ଦଶବାହୁବିଶିଷ୍ଟ ସାମୁଦ୍ରିକ ଜୀବ ବିଶେଷ ।

**squiffy** ବିଂ. ଅଳ୍ପ ମାତାଲ ।

**squiggle** ବି. ହସ୍ତାକ୍ଷରରେ ଥିବା କ୍ଷୁଦ୍ର କୁଞ୍ଚିତରେଖା; ବିଂ. squiggly.

**squill** ବି. ଲିଲି ଜାତୀୟ ପୁଷ୍ପବିଶେଷ ।

**squint** 1. ବି. କଟାକ୍ଷ; ବକ୍ର ବା ତିର୍ଯ୍ୟକଦୃଷ୍ଟି; ଟେରା; ଅର୍ଦ୍ଧମୁଦ୍ରିତ ଆଖି; 2. କ୍ରି. କଟାକ୍ଷପାତ କରିବା, ଟେରେଇ ଚାହିଁବା ବା ଦେଖିବା ।

**squire** 1. ବି. ଗ୍ରାମାଞ୍ଚଳର ଜମିଦାରଶ୍ରେଣୀୟ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ; ଇତି. ନାଇଟ୍ ଉପାଧିଧାରୀ ବ୍ୟକ୍ତିର ଅନୁଚର; 2. କ୍ରି. ମହିଳାଙ୍କ ସହଚର ବା ପରିଚାରକ ।

**squirearchy** ବି. (ସାମୂହିକ ଭାବରେ) ଜମିମାଲିକ ଗୋଷ୍ଠୀ ।

**squirm** କ୍ରି. ମୋଡିମାଡି ହେବା; ଅସ୍ୱସ୍ତି ଅନୁଭବ କରିବା ।

**squirrel** 1, ବି. ଗୁଣ୍ଡୁଚିମୂଷା ବା ତା'ର ଶରୀରାଚ୍ଛାଦାନ; ସଞ୍ଚୟକାରୀ ବ୍ୟକ୍ତି; 2. କ୍ରି. ସଞ୍ଚୟ କରିବା; ଲସଜପସର ହେବା ।

**squirt** 1. କ୍ରି. ଫୁଆରାପରି ଜଳ ବା ତରଳପଦାର୍ଥ ଉତ୍ସରିତ ବା ନିକ୍ଷେପ କରିବା; 2. ବି. ଜଳର ଫୁଆରା; ପିଚକାରୀ; ସିରିଞ୍ଜ; କ.ଭା. ଗୁରୁତ୍ୱହୀନ କିନ୍ତୁ ସ୍ୱାଭିମାନୀ ବ୍ୟକ୍ତି ।

**squish** 1. ବି. ପଚପଚ୍ ଶବ୍ଦ; 2. କ୍ରି. ପଚ୍‌ପଚ ଶବ୍ଦ କରି ଯିବା ।

**Sr.** ସଂଖ. Senior ସିନିଅର, ବରିଷ୍ଠ ।

**Sr** ପ୍ର. Strontium ଷ୍ଟ୍ରନ୍ସିଅମ୍ ।

**SRN** ସଂଖ. State Registered Nurse, ସରକାରୀ ପଂଜୀକୃତ ସ୍ୱାସ୍ଥ୍ୟସେବକ ବା ସେବିକା ।

**SS** ସଂଖ. Saints; steamship ବାଷ୍ପଚାଳିତ ପୋତ; ଇତି. (ନାଜି ଜର୍ମାନୀ) ବିଶେଷ ଆରକ୍ଷୀବାହିନୀ ।

**SSB** ସଂଖ. Service Selection Board ସର୍ଭିସ୍ ସିଲେକ୍‌ସନ୍ ବୋର୍ଡ଼୍ ।

**SSE** ସଂଖ. South-South-East ଦକ୍ଷିଣ–ଦକ୍ଷିଣ–ପୂର୍ବ ।

**SSW** ସଂଖ. South-South-West ଦକ୍ଷିଣ–ଦକ୍ଷିଣ–ପଶ୍ଚିମ ।

**St** ସଂଖ. Saint ସନ୍ଥ ।

**St.** ସଂଖ. Street ଗଳି ।

**st.** ସଂଖ. stone ଷ୍ଟୋନ୍ (ଓଜନର ଏକକ) ।

**ST** ସଂଖ. scheduled tribes ଅନୁସୂଚିତ ଜନଜାତି ସମୂହ ।

**stab** 1. କ୍ରି. ମୁନିଆ ଅସ୍ତ୍ରଦ୍ୱାରା ଆଘାତ ବା ବିଦ୍ଧ କରିବା; ଛୁରିକାଘାତ କରିବା; ଅସହ୍ୟ ଯନ୍ତ୍ରଣା ହେବା; 2. ବି. ଛୁରିକାଘାତ, ଛୁରିକାଘାତଜନିତ କ୍ଷତ; କ.ଭା. ଉଦ୍ୟମ; stab in back ବିଶ୍ୱାସଘାତକତାପୂର୍ଣ୍ଣ ବା ଅପମାନଜନକ ଆକ୍ରମଣ ।

**stability** ବି. ଦୃଢ଼ତା, ସ୍ଥିରତା ।

**stabilize** କ୍ରି. ସୁପ୍ରତିଷ୍ଠିତ ହେବା ବା କରିବା; ଅପରିବର୍ତ୍ତନୀୟ ରହିବା; ଦୃଢ଼ ବା ସୁସ୍ଥିର କରିବା; ବି. stabilization.

**stabilizer** ବି. ସ୍ଥିରତା ରକ୍ଷାକାରୀ ଯନ୍ତ୍ର; ବିଦ୍ୟୁତ୍‌ପ୍ରବାହର ସ୍ଥିରତା ରକ୍ଷାକାରୀ ଯନ୍ତ୍ର ।

Digitized by srujanika@gmail.com

**stable** 1. ବିଂ. ସୁପ୍ରତିଷ୍ଠିତ; ସ୍ଥାୟୀ, ଅପରିବର୍ତ୍ତନୀୟ; ସୁସ୍ଥିର; ଅବିଚଳିତ; 2. ବି. ଅଶ୍ୱାବଳ; ଘୋଡାଶାଳ; ଅଶ୍ୱପାଳନ ପ୍ରତିଷ୍ଠାନ; କ୍ରି.ବିଂ. stably.

**stable–companion** ବି. (stable–mate ମଧ୍ୟ) ଗୋଟିଏ ଅଶ୍ୱାବଳବାସୀ ଘୋଡା ସମୂହ; ଏକ ଗୁହାଳର ଗାଈ; ଗୋଟିଏ ଅନୁଷ୍ଠାନର ଛାତ୍ର ବା ସଭ୍ୟ।

**stabling** ବି. ଘୋଡାର ଆସ୍ଥାନ; ଅଶ୍ୱାବଳ।

**staccato** 1. କ୍ରି.ବିଂ. ବିଂ. *ସଙ୍ଗୀତ* ପ୍ରତ୍ୟେକ ଧ୍ୱନି ପୃଥକ୍ ଭାବେ ଉଚ୍ଚାରିତ; 2. ବି. ସଙ୍ଗୀତର ପୃଥକ୍ ଧ୍ୱନି ଉଚ୍ଚାରଣ।

**stack** 1. ବି. (ନଡା ପ୍ରଭୃତିର) ଗଦା; ସ୍ତୂପ, (ପାଠାଗାରରେ) ବହି ରହୁଥିବା ସ୍ଥାନ; 2. ଗଦା କରିବା; ଗଦେଇବା; (ଠକିବାପାଇଁ) ତାସ୍‌ମୁଠା ସଜାଡିବା।

**stadium** ବି. ଦର୍ଶକ ବସିବା ଗେଲେରୀ ଥିବା ଖେଳକୁଦ ପଡିଆ; ଷ୍ଟାଡିୟମ୍।

**staff** 1. ବି. ବାଡି ବା ଲାଠି, ଯଷ୍ଟି; କୌଣସି ପ୍ରତିଷ୍ଠାନର କର୍ମଚାରୀବୃନ୍ଦ; କବିତାର ସ୍ତବକ; ସଙ୍ଗୀତର ସ୍ୱରଲିପି ନିର୍ଦ୍ଦେଶିତ ପାଞ୍ଚଧାଡିବିଶିଷ୍ଟ ପଂକ୍ତି; 2. କ୍ରି. (ସଂସ୍ଥା, ଅନୁଷ୍ଠାନ ପ୍ରଭୃତିରେ) କର୍ମଚାରୀ ଯୋଗାଇବା ବା ନିଯୁକ୍ତ କରିବା।

**staff college** ବି. ଉଚ୍ଚ ଅଫିସରମାନଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ।

**staff nurse** ବି. ବରିଷ୍ଠ ସେବିକା (ସିଷ୍ଟର୍)ଙ୍କ ଅଧସ୍ତନ ସେବିକା।

**staff–room** ବି. କର୍ମଚାରୀ ବିଶ୍ରାମକକ୍ଷ; କର୍ମୀମାନଙ୍କ ପାଇଁ କକ୍ଷ।

**stag** ବି. ବୟସ୍କ (ପୁଂ)ହରିଣ; (ଷ୍ଟକ୍ ଏକ୍‌ସ୍‌ଚେଂଜ୍‌ରେ) ନୂତନ ଅଂଶଧନ କ୍ରୟକରି ଏକସଙ୍ଗେ ଲାଭଆଶାରେ ବିକ୍ରୟ କରିଦେବା ପାଇଁ ଇଚ୍ଛୁକ ବ୍ୟକ୍ତି।

**stage** 1. ବି. ଉନ୍ନତି ବା ଅଗ୍ରଗତିର ଅବସ୍ଥା; (ନାଟ୍ୟ) ମଞ୍ଚ; ମଣ୍ଡପ; କର୍ମସ୍ଥଳ; ଭ୍ରମଣକାଳରେ ବିଶ୍ରାମସ୍ଥାନ; ଅବସ୍ଥା; ଦଶା; 2. କ୍ରି. ଅଭିନୟ କରିବା; (ନାଟକ) ମଞ୍ଚସ୍ଥ କରିବା; (ବିକ୍ଷୋଭ ପ୍ରଭୃତି) ପ୍ରଦର୍ଶନ କରିବା।

**stagecoach** ବି. *ଇତି.* ନିର୍ଦ୍ଦିଷ୍ଟ ସ୍ଥାନଗୁଡିକରେ ରହିରହି ଯାଉଥିବା ଯାତ୍ରୀବାହୀ ଘୋଡାଗାଡି।

**stagecraft** ବି. ମଞ୍ଚକୌଶଳ, ମଞ୍ଚ ଅଭିଜ୍ଞତା।

**stage direction** ବି. ଅଭିନୟ ସମ୍ବନ୍ଧରେ ନାଟକରେ ପ୍ରଦତ୍ତ ନିର୍ଦ୍ଦେଶ।

**stage fright** ବି. ଅଭିନୟ ବା ଭାଷଣକାଳରେ ଅଭିନେତା ବା ବକ୍ତାର ଭୟଜନିତ ଉତ୍ତେଜନା।

**stage–hand** ବି. (ନାଟକରେ) ଦୃଶ୍ୟପଟ ପ୍ରଭୃତି ପରିବର୍ତ୍ତନକାରୀ।

**stage–manager** ବି. ରଙ୍ଗମଞ୍ଚରେ ଆଲୋକ ସଜ୍ଜା ପ୍ରଭୃତିର ଦାୟିତ୍ୱରେ ଥିବା ବ୍ୟକ୍ତି; କ୍ରି. stage–manage.

**stage–struck** ବିଂ. ଅଭିନେତା ବା ଅଭିନେତ୍ରୀ ହେବାପାଇଁ ବ୍ୟାକୁଳତା।

**stage–whisper** ବି. ମଞ୍ଚରେ ସ୍ୱଗତୋକ୍ତି ପରି କଥାବାର୍ତ୍ତା; ଅନ୍ୟମାନଙ୍କ ଶୁଣିବାଭଳି ଫୁସ୍‌ଫୁସ୍ କରି କହିବା।

**stagflation** ବି. (ଅର୍ଥନୀତି) ଆନୁପାତିକ ଭାବରେ କ୍ରମବର୍ଦ୍ଧିଷ୍ଣୁ ଚାହିଦା ଏବଂ କର୍ମନିଯୁକ୍ତି ବିହୀନ ମୁଦ୍ରାସ୍ଫୀତିର ଅବସ୍ଥା (*stag*nation ଏବଂ in*flation*ର ମିଶ୍ରଣରେ ଗଠିତ ଶବ୍ଦ)।

**stagger** 1. କ୍ରି. ଠିକ୍‌ଭାବରେ ଠିଆହୋଇ ବା ଚାଲି ନ ପାରିବା; ଟଳମଳ ହେବା; ବିଚଳିତହେବା; ହତବୁଦ୍ଧି ବା ବିହ୍ୱଳିତହେବା; 2. ବି. ଟଳମଳ ଅବସ୍ଥା; ବ.ବ. ଗାଈଗୋରୁ, ଘୋଡା ପ୍ରଭୃତିଙ୍କ ରୋଗ ବିଶେଷ।

**staggering** ବିଂ. ଆଶ୍ଚର୍ଯ୍ୟଜନକ; ବିସ୍ମୟକର; କ୍ରି.ବିଂ. staggeringly.

**staghound** ବି. ହରିଣ ଶିକାରରେ ବ୍ୟବହୃତ ବିଶାଳକାୟ କୁକୁର।

**staging** ବି. ନାଟକ ପରିବେଷଣ; କାମଚଳା ମଞ୍ଚ ବା ଟେକ।

**staging post** ବି. ବିମାନର ନିୟମିତ ରହଣିସ୍ଥଳ।

**stagnancy** ବି. ସ୍ଥିରତା; ନିଶ୍ଚଳତା।

**stagnant** ବିଂ. (ତରଳପଦାର୍ଥ) ସ୍ଥିର; ପ୍ରବାହହୀନ; ମାନ୍ଦା; ନିରୁଦ୍ୟମ; ନିଶ୍ଚେଷ୍ଟ।

**stagnate** କ୍ରି. ପ୍ରବାହହୀନ ବା ଅଭିବୃଦ୍ଧିହୀନ କରିବା।

**stag–party** ବି. କେବଳ ପୁରୁଷମାନଙ୍କ ଭୋଜିସଭା ବା ବଂଧୁମିଳନ।

**stagy** ବିଂ. ମଞ୍ଚୀୟ, କୃତ୍ରିମ; ଅତିରଂଜିତ।

**staid** ବିଂ ଅଟଳ ଓ ଅବିଚଳିତ ଚରିତ୍ର ବିଶିଷ୍ଟ; ଅନୁତ୍ତେଜିତ; ସମାହିତ, ଶାନ୍ତ।

Digitized by srujanika@gmail.com

**stain** 1. କ୍ରି. ବିବର୍ଣ୍ଣ ବା କଳଙ୍କିତ କରିବା; ଚରିତ୍ର ନଷ୍ଟ କରିବା; ଦାଗଦେବା; (ଅଣୁବୀକ୍ଷଣ ଯନ୍ତ୍ରରେ ପରୀକ୍ଷାପାଇଁ) ରଂଜିତ କରିବା; 2. ବି. ରଙ୍ଗହାନି, ଦାଗ; କଳଂକ; ସମ୍ମାନହାନି; ମାନହାନି, ରଂଜକ।
**stainless** ବିଂ. କଳଂକବିହୀନ, ନିଷ୍କଳଂକ।
**stainless steel** ବି. କଳଂକି ବା ଦାଗନିରୋଧକ୍ଷମ କ୍ରୋମ୍‌ଷ୍ଟିଲ୍ ନାମକ ଉପାଦାନ, ସେଥିରେ ତିଆରି ବାସନକୁସନ।
**stair** ବି. ସିଡ଼ିର ଧାପ; ସିଡ଼ି; ବ.ବ. ସୋପାନ ଶ୍ରେଣୀ।
**staircase** ବି. ସୋପାନଶ୍ରେଣୀ।
**stair–rod** ବି. ସିଡ଼ିର ଦୁଇପାହାଚ ମଧ୍ୟରେ ଗାଲିଚାକୁ ଧରି ରଖିଥିବା ଦଣ୍ଡ।
**stairway** ବି. =staircase.
**stake**[1] 1. ବି.ତମ୍ବୁ ପୋତିବା ବା ଚିହ୍ନ ଦେବାପାଇଁ ବ୍ୟବହୃତ ଖୁଣ୍ଟି; ଶୂଳ; ସୂଚୀମୁଖ ଦଣ୍ଡ; 2. କ୍ରି. ଖୁଣ୍ଟିପୋତି ସୀମା ଚିହ୍ନିତ କରିବା; stake out କ.ଭା. (କାହାଉପରେ) ନଜର ରଖିବା।
**stake**[2] 1. ବି. ବାଜି ବା ସେଥିରେ ଲଗାଇଥିବା ଅର୍ଥ; ବ.ବରେ ଘୋଡାଦୌଡ଼ ପ୍ରଭୃତିର ପୁରସ୍କାର ରାଶି; ଘୋଡାଦୌଡ଼ ବା ସେଭଳି ପ୍ରତିଯୋଗିତା; 2. କ୍ରି. *ଆମେ.* କ.ଭା. (ଆର୍ଥିକ) ସହାୟତା କରିବା; ବାଜି ଲଗାଇବା; at stake ବାଜିରେ।
**stakeholder** ବି. ତୃତୀୟପକ୍ଷ (ନିରପେକ୍ଷ) ବ୍ୟକ୍ତି ଯାହାଠାରେ ବାଜି ପ୍ରଭୃତିର ଅର୍ଥ ବା ସଂପତ୍ତି ଜମା ରଖାଯାଏ।
**stake–out** ବି. *ଆମେ.* କ.ଭା. ପର୍ଯ୍ୟବେକ୍ଷଣ ବା ନିରୀକ୍ଷଣର ଅବଧି।
**Stakhanovite** ବି. ଅଧିକ ଉତ୍ପାଦନକ୍ଷମ ବା ପରିଶ୍ରମୀ ଶ୍ରମିକ; ବି. Stakhanovism.
**stalactite** ବି. ବିନ୍ଦୁବିନ୍ଦୁ ଜଳପଡି ଗୁମ୍ଫାଛାତରୁ ସୃଷ୍ଟି ହେଉଥିବା ଚୂନର (କେଲ୍‌ସିୟମ କାର୍ବୋନେଟ୍) ସମଷ୍ଟି।
**stalagmite** ବି. ଗୁମ୍ଫାର ଚଟାଣଉପରେ ସୃଷ୍ଟି ହେଉଥିବା କ୍ରମୋନ୍ନତ ଚୂନଦଣ୍ଡ।
**stale** ବିଂ. ଟଟକା ବା ତାଜା ନୁହେଁ; ବାସି; ଅନୁପଯୋଗୀ; ସାଧାରଣ ଓ ଗତାନୁଗତିକ (stale joke); ବି. staleness.
**stalemate** 1. ବି. (ଚେସ୍‌ଖେଳ) ଯେଉଁସମୟରେ ଚେକ୍ ବ୍ୟତୀତ ଅନ୍ୟପଛା ନ ଥାଏ; ଅଗ୍ରଗତିର ସ୍ଥିତାବସ୍ଥା; ଅଚଳ ଅବସ୍ଥା; 2. କ୍ରି. ଅଚଳ ଅବସ୍ଥା ସୃଷ୍ଟି କରିବା।
**stalk**[1] ବି. ପତ୍ର, ପୁଷ୍ପ ବା ଫଳ ଧାରଣକାରୀ କ୍ଷୁଦ୍ରବୃନ୍ତ; ମଣିଷର ଶରୀରର ସେଭଳି ଅଙ୍ଗ।
**stalk**[2] 1. କ୍ରି. ଶିକାରକୁ ଅନୁସରଣ କରିବା; ଦୃଢ଼ ଓ ଦୀର୍ଘ ପଦକ୍ଷେପ ନେବା; 2. ବି. ଗୋପନ ବା ଦୃପ୍ତ ଚାଲି; (ଶିକାର ପ୍ରଭୃତିର) ଅନୁସରଣ।
**stalking–horse** ବି. ଶିକାରୀ ଯେଉଁ ଅଶ୍ୱର ଆଢୁଆଳରେ ଆତ୍ମଗୋପନ କରେ; (ଅସଲ ଉଦ୍ଦେଶ୍ୟ ଲୁଚାଇବା ପାଇଁ) ବାହାନା; ନିର୍ବାଚନରେ ଦୁର୍ବଳ ପ୍ରତିଯୋଗୀ।
**stall**[1] ବି. ଜିନିଷପତ୍ର ବିକ୍ରୟସ୍ଥଳ; ଅସ୍ତାବଳ ବା ଗୁହାଳ, ଘୋଡ଼ାଶାଳ।
**stall**[2] କ୍ରି. ବିଳମ୍ବିତ କରିବା; (ସମୟ) ଗଡାଇବା।
**stallion** ବି. ପ୍ରଜନନ ନିମିତ୍ତ ରକ୍ଷିତ ମୁଷ୍କଛେଦିତ ହୋଇ ନ ଥିବା (ପୁରୁଷ) ଘୋଡା।
**stalwart** 1. ବିଂ. ବଳିଷ୍ଠ; ଦୀର୍ଘକାୟ ଓ ବଳବାନ; ସାହସୀ; ସ୍ଥିରସଂକଳ୍ପ; 2. ବି. ଦୃଢ଼ ସମର୍ଥକ ବା ସାଥୀ।
**stamen** ବି. ପୁଷ୍ପର ପୁଂ–କେଶର।
**stamina** ବି. କଠିନ ଶାରୀରିକ ବା ମାନସିକ କଷ୍ଟ ସହ୍ୟ କରିବା କ୍ଷମତା।
**stammer** 1. କ୍ରି. ଖନେଇ କହିବା; ତୁତୁରେଇ କହିବା; 2. ବି. ଖନା କଥା।
**stamp** 1. କ୍ରି. ସଜୋର ପଦାଘାତ କରିବା; ଚେପ୍‌ଟା ବା ଗୁଣ୍ଡ କରିବା; ଚୂର୍ଣ୍ଣ କରିବା; ପଦଦଳିତ କରିବା; ମୋହର ମାରିବା; ଡାକଟିକଟ ଲଗାଇବା; ଦୁମ୍‌ଦୁମ୍ ଚାଲିବା; 2. ବି. ସିଲମୋହର, ଡାକଟିକଟ; ଦଲିଲ ପ୍ରଭୃତିର ମୁଦ୍ରାଚିହ୍ନ; ବୈଶିଷ୍ଟ୍ୟସୂଚକ ଚିହ୍ନ; ପଦାଘାତର ଶବ୍ଦ; stamp on (ଧାରଣା ପ୍ରଭୃତି) ମନରେ ଅଙ୍କିତ କରିଦେବା; stamp out ଧ୍ୱଂସ କରିଦେବା; ଶେଷ କରିଦେବା।
**stamp–collector** ବି. ଡାକଟିକଟ ସଂଗ୍ରହକାରୀ।
**stamp–duty** ବି. ଆଇନ ଦଲିଲ ଓ କାଗଜ ଉପରେ ଆରୋପିତ ଶୁଳ୍କ।
**stampede** 1. ବି. ଆତଙ୍କିତ ଅବସ୍ଥାରେ ମଣିଷ ବା ପଶୁମାନଙ୍କର ହଠାତ୍ କ୍ଷିପ୍ରଗତି; କ୍ଷିପ୍ରପଳାୟନ ଜନିତ ଦଳାଚକଟା; 2. କ୍ରି. ହଠାତ୍ କ୍ଷିପ୍ରଗତିରେ ପଳାଇବା; ଦଳାଚକଟା ହେବା।
**stamping–ground** ବି. ଘଟଣାସ୍ଥଳ; ପ୍ରିୟ ସ୍ଥାନ; ଖଟି।

Digitized by srujanika@gmail.com

**stance** ବି. ମନୋଭାବ; ଶରୀରର ଭଙ୍ଗୀ ବା ସ୍ଥିତି, ବିଶେ. ବଲ୍‌କୁ ଆଘାତ କଲାବେଳେ ।

**stanch, staunch** କ୍ରି. ବିଶେ. ରକ୍ତ ବହିବା ବନ୍ଦହେବା; କ୍ଷତରୁ ରକ୍ତ କ୍ଷରଣ ବନ୍ଦକରିବା ।

**stanchion** ବି. ଠେକ; ଦଣ୍ଡା; ଖୁଣ୍ଟ; ଝରକା ପ୍ରଭୃତିରେ ପରଦା ଟାଣିବା ଦଣ୍ଡ; ପଶୁମାନଙ୍କୁ ବାନ୍ଧିବା ଖୁଣ୍ଟି ।

**stand** 1. କ୍ରି. ଠିଆହେବା ବା ଠିଆହୋଇ ରହିବା; ଦଣ୍ଡାୟମାନ ରହିବା; ଅଟଳ ରହିବା; ଦୃଢ଼ ବା ସ୍ଥିର ରହିବା; ଗୋଟିଏ ଅବସ୍ଥାରେ ରହିବା; ସହ୍ୟ କରିବା, ଅପରିବର୍ତ୍ତିତ ରହିବା; 2. ବି. ପ୍ରତିରୋଧ; ଅଚଳାବସ୍ଥା; ସ୍ଥିତାବସ୍ଥା; ଦୃଷ୍ଟିଭଂଗୀ; ଥାକ; ରହିବାସ୍ଥାନ; ଗାଡି ରହିବାସ୍ଥାନ; କ୍ରିକେଟ୍ ବେଟ୍‌ସ୍‌ମେନମାନଙ୍କର ଦୀର୍ଘକାଳ କ୍ରିଜ୍‌ରେ ରହିବା; as it stands ବର୍ତ୍ତମାନର ଅବସ୍ଥାରେ ବା ପରିସ୍ଥିତିରେ; stand by ନିକଟରେ ଠିଆହେବା, ପାଖରେ ଠିଆହୋଇ ଚାହିଁବା; (ବ୍ୟକ୍ତି)କୁ ସାହାଯ୍ୟ କରିବା; କାର୍ଯ୍ୟପାଇଁ ପ୍ରସ୍ତୁତ ରହିବା; stand corrected ସଂଶୋଧନ ସ୍ୱୀକାର୍ଯ୍ୟ; stand down (ପ୍ରତିଯୋଗିତାରୁ) ଓହରି ଆସିବା; stand for ପ୍ରତିନିଧିତ୍ୱ କରିବା; (ନିର୍ଦ୍ଦିଷ୍ଟ ଅର୍ଥ) ବୁଝାଇବା; *କ.ଭା.* ସହ୍ୟ କରିବା; stand one's ground ହାର୍ ନ ମାନିବା; stand in (for) ପ୍ରତିନିଧିତ୍ୱ କରିବା; stand off ଦୂରେଇ ଯିବା; ଦୂରରେ ରହିବା; (କର୍ମଚାରୀକୁ) ସାମୟିକ କର୍ମନିବୃତ୍ତ କରିବା; stand on ଜୋର୍‌ଦେବା; କଡାକଡିଭାବେ ପାଳନ କରିବା; stand on one's own (two) feet ଆତ୍ମନିର୍ଭରଶୀଳ ହେବା; stand out ଆଖିଦୃଶିଆ ହେବା; ଉତ୍କୃଷ୍ଟ ହେବା; stand to ମାନିବା; ଯାହା ଘଟିବାକୁ ଯାଉଛି; stand to reason ଜଳଜଳ ବା ସ୍ପଷ୍ଟ ଦେଖାଯିବା; ଠିଆହୋଇ ରହିବା; (ତର୍କ) ଯୁକ୍ତିଯୁକ୍ତ ହେବା; stand up ଉଠି ଠିଆହେବା; stand up for ସମର୍ଥନ ଦେବା; stand up to ସାହସର ସହ ମୁକାବିଲା କରିବା ।

**standard** 1. ବି. ବସ୍ତୁ, ଗୁଣ, ମାପ ପ୍ରଭୃତିର ପରିମାପକ ଭିତ୍ତି ବା ମାନକ; ମାନକ; ବୈଶିଷ୍ଟ୍ୟସୂଚକ ପତାକା; ସଳଖ ଖୁଣ୍ଟି ବା ଦଣ୍ଡ; ମାନଦଣ୍ଡ; ବିଚାରର ମାପକାଠି; ବିଦ୍ୟାଳୟର ପାଠ୍ୟକ୍ରମ; ଲୋକପ୍ରିୟ ସଙ୍ଗୀତର ସ୍ୱର; 2. ବିଂ. ମାନକ, ସର୍ବମାନ୍ୟ; ଆଦର୍ଶସ୍ଥାନୀୟ ।

**standard–bearer** ବି. ପତାକାବାହକ; ନେତୃସ୍ଥାନୀୟ ବ୍ୟକ୍ତି ।

**standardize** କ୍ରି. ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ ପ୍ରସ୍ତୁତ କରିବା; ବି. standardization.

**standard of living** ବି. ଜୀବନଧାରଣର ମାନଦଣ୍ଡ ।

**standard time** ବି. ଦ୍ରାଘିମା ମାପକୁ ଦୃଷ୍ଟିରେ ରଖି ଦେଶରେ ବ୍ୟବହୃତ ସମୟ ହିସାବ ।

**stand–by** ବି. ଯେଉଁ ବ୍ୟକ୍ତି ବା ବସ୍ତୁ ଉପରେ ନିର୍ଭର କରିହୁଏ; ଯାହାକୁ ବିପଦକାଳରେ ଆଶ୍ରୟ କରିହୁଏ ।

**stand–in** ବି. ସହକାରୀ; ବଦଳ (କର୍ମଚାରୀ) ।

**standing** 1. ବି. ପଦବୀ; ସ୍ଥିତି; ପ୍ରତିଷ୍ଠା; ଅବଧି; 2. ବିଂ. ସଳଖ, ସ୍ଥାୟୀ; ସୁପ୍ରତିଷ୍ଠିତ; ଆବଦ୍ଧ ।

**standing committee** ବି. ସ୍ଥାୟୀ କମିଟି ।

**standing order** ବି. (କୌଣସି କାର୍ଯ୍ୟ ପାଇଁ) ସ୍ଥାୟୀ ଆଦେଶ ।

**standing ovation** ବି. କାହାରି ସମ୍ମାନରେ ଦର୍ଶକଗଣ ଦଣ୍ଡାୟମାନ ରହି ସମର୍ଥନା ଜ୍ଞାପନ କରିବା ।

**standpoint** ବି. ଦୃଷ୍ଟିକୋଣ ।

**standstill** ବି. ରହଣି, ସ୍ତବ୍ଧ ବା ଚଳତ୍‌ଶକ୍ତିହୀନ ଅବସ୍ଥା ।

**stand–up** ବିଂ. ଠିଆରହି ଖାଇବା (ଖାଦ୍ୟ); ଭୟଙ୍କର (ଲଢ଼େଇ); ଠିଆ (କଲାର୍); (ହାସ୍ୟ ଅଭିନେତା) ମଜାକଥା କହୁଥିବା ।

**stank** କ୍ରି. stink *ଅ.କା.* ।

**stannary** ବି. ଟିଣଖଣି ।

**stanza** ବି. କବିତାର ସ୍ତବକ ବା ପଦ ।

**staphylococcus** ବି. ପୂଜ ସୃଷ୍ଟିକାରୀ ଏକ ଜୀବାଣୁ; ବ.ବ. staphylococci; ବିଂ. staphylococcal.

**staple**[1] ବି. କାଗଜ ଧରି ରଖିବାପାଇଁ ବ୍ୟବହୃତ ଷ୍ଟେପଲ୍; ବି. stapler.

**staple**[2] ବିଂ. ମୁଖ୍ୟ ବା ପ୍ରଧାନ (ଉପାଦାନ); ପ୍ରଧାନ (ପଣ୍ୟଦ୍ରବ୍ୟ, ଖାଦ୍ୟ) ।

**star** 1. ବି. ତାରା, ନକ୍ଷତ୍ର; ଭାଗ୍ୟ; ଅସାଧାରଣ ପ୍ରତିଭାବାନ୍ ବ୍ୟକ୍ତି; ପ୍ରଧାନ ଅଭିନେତା ବା

Digitized by srujanika@gmail.com

ଅଭିନେତ୍ରୀ; 2. କ୍ରି. ତାରାଚିହ୍ନ ଅଙ୍କିତ କରିବା; ସମ୍ମାନଜନକ ତାରାଚିହ୍ନରେ ଭୂଷିତ ହେବା।

**starboard** ବି. ଉଡାଜାହାଜ ବା ଜାହାଜର ଦକ୍ଷିଣପଟ ଅଂଶ।

**starch** 1. ବି. ଶ୍ୱେତସାର; ମଣ୍ଡ; ଖଳି; ବ୍ୟବହାରରେ ଔପଚାରିକତା; 2. କ୍ରି. ଲୁଗାପଟାରେ ମଣ୍ଡ ବା ଖଳିଦେବା; ବିଂ. starchy; କ୍ରି.ବିଂ. starchily; ବି. starchiness.

**stardom** ବି. ବିଖ୍ୟାତ ଅଭିନେତା ବା ଅଭିନେତ୍ରୀର ପ୍ରସିଦ୍ଧି ବା ପ୍ରତିଷ୍ଠା।

**stardust** ବି. ତାରାପୁଞ୍ଜ; ରୋମାଞ୍ଚକର ବା ବିମୁଗ୍ଧ ଅନୁଭୂତି।

**stare** 1. କ୍ରି. ଚକ୍ଷୁ ବିସ୍ତାରିତ କରି ସ୍ଥିରଭାବରେ ଚାହିଁବା; ନିର୍ନିମେଷ ଆଖିରେ ବା ଏକସ୍ୱର୍ଙ୍କିଟି ଚାହିଁବା; 2. ବି. ନିର୍ନିମେଷ ବା ବିସ୍ଫାରିତ (ଚକ୍ଷୁର) ଚାହାଣି।

**starfish** ବି. ପାଞ୍ଚବାହୁ ବିଶିଷ୍ଟ ଏକପ୍ରକାର ସାମୁଦ୍ରିକ ଜୀବ।

**star-gazer** ବି. କ.ଭା. *ଅବ.* ଜ୍ୟୋତିଷ, ଜ୍ୟୋତିର୍ବିଜ୍ଞାନୀ।

**stark** 1. ବିଂ. ସୁସ୍ପଷ୍ଟ; ସଂପୂର୍ଣ୍ଣ; ପୂରାପୂରି; 2. କ୍ରି.ବିଂ. ସଂପୂର୍ଣ୍ଣଭାବରେ; କ୍ରି.ବିଂ. starkly; ବି. starkness.

**starkers** ବିଂ.*ସା.ପ୍ର.* ସଂପୂର୍ଣ୍ଣ ଉଲଗ୍ନ।

**starlet** ବି. ନବୋଦିତ (ବିଶେ. ଚଳଚ୍ଚିତ୍ର) ଅଭିନେତ୍ରୀ।

**starlight** ବି. ନକ୍ଷତ୍ର ଆଲୋକ।

**starling** ବି. କଳାରଙ୍ଗର ବହୁଭୋଜୀ ପକ୍ଷୀ ବିଶେଷ।

**starlit** ବିଂ. ନକ୍ଷତ୍ରମାନଙ୍କ ଆଲୋକରେ ଆଲୋକିତ।

**starry** ବିଂ. ନକ୍ଷତ୍ରମଣ୍ଡଳଦ୍ୱାରା ଆଲୋକିତ; ନକ୍ଷତ୍ରଖଚିତ; ନକ୍ଷତ୍ର ଶୋଭିତ।

**starry-eyed** ବିଂ. କ.ଭା. ଉତ୍ସାହୀ, କିନ୍ତୁ କଳ୍ପନାପ୍ରବଣ ବା ବାସ୍ତବଜ୍ଞାନହୀନ; ସ୍ୱପ୍ନାବିଷ୍ଟ; ମୋହାବିଷ୍ଟ।

**stars and stripes** ବି. ବ.ବ. ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ପତାକା।

**star-shaped** ବିଂ. ତାରକା ଆକାର ବିଶିଷ୍ଟ।

**star-studded** ବିଂ. ନକ୍ଷତ୍ରଦ୍ୱାରା ପରିପୂର୍ଣ୍ଣ; ନାମଜାଦା ବ୍ୟକ୍ତି ବା କଳାକାର ସମନ୍ୱିତ।

**start** 1. କ୍ରି. ଆରମ୍ଭ କରିବା; ଚାଲିବାକୁ ଆରମ୍ଭ କରିବା, ଗତି କରିବା; ଯାତ୍ରାରମ୍ଭ କରିବା; ସ୍ଥାପନ କରିବା; ପ୍ରତିଯୋଗିତା ଆରମ୍ଭପାଇଁ ସଂକେତ ଦେବା; ଚକିତ ହୋଇଉଠିବା; ଚମକିବା; ଗର୍ଭବତୀ ହେବା; 2. ବି. ଆରମ୍ଭ; ଅଗ୍ରମାରମ୍ଭ; ଦୌଡପ୍ରଭୃତିର ଆରମ୍ଭ ସ୍ଥାନ; ପ୍ରାରମ୍ଭ; ଚମକ; for a start କ.ଭା. ଅଗ୍ରମାରମ୍ଭ ଭାବରେ; start off ଆରମ୍ଭ କରିବା; ସଚଳ ହେବା; start out ଯାତ୍ରା ଆରମ୍ଭ କରିବା; start up ଉଠିବା; ଘଟିବା।

**starter** ବି. ଯନ୍ତ୍ରର ଗତିଶୀଳତା ପାଇଁ ଆବଶ୍ୟକ ଯନ୍ତ୍ରାଂଶ; ସର୍ବପ୍ରଥମେ ପରିବେଷିତ ଖାଦ୍ୟସାମଗ୍ରୀ; ଦୌଡ଼ ଆରମ୍ଭର ସଂକେତ ପ୍ରଦାନକାରୀ ବ୍ୟକ୍ତି; for starters କ.ଭା. ଆରମ୍ଭ କରିବାପାଇଁ।

**startle** କ୍ରି. ଚମକାଇଦେବା; ଚକିତ କରିବା।

**star turn** ବି. ମନୋରଂଜନ କାର୍ଯ୍ୟକ୍ରମର ସର୍ବଶ୍ରେଷ୍ଠ ଆକର୍ଷଣ।

**starve** କ୍ରି. କ୍ଷୁଧାରେ ମରିବା ବା ମାରିବା; କ୍ଷୁଧାପୀଡିତ ହେବା; କ.ଭା. ପ୍ରବଳ ଭୋକ କରିବା; ପ୍ରଚଣ୍ଡ ଇଚ୍ଛା କରିବା; ପ୍ରୟୋଜନୀୟ ବସ୍ତୁରୁ ବଞ୍ଚିତ କରିବା; ବି. starvation.

**starveling** ବି. *ପ୍ରା.ପ୍ର.* କ୍ଷୁଧାର୍ତ୍ତମାନବ ବା ପଶୁ।

**stash** *ସା.ପ୍ର.* 1. କ୍ରି. ଲୁଚାଇ ରଖିବା; ନିରାପଦ ବା ଗୁପ୍ତସ୍ଥାନରେ ରଖିବା; ସଞ୍ଚିବା; 2. ବି. ଲୁକ୍କାୟିତ ବସ୍ତୁ; ଲୁଚାଇ ରଖିଥିବା ସ୍ଥାନ।

**stasis** ବ. ବ.ବ. stases ନିଷ୍କ୍ରିୟତା; ସ୍ଥବିରତା; ରକ୍ତପ୍ରଭୃତି ତରଳପଦାର୍ଥର ସଂଚାଳନ ବନ୍ଦକରଣ।

**state** 1. ବି. ଅବସ୍ଥା; ସ୍ଥିତାବସ୍ଥା; ପରିସ୍ଥିତି; କ.ଭା. ଉତ୍ତେଜିତ ମାନସିକ ଅବସ୍ଥା; ଆଡମ୍ବର; the States ଯୁକ୍ତରାଷ୍ଟ୍ର ଆମେରିକା; 2. ବିଂ. ରାଷ୍ଟ୍ରୀୟ; ସରକାରୀ; ରାଜକୀୟ; 3. କ୍ରି. ବିବୃତ କରିବା; in state ବିଧିସମ୍ମତ ଭାବରେ; lie in state ଅନ୍ତ୍ୟେଷ୍ଟିକ୍ରିୟା ପୂର୍ବରୁ ସସମ୍ମାନେ ସର୍ବସାଧାରଣଙ୍କ ଶେଷଦର୍ଶନ ପାଇଁ ପ୍ରଦର୍ଶନ।

**stateless** ବିଂ. ଜାତୀୟତା ବା ନାଗରିକତ୍ୱ ବିହୀନ।

**stately** ବିଂ. ଅତ୍ୟନ୍ତ ମର୍ଯ୍ୟାଦାପୂର୍ଣ୍ଣ; ମହିମାନ୍ୱିତ; ବି. stateliness.

**statement** ବି. ବକ୍ତବ୍ୟ; ବିବୃତି ପ୍ରଦାନ; ସତ୍ୟବୋଲି ଉଦ୍‌ଘୋଷଣ; ତଥ୍ୟ ପ୍ରଦାନ।

**state of emergency** ବି. ଜରୁରୀକାଳୀନ ବା ଆପତ୍‌କାଳୀନ ପରିସ୍ଥିତି (ବୈଦେଶିକ ବିପଦ,

Digitized by srujanika@gmail.com

ଆଭ୍ୟନ୍ତରୀଣ ବିଶୃଙ୍ଖଳା ବା ଅର୍ଥନୈତିକ ବିପର୍ଯ୍ୟୟଜନିତ ସାମ୍ବିଧାନିକ ବ୍ୟବସ୍ଥା)।

**state of the art** 1. ବି. ବୈଷୟିକ ଉତ୍କର୍ଷର ସଦ୍ୟତମ ଅବସ୍ଥା; 2. ବିଂ. (*ସା.* state-of-the-art) ସଂପୂର୍ଣ୍ଣ ଆଧୁନିକ।

**stateroom** ବି. ଯାତ୍ରୀବାହୀ ଜାହାଜରେ ବୃହତ୍ ବ୍ୟକ୍ତିଗତ ପ୍ରକୋଷ୍ଠ; ସରକାରୀ ଏପାର୍ଟମେଣ୍ଟ ବା ଘର।

**statesman** ବି. *ସ୍ତ୍ରୀ.* stateswoman ରାଜନୀତିଜ୍ଞ ବା କୂଟନୀତିଜ୍ଞ (ବ୍ୟକ୍ତି), ରାଷ୍ଟ୍ରନେତା; ବିଂ. statesmanlike; ବି. statesmanship.

**static** 1. ବିଂ. ସ୍ଥିର, ନିଶ୍ଚଳ, ଅପରିବର୍ତ୍ତିତ; 2. ବି. ଷ୍ଟାଟିକ୍ ବିଦ୍ୟୁତ୍‌ଶକ୍ତି; *କ୍ରି.ବିଂ.* statically.

**static electricity** ବି. ଅପରିବାହିତ ବିଦ୍ୟୁତ୍।

**statics** ବି. ସ୍ଥିତିବିଦ୍ୟା; ନିଶ୍ଚଳବସ୍ତୁ ବିଷୟକ ବିଜ୍ଞାନ।

**station** 1. ବି. ରହଣିସ୍ଥାନ; ବସ୍, ରେଳଗାଡ଼ି ପ୍ରଭୃତି ରହିବାସ୍ଥାନ; ସ୍ଥାନୀୟ ବା କେନ୍ଦ୍ରୀୟ କାର୍ଯ୍ୟାଳୟ; ପ୍ରସାରଣ ବା ସଂଚାରସ୍ଥଳ; ପଦବୀ ବା ସ୍ଥାନ; ସାମରିକଘାଟୀ; ଷ୍ଟେସନ୍; 2. *କ୍ରି.* ସ୍ଥାନ ନିର୍ଦ୍ଦେଶ କରିବା; ସ୍ଥାପନ କରିବା।

**stationary** ବିଂ. ସ୍ଥିର; ନିଶ୍ଚଳ; ଅପରିବର୍ତ୍ତନୀୟ।

**stationer** ବି. ଲେଖାଲେଖି ଦ୍ରବ୍ୟ ବା ଅଫିସସାମଗ୍ରୀ ବିକ୍ରେତା।

**stationery** ବି. ଲେଖାଲେଖି ଦ୍ରବ୍ୟ, ଅଫିସଗୁଡ଼ିକରେ ବ୍ୟବହୃତ ସାମଗ୍ରୀ।

**stationmaster** ବି. ବସ୍ ବା ରେଳଷ୍ଟେସନର ପରିଚାଳକ।

**station-wagon** ବି. ମାଲପତ୍ର ବହନକାରୀ ମୋଟରଗାଡ଼ି ବିଶେଷ।

**statistic** ବି. ପରିସଂଖ୍ୟାନ ଉପାଦାନ ବା ତଥ୍ୟ।

**statistical** ବିଂ. ପରିସଂଖ୍ୟାନ ସମ୍ବନ୍ଧୀୟ; *କ୍ରି.ବିଂ.* statistically.

**statistics** ବି. *ସା.ଏ.ବ.* ପରିସଂଖ୍ୟାନ; ପରିସଂଖ୍ୟାନ ବିଦ୍ୟା ବା ତତ୍ତ୍ୱ; ବି. statistician.

**statary** 1. ବିଂ. ଭାସ୍କର୍ଯ୍ୟ ବା ମୂର୍ତ୍ତିକଳା ସଂକ୍ରାନ୍ତ; 2. ବି. ପ୍ରତିମା ବା ପ୍ରତିମୂର୍ତ୍ତି ସମୂହ; ଭାସ୍କର୍ଯ୍ୟ; ଭାସ୍କର; ମୂର୍ତ୍ତିଗଠନ; ମୂର୍ତ୍ତିକାର।

**statue** ବି. ପ୍ରତିମୂର୍ତ୍ତି।

**statuesque** ବି. ମୂର୍ତ୍ତିବତ୍; ପ୍ରତିମୂର୍ତ୍ତି ସଦୃଶ।

**statuette** ବି. କ୍ଷୁଦ୍ର ପ୍ରତିମୂର୍ତ୍ତି ବା ମୂର୍ତ୍ତି।

**stature** ବି. ଦୈହିକ ଉଚ୍ଚତା; ବୈଶିଷ୍ଟ୍ୟ; ପାରଂଗମତା; ନୈତିକ ଗୁଣ।

**status** ବି. ପଦ ମର୍ଯ୍ୟାଦା; ସାମାଜିକ ସମ୍ମାନ; ଉଚ୍ଚ ସାମାଜିକ ସ୍ଥିତି।

**status quo** ବି. ସ୍ଥିତାବସ୍ଥା।

**status symbol** ବି. ବ୍ୟକ୍ତିର ଉଚ୍ଚ ସାମାଜିକସ୍ଥିତିର ପ୍ରଜ୍ଞାପକ ଭୌତିକ ସାମଗ୍ରୀ ବା ବସ୍ତୁ।

**statute** ବି. ବ୍ୟବସ୍ଥା ପରିଷଦଦ୍ୱାରା ବିଧିବଦ୍ଧଭାବେ ଗୃହୀତ ଆଇନ; କୌଣସି ସଂସ୍ଥାର ସ୍ଥାୟୀ ନିର୍ଦ୍ଦେଶାବଳୀ ବା ନିୟମାବଳୀ।

**statute-book** ବି. ନିର୍ଦ୍ଦେଶାବଳୀ ଲିପିବଦ୍ଧ ହୋଇଥିବା ପୁସ୍ତିକା; ବିଧିବ୍ୟବସ୍ଥା।

**statute law** ବି. ଆଇନ୍ ସଭାଦ୍ୱାରା ବିଧିବଦ୍ଧ ଅନୁମୋଦିତ ଆଇନ୍; ନିୟମାବଳୀ।

**statutory** ବିଂ. ସଂବିଧିବଦ୍ଧ; ବିଧିସମ୍ମତ।

**staunch**¹· ବିଂ. ସମର୍ଥନରେ ଏକନିଷ୍ଠ; ବିଶ୍ୱସ୍ତ; ସଂପୂର୍ଣ୍ଣଭାବରେ ବାୟୁ/ଜଳ ରୁଦ୍ଧ (ଯନ୍ତ୍ର ପ୍ରଭୃତି); *କ୍ରି.ବିଂ.* staunchly.

**staunch**²· ବି. ବିକ. stanch.

**stave** 1. ବି. ପିମ୍ପା ବା ଡ୍ରମ୍‌ର ପାର୍ଶ୍ୱସ୍ଥ କାଠଦଣ୍ଡ; ସଂଗୀତର ପଦ, ସ୍ତବକ ବା ପଂକ୍ତି; 2. *କ୍ରି.* ଛେଦ କରିବା; ଭାଙ୍ଗି ଗୁଣ୍ଡ କରିଦେବା; stave in ଭାଙ୍ଗି ଖଣ୍ଡଖଣ୍ଡ କରିଦେବା, କଣା କରିବା; stave off (ବିପଦ) ଦୂରେଇଦେବା ବା ବିଳମ୍ବିତ କରିଦେବା।

**staves** ବି. *ସ୍ତ୍ରୀ.ପ୍ର.* staffର ବ.ବ.।

**stay**¹· 1. *କ୍ରି.* କୌଣସି ସ୍ଥାନରେ ବା ଅବସ୍ଥାରେ ରହିବା; ପରିତ୍ୟାଗ ବା ପରିବର୍ତ୍ତନ ନ କରିବା; ଅବସ୍ଥାନ କରିବା; ବନ୍ଦ କରିବା; (ମୋକଦ୍ଦମା) ମୁଲତବୀ କରିବା; ଅଟକାଇଦେବା; (କ୍ଷୁଧା ପ୍ରଭୃତି) ସହ୍ୟ କରିବା; 2. ବି. ଅବସ୍ଥାନ, ରହଣି; ମୁଲତବୀ; stay the course ଶେଷପର୍ଯ୍ୟନ୍ତ ସହ୍ୟ କରିବା; stay the night ରାତ୍ରିଯାପନ କରିବା; stay put *କ.ଭା.* ସ୍ଥିତାବସ୍ଥାରେ ରହିବା; stay up ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନ ଶୋଇବା; stay in ଭିତରେ ରହିବା, କର୍ମସ୍ଥଳ ତ୍ୟାଗ ନ କରିବା।

Digitized by srujanika@gmail.com

**stay²** ବି. ଜାହାଜର ମାସ୍ତୁଲ ବନ୍ଧା ବା ପତାକାବନ୍ଧା ଦଉଡ଼ି; ଆଲମ୍ବ; *ଐତି.* ଶରୀରର ସୁଠାମ ଗଠନ ପାଇଁ ପରିଧାନ କରାଯାଉଥିବା ଅଙ୍ଗଢଙ୍କା କଠିନ ଅନ୍ତର୍ବାସ।

**stay–at–home** 1. ବି. ପଦାକୁ ଯିବାକୁ ପସନ୍ଦ କରୁନଥିବା ବ୍ୟକ୍ତି; 2. ବିଂ. ପଦାକୁ ବାହାରୁ ନ ଥିବା (ବ୍ୟକ୍ତି)।

**stayer** ବି. ଅତ୍ୟନ୍ତ ସହନଶୀଳ ବ୍ୟକ୍ତି ବା ପଶୁ।

**staying power** ବି. ସହନଶୀଳତା; ସହ୍ୟ କରିବାର ଶକ୍ତି।

**STD** *ସଂଶ.* subscriber trunk dialling; sexually transmitted disease.

**stead** ବି. in a person's (things stead) ବଦଳରେ, ସ୍ଥାନରେ; stand a person in good stead କାହାପ୍ରତି ସାହାଯ୍ୟପରାୟଣ ବା ଉପକାରୀ ହେବା।

**steadfast** 1. ବିଂ. ନିଶ୍ଚଳ, ଅଟଳ, ଅଚଳ; *କ୍ରି.ବିଂ.* steadfastly; ବି. steadfastness.

**steady** 1. ବିଂ. ସୁଦୃଢ଼; ଅବିଚଳ; ପ୍ରଚଳିତ; ସୁପ୍ରତିଷ୍ଠିତ, ନିୟମିତ; 2. *କ୍ରି.ବିଂ.* ନିୟମିତ ବା ସ୍ଥାୟୀଭାବରେ; 3. ବି. *କ.ଭା.* ଘନିଷ୍ଠ ପୁରୁଷ ବା ନାରୀବନ୍ଧୁ (ବାନ୍ଧବୀ); go steady *କ.ଭା.* ନିୟମିତ ଏବଂ ଘନିଷ୍ଠଭାବରେ ଯୁବକ ବା ଯୁବତୀ ସହ ବନ୍ଧୁତା; steady on ସାବଧାନ ହୁଅ; *କ୍ରି.ବିଂ.* steadily; ବି. steadiness.

**steak** ବି. ଭଜା ବା କବାବ ହୋଇଥିବା ବଡ ମାଛ ବା ମାଂସଖଣ୍ଡ; ଖାଦ୍ୟ ପାଇଁ ପ୍ରସ୍ତୁତ ଗୋମାଂସ।

**steak house** ବି. ଗୋମାଂସ ଭଜା ବିକ୍ରୀ ପାଇଁ ଉଦ୍ଦିଷ୍ଟ ଦୋକାନ।

**steal** 1. *କ୍ରି.* ଚୋରି କରିବା, ଅପହରଣ କରିବା; ଲୁଚାଇ କରିବା; ଲୁଚାଚୋରାରେ କରିବା; ଗୋପନରେ ଯିବା; 2. ବି. *ଆମେ. କ.ଭା.* ଚୋରିକାର୍ଯ୍ୟ; *କ.ଭା.* ସହଜରେ ଅର୍ଜନ କରାଯାଇଥିବା ଅର୍ଥ; steal a march on ଗୋପନରେ ଅଧିକ ସୁବିଧା ହାସଲ କରିବା; steal the show (ଅଭିନୟ ପ୍ରଭୃତିଦ୍ୱାରା) ନିଜଆଡକୁ ଦୃଷ୍ଟି ଆକର୍ଷିତ କରିବା।

**stealth** ବି. ଗୁପ୍ତକାର୍ଯ୍ୟ; ସନ୍ଦେହଜନକ ବ୍ୟବହାର; ଗୋପନୀୟତା।

**stealthy** ବିଂ. ଚୋରା, ଗୋପନ, ଲୁଚାଚୋରା; *କ୍ରି.ବିଂ.* stealthily; ବି. stealthiness.

**steam** 1. ବି. (ଜଳୀୟ) ବାଷ୍ପ; ବାଷ୍ପଶକ୍ତି; *କଥା.* କର୍ମଶକ୍ତି; 2. *କ୍ରି.* ବାଷ୍ପରେ ରନ୍ଧନ କରିବା; ବାଷ୍ପଶକ୍ତିଦ୍ୱାରା ଚାଳିତହେବା; *କଥା.* ଦ୍ରୁତଗତିରେ ବା ଡପ୍ରଭାବରେ ଗତି କରିବା; steamed up *କଥା.* ଉତ୍ତେଜିତ ବା କ୍ରୁଦ୍ଧ।

**steamboat** ବି. ବାଷ୍ପଚାଳିତ ଡଙ୍ଗା ବା ପୋତ।

**steam engine** ବି. ବାଷ୍ପଚାଳିତ କଳ; *ଉଦା.* ରେଳଗାଡ଼ି।

**steamer** ବି. ବାଷ୍ପଚାଳିତ ଜାହାଜ; ବାଷ୍ପୀୟପୋତ; ଷ୍ଟିମ୍‌ଶିପ୍; ଖାଦ୍ୟକୁ ବାଷ୍ପସିଦ୍ଧ କରାଯାଉଥିବା ପାତ୍ର।

**steamroller** 1. ବି. ରାସ୍ତା ସମତଳ କରିବାପାଇଁ ବ୍ୟବହୃତ ମନ୍ଥରଗତି ରୋଲର୍‌ଯୁକ୍ତ ଯାନ; ପଦଦଳନକାରୀ ଶକ୍ତି ବା କ୍ଷମତା; 2. *କ୍ରି.* ଚୂର୍ଣ୍ଣବିଚୂର୍ଣ୍ଣ କରିବା ବା କରି ଆଗେଇବା; ଶକ୍ତି ପ୍ରୟୋଗ କରିବା।

**steamship** ବି. ବାଷ୍ପୀୟପୋତ; ବାଷ୍ପଶକ୍ତି ଦ୍ୱାରା ଚାଳିତ ଜାହାଜ।

**steam train** ବି. ବାଷ୍ପୀୟ ଶକ୍ତି–ଚାଳିତ ରେଳଗାଡି, ବାଷ୍ପୀୟ ଶକଟ।

**steamy** ବିଂ. ବାଷ୍ପପୂର୍ଣ୍ଣ; ବାଷ୍ପବତ୍; *କଥା.* ଯୌନଉତ୍ତେଜକ; *କ୍ରି.ବିଂ.* steamily; ବି. steaminess.

**steatite** ବି. ଟାଲ୍‌କ୍; *ବିଶେ.* ସୋପ୍‌ଷ୍ଟୋନ୍‌ର ଅଶୋଧିତ ରୂପ।

**steed** *ବି.ପ୍ରା.ପ୍ର. ସାହି.* ଘୋଡା।

**steel** 1. ବି. ଲୁହା ଏବଂ କାର୍ବନ୍‌ର ଶକ୍ତ, ନମନୀୟ ଯୌଗିକ ବିଶେଷ; ଇସ୍ପାତ୍, ଇସ୍ପାତ୍ ନିର୍ମିତ ତରବାରି ବା ବାସନକୁସନ; ଶକ୍ତି; ଦୃଢତା; 2. ବିଂ. ଇସ୍ପାତ୍‌ତୁଲ୍ୟ; 3. *କ୍ରି.* ଦୃଢ଼ କରିବା।

**steel wool** ବି. (ଇସ୍ପାତରୁ ପ୍ରସ୍ତୁତ) ମଜାଘସା ପାଇଁ ବ୍ୟବହୃତ ସରୁ ଓ ଟାଣୁଆ ବ୍ରଶ୍‌ଭଳି ବସ୍ତୁ।

**steelworks** ବି. ବ.ଚ. ଏଦ. ଇସ୍ପାତ୍ କାରଖାନା।

**steely** ବିଂ. ଇସ୍ପାତ ନିର୍ମିତ; ଇସ୍ପାତ୍‌ପରି; ଇସ୍ପାତୀ; କଠୋର, ଦୃଢ଼ସଂକଳ୍ପ; ବି. steeliness.

**steelyard** ବି. ସଂଖ୍ୟାଙ୍କିତ ବାହୁବିଶିଷ୍ଟ ଏକପ୍ରକାର ତୁଳାଦଣ୍ଡ।

Digitized by srujanika@gmail.com

**steep**[1.] 1. ବିଂ. ଦୁରାରୋହଭାବେ ଢାଲୁ; ତୁଙ୍ଗ, ତୀଖ; ଗଡାଣିଆ; ମହଙ୍ଗା; ଅଯୌକ୍ତିକ; ଅତିରଂଜିତ, ଅବିଶ୍ୱାସ୍ୟ; 2. ବି. ଗଡାଣି; ତୀଖଜାଗା; କ୍ରି. steepen; ବିଂ. steepish; କ୍ରି.ବିଂ. steeply; ବି. steepness.

**steep**[2.] କ୍ରି. ବତୁରାଇବା; ସଂପୂର୍ଣ୍ଣ ଭିଜାଇବା, ଓଦା କରିବା; steep in ପରିବ୍ୟାପ୍ତ କରିବା; ଭିଜାଇବା; ବୁଡି ରହିବା (ଅଧ୍ୟୟନ ପ୍ରଭୃତିରେ)।

**steeple** ବି. ଗୀର୍ଜା ପ୍ରଭୃତିର କ୍ରମୋନ୍ନତ ଚୂଡ଼ା (ଯାହା ଭିତରେ ଗୋଲେଇ ପାବଚ୍ଛଶ୍ରେଣୀ ଥାଏ)।

**steeplechase** ବି. ଖାଲଖମା, ନାଳ ପ୍ରଭୃତି ଥିବା ରାସ୍ତାରେ ଘୋଡାଦୌଡ ପ୍ରତିଯୋଗିତା; ସେଭଳି ଦୌଡ ପ୍ରତିଯୋଗିତା, କ୍ରସକଣ୍ଟ୍ରି ଦୌଡ; ବି. steeplechasing.

**steeplejack** ବି. ଗୀର୍ଜାର ଚୂଳ ବା ଧୂମନିର୍ଗମ ନଳୀ ମରାମତିକାରୀ।

**steer**[1.] କ୍ରି. ମଙ୍ଗ ଧରିବା; ଜାହାଜ, ଯାନବାହନପ୍ରଭୃତିର ଗତିର ଦିଗ ନିର୍ଦ୍ଧାରଣ କରିବା; ପଥପ୍ରଦର୍ଶନ କରିବା; ଦିଗ୍‌ଦର୍ଶନ ଦେବା; steer clear of ତ୍ୟାଗ କରିବା; ଦୂରେଇ ରହିବା; ବି. steering.

**steer**[2.] ବି. ଅଳ୍ପବୟସ୍କ ବଳଦ; ବଳ୍ଦା; ଦାମୁଡି।

**steerage** ବି. ଯାନବାହନପ୍ରଭୃତିର ଦିଗ୍‌ଦର୍ଶନ; ପଥ–ନିର୍ଦ୍ଦେଶନ; ଜାହାଜର ସବୁଠାରୁ ଶସ୍ତା ଯାତ୍ରୀର ସ୍ଥାନ।

**steering–column** ବି. ହାଲ (ନୌକାର ମଙ୍ଗଧରା ଦଣ୍ଡ, କର୍ଣ୍ଣ) ଲାଗୁଥିବା ସ୍ତମ୍ଭ; ଷ୍ଟିଅରିଙ୍ଗ ହ୍ୱିଲ୍‌ର ଦଣ୍ଡ।

**steering committee** ବି. ବିବିଧ ବିଧି ବ୍ୟବସ୍ଥା ପ୍ରଦାନକାରୀ ଏବଂ କାର୍ଯ୍ୟସଂପାଦନକାରୀ ପରିଚାଳନା ସଭା।

**steering wheel** ବି. ଯେଉଁ ଚକଦ୍ୱାରା ଗାଡିଚାଳନାର ଦିଗ ନିୟନ୍ତ୍ରଣ କରାଯାଏ; ଷ୍ଟିଅରିଙ୍ଗ୍ ହ୍ୱିଲ୍।

**steersman** ବି. ଜାହାଜର ଗତି ଓ ଦିଗ ନିୟନ୍ତ୍ରଣକାରୀ କର୍ମଚାରୀ।

**stegosaurus** ବି. ଅଧୁନା ଅବଲୁପ୍ତ ତୃଣଭୋଜୀ ଡିନୋସାର୍‌ଜାତୀୟ ପ୍ରାଣୀ ବିଶେଷ।

**stein** ବି. ବିଅର୍ ପ୍ରଭୃତି ପାନପାଇଁ ଉଦ୍ଦିଷ୍ଟ ବଡ ମାଟିପାତ୍ର ବା ମଗ୍।

**stela** ବି. ବ.ବ. stelae, stele ପ୍ରାଚୀନ ପ୍ରସ୍ତର ଫଳକ ବା ସ୍ତମ୍ଭ; ଶିଳାଲେଖସହ ସ୍ମୃତିସ୍ତମ୍ଭ, ବିଶେ. କବରପ୍ରସ୍ତର।

**stellar** ବିଂ. ନକ୍ଷତ୍ର ସମ୍ବନ୍ଧୀୟ।

**stem**[1.] 1. ବି. ବୃକ୍ଷ ପ୍ରଭୃତିର କାଣ୍ଡ; ବୃନ୍ତ; ଡେମ୍ଫ; ସରୁ ଦଣ୍ଡ; ହୁକ୍କାନଳୀ; ବ୍ୟା. ଶବ୍ଦର ମୂଳ ବା ପ୍ରଧାନ ଅଂଶ (ଯାହା ସହିତ ପ୍ରତ୍ୟୟ ସଂଯୁକ୍ତ ହୁଏ); ବଂଶର ମୂଳାଧାର ବା ଶାଖା; 2. କ୍ରି. ଉତ୍ସମୁଖରୁ ବାହାରିବା; ଉଦ୍‌ଗତ ହେବା।

**stem**[2.] କ୍ରି. ବନ୍ଦ କରିବା ବା ବାଧାଦେବା; ବନ୍ଧଦେବା।

**stench** ବି. ଦୁର୍ଗନ୍ଧ।

**stencil, stencil–plate** 1. ବି. ଷ୍ଟେନ୍‌ସିଲ୍, ପତଳାଧାତୁ ବା ମହମ କାଗଜ ଯାହା ଉପରେ ଅକ୍ଷର କଟାଯାଇ ନକଲ ପ୍ରସ୍ତୁତ କରାଯାଏ; ପ୍ରତିଲିପି ଗ୍ରହଣ ପାଇଁ ବ୍ୟବହୃତ ସଛିଦ୍ର କାଗଜ; 2. କ୍ରି. ପ୍ରତିଲିପି ତିଆରି କରିବା, ଷ୍ଟେନ୍‌ସିଲ୍ କାଟିବା।

**Sten gun** ବି. ହାଲୁକା ସବ୍–ମେସିନ୍ ଗନ୍।

**stenographer** ବି. ସର୍ଟହେଣ୍ଡ ଲେଖକ; ଲଘୁଲିପିକ; କ୍ଷିପ୍ରଲିପିକ।

**stenography** ବି. ସାଙ୍କେତିକ ଚିହ୍ନ ସାହାଯ୍ୟରେ ଦ୍ରୁତଲିପି ଲିଖନ; କ୍ଷିପ୍ରଲିଖନ ବିଦ୍ୟା; କ୍ଷିପ୍ରଲିପି।

**stentorian** ବିଂ. ଉଚ୍ଚ ଓ ତୀବ୍ର ଧ୍ୱନିଯୁକ୍ତ; ଉଚ୍ଚ କଣ୍ଠସ୍ୱରଯୁକ୍ତ।

**step** 1. ବି. ଏକପାହୁଣ୍ଡ; ପଦକ୍ଷେପ; ଚାଲିବା ବା ଦୌଡ଼ିବା କାଳର ପଦକ୍ଷେପ; ନର୍ତ୍ତନକାଳର ପଦବିନ୍ୟାସ; ଏକ ପଦକ୍ଷେପ ପରିମିତ ମାପ; ସିଢ଼ିର ଧାପ; ପାହାଚ; ଚାଲିବାର ଢଙ୍ଗ; 2. କ୍ରି. ପାହୁଣ୍ଡ ବା ପାଦ ପକାଇବା; ଗୋଡ଼ କାଢ଼ିବା; ନୃତ୍ୟ କରିବା; mind (watch) one's step ସତର୍କ ବା ସାବଧାନ ହେବା; step by step କ୍ରମଶଃ, ଧୀରେ ଧୀରେ; ସତର୍କଭାବରେ; step down ଅବ୍ୟାହତି ନେବା, ଇସ୍ତଫା ଦେବା; step in ପ୍ରବେଶ କରିବା; ହସ୍ତକ୍ଷେପ କରିବା; step on it ଗ୍ରା.ପ୍ର. ଶୀଘ୍ର କର; ଗତି ବଢ଼ାଅ; step out ବଡ଼ ପାହୁଣ୍ଡ ପକାଇ ଚାଲିବା; ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବା; step out of line ଅସଂଗତ ବା ଦୁର୍ବିନୀତ ବ୍ୟବହାର କରିବା; step up ବୃଦ୍ଧି କରିବା; ବଢ଼ାଇବା।

Digitized by srujanika@gmail.com

**step–** ସଂ. ବୈମାତ୍ର ବା ବୈପିତ୍ର ଜନିତ (ପିତା ବା ମାତା ମଧ୍ୟରୁ କେହି ପୁନର୍ବିବାହ କଲେ ଯେଉଁ ମାତୃତ୍ୱ ବା ପିତୃତ୍ୱ ସୃଷ୍ଟି ହୁଏ) ସଂପର୍କ ସୂଚକ ଉପପଦ।

**stepbrother** ବି. ବୈମାତ୍ର ବା ବୈପିତ୍ର ଭାଇ; ସାବତ ଭାଇ।

**stepchild** ବି. ସାବତ ସନ୍ତାନ।

**stepdaughter** ବି. ସାବତ ଝିଅ।

**stepfather** ବି. ଜନନୀର ଅନ୍ୟସ୍ୱାମୀ; ସାବତ ବାପା।

**stephanotis** ବି. ଏକପ୍ରକାର ବିଷୁବମଣ୍ଡଳୀୟ ସୁଗନ୍ଧିତ ଲତାଗୁଳ୍ମ।

**stepins** ବି. ମହିଳାଙ୍କ ଅନ୍ତର୍ବାସ ବିଶେଷ; ପ୍ରସ୍ତରଖଣ୍ଡ; ଅଗ୍ରଗତିର ମାଧ୍ୟମ।

**stepladder** ବି. କାଠଡିଆରି ଏକପ୍ରକାର ଭାଙ୍ଗିହେଉଥିବା ସିଡ଼ି।

**stepmother** ବି. ବିମାତା; ବାପାଙ୍କର ଅନ୍ୟ ପତ୍ନୀ; ସାବତ ମା'।

**step–parent** ବି. ସାବତ ମା' ବା ସାବତ ବାପା।

**steppe** ବି. ତୃଣଭୂମି; ତୃଣାବୃତ୍ତ ପାଦପବିହୀନ ପ୍ରାନ୍ତର (ରୁଷିଆ)।

**stepping–stone** ବି. ନାଳ ପ୍ରଭୃତି ପାରି ହେବାପାଇଁ ଥିବା ପଥର; ଉନ୍ନତିର ସୋପାନ।

**–ster** ପ.ପ୍ର. କୌଣସି ନିର୍ଦ୍ଦିଷ୍ଟ ଧନ୍ଦା, ଗୁଣ ବା ବୃତ୍ତିସହିତ ସଂପୃକ୍ତି ସୂଚକ (gangster, trickster).

**stereo** ବି. ଦୁଇଟି ସ୍ପିକରଯୁକ୍ତ ଧ୍ୱନିପ୍ରସୂତି ଯନ୍ତ୍ର।

**stereo–** ବି. ଘନାକାର, ତ୍ରିମାତ୍ରିକ (ଦୈର୍ଘ୍ୟ, ପ୍ରସ୍ଥ ଓ ବେଧବିଶିଷ୍ଟ)।

**stereophonic** ବିଂ. ଦୁଇ ବା ତତୋଧିକ ଧାରାରେ ପ୍ରବାହିତ ଶବ୍ଦ।

**stereoscope** ବି. ଘନଦୃକ୍; ଯେଉଁ ଯନ୍ତ୍ରଦ୍ୱାରା ଈଷତ୍ ଅଲଗା ଦୁଇଟି ଚିତ୍ର ଗୋଟିଏ ଘନଭାବେ ଦେଖାଯାଏ।

**stereotype** 1. ବି. ମୁଦ୍ରଣଅକ୍ଷର ନିମନ୍ତେ ବ୍ୟବହୃତ ଛାଞ୍ଚ; ମୁଦ୍ରଣଫଳକ ତିଆରିଯନ୍ତ୍ର; ଗତାନୁଗତିକ କାର୍ଯ୍ୟ; ଅପରିବର୍ତ୍ତନୀୟ ବା ପରଂପରାବାଦୀ ବ୍ୟକ୍ତିତ୍ୱ; 2. କ୍ରି. ମୁଦ୍ରଣଫଳକ ନିର୍ମାଣ କରିବା; ନିର୍ଦ୍ଦିଷ୍ଟ ଶୈଳୀର ଅନୁସାରୀ କରିବା।

**sterile** ବିଂ. ବାଂଝ; ଊଷର; ନିଷ୍ଫଳ; ଅଫଳପ୍ରସୂ; ଚିନ୍ତାଶକ୍ତି ବା ଉଦ୍ଭାବନଶକ୍ତି ବିହୀନ; ବି. sterility.

**sterilize** କ୍ରି. ପଦାର୍ଥକୁ ଜୀବାଣୁ ମୁକ୍ତ କରିବା; ଗର୍ଭଧାରଣ ଶକ୍ତି ଲୋପ କରିବା; ନିର୍ବୀର୍ଯ୍ୟକରଣ, ବନ୍ଧ୍ୟାକରଣ; ବି. sterilization.

**sterling** 1. ବି. ବିଲାତର ମୁଦ୍ରାବିଶେଷ; 2. ବିଂ. ମୁଦ୍ରାସଂକ୍ରାନ୍ତ, ଖାଣ୍ଟି; ସଂପୂର୍ଣ୍ଣ ସଚ୍ଚରିତ୍ର; ଅସଲି; ବିଶ୍ୱସନୀୟ।

**sterling silver** ବି. ୯୨.୫% ଭାଗ ଖାଣ୍ଟି ଥିବାରୁପା।

**stern**[1.] ବିଂ. କଠୋର; ଅଦମ୍ୟ; ଅଦମନୀୟ, କର୍କଶ; ନିର୍ଦ୍ଦୟ, ସ୍ୱେଚ୍ଛାଚାରୀ; କ୍ରି.ବିଂ. sternly; ବି. sternness.

**stern**[2.] ବି. ନାବ, ଜାହାଜ ପ୍ରଭୃତିର ପଶ୍ଚାଦ୍‌ଭାଗ; ଚୂଡ଼ାଭାଗ; ନିତମ୍ବ ବା ଲାଞ୍ଜ।

**stern post** ବି. ଜାହାଜର କେନ୍ଦ୍ରରେ ଅବସ୍ଥିତ ଖମ୍ବ ବା ରାଡାରବାହୀ ସ୍ତମ୍ଭ।

**sternum** ବି. (ବ.ବ. sterna, sternums) ବକ୍ଷାସ୍ଥି; ଛାତିହାଡ଼।

**steroid** ବି. ଏକାଧିକ ଜୈବ ଯୌଗିକ ପ୍ରସ୍ତୁତ (କ୍ଷାର, ଭିଟାମିନ୍, ହରମୋନ୍ ପ୍ରଭୃତି) ଔଷଧ; ଷ୍ଟେରଏଡ୍ ସୁରାସାର।

**sterol** ବି. ଷ୍ଟେରଏଡ୍ ସୁରାସାର।

**stertorous** ବିଂ. କଷ୍ଟକର ଏବଂ ସଶବ୍ଦ (ନିଃଶ୍ୱାସ); ଘୁଙ୍ଗୁଡ଼ିଯୁକ୍ତ।

**stet** କ୍ରି. ପରିବର୍ତ୍ତିତ ଅଂଶକୁ ବାଦ୍‌ଦେବା (ବିଶେ. ପ୍ରୁଫ୍ ସଂଶୋଧନରେ ବ୍ୟବହୃତ); ଆଦେଶକୁ ବାତିଲ କରିବା, ପରିବର୍ତ୍ତନ ନ କରି ମୂଳକୁ ରକ୍ଷା କରିବା।

**stethoscope** ବି. ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ପ୍ରଭୃତି ପରୀକ୍ଷା ପାଇଁ (ଚିକିତ୍ସକଦ୍ୱାରା ବ୍ୟବହୃତ) ଶ୍ରବଣ ଯନ୍ତ୍ର; ଉରଃଶ୍ରବ; ଷ୍ଟେଥୋସ୍କୋପ୍।

**stetson** ବି. ଏକ ପ୍ରକାର ଚଉଡ଼ା ଏବଂ ଡେଙ୍ଗା ଟୋପି।

**stevedore** ବି. ଜାହାଜରେ ମାଲ ବୋଝେଇ ଓ ଖଲାସ କରୁଥିବା ବ୍ୟକ୍ତି; ଖଲାସି।

**stew** 1. କ୍ରି. ବାମ୍ଫରେ ଖାଦ୍ୟ ସିଦ୍ଧ କରିବା; ସିଝାଇବା; ଘର୍ମାକ୍ତ ହେବା; ବିବ୍ରତ ବା ବ୍ୟସ୍ତହେବା; 2. ବି. ସିଝାମାଂସ; ସିଝା; ବାମ୍ଫରେ ସିଦ୍ଧଖାଦ୍ୟ, ମାନସିକ ଉତ୍ତେଜିତ ଅବସ୍ଥା; 3. ବିଂ. (stewed)

Digitized by srujanika@gmail.com

*କ.ଭା.* ମାତାଲ; stew in one's own juice ନିଜ କୃତକର୍ମର ପରିଣାମ ନିଜେ ଭୋଗିବା ।

**steward** ବି. ପରିବାର ବା ପ୍ରତିଷ୍ଠାନର ଖାଦ୍ୟସାମଗ୍ରୀ ତତ୍ତ୍ୱାବଧାରକ; ହଷ୍ଟେଲ ବା କ୍ଲବ୍‌ର ଖାଦ୍ୟ ତତ୍ତ୍ୱାବଧାରକ; ରେଳଗାଡ଼ି, ଜାହାଜ ପ୍ରଭୃତିରେ ଯାତ୍ରୀମାନଙ୍କର ପରିଚାରକ; ସଭା ସମିତି, ଉତ୍ସବ ପ୍ରଭୃତିର ତତ୍ତ୍ୱାବଧାରକ; ବିଂ. stewardship.

**stewardess** ବି. ( ବିଶେ. ଉଡାଜାହାଜ, ଜାହାଜ ପ୍ରଭୃତିରେ) ପରିଚାରିକା ବା ତତ୍ତ୍ୱାବଧାରିକା ।

**stick**[1] ବି. କାଠର ବାଡ଼ି ବା ଲାଠି; କାଠର ସରୁ ଦଣ୍ଡ; ହକି, ପୋଲୋପ୍ରଭୃତିର ଖେଳଦଣ୍ଡ; ଲାଠି ଆକାର ବସ୍ତୁ (ଯଥା ସିଗାରେଟ୍ ବା ଧୂପକାଠି); *କ.ଭା.* ପ୍ରତିକୂଳ ସମାଲୋଚନା; ଅସାମାଜିକ ବା ମାନ୍ଦା ବ୍ୟକ୍ତି ।

**stick**[2] *କ୍ରି.* ଭୁଷିବା; ବିନ୍ଧ କରିବା; ଅଠାରେ ଲାଖିଯିବା; ଲଟକାଇବା; ଲଟକିଯିବା; ଅଗ୍ରସର ହୋଇ ନ ପାରିବା; *କ.ଭା.* ଅଚଳଭାବେ ରହିଯିବା; *କ.ଭା.* ସହ୍ୟ କରିବା; କୌଣସି କାମରେ ଲାଗିରହିବା; be stuck for (କାହାରି) ସାହାଯ୍ୟ ଲୋଡ଼ିବା; ଅସୁବିଧାରେ ପଡିବା; be stuck on *ସା.ପ୍ର.* ମୋହିତ ହେବା, ପ୍ରେମରେ ପଡ଼ିବା; be stuck with *କ.ଭା.* (କୌଣସି ବସ୍ତୁ ବା ବ୍ୟକ୍ତିଠାରୁ) ଉଦ୍ଧାର ବା ରକ୍ଷାପାଇ ନ ପାରିବା; get stuck in (into) *ସା.ପ୍ର.* ଉତ୍ସାହର ସହିତ ଉଦ୍‌ଯୋଗ କରିବା; stick arround *ସା.ପ୍ର.* ଅନାବଶ୍ୟକଭାବେ ଅଧିକ ସମୟ ରହିବା; ରହିଯିବା; stick at nothing ସଂପୂର୍ଣ୍ଣଭାବରେ ନିଷ୍ଠୁର ଆଚରଣ କରିବା; stick by (with) ଘନିଷ୍ଠଭାବେ ରହିବା; ଅନୁରକ୍ତ ବା ବିଶ୍ୱସ୍ତ ରହିବା; stick in one's throat (ନିଜ) ନୀତି ବିରୁଦ୍ଧ ହେବା; stick it out *କ.ଭା.* ଶେଷପର୍ଯ୍ୟନ୍ତ କୌଣସି ଗୁରୁଦାୟିତ୍ୱ ବା ବିରକ୍ତିକର କାର୍ଯ୍ୟ ମୁଣ୍ଡେଇବା; stick one's neck out ଦୁଃସାହସିକ ହେବା; ହୁଙ୍କାପିଟା ହେବା; stick out ନିସ୍କି ଆସିବା; ଉଳୁକି ପଡିବା; ବାହାରକୁ ଲମ୍ବି ଆସିବା; stick out for ଦାବି କରି ଚାଲିବା, ଦେବାକୁ ବାଧ କରିବା; stick to ଲାଖି ରହିବା; ଅନୁରକ୍ତ ରହିବା; ଲାଗିରହିବା; stick together *କ.ଭା.* ପରସ୍ପର ଅନୁରକ୍ତ ରହିବା; ବିଶ୍ୱସ୍ତ ରହିବା; ଏକାଠି ରହିବା; stick up ସଳଖ ବା ଉତ୍‌ଥିତ ଭାବରେ ରଖିବା, ଉପରମୁହାଁ ଠିଆହୋଇ ରହିବା; *କ.ଭା.* ବନ୍ଧୁକ ଦେଖାଇ ବା ଲଗାଇ ଭୟଭୀତ କରିବା; stick up for (କାହାକୁ) ସହଯୋଗ କରିବା; ରକ୍ଷା କରିବା ।

**sticker** ବି. ଅଠାଳିଆ ବସ୍ତୁ; ଅଠାଯୁକ୍ତ ଚିହ୍ନ, ଲେବଲ୍ ପ୍ରଭୃତି; ଲାଖିରହୁଥିବା ବିରକ୍ତିକର ବ୍ୟକ୍ତି ।

**sticking plaster** ବି. ଖଣ୍ଡିଆ, ଘା' ପ୍ରଭୃତି ଘୋଡାଇ ରଖିବାପାଇଁ ଉଦ୍ଦିଷ୍ଟ ଅଠାଯୁକ୍ତ ଔଷଧୀୟ ପଟି ।

**stick-in-the-mud** ବି. *କ.ଭା.* ପୁରୁଣା କାଳିଆ; ମରହଟ୍ଟି ଲୋକ ।

**stickleback** ବି. ଏକପ୍ରକାର ଛୋଟ ମାଛ ।

**stickler** ବି. ଜିଦ୍‌ଖୋର; କୌଣସି ବିଷୟରେ ଅଟଳ ମନୋଭାବ ଧାରଣ କରୁଥିବା ବ୍ୟକ୍ତି ।

**stick-up** ବି. *କ.ଭା.* ବନ୍ଧୁକ ବ୍ୟବହାର କରି ଡକାୟତି ।

**sticky** ବିଂ. ଅଠାଳିଆ; ପ୍ରତିବାଦପରାୟଣ; କଷ୍ଟକର; ଅବାଗିଆ; ଅପ୍ରୀତିକର; *କ୍ରି.ବିଂ.* stickily; ବି. stickiness.

**sticky wicket** ବି. *କ.ଭା.* ଦୁଃସମୟ, କଠିଣ ପରିସ୍ଥିତି ।

**stiff** 1. ବିଂ. କଠୋର; ଅନମନୀୟ; କଠିନ; ଶକ୍ତ; ବାଣୁଆ, ଔପଚାରିକତାପୂର୍ଣ୍ଣ; ଅତ୍ୟଧିକ ପରିଶ୍ରମ ବା ଆଘାତଯୋଗୁଁ ପୀଡାଦାୟକ (ମାଂସପେଶୀ ପ୍ରଭୃତି); କଡା (ମଦ୍ୟ); ଯଥେଷ୍ଟ; 2. *କ୍ରି.ବିଂ.* *କ.ଭା.* ଅତିଶୟ, ଅତିମାତ୍ରାରେ; 3. ବି. *ସା.ପ୍ର.* ଲାଶ; ବୋକା ବା ମୂଲ୍ୟହୀନ ଲୋକ; ବିଂ. stiffish; *କ୍ରି.ବିଂ.* stiffly; ବି. stiffness.

**stiffen** *କ୍ରି.* ଅନମନୀୟ ବା କଠିନ ହେବା ।

**stiff-necked** ବିଂ. ଜିଦ୍ଖୀ; ଜିଦ୍‌ଖୋର ।

**stiff upper lip** ବି. ପ୍ରତିକୂଳ ଅବସ୍ଥାରେ ମଧ୍ୟ ଶାନ୍ତ ବୋଲି ଦେଖାଇବା ।

**stifle** *କ୍ରି.* ଶ୍ୱାସରୁଦ୍ଧ କରିବା ବା ହେବା; କଣ୍ଠରୋଧ ହେବା; ଚାପିଦେବା; ଶ୍ୱାସରୁଦ୍ଧ କରି ହତ୍ୟା କରିବା; ବିଂ., *କ୍ରି.ବିଂ.* stifling.

**stigma** ବି. ଛାପ; କଳଙ୍କ; ଲଜ୍ଜା; ମାନହାନି; ନିନ୍ଦା; (ଫୁଲର) ଗର୍ଭକେଶର ।

Digitized by srujanika@gmail.com

**stigmata** ବି. ବ.ବ. *ଖ୍ରୀ.* କ୍ରୁଶବିଦ୍ଧ ଯୀଶୁଙ୍କ ଦେହର କ୍ଷତସମୂହ (ଯାହା ଅନ୍ୟ ସନ୍ଥମାନଙ୍କ ଶରୀରରେ ମଧ୍ୟ ପରିଦୃଷ୍ଟ ହୁଏ)।

**stigmatize** କ୍ରି. କଳଙ୍କିତହେବା; କଳଙ୍କିତ, ଅଯୋଗ୍ୟ ବା ନିନ୍ଦିତ ବୋଲି ଚିହ୍ନିତ କରିବା।

**stile** ବି. ପ୍ରାଚୀର ବା ବେଢ଼ା ଅତିକ୍ରମ ନିମିତ୍ତ ସିଢ଼ି (କେବଳ ମଣିଷମାନେ ଯିବାପାଇଁ)।

**stiletto** ବି. ସରୁଫଳକଯୁକ୍ତ ଛୁରୀ।

**stiletto heel** ବି. କ୍ରମଶଃ ଗୋଡ଼ିଆ ଗୋଇଠି ଥିବା ଯୋତା।

**still**[1] 1. ବିଂ. ନିଶ୍ଚଳ; ସ୍ଥିର; ଶାନ୍ତ; ଅବିଚଳ; ସଂଯତ; 2. ବି. ନୀରବତା; ଶାନ୍ତ ଅବସ୍ଥା, ସ୍ଥିର (ଫଟୋ)ଚିତ୍ର; 3. କ୍ରି.ବିଂ. ନିଶ୍ଚଳଭାବରେ, ଏବେ (ବା ତେବେ) ସୁଦ୍ଧା; ତଥାପି; 4. କ୍ରି. ସ୍ଥିର ରହିବା; ଶାନ୍ତ ରହିବା; ନୀରବ, ନିଶ୍ଚଳ କରିବା; ବି. stillness.

**still**[2] ବି. ସୁରାସାର ପ୍ରଭୃତି ପାତନ ବା ଅସବନ ପାଇଁ ଉପକରଣ।

**stillbirth** ବି. ମୃତଶିଶୁର ଜନ୍ମ।

**stillborn** ବିଂ. ପ୍ରସବ ପୂର୍ବରୁ ମୃତ; ନଷ୍ଟଗର୍ଭ।

**still life** ବି. ବ.ବ. still lifes ଅଚେତନ ପଦାର୍ଥର ଛବି (ଯଥା ଫୁଲ, ଫଳ ପ୍ରଭୃତି)।

**still–room** ବି. ଭଣ୍ଡାରଘର; ପାତନକାର୍ଯ୍ୟ ସଂପନ୍ନ ହେଉଥିବା ଗୃହ; (ମଦ ପ୍ରଭୃତିର) ଭାଟି।

**stilt** ବି. ରଣପା, ଘୋଡ଼େଇ; କୋଠାଘର ପ୍ରଭୃତିକୁ ଟେକି ଧରିଥିବା ଖମ୍ବଗୁଡ଼ିକରୁ ଗୋଟିଏ।

**stilted** ବିଂ. କ୍ଳିଷ୍ଟ; ବାଗାଡ଼ମ୍ବର ଓ ଅଳଙ୍କାରପୂର୍ଣ୍ଣ (ରଚନାଶୈଳୀ)।

**Stilton** ବି. *ସ୍ବ.* ପନୀର; ଏକପ୍ରକାର ଟାଣ ଛେନା।

**stimulant** 1. ବିଂ. ଶାରୀରିକ ବା ମାନସିକ ଉତ୍ତେଜନା ପ୍ରଦାନକାରୀ; ସ୍ନାୟୁଉତ୍ତେଜକ; 2. ବି. ସ୍ନାୟବିକ, ଶାରୀରିକ ବା ମାନସିକ ଉତ୍ତେଜନା ପ୍ରଦାନକାରୀ ଔଷଧ।

**stimulate** କ୍ରି. ଉତ୍ତେଜିତ କରିବା; ଶାରୀରିକ ବା ମାନସିକ ଉତ୍ତେଜନା ସୃଷ୍ଟି କରିବା; ପ୍ରଣୋଦିତ କରିବା।

**stimulation** ବି. ସ୍ନାୟବିକ ଉତ୍ତେଜନା; ଉଦ୍ଦୀପନା।

**stimulator** ବି. ଉତ୍ତେଜନା ବା ଉଦ୍ଦୀପନା ସୃଷ୍ଟିକାରୀ।

**stimulus** ବି. ଉତ୍ତେଜନା; ଉତ୍ତେଜକ (ବସ୍ତୁ)।

**sting** 1. ବି. ହୁଲ, ନାହୁଡ, ଡଂକ; ବିଛା ପ୍ରଭୃତି ଜୀବର ଶରୀରସ୍ଥିତ ବିଷାକ୍ତ ମାଂସାଂକୁର, ତାହାର ଆଘାତର ଯନ୍ତ୍ରଣା; ଦଂଶନ; କର୍ମୋତ୍ସାହ; *ସା.ପ୍ର.* ଠକାମି; 2. କ୍ରି. ପୀଡାଦେବା; ଦଂଶିବା; ଠକିବା, ଉଚିତ ମୂଲ୍ୟଠାରୁ ଅଧିକ ଦାବି କରିବା; sting in the tail ଅପ୍ରତ୍ୟାଶିତ (ଶେଷସମୟର) କଷ୍ଟ ବା ଅସୁବିଧା।

**stinger** ବି. ନାହୁଡ ବା ହୁଲଧାରୀଜୀବ; ତୀବ୍ର ଆଘାତ।

**stinging–nettle** ବି. ବିଛୁଆତି।

**stingray** ବି. ବିଷାକ୍ତ ମୁନିଆ ଲାଙ୍ଗୁଡ଼ଦ୍ୱାରା ଆଘାତ କରୁଥିବା ମତ୍ସ୍ୟବିଶେଷ।

**stingy** ବିଂ. *କ.ଭା.* କୃପଣ; କାଂପି; ନୀଚମନା।

**stink** 1. କ୍ରି. ତୀବ୍ରଦୁର୍ଗନ୍ଧ ପ୍ରଦାନ କରିବା; ଗନ୍ଧେଇବା; ଗନ୍ଧିବା; *କ.ଭା.* ଅପ୍ରୀତିକର ହେବା ବା ଦେଖାଯିବା; 2. ବି. ତୀବ୍ରଦୁର୍ଗନ୍ଧ; *କ.ଭା.* କଳିତକରାଳ।

**stink bomb** ବି. ଦୁର୍ଗନ୍ଧ ତ୍ୟାଗକାରୀ ବୋମା।

**stinker** ବି. *ସା.ପ୍ର.* ତୀବ୍ର ଦୁର୍ଗନ୍ଧ; ଅପ୍ରୀତିକର ବା ହୀନ ବସ୍ତୁ ବା ବ୍ୟକ୍ତି; କଷ୍ଟସାଧ୍ୟ କାର୍ଯ୍ୟ।

**stinking** 1. ବିଂ. ଦୁର୍ଗନ୍ଧଯୁକ୍ତ, *ସା.ପ୍ର.* ଅପ୍ରୀତିକର; 2. କ୍ରି.ବିଂ. *ସା.ପ୍ର.* (stinking rich) ଅତିଶୟ ବା ଅପ୍ରୀତିକର ଭାବରେ।

**stint** 1. କ୍ରି. ଅନିଚ୍ଛାରେ ପ୍ରଦାନ କରିବା; କାର୍ପଣ୍ୟ ସହକାରେ ବଣ୍ଟନ କରିବା; 2. ବି. ଯୋଗାଣ, ବଣ୍ଟନ ବା କାର୍ଯ୍ୟ କରିବାରେ ସଂକୋଚନ ବା ସୀମିତତା; ପ୍ରଦତ୍ତ କାର୍ଯ୍ୟ; କ୍ଷୁଦ୍ରପକ୍ଷୀ ବିଶେଷ।

**stipend** ବି. (ଧର୍ମଯାଜକଙ୍କ) ବେତନ; ଛାତ୍ରବୃତ୍ତି; ଭତ୍ତା।

**stipendiary** 1. ବିଂ. ବୃତ୍ତିଭୋଗୀ; ବେତନଭୋଗୀ; 2. ବି. ବୃତ୍ତିଭୋଗୀ କର୍ମଚାରୀ ବା ବ୍ୟକ୍ତି।

**stipple** 1. କ୍ରି. ବିନ୍ଦୁରୀତିରେ ଚିତ୍ରଅଙ୍କନ ବା ଖୋଦନ କରିବା; 2. ବି. ବିନ୍ଦୁରୀତିରେ ଖୋଦିତ ବା ଅଙ୍କିତ ଚିତ୍ରାଦି।

**stipulate** କ୍ରି. ଚୁକ୍ତିରେଥିବା ଅନୁସାରେ ଦାବି

Digitized by srujanika@gmail.com

**stipulation** ବି. (ଚୁକ୍ତିମତେ) ଦାବି ।

**stir**[1.] 1. କ୍ରି. ଆଲୋଡ଼ିତ କରିବା; (ଚାମୁଚ, ଚଟୁ ପ୍ରଭୃତିଦ୍ୱାରା) ଗୋଳାଇବା ବା ଘାଣ୍ଟିବା; ମନ୍ଥନ କରିବା; ନିଦ୍ରାରୁ ଉଠିବା; ଚଳପ୍ରଚଳ ହେବା; ସକ୍ରିୟ ବା ଉତ୍ତେଜିତ ହେବା; *ଲ.ଭା.* ଆଲୋଡ଼ନ ସୃଷ୍ଟି କରିବା; 2. ବି. ଆଲୋଡ଼ନ; ସକ୍ରିୟତା; ଘାଣ୍ଟିବା (କାର୍ଯ୍ୟ); stir in ଘାଣ୍ଟି ବା ଗୋଳେଇ (କୌଣସି ପଦାର୍ଥ) ମିଶାଇବା; stir up ଗୋଳେଇ ବା ଘାଣ୍ଟି ଭଲଭାବେ ମିଶାଇବା; ଆଲୋଡ଼ିତ ବା ଉତ୍ତେଜିତ କରିବା ।

**stir**[2.] ବି. *ଗା.ପ୍ର.* ବନ୍ଦୀଶାଳା, ଜେଲ ।

**stirrup** ବି. ରେକାବ୍; ଅଶ୍ୱାରୋହୀର ପା'ଦାନ ।

**stirrup–cup** ବି. ପ୍ରସ୍ଥାନୋଦ୍ୟତ ଯାତ୍ରୀ, ବିଶେ. ଅଶ୍ୱାରୋହୀକୁ ପ୍ରଦତ୍ତ ବିଦାୟକାଳୀନ ମଦ୍ୟ ।

**stirrup–leather, stirrup–strap** ବି. ରେକାବ୍‌କୁ ଜିନ୍‌ସହିତ ବାନ୍ଧିବା ଦଉଡ଼ି ବା ଫିତା ।

**stirrup–pump** ବି. ପାଣିକାଢ଼ିବା ବା ନିଆଁଲିଭା କାର୍ଯ୍ୟରେ ବ୍ୟବହୃତ ପାୟଦାନୀଯୁକ୍ତ ଏକପ୍ରକାର ହସ୍ତଚାଳିତ ପମ୍ପ ।

**stitch** 1. ବି. ସିଲେଇ; ସିଲେଇ କରିବା ସରଞ୍ଜାମ; ବୁଣିବା ବା ସିଲେଇ କରିବା ପ୍ରଣାଳୀ; ସାମାନ୍ୟତମ ପରିଧାନ; ବେଗରେ ଦୌଡ଼ିବାଯୋଗୁଁ ପେଟର ବେଦନା; 2. କ୍ରି. ସିଲେଇ କରିବା, ସିଲେଇ କରି ଯୋଡ଼ିଦେବା; in stitches *ଲ.ଭା.* ପ୍ରାଣଖୋଲା ହସ; stitch up ସିଲେଇ କରି ଯୋଡ଼ିବା; *ଗା.ପ୍ର.* ବୋକା ବନେଇବା, ଠକିବା, ବିଶ୍ୱାସଘାତକତା କରିବା ।

**stitch in time** ବି. ଠିକ୍‌ସମୟରେ ପ୍ରତିବିଧାନ ।

**stoat** ବି. ଏକପ୍ରକାର ବଡ଼ ନେଉଳ ଯାହାର ଲୋମ ବାଦାମୀ, କିନ୍ତୁ ଶୀତଋତୁରେ ପ୍ରାୟ ଧଳା ପାଲଟି ଯାଇଥାଏ ।

**stock** 1. ବି. (ବିକ୍ରୟ ବା ବଣ୍ଟନ ପାଇଁ) ଗଚ୍ଛିତ ଜିନିଷପତ୍ର; ପଶୁପାଳନ ପ୍ରତିଷ୍ଠାନର ପ୍ରାଣୀବର୍ଗ ବା ଉପକରଣ ଭଣ୍ଡାର; ବ୍ୟବସାୟରେ ମୂଳଧନ ବା ଅଂଶଧନ; ପ୍ରତିଷ୍ଠା ବା ଜନପ୍ରିୟତା; ସରକାରଙ୍କୁ (ନିର୍ଦ୍ଧାରିତ ସୁଧରେ) ପ୍ରଦତ୍ତ ଋଣ; ବଂଶଲତା; (ସୁପ୍ ପ୍ରଭୃତି ପାଇଁ) ହାଡ଼, ପରିବା ପ୍ରଭୃତିର (ସିଝା) ଝୋଳ; ଚାରିପାଖୁଡ଼ା ବିଶିଷ୍ଟ ସୁଗନ୍ଧଯୁକ୍ତ ଫୁଲ ବିଶେଷ; ବୃକ୍ଷର ଗଣ୍ଡି; *ଇତି.* ଦଣ୍ଡ ଦେବାପାଇଁ ଉଦ୍ଦିଷ୍ଟ କାଠନିର୍ମିତ ଢାଞ୍ଚା ବା ଫ୍ରେମ୍, ଯନ୍ତ୍ରପାତି ବା ଉପକରଣର ଦଣ୍ଡାକୃତି ଅଂଶ; ରାଇଫଲ୍‌ର କୁନ୍ଦା ବା ବଟ୍; ଗଳାରେ ଗୁଡ଼ାଯାଇଥିବା ଲୁଗା; 2. ବିଂ. ଗଚ୍ଛିତ, ଉପଲବ୍ଧ; ରକ୍ଷଣଶୀଳ; ପାରଂପରିକ; 3. *କ୍ରି.* ଭଣ୍ଡାର କରିବା; ସାଇତି ରଖିବା; ଗଚ୍ଛିତ କରିବା; ପଶୁଧନ ରଖିବା; in (out) of stock ଉପଲବ୍ଧ (ନୁହେଁ); stock up (with) ଯୋଗାଇବା; ଗଚ୍ଛିତ କରିବା; take stock ଗଚ୍ଛିତ ସାମଗ୍ରୀର ପରିମାଣ ଆକଳନ କରିବା; (of ସହିତ) ତଦାରଖ ବା ଯାଞ୍ଚ କରିବା; ସମୀକ୍ଷା କରିବା ।

**stockade** ବି. କଣି ବା ଖୁଣ୍ଟ ପୋତି ନିର୍ମିତ ବାଡ଼ ।

**stockbreeder** ବି. ଗୃହପାଳିତ ପଶୁ ଉତ୍ପାଦନ ଓ ପାଳନ କରୁଥିବା କୃଷକ ।

**stockbroker** ବି. ଷ୍ଟକ୍ ଏକ୍ସ୍‌ଚେଂଜ୍‌ର ଦଲାଲ୍ ।

**stock–car** ବି. ପ୍ରତିଯୋଗିତାରେ ବ୍ୟବହାର ଉପଯୋଗୀ ବିଶେଷ ଧରଣର କାର୍ ।

**Stock Exchange** ବି. ଅଂଶଧନ କ୍ରୟବିକ୍ରୟ କେନ୍ଦ୍ର; ଫଟକା ବଜାର, ଷ୍ଟକ୍ ଏକ୍ସ୍‌ଚେଂଜ୍ ।

**stockholder** ବି. ଗଚ୍ଛିତ ମାଲପତ୍ରର ମାଲିକ; ଅଂଶଧନକ୍ରେତା ।

**stockinet, stockinette** ବି. ଇଲାଷ୍ଟିକ୍‌ବୁଣା ସୂତୀ ବା ଅନ୍ୟ ଯେକୌଣସି ଲୁଗା ।

**stocking** ବି. ନାଇଲନ୍, ପଶମ ବା ରେଶମ ସୂତାରେ ବୁଣା ଲମ୍ବାମୋଜା ବା ଜୁରାବ; ଘୋଡ଼ାର ଭିନ୍ନରଙ୍ଗୀ ଗୋଇଠି; in one's stocking (stockinged) feet ବିନା ଜୋତାରେ ।

**stock–in–trade** ବି. କୌଣସି ବ୍ୟବସାୟର ଦରକାରୀ ମାଲପତ୍ର; ଚାରିତ୍ରିକ ବ୍ୟବହାର ବା କାର୍ଯ୍ୟ ।

**stockist** ବି. ବିକ୍ରୟାର୍ଥ ନିର୍ଦ୍ଦିଷ୍ଟ ମାଲମହଜୁଦକାରୀ ।

**stockjobber** ବି. ଲାଭରେ ଅଂଶଧନ ବିକ୍ରୟ କରୁଥିବା ବ୍ୟକ୍ତି ।

**stockpile** *କ୍ରି.* ଜିନିଷପତ୍ର କିଣି ଗଦାକରି ରଖିବା ।

**stockroom** ବି. ଗୋଦାମଘର; ଭଣ୍ଡାରଘର ।

**stock–still** ବିଂ. ନିଶ୍ଚଳ ।

**stocktaking** ବି. ଗୋଦାମରେ ଜିନିଷପତ୍ରର ତାଲିକା ପ୍ରସ୍ତୁତି ଓ ମୂଲ୍ୟନିର୍ଦ୍ଧାରଣ କାର୍ଯ୍ୟ; ନିଜ ଅବସ୍ଥାର ସମୀକ୍ଷା ।

**stocky** ବିଂ. ନିଦାପିଟା; ଗେଡ଼ା ଏବଂ ହୃଷ୍ଟପୁଷ୍ଟ; *କ୍ରି.ବିଂ.* stockily; ବି. stockiness.

Digitized by srujanika@gmail.com

**stockyard** ବି. ଖୁଆଡ; ସାମୟିକ ଭାବରେ ଗାଈଗୋରୁ ରଖିବା ସ୍ଥାନ।

**stodge** ବି. କ.ଭା. ଗୁରୁପାକ ବା ଅପାଚ୍ୟଖାଦ୍ୟ।

**stodgy** ବିଂ. ଗୁରୁପାକ (ଖାଦ୍ୟ), ମାନ୍ଦା ବା ଉତ୍ସାହହୀନ (ବ୍ୟକ୍ତି); କ୍ରି.ବିଂ. stodgily; ବି. stodginess.

**Stoic** 1. ବି. ଦ. ଗ୍ରୀକ୍ ଦାର୍ଶନିକ ଜେନୋ (Zeno)ଙ୍କ ମତାବଲମ୍ବୀ (ଭଲପଣିଆ ଓ ଇନ୍ଦ୍ରିୟସଂଯମ ଏହାର ବିଶେଷତ୍ୱ); stoic ସୁଖଦୁଃଖରେ ନିର୍ବିକାର ବ୍ୟକ୍ତି; ଉଦାସୀନ ବ୍ୟକ୍ତି; 2. ବିଂ. ଉଦାସୀନ; ସଂଯମୀ; ଷ୍ଟଇକ୍ ଦର୍ଶନରେ ବିଶ୍ୱାସୀ।

**stoical** ବିଂ. ନିର୍ବିକାର; ଉଦାସୀନ; ବିପତ୍ତିରେ ମଧ୍ୟ ଯେ ଆତ୍ମନିୟନ୍ତ୍ରଣ ରକ୍ଷା କରିପାରେ।

**Stoicism** ବି.ଦ. ଜେନୋଙ୍କ ମତବାଦ; ସୁଖଦୁଃଖପ୍ରତି ଉଦାସୀନତା; ଷ୍ଟଇକ୍ ଦର୍ଶନ ବା ମତବାଦ।

**stoke** କ୍ରି. ଚୁଲୀରେ ଜାଳେଣି ଦେବା; କ.ଭା. ବହୁପରିମାଣ ଖାଦ୍ୟ ଗ୍ରାସ କରିବା।

**stokehold** ବି. ବାଷ୍ପୀୟଜାହାଜ ମଧ୍ୟସ୍ଥ ଭାଟି ବା ଫର୍ନେସ୍।

**stokehole** ବି. ଜାହାଜର ଫର୍ନେସ୍ ବା ଭାଟି ସମ୍ମୁଖରେ ଶ୍ରମିକମାନଙ୍କ ସ୍ଥାନ।

**stoker** ବି. ଇଞ୍ଜିନ୍‌ର ଫର୍ନେସ୍ ବା ଭାଟିରେ କୋଇଲା ପ୍ରଦାନକାରୀ।

**STOL** ସଂଖ. short take–off and landing.

**stole**[1] ବି. ଆଲଖାଲ୍ଲା; ଧର୍ମପୁରୋହିତ ବା ସ୍ତ୍ରୀଲୋକମାନଙ୍କ ଗାଉନ୍ ବିଶେଷ।

**stole**[2] କ୍ରି. steal ଅ.କା.।

**stolen** କ୍ରି. stealର ଅ.କ୍ରି.ଜ.ପ.।

**stolid** ବିଂ. ଅବିଚଳିତ; ଶାନ୍ତ; ନିର୍ବିକାର; ନିରୁଦ୍‌ବେଗ; ବି. stoliding; କ୍ରି.ବିଂ. stolidly.

**stoma** ବି. ବ.ବ. stomas, stomata ପତ୍ରଉପରିସ୍ଥ ସୂକ୍ଷ୍ମ ରନ୍ଧ୍ର; ପାକସ୍ଥଳୀରେ କରାଯାଇଥିବା କ୍ଷୁଦ୍ର ରନ୍ଧ୍ର।

**stomach** 1. ବି. ପାକାଶୟ; ପାକସ୍ଥଳୀ; ପେଟ; ଉଦର; ଭୋକ; ଆସକ୍ତି; 2. କ୍ରି. ସହ୍ୟ କରିବା; ସୁସ୍ୱାଦୁ ମନେହେବା।

**stomach–ache** ବି. ପେଟବ୍ୟଥା।

**stomacher** ବି. ଐତି. କାଞ୍ଚୁଲୀ; ସୁସଜ୍ଜିତ ବକ୍ଷାବରଣ ବିଶେଷ।

**stomach–pump** କ୍ରି. ପେଟ ସଫା କରିବାପାଇଁ ବା ପାକସ୍ଥଳୀ ଭିତରକୁ ଖାଦ୍ୟପ୍ରେରଣ କରିବାପାଇଁ ଉଦ୍ଦିଷ୍ଟ ନଳୀ ବା ଉପକରଣ।

**stomach upset** କ୍ରି. ପେଟ ଗୋଳମାଳ; ବଦ୍‌ହଜମି।

**stomp** 1. ବି. ଏକପ୍ରକାର ଜାଜ୍‌ନୃତ୍ୟ; 2. କ୍ରି. ଦୁମ୍‌ଦୁମ୍ ଚାଲିବା; ଭାରୀ ପଦପାତରେ ଯିବା।

**stone** 1. ବି. ପଥର; ପ୍ରସ୍ତର, ଶିଳା ବା ଶିଳାଖଣ୍ଡ; ମଣି, (ଫଳର) ଟାଂକୁ ବା ବଡମଂଜି; ପଥୁରିଆ ବା ଅଶ୍ମରୀ ରୋଗ; ଓଜନର ଏକକ (=୧୪ ପାଉଣ୍ଡ); 2. କ୍ରି. ପଥର ମାରିବା; ମଳି ଛଡାଇବା; ଫଳରୁ ମଞ୍ଜି କାଢ଼ି ବାହାର କରିବା; cast (throw) stones କାହାବିଷୟରେ ଖରାପକଥା କହିବା; a stone's throw ଅତି ପାଖ, ନିକଟ।

**Stone Age** ବି. ପ୍ରାଚୀନପ୍ରସ୍ତର ଯୁଗ।

**stonechat** ବି. ଧଳା ଓ କଳା ଦାଗବିଶିଷ୍ଟ ବାଦାମୀରଙ୍ଗର ଛୋଟ ପକ୍ଷୀବିଶେଷ।

**stone–cold** ବିଂ. ସଂପୂର୍ଣ୍ଣ ଥଣ୍ଡା।

**stonecrop** ବି. ପ୍ରସ୍ତରୀଲତା; ପଥୁରିଆ ସ୍ଥାନରେ ବଢୁଥିବା ଗୁଳ୍ମବିଶେଷ।

**stoned** ବିଂ. ସା.ପ୍ର. ସଂପୂର୍ଣ୍ଣ ମାତାଲ ବା ନିଶାଗ୍ରସ୍ତ।

**stone–dead** ବିଂ. ସଂପୂର୍ଣ୍ଣ ମୃତ।

**stone–deaf** ବିଂ. ସଂପୂର୍ଣ୍ଣ ବଧିର।

**stone–fruit** ବି. ଟାଣମଞ୍ଜି ଥାଇ ଶସଯୁକ୍ତ ଫଳ।

**stoneground** ବିଂ. ପଥର ଚକିରେ ପେଷା (ଅଟା)।

**stonemason** ବି. ପଥର କଟାଳି; ପଥରମିସ୍ତ୍ରୀ; ପଥୁରିଆ।

**stonewall** ବି. ଉତ୍ତରଦେବା ଏଡାଇ ବା ଅବାନ୍ତର କଥା କହି ତଦନ୍ତ ବା ଆଲୋଚନାରେ ବାଧା ସୃଷ୍ଟି କରିବା; କ୍ରିକେଟ୍ ବେଟ୍ସ୍‌ମେନ୍‌ର ଆତ୍ମରକ୍ଷାମୂଳକ ଖେଳ।

**stoneware** ବି. ପଥର ବା କାଚ(ସିରାମିକ୍) ନିର୍ମିତ ଅସ୍ୱଚ୍ଛ, ଅପାରଦର୍ଶୀ ପାତ୍ର।

**stonework** ବି. (ପଥରର) ମିସ୍ତ୍ରୀକାମ।

**stonker** ବି. ସା.ପ୍ର. ଚମତ୍କାର ବସ୍ତୁ ବା ବ୍ୟକ୍ତି; ବିଂ. stonking.

Digitized by srujanika@gmail.com

**stony** ବିଂ. ପଥୁରିଆ; ପ୍ରସ୍ତରମୟ; ଶକ୍ତ; କଠିନ; ନିର୍ମମ; ଅନମନୀୟ; ଭାବପ୍ରବଣ ନିର୍ଲିପ୍ତ; ସାଲିସବିହୀନ; କ୍ରି.ବିଂ. stonily; ବି. stoniness.

**stony-broke** ବିଂ. *ସା.ପ୍ର.* କପର୍ଦ୍ଦକଶୂନ୍ୟ; ନିଃସ୍ୱ।

**stood** *କ୍ରି.* stand ର *ଅ.କା.* ଏବଂ *ଅ.କ୍ରି.ଇ.ପ.*।

**stooge** 1. ବି. *କ.ଭା.* ହାସ୍ୟାଭିନେତାର ସହକାରୀ; ଅଧସ୍ତନ ବା ଅଧୀନସ୍ଥ ବ୍ୟକ୍ତି (କ୍ଲାନ୍ତିକର ବା ଗତାନୁଗତିକ କାର୍ଯ୍ୟ କରୁଥିବା); 2. କ୍ରି. ନିରୁଦ୍ଦେଶ୍ୟ ବୁଲିବା।

**stook** ବି. (ଧାନ ପ୍ରଭୃତିର) କଲେଇ ବା ଭରା।

**stool** ବି. ଷ୍ଟୁଲ୍; ବିନାହାତ ବିନାବାଡ ଜଣିକିଆ ଚୌକି; ପା'ଦାନୀ; *ସା.* ବ.ବ.ରେ ବିଷ୍ଠା; ମଳ।

**stoolball** ବି. ବେସ୍‌ବଲ୍ ଭଳି ଖେଳବିଶେଷ।

**stool-pigeon** ବି. କୁଟିନୀପାରା; ବାର୍ତ୍ତାବହ ପାରା; ଚର ବା ଦୂତଭାବରେ ବ୍ୟବହୃତ ବ୍ୟକ୍ତି; ପୋଲିସ୍‌ର ମୁଖବିର ବା ଗୁପ୍ତ ସୂଚନାଦାତା।

**stoop**[1] 1. କ୍ରି. ନଇଁପଡିବା, ସମ୍ମୁଖଭାଗକୁ ଦେହଆନତ କରିବା; ବଶ୍ୟତା ସ୍ୱୀକାର କରିବା; ତଳକୁ ଖସିବା (ନୀତି ବା ସ୍ୱଭାବରୁ); 2. ବି. ଆନତି; ଶରୀରର ନଇଁଯିବା ଭଙ୍ଗୀ।

**stoop**[2] ବି. *ଆମେ.* ଗୃହସମ୍ମୁଖସ୍ଥ ଅଣଓସାରିଆ ବାରଣ୍ଡା ବା ପାହାଚ।

**stop** 1. କ୍ରି. ଅଟକିଯିବା; ରହିଯିବା; ଅବରୋଧ କରିବା; ବାଧାଦେବା; ସ୍ଥଗିତ କରିବା; ଶେଷହେବା; ବନ୍ଦ କରିବା; ହରାଇଦେବା; (ଅଳ୍ପସମୟ ପାଇଁ) ଅବସ୍ଥାନ କରିବା; କଣା ବା ରନ୍ଧ୍ର ବୁଜିବା; ଅନୁମତି ନଦେବା; 2. ବି. ବନ୍ଦ; ରୋଧ; ପଥରୋଧ; ଅଟକ, ବାଧାଦାନ; ବିରତିକରଣ; ସମାପ୍ତିକରଣ; ଯାତ୍ରୀବାହୀଗାଡି ନିୟମିତ ରହିବା ସ୍ଥାନ; ପୂର୍ଣ୍ଣଚ୍ଛେଦ (full stop); pull out all the stops ପାରୁପର୍ଯ୍ୟନ୍ତ ଚେଷ୍ଟା କରିବା; put a stop to ବନ୍ଦ କରିଦେବା; stop at nothing କଠୋର ବା ନିର୍ଦ୍ଦୟହେବା; stop off (over) ଯାତ୍ରା ସ୍ଥଗିତ କରିବା; ଯାତ୍ରା ମଝିରେ କୌଣସି ସ୍ଥାନରେ ରହିବା।

**stopcock** ବି. ନଳୀପ୍ରଭୃତିରେ ଜଳ ପ୍ରବାହ ବନ୍ଦ କରିବାପାଇଁ ବାହ୍ୟପରିଚାଳିତ ଭାଲ୍‌ଭ୍ ବା ରୋଧକ।

**stopping** ବି. ଦାନ୍ତର ଖୋଲ; ଦାନ୍ତର ଫମ୍ପାଅଂଶରେ ଭର୍ତ୍ତିକରାଯାଉଥିବା ବସ୍ତୁ।

**stopping train** ବି. ବହୁ ଛୋଟ ଷ୍ଟେସନରେ ରହୁଥିବା ରେଳଗାଡି।

**stopgap** ବି. ସାମୟିକ ବା ବିକଳ୍ପ ବ୍ୟବସ୍ଥା।

**stopoff** ବି. ଯାତ୍ରାମଧ୍ୟରେ ରହଣି।

**stopover** ବି. ଯାତ୍ରା ସ୍ଥଗିତକରଣ, ବିଶେ. ରାତ୍ରିଯାପନ ପାଇଁ।

**stoppage** ବି. ରହଣିସ୍ଥାନ, ଧର୍ମଘଟ ପ୍ରଭୃତିଯୋଗୁଁ କାର୍ଯ୍ୟ ବନ୍ଦ; ଦରମାରୁ ଟିକସ ପ୍ରଭୃତି କାଟ, ଅବରୋଧ।

**stopper** ବି. ବୋତଲ ବନ୍ଦକରିବା ଟୁଣ୍ଡା।

**stop press** ବି. ଶେଷସଂବାଦ; ଛାପା ଆରମ୍ଭ ହୋଇ ସାରିବାପରେ ଆସିଥିବା ଗୁରୁତ୍ୱପୂର୍ଣ୍ଣ ସଂବାଦ ଖବରକାଗଜରେ ଭର୍ତ୍ତି କରିବା।

**stopwatch** ବି. ସହଜରେ ବନ୍ଦ ଓ ଚାଲୁ କରାଯାଇପାରୁଥିବା ଘଣ୍ଟା (ପରୀକ୍ଷାଗାର ଓ ପ୍ରତିଯୋଗିତାରେ ବ୍ୟବହୃତ)।

**storage** ବି. ସଞ୍ଚୟ; ମାଲପତ୍ର ଗଚ୍ଛିତକରଣ ବା ସେଥିପାଇଁ ବ୍ୟବହୃତ ପ୍ରଣାଳୀ, ଗୃହ ବା ଖର୍ଚ୍ଚ; କଂପ୍ୟୁଟରରେ ଗଚ୍ଛିତ ତଥ୍ୟ।

**store** 1. ବି. ଗଚ୍ଛିତ ସାମଗ୍ରୀ; ଗୋଦାମ; ଭଣ୍ଡାର; ଦୋକାନ; କମ୍ପ୍ୟୁଟରର ତଥ୍ୟ ସଂରକ୍ଷଣ ଉପକରଣ; 2. କ୍ରି. ଗୋଦାମରେ ରଖିବା; ସାଇତିରଖିବା; ପୁନର୍ବ୍ୟବହାର ପାଇଁ କଂପ୍ୟୁଟରରେ ତଥ୍ୟ ସଂରକ୍ଷଣ କରିବା; ମହଜୁଦ କରିବା; ସଞ୍ଚିତ କରିବା; in store ପ୍ରସ୍ତୁତ କରି ରଖିବା; ଭବିଷ୍ୟତରେ ଯାହା ଘଟିବ; in store for ଅପେକ୍ଷମାଣ; set store by ଗୁରୁତ୍ୱପୂର୍ଣ୍ଣ ମନେକରିବା।

**storehouse** ବି. ଗୋଦାମଘର; ମାଲ ଗଚ୍ଛିତ କରି ରଖିବା ଘର।

**storekeeper** ବି. ଭଣ୍ଡାରଘରିଆ; ଗୋଦାମ ରକ୍ଷକ; *ଆମେ.* ଦୋକାନୀ।

**storeman** ବି. ଭଣ୍ଡାରଘରିଆ, ଗୋଦାମରକ୍ଷକ।

**storeroom** ବି. ଭଣ୍ଡାରଘର।

**storey** ବି. ଘରର ମହଲା।

**storied** ବିଂ. ଗଳ୍ପ ବା କିମ୍ବଦନ୍ତୀସହିତ ସଂପୃକ୍ତ।

**stork** ବି. ସାରସ; କ୍ରୌଞ୍ଚପକ୍ଷୀ।

**storm** 1. ବି. ଝଡ, ଝଞ୍ଜା; ଝଡବର୍ଷା; ବରଫଝଡ; ପ୍ରଚଣ୍ଡ ଆକ୍ରମଣ; 2. କ୍ରି. ପ୍ରଚଣ୍ଡ ଆକ୍ରମଣ କରିବା ଓ ପରାସ୍ତ କରିବା; ଆକ୍ରମଣ ନିମିତ୍ତ ପ୍ରଚଣ୍ଡ ବେଗରେ ଧାବିତହେବା; କ୍ରୁଦ୍ଧହେବା;

Digitized by srujanika@gmail.com

ତର୍ଜନଗର୍ଜନ କରିବା; ଭୀଷଣ ରାଗିଯିବା; ଝଡ଼ର ସମ୍ମୁଖୀନ ହେବା; take by storm ସିଧାସଳଖ ଆକ୍ରମଣ କରି ପରାସ୍ତ କରିବା; ଦ୍ରୁତଗତିରେ ଅଧିକାର କରିବା ।

**storm centre** ବି. ଘୂର୍ଣ୍ଣିବାତ୍ୟାର ନ୍ୟୂନତମ ବାୟୁଚାପ ଅଞ୍ଚଳ; କେନ୍ଦ୍ରସ୍ଥଳ ।

**storm cloud** ବି. ବର୍ଷଣମୁଖୀ ମେଘ; ଆତଙ୍କଜନକ ପରିସ୍ଥିତି ।

**storm–door** ବି. ବ୍ୟବହାର ନିମିତ୍ତ ଅତିରିକ୍ତ ବାହାରିଆ ଦ୍ୱାର ।

**storm in a teacup** ବି. ସାମାନ୍ୟକଥାକୁ ନେଇ ଅତ୍ୟଧିକ ହୋ'ହଲ୍ଲା ।

**storm troops** ବି. ବ.ବ. ଆକ୍ରମଣ ନିମନ୍ତେ ପ୍ରଶିକ୍ଷିତ ସୈନ୍ୟବାହିନୀ; ବି. storm trooper.

**stormy** ବିଂ. ଝଡ଼ବିକ୍ଷୁବ୍ଧ; ତୋଫାନୀ; ଝଞ୍ଜାପୀଡ଼ିତ; କ୍ରୋଧପୂର୍ଣ୍ଣ; କ୍ରି.ବିଂ. stormily.

**story** ବି. ପ୍ରାଚୀନ ବା କଳ୍ପିତ କାହାଣୀ; ଗପ; କଆନି; ଗଳ୍ପ; ଇତିହାସ; ରୂପକଥା; ଉପନ୍ୟାସ, ନାଟକ ପ୍ରଭୃତିର କଥାବସ୍ତୁ; ବର୍ଣ୍ଣନାଉପଯୋଗୀ ଅନୁଭୂତି ବା ସତ୍ୟକଥା; କ.ଭା. ମିଛକଥା ।

**storyteller** ବି. ଗପ ପ୍ରଭୃତି କହୁଥିବା ବ୍ୟକ୍ତି; କଥାକାର; କ.ଭା. ମିଛୁଆ ।

**stoup** ବି. ପବିତ୍ର ଜଳ ରଖିବା ଗାଂଗୁଲା; *ପ୍ରା.ପ୍ର.* ଏକପ୍ରକାର ପାନପାତ୍ର ବା ମଦ୍ୟପାତ୍ର ।

**stout** 1. ବିଂ. ସ୍ଥୂଳବପୁ; ମୋଟା; ସାହସୀ; ନିର୍ଭୀକ; ବଳିଷ୍ଠ; ଶକ୍ତିଶାଳୀ; ସ୍ଥିରସଂକଳ୍ପ; 2. ବି. ମୋଟା, କଳା ଭାଲୁ ବିଶେଷ; କ୍ରି.ବିଂ. stoutly; ବି. stoutness.

**stout–hearted** ବିଂ. ସାହସୀ ।

**stove**[1] ବି. ବିଦ୍ୟୁତ୍ ବା ଅନ୍ୟାନ୍ୟ ଇନ୍ଧନରେ ଜଳୁଥିବା ଚୁଲୀ; ଦହନଯୋଗ୍ୟ ଚୁଲୀବିଶେଷ; ଷ୍ଟୋଭ୍ ।

**stove**[2] କ୍ରି. staveର *ଅ.କା. ଏବଂ ଅ.କ୍ରି.ଜ.ପ.* ।

**stove–enamel** ବି. ତାପପ୍ରତିରୋଧକ ଏନାମେଲ ।

**stove–pipe** ବି. ଷ୍ଟୋଭରୁ ଧୂମ, ବାଷ୍ପ ପ୍ରଭୃତି ନିଷ୍କାସନ ପାଇଁ ଚିମ୍‌ନୀକୁ ଯାଇଥିବା ନଳୀ ।

**stow** କ୍ରି. ମାଲପତ୍ରକୁ ଟାଣକରି ପେକିଂ କରିବା; stow away ଯିବାଆସିବା ବାଟରୁ ଦୂରେଇ (ମାଲପତ୍ର) ରଖିବା; ବିନା ଯାତ୍ରୀଭଡାରେ, ଲୁଚିଛପି ଜାହାଜ ପ୍ରଭୃତିରେ ଯାତ୍ରାକରୁଥିବା ବ୍ୟକ୍ତି ।

**stowage** ବି. ବନ୍ଧାବନ୍ଧି ବା ପେକିଙ୍ଗ୍ କରିବା ବା ତା'ର ସ୍ଥାନ ।

**stowaway** ବି. ଯାତ୍ରୀଭଡା ନ ଦେଇ, ଲୁଚିଛପି ଜାହାଜ, ଉଡ଼ାଜାହାଜ ପ୍ରଭୃତିରେ ଯାତ୍ରା କରୁଥିବା ବ୍ୟକ୍ତି ।

**strabismus** ବି. (ଚିକିତ୍ସାବିଜ୍ଞାନ) ଟେରେଇବା; ଆଖିର ଟେରାଦୋଷ ।

**straddle** କ୍ରି. ଗୋଡ ମେଲେଇ ବା ଫରକେଟେଇ ବସିବା ବା ଠିଆହେବା; ଦୁଇଗୋଡ଼ ମେଲାକରିବା; ଉଭୟପକ୍ଷ ପ୍ରତି ଅନୁକୂଳ ମନେହେବା ।

**strafe** କ୍ରି. ବୋମାବର୍ଷଣ କରିବା; ଗୁଳିଗୋଳା ଦ୍ୱାରା ଆକ୍ରମଣ କରି ବ୍ୟତିବ୍ୟସ୍ତ କରିବା ।

**straggle** କ୍ରି. ସୁବ୍ୟବସ୍ଥିତ ନହେବା; ପଥଭ୍ରଷ୍ଟ ବା ଦଳଭ୍ରଷ୍ଟ ହେବା; ଇତସ୍ତତଃ ବିକ୍ଷିପ୍ତ ହୋଇ ରହିବା; ପଛରେ ପଡିବା ବା ଦଳଠାରୁ ବିଚ୍ଛିନ୍ନହେବା; ବି. straggler; ବିଂ. straggly.

**straight** 1. ବିଂ. ସରଳ; ସିଧା; ଅବକ୍ର; ନ୍ୟାୟପରାୟଣ; ସରଳ, ସାଧୁ ବା ନିଷ୍କପଟ ସ୍ୱଭାବଯୁକ୍ତ; (ପାନୀୟ) କିଛି ମିଶାଯାଇ ନଥିବା; ସୁବ୍ୟବସ୍ଥିତ; ଠିକ୍‌ଠାକ୍; ଲଗାତାର; *ସଂଗୀତ* ଶାସ୍ତ୍ରୀୟ, ପରଂପରାବାଦୀ; ଅପରିବର୍ତ୍ତିତ; ବିଷମଲୈଂଗିକ; 2. କ୍ରି.ବିଂ. ସରଳରେଖାରେ, ସିଧାସଳଖ; 3. ବି. ସରଳରୈଖିକ ଗତି ବା ପଥ; *କ.ଭା.* ରକ୍ଷଣଶୀଳ ବ୍ୟକ୍ତି, ବିଷମଲୈଂଗିକ ଯୌନସଂପର୍କ ରଖୁଥିବା ବ୍ୟକ୍ତି; go straight ଅପରାଧୀଜୀବନ ପରିତ୍ୟାଗ କରି ସାଧୁଜୀବନ ଯାପନ କରିବା; straight away ତତ୍‌କ୍ଷଣାତ୍, ସାଙ୍ଗେସାଙ୍ଗେ; straight off *କ.ଭା.* ବିନା ଦ୍ୱିଧାରେ; ବିଂ. straightness.

**straightaway** କ୍ରି.ବିଂ. ସାଙ୍ଗେସାଙ୍ଗେ; ତତ୍‌କ୍ଷଣାତ୍, ସେଇକ୍ଷଣି ।

**straighten** କ୍ରି. ସିଧା ବା ସରଳଭାବେ ଛିଡାହେବା; ସୁବ୍ୟବସ୍ଥିତ ବା ନୀତିସଂଗତ କରିବା; ସଜାଡ଼ିବା; ଠିକ୍‌ଠାକ୍ କରିବା; ସଳଖ କରିବା ।

**straight eye** ବି. ସରଳରେଖାରେ ଦେଖିପାରୁଥିବା; ବଙ୍କାଟଙ୍କା ବା ଭୁଲଭଟକା ନିର୍ଣ୍ଣୟ କରିପାରୁଥିବା ।

**straight face** ବି. (ଉଦ୍ଦେଶ୍ୟପୂର୍ଣ୍ଣ ଭାବେ) ଭାବହୀନ ଚେହେରା; ବିଂ. straight-faced.

**straight fight** ବି. ଦୁଇପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ସିଧାସଳଖ ପ୍ରତିଯୋଗିତା ।

Digitized by srujanika@gmail.com

**straightforward** ବି°. ସଢୋଟ, ସ୍ପଷ୍ଟବାଦୀ; ସରଳ(କାର୍ଯ୍ୟ)।

**straight man** ବି. ହାସ୍ୟଅଭିନେତାର ସହକାରୀ।

**strain**[1.] 1. କ୍ରି. ଜୋର କରି ଟାଣିଦେବା; ଆମଞ୍ଚନ କରିବା; ପ୍ରବଳ ପରିଶ୍ରମ ବା ଅତିରିକ୍ତ ବ୍ୟବହାର ଦ୍ୱାରା କ୍ଷତିସାଧନ କରିବା; 2. ବି. ପ୍ରସାରଣ; ଆମଞ୍ଚନ; ଶାରୀରିକ ବା ମାନସିକ ପରିଶ୍ରମ; ସଂଗୀତ ବା କବିତାର କିୟଦଂଶ; କଥା ବା ଲେଖାର ଭାବ।

**strain**[2.] ବି. ବୃକ୍ଷ; ପଶୁପକ୍ଷୀ ପ୍ରଭୃତିର ବଂଶ; ଗୁଣ; ମନୋଭାବ; ଚାରିତ୍ରିକ ବୈଶିଷ୍ଟ୍ୟ।

**strained** ବି°. ପରସ୍ପର ଅବିଶ୍ୱସ୍ତ ବା ବିଦ୍ୱେଷପୂର୍ଣ୍ଣ (ସଂପର୍କ)।

**strainer** ବି. ତରଳପଦାର୍ଥ ଛାଣିବା ଉପକରଣ; ଛଣା, ଚାଲୁଣି ପ୍ରଭୃତି।

**strait** ବି.ଭୂ. ପ୍ରଣାଳୀ; ବ.ବ.ରେ ଅସୁବିଧା; ଦୁର୍ଦ୍ଦଶା।

**straiten** କ୍ରି. ସଂକୁଚିତ କରିବା।

**straitened** ବି°. ଦାରିଦ୍ର୍ୟ ପ୍ରପୀଡ଼ିତ; ଦାରିଦ୍ର୍ୟଜନିତ।

**strait–jacket** ବି. ଭୟଙ୍କର ଅପରାଧୀକୁ ଚଳତ୍‌ଶକ୍ତିହୀନ କରିବା ପାଇଁ ପିନ୍ଧାଇ ଦିଆଯାଇଥିବା ଶକ୍ତ ପୋଷାକ; ବାଧା ପ୍ରଦାନକାରୀ କାର୍ଯ୍ୟପନ୍ଥା।

**strait–laced** ବି°. ରକ୍ଷଣଶୀଳ; ନୈଷ୍ଠିକ।

**stramonium** ବି. ଏକପ୍ରକାର ଦୁଦୁରା (ଏଥିରୁ ଶ୍ୱାସରୋଗର ଔଷଧ ପ୍ରସ୍ତୁତ ହୁଏ)।

**strand**[1.] 1. ବି. ସମୁଦ୍ରତଟ; 2. ବି°. stranded ନିରୁପାୟ ହୋଇ ପଡ଼ିରହିବା; ପଇସାପତ୍ର ବା ଯାନବାହନ ଅଭାବରୁ ପଡ଼ିରହିବା।

**strand**[2.] ବି. ଦଉଡ଼ି ତିଆରି ନିମିତ୍ତ ବ୍ୟବହୃତ ସୂତା, ଝୋଟ ପ୍ରଭୃତି; ତନ୍ତୁ; କେଶଗୁଚ୍ଛ; ଉପାଦାନ।

**strange** ବି°. ଅସ୍ୱାଭାବିକ, ବିଚିତ୍ର, ଆଶ୍ଚର୍ଯ୍ୟଜନକ, ଅବାଗିଆ; ବିଦେଶାଗତ; ଅନଭ୍ୟସ୍ତ; ବିବ୍ରତ; କ୍ରି.ବି°. strangely; ବି. strangeness.

**stranger** ବି. ଅପରିଚିତ; ବିଦେଶୀ; ବହିରାଗତ; ନବାଗତ; ଅନଭ୍ୟସ୍ତ ବା ଅନଭିଜ୍ଞ ବ୍ୟକ୍ତି।

**strangle** କ୍ରି. ତଣ୍ଟି ଚିପି ମାରିବା; କଣ୍ଠରୋଧ କରିବା; ଦମନ କରିବା; ବି. strangler.

**stranglehold** ବି. (କୁସ୍ତିରେ) ପ୍ରତିପକ୍ଷର କଣ୍ଠରୋଧ; ଭୟଙ୍କର ଆଶ୍ଳେଷ; ସଂପୂର୍ଣ୍ଣ ନିୟନ୍ତ୍ରଣ।

**strangulate** କ୍ରି. ଚିପିରଖି ରକ୍ତପ୍ରଭୃତି ସଞ୍ଚାଳନରୋଧ କରିବା; ଶିରା, ଅଂନ୍ତ୍ର ପ୍ରଭୃତି କୌଣସି କାରଣରୁ ଚିପିହୋଇଯିବା।

**strangulation** ବି. କଣ୍ଠରୋଧ; ଶ୍ୱାସରୋଧ; ଚିପିହେବା।

**strap** 1. ବି. ଫିତା; 2. କ୍ରି. ଫିତାଦ୍ୱାରା ବାନ୍ଧିବା; ଚାବୁକରେ ମାରି ଦଣ୍ଡଦେବା; ବି°. strapless.

**straphanger** ବି. ବସ୍, ଟ୍ରେନ୍ ପ୍ରଭୃତିରେ ଓହଳିଥିବା ଫିତା ଧରି ଠିଆହୋଇଯାଉଥିବା ଯାତ୍ରୀ।

**strapping** ବି°. ବିରାଟକାୟ; ଶକ୍ତ, ଡେଙ୍ଗା।

**strata** ବି. stratumର ବ.ବ.।

**stratagem** ବି. ଚତୁର କୌଶଳ, ଚାଲାକି; କୌଶଳପୂର୍ଣ୍ଣ ଯୋଜନା।

**strategic** ବି°. ଯୁଦ୍ଧର କୂଟନୀତି ସମ୍ବନ୍ଧିତ; ଯୁଦ୍ଧରେ ଆବଶ୍ୟକ (ଯନ୍ତ୍ରପାତି, ଅସ୍ତ୍ରଶସ୍ତ୍ର); ସାମରିକ ଉଦ୍ଦେଶ୍ୟରେ କୃତ (ବୋମାବର୍ଷଣ ପ୍ରଭୃତି)।

**strategy** ବି. ଦୀର୍ଘମିଆଦୀ ଯୋଜନା ବା ନୀତି; ଯୁଦ୍ଧକୌଶଳ; ସୈନ୍ୟଚାଳନା; ରଣନୀତି, କୌଶଳପୂର୍ଣ୍ଣକାର୍ଯ୍ୟ; ବି. strategist.

**strath** ବି. ପ୍ରଶସ୍ତ ଉପତ୍ୟକା (ସ୍କଟିଶ୍)।

**strathspey** ବି. ସ୍କଟ୍ ମନ୍ଥରଗତି ନୃତ୍ୟବିଶେଷ ବା ତାହାର ସଂଗୀତ।

**stratify** କ୍ରି. ସ୍ତରବିନ୍ୟାସ କରିବା; ସ୍ତର ଅନୁସାରେ ସଜାଇବା; ବି. stratification.

**stratigraphy** ବି. (ପ୍ରତ୍ନତତ୍ତ୍ୱ, ଭୂତତ୍ତ୍ୱ) ପୃଥିବୀ ବା ଆକାଶର ବିଭିନ୍ନ ସ୍ତର ସମ୍ବନ୍ଧୀୟ ବିଦ୍ୟା।

**stratosphere** ବି. ଭୂପୃଷ୍ଠରୁ ପ୍ରାୟ ୫୦ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତଥିବା ବାୟୁମଣ୍ଡଳ।

**stratum** ବି.ଭୂ. ବ.ବ. strata ପ୍ରସ୍ତରସ୍ତର; ବାୟୁମଣ୍ଡଳୀୟସ୍ତର; ସାମାଜିକ ସ୍ତର।

**straw** ବି. ନଡ଼ା; କୁଟା; ମୃଦୁପାନୀୟ ଶୋଷି ପିଇବାପାଇଁ ବ୍ୟବହୃତ ସରୁନଳ; ତୁଚ୍ଛ ବା ନିକୃଷ୍ଟ ବସ୍ତୁ; ନଡ଼ାର ରଙ୍ଗ; clutch at a straw ବୁଡ଼ିଯିବାଲୋକ କୁଟା ଖିଏକୁ ଆଶ୍ରାକରିବା;

Digitized by srujanika@gmail.com

straw in the wind ଭବିଷ୍ୟତ ପରିଣତି ବିଷୟରେ ଆଭାସ।

**strawberry** ବି. ଧଳାଫୁଲବିଶିଷ୍ଟ ଲତାଳିଆ ଗୁଳ୍ମ ବା ତା'ର ଲାଲରଙ୍ଗର କ୍ଷୁଦ୍ର ରସାଳଫଳ ବିଶେଷ; ଷ୍ଟ୍ରବେରି।

**strawberry-mark** ବି. ଜନ୍ମରୁ ଦେହରେ ଥିବା ନାଲି ଦାଗ; ଜନ୍ମଚିହ୍ନ।

**straw poll, straw vote** ବି. ଜନମତ ଜାଣିବାପାଇଁ ବେସରକାରୀ ଭୋଟ ଗ୍ରହଣ।

**stray** 1. କ୍ରି. ଇତସ୍ତତଃ ଘୁରିବୁଲିବା; ନିର୍ଦ୍ଦିଷ୍ଟସ୍ଥାନରୁ ବିଚ୍ୟୁତହେବା; ପଥଭ୍ରଷ୍ଟହେବା; ନୈତିକ ବିଚ୍ୟୁତି ଘଟିବା; ବିଭ୍ରାନ୍ତହେବା; 2. ବି. ପଥଭ୍ରଷ୍ଟ ବା ଯୂଥଭ୍ରଷ୍ଟ ପଶୁ ବା ମନୁଷ୍ୟ; 3. ବିଂ. ଗୋଠଛଡା; ପଥଭ୍ରଷ୍ଟ; ଯୂଥଭ୍ରଷ୍ଟ; ବାଉବୁଲା; ନିଃସଙ୍ଗ; ସାମୟିକ; *ପଦାର୍ଥ* ବର୍ଜିତ ବା ଅଦରକାରୀ।

**streak** 1. ଲମ୍ବା ଓ ସରୁ ଅଙ୍କାବଙ୍କା ଦାଗ ବା ରେଖା (ବିଶେ. ରଂଗୀନ); ଅବଧି ବା କ୍ରମ; ଚାରିତ୍ରିକ ବୈଶିଷ୍ଟ୍ୟ; ବିଦ୍ୟୁତ୍‌ଚମକ; 2. କ୍ରି. ବିଦ୍ୟୁତ୍ ଗତିରେ ଯିବା; ଅଙ୍କାବଙ୍କା ରେଖା ଟାଣିବା; *କ.ଭା.* ସର୍ବସାଧାରଣ ସ୍ଥାନରେ ଉଲଗ୍ନ ହୋଇ ଧାଇଁବା; ବି. streaker.

**streaky** ବିଂ. ଅଙ୍କାବଙ୍କା ଗାର ଚିହ୍ନିତ; ଭୃ–ଚିହ୍ନିତ; ମୋଟାରୁ ସରୁ ଗାର କ୍ରମରେ (ଯଥା, ଗୋମାଂସରେ ଚର୍ବିର ରେଖା)।

**stream** 1. ବି. ସ୍ରୋତ; ଜଳସ୍ରୋତ; ନଈର ସୁଅ; ପ୍ରବାହ; ଧାରା; ମଣିଷ ଦେହର କୌଣସି ତରଳ ପ୍ରବାହ; ସମଦକ୍ଷତାସଂପନ୍ନ ତଥା ଏକତ୍ର ଶିକ୍ଷାପ୍ରାପ୍ତ ଛାତ୍ରଙ୍କ ଦଳ; 2. କ୍ରି. ପ୍ରବାହିତ ହେବା; ସୁଅରେ ଭାସିଯିବା; ସମଦକ୍ଷତାସଂପନ୍ନ ଛାତ୍ରଙ୍କୁ ଏକ ଗୋଷ୍ଠୀଭୁକ୍ତ କରିବା; on stream କାର୍ଯ୍ୟରତ; ଉତ୍ପାଦିତ ହେବାକୁ ଯାଉଥିବା।

**streamer** ବି. ସରୁ ଓ ଲମ୍ବା ପତାକା, ଫିତା ବା କାଗଜ; ପ୍ରଜ୍ଞାପନ ପାଇଁ ଉଦ୍ଦିଷ୍ଟ ବେନରର ଶୀର୍ଷକରେଖା।

**streamline** କ୍ରି. ଯାନବାହନର ଗତିରେ ସ୍ୱଳ୍ପତମ ପ୍ରତିରୋଧ ହେବାଭଳି ବ୍ୟବସ୍ଥା କରିବା; ପ୍ରବାହରେଖାଯୁକ୍ତ ବା ସୁବିନ୍ୟସ୍ତ କରିବା; ଅଧିକ ସରଳ ଏବଂ କାର୍ଯ୍ୟକ୍ଷମ କରିବା।

**street** ବି. ଗ୍ରାମ, ସହର ବା ନଗରରେ ସର୍ବସାଧାରଣ ରାସ୍ତା; ଗଳି; ଉଭୟପାର୍ଶ୍ୱରେ ଘର ଥାଇ ରାସ୍ତା; on the streets ବେଶ୍ୟାବୃତ୍ତି ଦ୍ୱାରା ଜୀବିକା ଉପାର୍ଜନ; streets ahead *କ.ଭା.* ଉନ୍ନତତର; ଉତ୍କୃଷ୍ଟତର; up (right up) one's street *କ.ଭା.* ଯାହା ଭଲ ଲାଗେ; ଯାହା ବିଷୟରେ ଜଣାଅଛି।

**streetwalker** ବି. ରାସ୍ତାରେ ଗରାଖ ଖୋଜୁଥିବା ବେଶ୍ୟା।

**streetwise** ବି. ଆଧୁନିକ ସହରୀଜୀବନ ଜୀଇଁବା ବାଟ ଜାଣିଥିବା ବ୍ୟକ୍ତି।

**streetcar** ବି. *ଆମେ.* ଟ୍ରାମ୍‌ଗାଡି।

**strength** ବି. ଶକ୍ତି; ଶକ୍ତିମତ୍ତା; ଶକ୍ତିର ଆଧାର; ଉପସ୍ଥିତ ଥିବା ସଭ୍ୟସଂଖ୍ୟା; from strength to strength କ୍ରମବର୍ଦ୍ଧିଷ୍ଣୁ ସଫଳତାସହ; in strength ବହୁସଂଖ୍ୟାରେ; on the strength of (କୌଣସି ବିଷୟକୁ) ଭିତ୍ତିକରି।

**strengthen** କ୍ରି. ଅଧିକ ଶକ୍ତିଶାଳୀ ହେବା ବା କରିବା।

**strenuous** ବିଂ. କଷ୍ଟସାପେକ୍ଷ; ପରିଶ୍ରମ–ସାପେକ୍ଷ; ଶ୍ରମସାଧ; ଉଦ୍‌ଯୋଗୀ; କର୍ମତତ୍ପର; କ୍ରି.ବିଂ. strenuously.

**streptococcus** ବି. ବ.ବ. streptococci ସଂକ୍ରାମକରୋଗ ସୃଷ୍ଟିକାରୀ ଜୀବାଣୁ ବା ବେକ୍ଟେରିଆ; ବିଂ. streptococcal.

**streptomycin** ବି. ବହୁ ସଂକ୍ରାମକ ଜୀବାଣୁ ପ୍ରତିରୋଧୀ ଏଣ୍ଟିବାୟୋଟିକ୍ ଔଷଧ; ଷ୍ଟ୍ରେପ୍‌ଟୋମାଇସିନ୍।

**stress** 1. ବି. ଚାପ; ସଂପ୍ରସାରଣ ବା ତାହାର ପରିମାପକ; ଶାରୀରିକ ବା ମାନସିକଚାପ ବା ତଜ୍ଜନିତ ବ୍ୟାଧି; ଗୁରୁତ୍ୱ; (ଶବ୍ଦ ବା ମାତ୍ରାର) ଗୁରୁ ଉଚ୍ଚାରଣ; 2. କ୍ରି. ଚାପପ୍ରୟୋଗ କରିବା; ଗୁରୁତ୍ୱଦେବା; ଜୋର୍ ଦେବା; lay stress on ଗୁରୁତ୍ୱ ଆରୋପ କରିବା; ଜୋର୍ ଦେବା; ବିଂ. stressful.

**stretch** 1. କ୍ରି. ଟାଣିବା; ଅତିରଂଜନ କରିବା; ବିସ୍ତୃତ କରିବା; ପ୍ରସାରିତ କରିବା; ବିଛାଇଦେବା; 2. ବି. ବିସ୍ତାର; ପ୍ରସାରଣ; ଅବଧି; ସ୍ଥିତିସ୍ଥାପକତା; *କ.ଭା.* କାରାବାସର ଅବଧି; at a stretch ଗୋଟାଏ ସମୟକାଳ ଭିତରେ; stretch one's legs ବ୍ୟାୟାମ ନିମନ୍ତେ ଚାଲିବା; stretch out ହାତଗୋଡ ଲମ୍ବେଇବା; ସଳଖ କରିବା; ଅନେକ ଦିନ ଯିବା; stretch a point ସାଧାରଣତଃ ନ ହେବା ବିଷୟ ପାଇଁ ସମ୍ମତ ହେବା।

Digitized by srujanika@gmail.com

**stretcher** ବି. ଦୁଇପଟେ ଦୁଇଟି ଦଣ୍ଡ ଓ ମଝିରେ କେନ୍‌ଭାସ୍ ପ୍ରଭୃତିଥାଇ ଖଟିଆ; ଡୋଲି (ଇଟା, ପଥରପରି ଭାରୀ ପଦାର୍ଥ କିମ୍ବା ଚଳତ୍‌ଶକ୍ତିହୀନ ଶାୟିତବ୍ୟକ୍ତି ବହନ କରିବାପାଇଁ ବ୍ୟବହୃତ)।

**stretchy** ବିଂ. କ.ଭା. ନମନୀୟ; ପ୍ରସାରଣ ଯୋଗ୍ୟ; ସ୍ଥିତିସ୍ଥାପକ।

**strew** କ୍ରି. ବିଛାଡି ହୋଇ ପଡିବା; ବିଞ୍ଚିଦେବା, ବୁଣିବା।

**'strewth** ବିକ. 'struth.

**stria** ବି. ବ.ବ. striae ସରୁ ହିଡ଼; ଲଙ୍ଗଳ ସିଆର।

**striated** 1. ବିଂ. ଡୋରିଦାର; ଗାରସହିତ; ସିଆରକଟା (ଜମି); 2. କ୍ରି. ସିଆର କାଟିବା; ଅନୁଚ୍ଚ ହିଡ କରିବା।

**stricken** 1. ବିଂ. ଆହତ; ପ୍ରପୀଡିତ; 2. କ୍ରି. ପ୍ରା.ପ୍ର. strike ର ଅ.କ୍ରି.କ.ପ.।

**strict** ବିଂ. ନିୟମାବଦ୍ଧ; ବିଧିବଦ୍ଧ; କଠୋର; ନିୟନ୍ତ୍ରିତ; ସୀମାବଦ୍ଧ; ଅପରିବର୍ତ୍ତିତ; ସଂପୂର୍ଣ୍ଣ ଆଜ୍ଞାକାରୀ ହେବାପାଇଁ ବା ଯଥାଯଥ କାର୍ଯ୍ୟନିର୍ବାହର ଅପେକ୍ଷା କରୁଥିବା; strictly speaking କଥା ବା ନିୟମର ଯଥାଯଥ ଅର୍ଥରେ; କ୍ରି.ବିଂ. strictly; ବି. strictness.

**stricture** ବି. ସମାଲୋଚନାମୂଳକ ବା ଭର୍ତ୍ସନାମୂଳକ ମନ୍ତବ୍ୟ; (ଚିକିତ୍ସାବିଜ୍ଞାନ) ଶରୀରର କୌଣସି ସ୍ରୋତର ଅବରୋଧ।

**stride** 1. କ୍ରି. ଲମ୍ବାପାହୁଣ୍ଡ ପକାଇ ଚାଲିବା; ଗୋଟିଏ ପାହୁଣ୍ଡରେ ଅତିକ୍ରମ କରିବା; ପାଦଦୁଇଟି ଫାଙ୍କକରିବା; 2. ବି. ଗୋଟାଏ ଲମ୍ବା ପାହୁଣ୍ଡ; ପଦକ୍ଷେପ; ଦୈର୍ଘ୍ୟ; ପାହୁଣ୍ଡ; ବ.ବ.ରେ ପ୍ରଗତି; take in one's stride ସହଜରେ ଚଳାଇନେବା।

**strident** ବିଂ. ଉଚ୍ଚନାଦବିଶିଷ୍ଟ ଓ କର୍କଶ; ବି. stridency; କ୍ରି.ବିଂ. stridently.

**strife** ବି. ବିବାଦ; ସଂଘର୍ଷ।

**strike** 1. କ୍ରି. ଆଘାତ କରିବା; ବାଡ଼େଇବା; ମାରିବା, ପିଟିବା; ଧକ୍କାଦେବା; ହଠାତ୍ ଆକ୍ରମଣ କରିବା; ଘୋଷିତ କରିବା; ଆବିଷ୍କାର କରିବା; ଛାପଦେବା ବା ମୁଦ୍ରିତ କରିବା; ହରତାଳ କରିବା; ପ୍ରତିବାଦରେ କାର୍ଯ୍ୟ ବନ୍ଦ କରିବା; 2. ବି. ଆଘାତ; ଆକ୍ରମଣ; ଧର୍ମଘଟ; କାର୍ଯ୍ୟବନ୍ଦ; ହରତାଳ; ଅପ୍ରତ୍ୟାଶିତ ଆବିଷ୍କାର ବା ସଫଳତା; on strike ଧର୍ମଘଟ ବା ହରତାଳ କରିବା; strike home ଉପଯୁକ୍ତ ଆଘାତ ଦେବା; ଉଚିତ ପ୍ରଭାବ ପଡିବା; strike off ତାଲିକାରୁ ବାଦ୍ କରିବା; ନାଁ କାଟିଦେବା, ଆଘାତଦ୍ୱାରା ପୃଥକ୍ କରିବା; strike out ପୋଛିଦେବା; ବାଦଦେବା; ଯାତ୍ରାରମ୍ଭ କରିବା; strike up (କଥାବାର୍ତ୍ତା, ସଂଗୀତ ପ୍ରଭୃତି) ଆରମ୍ଭ କରିବା; struck on କ.ଭା. ପ୍ରେମରେ ପଡିବା; ମୋହିତ ହେବା।

**strikebreaker** ବି. ଯେଉଁବ୍ୟକ୍ତି ଧର୍ମଘଟ ପଣ୍ଡ କରେ; ଧର୍ମଘଟକାରୀଙ୍କ ସ୍ଥାନରେ ନିଯୁକ୍ତ ବ୍ୟକ୍ତି।

**striker** ବି. ଧର୍ମଘଟରେ ଯୋଗଦାନକାରୀ; ଫୁଟବଲ୍, କ୍ରିକେଟ୍ ପ୍ରଭୃତି ଖେଳରେ ଆକ୍ରମକ ଖେଳାଳି; କେରମ୍‌ରେ ଆଘାତକାରୀ ଗୋଟି।

**striking** ବିଂ. ହୃଦୟଗ୍ରାହୀ; ଆକର୍ଷଣୀୟ; ବିସ୍ମୟକର; କ୍ରି.ବିଂ. strikingly.

**Strine** ବି. ଅଶିକ୍ଷିତ ଅଷ୍ଟ୍ରେଲିଆବାସୀର ଇଂରାଜୀ; ଅଷ୍ଟ୍ରେଲୀୟ ଉଚ୍ଚାରଣ ଶୈଳୀର ହାସ୍ୟକର ଲିପ୍ୟନ୍ତର।

**string** 1. ବି. ସରୁ ଦଉଡି; ଡୋରି; ସୁତୁଲି; ମାଳା; ଧନୁ ବା ବାଦ୍ୟଯନ୍ତ୍ରର ତାର; ବ.ବ.ରେ, ଅର୍କେଷ୍ଟ୍ରାରେ ବ୍ୟବହୃତ ତାରବାଦ୍ୟସମୂହ; ସର୍ତ୍ତ ବା ଝାମେଲା; 2. କ୍ରି. ଅ.କା. ଅ.କ୍ରି.କ.ପ. strung ରେକେଟ୍, ବେହେଲା, ସୀତାର ପ୍ରଭୃତିରେ ତାର ଗୁନ୍ଥିବା ବା ବାନ୍ଧିବା; on a string (କାହାରି) ସଂପୂର୍ଣ୍ଣ ନିୟନ୍ତ୍ରଣରେ; string along କ.ଭା. ଠକିବା; string along with ସାଥିହେବା; string out ବଢ଼େଇବା ବା ଲମ୍ବେଇବା; ସୂତା ବା ଦଉଡିରେ ଝୁଲାଇବା; strung up ଉତ୍ତେଜିତ ହେବା ବା କରିବା।

**stringed** ବି. ତାରଯୁକ୍ତ (ବାଦ୍ୟଯନ୍ତ୍ର)।

**stringent** ବିଂ. କଠୋର; ନିୟମବଦ୍ଧ; ସୁନିୟନ୍ତ୍ରିତ; ବି. stringency; କ୍ରି.ବିଂ. stringently.

**stringer** ବି. ସିଢ଼ିର ଦୁଇପାଖର ଦଣ୍ଡା; ଜାହାଜ, ଉଡାଜାହାଜ ପ୍ରଭୃତିର ଫ୍ରେମ୍‌ରେ ଥିବା ଲମ୍ବା ଦଣ୍ଡା; କ.ଭା. ମୁକ୍ତ ସାମ୍ବାଦିକ।

**string vest** କ୍ରି. ଜାଲିଜାଲି ଥିବା ବୁଣା ଗଂଜି ବା ଅନ୍ତର୍ବାସ।

**stringy** ବିଂ. ଦଉଡି ବା ତାର ପରି, ତନ୍ତୁଯୁକ୍ତ; ବି. stringiness.

Digitized by srujanika@gmail.com

**strip**[1] 1. କ୍ରି. ନଗ୍ନକରିବା; ସାଜ ପୋଷାକ ଖୋଲି ପକାଇବା; ଉଲଗ୍ନ ହେବା; ସଂପତ୍ତିରୁ ବଞ୍ଚିତ କରିବା; ଟାଣି ଖୋଲି ପକାଇବା; ପୁରୁଣା ରଙ୍ଗ ଛଡାଇବା; 2. ବି. ଅନାବରଣ, ଉଲଗ୍ନକରଣ; କ.ଭା. ଖେଳାଳିଙ୍କ ନିର୍ଦ୍ଦିଷ୍ଟ ପୋଷାକ ବା ଜର୍ସି ।

**strip**[2] ବି. ସରୁ ତଥା ଲମ୍ବା ଅଂଶବିଶେଷ ବା ଖଣ୍ଡ; tear person off a strip *ସା.ପ୍ର.* (କାହାକୁ) ଗାଳିଦେବା ।

**strip cartoon** ବି. ବ୍ୟଙ୍ଗଚିତ୍ର (ଏକତ୍ର); କମିକ୍‌ଷ୍ଟ୍ରିପ୍ ।

**strip club** ବି. ଯେଉଁ କ୍ଲବ୍‌ରେ ଦର୍ଶକଙ୍କ ମନୋରଞ୍ଜନପାଇଁ ନର୍ତ୍ତକ ନର୍ତ୍ତକୀ ଉଲଗ୍ନ ହୋଇଥାଏ ।

**strip down** କ୍ରି. କଳରୁ ଯନ୍ତ୍ରାଂଶ ଖୋଲିପକାଇବା ।

**stripe** ବି. ଦୁଇପଟେ ଦୁଇଭିନ୍ନ ରଙ୍ଗଥିବା ଫିତା ବା ଲୁଗା; *ପ୍ରା.ପ୍ର.* ଚାବୁକର ମାଡ଼; ସେନାକର୍ମଚାରୀଙ୍କ ପୋଷାକରେ ପଦବୀସୂଚକ ଫିତା ।

**striped** ବିଂ. ଡୋରାକଟା; ଗାରଗାରିଆ; ନାନାରଙ୍ଗର ଡୋରାମିଶା (କପଡା); ପଦବୀସୂଚକ ଫିତା ବା ଷ୍ଟ୍ରାଇପ୍‌ଯୁକ୍ତ ସାମରିକ ପୋଷାକ ।

**strip light** ବି. ଟ୍ୟୁବ୍‌ଲାଇଟ; ବାର୍‌ଲାଇଟ୍ ।

**stripling** ବି. ତରୁଣ; ଶରୀରର ପୂର୍ଣ୍ଣବିକାଶ ହୋଇନଥିବା କିଶୋର ବା କିଶୋରୀ ।

**stripper** ବି. ନଗ୍ନନୃତ୍ୟ ପ୍ରଦର୍ଶନକାରିଣୀ; ଖୋଲିବାକାର୍ଯ୍ୟରେ ସାହାଯ୍ୟ କରୁଥିବା ବସ୍ତୁ ବା ବ୍ୟକ୍ତି; ରଙ୍ଗ ଛଡାଇବାପାଇଁ ବ୍ୟବହୃତ ଦ୍ରବଣ ।

**strip-search** ବି. ବ୍ୟକ୍ତିର ସମସ୍ତ ଲୁଗାପଟା ଖୋଲି ତନଖିବା ।

**striptease** ବି. ଯେଉଁ ନୃତ୍ୟରେ ଦର୍ଶକର ମନୋରଞ୍ଜନ ନିମନ୍ତେ ନର୍ତ୍ତକୀ ବା ନର୍ତ୍ତକ ସମସ୍ତ ଅଙ୍ଗାଭରଣ ପର୍ଯ୍ୟାୟକ୍ରମେ ଖୋଲି ସଂପୂର୍ଣ୍ଣ ଉଲଗ୍ନ ହୋଇଥାଏ ।

**stripy** ବିଂ. ଡୋରାକଟା; ଗାରଗାରିଆ; ଡୋରିଆ ।

**strive** କ୍ରି. କଠିନ ଉଦ୍ୟମ କରିବା; ସଂଘର୍ଷ କରିବା ।

**strobe** ବି. କ.ଭା. ଷ୍ଟ୍ରୋବୋସ୍କୋପ୍ ।

**stroboscope** ବି. *ପଦାର୍ଥ* ଆବର୍ତ୍ତନର ଗତି ନିରୂପଣ ପାଇଁ ବ୍ୟବହୃତ ଏକପ୍ରକାର ବତୀ; ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଜଳୁଥିବା ବତୀ ।

**strode** କ୍ରି. strideର *ଅ.କା.* ।

**stroke** 1. ବି. ଆଘାତକରଣ; ଆଘାତ, ମାଡ; ପକ୍ଷାଘାତ ରୋଗ ଆକ୍ରମଣ; ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଘଣ୍ଟାର ନିନାଦିତଶବ୍ଦ; ନାଡି, ଧମନୀ, ହୃତ୍‌ପିଣ୍ଡ ପ୍ରଭୃତିର ସ୍ପନ୍ଦନ; ଇଂଜିନ୍‌ରେ ପିଷ୍ଟନ୍‌ର ଉଭୟ ଦିଗରେ ସଂପୂର୍ଣ୍ଣଚଳନ; ପହଁରାର ନିର୍ଦ୍ଦିଷ୍ଟ ଶୈଳୀ; କଲମ, ତୂଳୀପ୍ରଭୃତିର ଗୋଟାଏ ଥର ଚାଳନା; ଥାପୁଡାଇବା କାର୍ଯ୍ୟ; 2. କ୍ରି. ଆଉଁଷିବା; ଥାପୁଡ଼ାଇବା; ଡଙ୍ଗାପ୍ରଭୃତିର ଆହୁଲା ଚଳେଇବା; at a stroke ଥରକରେ; ଏକାମାଡରେ; on the stroke (of) ଠିକ୍ ବା ନିର୍ଦ୍ଦିଷ୍ଟ ସମୟରେ; ସମୟାନୁବର୍ତ୍ତୀ ଭାବରେ ।

**stroll** 1. କ୍ରି. ବିଚରଣ କରିବା; ପଦଚାରଣା କରିବା; 2. ବି. ମନଖୁସିରେ ଅଳ୍ପଦୂର ପଦଚାରଣା ।

**strong** 1. ବିଂ. ଶକ୍ତିଶାଳୀ; ବଳବାନ୍; ପ୍ରବଳ; ପ୍ରତିରୋଧକ୍ଷମ; ଦୃଢ଼; ବଳଶାଳୀ, ତୀବ୍ର, କଡା; *ବ୍ୟା.* ମୂଳଶବ୍ଦ ଭିତରେ ସ୍ୱରବର୍ଣ୍ଣର ପରିବର୍ତ୍ତନ ସାହାଯ୍ୟରେ ପ୍ରତ୍ୟୟ ପ୍ରୟୋଗ, *ଉଦା.* choose, chose; 2. କ୍ରି.ବିଂ. ପ୍ରବଳଭାବେ, ଦୃଢ଼ଭାବେ; come on strong ଆକ୍ରମକ ବ୍ୟବହାର କରିବା; going strong କ.ଭା. ଉତ୍ତମ ସ୍ୱାସ୍ଥ୍ୟସହ ବା ପ୍ରବଳଭାବେ; ବିଂ. strongish; କ୍ରି.ବିଂ. strongly.

**strong-arm** ବିଂ. ବଳପ୍ରୟୋଗ ପୂର୍ବକ ।

**strongbox** ବି. ମୂଲ୍ୟବାନ୍ ପଦାର୍ଥ ସଂରକ୍ଷଣ ନିମିତ୍ତ ବ୍ୟବହୃତ ଦୃଢ଼ ବାକ୍‌ସ ।

**stronghold** ବି. ସୁରକ୍ଷିତ ସ୍ଥାନ ବା ଆଶ୍ରୟସ୍ଥଳ; (କୌଣସି ବିଷୟରେ) ସାହାଯ୍ୟସହଯୋଗର କେନ୍ଦ୍ର ।

**strong language** ବି. କଠୋରବାକ୍ୟ, ପ୍ରତିଜ୍ଞାବାକ୍ୟ ।

**strong-minded** ବିଂ. ଦୃଢ଼ମନା ।

**strong point, strong suit** ବି. ପାରଦର୍ଶିତାଥିବା ବିଷୟ ।

**strongroom** ବି. ଦୁର୍ଭେଦ୍ୟ ପ୍ରକୋଷ୍ଠ; ବେଂକ୍‌ପ୍ରଭୃତିରେ ମୂଲ୍ୟବାନ୍‌ବସ୍ତୁ ସୁରକ୍ଷିତ ରଖିବାନିମନ୍ତେ ନିର୍ମିତ ବିଶେଷ ପ୍ରକୋଷ୍ଠ ।

Digitized by srujanika@gmail.com

**strong verb** ବି. ବ୍ୟା. ଯେଉଁ କ୍ରିୟାର କାଳଗତ ରୂପରେ କ୍ରିୟାସ୍ଥିତ ସ୍ୱରବର୍ଣ୍ଣର ପରିବର୍ତ୍ତନ ଘଟେ, ଉଦା. swim, swam.

**strontium** ବି. ଷ୍ଟ୍ରଣ୍ଟିୟମ୍; ରୂପାଭଳି ଶୁଭ୍ର ଓ ନରମ ଧାତୁ ବିଶେଷ।

**strop** ବି. କ୍ଷୁର ଧାର କରିବା ନିମନ୍ତେ ବ୍ୟବହୃତ ଚମଡାଖଣ୍ଡ।

**stroppy** ବିଂ. *ସା.ପ୍ର.* ବଦ୍‌ମିଜାଜୀ; ଅବାଗିଆ।

**strove** *କ୍ରି.* striveର *ଅ.କା.*।

**struck** *କ୍ରି.* strikeର *ଅ.କା.* ଏବଂ *ଅ.କ୍ରି.ଜ.ପ.*।

**structural** ବିଂ. ନିର୍ମାଣ ବା ଗଠନସଂକ୍ରାନ୍ତ; *କ୍ରି.ବିଂ.* structurally.

**structuralism** ବି. ସଂରଚନାବାଦ, ଯେଉଁ ଚିନ୍ତାଧାରାରେ କାର୍ଯ୍ୟ ଅପେକ୍ଷା ଗଠନକୁ ଗୁରୁତ୍ୱ ଦିଆଯାଏ; ବି.ବିଂ. structuralist.

**structure** 1. ବି. ଗଠନ ପ୍ରଣାଳୀ; ଗଠନ; କୋଠାଘର ପ୍ରଭୃତି ଗଢ଼ାହୋଇଥିବା ବସ୍ତୁ; 2. *କ୍ରି.* ଗଠନ କରିବା; ଆୟୋଜନ କରିବା; ସଂଗଠନ କରିବା।

**strudel** ବି. ଏକପ୍ରକାର ପୁରଦିଆ ପେଷ୍ଟ୍ରି।

**struggle** 1. *କ୍ରି.* ଅନୁବନ୍ଧନରୁ ମୁକ୍ତିପାଇଁ ସଂଘର୍ଷ କରିବା; ସଂଗ୍ରାମ କରିବା; ଶ୍ରମସହକାରେ ସଂଗ୍ରାମ ବା ପ୍ରତିଦ୍ୱନ୍ଦ୍ୱିତା କରିବା; କଷ୍ଟରସହ ଆଗେଇବା; 2. ବି. ସଂଘର୍ଷ, ପ୍ରତିଦ୍ୱନ୍ଦ୍ୱିତା; ପ୍ରତିଯୋଗିତା।

**strum** *କ୍ରି.* ଅଦକ୍ଷଭାବେ ବାଦ୍ୟଯନ୍ତ୍ର ବଜାଇବା।

**strumpet** ବି. *ପ୍ରା.ପ୍ର.* ବାରାଙ୍ଗନା, ବେଶ୍ୟା।

**strung** *କ୍ରି.* stringର *ଅ.କା.* ଏବଂ *ଅ.କ୍ରି.ଜ.ପ.*।

**strut** 1. *କ୍ରି.* ଗର୍ବ ବା ଆତ୍ମଗରିମାରେ ଦୁମ୍‌ଦୁମ୍ ଚାଲିବା; ସଂକୋଚନ ନିରୋଧ ପାଇଁ ଦଣ୍ଡ ସଂଯୋଗ କରିବା; 2. ବି. ଫୁଟାଣିଆ ଚାଲି; କୌଣସି ଢାଞ୍ଚ ବା ଫ୍ରେମ୍‌ରେ ସଂକୋଚନ ନିରୋଧକ ଦଣ୍ଡ।

**'struth, 'strewth** *ଅବ.* ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ଭାବ ବା ବିସ୍ମୟସୂଚକ ଅଭିବ୍ୟକ୍ତି।

**strychnine** ବି. ସ୍ନାୟୁଉତ୍ତେଜକ ଭାବରେ ବ୍ୟବହୃତ ଏକପ୍ରକାର ବିଷାକ୍ତ ଉପକ୍ଷାର।

**stub** 1. ବି. ବ୍ୟବହାର ପରେ ପେନ୍‌ସିଲ୍ ବା ସିଗାରେଟ୍‌ର ଅବଶିଷ୍ଟାଂଶ; ଠୁଣ୍ଟି; ଚେକ୍ ଓ ରସିଦ୍ ପ୍ରଭୃତିର ମୁଣ୍ଡା; ବୃକ୍ଷର କର୍ତ୍ତିତ ଗଣ୍ଡି; 2. *କ୍ରି.* କର୍ତ୍ତିତ ବୃକ୍ଷର ମୂଳ ଉପାଡିବା; ଦାନ୍ତ ଉପାଡିବା; ଝୁଣ୍ଟିବା; ସିଗାରେଟ୍ ପ୍ରଭୃତିର ଜଳନ୍ତା ଅଂଶ ଚାପି ଲିଭାଇବା।

**stubble** ବି. ଫସଲର ଖୁଣ୍ଟା; ଦାଢ଼ିର ରୁଢ଼; ବିଂ. stubbly.

**stubborn** ବିଂ. ଅନମନୀୟ; ଏକଜିଦିଆ, ଅବାଧ୍ୟ; ବିଂ. stubbornly; ବି. stubbornness.

**stubby** ବିଂ. ମୋଟା ଏବଂ ଗେଡା।

**stucco** ବି. ପ୍ରାଚୀର ଗାତ୍ର ଲେପନ, ଛାଞ୍ଚନିର୍ମାଣ ପ୍ରଭୃତି କାର୍ଯ୍ୟରେ ବ୍ୟବହୃତ ପ୍ଲାଷ୍ଟର୍ ବା ସିମେଣ୍ଟ୍।

**stuck** *କ୍ରି.* stickର *ଅ.କା.* ଏବଂ *ଅ.କ୍ରି.ଜ.ପ.*।

**stuck-up** ବିଂ. ଆତ୍ମବଡିମାଯୁକ୍ତ; ଔଦ୍ଧତ୍ୟପୂର୍ଣ୍ଣ।

**stud**[1] 1. ବି. (ଅଳଂକରଣ ପାଇଁ ବ୍ୟବହୃତ) ଗୋଲମଥା କଣ୍ଟା ପ୍ରଭୃତି; ଦୁଇଶିର ଥିବା ବୋତାମ; ଜାମାରେ ଅଲଗା କଲର (ଗଳବନ୍ଧନ) ଲଗାଇବା ପ୍ରଣାଳୀ; 2. *କ୍ରି.* ଖଂଜିବା; ଖଚିତ କରିବା; studded ବିଂ. ଖଚିତ; ବିକ୍ଷୁରିତ।

**stud**[2] ବି. ପ୍ରଜନନ ଉଦ୍ଦେଶ୍ୟରେ ରଖାଯାଇଥିବା ଘୋଡା ବା ଘୋଡାଶାଳ; *କଥା.* ଯୁବକ (ବିଶେ. ବିଶେଷ ଯୌନଶକ୍ତିସଂପନ୍ନ)।

**stud-book** ବି. ଅଶ୍ୱମାନଙ୍କ ବଂଶ ପରିଚୟ ସମ୍ବଳିତ ପୁସ୍ତକ।

**studding-sail** ବି. (ଡଙ୍ଗାପ୍ରଭୃତି) ମୃଦୁ ପବନରେ ଚାଳନା ପାଇଁ ଅତିରିକ୍ତ ପାଲ।

**student** ବି. ଛାତ୍ର ବା ଛାତ୍ରୀ; ଅଧ୍ୟୟନକାରୀ; ଶିକ୍ଷାର୍ଥୀ; ଅଧ୍ୟୟନଶୀଳ ବ୍ୟକ୍ତି; ଶିକ୍ଷାନବିସ ବା ତାଲିମନବିସ (student nurse).

**stud-farm** ବି. ଅଶ୍ୱପ୍ରଜନନ ପ୍ରତିଷ୍ଠାନ।

**studio** ବି. ଚିତ୍ରକର ବା ଆଲୋକଚିତ୍ର ଗ୍ରହଣକାରୀର କର୍ମଶାଳା; ଚଳଚ୍ଚିତ୍ର ନିର୍ମାଣ, ବେତାର ପ୍ରସାରଣ, ଦୂରଦର୍ଶନ ପ୍ରସାରଣ ବା ଗ୍ରାମୋଫୋନ୍ ରେକର୍ଡ ନିର୍ମାଣ ପ୍ରତିଷ୍ଠାନ; ଷ୍ଟୁଡିଓ।

**studio couch** ବି. ଏକପ୍ରକାର ବସିବା ଗଦି ଯାହା ଶଯ୍ୟାରେ ପରିବର୍ତ୍ତିତ ହୋଇପାରେ।

**studio flat** ବି. ଏକ-କୋଠରୀବିଶିଷ୍ଟ ଫ୍ଲାଟ୍।

**studious** ବିଂ. ଅଧ୍ୟୟନପରାୟଣ; ଅଧ୍ୟବସାୟୀ; କଷ୍ଟସହିଷ୍ଣୁ; *କ୍ରି.ବିଂ.* studiously.

**study** 1. *କ୍ରି.* ଅଧ୍ୟୟନ କରିବା; ପାଠ ପଢିବା; ଜ୍ଞାନ ବା ଦକ୍ଷତା ଅର୍ଜନରେ ମନୋନିବେଶ କରିବା; ବିବେଚନା କରିବା ବା ବିଚାର କରିବା; ନିର୍ଦ୍ଦିଷ୍ଟ

Digitized by srujanika@gmail.com

ଶିକ୍ଷା ଗ୍ରହଣ କରିବା; ଅନୁସନ୍ଧାନ ଓ ପୁଂଖାନୁପୁଂଖ ପରୀକ୍ଷା କରିବା; studied ବିଂ. ଚେଷ୍ଟାକୃତ; କୃତ୍ରିମ; ଦେଖାଣିଆ; 2. ବି. ଅଧ୍ୟୟନ; ଜ୍ଞାନାର୍ଜନ; ଅନୁସନ୍ଧାନ; ବ୍ୟକ୍ତିଗତ ଅଧ୍ୟୟନ ପ୍ରକୋଷ୍ଠ; ଚିତ୍ରଣ, ଅଧ୍ୟୟନ ବା ଗବେଷଣାର ବିଷୟବସ୍ତୁ।

**stuff** 1. ବି. ପଦାର୍ଥ; ବସ୍ତୁ; ଉପାଦାନ; ପଶମ ବା କାର୍ପାସସୂତା; ମାଲ୍; ଜିନିଷ; ଅବାନ୍ତର ବିଷୟ; *କ.ଭା.* (ମଦ, ନିଶାଔଷଧ ପ୍ରଭୃତିର) ଯୋଗାଣ; *ସା.ପ୍ର.* ପଇସାପତ୍ର; 2. *କ୍ରି.* ଚାପିଚାପି ଭର୍ତ୍ତିକରିବା; ଚୁଣ୍ଡିବା; ଠେଲିବା; *ସାପ୍ର.* ଛାଡିଦେବା, ପରିତ୍ୟାଗ କରିବା; *ସା.ପ୍ର. ଅବ.* (କୌଣସି ସ୍ତ୍ରୀସହ) ଯୌନକ୍ରିୟା କରିବା; get stuffed *ଅବ. ସା.ପ୍ର.* ଦୂର୍ ହୁଅ, ଦୂର୍‌ହ୍‌; stuff and nonsense ତାଚ୍ଛଲ୍ୟ ବା ଅବିଶ୍ୱାସ ସୂଚକ ଅଭିବ୍ୟକ୍ତି।

**stuffed shirt** ବି. *କ.ଭା.* ଫୁଟାଣିଆ ଲୋକ; ଗର୍ବୀ ବ୍ୟକ୍ତି।

**stuffing** ବି. କୁଶନ ପ୍ରଭୃତିର ଗଦି (ତୁଳା ପ୍ରଭୃତି); (ଖାଦ୍ୟର) ପୁର।

**stuffy** ବିଂ. ମୁକ୍ତ ପବନ ଆତଯାତ ହେଉନଥିବା; ମାଦା ଓ ବିରକ୍ତିକର; ବନ୍ଦ ବା ଚୁଣ୍ଡି ହେଉଥିବା (ନାକ ପ୍ରଭୃତି); ରକ୍ଷଣଶୀଳ; ଗତାନୁଗତିକ; *କ୍ରି.ବିଂ.* stuffily; ବି. stuffiness.

**stultify** *କ୍ରି.* ଧରାବନ୍ଧା ହୋଇଥିବାଯୋଗୁଁ ପ୍ରଭାବହୀନ ବା ବେକାର୍ ହୋଇଯିବା; ବି. stultification.

**stumble** 1. *କ୍ରି.* ଝୁଣ୍ଟିବା, ହାମୁଡିପଡିବା; ଝୁଣ୍ଟିହାବୁସି ହୋଇ ଚାଲିବା; ରହିରହି କଥା କହିବା; ଆକସ୍ମିକ ଦେଖା ପାଇବା; କହିବାବେଳେ ବାରମ୍ବାର ଭୁଲ କରିବସିବା; 2. ବି. ସ୍ଖଳନ।

**stumbling–block** ବି. ପ୍ରତିବନ୍ଧକ ରୂପେ ସ୍ଥାପିତ ପ୍ରସ୍ତରଖଣ୍ଡ; ପ୍ରତିବନ୍ଧକ।

**stump** 1. ବି. କର୍ତ୍ତିତ ବା ପତିତ ବୃକ୍ଷର ମୂଳଅଂଶ; ଗଛର ଠୁଣ୍ଟି; ଥୁଣ୍ଟା ଅଙ୍ଗପ୍ରତ୍ୟଙ୍ଗ; ପେନ୍‌ସିଲ୍‌ର ମୁଣ୍ଡାଅଂଶ; କ୍ରିକେଟ୍ ତିନୋଟି ମଧ୍ୟରୁ ପ୍ରତ୍ୟେକ ଉଇକେଟ୍ ଦଣ୍ଡ; ବ.ବ. ଦୁଇଗୋଡ; 2. *କ୍ରି.* (ପ୍ରଶ୍ନ) କଠିନ ହେବା; ଷଣ୍ଢେ ବା ପେଙ୍ଗେଇ ଚାଲିବା; କ୍ରିକେଟ୍‌ବଲ୍‌କୁ ସିଧା ଉଇକେଟ୍ ଉପରକୁ ଫୋପାଡି କ୍ରିଜ୍‌ରେ ନଥିବାବେଳେ ବେଟ୍‌ସ୍‌ମେନ୍‌କୁ ଆଉଟ୍ କରିବା; stump up ଅର୍ଥପ୍ରଦାନ ବା ସଂଗ୍ରହକରିବା।

**stumpy** ବି. ଗେଡା ଓ ମୋଟା; ବି. stumpiness.

**stun** *କ୍ରି.* ଆଘାତଦ୍ୱାରା ଅଚେତ କରିବା; ହତବୁଦ୍ଧି କରିବା, ଘାବରେଇଦେବା।

**stung** *କ୍ରି.* stingର *ଅ.କା.* ଏବଂ *ଅ.କ୍ରି.ଜ.ପ.।*

**stunner** ବି. *କ.ଭା.* ଚମତ୍କାରପ୍ରଦ ବସ୍ତୁ ବା ବ୍ୟକ୍ତି।

**stunning** ବିଂ. *କ.ଭା.* ଅତ୍ୟନ୍ତ ସୁନ୍ଦର ବା ଆକର୍ଷଣୀୟ; *କ୍ରି.ବିଂ.* stunningly.

**stunt**[1] *କ୍ରି.* ବୃଦ୍ଧିରେ ବ୍ୟାଘାତ ଘଟାଇବା।

**stunt**[2] ବି. ଅନ୍ୟର ଦୃଷ୍ଟି ଆକର୍ଷଣ ନିମିତ୍ତ କରାଯାଉଥିବା ଅସ୍ୱାଭାବିକ କାର୍ଯ୍ୟ; ସାହସିକ ବା କୌଶଳପୂର୍ଣ୍ଣ କାର୍ଯ୍ୟ।

**stuntman** ବି. (ଚଳଚ୍ଚିତ୍ର ପ୍ରଭୃତିରେ) କୌଣସି ଅଭିନେତାର ଦୁଃସାହସିକ ବା ବିପଦପୂର୍ଣ୍ଣ କାର୍ଯ୍ୟ କରିବାପାଇଁ ନିଯୁକ୍ତ ବ୍ୟକ୍ତି।

**stupefy** *କ୍ରି.* ହତବୁଦ୍ଧି ବା ହତଚେତନ କରିବା; ଆଶ୍ଚର୍ଯ୍ୟ ହୋଇ ଥମକିଯିବା; ଭକୁଆ ହୋଇଯିବା; ଆଶ୍ଚର୍ଯ୍ୟାନ୍ୱିତ ବା ବିସ୍ମିତହେବା; ବି. stupe–faction.

**stupendous** ବିଂ. ବିସ୍ମୟକର ବା ବିଶାଳ (ଆକାର); *କ୍ରି.ବିଂ.* stupendously.

**stupid** ବିଂ. ବୋକା; ନିର୍ବୁଦ୍ଧିଆ; ହତଚେତନ; ଅର୍ଥହୀନ; ବିରକ୍ତିକର; ନୀରସ; ବି. stupidity; *କ୍ରି.ବିଂ.* stupidly.

**stupor** ବି. ସ୍ତବ୍ଧ ଅବସ୍ଥା; ହତବୁଦ୍ଧି।

**sturdy** ବିଂ. ବଳିଷ୍ଠ; ଶକ୍ତ; ନିଦାପିଟା; ଦୃଢ଼ ଓ ଶକ୍ତଭାବରେ ଗଠିତ ବା ନିର୍ମିତ; *କ୍ରି.ବିଂ.* sturdily; ବି. sturdiness.

**sturgeon** ବି. ଶାର୍କଜାତୀୟ ବୃହତ୍ ସାମୁଦ୍ରିକ ମତ୍ସ୍ୟ ବିଶେଷ।

**stutter** 1. *କ୍ରି.* ଖନେଇ କହିବା; 2. ବି. ଖନିକଥା।

**sty**[1] ବି. ଘୁଷୁରିଗୋଠ ବା ଖୁଆଡ; ଅତ୍ୟନ୍ତ ଅପରିଷ୍କାର ସ୍ଥାନ।

**sty**[2] ବି. (stye ମଧ୍ୟ) ଆଖିପତାର ଆଲୁଅ; ସନ୍‌ବିରୁଳି।

**Stygian** ବିଂ. *ସାହି.* ତମସାଚ୍ଛନ୍ନ; *ପୁ.* ପାତାଳର ଷ୍ଟାଇକ୍ସ୍ ବା ବୈତରଣୀ ସଂକ୍ରାନ୍ତ।

**style** 1. ବି. ଶୈଳୀ, ଢଂଗ; ଚାଲ; ଚେହେରା ବା ଛାଞ୍ଚର ପ୍ରକାର; ପୋଷାକପତ୍ରର ଫେଶନ୍; ଆକୃତିପ୍ରକୃତି, କଥନ ବା ଲିଖନଭଙ୍ଗୀ; ବ୍ୟକ୍ତିଗତ

Digitized by srujanika@gmail.com

ବୈଶିଷ୍ଟ୍ୟପୂର୍ଣ୍ଣ ରଚନାଶୈଳୀ, ମହମନିର୍ମିତ ଫଳକଉପରେ ବ୍ୟବହୃତ ଲେଖନୀ; ଖୋଦନ ବା ନକ୍ସା ଅଙ୍କନନିମିତ୍ତ ବ୍ୟବହୃତଯନ୍ତ୍ର; ପୋଷାକପତ୍ର ପରିଧାନରୀତି; କାର୍ଯ୍ୟଶୈଳୀ; 2. କ୍ରି. ଅଭିହିତ କରିବା; ନିର୍ଦ୍ଦିଷ୍ଟଭାବରେ ବା ଶୈଳୀରେ ତିଆରି କରିବା।

**stylish** ବିଂ. ସୌଖୀନ୍; ଆଡମ୍ବରପୂର୍ଣ୍ଣ; ସୁପରିପାଟୀଯୁକ୍ତ; କ୍ରି.ବିଂ. stylishly; ବି. stylishness.

**stylist** ବି. ବିଶିଷ୍ଟ ଓ ସୁନ୍ଦର ରଚନା ବା ପରିବେଷଣଶୈଳୀ ସଂପନ୍ନ ଲେଖକ ବା କଳାକାର; କେଶବିନ୍ୟାସକାରୀ; ନୂଆନୂଆ ଶୈଳୀର ପ୍ରସ୍ତୁତକାରୀ।

**stylistic** ବିଂ. ସାହିତ୍ୟ ଓ କଳାତ୍ମକ ରଚନାଶୈଳୀ ସଂକ୍ରାନ୍ତ।

**stylized** ବିଂ. ପାରଂପରିକ ଶୈଳୀରେ ଅଙ୍କିତ ବା ରଚିତ।

**stylus** ବି. ମହମ ବା ଲାଖଫଳକ ଉପରେ ତୀକ୍ଷ୍ଣ ଛୁଞ୍ଚ ସଦୃଶ ଲିଖନଯନ୍ତ୍ର (ଯାହାସାହାଯ୍ୟରେ ଗ୍ରାମୋଫୋନ୍ ରେକର୍ଡରେ ସଂଗୀତପ୍ରଭୃତି ଲିପିବଦ୍ଧ ହୋଇଥାଏ); ଯେକୌଣସି ମୁନିଆ ଲେଖନୀ।

**stymie** ବି. (ଗଲଫ୍‌ଖେଳ) ଖେଳାଳିର ବଲ୍ ଏବଂ ଗର୍ତ୍ତ ମଝିରେ ପ୍ରତିପକ୍ଷର ବଲ୍ ରହୁଥିବା ଅବସ୍ଥା; କଠିଣ ପରିସ୍ଥିତି।

**styptic** 1. ବିଂ. ରକ୍ତସ୍ରାବ ବନ୍ଦ କରିଦେଉଥିବା (ଔଷଧ); 2. ବି. ରକ୍ତସ୍ରାବରୋଧକ ପଦାର୍ଥ।

**styrene** ବି. ପ୍ଲାଷ୍ଟିକ୍ ତିଆରି ନିମିତ୍ତ ବ୍ୟବହୃତ ତରଳ ହାଇଡ୍ରୋକାର୍ବନ୍।

**suasion** ବି. ପ୍ରବର୍ତ୍ତନା।

**suave** ବି. ଭଦ୍ର; ବିନୀତ, ଶାଳୀନ; କ୍ରି.ବିଂ. suavely.

**suavity** ବି. ନମ୍ରତା, ଭଦ୍ରତା; ଶାଳୀନତା।

**sub** ସଂଶ. କ.ଭା. submarine ବୁଡାଜାହାଜ; subscription ଚାନ୍ଦା; substitute ବିକଳ୍ପ ବା ବଦଳ; sub-editor ସହ–ସମ୍ପାଦକ।

**sub–** ପୂ.ପ୍ର. ଶବ୍ଦର ପୂର୍ବରେ ଉପସର୍ଗଭଳି ସଂଯୁକ୍ତ ହୋଇ ଅଧୀନତା, ସହାୟକ ପ୍ରଭୃତି ଅର୍ଥପ୍ରକାଶ କରେ; ଉଦା. subordinate, sub-collector, subjugate.

**subaltern** ବି. କ୍ୟାପ୍‌ଟେନ୍ ନିମ୍ନସ୍ଥ ସାମରିକ କମିଶନ୍‌ଡ୍ ଅଫିସର; ଦ୍ୱିତୀୟ ଲେଫଟ୍‌ନାଣ୍ଟ।

**sub–aqua** ବିଂ. ଜଳନିମ୍ନସ୍ଥ (ପହଁରା ପ୍ରଭୃତି)।

**subaquatic** ବିଂ. ଜଳଗର୍ଭସ୍ଥ; ଜଳନିମ୍ନସ୍ଥ।

**subaqueous** ବିଂ. ଜଳରେ ରହୁଥିବା, ଘଟୁଥିବା, ବଢୁଥିବା, ଇତ୍ୟାଦି।

**subatomic** ବିଂ. ପରମାଣୁଠାରୁ କ୍ଷୁଦ୍ରତର; ପରମାଣୁ ଅନ୍ତର୍ଗତ।

**sub–collector** ବି. ଉପଜିଲ୍ଲାପାଳ।

**subcommittee** ବି. ଉପସମିତି; ଉପକମିଟି; ମୁଖ୍ୟକମିଟି ମଧ୍ୟରୁ ଗଠିତ ବିଶେଷ କାର୍ଯ୍ୟନିର୍ବାହୀ କମିଟି।

**subconscious** ମନ 1. ବି. ଅବଚେତନ; 2. ବିଂ. ଚେତନସ୍ତର ନୁହେଁ କିନ୍ତୁ କାର୍ଯ୍ୟାବଳୀକୁ ପ୍ରଭାବିତ କରୁଥିବା (ଅବଚେତନ)।

**subcontinent** ବି. ମହାଦେଶ ଆଖ୍ୟା ପାଇନଥିବା ବିଶାଳ ସ୍ଥଳଭାଗ, ଉପମହାଦେଶ, ମହାଦେଶର ସକଳ ବୈଶିଷ୍ଟ୍ୟ ଥିବା ସ୍ଥଳଭାଗ।

**subcontract** ବି. ମୂଳଚୁକ୍ତିର ଅଧୀନସ୍ଥ ଚୁକ୍ତି; ବୃହତ୍ତର ପ୍ରକଳ୍ପର କ୍ଷୁଦ୍ରତର କାର୍ଯ୍ୟ ନିମନ୍ତେ ଠିକା; ବି. subcontractor.

**subculture** ବି. ଏକ ବିଶାଳ ସଂସ୍କୃତିର ଅଂଶ; ଉପସଂସ୍କୃତି।

**subcutaneous** ବିଂ. ଚର୍ମନିମ୍ନସ୍ଥ।

**subdivide** କ୍ରି. ପୁନର୍ବିଭାଜନ କରିବା।

**subdivision** ବି. ଜିଲ୍ଲାର ଉପଖଣ୍ଡ; ପୁନର୍ବିଭାଜନ।

**subdue** କ୍ରି. ଜୟକରିବା; ପରାଭୂତ କରିବା; ଦବେଇଦେବା; ଦମନ କରିବା, ଅଧୀନସ୍ଥ କରିବା, ବଶୀଭୂତ କରିବା; ଉଗ୍ରତା ବା ତୀବ୍ରତା ହ୍ରାସ କରିବା।

**sub–edit** କ୍ରି. ସହ–ସଂପାଦକ କାର୍ଯ୍ୟ କରିବା।

**sub–editor** ବି. ସହ–ସଂପାଦକ; ସଂପାଦନା କାର୍ଯ୍ୟରେ ସହକାରୀ।

**subfusc** ଔପ. 1. ବିଂ. ମଳିନ ରଙ୍ଗ ବିଶିଷ୍ଟ; 2. ବି. କେତୋଟି ବିଶ୍ୱବିଦ୍ୟାଳୟରେ ପ୍ରଚଳିତ ଔପଚାରିକ ପୋଷାକ।

**subgroup** ବି. ଉପଗୋଷ୍ଠୀ।

**subhuman** ବିଂ. ଉପମାନବୀୟ; (ବ୍ୟବହାର, ବୁଦ୍ଧି ପ୍ରଭୃତିରେ) ସାଧାରଣ ମନୁଷ୍ୟଠାରୁ ନିକୃଷ୍ଟତର।

**subject** 1. ବି. ଆଲୋଚନା, ବର୍ଣ୍ଣନା ବା ପରିବେଷଣ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁ; ଗବେଷଣା

Digitized by srujanika@gmail.com

ବା ଅଧ୍ୟୟନର ବିଷୟ; ତର୍କ, ବ୍ୟା. କର୍ତ୍ତା; କୌଣସି ରାଜ୍ୟରେ ନାଗରିକ ବା ପ୍ରଜା; ଦ. ଉଦ୍ଦେଶ୍ୟ, ବିଷୟୀ, ଜ୍ଞାତା; 2. ବିଂ. ସର୍ତ୍ତମୂଳକ; ଆଜ୍ଞାଧୀନ; 3. କ୍ରି.ବିଂ. (to ସହ) ସର୍ତ୍ତାଧୀନ ଭାବରେ (subject to your willingness, I shall come); 4. କ୍ରି. ବାଧ୍ୟହେବା; ଦମନ କରିବା; ବି. subjection.

**subjective** 1. ବିଂ. (କଳା, ଇତିହାସ, ମତ ପ୍ରଭୃତି) ବ୍ୟକ୍ତିଗତ, ବ୍ୟକ୍ତିମୁଖୀ; ଆତ୍ମନିଷ୍ଠ; ବ୍ୟକ୍ତିନିଷ୍ଠ; ବ୍ୟା. କର୍ତ୍ତା ସଂକ୍ରାନ୍ତ; କ୍ରି.ବିଂ. subjectively; ବି. subjectivity.

**subjoin** କ୍ରି. ରଚନା ଶେଷରେ (ଚିତ୍ର ପ୍ରଭୃତି) ସଂଯୋଗ କରିବା ।

***sub judice*** ବିଂ. ଅଦାଲତରେ ବିଚାରାଧୀନ (ତେଣୁ ପ୍ରକାଶ୍ୟ ଆଲୋଚନା ପ୍ରଭୃତି ନିଷିଦ୍ଧ) । *(ଲା.)*

**subjugate** କ୍ରି. ବଶୀଭୂତ କରିବା; ପରାସ୍ତ କରିବା; ଜୟ କରିବା; ଅଧୀନସ୍ଥ କରିବା; ବି. subjugation, subjugator.

**subjunctive** 1. ବିଂ. ପଛରେ ଯୋଡାଯାଇଥିବା; ବ୍ୟା. କ୍ରିୟାର ଇଚ୍ଛା, କାମନା ପ୍ରଭୃତିର ରୂପ (If I were a king: be that as it may); 2. ବି. ସର୍ତ୍ତ ବା କ୍ରିୟାର ଏହି ରୂପ ।

**sublease** 1. ବି. ସିକିମିପଟ୍ଟା; ଦରପଟ୍ଟା; 2. ଜଣେ ପଟ୍ଟାଦାର ଆଉଜଣଙ୍କୁ ସର୍ତ୍ତମୂଳକ ଭୋଗ ଅଧିକାର ଦେବା ।

**sublet** କ୍ରି. ଭଡାରେ ନେଇ ଆଉଜଣକୁ ଭଡାଦେବା ।

**sub–lieutenant** ବି. ସବ୍‌–ଲେଫଟ୍‌ନେଣ୍ଟ, ଲେଫଟ୍‌ନେଣ୍ଟର ନିମ୍ନସ୍ଥ ସାମରିକ ଅଫିସର ।

**sublimate** 1. କ୍ରି. ଶୋଧନ କରିବା; ଉର୍ଦ୍ଧ୍ୱପାତନ କରିବା; ସା. (ଯୌନଶକ୍ତିକୁ) ସାମାଜିକ ମଙ୍ଗଳକର କାର୍ଯ୍ୟରେ ଲଗାଇବା; 2. ବି. ପରିଶୋଧିତ ବସ୍ତୁ; ବି. sublimation.

**sublime** 1. ବିଂ. ମହିମାନ୍ୱିତ; ଭୟ ବା ଶ୍ରଦ୍ଧା ଉଦ୍ରେକକାରୀ; ଶାନ୍ତ–ସମାହିତ; 2. କ୍ରି. ମହୀୟାନ୍ କରିବା; ଉର୍ଦ୍ଧ୍ୱପାତନ ଦ୍ୱାରା ଶୋଧନ କରିବା; ଦ୍ର. sublimate; କ୍ରି.ବିଂ. sublimely; ବି. sublimity.

**subliminal** ବିଂ. ମନଅବଚେତନ; ଅସଚେତନ; ଦ. ଅବସୀମ; କ୍ରି.ବିଂ. subliminally.

**sub–machine–gun** ବି. ହସ୍ତଚାଳିତ ହାଲୁକା ମେସିନ୍‌ଗନ୍ ।

**submarine** 1. ବି. ବୁଡାଜାହାଜ; 2. ବିଂ. ସମୁଦ୍ରତଳେ ସଂଘଟିତ; ଜଳନିମ୍ନ; ବି. submariner.

**submerge** 1. କ୍ରି. ବୁଡିବା ବା ବୁଡାଇବା; ନିମଜ୍ଜିତ କରିବା; (କାର୍ଯ୍ୟ, ସମସ୍ୟା ପ୍ରଭୃତିରେ) ବୁଡିଯିବା; ବି. submergence, submersion.

**submersible** 1. ବିଂ. ନିମଜ୍ଜନଯୋଗ୍ୟ; ନିମଜ୍ଜନସାଧ; 2. ବି. ବୁଡାଜାହାଜ; ଜଳସ୍ତରର ନିମ୍ନରେ କିଛିସମୟ ପାଇଁ କାର୍ଯ୍ୟକ୍ଷମ ପୋତ ବା ରଣତରୀ ।

**submicroscopic** ବିଂ. ଏତେ କ୍ଷୁଦ୍ରଯେ ସାଧାରଣ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିବା କଷ୍ଟକର ।

**submission** ବି. ସମର୍ପଣ; ଦାଖଲ; ସମର୍ପିତ ବସ୍ତୁ; ଆତ୍ମସମର୍ପଣ ମନୋବୃତ୍ତି; ଆତ୍ମସମର୍ପଣ; ଯାଚିକା; ନିବେଦନ ।

**submissive** ବିଂ. ବିନୀତ; ବଶ୍ୟ; ବାଧ୍ୟ; ନମ୍ର; ଆଜ୍ଞାକାରୀ; କ୍ରି.ବିଂ. submissively; ବି. submissiveness.

**submit** କ୍ରି. ବଶ୍ୟତା ସ୍ୱୀକାର କରିବା; ଅପର ହସ୍ତରେ ନିଜକୁ ସମର୍ପଣ କରିବା; ପ୍ରତିବାଦ ନ କରିବା; ବିଚାର ନିମନ୍ତେ ପ୍ରଦାନ କରିବା, ଦାଖଲ କରିବା ।

**subnormal** ବିଂ. ଅବସାଧାରଣ, ସ୍ୱାଭାବିକ ବୁଦ୍ଧି ବା ବିଚକ୍ଷଣତାରୁ କମ୍ ।

**subordinate** 1. ବିଂ. ପଦମର୍ଯ୍ୟାଦା ଓ କ୍ଷମତାରେ ନିମ୍ନସ୍ତରର; ଅପ୍ରଧାନ; ଅଧସ୍ତନ, କାହାରି ଅଧୀନରେ କାର୍ଯ୍ୟରତ କର୍ମଚାରୀ; ଗୌଣ; 2. ବି. ଅଧସ୍ତନ କର୍ମଚାରୀ; 3. କ୍ରି. ଅଧସ୍ତନ, ଗୌଣ ବା ନିମ୍ନସ୍ତରର ବ୍ୟକ୍ତି ଭାବରେ ବ୍ୟବହାର କରିବା ।

**subordinate clause** ବି. ବ୍ୟା. ବିଶେଷ୍ୟ, ବିଶେଷଣ ବା କ୍ରିୟାବିଶେଷଣ ଉପବାକ୍ୟ ।

**suborn** କ୍ରି. ଲାଞ୍ଚଦେଇ ଅପରାଧ କରିବାପାଇଁ ପ୍ରବର୍ତ୍ତାଇବା; ମିଥ୍ୟା ସାକ୍ଷ୍ୟଦେବା; ମିଥ୍ୟା ଶପଥ ବା ହଲପ କରିବା ।

Digitized by srujanika@gmail.com

**sub–plot** ବି. (ନାଟକ, ଉପନ୍ୟାସ ପ୍ରଭୃତିରେ) ଗୌଣ କଥାବସ୍ତୁ।

**subpoena** *ଆଇନ୍* 1. ବି. ସମନ; ଅଦାଲତରେ ହାଜର ହେବାପାଇଁ ଆଜ୍ଞାପତ୍ର; 2. କ୍ରି. ସମନ ଜାରି କରିବା।

**sub–registrar** ବି. ଉପନିବନ୍ଧକ, ଉପପଞ୍ଜୀୟକ।

***sub rosa*** କ୍ରି.ବିଂ., ବିଂ. ଗୁପ୍ତଭାବେ; ଗୋପନୀୟ ଭାବରେ। *(ଲା.)*

**subscribe** କ୍ରି. ତାଲିକାରେ ଦସ୍ତଖତ କରିବା; ଅନୁଷ୍ଠାନପ୍ରଭୃତିକୁ ନିୟମିତ ଚାନ୍ଦା ପ୍ରଦାନକରିବା; ପତ୍ରିକା ବା ପୁସ୍ତକର ନିୟମିତ ଗ୍ରାହକ ହେବା; ଚାନ୍ଦାଦେବା; (to ସହ) ସମ୍ମତ ହେବା।

**subscriber** ବି. ଗ୍ରାହକ; ଚାନ୍ଦା ପ୍ରଦାନକାରୀ ବ୍ୟକ୍ତି; ଟେଲିଫୋନ ବ୍ୟବହାରକାରୀ।

**subscriber trunk dialling (STD)** ବି. ଟେଲିଫୋନ୍ ଅପରେଟରର ବିନାସହାୟତାରେ ଦୂରସ୍ଥାନସହିତ ଟେଲିଫୋନ୍ ଯୋଗାଯୋଗ କରିପାରିବା।

**subscript** ବିଂ. ନିମ୍ନଲିଖିତ; ନିମ୍ନମୁଦ୍ରିତ।

**subscription** ବି. ଚାନ୍ଦା; ଚାନ୍ଦାପରିମାଣ।

**subsequent** ବିଂ. ପରବର୍ତ୍ତୀ; ଉତ୍ତରକାଳୀନ; କ୍ରି.ବିଂ. subsequently.

**subservient** ବିଂ. ଅଧୀନ; ସହାୟକ; କ୍ରୀତଦାସତୁଲ୍ୟ; ବି. subservience.

**subset** ବି. ଯେଉଁ ସେଟ୍‌ର ସମସ୍ତ ଉପାଦାନ ଅନ୍ୟ ଏକ ସେଟ୍‌ରେ ଉପସ୍ଥିତ।

**subside** କ୍ରି. ବୁଡାଇଦେବା; ବୁଡିଯିବା; ଶାନ୍ତ ହୋଇଯିବା; ହ୍ରାସ ପାଇଯିବା; ମିଳାଇଯିବା, (ମାଟି) ଧସିଯିବା; ବି. subsidence.

**subsidiary** 1. ବିଂ. ସାହାଯ୍ୟକାରୀ; ସହାୟକ; ଅତିରିକ୍ତ; 2. ବି. ଅନ୍ୟ ଏକ କଂପାନୀଦ୍ୱାରା ପରିଚାଳିତ କଂପାନୀ; ସହାୟକ ବା ଅତିରିକ୍ତ (ବ୍ୟକ୍ତି, ବସ୍ତୁ ପ୍ରଭୃତି)।

**subsidize** କ୍ରି. ଅର୍ଥ ସହାୟତା ଦେବା; ବୃତ୍ତି ପ୍ରଦାନ କରିବା; ଅର୍ଥ ସାହାଯ୍ୟଦେଇ ମୂଲ୍ୟ ଊଣା କରିବା।

**subsidy** ବି. ଅର୍ଥଗତ ସହାୟତା; ସରକାରୀ ସାହାଯ୍ୟ; (ଜିନିଷପତ୍ରର ଦରଦାମ ସ୍ଥିର ରଖିବାପାଇଁ) ସହାୟକ ମୂଲ୍ୟ, ଅନୁଦାନ।

**subsist** କ୍ରି. ତିଷ୍ଠି ରହିବା; ପ୍ରତିଷ୍ଠିତ ରହିବା; ଜୀବିତ ରହିବା; ପ୍ରାଣଧାରଣ କରିବା।

**subsistence** ବି. ବୃତ୍ତି; ଜୀବନଧାରଣର ସାଧନ; ଜୀବିକା।

**subsoil** ବି. ଭୂ–ସ୍ତରର ଠିକ୍ ତଳେଥିବା ମୃତ୍ତିକା।

**subsonic** ବି. ଶବ୍ଦର ଗତିଠାରୁ କମ୍।

**substance** ବି. ସାର; ସାରାଂଶ; ବସ୍ତୁ; ବିଷୟବସ୍ତୁ; ସଂପତ୍ତିବାଡି; ସାରବତ୍ତା; ଦ୍ରବ୍ୟ; in substance ସାଧାରଣତଃ; ମୂଳତଃ।

**substandard** ବିଂ. ସ୍ୱାଭାବିକ ବା ସାଧାରଣ ଗୁଣବତ୍ତା, ଆକାର ପ୍ରଭୃତିରେ ନ୍ୟୂନ ବା ନିକୃଷ୍ଟ।

**substantial** ବିଂ. ମୂଲ୍ୟବାନ୍; ବୃହଦାକାର; ନିଦା; ଶକ୍ତ, ବ୍ୟାବସାୟିକ ଭାବରେ ସଫଳ; ଗୁରୁତ୍ୱପୂର୍ଣ୍ଣ; ଧନୀ; ପ୍ରକୃତ ଅସ୍ତିତ୍ୱପୂର୍ଣ୍ଣ; ମୌଳିକ; କ୍ରି.ବିଂ. substantially.

**substantiate** କ୍ରି. ସତ୍ୟ ପ୍ରକାଶକରିବା ବା ପ୍ରମାଣ କରିବା; ବି. substantiation.

**substantive** ବିଂ. ସ୍ୱତନ୍ତ୍ର ଅସ୍ତିତ୍ୱ ବିଶିଷ୍ଟ; ବୃହତ୍; ମୌଳିକ; ପ୍ରକୃତ; ବାସ୍ତବ।

**substitute** 1. ବି. ବିକଳ୍ପ; ବଦଳ; ପ୍ରତିସ୍ଥାପିତ ବ୍ୟକ୍ତି; 2. କ୍ରି. ଜଣକସ୍ଥାନରେ ନିଯୁକ୍ତ କରିବା; ବି. substitution.

**substratum** ବି. ବ.ବ. substrata ଆଧାର; ମୌଳିକସ୍ତର ବା ବସ୍ତୁ।

**substructure** ବି. ମୌଳିକ ବା ଅନ୍ତର୍ନିହିତ ସହଯୋଗୀ ଗଢ଼ଣ ବା ଢାଞ୍ଚା।

**subsume** କ୍ରି. (ଦୃଷ୍ଟାନ୍ତ, ଧାରଣା ପ୍ରଭୃତି) ଅନ୍ତର୍ଭୁକ୍ତ କରିବା; ଶ୍ରେଣୀଭୁକ୍ତ କରିବା।

**subtenant** ବି. ସିକିମି ରୟତ; ଅନ୍ୟ କେହି ଭଡାରେ ନେଇଥିବା ଘର ଆଉଜଣେ ଭଡାରେ ନେବା ବ୍ୟବସ୍ଥା।

**subtend** କ୍ରି. *ଜ୍ୟା*(କୋଣ ବା ଚାପର) ବିପରୀତ ଦିଗରେ ବା ସମ୍ମୁଖରେ ରେଖା ରହିବା।

**subterfuge** ବି. ଛଳ; କପଟ; କପଟ କରି ନିନ୍ଦା ବା ଦୋଷରୁ ମୁକ୍ତହେବା; ଏଡ଼ାଇଯିବା, କୌଶଳ।

**subterranean** ବିଂ. ଭୂଅଭ୍ୟନ୍ତରସ୍ଥ; ଭୂଗର୍ଭସ୍ଥ।

**subterranean river** ବି. ଅନ୍ତଃସଳିଳା ନଦୀ।

**subtext** ବି. ଅନ୍ତର୍ନିହିତ କଥାବସ୍ତୁ ବା ଭାବସତ୍ତା।

**subtitle** ବି. ପୁସ୍ତକର ଉପନାମ ବା ଉପଶୀର୍ଷକ; ଚଳଚ୍ଚିତ୍ରର ଭାଷାନ୍ତରିତ ସଂଳାପ।

**subtle** ବିଂ. ସୂକ୍ଷ୍ମ; ରହସ୍ୟମୟ; ଦୁର୍ବୋଧ; ଅସ୍ପଷ୍ଟ; ସୂକ୍ଷ୍ମବୁଦ୍ଧି, ଅତିସୂକ୍ଷ୍ମ; କୌଶଳପୂର୍ଣ୍ଣ; ବି. subtelety.

Digitized by srujanika@gmail.com

**subtopia** ବି. ପଲ୍ଲୀଅଞ୍ଚଳକୁ ଶ୍ରୀହୀନକରୁଥିବା ବସତି ।

**subtract** କ୍ରି. ବିୟୋଗ କରିବା; ବଡସଂଖ୍ୟାରୁ ସାନସଂଖ୍ୟା ଫେଡିବା ।

**subtraction** ବି. ବିୟୋଗ; ଫେଡାଣ ।

**subtropical** ବିଂ. ବିଷୁବ ବା ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳର ନିକଟବର୍ତ୍ତୀ ଅଞ୍ଚଳ; ବି. subtropics ବ.ବ. ।

**suburb** ବିଂ. ସହରତଳି; ସହରର ପ୍ରାନ୍ତବର୍ତ୍ତୀ ବସ୍ତିଅଞ୍ଚଳ; ସହର ଉପକଣ୍ଠସ୍ଥ ବସତି ।

**suburban** ବି. ସହର ତଳିରେ ଅବସ୍ଥିତ; ସହରତଳି; ସହରତଳିସୁଲଭ; ଅବ. ଗାଉଁଲି; ବି. suburbanite.

**suburbia** ବି. ସହରତଳିର ଜୀବନଯାତ୍ରା; ସେଠି ବସବାସ କରୁଥିବା ଜନସାଧାରଣ ।

**subvention** ବି. ପ୍ରତିଷ୍ଠାନକୁ ଅର୍ଥସାହାଯ୍ୟ, ଆର୍ଥିକ ସହଯୋଗ ।

**subversive** 1. ବିଂ. (ସରକାର ବା ପ୍ରଶାସନିକ ବ୍ୟବସ୍ଥାକୁ) ପରାଭୂତ ବା ଧ୍ୱଂସ କରିବା ନିମନ୍ତେ ଉଦ୍ଦିଷ୍ଟ, ବିଧ୍ୱଂସକାରୀ; 2. ବି. ଧ୍ୱଂସକାରୀବ୍ୟକ୍ତି; ବି. subversion; କ୍ରି.ବିଂ. subversively; ବି. subversiveness.

**subvert** କ୍ରି. (ସରକାର ବା ଶାସନବ୍ୟବସ୍ଥାକୁ) ପରାଭୂତ କରିବା; ଧ୍ୱଂସ କରିବା ବା ଦୁର୍ବଳ କରିଦେବା ।

**subway** ବି. ଭୂତଳପଥ, ବିଶେ. ପଦଚାରୀଙ୍କ ପାଇଁ; ଆମେ. ଭୂତଳ ରେଳବ୍ୟବସ୍ଥା ।

**subzero** ବି. ଶୂନ୍ୟ ଡିଗ୍ରୀ ସେଲ୍‌ସିୟସଠାରୁ କମ୍ ତାପମାତ୍ରା ।

**suc–** ପୂ.ପ୍ର. =sub–; cରେ ଆରମ୍ଭ ହେଉଥିବା ଶବ୍ଦରେ ବ୍ୟବହୃତ ( ଉଦା. succumb).

**succeed** କ୍ରି. ସଫଳତା ଲାଭ କରିବା; କ୍ରମରେ ଆସିବା; ଅନୁସରଣ କରିବା; ପଦପଦବୀ, ସଂପତ୍ତି ବା ଉତ୍ତରାଧିକାର ପ୍ରାପ୍ତହେବା; ବିଜୟପ୍ରାପ୍ତ କରିବା; ସଫଳହେବା ।

**success** ବି. ସଫଳତା; ସିଦ୍ଧି; ସଂପଦ, ପ୍ରତିଷ୍ଠା, ପଦ ବା ସମ୍ମାନ ହାସଲ କରିବା; ସଫଳ ବ୍ୟକ୍ତି ବା ବସ୍ତୁ ।

**successful** ବିଂ. ସଫଳ, ସମୃଦ୍ଧ; କ୍ରି.ବିଂ. successfully.

**succession** ବି. ଅନୁକ୍ରମ; ପରଂପରା; ଉତ୍ତରାଧିକାର; ଉତ୍ତରାଧିକାରୀ; in succession ଗୋଟିକ ପରେ ଗୋଟିଏ; in succession to ଉତ୍ତରାଧିକାରୀ ଭାବରେ ।

**successive** ବି. କ୍ରମବଦ୍ଧ; ଧାରାବାହିକ; କ୍ରମାନ୍ୱୟ; କ୍ରି.ବିଂ. successively.

**successor** ବି. ପରଂପରାକ୍ରମେ ଆଗତ ବ୍ୟକ୍ତି ବା ବସ୍ତୁ; ଉତ୍ତରାଧିକାରୀ ।

**succinct** ବିଂ. ସଂକ୍ଷିପ୍ତ; ପରିମିତ; ଟିପା(ପୋଷାକ); କ୍ରି.ବିଂ. succintness.

**succour** 1. ବି. ଦୁର୍ଦ୍ଦଶାକାଳରେ ସାହାଯ୍ୟ; 2. କ୍ରି. ଆବଶ୍ୟକତା ସମୟରେ ସାହାଯ୍ୟପ୍ରଦାନ କରିବା ।

**succubus** ବି. ପୁ ନିଦ୍ରିତପୁରୁଷସହ ରତିକ୍ରୀଡା କରୁଥିବା ରାକ୍ଷସୀ ।

**succulent** 1. ବିଂ. ସରସ; ରସାଳ; ରସମୟ; 2. ବି. (ଉଦ୍‌ଭିଦ ବିଜ୍ଞାନ) ମୋଟା ମାଉଁସିଆ, ପତ୍ରପ୍ରଭୃତିଥିବା ଉଦ୍‌ଭିଦ; ବି. succulence.

**succumb** କ୍ରି. ବଶୀଭୂତହେବା (to temptation); ମୃତ୍ୟୁବରଣ କରିବା (to his injuries).

**such** 1. ବିଂ. ଏହି ଜାତୀୟ; ଅନୁରୂପ; ପୂର୍ବୋଲ୍ଲିଖିତ; ଏଭଳି; 2. ସ. ଅମୁକ ବ୍ୟକ୍ତି ବା ବସ୍ତୁ; as such ପୂର୍ବରୁ କୁହାଯାଉଥିବା ଭଳି; ସେଭଳି; such as ଉଦାହରଣ ସ୍ୱରୂପ ।

**such–and–such** ବି. ଅମୁକସମୁକ (ବ୍ୟକ୍ତି ବା ପ୍ରାଣୀ) ।

**suchlike** କ.ଭା. 1. ବିଂ. ଅନୁରୂପ; ଏହିପରି; 2. ବି. ଏହିପରି ବସ୍ତୁ, ବ୍ୟକ୍ତି ପ୍ରଭୃତି ।

**suck** କ୍ରି. ଶୋଷିବା; ଶୋଷି ପାନ କରିବା; ଶୋଷଣ କରିବା; ସ୍ତନ୍ୟପାନ କରିବା; ଚୁଚୁମିବା; ନିଷ୍କାସନ କରିବା; suck in ଶୋଷିନେବା; କାହାକୁ ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟରେ ଲଗାଇବା; suck up ଶୋଷିନେବା ବା ଟାଣିନେବା; କ.ଭା.ଦାସଭଳି ବ୍ୟବହାର କରିବା; suck up to ସା.ପ୍ର. ତୋଷାମଦ କରିବା; ଖୋସାମଦ କରି ସ୍ୱାର୍ଥ ହାସଲ କରିବା ।

**suckdry** କ୍ରି. ଶୋଷି ଶୁଖାଇଦେବା ।

**sucker** ବି. ନିର୍ବୋଧ ବା ସରଳବିଶ୍ୱାସୀ ବ୍ୟକ୍ତି; ଶୋଷକ; ନିଷ୍କାସକ; ସ୍ତନ୍ୟପାୟୀ; ନବଜାତ ସ୍ତନ୍ୟପାୟୀ ପ୍ରାଣୀ; ମୂଳର ସୂକ୍ଷ୍ମ ଚେର (ଯେ ମାଟିତଳୁ ତରଳ ପଦାର୍ଥ ଟାଣିଆଣେ) ।

**suckle** କ୍ରି. ସ୍ତନ୍ୟପାନ କରାଇବା ବା କରିବା ।

**suckling** ବି. ଦୁଗ୍ଧପୋଷ୍ୟ ଶିଶୁ ବା ପ୍ରାଣୀ ।

**sucrose** ବି. ଆଖୁ ପ୍ରଭୃତିର ଶର୍କରା ।

Digitized by srujanika@gmail.com

**suction** ବି. ଶୋଷଣ; ସ୍ତନ୍ୟପାନ; ବାୟୁର ଚାପ କମାଇ ତରଳପଦାର୍ଥ ଟାଣିବା ପଦ୍ଧତି ।

**suction pipe** ବି. ତରଳପଦାର୍ଥ ଟାଣିବା ନିମନ୍ତେ ବ୍ୟବହୃତ ନଳବିଶେଷ ।

**Sudanese** 1. ବି. ସୁଦାନଦେଶର ବାସିନ୍ଦା; 2. ବିଂ. ସୁଦାନ୍‌ର ।

**sudden** ବିଂ. ହଠାତ୍, ଆକସ୍ମିକ; ଅପ୍ରତ୍ୟାଶିତ; all of a sudden ହଠାତ୍, ଅପ୍ରତ୍ୟାଶିତ ଭାବରେ; କ୍ରି.ବିଂ. suddenly; ବି. suddenness.

**sudorific** 1. ବିଂ. ଝାଳବୁହା; 2. ବି. ଘର୍ମନିଃସାରକ ଔଷଧ ।

**suds** ବି. ବ.ବ. ସାବୁନ୍‌ଫେଣ, ସାବୁନ୍‌ଫେଣ ମିଶାପାଣି; ବିଂ. sudsy.

**sue** କ୍ରି. ଅଦାଲତରେ ଅଭିଯୋଗ ବା ମାମଲା କରିବା; ନ୍ୟାୟପାଇଁ ଆବେଦନ କରିବା; ପ୍ରଣୟପ୍ରାର୍ଥନା କରିବା; ସୁବିଧାସୁଯୋଗ ପାଇଁ ପ୍ରାର୍ଥନା କରିବା ।

**suede** ବି. ସଲୋମ ଚର୍ମ; ଏହାର ଅନୁକରଣରେ ନିର୍ମିତ କପଡ଼ା ।

**suet** ବି. ଷଣ୍ଢ ବା ମେଣ୍ଢା ପ୍ରଭୃତି ଜୀବଙ୍କ ମୂତ୍ରାଶୟ ବା ବୃକ୍କ ପରିବେଷ୍ଟନ କରୁଥିବା ଶକ୍ତ ଚର୍ବି; ବିଂ. suety.

**suffer** କ୍ରି. ଯନ୍ତ୍ରଣା, ଦୁଃଖ ବା ଶାସ୍ତି ପ୍ରଭୃତି ଭୋଗିବା; ପରାଜୟ, ଦୁଃଖ, ଯନ୍ତ୍ରଣା ପ୍ରଭୃତି ସହ୍ୟକରିବା; ବରଦାସ୍ତ କରିବା; ବି. sufferer.

**sufferance** ବି. ନୀରବ ସମ୍ମତି; ଅନାପତ୍ତିମୂଳକ ଅନୁମତି ।

**suffice** କ୍ରି. ପର୍ଯ୍ୟାପ୍ତହେବା; ଯଥେଷ୍ଟ ହେବା; ଯଥାଯୋଗ୍ୟ ହେବା; ପ୍ରୟୋଜନ ମେଣ୍ଟାଇବା; suffice it to say ମୁଁ ଏତିକି କେବଳ କହିପାରେ ଯେ ।

**sufficiency** ବି. ପର୍ଯ୍ୟାପ୍ତତା; ସକ୍ଷମତା; ସ୍ୱଚ୍ଛଳତା ।

**sufficient** ବି. ପର୍ଯ୍ୟାପ୍ତ; ଯଥାଯୋଗ୍ୟ; ଯଥେଷ୍ଟ; କ୍ରି.ବିଂ. sufficiently.

**suffix** ବି. ନୂତନଶବ୍ଦ ଗଠନ ପାଇଁ ପଶ୍ଚାତ୍ ପ୍ରତ୍ୟୟ; ଉଦା. quick*ly*, brown*ish*.

**suffocate** କ୍ରି. ଶ୍ୱାସରୋଧ କରିବା; ଶ୍ୱାସରୁଦ୍ଧ ହୋଇ ମୃତ୍ୟୁହେବା; ଅଣନିଃଶ୍ୱାସୀ ହେବା; ବିଂ. suffocating.

**suffocation** ବି. ଶ୍ୱାସରୋଧ ।

**suffragan** ବି. ବିଶପ୍‌ଙ୍କ ସହକାରୀ ।

**suffrage** ବି. ପରଲୋକଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା, ରାଜନୈତିକ ଭୋଟ ଅଧିକାର; କ୍ଷୁଦ୍ର ଯାଚିକା ବା ନିବେଦନ ।

**suffragette** ବି.ଇତି. ମହିଳାମାନଙ୍କ ଭୋଟାଧିକାର ନିମିତ୍ତ ଆନ୍ଦୋଳନ କରିଥିବା ମହିଳା ।

**suffuse** କ୍ରି. (ରଙ୍ଗ, ବାଷ୍ପପ୍ରଭୃତି) ବ୍ୟାପିଯିବା; ବି. suffusion.

**Sufi** ବି. ଇ. ରହସ୍ୟବାଦୀ ମୁସଲମାନ ଭକ୍ତସଂପ୍ରଦାୟ; ସୁଫି; ବିଂ. Sufic.

**Sufism** ବି. ସୁଫିବାଦ ।

**sug–** ପୂ.ପ୍ର. =sub–; gରେ ଆରମ୍ଭ ହେଉଥିବା ଶବ୍ଦରେ ପ୍ରଯୁକ୍ତ ପୂର୍ବପ୍ରୟୋଗ, ଉଦା. suggest.

**sugar** 1. ବି. ଚିନି; ଶର୍କରା; କ.ଭା. ପ୍ରିୟେ; 2. କ୍ରି. ଚିନି ମିଶାଇବା ।

**sugar beet** ବି. ଏକପ୍ରକାର ବିଟ୍ ଯାହା ମୂଳରୁ ଶର୍କରା ମିଳିଥାଏ ।

**sugarcane** ବି. ଆଖୁ; କୁଶାରି ।

**sugar–daddy** ବି. ଗ୍ରା.ପ୍ର. କୌଣସି ଯୁବତୀକୁ ଅକାତରଭାବରେ ଉପହାର ପ୍ରଦାନ କରୁଥିବା ବୟସ୍କବ୍ୟକ୍ତି ।

**sugary** ବି. ଚିନିପରି; ଅତ୍ୟଧିକ ମିଠା; ଭାବପ୍ରବଣ; ବି. sugariness.

**suggest** କ୍ରି. ପ୍ରସ୍ତାବ କରିବା; ସୂଚନାଦେବା; ସଂକେତ କରିବା; ଧାରଣା କରାଇବା; ସ୍ମରଣ କରାଇବା, suggest itself ମନକୁ ଆସିବା; ମନେପଡିବା ।

**suggestible** ବିଂ. ସହଜରେ ପ୍ରଭାବିତ; ପ୍ରସ୍ତାବଯୋଗ୍ୟ, ପ୍ରସ୍ତାବପାଇଁ ଉନ୍ମୁକ୍ତ; ବି. suggestibility.

**suggestion** ବି. ପ୍ରସ୍ତାବ; ଇଂଗିତ; ସଂକେତ; ଧାରଣା; ସୂଚନା, ପ୍ରସ୍ତାବିତ ବିଷୟ; ମନ. ଅଭିଭାବ; ଅଭିଭାବନ; ଧାରଣା, ବିଶ୍ୱାସପ୍ରଭୃତି ମନରେ ଆରୋପଣ ।

**suggestive** ବିଂ. ସଂକେତପୂର୍ଣ୍ଣ; ଇଙ୍ଗିତପୂର୍ଣ୍ଣ, ଅଶାଳୀନ (କଥା, ମନ୍ତବ୍ୟ, ଥଟ୍ଟାମଜା ପ୍ରଭୃତି) ।

**suicidal** ବିଂ. ଆତ୍ମହତ୍ୟାମୂଳକ; ଆତ୍ମଘାତୀ; ଆତ୍ମହତ୍ୟାର ମନୋସ୍ଥିତି ସଂପନ୍ନ ।

Digitized by srujanika@gmail.com

**suicide** ବି.ଆତ୍ମହତ୍ୟା; ଆତ୍ମହତ୍ୟାକାରୀ; ନିଜର ପ୍ରତିଷ୍ଠା ଓ ପ୍ରଭାବକୁ ନଷ୍ଟ କରିବା; ଆତ୍ମଘାତୀ କାର୍ଯ୍ୟ।

***sui generis*** ବିଂ. ଅନନ୍ୟ; ଅତୁଳନୀୟ। (ଲା.)

**suit** 1. ବି. ଗୋଟିଏ ପ୍ରକାର କନାରେ ପ୍ରସ୍ତୁତ ସଂପୂର୍ଣ୍ଣ ପୋଷାକ; କୌଣସି ବିଶେଷ ଉଦ୍ଦେଶ୍ୟରେ ପରିହିତ ପୋଷାକ; *ପ୍ରା.ପ୍ର.* ପ୍ରଣୟ ନିବେଦନ; ଯାଚନା; ନିବେଦନ; *ଆଇନ* ଅଦାଲତରେ ଅଭିଯୋଗ; 2. *କ୍ରି.* ମାନିବା; ଶୋଭନହେବା; ଆଗେଇଯିବା; ଯଥାଯୋଗ୍ୟ ହେବା; suit oneself ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିବା।

**suitable** ବିଂ. ଉପଯୁକ୍ତ; ଯଥାଯଥ; ସମୀଚୀନ; ଯଥାଯୋଗ୍ୟ; *କ୍ରି.ବିଂ.* suitably.

**suitability** ବି. ଉପଯୁକ୍ତତା; ଯୋଗ୍ୟତା; ସମୀଚୀନତା।

**suitcase** ବି. ପୋଷାକପରିଚ୍ଛଦ ପ୍ରଭୃତି ରଖି ନିଆଅଣା କରିହେଉଥିବା ବାକ୍ସ ବା ସୁଟ୍‌କେଶ୍।

**suite** ବି. କକ୍ଷସମୂହ; ସୋଫା ଏବଂ ଆରାମଚୌକି ଏକତ୍ର; ଅନୁଚରବୃନ୍ଦ; ବାଦ୍ୟବୃନ୍ଦର ଏକତ୍ର ପରିବେଷଣ।

**suitor** ବି. ଆବେଦକ; ଅଦାଲତରେ ଦରଖାସ୍ତକାରୀ; ପ୍ରଣୟ ବା ପରିଣୟ ପ୍ରାର୍ଥୀ।

**sulfa** *ଆମେ.* ଦ୍ରଷ୍ଟ. sulpha.

**sulfur** *ଆମେ.* ଦ୍ରଷ୍ଟ. sulphur.

**sulk** *କ୍ରି.* ଚାପାକ୍ରୋଧରେ ଗୁମ୍ ହୋଇଯିବା; ମୁହଁ ଭାରୀ କରିବା; ରୁଷିବା।

**sulky** ବିଂ. (ରାଗ, କ୍ଷୋଭ ବା ଅଭିମାନରେ) ନୀରବରେ ଗୁମ୍‌ମାରି ରହିବା; *କ୍ରି.ବିଂ.* sulkily; ବି. sulkiness.

**sullen** ବିଂ. ଉଦାସ; ବିଷଣ୍ଣ, ଅପ୍ରସନ୍ନ; *କ୍ରି.ବିଂ.* sullenly; ବି. sullenness.

**sully** *କ୍ରି.* ଦୂଷିତ କରିବା; ଅଶୁଦ୍ଧ କରିବା।

**sulpha** ବି. *ଆମେ.* sulfa; *ଦ୍ର.* sulphonamide.

**sulphate** ବି. *ଆମେ.* sulfate ବି. ଗନ୍ଧକାମ୍ଳର ଲବଣ।

**sulphide** ବି. *ଆମେ.* sulfide ସଲ୍‌ଫରର ଯୌଗିକ।

**sulphite** ବି. *ଆମେ.* sulfite ସଲ୍‌ଫରସ୍ ଏସିଡ୍‌ର ଲବଣ।

**sulphonamide** ବି. *ଆମେ.* sulfonamide ଗନ୍ଧକଯୁକ୍ତ ଯେକୌଣସି ଏଣ୍ଟିବାୟୋଟିକ୍ ଔଷଧ।

**sulphur** ବି. *ଆମେ.* sulfur ଗନ୍ଧକ; ନୀଳଶିଖା ସହିତ ଜଳୁଥିବା ଏବଂ ଶ୍ୱାସରୁଦ୍ଧକାରୀ ଗନ୍ଧ ତ୍ୟାଗ କରୁଥିବା ଈଷଦ୍ ହଳଦିଆରଙ୍ଗର ଅଣଧାତବ ଉପାଦାନ ବିଶେଷ; ଅନୁଜ୍ଜ୍ୱଳ ସବୁଜାଭ ପୀତ ରଙ୍ଗ।

**sulphureous** ବି. *ଆମେ.* sulfureous ଗନ୍ଧକପୂର୍ଣ୍ଣ, ଗନ୍ଧକବତ୍, ଗନ୍ଧକଭଳି।

**sulphuric** ବିଂ. *ରସା. ଆମେ.* sulfuric ଗନ୍ଧପପୂର୍ଣ୍ଣ (ଛ'ଭେଲେନ୍‌ସିଯୁକ୍ତ)।

**sulphuric acid** ବି. *ରସା.* ଗନ୍ଧକାମ୍ଳ।

**sulphurous** ବିଂ. *ରସା. ଆମେ.* sulfurous ଗନ୍ଧକପୂର୍ଣ୍ଣ, ଗନ୍ଧକଭଳି; ଚାରିଭେଲେନ୍‌ସି ଥିବା ଗନ୍ଧକଯୁକ୍ତ।

**sulphurous acid** ବି. ଏକପ୍ରକାର ଲଘୁ ଗନ୍ଧକାମ୍ଳ।

**sultan** ବି. ସୁଲତାନ; ମୁସଲମାନ ରାଜା।

**sultana** ବି. ସୁଲତାନ୍‌ଙ୍କ ମା, ଭଉଣୀ, କନ୍ୟା ବା ରକ୍ଷିତା; (ମଂଜିବିହୀନ) କିସ୍‌ମିସ୍।

**sultanate** ବି. ସୁଲତାନଙ୍କ ପଦବୀ, ଶାସନକାଳ ବା ରାଜ୍ୟ।

**sultry** ବି. ଗରମ ଓ ଝାଳୁଆ (ଆବହାଓ୍ୱା); ଗୁଳୁଗୁଳିଆ; ଗୁମୁଟିଆ; କାମୁକ ବା ଇନ୍ଦ୍ରିୟପରାୟଣ (ବ୍ୟକ୍ତି)।

**sum** 1. ବି. ଯୋଗଫଳ; ମିଶାଣଫଳ; ଅର୍ଥର ନିର୍ଦ୍ଦିଷ୍ଟ ପରିମାଣ; ପାଟୀଗଣିତ; 2. *କ୍ରି.* ଯୋଗକରିବା; ମିଶାଣକରିବା; in sum ସଂକ୍ଷେପରେ; sum up ବ୍ୟକ୍ତି ବା ଘଟଣା ଉପରେ ମତାମତ ଦେବା ବା ବିଚାର ପ୍ରକଟ କରିବା; ସାରାଂଶ କହିବା ବା ଲେଖିବା; ପ୍ରଧାନପ୍ରଧାନ ଅଂଶ ସଂକ୍ଷେପରେ ବର୍ଣ୍ଣନା କରିବା।

**sumac, sumach** ବି. ଆରବ ଅଞ୍ଚଳର ଏକ ଗୁଳ୍ମ ଯାହାର ନାଲିଆଫଳ ମସଲାଭାବରେ ଏବଂ ଶୁଷ୍କପତ୍ରର ଗୁଣ୍ଡ ରଙ୍ଗ ଦେବାରେ ବା ଚମଡା କଷ କରିବାରେ ବ୍ୟବହୃତ ହୁଏ।

**summarize** *କ୍ରି.* ସଂକ୍ଷେପ କରିବା; ସଂକ୍ଷେପରେ ପ୍ରକାଶ କରିବା; ସାରାଂଶ ପ୍ରକାଶ କରିବା।

**summary** 1. ବି. ସାରାଂଶ, ସଂକ୍ଷିପ୍ତସାର; 2. ବିଂ. ସଂକ୍ଷିପ୍ତ; *କ୍ରି.ବିଂ.* summarily.

Digitized by srujanika@gmail.com

**summation** ବି. ଯୋଗ; ସମଷ୍ଟି ନିର୍ଣ୍ଣୟ; ସାରାଂଶ ବା ସଂକ୍ଷିପ୍ତସାର।
**summer** ବି. ଗ୍ରୀଷ୍ମକାଳ; ଜୀବନର ପରିପକ୍ୱ ସମୟ; ବିଂ. summery.
**summer-house** ବି. ଗ୍ରୀଷ୍ମାବାସ; ରୌଦ୍ର ତାପର ରକ୍ଷାନିମିତ୍ତ ଉଦ୍ୟାନମଧ୍ୟରେ ନିର୍ମିତ କୁଟୀର ବା ଘର।
**summer school** ବି. ଗ୍ରୀଷ୍ମଅବକାଶରେ ବିଶ୍ୱବିଦ୍ୟାଳୟରେ ପ୍ରଦତ୍ତ ବକ୍ତୃତାମାଳା ବା ସ୍ୱଳ୍ପକାଳୀନ ପାଠ୍ୟକ୍ରମ।
**summertime** ବି. ଗ୍ରୀଷ୍ମକାଳ ବା ଗ୍ରୀଷ୍ମକାଳୀନ ପାଗ।
**summer time** ବି. ମାର୍ଚ୍ଚରୁ ଅକ୍ଟୋବର (ଯେତେବେଳେ ଘଣ୍ଟାର ସମୟ ଏକଘଣ୍ଟା ବଢ଼ାଇ ଦିଆଯାଇଥାଏ)।
**summit** ବି. ସର୍ବୋଚ୍ଚ ବିନ୍ଦୁ; ଶୀର୍ଷ; ଶିଖର; ଜୀବନକାଳର ସର୍ବୋଚ୍ଚ ଉନ୍ନତି।
**summit meeting (talks)** ବି. ଶିଖର ସମ୍ମିଳନୀ; ରାଷ୍ଟ୍ରମୁଖ୍ୟମାନଙ୍କର ସମ୍ମିଳନୀ ଏବଂ ଆଲୋଚନା।
**summon** କ୍ରି. ଡାକିବା; ଆହ୍ୱାନ କରିବା; ତଲବ କରିବା; ଅଦାଲତରେ ଉପସ୍ଥିତ ହେବାପାଇଁ ଆଦେଶ କରିବା; (ସାହସ, ଶକ୍ତି) ସଂଗ୍ରହ କରିବା।
**summons** 1. ବି. ବ.ବ. summonses ଉପସ୍ଥିତ ହେବାନିମିତ୍ତ ହୁକୁମ; ସମନ; କାର୍ଯ୍ୟାଦେଶ; 2. କ୍ରି. *ଆଇନ୍* ସମନ ଜାରି କରିବା।
**sump** ବି. ଇଂଜିନ୍‌ର ତେଲଟାଙ୍କିର ଆବରଣ; ଗାତ, କୂପପ୍ରଭୃତି ଯେଉଁଠି ଅତିରିକ୍ତ ତୈଳ ସଂଗୃହୀତ ହୋଇଥାଏ।
**sumptuary** ବିଂ. ବ୍ୟୟ ନିୟନ୍ତ୍ରକ (ବିଶେ. ଘରୋଇ ସଂସ୍କାର)।
**sumptuous** ବିଂ. ମହାର୍ଘ; ବିପୁଳ; ବିଳାସପୂର୍ଣ୍ଣ; ବ୍ୟୟବହୁଳ; କ୍ରି.ବିଂ. sumptuously; ବି. sumptuousness.
**sun** 1. ବି. ସୂର୍ଯ୍ୟ; ସୂର୍ଯ୍ୟତାପ, ରୌଦ୍ର; ସୂର୍ଯ୍ୟାଲୋକ; ଯେକୌଣସି ନକ୍ଷତ୍ର; 2. କ୍ରି. ଖରାରେ ଶୁଖାଇବା; ସୂର୍ଯ୍ୟସ୍ନାନ କରିବା; ଖରା ପୋଇଁବା; under the sun ପୃଥିବୀର ଯେକୌଣସି ସ୍ଥାନରେ; ବିଂ. sunless.
**sunbathe** କ୍ରି. ସୂର୍ଯ୍ୟସ୍ନାନ କରିବା; ଖରା ପୋଇଁବା (ବିଶେ. ଶ୍ୱେତାଙ୍ଗ ମହିଳାମାନେ ନିଜ ଶରୀରର ରଙ୍ଗ ତାମ୍ର ବା ପିଙ୍ଗଳବର୍ଣ୍ଣ କରିବାପାଇଁ); ବି. sunbather.
**sunblock** ବି. ସୂର୍ଯ୍ୟତାପରୁ ଚର୍ମକୁ ରକ୍ଷାକରିବା ପାଇଁ ବ୍ୟବହୃତ ମଲମ।
**sunburn** ବି. ଅତ୍ୟଧିକ ସୂର୍ଯ୍ୟତାପଯୋଗୁଁ ଚର୍ମ ପିଙ୍ଗଳବର୍ଣ୍ଣ ହୋଇଯିବା ବା ପ୍ରଦାହ ହେବା।
**sundae** ବି. ଫଳ, କାଜୁ ପ୍ରଭୃତି ଦିଆ ଆଇସ୍‌କ୍ରିମ୍।
**Sunday** 1. ବି. ରବିବାର, ସପ୍ତାହର ପ୍ରଥମଦିନ (ଖ୍ରୀଷ୍ଟିଆନ୍‌ମାନଙ୍କ ପାଇଁ ପବିତ୍ର ଏବଂ ଉପାସନା ପାଇଁ ଉଦ୍ଦିଷ୍ଟ); *କ.ଭା.* ରବିବାସରୀୟ ସଂବାଦପତ୍ର; 2. କ୍ରି.ବିଂ. *କ.ଭା.* ରବିବାରଦିନ; ପ୍ରତ୍ୟେକ ରବିବାରଦିନ।
**Sunday best** ବି. (ବ୍ୟକ୍ତିର) ସବୁଠାରୁ ଭଲ ପୋଷାକ (ଯାହା ସେ ରବିବାରଦିନ ପିନ୍ଧି ଗୀର୍ଜାକୁ ଯାଇଥାଏ)।
**Sunday school** ବି. ଶିଶୁମାନଙ୍କର ଆଧ୍ୟାତ୍ମିକ ଶିକ୍ଷା ପାଇଁ ରବିବାସରୀୟ ପାଠ୍ୟକ୍ରମ।
**sunder** କ୍ରି. *ପ୍ରା.ପ୍ର. ସାହି.* ପୃଥକ୍ ବା ବିଚ୍ଛିନ୍ନ କରିବା।
**sundial** ବି. ଜଣ୍ଟାର ଛାଇଦ୍ୱାରା ସମୟ ନିରୂପଣ କରାଯାଉଥିବା ଯନ୍ତ୍ର; ସୂର୍ଯ୍ୟଘଡ଼ି; ସୂର୍ଯ୍ୟଘଣ୍ଟା।
**sundown** ବି. ସୂର୍ଯ୍ୟାସ୍ତ, ସଂଧ୍ୟା।
**sundry** 1. ବିଂ. ବିଭିନ୍ନ, ଅନେକ, ବିବିଧ; 2. ବି. ବ.ବରେ ଅଗଡମ୍‌ବଗଡମ୍; ଗୋଟିଗୋଟି କରି ନାମୋଲ୍ଲେଖ ନ କରି ବୁଝାଯାଉଥିବା ବିଭିନ୍ନପ୍ରକାରର ବସ୍ତୁ।
**sunfish** ବି. ଗୋଲାକାର ମାଛ ବିଶେଷ।
**sunflower** ବି. ସୂର୍ଯ୍ୟମୁଖୀ ଫୁଲ।
**sung** କ୍ରି. singର *ଅ.କ୍ରି.କ.ପ.।*
**sunglases** ବି. ବ.ବ. ଆଖିକୁ ସୂର୍ଯ୍ୟାଲୋକର ଔଜ୍ଜ୍ୱଲ୍ୟରୁ ରକ୍ଷା କରିବାପାଇଁ ଉଦ୍ଦିଷ୍ଟ କଳା ବା ରଙ୍ଗୀନ ଚଷମା।
**sunk** କ୍ରି. sink କ୍ରିୟାର *ଅ.କା.* ଏବଂ *ଅ.କ୍ରି.କ.ପ.।*
**sunken** ବିଂ. ନିମ୍ନସ୍ତରସ୍ଥିତ; ପାଣିରେ ନିମଜ୍ଜିତ; ଠାକୁଆ (ଗାଲ)।
**sunless** ବିଂ. ସୂର୍ଯ୍ୟାଲୋକବିହୀନ।
**sunlight** ବି. ସୂର୍ଯ୍ୟାଲୋକ।
**sunlit** ବିଂ. ସୌରାଲୋକିତ; ସୂର୍ଯ୍ୟକିରଣରେ ଆଲୋକିତ।

Digitized by srujanika@gmail.com

**Sunni** ବି. *ଇ.* ଦୁଇମୁଖ୍ୟ ମୁସଲମାନ ସଂପ୍ରଦାୟ ମଧ୍ୟରେ ଗୋଟିଏ; ସୁନି ସଂପ୍ରଦାୟ (କେବଳ କୋରାନ୍ ନୁହେଁ, ମହାପୁରୁଷ ମହମ୍ମଦଙ୍କ ବାଣୀ ଏବଂ କାର୍ଯ୍ୟ ମଧ୍ୟ ଧର୍ମନୀତି ପାଇଁ ଆଧାର ବୋଲି ବିଶ୍ୱାସୀ)।

**sunny** ବିଂ. ସୂର୍ଯ୍ୟାଲୋକଦ୍ୱାରା ଆଲୋକିତ ବା ଉଷ୍ଣ; ଉଜ୍ଜ୍ୱଳ; ପ୍ରଫୁଲ୍ଲ।

**sunrise** ବି. ସୂର୍ଯ୍ୟୋଦୟ; ସୂର୍ଯ୍ୟୋଦୟ ସମୟ।

**sun-roof** ବି. (ମଟରଗାଡ଼ିର) ଉନ୍ମୁକ୍ତ ହୋଇପାରୁଥିବା ଛାତ (ସୂର୍ଯ୍ୟାଲୋକ ପ୍ରବେଶ କରିବାପାଇଁ)।

**sunset** ବି. ସୂର୍ଯ୍ୟାସ୍ତ; ସୂର୍ଯ୍ୟାସ୍ତ ସମୟ।

**sunshade** ବି. ଛତା; ଚାନ୍ଦୁଆ; ଖରା ବା ବର୍ଷାରୁ ରକ୍ଷାକରିବା ପାଇଁ ଉଦ୍ଦିଷ୍ଟ ଆଚ୍ଛାଦନ।

**sunshine** ବି. ସୂର୍ଯ୍ୟାଲୋକ, ସୂର୍ଯ୍ୟାଲୋକିତ ସ୍ଥାନ; ସୁନ୍ଦର ପାଗ; ଖୁସିମିଜାଜ; ପ୍ରଫୁଲ୍ଲତା; *କ.ଭା.* ସମ୍ବୋଧନ ବିଶେଷ।

**sunspot** ବି. ସୌରକଳଙ୍କ।

**sunstroke** ବି. ଅଂଶୁଘାତ; ଝାଉଁମରା, ଖରା ବା ସୂର୍ଯ୍ୟତାପର ପ୍ରକୋପଯୋଗୁଁ ଶରୀରର ରୋଗବିଶେଷ।

**suntan** ବି. ସୂର୍ଯ୍ୟତାପର ପ୍ରଭାବରୁ ଚର୍ମର ପିଙ୍ଗଳବର୍ଣ୍ଣ ଧାରଣ।

**sun-up** ବି. *ଆମେ.* ସୂର୍ଯ୍ୟୋଦୟ।

**sup**[1.] *କ୍ରି.* ଢୋକ ଢୋକ କରି ବା ଚାମୁଚରେ ପିଇବା; ଚୁମୁକେ ପିଇବା; *କ.ଭା.* ପାନକରିବା, ପିଇବା।

**sup**[2.] *କ୍ରି. ପ୍ରା.ପ୍ର.* ରାତ୍ରିଭୋଜନ କରିବା।

**sup-** *ପୂ.ପ୍ର.* =sub-; ଶବ୍ଦର ଆରମ୍ଭରେ p ଥିଲେ ତା ପୂର୍ବରୁ ଉପସର୍ଗ sub- ସ୍ଥାନରେ sup- ହୁଏ, *ଉଦା.* support.

**super** 1. ବିଂ. *ଅନ. କ.ଭା.* ଚମତ୍କାର; ଖୁବ୍ ବଢ଼ିଆ; 2. ବି. ସୁପରିଣ୍ଟେଣ୍ଡେଣ୍ଟ୍।

**super-** *ପୂ.ପ୍ର.* ଉପରେ; ଅଧିକନ୍ତୁ; ଅତିକ୍ରାନ୍ତହୋଇ; ଅତିରିକ୍ତ ପ୍ରଭୃତି ଅର୍ଥସୂଚକ ଉପସର୍ଗ।

**superannuate** *କ୍ରି.* ବାର୍ଦ୍ଧକ୍ୟଯୋଗୁଁ କାର୍ଯ୍ୟରୁ ଅବସର ବା ବିରତି ନେବା।

**superannuation** ବି. ଅବସର; କାର୍ଯ୍ୟରୁ ନିବୃତ୍ତି; ପେନ୍‌ସନ୍ ବା ସେହି ସଂକ୍ରାନ୍ତ ପାଉଣା।

**superb** ବିଂ. ଅତୀବ ଚମତ୍କାର; ଉତ୍କୃଷ୍ଟ; *କ୍ରି.ବିଂ.* superbly.

**supercargo** ବି. ବ୍ୟବସାୟୀ ଜାହାଜର ମାଲ କିଣାବିକା ଦାୟିତ୍ୱରେ ଥିବା କର୍ମକର୍ତ୍ତା।

**supercharge** *କ୍ରି.* ଅଧିକ କାର୍ଯ୍ୟକ୍ଷମ କରିବା; ଭାବପ୍ରବଣ କରିବା।

**supercharger** ବି. ଅଭ୍ୟନ୍ତରୀଣ ଦହନ ଯନ୍ତ୍ରରେ ବ୍ୟବହୃତ ବାୟୁ ବା ଇଂଧନ ଯୋଗାଣ ପାଇଁ ଯନ୍ତ୍ରାଂଶ ବିଶେଷ (ବିଶେ. ବାୟୁମଣ୍ଡଳୀୟ ଚାପ ଉର୍ଦ୍ଧ୍ୱରେ)।

**supercilious** ବିଂ. ଅତି ଉଦ୍ଧତ; ଘୃଣ୍ୟ; *କ୍ରି.ବିଂ.* superciliously; ବି. superciliousness.

**supercomputer** ବି. ଜଟିଳ ଗାଣିତିକ ପ୍ରଶ୍ନ ସମାଧାନ କରିବାରେ ସକ୍ଷମ ସଂଗଣକ ଯନ୍ତ୍ର ବା କଂପ୍ୟୁଟର୍।

**superconductivity** ବି. *ପଦାର୍ଥ* କେତୋଟି ପଦାର୍ଥରେ ସର୍ବନିମ୍ନତାପରେ ଶୂନ୍ୟବୈଦ୍ୟୁତିକ ପ୍ରତିରୋଧ କ୍ଷମତା; ବି. superconductor; ବିଂ. superconducting.

**superego** ବି.*ଦ୍ର.* ପରାହମ୍; ମନ ବିବେକରୂପେ ସାମାଜିକ ବିଧିବ୍ୟବସ୍ଥା ଅନୁସରଣ କରୁଥିବା ମନ।

**supererogation** ବି. ପ୍ରୟୋଜନ ବା କର୍ତ୍ତବ୍ୟ ତୁଳନାରେ ଅଧିକ କରିବା।

**superficial** ବିଂ. ବାହ୍ୟ, ବାହ୍ୟସ୍ତରୀୟ; ଗଭୀରତାହୀନ, ଉପରଠାଉରିଆ; ଆପାତ (ପ୍ରକୃତ ନୁହେଁ); ବି. superficiality; *କ୍ରି.ବିଂ.* superficially.

**superfine** ବିଂ. ଅଧିକ ଗୁଣବତ୍ତା ସଂପନ୍ନ।

**superfluity** ବି. ଅତିରିକ୍ତ ବା ଅନାବଶ୍ୟକ ପରିମାଣ ବା ବସ୍ତୁ; ଆବଶ୍ୟକତାଠାରୁ ଅଧିକ ହେବା।

**superfluous** ବିଂ. ଆବଶ୍ୟକତାଠାରୁ ଅଧିକ; ଅଦରକାରୀ।

**superglue** ବି. ଅତି କଡ଼ା ଅଠା।

**supergrass** ବି. *କ.ଭା.* ବହୁସଂଖ୍ୟକ ବ୍ୟକ୍ତିଙ୍କୁ ଜଡିତ କରାଉଥିବା ପୋଲିସ୍ ସମ୍ବାଦଦାତା ବା ମୁଖବିର।

**superhuman** ବିଂ. ଅତିମାନବୀୟ; ସ୍ୱାଭାବିକ ମାନବୀୟ ଶକ୍ତିଠାରୁ ଅଧିକ।

**superimpose** *କ୍ରି.* ଆରୋପିତ କରିବା; ଗୋଟିଏ ବସ୍ତୁ ଉପରେ ଆଉ ଗୋଟିଏ ରଖିବା; ବି. superimposition.

**superintend** *କ୍ରି.* ତତ୍ତ୍ୱାବଧାନ କରିବା; ନିୟନ୍ତ୍ରଣ କରିବା; ଦେଖାଶୁଣା କରିବା; ତଦାରଖ କରିବା।

Digitized by srujanika@gmail.com

**superintendence** ବି. ତତ୍ତ୍ୱାବଧାନ, ପରିଚାଳନା ।

**superintendent** ବି. ତତ୍ତ୍ୱାବଧାରକ; ନିୟନ୍ତ୍ରକ; ଛାତ୍ରାବାସର ତତ୍ତ୍ୱାବଧାରକ; ବିଭାଗୀୟ ନିୟନ୍ତ୍ରକ ।

**Superintendent of Police** ବି. ଜିଲ୍ଲା ପୋଲିସ୍‌ର ସର୍ବୋଚ୍ଚ କର୍ମକର୍ତ୍ତା; ଆରକ୍ଷୀ ଅଧୀକ୍ଷକ ।

**Superintending Engineer** ବି. ଅଧୀକ୍ଷଣ ଯଂତ୍ରୀ ।

**superior** 1. ବି. ଉଚ୍ଚତର; ଊର୍ଦ୍ଧ୍ୱସ୍ଥ; ପଦମର୍ଯ୍ୟାଦାରେ ଉଚ୍ଚତର; ଉତ୍କୃଷ୍ଟ, ଅଧିକ ଉତ୍ତମ; 2. ବି. ଉଚ୍ଚତର ପଦବୀଧାରୀ; ମଠାଧୀଶ; ବି. superiority.

**superlative** 1. ବିଂ. ସର୍ବୋଚ୍ଚ; ଉତ୍କୃଷ୍ଟ ଗୁଣବତ୍ତାବିଶିଷ୍ଟ; ସର୍ବୋତ୍ତମ; ଅତ୍ୟୁତ୍ତମ, ଅନେକ ମଧ୍ୟରେ ଉତ୍ତମ; 2. ବି.*ବ୍ୟା.* ବିଶେଷଣ ବା କ୍ରିୟାବିଶେଷଣର ଉତ୍କର୍ଷସୂଚକ ବ୍ୟବହାର (longest, most beautiful); ବ.ବ.ରେ ଉଚ୍ଚପ୍ରଶଂସା; ଅତିରଂଜିତ ଭାଷା ।

**superman** ବି.ଦ. ଅତିମାନବ; ମହାମାନବ; ଆଦର୍ଶ ପୁରୁଷ (ପାରଂପରିକ ନୈତିକ ମୂଲ୍ୟବୋଧର ଊର୍ଦ୍ଧ୍ୱରେ); *କ.ଭା.* ଅସାଧାରଣ ଶକ୍ତି ବା କ୍ଷମତାସଂପନ୍ନ ବ୍ୟକ୍ତି ।

**supermarket** ବି. ସ୍ୱୟଂ–ସେବା ପରିଚାଳିତ ବିଶାଳ ଦୋକାନ ଯେଉଁଠି ଯାବତୀୟ ସାମଗ୍ରୀ କ୍ରୟକରି ହୁଏ ।

**supernatural** 1. ବିଂ.*କଭା.* ଅତିପ୍ରାକୃତ; ଅଲୌକିକ; ଅତିପ୍ରାକୃତିକ; 2. ବି. ଅଲୌକିକ ବା ଅତିପ୍ରାକୃତ ଶକ୍ତି, ସତ୍ତା ବା ଘଟଣା; କ୍ରି.ବିଂ. supernaturally.

**supernova** ବି. ବ.ବ. supernovae ହଠାତ୍ ଉଜ୍ଜ୍ୱଳତା ବୃଦ୍ଧି ପାଉଥିବା ନକ୍ଷତ୍ର ।

**supernumerary** 1. ବିଂ. ସାଧାରଣ ସଂଖ୍ୟାଠାରୁ ଅଧିକ ସଂଖ୍ୟକ; ଅତିରିକ୍ତ; ସଂଳାପ କହୁ ନଥିବା (ଅଭିନେତା); 2. ବି. ପ୍ରୟୋଜନାତିରିକ୍ତ ବ୍ୟକ୍ତି ବା ବସ୍ତୁ ।

**superphosphate** ବି. ଫସ୍‌ଫେଟ୍‌ରୁ ପ୍ରସ୍ତୁତ ରାସାୟନିକ ସାର ।

**superpower** ବି. ବିଶେଷ ଶକ୍ତିଶାଳୀ; ବୃହତ୍‌ଶକ୍ତି ।

**superscribe** କ୍ରି. ଉପରେ ବା ବାହାରେ ଲେଖିବା ବା ଖୋଦନ କରିବା ।

**superscript** ବିଂ. ବହିର୍ଲିଖିତ (ବାକ୍ୟ, ସଂଖ୍ୟା, ନାମ ପ୍ରଭୃତି) ।

**superscription** ବି. ବାହାରଭାଗରେ ଲେଖା; ବହିର୍ଲିଖନ; ଶିରୋନାମା; ଠିକଣା ।

**supersede** କ୍ରି. ଅନ୍ୟ କାହାରି ସ୍ଥାନ ଅକ୍ତିୟାର କରିନେବା; ରଦ୍ଦ କରିବା; ଅନ୍ୟକୁ ଗ୍ରହଣ କରିବାପାଇଁ କୌଣସି ବ୍ୟକ୍ତି ବା ବସ୍ତୁକୁ ବାଦ୍‌ଦେବା; ବି. supersession.

**supersonic** ବିଂ. ଶବ୍ଦର ଗତିଠାରୁ ଅଧିକ ଦ୍ରୁତଗାମୀ; କ୍ରି.ବିଂ. supersonically.

**superstar** ବି. ଅତ୍ୟନ୍ତ ଜନପ୍ରିୟ କଳାକାର ।

**superstition** ବି. ଅତିପ୍ରାକୃତ ଶକ୍ତି, ଦୈବବାଣୀ ଓ ଯାଦୁବିଦ୍ୟା ପ୍ରଭୃତି ଉପରେ ଅଯୌକ୍ତିକ ଅନ୍ଧବିଶ୍ୱାସ; କୁସଂସ୍କାର; ଭ୍ରମାତ୍ମକ ବିଶ୍ୱାସ; ବିଂ. superstitious; କ୍ରି.ବିଂ. superstitiously.

**superstructure** ବି. କୌଣସି ଭିତ୍ତି ବା ଅଟ୍ଟାଳିକା ଉପରେ ନିର୍ମିତ ଅଟ୍ଟାଳିକା ପ୍ରଭୃତି ।

**supertax** ବି. ଅଧିକ ଆୟ ଉପରେ ଅତିରିକ୍ତ କର ।

**supervene** କ୍ରି. *ଔପ.* ପରିବର୍ତ୍ତନ ବା ବାଧାରୂପେ ଘଟିବା; ଅକସ୍ମାତ୍ ଘଟିବା; ବି. supervention.

**supervise** କ୍ରି. ତତ୍ତ୍ୱାବଧାନ କରିବା; ଦେଖରେଖ କରିବା ।

**supervision** ବି. ତତ୍ତ୍ୱାବଧାନ, ଅଧୀକ୍ଷଣ; ପର୍ଯ୍ୟବେକ୍ଷଣ ।

**supervisor** ବି. ତତ୍ତ୍ୱାବଧାରକ; ପର୍ଯ୍ୟବେକ୍ଷକ; ବିଂ. supervisory.

**superwoman** ବି. *କ.ଭା.* ଅତ୍ୟନ୍ତ ଶକ୍ତି ବା କ୍ଷମତାସଂପନ୍ନା ନାରୀ ।

**supine** 1. ବିଂ. ଊର୍ଦ୍ଧ୍ୱମୁଖ; ଉଦାସୀନ; ସ୍ଥବିର; ଉତ୍ତାନହୋଇ ପଡିଥିବା; ଚିତ୍‌ହୋଇ ଶୋଇଥିବା; 2. ବି. (ଲାଟିନ୍ ଭାଷାରେ) କ୍ରିୟାଜନିତ ବିଶେଷ୍ୟପଦ ।

**supper** ବି. ବିଳମ୍ବିତ ସଂଧ୍ୟାର ଲଘୁ ଆହାର; ସାଂଧ୍ୟଭୋଜନ ।

**supplant** କ୍ରି. ସ୍ଥାନଚ୍ୟୁତ କରିବା; ଅର୍ଥନୈତିକ ଉପାୟରେ ଜଣକୁ ଉଚ୍ଛେଦ କରି ତାହାର ସ୍ଥାନନେବା ।

Digitized by srujanika@gmail.com

**supple** ବିଂ. ନମନୀୟ; କୋମଳ; ନହନହକା; ବି. suppleness.

**supplement** 1. ବି. ଅନୁପୂରକ ଅଂଶ; (ପୁସ୍ତକର) ପରିଶିଷ୍ଟ; (ସମ୍ବାଦପତ୍ର ପ୍ରଭୃତିର) କ୍ରୋଡ଼ପତ୍ର; 2. କ୍ରି. ଅଭାବ ପୂରଣ କରିବା; ତ୍ରୁଟିବିଚ୍ୟୁତି ଦୂରକରିବା; ଅଧିକ ତଥ୍ୟ ଯୋଗାଇବା; ଅଧିକ କିଛି ଯୋଗକରିବା।

**supplementary** ବିଂ. ଅନୁପୂରକ; ପରିଶିଷ୍ଟ; କ୍ରୋଡପତ୍ରରୂପେ ପ୍ରକାଶିତ।

**supplementary examination** ବି. ମୁଖ୍ୟପରୀକ୍ଷାରେ ଅକୃତକାର୍ଯ୍ୟ ପରୀକ୍ଷାର୍ଥୀମାନଙ୍କ ପାଇଁ ଅନୁଷ୍ଠିତ ଦ୍ୱିତୀୟ ପରୀକ୍ଷା।

**supplementation** ବି. ନ୍ୟୂନତାପୂର୍ତ୍ତି, ଅନୁପୂରଣ; ପରିପୂରଣ।

**suppliant** 1. ବି. ପ୍ରାର୍ଥୀ; ନିବେଦକ; 2. ବିଂ. ବିନତିପୂର୍ଣ୍ଣ।

**supplicate** କ୍ରି. ପ୍ରାର୍ଥନା କରିବା; ବିନତି କରିବା; ସନିର୍ବନ୍ଧ ଆବେଦନ କରିବା।

**supplication** ବି. ସବିନୟ ପ୍ରାର୍ଥନା; ବିନତି; ଆବେଦନ; ବିଂ. supplicatory.

**supply** 1. କ୍ରି. ଆବଶ୍ୟକ ବସ୍ତୁ ଯୋଗାଇବା; ଯୋଗାଣ କରିବା; ଅନୁପୂରଣ କରିବା; 2. ବି. ଯୋଗାଣ; ଅଭାବ ଦୂରୀକରଣ; ବ.ବ.ରେ ସାମରିକବାହିନୀ, ଅଭିଯାନ ପ୍ରଭୃତିରେ ରସଦ, ଯଂତ୍ରପାତି ପ୍ରଭୃତି; ସଞ୍ଚୟ ବା ମହଜୁଦ୍ କରଣ; in short supply ଅଭାବ; supply and demand (ଅର୍ଥନୀତି) ମୂଲ୍ୟ ନିୟନ୍ତ୍ରଣ କରିବାରେ ବସ୍ତୁର ଚାହିଦା ଏବଂ ଯୋଗାଣର ଭୂମିକା; ବି. supplier.

**support** 1. କ୍ରି. ଭାର ବହନ କରିବା; ଅବଲମ୍ବନ ହେବା, ସାହାଯ୍ୟ ବା ସହଯୋଗ କରିବା; ଉତ୍ସାହିତ କରିବା; ସପକ୍ଷରେ କହିବା ବା କାର୍ଯ୍ୟ କରିବା; ସମର୍ଥନ ଦେବା; ଭରଣପୋଷଣ କରିବା, ପୃଷ୍ଠପୋଷକ ହେବା; 2. ବି. ଅବଲମ୍ବନ, ସାହାଯ୍ୟକାରୀ; ସମର୍ଥନ; ସମର୍ଥକ; ସହାୟତା; ସହାୟକ ଭୂମିକାରେ ଅଭିନୟ ପ୍ରଦର୍ଶନ; in support of ସପକ୍ଷରେ; ସାହାଯ୍ୟ ଉଦ୍ଦେଶ୍ୟରେ।

**supporter** ବି. ସମର୍ଥକ; ସପକ୍ଷବାଦୀ; ସାହାଯ୍ୟକର୍ତ୍ତା।

**supportive** ବିଂ. ସମର୍ଥନ ବା ଉତ୍ସାହ ପ୍ରଦାନ କରୁଥିବା; କ୍ରି.ବିଂ. supportively; ବି. supportiveness.

**suppose** କ୍ରି. ମନେ କରିବା; ବିଶ୍ୱାସ କରିବା; ଧରିନେବା; ଅନୁମାନ କରିବା, ସାମୟିକଭାବେ କଳ୍ପନା କରିବା; I suppose so (ଦ୍ୱିଧାଗ୍ରସ୍ତ ସମ୍ମତିର ଅଭିବ୍ୟକ୍ତି) ହୁଏତ; ବୋଧହୁଏ ସେୟା।

**supposedly** କ୍ରି.ବିଂ. ଅନୁମାନ ବା କଳ୍ପନା ଅନୁସାରେ; ସାଧାରଣଭାବରେ ସ୍ୱୀକୃତ; ଅଭିଯୋଗକୃତ।

**supposition** ବି. ଅନୁମାନ; କଳ୍ପନା।

**suppositious** ବିଂ. ତର୍କପ୍ରକଳ୍ପମୂଳକ; କାଳ୍ପନିକ; କଳ୍ପିତ।

**suppository** ବି. ଯୋନିଗହ୍ୱର ବା ମଳଦ୍ୱାରରେ ପ୍ରବିଷ୍ଟ କରାଇଲେ ମିଳାଇଯାଉଥିବା ଔଷଧ।

**suppress** କ୍ରି. ଦମନ କରିବା; ଶକ୍ତି ପ୍ରୟୋଗ କରି ଅବଦମିତ ବା ବନ୍ଦ କରିବା; ଅବରୋଧ କରିବା; ପରାଜିତ କରିବା, ଦବେଇଦେବା; (ତଥ୍ୟ, ଆବେଗ, ପ୍ରତିକ୍ରିୟା ପ୍ରଭୃତି) ଦେଖିବା, ଶୁଣିବା ବା ଜାଣିବାକୁ ନ ଦେବା; ବିଂ. suppressible.

**suppression** ବି. ଦମନ; ଅବଦମନ; ଅବରୋଧ; ନିଗ୍ରହ।

**suppressor** ବି. ଦମନକାରୀ; ଅବରୋଧକାରୀ।

**suppurate** କ୍ରି. (ବଥ ଇତ୍ୟାଦି) ପାଚିଯିବା; ପୂଜ ହୋଇଯିବା; ବି. suppuration.

**supra** କ୍ରି.ବିଂ. (ପୁସ୍ତକରେ) ଉଲ୍ଲିଖିତ; ପୂର୍ବୋକ୍ତ। *(ଲା.)*

**supra–** *ପୂ.ପ୍ର.* ଊର୍ଦ୍ଧ୍ୱତନ ଅର୍ଥବ୍ୟଂଜକ ଉପସର୍ଗ।

**supranational** ବିଂ. ଜାତି ବା ରାଷ୍ଟ୍ରର ଊର୍ଦ୍ଧ୍ୱରେ।

**supremacy** ବି. ଶ୍ରେଷ୍ଠତା; ପ୍ରଭୁତ୍ୱ, ପ୍ରଧାନତା; ଉଚ୍ଚତମ କ୍ଷମତା।

**supreme** ବିଂ. ସର୍ବୋଚ୍ଚ; ମହତ୍ତମ; ସର୍ବୋତ୍କୃଷ୍ଟ; ପରମ; (ତ୍ୟାଗ ବା ଶାସ୍ତିଭାବରେ) ମୃତ୍ୟୁ; କ୍ରି.ବିଂ. supremely.

**Supreme Court** ବି. ସର୍ବୋଚ୍ଚ ନ୍ୟାୟାଳୟ; ଉଚ୍ଚତମ ନ୍ୟାୟାଳୟ।

**supremo** ବି. ସର୍ବୋଚ୍ଚ ଶାସକ ବା କ୍ଷମତାଧାରୀ ବ୍ୟକ୍ତି।

**sur–**[1] *ପୂ.ପ୍ର.* ଉପରି, ଅଧି–ଅର୍ଥବ୍ୟଂଜକ ଉପସର୍ଗ (surcharge, surface).

**sur–**[2] *ପୂ.ପ୍ର.* sub–; ମୂଳ ଲାଟିନ ଶବ୍ଦର ପୂର୍ବରୁ ବା rରେ ଆରମ୍ଭ ହେଉଥିବା ଶବ୍ଦ ପୂର୍ବରୁ sub ଭଳି ସଂଯୁକ୍ତ ଉପସର୍ଗ (ଉଦା. surrogate).

Digitized by srujanika@gmail.com

**surcease** *ପ୍ରା.ପ୍ର.* 1. *କ୍ରି.* ଅଟକାଇବା; ବନ୍ଦକରିବା; 2. *ବି.* ବନ୍ଦକରଣ ।

**surcharge** 1. *ବି.* ଅତିରିକ୍ତ ଟିକସ, କର ପ୍ରଭୃତି; ଅଧିକ ହାର; 2. *ବି.* ଅଧିକହାର ବା ଅଧିକ ପାଉଣା ଦାବି କରିବା ।

**surd** *ବି.* *ଗଣିତ* ବିଜାତୀୟସଂଖ୍ୟା; *ଭାଷା.* ଅଘୋଷ ବ୍ୟଂଜନବର୍ଣ୍ଣ (f,k,p,s,t).

**sure** 1. *ବିଂ.* ନିଶ୍ଚିତ; ବିଶ୍ୱାସଯୋଗ୍ୟ; ଅବଶ୍ୟମ୍ଭାବୀ; ସନ୍ଦେହାତୀତ; 2. *କ୍ରି.ବିଂ.* *କ.ଭା.* ନିଶ୍ଚିତଭାବରେ; for sure *କ.ଭା.* ନିଶ୍ଚିତଭାବରେ; make sure ନିଶ୍ଚିତ ହୁଅ; sure enough *କ.ଭା.* ନିଃସନ୍ଦେହ; ପ୍ରକୃତରେ, ନିଶ୍ଚିତଭାବରେ; to be sure ପ୍ରକୃତରେ; ନିଃସନ୍ଦେହ ଭାବରେ; *ବି.* sureness.

**sure-fire** *ବିଂ.* *କ.ଭା.* ସଫଳତା ପାଇବା ନିଶ୍ଚିତ ।

**sure-footed** *ବିଂ.* କେବେ ମଧ ପଦସ୍ଖଳିତ ହୋଇ ନ ଥିବା ବା ଭୁଲ୍ କରି ନଥିବା ।

**surely** *କ୍ରି.ବିଂ.* ନିଃସନ୍ଦେହ; ଅବଶ୍ୟ; ନିଶ୍ଚିତଭାବରେ ।

**surety** *ବି.* ନିଶ୍ଚୟତା; ଜାମିନ୍; ଜମାନତ; ପ୍ରତିଭୂ; ବନ୍ଧକ; ଜାମିନ୍‌ଦାର; stand surety କୌଣସି ଋଣଗ୍ରହୀତାଙ୍କ ନିମନ୍ତେ ଜାମିନଦାର ହେବା ।

**surf** *ବି.* (ସମୁଦ୍ରର) ତରଙ୍ଗଫେଣ; ଫେନାୟିତ ତରଙ୍ଗ; *ବି.* surfer.

**surface** 1. *ବି.* ବହିର୍ଭାଗ; ପୃଷ୍ଠ ବା ଉପରସ୍ତର; ତଳ ବା ଆୟତନ; ଉପର; ଉପରିଭାଗ; ବାହ୍ୟ ଚେହେରା ବା ଚରିତ୍ର; ଧରାପୃଷ୍ଠ; 2. *କ୍ରି.* ଦୃଶ୍ୟହେବା ବା ଜଣାଯିବା; ଉପରିଭାଗକୁ ଆସିବା; *କ.ଭା.* ନିଦରୁ ଉଠିବା; ଚେତା ଫେରିବା; come to the surface ଜ୍ଞାତ ବା ଦୃଶ୍ୟହେବା ।

**surface mail** *ବି.* ଭୂପୃଷ୍ଠ ବା ସମୁଦ୍ର ଦେଇ ପ୍ରେରିତ ଡାକ (ଉଡାଜାହାଜ ଯୋଗେ ନୁହେଁ) ।

**surfboard** *ବି.* (ସମୁଦ୍ରଢେଉ ଉପରେ ସର୍ଫିଙ୍ଗ ପାଇଁ ବ୍ୟବହୃତ) ଲମ୍ବା ଅଣଓସାରିଆ ପଟା ।

**surfeit** 1. *ବି.* ଅଧିକ ଭୋଜନ ବା ପାନ ବା ତଜ୍ଜନିତ ପରିତୃପ୍ତ ଅନୁଭୂତି; 2. *କ୍ରି.* ଅଧିକପରିମାଣରେ ଖାଇବା ବା ପିଇବା; କୌଣସି ବସ୍ତୁର ଆଧିକ୍ୟଯୋଗୁଁ ପରିଶ୍ରାନ୍ତ ହେବା, ଅଘେଇଯିବା ।

**surfing** *ବି.* ଲମ୍ବା, ଅଣଓସାରିଆ ପଟା ଉପରେ ଠିଆହୋଇ ଢେଉ ଉପରେ କ୍ରୀଡା ଉଦ୍ଦେଶ୍ୟରେ ସନ୍ତରଣ କରିବା ।

**surge** 1. *ବି.* ହଠାତ୍ ଆନ୍ଦୋଳନ, ଉଦ୍‌ବେଳନ ବା ଆଲୋଡନ; ହଠାତ୍ ଦରଦାମ ବୃଦ୍ଧି; ସମୁଦ୍ରଲହରୀର ଉଦ୍‌ବେଳନ; 2. *କ୍ରି.* ହଠାତ୍ ପ୍ରବଳବେଗରେ ଆଗକୁ ମାଡିଯିବା; (ବିଦ୍ୟୁତଶକ୍ତି) ହଠାତ୍ ବଢ଼ିଯିବା, (ସମୁଦ୍ର) ଢେଉ ଉଦ୍‌ବେଳିତ ହେବା ।

**surgeon** *ବି.* ଶଲ୍ୟଚିକିତ୍ସକ; ସାମରିକବାହିନୀର ଚିକିତ୍ସକ ।

**surgery** *ବି.* ଶଲ୍ୟଚିକିତ୍ସା; ଅସ୍ତ୍ରୋପଚାର ଦ୍ୱାରା ରୋଗଚିକିତ୍ସା; ଚିକିତ୍ସକ ରୋଗୀ ଦେଖିବାର ବା ଓକିଲ, ସାଂସଦ ପ୍ରଭୃତି ପରାମର୍ଶ ଦେବାର ସ୍ଥାନ ବା ସମୟ ।

**surgical;** *ବିଂ.* ଶଲ୍ୟଚିକିତ୍ସା ବା ଅସ୍ତ୍ରୋପଚାର ସଂକ୍ରାନ୍ତ; *କ୍ରି.ବିଂ.* surgically.

**surgical spirit** *ବି.* ମେଥିଲେଟେଡ୍ ସ୍ପିରିଟ୍ ।

**surly** *ବିଂ.* ବଦମିଜାଜୀ; ଚିଡ଼ା; ଉଗ୍ର; ବନ୍ଧୁଭାବହୀନ (ବ୍ୟକ୍ତି); *ବି.* surliness.

**surmise** 1. *ବି.* ଅନ୍ଦାଜ; ଅନୁମାନ; 2. *କ୍ରି.* ଅନ୍ଦାଜ ବା ଅନୁମାନ କରିବା; ସନ୍ଦେହ କରିବା; ମନେକରିବା ।

**surmount** *କ୍ରି.* (ବାଧା, ବିଘ୍ନ ପ୍ରଭୃତି) ଅତିକ୍ରମ କରିବା; ଉପରକୁ ଚଢ଼ିବା; *ବିଂ.* surmountable.

**surname** *ବି.* ସାଙ୍ଗିଆ; ବଂଶର ନାମ; ବଂଶାନୁକ୍ରମିକ ପଦବୀ ।

**surpass** *କ୍ରି.* ଅତିକ୍ରମ କରିଯିବା; ଉତ୍କୃଷ୍ଟ ହେବା; ଅଧିକ ଭଲ ବା ବଡ ହେବା ।

**surplice** *ବି.* *ଖ୍ରୀ* ପାଦ୍ରୀଙ୍କ ଧଳାକୋଟ୍ ବିଶେଷ ।

**surplus** 1. *ବିଂ.* ଉଦ୍‌ବୃତ୍ତ; ଅବଶିଷ୍ଟ; ଅତିରିକ୍ତ; 2. *ବି.* ଉଦ୍‌ବୃତ୍ତ ପରିମାଣ; ଅତିରିକ୍ତ ଅର୍ଥ ବା ରାଜସ୍ୱ ।

**surprise** 1. *ବି.* ବିସ୍ମୟ; ଆଶ୍ଚର୍ଯ୍ୟ; ଆକସ୍ମିକ ବା ଅପ୍ରତ୍ୟାଶିତଭାବରେ କରାଯାଉଥିବା କାର୍ଯ୍ୟ ଫଳରେ ଚମକ; ବିସ୍ମୟକର ବସ୍ତୁ; 2. *କ୍ରି.* ବିସ୍ମିତ କରିବା; ଆଶ୍ଚର୍ଯ୍ୟାନ୍ୱିତ ବା ଚକିତ କରିବା; ହଠାତ୍ ଆକ୍ରମଣ କରିବା; take by surprise ଅପ୍ରତ୍ୟାଶିତ ମନ୍ତବ୍ୟ ବା ମୁକାବିଲା ଦ୍ୱାରା

Digitized by srujanika@gmail.com

ଆଶ୍ଚର୍ଯ୍ୟାନ୍ୱିତ କରିବା; ବିଂ. surprising; କ୍ରି.ବିଂ. surprisingly.

**surreal** ବିଂ. ଅବାସ୍ତବ, ସ୍ୱପ୍ନଭଳି; ଅଦ୍‌ଭୁତ।

**surrealism** ବି. ବିଂଶ ଶତକରେ ଫରାସୀ ଶିଳ୍ପକଳା ଓ ସାହିତ୍ୟରେ ସଂଘଟିତ ଆନ୍ଦୋଳନ ବିଶେଷ; ଅତିବାସ୍ତବବାଦ; ବି. surrealist; ବିଂ. surrealistic; କ୍ରି.ବିଂ. surrealistically.

**surrender** 1. କ୍ରି. ସମର୍ପଣ କରିବା; ତ୍ୟାଗ କରିବା; ବଶୀଭୂତ କରିବା; (ଆଶା) ତ୍ୟାଗ କରିବା; ଆତ୍ମସମର୍ପଣ କରିବା; ପରାଜୟ ସ୍ୱୀକାର କରିବା; 2. ବି. ଆତ୍ମସମର୍ପଣ; ସମର୍ପଣ।

**surreptitious** ବିଂ. ଗୁପ୍ତଭାବେ କୃତ; ଗୋପନୀୟ; କ୍ରି.ବିଂ. surreptitiously.

**surrogate** ବି. ବଦଳ, ବିକଳ୍ପ; ଖ୍ରୀଷ୍ଟିୟାନ୍ ବିଶପ୍‌ଙ୍କ ପ୍ରତିନିଧି (ବିବାହର ପ୍ରମାଣପତ୍ର ଦେବାପାଇଁ), ପ୍ରତିନିଧି; ବି. surrogacy.

**surrogate mother** ବି. ଅନ୍ୟ କୌଣସି ମହିଳାଙ୍କପାଇଁ ଗର୍ଭଧାରଣ କରୁଥିବା ମହିଳା (ବିଶେ. ଜରାୟୁରେ ଉକ୍ତ ମହିଳାର ସଂଗୀର ବୀର୍ଯ୍ୟରୋପଣଦ୍ୱାରା)।

**surround** 1. କ୍ରି. ପରିବେଷ୍ଟନ କରିବା; ଘେରାଇବା; ବାଡ଼ଦେବା; 2. ବି. ପରିବେଷ୍ଟନୀ; କୋଠରୀର କାନ୍ଥ ଏବଂ ଗାଲିଚାର ମଧ୍ୟବର୍ତ୍ତୀ ଅଂଶ।

**surroundings** ବି. ବ.ବ. ପରିବେଶ; ପରିବେଷ୍ଟନୀ, ଚତୁର୍ପାର୍ଶ୍ୱସ୍ଥ ଅବସ୍ଥା।

**surtax** ବି. ଉଚ୍ଚଆୟକାରୀ ଉପରେ ଲାଗୁହେବା ଅତିରିକ୍ତ ଟିକସ।

**surveillance** ବି. ସନ୍ଦେହଭାଜନ ବ୍ୟକ୍ତି ଉପରେ ପୋଲିସ୍‌ର କଡ଼ା ନଜର; ନିରୀକ୍ଷଣ।

**survey** 1. କ୍ରି. ବ୍ୟାପକଭାବେ ପର୍ଯ୍ୟବେକ୍ଷଣ କରିବା; ପୁଙ୍ଖାନୁପୁଙ୍ଖ ପରୀକ୍ଷା କରିବା; ଜମିଜମା ଜରିବ କରିବା ଏବଂ ମାଲିକାନା ସ୍ଥିର କରିବା; 2. ବି. ବନ୍ଦୋବସ୍ତ; ସର୍ଭେ, ସର୍ବେକ୍ଷଣ; ବ୍ୟାପକ ନିରୀକ୍ଷଣଦ୍ୱାରା ପ୍ରସ୍ତୁତ ମାନଚିତ୍ର ପ୍ରଭୃତି; ପୁଙ୍ଖାନୁପୁଙ୍ଖ ପରୀକ୍ଷା।

**surveyor** ବି. ସର୍ବେକ୍ଷକ, ଜରିବକାରୀ; ନିରୀକ୍ଷଣକାରୀ, ବନ୍ଦୋବସ୍ତକାରୀ।

**survival** ବି. ରକ୍ଷାପାଇଥିବା ଜୀବନ; ସ୍ୱଶ୍ରେଣୀୟ ଅନ୍ୟମାନଙ୍କ ନିଧନ ପରେ ବା ଲୋପପରେ ମଧ୍ୟ ବଞ୍ଚିରହିବା; ଦେହାବଶେଷ।

**survive** କ୍ରି. ଅଧିକ କାଳ ପର୍ଯ୍ୟନ୍ତ ବଞ୍ଚିରହିବା; ଜୀଇଁରହିବା; ତିଷ୍ଠିରହିବା; ବିପଦ ବା ଦୁର୍ଘଟଣା ସତ୍ତ୍ୱେ ତିଷ୍ଠିରହିବା ବା ଜୀବନରେ ରହିବା।

**survivor** ବି. ଉତ୍ତରଜୀବୀ; ଅନ୍ୟଅପେକ୍ଷା ଅଧିକକାଳ ତିଷ୍ଠିରହିଥିବା ବା ବଞ୍ଚିଥିବା ବସ୍ତୁ ବା ବ୍ୟକ୍ତି।

**sus** ସୀ.ପ୍ର. ବିକ. suss.

**sus-** ପୂ.ପ୍ର. =sub- ଭଳି ସଂଯୁକ୍ତ ଉପସର୍ଗ (c, p, t ରୁ ଆରମ୍ଭ ହେଉଥିବା ଶବ୍ଦରେ ପ୍ରଯୁକ୍ତ) ଉଦା. suspend.

**susceptibility** ବି. ସହଜରେ ପ୍ରଭାବିତ ହେଉଥିବା; ସହଜରେ ଗ୍ରହଣ ବା ଧାରଣକ୍ଷମ; ବ.ବରେ ଭାବରାଜି।

**susceptible** ବିଂ. ପ୍ରଭାବିତ ହେବାପାଇଁ ପ୍ରକୃଷ୍ଟ; ସ୍ପର୍ଶକାତର; ଭାବପ୍ରବଣ; ଗ୍ରହଣକ୍ଷମ; ଆକ୍ରମଣୀୟ; ସଂବେଦନଶୀଳ; କ୍ରି.ବିଂ. susceptibly.

**suspect** 1. କ୍ରି. ଭାବିବା; ସ୍ଥିତି ବା ଉପସ୍ଥିତିର ଧାରଣା ହେବା; ସନ୍ଦେହ କରିବା; 2. ବି. ସନ୍ଦିଗ୍ଧ ବ୍ୟକ୍ତି; 3. ବିଂ. ସଂଦେହାସ୍ପଦ; ସଂଦେହଯୋଗ୍ୟ।

**suspend** କ୍ରି. ଝୁଲାଇବା; ସ୍ଥଗିତ ରଖିବା; ସାମୟିକଭାବେ କାର୍ଯ୍ୟରୁ ନିଲମ୍ବିତ କରିବା।

**suspended animation** ବି. ସାମୟିକଭାବେ ଶରୀର ମୃତ୍ୟୁବତ୍ ହେବା ଅବସ୍ଥା।

**suspended sentence** ବି. ଉତ୍ତମ ଆଚରଣ ପାଇଁ ସ୍ଥଗିତ ବା ହ୍ରାସପ୍ରାପ୍ତ ଦଣ୍ଡାଦେଶ।

**suspender** ବି. ଯେ ଝୁଲାଇ ରଖେ; ମୋଜା ଅଟକାଇ ରଖୁଥିବା ଫିତା; ବ.ବରେ ଆମେ. ଟ୍ରାଉଜର୍ସ ଝୁଲାଇ ରଖୁଥିବା ଫିତା।

**suspender belt** ବି. ସ୍ତ୍ରୀଲୋକଙ୍କ ଫିତାଲଗା ଅନ୍ତର୍ବାସ।

**suspense** ବି. ଅନିଶ୍ଚୟତା ଓ ଉତ୍କଣ୍ଠାର ଅବସ୍ଥା।

**suspension** ବି. ନିଲମ୍ବନ, ସାମୟିକ ବରଖାସ୍ତ; ମଧ୍ୟପଥରେ ଅଟକାଇବା; ଯାନବାହାନର ଭାର ସମ୍ଭାଳୁଥିବା ଅକ୍ଷଦଣ୍ଡର ସ୍ପ୍ରିଙ୍ଗ୍ ପ୍ରଭୃତି।

**suspension bridge** ବି. ଝୁଲନ୍ତାପୋଲ; ଦୁଇପଟେ ଶକ୍ତ ତାରଦ୍ୱାରା ଉନ୍ନତ ପ୍ରଭୃତିରେ ବଂଧାହୋଇ ଝୁଲି ରହୁଥିବା ପୋଲ।

**suspicion** ବି. ଅବିଶ୍ୱାସ; ସନ୍ଦେହ; ସନ୍ଦେହର କାରଣ; above suspicion ସନ୍ଦେହର ଊର୍ଦ୍ଧ୍ୱରେ; under suspicion ସନ୍ଦିଗ୍ଧ।

Digitized by srujanika@gmail.com

**suspicious** ବିଂ. ସନ୍ଦେହପୂର୍ଣ୍ଣ; ସନ୍ଦେହଶୀଳ; ସଂଦେହୀ; ସନ୍ଦିଗ୍ଧ; ସନ୍ଦେହଜନକ; *କ୍ରି.ବିଂ.* suspiciously.

**suss** *କ୍ରି. ସା.ପ୍ର.* ତଦନ୍ତ କରିବା; ସମାଧାନ କରିବା; ହୃଦ୍‌ବୋଧ କରିବା; on suss (ଅପରାଧ ଘଟାଇବାର) ସନ୍ଦେହରେ ।

**sustain** *କ୍ରି.* ସହିବା; ବହନ କରିବା; ସହ୍ୟକରିବା; ଉତ୍ସାହିତ କରିବା; ଜୀବିତ ରଖିବା; (କଚେରିରେ) ପ୍ରତିବାଦ ପ୍ରଭୃତି ଗୃହୀତ ହେବା; ଚାଲୁରଖିବା; ସମର୍ଥନ ଦେବା; (କ୍ଷତ, ପରାଜୟ) ପ୍ରାପ୍ତହେବା; (ଉଦ୍ୟମ) ଅବ୍ୟାହତ ରଖିବା; *କ୍ରି.ବିଂ.* sustainable.

**sustenance** ବି. ପୁଷ୍ଟିସାଧନ; ଖାଦ୍ୟ, ଭରଣପୋଷଣ; ଆଜୀବିକା ।

**sutler** ବି. *ଇତି.* ସେନାବାହିନୀର ପଶ୍ଚାଦ୍‌ଗାମୀ ଖାଦ୍ୟବିକ୍ରେତା ।

**suttee** *ବି.ଭା. ଇତି.* ସତୀ; ସ୍ୱାମୀ ଚିତାନଳରେ ସହ–ମରଣ ବରଣ କରୁଥିବା ହିନ୍ଦୁ ରମଣୀ; ସତୀ (ଦାହ) ପ୍ରଥା ।

**suture** 1. ବି. କ୍ଷତ ବା କଟାଘା'; ସୀବନ; ସେଥିରେ ବ୍ୟବହୃତ ସୂତା ବା ତାର; 2. *କ୍ରି.* କ୍ଷତ ସିଲାଇକରିବା ।

**suzerain** ବି. *ଇତି.* ସାମନ୍ତ, ଜମିଦାର; ଭୂମ୍ୟଧିକାରୀ; *ପ୍ରା.ପ୍ର.* ସାର୍ବଭୌମ ସମ୍ରାଟ ବା ଦେଶ (ଅନ୍ୟ ଦେଶର ଶାସନକର୍ତ୍ତା); ବି. suzerainty.

**svelte** ବିଂ. ତନୁପାତଳୀ; ସୁନ୍ଦର; ଚଞ୍ଚଳ ।

**SW** *ସଂଶ. ଦ୍ର.* south west.

**swab** 1. ବି. ଘରପୋଛା କପଡା ବା ଲୁଗା ଗୁଡାହୋଇଥିବା ଯଷ୍ଟି; ଅସ୍ତ୍ରୋପଚାରବେଳେ ବ୍ୟବହୃତ ଅବଶୋଷକ ତୁଳାଗଦି ବା ପଟି; ପରୀକ୍ଷା ପାଇଁ ସଂଗୃହୀତ ଦୈହିକ ଲାଳ; 2. *କ୍ରି.* ପୋଛିବା; ସଫାକରିବା ।

**swaddle** *କ୍ରି.* ପୋଷାକରେ (ବିଶେ. ଶିଶୁର) ଶରୀରକୁ ଭଲଭାବେ ଘୋଡାଇବା; କ୍ଷତସ୍ଥାନକୁ ପଟିଦ୍ୱାରା ଭିଡି ବାନ୍ଧିବା ।

**swag** ବି. (ଅଷ୍ଟ୍ରେଲିଆ, ନିଉଜିଲେଣ୍ଡ) ଯାତ୍ରୀର ଗଣ୍ଠିଲି; ପତ୍ର, ଫୁଲ ପ୍ରଭୃତିର ସୁଦୃଶ୍ୟ ତୋରଣ; *ସା.ପ୍ର.* ଚୋରି ଡକାୟତି ମାଲ୍ ।

**swagger** 1. *କ୍ରି.* ଉଦ୍ଧତ ଭାବରେ ଚାଲିବା ବା ବ୍ୟବହାର କରିବା; 2. ଔଦ୍ଧତ୍ୟପୂର୍ଣ୍ଣ ଚାଲି ବା ବ୍ୟବହାର ।

**swagger stick** ବି. ସାମରିକ ଅଫିସର୍ ହାତରେ ଧରୁଥିବା କ୍ଷୁଦ୍ର ଯଷ୍ଟି ।

**Swahili** ବି. ଜାଞ୍ଜିବର ଓ ନିକଟସ୍ଥ ଅଞ୍ଚଳର ବାଣ୍ଟୁଜାତି ଓ ସେମାନଙ୍କ ଭାଷା ।

**swain** ବି. *ପ୍ରା.ପ୍ର.* ଗ୍ରାମବାସୀ ଯୁବକ; *କାବ୍ୟ.* ଯୁବ ପ୍ରଣୟ ପ୍ରାର୍ଥୀ ବା ପ୍ରେମିକ ।

**swallow**[1] 1. *କ୍ରି.* ଗିଳିପକାଇବା; (ଆବେଗ) ଚାପିଦେବା; ଅସ୍ପଷ୍ଟଭାବରେ କହିବା, ନିଃଶେଷ କରିଦେବା; ବିନା ଆପତ୍ତିରେ ଗ୍ରହଣ କରିବା; 2. ବି. ଗଳାଧଃକରଣ; ଗିଳିଦେଉଥିବା ବସ୍ତୁର ପରିମାଣ ।

**swallow**[2] ବି. ଦ୍ୱିଧା–ପୁଚ୍ଛଯୁକ୍ତ ଭ୍ରମଣଶୀଳ ପକ୍ଷୀବିଶେଷ ।

**swallow–dive** *କ୍ରି.*, ବି. ହସ୍ତପ୍ରସାରଣ କରି ଜଳକୁ ଲଂଫ ପ୍ରଦାନ (କରିବା) ।

**swallow tail** ବି. ଦ୍ୱିଧାପୁଚ୍ଛ; ସେଭଳି ପ୍ରଜାପତି ।

**swam** *କ୍ରି.* swimର *ଅ.କା.* ।

**swami** *ବି.ଭା.* ହିନ୍ଦୁ ଧର୍ମଗୁରୁ; ସ୍ୱାମୀ; ପ୍ରଭୁ ।

**swamp** 1. ବି. ଜଳାକୀର୍ଣ୍ଣ ଭୂମି; ପାଣି ପଚ୍ ପଚ୍ ଜାଗା; 2. *କ୍ରି.* (ଜଳରେ) ନିମଜ୍ଜିତ ବା ପ୍ଲାବିତ କରିବା; ଆନନ୍ଦ ବା ଦୁଃଖର ଆତିଶଯ୍ୟରେ ଅଭିଭୂତ ହେବା, କୌଣସି ବସ୍ତୁର ବାହୁଲ୍ୟଦ୍ୱାରା ଢାଙ୍କି ବା ଘୋଡାଇ ପକାଇବା; ବିଂ. swampy.

**swan** 1. ବି. ରାଜହଂସ; 2. *କ୍ରି. କ.ଭା.* ଉଦ୍ଦେଶ୍ୟହୀନ ଭାବରେ ଘୁରିବୁଲିବା; ଦୃପ୍ତଠାଣିରେ ଚାଲିବା ।

**swansong** ବି. ରାଜହଂସର ମୃତ୍ୟୁକାଳୀନ ଶେଷ ସଂଗୀତ (ରୂପକଥାର); କବିଙ୍କ ଅନ୍ତିମରଚନା; ଗାୟକର ଶେଷ ସଂଗୀତ; ଶିଳ୍ପୀର ଅନ୍ତିମ ସୃଷ୍ଟି ।

**swank** 1. *ବି.କଭା.* ଆତ୍ମବିଶ୍ୱାସପୂର୍ଣ୍ଣ ଗତି; ଉଦ୍ଧତ ଆଚରଣ ବା କଥାବାର୍ତ୍ତା; 2. *କ୍ରି.* ଦେଖାଇହେବା ।

**swanky** ବିଂ ଆତ୍ମଚାରୀ; ଆତ୍ମବଡ଼ିମାପୂର୍ଣ୍ଣ ।

**swannery** ବି. ହଂସଭାଡି; ହଂସରହିବା ସ୍ଥାନ ।

**swansdown** ବି. ରାଜହଂସର ନରମପର; ଏକପ୍ରକାର ମୋଟା କନା ଯାହାର ଗୋଟିଏପଟରେ ତୁଳା ବା ପଶମ ଦିଆଯାଇଥାଏ ।

**swap** 1. *କ୍ରି.* ପଦାର୍ଥ ଅଦଳବଦଳ କରିବା; 2. ବି. ବଦଳ ଜିନିଷ ।

**SWAPO** ବି. *ସଂଶ.* South West Africa People's Organization ଦ.ପ୍ର. ଆଫ୍ରିକା ଜନ ସଂଗଠନ ।

Digitized by srujanika@gmail.com

**sward** ବି. ସାହି. ତୃଣାବୃତ ଭୂମି।
**swarf** ବି. ପଥର, ଧାତୁ ପ୍ରଭୃତିର ସୂକ୍ଷ୍ମ ଖଣ୍ଡ ବା ଚିପ୍ସ୍।
**swarm**[1] 1. ବି. ପଶୁ, ପକ୍ଷୀ, କୀଟପତଙ୍ଗ ବା ମଣିଷଙ୍କ ଦଳ; ବ.ବରେ ଅଗଣିତ ମଣିଷ, ପ୍ରାଣୀ ପ୍ରଭୃତି; ରାଣୀମହୁମାଛି ସହ ଉଡିଯାଉଥିବା ମହୁମାଛିଦଳ; 2. କ୍ରି. ଦଳବଦ୍ଧଭାବେ ଚାଲିବା; ଦଳବଦ୍ଧଭାବେ ସ୍ଥାନତ୍ୟାଗ କରିବା; ପରିପୂର୍ଣ୍ଣ ହେବା, ଭର୍ତ୍ତି ହୋଇଯିବା।
**swarm**[2] କ୍ରି. ହାତଗୋଡ ଛନ୍ଦାଇ ଗଛ, ଦଉଡ଼ି ପ୍ରଭୃତି ଚଢ଼ିବା।
**swarthy** ବିଂ. କଳା, କଳାଙ୍କର; କୃଷ୍ଣକାୟ।
**swashbuckler** ବି. ଦୁର୍ବଳର ନିର୍ମମ ଉତ୍ପୀଡକ; ଉଦ୍ଧତ ଅଭିଯାତ୍ରୀ; ବି.,ବିଂ. swashbuckling.
**swastika** ବି. ସ୍ୱସ୍ତିକ ଚିହ୍ନ; ନାଜିଜର୍ମାନୀର ପ୍ରତୀକ।
**swat** 1. କ୍ରି. ଚଟକା ପଦାର୍ଥରେ ଆଘାତ କରିବା; ହଠାତ୍ ଆଘାତ କରି ମାଛି ମାରିବା; ହଠାତ୍ ମାଡ ମାରିବା; 2. ବି. ଅପ୍ରତ୍ୟାଶିତ ଆଘାତ ବା ମାଡ।
**swatch** ବି. ନମୁନା; ଲୁଗାର ନମୁନା, ନମୁନାଗୁଡ଼ିକର ସଂଗ୍ରହ।
**swath, swathe** ବି. ଘାସ ବା ଶସ୍ୟ କଟା ବା ଚଷା ହୋଇଥିବା ସ୍ଥାନ।
**swathe** 1. କ୍ରି. ବେଣ୍ଡେଜ୍, ପଟି ବା ଲୁଗାରେ ଗୁଡାଇବା ବା ଘୋଡାଇବା; 2. ବି. ବେଣ୍ଡେଜ୍ ବା କ୍ଷତବନ୍ଧନ ପଟି; ଘୋଡେଇହେବା ଲୁଗା, ଚଦର ପ୍ରଭୃତି।
**swatter** ବି. ମାଛିମରା ଉପକରଣ।
**sway** 1. କ୍ରି. ଆନ୍ଦୋଳିତ କରିବା; ଝୁଲାଇବା; ଏପଟସେପଟ ହେବା; ଶାସନ କରିବା; ପ୍ରଭାବ ବିସ୍ତାର କରିବା; ଗତି ବା ଦିଗ ନିୟନ୍ତ୍ରଣ କରିବା; 2. ବି. ଦୋଳନ; ଶାସନ; ପ୍ରଭାବ; ସରକାର।
**swear** କ୍ରି. ଶପଥ କରିବା; ଶପଥ ନେବା; ଦୃଢ଼ତା ସହକାରେ କହିବା; ଶପଥ ନେଇ ସାକ୍ଷ୍ୟଦେବା; ଅଶାଳୀନ ବା ଅଭଦ୍ର ଭାଷା ବ୍ୟବହାର କରିବା; କଭା. ବିଶ୍ୱାସସ୍ଥାପନ କରିବା; swear blind ଦୃଢ଼ତାର ସହ କହିବା; swear by କାହାରି ଉପଲକ୍ଷ୍ୟରେ ଶପଥ କରିବା; ଦ୍ୱାହି ଦେଇ କହିବା; କ.ଭା. ଗଭୀରଭାବେ ବିଶ୍ୱାସ କରିବା; swear in ଶପଥପାଠ କରିବା; କୌଣସି ପଦବୀରେ ଅଧିଷ୍ଠିତ ହେବା; swear off କ.ଭା. ଶପଥପୂର୍ବକ (ମଦ୍ୟପାନ ପ୍ରଭୃତି) ତ୍ୟାଗ କରିବା; swear to କ.ଭା. ଦୃଢ଼ନିଶ୍ଚିତ ବୋଲି କହିବା।
**swear-word** ବି. ଅଶାଳୀନ ବା ବର୍ଜ୍ୟ ଶବ୍ଦ ବା ଭାଷା।
**sweat** 1. ବି. ଝାଳ; ଘର୍ମ; ସ୍ୱେଦ, ଘର୍ମାକ୍ତ ଅବସ୍ଥା; କ.ଭା. ଉତ୍କଣ୍ଠିତ ଅବସ୍ଥା; କ୍ଳାନ୍ତିକର ପରିଶ୍ରମ; କୌଣସି ବସ୍ତୁ ଉପରେ ବିନ୍ଦୁବିନ୍ଦୁ ଜଳ ଜମିବା; 2. କ୍ରି. ଝାଳ ବହିବା; ଭୟ ପାଇଯିବା; (କାନ୍ଥ ପ୍ରଭୃତିରେ) ପାଣି ଜକେଇବା; କ୍ଳାନ୍ତିକର କାର୍ଯ୍ୟ କରିବା; ଝାଳବୁହା ପରିଶ୍ରମ ବା କସରତ କରିବା; sweated ବିଂ. ଝାଳବୁହା, କଷ୍ଟୋପାର୍ଜିତ; no sweat କ.ଭା. ବିନା ଝାମେଲା ବା ଅସୁବିଧାରେ; sweat blood କଭା. କଠିଣ ପରିଶ୍ରମ କରିବା; ଉତ୍କଣ୍ଠିତ ହେବା; sweat it out କଷ୍ଟସାଧ୍ୟ କାର୍ଯ୍ୟକୁ ଶେଷପର୍ଯ୍ୟନ୍ତ ସହ୍ୟ କରିଯିବା; ବିଂ. sweaty.
**sweat-band** ବି. ଟୋପିତଳେ, କଟିଚ ବା ବେକ ଉପରେ ଝାଳ ଶୋଷିବା ପାଇଁ ଦିଆଯାଉଥିବା ପଟି।
**sweated labour** ବି. ଅନୁପଯୁକ୍ତ ଦରମାପ୍ରାପ୍ତ ଶ୍ରମିକର ଶ୍ରମ।
**sweater** ବି. ସ୍ୱେଟର; ପଶମପୋଷାକ, ପୁଲୋଭର୍।
**sweatshirt** ବି. ସୂତାତିଆରି ପୂରାହାତ କମିଜ୍।
**sweatshop** ବି. ଝାଳବୁହା ପରିଶ୍ରମ କରାଯାଉଥିବା କାରଖାନା।
**swede** ବି. ସୁଇଡେନ ଦେଶୀୟ ହଳଦିଆ ସାଲଗମ୍।
**Swede** ବି. ସୁଇଡେନ୍‌ର ଅଧିବାସୀ ବା ନାଗରିକ।
**Swedish** 1. ବି. ସୁଇଡେନ୍‌ର ଅଧିବାସୀ ବା ଭାଷା; 2. ବିଂ. ସୁଇଡେନ ଦେଶୀୟ ଲୋକ ବା ଭାଷା ସମ୍ବନ୍ଧିତ।
**sweep** 1. କ୍ରି. ଝାଡୁରେ ଓଳାଇବା; ଓଳେଇ ବା ଝାଡି ସଫାକରିବା; ଅଳିଆ ସଂଗ୍ରହ କରିବା; ଦ୍ରୁତବେଗରେ ଚାଲିଯିବା; ଆବକ୍ର ରେଖାରେ ଦ୍ରୁତ ଗମନ କରିବା; 2. ବି. ଝାଡୁମାରିବା କାର୍ଯ୍ୟ; ଝାଡୁଦାର, ପାହାଡର ଢାଲୁସ୍ଥାନ; ରାସ୍ତାର ବକ୍ରସ୍ଥାନ, ପରିସର; make a clean sweep of ସଂପୂର୍ଣ୍ଣ ଲୋପ କରିଦେବା; ସଂପୂର୍ଣ୍ଣଭାବେ ଘଉଡିଦେବା; ସମସ୍ତ ପୁରସ୍କାର ପାଇବା;

Digitized by srujanika@gmail.com

sweep away ତୁରନ୍ତ ବିଲୋପ କରିବା; sweep the board ଜୁଆ ଖେଳରେ ସମସ୍ତ ପୁରସ୍କାର ଜିଣିନେବା; ସମସ୍ତ ଅର୍ଥ ଲାଭକରିବା ।

**sweeper** ବି. ଝାଡୁଦାର; (ଫୁଟବଲ) ଗୋଲରକ୍ଷକ ପାଖରେ ଥିବା ପ୍ରତିରକ୍ଷାତ୍ମକ ଖେଳାଳି ।

**sweeping** 1. ବିଂ. ବିସ୍ତୃତ; ସୁଦୂରପ୍ରସାରୀ; ସାଧାରଣ ବା ମନୋମୁଖୀ (ମନ୍ତବ୍ୟ); 2. ବି. ବ.ବ. ଝାଡୁଦ୍ୱାରା ସଂଗୃହୀତ ଅଳିଆ ।

**sweepstake** ବି. ଯେଉଁ ଘୋଡାଦୌଡ ପ୍ରଭୃତି ଜୁଆ ଖେଳରେ ବାଜି ପଡିଥିବା ସମସ୍ତ ଅର୍ଥ ବିଜୟୀକୁ ପ୍ରଦାନ କରାଯାଏ; ଏଭଳିଭାବେ ପ୍ରାପ୍ତ ପୁରସ୍କାର ବା ଅର୍ଥ ।

**sweet** 1. ବିଂ. ମିଠା; ମିଷ୍ଟ, ମଧୁର (ସ୍ୱାଦୁ ବା ସ୍ୱର); ଆକର୍ଷଣୀୟ; ତୃପ୍ତିଦାୟକ; ମନୋରମ; ସୌଜନ୍ୟପୂର୍ଣ୍ଣ, ପ୍ରୀତିକର; *କ.ଭା.* ସୁନ୍ଦର, ପ୍ରେମାସକ୍ତ; 2. ବି. ମଧୁର ବସ୍ତୁ; ସୁମିଷ୍ଟ ବ୍ୟଞ୍ଜନ ବା ଖାଦ୍ୟ; ମିଷ୍ଟାନ୍ନ, ମିଠେଇ; ପ୍ରିୟ ବ୍ୟକ୍ତି; ବିଂ. sweetish; *କ୍ରି.*ବିଂ. sweetly.

**sweet-and-sour** ବିଂ. ଖଟାମିଠା ସସ୍‌ରେ ରନ୍ଧାହୋଇଥିବା ।

**sweetbread** ବି. ଖାଦ୍ୟରୂପେ ବ୍ୟବହୃତ ପଶୁମାନଙ୍କ ଅଗ୍ନ୍ୟାଶୟ ।

**sweet-brier** ବି. ସୁଗନ୍ଧ ପତ୍ରଯୁକ୍ତ ବଣୁଆଗୋଲାପ ବିଶେଷ ।

**sweetcorn** ବି. ସୁଗନ୍ଧିତ ମକ୍କା ଦାନା ।

**sweeten** *କ୍ରି.* ସୁମିଷ୍ଟ କରିବା; ରୋଚକ କରିବା; ଯନ୍ତ୍ରଣା ଲାଘବକରି ଅଧିକ ଗ୍ରହଣୀୟ କରିବା ।

**sweetener** ବି. ଖାଦ୍ୟ ବା ପାନୀୟ ମିଠା କରିବାପାଇଁ ବ୍ୟବହୃତ ପଦାର୍ଥ; *କଭା.* ଲାଞ୍ଚ ।

**sweetheart** ବି. ପ୍ରଣୟୀ ବା ପ୍ରଣୟିନୀ; ପ୍ରିୟ ବା ପ୍ରିୟା ।

**sweetie** ବି. *କ.ଭା. ଦ୍ର.* sweet, sweetheart.

**sweetmeat** ବି. ମିଠେଇ, ମିଷ୍ଟାନ୍ନ; ଛୋଟ କେକ୍ ବିଶେଷ ।

**sweetness** ବି. ମଧୁରତ୍ୱ; ସୁଗନ୍ଧ; sweetness and light (ବିଶେ. ଅସ୍ୱାଭାବିକ) ନମ୍ରତା ଏବଂ ବିଚାରଶକ୍ତି ।

**sweet pea** ବି. ସୁଗନ୍ଧିତ ଫୁଲ ବିଶିଷ୍ଟ ଲତା ବିଶେଷ ।

**sweet pepper** ବି. କମ୍ ରାଗ ଥିବା ଗୋଲମରିଚ ।

**sweet potato** ବି. ଶାକରକନ୍ଦା ।

**sweetshop** ବି. ମିଠେଇ ଦୋକାନ; ଗୁଡିଆ ଦୋକାନ ।

**sweet talk** ବି. *କ.ଭା.* ତୋଷାମଦ, ଖୋସାମତ, ଅତିରିକ୍ତ ପ୍ରଶଂସା ।

**sweet tooth** ବି. ମିଠାଜିନିଷ ଖାଇବାପାଇଁ ବିଶେଷ ଇଚ୍ଛା, ମିଷ୍ଟପ୍ରିୟ ।

**sweet william** ବି. ପେଣ୍ଡା ପେଣ୍ଡା ହୋଇ ଉଜ୍ଜ୍ୱଳ ଫୁଲ ଫୁଟୁଥିବା ଉଦ୍ୟାନ ଗୁଳ୍ମ ।

**swell** 1. *କ୍ରି.* ପ୍ରସାରିତ ହେବା; ଆୟତନରେ ବଢ଼ିବା; ସ୍ଫୀତ ହେବା, ଫୁଲିବା ବା ଫୁଲିଉଠିବା; ଉଦ୍‌ଗତ ହେବା; ଉଚ୍ଚତର ଧ୍ୱନି କରିବା; ଆନନ୍ଦ, ଗର୍ବ ପ୍ରଭୃତିରେ ଫୁଲିଉଠିବା; 2. ବି. ସ୍ଫୀତି, ବୃଦ୍ଧି; ଲହଡି ଭାଙ୍ଗୁ ନ ଥିବା ସମୁଦ୍ରବେଳ; ଉଲ୍ଲାସ; *କ.ଭା.* ଫୁଲ୍‌ବାବୁ; ଫୁଲା; 3. ବିଂ. *କ.ଭା. ଆମେ.* ବଢ଼ିଆ, ଚମତ୍କାର; ଫିଟ୍‌ଫାଟ୍, ସୌଖୀନ, ବିଳାସୀ; have (get) a swelled (swollen)head ଅହଂକାରୀ ହେବା; ଫୁଟାଣି କରିବା ।

**swelling** ବି. ଶରୀରର ଅସାଧାରଣ ଫୁଲା ।

**swelter** 1. *କ୍ରି.* ପ୍ରବଳ ତାପପୀଡିତ ହେବା; ଅତିଶୟ ଗରମ ହେବା; 2. ବି. ଅତ୍ୟଧିକ ଗରମ ।

**swept** *କ୍ରି.*sweepର *ଅ.କା. ଏବଂ. ଅ.କ୍ରି.କ.ପ.* ।

**swerve** 1. *କ୍ରି.* ହଠାତ୍ ଦିଗ ପରିବର୍ତ୍ତନ କରିବା; ବଙ୍କେଇଯିବା; ସ୍ଖଳିତହେବା; ପରାଙ୍ମୁଖ ହେବା; 2. ବି. ହଠାତ୍ ଦିଗ ପରିବର୍ତ୍ତନ ।

**swift** 1. ବିଂ. ଦ୍ରୁତଗାମୀ; ବେଗବାନ୍, ଚଟାପଟ୍; 2. ବି. ଲମ୍ବଡେଣା ବିଶିଷ୍ଟ ଏକପ୍ରକାର ବେଗବାନ୍ ପକ୍ଷୀ; ବିଂ. swiftly; ବି. swiftness.

**swig** 1. *କ୍ରି. କ.ଭା.* ବଡ଼ ବଡ଼ ଢୋକରେ ପାନ କରିବା; 2. ବି. ବଡ଼ ଢୋକରେ ପାନ ।

**swill** 1. *କ୍ରି.* କୁଳୁକୁଞ୍ଚା କରିବା; କୁଳି କରି ପାଣି ଫୋପାଡିବା; ଲୋଭୀଙ୍କଭଳି ଢକଢକ ପିଇବା; 2. ବି. କୁଳୁକୁଞ୍ଚା; (ବଳି ଯାଇଥିବା ତରଳ) ଘୁଷୁରି ଖାଦ୍ୟ ।

**swim** 1. *କ୍ରି.* ପହଁରିବା; ସନ୍ତରଣ କରିବା; ଭାସିବା; ଉପରକୁ ଭାସି ଉଠିବା; ପ୍ଲାବିତ ହେବା; ମୁଣ୍ଡ ଘୂରାଇଦେବା; 2. ବି. ସନ୍ତରଣ, ପହଁରା;

Digitized by srujanika@gmail.com

in the swim କ.ଭା. (କୌଣସି ଘଟଣାରେ) ସଂଶ୍ଳିଷ୍ଟ ହେବା ବା ସେ ସଂପର୍କରେ ଖବର ରଖିବା; ବି. swimmer.

**swimming–bath** ବି. ସନ୍ତରଣ ପୁଷ୍କରିଣୀ।

**swimming–costume** ବି. ପହଁରାପୋଷାକ।

**swimmingly** କ୍ରି.ବିଂ. କ.ଭା. ଆରାମରେ; ବାଧାହୀନଭାବେ।

**swimsuit** ବି. ପହଁରା ପୋଷାକ; ସ୍ତ୍ରୀଲୋକଙ୍କ ଗୋଟିକିଆ ପୋଷାକ।

**swimwear** ବି. ପହଁରିବାବେଳେ ପିନ୍ଧାଯାଉଥିବା ପୋଷାକ।

**swindle** 1. କ୍ରି. ପ୍ରତାରଣା କରିବା; ପଇସାପତ୍ର ଠକି ନେଇଯିବା; 2. ବି. ପ୍ରତାରଣା, ଠକେଇ; ଠକ।

**swindler** ବି. ପ୍ରତାରକ, ଠକ।

**swine** ବି. ଘୁଷୁରି, ଶୂକର; କଭା. ଘୃଣ୍ୟ ବା ଅପ୍ରୀତିକର ବ୍ୟକ୍ତି; କଷ୍ଟକର ବା ଅପ୍ରୀତିକର କାର୍ଯ୍ୟ; ବିଂ. swinish.

**swing** କ୍ରି. ଝୁଲାଇବା; ହଲାଇବା; ଆନ୍ଦୋଳିତ କରିବା; ଝୁଲିଝୁଲି ଲଂଫ ପ୍ରଦାନ କରି ଯିବା; ଝୁଲିଝୁଲି ଚାଲିବା; ମାଡଦେବା ପାଇଁ ଚେଷ୍ଟା କରିବା; କ.ଭା. (ଭୋଜି ପ୍ରଭୃତି) ଆନନ୍ଦକର ହେବା; (ନିର୍ବାଚନରେ) ନିର୍ଣ୍ଣାୟକ ପ୍ରଭାବ ପଡିବା; ମତ ପରିବର୍ତ୍ତନ କରିବା; କ.ଭା. ହାସଲ କରିବା; ପାଇବା; 2. ବି. ଦୋଳନ; ଦୋଳା, ଝୁଲା; ଦୋଳି, (ଭୋଟଦାନ ପ୍ରଭୃତିରେ) ଆଖିଦୃଶିଆ ପରିବର୍ତ୍ତନ; swings and roundabouts ଲାଭ ଓ କ୍ଷତି ସମାନ ହେଉଥିବା ପରିସ୍ଥିତି; ବି. swinger.

**swing–boat** ବି. ଜାହାଜ ଆକୃତିର ଦୋଳି।

**swing–bridge** ବି. ଜାହାଜ ପ୍ରଭୃତି ଯିବାକାଳରେ ଯେଉଁ ପୋଲକୁ ଘୁଞ୍ଚାଇ ଦିଆଯାଇପାରେ।

**swing–door** ବି. ଉଭୟପଟକୁ ଖୋଲିପାରୁଥିବା ଏବଂ ଆପେ ବନ୍ଦ ହୋଇଯାଉଥିବା କବାଟ।

**swingeing** ବିଂ. ସଶକ୍ତ (ଆଘାତ); ସୁଦୂରପ୍ରସାରୀ; ବିଶାଳ।

**swing–wing** ବି. ଉଡାଜାହାଜର ପରିବର୍ତ୍ତନୀୟ ଡେଣା।

**swipe** କ.ଭା. 1. କ୍ରି. ଶକ୍ତିଶାଳୀ ଆଘାତ କରିବା; ବାଛବିଚାର ନ ରଖି ଜୋର୍‌ରେ ମାରିବା; ଚୋରି କରିବା; କ୍ରିକେଟ୍‌ବଲ୍‌କୁ ବେଟ୍‌ଦ୍ୱାରା ଶକ୍ତିଶାଳୀ ଆଘାତ କରିବା; 2. ବି. ଶକ୍ତିଶାଳୀ ଆଘାତ।

**swirl** 1. କ୍ରି. ନଦୀଜଳ ବା ପବନ ଘୂର୍ଣ୍ଣି ଖାଇ ଗତି କରିବା; ଘୂର୍ଣ୍ଣିତ ହେବା; 2. ବି. ଘୂର୍ଣ୍ଣିତ ଗତି, କୁଣ୍ଡନ।

**swish** 1. କ୍ରି. ସାଏଁସାଏଁ ଶବ୍ଦ କରିବା; ପବନ, ଘାସ ପ୍ରଭୃତିରେ (କୌଣସି ବସ୍ତୁ) ସଶବ୍ଦ ଚାଳନା କରିବା; 2. ବି. ସାଏଁସାଏଁ ଶବ୍ଦ; 3. ବିଂ. ଫିଟ୍‌ଫାଟ୍; ସୌଖୀନ୍।

**Swiss** 1. ବି. ସୁଇଜରଲେଣ୍ଡର ଲୋକ ବା ତାଙ୍କ ଭାଷା; 2. ବିଂ. ସୁଇଜରଲେଣ୍ଡ ସମ୍ବନ୍ଧୀୟ।

**Swiss roll** ବି. ନଳାକୃତି ହାଲୁକା ଜାମ୍‌ଦିଆ କେକ୍ ବିଶେଷ।

**switch** 1. ବି. ଇଲେକ୍ଟ୍ରିକ୍ ସୁଇଚ୍; ପରିବର୍ତ୍ତନ; ବ୍ୟତିକ୍ରମ; ଅଦଳବଦଳ; କଟାହୋଇଥିବା କଅଁଳିଆ ଡାଳ; ଛାଟ; 2. କ୍ରି. ସୁଇଚ୍ ଟିପି ବିଦ୍ୟୁତ୍ ସରାବରାହ ବନ୍ଦ ବା ଚାଲୁ କରିବା; ଅଦଳବଦଳ ବା ସ୍ଥାନାନ୍ତରଣ କରିବା; ଛାଟ ବା ବାଡିଦ୍ୱାରା ମାରିବା; switch off ସୁଇଚ୍ ଟିପି ବତୀପ୍ରଭୃତି ବନ୍ଦ କରିବା; କଭା. ଦୃଷ୍ଟି ନ ଦେବା; switch on ସୁଇଚ୍ ଟିପି ବତୀ ଜଳାଇବା; ଚାଲୁ କରିବା।

**switchback** ବି. ମେଳା ପ୍ରଭୃତିରେ ଅତି ଉଚ୍ଚକୁ ଯାଇ ପୁଣି ତଳକୁ ଖସୁଥିବା ଝୁଲା;, ସେଭଳି ପାର୍ବତ୍ୟ ରେଳପଥ ବା ପଥ।

**switchboard** ବି. ବୈଦ୍ୟୁତିକ ବା ଟେଲିଫୋନ୍‌ର ସ୍ୱିଚ୍‌ବୋର୍ଡ; ସଂଯୋଗସ୍ଥାପନ ନିମିତ୍ତ ବ୍ୟବହୃତ ତକ୍ତା ବା ବୋର୍ଡ୍।

**switched–on** ବିଂ. କ.ଭା. ସଚେତନ; ତଥ୍ୟାଭିଜ୍ଞ; ଉତ୍ତେଜିତ, ଡ୍ରଗ୍ ବା ନିଶାଗ୍ରସ୍ତ।

**swivel** ବି. ଘୂରିପାରୁଥିବା ଚକ୍‌ତି।

**swivel chair** ବି. ଘୂର୍ଣ୍ଣାୟମାନ ଚୌକି।

**swiz, swizz** ବି. ସାଂ.ପ୍ର. ପ୍ରତାରଣା; ଠକେଇ; ନୈରାଶ୍ୟଜନକ ବା ଅନ୍ୟାୟ ଘଟଣା।

**swizzle** ବି. କ.ଭା. ରମ୍ ବା ଜିନ୍ ସହିତ ଅନ୍ୟ ମଦ୍ୟର ଫେନାୟିତ ମିଶ୍ରଣ; ସାଂ.ପ୍ର. =swizz.

**swizzle–stick** ବି. ମଦ ଫେଣ୍ଟିବାପାଇଁ ବ୍ୟବହୃତ କାଠି ବିଶେଷ।

**swollen** କ୍ରି. swellର ଅ.କ୍ରି.ଭ.ପ.।

**swoon** କ୍ରି., ବି. ସାହି. ମୂର୍ଚ୍ଛା(ଯିବା)।

Digitized by srujanika@gmail.com

**swoop** 1. କ୍ରି. ତେଣାଯୋଡି ହଠାତ୍ ତୀବ୍ରବେଗରେ ତଳକୁ ନଇଁଆସିବା ବା ମାଡିଆସିବା; ଉଡ଼ିଆସି ଝାଂପିନେବା ବା ଝାଂପଦେବା; 2. ବି. ଝାଂପ।
**swop** କ୍ରି. ବିକ. swap.
**sword** ବି. ଖଣ୍ଡା; ତରବାରି; ଯୁଦ୍ଧ; ସାମରିକ ଶକ୍ତି; put to the sword ହତ୍ୟା କରିବା।
**sword dance** ବି. ଖଣ୍ଡାନାଚ; ଖଣ୍ଡା ବୁଲାଇ ବା ମଝିରେ ଥୋଇ ନୃତ୍ୟ କରିବା।
**swordfish** ବି. ଖଡ୍ଗାକୃତି ଉପର କଳପାଟି ଥିବା ବଡ଼ ସମୁଦ୍ରମାଛ ବିଶେଷ।
**sword of Damocles** ବି. ଆସନ୍ନ ବିପଦ (ଡେମୋକ୍ଲିସ୍‌ଙ୍କ ମୁଣ୍ଡଉପରେ ବାଳଖିଅରେ ବଂଧାହୋଇଥିବା ଖଣ୍ଡାଟିଏ ଝୁଲିରହିଥିଲା)।
**swordplay** ବି. ଖଣ୍ଡାଯୁଦ୍ଧ; ଅସିକ୍ରୀଡା; ଥଟ୍ଟାତାମସା; ଉଲ୍ଲାସପୂର୍ଣ୍ଣ ଯୁକ୍ତିତର୍କ।
**swordsman** ବି. ଅସିଯୋଦ୍ଧା; ଅସିଯୁଦ୍ଧରେ ନିପୁଣ ବ୍ୟକ୍ତି।
**swordstick** ବି. ଫମ୍ପା ଚଲାବାଡି ଭିତରେ ଥିବା ଦୀର୍ଘ ଲୌହ ଫଳକ ଯାହାକୁ ଖଣ୍ଡାଭାବରେ ବ୍ୟବହାର କରାଯାଇପାରେ।
**swore** କ୍ରି. swearର *ଅ.କା.।*
**sworn** 1. କ୍ରି. swear *ଅ.କ୍ରି.ଜ.ପ.; 2.* ବିଂ. ପ୍ରତିଜ୍ଞାବଦ୍ଧ, ଶପଥବଦ୍ଧ।
**swot** 1. *କ୍ରି ସା.ପ୍ର.* କଠିନ ଶ୍ରମସହକାରେ ଅଧ୍ୟୟନ କରିବା; 2. ବି. *ସା. ଅବ.* ଅଧ୍ୟବସାୟୀ ଛାତ୍ର।
**swum** କ୍ରି. swimର *ଅ.କ୍ରି.ଜ.ପ.।*
**swung** କ୍ରି. swingର *ଅକା. ଏବଂ. ଅ.କ୍ରି.ଜ.ପ.।*
**sybarite** ବି. ବିଳାସୀ ବା ଭୋଗସର୍ବସ୍ୱ ବ୍ୟକ୍ତି; କାମୁକ ବା ନାରୀକାମୀ ବ୍ୟକ୍ତି; ଇତି. ଇଟାଲୀର ପ୍ରାଚୀନ ନଗରୀ ସିବେରିସ୍‌ର ଅଧିବାସୀ; ବିଂ. sybaritic.
**sycamore** ବି. ଏକପ୍ରକାର ବିଶାଳ ଗଛ, ତାର କାଠ।
**sycophant** ବି. ଖୋସାମତିଆ; ହୀନ ସ୍ତାବକ; ଚାମ୍‌ଚା; ବି. sycophancy; ବିଂ. sycophantic.
**sycosis** ବି. ମୁଖ ବା ମସ୍ତକର ଲୋମଶ ଅଂଶର ଚର୍ମରୋଗ ବିଶେଷ।
**syl-** *ପୂ.ପ୍ର.* syn- ଜାତୀୟ ଉପସର୍ଗ, l ପୂର୍ବରୁ ବ୍ୟବହୃତ।
**syllabary** ବି. ବର୍ଣ୍ଣମାଳା; ମାତ୍ରା, ଅକ୍ଷର ବା ସିଲାବଲ୍‌ର ପ୍ରତୀକ ବର୍ଣ୍ଣ ବା ଲିପି ତାଲିକା।
**syllabic** ବିଂ. ଶବ୍ଦାଂଶ ବା ମାତ୍ରା ସମ୍ବନ୍ଧୀୟ; କ୍ରି.ବିଂ. syllabically.
**syllabification** ବି. ମାତ୍ରା, ସିଲାବଲ୍ ବା ଶବ୍ଦାଂଶରେ ବିଭକ୍ତ ବା ଉଚ୍ଚାରିତ।
**syllable** ବି. ଗୋଟିଏ ଶ୍ୱାସାଘାତରେ ଉଚ୍ଚାରିତ ଶବ୍ଦ ବା ଶବ୍ଦାଂଶ (*ସା.* ଗୋଟିଏ ସ୍ୱରବର୍ଣ୍ଣ ଓ ଏକାଧିକ ବ୍ୟଂଜନବର୍ଣ୍ଣ ଧ୍ୱନି ବିଶିଷ୍ଟ); ଶବ୍ଦାଂଶ; ସିଲାବଲ୍, ସିଲାବଲ୍‌ର ବର୍ଣ୍ଣଗୁଡିକ; ମାତ୍ରା; in words of one syllable ଠୋକ୍‌ଠାକ୍ ବା ସିଧାକଥାରେ।
**syllabub** ବି. (sillabub ମଧ) କ୍ରିମ, ମଦ୍ୟ ଓ ଦୁଗ୍ଧ ମିଶ୍ରିତ ଏକ ପାନୀୟ।
**syllabus** ବି. ବ.ବ. syllabuses, syllabi ପାଠ୍ୟକ୍ରମ; ଶିକ୍ଷା ନିର୍ଘଣ୍ଟ; ବିଦ୍ୟାଳୟ ପ୍ରଭୃତିର ପାଠ୍ୟନିର୍ଘଣ୍ଟ।
**syllepsis** ବି. ବ.ବ. syllepses ଅର୍ଥାଳଂକାର ବିଶେଷ, ଯହିଁରେ ବାକ୍ୟମଧ୍ୟରେ ଗୋଟିଏ ଶବ୍ଦ ଦୁଇ ଭିନ୍ନଅର୍ଥରେ ବ୍ୟବହୃତ ହୁଏ *ଉଦା.* She dropped the pen and tears; ଦୁଇଟି ଶବ୍ଦ, ଯହିଁରୁ କ୍ରିୟାପଦଟି ଗୋଟିକ ପାଇଁ ବ୍ୟାକରଣ ନିୟମମତେ ପ୍ରଯୁଜ୍ୟ; *ଉଦା.* Neither you nor he knows.
**syllogism** ବି.ଦ. ତ୍ରିପଦୀଯୁକ୍ତି, ଯହିଁରେ ଦୁଇଟି ଦତ୍ତ ବା ଆନୁମାନିକ ବଚନ ମଧ୍ୟରୁ ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ; ବିଂ. syllogistic.
**sylph** ବି. ବାୟୁର ମୌଳିକ ଶକ୍ତି ସ୍ୱରୂପିଣୀ ପରୀ; ତନୁପାତଳୀ ସୁନ୍ଦରୀ ସ୍ତ୍ରୀ; ବିଂ. sylphlike.
**sylvan** ବି. (silvan ମଧ) ବନ୍ୟ, ଆରଣ୍ୟକ; ଗ୍ରାମୀଣ।
**sylviculture** ଦ୍ର. silviculture.
**sym-** *ପୂ.ପ୍ର.* syn- ଜାତୀୟ ଉପସର୍ଗ; b, m, p ପୂର୍ବରୁ ବ୍ୟବହୃତ।
**symbiosis** ବି. ଅନ୍ତରଂଗ ଶାରୀରିକ ସଂପର୍କ ଥିବା ଦୁଇ ଭିନ୍ନ ସଜୀବପ୍ରାଣୀ ମଧ୍ୟରେ ପରସ୍ପର ମଙ୍ଗଳକର ସଂପର୍କ; ବ୍ୟକ୍ତିମାନଙ୍କ ମଧ୍ୟରେ ପରସ୍ପର ସହଯୋଗିତାମୂଳକ ସଂପର୍କ; ବିଂ. symbiotic.
**symbol** ବି. ପ୍ରତୀକ; ସଂକେତ; ଚିହ୍ନ; ଲକ୍ଷଣ।
**symbolic** ବିଂ. ପ୍ରତୀକମୂଳକ; ପ୍ରତୀକାତ୍ମକ; ସାଂକେତିକ।

Digitized by srujanika@gmail.com

**symbolically** କ୍ରି.ବିଂ. ପ୍ରତୀକାତ୍ମକଭାବେ ।
**symbolism** ବି. ପ୍ରତୀକବାଦ; ପ୍ରତୀକ ବ୍ୟବହାର; ଭାବୋଲ୍ଲାସ, ଆବେଗ ପ୍ରଭୃତିର ପରିପ୍ରକାଶ ନିମନ୍ତେ ପ୍ରତୀକର କାବ୍ୟିକ ବା କଳାତ୍ମକ ବ୍ୟବହାର ।
**symbolist** ବି. ପ୍ରତୀକବାଦୀ ସାହିତ୍ୟିକ ବା କଳାକାର ।
**symbolize** କ୍ରି. ପ୍ରତୀକ ବା ଚିହ୍ନଦ୍ୱାରା ପ୍ରକାଶ କରିବା; ପ୍ରତୀକ ହେବା ।
**symmetry** ବି. ଯଥାନୁପାତ; ସମସ୍ତ ଅଂଶର ସଠିକ୍ ବା ଯଥାଯଥ ଅନୁପାତ; ସୌଷ୍ଠବ; ପ୍ରତିସାମ୍ୟ; ଅଂଗସୌଷ୍ଠବ, ସମବିନ୍ୟାସ; ବିଂ. symmetrical; କ୍ରି.ବିଂ. symmetrically.
**sympathetic** ବିଂ. ସହାନୁଭୂତିଶୀଳ; ସହାନୁଭୂତିପୂର୍ଣ୍ଣ; ପ୍ରୀତିପଦ; ପସନ୍ଦଯୋଗ୍ୟ; କ୍ରି.ବିଂ. sympathetically.
**sympathize** କ୍ରି. କାହାପ୍ରତି ସହାନୁଭୂତି ସଂପନ୍ନ ହେବା; ସହାନୁଭୂତି ପ୍ରଦର୍ଶନ କରିବା; ସମ୍ମତ ହେବା; ବି. sympathizer.
**sympathy** ବି. ସହାନୁଭୂତି; ସମବେଦନା; କରୁଣା; ଦରଦ; ସମର୍ଥନ; ମାନସିକ ସାଦୃଶ୍ୟ; (ମତ ବା ଇଚ୍ଛାରେ) ସାଦୃଶ୍ୟ ବା ସହମତି; in sympathy ସହାନୁଭୂତିପୂର୍ଣ୍ଣ, ସହାନୁଭୂତି ଦେଖାଇ; ସହାନୁଭୂତିର ଫଳସ୍ୱରୂପ ।
**symphony** ବି. ଅନେକ ଚରଣ ବିଶିଷ୍ଟ ସଂପୂର୍ଣ୍ଣ ବାଦ୍ୟଯନ୍ତ୍ରର ସଂଗୀତ କାର୍ଯ୍ୟକ୍ରମ ବା ଅର୍କେଷ୍ଟ୍ରା; ସୁଦୀର୍ଘ କଣ୍ଠ ସଂଗୀତ ମଧ୍ୟବର୍ତ୍ତୀ ଯନ୍ତ୍ରସଂଗୀତ; ବିଂ. symphonic.
**symphony orchestra** ବି. ସିଂଫୋନି ବା ବାଦ୍ୟବୃନ୍ଦ ପରିବେଷଣ ପାଇଁ ସମର୍ଥ ବଡଧରଣର ଅର୍କେଷ୍ଟ୍ରା ।
**symposium** ବି. ବିଚାରଗୋଷ୍ଠୀ; (କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ଆଧାର କରି) ସମ୍ମେଳନ ବା ପ୍ରବଂଧ ସଂକଳନ; ଦାର୍ଶନିକ ବା ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା ।
**symptom** ବି. ରୋଗର ଶାରୀରିକ ବା ମାନସିକ ଲକ୍ଷଣ; ବସ୍ତୁର ଉପସ୍ଥିତିର ଚିହ୍ନ ବା ସଂକେତ ।
**symptomatic** ବିଂ. ଲାକ୍ଷଣିକ, ଲକ୍ଷଣମୂଳକ; କ୍ରି.ବିଂ. symptomatically.
**syn–** ପୂ.ପ୍ର. ସହିତ, ସହ, ସଦୃଶ ବା ଏକତ୍ରସୂଚକ ।
**synagogue** ବି. ଇହୁଦୀମାନଙ୍କ ଉପାସନା, ଧର୍ମଶିକ୍ଷା ବା ସମ୍ମିଳିତ ହେବା ସ୍ଥାନ ।
**synapse** ବି. ଦୁଇ ସ୍ନାୟୁକୋଷର ସଂଯୋଗ ।
**sync, synch** କ.ଭା. 1. ବି. ଏକକାଳୀନତା; 2. କ୍ରି. ଏକକାଳୀନ କରିବା; ଏକସମୟରେ ବା ଯୁଗପତ୍ ଘଟିବା ।
**synchromesh** ବି. ମଟରଗାଡିର ଗିଅର ପରିବର୍ତ୍ତନ ପଦ୍ଧତି ବିଶେଷ ।
**synchronic** ବିଂ. ଏକ ନିର୍ଦ୍ଦିଷ୍ଟ ସମୟର ପରିପ୍ରେକ୍ଷୀରେ କୌଣସି ବିଷୟ ସମ୍ବନ୍ଧିତ; କ୍ରି.ବିଂ. synchronically.
**synchronism** ବି. ଏକକାଳୀନତ୍ୱ; ଧ୍ୱନି ଏବଂ ଚିତ୍ରର ଯଥାଯଥ ସଂଯୋଜନ ।
**synchronize** କ୍ରି. ଯୁଗପତ୍ କରିବା; ଏକସଙ୍ଗେ ନାନାପ୍ରକାର କାର୍ଯ୍ୟ ସଂପାଦନ କରିବା; ଧ୍ୱନି ଏବଂ ଚିତ୍ରର ସଠିକ ସଂଯୋଜନା କରିବା; ଘଣ୍ଟାଗୁଡିକରେ ସମାନ ସମୟ ଦେଖାଇବା; ବି. synchronization.
**synchronous** ବିଂ. ଏକକାଳୀନ; ଯୁଗପତ୍; ଏକସ୍ଥାନରେ ସ୍ଥିତ ବା ଏକସମୟରେ ଘଟିତ ।
**syncopate** କ୍ରି. ଶବ୍ଦମଧ୍ୟରୁ ଏକ ବା ଏକାଧିକ ଅକ୍ଷର କାଟି ଛୋଟ କରିବା; *ସଙ୍ଗୀତ* ତାଳ ବା ସ୍ୱରକୁ ହ୍ରସ୍ୱ କରିଦେବା; ବି. syncopation.
**syncope** ବି.ବ୍ୟା. ହ୍ରସ୍ୱକରଣ; ଶବ୍ଦମଧ୍ୟରୁ ଅକ୍ଷର କାଟି ଶବ୍ଦ ସଂକୋଚନ; ରକ୍ତଚାପ ହ୍ରାସ ଯୋଗୁଁ ଅଚେତ (ହୋଇଯିବା) ।
**syncretize** କ୍ରି. ପରସ୍ପରବିରୋଧୀ ଧାର୍ମିକ ବା ଅନ୍ୟ ବିଚାରଧାରାଗୁଡିକର ସମନ୍ୱୟ ବା ଏକତ୍ରୀକରଣ ପାଇଁ ଚେଷ୍ଟା କରିବା; ବିଂ. syncretic; ବି. syncretism.
**syndic** ବି. ବିଶ୍ୱବିଦ୍ୟାଳୟ ବା ସରକାରୀ କର୍ମକର୍ତ୍ତା ବିଶେଷ; ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ବା ପରିଚାଳନା ସଭାର ସଦସ୍ୟ ।
**syndicalism** ବି. *ଇତି.* ଶ୍ରମିକସଂସ୍ଥା ହସ୍ତରେ ଶିଳ୍ପସଂସ୍ଥାର ମାଲିକାନା ଏବଂ ପରିଚାଳନା ହସ୍ତାନ୍ତର ନିମନ୍ତେ ଆନ୍ଦୋଳନ; ବି. syndicalist.
**syndicate** 1. ବି. ବିଶ୍ୱବିଦ୍ୟାଳୟର ବ୍ୟବସ୍ଥା–ସଭା; ବ୍ୟବସାୟୀ ବା ବାଣିଜ୍ୟ ପ୍ରତିଷ୍ଠାନ–ମାନଙ୍କର ସଂଘ; ପରିଚାଳନା ସଭା; ଏକାଧିକ ସଂବାଦପତ୍ର ପ୍ରକାଶନ ସଂସ୍ଥାକୁ ଲେଖା ଯୋଗାଉଥିବା ଏଜେନ୍ସି ବା ପ୍ରତିଷ୍ଠାନ; ଅପରାଧ, ଜୁଆପ୍ରଭୃତି ସଂଗଠିତଭାବରେ ପରିଚାଳନା କରୁଥିବା ଗୋଷ୍ଠୀ; 2. କ୍ରି. ସଂଘ ବା ଗୋଷ୍ଠୀ ଗଠନ କରିବା; ସିଣ୍ଡିକେଟ୍ ଗଠନ କରି ସଂବାଦ

Digitized by srujanika@gmail.com

ପତ୍ରମାନଙ୍କୁ ଫିଚର୍ ବା ଲେଖା ଯୋଗାଇବା; ବି. syndication.

**syndrome** ବି. ରୋଗର ଅନେକ ଲକ୍ଷଣ ବା ଉପସର୍ଗର ପରିପ୍ରକାଶ; ବିବିଧ ମତ, ଆବେଗ ବା ଚିନ୍ତାଧାରାର ସମାବେଶ ।

**synecdoche** (ସିନେକ୍‌ଡକି) ବି. ଉପଲକ୍ଷ୍ୟ ଅଳଂକାର, ଯେଉଁଥିରେ ଅଂଶନିମିତ୍ତ ପୂର୍ଣ୍ଣ ବା ପୂର୍ଣ୍ଣନିମିତ୍ତ ଅଂଶର ପ୍ରୟୋଗ ହୋଇଥାଏ; *ଉଦା.* Pakistan lost to India; a fleet of fifty sails.

**synod** ବି. ଗୀର୍ଜାର ଧର୍ମଯାଜକ ପରିଷଦ୍ ।

**synonym** ବି. ପ୍ରତିଶବ୍ଦ; ତୁଲ୍ୟାର୍ଥଶବ୍ଦ; ପର୍ଯ୍ୟାୟବାଚୀ ବା ସମାର୍ଥବିଶିଷ୍ଟ ଶବ୍ଦ; *ଉଦା.* shut, close.

**synonymous** ବିଂ. ସମାନାର୍ଥକ; ପର୍ଯ୍ୟାୟବାଚୀ; ସଂପୃକ୍ତ; ଇଂଗିତମୂଳକ ।

**synopsis** ବି. ବ.ବ. synopses ସାରାଂଶ; ସଂକ୍ଷିପ୍ତସାର ।

**synoptic** ବିଂ. ସାରାଂଶଧର୍ମୀ, ସଂକ୍ଷିପ୍ତ ସାରାତ୍ମକ ।

**Synoptic Gospels** ବି. *ଖ୍ରୀ.* ବ.ବ. ସନ୍ଥ ମେଥ୍ୟୁ, ମାର୍କ ଏବଂ ଲୁକ୍‌ଙ୍କ ଦ୍ୱାରା ସଂପାଦିତ (ବାଇବେଲ୍‌ର) ଧର୍ମତତ୍ତ୍ୱ ।

**synovia** ବି. ଶରୀରର ଗଣ୍ଠି ବା ଖଞ୍ଜାମାନଙ୍କରେ ଥିବା ତୈଳାକ୍ତ ପଦାର୍ଥ; ଖଂଜାରସ ।

**synovial** ବିଂ. ଖଂଜାରସ ସଂବଧୀୟ ।

**syntactic** ବିଂ. ବାକ୍ୟଗଠନ ବିଧି ସଂକ୍ରାନ୍ତ; କ୍ରି.ବିଂ. syntactically.

**synthesis** ବି. ବ.ବ. syntheses ସଂଶ୍ଲେଷ; ସଂଶ୍ଲେଷଣ; ବିଭିନ୍ନ ଉପାଦାନର ଏକତ୍ରୀକରଣ; ରାସାୟନିକ ପ୍ରଣାଳୀରେ କୃତ୍ରିମ ବସ୍ତୁ ପ୍ରସ୍ତୁତି ।

**synthesize** କ୍ରି. ସଂଶ୍ଲେଷଣ କରିବା; ରାସାୟନିକ ପ୍ରଣାଳୀରେ କୃତ୍ରିମ ବସ୍ତୁ ପ୍ରସ୍ତୁତ କରିବା ।

**synthesizer** ବି. ବିବିଧ ବାଦ୍ୟଯନ୍ତ୍ରର ଧ୍ୱନି ସୃଷ୍ଟି କରିପାରୁଥିବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ର ବିଶେଷ; ସିନ୍ଥେସାଇଜର୍ ।

**synthetic** 1. ବିଂ. (ପ୍ରାକୃତିକ ବସ୍ତୁର ଅନୁକରଣରେ) ରାସାୟନିକ ପ୍ରଣାଳୀରେ ନିର୍ମିତ; କୃତ୍ରିମତାପୂର୍ଣ୍ଣ ବା ଆନ୍ତରିକତାହୀନ; 2. ବି. କୃତ୍ରିମ ପଦାର୍ଥ; ସିନ୍ଥେଟିକ୍ ବସ୍ତୁ ।

**syphilis** ବି. ଉପଦଂଶ ବା ଗର୍‌ମୀରୋଗ; ସଂକ୍ରାମକ ଯୌନବ୍ୟାଧି ବିଶେଷ; ବିଂ. syphilitic.

**Syriac** 1. ବି. ପ୍ରାଚୀନ ସିରିଆ ଦେଶର ଭାଷା; 2. ବିଂ. ସିରିଆକ୍‌ର, ସିରିଆକ୍ ଭାଷାରେ ।

**Syrian** 1. ବିଂ. ସିରିଆଦେଶୀୟ; 2. ବି. ସିରିଆବାସୀ ।

**syringa** ବି. ଲାଇଲାକ୍ ଜାତୀୟ ତୀବ୍ର ଗନ୍ଧଯୁକ୍ତ ଧଳାଫୁଲ ଫୁଟୁଥିବା ଗଛ ।

**syringe** 1. ବି. ପିଚକାରୀ; ସରୁ ଧାରରେ ତରଳପଦାର୍ଥ, ବିଶେ. ଔଷଧ ଟାଣିବା ବା ଦେହରେ ପ୍ରବେଶ କରାଇବା ବ୍ୟବହୃତ ଉପକରଣ (ସିରିଂଜ୍); 2. କ୍ରି. ସିରିଂଜ୍‌ଦ୍ୱାରା ତରଳପଦାର୍ଥ ନିକ୍ଷେପ କରିବା ।

**syrup** ବି. *ଆମେ.* sirup ଚିନିର ସିରା; ମିଷ୍ଟ ତରଳପଦାର୍ଥ; ସରବତ୍; ଚାସନି; ଘନୀଭୂତ ଆଖୁରସ; ଗୁଡପାଣି; ଅତ୍ୟନ୍ତ ମଧୁର ବ୍ୟବହାର ବା ଭାବଭଙ୍ଗିମା; ବିଂ. syrupy.

**system** ବି. ପରସ୍ପର ସଂଯୁକ୍ତ ବସ୍ତୁ ବା ଅଂଶଗୁଡ଼ିକର ସମୂହ; ପଦ୍ଧତି, ରୀତି, ପ୍ରଣାଳୀ; ଶରୀରରେ କୌଣସି କାର୍ଯ୍ୟପାଇଁ ଉଦ୍ଦିଷ୍ଟ ଅଂଶସମୂହ; ବିଧି; ପ୍ରଚଳିତ ରାଜନୈତିକ ବା ସାମାଜିକ ବ୍ୟବସ୍ଥା (ବିଶେ. ଦମନମୂଳକ); get a thing out of one's system; *କ.ଭା.* କୌଣସି ଦୁଶ୍ଚିନ୍ତା ବା ଉତ୍କଣ୍ଠାରୁ ଅବ୍ୟାହତି ପାଇବା ।

**systematic** ବିଂ. ଯଥାରୀତି; ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସାରେ; ନିୟମିତ; ଚେଷ୍ଟାକୃତ; କ୍ରି.ବିଂ. systematically.

**systematically** କ୍ରି.ବିଂ. ଯଥାରୀତି; ପଦ୍ଧତି ଅନୁସାରେ ।

**systematize** କ୍ରି. ପଦ୍ଧତି ବା ବ୍ୟବସ୍ଥାରେ ପକାଇବା; ସୁସଂହତ କରିବା; ବି. systematization.

**systemic** ବିଂ. (ଶରୀର ବିଜ୍ଞାନ) ସମଗ୍ର ଶରୀର ସଂବଂଧୀୟ; ମୂଳ ବା ଅଗଦେଇ ପ୍ରବେଶ କରି ସମଗ୍ର ଉଦ୍‌ଭିଦ ଶରୀରରେ ସଞ୍ଚରି ଯାଉଥିବା (କୀଟ ନାଶକ); କ୍ରି.ବିଂ. systemically.

**systems analysis** ବି. କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଏକ ଜଟିଳ ପ୍ରକ୍ରିୟାର ବିଶ୍ଲେଷଣ (ବିଶେ. କଂପ୍ୟୁଟର୍ ବ୍ୟବହାର କରି); ବି. systems analyst.

**systole** ବି. ହୃତପିଣ୍ଡର ସଂକୋଚନ ।

**systolic** ବିଂ. (ହୃତ୍‌ପିଣ୍ଡର) ସଂକୋଚନ ସଂକ୍ରାନ୍ତ; ସଂକୋଚନଗ୍ରସ୍ତ ।

Digitized by srujanika@gmail.com

# Tt

**T[1],t** ବି. (ବ.ବ. Ts, T's ବା ts, t's) ଇଂରାଜୀ ବର୍ଣ୍ଣମାଳାର ବିଂଶତିତମ ବର୍ଣ୍ଣ; T ଆକୃତିର ପଦାର୍ଥ; ନକ୍ସା ପ୍ରଭୃତି ଅଙ୍କନରେ ବ୍ୟବହୃତ ହେଉଥିବା T ଆକୃତିର ରୁଲର୍; to a T ଅବିକଳ, ନିପୁଣ ଓ ଯଥାଯଥ।

**T[2]** *ପ୍ର.* titium ଟିଟିୟମ୍।

**t,t.** *ସଂଶ.* ton(s), tonne(s) ଟନ୍।

**TA** *ସଂଶ.* Territorial Army ଟେରିଟୋରିଆଲ୍ ଆର୍ମି; travelling allowance ଗସ୍ତଖର୍ଚ୍ଚ।

**ta** *ଅନ୍ତ.କଥ୍ୟ.* ଧନ୍ୟବାଦ (ଶିଶୁଭାଷା)।

**tab** ବି. ଟ୍ୟାବ୍; ବାନ୍ଧିବା, ଝୁଲାଇ ରଖିବା ବା ପରିଚିତି ପାଇଁ ବ୍ୟବହୃତ ଫିତା; ଚିହ୍ନସ୍ୱରୂପ ଜାମାସହିତ ସଂଯୁକ୍ତ ଥାଇ ଫିତା ବା ଚିହ୍ନ; *ଆମେ.* ହିସାବ ବା ବିଲ୍; **keep tab (tabs) on** *କ.ଭା.* ହିସାବ ରଖିବା; ନଜର ରଖିବା; ନିୟନ୍ତ୍ରଣରେ ରଖିବା।

**tabard** ବି. *ଇତି.* ଯୋଦ୍ଧାର କବଚ ଉପରେ ପରିଧେୟ; ପୁରୁଷ ଓ ମହିଳାଙ୍କ ବକ୍ଷବାସ; ବାର୍ତ୍ତାବହର ରାଜକୀୟ ଚିହ୍ନ ଶୋଭିତ ପାରମ୍ପରିକ କୋଟ୍।

**tabasco** ବି. କଟୁ ଗୋଲମରିଚ; ତାହାର ସସ୍।

**tabby** ବି. କଳାରଙ୍ଗର ପଟାପଟା ଦାଗଥିବା ପାଉଁଶିଆ ବା ବାଦାମୀରଙ୍ଗର ବିଲେଇ; ଏକପ୍ରକାର ରେଶମ।

**tabernacle** ବି.*ଇତି.* ଏକ୍ସୋଡସ୍ ବା ସମୂହ ପଳାୟନ ସମୟରେ ଇସ୍ରାଏଲର ଇହୁଦୀମାନେ ଆଶ୍ରୟ ନେଇଥିବା ତମ୍ବୁ; ଅସ୍ଥାୟୀ ଆଶ୍ରୟ; ନନ୍‌କନ୍‌ଫର୍ମିଷ୍ଟମାନଙ୍କର ମିଳନଗୃହ।

**tabla** ବି. ଏକପ୍ରକାର ଭାରତୀୟ ବାଦ୍ୟଯନ୍ତ୍ର; ତବଲା।

**table** 1. ବି. ଟେବୁଲ; ମେଜ; କୌଣସି ପରିବାରରେ ଭୋଜନ ପାଇଁ ବସିଥିବା ବ୍ୟକ୍ତିଗଣ; ସାରଣୀ; ସମତଳ ସ୍ଥାନ; 2. କ୍ରି. ସଭାରେ ଆଲୋଚନା ପ୍ରଭୃତି ପାଇଁ ଆଗତ କରିବା; *ଆମେ.* (କୌଣସି ବିଷୟର) ବିଚାର ଘୁଞ୍ଚାଇଦେବା; on the table ଆଲୋଚନା ପାଇଁ ପ୍ରସ୍ତୁତ; turn the tables ନିଜ ସୁବିଧା ମୁତାବକ ପରିସ୍ଥିତି ଓଲଟିଯିବା; under the table *କ.ଭା.* ମାତାଲ୍; ଗୋପନରେ, ବିଶେ. ବେଆଇନ୍‌ଭାବେ।

**tableau** ବି. ଛବିକ ପ୍ରଦର୍ଶନ; ନାଟକୀୟ ସ୍ଥିର ଦୃଶ୍ୟ; ପ୍ରସ୍ଥାପନ ମେଢ଼; ଚିତ୍ରବତ୍ ଅବସ୍ଥାପିତ ମନୁଷ୍ୟ ବା ନାଟକୀୟ ଚରିତ୍ର।

**tablecloth** ବି. ଟେବୁଲ ଆଚ୍ଛାଦନବସ୍ତ୍ର; ଟେବୁଲ୍‌କ୍ଲଥ୍।

**table d' hote** ବି. ହୋଟେଲର ଯେଉଁ ଭୋଜନ ନିର୍ଦ୍ଦିଷ୍ଟ ଖାଦ୍ୟତାଲିକା ଅନୁସାରେ ଏବଂ ନିର୍ଦ୍ଧାରିତ ଦାମ୍‌ରେ ମିଳେ।

**tableland** ବି. ସମତଳ ମାଳଭୂମି।

**table–linen** ବି. ଟେବୁଲ ଆଚ୍ଛାଦନ ବସ୍ତ୍ରବିଶେଷ, ଟେବୁଲ୍‌କ୍ଲଥ୍।

**tablespoon** ବି. ଖାଦ୍ୟ ବାଢ଼ିବାପାଇଁ ବଡ଼ ଚାମୁଚ୍; ସେଥିରେ ଧରୁଥିବା ପରିମାଣ; ବି. tablespoonful.

**tablet** ବି. ଔଷଧ ଗୋଳି ବା ଟେବ୍‌ଲେଟ୍; ସାବୁନ୍ ପ୍ରଭୃତିର ଚକତି; କ୍ଷୁଦ୍ର ତକ୍ତା ବା ଫଳକ।

**table talk** ବି. ଖାଇବା ଟେବୁଲ୍‌ରେ ଲଘୁ ଆଳାପ।

**table tennis** ବି. ମଧ୍ୟଭାଗରେ ନେଟ୍ ଥିବା, ବଡ ଟେବୁଲ୍‌ରେ ଖେଳାଯାଉଥିବା ଏକପ୍ରକାର ଗୃହାଭ୍ୟନ୍ତର କ୍ରୀଡା; ଟେବୁଲ ଟେନିସ୍।

**tabloid** ବି. ଜନପ୍ରିୟ ବା ଚାଞ୍ଚଲ୍ୟକର ସଂବାଦ ପ୍ରଭୃତି ପ୍ରକାଶିତ ହେଉଥିବା କ୍ଷୁଦ୍ରାକୃତି ଖବରକାଗଜ।

**taboo** 1. ବି. ପବିତ୍ର ବା ଅଭିଶପ୍ତ ମନେ କରାଯାଉଥିବା କୌଣସି ବସ୍ତୁ ବା ଧର୍ମୀୟ ନିଷେଧ; ବ୍ୟକ୍ତି ପାଇଁ ଧର୍ମୀୟ ବାସନ୍ଦ; ସାମାଜିକ ପ୍ରଥାନୁସାରେ ନିଷିଦ୍ଧ ବସ୍ତୁ ବା ବ୍ୟକ୍ତି; 2. ବିଂ. ନିଷିଦ୍ଧ ବା ପୃଥକୀକୃତ; 3. କ୍ରି. ନିଷିଦ୍ଧ ବା ବାସନ୍ଦ କରିବା।

**tabor** ବି.*ଇତି.* ଛୋଟ ଡ୍ରମ୍ (ବାଦ୍ୟଯନ୍ତ୍ର)।

**tabu** ବିକ. taboo.

**tabular** ବିଂ. ସରିତ; ତାଲିକାବଦ୍ଧ; ସୂଚୀକ୍ରମରେ ଲିପିବଦ୍ଧ।

Digitized by srujanika@gmail.com

**tabulate** *କ୍ରି.* ସଂଖ୍ୟା ବା ତଥ୍ୟସମୂହ ଟେବୁଲ୍ ବା ସାରଣୀ ବା ତାଲିକାରେ ଲିପିବଦ୍ଧ କରିବା; *ବି.* tabulation.

**tabulator** *ବି.* ସାରଣୀ ବା ତାଲିକା ପ୍ରସ୍ତୁତକାରୀ; ଟାଇପ୍‌ମେସିନ୍‌ର ଏକ ଯନ୍ତ୍ରାଂଶ ଯାହାଦ୍ୱାରା ସ୍ତମ୍ଭ ସଜ୍ଜିତ ହୁଏ ।

**tacho** *ବି.* *କ.ଭା.* tachometer ଟେକୋମିଟର ।

**tachograph** *ବି.* ମଟରଗାଡିରେ ବ୍ୟବହୃତ ଗତି ଓ ଯାତ୍ରାସମୟ ମାପିବା ଯନ୍ତ୍ର ।

**tachometer** *ବି.* ମଟରଗାଡିରେ ଇଂଜିନ୍‌ର ଆବର୍ତ୍ତନ ପରିମାପକ ଯନ୍ତ୍ର ।

**tacit** *ବିଂ.* ଅନୁକ୍ତ; ପ୍ରକାଶ କରା ନ ଯାଇ ବୁଝିହେଉଥିବା ବା ବୁଝାଯାଉଥିବା ।

**taciturn** *ବିଂ.* କଥା କହିବାକୁ ଅନିଚ୍ଛୁକ; କମ୍ କଥା କହୁଥିବା; ସ୍ୱଳ୍ପଭାଷୀ; ମିତବାକ୍; *ବି.* taciturnity.

**tack**[1.] 1. *ବି.* ତୀକ୍ଷ୍ଣ ମୂନ ଓ ଚଉଡ଼ା ମୁଣ୍ଡ ଥିବା କଣ୍ଟା; *ଆମେ.* ଡ୍ରଇଙ୍ଗ୍‌ବୋର୍ଡ୍‌ର ପିନ୍; ବଖିଆ ସିଲେଇ; ଲମ୍ୱା ସିଲାଇ; ଟାଂକ୍ ସିଲେଇ; କାର୍ଯ୍ୟପନ୍ଥା; ଜାହାଜର ଦିଗ (*ବିଶେ. ସାମୟିକ*) ପରିବର୍ତ୍ତନ; 2. *କ୍ରି.* କଣ୍ଟାରେ ବାନ୍ଧିବା ବା ଯୋଡିବା; ଟାଂକ୍ ମାରିବା; ଯୋଡିବା; ପାଲ ବାନ୍ଧିବା ପ୍ରଣାଳୀ ପରିବର୍ତ୍ତନ ନ କରି ଜାହାଜର ଗତି ପରିବର୍ତ୍ତନ କରିବା; ସ୍ଥାନ ପରିବର୍ତ୍ତନ କରିବା ।

**tack**[2.] *ବି.* ଘୋଡାର ଜିନ୍, ଲଗାମ ପ୍ରଭୃତି ।

**tack**[3.] *ବି.କ.ଭା.* ଶସ୍ତା ବାଜେ ବା ଦୁଇନମ୍ବରି ଜିନିଷ ।

**tackle** 1 *ବି.* ଯେକୌଣସି କାର୍ଯ୍ୟ ବା ଖେଳର ସରଂଜାମ; ଜାହାଜ ପ୍ରଭୃତିର ଯନ୍ତ୍ରପାତି; 2. *କ୍ରି.* କୌଣସି ସମସ୍ୟା ବା ପରିସ୍ଥିତିର ମୁକାବିଲା କରିବା; ଜାବୁଡି ଧରିବା; ଆଲୋଚନା, ଯୁକ୍ତିତର୍କ ପ୍ରଭୃତି ପାଇଁ ପ୍ରତିଯୋଗୀ ବା ଯେକୌଣସି ବ୍ୟକ୍ତିର ସମ୍ମୁଖୀନ ହେବା; ଫୁଟବଲ ଖେଳରେ ବଲ୍‌କୁ ନିଜ ଅକ୍ତିଆରରେ ରଖିବା; *ବି.* tackler.

**tackle-block** *ବି.* କପିକଳ ବା ପୁଲି, ଯାହା ଉପରଦେଇ ଦଉଡି ଯାଇଥାଏ ।

**tacky**[1.] *ବିଂ.* ସାମାନ୍ୟ ଅଠାଳିଆ; ସଂପୂର୍ଣ୍ଣ ଶୁଖି ନ ଥିବା; *ବି.* tackiness.

**tacky**[2.] *ବିଂ.* *କ.ଭା.* କଦର୍ଯ୍ୟ ଅବସ୍ଥାରେ; ଶସ୍ତା, ଚିରାଫଟା; *ବି.* tackiness.

**tact** *ବି.* (ଅସୁବିଧାଜନକ ଅବସ୍ଥାବେଳେ ଅନ୍ୟମାନଙ୍କ ସହିତ) ବ୍ୟବହାର କୌଶଳ; ସୂକ୍ଷ୍ମବିଚାର; ଅନ୍ୟର ମାନସିକ ଅବସ୍ଥା ବୁଝି ତା ସହିତ ବ୍ୟବହାର କୌଶଳ; ଅବସ୍ଥାନୁଯାୟୀ କାର୍ଯ୍ୟ ବା କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଣ୍ଣୟଶକ୍ତି; ଉଚିତ କଥା କହିବା ବା ଉଚିତ କାର୍ଯ୍ୟ କରିବାର ବୋଧଶକ୍ତି ।

**tactful** *ବିଂ.* ଚାତୁର୍ଯ୍ୟପୂର୍ଣ୍ଣ; କୌଶଳୀ; କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଣ୍ଣୟ ଶକ୍ତି ସଂପନ୍ନ; କଠିଣ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସମର୍ଥ; *କ୍ରି.ବିଂ.* tactfully.

**tactic** *ବି.* କୌଶଳପୂର୍ଣ୍ଣ (କାର୍ଯ୍ୟ ପ୍ରଭୃତି); କୌଶଳ ।

**tactical** *ବିଂ.* ସାମରିକ କୌଶଳ ସଂକ୍ରାନ୍ତ; ସୁପରିକଳ୍ପିତ; ସୁନିୟୋଜିତ; *କ୍ରି.ବିଂ.* tactically.

**tactician** *ବି.* କୌଶଳୀ ବ୍ୟକ୍ତି; ଯୁଦ୍ଧ ନିମିତ୍ତ ବ୍ୟୂହ ରଚନାରେ ଦକ୍ଷ ବ୍ୟକ୍ତି; ସାମରିକ ପରିଚାଳନାରେ କୁଶଳୀ ବ୍ୟକ୍ତି ।

**tactics** *ବି.* ଯୁଦ୍ଧରେ ସୈନ୍ୟଚାଳନା କୌଶଳ; କାର୍ଯ୍ୟସାଧନ କୌଶଳ; ଲକ୍ଷ୍ୟସାଧନ କୌଶଳ ।

**tactile** *ବିଂ.* ସ୍ପର୍ଶନାନୁଭୂତି ସଂକ୍ରାନ୍ତ; ସ୍ପର୍ଶଦ୍ୱାରା ବୋଧଗମ୍ୟ; ଚିତ୍ରାଙ୍କନରେ ଘନତ୍ୱ ସୃଷ୍ଟିକାରୀ; ସ୍ପର୍ଶବୋଧଗମ୍ୟ ।

**tactility** *ବି.* ଚିତ୍ରାଙ୍କନରେ ଘନତ୍ୱ ସୃଷ୍ଟି ପ୍ରୟାସ ।

**tactless** *ବିଂ.* କୌଶଳଶୂନ୍ୟ; କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଣ୍ଣୟ ଶକ୍ତିହୀନ; *କ୍ରି.ବିଂ.* tactlessly.

**tadpole** *ବି.* ବେଙ୍ଗଫୁଲା; ଲାଞ୍ଜଥିବା ଛୋଟ ବେଙ୍ଗଫୁଲା ।

**taffeta** *ବି.* ଚକ୍‌ମକ୍ ରେଶମ ବା ରେଶମୀ କପଡା ବିଶେଷ ।

**taffrail** *ବି.* ଜାହାଜର ପଶ୍ଚାଦ୍‌ଭାଗରେ ଲାଗିଥିବା ଡଣ୍ଡା ବା ପୋଲ ।

**Taffy** *ବି.* *କ.ଭା. ଅବ.* ୱେଲ୍‌ସର ଅଧିବାସୀ ।

**tag**[1.] 1. *ବି.* ଠିକଣା ବା ମୂଲ୍ୟ ଅଙ୍କିତ ଲେବୁଲ୍; ଧାତୁପ୍ରାନ୍ତଦିଆ ଫିତା; ଯୋତାଫିତାର ପ୍ରାନ୍ତ; ବୁଟ୍‌ଯୋତାର ଏକ ଫାଶ; ଯେ କୌଣସି ବସ୍ତୁର ଅନ୍ତିମ ଅଂଶ; ବହୁବ୍ୟବହୃତ ଉଦ୍ଧୃତାଂଶ ବା ବାକ୍ୟାଂଶ; 2. ଫିତା ପ୍ରାନ୍ତରେ ଧାତୁ ଅଂଶ ମୋଡିବା; ଟେଗ୍ ବା ଫିତାଦ୍ୱାରା ବାନ୍ଧିବା; ପଛେ ପଛେ ଲାଖିରହିବା; ଯୋଡିବା; tag along (କାହାସହିତ) ଲାଖିରହିବା; ନିଷ୍କ୍ରିୟ ସାହଚର୍ଯ୍ୟ ଦେବା ।

Digitized by srujanika@gmail.com

**tag²** 1. ବି. ଗୋଡେଇ ଛୁଇଁବା ଖେଳ; ଛୁଆମାନଙ୍କ ଗୋଡାଗୋଡି ଖେଳ; 2. କ୍ରି. ଗୋଡେଇ ଛୁଇଁବା ।

**tagliatelle** ବି. ଏକପ୍ରକାର ସରୁ, ଲମ୍ବାଳିଆ ପେସ୍ତା ।

**t'ai chi ch'uan** ବି. ଚୀନଦେଶୀୟ ସାମରିକ କଳା ଏବଂ ଶାରୀରିକ ବ୍ୟାୟାମ ବିଶେଷ ।

**tail¹** 1. ବି. ପଶୁପକ୍ଷୀ, ସରୀସୃପ ପ୍ରଭୃତିଙ୍କ ଲାଞ୍ଜ; ଲାଙ୍ଗୁଳ; ଲାଞ୍ଜଭଳି ପଦାର୍ଥ; ଶୋଭାଯାତ୍ରା ପ୍ରଭୃତିର ପଛପାଖ; ବିମାନର ପଶ୍ଚାଦ୍‌ଭାଗ; ଧୂମକେତୁର ଉଜ୍ଜ୍ୱଳ ଅଂଶ; ମୁଦ୍ରାର ଅପର ପ୍ରାନ୍ତ; ଜାମାପଟାର ନିମ୍ନପ୍ରାନ୍ତ; କୌଣସି ବସ୍ତୁର ନିକୃଷ୍ଟ, ଦୁର୍ବଳ ବା ପ୍ରାନ୍ତଭାଗ; ଅନୁଚର ବୃନ୍ଦ; 2. କ୍ରି. ଲାଙ୍ଗୁଳଯୁକ୍ତ କରିବା; ଅନୁସରଣ କରିବା; ଫଳର ଡେମ୍ଫ ବା ଡେଣ୍ଟି ବାହାର କରିବା; **on a person's tail** କାହାରି ଅନୁସରଣ କରିବା; **tail off (away)** କ୍ରମେ କମିଯିବା; **with one's tail between one's legs** ଅପମାନିତ, ନୈରାଶ୍ୟଜର୍ଜରିତ ଭାବରେ; ବିଂ. **tailless.**

**tail²** 1. ବି. ଉତ୍ତରାଧିକାର ବ୍ୟତୀତ ଅନ୍ୟକୁ ସଂପତ୍ତି ହସ୍ତାନ୍ତର ନ କରିବା ଅବସ୍ଥା; ଉତ୍ତରାଧିକାର ନିୟନ୍ତ୍ରଣ; 2. ବିଂ. ଏଭଳି ନିୟନ୍ତ୍ରିତ ।

**tailback** ବି. ରାସ୍ତାରେ କୌଣସି ବାଧାଯୋଗୁଁ ସୃଷ୍ଟି ହୋଇଥିବା ଲମ୍ବା ଲୋକଗହଳି ବା ଟ୍ରାଫିକ୍‌ଜାମ୍ ।

**tailboard** ବି. ମାଲବାହୀ ଗାଡିରେ ତାଲା ପଛର ଖୋଲି ହେଉଥିବା ତକ୍ତା ।

**tailcoat** ବି. (ଔପଚାରିକ ପୋଷାକ ଭାବରେ ବ୍ୟବହୃତ) ପଛପଟେ ଲମ୍ବାଭାବରେ ଦୁଇଭାଗ ହୋଇଯାଇଥିବା କୋଟ୍ ।

**tail-end** ବି. ଚରମଭାଗ; ଶେଷଭାଗ; ସବାପଛ ଅଂଶ; ସବା ତଳଭାଗ ।

**tailgate** ବି. ମୋଟରଗାଡିର ପଛ ଦରଜା; ଗାଡିଡାଲାର ପଛଦରଜା; ଗାଡିଡାଲାର ପଛତକ୍ତା ।

**tail-lamp, tail-light** ବି. ମଟରଗାଡିର ପଛବତୀ ।

**tailor** 1. ବି. ଦରଜି; ପୁରୁଷର ବହିର୍ବାସ ପ୍ରସ୍ତୁତକାରୀ; 2. କ୍ରି. ପୋଷାକ ପ୍ରସ୍ତୁତ କରିବା; ପୋଷାକରେ ସଜ୍ଜିତ କରିବା; ଦରଜି ହେବା; ଦରଜିକାମ କରିବା; ବିଶେଷ ଉଦ୍ଦେଶ୍ୟ ନିମନ୍ତେ ତିଆରି କରିବା ।

**tailor-bird** ବି. ବାୟାଚଢେଇ ।

**tailored** ବି. ଭଲଭାବରେ ସିଲାଇ ହୋଇଥିବା ବା ଦେହକୁ ଖାପଖାଉଥିବା (ପୋଷାକ) ।

**tailor-made** ବିଂ. ଦରଜିଦ୍ୱାରା ସିଲାଇ ହୋଇଥିବା; ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ନିର୍ମିତ ବା ଉପଯୁକ୍ତ ।

**tailpiece** ବି. କୌଣସି ବସ୍ତୁର ପ୍ରାନ୍ତଭାଗ; ଅଧ୍ୟାୟର ଶେଷରେ ଥିବା ଖାଲିସ୍ଥାନ ସଜ୍ଜୀକରଣ ।

**tailpipe** ବି. ମୋଟରଗାଡିର ଧୂମ ନିର୍ଗମନଳୀର ଶେଷଭାଗ ।

**tailplane** ବି. ଉଡାଜାହାଜର ପଛରେ ଥିବା ଏରୋଫଏଲ୍ ।

**tail-wind** ବି. ପଛୁଆ ପବନ; ଅନୁକୂଳ ପବନ ।

**taint** 1. ବି. ପତନ, ପ୍ରଦାହ, ବ୍ୟାଧି ପ୍ରଭୃତିର ଚିହ୍ନ ବା ଦାଗ; କଳଙ୍କ; ବିକୃତ ଅବସ୍ଥା; 2. କ୍ରି. କଳଙ୍କିତ କରିବା; ଦାଗ କରିବା; ବିକୃତ କରିବା ।

**take** 1. କ୍ରି. ନେବା; ନେଇଯିବା; ଧରିପକାଇବା; ଜୁଣ୍ଟେଇଧରିବା; ହାତେଇବା; ବଳପୂର୍ବକ ଦଖଲ କରିବା; କିଣି, ଭଡାରେ, ବା ସମ୍ମତିରେ ଆଣିବା; ହୃଦୟଙ୍ଗମ କରିବା; ନିୟମିତଭାବେ କିଣିବା; (ଆସନ) ଗ୍ରହଣ କରିବା; ଫଟୋ ଉଠେଇବା; ବନ୍ଦନ କରିବା; (ଡିଗ୍ରୀ ପ୍ରଭୃତି) ହାସଲ କରିବା; ଅନୁମାନ କରିବା; (ଔଷଧ, ଖାଦ୍ୟ) ଖାଇବା, ପିଇବା, (ରୋଗରେ) ଆକ୍ରାନ୍ତହେବା; ମନେକରିବା; ସହ୍ୟକରିବା; ବିଯୋଗ କରିବା; ପଢ଼ିବା; ପଢ଼ାଇବା; ପରୀକ୍ଷାଦେବା; (ଫଟୋ) ଉଠେଇବା; (କୌଣସି ସ୍ତ୍ରୀସହ) ଯୌନକ୍ରିୟା କରିବା; (କାହାପ୍ରତି) ଆକୃଷ୍ଟ ହେବା; 2. ବି. ଏକାଥରେ ନିଆହୋଇଥିବା ଅର୍ଥ; ଏକାଥରକେ ହେଉଥିବା (ସିନେମାର) ଚିତ୍ର ଉତ୍ତୋଳନ ବା (ସଂଗୀତର) ରେକର୍ଡିଙ୍ଗ୍; **be taken ill** (ହଠାତ) ଅସୁସ୍ଥହେବା, ରୋଗରେ ପଡିବା; **have what it takes** କ.ଭା. ସଫଳତା ପାଇଁ ଆବଶ୍ୟକ ଗୁଣସଂପନ୍ନ; **take account of** (କୌଣସି ବିଷୟ) ବିଚାରକୁ ନେବା; **take advantage of** ଫାଇଦା ଉଠାଇବା; **take after** ସଦୃଶ ବା ଅନୁଯାୟୀ ହେବା; **take against** ହଠାତ୍‌ର ଆରମ୍ଭ କରିବା; **take aim** ଲକ୍ଷ୍ୟ ନେବା; **take apart** ଖୋଲି ଭାଗଭାଗ କରିଦେବା; କ.ଭା. ପରାଜିତ କରିବା; କଠୋର

Digitized by srujanika@gmail.com

ସମାଲୋଚନା କରିବା; take away ଅନ୍ୟତ୍ର ନେଇଯିବା; ବିଯୋଗ କରିବା; (ଗରମ ଖାଦ୍ୟ) କିଣି ଅନ୍ୟତ୍ର ଖାଇବାପାଇଁ ନେବା; take back (ମନ୍ତବ୍ୟ) ପ୍ରତ୍ୟାହାର କରିନେବା, ଫେରାଇ ନେବା; କିଣାଜିନିଷ ଦୋକାନକୁ ଫେରାଇଦେବା; take the biscuit (bun, cake) ସବୁଠାରୁ ଅଧିକ ବୈଶିଷ୍ଟ୍ୟପୂର୍ଣ୍ଣ ହେବା; take down (ଅଟ୍ଟାଳିକା ପ୍ରଭୃତି) ଧ୍ୱଂସ କରିବା; କିଥିତ ଶବ୍ଦ ଲେଖିରଖିବା; ଘୁଞ୍ଚାଇଦେବା; ଭାଗଭାଗ କରି ଖୋଲିବା; (ଅଣ୍ଟାତଳର ପୋଷାକ) ଖୋଲିଦେବା; take for ଅନୁମାନ କରିବା; take for granted ସତ ବା ଠିକ୍ ବୋଲି ଧରିନେବା; ଅତରଂଗତା ଯୋଗୁଁ ଗୁଣ ନ ଚିହ୍ନିବା; take fright ଭୟ ପାଇବା; take heart ଉତ୍ସାହିତ ହେବା; take in; ପରିବେଷ୍ଟିତ କରିବା; ଅନ୍ତର୍ଭୁକ୍ତ କରିବା, ଉପଲବ୍ଧି କରିବା; ଭଡାଟିଆଭାବେ ଗ୍ରହଣ କରିବା; (ଘରେ) କାମପାଇଁ ବରାଦନେବା; (ପୋଷାକ) ଛୋଟ କରିଦେବା, ଠକିବା; take in hand ହାତକୁ ନେବା; କୌଣସି ବ୍ୟକ୍ତିର ନିୟନ୍ତ୍ରଣ ବା ସଂସ୍କାରକାର୍ଯ୍ୟ ଗ୍ରହଣ କରିବା; take into account ହିସାବକୁ ନେବା; ବିଚାରକୁ ନେବା; take it ଧାରଣା କରିବା; ମନେ କରିନେବା, ନିର୍ଦ୍ଦିଷ୍ଟ ଢଂଗରେ ସହ୍ୟ କରିବା; take it easy ଆରାମରେ (କର, ଯାଅ), ଉତ୍ତେଜିତ ବା ଉଦ୍ବିଗ୍ନ ହୁଅନାହିଁ, ଅଧିକ ପରିଶ୍ରମ କରନାହିଁ ପ୍ରଭୃତି; take it or leave it ଗ୍ରହଣ କରିପାର ବା ନ କରିପାର; take it out of ସମସ୍ତଶକ୍ତି ବ୍ୟୟ କରାଇଦେବା; ହାଲିଆ କରିଦେବା; ପ୍ରତିଶୋଧ ନେବା; take it out on ବିଫଳତା ବା ନୈରାଶ୍ୟରୁ ଅବ୍ୟାହତି ପାଇବାପାଇଁ (କାହାଉପରେ) ଉଗ୍ର ବ୍ୟବହାର କରିବା; take off ଲୁଗାପଟା ଖୋଲି ପକାଇବା; ଲଂଫପ୍ରଦାନ କରିବା; ହଟାଇଦେବା; (ବିମାନ) ଉଡିବାପାଇଁ ଭୂମି ତ୍ୟାଗ କରିବା; (ଅଳ୍ପସମୟ ପାଇଁ) ଛୁଟିନେବା; ବିଯୋଗ କରିବା; ତରତର ହୋଇ ବିଦାୟନେବା; *କ.ଭା.* ହାସ୍ୟକରଭାବେ (କାହାରି) ଅନୁକରଣ କରିବା; (ଯୋଜନା, ଉଦ୍ୟୋଗ ପ୍ରଭୃତି) ସଫଳ ହେବା; take oneself off ଚାଲିଯିବା; take on ଦାୟିତ୍ୱ ଗ୍ରହଣ କରିବା; (କର୍ମଚାରୀକୁ) କାମରେ ଲଗାଇବା; ପ୍ରତିଯୋଗୀ ସହିତ ମୁକାବିଲା କରିବାପାଇଁ ସମ୍ମତ ବା ପ୍ରସ୍ତୁତ ହେବା; (ନୂତନ ଅର୍ଥପ୍ରଭୃତି) ପରିଗ୍ରହଣ କରିବା; *କ.ଭା.* ଭାବପ୍ରବଣତା ପ୍ରକାଶ କରିବା; take out ବାହାର କରିଦେବା; କାଢିବା, ବୁଲାବୁଲି କରିବାପାଇଁ ବା ଯୌନସଂଗୀ ଭାବରେ ସାଙ୍ଗରେ ଯିବା; *ସା.ପ୍ର.* ହତ୍ୟା ବା ଧ୍ୱଂସ କରିଦେବା; take a person out of himself (herself) କାହାରି ଚିନ୍ତା ବା ଦୁଃଖ ଭୁଲିଯିବାକୁ ଦେବା; take over (କୌଣସି ସଂସ୍ଥାର) ପରିଚାଳନା ବା ମାଲିକାନାର ଦାୟିତ୍ୱ ନେବା; ନିୟନ୍ତ୍ରଣାଧୀନ କରିବା; take part ଅଂଶଗ୍ରହଣ କରିବା; take place ଘଟିବା; take shape ନିର୍ଦ୍ଦିଷ୍ଟ ରୂପ ବା ଆକାର ଗ୍ରହଣ କରିବା; ବୃଦ୍ଧି ପାଇବା; take one's time ତରତର ନ ହେବା; take to କୌଣସି ଅଭ୍ୟାସ (ବା ବଦଭ୍ୟାସ) ଆରମ୍ଭ କରିବା; ଖାପ ଖୁଆଇ ନେବା; ପସନ୍ଦ କରିବାକୁ ଆରମ୍ଭ କରିବା; take up କୌଣସି କାର୍ଯ୍ୟରେ ଆଗ୍ରହପ୍ରକାଶ କରିବା ବା ଲାଗିଯିବା; ଆଶ୍ରିତଭାବେ ଗ୍ରହଣ କରିବା; ସମୟ ବା ସ୍ଥାନ ନେବା; (ବସବାସ) ଆରମ୍ଭ କରିବା; ବନ୍ଦଥିବା କାର୍ଯ୍ୟ ପୁଣିଥରେ ଆରମ୍ଭ କରିବା; କୌଣସି ପ୍ରସ୍ତାବ ଗ୍ରହଣ କରିବା; (ପୋଷାକ) ଛୋଟ କରିଦେବା, ଉଠାଇବା; ଶୋଷିନେବା; କୌଣସି ବିଷୟ ଉଚ୍ଚକର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚାଇ ସମାଧାନ ପାଇଁ ଉଦ୍ୟମ କରିବା; take a person up on (କାହାରି ପ୍ରସ୍ତାବ ପ୍ରଭୃତି) ଗ୍ରହଣ କରିବା; take up with ସଂପର୍କ ସ୍ଥାପନ କରିବା, ସଂସର୍ଗ ଆରମ୍ଭ କରିବା।

**take–away** 1. ବିଂ. (ରନ୍ଧାଖାଦ୍ୟ) ଅନ୍ୟତ୍ର ନେଇ ଖାଇବାପାଇଁ କ୍ରୟକରିବା; 2. ବି. ବିକ୍ରୀ ହେଉଥିବା ରନ୍ଧାଖାଦ୍ୟ; ସେଭଳି ଦୋକାନ।

**take–home pay** ବି. ସମସ୍ତ ଦେୟ କଟିସାରିବା ପରେ କର୍ମଚାରୀ ଘରଖର୍ଚ୍ଚ ପାଇଁ ନେଉଥିବା ଦରମା।

**take–over** ବି. ନିୟନ୍ତ୍ରଣର ଦାୟିତ୍ୱ ଗ୍ରହଣ; କିଣିନେବା।

**taker** ବି. କୌଣସି ଆହ୍ୱାନ ବା ପ୍ରସ୍ତାବ ଗ୍ରହଣକାରୀ।

**take–up** ବି. ପ୍ରସ୍ତାବିତ ବସ୍ତୁ ବା କାର୍ଯ୍ୟ ଗ୍ରହଣ।

Digitized by srujanika@gmail.com

**taking** 1. ବିଂ. ଆକର୍ଷଣୀୟ, ଯାଦୁକରୀ (ସୌନ୍ଦର୍ଯ୍ୟ); 2. ବି. ବ.ବ.ରେ କୌଣସି ମନୋରଂଜନ କାର୍ଯ୍ୟକ୍ରମ; ଦୋକାନ ପ୍ରଭୃତିରେ ଗୃହୀତ ଅର୍ଥ।

**talc** ବି. ଟାଲକମ୍ ପାଉଡ଼ର୍; ଦେହରେ ଲଗାଇବା ପାଉଡ଼ର; ଯନ୍ତ୍ରାଂଶ ପିଚ୍ଛିଳ କରିବାପାଇଁ ତଥା ଅନ୍ୟ କାର୍ଯ୍ୟରେ ବ୍ୟବହୃତ ମେଗ୍ନିସିୟମ୍ ସିଲିକେଟ୍‌ର ନରମ ଚେକା।

**talcum powder** ବି. ଦେହରେ ଲଗାଇବା ପାଇଁ ଉଦ୍ଦିଷ୍ଟ ସୁଗନ୍ଧିତ ପାଉଡର୍ ବା ଗୁଣ୍ଡ।

**tale** ବି. କାହାଣୀ; ମନଗଢ଼ା ଗପ; ଅଭିସନ୍ଧିମୂଳକ ବା ବିଶ୍ୱାସଭଂଗକାରୀ ଅଭିଯୋଗ।

**talebearer** ବି. ଗୁଜବ ରଟନାକାରୀ; ଅଭିସନ୍ଧି ରଖି ବା ବିଶ୍ୱାସଭଂଗ କରି ଗୋପନୀୟ କଥା ଗପିବୁଲିବା ଲୋକ।

**talent** ବି. ବିଶେଷ ଦକ୍ଷତା; ଉଚ୍ଚ ମାନସିକ ଦକ୍ଷତା, ବିଶେଷ କର୍ମନିପୁଣ ବ୍ୟକ୍ତି; *କ.ଭା.* ସୁନ୍ଦର ଓ ଆକର୍ଷଣୀୟ ପୁରୁଷ ବା ମହିଳା; *ଇତି.* (*ବିଶେ.* ଗ୍ରୀକ୍ ଦେଶୀୟ) ଓଜନ ଓ ମୁଦ୍ରାର ପ୍ରାଚୀନମାପ ବିଶେଷ।

**talented** ବିଂ. ବିଶେଷ କର୍ମକ୍ଷମତା ସଂପନ୍ନ; ଦକ୍ଷତାପୂର୍ଣ୍ଣ; ପ୍ରତିଭାସଂପନ୍ନ।

**talent-scout, talent-spotter** ବି. ନୂତନ ପ୍ରତିଭା (*ବିଶେ.* କ୍ରୀଡ଼ା ବା ମନୋରଞ୍ଜନରେ) ଅନୁସନ୍ଧାନକାରୀ।

**talisman** ବି. ଅଲୌକିକ ଶକ୍ତିସଂପନ୍ନ ବସ୍ତୁ (ମୁଦି, ତେର୍ଜରିଆ, ତାବିଜ, ପଥର, କବଚପ୍ରଭୃତି ଯାହା ସୌଭାଗ୍ୟଦାୟୀ ବୋଲି ବିଶ୍ୱାସ କରାଯାଇଥାଏ); ବିଂ. talismanic.

**talk** 1. କ୍ରି. କଥାକହିବା ବା କହିପାରିବା; କଥାବାର୍ତ୍ତା କରିବା; ଆଳାପ ଆଲୋଚନା କରିବା; ଉଚ୍ଚାରଣ କରିବା; ବକ୍ତୃତା ଦେବା; 2. ବି. କଥାବାର୍ତ୍ତା, ବକ୍ତୃତା, ଆଳାପ ଆଲୋଚନା; ଗୁଜବ, ଫମ୍ପା ପ୍ରତିଶ୍ରୁତି; ସର୍ବଜନବିଦିତ ବସ୍ତୁ; ଫୁଟାଣି; now you're talking *କ.ଭା.* ଏବେ ଯାହା କହୁଛ ତା ଠିକ୍, ତା' ମୁଁ ପସନ୍ଦ କରୁଛି; talk back ପ୍ରତ୍ୟୁତ୍ତର ଦେବା; ଉଦ୍ଧତ ଭାବରେ ଜବାବ ଦେବା; talk down to ହେୟଜ୍ଞାନ କରି କଥା କହିବା; talk a person down ପାଟିତୁଣ୍ଡ କରି ବା ବିରକ୍ତ କରି (କାହାରିକୁ) ନୀରବ କରିଦେବା; talk of ଆଲୋଚନା କରିବା; ନାମୋଲ୍ଲେଖ କରିବା; କୌଣସି ଉଦ୍ଦେଶ୍ୟ ପ୍ରକାଶ କରିବା; talk out ମୁଲତବି ହେବାପର୍ଯ୍ୟନ୍ତ ଆଲୋଚନା ଚଳାଇ ସଂସଦରେ ବିଲ୍ ପ୍ରଭୃତି ଅଟକାଇଦେବା; talk over ବୁଝାସୁଝା କରି ପ୍ରତ୍ୟୟ ଜନ୍ମାଇବା; ବିସ୍ତୃତ ଆଲୋଚନା କରିବା; talk a person over (round) ଆଲୋଚନା ମାଧ୍ୟମରେ ସମ୍ମତ କରାଇବା; talk shop କାମଧନ୍ଦା ବା ବ୍ୟବସାୟ ବିଷୟରେ ଆଲୋଚନା କରିବା; talk to ଗାଳିଦେବା, ଭର୍ତ୍ସନା କରିବା; ବି. talker.

**talkative** ବିଂ. ବାଚାଳ; କୁହାଳିଆ।

**talkback** ବି. ଦୁଇପଟୁ ଲାଉଡ୍‌ସ୍ପିକର୍ ବ୍ୟବହାର କରି କଥାବାର୍ତ୍ତା ହେବା ବ୍ୟବସ୍ଥା।

**talkie** ବି. *କ.ଭା.* ସବାକ୍ ଚଳଚ୍ଚିତ୍ର।

**talking** ବିଂ. କଥାକୁହା (ଆଖି); ପ୍ରଗଳ୍ଭ; କଥା କହିବାରେ ସକ୍ଷମ।

**talking-shop** ବି. ଗୁଲିଖଟି; ବାଜେ ଗପ କରିବାର ଜାଗା ବା ସୁଯୋଗ।

**tall** 1. ବିଂ. ଡେଙ୍ଗା, ଉଚ୍ଚ; ଉନ୍ନତ; 2. କ୍ରି.ବିଂ. ଗର୍ବର ସହ; ବିଂ. tallish; ବି. tallness.

**tallboy** ବି. ଡ୍ରୟରଗୁଡ଼ିକର ଉଚ୍ଚ ବାକ୍ସ।

**tall order** ବି. ଅଯୌକ୍ତିକ ଦାବି।

**tallow** ବି. କଠିଣ ପଶୁଚର୍ବି (ଯାହାକୁ ତରଳାଇ ମହମବତୀ, ସାବୁନ ପ୍ରଭୃତି ତିଆରି କରାଯାଏ); ବିଂ. tallowy.

**tally** 1. ବି. ଋଣ ବା ସ୍କୋରର ହିସାବ; ସମୁଦାୟ ପରିମାଣ; ଚିହ୍ନ ବା ଲେବୁଲ୍; ନକଲିବସ୍ତୁ; 2. କ୍ରି. ମିଳାଇବା; ସମ୍ମତି ଦେବା।

**tally-ho** 1. *ଅବ୍ୟ.* ଶୃଗାଳ ଦେଖି ଶିକାରୀର ଚିତ୍କାର; 2. କ୍ରି. ଟୋଟୋ ଶବ୍ଦ କରି କୁକୁର ପ୍ରଭୃତିକୁ ଶିକାର ଆଡ଼କୁ ପଠାଇବା।

**Talmud** ବି. ଇହୁଦୀମାନଙ୍କ ଧର୍ମୀୟ, ସାମାଜିକ, ଦେବାନୀପ୍ରଭୃତି ଆଇନ୍ ଏବଂ କିମ୍ବଦନ୍ତୀ ସମୂହର ସଂଗ୍ରହ; ବିଂ. Talmudic; ବି. Talmudist.

**talon** ବି. ଶିକାରୀପକ୍ଷୀର ବକ୍ରାକାର ନଖ ବା ପଂଝା।

**talus** ବି. ଗୋଡ଼ଗଣ୍ଠିର ହାଡ।

**TAM** ବି. *ସଂଶ.* television audience measurement ଟିଭି ଦର୍ଶକ ସଂଖ୍ୟା ଆକଳନ।

Digitized by srujanika@gmail.com

**tamarind** ବି. ତେନ୍ତୁଳି, ତେନ୍ତୁଳିଗଛ ।

**tamarisk** ବି. ଛୋଟ ଛୋଟ ଗୋଲାପୀ ବା ଧଳାଫୁଲ ଫୁଟୁଥିବା ସମୁଦ୍ରକୂଳିଆ ବୁଦା ବା ଗୋଛା ।

**tambour** ବି. ନାଗରା ବିଶେଷ; ସୂଚୀଶିଳ୍ପ ପାଇଁ କନାକୁ ଭିଡିଧରୁଥିବା ଚକତି ।

**tambourine** ବି. ଖଞ୍ଜଣି (ବାଦ୍ୟଯନ୍ତ୍ର) ।

**tame** 1. ବିଂ. ପୋଷା; ଗୃହପାଳିତ; ହିଂସ୍ରତା ପରିତ୍ୟାଗ କରିଥିବା; ସ୍ୱାଦୁହୀନ; ମାନ୍ଦା; ନମ୍ର; 2. କ୍ରି. ପୋଷା ମନେଇବା; ଗୃହପାଳିତ କରିବା; ଦମନ କରିବା; ବି. tameness, tamer.

**tameless** ବିଂ. ଦୁର୍ଦ୍ଦମନୀୟ ।

**tam-o'-shanter** ବି. ସ୍କଟଲେଣ୍ଡର ଏକପ୍ରକାର ଗୋଲ ଟୋପି ବା ବେରେ ।

**tamp** କ୍ରି. ଜୋର୍‌ରେ ବା ଛିଞ୍ଚିକରି ବସାଇଦେବା ବା ପୂରାଇଦେବା ।

**tamper** କ୍ରି. ଅବୈଧଭାବରେ ହସ୍ତକ୍ଷେପ କରିବା; ବଦଳାବଦଳି କରିବା; ଲାଞ୍ଚଦେବା; ଖରାପ ପ୍ରଭାବ ପକାଇବା ।

**tampon** ବି. ରକ୍ତସ୍ରାବ (ବିଶେ. ଋତୁସ୍ରାବ) ବନ୍ଦକରିବା ନିମିତ୍ତ ବ୍ୟବହୃତ ତୁଳା, ବେଣ୍ଡେଜ୍ ବା ନରମ ଚୁଣ୍ଡ ।

**tam-tam** ବି. ବଡ ପିତଳ ଘଣ୍ଟା; ଟମ୍‌ଟମ୍ ।

**tan**[1] 1. ବି. ତାମ୍ରାଭ ରଙ୍ଗ; ସୂର୍ଯ୍ୟଦଗ୍ଧ ତ୍ୱକ୍ ରଙ୍ଗ; ପଶୁଚର୍ମ ରଙ୍ଗ କରିବାପାଇଁ ବ୍ୟବହୃତ (ଓକ୍‌ଗଛର)ଛାଲି; 2. କ୍ରି. ଚମଡା ରଙ୍ଗ କରିବା; ରୌଦ୍ରତାପରେ ଦେହର ଚର୍ମ ତମ୍ବାଳିଆ ହେବା; ପଶୁଚର୍ମକୁ ଚମଡାରେ ପରିଣତ କରିବା; ଲ.ଭା. ବାଡେଇବା ।

**tan**[2] ବି. ସଂଶ. tangent.

**tandem** ବି. ଆଗପଛ ହୋଇ ଦୁଇଜଣ ବସିବା ସୁବିଧା ଥିବା ସାଇକେଲ; ପଛକୁପଛ ଥିବା ଦୁଇବ୍ୟକ୍ତି; ଦୁଇଅଶ୍ୱ ଯୋଚିତ ଗାଡି; ପଛକୁପଛ ଲାଗିଥିବା ଦୁଇଟି ଯନ୍ତ୍ର; in tandem ଆଗପଛ, ପାଖାପାଖି ବା ଏକତ୍ର ।

**tandoor** ବି. ତନ୍ଦୁର; ମାଟିଆରି ଏକପ୍ରକାର ରୁଟିସେକା ଚୁଲୀ ।

**tandoori** ବି. ତନ୍ଦୁରୀ (ରୁଟି ବା ଚିକେନ୍); ତନ୍ଦୁରଚୁଲୀରେ ସେକା ଖାଦ୍ୟ ।

**tang** ବି. ତୀବ୍ର ବା କଟୁ ସ୍ୱାଦ ବା ଗନ୍ଧ; ଅସ୍ତ୍ର (ବିଶେ. ଛୁରୀ) ପ୍ରଭୃତିର ବେଣ୍ଟ ।

**tangent** ବି. ଗଣିତ ସ୍ପର୍ଶକ, ସ୍ପର୍ଶକ ଜ୍ୟା; ଯେଉଁରେଖା, ବକ୍ରରେଖା ବା ତଳ ଅନ୍ୟ ଏକ ବକ୍ରରେଖାକୁ ସ୍ପର୍ଶକରେ, ମାତ୍ର ଛେଦ କରେ ନାହିଁ; ସମକୋଣୀ ତ୍ରିଭୁଜର ସୂକ୍ଷ୍ମକୋଣର ବିପରୀତ ଏବଂ ପାର୍ଶ୍ୱସ୍ଥ ବାହୁ ଦୈର୍ଘ୍ୟର ଅନୁପାତ ।

**tangential** ବିଂ. ସ୍ପର୍ଶକ ଜ୍ୟା ବା ସ୍ପର୍ଶକ ସଂକ୍ରାନ୍ତ; ପରିଧିସ୍ଥ; (ମୂଳପଥରୁ) ବିଚ୍ୟୁତ ।

**tangerine** ବି. ଏକପ୍ରକାର ଛୋଟ ସୁସ୍ୱାଦୁ କମଳା; ଗାଢ଼ କମଳାରଙ୍ଗ ।

**tangible** ବିଂ. ସ୍ପର୍ଶଦ୍ୱାରା ବୋଧଗମ୍ୟ; ଅଧିଗମ୍ୟ; ଶରୀରୀ; ନିର୍ଦ୍ଦିଷ୍ଟ; ସ୍ପର୍ଶନୀୟ, ସ୍ପଷ୍ଟ; ପ୍ରକଟ; ବି. tangibility, tangibleness; କ୍ରି.ବିଂ. tangibly.

**tangle** 1. କ୍ରି. ସୂତା, ବାଳ ପ୍ରଭୃତି ଅଳୁଆ ବା ଛନ୍ଦି ହୋଇଯିବା; ବିଜଡିତ କରିବା; ଲ.ଭା. ଜଡିତ ହୋଇଯିବା, ଜଟିଳ କରିବା; 2. ବି. ବିଭ୍ରାନ୍ତି, ଜଟିଳତା, ଅଳୁଆ ବା ଗୁପି ହୋଇଯାଇଥିବା ସୂତାପ୍ରଭୃତି; ବିଂ. tangly.

**tango** 1. ବି. ଦକ୍ଷିଣ ଆମେରିକାର ଧୀରଗତି ବଲ୍‌ନୃତ୍ୟ ବିଶେଷ; ତାହାର ସଂଗୀତ; 2. କ୍ରି. ଟେଂଗୋ ନୃତ୍ୟ କରିବା ।

**tangram** ବି. (ଚୀନ୍ ଦେଶୀୟ ବୁଦ୍ଧି ଖେଳ) ସାତଭାଗରେ ବିଭକ୍ତ ଏକ ଚିତ୍ର ଯାହା ପୁଣି ଠିକ୍‌ଠିକ୍ ସ୍ଥାନରେ ଯୋଗାଇବାକୁ ହୁଏ ।

**tangy** ବିଂ. ଖଟେଇଆ; ତୀବ୍ର ସ୍ୱାଦଯୁକ୍ତ ।

**tank** 1. ବି. ତରଳ ବା ବାଷ୍ପୀୟ ପଦାର୍ଥ ଧାରଣ ପାଇଁ ବିରାଟ ପାତ୍ର; ଟାଙ୍କି; ଜଳାଧାର; ଯୁଦ୍ଧଯାନ ବିଶେଷ; ଟେଙ୍କ୍; 2. କ୍ରି. (ସା. up ସହ) ତେଲଦ୍ୱାରା ଟାଙ୍କି ଭର୍ତ୍ତିକରିବା; ତରଳ ପଦାର୍ଥ ପୂର୍ଣ୍ଣକରିବା; ପ୍ରଚୁର ମଦ୍ୟପାନ କରିବା; ବିଂ. tankful.

**tankard** ବି. ବିଅର୍ ରଖି ପିଇବା ନିମିତ୍ତ ବ୍ୟବହୃତ ବଡ ମଗ୍; ସେଥିରେ ଧରୁଥିବା ବିଅରର ପରିମାଣ ।

**tanked up** ବିଂ. ଲ.ଭା. ମାତାଲ୍ ।

**tanker** ବି. ତରଳ ପଦାର୍ଥ, ବିଶେ. ପେଟ୍ରୋଲିୟମ୍ ପରିବହନ ନିମିତ୍ତ ବ୍ୟବହୃତ ମଟରଗାଡି, ଜାହାଜ ବା ଉଡାଜାହାଜ ।

**tanner** ବି. ଚମଡାରଙ୍ଗକାରୀ ବା ଚର୍ମକାର ।

**tannery** ବି. ଚମଡା କଷା ବା କମଣ ପାଇଁ କାରଖାନା; ଟେନେରୀ ।

Digitized by srujanika@gmail.com

**tannic acid** ବି. ପ୍ରାକୃତିକ ଯାତୀୟ ଜୈବ ଯୌଗିକ (ରକ୍ତସ୍ରାବ ରୋକିବା ପାଇଁ ବା ଚମଡ଼ା କଷ କରିବା ପାଇଁ ବ୍ୟବହୃତ); ଟେନିକ୍ ଏସିଡ୍।

**tannin** ବି. ଚମଡ଼ା କଷ କରିବାରେ ବ୍ୟବହୃତ ଓକ୍ ଓ ଅନ୍ୟାନ୍ୟ ବୃକ୍ଷଙ୍କର ଛାଲିରୁ ପ୍ରାପ୍ତ ଜୈବ ଯୌଗିକ।

**Tannoy** ବି. ବ୍ରୁ. ଏକପ୍ରକାର ଡାକବାକି ଯନ୍ତ୍ର।

**tansy** ବି. ହଳଦିଆ ଫୁଲ ଏବଂ ସୁଗନ୍ଧିତ ପତ୍ର ବିଶିଷ୍ଟ ଏକ ଉଦ୍ଭିଦ।

**tantalize** କ୍ରି. ଅପ୍ରାପ୍ୟ ବସ୍ତୁର ଲୋଭ ଦେଖାଇ ହଇରାଣ ବା ନିରାଶ କରିବା; ଚହଟେଇବା; ଆଶା ଦେଇ ପୂର୍ଣ୍ଣ ନ କରିବା (ପୌରାଣିକ ରାଜା ଟାଣ୍ଟାଲସ୍, ଯେ ଘୁଞ୍ଚିଯାଉଥିବା ପାଣି ଓ ଫଳ ପାଇଁ ଅନନ୍ତକାଳ ନିମନ୍ତେ ଲୋଭାଇଥିଲେ); ବି. **tantalization.**

**tantalum** ବି. ଧଳାରଙ୍ଗର ଏକ ବିରଳ, କଠିନ ଧାତୁ।

**tantamount** ବିଣ. (to ସହ) ସଦୃଶ, ସମାନ।

**tantra** ବି. (ହିନ୍ଦୁ ବା ବୌଦ୍ଧଧର୍ମର) ଅଲୌକିକ ଶାସ୍ତ୍ର ବା ସାଧନା ବିଶେଷ; ତନ୍ତ୍ର ଶାସ୍ତ୍ର; ତନ୍ତ୍ର ସାଧନା।

**tantrum** ବି. ବଦମିଜାଜ ବା କ୍ରୋଧର ପରିପ୍ରକାଶ; ରାଗ।

**Taoism** ବି. ଚୀନଦେଶୀୟ ଦର୍ଶନ, ଯହିଁରେ ନିରଳସତା ଏବଂ ଧାର୍ମିକ ପବିତ୍ରତାକୁ ଗୁରୁତ୍ୱ ଦିଆଯାଇଥାଏ।

**tap**[1] 1. ବି. ଜଳ ବା ତରଳ ପଦାର୍ଥର ନିର୍ଗମନ ନଳ; ଟେଲିଫୋନ୍‌ରେ ଗୋପନରେ କଥାବାର୍ତ୍ତା ଶୁଣିବା ବ୍ୟବସ୍ଥା; ଟେପ୍ ଖୋଲିଲେ ବାହାରୁଥିବା ମଦ୍ୟ ବିକ୍ରୟ କରୁଥିବା ବାର୍ ବା ପବ୍; 2. କ୍ରି. ଟେପ୍ ବା ନଳ ସଂଯୋଗ କରିବା; ଗଛର ଛାଲିରୁ ରସ ନିଗିଡ଼ିବା; ତଥ୍ୟ ବା ଯୋଗାଣ ସାମଗ୍ରୀ ପ୍ରାପ୍ତହେବା; ଖଣିରୁ ମିଳିବାକୁଥିବା ତୈଳ ପ୍ରଭୃତି ଉଠାଇବା; ଖଣି ଆବିଷ୍କାର କରିବା; ନବ ପ୍ରଣାଳୀ ଆବିଷ୍କାର କରିବା; (ଟେଲିଫୋନ୍‌ରେ) ଗୋପନ-ଶ୍ରବଣ ଉପକରଣ ସଂଯୋଗ କରିବା; on tap ଟେପ୍ ଖୋଲିଲେ ବାହାରିବା ବ୍ୟବସ୍ଥା; ସହଜରେ ଉପଲବ୍ଧ।

**tap**[2] 1. କ୍ରି. ମୃଦୁ ଆଘାତ କରିବା; ଠକ୍‌ଠକ୍ ଶବ୍ଦ କରିବା; ଠୁକେଇବା; ଟେପ୍-ନୃତ୍ୟ କରିବା; 2. ବି. ମୃଦୁ ଆଘାତ, ଠକ୍‌ଠକ୍; ଟେପ୍-ନୃତ୍ୟ; ଟେପ-ନୃତ୍ୟକାରୀଙ୍କ ଜୋତାରେ ଲାଗିଥିବା ଧାତବ ପଦାର୍ଥ।

**tapas** ବି. ସୁସ୍ୱାଦୁ (ବିଶେ. ସ୍ପେନ୍‌ଦେଶୀୟ) ବ୍ୟଞ୍ଜନ ବିଶେଷ।

**tap-dance** 1. ବି. ଧାତବ ଟେପ୍ ସଂଯୁକ୍ତ ଜୋତାରେ ସଂଗୀତର ତାଳେତାଳେ ମୃଦୁ ଆଘାତ ଦେଇ କରାଯାଉଥିବା ନୃତ୍ୟ; 2. କ୍ରି. ଟେପ୍-ନୃତ୍ୟ କରିବା; ବି. tap-dancer, tap-dancing.

**tape** 1. ବି. ବାନ୍ଧିବା, ଗୁଡ଼େଇବା ପ୍ରଭୃତି ପାଇଁ ବ୍ୟବହୃତ ବୁଣା ପଟି ବା ଫିତା; **adhesive tape** ଲଟେଇବା, ଯୋଡ଼ିବା ବା ବିଦ୍ୟୁତ୍ ଅପରିବାହୀ କରିବାପାଇଁ ଲସିଆ ଅଠାଲଗା ଫିତା; **magnetic tape** କେସେଟ୍ ବା ରିଲ୍‌ରେ ବ୍ୟବହୃତ ଫିତା; ଟେପ୍-ରେକର୍ଡିଂ; ମାପିବା ପାଇଁ ବ୍ୟବହୃତ ସଂଖ୍ୟାଙ୍କିତ ଫିତା; 2. କ୍ରି. ଟେପ୍‌ଦ୍ୱାରା ଯୋଡ଼ିବା, ବାନ୍ଧିବା, ଗୁଡ଼େଇବା, ଲଟେଇବା ବା ସିଲ୍‌ବନ୍ଦ କରିବା; ମ୍ୟାଗ୍ନେଟିକ୍ ଟେପ୍‌ରେ (ଗୀତ ପ୍ରଭୃତି) ରେକର୍ଡ଼ କରିବା; ମାପିବା, **have (get) a person (thing) taped;** ଉ.ଭା. (ବ୍ୟକ୍ତି ବା ବସ୍ତୁକୁ) ସଂପୂର୍ଣ୍ଣଭାବେ ବୁଝିବାକୁ ଚେଷ୍ଟା କରିବା।

**tape-deck** ବି. ଲୁବା-ଟେପ୍ ବ୍ୟବହାର କରାଯାଉଥିବା ଯନ୍ତ୍ର।

**tape machine** ବି. ଟେଲିଗ୍ରାଫ୍ ବାର୍ତ୍ତା ଲିପିବଦ୍ଧ କରିବା ଯନ୍ତ୍ର।

**tape-measure** ବି. ସଂଖ୍ୟାଙ୍କିତ (ମାପିବାପାଇଁ ବ୍ୟବହୃତ) ଫିତା ବା ନମନୀୟ ପାଟିଆ।

**taper** 1. ବି. ଛୋଟ ଓ ପତଳା ମହମବତୀ; ମହମବୋଳା ସଳିତା; 2. କ୍ରି. କ୍ରମଶଃ ସରୁ ବା ପତଳା କରିବା; କ୍ରମଶଃ ହ୍ରାସ କରିବା।

**tape recorder** ବି. ଟେପ୍-ରେକର୍ଡର; ଧ୍ୱନି ଲିପିବଦ୍ଧ କରିବା ଏବଂ ବଜେଇବା ପାଇଁ ଉପକରଣ; କ୍ରି. tape-record; ବି. tape recording.

**tapestry** ବି. କାରୁକାର୍ଯ୍ୟପୂର୍ଣ୍ଣ ବସ୍ତ୍ର; ସୂଚୀକାର୍ଯ୍ୟ ନିର୍ମିତ ବ୍ୟବହୃତ ବସ୍ତ୍ର; ଘଟଣାର ସଂଯୁକ୍ତ ଘଟଣାବଳୀ ବା ଅବସ୍ଥା; ବିଣ. tapestried.

**tape worm** ବି. ଫିତା କୃମି।

Digitized by srujanika@gmail.com

**tapioca** ବି. ପୁଡିଙ୍ଗ୍ ପ୍ରଭୃତି ତିଆରି କରିବାରେ ବ୍ୟବହୃତ କାଠଖଳୁରୁ ମଣ୍ଡରୁ ପ୍ରସ୍ତୁତ ଧଳା କଠିନ ଦାନା।

**tapir** ବି. ଆମେରିକା ଓ ମାଳୟରେ ବାସ କରୁଥିବା ଘୁଷୁରିଜାତୀୟ ଶୁଣ୍ଢିଥିବା ପଶୁ ବିଶେଷ।

**tappet** ବି. ଯନ୍ତ୍ରକୁ ସବିରାମ ଗତି ପ୍ରଦାନ କରୁଥିବା ଲୀଭରବଣ୍ଡ ବା ଖୋଳିଆ ଅଂଶ।

**taproom** ବି. ମଦ୍ୟପାନ ଓ ବିକ୍ରୟ ପ୍ରକୋଷ୍ଠ (ବେପ୍ରୁମ)।

**taproot** ବି. ପ୍ରଧାନମୂଳ; ଗଛର ଭୂମଧ୍ୟକୁ ଗଭୀର ପ୍ରଧାନମୂଳ।

**tar**[1] 1. ବି. ଆଲକାତରା; ଟାର୍ ବା ଡାମ୍ବର; 2. କ୍ରି. ଆଲକାତରା ବୋଳିବା ବା ଆଲକାତରା ପ୍ରୟୋଗ କରିବା; tarred with the same brush ଏକାଧରଣର ଦୋଷ ଥାଇ।

**tar**[2] ବି. କ.ଭା. ନାବିକ।

**taradiddle** ବି. ମିଛ, ବାଜେକଥା।

**tarantella** ବି. ଇଟାଲୀୟ ଦ୍ରୁତଲୟ ବିଶିଷ୍ଟ ନୃତ୍ୟ ବିଶେଷ।

**tarantula** ବି. ବିଷାକ୍ତ ଲୋମଶ ବୁଢିଆଣୀ ବା ମାଙ୍କଡ଼ସା, (ଦ. ୟୁରୋପରେ ଦେଖାଯାଉଥିବା) ବୁଢିଆଣୀ ବିଶେଷ।

**tarboosh** ବି. ଏକପ୍ରକାର ମୁସଲମାନୀ ଟୋପି; ଫେଜ୍ ଟୋପି।

**tardy** ବିଂ. ଧୀରଗତି; ବିଳମ୍ବିତ; ମନ୍ଦ; ଦୀର୍ଘସୂତ୍ରୀ; କ୍ରି.ବିଂ. tardily; ବି. tardiness.

**tare**[1] ବି. ପଶୁମାନଙ୍କ ଖାଦ୍ୟରୂପେ ବ୍ୟବହୃତ ଅନାବନା ତୃଣବିଶେଷ; ବ.ବଚନ (ବାଇବେଲ) ଗହମକିଆରେ ବଢୁଥିବା କ୍ଷତିକାରକ ବଣୁଆ ତୃଣ।

**tare**[2] ବି. କୌଣସି ପଦାର୍ଥର ପେକିଙ୍ଗ୍ ବା ବନ୍ଧାବନ୍ଧିରେ ବ୍ୟବହୃତ ସାମଗ୍ରୀର ଓଜନ ଛାଡ଼; ଓଜନ ଏବଂ ମାଲ୍‌କୁ ଛାଡ଼ି ଗାଡ଼ିର ଓଜନ।

**target** 1. ବି. ଲକ୍ଷ୍ୟଭେଦ ଅଭ୍ୟାସରେ ବ୍ୟବହୃତ ଏକାକେନ୍ଦ୍ରିକ ବୃତ୍ତର ଚିହ୍ନିତ ଫଳକ; ଲକ୍ଷ୍ୟ; ଲକ୍ଷ୍ୟବସ୍ତୁ; ଅଭୀଷ୍ଟ; ଗୁଳି ବା ତୀର ଭେଦପାଇଁ ଲକ୍ଷ୍ୟବସ୍ତୁ; ଶରବ୍ୟ; ସମାଲୋଚନା ବା ଆକ୍ରମଣର ପାତ୍ର; 2. କ୍ରି. ଲକ୍ଷ୍ୟ ବା ଉଦ୍ଦେଶ୍ୟ କରିବା; ଶରବ୍ୟ କରିବା; ଲକ୍ଷ୍ୟଭେଦ କରିବା।

**tariff** ବି. ଶୁଳ୍କ ବା ମୂଲ୍ୟତାଲିକା; ଶୁଳ୍କ; ମାଶୁଲ; ମାଶୁଲ ତାଲିକା।

**tarlatan** ବି. ପତଳାବୁଣା ମସ୍‌ଲିନ୍ କନା।

**Tarmac** ବି. ସ୍ତ୍ରୀ. ପକ୍କାରାସ୍ତା ତିଆରିରେ ବ୍ୟବହୃତ ଆଲକାତରାମିଶା ଗେଟି ବା ଗୋଡ଼ି; ଏଭଳି ପ୍ରସ୍ତୁତ ବିମାନଘାଟୀର ରନ୍‌ୱେ (ଯାହା ଉପରଦେଇ ଉଡ଼ାଜାହାଜ ଓହ୍ଲାଇବା ବା ଉଠିବା ପୂର୍ବରୁ ଦୌଡ଼ିଥାଏ)।

**tarmacadam** ବି. ପକ୍କା (ପିଚ୍) ରାସ୍ତା ତିଆରିରେ ବ୍ୟବହୃତ ଗେଟି; ଗୋଡ଼ି ଏବଂ ପିଚୁ ବା ବିଟୁମେନ୍‌ର ମିଶ୍ରଣ (tar = ପିଚ୍), (Macadam ଉଦ୍ଭାବକଙ୍କ ନାମ)।

**tarn** ବି. କ୍ଷୁଦ୍ର ପାର୍ବତ୍ୟ ହ୍ରଦ।

**tarnish** 1. କ୍ରି. ମଳିନ କରିବା; ଔଜ୍ଜ୍ୱଲ୍ୟ ନଷ୍ଟକରିବା; ସମ୍ମାନ ନଷ୍ଟ କରିବା; 2. ବି. ମଳିନତା; କଳଙ୍କ; ଦାଗ।

**taro** ବି. ଗ୍ରୀଷ୍ମପ୍ରଧାନ ଦେଶ, ବିଶେ. ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ପ୍ରାପ୍ତ ଏକପ୍ରକାର ଉଦ୍ଭିଦ; ତାହାର ଖାଦ୍ୟୋପଯୋଗୀ ମୂଳ।

**tarot** ବି. ୭୮ଟି ପତ୍ର ବା କାର୍ଡ଼ ବ୍ୟବହାର କରି ଖେଳା ଯାଉଥିବା ଏକପ୍ରକାର ତାସ୍‌ଖେଳ; ଭାଗ୍ୟଫଳ ଜାଣିବାପାଇଁ ବ୍ୟବହୃତ ଏ ଧରଣର ଚିତ୍ରିତ ତାସ୍‌ମୁଠା।

**tarpaulin** ବି. ତ୍ରିପାଲ୍, ତେରପାଲ୍; ଜଳନିରୋଧକାରୀ ମୋଟା କନାବିଶେଷ।

**tarragon** ବି. ସାଲାଡ୍ ପ୍ରଭୃତିରେ ବ୍ୟବହୃତ ସୁବାସିତ ପତ୍ରବିଶେଷ; ଭୂଇଁଅଁଳାପତ୍ର।

**tarry**[1] କ୍ରି. ପ୍ରା.ପ୍ର. ବିଳମ୍ବ କରିବା; ଅଟକିବା; ଅପେକ୍ଷା କରିବା।

**tarry**[2] ବିଂ. ଟାର୍ ବା ଆଲକାତରା ସଦୃଶ ବା ସମ୍ବନ୍ଧୀୟ।

**tarsal** ବିଂ. ଗୁଳ୍ଫ ବା ଗୋଇଠିହାଡ଼ ସମ୍ବନ୍ଧୀୟ।

**tarsus** ବି. ବ.ବ. tarsi ଗୁଳ୍ଫ; ଗୋଇଠି ଏବଂ ପାଦତଳର ହାଡ଼; ଗୋଡ଼ଗଣ୍ଠି ହାଡ଼।

**tart**[1] ବି. ଫଳ ବା ମିଠାପୁରବିଆ ପାଏ ବା କେକ୍।

**tart**[2] 1. ବି. ଅଶ୍ଳୀ. ଗଣିକା, ଯୌନ-ଉଚ୍ଛୃଙ୍ଖଳ ସ୍ତ୍ରୀ; ଅବ. ଝିଅଟି, ଝିଅଲୋକ; 2. କ୍ରି. କ.ଭା. (up ସହ) ବେଶଭୂଷା ହେବା; ଫିଟ୍‌ଫାଟ୍ ହେବା।

**tart**[3] ବିଂ. କଟୁ ବା ଅମ୍ଳ (ସ୍ୱାଦ); ଉଗ୍ର ବା ତିକ୍ତ (ମନ୍ତବ୍ୟ); କ୍ରି.ବିଂ. tartly; ବି. tartness.

**tartan** ବି. ଛକଛକିଆ (ପଶମ) କପଡ଼ା, ଚଉଖାନ ଛକଛକ କନା।

Digitized by srujanika@gmail.com

**tartar** ବି. ଦାନ୍ତମୂଳରେ ଜମୁଥିବା ଛଡ଼ିଆ; ମଦଭଟାରେ ସରଭଳି ଜମୁଥିବା ଗେଣପଦାର୍ଥ ।

**Tartar** 1. ବି. ତାତାର; ମଧ୍ୟଏସିଆର ମଂଗୋଲ ଓ ତୁର୍କଜାତୀୟ ଲୋକ; ତୁର୍କୀର ଭାଷା; tartar ରୁକ୍ଷ ବା ଭୟଙ୍କର ଲୋକ; 2. ବିଂ. ତାତାରୀୟ; ମଧ୍ୟ– ଏସୀୟ ।

**tartaric** ବିଂ. ତାତାରୀୟ ।

**tartaric acid** ବି. କଞ୍ଚା ଅଙ୍ଗୁର ପ୍ରଭୃତିରୁ ମିଳୁଥିବା ପ୍ରାକୃତିକ ଅମ୍ଳ; ଟାର୍ଟରିକ୍ ଏସିଡ୍ ।

**tartar sauce** ବି. ଏକପ୍ରକାର ସସ୍ ବା ଚଟଣି ।

**tartlet** ବି. ଛୋଟ ଆକାରର ଟାର୍ଟ୍ ବା ପିଠାବିଶେଷ ।

**tartrazine** ବି. ଖାଦ୍ୟ ରଙ୍ଗ କରିବାରେ ବ୍ୟବହୃତ ଟାର୍ଟରିକ ଏସିଡ୍‌ରୁ ପ୍ରସ୍ତୁତ ଉଜ୍ଜ୍ୱଳ ହଳଦିଆ ରଙ୍ଗ ।

**tarty** ବିଂ. କ.ଭା. ଛଟର; ଅଭଦ୍ର; ରଙ୍ଗରଙ୍ଗିଆ; ଯୌନ–ଉତ୍ତେଜକ (ବିଶେ. ସ୍ତ୍ରୀଲୋକ) ।

**Tarzan** ବି. ପ୍ରଚଣ୍ଡଶକ୍ତି ଓ ସ୍ୱାସ୍ଥ୍ୟସଂପନ୍ନ ବ୍ୟକ୍ତି (ଏଡ୍‌ଗାର୍ ରାଇସ୍‌ବରୋଜ୍‌ଙ୍କ ବିଖ୍ୟାତ କାହାଣୀର ନାୟକ) ।

**task** 1. ବି. ଅର୍ପିତ କର୍ମଭାର; କରଣୀୟ କାର୍ଯ୍ୟ; କାର୍ଯ୍ୟ; 2. କ୍ରି. (କାହାରି) ସାମର୍ଥ୍ୟ ଉପରେ ଅଧିକ ନିର୍ଭର କରି ଦୁରୂହ କାର୍ଯ୍ୟସାଧନର ପ୍ରତ୍ୟାଶା ରଖିବା; take to task ଗାଳିଦେବା, ଭର୍ତ୍ସନା କରିବା ।

**task force** ବିଂ. କୌଣସି ବିଶେଷ ଉଦ୍ଦେଶ୍ୟରେ ନିୟୋଜିତ ସୈନ୍ୟବାହିନୀର ଦଳ ବା ଅନ୍ୟ ବ୍ୟକ୍ତିଗଣ ।

**taskmaster** ବି. ସ୍ତ୍ରୀ. taskmistress ଯେଉଁବ୍ୟକ୍ତି ଅନ୍ୟଉପରେ ଉପଯୁକ୍ତ କର୍ମ ଅର୍ପଣ କରେ; କାର୍ଯ୍ୟ ଆଦାୟକାରୀ; ଯେ ଅନ୍ୟମାନଙ୍କୁ କଠିଣ ପରିଶ୍ରମ କରାଏ ।

**Tass** ବି. ତାସ୍, ଋଷିଆର ସରକାରୀ ସମ୍ବାଦସଂସ୍ଥା ।

**tassel** ବି. ଶୋଭାବର୍ଦ୍ଧନ ନିମିତ୍ତ ଝୁଲାଯାଉଥିବା ସୂତ୍ରଗୁଚ୍ଛ; ଓଢଣା; ବେଣୀ ବା ପରଦାରେ ଶୋଭାବର୍ଦ୍ଧକ ସୂତ୍ରଗୁଚ୍ଛ; ବିଂ. tasselled.

**taste** 1. କ୍ରି. ଚାଖିବା; ଆସ୍ୱାଦନ କରିବା; ଅନୁଭବ କରିବା; ଅଭିଜ୍ଞତା ଲାଭ କରିବା; 2. ବି. ସ୍ୱାଦ, ସ୍ୱାଦଇନ୍ଦ୍ରିୟ, ରୁଚି; ଅଭିଜ୍ଞତା; ସୌନ୍ଦର୍ଯ୍ୟବୋଧ; to one's taste ମନୋମୁତାବକ; ରୁଚିସଙ୍ଗତ, ଉପଯୁକ୍ତ ।

**taste bud** ବି. ସ୍ୱାଦ–କୋଷ; ଜିହ୍ୱାର ଆସ୍ୱାଦନକାରୀ କୋଷ ।

**tasteful** ବିଂ. ସୁସ୍ୱାଦୁ; ରୁଚିକର; ସୌନ୍ଦର୍ଯ୍ୟବୋଧସଂପନ୍ନ; କ୍ରି.ବିଂ. tastefully; ବି. tastefulness.

**tasteless** ବିଂ. ସ୍ୱାଦହୀନ; ରୁଚିହୀନ; କ୍ରି.ବିଂ. tastelessly; ବି. tastelessness.

**taster** ବି. ଚା, ମଦ୍ୟପ୍ରଭୃତି ଚାଖି ସ୍ୱାଦୁ ବିଚାରକବ୍ୟକ୍ତି; ଚାଖଣା ।

**tasty** ବିଂ. ରୁଚିକର; ସୁସ୍ୱାଦୁ; କ.ଭା. ଆକର୍ଷକ, ସୁନ୍ଦର, ମନୋହର; କ୍ରି.ବିଂ. tastily; ବି. tastiness.

**tat**[1] ବି. ଆଜେବାଜେ ଜିନିଷ; ଆବର୍ଜନା ।

**tat**[2] କ୍ରି. ଝାଲର ବା ଫିତା ତିଆରି କରିବା; ଝାଲର ଲଗାଇବା ।

**tat**[3] ଦ୍ର. tit.

**ta–ta** ବି.କ.ଭା. ବିଦାୟ ।

**tatter** ବି. ଛିଣ୍ଡାଫଟା କପଡା; ଟୁକୁରା କନା ବା କାଗଜ; in tatter କ.ଭା. ଚିରା, ଫଟା; ବିଧ୍ୱସ୍ତ, ଭାଙ୍ଗିରୁଜି ଯାଉଥିବା ।

**tattered** ବିଂ. ଛିନ୍ନଭିନ୍ନ; ଜୀର୍ଣ୍ଣ; ଧ୍ୱସ୍ତ ।

**tatting** ବି. ଝାଲର; ଝାଲରତିଆରି କଳା ।

**tattle** 1. ବି. ବାଜେ ଆଳାପ, ବାଜେ ଗପ; ଗୁଜିଗପ; 2. କ୍ରି. ବାଜେଗପ କରିବା ।

**tattoo**[1] ବି. ତୂର୍ଯ୍ୟନାଦ ବା ଡ୍ରମ୍‌ବାଦନ (ସଂଧ୍ୟାରେ ସୈନ୍ୟମାନଙ୍କର ଶିବିର ପ୍ରତ୍ୟାବର୍ତ୍ତନ ବା ମନୋରଞ୍ଜନ ନିମିତ୍ତ) ।

**tattoo**[2] 1. କ୍ରି. ଦେହରେ ଚିତା କୁଟିବା; ଗୁନ୍ଦନା ଗୁନ୍ଦିବା; 2. ବିଂ. ଚିତାକୁଟା ଚିହ୍ନ, ଗୁନ୍ଦନା ।

**tatty** ବିଂ. କ.ଭା. ଅପରିଚ୍ଛନ୍ନ; ନିକୃଷ୍ଟ; ଚିରାଫଟା ।

**tau** ବି. ଗ୍ରୀକ୍ ବର୍ଣ୍ଣମାଳାର ନବମ ଅକ୍ଷର ।

**taught** କ୍ରି. teachର ଅ.କା. ଓ ଅ.କ୍ରି.ଜ.ପ. ।

**taunt** 1. କ୍ରି. ଅପମାନ ଦେବା; ବିଦ୍ରୂପ କରିବା; ଗାଳିବା; ଚିଡ଼ାଇବା; 2. ବି. ବିଦ୍ରୂପ; ଅପମାନ ।

**taupe** ବି. ମାଟିଆମିଶା ପାଉଁଶିଆ ରଂଗ ।

**Taurus** ବି. ବୃଷରାଶି; ପାଶ୍ଚାତ୍ୟ ରାଶିଚକ୍ରର ଦ୍ୱିତୀୟରାଶି; ସୂର୍ଯ୍ୟ ଏହି ସ୍ଥାନରେ ଥିବାବେଳେ ଜାତ ବ୍ୟକ୍ତି ।

**taut** ବିଂ. ଟାଣରେ ବନ୍ଧା; ଜୋର୍ ଭିଡା ହୋଇଥିବା; ଉତ୍ତେଜିତ (ସ୍ନାୟୁପ୍ରଭୃତି); ଭଲ ଅବସ୍ଥାରେ ଥିବା (ଜାହାଜ); କ୍ରି. tauten; କ୍ରି.ବିଂ. tautness.

**tautology** ବି. ଅକାରଣରେ ସମାର୍ଥକ ଶବ୍ଦର ପ୍ରୟୋଗ; ପୁନରୁକ୍ତି ଦୋଷ; ବିଂ. tautological, tautologous.

Digitized by srujanika@gmail.com

**tavern** ବି. *ପ୍ରା.ପ୍ର. ସାହି.*ପାନଶାଳା; ସରାଇଘର; ଚଟିଘର।

**taverna** ବି. ଗ୍ରୀକ୍ ରେସ୍ତୋରାଁ।

**tawdry** ବିଂ. ରୁଚିହୀନ ଭାବରେ ଆଡମ୍ବରପୂର୍ଣ୍ଣ; ଦେଖାଣିଆ, କିନ୍ତୁ ମୂଲ୍ୟହୀନ; ରଂଗଢ଼ଂଗିଆ; *କ୍ରି.ବିଂ.* tawdrily; ବି. tawdriness.

**tawny** ବିଂ. ତାମ୍ରବର୍ଣ୍ଣ; କମଳା–ବାଦାମୀ ବା ହଳଦିଆ–ବାଦାମୀ ରଙ୍ଗ।

**tawny owl** ବି. ୟୁରୋପୀୟ ନାଲିଆ–ବାଦାମୀ ପେଚା।

**tax** 1. ବି. (ଆୟ, ସଂପତ୍ତି, ବାଣିଜ୍ୟ ପ୍ରଭୃତିର) କର; ବୋଝ ବା ଚାପ; ବାଧ୍ୟବାଧକତାରେ କରାଯାଉଥିବା କାର୍ଯ୍ୟ; 2. *କ୍ରି.* କର ଆଦାୟ କରିବା; ଅତ୍ୟଧିକ ଖଟାଇବା; (କାହାରି) ଭୁଲ ଦେଖାଇଦେବା; କୈଫିୟତ ତଲବ କରିବା; ବିଂ. taxable.

**taxation** ବି. କରାରୋପଣ; କରଧାର୍ଯ୍ୟକରଣ।

**tax–free** ବିଂ. କରମୁକ୍ତ।

**tax haven** ବି. କରମାତ୍ରା ଅଳ୍ପ ଥିବା ସ୍ଥାନ ବା ଦେଶ।

**taxi, taxicab** ବି. ଭଡ଼ା ମୋଟରଗାଡ଼ି; ଟେକ୍ସି।

**taxidermy** ବି. ପଶୁଙ୍କ ଚମଡାରେ ନଡ଼ାପ୍ରଭୃତି ଭର୍ତ୍ତିକରି ବାସ୍ତବ ପଶୁରୂପ ପ୍ରସ୍ତୁତି କୌଶଳ; ବି. taxidermist.

**taximeter** ବି. ଟେକ୍ସିଭଡ଼ା ନିର୍ଦ୍ଧାରଣ ନିମିତ୍ତ ବ୍ୟବହୃତ ମିଟର।

**taxman** ବି. କର ଆଦାୟକାରୀ।

**taxonomy** ବି. *ପ୍ରାଣୀ* ବର୍ଗୀକରଣ; ଜୀବନ୍ତ ଏବଂ ବିଲୁପ୍ତ ଜୀବମାନଙ୍କ ମଧ୍ୟରେ ପ୍ରଭେଦ ପ୍ରଦର୍ଶନକାରୀ (ସିଦ୍ଧାନ୍ତ); ବିଂ. taxonomic, taxonomical; *କ୍ରି.ବିଂ.* taxonomically; ବି. taxonomist.

**taxpayer** ବି. କରଦାତା।

**tax return** ବି. କର ନିର୍ଦ୍ଧାରଣ ନିମନ୍ତେ ଆୟପ୍ରଭୃତିର ଘୋଷଣାପତ୍ର।

**TB** *ସଂକ୍ଷି.* tubercle bacillus ଯକ୍ଷ୍ମା।

**Tb** *ପ୍ର.* terbium ଟେର୍ବିଅମ୍।

**T–bone** ବି. T ଆକୃତିର ହାଡ଼।

**tbsp.** ବି. *ସଂକ୍ଷି.* tablespoonful ବଡ଼ ଚାମୁଚରେ ଏକ ଚାମୁଚ।

**Tc** ବି. *ପ୍ର.* technetium ଟେକନେଟିଅମ୍।

**TC** ବି. *ସଂକ୍ଷି.* transfer certificate ଟ୍ରାନ୍ସଫର୍ ସାର୍ଟିଫିକେଟ୍।

**te** ବି. *ସଂଗୀତ* ମେଜର୍ ସ୍କେଲ୍‌ର ସପ୍ତମ ସ୍ୱର।

**Te** *ପ୍ର.* tellurium ଟେଲୁରିଅମ୍।

**tea** ବି. ଚା' ଗଛ ବା ପତ୍ର; ଚା'ପତ୍ରରୁ ପ୍ରସ୍ତୁତ ପାନୀୟ; ଚା'; ଅପରାହ୍ନର ଚା' ସହିତ ଲଘୁଭୋଜନ।

**tea break** ବି. ଚା'ପାନ ବିରତି।

**teacake** ବି. ଚା' ସହିତ ବ୍ୟବହାର କରାଯାଉଥିବା ମିଠା ବନ୍।

**teach** *କ୍ରି.* ଶିକ୍ଷାଦେବା; ଶିଖାଇବା; ଅଧ୍ୟାପନା କରିବା; ଉପଦେଶ ବା ପରାମର୍ଶଦେବା; ଅଭ୍ୟାସ କରାଇବା; ଉଦାହରଣ ବା ଦଣ୍ଡଦ୍ୱାରା ଶିକ୍ଷାଦେବା; ବିଂ. teachable.

**teacher** ବି. ଶିକ୍ଷକ (ବିଶେ. ବିଦ୍ୟାଳୟର); ଅଧ୍ୟାପକ; ଗୁରୁ; ଉପଦେଷ୍ଟା।

**teaching** ବି. ଶିକ୍ଷାଦାନ; ଶିକ୍ଷା; ଉପଦେଶ; ଶିକ୍ଷକତା।

**teacup** ବି. ଚା' ପିଆଲା; ଚା' ପିଇବା କପ୍; ବିଂ. teacupful.

**teak** ବି. ଶାଗୁଆନ ଗଛ ବା କାଠ, ଟିକ୍।

**teal** ବି. ପାତିହଂସ; କ୍ଷୁଦ୍ରହଂସ।

**team** 1. ବି. ପରସ୍ପର ସହଯୋଗିତାରେ କାର୍ଯ୍ୟ କରୁଥିବା ବା କୌଣସି ଖେଳରେ ଭାଗନେଉଥିବା ବ୍ୟକ୍ତିଗଣ; କର୍ମୀଦଳ; ଖେଳାଳି ଦଳ; 2. *କ୍ରି.* ସଂଗଠିତଭାବେ ବା ସହଯୋଗୀଭାବରେ କାର୍ଯ୍ୟକରିବା ବା ଖେଳିବା।

**tea–room** ବି. ଯେଉଁଘରେ (ଦୋକାନରେ) ସାମାନ୍ୟ ଜଳଖିଆ ଓ ଚା' ମିଳେ।

**team–mate** ବି. ଖେଳାଳିଦଳର ସହ–ଖେଳାଳି।

**team spirit** ବି. ସାମାଜିକ କାର୍ଯ୍ୟରେ ସହଯୋଗିତା ମନୋଭାବ; ଏକତ୍ର କାର୍ଯ୍ୟ କରିବାର ମନୋଭାବ।

**teamster** ବି. *ଆମେ.* ଲରୀଚାଳକ; ପଶୁଯୂଥର ଚାଳକ।

**teamwork** ବି. ସମ୍ମିଳିତ କାର୍ଯ୍ୟ; ସହଯୋଗିତା।

**tea–planter** ବି. ଚା'ବଗିଚାର ମାଲିକ; ଚା'ଚାଷୀ।

Digitized by srujanika@gmail.com

**teapot** ବି. ଯେଉଁ ପାତ୍ରରେ ଚା' ତିଆରିକରି ପିଆଲାକୁ ଢଳାଯାଏ; ଚା'ପାତ୍ର।

**tear**[1] 1. କ୍ରି. ଜୋରକରି ବିଚ୍ଛିନ୍ନ କରିବା; ଛିଣ୍ଡାଇଦେବା; ଓଟାରି ଆଣିବା; ବିଦୀର୍ଣ୍ଣ କରିବା; ଫଟାଇଦେବା; କ.ଭା. ତରତର ହୋଇ ଚାଲିଯିବା; 2. ବି. ଛିଣ୍ଡା; ଫାଟ; be torn between ଦୁଇଟି ମଧ୍ୟରେ ଗୋଟିକୁ ବାଛିବା ଦ୍ୱନ୍ଦ୍ୱ; ଦ୍ୱିଧା; tear apart ତନ୍ନତନ୍ନ କରି କୌଣସିସ୍ଥାନ ଖାନତଲାସ କରିବା; ତୀବ୍ର ସମାଲୋଚନା କରିବା; ଧ୍ୱଂସ କରିଦେବା; ଖଣ୍ଡଖଣ୍ଡ ବା ଭାଗଭାଗ କରିଦେବା; ଭାରି ଦୁଃଖ ଦେବା; tear one's hair out କ.ଭା. ନୈରାଶ୍ୟଜର୍ଜରିତ ହୋଇ ଅତ୍ୟନ୍ତ ବିବ୍ରତ ହୋଇପଡିବା; tear into କ.ଭା. ଭର୍ତ୍ସନା କରିବା; ଉତ୍ସାହୀଭାବେ କୌଣସି କାର୍ଯ୍ୟ ଆରମ୍ଭ କରିବା; tear oneself away ଅନିଚ୍ଛାସତ୍ତ୍ୱେ ଯିବା; tear to shreds କ.ଭା. ସଂପୂର୍ଣ୍ଣ ବିରୋଧକରିବା ବା ସମାଲୋଚନା କରିବା; that's torn it କ.ଭା. ତାହାହିଁ ସବୁକିଛି ନଷ୍ଟ ବା ମାଟି କରିଦେଲା।

**tear**[2] ବି. ଅଶ୍ରୁ; ଅଶ୍ରୁବିନ୍ଦୁ, ଲୁହ; in tears କ୍ରନ୍ଦନଶୀଳ, ଅଶ୍ରୁପୂର୍ଣ୍ଣ।

**tearaway** ବି. କ.ଭା. ଅବାଧ୍ୟ ବା ଦୁର୍ବିନୀତ ଯୁବକ।

**tearful** ବିଂ. ଅଶ୍ରୁଳ; ଅଶ୍ରୁପୂର୍ଣ୍ଣ; ଲୁହ ଛଳଛଳ; ଅତ୍ୟନ୍ତ ଦୁଃଖଦାୟକ; କ୍ରି.ବିଂ. tearfully.

**teargas** ବି. ଲୁହବୁହା ବାଷ୍ପ।

**tearing** ବିଂ. ଭୟଙ୍କର ବା ପ୍ରଚଣ୍ଡ ବେଗରେ ଧାବମାନ।

**tear–jerker** ବି. କ.ଭା. ଭାବପ୍ରବଣତାପୂର୍ଣ୍ଣ କାହାଣୀ, ଚଳଚ୍ଚିତ୍ର ପ୍ରଭୃତି।

**tease** 1. କ୍ରି. ପରିହାସ କରିବା; ଚିଡେଇବା; ଥଟ୍ଟାକରିବା; ଯୌନ ଉତ୍ତେଜନା ସୃଷ୍ଟିକରି ଅସଂତୁଷ୍ଟ ରଖିବା; ତନ୍ତୁ ବାହାରକରିବା, ରାମ୍ପି ସଫା କରିବା; 2. ବି. ଥଟ୍ଟା, ପରିହାସପ୍ରିୟ ବ୍ୟକ୍ତି; tease out ଖିଅ ବାହାର କରି ଅଲଗା କରିବା, (ସୂତା ପ୍ରଭୃତି) ଗୋଟି ଗୋଟି କରି ଅଲଗା କରିବା।

**teasel** ବି. ଏକପ୍ରକାର ବୃକ୍ଷ ଯାହାର କଣ୍ଟକିତ ପୁଷ୍ପମୁକୁଳ ଶୁଖାଇ ଲୁଗାର ଆଁଶ ଉଠାଇ କରାଯାଏ।

**teaser** ବି. କ.ଭା. କଠିନ ପ୍ରଶ୍ନ ବା କାର୍ଯ୍ୟ; ଥଟ୍ଟାପରିହାସ କରୁଥିବା ବ୍ୟକ୍ତି।

**teaspoon** ବି. ଚା' ଫେଣ୍ଟିବା ନିମିତ୍ତ ବ୍ୟବହୃତ ଛୋଟ ଚାମୁଚ; ଛୋଟ ଚାମୁଚଭର୍ତ୍ତି ପଦାର୍ଥ।

**teaspoonful** ବି. ଚା' ଚାମୁଚଭର୍ତ୍ତି ପଦାର୍ଥ; ବି. teaspoonful.

**teat** ବି. ପଶୁଙ୍କ ସ୍ତନବୃନ୍ତ, ଚୁଚୁକ, କ୍ଷୀରବୋତଲର ରବର ଚୁଚୁକ।

**teatime** ବି. ଅପରାହ୍ଣର ଚା'ପାନ ସମୟ।

**teazel** ବି. (teazle ମଧ୍ୟ) ଦ୍ର. teasel.

**tec** ବି. କ.ଭା. detective ଗୋଏନ୍ଦା।

**tech, tec** ବି. କ.ଭା. technical college ବୈଷୟିକ ଶିକ୍ଷାନୁଷ୍ଠାନ ବା ତାଲିମ ପ୍ରତିଷ୍ଠାନ।

**technetium** ବି. କୃତ୍ରିମଭାବେ ପ୍ରସ୍ତୁତ ତେଜସ୍କ୍ରିୟ ଧାତବ ପଦାର୍ଥବିଶେଷ।

**technic** ବି. କାରିଗରୀ କୌଶଳ; ବୈଷୟିକ ଶବ୍ଦାବଳୀ, ପ୍ରଣାଳୀ ପ୍ରଭୃତି; କୌଶଳ।

**technical** ବିଂ. ପ୍ରାୟୋଗିକ ବିଦ୍ୟା ସଂକ୍ରାନ୍ତ; ଯନ୍ତ୍ରବିଦ୍ୟା ବା ଯନ୍ତ୍ରକୌଶଳ ସଂକ୍ରାନ୍ତ; ବୈଷୟିକ, ଆଇନଗତ ବା ନୀତିଗତ (ବ୍ୟାଖ୍ୟା); କ୍ରି.ବିଂ. technically.

**technicality** ବି. କୌଣସି କଳା ବା ବିଦ୍ୟାର ବୈଶିଷ୍ଟ୍ୟ; ବୈଷୟିକ ବା କାରିଗରି କୌଶଳର ବିଷୟ ବା ସୂକ୍ଷ୍ମଦିଗ।

**technician** ବି. ପ୍ରୟୋଗବିତ୍; ବିଜ୍ଞାନାଗାର ପ୍ରଭୃତିରେ ପ୍ରାୟୋଗିକ ବା ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଥିବା ତାଲିମପ୍ରାପ୍ତ ବ୍ୟକ୍ତି।

**Technicolor** ବି. ସ୍ତ୍ର. ଚଳଚ୍ଚିତ୍ରର ରଙ୍ଗୀନ୍ ଆଲୋକଚିତ୍ର ଗ୍ରହଣ ପ୍ରଣାଳୀ; technicolour କ.ଭା. ଉଜ୍ଜ୍ୱଳ ରଂଗ; କୃତ୍ରିମ ଚାକଚକ୍ୟ ବା ଔଜ୍ଜ୍ୱଲ୍ୟ।

**technique** ବି. କାର୍ଯ୍ୟ ସଂପାଦନ ପ୍ରଣାଳୀ; ପ୍ରଯୁକ୍ତିପ୍ରୟୋଗ କୌଶଳ; କଳାକୌଶଳ; କଳା, ସଂଗୀତ ପ୍ରଭୃତିର ପ୍ରକାଶଶୈଳୀ।

**technocracy** ବି. ପ୍ରାୟୋଗିକ ବିଦ୍ୟାବିତ୍ ବା ଯନ୍ତ୍ରୀମାନଙ୍କଦ୍ୱାରା ପରିଚାଳିତ ଅନୁଷ୍ଠାନ ବା ସରକାର।

**technocrat** ବି. ପ୍ରାୟୋଗିକ ବିଦ୍ୟାବିତ୍ ବା ଯନ୍ତ୍ରୀମାନଙ୍କର ପ୍ରଶାସନ ବା ପରିଚାଳନା ବ୍ୟବସ୍ଥାର ପକ୍ଷପାତୀ; ବିଂ. technocratic.

**technology** ବି. ପ୍ରାୟୋଗିକ ବା ପ୍ରଯୁକ୍ତିଜ୍ଞାନ ଓ କୌଶଳ; କାରିଗରୀ ବା ବୈଷୟିକ ବିଦ୍ୟା; କାରିଗରୀ କୌଶଳ; ବିଂ. technological;

Digitized by srujanika@gmail.com

କ୍ରି.ବି॰. technologically; ବି. technologist.

**tectonics** ବି. ଭୂ.ବି.ବ. ପୃଥିବୀର ଗଠନ ସମ୍ବନ୍ଧୀୟ ଅଧ୍ୟୟନ।

**Ted, ted** ବି. ଚ.ଭା. ସଂକ୍ଷି. ଦ୍ର. Teddy boy.

**Teddy, teddy (bear)** ବି. ନରମ ଖେଳନା ଭାଲୁ।

**Teddy boy** ବି. ଚ.ଭା. ଯୁବକ (ବିଶେ. ପଚାଶ ଦଶକର ଏଡ୍‌ୱାର୍ଡୀୟ ପୋଷାକ ଓ କେଶବିନ୍ୟାସ ଶୈଳୀର ଅନୁଗାମୀ)।

**tedious** ବି॰. କ୍ଲାନ୍ତିକର; ବିରକ୍ତିକରଭାବେ ଦୀର୍ଘ; ବିରକ୍ତିକର; କ୍ରି.ବି॰. tediously.

**tedium** ବି. କ୍ଲାନ୍ତି; ବିରକ୍ତି।

**tee** ବି. ପ୍ରତ୍ୟେକ ଗର୍ତ୍ତ ନିମନ୍ତେ ଗଲଫ୍ ଖେଳାଳିର ବଲ୍ ଆଘାତ କରି ଖେଳ ଆରମ୍ଭ କରିବା ସ୍ଥାନ; ସେତେବେଳେ ବଲ୍ ପାଇଁ ବ୍ୟବହୃତ କାଠ ବା ପ୍ଲାଷ୍ଟିକ୍‌ର ଆଧାର।

**tee-hee** 1. ଅବ୍ୟ. ତାଚ୍ଛଲ୍ୟପୂର୍ଣ୍ଣ ଆନନ୍ଦର ପରିପ୍ରକାଶ; 2. ବି. (ଖିଲିଖିଲି) ହସ; 3. କ୍ରି. ତାଚ୍ଛଲ୍ୟଭରା ହସ ହସିବା।

**teem**[1] କ୍ରି. ପ୍ରଚୁର ହେବା; ଯାଲୁବାଲୁ ହେବା; ପରିପୂର୍ଣ୍ଣ ହେବା (teeming with ideas).

**teem**[2] କ୍ରି. ପ୍ରଚୁର ପରିମାଣରେ ବହିବା; ଢାଳିବା।

**teen** ଲଘୁ ବି॰. ଦ୍ର. teenage.

**-teen** ପ୍ର.ପ୍ର. ୧୩ଠାରୁ ୧୯ପର୍ଯ୍ୟନ୍ତ ସଂଖ୍ୟାରେ ବ୍ୟବହୃତ (thirteen...nineteen).

**teenage** ଲଘୁ ବି॰. ୧୩ରୁ ୧୯ବର୍ଷ ବର୍ଷବୟସ୍କ, କିଶୋର ବା କିଶୋରୀ ସୁଲଭ; ବି॰. teenged.

**teenager** ବି. ୧୩ରୁ ୧୯ବର୍ଷ ବୟସ୍କ ବାଳକ ବା ବାଳିକା; କିଶୋର ବା କିଶୋରୀ।

**teens** ବି॰. ବ.ବ. ୧୩ରୁ ୧୯ବର୍ଷ ବୟସର ବୟସ (in his teens).

**teensy** ବି॰. ଚ.ଭା. ଦ୍ର. teeny.

**teeny** ବି॰. ଚ.ଭା. କ୍ଷୁଦ୍ର, ଛୋଟ।

**teeny-bopper** ବି. ଆଧୁନିକ ଫେଶନ୍ ଅନୁସରଣ କରୁଥିବା ୧୩ରୁ ୧୯ବର୍ଷ ବୟସ୍କ ବାଳକ ବାଳିକା, ବିଶେ. କିଶୋରୀ।

**teeny-weeny, teensy-winsy** ବି॰. ଅତି ଛୋଟ; ଟିକି।

**teepee** ବି. ଦ୍ରଷ୍ଟ. tepee.

**teeter** କ୍ରି. ନଡ଼ବଡ଼ ହୋଇ ଚାଲିବା, ଅବ୍ୟବସ୍ଥିତ ବା ଅସ୍ୱାଭାବିକ ଭାବରେ ଗତି କରିବା।

**teeth** ବି. tooth (ଦାନ୍ତ)ର ବ.ବ.।

**teethe, teething** କ୍ରି. ଦନ୍ତୋଦ୍‌ଗମ ହେବା; ଦାନ୍ତ ଉଠିବା (ବିଶେ. ଦୁଧଦାନ୍ତ)।

**teething troubles** ବି. କୌଣସି ଉଦ୍ୟୋଗ ବା ଅନୁଷ୍ଠାନର ପ୍ରାଥମିକ ଅସୁବିଧା।

**teetotal** ବି॰. ମଦ୍ୟପାନ ବିମୁଖ; ମଦ୍ୟପାନ ବିରୋଧୀ; ନିଶାନିବାରଣ ସପକ୍ଷବାଦୀ; ବି. teetotalism, teetotaller.

**teff** ବି. ଆଫ୍ରିକୀୟ ଡାଲିଜାତୀୟ ଶସ୍ୟ ବିଶେଷ।

**te-hee** ବି. ଦ୍ରଷ୍ଟ. tee-hee.

**Tel., tel.** ବି. ସଂକ୍ଷି. ଟେଲିଫୋନ୍।

**tele-** ସଂ. ଦୂରତ୍ୱ ଅର୍ଥସୂଚକ ପୂର୍ବପ୍ରତ୍ୟୟ; ଟେଲିଭିଜନ୍; ଟେଲିଫୋନ୍ ମାଧ୍ୟମରେ।

**telecast** 1. ବି. ଟେଲିଭିଜନ୍‌ରେ ପ୍ରସାରଣ; 2. କ୍ରି. ଟେଲିଭିଜନ୍‌ରେ ପ୍ରସାରଣ କରିବା; ବି. telecaster.

**telecommunication** ବି. ଟେଲିଗ୍ରାଫ୍ ବା ଟେଲିଫୋନ୍ ମାଧ୍ୟମରେ ବାର୍ତ୍ତା ଆଦାନପ୍ରଦାନ; ଦୂରସଞ୍ଚାର; ଏହି ମାଧ୍ୟମ ବା ତାହାର ବୈଷୟିକ କୌଶଳ।

**teleconference** ବି.ଟେଲିଫୋନ୍, ଟେଲିଭିଜନ ପ୍ରଭୃତି ମାଧ୍ୟମ ବ୍ୟବହାର କରି ହେଉଥିବା ସମ୍ମିଳନୀ।

**telefax** ବି. ଦ୍ରଷ୍ଟ. fax, telefacsimile ଫାକ୍ସ୍‌ବାର୍ତ୍ତା।

**telegram** ବି. ତାରବାର୍ତ୍ତା; ଟେଲିଗ୍ରାମ୍।

**telegraph** ବି. ତାର; ଦୂରଲିଖ; ତାର ବ୍ୟବସ୍ଥା; ଟେଲିଗ୍ରାଫ୍; ବି. telegraphist.

**telegraphic** ବି॰. ଟେଲିଗ୍ରାଫ୍ ବା ତାରବାର୍ତ୍ତା ସଂକ୍ରାନ୍ତ; ଟେଲିଗ୍ରାମଯୋଗେ; ତାରବାର୍ତ୍ତାପରି ସଂକ୍ଷିପ୍ତ; କ୍ରି.ବି॰. telegraphically.

**telegraphy** ବି. ଟେଲିଗ୍ରାଫ୍ ଯନ୍ତ୍ରଦ୍ୱାରା ଦୂରକୁ ବାର୍ତ୍ତାପ୍ରେରଣ କାର୍ଯ୍ୟ ବା ସେହି ବ୍ୟବସ୍ଥା।

**telekinesis** ବି. କଥିତ ଅତିମାନସ ଶକ୍ତି ଯାହା ସାହାଯ୍ୟରେ ଦୂରସ୍ଥ ବସ୍ତୁକୁ ଗତିଶୀଳ କରାଯାଇପାରେ; ବି॰. telekinetic.

**telemarketing** ବି. ଅବାଂଛିତ ଟେଲିଫୋନ୍ ବାର୍ତ୍ତା କରିଆରେ ପଣ୍ୟବସ୍ତୁ ବିକ୍ରୟ।

Digitized by srujanika@gmail.com

**telemessage** ବି. ଟେଲିଫୋନ୍ ବା ଟେଲେକ୍ସ ମାଧ୍ୟମରେ ପ୍ରେରିତ ବାର୍ତ୍ତା ଯାହା ଛପା ଅକ୍ଷରରେ ପ୍ରାପକଙ୍କୁ ପ୍ରଦାନ କରାଯାଇଥାଏ (୧୯୪୧ରୁ ବିଲାତରେ ଟେଲିଗ୍ରାମ ପରିବର୍ତ୍ତେ ପ୍ରଚଳିତ ବ୍ୟବସ୍ଥା)।

**telemetry** ବି. କୌଣସି ଯନ୍ତ୍ରଦ୍ୱାରା କୃତ ହିସାବ ପ୍ରଭୃତି ଲିପିବଦ୍ଧ କରି ବେତାର ମାଧ୍ୟମରେ ପ୍ରେରଣ; ବି. telemeter..

**teleology** ବି.ଦ. ପ୍ରୟୋଜନବାଦ; ଉଦ୍ଦେଶ୍ୟ–ବାଦ; ପ୍ରୟୋଜନ ବା ଉଦ୍ଦେଶ୍ୟ ଅନୁସାରେ ଜାଗତିକ ଘଟଣାଗୁଡ଼ିକର ବ୍ୟାଖ୍ୟା ହେତୁ ବିଦ୍ୟା; *ଧର୍ମ* ବସ୍ତୁଜଗତର ଗଠନ ଏବଂ ଉଦ୍ଦେଶ୍ୟ ବିଷୟକ ତତ୍ତ୍ୱ; ବିଂ. teleological.

**telepathy** ବି. ଦୂର ସମ୍ବେଦନା; ଦୂରସ୍ଥ ବ୍ୟକ୍ତିର ଚିନ୍ତା ବା ଭାବନା ଜାଣିପାରିବା ଶକ୍ତି; ଚିନ୍ତା ବା ମନୋଶକ୍ତି ପ୍ରେରଣ ବା ଗ୍ରହଣର କଥିତ ବିଦ୍ୟା; ବିଂ. telepathic; କ୍ରି.ବିଂ. telepathically.

**telephone** ବି. ଟେଲିଫୋନ୍; ଦୂରଭାଷ; ଏହାରି ଯନ୍ତ୍ର; ବିଂ. telephonic; କ୍ରି.ବିଂ. telephonically.

**telephone book** ବି.ଦ୍ର. telephone directory.

**telephone booth (kiosk, box)** ବି. ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଟେଲିଫୋନ୍ ବୁଥ୍।

**telephone directory** ବି. ଦୂରଭାଷ ନିର୍ଦ୍ଦେଶିକା; ଟେଲିଫୋନ୍ ନମ୍ବର ଓ ଗ୍ରାହକମାନଙ୍କ ନାମ ସମ୍ବଳିତ ପୁସ୍ତକ।

**telophonist** ବି. ଟେଲିଫୋନ୍ ଏକ୍ସଚେଞ୍ଜ ବା ସୁଇଚ୍‌ବୋର୍ଡ଼ର ଚାଳକ ବା ଅପରେଟର୍।

**telephony** ବି. ଟେଲିଫୋନ୍ ମାଧ୍ୟମରେ ଧ୍ୱନି ପ୍ରେରଣ।

**telephoto (telephoto lens)** ବି. ଟେଲିଫଟୋଗ୍ରାଫିରେ ବ୍ୟବହୃତ ଯବକାଚ ବା ଲେନ୍ସ୍।

**telephotography** ବି. ବିଶେଷ ଧରଣର ଯବକାଚ ବା ଲେନ୍ସ୍ ସାହାଯ୍ୟରେ ଦୂର ପଦାର୍ଥର ଚିତ୍ର ଉତ୍ତୋଳନ; ବିଂ. telephotographic.

**teleprinter** ବି. ତାରବାର୍ତ୍ତା ଗ୍ରହଣ, ପ୍ରେରଣ ତଥା ମୁଦ୍ରଣ କରିପାରୁଥିବା ଯନ୍ତ୍ର; ଟେଲିପ୍ରିଣ୍ଟର୍।

**teleprompter** ବି. ଚଳଚ୍ଚିତ୍ର ବା ଟେଲିଭିଜନ କେମେରା ପାର୍ଶ୍ୱରେ ଥିବା ଯନ୍ତ୍ର ଯାହା ବକ୍ତାଙ୍କୁ ବକ୍ତବ୍ୟର ଲିପି ପାଠକରି କହିବାକୁ ସୁଯୋଗ ଦେଇଥାଏ।

**telescope** 1. ବି. ଦୂରବୀକ୍ଷଣ ଯନ୍ତ୍ର; 2. କ୍ରି. ପଛକୁପଛ ଯୋଡ଼ିବା ବା ଲଗେଇବା; ସଂକୁଚିତ କରିଦେବା।

**telescopic** ବିଂ. ଦୂରବୀକ୍ଷଣ ସଂକ୍ରାନ୍ତ; ଦୂରବୀକ୍ଷଣ ବ୍ୟବସ୍ଥାଯୁକ୍ତ; ଦୂରବୀକ୍ଷଣ ଦ୍ୱାରା ଦୃଷ୍ଟ; କ୍ରି.ବିଂ. telescopically.

**teletext** ବି. କମ୍ପ୍ୟୁଟର ସାହାଯ୍ୟରେ ତଥା ଟେଲିଭିଜନ ମାଧ୍ୟମରେ ଗ୍ରାହକଙ୍କୁ ପ୍ରେରିତ ସଂବାଦ ଓ ବାର୍ତ୍ତା।

**telethon** ବି. ଖୁବ୍ ଦୀର୍ଘ ଟେଲିଭିଜନ୍ କାର୍ଯ୍ୟକ୍ରମ।

**Teletype** ବି. ସ୍ତ୍ର. ଏକପ୍ରକାର ଟେଲିପ୍ରିଣ୍ଟର।

**televise** କ୍ରି. ଦୂରଦର୍ଶନ ମାଧ୍ୟମରେ ପ୍ରସାରଣ କରିବା।

**television** ବି. ଟେଲିଭିଜନ୍; ଟିଭି; ଟିଭିପ୍ରସାରଣ; ଦୂରଦର୍ଶନ; ବିଂ. televisual.

**telex, Telex** 1. ବି. ଟେଲିପ୍ରିଣ୍ଟର ମାଧ୍ୟମରେ ଆନ୍ତର୍ଜାତିକ ବାର୍ତ୍ତାପ୍ରେରଣ ବ୍ୟବସ୍ଥା; 2. କ୍ରି. ଟେଲେକ୍ସ୍ ମାଧ୍ୟମରେ ବାର୍ତ୍ତା ବା ସଂବାଦ ପଠାଇବା।

**tell** କ୍ରି. କହି ବା ଲେଖି ପ୍ରକାଶ କରିବା; ଉଚ୍ଚାରଣ କରିବା; ବର୍ଣ୍ଣନା କରିବା; ପ୍ରକଟ କରିବା; ସମାଚାର ଦେବା, ଭାରାକ୍ରାନ୍ତ କରିବା; ଆଦେଶ ଦେବା; ପାର୍ଥକ୍ୟ ବାରିପାରିବା (tell one from the other); tell apart ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ବାରି ନ ପାରିବା; tell off କ.ଭା. ତିରସ୍କାର କରିବା; ଗାଳିଦେବା; tell on କ.ଭା. ବିରୁଦ୍ଧରେ କହିବା, ଅଭିଯୋଗ କରିବା; tell tales କାହାରି ଭୁଲ ବା ଦୁର୍ବଳତା ପ୍ରଘଟ କରିଦେବା; tell the time ଘଡ଼ି ଦେଖି ସମୟ କହିବା।

**teller** ବି. ବ୍ୟାଙ୍କରେ ଟଙ୍କା ନେଣଦେଣ ପାଇଁ ନିଯୁକ୍ତ ବ୍ୟକ୍ତି; ଭୋଟ ଗଣନାକାରୀ; ଗପକୁହାଳି।

**telling** ବିଂ. ପ୍ରଭାବଶାଳୀ; କ୍ରି.ବିଂ. tellingly.

**telling–off** ବି. ଗାଳି, ଭର୍ତ୍ସନା।

**tell–tale** 1. ବି. ଅନ୍ୟର ଗୁପ୍ତ ଘଟଣା ପ୍ରକାଶକାରୀ ବସ୍ତୁ ବା ବ୍ୟକ୍ତି; 2. ବିଂ. ଯାହା ପ୍ରକାଶ କରିଦିଏ (a tell tale smile); ସ୍ୱୟଂକ୍ରିୟ ଯଂତ୍ରବିଶେଷ।

Digitized by srujanika@gmail.com

**tellurium** ବି. ଅର୍ଦ୍ଧପରିବାହୀଗୁଡ଼ିକରେ ବ୍ୟବହୃତ ଉଜ୍ଜ୍ୱଳ ଧଳାରଙ୍ଗର ବିରଳ ଧାତୁବିଶେଷ; ବିଂ. telluric.

**telly** ବି. କ.ଭା. ଦୂରଦର୍ଶନ; ଟେଲିଭିଜନ ଯନ୍ତ୍ର; ଟି.ଭି.।

**temerity** ବିଂ. ଧୃଷ୍ଟତା; ଔଦ୍ଧତ୍ୟ।

**temp** କ.ଭା. 1. ବି. ଅସ୍ଥାୟୀ କର୍ମଚାରୀ 2. କ୍ରି. ଅସ୍ଥାୟୀ ଭାବେ କାର୍ଯ୍ୟକରିବା।

**temper** ବି. ମାନସିକ ଅବସ୍ଥା, ମନୋସ୍ଥିତି; ମିଜାଜ୍; ବିରକ୍ତି ବା କ୍ରୋଧ; କ୍ଷଣକୋପ; ବସ୍ତୁର ସ୍ଥିତିସ୍ଥାପକତା ବା କଠିନତା; 2. କ୍ରି. ପରିମିତଭାବରେ ନମନୀୟ ବା କଠିନ କରିବା; କୋମଳ ବା ଶାନ୍ତ କରିବା; ହ୍ରାସ କରିବା, in a bad (out of) temper ବିରକ୍ତ, କ୍ରୁଦ୍ଧ, in a good temper ସୁଖୀ, ମେଜାଜୀ, ଖୁସିବାସିଆ।

**tempera** ବି. ବିଭିନ୍ନ ବସ୍ତୁ ମିଶ୍ରଣରେ ରଙ୍ଗ ଲଗାଇବା କୌଶଳ।

**temperament** ବି. (ବ୍ୟକ୍ତି ବା ପ୍ରାଣୀର) ପ୍ରକୃତି; ସ୍ୱଭାବ।

**temperamental** ବିଂ. ଶରୀର ବା ମନର ଗଠନଗତ; ପ୍ରକୃତି ବା ସ୍ୱଭାବଗତ; କ.ଭା. ଖାମଖିଆଲି ବା ଅସ୍ଥିର ପ୍ରକୃତି (ବ୍ୟକ୍ତି); କ୍ରି.ବିଂ. temperamentally.

**temperance** ବି. ପାନଭୋଜନରେ ମିତାଚାର; ମଦ୍ୟପାନ ବର୍ଜନ।

**temperate** ବିଂ. ମିତାଚାରୀ; ଆତ୍ମସଂଯମୀ (ବ୍ୟକ୍ତି); ପରିମିତ ତାପସଂପନ୍ନ; ନାତିଶୀତୋଷ୍ଣ (ଜଳବାୟୁ)।

**temperature** ବି. ଉତ୍ତାପ; ଶରୀର ବା ବାୟୁମଣ୍ଡଳର ତାପ; କ.ଭା. (ବ୍ୟକ୍ତିର) ସ୍ୱାଭାବିକ ତାପମାତ୍ରାଠାରୁ ଅଧିକ ଉତ୍ତାପ; ଆଲୋଚନା ପ୍ରଭୃତିରେ ଉତ୍ତେଜନାର ମାତ୍ରା।

**tempest** ବିଂ. ପ୍ରଚଣ୍ଡ ଝଡ଼; ତୋଫାନ।

**tempestuous** ବିଂ. ଝଡ ବିକ୍ଷୁବ୍ଧ; ତୋଫାନୀ; ଉତ୍ତାଳ।

**tempi** ବି. tempoର ବ.ବ.।

**template** ବି. ଦ୍ର. templet.

**temple**[1] ବି. ଦେବ ମନ୍ଦିର; ଉପାସନା ପୀଠ; ଦେବାଳୟ।

**temple**[2] ବିଂ. କାନମୁଣ୍ଡା; କପାଳ ଓ କାନର ମଧ୍ୟବର୍ତ୍ତୀ ସ୍ଥାନ।

**templet** ବିଂ. କାଠପଟା ବା ଧାତବ ପାତ ଯାହା ଅନୁସାରେ କଟେଇ ବା ଖୋଦେଇ କରାଯାଏ।

**tempo** ବି. *ସଂଗୀତ* ଲୟ; ବେଗ।

**temporal** ବିଂ. ପାର୍ଥିବ; ଐହିକ; ସମୟ ସଂକ୍ରାନ୍ତ; କାନମୁଣ୍ଡା ସଂକ୍ରାନ୍ତ; ବ୍ୟା. ସମୟ ବା କାଳସୂଚକ (temporal conjunction).

**temporary** 1. ବିଂ. ଅସ୍ଥାୟୀ, ସାମୟିକ; କ୍ଷଣସ୍ଥାୟୀ 2. ବି. ଅସ୍ଥାୟୀ କର୍ମଚାରୀ; କ୍ରି.ବିଂ. temporarily.

**temporize** କ୍ରି. ଟାଳଟୁଳ କରିବା; ଗଡ଼ାଇ ଦେବା; ଭବିଷ୍ୟତ ପାଇଁ ଟାଳିଦେବା; ଅଧିକ ଅନୁକୂଳ କ୍ଷଣ ନିମିତ୍ତ ପ୍ରତୀକ୍ଷା କରିବା; ନିର୍ଣ୍ଣୟ ପ୍ରଦାନରେ ଘୁଞ୍ଚିପୁଞ୍ଚି ହେବା; ଅବସ୍ଥା ଦେଖି ବ୍ୟବସ୍ଥା କରିବା।

**tempt** କ୍ରି. ପ୍ରଲୁବ୍ଧ କରିବା; ଅକରଣୀୟ କାର୍ଯ୍ୟ କରିବା ନିମିତ୍ତ କାହାକୁ ପ୍ରବର୍ତ୍ତାଇବା; ଆକର୍ଷଣ କରିବା, ଲୋଭ ଦେଖାଇବା; be tempted to (କୌଣସି କାର୍ଯ୍ୟପାଇଁ) ମନ ବଳାଇବା; ବି. (*ସ୍ତ୍ରୀ*) temptress.

**temptation** ବି. ମନ୍ଦ କାର୍ଯ୍ୟ ପାଇଁ ପ୍ରବର୍ତ୍ତନା; ଲୋଭନୀୟ ବା ଆକର୍ଷଣୀୟ ବସ୍ତୁ ବା ବ୍ୟକ୍ତି; ପ୍ରା.ପ୍ର. ପରୀକ୍ଷା।

**tempting** ବିଂ. ଆକର୍ଷକ; ଆକର୍ଷଣୀୟ; ମନଲୋଭା, ଆକର୍ଷଣକରା; କ୍ରି.ବିଂ. temptingly.

**tempura** ବିଂ. ଅଣ୍ଡା, କ୍ଷୀର ପ୍ରଭୃତିରେ ବେକା ହୋଇ ଭଜା ମାଛ; ଚିଙ୍ଗୁଡ଼ି ପ୍ରଭୃତିର ଜାପାନୀ ବ୍ୟଞ୍ଜନ।

**ten** ବିଂ.ବି. ଦଶ ସଂଖ୍ୟା, ୧୦, (10, x, X) ଦଶଟା ସମୟ; ଦଶ ନମ୍ବର ବସ୍ତୁ।

**tenable** ବିଂ. ରକ୍ଷଣୀୟ; ପ୍ରତିରକ୍ଷା କଲାଭଳି; ନିର୍ଦ୍ଦିଷ୍ଟ ସମୟ ପାଇଁ ବା ବ୍ୟକ୍ତି ନିମନ୍ତେ ସଂରକ୍ଷିତ (ଚାକିରୀ, ପଦବୀ ପ୍ରଭୃତି; ବି. tenability.

**tenacious** ବିଂ. ଶକ୍ତ କରି ଧରିରଖି ପାରୁଥିବା; ଦୃଢ଼ (ସ୍ମରଣ ଶକ୍ତି); କ୍ରି.ବିଂ. tenaciously; ବି. tenacity.

**tenancy** ବି. ପ୍ରଜାସ୍ୱତ୍ୱ; ପ୍ରଜା ବା ଭଡ଼ାଟିଆର ସ୍ଥିତି, ସ୍ୱତ୍ୱ ବା ଅଧିକାର; ପ୍ରଜାସ୍ୱତ୍ୱ ଭୋଗକାଳ।

Digitized by srujanika@gmail.com

**tenant** ବି. ପ୍ରଜା; ଭଡ଼ାଟିଆ; ଦଖଲଦାର; ରୟତ।
**tenant farmer** ବି. ଭାଗଚାଷୀ।
**tenantry** ବି. ପ୍ରଜାବର୍ଗ।
**tench** ବି. ମଧୁରଜଳର ମତ୍ସ୍ୟବିଶେଷ (ୟୁରୋପୀୟ)।
**Ten Commandments** ବି. *ଖ୍ରୀ.* ଈଶ୍ୱରଙ୍କ–ଦ୍ୱାରା ମୋଜେସ୍‌ଙ୍କୁ ପ୍ରଦତ୍ତ ଖ୍ରୀଷ୍ଟୀୟ ଧର୍ମୀୟ ଆଚରଣ ବିଧି (ବାଇବେଲ୍, ଏକ୍‌ସୋଡ଼ସ୍)।
**tend**[1] କ୍ରି. ସେବା ବା ପରିଚର୍ଯ୍ୟା କରିବା।
**tend**[2] କ୍ରି. କୌଣସି ଲକ୍ଷ୍ୟରେ ପରିଚାଳିତ ହେବା; ପ୍ରବଣ ହେବା; ସହାୟକ ହେବା।
**tendency** ବି. ପ୍ରବଣତା; ପ୍ରବୃତ୍ତି।
**tendentious** ବିଂ. କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ବା କାରଣ ଆଖିରେ ରଖି କରାଯାଇଥିବା; ଉଦ୍ଦେଶ୍ୟପୂର୍ଣ୍ଣ; ବିବଦମାନ; କ୍ରି.ବିଂ. tendentiously; ବି. tendentiousness.
**tender**[1] ବିଂ. କୋମଳ; ନରମ; କର୍ଣ୍ଣକାତର; ଭାବପ୍ରବଣ; ସମ୍ବେଦନଶୀଳ; ଅଭିମାନୀ; ଦରଦୀ; ସ୍ନେହୀ; ପ୍ରେମପୂର୍ଣ୍ଣ; ଅପରିପକ୍ୱ; କଞ୍ଚା (ବୟସ); କ୍ରି.ବିଂ. tenderly; ବିଂ. tenderness.
**tender**[2] ବି. ବସ୍ତୁ ବା ବ୍ୟକ୍ତିର ପରିଚର୍ଯ୍ୟାକାରୀ; ବଡ଼ ଜାହାଜର ସାହାଯ୍ୟକାରୀ ପୋତ; କୋଇଲା ଚାଳିତ ରେଳଇଞ୍ଜିନ୍ ନିମିତ୍ତ କୋଇଲା ଯୋଗାଣ ଗାଡ଼ି।
**tender**[3] 1. କ୍ରି. (ଦରଖାସ୍ତ, ଇସ୍ତଫା, ଟଙ୍କାପଇସା, ସେବା ପ୍ରଭୃତି) ପ୍ରଦାନ କରିବା; ପତ୍ର ବା ନିବିଦା ଉପସ୍ଥାପନ କରିବା; 2. ବି. ନିବିଦାପତ୍ର; ଟେଣ୍ଡର; ଉଲ୍ଲିଖିତ ମୂଲ୍ୟରେ କାମ କରିବା ପାଇଁ ବା ମାଲପତ୍ର ଯୋଗାଇବା ପାଇଁ ସ୍ୱୀକୃତିପତ୍ର; ବି. tenderer.
**tenderfoot** ବି. ନବାଗତ, ତାଲିମ ନବିସ୍।
**tender–hearted** ବିଂ. କୋମଳହୃଦୟ; ସହଜରେ ବିଚଳିତ; ସମ୍ବେଦନଶୀଳ ବି. tender–heartedness.
**tenderize** କ୍ରି. (ମାଂସ ପ୍ରଭୃତିକୁ) ନରମ କରିବା।
**tenderloin** ବିଂ. ପଟିଆ (କଟୀଦେଶ) ମାଂସ।
**tender spot** ବି. (ବ୍ୟକ୍ତିର) ଦୁର୍ବଳ ଦିଗ ବା କର୍ଣ୍ଣକାତର ବିଷୟ।
**tendon** ବି. ଶରୀରରେ ହାଡ଼ ଓ ମାଂସପେଶୀର ସଂଯୋଗକାରୀ ଶକ୍ତତନ୍ତୁ; ବି. tendinitis.
**tendril** ବି. ଲତାର ଅଗ୍ରଭାଗର ସୂତ୍ରବତ୍ ଅଂଶ; ଜଟା।
**tenebrous** ବିଂ. *ସାହି.* ତମସାଚ୍ଛନ୍ନ; ଅନ୍ଧକାରପୂର୍ଣ୍ଣ।
**tenement** ବି. ଘରର କୋଠରୀ, ଫ୍ଲାଟ ପ୍ରଭୃତି ଭଡ଼ାଦିଆ ଅଂଶ।
**tenet** ବି. ମତବାଦ; ନୀତି; ସିଦ୍ଧାନ୍ତ।
**tenfold** କ୍ରି.ବିଂ. ବିଂ. ଦଶଗୁଣ, ଦଶଭାଗ ବିଶିଷ୍ଟ।
**tenner** ବି. *କ.ଭା.* ଦଶ ପାଉଣ୍ଡ, ଡଲାର ବା ଟଙ୍କା ମୂଲ୍ୟର ନୋଟ୍।
**tennis** ବି. ଟେନିସ୍ ଖେଳ।
**tenon** ବି. କାଠର ଗୋଜିଆ ଅଂଶ (ଯାହାକୁ କୌଣସି ରନ୍ଧ୍ର ବା ଗର୍ତ୍ତରେ ପ୍ରବେଶ କରାଯାଏ)।
**tenor** ବି. ସଂଗୀତ ପୁରୁଷମାନଙ୍କ ସ୍ୱାଭାବିକ ଗାୟନ ସ୍ୱର ବା ସ୍କେଲ୍; ଏହି ସ୍ୱର ବିଶିଷ୍ଟ ଗାୟକ; ଟେନୋସ୍ୱର ଯୁକ୍ତ ବାଦ୍ୟଯନ୍ତ୍ର; ସାଧାରଣ ଅର୍ଥ; ପ୍ରଚଳିତ ବ୍ୟବସ୍ଥା ବା ଅଭ୍ୟାସ।
**tenpin** ବି. ଇଂଲଣ୍ଡରେ ପ୍ରଚଳିତ ଟେନ୍‌ପିନ୍ ବୋଲିଙ୍ଗ ନାମକ ଖେଳରେ ବ୍ୟବହୃତ ପିନ୍ ବା କାଳକ; ବି. tenpin bowling.
**tense**[1] 1. ବିଂ. ଆନମ୍ର; ଉତ୍ତେଜିତ, ଉତ୍ତେଜନା ପୂର୍ଣ୍ଣ; 2. କ୍ରି. ଉତ୍ତେଜିତ ବା ବିବ୍ରତ ହେବା; କ୍ରି.ବିଂ. tensely; ବି. tenseness.
**tense**[2] ବି. *ବ୍ୟା.* କ୍ରିୟାର କାଳ।
**tensile** ବିଂ. ପ୍ରସାରଣସାଧ୍ୟ; ବି. tensility.
**tension** ବି. ପ୍ରସାରଣ; ପ୍ରସାରଣଶୀଳ ବସ୍ତୁର ଦୃଢ଼ତା; କଠିନ ଚାପ ବା ଉତ୍ତେଜନା; ବିଂ. tensional.
**tent** ବି. ତମ୍ବୁ; ତମ୍ବୁଭଳି ଆବେଷ୍ଟନୀ।
**tentacle** ବି. କୀଟପତଙ୍ଗମାନଙ୍କ ମୁହଁର ଶୁଣ୍ଢ ବା ନମନୀୟ ଓ ସରୁ ଅଙ୍ଗ; ବିଂ. tentacled.
**tentative** ବିଂ. ପରୀକ୍ଷାମୂଳକ ବା ସାମୟିକଭାବେ କୃତ; ଅନିର୍ଦ୍ଦିଷ୍ଟ, ସଂଶୟଯୁକ୍ତ (tentative idea); କ୍ରି.ବିଂ. tentativly; ବି. tentative–ness.
**tenter** ବି. ଠିକ୍ ଭାବରେ ବସ୍ତ୍ର ଶୁଖାଇବା ପାଇଁ ବ୍ୟବହୃତ ଯନ୍ତ୍ର।
**tenterhook** ବି. ବସ୍ତ୍ର ପ୍ରସାରଣ ଯନ୍ତ୍ରରେ ବସ୍ତ୍ର ଟାଣିବା ପାଇଁ ରହିଥିବା ଅଙ୍କୁଶ; on tenter hooks ଅନିଶ୍ଚିତତା ଯୋଗୁଁ ସୃଷ୍ଟ ଉତ୍କଣ୍ଠା, ବ୍ୟଗ୍ରତା ବା ଉତ୍ତେଜନା।

Digitized by srujanika@gmail.com

**tenth** ବିଂ., ବି. ଦଶମ; ଦଶଭାଗରୁ ଏକ ଭାଗ, ଏକଦଶମାଂଶ; କ୍ରି.ବିଂ. tenthly.

**tenuous** ବିଂ. ଲଘୁ, ସୂକ୍ଷ୍ମ; ବି. tenuity; କ୍ରି.ବିଂ. tenuously.

**tenure** ବି. ଭୋଗାଧିକାର; ଭୋଗଦଖଲ; କାର୍ଯ୍ୟକାଳ; ଅବସ୍ଥା; ସମ୍ପତ୍ତି ରଖିବାର ଭୋଗାଧିକାର; ଶ୍ରେଣୀ, ସମ୍ପତ୍ତି ବା ପଦବୀର ଅଧିକାର ବା ସମୟସୀମା; (ଶିକ୍ଷକଙ୍କ) ସ୍ଥାୟୀ ନିଯୁକ୍ତି; ବିଂ. tenured.

**tepee, teepee** ବି. ଆମେରିକାର ଲୋହିତ ଭାରତୀୟମାନଙ୍କର ତମ୍ବୁ ବିଶେଷ।

**tepid** ବିଂ. ଈଷଦୁଷ୍ଣ; ନାତିଉଷ୍ଣ; ଅଳ୍ପ ଗରମ; ଉତ୍ସାହହୀନ; ବି. tepidity; କ୍ରି.ବିଂ. tepidly.

**tequila** ବି. ମେକ୍ସିକୋର ଏକ ଉଦ୍ଭିଦରୁ ପ୍ରସ୍ତୁତ ମଦ୍ୟ।

**tera–** ସଂ. *ଉପ.* ଦଶଲକ୍ଷ କୋଟିର ଗୁଣିତକସୂଚକ ଉପସର୍ଗ।

**terbium** ବି. ଲାନ୍ଥାନାଇଡ୍ ଶ୍ରେଣୀର ରଜତ ଶୁଭ୍ର ମୌଳିକ ଧାତବ ପଦାର୍ଥ ବିଶେଷ।

**tercel, tiercel** ବି. ଅଣ୍ଡିରା ବାଜପକ୍ଷୀ।

**tercentenary** ବି. ତ୍ରିଶତବାର୍ଷିକୀ; ତାହାର ଉତ୍ସବ ପାଳନ।

**terebinth** ବି. ଦ. ୟୁରୋପୀୟ ବୃକ୍ଷ ବିଶେଷ (ଏଥିରୁ ଟାର୍ପିନ୍ ତେଲ ମିଳିଥାଏ)।

**teredo** ବି. ଜଳରେ ବୁଡ଼ିରହିଥିବା, (ବିଶେ. ଜାହାଜର) କାଷ୍ଠରେ ବିନ୍ଧ କରୁଥିବା ଶାମୁକା ଜାତୀୟ ଜଳଚର ପ୍ରାଣୀବିଶେଷ।

**tergiversation** ବି. ଦଳତ୍ୟାଗ; ନୀତିତ୍ୟାଗ; ନୀତି ପରିବର୍ତ୍ତନ; ବିଭ୍ରମାତ୍ମକ ବକ୍ତବ୍ୟ ପ୍ରଦାନ; କ୍ରି. tergiversate; ବି. tergiversator.

**term** 1. ବି. ଏକ ନିର୍ଦ୍ଦିଷ୍ଟ ଭାବ ବା ତଥ୍ୟ ପ୍ରକାଶ କରୁଥିବା ବୈଷୟିକ ଶବ୍ଦ; ବିଭିନ୍ନ ବିଭାଗରେ ବ୍ୟବହୃତ ନିର୍ଦ୍ଦିଷ୍ଟ ଭାବପ୍ରକାଶକ ଶବ୍ଦ ବା ପଦ; ବ.ବଚନରେ ବ୍ୟବହୃତ ଭାଷା; ଭାବପ୍ରକାଶର ଭଙ୍ଗୀ; ସମ୍ପର୍କ (on good terms); ସର୍ତ୍ତ (did it on my terms); ମୂଲ୍ୟ; ଦର; ଶାସନ ବା କାର୍ଯ୍ୟାଳୟର ନିର୍ଦ୍ଦିଷ୍ଟ ସମୟସୀମା (term of office); ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ; ସତ୍ରର ସମୟସୀମା (short term); ସ୍କୁଲ କଲେଜର ଶିକ୍ଷାଦାନ କାଳ; ବିଚାରାଳୟର ବିଚାର ସମୟ ନିର୍ଦ୍ଦେଶ; ଗଣିତ ଅନୁପାତ ବା କୌଣସି ସିରିଜ (ଶୃଙ୍ଖଳା)ର ସଂଖ୍ୟା ବିଶେଷ; ତର୍କ. କୌଣସି ପ୍ରସ୍ତାବନାର କର୍ତ୍ତା ବା କର୍ମ; ସ୍ୱାଭାବିକ ଗର୍ଭଧାରଣର ପୂର୍ଣ୍ଣସମୟ; 2. କ୍ରି. ଅଭିହିତ କରିବା; ନାମ ଦେବା; bring to terms ସର୍ତ୍ତ ସ୍ୱୀକାର କରାଇବା; come to terms ମାନିଯିବା; ଆତ୍ମସମର୍ପଣ କରିବା; come to terms with କଷ୍ଟ ବା ଦୁଃଖକୁ ଗ୍ରହଣ କରି ଚଳାଇନେବା; in terms of ବିଶେଷ ଶବ୍ଦ ବା ଭାଷାରେ; କୌଣସି ବିଷୟକୁ ଉଲ୍ଲେଖ ବା ଇଂଗିତ କରି; terms of reference ବିଚାର୍ଯ୍ୟ, ଆଲୋଚନା ବା ଅନୁସଂଧାନ ସାପେକ୍ଷ ବିଷୟ; ବିଂ. କ୍ରି.ବିଂ. termly.

**termagant** ବି. ଶକ୍ତିଶାଳୀ ବା ଉଗ୍ର ନାରୀ; ଚଣ୍ଡୀ; ଅଣ୍ଡିରାଚଣ୍ଡୀ।

**terminable** ବିଂ. ଶେଷ ହୋଇପାରୁଥିବା; ପରିବର୍ତ୍ତନୀୟ; ସମାପନୀୟ।

**terminal** 1. ବିଂ. ରେଳ, ବସ୍ ରାସ୍ତାର ଶେଷ (terminal station); ସଂହାରକାରୀ; ପ୍ରାଣଘାତୀ (ରୋଗ); ମୃତ୍ୟୋନ୍ମୁଖ (ରୋଗୀ); ସ୍କୁଲ କଲେଜର ସାମୟିକ (ପରୀକ୍ଷା); 2. ବି. ଦୂରଗାମୀ ରେଳ ବା ବସ୍ ପଥର ଶେଷ ଷ୍ଟେସନ; ବିଦ୍ୟୁତ୍ ସଂଚାଳନର ଅନ୍ତିମ ସଂଯୋଗ; ଦୂରସଞ୍ଚାର ବ୍ୟବସ୍ଥା ବା କମ୍ପ୍ୟୁଟରରେ ବାର୍ତ୍ତାପ୍ରେରଣ ବା ଗ୍ରହଣ ପାଇଁ ଯନ୍ତ୍ରାଂଶ ବିଶେଷ; କ୍ରି.ବିଂ. terminally.

**terminate** କ୍ରି. ଶେଷ କରିବା ବା ହୋଇଯିବା; ଶେଷହେବା; ବି. terminator.

**termination** ବି. ଅନ୍ତ, ଶେଷ; ଶବ୍ଦର ଶେଷ ଅକ୍ଷର; ଗର୍ଭନଷ୍ଟକରଣ; ସମାପ୍ତି; ଫଳାଫଳ।

**termini** ବି. terminusର ବ.ବ.।

**terminology** ବି. କୌଣସି ବିଷୟରେ ବ୍ୟବହୃତ ବିଶେଷ ଶବ୍ଦାବଳୀ; ପରିଭାଷା; ପାରିଭାଷିକ ଶବ୍ଦାବଳୀ; ପ୍ରୟୋଗ ବିଧି; ବିଂ. terminological.

**terminus** ବି. ରେଳ, ବସ୍ ଇତ୍ୟାଦିର ଅନ୍ତିମ ଷ୍ଟେସନ୍; ପାଇପ୍‌ଲାଇନ୍‌ର ଶେଷସୀମା।

**termite** ବି. ପିମ୍ପୁଡ଼ି ଭଳି ଛୋଟ କାଠଖିଆ ପୋକବିଶେଷ; ଉଈ।

**tern** ବି. ଦୀର୍ଘ, ଦ୍ୱିଧାବିଭକ୍ତ ପୁଚ୍ଛ ବିଶିଷ୍ଟ ଗାଲ୍ ଜାତୀୟ ସାମୁଦ୍ରିକ ପକ୍ଷୀ ବିଶେଷ।

Digitized by srujanika@gmail.com

**ternary** ବିଂ. ତିନିଭାଗରେ ଗଠିତ ।

**terra** ବି. ଧରା, ପୃଥିବୀ ।

**terrace** ବି. ଢାଲୁ ଜାଗାରେ କୃଷିକର୍ମ ପାଇଁ ପ୍ରସ୍ତୁତ ସମତଳ ସ୍ଥାନ; ଗୃହ ନିକଟସ୍ଥ ଗୋଡ଼ିବିଛା ସମତଳ ସ୍ଥାନ; ଉଚ୍ଚ ସ୍ଥାନରେ ନିର୍ମିତ ଗୃହ; ଏକାଭଳି ନିର୍ମିତ ଗୃହ ସମୂହ; ଖେଳ ପଡ଼ିଆରେ ଥାକଥାକ ହୋଇ ରହିଥିବା ଦର୍ଶକ ଗେଲେରୀ ।

**terrace (terraced) house** ବି. ପ୍ରାଚ୍ୟ ଅଞ୍ଚଳରେ ଥିବା ସମତଳ ଛାତବିଶିଷ୍ଟ ଘର; ଉଚ୍ଚ, ସମତଳ ସ୍ଥାନରେ ନିର୍ମିତ ଘର ।

**terracotta** ବି. ପୋଡ଼ାମାଟିର ମୂର୍ତ୍ତି; କୋଠାରେ ନିର୍ମାଣପାଇଁ ବ୍ୟବହୃତ ପୋଡ଼ାମାଟିର ସଜ୍ଜୀକରଣ ସାମଗ୍ରୀ; (ପୋଡ଼ାମାଟିଭଳି) ଲାଲ୍ ରଙ୍ଗ ।

**terra firma** ବି. ଶୁଷ୍କଭୂମି; ଶକ୍ତ ଭୂତଳ ।

**terrain** ବି. ଭୂ–ଶ୍ରେଣୀ; ଭୂଭାଗ ବିଶେଷ (ଭୌଗୋଳିକ ବା ସାମରିକ ସନ୍ଦର୍ଭରେ) ।

***terra incognita*** ବି. ଅଜ୍ଞାତ ଭୂଭାଗ; ଅଜଣା ଦେଶ ବା ଅଞ୍ଚଳ । *(ଲା.)*

**terrapin** ବି. ଉତ୍ତର ଆମେରିକାର ଏକ ଜାତୀୟ ଖାଦ୍ୟୋପଯୋଗୀ ମଧୁରଜଳ କଇଁଛ; Terrapin ବ୍ରି. ପୂର୍ବ–ପ୍ରସ୍ତୁତ ସାମଗ୍ରୀରେ ତିଆରି ଏକ ମହଲା ଘର ।

**terrarium** ବି. ଘରଭିତରେ କ୍ଷୁଦ୍ର ପ୍ରାଣୀମାନଙ୍କୁ ରଖିବା ସ୍ଥାନ; ବଢୁଥିବା ଉଦ୍‌ଭିଦମାନଙ୍କୁ ସଂରକ୍ଷଣ କରାଯାଉଥିବା ସ୍ୱଚ୍ଛ ଗୋଲାକୃତି ମୁଦ୍ରିତ ପାତ୍ର ।

**terrazzo** ବି. ମସୃଣ ମେଝିଆ ତିଆରିରେ ବ୍ୟବହୃତ ଅତି ସୂକ୍ଷ୍ମ ଚିପ୍‌ସ୍ ।

**terrene** ବିଂ. ପାର୍ଥିବ; ପୃଥିବୀ ସମ୍ବନ୍ଧୀୟ; ଜାଗତିକ ।

**terrestrial** ବିଂ. ପୃଥିବୀର ବା ପୃଥିବୀରେ; ପାର୍ଥିବ; ଶୁଷ୍କଭୂମିରେ; ଶୁଷ୍କ ଭୂମିର (terrestrial birds).

**terrible** ବିଂ. ଭୟଙ୍କର; ଭୟାବହ; କ.ଭା. ଅତି ଖରାପ; ଅତି ବଡ଼; ଅତିଶୟ; ଅନୁପଯୁକ୍ତ ।

**terribly** କ୍ରି.ବିଂ. ଭୟଙ୍କର ଭାବରେ; କ.ଭା. ଅତିଶୟ; ଅତ୍ୟନ୍ତ ।

**terrier** ବି. କ୍ଷିପ୍ରଗତି ଛୋଟ ଶିକାରୀ କୁକୁର ବିଶେଷ ।

**terrific** ବିଂ. ଭୟ ସଂଚାରକାରୀ; ମାରାତ୍ମକ; କ.ଭା. ଭୀଷଣ, ବିରାଟ, ଚମତ୍କାର; କ୍ରି.ବିଂ. terrifically.

**terrify** କ୍ରି. ଭୟ ଦେଖାଇବା; ଡର ଜନ୍ମାଇବା; ଭୀତି ସଞ୍ଚାର କରିବା; ବିଂ. terrifying; କ୍ରି.ବିଂ. terrifyingly.

**terrine** ବି. ମାଂସ ତିଆରି ଖାଦ୍ୟବିଶେଷ; ସେଥିପାଇଁ ମାଟି ନିର୍ମିତ ପାତ୍ର ।

**territorial** 1. ବିଂ. ଆଞ୍ଚଳିକ; ନିର୍ଦ୍ଦିଷ୍ଟ ସ୍ଥାନ ସଂବନ୍ଧୀୟ; ରାଜତ୍ୱ ସମ୍ବନ୍ଧୀୟ; 2. ବି. ଆଞ୍ଚଳିକ ସୈନ୍ୟ ବାହିନୀର କର୍ମଚାରୀ; କ୍ରି.ବିଂ. territorially.

**Territorial Army** ବି. ଆଞ୍ଚଳିକ ସୈନ୍ୟ ବାହିନୀ; ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କର ଆରକ୍ଷିତ ସୈନ୍ୟ ସେବା ।

**territorial waters** ବିଂ. କୌଣସି ରାଷ୍ଟ୍ର ନିୟଂତ୍ରଣାଧୀନ ସାମୁଦ୍ରିକ ଅଂଶ, ବିଶେ. ଉପକୂଳଠାରୁ ନିର୍ଦ୍ଦିଷ୍ଟ ଦୂରତ୍ୱ ପର୍ଯ୍ୟନ୍ତ ।

**territory** ବି. କୌଣସି ଶାସକ ବା ରାଷ୍ଟ୍ରର ଅଧୀନ ଭୂଖଣ୍ଡ; ରାଜ୍ୟ ପାହ୍ୟା ପାଇ ନ ଥିବା ଅଞ୍ଚଳ; ବ୍ୟବସାୟୀ ବା ବିକ୍ରେତାର ଅଞ୍ଚଳ; ପରିସର; କାର୍ଯ୍ୟକ୍ଷେତ୍ର; ବ୍ୟକ୍ତି ବା ପ୍ରାଣୀର ପ୍ରଭୁତ୍ୱରେ ଥିବା ସ୍ଥାନବିଶେଷ; ଖେଳାଳି ରକ୍ଷାକରୁଥିବା ଅଞ୍ଚଳ ।

**terror** ବି. ଭୟ; ଭୀତିପ୍ରଦ, ଆତଙ୍କ ସୃଷ୍ଟିକାରୀ ବା ଭୟଙ୍କର ବ୍ୟକ୍ତି; କ.ଭା. ଗଣ୍ଡଗୋଳିଆ ଲୋକ ବା ପଦାର୍ଥ (ବିଶେ. ଶିଶୁ); ସଂଗଠିତ ଆତଙ୍କ ସୃଷ୍ଟି; ଆତଙ୍କବାଦ ।

**terrorism** ବି. ସଂଗଠିତ ଭୟସଂଚାର ଶୈଳୀ ବା କାର୍ଯ୍ୟକ୍ରମ (ମୁଖ୍ୟତଃ ରାଜନୀତିରେ); ସଂତ୍ରାସବାଦ; ଆତଙ୍କବାଦ ।

**terrorist** ବିଂ. ଭୟସଂଚାର ନୀତିରେ ପରିଚାଳିତ ବ୍ୟକ୍ତି; ସଂତ୍ରାସବାଦୀ; ଆତଙ୍କବାଦୀ ।

**terrorize** କ୍ରି. ଆତଙ୍କ ସୃଷ୍ଟି କରିବା; ଭୟ ସଂଚାର କରିବା; ବି. terrorization.

**terror–stricken (struck)** ବିଂ. ଭୟଭୀତ, ଭୟାକ୍ରାନ୍ତ; ଆତଂକିତ ।

**terry** ବି. ଗାମୁଛା ବା ତଉଲିଆ ବୁଣାରେ ବ୍ୟବହୃତ ଫାଶଦିଆ ସୂତା ।

**terse** ବିଂ. ସଂକ୍ଷିପ୍ତ; ରୋକ୍‌ଠୋକ୍; କ୍ରି.ବିଂ. tersely; ବି. terseness.

**tertiary** 1. ବିଂ. ତୃତୀୟ; ତୃତୀୟ ପର୍ଯ୍ୟାୟର; Tertiary ଭୂ. ସିନୋଜୋଇକ୍ ଯୁଗର ପ୍ରଥମ କାଳ ସଂକ୍ରାନ୍ତ; 2. ବି. ଭୂ. ସିନୋଜୋଇକ୍ ଯୁଗର ପ୍ରଥମକାଳ ।

Digitized by srujanika@gmail.com

**Terylene** ବି. ସ୍ବ. ପଲିଷ୍ଟର୍‌ର କୃତିମ ବୟନ ତନ୍ତୁ; ଟେରିଲିନ୍‌।

**TESL** ବି. ସଂଶ. Teaching of English as a Second Language ଦ୍ବିତୀୟଭାଷା ଭାବେ ଇଂରାଜୀ ଶିକ୍ଷାଦାନ।

**tesla** ବି. ଚୁମ୍ବକୀୟ ଉପଗମର ସର୍ବମାନ୍ୟ ଏକକ (ଉଦ୍ଭାବକଙ୍କ ନାମାନୁସାରେ)।

**tessellated** ବିଂ. ମୋଜାଇକ୍ ଭଳି ଦିଶୁଥିବା; ମୋଜାଇକ୍‌ର; ନିୟମିତ ଭାବେ ଛକଛକିଆ।

**tessellation** ବି. ବହୁ ଭୁଜ କ୍ଷେତ୍ର ସମୂହର ସଜ୍ଜୀକରଣ।

**tessera** ବି. (ବ.ବ tesserae) ମୋଜାଇକ୍ ପକାଇବା ପାଇଁ କରାଯାଇଥିବା ଛୋଟ ଛୋଟ ବର୍ଗାକାର କ୍ଷେତ୍ର।

**test**[1.] 1. ବି. ପରୀକ୍ଷଣ; (ବ୍ୟକ୍ତି ବା ବସ୍ତୁର) ଯୋଗ୍ୟତା, କ୍ଷମତାପ୍ରଭୃତିର ପରୀକ୍ଷା; ଯାହାଦ୍ବାରା ପରୀକ୍ଷା କରାଯାଏ; କ.ଭା. ଟେଷ୍ଟ୍ ମେଚ୍; 2. କ୍ରି. ପରୀକ୍ଷା କରିବା; **put to the test** ପରୀକ୍ଷା କରିବା ବା କରାଇବା; **stand the test** ପରୀକ୍ଷାରେ କୃତକାର୍ଯ୍ୟ ହେବା; **test out** ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରିତା ପରୀକ୍ଷା କରିବା; ବିଂ. testable.

**test**[2.] ବି. କତିପୟ ମେରୁଦଣ୍ଡହୀନ ପ୍ରାଣୀଙ୍କ ଶରୀରର କଠିନ ଖୋଳପା।

**testa** ବି. ବ.ବ. testae ବୀଜ ଉପର ଚୋପା।

**testaceous** ବିଂ. କଠିନ ଓ ଲଗାଲଗି ଖୋଳପା ବା କାତିବିଶିଷ୍ଟ।

**testacy** ବି. ମୃତ୍ୟୁ ପୂର୍ବରୁ ବୈଧ ଇଚ୍ଛାପତ୍ର ଛାଡିଥିବା ବ୍ୟକ୍ତି।

**testament** ବି. ଇଚ୍ଛାପତ୍ର; ଉଇଲ୍; (to ସହ) ସାକ୍ଷ୍ୟ, ପ୍ରମାଣ; ବିଶ୍ବାସ; ବ୍ୟକ୍ତିର ବିଶ୍ବାସର ଏକ ଲିଖିତ ଚୁକ୍ତି; **Testament** ଖ୍ରୀ. (ବାଇବେଲ୍) ଈଶ୍ବରଙ୍କ ସର୍ତ୍ତାବଳୀ; ଖ୍ରୀଷ୍ଟିଆନ୍ ଧର୍ମଗ୍ରନ୍ଥ ବାଇବେଲ୍‌ର ଦୁଇଟିଭାଗ— ଓଲ୍ଡ୍ ଟେଷ୍ଟାମେଣ୍ଟ ଏବଂ ନ୍ୟୁ ଟେଷ୍ଟାମେଣ୍ଟ।

**testamentary** ବିଂ. ଇଚ୍ଛାପତ୍ର ସଂକ୍ରାନ୍ତ; ଇଚ୍ଛାପତ୍ରଦ୍ବାରା।

**testate** 1. ବିଂ. ମୃତ୍ୟୁକାଳୀନ ଇଚ୍ଛାପତ୍ର ଥିବା; 2. ବି. ଇଚ୍ଛାପତ୍ର ଛାଡିଯାଇଥିବା ବ୍ୟକ୍ତି; ବି. testacy.

**testator** ବି. (ସ୍ତ୍ରୀ. testatrix) ମୃତ୍ୟୁପୂର୍ବରୁ ଇଚ୍ଛାପତ୍ର କରିଥିବା ଲୋକ।

**test card** ବି. ସ୍ବାଭାବିକ କାର୍ଯ୍ୟକ୍ରମ ବହିର୍ଭୂତ (ଟେଲିଭିଜନ ପର୍ଦ୍ଦାର) ସ୍ଥିରଚିତ୍ର (ରଂଗ, ଉଜ୍ଜ୍ବଳତା ପ୍ରଭୃତିର ସମନ୍ବୟ କରିବା ପାଇଁ)।

**test case** ବି. ଅନ୍ୟ ମୋକଦ୍ଦମାର ବିଚାର ପାଇଁ ନଜିର ରୂପେ ନିଆଯାଉଥିବା ମୋକଦ୍ଦମା।

**test drive** ବି.ମଟରଗାଡି ପ୍ରଭୃତିର କାର୍ଯ୍ୟକ୍ଷମତା ପରୀକ୍ଷା ପାଇଁ ଗାଡିଚାଳନା; କ୍ରି. test drive.

**tester** ବି. (ବିଶେ. ଚାଷ୍) ପରୀକ୍ଷା କରୁଥିବା ବ୍ୟକ୍ତି; ପରୀକ୍ଷକ; ବିଦ୍ୟୁତ୍‌ଗତି ପରୀକ୍ଷାପାଇଁ ଉପକରଣ।

**testes** ବି. testisର ବ.ବ.।

**test examination** ବି. ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରଭୃତିରେ ହେଉଥିବା ନିର୍ବାଚନ ବା ବଛାବଛି ପରୀକ୍ଷା।

**test flight** ବି. କାର୍ଯ୍ୟକ୍ଷମତାର ମୂଲ୍ୟାୟନ ପାଇଁ କରାଯାଉଥିବା (ଉଡାଜାହାଜ ପ୍ରଭୃତିର) ଉଡାଣ।

**testicle** ବି. ଅଣ୍ଡକୋଷର ଦୁଇଟି କଠିନାଂଶରୁ ଗୋଟିଏ, ମୁଷ୍କ।

**testify** କ୍ରି. ପ୍ରମାଣ କରିବା; ସାକ୍ଷ୍ୟଦେବା; ଶପଥ କରିବା; ଘୋଷଣା କରିବା; ସାକ୍ଷୀ ହେବା।

**testimonial** ବି. ସ୍ବଭାବ, ଚରିତ୍ର, ଶିକ୍ଷା, ତାଲିମ ପ୍ରଭୃତିର ପ୍ରମାଣପତ୍ର; ଜନସାଧାରଣଙ୍କଦ୍ବାରା କୌଣସି ବ୍ୟକ୍ତିଙ୍କୁ ପ୍ରଦତ୍ତ ମାନପତ୍ର ବା ଉପଢୌକନ।

**testimony** ବି. ଶପଥଗ୍ରହଣପୂର୍ବକ ଲିଖିତ ବା କଥିତ ବିବୃତି; ବିବୃତି; ତଥ୍ୟପ୍ରକାଶ; ସାକ୍ଷ୍ୟ।

**testis** ବି. ମୁଷ୍କ; ପୁରୁଷ ଅଣ୍ଡକୋଷର ଶୁକ୍ରକୀଟ ପ୍ରସ୍ତୁତକାରୀ ଅଂଗବିଶେଷ।

**test match** ବି. ଆନ୍ତର୍ଜାତିକ କ୍ରିକେଟ୍ ବା ରଗ୍‌ବି ପ୍ରତିଯୋଗିତାର ଶୃଙ୍ଖଳା ବା ସିରିଜ୍।

**testosterone** ବି. ମୁଷ୍କଦ୍ବାରା ଉତ୍ପାଦିତ ହେଉଥିବା ପୁରୁଷ ଯୌନ ହରମୋନ୍।

**test paper** ବି. ପରୀକ୍ଷାପାଇଁ ପ୍ରଶ୍ନପତ୍ର; ବଡ ପରୀକ୍ଷାର ପ୍ରସ୍ତୁତି ପାଇଁ ନମୁନା ପ୍ରଶ୍ନପତ୍ର; ନିର୍ଦ୍ଦିଷ୍ଟ ପରୀକ୍ଷଣରେ ବ୍ୟବହୃତ ରାସାୟନିକ ତତ୍ତ୍ବ ମିଶ୍ରିତ କାଗଜ ଯାହାର ରଂଗ ପରିବର୍ତ୍ତିତ ହୋଇଯାଏ।

**test pilot** ବି. ନବନିର୍ମିତ ବା ନୂଆ ଧରଣର ଉଡାଜାହାଜକୁ ପରୀକ୍ଷା କରୁଥିବା ଉଡାଜାହାଜ ଚାଳକ।

Digitized by srujanika@gmail.com

**test–tube** ବି. ପରୀକ୍ଷଣାଗାରରେ ବ୍ୟବହୃତ ପତଳା କାଚର ପରୀକ୍ଷା ନଳୀ।

**test–tube baby** ବି. କଥି. ମାତୃଗର୍ଭ ବିନା କୃତ୍ରିମଭାବରେ ଅଣ୍ଡାରୁ ସଞ୍ଚାରିତ ତଥା ପରିବର୍ଦ୍ଧିତ ଭ୍ରୂଣ।

**testy** ବିଂ. ବଦ୍‌ମିଜାଜୀ; ଚିଡ଼ା; ବଦରାଗୀ; କ୍ରି.ବିଂ. testily; ବି. testiness.

**tetanus** ବି. ଧନୁଷ୍ଟଙ୍କାର ବାତ ବା ରୋଗ; ଟାଙ୍କୁଆଲଗିବା ରୋଗବିଶେଷ।

**tetchy** ବିଂ. ଅଳ୍ପକେ ବିରକ୍ତ; ଚିଡ଼ା; କ୍ରି.ବିଂ. tetchily; ବି. tetchiness.

**tete–a–tete** 1. ବି. ଦୁଇଜଣଙ୍କ ଭିତରେ ବ୍ୟକ୍ତିଗତ କଥାବାର୍ତ୍ତା; ଆଳାପ ଆଲୋଚନା; 2. କ୍ରି.ବିଂ. ଏକାନ୍ତ ବ୍ୟକ୍ତିଗତଭାବରେ ଦୁହିଁଙ୍କ ମଧ୍ୟରେ (ତୃତୀୟ ବ୍ୟକ୍ତିର ଉପସ୍ଥିତି ବିନା)।

**tether** 1. ବି. ଚରିବାବେଳେ ଜୀବଜନ୍ତୁଙ୍କୁ ବନ୍ଧାଯାଉଥିବା ଦଉଡ଼ି; 2. କ୍ରି. ଦଉଡ଼ିରେ ଗୋରୁଗାଈଙ୍କୁ ବାନ୍ଧିବା; at the end of one's tether ଧୈର୍ଯ୍ୟ ବା ସାଧନର ଶେଷ ସୀମାରେ।

**tetra–** ସଂ. ଚତୁଃ ବା ଚାରି ସୂଚକ ଉପସର୍ଗ (ଯଥା. tetrametre).

**tetrad** ବି. ଚାରିଟିର ସମଷ୍ଟି, ଚାରିଟିକିଆ ବା ଚାରିକିଆ।

**tetragon** ବି. ଚତୁର୍ଭୁଜ, ଚତୁଷ୍କୋଣ କ୍ଷେତ୍ର; ବିଂ. tetragonal.

**tetrahedron** ବି. (ବ.ବ. –s; tetrahedra) ଚାରିପାର୍ଶ୍ୱବିଶିଷ୍ଟ ଘନକ୍ଷେତ୍ର; ତ୍ରିକୋଣାକାର ପିରାମିଡ୍; ବିଂ. tetrahedral.

**tetralogy** ବି. ପରସ୍ପର ସମ୍ପର୍କ ଥିବା ଚାରିଟି ଉପନ୍ୟାସ, ନାଟକ, ଅପେରା ପ୍ରଭୃତି।

**tetrameter** ବି. ଚାରି ଚରଣ ବିଶିଷ୍ଟ ଧାଡ଼ିଥିବା ପଦ୍ୟ ରଚନା।

**Teuton** ବି. ଟ୍ୟୁଟନିକ ଜାତିର ବ୍ୟକ୍ତି, ବିଶେ. ଜର୍ମାନ୍।

**teutonic** ବିଂ. ଜର୍ମାନ ଭାଷାଭାଷୀ; ଜର୍ମାନ; ଜର୍ମାନ୍ ଭାଷାସମ୍ବନ୍ଧୀୟ।

**text** ବି. ବହିର ମୂଳପାଠ; ମୌଳିକଭାବେ ଲିଖିତ ପୁସ୍ତକ ପ୍ରଭୃତି (ବ୍ୟାଖ୍ୟା ବା ଟୀକା ନୁହେଁ); ଧର୍ମଗ୍ରନ୍ଥର ଉଦ୍ଧୃତି ବା ପଦ୍ୟ; ମୂଳ ବିଷୟବସ୍ତୁ; ବ.ବ. ପାଠକ୍ରମ ଅନ୍ତର୍ଭୁକ୍ତ ପୁସ୍ତକ; ମୂଳରଚନା।

**textbook**[1] 1. ବି. ପାଠ୍ୟ ପୁସ୍ତକ 2. ଗୁଣ ବିଂ. ଉଦାହରଣୀୟ; ଯଥାର୍ଥ; ନିର୍ଭୁଲ; ଶିକ୍ଷଣୀୟ ଭାବରେ ଯୁକ୍ତ ବା ଆଦର୍ଶ ସ୍ଥାନୀୟ।

**text editor** ବି. ବ୍ୟବହାରକାରୀକୁ ମୂଳପାଠ ସଂପାଦନା କରିବାକୁ ଦେଉଥିବା କମ୍ପ୍ୟୁଟର ପ୍ରୋଗ୍ରାମ୍ ବା ବ୍ୟବସ୍ଥା (system).

**textile** 1. ବି. ସା. ବ.ବରେ ବୁଣାଯାଉଥିବା ବା ତନ୍ତବୁଣା ଲୁଗା; ବସ୍ତ୍ର; ସୂତା; 2. ବିଂ. ବୁଣାଯାଉଥିବା, ତନ୍ତବୁଣା; ତନ୍ତୁଜାତ; ବୟନ ସଂକ୍ରାନ୍ତ।

**textual** ବିଂ. ପାଠ ବା ପାଠ୍ୟ ବିଷୟକ; କ୍ରି.ବିଂ. textually.

**texture** ବି. ବୟନରୀତି; ସୂତ୍ରବିନ୍ୟାସ; ବୟନ, ବୁଣାଣ; କୌଣସି ବସ୍ତୁର ରୂପ ବିନ୍ୟାସ ବା ବର୍ଣ୍ଣାନୁଭବ; ବିଂ. textural; କ୍ରି.ବିଂ. textu–rally.

**Th** ସଂ. thorium ଥୋରିଅମ୍।

**–th** ପ୍ର.ପ୍ର. (–eth ମଧ୍ୟ) କେତେ ପଦ ସଂଖ୍ୟାଠାରୁ ପ୍ରସ୍ତୁତ ପ୍ରତ୍ୟୟ; fourth, tenth ପ୍ରଭୃତି।

**Thai** 1. ବି. ଥାଇଲେଣ୍ଡର ଅଧିବାସୀ ବା ଭାଷା; 2. ବିଂ. ଥାଇଲେଣ୍ଡର।

**thalidomide** ବି. (୧୯୬୧ରେ ପ୍ରଚଳିତ) ଶାନ୍ତିକର ବା ନିଦ୍ରାକାରୀ ଔଷଧ (ଗର୍ଭାବସ୍ଥାର ପ୍ରଥମ ପର୍ଯ୍ୟାୟରେ ଭ୍ରୂଣପାଇଁ ବିପଜ୍ଜନକ)।

**thallium** ବି. ଧଳା ରଙ୍ଗର କୋମଳ ବିରଳ ଧାତବ ପଦାର୍ଥ।

**than** ସଂଯୋ. ତୁଳନା ବିଚାର ବେଳେ ବା ପାର୍ଥକ୍ୟ ବର୍ଣ୍ଣନା ପାଇଁ ଦ୍ୱିତୀୟ ବସ୍ତୁ ପୂର୍ବରୁ ପ୍ରଯୁକ୍ତ (you are taller *than* he; anyone other *than* he.

**thane** ବି. ଇତି. ସାମରିକ ସେବାପାଇଁ ଇଂଲଣ୍ଡର ରାଜା ବା କୌଣସି ବଡ଼ଲୋକ ବ୍ୟକ୍ତିଠାରୁ ଭୂମି ଲାଭ କରିଥିବା ବ୍ୟକ୍ତି; ସ୍କଟ୍‌ଲେଣ୍ଡର ରାଜାଙ୍କଠାରୁ ଭୂସମ୍ପତ୍ତିପାଇ ଆର୍ଲଙ୍କ ପଦବୀର ସମମର୍ଯ୍ୟାଦାପ୍ରାପ୍ତ ବ୍ୟକ୍ତି; କୌଣସି ବଂଶ ବା ଗୋଷ୍ଠୀର ମୁଖ୍ୟ।

**thank** କ୍ରି. ଧନ୍ୟବାଦ ଦେବା; କୃତଜ୍ଞତା ଜଣାଇବା; ଦାୟୀ କରିବା (you can thank yourself for that); thank goodness (God/ heavens etc.) ଉ.ଭା. ଆଶ୍ୱସ୍ତିର ଅଭିପ୍ରକାଶ; thanks to ଫଳସ୍ୱରୂପ (thnaks to my carefulness); thank you

Digitized by srujanika@gmail.com

କୃତଜ୍ଞତା ବା ଧନ୍ୟବାଦ ଜ୍ଞାପନର ବହୁପ୍ରଚଳିତ ସୌଜନ୍ୟମୂଳକ ବିଧି।

**thankful** ବିଂ. କୃତଜ୍ଞ; କ୍ରି.ବିଂ. thankfully.

**thankless** ବିଂ. କୃତଜ୍ଞ ମନେ ନ କରିବା; କୃତଜ୍ଞତା ବା ଧନ୍ୟବାଦ ନ ଜଣାଇବା; ଆନନ୍ଦହୀନ ବା ଲାଭହୀନ (କାର୍ଯ୍ୟ)।

**thanksgiving** ବି. ଖ୍ରୀ. (ଈଶ୍ୱରଙ୍କୁ) ଧନ୍ୟବାଦ ଅର୍ପଣ; Thanksgiving Day *ଆମେ.* ନଭେମ୍ବର ମାସର ଚତୁର୍ଥ ଗୁରୁବାରରେ ପାଳିତ ଉତ୍ସବ (ଏହିଦିନ ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ଛୁଟି ଦିବସ)।

**that** 1. ସ. (ବ.ବ. those) ସେହି, ତାହା, ସେ, ଯିଏ, ଯାହା; 2. ବିଂ. ପୂର୍ବୋକ୍ତ ବ୍ୟକ୍ତି ବା ପଦାର୍ଥର ସୂଚକ (ସର୍ବନାମ ଭଳି); 3. କ୍ରି.ବିଂ. ସେତେ ପରିମାଣ; ସେତେ (have done that much); କ.ଭା. ଅତି (not that bad); 4. ସଂଯୋ. ଦୁଇଟି ବାକ୍ୟାଂଶ ଯୋଡ଼ିବାରେ ଲାଗେ (he said *that* I was crazy; am so tired *that* I cannot go); all that ବହୁତ, ଅତ୍ୟନ୍ତ (not all that good); that is (that is to say) ପୂର୍ବୋକ୍ତ ବିଷୟ ବା କଥାର ବ୍ୟାଖ୍ୟା ପାଇଁ ବ୍ୟବହୃତ; that's that ସମାପ୍ତି, ପରିସମାପ୍ତି ବା ଉପସଂହାରସୂଚକ ଉକ୍ତି।

**thatch** 1. ବି. ନଡ଼ାଛପର, ଚାଳ; କ.ଭା. ମୁଣ୍ଡ ବାଳ; 2. କ୍ରି. ନଡ଼ାଛପର କରିବା; ଛାଇଁବା; ବି. thatcher.

**thaw** 1. କ୍ରି. ହିମଗଳନରୁ ମୁକ୍ତ କରିବା; ଜମାଟବାନ୍ଧିଥିବା ବସ୍ତୁକୁ ତରଳ କରିବା; (ବରଫ ତରଳିଲାଭଳି) ଗରମିଆ ପାଗହେବା; (ବ୍ୟବହାରରେ) ଉଷ୍ମତା ଦେଖାଇବା; 2. ବି. ପାଗର ଉଷ୍ମତା, ତରଳୀକରଣ।

**the** (ସ୍ୱରବର୍ଣ୍ଣ ପୂର୍ବରୁ 'ଦି', ବ୍ୟଞ୍ଜନବର୍ଣ୍ଣ ପୂର୍ବରୁ 'ଦ' ଏବଂ ଗୁରୁତ୍ୱପୂର୍ଣ୍ଣ ଶବ୍ଦପୂର୍ବରୁ 'ଦି' ଉଚ୍ଚାରିତ) 1. ବିଂ. (definite article) ପୂର୍ବୋକ୍ତ ବା ପୂର୍ବକଥିତ ବ୍ୟକ୍ତି ବା ବସ୍ତୁର ସୂଚକ (give the man his book); ଅନନ୍ୟ ବା ସ୍ୱତନ୍ତ୍ର ବସ୍ତୁମାନଙ୍କରେ ଚିହ୍ନିତ କରିବା ପାଇଁ (the Mahanadi); ଯେଉଁ ବା ଯିଏ (Chandragupta the second); ସର୍ବଜନ ମାନ୍ୟ ବା ବିଦିତ ନାମ ପାଇଁ (the Gandhi); ସମଗ୍ର ଜାତିକୁ ବୁଝାଉଥିବା (ଏକବଚନ) ପ୍ରାଣୀ (the lion is a fierce animal); ବୃତ୍ତିମୂଳକ ବସ୍ତୁ ପାଇଁ (went on the stage); ପ୍ରତି, ଗୋଟିଏ, ଏକ (ten paise in the rupee); 2. କ୍ରି.ବିଂ. ତୁଳନାତ୍ମକ ଭାବରେ ବ୍ୟବହୃତ (the more the merrier).

**theatre** ବି. *ଆମେ.* theater ନାଟକ ପରିବେଷଣଗୃହ ବା ସ୍ଥାନ; ଥିଏଟର, ରଙ୍ଗମଞ୍ଚ; ନାଟକ ରଚନା ଓ ପରିବେଷଣ; ଆରୋହୀ ଶ୍ରେଣୀ ଆସନ ଥିବା ବକ୍ତୃତା କକ୍ଷ; ଅସ୍ତ୍ରୋପଚାର କକ୍ଷ; ଘଟଣା ବା କାର୍ଯ୍ୟର ସ୍ଥାନ; ଘଟଣା ସ୍ଥଳ (the theatre of war).

**theatrical** ବିଂ. ଅଭିନୟ ବା ନାଟ୍ୟଶିଳ୍ପର; ନାଟ୍ୟର; ନାଟ୍ୟ ସମ୍ବନ୍ଧୀୟ; ନାଟ୍ୟାଭିନୟ ସଂକ୍ରାନ୍ତ, ନାଟକୀୟ; ବି. theatricality; କ୍ରି.ବିଂ. theatrically.

**thee** ସ. ପ୍ରା.ପ୍ର. ତୁମେ।

**theft** ବି. ଚୌର୍ଯ୍ୟ; ଚୋରି।

**their** ସ. ସେମାନଙ୍କର; ସେଗୁଡ଼ିକର।

**theirs** ସ. ସେମାନଙ୍କର (it is theirs, theirs are the best); of theirs ସେମାନଙ୍କର (ପଦାର୍ଥ)।

**theism** ବି. ଆସ୍ତିକତା, ଈଶ୍ୱର ପରାୟଣତା; ଈଶ୍ୱର ବା ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ; ଦ. ଆସ୍ତିକତାବାଦ, ଈଶ୍ୱରବ୍ୟକ୍ତିତ୍ୱବାଦ।

**theist** ବି. ଈଶ୍ୱରବିଶ୍ୱାସୀ, ଆସ୍ତିକ; ବିଂ. theistic; କ୍ରି.ବିଂ. theistically.

**them** 1. ସ. ସେମାନଙ୍କୁ; କ.ଭା. ସେମାନେ; 2. ବିଂ. ଗ୍ରା.ପ୍ର. ଉ.ଭା. ସେଗୁଡ଼ିକ, ସେହି।

**theme** ବି. (ରଚନା, ବକ୍ତୃତା ପ୍ରଭୃତିର) ବିଷୟବସ୍ତୁ; ପ୍ରସଙ୍ଗ; କଥାବସ୍ତୁ, କଥା; ସଙ୍ଗୀତ ସାଙ୍ଗୀତିକ ରଚନାର ମୁଖ୍ୟ ସ୍ୱର ବା ଧ୍ୱନି; *ଆମେ.* ପ୍ରଦତ୍ତ ବିଷୟରେ ଛାତ୍ରଙ୍କ ଅଭ୍ୟାସ; ବିଂ. thematic; କ୍ରି.ବିଂ. thematically.

**theme park** ବି. ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ମନୋରଞ୍ଜନ କେନ୍ଦ୍ର ବା ପାର୍କ।

**theme song, theme tune** ବି. ସଂଗୀତପ୍ରଧାନ ନାଟକ ବା ଚଳଚ୍ଚିତ୍ରରେ ବାରମ୍ବାର ପରିବେଷିତ ସ୍ୱର ବା ଗୀତ; ମୁଖ୍ୟ ସ୍ୱର ବା ସଂଗୀତ।

**themselves** ସ. ସେମାନେ ନିଜେ।

Digitized by srujanika@gmail.com

**then** 1. କ୍ରି.ବି. ସେତେବେଳେ; ତାପରେ; ପରବର୍ତ୍ତୀ; ସେହି ପ୍ରସଙ୍ଗରେ; ଅତିରିକ୍ତ ଏବଂ ପୁଣି; ଅତଏବ; ତେଣୁ, ସେଥିରୁ; 2. ବିଂ. ସେହି ସମୟରେ ସ୍ଥିତ; ତଦାନୀନ୍ତନ; ତତ୍କାଳୀନ (the then headmaster); 3. ବି. ସେହି ସମୟ (until then); then and there ତୁରନ୍ତ ଏବଂ ସେହିସ୍ଥାନରେ; ସେଇଠି ସାଙ୍ଗେସାଙ୍ଗେ ।

**thence (from thence)** କ୍ରି.ବି. ପ୍ରା.ପ୍ର. ସେହି ସ୍ଥାନରୁ; ସେହି କାରଣରୁ ।

**thenceforth, thenceforward** କ୍ରି.ବି. ପ୍ରା.ପ୍ର. ସେହି ସମୟଠାରୁ; ତଦବଧି ।

**theo–** ସଂ. ଦେବତା, ଈଶ୍ୱରସୂଚକ ପୂ.ପ୍ର. ।

**theocracy** ବି. ଧର୍ମତନ୍ତ୍ର; ଧର୍ମତାନ୍ତ୍ରିକ ଶାସନ; ଧର୍ମଗୁରୁମାନଙ୍କଦ୍ୱାରା ଈଶ୍ୱରଙ୍କ ପ୍ରତିନିଧିଭାବେ ପରିଚାଳିତ ଶାସନ; ଲୋକଚକ୍ଷୁରେ ଯେଉଁ ରାଜ୍ୟରେ ଶାସନକର୍ତ୍ତା ଈଶ୍ୱରଙ୍କ ପ୍ରତିନିଧି; ବିଂ. theocratic.

**theodolite** ବି. ଘୂର୍ଣ୍ଣନଶୀଳ ଦୂରବୀକ୍ଷଣଯନ୍ତ୍ର ମାଧ୍ୟମରେ ଉଲ୍ଲମ୍ବ ଏବଂ ଅନୁଭୂମିକ କୋଣ ମାପି ସର୍ବେକ୍ଷଣ କରାଯାଉଥିବା ଯନ୍ତ୍ର ।

**theogony** ବି. ଦେବତାମାନଙ୍କ ଉତ୍ପତ୍ତିର ତତ୍ତ୍ୱ ଓ ବିବରଣ ।

**theologian** ବି. ଧର୍ମ ବା ଈଶ୍ୱରତତ୍ତ୍ୱର ବିଶେଷଜ୍ଞ; ଧର୍ମଶାସ୍ତ୍ରଜ୍ଞ ।

**theology** ବି. ବ. ଈଶ୍ୱର ମୀମାଂସା, ଧର୍ମମୀମାଂସା; ଧର୍ମତତ୍ତ୍ୱ, ପରମାର୍ଥବିଦ୍ୟା; ଅଧ୍ୟାତ୍ମବିଜ୍ଞାନ; ବିଂ. theological; କ୍ରି.ବି. theologically.

**theorem** ବି. ଗଣିତ ଉପପାଦ୍ୟ; (ଗଣିତ ବା ଜ୍ୟାମିତିର) ପ୍ରତିଜ୍ଞା; ପ୍ରମେୟ; ସୂତ୍ର ବା ପ୍ରତୀକ ମାଧ୍ୟମରେ ସୂଚିତ (ବୀଜଗଣିତର) ନିୟମ ।

**theoretical** ବିଂ. ତାତ୍ତ୍ୱିକ; ଅପ୍ରାୟୋଗିକ, ସୈଦ୍ଧାନ୍ତିକ; ପୁସ୍ତକଗତ (ଅନୁଭୂତିବିହୀନ) (ଜ୍ଞାନ); କ୍ରି.ବି. theoretically.

**theoretician** ବି. କୌଣସି ବିଷୟର କେବଳ ତତ୍ତ୍ୱଗତ ବା ସୈଦ୍ଧାନ୍ତିକ ଦିଗ ସହିତ ସଂପୃକ୍ତ ବ୍ୟକ୍ତିବିଶେଷ; ତତ୍ତ୍ୱବିତ୍ ।

**theorist** ବି. ମତବାଦ ବା ତତ୍ତ୍ୱର ଅବଧାରକ ବା ଆବିଷ୍କର୍ତ୍ତା; ତତ୍ତ୍ୱଦର୍ଶୀ, ସିଦ୍ଧାନ୍ତବାଦୀ ।

**theorize** କ୍ରି. ମତବାଦ ବା ତତ୍ତ୍ୱ ବଖାଣିବା; ସିଦ୍ଧାନ୍ତରେ ପରିଣତ କରିବା ।

**theory** ବି. ସାଧାରଣ ନିୟମ ଉପରେ ଆଧାରିତ ଅନୁମାନ ବା ଧାରଣା ବିଶ୍ଳେଷଣ କରୁଥିବା ଭାବଧାରା ବା ମତବାଦ (ଯଥା atomic theory); ଧାରଣା ବା ଅବଧାରଣା; ତତ୍ତ୍ୱ; ମତ, ମତବାଦ; ବ୍ୟାଖ୍ୟା; କୌଣସି ବିଷୟର ତତ୍ତ୍ୱ ବା ନିୟମଗୁଡ଼ିକର ସୁସଂହତ ବ୍ୟାଖ୍ୟା ।

**theosophy** ବି. ଆଧ୍ୟାତ୍ମିକ ଆନନ୍ଦ; ପ୍ରତ୍ୟକ୍ଷବୋଧ; ଅନ୍ତର୍ଜ୍ଞାନ ବା ପରସ୍ପର ସଦ୍‌ଭାବ ମାଧ୍ୟମରେ ଭଗବଦ୍ ଜ୍ଞାନ ଲାଭ ସମ୍ଭବ ବୋଲି ବିଶ୍ୱାସ କରୁଥିବା ଦାର୍ଶନିକ ମତବାଦ; ବିଶେ. ହିନ୍ଦୁ ଓ ବୌଦ୍ଧଧର୍ମର ସମନ୍ୱୟରେ ଏବଂ ସର୍ବଜନୀନ ଭ୍ରାତୃଭାବରେ ବିଶ୍ୱାସ କରୁଥିବା ଆଧୁନିକ ଦାର୍ଶନିକ ଆନ୍ଦୋଳନ; ବିଂ. theoso- phical; ବି. theosophist.

**therapeutic** ବିଂ. ରୋଗଚିକିତ୍ସା ପାଇଁ; ଚିକିତ୍ସାଜନିତ; ଆରୋଗ୍ୟକାରୀ; ଆରୋଗ୍ୟଲାଭ ପାଇଁ ଉଦ୍ଦିଷ୍ଟ; କ୍ରି.ବି. therapeutically.

**therapeutics** ବି. ବ.ବ. ସା.ଏ.ବ. ରୋଗଚିକିତ୍ସା ଏବଂ ପ୍ରତିଷେଧ ପାଇଁ ଉଦ୍ଦିଷ୍ଟ ଭେଷଜ ବିଦ୍ୟା ।

**therapy** ବି. (ଅସ୍ତ୍ରୋପଚାରବିନା) ରୋଗ ବା ଶାରୀରିକ ଅକ୍ଷମତାର ଚିକିତ୍ସା; ବି. therapist.

**there** 1. କ୍ରି.ବି. ସେଇଠି, ସେଠାରେ, ସେହିସ୍ଥାନରେ; ସେହିସ୍ଥଳରେ; କୌଣସି ତଥ୍ୟ ବା କୌଣସି ବସ୍ତୁର ଅବସ୍ଥିତି ବା ସ୍ଥିତିସୂଚକ (there is a shop on the corner); ସେହି ପରିପ୍ରେକ୍ଷୀରେ (I agree with you there); ଦୃଷ୍ଟି ଆକର୍ଷଣ କରିବାପାଇଁ (hello there!); ସୂଚନାତ୍ମକଭାବରେ (there was much to see); ସେହିସ୍ଥାନରେ (lives near there); 2. ଅବ୍ୟ. ପରିତୃପ୍ତି ଓ ନିଶ୍ଚିତଭାବର ପ୍ରକାଶକ (there! what did I tell you?); ବୁଝାଇ ଶାନ୍ତ କରିବାପାଇଁ (there, there, everything will be alright); 3. ବି. ସେହି ସ୍ଥାନ (lives near there).

**thereabout, thereabouts** କ୍ରି.ବି. ସେହି ସ୍ଥାନ ନିକଟରେ; ସେହି ସଂଖ୍ୟା ବା ପରିମାଣ ନିକଟରେ; (ସ୍ଥାନ, ପରିମାଣ ବା ସଂଖ୍ୟା) ପାଖାପାଖି ।

Digitized by srujanika@gmail.com

**thereafter** କ୍ରି.ବିଂ. ତାହାପରେ; ତତ୍ପରେ।
**thereby** କ୍ରି.ବିଂ. ତାହାଦ୍ୱାରା, ତାହା ଫଳରେ; thereby hangs a tale ସେହି ବିଷୟରେ ଅନେକ କଥା କୁହାଯାଇପାରିବ।
**therefore** କ୍ରି.ବିଂ. ତେଣୁ; ସେହି କାରଣରୁ; ତଦନୁଯାୟୀ; ଫଳରେ।
**therein** କ୍ରି.ବିଂ. ସେହି ସ୍ଥାନରେ, ସେହିଭଳି ଭାବରେ।
**thereof** କ୍ରି.ବିଂ. ତାହାର; ଏହାର।
**thereto** କ୍ରି.ବିଂ. ତାହାକୁ, ଏହାକୁ; ତାହା ସାଙ୍ଗରେ।
**thereupon** କ୍ରି.ବିଂ. ତାହାଫଳରେ; ତାହା ପରେ ପରେ; ସେଇଠୁ।
**therm** ବି. ତାପ ପରିମାଣର ଏକକ।
**thermal** 1. ବିଂ. ତାପ ଜାତ କରାଇବାପାଇଁ; ତାପଜନିତ; ତାପଜ; ତାପସଂରକ୍ଷଣକାରୀ (thermal underwear); 2. ବି. (ଗ୍ଲାଇଡର୍ ଉପରକୁ ଉଠିବାପାଇଁ) ଗରମ ପବନର ଊର୍ଦ୍ଧ୍ୱଗାମୀ ସ୍ରୋତ; କ୍ରି.ବିଂ. thermally.
**thermal unit** ବି. ତାପ ମାପିବାର ଏକକ; ବ୍ରିଟିଶ୍ ତାପଜ ଏକକ।
**thermionic** ବିଂ. ଅତି ଉତ୍ତପ୍ତ ବସ୍ତୁରୁ ନିର୍ଗତ ତଡ଼ିଦଣୁ ସଂବଂଧୀୟ।
**thermionic valve** ବି. ଉତ୍ତପ୍ତ ପଦାର୍ଥରୁ ଉଦ୍‌ଗତ ତଡିଦଣୁଗୁଡ଼ିକୁ ଏକ ଦିଗରେ ପରିଚାଳିତ କରି ତଜ୍ଜନିତ ସ୍ରୋତକୁ ସଂଶୋଧନ କରିବା ଓ ରେଡିଓର ଧ୍ୱନିଗ୍ରହଣକୁ ସୁପରିଚାଳିତ କରିବା ଯନ୍ତ୍ର।
**thermo–** ସଂ. ତାପ ଅର୍ଥବ୍ୟଂଜକ ପୂର୍ବପ୍ରୟୋଗ।
**thermocouple** ବି. ଦୁଇ ଭିନ୍ନ ଧାତବବସ୍ତୁର ସଂଯୋଗ ଫଳରେ ସୃଷ୍ଟ ତାପବୈଦ୍ୟୁତିକ ବା ଥର୍ମୋଇଲେକ୍‌ଟ୍ରିକ୍ ଭୋଲ୍‌ଟେଜ୍ ସାହାଯ୍ୟରେ ତାପ ପରିମାପକ ଯନ୍ତ୍ର।
**thermodynamics** ବି. ଉତ୍ତାପ ଓ ଅନ୍ୟାନ୍ୟ ଶକ୍ତି ମଧ୍ୟରେ ଥିବା ସମ୍ପର୍କ ସଂବଂଧୀୟ ବିଜ୍ଞାନ; ବିଂ. thermodynamic.
**thermoelectric** ବିଂ. ଉତ୍ତାପର ଭିନ୍ନତାରେ ବିଦ୍ୟୁତ୍ ସୃଷ୍ଟିକାରୀ; ତାପ–ବୈଦ୍ୟୁତିକ।
**thermometer** ବି. ଉତ୍ତାପ ମାପିବାର ଯନ୍ତ୍ର; ପାରଦ ବା ଆଲ୍‌କହଲ୍ ଥିବା ସରୁ ସଂଖ୍ୟାଂକିତ କାଚନଳୀ; ଥର୍ମୋମିଟର୍।
**thermonuclear** ବିଂ. କେବଳ ଅତ୍ୟଧିକ ଉତ୍ତାପରେ ଘଟୁଥିବା ପରମାଣବିକ ପ୍ରତିକ୍ରିୟା ସଂକ୍ରାନ୍ତ; ତାପ–ପରମାଣବିକ ପ୍ରତିକ୍ରିୟା ବ୍ୟବହାରକାରୀ (ଅସ୍ତ୍ର)।
**thermoplastic** 1. ବିଂ. ଉତ୍ତାପ ପ୍ରୟୋଗ କରି ପ୍ରସ୍ତୁତ ପ୍ଲାଷ୍ଟିକ୍ ଯାହା ଥଣ୍ଡା ହୋଇଗଲେ କଠିଣ ହୋଇଯାଏ; 2. ବି. ଥର୍ମୋପ୍ଲାଷ୍ଟିକ୍ ବସ୍ତୁ।
**Thermos, Thermos flask** ବି. ସ୍ତ୍ରୁ. ବାୟୁଶୂନ୍ୟ ବୋତଲ, ଯେଉଁଥିରେ ଥିବା ବସ୍ତୁର ତାପ ଅପରିବର୍ତ୍ତିତ ରହେ।
**thermosetting** ବିଂ. ଉତ୍ତପ୍ତ ହେଲେ ସ୍ଥାୟୀଭାବରେ ଯଥାସ୍ଥାନରେ ଲାଗିରହୁଥିବା (ପ୍ଲାଷ୍ଟିକ୍)।
**thermosphere** ବି. ମେସୋସ୍ପିଅର୍ ଊର୍ଦ୍ଧ୍ୱରେ ଥିବା ବାୟୁମଣ୍ଡଳ।
**thermostat** ବି. ଉତ୍ତାପ ନିୟନ୍ତ୍ରଣ ପାଇଁ ସ୍ୱୟଂକ୍ରିୟ ଯନ୍ତ୍ରବିଶେଷ; ବିଂ. thermostatic; କ୍ରି.ବିଂ. thermostatically.
**thesaurus** ବି. ସମାର୍ଥବୋଧକ ବା ପର୍ଯ୍ୟାୟବାଚୀ ଶବ୍ଦଗୁଡ଼ିକୁ ଭାବ ଅନୁଯାୟୀ ବର୍ଗୀକରଣ କରି ବର୍ଣ୍ଣାନୁକ୍ରମେ ତାଲିକା ସନ୍ନିବେଶ କରୁଥିବା ଶବ୍ଦକୋଷ।
**these** ସ. thisର ବ.ବ.; ଏଗୁଡ଼ିକ।
**thesis** ବି. ବ.ବ. theses ବିଷୟର ପ୍ରସ୍ତାବନା; ପ୍ରତିପାଦ୍ୟ ବା ପ୍ରାମାଣ୍ୟ ବିଷୟ; ଉପାଧି ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ରାମାଣିକ ସନ୍ଦର୍ଭ; ଗବେଷଣାପ୍ରବନ୍ଧ, ନିବନ୍ଧ, ତାତ୍ତ୍ୱିକ ପ୍ରବନ୍ଧ।
**Thespian** 1. ବିଂ. ନାଟକୀୟ; ନାଟକର; 2. ବି. ଅଭିନେତା ବା ଅଭିନେତ୍ରୀ।
**theta** ବି. ଗ୍ରୀକ୍‌ବର୍ଣ୍ଣମାଳାର ଅଷ୍ଟମ ବର୍ଣ୍ଣ (θ,Θ)।
**thews** ବି. ସାହି. ବ୍ୟକ୍ତିର ମାଂସପେଶୀୟ ଶକ୍ତି।
**they** ସ. (he, she, itର ବ.ବ.) ସେମାନେ, ଏମାନେ, ଲୋକେ, ଲୋକମାନେ (so they say); କ୍ଷମତାଧାରୀ ବ୍ୟକ୍ତିମାନେ (they have reduced prices).
**they'd** ସଂଶ. କ.ଭା. they would, they had.
**they'll** ସଂଶ. କ.ଭା. they will, they shall.
**they're** ସଂଶ. କ.ଭା. they are.
**they've** ସଂଶ. କ.ଭା. they have.

Digitized by srujanika@gmail.com

**thick** 1. ବିଂ. ମୋଟା, ସ୍ଥୂଳ; ଚଉଡା (ସୂକ୍ଷ୍ମ ନୁହେଁ); ଲଗାଲଗି ହୋଇ ରଖାଯାଇଥିବା ବା ରହିଥିବା; ବହଳିଆ; ଘଞ୍ଚ (thick with snow); ମୋଟା (ଜିନିଷ), କାଦୁଆ; ମେଘୁଆ; ଦୃଷ୍ଟିଅବରୋଧୀ; ମୁଣ୍ଡବିନ୍ଧାରେ ଆକ୍ରାନ୍ତ; କ.ଭା. ନିର୍ବୋଧ, ମୋଟାବୁଦ୍ଧିଆ, ଅସ୍ପଷ୍ଟ; କ.ଭା. ବନ୍ଧୁଭାବାପନ୍ନ, ଅନ୍ତରଙ୍ଗ; 2. ବି. କୌଣସି ଜିନିଷର ମୋଟା ଅଂଶ; 3. କ୍ରି.ବିଂ. ବହଳଭାବରେ (snow was falling thick); a bit thick କ.ଭା. ଅଯୌକ୍ତିକ; ଅସହ୍ୟ; in the thick of ବ୍ୟସ୍ତତମ ଅଂଶରେ; through thick and thin ଯେ କୌଣସି ଅବସ୍ଥାରେ, ଯେ କୌଣସି ସମୟରେ; ସମସ୍ତ ଅସୁବିଧା ସତ୍ତ୍ୱେ; ବିଂ. thickish; କ୍ରି.ବିଂ. thickly.

**thicken** କ୍ରି. ମୋଟା ବା ବହଳିଆ କରିବା, ମୋଟେଇବା; ଗଣ୍ଡଗୋଳିଆ ହେବା; ବି. thickener.

**thickening** ବି. ମୋଟା କରିବା ବା ହେବା; ତରଳ ପଦାର୍ଥକୁ ବହଳିଆ କରିବାର ଉପାଦାନ; ବହଳିଆ ଅଂଶ।

**thicket** ବି. ବୁଦୁବୁଦିଆ ସ୍ଥାନ; ବୁଦାଳିଆ ଜଙ୍ଗଲ; ପଦ୍ଦା; ଗଛବୃଛରେ ଘଞ୍ଚ ସ୍ଥାନ।

**thickhead** ବି.କ.ଭା. ମୋଟାବୁଦ୍ଧିଆ ବା ନିର୍ବୋଧ ଲୋକ; ବିଂ. thickheaded.

**thickness** ବି. ମୋଟ, ଘନତ୍ୱ; ବେଧ; ସ୍ଥୂଳତା; ବହଳ।

**thickset** ବିଂ. ମୋଟାସୋଟା; ସ୍ଥୂଳକାୟ; ସମାନୁପାତରେ ପାଖାପାଖି ବଢ଼ିଥିବା ବା ଲଗାହୋଇଥିବା।

**thick-skinned** ବିଂ. ନିର୍ଲଜ୍ଜ; ସମାଲୋଚନାରେ ନିର୍ଲିପ୍ତ; ମୋଟାଚମଡା ବିଶିଷ୍ଟ।

**thief** ବି. ଚୋର; ଗୋପନରେ ଅନ୍ୟକାହାରି ଜିନିଷ ନେଇଯାଉଥିବା ଲୋକ।

**thieve** କ୍ରି. ଚୋର ହେବା ବା ପାଲଟିବା; ଚୋରି କରିବା।

**thievery** ବି. ଚୋରି; ଚୌର୍ଯ୍ୟବୃତ୍ତି।

**thievish** ବିଂ. ଚୋରି ଅଭ୍ୟାସଗ୍ରସ୍ତ; ଚୌର୍ଯ୍ୟାସକ୍ତ।

**thigh** ବି. ଜଙ୍ଘ।

**thimble** ବି. ଆଙ୍ଗୁଠି ଅଗରେ ପିନ୍ଧାଯାଉଥିବା ଧାତବ ବା ପ୍ଲାଷ୍ଟିକର ଟୋପି(ସିଲେଇ କଲାବେଳେ ହାତରେ ଛୁଞ୍ଚି ନ ପଶିବାପାଇଁ)।

**thimbleful** ବି. ଅତି ଅଳ୍ପ ପରିମାଣ; ବିଶେ. ପାନୀୟ।

**thin** 1. ବିଂ. ପତଳା; ସରୁ; ଅଳ୍ପ ଓସାର; ସୂକ୍ଷ୍ମ, ସୂକ୍ଷ୍ମ ତନ୍ତୁ ନିର୍ମିତ (a thin dress); ଶୀର୍ଣ୍ଣକାୟ, ଝେଙ୍ଗିଆ; ଦୁର୍ବଳ, ମହତ୍ତ୍ୱପୂର୍ଣ୍ଣ ଉପାଦାନ ବିହୀନ (thin blood); ସ୍ୱଚ୍ଛ (thin water); 2. କ୍ରି.ବିଂ. ପତଳା କରି (cut the bread very thin); 3. କ୍ରି. ପତଳା ବା ସରୁ କରିବା; ପତଳା ହେବା; (ଗହଳି ପ୍ରଭୃତି) କମିଯିବା; have a thin time ବିରୋଚ ସମୟ ପଡିବା; ଖରାପ ବେଳା ପଡିବା; ଅସ୍ୱସ୍ତିକର ସମୟ ଆସିବା; thin on the ground ଅଳ୍ପ ସଂଖ୍ୟାରେ; thin on top ଚନ୍ଦା ହୋଇଯିବା; thin out ଗହଳି ଭାଙ୍ଗିବା; ବି. thinness; ବିଂ. thinnish.

**thine** ସ. ପ୍ରା.ପ୍ର. ତୁମର।

**thing** ବି. ସ୍ଥିତିସଂପନ୍ନ, ଚିନ୍ତନୀୟ ବା ଅନୁଭବ୍ୟ ବସ୍ତୁ, ଧାରଣା, କାର୍ଯ୍ୟ ପ୍ରଭୃତି; (ନିଷ୍ପ୍ରାଣ) ପଦାର୍ଥ, ଜିନିଷ; ଅନିର୍ଦ୍ଦିଷ୍ଟ ପଦାର୍ଥ; ଘଟଣା (unfortunate thing to happen); ଗୁଣ (endurance is a useful thing); ଦୟା, ଘୃଣା, ସ୍ନେହ ପ୍ରଭୃତିର ପାତ୍ର (the sweet little thing); କ.ଭା. ବ୍ୟକ୍ତିର ବିଶେଷ ଆଗ୍ରହର ବସ୍ତୁ (not my thing); ଆଧୁନିକ ରୁଚିର ବା ଉଚିତ ପୋଷାକପତ୍ର; ବ.ବଚନରେ ବ୍ୟକ୍ତିଗତ ଜିନିଷପତ୍ର; ସାଜସରଂଜାମ; ହାଲଚାଲ; ଅବସ୍ଥା, do one's own thing କ.ଭା. ନିଜ ଇଚ୍ଛା ବା ପସନ୍ଦ ମୁତାବକ କାର୍ଯ୍ୟ କରିବା; have a thing about କ.ଭା. ଆସକ୍ତ ହେବା ବା ବଦ୍ଧମୂଳ ଧାରଣା ପୋଷଣ କରିବା; make a thing of କ.ଭା. ଦରକାରୀ ମନେ କରିବା, ସାମାନ୍ୟ ବିଷୟକୁ ବଢ଼ାଇ ହୋହଲ୍ଲା କରିବା।

**thingummy** ବି. (thingumabob, thingumajig ମଧ୍ୟ) ବ୍ୟକ୍ତି ବା ବସ୍ତୁ ଯାହାର ନାମ ଭୁଲ ହୋଇଯାଇଛି, କିମ୍ବା ଜଣାନାହିଁ; ଅମୁକ ତମୁକ; ଚାଇଁଫଳନା।

**think** 1. କ୍ରି. ଭାବିବା; ଚିନ୍ତା କରିବା; ମନେ କରିବା; ମତଦେବା; ବିଚାର କରିବା; ମନେ ପକାଇବା, ଧାରଣା କରିବା; କଳ୍ପନା କରିବା; 2. ବି. ଭାବନା ପ୍ରକ୍ରିୟା (let me have a think); think aloud ଚିନ୍ତା କରିବା ସଙ୍ଗେ

Digitized by srujanika@gmail.com

ଭାବନା ପ୍ରକାଶ କରିବା; think better of ପୁନର୍ବିଚାର ପରେ ମତ ବଦଳାଇବା, ଉଚିତ ବା ଉପଯୁକ୍ତ ମନେ କରିବା; think little (nothing) of ମୂଲ୍ୟହୀନ ବା ତୁଚ୍ଛ ମନେ କରିବା; think much (a lo; highly) ଉଚ୍ଚାଭିମତ ପୋଷଣ କରିବା; think out ଭଲଭାବେ ଭାବିବା; ଚିନ୍ତାକରି ଉପାୟ ବାହାର କରିବା; think over ଚିନ୍ତାକରି ସିଦ୍ଧାନ୍ତରେ ପହଞ୍ଚିବା; think twice ହଠାତ୍ କିଛି ସ୍ଥିର ନ କରି, ଭଲ କରି ଭାବି ବିଚାର କରିବା; ଭୁଷକିନା କୌଣସି କାମ ନ କରିବା; think up କ.ଭା. ଚିନ୍ତାକରି ଉପାୟ ବାହାର କରିବା; ବାଟ ବାହାର କରିବା।

**thinker** ବି. ଭାବୁକ; ଚିନ୍ତାଶୀଳ ବ୍ୟକ୍ତି; ଅତ୍ୟଧିକ ବୁଦ୍ଧିମାନ ବ୍ୟକ୍ତି।

**thinking** 1. ବିଂ. ବୁଦ୍ଧିମାନ; ଚିନ୍ତାଶୀଳ; ବିଚକ୍ଷଣ; 2. ବି. ମତ, ବିଚାର।

**think–tank** ବି. ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ସୁଚିନ୍ତିତ ପରାମର୍ଶ ପ୍ରଦାନକାରୀ ବିଶାରଦଗୋଷ୍ଠୀ।

**thinner** ବି. ରଙ୍ଗକୁ ପତଳା କରିବା ପାଇଁ ବ୍ୟବହୃତ କିରିଟ୍‌ଭଳି ତରଳ ପଦାର୍ଥ।

**thin–skinned** ବିଂ. କୌଣସି ସମାଲୋଚନା ସହ୍ୟ କରି ପାରୁନଥିବା (ବ୍ୟକ୍ତି); କଅଁଳ ଚମଡ଼ା।

**thiosulphate** ବି. ଗୋଟିଏ ଅମ୍ଳଜାନ ଅଣୁ ବଦଳରେ ଗନ୍ଧକ ନେଇଥିବା ସଲ୍‌ଫେଟ୍।

**third** ବିଂ. ଓ ବି. ତୃତୀୟ, ୩ୟ; ତିନି ସମାନ ଭାଗରୁ ଭାଗେ; କ୍ରି.ବିଂ. thirdly.

**third degree** 1. ବି. ଅପରାଧର ସ୍ୱୀକାରୋକ୍ତି ବା ସୂଚନା ହାସଲ କରିବାପାଇଁ ( ସା. ପୋଲିସ୍ ଦ୍ୱାରା) ଦୀର୍ଘ ଜେରା; 2. ବିଂ. ଚର୍ମର ଗଭୀର ଅଂଶ ପୋଡ଼ିଯାଇଥିବା।

**third man** ବି. କ୍ରିକେଟ୍ ଯେଉଁ ଖେଳାଳି ସ୍ଲିପ୍ ପଛର ସୀମାରେ ରହି କ୍ଷେତ୍ରରକ୍ଷା କରେ।

**third party** 1. ବି. ଦୁଇଟି ମୁଖ୍ୟ ପକ୍ଷ ବା ଦଳ ବାହାରେ ତୃତୀୟ ଦଳ ବା ପକ୍ଷ; 2. ବିଂ. (third-party) ବୀମାକୃତ ବ୍ୟକ୍ତିସମେତ ଅନ୍ୟଜଣଙ୍କର କ୍ଷତି, ଆଘାତ ପ୍ରଭୃତି ମଧ୍ୟ ବିଚାରକୁ ନେଉଥିବା ତୃତୀୟପକ୍ଷ (ବୀମା)।

**third person** ବି.ବ୍ୟା. ତୃତୀୟ ପୁରୁଷ ( ସେ, ସେମାନେ ଇତ୍ୟାଦି); ତୃତୀୟ ପକ୍ଷ।

**third–rate** ବିଂ. ନିକୃଷ୍ଟ; ବାଜେ, ଅତି ଖରାପ।

**Third World** ବି. ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ବିକାଶଶୀଳ ଦେଶସମୂହ; ତୃତୀୟ ବିଶ୍ୱ।

**thirst** 1. ବି. ଶୋଷ, ତୃଷା; ଇଚ୍ଛା; କାମନା; 2. କ୍ରି. ଶୋଷ କରିବା; ପ୍ରବଳ ଇଚ୍ଛା ହେବା।

**thirsty** ବିଂ. ଶୋଷିଲା, ତୃଷାର୍ତ୍ତ; ଶୁଷ୍କ; ଜଳହୀନ (ଜମି, ଋତୁ); ବ୍ୟଗ୍ର; କ.ଭା. ତୃଷାଉଦ୍ରେକକାରୀ (କାର୍ଯ୍ୟ); କ୍ରି.ବିଂ. thirstily; ବି. thirsti-ness.

**thirteen** ବିଂ.ବି. ତ୍ରୟୋଦଶ; ତେର, ୧୩ (13, xiii, XIII); ତେରସଂଖ୍ୟର ମାପ; ବିଂ., ବି. thirteenth.

**thirty** ବିଂ.ବି. ତ୍ରିଂଶ; ତିରିଶି, ୩୦ (xxx, XXX); ବ.ବ. ରେ ୩୦ରୁ ୩୯ପର୍ଯ୍ୟନ୍ତ ସଂଖ୍ୟା (ବିଶେ. ବୟସ); ବିଂ., ବି. thirtieth.

**this** 1. ସ. ଏହି, ଏହା; ପୂର୍ବୋକ୍ତ; ପୂର୍ବକଥିତ; ନିକଟରେ ବା ମନରେ ଥିବା ବସ୍ତୁ, ବ୍ୟକ୍ତି, (this is Mr Das); 2. ବିଂ. ନିକଟସ୍ଥ ବ୍ୟକ୍ତି ବା ବସ୍ତୁସୂଚକ; ଚଳନ୍ତି ସମୟ ଅର୍ଥରେ (I am busy all this week.); 3. କ୍ରି.ବିଂ. ସୂଚିତ ଅବସ୍ଥା, ପରିମାଣପ୍ରଭୃତିପାଇଁ (did not reach this far); this and that କ.ଭା. ନାନାବିଧ, ଅନିର୍ଦ୍ଦିଷ୍ଟ ବସ୍ତୁ ବା ବ୍ୟକ୍ତି।

**thistle** ବି. ଗୋଲାକୃତି ଅଗ ଏବଂ ନୀଳାଭ ରକ୍ତବର୍ଣ୍ଣର ଫୁଲ ଫୁଟୁଥିବା କଣ୍ଟକିତ ଗୁଳ୍ମବିଶେଷ (ଏହା ସ୍କଟ୍‌ଲେଣ୍ଡର ଜାତୀୟ ପ୍ରତୀକ)।

**thistledown** ବି. ଥିସ୍‌ଲ୍ ବୀଜଯୁକ୍ତ ଶିମିଳି ତୁଳା ପରି ହାଲୁକା ବସ୍ତୁ ଯାହା ପବନରେ ଉଡ଼ିଯାଏ।

**thistly** ବିଂ. କଣ୍ଟକିତ ଗୁଳ୍ମରେ ଭରା; ଥିସ୍‌ଲ୍‌ରେ ପୂର୍ଣ୍ଣ।

**thither** କ୍ରି.ବିଂ. ପ୍ରା.ପ୍ର. ସେହି ଆଡ଼କୁ, ସେହି ଦିଗରେ, ସେହି ଦିଗକୁ।

**tho', tho** ବିଂକ. though.

**thole, thole–pin** ବି. ଜାହାଜ ବା ନୌକାର ପାର୍ଶ୍ୱରେ ହାତ ସଂଯୋଗକାରୀ ଆଲମ୍ବ ଭାବେ କାର୍ଯ୍ୟକରୁଥିବା କଣ୍ଟା।

**thong** ବି. ଚମଡ଼ାର ଫିତା, ସରୁଚର୍ମଫିତା; ଚମଦଉଡ଼ି।

**thorax** ବି. ( ବ.ବ. thoraces) ବେକଠାରୁ ପେଟପର୍ଯ୍ୟନ୍ତ ଶରୀରର ଅଂଶ; ବିଂ. thoracic.

Digitized by srujanika@gmail.com

**thorium** ବି. ଥୋରିଅମ୍; ତେଜସ୍କ୍ରିୟ ଧାତବ ପଦାର୍ଥବିଶେଷ।

**thorn** ବି. (ଗଛ ପ୍ରଭୃତିର) କଣ୍ଟା; କଣ୍ଟାଗଛ; thorn in one's flesh (side) ଅନିଷ୍ଟକର ଜିନିଷ ବା ବ୍ୟକ୍ତି; ବିଂ. thornless.

**thorny** ବିଂ. କଣ୍ଟକିତ; କଣ୍ଟାଯୁକ୍ତ; ସମସ୍ୟାଭରା; ଅପ୍ରୀତିକର; କ୍ଳେଶଦାୟକ; କ୍ରି.ବି. thornily; ବି. thorniness.

**thorough** ବିଂ.ସମ୍ପୂର୍ଣ୍ଣ; ପୂରା; ପୂର୍ଣ୍ଣାଙ୍ଗ; ତନ୍ନତନ୍ନ; ଉପରଠାଉରିଆ ନୁହେଁ; ସଯତ୍ନକୃତ; ଚରମ; ପରମ; କ୍ରି.ବିଂ. thoroughly; ବି. thoroughness.

**thoroughbred** 1. ବିଂ. ଶୁଦ୍ଧଜାତ, ବିଶୁଦ୍ଧଜାତୀୟ (ପ୍ରାଣୀ), ଉତ୍ସାହୀ; 2. ବି. ବିଶୁଦ୍ଧଜାତୀୟ ପ୍ରାଣୀ, ବିଶେ. ଘୋଡ଼ା।

**thoroughfare** ବି. ଦୁଇ ପଟ ଉନ୍ମୁକ୍ତ ଥିବା ସର୍ବସାଧାରଣ ରାସ୍ତା।

**thoroughgoing** ବିଂ. ତନ୍ନତନ୍ନ; ପୂର୍ଣ୍ଣାଙ୍ଗ; ସଂପୂର୍ଣ୍ଣ, ପୂରା।

**those** ସ. that ର ବ.ବ.; ସେଗୁଡ଼ିକ।

**thou**[1] ସ. ପ୍ରା.ପ୍ର. ତୁମେ।

**thou**[2] ବି.କ.ଭା. ହଜାର; ହଜାରଭାଗରୁ ଭାଗେ।

**though** 1. ସଂଯୋ. ଯଦିଓ, ଯଦ୍ୟପି; ଏବଂ ତଥାପି, ତାହାସତ୍ତ୍ୱେ; 2. କ୍ରି.ବିଂ. କ.ଭା. ସେ ଯାହାହେଉ।

**thought**[1] ବି. ମନନ, ଚିନ୍ତା; ଚିନ୍ତାଧାରା; ଚିନ୍ତାଶକ୍ତି; ଚିନ୍ତାର ବିଷୟ; ବିବେଚନା; ଅଭିପ୍ରାୟ; ମନୋଭାବ; ମତ; କଳ୍ପନା; ବିଚାର; in thought ଚିନ୍ତାମଗ୍ନ; ଧ୍ୟାନମଗ୍ନ।

**thought**[2] କ୍ରି. think ର ଅ.କା. ଓ ଅ.କ୍ରି.ଜ.ପ.।

**thoughtful** ବିଂ. ଚିନ୍ତାଶୀଳ, ଚିନ୍ତାମଗ୍ନ; ଗଭୀର ଚିନ୍ତାପ୍ରସୂତ; (of ସହ) ବିଚାରଶୀଳ, ବିଚାରବନ୍ତ; ଭାବୁକ; ଗଭୀର ଚିନ୍ତାବର୍ଦ୍ଧକ; କ୍ରି.ବି. thoughtfully; ବି. thoughtfulness.

**thoughtless** ବିଂ. ଅପରିଣାମଦର୍ଶୀ; ପରିମାଣ ବା ଅନ୍ୟ କାହାର ଭାବାବେଗ ପ୍ରତି ବେଖାତିର୍; ଚିନ୍ତା ବା ବିଚାର ନ କରିଥିବା ଯୋଗୁଁ; କ୍ରି.ବିଂ. thoughtlessly; ବି. thoughtlessness.

**thousand** ବିଂ.ବି. ହଜାର, ୧୦୦୦ (1000,m,M); ଏ.ବ. ଏବଂ ବ.ବ. କ.ଭା. ଅସଂଖ୍ୟ, ବେଶି ସଂଖ୍ୟାରେ; ବି., ବିଂ. thousandth.

**thousandfold** ବିଂ. ଓ କ୍ରି.ବିଂ. ସହସ୍ରଗୁଣ; ଏକ ସହସ୍ର ଅଂଶବିଶିଷ୍ଟ।

**thraldom** ବି. ସାହି. ବନ୍ଧନ, ଦାସତ୍ୱ।

**thrall** ବି. ସାହି. କ୍ରୀତଦାସ; କ୍ରୀତଦାସତ୍ୱ।

**thrash** 1. କ୍ରି. ବାଡେଇବା; ଘନଘନ ପ୍ରହାର କରିବା; ପିଟିବା; ସଂପୂର୍ଣ୍ଣ ପରାଜିତ କରିବା; ମୁଷ୍ଟି ବା ବିଧାମାରି ଚାଲିବା; ଜୋର୍‌ରେ ହାତ୍‌ଗୋଡ ଚଳାଇବା ବା ଗତିକରିବା; ବେଙ୍ଗଳା ବାଡେଇବା; 2. ବି. ଧାନ ପ୍ରଭୃତିର ବେଙ୍ଗଳା ବାଡିଆ; ମାଡ; ସାଂ.ପ୍ର. ବିଢାସପୂର୍ଣ୍ଣ ବଂଧୁମାନଙ୍କ ପାର୍ଟି; thrash out ଆଲୋଚନା ମାଧ୍ୟମରେ ସମାଧାନ କରିବା।

**thread** 1. ବି. (କାର୍ପାସ, ରେଶମ, କାଚ ପ୍ରଭୃତିର) ସୂତା, ଖିଅ; ପେଚରେ ଘୂରିଘୂରିଆ ଦାଢ଼; 2. କ୍ରି. ସୂତା ଗଳାଇବା; ଗୁନ୍ଥିବା; ଗହଳି ରାସ୍ତାରେ ବା ଅସୁବିଧାଜନକ ବାଟରେ ସାବଧାନତା ସହକାରେ ଚାଲିବା; hang by a thread ସୂତାଖିଅରେ ଝୁଲିବା; ଶୋଚନୀୟ ଅବସ୍ଥାରେ ରହିବା।

**threadbare** ବିଂ. ଜୀର୍ଣ୍ଣ (ଲୁଗା); ଏଭଳି ବସ୍ତ୍ର ପିନ୍ଧିଥିବା (ବ୍ୟକ୍ତି)।

**threadworm** ବି. ଢଣ୍ଡିପୋକ, ସୂତା କୃମି।

**threat** ବି. ଭୟପ୍ରଦର୍ଶନ, ଧମକ; ତରାଣ; ଆତଙ୍କ; ଭୟ ବା ଆଶଙ୍କାର କାରଣ।

**threaten** କ୍ରି. ଧମକଦେବା; ଭୟପ୍ରଦର୍ଶନ କରିବା; ଆତଙ୍କ ସୃଷ୍ଟିକରିବା, ଆଶଙ୍କା ଜନ୍ମାଇବା; ତରାଣ ଦେଖାଇବା।

**threatened species** ବି. ସଂପୂର୍ଣ୍ଣ ବିଲୁପ୍ତ ହୋଇଯିବାର ଆଶଙ୍କା ଥିବା ପ୍ରାଣୀମାନଙ୍କର ଜାତି।

**three** ବିଂ. ଓ ବି. ତିନି, ୩ (3, III, iii), ତିନି ନମ୍ବର ମାପ ବା ସାଇଜ୍।

**three–cornered** ବିଂ. ତ୍ରିକୋଣୀ; ତିନିଟି ପ୍ରତିଯୋଗୀମଧ୍ୟରେ ଅନୁଷ୍ଠିତ ଖେଳ ପ୍ରଭୃତି।

**three decker** ବି. ତିନୋଟି ସ୍ତର, ଥାକ ବା ମହଲା ଥିବା ବସ୍ତୁ (ଉଦା. ସେଣ୍ଡୱିଚ୍); ତିନୋଟି ବନ୍ଧୁକ–ଥାକ ବିଶିଷ୍ଟ ଯୁଦ୍ଧଜାହାଜ।

**three–dimensional** ବିଂ. ଲମ୍ବ, ଓସାର ଓ ଉଚ୍ଚତା ବିଶିଷ୍ଟ।

**threefold** ବି. କ୍ରି.ବିଂ. ତ୍ରିଗୁଣିତ; ତିନିଅଂଶ ବିଶିଷ୍ଟ; ତିନିତିକିଆ।

**three–legged race** ବି. ତିନିଗୋଡ଼ିଆ ଦୌଡ଼; ଜଣକର ବାମଗୋଡ଼ ଆଉଜଣକର

Digitized by srujanika@gmail.com

ଭାହାଣଗୋଡ଼ ସହ ବାଂଧି ଦିଆଯାଇ ଏପରି ଯୋଡିମାନଙ୍କ ମଧ୍ୟରେ ଅନୁଷ୍ଠିତ ଦୌଡ଼।

**three–quarters** ବି. ଚାରିଭାଗରୁ ତିନିଭାଗ; ତ୍ରିଚତୁର୍ଥାଂଶ।

**three Rs** ବି. ପଠନ, ଲିଖନ ଏବଂ ଗଣିତ।

**threesome** ବି. ତିନିଜଣବିଶିଷ୍ଟ ଦଳ।

**threnody** ବି. ଶୋକଗୀତ; ବ୍ୟକ୍ତିର ମୃତ୍ୟୁରେ ଗାନ କରାଯାଉଥିବା ଦୁଃଖଗୀତ।

**thresh** କ୍ରି. ଶସ୍ୟରୁ ଦାନା ବାହାରକରିବା; ପ୍ରହାରକରିବା।

**threshold** ବି. ଏରୁଣ୍ଡିବନ୍ଧ; ପ୍ରବେଶଦ୍ୱାରର ନିମ୍ନାଂଶ; ଦ୍ୱାର; ଆରମ୍ଭ ବା ପ୍ରବେଶସ୍ଥାନ।

**threw** କ୍ରି. throwର *ଅ.କା.।*

**thrice** କ୍ରି.ବିଂ. *ପ୍ରା.ପ୍ର.* ତିନିଥର; ତ୍ରିବାର; ବହୁତ (thrice–blessed).

**thrift** ବି. ମିତବ୍ୟୟିତା; ବ୍ୟୟରେ ସାବଧାନତା; ଟଙ୍କାପଇସା ଖର୍ଚ୍ଚକରିବାରେ ସାବଧାନତା; ଲାଲ ରଙ୍ଗର ଫୁଲବିଶିଷ୍ଟ ସାମୁଦ୍ରିକ ଉଦ୍ଭିଦ ବିଶେଷ।

**thriftless** ବିଂ. ଅମିତବ୍ୟୟୀ, ବଦଖର୍ଚ୍ଚୀ।

**thrifty** ବିଂ. ମିତବ୍ୟୟୀ; କ୍ରି.ବିଂ. thriftily; ବି. thriftiness.

**thrill** 1. ବି. ରୋମାଞ୍ଚ; ପୁଲକ; ହୃତ୍‌ସ୍ପନ୍ଦନ; (ଭାବାବେଗଯୋଗୁଁ), ଶୀହରଣ; 2. କ୍ରି. ପୁଲକିତ ହେବା; ରୋମାଞ୍ଚିତ ହେବା; ଭାବାବେଗରେ ହୃତ୍‌ସ୍ପନ୍ଦନ ବଢିଯିବା; ଶୀହରିତ ହେବା।

**thriller** ବି. ରୋମାଞ୍ଚକର କାହାଣୀ, ନାଟକ, ଉପନ୍ୟାସ, ଚଳଚ୍ଚିତ୍ର ପ୍ରଭୃତି (ବିଶେ. ଅପରାଧ ମୂଳକ ବା ଗୁପ୍ତଚର କାହାଣୀ ସମ୍ବଳିତ)।

**thrilling** ବିଂ. ଲୋମହର୍ଷକ; ରହସ୍ୟ, ରୋମାଞ୍ଚଭରା; ପୁଲକିତ କରିଦେଉଥିବା।

**thrips** ବି. ଉଦ୍ଭିଦର କ୍ଷତିସାଧନକାରୀ ପୋକ ବିଶେଷ।

**thrive** କ୍ରି. ସମୃଦ୍ଧିଶାଳୀହେବା; ଶ୍ରୀବୃଦ୍ଧି ଘଟିବା; ଉନ୍ନତି ଲାଭ କରିବା; ଧନୀ ହେବା; (ଶିଶୁ, ଉଦ୍ଭିଦ, ପ୍ରାଣୀ) ଦ୍ରୁତ ଅଭିବୃଦ୍ଧି ଲାଭ କରିବା।

**thriving** ବିଂ. ସମୃଦ୍ଧିଶାଳୀ, ବର୍ଦ୍ଧନଶୀଳ; (ବ୍ୟବସାୟିକ ଦୃଷ୍ଟିରୁ) ସଫଳ।

**thro'** *ସଂଖି. କ.ଭା.* through.

**throat** ବି. କଣ୍ଠ, ତଣ୍ଟି, ଗଳା, ବାୟୁନଳୀ; *ସାହି.* ସଂକୀର୍ଣ୍ଣ ପଥ; ପ୍ରବେଶ ଦ୍ୱାର ବା ପ୍ରସ୍ଥାନ ଦ୍ୱାର; cut one's own throat ନିଜର କ୍ଷତି ନିଜେ କରିବା; ram (thrust) down a person's throat ବଳପୂର୍ବକ କାହାରି ଦୃଷ୍ଟି ଆକର୍ଷଣ କରିବା।

**throaty** ବିଂ. କର୍କଶ; କର୍କଶ ସ୍ୱର ବିଶିଷ୍ଟ; କ୍ରି.ବିଂ. throatily; ବି. throatiness.

**throb** 1. କ୍ରି. ସ୍ପନ୍ଦିତ ହେବା; କମ୍ପିତ ହେବା; (ଛାତି) ଜୋର୍‌ରେ ଧଡ୍ ଧଡ୍ ହେବା; 2. ବି. କମ୍ପନ, ସ୍ପନ୍ଦନ।

**throe** ବି. ଶିଶୁର ଜନ୍ମ ବା ମୃତ୍ୟୁଜନିତ ତୀବ୍ର ବେଦନା; ପ୍ରସବବେଦନା; ଦାରୁଣ କ୍ଳେଶ।

**thrombosis** ବି. ରକ୍ତକୋଷରେ ବା କୌଣସି ଅଂଶରେ ରକ୍ତ ଜମାଟ ବାନ୍ଧିବା।

**throne** 1. ବି. ରାଜସିଂହାସନ; ଧର୍ମଗୁରୁ ପ୍ରଭୃତିଙ୍କ ଉଚ୍ଚାସନ; *ଲାକ୍ଷ.* ରାଜକ୍ଷମତା; 2. କ୍ରି. ଅଭିଷିକ୍ତ ହେବା; ସିଂହାସନରେ ବସିବା।

**throng** 1. ବି. ଲୋକଭିଡ; ଜନଗହଳି; 2. କ୍ରି. ବହୁସଂଖ୍ୟାରେ ଆସି ଯୋଗଦେବା; ଦଳ ଦଳ ହୋଇ ଆସି ଗହଳି କରିବା; ଭିଡ ହେବା।

**throstle** ବି. ଧୂସର ରଙ୍ଗର ଗାନକାରୀ ପକ୍ଷୀ ବିଶେଷ; ଥ୍ରଶ୍ ପକ୍ଷୀ।

**throttle** 1. ବି. ଗଳନଳୀ, ଶ୍ୱାସନଳୀ; ଗଳା; ଇଞ୍ଜିନ୍‌ର ଭାଲ୍‌ଭ୍, ଯଦ୍ଦ୍ୱାରା ଇନ୍ଧନ ନିୟନ୍ତ୍ରିତ ହୋଇ ଇଞ୍ଜିନ୍ ଭିତରେ ପ୍ରବେଶ କରେ; 2. କ୍ରି. ଶ୍ୱାସରୁଦ୍ଧ କରିବା; ତଣ୍ଟି ଚିପିବା; କଣ୍ଠରୋଧ କରିବା; ଇଞ୍ଜିନ୍‌ର ଇନ୍ଧନ ନିୟନ୍ତ୍ରଣ କରିବା; throttle back (down) ଇଞ୍ଜିନ୍‌ର ଗତି ନିଂୟନ୍ତ୍ରଣ କରିବା।

**through** (*ଆମେ.* thru) 1. *ଅ.* ମଧ୍ୟଦେଇ; ଭିତରଦେଇ; ବାଟଦେଇ; ଦ୍ୱାରା; ଜରିଆରେ; ମାରଫତ; କାରଣରୁ; ଆମୂଳଚୂଳ; *ଆମେ.* ପର୍ଯ୍ୟନ୍ତ ଏବଂ ସମେତ (Sunday through Friday); 2. କ୍ରି.ବିଂ. ମୂଳରୁ ଶେଷ ପର୍ଯ୍ୟନ୍ତ; ଆଦ୍ୟୋପ୍ରାନ୍ତ; ଆମୂଳଚୂଳ; 3. ବିଂ. ରାସ୍ତା ବା ଯାନବାହନ ନ ବଦଳାଇ ଗୋଟିଏ ଟିକେଟ୍‌ରେ (ଯାତ୍ରାପ୍ରଭୃତି); ବାଟଦେଇ; ଦୁଇପଟେ ଖୋଲା (ରାସ୍ତା); be through କ.ଭା. ସମାପ୍ତ; ଶେଷ ହୋଇଯାଇଥିବା; କାରବାର ବା ସଂପର୍କ ନ ରଖିବା; ଆଉ ଆଶା ନ ରଖିବା; through and through ପୂର୍ଣ୍ଣଭାବରେ; ପୂରାପୂରି; ଆମୂଳଚୂଳ।

**throughout** 1. *ଅ.* ପୂର୍ଣ୍ଣତଃ; ଏକପ୍ରାନ୍ତରୁ ଅନ୍ୟପ୍ରାନ୍ତ; ପୂରାପୂରି; 2. କ୍ରି.ବିଂ. ଗୋଟାପଣେ; ସଂପୂର୍ଣ୍ଣଭାବରେ; ପ୍ରତ୍ୟେକ ଦୃଷ୍ଟିରୁ।

Digitized by srujanika@gmail.com

**throughput** ବି. ଶିଳ୍ପ ଉତ୍ପାଦନ ବା କମ୍ପ୍ୟୁଟର୍ ପ୍ରକ୍ରିୟାରେ ଆବଶ୍ୟକ ସାମଗ୍ରୀ।

**throve** କ୍ରି. thriveର *ଅ.କା.*।

**throw** 1. କ୍ରି. ଫିଙ୍ଗିବା; ଫୋପାଡ଼ିବା; ନିକ୍ଷେପ କରିବା; ବଳପୂର୍ବକ ବା ଆକସ୍ମିକ କୌଣସି ନିର୍ଦ୍ଦିଷ୍ଟ ଅବସ୍ଥାକୁ ଯିବା (thrown on the rocks, threw himself down); ଲ.ଭା. ବିଚଳିତ କରିବା (the news threw me for a moment); ହଠାତ୍ ସ୍ଥିତିରେ ପରିବର୍ତ୍ତନ ଘଟିବା; ପକାଇଦେବା; (on, off ସହ) ତତ୍ପରତାର ଲୁଗାପଟା ପିନ୍ଧିବା ବା ଖୋଲିପକାଇବା; (ପାର୍ଟି, ଭୋଜି ପ୍ରଭୃତି) ଦେବା; 2. ବି. ଫୋପଡ଼ା, ଫୋପଡାହେବା ଦୂରତ୍ୱ; ନିକ୍ଷେପ ପ୍ରତି (sold at 25/– a throw); throw away ଅଦରକାରୀ ବସ୍ତୁ ଫୋପାଡ଼ି ଦେବା; ପାଇଥିବା ସୁଯୋଗ ନଷ୍ଟ କରିଦେବା; throw back ପୂର୍ବପୁରୁଷଙ୍କ ଚରିତ୍ରକୁ ପୁଣି ଫେରିଯିବା; ବିଶ୍ୱାସ କରିବାକୁ ବାଧ କରିବା; throw in ବିନା ସର୍ତ୍ତରେ ଆଉ କିଛି ଯୋଗ କରିବା; କହିବା ବା ଦେଖିବା ସମୟରେ ହଠାତ୍ କିଛି ଯୋଗ କରିବା; throw in the towel (sponge) ପରାଜୟ ସ୍ୱୀକାର କରିବା; ହାର୍ ମାନିବା; throw off ବାଦ୍ ଦେବା; ମୁକ୍ତି ପାଇବାର ବ୍ୟବସ୍ଥା କରିବା; ଆଗରୁ ନ ଭାବି ହଠାତ୍ କିଛି କହିବା ବା ଲେଖିବା; throw oneself at ପ୍ରେମ କରିବା; ଅଶାଳୀନ ଭାବେ ଯୌନସଂଗ କରିବା ପାଇଁ ଚାହିଁବା throw oneself into କୌଣସି କାର୍ଯ୍ୟରେ ନିଷ୍ଠାର ସହ ଲାଗିଯିବା; throw oneself on (upon) ସମ୍ପୂର୍ଣ୍ଣ ବିଶ୍ୱାସ କରିବା; throw open ହଠାତ୍ ଖୋଲିବା; ସମ୍ପୂର୍ଣ୍ଣ ଉନ୍ମୁକ୍ତ ହେବା; ପ୍ରବେଶଯୋଗ୍ୟ ବା ସହଜଗମ୍ୟ କରିବା; throw out ହଠାତ୍ ନିକାଳି ଦେବା; ଅଦରକାରୀ ମନେକରି ଫୋପାଡି ଦେବା; (ପ୍ରସ୍ତାବ) ପ୍ରତ୍ୟାଖ୍ୟାନ କରିବା; throw over ଛାଡି ଚାଲିଯିବା; ତ୍ୟାଗ କରିବା; throw together ତରବରରେ ଏକତ୍ର କରିବା; ସାମୟିକ ବା ଆକସ୍ମିକ ସଂଯୋଗ ଘଟିବା; throw up ପରିତ୍ୟାଗ କରିବା; ଛାଡିଦେବା; ଲ.ଭା. ବାନ୍ତି କରିବା; ଛିଡା କରାଇବା; ଇସ୍ତଫା ଦେବା; ଅବ୍ୟାହତି ନେବା; ଦୃଷ୍ଟିକୁ ଆଣିବା।

**throw–away** ବିଂ. ଥରଟିଏ ବ୍ୟବହାର ପରେ ଫୋପାଡିଦେବା ପାଇଁ ଉଦ୍ଦିଷ୍ଟ; ଜାଣିଶୁଣି ହାଲୁକା ଭାବରେ କୁହାଯାଇଥିବା।

**thrown** କ୍ରି. throwର *ଅ.କ୍ରି.କ.ପ.*।

**thru** *ଆମେ.* ବିକ. through.

**thrum**[1] 1. କ୍ରି. ତାର ବାଦ୍ୟଯନ୍ତ୍ର, ଡ୍ରମପ୍ରଭୃତି ବିରକ୍ତିକର ବା ଅନଭ୍ୟସ୍ତଭାବେ ବାଦନ କରିବା; 2. ବି. ବିରକ୍ତିକର ବା ଅନଭ୍ୟସ୍ତ (ବାଦ୍ୟଯଂତ୍ର) ବାଦନ।

**thrum**[2] ବି. ଖୋଲା ସୂତା; ବୁଣା ନ ହୋଇଥିବା ସୂତାର ପ୍ରାନ୍ତ; ସୂତ୍ରାନ୍ତ।

**thrush**[1] ବି. ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ପକ୍ଷୀ ବିଶେଷ; ତନ୍ମଧ୍ୟରୁ ଗାନକାରୀ ଥ୍ରଶ୍।

**thrush**[2] ବି. ପିଲାଙ୍କ ତଣ୍ଟି, ବା ପାଟି, ତଥା ସ୍ତ୍ରୀ ଜନନେନ୍ଦ୍ରିୟରେ ହେଉଥିବା ଫୁଙ୍ଗାଲ୍ ରୋଗବିଶେଷ।

**thrust**[1] କ୍ରି. *ଅ.କା. ଅ.କ୍ରି.କ.ପ.* thrust ଜୋରରେ ବା ବଳପୂର୍ବକ ପୂରାଇବା; ଜବରଦସ୍ତ ଲଦି ଦେବା; ଗ୍ରହଣ କରିବାକୁ ବାଧ କରିବା; ଭୁଷିଦେବା; ଠେଲିଦେବା; ଧକ୍କାଦେବା; 2. ବି. ଠେଲା, ଧକ୍କା; ଭୁଷା; ଶତ୍ରୁ ଅଧିକୃତ ଅଂଚଳରେ ପ୍ରବେଶ ଉଦ୍ୟମ; କୌଣସି ବ୍ୟକ୍ତିପାଇଁ ଉଦ୍ଦିଷ୍ଟ ଟିପ୍ପଣୀ।

**thud** 1. ବି. ଧପ୍ (ଶବ୍ଦ); କାଠ, ମାଟି ପ୍ରଭୃତି ସ୍ୱଳ୍ପ ପ୍ରତିଧ୍ୱନିକ୍ଷମ ବସ୍ତୁ ଉପରେ ଆଘାତର ଧ୍ୱନି, 2. କ୍ରି. ଧପ୍‌କରି ପଡ଼ିବା ବା ଶବ୍ଦ ହେବା।

**thug** ବି.*ଭା. ଇତି.* ଠଗ୍, (ଅଧୁନା ଲୁପ୍ତ) କୁଖ୍ୟାତ ଡକାୟତ ଏବଂ ନରହନ୍ତା ଗୋଷ୍ଠୀ; ଜଘନ୍ୟ ଲୋକ; ଡକାୟତ; ବଦମାସ; ବି. thuggery; ବିଂ. thuggish.

**thulium** ବି. ଲେଥାନାଇଡ୍ ଶୃଙ୍ଖଳାର ଧାତବ ପଦାର୍ଥ ବିଶେଷ।

**thumb** 1. ବିଂ. ବୃଦ୍ଧାଙ୍ଗୁଳି, ବୁଢ଼ା ଆଙ୍ଗୁଠି; ହସ୍ତାନା ବା ଗ୍ଲୋଭ୍‌ରେ ଥିବା ବୁଢ଼ା ଆଙ୍ଗୁଠି ପାଇଁ ସ୍ଥାନ; 2. କ୍ରି. ବୁଢ଼ା ଆଙ୍ଗୁଠିରେ ବହିର ପୃଷ୍ଠା ଓଲଟାଇବା ବା ସେଭଳି କରି ମଇଳା କରିବା; ବୁଢ଼ା ଆଙ୍ଗୁଠି ଦେଖାଇବା; ବୁଢ଼ା ଆଙ୍ଗୁଠି ଦେଖାଇ ସାଙ୍ଗରେ ନେବାପାଇଁ ଗାଡି ମଟର ଅଟକାଇବା; thumb one's nose ନାକରେ ବୁଢ଼ା ଆଙ୍ଗୁଠି ରଖି ଏବଂ ଚାରିଆଙ୍ଗୁଠି ମେଲା

Digitized by srujanika@gmail.com

ରଖି ତାସକ୍ୟାର ସଂଗିତ କରିବା; thumbs down ପ୍ରତ୍ୟାଖ୍ୟାନର ସୂଚନା; thumbs up ସନ୍ତୋଷ ବା ସମ୍ମତିର ସୂଚନା; under a person's thumb କୌଣସି ବ୍ୟକ୍ତିଦ୍ୱାରା ସମ୍ପୂର୍ଣ୍ଣଭାବରେ ପ୍ରଭାବିତ।

**thumb index** ବି. ଅଭିଧାନ ପ୍ରଭୃତିର ପାର୍ଶ୍ୱରେ ପାଠକର ସୁବିଧାପାଇଁ ଅକ୍ଷରକ୍ରମେ କଟା ଯାଇ କରାଯାଇଥିବା ଖୋପ।

**thumbnail** ବି. ବୁଢ଼ା ଆଙ୍ଗୁଠିର ନଖ; ସଂକ୍ଷିପ୍ତ।

**thumbscrew** ବି. ବୁଢ଼ାଆଙ୍ଗୁଠିକୁ ଚିପି ଦଣ୍ଡ ଦେବାର ଉପକରଣ।

**thump** 1. କ୍ରି. ଜୋର୍‌ରେ ମୁଷ୍ଟି ପ୍ରହାର କରିବା; ବିଧାମାରିବା; ଛାତି ଧଡ୍ ଧଡ୍ କରିବା; (କବାଟ) ଜୋର୍‌ରେ ଠକ୍‌ଠକ୍ କରିବା; 2. ବି. ପ୍ରଚଣ୍ଡ ବିଧା ମାଡ଼; ମୁଷ୍ଟି ଆଘାତ ବା ପ୍ରହାର; ଏହାର ଶବ୍ଦ।

**thumping** ବିଂ. ଅତ୍ୟଧିକ; ଭୀଷଣ, ଉଦା. thumping majority.

**thunder** 1. ବି. ଘଡ଼ଘଡ଼ି ବା ଘଡ଼ଘଡ଼ି ଶବ୍ଦ, ବଜ୍ରଧ୍ୱନି; ପ୍ରବଳ ଶବ୍ଦ (thunders of applause) 2. କ୍ରି. ଘଡ଼ଘଡ଼ି ମାରିବା; ବଜ୍ରନିନାଦ କରିବା; ଉଚ୍ଚ ସ୍ୱରରେ ଧମକ, ଅଭିନନ୍ଦନ ପ୍ରଭୃତି ଦେବା; steal a person's thunder ଜଣେ ନିଜର ଭାଷାକୁ ବ୍ୟବହାର କରିବା ପୂର୍ବରୁ ଅନ୍ୟ ଜଣେ ତାକୁ ବ୍ୟବହାର କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା; ବିଂ. thundery.

**thunderbolt** ବି. ବିଜୁଳି ସହିତ ଘଡ଼ଘଡ଼ି; ଅପ୍ରତ୍ୟାଶିତ ଘଟଣା ବା ଘୋଷଣା।

**thunderclap** ବି. ଘଡ଼ଘଡ଼ି; ବଜ୍ରପାତ; ଅପ୍ରତ୍ୟାଶିତ ବା ଚମକପ୍ରଦ ଘଟଣା।

**thunder cloud** ବି. ବିଦ୍ୟୁତ୍ ଓ ଘଡ଼ଘଡ଼ି ସୃଷ୍ଟିକରୁଥିବା ମେଘମାଳା।

**thundering** ବିଂ. କ.ଭା. ବିରାଟ; ବହୁତ ବଡ଼ (ଉଦା. thundering success).

**thunderous** ବିଂ. ଘଡ଼ଘଡ଼ି ଭଳି, ବଜ୍ରନିର୍ଘୋଷ ସଦୃଶ, ଉଚ୍ଚଧ୍ୱନିବିଶିଷ୍ଟ।

**thunderstorm** ବି. ବିଜୁଳି ଓ ଘଡ଼ଘଡ଼ି ସହ ଝଡ଼ ଓ ବର୍ଷା ବା ଭୁଆପଥର ବୃଷ୍ଟି।

**thunderstruck** ବିଂ. ଆଶ୍ଚର୍ଯ୍ୟାନ୍ୱିତ, ବିସ୍ମୟାଭିଭୂତ।

**thurible** ବି. ଝୁଣା ଆଦି ପୋଡ଼ା ଯାଉଥିବା ପାତ୍ର; ଧୂପଦାନି।

**Thurs** ବି. (Thur ମଧ୍ୟ) ସଂକ୍ଷି. Thursday ଗୁରୁବାର।

**Thursday** 1. ବି. ଗୁରୁବାର, ବୃହସ୍ପତିବାର; 2. କ୍ରି.ବି. ଗୁରୁବାରରେ; ଗୁରୁବାର ଦିନ; 3. Thursdays ପ୍ରତି ଗୁରୁବାର।

**thus** କ୍ରି.ବିଂ. ଏହିପରି ଭାବରେ; ଏଭଳି ଭାବରେ; ତଦନୁଯାୟୀ; ତଦନୁସାରେ; ଫଳରେ, ପରିମାଣ ସ୍ୱରୂପ; ଏତେ ଦୂର ପର୍ଯ୍ୟନ୍ତ; ତେଣୁ।

**thwack** 1. କ୍ରି. ବିଧା ମାରିବା; ପ୍ରହାର କରିବା; 2. ବି. ବିଧା; ମୁଷ୍ଟ୍ୟାଘାତ; ପ୍ରହାର।

**thwart** 1. କ୍ରି. ବିଫଳ ବା ହତାଶ କରିଦେବା, 2. ବି. ନୌକାଚାଳକର ଆସନ।

**thy** ସ. ପ୍ରା.ପ୍ର. ତୁମର।

**thyme** ବି. ସୁବାସିତ ପତ୍ର ବିଶିଷ୍ଟ ଗୁଳ୍ମ ବିଶେଷ।

**thymol** ବି. ଅଯମ୍ ଗୁଳ୍ମର ପ୍ରଦାହ ବିରୋଧୀ ତୈଳ।

**thymus** ବି. ମେରୁଦଣ୍ଡୀ ପ୍ରାଣୀମାନଙ୍କ ବେକର ଆଭ୍ୟନ୍ତର ଅଂଗ।

**thyroid, thyroid gland** ବି. ମେରୁଦଣ୍ଡୀ ପ୍ରାଣୀମାନଙ୍କ ବେକ ସ୍ଥିତ ଗ୍ରନ୍ଥିବିଶେଷ ଯାହା ମଧ୍ୟରୁ ନିଃସୃତ ହର୍ମୋନ୍ ଶରୀରର ଅଭିବୃଦ୍ଧି ଏବଂ ବିକାଶରେ ସାହାଯ୍ୟ କରେ, ଗଳଗ୍ରନ୍ଥି; ପ୍ରାଣୀମାନଙ୍କ ଗଳଗ୍ରନ୍ଥି ରସରୁ ପ୍ରସ୍ତୁତ ଔଷଧ।

**Ti** ପ୍ର. titanium ଟିଟାନିଅମ୍।

**tiara** ବି. ସ୍ତ୍ରୀଲୋକମାନଙ୍କର ମୁଣ୍ଡ ସମ୍ମୁଖଭାଗରେ ପିନ୍ଧାଯାଉଥିବା ରତ୍ନଯୁକ୍ତ କିରୀଟ ବା ଶିରୋଭୂଷା; ପୋପ୍‌ଙ୍କ ଶିରୋଭୂଷା ବା ମୁକୁଟ; ବିଂ. tiaraed.

**tibia** ବି. ଆଣ୍ଠୁରୁ ଗୋଇଠି ମୂଳିରେ ଥିବା ଦୁଇହାଡ଼ ମଧ୍ୟରୁ ଅଭ୍ୟନ୍ତରର ହାଡ଼; ବିଂ. tibial.

**tic** ବି. (nervous tic) ମାଂସପେଶୀର ଅନିଚ୍ଛାକୃତ, ସାମୟିକ ସଙ୍କୋଚନ (ବିଶେ. ମୁହଁରେ)।

**tick**[1] 1. ବି. ଘଡ଼ିର ଟିକ୍ ଟିକ୍ ଶବ୍ଦ; କ୍ଷଣ, ମୁହୂର୍ତ୍ତ; ଠିକ୍ ସୂଚକ ଟିକ୍ (✓) ଚିହ୍ନ; 2. କ୍ରି. (ଘଡ଼ି ପ୍ରଭୃତି) ଟିକ୍‌ଟିକ୍ କରିବା, ଟିକ୍ ଚିହ୍ନ ଦେବା; tick off ଗାଳି ଦେବା; ଭର୍ତ୍ସନା କରିବା; tick over (ଇଞ୍ଜିନ୍ ପ୍ରଭୃତି) ଅବ୍ୟବହୃତ ରହିବା; (ବ୍ୟକ୍ତି, ଯୋଜନା ପ୍ରଭୃତି) ମୌଳିକ ସ୍ତରରେ କାର୍ଯ୍ୟ କରିବା; what makes a person tick ପ୍ରେରଣା; ସଂଚାଳକ ଶକ୍ତି।

**tick**[2] ବି. ଟିକ।

**tick**[3] ବି. ବାକି, ଉଧାର।

Digitized by srujanika@gmail.com

**tick⁴** ବି. ଚଳିଆ ବା ଗଦିର ଖୋଳ।

**ticker** ବି. କ.ଭା. ହୃତ୍‌ପିଣ୍ଡ; ହୃଦୟ; ଘଣ୍ଟା; *ଆମେ.* ଟେପ୍‌ମେସିନ୍ ବା ଟେଲିଗ୍ରାଫ୍ ବାର୍ତ୍ତା ଗ୍ରହଣକାରୀ ଯନ୍ତ୍ର।

**ticket** 1. ବି. ଅନୁମତି ପତ୍ର, ପ୍ରବେଶପତ୍ର, ଟିକେଟ୍; ନିଦର୍ଶନ ପତ୍ର; ଚିରକୁଟି; ନିର୍ବାଚନରେ ରାଜନୈତିକ ଦଳର ପ୍ରାର୍ଥୀରୂପେ ମନୋନୟନ; 2. କ୍ରି. ଟିକେଟ୍ ଗୁଞ୍ଜିବା।

**ticking** ବି. ଚଦର; ଶେଯ ଘୋଡ଼ାଇବା ପାଇଁ ଗାରଗାରିଆ କନା।

**tickle** 1. କ୍ରି. କୁତୁକୁତୁ କରିବା; କୁତୁକୁତେଇବା; କୌତୁକାନନ୍ଦ ଜନ୍ମାଇବା; ସଇସଇ କରିବା 2. ବି. କୁତୁକୁତୁ; tickled pink (to death) ଖୁସି; ଅତ୍ୟନ୍ତ ଆନନ୍ଦିତ; ବିଂ. tickly.

**ticklish** ବିଂ. କୁତୁକୁତିଆ; ଅସୁବିଧା (ଲୋକ) ଜନକ।

**tidal** ବିଂ. ଜୁଆରିଆ; ଜୁଆର ଭଳି; ଜୁଆରର ପ୍ରଭାବରୁ (tidal wave); କ୍ରି.ବିଂ. tidally.

**tidal wave** ବି. ବିରାଟକାୟ ସାମୁଦ୍ରିକ ଢେଉ (ବିଶେ. ଜଳନିମ୍ନ ଭୂମିକମ୍ପଜନିତ); ସର୍ବଜନୀନ ଭାବାବେଗର ତରଂଗ।

**tidbit** *ଆମେ.* ଦ୍ର. titbit.

**tiddler** ବି. ଛୋଟ ମାଛ ବିଶେଷ; ଛୋଟ ଜିନିଷ।

**tiddly¹** ବିଂ. ସାମାନ୍ୟ ମାତାଲ।

**tiddly²** ବିଂ. ଅଳ୍ପ।

**tiddly-wink** ବି. ଟେବୁଲ ଉପରେ ଗୋଟାଏ ଗୋଟିଦ୍ୱାରା ଆଉ ଏକ ଗୋଟିକୁ ଆଘାତ କରି କପ୍ ଘୁଞ୍ଚା ଖେଳ।

**tide** ବି. ଜୁଆର; ସୂର୍ଯ୍ୟ ବା ଚନ୍ଦ୍ରଙ୍କ ଆକର୍ଷଣ ଫଳରେ ସମୁଦ୍ରର ଜଳ ଫୁଲିବା ଓ କମିଯିବା; ଘଟଣା ପ୍ରଭୃତିର ପ୍ରବାହ; tide person over ବିପତ୍ତିବେଳେ ସାହାଯ୍ୟ କରି ଉଦ୍ଧାର କରିବା।

**tidemark** ବି. ଜୁଆର ଥିବାବେଳେ ପାଣି ଛାଡ଼ିଯାଇଥିବା ଚିହ୍ନ; କ.ଭା. ଦେହର ଅଗାଧୁଆ ଅଂଶର ଚିହ୍ନ।

**tidetable** ବି. ଜୁଆର ଓ ଭଟ୍ଟା ସମୟର ସାରଣୀ।

**tideway** ବି. ନଦୀର ଜୁଆରିଆ ଅଂଶ।

**tidings** ବି. ପ୍ରା.ପ୍ର. ବାର୍ତ୍ତା, ଖବର।

**tidy** 1. ବିଂ. ପରିଚ୍ଛନ୍ନ, ସଫାସୁତରା; ସୁସଜ୍ଜିତ; ସୁଶୃଙ୍ଖଳ; ଅଧିକ (a tidy sum); 2. କ୍ରି. ପରିଚ୍ଛନ୍ନ ବା ଶୃଙ୍ଖଳିତ କରିବା; ସୁସଜ୍ଜିତ କରିବା; କ୍ରି.ବିଂ. tidily; ବି. tidiness.

**tie** 1. କ୍ରି. ଦଉଡ଼ି ପ୍ରଭୃତିରେ ବାନ୍ଧିବା; ଦଉଡ଼ି, ଟାଇ ଫିତା ପ୍ରଭୃତିରେ ଗଣ୍ଠି ପାରିବା; ବାନ୍ଧିବା; ଅନ୍ୟ ପ୍ରତିଯୋଗୀ ସହ ସମାନ ପଏଣ୍ଟ ରଖିବା; 2. ବି. ବନ୍ଧନ ଫିତା, ଗଣ୍ଠି, ଯୋଡ଼; ନେକ୍‌ଟାଇ; ପଏଣ୍ଟହାସଲ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ବିଜୟ ସ୍ଥିର କରିବା ପଦ୍ଧତି; tie up ଦୃଢ଼ ଭାବରେ ବାନ୍ଧିବା; ବ୍ୟବହାର ପାଇଁ ସହଜରେ ଉପଲବ୍ଧ ହେଉ ନ ଥିବା ସ୍ଥାନରେ ଅର୍ଥଲଗାଣ କରିବା; ସଂପୂର୍ଣ୍ଣ ବ୍ୟସ୍ତ ରହିବା; ସନ୍ତୋଷଜନକ ପରିଣାମରେ ପହଞ୍ଚିବା।

**tie-break, tiebreaker** ବି. ଖେଳରେ ସମାନ ପଏଣ୍ଟ ହାସଲ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ବିଜୟୀ ସ୍ଥିର କରିବା ପଦ୍ଧତି।

**tie-dye** ବି. ବାନ୍ଧ–କଳା, ସୂତା ରଙ୍ଗେଇବାବେଳେ ଯେଉଁ ଅଂଶ ରଙ୍ଗା ନଯିବ ସେହି ଅଂଶକୁ ଅଲଗା ରଖିବାର ବନ୍ଧନ ବ୍ୟବସ୍ଥା।

**tie-pin** ବି. ନେକ୍‌ଟାଇକୁ ଯଥାସ୍ଥାନରେ ରଖିବା ପାଇଁ ଲଗାଯାଉଥିବା ସୁନ୍ଦର ପିନ୍।

**tier** ବି. ଧାଡ଼ି, ପଦବୀ; ଶ୍ରେଣୀ ବିଭାଗର ମାପକାଠି; ରଙ୍ଗାଳୟାଦିରେ କ୍ରମୋନ୍ନତ ଭାବରେ ସଜ୍ଜିତ ହୋଇଥିବା ଆସନ ଶ୍ରେଣୀ; ଥାକ ବା ସ୍ତର; ବିଂ. tiered.

**tiercel** ଦ୍ର. tercel.

**tied** ବିଂ. ଘର ମାଲିକ ପାଇଁ କାର୍ଯ୍ୟ କରିବା ସର୍ତ୍ତରେ ବ୍ୟକ୍ତି ରହୁଥିବା (ଘର)।

**tie-up** ବିଂ. ସମ୍ପର୍କ, ସମ୍ବନ୍ଧ।

**tiff** ବି. ମୃଦୁ କଳି, ମନୋମାଳିନ୍ୟ; ସାମାନ୍ୟ ଝଗଡ଼ା।

**tiffin** ବି. ଜଳଖିଆ, ଅଳ୍ପାହାର।

**tiger** ବି. ବାଘ; ବାଘଜାତୀୟ ପ୍ରାଣୀ; ଭୟଙ୍କର, ଶକ୍ତିଶାଳୀ ବା ଭୀତିପ୍ରଦ ବ୍ୟକ୍ତି।

**tiger cat** ବି. ବାଘଜାତୀୟ ପ୍ରାଣୀ।

**tiger-lily** ବି. କଳାଦାଗ ଥିବା, କମଳା ରଂଗର ଫୁଲ ଫୁଟୁଥିବା ଲିଲିବିଶେଷ।

**tiger moth** ବି. ଚିତ୍ରବିଚିତ୍ର ଡେଣାଯୁକ୍ତ ରାତ୍ରିଚର ପ୍ରଜାପତି ବା ମଥ୍।

**tight** 1. ବିଂ. ଜୋରଗଣ୍ଠି; ଦୃଢ଼ବଦ୍ଧ; କଷ; ଚାପି ହୋଇ ଲାଗି ହୋଇଥିବା; ଟିପା; ନିଶାସକ୍ତ; କୃପଣ; ଦୁଷ୍ପ୍ରାପ୍ୟ; ଦୁରୂହ, ପାଣିପବନ ଅଭେଦ୍ୟ (airtight, watertight); 2. କ୍ରି.ବିଂ. ଜୋରରେ, ଚିପିକରି; ଦୃଢ଼ଭାବରେ; ବି. tightness.

Digitized by srujanika@gmail.com

**tight corner (place, spot)** ବି°. କଠିନ ପରିସ୍ଥିତି ।

**tighten** କ୍ରି. ଅଧିକ କଷିବା; ଜୋର୍‌ରେ ବାନ୍ଧିବା ବା ଭିଡ଼ିବା ।

**tight-lipped** ବି°. ନୀରବ, ଆବେଗ, କ୍ରୋଧପ୍ରଭୃତି ପ୍ରକାଶ ନକରୁଥିବା ।

**tightrope** ବି. କେଳାକେଳୁଣୀଙ୍କ କଳାପ୍ରଦର୍ଶନ ପାଇଁ ଭୂମିଠାରୁ ଉପରେ ଜୋର୍‌ରେ ଟଣାଯାଇଥିବା ଦଉଡ଼ି ।

**tights** ବି. (ନାରୀମାନଙ୍କର) ପଶମ, ରେଶମ ପ୍ରଭୃତିର ନିମ୍ନାଂଶର ଚିପା ପୋଷାକ; ନର୍ତ୍ତକୀ, ଦୈହିକ କୌଶଳ ପ୍ରଦର୍ଶନକାରୀମାନଙ୍କ ଚିପା ନିମ୍ନାଂଗ ପରିଧେୟ ।

**tigress** ବି. ମାଈବାଘ; ବାଘୁଣୀ ।

**tike** ଦ୍ରଷ୍ଟ. tyke.

**tilde** ବି. ବିଦେଶୀ ଭାଷାର ଉଚ୍ଚାରଣଗତ ସୁବିଧାପାଇଁ ବ୍ୟବହୃତ ସଂକେତ ବିଶେଷ ( ) ।

**tile** 1. ବି. ମେଝିଆ, କାଛ ବା ଛପର ତିଆରିରେ ବ୍ୟବହୃତ ପତଳା କଠିନ ବସ୍ତୁ; ଟାଇଲ୍ 2. କ୍ରି. ଟାଇଲ୍ କରିବା; ଟାଇଲ୍ ଲଗେଇବା, **on the tiles** କ.ଭା. ମଉଜ ମଜଲିସ୍; ବି. tiler.

**tiling** ବି. ଟାଇଲ୍ ଖଞ୍ଜିବା ପଦ୍ଧତି; ଟାଇଲ୍ ବିଛାଯାଇଥିବା ଅଂଶ ।

**till**[1.] 1. ଅ. ପର୍ଯ୍ୟନ୍ତ (wait till six o'clock) ଯେ ପର୍ଯ୍ୟନ୍ତ, ସେହି ସମୟ ପର୍ଯ୍ୟନ୍ତ 2. ସଂଯୋ. ସେହି ସମୟ ପର୍ଯ୍ୟନ୍ତ (wait till he returns).

**till**[2.] ବି. ଦୋକାନ ବା ବେଙ୍କ୍‌ରେ ଟଙ୍କା ରଖିବା ଥାକ ବା ଡ୍ରୟର୍ (ବିଶେ. ଯେଉଁଠି ପ୍ରତ୍ୟେକ ବିକା ଦ୍ରବ୍ୟର ମୂଲ୍ୟ ଆପେ ଆପେ ଲିପିବଦ୍ଧ ହୋଇଯାଏ) ।

**till**[3.] କ୍ରି. ହଳ କରିବା; ନଙ୍ଗଳ କରିବା; ଚଷିବା; ବି. tiller.

**tillage** ବି. ହଳ କର୍ଷିତ ଜମି; ଫସଲ ପାଇଁ ଜମି ପ୍ରସ୍ତୁତ କରଣ ।

**tiller** ବି. ହଳିଆ; ହଳକାରୀ; ଡଙ୍ଗାର ଦିଗପରିବର୍ତ୍ତନ କରିବା ପାଇଁ ଉପକରଣ ।

**tilt** 1. କ୍ରି. ଗୋଟିଏ ପାଖକୁ ଢଳିବା; ଢାଲୁ ହେବା; ଅସ୍ତ୍ର ଆଘାତ କରିବା ବା ଅସ୍ତ୍ର ଧରି ଘୋଡ଼ାଇବା ବା ଅଣେଇ ହେବା; ପ୍ରତିଯୋଗିତାରେ ଭାଗନେବା 2. ବି. (ବ୍ୟଙ୍ଗ, ବିଦ୍ରୂପ, ଆକ୍ଷେପ ପ୍ରଭୃତିଦ୍ୱାରା) ଆକ୍ରମଣ, **full (at full) tilt** ପ୍ରଚଣ୍ଡ ଗତି ବା ସମସ୍ତ ଶକ୍ତି ପ୍ରୟୋଗ କରି ।

**tilth** ବି. ଚାଷ; କର୍ଷଣ; କର୍ଷିତ ଭୂମି ।

**timber** ବି. କାଠଗଡ଼; ବିରାଟକାୟ ଗଛ ।

**timbered** ବି°. ସମ୍ପୂର୍ଣ୍ଣ ବା ଆଂଶିକଭାବେ କାଠରେ ତିଆରି; ଜଙ୍ଗଲିଆ (ଗ୍ରାମାଞ୍ଚଳ) ।

**timber line** ବି. ଯେଉଁ ସୀମାରେଖା ଉପରକୁ ବୃକ୍ଷ ଜାତହୁଏ ନାହିଁ ।

**timbre** ବି. ସାଙ୍ଗୀତିକ ଶବ୍ଦ ବା ଶିଳ୍ପୀର ସ୍ୱରର ବୈଶିଷ୍ଟ୍ୟ ।

**timbrel** ବି. *ପ୍ରା.ପ୍ର.* ଖଂଜଣୀଭଳି ଏକପ୍ରକାର ତାଳବାଦ୍ୟ ।

**time** 1. ବି. ସମୟ, କାଳ; ବେଳ; ଅବଧି; ଅବସର; ସୁଯୋଗ; ଜୀବନକାଳ; ମୃତ୍ୟୁ ବା ପ୍ରସବର ସମ୍ଭାବ୍ୟ ସମୟ; ବ.ବ. ଗୁଣନ; ଜୀବନର ନିର୍ଦ୍ଦିଷ୍ଟ ଅବସ୍ଥା ବା ସମୟ; *ସା.ପ୍ର.* ଜେଲ ଦଣ୍ଡ (is doing time); କାର୍ଯ୍ୟକାଳ; *ସଙ୍ଗୀତ* ତାଳ ଓ ଲୟ ସମଯୋଚିତ କରିବା; ଠିକ୍ ସମୟ ଦେଖି କରିବା; **against time** ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ତୀବ୍ରଗତିରେ କାର୍ଯ୍ୟ କରିବା; **ahead of time** ପ୍ରତ୍ୟାଶିତ ସମୟଠାରୁ ଆଗରୁ; **all the time** ସବୁବେଳେ; ସଦାବେଳେ, ନିରବଚ୍ଛିନ୍ନ ଭାବରେ; **at a time** ଅତୀତର କୌଣସି ଏକ ସମୟରେ; ଅବଲୀଳାକ୍ରମେ; ଗୋଟାଏ ସମୟରେ; **at the same time** ଏକ ସମୟରେ; ତାହା ସତ୍ତ୍ୱେ; **at times** ବେଳେବେଳେ; କେତେବେଳେ କେମିତି; **behind the times** ପୁରୁଣାକାଳିଆ; **for the time being** ଅନ୍ୟକିଛି ବ୍ୟବସ୍ଥା ହେବା ପୂର୍ବରୁ, ବର୍ତ୍ତମାନ ପାଇଁ; **from time to time** ବେଳବେଳେ; ସମୟ ସମୟରେ; **half the time** କ.ଭା. ଅଧେ ସମୟ; **have a time of it** ଅସୁବିଧା ଭିତରେ ଗତି କରିବା; **have no time for** କୌଣସି କାର୍ଯ୍ୟପାଇଁ ବା ବ୍ୟକ୍ତିସହ ସମୟାତିବାହିତ କରିବାକୁ ଅନିଚ୍ଛା ବା ଅସମର୍ଥତା; ବିରାଗ; ଘୃଣା, **in no time** ଖୁବ୍ ଶୀଘ୍ର; ଅତି ଶୀଘ୍ର; **in time** ଯଥା ସମୟରେ; ଡେରିରେ ନୁହେଁ; ସମୟାନୁବର୍ତ୍ତୀ; କାଳକ୍ରମେ; *ସଂଗୀତ* ତାଳ ଅନୁସାରେ; **keep time** ତାଳ ଅନୁସାରେ; ତାଳେ ତାଳେ ଗାଇବା ବା ନାଚିବା; **on time** ସମୟ ନିର୍ଘଣ୍ଟ ଅନୁସାରେ;

Digitized by srujanika@gmail.com

ଠିକ୍ ସମୟରେ **pass the time of day** ଚ.ଭା. ସୌଜନ୍ୟମୂଳକ ବା ଔପଚାରିକ ସମ୍ଭାଷଣ–ପ୍ରତିସମ୍ଭାଷଣ ବା ଆଳାପ; **time after time** ବହୁ ପରିସ୍ଥିତିରେ; ଏକାଧିକ ଘଟଣାରେ; ବାରମ୍ବାର; **time and again, time and time and again** ବାରମ୍ବାର; ବହୁବାର **the time of one's life** ଆନନ୍ଦ ଉପଭୋଗର ସମୟ; **time was** ଦିନଥିଲା।

**time bomb** ବି. ପୂର୍ବ ନିର୍ଦ୍ଧାରିତ ସମୟରେ ଫୁଟୁଥିବା ବୋମା।

**time clock** ବି. କର୍ମଚାରୀମାନଙ୍କର କାମର ସମୟ ଲିପିବଦ୍ଧ କରୁଥିବା ଘଣ୍ଟା।

**time exposure** ବି. କେମେରା ଫିଲ୍ମରେ ଅଧିକ ସମୟ ପାଇଁ ଆଲୋକ ଗ୍ରହଣ କରିବା ବ୍ୟବସ୍ଥା।

**time-honoured** ବିଂ. ବହୁ ସମୟଧରି ପ୍ରଚଳିତ ଏବଂ ସ୍ୱୀକୃତ (ସାମାଜିକ ରୀତିନୀତି, ପରମ୍ପରା ପ୍ରଭୃତି)।

**timekeeper** ବି. (ଖେଳରେ ବା ମଜୁରିଆଙ୍କ ପାଇଁ କାରଖାନା ଆଦିରେ) ସମୟ ଲିପିକ; ଠିକ୍ ସମୟ ଦେଖାଉଥିବା ଘଣ୍ଟା; ଅତ୍ୟନ୍ତ ସମୟାନୁବର୍ତ୍ତୀ ବ୍ୟକ୍ତି।

**timeless** ବିଂ. ସମୟର ଗତିଦ୍ୱାରା ଅପ୍ରଭାବିତ; ଶାଶ୍ୱତ; କାଳାତୀତ; କ୍ରି.ବିଂ. **timelessly**, ବି. **timelessness.**

**time-limit** ବି. କୌଣସି କାର୍ଯ୍ୟର ସମୟ ସୀମା; ଯେଉଁ ସମୟ ଭିତରେ କାର୍ଯ୍ୟ ଶେଷ ହେବା ପାଇଁ ନିର୍ଦ୍ଧାରିତ।

**timely** ବିଂ. ଠିକ୍ ସମୟରେ ଘଟୁଥିବା (ଘୋଷଣା ପ୍ରଭୃତି); ବି. **timeliness.**

**timepiece** ବି. ଘଡ଼ି; ଘଣ୍ଟା।

**timer** ବି. ସମୟର ହିସାବ ରଖୁଥିବା ବା ଲିପିବଦ୍ଧ କରୁଥିବା ବ୍ୟକ୍ତି ବା ଯନ୍ତ୍ର।

**time-server** ବି. ଅବ. ପରିସ୍ଥିତି ଦେଖି ମତ ପରିବର୍ତ୍ତନ କରୁଥିବା ବ୍ୟକ୍ତି; ଅବସରବାଦୀ; ବିଂ. **time-serving.**

**time sheet** ବି. କାର୍ଯ୍ୟ–ସମୟ ଲିପିବଦ୍ଧ କରାଯାଉଥିବା କାଗଜ।

**time signal** ବି. ସମୟସୂଚକ ଶ୍ରାବ୍ୟ ସଙ୍କେତ ବା ଧ୍ୱନି।

**time switch** ବି. ପୂର୍ବନିର୍ଦ୍ଧାରିତ ବ୍ୟବସ୍ଥାନୁସାରେ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟକ୍ଷମ ହେଉଥିବା ସୁଇଚ୍।

**timetable** 1. ବି. କାର୍ଯ୍ୟକ୍ରମ ପାଇଁ ସମୟ ନିର୍ଘଣ୍ଟ; ସମୟ ସାରଣୀ; ଟାଇମ୍ ଟେବୁଲ୍; 2. କ୍ରି. ସମୟସାରଣୀ ଅନ୍ତର୍ଭୁକ୍ତ କରିବା।

**time zone** ବି. ସର୍ବତ୍ର ସମାନ ସମୟ ବ୍ୟବହାର କରାଯାଉଥିବା ଦ୍ରାଘିମା ଅଞ୍ଚଳ; ଦ୍ରାଘିମାନ୍ତର।

**timid** ବିଂ. ଡରୁଆ; ସହଜରେ ଆଶଂକାଗ୍ରସ୍ତ; ଭୀରୁ; ବି. **timidity**; କ୍ରି.ବିଂ. **timidly.**

**timing** ବି. ଘଟିବାର ସମୟ; କୌଣସି କାର୍ଯ୍ୟ, ପ୍ରକ୍ରିୟା ବା ଘଟଣା ହେବାର ବା ଘଟିବାର ବ୍ୟବସ୍ଥା ବା ଉପାୟ।

**timorous** ବି. ଡରୁଆ; ଆତଂକିତ; କ୍ରି.ବିଂ. **timorously.**

**timpani, tympani** ବି. ନିଶାଣଭଳି ବଡ଼ ଆକାରର ବାଦ୍ୟଯନ୍ତ୍ର ଯନ୍ତ୍ରବିଶେଷ।

**tin** 1. ବି. ଟିଣ; ଧାତୁବିଶେଷ; ଟିଣ ଡବରା; 2. କ୍ରି. ଟିଣପାତ୍ରରେ (କୌଣସି ବସ୍ତୁ) ସିଲ୍ ବନ୍ଦ କରିବା; ଟିଣର ପ୍ରଲେପ ଦେବା।

**tincture** ବି. କୌଣସି ରଙ୍ଗ ବା ଗନ୍ଧର ଆଭାସ; ଅର୍କ; ସୁରାସାର ମିଶ୍ରିତ ଔଷଧ; ରଙ୍ଗ ବା ଗନ୍ଧଯୁକ୍ତକରଣ।

**tinder** ବି. ଶୀଘ୍ର ଦହନଶୀଳ ଦ୍ରବ୍ୟ; ବିଂ. **tindery.**

**tinder-box** ବି. ଇତି. ଦହନୀୟ ପଦାର୍ଥ; ଚକମକି ପଥର ଏବଂ ଲୁହା ଥିବା ଛୋଟ ବାକ୍ସ ବା ପେଟି (ନିଆଁ ଧରେଇବା ପାଇଁ ବ୍ୟବହୃତ)।

**tine** ବି. ଫର୍କର ମୂନ, ଦାନ୍ତ ବା ଅଗ।

**tin foil** ବିଂ. ଆଲୁମିନିୟମ୍ ବା ଟିଣର ଜରି ବା ପତଳା ପାତ।

**ting** 1. ବି. ଟିଙ୍ଗ୍ ଟିଙ୍ଗ ଶବ୍ଦ ବା ଘଣ୍ଟିର ଧ୍ୱନି; 2. ଟିଙ୍ଗ୍‌ଟିଙ୍ଗ୍ କରିବା; ଘଣ୍ଟି ବଜାଇବା।

**tinge** 1. କ୍ରି. କୌଣସି ରଙ୍ଗ; 2. ବି. ରଙ୍ଗ ବା ବର୍ଣ୍ଣର ସାମାନ୍ୟ ଆଭାସ; ଅଳ୍ପ ପରିମାଣରେ ମିଶ୍ରଣ; କୌଣସି ଗୁଣ ବା ଭାବାବେଗର ସମ୍ମିଶ୍ରଣ।

**tingle** 1. କ୍ରି. ଝଣଝଣ କରିବା; ଦେହ ଝନଝନେଇବା; (ଦେହରେ) କଣ୍ଟା ଫୋଡ଼ିହେଲା ଭଳି ଲାଗିବା; ଦଂଶିତ ହେବା ଭଳି ଲାଗିବା; ଧକଧକ କରିବା; 2. ବି. ସେଇଭଳି ଅନୁଭବ।

**tin hat** ବି. ସୈନ୍ୟମାନଙ୍କର ଶିରସ୍ତ୍ରାଣ।

Digitized by srujanika@gmail.com

**tinker** 1. ବି. ବୁଲା କଂସାରି; ଭ୍ରାମ୍ୟମାଣ ବାସନବର୍ତ୍ତନ ମରାମତକାରୀ; (ସ୍କଟ୍‌ଲେଣ୍ଡ, ଆୟାର୍‌ଲେଣ୍ଡ) ଜିପ୍‌ସି, ଯାଯାବର; କ.ଭା. ଦୁଷ୍କର୍ମା; ଦୁଷ୍ଟ ଲୋକ ବା ପ୍ରାଣୀ; 2. କ୍ରି. ଅନଭିଜ୍ଞ ବା ଅବ୍ୟବସ୍ଥିତ ଭାବେ କାମ କରିବା; ବାସନବର୍ତ୍ତନର ବୁଲା ମରାମତକାରୀ ଭାବେ କାମ କରିବା।

**tinkle** 1. ବି. ଛୋଟ ଘଣ୍ଟିର ଶବ୍ଦ; 2 କ୍ରି. ଟିନ୍‌ଟିନ୍ ବା କ୍ରିଂକ୍ରିଂ ଶବ୍ଦ କରିବା (ନିରବଚ୍ଛିନ୍ନ); ଟେଲିଫୋନ୍ ଘଣ୍ଟି ବାଜିବା; ବିଂ. tinkly.

**tinny** ବି. ଟିଣପରି ପତଳା; ଟିଣ ବାଜିଲା ପରି ଶବ୍ଦ; କ୍ରି.ବିଂ. tinnily; ବି. tinniness.

**tin–opener** ବି. ଟିଣଡବା ଖୋଲିବା ବା କାଟିବା ଉପକରଣ।

**tin plate** ବି. ଟିଣର ଆସ୍ତରଣ ଦିଆ ହୋଇଥିବା ଷିଲ୍ ବା ଲୁହାର ଚଦର।

**tinsel** 1. ବି. ସାଜସଜ୍ଜାରେ ବ୍ୟବହୃତ ଚକ୍‌ଚକିଆ ଧାତବ ସୂତା ବା ପାତ; ବାହ୍ୟ ଔଜ୍ଜ୍ୱଲ୍ୟ ବା ଚାକଚକ୍ୟ; ବାହ୍ୟ ସୌନ୍ଦର୍ଯ୍ୟ; 2. ବିଂ. ଆଡ଼ମ୍ବରପୂର୍ଣ୍ଣ; ଚକ୍‌ଚକିଆ ବିଂ. tinselled.

**tinsmith** ବି. ଟିଣ କାମ କରୁଥିବା ଲୋକ।

**tint**[1] ବିଂ. ନାନାବିଧ ରଙ୍ଗ, ବିଶେ. ଧଳାରଙ୍ଗ ମିଶ୍ରିତ; କୌଣସି ଏକ ରଙ୍ଗ ଭଞ୍ଜର ମିଶିଥିବା ବା ତା'ର ଆଭାସ ଥାଇ; ହାଲୁକା ରଙ୍ଗ ଗୋଳା ହୋଇଥିବା; 2. କ୍ରି. ଧଳାରଙ୍ଗ ମିଶାଇ ଅନ୍ୟ ରଙ୍ଗକୁ ହାଲୁକା କରିବା; କୌଣସି ଏକ ରଙ୍ଗର ଆଭାସ ମିଳିବା; ହାଲୁକା ରଙ୍ଗ ବୋଳିବା।

**tintinnabulation** ବି. ଘଣ୍ଟି ବାଜିବାର ଶବ୍ଦ।

**tiny** ବିଂ. ଅତି ଛୋଟ; ଅଳ୍ପ; କ୍ଷୁଦ୍ର; କ୍ରି.ବିଂ. tinily; ବି. tininess.

**–tion** ପ.ପ୍ର. –ion ଭଳି ବିଶେଷ୍ୟ ନିର୍ମାଣକାରୀ ପଶ୍ଚାତ୍‌ପ୍ରୟୋଗ।

**tip**[1] 1. ବି. ଶେଷାଂଶ; ମୂନ, ଅଗ; ତା'ପରର ଅଗ, 2. କ୍ରି. ମୂନ ବା ଅଗ୍ରଭାଗ ସଂଯୁକ୍ତ କରିବା; on the tip of one's tongue ହଠାତ୍ କହିଆସୁଥିବାବେଳେ ମନେପଡ଼ୁନଥିବା ଅବସ୍ଥା; ଜିଭ ଅଗରେ; tip of the iceberg କୌଣସି ବୃହଦ୍‌କାୟ ବସ୍ତୁର ଦୃଶ୍ୟମାନ କ୍ଷୁଦ୍ର ଅଂଶ।

**tip**[2] 1. କ୍ରି. ନଇଁବା; ଝୁଙ୍କାଇବା; ଝୁଙ୍କିପଡ଼ିବା, ଓଲଟାଇଦେବା; ଝୁଙ୍କିବା; 2. ବି. ସାମାନ୍ୟ ଧକ୍କା ବା ଆଘାତ।

**tip**[3] 1. କ୍ରି. କୌଣସି ସେବାବଦଳରେ କିଛି ପଇସା ବକ୍‌ସିସ୍ ଦେବା; ମୃଦୁ ଆଘାତ କରିବା; ଧୀରେ ଛୁଇଁବା; ବିଶେଷ ତଥ୍ୟ ବା ପରାମର୍ଶ ଦେବା; 2. ବି. ବକ୍‌ସିସ୍; ଟିପ୍, ପରାମର୍ଶ ପ୍ରଦାନ; **tip (person) off** ସତର୍କ କରିଦେବା; ବିଶେଷ ଖବର ଦେବା; **tip a person the wink** କାହାକୁ ଗୋପନୀୟ ଖବର ଦେବା।

**tip–off** ବି. ସତର୍କୀକରଣ; ଇଙ୍ଗିତ, ସୂଚନା।

**tippet** ବି. ନାରୀମାନେ କାନ୍ଧରେ ପକାଉଥିବା ପଶମ ବା ଲୋମ ନିର୍ମିତ ବସ୍ତ୍ର; ବିଚାରପତି, ଧର୍ମଗୁରୁମାନେ ପରିଧାନ କରୁଥିବା ଏତାଦୃଶ ବସ୍ତ୍ର।

**tipple** 1. କ୍ରି. ଅଭ୍ୟାସଗତ ଭାବରେ ମଦ୍ୟପାନ କରିବା; ଅଳ୍ପଅଳ୍ପ କରି ବାରମ୍ବାର ମଦ୍ୟପାନ କରିବା; 2. ବି. ମଦ୍ୟପାନ।

**tipstaff** ବି. ଶେରିଫ୍‌ଙ୍କ ଅଧସ୍ତନ କର୍ମଚାରୀ; ଅଧିକାରର ସୂଚକ ଧାତବ ମୁଠି ଲାଗିଥିବା ଯଷ୍ଟି।

**tipster** ବି. ବିଶେ. ଘୋଡ଼ା ଦଉଡ଼ ପ୍ରଭୃତିରେ ବାଜିଜିତ୍‌ର ଗୁପ୍ତ ସୂଚନାଦାତା।

**tipsy** ବିଂ. ସାମାନ୍ୟ ମାତାଲ୍; ନିଶାଜନିତ; ମଦ୍ୟପାନ ହେତୁ; କ୍ରି.ବିଂ. tipsily; ବି. tipsiness.

**tipsy–cake** ବି. ମଦ୍ୟରେ ବୁଡ଼ାଯାଇ କଷ୍ଟାଡ୍ ସହିତ ପରିବେଷିତ ସ୍ପଞ୍ଜକେକ୍।

**tiptoe** 1. ବି. ପାଦ ଆଙ୍ଗୁଠିର ଅଗ୍ରଭାଗ; ପଦାଗ୍ର; 2. କ୍ରି. ପାଦ ଅଗରେ ଚାଲିବା; ନିଃଶବ୍ଦରେ ଚୋରଙ୍କଭଳି ଚାଲିବା; 3. କ୍ରି.ବିଂ. ପାଦ ଆଙ୍ଗୁଠି ଉପରେ, ଯୋଉଠି ତ ଛୁଇଁ।

**tiptop** ବିଂ. କ.ଭା. ଅତ୍ୟୁତ୍ତମ; ଉତ୍କୃଷ୍ଟ; ସର୍ବୋଚ୍ଚସ୍ତରର।

**TIR** ସଂକ୍ଷି. *Transport International Routier* ଆନ୍ତର୍ଜାତିକ ସଡ଼କ ପରିବହନ। *(ଫ.)*

**tirade** ବି. ଭର୍ତ୍ସନା; ଦୀର୍ଘ ନିନ୍ଦାସୂଚକ ବା ପ୍ରତିବାଦମୂଳକ ଭାଷଣ।

**tire** କ୍ରି. କ୍ଲାନ୍ତ କରିବା ବା କରାଇବା; ଧୈର୍ଯ୍ୟଚ୍ୟୁତି ବା ଆଗ୍ରହହାନି ଘଟିବା; ବିତୃଷ୍ଣା ଜାତ କରାଇବା; ବିରକ୍ତ କରିବା ବା ହେବା; ବିତୃଷ୍ଣା ବା କାତରଭାବ ହେବା।

**tire**[2] ବି. ଚକର ରିମ୍‌କୁ ମଜବୁତ୍ କରିବା ପାଇଁ ବ୍ୟବହୃତ ଧାତବ ବଳୟ; ଚକର ହାଲ୍ ବା ବେଢ଼; ଆମେ. tyre ଦେଖନ୍ତୁ।

Digitized by srujanika@gmail.com

**tired** ବିଂ. କ୍ଳାନ୍ତ; ନିଦ୍ରାଳୁ; ପରିଶ୍ରାନ୍ତ; ଅବସନ୍ନ; ବହୁବ୍ୟବହୃତ (ଚିନ୍ତାଧାରା, ମତବାଦ ପ୍ରଭୃତି); ବି. tiredness.

**tirelss** ବିଂ. ଅକ୍ଳାନ୍ତ; କର୍ମତତ୍ପର; ଅବିଶ୍ରାନ୍ତ; ଉଦ୍ୟୋଗୀ; କ୍ରି.ବିଂ. tirelessly; ବି. tirelessness.

**tiresome** ବିଂ. ବିରକ୍ତିକର; କ୍ଳାନ୍ତିକର; କ୍ରି.ବିଂ. tiresomely; ବି. tiresomeness.

**tiro** ବି. (tyro ମଧ୍ୟ) ନୂଆ ଆରମ୍ଭ କରିଥିବା ବ୍ୟକ୍ତି; ତାଲିମନବିସ୍; ଅପରିପକ୍ୱ।

**'tis** *ସଂଶ. ପ୍ରା.ପ୍ର.* it is.

**tissue** ବି. ପ୍ରାଣୀ ଓ ବୃକ୍ଷଲତାଙ୍କ ଶରୀରର ଜୀବକୋଷ; ପୋଛିବା ପାଇଁ ବ୍ୟବହୃତ ପତଳା ନରମ ଶୋଷକ; ସୂକ୍ଷ୍ମଭାବରେ ବୁଣା ଲୁଗା; ପରସ୍ପର ସଂପୃକ୍ତ ବସ୍ତୁଗୁଡ଼ିକର ଶୃଙ୍ଖଳା।

**tissue-paper** ବି. ଗୁଡ଼େଇବା, ଘୋଡ଼େଇବା, ପୋଛିବା ପ୍ରଭୃତିରେ ବ୍ୟବହୃତ ପତଳା, ନରମ କାଗଜ ବିଶେଷ।

**tit**[1] ବି. ଛୋଟ ପକ୍ଷୀବିଶେଷ।

**tit**[2] ବି. tit for tat ଯେସାକୁ ତେସା; ପ୍ରତିଶୋଧ।

**tit**[3] ବି. *ସା.ପ୍ର.* ସ୍ତନ; ସ୍ତନାଗ୍ର; ସ୍ତନର ଭୁଣ୍ଡି।

**Titan, titan** ବି. ଅତ୍ୟନ୍ତ ବଳଶାଳୀ, ବୁଦ୍ଧିମାନ ବା ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି।

**titanic** ବି. ବିରାଟକାୟ; ପ୍ରକାଣ୍ଡ; କ୍ରି.ବିଂ. titanically.

**titanium** ବି. ଧୂସର ଧାତବ ପଦାର୍ଥ ବିଶେଷ, ଟାଇଟାନିଅମ୍।

**titbit** ବି. ଛୋଟ ବଡ଼ ବସ୍ତୁ ସମୂହ; ସମ୍ବାଦପତ୍ରର ଆକର୍ଷଣୀୟ ଖବର।

**titchy** ବିଂ. ଅତି କ୍ଷୁଦ୍ର; ଖୁବ୍ ଛୋଟ।

**titfer** ବି. *ସା.ପ୍ର.* ଟୋପି (tit for tatର ସମଧ୍ୱନି)।

**tithe** 1. ବି. ପୂର୍ବରୁ କର ଆକାରରେ ପ୍ରଦତ୍ତ (ଜମି ବା ଶ୍ରମରୁ) ଆୟର ଏକ ଦଶମାଂଶ; 2. କ୍ରି. ଏହି କର ଆଦାୟ କରିବା।

**tithe barn** ବି. ଏକ ଦଶମାଂଶ ଶସ୍ୟ ପ୍ରଭୃତି କର ଆକାରରେ ଆଦାୟ କରିବା ପାଇଁ ଅମାର।

**Titian** ବିଂ. ସ୍ୱର୍ଣ୍ଣାଭ ବା ସୁନେଲି ରଙ୍ଗର (କେଶ)।

**titillate** କ୍ରି. ଯୌନ ଉତ୍ତେଜନା ସୃଷ୍ଟି କରିବା; କୁତୁକୁତୁ କରିବା; ବି. titillation.

**titivate** କ୍ରି. *କ.ଭା.* ଅଳଂକୃତ କରିବା; ସଜେଇବା, ସୁସଂହତ କରିବା; ବି. titivation.

**title** ବି. ବହି, ପତ୍ରପତ୍ରିକା ପ୍ରଭୃତିର ନାମ; ଛବି, କବିତା, ଅଧ୍ୟାୟ, ପ୍ରବନ୍ଧ ପ୍ରଭୃତିର ଶିରୋନାମା ବା ଶୀର୍ଷକ; ନାମସୂଚକ ଲେଖା ବା ଲିପି; ପଦ, ପଦବୀ, ଉପାଧିର ନାମ; ସଂଜ୍ଞା, ସାଙ୍ଗିଆ; *ଆଇନ୍* ସମ୍ପତ୍ତିର ଅଧିକାର।

**titled** ବିଂ. ଉପାଧିପ୍ରାପ୍ତ; ଅଭିଜାତ ଶ୍ରେଣୀ ବା ପଦବୀର ନାମଯୁକ୍ତ।

**title-deed** ବି. ଅଧିକାରର ଆଇନଗତ ପ୍ରମାଣ।

**title-holder** ବି. ଖେଳକୁଦ ପ୍ରତିଯୋଗିତାରେ ବିଜୟୀର ଆଖ୍ୟାପ୍ରାପ୍ତ ବ୍ୟକ୍ତି।

**title-page** ବି. ବହିର ଆରମ୍ଭରେ ଲେଖକ ଆଦିଙ୍କ ନାମୋଲ୍ଲେଖଥିବା ପୃଷ୍ଠା।

**titmouse** ବି. ଛୋଟ, ଚଞ୍ଚଳ ପ୍ରକୃତିର ଚଢ଼େଇ ବିଶେଷ।

**titrate** କ୍ରି. ରାସାୟନିକ ପ୍ରତିକ୍ରିୟା ସାହାଯ୍ୟରେ କୌଣସି ଦ୍ରବଣରେ ଉପାଦାନ ବିଶେଷର ପରିମାଣ ନିଶ୍ଚିତ କରିବା; ବି. titration.

**titter** 1. କ୍ରି. ମୁହଁ ଚାପି ହସିବା; ଚାପା ହସ ହସିବା; 2. ବି. ଚାପାହସ।

**tittle** ବି. କ୍ଷୁଦ୍ର ଅଂଶ; ବିନ୍ଦୁମାତ୍ର; ଲେଖା ବା ମୁଦ୍ରଣରେ ବିନ୍ଦୁ ବା ଛୋଟ ଦାଗ; କ୍ଷୁଦ୍ରତମ ଅଂଶ।

**tittle-tattle** 1. ବି. ଲଘୁ ଆଳାପ ବା କଥାବାର୍ତ୍ତା; ଗୁଜି ଗପ; 2. କ୍ରି. ଲଘୁ ଆଳାପ କରିବା।

**tittup** 1. କ୍ରି. ହଲିଢୁଲି ଚାଲିବା; ଧକଡ଼ଢକଡ଼ ହୋଇ ବା ଇତସ୍ତତଃ ଭାବରେ ଗତି କରିବା; ଉପର-ତଳ ହେବା; 2. ବି. ଏପରି ଚାଲି ବା ଗତି।

**titular** ବିଂ. ପଦବୀ ବା ଉପାଧି ସମ୍ବନ୍ଧୀୟ; କେବଳ ନାମକୁ ବା ପଦବୀ ମାତ୍ରକୁ; ନାମମାତ୍ର।

**tizzy** ବି. *କ.ଭା.* ସ୍ନାୟବିକ ଉତ୍ତେଜନା; ଉତ୍ତେଜିତ ଅବସ୍ଥା।

**Tl** *ପ୍ର.* thalium ଥାଲିଅମ୍।

**Tm** *ପ୍ର.* thulium ଥୁଲିଅମ୍।

**TNT** *ସଂଶ.* trinitrotoluene ଟଲୁଇନ୍‌ରୁ ପ୍ରସ୍ତୁତ ଶକ୍ତିଶାଳୀ ବିସ୍ଫୋରକ ବସ୍ତୁ।

**to** *ଅ.* କୁ; ପ୍ରତି; ଦିଗକୁ; ଅଭିମୁଖରେ; ଆଡ଼କୁ; ଆଡ଼େ; ପର୍ଯ୍ୟନ୍ତ; ପାଇଁ; ଉଦ୍ଦେଶ୍ୟରେ; ଯଥାବସ୍ଥାରେ; to and fro ଏପାଖ ସେପାଖ; ଆଗକୁ ପଛକୁ; ଦୁଇଟି ନିର୍ଦ୍ଦିଷ୍ଟ ସ୍ଥାନ ବା ବିନ୍ଦୁ ମଧ୍ୟରେ ବାରମ୍ବାର।

Digitized by srujanika@gmail.com

**toad** ବି. ଜଳରେ ଉତ୍ପନ୍ନ ହୋଇ ମୁଖ୍ୟତଃ ସ୍ଥଳଭାଗରେ ରହୁଥିବା ବେଙ୍ଗ ଜାତୀୟ ଉଭୟଚର ପ୍ରାଣୀ; ବୁଢା ବେଙ୍ଗ।

**toadflax** ବି. ନୀଳାଭ–ଲାଲ୍ ବା ହଳଦିଆ ଫୁଲ ଫୁଟୁଥିବା ଉଦ୍ଭିଦ ବିଶେଷ।

**toadstool** ବି. ଫିମ୍ପି; ବିଷାକ୍ତ ଛତୁ ବିଶେଷ।

**toady** 1. ବି. ଖୋସାମତିଆ; ଚାଟୁକାର; 2. କ୍ରି. ଦାସ ବା ଅନୁଗତଭଳି ବ୍ୟବହାର କରିବା; ବି. toadyism.

**toast** 1. ବି. ସେକା ପାଉଁରୁଟି ଖଣ୍ଡ; ଯେଉଁ ବ୍ୟକ୍ତି ବିଷୟ ବା ବସ୍ତୁର ସମ୍ମାନରେ ସମବେତ ମଦ୍ୟପାନ କରାଯାଏ; 2. କ୍ରି. ନିଆଁରେ ପାଉଁରୁଟି ସେକିବା; ସେକି ହେବା; କାହାର ସମ୍ମାନାର୍ଥେ ମଦ୍ୟପାନ ବା ସମବେତ ବନ୍ଧୁମାନଙ୍କୁ ମଦ୍ୟପାନ ପାଇଁ ଅନୁରୋଧ କରିବା।

**toaster** ବି. ପାଉଁରୁଟି ଖଣ୍ଡ ସେକିବା ପାଇଁ ବୈଦ୍ୟୁତିକ ଉପକରଣ ବିଶେଷ।

**toasting fork** ବି. ଲମ୍ବ ହେଣ୍ଡଲ୍ ଯୁକ୍ତ ଫର୍କ ବା କଣ୍ଟା ଚାମୁଚ (ପାଉଁରୁଟି ସେକିବା ପାଇଁ)।

**toast master** ବି. (*ସ୍ତ୍ରୀ* toast mistress) ଭୋଜିବେଳେ ଭୋଜନ ବା ମଦ୍ୟପାନ ପାଇଁ ଆମନ୍ତ୍ରଣ କରୁଥିବା ବ୍ୟକ୍ତି।

**toast rack** ବି. ସେକା ରୁଟି ଖଣ୍ଡଗୁଡ଼ିକୁ ସଜାଇ ରଖିବା ପାଇଁ ଟେବୁଲ୍ ଉପରେ ଥିବା ଷ୍ଟେଣ୍ଡ।

**tobacco** ବି. ତମାଖୁ; ଧୂଆଁପତ୍ର; ଏହାର ଗଛ, ତାମ୍ରକୂଟ।

**tobacconist** ବି. ସିଗାରେଟ୍ ଓ ତମାଖୁ ଆଦିର ବିକ୍ରେତା।

**toboggan** 1. ବି. ପାର୍ବତ୍ୟ ଅଞ୍ଚଳର ଢାଲୁଜାଗାରେ ବରଫଉପରେ ଗଡି ଚାଲିବା ପାଇଁ ନିର୍ମିତ ହାଲୁକା, ଅଣଓସାରିଆ ଗାଡ଼ି; 2. କ୍ରି. ଟୋବୋଗାନ୍‌ରେ ଯିବା।

**toby jug** ବି. ତିନିକୋଣିଆ ଟୋପି ପିନ୍ଧିଥିବା ଶକ୍ତିଶାଳୀ ଲୋକର ଆକୃତି ବିଶିଷ୍ଟ ପାତ୍ର, ଜଗ୍ ବା ମଗ୍।

**toccata** ବି. ବାଦକର ବାଦନ ଶୈଳୀ ପ୍ରଦର୍ଶନ ନିମିତ୍ତ ସିନ୍ଥେସାଇଜର୍ ପ୍ରଭୃତି ବାଦ୍ୟଯନ୍ତ୍ରର ସଂଗୀତ ରଚନା।

**tocsin** 1. ବି. ବିପଦ ଘଣ୍ଟି; ସତର୍କ ଘଣ୍ଟି; ବିପଦଆପଦର ସୂଚନା ପ୍ରଦାନକାରୀ ଉପକରଣ ବା ତାର ସଙ୍କେତ।

**tod** ବି. *ସା.ପ୍ର.* on one's tod ଏକୁଟିଆ; ବିନା ସାହାଯ୍ୟ ସହଯୋଗରେ।

**today** 1. କ୍ରି.ବିଂ. ଆଜି, ଆଜିଦିନ; ଆଧୁନିକ ସମୟରେ; ଆଜିକାଲି; 2. ବି. ଅଦ୍ୟ, ଆଜି; ଆଧୁନିକ ବା ସାଂପ୍ରତିକ ସମୟ।

**toddle** 1. କ୍ରି. ଛୋଟ ପିଲାର ଥରଥର ଚାଲି ଭଳି ଚାଲିବା; ପଦଚାରଣା କରିବା; 2. ବି. ଏପରି ଚାଲି।

**toddler** ବି. ଚାଲିବାକୁ ଆରମ୍ଭ କରୁଥିବା ଶିଶୁ।

**toddy** ବି. ଗରମ ପାଣି, ଚିନି ପ୍ରଭୃତି ମିଶାଇ ପାନ କରାଯାଉଥିବା ମଦ୍ୟ; ତାଡ଼ି; ଖଜୁରୀ, ତାଳ, ସଲପ ପ୍ରଭୃତି ଗଛର ରସରୁ ପ୍ରସ୍ତୁତ ମଦ୍ୟ।

**to–do** ବି. ହୋ ହଲ୍ଲା; ଗଣ୍ଡଗୋଳ।

**toe** 1. ବି. ପାଦଆଙ୍ଗୁଠି; ପଶୁର ଖୁରାର ଅଗ୍ରଭାଗ; ଜୋତାର ଅଗ୍ରଭାଗ; କୌଣସି ଉପକରଣର ଅଗ୍ରଭାଗ ବା ନିମ୍ନଭାଗ; 2. କ୍ରି. ପାଦ ଆଙ୍ଗୁଳିରେ ସ୍ପର୍ଶ କରିବା; from top to toe ଆପାଦମସ୍ତକ; ସର୍ବତୋଭାବେ; on one's toes ସତର୍କ; ସଚେତନ; toe the line ସମ୍ମତ ହେବା (*ବିଶେ.* ଚାପର ବଶବର୍ତ୍ତୀ ହୋଇ)।

**toecap** ବି. ଜୋତାର ଅଗ୍ରଭାଗ।

**toe–hold** ବି. ପାଦ ଗୁଞ୍ଜିବାପାଇଁ ଅଳ୍ପ ଜାଗା ବା ଖୋପ; ସାମାନ୍ୟ ସୁବିଧା, ଛୋଟକାଟିଆ ଭାବରେ (ବ୍ୟବସାୟ ପ୍ରଭୃତିର) ଅୟମାରମ୍ଭ।

**toff** ବି. *ସା.ପ୍ର.* ଉଚ୍ଚଶ୍ରେଣୀର ବା ବିଶିଷ୍ଟ ବ୍ୟକ୍ତି।

**toffee** ବି. ଟଫି; ଚିନି, ଲହୁଣୀ ପ୍ରଭୃତି ଫୁଟାଇ ପ୍ରସ୍ତୁତ ମିଠାଇ; for toffee *ସା.ପ୍ର.* (ଅସାମର୍ଥ୍ୟସୂଚକ) ଜମା, ମୋଟେ ନୁହେଁ (they couldn't sing for toffee).

**toffee–apple** ବି. ତରଳ ଟଫି ବୋଳାହୋଇଥିବା ସେଓ (ଫଳ)।

**toffee–nosed** ବିଂ. *ସା.ପ୍ର.* ଔଦ୍ଧତ୍ୟପୂର୍ଣ୍ଣ; ବଡଲୋକିଆ।

**tog**[1] 1. ବି. ପୋଷାକବିଶେଷ; 2. କ୍ରି. ପୋଷାକ ପରିଧାନ କରିବା।

**tog**[2] ବି. ଲୁଗାପଟା, ଶେଯ ପ୍ରଭୃତିର ତାପ ପ୍ରତିରୋଧ ଶକ୍ତିର ଏକକ।

**toga** ବି. ଇତି. ପ୍ରାଚୀନ ରୋମୀୟ ଢିଲା ତଥା ଝୁଲୁଥିବା ବାହ୍ୟପୋଷାକ ବିଶେଷ; ଟୋଗା; ବିଂ. togaed, toga'd.

Digitized by srujanika@gmail.com

**together** 1. କ୍ରି.ବି. ଏକତ୍ର; ଏକତ୍ର ଭାବରେ; ଏକା ସାଙ୍ଗରେ; ଜଣେ ଜଣଙ୍କ ସାଥିରେ; ସଂଯୁକ୍ତ ଭାବରେ; ମିଳିତ ଭାବରେ; ନିରବଚ୍ଛିନ୍ନ ଭାବରେ; 2. ବିଂ. କ.ଭା. ସୁଶୃଙ୍ଖଳିତ; ସୁସଂଯୋଜିତ; ସୁସଂଗଠିତ; ଆତ୍ମବିଶ୍ୱାସପୂର୍ଣ୍ଣ; ସମାହିତ; **together with** ଆହୁରି; ତାହା ସହିତ।

**togetherness** ବି. ସାଥିହୋଇ ବା ଏକତ୍ର ରହିବାଭାବ; ଏକାଠି ରହିବାର ସନ୍ତୋଷ ବା ଆନନ୍ଦର ଅନୁଭବ।

**toggle switch** ବି. ଏକପ୍ରକାର ବିଦ୍ୟୁତ୍ ସୁଇଚ୍(ଯାହାର ଲିଭର୍ ତଳ ଉପର ହୋଇପାରେ)।

**toil** 1. କ୍ରି. ପରିଶ୍ରମ କରି କାର୍ଯ୍ୟ କରିବା; ଅତି ମନ୍ଥର ଗତିରେ କଷ୍ଟର ସହ ଆଗେଇବା; 2. ବି. କଠିନ ପରିଶ୍ରମ।

**toilet** ବି. ପାଇଖାନା; ଶୌଚାଳୟ; ପ୍ରସାଧନ; ଗାଧୁଆଘର; ପ୍ରସାଧନଗୃହ।

**toilet paper** ବି. ଝାଡ଼ାଯିବାପରେ ଯେଉଁ କାଗଜରେ ନିଜକୁ ସଫା କରାଯାଏ।

**toilet soap** ବି. ଗାଧୁଆ ସାବୁନ।

**toilet training** ବି. ଶୌଚାଳୟ ବ୍ୟବହାର କରିବାକୁ ପିଲାଙ୍କୁ ଦିଆଯାଉଥିବା ତାଲିମ।

**toiletry** ବି. ସ୍ନାନ ଓ ପ୍ରସାଧନପାଇଁ ଆବଶ୍ୟକ ପଦାର୍ଥସମୂହ।

**toilette** ବି. ପ୍ରସାଧନ, ପ୍ରସାଧନକ୍ରିୟା।

**toilet water** ବି. ସ୍ନାନ ପରେ ଶରୀରରେ ବ୍ୟବହୃତ ତରଳ ସୁଗନ୍ଧି।

**toils** ବି. ବ.ବ. ଜାଲ; ଫାଶ।

**toilsome** ବିଂ. ପରିଶ୍ରମସାପେକ୍ଷ।

**Tokay** ବି. ହଙ୍ଗେରୀର ସୁମିଷ୍ଟ ମଦ୍ୟ ବିଶେଷ।

**token** 1. ବି. ଟୋକନ୍; ଚିହ୍ନ; ପ୍ରତୀକ; ରସିଦ; ଲକ୍ଷଣ; ସ୍ମାରକବସ୍ତୁ; ସ୍ମୃତି; ନିଦର୍ଶନ; 2. ବିଂ. ନାମକୁ ମାତ୍ର; ପ୍ରତୀକାତ୍ମକ; ନିର୍ବାଚିତ; **by this (the same) token** ସେହିଭଳି; ଅଧିକନ୍ତୁ।

**tokenism** ବି. କମ୍ ଭିଆଡି ପ୍ରଦାନ; ଲୋକ ଦେଖାଣିଆ ଉଦ୍ୟମ; ସର୍ବନିମ୍ନ ସୁବିଧା ପ୍ରଦାନ (ବିଶେ. ସଂଖ୍ୟାଲଘୁ ଗୋଷ୍ଠୀଗୁଡ଼ିକୁ)।

**told** କ୍ରି. **tell** ର ଅ.କା. ଏବଂ ଅ.କ୍ରି.ଜ.ପ.।

**tolerable** ବିଂ. ସହ୍ୟ; ସହନୀୟ, ଚଳନୀୟ; ବେଶ୍ ଭଲ; କ୍ରି.ବି. **tolerably**.

**tolerance** ବି. ସହ୍ୟକରିବାର କ୍ଷମତା; ସହ୍ୟଶକ୍ତି; ସହନଶୀଳତା, ସହିଷ୍ଣୁତା; ଧୈର୍ଯ୍ୟ।

**tolerant** ବିଂ. ସହିଷ୍ଣୁ; ସହନଶୀଳ।

**tolerate** କ୍ରି. ସହିଯିବା, ସହ୍ୟକରିବା, ଅନୁମତି ଦେବା, ପ୍ରଶ୍ରୟଦେବା, ବାଧା ନ ଦେବା, ପ୍ରତିକୂଳ ପ୍ରଭାବ ବା ପ୍ରତିକ୍ରିୟା ବିନା ଔଷଧପ୍ରଭୃତି ବ୍ୟବହାର କରିପାରିବା।

**toleration** ବି. ସହିବା; ସହନଶୀଳତା; ଅନ୍ୟଧର୍ମ ବା ମତ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କୁ ବା ସେମାନଙ୍କର କାର୍ଯ୍ୟକଳାପକୁ ବାଧା ନ ଦେବା।

**toll**[1] ବି. ଟୋଲ୍; ସୀମାଶୁଳ୍କ, ମାସୁଲ୍; ନବନିର୍ମିତ ପୋଲ ବା ରାସ୍ତାର ନିର୍ମାଣବାବଦରେ ଟୋଲ୍ ଆଦାୟ; ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତି ପରିମାଣ; **take its toll** କ୍ଷତି ବା ହାନି ସହ।

**toll**[2] 1. ବି. ମୃତ୍ୟୁସୂଚକ ଘଣ୍ଟାନାଦ; ଧୀର, ସମୟାନୁବଦ୍ଧ ଘଣ୍ଟାଧ୍ୱନି; ସମୟସୂଚକ ଘଣ୍ଟାଶବ୍ଦ; 2. କ୍ରି. ଘଣ୍ଟାବାଜିବା; ମୃତ୍ୟୁସୂଚକ ଘଣ୍ଟା ବାଜିବା।

**toll-bridge** ବି. ଯେଉଁ ପୋଲଉପରେ ଟୋଲ ବା ମାସୁଲ ଆଦାୟ କରାଯାଏ।

**toll-gate** ବି. ଯାନବାହାନ ଅଟକାଇ ଟୋଲ ବା ମାସୁଲ ଆଦାୟ କରାଯାଉଥିବା ଅର୍ଗଳି; ଟୋଲ୍‌ଗେଟ୍।

**tolu** ବି. ଦକ୍ଷିଣ ଆମେରିକାର ଏକ ସୁବାସିତ ବୃକ୍ଷବିଶେଷ; ସେଥିରୁ ପ୍ରସ୍ତୁତ ବାଦାମୀରଙ୍ଗର ଝୁଣା।

**toluene** ବି. ବିସ୍ଫୋରକ ପ୍ରସ୍ତୁତିରେ ବ୍ୟବହୃତ ବେଞ୍ଜିନ୍‌ରୁ ପ୍ରାପ୍ତ ସୁବାସିତ ବର୍ଣ୍ଣହୀନ ତରଳପଦାର୍ଥ।

**toluol** ବି. ଟଲୁଇନ୍‌ର ବ୍ୟବସାୟିକ ରୂପ।

**tom, tom-cat** ବି. ଅଣିରା ବିରାଡ଼ି।

**tomahawk** ବି. ଉତ୍ତର ଆମେରିକାର ଲୋହିତ ଭାରତୀୟମାନଙ୍କ ଯୁଦ୍ଧପରଶୁ; ଫାର୍ଶା।

**tomato** ବି. ବ.ବ. **tomatoes** ବିଲାତି ବାଇଗଣ; ପାଟକଘଣ୍ଟା; ଭେଳିକି, ଟମାଟୋ।

**tomb** ବି. କବର; ସମାଧି; ଗମ୍ବୁଜାକାର ସ୍ମୃତିସୌଧ; ସମାଧିପୀଠ।

**tombola** ବି. କୁମ୍ଭିତରୁ ଉଠାଯାଉଥିବା ଏକପ୍ରକାର ଲଟେରୀ ଯହିଁରେ ତତ୍‌କ୍ଷଣାତ୍ ପୁରସ୍କାର ଦିଆଯାଏ।

Digitized by srujanika@gmail.com

**tomboy** ବି. ପାରଂପରିକ ପୁରୁଷସୁଲଭ କାର୍ଯ୍ୟାବଳୀ କରି ଆନନ୍ଦ ପାଉଥିବା ଝିଅ; ଅଣ୍ଡିରୀ; ବିଂ. tomboyish.

**tombstone** ବି. ସମାଧିଉପରେ ଛିଡ଼ାହୋଇଥିବା ପଥରଖଣ୍ଡ; ସମାଧିଲିପି ସହ ସ୍ମୃତିସ୍ତମ୍ଭ।

**Tom, Dick and Harry** ବି. ଯେକୌଣସି ବ୍ୟକ୍ତି; ରାମା—ଦାମା—ଶାମା।

**tome** ବି. ବଡ଼ ବହି; ବିଶାଳ ପୁସ୍ତକ।

**tomfool** 1. ବିଂ. ନିର୍ବୋଧ; ଅତି ବୋକା; 2. ବି. ବୋକା ଲୋକ; ଭକୁଆ।

**tomfoolery** ବି. ବୋକାମି, ନିର୍ବୋଧ ବ୍ୟବହାର।

**Tommy** ବି. *କ.ଭା.* ବିଲାତର ପଦାତିକ ସୈନିକ।

**tommy–gun** ବି. ଛୋଟ ମେସିନ୍‌ଗନ୍ (ସହ—ଉଦ୍ଭାବକ ଟମ୍ପ୍‌ସନ୍‌ଙ୍କ ନାମାନୁସାରେ)।

**tommy–rot** ବି. *ସା.ପ୍ର.* ବାଜେକଥା।

**tomography** ବି. ରଂଜନ ରଶ୍ମି ଅନୁଲିଖନର ପଦ୍ଧତିବିଶେଷ।

**tomorrow** 1. କ୍ରି.ବିଂ. ଆସନ୍ତା କାଲିକୁ; ଭବିଷ୍ୟତରେ; 2. ବି. ଆସନ୍ତାକାଲି; ନିକଟ ଭବିଷ୍ୟତ।

**tomtit** ବି. ଛୋଟ ପକ୍ଷୀବିଶେଷ, ବିଶେ. ନୀଳବର୍ଣ୍ଣର ଟିଟ୍।

**tom–tom** ବି. ନାଗରା ଭଳି ବାଦ୍ୟଯନ୍ତ୍ର ବିଶେଷ; ଟମ୍‌ଟମ୍।

**ton** ବି. ଓଜନର ଏକକ; long ton ୩୦ ମହଣ, ୨୨୪୦ ପାଉଣ୍ଡ ବା ୧୦୧୬.୦୪ କେଜି; short ton ପ୍ରାୟ ୨୮ ମହଣ, ୨୦୦୦ ପାଉଣ୍ଡ ବା ୯୦୭.୧୯ କେଜି; ମେଟ୍ରିକ୍ ଟନ୍ ୧୦୦୦ କେଜି, ୨୨୦୪ ପାଉଣ୍ଡ; displacement ton ଜାହାଜର ଓଜନ ନିର୍ଦ୍ଧାରଣର ଏକକ; ବ.ବରେ *କ.ଭା.* ବହୁତ ବେଶି; ଅଜସ୍ର; ଅସଂଖ୍ୟ; *ସା.ପ୍ର.* ପ୍ରତିଘଣ୍ଟାରେ ଗତି ୧୦୦ ମାଇଲ; ୧୦୦ ପାଉଣ୍ଡ; weigh a ton ଖୁବ ଓଜନିଆ।

**tonal** ବିଂ. କଣ୍ଠ ସ୍ୱର ସମ୍ପର୍କିତ; କ୍ରି.ବିଂ. tonally.

**tonality** ବି. *ସଙ୍ଗୀତ* ବିଭିନ୍ନ ସ୍ୱରଗ୍ରାମ ମଧ୍ୟରେ ପରସ୍ପର ସମ୍ପର୍କ; ଛବିର ରଂଗ ଯୋଜନା।

**tone** 1. ବି. ସାଙ୍ଗୀତିକ ବା କଣ୍ଠ ସ୍ୱର; ନିର୍ଦ୍ଦିଷ୍ଟ ଭାବ ପ୍ରକାଶ ନିମନ୍ତେ କଣ୍ଠ ସ୍ୱରର ଉପଯୋଗ; କଥା ବା ଲେଖାରେ ପ୍ରକାଶଭଙ୍ଗୀ; ଛବିରେ ରଙ୍ଗ ନ୍ୟାସ ବା ଆଲୋକ—ଛାୟାର ପ୍ରଭାବ; କୌଣସି ରଙ୍ଗର ଆଭାସ; ଶରୀରର ସୌଷ୍ଠବ; 2. କ୍ରି. ସୁମଧୁର ବା ନିର୍ଦ୍ଦିଷ୍ଟ ଗୁଣବିଶିଷ୍ଟ କରିବା; ସ୍ୱରଯୁକ୍ତ କରିବା; ସୁମଧୁର ବା ଶ୍ରୁତିମଧୁର କରିବା; ସ୍ୱର ମିଳାଇବା; ସାମଞ୍ଜସ୍ୟ ବିଧାନ କରିବା; ରଙ୍ଗ ବିନ୍ୟାସ କରିବା; tone down ସ୍ୱର ବା ବର୍ଣ୍ଣକୁ କମାଇବା ବା ଗୁରୁତ୍ୱ କମାଇଦେବା; tone up କୌଣସି ସ୍ୱର ବା ରଙ୍ଗର ଗୁରୁତ୍ୱ ବଢ଼ାଇବା; ସୌଷ୍ଠବପୂର୍ଣ୍ଣ କରିବା; ବିଂ. toneless; କ୍ରି.ବିଂ. tonelessly; ବି. toner.

**tone poem** ବି. ବର୍ଣ୍ଣନାତ୍ମକ ବା ଭାବପୂର୍ଣ୍ଣ ବିଷୟବସ୍ତୁକୁ ନେଇ ସଂଗୀତ ସଂଯୋଜନା।

**tongs** ବି. ଚିମୁଟା; ସଣ୍ଡୁଆସି।

**tongue** 1. ବି. ଜିଭ, ଜିହ୍ୱା; ରସନା; ବାକ୍ୟ; ଭାଷା; କହିବା ଢଙ୍ଗ; ଜୋତାର ଫିତା ତଳେ ଥିବା ଚମଡ଼ା ଅଂଶ; ଘଣ୍ଟିର ବାଜିବାପାଇଁ ଝୁଲୁଥିବା ଅଂଶ; ବେଲ୍ଟଇତ୍ୟାଦିରେ ଥିବା ବକଲ୍‌ର କଣ୍ଟା ବା ପିନ୍; 2. କ୍ରି. ଜିହ୍ୱାଚାଳନା କରିବା; find (lose) one's tongue କଥା କହି ପାରିବା (ନ ପାରିବା); hold one's tongue ରସନା ସଂଯତ କରିବା; with one's tongue in one's cheek କପଟତାର ସହ, ବ୍ୟଙ୍ଗପୂର୍ଣ୍ଣ ଭାବରେ।

**tongue–in–cheek** 1. ବିଂ. ବ୍ୟଙ୍ଗାତ୍ମକ; ଶ୍ଳେଷାତ୍ମକ; 2. କ୍ରି.ବିଂ. ବ୍ୟଙ୍ଗର ସହ।

**tongue–tie** ବି. କୌଣସି ତ୍ରୁଟି ଯୋଗୁଁ ଭଲ ଭାବେ କଥା କହି ନ ପାରିବା।

**tongue–tied** ବିଂ. ଅତ୍ୟନ୍ତ ଲଜ୍ଜା ବା ଅପ୍ରସ୍ତୁତ ବୋଧ କରିବା ଯୋଗୁଁ କଥା କହି ନ ପାରିବା।

**tongue–twister** ବି. ଶୀଘ୍ର ଶୀଘ୍ର କହିଲେ ଠିକ୍ ଭାବରେ ଉଚ୍ଚାରଣ କହି ହେଉନଥିବା ଶବ୍ଦ।

**tonguing** ବି. ସଙ୍ଗୀତରେ ବ୍ୟବହୃତ ବଂଶୀ, କାହାଳୀ ଆଦି ଫୁଙ୍କିକରି ବଜାଇବା ଯନ୍ତ୍ରରେ ବିଭିନ୍ନ ସ୍ୱର ସୃଷ୍ଟିକରିବାକୁ ଜିଭର ବ୍ୟବହାର।

**tonic** 1. ବି. ବଳକାରକ ଔଷଧ; ଶକ୍ତି ବର୍ଦ୍ଧକ ବା ପୁଷ୍ଟିକାରକ ବସ୍ତୁ ବା ଔଷଧ; ଟନିକ୍; 2. ବିଂ. ଶକ୍ତି ବର୍ଦ୍ଧକ।

**tonic sol–fa** ବି. *ସଙ୍ଗୀତ* ଗୀତ ଶିଖିବାବେଳେ ବ୍ୟବହାର କରାଯାଉଥିବା ସାଙ୍ଗୀତିକ ସ୍ୱରଲିପିର ପଦ୍ଧତି।

**tonight** 1. କ୍ରି.ବିଂ. ଆଜିରାତିରେ; ଆଜି ସନ୍ଧ୍ୟାରେ; ଏଇ ସନ୍ଧ୍ୟାରେ; 2. ବି. ଆଜିର ରାତି ବା ସନ୍ଧ୍ୟା।

Digitized by srujanika@gmail.com

**tonnage** ବି. ଜାହାଜର ମାଲ ପରିବହନ ଶକ୍ତି; ମାଲ ପରିବହନରେ ଟନ୍‌ପିଛା ମାସୁଲ।

**tonne** ବି. Metric ton ମେଟ୍ରିକ୍ ଟନ୍; ଏକ ହଜାର କିଲୋଗ୍ରାମ୍ ଓଜନ।

**tonsil** ବି. ଉପଜିହ୍ୱା ବା ଘଣ୍ଟିକା; ବିଂ. tonsillar.

**tonsillectomy** ବି. ଘଣ୍ଟିକା ବା ଉପଜିହ୍ୱାର ଅସ୍ତ୍ରୋପଚାର।

**tonsillitis** ବି. ଉପଜିହ୍ୱା ବା ଘଣ୍ଟିକାରେ ରୋଗର ସଂକ୍ରମଣ ବା ପ୍ରଦାହ।

**tonsorial** ବିଂ. ବାରିକ ବା କେଶ ପ୍ରସାଧକର କାର୍ଯ୍ୟ ସଂବଧୀୟ।

**tonsure** ବି. ଲଣ୍ଡାହେବା; ମୁଣ୍ଡନ।

**ton–up** ବିଂ. *ସା.ପ୍ର.* ସାଧାରଣତଃ ୧୦୦ ମାଇଲ୍ ପ୍ରତି ଘଣ୍ଟାବେଗରେ ମଟର ସାଇକଲ ଚାଳନା କରୁଥିବା।

**ton–up boys** ବି. ଖୁବ୍ ଜୋର୍‌ରେ ମୋଟର ସାଇକେଲ୍ ଚଳାଉଥିବା ଯୁବକମାନେ।

**too** କ୍ରି.ବିଂ. ଆହୁରି, ଅତ୍ୟଧିକ (too large); ଯଥେଷ୍ଟରୁ ଅଧିକ (he is too kind); ମଧ୍ୟ (I may come too); ଅଧିକନ୍ତୁ (food was bad, and expensive too); too much ଅସହ୍ୟ; too much for ସରିନୁହେଁ, ସହିବା ଶକ୍ତିରୁ ଅଧିକ।

**took** କ୍ରି. takeର *ଅ.କା.।*

**tool** ବି. ଯନ୍ତ୍ରପାତି; ସାଧନ; ହାତ ହତିଆର; ଉପକରଣ (କାହାର) ହାତବାରିସୀ; *ସା.ପ୍ର.* ପୁଂ–ଜନନେନ୍ଦ୍ରିୟ; 2. କ୍ରି. ନିହାଣଦ୍ୱାରା ପଥର କାଟିବା; ଚମଡ଼ା ଉପରେ ଛାପ ଦେବା, (ଯାନବାହନ ପ୍ରଭୃତିରେ) ଫୁର୍ତ୍ତି କରିବା ପାଇଁ ବୁଲିବା।

**toot** 1. ବି. ତୂରୀ ବା କାହାଳୀ ବଜାଇଲାଭଳି ତୀବ୍ର ଶବ୍ଦ; ତୁ' ତୁ' ଧ୍ୱନି; 2. କ୍ରି. ତୁ' ତୁ' ଧ୍ୱନି (ତୂରୀ ପ୍ରଭୃତିରୁ) କରିବା।

**tooth** ବି. ବ.ବ. teeth ଦାନ୍ତ; ଦାନ୍ତଭଳି ଜିନିଷ; (ପାନିଆ, କରତ ପ୍ରଭୃତିର) ଦାନ୍ତି; (for ସହ) ଖାଇବାର ଇଚ୍ଛା ବା ରୁଚି; ବ.ବ. ଶକ୍ତି; armed to the teeth ସଂପୂର୍ଣ୍ଣଭାବେ ଅସ୍ତ୍ର ସଜ୍ଜିତ; fight tooth and nail ଭୟଙ୍କର ଯୁଦ୍ଧ କରିବା; in the teeth of (ପ୍ରତିରୋଧ, ପ୍ରତିବନ୍ଧକ) ସତ୍ତ୍ୱେ, ସମ୍ମୁଖୀନ ହୋଇ; ବିଂ. toothed; toothless.

**toothache** ବି. ଦନ୍ତରେ ଯନ୍ତ୍ରଣା; ଦାନ୍ତବ୍ୟଥା।

**toothbrush** ବି. ଦାନ୍ତଘଷା ବ୍ରସ୍।

**toothpaste** ବି. ଦାନ୍ତ ସଫାକରିବାର ପେଷ୍ଟ; ଟୁଥପେଷ୍ଟ।

**toothpick** ବି. ଦାନ୍ତସନ୍ଧିରେ ଥିବା ଖାଦ୍ୟ କଣିକା ସଫା କରିବାର କଣ୍ଟା; ଦାନ୍ତଖୁଣ୍ଟା।

**tooth powder** ବି. ଦାନ୍ତଘଷା ଚୂର୍ଣ୍ଣ; ଦନ୍ତମଂଜନ।

**toothsome** ବିଂ. ସ୍ୱାଦିଷ୍ଟ; ରୁଚିକର।

**toothy** ବିଂ. ଦାନ୍ତୁରା, ବଡ଼ ବଡ଼ ଦାନ୍ତଥିବା (ଲୋକ); ବହୁଦନ୍ତବିଶିଷ୍ଟ।

**tootle** କ୍ରି. ଧୀରେ ବା ମୃଦୁ ସ୍ୱରରେ ଭେରୀ, ତୂରୀ ପ୍ରଭୃତି ସୁଷୀରବାଦ୍ୟ ବଜାଇବା; ଧୀରେ ଧୀରେ ଚଲାବୁଲା କରିବା।

**tootsy** ବି. *ସା.ପ୍ର. ପଶି.* ପାଦ।

**top**[1] 1. ବି. ଉପରିଭାଗ; ଚୂଡ଼ା; ଅଗ୍ରଭାଗ; ଶୀର୍ଷ; ଶୃଙ୍ଗ; *ଲାକ୍ଷ.* ଉଚ୍ଚତମ ପଦବୀ ବା ପଦବୀଧାରୀ; ଉପରିଭାଗ; ଶରୀରର ଉପରିଭାଗର ଉତ୍କୃଷ୍ଟ ବସ୍ତୁ; ଉଚ୍ଚ; ଉଚ୍ଚତମ; 2. ବିଂ. ଉତ୍କୃଷ୍ଟ; ଉପରିସ୍ଥ; 3. କ୍ରି. ଉପରେ ଆଚ୍ଛାଦନ କରିବା; ଶ୍ରେଷ୍ଠ ହେବା; ଶୀର୍ଷ ସ୍ଥାନ ଅଧିକାର କରିବା; ଉଚ୍ଚ ହୋଇଉଠିବା; ଟପିଯିବା; *ସା.ପ୍ର.* ହତ୍ୟା କରିବା; on top ଉପରେ; ଉଚ୍ଚତମ ଆସନରେ ଅଧିଷ୍ଠିତ; on top of ନିୟନ୍ତ୍ରଣରେ; ଅତ୍ୟନ୍ତ ପାଖାପାଖି; on top of the world *କ.ଭା.* ଉତ୍‌ଫୁଲ୍ଲ; top off ଶେଷ କରିବା; ଶେଷ ସ୍ପର୍ଶ ଦେବା; top up ପୂର୍ଣ୍ଣ କରିବା; (ପାନପାତ୍ର, ମଦ୍ୟପାତ୍ର) ଭର୍ତ୍ତି କରିବା; ବିଂ. topmost.

**top**[2] ବି. ନଟୁ।

**topaz** ବି. ମୂଲ୍ୟବାନ ପଥରବିଶେଷ; ପୁଷ୍ପରାଗ ମଣି, ପୀତ ମଣି, ପୁଖରାଜ।

**topcoat** ବି. ଓଭରକୋଟ୍; ଓଭରକୋଟ୍।

**top dog** ବି. *କ.ଭା.* ପ୍ରଭୁ, ସ୍ୱାମୀ।

**top drawer** ବି. *କ.ଭା.* ସମାଜର ଉଚ୍ଚସ୍ଥାନ ବା ବଂଶ।

**top–dress** କ୍ରି. ମାଟି ଉପରେ ଖତ ବା ସାର ଦେବା; ବି. top dressing.

**tope**[1] ବି. କ୍ଷୁଦ୍ରାକୃତି ଶାର୍କବିଶେଷ।

**tope**[2] କ୍ରି. *ପ୍ରା.ପ୍ର.* ଅଭ୍ୟାସଗତଭାବେ ଅତ୍ୟଧିକ ମଦ୍ୟପାନ କରିବା।

Digitized by srujanika@gmail.com

**topee** ବି. ହିନ୍. topi ଟୋପି ।
**top–flight** ବି. ସଫଳତାର ଶ୍ରେଷ୍ଠସ୍ଥାନରେ ।
**topgallant** ବି. ଜାହାଜର ଅଗ୍ରଭାଗ ବା ଉପରିଭାଗର ମାସ୍ତୁଲ, ପାଲ ପ୍ରଭୃତି ।
**top gear** ବିଂ. ଯାନବାହନର ସର୍ବୋଚ୍ଚ ଗିଅର; ଟପ୍ ଗିଅର ।
**top hat** ବି. ରେଶମ ତିଆରି ଉଚ୍ଚ ଟୋପି ।
**topi** ବି. ଟୋପି; ସୋଲ ଟୋପି ।
**topiary** ବିଂ. ଗଛ, ବୁଦା ପ୍ରଭୃତି କଳାତ୍ମକ ଭାବେ ସଜାଇବା ।
**topic** ବି. ତର୍କ, ଆଲୋଚନା, ଲେଖା ବା ଆଳାପର ବିଷୟବସ୍ତୁ ।
**topical** ବିଂ. ସାଂପ୍ରତିକ ଘଟଣାବଳୀ ବା ସମ୍ବାଦ ସମ୍ବନ୍ଧୀୟ; ବି. topicality; କ୍ରି.ବିଂ. topically.
**topknot** ବି. ଗିଟନବାନ୍ଧି କେଶ ସଜ୍ଜା କରିବା ବା ମୁଣ୍ଡ ଉପରେ ଗଣ୍ଠି କରିବା; ବେଣୀକରି ଗଣ୍ଠି ପକେଇବା ।
**topless** ବିଂ. ଉପରିଭାଗ ବିହୀନ; ଉପରର ପରିଧାନ ନ ଥାଇ ସ୍ତ୍ରୀଲୋକଙ୍କ ପୋଷାକ; ଅଣ୍ଟା ଉପରକୁ ଅନାବୃତ ବା ମୁକ୍ତ ବକ୍ଷ (ବିଶେ. ସ୍ତ୍ରୀଲୋକ); ମୁକ୍ତବକ୍ଷ ସ୍ତ୍ରୀଲୋକମାନେ କାର୍ଯ୍ୟ କରୁଥିବା (ସ୍ଥାନ ବା କାର୍ଯ୍ୟାଳୟ) ।
**toplevel** ବିଂ. ସମ୍ମାନ, ପଦବୀ, କ୍ଷମତା ପ୍ରଭୃତିରେ ଉଚ୍ଚସ୍ତରୀୟ ।
**topmast** ବି. ଜାହାଜ ଉପରିସ୍ଥ ମାସ୍ତୁଲ ।
**topmost** ବିଂ. ଉଚ୍ଚସ୍ଥ; ଅତି ଉପରେ, ଅତି ଭଲ ବା ଶ୍ରେଷ୍ଠତମ; ଉପରିସ୍ଥ; ଶୀର୍ଷତମ ।
**top–notch** ବିଂ. *କ.ଭା.* ପ୍ରଥମ ଶ୍ରେଣୀୟ; ଉତ୍କୃଷ୍ଟ; ସର୍ବୋତ୍ତମ ।
**topography** ବି. ଭୂ–ଭାଗ, କୌଣସି ସ୍ଥାନ ବା ଅଞ୍ଚଳର ଭୌଗୋଳିକ ବିବରଣ ବା ମାନଚିତ୍ର; ବି. topographer; ବିଂ. topographical.
**topology** ବି. ଆକାର ବା ଆୟତନ ପରିବର୍ତ୍ତନରେ ଜ୍ୟାମିତିକ ଅପରିବର୍ତ୍ତନୀୟତାର ଅନୁଶୀଳନ; ବିଂ. toplogical.
**topper**[1] ବି. *କ.ଭା.* (=top hat) ଉଚ୍ଚ ଟୋପି ।
**topper**[2] ବି. ପ୍ରତିଯୋଗିତା, ପରୀକ୍ଷା ପ୍ରଭୃତିରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବ୍ୟକ୍ତି ।
**topping** 1. ବିଂ. *କ.ଭା.* ଅତି ଉତ୍କୃଷ୍ଟ; 2. ବି. କୌଣସି ଜିନିଷ ଉପରେ ଦିଆ ହେଉଥିବା ବସ୍ତୁ, ଯଥା କେକ୍ ଉପରେ କ୍ରିମ୍ ।
**topple** କ୍ରି. (over, down ସହ) ଗଡ଼େଇ ଦେବା; ତଳେ ପକାଇଦେବା; ପରାଜିତ କରିବା; ବିତାଡ଼ିତ ହେବା ।
**topsail** ବି. ଜାହାଜର ନିମ୍ନତମ ପାଲର ଠିକ୍ ଉପରିସ୍ଥ ବର୍ଗାକାର ପାଲ; ଅଗ୍ରଭାଗ ଏବଂ ପଶ୍ଚାଦ୍‌ଭାଗର ପାଲ ।
**top secret** ବିଂ. ଅତ୍ୟନ୍ତ ଗୋପନୀୟ ।
**topside** ବି. ଗୋମାଂସର ବାହାରପାଖ; ପାଣି ଧାର ଉପରକୁ ଥିବା ଜାହାଜର କଡ଼ ।
**topsoil** ବି. ଭୂମିର ଉପର ସ୍ତର ।
**topsy–turvy** ବିଂ., କ୍ରି.ବିଂ. ଓଲଟପାଲଟ; ଅତ୍ୟନ୍ତ ବିପର୍ଯ୍ୟସ୍ତ ।
**toque** ବି. ସ୍ତ୍ରୀଲୋକମାନଙ୍କର କ୍ଷୁଦ୍ରାକୃତି ଟୋପି ।
**tor** ବି. ପଥୁରିଆ ସ୍ଥାନ ବା ପାହାଡ଼ର ତୀକ୍ଷ୍ଣ ।
**torch** ବି. ଚିପାବତୀ; ନିଆଁହୁଳା; ମଶାଲ; ଦିହୁଡ଼ି; carry a torch for ପ୍ରତିଦାନବିହୀନ ପ୍ରେମର ଯନ୍ତ୍ରଣା ଭୋଗିବା ।
**torchlight** ବି. ଚିପାବତୀ; ଟର୍ଚ୍ଚଲାଇଟ୍; ମଶାଲ, ଟର୍ଚ୍ଚ ପ୍ରଭୃତିର ଆଲୋକ ।
**torch song** ବି. ପ୍ରତିଦାନହୀନ ପ୍ରେମର ଜନପ୍ରିୟ ସଙ୍ଗୀତ ।
**tore** କ୍ରି. tearର *ଅ.କା.* ।
**toreador** ବି. ଘୋଡ଼ା ଉପରେ ବସି ଷଣ୍ଢସଙ୍ଗେ ଲଢ଼ାଇ କରୁଥିବା ଯୋଦ୍ଧା; ବୃଷଯୋଦ୍ଧା ।
**torment** 1. ବି. ମନ ବା ଶରୀରର ତୀବ୍ର ଯଂତ୍ରଣା ବା ତାହାର କାରଣ; 2. କ୍ରି. ଯନ୍ତ୍ରଣା ଦେବା; ଅତ୍ୟଧିକ ହଇରାଣହରକତ କରିବା ବା କଷ୍ଟଦେବା; ବି. tormentor.
**tormentil** ବି. ଉଜ୍ଜ୍ୱଳ ହଳଦିଆ ଫୁଲ ଫୁଟୁଥିବା ଅନୁଚ୍ଚ ବୁଦାବିଶେଷ ।
**torn** କ୍ରି. tearର *ଅ.କ୍ରି.ଜ.ପ.* ।
**tornado** ବି. ପ୍ରଚଣ୍ଡ ଘୂର୍ଣ୍ଣିବାତ୍ୟା ।
**torpedo** 1. ବି. ଚୁରୁଟ ଆକୃତିର ଜାହାଜ–ଧ୍ୱଂସକାରୀ ଜଳନିମ୍ନ ବିସ୍ଫୋରକ କ୍ଷେପଣାସ୍ତ୍ର; ସେହି ଧରଣର ବ୍ୟୋମଯାନ ନିକ୍ଷିପ୍ତ କ୍ଷେପଣାସ୍ତ୍ର; 2. କ୍ରି. ଧ୍ୱଂସ କରିବା; (ନୀତି, ଅନୁଷ୍ଠାନ, ଯୋଜନା ପ୍ରଭୃତି) ଧ୍ୱଂସ କରିଦେବା ବା କ୍ଷତିଗ୍ରସ୍ତ କରିବା ।
**torpedo–boat** ବି. ଟର୍ପେଡୋ ବା କ୍ଷେପଣାସ୍ତ୍ର ସଜ୍ଜିତ କ୍ଷୁଦ୍ର, କ୍ଷିପ୍ରଗାମୀ ଯୁଦ୍ଧଜାହାଜ ।
**torpid** ବିଂ. ତତ୍ପରତାହୀନ; ନିଷ୍କ୍ରିୟ; ବି. torpidity.

Digitized by srujanika@gmail.com

**torpor** ବି. ନିଷ୍କ୍ରିୟ, ଅଚଳ ବା ଅବଶ ଅବସ୍ଥା; ଜଡ଼ତା; ଚଳତ୍‌ଶକ୍ତିହୀନତା ।

**torque** ବି. ଯନ୍ତ୍ରର ମୋଡ଼ିବା ବା ଘୂରାଇବାର ଶକ୍ତି; *ଇତି.* ବିଲାତରେ ପରିହିତ ଧାତବ ହାର ବିଶେଷ ।

**torr** ବି. (୧୩୩.୩୨ ପାସ୍‌କେଲ ପରିମିତ) ଚାପର ଏକକ (ବାତାବରଣ ବା ବାୟୁର ଚାପର ୧/୭୬୦ ଅଂଶ) ।

**torrent** ବି. ତରଳ ପଦାର୍ଥର ପ୍ରବହମାନ ସ୍ରୋତ; ପ୍ରବଳ ବର୍ଷା; (ପ୍ରଚଣ୍ଡ ବା ଧାରାପ୍ରବାହ) ଗାଳି, ପ୍ରଶଂସା ପ୍ରଭୃତି ।

**torrid** ବିଂ. ଅତ୍ୟନ୍ତ ଗରମ ବା ଶୁଖିଲା (ପାଗ); ଶୁଷ୍କ (ଭୂମି); ଉତ୍ତେଜିତ; ପ୍ରଗାଢ଼ ।

**torrid zone** ବି. ଉଷ୍ଣକଟିବନ୍ଧ; କର୍କଟ ଓ ମକରକ୍ରାନ୍ତି ମଧ୍ୟସ୍ଥ ଅଞ୍ଚଳ ।

**torsion** ବି. ଆକୁଞ୍ଚନ (*ବିଶେ.* ଗୋଟାଏ ଅଂଶ ସ୍ଥିର ଥାଇ ଅନ୍ୟ ଅଂଶ) ମୋଡ଼ିବା; ବିଂ. torsional.

**torso** ବି. ଶରୀରର ଗଣ୍ଡି; ମୁଣ୍ଡ ନ ଥିବା ମୂର୍ତ୍ତି ।

**tort** ବି. *ଆଇନ୍* କର୍ତ୍ତବ୍ୟରେ ଅବହେଳା ବା ଖିଲାପ (ଚୁକ୍ତି ଭଙ୍ଗ ନ ହୋଇ ମଧ ଯେଉଁଥିପାଇଁ କ୍ଷତିପୂରଣ ଦାବି କରାଯାଇପାରେ); ବିଂ. tortious.

**tortilla** ବି. ଗରମଗରମ ଖିଆ ଯାଉଥିବା ମେକ୍‌ସିକୋର ପତଳା, ଚେପ୍‌ଟା ମକା ପିଠା ।

**tortoise** ବି. କଇଁଛ, କଚ୍ଛପ ।

**tortoiseshell** 1. ବି. ପୀତାଭ–ବାଦାମୀ ରଙ୍ଗର ଚିତ୍ରିତ କଇଁଛ ପିଠି; ଏହି ରଙ୍ଗ; 2. ପୀତାଭ–ବାଦାମୀ ।

**tortuous** ବିଂ. ଅଂକାବଙ୍କା; ବକ୍ର; ବୁଲାଣିଆ; ଜଟିଳ; ବି. tortuosity.

**torture** 1. ବି. ଶାରୀରିକ ପୀଡ଼ନ; (ଶାସ୍ତି ବା ପ୍ରବର୍ତ୍ତନା ପାଇଁ) ଯନ୍ତ୍ରଣା ପ୍ରଦାନ; ଉତ୍ପୀଡ଼ନ; ଭୟଙ୍କର ଶାରୀରିକ ବା ମାନସିକ ଯନ୍ତ୍ରଣା; 2. *କ୍ରି.* ଯନ୍ତ୍ରଣା ଦେବା; ଅତ୍ୟାଚାର କରିବା; ଉତ୍‌ପୀଡ଼ନ କରିବା; ବି. torturer; ବିଂ. torturous.

**Tory** 1. ବି. *କ.ଭା.* ରକ୍ଷଣଶୀଳ ବ୍ୟକ୍ତି; *ଇତି.* ବିଲାତର ଜାଠ ଦଳରେ ଅଧୁନା ପରିବର୍ତ୍ତିତ ଦଳ ବା ତାର ସଦସ୍ୟ; 2. ବିଂ. *କ.ଭା.* ରକ୍ଷଣଶୀଳ; ବି. Toryism.

**tosa** ବି. ଲଢୁଆ କୁକୁରବିଶେଷ ।

**tosh** ବି. *କ.ଭା.* ଅବାନ୍ତର ବା ବାଜେ କଥା; ଅର୍ଥହୀନ କଥା ।

**toss** 1. *କ୍ରି.* ହାତରେ ଧରି (ବଲ୍‌ପ୍ରଭୃତି) ଉପରକୁ ଫୋପାଡ଼ିବା; ଏକଡ଼ ସେକଡ଼ ଗଡ଼ିବା; ଫୋପାଡ଼ିବା; ଫିଙ୍ଗିଦେବା; ପଇସା ଉପରକୁ ଫୋପାଡ଼ି ହାରଜିତ୍ ପ୍ରଭୃତି ନିର୍ଣ୍ଣୟ କରିବା; 2. ବି. ହାରଜିତ୍ ପ୍ରଭୃତି ନିର୍ଣ୍ଣୟ କରିବା ପାଇଁ ମୁଦ୍ରା ଉତ୍‌କ୍ଷେପଣ; ପତନ (*ବିଶେ.* ଘୋଡ଼ା ପିଠିରୁ); toss one's head କ୍ରୋଧ ବା ବିରକ୍ତିରେ ପଛକୁ ମୁଣ୍ଡ ଝାଙ୍କିବା; toss off ଏକା ନିଃଶ୍ୱାସରେ ପାନ କରିବା; କ୍ଷିପ୍ରତାର ସହ କାର୍ଯ୍ୟ ସମ୍ପନ୍ନ କରିବା; *ସା.ପ୍ର.* ହସ୍ତମୈଥୁନ କରିବା; toss up ଉପରକୁ (ମୁଦ୍ରା) ଫିଙ୍ଗିବା ।

**toss-up** ବି. ସନ୍ଦେହଜନକ ବିଷୟ; (ମୁଦ୍ରା) ଉତ୍‌କ୍ଷେପଣ ।

**tot**[1] ବି. ଛୋଟ ଶିଶୁ; ଏକ ଡ୍ରାମ୍ ମଦ୍ୟ ।

**tot**[2] *କ୍ରି.* ଚଢ଼ିବା; ଆରୋହଣ କରିବା; ମିଶାଣ କରିବା ।

**total** 1. ବିଂ. ସମ୍ପୂର୍ଣ୍ଣ; ସମୁଦାୟ; ମୋଟ; ଚରମ; 2. ବି. ସମଷ୍ଟି; ପରିମାଣ; 3. *କ୍ରି.* ଯୋଗକରିବା; ସମଷ୍ଟି ବାହାର କରିବା ।

**totalitarian** ବି. (ବିରୋଧୀ ଦଳ ବିହୀନ) ଏକ ଦଳୀୟ ସରକାର; ସର୍ବାଧିକାରବାଦୀ; ବି. totalitarianism.

**totality** ବି. ସଂପୂର୍ଣ୍ଣ ପରିମାଣ; ପୂର୍ଣ୍ଣ ସୂର୍ଯ୍ୟ ପରାଗ ବା ଚନ୍ଦ୍ରଗ୍ରହଣର ଅବଧି ।

**totalizator** ବି. ଘୋଡ଼ାଦୌଡ଼ ପ୍ରଭୃତିରେ ବାଜିର ସମୁଦାୟ ସଂଖ୍ୟା; ଅର୍ଥ, ପରିମାଣ ପ୍ରଭୃତି ଦେଖାଉଥିବା ଉପକରଣ; ଏହା ଉପରେ ଆଧାରିତ ବାଜିର ବ୍ୟବସ୍ଥା ।

**totalize** *କ୍ରି.* ମିଶାଇବା; ମିଶାଣ କରିବା; ଏକତ୍ରିତ କରିବା ।

**totally** *କ୍ରି.ବିଂ.* ପୂରାପୂରି; ସମ୍ପୂର୍ଣ୍ଣଭାବରେ ।

**tote**[1] ବି. *ସା.ପ୍ର.* *ଦ୍ର.* totalizator.

**tote**[2] *କ୍ରି.* ବହନକରି ପ୍ରେରଣ କରିବା ।

**tote bag** ବି. ସ୍ତ୍ରୀ ଲୋକମାନଙ୍କର ବଜାର କରିବା ବଡ଼ ଥଳି ।

**totem** ବି. କୌଣସି ବ୍ୟକ୍ତି ବା ଜନଜାତିର ପ୍ରତୀକଭାବେ ଗୃହୀତ କୌଣସି ପ୍ରାକୃତିକ ବସ୍ତୁ (ମୁଖ୍ୟତଃ ଜୀବଜନ୍ତୁ) ବା ତାର ପ୍ରତିକୃତି; ବିଂ. totemic.

Digitized by srujanika@gmail.com

**totem–pole** ବି. ଟୋଟମ୍ ଖୋଦାଯାଇଥିବା ବା ଅଂକନ କରାଯାଇଥିବା ସ୍ତମ୍ଭ ବା ଖୁଣ୍ଟ।

**t'other** *ସ.,* *ବିଂ.* *ଉପ./ପରି.* ଅନ୍ୟ; ଆରଗୋଟିକ; ଅନ୍ୟ ଲୋକଜଣକ।

**totter** 1. *କ୍ରି.* ଦୁର୍ବଳ ବା ଅସ୍ଥିରଭାବେ ଚାଲିବା ବା ଠିଆହେବା; (କୋଠାବାଡ଼ି) ପତନୋନ୍ମୁଖ ହେବା; ଭୁଶୁଡ଼ିବା ଅବସ୍ଥାକୁ ଆସିବା; 2. *ବି.* ଦୁର୍ବଳ ବା ଅସ୍ଥିର ଚାଲି; *ବିଂ.* tottery.

**totting–up** ବି. ବିଭିନ୍ନ ପଦାର୍ଥ, ଘଟଣା ଏକାଠି କରିବା ବା ଏକତ୍ର ହିସାବକୁ ନେବା।

**toucan** ବି. ଗ୍ରୀଷ୍ମମଣ୍ଡଳୀୟ ଆମେରିକାର ଦୀର୍ଘ ଚଞ୍ଚୁବିଶିଷ୍ଟ ପକ୍ଷୀବିଶେଷ।

**touch** 1. *କ୍ରି.* ସ୍ପର୍ଶ କରିବା; ଛୁଇଁବା; ଦୁଇଟି ବସ୍ତୁ ମଧ୍ୟରେ ସଂଯୋଗ ସ୍ଥାପିତ ହେବା; କୋମଳ ବା ପୀଡ଼ାଦାୟକ ଅନୁଭୂତି ଜାଣିବା; (ନାସ୍ତିବାଚକ ବ୍ୟବହାରରେ) ଉତ୍ତେଜିତ, କ୍ଷତିସାଧନ, ବା ପ୍ରଭାବିତ କରିବା; ସେବନ କରିବା; ବ୍ୟବହାର କରିବା; ବିବ୍ରତ ହେବା; 2. *ବି.* ସ୍ପର୍ଶ; ଛୁଆଁ; ସାମାନ୍ୟ ସ୍ପର୍ଶ; ସ୍ପର୍ଶେନ୍ଦ୍ରିୟ; ଅଳ୍ପ ପରିମାଣ; ସାମାନ୍ୟ ଆଭାସ; *ସଙ୍ଗୀତ* ବାଦ୍ୟ ଯନ୍ତ୍ରର ତାର ବା ଚାବିର ଚାଳନା ଶୈଳୀ; ଲେଖକ, କାରିଗର ବା ଶିଳ୍ପୀର ଶିଳ୍ପ କୌଶଳ; ବିଶେଷ ଶୈଳୀ ବା କାଇଦା; ଦ.ବ. ପେନ୍‌ସିଲ୍ ପ୍ରଭୃତିରେ ହାଲୁକା ଗାରକାଟି ଚିତ୍ର କରିବା; *ସା.ପ୍ର.* ଲୋକଙ୍କଠାରୁ ଅର୍ଥ ଆଦାୟ କରିବା; 3. *ବିଂ.* (touched) *କ.ଭା.* ସାମାନ୍ୟ ପାଗଳା; finishing touch ଶେଷସ୍ପର୍ଶ, କାମଶେଷରେ ସୁନ୍ଦର ଦିଶିବା ପାଇଁ ଯାହା କରାଯାଏ; in touch (with) ସଚେତନ; ସମ୍ପର୍କ ରଖିବା; lose touch ଖବର ରଖି ନ ପାରିବା; ସମ୍ପର୍କ ରଖି ନଥିବା ବା ନପାରିବା; out of touch ଚିଠିପତ୍ର ଦିଆନିଆ ହେଉ ନ ଥିବା; ଆଧୁନିକ ଜ୍ଞାନ, ତଥ୍ୟ ପ୍ରଭୃତି ସହିତ ଆଉ ପରିଚିତ ନଥିବା; ସଚେତନତାବିହୀନ ହେବା; touch at (ଜାହାଜ) ବନ୍ଦର ନିକଟବର୍ତ୍ତୀ ହେବା; touch bottom ଜଳାଶୟର ପାଣିତଳ ମାଟିକୁ ପାଦରେ ସ୍ପର୍ଶ କରିବା; ନିମ୍ନତମ ବା ଅତ୍ୟନ୍ତ ଖରାପ ଅବସ୍ଥାରେ ପହଞ୍ଚିବା; touch down (ଉଡ଼ାଜାହାଜ ପ୍ରଭୃତି) ଓହ୍ଲାଇ ଭୂମିସ୍ପର୍ଶ କରିବା; touch off ନିଆଁ ଲାଗିବାମାତ୍ରେ ବିସ୍ଫୋରିତ ହେବା; ହଠାତ୍ କୌଣସି ପ୍ରକ୍ରିୟା ଆରମ୍ଭ କରିବା; touch on (upon) କୌଣସି ବିଷୟ ସଂକ୍ଷେପରେ ବା ସାଧାରଣଭାବରେ ଉଲ୍ଲେଖ କରିବା; touch up (କଳାକୃତି ବା ଅନ୍ୟ କୌଣସି କାର୍ଯ୍ୟ) ସାମାନ୍ୟ ବାଗେଇ ଦେବା; ସୁଧାରି ଦେବା ବା ସର୍ବାଙ୍ଗ ସୁନ୍ଦର କରିବାପାଇଁ ଶେଷ ସ୍ପର୍ଶ ଦେବା; *ସା.ପ୍ର.* ଯୌନ–ଉତ୍ପୀଡ଼ନ କରିବା; touch wood ମନ୍ଦଭାଗ୍ୟର ପ୍ରକୋପ ଦୂରୀକରଣ ପାଇଁ କାଠର ଯେ କୌଣସି ଜିନିଷ ଛୁଇଁବା।

**touch–and–go** ବିଂ. ସଂକଟଜନକ; ବିପଜ୍ଜନକ; ଅନିଶ୍ଚିତ।

**touch–down** ବି. ଉଡାଜାହାଜର ଅବତରଣ ସମୟରେ ଭୂମିସ୍ପର୍ଶ।

***touche*** *ଅବ୍ୟ.* ପ୍ରତିପକ୍ଷର ନ୍ୟାଯ୍ୟ ଅଭିଯୋଗ, ଯୁକ୍ତି ପ୍ରଭୃତି ଗ୍ରହଣ କରିନେବା; (ଅସିଯୁଦ୍ଧରେ) ପ୍ରତିପକ୍ଷର ଆଘାତକୁ ସ୍ୱୀକାର କରିବା। *(ଫ.)*

**touching** ବିଂ. ହୃଦୟସ୍ପର୍ଶୀ; ମର୍ମସ୍ପର୍ଶୀ; ଆବେଗପୂର୍ଣ୍ଣ; କରୁଣ; ଚିନ୍ତାଜନକ।

**touch–line** ବି. (ଖେଳ ପଡ଼ିଆ ପ୍ରଭୃତିର) ସୀମାରେଖା।

**touch–paper** ବି. ନାଇଟ୍ରେ ବା ପଟାସବୋଳା କାଗଜ, ଯେଉଁଥିରେ ଶୀଘ୍ର ନିଆଁ ଧରେ।

**touchstone** ବି. କଷଟି ପଥର; ମାନଦଣ୍ଡ; ନିକଷ ପାଷାଣ।

**touchwood** ବି. (ଶୀଘ୍ର ନିଆଁଧରିବା ପାଇଁ) ଘୁଣାକାଠ ବା ଶୁଖିଲା କାଠ; ସୁଦାହ୍ୟ କାଠ।

**touchy** ବିଂ. ସ୍ପର୍ଶକାତର; ଅଭିମାନୀ; ଅଳ୍ପକେ ଅପମାନ ବୋଧ କରୁଥିବା (ବ୍ୟକ୍ତି); *କ୍ରି.ବିଂ.* touchily; ବି. touchiness.

**tough** 1. ବିଂ. କଠିନ; ଟାଣ; ଭାଙ୍ଗିବା, କାଟିବା; ଚୋବାଇବା ଚିରିବା ଆଦି ପାଇଁ କଠିନ; ସହିଷ୍ଣୁ; କଷ୍ଟକର; ନଛୋଡ଼ବନ୍ଧା; ଏକଜିଦିଆ; କଠୋର; ଭୟଙ୍କର; ଅପରାଧପ୍ରବଣ; 2. ବିଂ. ଗୁଣ୍ଡା, ବଦ୍‌ମାସ୍; ରୁକ୍ଷ ଲୋକ; ଅନମନୀୟ ବ୍ୟକ୍ତି; *କ୍ରି.* toughen; ବି. toughness.

**toupee** ବି. ଚନ୍ଦାମୁଣ୍ଡକୁ ବା ମୁଣ୍ଡର ଚନ୍ଦା ଅଂଶକୁ ଘୋଡ଼ାଇବାକୁ ପିନ୍ଧାଯାଉଥିବା ଉଇଗ୍ ବା ପରଚୁଳ; ଟୋପି।

**tour** 1. ବି. ପରିଭ୍ରମଣ; ପର୍ଯ୍ୟଟନ; ଗସ୍ତ; 2. *କ୍ରି.* ପରିଭ୍ରମଣ; ଭ୍ରମଣ ବା ଗସ୍ତ କରିବା; on tour ଖେଳାଳି, ଯାତ୍ରା, ନାଟକ ପ୍ରଭୃତି ଦଳ ବିଭିନ୍ନ ସ୍ଥାନକୁ ଯାଇ ଖେଳିବା ବା ପ୍ରଦର୍ଶନ କରିବା।

Digitized by srujanika@gmail.com

***tour de force*** ବି. ଅସାଧାରଣ ଶକ୍ତି, କୌଶଳ ବା କାର୍ଯ୍ୟଦକ୍ଷତା ପ୍ରଦର୍ଶନ। *(ଫ.)*
**tourism** ବି. ପର୍ଯ୍ୟଟନ; ପର୍ଯ୍ୟଟନସେବା।
**tourist** ବି. ପର୍ଯ୍ୟଟକ।
**tourist class** ବି. ବିମାନ ବା ଜାହାଜର ନିମ୍ନ ଶ୍ରେଣୀର ଯାତ୍ରୀବାହୀ ସ୍ଥାନ।
**touristy** ବିଂ. ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବା ପର୍ଯ୍ୟଟକମାନେ ଅନେକ ସଂଖ୍ୟାରେ ଯାଉଥିବା (ସ୍ଥାନ ପ୍ରଭୃତି)।
**tourmaline** ବି. ରତ୍ନରୂପେ ବ୍ୟବହୃତ ବହୁବର୍ଣ୍ଣରେ ଉପଲବ୍ଧ (ଅସ୍ୱାଭାବିକ ବୈଦ୍ୟୁତିକ ଧର୍ମସଂପନ୍ନ) ଖଣିଜ ପଦାର୍ଥ ବିଶେଷ।
**tournament** ବି. ଖେଳ ପ୍ରତିଯୋଗିତା, ଯେଉଁଥିରେ ଅନେକ ଦଳ ଭାଗ ନିଅନ୍ତି; ସାମରିକ କୌଶଳ ପ୍ରଦର୍ଶନ; *ଇତି.* ବର୍ଚ୍ଛାଲଢ଼େଇ ପ୍ରଭୃତି ସହ ଶୋଭାଯାତ୍ରା; ଟୁର୍ଣ୍ଣାମେଣ୍ଟ୍।
**tournedos** ବି. ଏ.ବ. ବ.ବ. ଛୋଟ ଗୋମାଂସ ଖଣ୍ଡ।
**tourney** 1. ବି. କ୍ରୀଡ଼ା ପ୍ରତିଯୋଗିତା ବା ଟୁର୍ଣ୍ଣାମେଣ୍ଟ; 2. କ୍ରି. କ୍ରୀଡା ପ୍ରତିଯୋଗିତାରେ ଭାଗନେବା।
**tourniquet** ବି. ଧମନୀରୁ ବହିଯାଉଥିବା ରକ୍ତକୁ ବନ୍ଦକରିବା ପାଇଁ କରାଯାଉଥିବା ଏକ ବିଶେଷ ବନ୍ଧନ।
**tousle** କ୍ରି. ( ବିଶେ. କେଶ ) ଆଲୁଳାୟିତ କରିବା; ଆଲୁରୁବାଲୁରୁ କରିବା; କଠୋର ବା ଅମାର୍ଜିତ ବ୍ୟବହାର କରିବା।
**tout** 1. କ୍ରି. ଗ୍ରାହକ ପଛରେ ମାଲ ବିକ୍ରୀ ପାଇଁ ଲାଗିଯିବା, ଚଢ଼ା ଦରରେ ଟିକେଟ୍ ପ୍ରଭୃତି ବିକିବା; ପ୍ରତିଯୋଗିତାରେ ଭାଗ ନେଉଥିବା (ଘୋଡ଼ା)କୁ ଗୋପନରେ ଅନୁଧାନ କରିବା; ଗରାଖ ଖୋଜିବା; ଦଲାଲି କରିବା; 2. ବି. ଦଲାଲ; ଚଢ଼ା ଦରରେ ଟିକେଟ ବିକ୍ରୟକାରୀ।
**tow**[1] 1. କ୍ରି. ଦଉଡ଼ି ବା ଶିକୁଳିଦ୍ୱାରା ଟାଣିବା; 2. ବି. ଏଭଳି ଟାଣିବା କାର୍ଯ୍ୟ; have in (on) tow ଟଣାହୋଇ ଆସୁଥିବା; ଅନେକ ସମୟରେ (କୌଣସି ବ୍ୟକ୍ତିର) ସାଂଗରେ ବା ଦାୟିତ୍ୱନେଇ ଆସୁଥିବା ବ୍ୟକ୍ତି; on tow ଟଣା ହେଉଥିବା।
**tow**[2] ବି. ବୁଣିବା ପାଇଁ ବ୍ୟବହୃତ ତନ୍ତୁର ମୋଟାଳିଆ ଅଂଶ।
**towards** *ଅ.* (toward ମଧ୍ୟ) ଦିଗରେ; ଆଡ଼କୁ; ସମ୍ପର୍କରେ (attitude towards life); ବାବଦରେ; ଉଦ୍ଦେଶ୍ୟରେ; ପାଖାପାଖି; ନିକଟ (towards the end of their journey).
**towel** ବି. ତଉଲିଆ; ଗାମୁଛା; ଟାୱେଲ; 2. କ୍ରି. ତଉଲିଆରେ ପୋଛିବା ବା ଶୁଖାଇବା।
**toweling** ବି. *ଆମେ.* towelling ତଉଲିଆ ତିଆରିରେ ବ୍ୟବହୃତ ମୋଟା, ନରମ କପଡ଼ା।
**tower** ବି. ଦୁର୍ଗ, ଚର୍ଚ୍ଚ ପ୍ରଭୃତିର ଉଚ୍ଚ ଗମ୍ବୁଜ, ବଡ଼ବଡ଼ ଯନ୍ତ୍ରପାତି ରହୁଥିବା ଉଚ୍ଚ କୋଠାଘର (control tower); 2. କ୍ରି. ଅଧିକ ବଡ଼ ବା ଉଚ୍ଚ ହେବା; ଉଚ୍ଚତର ହେବା (towered over his contemporaries).
**tower block** ବି. ଅନେକ ଗୁଡ଼ିଏ ଅଫିସ୍ କିମ୍ବା ବାସୋପଯୋଗୀ ଗୃହଥିବା ବିରାଟ ସୌଧ।
**tower of strength** ବି. ଦୃଢ଼ ଓ ବିଶ୍ୱସନୀୟ ସମର୍ଥନ ଯୋଗାଉଥିବା ବ୍ୟକ୍ତି; ଶକ୍ତିର ପ୍ରତୀକ।
**towering** ବିଂ. ଅତ୍ୟନ୍ତ ଉଚ୍ଚ।
**town** ବି. ସହର; ନଗରରୁ କ୍ଷୁଦ୍ର କିନ୍ତୁ ଗ୍ରାମଠାରୁ ବୃହତ୍ତର ଜନବସତି; ସହରାଞ୍ଚଳ; go to town *କ.ଭା.* ପ୍ରବଳ ଉତ୍ସାହର ସହ ବା ଶକ୍ତି ଖର୍ଚ୍ଚ କରି କୌଣସି କାର୍ଯ୍ୟ କରିବା; on the town *କ.ଭା.* ସହରର ରାତ୍ରିକାଳୀନ ମଉଜମଜଲିସ ଉପଭୋଗ କରିବା।
**town clerk** ବି. *ଆମେ.* ଏବଂ *ଇତି.* ସହରର ରେକର୍ଡ଼ ପତ୍ର ଦାୟିତ୍ୱରେ ଥିବା ସହକାରୀ।
**town crier** ବି. ଜନାକୀର୍ଣ୍ଣ ସ୍ଥାନରେ ସରକାରୀ ଘୋଷଣା କରୁଥିବା କର୍ମଚାରୀ; ଡାକୁଆ; ଡଗର।
**town gas** ବି. ଘରୋଇ ବା ବ୍ୟାବସାୟିକ ବ୍ୟବହାର ପାଇଁ ବ୍ୟବହୃତ ଗ୍ୟାସ୍।
**town hall** ବି. ସହରରେ ଥିବା ସ୍ୱାୟତ୍ତ ଶାସନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଏବଂ ସଭାଗୃହ।
**town planning** ବି. ସହରର ସୁସଂହତ ବିକାଶପାଇଁ ଯୋଜନା।
**townscape** ବି. କୌଣସି ସହର ବା ନଗରର ଚିତ୍ର; ସହରର ଦୃଶ୍ୟ।
**townsfolk** ବି. ସହର ବା ସହରଗୁଡ଼ିକରେ ବାସ କରୁଥିବା ଲୋକ; ସହରବାସୀ।
**township** ବି. ଦ. *ଆଫ୍ରିକା* କୃଷ୍ଣକାୟମାନଙ୍କ ପାଇଁ ଅଲଗା ବସତି; *ଆମେ.*, *କାନାଡ଼ା* ରାଜ୍ୟର

Digitized by srujanika@gmail.com

ପ୍ରଶାସନାଧୀନ ଅଂଚଳର ଅଂଶବିଶେଷ; ଛଅ ବର୍ଗମାଇଲ୍ ପରିମିତ ବସତି; *ଇଂ.* ଗୋଟିଏ ପେରିଶ୍ ଅଧୀନସ୍ଥ ସହର ବା ଗ୍ରାମ; *ଅଷ୍ଟ୍ରେ.* ଓ ନିଉଜିଲେଣ୍ଡ ଛୋଟ ସହର; ନୂତନଭାବେ ଗଢ଼ିଉଠୁଥିବା ସହର।

**townsman** ବି. (*ସ୍ତ୍ରୀ.* townswoman) ସହରର ବାସିନ୍ଦା; ସହରବାସୀ।

**townspeople** ବି. ବ.ବ. ସହରବାସୀ ଲୋକମାନେ; ସହରବାସୀଗଣ।

**town-path** ବି. ଡଙ୍ଗାପ୍ରଭୃତିକୁ ଘୋଡ଼ା ସାହାଯ୍ୟରେ ଟାଣିବା ପାଇଁ ଉଦ୍ଦିଷ୍ଟ ନଦୀ ବା କେନାଲ ପାର୍ଶ୍ୱସ୍ଥ ରାସ୍ତା।

**toxaemia** ବି. *ଆମେ.* toxemia ରକ୍ତ ବିଷାକ୍ତ ହୋଇଯିବା; ଗର୍ଭବାସକାଳରେ ଉଚ୍ଚ ରକ୍ତ ଚାପ।

**toxic** ବିଂ. ବିଷାକ୍ତ; ବିଷସମ୍ବନ୍ଧୀୟ; ବିଷଜନିତ; ବି. toxicity.

**toxicology** ବି. ବିଷ ବିଜ୍ଞାନ; ବିଂ. toxicological; ବି. toxicologist.

**toxin** ବି. ଜୀବ ବା ଗୁଳ୍ମରୁ ପ୍ରସ୍ତୁତ ବିଷ; ଜୈବବିଷ।

**toxocara** ବି. (କୁକୁର ଓ ବିଲେଇର) କୃମିବିଶେଷ; ପରାଙ୍ଗପୁଷ୍ଟ କୀଟ ବା କୃମିବିଶେଷ; ବି. toxocariasis.

**toy** 1. ବି. ପିଲାଙ୍କ ଖେଳନା; ଆନନ୍ଦଦାୟକ ବସ୍ତୁ; ଅତି କ୍ଷୁଦ୍ର ଆକାରର କୁକୁର; 2. କ୍ରି. ନିଜକୁ ଆନନ୍ଦ ଦେବା; ଯୌନ–ଆକର୍ଷିତ କରିବା; କୌଣସି ବସ୍ତୁ ହାତରେ ଧରି ହଲେଇବା ବା ଖେଳିବା।

**trace**[1] 1. କ୍ରି. ଅନୁସନ୍ଧାନ ବା ଅନ୍ୱେଷଣଦ୍ୱାରା କୌଣସି ଜିନିଷର ଚିହ୍ନ, ସଂକେତ ପ୍ରଭୃତି ଖୋଜି ବାହାର କରିବା ବା ପର୍ଯ୍ୟବେକ୍ଷଣ କରିବା; ଅବସ୍ଥିତି ବା ଗତିପଥ ଅନୁସରଣ କରିବା; ପରିଶ୍ରମ ସହକାରେ ଚିହ୍ନ ଦେବା; ରେଖାଙ୍କିତ କରିବା ବା ଲେଖିବା; ବାଟ ଖୋଜି ଯିବା ବା ପହଞ୍ଚିବା; 2. ବି. କୌଣସି ବସ୍ତୁର ଅବସ୍ଥିତିର ଚିହ୍ନ; ଅତ୍ୟଳ୍ପ ପରିମାଣ; ପଦଚିହ୍ନ ବା ଗତିପଥ; କଲମ ପ୍ରଭୃତି ଚାଳନାର ଦାଗ; ବିଂ. traceable.

**trace**[2] ବି. ଗାଡ଼ି ଟାଣିବା ପାଇଁ ଦୁଇପାଖରେ ଘୋଡ଼ା ସହିତ ବନ୍ଧା ହୋଇଥିବା ଦଉଡ଼ି, ଶିକୁଳି, ଫିତା ପ୍ରଭୃତି।

**tracery** ବି. ଗୋଥିକ୍ ଶୈଳୀର ଗୃହର ଝରକାରେ ବ୍ୟବହୃତ ପଥରର ସ୍ଥାପତ୍ୟ; ସୌନ୍ଦର୍ଯ୍ୟବର୍ଦ୍ଧନକାରୀ ସୂକ୍ଷ୍ମ ବାସ୍ତୁକଳା।

**trachea** ବି. (ବ.ବ. tracheae) ଶ୍ୱାସନଳୀ।

**tracheotomy** ବି. ଶ୍ୱାସନଳୀରେ ଅସ୍ତ୍ରୋପଚାର।

**tracing** ବି. ମାନଚିତ୍ରାଦିର ଅନୁଲେଖନ ବା ପ୍ରତିନକ୍ସାଙ୍କନ।

**tracing-paper** ବି. ମାନଚିତ୍ର, ଚିତ୍ରପ୍ରଭୃତିର ଅନୁଲେଖନରେ ବ୍ୟବହୃତ ପାରଦର୍ଶୀ କାଗଜ।

**track** 1. ବି. ଯାନବାହନ, ପ୍ରାଣୀ, ମନୁଷ୍ୟାଦିର ଗତିପଥ ବା ପଦଚିହ୍ନ; ପାଦଚଲା ବାଟ; ଧାବକମାନଙ୍କ ପାଇଁ ପ୍ରସ୍ତୁତ ରେଖାଙ୍କିତ ଗତିପଥ; ଯାତ୍ରାପଥ; କେବଳ ଗୋଟିଏ ଗୀତ ବା ବାଦ୍ୟ ରେକର୍ଡ଼ ହୋଇଥିବା ଟେପ୍ ପ୍ରଭୃତି; ଘୋଡ଼ାଦୌଡ଼ ପ୍ରତିଯୋଗିତାର ରେଖାଙ୍କିତ ଗତିପଥ; ଦୀର୍ଘ ରେଳ ପଥ; ଗ୍ରାମୋଫୋନ୍ ରେକର୍ଡ଼ର ଗାର; ଚିନ୍ତା ବା କାର୍ଯ୍ୟର ଧାରା; 2. କ୍ରି. ଗତିପଥ ଅନୁସରଣ କରିବା; ଚିହ୍ନ ପ୍ରଭୃତି ଦେଖି ବାଟ ଖୋଜିବା; (କେମେରାଦ୍ୱାରା) ଦୃଶ୍ୟ ଗ୍ରହଣ ପାଇଁ ଗତିଶୀଳ ହେବା; in one's tracks *କ.ଭା.* ଠିକ୍ ଜାଗାରେ; keep (lose) track of ଉନ୍ନତି/ଅବନତି ବା ଗତିପଥର ଖବର ରଖିପାରିବା/ ନପାରିବା; make tracks for *କ.ଭା.* ଅନୁଧାବନ କରିବା; off the track ବିଷୟଠାରୁ ଦୂରେଇଯିବା; track down ପହଞ୍ଚିଯିବା ବା ଧରିପକାଇବା; ବି. tracker.

**tracker dog** ବି. ଗନ୍ଧବାରି ଅନୁଧାବନ କରୁଥିବା (ପୋଲିସ ବିଭାଗର) ସଂଧାନୀ କୁକୁର।

**track events** ବି. ବ.ବ. ଖେଳକୁଦରେ ଦୌଡ଼ ପ୍ରତିଯୋଗିତା ସମୂହ।

**track record** ବି. ବ୍ୟକ୍ତିର ଅତୀତର କାର୍ଯ୍ୟାବଳୀ।

**tracklement** ବି. ମାଂସ ସହିତ ଖିଆଯାଉଥିବା ଖାଦ୍ୟଦ୍ରବ୍ୟ, *ବିଶେ.* ଜେଲି।

**track shoe** ବି. ଖେଳକୁଦରେ ଧାବକମାନେ ବ୍ୟବହାର କରୁଥିବା କଣ୍ଟାଜୋତା।

**track suit** ବି. କ୍ରୀଡ଼ା କସରତବେଳେ ପରିଧାନ କରାଯାଉଥିବା ଢ଼ିଲା, ନରମ ପୋଷାକ।

**tract**[1] ବି. ବିଶାଳ ଭୂଭାଗ; ଅଞ୍ଚଳ, ଭୂଖଣ୍ଡ।

**tract**[2] ବି. ପ୍ରବନ୍ଧ; ଧାର୍ମିକ ପ୍ରଚାରମୂଳକ ଲେଖା; ପାମ୍ପଲେଟ୍।

**tractable** ବିଂ. ସହଜରେ ନିୟନ୍ତ୍ରିତ ବା ପରିଚାଳିତ ହେଉଥିବା ବସ୍ତୁ ବା ବ୍ୟକ୍ତି; ବାଧ୍ୟ; ବିନୀତ; ବୋଲକରା; ବି. tractability.

Digitized by srujanika@gmail.com

**traction** ବି. ଟାଣିବା ବା ଆକର୍ଷିବା କାର୍ଯ୍ୟ; କପିକଳ ବା ପୁଲି ସାହାଯ୍ୟରେ ଓଜନ ଝୁଲାଇ ଶରୀରର କୌଣସି ଅଙ୍ଗର ଦୀର୍ଘକାଳୀନ ଚିକିତ୍ସା।

**traction engine** ବି. ସଡ଼କରେ ଓଜନିଆ ବସ୍ତୁ ଟାଣିନେବାପାଇଁ ବାଷ୍ପ ବା ଡିଜେଲଦ୍ୱାରା ପରିଚାଳିତ ଇଞ୍ଜିନ୍।

**tractor** ବି. କୃଷି ସାମଗ୍ରୀ ପରିବହନରେ ବ୍ୟବହୃତ ଇଂଜିନ୍; ଟ୍ରାକ୍ଟର।

**trad** *କ.ଭା.* 1. ବି. ପାରମ୍ପରିକ ଜାଜ୍ ସଙ୍ଗୀତ; 2. ବିଂ. ପାରମ୍ପରିକ।

**trade** 1. ବି. କିଣାବିକା; (ଆନ୍ତର୍ଦେଶୀୟ) ବାଣିଜ୍ୟ ବେପାର, ପଣ୍ୟବିନିମୟ, ମୁଦ୍ରା ବିନିମୟ, ଲାଭ ପାଇଁ ବ୍ୟବସାୟ; ପେଷାଦାର ବା କୌଳିକ କର୍ମ; ସୁନ୍ଦର ହସ୍ତକର୍ମ; କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟବସାୟ ବା ବ୍ୟବସାୟୀ ଗୋଷ୍ଠୀ; *ଆମେ.* କାରବାର; ବଦଳ; ବାଣିଜ୍ୟ ବାୟୁ; 2. *କ୍ରି.* ବ୍ୟବସାୟ ବା କିଣାବିକା କରିବା; ବିନିମୟ କରିବା; **trade in** ବ୍ୟବହୃତ ପଦାର୍ଥ ସହ ଅବଶିଷ୍ଟ ଅର୍ଥ ଦେଇ ଅନ୍ୟ ଗୋଟିଏ କିଣିବା; **trade off** ବୁଝାମଣା ଭିତ୍ତିରେ ଦ୍ରବ୍ୟ ବିନିମୟ କରିବା; **trade on** ଫାଇଦା ଉଠାଇବା; ବିଂ. tradable; tradeable.

**trad-in** ବି. ଆଂଶିକ ବିନିମୟ ଭିତ୍ତିରେ ପ୍ରଦତ୍ତ ଦ୍ରବ୍ୟ।

**trade mark** ବି. କୌଣସି କମ୍ପାନୀ ପ୍ରଭୃତିର ଆଇନାନୁମୋଦିତ ନାମ, ଉପକରଣ ବା ଉତ୍ପାଦିତ ବସ୍ତୁ; ଚାରିତ୍ରିକ ବୈଶିଷ୍ଟ୍ୟ।

**trade name** ବି. କୌଣସି ବସ୍ତୁର ବ୍ୟାବସାୟିକ ନାମ; ଉତ୍ପାଦିତ ବସ୍ତୁର ନାମ; ବ୍ୟବସାୟ ସଂସ୍ଥାର ନାମ।

**trade-off** *କ୍ରି.* ସମତୁଲ କରିବା; ବୁଝାମଣା ବା ମିଳାମିଶା କରାଇବା।

**trade price** ବି. ପାଇକାରୀ ମୂଲ୍ୟ; ବିକ୍ରେତାର କିଣାମୂଲ୍ୟ।

**trader** ବି. ବ୍ୟବସାୟୀ, ବେପାରୀ; ପଣ୍ୟବାହୀ ଜାହାଜ।

**tradescantia** ବି. ନୀଳ, ଧଳା ବା ଗୋଲାପୀ ବର୍ଣ୍ଣର ଫୁଲ ଫୁଟୁଥିବା ବୃକ୍ଷ ବିଶେଷ।

**trade secret** ବି. ବ୍ୟାବସାୟିକ ବା ବାଣିଜ୍ୟିକ ଗୋପନୀୟତା; ପରି ଯେକୌଣସି ରହସ୍ୟ; ଗୋପନୀୟତା।

**tradesman** ବି. (*ସ୍ତ୍ରୀ* tradeswoman) ଦୋକାନୀ; ବ୍ୟବସାୟୀ ଗୋଷ୍ଠୀ।

**trades people** ବି. ବ୍ୟବସାୟୀ ଗୋଷ୍ଠୀ।

**trading** ବି. ବ୍ୟାବସାୟିକ ବା ବାଣିଜ୍ୟିକ କାରବାର; ବାଣିଜ୍ୟ–ବ୍ୟବସାୟ; ବେପାର; କାରବାର।

**trade union** ବି. (trades union ମଧ୍ୟ) ଶ୍ରମିକ ବା କର୍ମଚାରୀମାନଙ୍କ ସ୍ୱାର୍ଥରକ୍ଷା ନିମିତ୍ତ ଗଠିତ ସଙ୍ଗଠନ; ଟ୍ରେଡ୍ ୟୁନିଅନ୍; ବି. trade-unionism, trade-unionist.

**trading estate** ବି. ଶିଳ୍ପାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ ଥିବା ଅଞ୍ଚଳ।

**tradition** ବି. ପରମ୍ପରା; ଐତିହ୍ୟ; ବହୁଦିନରୁ ଚଳିଆସୁଥିବା ପ୍ରଥା, ଆଚାର, ବିଚାର, ବିଶ୍ୱାସ ପ୍ରଭୃତି; ଅନୁଭୂତି ବା ଚଳଣି ଉପରେ ଆଧାରିତ ସାହିତ୍ୟ, କଳା ପ୍ରଭୃତିର ତତ୍ତ୍ୱ।

**traditional** ବିଂ. ପାରମ୍ପରିକ; ପରଂପରାଭିତ୍ତିକ; *କ୍ରି.ବିଂ.* traditionally.

**traditionalism** ବି. ପରମ୍ପରାପ୍ରତି ସମ୍ମାନ ବା ବିଶ୍ୱାସ; ପରଂପରାବାଦ; ବିଂ. traditionalist.

**traduce** *କ୍ରି.* ନିନ୍ଦା କରିବା; ଭୁଲ ତଥ୍ୟଦେବା; ମିଥ୍ୟା ବିବରଣ ଦେବା; ସତକୁ ମିଛ କରି କହିବା; ବି. traducement, traducer.

**traffic** 1. ବି. ରାଜପଥ, ଆକାଶପଥ, ସମୁଦ୍ରପଥରେ ଯାନବାହନ କାରବାର; ଚଳାଚଳ, ଯାତାୟାତ; ବ୍ୟବସାୟ (ବିଶେ. ବେଆଇନ୍); ବିଭିନ୍ନ ଧରଣର ପଥ ମାଧ୍ୟମରେ ପଣ୍ୟ ଦ୍ରବ୍ୟ ସରବରାହ; (ଲୋକଙ୍କ) ପରସ୍ପର ବ୍ୟବହାର; ଗମନାଗମନ; ସଂବାଦ ବା ବାର୍ତ୍ତା ପ୍ରେରଣ; 2. *କ୍ରି.* ଅବୈଧ ବା ବେଆଇନ ବ୍ୟବସାୟ କରିବା, ପଣ୍ୟଦ୍ରବ୍ୟ ବିନିମୟ ବା ଅଦଳବଦଳ କରିବା।

**traffic jam** ବି. ରାସ୍ତାମରାମତି, ଦୁର୍ଘଟଣାପ୍ରଭୃତି ଯୋଗୁଁ ଯାନବାହାନର ଗମନାଗମନ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ବନ୍ଦ ବା ମନ୍ଥର ହେବା।

**traffic light** ବି. ଛକମାନଙ୍କରେଥିବା ଯାନବାହନ ନିୟନ୍ତ୍ରଣକାରୀ ଆଲୋକ।

**traffice warden** ବି. ରାସ୍ତାରେ ଯାନବାହନ ନିୟନ୍ତ୍ରଣ କରିବାପାଇଁ ନିଯୁକ୍ତ କର୍ମଚାରୀ।

**tragacanth** ବି. ଔଷଧ ପ୍ରଭୃତିରେ ବ୍ୟବହୃତ ଉଦ୍ଭିଦ ନିର୍ଯ୍ୟାସ।

Digitized by srujanika@gmail.com

**tragedian** ବି. *ସ୍ତ୍ରୀ.* tragedienne ଦୁଃଖାନ୍ତ ନାଟକର ଲେଖକ ଅଥବା ଅଭିନେତା ।

**tragedy** ବି. ଦୁଃଖାବହ ଘଟଣା; ଭୟଙ୍କର ଦୁର୍ଘଟଣା ବା ପ୍ରାକୃତିକ ବିପର୍ଯ୍ୟୟ; ଦୁଃଖାନ୍ତ ନାଟକ; ଟ୍ରାଜେଡୀ ।

**tragic, tragical** ବିଂ. ଦୁଃଖପୂର୍ଣ୍ଣ; ଦୁଃଖଦାୟକ; ଦୁଃଖାନ୍ତନାଟକ ସମ୍ବନ୍ଧୀୟ; କ୍ରି.ବିଂ. tragically.

**tragicomedy** ବି. ଦୁଃଖ ଓ ସୁଖ ମିଶ୍ରିତ ନାଟକ; ଟ୍ରାଜିକ୍‌—କାମଡୀ (ନାଟକ) ।

**trail** 1. *କ୍ରି.* ପଛରେ ( ବିଶେ. ଭୂମି ଉପରେ) ଟାଣିବା ବା ଟଣାହେବା; କ୍ଳାନ୍ତ ଭାବରେ ଚାଲିବା; ପିଛା କରିବା; ପଛେଇବା; ଢିଲା ଭାବରେ ଝୁଲିବା ବା ଘୁଷୁରିବା; (ଲତାପ୍ରଭୃତି) ତଳକୁ ଝୁଲି ରହିବା ବା ତଳ ଆଡ଼କୁ ଶାଖା ବିସ୍ତାର କରିବା; ଅନୁସରଣ କରିବା; ପଦଚିହ୍ନ ବାରି ଅନୁସରଣ କରିବା; 2. ବି. ଗତିଶୀଳ ବ୍ୟକ୍ତି, ପ୍ରାଣୀ ବା ବସ୍ତୁର ଗନ୍ଧ ବା ଚିହ୍ନ; ପାଦଚଲା ବାଟ; ଘୋଷାରି ହୋଇ ଯାଉଥିବା ବସ୍ତୁ; ଅନୁସରଣକାରୀ ଲୋକମାନେ ବା ପ୍ରାଣୀ; trail arms ଭୂମି ସହ ସମାନ୍ତରାଳ ଭାବରେ, ଦୁଇ ହାତରେ ରାଇଫଲଆଦି ଅସ୍ତ୍ର ଧାରଣ କରି ଆଗେଇବା; trail away ଧୀରେ ଧୀରେ କମିଯିବା ବା ସରିଯିବା; ଅପସରିଯିବା ।

**trailer** ବି. ପ୍ରଚାର ଉଦ୍ଦେଶ୍ୟରେ ପରିବେଷିତ ହେଉଥିବା ଚଳଚ୍ଚିତ୍ର ପ୍ରଭୃତିର ଅଂଶବିଶେଷ; ଡାଲା ଖୋଲା ଗାଡ଼ି; ଟଣା ଗାଡ଼ି; ପଛରେ ବନ୍ଧା ଯାଇଥିବା ଚକଲଗା ଡାଲା ବା ଟ୍ରଲି; ଟଣାହେଉଥିବା ବ୍ୟକ୍ତି, ବସ୍ତୁ ପ୍ରଭୃତି; *ଆମେ.* କାରାଭାନ୍ ବା ବାସୋପଯୋଗୀ ମଟରଗାଡ଼ି ।

**trailing edge** ବି. ଉଡ଼ାଜାହାଜ ଡେଣାର ପଛପାଖ ।

**train** 1. *କ୍ରି.* ଶିକ୍ଷା ବା ତାଲିମ ଦେବା; ଅଭ୍ୟାସ ମାଧ୍ୟମରେ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ପାରଂଗମ ହେବା; (କେମେରା, ବନ୍ଧୁକପ୍ରଭୃତିରେ) ଲକ୍ଷ୍ୟ ସ୍ଥିର କରିବା; 2. ବି. ଟ୍ରେନ୍, ରେଳଗାଡି ବା ତାର ଡବାସମୂହ; ବ୍ୟକ୍ତି, ବସ୍ତୁ ପ୍ରଭୃତିର ଶୃଙ୍ଖଳା; ପଛରେ ତଳେ ଘୁଷୁରୁଥିବା ଅଂଶ; ବି. trainee.

**trainer** ବି. ଅଶ୍ୱ, ଖେଳାଳି ପ୍ରଭୃତିଙ୍କୁ ତାଲିମ୍ ଦେଉଥିବା ବ୍ୟକ୍ତି; ପାଇଲଟ୍‌ମାନଙ୍କ ତାଲିମ୍ ପାଇଁ ବ୍ୟବହୃତ ଉଡ଼ାଜାହାଜ; ଧାବକମାନଙ୍କର ନରମ ଜୋତା ।

**training** ବି. ପ୍ରଶିକ୍ଷଣ; ତାଲିମ୍‌ର ପଦ୍ଧତି; ତାଲିମ; ବୈଷୟିକ ଶିକ୍ଷା ବା ତାଲିମ ।

**traipse** 1. *କ୍ରି. କ.ଭା.* କ୍ଳାନ୍ତ ଭାବରେ ଚାଲିବା; 2. ବି. କ୍ଳାନ୍ତିକର ପଦଯାତ୍ରା ।

**trait** ବି. ଚାରିତ୍ରିକ ବୈଶିଷ୍ଟ୍ୟ ।

**traitor** ବି. ( *ସ୍ତ୍ରୀ.* traitress) ବିଶ୍ୱାସଘାତକ; କୃତଘ୍ନ ବ୍ୟକ୍ତି; ରାଜଦ୍ରୋହୀ; ଦେଶଦ୍ରୋହୀ; ବିଂ. traitorous.

**trajectory** ବି. ଉତ୍‌କ୍ଷିପ୍ତ ବସ୍ତୁର ଗତିପଥ ।

**tram, tramcar** ବି. ସହରର ରାସ୍ତାରେ ଛୋଟ ରେଳଧାରଣା ଉପରେ ଚାଲୁଥିବା ଯାତ୍ରୀବାହୀ ଗାଡ଼ି; ଟ୍ରାମ ଗାଡ଼ି; କୋଇଲା ଖଣିରେ ବ୍ୟବହୃତ ଚାରିଚକିଆ ଗାଡ଼ି ।

**tramlines** ବି. ଟ୍ରାମପଥର ଲୁହାଧାରଣା; ଟେନିସ୍ ବା ବେଡ୍‌ମିଣ୍ଟନ୍ କୋଟ୍ ପାର୍ଶ୍ୱସ୍ଥ ଦୁଇ ସମାନ୍ତରାଳ ରେଖା ।

**trammel** 1. ବି. ଏକ ପ୍ରକାରର ମାଛଧରା ଜାଲବିଶେଷ; 2. *କ୍ରି.* ପ୍ରତିବନ୍ଧକ ସୃଷ୍ଟିକରିବା ।

**tramp** ବି. ବାରବୁଲା; ବାରବୁଲା ଭିକାରୀ; ପଦକ୍ଷେପ ଶବ୍ଦ, ପଦପାତ; ଦୀର୍ଘ ପଦଯାତ୍ରା; *ସା.ପ୍ର. ଅବ.* ବ୍ୟଭିଚାରିଣୀ; ଯୌନ ଉଚ୍ଛୃଙ୍ଖଳ ସ୍ତ୍ରୀ; 2. *କ୍ରି.* ଦୃଢ଼ ପଦକ୍ଷେପରେ ଚାଲିବା; ପଦଯାତ୍ରା କରିବା; କ୍ଳାନ୍ତ ବା ଅନିଚ୍ଛୁକ ଭାବରେ ଚାଲିବା; ମାଡ଼ିଦେବା, ଚକଟି ଦେବା; ପାଦରେ ଦଳିଚକଟି ଦେବା; ବାରବୁଲା ଜୀବନଯାପନ କରିବା ।

**trample** *କ୍ରି.* ପଦଦଳିତ କରିବା; ପାଦତଳେ ଚକଟିବା; trample on ପାଦରେ ମାଡ଼ି ଦେବା; କଠୋର ବା ଘୃଣାପୂର୍ଣ୍ଣ ବ୍ୟବହାର କରିବା ।

**trampoline** ବି. ସ୍ପ୍ରିଙ୍ଗରେ ସଂଯୁକ୍ତ ହୋଇ ସମାନ୍ତରାଳ ଭାବରେ ଆସ୍ତୃତ ଶକ୍ତ, ମୋଟା କନା (ସର୍କସ ପ୍ରଭୃତିରେ ଲମ୍ଫ ଦେବାରେ ବ୍ୟବହୃତ) ।

**tramway** ବି. ଟ୍ରାମଗାଡ଼ିର ଲୌହଧାରଣା ।

**trance** ବି. ଇନ୍ଦ୍ରିୟାନୁଭୂତିହୀନ ନିଦ୍ରା ଭଳି ଅବସ୍ଥା; ସମ୍ମୋହ, ମୋହ; ଚରମ ଆନନ୍ଦ; ପରମୋଲ୍ଲାସ ।

**tranny** ବି. *କ.ଭା.* ଟ୍ରାଞ୍ଜିଷ୍ଟର୍ ରେଡ଼ିଓ ।

**tranquil** ବିଂ. ଶାନ୍ତ; ସ୍ଥିର; ପ୍ରଶାନ୍ତ; ଅବିଚଳିତ; ବି. tranquillity; *କ୍ରି.ବିଂ.* tranquilly.

**tranquillize** *କ୍ରି. ଆମେ.* tranquilize ଔଷଧ ଦେଇ ଶାନ୍ତ କରିବା ।

Digitized by srujanika@gmail.com

**tranquillizer** ବି. *ଆମେ.* tranquilizer ବି. ଉଦ୍‌ବେଗ ଶାନ୍ତ କରିବାର ଔଷଧ।

**trans–** *ପୂ.ପ୍ର.* ମଧ୍ୟଦେଇ; ଅତିକ୍ରମ କରି; ଅନ୍ୟ ଦିଗରେ, ସେପାଖରେ।

**transact** *କ୍ରି.* କାରବାର କରିବା; ବ୍ୟବସାୟ ବା ନେଣଦେଣ କରିବା।

**transaction** ବି. ବ୍ୟବସାୟରେ ନେଣଦେଣ; କାରବାର; କାର୍ଯ୍ୟ ସମ୍ପାଦନ; ବ.ବ. ଆଲୋଚନା ଚକ୍ର, ଗବେଷଣା ନିବଂଧପାଠପ୍ରଭୃତିର ମୁଦ୍ରିତ ବିବରଣ।

**transalpine** ବିଂ. ଆଲ୍‌ପସ୍ •ପର୍ବତମାଳାର ଉତ୍ତରଦିଗସ୍ଥ।

**tranatlantic** ବିଂ. ଆଟ୍‌ଲାଣ୍ଟିକ୍ ମହାସାଗରର ଅପର ପାର୍ଶ୍ୱରେ ସ୍ଥିତ; ବିଶେ. *ଆମେ.* ୟୁରୋପୀୟ; *ଆମେ.* ଆଟ୍‌ଲାଣ୍ଟିକ୍ ଅତିକ୍ରମ କରି।

**transceiver** ବି. ବେତାର ପ୍ରସାରଣ ଏବଂ ଗ୍ରହଣ ଉଭୟ ବ୍ୟବସ୍ଥାଥିବା ଯନ୍ତ୍ର।

**transcend** *କ୍ରି.* ସମସ୍ତ ପରିସର ଓ ଭାବନାକୁ ଅତିକ୍ରମ କରିଯିବା; (ମାନବୀୟ ଅନୁଭବ, ବିଶ୍ୱାସ, ଜ୍ଞାନପ୍ରଭୃତିର) ଊର୍ଦ୍ଧ୍ୱରେ ଥିବା; ଶ୍ରେଷ୍ଠହେବା; ସମସ୍ତଙ୍କୁ ବଳିଯିବା।

**transcendent** ବିଂ. ଅତ୍ୟୁତ୍କୃଷ୍ଟ; ସର୍ବୋତ୍ତମ; ଶ୍ରେଷ୍ଠ; ଅନୁଭବାତୀତ; ଅସୀମ; ଅପାର୍ଥିବ; ଅଲୌକିକ; ବି. transcendence, transcendency.

**transcendental** ବିଂ. ଦ. ଅନୁଭବାତୀତ ବା ଇନ୍ଦ୍ରିୟାତୀତ (ଧାରଣା) ଅମୂର୍ତ୍ତ; ଜ୍ଞାନାତୀତ; ତୁରୀୟ; ମନୋରାଜ୍ୟରେ କେନ୍ଦ୍ରୀଭୂତ; *କ୍ରି.ବିଂ.* transcendentally.

**transcendentalism** ବି. ଦ. ଅନୁଭବା–ତୀତବାଦ; ବି. transcendentalist.

**Transcendeatal Meditation** ବି. ଭାବାତୀତ ଧ୍ୟାନ; ମଂତ୍ରପାଠ ଏବଂ ଧ୍ୟାନ ମାଧ୍ୟମରେ ସମସ୍ୟା, ଉଦ୍‌ବେଗ, ଉତ୍କଣ୍ଠା ପ୍ରଭୃତିରୁ ନିବୃତ୍ତି।

**transcontinental** ବିଂ. ମହାଦେଶାତିକ୍ରାନ୍ତ; ସମ୍ପୂର୍ଣ୍ଣ ମହାଦେଶ ମଧ୍ୟଦେଇ।

**transcribe** *କ୍ରି.* ପ୍ରତିଲିପି ତିଆରି କରିବା; ନକଲ କରିବା; କ୍ଷିପ୍ରଲିପି ପ୍ରଭୃତିର ଲିପ୍ୟନ୍ତରଣ କରିବା; ଅନୁଲିପି ପ୍ରସ୍ତୁତ କରିବା; ବି. transcriber.

**transcript** ବି. ପ୍ରତିଲିପି; ଲିଖିତ ନକଲ।

**transcription** ବି. ପ୍ରତିଲିପିକରଣ; ପ୍ରତିଲିପିକୃତ ନକଲ; ଅନୁଲେଖନ; ଲିପ୍ୟନ୍ତରଣ।

**transducer** ବି. ଅଣ–ବୈଦ୍ୟୁତିକ ସଂକେତକୁ ବୈଦ୍ୟୁତିକ ସଙ୍କେତରେ ପରିଣତ କରିବା ଯଂତ୍ର।

**transept** ବି. *ଖ୍ରୀ.* କ୍ରସ୍ ଆକୃତିର ଚର୍ଚ୍ଚର ଅଂଶବିଶେଷ।

**transfer** 1. *କ୍ରି.* ଏକ ସ୍ଥାନ ବା ବ୍ୟକ୍ତିଙ୍କଠାରୁ ଅନ୍ୟ ସ୍ଥାନ ବା ବ୍ୟକ୍ତିଙ୍କୁ ବଦଳି କରିବା; ସଂପତ୍ତି ପ୍ରଭୃତି ହସ୍ତାନ୍ତର ଦଲିଲ; ସ୍ଥାନାନ୍ତର କରିବା; ବଦଳି କରିବା; 2. ବି. ହସ୍ତାନ୍ତର; ସ୍ଥାନାନ୍ତର; ସ୍ଥାନାନ୍ତରଣ; ବିଂ. transferable.

**transference** ବି. ହସ୍ତାନ୍ତର ବା ସ୍ଥାନାନ୍ତର ପ୍ରକ୍ରିୟା।

**transfiguration** ବି. *ଖ୍ରୀ.* ଅଗଷ୍ଟ ଛଅ ତାରିଖରେ ହେଉଥିବା ଖ୍ରୀଷ୍ଟୀୟ ଉତ୍ସବ; ଅଧିକ ସୁନ୍ଦର ଓ ପବିତ୍ରକରଣ।

**transfigure** *କ୍ରି.* ଅଧିକ ସୁନ୍ଦର, ପବିତ୍ର ବା ଆଦର୍ଶସ୍ଥାନୀୟ କରିବା।

**transfix** *କ୍ରି.* ଭୟ, ଆତଙ୍କ, ବିସ୍ମୟ ପ୍ରଭୃତି ଯୋଗୁଁ ଜଡ଼ ବା ଚଳତ୍‌ଶକ୍ତିହୀନ ହୋଇଯିବା; ତୀକ୍ଷ୍ଣ ଅସ୍ତ୍ରଦ୍ୱାରା ବିଦ୍ଧ କରିବା।

**transform** *କ୍ରି.* ରୂପ, ଆକୃତି ବା ପ୍ରକୃତି ପ୍ରଭୃତିର ସମ୍ପୂର୍ଣ୍ଣ ବା ନାଟକୀୟ ପରିବର୍ତ୍ତନ କରିବା; ସଂପୂର୍ଣ୍ଣ ବଦଳିଯିବା; ବିଦ୍ୟୁତ୍ ଭୋଲ୍‌ଟେଜ୍ ପ୍ରଭୃତି ବଦଳାଇବା; ବି. transformation.

**transformer** ବି. ବିଦ୍ୟୁତ୍‌ଶକ୍ତି (ପ୍ରତ୍ୟାବର୍ତ୍ତୀ ସ୍ରୋତର) ଭୋଲ୍‌ଟେଜ୍ ପରିବର୍ତ୍ତକ ଯନ୍ତ୍ର।

**transfuse** *କ୍ରି.* ଏକ ପାତ୍ର ମାଧ୍ୟମରେ ଅପର ପାତ୍ରକୁ ଚାଳନା କରିବା; ଏକ ଶରୀରରୁ ଅପର ଶରୀରକୁ ଜଳୀୟଅଂଶର ପରିପୂର୍ତ୍ତି ନିମନ୍ତେ ଧମନୀ ମାଧ୍ୟମରେ ତରଳ ଔଷଧ ଅପସାରିତ କରିବା; ବ୍ୟାପିଯିବା; ବି. transfusion.

**transgress** *କ୍ରି.* (ସର୍ତ୍ତ, ନିୟମ, ଧର୍ମାଦେଶ ଇତ୍ୟାଦିର) ସୀମାଲଂଘନ କରିବା; ପାପ କରିବା; ବି. transgression, transgressor.

**transient** ବି. ଅତିବାହିତ ହେଉଥିବା; କ୍ଷଣିକ; ଅଳ୍ପକ୍ଷଣ ସ୍ଥାୟୀ; ଅସ୍ଥାୟୀ; ବି. transience.

**transistor** ବି. ତିନୋଟି ସଂଯୋଗବିଶିଷ୍ଟ ଅର୍ଦ୍ଧ–ପରିବାହୀ ଉପକରଣ; transistor radio ଟ୍ରାନ୍‌ଜିଷ୍ଟର ରେଡ଼ିଓ (ରେଡିଓରେ ବ୍ୟବହୃତ ଭାଲ୍‌ଭଠାରୁ କ୍ଷୁଦ୍ର ସ୍ୱଳ୍ପଶକ୍ତି ଚାଳିତ ଅଥଚ ଅଧିକ

Digitized by srujanika@gmail.com

କାର୍ଯ୍ୟକ୍ଷମ ସରଂଜାମ) ଟ୍ରାନ୍‌ଜିଷ୍ଟରଯୁକ୍ତ କ୍ଷୁଦ୍ର ରେଡିଓ ।

**transit** ବି. (ସୁଦୂର ସ୍ଥାନକୁ) ଗମନ, ପ୍ରେରଣ; ସଂକ୍ରମଣ; କୌଣସି ଜ୍ୟୋତିଷ୍କର ଗମନର ପଥ; in transit ଯାଉଥିବା ବା ପ୍ରେରିତ ହେଉଥିବା କାଳ(ରେ) ।

**transit camp** ବି. ସୈନ୍ୟବାହିନୀ ବା ଶରଣାର୍ଥୀମାନଙ୍କର ଯାତ୍ରା ମଧ୍ୟସ୍ଥ ସାମୟିକ ରହଣିସ୍ଥଳ ।

**transition** ବି. ଏକ ପରିସ୍ଥିତି, ଅବସ୍ଥା କିମ୍ବା ଆକାରରୁ ଅନ୍ୟକୁ ପରିବର୍ତ୍ତନ; ଏକଯୁଗରୁ (କଳା, ସାହିତ୍ୟ କ୍ଷେତ୍ରରେ) ଅନ୍ୟ ଯୁଗକୁ ପରିବର୍ତ୍ତନର ସମୟ; ବିଂ. transitional; କ୍ରି.ବିଂ. transitionally.

**transitive** ବିଂ.ବ୍ୟା. ସକର୍ମକ; transitive verb ସକର୍ମକ କ୍ରିୟା; ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷଭାବେ କର୍ମ (object) ଥିବା କ୍ରିୟା; ଉଦା. *killed* the man.

**transitory** ବିଂ. ଦ୍ରୁତ ବିଲୀୟମାନ; କ୍ଷଣସ୍ଥାୟୀ; କ୍ଷଣିକ; କ୍ରି.ବିଂ. transitorily; ବି. transitoriness.

**translate** କ୍ରି. ଶବ୍ଦ କିମ୍ବା ବାକ୍ୟର ଭାବକୁ ଅନ୍ୟ ଏକ ଭାଷାରେ ପ୍ରକାଶ କରିବା; ଅନୁବାଦ କରିବା, ଭାଷାନ୍ତର କରିବା; ଭିନ୍ନ ଚାରୁକଳାର ମାଧ୍ୟମରେ ପ୍ରକାଶ କରିବା (ଯଥା ଭାବକୁ ନୃତ୍ୟଦ୍ୱାରା); ନିଦର୍ଶନ, ଆଚରଣ ପ୍ରଭୃତିର ଅର୍ଥ ବା ବ୍ୟାଖ୍ୟା କରିବା; ବିଂ. translatable; ବି. translation, translator.

**transliterate** କ୍ରି. କୌଣସି ଭାଷାର ଶବ୍ଦ ପ୍ରଭୃତି ଅନ୍ୟ ଏକ ଭାଷାର ଲିପିରେ (ଯଥାସମ୍ଭବ ଉଚ୍ଚାରଣ ସଂଗତି ସହ) ରୂପାନ୍ତରିତ କରିବା; ବି. transliteration.

**translucent** ବିଂ. ଆଲୋକଦ୍ୱାରା ଭେଦ୍ୟ; ଅର୍ଦ୍ଧସ୍ୱଚ୍ଛ; ଅର୍ଦ୍ଧ—ପାରଦର୍ଶୀ; ବି. translucence, translucency.

**transmigrate** କ୍ରି. ଏକ ସ୍ଥାନ ଛାଡି ଅନ୍ୟ ସ୍ଥାନରେ ବସବାସ କରିବା; ଦେଶାନ୍ତରିତ ହେବା; ଅନ୍ୟ ଦେହରେ (ଆତ୍ମା) ପ୍ରବେଶ କରିବା; ବି. transmigration.

**transmissible** ବିଂ. ପ୍ରେରଣସାଧ୍ୟ; ପ୍ରେରଣୀୟ; ସଂକ୍ରମଣୀୟ; ସଂକ୍ରମଣଯୋଗ୍ୟ (ରୋଗ) ।

**transmission** ବି. ପ୍ରେରଣ; ବେତାର ପ୍ରଭୃତିରେ ବାର୍ତ୍ତା, ସଂକେତ ପ୍ରଭୃତି ପ୍ରସାରଣ; ସଂକ୍ରମଣ; ମଟରଗାଡିର ଇଞ୍ଜିନ୍‌ରୁ ଅକ୍ଷଦଣ୍ଡ ବା ଏକ୍‌ସ୍‌ଲକୁ ଶକ୍ତି ସଞ୍ଚାରଣ ।

**transmit** କ୍ରି. ଜଣାଇଦେବା ବା ପଠାଇଦେବା; ଆଗୁଆ ପଠାଇବା; ହସ୍ତାନ୍ତର କରିବା; ଯୋଗାଯୋଗ ପ୍ରତିଷ୍ଠା କରିବା; ଭାବ, ଚିନ୍ତାଧାରା, ଆବେଗ ପ୍ରଭୃତି ପ୍ରକାଶ କରିବା; ପ୍ରେରଣ କରିବା; (ଆଲୋକ, ଉତ୍ତାପ, ଶବ୍ଦ, ବିଦ୍ୟୁତ୍‌ଶକ୍ତି ପ୍ରଭୃତି ପାଇଁ) ସଞ୍ଚରଣର ମାଧ୍ୟମ ହେବା; ଭାବପ୍ରକାଶର ମାଧ୍ୟମ ହେବା; ଟେଲିଭିଜନ, ରେଡିଓ ପ୍ରଭୃତିର କାର୍ଯ୍ୟକ୍ରମ ପ୍ରସାରଣ କରିବା; ବିଂ. transmittable.

**transmitter** ବି. ସଂକ୍ରମଣ କରୁଥିବା ବ୍ୟକ୍ତି; ବେତାର ବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ୍ ସଂକେତର ପ୍ରସାରଣ ଯନ୍ତ୍ର ।

**transmogrify** କ୍ରି. (ଯାଦୁବିଦ୍ୟା କିମ୍ବା ଅନ୍ୟ ବିସ୍ମୟକର ଉପାୟରେ) ସଂପୂର୍ଣ୍ଣ ପରିବର୍ତ୍ତନ କରିବା; ବି. transmogrification.

**transmutation** ବି. ଘଟ ପରିବର୍ତ୍ତନ; ଆକାର, ପ୍ରକୃତି ବା ସାରବସ୍ତୁର ପରିବର୍ତ୍ତନ; ଅନ୍ୟ ରୂପ ବା ଅନ୍ୟ ପଦାର୍ଥରେ ପରିଣତ କରିବା ପଦ୍ଧତି; transmutation of metals ଇତି. ଇତର ଧାତୁକୁ ସ୍ୱର୍ଣ୍ଣରେ ପରିଣତ କରିବାର ତଥାକଥିତ ପଦ୍ଧତି ।

**transmute** କ୍ରି. ଆକୃତି, ଗୁଣ ଓ ମୌଳିକତାରେ ପରିବର୍ତ୍ତନ କରି ଅନ୍ୟ ପଦାର୍ଥରେ ପରିଣତ କରିବା; ଇତି. ଇତର ଧାତୁକୁ ସୁନାରେ ପରିଣତ କରିବା ।

**transoceanic** ବିଂ. ମହାସାଗରର ଅପର ପାର୍ଶ୍ୱରେ କିମ୍ବା ମହାସାଗର ପାରିହୋଇ; ଦରିଆପାରି ।

**transom** ବି. ବରଗା; ଝରକା ବା କବାଟର ଆଡିକାଠ; ଝରକାର ମଧ୍ୟଭାଗରେ ବା କବାଟର ଉପରିଭାଗରେ ଆନୁଭୂମିକ ଭାବରେ ସ୍ଥିତ କାଠ, ପଥର ବା ସିମେଣ୍ଟର ବାହା ।

**transparency** ବି. ସ୍ୱଚ୍ଛତା; ଆଲୋକଭେଦ କରିବା କ୍ଷମତା; ଆଲୋକ ପ୍ରବେଶ କରିବା ଫଳରେ ଦେଖିହେଉଥିବା ଛବି ବା ଫଟୋଚିତ୍ର ।

**transparent** ବିଂ. ସ୍ପଷ୍ଟଭାବରେ ଏପାଖରୁ ସେପାଖ ଦେଖାଯିବା ଭଳି ସ୍ୱଚ୍ଛ; ଯାହା ଅଭ୍ୟନ୍ତର

Digitized by srujanika@gmail.com

ଦେଇ ଆଲୋକ ଗମନ କରିପାରେ; ଆଲୋକ–ଭେଦ୍ୟ; ପାରଦର୍ଶୀ; ସହଜରେ ଧରାପଡ଼ିଯାଉଥିବା (transparent lies); ସୁସ୍ପଷ୍ଟ; ସୁବୋଧ; ମନଖୋଲା, ମୁକ୍ତହୃଦୟ; କ୍ରି.ବିଂ. transparently.

**transpire** କ୍ରି. (ତଥ୍ୟ ବା ରହସ୍ୟ) ଜଣାପଡିଯିବା; ପ୍ରଘଟ ହୋଇଯିବା; ଗୋଚର ହେବା; କ.ଭା. ଘଟିବା; ଚର୍ମରଂଧ୍ର, ଫୁସ୍‌ଫୁସ୍ ବା ପତ୍ରରୁ (ଝାଳ, ଜଳୀୟବାଷ୍ପ ବା ଜଳକଣା) ନିର୍ଗତହେବା; ଝାଳବହିବା; ବି. transpiration.

**transplant** 1. କ୍ରି. ଜନ୍ମସ୍ଥାନରୁ ଉତ୍ପାଟନ କରି ଅନ୍ୟତ୍ର ରୋପଣ କରିବା; ଏକ ପ୍ରାଣୀର ଦେହରୁ (ଶିରା, ଗ୍ରନ୍ଥି ଇତ୍ୟାଦି) ଅପସାରଣ କରି ଅପରପ୍ରାଣୀ ଦେହରେ କିମ୍ବା ଶରୀରର ଏକସ୍ଥାନରୁ ଅପସାରଣ କରି ଅନ୍ୟସ୍ଥାନରେ ରୋପଣ କରିବା; ଯୋଡିଦେବା; 2. ବି. ଶିରା ଓ ଗ୍ରନ୍ଥି ଅନ୍ୟତ୍ର ଲଗାଇବାର ପଦ୍ଧତି; ରୋପଣ; ରୋପିତ ପଦାର୍ଥ, ବିଶେ. ଉଦ୍ଭିଦ; ବି. transplantation.

**transport** 1. କ୍ରି. ପରିବହନ କରିବା; ଇତି. ଅପରାଧୀକୁ ଦେଶାନ୍ତରିତ କରିବା; ଗଭୀର ଭାବାବେଗରେ ଆକ୍ରାନ୍ତ ହେବା; 2. ବି. ପରିବହନ; ସୈନ୍ୟ କିମ୍ବା ଜିନିଷପତ୍ର ବୋହିନେବା ପାଇଁ ଉଦ୍ଦିଷ୍ଟ ଜାହାଜ କିମ୍ବା ଉଡାଜାହାଜ; ବ.ବ. ଭାବାବେଗରେ ଆତ୍ମହରା ଅବସ୍ଥା; ବିଂ. transportable.

**transportation** ବି. ପରିବହନ; ପରିବହନ ବ୍ୟବସ୍ଥା; ଇତି. ଅପରାଧୀର ଦେଶାନ୍ତର; ଆମେ. ପରିବହନର ମାଧ୍ୟମ।

**transport cafe** ବି. ମାଲ୍ ପରିବହନକାରୀ ଗାଡିର ଚାଳକମାନଙ୍କୁ ଖାଦ୍ୟପରିବେଷଣ କରୁଥିବା ଖାଦ୍ୟାଳୟ; ଢାବା।

**transporter** ବି. ଭାରି ଯନ୍ତ୍ରାଂଶ, ମଟରଗାଡ଼ି ପ୍ରଭୃତିର ସଡକ–ପଥ ପରିବହନରେ ବ୍ୟବହୃତ ବଡ଼ ଗାଡ଼ି।

**transporter bridge** ବି.ଝୁଲନ୍ତା, ଚଳନଶୀଳ ତକ୍ତ ଉପରେ ଗାଡିମଟର ପ୍ରଭୃତି ନଦୀ ପାରି କରିବା ପାଇଁ ବ୍ୟବହୃତ ସେତୁ।

**transpose** କ୍ରି. ଦୁଇ ବା ତତୋଧିକ ପଦାର୍ଥର ସ୍ଥାନ ବିନିମୟ କରିବା; ଅଦଳବଦଳ କରିବା; ବାକ୍ୟରେ ଉପସ୍ଥିତ ବିନ୍ୟାସର ପରିବର୍ତ୍ତନ କରିବା; ସଂଗୀତ ସ୍କେଲ୍ ବା ସ୍ୱରଗ୍ରାମ ପରିବର୍ତ୍ତନ କରିବା; ବି. transposition.

**transsexual** 1. ବି. (transexual ମଧ୍ୟ) କୌଣସି ଏକ ଲିଙ୍ଗର ଶରୀରଗଠନ ଥାଇ ଅନ୍ୟଲିଙ୍ଗୀ ମାନସିକତା; ପୁରୁଷର ମାଈଚିଆ ସ୍ୱଭାବ ଓ ନାରୀର ପୁରୁଷୋଚିତ ମାନସିକତା; 2. ବି. ଏଭଳି ବ୍ୟକ୍ତି; ଯୌନ ପରିବର୍ତ୍ତିତ ବ୍ୟକ୍ତି; ବି. transsexualism.

**transship** କ୍ରି. ଏକ ଜାହାଜରୁ ଅନ୍ୟ ଜାହାଜକୁ ବା ଗୋଟିଏ ଗାଡିରୁ ଅନ୍ୟ ଗାଡିକୁ ମାଲ ସ୍ଥାନାନ୍ତର କରିବା; ବି. transshipment.

**transubstantiation** ବି. ଭିନ୍ନ ପଦାର୍ଥରେ ପରିଣତ କରିବା; କେଥ. ଖ୍ରୀଷ୍ଟିୟାନମାନଙ୍କ ୟୁକେରିଷ୍ଟ ପର୍ବରେ ନିବେଦିତ ରୁଟି ଓ ମଦ୍ୟକୁ ପ୍ରଭୁ ଯୀଶୁଙ୍କ ରକ୍ତମାଂସରେ ପରିବର୍ତ୍ତନ।

**transuranic** ବିଂ. ୟୁରାନିୟମର ପରମାଣୁଠାରୁ ଆନୁପାତିକଭାବରେ ସଂଖ୍ୟାଧିକ ପରମାଣୁବିଶିଷ୍ଟ (ରାସାୟନିକ ପଦାର୍ଥ)।

**transverse** ବିଂ. ତିର୍ଯ୍ୟକ ସ୍ଥିତିଯୁକ୍ତ; ତିର୍ଯ୍ୟକ୍ ଭାବରେ ଅବସ୍ଥିତ ବା କାର୍ଯ୍ୟରତ; କ୍ରି.ବିଂ. transversely.

**transvestism** ବି. ପୁରୁଷ ବା ନାରୀର ବିପରୀତଲିଙ୍ଗୀ ପୋଷାକ ପରିଧାନ।

**transvestite** ବି. ବିପରୀତଲିଙ୍ଗୀ ସ୍ୱଭାବ ପ୍ରଦର୍ଶନ କରୁଥିବା ପୁରୁଷ କିମ୍ବା ନାରୀ; ବିଶେ. ନାରୀପୋଷାକ ପରିଧାନ କରି ଯୌନ ଆନନ୍ଦ ପାଉଥିବା ପୁରୁଷ।

**trap**¹ 1. ବି. ଯନ୍ତା; ଫାନ୍ଦ; କଥା କୁହାଇବା କିମ୍ବା କୌଣସି କାମ କରାଇବାର କୌଶଳ; କାହାକୁ ଧରିବାପାଇଁ ବିଛାଯାଇଥିବା ଜାଲ; ଲକ୍ଷ୍ୟଭେଦ କରିବାପାଇଁ ଉପରକୁ ମାଟିଡିଆରି ପାରା ପ୍ରଭୃତି କ୍ଷେପଣ କରିବାର ଉପକରଣ; ଚଟାଣ ବା ଛାତରେ ଥିବା ଦ୍ୱାର; ନଳରୁ ବାଷ୍ପ ନିର୍ଗମ–ରୋଧୀ ବଙ୍କା ଅଂଶ; ଦୁଇଚକିଆ (ଘୋଡା) ଗାଡି (pony and trap); ଗ୍ରା.ପ୍ର. ମୁହଁ (shut your trap); 2. କ୍ରି. ପଶୁପକ୍ଷୀଙ୍କୁ ଯନ୍ତା, ଜାଲ ବା ଫାନ୍ଦରେ ଧରିବା; କୌଶଳକ୍ରମେ କୌଣସି ବ୍ୟକ୍ତିକୁ ଧରିବା ବା ଗିରଫ କରିବା; ଜାଲ ବିଛାଇବା; ଫାନ୍ଦରେ ପକାଇବା ବା ପଡିବା।

**trap**² **trap–rock** ବି. କୃଷ୍ଣବର୍ଣ୍ଣ ଆଗ୍ନେୟଶିଳା।

Digitized by srujanika@gmail.com

**trapdoor** ବି. ଗୃହର ଚଟାଣ କିମ୍ବା ଛାତ ମଧ୍ୟସ୍ଥ ଚୋରାକବାଟ ।

**trapeze** ବି.(ବିଶେ. ସର୍କସ୍‌ରେ) ଭୂମିଠାରୁ ବହୁ ଉଚ୍ଚରେ ଦୁଇଟି ଦଉଡ଼ିଦ୍ୱାରା ଦୋଳାୟମାନ ଝୁଲା ବା ଦୋଳି; ଦୋଳଦଣ୍ଡ ।

**trapezium** ବି. *ଜ୍ୟା.* ବ.ବ. trapeziums, trapezia ଦୁଇଟି ସମାନ୍ତର ବାହୁବିଶିଷ୍ଟ ଚତୁର୍ଭୁଜ; ଟ୍ରାପିଜିୟମ୍ ।

**trapezoid** ବି. ଅସାମନ୍ତରିକ ଚତୁର୍ଭୁଜ; *ଆମେ.* ଟ୍ରାପିଜିୟମ୍ ।

**trapper** ବି. ବଣ୍ୟଜନ୍ତୁଙ୍କୁ ଧରିବାପାଇଁ ଫାଶ ବସାଉଥିବା ବ୍ୟକ୍ତି ।

**trappings** ବି. ଘୋଡାଗାଡିର ଆଳଙ୍କାରିକ ସାଜ; କୌଣସି ବସ୍ତୁର ଆଳଙ୍କାରିକ ଅଂଶ ସମୂହ ।

**Trappist** ବି. ମୌନବ୍ରତ ଆଚରଣ ପାଇଁ ସଂକଳ୍ପବଦ୍ଧ ସଂପ୍ରଦାୟ ବିଶେଷର ସନ୍ନ୍ୟାସୀ ।

**traps** ବି. ବ.ବ. *ଘ୍ୟା.ପ୍ର.* ଗଣ୍ଠିଲିପତ୍ର; ଜିନିଷପତ୍ର ।

**trash** 1. ବି. *ଆମେ.* ତୁଚ୍ଛ କିମ୍ବା ବାଜେ ଜିନିଷ; ଆବର୍ଜନା; ବାଜେ ଲୋକ; 2. *କ୍ରି. ଘ୍ୟା.ପ୍ର.* ଭଂଗାରୁଜା କରିବା; ବିଂ. trashy.

**trash can** ବି. *ଆମେ.* ଅଳିଆ ଜମାକରିବା ପାତ୍ର; ଡଷ୍ଟବିନ୍ ।

**trattoria** ବି. ଇଟାଲୀୟ ଭୋଜନାଳୟ ବା ରେସ୍ତୋରାଁ ।

**trauma** ବି. ବ.ବ. traumas, traumata ପ୍ରଚଣ୍ଡ ମାନସିକ ଆଘାତ; ଶାରୀରିକ କ୍ଷତ କିମ୍ବା ଆଘାତ ବା ତଜ୍ଜନିତ ଅସୁସ୍ଥତା; *କ୍ରି.* traumatize.

**traumatic** ବିଂ. ଆଘାତଜନିତ; *କ.ଭା.* ଗଭୀର ଦୁଃଖଦାୟକ ।

**travail** 1. ବି. *ସାହି.* ପ୍ରସବ ଯନ୍ତ୍ରଣା; କଷ୍ଟପୂର୍ଣ୍ଣ କାର୍ଯ୍ୟ ବା ଉଦ୍ୟମ; 2. *କ୍ରି.* କଠିନ ପରିଶ୍ରମ କରିବା; ପ୍ରସବଯନ୍ତ୍ରଣା ସହିବା ।

**travel** 1. *କ୍ରି.* ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯିବା; (ବିଶେ. ଦୀର୍ଘ ବା ବିଦେଶ) ଯାତ୍ରା କରିବା; ଦୀର୍ଘ ଦୂରତ୍ୱକୁ ଅତିକ୍ରମ କରିବା; *ଘ୍ୟା.ପ୍ର.* ଦୀର୍ଘଯାତ୍ରା ସମ୍ଭାଳି ନେବା (grapes that travel badly); ଭ୍ରାମ୍ୟମାଣ ବିକ୍ରେତା ଭାବରେ ବିଭିନ୍ନ ସ୍ଥାନ ଘୁରିବୁଲିବା; ନିର୍ଦ୍ଦିଷ୍ଟଭାବରେ ଏବଂ ନିର୍ଦ୍ଦିଷ୍ଟ ବେଗରେ ଗତିକରିବା; *କ.ଭା.* କ୍ଷିପ୍ରଗତିରେ ଯିବା; ଉଦ୍ଦେଶ୍ୟମୂଳକ କିମ୍ବା ନିୟମାବଦ୍ଧ ଭାବରେ ଠାଆକୁଠାଆ ଯିବା; (ଯନ୍ତ୍ରର ଅଂଶବିଶେଷ) ନିର୍ଦ୍ଦିଷ୍ଟଭାବରେ କାର୍ଯ୍ୟ ସଂପାଦନ କରିବା; 2. ବି. ଯାତ୍ରା; ବିଦେଶଯାତ୍ରା; ଗସ୍ତ; ଭ୍ରମଣ ।

**travel agency** ବି. ଭ୍ରମଣର ସମସ୍ତ ବନ୍ଦୋବସ୍ତ କରୁଥିବା ବ୍ୟାବସାୟିକ ପ୍ରତିଷ୍ଠାନ; ବି. travel agent.

**travelled** ବିଂ. *ଆମେ.* traveled ଯାତ୍ରାରତ (ମଣିଷ); ଦୂରଯାତ୍ରାରେ ଅଭିଜ୍ଞ ।

**traveller's cheque** ବି. *ଆମେ.* traveler's check ନିର୍ଦ୍ଦିଷ୍ଟ ମୂଲ୍ୟର ଚେକ୍ ଯାହାକୁ ନିଜ ଦସ୍ତଖତ ସହ ଦେଶବିଦେଶର ବେଂକ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ଭଙ୍ଗାଯାଇପାରେ ।

**traveller's joy** ବି. ଅଯତ୍ନବର୍ଦ୍ଧିତ କ୍ଲେମେଟିସ୍ ଲତା ।

**traveller's tale** ବି. ଅବିଶ୍ୱାସ୍ୟ (ଏବଂ ସମ୍ଭବତଃ କାଳ୍ପନିକ) କାହାଣୀ ।

**travelogue** ବି. ଭ୍ରମଣ ସମ୍ବନ୍ଧରେ ସବିଶେଷ ବିବରଣୀ ସମ୍ବଳିତ ସଚିତ୍ର ପୁସ୍ତକ, ଚଳଚ୍ଚିତ୍ର କିମ୍ବା ବକ୍ତୃତା; ଭ୍ରମଣ କାହାଣୀ ।

**travel-sick** ବିଂ. ଯାତ୍ରାକରିବା ସମୟରେ ବାନ୍ତି କରୁଥିବା ।

**traverse** 1. *କ୍ରି.* ଭ୍ରମଣ କରିବା; ଅନୁପ୍ରସ୍ଥଭାବେ ରହିବା; କୌଣସି ବିଷୟରେ ପୂର୍ଣ୍ଣାଙ୍ଗ ବିଚାର ଆଲୋଚନା କରିବା; କମାଣ ବା ତୋପକୁ ଆନୁଭୂମିକ ଭାବରେ ଘୂରାଇବା; 2. ବି. ବାମ କିମ୍ବା ଡାହାଣ ପାର୍ଶ୍ୱଦେଇ ଗତି; କୌଣସି ପଦାର୍ଥର ଅନ୍ୟ ପଦାର୍ଥକୁ ଭେଦ ବା ଛେଦନ; ବି. traversal.

**travesty** 1. ବି. ହାସ୍ୟକର ଉପସ୍ଥାପନା କିମ୍ବା ଅନୁକରଣ 2. *କ୍ରି.* ହାସ୍ୟକର ଅନୁକରଣ କରିବା; ଉପହାସାସ୍ପଦ ହେବା ।

**trawl, trawl-net** 1. ବି. ଡଙ୍ଗା, ମୋଟରବୋଟ୍‌ପ୍ରଭୃତିଦ୍ୱାରା ପାଣି ତଳଭାଗରେ ଟଣାହେଉଥିବା ଚଉଡ଼ା ମୁହଁ ବିଶିଷ୍ଟ ବିରାଟ ମାଛଧରା ଜାଲ; 2. *କ୍ରି.* ଏଭଳି ପଦ୍ଧତିରେ ବା ଏପରି ଜାଲଦ୍ୱାରା ମାଛ ଧରିବା; ଖୋଜିବା; ଅନ୍ୱେଷଣ କରିବା ।

**trawler** ବି. ବିରାଟ ମାଛଧରା ଜାଲକୁ ବ୍ୟବହାର କରୁଥିବା ନୌକା ବା ମୋଟରବୋଟ୍, ଟ୍ରଲର୍ ।

Digitized by srujanika@gmail.com

**tray** ବି. ଖାଦ୍ୟ ସାମଗ୍ରୀ ପରିବେଷଣ ନିମିତ୍ତ ବ୍ୟବହୃତ ଥାଳିଆ; କାଗଜପତ୍ର ବା ଛୋଟଛୋଟ ଜିନିଷ ରଖିବା ପାଇଁ ଢାଂକୁଣିବିହୀନ ବାକ୍ସ।

**treacherous** ବିଂ. ବିଶ୍ୱାସଘାତକ; ଧୋକାବାଜ।

**treachery** ବି. ବିଶ୍ୱାସଘାତକତା; ଧୋକା।

**treacle** ବି. ଅର୍ଦ୍ଧଘନୀଭୂତ ଚିନି ପାଣି ବା ଶିରା (syrup), ଗୁଡ଼; ବିଂ. treacly.

**tread** 1. କ୍ରି. ପାଦ ପକାଇବା; ଚାଲିବା; (କିଛି ଉପରେ) ପଦ ସ୍ଥାପନ କରିବା; ପଦ ଦଳନ କରିବା; ମାଡ଼ି ପକାଇବା; (ନୃତ୍ୟ ପ୍ରଭୃତିରେ) ପଦ ସଂଚାଳନ କରିବା; ରଂଧ୍ର କରିବା; ପୁରୁଷପକ୍ଷୀ ମାଈ ପକ୍ଷୀ ସହିତ ସହବାସ କରିବା; 2. ବି. ପଦପାତ; ପଦଧ୍ୱନି; ସିଡ଼ି ବା ପାହାଚର ଉପର ଅଂଶ; ଚକର ରେଳ ଧାରଣା କିମ୍ବା ଭୂମିକୁ ସ୍ପର୍ଶ କରୁଥିବା ଅଂଶ; ତରଳ ଧାରଣାର ଚକ ସ୍ପର୍ଶ କରୁଥିବା ଉପରଅଂଶ, ରାସ୍ତା ଉପରେ ଖସି ନ ଯିବା ପାଇଁ ନିର୍ମିତ ଟାୟାରର ଉପର ଅଂଶ; ଜୋତାର ତଳ ଅଂଶ; tread the board ଅଭିନେତା ସାଜିବା; tread on air ଉତ୍‌ଫୁଲ୍ଲିତ ହେବା; tread on a person's corns (toes) କାହାର ମନରେ ଆଘାତ ଦେବା; tread water ହସ୍ତ ପଦ ଚାଳନା କରି ପାଣି ଉପରେ ଠିଆ ପହଁରା କରିବା ବା ସିଧା ଠିଆ ହେବା।

**treadle** ବି. କୌଣସି ଯଂତ୍ରକୁ ଗତିଶୀଳ କରିବାପାଇଁ ବ୍ୟବହୃତ ପଦଚାଳିତ ଭାରଦଣ୍ଡ।

**treadmill** ବି. ପୂର୍ବେ ବନ୍ଦୀମାନେ ଶାସ୍ତିସ୍ୱରୂପ ଚଳାଉଥିବା ପଦଚାଳିତ ଘୂର୍ଣ୍ଣାୟମାନ ଚକ୍ର ବିଶେଷ; ଏହି ପଦ୍ଧତିର ବ୍ୟାୟାମ ଉପକରଣ; ବୈଶିଷ୍ଟ୍ୟହୀନ ଗତାନୁଗତିକ କାର୍ଯ୍ୟ।

**treason** ବି. ଗୁରୁତର ରାଷ୍ଟ୍ରଦ୍ରୋହ ବା ରାଜଦ୍ରୋହ; ଦେଶଦ୍ରୋହ; ବିଶ୍ୱାସଭଙ୍ଗ; ବିଶ୍ୱାସଘାତକତା; ବିଂ. treasonable, treasonous, କ୍ରି.ବିଂ. treasonably.

**treasure** 1. ବି. ମୂଲ୍ୟବାନ ଧାତୁ ଅଥବା ପଥର; ଧନରତ୍ନ; ଉପାର୍ଜିତ ସମ୍ପତ୍ତି; ଦୁର୍ମୂଲ୍ୟ ବସ୍ତୁ; ଐତିହାସିକତା, ବିରଳତା ବା କଳାକୌଶଳ ଯୋଗୁଁ ମୂଲ୍ୟବାନ ମନେ କରାଯାଇଥିବା ପଦାର୍ଥ; ଅତି ପ୍ରିୟ ବା ସମ୍ମାନାସ୍ପଦ ବ୍ୟକ୍ତି; 2. କ୍ରି. ମୂଲ୍ୟବାନ୍ ମନେକରି ସଞ୍ଚିତ କରିବା; ମୂଲ୍ୟବାନ୍ ବୋଲି ଗଣ୍ୟ କରିବା।

**treasurer** ବି. ସାମୂହିକ ଅର୍ଥର ତତ୍ତ୍ୱାବଧାରକ; କୋଷାଧକ୍ଷ।

**treasure trove** ବି. ଗୁପ୍ତଧନ; ଅଜ୍ଞାତ ମାଲିକାନାର ଲୁଚାୟିତ ଧନ।

**treasury** ବି. ସମ୍ପତ୍ତି ଗଚ୍ଛିତ ରଖିବା ସ୍ଥାନ ବା ଗୃହ; ଟ୍ରେଜେରି; କୋଷାଗାର; ସରକାର ଅଥବା କୌଣସି ଅନୁଷ୍ଠାନର ଜମା; Treasury ସରକାରର ରାଜସ୍ୱ ଏବଂ ଅର୍ଥର ଭାରପ୍ରାପ୍ତ ବିଭାଗ ଓ କର୍ମକର୍ତ୍ତାଗଣ; ରାଜକୋଷ।

**treasury bench** ବି. ସଂସଦ, ବିଧାନ ସଭା ପ୍ରଭୃତିରେ ସରକାରୀ ଦଳର କେବିନେଟ୍ ମଂତ୍ରୀ ଏବଂ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଅଳଙ୍କୃତ କରୁଥିବା ସମ୍ମୁଖ ଆସନ।

**treasury bill** ବି. ସାମୟିକ ଖର୍ଚ୍ଚ ଭରଣା ପାଇଁ ସରକାରଙ୍କ ପକ୍ଷରୁ ପ୍ରକାଶିତ ଦସ୍ତାବିଜ; କୋଷ ବିପତ୍ର।

**treat** 1. କ୍ରି. (ନିର୍ଦ୍ଦିଷ୍ଟ ଭାବରେ) ବ୍ୟବହାର ପ୍ରଦର୍ଶନ କରିବା; ମନେ କରିବା (treated it as a joke); କୌଣସି ପ୍ରକ୍ରିୟାକୁ ପ୍ରୟୋଗ କରିବା (treat it with vinegar); ଚିକିତ୍ସା କରିବା; ସାହିତ୍ୟ, କଳା ପ୍ରଭୃତିରେ ଉପସ୍ଥାପନ ଏବଂ ଆଲୋଚନା କରିବା; ନିଜ ଖର୍ଚ୍ଚରେ ଅନ୍ୟକୁ ଖାଦ୍ୟପେୟ ତଥା ଆମୋଦ ପ୍ରଦାନ କରିବା; ସମସ୍ୟାଦିର ସମାଧାନ ପାଇଁ କାହା ସହିତ କଥାବାର୍ତ୍ତା ଚଳାଇବା; (କୌଣସି ବିଷୟ) କଥିତ କିମ୍ବା ଲିଖିତ ଭାବରେ ପ୍ରକାଶ କରିବା; 2. ବି. (ଅପ୍ରତ୍ୟାଶିତ ବା ଅସାଧାରଣ ଭାବେ) ଅପୂରବ ଆନନ୍ଦ ଦେଉଥିବା ଘଟଣା ବା ବିଷୟ; ଆନନ୍ଦପ୍ରଦାନକାରୀ ପରିଚର୍ଯ୍ୟା; ଅନ୍ୟକୁ ଖାଦ୍ୟ ଦ୍ରବ୍ୟରେ ତୃପ୍ତିକରଣ; stand treat ଆମୋଦ ଖର୍ଚ୍ଚକୁ ନିଜେ ବହନ କରିବା; ବିଂ. treatable.

**treatise** ବି. କୌଣସି ବିଷୟରେ ବିଧିବଦ୍ଧ ଭାବରେ ଲିଖିତ ଗ୍ରଂଥ ବା ପ୍ରବନ୍ଧ।

**treatment** ବି. ବ୍ୟକ୍ତି କିମ୍ବା ବସ୍ତୁ ପ୍ରତି ଆଚରଣ ପ୍ରଦର୍ଶନର ଢଙ୍ଗ ବା ଧାରା; ରୋଗର ଚିକିତ୍ସା ବା ଉପଚାର; ସାହିତ୍ୟରେ କୌଣସି ବିଷୟବସ୍ତୁର ଉପସ୍ଥାପନ ଶୈଳୀ; କୌଣସି ପରିସ୍ଥିତି ବା ବ୍ୟକ୍ତି ସହିତ ବ୍ୟବହାର କରିବାର ପାରଂପରିକ ପଦ୍ଧତି।

**treaty** ବି. ରାଷ୍ଟ୍ରମାନଙ୍କ ମଧ୍ୟରେ ଅନୁମୋଦିତ ଏବଂ ସ୍ୱାକ୍ଷରିତ ଚୁକ୍ତି; ସନ୍ଧି; ସମ୍ପତ୍ତି କ୍ରୟ ନିମିତ୍ତ (ବ୍ୟକ୍ତିବିଶେଷଙ୍କ ମଧ୍ୟରେ) ସଂପାଦିତ ଚୁକ୍ତିନାମା।

Digitized by srujanika@gmail.com

**treble** 1. ବିଂ. ତିନିଗୁଣ; ତ୍ରୟ; *ସଂଗୀତ* ଅତ୍ୟୁଚ୍ଚ କଣ୍ଠସ୍ୱରବିଶିଷ୍ଟ 2. ବି. ତିନିଗୁଣ (ପରିମାଣ ବା ଜିନିଷ); *ସଙ୍ଗୀତ* ଅତି ଉଚ୍ଚ କଣ୍ଠ ସ୍ୱର; ତିନିରେ ଗୁଣିବା କିମ୍ବା ଗୁଣା ହେବା; କ୍ରି.ବିଂ. trebly.

**tree** 1. ବି. ଗଛ, ବୃକ୍ଷ; ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହୃତ ଗଛ ସଦୃଶ ବସ୍ତୁ (*ଉଦା.* shoe tree); ବଂଶଲତା; ପରିବାରର ପୂର୍ବ ଓ ପରବର୍ତ୍ତୀ ବ୍ୟକ୍ତିମାନଙ୍କର କ୍ରମ ତାଲିକା (family tree); 2. କ୍ରି. ଗଛରେ ରହିବାକୁ ବା ଆଶ୍ରୟନେବାକୁ ବାଧ୍ୟ କରିବା ବା ହେବା; grow on trees ଅକ୍ଳେଶରେ ପ୍ରଚୁର ପରିମାଣରେ ମିଳିବା; ବିଂ. treeless.

**treecreeper** ବି. ଗଛର ବକ୍କଳରୁ କୀଟପତଙ୍ଗାଦି ଖାଇ ବଞ୍ଚୁଥିବା କ୍ଷୁଦ୍ର ଚଢ଼େଇ ବିଶେଷ।

**tree-fern** ବି. ଗଣ୍ଡିଭଳି ସଳଖ କାଣ୍ଡଯୁକ୍ତ ବଡ଼ ଫର୍ଣ୍ଣ ଜାତୀୟ ଗଛ।

**tree house** ବି. ପିଲାମାନେ ଖେଳିବା ପାଇଁ ଗଛ ଉପରେ ନିର୍ମିତ କ୍ଷୁଦ୍ର ଗୃହ; ଗଛ ଉପରେ ଥିବା ଘର।

**tree line** ବି. timberline ଦ୍ର.।

**tree ring** ବି. ଗଛର ଗଣ୍ଡି ପ୍ରଭୃତିରେ ବର୍ଷକୁ ଗୋଟିଏ ହିସାବରେ ସୃଷ୍ଟ ବୃତ୍ତ।

**tree surgeon** ବି. ପଳିତ ବୃକ୍ଷକୁ ସଂରକ୍ଷଣ କରି ରଖିବା ଉଦ୍ଦେଶ୍ୟରେ ଉପଚାର କରୁଥିବା ବ୍ୟକ୍ତି।

**trefoil** ବି. ତ୍ରିପତ୍ରୀ ଗଛ ବା ଉଦ୍ଭିଦ; ସେଭଳି କାରୁକାର୍ଯ୍ୟ ବା ବାସ୍ତୁକଳା।

**trek** 1. କ୍ରି. ଶ୍ରମସାଧ୍ୟ ଯାତ୍ରା କରିବା; *ଇତି.* ନିଜର ଜିନିଷପତ୍ର ସହ ବଳଦଗାଡ଼ିରେ ଯାତ୍ରା ଅଥବା ଦେଶାନ୍ତର ଗମନ କରିବା; 2. ବି. କଷ୍ଟସାଧ ବା ଦୀର୍ଘଯାତ୍ରା; ଦୀର୍ଘ ପଦଯାତ୍ରା; ଏକ ଦେଶରୁ ଅନ୍ୟ ଦେଶକୁ ଦଳବଦ୍ଧ ଦେଶାନ୍ତର ଯାତ୍ରା; ବି. trekker.

**trellis** ବି. (trellis-work ମଧ) ଲତାକୁ ଉପରକୁ ବଢ଼ାଇବା ପାଇଁ ନିର୍ମିତ ମଞ୍ଚା ବା ରଂକା।

**trematode** ବି. ଏକ ଜାତୀୟ ପରାଂଗପୁଷ୍ଟ କୃମି ପୋକ।

**tremble** 1. କ୍ରି. (ଭୟ, ଦୁର୍ବଳତା, ଭାବାତିଶଯ୍ୟ ପ୍ରଭୃତି ହେତୁ) କମ୍ପିବା; ଥରିବା; ଆଶଙ୍କିତ ହୋଇ ରହିବା; (ଗଛପତ୍ର) ହଲିବା ବା ଥରଥର କମ୍ପିବା; 2. ବି. କମ୍ପନ; ବି. trembling.

**trembler** ବି. ବୈଦ୍ୟୁତିକ ସ୍ରୋତ ଉତ୍ପନ୍ନ ଅଥବା ଭଗ୍ନକାରୀ ସ୍ୱୟଂକ୍ରିୟ କମ୍ପନ ଯନ୍ତ୍ର।

**trembly** ବିଂ. କମ୍ପିତ; ଆନ୍ଦୋଳିତ।

**tremendous** ବିଂ. *କ.ଭା.* ଅସାଧାରଣ; ଚମତ୍କାର; ଅତୀବ ଭୀଷଣ; ବିଶାଳ; ଭୀତିପ୍ରଦ; କ୍ରି.ବିଂ. tremendously.

**tremolo** ବି. *ସଙ୍ଗୀତ* କମ୍ପିତ ସ୍ୱର; ଆନ୍ଦୋଳିତ ସ୍ୱର।

**tremor** ବି. କମ୍ପନ; ରୋମାଞ୍ଚ (ଭୟ, ଆନନ୍ଦ ପ୍ରଭୃତିଜନିତ) ଶୀହରଣ; earth tremor ମୃଦୁ ଭୂମିକମ୍ପ।

**tremulous** ବିଂ. କମ୍ପମାନ; କମ୍ପିତ; କ୍ରି.ବିଂ. tremulously.

**trench** 1. ବି. ଦୀର୍ଘ, ଗଭୀର ଓ ଅପ୍ରଶସ୍ତ ଖାତ; ସେନାବାହିନୀ ଦ୍ୱାରା ନିର୍ମିତ ଗଭୀର ଖାତ ସଦୃଶ ଆଶ୍ରୟସ୍ଥଳ; 2. କ୍ରି. ଖାତ ଖୋଳିବା; ତଳ ମାଟିକୁ ଉପରକୁ ନେଇ ଆସିବାପାଇଁ ଶିଆର ସୃଷ୍ଟି କରିବା (ଚାଷ ଓ ବଗିଚା କାମରେ)।

**trenchant** ବିଂ. ଶାଣିତ; ତୀକ୍ଷ୍ଣ; ମର୍ମଭେଦୀ (ଭାଷା, ଶୈଳୀ); ବି. trenchancy; କ୍ରି.ବିଂ. trenchantly.

**trench coat** ବି. ସୈନିକର ବରଷାତି କୋଟ; ଢୁଗୁଳା ବରଷାତି କୋଟ।

**trencher** ବି. ଇତି. କାଠ ତିଆରି ଚଟୁ ବା ତଟ୍ଟି (ଖାଦ୍ୟ ପରିବେଷଣ ପାଇଁ)।

**trencher man** ବି. ଭଲଭାବରେ ଖାଉଥିବା ବା ଖୁଆଉଥିବା ବ୍ୟକ୍ତି; ନିର୍ଦ୍ଦିଷ୍ଟ ଭଙ୍ଗୀରେ ଖାଦ୍ୟ ଖାଉଥିବା ବ୍ୟକ୍ତି।

**trench mortar** ବି. ଟ୍ରେଞ୍ଚ୍ ଭିତରୁ ଶତ୍ରୁଉପରେ ବୋମା ନିକ୍ଷେପ ପାଇଁ ବ୍ୟବହୃତ କ୍ଷୁଦ୍ର ବୋମାନିକ୍ଷେପକ କମାଣ ବିଶେଷ।

**trench warfare** ବି. ଟ୍ରେଞ୍ଚ୍ ବା ସୁରକ୍ଷା–ଖାତ ମଧ୍ୟରୁ ହେଉଥିବା ଯୁଦ୍ଧ।

**trend** ବି. (ଘଟଣା କ୍ରମ, ରୁଚି, ଚିନ୍ତାଧାରା; ମତିଗତି ପ୍ରଭୃତିରେ) ସାଧାରଣ ରୀତି, ଧାରା ବା ଝୁଙ୍କ; 2. କ୍ରି. ଭିନ୍ନ ମୋଡ଼ ନେବା; ଏକ ନିର୍ଦ୍ଦିଷ୍ଟ ଦିଗରେ ଗତି କରିବା; ନିର୍ଦ୍ଦିଷ୍ଟ ମନୋଭାବ ପୋଷଣ କରିବା।

Digitized by srujanika@gmail.com

**trend–setter** ବି. ଫେସନ ପ୍ରବର୍ତ୍ତକ; ଯେ କୌଣସି ନୂଆ ଢ଼ଙ୍ଗ ବା ପ୍ରଥା ଆରମ୍ଭ କରୁଥିବା ବ୍ୟକ୍ତି ।

**trendy** 1. ବିଂ. *କ.ଭା.* ଆଧୁନିକ ରୁଚି ସମ୍ପନ୍ନ; ଫେଶନପ୍ରିୟ; 2. ବି. ଫେଶନପ୍ରିୟ ବ୍ୟକ୍ତି; *କ୍ରି.ବିଂ.* trendily ବି. trendiness.

**trepan** 1. ବି. ଖପୁରୀର ଅସ୍ତ୍ରୋପଚାରରେ ପୂର୍ବେ ବ୍ୟବହୃତ ସିଲିଣ୍ଡର ଆକୃତିର କରତ; 2. କ୍ରି. ଏହି କରତଦ୍ୱାରା କାଟି ଖପୁରୀର ଅସ୍ତ୍ରୋପଚାର କରିବା ।

**trepidation** ବି. ଭୟ; ମନର ଅସ୍ଥିରତା; ଉତ୍କଂଠା; ଉଦ୍‌ବେଗ ।

**trespass** 1. କ୍ରି. ଅନ୍ୟର ଜମି ବା ଘରବାଡ଼ି ଭିତରକୁ ବେଆଇନ୍ ଏବଂ ଅବାଞ୍ଛନୀୟ ଭାବେ ପ୍ରବେଶ କରିବା; ଅନଧିକାରମୂଳକ ବା ଅବାଞ୍ଛନୀୟ ଦାବି କରିବା; 2. ବି. ଅନଧିକାର ପ୍ରବେଶ; *ପ୍ରା.ପ୍ର.* ପାପ; ଅପରାଧ; ବି. trespasser.

**tress** ବି. କେଶଗୁଚ୍ଛ; ବେଣୀ; ନାରୀର କେଶପାଶ ବା କେଶବିନ୍ୟାସ ।

**trews** ବି. ବ.ବ. ଟିପା, ଛକିଛକି ଟ୍ରାଉଜର୍ସ ।

**TRH** *ସଂଖି.* Their Royal Highnesses ମହାମାନ୍ୟ ରାଜଦମ୍ପତି ।

**tri–** *ସଂ.* ତିନି; ତିନିଥର ଅର୍ଥସୂଚକ *ପୂ.ପ୍ର.* ।

**triad** ବି. ସଂଖ୍ୟା ତିନି; ତିନୋଟି ଏକତ୍ର; ଚୀନର ଗୁପ୍ତ ସଙ୍ଗଠନ ବିଶେଷ (ଅପରାଧ ଉଦ୍ଦେଶ୍ୟରେ ଗଠିତ); ବିଂ. triadic; *କ୍ରି.ବିଂ.* triadically.

**trial** ବି. ଅଦାଲତରେ ବିଚାର; ନ୍ୟାୟ ବିଚାର; କଷ୍ଟଦାୟକ ବସ୍ତୁ ବା ବ୍ୟକ୍ତି; ପରୀକ୍ଷା; ଯୋଗ୍ୟତା ବିଚାର ପାଇଁ ପରୀକ୍ଷା; ପରୀକ୍ଷାମୂଳକ ଚିକିତ୍ସା; ଯୋଗ୍ୟ ଖେଳାଳି ବାଛିବା ନିମିତ୍ତ ଅନୁଷ୍ଠିତ ଖେଳ ବା ପ୍ରତିଯୋଗିତା; on trial ନ୍ୟାୟାଳୟରେ ବିଚାରାଧୀନ; ପରୀକ୍ଷାମୂଳକ ଭାବେ; ଉପଯୁକ୍ତ ମନେ ହେଲେ ମନୋନୀତ ହେବା ପାଇଁ ।

**trial and error** ବି. କୃତକାର୍ଯ୍ୟ ହେବା ପର୍ଯ୍ୟନ୍ତ ଥରକୁ ଥର ଉଦ୍ୟମ କରିବା ।

**trial run** ବି. (ଯାନବାହନ ପ୍ରଭୃତିର) କାର୍ଯ୍ୟକ୍ଷମତାର ପ୍ରାରଂମ୍ଭିକ ପରୀକ୍ଷା ।

**triangle** ବି. ତ୍ରିଭୁଜ; ଏକ ସରଳରେଖାରେ ଅବସ୍ଥିତ ନଥିବା ତିନୋଟି ବିନ୍ଦୁ ବା ପଦାର୍ଥ ଯେଉଁମାନେ କାଳ୍ପନିକ ସରଳରେଖାଦ୍ୱାରା ପରସ୍ପର ସଂଯୁକ୍ତ; ତ୍ରିଭୁଜାକାର ଉପକରଣ ବା ବସ୍ତୁ; ତ୍ରିକୋଣ–ପ୍ରେମଜନିତ ପରିସ୍ଥିତି ।

**triangular** ବିଂ. ତ୍ରିଭୁଜାକାର; ତିନିକୋଣ ବିଶିଷ୍ଟ; ତ୍ରିମୁଖୀ (ପ୍ରତିଯୋଗିତା) ।

**triangulate** କ୍ରି. ଅନେକ ତ୍ରିଭୁଜରେ ବିଭକ୍ତକରି ଭୂଭାଗର ମାନଚିତ୍ର ତିଆରି କରିବା ବା ଜରିପ କରିବା; ବି. triangulation.

**Triassic** ଭୂ. 1. ବି. ମେସୋଜଇକ୍ (Mesozoic) ଯୁଗର ଆଦ୍ୟକାଳ 2. ବିଂ. ଉକ୍ତ ଯୁଗ ସଂବଂଧୀୟ ।

**tribe** ବି. ଜନଜାତି, ସାମାଜିକ, ଧାର୍ମିକ ବା ରକ୍ତଗତ ସମ୍ପର୍କଭିତ୍ତିକ, ତଥା ଏକ ସାଧାରଣ ସଂସ୍କୃତି, ଉପଭାଷା ଏବଂ ଏକ ମାନ୍ୟତାପ୍ରାପ୍ତ ମୁଖିଆ ସଂପନ୍ନ ପରିବାର ସମୂହ ବା ଗୋଷ୍ଠୀ; ଏହି ଧରଣର ରାଜନୈତିକ ବା ପ୍ରାକୃତିକ ଗୋଷ୍ଠୀ; ଗୋଷ୍ଠୀ; ବଂଶ; ସଂପ୍ରଦାୟ, ବିଂ. tribal; ବି. tribalism.

**tribesman** ବି. (*ସ୍ତ୍ରୀ.* tribeswoman) କୌଣସି ଜନଜାତି, ଗୋଷ୍ଠୀ ବା ସଂପ୍ରଦାୟର ଜନୈକ ସଭ୍ୟ ।

**tribology** ବି. ଇଂଜିନ୍ ବା କଳକବ୍‌ଜାର ବେରିଂ ନକ୍‌ସା ପ୍ରଭୃତି; ତୈଳୀକରଣ; ଘର୍ଷଣ ଏବଂ ଅବକ୍ଷୟ ସଂବନ୍ଧୀୟ ଅଧ୍ୟୟନ ।

**tribulation** ବି. ଭୀଷଣ ଦୁର୍ଦ୍ଦଶା ବା ଯନ୍ତ୍ରଣା ।

**tribunal** ବି. ବିଚାର ସମାଧାନ ନିମିତ୍ତ ନିଯୁକ୍ତ ବା ନିର୍ବାଚିତ ସଦସ୍ୟଗଣ; ଅଦାଲତ; ବିଚାରାଳୟ; ନ୍ୟାୟପୀଠ ।

**tribune**[1] ବି. ପ୍ରାଚୀନ ରୋମରେ ନାଗରିକ ଅଧିକାର ସୁରକ୍ଷା ପାଇଁ ଜନଗଣଙ୍କଦ୍ୱାରା ନିର୍ବାଚିତ କର୍ମକର୍ତ୍ତା; ଜନପ୍ରିୟ ନେତା କିମ୍ବା ବକ୍ତା ।

**tribune**[2] ବି. ପ୍ରାସାଦ (ଚର୍ଚ୍ଚ) ମଧ୍ୟସ୍ଥ ବିଶପଙ୍କ ସିଂହାସନ; ଏହି ସ୍ଥାନ ଅଧିକାର କରିଥିବା ଚର୍ଚ୍ଚର ଅଂଶ; ବକ୍ତୃତା ମଞ୍ଚ ।

**tributary** ବି. ଉପନଦୀ; ଏକ ବୃହତ୍ ନଦୀ ବା ହ୍ରଦକୁ ପ୍ରବାହିତ ହେଉଥିବା କ୍ଷୁଦ୍ର ନଦୀ ବା ଝରଣା; *ଇତି.* କରଦ ରାଜ୍ୟ ବା ରାଜା ।

**tribute** ବି. ଅନ୍ୟର ସମ୍ମାନାର୍ଥେ ପ୍ରଦତ୍ତ ବକ୍ତବ୍ୟ; ଭେଟି ବା କରାଯାଇଥିବା କାର୍ଯ୍ୟ; ପ୍ରୀତ୍ୟୁପହାର; କରଦ ରାଜ୍ୟ ବା ରାଜା ଅଧୀନତାର ନିଦର୍ଶନ ସ୍ୱରୂପ ଦେଉଥିବା ଅର୍ଥ; ଏପରି ଅର୍ଥଦାନ ପାଇଁ ନୀତିଗତ ସ୍ୱୀକୃତି ।

**trice** ବି. in a trice ମୁହୂର୍ତ୍ତକ ଭିତରେ ।

**triceps** ବି. ବାହୁ ଉପରିସ୍ଥ ତିନିସ୍ଥାନରେ ସଂଯୁକ୍ତ ମାଂସପେଶୀ ବିଶେଷ ।

Digitized by srujanika@gmail.com

**trichinosis** ବି. କେଶାକୃତି କୃମିଦ୍ୱାରା ସୃଷ୍ଟ ମାଂସପେଶୀର ରୋଗ।

**trichology** ବି. କେଶ–ବିଦ୍ୟା; କେଶ ସଂବନ୍ଧୀୟ ଅଧ୍ୟୟନ; ବି. trichologist.

**trichromatic** ବି. ତିନିରଙ୍ଗ ବିଶିଷ୍ଟ; ଦୃଷ୍ଟିଶକ୍ତିର ତ୍ରିରଙ୍ଗୀ (ନାଲି, ସବୁଜ, ବାଇଗଣୀ) ଅବବୋଧ।

**trick** 1. ବି. ପ୍ରତାରଣାପୂର୍ଣ୍ଣ କୌଶଳ; ଦୃଷ୍ଟିଭ୍ରମ; କିଛି ବିଶେଷ କାମ କରିବାରେ ଚତୁରତା ବା ଦକ୍ଷତା; ଚାଲାକି; ଚତୁରତାପୂର୍ଣ୍ଣ କାର୍ଯ୍ୟ; ପଶୁଦ୍ୱାରା ସାଧିତ ଅସାଧାରଣ କାମ; ନିର୍ବୋଧ କିମ୍ବା ଅଶୋଭନୀୟ କାର୍ଯ୍ୟ; ପ୍ରକୃତିଗତ ବିଚିତ୍ର ଗୁଣ ବା ଅସ୍ୱାଭାବିକତା; ତାସ ଖେଳରେ ଗୋଟିଏ ପାଳି ବା ରାଉଣ୍ଡ ଶେଷରେ ପଡ଼ିଥିବା ବା ଜିଣିଥିବା ପଏଣ୍ଟ; ଅନ୍ୟକୁ ପ୍ରତାରିତ ବା ବୋକା କଲା ଭଳି କୌଶଳ; 2. କ୍ରି. ଶଠତା କରିବା; କୌଶଳ କରିବା; ବୋକା ବନାଇବା; ଭଣ୍ଡର କରିବା; ଭଣ୍ଡେଇବା; ଧପେଇବା; to the trick *ଜ.ଭା.* କୌଶଳରେ ଅଭୀଷ୍ଟ ସାଧନ କରିବା; how's tricks? *ଜ.ଭା.* କିପରି ଅଛ? କେମିତି ଚାଲିଛି?; trick out (up) *ବିଶେ.* ଦେଖେଇ ହେବା ପାଇଁ ସଜାଇବା, ସାଜସଜା କରିବା।

**trickery** ବି. କୌଶଳ ପ୍ରୟୋଗ; ପ୍ରତାରଣା; ଚାତୁରୀ; ଫନ୍ଦି; ଚାଲାକି।

**trickle** କ୍ରି. ଟୋପାଏ ଟୋପାଏ, ରହି ରହି ବା ସରୁ ଧାରରେ ଝରିବା ବା ବହି ଆସିବା; କ୍ରମେ କ୍ରମେ ପ୍ରଘଟ ହେବା; 2. ବି. ଅଳ୍ପ ଅଳ୍ପ କରି ଝରୁଥିବା ବା ସରୁ ଧାର।

**trickster** ବି. ପ୍ରତାରକ; ଶଠ; ଭଣ୍ଡ।

**tricksy** ବିଂ. କୌତୁକପୂର୍ଣ୍ଣ; ମଉଜିଆ।

**tricky** ବିଂ. ଯାହା ଯତ୍ନ ବା ସତର୍କତାର ସହ କରିବାକୁ ହୁଏ; କୌଶଳ ଉଦ୍‌ଭାବନ; ଫନ୍ଦିଫିକର କରିବାରେ କିମ୍ବା ଚାତୁରୀ କରିବାରେ ନିପୁଣ; ଚତୁର; ପ୍ରତାରଣାପୂର୍ଣ୍ଣ; *କ୍ରି.ବିଂ.* trickily; ବି. trickiness.

**tricolour** ବି. ତ୍ରିରଙ୍ଗୀ ପତକା; ଆମେରିକା, ଆୟରଲେଣ୍ଡ, ଫ୍ରାନ୍‌ସ୍ ପ୍ରଭୃତି ଦେଶର ଜାତୀୟ ପତାକା; ଭାରତର ଜାତୀୟ ପତାକା।

**tricot** ବି. ବୁଣାଯାଇଥିବା ଲୁଗା।

**tricycle** ବି. ତିନିଚକିଆ ସାଇକେଲ୍; ଶାରୀରିକ ଅକ୍ଷମ ବ୍ୟକ୍ତି ଚଳାଇବା ପାଇଁ ନିର୍ମିତ ତିନିଚକିଆ ଗାଡି।

**trident** ବି. ତ୍ରିଶୂଳ।

**tried** *କ୍ରି.* tryର *ଅ.କା.* ଏବଂ *ଅ.କ୍ରି.କ.ପ.*।

**triennial** ବି. ତ୍ରୈବାର୍ଷିକ; ତ୍ରିବର୍ଷବ୍ୟାପୀ; *କ୍ରି.ବିଂ.* triennially.

**trier** ବି. ଉଦ୍‌ଯୋଗୀ; ସଦାଚେଷ୍ଟିତ ବ୍ୟକ୍ତି; ଖାଦ୍ୟପଦାର୍ଥ ପରୀକ୍ଷକ।

**trifle** 1. ବି. ନଗଣ୍ୟ କିମ୍ବା ପ୍ରାୟ ମୂଲ୍ୟହୀନ ବସ୍ତୁ; କିଞ୍ଚିତ୍ ପରିମାଣ; ଅଳ୍ପ ପରିମାଣର ଅର୍ଥ; କଷ୍ଟାର୍ଡ଼, ଜେଲି, ଫଳ ଓ କ୍ରିମ୍ ଯୁକ୍ତ ସ୍ପଞ୍ଜ୍‌କେକ୍‌ର ମିଷ୍ଟାନ୍ନ; 2. କ୍ରି. ହାଲୁକା ବା ଦାୟିତ୍ୱହୀନ ଭାବେ କଥାବାର୍ତ୍ତା କରିବା ବା କାମକରିବା; ହାଲୁକା ବା ବେପରୁଆ ବ୍ୟବହାର କରିବା; ଉପରଠାଉରିଆ ଭାବରେ ବ୍ୟବହାର କରିବା; ପ୍ରେମର ବାହାନା କରି ସମ୍ପର୍କ ରଖିବା।

**trifling** ବି. ଗୁରୁତ୍ୱହୀନ; ତୁଚ୍ଛ; ଛୋଟକାଟିଆ; କ୍ଷୁଦ୍ର; ଲଘୁ; ଚପଳତାପୂର୍ଣ୍ଣ।

**triforium** ବି. ଗୀର୍ଜାରେ ବାଦ୍ୟବୃନ୍ଦ ପ୍ରଭୃତି ରହୁଥିବା ସ୍ଥାନର ଉପରିଭାଗସ୍ଥ ଗେଲେରି ବା ଅଳିନ୍ଦ।

**trigger** 1. ବି. ବନ୍ଧୁକ ଘୋଡ଼ା ବା ଟିପକଳ; ଘୋଡ଼ିଆ; ଚଳନ୍ ପ୍ରକ୍ରିୟା ଆରମ୍ଭ କରୁଥିବା ଯନ୍ତ୍ରାଂଶ; କୌଣସି ଘଟଣାକ୍ରମର ଆରମ୍ଭକାରୀ ବିଷୟ; 2. କ୍ରି. (କାର୍ଯ୍ୟାଦି) ଆରମ୍ଭ କରିବା ବା ଗତିଶୀଳ କରିବା; quick on trigger ଶୀଘ୍ର ପ୍ରତିକ୍ରିୟା ପ୍ରକାଶ କରିବା।

**trigger happy** ବିଂ. ସାମାନ୍ୟ ଉତ୍ତେଜନାରେ ଗୁଳି ଚାଳନକାରୀ।

**trigonometry** ବି. ତ୍ରିକୋଣମିତି; ବିଂ. trigonometric; ବିଂ. trigonometrical; *କ୍ରି.ବିଂ.* trigonometrically.

**trike** ବି. ତିନି ଚକିଆ ସାଇକେଲ ବା ଗାଡ଼ି।

**trilateral** ବିଂ. ତ୍ରି–ପାର୍ଶ୍ୱ ବିଶିଷ୍ଟ; ତ୍ରିପାକ୍ଷିକ; ତିନିଟି ପକ୍ଷ ସମ୍ବନ୍ଧିତ।

**trilby** ବି. ନରମ ପଶମ ବସ୍ତ୍ରରେ ନିର୍ମିତ ଟୋପି (ଜର୍ଜ ଡୁ ମରିଅର୍‌ଙ୍କ ଉପନ୍ୟାସର ପ୍ରସିଦ୍ଧ ଚରିତ୍ରର ନାମାନୁସାରେ)।

**trilingual** ବିଂ. ତ୍ରିଭାଷୀ; ତିନିଟି ଭାଷାରେ କଥାବାର୍ତ୍ତା କରିପାରୁଥିବା ଲୋକ; ତିନିଟିଭାଷାରେ ଲିଖିତ ବା କଥିତ।

**trill** 1. ବି. କମ୍ପିତ ଧ୍ୱନି, ଉଚ୍ଚାରଣ ବା ସ୍ୱର; ପକ୍ଷୀର ନିନାଦ; (ଉଚ୍ଚାରଣଜନିତ) ଜିହ୍ୱାର କଂପନ; 2. କ୍ରି. କଂପିତସ୍ୱର ସୃଷ୍ଟି କରିବା।

Digitized by srujanika@gmail.com

**trillion** ବି. ଶତପରାର୍ଦ୍ଧ, ଏକ ମିଲିଅନ ମିଲିଅନ୍ (୧୦$^{୧୨}$ ବା ୧୦୦୦୦୦୦୦୦୦୦୦୦୦) ଏକ ଲକ୍ଷ କୋଟି ପରିମାଣ।

**trilobite** ବି. ଗଣ୍ଡିପୂର୍ଣ୍ଣ ଅମେରୁଦଣ୍ଡୀ (arthropod) ସାମୁଦ୍ରିକ ପ୍ରାଣୀର ପ୍ରସ୍ତରୀଭୂତ ଜୀବାବଶେଷ ବା ଜୀବାଶ୍ମ (fossil).

**trilogy** ବି. ପରସ୍ପର ସମ୍ବନ୍ଧିତ ତିନୋଟି ସାହିତ୍ୟ କୃତି, ବିଶେ. ଉପନ୍ୟାସ, ନାଟକ ବା ଅପେରା।

**trim** 1. କ୍ରି. ସୁବିନ୍ୟସ୍ତ କରିବା; ସଜାଇ ରଖିବା; ଆବଶ୍ୟକ ଆକାର ବା ଅବସ୍ଥାକୁ ନେଇ ଆସିବା; (ଅନାବଶ୍ୟକ ଅଂଶମାନଙ୍କୁ ଦୂରକରି) ବାଂଛିତ ରୂପ ବା ଅବସ୍ଥାକୁ ଆଣିବା; ସାଜସଜ୍ଜା କରିବା; ଅଳଂକରଣ କରିବା; ଜାହାଜ କିମ୍ବା ଉଡ଼ାଜାହାଜରେ ମାଲ ସମତୁଲଭାବେ ବୋଝାଇ କରି ତା'ର ଭାରସାମ୍ୟ ରକ୍ଷା କରିବା; ପବନର ଗତିକୁ ସୁହାଇଲା ଭଳି ପାଲ ଟାଣିବା; କୌଣସି ବାଦାନୁବାଦ ବା ରାଜନୀତିରେ ମଧ୍ୟମ ପନ୍ଥା ଆଚରଣ କରିବା; ପ୍ରଚଳିତ ମତିଗତି ବା ବିଚାରଧାରା ସହ ସଂଶ୍ଳିଷ୍ଟ ହେବା; ଗାଳିଗୁଲଜ କରିବା; ପିଟିବା; ଯୁକ୍ତିତର୍କ ଅବା ମୂଲଚାଲରେ ପ୍ରତିଦ୍ୱନ୍ଦୀକୁ ବଳିଯିବା; 2. ବି. କାର୍ଯ୍ୟାଦି ଆରମ୍ଭ କରିବାପାଇଁ ପ୍ରସ୍ତୁତ ବା ଯୋଗ୍ୟ ଅବସ୍ଥା; ଅଳଂକରଣ କିମ୍ବା ସାଜସଜ୍ଜା ସାମଗ୍ରୀ; କେଶ କର୍ତ୍ତନ; 3. ବିଂ. ସୁବିନ୍ୟସ୍ତ; ଫିଟ୍ ଫାଟ୍; ସୁସଜ୍ଜିତ।

**trimaran** ବି. ତିନି ମଂଗ ବିଶିଷ୍ଟ କାଟାମାରନ ଜାତୀୟ ଡଙ୍ଗା।

**trimeter** ବି. କବିତାର ତିନୋଟି ଚରଣ ବିଶିଷ୍ଟ ଧାଡ଼ି।

**trimming** ବି. ବସନଭୂଷଣ; ସାଜସଜ୍ଜା; ବ.ବଚରେ ପ୍ରଧାନ ଖାଦ୍ୟର ଆନୁସଙ୍ଗିକ ଖାଦ୍ୟ ପଦାର୍ଥ।

**Trinitarian** *ଖ୍ରୀ.* 1. ବି. ଈଶ୍ୱରଙ୍କ ତିନିରୂପ (ପିତା, ପୁତ୍ର ଓ ପବିତ୍ର ଆତ୍ମା)ରେ ବିଶ୍ୱାସୀ ବ୍ୟକ୍ତି; 2. ବିଂ. ଏହି ବିଶ୍ୱାସ ସମ୍ବନ୍ଧୀୟ; ବି. Trinitarianism.

**trinitrotoluene, trinitrotoluol** ବି. TNT *ଦ୍ର.।*

**trinity** ବି. ତ୍ରିତ୍ୱ; ତ୍ରୟ; the Trinity, Holy Trinity *ଧର୍ମ* ଖ୍ରୀଷ୍ଟ ଧର୍ମରେ ଈଶ୍ୱରଙ୍କ ତିନିରୂପ (ପିତା, ପୁତ୍ର ଓ ପବିତ୍ର ଆତ୍ମା)।

**Trinity term** ବି. ଇଷ୍ଟର୍ ପର୍ବପରେ ଆରମ୍ଭ ହେଉଥିବା ବିଶ୍ୱବିଦ୍ୟାଳୟ ଏବଂ ଆଇନ୍ ପାଠକ୍ରମର ସତ୍ର।

**trinket** ବି. କ୍ଷୁଦ୍ର ବା ଶସ୍ତା ଗହଣା।

**trio** ବି. ଯେ କୌଣସି ତିନି ଜଣିଆ ଦଳ; ତିନି ଜଣ ଶିଳ୍ପୀଙ୍କଦ୍ୱାରା ପରିବେଷିତ ସଂଗୀତ ରଚନା; ତହିଁର ତିନି ଜଣ ସଙ୍ଗୀତଶିଳ୍ପୀ।

**trip** 1. କ୍ରି. ଦ୍ରୁତ ଓ ଲଘୁ ପଦକ୍ଷେପ ସହିତ ଚାଲିବା କିମ୍ବା ନାଚିବା; ଲଘୁଭାବରେ ଦୌଡ଼ିବା; ଝୁଣ୍ଟିବା କିମ୍ବା ଅନ୍ୟକୁ ଝୁଣ୍ଟାଇବା; ଭୁଲ କରାଇବା; କୌଣସି ଜାଗାକୁ ଯାତ୍ରା କରିବା; *ସା.ପ୍ର.* ନିଶା ବଟିକା ପ୍ରଭୃତି ସେବନ କରି ସ୍ୱପ୍ନିଳ ହେବା; ଅଜାଣତରେ ଘୋଡ଼ିଆ ଟିପି ଯନ୍ତ୍ର ପ୍ରଭୃତିକୁ ହଠାତ୍ କ୍ରିୟାଶୀଳ କରିବା; 2. ବି. ମନୋବିନୋଦ ପାଇଁ ଯାତ୍ରା ବା ଭ୍ରମଣ; ଝୁଣ୍ଟି ପଡ଼ିବା; ଭୁଲ କରିବା; ଲଘୁ ପଦପାତ; ନିଶା ଔଷଧ ସେବନ ଜନିତ ସ୍ୱପ୍ନିଳ ଅନୁଭୂତି।

**tripatrite** ବିଂ. ତିନିଭାଗ ବିଶିଷ୍ଟ; ତ୍ରିଧା; ତ୍ରିଦଳୀୟ; ତିନୋଟି ଅଂଶୀଦାରବିଶିଷ୍ଟ।

**tripe** ବି. ଗାଈଗୋରୁ ପ୍ରଭୃତି ରୋମନ୍ଥନକାରୀ ପ୍ରାଣୀଙ୍କ ପାକସ୍ଥଳୀର ପ୍ରଥମ ବା ଦ୍ୱିତୀୟ କୋଠରୀ; *କ.ଭା.* ତୁଚ୍ଛ ବା ବାଜେ ଜିନିଷ।

**triple** 1. ବିଂ. ତିନି ସମାନ ଅଂଶ ବା ବସ୍ତୁବିଶିଷ୍ଟ; ତିନିଟିକିଆ; ତ୍ରିଧା; ତ୍ରିପାକ୍ଷିକ; ତ୍ରିଗୁଣିତ; 2. ବି. ଦ୍ରବ୍ୟ ବା ପରିମାଣର ତିନିଗୁଣ; ତିନିଟି ବସ୍ତୁର ସମାହାର; 3. କ୍ରି. ତିନିରେ ଗୁଣିବା; କ୍ରି.ବିଂ. triply.

**triple crown** ବି. ଖେଳ, ବିଶେ. ରଗ୍‌ବିରେ ତିନୋଟିଯାକ ପ୍ରତିଯୋଗିତାରେ ବିଜୟଲାଭ।

**triple jump** ବି. ଏକପ୍ରକାର ଲମ୍ଫଡ଼ିଆଁ।

**triplet** ବି.ଏକତ୍ରଜାତ ତିନିଜଣଙ୍କ ମଧ୍ୟରୁ ପ୍ରତ୍ୟେକ (ମନୁଷ୍ୟ ବା ପ୍ରାଣୀ); ତିନୋଟି ବସ୍ତୁର ସମାହାର।

**triplex** ବିଂ. ତ୍ରୟ; ତିନିଗୁଣ।

**triplicate** 1. ବିଂ. ତିନୋଟି ଉଦାହରଣ ବା ନକଲ ମଧ୍ୟରେ ସ୍ଥିତ; ତିନି ଅଂଶର ବା ଭାଗବିଶିଷ୍ଟ; ତ୍ରିଗୁଣିତ; 2. ବି. ଏକାପରି ତିନୋଟି ମଧ୍ୟରୁ ଯେ କୌଣସି ଗୋଟିଏ, ତିନି କିତା ନକଲ ମଧ୍ୟରୁ ଯେକୌଣସି ଗୋଟିଏ; 3. କ୍ରି. ତିନୋଟି କରିବା; ତିନିରେ ଗୁଣିବା; in triplicate ତିନିକିତା ନକଲରେ; ବି. triplication.

Digitized by srujanika@gmail.com

**tripod** ବି. କେମେରା ପ୍ରଭୃତି ରଖିବା ପାଇଁ ତିନିଗୋଡ଼ ବିଶିଷ୍ଟ ଷ୍ଟେଣ୍ଡ; ତିନିଗୋଡ଼ିଆ ଟେବୁଲ, କିମ୍ବା ଅନ୍ୟ ଘରକରଣା ପଦାର୍ଥ।

**tripos** ବି. କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ପ୍ରାଥମିକ ଉପାଧି ଶ୍ରେଣୀର ସମ୍ମାନ ପରୀକ୍ଷା।

**tripper** ବି. ମନୋବିନୋଦନ ପାଇଁ ଭ୍ରମଣ କରୁଥିବା ବ୍ୟକ୍ତି।

**triptych** ବି. ଲଗାଲଗି ତିନୋଟି ପଟ୍ଟ ବା ପେନେଲ ଉପରେ ଅଙ୍କିତ ଛବି ବା ଭାସ୍କର୍ଯ୍ୟ।

**trip–wire** ବି. ଭୂମିର ସାମାନ୍ୟ ଉପରେ ଝୁଲୁଥିବା ତାର, ଯାହା ଉପରେ ଝୁଣ୍ଟିଲେ ସତର୍କଘଣ୍ଟି ବାଜେ ବା ଯେଉଁଥିରେ ଅବାଞ୍ଛିତ ଅନୁପ୍ରବେଶକାରୀ ଝୁଣ୍ଟିପଡେ।

**trireme** ବି. ପ୍ରାଚୀନ ଗ୍ରୀକ୍ ଯୁଦ୍ଧପୋତ ଯାହାର ଉଭୟ ପାର୍ଶ୍ୱରେ ତିନି ଧାଡି ନୌଖାଏଁ ଆହୁଲା ଚାଳନାକାରୀ ରହୁଥିଲେ।

**trisect** କ୍ରି. ତିନି (*ସା.* ସମ୍ମାନ) ଭାଗରେ ବିଭକ୍ତ କରିବା; ବି. trisection.

**trite** ବିଂ. ଗତାନୁଗତିକ ବା ବହୁ ବ୍ୟବହୃତ (ଉକ୍ତି ବା ବାକ୍ୟାଂଶ)।

**tritium** ବି. ସାଧାରଣ ଉପାଦାନର ତିନିଗୁଣବିଶିଷ୍ଟ ଭାରି ଉଦ୍‌ଜାନର ତେଜସ୍କ୍ରିୟ ଆଇସୋଟୋପ୍।

**triumph** 1. ବି. ବିଜୟ ବା ସଫଳତାର ଅବସ୍ଥା; କୃତକାର୍ଯ୍ୟ ହେବା କିମ୍ବା କାର୍ଯ୍ୟହାସଲ ଜନିତ ବିଜୟୋଲ୍ଲାସ; ଶ୍ରେଷ୍ଠ ନିଦର୍ଶନ; ସଫଳତାର ଆନନ୍ଦ; ଚରମ ସଫଳତା ବା କୃତିତ୍ୱ; *ଇତି.* ବିଜୟୀ ସେନାପତିର ରୋମନଗରୀମଧ୍ୟକୁ ଆଡ଼ମ୍ବରପୂର୍ଣ୍ଣ ପ୍ରବେଶ; 2. କ୍ରି. ବିଜୟଲାଭ କରିବା; କୃତକାର୍ଯ୍ୟ ହେବା; ଜୟୀହେବା; ଉଲ୍ଲସିତ ହେବା; ବିଜୟଯାତ୍ରା କରିବା।

**triumphal** ବିଂ. ବିଜୟସ୍ମୃତି ଉପଲକ୍ଷେ ବ୍ୟବହୃତ (ତୋରଣଆଦି)।

**triumphalism** ବି. ନିଜ ଦଳ ବା ଗୋଷ୍ଠୀର ବିଜୟଜନିତ ଅତ୍ୟଧିକ ଉଲ୍ଲାସ।

**triumphant** ବିଂ. ବିଜୟୀ; ସଫଳ; ଉଲ୍ଲସିତ; କ୍ରି.ବିଂ. triumphantly.

**triumvir** ବି. (ବିଶେ. ପ୍ରାଚୀନ ରୋମ୍‌ର) ତ୍ରୈବ୍ୟକ୍ତିକ ଶାସକଗୋଷ୍ଠୀର ସଦସ୍ୟ; ବି. triumvirate.

**trivalent** ବିଂ. *ରସା.* ତିନି ଭେଲେନ୍ସି ବା ଭାର ଥିବା।

**trivet** ବି. ରନ୍ଧନପାତ୍ର ବା ଚା' କେଟ୍‌ଲି ଥୋଇବାପାଇଁ ଉଦ୍ଦିଷ୍ଟ ତିନିଗୋଡ଼ିଆ ଟୁଲ୍; as right as a trivet *ଲ.ଭା.* ସଂପୂର୍ଣ୍ଣ ଭଲ ଅବସ୍ଥାରେ।

**trivia** ବି. ବ.ବ. ମାମୁଲି ବା ନଗଣ୍ୟ କଥା ବା ବସ୍ତୁଗୁଡିକ; ଟୁକୁରାମୁକୁରା ଜିନିଷ।

**trivial** ବିଂ. ନିତାନ୍ତ ସାଧାରଣ; ମାମୁଲି; ଗୁରୁତ୍ୱହୀନ; ମାମୁଲି କଥାରେ ଆଗ୍ରହୀ (ବ୍ୟକ୍ତି); ବି. triviality; କ୍ରି.ବିଂ. trivially.

**trivialize** କ୍ରି. ନଗଣ୍ୟ କରିଦେବା; ତୁଚ୍ଛ ବା ଗୁରୁତ୍ୱହୀନ ମନେକରିବା ବା ସେଭଳି ବ୍ୟବହାର କରିବା; ବି. trivialization.

**trochee** ବି. କବିତାର ଦ୍ୱିମାତ୍ରିକ ଚରଣ (ପ୍ରଥମଟି ଗୁରୁ, ଦ୍ୱିତୀୟଟି ଲଘୁ); ବିଂ. trochaic.

**trod** କ୍ରି. treadର *ଅ.କା. ଓ ଅ.କ୍ରି.ଜ.ପ.।*

**trodden** କ୍ରି. treadର *ଅ.କ୍ରି.ଜ.ପ.।*

**troglodyte** ବି. ଗୁମ୍ଫାଅଧିବାସୀ।

**troika** ବି. ତିନୋଟିଘୋଡା ଯୋଚା ହୋଇଥିବା ରୁଷ୍‌ଦେଶୀୟ ଗାଡ଼ି; ସେହି ଘୋଡ଼ାସମୂହ; ତ୍ରୈବ୍ୟକ୍ତିକ ଦଳ, ବିଶେ. ପ୍ରଶାସନିକ ପର୍ଷଦ ଭାବରେ।

**Trojan** 1. ବିଂ. ଏସିଆ ମାଇନରର ପ୍ରାଚୀନ ଟ୍ରୟନଗରୀ ଅଧିବାସୀ ସମ୍ବନ୍ଧୀୟ; 2. ବି. ଟ୍ରୟର ନାଗରିକ; ସାହସ ଓ ଧୈର୍ଯ୍ୟର ସହ କାର୍ଯ୍ୟ କରୁଥିବା ବା ଲଢ଼େଇ କରୁଥିବା ବ୍ୟକ୍ତି।

**Trojan Horse** ବି. ଏକ ଫମ୍ପା କାଠଘୋଡା, ଯାହା ଭିତରେ ଲୁଚି ଗ୍ରୀକ୍ ଯୋଦ୍ଧାମାନେ ଟ୍ରୟ ମଧ୍ୟରେ ପ୍ରବେଶ କରିଥିଲେ; ଶତ୍ରୁର ପତନ ନିମନ୍ତେ ବ୍ୟବହୃତ ବ୍ୟକ୍ତି, କୌଶଳ ବା ଉପକରଣ।

**troll**[1] ବି. ସ୍କେଣ୍ଡିନେଭୀୟ ଲୋକକଥାରେ ବର୍ଣ୍ଣିତ କାଳ୍ପନିକ ଚରିତ୍ର, ବିଶେ. ଗୁମ୍ଫାବାସୀ ରାକ୍ଷସ କିମ୍ବା ବାମନ।

**troll**[2] କ୍ରି. ମନଫୁଲାଣିଆ ଗୀତ ଗାଇବା; ବନ୍‌ସୀର ଥୋପକୁ ପାଣିଭିତରେ ଟାଣି ମାଛ ଧରିବା।

**trolley** ବି. ଖାଦ୍ୟଦ୍ରବ୍ୟ ପ୍ରଭୃତି ରଖିବାପାଇଁ ବା ପନିପରିବା କିମ୍ବା ସଉଦାପତ୍ର ପରିବହନ ପାଇଁ ବ୍ୟବହୃତ ଚକଲଗା ଠେଲାଗାଡି; ଧାରଣା ଉପରେ ଚଳାଚଳ କରୁଥିବା କ୍ଷୁଦ୍ର ଗାଡ଼ି; ଟ୍ରଲି।

**trolley–wheel** ବି. ଯାନବାହନ ଚାଳିବାରେ ବ୍ୟବହୃତ ବିଦ୍ୟୁତ୍ ଲାଇନ ସହିତ ସଂଯୁକ୍ତ କ୍ଷୁଦ୍ର ଚକ।

Digitized by srujanika@gmail.com

**trombone** ବି. ପିତ୍ତଳ ନିର୍ମିତ ବଂଶୀଜାତୀୟ ସ୍ୱରଯନ୍ତ୍ର; ବି. trombonist.

***trompe–l'oeil*** (ଟ୍ରମ୍ପ୍‌ଲାଇ) ବି. (ଚିତ୍ରକଳା) ବାସ୍ତବ ବା ଜୀବନ୍ତ ପ୍ରତୀୟମାନ ହେବାଭଳି ଅଙ୍କିତ ଛବି ବା ନିର୍ମିତ କଳାକୃତି। *(ଫ.)*

**–tron** *ପ.ପ୍ର. ପଦାର୍ଥ* କେତୋଟି ଉପାଦାନର ନାମଗଠନରେ ବ୍ୟବହୃତ ପ୍ରତ୍ୟୟ (positron, electron).

**troop** 1. ବି. ଏକତ୍ରିତ ଦଳ; ମଣିଷ ଅଥବା ପଶୁଙ୍କର ସମାବେଶ; ବ.ବ. ସୈନ୍ୟଗଣ; ଜଣେ କେପ୍‌ଟେନ୍ ପରିଚାଳିତ ଘୋଡ଼ାସବାର ବାହିନୀ; କମାଣସହିତ ସାଂଜୁଆ ବାହିନୀର ଏକ ଅଂଶ; ତିନି ବା ତତୋଧିକ ସ୍କାଉଟ୍‌ଙ୍କର ଏକ ଜଗୁଆଳି ଦଳ; 2. କ୍ରି. ଏକତ୍ରିତ ହେବା କିମ୍ବା ଦଳଦଳ ହୋଇ ଯାତ୍ରା କରିବା; troop the colour ଦୁର୍ଗର ସୁରକ୍ଷାବାହିନୀର ଏକ ଦଳଦ୍ୱାରା ଅନ୍ୟ ଦଳକୁ ଉତ୍ସବାନୁଷ୍ଠାନ ପୂର୍ବକ ପତାକା ପ୍ରଦାନ।

**trooper** ବି. ସାଂଜୁଆ କିମ୍ବା ଘୋଡାସବାର ବାହିନୀର ସୈନିକ; *ଆମେ., ଅଷ୍ଟ୍ରେ* ଅଶ୍ୱାରୋହୀ ପୁଲିସ; ଘୋଡ଼ାସବାର ବାହିନୀର ଘୋଡ଼ା; ସୈନ୍ୟବାହୀ ଜାହାଜ; swear like a trooper ଅନର୍ଗଳ ଗାଳିଦେବା; ଅଭିସଂପାତ ବର୍ଷଣ କରିବା।

**troop–ship** ବି. ସୈନ୍ୟବାହୀ ଜାହାଜ।

**trope** ବି. ଶବ୍ଦର ଲାକ୍ଷଣିକ ପ୍ରୟୋଗ।

**trophy** ବି. ପ୍ରତିଯୋଗିତାରେ ବିଜୟର ସ୍ମାରକୀ କିମ୍ବା ପୁରସ୍କାର; ଟ୍ରଫି; ଶିକାର, ଯୁଦ୍ଧ ପ୍ରଭୃତିର ସ୍ମାରକୀସ୍ୱରୂପ ସଂରକ୍ଷିତ ପଦାର୍ଥ; ବିଭିନ୍ନ ପଦାର୍ଥର ଆଳଙ୍କାରିକ ସଜ୍ଜା ଏବଂ ପ୍ରଦର୍ଶନ।

**tropic** 1. ବି. ବିଷୁବବୃତ୍ତର ୨୩°.୨୭' କୌଣିକ ବ୍ୟବଧାନରେ ଉତ୍ତର ଓ ଦକ୍ଷିଣ ଦିଗରେ ଭୂପୃଷ୍ଠକୁ ଘେରି ରହିଥିବା ଦୁଇ କାଳ୍ପନିକ ରେଖା (ଉତ୍ତର: କର୍କଟକ୍ରାନ୍ତି, ଦକ୍ଷିଣ: ମକରକ୍ରାନ୍ତି); ଅୟନାନ୍ତ ବୃତ୍ତ; ବ.ବ. ଅୟନ ବୃତ୍ତ, ଗ୍ରୀଷ୍ମମଣ୍ଡଳ, କ୍ରାନ୍ତିବଳୟ; 2. ବିଂ. ଗ୍ରୀଷ୍ମମଣ୍ଡଳୀୟ।

**tropical** ବିଂ. ଗ୍ରୀଷ୍ମମଣ୍ଡଳୀୟ; କର୍କଟ କ୍ରାନ୍ତି ଓ ମକର କ୍ରାନ୍ତି ମଧ୍ୟବର୍ତ୍ତୀ ଅଞ୍ଚଳ ସଂକ୍ରାନ୍ତ ବା ସଦୃଶ।

**troposhere** ବି. ଭୂପୃଷ୍ଠରୁ ପ୍ରାୟ ୬–୧୦ କି.ମି. ଉଚ୍ଚତା ପର୍ଯ୍ୟନ୍ତ ବାୟୁମଣ୍ଡଳ (ଏହି ଅଂଶ ମଧ୍ୟରେ ଉପରକୁ କ୍ରମ ଆରୋହଣ କଲେ ଉଷ୍ଣତା ହ୍ରାସ ପାଏ)।

**trot** 1. *କ୍ରି.* ମଧ୍ୟମଗତିରେ, କ୍ଷୁଦ୍ର ପଦକ୍ଷେପରେ ଦୌଡ଼ିବା; ଘୋଡାର ଟଚ୍‌ପକା ଦୌଡ଼; *କଥା.* ଯିବା, ଚାଲିବା; ଟଚ୍‌ପକା ଚାଲି(ଘୋଡା) ବା ଦୁଲ୍‌କି ଚାଲିରେ ଆଗେଇବା; 2. ବି. ଘୋଡାର ଦୁଲ୍‌କି ଚାଲି; on the trot *କଥା.* ସବୁବେଳେ ବ୍ୟସ୍ତ; କ୍ରମାଗତ (five weeks on the trot); trot out ଘୋଡାର ପଦପାତ ଦେଖାଇବା ପାଇଁ ତାକୁ ଦୌଡାଇବା; *କ.ଭା.* କୌଣସି ମତକୁ ବିରକ୍ତିକରଭାବେ ଉପସ୍ଥାପନ କରିବା; the trots *କ.ଭା.* ଅତିସାର ବା ଉଦରାମୟ ରୋଗ; ଝାଡା ଧରିବା।

**trotter** ବି. ଦୌଡ଼ ପାଇଁ ଶିକ୍ଷା ଦିଆଯାଇଥିବା ଅଥବା ପ୍ରଜନନ କରାଯାଇଥିବା ଟଚ୍‌ଘୋଡା; *ସା.* ବ.ବ. ଖାଦ୍ୟପାଇଁ ବ୍ୟବହୃତ ପ୍ରାଣୀର ଖୁରା।

**troubadour** ବି. କବି ବା ଗାୟକ; ପ୍ରେମମୂଳକ ରଚନାରେ ବ୍ୟାପୃତ ମଧ୍ୟଯୁଗୀୟ ଫରାସୀ ଗୀତିକବି।

**trouble** 1. ବି. ଦୁଃଖଦୁର୍ଦ୍ଦଶା; ଯନ୍ତ୍ରଣା; ଅସୁବିଧା, ଅସୁଖକର ହଇରାଣ; ଅସ୍ୱସ୍ତିର କାରଣ (his mother is a great trouble to him); ବିରକ୍ତି ବା ବିବ୍ରତଭାବର କାରଣ; ସ୍ୱଭାବଗତ ଦୋଷ (the trouble with him is he can't say no); ଜନ ଅସନ୍ତୋଷ; ତ୍ରୁଟିପୂର୍ଣ୍ଣ ଅବସ୍ଥା (kindney trouble); ବ.ବ. ରାଜନୈତିକ ବା ସାମାଜିକ ଅଶାନ୍ତି; 2. *କ୍ରି.* ବିବ୍ରତ, ଉତ୍ତେଜିତ, ବା ଅସ୍ଥିର କରିବା ବା ହେବା (don't trouble about it); ଯନ୍ତ୍ରଣା ଦେବା; ଅନ୍ୟକୁ ଅସୁବିଧା, ଅଶାନ୍ତି ମଧ୍ୟକୁ ଠେଲିଦେବା କିମ୍ବା ନିଜେ ପଡିବା (sorry to trouble you); ask (look) for trouble *କ.ଭା.* ନିଜକାର୍ଯ୍ୟ ବା ବ୍ୟବହାରଦ୍ୱାରା ବିପତ୍ତି ବରଣ କରିଆଣିବା; ଅସାବଧାନ ଓ ଅଜ୍ଞ ପରି ବ୍ୟବହାର କରିବା; in trouble ନିନ୍ଦା ବା ଶାସ୍ତିପ୍ରାପ୍ତ ହେବାପରି କାମରେ ସଂପୃକ୍ତ ହେବା; *କ.ଭା.* ବାହା ନ ହୋଇ ଗର୍ଭବତୀ ହେବା।

**troublemaker** ବି. ଝାମେଲା ସୃଷ୍ଟି କରିବା ଯେଉଁବ୍ୟକ୍ତିର ପ୍ରକୃତିଗତ।

**troubleshooter** ବି. ଯନ୍ତ୍ରପାତି ପ୍ରଭୃତିର ଦୋଷତ୍ରୁଟି ସୁଧାରକ; ମଧ୍ୟସ୍ଥ।

Digitized by srujanika@gmail.com

**troublesome** ବିଂ. ଅସୁବିଧା ସୃଷ୍ଟିକାରୀ; ବିରକ୍ତିକର ।

**troublous** ବିଂ. *ସାହି.* ସମସ୍ୟାବହୁଳ; ଉତ୍ତେଜିତ, ଅସ୍ଥିର ।

**trough** ବି. ପଶୁମାନଙ୍କର ଖାଇବାକୁଣ୍ଡ ବା ଡୋଙ୍ଗା; ଏହି କୁଣ୍ଡ ସଦୃଶ ଅନ୍ୟ ପଦାର୍ଥ; ଦୀର୍ଘ ନିମ୍ନ ଚାପମାନ ଅଂଚଳ ।

**trounce** କ୍ରି. ସଂପୂର୍ଣ୍ଣ ପରାସ୍ତ କରିବା; ପିଟିବା, ମାରିବା; ଭୀଷଣ ଦଣ୍ଡଦେବା ।

**troupe** ବି. କଳାକାର ବା ଶିଳ୍ପୀମାନଙ୍କ କଂପାନୀ ବା ଦଳ ।

**trouper** ବି. ଥିଏଟର ଦଳର ସଦସ୍ୟ; ଦୃଢ଼ମନା ସହକର୍ମୀ ।

**trousers** ବି. ବ.ବ. ଟ୍ରାଉଜର୍ସ; ପାଇଜାମା; ଲମ୍ବା ପେଣ୍ଟ, ଫୁଲ୍‌ପେଣ୍ଟ; wear the trousers ବିବାହରେ (ପତ୍ନୀ) ପ୍ରଭାବ ବିସ୍ତାର କରିବା; ବିଂ. trousered.

**trouser suit** ବି. ଟ୍ରାଉଜର୍ସ ଓ ଜେକେଟ୍ (ନାରୀ ପରିଧାନ) ।

**trousseau** ବି. କନ୍ୟାର ବିବାହବସ୍ତ୍ରାଦି ।

**trout** ବି. ଇଷତ୍ ନାଲି ରଙ୍ଗର ଖାଦ୍ୟୋପଯୋଗୀ ବଡ଼ ମାଛ; old trout *ଗ୍ରା.ପ୍ର. ଅବ.* ବୁଢ଼ୀ, ବୃଦ୍ଧା ।

**trove** ବି.*ଦ୍ର.* treasure trove ଗୁପ୍ତଧନ ।

**trow** କ୍ରି. *ପ୍ରା.ପ୍ର.* ବିଶ୍ୱାସ କରିବା; ଭାବିବା ବା ମନେକରିବା ।

**trowel** ବି. ରାଜମିସ୍ତ୍ରୀର କରଣି; ଖଣତି ।

**troy** ବି. troy weight ମୂଲ୍ୟବାନ ଧାତୁ ବା ମଣିର ଓଜନପ୍ରଣାଳୀ (ଏକ ପାଉଣ୍ଡ= ୧୨ ଆଉନ୍‌ସ୍ ବା ୫୭୬୦ ଗ୍ରେନ୍; (1 oz.troy= 31.1035g.).

**truant** 1. ବି. ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିବା ଛାତ୍ର; ଅନୁପସ୍ଥିତ ଶ୍ରମିକ; କାମଚୋର ବ୍ୟକ୍ତି; 2. ବିଂ. ଦାୟିତ୍ୱହୀନ, ଆଳସ୍ୟପରାୟଣ, ବାରବୁଲା (ଲୋକ ବା ବ୍ୟବହାର); 3. କ୍ରି. (play truant ମଧ୍ୟ) କାର୍ଯ୍ୟରେ ଅନୁପସ୍ଥିତ ରହିବା; ବି. truancy.

**truce** ବି. ସଂଘର୍ଷର ଅସ୍ଥାୟୀ ବିରତି; ଏଥି ନିମିତ୍ତ ଚୁକ୍ତି; ଯୁଦ୍ଧବିରତି ।

**truck**[1.] ବି. ଜିନିଷବୁହା ମଟରଗାଡ଼ି; ଟ୍ରକ୍; ଲରି; ଖୋଲା ରେଳ ୱାଗନ୍, ହାତଟଣା ଗାଡ଼ି; ଠେଲାଗାଡ଼ି ।

**truck**[2.] 1. ସଂପର୍କ; କାରବାର; ଅଦଳବଦଳ; 2. କ୍ରି. *ପ୍ରା.ପ୍ର.* ଜିନିଷ ବଦଳରେ ଜିନିଷ କାରବାର; have no truck with କାରବାର ବା ସଂପର୍କ ନ ରଖିବା ।

**truckle** 1. କ୍ରି. ଦାସସୁଲଭ ଆଚରଣ କରିବା; 2. ବି. truckle bed ଚକଲଗା ଅନୁଚ୍ଚ ଖଟ, ଯାହାକୁ ଅନ୍ୟ ଖଟ ତଳେ ରଖାଯାଇପାରେ (ପୂର୍ବକାଳରେ ଚାକରମାନଙ୍କ ପାଇଁ ଉଦ୍ଦିଷ୍ଟ) ।

**truculent** ବିଂ. ଉଗ୍ର; ଦୁର୍ଦ୍ଦାନ୍ତ; ଅମାନିଆ; ନିଆଁଗିଳା; ବି. truculence, truculency; କ୍ରି.ବିଂ. truculently.

**trudge** 1. କ୍ରି. କଷ୍ଟକରି ଚାଲିବା; ଏଭଳି ଚାଲିଚାଲି ଦୂରପଥ ଅତିକ୍ରମ କରିବା; 2. ବି. କଷ୍ଟକର ଯାତ୍ରା ।

**true** 1. ବିଂ. ସତ; ତଥ୍ୟ ଓ ବାସ୍ତବତାମୂଳକ; ଖାଣ୍ଟି; ଯଥାବିହିତ; ଅସଲି; (to ସହ) ବିଶ୍ୱସ୍ତ ଓ ଅନୁଗତ; ନିର୍ଦ୍ଦିଷ୍ଟ ମାନ ବା ଶ୍ରେଣୀ ଅନୁଯାୟୀ; ସଠିକ, ଅବିକଳ; ଠିକ୍‌ଭାବରେ ଅବସ୍ଥିତ ବା ସନ୍ତୁଳିତଭାବରେ ସ୍ଥିତ; 2. କ୍ରି.ବିଂ. *ପ୍ରା.ପ୍ର.* ଠିକଭାବରେ (aim true); ବିନାପରିବର୍ତ୍ତନରେ; come true ପ୍ରକୃତରେ ଘଟିବା; out of true ଗୋଷ୍ଠୀ ବା ସଂଘ ବାହାରେ; true to life ଜୀବନ୍ତ; ବାସ୍ତବତାର ଅନୁରୂପ ।

**true-blue** 1. ବିଂ. ଅତ୍ୟନ୍ତ ବିଶ୍ୱସ୍ତ; ଅନୁରକ୍ତ ବା ରକ୍ଷଣଶୀଳ; 2. ବି. ଏଭଳି ବ୍ୟକ୍ତି ।

**true-love** ବି. ପ୍ରେମିକ/ପ୍ରେମିକା ।

**true north** ବି. ପୃଥିବୀର ମେରୁଦଣ୍ଡର ଉତ୍ତରଦିଗ, ଚୁମ୍ବକୀୟ ନୁହେଁ ।

**truffle** ବି. ଖାଦ୍ୟୋପଯୋଗୀ ସୁଗନ୍ଧିତ ଭୂମିତଳ ଛତୁ ବା କନ୍ଦା; କୋକୋଆଯୁକ୍ତ ଚକୋଲେଟ୍ ମିଠାଇ ।

**trug** ବି. (କାଠପାଡିଆରେ ନିର୍ମିତ ଓ ବଗିଚାକାମରେ ବ୍ୟବହୃତ) ଟୋକେଇ ।

**truism** ବି. ଗତାନୁଗତିକ କିମ୍ବା ବହୁକଥିତ ଉକ୍ତି ।

**truly** କ୍ରି.ବିଂ. ଅକୃତ୍ରିମଭାବରେ; ଆନ୍ତରିକ ଭାବରେ (truly grateful); ପ୍ରକୃତରେ; ସତରେ; ବାସ୍ତବରେ (truly, I didn't know); ବିଶ୍ୱସ୍ତଭାବରେ, ଅନୁରକ୍ତି ସହକାରେ (served him truly); ସଠିକ୍ ବା ଅବିକଳ ଭାବରେ (is not truly depicted); ଯଥାର୍ଥଭାବେ (well and truly).

Digitized by srujanika@gmail.com

**trump¹** 1. ବି. ତୁରୁପ୍ ବା ରଙ୍ଗଘର ତାସ, ଯାହାକି ଅନ୍ୟଘର ତାସମାନଙ୍କଠାରୁ ଉଚ୍ଚରେ (ତାସଖେଳ); ନାଟକୀୟଭାବରେ ଫାଇଦା ହାସଲ; କ.ଭା. ପରୋପକାରୀ, ଉତ୍ତମ ବା ବିଶ୍ୱସ୍ତ ବ୍ୟକ୍ତି; 2. କ୍ରି. ତୁରୁପ୍ ବା ରଙ୍ଗତାସ ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀକୁ ପରାସ୍ତ କରିବା(ତାସ୍‌ଖେଳ); ଜିଣିଯିବା, ବଳେଇ ଯିବା; come (turn) up trumps କ.ଭା. ଆଶାତୀତ ଭାବେ ଭଲହେବା; ଲାଭବାନ, ସଫଳ କାମ କିମ୍ବା ସହାୟକ ହେବା; trump up ମନଗଢ଼ା (ଅଭିଯୋଗ) କରିବା।

**trump²** ବି. *ପ୍ରା.ପ୍ର.* ଭେରୀବାଦନ; the last trump ଖ୍ରୀଷ୍ଟଧର୍ମାନୁସାରେ ଚୂଡ଼ାନ୍ତ ବିଚାରଦିନ ମୃତବ୍ୟକ୍ତିଙ୍କୁ ଉଠାଇବା ନିମିତ୍ତ ହେବାକୁ ଥିବା ଭେରୀଶବ୍ଦ।

**trumpery** 1. ବି. ମୂଲ୍ୟହୀନ ଚାକଚକ୍ୟ; ମୂଲ୍ୟହୀନ ବସ୍ତୁ; ତୁଚ୍ଛ ବ୍ୟକ୍ତି ବା ପଦାର୍ଥ; 2. ବିଂ. ଆଡମ୍ବରପୂର୍ଣ୍ଣ କିନ୍ତୁ ତୁଚ୍ଛ; ମୂଲ୍ୟହୀନ।

**trumpet** 1. ବି. ତୂରୀ, ଭେରୀ (ବାଦ୍ୟଯନ୍ତ୍ର); ତୂରୀସଦୃଶ ବସ୍ତୁ; ତୂରୀର ଧ୍ୱନି; 2. କ୍ରି. ଭେରୀ ବା ତୂରୀ ବଜାଇବା; (ହାତୀ) ଗର୍ଜନ କରିବା; ବଡପାଟିରେ ପ୍ରକାଶ କରିବା।

**trumpet-call** ବି. ଜରୁରୀ କାର୍ଯ୍ୟ ସାଧନର ଡାକରା।

**trumpeter** ବି. ଭେରୀ ବା ତୂରୀବାଦକ, ବିଶେ. ଘୋଡ଼ାସବାର ବାହିନୀର ଦିଗ୍‌ଦର୍ଶକ।

**trumpet major** ବି. ଅଶ୍ୱାରୋହୀ ବାହିନୀର ପ୍ରଧାନ ତୂରୀବାଦକ।

**truncate** କ୍ରି. ଶେଷ ବା ଅଗ୍ରଭାଗକୁ କାଟି ଆକାରରେ ଛୋଟ କରିଦେବା; କାଣ୍ଟଛାଣ୍ଟ କରିବା; ବି. truncation.

**truncheon** ବି. ପୋଲିସହାତରେ ଥିବା କ୍ଷୁଦ୍ର ବାଡ଼ି; କର୍ତ୍ତୃତ୍ୱର ନିଦର୍ଶନ ସ୍ୱରୂପ ପୋଲିସ ଅଫିସର ବା ସାମରିକ କର୍ମଚାରୀ ଧରିଥିବା ଦଣ୍ଡ ବା ବେଟନ୍।

**trundle** କ୍ରି. ଗୁରୁଗର୍ଜନ ଶବ୍ଦରେ ଗତିଶୀଳ ହେବା ବା ଗଡ଼ିବା; ଘର୍ଘର ଶବ୍ଦ କରିବା।

**trunk** 1. ବି. ଗଛର ଗଣ୍ଡି; ଅଙ୍ଗପ୍ରତ୍ୟଙ୍ଗ ଓ ମସ୍ତକବିହୀନ ପ୍ରାଣୀଶରୀର; ଆସବାବପତ୍ର ରଖିବାପାଇଁ ବ୍ୟବହୃତ କବ୍‌ଜାଯୁକ୍ତ ବଡ଼ ବାକ୍ସ, ଟ୍ରଙ୍କ; *ଆମେ.* ମୋଟରକାର୍‌ର ଡିକି ବା ଜିନିଷ ରଖିବା ସ୍ଥାନ; ହାତୀର ଶୁଣ୍ଢ; ବ.ବରେ ସନ୍ତରଣ, ମୁଷ୍ଟିଯୁଦ୍ଧ ପ୍ରଭୃତିରେ ପ୍ରତିଯୋଗୀ ବ୍ୟବହାର କରୁଥିବା ଚିପା ପରିଚ୍ଛଦ।

**trunk call** ବି. ଦୂରଗାମୀ ଟେଲିଫୋନ୍ ଆଳାପ; ଟ୍ରଙ୍କ୍ କଲ୍।

**trunk line** ବି. ରେଳବାଇ ଓ ତାରବିଭାଗର ମୁଖ୍ୟଲାଇନ୍।

**trunk road** ବି. ମୁଖ୍ୟ ବା ପ୍ରଧାନ ପଥ, ରାଜପଥ।

**truss** 1. ବି. ଶୁଷ୍କ ଘାସ ବା ପାଳବିଡ଼ା; କୋଠାଘର ବା ପୋଲର ଭାରବହନକାରୀ ମଞ୍ଚ; ହାର୍ଣ୍ଣିଆ ରୋଗ ପ୍ରଶମନ ପାଇଁ ପରିହିତ ଡାକ୍ତରୀ କାଛା; ପୁଷ୍ପ ବା ଫଳ ଗୁଚ୍ଛ; 2. କ୍ରି. ଆଣ୍ଠିକରି ବାନ୍ଧିବା (କୁକୁଡ଼ାଆଦିକୁ ରନ୍ଧନପାଇଁ); ହାତଦ୍ୱୟକୁ ପଛୁଆକରି ବାନ୍ଧି ପକାଇବା (ବ୍ୟକ୍ତିକୁ); ପୋଲପ୍ରଭୃତି (ମଞ୍ଚଦ୍ୱାରା) ଟେକି ଧରିବା।

**trust** 1. ବି. ବ୍ୟକ୍ତି ବା ବସ୍ତୁର ଶକ୍ତି, ସଚ୍ଚୋଟତା ବା ସତ୍ୟତା ଉପରେ ଦୃଢ଼ ଆସ୍ଥାସ୍ଥାପନ; ବିଶ୍ୱସ୍ତତା; ଦୃଢ଼ ଆସ୍ଥା ବା ଆଶା; ଭରସା; ଦାୟିତ୍ୱ; ଅନ୍ୟର ତତ୍ତ୍ୱାବଧାନ ପାଇଁ ଅର୍ପିତ ସଂପତ୍ତି, ବ୍ୟକ୍ତି ବା ବସ୍ତୁ; *ଆଇନ* ନ୍ୟାସ; ନ୍ୟାସୀମାନଙ୍କ ପରିଷଦ; (ପ୍ରତିଯୋଗିତା ହ୍ରାସ କରିବାପାଇଁ ଗଠିତ) କଂପାନୀମାନଙ୍କ ସଂଗଠନ; 2. କ୍ରି. ଆସ୍ଥା ସ୍ଥାପନ କରିବା; ବିଶ୍ୱାସ କରିବା; କାହାର ଚରିତ୍ର ଓ ବ୍ୟବହାର ଉପରେ ନିର୍ଭର କରିବା; ବ୍ୟକ୍ତି ବା ବସ୍ତୁକୁ ଟ୍ରଷ୍ଟ୍‌ର ଅଧୀନକୁ ହସ୍ତାନ୍ତର କରିବା; ପୂର୍ଣ୍ଣବିଶ୍ୱାସ ସହ କୌଣସି ଦ୍ରବ୍ୟ ଅନ୍ୟ ବ୍ୟକ୍ତିର ଅଧିକାରକୁ ଛାଡ଼ିଦେବା (ନିରାପତ୍ତା ବା ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ); ଏକାନ୍ତଭାବରେ କାମନା କରିବା (I trust you are well); in trust ଅନ୍ୟ କାହାର ସଂପତ୍ତିର ମାର୍ଫତ୍‌ଦାରୀ କରିବା; on trust (ମାଲପତ୍ର) ଧାରସୂତ୍ରରେ ଦେବା; take on trust (ବିନା ପ୍ରମାଣ ବା ଅନୁସଂଧାନରେ) ବିଶ୍ୱାସର ସହ ଗ୍ରହଣ କରିବା; trust to ନିର୍ଭର କରିବା; ଆସ୍ଥା ସ୍ଥାପନ କରିବା।

**trustee** ବି. ନ୍ୟାସୀ; ଜମାଦାର ବା ମାର୍ଫତ୍‌ଦାର; ସଂପତ୍ତିର ତତ୍ତ୍ୱାବଧାରକ; ଆଇନାନୁମୋଦିତ ଲିଖିତ ନିର୍ଦ୍ଦେଶ ଅନୁସାରେ ସଂପତ୍ତିର ପରିଚାଳନା କରୁଥିବା ବ୍ୟକ୍ତି ବା ନ୍ୟାସ; ବି. trusteeship.

Digitized by srujanika@gmail.com

**trustful** ବିଂ. ବିଶ୍ବାସ୍ୟ; ଆସ୍ଥାବାନ୍; କ୍ରି.ବିଂ. trustfully.

**trusting** ବିଂ. ଆସ୍ଥାବାନ୍; ବିଶ୍ବାସୀ; କ୍ରି.ବିଂ. trustingly.

**trustworthy** ବିଂ. ବିଶ୍ବାସଯୋଗ୍ୟ; ନିର୍ଭରଯୋଗ୍ୟ; ବି. trustworthiness.

**trusty** 1. ବିଂ. *ପ୍ରା.ପ୍ର. ପରି.* ବିଶ୍ବାସଯୋଗ୍ୟ; 2. ବି. ଉତ୍ତମ ବ୍ୟବହାରଯୋଗୁଁ ସ୍ବତନ୍ତ୍ର ସୁବିଧା ପାଉଥିବା ବନ୍ଦୀ; କ୍ରି.ବିଂ. trustily; ବି. trustiness.

**truth** ବି. ସତ୍ୟ; ଯାଥାର୍ଥ୍ୟ; ପ୍ରକୃତ ଅବସ୍ଥା ବା ଘଟଣା; in truth *ସାହି.* ପ୍ରକୃତରେ; ବାସ୍ତବରେ।

**truthful** ବିଂ. ସର୍ବଦା ସତ କହୁଥିବା; ସତ (କଥା, କାହାଣୀ); କ୍ରି.ବିଂ. truthfully.

**try** 1. କ୍ରି. ଉଦ୍ୟମ କରିବା; ଲକ୍ଷ୍ୟରେ ସାଫଲ୍ୟ ପାଇଁ ଚେଷ୍ଟା କରିବା; ପାଇବାପାଇଁ ଯତ୍ନ କରିବା; ବ୍ୟବହାର ବା ଅଭିଜ୍ଞତା ଦ୍ବାରା ଜିନିଷର ବା ବ୍ୟକ୍ତିର ଗୁଣ ନିର୍ଣ୍ଣୟ କରିବା; ଚାପ ପକାଇବା (ବ୍ୟକ୍ତିବିଶେଷ ଉପରେ); କାର୍ଯ୍ୟକାରିତା ବା ଉପଯୋଗିତା ନିର୍ଣ୍ଣୟ ପାଇଁ ପରୀକ୍ଷା କରିବା; ନ୍ୟାୟ ବିଚାର କରିବା; କିଛି କାର୍ଯ୍ୟ ହାସଲ ପାଇଁ କାର୍ଯ୍ୟ କରିବା; (ରଗ୍‌ବି) ଗୋଲଲାଇନ୍ ପଛରେ ଖେଳାଳି ହାତରେ ବଲ୍ ଛୁଇଁ ପଏଣ୍ଟ ପାଇ ନିଜ ଦଳକୁ ଗୋଲ୍ ଦେବାପାଇଁ ସୁଯୋଗ ସୃଷ୍ଟି କରିବା; (for ସହ) କୌଣସି ଲକ୍ଷ୍ୟ ହାସଲ ପାଇଁ ଆବେଦନ କରିବା ବା ପ୍ରତିଯୋଗିତା କରିବା; 2. ବି. ଉଦ୍ୟମ, ଚେଷ୍ଟା; try it on *କଭା.* ଅନ୍ୟର ଧୈର୍ଯ୍ୟ ପରଖିବା; try on ପୋଷାକ ପିନ୍ଧି ମାପ ପରଖିବା; try one's hand (ପ୍ରଥମ ପ୍ରଚେଷ୍ଟା ଦ୍ବାରା) କେତେଦୂର କୁଶଳୀ ଜାଣିବାପାଇଁ ଉଦ୍ୟମ କରିବା; try out ତନ୍ନ ତନ୍ନ କରି ପରୀକ୍ଷା କରିବା।

**trying** ବିଂ. ବିରକ୍ତିକର, କ୍ଲେଶକର, ଅସହ୍ୟ।

**try-on** ବି. *କ.ଭା.* ନୂଆପୋଷାକ ପିନ୍ଧି ଦେଖିବା; ଠକିବାର ଚେଷ୍ଟା।

**try-out** ବି. (ବସ୍ତୁର) ପରୀକ୍ଷାମୂଳକ ବ୍ୟବହାର।

**tryst** ବି. *ପ୍ରା.ପ୍ର.* ମିଳନ ପାଇଁ ପୂର୍ବନିରୂପିତ ସମୟ ଓ ସ୍ଥାନ (ବିଶେ. ପ୍ରେମିକ–ପ୍ରେମିକାଙ୍କ)।

**tsar** ବି. (czar ମଧ) *ସ୍ତ୍ରୀ.* tsarina ଇତି. ଋଷୀୟ ସମ୍ରାଟଙ୍କର ଉପାଧି।

**tsetse** (ଟେଟ୍‌ସି, ସେଟ୍‌ସି) ବି. ଆଫ୍ରିକୀୟ ରକ୍ତପାୟୀ ମାଛିବିଶେଷ (ନିଦ୍ରା–ବ୍ୟାଧିର ବାହକ)।

**T-shirt** ବି. ପାରିଦେଲେ 'T' ର ଆକୃତି ଧାରଣ କରୁଥିବା କମିଜ; ଟି'ଶାର୍ଟ୍।

**tsp.** *ସଂଶ.* (ବ.ବ. tsps.) ଚା' ଚାମୁଚରେ ଏକ ଚାମୁଚ।

**T-square** ବି. (ସମକୋଣ ଆଙ୍କିବା କିମ୍ବା ମାପିବାପାଇଁ ବ୍ୟବହୃତ) T ଆକୃତିବିଶିଷ୍ଟ ଜ୍ୟାମିତିକ ଉପକରଣ।

**tub** 1. ବି. ଗୋଲାକାର, ଚଟକା କୁଣ୍ଡ; *କ.ଭା.* ସ୍ନାନ; ଯାହିତାହି ଡଙ୍ଗା; 2. କ୍ରି. କୁଣ୍ଡରେ ଗାଧେଇବା, ଧୋଇବା କିମ୍ବା ରୋପଣ କରିବା।

**tuba** ବି. ନିମ୍ନସ୍ବର ବିଶିଷ୍ଟ ତମ୍ବା ନିର୍ମିତ ତୂରୀଜାତୀୟ ବାଦ୍ୟଯନ୍ତ୍ରବିଶେଷ।

**tubby** ବିଂ. କୁଣ୍ଡ ଆକାରର; (ମଣିଷାଦି) ମୋଟା ଏବଂ ଗେଡ଼ା; ବି. tubbiness.

**tube** 1. ବି. ନଳୀ; ନଳ; ସିଲିଣ୍ଡର ଆକୃତିର ବସ୍ତୁ; ଟୁଥ୍‌ପେଷ୍ଟ, କ୍ରିମ୍ ପ୍ରଭୃତି ଅର୍ଦ୍ଧ–ତରଳ ବସ୍ତୁର ନଳୀ; *କ.ଭା.* ଭୂମିତଳ ରେଳମାର୍ଗ; ଟାୟାର ଭିତରେ ଥିବା ରବର ଟ୍ୟୁବ୍; *ଅଷ୍ଟ୍ରେ. ସା.ପ୍ର.* ବିଅର୍ ଡବା; ଟେଲିଭିଜନ ମଧ୍ୟସ୍ଥ କେଥୋଡ୍‌ର ଟ୍ୟୁବ୍; *ଆମେ.* ଥର୍ମିଓନିକ୍ ଭାଲଭ୍; *କ.ଭା.* ଟେଲିଭିଜନ; 2. କ୍ରି. ନଳୀ ସଂଯୋଗ କରିବା; ନଳୀଭିତରେ ବନ୍ଦ କରିବା।

**tuber** ବି. ଗୋଲାକାର ସ୍ଫୀତ ମୂଳ, *ଉଦା.* ଆଳୁ, ଓଲୁଅ ପ୍ରଭୃତି; ଡାଲିଆର କନ୍ଦା।

**tubercle** ବି. ଶରୀରରେ ଅଥବା ଗଛର ଦେହରେ ଗୋଲାକାର ଫୁଲା (ଯକ୍ଷ୍ମାଜନିତ); ବିଂ. tuberculous.

**tubercle bacillus** ବି. ଯକ୍ଷ୍ମାରୋଗର ଜୀବାଣୁ।

**tubercular** ବିଂ. ଯକ୍ଷ୍ମାରୋଗାକ୍ରାନ୍ତ; ଯକ୍ଷ୍ମାରୋଗ ସଂକ୍ରାନ୍ତ।

**tuberculin** ବି. (ଯକ୍ଷ୍ମାରୋଗର ନିଦାନ ଏବଂ ଚିକିତ୍ସାରେ ବ୍ୟବହୃତ) ଯକ୍ଷ୍ମାଜୀବାଣୁରୁ ସଂଗୃହୀତ ତରଳ ପଦାର୍ଥ।

**tuberculin-tested** ବିଂ. ଯକ୍ଷ୍ମାଜୀବାଣୁ–ବିହୀନ ବୋଲି ପରୀକ୍ଷିତ (କ୍ଷୀର)।

**tuberculosis** ବି. ଜୀବାଣୁଜନିତ ସଂକ୍ରାମକ ରୋଗ, ବିଶେ. ଫୁସ୍‌ଫୁସ୍‌ରେ ଗୋଲାକାର ଫୁଲାସହ; ଟିବି; ଯକ୍ଷ୍ମାରୋଗ; କ୍ଷୟରୋଗ।

Digitized by srujanika@gmail.com

**tuberose** ବି. ସୁଗନ୍ଧ ଶ୍ୱେତପୁଷ୍ପଯୁକ୍ତ ଫୁଲଗଛ ବିଶେଷ।

**tuberous** ବିଂ. ଭୂନିମ୍ନସ୍ଥ କାଣ୍ଡ ବା କନ୍ଦଯୁକ୍ତ; ଆବୁଯୁକ୍ତ; ଆବୁ ସଦୃଶ।

**tubing** ବି. ନଳର ଦୈର୍ଘ୍ୟ ଅଥବା ପରିମାଣ।

**tub–thumper** ବି. କ.ଭା. ପ୍ରଗଲ୍‌ଭ ଧର୍ମଯାଜକ ବା ବକ୍ତା।

**tubular** ବିଂ. ନଳାକାର; ନଳଯୁକ୍ତ; ନଳାକୃତି (ଗୃହୋପକରଣ)।

**tubule** ବି. ପ୍ରାଣୀ ବା ବୃକ୍ଷ ଶରୀରସ୍ଥ ଛୋଟନଳୀ।

**TUC** ସଂଶ. Trade Union Congres ଶ୍ରମିକ ସଂଗଠନ।

**tuck** 1. କ୍ରି. (ସା. in ବା up ସହ) ଲୁଗାପଟାର ପଣତ, କୁଞ୍ଚପ୍ରଭୃତି ଭାଂଗ କରିବା ବା ଖୁସିବା; ଚାଦର ଘୋଡାଇ ହୋଇ ଦେହତଳେ ଖୁସିବା; ଚଉତିବା; ଚାକିଚୁକି ଛୋଟ କରିବା; କୌଣସି ଜିନିଷକୁ ଭଲଭାବରେ ଘୋଡାଇ ପକାଇବା; ନିର୍ଦ୍ଦିଷ୍ଟ ସ୍ଥାନରେ ବା ଭାବରେ ଜିନିଷ ଥୋଇବା (tucked it in a corner, tucked it out of sight); ପିନ୍ଧାଲୁଗାରେ ସିଲାଇଜନିତ ଭାଙ୍ଗ ସୃଷ୍ଟି କରିବା; 2. ବି. (ବସ୍ତ୍ରର) ସିଲାଇଜନିତ ଭାଙ୍ଗ; ସା.ପ୍ର. ଖାଦ୍ୟଦ୍ରବ୍ୟ; ବିଶେ. କେକ୍ ଏବଂ ମିଠା; tuck in କ.ଭା. ଖୁସିରେ ଖାଇବା; tuck into (away) କ.ଭା. ଆନନ୍ଦରେ ଭୋଜନ କରିବା।

**tucker** 1. ବି. ଇତି. ନାରୀର ବଡ଼ିସ୍‌ରେ ବ୍ୟବହୃତ ଲେସ୍ ପ୍ରଭୃତି; ଅଷ୍ଟ୍ରେ., ନ୍ୟୁଜିଲେଣ୍ଡ ସା.ପ୍ର. ଖାଦ୍ୟ; 2. କ୍ରି. ଆମେ. ଅଷ୍ଟ୍ରେ. କ.ଭା. ହାଲିଆ ହେବା ବା କରିବା।

**tuck–in** ବି. କ.ଭା. ଭୂରି ଭୋଜନ।

**tuck shop** ବି. ସ୍କୁଲପିଲାମାନଙ୍କୁ ମିଠାଇପ୍ରଭୃତି ବିକୁଥିବା ଛୋଟ ଦୋକାନ।

**–tude** ପ.ପ୍ର. ଭାବବାଚକ ବିଶେଷ୍ୟ ନିଷ୍ପନ୍ନକାରୀ ପ.ପ୍ର., ଉଦା. attitude, solitude.

**Tudor** ବିଂ. ଇଂଲଣ୍ଡର ଟ୍ୟୁଡ଼ର ରାଜବଂଶୀୟ (୧୪୮୫–୧୬୦୩ ଖ୍ରୀ.ଅ.); ଏହିସମୟର (ସ୍ଥାପତ୍ୟ ପ୍ରଭୃତି)।

**Tuesday** 1. ବି. ମଙ୍ଗଳବାର; 2. କ୍ରି.ବିଂ. କ.ଭା. ମଙ୍ଗଳବାରଦିନ; Tuesdays ମଙ୍ଗଳବାର ଦିନମାନଙ୍କରେ; ପ୍ରତି ମଙ୍ଗଳବାରଦିନ।

**tufa** ବି. ପ୍ରସ୍ରବଣ ନିକଟରେ ଘଟିତ ସଚ୍ଛିଦ୍ର ଚୂନପଥର; ଆଗ୍ନେୟଗିରି ଉଦ୍‌ଗୀରଣଜନିତ ପାଉଁଶରୁ ଗଠିତ ପଥର; ଆଗ୍ନେୟଶିଳା।

**tuff** ବି. ଆଗ୍ନେୟ ଶିଳା; ଆଗ୍ନେୟଗିରି ଉଦ୍‌ଗୀରଣଜନିତ ପାଉଁଶରୁ ଘଟିତ ପଥର।

**tuffet** ବି. ଘାସଗୁଚ୍ଛ; କ୍ଷୁଦ୍ର ମୁଣ୍ଡିଆ ବା ଢିପକାଗା।

**tuft** ବି. ସୂତା, ଘାସ, ପର କିମ୍ବା ବାଳର ଗୁଚ୍ଛ ବା ବିଡା; ବିଂ. tufted, tufty.

**tug** 1. କ୍ରି. (ସା. at ସହ) ଜୋରରେ ଟାଣିବା; ଭିଡ଼ିବା; ଝୁଣିଦେବା; ଗୋଟିଏ ନୌକାକୁ ଅନ୍ୟ ବଡ଼ ନୌକାଦ୍ୱାରା ଦଉଡ଼ି ସାହାଯ୍ୟରେ ଟାଣିବା; 2. ବି. ଶକ୍ତ ଓ ସାଂଘାତିକ ଟଣା; ଆବେଗର (ସହସା) ଉଚ୍ଛ୍ୱାସ; ଟାଣିବାପାଇଁ ବ୍ୟବହୃତ ଜାହାଜ।

**tugboat** ବି. ଅନ୍ୟ ଡଙ୍ଗାକୁ ଟାଣିବାପାଇଁ ବ୍ୟବହୃତ ଶକ୍ତିଶାଳୀ ନୌକା।

**tug of love** ବି. କ.ଭା. ପିଲାର ମାଲିକାନା ପ୍ରାପ୍ତି ପାଇଁ କଳି।

**tug of war** ବି. ଦଉଡିର ଦୁଇମୁଣ୍ଡକୁ ଦୁଇଦଳ ଲୋକ ଧରି ବିପରୀତ ଦିଗରେ ଟାଣି ବଳ କଷାକଷି ପ୍ରତିଯୋଗିତା; ନିର୍ଣ୍ଣୟାତ୍ମକ ବା କଡା ମୁକାବିଲା।

**tuition** ବି. ଅର୍ଥ ଗ୍ରହଣ କରି ଶିକ୍ଷାଦାନ; ଏଥିନିମିତ୍ତ ପ୍ରାପ୍ତ ପାଉଣା; ଟ୍ୟୁସନ୍।

**tulip** ବି. କପ୍ ଆକୃତିର ଉଜ୍ଜ୍ୱଳ ରଙ୍ଗଯୁକ୍ତ ବାସନ୍ତିକ ଫୁଲ; ସେହି ଗଛ।

**tulip–tree** ବି. ଟୁଲିପ୍ ଭଳି ଫୁଲ ଫୁଟୁଥିବା ଗଛ।

**tulle** ବି. କୋମଳ ସିଲ୍‌କର ଜାଲି (ଓଢଣା କିମ୍ବା ପୋଷାକ ତିଆରିରେ ବ୍ୟବହୃତ)।

**tum** ବି. କ.ଭା. ପେଟ; ପାକସ୍ଥଳୀ।

**tumble** 1. କ୍ରି. ହଠାତ୍ ପଡ଼ିଯିବା; ମୁଣ୍ଡଆଡିଆ ପଡ଼ିବା; ଦରଦାମ ହଠାତ୍ ହ୍ରାସ ପାଇବା; ଗଡ଼ିବା ବା ଆଗକୁ ପଛକୁ ଦୋହଲିବା; ଟଳିପଡ଼ିବା; ରୁକ୍ଷଭାବରେ ଠେଲିଦେବା କିମ୍ବା ଫୋପାଡିଦେବା; ଶୂନ୍ୟରେ ଓଲଟଡିଆଁ କିମ୍ବା ସେହିପରି ଅନ୍ୟ ଶାରୀରିକ ଦକ୍ଷତା ପ୍ରଦର୍ଶନ କରିବା; ଅସ୍ତବ୍ୟସ୍ତ ବା ବିପର୍ଯ୍ୟସ୍ତ କରିବା; 2. ବି. ଆକସ୍ମିକ ପତନ; ଓଲଟଡିଆଁ ବା ଅନ୍ୟ ଶାରୀରିକ କୌଶଳ ପ୍ରଦର୍ଶନ; ଅବିନ୍ୟସ୍ତ ବା ବିଶୃଙ୍ଖଳ ଅବସ୍ଥା; tumble to କ.ଭା. ଅର୍ଥ ଧରିପାରିବା; ବୁଝିପାରିବା।

Digitized by srujanika@gmail.com

**tumbledown** ବିଂ. ଧ୍ୱଂସାଭିମୁଖୀ; ଧ୍ୱଂସପ୍ରାପ୍ତ, ଭଗ୍ନ ।

**tumble-drier (-dryer)** ବି. ଘୂର୍ଣ୍ଣାୟମାନ ଉତପ୍ତ ଡ୍ରମ ଭିତରେ ଧୂଆଜିନିଷ ଶୁଖାଇବା ପାଇଁ ବ୍ୟବହୃତ ଯନ୍ତ୍ର ।

**tumbler** ବି. ପିଇବା ଗ୍ଲାସ୍, ଗିଲାସ; ବାଜିକର; ଶାରୀରିକ କୌଶଳ ପ୍ରଦର୍ଶନକାରୀ; ତାଲାର ଅଂଶବିଶେଷ; ଲୋଟଣି ପାରା ।

**tumbrel, tumbril** ବି. *ଐତି.* ଫରାସୀ ବିପ୍ଲବ ସମୟରେ ମୃତ୍ୟୁଦଣ୍ଡପ୍ରାପ୍ତ ଆସାମୀମାନଙ୍କୁ ଗିଲୋଟିନ୍ ନିକଟକୁ ବୋହିନେବା ପାଇଁ ବ୍ୟବହୃତ ଖୋଲା ଶଗଡ଼ ।

**tumescent** ବିଂ. ଫୁଲିଉଠିଥିବା; ବି. tumescence.

**tumid** ବିଂ. ଫୁଲିଯାଇଥିବା; ସ୍ଫୀତ; ଅତିରଂଜିତ ବା ଆଡ଼ମ୍ବରପୂର୍ଣ୍ଣ (ଶୈଳୀ ବା ଭାଷା) ।

**tummy** ବି. *କ.ଭା.* ପେଟ ।

**tummy-button** ବି. *କ.ଭା.* ନାଭି ।

**tumour** ବି. *ଆମେ.* tumor ଅସ୍ୱାଭାବିକ ଫୁଲା; ଆବୁ (ଶରୀରରେ); ବିଂ. tumorous.

**tumult** ବି. ଗଣ୍ଡଗୋଳ; ଦଙ୍ଗାହେଙ୍ଗାମ; ଉତ୍ତ୍ୟକ୍ତ ଜନତାଙ୍କ ବିକ୍ଷୋଭ ପ୍ରଦର୍ଶନ; ଉଚ୍ଚକୋଳାହଳମୟ ଶବ୍ଦ; ମନ ମଧ୍ୟରେ ବିପରୀତ ଭାବନାମାନଙ୍କର ସଂଘର୍ଷ; ଅନ୍ତର୍ଦ୍ୱନ୍ଦ୍ୱ; ମାନସିକ ଉଦ୍‌ବେଳନ ।

**tumultuous** ବିଂ. କୋଳାହଳପୂର୍ଣ୍ଣ; କୋଳାହଳ ସୃଷ୍ଟିକାରୀ (ବ୍ୟକ୍ତି); ବିକ୍ଷୁବ୍‌ଧ; ପ୍ରଚଣ୍ଡ ।

**tumulus** ବି. ପୁରାତନ ସମାଧି ସ୍ତୂପ ।

**tun** ବି. ବିଅର୍ ବା ମଦ୍ୟ ରଖିବାପାଇଁ ବଡ଼ ପିଂପା; ମଦ୍ୟ ପ୍ରସ୍ତୁତି ପାଇଁ ବ୍ୟବହୃତ ପାତ୍ର ।

**tuna** ବି. ଖାଦ୍ୟୋପଯୋଗୀ ବଡ଼ ସାମୁଦ୍ରିକ ମାଛ; ଟୁନା ମାଛରେ ପ୍ରସ୍ତୁତ ଖାଦ୍ୟ ।

**tundra** ବି. ତରୁଲତାହୀନ ବରଫାଚ୍ଛାଦିତ ବିସ୍ତୃତ ମେରୁଅଞ୍ଚଳୀୟ ସମତଳ ଭୂମି; ତୁନ୍ଦ୍ରା ।

**tune** 1. ବି. ସୁର୍; ଧୂନ୍, ସ୍ୱର ସମନ୍ୱିତ ଅଥବା ଅସମନ୍ୱିତ ସଂଗୀତସ୍ୱର; ଗାୟନ କିମ୍ବା ବାଦନରେ ଐକ୍ୟତାନ; 2. କ୍ରି. ସ୍ୱର ମିଳାଇବା (ବାଦ୍ୟଯନ୍ତ୍ରାଦି); ସ୍ୱର ସଂଯୋଜନା ବା ରଚନା କରିବା; ରେଡିଓରେ ବେତାର ତରଙ୍ଗକୁ ଠିକ୍‌ଭାବରେ ଧରିବା; ଠିକ୍‌ଭାବରେ ଚାଲିବାପାଇଁ (ଇଞ୍ଜିନ୍‌ଆଦିର) ଆବଶ୍ୟକ ସଂଶୋଧନ ଆଣିବା; call the tune କୌଣସି ଘଟଣାକୁ ନିୟନ୍ତ୍ରଣାଧୀନ କରିବା; change one's tune ଭାଷା ଓ ବ୍ୟବହାରରେ ପରିବର୍ତ୍ତନ କରିବା (ବିଶେ. ଅଭଦ୍ରାମି ଛାଡ଼ି ବିନୀତ ବ୍ୟବହାର ଦେଖାଇବା); in tune ଠିକ୍‌ସ୍ୱରରେ; ସୁରିଲା; in (out of) tune with ସମନ୍ୱୟ (ଅଥବା ବିରୋଧ) ଭାବପ୍ରକାଶ; out of tune ବେସୁରା; to the tune of *କ.ଭା.* ଅର୍ଥର ପରିମାଣ; tuned in *କ.ଭା.* ସୁପରିଚିତ (ପରିସ୍ଥିତି); ଖାପ ଖୁଆଇ; ତଥ୍ୟାଭିଜ୍ଞ; tune up ବିଭିନ୍ନ ବାଦ୍ୟଯନ୍ତ୍ରର ସ୍ୱର ସମୀକରଣ କରିବା; (ଗାୟନ ବା ବାଦନରେ) ଉପଯୁକ୍ତ ସ୍ୱର ମିଳାଇବା; ଉଚିତ ଅବସ୍ଥାକୁ ଆଣିବା ।

**tuneful** ବି. ମୂର୍ଚ୍ଛନାମୟ, ସଂଗୀତମୟ; *କ୍ରି.ବିଂ.* tunefully.

**tuneless** ବିଂ. ବେସୁରା; ସ୍ୱର ସମନ୍ୱୟହୀନ; *କ୍ରି.ବିଂ.* tunelessly.

**tuner** ବି. ବାଦନଯନ୍ତ୍ର (ପିଆନୋ ପ୍ରଭୃତି)କୁ ଉଚିତ ସ୍ୱରଯୁକ୍ତ କରୁଥିବା ବ୍ୟକ୍ତି ବା ଯନ୍ତ୍ର; ରେଡିଓ ବା ଟେଲିଭିଜନ୍‌ରେ ବେତାରତରଙ୍ଗର ସଠିକ ସଂଯୋଗର ଉପକରଣ ।

**tungsten** ବି. ଅତି ଉଚ୍ଚତାପମାନରେ ତରଳୁଥିବା ଘନ ଧାତବ ପଦାର୍ଥବିଶେଷ ।

**tunic** ବି. ପୋଲିସ କିମ୍ବା ସୈନ୍ୟବାହିନୀର ପୋଷାକ ଭାବରେ ବ୍ୟବହୃତ ଟିପା ଜେକେଟ୍; ଆଣ୍ଠୁପର୍ଯ୍ୟନ୍ତ ହେଉଥିବା ବିନାହାତ ଢିଲା କୁର୍ତ୍ତା ବା ଗାଉନ୍ ।

**tuning-fork** ବି. ଆଘାତ କଲେ ଏକସ୍ୱର ବାହାରୁଥିବା ଇସ୍ପାତ ନିର୍ମିତ ଫୋର୍କ ବା ଚିମୁଟା ।

**tunnel** 1. ବି. ସୁଡ଼ଂଗ; ପର୍ବତ କିମ୍ବା ରାସ୍ତାତଳେ ନିର୍ମିତ କୃତ୍ରିମ ପଥ; ମୂଷିକଜାତୀୟ ପ୍ରାଣୀଦ୍ୱାରା ଖୋଳାଯାଇଥିବା ଭୂମିତଳ ପଥ; 2. କ୍ରି. ସୁଡ଼ଂଗ ଖୋଳିବା ବା ତିଆରି କରିବା; ଭୂମିତଳ ପଥ ନିର୍ମାଣ କରିବା ।

**tunny** ବି. ଖାଦ୍ୟୋପଯୋଗୀ ବଡ଼ ସମୁଦ୍ର ମାଛବିଶେଷ; ଟୁନାମାଛ ।

**tup** 1. ବି. ମେଣ୍ଢା; ବୋଦା; 2. କ୍ରି. ମେଣ୍ଢା ଓ ମେଣ୍ଢୀମଧ୍ୟରେ ଯୌନସଂଗମ ।

**Tupi** 1. ବି. ଦକ୍ଷିଣ ଆମେରିକାର ଆମାଜନ ଉପତ୍ୟକାରେ ରହୁଥିବା ଲୋହିତ ଭାରତୀୟ ଜାତିବିଶେଷ; ସେମାନଙ୍କର ଭାଷା; 2. ବିଂ. ଟୁପି ଜନଜାତି ବା ଭାଷା ସମ୍ବନ୍ଧୀୟ ।

Digitized by srujanika@gmail.com

**tuppence, twopence** ବି. ଦୁଇ ପେନସ୍ (ଇଂରାଜୀ ମୁଦ୍ରା); *କ.ଭା.* ତୁଚ୍ଛ ବସ୍ତୁ।
**tuppenny** ବିଂ. =twopenny ବିଂ. ଦୁଇ ପେନି।
**turban** ବି. ବିଶେ. ଶିଖ ଓ ମୁସଲମାନମାନେ ପରିଧାନ କରୁଥିବା ସିଲ୍କ କିମ୍ବା କାର୍ପାସନିର୍ମିତ ପଗଡ଼ି; ନାରୀମାନଙ୍କର ଏଭଳି ଟୋପି; ବିଂ. turbaned.
**turbid** ବିଂ. (ତରଳପଦାର୍ଥ ବା ରଙ୍ଗ) କାଦୁଆ, ବହଳିଆ; ଆବିଳ, ଅସ୍ୱଚ୍ଛ; ଅସଂଗଠିତ; ଗୋଳମାଳିଆ (ଶୈଳୀ); ବି. turbidity.
**turbine** ବି. ପାଣି, ବାଷ୍ପ ପ୍ରଭୃତିର ସ୍ରୋତଦ୍ୱାରା ଚାଳିତ ଘୂର୍ଣ୍ଣାୟମାନ ମୋଟର୍।
**turbo–** ସଂ. ଟର୍ବାଇନ୍ ସଂବଂଧୀୟ।
**turbofan** ବି. ଟର୍ବାଇନ୍‌ଚାଳିତ ପଂଖାରୁ ଅଧିକବେଗ ଆହରଣ କରୁଥିବା ଜେଟ୍ ଇଂଜିନ୍।
**turbojet** ବି.ଟର୍ବାଇନ୍ ଚାଳିତ ବାୟୁ–ସଂକୋଚକ ଦ୍ୱାରା ଚାଳିତ ଜେଟ୍ ଇଞ୍ଜିନ୍; ଏହି ଇଞ୍ଜିନ୍‌ବିଶିଷ୍ଟ ଜେଟ୍ ବିମାନ।
**tuoboprop** ବି. ଟରବାଇନ୍ ଚାଳିତ ଜେଟ୍ ଇଂଜିନ୍ (ଟର୍ବୋଜେଟ୍ ସଦୃଶ ମାତ୍ର ତତ୍‌ସହିତ ପ୍ରପେଲର୍ ମଧ ଚାଳିତ ହୋଇଥାଏ); ଏହିଭଳି ଶକ୍ତିଦ୍ୱାରା ଚାଳିତ ଜେଟ୍ ବିମାନ।
**turbot** ବି. ଖାଦ୍ୟୋପଯୋଗୀ ଏକଜାତୀୟ ବଡ଼ ୟୁରୋପୀୟ ମାଛ।
**turbulent** ବିଂ.ଅଶାନ୍ତ; କୋଳାହଳପୂର୍ଣ୍ଣ; ପ୍ରଚଣ୍ଡ ଆଲୋଡ଼ନପୂର୍ଣ୍ଣ; ଅନିୟମିତ ଭାବରେ ପରିବର୍ତ୍ତନଶୀଳ (ପବନ); ଦଙ୍ଗାହାଙ୍ଗାମାପୂର୍ଣ୍ଣ; ବିକ୍ଷୁବ୍‌ଧ; ବି. turbulence; *କ୍ରି.ବିଂ.* turbulently.
**Turco–, Turko–** ସଂ. ତୁର୍କୀଦେଶୀୟ; ତୁର୍କୀ।
**turd** ବି. *ସା.ପ୍ର.* ଲେଣ୍ଡି; ବିଷ୍ଠାର ପିଣ୍ଡୁଳା; ଘୃଣ୍ୟ ବ୍ୟକ୍ତି।
**tureen** ବି. ସୁପ୍ ନିମିତ୍ତ ଢ଼ାଙ୍କୁଣିଥିବା ଡାଟିଆ।
**turf** 1. ବି. ବ.ବ. turfs, turves ତୃଣାଚ୍ଛାଦିତ ଜମି; ଘାସପଡ଼ିଆ; ଘାସଚେକା; ଜାଳେଣିପାଇଁ ବ୍ୟବହୃତ ପଚିତ ଓ ଶୁଷ୍କ ଉଦ୍ଭିଜ୍ଜ ପଦାର୍ଥର ଚେକା; ଘୋଡ଼ାଦୌଡ଼ ପ୍ରତିଯୋଗିତାର ଦୌଡ଼ଚକ୍ର; 2. *କ୍ରି.* ଘାସଦ୍ୱାରା ଆଚ୍ଛାଦିତ କରିବା; *ସା.ପ୍ର.* ବିତାଡ଼ିତ କରିବା; ବାହାର କରିଦେବା (ପଦାର୍ଥ ବା ବ୍ୟକ୍ତି); ବିଂ. turfy.
**turf accountant** ବି. ଘୋଡ଼ାଦୌଡ଼ ପ୍ରତିଯୋଗିତାରେ ପେଶାଦାରଭାବେ ବାଜି ରଖୁଥିବା ବ୍ୟକ୍ତି।
**turgescent** ବିଂ.ସ୍ଫୀତ; ବର୍ଦ୍ଧିଷ୍ଣୁ; ଫୁଲି ଯାଉଥିବା।
**turgid** ବିଂ. ସ୍ଫୀତ; ବର୍ଦ୍ଧିତ; ବିସ୍ତାରିତ; ବଡ଼ ବଡ଼ ଶବ୍ଦପୂର୍ଣ୍ଣ ବା ଆଡ଼ମ୍ବରପୂର୍ଣ୍ଣ (ଭାଷା); ବି. turgidity.
**Turk** 1. ବି. ତୁର୍କୀଦେଶର ଅଧିବାସୀ; ମଧ୍ୟଏସିଆର ଅଟୋମନ୍‌ମାନଙ୍କର ପୂର୍ବପୁରୁଷ; ତୁର୍କ ଭାଷାଭାଷୀ ଲୋକ; *ଅପ.* ଦୁର୍ଦ୍ଦାନ୍ତ, ଉଚ୍ଛୃଙ୍ଖଳ ବା ଅସଭ୍ୟ ଲୋକ।
**turkey** ବି. ଖାଦ୍ୟନିମିତ୍ତ ପାଳିତ ମୂଳତଃ ଆମେରିକାର ପକ୍ଷୀ ବିଶେଷ; ଏହାର ମାଂସ; talk turkey ଖୋଲାଖୋଲି କଥାବାର୍ତ୍ତା କରିବା; ସିଧାସଳଖ ବିଷୟବସ୍ତୁକୁ ଆସିଯିବା।
**turkey cock** ବି. ଅଣ୍ଡିରା ଟର୍କିପକ୍ଷୀ।
**Turkey carpet** ବି. ଉତ୍ତମ ଡିଜାଇନ୍‌ଯୁକ୍ତ, ରଂଗବେରଂଗୀ, କୋମଳ ଏବଂ ମୋଟା ପଶମ ଗାଲିଚା।
**Turki** 1. ବି. ତୁର୍କୀୟ ଭାଷାଗୋଷ୍ଠୀ ବା ଜନଗୋଷ୍ଠୀ ଯାହାମଧ୍ୟରେ ତୁର୍କୀ ଅନ୍ୟତମ; 2. ବିଂ. ଏହି ଗୋଷ୍ଠୀ ବା ଭାଷା ସଂବଂଧୀୟ; ବିଂ. Turkic.
**Turkish** 1. ବିଂ. ତୁର୍କୀ, ତୁର୍କଦେଶୀୟ; ତୁର୍କୀଲୋକ ଅଥବା ଭାଷା ସମ୍ବନ୍ଧୀୟ; 2. ବି. ତୁର୍କୀଭାଷା।
**Turkish bath** ବି. ଗରମପବନ ବା ବାଷ୍ପୀୟସ୍ନାନ ସହିତ ଉତ୍ତମ ମର୍ଦ୍ଦନ ଓ ଜଳସ୍ନାନ; ଏଥିପାଇଁ ଉଦ୍ଦିଷ୍ଟ ଗୃହ।
**Turkish carpet** ବି. ତୁର୍କଦେଶୀୟ ଗାଲିଚା।
**Turkish coffee** ବି.କଡ଼ା (ଦୁଧ, ଚିନି ବିହୀନ) କଳା କଫି।
**Turkish delight** ବି. ଜିଲାଟିନ୍ ଗୋଳକରେ ଚିନିଗୁଣ୍ଡ ବୋଳାଯାଇଥିବା ମିଠେଇବିଶେଷ।
**Turkish towel** ବି. ସୂତାଫାଶରେ ତିଆରି କୋମଳ ତଉଲିଆ।
**Turko–** ସଂ. ଦ୍ରଷ୍ଟ. Turco
**turmeric** ବି. ହଳଦୀ; ହଳଦୀଗୁଣ୍ଡ।
**turmoil** ବି. ଭୀଷଣ କୋଳାହଳ; ବିଶୃଙ୍ଖଳା; ଉତ୍ତେଜନା; ପାଟିତୁଣ୍ଡ; ବ୍ୟସ୍ତତା।

Digitized by srujanika@gmail.com

**turn** 1. କ୍ରି. ଘୂରିବା, ଘୂରାଇବା; ମୋଡ଼ିବା; ବୁଲାଇବା; (ଚକ) ବୁଲିବା; ଏହିପରି ଭାବରେ ଘୂରାଯିବା (ଚାବି); ପାର୍ଶ୍ୱପରିବର୍ତ୍ତନ କରି ତଳରୁ ଉପରକୁ ଅଥବା ଉପରୁ ତଳକୁ ହେବା; ନୂତନ ଦିଗକୁ ଗତି ପରିବର୍ତ୍ତନ କରିବା (turn left); (ପ୍ରକୃତି, ରୂପ ଅଥବା ଅବସ୍ଥା) ପରିବର୍ତ୍ତିତ ହେବା (turned into a dragon); ପାଲଟିଯିବା; ବନିଯିବା (turned hostile); ରଙ୍ଗ ବଦଳିଯିବା (ପତ୍ର ଓ କେଶର); (ଦୁଧ) ଖଟା ହେବା; ଅପଡ ହେବା ବା କରିବା; ଅତିକ୍ରମ କରିବା (ମୋଡ, ବୟସ ପ୍ରଭୃତି); (ବାନ୍ତି) ମାଡିବା; (ଲାଭ) କରିବା; (ପାଣି ପ୍ରଭୃତି) ରଖିବା ବା ଛାଡିବା; (ଲେଦ୍ ଯନ୍ତ୍ରରେ) ବାଗେଇବା; (ମୁଣ୍ଡ) ବୁଲାଇଦେବା; (ସ୍ୱେଟର ପ୍ରଭୃତି) ଓଲଟାଇ ପିନ୍ଧିବା; (ଛୁରୀଦାଢ଼) ଦନ୍ତୁରା ହେବା; ଅନୁବାଦ କରିବା (turn it into French); 2. ବି. ଘୂର୍ଣ୍ଣନ; ଆବର୍ତ୍ତନ କାର୍ଯ୍ୟ; ଆବର୍ତ୍ତନଧାରା; ଆବର୍ତ୍ତନର ସ୍ଥାନ; କୁଆରରୁ ଭଟା ଅଥବା ଭଟାରୁ କୁଆରକୁ ପରିବର୍ତ୍ତନ; ଘଟଣା ପ୍ରବାହରେ ପରିବର୍ତ୍ତନ; ଗତି ପରିବର୍ତ୍ତନ; ରାସ୍ତାର ମୋଡ଼; ସୁଯୋଗ ବା କର୍ତ୍ତବ୍ୟ ଯାହା ବ୍ୟକ୍ତିଙ୍କ ପାଖକୁ କ୍ରମାନୁସାରେ ଆସେ (your turn will come); ସୃଜନାତ୍ମକ ପ୍ରତିଭା; ଅନତିଦୂରକୁ ଯାତ୍ରା (take turn in the garden); ବିଚିତ୍ରା; କ୍ଷୁଦ୍ର ପରିବେଷଣ (ମଞ୍ଚରେ); ନିର୍ଦ୍ଦିଷ୍ଟ ସେବା (did me a good turn); ଉଦ୍ଦେଶ୍ୟ, ଲକ୍ଷ୍ୟ (served my turn); କ.ଭା. ସାମୟିକ ମାନସିକ ଆଘାତ (gave me quite a turn); *ସଂଗୀତ* ମୁଖ୍ୟରାଗ ସହିତ ସଂଶ୍ଳିଷ୍ଟ ଅଳଙ୍କାର ସମୂହ; ଗୋଛାଏ ଦଉଡ଼ି; at every turn କ୍ରମାଗତ ଭାବରେ; by turns ଜଣକ ପରେ ଆଉ ଜଣେ; in turn କ୍ରମାଗତଭାବେ, ପରପର; in one's turn (ବ୍ୟକ୍ତିର) ପାଳି ଆସିଲାବେଳେ; not know which way (where) to turn କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥା; out of turn (ବ୍ୟକ୍ତିର) ପାଳି ପଡ଼ିବା ପୂର୍ବରୁ କିମ୍ବା ପରେ; ଅନୁଚିତ ଭାବରେ; take (it in) turns ଜଣକପରେ ଆଉ ଜଣେ ବା ପାଳି ଅନୁସାରେ କାର୍ଯ୍ୟ କରିବା; to a turn ନିର୍ଭୁଲଭାବରେ (ରନ୍ଧନ କରାଯାଇଥିବା); turn about ଅନ୍ୟଦିଗକୁ ମୁହଁ କରିବା; turn again ଶତ୍ରୁ ହେବା କିମ୍ବା ସୃଷ୍ଟି କରିବା; turn and turn about ପର୍ଯ୍ୟାୟକ୍ରମେ ଘଟିବା କିମ୍ବା କରିବା; turn away ପ୍ରତ୍ୟାଖ୍ୟାନ କରିବା; ଅନ୍ୟଦିଗକୁ ମୁହଁ କରିବା; ପଠାଇଦେବା, ଫେରାଇଦେବା; turn back ଫେରିବା; ପ୍ରତ୍ୟାବର୍ତ୍ତନ କରିବା; turn down ପ୍ରତ୍ୟାଖ୍ୟାନ କରିବା; ସୁଇଚ୍ ସାହାଯ୍ୟରେ (ଶବ୍ଦ, ଉତ୍ତାପପ୍ରଭୃତି)କମ୍ କରିବା; ଚଉତିବା ବା ଭାଙ୍ଗ କରିବା; turn in ଭିତରପଟକୁ ବଙ୍କେଇବା; ଫେରିଆସିବା; (ସ୍କୋର୍ ପ୍ରଭୃତି) ଲିପିବଦ୍ଧ କରିବା; କ.ଭା. ରାତିରେ ଶୋଇବାକୁ ଯିବା; ସନ୍ଦିଗ୍ଧ ବ୍ୟକ୍ତିକୁ (କର୍ତ୍ତୃପକ୍ଷଙ୍କୁ) ହସ୍ତାନ୍ତର କରିବା; (ଯୋଜନା) ପରିତ୍ୟାଗ କରିବା; turn off ସୁଇଚ୍ କିମ୍ବା କଳଦ୍ୱାରା (ଜଳ, ବିଦ୍ୟୁତ୍‌ଶକ୍ତି) ପ୍ରବାହକୁ ବନ୍ଦ କରିବା ବା କଳ କିମ୍ବା ସୁଇଚ୍‌କୁ ସେଥିପାଇଁ ଘୂରାଇବା; ପାର୍ଶ୍ୱରାସ୍ତାକୁ ପ୍ରବେଶ କରିବା; କ.ଭା. ଆଗ୍ରହ ହରାଇ ବସିବା; turn on ସୁଇଚ୍, କଳପ୍ରଭୃତି ଘୂରାଇବା ବା ତାହାଦ୍ୱାରା ପ୍ରବାହ ସୃଷ୍ଟି କରିବା; ହଠାତ୍ ପ୍ରତିକୂଳ ବ୍ୟବହାର କରିବା; କ.ଭା. ଆଗ୍ରହ, ଆବେଗ ବା ଉତ୍ତେଜନା ସୃଷ୍ଟି କରିବା; ଯୌନ ଉତ୍ତେଜନା ଜାଗ୍ରତ କରିବା; ନିର୍ଭର କରିବା; turn out ବିତାଡ଼ିତ କରିବା; (ବତୀ) ଲିଭାଇଦେବା; ବେଶ ହେବା (well turned out); (ସାମଗ୍ରୀଆଦି) ଉତ୍ପନ୍ନ କରିବା; (କୋଠରୀଆଦି) ଖାଲି ବା ସଫାକରିବା; (ପକେଟ) ଶୂନ୍ୟକରିବା; କ.ଭା. ଶେଯରୁ ଉଠିବା; ଘରବାହାରକୁ ଯିବା; ଘଟଣା ବା ପରିଣାମ ସେୟା ବୋଲି ସାବ୍ୟସ୍ତ ହେବା (turned out to be true); ଜିନିଷପତ୍ର ଉତ୍ପାଦନ କରିବା; କ.ଭା. ଏକତ୍ରିତ ହେବା; (ସଭାସମିତିରେ) ଯୋଗଦେବା; turn over (ପୃଷ୍ଠା) ଓଲଟାଇବା; ଓଲଟାଇଦେବା; ହସ୍ତାନ୍ତର କରିବା; ବଦଳି କରିବା; ଗମ୍ଭୀରଭାବରେ ଚିନ୍ତାକରିବା; (ଇଂଜିନ) ଚାଲୁ କରିବା; turn over a new leaf ଚାଲିଚଳଣ ବା ବ୍ୟବହାରରେ ପରିବର୍ତ୍ତନ ଆଣିବା; turn round ଅନ୍ୟଦିଗକୁ ମୁହଁକରି ଠିଆହେବା; (ଜାହାଜ) ମାଲ ଖଲାସ କରିବା ବା ଲଦିବା; କୌଣସି ପ୍ରକ୍ରିୟାରେ ଆଗେଇବା; ନୂଆ ନୀତି ବା ମତ ପୋଷଣ କରିବା; turn tail ପଳାଇଯିବା; ପଛେଇବା; turn to ନିଜ କାର୍ଯ୍ୟ ଆରମ୍ଭ କରିବା; turn up ସୁଇଚ୍ ମୋଡ଼ି ଉତ୍ତାପ, ସ୍ୱର ପ୍ରଭୃତି ବଢାଇବା; ଆବିଷ୍କାର

Digitized by srujanika@gmail.com

କରିବା; ପ୍ରକାଶ କରିବା; ଆବିଷ୍କୃତ ହେବା; ହଠାତ୍ ମିଳିଯିବା; ଘଟିବା; ଉପସ୍ଥିତ ରହିବା; ଆସି ପହଞ୍ଚିବା; ଉପରଆଡ଼କୁ ଭାଙ୍ଗ କରିବା ବା ମୋଡିବା; ମୋହରି ଉଚ୍ଚାକରି ପେଣ୍ଟପ୍ରଭୃତି ଛୋଟ କରିବା।

**turn—about** ବି. ମୋଡ, ପରିବର୍ତ୍ତନ।

**turn—buckle** ବି. ଧାତବ ଛଡ଼ ବା ତାରର ସଂଯୋଗସ୍ଥଳରେ ଆଣ୍ଠହୋଇ ରହିବାପାଇଁ ଉଦ୍ଦିଷ୍ଟ ଥ୍ରେଡ୍ ବା ଗୋଲାକୃତି କଟାକଟା ଅଂଶ।

**turncoat** ବି. ପାର୍ଶ୍ୱ ପରିବର୍ତ୍ତନକାରୀ ବ୍ୟକ୍ତି; ଗୋଟାଏଦଳ ବା ବ୍ୟକ୍ତିପାଖରୁ ସମର୍ଥନ ପ୍ରତ୍ୟାହାର କରି ଅନ୍ୟ କାହାରି ପକ୍ଷନେବା ଲୋକ; ସ୍ୱପକ୍ଷତ୍ୟାଗୀ।

**turner** ବି. ଲେଦ୍ ଯନ୍ତ୍ର ଚଳାଉଥିବା ବ୍ୟକ୍ତି।

**turnery** ବି. ଲେଦ୍ ଯନ୍ତ୍ରଦ୍ୱାରା ପ୍ରସ୍ତୁତ ଦ୍ରବ୍ୟାଦି; ଲେଦ୍ କାମ।

**turning** ବି. ରାସ୍ତାର ମୋଡ, ବୁଲାଣି; ଯେଉଁସ୍ଥାନରେ ରାସ୍ତାରୁ ଉପରାସ୍ତା ଗଳିପ୍ରଭୃତି ବାହାରିଥାଏ; ଲେଦ୍‌କାମ; ଲେଦ୍‌ଯନ୍ତ୍ରରୁ ଛିଟିକି ପଡ଼ିଥିବା ଛୋଟ ଛୋଟ ଟୁକୁରା।

**turing—circle** ବି. ପଛୁଆ ନ ଯାଇ ସିଧା ଗାଡ଼ିକୁ ବୁଲେଇବାପାଇଁ ଥିବା ସ୍ଥାନ; ବୃତ୍ତାକାର।

**turing—point** ବି. ନିର୍ଣ୍ଣୟାତ୍ମକ ପରିବର୍ତ୍ତନର ସମୟ ବା ଅବସ୍ଥା।

**turnip** ବି. ଶାଲଗମ୍ ଗଛ; ପରିବାଭାବେ ବ୍ୟବହୃତ ଏହାର କନ୍ଦା; ବିଂ. turnipy.

**turnip—top** ବି. ପରିବାଭାବରେ ବ୍ୟବହୃତ ଟର୍ନିପ୍ ପତ୍ର।

**turnkey** ବି. *ପ୍ରା.ପ୍ର.* ବନ୍ଦୀଶାଳାର ପରିଚାଳକ; କାରାଗାରରକ୍ଷକ।

**turnover** ବି. ବ୍ୟବସାୟରେ ଲଗାଯାଇଥିବା ଅର୍ଥ; ଚାଲିଥିବା ବେପାରର ପରିମାଣ; ବ୍ୟବସାୟର ଅବସ୍ଥା; ଚାକିରୀରେ ପଶୁଥିବା ବା ଛାଡୁଥିବା ଲୋକଙ୍କର ସଂଖ୍ୟା; ଏକପ୍ରକାର ପାଏ ବା ମିଷ୍ଟାନ୍ନ।

**turnpike** ବି. *ଇତି.* ରାସ୍ତାଉପରେ ଥିବା ଟୋଲ ଆଦାୟ ଫାଟକ; *ଆମେ.* ଟୋଲ ଆଦାୟ ହେଉଥିବା ରାଜପଥ; ଟୋଲ ଆଦାୟ ହେଉଥିବା ରାସ୍ତା।

**turnstile** ବି. ଥରକେ ଜଣେ ଯାଇପାରୁଥିବା ଘୂରା—ଦ୍ୱାର ବିଶେଷ।

**turntable** ବି. ଗ୍ରାମୋଫୋନ୍ ରେକର୍ଡ ବଜାଇବା ପାଇଁ ଉଦ୍ଦିଷ୍ଟ ଘୂର୍ଣ୍ଣାୟମାନ ବୃତ୍ତାକାର ଚକି; ରେଳଗାଡ଼ିର ଦିଗପରିବର୍ତ୍ତନକାରୀ ବୃତ୍ତାକାର ଘୂର୍ଣ୍ଣାୟମାନ ମଞ୍ଚ।

**turpentine** ବି. ତାର୍ପିନ୍, ତାର୍ପିନ୍‌ତେଲ; ବୃକ୍ଷବିଶେଷରୁ ପ୍ରାପ୍ତ ଝୁଣାଜାତୀୟ ବସ୍ତୁ।

**turpitude** ବି. ନୀଚତା; ଦୁଷ୍ଟତା; ଚରିତ୍ରହୀନତା।

**turps** ବି. *କ.ଭା.* ତାର୍ପିନତେଲ।

**turquoise** ବି. ଅସ୍ୱଚ୍ଛ ଅଥଚ ମୂଲ୍ୟବାନ ସାବଜା—ନୀଳ ବା ଆକାଶୀ—ନୀଳରଙ୍ଗର ପଥର; ସେହି ରଙ୍ଗ।

**turret** ବି. (ଦୁର୍ଗ, ଅଟ୍ଟାଳିକାପ୍ରଭୃତିର) ମୀନାର; ଚୂଡ଼ା; ଯୁଦ୍ଧଜାହାଜ, ଉଡାଜାହାଜ, ଦୁର୍ଗ, ଟେଂକ୍‌ପ୍ରଭୃତିରେ ଥିବା ଘୂର୍ଣ୍ଣାୟମାନ କମାଣ ଚାଳନା ସ୍ଥାନ; ଲେଦ୍ ଯନ୍ତ୍ରରେ ଘୂର୍ଣ୍ଣାୟମାନ ଯନ୍ତ୍ରପାତିର ଧାରକ; ବିଂ. turreted.

**turtle** ବି. କଇଁଛ; ଏହାର ମାଂସରୁ ପ୍ରସ୍ତୁତ ଝୋଳ ବା ସୁପ୍; turn turtle ଓଲଟିପଡିବା।

**turtle—dove** ବି. ଘୁମୁରା ପାରା, ନିଜ ସଂଗୀ ପ୍ରତି ଅନୁରକ୍ତି ନିମନ୍ତେ ବିଖ୍ୟାତ ଘୁମୁରା ବଣପାରା ବା ଜଙ୍ଗଲୀ କାପ୍ତା।

**turtle—neck** ବି. ଗୋଲାକାର, ଲମ୍ବା ବେକବିଶିଷ୍ଟ ବୁଣାପୋଷାକ।

**Tuscan** 1. ବି. ତୁସ୍କାନୀର ଅଧିବାସୀ, ତୁସ୍କାନୀର କଥିତ ଭାଷା, ଇଟାଲୀୟ ଭାଷା; 2. ବିଂ. ତୁସ୍କାନୀ ବା ତାହାର ଭାଷାସଂବଂଧୀୟ; ଶାସ୍ତ୍ରୀୟ ଶୈଳୀର ନିରାଡମ୍ବର ସ୍ଥାପତ୍ୟ କଳା ସଂକ୍ରାନ୍ତ।

**tusk** ବି. ହାତୀଦାନ୍ତ, କିମ୍ବା; ମୁହଁ ଉପରେ ବାହାରିଥିବା ତୀକ୍ଷ୍ଣାଗ୍ର, ଦୀର୍ଘ ଏବଂ ଶକ୍ତ ଦନ୍ତ ବା ଦନ୍ତାକୃତି ଅଂଶବିଶେଷ (ୱାଲ୍‌ରସ୍, ବାର୍ହା ପ୍ରଭୃତିର); ବିଂ. tusked.

**tussle** 1. ବି. ଲଢେଇ; ଟଣାଓଟରା; 2. କ୍ରି. ଧସ୍ତାଧସ୍ତି କରିବା, ଟିଡାଓଟରା କରିବା।

**tussock** ବି. ଘାସପ୍ରଭୃତିର ବିଡା ବା ଗୋଛା; ବିଂ. tussocky.

**tut** *ଅବ୍ୟ.*, *କ୍ରି.* *ଦ୍ର.* tut—tut.

**tutelage** ବି. ଅଭିଭାବକତ୍ୱ; ଗାର୍ଜିନଙ୍କ ନିୟନ୍ତ୍ରଣାଧୀନ ଅବସ୍ଥା; ଘରୋଇ ଶିକ୍ଷା ବା ତାଲିମ।

**tutelary** ବିଂ. ଅଭିଭାବକର ଦାୟିତ୍ୱ ପ୍ରାପ୍ତ, ଭାରପ୍ରାପ୍ତ; ଗାର୍ଜିନ ସମ୍ବନ୍ଧିତ; ସଂରକ୍ଷକ; ସଂରକ୍ଷଣ ପ୍ରଦାନକାରୀ।

Digitized by srujanika@gmail.com

**tutor** 1. ବି. ଘରୋଇ ଶିକ୍ଷକ; ସ୍ନାତକ ଛାତ୍ରମାନଙ୍କର ଅଧ୍ୟୟନ ବା ଅଭିଭାବକତ୍ୱ ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ ଶିକ୍ଷକ; ଶିକ୍ଷାଦାନର ପୁସ୍ତକ; 2. *କ୍ରି.* ଗୃହଶିକ୍ଷକତା ଅଥବା ଅଭିଭାବକତ୍ୱ କରିବା; ନିବର୍ତ୍ତାଇବା; ସଂଯତ କରିବା ।

**tutorial** 1. ବିଂ. ଗୃହଶିକ୍ଷକ ବା ଶିକ୍ଷକ ସମ୍ବନ୍ଧୀୟ; 2. ବି. ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରେ ଅଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ଶ୍ରେଣୀ ବା ପିରିୟଡ୍ ।

**tutti** 1. ବିଂ., *କ୍ରି.ବିଂ.* ସମସ୍ୱରରେ ଅଥବା ସମସ୍ତ ବାଦ୍ୟର ସମାହାରରେ; 2. ବି. ଏପରି ସଂଯୋଜନାରେ ପରିବେଷିତ ସଂଗୀତ ବା ପଦ ।

**tutti-frutti** ବି. (ବ.ବ. -s) ଛୋଟ ଛୋଟ ବିଭିନ୍ନ ଧରଣର ପଟାଫଳ ପଡିଥିବା ଆଇସ୍‌କ୍ରିମ୍ ବିଶେଷ; ଟୁଟି-ଫ୍ରୁଟି ।

**tut-tut** 1. *ଅବ୍ୟ.* ଭର୍ତ୍ସନାମୂଳକ, ଅଧୈର୍ଯ୍ୟସୂଚକ କିମ୍ବା ଘୃଣାତ୍ମକ ସ୍ୱର ସୃଷ୍ଟି; 2. *କ୍ରି.* ଏପରି ଶବ୍ଦ ସୃଷ୍ଟି କରିବା ।

**tutu** ବି. ବେଲେ ନୃତ୍ୟାଙ୍ଗନା ପରିଧାନ କରୁଥିବା କୁଞ୍ଚକରା ସ୍କର୍ଟ ।

**tu-whit, tu-whoo** ବି. ପେଚାରାବ; ପେଚାର ଟୁ-ହୁ ଟୁ-ହୁ ଧ୍ୱନି ।

**tux** ବି. *ଆମେ. କ.ଭା.* tuxedo.

**tuxedo** ବି. *ଆମେ.* ନୈଶଭୋଜି ସମୟରେ ପରିଧାନ କରାଯାଉଥିବା ଆମେରିକୀୟ ଜେକେଟ୍ ।

**TV** ବି. *ସଂକ୍ଷି.* television ଟିଭି, ଟେଲିଭିଜନ୍ ।

**twaddle** ବି. ନୀରସ ବା ଅସାର ଲେଖା ଅଥବା କଥାବାର୍ତ୍ତା; ବାଜେ ଗପ ।

**twain** ବି. ଏବଂ ବିଂ. *ପ୍ରା.ପ୍ର.* ଦୁଇ ।

**twang** 1. ବି. ଟଙ୍ଗ୍ ଶବ୍ଦ; ଟଂକାର; ଧନୁ କିମ୍ବା ବାଦ୍ୟଯନ୍ତ୍ରର ତାର ଛିଣ୍ଡିଯିବାର ଶବ୍ଦ; ଏପରି ମୁଖଧ୍ୱନି ସୃଷ୍ଟି; ନାକୁଆ ସ୍ୱର; 2. *କ୍ରି.* ଏପରି ଧ୍ୱନି ବା ସ୍ୱର ସୃଷ୍ଟି କରିବା; ବିଂ. twangy.

**'twas** *ପ୍ରା.ପ୍ର.* it was.

**twat** ବି. *ସା.ପ୍ର.* ନାରୀ ଯୌନାଙ୍ଗ; ଘୃଣ୍ୟ ବ୍ୟକ୍ତି ।

**tweak** 1. *କ୍ରି.* ଚିମୁଟିଦେବା, ଦୋହଲାଇ ଦେବା; ଝାଙ୍କିଦେବା; 2. ବି. ଚିମୁଟା; ଝାଙ୍କିଦେବା କାର୍ଯ୍ୟ ।

**twee** ବି. *ଅବ.* ଦେଖାଇହେଲାଭଳି ସୌନ୍ଦର୍ଯ୍ୟ; ବାହ୍ୟସୌନ୍ଦର୍ଯ୍ୟ ।

**tweed** ବି. ପଶମମିଶ୍ରିତ ରଙ୍ଗବେରଙ୍ଗ ଖଦଡ କନା; ବ.ବ. ଟ୍ୱିଡ୍‌କନାରେ ତିଆରି କୋଟ୍ ପ୍ରଭୃତି ।

**tweedy** ବିଂ. ଟ୍ୱିଡ୍ ସମ୍ବନ୍ଧୀୟ; ଟ୍ୱିଡ୍ ପରିହିତ; ଗ୍ରାମାଞ୍ଚଳର କୃଷକଶ୍ରେଣୀର ସ୍ୱଭାବସୁଲଭ; ମନଖୋଲା; ଔପଚାରିକତାହୀନ; ସହୃଦୟ ।

**'tween** *ଅ. ପ୍ରା.ପ୍ର.* between ମଧ୍ୟରେ ।

**tweet** 1. ବି. କିଚିରିମିଚିରି; କ୍ଷୁଦ୍ରପକ୍ଷୀର ରାବ; 2. *କ୍ରି.* କିଚିରିମିଚିରି କରିବା ।

**tweeter** ବି. ଧ୍ୱନି ବିବର୍ଦ୍ଧନ ଯନ୍ତ୍ର; ଡାକବାଜି ଯନ୍ତ୍ର ।

**tweezers** ବି.ବ.ବ. ଛୋଟ ଜିନିଷ ଗୋଟେଇବା ପାଇଁ କିମ୍ବା ବାଳପ୍ରଭୃତି ଉପାଡିବା ପାଇଁ ବ୍ୟବହୃତ ଛୋଟ ଚିମୁଟା ।

**twelfth** ବି.ବିଂ. ଦ୍ୱାଦଶ; ବାରଟି ସମାନ ଅଂଶରୁ ଏକ ଅଂଶ ।

**Twelfth Night** ବି. *ଖ୍ରୀ.* ଦ୍ୱାଦଶଦିନରେ ଅତିମାନବ ଶକ୍ତିର ଆବିର୍ଭାବ ଏବଂ ଏ ଉପଲକ୍ଷେ ଅନୁଷ୍ଠିତ ଉତ୍ସବ; ଜାନୁୟାରୀ ୫ ତାରିଖ; ଏପିଫେନିର ପୂର୍ବଦିବସ ।

**twelve** ବି. ବିଂ. ବାର; ବାରଗୋଟି; ଏ ସଂଖ୍ୟାପାଇଁ ଉଦ୍ଦିଷ୍ଟ ସଂକେତ ୧୨ (12, xii, XII); *ଖ୍ରୀ.* The Twelve ଯୀଶୁ ଖ୍ରୀଷ୍ଟଙ୍କ ବାରଜଣ ଶିଷ୍ୟ ।

**twelvefold** ବିଂ. ଏବଂ *କ୍ରି.ବିଂ.* ବାର ଗୁଣ; ବାର ଅଂଶବିଶିଷ୍ଟ; ବାରଟିକିଆ ।

**twelvemonth** ବି. *ପ୍ରା.ପ୍ର.* ଏକବର୍ଷ; ବାରମାସ ।

**twenty** ବି.ବିଂ. କୋଡିଏ; ଦଶକର ଦୁଇଗୁଣ; ଏହାର ସଂକେତ ୨୦ (20, xx, XX); ବ.ବ. ରେ ୨୦ରୁ ୨୯ ପର୍ଯ୍ୟନ୍ତ ସଂଖ୍ୟା, ବିଶେ. ବୟସ ବା ଶତାବ୍ଦୀର ବର୍ଷସମୂହ; ବି.ବିଂ. twentieth.

**twerp, twirp** ବି. *ସା.ପ୍ର.* ନିର୍ବୋଧ ବା ଅବାଞ୍ଛିତ ଲୋକ ।

**twice** *କ୍ରି.ବିଂ.* ଦୁଇଥର, ଦୁଇଦଫାରେ; ଦୁଇଗୁଣ ।

**twiddle** 1. *କ୍ରି.* ଖାମଖିଆଲି ବା ଅଳସଭାବରେ ଘୁରିବା; 2. ବି. ଖାମଖିଆଲ ବୁଲାଚଲା; twiddle one's thumbs ହାତରେ କାମ ନ ଥିବା; ଅଳସଭାବରେ ପରସ୍ପର ଚାରିପଟେ ଦୁଇ ବୁଢା ଆଙ୍ଗୁଠି ଘୁରାଇବା; *କ୍ରି.ବିଂ.* twiddly.

**twig**[1] ବି. ଗଛ ବା ଗୁଳ୍ମର ଛୋଟ ମୁକୁଳ; ଡାଳ; ବିଂ. twiggy.

**twig**[2] *କ୍ରି.* *କ.ଭା.* ବୁଝିପାରିବା; ଉପଲବ୍ଧି କରିବା; ହୃଦୟଙ୍ଗମ କରିବା ।

Digitized by srujanika@gmail.com

**twilight** ବି. ଗୋଧୂଳି; ସୂର୍ଯ୍ୟର ଚକ୍ରବାଳ ନିମ୍ନରେ ଥିବା ସମୟର (ବିଶେ. ସାଂଧ) ଅବସ୍ଥା ବା ଆଲୋକ; ନିଷ୍ପ୍ରଭ ଆଲୋକ; ଅବନତି କିମ୍ବା ପତନର ସମୟ।

**twilight zone** ବି. ଜରାଜୀର୍ଣ୍ଣ ବା କୁତ୍ସିତ ସହରାଂଚଳ; ଦୁଇଟି ପ୍ରତିଷ୍ଠାବାନ୍ ଏବଂ ଉନ୍ନତ ଅଂଚଳର ମଧ୍ୟବର୍ତ୍ତୀ ସ୍ଥାନ; ମଧ୍ୟବର୍ତ୍ତୀ ଅଞ୍ଚଳ।

**twilit** ବିଂ. ଗୋଧୂଳିର ଅନୁଜ୍ଜ୍ୱଳ ଆଲୋକରେ ଆଲୋକିତ।

**twill** ବି. ସମାନ୍ତରାଳରେଖା ଆକୃତିରେ ସୂତା ସଜାହୋଇ ବୁଣାଯାଇଥିବା ଲୁଗା; ଟୁଇଲ୍ କପଡ଼ା; ବିଂ. twilled.

**'twill** *ପ୍ରା.ପ୍ର. ସଂଶ.* it will.

**twin** 1. ବି. ଜାଆଁଳା; ଯମଜ ମଧ୍ୟରୁ ଜଣେ ବା ଗୋଟିଏ; ପ୍ରାୟ ସମରୂପ ବା ଘନିଷ୍ଠ ସମ୍ପର୍କଯୁକ୍ତ ଦୁଇବ୍ୟକ୍ତି ବା ବସ୍ତୁ; the Twins ମିଥୁନରାଶି; 2. ବିଂ. ଯମଜଙ୍କ ମଧ୍ୟରୁ ଜଣେ ହେବା (twin brothers); 3. *କ୍ରି.* ଅନ୍ୟଜଣଙ୍କ ସହିତ ଅତି ଘନିଷ୍ଠ ହୋଇଯିବା; ଯୋଡିହେବା; ଯମଜ ଜନ୍ମ କରିବା; ସଂଯୁକ୍ତ କରିବା; ବି. twinning.

**twin bed** ବି. ହଳେ ଖଟ ମଧ୍ୟରୁ ଗୋଟିଏ; ବିଂ. twin–bedded.

**twine** 1. ବି. ଗୁଣକରା ମୋଟା ସୂତା ଦଉଡିପ୍ରଭୃତିର କୁଣ୍ଡଳୀ; 2. *କ୍ରି.* ଦଉଡି ବଳିବା; ମୋଡ଼ିବା; ଗୁଣ କରିବା; ମାଳା ତିଆରିକରିବା; କୌଣସି ଜିନିଷ ଚାରିପଟେ ଘେରାଇବା; କୁଣ୍ଡଳୀ ମାରିବା।

**twin–engined** ବିଂ. ଦୁଇଟି ଇଂଜିନ୍ ସଂଯୁକ୍ତ ହୋଇଥିବା।

**twinge** ବି. କ୍ଷଣସ୍ଥାୟୀ, ସ୍ଥାନୀୟ ତୀବ୍ରଯନ୍ତ୍ରଣା; (ଦେହର କୌଣସି ଅଂଶରେ) ଚାଉଁକରି ମାରିଲାଭଳି ଲାଗିବା।

**twinkle** 1. *କ୍ରି.* (ଆଲୋକ ଏବଂ ତାରା ସଂବନ୍ଧୀୟ) ଦପଦପ୍ କରିବା; ରହିରହି ଉଜ୍ଜ୍ୱଳ ଆଲୋକ ବିକିରଣ କରିବା; (ଆଖି) ଚକ୍‌ଚକ୍ କରିବା; (ନୃତ୍ୟରେ) ଲଘୁ ଓ ଦ୍ରୁତ ପଦଚାଳନା କରିବା; 2. ବି. ଆଖିର ଚମକ; ଦପଦପ୍ କରୁଥିବା ଆଲୋକ; ଲଘୁ କିନ୍ତୁ ଦ୍ରୁତ ଅଙ୍ଗଚାଳନା; in a twinkle (a/the twinkling of an eye) ଆଖି ପିଛୁଳାକେ; ତତ୍‌କ୍ଷଣାତ୍; ବିଂ. twinkly.

**twin set** ବି. ମହିଳାମାନଙ୍କର ଜେକେଟ ଓ ଜମ୍ପର ପୋଷାକଯୋଡ଼ି।

**twin town (city)** ବି. ଯୋଡ଼ିସହର; ପରସ୍ପର ସଂଯୁକ୍ତ ଦୁଇଟି ସହର ବା ନଗର।

**twirl** 1. *କ୍ରି.* ଘୁରିବା, ଘୁରାଇବା, ମୋଡିବା; ଆବର୍ତ୍ତନ କରାଇବା; 2. ବି. ଘୂର୍ଣ୍ଣନ; ମୋଡ଼; ଏଭଳି ଲେଖିବାର ଶୈଳୀ।

**twist** 1. *କ୍ରି.* ଗୋଟାଏ ପାଖ ବା ଖିଅକୁ ସ୍ଥିର ରଖି ଅନ୍ୟଟିକୁ ଘୂରାଇବା ବା ମୋଡ଼ିବା; ବଳିବା; ଏଭଳି କରି ଆକୃତି ପରିବର୍ତ୍ତନ କରିବା; ମୋଡ଼ିମୋଡ଼ି ଗୋଟିଏ ଖିଅକୁ ଛିଣ୍ଡାଇଦେବା; (ଦଉଡି, ସୂତାର) ଦୁଇ ଖିଅକୁ ବଳିବା; ବୁଲାଣିଆ ରାସ୍ତାରେ ଯିବା; କଥାର କଦର୍ଥ କରିବା; ଟ୍ୱିଷ୍ଟ ନାଚ କରିବା; *କ.ଭା.* ଠକିବା; twisted ବିଂ. *ଅବ.* ମାନସିକ ବିକାରଗ୍ରସ୍ତ; ଯୌନବିକାରଗ୍ରସ୍ତ; 2. ବି. ମୋଡାମୋଡ଼ି; ମୋଡ଼ିହେବା ଅବସ୍ଥା; ମୋଡ଼ିବା ବା ବଳିବାଦ୍ୱାରା ପ୍ରସ୍ତୁତ ବସ୍ତୁ (ଦଉଡି ପ୍ରଭୃତି); ବାଂକ; ମୋଡ଼; ଯେଉଁସ୍ଥାନରେ ପଦାର୍ଥଟି ବଂକେଇ ଯାଇଥାଏ; *ସା. ଅବ.* ଅସ୍ୱାଭାବିକ ଚରିତ୍ର ବା ମାନସିକ ଅବସ୍ଥା; କାହାଣୀ ବା ଘଟଣାକ୍ରମର ଅପ୍ରତ୍ୟାଶିତ ମୋଡ଼; ଟ୍ୱିଷ୍ଟ ନାଚ; round the twist *ସା.ପ୍ର.* ପାଗଳା; twist a person's arm *କ.ଭା.* (ବିଶେ. ମାନସିକଚାପ ପ୍ରୟୋଗ କରି) ବାଧ୍ୟକରିବା; twist person round one's (little) finger ବ୍ୟକ୍ତିକୁ ସହଜରେ କର୍ତ୍ତୃତ୍ୱାଧୀନ କରିବା କିମ୍ବା ପ୍ରବର୍ତ୍ତାଇଦେବା; ବିଂ. twisty.

**twister** ବି. *କ.ଭା.* ଶଠ, ଠକ, ପ୍ରବଞ୍ଚକ।

**twit**[1.] ବି. *ସା.ପ୍ର.* ବୋକା ଲୋକ।

**twit**[2.] *କ୍ରି.* (*ସା.* ଥଟ୍ଟାରେ) ଗାଳିଦେବା, ଟାଣ୍ଟିବା।

**twitch** 1. *କ୍ରି.* (ମାଂସପେଶୀ ଅଥବା ଅଂଶ) ଆକସ୍ମିକଭାବରେ ସଂଚାଳିତ କିମ୍ବା କୁଂଚିତ ହେବା; ଭିଡିଦେବା; ଟାଣିବା; 2. ବି. ଅକସ୍ମାତ୍ ସଂଚାଳନ ବା କୁଞ୍ଚନ; ହଠାତ୍ ଟାଣିଦେବା; ହଲାଇଦେବା ବା ଝିଂକିବା କାର୍ଯ୍ୟ; *କ.ଭା.* ଅସ୍ଥିର ବା ଦୁର୍ବଳ ମାନସିକ ବା ସ୍ନାୟବିକ ଅବସ୍ଥା।

**twitter** 1. *କ୍ରି.* (ପକ୍ଷୀ) ମୃଦୁ, କଂପିତ, କିଚିରିମିଚିରି ଶବ୍ଦ ସୃଷ୍ଟିକରିବା; 2. ବି. କିଚିରିମିଚିରି ଶବ୍ଦ; କାକଳି; *କ.ଭା.* ଉତ୍ତେଜନାଜନିତ କଂପିତ ଅବସ୍ଥା; ଶିହରଣ, ବେପଥୁ; ବିଂ. twittery.

**'twixt** *ଅ. ପ୍ରା.ପ୍ର.* =betwixt ମଧ୍ୟରେ।

Digitized by srujanika@gmail.com

**two** ବି., ବିଂ. ଦୁଇ; ଏଥିପାଇଁ ବ୍ୟବହୃତ ସଂକେତ ୨ (2, ii, II); ଦୁଇନମ୍ବର ସାଇଜ୍; ଦୁଇଟା ସମୟ; in two ଦୁଇଭାଗ କରିବା, ଦ୍ୱିଖଣ୍ଡ କରିବା; put two and two together ଜ୍ଞାତ ତଥ୍ୟ ସାହାଯ୍ୟରେ ସିଦ୍ଧାନ୍ତରେ ପହଞ୍ଚିବା: that makes two of us କ.ଭା. ତାହା ମୋପାଇଁ ମଧ ସତ୍ୟ।

**two-bit** ବିଂ. *ଆମେ. କଥା.* ଶସ୍ତା, ଛୋଟକାଟିଆ।

**two-dimensional** ବି. ଦୈର୍ଘ୍ୟ ଓ ପ୍ରସ୍ଥବିଶିଷ୍ଟ, ମାତ୍ର ଗଭୀରତାହୀନ; ଅନ୍ତଃସାରଶୂନ୍ୟ, ଅସାର, ବାହ୍ୟିକ।

**two-edged** ବିଂ. ଦ୍ୱିଧାରଯୁକ୍ତ; ଉଭୟ ପାର୍ଶ୍ୱରେ ଧାରବିଶିଷ୍ଟ।

**two-fold** ବିଂ. *କ୍ରି.ବିଂ.* ଦୁଇଗୁଣ; ଦୁଇଭାଗବିଶିଷ୍ଟ।

**two-handed** ବିଂ. ଦୁଇହାତ ଦ୍ୱାରା କୃତ ବା କରଣୀୟ; ଦୁଇଟି ଲୋକପାଇଁ (ତାସ୍‌ଖେଳ)।

**twopence** ବି. ଦୁଇପେନ୍‌ସ୍; *କଥା.* ମୂଲ୍ୟହୀନ, ଗୁରୁତ୍ୱହୀନ।

**two-piece** ବି. ଦୁଇଅଂଶଯୁକ୍ତ ପରିଧାନ କିମ୍ବା ଦୁଇଅଂଶ ନେଇ ଗଠିତ ନାରୀର ପୋଷାକ।

**two-ply** 1. ବିଂ. ଦୁଇ ଖିଅ ବା ସ୍ତର ବିଶିଷ୍ଟ କିମ୍ବା ଦୋହରା; 2. ବି. ଦୋହରା କାଠ ବା ପଶମ।

**twosome** ବି. ଦୁଇଜଣ ଏକତ୍ର; ଦୁଇଜଣ।

**two-step** ବି. ପୋଲ୍‌କା ନାଚ (ବୋହେମିୟା ଅଂଚଳର ନୃତ୍ୟ); ପଦଯାତ୍ରା ସମୟର ନାଚ।

**two-stroke** ବିଂ. (ଅନ୍ତର୍ଦାହଜନିତ ନିର୍ଗତ ଶକ୍ତିଦ୍ୱାରା ଚାଳିତ ଇଂଜିନର) ପିଷ୍ଟନର ତଳଉପର ଗତି ସମ୍ବନ୍ଧୀୟ ଶକ୍ତିଚକ୍ର ବିଶେଷ।

**two-time** *କ୍ରି.* *କ.ଭା.* (ପ୍ରେମରେ) ପ୍ରତାରଣା କରିବା, ଠକିବା; ବି. two-timer.

**two-tone** ବିଂ. ଦୁଇଟି ରଂଗ ବା ଧ୍ୱନି ବିଶିଷ୍ଟ।

**'twould** *ପ୍ରା.ପ୍ର.* it would.

**two-way** ବିଂ. ଦ୍ୱିପାକ୍ଷିକ, ଦ୍ୱିପାର୍ଶ୍ୱ ବିଶିଷ୍ଟ; ବେତାର ତରଙ୍ଗ ଗ୍ରହଣ ଓ ପ୍ରସାରଣ କ୍ଷମତା ଥିବା ଯନ୍ତ୍ର।

**-ty** *ପ.ପ୍ର.* ଗୁଣ ବା ଅବସ୍ଥା ବା ଦଶକସଂଖ୍ୟା ନିଷ୍ପନ୍ନକାରୀ ପ୍ରତ୍ୟୟ (*ଉଦା.* cruelty, entirety, sixty).

**tycoon** ବି. ଅତ୍ୟନ୍ତ ସଫଳ ଓ ଧନୀ ବ୍ୟବସାୟୀ।

**tyke, tike** ବି. ନୀଚ ବା ଆପତ୍ତିଜନକ ଚରିତ୍ରର ବ୍ୟକ୍ତି; କ୍ଷୁଦ୍ର ଶିଶୁ।

**tympanum** ବି. କର୍ଣ୍ଣପଟହ; ମଧ୍ୟକର୍ଣ୍ଣ; (ସ୍ଥାପତ୍ୟ) ଦୁଇଖିଲାଣ ଉପରେ ଅବସ୍ଥିତ ତ୍ରିଭୁଜାକାର କ୍ଷେତ୍ରର ମଧ୍ୟବର୍ତ୍ତୀ ସ୍ଥାନ।

**Tynwald** ବି. ଆଇଲ୍ ଅଫ୍ ମେନ୍‌ର ସଂସଦ।

**type** 1. ବି. ପ୍ରକାର, ଧରଣ, କିସମ; ସମଗୁଣାତ୍ମକ ଗୋଟିଏ ଶ୍ରେଣୀର ଜିନିଷ; ଅନ୍ୟ ଏକ ପଦାର୍ଥ କିମ୍ବା ଅନ୍ୟ ଏକ ଗୋଷ୍ଠୀର ନମୁନା ବା ପ୍ରତୀକ ହିସାବରେ ପ୍ରତିପାଦିତ ହେଉଥିବା ବ୍ୟକ୍ତି, ପଦାର୍ଥ କିମ୍ବା ଘଟଣା; ପରବର୍ତ୍ତୀ କଳାକାରଙ୍କ ପାଇଁ ଆଦର୍ଶରୂପେ କାର୍ଯ୍ୟ କରୁଥିବା ପଦାର୍ଥ, କଳ୍ପନା ଅଥବା କଳାକୃତି; ମୁଦ୍ରଣ କାର୍ଯ୍ୟରେ ବ୍ୟବହୃତ ଛୋଟ ଛୋଟ ଧାତବ ଅକ୍ଷର; *କ.ଭା.* ଏକ ନିର୍ଦ୍ଦିଷ୍ଟ ଚରିତ୍ରର ଲୋକ; ନିର୍ଦ୍ଦିଷ୍ଟ ଘଟଣା ବା ପଦାର୍ଥସହ ସାମଂଜସ୍ୟ; 2. *କ୍ରି.* ଟାଇପ୍ କରିବା; ଶ୍ରେଣୀଭୁକ୍ତ କରିବା ବା ହେବା।

**typecast** *କ୍ରି.* ଅଭିନେତା ବା ଅଭିନେତ୍ରୀକୁ ବାରମ୍ବାର ଏକାଧରଣର ଚରିତ୍ରରେ ଅଭିନୟ କରିବାପାଇଁ ଦେବା।

**typeface** ବି. ଏକା ଡିଜାଇନ୍‌ର ମୁଦ୍ରାକ୍ଷର ସେଟ; ମୁଦ୍ରଣ-ଅକ୍ଷରର କାଳି ବୋଳା ଯାଇଥିବା ଅଂଶ।

**typescript** ବି. ଟାଇପ କରାଯାଇଥିବା ନଥି ବା କାଗଜ।

**typesetter** ବି. ମୁଦ୍ରଣ-ଅକ୍ଷରକୁ ସଜାଇବା ପାଇଁ ବ୍ୟବହୃତ ଯନ୍ତ୍ର; ମୁଦ୍ରାକର, କଂପୋଜିଟର୍; ବି. typesetting.

**typewriter** ବି. ଲିପି ମୁଦ୍ରଣ ପାଇଁ ବ୍ୟବହୃତ ହସ୍ତଚାଳିତ ଯନ୍ତ୍ର; ଟାଇପ୍ ମେସିନ୍; ଟାଇପ୍ ରାଇଟର୍।

**typewritten** ବିଂ. ଟାଇପ୍‌ରାଇଟର୍ ଦ୍ୱାରା ମୁଦ୍ରିତ।

**typhoid** ବି. ଅନ୍ତ୍ରନଳୀରେ ଜୀବାଣୁ ଆକ୍ରମଣଜନିତ ଜ୍ୱର; ଆନ୍ତ୍ରିକ ଜ୍ୱର; ଟାଇଫଏଡ୍ ଜ୍ୱର।

**typhoon** ବି. ପ୍ରଳୟକାରୀ ବାତ୍ୟା; ସାମୁଦ୍ରିକ ଝଡ।

**typhus** ବି. ଏକ ସଂକ୍ରାମକ ଜ୍ୱର; ଟାଇଫସ୍ ଜ୍ୱର।

**typical** ବିଂ. ସ୍ୱଭାବଗତ; ପ୍ରତିନିଧି ସ୍ଥାନୀୟ; ସ୍ୱଭାବଯୋଗୁଁ ଅନ୍ୟମାନଙ୍କଠାରୁ ଭିନ୍ନଧରଣର;

Digitized by srujanika@gmail.com

ନିର୍ଦ୍ଦିଷ୍ଟ ବ୍ୟକ୍ତି, ବସ୍ତୁ ବା ଶ୍ରେଣୀର ଚରିତ୍ରଗତ; ବି. typicality; କ୍ରି.ବିଂ. typically.

**typify** କ୍ରି. ପ୍ରତିନିଧି ସ୍ଥାନୀୟ ହେବା; ପ୍ରତୀକଧର୍ମୀହେବା; ବି. typification.

**typist** ବି. ଟାଇପ୍ କରୁଥିବା ଲୋକ (ବିଶେ. ପେଶାଦାର)।

**typo** ବି. କ.ଭା. ଟାଇପ୍ ପ୍ରମାଦ।

**typography** ବି.ମୁଦ୍ରଣ କଳା; ମୁଦ୍ରିତ ସାମଗ୍ରୀର ଶୈଳୀ; ବି. typographer; ବିଂ. typographical; କ୍ରି.ବିଂ. typographically.

**tyrannical** ବିଂ. ଦମନମୂଳକ; ଅନ୍ୟାୟଭାବେ କ୍ରୂର; ଅତ୍ୟାଚାରୀ; କ୍ରି.ବିଂ. tyrannically.

**tyrannize** କ୍ରି. ଦମନ କରିବା; ଏକଛତ୍ର ଶାସନ କରିବା; ଅତ୍ୟାଚାର କରିବା।.

**tyrannosaur, tyrannosaurus** ବି. କ୍ଷୁଦ୍ର ଆଗ ଗୋଡ଼ ଏବଂ ଦୀର୍ଘ, ସୁବିକଶିତ ଲାଂଜବିଶିଷ୍ଟ ଡାଇନୋସର ଜାତୀୟ ସରୀସୃପ।

**tyrannous** ବିଂ. ଦମନକାରୀ, ଦମନମୂଳକ।

**tyranny** ବି. କ୍ଷମତାର ସ୍ୱେଚ୍ଛାଚାରୀ, ନିଷ୍ଠୁର ପ୍ରୟୋଗ; ଏକଛତ୍ରବାଦୀ ଶାସନ; ଏପରି ଶାସନର ସମୟ; ଏପରି ଶାସିତ ଦେଶ।

**tyrant** ବି. ନିଷ୍ଠୁର, ଏକଛତ୍ରବାଦୀ ଶାସକ; କ୍ଷମତାର ନିଷ୍ଠୁର ପ୍ରୟୋଗ କରୁଥିବା ଲୋକ; ସ୍ୱେଚ୍ଛାଚାରୀ।

**tyre** ବି. *ଆମେ.* tire (ଯାନବାହାନର)ଟାୟାର; ଭୂମିସହିତ ଘର୍ଷଣକୁ ମୃଦୁ କରିବା ନିମିତ୍ତ ଚକପରିଧିକୁ ଘେରି ରହିଥିବା ରବର ନିର୍ମିତ ବଳୟ।

**Tyrian** 1. ବି. ଫୋନେସିଆର ପ୍ରାଚୀନ ଟାୟାର ଅଂଚଳର ଅଧିବାସୀ; 2. ବିଂ. ଟାୟାର ଅଞ୍ଚଳ ସମ୍ବନ୍ଧୀୟ।

**Tyrian purple** ବି. ବାଇଗଣି ରଙ୍ଗ ବିଶେଷ।

Digitized by srujanika@gmail.com

# Uu

**U¹·,u** ବି. (ବ.ବ. Us, U's; us, u's) ଇଂରାଜୀ ବର୍ଣ୍ଣମାଳାର ଏକବିଂଶତିତମ ଅକ୍ଷର; U ଆକାର ବିଶିଷ୍ଟ ପଦାର୍ଥ, ବାଙ୍କ ବା ମୋଡ଼।

**U¹·** ବିଂ. କ.ଭା. upper class ଉଚ୍ଚବଂଶ ବା ତଥାକଥିତ ଉଚ୍ଚଶ୍ରେଣୀ।

**U²·** ପ୍ର. uranium ୟୁରାନିୟମ।

**U³·** ସଂଖ. universal ସର୍ବଜନୀନ ପ୍ରଦର୍ଶନ ନିମନ୍ତେ ସେନ୍‌ସର୍ ବୋର୍ଡ୍‌ର ଅନୁମତିପ୍ରାପ୍ତ ଚଳଚ୍ଚିତ୍ର।

**ubiquitous** ବିଂ. ସର୍ବବ୍ୟାପୀ; ବହୁଧା ଦେଖା ଯାଉଥିବା; ବି. ubiquity.

**U-boat** ବି. ଇତି. ଜର୍ମାନ୍ ବୁଡ଼ାଜାହାଜ।

**u.c.** ସଂଖ. upper case ବଡ ହରଫ୍।

**UCCA** ସଂଖ. Universities Central Council on Adimissions ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ପ୍ରବେଶିକା ପରିଷଦ।

**udder** ବି. ଗାଈପ୍ରଭୃତିଙ୍କ ଚିର ବା ପହ୍ନା।

**UDI** ସଂଖ. unilateral declaration of independence ଏକତରଫା ସ୍ୱାଧୀନତା ଘୋଷଣା।

**UFO, ufo** ସଂଖ. unidentified flying object ଅଚିହ୍ନା ଉଡନ୍ତା ପଦାର୍ଥ; ଉଡ଼ନ୍ତା ଥାଳିଆ।

**ugh** ଅବ୍. ବିରକ୍ତିବ୍ୟଂଜକ ଧ୍ୱନି; ଖଣ୍ଟିକାଶ ବା କୁଛାଇହେବା ସମୟର ଧ୍ୱନି।

**ugli** ବି. ସବୁଜ ଓ ହଳଦିଆରଙ୍ଗର ବିନ୍ଦୁମାନଙ୍କ-ଦ୍ୱାରା ଚିହ୍ନିତ ସାଇଟ୍ରସ୍ (କମଳାଜାତୀୟ) ଫଳ; ଅଙ୍ଗୁର ଓ ଚକୋତରାଜାତୀୟ ଫଳର ସଂକର ଫଳ।

**uglify** କ୍ରି. କୁତ୍ସିତ ବା ଅସୁନ୍ଦର କରିବା।

**ugly** ବିଂ. କୁଦର୍ଶନ, କୁତ୍ସିତ; ଭୀତିପ୍ରଦ ଓ ଭୟଙ୍କର; ଅନୈତିକ; ଅଶାଳୀନ; ଘୃଣ୍ୟ; ବି. ugliness.

**ugly customer** ବି. ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ; ଭୟଙ୍କର ବ୍ୟକ୍ତି।

**ugly duckling** ବି. ଆରମ୍ଭରୁ ଉପେକ୍ଷିତ କିନ୍ତୁ ଶେଷରେ ସର୍ବାଧିକ ସଫଳ ବ୍ୟକ୍ତି।

**UHF** ସଂଖ. ultrahigh frequency ଅତ୍ୟୁଚ୍ଚ ଫ୍ରିକ୍ୱେନ୍‌ସିଯୁକ୍ତ।

**UHT** ସଂଖ. ultra heat treated ଅତ୍ୟଧିକ ଉତ୍ତାପ ପ୍ରଦତ୍ତ।

**uh-huh** ଅବ୍. କ.ଭା. ହଁ, ସତରେ।

**UK** ସଂଖ. United Kingdom ଯୁକ୍ତରାଜ୍ୟ (ବ୍ରିଟେନ୍)।

**ukase** ବି. ସ୍ୱେଚ୍ଛାଚାରୀ ଆଦେଶନାମା; ଇତି. ଋଷ୍ ସରକାରଙ୍କ ଆଦେଶନାମା।

**Ukrainian** 1. ବିଂ. ୟୁକ୍ରେନୀୟ; 2. ବି. ୟୁକ୍ରେନ୍‌ର ଅଧିବାସୀ କିମ୍ବା ଭାଷା।

**ukulele** ବି.ଚାରି ତାରଯୁକ୍ତ କ୍ଷୁଦ୍ର ହାୱାଇ ଗୀଟାର।

**ulcer** ବି. ଶରୀରର ଉପରଅଂଶରେ ଅଥବା ଭିତରଅଂଶରେ ଥିବା ଘାଆ; ଅବକ୍ଷୟକାରୀ ଅଥବା ନୀତିହାନିକାରକ ପ୍ରଭାବ; ବିଂ. ulcerous.

**ulcerate** କ୍ରି. ଘା' ହେବା, ଘା' କରିବା; ବି. ulceration.

**-ule** ପ.ପ୍ର. ଖର୍ବାକୃତି ବା କ୍ଷୁଦ୍ରାକୃତି ସୂଚକ ପ୍ରୟୋଗ (globule, granule).

**ulna** ବି. ବ.ବ. ulnae ହାତରେ ଥିବା ପତଳା ଏବଂ ଲମ୍ବା ଅସ୍ଥି; ପଶୁର ଆଗ ଗୋଡ଼ ଏବଂ ପକ୍ଷୀର ଡେଣା ମଧ୍ୟସ୍ଥିତ ସେ ପ୍ରକାର ହାଡ଼; ବିଂ. ulnar.

**ulster** ବି. ଖଦଡିଆ କନାର ଲମ୍ବା ଓ ଢିଲା ଓଭରକୋଟ (ଅଲ୍‌ଷ୍ଟର, ଆୟାରଲେଣ୍ଡର ନାମାନୁସାରେ)।

**Ulsterman** ବି. ଅଲ୍‌ଷ୍ଟର (ଆୟାର୍‌ଲେଣ୍ଡ)ର ଅଧିବାସୀ; ସ୍ତ୍ରୀ. Ulsterwoman.

**ult** ସଂଖ. ଦ୍ର. ultimo.

**ulterior** ବିଂ. ବାହାରକୁ ଜଣାଯାଉ ନ ଥିବା ବା ସ୍ୱୀକାର କରାଯାଉ ନ ଥିବା (ସ୍ୱାର୍ଥ ବା ଉଦ୍ଦେଶ୍ୟ)।

**ultimate** ବିଂ. ଶେଷ; ଚୂଡ଼ାନ୍ତ; ଚରମ; ଯାହା ବାହାରେ ଆଉ କିଛି ନାହିଁ ବା ଥିବାର ସମ୍ଭାବନା ନାହିଁ; ମୌଳିକ; ପ୍ରାଥମିକ ଓ ବିଶ୍ଳେଷଣାତୀତ; ଅବିଶ୍ଳେଷ୍ୟ।

Digitized by srujanika@gmail.com

**ultimatum** ବି. ବ.ବ. ultimatums ଚରମପତ୍ର, ଶେଷକଥା (ଯାହାର ଲଂଘନରେ ଅସହଯୋଗ କିମ୍ବା ଯୁଦ୍ଧ ଅବଶ୍ୟମ୍ଭାବୀ)।

**ultimo** ବିଂ. (ବାଣିଜ୍ୟ) ବିଗତମାସର ( ଉଦା. the 28th ultimo).

**ultra–** ପୂ.ପ୍ର. ଯତ୍‌ପରୋନାସ୍ତି; ଅତି, ଅତ୍ୟଧିକ ପ୍ରଭୃତି ଅର୍ଥନିଷ୍ପନ୍ନକାରୀ ଉପସର୍ଗ ( ଉଦା. ultra-modern, ultra-radical).

**ultra-high** ବିଂ. (ତରଙ୍ଗ ସମ୍ବନ୍ଧୀୟ) ୩୦୦ରୁ ୩୦୦୦ ମେଗାହର୍ଜ୍ ମଧ୍ୟରେ।

**ultramarine** 1. ବି. ଉଜ୍ଜ୍ୱଳ ଓ ବିଶୁଦ୍ଧ ନୀଳବର୍ଣ୍ଣ; 2. ବିଂ. ଏହି ରଙ୍ଗଯୁକ୍ତ।

**ultramicroscopic** ବିଂ. ସାଧାରଣ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ହେଉ ନ ଥିବାଭଳି କ୍ଷୁଦ୍ର।

**ultramontane** ବିଂ. ଆଲ୍‌ପସ୍ ପର୍ବତମାଳାର ଦକ୍ଷିଣସ୍ଥିତ; ପୋପ୍‌ଙ୍କ ସାର୍ବଭୌମ କ୍ଷମତାରେ ବିଶ୍ୱାସୀ।

**ultrasonic** ବିଂ. ସ୍ୱାଭାବିକ ଶ୍ରୁତିଶକ୍ତିର ସୀମା ବହିର୍ଭୂତ; କ୍ରି.ବିଂ. ultrasonically.

**ultrasonics** ବି. ସା. ଏ.ବ. ଶ୍ରୁତିବହିର୍ଭୂତ ଶବ୍ଦତରଙ୍ଗର ଗତି ସମ୍ବନ୍ଧୀୟ ବିଜ୍ଞାନ।

**ultrasound** ବି. ଶବ୍ଦର ଗତିଠାରୁ ଦ୍ରୁତତର ତରଙ୍ଗ।

**ultraviolet** ବିଂ. ଅଧିପାଟଳ; ଦୃଶ୍ୟମାନ ବର୍ଣ୍ଣାଳୀରେ ବାଇଗଣିରଙ୍ଗର ଅବ୍ୟବହିତ ପରବର୍ତ୍ତୀ (ବିକିରଣ)।

***ultra vires*** କ୍ରି.ବିଂ. ବିଂ. ବ୍ୟକ୍ତିର ଆଇନଗତ କ୍ଷମତା ବା କର୍ତ୍ତୃତ୍ୱ ବହିର୍ଭୂତ। *(ଲା.)*

**ululate** କ୍ରି. (ପେଚା ପ୍ରଭୃତି) ଚିତ୍କାର କରିବା; ଉଚ୍ଚକଣ୍ଠରେ ବିଳାପ କରିବା; ବି. ululation.

**um** ଅବ୍ର. ହୁଁ, ଉଁ (କଥା କହିବାବେଳେ ରହିଯିବା ବା ଦ୍ୱନ୍ଦ୍ୱ ପ୍ରକାଶ କରିବା)।

**umbel** ବି. ପୁଷ୍ପର ଛତ୍ରାକାର ବିନ୍ୟାସ; ବିଂ. umbellate.

**umbelliferous** ବିଂ. ଗାଜର ପ୍ରଭୃତି ଉଦ୍ଭିଦର ଛତ୍ରବିନ୍ୟାସ ସଦୃଶ।

**umber** 1. ବି. ରଂଙ୍ଗକରୂପେ ବ୍ୟବହୃତ ବାଦାମୀରଙ୍ଗର ଖଣିଜପଦାର୍ଥ; ଏପ୍ରକାର ରଙ୍ଗ ବିଶେଷ; 2. ବିଂ. ବାଦାମୀରଙ୍ଗଯୁକ୍ତ।

**umbilical** ବିଂ. ନାଭିସଂକ୍ରାନ୍ତ।

**umbilical cord** ବି. ମାତୃ ଜଠର ସହ ଶିଶୁର ନାଭିକୁ ସଂଯୋଗ କରୁଥିବା ନଳୀ; ନାଡି।

**umbilicus** ବି. ନାଭି।

**umbra** ବି. ବ.ବ. umbrae ଛାୟା ( ବିଶେ. ସୂର୍ଯ୍ୟୋପରାଗ ସମୟରେ ପୃଥିବୀ ଉପରେ ଚନ୍ଦ୍ର ସୃଷ୍ଟି କରୁଥିବା)।

**umbrage** ବି. ମର୍ଯ୍ୟାଦାହାନି; ଅପମାନବୋଧ।

**umbrella** ବି. ଛତା, ଛତ୍ର; ଛତ୍ରଛାୟାତଳେ ସଂରକ୍ଷଣ; ପୃଷ୍ଠପୋଷଣ; ଗୁଣ. ସମନ୍ୱୟ ରକ୍ଷାକାରୀ (ସଂସ୍ଥା)।

**umlaut** ବି. ସ୍ୱରବର୍ଣ୍ଣ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ଚିହ୍ନ(¨); ଅଭିଶ୍ରୁତି; ସ୍ୱରବର୍ଣ୍ଣ ପରିବର୍ତ୍ତନ ( ଉଦା. man, men).

**umpire** 1. ବି. ବିବାଦର ସମାଧାନ ଓ ଆଇନର ପ୍ରୟୋଗ ନିମିତ୍ତ ନିର୍ବାଚିତ ବ୍ୟକ୍ତି; (କ୍ରିକେଟ ଏବଂ ଅନ୍ୟାନ୍ୟ ଖେଳରେ) ବିଚାରକ ବା ଅଂପାୟାର; 2. କ୍ରି. ଅଂପାୟାର୍ କାର୍ଯ୍ୟ କରିବା; ଆଇନତଃ ମଧ୍ୟସ୍ଥ ହେବା।

**umpteen** 1. ବିଂ. କ.ଭା. ବହୁତ; ଅସଂଖ୍ୟ; ଅନେକ ଗୁଡ଼ିଏ; 2. ସ. ଅନେକସଂଖ୍ୟକ; ବିଂ. umpteenth.

**UN** ସଂଶ. United Nations ମିଳିତ ଜାତିସଂଘ।

**'un** ସ. କ.ଭା. ଗୋଟିଏ, ଏକ (That is a good 'un).

**un–** ପୂ.ପ୍ର. ବିଶେଷଣ, ବିଶେଷଣଜାତ ବିଶେଷ୍ୟ ଓ କ୍ରିୟା ବିଶେଷଣ ପୂର୍ବରେ ବ୍ୟବହୃତ ହୋଇ ନଞର୍ଥ ପ୍ରକାଶକ ପ୍ରତ୍ୟୟ (unusable, uneducated, unoffical); ପ୍ରଶଂସା ଓ

---

| | | |
|---|---|---|
| **unaccomodating** | **unannounced** | **unauthorized** |
| **unacquainted** | **unappetizing** | **unavailable** |
| **unadventurous** | **unappreciative** | **unbleached** |
| **unaffiliated** | **unapproachable** | **unblinking** |
| **unambiguous** | **unarguable** | **unbreakable** |

Digitized by srujanika@gmail.com

ନିନ୍ଦାସୂଚକ ଶବ୍ଦର ପୂର୍ବରେ ବ୍ୟବହୃତ ବିପରୀତାର୍ଥ ବୋଧକ ପ୍ରତ୍ୟୟ (unsociable, unselfish); ବିଶେଷ୍ୟ ପଦସହ ଯୁକ୍ତ ହୋଇ ଅଭାବ ଅର୍ଥସୂଚକ (unrest, untruth); କ୍ରିୟା ପୂର୍ବରୁ ସଂଯୁକ୍ତ ବିପରୀତାର୍ଥବୋଧକ (unlock, untie); କ୍ରିୟାଭାବରେ ବ୍ୟବହୃତ ବିଶେଷ୍ୟ ପୂର୍ବରୁ 'ବଞ୍ଚିତହେବା', 'ମୁକ୍ତହେବା' ଆଦି ଅର୍ଥ ବ୍ୟଂଜକ (unfrock, unleash); କେତେକ ବିଶେଷ୍ୟ ପୂର୍ବରୁ 'ଅଭାବ' କିମ୍ବା ମୂଳ ଅର୍ଥର ବିପରୀତାର୍ଥ ବ୍ୟଞ୍ଜକ (unbelief, unemployment).

> **un–** *ପୂ.ପ୍ର.* ସହ ବହୁସଂଖ୍ୟକ ଶବ୍ଦ ଇଂରାଜୀ ଭାଷାରେ ପ୍ରଚଳିତ। ତନ୍ମଧ୍ୟରୁ କେତୋଟି ନିର୍ବାଚିତ ଶବ୍ଦ ନିମ୍ନରେ ପ୍ରଦାନ କରାଯାଇଅଛି।

**unabashed** ବିଂ. ଅବିଚଳିତ; ଅପ୍ରସ୍ତୁତ ବା ଅପମାନିତବୋଧ ନ କରି।

**unabated** ବିଂ. ହ୍ରାସ ବା ଅପମାନିତ ନ ହୋଇ।

**unable** ବିଂ. ଅକ୍ଷମ।

**unabridged** ବିଂ. ସଂପୂର୍ଣ୍ଣ, କଥାସାର ନୁହେଁ।

**unacceptable** ବିଂ. ଅଗ୍ରାହ୍ୟ; *କ୍ରି.ବିଂ.* unacceptably.

**unaccompanied** ବିଂ. କାହାରିକୁ ସାଥିରେ ନ ନେଇ; ଏକାକୀ, ଦେହରକ୍ଷୀ ବିନା।

**unaccomplished** ବିଂ. ଅସଂପୂର୍ଣ୍ଣ; ଅମାର୍ଜିତ; ସୁଗୁଣସଂପନ୍ନ ହୋଇ ନ ଥିବା।

**unaccountable** ବିଂ. ଉତ୍ତରବିହୀନ, କୈଫିୟତହୀନ; ବିଚିତ୍ର; ନିଜକାର୍ଯ୍ୟ ପାଇଁ ଉତ୍ତରଦାୟୀ ହୋଇ ନ ଥିବା (ବ୍ୟକ୍ତି); *କ୍ରି.ବିଂ.* unaccountably.

**unaccounted** ବିଂ. କାରଣ ଦର୍ଶାଯାଇ ନ ଥିବା; ବାଦ୍ ଦିଆଯାଇଥିବା।

**unaccustomed** ବିଂ. ଅନଭ୍ୟସ୍ତ; ଅସ୍ୱାଭାବିକ।

**unacknowledged** ବିଂ. ଅସ୍ୱୀକୃତ; ସ୍ୱୀକୃତିହୀନ।

**unadopted** ବିଂ. ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିବା (ରାସ୍ତା)।

**unadorned** ବିଂ. ନିରାଡମ୍ବର; ଅନଳଂକୃତ।

**unadulterated** ବିଂ. ନିର୍ମଳ; ନିର୍ଭେଜାଲ; ଖାଣ୍ଟି।

**unadvised** ବିଂ. ନିର୍ବିଚାର ଭାବରେ; ହୁଣ୍ଡାପରି; ଅନୁପଦିଷ୍ଟ; ହୁଂକାପିଟା; *କ୍ରି.ବିଂ.* unadvisedly.

**unaffected** ବିଂ. ଛଳନାରହିତ, ଅପ୍ରଭାବିତ; ସାଦାସିଧା; *କ୍ରି.ବିଂ.* unaffectedly.

**unafraid** ବିଂ. ଭୀତିହୀନ; ନିର୍ଭୀକ।

---

**unbusinesslike**
**uncertified**
**unchallengeable**
**unchallenged**
**unchanging**
**uncharacteristic**
**uncharted**
**unchecked**
**unchivalrous**
**uncircumcised**
**unclaimed**
**unclassified**
**unclouded**
**uncombed**
**uncommitted**
**unconcealed**
**unconfined**
**unconfirmed**
**uncongenial**
**unconquerable**
**unconstrained**
**uncontaminated**
**uncontrollable**
**uncontrolled**
**unconvinced**
**unconvincing**
**uncooked**
**uncooperative**
**uncoordinated**
**uncorroborated**
**uncorrupted**
**uncounted**
**undamaged**
**undated**
**undaunted**
**undefended**
**undefiled**
**undefined**
**undelivered**
**undemanding**
**undeserving**
**undesigned**
**undetectable**
**undetected**
**undeterred**
**undignified**
**undiluted**
**undiminished**
**undisciplined**
**undisclosed**
**undiscriminating**
**undisguised**
**undismayed**
**undisputed**
**undistinguished**
**undisturbed**
**ndivided**
**undressed**
**undrinkable**
**uneaten**
**uneconomic**
**uneconomical**
**unedifying**

Digitized by srujanika@gmail.com

**unalloyed** ବିଂ. ଖାଣ୍ଟି; ପୂରାପୂରି; ଗୋଟାପଣେ ।
**unalterable** ବିଂ. ଅପରିବର୍ତ୍ତନୀୟ ।
**unaltered** ବିଂ. ଅପରିବର୍ତ୍ତିତ ।
**unanimous** ବିଂ. ସର୍ବସମ୍ମତ; ବି. unanimity; କ୍ରି.ବିଂ. unanimously.
**unanswerable** ବି. ଅଖଣ୍ଡନୀୟ, ଅକାଟ୍ୟ; କ୍ରି.ବିଂ. unanswerably.
**unanswered** ବିଂ. ଅନୁତ୍ତରିତ ।
**unanticipated** ବିଂ. ଅପ୍ରତ୍ୟାଶିତ ।
**unarmed** ବିଂ. ନିରସ୍ତ୍ର; ଆତ୍ମରକ୍ଷା ବ୍ୟବସ୍ଥାବିନା ।
**unashamed** ବିଂ. ଅପରାଧବୋଧହୀନ; ନିର୍ଲଜ୍ଜ; କ୍ରି.ବିଂ. unashamedly.
**unasked** ବିଂ. ଅକୁହା; ଅଯାଚିତ; ଅନିମନ୍ତ୍ରିତ ।
**unassailable** ବିଂ. ଯାହାକୁ ପ୍ରଶ୍ନ କରାଯାଇ ନପାରେ; ଅନାକ୍ରମ୍ୟ, ଅଭେଦ୍ୟ ।
**unassuming** ବିଂ. ନିଜର ପ୍ରତିଷ୍ଠା ବା ମର୍ଯ୍ୟାଦା ଯେ ଜାହିର କରେ ନାହିଁ; ବିନମ୍ର ।
**unattached** ବିଂ. ଅବିବାହିତ; ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଚର୍ଚ୍ଚ, କ୍ଲବ କିମ୍ବା କଲେଜପ୍ରଭୃତି ସହିତ ଅସଂପୃକ୍ତ ।
**unattainable** ବିଂ. ଅପହଞ୍ଚ; ଅପ୍ରାପ୍ୟ ।
**unattended** ବିଂ. ସେବା ପାଉ ନ ଥିବା; ସହଚରହୀନ; ଏକାକୀ; ନିଃସଂଗ ।
**unattractive** ବିଂ. ଅନାକର୍ଷଣୀୟ; ଅନାକର୍ଷକ ।
**unavailing** ବିଂ. ଅକାର୍ଯ୍ୟକର; ଅଫଳପ୍ରସୂ; ନିଷ୍ଫଳ ।
**unavoidable** ବିଂ. ଅନିବାର୍ଯ୍ୟ ।
**unaware** ବିଂ. ଅବବୋଧହୀନ; ଅସଚେତନ; ବି. unawareness.
**unawares** କ୍ରି.ବିଂ. ଅପ୍ରତ୍ୟାଶିତ ଭାବରେ; ଅଲକ୍ଷ୍ୟରେ ।
**unbacked** ବିଂ. ସମର୍ଥନହୀନ ।
**unbalanced** ବିଂ. (ମାନସିକଭାବେ) ଅସ୍ଥିର; ଭାରସାମ୍ୟହୀନ; ପକ୍ଷପାତମୂଳକ ।
**unban** କ୍ରି. ନିଷେଧାଦେଶ ଉଠାଇନେବା; ଅନୁମତି ଦେବା ।
**unbar** କ୍ରି. ଖିଲି କାଢିନେବା (ଫାଟକ); ତାଲା ଖୋଲିବା, ଉନ୍ମୁକ୍ତ କରିବା ।
**unbearable** ବିଂ. ଅସହ୍ୟ; କ୍ରି.ବିଂ. unbearably.
**unbeatable** ବିଂ. ଅପରାଜେୟ; ଅନତିକ୍ରମ୍ୟ ।
**unbeaten** ବିଂ. ଅପରାଜିତ; ଅନତିକ୍ରାନ୍ତ ।
**unbecoming** ବିଂ. ଅଶୋଭନୀୟ; ବେଖାପ; ଅସୁନ୍ଦର; କ୍ରି.ବିଂ. unbecomingly.
**unbeknown** ବିଂ. (unbeknownst ମଧ୍ୟ) କ.ଭା. ଅଜ୍ଞାତସାରରେ ।
**unbelief** ବି. ଅବିଶ୍ୱାସ ( ବିଶେ. ଧର୍ମ ସମ୍ବନ୍ଧୀୟ ); ବି. unbeliever.

---

**unedited**
**unembarrassed**
**unemotional**
**unemphatic**
**unenlightened**
**unenterprising**
**unenthusiastic**
**unenviable**
**unessential**
**uneventful**
**unexpired**
**unexplained**
**unexplored**
**unexposed**
**unexpressed**
**unexpurgated**
**unfading**
**unfamiliar**
**unfashionable**
**unfathomable**
**unfavourable**
**unfed**
**unfeigned**
**unfeminine**
**unfenced**
**unfermented**
**unfitting**
**unflattering**
**unflinching**
**unforeseen**
**unforgiving**
**unforthcoming**
**unfortified**
**unfrequented**
**unfriendly**
**unfruitful**
**ungallant**
**ungenerous**
**ungentlemanly**
**ungrudging**
**unhampered**
**unharmed**
**unheeded**
**unhelpful**
**unhesitating**
**unhistorical**
**unhoped-for**
**unhurried**
**unhurt**
**unhygienic**
**unidentified**
**unilluminated**
**unillustrated**
**unimaginable**

Digitized by srujanika@gmail.com

**unbelievable** ବି. ଅବିଶ୍ୱାସ୍ୟ ।
**unbelieving** ବିଂ. ନାସ୍ତିକ; ଧର୍ମବିଶ୍ୱାସହୀନ ।
**unbend** କ୍ରି. ବଙ୍କାଅବସ୍ଥାରୁ ସିଧାକରିବା; ସଳଖିବା; ଆରାମବୋଧ କରିବା(ଖଟଣିପ୍ରଭୃତି ପରେ); ଅମାୟିକ ହେବା; (କେବଲ୍)ଖୋଲିବା; (ଦଉଡି, ଗଂଠି)ଫିଟାଇବା ।
**unbending** ବିଂ. ଅନମନୀୟ; କଠୋର, ଦୃଢ଼; ନୈଷ୍ଠିକ ।
**unbiased, unbiassed** ବିଂ. ନିରପେକ୍ଷ, ପକ୍ଷପାତହୀନ ।
**unbidden** ବି. ଅନାଦିଷ୍ଟ, ଅନିମନ୍ତ୍ରିତ, ଅନାହୂତ ।
**unbind** କ୍ରି. (*ଅ.କା.*, *ଅ.କ୍ରି.ଜ.ପ.* unbound) ବନ୍ଧନମୁକ୍ତ କରିବା; ମୁକୁଳାଇବା, ଫିଟାଇବା ।
**unblemished** ବିଂ. ନିଷ୍କଳଂକ ।
**unblock** କ୍ରି. ପ୍ରତିବନ୍ଧକ ହଟାଇବା ।
**unblushing** ବିଂ. ଲଜ୍ଜାହୀନ; ସ୍ପଷ୍ଟବାଦୀ ।
**unbolt** କ୍ରି. ଖିଡ଼ିକି ବା ଅର୍ଗଳ ଖୋଲି ଦ୍ୱାରପ୍ରଭୃତି ଫିଟାଇବା ।
**unborn** ବିଂ. ଅଜାତ; ଏପର୍ଯ୍ୟନ୍ତ ଜନ୍ମ ହୋଇ ନ ଥିବା ବା ହେବାର ନ ଥିବା ।
**unbosom** କ୍ରି. ହୃଦୟ ଖୋଲି ପ୍ରକାଶ କରିଦେବା (ଭାବନା); ପ୍ରକାଶ କରିଦେଇ ନିଜକୁ ହାଲୁକା କରିଦେବା ।
**unbound**[1] ବିଂ. ଖୋଲା; ବନ୍ଧା ହୋଇନଥିବା; ଅବନ୍ଧା କାଗଜ ମଲାଟଯୁକ୍ତ(ବହି) ।
**unbound**[2] କ୍ରି. unbindର *ଅ.କା.* ଓ *ଅ.କ୍ରି.ଜ.ପ.* ।
**unbounded** ବିଂ. ଅସୀମ; ଶେଷହୀନ ।
**unbridle** କ୍ରି. ଲଗାମ ଖୋଲିଦେବା(ଘୋଡାଠାରୁ କିମ୍ବା ପାଟିରୁ) ।
**unbridled** ବିଂ. ଅସଂଯତ, ଲଗାମହୀନ, ଲଗାମଛଡା; ନିୟନ୍ତ୍ରଣହୀନ ।
**unbroken** ବିଂ. ଅଭଙ୍ଗା; ଅମଣିଆ (ଘୋଡା); ଅବ୍ୟାହତ; ଅନତିକ୍ରାନ୍ତ(ରେକର୍ଡ) ।
**unbuckle** କ୍ରି. (ଯୋତାପ୍ରଭୃତିର) ବକଲସ୍ ଖୋଲିବା ।
**unburden** କ୍ରି. ଭାର। ଉଶ୍ୱାସ କରିବା; ଦୋଷ ବା ଅପରାଧ ସ୍ୱୀକାରପୂର୍ବକ ବିବେକର ତାଡ଼ନାରୁ ମୁକ୍ତହେବା ।
**unbutton** କ୍ରି. (କମିଜପ୍ରଭୃତିରୁ) ବୋତାମ ଖୋଲିଦେବା; ଆରାମ କରିବା ।
**uncalled-for** ବିଂ. ସଂପୂର୍ଣ୍ଣ ଅନାବଶ୍ୟକ, ରୂକ୍ଷ (କାର୍ଯ୍ୟ, ଟିପ୍ପଣୀ) ।
**uncanny** ବିଂ. ଭୌତିକ; ରହସ୍ୟମୟ; କ୍ରି.ବିଂ. uncannily; ବି. uncanniness.

---

**unimaginative**
**unimpaired**
**unimpeded**
**unimportant**
**unimpressive**
**uninflected**
**uninfluenced**
**uninhabitable**
**uninhabited**
**uninitiated**
**uninjured**
**unintelligent**
**unintentional**
**uninteresting**
**uninterrupted**
**unjustifiable**
**unknowable**
**unlabelled**
**unladylike**
**unlicensed**
**unlighted**
**unlovable**
**unlovely**
**unloving**
**unmatched**
**unmeant**
**unmounted**
**unmourned**
**unnamed**
**unneighbourly**
**unnoticed**
**unobjectionable**
**unobservant**
**unobserved**
**unobtainable**
**unoccupied**
**unopened**
**unopposed**
**unorganized**
**unoriginal**
**unorthodox**
**unpalatable**
**unpardonable**
**unpatriotic**
**unperturbed**
**unplanned**
**unpleasing**
**unpolished**
**unpredictable**
**unprejudiced**
**unprepared**
**unprepossessing**
**unpresentable**
**unpriced**
**unprivileged**
**unproductive**
**unprofitable**
**unprogressive**
**unpromising**
**unpronounceable**

Digitized by srujanika@gmail.com

**uncared–for** ବିଂ. ଉପେକ୍ଷିତ; ଅବହେଳିତ; ସେବା–ଯତ୍ନ–ହୀନ।
**uncaring** ବିଂ. ଅବହେଳାପୂର୍ଣ୍ଣ; ସହାନୁଭୂତିହୀନ; ସେବା, ଯତ୍ନ ନ କରୁଥିବା।
**unceasing** ବିଂ. ଅସରନ୍ତି; ଶେଷହୀନ; ନିରବଚ୍ଛିନ୍ନ।
**unceremonious** ବିଂ. ଔପଚାରିକତାବିହୀନ; ହଠାତ୍; ଅଭଦ୍ରଭାବରେ; କ୍ରି.ବିଂ. unceremoniously.
**uncertain** ବିଂ. ଅନିଶ୍ଚିତ; ଆସ୍ଥାସ୍ଥାପନର ଅଯୋଗ୍ୟ; ପରିବର୍ତ୍ତନଶୀଳ; in no uncertain terms ସ୍ପଷ୍ଟ ଏବଂ ଦୃଢ଼ଭାବରେ; କ୍ରି.ବିଂ. uncertainly; ବି. uncertainty.
**unchain** କ୍ରି. ଶିକୁଳି ଖୋଲିଦେବା; ମୁକ୍ତ କରିଦେବା।
**unchangeable** ବିଂ. ଅପରିବର୍ତ୍ତନୀୟ।
**unchanged** ବିଂ. ଅପରିବର୍ତ୍ତିତ।
**uncharitable** ବିଂ. ଦୋଷଦର୍ଶୀ, କଠୋର ବିଚାର ପ୍ରଦାନକାରୀ; କ୍ରି.ବିଂ. uncharitably.
**unchristian** ବିଂ. ଖ୍ରୀଷ୍ଟ ଧର୍ମମତବିରୋଧୀ; ସ୍ୱାର୍ଥପର ବା ନିର୍ମମ।
**uncial** 1. ବିଂ. ଗୋଲାକାର, ବଡ଼ ହରଫର ଅକ୍ଷରପରି (ଲିଖନପଦ୍ଧତି); ୪ର୍ଥ-୮ମ ଶତାବ୍ଦୀ ସମୟର ଲିଖନଶୈଳୀଭଳି; ବର୍ତ୍ତୁଳ; 2. ବି. ଏ ପ୍ରକାରର ଲିଖନଶୈଳୀ।
**uncivil** ବିଂ. ଅଭଦ୍ର; ଅଶିଷ୍ଟ; କ୍ରି.ବିଂ. uncivilly.
**uncivilized** ବିଂ. ଅସଭ୍ୟ; ରୁକ୍ଷ; ଅସଂସ୍କୃତ।
**unclasp** କ୍ରି. ହାତମୁଠାରୁ ମୁକ୍ତ କରିବା; ଖୋଲିଦେବା।
**uncle** ବି. କାକା (ଦାଦା), ମାମୁଁ, ପିଉସା, ବଡ଼ୁ, ବଡ଼ବାପା, ମଉସା; କ.ଭା. ପିତା ବା ମାତାଙ୍କର ବଂଧୁ; ସା.ପ୍ର. ଇତି. ବନ୍ଧକୀକିଣିଷ ବ୍ୟବସାୟୀ।
**unclean** ବିଂ. ଅପରିଷ୍କାର; ଅସତ୍ ଚରିତ୍ର; ଅପବିତ୍ର; ଅବିଶୁଦ୍ଧ; ନିଷିଦ୍ଧ।
**unclear** ବିଂ. ଅସ୍ପଷ୍ଟ, ଦୁର୍ବୋଧ।
**Uncle Sam** ବି. କ.ଭା. ଯୁକ୍ତରାଷ୍ଟ୍ର ଆମେରିକା ସରକାର।
**unclose** କ୍ରି. ଖୋଲିଦେବା।
**unclothe** କ୍ରି. ଉଲଗ୍ନ କରିବା; ନ ଲୁଚାଇବା; (ଗଛ ପ୍ରଭୃତିରୁ) ପତ୍ର ବାହାର କରିଦେବା; ପ୍ରକଟ କରିଦେବା, ଉନ୍ମୁକ୍ତ କରିଦେବା।
**uncoil** କ୍ରି. ଗୋଲାକାରଭାବରେ ଗୁଡ଼ାଇ ହୋଇଥିବା ବସ୍ତୁକୁ ଫିଟାଇଦେବା ବା ଫିଟିଯିବା।
**uncoloured** ବିଂ. ରଙ୍ଗହୀନ; ଅପ୍ରଭାବିତ; ନିରପେକ୍ଷ।

---

**unpropitious**
**unproved**
**unprovided**
**unpunctual**
**unpunished**
**unquenchable**
**unquestioned**
**unquiet**
**unquotable**
**unrealizable**
**unreasoned**
**unreasoning**
**unreciprocated**
**unrecognizable**
**unrecorded**
**unredeemed**
**unrefined**
**unreflecting**
**unreformed**
**unregenerate**
**unregistered**
**unregretted**
**unregulated**
**unrehearsed**
**unrelated**
**unreliable**
**unremarkable**
**unrepentant**
**unrepresentative**
**unrepersented**
**unresisting**
**unresolved**
**unresponsive**
**unrestrained**
**unrestricted**
**unrevised**
**unrewarded**
**unromantic**
**unruffled**
**unsaleable**
**unsalted**
**unsatisfactory**
**unsatisfied**
**unsatisfying**
**unscalable**
**unscarred**
**unscheduled**
**unscholarly**
**unsealed**
**unseeded**
**unselfconscious**
**unsentimental**
**unserviceable**
**unshakeable**
**unshaven**
**unshockable**
**unshorn**
**unsigned**
**unsized**
**unskilful**

Digitized by srujanika@gmail.com

**uncome–at–able** ବିଂ. କ.ଭା. ଅପହଞ୍ଚ; ଯାହା ପାଇ ହୁଏ ନାହିଁ।

**uncomfortable** ବିଂ. ଅସ୍ୱସ୍ତିକର; ଅସୁଖକର।

**uncommon** ବିଂ. ଅସାଧାରଣ; ଅସ୍ୱାଭାବିକ, ବିଶାଳ; କ୍ରି.ବିଂ. uncommonly; ବି. uncommonness.

**uncommunicative** ବିଂ. ଯେ ବିଶେଷ କଥାବାର୍ତ୍ତା କରିବା ପସନ୍ଦ କରେ ନାହିଁ; ଯାହାର ମନକଥା ଜାଣି ହୁଏ ନାହିଁ।

**uncompetitive** ବିଂ. ପ୍ରତିଯୋଗିତାହୀନ।

**uncomplaining** ବିଂ. ଅଭିଯୋଗହୀନ; ଯେ ନୀରବରେ ସହିଯାଏ।

**uncomplimentary** ବିଂ. ଅପମାନଜନକ।

**uncompromising** ବିଂ. ସାଲିସବିହୀନ; ଏକଜିଦିଆ; ଅନମନୀୟ; କ୍ରି.ବିଂ. uncompromisingly.

**unconcern** ବି. ଉଦ୍‌ବେଗଶୂନ୍ୟତା, ଉଦାସୀନତା; ବିଂ. unconcerned; କ୍ରି.ବିଂ. unconcernedly.

**unconditional** ବିଂ. ନିଃସର୍ତ୍ତ; ସଂପୂର୍ଣ୍ଣ (unconditional surrender); କ୍ରି.ବିଂ. unconditionally.

**unconditioned reflex** ବିଂ. ଉଦ୍ଦୀପକ ବସ୍ତୁପ୍ରତି ସ୍ୱତଃସ୍ଫୂର୍ତ୍ତ ପ୍ରତିକ୍ରିୟା।

**unconnected** ବିଂ. ଅସଂଯୁକ୍ତ; ଅସଂପୃକ୍ତ; ସଂଗତିବିହୀନ।

**unconscionable** ବିଂ. ବିବେକହୀନ; ବିବେକବିରୋଧୀ; ମାତ୍ରାଧିକ; କ୍ରି.ବିଂ. unconscionably.

**unconscious** 1. ବିଂ. ଅଚେତ; ସଂଜ୍ଞାହୀନ; ଅଜ୍ଞାନ; 2. ବି. *ମନ* ଅଚେତନ।

**unconsidered** ବିଂ. ଉପଯୁକ୍ତ ବିଚାରବିବେଚନା ବିନା କୃତ; ଉପେକ୍ଷିତ; ଅଗ୍ରାହ୍ୟ କରାହୋଇଥିବା।

**unconstitutional** ବିଂ. ଅସାଂବିଧାନିକ; ସମ୍ବିଧାନ ବିରୁଦ୍ଧ (କାର୍ଯ୍ୟ ବା ବ୍ୟବସ୍ଥା); କ୍ରି.ବିଂ. unconstitutionally.

**uncontested** ବିଂ. ବିନାପ୍ରତିଦ୍ୱନ୍ଦ୍ୱିତାରେ; ନିର୍ବିରୋଧ।

---

**unsmiling**
**unsmoked**
**unsoiled**
**unsold**
**unsolved**
**unsorted**
**unsought**
**unspecified**
**unspoiled**
**unspoken**
**unsporting**
**unsportsmanlike**
**unstained**
**unstamped**
**unstarched**
**unstated**
**unsterilized**
**unstinted**
**unstoppable**
**unstrained**
**unsubstantiated**
**unsullied**
**unsupported**
**unsure**
**unsurpassed**
**unsusceptible**
**unsuspecting**
**unsuspicious**
**unsweetened**
**unswept**
**unsymmetrical**
**unsympathetic**
**unsystematic**
**untainted**
**untalented**
**untameable**
**untamed**
**untarnished**
**untasted**
**unteachable**
**untenable**
**unthankful**
**untied**
**untilled**
**untouched**
**untraceable**
**untraced**
**untrammelled**
**untranslatable**
**untrodden**
**untrustworthy**
**untruthful**
**untuned**
**unturned**
**untutored**
**unvaccinated**
**unvaried**
**unvarying**
**unventilated**
**unverified**
**unwanted**
**unwavering**
**unweaned**
**unwelome**
**unwept**
**unwomanly**
**unwound**
**unwrought**
**unwrung**

Digitized by srujanika@gmail.com

**uncontroversial** ବିଂ. ନିର୍ବିବାଦ୍ୟ; ବିବାଦହୀନ ।

**unconventional** ବିଂ. ଅଣ–ପାରମ୍ପରିକ; ଅସ୍ୱାଭାବିକ; ବି. unconventionality; କ୍ରି.ବିଂ. unconventionally.

**uncork** କ୍ରି. (ବୋତଲର) ଠିପି ଖୋଲିବା; (ଭାବନା) ପ୍ରକାଶ କରିବା ।

**uncountable** ବିଂ. ଅଗଣନୀୟ; ଅଜସ୍ର; ବ୍ୟା. ଯେଉଁ ବିଶେଷ୍ୟ ପଦର ବହୁବଚନ ହୁଏ ନାହିଁ ବା a/an ପ୍ରୟୋଗ ହୁଏ ନାହିଁ ( ଉଦା. unity, love, water).

**uncouple** କ୍ରି. ଯୋଡ଼ରୁ ମୁକ୍ତ କରିବା ।

**uncouth** ବିଂ. ଅସଂସ୍କୃତ, ଅମାର୍ଜିତ (ବ୍ୟକ୍ତି, ଚାଲିଚଳନ); ରୂକ୍ଷ ।

**uncover** କ୍ରି. ଆବରଣ ବା ଢାଙ୍କୁଣି ଉଠାଇନେବା; ଉନ୍ମୁକ୍ତ କରିବା; ପ୍ରକାଶ କରିବା; (ମୁଣ୍ଡରୁ ଟୋପି) କାଢିନେବା ।

**uncritical** ବିଂ. ସମାଲୋଚନା କରିବାକୁ ଅନିଚ୍ଛୁକ ବା ଅନୁପଯୁକ୍ତ; ନିର୍ବିବାଦରେ ଗ୍ରହଣ କରାଯାଉ–ଥିବା; ସାହିତ୍ୟ ସମାଲୋଚନାର ନୀତି ଅନୁସାରେ ହୋଇ ନ ଥିବା; କ୍ରି.ବିଂ. uncritically.

**uncrossed** ବିଂ. (ବେଙ୍କ୍ ଚେକ୍) କ୍ରସ୍ କରାଯାଇ ନ ଥିବା ।

**uncrowned** ବିଂ. ମୁକୁଟହୀନ; ରାଜାବୋଲି ଘୋଷିତ ହୋଇ ନ ଥିବା (କ୍ଷମତାଧିକାରୀ ବ୍ୟକ୍ତି) ।

**unction** ବି. ଚିକିତ୍ସା ବା ଧର୍ମୀୟରୀତି ଅନୁସାରେ ଅନୁଲେପନ; ମଲମ; ତୈଳ; ସାନ୍ତ୍ୱନାଦାୟକ କଥା ବା ଚିନ୍ତା; ଅତିରିକ୍ତ ତୋଷାମଦକାରୀ ଭାଷା; ଚାଟୁଭାଷା ।

**unctuous** ବିଂ. ଚାଟୁବାକ୍ୟପୂର୍ଣ୍ଣ; ତୋଷାମଦିଆ; ତୈଳାକ୍ତ; ତେଲିଆ; ଚିକଣିଆ ବା ପିଚ୍ଛିଳ; କ୍ରି.ବିଂ. unctuously.

**uncurl** କ୍ରି. କୁଞ୍ଚକୁଞ୍ଚିଆ ଅବସ୍ଥାରୁ ସିଧା କରିଦେବା ।

**uncut** ବିଂ. ଅକଟା; ପୃଷ୍ଠା କଟାଯାଇ ନ ଥିବା ବା ମାର୍ଜିନ ଛଡାଯାଇ ନ ଥିବା(ବହି)· ସଂପୂର୍ଣ୍ଣ ଏବଂ କୌଣସି ଅଂଶ କଟା ନ ହୋଇଥିବା (ଫିଲ୍ମ ବା ବହି); କର୍ତ୍ତନଦ୍ୱାରା ଉଜ୍ଜ୍ୱଳ କରା ନ ଯାଇଥିବା (ହୀରା); ଧଡି କଟା ହୋଇ ନ ଥିବା (ବସ୍ତ୍ର) ।

**undeceive** କ୍ରି. ଛଳନା କିମ୍ବା ଭ୍ରାନ୍ତିରୁ ମୁକ୍ତହେବା ।

**undecided** ବିଂ. ଅମୀମାଂସିତ; ଅସ୍ଥିରସଂକଳ୍ପ ।

**undemocratic** ବିଂ. ଅଗଣତାନ୍ତ୍ରିକ ।

**undemonstrative** ବିଂ. ଆବେଗ ପ୍ରଦର୍ଶନ ନ କରୁଥିବା (ବ୍ୟକ୍ତି) ।

**undeniable** ବିଂ. ଅନସ୍ୱୀକାର୍ଯ୍ୟ, ନିଶ୍ଚିତ; କ୍ରି.ବିଂ. undeniably.

**under** 1. ଅ. ତଳେ, ନିମ୍ନରେ (lay under the bed, drove under the bridge); ଭିତରପାଖରେ (vest under the shirt); ପାଦଦେଶରେ (under the hill); ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ (did it in under an hour); ପଦବୀରେ ନୀଚ, ଅଧସ୍ତନ (no one under a bishop); ନିର୍ଦ୍ଦିଷ୍ଟ ଅବସ୍ଥାରେ (sank under the load; is now under repair); ଚାଳିତ ବା ନିର୍ଦ୍ଦେଶିତ (fought under Kariappa); ସର୍ତ୍ତରେ (under protest); ଦାୟୀ ବା ଆବଦ୍ଧ (under oath, under the impression that); ତଦନୁସାରେ (under our agreement); ଅନୁସାରେ (under the circumstances); ରୂପରେ (under an assumed name); ଶ୍ରେଣୀୟ (is classified under psychology); ରୋପିତ (field under crops); ଚାଳିତ (under sail); 2. କ୍ରି.ବିଂ. ତଳେ, ତଳଦେଶରେ, ନିମ୍ନରେ; ସଂଜ୍ଞାହୀନ ଅବସ୍ଥାରେ; 3. ବିଂ. ନିମ୍ନ (under surface); under arms ଯୁଦ୍ଧପାଇଁ ପ୍ରସ୍ତୁତ; under one's belt ସଯତ୍ନପ୍ରାପ୍ତ; under control ନିୟନ୍ତ୍ରଣାଧୀନ; under the sun ପୃଥିବୀର ଯେକୌଣସି ସ୍ଥାନରେ; under way ଚାଲୁଅବସ୍ଥାରେ; ଗତିଶୀଳ; ବିଂ. undermost.

**under–** ପୂ.ପ୍ର. ତଳ, ନିମ୍ନଭାଗରେ; ନିମ୍ନଶ୍ରେଣୀୟ, ତଳିଆ, ସ୍ୱଳ୍ପ, ଅସଂପୂର୍ଣ୍ଣଭାବରେ; ଅପ୍ରଚୁର ପ୍ରଭୃତି ଅର୍ଥଜ୍ଞାପକ ପୂର୍ବପ୍ରୟୋଗ ( ଉଦା. underground, Under-Secretary, underfed, understaffed, under-cooked).

**underachieve** କ୍ରି. ଆଶାଠାରୁ କମ୍ ହାସଲ କରିବା ( ବିଶେ. ବିଦ୍ୟାଧ୍ୟୟନରେ); ବି. underachiever.

**under–age** ବିଂ. ଅଳ୍ପବୟସ୍କ ।

Digitized by srujanika@gmail.com

**underarm** ବିଂ., କ୍ରି.ବିଂ. କ୍ରିକେଟ କାନ୍ଧଠାରୁ ନିମ୍ନରେ ହସ୍ତ ସଂଚାଳନ (underarm bowling); କାଖତଳେ; କାଖରେ ।
**underbelly** ବି. (ଆକ୍ରମଣ ଯୋଗ୍ୟ) ତଳିପେଟ (ପଶୁର); ଗାଡିମଟରର ତଳଅଂଶ ।
**underbid** କ୍ରି. (ତାସ: ବ୍ରିଜଖେଳ) ସାମର୍ଥ୍ୟରୁ କମ୍ ଡାକ ଦେବା; ନ୍ୟୂନତର ମୂଲ୍ୟ ଡାକିବା ।
**undercarriage** ବି. ଭୂମିରେ ଅବତରଣ ସମୟରେ ବ୍ୟବହୃତ ଉଡାଜାହାଜ ନିମ୍ନସ୍ଥ ଚକଲଗା ଉପକରଣ; ଯାନବାହାନର ଫ୍ରେମ୍ ।
**undercharge** କ୍ରି. ଅତ୍ୟଳ୍ପ ଦାମ୍ ବା ମାସୁଲ ଦାବି କରିବା; ଖୁବ କମ ବାରୁଦ ବା ଇନ୍ଧନ (ବଂଧୁକ ବା ବେଟେରୀ ଭିତରକୁ) ପୂରାଇବା ।
**undercliff** ବି. ମାଟି ଧସି ପଡିବାଯୋଗୁଁ ସୃଷ୍ଟ କୁଦ ପ୍ରଭୃତି ।
**underclothes** ବି. ବ.ବ. ଅନ୍ତର୍ବାସ(ଗେଂଜି, ଜଂଘିଆପ୍ରଭୃତି) ।
**underclothing** ବି. ଅନ୍ତର୍ବାସ ସମୂହ ।
**undercoat** ବି. ରଙ୍ଗର ତଳ ପରସ୍ତ; (ପଶୁମାନଙ୍କ) ତଳ ସ୍ତରର ଲୋମ ।
**undercook** କ୍ରି. ଦରସିଝା କରିବା; (ଖାଦ୍ୟଦ୍ରବ୍ୟ) ସଂପୂର୍ଣ୍ଣ ସିଦ୍ଧ ନ କରିବା ।
**undercover** ବିଂ. ଗୋପନୀୟ; ଲୁଚାଛପା (ଗୁଇନ୍ଦାଗିରି, ବିଶେ. ଶତ୍ରୁପକ୍ଷରେ ଥାଇ) ।
**undercroft** ବି. ଚର୍ଚ୍ଚମଧ୍ୟସ୍ଥ ଭୂତଳ କବରଖାନା ବା ସମାଧି ।
**undercurrent** ବି. ଜଳସ୍ତରର ନିମ୍ନବର୍ତ୍ତୀ ଅନ୍ତଃପ୍ରବାହ; ବାହ୍ୟାନୁଭୂତିର ବିପରୀତ (ମନୋଗତ) ଭାବନା ବା ପ୍ରଭାବ ।
**undercut** 1. କ୍ରି. ଧାର୍ଯ୍ୟମୂଲ୍ୟଠାରୁ କମ୍‌ରେ ବିକ୍ରିକରିବା କିମ୍ବା କାମ କରିବା; ପ୍ରହାର କରି (ବଲ୍) ଉପରକୁ ଉଠାଇବା; ତଳଭାଗ କାଟିଦେବା; 2. ବି. ଗୋରୁର ପଛ ପଡ଼ିଆର ମାଂସ ।
**underdeveloped** ବିଂ. ପୂର୍ଣ୍ଣବିକାଶ ଲାଭ କରି ନ ଥିବା; ସମ୍ଭାବ୍ୟ ଆର୍ଥିକ ଉନ୍ନତିର ନିମ୍ନରେ ଥିବା(ଦେଶ) ।
**underdog** ବି. ନିର୍ଯ୍ୟାତିତ ବ୍ୟକ୍ତି; ଯେଉଁବ୍ୟକ୍ତି ପ୍ରତିଯୋଗିତା ପ୍ରଭୃତିରେ ସଦା ପରାଜିତ ।
**underdone** ବିଂ. ଭଲଭାବରେ ସିଝି ନ ଥିବା(ଖାଦ୍ୟଦ୍ରବ୍ୟ) ।
**underemployed** ବିଂ. ଅସଂପୂର୍ଣ୍ଣ ଭାବରେ କର୍ମ ନିଯୋଜିତ ।
**underestimate** 1. କ୍ରି. ହେୟଜ୍ଞାନ କରିବା; ନିମ୍ନମୂଲ୍ୟ ବା ହିସାବ ଧାର୍ଯ୍ୟ କରିବା; 2. ବି. ଅତି ନିମ୍ନ ହିସାବ, ମୂଲ୍ୟ ବା ବିଚାର; ବି. underestimation.
**underexpose** କ୍ରି. (ଆଲୋକଚିତ୍ର) ଅତ୍ୟଳ୍ପ ସମୟପାଇଁ ଫିଲ୍‌ମ୍ ଉପରେ ଆଲୋକ ସଂପାତ କରିବା; ବି. underexposure.
**underfed** ବିଂ. ପୁଷ୍ଟିହୀନତାଗ୍ରସ୍ତ; ପ୍ରୟୋଜନଠାରୁ କମ୍ ଖାଇଥିବା(ଲୋକ) ।
**underfelt** ବି. ଗାଲିଚାତଳେ ବିଛାହେଉଥିବା ପଶମତନ୍ତୁ ବିଶେଷ ।
**underfloor** ବିଂ. ଚଟାଣର ନିମ୍ନସ୍ଥ (under-floor heating).
**underfoot, under foot** କ୍ରି.ବିଂ. ପାଦତଳେ, ଭୂମି ଉପରେ ।
**undergarment** ବି. ଅନ୍ତର୍ବାସ, ଭିତରପିନ୍ଧା ।
**undergo** କ୍ରି. (କଷ୍ଟ, ଯଂତ୍ରଣା ପ୍ରଭୃତି) ସହ୍ୟ କରିବା, ଭୋଗିବା ।
**undergraduate** ବି. ଉପାଧି ବା ସ୍ନାତକ ପାଠ୍ୟକ୍ରମର ଛାତ୍ର ।
**underground** 1. କ୍ରି.ବିଂ. ଭୂମିତଳେ; ଲୁକ୍କାୟିତ ଅବସ୍ଥାରେ; ଗୋପନରେ; 2. ବିଂ. ଭୂଗର୍ଭସ୍ଥିତ; ଭୂନିମ୍ନସ୍ଥ; ଗୁପ୍ତ; ଲୁକ୍କାୟିତ; ଅଣ-ପାରଂପରିକ (ସାହିତ୍ୟ); 3. ବି. ଭୂଗର୍ଭ ରେଳପଥ; (ଭଙ୍ଗାରୁଜା ଉଦ୍ଦେଶ୍ୟରେ ଗଠିତ) ଗୁପ୍ତ ସଂଗଠନ ବା କାର୍ଯ୍ୟକଳାପ ।
**undergrowth** ବି. ବୁଦୁବୁଦିକିଆ ଜଂଗଲ; ଜଂଗଲସ୍ଥିତ ଘଞ୍ଚ ଗୁଳ୍ମାଦି ।
**underhand** ବିଂ. ଗୁପ୍ତ, ପ୍ରଚ୍ଛନ୍ନ; ପ୍ରବଞ୍ଚନାପୂର୍ଣ୍ଣ; କ୍ରିକେଟ୍ ତଳହାତ (ବୋଲିଂ) ।
**underlay**[1] କ୍ରି. ତଳେ କିଛି ଜିନିଷ ଦେଇ (କୌଣସି ବସ୍ତୁକୁ) ଉଠାଇବା, ଛିରା ବା ଠେକ ଦେବା ।
**underlay**[2] କ୍ରି. underlieର *ଅ.କା.* ।
**underlie** କ୍ରି. ତଳେ ବା ନିମ୍ନରେ ରହିବା; underlying ବିଂ. (କୌଣସି ମତବାଦ ବା ଆଚରଣର) ମୂଳଭିତ୍ତି ହୋଇଥିବା; କୃତ୍ରିମତା ବା ବାହ୍ୟ ଆବରଣ ତଳେ ରହିଥିବା ।
**underline** କ୍ରି. (ଶବ୍ଦ ପ୍ରଭୃତିରେ ତଳେ) ରେଖା ଟାଣିବା; ରେଖାଙ୍କିତ କରିବା; ଗୁରୁତ୍ୱ ଦେବା, ଜୋର ଦେବା ।
**underling** ବି. ଅଧସ୍ତନ ବା ଆଜ୍ଞାଧୀନ ବ୍ୟକ୍ତି ।

Digitized by srujanika@gmail.com

**undermanned** ବିଂ. (ଜାହାଜ, ଖଣି, କାର୍ଯ୍ୟାଳୟ ପ୍ରଭୃତିରେ) ଆବଶ୍ୟକତାଠାରୁ କମଲୋକଥିବା ।
**undermentioned** ବିଂ. ନିମ୍ନୋକ୍ତ, ନିମ୍ନଲିଖିତ; ନିମ୍ନରେ କିମ୍ବା ପରେ ଉଲ୍ଲିଖିତ ।
**undermine** କ୍ରି. ନିମ୍ନଦେଶ (ବନ୍ଧ ପ୍ରଭୃତିର) ବା ତଳ ଖାଇଯିବା; ନିମ୍ନଦେଶ ଖନନ କରିବା; ମୂଳଭିତ୍ତିକୁ ଦୋହଲାଇ ଦେବା ବା ନଷ୍ଟ କରିଦେବା; ଅଲକ୍ଷ୍ୟରେ ବା ଗୋପନରେ କାହାରି ସ୍ୱାସ୍ଥ୍ୟହାନି ଘଟାଇବା; କ୍ଷତିସାଧନ କରିବା ବା ମାନହାନି କରିବା ।
**undermost** ବିଂ. ସର୍ବନିମ୍ନ; ନିମ୍ନତମ ।
**underneath** 1. *ଅ.* ତଳଭାଗରେ, ତଳକୁ ବା ଭିତରେ; 2. *କ୍ରି.ବିଂ.* ନିମ୍ନଭାଗରେ; ଭିତରେ; 3. ବି. ନିମ୍ନ ଅଂଶ, ନିମ୍ନଭାଗ; ନିମ୍ନତଳ; 4. ବିଂ. ନିମ୍ନ ।
**undernourished** ବିଂ. ଆବଶ୍ୟକତା ଠାରୁ କମ୍ ପୁଷ୍ଟି ପ୍ରାପ୍ତ; ବି. undernourishment.
**underpaid** କ୍ରି. underpayର *ଅ.କା.* ଏବଂ *ଅ.କ୍ରି.ଜ.ପ.*
**underpants** ବି. ବ.ବ. ଜଂଘିଆ, ଚଡ଼ି ।
**underpart** ବି.ନିମ୍ନଅଂଶ; ଅଧୋଭାଗ, ଅଧସ୍ତନ ଅଂଶ ।
**underpass** ବି. ଗୋଟିଏ ରାସ୍ତାତଳେ ଯାଇଥିବା ଅନ୍ୟ ଏକ ଭୂନିମ୍ନସ୍ଥ ପଥ ।
**underpay** କ୍ରି. କମ୍ ଦରମା କିମ୍ବା ଦାମ୍ ଦେବା; ବି. underpayment.
**underpin** କ୍ରି. କାନ୍ଥ ପ୍ରଭୃତିର ତଳେ ମିସ୍ତ୍ରୀକାମର ଆଲମ୍ବ ଦେବା; ସମର୍ଥନ ଦେବା; ମଜବୁତ କରିବା ।
**underpopulated** ବିଂ. ଅତ୍ୟଳ୍ପ ଜନସଂଖ୍ୟା ବିଶିଷ୍ଟ ।
**underprivileged** ବିଂ. ସୁବିଧାସୁଯୋଗ ମିଳିବାରେ ଅନ୍ୟମାନଙ୍କଠାରୁ ପଛୁଆ; ସାଧାରଣ ଜୀବନଧାରଣର ମାନ, ସୁଯୋଗ ବା ଆର୍ଥିକ ସୁବିଧାଠାରୁ ନିମ୍ନସ୍ଥ (ସଂପ୍ରଦାୟ, ବ୍ୟକ୍ତି) ।
**underproof** ବିଂ. ଆଲ୍‌କହଲ୍‌ର ପରିମାଣ ଅପେକ୍ଷାକୃତ କମ୍ ଥିବା ସ୍ପିରିଟ ବା ସୁରାସାର ।
**underrate** କ୍ରି. ତୁଚ୍ଛଜ୍ଞାନ କରିବା; (ବ୍ୟକ୍ତିର ଯୋଗ୍ୟତାପ୍ରତି) ନ୍ୟୂନ ଧାରଣା ପୋଷଣ କରିବା; ନ୍ୟାଯ୍ୟମୂଲ୍ୟଠାରୁ କମ୍‌ରେ କ୍ରୟବିକ୍ରୟ କରିବା ।
**underscore** କ୍ରି. underline.
**undersea** ବି. ସମୁଦ୍ରଜଳପୃଷ୍ଠର ତଳେ; ସମୁଦ୍ର ଅଭ୍ୟନ୍ତରସ୍ଥ ।
**underseal** 1. କ୍ରି. କଳଙ୍କି ନ ଧରିବା ପାଇଁ ମଟରଗାଡିର ତଳଭାଗକୁ ମୁଦ ଦେବା; 2. ବି. ଏଭଳି ସୁରକ୍ଷାମୂଳକ ଆବରଣ ।
**under-secretary** ବି. ଉପପାଦ୍ୟା ମନ୍ତ୍ରୀ; ଉପରପାହ୍ୟା ସରକାରୀ କର୍ମଚାରୀ; *ଭା* ଅନୁସଚିବ, ଅନୁଶାସନସଚିବ, ଅନୁକର୍ମସଚିବ ।
**undersell** କ୍ରି.ଅନ୍ୟବିକ୍ରେତାଙ୍କ ଦରଠାରୁ କମ୍‌ରେ ବିକ୍ରୟ ।
**undersexed** ବିଂ. ଅସ୍ୱାଭାବିକଭାବରେ ଦୁର୍ବଳ ଯୌନାକାଂକ୍ଷା ସଂପନ୍ନ ।
**undershirt** ବି. *ଆମେ.* ଗେଂଞ୍ଜି ।
**undershoot** କ୍ରି. ବିମାନ ଅବତରଣ କ୍ଷେତ୍ରର ଟିକିଏ ଆଗରୁ (ଉଡାଜାହାଜ) ଅବତରଣ କରିବା ।
**undershot** ବିଂ. ନିମ୍ନଗାମୀ ଜଳସ୍ରୋତ ଦ୍ୱାରା ଚାଳିତ (ଚକ); ଉପରମାଢ଼ି ଉପରକୁ ଉଠିଯାଇଥିବା (ତଳମାଢ଼ି) ।
**underside** ବି. ଚଟାଣ ବା ତଳର ନିମ୍ନ ପାର୍ଶ୍ୱ ।
**undersigned** ବିଂ. ନିମ୍ନସ୍ୱାକ୍ଷରକାରୀ ।
**undersized** ବିଂ. ସ୍ୱାଭାବିକ ବା ଇପ୍ସିତ ମାପଠାରୁ କମ୍ ।
**underskirt** ବି. ନାରୀମାନଙ୍କ ନିମ୍ନ ଅନ୍ତର୍ବାସ; ପେଟିକୋଟ, ଶାୟା ।
**underslung** ବିଂ. ଉପରୁ ଝୁଲୁଥିବା ।
**underspend** କ୍ରି. ହାତରେ ଥିବା ପରିମାଣ ଅପେକ୍ଷା କମ୍ ଖର୍ଚ୍ଚ କରିବା; ବହୁତ କମ୍ ଖର୍ଚ୍ଚ କରିବା ।
**understaffed** ବିଂ. ଆବଶ୍ୟକତାଠାରୁ କମ କର୍ମଚାରୀ ଥିବା ।
**understand** କ୍ରି. *ଅ.କା. ଅ.କ୍ରି.ଜ.ପ.*understood (ଶବ୍ଦ, ଭାଷା, ବିଷୟପ୍ରଭୃତି କିମ୍ବା ବ୍ୟକ୍ତିକୁ) ବୁଝିବା; ମର୍ମ, କାରଣ ଇତ୍ୟାଦି ଜାଣିବା; ଚରିତ୍ର ବା ପ୍ରକୃତି ସହାନୁଭୂତିଶୀଳ ଭାବେ ହୃଦୟଙ୍ଗମ କରିବା (quite understand your difficulty); ଅର୍ଥ ବାହାର କରିବା; understand each other ପରସ୍ପରର ମତ ବା ବିଚାର ଜାଣିଥିବା; ଏକମତ ହେବା; ବିଂ. understandable; କ୍ରି.ବିଂ. understandably.
**understanding** 1. ବି. ଭାବନାଶକ୍ତି, ବୁଦ୍ଧିମତ୍ତା; ବୁଝିବାର କ୍ଷମତା; ଧୀମତ୍ତା; ବୁଝାମଣା;

Digitized by srujanika@gmail.com

ଯାହାନେଇ ବୁଝାମଣା ହୋଇଛି; ମତ ବା ଭାବଗତ ଏକତା; ସହାନୁଭୂତି; ସହନଶୀଳତା; 2. ବିଂ ଅନ୍ୟର ସମସ୍ୟାପ୍ରଭୃତି ବୁଝିବାରେ ସକ୍ଷମ; ଅନ୍ତର୍ଦୃଷ୍ଟିସଂପନ୍ନ; ବିଚାରଶୀଳ; ସହାନୁଭୂତିଶୀଳ; *କ୍ରି.ବିଂ.* understandingly.

**understate** *କ୍ରି.* ମୃଦୁ ବା ସଂଯତଭାବେ କହିବା; କମ୍ କରି କହିବା; ପ୍ରକୃତରେ ଯେତେ ଗୁରୁତ୍ୱପୂର୍ଣ୍ଣ ତା'ଠାରୁ କମ ବୋଲି ପ୍ରତିପାଦନ କରିବା; *ବି.* understatement.

**understeer** *ବି.* (ଗାଡିର) ଆବଶ୍ୟକତାରୁ କମ୍ ମୋଡ ନେବା ଲକ୍ଷଣ।

**understood** *କ୍ରି.* understandର *ଅ.କା.* ଏବଂ *ଅ.କ୍ରି.ଛ.ପ.।*

**understudy** 1. *ବି.* ଅନ୍ୟ କୌଣସି ଅଭିନେତା ବା କର୍ମଚାରୀର ସମ୍ଭାବ୍ୟ ଅନୁପସ୍ଥିତିକୁ ଆଖି ଆଗରେ ରଖି ତାଲିମ ପ୍ରାପ୍ତ ଦ୍ୱିତୀୟ ବ୍ୟକ୍ତି; 2. *କ୍ରି.* ଏପରି ପ୍ରସ୍ତୁତ ହେବା; ବଦଳ ବା ବିକଳ୍ପ ଭୂମିକାରେ ଅବତୀର୍ଣ୍ଣ ହେବା।

**undertaker** *ବି.* ଅନ୍ତ୍ୟେଷ୍ଟିକ୍ରିୟା ସଂପାଦନ କରୁଥିବା ପେଷାଦାର ବ୍ୟକ୍ତି।

**undertaking** *ବି.* ସଂପାଦନ ନିମନ୍ତେ ଗୃହୀତ କାର୍ଯ୍ୟ ବା ଦାୟିତ୍ୱ; ପ୍ରତିଷ୍ଠାନ; ପ୍ରତିଜ୍ଞା; ପେଷାଦାରଭାବେ ଅନ୍ତ୍ୟେଷ୍ଟି କାର୍ଯ୍ୟ ସଂପାଦନ।

**underthings** *ବି.* *ବ.ବ.* ଅନ୍ତର୍ବାସ, ଭିତର ପିନ୍ଧା।

**undertone** *ବି.* ଚାପା ସ୍ୱର; ଅନ୍ତର୍ନିହିତ ଭାବନା ବା ଗୁଣବତ୍ତା।

**undertook** *କ୍ରି.* undertakeର *ଅ.କା.।*

**undertow** *ବି.* ସମୁଦ୍ର ଜଳର ଉପରିଭାଗର ସ୍ରୋତର ବିପରୀତମୁଖୀ।

**underused** *ବିଂ.* କ୍ଷମତାଠାରୁ କମ୍ ବ୍ୟବହୃତ।

**undervalue** *କ୍ରି.* ପ୍ରକୃତ ମୂଲ୍ୟଠାରୁ କମ୍ ନିରୂପଣ କରିବା; ହେୟଜ୍ଞାନ କରିବା।

**undervest** *ବି.* ଗେଂଜି, ଅନ୍ତର୍ବାସ।

**underwater** *ବିଂ.* ପାଣିତଳେ ଅବସ୍ଥିତ ବା କୃତ।

**underwear** *ବି.* ଅନ୍ତର୍ବାସ; ଭିତର ପିନ୍ଧା (କଂଘିଆ, ଚଡ଼ି ପ୍ରଭୃତି)।

**underweight** 1. *ବିଂ.* ସ୍ୱାଭାବିକ ଓଜନ ଅପେକ୍ଷା କମ୍; 2. *ବି.* କମ୍ ଓଜନ।

**underwent** *କ୍ରି.* undergoର *ଅ.କା.।*

**underwood** *ବି.* *ଦ୍ର.* undergrowth.

**underworld** *ବି.* ସଂଗଠିତ ଅପରାଧରେ ପ୍ରବୃତ୍ତ ବ୍ୟକ୍ତି ବା ଗୋଷ୍ଠୀ; *ଭା.ପୁ.* ପାତାଳପୁରୀ; (ପୁରାଣବର୍ଣ୍ଣିତ) ମୃତ ବ୍ୟକ୍ତିମାନଙ୍କର ଜଗତ।

**underwrite** *କ୍ରି.* ( *ବିଶେ.* ଜାହାଜର) ବୀମା କରିବାର ଦାୟିତ୍ୱ ବହନ କରିବା; ଦାୟିତ୍ୱ ଗ୍ରହଣ କରିବା; ଆର୍ଥିକ ଏବଂ ଅନ୍ୟାନ୍ୟ ସାହାଯ୍ୟ ଦେବା ପାଇଁ ଅଙ୍ଗୀକାରବଦ୍ଧ ହେବା; (କଂପାନୀ ପ୍ରଭୃତିର) ବିକ୍ରୟ ହୋଇ ନଥିବା ସମସ୍ତ ଅଂଶ କ୍ରୟ କରିବାପାଇଁ ନିଯୁକ୍ତ ହେବା; *ବି.* underwriter.

**undeserved** *ବିଂ.* (ପ୍ରଶଂସା, ଦାୟିତ୍ୱ ପ୍ରଭୃତିର) ଅନୁପଯୁକ୍ତ (ବ୍ୟକ୍ତି); *କ୍ରି.ବିଂ.* udeservedly.

**undesigned** *ବିଂ.* ଉଦ୍ଦେଶ୍ୟମୂଳକ ଭାବରେ ହୋଇ ନଥିବା।

**undesirable** 1. *ବିଂ.* ଅବାଞ୍ଛିତ; ଅପ୍ରୀତିକର, ଦୂଷଣୀୟ, ଆପତ୍ତିଜନକ; 2. *ବି.* ଅବାଂଛିତ ବ୍ୟକ୍ତି; *ବି.* undesirability; *କ୍ରି.ବିଂ.* undersirably.

**undetermined** *ବିଂ.* ଅମୀମାଂସିତ, ଅନିଶ୍ଚିତ।

**undeveloped** *ବିଂ.* ଅବିକଶିତ।

**undid** *କ୍ରି.* undoର *ଅ.କା.।*

**undies** *ବିଂ.* *ବ.ବ.* *କ.ଭା.* ଅର୍ନ୍ତବାସ ( *ବିଶେ.* ନାରୀମାନଙ୍କର)।

**undigested** *ବିଂ.* ହଜମ୍ ହୋଇନଥିବା; ଅସଂଗଠିତ ବା ଅସମନ୍ୱିତ (ତଥ୍ୟ ବା ଜ୍ଞାନ)।

**undine** *ବି.* ଜଳପରୀ।

**undisciplined** *ବିଂ.* ବିଶୃଂଖଳ, ଅଶୃଙ୍ଖଳିତ।

**undiscovered** *ବିଂ.* ଅନାବିଷ୍କୃତ।

**undisputed** *ବିଂ.* ଅବିସଂବାଦିତ, ନିର୍ବିବାଦ୍ୟ।

**undivided** *ବିଂ.* ଅବିଭାଜିତ।

**undo** *କ୍ରି.* ପୋଷାକ ଖୋଲିବା (ବ୍ୟକ୍ତିର); ବାତିଲ କରିବା (cannot undo the past); ଉନ୍ନତିର ପଥ, ଯଶ, ଭବିଷ୍ୟତ ବା ସମ୍ମାନ ନଷ୍ଟ କରିବା।

**undoing** *ବି.* ଧ୍ୱଂସ, ଧ୍ୱଂସର କାରଣ; କୁତକର୍ମ; (ପୋଷାକ, ବୋତାମ ପ୍ରଭୃତି) ଖୋଲିବା କାର୍ଯ୍ୟ।

**undone** *ବିଂ.* କରାଯାଇନଥିବା; ଅକୃତ; ବନ୍ଧନମୁକ୍ତ; ବଂଧା ବା ଲଗାଯାଇ ନଥିବା (ଫିତା, ବୋତାମ ପ୍ରଭୃତି); *ପ୍ରା.ପ୍ର.* ଧ୍ୱଂସପ୍ରାପ୍ତ।

**undoubted** *ବିଂ.* ନିଶ୍ଚିତ, ନିଃସନ୍ଦେହ; *କ୍ରି.ବିଂ.* undoubtedly.

Digitized by srujanika@gmail.com

**undreamed** ବିଂ. (undreamt ମଧ୍ୟ) ସ୍ୱପ୍ନରେ ସୁଦ୍ଧା ଦେଖି ନଥିବା; ଭାବିନଥିବା; ସ୍ୱପ୍ନାତୀତ; ଭାବନାତୀତ, କଳ୍ପନାତୀତ ।

**undress** 1. କ୍ରି. ପୋଷାକ ଖୋଲିଦେବା; ଉଲଗ୍ନ ହେବା ବା କରିବା; 2. ବି. ସାଧାରଣ ବା ଅନୌପଚାରିକ ପରିଧାନ; ଉଲଗ୍ନ, ଅର୍ଦ୍ଧୋଲଗ୍ନ ବା ପ୍ରାୟୋଲଗ୍ନ ।

**undrinkable** ବିଂ. ଅପେୟ; ପିଇବା ପାଇଁ ଅନୁପଯୁକ୍ତ ।

**undue** ବିଂ. ଅତ୍ୟଧିକ, ତୁଳନାତ୍ମକ ଭାବରେ ଅଧିକ; ମାତ୍ରାଧିକ; କ୍ରି..ବିଂ. unduly.

**undulate** କ୍ରି. ତରଙ୍ଗାୟିତ ହେବା, ଢେଉପରି ଗତି କରିବା ବା ଆନ୍ଦୋଳିତ ହେବା; ବି. undulation; ବିଂ. undulatory.

**undying** ବିଂ. ଅବିନଶ୍ୱର; ଶାଶ୍ୱତ; ଶେଷହୀନ ।

**unearned** ବିଂ. ଯାହା ଅର୍ଜନ କରାଯାଇନାହିଁ; ଅନୁପାର୍ଜିତ ।

**unearned income** ବି. କାର୍ଯ୍ୟ ବଦଳରେ ନହୋଇ ସୁଧ ପ୍ରଭୃତି ଦ୍ୱାରା ଉପାର୍ଜିତ ଅର୍ଥ ।

**unearth** କ୍ରି. ଅନ୍ୱେଷଣ କରୁ କରୁ ବା ମାଟି ଖୋଳୁ ଖୋଳୁ ଆବିଷ୍କାର କରିବା ।

**unearthly** ବିଂ. ଅପାର୍ଥିବ; ରହସ୍ୟମୟ; ଅପ୍ରାକୃତ; କ.ଭା. ଅତିଶୟ ସଅଳ ବା ଅସୁବିଧାଜନକ (ସମୟ) (unearthly hour); ବିଂ. unearthliness.

**unease** ବି. ବ୍ୟଗ୍ରତା, ଉଦ୍‌ବେଗ ।

**uneasy** ବିଂ. ଅସ୍ୱଚ୍ଛନ୍ଦ (ଦେହ ବା ମନ); ଅଶାନ୍ତ, ଉଦ୍‌ବିଗ୍ନ, ବ୍ୟାକୁଳ, ବ୍ୟସ୍ତ କାରକ (uneasy suspicion); କ୍ରିଂ.ବିଂ. uneasily; ବିଂ. uneasiness.

**uneatable** ବିଂ. ଖାଦ୍ୟ ପାଇଁ ଅନୁପଯୋଗୀ ।

**uneducated** ବିଂ. ଅପାଠୁଆ, ଅଶିକ୍ଷିତ ।

**unemployable** ବିଂ. ନିଯୁକ୍ତିର ଅଯୋଗ୍ୟ ।

**unemployed** ବିଂ. ସାମୟିକ ଭାବେ ଚାକିରୀହୀନ; ଚାକିରୀବିହୀନ; ବେକାର; ଅବ୍ୟବହୃତ ।

**unemployment** ବି. ବେକାରୀ; କର୍ମନିଯୁକ୍ତି ପାଇଁ ସୁଯୋଗର ଅଭାବ ।

**unemployment benefit** ବି. ସରକାର–ଦ୍ୱାରା ପ୍ରଦତ୍ତ ବେକାରୀଭତ୍ତା ।

**unencumbered** ବିଂ. ଦାୟିତ୍ୱମୁକ୍ତ; ଦାୟହୀନ; ଭାରମୁକ୍ତ (ବନ୍ଧକ ପ୍ରଭୃତି); ଦାୟରୁ ମୁକ୍ତ (ଜମିବାଡ଼ି) ।

**unending** ବିଂ.ଆପାତତଃ ସୀମାହୀନ; ଅଶେଷ, ଅସରନ୍ତି ।

**uendurable** ବିଂ. ଅସହ୍ୟ, ଦୁର୍ବିସହ ।

**unequal** ବିଂ. ଅସମକକ୍ଷ; ଅସମାନ; କ୍ରି.ବିଂ. unequally.

**unequalled** ବିଂ. ଅନ୍ୟ ସମସ୍ତଙ୍କଠାରୁ ଉନ୍ନତ; ଅନୁପମ, ସର୍ବୋତ୍କୃଷ୍ଟ ।

**unequivocal** ବିଂ. ଦ୍ୱ୍ୟର୍ଥବୋଧକ ହୋଇନଥିବା; ସୁସ୍ପଷ୍ଟ, ତ୍ରୁଟିହୀନ, ସିଧାସଳଖ; କ୍ରି.ବିଂ. uneqivocally.

**unerring** ବିଂ. ଅଭ୍ରାନ୍ତ; ଠିକ୍, ନିଶ୍ଚିତ; କ୍ରି.ବିଂ. unerringly.

**UNESCO, Unesco** ସଂଖି. United Nations Educational, Scientific and Cultural Organization ୟୁନେସ୍କୋ, ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ପରିଷଦ ।

**unethical** ବିଂ. ନ୍ୟାୟ–ଅନ୍ୟାୟ ବିଚାରହୀନ; (ପେଷାଦାରୀ ଜୀବନରେ) ନୀତିହୀନ; କ୍ରି.ବିଂ. unethically.

**uneven** ବିଂ. ଭିନ୍ନ ଗୁଣବତ୍ତା ବିଶିଷ୍ଟ; ଅମସୃଣ; ବନ୍ଧୁର; ଅସମାନ; unevenness.

**uneventful** ବିଂ. ଘଟଣାବିହୀନ, ଗୁରୁତ୍ୱହୀନ ।

**unexampled** ବିଂ. ଦୃଷ୍ଟାନ୍ତହୀନ ।

**unexecptionable** ବିଂ. ନିର୍ଭୁଲ, ଦୋଷଶୂନ୍ୟ, ସଂପୂର୍ଣ୍ଣଭାବେ ସନ୍ତୋଷଜନକ; କ୍ରି.ବିଂ. unexceptionably.

**unexecptional** ବିଂ. ସାଧାରଣ ଠାରୁ ଉନ୍ନତ ବା ଭିନ୍ନ ହୋଇନଥିବା ।

**uexpected** ବିଂ. ଅପ୍ରତ୍ୟାଶିତ, ବିସ୍ମୟକର, ଆଶ୍ଚର୍ଯ୍ୟଜନକ; କ୍ରି.ବିଂ. unexpectedly.

**unfailing** ବିଂ. ଅବ୍ୟର୍ଥ, ନିର୍ଭରଯୋଗ୍ୟ; କ୍ରି.ବିଂ. unfailingly.

**unfair** ବିଂ. ଅସାଧୁ ।

**unfaithful** ବିଂ. ପକ୍ଷପାତପୂର୍ଣ୍ଣ; (ନିଜ ସ୍ୱାମୀ ବା ସ୍ତ୍ରୀ ପ୍ରତି) ଅବିଶ୍ୱସ୍ତ, ଅବିଶ୍ୱାସୀ; ବିଶ୍ୱାସଘାତକ; କ୍ରି.ବିଂ. unfaithfully; ବିଂ. unfaithfulness.

Digitized by srujanika@gmail.com

**unfamiliar** ବିଂ. ଅପରିଚିତ, ଅନଭ୍ୟସ୍ତ ।
**unfasten** କ୍ରି. ଢ଼ିଲା କରିବା କିମ୍ବା ହେବା; ବନ୍ଧନ ଖୋଲିବା, ଅଲଗା କରିଦେବା, ନିଯୁକ୍ତ ହେବା, ଗଣ୍ଠି ଫିଟାଇବା ।
**unfeeling** ବିଂ. ସହାନୁଭୂତିହୀନ; ନିଷ୍ଠୁର ।
**unfetter** କ୍ରି. ବେଡ଼ିରୁ ମୁକ୍ତ କରିବା; ମୁକୁଳାଇବା, ବଂଧନମୁକ୍ତ କରିବା ।
**unfinished** ବିଂ. ଅସଂପୂର୍ଣ୍ଣ, ଅସମାପ୍ତ ।
**unfit** 1. ବିଂ. ଅଯୋଗ୍ୟ; ଅନୁପଯୁକ୍ତ; 2. କ୍ରି. ଅନୁପଯୋଗୀ କରିବା ।
**unfitted** ବିଂ. ଅକ୍ଷମ, ଅନୁପଯୋଗୀ; ଅନୁପଯୁକ୍ତ ।
**unfix** କ୍ରି. ନିଶ୍ଚଳ ଅବସ୍ଥାରୁ ମୁକ୍ତ କରିବା; ବିଯୁକ୍ତ କରିବା, ହୁଗୁଳା କରିଦେବା; କାଢ଼ି ବାହାର କରିଦେବା ।
**unflappable** ବିଂ. କ.ଭା. ଅବିଚଳିତ; ପ୍ରଶାନ୍ତ; ବି. unflappability.
**unfledged** ବିଂ. ଅନଭିଜ୍ଞ, ଅପରିଣତ (ବ୍ୟକ୍ତି); ଡେଣାଯୁକ୍ତ ନହୋଇଥିବା (ପକ୍ଷୀ) ।
**unfold** କ୍ରି. ଭାଙ୍ଗ ଖୋଲିଦେବା, ବିସ୍ତୃତ କରିଦେବା; (ଚିନ୍ତା, ଭାବନା ପ୍ରଭୃତି) ପ୍ରକାଶ କରିବା; ନିଜେ ଖୋଲା ମନ ଖୋଲା ହୃଦୟ ହେବା; ବିକାଶ ବା ଉନ୍ନତି ଲାଭ କରିବା ।
**unforgettable** ବିଂ. ଅବିସ୍ମରଣୀୟ; ଅଭୁଲା; ଆଶ୍ଚର୍ଯ୍ୟଜନକ ।
**unforgivable** ବିଂ. ଅକ୍ଷମଣୀୟ ।
**unformed** ବିଂ. ଆକୃତିହୀନ; ଅଣାକାର ।
**unfortunate** 1. ବିଂ. ଦୁର୍ଭାଗା; ଭାଗ୍ୟହୀନ; ଦୁଃଖୀ; ଦୁଃଖଦାୟକ; 2. ବିଂ. ଦୁର୍ଭାଗା ବା ଭାଗ୍ୟହୀନ ବ୍ୟକ୍ତି ।
**unfortunately** କ୍ରି.ବିଂ. ଦୁର୍ଭାଗ୍ୟର କଥା ଯେ; ଦୁର୍ଭାଗ୍ୟବଶତଃ ।
**unfounded** ବିଂ. ଭିତ୍ତିହୀନ (unfounded rumour).
**unfreeze** କ୍ରି. ତରଳାଇବା; (ଧନ ସଂପତ୍ତି, ଋଣ ପ୍ରଭୃତିରୁ) କଟକଣା ଉଠାଇଦେବା ।
**unfriendly** ବିଂ. ବଂଧୁତାପୂର୍ଣ୍ଣ ହୋଇନଥିବା; ଶତ୍ରୁଭାବାପନ୍ନ ।
**unfurl** କ୍ରି. ଉଡ଼ାଇବା(ପତାକା, ପାଲ); ଆପେ ଖୋଲିଯିବା ବା ଖୋଲିଦେବା; ଉନ୍ମୁକ୍ତ କରିବା ।
**unfurnished** ବିଂ. ଯୋଗାଯାଇନଥିବା; ଆସବାବପତ୍ରବିହୀନ ।
**ungainly** ବିଂ. ଅବାଗିଆ; କଦାକାର; ସୌଷ୍ଠବହୀନ; ବିଂ. ungainliness.
**unget-at-able** ବିଂ. କ.ଭା. ଦୁଷ୍ପ୍ରବିଶ୍ୟ; ଅପ୍ରାପ୍ୟ; ପାଇହେଉନଥିବା ।
**ungird** କ୍ରି. କମରବନ୍ଧ, ବେଲ୍ଟ୍ ପ୍ରଭୃତି ଖୋଲିଦେବା ।
**ungodly** ବିଂ. ଅପବିତ୍ର; ଦୁଷ୍ଟ; କ.ଭା. ଘୋର ଅସୁବିଧାଜନକ (ungodly hour).
**ungracious** ବିଂ. ଅଭଦ୍ର, ଅଶାଳୀନ, ଅପ୍ରୀତିକର, ଅନିଚ୍ଛାକୃତ ।
**ungrammatical** ବିଂ. ବ୍ୟାକରଣ ନିୟମ ବିରୁଦ୍ଧ; କ୍ରି.ବିଂ. ungrammatically.
**ungrateful** ବିଂ. ଅକୃତଜ୍ଞ; କ୍ରି.ବିଂ. ungrate-fully.
**unguarded** ବିଂ. ଅସତର୍କ, ବିଚାରହୀନ; ସୁରକ୍ଷା ବ୍ୟବସ୍ଥାହୀନ ।
**ungulate** 1. ବିଂ. ଖୁରାଥିବା (ପ୍ରାଣୀ); 2. ବି. ଖୁରାଥିବା ସ୍ତନ୍ୟପାୟୀ ପ୍ରାଣୀ ।
**unhallowed** ବିଂ. ପବିତ୍ର ବୋଲି ପୂର୍ବ ସ୍ୱୀକୃତ ବା ପରିଗଣିତ ହୋଇନଥିବା; ଅପବିତ୍ର, ଦୁଷ୍ଟ ।
**unhand** କ୍ରି. ସାହି, ପରି ହାତ ଘୁଞ୍ଚାଇନେବା (ବ୍ୟକ୍ତିଠାରୁ); ଛାଡ଼ିଦେବା; ମୁକ୍ତ କରିଦେବା ।
**unhappy** ବିଂ. ଅସୁଖୀ, ଦୁର୍ଦ୍ଦଶାଗ୍ରସ୍ତ; ହତଭାଗ୍ୟ, ଦୁଃଖପୂର୍ଣ୍ଣ; ବିପର୍ଯ୍ୟୟମୂଳକ; କ୍ରି.ବିଂ. unha-ppily; ବିଂ. unhappiness.
**unharness** କ୍ରି. (ପଶୁ) ଯୋଚାହୋଇଥିବା ସାଜକୁ ଫିଟାଇଦେବା; ଜୁଆଳିରୁ ଫିଟାଇଦେବା ।
**unhealthy** ବିଂ. ଅସ୍ୱାସ୍ଥ୍ୟକର, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ; ଅନିଷ୍ଟକର, ଭୟଂକର; କ୍ରି.ବିଂ. unhealthily; ବିଂ. unhealthiness.
**unheard** ବିଂ. ଶୁଣାଯାଇନଥିବା, ଅଶ୍ରୁତ; unheard of ଅଶ୍ରୁତପୂର୍ବ, ଅଭୂତପୂର୍ବ ।
**unhinge** କ୍ରି. (କବାଟ ପ୍ରଭୃତିରୁ) କବ୍ଜା ଖୋଲିଦେବା; ସ୍ୱାଭାବିକ କାର୍ଯ୍ୟଧାରାରୁ ବିକ୍ଷିପ୍ତ କରିବା; ବିଚଳିତ କରିବା, ପାଗଳ କରିଦେବା ।
**unhitch** କ୍ରି. ବିବଦମାନ ଅବସ୍ଥାରୁ ମୁକ୍ତ କରିବା, ହୁକ୍ ଖୋଲିବା; ଫିଟାଇଦେବା ।
**unholy** ବିଂ. ଅପବିତ୍ର, ଦୁଷ୍ଟ, ଅସାଧୁ; କ.ଭା. ଅତି ବାଜେ, ବିରକ୍ତିକର; ବି. unholiness.

Digitized by srujanika@gmail.com

**unhook** କ୍ରି. ହୁକ୍ ବା ଆଙ୍କୁଶୀରୁ ମୁକ୍ତ କରିବା, ଖୋଲିବା ।

**unhorse** କ୍ରି. ଘୋଡ଼ାରୁ ପକାଇଦେବା ବା ପଡ଼ିଯିବା ।

**unhouse** କ୍ରି. ଆଶ୍ରୟଚ୍ୟୁତ କରିବା, ଘରୁ ବାହାର କରିଦେବା ।

**unhuman** କ୍ରିଂ. ଅମାନବୀୟ, ଅତିମାନବ, ଅମାନବିକ ।

**unhygienic** ବିଂ. ଅସ୍ୱାସ୍ଥ୍ୟକର; ସ୍ୱାସ୍ଥ୍ୟପାଇଁ ଅହିତକର ।

**uni** ବି. ବ.ବ. unis *ଅଷ୍ଟ୍ରେ, ନିଉଜିଲେଣ୍ଡ କ.ଭା.* ବିଶ୍ୱବିଦ୍ୟାଳୟ ।

**uni–** *ସଂ.* ଗୋଟିଏ ବା ଗୋଟିକୁ ନେଇ ଅର୍ଥଜ୍ଞାପକ ଉପସର୍ଗ (unicameral, unicellular).

**Uniat, Uniate** ବିଂ. *ଖ୍ରୀ.* ପୂର୍ବୟୁରୋପ ଏବଂ ନିକଟ ପ୍ରାଚ୍ୟ ଦେଶ ଗୁଡ଼ିକର ପ୍ରାଧାନ୍ୟ ସ୍ୱୀକାର କରୁଥିବା କିନ୍ତୁ ନିଜସ୍ୱ ଧର୍ମବ୍ୟବସ୍ଥା ଅବ୍ୟାହତ ରଖିଥିବା ଚର୍ଚ୍ଚ ସମ୍ବନ୍ଧୀୟ ।

**unicameral** ବିଂ. ଗୋଟିଏ ବିଧାନସଭା ବା ସଂସଦ ଥିବା ।

**UNICEF** *ସଂଶ.* United Nations International Children's Emergency Fund ମିଳିତ ଜାତିସଂଘର ଶିଶୁକଲ୍ୟାଣ ପାଈଁର ଆନ୍ତର୍ଜାତିକ ସଂସ୍ଥା ।

**unicellular** ବିଂ. ଏକକୋଷ ବିଶିଷ୍ଟ(ଜୀବ); ଏକକୋଷୀ ।

**unicorn** ବି. ପୌରାଣିକ ଏକଶୃଙ୍ଗୀ ଅଶ୍ୱଜାତୀୟ ପ୍ରାଣୀ ବିଶେଷ ।

**unicyle** ବି. ଏକଚକିଆ ସାଇକଲ ( ବିଶେ. ସର୍କସ ପ୍ରଭୃତି ଖେଳରେ ବ୍ୟବହୃତ); ବି. unicylist.

**unidea'd** ବିଂ. କୌଣସି ଧାରଣା ନଥିବା ।

**unidentified** ବିଂ. ଯାହାର ପରିଚୟ ମିଳିପାରିନାହିଁ; ଅପରିଚିତ, ଅଜଣା ।

**unification** ବି. ମିଶ୍ରଣ, ଏକୀକରଣ ।

**uniform** 1. ବିଂ. ଆକୃତି ଓ ପ୍ରକୃତିରେ ଏକା ଧରଣର, ଏକରୂପ; ସମାନ; 2. ବି. ସୈନିକ, ପୋଲିସ ପ୍ରଭୃତି ପରିଧାନ କରୁଥିବା ପୋଷାକ, ଭର୍ଦ୍ଦି; ବିଂ. uniformed; ବି. uniformity; କ୍ରି.ବିଂ. uniformly.

**unify** କ୍ରି. ଏକତ୍ର କରିବା, ସଂଯୁକ୍ତ କରିବା; ଏକପ୍ରକାର କରିବା ।

**unilateral** ବିଂ. ଏକପକ୍ଷୀୟ; କେବଳ ଗୋଟିଏ ବ୍ୟକ୍ତି, ଦଳ ବା ଗୋଷ୍ଠୀଦ୍ୱାରା କୃତ ।

**unimaginable** ବିଂ. କଳ୍ପନାତୀତ, ଅକଳ୍ପନୀୟ ।

**unimaginative** ବିଂ. କଳ୍ପନାଶକ୍ତିବିହୀନ; ମାନ୍ଦା; କ୍ରି.ବିଂ. unimaginatively.

**unimpeachable** ବିଂ. ଅନିନ୍ଦନୀୟ, ଅନିନ୍ଦ୍ୟ, ନିର୍ଦ୍ଦୋଷ ।

**unimportant** ବିଂ. ଗୁରୁତ୍ୱହୀନ; ମହତ୍ତ୍ୱହୀନ ।

**uninformed** ବିଂ. ଅଜ୍ଞ, ଜାଣିନଥିବା; ତଥ୍ୟାନଭିଜ୍ଞ ।

**uninhabitable** ବିଂ. ବାସୋପଯୋଗୀ ହୋଇନଥିବା; ବସବାସ ପାଇଁ ଅଯୋଗ୍ୟ ।

**uninhibited** ବିଂ. ସ୍ୱଚ୍ଛନ୍ଦ ଓ ମୁକ୍ତ ଭାବପ୍ରକାଶ ତଥା ବ୍ୟବହାର କରୁଥିବା, କୁଣ୍ଠାଗ୍ରସ୍ତ ହୋଇନଥିବା ।

**uninspired** ବିଂ. ଉଦ୍‌ବୁଦ୍ଧ ହୋଇନଥିବା; ସାଧାରଣ, ମାମୁଲି, ବିଶେଷତ୍ୱହୀନ ।

**unintelligible** ବିଂ. ଅବୋଧ; ବୁଝି ହେଉନଥିବା ।

**unintended** ବିଂ. ଯାହା ଉଦ୍ଦିଷ୍ଟ ନୁହେଁ ।

**unintentional** ବିଂ. ଯାହା ଉଦ୍ଦେଶ୍ୟପୂର୍ଣ୍ଣ ନୁହେଁ ।

**uninterested** ବିଂ. ଅସମ୍ପୃକ୍ତ, ଅନୁତ୍ସାହୀ; ଅନାଗ୍ରହୀ ।

**uninvited** ବିଂ. ଅନିମନ୍ତ୍ରିତ, ଅନାହୂତ ।

**uninviting** ବିଂ. ଅନାକର୍ଷଣୀୟ, ଆକର୍ଷଣହୀନ, ବିରାଗସୃଷ୍ଟିକାରୀ ।

**union** ବିଂ. ମିଳନ, ସମ୍ମେଳନ, ସଂଯୋଗ; କର୍ମଚାରୀ, ଶ୍ରମିକ ପ୍ରଭୃତିଙ୍କର ସଂଘ; ଏହିଭଳି ରାଜନୈତିକ ସଂଘ; ବିବାହ; ସମିତି; ମିଶ୍ରିତ ସୂତା (ଯଥା କାର୍ପାସ୍ ସହ ରେଶମ ବା ଲିନେନ୍) ।

**unionist** ବି. ଟ୍ରେଡ୍ ୟୁନିୟନ୍ (ଶ୍ରମିକସଂଘ)ର ସଭ୍ୟ, ଟ୍ରେଡ୍ ୟୁନିୟନ୍‌ର ପ୍ରବକ୍ତା; Unionist ଗ୍ରେଟ୍ ବ୍ରିଟେନ୍ ଏବଂ ଉତ୍ତର ଆୟାରଲେଣ୍ଡର ଅବିଚ୍ଛିନ୍ନ ସଂପର୍କରେ ବିଶ୍ୱାସୀ ଦଳର ସଦସ୍ୟ; ବି. unionism.

**unionize** କ୍ରି. ଶ୍ରମିକମାନଙ୍କୁ ସଂଘବଦ୍ଧ କରିବା, ଟ୍ରେଡ୍ ୟୁନିଅନ୍ ଗଠନ କରିବା; ବି. unionization.

**Union Jack** ବିଂ. (Union Flag ମଧ୍ୟ) ୟୁନାଇଟେଡ୍ କିଙ୍ଗଡ଼ମ୍‌ର ଜାତୀୟ ପତାକା ।

Digitized by srujanika@gmail.com

**unique** ବିଂ. ଅଦ୍ୱିତୀୟ, ଅନନ୍ୟ, ଏକମାତ୍ର; ଚମତ୍କାର (unique opportunity); *କ୍ରି.ବିଂ.* uniquely.

**unisex** ବିଂ. ଉଭୟ ଲିଂଗ ନିମନ୍ତେ ବ୍ୟବହାରଯୋଗ୍ୟ (ପୋଷାକ ପ୍ରଭୃତି); ପୁରୁଷ ବା ସ୍ତ୍ରୀ ମଧ୍ୟରେ ପାର୍ଥକ୍ୟ ବାରିହେଉନଥିବା (ପୋଷାକ, କେଶବିନ୍ୟାସ ପ୍ରଭୃତି)।

**unison** ବିଂ. ଏକତାଳ, ସ୍ୱର ସଙ୍ଗତି, ଏକସ୍ୱର।

**unit** ବି. ଏକ ବ୍ୟକ୍ତି ବା ପଦାର୍ଥ; ଏକକ; ଏକକ ସ୍ୱରୂପ ଧରାଯାଉଥିବା ବ୍ୟକ୍ତି ବା ପଦାର୍ଥର ସମାହାର; ଅଙ୍ଗ; *ଗଣିତ* ଏକ କ୍ଷୁଦ୍ରତମ ପୂର୍ଣ୍ଣସଂଖ୍ୟା; ଏକ ସଂଖ୍ୟାବିଶିଷ୍ଟ ଅଙ୍କ, ପରିମାଣର ମାନ, ମାତ୍ରା; ଯନ୍ତ୍ର, କଳ ପ୍ରଭୃତିର ବିଶେଷ କାର୍ଯ୍ୟକାରିତା ସଂପନ୍ନ ଅଂଶ ବା ଅଂଶବିଶେଷ; ଡାକ୍ତରଖାନାର ବିଶେଷ ଘରବାଡ଼ି, ୱାର୍ଡ଼ ପ୍ରଭୃତି।

**Unitarian** 1. ବି. ଏକେଶ୍ୱରବାଦୀ, ଏହି ଅଧାତ୍ମ-ଚେତନାରେ ବିଶ୍ୱାସୀ ଗୋଷ୍ଠୀର ସଭ୍ୟ; 2. ବିଂ. ଏକେଶ୍ୱରବାଦ ସମ୍ବନ୍ଧିତ; ବିଂ. unitarianism.

**unitary** ବିଂ. ଐକିକ, କୌଣସି ଏକକ ସଂବଧୀୟ; ଏକତା ବା ଏକରୂପତା ସଂପନ୍ନ।

**unit cost** ବି. ପ୍ରତ୍ୟେକ ବସ୍ତୁର ପ୍ରସ୍ତୁତି ଖର୍ଚ୍ଚ।

**unite** କ୍ରି. ଏକତ୍ର ହେବା ବା କରିବା; ସଂଯୁକ୍ତ ହେବା; ମିଶିଯିବା, ଏକଜୁଟ୍ ହେବା,ସହଯୋଗ କରିବା, ମିଶାଇବା; ବିବାହ କରିବା।

**United Kingdom** ବି. ଗ୍ରେଟ୍ ବ୍ରିଟେନ୍ ଏବଂ ଉତ୍ତର ଆୟାରଲେଣ୍ଡ।

**United Nations** ବି. ମିଳିତ ଜାତିସଂଘ (ଶାନ୍ତିକାମୀ ଆନ୍ତର୍ଜାତୀୟ ସଂସ୍ଥା)।

**United States of America** ବି. ଆମେରିକା ଯୁକ୍ତରାଷ୍ଟ୍ର; ଆଲାସ୍କା ଏବଂ ହାୱାଇ ସମେତ ଆମେରିକୀୟ ୫୦ଟି ରାଜ୍ୟର ସଂଘୀୟ ବ୍ୟବସ୍ଥା।

**unit trust** ବି. ବହୁବ୍ୟକ୍ତିଙ୍କ ଜମାଟଙ୍କା ବିଭିନ୍ନ ସିକ୍ୟୁରିଟିରେ ବିନିଯୋଗ କରି ସେମାନଙ୍କୁ ଆନୁପାତିକ ହାରରେ ଲାଭାଂଶ ପ୍ରଦାନ କରୁଥିବା କଂପାନୀ।

**unity** ବି. ଏକତା, ଐକ୍ୟ, ସାମଞ୍ଜସ୍ୟ, ସଂହତି; *ଗଣିତ* ଏକ, ଏକ ସଂଖ୍ୟା।

**univalent** ବିଂ. *ରସା.* ଏକ ଭେଲେନ୍‌ସି ବିଶିଷ୍ଟ।

**univalve** ବିଂ. ଏକ ଭାଲଭ୍ ବା ଦ୍ୱାର ବିଶିଷ୍ଟ।

**universal** ବିଂ. ସର୍ବଜନୀନ, ବିଶ୍ୱଜନୀନ, ବିଶ୍ୱବ୍ୟାପୀ; ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ; ବି. universality; *କ୍ରି.ବିଂ.* universally.

**universe** ବି. ବିଶ୍ୱ; ସୃଷ୍ଟି, ଜଗତ; ତର୍କବ୍ରହ୍ମାଣ୍ଡ; *ପରିସଂଖ୍ୟାନ* ସମସ୍ତ ବିଚାର୍ଯ୍ୟ ବସ୍ତୁ।

**university** ବି. ବିଶ୍ୱବିଦ୍ୟାଳୟ, ସମୂହଭାବେ ବିଶ୍ୱବିଦ୍ୟାଳୟର ସଦସ୍ୟବୃନ୍ଦ; ଉପାଧି-ପ୍ରଦାନକାରୀ ଉଚ୍ଚଶିକ୍ଷା ଏବଂ ଗବେଷଣା ନିମିତ୍ତ ଅନୁଷ୍ଠାନ।

**University Grants Commission** ବି. ଭାରତର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ।

**unjust** ବିଂ. ଅନ୍ୟାୟ, ଅନୁଚିତ, ଅସଂଗତ, ଅସାଧୁ; *କ୍ରି.ବିଂ.* unjustly; ବି. unjsutness.

**unjustified** ବିଂ. ଯାହା କାରଣ ସମ୍ମତ ବା ନ୍ୟାୟସଂଗତ ନୁହେଁ।

**unkempt** ବିଂ. ଅବିନ୍ୟସ୍ତ (କେଶ ବାସ); ରୁକ୍ଷ, ଅତୁଆତତୁଆ; ଆଲୁଳାୟିତ।

**unkind** ବିଂ. ଅକରୁଣ, ନିର୍ଦ୍ଦୟ, ନିଷ୍ଠୁର; ବିଂ. unkindly; ବିଂ. unkindness.

**unknot** କ୍ରି. ଗଣ୍ଠି ଫିଟାଇବା, ଖୋଲିବା; ବଂଧନମୁକ୍ତ କରିବା।

**unknowing** ବିଂ. ଅଜ୍ଞ, ଅସଚେତନ; *କ୍ରି.ବିଂ.* unknowingly.

**unknown** 1. ବିଂ. ଅଜଣା, ଅବିଦିତ, ଅଜ୍ଞାତ; 2. ବି. ଅଜ୍ଞାତ ବ୍ୟକ୍ତି ବା ବସ୍ତୁ; unknown to ଅଜ୍ଞାତସାରରେ।

**unknown quantity** ବି. ରହସ୍ୟମୟ ବା ଅଜ୍ଞାତ ବ୍ୟକ୍ତି ବା ବସ୍ତୁ।

**unlace** କ୍ରି. ଲେସ୍ ବା ଫିତା ଖୋଲିବା।

**unladen** ବିଂ. ମାଲ ବୋଝାଇ ହୋଇ ନଥିବା।

**unlatch** କ୍ରି. କଡ଼ା ଖୋଲିବା; କଡ଼ା ପ୍ରଭୃତି ଖୋଲି ଦ୍ୱାର ଝରକାଦି ଫିଟାଇବା।

**unlawful** ବିଂ. ବେଆଇନ; ଯାହା ଆଇନସମ୍ମତ ନୁହେଁ, ଯାହା ଗ୍ରହଣୀୟ ନୁହେଁ; *କ୍ରି.ବିଂ.* unlawfully.

**unleaded** ବିଂ. ସୀସା ବା ଲିଡ୍ ମିଶ୍ରିତ ହୋଇ ନଥିବା(ପେଟ୍ରୋଲ ପ୍ରଭୃତି)।

**unlearn** କ୍ରି. ଜାଣିଶୁଣି ଭୁଲିଯିବା, ବିସ୍ମୃତ ହେବା; ଅଭ୍ୟାସ ପ୍ରଭୃତିରୁ ମୁକ୍ତ ହେବା।

Digitized by srujanika@gmail.com

**unlearned**[1] ବିଂ. ସୁଶିକ୍ଷିତ ହୋଇ ନଥିବା ।

**unlearned**[2] ବିଂ. (unlearnt ମଧ୍ୟ) ଶିଖି ନଥିବା ।

**unleash** କ୍ରି. ବନ୍ଧନମୁକ୍ତ କରିବା, (କୁକୁର ପ୍ରଭୃତିକୁ) ଫିଟାଇଦେବା ।

**unleavened** ବିଂ. ଖମିର ଯୁକ୍ତ ନୁହେଁ, ଖମିର ସଂଯୋଗଦ୍ୱାରା ଫୁଲା ହୋଇନଥିବା ।

**unless** *ସଂଯୋ.* ନୋହିଲେ, ଯଦି ନୁହେଁ (will fail unless you work hard).

**unlettered** ବିଂ. ଅଶିକ୍ଷିତ, ନିରକ୍ଷର, ଅପାଠୁଆ ।

**unlike** 1. ବି. ଭିନ୍ନ; ବିସଦୃଶ, ସାଦୃଶ୍ୟହୀନ; 2. *ଅ.* ସମାନ ନୁହେଁ, ଅନ୍ୟଟିରୁ ଭିନ୍ନ ବା ଅଲଗାଭାବରେ (sings quite unlike anyone else).

**unlikely** ବି. ଅସମ୍ଭବ, ସମ୍ଭାବନା ରହିତ, ପ୍ରତ୍ୟାଶିତ ନୁହେଁ (unlikely to resign); ସମ୍ଭାବନାହୀନ (unlikely candidate); ବି. unlikeliness.

**unlike signs** ବି. ବ.ବ. *ଗଣିତ* ଯୋଗ ଓ ବିୟୋଗ ଚିହ୍ନ ।

**unlimited** ବିଂ. ଅସୀମ, ସୀମାହୀନ; ଅପରିମିତ, ଅମାପ, ବିପୁଳ ।

**unlined** ବିଂ. ଅରେଖାଙ୍କିତ, ଅଚିହ୍ନିତ ।

**unlisted** ବିଂ. ମୁଦ୍ରିତ ସୂଚୀ ବହିର୍ଭୂତ; ତାଲିକାଭୁକ୍ତ ହୋଇନଥିବା (ଟେଲିଫୋନ୍ ନମ୍ବର, ଷ୍ଟକ୍ ଏକ୍ସଚେଞ୍ଜର ମୂଲ୍ୟସୂଚୀ) ।

**unlit** ବିଂ. ଅନାଲୋକିତ; ଆଲୁଅ ଜଳାହୋଇନଥିବା, ଅନ୍ଧାରୁଆ ।

**unload** କ୍ରି. (ଗାଡ଼ି ମଟର, ଜାହାଜ ପ୍ରଭୃତିର) ବୋଝ ଉତାରିବା; ଭାରମୁକ୍ତ ହେବା; (ବନ୍ଧୁକ ପ୍ରଭୃତିରୁ) ଗୁଳି ବାହାର କରିଦେବା; *କ.ଭା.* (ବିରକ୍ତକର ବା ଅପ୍ରୀତିକର ପରିସ୍ଥିତି, ବ୍ୟକ୍ତି ପ୍ରଭୃତିଠାରୁ) ମୁକ୍ତିପାଇବା ।

**unlock** କ୍ରି. ତାଲାଖୋଲିବା, ଉଦ୍‌ଘାଟିତ ହେବା; (ଭାବନା, ଚିନ୍ତା, ପ୍ରଭୃତି) ପ୍ରକାଶ କରିଦେବା ।

**unlooked–for** ବିଂ. ଅପ୍ରତ୍ୟାଶିତ, ଆକସ୍ମିକ ।

**unloose** କ୍ରି. (unloosen ମଧ୍ୟ) ଶିଥିଳ କରିବା, ହୁଗୁଳା କରିଦେବା, ବଂଧନମୁକ୍ତ କରିବା; ଫିଟାଇଦେବା, ଛାଡ଼ିଦେବା; ମୁକ୍ତିପ୍ରଦାନ କରିବା ।

**unlovely** ବିଂ. ଅନାକର୍ଷଣୀୟ; ଅପ୍ରୀତିକର ।

**unlucky** ବିଂ. ଭାଗ୍ୟହୀନ; ଅସଫଳ; ହତଭାଗା, ଅଶୁଭ, ଅମଙ୍ଗଳିଆ; ଅଲକ୍ଷଣା ବା ଅଲକ୍ଷଣୀ; କ୍ରି.ବିଂ. unluckily.

**unmade** ବିଂ. ପରାହୋଇନଥିବା (ବିଛଣା) ।

**unmake** କ୍ରି. ନଷ୍ଟ କରିଦେବା, ଭାଙ୍ଗିବା, ବଦଳାଇବା; ଧ୍ୱଂସ କରିଦେବା ।

**unman** କ୍ରି. ଦୁର୍ବଳ ଓ ଭୀରୁ କରିଦେବା; କନ୍ଦାଇବା, ହତୋତ୍ସାହ କରିବା ।

**unmanageable** ବିଂ. ଅସାଧ୍ୟ, ଅପରିଚାଳନୀୟ, ଅସମ୍ଭାଳ, ଅନିୟଂତ୍ରଣୀୟ ।

**unmanly** ବିଂ. ଅପୌରୁଷେୟ; ଯାହା ପୁରୁଷୋଚିତ ନୁହେଁ ।

**unmanned** ବିଂ. ଚାଳକବିହୀନ; ଆବେଗ ବା ଭାବପ୍ରବଣତାଦ୍ୱାରା ପରିଚାଳିତ ।

**unmannerly** ବିଂ. ଅଭଦ୍ର; ଅଶାଳୀନ, ଅଶିଷ୍ଟ; ବିଂ. unmannerliness.

**unmarked** ବିଂ. ଅଚିହ୍ନିତ, ଅଜ୍ଞାତ; ଦୃଷ୍ଟିପଥାରୂଢ଼ ହୋଇନଥିବା ।

**unmarried** ବିଂ. ଅବିବାହିତ ।

**unmask** କ୍ରି. ମୁଖା ଖୋଲିଦେବା; ସ୍ୱରୂପ ପ୍ରକଟ କରିଦେବା; ପ୍ରକୃତ ବା ଅସଲ ରୂପ ପ୍ରକାଶ ପାଇବା ।

**unmatched** ବିଂ. ଅଦ୍ୱିତୀୟ; ଅତୁଳନୀୟ ।

**unmeaning** ବିଂ. ଅର୍ଥହୀନ, ଅସଙ୍ଗତ ।

**unmentionable** ବିଂ. ଅନୁଲ୍ଲେଖ୍ୟ, ଅକଥ୍ୟ; ଭଦ୍ରସମାଜରେ ଯାହା କୁହାଯାଇପାରିବ ନାହିଁ ।

**unmindful** ବିଂ. ଅନ୍ୟମନସ୍କ; ଅମନୋଯୋଗୀ ।

**unmistakable** ବିଂ. ସୁସ୍ପଷ୍ଟ, ଅଭ୍ରାନ୍ତ; କ୍ରି.ବିଂ. unmistakably.

**unmeant** ବିଂ. ଉଦ୍ଦେଶ୍ୟରହିତ, ଅନିଚ୍ଛାକୃତ ।

**unmitigated** ବିଂ. ଅପ୍ରଶମିତ; ସଂପୂର୍ଣ୍ଣ, ଚରମ ।

**unmixed** ବିଂ. ଖାଣ୍ଟି, ଅମିଶ୍ର; କିଛି ମିଶି ନଥିବା ।

**unmoral** ବିଂ. ନୈତିକତା ସହିତ ସମ୍ପର୍କ ନଥିବା; ଅନୈତିକ, ନୈତିକତାହୀନ ।

**unmoved** ବିଂ. ସ୍ଥିର, ଅବିଚଳିତ, ଦୃଢ଼ସଂକଳ୍ପ; ନିରୁଦ୍‌ବେଗ; ଆବେଗହୀନ ।

**unmusical** ବିଂ. ଶ୍ରୁତିକଟୁ, ଅସାଙ୍ଗୀତିକ, ବେସୁରା ।

**unmuzzle** କ୍ରି. (ପଶୁର) ମୁଖବନ୍ଧନୀ ଖୋଲିଦେବା ।

Digitized by srujanika@gmail.com

**unnameable** ବିଂ. ଅନାମଧେୟ; (ଏତେ ଖରାପ ଯେ) ଯାହାର ନାମ ଧରିହେବନାହିଁ।
**unnamed** ବି. ଅନାମିତ; ନାମ ଦିଆଯାଇନଥିବା।
**unnatural** ବିଂ. ଅସ୍ୱାଭାବିକ, ଅପ୍ରାକୃତିକ; ସ୍ୱାଭାବିକ ଆବେଗ ନଥିବା, କ୍ରୂର; ଦୁଷ୍ଟ; କୃତ୍ରିମ, ଦେଖାଣିଆ; କ୍ରି.ବିଂ. unnaturally.
**unnecessary** ବିଂ. ଅନାବଶ୍ୟକ, ଅଦରକାରୀ; ବୃଥା, ଅପ୍ରୟୋଜନୀୟ; କ୍ରି.ବିଂ. unnecessarily.
**unneeded** ବିଂ. ପ୍ରୟୋଜନହୀନ।
**unnerve** କ୍ରି. ହତୋତ୍ସାହ କରିବା, ମନର ଦୃଢ଼ତା ଭାଙ୍ଗିଦେବା, ଆତ୍ମବିଶ୍ୱାସ ହରାଇବା।
**unnumbered** ବିଂ. କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ନଥିବା।
**UNO** ସଂଖ. United Nations Organization ମିଳିତ ଜାତିସଂଘ।
**unobjectionable** ବିଂ. ଯାହା ପ୍ରତିବାଦର ଯୋଗ୍ୟ ନୁହେଁ, ଗ୍ରହଣୀୟ।
**unobtainable** ବି. ଅପ୍ରାପ୍ୟ; ଯାହା ହାସଲ କରାଯାଇ ପାରିବନାହିଁ।
**unobtrusive** ବିଂ. ଆଖି ଦୃଶିଆ ନ ହେବା ବ ନ କରିବା; କ୍ରି.ବିଂ. unobtrusively.
**unoffending** ବିଂ. ନିରୀହ; କ୍ଷତିକାରକ ବା ହାନିକାରକ ହୋଇନଥିବା।
**unofficial** ବିଂ. ବେସରକାରୀ; ବିଧିବଦ୍ଧ ଭାବରେ ସ୍ୱୀକୃତ ହୋଇନଥିବା; କ୍ରି.ବିଂ. unofficially.
**unofficial strike** ବି. ଶ୍ରମିକ ସଂଘଦ୍ୱାରା ଅନାନୁମୋଦିତ ଧର୍ମଘଟ।
**unopened** ବି. ଖୋଲା ହୋଇନଥିବା।
**unorganized** ବିଂ. ଅସଂଗଠିତ।
**unoriginal** ବିଂ. ମୌଳିକତାହୀନ; ଅନୁକୃତ।
**unpack** କ୍ରି. ଗଣ୍ଠିଲି, ବାକ୍ସ ପ୍ରଭୃତି ଖୋଲିବା ବା ତହିଁରୁ ବାହାର କରିବା।
**unpaged** ବିଂ. ପୃଷ୍ଠାସଂଖ୍ୟା ଚିହ୍ନିତ ହୋଇନଥିବା।
**unpaid** ବିଂ. ଅବୈତନିକ, ଅପରିଶୋଧିତ (ଋଣ); ମୂଲ୍ୟ ପ୍ରଦାନ କରାଯାଇନଥିବା।
**unpainted** ବିଂ. ରଂଗ ଦିଆଯାଇନଥିବା।
**unpalatable** ବିଂ. ଅସ୍ୱାଦୁକର, ଅରୁଚିକର (ଖାଦ୍ୟ, ପାନୀୟ, ମତ, ବିଚାର ପ୍ରଭୃତି)।
**unparalleled** ବିଂ. ଅନୁପମ, ଅତୁଳନୀୟ, ଅଦ୍ୱିତୀୟ, ଅସାଧାରଣ।
**unpardonable** ବିଂ. ଅକ୍ଷମଣୀୟ; କ୍ଷମାର ଅଯୋଗ୍ୟ; କ୍ରି.ବିଂ. unpardonably.
**unparliamentary** ବିଂ. (ସଂସଦର) ନିୟମ ବିରୁଦ୍ଧ, ଅସଂସଦୀୟ।
**unparliamentary language** ବି. ଶିଷ୍ଟାଚାରବିରୁଦ୍ଧ ବା ଅଶାଳୀନ ଭର୍ତ୍ସନା ବା ଭାଷା।
**unpatriotic** ବିଂ. ଦେଶାତ୍ମବୋଧକ ହୋଇ ନଥିବା; ରାଷ୍ଟ୍ରବିରୋଧୀ।
**unperturbed** ବିଂ. ଅବିଚଳିତ, ଶାନ୍ତ; ନିରୁଦ୍ୱେଗ।
**unpick** କ୍ରି. ପୋଷାକପତ୍ରର ସିଲାଇ ଖୋଲିବା; ସିଲେଇ ଫିଟାଇବା।
**unpin** କ୍ରି. ପିନ୍ ଖୋଲିବା; ପିନ୍ ବା କଣ୍ଟା ବାହାର କରି (କୌଣସି ଜିନିଷ) ଖୋଲିଦେବା।
**unplaced** ବିଂ. କୌଣସି ପ୍ରତିଯୋଗିତାରେ ପ୍ରଥମ ତିନିଜଣଙ୍କ ମଧ୍ୟରେ ସ୍ଥାନ ପାଇନଥିବା।
**unplanned** ବିଂ. ଯୋଜନା ବା ପୂର୍ବପ୍ରସ୍ତୁତି ନଥାଇ, ଯୋଜନାହୀନ।
**unplayable** ବିଂ. ତୀବ୍ର ଗତିଯୋଗୁଁ ଯେଉଁ ବଲ୍ ଖେଳାଯାଇପାରିବ ନାହିଁ ବା ଫେରାଇ ଦିଆଯାଇପାରିବ ନାହିଁ।
**unpleasant** ବିଂ. ଅପ୍ରୀତିକର, ବିରକ୍ତିକର; କ୍ରି.ବିଂ. unpleasantly; ବି. unpleasantness.
**unplug** କ୍ରି. (ସକେଟ୍‌ରୁ) ପ୍ଲଗ୍ କାଢ଼ିଦେବା; ପ୍ଲଗ୍ କାଢ଼ିନେଇ ବିଦ୍ୟୁତସଂଯୋଗ ଛିନ୍ନ କରିବା।
**unpointed** ବିଂ. ମୂନ ନଥିବା; ସୂକ୍ଷ୍ମାଗ୍ର ହୋଇନଥିବା (ଇଟାକାନ୍ଥ ପ୍ରଭୃତି)।
**unpolished** ବିଂ. ପାଲିସ୍ କରାଯାଇନଥିବା; ବନ୍ଧୁର, ଅମସୃଣ; ଅମାର୍ଜିତ।
**unpolitical** ବିଂ. ଅରାଜନୈତିକ, ରାଜନୀତି ସହ ଅସମ୍ବନ୍ଧିତ; କ୍ରି.ବିଂ. unpolitically.
**unpopular** ବିଂ. ଜନପ୍ରିୟତାହୀନ, ଅପ୍ରିୟ; ବି. unpopularity.
**unpractical** ବିଂ. ଅବ୍ୟାବହାରିକ, ବ୍ୟବହାର–ଜ୍ଞାନହୀନ; ପ୍ରାୟୋଗିକ କୌଶଳ ବିହୀନ।
**unpractised** ବିଂ. *ଆମେ.* unpracticed ଅନଭ୍ୟସ୍ତ, ଅକୁଶଳୀ; ଅନଭିଜ୍ଞ, ଅନିପୁଣ, ଚଳଣିରେ ପଡ଼ିନଥିବା।

Digitized by srujanika@gmail.com

**unprecedented** ବିଂ. ଅଭୂତପୂର୍ବ, ଅପୂର୍ବ, ଅତୁଳନୀୟ; ଯାହା ପୂର୍ବରୁ ଘଟି ନାହିଁ; ଯାହାର ନଜିର ନାହିଁ।

**unpremeditated** ବିଂ. ଅଚିନ୍ତିତପୂର୍ବ; ଅକଳ୍ପିତପୂର୍ବ; ଉଦ୍ଦେଶ୍ୟବିହୀନ; ପୂର୍ବ ପରିକଳ୍ପନା ବା ଯୋଜନା ସହ କରାଯାଇନଥିବା।

**unpretending** ବିଂ. ସରଳ, ନିଷ୍କପଟ, ଛଳନାହୀନ, ବିନମ୍ର; ନିରହଂକାର, ଗର୍ବଶୂନ୍ୟ।

**unpretentious** ବିଂ. =unpretending.

**unpriced** ବିଂ. ମୂଲ୍ୟ ସ୍ଥିର କରାଯାଇନଥିବା, ଦର୍ଶାଯାଇନଥିବ ବା ଲେଖାଯାଇନଥିବ।

**unprincipled** ବିଂ. ନୀତିଜ୍ଞାନହୀନ, ନୀତିହୀନ; ନୀତିନିୟମବିବର୍ଜିତ।

**unprintable** ବିଂ. (ଅଶ୍ଳୀଳ, ମାନହାନିକର ବା ଆଶାଳୀନ ହୋଇଥିବାରୁ) ମୁଦ୍ରଣ ନିମନ୍ତେ ଅଯୋଗ୍ୟ।

**unproductive** ବିଂ. ନିଷ୍ଫଳ; ଉତ୍ସାହଜନକ ବା ଉତ୍ତମ ଫଳ ଦେଉନଥିବା (କାର୍ଯ୍ୟ)।

**unprofessional** ବିଂ. ଅଣପେଷାଦାରସୁଲଭ, ପେଷାଦାର ହୋଇନଥିବା; ପେଷାଦାରୀ ନୀତି ନଥିବା; ଅକୁଶଳୀ, ଅନଭିଜ୍ଞ; କ୍ରି.ବିଂ. unprofessionally.

**unprofitable** ବିଂ. ଲାଭଜନକ ହୋଇନଥିବା, ଫାଇଦାହୀନ।

**unprogressive** ବିଂ. ପ୍ରଗତିବାଦୀ ହୋଇନଥିବା; ପୁରୁଣାକାଳିଆ।

**unprompted** ବିଂ. ସ୍ୱତଃସ୍ଫୂର୍ତ୍ତ।

**unpronounceable** ବିଂ. ଅନୁଚ୍ଚାରଣୀୟ, ଯାହା ଉଚ୍ଚାରଣ କରିହେବ ନାହିଁ।

**unprotected** ବିଂ. ଅସୁରକ୍ଷିତ।

**unprovoked** ବିଂ. ଅନୁତ୍ତେଜିତ, କୌଣସି ଉତ୍ତେଜନାର କାରଣ ନଥାଇ।

**unpublished** ବିଂ. ଅପ୍ରକାଶିତ।

**unputdownable** ବିଂ. କ.ଭା. ଏକା ନିଶ୍ୱାସକେ ପଢ଼ିବା ଭଳି; ଥରେ ଆରମ୍ଭ କରିଦେଲେ ପଢ଼ାବନ୍ଦ କରିହେଉ ନଥିବା (ପୁସ୍ତକ ପ୍ରଭୃତି)।

**unqualified** ବିଂ. (ଆଇନତଃ) ଆବଶ୍ୟକ ଯୋଗ୍ୟତାହୀନ, ଅଯୋଗ୍ୟ; ସଂପୂର୍ଣ୍ଣ; ପୂରାପୂରି।

**unquenchable** ବିଂ. ତୃପ୍ତିହୀନ; ମେଣ୍ଟି ପାରୁନଥିବା (ତୃଷା)।

**unquestionable** ବିଂ. ପ୍ରଶ୍ନାତୀତ, ସନ୍ଦେହାତୀତ, ନିଃସନ୍ଦେହ; କ୍ରି.ବିଂ. unquestionably.

**unquestioned** ବିଂ. ପ୍ରଶ୍ନହୀନ; ସନ୍ଦେହ ବା ବିରୋଧ କରାଯାଇନଥିବା; ନିଶ୍ଚିତ।

**unquestioning** ବିଂ. ପ୍ରଶ୍ନ ନପଚାରି; ସଂପୂର୍ଣ୍ଣ (ବଶ୍ୟତା); କ୍ରି.ବିଂ. unquestioning.

**unquiet** ବିଂ. ଅଶାନ୍ତ; ବିଚଳିତ; ବିକ୍ଷୁବ୍ଧ; ଉତ୍କଂଠିତ।

**unquote** କ୍ରି. ଉଦ୍ଧୃତି ଚିହ୍ନ ମୁକ୍ତ କରିବା; ଉଦ୍ଧୃତିଚିହ୍ନ ସମାପ୍ତି ସୂଚକ ଶବ୍ଦ।

**unravel** କ୍ରି. (ଗଣ୍ଠି, ବଂଧନ ପ୍ରଭୃତି) ଫିଟିଯିବା, ଉଦ୍‌ଘାଟନ କରିବା; (ଅଡୁଆ) ତୁଟିବା ବା ତୁଟାଇବା; (ବୁଣା) ସୂତା ଫିଟାଇବା।

**unread** ବିଂ. ଅପଠିତ (ବହି); ସ୍ୱଳ୍ପ ଅଧ୍ୟୟନ କରିଥିବା (ବ୍ୟକ୍ତି)।

**unreadable** ବିଂ. ଅପାଠ୍ୟ, ଦୁଷ୍ପାଠ୍ୟ (ବିରକ୍ତିକର ବା ନୀରସ ହୋଇଥିବା ଯୋଗୁଁ)।

**unready** ବିଂ. ପ୍ରସ୍ତୁତିହୀନ, ଅପ୍ରସ୍ତୁତ; ଇତସ୍ତତଃ; ଦ୍ୱିଧାଗ୍ରସ୍ତ।

**unreal** ବିଂ. ଅବାସ୍ତବ, ଅଳୀକ, କାଳ୍ପନିକ; *ସା.ପ୍ର.* ଅବିଶ୍ୱସନୀୟ; ବି. unreality.

**unreason** ବି. ପାଗଳାମି; ବିଶୃଙ୍ଖଳା।

**unreasonable** ବିଂ. ଅଯୌକ୍ତିକ, ଅସଙ୍ଗତ, ଅନୁଚିତ, ଅତିଶୟ; ଅତ୍ୟଧିକ; କ୍ରି.ବିଂ. unreasonably.

**unreel** କ୍ରି. ରିଲ୍‌ରୁ ଖୋଲିବା।

**unrefined** ବିଂ. ଅମାର୍ଜିତ; ଅବିଶୋଧିତ।

**unregistered** ବିଂ. ରେଜିଷ୍ଟ୍ରି କରାଯାଇ ନ ଥିବା; ଅପଂଜୀକୃତ; ପଂଜୀକୃତ ହୋଇ ନ ଥିବା।

**unrelenting** ବିଂ. ହ୍ରାସ ପାଇ ନ ଥିବା; ହାରୁ ନ ଥିବା; ପରାଜୟ ସ୍ୱୀକାର କରୁ ନ ଥିବା; ନିର୍ଦ୍ଦୟ; କ୍ରି.ବିଂ. unrelentingly.

**unreliable** ବିଂ. ଅବିଶ୍ୱସ୍ତ; ଯାହାଉପରେ ଆସ୍ଥା ରଖିହେବ ନାହିଁ ବା ବିଶ୍ୱାସ କରିହେବ ନାହିଁ; ବି. unreliability.

**unrelieved** ବିଂ. ଅସ୍ଥିର, ଅଶାନ୍ତ।

**unremarkable** ବିଂ. ଅନାକର୍ଷଣୀୟ; ସାଧାରଣ।

Digitized by srujanika@gmail.com

**unremitting** ବିଂ. ଅବିରାମ, ଅବିଚ୍ଛିନ୍ନ, ନିରବଚ୍ଛିନ୍ନ; ଲଗାତାର; କ୍ରି.ବିଂ. unremittingly.
**unremunerative** ବିଂ. ଲାଭଜନକ ହୋଇ ନ ଥିବା; ଆର୍ଥିକଦୃଷ୍ଟିରୁ ନିରୁତ୍ସାହଜନକ।
**unrepeatable** ବିଂ. (ଅଶିଷ୍ଟତାହେତୁ) ଯାହା ପୁନର୍ବାର କରଣୀୟ ନୁହେଁ; ଯାହା ପୁନରାବୃତ୍ତି କରିହେବ ନାହିଁ; ଯାହା ପୁନର୍ବାର କହିହେବ ନାହିଁ।
**unrequited** ବିଂ. ପ୍ରତିଦାନ ବା ପ୍ରତ୍ୟାଶାହୀନ (ପ୍ରେମ)।
**unreserved** ବିଂ. ଅସଂରକ୍ଷିତ; ସଂପୂର୍ଣ୍ଣ; କୌଣସି ବୁଝାମଣା ବା ମତୈକ୍ୟରୁ ବିଚ୍ୟୁତ ନ ହୋଇ।
**unresisting** ବିଂ. ବାଧାହୀନ; ବିନାବାଧାରେ।
**unrest** ବି. ଅଶାନ୍ତି, ଅସ୍ଥିରତା, ଉଦ୍‌ବେଗଜନିତ ଅବସ୍ଥା, ଗୋଳମାଳ।
**unrighteous** ବିଂ. ଅଧାର୍ମିକ, ଅସାଧୁ, ଦୁଷ୍ଟ।
**unrip** କ୍ରି. ଫାଡିଦେଇ ଖୋଲିଦେବା।
**unripe** ବିଂ. ପାଚି ନ ଥିବା; ଅପକ୍ୱ।
**unrivalled** ବିଂ. *ଆମେ.* unrivaled ଅପ୍ରତିଦ୍ୱନ୍ଦ୍ୱୀ, ଅନୁପମ, ଅତୁଳନୀୟ।
**unroll** କ୍ରି. (ଗୁଡ଼ା ହୋଇଥିବା ବସ୍ତୁ) ଖୋଲିବା ବା ଖୋଲିଯିବା; ଏହିଭଳି ଖୋଲି ପ୍ରଦର୍ଶନ କରିବା।
**unruly** ବିଂ. ଅବାଧ, ଦୁର୍ବିନୀତ, ଅମାନିଆ।
**unsaddle** କ୍ରି. ଘୋଡାର ସାଜ ଉତାରିବା, ଆରୋହୀକୁ ଜିନ୍ ଉପରୁ ଫିଙ୍ଗିଦେବା; ଘୋଡାଉପରୁ ଓହ୍ଲେଇଯିବା।
**unsafe** ବିଂ. ଯାହା ନିରାପଦ ନୁହେଁ; ବିପଜ୍ଜନକ।
**unsaid** ବିଂ. ଅନୁଚ୍ଚାରିତ, ଅକଥିତ; ଅକୁହା।
**unsatisfactory** ବିଂ. ନିକୃଷ୍ଟ; ଯାହା ଗ୍ରହଣୀୟ ନୁହେଁ।
**unsatisfied** ବିଂ. ଅସନ୍ତୁଷ୍ଟ; ଅତୃପ୍ତ।
**unsatisfying** ବିଂ. ଅସନ୍ତୋଷଜନକ; ଅତୃପ୍ତିକର।
**unsavoury** ବିଂ. *ଆମେ.* unsavory ବିରକ୍ତିକର, କଦର୍ଯ୍ୟ; ଅପ୍ରୀତିକର; ଅନୈତିକ।
**unsay** କ୍ରି. (କଥା) ଫେରାଇନେବା, ଅସ୍ୱୀକାର କରିବା।
**unscathed** ବିଂ. ଅନାହତ; ଆହତ ହୋଇ ନ ଥିବା।
**unscheduled** ବିଂ. ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ନ ଥାଇ।
**unschooled** ବିଂ. ଅପାଠୁଆ, ଅଶିକ୍ଷିତ; ଅଣତାଲିମପ୍ରାପ୍ତ।
**unscientific** ବିଂ. ଅବୈଜ୍ଞାନିକ, ଯାହା ବିଜ୍ଞାନସମ୍ମତ ନୁହେଁ; କ୍ରି.ବିଂ. unscientifically.
**unscreened** ବିଂ. ଚାଲୁଣିରେ ଚଲା ହୋଇ ନ ଥିବା; (ସ୍ୱାସ୍ଥ୍ୟ, ନିରାପତ୍ତାପ୍ରଭୃତି ଦୃଷ୍ଟିରୁ) ଯାଞ୍ଚ କରାଯାଇନଥିବା; ପରଦା ନ ଥିବା; ପରଦାରେ ପ୍ରଦର୍ଶିତ ହୋଇ ନ ଥିବା (ଚଳଚ୍ଚିତ୍ର ପ୍ରଭୃତି)।
**unscrew** କ୍ରି. ପେଚ ଖୋଲିବା ବା ହୁଗୁଳା କରିବା।
**unscripted** ବିଂ. ଲିଖିତ ନ ହୋଇ ମୌଖିକଭାବେ ପ୍ରଦତ୍ତ(ବକ୍ତୃତା)।
**unscrupulous** ବିଂ. ବିବେକଶୂନ୍ୟ, ନୀତିଜ୍ଞାନ ବିବର୍ଜିତ; ନୀତିହୀନ; କ୍ରି.ବିଂ. unscrupulously; ବି. unscrupulousness.
**unseal** କ୍ରି. ସିଲମୋହର ଖୋଲିବା ବା ଭାଙ୍ଗିବା; ଜଉମୁଦ ଖୋଲିବା।
**unseasonable** ବିଂ. ଅସାମୟିକ, ଅକାଳ; ଅନୁପଯୁକ୍ତ(ସମୟ); କ୍ରି.ବିଂ. unseasonably.
**unseasonal** ବିଂ. ଋତୁ ଅନୁଯାୟୀ ହୋଇ ନ ଥିବା।
**unseat** କ୍ରି. ଗାଦିଚ୍ୟୁତ କରିବା; (ସଂସଦୀୟ ନିର୍ବାଚନରେ)ଆସନଚ୍ୟୁତ କରିବା; ଘୋଡାପିଠିରୁ ପକାଇଦେବା।
**unseeing** ବିଂ.ଅନ୍ଧ, ଦୃଷ୍ଟିଶକ୍ତିହୀନ; ଘଟଣାପ୍ରଭୃତି ଉପରେ ଆଖି ରଖିପାରୁ ନ ଥିବା(ବ୍ୟକ୍ତି); କ୍ରି.ବିଂ. unseeingly.
**unseemly** ବିଂ. ଅଶାଳୀନ; ଅଶିଷ୍ଟ; ଅନୁଚିତ; କ୍ରି.ବିଂ. unseemliness.
**unseen** 1. ବିଂ. ଅଦୃଷ୍ଟ, ଅଲକ୍ଷିତ, ଅଦୃଶ୍ୟ, ଅଦେଖା; ଅଜ୍ଞାତ (ପରିଚ୍ଛେଦ ପ୍ରଭୃତିର) ଅନୁବାଦ।
**unselfconscious** ବିଂ. ଆତ୍ମସଚେତନ ନ ହୋଇ; ସ୍ୱଚ୍ଛନ୍ଦ; କ୍ରି.ବିଂ. unselfconsciously; ବି. unselfconsciousness.
**unselfish** ବିଂ. ନିଃସ୍ୱାର୍ଥପର; ଅନ୍ୟମାନଙ୍କ ପାଇଁ ଚିନ୍ତିତ; ଅନ୍ୟର ସୁଖଦୁଃଖରେ ଭାଗୀ; କ୍ରି.ବିଂ. unselfishly; ବି. unselfishness.

Digitized by srujanika@gmail.com

**unsentimental** ବି. ଭାବପ୍ରବଣତାହୀନ; ଭାବପ୍ରବଣତା ନ ଥିବା ।

**unsettle** କ୍ରି. ବିଚଳିତ ବା ବିକ୍ଷୁବ୍ଧ କରିବା; ଅଶାନ୍ତ କରିବା; ଉଦ୍‌ଭ୍ରାନ୍ତ କରିବା ।

**unsettled** ବି. ଅସ୍ଥିର; ଅବ୍ୟବସ୍ଥିତ; ଅନିଶ୍ଚିତ; ପରିବର୍ତ୍ତନଶୀଳ; ମତ ପରିବର୍ତ୍ତନ ବା ଅଧିକ ଆଲୋଚନା ପାଇଁ ପ୍ରସ୍ତୁତ; ପଇଠ କରାଯାଇ ନ ଥିବା(ବିଲ୍, ଦେଣାପ୍ରଭୃତି) ।

**unsex** କ୍ରି. (ବ୍ୟକ୍ତିକୁ, ବିଶେ. ନାରୀକୁ)ସ୍ୱାଭାବିକ ନାରୀ/ପୁରୁଷ ସୁଲଭ ଗୁଣାବଳୀରୁ ବଞ୍ଚିତ କରିବା ।

**unshackle** ବି. ଶିକୁଳି ବା ବେଡ଼ି ଖୋଲିଦେବା; ମୁକ୍ତ କରିବା ।

**unshakeable** ବି. ଦୃଢ଼; ଜିଦ୍‌ଖୋର୍ ।

**unsheathe** କ୍ରି. (ତରବାରିପ୍ରଭୃତି) କୋଷମୁକ୍ତ କରିବା ।

**unshrinking** ବି. ଅସଙ୍କୁଚିତ, ଅକୁଣ୍ଠିତ, (ଲୁଗାପ୍ରଭୃତି) କୁଂଚିତ ନ ହୋଇ; ଦ୍ୱନ୍ଦ୍ୱବିଜଡ଼ିତ ନ ହୋଇ; ନିର୍ଭୟ ।

**unsighted** ବି. ଦେଖାଯାଉ ନ ଥିବା; ଅଦୃଶ୍ୟ; ଦୃଶ୍ୟ ହେବାରେ ପ୍ରତିବଂଧକ ଥିବା ।

**unsightly** ବି. କୁରୂପ, କଦାକାର; ବି. unsightliness.

**unsigned** ବି. ଦସ୍ତଖତ ବିନା; ଦସ୍ତଖତ କରାଯାଇ ନ ଥିବା; ନାମ ଉଲ୍ଲେଖ କରାଯାଇ ନ ଥିବା ।

**unskilful** ବି. ଅକୁଶଳୀ, ଦକ୍ଷତାହୀନ ।

**unskilled** ବି. ଅଦକ୍ଷ, ଅନିପୁଣ, ଅକୁଶଳୀ; ବିଶେଷ ତାଲିମ୍ ପାଇ ନ ଥିବା; ବିଶେଷ ଦକ୍ଷତା ବା ତାଲିମ ଆବଶ୍ୟକ ହେଉ ନ ଥିବା (unskilled labour).

**unsociable** ବି. ଅସାମାଜିକ, ଯେ ମେଳାପୀ ନୁହେଁ ।

**unsocial** ବି. ସମାଜବିରୋଧୀ, ସମାଜ ପକ୍ଷରେ ଅହିତକର; ସମାଜ ପାଇଁ ଅନୁପଯୁକ୍ତ; ସ୍ୱାଭାବିକ କାର୍ଯ୍ୟଦିବସ ବାହାରେ (unsocial hours).

**unsoiled** ବି. ଦାଗହୀନ; ନିଷ୍କଳଂକ; ମଇଳା ହୋଇ ନ ଥିବା ।

**unsold** ବି. ଅବିକ୍ରୀତ; ବିକା ହୋଇ ନ ଥିବା ।

**unsolicited** ବି. ଅଯାଚିତ, ଅପ୍ରାର୍ଥିତ; ସ୍ୱେଚ୍ଛାକୃତ ।

**unsolved** ବି. ଅସମାହିତ; ଅସମାଧିତ; ଅମୀମାଂସିତ ।

**unsophisticated** ବି. ସରଳ; ଅକପଟ; ସାଦାସିଧା; ସ୍ୱାଭାବିକ; ପ୍ରାକୃତିକ ।

**unsought** ବି. ଅନାକାଂକ୍ଷିତ; ଅଲୋଡ଼ା; ଅନୁରୁଦ୍ଧ ହୋଇ ନ ଥିବା; ଅନୁରୋଧ କରାଯାଇ ନ ଥିବା ।

**unsound** ବି. ଅସୁସ୍ଥ, ପାଗଳ, ପଚାସଢ଼ା; ଦୁର୍ବଳ; ଅବିଶ୍ୱାସଯୋଗ୍ୟ; ବିଭ୍ରାନ୍ତ; of unsound mind ପାଗଳ; ବି. unsoundness.

**unsparing** ବି. (ବ୍ୟୟ କରିବାରେ)ମୁକ୍ତହସ୍ତ; ଦୟାହୀନ, କଠୋର ।

**unspeakable** ବି. ଅକଥନୀୟ, ଅବର୍ଣ୍ଣନୀୟ; ବର୍ଣ୍ଣନାତୀତ ଭାବେ ଖରାପ ।

**unspecific** ବି. ଅନିର୍ଦ୍ଦିଷ୍ଟ; ସାଧାରଣ ।

**unspoken** ବି. ଅନୁଚ୍ଚାରିତ; ପ୍ରକାଶ କରାଯାଇ ନ ଥିବା; କୁହାଯାଇ ନ ଥିବା; ଅକୁହା ।

**unstable** ବି. ଚଂଚଳ, ଅସ୍ଥିର; ଅବ୍ୟବସ୍ଥିତ, ଦୋଦୁଲ୍ୟମାନ; ପରିବର୍ତ୍ତନୀୟ; ପରିବର୍ତ୍ତନଶୀଳ; କ୍ରି.ବି. unstably.

**unsteady** ବି. ଅସ୍ଥିର, ସ୍ଥିରତାହୀନ; ପରିବର୍ତ୍ତନଶୀଳ; ଟଳମଳ; ଅସମ; ଅନିୟମିତ; କ୍ରି.ବି. unsteadily; ବି. unsteadiness.

**unstick** କ୍ରି. (ଯୋଡ଼ି ବା ଲାଖିଯାଇଥିବା ବସ୍ତୁଗୁଡ଼ିକୁ) ବିଚ୍ଛିନ୍ନ କରିବା, ଅଲଗା କରିବା; come unstick *କ.ଭା.* ଅକୃତକାର୍ଯ୍ୟ ବା ଅସଫଳ ହେବା; ବିଫଳ ହେବା ।

**unstitch** କ୍ରି. ସିଲେଇ ଖୋଲିଦେବା ।

**unstop** କ୍ରି. ବାଧାରୁ ମୁକ୍ତ କରିବା, ପ୍ରତିବଂଧକ ହଟାଇଦେବା; ଠିପି ବା କର୍କ୍ (ବୋତଲପ୍ରଭୃତିରୁ) କାଢ଼ିନେବା ।

**unstoppable** ବି. ଯାହାକୁ ବାଧା ଦିଆଯାଇ ପାରିବ ନାହିଁ; ଯାହାପାଇଁ ପ୍ରତିବଂଧକ ସୃଷ୍ଟି କରାଯାଇ ପାରିବ ନାହିଁ ।

**unstressed** ବି. ଜୋର୍‌ରେ ଉଚ୍ଚାରିତ ହୋଇ ନ ଥିବା; ସ୍ୱରାଘାତ ନ ଥିବା ।

**unstring** କ୍ରି. (ଧନୁ, ଗୀଟାର, ବୀଣା ପ୍ରଭୃତିର)ଦଉଡ଼ି ବା ତାର ଫିଟାଇବା; ସୂତାରୁ ଜଣ୍ଡି ବା ବିଡ଼୍‌ଗୁଡ଼ିକ ଖୋଲି ବାହାର କରିବା; unstrung ବି. ବିଚଳିତ ବା ଆତଙ୍କିତ (କରିବା) ।

**unstructured** ବି. ଅସଂଗଠିତ; ଔପଚାରିକତାହୀନ ।

Digitized by srujanika@gmail.com

**unstudied** ବିଂ. ସହଜ, ସ୍ୱାଭାବିକ; ସ୍ୱତଃସ୍ଫୂର୍ତ୍ତ।

**unsubstantial** ବିଂ. =insubstantial; ଅସାର; ଅପ୍ରାକୃତ; ଅବାସ୍ତବ।

**unsuccessful** ବିଂ. ଅସଫଳ; ବିଫଳ; କ୍ରି.ବିଂ. unsuccessfully.

**unsuitable** ବିଂ. ଅନୁପଯୋଗୀ; ବି. unsuitability; କ୍ରି.ବିଂ. unsuitably.

**unsuited** ବିଂ. ଅନୁପଯୁକ୍ତ; ଅନନୁକୂଳ।

**unsung** ବିଂ. ଅ–ଗୀତ, ଗୀତଦ୍ୱାରା ସମ୍ମାନିତ ହୋଇ ନ ଥିବା; ଉପଯୁକ୍ତ ମର୍ଯ୍ୟାଦା, ସ୍ୱୀକୃତି ବା ଜନପ୍ରିୟତା ପାଇ ନ ଥିବା।

**unsupported** ବିଂ. ଅସମର୍ଥିତ; କୌଣସି ସାହାଯ୍ୟ ନ ପାଇଥିବା।

**unsure** ବିଂ. ଅନିଶ୍ଚିତ; ନିଶ୍ଚିତତାହୀନ।

**unsuspecting** ବିଂ. ସନ୍ଦେହ କରୁ ନ ଥିବା; ଅସନ୍ଦେହୀ; ସରଳବିଶ୍ୱାସୀ।

**unswerving** ବିଂ. ଅବିଚଳ, ସ୍ଥିର, ଦୃଢ।

**unsympathetic** ବି. ସମବେଦନାହୀନ; ସହାନୁଭୂତିହୀନ; କ୍ରି.ବିଂ. unsympathetically.

**untamed** ବିଂ. ପୋଷାମାନି ନ ଥିବା; ଅମଣିଆ।

**untainted** ବିଂ. ଅକଳଙ୍କିତ; ନିର୍ଦ୍ଦୋଷ; ନିର୍ମଳ; ଦାଗହୀନ।

**untangle** କ୍ରି. ଅଡୁଆରୁ ମୁକ୍ତ କରିବା; ଅଡୁଆ ତୁଟାଇବା।

**untapped** ବିଂ. ଅବ୍ୟବହୃତ; କାମରେ ଲଗାଯାଇ ନ ଥିବା।

**untarnished** ବିଂ. ନିଷ୍କଳଂକ, ଅକଳଂକିତ।

**untaught** ବିଂ. ଅଶିକ୍ଷିତ; ଅଜ୍ଞ; ଅପାଠୁଆ; ଯେଉଁ ବିଷୟରେ ଶିକ୍ଷା ବା ତାଲିମ ପ୍ରଦାନ କରାଯାଇ ନାହିଁ।

**untaxed** ବିଂ. କରମୁକ୍ତ; କର ବା ଶୁଳ୍କ ଦେବାକୁ ପଡୁ ନ ଥିବା (ପଦାର୍ଥ)।

**untenable** ବିଂ. ଅସମର୍ଥନୀୟ; ଯାହା ଯୁକ୍ତି ସମର୍ଥିତ ନୁହେଁ।

**untested** ବିଂ. ଅପରୀକ୍ଷିତ; ଅପ୍ରମାଣିତ।

**untether** କ୍ରି. (ପଶୁପ୍ରଭୃତିଙ୍କୁ) ବନ୍ଧନମୁକ୍ତ କରିବା; ମୁକ୍ତ କରିବା।

**unthinkable** ବିଂ. ଅଚିନ୍ତନୀୟ, ଅକଳ୍ପନୀୟ; କ.ଭା. ଅତ୍ୟନ୍ତ ଅବାଞ୍ଛିତ; ଅସମ୍ଭବ; କ୍ରି.ବିଂ. unthinkably.

**unthinking** ବିଂ. ଚିନ୍ତାହୀନ, ବିଚାରହୀନ; ଉଦ୍ଦେଶ୍ୟମୂଳକ ହୋଇ ନ ଥିବା; କ୍ରି.ବିଂ. unthinkingly.

**unthread** କ୍ରି. (ଛୁଞ୍ଚିରୁ) ସୂତା ବାହାର କରିନେବା।

**unthrone** କ୍ରି. ସିଂହାସନଚ୍ୟୁତ କରିବା; ଗାଦିରୁ ହଟାଇଦେବା।

**untidy** ବିଂ. ଅପରିଚ୍ଛନ୍ନ; ଅବ୍ୟବସ୍ଥିତ; ଅସନା; କ୍ରି.ବିଂ. untidily; ବିଂ. untidiness.

**untie** କ୍ରି. (ଗଣ୍ଠି)ଫିଟାଇବା, (ଦଉଡି) ଫିଟାଇବା; ବନ୍ଧନମୁକ୍ତ କରିବା।

**until** ଅ., ସଂଯୋ. (ଦ୍ର. ବିଶେ. ବାକ୍ୟ ଆରମ୍ଭରେ ବା ଔପଚାରିକ ଶୈଳୀରେ till ସ୍ଥାନରେ until ବ୍ୟବହାର କରାଯାଏ।

**untimely** ବିଂ. ଅସାମୟିକ, ଅସମୟୋଚିତ; ଅକାଳ (ମୃତ୍ୟୁ); ବି. untimeliness.

**untiring** ବିଂ. ଅକ୍ଳାନ୍ତ; କ୍ରି.ବିଂ. untiringly.

**untitled** ବିଂ. ଶୀର୍ଷକବିହୀନ; ନାମହୀନ; ନାମ ବା ଶୀର୍ଷକ ଦିଆଯାଇ ନ ଥିବା।

**unto** ଅ. ପ୍ରା.ପ୍ର. =to.

**untold** ବିଂ. ଅପ୍ରକାଶିତ; ବର୍ଣ୍ଣନାତୀତ; ଅଜସ୍ର; ଅପରିମିତ।

**untouchable** ଛତି. 1. ବିଂ. ଅସ୍ପୃଶ୍ୟ; ଅଛୁଆଁ; 2. ବି. ଅସ୍ପୃଶ୍ୟଜାତିର ଲୋକ; ବି. untouchability.

**untouched** ବିଂ. ଅସ୍ପୃଷ୍ଟ; ସ୍ପର୍ଶ କରାଯାଇ ନ ଥିବା; (ଶାରୀରିକ ବା ଆବେଗିକ ଭାବରେ) ଅପ୍ରଭାବିତ; ଅନାଲୋଚିତ।

**untoward** ବିଂ. ଅପ୍ରୀତିକର, ଅସୁବିଧାଜନକ, ଦୁର୍ଭାଗ୍ୟଜନକ, ପ୍ରତିକୂଳ; ଅବାଗିଆ; ଅପ୍ରକାର।

**untrained** ବିଂ. ଅଣ-ତାଲିମପ୍ରାପ୍ତ; ଅପ୍ରଶିକ୍ଷିତ; ତାଲିମ ବା ପ୍ରଶିକ୍ଷଣ ପାଇ ନ ଥିବା।

**untranslatable** ବିଂ. ଅନୁବାଦ ପାଇଁ ଉପଯୁକ୍ତ ହୋଇ ନ ଥିବା; ଅନନୁବାଦ୍ୟ; ଯାହାର ଅନୁବାଦ କରାଯାଇ ପାରିବ ନାହିଁ।

**untravelled** ବିଂ. ଯେ ଭ୍ରମଣ କରି ନାହିଁ।

**untried** ବିଂ. କାର୍ଯ୍ୟକାରିତା ପରୀକ୍ଷା କରାଯାଇ ନ ଥିବା; ଅପରୀକ୍ଷିତ; ଅନୁଭୂତିହୀନ, ଅନଭିଜ୍ଞ।

**untroubled** ବିଂ. ଶାନ୍ତ, ସୁସ୍ଥିର; ପ୍ରଶାନ୍ତ।

**untrue** ବିଂ. ଅସତ୍ୟ, ମିଥ୍ୟା; ଅବିଶ୍ୱସ୍ତ; ପ୍ରଚଳିତ ବ୍ୟବସ୍ଥା ବା ମୂଲ୍ୟବୋଧରୁ ବିଚ୍ୟୁତ; କ୍ରି.ବିଂ. untruly.

Digitized by srujanika@gmail.com

**untrustworthy** ବିଂ. ଯାହାଉପରେ ଆସ୍ଥା ବା ବିଶ୍ୱାସ ସ୍ଥାପନ କରିହେବ ନାହିଁ; ଅବିଶ୍ୱସ୍ତ; ବି. untrustworthiness.

**untruth** ବି. ମିଥ୍ୟା, ଅସତ୍ୟତା ।

**unturned** ବିଂ. ଓଲଟା ହୋଇ ନ ଥିବା; ବୁଲା ହୋଇ ନ ଥିବା; ଘୂରାଯାଇ ନ ଥିବା; ଘୂରାଯାଇ ତିଆରି କରାଯାଇ ନ ଥିବା ।

**untutored** ବିଂ. ଅଶିକ୍ଷିତ; ଅପାଠୁଆ; ଶିଖାପଢ଼ା ନ କରି ।

**untwine** କ୍ରି. ଖୋଲିବା, ଫିଟାଇବା ।

**untwist** କ୍ରି. ମୋଡ଼ା ବା ଗୁଡ଼ା ହୋଇଥିବା ଅବସ୍ଥାରୁ ଫିଟାଇବା ।

**unusable** ବିଂ. ବ୍ୟବହାର ପାଇଁ ଅଯୋଗ୍ୟ; ବ୍ୟବହାର ଅନୁପଯୋଗୀ ।

**unused** ବିଂ. ଅବ୍ୟବହୃତ; ଅନଭ୍ୟସ୍ତ ।

**unusual** ବିଂ. ଅସାଧାରଣ, ଅସ୍ୱାଭାବିକ; ଲକ୍ଷ୍ୟଣୀୟ; କ୍ରି.ବିଂ. unusually.

**unutterable** ବିଂ. ଅନୁଚ୍ଚାରଣୀୟ, ବର୍ଣ୍ଣନାତୀତ; ଅବର୍ଣ୍ଣନୀୟ; ଅକଥ୍ୟ; କ୍ରି.ବିଂ. unutterably.

**unvarnished** ବିଂ. ବାର୍ଣ୍ଣିସ୍ ଦିଆଯାଇ ନ ଥିବା; ସାଧାସିଧା, ସରଳ, ଅତିରଂଜିତ ହୋଇନଥିବା (କାହାଣୀ, ବକ୍ତବ୍ୟ) ।

**unvarying** ବିଂ. ପରିବର୍ତ୍ତନହୀନ ।

**unveil** କ୍ରି. ଆବରଣ ଉନ୍ମୋଚନ କରିବା; ଅନାବରଣ କରିବା; ପରଦା ଖୋଲିବା; ଓଢ଼ଣା ବା ଘୋଡଣି ଉଠାଇଦେବା; ପ୍ରକାଶ କରିବା; ଉନ୍ମୋଚିତ କରିବା ।

**unverified** ବି. ସତ୍ୟତା ପରୀକ୍ଷା କରାଯାଇ ନ ଥିବା; ଯାଞ୍ଚ କରାଯାଇ ନ ଥିବା ।

**unversed** ବିଂ. ତାଲିମ୍‌ପ୍ରାପ୍ତ ହୋଇ ନ ଥିବା, ଅନଭିଜ୍ଞ, ଅନାଡି ।

**unvoiced** ବିଂ. ଉଚ୍ଚାରିତ ହୋଇ ନ ଥିବା; *ଭାଷା* ଅଘୋଷ (ବ୍ୟଞ୍ଜନ ବର୍ଣ୍ଣଆଦି) ।

**unwaged** ବିଂ. ମଜୁରି ପାଉ ନ ଥିବା; ବେକାର; ରୋଜଗାରହୀନ ।

**unwanted** ବିଂ. ଅଲୋଡା; ଅଦରକାରୀ; ଅବହେଳିତ ।

**unwarrantable** ବିଂ. ଅଯୌକ୍ତିକ, ଅସମର୍ଥନୀୟ; କ୍ରି.ବିଂ. unwarrantably.

**unwarranted** ବିଂ. ଅସମର୍ଥିତ; ବିନା ଆଦେଶରେ ସମ୍ପାଦିତ, ଅଯୁକ୍ତିଯୁକ୍ତ ।

**unwary** ବିଂ. ଅସତର୍କ, ଅସାବଧାନ; କ୍ରି.ବିଂ. unwarily; ବି. unwariness.

**unwashed** ବିଂ. ଅଧୌତ; ଧୁଆ ହୋଇ ନ ଥିବା; ଅଗାଧୁଆ; ଅପରିଷ୍କାର; the great unwashed ସମାଜର ତଳଶ୍ରେଣୀର ଲୋକମାନେ; ଜନସାଧାରଣ (ବିଶେ. ଅବ୍ୟବସ୍ଥିତ) ।

**unwavering** ବିଂ. ଦୃଢ଼; ଅବିଚଳ ।

**unwelcome** ବିଂ. ଅସ୍ୱାଗତଯୋଗ୍ୟ; ଯାହା ଗ୍ରହଣୀୟ ନୁହେଁ; ଅପ୍ରୀତିକର ।

**unwell** ବିଂ. ଅସୁସ୍ଥ, ପୀଡ଼ିତ ।

**unwholesome** ବିଂ. ଅସ୍ୱାସ୍ଥ୍ୟକର; (ଶାରୀରିକ ବା ନୈତିକ ସ୍ୱାସ୍ଥ୍ୟ ପାଇଁ) କ୍ଷତିକାରକ ।

**unwieldy** ବି. ଚଳାଇବା ପାଇଁ ଅତ୍ୟନ୍ତ କଷ୍ଟକର; ଯାହାକୁ ସହଜରେ ଘୁଂଚାଇ ହେବ ନାହିଁ; କ୍ରି.ବିଂ. unwieldily; ବି. unwieldiness.

**unwilling** ବି. ଅନିଚ୍ଛୁକ ।

**unwind** କ୍ରି. ଚାବିଖୋଲିବା; ଗୁଡ଼ା ହୋଇଥିବା ବସ୍ତୁକୁ ଫିଟାଇବା; *କ.ଭା.* ଉତ୍ତେଜନାମୁକ୍ତ ହେବା ।

**unwinking** ବିଂ. ଅପଲକ, ନିର୍ନିମେଷ; ସତର୍କ ଦୃଷ୍ଟି ସହ ।

**unwise** ବିଂ. ଅଜ୍ଞ, ନିର୍ବୋଧ, ଅବିବେକୀ; କ୍ରି.ବିଂ. unwisely.

**unwished** ବି. ଇଚ୍ଛା କରାଯାଇନଥିବା; ଅନିଚ୍ଛିତ, ଅବାଂଛିତ ।

**unwitting** ବିଂ. ଅଜାଣତରେ କରାଯାଇଥିବା; ଉଦ୍ଦେଶ୍ୟହୀନ, ଅସଚେତନ; କ୍ରି.ବିଂ. unwittingly.

**unwonted** ବିଂ. ରୀତି ବା ଚଳଣି ଅନୁସାରେ ହୋଇନଥିବା; ଅସ୍ୱାଭାବିକ ।

**unworkmanlike** ବିଂ. ଅକୁଶଳୀ ଭାବରେ ବା ଅନାଡ଼ି ଭାବରେ କରାଯାଇଥିବା ।

**unwordly** ବି. ଅସାଂସାରିକ; ସାଂସାରିକ ଜ୍ଞାନହୀନ; ସଂସାରବିମୁଖ, ଆଧାତ୍ମିକ; ବିଂ. unworldliness.

**unworn** ବିଂ. ଅପରିହିତ; ବ୍ୟବହାର ବା ପରିଧାନ ଦ୍ୱାରା ଖରାପ ଅବସ୍ଥାକୁ ଆସି ନଥିବା ।

**unworried** ବିଂ. ବିବ୍ରତ ହେଉନଥିବା; ଶାନ୍ତ ।

**unworthy** ବିଂ. ଅଯୋଗ୍ୟ, ଅନୁପଯୁକ୍ତ; କ୍ରି.ବିଂ. unworthily; ବି. unworthiness.

**unwound** କ୍ରି. windର *ଅ.କା., ଅ.କ୍ରି.ଜ.ପ.* ।

Digitized by srujanika@gmail.com

**unwrap** କ୍ରି. ଖୋଳ ପ୍ରଭୃତି ଫିଟାଇବା; ଆବରଣମୁକ୍ତ କରିବା; ଖୋଲିବା।

**unwritten** ବି. ଅଲିଖିତ, ମୌଖିକ; ଦୃଷ୍ଟାନ୍ତ, ପ୍ରଥା ବା ପରଂପରା ଦ୍ୱାରା ପ୍ରତିଷ୍ଠିତ ଏବଂ ସ୍ୱୀକୃତ କିନ୍ତୁ ବିଧିବ୍ୟବସ୍ଥାରେ ଲିପିବଦ୍ଧ ହୋଇନଥିବା।

**unyielding** ବିଂ. ଅନମନୀୟ, ଜିଦ୍‌ଖୋର, ଅବାଧ; ଦୃଢ଼, ହାର୍ ମାନୁନଥିବା।

**unyoke** କ୍ରି. ଯୁଆଳିରୁ ଫିଟାଇଦେବା, କାମବନ୍ଦ କରିଦେବା।

**unzip** କ୍ରି. (ପୋଷାକ ପ୍ରଭୃତିରୁ) ଜିପ୍ ଫିଟାଇ ଦେବା;ଜିପ୍ ଖୋଲିବା।

**up** 1. କ୍ରି.ବିଂ. ଉପରେ, ଉର୍ଦ୍ଧ୍ୱରେ, ଉପରକୁ, ଉର୍ଦ୍ଧ୍ୱକୁ, ଉଚ୍ଚକୁ; ଠିଆ ବା ସିଧାଭାବରେ, ନିଦ୍ରୋତ୍ଥିତ ଅବସ୍ଥାରେ, କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ବା ସ୍ଥାନରେ, ପର୍ଯ୍ୟନ୍ତ, ସମ୍ପୂର୍ଣ୍ଣଭାବରେ, ସମାପ୍ତି ପର୍ଯ୍ୟାୟରେ; 2. *ଅ.* ଉପରେ, ଉପରକୁ, ମଧ୍ୟଦେଇ, ଭିତରେ, ଭିତରକୁ, ତଳୁ ଉପର ପର୍ଯ୍ୟନ୍ତ; 3. ବିଂ. ଉପରକୁ ଯାଇଥିବା; 4. ରାଜଧାନୀ ବା କେନ୍ଦ୍ରୀୟ ନଗରୀକୁ ଯାଉଥିବା (up train); 4. କ୍ରି. ହଠାତ୍ ଉଠିବା; 5. ବି. ସୌଭାଗ୍ୟର ସମୟ; be all up with ନୈରାଶ୍ୟଜନକ ଅବସ୍ଥା; on the up (up and up) *କ.ଭା.* କ୍ରମଶଃ ଉନ୍ନତ ହେଉଥିବା; up against ନିକଟସ୍ଥ; ସମ୍ପର୍କରେ ଆସିଥିବା; *କ.ଭା.* ସମ୍ମୁଖୀନ ହେବା; up and about (doing) କାର୍ଯ୍ୟତତ୍ପର ହେବା; କାର୍ଯ୍ୟରେ ମନ ଦେବା, ଶେଯରୁ ଉଠି କାମ ଆରମ୍ଭ କରିବା; up and down ଏପାଖ ସେପାଖ; ଆଗପଛ, ଇତସ୍ତତଃ, ବିଭିନ୍ନ ଶାରୀରିକ ଅବସ୍ଥାଦେଇ; up for ବିଚାର କରାଯାଉଥିବା; ଉପଲବ୍ଧ (up for sale); up to ପର୍ଯ୍ୟନ୍ତ; ନିମ୍ନ; ସମାନ; ନିର୍ଭରଶୀଳ (up to you); ଯୋଗ୍ୟ; କୌଣସି କାର୍ଯ୍ୟରେ ବ୍ୟସ୍ତ।

**up–** *ପୂ.ପ୍ର.* ଉଠିବା ଅର୍ଥରେ କ୍ରିୟା ବିଶେଷଣ ରୂପେ କ୍ରିୟାପଦ ସହିତ ଯୁକ୍ତ (update, upcurved); ସମ୍ବନ୍ଧସୂଚକ ଅବ୍ୟୟ ପଦ ରୂପେ ବିଶେଷ୍ୟ ସହିତଯୁକ୍ତ ହୋଇ ବିଶେଷଣ ଓ କ୍ରିୟା ବିଶେଷଣ ରୂପେ (upstream, uphill); ବିଶେଷ୍ୟପଦ ସହିତ ଯୁକ୍ତହୋଇ ବିଶେଷଣ ରୂପେ; (upland, upstroke) ନିଷ୍ପନ୍ନ ହୋଇଥାଏ।

**up–and–coming** ବିଂ. *କ.ଭା.* ଉନ୍ନତି କରୁଥିବା ବା ପ୍ରତିଶ୍ରୁତିବାନ।

**up–and–over** ବିଂ. ଉପରକୁ ଟେକି ପଛକୁ ଠେଲିଲେ ଖୋଲୁଥିବା (ଦ୍ୱାର ପ୍ରଭୃତି)।

**upbeat** 1. ବି. *ସଂଗୀତ* ସ୍ୱରାଘାତହୀନ ତାଳ ବିଶେଷ; 2. ବିଂ. ଆଶାବାଦୀ, ପ୍ରଫୁଲ୍ଲଚିତ୍ତ।

**upbraid** କ୍ରି. ତିରସ୍କାର କରିବା; ଭର୍ତ୍ସନା କରିବା।

**upbringing** ବି. (ଶିଶୁର) ଲାଳନପାଳନ, ଶିକ୍ଷାଦାନ।

**up–country** କ୍ରି.ବିଂ. ସମୁଦ୍ରକୂଳରୁ ଦୂରବର୍ତ୍ତୀ, ଦେଶର ଅଭ୍ୟନ୍ତରସ୍ଥ (ଭୂଭାଗ)।

**upcurved** ବିଂ. ଉପରକୁ କୁଞ୍ଚିତ।

**update** 1. କ୍ରି. (କାର୍ଯ୍ୟ, ହିସାବପତ୍ର ପ୍ରଭୃତି) ଆଜିର ତାରିଖ ପର୍ଯ୍ୟନ୍ତ ସଂପୂର୍ଣ୍ଣ କରିବା; 2. ବି. ସାଂପ୍ରତିକ ବା ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଉପଲବ୍ଧ ତଥ୍ୟ, ଜ୍ଞାନ ପ୍ରଭୃତି।

**up–end** କ୍ରି. ଶେଷଭାଗରୁ ବସାଇବା ବା ଠିଆ କରିବା।

**upfield** କ୍ରି.ବିଂ. ପଡ଼ିଆର ଅପେକ୍ଷାକୃତ ଦୂରବର୍ତ୍ତୀ ଅଂଶ; ପ୍ରତିଯୋଗୀ-ପାର୍ଶ୍ୱ ନିକଟବର୍ତ୍ତୀ।

**upfront** *କ.ଭା.* 1. କ୍ରି.ବିଂ. ( *ସା.* up front); ସାମ୍ନାରେ, ସମ୍ମୁଖଭାଗରେ; ଆଗତୁରା (ପଇଠ କରାଯାଇଥିବା ଦେଣା); ବଇନା; 2. ବିଂ. ସାଧୁ, ସ୍ପଷ୍ଟବାଦୀ; ସାଦାସିଧା; ସିଧାସଳଖ; ଆଗତୁରା ଦିଆଯାଇଥିବା (ଟଙ୍କାପଇସା)।

**upgrade** କ୍ରି. ପଦପଦବୀରେ ଉପରକୁ ଉଠିବା; (ଯନ୍ତ୍ରପାତି) ଉନ୍ନତତର କରିବା; ବି. upgradation.

**upheaval** ବି. ଆକସ୍ମିକ, ଭୟଂକର ବା ବିପୁଳ ପରିବର୍ତ୍ତନ (ଭୂପୃଷ୍ଠର) ଉତ୍‌ଥାନ।

**uphill** 1. କ୍ରି.ବିଂ. ଉଠାଣି ଉପରକୁ; 2. ବିଂ. ଉଠାଣିଆ; କଷ୍ଟସାଧ, ଦୁରୂହ।

**uphold** କ୍ରି. (ନିର୍ଣ୍ଣୟ,ରାୟ ପ୍ରଭୃତିର) ସମର୍ଥନ କରିବା; ଅନୁମୋଦନ କରିବା; (ପରଂପରା ପ୍ରଭୃତି) ପାଳନ କରିବା; ବି. upholder.

**upholster** କ୍ରି. ଚୌକି, ସୋଫା ପ୍ରଭୃତିରେ ଗଦି ଲଗାଇବା।

**upholsterer** ବି. ଚୌକିପ୍ରଭୃତିର ଗଦି ଇତ୍ୟାଦି ଲଗାଇବା ଯାହାର ବ୍ୟବସାୟ।

**upholstery** ବି. ଆସବାବପତ୍ରର ଗଦି, ସ୍ପ୍ରିଙ୍ଗ, ଘୋଡ଼ଣି ପ୍ରଭୃତି; ଏଗୁଡ଼ିକର କାରବାର।

Digitized by srujanika@gmail.com

**upkeep** ବି. ରକ୍ଷଣାବେକ୍ଷଣ; ସେଥିପାଇଁ ଆବଶ୍ୟକ ଖର୍ଚ୍ଚ ବା ସାଧନ।

**upland** 1. ବି. ଉଚ୍ଚଭୂମି, ମାଳଭୂମି, ଦେଶର ମଧ୍ୟସ୍ଥଳରେ ସ୍ଥିତ ଭୂଭାଗ; 2. ବିଂ. ସେହି ଅଞ୍ଚଳ ସଂବଧୀୟ।

**uplift** 1. କ୍ରି. ଉପରକୁ ଉଠାଇବା; ଉନ୍ନତ କରିବା, ଉନ୍ନତ ଅବସ୍ଥାକୁ ନେବା; 2. ବି. କ.ଭା. ଉନ୍ନତି ପାଇଁ ପ୍ରଭାବ; ଆବକ୍ଷ ମୂର୍ତ୍ତି ପ୍ରଭୃତି ପାଇଁ ଢ଼ିରା।

**upmost** ଦ୍ର. uppermost.

**upon** ଅ. =on.

**upper**[1] 1. ବିଂ. ଉଚ୍ଚତର ସ୍ଥାନସ୍ଥ; ଉଚ୍ଚରେ, ଊର୍ଦ୍ଧ୍ୱତର; ଶ୍ରେଷ୍ଠତର, ଅନ୍ୟଠାରୁ ଉଚ୍ଚରେ ସ୍ଥିତ, ପଦରେ ତଥା ସମ୍ମାନରେ ଉଚ୍ଚ; 2. ବି. ଜୋତାର ଉପରଅଂଶ; on ones uppers କ.ଭା. ଟଙ୍କା ପଇସାର ଘୋର ଅଭାବ।

**upper**[2] ବି. ସା.ପ୍ର. ଏମ୍ଫିଟାମାଇନ୍ ବା ସେଭଳି ଅନ୍ୟ ସ୍ନାୟୁଉତ୍ତେଜକ ଭେଷଜ ବସ୍ତୁ।

**uppercase** ବି. ବଡ଼ ହରଫ ବା କେପିଟାଲ୍ ଅକ୍ଷର ।

**uppercrust** ବି. କ.ଭା. ଅଭିଜାତ ବା ସଂଭ୍ରାନ୍ତ ଶ୍ରେଣୀ।

**upper-cut** କ୍ରି. ହାତ ବଙ୍କେଇ ଉପର ଆଡ଼କୁ ଆଘାତ କରିବା।

**upper hand** ବି. ଆଧିପତ୍ୟ, ନିୟଂତ୍ରଣ।

**Upper House** ବି. ସଂସଦର ଉଚ୍ଚତର ସଭା (ଯଥା, ଭା. ରାଜ୍ୟସଭା, ଇଂ. the House of Lords).

**uppermost** ବିଂ. (upmost ମଧ) 1. ବିଂ. ଊର୍ଦ୍ଧ୍ୱତମ, ସର୍ବୋଚ୍ଚ, ପ୍ରଧାନ; 2. କ୍ରି.ବିଂ. ଶୀର୍ଷ ସ୍ଥାନରେ।

**uppish** ବିଂ. କ.ଭା. ଆତ୍ମବଡ଼ିମାପୂର୍ଣ୍ଣ, ଅହଙ୍କାରୀ, ଉଦ୍ଧତ।

**uppity** ବିଂ. କ.ଭା. =uppish.

**upright** 1. ବିଂ. ସଳଖ, ଠିକ୍ ସିଧା, ସମ୍ମାନନୀୟ; ସତ୍; ନ୍ୟାୟ ପରାୟଣ; 2. ବି. ସଳଖ ଖୁଣ୍ଟି, ଢ଼ିରା, ଠେସ ବା ଅବଲମ୍ବନ।

**uprising** ବି. ବିଦ୍ରୋହ, ମେଳି।

**uproar** ବି. ପାଟିତୁଣ୍ଡ; କୋଳାହଳ, ଗୋଳମାଳ, ଉତ୍ତେଜନା, ଆଲୋଡ଼ନ।

**uproarious** ବିଂ. ଅତ୍ୟନ୍ତ କୋଳାହଳପୂର୍ଣ୍ଣ; ପ୍ରଚଣ୍ଡ ହସ ସୃଷ୍ଟି କରୁଥିବା (କଥା, ଘଟଣା); ଭାରି ମଜାଦାର ବା ହାସ୍ୟୋଦ୍ଦୀପକ; କ୍ରି.ବିଂ. uproariously.

**uproot** କ୍ରି. ଉପାଡ଼ିବା; ମୂଳୋତ୍ପାଟନ କରିବା; ବାସସ୍ଥାନରୁ ଉଚ୍ଛେଦ କରିବା, ସମୂଳେ ଧ୍ୱଂସ କରିବା।

**uprush** ବି. ଊର୍ଦ୍ଧ୍ୱମୁଖୀ ଧାବନ; ଉପରକୁ ଦଉଡ଼।

**ups–a–daisy** ବିଂ. ଦ୍ର. upsy–daisy.

**ups and downs** ବି. ବ.ବ. ଉତ୍ଥାନ-ପତନ; ମିଶ୍ରିତ ଜୀବନଧାରା ବା ଭାଗ୍ୟ।

**upset** 1. କ୍ରି. (ଅକା. ଅ.କ୍ରି.କ.ପ. upset) ବିଗିଡ଼ିଯିବା, ଓଲଟାଇଦେବା; 2. ବି. ବିପର୍ଯ୍ୟୟ, ଅପ୍ରତ୍ୟାଶିତ ଫଳ; ମାନସିକ ବା ଶାରୀରିକ ଅସୁସ୍ଥତା; 3. ବିଂ. ବିପର୍ଯ୍ୟସ୍ତ; ଅବ୍ୟବସ୍ଥିତ।

**upshot** ବି. ପରିଣତି, ଫଳ, ଉପସଂହାର।

**upside down** କ୍ରି.ବିଂ. ଉପରପାଖ ତଳକୁ କରି; ଓଲଟାଇ; ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଭାବରେ।

**upsilon** ବି. ଗ୍ରୀକ୍ ବର୍ଣ୍ଣମାଳାର ବିଂଶତିତମ ଅକ୍ଷର (Y, ).

**upstage** 1. ବିଂ. କ୍ରି.ବିଂ. ରଙ୍ଗମଂଚର ପଛପାଖରେ; 2 କ୍ରି. ଅନ୍ୟ ଅଭିନେତାକୁ ସୁଯୋଗ ଦେବା ନିମନ୍ତେ ମଂଚର ପଛପଟକୁ ଚାଲିଯିବା।

**upstairs** 1. କ୍ରି.ବିଂ. ଉପର ମହଲାରେ; ଉପରମହଲାକୁ; 2. ବି. ଉପର ମହଲା।

**upstanding** ବିଂ. ସିଧାସଳଖ; ସୁସ୍ଥ ଓ ସବଳ; ସାଧୁ।

**upstart** 1. ବି. ନିକଟରେ ସଫଳତା ହାସଲ କରିଥିବା ଉଦ୍ଧତ ବ୍ୟକ୍ତି; 2. ବିଂ. ଉଦ୍ଧତ; ନବ୍ୟ-ସଫଳ ବ୍ୟକ୍ତି ସଂବଧୀୟ।

**upstate** ଆମେ. 1. ବି. ଦେଶର ଦୂରବର୍ତ୍ତୀ ଅଞ୍ଚଳ (ବିଶେ. ଉତ୍ତରାଞ୍ଚଳ); 2. କ୍ରି.ବିଂ. ସେହି ଅଂଚଳରେ; ସେହି ଅଞ୍ଚଳକୁ।

**upstream** ବିଂ. କ୍ରି.ବିଂ. ସ୍ରୋତର ବିପରୀତ ଦିଗରେ, ଉଜାଣି।

**upstroke** ବି. ଉପର ଆଡ଼କୁ ଟାଣି ଲେଖାଯାଇଥିବା ଅକ୍ଷର।

**upsurge** ବି. ଉଲ୍ଲାସ; ହଠାତ୍ ଊର୍ଦ୍ଧ୍ୱମୁଖୀ ଗତି।

**upswept** ବିଂ. ଉପର ଆଡ଼କୁ କୁଣ୍ଡାଯାଇଥିବା; ଉପର ଟେରି (କେଶ)।

Digitized by srujanika@gmail.com

**upswing** ବି. ଊର୍ଦ୍ଧ୍ୱଗାମୀ ପ୍ରବୃତ୍ତି ।

**upsy-daisy** *ଅବ.* ପଡ଼ିଯାଇଥିବା ପିଲାକୁ ତଳୁ ଉଠାଇଥିବା ସମୟରେ କଥିତ ଉତ୍ସାହବାକ୍ୟ ।

**uptake** ବି. *କ.ଭା.* ବୁଝାମଣା; ପ୍ରସ୍ତାବ, (ଯଚାଯାଇଥିବା ବସ୍ତୁ) ଗ୍ରହଣ ।

**upthrust** ବି. ଊର୍ଦ୍ଧ୍ୱଗ ବିସ୍ଫୋରଣ ବା ଧକ୍କା, ଭୂପୃଷ୍ଠର କିଛି ଅଂଶର ଊର୍ଦ୍ଧ୍ୱ ଅପସାରଣ ।

**uptight** ବିଂ. *କ.ଭା.* କ୍ରୋଧାନ୍ୱିତ; ଉତ୍ତେଜିତ; *ଆମେ.* ନୈତିକ ଭାବେ ପରଂପରାବାଦୀ; ରୂଢ଼ିବାଦୀ ।

**uptown** *ଆମେ.* 1. ବିଂ. ସହରର ଜନବସତି ଥିବା ଅଞ୍ଚଳ ସଂପର୍କିତ; 2. କ୍ରି.ବିଂ. ଏହି ଅଂଚଳରେ; 3. ବି. ସହରର ଜନବସତିପୂର୍ଣ୍ଣ ଅଂଶ ।

**upturn** 1. ବି. ଊର୍ଦ୍ଧ୍ୱ ଗତି, ଉନ୍ନତି; 2. କ୍ରି. ଓଲଟାଇ ଦେବା; ଓଲଟପାଲଟ କରିବା ।

**upward** (upwards ମଧ୍ୟ) 1. କ୍ରି.ବିଂ. ଉପରଆଡ଼କୁ; ଉପରକୁ, ଉଚ୍ଚରେ; ଅଧିକ ଗୁରୁତ୍ୱପୂର୍ଣ୍ଣ, ଉପରିସ୍ଥ; 2. ବିଂ. ଊର୍ଦ୍ଧ୍ୱଗାମୀ; ଉପର ଆଡ଼କୁ ଯାଉଥିବା ବା ପ୍ରସାରିତ ହେଉଥିବା; upwards of (କୌଣସି ପରିମାଣଠାରୁ) ଅଧିକ (upwards of thirty); କ୍ରି.ବିଂ. upwardly.

**upwind** ବିଂ. କ୍ରି.ବିଂ. ବାୟୁସ୍ରୋତର ବିପରୀତରେ ।

**uranium** ବି. ୟୁରାନିୟମ୍, ତେଜସ୍କ୍ରିୟ ଗୁଣସମ୍ପନ୍ନ ଧୂସର ରଂଗର ଧାତବ ପଦାର୍ଥ ବିଶେଷ (ପରମାଣବିକ ଶକ୍ତିର ଉତ୍ସ) ।

**urban** ବିଂ. ସହରରେ ଅବସ୍ଥିତ ବା ବାସକରୁଥିବା, ସହରୀ ।

**urbane** ବିଂ. ଭଦ୍ର, ସଭ୍ୟ, ମାର୍ଜିତ; ବି. urbanity.

**urban guerrilla** ବି. ସହରାଂଚଳରେ କ୍ରିୟାଶୀଳ ଆତଙ୍କବାଦୀ ।

**urbanize** କ୍ରି. ( ବିଶେ. ଗ୍ରାମ୍ୟଜୀବନକୁ) ସହରୀ ଜୀବନରେ ପରିଣତ କରିବା; ବି. urbanization.

**urchin** ବି. ଦୁଷ୍ଟ, ଦରିଦ୍ର ପିଲା ।

**ure–** *ପ.ପ୍ର.* ବିଶେଷ୍ୟପଦ ନିଷ୍ପନ୍ନକାରୀ ପ୍ରତ୍ୟୟ (censure, creature, seizure).

**urea** ବି. ( ବିଶେ. ମୂତ୍ରରେ ଥିବା) ଦ୍ରବଣୀୟ ଯବକ୍ଷାରଜାନ ଘଟିତ ରାସାୟନିକ ଯୌଗିକ, ୟୁରିଆ ।

**ureter** ବି. ବୃକ୍କ ପ୍ରଣାଳୀ, ବୃକ୍କଠାରୁ ମୂତ୍ରାଶୟକୁ ମୂତ୍ରବାହୀନଳୀ ।

**urethra** ବି. ମୂତ୍ରାଶୟଠାରୁ ବାହାରିଥିବା ମୂତ୍ରବାହୀ ନଳୀ; ପରିସ୍ରାପଥ ।

**urge** 1. କ୍ରି. ଆଗକୁ ଅଗ୍ରସର କରାଇବା; ଆଗକୁ ଯିବା ପାଇଁ ଚାପ ପକାଇବା; ତ୍ୱରାନ୍ୱିତ କରିବା; ଅତ୍ୟଧିକ ଉତ୍ସାହିତ କରିବା; ଉତ୍ତେଜିତ କରିବା; ଅନୁନୟ କରିବା, ଚାପ ପକାଇବା; 2. ବି. ବଳବତୀ ଇଚ୍ଛା; ପ୍ରେରଣା ।

**urgent** ବିଂ. ଜରୁରୀ, ଗୁରୁତ୍ୱପୂର୍ଣ୍ଣ, ଅତ୍ୟାବଶ୍ୟକ; ବି. urgency; କ୍ରି.ବିଂ. urgently.

**uric** ବିଂ. ମୂତ୍ରର ।

**uric acid** ବି. ମୂତ୍ରସ୍ଥ ଉପାଦାନ ବିଶେଷ ।

**urinal** ବି. ମୂତ୍ରପାତ୍ର; ମୂତ୍ରାଗାର, ମୂତ୍ରଖାନା; ପରିସ୍ରାଗାର ।

**urinary** ବିଂ. ମୂତ୍ର ସମ୍ବନ୍ଧୀୟ; ମୂତ୍ରର ।

**urinate** କ୍ରି. ପରିସ୍ରା କରିବା, ମୂତ୍ରତ୍ୟାଗ କରିବା; ବି. urination.

**urine** ବି. ମୂତ୍ର, ପ୍ରସ୍ରାବ, ପରିସ୍ରା ।

**urn** ବି. ମୃତଦେହର ଭସ୍ମ ରଖିବାର ପାତ୍ର; ଭସ୍ମାଧାର; ଚା, କଫି ପ୍ରଭୃତି ଗରମ ରଖିବାର ବା ପ୍ରସ୍ତୁତ କରିବାର ପାତ୍ର ବିଶେଷ ।

**urogenital** ବିଂ. ମୂତ୍ର ଏବଂ ପ୍ରଜନନ ପ୍ରଣାଳୀ ସମ୍ବନ୍ଧୀୟ ।

**urology** ବି. ମୂତ୍ର ପ୍ରଣାଳୀ ସମ୍ବନ୍ଧୀୟ ବିଦ୍ୟା; ମୂତ୍ରବିଜ୍ଞାନ ।

**Ursa Major** ବି. (Great Bear ମଧ୍ୟ) ସପ୍ତର୍ଷି ମଣ୍ଡଳ ନାମରେ ପରିଚିତ ସାତଟି ନକ୍ଷତ୍ର ।

**Ursa Minor** ବି. (Little Bear ମଧ୍ୟ) ଉତ୍ତର ଆକାଶର ନକ୍ଷତ୍ରପୁଞ୍ଜ ।

**ursine** ବିଂ. ଭାଲୁ ସଦୃଶ; ଭାଲୁର; ଭାଲୁ ସଂବଧୀୟ ।

**US** *ସଂଖ.* United States ଯୁକ୍ତରାଷ୍ଟ୍ର (ଆମେରିକା) ।

**us** ସ. ଆମକୁ; *କ.ଭା.* ଆମେମାନେ, ମୋତେ ।

**USA** *ସଂଖ.* United States of America ଯୁକ୍ତରାଷ୍ଟ୍ର ଆମେରିକା ।

Digitized by srujanika@gmail.com

**usable** ବିଂ. ବ୍ୟବହାରଯୋଗ୍ୟ।

**usage** ବି. ବ୍ୟବହାରରୀତି ବା ପ୍ରଣାଳୀ; ବ୍ୟବହାର, (ଭାଷାର) ପ୍ରୟୋଗ ବିଧି।

**use** କ୍ରି. ବ୍ୟବହାର କରିବା; କାମରେ ଲଗାଇବା; ପ୍ରୟୋଗ କରିବା; ଉପଯୋଗୀ କରିବା; ବ୍ୟୟ କରିବା; ଗ୍ରାସ କରିବା, ଖର୍ଚ୍ଚ କରିବା, ଅପଚୟ କରିବା; ଶେଷ କରିବା; କ୍ଷୟ କରିବା; ଅଭ୍ୟସ୍ତ ହେବା; 2. ବି. ବ୍ୟବହାର, ଉପଯୋଗ, ବ୍ୟବହାର କରିବାର କ୍ଷମତା ବା ଶକ୍ତି; ଲାଭ, ଫାଇଦା; ଚଳଣି; have no use for ଆବଶ୍ୟକତା ନଥିବା; ଘୃଣା, ଅନାଦର; in use ବ୍ୟବହାରରେ ଆସୁଥିବା; make use of ବ୍ୟବହାର କରିବା; ଫାଇଦା ଉଠାଇବା; out of use ବ୍ୟବହାରରେ ଆସୁନଥିବା; ଅବ୍ୟବହୃତ; use up ସଂପୂର୍ଣ୍ଣ ଶେଷ କରିଦେବା; (ବିଶେ. ବଳିଯାଇଥିବା ପଦାର୍ଥକୁ) କାମରେ ଲଗାଇବା।

**used** ବିଂ. ବ୍ୟବହୃତ; ପୁରୁଣା; ଅଭ୍ୟସ୍ତ।

**useful** ବିଂ. ଦରକାରୀ; କାମିକା; ଉପାଦେୟ; ଫଳପ୍ରସୂ, ଉପକାରୀ, ଲାଭଜନକ; କାର୍ଯ୍ୟଦକ୍ଷ, ନିପୁଣ; make oneself useful ସାହାଯ୍ୟ କରିବା; କାମରେ ଆସିବା; କ୍ରି.ବିଂ. usefully; ବିଂ. usefulness.

**useless** ବିଂ. ଅଦରକାରୀ, ଅନୁପଯୋଗୀ; ବାଜେ; କ.ଭା. ଦୁର୍ବଳ, କାର୍ଯ୍ୟକ୍ଷମତାହୀନ; କ୍ରି.ବିଂ. uselessly; ବି. uselessness.

**user** ବି. ବ୍ୟବହାରକାରୀ।

**user–friendly** ବିଂ. ବ୍ୟବହାର କରିବାପାଇଁ ସହଜ (କଂପ୍ୟୁଟର ପ୍ରଭୃତି)।

**usher** 1. ବି. ଗାର୍ଡ଼, ପ୍ରେକ୍ଷାଳୟ ପ୍ରଭୃତରେ ଯେ ଲୋକଙ୍କୁ ଆସନ ଦେଖାଇଦିଏ; ଅଦାଲତର ଦ୍ୱାର ରକ୍ଷକ; ବିଶିଷ୍ଟ ବ୍ୟକ୍ତି ସମ୍ମୁଖରେ ଚାଲୁଥିବା ବ୍ୟକ୍ତି; 2. ବି. ସମ୍ମାନର ସହ ଯଥାସ୍ଥାନରେ ପହଞ୍ଚାଇଦେବା; (ଆଗମନ) ଘୋଷଣା କରିବା; ବାଟ ଦେଖାଇଦେବା (ସ୍ତ୍ରୀ usherette)।

**USSR** ସଂକ୍ଷି. ଜତି. Union of Soviet Socialist Republics ସୋଭିଏତ୍ ସମାଜବାଦୀ ଗଣରାଜ୍ୟ।

**usual** ବିଂ. ସାଧାରଣ, ସ୍ୱାଭାବିକ; ଅଭ୍ୟାସଗତ; ରୀତିସମ୍ମତ; ପ୍ରଥାଗତ; ବ୍ୟକ୍ତିର ସାଧାରଣତଃ ପାନ କରୁଥିବା (ପାନୀୟ); as usual ପୂର୍ବଭଳି, ସବୁଥର ଭଳି; କ୍ରି.ବିଂ. usually.

**usurer** ବିଂ. ମହାଜନ; ଅତ୍ୟଧିକ ସୁଧରେ ଟଙ୍କା ଋଣ ଦେଉଥିବା ବ୍ୟକ୍ତି; ସୁଧଖୋର।

**usurious** ବିଂ. ମହାଜନୀରେ ଲିପ୍ତ; ଅତ୍ୟଧିକ ସୁଧଗ୍ରହଣକାରୀ (ଋଣଦାତା)।

**usurp** କ୍ରି. (ସିଂହାସନ, କ୍ଷମତା ପ୍ରଭୃତି) ଅନ୍ୟାୟଭାବେ ଅଧିକାର କରିବା; ବି. usurpation; ବି. usurper.

**usury** ବି. ମହାଜନୀ କାରବାର; ଅତିରିକ୍ତ ସୁଧରେ ଋଣଦାନ, ଚକ୍ରବୃଦ୍ଧି ସୁଧ।

**utensil** ବି. ବାସନକୁସନ; ରଂଧନପାତ୍ର।

**uterine** ବିଂ. ଜରାୟୁ ବା ଗର୍ଭାଶୟ ସମ୍ବନ୍ଧୀୟ।

**uterus** ବି. ବ.ବ. uteri ଜରାୟୁ, ଗର୍ଭାଶୟ।

**utilitarian** 1. ବିଂ. ଦ. ଉପଯୋଗିତାବାଦୀ; ଉପଯୋଗୀ ବା ବ୍ୟବହାରକ୍ଷମ ହେବାପାଇଁ ଉଦ୍ଦିଷ୍ଟ; ଅତି ମାତ୍ରାରେ ବ୍ୟାବହାରିକ; 2. ବି. ଦ. ଉପଯୋଗିତାବାଦୀ ବ୍ୟକ୍ତି।

**utilitarianism** ବି. ଦ. ଉପଯୋଗିତାବାଦ; ଯଦି ସଂଖ୍ୟାଧିକ ଲୋକଙ୍କ ହିତ ବା ସୁବିଧା ଉଦ୍ଦେଶ୍ୟରେ କରାଯାଇଛି ତେବେ ସେହି କାର୍ଯ୍ୟ ଠିକ୍- ଏହି ମତବାଦ।

**utility** 1. ବି. ଉପଯୋଗିତା; ଉପକାରିତା; ଉପଯୋଗୀ ବା ସୁବିଧାଜନକ ବସ୍ତୁ; 2. ବିଂ. ଅତ୍ୟନ୍ତ ବାସ୍ତବଧର୍ମୀ।

**utility room** ବି. ଗୃହୋପକରଣ ପାଇଁ କୋଠରୀ।

**utility vehicle** ବି. ବିଭିନ୍ନ କାର୍ଯ୍ୟରେ ଉପଯୋଗୀ ଯାନ।

**utilize** କ୍ରି. କାର୍ଯ୍ୟରେ ଲଗାଇବା, ଉପଯୋଗ କରିବା; ବ୍ୟବହାର କରିବା; ବି. utilization.

**utmost** 1. ବିଂ. ଦୂରତମ; ଚରମ; ବୃହତ୍ତମ; 2. ବି. ସର୍ବୋଚ୍ଚ, ଅତ୍ୟଧିକ, ଅତିଶୟ, do one's utmost ଯଥାସମ୍ଭବ ବା ଯଥାସାଧ୍ୟ କରିବା।

**Utopia** ବି. କାଳ୍ପନିକ ଆଦର୍ଶ ସ୍ଥାନ ବା ଅବସ୍ଥା; ରାମରାଜ୍ୟ; ବିଂ. Utopian (ଟମାସ୍ ମୁର୍‌ଙ୍କ ରଚିତ ପୁସ୍ତକ *Utopia* ନାମାନୁସାରେ)।

**utricle** ବି. ପଶୁ ବା ଉଦ୍ଭିଦର କ୍ଷୀଣକୋଷ।

Digitized by srujanika@gmail.com

**utter**[1.] *ଗୁଣ* ବିଂ. ସମ୍ପୂର୍ଣ୍ଣ, ପୂର୍ଣ୍ଣ, ପୂରା; *କ୍ରି.ବିଂ.* utterly.

**utter**[2.] *କ୍ରି.* ଉଚ୍ଚାରଣ କରିବା; ଭାଷାରେ ପ୍ରକାଶ କରିବା, *ଆଇନ* ଅଚଳ ବା ଜାଲ ମୁଦ୍ରା ଚଳାଇବା ।

**utterance** ବି. ଉଚ୍ଚାରଣ; ଉଚ୍ଚାରଣ ରୀତି; ଉଚ୍ଚାରିତ ଶବ୍ଦ ବା କଥା ।

**uttermost** ବିଂ. ଚୂଡ଼ାନ୍ତ, ଯତ୍‌ପରୋନାସ୍ତି, ଯଥାସାଧ୍ୟ ।

**U–turn** ବି. ଅର୍ଦ୍ଧବୃତ୍ତପଥରେ ଯାନକୁ ଘୁରାଇ ବିପରୀତମୁଖୀ କରିବା; ନୀତିର ବିପରୀତମୁଖୀ ପରିବର୍ତ୍ତନ ।

**UV** *ସଂଶ.* ultraviolet ଅଲଟ୍ରାଭାୟୋଲେଟ୍ ।

**uvula** ବି. ବ.ବ. uvulae (ଗଳାର) ଘଣ୍ଟିକା; ବିଂ. uvular.

**uxorial** ବିଂ. ପତ୍ନୀର; ପତ୍ନୀସଂବଂଧୀୟ ।

**uxorious** ବିଂ. ନିଜ ପତ୍ନୀପ୍ରତି ଅତ୍ୟଧିକ ଆସକ୍ତ ।

Digitized by srujanika@gmail.com

# Vv

**V**[1.],**v** ବି. (ବ.ବ. Vs, V's; vs, v's) ଇଂରାଜୀ ବର୍ଣ୍ଣମାଳାର ଦ୍ୱାବିଂଶତମ ଅକ୍ଷର; V ଆକୃତିର ବସ୍ତୁ; ରୋମୀୟ ସଂଖ୍ୟା ୫।

**V**[2.] *ସଂଶ.* volt(s) ଭୋଲ୍‌ଟ।

**V**[3.] *ପ୍ର.* vanadium ଭାନାଡିଅମ୍।

**v** *ସଂଶ.* verse ପଦ୍ୟ; versus ବନାମ; very ଅତି; vide ଦ୍ରଷ୍ଟବ୍ୟ।

**vac** ବି. *କ.ଭା. ସଂଶ.* vacation ଛୁଟି, ଅବକାଶ; vacuum cleaner ଭେକ୍ୟୁମ୍ କ୍ଲିନର୍।

**vacancy** ବି. ରିକ୍ତତା; ଖାଲି ବା ଶୂନ୍ୟ ସ୍ଥାନ।

**vacant** ବିଂ. ଖାଲି, ରିକ୍ତ, ଶୂନ୍ୟ; ଅନ୍ୟମନସ୍କ; ମାନସିକସ୍ତରରେ କ୍ରିୟାଶୀଳ ନ ଥିବା; ଉତ୍ସାହହୀନ; *କ୍ରି.ବିଂ.* vacantly.

**vacant possession** ବି. କେହି ଦଖଲକାର ନଥିବା ଅବସ୍ଥାରେ (ଘର ପ୍ରଭୃତି) ଦଖଲ କରିବା।

**vacate** *କ୍ରି.* ଖାଲି କରିଦେବା; ଛାଡ଼ିଦେବା; ଶୂନ୍ୟ କରିବା; କର୍ମତ୍ୟାଗ କରିବା; ଘର ଖାଲି କରିବା।

**vacation** 1. ବି. ଅବକାଶ, ଛୁଟି, ବିଶ୍ୱବିଦ୍ୟାଳୟ ପ୍ରଭୃତିର ନିୟମିତ ଅବକାଶ କାଳ; 2. *କ୍ରି. ଆମେ.* ଛୁଟି ନେବା, ଅବକାଶ ଯାପନ ପାଇଁ ଯିବା।

**vaccinate** *କ୍ରି.* କୌଣସି ରୋଗର ପ୍ରତିଷେଧକ ଟୀକା ଦେବା; ବି. vaccination, vaccinator.

**vaccine** ବି. ଗୋବୀଜ ଟୀକା; କୌଣସି ରୋଗର ପ୍ରତିଷେଧକ ଟୀକା ବା ଇଂଜେକ୍‌ସନ୍ ପାଇଁ ବ୍ୟବହୃତ ଦ୍ରବ୍ୟ।

**vacillate** *କ୍ରି.* ଇତସ୍ତତଃ ହେବା; ଦୋଦୋପାଞ୍ଚ ହେବା, କିଛି ସ୍ଥିର କରି ନପାରିବା; ବି. vacillation, vacillator.

**vacuole** ବି. ଅଙ୍ଗ ବା ଜୀବକୋଷର ବାୟୁ ବା ତରଳ ପଦାର୍ଥ ପୂର୍ଣ୍ଣ କ୍ଷୁଦ୍ର ଶୂନ୍ୟସ୍ଥାନ।

**vacuous** ବିଂ. ଉଦାସ; ଭାବହୀନ; ଚିନ୍ତା ବା ବୁଦ୍ଧିର ଅନୁପସ୍ଥିତି; ବି. vacuity; *କ୍ରି.ବିଂ.* vacuously.

**vacuum** 1. ବି. (ବ.ବ. vacuums, vacua) ଶୂନ୍ୟସ୍ଥାନ; ବାୟୁବିହୀନ ସ୍ଥାନ; ମହାଶୂନ୍ୟ; ଯେଉଁଠାରେ କିଛି ନାହିଁ; (ବ.ବ. vacuums) *କ.ଭା.* ଧୂଳିଶୋଷକଯନ୍ତ୍ର; 2. *କ୍ରି. କ.ଭା.* ଭେକ୍ୟୁମ୍ କ୍ଲିନର୍ ବା ଧୂଳିଶୋଷକ ଯନ୍ତ୍ରରେ ସଫା କରିବା।

**vacuum brake** ବି. ବାୟୁ ନିଷ୍କାସନ ପ୍ରଣାଳୀରେ ଚାଳିତ ବ୍ରେକ୍।

**vacuum cleaner** ବି. ଧୂଳି ପ୍ରଭୃତି ସଫା କରିବାରେ ବ୍ୟବହୃତ ଧୂଳିଶୋଷକ ଯନ୍ତ୍ର; *କ୍ରି.* vacuum-clean.

**vacuum flask** ବି. ଉତ୍ତାପ ସଂରକ୍ଷକ ବୋତଲ ବା ପାତ୍ର।

**vacuum-packed** ବିଂ. ବାୟୁ ନିଷ୍କାସନ କରି ମୁଦ ଦିଆହୋଇଥିବା।

**vacuum tube** ବି. ବିଦ୍ୟୁତ୍ ଶକ୍ତି ସଞ୍ଚରଣ ପାଇଁ ବ୍ୟବହୃତ ପ୍ରାୟ ବାୟୁଶୂନ୍ୟ ନଳୀ।

**vade-mecum** ବି. ଟିପାଖାତା, ସର୍ବଦା ସଂଗରେ ରଖିବା ଉପଯୋଗୀ କ୍ଷୁଦ୍ର ହାତବହି ବା ଖାତା।

**vagabond** 1. ବି. ବାରବୁଲା; ନିର୍ଦ୍ଦିଷ୍ଟ ବାସସ୍ଥାନହୀନ, ବାରବୁଲା ବ୍ୟକ୍ତି; 2. ବିଂ. ନିର୍ଦ୍ଦିଷ୍ଟ ବାସସ୍ଥାନ ନଥିବା, ବାରବୁଲା; ସଦା ଭ୍ରମଣଶୀଳ; ବି. vagabondage.

**vagary** ବି. ଖିଆଲ; ମର୍ଜି, ଅସ୍ୱାଭାବିକ କଳ୍ପନା।

**vagina** ବି. ବ.ବ. pl. vaginae, vaginas ଯୋନି; ସ୍ତନ୍ୟପାୟୀ ସ୍ତ୍ରୀ-ଲିଙ୍ଗ ଧାରିଣୀର ଗର୍ଭାଶୟକୁ ଯୋନିଦ୍ୱାର ସହ ସଂଯୁକ୍ତ କରୁଥିବା ପ୍ରଣାଳୀ; ବିଂ. vaginal.

**vagrant** 1. ବି. ବାସଗୃହ ବା କାମଧନ୍ଦା ହୀନ ବାରବୁଲା ଲୋକ; 2. ବିଂ. ଭ୍ରମଣକାରୀ, ବାରବୁଲା; ବି. vagrancy.

**vague** ବିଂ. ଅନିଶ୍ଚିତ, ଅସ୍ପଷ୍ଟ; ଅନିର୍ଦ୍ଦିଷ୍ଟ; ଚିନ୍ତା, ଭାବନା, କଥନ ପ୍ରଭୃତିରେ ଅସ୍ପଷ୍ଟ; *କ୍ରି.ବିଂ.* vaguely; ବି. vagueness.

**vain** ବିଂ. ଆତ୍ମଗର୍ବୀ; ନିଜ ସୌନ୍ଦର୍ଯ୍ୟ ବା ସାମର୍ଥ୍ୟ ସମ୍ପର୍କରେ ଉଚ୍ଚମତ ପୋଷଣକାରୀ; ନିରର୍ଥକ, ନିଷ୍ଫଳ, ଫମ୍ପା, ଅବାସ୍ତବ, ତୁଚ୍ଛ; in vain ବୃଥାରେ, ନିଷ୍ଫଳ; ହାଲୁକା ବା ଅସମ୍ମାନଜନକ ଭାବରେ (take her name in vain); *କ୍ରି.ବିଂ.* vainly.

Digitized by srujanika@gmail.com

**vainglory** ବି. ଦମ୍ଭ, ମିଥ୍ୟା ବଡ଼େଇ; ଆତ୍ମବଡ଼ିମା; ବିଂ. vainglorious.

**valance** ବି. (valence ମଧ) ଝର୍କା ଉପରର ଛୋଟ ପର୍ଦ୍ଦା; ପଲଂକ ଉପରର ଚାନ୍ଦୁଆ ବା ଝାଲର।

**vale** ବି. *ପ୍ରା.ପ୍ର.* ଉପତ୍ୟକା।

**valediction** ବି. ବିଦାୟ ସମ୍ଭାଷଣ; ବିଦାୟ କାଳୀନ ସଂଳାପ; ବିଂ. valedictory.

**valence**[1.] ବି. =valency.

**valence**[2.] ବି. ବିକ. valance.

**valency** ବି. ଅଣୁର ମିଶ୍ରଣଶକ୍ତି; ଭେଲେନ୍‌ସି (କେତେ ସଂଖ୍ୟକ ଉଦ୍‌ଜାନ ଅଣୁ ମିଶ୍ରିତ ହେବା ବା ଅପସାରିତ ହେବାରେ ସକ୍ଷମ, ତାହାକୁ ନେଇ ଭେଲେନ୍‌ସି ଗଣନା କରାଯାଇଥାଏ)।

**valentine** ବି. ସେଣ୍ଟ ଭେଲେଣ୍ଟାଇନ୍ ଦିବସରେ (୧୪ ଫେବୃୟାରୀ) ନିର୍ବାଚିତ ପ୍ରଣୟୀ ବା ପ୍ରଣୟିନୀ; (ଉକ୍ତ ଦିବସରେ ପ୍ରେରିତ) ପ୍ରେମପତ୍ର, ସଚିତ୍ର କାର୍ଡ଼ ପ୍ରଭୃତି।

**valerian** ବି. ସୁନ୍ଦର ପୁଷ୍ପଗୁଳ୍ମ ବିଶେଷ (*ବିଶେ.* ନିଦ୍ରାକାରକ ରୂପେ ବ୍ୟବହୃତ)।

**valet** 1. ବି. (ପୁରୁଷମାନଙ୍କ) ବ୍ୟକ୍ତିଗତ ଭୃତ୍ୟ; ସେବକ; 2. କ୍ରି. ବ୍ୟକ୍ତିଗତ ସେବକ ରୂପେ କାର୍ଯ୍ୟ କରିବା; (କାର୍) ସଫା କରିବା।

**valetudinarian** 1. ବି. ଚିରରୁଗ୍ଣ ବା କ୍ଷୀଣସ୍ୱାସ୍ଥ୍ୟ ବ୍ୟକ୍ତି; ନିଜସ୍ୱାସ୍ଥ୍ୟ ସମ୍ପର୍କରେ ସର୍ବଦା ଚିନ୍ତିତ ବ୍ୟକ୍ତି; 2. ବିଂ. କ୍ଷୀଣସ୍ୱାସ୍ଥ୍ୟ ବ୍ୟକ୍ତି ସମ୍ପର୍କରେ; ବି. valetudinarianism.

**valiant** ବିଂ. ସାହସୀ, ନିର୍ଭୀକ, ବୀରୋଚିତ; କ୍ରି.ବିଂ. valiantly.

**valid** ବିଂ. (କାରଣ ବା ପ୍ରତିବାଦ ସମ୍ପର୍କରେ) ବୈଧ, ଯୁକ୍ତିଯୁକ୍ତ, ନ୍ୟାଯ୍ୟ, ଆଇନସମ୍ମତ; ବି. validity.

**validate** କ୍ରି. ବୈଧ କରିବା, ପକ୍କା କରିବା, ବିଧିସଙ୍ଗତ କରିବା; ବି. validation.

**valise** ବି. *ଆମେ.* ଭ୍ରମଣକାରୀର ଥଳି; କ୍ଷୁଦ୍ର ହାତ ବେଗ୍।

**valley** ବି. ଉପତ୍ୟକା; ପାହାଡ଼ମାନଙ୍କର ମଧ୍ୟବର୍ତ୍ତୀ ନିମ୍ନଭୂମି ଯେଉଁଠି ସାଧାରଣତଃ ନଦୀ ବା ନାଳଟିଏ ପ୍ରବାହିତ ହେଉଥାଏ।

**valour** ବି. *ଆମେ.* valor ସାହସ, ଶୌର୍ଯ୍ୟ, ବୀରତ୍ୱ (*ବିଶେ.* ଯୁଦ୍ଧରେ); ବିଂ. valorous.

**valuable** 1. ବିଂ. ମୂଲ୍ୟବାନ୍; ଦାମୀ, ମହାର୍ଘ; 2. ବି. ମୂଲ୍ୟବାନ୍ ବସ୍ତୁ; କ୍ରି.ବିଂ. valuably.

**valuation** ବି. ମୂଲ୍ୟ ନିର୍ଦ୍ଧାରଣ; ମୂଲ୍ୟାୟନ; ମୂଲ୍ୟ ନିରୂପଣ; ମୂଲ୍ୟ ନିର୍ଦ୍ଦେଶ।

**value** 1. ବି. ମୂଲ୍ୟ, ଦାମ, ଦର; ଖୋଲା ବଜାରରେ ବିନିମୟ ମୂଲ୍ୟ; ବ୍ୟକ୍ତିର ନୀତି ବା ସମ୍ମାନବୋଧ; ମୂଲ୍ୟବୋଧ; *ସଙ୍ଗୀତ* ସ୍ୱରର ଅବଧି; *ଗଣିତ* ବୀଜଗାଣିତିକ ଟର୍ମର ମୂଲ୍ୟ ପରିମାଣ; 2. କ୍ରି. ମୂଲ୍ୟ ନିର୍ଦ୍ଧାରଣ କରିବା; ଦର ଠିକ୍ କରିବା; ଉଚ୍ଚ ମତ ବା ନିର୍ଦ୍ଦିଷ୍ଟ ମତ ପୋଷଣ କରିବା; ଗୁରୁତ୍ୱ ଦେବା।

**value judgement** ବି. ବସ୍ତୁର ଆତ୍ମନିଷ୍ଠ ମୂଲ୍ୟନିର୍ଦ୍ଧାରଣ।

**valueless** ବିଂ. ମୂଲ୍ୟହୀନ।

**valuer** ବି. ଦର ନିର୍ଦ୍ଧାରଣକାରୀ, ଦର ଠିକ୍ କରିବା ଯାହାର ପେଶା।

**valve** ବି. (ନଳ ପ୍ରଭୃତିର) କବାଟୀ, ଗ୍ୟାସ୍ ପ୍ରଭୃତି ନିୟନ୍ତ୍ରଣ କରିବା ନିମନ୍ତେ ନଳାକୃତି ଦ୍ୱାର; ଶରୀରର ଏକଅଂଶ (ଯାହାଦ୍ୱାରା ରକ୍ତ କେବଳ ଗୋଟିଏ ଦିଗକୁ ଚାଳିତ ହୁଏ); (ଶାମୁକାର) ଗୋଟିଏ ପାଖର ଖୋଳ; (ବେତାର ଯନ୍ତ୍ରରେ) ବାର୍ତ୍ତାଗ୍ରହଣ ନିମନ୍ତେ ବ୍ୟବହୃତ ନିର୍ବାତ ନଳୀ।

**valvular** ବିଂ. ଭାଲ୍‌ଭ୍ ଭଳି ବା ସମ୍ବନ୍ଧରେ।

**vamoose** କ୍ରି. *ଆମେ. ସା.ପ୍ର.* ଶୀଘ୍ର ଚାଲିଯିବା; ତରବରରେ ବିଦାୟ ନେବା।

**vamp**[1.] 1. ବି. ଜୋତାର ସାମ୍ନାପଟର ଉପରପାଖ; 2. କ୍ରି. ମରାମତି କରିବା, ତାଳି ପକାଇବା; *ସଂଗୀତ* କାମଚଳା ଭାବରେ ବାଦ୍ୟଯନ୍ତ୍ରରେ ସଂଗତ କରିବା।

**vamp**[2.] *କ.ଭା.* 1. ବି. ଯୌନ ଆକର୍ଷଣ ସାହାଯ୍ୟରେ ଯେଉଁ ସ୍ତ୍ରୀଲୋକ ପୁରୁଷକୁ ବଶକରି ଫାଇଦା ହାସଲ କରେ; 2. କ୍ରି. ପୁରୁଷକୁ ମୁଗ୍ଧକରି ଫାଇଦା ହାସଲ କରିବା।

**vampire** ବି. ସୁପ୍ତ ବ୍ୟକ୍ତିର କଥିତ ରକ୍ତଶୋଷକ ଭୂତ, ରକ୍ତପାୟୀ ପିଶାଚ; ଶୋଷକ; ଯେ ଅନ୍ୟମାନଙ୍କୁ ଶୋଷଣ କରେ।

**vampire-bat** ବି. ବିଷୁବ ମଣ୍ଡଳୀୟ (ଦ:ଆମେରିକୀୟ) ରକ୍ତଶୋଷକ ବାଦୁଡ଼ି।

**van**[1.] ବି. ଆବୃତ ପଣ୍ୟବାହୀ ଯାନ; ମାଲଗାଡ଼ି (ରେଳରେ) ଭେନ୍।

Digitized by srujanika@gmail.com

**van²** ବି. ଅଗ୍ରଗାମୀ ବ୍ୟକ୍ତି ବା ଚାଳକ; ସମ୍ମୁଖଭାଗ, ପୁରୋଭାଗ।
**vanadium** ବି. ଇସ୍ପାତ୍‌କୁ ଶକ୍ତ କରିବା ନିମନ୍ତେ ବ୍ୟବହୃତ ଧୂସର ରଙ୍ଗର ଶକ୍ତ ଧାତବ ପଦାର୍ଥ ବିଶେଷ; ଭନେଡିଅମ୍।
**Van Allen belt** ବି. (Van Allen layer ମଧ୍ୟ) ହଜାର ହଜାର କିଲୋମିଟର ଉପରେ ପୃଥିବୀକୁ ଆବୃତ କରୁଥିବା ତେଜସ୍କ୍ରିୟ ପରିମଣ୍ଡଳ ବିଶେଷ।
**vandal** ବି. ଇଚ୍ଛାକୃତ ଭାବରେ କଳାକୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ବା ଧନସମ୍ପତ୍ତି ଧ୍ୱଂସ କରୁଥିବା ବ୍ୟକ୍ତି; ବି. vandalism (Vandals ପଞ୍ଚମ ଶତାବ୍ଦୀରେ ରୋମ୍ ଅଧିକାରକରି କଳାକୃତିଗୁଡ଼ିକୁ ଧ୍ୱଂସ କରିଥିବା ଜର୍ମାନ୍ ଜାତି ବିଶେଷ)।
**vandalize** କ୍ରି. (ସମ୍ପତ୍ତି ପ୍ରଭୃତି) ଧ୍ୱଂସ ବା ନଷ୍ଟ କରିବା।
**Vandyke beard** ବିଂ. ସୁନ୍ଦରଭାବେ ବିନ୍ୟାସ କରାଯାଇଥିବା ସୂକ୍ଷ୍ମାଗ୍ର ଶ୍ମଶ୍ରୁ।
**vandyke brown** ବି. ଗାଢ ବାଦାମୀ ରଙ୍ଗ।
**vane** ବି. ବାୟୁର ଦିଗନିରୂପକ ଯନ୍ତ୍ର; ପାଣି ବା ପବନଚାଳିତ କଳର ଚଟକା ଅଂଶ ବିଶେଷ ବା ବ୍ଲେଡ୍।
**vanguard** ବି. ସେନାବାହିନୀ ବା ନୌବାହିନୀର ଅଗ୍ରଭାଗ; ଆନ୍ଦୋଳନ ପ୍ରଭୃତିର ନେତାଗଣ।
**vanilla** ବି. ବିଷୁବ ମଣ୍ଡଳୀୟ ଅର୍କିଡ୍ ଜାତୀୟ ସୁଗନ୍ଧି ପୁଷ୍ପର ଲତା; ଏହାର ଫଳ, ଏଥିରୁ ପ୍ରସ୍ତୁତ ସୁଗନ୍ଧ ନିର୍ଯ୍ୟାସ; vanilla-pod ଏହି ଲତାର ଫଳ (ଯାହାର ନିର୍ଯ୍ୟାସ ବା ସେହି ସୁଗନ୍ଧବିଶିଷ୍ଟ ସଂଶ୍ଳେଷିତ ବସ୍ତୁ ଆଇସ୍‌କ୍ରିମ୍, ଚକୋଲେଟ୍, ମିଠେଇ ପ୍ରଭୃତିକୁ ସୁଗଂଧିତ କରିବାପାଇଁ ବ୍ୟବହୃତ)।
**vanish** କ୍ରି. ଅଦୃଶ୍ୟ ହେବା, ଅନ୍ତର୍ଦ୍ଧାନ ହେବା, ଉଭେଇ ଯିବା।
**vanishing cream** ବି. ପ୍ରସାଧନ ସାମଗ୍ରୀ ବିଶେଷ।
**vanishing point** ବି. ଅପସୃୟମାନ ଦୁଇଟି ସମାନ୍ତରାଳ ରେଖା ଯେଉଁ ବିନ୍ଦୁରେ ମିଳିତ ହେବା ପରି ପ୍ରତୀତ ହୁଏ; ସଂପୂର୍ଣ୍ଣ ଅଦୃଶ୍ୟ ବା ଅନ୍ତର୍ଦ୍ଧାନର ଅବସ୍ଥା।
**vanity** ବି. ଅହମିକା; ଆତ୍ମଶ୍ଳାଘା; ଅନ୍ତଃଶୂନ୍ୟତା, ଅସାରତା, ତୁଚ୍ଛତା, ନିରର୍ଥକତା, ଅବାସ୍ତବତା; ବୃଥା ଆଡ଼ମ୍ବର।
**vanity bag** ବି. (vanity case ମଧ୍ୟ) ସ୍ତ୍ରୀମାନଙ୍କର କ୍ଷୁଦ୍ର ପ୍ରସାଧନ ଥଳି।
**vanquish** କ୍ରି. *ସାହି.* ପରାସ୍ତ କରିବା, ଜୟ କରିବା।
**vantage** ବି. (vantage point ମଧ୍ୟ) ଯେଉଁ ସ୍ଥାନରୁ ସବୁଆଡ଼ ଭଲଭାବରେ ଦେଖାଯାଏ; (ଟେନିସ୍) ଏଡ୍‌ଭେଣ୍ଟେଜ୍।
**vapid** ବିଂ. ସ୍ୱାଦହୀନ, ନୀରସ, ମାନ୍ଦା; ବି. vapidity.
**vapor** ବି. *ଆମେ.* ଦ୍ର. vapour.
**vaporize** କ୍ରି. ବାଷ୍ପରେ ପରିଣତ କରିବା ବା ହେବା; ବି. vaporization.
**vaporous** ବିଂ. ଜଳୀୟବାଷ୍ପମୟ; ଜଳୀୟ ବାଷ୍ପରେ ପୂର୍ଣ୍ଣ।
**vapour** ବି. ବାଷ୍ପ, ବାମ୍ଫ; ଜଳୀୟବାଷ୍ପ; ଆକାଶରେ କୁହୁଡ଼ି ବା ଧୂମ ଆକାରରେ ପରିଦୃଷ୍ଟ ବାଷ୍ପ; ଔଷଧୀୟ ଘ୍ରାଣ୍ୟ; ବିଂ. vapoury.
**vapour trail** ବି. ଉଡାଜାହାଜରୁ ନିର୍ଗତ ବାଷ୍ପୀୟ ପଥ।
**variable** 1. ବିଂ. ପରିବର୍ତ୍ତନୀୟ; ପରିବର୍ତ୍ତନ–ଶୀଳ; ସ୍ଥିରତାହୀନ; 2. ବି. ପରିବର୍ତ୍ତନଶୀଳ ପଦାର୍ଥ, ସଂଖ୍ୟା, ରାଶି ବା ପରିମାଣ; ବି. variability; କ୍ରି.ବିଂ. variably.
**variance** ବି. ମତପାର୍ଥକ୍ୟ; ବିବାଦ, ଅମେଳ।
**variant** 1. ବିଂ. ଭିନ୍ନ; ବ୍ୟତିକ୍ରମ; ବିକଳ୍ପ; 2. ବି. ଭିନ୍ନ ରୂପ ବା ଆକାର, ବନାନଭେଦ, ପାଠାନ୍ତର।
**variation** ବି. ପରିବର୍ତ୍ତନ; ପଦାର୍ଥର ଆକୃତି, ସ୍ଥିତି, ଅବସ୍ଥା ବା ଗୁଣ ପ୍ରଭୃତିରେ ପରିବର୍ତ୍ତନ; ଅବସ୍ଥାନ୍ତର; ପରିବର୍ତ୍ତିତ ପଦାର୍ଥ।
**varicoloured** ବିଂ. *ଆମେ.* varicolored ବିଭିନ୍ନରଙ୍ଗର; ବହୁବର୍ଣ୍ଣୀ।
**varicose** ବିଂ. (ଶିରା ସମ୍ପର୍କରେ) ଅତ୍ୟଧିକ ପ୍ରସାରିତ ବା ବର୍ଦ୍ଧିତ।
**varied** ବିଂ. ବିଭିନ୍ନ; ବିବିଧ; ନାନାବିଧ; ବିବିଧତାପୂର୍ଣ୍ଣ।
**variegated** ବିଂ. ନାନା ବର୍ଣ୍ଣରେ ରଂଜିତ; ଚିତ୍ରବିଚିତ୍ର; ବି. variegation.
**variety** ବି. ବିବିଧତା; ବୈଚିତ୍ର୍ୟ; ବିଭିନ୍ନ ବସ୍ତୁର ସମାହାର, ନାଚଗୀତପ୍ରଭୃତି ଆମୋଦ ପ୍ରମୋଦର ସମାବେଶ; କୌଣସି ବସ୍ତୁ ବା ଗୁଣବତ୍ତାର ଭିନ୍ନ ରୂପ ବା ଆକୃତି।

Digitized by srujanika@gmail.com

**various** ବିଂ. ବିବିଧ, ବିଭିନ୍ନ, ଅନେକ ପ୍ରକାରର; ଅନେକ ସଂଖ୍ୟକ; *କ୍ରି.ବିଂ.* variously.

**varlet** ବି. *ପ୍ରା.ପ୍ର.* ମୂଲିଆ; ବଦମାସ।

**varnish** 1. ବି. ବାର୍ଣ୍ଣିସ୍; ଚକଚକିଆ କରିବା ନିମନ୍ତେ ବ୍ୟବହୃତ ଲେପ; ବାହ୍ୟ ଚାକଚକ୍ୟ; 2. *କ୍ରି.* ବାର୍ଣ୍ଣିସ୍ ଲଗାଇ ଚକ୍‌ଚକ୍ କରିବା; (ଛଳନାପୂର୍ଣ୍ଣ) ଆକର୍ଷଣୀୟ ରୂପ ପ୍ରଦାନ କରିବା।

**varsity** ବି. *କ.ଭା.* ବିଶ୍ୱବିଦ୍ୟାଳୟ (*ବିଶେ.* କ୍ରୀଡା ସଂପର୍କରେ)।

**vary** *କ୍ରି.* ବଦଳିବା; ଭିନ୍ନ କରିବା; ଭିନ୍ନ ହେବା; ମତାନୈକ୍ୟ ହେବା; ବଦଳାଇବା, ପରିବର୍ତ୍ତନ କରିବା।

**vas** ବି. ବ.ବ. vasa (ତରଳପଦାର୍ଥବାହୀ) ନଳୀ,ବା ନାଳୀ।

**vascular** ବିଂ. (ପ୍ରାଣୀ ଓ ଉଭିଦର) ରସ ବା ରକ୍ତ ପରିବାହୀ ନଳୀ ସଂକ୍ରାନ୍ତ।

**vas deferens** ବି. ବ.ବ. vasa deferentia ଅଣ୍ଡକୋଷସ୍ଥ ଶୁକ୍ରବାହୀ ନଳୀ।

**vase** ବି. କାରୁକାର୍ଯ୍ୟପୂର୍ଣ୍ଣ ପାତ୍ର; ଚିତ୍ର କୁଣ୍ଡ; ଫୁଲଦାନି (flower-vase).

**vasectomy** ବି. ଅସ୍ତ୍ରୋପଚାରଦ୍ୱାରା ଅଣ୍ଡକୋଷସ୍ଥ ଶୁକ୍ରବାହୀ ନାଳୀ ଛେଦନ ବା ଅପସାରଣ; ପୁଂ–ବନ୍ଧ୍ୟାକରଣ ଅସ୍ତ୍ରୋପଚାର; ଭେସେକ୍‌ଟୋମି।

**Vaseline** ବି. *ବ୍ୟ.* ପେଟ୍ରୋଲିୟମ୍ ଜେଲିରୁ ପ୍ରସ୍ତୁତ ଅନୁଲେପନ ପଦାର୍ଥ ବା ମଲମ; ଭେସିଲିନ୍।

**vassal** ବି. *ଇତି.* ସାମନ୍ତବାଦୀ ବ୍ୟବସ୍ଥାର ରୟତ; ପରାଧୀନ ସେବକ, ଏକାନ୍ତ ଅନୁଗତ ବ୍ୟକ୍ତି; ବି. *vassalage.*

***vast*** ବିଂ. ପ୍ରକାଣ୍ଡ; ବିରାଟ; ବିଶାଳ; *କ୍ରି.ବିଂ.* vastly; ବି. vastness.

**VAT** *ସଂଶ.* value added tax ମୂଲ୍ୟ ସଂଯୁକ୍ତ ଟିକସ।

**vat** ବି. ରଂଜନ, ପରିସ୍ରବଣ, ରଂଧନ ପ୍ରଭୃତିରେ ବ୍ୟବହୃତ ତରଳ ପଦାର୍ଥ ରଖିବାର ବଡ଼ ପାତ୍ର; ହଣ୍ଡା।

**Vatican** ବି. (ରୋମରେ) ପୋପ୍‌ଙ୍କ ପ୍ରଶାସନ ବା ପ୍ରାସାଦ।

**vaudeville** ବି. *ବିଶେ. ଆମେ.* ବିଚିତ୍ରା କାର୍ଯ୍ୟକ୍ରମ; ସଂଗୀତାତ୍ମକ ଲଘୁନାଟକ; ନୃତ୍ୟଗୀତାତ୍ମକ ଅଭିନୟ; ବିଂ. vaudevillian.

**vault** 1. ବି. ଖିଲାଣଯୁକ୍ତ ଗୋଲାକାର ଛାତ; ଗମ୍ବୁଜ; ଭୂନିମ୍ନସ୍ଥ ଭଣ୍ଡାରଘର; ଗିର୍ଜା ପ୍ରାଙ୍ଗଣସ୍ଥ ଭୂଗର୍ଭସ୍ଥ ସମାଧିସ୍ଥଳ ବା ଭଣ୍ଡାରଘର; ଲଂଫପ୍ରଦାନ; 2. *କ୍ରି.* ଡେଇଁବା, ଲମ୍ଫ ଦେବା; ହାତରେ ବା ଦଣ୍ଡରେ ଭରାଦେଇ ଏକାକୁଦାରେ ଡେଇଁଯିବା; ଡେଇଁ ପାରହେବା; vaulted ଖିଲାଣଛାତ ସଦୃଶ ସ୍ଥାନ, ଯଥା ଗୁମ୍ଫା (ଉଦା. ବେଙ୍କର ସୁରକ୍ଷିତ ପ୍ରକୋଷ୍ଠ)।

**vaulting** ବି. ଗମ୍ବୁଜାକୃତି ଛାତର ଖିଲାଣ କାମ।

**vaunt** *ପ୍ରା.ପ୍ର.* 1. *କ୍ରି.* ବଡାଇ କରିବା; ବୃଥା ଆସ୍ଫାଳନ କରିବା; 2. ବି. ବଡାଇ, ବଡ଼ିମା, ବୃଥା ଆସ୍ଫାଳନ।

**VC** ବି. *ସଂଶ.* Vice-Chairman ଉପାଧ୍ୟକ୍ଷ; Vice-Chancellor କୁଳପତି; Victoria Cross ଭିକ୍ଟୋରିଆ କ୍ରସ୍।

**vcp** ବି. *ସଂଶ.* video cassette player ଭିଡିଓ କେସେଟ୍ ପ୍ଲେୟାର୍; ଭିସିପି।

**VCR** ବି. *ସଂଶ.* video cassette recorder ଭିଡିଓ କେସେଟ୍ ରେକର୍ଡର୍, ଭିସିଆର୍।

**VD** *ସଂଶ.* venereal disease ଯୌନରୋଗ।

**VDU** *ସଂଶ.* visual display unit ପ୍ରଦର୍ଶନ ଏକକ।

**’ve** *କ.ଭା.* (*ସା.* ସର୍ବନାମ ପଛରେ ବ୍ୟବହୃତ) have (I've, they've).

**veal** ବି. ଖାଦ୍ୟରୂପେ ବ୍ୟବହୃତ ବାଛୁରୀମାଂସ।

**vector** ବି. ରୋଗର ବାହକ; *ଗଣିତ ପଦାର୍ଥ* ଦିଗ ଓ ପରିସର ଥିବା ପରିମାଣ; ବିଂ. vectorial.

**Veda** ବି. *ଭା.* ହିନ୍ଦୁମାନଙ୍କର ପ୍ରାଚୀନତମ ଧର୍ମଶାସ୍ତ୍ର; ବେଦ; ବିଂ. Vedic.

**veer** 1. *କ୍ରି.* (ବାୟୁ) ଦିଗ ପରିବର୍ତ୍ତନ କରିବା, ବିଶେ. ଘଣ୍ଟା କଣ୍ଟାର ଅନୁକୂଳ ଦିଗରେ; ମତ ବା ଗତିପଥ ପରିବର୍ତ୍ତନ କରିବା; 2. ବି. ଗତିପଥ ପରିବର୍ତ୍ତନ।

**Veer Chakra** ବି. *ଭା.* ବୀର ଚକ୍ର, ସାମରିକ ସାହସିକତା ପାଇଁ ପ୍ରଦତ୍ତ ସମ୍ମାନ।

**veg** ବି. *କ.ଭା.* vegetable(s) ପରିବାପତ୍ର; *ସା.ପ୍ର.* ନିରାମିଷ।

**vegan** 1. ବି. ନିରାମିଷାଶୀ ବ୍ୟକ୍ତି; 2. ବିଂ. ଆମିଷ ବା ଆମିଷଜାତ ହୋଇ ନ ଥିବା।

Digitized by srujanika@gmail.com

**vegetable** 1. ବି. ଉଭିଦ, ବିଶେ. ଖାଦ୍ୟରୂପେ ବ୍ୟବହୃତ ଉଭିଦ ଫଳମୂଳ, ପରିବାପତ୍ର; କ.ଭା. ଅବ. ମାନ୍ଦା ବା ଅଳସୁଆ ବ୍ୟକ୍ତି; (ବିଶେ. ମସ୍ତିଷ୍କରେ ଆଘାତ ଯୋଗୁଁ) ମାନସିକ ଅକ୍ଷମତାଗ୍ରସ୍ତ ବ୍ୟକ୍ତି; 2. ବିଂ. ଉଭିଦ ସମ୍ବନ୍ଧୀୟ; ପରିବାପତ୍ର ବା ଶାକସବଜିରୁ ପ୍ରସ୍ତୁତ।

**vegetal** ବିଂ. ଉଭିଦ ସମ୍ବନ୍ଧୀୟ; ଉଭିଦ ସଦୃଶ।

**vegetarian** 1. ବି. ନିରାମିଷୀ ବା ଶାକାହାରୀ ବ୍ୟକ୍ତି; 2. ବିଂ. ନିରାମିଷ; ବି. vegetarianism.

**vegetate** କ୍ରି. ଗତାନୁଗତିକ ବା ଘଟଣା– ବିହୀନ ଜୀବନ ଯାପନ କରିବା; ଉଭିଦପରି ଜନ୍ମିବା ଓ ବଢ଼ିବା।

**vegetation** ବି. ବନସ୍ପତି; ଉଭିଦଜଗତ।

**vegetative** ବିଂ. ଉଭିଦ ସଦୃଶ ବିକାଶ ଓ ପରିବର୍ତ୍ତନ ସଂପର୍କିତ (ଯୌନକ୍ରିୟାଜନିତ ପ୍ରଜନନ ନ ହୋଇ); ଉଭିଦଜଗତ ସଂବଂଧିତ।

**veggie** ବି. (vegie ମଧ୍ୟ) କ.ଭା. ଶାକାହାରୀ; ନିରାମିଷୀ (ବ୍ୟକ୍ତି)।

**vehement** ବିଂ. ଆବେଗପୂର୍ଣ୍ଣ; ବ୍ୟଗ୍ର, ପ୍ରବଳ; ବି. vehemence; କ୍ରି.ବିଂ. vehemently.

**vehicle** ବି. ଭୂପୃଷ୍ଠ ବା ମହାକାଶରେ ବ୍ୟବହୃତ ଯାନବାହନ; ଭାବପ୍ରକାଶ ବା କାର୍ଯ୍ୟର ମାଧ୍ୟମରୂପେ ବ୍ୟବହୃତ ବ୍ୟକ୍ତି ବା ବସ୍ତୁ; ଔଷଧୀୟ ଦାନା ପ୍ରଭୃତି ଧାରଣ କରିବାରେ ବ୍ୟବହୃତ ତରଳ ପଦାର୍ଥ; ବିଂ. vehicular.

**veil** 1. ବି. ଓଢ଼ଣା; ଅବଗୁଣ୍ଠନ; ପର୍ଦ୍ଦା, ସନ୍ନ୍ୟାସିନୀମାନଙ୍କର ମସ୍ତକାବରଣ; ଇହୁଦୀ ମନ୍ଦିରର ପର୍ଦ୍ଦା; ଆବରଣ; ଛଦ୍ମବେଶ, ଛଳନା; ବାହାନା; 2. କ୍ରି. ଓଢଣାଦ୍ୱାରା ଆବୃତ କରିବା; ଘୋଡାଇବା; ଆଂଶିକ ଭାବରେ ଗୋପନ କରିବା; beyond the veil ମୃତ୍ୟୁପରେ ଅଜ୍ଞାତ ଜୀବନ ସମ୍ପର୍କରେ; draw a veil over ଆଲୋଚନା ଏଡ଼ାଇଯିବା, ଚପାଇ ଦେବା; take the veil ସନ୍ନ୍ୟାସିନୀ ହୋଇଯିବା।

**vein** ବି. ଶିରା, ଧମନୀ; ହୃତ୍‌ପିଣ୍ଡକୁ ରକ୍ତବାହୀ ନଳୀ; ପତ୍ରର ଶିରା; କୀଟ ପତଙ୍ଗଙ୍କ ଡ଼େଣାର ଶିରା; କାଠରେ ବିଭିନ୍ନ ବର୍ଣ୍ଣର ଡୋରା ଡୋରା ଦାଗ; ଛେନା, ପଥର ବା ମାର୍ବଲରେ ଥିବା ବିଭିନ୍ନ ରଙ୍ଗର ଦାଗ; ପ୍ରସ୍ତର ଦେହରେ ଧାତୁପୂର୍ଣ୍ଣ ଫାଟ; ନିର୍ଦ୍ଦିଷ୍ଟ ପ୍ରକୃତି ବା ପ୍ରବୃତ୍ତି (ମନର); ମିଜାଜ୍; ବିଂ. veined; ବିଂ. veiny.

**Velcro** ବି. ସ୍ତ୍ର. ଦୁଇଟି ଫିତା ସାହାଯ୍ୟରେ ଯୋଡ଼ିବାର ମାଧ୍ୟମ ବିଶେଷ (ଯାହା ଚିପିଦେଲେ ଲାଗିଯାଏ); ଭେଲ୍‌କ୍ରୋ।

**veld** ବି. (veldt ମଧ୍ୟ) ଦ. ଆଫ୍ରିକା ମୁକ୍ତ ପ୍ରାନ୍ତର; ପାହାଡ, ଜଂଗଲ ପ୍ରଭୃତି ନ ଥିବା ଖୋଲାମେଲା ଗ୍ରାମାଞ୍ଚଳ।

**vellum** ବି. (ମୂଳତଃ ବାଛୁରୀ ଚର୍ମରୁ ପ୍ରସ୍ତୁତ) ସୂକ୍ଷ୍ମ ଲିଖନ–ଆଧାର; ଏଥିରେ ପ୍ରସ୍ତୁତ ପାଣ୍ଡୁଲିପି; ଏହାର ଅନୁରୂପ ଚିକ୍କଣ କାଗଜ।

**velocity** ବି. (ବିଶେ. ନିର୍ଜୀବ ପଦାର୍ଥର) ଗତିବେଗ, କାର୍ଯ୍ୟ ବା ଘଟଣାର କ୍ଷିପ୍ରତା, ହାର ବା ପରିମାଣ।

**velodrome** ବି. ସାଇକେଲ ଚାଳନା ପ୍ରତିଯୋଗିତାର ବ୍ୟବସ୍ଥା ଥିବା ସ୍ଥାନ।

**velour** ବି. (velours ମଧ୍ୟ) ଏକପ୍ରକାରର ନରମ ଓ ମସୃଣ କନା।

**velvet** 1. ବି. ମଖମଲ କନା, ଭେଲ୍‌ଭେଟ୍; ବଢ଼ନ୍ତା ହରିଣର ମଖମଲି ଚର୍ମ; 2. ବିଂ. ମଖମଲି, ମଖମଲତୁଲ୍ୟ ନରମ, କୋମଳ; on velvet ସମୃଦ୍ଧ ବା ସୁବିଧାଜନକ ସ୍ଥାନରେ ବା ଅବସ୍ଥାରେ ଥିବା; ବିଂ. velvety.

**velveteen** ବି. ମଖମଲ ସଦୃଶ କାର୍ପାସ ବସ୍ତ୍ର, ନକଲି ମଖମଲ।

**velvet glove** ବି. ଦେଖାଣିଆ ଭଦ୍ରତା; ପ୍ରକୃତରେ ଦୃଢ଼ ଏବଂ କଠୋର କିନ୍ତୁ ବାହାରକୁ ସୌଜନ୍ୟପୂର୍ଣ୍ଣ ବ୍ୟବହାର।

**Ven** ସଂ଼ଶ. Venerable ଆର୍କଡିକନ୍‌ଙ୍କ ଉପାଧି।

**venal** ବିଂ. ଦୁର୍ନୀତିପରାୟଣ; ଲାଂଚଖୋର (ବ୍ୟକ୍ତି ବା ଆଚରଣ); ବି. venality; କ୍ରି.ବିଂ. venally.

**vend** କ୍ରି. (ଛୋଟମୋଟ ଜିନିଷ) ବିକ୍ରି କରିବା; ବିଂ. vendible.

**vendetta** ବି. ରକ୍ତାକ୍ତ ସଂଘର୍ଷ, ଦୀର୍ଘକାଳୀନ ତିକ୍ତ ଶତ୍ରୁତା; ପ୍ରତିଶୋଧପରାୟଣତା।

**vendor** ବି. (ବିଶେ. ଆଇନ୍ କାନୁନ୍ ସଂକ୍ରାନ୍ତ କାଜଗପତ୍ରର) ବିକ୍ରେତା।

**veneer** 1. କ୍ରି. କାଠକୁ ପତଳା କାଠଦ୍ୱାରା ଆବୃତ କରିବା, ଛଦ୍ମବେଶ ଧାରଣ କରିବା;

Digitized by srujanika@gmail.com

2. ବି. ପତଳା ଆବରଣ, ଛଦ୍ମବେଶ; ଛଳନାପୂର୍ଣ୍ଣ ବାହ୍ୟ ସୌନ୍ଦର୍ଯ୍ୟ ।

**venerable** ବିଂ. ବୟସ, ଚରିତ୍ର ବା ସମ୍ପର୍କ ଯୋଗୁଁ ମାନନୀୟ, ମାନ୍ୟାସ୍ପଦ, ପୂଜନୀୟ; *ଖ୍ରୀ.* ଚର୍ଚ୍ଚ ଅଫ୍ ଇଂଲଣ୍ଡର ଧର୍ମଯାଜକ (ଆର୍ଚ୍ଚଡିକନ୍)ଙ୍କ ଉପାଧି ।

**venerate** କ୍ରି. ସମ୍ମାନ ଦେଖାଇବା, ଭକ୍ତି କରିବା, ମାନ୍ୟ କରିବା; ବି. veneration, venerator.

**venereal** ବିଂ. ଯୌନ କାମନା ବା ଯୌନକ୍ରିୟା ସମ୍ପର୍କିତ ବା ତଦ୍‌ଜାତ; ଯୌନ ରୋଗ ସମ୍ବନ୍ଧିତ; କ୍ରି.ବିଂ. venereally.

**venereal disease** ବି. ଯୌନରୋଗ, ଯୌନରୋଗ ପୀଡ଼ିତ ବ୍ୟକ୍ତି ସହିତ ଯୌନକ୍ରିୟା ମାଧ୍ୟମରେ ସଂକ୍ରମିତ ବ୍ୟାଧି ।

**Venetian** 1. ବିଂ. ଭେନିସୀୟ; 2. ବି. ଭେନିସ୍‌ର ଅଧିବାସୀ ବା ଭାଷା ।

**venetian blind** ବି. ଝରକାର ଏକପ୍ରକାର ଝିଲିମିଲି ବା ପତଳା ପଟାର ଆବରଣ ।

**vengeance** ବି. ପ୍ରତିହିଂସା, ପ୍ରତିଶୋଧ; with a vengeance ପ୍ରବଳ ଭାବରେ, ପ୍ରଚଣ୍ଡ ଭାବରେ ।

**vengeful** ବିଂ. ପ୍ରତିଶୋଧପରାୟଣ; କ୍ରି.ବିଂ. vengefully.

**venial** ବିଂ. (ପାପ ବା ଦୋଷ ସମ୍ପର୍କରେ) କ୍ଷମଣୀୟ, ମାର୍ଜ୍ଜନୀୟ; ବି. veniality; କ୍ରି.ବିଂ. venially.

**venison** ବି. ଖାଦ୍ୟୋପଯୋଗୀ ହରିଣମାଂସ ।

**Venn diagram** ବି. ଗାଣିତିକ ସେଟ୍ ଗୁଡ଼ିକର ପରସ୍ପର ସମ୍ବନ୍ଧ ଦର୍ଶାଉଥିବା ପରସ୍ପର ଛେଦନ ଏବଂ ପରସ୍ପରକୁ ଆବୃତ କରୁଥିବା ବୃତ୍ତମାନଙ୍କର ରେଖାଚିତ୍ର ।

**venom** ବି. ସର୍ପବିଷ, ଗରଳ; ଯେ କୌଣସି ବିଷ; ଦ୍ୱେଷ; ବିଂ. venomous; କ୍ରି.ବିଂ. venomously.

**venous** ବିଂ. ଶିରାର, ଶିରାଯୁକ୍ତ; ଶିରାଜ; ଶିରାରେ ଥିବା ।

**vent**[1] ବି. ଗବାକ୍ଷ, ପବନର ଯାତାୟାତ ପାଇଁ ବାଟ; ଛିଦ୍ର, ରନ୍ଧ୍ର; (ବିଶେ. ପକ୍ଷୀର) ମଳଦ୍ୱାର; ନିର୍ଗମନପଥ, ମୁକ୍ତ ଭାବପ୍ରକାଶ; 2. କ୍ରି. ଛିଦ୍ର ବା ରନ୍ଧ୍ର କରିବା; ଭାବ ପ୍ରକାଶର ସୁଯୋଗ ଦେବା; vent one's spleen on ବିନା କାରଣରେ ଭର୍ତ୍ସନା କରିବା ଅଥବା ଦୁର୍ବ୍ୟବାହାର କରିବା ।

**vent**[2] ବି. ପୋଷାକସ୍ଥ ଛିଦ୍ର (ବିଶେ. ଜେକେଟ୍‌ର ପଛପାଖର ତଳଭାଗରେ) ।

**ventilate** କ୍ରି. (ଘର ଭିତରେ) ବିଶୁଦ୍ଧ ବାୟୁ ଚଳାଚଳର ବ୍ୟବସ୍ଥା କରାଇବା; ସାଧାରଣ ବିଚାର ଆଲୋଚନା ନିମନ୍ତେ (ପ୍ରଶ୍ନ, ଅଭିଯୋଗ ପ୍ରଭୃତି) ଉପସ୍ଥାପନ କରିବା; ଫୁସ୍‌ଫୁସ୍ ଭିତରକୁ ବାୟୁ ପ୍ରବେଶ କରାଇବା; ବି. ventilation.

**ventilator** ବି. ବାୟୁ ଚଳାଚଳ ନିମନ୍ତେ ଗବାକ୍ଷ, ଛିଦ୍ର ପ୍ରଭୃତି ବା କୌଣସି ଉପକରଣ ।

**ventral** ବିଂ. ଉଦରର ବା ଉଦର ଉପରେ; କ୍ରି.ବିଂ. ventrally.

**ventricle** ବି. (ହୃତ୍‌ପିଣ୍ଡସ୍ଥ) ନିଳୟ, ଶରୀର ମଧ୍ୟସ୍ଥ କ୍ଷୁଦ୍ର ଗହ୍ୱର; (ବିଶେ. ମସ୍ତିଷ୍କ ବା ହୃତ୍‌ପିଣ୍ଡର) ଶୂନ୍ୟ ଅଂଶ; ବିଂ. ventricular.

**ventrilioquism** ବି. (ventriloquy ମଧ୍ୟ) ଓଠ ସଞ୍ଚାଳନ ନକରି କଥା କହିବା ଶୈଳୀ (ବିଶେ. କଣ୍ଢେଇ ବା ଡମି ସହିତ ମନୋରଞ୍ଜନ ପାଇଁ); ବି. ventriloquist; କ୍ରି. ventriloquize.

**venture** 1. ବି. ଦୁଃସାହସିକ ବା ବିପଦପୂର୍ଣ୍ଣ କାର୍ଯ୍ୟ, ବେପାରରେ ପୂର୍ବାନୁମାନ; 2. କ୍ରି. ଦୁଃସାହସ କରିବା; ଭୟଭୀତ ନହେବା; ଆଗେଇ ଆସିବା; ବିପଦର ସମ୍ମୁଖୀନ ହେବା, ବାଜି ଲଗାଇବା; at a venture କୌଣସି ଯୋଜନା ନଥାଇ; ନଭାବି ନଚିନ୍ତି; venture on ସାହସିକ ପଦକ୍ଷେପ ନେବା ।

**Venture Scout** ବି. ସିନିୟର୍ ବାଳଚର ବା ସ୍କାଉଟ୍ ।

**venturesome** ବିଂ. ଦୁଃସାହସିକ; ବିପଜ୍ଜନକ ।

**venue** ବି. ସଙ୍ଗୀତ କାର୍ଯ୍ୟକ୍ରମ, କ୍ରୀଡ଼ା ପ୍ରତିଯୋଗିତା, ସଭାସମିତି, ସାକ୍ଷାତ୍‌କାର ପ୍ରଭୃତିର ସ୍ଥାନ ।

**venus fly-trap** ବି. କୀଟଭକ୍ଷୀ ଉଦ୍ଭିଦ ବିଶେଷ ।

**veracious** ବିଂ. ସ୍ୱଭାବତଃ ସତ୍ୟବାଦୀ; ସତ୍ୟପୂର୍ଣ୍ଣ (ବିବରଣ); ବି. veracity.

**veranda** ବି. ବାରଣ୍ଡା; ଗୃହସଂଲଗ୍ନ ପିଣ୍ଡା, ଅଳିନ୍ଦ ।

Digitized by srujanika@gmail.com

**verb** ବି.ବ୍ୟା. କ୍ରିୟାପଦ; କାର୍ଯ୍ୟ, ଅବସ୍ଥା ବା ଘଟଣା ସୂଚାଉଥିବା ଶବ୍ଦ ବା ପଦ।

**verbal** ବିଂ. ଶବ୍ଦଗତ, ଶାବ୍ଦିକ; ମୌଖିକ; ଅଲିଖିତ; ଶବ୍ଦସମ୍ପର୍କୀୟ, ପଦ ସମ୍ପର୍କୀୟ; ବ୍ୟା. କ୍ରିୟା ସମ୍ପର୍କୀୟ; ପ୍ରଗଳ୍ଭ, କୁହାଳିଆ; ଆକ୍ଷରିକ (ଅନୁବାଦ); କ୍ରି.ବିଂ. verbally.

**verbalism** ବି. ଶବ୍ଦଚୟନ ଏବଂ ବ୍ୟବହାର ପ୍ରତି ସତର୍କ ଦୃଷ୍ଟି, ସୂକ୍ଷ୍ମ ଶାବ୍ଦିକତା।

**verbalize** କ୍ରି. ଭାଷା ବା ଶବ୍ଦରେ ପ୍ରକାଶ କରିବା।

**verbal noun** ବି. କ୍ରିୟାପଦରୁ ନିଷ୍ପନ୍ନ ବିଶେଷ୍ୟପଦ (ଉଦା. *Walking* is a good exercise)।

**verbatim** କ୍ରି.ବିଂ., ବିଂ. ଅବିକଳ ସେହି ଶବ୍ଦ ସାହାଯ୍ୟରେ; ଅକ୍ଷରେ ଅକ୍ଷରେ।

**verbena** ବି. ଗୁଚ୍ଛ ଆକାରରେ ସୁଗନ୍ଧଯୁକ୍ତ ଫୁଲ ଫୁଟୁଥିବା ଏକାଜାତୀୟ କ୍ଷୁଦ୍ର ଗୁଳ୍ମ।

**verbiage** ବିଂ. ଅବ. ଶବ୍ଦାଡ଼ମ୍ବରପୂର୍ଣ୍ଣ; ଅନାବଶ୍ୟକ ବା କଠିଣ ଶବ୍ଦବହୁଳ।

**verbose** ବିଂ. ବାଗାଡ଼ମ୍ବରପୂର୍ଣ୍ଣ; ଅନାବଶ୍ୟକ କଠିଣ ଶବ୍ଦବହୁଳ; ବି. verbosity.

**verdant** ବିଂ. (ଘାସ, ତୃଣ, ପ୍ରାନ୍ତର ପ୍ରଭୃତି) ସବୁଜ, ତାଜା; ଶ୍ୟାମଳ ତୃଣାକୀର୍ଣ୍ଣ; ସରଳ, ଆଭିଜାତ୍ୟହୀନ, ଅନଭିଜ୍ଞ (ବ୍ୟକ୍ତି); ବି. verdancy.

**verdict** ବି. (ମୋକଦ୍ଦମା ବିଚାରରେ) ଜୁରୀ ବା ବିଚାରପତିଙ୍କର ସିଦ୍ଧାନ୍ତ, ନିଷ୍ପତ୍ତି; ରାୟ।

**verdigris** ବି. ପିତଳ ବା ତମ୍ବା ଉପରେ ଦେଖାଯାଉଥିବା ଈଷତ୍ ସବୁଜ ରଙ୍ଗ ବସ୍ତୁ; ତମ୍ବା ବା ପିତଳର କଳଙ୍କ।

**verdure** ବି. ସାହି. ଶ୍ୟାମଳ ଗଛପ୍ରଭୃତି; ଏହାର ସବୁଜିମା; ସେହି ରଙ୍ଗ; ବିଂ. verdurous.

**verge**[1] ବି. ଧାର, ସୀମା, ପ୍ରାନ୍ତ, କିନାରା, ରାସ୍ତାଧାର ବା ହୁଡ଼ାର ଘାସ।

**verge**[2] କ୍ରି. ନଇଁପଡ଼ିବା, ଢଳିବା, ଝୁଙ୍କିବା; ନିର୍ଦ୍ଦିଷ୍ଟ ଦିଗକୁ ଗତି କରିବା; verge on ପାଖାପାଖି, ସୀମାରେ, ଆସନ୍ନ, ନିକଟବର୍ତ୍ତୀ।

**verger** ବି. ଖ୍ରୀ. ବିଶପ୍‌ଙ୍କ ଦଣ୍ଡଧାରୀ; ଗୀର୍ଜାର ଦେଖାଶୁଣା କରୁଥିବା ସେବକ।

**verify** କ୍ରି. ସଠିକତା ନିରୂପଣ ପାଇଁ ମିଳାଇ ଦେଖିବା; ପରୀକ୍ଷା କରି ଦେଖିବା; ସତ୍ୟତା ପରୀକ୍ଷା କରିବା; (ଘଟଣାର) ସତ୍ୟତା ପ୍ରମାଣ କରିବା, (ପ୍ରତିଜ୍ଞା ବା ଭବିଷ୍ୟତ୍ ବାଣୀ) ପୂର୍ଣ୍ଣ କରିବା; ବିଂ. verifiable; ବି. verification.

**verily** କ୍ରି.ବିଂ. ପ୍ରା.ପ୍ର. ନିଶ୍ଚୟ, ସତରେ, ପ୍ରକୃତରେ, ବାସ୍ତବିକ।

**verisimilitude** ବି. ସତ୍ୟସାଦୃଶ୍ୟ, ସତ୍ୟ—ପ୍ରତୀୟମାନତା, ବାସ୍ତବ ବା ସତ୍ୟପରି ବୋଧ ହେବା।

**veritable** ବିଂ. ପ୍ରକୃତ, ଠିକ୍, ଯଥାର୍ଥରେ କଥିତ; କ୍ରି.ବିଂ. veritably.

**verity** ବି. ମୌଳିକ ସତ୍ୟ; ପ୍ରା.ପ୍ର. ସତ୍ୟ।

**vermicelli** ବି. ସିମେଇ; କେକ୍ ପ୍ରଭୃତିର ସୌନ୍ଦର୍ଯ୍ୟ ବର୍ଦ୍ଧନରେ ବ୍ୟବହୃତ ଚକୋଲେଟ୍ ଟୁକୁରା।

**vermicide** ବି. ଆନ୍ତ୍ରିକ କୃମି ପ୍ରଭୃତିର ବିନାଶକାରୀ ଔଷଧ।

**vermiform** ବିଂ. କୀଟାକୃତି; କୃମି କୀଟ ସଦୃଶ ଆକୃତି ବିଶିଷ୍ଟ।

**vermiform tube** ବି. ମଣିଷ ତଥା ଅନ୍ୟ କେତେକ ପ୍ରାଣୀଙ୍କ ଶରୀରସ୍ଥ ସିକମ୍ ବା ବୃହଦନ୍ତ୍ର ଏବଂ କ୍ଷୁଦ୍ରାନ୍ତ୍ରର ସଂଯୋଗସ୍ଥଳରେ ଥିବା ଅଳି ସଦୃଶ ନଳୀ।

**vermilion** 1. ବି. ଉଜ୍ଜ୍ୱଳ ଲାଲ ରଙ୍ଗର ମର୍କ୍ୟୁରିକ୍ ସଲ୍‌ଫାଇଡ୍ ବା ସିନାବାର; ସିନ୍ଦୂର; 2. ବିଂ. ଉଜ୍ଜ୍ୱଳ ଲାଲ୍; ସିନ୍ଦୂରୀ (ରଙ୍ଗ)।

**vermin** ବି. ସା. ବ.ବ. ପରାଙ୍ଗପୁଷ୍ଟ କୀଟପତଙ୍ଗ; ଅନିଷ୍ଟକାରୀ ପ୍ରାଣୀ (ମୂଷା, କୋକିଶିଆଳି ପ୍ରଭୃତି); ନୀଚ ବା ଘୃଣ୍ୟ ବ୍ୟକ୍ତି; ବିଂ. verminous.

**vermouth** ବି. ସୁଗନ୍ଧିତ ଗୁଳ୍ମାଦିର ବାସ୍ନାଯୁକ୍ତ ମଦ୍ୟ।

**vernacular** 1. ବିଂ. (ଭାଷା ସମ୍ପର୍କରେ) ସ୍ୱଦେଶୀୟ ବା ନିଜ ଜନ୍ମ ଭୂମିରେ ବ୍ୟବହୃତ; 2. ବି. ସ୍ଥାନୀୟ ଭାଷା; କୌଣସି ଦେଶର ଭାଷା ବା ଉପଭାଷା; ନିର୍ଦ୍ଦିଷ୍ଟ ଶ୍ରେଣୀ ବା ଗୋଷ୍ଠୀର ଭାଷା; ଘରୋଇ ଭାଷା।

**vernal** ବିଂ. ବସନ୍ତଋତୁର ବା ବାସନ୍ତିକ; କ୍ରି.ବିଂ. vernally.

**vernier** ବି. ଭର୍ନିଅର ସ୍କେଲ୍, ଅତି କ୍ଷୁଦ୍ର ଭଗ୍ନାଂଶ ପର୍ଯ୍ୟନ୍ତର ଓଜନ ନେବାପାଇଁ ଉଦ୍ଦିଷ୍ଟ ତୁଳାଦଣ୍ଡ ବିଶେଷ (ଉଦ୍ଭାବକ ଭର୍ନିଅରଙ୍କ ନାମାନୁସାରେ)।

**veronal** ବି. ନିଦ୍ରାକାରକ ଔଷଧ ବିଶେଷ।

Digitized by srujanika@gmail.com

**veronica** ବି. ସ୍ପିଡ୍‌ୱେଲ୍; ଉଜ୍ଜ୍ୱଳ ନୀଳବର୍ଣ୍ଣର ଫୁଲ ଫୁଟୁଥିବା ଛୋଟ ଗଛ ବିଶେଷ।

**verruca** ବି. ବ.ବ. verrucae ଆଉଁଠି ( ବିଶେ. ପାଦର)।

**versatile** ବିଂ. ବହୁକାର୍ଯ୍ୟନିପୁଣ; ବହୁଶାସ୍ତ୍ର ଆୟତ୍ତ କରିପାରୁଥିବା; କୁଶଳୀ; ବିଭିନ୍ନ ବିଷୟ ବା ବୃତ୍ତିକୁ ବିନା ଅସୁବିଧାରେ ଆୟତ୍ତ କରିପାରୁଥିବା; ଅନେକ କାର୍ଯ୍ୟରେ ଲାଗିପାରୁଥିବା; ବି. versatility.

**verse** ବି. ପଦ୍ୟ; ଛନ୍ଦୋବଦ୍ଧ ରଚନା; ଗୀତ ବା କବିତାର ଚରଣ, ପଦ ବା ପଂକ୍ତି; କବିତା; ବାଇବେଲ୍‌ର (ସଂଖ୍ୟାଂକିତ) ଅଂଶ ବିଶେଷ।

**versed** ବିଂ. ପାରଦର୍ଶୀ; ସୁଶିକ୍ଷିତ, କୁଶଳୀ।

**versicle** ବି. ଧର୍ମଯାଜକଙ୍କ ଦ୍ୱାରା ଗୀତ ବା ଉଚ୍ଚାରିତ ପ୍ରତ୍ୟେକ ଧର୍ମୋପଦେଶର କ୍ଷୁଦ୍ରାଂଶ (ଯାହାର ପ୍ରତ୍ୟୁତ୍ତର ସମବେତ ଭକ୍ତଗଣ ଦେଇଥାନ୍ତି)।

**versify** କ୍ରି. ପଦ୍ୟରେ ପରିଣତ କରିବା; ପଦ୍ୟରେ ବର୍ଣ୍ଣନା କରିବା, ପଦ୍ୟ ରଚନା କରିବା; ବି. versification, versifier.

**version** ବି. (ବ୍ୟକ୍ତିବିଶେଷର)ନିଜସ୍ୱ ଦୃଷ୍ଟିକୋଣରୁ ପ୍ରଦତ୍ତ ବିବରଣୀ; ପୁସ୍ତକ ବା ଅନୁବାଦର ବିଶେଷ ମୁଦ୍ରଣ।

**verso** ବି. ବ.ବ. versos ଖୋଲା ବହିର ବାମପାଖ ପୃଷ୍ଠା; ଛାପାପୃଷ୍ଠାର ପଛପାଖ।

**versus** *ଅ.* (ଖେଳ ବା ବିଚାରାଳୟରେ) ବନାମ, ବିରୁଦ୍ଧରେ।

**vertebra** ବି. ବ.ବ. vertebrae (ଭର୍ଟିବ୍ରି) ମେରୁଦଣ୍ଡାସ୍ଥି, ମେରୁଦଣ୍ଡର ଅସ୍ଥିଖଣ୍ଡ; ବିଂ. vertebral.

**vertebrate** 1. ବିଂ. ମେରୁଦଣ୍ଡ ବିଶିଷ୍ଟ, ମେରୁଦଣ୍ଡୀ; 2. ବି. ମେରୁଦଣ୍ଡୀ ପ୍ରାଣୀ।

**vertex** ବି. ବ.ବ. vertexes, vertices ଶୀର୍ଷତମ ବିନ୍ଦୁ; ଶୀର୍ଷ, ଚୂଡ଼ା, ଶୃଙ୍ଗ, ଅଗ; *ଜ୍ୟାମିତି* ତ୍ରିଭୁଜ ପ୍ରଭୃତିର କୋଣ ବିଶିଷ୍ଟ ଅଂଶ; କୋଣ ଅଙ୍କନ କରୁଥିବା ଦୁଇ ସରଳରେଖାର ମିଳନ ବିନ୍ଦୁ।

**vertical** 1. ବିଂ. ଆଲମ୍ବ; ଲମ୍ବଭାବେ ଦଣ୍ଡାୟମାନ, ଲମ୍ବାକାର, ଶୀର୍ଷସମ୍ବନ୍ଧୀୟ; ଶୀର୍ଷସ୍ଥ; 2. ବି. ଆଲମ୍ବ ରେଖା ବା ତଳ; କ୍ରି.ବିଂ. vertically.

**vertical take-off** ବି. (ଉଡାଜାହାଜ ପ୍ରଭୃତିର) ସିଧା ସଳଖ ଊର୍ଦ୍ଧ୍ୱ-ଗମନ।

**vertiginous** ବିଂ. ମୁଣ୍ଡ ବୁଲାଇହେବା ରୋଗ ସମ୍ବନ୍ଧିତ।

**vertigo** ବି. ମୁଣ୍ଡ ବୁଲାଇହେବା ରୋଗ ( ବିଶେ. ଉଚ୍ଚସ୍ଥାନରେ)।

**vervain** ବି. ଛୋଟ ନୀଳ, ଧଳା ବା ଗୋଲାପୀ ବର୍ଣ୍ଣର ଫୁଲଯୁକ୍ତ ଭର୍ବେନା ଜାତୀୟ ଗୁଳ୍ମ ବିଶେଷ।

**verve** ବି. ପ୍ରାଣପ୍ରାଚୁର୍ଯ୍ୟ; ଆଗ୍ରହ, ଉତ୍ସାହ।

**very** 1. କ୍ରି.ବିଂ. ବହୁତ ପରିମାଣରେ (did it very easily), ସମ୍ପୂର୍ଣ୍ଣ ଭାବରେ; 2. ବିଂ. ପ୍ରକୃତ, ଯଥାର୍ଥ, ଠିକ୍ ସେପରି (the very song); not very ଖୁବ୍‌ବେଶୀ ନୁହେଁ; ଅଳ୍ପ, ସାମାନ୍ୟ; very good (well) ଭାରି ଭଲ, ବହୁତ ଆଚ୍ଛା, ହଉ ତେବେ; very high frequency (ବେତାରରେ) 30-300 ମେଗାହର୍ଜ; Very Reverend ଡିନ୍‌ଙ୍କର ଉପାଧି; the very same ଠିକ୍ ସେଇ।

**Very light** ବି. ଏକପ୍ରକାର ଦୃଷ୍ଟି ଆକର୍ଷକ ଆଲୋକ ବିଶେଷ; ଯୁଦ୍ଧ କ୍ଷେତ୍ରରେ ସଙ୍କେତ ଦେବାପାଇଁ ବା ଆଲୋକିତ କରିବାପାଇଁ ବ୍ୟବହୃତ ପିସ୍ତଲ୍ ନିର୍ଗତ ଅଗ୍ନିଶିଖା।

**vesicle** ବି. କ୍ଷୁଦ୍ରଫୋଟକା, ବୁଦ୍‌ବୁଦ ବା ଥଳି।

**vespers** ବି. ବ.ବ. *ଖ୍ରୀ.* ଚର୍ଚ୍ଚ ଅଫ୍ ଇଂଲଣ୍ଡର ସାନ୍ଧ୍ୟ ଉପାସନା ସଂଗୀତ।

**vessel** ବି. ତରଳ ପଦାର୍ଥ ଧାରଣ ପାଇଁ ପାତ୍ର, ଯଥା. ହାଣ୍ଡି, ହଣ୍ଡା; (ବଡ) ଜାହାଜ ବା ନୌକା; ରସ ବା ରକ୍ତବାହୀ ଶିରା, ନଳୀ।

**vest** 1. ବି. ଶରୀରର ଉପର ଅଂଶର ଅନ୍ତର୍ବାସ; ଗେଞ୍ଜି, ଫତେଇ; *ଆମେ.* ଅଣ୍ଟେ. ୱେଷ୍ଟକୋର୍ଟ; 2. କ୍ରି. (ବ୍ୟକ୍ତିକୁ ଅଧିକାର, ସମ୍ପତ୍ତି ପ୍ରଭୃତି) ସମର୍ପଣ କରିବା; କ୍ଷମତା ଦେବା; ଅଧିକାର ଦେବା; ଗେଂଜି ପ୍ରଭୃତି ପିନ୍ଧାଇବା; vest in (ସମ୍ପତ୍ତି, ଅଧିକାର ପ୍ରଭୃତି) ହାସଲ କରିବା; vest (property, power) in a person ବ୍ୟକ୍ତିଠାରେ ଦାୟିତ୍ୱ ବା ଅଧିକାର ନ୍ୟସ୍ତ କରିବା।

**vestal** 1. ବିଂ. ନିଷ୍କଳଙ୍କ; ପବିତ୍ର; 2. ବି. ସତୀ ସ୍ତ୍ରୀ, ନିଷ୍କଳଙ୍କ ସ୍ତ୍ରୀ।

**vestal virgin** ବି. ଭେଷ୍ଟା (ଅଗ୍ନିଦେବତା)ଙ୍କ ସେବା ପାଇଁ ଉତ୍ସର୍ଗୀକୃତ, ସତୀତ୍ୱର ଶପଥ ନେଇଥିବା ଅକ୍ଷତା କୁମାରୀ।

Digitized by srujanika@gmail.com

**vested** ବିଂ. ନ୍ୟସ୍ତ, ନିହିତ ।
**vested interest** ବି. ନ୍ୟସ୍ତସ୍ୱାର୍ଥ; ଲାଭ କରିବାର ଆଶା; *ଆଇନ* ନ୍ୟାସ ବା ଟ୍ରଷ୍ଟର ଭୂସଂପତ୍ତି ବା ଧନରୁ ନ୍ୟାସୀ ପାଉଥିବା ସୁଧ ।
**vestibule** ବି. ଘରର ବାହାର ଦରଜା ନିକଟରେ ଥିବା ଛୋଟ କୋଠରୀ ବା ହଲ୍; *ଆମେ.* ଦୁଇଟି ରେଳଡବା ମଧ୍ୟବର୍ତ୍ତୀ ଆଚ୍ଛାଦିତ ସ୍ଥାନ ।
**vestige** ବି. ଚିହ୍ନ; ନିଦର୍ଶନ; ଅଳ୍ପ ପରିମାଣ; କ୍ଷୁଦ୍ର ଅଂଶ; (ପଶୁ ବା ଉଦ୍ଭିଦ ଶରୀରରେ ଥିବା) ପୂର୍ବ ସୁବିକଶିତ ଅଂଗର ଚିହ୍ନ; ବିଂ. vestigial.
**vestment** ବି. *ଖ୍ରୀ.* ଯାଜକୀୟ ବା ଆନୁଷ୍ଠାନିକ ପୋଷାକ ( *ବିଶେ.* ଚେଜୁବ୍ଲ୍) ।
**vestry** ବି. ( *ବିଶେ.* ଗୀର୍ଜାରେ) ପରିଚ୍ଛଦ ରଖିବା ଓ ପିନ୍ଧିବା ଗୃହ ।
**vet**[1.] 1. ବି. *କ.ଭା.* ପଶୁ ଚିକିତ୍ସକ; 2. *କ୍ରି.* ପଶୁର ଚିକିତ୍ସା କରିବା; (ପ୍ରାର୍ଥୀ, କାର୍ଯ୍ୟ, ଯୋଜନା, ପରିକଳ୍ପନା ପ୍ରଭୃତି) ସାବଧାନତାର ସହିତ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରିବା ।
**vet**[2.] ବି. *ଆମେ. ସଂଶ.* veteran *ଦ୍ର.* ।
**vetch** ବି. ବିଶେ. ଗୋଖାଦ୍ୟ ରୂପେ ବ୍ୟବହୃତ ଚଣାଜାତୀୟ ଉଦ୍ଭିଦ ବିଶେଷ ।
**veteran** ବି. ପ୍ରବୀଣ ବା ପୁରୁଖା ସଭ୍ୟ ବା ସୈନିକ; *ଆମେ.* ଯୁଦ୍ଧଫେରନ୍ତା ସୈନିକ, ପ୍ରବୀଣ ବ୍ୟକ୍ତି ।
**veteran car** ବି. ୧୯୦୫ ପୂର୍ବରୁ ନିର୍ମିତ ମଟରକାର୍ (୧୯୧୬ ପୂର୍ବରୁ ନିର୍ମିତ କାର୍ ମଧ୍ୟ) ।
**veterinarian** ବି. ପଶୁ ଡାକ୍ତର ।
**veterinary** 1. ବିଂ. ପଶୁପକ୍ଷୀଙ୍କ ରୋଗ ବା ଆଘାତ ସମ୍ବନ୍ଧୀୟ; 2. ବି. *ଔପ.* ପଶୁ ଚିକିତ୍ସକ; ପଶୁ ଡାକ୍ତର ।
**veterinary surgeon** ବି. ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ତାଲିମପ୍ରାପ୍ତ ବ୍ୟକ୍ତି ।
**veto** 1. ବି. ବୈଧାନିକ ନିଷେଧାଧିକାର; ଉକ୍ତ କ୍ଷମତା ବଳରେ (ପ୍ରସ୍ତାବ, ନିଷ୍ପତ୍ତି ପ୍ରଭୃତିର) ନାମଞ୍ଜୁରି; ପ୍ରତ୍ୟାଖ୍ୟାନ; ଅଗ୍ରାହ୍ୟକରଣ; ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟମାନଙ୍କର (ନିଷ୍ପତ୍ତି ପ୍ରଭୃତି) ପ୍ରତ୍ୟାଖ୍ୟାନ କରିବାର ଅଧିକାର; 2. *କ୍ରି.* ପ୍ରତ୍ୟାଖ୍ୟାନ କରିବା ।
**vex** *କ୍ରି.* ବିରକ୍ତ କରିବା, ଉତ୍ତ୍ୟକ୍ତ କରିବା, ହଇରାଣ କରିବା; *ପ୍ରା.ପ୍ର.* ଦୁଃଖ ବା ଯନ୍ତ୍ରଣା ଦେବା ବା ପାଇବା ।
**vexation** ବି. ବିରକ୍ତି, କ୍ରୋଧ, କ୍ଲେଶ; ବିରକ୍ତିକର ବା କ୍ଲେଶଦାୟକ ବସ୍ତୁ ।
**vexatious** ବିଂ. ବିରକ୍ତିକର; କ୍ଲେଶଦାୟକ; *ଆଇନ୍* କାର୍ଯ୍ୟାନୁଷ୍ଠାନ ପାଇଁ ଯଥେଷ୍ଟ କାରଣ ନ ଥାଇ, କେବଳ ପ୍ରତିବାଦୀକୁ ହଇରାଣ କରିବା ଉଦ୍ଦେଶ୍ୟରେ କରାଯାଇଥିବା (ମାଲିମୋକଦ୍ଦମା) ।
**vexed** ବିଂ. ବହୁଚର୍ଚ୍ଚିତ, ବହୁ ଆଲୋଚିତ, ସମସ୍ୟାପୂର୍ଣ୍ଣ (ପ୍ରଶ୍ନ) ।
**v.g.c.** *ସଂଶ.* very good condition ଖୁବ୍ ଭଲ ଅବସ୍ଥାରେ ।
**VHF** *ସଂଶ.* very high frequency ଅତ୍ୟୁଚ୍ଚ ଫ୍ରିକ୍ୱେନ୍ସି ବିଶିଷ୍ଟ ।
**via** *ଅ.* ବାଟଦେଇ, ଜରିଆରେ (Bhawani-patna via Phulbani; send the file via the clerk).
**viable** ବିଂ. ଜୀବିତ ରହିବା ଓ ବିକାଶଲାଭ କରିବାପାଇଁ ସକ୍ଷମ (ଭ୍ରୂଣ); ( *ବିଶେ.* ଆର୍ଥିକ ଦୃଷ୍ଟିରୁ) ସମ୍ଭବପର; ବି. viability.
**viaduct** ବି. (ଉପତ୍ୟକା ବା ଖାଲୁଆ ଜାଗା ଉପରେ) ଦୀର୍ଘ ସେତୁ, ପୋଲ ।
**vial** ବି. ( *ବିଶେ.* ଔଷଧ ପ୍ରଭୃତି ରଖିବାପାଇଁ) ଶିଶି, ଛୋଟ ବୋତଲ ।
**viand** ବି. *ଔପ. ସା.* ବ.ବ. ଖାଦ୍ୟସାମଗ୍ରୀ ।
**viaticum** ବି. *ଖ୍ରୀ.* ମୃତ୍ୟୁଶଯ୍ୟାରେ ଥିବା ବ୍ୟକ୍ତିପାଇଁ ପ୍ରଦତ୍ତ ଇଉକେରିଷ୍ଟ ବା ଖାଦ୍ୟପାନୀୟ ପ୍ରଭୃତି ।
**vibes** ବି. ବ.ବ. କଂପନ; ଭାବତରଂଗ; ଭାଇବ୍ରାଫୋନ୍ (vibraphone).
**vibrant** ବିଂ. କମ୍ପିତ; ଆନ୍ଦୋଳିତ; (ଆନନ୍ଦ, ଉତ୍ସାହରେ) ସ୍ପନ୍ଦିତ; ଉଜ୍ଜ୍ୱଳ ଓ ଆକର୍ଷଣୀୟ (ରଙ୍ଗ); ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ; ବି. vibrancy; *କ୍ରି.ବିଂ.* vibrantly.
**vibraphone** ବି. ଜାଇଲୋଫୋନ୍ ସଦୃଶ ବାଦ୍ୟଯନ୍ତ୍ର ବିଶେଷ ।
**vibrate** *କ୍ରି.* ଦ୍ରୁତଗତିରେ ଆଗକୁ ପଛକୁ ହେବା; (ଧ୍ୱନି) ମନ୍ଦ୍ରିତ ବା ସ୍ପନ୍ଦିତ ହେବା; ଆନ୍ଦୋଳିତ ହେବା; କମ୍ପିବା; ଶିହରିତ ହେବା; ଏପାଖ ସେପାଖ ହଲିବା ବା ଝୁଲିବା ।
**vibration** ବି. କମ୍ପନ, ଦୋଳନ, ସ୍ପନ୍ଦନ; ମାନସିକ ( *ବିଶେ.* ଗୁପ୍ତ ଓ ରହସ୍ୟମୟ) ପ୍ରଭାବ; ସଞ୍ଚରିତ ବା ଅନୁଭୂତ ଭାବନା; ପରିବେଶ ।

Digitized by srujanika@gmail.com

**vibrato** ବି. *ସଂଗୀତ* ଗାୟନ ବା ବାଦନରେ କମ୍ପନରୀତି; ସ୍ୱରର ଆନ୍ଦୋଳନ।
**vibrator** ବି. ସ୍ପନ୍ଦନ ଉତ୍ପାଦକ ବସ୍ତୁ; ବିଶେ. ମାଲିସ୍ ବା ଯୌନଉତ୍ତେଜନା ଉଦ୍ରେକ କରିବାରେ ବ୍ୟବହୃତ ଯନ୍ତ୍ର; ବିଂ. vibratory.
**viburnum** ବି. (*ସା.* ଧଳାଫୁଲଯୁକ୍ତ) ଉଦ୍ଭିଦ ବିଶେଷ।
**vicar** ବି. ଚର୍ଚ୍ଚ ଅଫ୍ ଇଂଲଣ୍ଡର୍ ବୃତ୍ତିଧାରୀ ଧର୍ମଯାଜକ; ଭିକାର୍।
**vicarage** ବି. ଭିକାର୍ (ଧର୍ମାଧ୍ୟକ୍ଷ)ଙ୍କ ବାସ ଭବନ।
**vicar apostolic** ବି. ରୋମାନ୍ କେଥଲିକ୍ ଧର୍ମ ପ୍ରଚାରକ; ବିଶପ୍ ପଦବୀଧାରୀ ବ୍ୟକ୍ତି।
**vicar–general** ବି. ବିଶପ୍‌ଙ୍କ ପ୍ରତିନିଧି (ବିଶେ ପରିଚାଳନା ସଂକ୍ରାନ୍ତରେ)।
**vicarial** ବିଂ. ଭିକାର୍ ସମ୍ବନ୍ଧୀୟ; ଭିକାର୍ ସ୍ୱରୂପ କାର୍ଯ୍ୟ କରୁଥିବା।
**vicarious** ବିଂ. ପ୍ରତିନିଧି ମାଧ୍ୟମରେ; ପ୍ରତିନିଧିରୂପେ କ୍ଷମତାପ୍ରାପ୍ତ; ପରୋକ୍ଷଭାବରେ ଅନୁଭୂତ; ଅନ୍ୟଜଣଙ୍କର ପାଇଁ କୃତ; କ୍ରି.ବିଂ. vicariously.
**Vicar of Christ** ବି. ପୋପ୍ ବା ସର୍ବପ୍ରଧାନ ଖ୍ରୀଷ୍ଟଧର୍ମାଧ୍ୟକ୍ଷ।
**vice**[1] ବି. ପାପ, ଅଧର୍ମ, ଦୁଷ୍କର୍ମ, ପାପାଚାର; ମନ୍ଦ ଆଚରଣ; ଦୁର୍ବଳତା, ବଦଭ୍ୟାସ।
**vice**[2] ବି. *ଆମେ. vise* ଙ୍କଜ ଷଣ୍ଢଆସୀ; ଭାଇସ୍।
**vice**[3] *ଅ.* ସ୍ଥାନରେ, ବଦଳରେ, ପରିବର୍ତ୍ତେ।
**vice–** *ପୂ.ପ୍ର.* ସଂ. ଉପ–, ସହକାରୀ; (vice-admiral, vice-president).
**vice–chancellor** ବି. ବିଶ୍ୱବିଦ୍ୟାଳୟର ଉପାଚାର୍ଯ୍ୟ; କୁଳପତି।
**vicegerent** 1. ବିଂ. ନ୍ୟସ୍ତ ଅଧିକାର ସାବ୍ୟସ୍ତ କରୁଥିବା (ବ୍ୟକ୍ତି); 2. ବି. ସହାୟକ; ସ୍ଥଳାଭିଷିକ୍ତ ବ୍ୟକ୍ତି; ପ୍ରତିନିଧି।
**vice–president** ବି. ଉପ–ସଭାପତି; ଉପ–ରାଷ୍ଟ୍ରପତି; ବି. vice-presidency; ବିଂ. vice-presidential.
**viceregal** ବିଂ. ଭାଇସ୍‌ରୟ ବା ରାଜପ୍ରତିନିଧି ସଂବଂଧୀୟ; କ୍ରି.ବିଂ. viceregally.
**vicereine** ବି. ଭାଇସ୍‌ରୟ ବା ରାଜପ୍ରତିନିଧିଙ୍କ ପତ୍ନୀ; ମହିଳା ଭାଇସରାୟ ବା ରାଜପ୍ରତିନିଧି।
**vice ring** ବି. ବେଶ୍ୟାବୃତ୍ତି ଚଳାଉଥିବା ଅପରାଧୀ ଗୋଷ୍ଠୀ।
**viceroy** ବି. ରାଜ ପ୍ରତିନିଧି; ଉପନିବେଶ ବା ପ୍ରଦେଶରେ ସମ୍ରାଟ୍ ବା ସାମ୍ରାଜ୍ଞୀଙ୍କ ପ୍ରତିନିଧି ଭାବେ କାର୍ଯ୍ୟକରୁଥିବା ଶାସନମୁଖ୍ୟ; ଭାଇସ୍‌ରୟ।
**vice squad** ବି. ବେଶ୍ୟାବୃତ୍ତି ବିରୁଦ୍ଧରେ ସକ୍ରିୟ ପୋଲିସ୍‌ବିଭାଗ।
**viceroyalty** ବି. ଭାଇସ୍‌ରୟ ବା ରାଜପ୍ରତିନିଧିଙ୍କ ପଦ, ଅଧିକାର ବା କାର୍ଯ୍ୟକାଳ।
**vice versa** ବି. ବିପରୀତ କ୍ରମରେ; ପରିବର୍ତ୍ତିତ କ୍ରମସହ।
**vichyssoise** (ଭିଶିସ୍ୱାଜ୍) ବି. ଆଳୁ ଏବଂ ଲିକ୍ (ପିଆଜଜାତୀୟ ପରିବା)ର ବହଳ, କ୍ରିମ୍‌ଯୁକ୍ତ (ଶୀତଳୀକୃତ) ସୁପ୍।
**Vichy water** ବି. ଫ୍ରାନ୍ସର ଭିଶିଠାରୁ ସଂଗୃହୀତ ଖଣିଜ ଜଳ।
**vicinage** ବି. ଆଖପଡ଼ିଶା; ଆଖପାଖ ଅଞ୍ଚଳ; ପଡ଼ୋଶୀଭାବ ବା ସମ୍ପର୍କ; ପ୍ରତିବେଶୀସୁଲଭ ସହୃଦୟତା।
**vicinity** ବି. ସାମୀପ୍ୟ; ଆଖପାଖ ବା ନିକଟବର୍ତ୍ତୀ ଅଞ୍ଚଳ; in the vicinity ନିକଟବର୍ତ୍ତୀ।
**vicious** ବିଂ. ବଦ୍‌ରାଗୀ; ମନ୍ଦ, ନୈତିକତାହୀନ, ଦୁର୍ନୀତିଗ୍ରସ୍ତ, ପାପପୂର୍ଣ୍ଣ; ଭ୍ରାନ୍ତ; ଅଯୌକ୍ତିକ (ଚିନ୍ତାଧାରା, ବିଚାର); ତ୍ରୁଟିପୂର୍ଣ୍ଣ (ଭାଷା); କ୍ରି.ବିଂ. viciously; ବି. viciousness.
**vicious circle** ବି. ପାପଚକ୍ର; କାରଣ ଏବଂ କାର୍ଯ୍ୟ ପରିଣାମର କ୍ଷତିକାରକ କ୍ରମ; ଦ ଚକ୍ରକ ଦୋଷ।
**vicious spiral** ବି. (ବିଶେ. ମୁଦ୍ରାସ୍ଫୀତିର). ଚକ୍ରକ ଦୋଷ।
**vicissitude** ବି. *ସାହି.* ଅବସ୍ଥାର ପରିବର୍ତ୍ତନ; ଭାଗ୍ୟର ପରିବର୍ତ୍ତନ।
**victim** ବି. ଆଘାତପ୍ରାପ୍ତ, କ୍ଷତିଗ୍ରସ୍ତ, ବିଧ୍ୱସ୍ତ ବା ମୃତ ବ୍ୟକ୍ତି, ପ୍ରାଣୀ ବା ବସ୍ତୁ; ପ୍ରତାରିତ ବ୍ୟକ୍ତି; ଶିକାର; ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ବଳି।
**victimize** କ୍ରି. ଶାସ୍ତି ବା ପାତରଅନ୍ତରର ପାତ୍ର କରିବା, ପ୍ରତିଶୋଧ ଉଦ୍ଦେଶ୍ୟରେ କଠୋର ବ୍ୟବହାର କରିବା; ଉଦ୍ଦେଶ୍ୟପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ କରାଇବା; ବି. victimization.
**victor** ବି. ଯୁଦ୍ଧ ବା ପ୍ରତିଯୋଗିତାରେ ବିଜେତା।

Digitized by srujanika@gmail.com

**victoria** ବି. ଏକପ୍ରକାର ହାଲୁକା ଚାରିଚକିଆ ଘୋଡ଼ା ଗାଡ଼ି ।

**Victoria Cross** ବି. ଯୁଦ୍ଧରେ ଅସାଧାରଣ ସାହସିକତା ଓ ବୀରତ୍ୱ ନିମନ୍ତେ ପ୍ରଦତ୍ତ ସର୍ବୋଚ୍ଚ ବ୍ରିଟିଶ୍ ସାମରିକ ସମ୍ମାନସୂଚକ ପଦକ ।

**Victorian** 1. ବିଂ. ମହାରାଣୀ ଭିକ୍ଟୋରିଆଙ୍କ ଶାସନକାଳୀନ; ଆଚାର ବିଚାରରେ ନୈତିକତା–ବାଦୀ; କଠୋର, କଡ଼ା; 2. ବି. ମହାରାଣୀ ଭିକ୍ଟୋରିଆଙ୍କ ଶାସନ ସମୟର ବ୍ୟକ୍ତି, ବିଶେ. ସାହିତ୍ୟିକ ।

**Victoriana** ବି. ବ.ବ. ଭିକ୍ଟୋରିଆ ଯୁଗର ଦୁର୍ଲଭ ସ୍ମାରକୀ(ବସ୍ତୁ) ।

**Victoria sponge** ବି. ଜାମ୍ ଭର୍ତ୍ତି କରାଯାଇଥିବା ସ୍ପଞ୍ଜକେକ୍‌ର ସେଣ୍ଡୱିଚ୍ ।

**victorious** ବିଂ. ବିଜୟୀ, ବିଜେତା; *କ୍ରି.ବିଂ.* victoriously.

**victory** ବି. ବିଜୟ, ଜୟଲାଭ ।

**victual** 1. ବି. *ସା.* ବ.ବ. ରେ ଖାଦ୍ୟ ସାମଗ୍ରୀ; ରସଦ୍; 2. *କ୍ରି.* *ଆମେ.* ଖାଦ୍ୟ ସାମଗ୍ରୀ ବା ରସଦ୍ ଯୋଗାଇବା; ରସଦ୍ ପାଇବା; ଖାଦ୍ୟ ଖାଇବା ।

**victualler** ବି. *ଆମେ.* victualer ଯେ ରସଦ୍ ସରବରାହ କରେ; ଖାଦ୍ୟ ଯୋଗାଣକାରୀ; **licensed victualler** ମଦ୍ୟ ବିକ୍ରୟ ନିମନ୍ତେ ବିଧିବଦ୍ଧ ଅନୁମତିପ୍ରାପ୍ତ ବ୍ୟକ୍ତି ।

**vicuna** ବି. ଲାମା ସଦୃଶ କୋମଳ ଲୋମବିଶିଷ୍ଟ ଦକ୍ଷିଣ ଆମେରିକୀୟ ସ୍ତନ୍ୟପାୟୀ ପ୍ରାଣୀ, ଏହାର ଲୋମରୁ ପ୍ରସ୍ତୁତ ପଶମ ବସ୍ତ୍ର, ଏହାର ଅନୁକରଣ ।

***vide*** *କ୍ରି.* (ପୁସ୍ତକ ବା ପରିଚ୍ଛେଦ ସମ୍ପର୍କୀୟ ପ୍ରଦତ୍ତ ନିର୍ଦ୍ଦେଶ) ଦେଖ । *(ଲା.)*

**videlicet** *କ୍ରି.ବିଂ.* =viz.

**video** 1. ବିଂ. ମେଗ୍ନେଟିକ୍ ଫିତା ସାହାଯ୍ୟରେ ଚଳଚ୍ଚିତ୍ର ଗ୍ରହଣ ବା ପ୍ରଦର୍ଶନ ସମ୍ବନ୍ଧୀୟ; ଟେଲିଭିଜନ୍‌ରେ ଚିତ୍ର ପ୍ରଦର୍ଶନ ବା ପ୍ରସାରଣ ସଂବନ୍ଧିତ; 2. ବି. ଏହି ପଦ୍ଧତିରେ ଚିତ୍ରଗ୍ରହଣ ବା ପ୍ରସାରଣ; *କ.ଭା.* ଭିଡ଼ିଓ ରେକର୍ଡର୍ ବା ଭିଡିଓ ପ୍ଲେୟାର୍; *କ.ଭା.* ଭିଡିଓ ଟେପ୍‌ରେ ଗୃହୀତ ଚଳଚ୍ଚିତ୍ର; 3. *କ୍ରି.* ଭିଡିଓ ଟେପ୍‌ରେ ଚିତ୍ର (ଶବ୍ଦ ମଧ୍ୟ) ଗ୍ରହଣ କରିବା ।

**video cassette** ବି. ଭିଡିଓ ଟେପ୍‌ର କେସେଟ୍ ।

**videodisc** ବି. ଚଳଚ୍ଚିତ୍ର ଓ ଶବ୍ଦଗ୍ରହଣ ପାଇଁ ବ୍ୟବହୃତ ଚକି ।

**video game** ବି. ଟେଲିଭିଜନ୍ ପର୍ଦ୍ଦାରେ ଖେଳା ଯାଉଥିବା କମ୍ପ୍ୟୁଟର ଖେଳ ।

**video nasty** ବି. *କ.ଭା.* ଯୌନୋତ୍ତେଜକ ବା ରୋମାଞ୍ଚକର ଭିଡିଓ ଫିଲ୍ମ୍ ।

**video recorder** ବି. (video cassette recorder ମଧ୍ୟ) ଭିଡିଓ ଟେପ୍‌ରେ ଚିତ୍ର/ଶବ୍ଦଗ୍ରହଣ ତଥା ପ୍ରଦର୍ଶନ ପାଇଁ ବ୍ୟବହୃତ ଯନ୍ତ୍ର, ଭିସିଆର୍ ।

**video shop** ବି. ଭିଡିଓ ଫିଲ୍ମ୍ ବିକ୍ରୟ କରୁଥିବା ବା ଭଡ଼ାରେ ଦେଉଥିବା ଦୋକାନ ।

**video tape** 1. ବି. ଭିଡ଼ିଓଚିତ୍ର ଓ ଶବ୍ଦଗ୍ରହଣ ଉପଯୋଗୀ ମେଗ୍ନେଟିକ୍ ଫିତା; 2. *କ୍ରି.* ଏହା ସାହାଯ୍ୟରେ ଶବ୍ଦଗ୍ରହଣ ଓ ଚିତ୍ର ଉତ୍ତୋଳନ କରିବା ।

**video tape recorder** ବି. =video recorder.

**videotex** ବି. (videotext ମଧ୍ୟ) ଇଲେକ୍ଟ୍ରନିକ ସୂଚନା ବ୍ୟବସ୍ଥା, ବିଶେ. ଟେଲିଟେକ୍ସ୍‌ଟ୍ ବା ଭିଉଡାଟା ।

**vie** *କ୍ରି.* ପ୍ରତିଦ୍ୱନ୍ଦ୍ୱିତା କରିବା; ଟପିବାକୁ ଚେଷ୍ଟା କରିବା; ସର୍ବଶ୍ରେଷ୍ଠ ହେବାପାଇଁ ଉଦ୍ୟମ କରିବା ।

**Vietnamese** 1. ବିଂ. ଭିଏତ୍‌ନାମ୍‌ର; 2. ବି. ଏବ. ବ.ବ. ଭିଏତ୍‌ନାମ୍‌ର ଅଧିବାସୀ ବା ସେମାନଙ୍କ ଭାଷା ।

**view** 1. ବି. ଦୃଷ୍ଟି, ଦୃଷ୍ଟିପଥ; ଦୃଶ୍ୟ; ଦେଖାଯାଉଥିବା ବସ୍ତୁ, ଦୃଶ୍ୟ ପ୍ରଭୃତି; ତାହାର ଚିତ୍ର; ମତ, ବିଚାର; ପର୍ଯ୍ୟବେକ୍ଷଣ; 2. *କ୍ରି.* ଦେଖିବା; ଚାହିଁବା, ପର୍ଯ୍ୟବେକ୍ଷଣ କରିବା; ପରୀକ୍ଷା କରି ଦେଖିବା; ମନରେ ଧାରଣା କରିବା; ଟେଲିଭିଜନ୍ ଦେଖିବା; have in view ଉଦ୍ଦେଶ୍ୟ ରଖିବା, ଦୃଷ୍ଟିରେ ରଖିବା; in view of ବିବେଚନାରେ, ବିଚାରରେ, ଦୃଷ୍ଟିରେ; on view ପ୍ରଦର୍ଶିତ; with a view to ଉଦ୍ଦେଶ୍ୟରେ, ଆଶାରେ, ଲକ୍ଷ୍ୟରେ ।

**viewdata** ବି. କମ୍ପ୍ୟୁଟର ସୂତ୍ରରୁ ପ୍ରାପ୍ତ ତଥ୍ୟ ବା ସମ୍ବାଦ, ଯାହା ଟେଲିଫୋନ୍ ମାଧ୍ୟମରେ ଟେଲିଭିଜନ୍ ପର୍ଦ୍ଦାସହିତ ସଂଯୁକ୍ତ ହୋଇଥାଏ ।

**viewer** ବି. ଦର୍ଶକ, ପରିଦର୍ଶକ, ଟେଲିଭିଜନ୍ ଦର୍ଶକ; ଫିଲ୍ମ୍ ଟ୍ରାନ୍ସପେରେନ୍ସି ଦେଖିବାର ଉପକରଣ ।

**view finder** ବି. ଫଟୋ ଗ୍ରହଣ ସମୟରେ ଲେନ୍ସ୍‌ର ସୀମାଭିତରକୁ ଆସୁଥିବା ଦୃଶ୍ୟ

Digitized by srujanika@gmail.com

ଦେଖିବା ନିମନ୍ତେ କେମେରାରେ କରାଯାଉଥିବା ବ୍ୟବସ୍ଥା ।

**viewpoint** ବି. ଦୃଷ୍ଟିଭଂଗୀ; ଦୃଷ୍ଟିକୋଣ; ମତ ।

**vigil** ବି. ଜଗିରହିବା ପାଇଁ ବା ପ୍ରାର୍ଥନା ସକାଶେ ରାତ୍ରି ଜାଗରଣ; ଜାଗର; କୌଣସି ଧର୍ମୋତ୍ସବ ବା ପର୍ବର ପୂର୍ବ ରାତି ।

**vigilance** ବି. ସତର୍କତା; ସଚେତନତା; ବିଂ. vigilant.

**vigilante** ବି. ଶୃଙ୍ଖଳା ରକ୍ଷାପାଇଁ ଆତ୍ମନିଯୁକ୍ତ ଏକ ଗୋଷ୍ଠୀର ସଦସ୍ୟ ।

**vignette** ବି. ସଂକ୍ଷିପ୍ତ ବିବରଣ, ଚରିତ୍ର ଚିତ୍ରଣ; ପୁସ୍ତକ ପ୍ରଭୃତିରେ ପ୍ରଦତ୍ତ ଛବି; ପୃଷ୍ଠଭୂମି ଛାୟାଂକିତ ହୋଇଥିବା ଫଟୋଚିତ୍ର ।

**vigour** ବି. *ଆମେ.* vigor (ଶାରୀରିକ ବା ମାନସିକ)କର୍ମଶକ୍ତି; ବଳ; ସ୍ଫୁର୍ତ୍ତି; ପ୍ରାଣପ୍ରାଚୁର୍ଯ୍ୟ; ବିଂ. vigorous; କ୍ରି.ବିଂ. vigorously.

**Viking** ବି. (୮ମ–୧୧ଶ ଶତାବ୍ଦୀର) ସ୍କେଣ୍ଡିନେଭିୟ ଜଳଦସ୍ୟୁ ।

**vile** ବିଂ. ହୀନ; ନୀଚ; ନୈତିକତାହୀନ, ଘୃଣ୍ୟ; *କ.ଭା.* ଅପ୍ରୀତିକର; ବାଜେ; କ୍ରି.ବିଂ. vilely; ବି. vileness.

**vilify** କ୍ରି. ଅନ୍ୟର ନିନ୍ଦା କରିବା; ବଦନାମ କରିବା; କୁତ୍ସାରଟନା କରିବା, ଅପପ୍ରଚାର କରିବା; ବି. vilification.

**villa** ବି. ପଲ୍ଲୀନିବାସ; ଭଡାରେ ନିଆଯାଉଥିବା ଅବକାଶଗୃହ; ଜନବସତିଠାରୁ ଦୂରରେ ସ୍ଥିତ ଘର ।

**village** ବି. ଗ୍ରାମ, ଗାଁ; ସହର ବା ନଗରର ସ୍ୱୟଂସଂପୂର୍ଣ୍ଣ ଗ୍ରାମସଦୃଶ ବସତି ବା ଗୋଷ୍ଠୀଜୀବନ (*ଉଦା.* Olympic village).

**villager** ବି. ଗ୍ରାମବାସୀ; ଗ୍ରାମାଞ୍ଚଳରେ ବାସ କରୁଥିବା ବ୍ୟକ୍ତି ।

**villain** ବି. ଦୁଷ୍ଟ ବ୍ୟକ୍ତି; ଦୁର୍ବୃତ୍ତ; ଖଳନାୟକ; ନାଟକ, କାହାଣୀ ପ୍ରଭୃତିର ମୁଖ୍ୟ ଖଳ ଚରିତ୍ର; *କ.ଭା.* ପେଷାଦାର ଅପରାଧୀ, ଦାଗୀ; *କ.ଭା.* ବଦ୍‌ମାସ ।

**villainous** ବିଂ. ଦୁଷ୍ଟ; ମନ୍ଦ; ଖଳ; ଦୁର୍ଜନୋଚିତ ।

**villainy** ବି. ଦୁର୍ବୃତ୍ତତା, ଦୁର୍ଜନୋଚିତ କାର୍ଯ୍ୟ; ମନ୍ଦକାର୍ଯ୍ୟ ବା ବ୍ୟବହାର ।

**villein** ବି. *ଇତି.* ସାମନ୍ତବାଦୀ ପ୍ରଥାର ରୟତ ବା ପ୍ରଜା; ବି. villeinage.

**vim** ବି. *କ.ଭା.* ପ୍ରାଣଶକ୍ତି; ତେଜ, ବଳ ।

**vinaigrette** ବି. ତେଲ, ମଦ୍ୟ, ଭିନେଗାର୍ ପ୍ରଭୃତି ମିଶ୍ରିତ ସାଲାଡ୍; ସ୍ମେଲିଙ୍ଗ୍ ସଲ୍ଟ୍‌ର ଛୋଟ ବୋତଲ ।

**vindicate** କ୍ରି. ଅଭିଯୋଗ ବା ସନ୍ଦେହରୁ ମୁକ୍ତ କରିବା; (ସାକ୍ଷ୍ୟ, ପ୍ରମାଣ ବା ଯୁକ୍ତିଦ୍ୱାରା) ଯଥାର୍ଥତା ପ୍ରମାଣ କରିବା; ସତ୍ୟ ସିଦ୍ଧ କରିବା; ବି. vindication, vindicator; ବିଂ. vindi- catory.

**vindictive** ବିଂ. ପ୍ରତିଶୋଧ ବା ପ୍ରତିହିଂସା ପରାୟଣ; କ୍ରି.ବିଂ. vindictiveness.

**vine** ବି. ଦ୍ରାକ୍ଷାଲତା, ଅଙ୍ଗୁରଲତା; ଯେକୌଣସି ମୋଟା ଗଣ୍ଡି ବିଶିଷ୍ଟ ଲତା ।

**vinegar** ବି. ସିର୍କା; ଭିନେଗାର୍; ଖାଦ୍ୟ ସଂରକ୍ଷଣ ଏବଂ ଆଚାର ପ୍ରଭୃତିରେ ବ୍ୟବହୃତ (ଯବ ବା ବାର୍ଲି, ମଦ୍ୟ, କମଳାଲେମ୍ବୁ ପ୍ରଭୃତିରୁ ପ୍ରସ୍ତୁତ ଖଟା ସ୍ୱାଦୁ ବିଶିଷ୍ଟ) ତରଳ ପଦାର୍ଥ; ବିଂ. vinegary.

**vinery** ବି. ଗ୍ରୀନ୍‌ହାଉସ୍ ବା କୃତ୍ରିମ ପରିବେଶରେ ପରିବର୍ଦ୍ଧିତ ଅଙ୍ଗୁର ବଗିଚା ।

**vineyard** ବି. ଅଙ୍ଗୁର ଉଦ୍ୟାନ, *ବିଶେ.* ମଦ୍ୟ ପ୍ରସ୍ତୁତ ନିମନ୍ତେ ଉଦ୍ଦିଷ୍ଟ ଅଙ୍ଗୁର ବଗିଚା ।

***vingt-et-un*** ବି. =pontoon.

**vino** ବି. *ସା.ପ୍ର.* (*ବିଶେ.* ନିକୃଷ୍ଟ ଧରଣର) ମଦ୍ୟ ।

**vinous** ବିଂ. ମଦ୍ୟସମ୍ବନ୍ଧୀୟ; ମଦ୍ୟଭକ୍ତି; ମଦ୍ୟଜନିତ; ମଦ୍ୟପ, ମଦୁଆ ।

**vintage** 1. ବି. ଅଙ୍ଗୁରର ଗୋଟିଏ ଅମଳରେ ଉତ୍ପାଦନ, ଏହି ଅମଳର ସମୟ; ଏଥିରୁ ପ୍ରସ୍ତୁତ ମଦ; ଉଚ୍ଚମାନର ମଦ; ନିର୍ଦ୍ଦିଷ୍ଟ ବର୍ଷ ଏବଂ ସ୍ଥାନରେ ପ୍ରସ୍ତୁତ ଉଚ୍ଚମାନର ମଦ; ନିର୍ଦ୍ଦିଷ୍ଟ ସମୟରେ ପ୍ରସ୍ତୁତ ବସ୍ତୁ; 2. ବିଂ. ଉଚ୍ଚମାନର; ଅତୀତ ସମୟର ।

**vintage car** ବି. ୧୯୧୭-୩୦ ମଧ୍ୟରେ ପ୍ରସ୍ତୁତ ହୋଇଥିବା ମୋଟର ଗାଡି ।

**vintner** ବି. ମଦ୍ୟବଣିକ, ମଦ୍ୟ ବ୍ୟବସାୟୀ ।

**vinyl** ବି. ପୋଲିମେରାଇଜେସନ୍ ଦ୍ୱାରା ପ୍ରସ୍ତୁତ ଏକଧରଣର ପ୍ଲାଷ୍ଟିକ୍ ।

**viol** ବି. (ମଧ୍ୟଯୁଗୀୟ) ବେହେଲା ସଦୃଶ ତାରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ (ଏହାକୁ ସିଧା ଠିଆ କରାଇ ବାଦନ କରାଯାଏ) ।

**viola**[1] ବି. ଏକପ୍ରକାର ବଡ଼ ବେହେଲା ।

Digitized by srujanika@gmail.com

**viola²** ବି. (ଭାଓଲେଟ୍ ଏବଂ ପେନ୍‌ସି ଜାତୀୟ) ଏକପ୍ରକାର ସଂକର ପୁଷ୍ପଲତା ।

**viola da gamba** ବି. ବାଦକ ଦୁଇଗୋଡ଼ ମଝିରେ ରଖାହୋଇ ବାଦନ କରାଯାଉଥିବା ଭାଓଲ୍ ।

**violate** କ୍ରି. ଅବମାନନା କରିବା; (ନିୟମ, ସଂଧି, ଶପଥ) ଭଂଗ କରିବା; ସହଯୋଗ ନ କରିବା; ନମାନିବା; (ନିୟମ, ଆଇନ୍, ଶପଥ ପ୍ରଭୃତି) ଲଂଘନ କରିବା; (ମନ୍ଦିର, ମଠ ପ୍ରଭୃତିକୁ) ଅସମ୍ମାନ ପ୍ରଦର୍ଶନ କରିବା; ବ୍ୟକ୍ତିର ଏକାନ୍ତତା ଭଙ୍ଗ କରିବା; ଧର୍ଷଣ କରିବା; ବିଂ. violable; ବି. violation, violator.

**violence** ବି. ହିଂସ୍ରତା; ଭୟଙ୍କରତା; ହିଂସାକାଣ୍ଡ; ବେଆଇନ୍‌ଭାବେ ବଳପ୍ରୟୋଗ; ଉଗ୍ରତା; do violence to ଓଲଟା କାମକରିବା; ଉପଦ୍ରବ କରିବା; ବଳପୂର୍ବକ କରିବା ।

**violent** ବିଂ. ଶାରୀରିକ ଶକ୍ତି ପ୍ରୟୋଗକାରୀ; ହିଂସ୍ର; ବଳପୂର୍ବକ; ପ୍ରଚଣ୍ଡ; ଉତ୍ତେଜନାପୂର୍ଣ୍ଣ; ହିଂସାପୂର୍ଣ୍ଣ; ଅତ୍ୟୁଜ୍ଜ୍ୱଳ(ରଙ୍ଗ); ବିଷ, ହିଂସାକାଣ୍ଡ, ଦୁର୍ଘଟଣା ପ୍ରଭୃତି ଜନିତ (ମୃତ୍ୟୁ) ।

**violet** 1. ବି. ଏକପ୍ରକାର ଲତା; ଏହାର ମୃଦୁ ସୁଗନ୍ଧ ବିଶିଷ୍ଟ (ନୀଳ, ବାଇଗଣି ବା ଧଳାରଙ୍ଗର) ଫୁଲ; ନୀଳ–ଲୋହିତ ବା ବାଇଗଣି ରଙ୍ଗ; ଏହି ରଙ୍ଗର ବସ୍ତ୍ର; 2. ବିଂ. ବାଇଗଣି ବର୍ଣ୍ଣର ।

**violin** ବି. *ସଂଗୀତ* ବେହେଲା; ତାର ବାଦ୍ୟଯନ୍ତ୍ର ବିଶେଷ; ବି. violinist.

**violist** ବି. ଭାଓଲ୍ ବା ଭାଓଲା (ତାର ଯନ୍ତ୍ର)ର ବାଦକ ।

**violoncello** ବି. (ଭାଓଲନ୍‌ଚେଲୋ) *ଔପ.* ସେଲୋ (ବେହେଲା ଜାତୀୟ ବାଦ୍ୟଯନ୍ତ୍ର ଯାହା ବାଦକର ଦୁଇଗୋଡ଼ ମଝିରେ ରଖାହୋଇ ବାଦନ କରାଯାଇଥାଏ) ।

**violone** ବି. ଦୁଇ–ବାସ୍ ବିଶିଷ୍ଟ ଭାଓଲ୍ (ବାଦ୍ୟଯନ୍ତ୍ର) ବିଶେଷ ।

**VIP** *ସଂଖ.* very important person ଅତି ବିଶିଷ୍ଟ ବ୍ୟକ୍ତି ।

**viper** ବି. କ୍ଷୁଦ୍ର ବିଷଧର ସର୍ପ; ଖଳ ବା କ୍ରୁରଲୋକ; ବିଶ୍ୱାସଘାତକ ।

**virago** ବି. ଅଣ୍ଡିରାଚଣ୍ଡୀ ସ୍ତ୍ରୀ; କଳିହୁଡ଼ୀ; ଉଗ୍ରଚଣ୍ଡୀ ।

**viral** ବିଂ. ଭାଇରସ୍ ବା ଭୂତାଣୁଜନିତ ଏକପ୍ରକାର ଜୀବାଣୁଦ୍ୱାରା ହେଉଥିବା ।

**virgin** 1. ବି. ଅକ୍ଷତଯୋନି କୁମାରୀ; ଅକ୍ଷତାନାରୀ; ଯୌନସଂଗମର ଅଭିଜ୍ଞତା ନ ଥିବା ବ୍ୟକ୍ତି; the Virgin ଯୀଶୁଙ୍କ ମାତା ମେରୀ; କନ୍ୟାରାଶି; 2. ବିଂ. ବ୍ୟବହାର କରାଯାଇ ନ ଥିବା; ଅକ୍ଷତ; ଯୌନକ୍ରିୟାର ଅଭିଜ୍ଞତା ନ ଥିବା ବ୍ୟକ୍ତି ସଂବଂଧିତ ।

**virginal** 1. ବିଂ. ଯୌନ ସଂଗମର ଅଭିଜ୍ଞତା ନ ଥିବା ବ୍ୟକ୍ତି ସଂବଂଧିତ ବା ସେଭଳି ବ୍ୟକ୍ତିସୁଲଭ; 2. ବି. *ସା.* ବ.ବ.ରେ *ସଂଗୀତ* ଗୋଡ ନ ଥିବା (ବାକ୍ସସ୍ଥିତ) ସ୍ପିନେଟ୍ (ବାଦ୍ୟଯନ୍ତ୍ର ବିଶେଷ) ।

**virgin birth** ବି. *ଖ୍ରୀ.* କୁମାରୀ–ମାତାଙ୍କ ଗର୍ଭରୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସଂବଂଧିତ ତତ୍ତ୍ୱ; ଗର୍ଭାଧାନ ବିନା ଉତ୍ପତ୍ତି ସଂକ୍ରାନ୍ତ ଜୀବବିଜ୍ଞାନର ତତ୍ତ୍ୱ (ପାର୍ଥିନୋଜେନେସିସ୍) ।

**Virginia creeper** ବି. ସୁଦୃଶ୍ୟ ଲତା ବିଶେଷ ।

**virginity** ବି. କୁମାରୀତ୍ୱ, କୌମାର୍ଯ୍ୟ; ଯୌନ ସଂଗମର ଅଭିଜ୍ଞତାହୀନତା ।

**Virgo** ବି. କନ୍ୟାରାଶି; ଜୋଡିଆକ୍‌ର ଷଷ୍ଠସ୍ଥାନର ନକ୍ଷତ୍ର; ଏହି ରାଶି ବା ନକ୍ଷତ୍ରରେ ଜନ୍ମିତ ବ୍ୟକ୍ତି ।

**virile** ବିଂ. ଓଜଃ ଓ ଶକ୍ତିବିଶିଷ୍ଟ; ଯୌନଶକ୍ତିଧାରୀ; ବୀର୍ଯ୍ୟବାନ; ପ୍ରଜନନକ୍ଷମ (ପୁରୁଷ); ପୁରୁଷୋଚିତ; ବି. virility.

**virology** ବି. ଭାଇରସ୍ ବା ଜୀବାଣୁର ବୈଜ୍ଞାନିକ ଅଧ୍ୟୟନ; ଜୀବାଣୁବିଦ୍ୟା ।

**virtual** ବି. ନାମରେ ନ ହେଲେ ମଧ୍ୟ କାମରେ; ବାସ୍ତବିକ (the virtual Principal).

**virtually** କ୍ରି.ବିଂ. ପ୍ରକୃତରେ, ବାସ୍ତବରେ, ପ୍ରାୟ, ମୋଟାମୋଟି ।

**virtual reality** ବି. କମ୍ପ୍ୟୁଟର ମାଧ୍ୟମରେ ବାସ୍ତବ ଜଗତର ଅନୁକରଣ ।

**virtue** ବି. ନୈତିକ ଉତ୍କର୍ଷ; ଭଲପଣିଆ; ସାଧୁତା, ସଦ୍‌ଗୁଣ; (ସ୍ତ୍ରୀର) ସତୀତ୍ୱ; ଭଲଗୁଣ; ଉତ୍ତମ ଗୁଣବତ୍ତା; ବାଂଛିତଫଳ; by (in) virtue of ବଳରେ, ସାହାଯ୍ୟରେ, କାରଣରୁ ।

**virtuoso** ବି. ବ.ବ. virtuosi ଶିଳ୍ପ ଓ କଳାରେ ଅଭିଜ୍ଞ ବା ପାରଦର୍ଶୀ ବ୍ୟକ୍ତି ( ବିଶେ.

Digitized by srujanika@gmail.com

ସଂଗୀତଜ୍ଞ); ବିଂ. virtuosic; ବି. virtuosity.

**virtuous** ବିଂ. ଧାର୍ମିକ, ପୁଣ୍ୟବାନ୍, ମହତ୍, ନୀତିବାନ୍, ଗୁଣବାନ୍, ସଦାଚାରୀ; *ପ୍ରା.ପ୍ର.* ସତୀ, ପବିତ୍ର; *କ୍ରି.ବିଂ.* virtuously.

**virulent** ବିଂ. ଉତ୍କଟଭାବେ ବିଷାକ୍ତ; ମାରାତ୍ମକ (ରୋଗ); ତୀବ୍ର ଶତ୍ରୁଭାବାପନ୍ନ; ବି. virulence; *କ୍ରି.ବିଂ.* virulently.

**virus** ବି. ଅନେକ ସମୟରେ ରୋଗ ସୃଷ୍ଟି କରୁଥିବା ଜୀବାଣୁ; *ଲାକ୍ଷ.* ବିଷାକ୍ତ ରସ; କମ୍ପ୍ୟୁଟର୍ ଭାଇରସ୍।

**visa** ବି. ସ୍ୱଦେଶରୁ ଯିବାପାଇଁ ବା ଅନ୍ୟ ଦେଶରୁ ଆସିବା ପାଇଁ ପାସ୍‌ପୋର୍ଟରେ ପ୍ରଦତ୍ତ ଅନୁମତି; ଭିଜା; ବିଂ. visaed.

**visage** ବି. *ସାହି.* ମୁଖମଣ୍ଡଳ, ମୁହଁ।

***vis-a-vis*** 1. *ଅ.* ସମ୍ବନ୍ଧରେ; ତୁଳନାତ୍ମକଭାବେ; 2. *କ୍ରି.ବିଂ.* ସମ୍ମୁଖୀନ ହୋଇ; ବିପରୀତ; 3. ବି. ପରସ୍ପର ସମ୍ମୁଖୀନ ବ୍ୟକ୍ତି ବା ବସ୍ତୁ।

**viscera** ବି. ବ.ବ. ଶରୀର ଅଭ୍ୟନ୍ତରସ୍ଥ ଅଂଶ; ବିଂ. visceral.

**viscid** ବିଂ. ଅଠାଳିଆ, ଅର୍ଦ୍ଧତରଳ।

**viscose** ବି. ଅତ୍ୟନ୍ତ ଅଠାଳିଆ ଅବସ୍ଥାରେ ଥିବା ସେଲୁଲୋଜ୍ (ରେୟନ୍ ତନ୍ତୁ ପ୍ରସ୍ତୁତିରେ ବ୍ୟବହୃତ)।

**viscosity** ବି. ଅଠାଳିଆ ଗୁଣ; ଅର୍ଦ୍ଧତରଳ ଅବସ୍ଥା।

**viscount** ବି. ଇଂଲଣ୍ଡର ସମ୍ଭ୍ରାନ୍ତବ୍ୟକ୍ତି ବିଶେଷଙ୍କର ଉପାଧି (ଅର୍ଲ ଏବଂ ବେରନ୍ ମଧ୍ୟବର୍ତ୍ତୀ); ବି. viscountcy.

**viscountess** ବି. ଭାଇକାଉଣ୍ଟଙ୍କ ପତ୍ନୀ ବା ବିଧବା, ନାରୀ ଭାଇକାଉଣ୍ଟ୍।

**viscous** ବିଂ. ଅଠାଳିଆ, ଅର୍ଦ୍ଧତରଳ; ବହଳିଆ; ବି. viscosity.

**vise** ବି. *ଆମେ.* *ଦ୍ର.* vice.

**visibility** ବି. ଦୃଶ୍ୟମାନତା; ଦେଖାଯାଉଥିବା ଅବସ୍ଥା; ପାଗ ଏବଂ ଆଲୋକର ଅବସ୍ଥା ଅନୁଯାୟୀ ଆଖିକୁ ଦେଖାଯିବା ସମ୍ଭାବନା ବା ପରିମାଣ।

**visible** ବିଂ. ଦୃଶ୍ୟମାନ, ଦୃଷ୍ଟିଗୋଚର, ସୁସ୍ପଷ୍ଟ; (ରପ୍ତାନି ପାଇଁ) ପ୍ରକୃତରେ ଥିବା (ମାଲ୍)।

**vision** ବି. ଦୃଷ୍ଟି, ଦୃଷ୍ଟିଶକ୍ତି; ଦୃଶ୍ୟ; ସ୍ୱପ୍ନ ବା ମୋହାଚ୍ଛନ୍ନ ଅବସ୍ଥାରେ ଦେଖିଥିବା ବସ୍ତୁ, ବ୍ୟକ୍ତି ବା ଦୃଶ୍ୟ; ମାନସିକ ଚିତ୍ର, କାଳ୍ପନିକ ଚିତ୍ର; ଅନ୍ତର୍ଦୃଷ୍ଟି; ରାଜନୀତିଜ୍ଞ ସୁଲଭ ପୁରୋଦୃଷ୍ଟି; ସୁନ୍ଦର ବ୍ୟକ୍ତି ବା ବସ୍ତୁ; ବିଶେ. ନିର୍ଦ୍ଦିଷ୍ଟ ଗୁଣମାନର ଚଳଚ୍ଚିତ୍ର ବା ଟେଲିଭିଜନ ପର୍ଦାର ଛବି।

**visionary** 1. ବିଂ. କଳ୍ପନାପ୍ରବଣ, କଳ୍ପନା ବିଳାସୀ; କାଳ୍ପନିକ, ଅବାସ୍ତବ; ସ୍ୱପ୍ନଚାରୀ; ଦୂରଦୃଷ୍ଟିସଂପନ୍ନ; ଅପ୍ରାୟୋଗିକ; 2. ବି. କଳ୍ପନାବିଳାସୀ ବା ସ୍ୱପ୍ନଚାରୀ ବ୍ୟକ୍ତି।

**visit** 1. *କ୍ରି.* ଦେଖାକରିବା, ସାକ୍ଷାତ୍ କରିବା, ଯାଇ ଦେଖି ଆସିବା; କୌଣସି ସ୍ଥାନକୁ ଯିବା; ପରିଦର୍ଶନ କରିବା; କୌଣସି ବ୍ୟକ୍ତିସହ ବା କୌଣସି ସ୍ଥାନରେ ଅଳ୍ପ କାଳ ବାସକରିବା; (ରୋଗ ପ୍ରଭୃତି) ଆକ୍ରମଣ କରିବା; (ବ୍ୟକ୍ତିପ୍ରତି) ପ୍ରତିଶୋଧ ନେବା; ପାପକର୍ମ ପାଇଁ ଶାସ୍ତି ଦେବା; 2. ବି. ସାକ୍ଷାତ୍ କାର୍ଯ୍ୟ; ବ୍ୟକ୍ତି ବା କୌଣସି ସ୍ଥାନରେ ସାମୟିକ ରହଣି; ଡାକ୍ତରଙ୍କ ପାଖକୁ ଯିବା; ଲୌକିକ ବା ବୃତ୍ତିଗତ ସାକ୍ଷାତ୍‌କାର।

**visitant** ବି. ଅଲୌକିକ ଆଗନ୍ତୁକ (ଭୂତ, ପ୍ରେତ ପ୍ରଭୃତି); ସାମୟିକଭାବେ କୌଣସି ସ୍ଥାନରେ ବିଶ୍ରାମ ନେଉଥିବା ସ୍ଥାନାନ୍ତର ଭ୍ରମଣକାରୀ ପକ୍ଷୀ।

**visitation** ବି. ଔପଚାରିକ ବା ସରକାରୀ ପରିଦର୍ଶନ; ଦୈବୀଦଣ୍ଡ; **Visitation** *ଖ୍ରୀ.* ମାତା ମେରୀଙ୍କର ଏଲିଜାବେଥ୍‌ଙ୍କ ନିକଟକୁ ଆଗମନ, ଏହି ଉତ୍ସବ।

**visitor** ବି. ପରିଦର୍ଶକ, ଆଗନ୍ତୁକ; ଭ୍ରମଣକାରୀ ପକ୍ଷୀ।

**visitor's book** ବି. ପରିଦର୍ଶକ-ପୁସ୍ତିକା; ହୋଟେଲ୍, ଚର୍ଚ୍ଚ୍, ଦର୍ଶନୀୟ ସ୍ଥାନ ପ୍ରଭୃତିରେ ପରିଦର୍ଶକମାନଙ୍କ ମତାମତ ଓ ଦସ୍ତଖତ ପାଇଁ ଉଦ୍ଦିଷ୍ଟ ଖାତା।

**visor** ବି. (vizor ମଧ୍ୟ) ମୁଖାବରଣ; ହେଲ୍‌ମେଟ୍ ବା ଶିରସ୍ତ୍ରାଣ ସଂଲଗ୍ନ ପରିବର୍ତ୍ତନୀୟ ଅଂଶ; ଆଖିରେ ଖରା ନ ପଡିବାପାଇଁ ବ୍ୟବହୃତ ଘୋଡଣି।

**vista** ବି. ଦୁଇଧାଡି ଗଛଭିତର ଦେଇ ଦେଖା ଯାଉଥିବା ଦୃଶ୍ୟ; ଘଟଣାକ୍ରମର ସୁଦୀର୍ଘ ମାନସଚିତ୍ର।

**visual** ବିଂ. ଦୃଷ୍ଟିସଂକ୍ରାନ୍ତ; ଦେଖିବାରେ ବ୍ୟବହୃତ; ଚାକ୍ଷୁଷ; *କ୍ରି.ବିଂ.* visually.

**visual aid** ବି. ଶିକ୍ଷାଦାନ ନିମନ୍ତେ ବ୍ୟବହୃତ ଛବି, ଚଳଚ୍ଚିତ୍ର ଇତ୍ୟାଦି।

Digitized by srujanika@gmail.com

**visual display unit** ବି. କଂପ୍ୟୁଟର ପର୍ଦାଉପରେ ସୂଚନା ବା ତଥ୍ୟ ପରିବେଷଣ ପଦ୍ଧତି ଓ ଉପକରଣ।

**visualize** କ୍ରି. ମନରେ କଳ୍ପନା କରିବା; ଅନୁମାନ କରିବା; ବି. visualization.

**vital** 1. ବିଂ. ଜୀବନ ସମ୍ବନ୍ଧୀୟ ବା ସଂକ୍ରାନ୍ତ, ପ୍ରାଣଧାରକ; ଅପରିହାର୍ଯ୍ୟ, ଅତି ଆବଶ୍ୟକ, ମାରାତ୍ମକ (ଭୁଲ); ପ୍ରାଣବନ୍ତ, ଜୀବନ୍ତ; 2. ବି. ବ.ବ.ରେ ଦେହର ଅତ୍ୟାବଶ୍ୟକ ଅଙ୍ଗସମୂହ (ହୃଦ୍‌ଯନ୍ତ୍ର, ମସ୍ତିଷ୍କ); କ୍ରି.ବିଂ. vitally.

**vitalism** ବି. ପ୍ରାଣବାଦ, ଜୀବନବାଦ; ଦୈହିକ ବା ଭୌତିକ ଶକ୍ତି ଊର୍ଦ୍ଧ୍ୱରେ ଜୀବନ ସମ୍ବନ୍ଧୀୟ ଏକ ନିୟମାନୁସାରେ ଜଗତରେ ଜୀବନର ସୃଷ୍ଟି ହୁଏ– ଏହିତତ୍ତ୍ୱ; ବି. vitalist; ବିଂ. vitalistic.

**vitality** ବି. ଜୀବନୀଶକ୍ତି; ପ୍ରାଣପ୍ରାଚୁର୍ଯ୍ୟ; ଜୀବନଧାରଣ କରିବା ବା ପ୍ରତିକୂଳ ପରିସ୍ଥିତିରେ ମଧ ଉଧେଇବାର ସାମର୍ଥ୍ୟ।

**vitalize** ବି. ଜୀବନ ଦେବା; ଜୀବନୀଶକ୍ତି ଦେବା; ସଜୀବ ବା ସତେଜ କରିବା; ବି. vitalization.

**vital statistics** ବି. ଜନ୍ମ, ମୃତ୍ୟୁ, ବିବାହ ପ୍ରଭୃତିର ସଂଖ୍ୟା; *କ.ଭା.* ସ୍ତ୍ରୀଲୋକର ଛାତି, ଅଣ୍ଟା ଏବଂ ପିଚାର ମାପ।

**vitally** କ୍ରି.ବିଂ. ଅପରିହାର୍ଯ୍ୟ ଭାବରେ; ଅତ୍ୟାବଶ୍ୟକ ଭାବରେ।

**vitamin** ବି. ଖାଦ୍ୟପ୍ରାଣ, ଜୀବନିକା, ଖାଦ୍ୟଦ୍ରବ୍ୟର ଖାଦ୍ୟସାର (ଏ, ବି, ସି, ଡ଼ି ପ୍ରଭୃତି ନାମରେ ପରିଚିତ); ଭିଟାମିନ୍।

**vitaminize** କ୍ରି. (ଖାଦ୍ୟ) ଖାଦ୍ୟପ୍ରାଣଯୁକ୍ତ କରିବା।

**vitiate** କ୍ରି. ଗୁଣ ହ୍ରାସ କରିବା; ଶକ୍ତି ନଷ୍ଟ କରିବା; ଦୂଷିତ କରିବା; ପ୍ରଭାବହୀନ ବା ଅସିଦ୍ଧ କରିଦେବା; କଳୁଷିତ କରିବା; ବି. vitiation.

**viticulture** ବି. ଅଙ୍ଗୁର ଉତ୍ପାଦନ ବା ଚାଷ।

**vitreous** ବିଂ. କାଚସଦୃଶ; କାଚ ସମ୍ବନ୍ଧୀୟ; କାଚନିର୍ମିତ; କଠିନ ଓ ସ୍ୱଚ୍ଛ।

**vitreous humour** ବି. ଆଖିର ରେଟିନା ବା ଅକ୍ଷିପଟ ଯବକାଚ ମଧରେ ଥିବା ସ୍ୱଚ୍ଛ ତରଳ ପଦାର୍ଥ।

**vitrify** କ୍ରି. (ଉତ୍ତାପ ସାହାଯ୍ୟରେ) କାଚରେ ପରିଣତ କରିବା; କାଚ ସଦୃଶ କରିବା; ବି. vitrifaction; vitrification..

**vitriol** ବି. ଯେକୌଣସି ସଲ୍‌ଫେଟ୍ ବା ସଲ୍‌ଫୁରିକ୍ ଏସିଡ୍ (ଗନ୍ଧକାମ୍ଳ); ତୀବ୍ର ଭର୍ତ୍ସନାପୂର୍ଣ୍ଣ ବା କଟୁ କଥା ବା ସମାଲୋଚନା।

**vitriolic** ବି. ଗନ୍ଧକାମ୍ଳକ୍ଷାର ସମ୍ବନ୍ଧୀୟ; ତୀବ୍ର ଭର୍ତ୍ସନାମୂଳକ; କଟୁ।

**vituperate** କ୍ରି. ତୀବ୍ର ସମାଲୋଚନା କରିବା; ତିରସ୍କାର କରିବା; ବି. vituperation; ବିଂ. vituperative; ବି. vituperator.

**viva**[1.] *କ.ଭା.* ବି. କ୍ରି. (vivas, vivaed, vivaing) =viva voce ମୌଖିକ ପରୀକ୍ଷା।

**viva**[2.] 1. *ଅବ୍ୟ.* ଜିନ୍ଦାବାଦ୍, ଦୀର୍ଘଜୀବୀ ହୁଅ; 2. ବି. ଅଭିବାଦନ ଜ୍ଞାପନ ପାଇଁ ଏହି ଚିତ୍କାର।

**vivace** କ୍ରି.ବିଂ. *ସଂଗୀତ* ପ୍ରାଣବନ୍ତ ଭାବରେ।

**vivacious** ବିଂ. ପ୍ରାଣୋଲ୍ଲାସପୂର୍ଣ୍ଣ; ପ୍ରାଣ ପ୍ରାଚୁର୍ଯ୍ୟଭରା; ଜୀବନ୍ତ; ବି. vivacity.

**vivarium** ବି. ବ.ବ. vivaria, vivariums ଅଭୟାରଣ୍ୟ: ଜୀବଜନ୍ତୁମାନଙ୍କୁ ପ୍ରାକୃତିକ ପରିବେଶରେ ରଖିବାପାଇଁ ନିର୍ମିତ ଆବେଷ୍ଟନୀ; ବୈଜ୍ଞାନିକ ପରୀକ୍ଷଣ ନିମନ୍ତେ ଜୀବଜନ୍ତୁମାନଙ୍କୁ ରଖାଯାଉଥିବା କାଚ ନିର୍ମିତ ପାତ୍ର।

**viva voce** 1. ବି. ମୌଖିକ ପରୀକ୍ଷା; 2. କ୍ରି.ବିଂ. ମୌଖିକ ଭାବରେ; 3. ବିଂ. ମୌଖିକ; 4. କ୍ରି. ମୌଖିକ ଭାବରେ ପରୀକ୍ଷା କରିବା।

**vivid** ବିଂ. ଘନ ବା ଅତ୍ୟୁଜ୍ଜ୍ୱଳ (ରଙ୍ଗ); ସୁସ୍ପଷ୍ଟ; ସତେଜ, ପ୍ରାଣବନ୍ତ, ପ୍ରାଂଜଳ, ନିର୍ଭୁଲ (ସ୍ମୃତି, ବର୍ଣ୍ଣନା, କଳ୍ପନା ପ୍ରଭୃତି); କ୍ରି.ବିଂ. vividly; ବି. vividness.

**vivify** କ୍ରି. ପ୍ରାଣବନ୍ତ ବା ସଜୀବ କରିବା; ଜୀବନ୍ତ କରିବା।

**viviparous** ବିଂ. *ପ୍ରାଣୀ* ସଜୀବ ସନ୍ତାନ ପ୍ରସବିନୀ।

**vivisect** କ୍ରି. ଜୀବିତ ପ୍ରାଣୀ ଦେହରେ ବୈଜ୍ଞାନିକ ଗବେଷଣା ଉଦ୍ଦେଶ୍ୟରେ ପରୀକ୍ଷାମୂଳକ ଅସ୍ତ୍ରୋପଚାର କରିବା; ବି. vivisection; ବିଂ. vivisectional; ବି. vivisectionist, vivisector.

**vixen** ବି. ମାଈ କୋକିଶିଆଳି; କଳିହୁଡ଼ୀ ସ୍ତ୍ରୀ।

**viz** କ୍ରି.ବିଂ. (ଭିଜ୍ ବା namely ଭାବେ ଉଚ୍ଚାରିତ) ଯଥା, ଅନ୍ୟଭାଷାରେ, ଅର୍ଥାତ୍।

**vizier** ବି. *ଇତି.* ମୁସଲମାନ ଦେଶର ଉଚ୍ଚ ପଦବୀଧାରୀ ରାଜ କର୍ମଚାରୀ; ଓ୍ୱଜିର୍।

Digitized by srujanika@gmail.com

**vizor** ବି. ବିକ. visor.
**V–neck** ବି. ପୋଷାକର V ଆକୃତିର ବେକ।
**vocable** ବି. ଶବ୍ଦ (ଅର୍ଥଦୃଷ୍ଟିରୁ ନୁହେଁ, ଗଠନ ଦୃଷ୍ଟିରୁ)।
**vocabulary** ବି. ନିର୍ଦ୍ଦିଷ୍ଟ ଭାଷା, ପୁସ୍ତକ, ଲେଖକ ବା ବିଜ୍ଞାନଦ୍ୱାରା ବ୍ୟବହୃତ ଶବ୍ଦାବଳୀ; ବର୍ଣ୍ଣାନୁକ୍ରମେ ଏହି ଶବ୍ଦଗୁଡ଼ିକର ତାଲିକା ଏବଂ ସେଗୁଡ଼ିକର ସଂଜ୍ଞା, ଅର୍ଥ ବା ଅନୁବାଦ; (ବ୍ୟକ୍ତିର) ଶବ୍ଦଭଣ୍ଡାର; କଳାତ୍ମକ ବା ଶୈଳୀଗତ ବିଭିନ୍ନ ଗଠନ ବା କୌଶଳର ସମାହାର।
**vocal** 1. ବିଂ. କଣ୍ଠ ବା ସ୍ୱର ସମ୍ବନ୍ଧୀୟ; କଣ୍ଠଦ୍ୱାରା ଉଚ୍ଚାରିତ; ସ୍ୱରଯୁକ୍ତ; କଥିତ ବା ଗୀତ; ଭାଷାରେ ଅଭିବ୍ୟକ୍ତ; ବଡ଼କୁହା; 2. ବି. କଣ୍ଠସଙ୍ଗୀତ; *ସଙ୍ଗୀତ* ଗାୟନ; *କ୍ରି.ବିଂ.* vocally.
**vocal cords** ବି. ସ୍ୱରପେଟିକା; ଗଳାର ସ୍ୱର ଉତ୍ପାଦକ ଅଂଶ।
**vocalic** ବିଂ. ସ୍ୱରବର୍ଣ୍ଣ ସମ୍ବନ୍ଧୀୟ; ସ୍ୱରବର୍ଣ୍ଣର।
**vocalist** ବି. ଗାୟକ, କଣ୍ଠଶିଳ୍ପୀ।
**vocalize** *କ୍ରି.* ସ୍ୱରଯୁକ୍ତ କରିବା, କଣ୍ଠଦ୍ୱାରା ଉଚ୍ଚାରଣ କରିବା; ଭାଷାରେ ପ୍ରକାଶ କରିବା; ବି. vocalization.
**vocation** ବି. ନିର୍ଦ୍ଦିଷ୍ଟ ବୃତ୍ତିଗ୍ରହଣ ପାଇଁ ତୀବ୍ର ଇଚ୍ଛା; ଧର୍ମଗତ ବୃତ୍ତିଗ୍ରହଣ ନିମନ୍ତେ ଭଗବତ୍ ପ୍ରେରଣା ବା ଆହ୍ୱାନ; ବ୍ୟବସାୟ, ବୃତ୍ତି, ପେଶା; ବିଂ. vocational.
**vocative** 1. ବି. *ବ୍ୟା.* (ବ୍ୟକ୍ତି ବା ବସ୍ତୁକୁ) ସମ୍ବୋଧନରେ ବ୍ୟବହୃତ ବା ସମ୍ବୋଧନଗତ ଶବ୍ଦ; 2. ବିଂ. ସମ୍ବୋଧନପଦର।
**vociferate** *କ୍ରି.* ଚିତ୍କାର କରିବା, ପାଟିକରିବା, ଉଚ୍ଚଧ୍ୱନି କରିବା; ବି. vociferation, vociferator.
**vociferous** ବିଂ. ଚିତ୍କାରକାରୀ, କୋଳାହଳକାରୀ; ବଡ଼ପାଟିଆ; କୁହାଳିଆ; *କ୍ରି.ବିଂ.* vociferously.
**vodka** ବି. ରାଏରୁ ପ୍ରସ୍ତୁତ ରୁଷଦେଶୀୟ ସୁରାସାର।
**vogue** ବି. ପ୍ରଚଳିତ ପଦ୍ଧତି, ଚଳଣି, ବ୍ୟବହାର, ପ୍ରଥା; in vogue ପ୍ରଚଳିତ ଥିବା ଫେଶନ୍; ବିଂ. voguish.
**vogue–word** ବି. ସମ୍ପ୍ରତି ପ୍ରଚଳିତ ଜନପ୍ରିୟ ଶବ୍ଦ।
**voice** 1. ବି. କଣ୍ଠସ୍ୱର; ବାକ୍‌ଶକ୍ତି, ବାଣୀ, ସଂଗୀତ ବା ଭାଷାରେ ପରିପ୍ରକାଶ; ମତପ୍ରକାଶର ଅଧିକାର; ଭାବପ୍ରକାଶର ମାଧ୍ୟମ; *ବ୍ୟା.* କ୍ରିୟାର ବାଚ୍ୟସୂଚକ ରୂପ; 2. *କ୍ରି.* ଉଚ୍ଚାରଣ କରିବା; ଭାଷାରେ ବ୍ୟକ୍ତ କରିବା; voiced ବିଂ. ସ୍ୱରପେଟିକାର କଂପନସହ ଉଚ୍ଚାରିତ ସ୍ୱର, *ଉଦା–* ବ, ଡ; ସଘୋଷ ସ୍ୱର; in good voice ଭଲଭାବରେ ବା ସହଜରେ ଗାଇ ବା କହିପାରୁଥିବା ଅବସ୍ଥାରେ; with one voice ସର୍ବସମ୍ମତି କ୍ରମେ; ସମସ୍ୱରରେ।
**voice–box** ବି. କଣ୍ଠନଳୀର ସ୍ୱରପେଟିକା, ଲେରିଙ୍କସ୍।
**voiceless** ବିଂ. ମୂକ; ନୀରବ; ମତଦେବାର ଅଧିକାରବିହୀନ; *ଭାଷା* ଅଘୋଷ ସ୍ୱର, ସ୍ୱରପେଟିକାର କଂପନ ବିନା ଉଚ୍ଚାରିତ ସ୍ୱର (ଉଦା. ପ, ଫ)।
**voice–over** ବି. ଚଳଚ୍ଚିତ୍ର ପ୍ରଭୃତିରେ ଅଦୃଶ୍ୟ ବର୍ଣ୍ଣନାକାରୀର ଧାରାବିବରଣୀ ବା ବର୍ଣ୍ଣନ।
**void** 1. ବିଂ. ଶୂନ୍ୟ, ଖାଲି, ଅକାମୀ (ଚୁକ୍ତିପତ୍ର); *ଆଇନ* ବାତିଲ୍ (null and void); 2. ବି. ମହାଶୂନ୍ୟ, ଶୂନ୍ୟସ୍ଥାନ, ଶୂନ୍ୟତା; 3. *କ୍ରି.* ବାତିଲ୍ କରିବା, ଖାଲି କରିବା, ଶରୀରରୁ ବାହାର କରିବା; void of ଅଭାବରେ, ମୁକ୍ତ।
**voile** ବି. ସୂକ୍ଷ୍ମ ଅର୍ଦ୍ଧ–ପାରଦର୍ଶୀ କପଡ଼ା, ଭଏଲ୍।
**vol.** *ସଂଖ.* volume *ଦ୍ର.*।
**volatile** ବିଂ. ଉଦ୍‌ବାୟୀ; ଶୀଘ୍ର ବାଷ୍ପ ହୋଇ ଉଡ଼ିଯାଉଥିବା; ପରିବର୍ତ୍ତନଶୀଳ; ଖାମଖିଆଲି, ବିସ୍ଫୋରକ (ପରିସ୍ଥିତି); ବି. volatility.
**volatilize** *କ୍ରି.* ବାଷ୍ପରେ ପରିଣତ କରିବା ବା ହେବା; ବି. volatilization.
**vol–au–vent** ବି. (ସାଧାରଣତଃ କ୍ଷୁଦ୍ର ବୃତ୍ତାକାର) ପଫ୍ ପେଷ୍ଟ୍ରିର ପାତ୍ର ବା ଡିବା।
**volcanic** ବିଂ. ଆଗ୍ନେୟଗିରି ସମ୍ବନ୍ଧୀୟ ବା ତହିଁରୁ ଉତ୍ପନ୍ନ; *କ୍ରି.ବିଂ.* volcanically.
**volcano** ବି. ବ.ବ. volcanoes ଆଗ୍ନେୟଗିରି; ବିସ୍ଫୋରକ ପରିସ୍ଥିତି।
**vole** ବି. ଛୋଟ ମୂଷାଜାତୀୟ ପ୍ରାଣୀ ବିଶେଷ।

Digitized by srujanika@gmail.com

**volition** ବି. ଇଚ୍ଛାର ପ୍ରୟୋଗ; ଇଚ୍ଛାଶକ୍ତି; of one's own volition ସ୍ୱେଚ୍ଛାରେ, ସ୍ୱେଚ୍ଛାକୃତଭାବେ; ବିଂ. volitional; କ୍ରି.ବିଂ. volitionally.

**volley** 1. ବି. ଯୁଗପତ୍ ଅନେକ ଅସ୍ତ୍ର ଚାଳନା, ଏହିଭଳି ହଠାତ୍ ପ୍ରବଳ ଗୁଳିବର୍ଷଣ; (ଗାଳି, ଅଭିଶାପ ପ୍ରଭୃତିର) ସ୍ରୋତ, (ଟେନିସ୍, ଫୁଟବଲ୍ ପ୍ରଭୃତି ଖେଳରେ) ଭୂମିସ୍ପର୍ଶ ପୂର୍ବରୁ ବଲ୍‌ର ପ୍ରତିକ୍ଷେପ; 2. କ୍ରି. ଅଜସ୍ର ବର୍ଷଣ କରିବା; ଅବିରାମ ବର୍ଷଣ କରିବା।

**volleyball** ବି. ଛ'ଜଣ ଲେଖାଏଁ ଖେଳାଳି ଉଭୟପଟେ ରହି ହାତରେ ଖେଳୁଥିବା ବଲ୍‌ଖେଳ; ଭଲିବଲ୍।

**volt** ବି. ବୈଦ୍ୟୁତିକ ଗତି ଶକ୍ତି ମାପର ଏକକ; ତଡିତ୍ ଏକକ; ଭୋଲ୍ଟ୍।

**voltage** ବି. ଭୋଲ୍ଟ୍‌ରେ ପ୍ରକାଶିତ ବୈଦ୍ୟୁତିକ ଗତିଶକ୍ତିର ପରିମାଣ।

**volte-face** ବି. ମତ ବା ଦୃଷ୍ଟିଭଂଗୀର ଆକସ୍ମିକ ପରିବର୍ତ୍ତନ।

**voltmeter** ବି. ଭୋଲ୍ଟରେ ପ୍ରକାଶିତ ବୈଦ୍ୟୁତିକ ଶକ୍ତିର ପରିମାପକ ଯନ୍ତ୍ର; ଭୋଲ୍ଟ୍‌ମିଟର୍।

**voluble** ବିଂ. ଅନର୍ଗଳଭାଷୀ, ବାକ୍‌ପଟୁ; ଅନର୍ଗଳ ବା ବିଶଦ୍‌ଭାବେ କୁହାଯାଉଥିବା; ବି. volubility; କ୍ରି.ବିଂ. volubly.

**volume** ବି. ପୁସ୍ତକ, ଗ୍ରନ୍ଥଖଣ୍ଡ, ପତ୍ର ବା ପତ୍ରିକାର ଭାଗ; କଠିନ ପଦାର୍ଥ, ଘନଫଳ; ବହୁ ପରିମାଣ; ବାଷ୍ପୀୟ ବା ତରଳ ପଦାର୍ଥ ଅଧିକାର କରିଥିବା ସ୍ଥାନ, ପରିମାଣ; ଆଧେୟର ପରିମାଣ, ଧ୍ୱନିର ପରିମାଣ ବା ଶକ୍ତି; ବହି ଯାଉଥିବା ଜଳ, ଧୂଆଁ ପ୍ରଭୃତିର ପରିମାଣ।

**volumetric** ବିଂ. ଘନଫଳ ଦ୍ୱାରା ମାପ ସମ୍ପର୍କୀୟ; କ୍ରି.ବିଂ. volumetrically.

**voluminous** ବିଂ. ଶ୍ଳଥ ଏବଂ ବିପୁଳ (ପର୍ଦାପ୍ରଭୃତି); ବିଶାଳ ବା ବିପୁଳ (ରଚନା); ବୃହଦ୍‌କାୟ (ପୁସ୍ତକ)।

**voluntary** 1. ବିଂ. ସ୍ୱେଚ୍ଛାକୃତ, ଉଦ୍ଦେଶ୍ୟମୂଳକ; ମାଗଣାରେ କୃତ; ସ୍ୱେଚ୍ଛାସେବୀ; ଅନୁଦାନ ବା ଦାନରେ ପରିଚାଳିତ (ଅନୁଷ୍ଠାନ); ଇଚ୍ଛାଶକ୍ତି-ଦ୍ୱାରା ନିୟନ୍ତ୍ରିତ (ମାଂସପେଶୀ ପ୍ରଭୃତିର ଚାଳନା); 2. ବି. ଉପାସନା ପୂର୍ବରୁ ବା ପରେ ଏକକ ଅର୍ଗାନ ବାଦନ; କ୍ରି.ବିଂ. voluntarily; ବି. voluntariness.

**volunteer** 1. ବି. ସ୍ୱେଚ୍ଛାସେବୀ; ସ୍ୱୟଂସେବକ; ସାମରିକ ସ୍ୱେଚ୍ଛାସେବୀ; ସାମରିକ ବାହିନୀର ସ୍ୱେଚ୍ଛାସେବକ କର୍ମଚାରୀ; 2. କ୍ରି. ସ୍ୱେଚ୍ଛାରେ ସେବା କରିବାକୁ ଚାହିଁବା, ସ୍ୱେଚ୍ଛାସେବୀ ହେବା।

**voluptuary** ବି. ବିଳାସୀ, ଲମ୍ପଟ ବା କାମୁକ ବ୍ୟକ୍ତି; ବିଳାସବ୍ୟସନ ଭଲପାଉଥିବା ବ୍ୟକ୍ତି।

**voluptuous** ବିଂ. ଇନ୍ଦ୍ରିୟ ସୁଖପରାୟଣ; ଇଂନ୍ଦ୍ରିୟାସକ୍ତ; ତନ୍ୱୀ ଓ କାମୋଦ୍ଦୀପକ(ସ୍ତ୍ରୀ); କ୍ରି.ବିଂ. voluptuously.

**volute** ବି. ସ୍ତମ୍ଭାଗ୍ରରେ ନିର୍ମିତ କୁଣ୍ଡଳୀ ଆକାରର ସ୍ଥାପତ୍ୟକଳା।

**vomit** 1. କ୍ରି. ବାନ୍ତି କରିବା, ବମନ କରିବା; (ଆଗ୍ନେୟଗିରି, ଧୂମନଳୀ ପ୍ରଭୃତି) ଉଦଗୀରଣ କରିବା; 2. ବି. ବାନ୍ତି, ବମନ।

**voodoo** (ବିଶେ. ୱେଷ୍ଟ୍ ଇଣ୍ଡିଜ୍‌ରେ) 1. ବି. ମନ୍ତ୍ରତନ୍ତ୍ର ଓ ଯାଦୁବିଦ୍ୟା ଉପରେ ପ୍ରତିଷ୍ଠିତ ଏକପ୍ରକାର ଧର୍ମାଚାର; 2. କ୍ରି. ଉକ୍ତ ଯାଦୁମନ୍ତ୍ର-ଦ୍ୱାରା ପ୍ରଭାବିତ ବା ବଶୀଭୂତ ହେବା।

**voracious** ବିଂ. ବହୁଭକ୍ଷୀ; ପେଟୁ; (ଯେକୌଣସି କାର୍ଯ୍ୟରେ) ବ୍ୟଗ୍ର; କ୍ରି.ବିଂ. voraciously; ବି. voracity.

**vortex** ବି. ବ.ବ. vortexes, vortices ଜଳାବର୍ତ୍ତ; ଜଳଭଉଁରୀ; ଘୂର୍ଣ୍ଣିବାୟୁ; ଘୂର୍ଣ୍ଣାବର୍ତ୍ତ, ଯେଉଁ କାର୍ଯ୍ୟକଳାପ ନିକଟବର୍ତ୍ତୀ ଲୋକଙ୍କୁ ଟାଣିନେଇ ତହିଁରେ ଜଡ଼ିତ କରି ଧ୍ୱଂସ କରିଦିଏ; ବିଂ. vortical; କ୍ରି.ବିଂ. vortically.

**vorticist** ବି. ଆଧୁନିକ ସଭ୍ୟତାର ତଥାକଥିତ 'ଭର୍ଟିସେସ୍' ଉପରେ ପର୍ଯ୍ୟବସିତ ଆନ୍ଦୋଳନର ଭବିଷ୍ୟତ୍‌ବାଦୀ ସାହିତ୍ୟିକ, ଶିଳ୍ପୀ ପ୍ରଭୃତି; ବି. vorticism.

**votary** ବି. ଉପାସକ, ଭକ୍ତ, ପୂଜକ; (କୌଣସି ବୃତ୍ତି ବା ବ୍ୟକ୍ତିର) ପ୍ରଶଂସକ, ଅନୁଗାମୀ; ସ୍ତ୍ରୀ. votaress.

**vote** 1. ବି. (ନିର୍ବାଚନ ବା ପ୍ରସ୍ତାବ ସମ୍ପର୍କରେ) ବ୍ୟକ୍ତି ବା ଦଳର ମତ ବା ଇଚ୍ଛାପ୍ରକାଶ; ଭୋଟ୍, ହାତ ଉଠାଇ ବା ଭୋଟ କାଗଜରେ ମତଦେଇ

Digitized by srujanika@gmail.com

ନିର୍ବାଚନ; (the vote) ମତାଧିକାର; ଭୋଟ୍‌ଦାନର ଅଧିକାର; ବହୁମତରେ ପ୍ରକାଶିତ, କୌଣସି ନିର୍ଦ୍ଦିଷ୍ଟଦଳଙ୍କୁ ଦିଆଯାଇଥିବା ସାମୂହିକ ଭୋଟ୍; 2. *କ୍ରି.* ଭୋଟ୍‌ଦେବା, (ସପକ୍ଷ ବା ବିପକ୍ଷରେ) ନିର୍ବାଚନ କରିବା; ଅନୁମୋଦନ କରିବା, ଆଇନ୍‌ରେ ପରିଣତ କରିବା, ଭୋଟଦ୍ୱାରା ଅର୍ଥ ମଞ୍ଜୁର କରିବା; *କ.ଭା.* ସର୍ବସମ୍ମତିକ୍ରମେ ଘୋଷଣା କରିବା; vote down ପ୍ରସ୍ତାବ ପ୍ରଭୃତିକୁ ଭୋଟ୍‌ଦ୍ୱାରା ନାମଞ୍ଜୁର କରିବା; vote in ଭୋଟ୍‌ଦ୍ୱାରା ନିର୍ବାଚିତ କରିବା; vote off ଭୋଟ୍‌ଦ୍ୱାରା କମିଟି ପ୍ରଭୃତିରୁ ବହିଷ୍କାର କରିବା; vote out ଭୋଟ୍‌ଦ୍ୱାରା ପଦବୀ ବା ଅଧିକାରରୁ ବହିଷ୍କାର କରିବା; vote with one's feet *କ.ଭା.* ଉପସ୍ଥିତି ବା ଅନୁପସ୍ଥିତିଦ୍ୱାରା ସ୍ୱମତ ପ୍ରକାଶ କରିବା ।

**voter** *ବି.* ଭୋଟ୍‌ଦାତା; ଭୋଟର୍ ।

**votive** *ବିଂ.* ବ୍ରତପାଳନାର୍ଥ ପ୍ରଦତ୍ତ; ଦେବତାଙ୍କ ପ୍ରୀତି ନିମନ୍ତେ ଉତ୍ସର୍ଗୀକୃତ; ମାନସିକ ବା ଯାଚଜ୍ଞା କରାହୋଇଥିବା ।

**vouch** *କ୍ରି.* ଉତ୍ତରଦାୟୀ ରହିବା; ପ୍ରମାଣିତ କରିବା, ଅନ୍ୟପାଇଁ ଜାମିନ୍‌ଦାର୍ ରହିବା ।

**voucher** *ବି.* ଅର୍ଥ ପ୍ରାପ୍ତିସୂଚକ ରସିଦ୍, ଟଙ୍କାଦେବାର ପ୍ରମାଣପତ୍ର; ଭାଉଚର୍; ପାଉତି; ପଣ୍ୟସାମଗ୍ରୀ ବା ସେବା ପାଇବାପାଇଁ ବ୍ୟବହୃତ ହୋଇ ପାରୁଥିବା ଦସ୍ତାବିଜ ।

**vouchsafe** *କ୍ରି. ଔପ.* ଅନୁଗ୍ରହପୂର୍ବକ ଦେବା ବା କରିବା; କୃପାଦାନ କରିବା ।

**vow** 1. *ବି.* ପ୍ରତିଜ୍ଞା, ଶପଥ; ଦେବତାଙ୍କ ନାମରେ ଗୃହୀତ ସଂକଳ୍ପ; ବ୍ରତ; 2. *କ୍ରି.* ସଂକଳ୍ପ, ପ୍ରତିଜ୍ଞା ବା ଶପଥ କରିବା, ବ୍ରତ ଗ୍ରହଣ କରିବା; *ପ୍ରା.ପ୍ର.* ଘୋଷଣା କରିବା ।

**vowel** *ବି.* ସ୍ୱରବର୍ଣ୍ଣ (ଇଂରାଜୀର a, e, i, o, u. ଏବଂ ଓଡ଼ିଆର ଅ, ଆ, ଇ, ଈ ପ୍ରଭୃତି ବର୍ଣ୍ଣମାଳାର ଅକ୍ଷର) ।

**vox pop** *ଗୁଣ ବି. କ.ଭା.* ସର୍ବସାଧାରଣଙ୍କ ଅନୌପଚାରିକ ମତାମତ ଉପରେ ପର୍ଯ୍ୟବସିତ ଜନମତ ।

**vox populi** *ବି.* ଜନମତ, ଲୋକମତ, ସାଧାରଣଭାବରେ ପ୍ରଚଳିତ ବିଶ୍ୱାସ ।

**voyage** 1. *ବି.* ଦୀର୍ଘଯାତ୍ରା, *ବିଶେ.* ସମୁଦ୍ର ବା ମହାକାଶରେ; 2. *କ୍ରି.* ଦୀର୍ଘଯାତ୍ରା କରିବା; (ସମୁଦ୍ର ବା ମହାକାଶରେ) ଯାତ୍ରା କରିବା; *ବି.* voyager.

**voyeur** *ବି.* ଅନ୍ୟର ଯୌନମିଳନ ବା ଯୌନାଙ୍ଗ ଦର୍ଶନରେ ଯୌନଆନନ୍ଦ ପାଉଥିବା ବ୍ୟକ୍ତି; (*ବିଶେ.* ଲୁକ୍କାୟିତ) ଦର୍ଶକ; *ବି.* voyeurism; *ବିଂ.* voyeuristic.

**vs.** *ସଂଶ.* versus.

**V sign** *ବି.* ବିଜୟ ବା ସମର୍ଥକ ସୂଚକ ଦୁଇଅଙ୍ଗୁଳିର ସାଙ୍କେତିକ ପ୍ରଦର୍ଶନ; ସେଇଭଳିଭାବେ ତର୍ଜନୀ ଏବଂ ମଧ୍ୟମା V ଆକାରରେ ହାତପିଠି ସହିତ ଦେଖାଇ ତିରସ୍କାରସୂଚକ ଇଂଗିତ ପ୍ରଦର୍ଶନ ।

**VSO** *ସଂଶ.* Voluntary Service Overseas ବଇଦେଶିକ ସ୍ୱେଚ୍ଛାସେବୀ ସଂସ୍ଥା ।

**V.S.M.** *ସଂଶ.* ବିଶିଷ୍ଟ ସେବା ମେଡାଲ୍ (ପଦକ), *ଭା.* ସେନାବାହିନୀର ସମ୍ମାନସୂଚକ ପଦକ ।

**VTO** *ସଂଶ.* vertical take-off (ଉଡ଼ାଜାହାଜର) ସିଧାସଳଖ ଊର୍ଦ୍ଧ୍ୱ-ଗମନ ।

**VTOL** *ସଂଶ.* vertical take-off and landing (ଉଡ଼ାଜାହାଜର) ସିଧାସଳଖ ଊର୍ଦ୍ଧ୍ୱ-ଗମନ ଏବଂ ଅବତରଣ ।

**VTR** *ସଂଶ.* videotape recorder ଭିଡିଓଟେପ୍ ରେକର୍ଡର୍ ।

**vulcanite** *ବି.* ଏକପ୍ରକାର କଳାରଙ୍ଗର କଠିନ ରବର ।

**vulcanize** *କ୍ରି.* ରବରକୁ ଗନ୍ଧକ ସାହାଯ୍ୟରେ ଉଚ୍ଚ ଉତ୍ତାପଦେଇ ଶକ୍ତ କରିବା; *ବି.* vulcanization.

**vulcanology** *ବି.* ଆଗ୍ନେୟଗିରି ସମ୍ବନ୍ଧିତ ବୈଜ୍ଞାନିକ ଅଧ୍ୟୟନ; *ବି.* vulcanological, vulcanologist.

**vulgar** *ବିଂ.* ନିକୃଷ୍ଟ, ଅଶାଳୀନ; କୁରୁଚିପୂର୍ଣ୍ଣ; ସାଧାରଣ ଲୋକ ସଂବଂଧୀୟ; ଇତରଶ୍ରେଣୀୟ; ଅଶିଷ୍ଟ; ସାଧାରଣ (vulgar errors); *କ୍ରି.ବିଂ.* vulgarly.

**vulgar fraction** *ବି. ଗଣିତ* ସାଧାରଣ ଭଗ୍ନାଂଶ ।

**vulgarian** *ବି.* ଧନୀ, କିନ୍ତୁ ଇତର ବ୍ୟକ୍ତି; ଅଶିଷ୍ଟ ବ୍ୟକ୍ତି ।

Digitized by srujanika@gmail.com

**vulgarism** ବି. ଅଶ୍ଳୀଳ ଭାଷା, ଆଚରଣ ବା ଅଭ୍ୟାସ; ଇତରଭାଷା; ଗ୍ରାମ୍ୟ ବା ଅଶିକ୍ଷିତ ଲୋକର ଭାଷା ବା ଉଚ୍ଚାରଣ।

**vulgarity** ବି. ଅସଭ୍ୟତା; ଅଶ୍ଳୀଳତା; ଅଭଦ୍ର ବା ଅଶାଳୀନ କାର୍ଯ୍ୟ, ଭାବପ୍ରକାଶ ବା ଅବସ୍ଥା।

**vulgarize** କ୍ରି. ଅଶ୍ଳୀଳ ବା ଅଶାଳୀନ କରିବା; ଜନପ୍ରିୟ କରିବା ନିମନ୍ତେ ରୁଚିହୀନ କରିବା ବା ନଷ୍ଟ କରିଦେବା; ବି. vulgarization.

**vulgar tongue** ବି. ଜାତୀୟ ବା ଦେଶୀୟ ଭାଷା।

**Vulgate** ବି. ବାଇବେଲ୍‌ର ଲାଟିନ୍ ସଂସ୍କରଣ (୪ର୍ଥ ଶତାବ୍ଦୀ)।

**vulnerable** ବିଂ. ଆଘାତପ୍ରବଣ; ଭେଦ୍ୟ, ବେଧ୍ୟ, ସହଜ ଆକ୍ରମଣୀୟ; ପ୍ରଲୋଭନ ବା କ୍ଷତିସାଧନ ପାଇଁ ଉନ୍ମୁକ୍ତ; ସହଜରେ ଆଘାତ ବା ଆକ୍ରମଣ କରି ହେଉଥିବା; ବ୍ରିଜ୍‌ଖେଳର ଅବସ୍ଥା ବିଶେଷ; ବି. vulnerability; *କ୍ରି.ବିଂ.* vulnerably.

**vulpine** ବିଂ. କୋକିଶିଆଳିର ବା କୋକିଶିଆଳିପରି; ଚାଲାକ୍, ଧୂର୍ତ୍ତ, କୁଟକ୍ରୀ।

**vulture** ବି. ଶାଗୁଣା, ଶକୁନି; ଅତି ଲୋଭୀ ବ୍ୟକ୍ତି।

**vulva** ବି. ଯୋନିମୁଖ; ନାରୀର ବାହ୍ୟଯୌନାଙ୍ଗ।

**vv.** *ସଂଶ.* verses ପଦାବଳୀ; volumes ବିଭିନ୍ନ ଭାଗ।

**vying** vieର ବର୍ତ୍ତମାନକାଳର *କ୍ରି.ଜ.ପ.।*

Digitized by srujanika@gmail.com

# Ww

**W**[1] **w.** ବି. ( ବ.ବ. Ws, W's; w's, ws) ଇଂରାଜୀ ବର୍ଣ୍ଣମାଳାର ତ୍ରୟୋବିଂଶ ବର୍ଣ୍ଣ ।

**W**[2] *ସଂଜ୍ଞା.* Watt(s) ୱାଟ୍, West, Western ପଶ୍ଚିମ ।

**W**[3] *ପ୍ର.* tungsten ଟଙ୍ଗଷ୍ଟେନ୍ ।

**w.** *ସଂଜ୍ଞା.* wicket(s) ୱିକେଟ୍; wide(s) ୱାଇଡ୍; with ସହ, ସହିତ ।

**WA** *ସଂଜ୍ଞା.* Western Australia ପଶ୍ଚିମ ଅଷ୍ଟ୍ରେଲିଆ ।

**wacky** *ସା.ପ୍ର.* 1. ବିଂ. ପାଗଳ, ବାୟା; 2. ବି. ପାଗଳବ୍ୟକ୍ତି; ବାୟାଲୋକ ।

**wad** 1. ବି. ଦୁଇପଦାର୍ଥ ଅଲଗାକରି ବା ଭଲଭାବେ ରଖିବା ପାଇଁ ବ୍ୟବହୃତ ନରମ ବସ୍ତୁ; କଣା, ଖାଲି ସ୍ଥାନପ୍ରଭୃତି ଚୁଞ୍ଚିବା ପାଇଁ ବିଣ୍ଡା, ଠିପି; (ନୋଟ୍‌ର)ତାଡ଼ା; 2. କ୍ରି. ଠିପିଦ୍ୱାରା ବନ୍ଦ କରିବା; ବିଣ୍ଡା, ଚୁଞ୍ଚା ପ୍ରଭୃତି ଦେଇ ବସ୍ତୁକୁ ଠିକ୍‌ଭାବେ ରଖିବା; କଣା ବା ଖାଲି ସ୍ଥାନ ଚୁଞ୍ଚିବା ।

**wadding** ବି. ଶେଯ, ଗଦି ପ୍ରଭୃତି ତିଆରି କରିବାରେ ବା ପୋଷାକର ଅସ୍ତର ସ୍ୱରୂପ ଦେବାରେ ବ୍ୟବହୃତ ତନ୍ତୁଜାତୀୟ ନରମ ପଦାର୍ଥ ।

**waddle** 1. କ୍ରି. ଛୋଟ ପାହୁଣ୍ଡ ପକେଇ, ହଲିଢୁଲି ଚାଲିବା; 2. ବି. ଏହିଭଳି ଚାଲି ।

**wade** 1. କ୍ରି. ପାଣି, କାଦୁଅ ପ୍ରଭୃତିରେ କଷ୍ଟରେ ଗତି କରିବା; ବିରକ୍ତି ସତ୍ତ୍ୱେ କୌଣସି କାର୍ଯ୍ୟ କରିବା; ପ୍ରଚଣ୍ଡ ଆକ୍ରମଣ କରିବା; 2. ବି. ପାଣିପ୍ରଭୃତିରେ ଚାଲି; କଷ୍ଟକର ବା ବିରକ୍ତିକର କାର୍ଯ୍ୟ; wade in *କ.ଭା.* ପ୍ରବଳ ଆକ୍ରମଣ କରିବା; ଜୋର୍‌କରି ପଶିଯିବା; wade through (ବହିପ୍ରଭୃତି) ବିରକ୍ତିକର ହେଲେ ମଧ୍ୟ ପଢ଼ିଯିବା ।

**wader** ବି. ଦୀର୍ଘପଦ ବିଶିଷ୍ଟ ଜଳଚରପକ୍ଷୀ ବିଶେଷ; ବ.ବ. ରେ ଜଳନିରୋଧକ୍ଷମ ଉଚ୍ଚ ଜୋତା ।

**wadi** ବି. ଉତ୍ତର ଆଫ୍ରିକାର ପ୍ରସ୍ତରମୟ ଜଳପଥ, ଯାହା ବର୍ଷାକାଳ ବ୍ୟତୀତ ଅନ୍ୟସମୟରେ ଶୁଷ୍କ ଥାଏ; ୱାଡ଼ି ।

**wafer** 1. ବି. ଅତି ପାତଳା, କୁଡ଼୍‌ମୁଡ଼ିଆ ମିଠା ବିସ୍କୁଟ; ୱେଫର୍; ଦଲିଲପ୍ରଭୃତି ମୁଦ ଦେବାପାଇଁ ବ୍ୟବହୃତ ଲାଲକାଗଜ ଚକି; ଖ୍ରୀଷ୍ଟୀୟ ପର୍ବ ୟୁକେରିଷ୍ଟରେ ବ୍ୟବହୃତ କ୍ଷୁଦ୍ର ଗୋଲାକାର ରୁଟି; 2. କ୍ରି. ୱେଫର୍ ବା ରଙ୍ଗୀନକାଗଜରେ ବାନ୍ଧିବା ବା ମୁଦଦେବା ।

**wafer–thin** ବିଂ. ଅତ୍ୟନ୍ତ ପତଳା ।

**waffle**[1] 1. ବି. ନିର୍ବୋଧ ବା ଉଦ୍ଦେଶ୍ୟହୀନ ଦୀର୍ଘ ଗପ ବା ଲେଖା; 2. କ୍ରି. ଏହିଭଳି ଲେଖିବା ବା ଗପ କରିବା ।

**waffle**[2] ବି. ମଇଦା, ଦୁଧ, ଅଣ୍ଡାପ୍ରଭୃତିରେ ପ୍ରସ୍ତୁତ କ୍ଷୁଦ୍ର, କୁଡ଼୍‌ମୁଡ଼ିଆ କେକ୍ ।

**waffle–iron** ବି. ୱେଫଲ୍ କେକ୍ ପ୍ରସ୍ତୁତ କରିବାର ଯୋଡ଼ା ଚାଟୁ ।

**waft** 1. କ୍ରି. ବାୟୁ ବା ଜଳ ମାଧ୍ୟମରେ ଭାସିଆସିବା ବା ଭାସିଯିବା; 2. ବି. ହାଲୁକାଏ ବା ଦମକାଏ ବାସ୍ନା ବା ପବନ ।

**wag**[1] 1. କ୍ରି. ଆଗପଛ କରି ହଲାଇବା; 2. ବି. ହଲା, ଦୋହଲା; tongues wag କୁହାକୁହି ହେବା ।

**wag**[2] ବି. ମଜାଳିଆ ଲୋକ; ହାସ୍ୟରସପ୍ରିୟ ବ୍ୟକ୍ତି ।

**wage** 1. ବି. କୌଣସି କର୍ମଚାରୀ, ବିଶେ. ଶ୍ରମଜୀବୀ ପାଉଥିବା ନିୟମିତ ଏବଂ ନିର୍ଦ୍ଧାରିତ ପାରିଶ୍ରମିକ ବା ମଜୁରୀ; ମୂଲ; 2. କ୍ରି. (ଯୁଦ୍ଧପ୍ରଭୃତି)ଚଳାଇବା ।

**waged** ବିଂ. ନିୟମିତ ଓ ସବେତନ ଚାକିରୀରେ ଥିବା ।

**wage–earner** ବି. ମୂଲିଆ, ଶ୍ରମିକ ।

**wage freeze** ବି. ମଜୁରୀ ବୃଦ୍ଧି ଉପରେ ନିଷେଧାଦେଶ ।

**wager** ବି. ବାଜି, ବେଟ୍ ।

**waggish** ବିଂ. ମଜାଳିଆ, ଆମୋଦଜନକ; ମଉଜିଆ; କ୍ରି.ବିଂ. waggishly; ବି. waggishness.

**waggle** କ୍ରି. *କ.ଭା.* ହଲାଇବା ।

**waggly** ବିଂ. ଅସ୍ଥିର, ହଲୁଥିବା, ଦୋଳାୟମାନ ।

Digitized by srujanika@gmail.com

**wagon** ବି. (waggon ମଧ୍ୟ) ମାଲଗାଡ଼ିର ଡବା; ଚାରିଚକିଆ ମାଲବାହୀ ଖୋଲା ରେଳଡବା; ୱାଗନ୍, ବାଗିନ୍, ଟା'ଗ୍ରୁଲି; hitch one's wagon to a star ନିଜ ଶକ୍ତିରୁ ଅଧିକ ବ୍ୟବହାର କରିବା; on the wagon (waterwagon) *ସା.ପ୍ର.* ମଦ ବା ନିଶାଦ୍ରବ୍ୟ ସେବନ ନ କରିବା।

**wagoner** ବି. (waggoner ମଧ୍ୟ) ଚାରିଚକିଆ ମାଲବାହୀ ଗାଡ଼ିର ଚାଳକ; ଗାଡ଼ିବାଲା।

**wagon–load** ବି. ଗୋଟିଏ ବାଗିନ୍ ବା ମାଲବାହୀ ଗାଡ଼ି ପରିବହନ କରିପାରୁଥିବା ମାଲର ପରିମାଣ।

**wagonette** ବି. (waggonette ମଧ୍ୟ) ମୁହାଁମୁହିଁ ବସିବା ବ୍ୟବସ୍ଥା ଥିବା ଚାରିଚକିଆ ଖୋଲା ଘୋଡ଼ା ଗାଡ଼ି।

**wagtail** ବି. ନିଜ ଲମ୍ବଲାଞ୍ଜ ବାରମ୍ବାର ହଲାଉଥିବା କ୍ଷୁଦ୍ରପକ୍ଷୀ ବିଶେଷ।

**waif** ବି. ନିରାଶ୍ରୟ, ଅସହାୟ ବ୍ୟକ୍ତି ବିଶେ. ପରିତ୍ୟକ୍ତ ବେୱାରିସ୍ ମାଲ୍ ବା ପଶୁ।

**waifs and strays** ବି. ବ.ବ. ନିରାଶ୍ରୟ, ଅବହେଳିତ ଶିଶୁମାନେ; ବିଭିନ୍ନ ପ୍ରକାରର ବସ୍ତୁ।

**wail** 1. କ୍ରି. ଭାହାଧରି ଉଚ୍ଚସ୍ୱରରେ କାନ୍ଦିବା; ଶୋକ ବା ବିଳାପ କରିବା; 2. ବି. ବିଳାପ ଧ୍ୱନି; ରୋଦନ; ଲଗାତାର ଭାହାଧରି କ୍ରନ୍ଦନ; ଉଚ୍ଚ ପ୍ରତିବାଦ।

**wain** ବି. *ପ୍ରା.ପ୍ର.* =wagon.

**wainscot** ବି. କାନ୍ଥର ନିମ୍ନଭାଗରେ କାଠପଟାର ଆଚ୍ଛାଦନ।

**wainscoting** ବି. କାନ୍ଥର ନିମ୍ନଭାଗରେ କାଠପଟାର ଆଚ୍ଛାଦନ, ଏଥିପାଇଁ ବ୍ୟବହୃତ ପଟା।

**waist** ବି. ଅଣ୍ଟା, କମର; ଅଣ୍ଟାର ଗୋଲେଇ ବା ମାପ; ବେହେଲା ପ୍ରଭୃତିର ସରୁ ମଧ୍ୟଭାଗ; ପୋଷାକର ଅଣ୍ଟା ଅଂଶ; *ଆମେ.* ବ୍ଲାଉଜ୍, ବଡିସ୍‌ପ୍ରଭୃତି ବେକ ଓ ଅଣ୍ଟା ମଧ୍ୟବର୍ତ୍ତୀ ପୋଷାକର ଅଂଶ; ଜାହାଜର ମଧ୍ୟଭାଗ; ବିଂ. waisted.

**waistband** ବି. କଟିମେଖଳା, କମରପଟି, କମରବନ୍ଧ।

**waistcoat** ବି. ଫତେଇ, ହାତବିହୀନ ଛୋଟଜାମା; ହାତ ଓ ବେକ ନ ଥିବା ଅଣ୍ଟାପର୍ଯ୍ୟନ୍ତ ପିନ୍ଧା ହେଉଥିବା ଜାମା(ଶାର୍ଟ ଉପରେ ଏବଂ କୋଟ୍ ତଳେ ପିନ୍ଧା ହୁଏ)।

**waist–deep** ବିଂ., କ୍ରି.ବିଂ. ଅଣ୍ଟାଏ; ଅଣ୍ଟାପର୍ଯ୍ୟନ୍ତ; ଅଣ୍ଟାଉଚ୍ଚତାର।

**waistline** ବି. ଅଣ୍ଟାର ଗୋଲେଇ; ପୋଷାକର ଅଣ୍ଟାମାପ।

**wait** 1. କ୍ରି. ଅପେକ୍ଷା କରିବା, ପ୍ରତୀକ୍ଷା କରିବା; ଚାହିଁରହିବା; ଜଗିରହିବା; ସ୍ଥଗିତ ରଖିବା; (upon ସହ) ସେବକରୂପେ କାର୍ଯ୍ୟ କରିବା; ସମ୍ମାନସୂଚକ ସାକ୍ଷାତ କରିବା; 2. ବି. ଅପେକ୍ଷା, ପ୍ରତୀକ୍ଷା; ପ୍ରତୀକ୍ଷାର ସମୟ; ଶତ୍ରୁ ପ୍ରତି ସତର୍କ ଦୃଷ୍ଟି (lie in wait); *ପ୍ରା.ପ୍ର.* ବଡ଼ଦିନ ସଂଗୀତ ରାସ୍ତାରେ ଗାୟନ କରୁଥିବା ବ୍ୟକ୍ତି; wait and see ଘଟଣାର ଅଗ୍ରଗତି ଲକ୍ଷ୍ୟ କରିବା; wait up ଶୋଇବାକୁ ନ ଯାଇ କାହାକୁ ଅପେକ୍ଷା କରିବା; You wait ! ରୁହ, ଦେଖିନେବି— ଏଭଳି ଧମକପୂର୍ଣ୍ଣ କଥା।

**waiter** ବି. ପରିଚାରକ, ଭୋଜନାଳୟର ଖାଦ୍ୟ ପରିବେଷକ; ୱେଟର୍।

**waiting game** ବି. ଟାଳଟୁଳ ନୀତି; ଅଧିକ ସୁଫଳ ଆଶାରେ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ କରିବା।

**waiting–list** ବି. ତତ୍କାଳ ସୁବିଧା ନ ପାଇ ଭବିଷ୍ୟତ ପାଇଁ ଅପେକ୍ଷାରତ ବ୍ୟକ୍ତିମାନଙ୍କର ତାଲିକା।

**waiting–room** ବି. ପ୍ରତୀକ୍ଷାଳୟ (ରେଳ ଷ୍ଟେସନ, ଡାକ୍ତରଖାନା ପ୍ରଭୃତିରେ)।

**waitress** ବି. ପରିଚାରିକା; ହୋଟେଲ୍, ରେସ୍ତୋରାଁ ପ୍ରଭୃତିରେ ଖାଦ୍ୟ ପରିବେଷଣ–କାରିଣୀ।

**waive** କ୍ରି. (ଅଧିକାର, ଦାବି, ସୁଯୋଗ ପ୍ରଭୃତିର) ସଦ୍‌ବ୍ୟବହାର ନ କରିବା; ଛାଡ଼ି ଦେବା।

**waiver** ବି. *ଆଇନ* ସ୍ୱତ୍ୱତ୍ୟାଗ; ସ୍ୱତ୍ୱ ତ୍ୟାଗ ସଂବଧୀୟ ଦଲିଲ।

**wake**[1]. 1. କ୍ରି. ନିଦରୁ ଉଠାଇବା; ଜାଗ୍ରତ ହେବା; ସଚେତ ହେବା; ସଜାଗ ବା ସତର୍କ ହେବା; କୋଳାହଳ କରି ବାଧାଦେବା; 2. ବି. କବର ଦେବା ପୂର୍ବରୁ ମୃତଦେହ ନିକଟରେ ଜାଗରଣ; ପହରା; ସେହି ସମୟର ଶୋକପ୍ରକାଶ; ଇ. ଇଂଲଣ୍ଡରେ ଶ୍ରମିକମାନଙ୍କର ବାର୍ଷିକ ଛୁଟି।

**wake**[2]. ବି. ଜଳପୃଷ୍ଠରେ ଚଳନ୍ତା ଜାହାଜ ଛାଡ଼ିଯାଇଥିବା ଗତିପଥର ଚିହ୍ନ; ଗତିଶୀଳ ଉଡ଼ାଜାହାଜଦ୍ୱାରା ସୃଷ୍ଟ ପ୍ରଚଣ୍ଡ ପବନ; in the wake of ପଛେ ପଛେ, ଅବ୍ୟବହିତ ପରେ; ଫଳସ୍ୱରୂପ।

Digitized by srujanika@gmail.com

**wakeful** ବିଂ. ବିନିଦ୍ର, ନିଦ୍ରାହୀନ, ଜାଗ୍ରତ; ଉଜାଗର; କ୍ରି.ବିଂ. wakefully; ବି. wakefulness.

**waken** କ୍ରି. ନିଦରୁ ଉଠିବା ବା ଉଠାଇବା; ନିଦ ଭାଙ୍ଗିବା; ଜାଗରିତ ହେବା ବା କରିବା।

**wale** ବି. ନୋଳା; ଚାବୁକର ଦାଗ; ବେତ୍ରାଦିର ଆଘାତ-ଚିହ୍ନ, ଜାହାଜପାର୍ଶ୍ୱସ୍ଥ ଚଉଡ଼ା ମୋଟା କାଠ; କର୍ଡୁରୟପ୍ରଭୃତି କପଡାର ଉପରକୁ ଉଠିଥିବା ଅଂଶ।

**walk** 1. କ୍ରି. ଚାଲିବା, ଚହଲିବା; ପାଦରେ ଯିବା; ପାଦରେ ଚାଲି ବ୍ୟାୟାମ କରିବା; ପାଦରେ ଦୂରପଥ ଅତିକ୍ରମ କରିବା; ଚଲାଇବା; 2. ବି. ଚାଲିବା କାର୍ଯ୍ୟ; ଚାଲି; ସାଧାରଣ ମନୁଷ୍ୟର ପଦଚାଳନ; ପଶୁମାନଙ୍କର ମନ୍ଦପଦଚାଳନ; ପଦଯାତ୍ରା; ପାଦଚଲା ରାସ୍ତା; ଚଲାବାଟ; walk all over କ.ଭା. ସହଜରେ ପରାସ୍ତ କରିବା; ଫାଇଦା ଉଠାଇବା; walk away from ଜଡିତ ନ ହେବା; ଅକ୍ଲେଶରେ ପଛରେ ପକାଇଦେବା; walk away (off) with କ.ଭା. ସହଜରେ ଜିତିଯିବା; ଚୋରିକରିବା; walk into ଅସତର୍କ ଭାବରେ (କାହାର) ସମ୍ମୁଖୀନ ହୋଇଯିବା; ଅକ୍ଲେଶରେ ଚାକିରୀ ପାଇଯିବା; walk on air ଆନନ୍ଦ ବା ଆତ୍ମପ୍ରସାଦ ଅନୁଭବ କରିବା; walk out ବିରୋଧର ସଙ୍କେତ ସ୍ୱରୂପ ଚାଲିଯିବା; ହଠାତ୍ କ୍ରୋଧରେ ଚାଲିଯିବା; walk out on ଛାଡି ଚାଲିଯିବା; ପରିତ୍ୟାଗ କରିବା; walk the streets ବେଶ୍ୟାବୃତ୍ତି କରିବା; ବିଂ.walkable.

**walkabout** ବି. ଜନଗହଳି ମଧ୍ୟରେ ବହିରାଗତ ସମ୍ମାନନୀୟ ଅତିଥିଙ୍କ ଅନୌପଚାରିକ ଭ୍ରମଣ; ଅଷ୍ଟ୍ରେଲିଆର ଜନଜାତିର ବ୍ୟକ୍ତି ଜଙ୍ଗଲରେ ଭ୍ରମଣ କରିବାର ସମୟକାଳ।

**walker** ବି. ଯେ ଚାଲେ; ଶିଶୁ ବା ଶାରୀରିକ ଅକ୍ଷମ ବ୍ୟକ୍ତି ବିନାସାହାଯ୍ୟରେ ଚାଲିବାପାଇଁ ଉଦ୍ଦିଷ୍ଟ ଛାଞ୍ଚ।

**walkie–talkie** ବି. କ୍ଷୁଦ୍ର ଦ୍ୱିମୁଖୀ ବେତାରଯନ୍ତ୍ର (ବାର୍ତ୍ତାପ୍ରେରଣ ଏବଂ ଗ୍ରହଣରେ ସକ୍ଷମ)।

**walk–in** ଗୁଣ. ବିଂ. ସିଧା ଭିତରକୁ ଚାଲିଯାଇ ପାରିବାଭଳି ପ୍ରଶସ୍ତ (ଗୋଦାମ, ସିନେମାଘର); ଆଗରୁ ଦରଖାସ୍ତ ନ ଦେଇ ସିଧାସଳଖ ବ୍ୟକ୍ତି ସମ୍ମୁଖୀନ ହୋଇପାରୁଥିବା (ନିଯୁକ୍ତି ସାକ୍ଷାତ୍କାର)।

**walking** ବି., ବିଂ. ଚାଲି, ଚାଲିବା କାର୍ଯ୍ୟ।

**walking frame** ବି. ଶାରୀରିକ ଅକ୍ଷମ ବା ବୃଦ୍ଧବ୍ୟକ୍ତିମାନେ ବିନାସାହାଯ୍ୟରେ ଚାଲିବାପାଇଁ ବ୍ୟବହୃତ ଫ୍ରେମ୍।

**walking–stick** ବି. ହାତବାଡି; ଚାଲିବା ସମୟରେ ଭରାଦେବାପାଇଁ ଉଦ୍ଦିଷ୍ଟ ବାଡି।

**Walkman** ବି. ସ୍ମ. ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଅତି କ୍ଷୁଦ୍ର କେସେଟ୍ ପ୍ଲେୟାର, ରେକଡର୍ ବା ଷ୍ଟେରିଓ।

**walk of life** ବି. ଆଜୀବିକା; ଜୀବନଧାରଣର ସାଧନ; ପେଶା; ବୃତ୍ତି।

**walk–on, walk–on part** ବି. ନାଟକରେ ସଂଳାପହୀନ ଭୂମିକା, ଏଭଳି ଭୂମିକାରେ ଅଭିନୟ କରୁଥିବା ଅଭିନେତା ବା ଅଭିନେତ୍ରୀ।

**walk–out** ବି. ହଠାତ୍ କ୍ରୋଧରେ ପ୍ରସ୍ଥାନ (ବିଶେ. ଧର୍ମଘଟକାରୀ ବା ବିକ୍ଷୋଭକାରୀଦ୍ୱାରା)।

**walk–over** ବି. ସହଜସାଧ୍ୟ ବିଜୟ; ପ୍ରତିଯୋଗୀଦଳର ଅନୁପସ୍ଥିତିରେ ପ୍ରାପ୍ତ ବିଜୟ।

**walkway** ବି. ଚଲାପଥ, ଚଲାବାଟ।

**wall** 1. ବି. କାନ୍ଥ, ପ୍ରାଚୀର; ପର୍ବତର ତୀକ୍ଷ୍ଣ ପାର୍ଶ୍ୱଦେଶ; 2. କ୍ରି. ପ୍ରାଚୀରଦ୍ୱାରା ବେଷ୍ଟନ ବା ଅବରୋଧ କରିବା; କାନ୍ଥଦ୍ୱାରା ଆବଦ୍ଧ କରିବା; go to the wall ପ୍ରତିଯୋଗିତାରେ ପରାଜିତ ହେବା; off the wall ଆମେ. ସା.ପ୍ର. ପୁରୁଣାକାଳିଆ ବା ରକ୍ଷଣଶୀଳ ହୋଇ ନ ଥିବା; up the wall କ.ଭା. କ୍ରୋଧରେ ପାଗଳ ହୋଇଯିବା; walls have ears କାନପାତି ଶୁଣିବାଲୋକ ବହୁତ ଅଛନ୍ତି; କାନ୍ଥର ବି କାନ ଅଛି; with one's back to the wall ବିଷମ ଅବସ୍ଥାରେ ରହି ଯୁଦ୍ଧ କରିବା; ବିଂ. wall-less.

**wallaby** ବି. ମାର୍ସୁପିଆଲ୍; କଙ୍ଗାରୁଜାତୀୟ, କିନ୍ତୁ କ୍ଷୁଦ୍ରତର ଜୀବ ବିଶେଷ।

**wallah** ବି. ହି. ସା.ପ୍ର. ନିର୍ଦ୍ଦିଷ୍ଟ ବୃତ୍ତି ବା କାର୍ଯ୍ୟରେ ସଂପୃକ୍ତ ବ୍ୟକ୍ତି; କୌଣସି ଦାୟିତ୍ୱରେ ଥିବା ବ୍ୟକ୍ତି (panwallah, rickshaw wallah ଓଡ଼ିଆର ବାଲା ପ୍ରତ୍ୟୟଭଳି)।

**wall–board** ବି. କାଠମଣ୍ଡ ପ୍ରସ୍ତୁତ ପଟା, ଯାହା କାନ୍ଥ ଆଚ୍ଛାଦନ ନିମନ୍ତେ ବ୍ୟବହୃତ ହୁଏ।

Digitized by srujanika@gmail.com

**wallet** ବି. ବେଙ୍କନୋଟ୍ ରଖିବାପାଇଁ ଚମଡ଼ା ଖୋଳ।

**wall–eye** ବି. ଚକ୍ଷୁର ଶ୍ୱେତାଂଶ ବୃଦ୍ଧି ରୋଗ; ଚକ୍ଷୁରୋଗ ବିଶେଷ; ବିଂ. wall-eyed.

**wallflower** ବି. ସୁଗନ୍ଧିତ ପୁଷ୍ପଯୁକ୍ତ ବାସନ୍ତିକ ଗୁଳ୍ମ; କ.ଭା. ନୃତ୍ୟସଙ୍ଗୀ ନ ଥିବାରୁ ନୃତ୍ୟ ସମୟରେ ଏକାକିନୀ ବସିରହିଥିବା ନାରୀ।

**wall game** ବି. ଏଟନ୍ (ଇଂଲଣ୍ଡ)ରେ ଖେଳାଯାଉଥିବା ଫୁଟବଲ୍ ଖେଳ ବିଶେଷ।

**Walloon** 1. ବି. ବେଲଜିୟମ୍ ଏବଂ ପଡ଼ୋଶୀ ଫ୍ରାନସ୍‌ଦେଶର ନିର୍ଦ୍ଦିଷ୍ଟଗୋଷ୍ଠୀ; ସେହିଗୋଷ୍ଠୀର ଭାଷା (ଫରାସୀର ଉପଭାଷା ବିଶେଷ); 2. ବିଂ. ୱାଲୁନ୍ ବା ସେମାନଙ୍କ ଭାଷା ସମ୍ବନ୍ଧୀୟ।

**wallop** କ.ଭା. 1. କ୍ରି. ବାଡ଼େଇବା, ପିଟିବା; ପ୍ରହାର କରିବା; 2. ବି. ପ୍ରଚଣ୍ଡପ୍ରହାର; ବିଅର୍।

**wallow** 1. କ୍ରି. (ବିଶେ. ଜୀବଜନ୍ତୁ) କାଦୁଅ, ବାଲି, ପାଣିରେ ଗଡ଼ିବା; ଅତ୍ୟନ୍ତ ଦାରିଦ୍ର୍ୟ, ଦୁଃଖ, ଆନନ୍ଦ ପ୍ରଭୃତିରେ ବୁଡ଼ିରହିବା; 2. ବି. ଜୀବଜନ୍ତୁମାନଙ୍କର ପଙ୍କ, କାଦୁଅ, ପାଣିପ୍ରଭୃତିରେ ଲୋଟିବା କାର୍ଯ୍ୟ, ମହିଷପ୍ରଭୃତି ଏଭଳି ଭାବରେ ଲୋଟିବା ସ୍ଥାନ।

**wallpaper** 1. ବି. ଭିତରକାନ୍ଥ ଆଚ୍ଛାଦନ କରିବା ନିମନ୍ତେ ବ୍ୟବହୃତ ରଙ୍ଗୀନ୍ କାଗଜ; *ସା. ଅବ.* ପୃଷ୍ଠଭୂମିରୁ ଶୁଣାଯାଉଥିବା ସାଧାରଣ କୋଳାହଳ ବା ସଂଗୀତ; 2. କ୍ରି. କାଗଜଦ୍ୱାରା କାନ୍ଥ ଆଚ୍ଛାଦନ କରିବା।

**wall–to–wall** ବିଂ. ସମଗ୍ର କୋଠରୀର ଚଟାଣ ଆବୃତ କରୁଥିବା (ଗାଲିଚାପ୍ରଭୃତି); କ.ଭା. ସର୍ବୋପରେ ବା ସବୁସମୟରେ ପରିବ୍ୟାପ୍ତ (wall–to–wall pop music).

**wally** ବି. *ସା.ପ୍ର.* ନିର୍ବୋଧ; ବୋକା ଲୋକ; ଅବାଗିଆ ଲୋକ।

**walnut** ବି. ଅଖରୋଟ୍ ଫଳ ବା ଗଛ, ଏହାର କାଠ।

**walrus** ବି. ସିନ୍ଧୁଘୋଟକ; ଦୀର୍ଘଦନ୍ତ, ବିଶାଳକାୟ ସ୍ତନ୍ୟପାୟୀ ଉଭୟଚର ହିମମଣ୍ଡଳୀୟ ପ୍ରାଣୀ; ୱାଲ୍‌ରସ୍।

**waltz** 1. ବି. ଯୁଗ୍ମନୃତ୍ୟ ବିଶେଷ, ଏହାର ସଂଗୀତ; 2. ବୃତ୍ତାକାରରେ ୱାଲ୍‌ଜ୍ ନାଚ ନାଚିବା ବା ନଚାଇବା; କ.ଭା. ସ୍ୱଚ୍ଛନ୍ଦରେ ଗତି କରିବା; ଧୀର ପଦପାତରେ ଯିବା; waltz off with କ.ଭା. ଚୋରି କରିବା; ସହଜରେ ଜିଣିବା ବା ପାଇବା।

**wampum** ବି. ଉତ୍ତର ଆମେରିକାର ଲୋହିତ ଭାରତୀୟମାନଙ୍କଦ୍ୱାରା ଅର୍ଥ ବା ଆଭୂଷଣ ସ୍ୱରୂପ ବ୍ୟବହୃତ କଉଡ଼ି ବା ଏହାର କଣ୍ଠିମାଳ।

**wan** ବିଂ. ପାଣ୍ଡୁର; କ୍ଲାନ୍ତ; ଶୀର୍ଣ୍ଣ; କ୍ରି.ବିଂ. wanly; ବି. wanness.

**wand** ବି. ପରୀ ବା ଯାଦୁକରର କୁହୁକଦଣ୍ଡ; କ.ଭା. କ୍ଷମତା ବା ପଦସୂଚକ ସରୁ ଯଷ୍ଟି; କ.ଭା. ସଂଗୀତ ପରିଚାଳକଙ୍କ ଯଷ୍ଟି ବା ବେଟନ୍।

**wander** କ୍ରି. ଉଦ୍ଦେଶ୍ୟହୀନଭାବେ ଭ୍ରମଣ କରିବା; ବାଟ ଭୁଲି ଏଣେତେଣେ ଘୁରିବା; ପଥ ଭ୍ରଷ୍ଟ ହେବା, ବାଚାଳଭାବେ ଗପିବା ବା ବିଚାରିବା; ଅନ୍ୟମନସ୍କ ହେବା; ବିଭ୍ରାନ୍ତ ହେବା; ବି. wanderer.

**wandering Jew** ବି. ଭ୍ରମଣଶୀଳ ବ୍ୟକ୍ତି; ବାରବୁଲା; କୌଣସି ସ୍ଥାନରେ ସ୍ଥାୟୀଭାବେ ରହିପାରୁ ନ ଥିବା ବ୍ୟକ୍ତି।

**wanderlust** ବି. ଭ୍ରମଣ ନିମନ୍ତେ ଉତ୍ସୁକତା ବା ବ୍ୟଗ୍ରତା; ଅସ୍ଥିରତା।

**wane** 1. କ୍ରି. (ଚନ୍ଦ୍ର ସମ୍ପର୍କରେ) ପୂର୍ଣ୍ଣିମାପରେ ଚନ୍ଦ୍ରକଳାର ହ୍ରାସହେବା; କ୍ଷୟପ୍ରାପ୍ତ ହେବା; ଆକାର, ଗୁରୁତ୍ୱ, ଉତ୍ସାହ, ଶକ୍ତି, ପ୍ରଭାବପ୍ରଭୃତି ହ୍ରାସ ପାଇବା; 2. ବି. କ୍ଷୟ, ହ୍ରାସ; on the wane କ୍ରମେ ହ୍ରାସହେବା; କ୍ଷୟପ୍ରାପ୍ତ ହେବା; କମିକମି ଆସିବା।

**wangle** କ.ଭା. 1. କ୍ରି. ଚାଲାକି, କୂଟନୀତି ବା ଶଠତା ଦ୍ୱାରା (ଅନୁଗ୍ରହ ବା ଇପ୍‌ସିତ ଫଳ) ଲାଭ କରିବା; 2. ବି. ଏହି କାର୍ଯ୍ୟ।

**wank** *ସା.ପ୍ର.* 1. କ୍ରି. ହସ୍ତମୈଥୁନ କରିବା; 2. ବି. ହସ୍ତମୈଥୁନ।

**Wankel engine** ବି. ୱେଙ୍କଲ୍ ନାମକ ଯଂତ୍ରୀଙ୍କ ଦ୍ୱାରା ଉଦ୍‌ଭାବିତ ଅନ୍ତର୍ଦାହୀ ଇଂଜିନ୍।

**wanker** ବି. *ସା.ପ୍ର.* ଘୃଣ୍ୟ ବା ଅପ୍ରୀତିକର ବ୍ୟକ୍ତି; ବାଜେ ଲୋକ; ପ୍ରଭାବହୀନ ବ୍ୟକ୍ତି।

**wannabe** ବି. *ସା.ପ୍ର.* ନିଜର ପ୍ରିୟ ବ୍ୟକ୍ତିଭଳି ହେବାପାଇଁ ଏବଂ ତାଙ୍କ ଆଦର୍ଶ ଅନୁକରଣ କରିବାପାଇଁ ଚାହୁଁଥିବା ପ୍ରଶଂସକ; ଅନ୍ୟ କାହାଭଳି ହେବାକୁ ଚାହୁଁଥିବା ବ୍ୟକ୍ତି।

Digitized by srujanika@gmail.com

**want** 1. *କ୍ରି.* ଚାହିଁବା, କାମନା କରିବା, ଦରକାର କରିବା; ଖୋଜାହେବା; ଆବଶ୍ୟକ ହେବା; 2. *ବି.* ଅଭାବ, ଚାହିଦା; ଦାରିଦ୍ର୍ୟ; ଆବଶ୍ୟକତା; in want of ଆକାଙ୍କ୍ଷିତ; ଆବଶ୍ୟକ।

**wanting** *ବିଂ.* (ଗୁଣମାନ ବା ପରିମାଣରେ) ଊଣା ହେଉଥିବା; ବିନା, ଅଭାବ, ଅନୁପସ୍ଥିତ; ନ ଥିବା ଅବସ୍ଥା; ଚାହିଦା ବା ଆବଶ୍ୟକତା ମୁତାବକ ହୋଇ ନ ଥିବା; ଯୋଗାଯାଇ ନ ଥିବା।

**wanton** 1. *ବିଂ.* କୌତୁକପୂର୍ଣ୍ଣ; ଅସଂଯତ; ଯୌନ–ଉଚ୍ଛୃଙ୍ଖଳ; ଉଦ୍ଦେଶ୍ୟହୀନ, ଅନିୟନ୍ତ୍ରିତ; ଖାମଖିଆଲି; ବିଳାସୀ, ବହୁଳବର୍ଦ୍ଧିତ; 2. *ବି.* *ସାହି.* ଯୌନ–ଉଚ୍ଛୃଙ୍ଖଳ ବ୍ୟକ୍ତି; 3. *କ୍ରି.* ମନଇଚ୍ଛା କାମ କରିବା; ଅନ୍ୟର ଭାବନାପ୍ରଭୃତି ପ୍ରତି ଭ୍ରୂକ୍ଷେପ ନ କରିବା; *କ୍ରି.ବିଂ.* wantonly.

**wapiti** *ବି.* ଉତ୍ତର ଆମେରିକୀୟ ବୃହତ୍ ହରିଣ।

**war** 1. *ବି.* *ବିଶେ.* ଦୁଇଦେଶ ମଧ୍ୟରେ ଶତ୍ରୁତାପୂର୍ଣ୍ଣ ସଶସ୍ତ୍ର ସଂଘର୍ଷ; ପ୍ରତ୍ୟାକ୍ରମଣ; ଯୁଦ୍ଧର ଅବଧି; ଯୁଦ୍ଧ, ସଂଗ୍ରାମ, ସଂଘର୍ଷ, ସାମରିକ ଆକ୍ରମଣ; ଅପରାଧ, ରୋଗପ୍ରଭୃତି ବିରୁଦ୍ଧରେ ଦୀର୍ଘସଂଗ୍ରାମ; 2. *କ୍ରି.* ଯୁଦ୍ଧ କରିବା; warring *ବିଂ.* ଯୁଦ୍ଧରତ; at war ଯୁଦ୍ଧରେ ବ୍ୟାପୃତ; go to war ଯୁଦ୍ଧ କରିବା; ଯୁଦ୍ଧ ଘୋଷଣା କରିବା; have been in the wars *କ.ଭା.* ଆଘାତପ୍ରାପ୍ତ ହେବା।

**warble** 1. *କ୍ରି.* ଧୀର, କମ୍ପିତ ସ୍ୱରରେ ଗାନ କରିବା; ମୃଦୁଭାବରେ କଥା କହିବା; 2. *ବି.* ମୃଦୁ ଉଚ୍ଚାରଣ ବା ଗାୟନ।

**warbler** *ବି.* ଗାୟକ ପକ୍ଷୀ; ବିଭିନ୍ନ ପ୍ରକାରର କ୍ଷୁଦ୍ର ଗାୟକ ପକ୍ଷୀ।

**war crime** *ବି.* ଯୁଦ୍ଧର ଆନ୍ତର୍ଜାତିକ ଆଇନର ବିରୁଦ୍ଧାଚରଣଜନିତ ଅପରାଧ।

**war cry** *ବି.* ଯୁଦ୍ଧଘୋଷ; ରେରେକାର; ସ୍ୱପକ୍ଷ ସେନାବାହିନୀକୁ ଉତ୍ତେଜିତ କରିବାପାଇଁ ସଜୋର ଉଚ୍ଚାରିତ ନାମ ବା ପଦ; ରାଜନୈତିକ ଦଳପ୍ରଭୃତିର ସ୍ଲୋଗାନ୍।

**ward** 1. *ବି.* ଡାକ୍ତରଖାନାର ସ୍ୱତନ୍ତ୍ର କୋଠରୀ ବା ବିଭାଗ; ନିର୍ବାଚନମଣ୍ଡଳୀର ପ୍ରଶାସନିକ ବିଭାଗ; (ଅଭିଭାବକ ବା ଅଦାଲତଙ୍କ ଅଧୀନ) ନାବାଳକ; ward of court ବିଚାରାଳୟର ସୁରକ୍ଷାପ୍ରାପ୍ତ ନାବାଳକ ବା ମାନସିକ ରୋଗୀ; ବ.ବ.ରେ ତାଲା ଓ ଚାବିରେ ପରସ୍ପର ସଂପୃକ୍ତ ଖୋପ ଓ ଦାନ୍ତ; *ପ୍ରା.ପ୍ର.* ଅଭିଭାବକଙ୍କ ଜଗିବା ବା ରକ୍ଷାକରିବା କାର୍ଯ୍ୟ; ତତ୍ତ୍ୱାବଧାନ; 2. *କ୍ରି.* (ଆଘାତ, ବିପଦ) ନିବାରଣ କରିବା, ଏଡେଇ ଦେବା; ward off ଜଗିବା, ରକ୍ଷା କରିବା।

**-ward** *ପ.ପ୍ର.* (-wards ମଧ୍ୟ) ସ୍ଥାନ, ଗନ୍ତବ୍ୟସ୍ଥଳ ପ୍ରଭୃତି ବିଶେଷ୍ୟ ପଦରେ ତଥା ଦିଗସୂଚକ କ୍ରିୟାବିଶେଷଣ ପଦରେ ସଂଯୁକ୍ତ *ପ.ପ୍ର.* (ଉଦା. toward, homewards, towards, backward, eastward, downward).

**war dance** *ବି.* ସମରନୃତ୍ୟ; ଯୁଦ୍ଧ ପୂର୍ବରୁ ବା ଯୁଦ୍ଧରେ ବିଜୟଲାଭ ପରେ ଆଦିମ ଜନଜାତିମାନଙ୍କ ନୃତ୍ୟ।

**warden** *ବି.* *ସା.* *ସଂ.* ତତ୍ତ୍ୱାବଧାରକ; ଭାରପ୍ରାପ୍ତ କର୍ମଚାରୀ (game wardern); କୌଣସି ସଂସ୍ଥାର ମୁଖ୍ୟ ବା ପରିଚାଳକ; ଡାକ୍ତରଖାନା ବା କଲେଜ୍‌ର ପରିଚାଳକ ବା ଅଧ୍ୟକ୍ଷ।

**warder** *ବି.* କାରାଗାରର ପ୍ରହରୀ ବା ତତ୍ତ୍ୱାବଧାରକ; *ସ୍ତ୍ରୀ.* wardress.

**wardrobe** *ବି.* ଲୁଗାପଟା, ପୋଷାକ ପରିଚ୍ଛଦ ରଖିବାର ବଡ଼ ଆଲମାରୀ; ବ୍ୟକ୍ତିର ସମଗ୍ର ପୋଷାକପତ୍ର; ଥିଏଟର୍‌ରେ ପୋଷାକପତ୍ର ବିଭାଗ।

**wardrobe master** *ବି.* ଥିଏଟର୍ ପ୍ରଭୃତିରେ ପୋଷାକପତ୍ର ଦାୟିତ୍ୱରେ ଥିବା ବ୍ୟକ୍ତି; *ସ୍ତ୍ରୀ.* wardrobe mistress.

**wardroom** *ବି.* ଯୁଦ୍ଧଜାହାଜରେ ପଦସ୍ଥ ସାମରିକ କର୍ମଚାରୀଙ୍କ ମେସ୍ ବା ଭୋଜନକକ୍ଷ।

**-wards** *ପ.ପ୍ର.* *ଦ୍ର.* -ward.

**wardship** *ବି.* ଅଭିଭାବକତ୍ୱ; ଗାର୍ଜନତ୍ୱ।

**ware** *ବି.* ବିକ୍ରୟ ପାଇଁ ବିଶେଷଭାବେ ପ୍ରସ୍ତୁତ ପଦାର୍ଥ, *ବିଶେ.* ପାତ୍ରାଦି (chinaware); *ସା.* ବ.ବ.ରେ ବିକ୍ରୟପାଇଁ ମାଲପତ୍ର; ପଣ୍ୟଦ୍ରବ୍ୟ; ନିର୍ଦ୍ଦିଷ୍ଟଧରଣର କାଚତିଆରି ପାତ୍ର ସମୂହ।

**warehouse** 1. *ବି.* ମାଲଗୋଦାମ, ଗୋଦାମଘର; ପାଇକାରୀ ବା ବଡଧରଣର ଖୁଚୁରା ବିକ୍ରୟକେନ୍ଦ୍ର; 2. *କ୍ରି.* ଗୋଦାମରେ ସାମୟିକଭାବେ ରଖିବା।

**warfare** *ବି.* ଯୁଦ୍ଧ, ସଂଗ୍ରାମ; ଅଭିଯାନ।

**war–game** *ବି.* କଣ୍ଢେଇ ସାହାଯ୍ୟରେ ଯୁଦ୍ଧ–ଖେଳ; ସାମରିକବାହିନୀର ସମରାଭ୍ୟାସ।

Digitized by srujanika@gmail.com

**warhead** ବି. କ୍ଷେପଣାସ୍ତ୍ରର ବିସ୍ଫୋରକ ଅଗ୍ରଭାଗ।

**warhorse** ବି. ଇତି. ସୈନ୍ୟବାହିନୀରେ ବ୍ୟବହୃତ ଶକ୍ତିଶାଳୀ ଘୋଡା; କ.ଭା. ଅଭିଜ୍ଞ ଓ ପ୍ରବୀଣ ସୈନିକ, ରାଜନୈତିକ ନେତା ପ୍ରଭୃତି।

**warlike** ବିଂ. ଶତ୍ରୁଭାବାପନ୍ନ; ସୈନିକସୁଲଭ; ସାମରିକ, ଯୁଦ୍ଧ ବା ଯୁଦ୍ଧକୌଶଳପ୍ରିୟ।

**warlock** ବି. ପ୍ରା.ପ୍ର. ତାଂତ୍ରିକ; ଯାଦୁକର।

**warlord** ବି. ସାମରିକ ବାହିନୀର ସେନାପତି, ସେନାଧକ୍ଷ।

**warm** 1. ବିଂ. ଉଷ୍ମ; ଗରମ; ଗରମଦେଉଥିବା (ଲୁଗା); (କାମ ବା ବ୍ୟାୟାମ ସମ୍ପର୍କରେ) ଯାହା ଦେହକୁ ଗରମ କରିଦିଏ; (ଭାବନା ବା ବ୍ୟବହାର ସମ୍ପର୍କରେ) ବ୍ୟଗ୍ର, ଆଗ୍ରହୀ; ସହୃଦୟ (ସ୍ୱାଗତ ବା ଅଭ୍ୟର୍ଥନା); ସାଦର, ଆନ୍ତରିକ; କ.ଭା. କଷ୍ଟପ୍ରଦ ବା ବିପଦପୂର୍ଣ୍ଣ; ଲାଲ ବା ହଳଦିଆ(ରଙ୍ଗ); (ଶିକାରରେ ଗନ୍ଧବାରିବା ସୂଚକ) ତାଜା ଏବଂ ସ୍ପଷ୍ଟ; 2. କ୍ରି. ଉଷ୍ଣତା ଆଣିବା; ଉଷୁମ ହେବା; (କ୍ରୀଡାରେ) ଲଘୁ କସରତ କରି ଦେହକୁ ଗରମ କରିବା; 3. ବି. ଉଷ୍ଣତା ସମ୍ପାଦନ; warm up ଆଗ୍ରହୀ ହେବା ବା କରାଇବା; ଖାଦ୍ୟ ଗରମ କରିବା; ଅଭ୍ୟାସଦ୍ୱାରା କାର୍ଯ୍ୟ ପାଇଁ ପ୍ରସ୍ତୁତ ହେବା; କ୍ରି.ବିଂ. warmly; ବି. warmth.

**warm–blooded** ବିଂ. ଉଷ୍ଣରକ୍ତ ବିଶିଷ୍ଟ; ପରିବେଶର ତାପଠାରୁ ଅଧିକ ତାପବିଶିଷ୍ଟ ରକ୍ତଧାରୀ (ପ୍ରାଣୀ); ସହୃଦୟ ଓ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ (ବ୍ୟକ୍ତି)।

**war–memorial** ବି. ଯୁଦ୍ଧ ସ୍ମାରକୀ; ଯୁଦ୍ଧରେ ନିହତ ବ୍ୟକ୍ତିମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ସୌଧ, ସ୍ତମ୍ଭ, ଦ୍ୱାର ପ୍ରଭୃତି।

**warm–hearted** ବିଂ. ସଦୟ, ସହୃଦୟ, ବନ୍ଧୁବତ୍ସଳ, ସମାଦରପୂର୍ଣ୍ଣ; ବି. warm–heartedness.

**warming–pan** ବି. ଇତି. ବିଛଣା ପ୍ରଭୃତି ଉଷୁ କରିବାପାଇଁ ବ୍ୟବହୃତ ଜଳନ୍ତା କୋଇଲା ରଖିବାର ଦୀର୍ଘ ବେଣ୍ଟଯୁକ୍ତ ଚଟକାପାତ୍ର।

**warmonger** ବି. ଯୁଦ୍ଧଖୋର; ଯୁଦ୍ଧ କରିବାପାଇଁ ଉତ୍ସୁକାଉଥିବା ବ୍ୟକ୍ତି; ବି., ବିଂ. warmongering.

**warm–up** ବି. ପ୍ରସ୍ତୁତିମୂଳକ ଅଭ୍ୟାସ ବା କସରତର ସମୟ।

**warm work** ବି. ଦେହ ଗରମ କରିବାପାଇଁ ଶାରୀରିକ ପରିଶ୍ରମ ବା କସରତ; ଭୟଙ୍କର ବିବାଦ।

**warn** କ୍ରି. (ବିପଦ ବା ଅଜଣା ପରିସ୍ଥିତି ସମ୍ପର୍କରେ) ସତର୍କ ବା ସାବଧାନ କରାଇଦେବା; ଆଗରୁ ବିପଦର ସୂଚନା ଦେବା; କୌଣସି କାର୍ଯ୍ୟ ନ କରିବାକୁ ସତର୍କ କରିଦେବା; ଭର୍ତ୍ସନା କରିବା; warn off (ବ୍ୟକ୍ତିକୁ) ଦୂରେଇଯିବା ନିମନ୍ତେ କହିବା।

**warning** ବି. ସତର୍କବାଣୀ, ଚେତାବନୀ, ତାଗିଦ୍; ବିପଦସଙ୍କେତ।

**war of nerves** ବି. ସ୍ନାୟୁଯୁଦ୍ଧ; ଶତ୍ରୁର ମନୋବଳ ଭାଙ୍ଗିଦେବା ପାଇଁ ଉଦ୍ୟମ।

**warp** 1. କ୍ରି. (ଉତ୍ତାପ, ଆର୍ଦ୍ରତା ପ୍ରଭୃତିଯୋଗୁଁ) ବଙ୍କେଇବା, ବିକୃତ ହେବା, ବଦଳିଯିବା; (ବ୍ୟକ୍ତିର ମନକୁ) ବିଭ୍ରାନ୍ତ କରିଦେବା; ଦଉଡି ଦ୍ୱାରା ଜାହାଜକୁ ନିର୍ଦ୍ଦିଷ୍ଟ ଦିଗରେ ଟାଣିବା; 2. ବି. (ବୟନ ବିଦ୍ୟା) ଟାଣି; ବଙ୍କେଇ ଯାଇଥିବା କାଠ; ମାନସିକ ବିକୃତି; ଜାହାଜଟଣା ଦଉଡ଼ି।

**warpaint** ବି. (ବିଶେ. ଉତ୍ତର ଆମେରିକାର ଲୋହିତ ଭାରତୀୟମାନଙ୍କ କ୍ଷେତ୍ରରେ) ଯୁଦ୍ଧକ୍ଷେତ୍ରକୁ ଯିବା ପୂର୍ବରୁ ଶରୀରରେ ବୋଳାଯାଇଥିବା ରଙ୍ଗ; କ.ଭା. ମେକ୍–ଅପ୍ ବା ପ୍ରସାଧନ।

**warpath** ବି. on the warpath (ଉତ୍ତର ଆମେରିକୀୟ ଲୋହିତ ଭାରତୀୟମାନଙ୍କର) ଯୁଦ୍ଧକ୍ଷେତ୍ରକୁ ଯାତ୍ରା; କ.ଭା. ମୁକାବିଲାମୂଳକ ମନୋଭାବ ବା ଉଦ୍ଦେଶ୍ୟ।

**warrant** 1. ବି. ୱାରେଣ୍ଟ; (ଗିରଫ ବା ଖାନତଲାସ ପାଇଁ) ଲିଖିତ ଅଧିକାରପତ୍ର, ଆଦେଶପତ୍ର, ହୁକୁମନାମା; ପରବାନା; ରସିଦ, ସାମରିକ ବିଭାଗର ପଦବୀସୂଚକ ପ୍ରମାଣପତ୍ର; 2. କ୍ରି. ପରୁଆନାଭଳି କାର୍ଯ୍ୟକରିବା; ସମର୍ଥନ କରିବା, ପ୍ରମାଣୀକୃତ କହିବା; I (I'll) warrant ମୁଁ ନିଶ୍ଚିତ, ନିଃସନ୍ଦେହ।

**warrant–officer** ବି. ସାମରିକ କର୍ମଚାରୀ (କମିଶନ୍ଡ୍ ଏବଂ ନନ୍–କମିଶନ୍ଡ୍ ଅଫିସର ମଧ୍ୟବର୍ତ୍ତୀ ପଦ)।

Digitized by srujanika@gmail.com

**warranty** ବି. ମାଲିକାନା ସ୍ୱତ୍ୱ ବା ବିକ୍ରୀତ ବସ୍ତୁର ଗୁଣମାନ ତଥା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମରାମତି ପ୍ରଭୃତିର ଏକରାରନାମା; ଜାମିନ୍‌ନାମା, କ୍ଷମତା ।

**warren** ବି. ଠେକୁଆ ଗାତରେ ପୂର୍ଣ୍ଣ ଅଞ୍ଚଳ; ଜନାକୀର୍ଣ୍ଣ ଅଞ୍ଚଳ; ବହୁପରିମାଣରେ ବାସଗୃହଥିବା ଅଞ୍ଚଳ ।

**warring** ବିଂ. ପ୍ରତିଦ୍ୱନ୍ଦୀ, ଯୁଦ୍ଧରତ ।

**warrior** ବି. ଯୋଦ୍ଧା; ଅଭିଜ୍ଞ ବା ପ୍ରବୀଣ ସୈନିକ; ଯୁଦ୍ଧକୁଶଳ (warrior tribe).

**warship** ବି. ଯୁଦ୍ଧଜାହାଜ ।

**wart** ବି. ଭାତୁଡ଼ି, କ୍ଷୁଦ୍ର ଆବୁ; ପ୍ରାଣୀ ବା ଉଦ୍ଭିଦର ଶରୀରରେ ଅନୁରୂପ ବୃଦ୍ଧି; warts and all *ଲ.ଭା.* ଅଭାବ, ଦୁର୍ଗୁଣପ୍ରଭୃତି ଲୁଚାଇବାକୁ ସାମାନ୍ୟ ଚେଷ୍ଟା ନ କରି; ବିଂ. warty.

**wart-hog** ବି. ଆଫ୍ରିକାର ବଣୁଆ ଶୂକର ବା ବାରହା ।

**wartime** ବି. ଯୁଦ୍ଧ ଚାଲୁଥିବା ସମୟ ।

**wary** ବିଂ. ସାବଧାନ, ସତର୍କ; *କ୍ରି.ବିଂ.* warily; ବି. wariness.

**was** *କ୍ରି.* be କ୍ରିୟାର ପ୍ରଥମ ଓ ତୃତୀୟ ପୁରୁଷ *ଏ.ବଚ. ଅ.କା.* ।

**wash** 1. *କ୍ରି.* ଧୋଇବା; କାଚିବା; (ଲୁଗା, ବାସନକୁସନ) ପାଣିଦ୍ୱାରା ପରିଷ୍କାର କରିବା; ସ୍ନାନ କରିବା; (ରଙ୍ଗରେ) ପତଳା ଲେପ ଦେବା; (ଦାଗ) ଧୋଇ ଛଡ଼ାଇଦେବା; (ନଦୀ ସମ୍ପର୍କରେ) ପାଖଦେଇ ପ୍ରବାହିତ ହେବା; (ଯୁକ୍ତି) ସ୍ୱୀକାରଯୋଗ୍ୟ ବା ଗ୍ରହଣୀୟ ହେବା; *କାବ୍ୟ.* ସିକ୍ତ କରିବା; ସିଞ୍ଚନ କରିବା; 2. ବି. ଧୌତକ୍ରିୟା, ସଫେଇକାର୍ଯ୍ୟ; ଜଳରଙ୍ଗର ପତଳା ପ୍ରଲେପ; ଧୌତକରଣ; ସ୍ନାନ; ପରିଷ୍କୃତ ହେବାପାଇଁ ରହିଥିବା ଲୁଗାପଟା; ଲୁଗାସଫା ସ୍ଥାନ; ଲଣ୍ଡ୍ରି; ଜଳପ୍ରବାହ, ଚୋପାଣିର ଶବ୍ଦ, ରନ୍ଧନଶାଳାର ଧୁଆଧୋଇ ପାଣି (ଯାହା ଘୁଷୁରିକୁ ଦିଆଯାଏ); ନିକୃଷ୍ଟ ଧରଣର ତରଳ ଖାଦ୍ୟ; ପଶୁପକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ତରଳ ଖାଦ୍ୟ; come out in the wash କାଳକ୍ରମେ ମନ ବୁଝିଯିବା; wash one's dirty linen in public ବାହାରେ ପରସ୍ପରର କୁତ୍ସାରଟନା କରିବା; wash down ପାଣିବାଳି ଭଲଭାବେ ଧୋଇବା; (with ସହ) ତରଳ ଖାଦ୍ୟ ସାହାଯ୍ୟରେ କଠିନ ଖାଦ୍ୟକୁ ଗିଳିବା; washed up *ଗ୍ରା.ପ୍ର.* ପରାଜିତ; ଅକୃତକାର୍ଯ୍ୟ ହୋଇ; wash one's hands (of) ଦାୟିତ୍ୱରୁ ମୁକ୍ତ ହୋଇଯିବା; wash out ବାରମ୍ବାର ଧୋଇବା ଫଳରେ ରଙ୍ଗ ଛାଡ଼ିଯିବା; ବିମର୍ଷ ବା କ୍ଳାନ୍ତ ହେବା; ଭିତରପାଖ ଧୋଇ ସଫା କରିବା; *ଲ.ଭା.* ରଦ୍ଦ କରିବା; ହଠାତ୍ ବର୍ଷାଯୋଗୁଁ (ଖେଳପ୍ରଭୃତି) ବନ୍ଦ ହୋଇଯିବା; wash up ଅଇଁଠା ବାସନ ଧୋଇବା; *ଆମେ.* ମୁହଁ, ହାତ ଧୋଇବା; ଭାସିଆସି କୂଳରେ ଲାଗିବା; ବିଂ. washable.

**wash-basin** ବି. ହାତ, ମୁହଁ ଧୋଇବା ପାଇଁ ଉଦ୍ଦିଷ୍ଟ ନଳଲଗା ବେସିନ୍ ବା ପାତ୍ର ।

**washboard** ବି. ଲୁଗା ଘଷି ଧୋଇବା ପାଇଁ ବ୍ୟବହୃତ ପଟା; ତାଳବାଦ୍ୟ ଭାବରେ ବ୍ୟବହୃତ ଏଭଳି ପଟା ।

**washed-out** ବିଂ. ଫିକା; ଶେଥା; *ଲ.ଭା.* ପାଣ୍ଡୁର, କ୍ଳାନ୍ତଶ୍ରାନ୍ତ ।

**washed-up** ବିଂ. *ଆମେ. ଗ୍ରା.ପ୍ର.* ପରାଜିତ; ହାରିଯାଇଥିବାରୁ ।

**washer** ବି. ଲୁଗାପଟା ସଫା କରୁଥିବା ଯନ୍ତ୍ର ବା ବ୍ୟକ୍ତି; ନିରୋଧ କରିବା ନିମନ୍ତେ ବ୍ୟବହୃତ (ଧାତୁପ୍ରଭୃତିରେ) କ୍ଷୁଦ୍ର ଚକି (ଦୁଇ ନଟ୍ ମଝିରେ ବା ପେଚ୍ମୁଣ୍ଡତଳେ ଦିଆଯାଏ) ।

**washerman** ବି. ଧୋବା, ରଜକ; ଲଣ୍ଡ୍ରି ପରିଚାଳକ; *ସ୍ତ୍ରୀ.* washer-woman.

**washer-up** ବି. (washer-upper ମଧ୍ୟ) ଅଇଁଠା ବାସନକୁସନ ଧୋଉଥିବା ବ୍ୟକ୍ତି ।

**washing** ବି. ଧୁଆ ହେବାପାଇଁ ବା ଧୁଆହୋଇ ଆସିଥିବା ଲୁଗାପଟା ।

**washing-machine** ବି. ଲୁଗାଧୁଆ ଯନ୍ତ୍ର ।

**washing-powder** ବି. ଲୁଗାଧୁଆ ଗୁଣ୍ଡ ବା ଡିଟର୍ଜେଣ୍ଟ ।

**washing-soda** ବି. ବାସନ ଧୋଇବା ପାଇଁ ବା ଲୁଗାସଫା କରିବାପାଇଁ ଗରମପାଣିରେ ବ୍ୟବହୃତ ସୋଡା କ୍ଷାର (ସୋଡିୟମ୍ କାର୍ବୋନେଟ୍) ।

**washing-up** ବି. ବାସନକୁସନ ଧୋଇବା କାର୍ଯ୍ୟ; ଅଇଁଠା ବା ବ୍ୟବହୃତ ବାସନକୁସନ ।

**wash-out** ବି. *ଲ.ଭା.* ସଂପୂର୍ଣ୍ଣ ବିଫଳତା ।

**washroom** ବି. ବିଶେ. *ଆମେ.* ସର୍ବସାଧାରଣ ଶୌଚାଳୟ ।

Digitized by srujanika@gmail.com

**washstand** ବି. ବେସିନ୍, ଜଗ୍, ସାବୁନ ପ୍ରଭୃତି ରଖିବା ଷ୍ଟାଣ୍ଡ।

**washy** ବିଂ. ଅତି ପାଣିଆ; ବିଶେଷ କଡା ହୋଇ ନ ଥିବା; ଉତ୍ସାହହୀନ, ନିଷ୍ପ୍ରାଣ; କ୍ରି.ବିଂ. washily; ବି. washiness.

**wasn't** କ.ଭା. ସଂଶ. was not.

**Wasp, WASP** ସଂଶ. ଆମେ. White Anglo-Saxon Protestant ଶ୍ୱେତକାୟ ଏଙ୍ଗ୍ଲୋ–ସେକ୍ସନ ପ୍ରୋଟେଷ୍ଟାଣ୍ଟ; ମଧ୍ୟବିତ୍ତ ଶ୍ରେଣୀର ଶ୍ୱେତାଙ୍ଗ ଆମେରିକାନ୍ ପ୍ରୋଟେଷ୍ଟାଣ୍ଟ ଧର୍ମାବଲମ୍ବୀ।

**wasp** ବି. ହଳଦିଆ ଓ କଳାର ପଟାପଟା ଦାଗଥିବା ନାହୁଡିଆ ପୋକ; ବିରୁଡିଜାତୀୟ ଜୀବ।

**waspish** ବିଂ. ଚିଡା, ବଦ୍‌ମିଜାଜୀ।

**wasp-waist** ବି. ଅତ୍ୟନ୍ତ ସରୁ ଅଣ୍ଟା।

**wassail** ପ୍ରା.ପ୍ର. 1. ବି. ମଦ୍ୟପାନୋତ୍ସବ; ଉତ୍ସବ ଅବସରର ଆମୋଦ ପ୍ରମୋଦ; 2. କ୍ରି. ଆମୋଦ ପ୍ରମୋଦ କରିବା।

**wastage** ବି. ଅପଚୟ, ନଷ୍ଟ; ବ୍ୟବହାର ଜନିତ କ୍ଷୟ; natural wastage କର୍ମଚାରୀଙ୍କ ସଂଖ୍ୟା ହ୍ରାସ (ଛଟେଇଦ୍ୱାରା ନୁହେଁ)।

**waste** 1. କ୍ରି. ନଷ୍ଟ ହେବା; ବେଦରକାରୀ ହେବା; ରଦ୍ଦି ହୋଇପଡିବା, ବ୍ୟବହାରର ଅନୁପଯୁକ୍ତ ହେବା; (ଉପଦେଶ ପ୍ରଭୃତି) ପ୍ରଭାବହୀନ ହେବା; ବେକାର ହୋଇଯିବା; କର୍ମକ୍ଷମତା କମିଯିବା; ଦୁର୍ବଳ ହେବା ବା କରିବା; 2. ବିଂ. ଅତିରିକ୍ତ, ଅଦରକାରୀ; ଚାଷବାସର ଅଯୋଗ୍ୟ, ଅକର୍ଷିତ; 3. ବି. ନଷ୍ଟ; ଅପଚୟ, ରଦ୍ଦି ଜିନିଷ; ଅନାବାଦୀ ଭୂମି, go (run) to waste ନଷ୍ଟ ହେବା।

**waste disposal unit** ବି. ବାସଗୃହର ବ୍ୟବହୃତ ମଇଳାପାଣି ପ୍ରଭୃତି ନିଷ୍କାସନ କରିବାର ବ୍ୟବସ୍ଥା।

**wasteful** ବି. ଅପବ୍ୟୟୀ; ଖର୍ଚ୍ଚୀ; ଅପଚୟ ବା ନଷ୍ଟ କରି ଦେଉଥିବା; କ୍ରି.ବିଂ. wastefully.

**wasteland** ବି. ଊଷର ଭୂମି; ପଡିତ ଜମି, ବିଶେ. ଯାହା ଚାଷଯୋଗ୍ୟ ବା ବ୍ୟବହାରଯୋଗ୍ୟ ନୁହେଁ; ଆଧାତ୍ମିକ ବା ବୌଦ୍ଧିକ ଦୃଷ୍ଟିରୁ ବଂଧ୍ୟା ସ୍ଥାନ ବା କାଳ।

**waste paper** ବି. ରଦ୍ଦିକାଗଜ; ବ୍ୟବହୃତ ବା ଅଦରକାରୀ କାଗଜ।

**waste-paper basket** ବି. ରଦ୍ଦି ବା ଅଦରକାରୀ କାଗଜ ରଖିବାପାଇଁ ପାତ୍ର।

**waste pipe** ବି. ବର୍ଜ୍ୟବସ୍ତୁ ବା ମଇଳା ପାଣି ପ୍ରଭୃତି ନିଷ୍କାସନ କରିବାପାଇଁ ନଳ।

**waste product** ବି. ପ୍ରାଣୀ ବା ଉତ୍ପାଦନ କେନ୍ଦ୍ରର ବର୍ଜ୍ୟ ଅଦରକାରୀ ବସ୍ତୁର ଉପଜାତ ଦ୍ରବ୍ୟ।

**waster** ବି. ଅପବ୍ୟୟୀ ବ୍ୟକ୍ତି; ଯେ କେବଳ ଅପଚୟ କରେ; କ.ଭା. ଯେଉଁ ଲୋକ କୌଣସି କାମକୁ ଯୋଗ୍ୟ ନୁହେଁ।

**wastrel** ବି. ଯେ କୌଣସି କାମପାଇଁ ଯୋଗ୍ୟ ନୁହେଁ।

**watch** 1. କ୍ରି. ଜଗିବା, ଦୃଷ୍ଟିଦେବା; ନଜର ରଖିବା, ଅପେକ୍ଷା କରିବା, ସତର୍କ ଦୃଷ୍ଟିଦେବା; ତକ୍କିନେବା; ସୁଯୋଗ ପାଇଁ ଅପେକ୍ଷା କରିବା; 2. ବି. ହାତବନ୍ଧା ବା ପକେଟ୍ ଘଣ୍ଟା; ନଜର, ପହରା, ସତର୍କଦୃଷ୍ଟି, ଜାଗରଣ; (ନୌଯାତ୍ରାରେ) ଚାରିଘଣ୍ଟିଆ କାର୍ଯ୍ୟବ୍ୟବସ୍ଥା; ଇତି. ପ୍ରହରୀ; ପହରାଦାର; on the watch for ପ୍ରତ୍ୟାଶିତ ଭୟାବହ ଘଟଣା ପାଇଁ ଅପେକ୍ଷା କରିବା; watch it କ.ଭା. ସାବଧାନ ହୁଅ; watch over ଦେଖାଶୁଣା କରିବା, ରକ୍ଷା କରିବା; watch out (ସା. for ସହ) ସତର୍କତା ଅବଲମ୍ବନ କର; ବି. watcher.

**watchdog** ବି. (ଘର, ଧନସଂପତ୍ତିର) ଜଗୁଆଳି କୁକୁର; ଅନ୍ୟମାନଙ୍କର ଅଧିକାର ପାଇଁ ସଦାଜାଗ୍ରତ ବ୍ୟକ୍ତି ବା ସଂଗଠନ।

**watchful** ବିଂ. ସତର୍କ, ସାବଧାନ, ଜାଗତିଆର; କ୍ରି.ବିଂ. watchfully; ବି. watchfulness.

**watching brief** ବି. ସିଧାସଳଖ ସଂପୃକ୍ତ ନ ଥାଇ କୌଣସି ଓକିଲ ନିର୍ଦ୍ଦିଷ୍ଟ ମୋକଦ୍ଦମାର ପ୍ରଗତି ଉପରେ ଲକ୍ଷ୍ୟ ରଖିବା କାର୍ଯ୍ୟ।

**watchmaker** ବି. ଘଣ୍ଟାତିଆରି ଓ ମରାମତି କରୁଥିବା ମିସ୍ତ୍ରୀ।

**watchman** ବି. ରାତି ଜଗୁଆଳ, ଚୌକିଦାର।

**watch-night service** ବି. ଖ୍ରୀ. ବର୍ଷର ଶେଷରାତ୍ରିରେ ପାଳିତ ଧର୍ମୋତ୍ସବ।

**watch-tower** ବି. ସତର୍କଦୃଷ୍ଟି ରଖି ପହରା ଦେବାପାଇଁ ଉଦ୍ଦିଷ୍ଟ ଅତ୍ୟୁଚ୍ଚ ସ୍ଥାନ (ଗମ୍ବୁଜ, ଦୁର୍ଗ–ଚୂଡା ପ୍ରଭୃତି)।

Digitized by srujanika@gmail.com

**watch word** ବି. ନୀତି, ମତବାଦ ପ୍ରଭୃତିର ସାରକଥା; ମୂଳମନ୍ତ୍ର ।

**water** 1. ବି. ପାଣି, ଜଳ; ନଦୀ, ହ୍ରଦ, ଜଳାଶୟ, ସମୁଦ୍ର ପ୍ରଭୃତି ଜଳପୂର୍ଣ୍ଣ ସ୍ଥାନ; ଜଳସହିତ ଅନ୍ୟ କୌଣସି ପଦାର୍ଥର ଦ୍ରବଣ; ବହୁମୂଲ୍ୟ ପ୍ରସ୍ତରର ସ୍ୱଚ୍ଛତା ବା ଉଜ୍ଜ୍ୱଳତା; *ଗୁଣ.* ଜଳନିକଟରେ ପ୍ରାପ୍ତ; 2. *କ୍ରି.* (ପଶୁଙ୍କୁ) ପାଣିଦେବା; (ଗଛରେ) ପାଣିଦେବା; ପାଣି ଛିଞ୍ଚିବା; ଓଦାକରିବା; (ପାଟି ବା ଆଖିରୁ) ପାଣି ବୋହିବା; by water ନୌକା ବା ଜାହାଜ ପ୍ରଭୃତିଦ୍ୱାରା; like water ପାଣିଭଳି; ପ୍ରଚୁର ପରିମାଣରେ; make one's mouth water ପାଟିରୁ ଲାଳ ବହିବା, ଲୋଭ ବା ଲାଳସା ହେବା; make (pass) water ମୂତ୍ରତ୍ୟାଗ କରିବା; of the first water ସର୍ବୋତ୍ତମ, ସର୍ବୋଚ୍ଚ; water down ପାଣିଆ କରିବା; ପ୍ରଭାବ ବା ଭୟଙ୍କରତା କମାଇଦେବା; water under the bridge ଗଲାକଥା ଭୁଲିଯିବା ।

**water–bearer** ବି. ପାଣିବାଲା, ଭିସ୍ତି; the water-bearer କୁମ୍ଭରାଶି ।

**water–bed** ବି. ପାଣି ଭର୍ତ୍ତି କରାଯାଇଥିବା ଗଦି ।

**water–biscuit** ବି. ପତଳା, କୁଡ଼୍‌ମୁଡ଼ିଆ (ମିଠା ଦିଆଯାଇ ନ ଥିବା) ବିସ୍କୁଟ୍ ।

**water–buffalo** ବି. ଭାରତୀୟ ଗୃହପାଳିତ ମହିଷ ।

**water–bus** ବି. ନଦୀପ୍ରଭୃତିରେ ନିୟମିତ ଯାତ୍ରୀମାନଙ୍କୁ ପାରି କରୁଥିବା ନୌକା, ଫେରି ଡଙ୍ଗା ।

**water–cannon** ବି. ଉତ୍ତ୍ୟକ୍ତଜନତାକୁ ଛତ୍ରଭଙ୍ଗ କରାଇବା ନିମନ୍ତେ ବ୍ୟବହୃତ ପ୍ରଚଣ୍ଡ ଜଳଧାରା ।

**water–carrier** ବି. *ଦ୍ର.* water-bearer.

**water clock** ବି. ଜଳପ୍ରବାହଦ୍ୱାରା ଚାଲୁଥିବା ଘଣ୍ଟା ।

**water–closet** ବି. ଜଳନିଃସରଣ ବ୍ୟବସ୍ଥାଥିବା ଶୌଚାଗାର ।

**water–colour** ବି. ଜଳରଙ୍ଗ; ଏହାଦ୍ୱାରା ରଙ୍ଗ କରାଯାଇଥିବା ଚିତ୍ର; ବି. water-colourist.

**water–cooled** ବିଂ. ଜଳପ୍ରବାହ ଦ୍ୱାରା ଥଣ୍ଡା କରାଯାଇଥିବା ।

**watercourse** ବି. ନଈ, ଝରଣା; ଏହାର ଶଯ୍ୟା ।

**watercress** ବି. (କଳମ୍ବ ଜାତୀୟ) ପାଣିଲତା ବିଶେଷ (ସାଲାଡ୍‌ରେ ବ୍ୟବହୃତ) ।

**water–diviner** ବି. Y ଆକୃତିର ବାଡିଧରି ଭୂନିମ୍ନସ୍ଥ ଜଳର ଉତ୍ସ ସନ୍ଧାନ କରିପାରୁଥିବା ବ୍ୟକ୍ତି ।

**waterfall** ବି. ଜଳପ୍ରପାତ ।

**waterfowl** ବି. *ସା.* ବ.ବ. ଜଳଚର ପକ୍ଷୀ ସମୂହ ।

**waterfront** ବି. ନଦୀନିକଟବର୍ତ୍ତୀ ସହରର ଅଂଶ ।

**water–glass** ବି. ସୋଡ଼ିୟମ୍ କିମ୍ବା ପଟାସିୟମ୍ ସିଲିକେଟ୍‌ର ଦ୍ରବଣ (ଅଣ୍ଡାର ସୁରକ୍ଷା ନିମନ୍ତେ ବ୍ୟବହୃତ) ।

**water–hammer** ବି. ଜଳ ବନ୍ଦ କରିଦେବା ପରେ ନଳଭିତରେ ହେଉଥିବା ଜଳର ଘଡଘଡ଼ ଶବ୍ଦ ।

**water–hole** ବି. ପାଣି ଜମି ରହୁଥିବା ଅଣଓସାରିଆ ଗାତ ।

**water–ice** ବି. ଚିନିମିଶା ସୁଗନ୍ଧିତ ବରଫ ।

**watering can** ବି. ଗଛରେ ପାଣି ଦେବାପାଇଁ ବ୍ୟବହୃତ ଝରା ।

**watering place** ବି. ଯେଉଁଠି ଜୀବଜନ୍ତୁମାନେ ପାଣି ପିଅନ୍ତି; ଉଷ୍ମପ୍ରସ୍ରବଣ; ସମୁଦ୍ରତୀରସ୍ଥ ଅବକାଶସ୍ଥଳ ।

**water jump** ବି. ଘୋଡ଼ାଦୌଡରେ ପାଣିଉପରେ ଡେଇଁବାର ସ୍ଥାନ ।

**water–level** ବି. ଜଳାଶୟ ପ୍ରଭୃତିରେ ପାଣିର ସ୍ତର; ଜଳଭଣ୍ଡାରର ଜଳସ୍ତର; ସମତଳ ନିରୂପଣ କରିବା ଯନ୍ତ୍ର ।

**water–lily** ବି. କଇଁଫୁଲ ।

**water–line** ବି. ଜଳରେଖା, ଜାହାଜ (ବୋଝେଇ ବା ଖାଲିଥିବା ଅବସ୍ଥାରେ) ଯେଉଁପର୍ଯ୍ୟନ୍ତ ପାଣିରେ ବୁଡି ରହେ ।

**waterlogged** ବିଂ. ଜଳପୂର୍ଣ୍ଣ; ସଂପୂର୍ଣ୍ଣଭାବେ ପାଣି ଭେଦି ଯାଇଥିବା; ସଂପୂର୍ଣ୍ଣଭାବେ ପରିସେଚିତ; ସନ୍ତସନ୍ତିଆ ।

**Waterloo** ବି. ନିର୍ଣ୍ଣାୟକ ପରାଜୟ ବା ସଂଗ୍ରାମ (ବେଲ୍‌ଜିୟମ୍‌ର ୱାଟର୍‌ଲୁ ଯେଉଁଠି ଫରାସୀ ସମ୍ରାଟ୍ ନେପୋଲିଅନ୍ ସଂପୂର୍ଣ୍ଣ ପରାଜିତ ହୋଇଥିଲେ) ।

**water main** ବି. ଜଳଯୋଗାଣ ବ୍ୟବସ୍ଥାର ମୁଖ୍ୟ ନଳ ।

Digitized by srujanika@gmail.com

**waterman** ବି. ଭଡ଼ାରେ ଯାତ୍ରୀ ପରିବହନ କରୁଥିବା ନୌଚାଳକ; କୁଶଳୀ ନୌଚାଳକ ବା ନାଉରିଆ ।

**watermark** ବି. ପାଣିଛାପ; ସାଧା କାଗଜକୁ ଆଲୋକ ଆଡ଼କୁ ଧରିଲେ ତହିଁରେ ଯେଉଁ ଅସ୍ପଷ୍ଟ ଚିହ୍ନ ଦେଖାଯାଏ ।

**water-meadow** ବି. ସାମୟିକ ଭାବରେ ଜଳପ୍ଲାବିତ ହୋଇଯାଉଥିବା ପ୍ରାନ୍ତର ବା ଚାରଣଭୂମି ।

**water melon** ବି. ତରଭୁଜ ।

**water-mill** ବି. ଜଳସ୍ରୋତଦ୍ୱାରା ଚାଳିତ ମିଲ୍ ବା କଳ ।

**water-pistol** ବି. ପିଚକାରୀଭଳି ଜଳଧାରା ବାହାରୁଥିବା ଖେଳନା ପିସ୍ତଲ ।

**water polo** ବି. ସନ୍ତରଣକାରୀମାନେ ଜଳରେ ଖେଳୁଥିବା ଫୁଟବଲ୍ ଭଳି ବଲ୍‌ଖେଳ ।

**water-power** ବି. ଜଳର ସ୍ରୋତ ବା ଓଜନରୁ ଆହରଣ କରାଯାଉଥିବା ଯାନ୍ତ୍ରିକ ଶକ୍ତି ।

**waterproof** 1. ବିଂ. ଜଳରୋଧକ; ଜଳ-ଅଭେଦ୍ୟ; 2. ବି. ଜଳରୋଧୀ ପୋଷାକ ପ୍ରଭୃତି; 3. କ୍ରି. ଜଳରୋଧୀ କରିବା ।

**water-rat** ବି. water-vole ଦ୍ର. ।

**water-rate** ବି. ଜଳକର; ସର୍ବସାଧାରଣ ଜଳଯୋଗାଣ ନିମନ୍ତେ ଦେୟ ଅର୍ଥ ।

**watershed** ବି. ଜଳ ବିଭାଜିକା; ଅବବାହିକା; ଘଟଣାର ଉଲ୍ଲେଖଯୋଗ୍ୟ ମୋଡ଼ ।

**waterside** ବି. ସମୁଦ୍ର, ନଦୀ ବା ହ୍ରଦର ଧାର; କୂଳ, ଉପକୂଳ ।

**water-ski** ବି. ମଟରବୋଟ୍‌ଦ୍ୱାରା ଟଣାହେଉଥିବା ଜଳପୃଷ୍ଠ ସ୍କିଖେଳର ପଟାଦୁଇଟିରୁ ଗୋଟିଏ; ବି. water-skier.

**water-softener** ବି. ଖାରଜଳକୁ ମୃଦୁ କରିବାପାଇଁ ଉପକରଣ ।

**waterspout** ବି. ଜଳସ୍ତମ୍ଭ (ସମୁଦ୍ର ଏବଂ ମେଘମାଳା ମଧ୍ୟସ୍ଥ) ।

**watertight** ବିଂ. ଜଳରୋଧୀ; ପାଣି ପଶି ନ ପାରିବାଭଳି ପାତ୍ର, ଗଣ୍ଠି ପ୍ରଭୃତି; ଅକାଟ୍ୟ ବା ଅଭେଦ୍ୟ (ଯୁକ୍ତି) ।

**water-tower** ବି. ପାଣିଟାଙ୍କି; ଉଚ୍ଚସ୍ଥାନରେ ସ୍ଥିତ ଜଳଭଣ୍ଡାର ଯହିଁରୁ ଜଳଯୋଗାଣ କରାଯାଇଥାଏ ।

**water-vole** ବି. ମୂଷାସଦୃଶ ଜଳଚର ଜୀବ ।

**waterway** ବି. ସୁନାବ୍ୟ ଜଳପ୍ରଣାଳୀ ।

**water-wheel** ବି. ଜଳଚକି; ପାଣି ଉଠାଇବା ପାଇଁ ବା କଳପ୍ରଭୃତି ଚଳାଇବା ପାଇଁ ବ୍ୟବହୃତ ଜଳଚାଳିତ ଚକ ।

**water-wings** ବି. ପହଁରାଶିଖାଳିର ହାତରେ ବନ୍ଧା ହେଉଥିବା ପବନପୂର୍ଣ୍ଣ ଭାସମାନ ଉପକରଣ ।

**waterworks** ବି. (କୌଣସି ସହର ବା ଅଞ୍ଚଳକୁ) ଜଳଯୋଗାଣ ବ୍ୟବସ୍ଥା; କ.ଭା. ଲୁହ ଝରାଇବା; କ.ଭା. ଶରୀରର ମୂତ୍ର ବ୍ୟବସ୍ଥା ।

**watery** ବିଂ. ପାଣିଆ; ପତଳା; ଜଳପୂର୍ଣ୍ଣ; ଅନାକର୍ଷଣୀୟ, ଫିକା(ରଙ୍ଗ); ବର୍ଷଣୋନ୍ମୁଖ (ସୂର୍ଯ୍ୟ, ଚନ୍ଦ୍ର ବା ଆକାଶ) ଅଶ୍ରୁପୂର୍ଣ୍ଣ, ଭିଜା (ଆଖି); ବି. wateriness.

**watt** ବି. ତଡ଼ିତ୍‌ଶକ୍ତିର ଆନ୍ତର୍ଜାତିକ ମାନ ବା ଏକକ, ୱାଟ୍ ।

**wattage** ବି. ୱାଟ୍‌ରେ ପ୍ରକାଶିତ ବିଦ୍ୟୁତ୍‌ଶକ୍ତି ।

**watt-hour** ବି. ଘଣ୍ଟାକରେ ବ୍ୟବହୃତ ଗୋଟିଏ ୱାଟ୍‌ର ଶକ୍ତି ।

**wattle**[1] ବି. କୁକୁଡ଼ା ପ୍ରଭୃତି କେତେକ ପକ୍ଷୀଙ୍କର ମୁଣ୍ଡଉପରେ ବା କଣ୍ଠତଳେ ଝୁଲୁଥିବା ମାଂସଳ ଅଂଶ ।

**wattle**[2] ବି. ସୁନେଲି ଫୁଲଯୁକ୍ତ (ଅଷ୍ଟ୍ରେଲୀୟ ଜାତୀୟଚିହ୍ନ) ଆକାଶିଆଜାତୀୟ ବୃକ୍ଷ ବିଶେଷ; ଝାଟି ବା ଜାଣିର ବାଡ଼ ।

**wattle-and daub** ବି. ଝାଟିମାଟି କାନ୍ଥ ।

**wave** 1. କ୍ରି. ବିଦାୟ ବା ଅଭିବାଦନ ଜଣାଇବା ପାଇଁ ହାତ ହଲାଇବା; ପତାକା ପ୍ରଭୃତି ହଲାଇବା; ହାତ ହଲାଇ ଇଶାରା ଦେବା; ବାଳପ୍ରଭୃତିକୁ ଢେଉଭଳି ସଜାଇବା; 2. ବି. ତରଙ୍ଗ; ଢେଉ, ଲହରୀ; କୁଞ୍ଚିତ କେଶ; ତରଙ୍ଗାକୃତି ବସ୍ତୁ; ହାତ ହଲାଇ ବିଦାୟ ବା ଅଭିବାଦନ ଜ୍ଞାପନ; ଭାବ, ଆବେଗ, ଅବସ୍ଥାପ୍ରଭୃତିର ଅସ୍ଥାୟୀ ବୃଦ୍ଧି; ପ୍ରବାହ; ଆଲୋକ, ଉତ୍ତାପ ଓ ଶବ୍ଦର ତରଙ୍ଗ ବା ତରଙ୍ଗାୟିତ ଗତି; ଢେଉଢେଉକା ରେଖା; make waves କ.ଭା. ଅସୁବିଧା ବା ସମସ୍ୟା ସୃଷ୍ଟି କରିବା; wave aside ଅନାବଶ୍ୟକ ବୋଲି ପ୍ରତ୍ୟାଖ୍ୟାନ କରିଦେବା; wave down (ଗାଡ଼ିପ୍ରଭୃତି) ରୋକିବାକୁ ହାତରେ ସଙ୍କେତ ଦେବା ।

Digitized by srujanika@gmail.com

**waveband** ବି. ନିର୍ଦ୍ଦିଷ୍ଟସୀମା ମଧ୍ୟରେ ବେତାର ତରଙ୍ଗର ପରିସର ।
**wave-form** ବି. *ପଦାର୍ଥ* ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏକ ତରଙ୍ଗର ଆକୃତି ଦର୍ଶାଉଥିବା ବକ୍ରରେଖା ।
**wavelength** ବି. ନିକଟବର୍ତ୍ତୀ ଦୁଇ ତରଙ୍ଗର ମଧ୍ୟବର୍ତ୍ତୀ ଦୂରତ୍ୱ; ଟ୍ରାନ୍ସମିଟରରୁ ପ୍ରସାରିତ ବେତାର ତରଙ୍ଗର ବିଶେଷତ୍ୱ; *କ.ଭା.* ବ୍ୟକ୍ତିର ଚିନ୍ତାଧାରାର ପରିସର ବା ଦୃଷ୍ଟିଭଙ୍ଗୀ ।
**wavelet** ବି. କ୍ଷୁଦ୍ରତରଙ୍ଗ ।
**wave machine** ବି. ସନ୍ତରଣ–ପୁଷ୍କରିଣୀ (ସ୍ୱିମିଙ୍ଗ୍ ପୁଲ୍)ରେ ତରଙ୍ଗ ସୃଷ୍ଟି କରିବାପାଇଁ ବ୍ୟବହୃତ ଯନ୍ତ୍ର ।
**waver** *କ୍ରି.* ଟଳମଳ ହେବା; ଇତସ୍ତତଃ ହେବା; ଏପାଖ ସେପାଖ ହେବା, ଦ୍ୱିଧାଗ୍ରସ୍ତ ହେବା; (ଆଲୋକସମ୍ପର୍କରେ) ଧପ୍ ଧପ୍ କରିବା; ପରାଜୟର ଲକ୍ଷଣ ଦେଖାଯିବା; ହାର୍‌ମାନିବାଭଳି ଜଣାଯିବା; ନିର୍ଣ୍ଣୟ ନେଇ ନ ପାରିବା ।
**wavy** ବିଂ. ତରଙ୍ଗାୟିତ, ତରଙ୍ଗପୂର୍ଣ୍ଣ; *କ୍ରି.ବିଂ.* wavily; ବି. waviness.
**wax**[1] 1. ବି. ମହୁମାଛି ଶରୀର ନିଃସୃତ ତଥା ମହୁଫେଣା ତିଆରିରେ ବ୍ୟବହୃତ ପାତଳ ଅଠାଳିଆ ପଦାର୍ଥ; ମହୁସିଠା; ଏଥିରୁ ପ୍ରସ୍ତୁତ ମହମ; ମହମ; କାନଗୁଆ ବା କାନଗୋଳି; 2. *କ୍ରି.* ମହମଦ୍ୱାରା ଆବୃତ କରିବା; ମହମ ପ୍ରୟୋଗ କରି ହାତଗୋଡ ପ୍ରଭୃତିରୁ ଅନାବଶ୍ୟକ ଲୋମ ବାହାର କରିବା; **be wax in person's hands** କାହାରି ସଂପୂର୍ଣ୍ଣ ବଶ୍ୟତା ସ୍ୱୀକାର କରିବା ।
**wax**[2] *କ୍ରି.* ଚନ୍ଦ୍ରକଳାର ବୃଦ୍ଧିହେବା; ବଢିବା; ନିର୍ଦ୍ଦିଷ୍ଟ ଅବସ୍ଥା ବା ମନୋସ୍ଥିତିରେ ପହଞ୍ଚିବା; **wax and wane** ହ୍ରାସ ବୃଦ୍ଧି ଘଟିବା ।
**wax**[3] ବି. *ସା.ପ୍ର.* କ୍ରୋଧାବସ୍ଥା ।
**waxen** ବିଂ. ମହମପରି; ଚିକ୍କଣ ଓ ନରମ; *ପ୍ରା.ପ୍ର.* ମହମ ନିର୍ମିତ ।
**waxwing** ବି. କେତେକ ପରର ଅଗ୍ରଭାଗରେ ଲାଖଭଳି ନାଲିବସ୍ତୁ ଥିବା ବିଭିନ୍ନଜାତିର ପକ୍ଷୀ ବିଶେଷ ।
**waxwork** ବି. ମହମ ପ୍ରସ୍ତୁତ ପ୍ରତିମୂର୍ତ୍ତି ବା ମନୁଷ୍ୟ ଆକୃତି; ଏହିଭଳି କଳାକୃତି; ବ.ବ.ରେ ମହମ ନିର୍ମିତ କଳାକୃତିର ପ୍ରଦର୍ଶନୀ (ବିଶେ. ପ୍ରତିମୂର୍ତ୍ତିଗୁଡିକର) ।
**waxy** ବି. ମହମସଦୃଶ; *ସା.ପ୍ର.* କ୍ରୋଧାନ୍ୱିତ; ସହଜରେ ରାଗିଯାଉଥିବା; ଚିଙ୍ଗା; *କ୍ରି.ବିଂ.* waxily; ବି. waxiness.
**way** 1. ବି. ରାସ୍ତା, ପଥ, ମାର୍ଗ, ବାଟ; ଦୂରତ୍ୱ, ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସାଧନ; ବ୍ୟକ୍ତିର ଅଭିଳକ୍ଷିତ କର୍ମପନ୍ଥା; ବାଧାବିପତ୍ତିଶୂନ୍ୟ ମାର୍ଗ; ଅଗ୍ରଗତି ନିମନ୍ତେ ଚିହ୍ନିତ ଉପାୟ; ଗତିପଥ; କୌଣସି ଦିଗରେ ଅଗ୍ରଗତି; ପରିସର; ଶୈଳୀ; ସୀମା, ପଦ୍ଧତି, ପ୍ରଣାଳୀ, ଧାରା, ରୀତି, ଢଙ୍ଗ; ସ୍ଥାନରୁ ସ୍ଥାନକୁ ଗତି; ନିର୍ଦ୍ଦିଷ୍ଟ ଦିଗରେ ପ୍ରଗତି; ଘଟଣାପ୍ରବାହର ଧାରା; ବୃତ୍ତି ବା ବ୍ୟବସାୟର ଧାରା, ଅବସ୍ଥା; ଅତିକ୍ରାନ୍ତ ଦୂରତ୍ୱ; ନିର୍ଦ୍ଦିଷ୍ଟ ଦିଗ; *କ.ଭା.* ବ୍ୟାପକତା, ସଂଭାବନା; ବ୍ୟବସାୟ ବା ପେଶା; ବିଶେଷ ଅବସ୍ଥା ବା ପରିସ୍ଥିତି; ବ.ବ.ରେ ନବନିର୍ମିତ ଜାହାଜ ଓହ୍ଲାଇବା ପାଇଁ ପ୍ରସ୍ତୁତ କାଠପ୍ରଭୃତିର ଛାଞ୍ଚ; 2. *କ୍ରି.ବିଂ.* *କ.ଭା.* ଦୂରବର୍ତ୍ତୀ (way off); **by the way** ପ୍ରାସଙ୍ଗିକ ଭାବରେ; **by way of** ସାହାଯ୍ୟରେ; ରୂପରେ; କୌଣସି ବାଟଦେଇ; **come one's way** ମିଳିଯିବା; **get out of the (my, his etc) way** ହଟିଯାଅ; **go out of one's way** ବିଶେଷଭାବରେ ଉଦ୍ୟମ କରିବା; ବାଧବାଧକତା ବିନା କାମ କରିବା; **in a way** ଗୋଟିଏ ଦୃଷ୍ଟିରୁ; କିଛି ପରିମାଣରେ; **in the (one's) way** ବାଧା, ଅସୁବିଧା; **lead (show) the way** ବାଟ ଦେଖାଇବା; ମାର୍ଗ ପ୍ରଦର୍ଶନ କରିବା; **look the other way** ଯାହା ଲକ୍ଷ୍ୟ କରିବାର କଥା ତାକୁ ଏଡାଇଯିବା; **make one's way** ଆଗେଇବା; ଉନ୍ନତି କରିବା; **make way for** ବାଟ ଛାଡିଦେବା, **on the (one's) way** ଯିବାବାଟରେ; ଆସୁଥିବା; *କ.ଭା.* (ସନ୍ତାନ ସମ୍ପର୍କରେ) ଗର୍ଭସ୍ଥ ମାତ୍ର ଜନ୍ମହୋଇ ନ ଥିବା; **on the way out** *କ.ଭା.* କୃପାଦୃଷ୍ଟିରୁ ଅନ୍ତର ହେବା; ଦୃଷ୍ଟିପଥରୁ ଅନ୍ତର ହେବା; ଆଉ ଫେଶନ୍‌ରେ ନ ଥିବା; **out of the way** ଦୂର ହୋଇ ଯାଉଥିବା ବାଧା; ଦୂରୀଭୂତ; ଅସ୍ୱାଭାବିକ; ଦୂରବର୍ତ୍ତୀ(ସ୍ଥାନ); **under way** ଗତି କରୁଥିବା; ଆଗଉଥିବା; **way back** ବହୁପୂର୍ବେ ।

Digitized by srujanika@gmail.com

**waybill** ବି. (ଯାନବାହାନରେ) ଯାତ୍ରୀ ବା ସାମାନ ପତ୍ରର ତାଲିକା ।

**wayfarer** ବି. ପଥିକ, ବାଟୋଇ, ପଦଯାତ୍ରୀ; ବି., ବିଂ. wayfaring.

**waylay** କ୍ରି. ଲୁଚିରହି ଅପେକ୍ଷା କରିବା; ରାସ୍ତାରେ ଲୁଟିନେବା ପାଇଁ ଲୁଚି ବସିବା ।

**way of life** ବି. ଯେଉଁ ନୀତି, ନିୟମ, ଚଳଣି, ଅଭ୍ୟାସପ୍ରଭୃତି ଜୀବନକୁ ନିୟନ୍ତ୍ରିତ କରିଥାଏ ।

**way–out** ବିଂ. କ.ଭା. ଅସ୍ୱାଭାବିକ; ଅବାଗିଆ, ଆଡ଼ପାଗଳା ।

**–ways** ପ.ପ୍ର. ଦିଗ, ଢ଼ଂଗ ପ୍ରଭୃତି ସୂଚକ ବିଶେଷଣ ଏବଂ କ୍ରିୟାବିଶେଷଣ ପଦ ନିଷ୍ପନ୍ନକାରୀ ପ୍ରତ୍ୟୟ (sideways).

**ways and means** ବି. ବ.ବ. ଲକ୍ଷ୍ୟହାସଲର ସାଧନ; ସରକାରଙ୍କ ରାଜସ୍ୱ ଅଭିବୃଦ୍ଧିର ପଦ୍ଧତି ।

**wayside** ବି. ରାସ୍ତାର ପାର୍ଶ୍ୱଦେଶ; ରାସ୍ତାକଡ଼; ରାସ୍ତାପାଖ ଜମି ।

**wayward** ବିଂ. ଏକଜିଦିଆ; ସ୍ୱେଚ୍ଛାଚାରୀ, ଅମାନିଆ, ଅସାଧ; ବି. waywardness.

**WBC** ସଂଶ. white blood cells ଶ୍ୱେତ ରକ୍ତକଣିକା ।

**Wb** ସଂଶ. weber(s) ୱେବର୍ ।

**W/Cdr.** ସଂଶ. wing commander ୱିଙ୍ଗ୍ କମାଣ୍ଡର୍ ।

**we** ସ. ଆମେ, ଆମ୍ଭେମାନେ; ରାଜକୀୟ ବ୍ୟକ୍ତିଦ୍ୱାରା 'ମୁଁ' ସ୍ଥାନରେ ବ୍ୟବହୃତ ଶବ୍ଦ; we and they ଆମ ଲୋକ ତଥା ବିରୋଧୀ ଲୋକ ମିଶାମିଶି ଦଳ ବା ଗୋଷ୍ଠୀ ।

**weak** ବିଂ. ଦୁର୍ବଳ, ଅସମର୍ଥ, କ୍ଷୀଣ, ଶକ୍ତିହୀନ; ବ୍ୟା. ଯେଉଁ କ୍ରିୟାପଦରେ ପଶ୍ଚାତ୍ ପ୍ରତ୍ୟୟ ଯୋଗକରି ଅତୀତକାଳ ବା ଅତୀତକାଳକ୍ରିୟାଜନିତ ପଦ ପ୍ରଭୃତି ନିଷ୍ପନ୍ନ କରାଯାଏ; ବିଂ. weakish.

**weaken** କ୍ରି. ଦୁର୍ବଳ ହେବା ବା କରିବା; ଦୁର୍ବଳତର ହେବା ବା କରିବା ।

**weak ending** ବିଂ. ପଦ୍ୟର ଧାଡି ଶେଷରେ ସ୍ୱରାଘାତ ଦୁର୍ବଳ କରିଦେବା ।

**weak–kneed** ବିଂ. କ.ଭା. ମନୋବଳହୀନ; ଦୃଢ଼ସଂକଳ୍ପହୀନ ।

**weakling** ବି. ଦୁର୍ବଳ ବ୍ୟକ୍ତି ବା ପ୍ରାଣୀ ।

**weakly** 1. କ୍ରି.ବିଂ. ଦୁର୍ବଳଭାବରେ; 2. ବିଂ. ରୁଗ୍‌ଣ, ଦୁର୍ବଳ; ବି. weakliness.

**weak–minded** ବିଂ. ଦୁର୍ବଳମନା; ମନୋବଳହୀନ; ଅସ୍ଥିରଚିତ୍ତ ।

**weak moment** ବି. ଦୁର୍ବଳ ମୁହୂର୍ତ୍ତ; ଯେଉଁସମୟରେ ବ୍ୟକ୍ତି ପ୍ରତିରୋଧହୀନ ବା ଦୁର୍ବଳ ହୋଇଯାଇଥାଏ ।

**weakness** ବି. ଦୁର୍ବଳତା, ଦୋଷ, ତ୍ରୁଟି, ପ୍ରବୃତ୍ତିଗତ ତ୍ରୁଟି; ଅତ୍ୟଧିକ ପ୍ରିୟବସ୍ତୁ (weakness for sweets).

**weal**[1.] 1. ବି. ନୋଳା; ଦେହର ଚାବୁକ ବା ବେତମାଡର ଚିହ୍ନ; ପ୍ରହାର ଦାଗ; 2. କ୍ରି. ମାଡମାରି ଏହିଭଳି ଚିହ୍ନ କରିବା; ନୋଳା ବସିବା, ନୋଳା ପଡିବା ।

**weal**[2.] ବି. ସାହି. ସୌଭାଗ୍ୟ, ମଙ୍ଗଳ ।

**wealth** ବି. ଧନ, ସମ୍ପଦ, ବିତ୍ତ; ଧନସମ୍ପତ୍ତି, ପ୍ରାଚୁର୍ଯ୍ୟ ।

**wealthy** ବିଂ. ଧନୀ, ଧନଶାଳୀ; ପଇସାବାଲା; କ୍ରି.ବିଂ. wealthily; ବି. wealthiness.

**wean** କ୍ରି. (ସ୍ତନ୍ୟପାୟୀ ଶିଶୁକୁ) ମାତୃସ୍ତନ୍ୟ ଛଡାଇ ଅନ୍ୟ ଖାଦ୍ୟରେ ଅଭ୍ୟସ୍ତ କରାଇବା, କ୍ଷୀର ଛଡାଇବା; (ଜୋର୍‌କରି) ଅଭ୍ୟାସ ଛଡାଇବା ।

**weapon** ବି. ଅସ୍ତ୍ରଶସ୍ତ୍ର, ଆୟୁଧ, ହତିଆର; ବିବାଦ, କଳହପ୍ରଭୃତିରେ ଜିଣିବାପାଇଁ ବ୍ୟବହୃତ କୌଶଳ ବା ଉପାୟ ।

**weaponry** ବି. ଅସ୍ତ୍ରଶସ୍ତ୍ର (ସାମୂହିକଭାବରେ) ।

**wear** 1. କ୍ରି. (ଅ.କା. wore, ଅ.କ୍ରି.ଜ.ପ. worn) ପିନ୍ଧିବା, ପରିଧାନ କରିବା, ଦେହରେ ଧାରଣ କରିବା; (ମୁଖଭଂଗୀ ପ୍ରଭୃତି) ଦେଖାଇବା; ପ୍ରକାଶ କରିବା; କ.ଭା. 'ସହ୍ୟ କରିବା; ଘୋରିହେବା; ବ୍ୟବହାର ବା ଘର୍ଷଣ–ଦ୍ୱାରା ଜୀର୍ଣ୍ଣ କରିବା, କ୍ଷୟ ହେବା; (ଜଳସମ୍ପର୍କରେ) କ୍ରମାଗତ ଜଳବିନ୍ଦୁ ପତନ ବା ଘର୍ଷଣଯୋଗୁଁ କଣାକରିବା; ଶେଷ କରିଦେବା; (ସମୟ ସମ୍ପର୍କରେ) ମନ୍ଥରଭାବରେ ବା ବିରକ୍ତିଜନକ ଭାବେ କଟିବା; (ଜାହାଜରେ) ପତାକା ଉଡାଇବା; 2. ବି. ପୋଷାକ, ବ୍ୟବହାର କରାଯାଉଥିବା ଲୁଗାପଟା; ଜନପ୍ରିୟ ବା ଉପଯୋଗୀ ପରିଧାନ (footwear); ନିୟମିତ ବ୍ୟବହାରଜନିତ କ୍ଷତି (wear and tear);

Digitized by srujanika@gmail.com

wear one's heart on one's sleeve ଖୋଲାଖୋଲିଭାବେ ଭାବନା, ଆବେଗ ପ୍ରଭୃତି ପ୍ରକାଶ କରିବା; wear off ଘର୍ଷଣ ଦ୍ୱାରା ମାଜିଦେବା, ପ୍ରଭାବ ବା କାର୍ଯ୍ୟକାରିତା ହ୍ରାସ ପାଇବା; wear out ବ୍ୟବହାରଦ୍ୱାରା ରଦ୍ଦି କରିଦେବା, କ୍ଳାନ୍ତ ହେବା ବା କରିବା; wear thin (ଧୈର୍ଯ୍ୟ, ବାହାନାପ୍ରଭୃତି) ନିଃଶେଷ ହୋଇଯିବା; ବିଫଳ ହେବା; wear the trousers ଦ୍ର. trousers; ବି. wearer.

**wearisome** ବିଂ. କ୍ଳାନ୍ତିକର, ବିରକ୍ତିଜନକ; (ଦୀର୍ଘତା, ଏକରସତା ପ୍ରଭୃତି ଯୋଗୁଁ) ବିରକ୍ତିକର।

**weary** 1. ବିଂ. କ୍ଳାନ୍ତ, ଶ୍ରାନ୍ତ, ଅବସନ୍ନ; ବିରକ୍ତ; ବିରକ୍ତିକର; 2. କ୍ରି. କ୍ଳାନ୍ତ ବା ଅବସନ୍ନ କରିବା ବା ହେବା; କ୍ରି.ବିଂ. wearily; ବି. weariness.

**weasel** ବି. କ୍ଷୁଦ୍ର, ସ୍ତନ୍ୟପାୟୀ ମାଂସାଶୀ (କଟାଶଜାତୀୟ) ପ୍ରାଣୀବିଶେଷ।

**weather** 1. ବି.ପାଗ, ପାଣିପାଗ; ବାୟୁମଣ୍ଡଳର ଅବସ୍ଥା; ଗୁଣ. ବାୟୁର ଅନୁକୂଳ ଦିଗସ୍ଥ; 2. କ୍ରି. ବାୟୁମଣ୍ଡଳ ବା ପାଗଦ୍ୱାରା ପ୍ରଭାବିତ ହେବା; ପାଗର ପ୍ରଭାବରେ ରଙ୍ଗହତା ହୋଇଯିବା; ବିଭିନ୍ନପାଗର ପ୍ରଭାବରେ କାଠକୁ ଶକ୍ତ କରିବା; (ଜାହାଜ) ଝଡ଼ପ୍ରଭୃତିକୁ ସଫଳତାର ସହିତ ବା ନିରାପଦରେ ପାରିହେବା; keep a weather eye open ସତର୍କଦୃଷ୍ଟି ରଖିବା; make heavy weather of ଅଭାବ, ଅସୁବିଧାପ୍ରଭୃତିକୁ ଅତିରଂଜିତ କରିବା; under the weather କ.ଭା. ଅସୁସ୍ଥ।

**weather-beaten** ବି. ପାଣିପବନ ଖାଇ ଟାଣୁଆ ବା ବିବର୍ଣ୍ଣ।

**weatherboard** ବି. ଦରଜା ତଳର ଢାଲୁ ଅଂଶ ଯାହା ବର୍ଷାପାଣି ଦୂରେଇଦେବା ନିମନ୍ତେ ଥାଏ; ବି. weatherboarding.

**weathercock** ବି. (କୁକୁଡ଼ା ଆକୃତିର) ବାୟୁର ଦିଗନିର୍ଦ୍ଦେଶକ ଯନ୍ତ୍ର; ଅସ୍ଥିରମନା ବ୍ୟକ୍ତି।

**weather forecast** ବି. ପାଣିପାଗର ପୂର୍ବାଭାସ।

**weatherman** ବି. ପାଣିପାଗ ବିଶେଷଜ୍ଞ; ପାଣିପାଗର ପୂର୍ବସୂଚନା ଦେଉଥିବା ବ୍ୟକ୍ତି (ବିଶେ. ରେଡିଓ ବା ଟିଭିରେ)।

**weatherproof** ବିଂ. ଖରାପପାଗର ପ୍ରତିରୋଧରେ ସକ୍ଷମ; ବର୍ଷାନିରୋଧୀ।

**weather-vane** ବି. ବାୟୁର ଦିଗ ନିର୍ଦ୍ଦେଶକ ଯନ୍ତ୍ର; ଅସ୍ଥିରଚିତ୍ତ ବ୍ୟକ୍ତି।

**weave**[1] 1. କ୍ରି. (ଅ.କା. wove, ଅ.କ୍ରି.ଜ.ପ woven) (ଲୁଗା)ବୁଣିବା; ବୟନ କରିବା, (କାହାଣୀ) ପ୍ରଭୃତି ରଚନା କରିବା; (ଗପ) ଫାନ୍ଦିବା ବା ସୃଷ୍ଟି କରିବା; 2. ବି. ବୟନ, ବୟନଶୈଳୀ।

**weave**[2] କ୍ରି. କ୍ରମାଗତ ଭାବରେ ଏପାଖସେପାଖ ହେବା; ବାଧା ଏଡାଇବା ପାଇଁ ଅଙ୍କାବଙ୍କା ବାଟରେ ଯିବା; get weaving ସା.ପ୍ର. କାର୍ଯ୍ୟ ଆରମ୍ଭ କରିବା; ତ୍ୱରାନ୍ୱିତ କରିବା।

**weaver** ବି. ତନ୍ତୀ; ବୁଣାଳି, ବୟନକାରୀ।

**weaver-bird** ବି. ଜଟିଳ ନୀଡରଚନାକାରୀ ବିଷୁବମଣ୍ଡଳୀୟ ପକ୍ଷୀବିଶେଷ, ବାୟାଚଢ଼େଇ।

**web** ବି. ବୁଣା ହୋଇଥିବା ଯେକୌଣସି ଜିନିଷ; ତନ୍ତରେ ବୁଣା ହୋଇଥିବା ସମଗ୍ର ବସ୍ତ୍ରଖଣ୍ଡ; ବୁଢ଼ିଆଣୀ ବା ମାକଡ଼ସା ଜାଲ; ଜଳଚର ପ୍ରାଣୀମାନଙ୍କ ପଦାଂଗୁଳି ମଧ୍ୟବର୍ତ୍ତୀ ଚର୍ମ ବା ଝିଲ୍ଲୀ; ସଂଯୋଗକାରୀ ଜାଲି, ଛାପାକାଗଜର ବଡ଼ ଗୋଲ ତାଡ଼ା; ଯନ୍ତ୍ରପାତିରେ ପଟକା ଓ ଚଟକା ସଂଯୋଗକାରୀ ଅଂଶ; ବିଂ. webbed.

**webbing** ବି. ବେଲ୍ଟ ପ୍ରଭୃତି ପାଇଁ ବ୍ୟବହୃତ ପାଖାପାଖି ବୁଣାଯାଉଥିବା ଶକ୍ତ କନାପ୍ରଭୃତି।

**weber** ବି. ଚୁମ୍ବକୀୟ ଫ୍ଳକ୍ସର (flux) ଆନ୍ତର୍ଜାତିକ ଏକକ।

**web-footed** ବିଂ. ଝିଲ୍ଲୀଦ୍ୱାରା ସଂଯୁକ୍ତ ପଦାଙ୍ଗୁଳି ବିଶିଷ୍ଟ (ପ୍ରାଣୀ)।

**Wed.** ସଂଶ. Wednesday ବୁଧବାର।

**wed** କ୍ରି. (ଅ.କ୍ରି.ଜ.ପ. wedded, wed) ସା. ସାହି. ବିବାହ କରିବା; ଏକତ୍ର ହେବା; ଯୋଗକରିବା; ବିବାହ ସମ୍ପର୍କରେ ବାନ୍ଧିବା, ଘନିଷ୍ଠଭାବେ ସଂପୃକ୍ତ ହେବା।

**we'd** ସଂଶ. we would; we should; we had.

**wedding** ବି. ବିବାହ, ବିବାହୋତ୍ସବ।

**wedding breakfast** ବି. ବିବାହ ଏବଂ ମଧୁଚନ୍ଦ୍ରିକାପାଇଁ ଯାତ୍ରାର ମଧ୍ୟବର୍ତ୍ତୀ ଖାଦ୍ୟପେୟ।

**wedding cake** ବି. ବିବାହକାଳୀନ କେକ୍ ବିଶେଷ।

Digitized by srujanika@gmail.com

**wedding ring** ବି. ବିବାହସୂଚକ ମୁଦ୍ରିକା; ବିବାହିତ ବ୍ୟକ୍ତି ପିନ୍ଧୁଥିବା ମୁଦି।

**wedge** 1. ବି. କୀଳା, କୀଳକ; କୀଳାଭଳି ବ୍ୟବହୃତ ଯେକୌଣସି ପଦାର୍ଥ; ଗଲ୍‌ଫ୍ କ୍ଳବ୍ ବିଶେଷ; 2. କ୍ରି. କୀଳାଦ୍ୱାରା ଦୃଢ଼ କରିବା; କୀଳା ଭର୍ତ୍ତି କରିବା; ବ୍ୟକ୍ତି ବା ପଦାର୍ଥ ମଧ୍ୟରେ ଜୋର୍‌କରି ପ୍ରବେଶ କରାଇବା; କୀଳାଦ୍ୱାରା ପୃଥକ୍ କରିବା; thin end of the wedge କ.ଭା. ବିଶେଷ ଗୁରୁତ୍ୱ ନ ଥିବା ଘଟଣା ଯାହା କାଳକ୍ରମେ ଗୁରୁତର ପରିସ୍ଥିତି ସୃଷ୍ଟି କରିପାରେ।

**Wedgwood** ବି. ସ୍ୱ. ସୂକ୍ଷ୍ମ ପଥରପାତ୍ର ନିର୍ମାଣ କଳା; ଏହାର ବିଶେଷ ନୀଳରଙ୍ଗ (ମୃତ୍‌ପାତ୍ର ନିର୍ମାତା ଓ୍ୱେଜ୍‌ଉଡ୍‌ଙ୍କ ନାମାନୁସାରେ)।

**wedlock** ବି. ବିବାହବନ୍ଧନ; ବିବାହିତ ଅବସ୍ଥା; born in (out of) wedlock ବିବାହିତ (ବା ଅବିବାହିତ) ପିତାମାତାଙ୍କଠାରୁ ଜାତ।

**Wednesday** 1. ବି. ବୁଧବାର; 2. କ୍ରି.ବିଂ. କ.ଭା. ବୁଧବାର ଦିନ(ରେ); Wednesdays ପ୍ରତିବୁଧବାରରେ, ବୁଧବାରକୁ ବୁଧବାର।

**Weds** ସଂକ୍ଷି. Wedର ବିକ.।

**wee**[1] ବିଂ. (weer, weest) ବିଶେ. ସ୍କଟ ଅଳ୍ପ; କ.ଭା. ଅତି କ୍ଷୁଦ୍ର।

**wee**[2] ବି. କ.ଭା. =wee-wee.

**weed** 1. ବି. ଅନାବନା ଉଦ୍‌ଭିଦ; ଅଦରକାରୀ ଗଛ; ବଣୁଆଘାସ; ଶୀର୍ଣ୍ଣ, ଦୁର୍ବଳ ଦେଖାଯାଉଥିବା ବ୍ୟକ୍ତି ବା ଘୋଡ଼ା; ସା.ପ୍ର. ମାରିଜୁଆନା; ତମାଖୁ, ଧୂଆଁପତ୍ର; 2. କ୍ରି. ଅନାବନା ଘାସ ବାଛିବା; ଅଦରକାରୀ ପଦାର୍ଥଗୁଡ଼ିକୁ ବାହାର କରିଦେବା; ଅବାଂଛିତ ବ୍ୟକ୍ତିକୁ ବିତାଡ଼ିତ କରିବା।

**weed-killer** ବି. ଅନାବନା ଘାସ ନଷ୍ଟ କରିଦବା ନିମନ୍ତେ ବ୍ୟବହୃତ ରାସାୟନିକ ପଦାର୍ଥ।

**weeds** ବି. widow's weeds ବ.ବ. ପ୍ରା.ପ୍ର. ବିଧବାର ଶୋକସୂଚକ କଳା ରଙ୍ଗର ବସ୍ତ୍ର।

**weedy** ବିଂ. ଅନାବନା ଘାସପୂର୍ଣ୍ଣ; ଅନାବନା ଉଦ୍‌ଭିଦ ଭଳି ବଢୁଥିବା; ଶୀର୍ଣ୍ଣ ଓ ଦୁର୍ବଳ।

**week** ବି. ସପ୍ତାହ, (ସା. ଶନିବାର ମଧ୍ୟରାତ୍ରିରୁ ପରବର୍ତ୍ତୀ ସାତଦିନ ପର୍ଯ୍ୟନ୍ତ) ସାତ ଦିନ; ରବିବାର ପରବର୍ତ୍ତୀ ଛ'ଦିନ ବା ସୋମବାରଠାରୁ ଶୁକ୍ରବାର; ଏହି ଅବଧି ମଧ୍ୟରେ କାର୍ଯ୍ୟ କରାଯାଉଥିବା ସମୁଦାୟ ସମୟକାଳ (30 hour week; five day week).

**weekday** ବି. ରବିବାର, ବା ଶନିବାର ଓ ରବିବାର ଛଡ଼ା ସପ୍ତାହର ଯେକୌଣସି ଦିନ; ଯେକୌଣସି କାର୍ଯ୍ୟଦିବସ।

**weekend** ବି. ରବିବାର ଏବଂ ଶନିବାର ବା ଶନିବାରର କିଛି ଅଂଶ, କିମ୍ବା ଏହା ଅପେକ୍ଷା ସାମାନ୍ୟ ଅଧିକକାଳ (ବିଶେ. ଛୁଟି ବା ଦେଖାସାକ୍ଷାତ୍ ନିମନ୍ତେ); ସପ୍ତାହାନ୍ତ।

**weekender** ବି. ସପ୍ତାହାନ୍ତ ପ୍ରାୟ ଘରବାହାରେ କଟାଉଥିବା ବ୍ୟକ୍ତି; ସପ୍ତାହାନ୍ତ ଅତିଥି।

**weekly** 1. ବିଂ. ସାପ୍ତାହିକ ବା ସାତଦିନରେ (କରାଯାଉଥିବା ବା ଉତ୍ପାଦିତ); ପ୍ରତି ସପ୍ତାହରେ ଘଟୁଥିବା; 2. କ୍ରି.ବିଂ. ପ୍ରତି ସପ୍ତାହରେ; ସାତଦିନରେ ଥରେ; 3. ବି. ସାପ୍ତାହିକ ଖବରକାଗଜ, ପତ୍ରିକା, ଟ୍ରେନ୍ ପ୍ରଭୃତି।

**weeny** ବିଂ. କ.ଭା. ଅତି କ୍ଷୁଦ୍ର, ଟିକି।

**weep** 1. କ୍ରି. (ଅ.କା. ଅ.କ୍ରି.କ.ପ. wept) କାନ୍ଦିବା, କ୍ରନ୍ଦନ କରିବା; ବିଳାପ କରିବା; ଲୁହ ଗଡ଼ାଇବା; ଶୋକକରିବା, ବିନ୍ଦୁବିନ୍ଦୁ ହୋଇ ପାଣି ବାହାରିବା; (ବୃକ୍ଷର ଶାଖା) ତଳକୁ ନଇଁପଡ଼ିବା, ଅବନତ ହେବା; 2. ବି. କ୍ରନ୍ଦନ।

**weeple** ବି. କ.ଭା. ଭାବାବେଗପୂର୍ଣ୍ଣ ଚଳଚ୍ଚିତ୍ର, ନାଟକ ପ୍ରଭୃତି।

**weepy** ବିଂ. କ.ଭା. ଅଶ୍ରୁପୂର୍ଣ୍ଣ; କାନ୍ଦୁରା; କାନ୍ଦକାନ୍ଦ।

**weevil** ବି. ଶସ୍ୟ ଅନିଷ୍ଟକାରୀ କୀଟବିଶେଷ।

**wee-wee** କ.ଭା. 1. ବି. ମୂତ୍ରତ୍ୟାଗ, ପରିସ୍ରା; 2. କ୍ରି. ମୂତ୍ରତ୍ୟାଗ କରିବା; ପରିସ୍ରା କରିବା।

**weft** ବି. (ବସ୍ତ୍ରବୟନରେ) ଭରଣୀ; ପ୍ରସ୍ଥବାଗରେ ବୁଣାଯାଇଥିବା ସୂତା; ବୁଣାଲୁଗା।

**weigh** କ୍ରି. ଓଜନ କରିବା; ତଉଲିବା; ହାତରେ ଧରି ଓଜନ ଅନୁମାନ କରିବା; ବିବେଚନା କରିବା; ଯତ୍ନରସହିତ ବିଚାର କରିବା, ମୂଲ୍ୟ ବା ଗୁରୁତ୍ୱ ନିରୂପଣ କରିବା; ତୁଳନା କରି ଦେଖିବା; ବିସ୍ତାର କରିବା, ତଳକୁ ନୁଆଁଇ ଦେବା, ଭାରୀ ହେବା; ପ୍ରଭାବ ବିସ୍ତାର କରିବା; ଗୁରୁତର ବୋଲି ବିବେଚିତ ହେବା; ବୋଝ ହେବା; weigh down ଓଜନଦ୍ୱାରା ତଳକୁ ଖସାଇବା; ସମସ୍ୟା ପ୍ରଭୃତି ଦ୍ୱାରା (ବ୍ୟକ୍ତି) ଦବିଯିବା; weigh (heavy) on ଭାର ହେବା, ବିରକ୍ତିକର ହେବା; weigh in (ପ୍ରତିଦ୍ୱନ୍ଦିତା ପୂର୍ବରୁ ମୁଷ୍ଟିଯୋଦ୍ଧା– ପ୍ରଭୃତିଙ୍କ) ଓଜନ ନିଆହେବା; weigh in with କ.ଭା. (ଯୁକ୍ତିତର୍କରେ) ଦୃଢ଼ଭାବରେ

Digitized by srujanika@gmail.com

ଆଗେଇଯିବା; weigh out ସଠିକ ଓଜନ ନିରୂପଣ କରିବା; (ଅଶ୍ୱଚାଳନା ସମ୍ପର୍କରେ) ଦୌଡ଼ ପୂର୍ବରୁ ଓଜନହେବା; weigh up କ.ଭା. ପୂର୍ବାନୁମାନ କରିବା, ପରିମାଣ ବା ଓଜନ ସ୍ଥିର କରିବା; weigh with ଗୁରୁତ୍ୱ ସ୍ୱୀକାର କରିବା, weigh (one's) words ଭାବପ୍ରକାଶ ପାଇଁ ସତର୍କତାର ସହ ଶବ୍ଦ ଚୟନ କରିବା ।

**weighbridge** ବି. ବୋଝାଇ ଗାଡିପ୍ରଭୃତି ଓଜନ କରିବାର ଯନ୍ତ୍ର ।

**weigh–in** ବି. ପ୍ରତିଦ୍ୱନ୍ଦ୍ୱିତା ପୂର୍ବରୁ (ମୁଷ୍ଟିଯୋଦ୍ଧା, ମଲ୍ଲ ପ୍ରଭୃତିଙ୍କ) ଓଜନ ନିଆହେବା ।

**weight** 1. ବି. ଓଜନ, ଭାରୀହେବାର ଗୁଣ; ଓଜନର ପରିମାଣ; ଭାର, ବୋଝ, ଓଜନପ୍ରଣାଳୀ; କସରତ ବା ଭାରୋତ୍ତୋଳନ ବେଳେ ବ୍ୟବହୃତ ଓଜନିଆ ବସ୍ତୁ; ବଟକରା; ଗୁରୁତ୍ୱ; ପ୍ରାଧାନ୍ୟ; ପ୍ରଭାବ; କଦର; 2. କ୍ରି. ଓଜନ ବଢାଇବା; ଭାରୀ କରିବା, ଭାରାକ୍ରାନ୍ତ କରିବା; ବାଧା ସୃଷ୍ଟି କରିବା; throw one's weight about (around) କ.ଭା. ଅରୁଚିକରଭାବେ ନିଜର ବଡାଇ କରିବା; ଆତ୍ମବଡିମା ପ୍ରଦର୍ଶନ କରିବା; worth one's weight in gold ଅତ୍ୟନ୍ତ ଦରକାରୀ ବା ସହାୟକ ।

**weighting** ବି. ବିଶେଷକ୍ଷେତ୍ରରେ ଅଧିକ ଭତ୍ତା ବା ବେତନ ଦେବା ।

**weightless** ବିଂ. ଓଜନବିହୀନ; (ଆବର୍ତ୍ତନଶୀଳ ମହାକାଶଯାନରେ ଥିବା ବସ୍ତୁ ବା ଶରୀରଉପରେ) ମାଧ୍ୟାକର୍ଷଣ ଶକ୍ତି କାର୍ଯ୍ୟ ନ କରିବାଭଳି ପ୍ରତୀୟମାନ ହେବା ସମ୍ବନ୍ଧିତ; ବି. weight–lessness.

**weightlifting** ବି. ଭାରୋତ୍ତୋଳନ କ୍ରୀଡା ବା ପ୍ରତିଯୋଗିତା; ବି. weightlifter.

**weight training** ବି. ବିଭିନ୍ନ ଓଜନ ବ୍ୟବହାର କରି ଶାରୀରିକ ବ୍ୟାୟାମ କରିବା ।

**weighty** ବିଂ. ଭାରୀ; ଓଜନିଆ; ଗୁରୁତ୍ୱପୂର୍ଣ୍ଣ, ପ୍ରଭାବଶାଳୀ, କର୍ତ୍ତୃତ୍ୱପୂର୍ଣ୍ଣ; ପ୍ରଣିଧାନଯୋଗ୍ୟ (ବକ୍ତବ୍ୟ); କ୍ରି.ବିଂ. weightily; ବି. weightiness.

**weir** ବି. ଉପରମୁଣ୍ଡର ଜଳପତନ ବୃଦ୍ଧି ବା ସ୍ରୋତର ନିୟନ୍ତ୍ରଣ ପାଇଁ ନିର୍ମିତ ନଦୀମଧ୍ୟସ୍ଥ ବନ୍ଧ ।

**weird** ବିଂ. ଅଲୌକିକ; ଅପାର୍ଥିବ; କ.ଭା. ଅଦ୍ଭୁତ, ବିଚିତ୍ର; ରହସ୍ୟମୟ; ଅବୋଧ; the weird sisters ଭାଗ୍ୟଦେବୀ ତ୍ରୟ; ଡାହାଣୀ ବା ପିଶାଚିନୀଗଣ; କ୍ରି.ବିଂ. weirdly; ବି. weirdness.

**weirdo** ବି. ବିଚିତ୍ର ବା ଅବାଗିଆ ଲୋକ ।

**welch** ବି. ଚିଜ. welsh.

**welcome** 1. ବି. ଅଭ୍ୟର୍ଥନା, ସମାଦର, ସ୍ୱାଗତସମ୍ଭାଷଣ; 2. କ୍ରି. ଅଭ୍ୟର୍ଥନା କରିବା, ସ୍ୱାଗତ କରିବା, ଆଦର କରିବା; 3. ବିଂ. ଆହ୍ଲାଦଦାୟକ, ଆନନ୍ଦଦାୟକ, ସାଦରେ ଗୃହୀତ; make welcome ସାଦର ଅଭ୍ୟର୍ଥନା ପ୍ରଦାନ କରିବା; outstay one's welcome ଅତିଥିଭାବରେ ଅଧିକ ଦିନ ରହିଯିବା; you are welcome ଧନ୍ୟବାଦ ଦେବା ଦରକାର ନାହିଁ ।

**weld** 1. କ୍ରି. (ଧାତୁଖଣ୍ଡ) ଯୋଡାଇ କରିବା, ଯୋଡ଼ିବା, ପିଟି ସଂଯୁକ୍ତ କରିବା; ଝଳେଇ କରିବା, ଝାଳିବା, ପରସ୍ପର ମିଶାଇଦେବା; ଏକୀଭୂତ କରିବା; 2. ବି. ଯୋଡ଼ ବା ଝଳେଇ ସ୍ଥାନ; ବି. welder, welding.

**welfare** ବି. ମଙ୍ଗଳ, କଲ୍ୟାଣ, ହିତ, ଶୁଭ; ସ୍ୱାସ୍ଥ୍ୟ ଓ ସମୃଦ୍ଧି; Welfare କଲ୍ୟାଣବିଭାଗ; ଜନମଙ୍ଗଳ କେନ୍ଦ୍ର; ରାଷ୍ଟ୍ର ବା ସରକାରଦ୍ୱାରା ପ୍ରଦତ୍ତ ଆର୍ଥିକ ସାହାଯ୍ୟ ।

**Welfare State** ବି. ଜନମଙ୍ଗଳକାରୀ ରାଷ୍ଟ୍ର; ଯେଉଁ ସମାଜ ବ୍ୟବସ୍ଥାରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ସୁଖ ଓ ସମୃଦ୍ଧି ପାଇଁ ରାଷ୍ଟ୍ର ଅନୁଦାନ, ଅର୍ଥବ୍ୟବସ୍ଥା, ଅବସରକାଳୀନ ସୁବିଧାପ୍ରଭୃତିର ଦାୟିତ୍ୱ ଗ୍ରହଣ କରିଥାଏ ।

**welfare work** ବି. ଶାରୀରିକ ଅକ୍ଷମ ବା ନିମ୍ନବର୍ଗର ଲୋକମାନଙ୍କ ମଙ୍ଗଳ ପାଇଁ କରାଯାଉଥିବା ସଂଗଠିତ କାର୍ଯ୍ୟ ।

**welkin** ବି. କାବ୍ୟ. ଆକାଶ ।

**well**[1] 1. କ୍ରି.ବିଂ. (better, best) ସନ୍ତୋଷଜନକ ଭାବରେ; ଠିକ୍‌ଭାବରେ, ସ୍ନେହପୂର୍ଣ୍ଣଭାବରେ; ଯତ୍ନସହକାରେ, ସାବଧାନତା ସହ, ଆନ୍ତରିକ ଭାବରେ, ବୋଧହୁଏ; ଯଥାର୍ଥତଃ, ସମ୍ଭବତଃ; ଯଥେଷ୍ଟ ପରିମାଣରେ; 2. ବିଂ. ସୁସ୍ୱାସ୍ଥ୍ୟରେ; ଉତ୍ତମ ଅବସ୍ଥାରେ; ସନ୍ତୋଷଜନକ ଭାବରେ; 3. ଅବ୍ୟ. ଆଶ୍ଚର୍ଯ୍ୟ, ବିସ୍ମୟ ପ୍ରଭୃତି

Digitized by srujanika@gmail.com

ପ୍ରକାଶ କରିବାପାଇଁ ବା ବାକ୍ୟଆରମ୍ଭରୁ ଉଚ୍ଚାରିତ; leave (let) well alone ଅନାବଶ୍ୟକ ପରିବର୍ତ୍ତନ ବା ଗଣ୍ଡଗୋଳ ଏଡାଇ; well and truly ସମ୍ପୂର୍ଣ୍ଣଭାବରେ; ନିର୍ଣ୍ଣାୟକ–ଭାବରେ; well away ବେଶ୍ ଅଗ୍ରଗତି କରିଥିବା; କ.ଭା. ନିଦରେ ଶୋଇଯାଇଥିବା; ନିଶାରେ ଚୁର୍; well done! ଖୁବ୍ ଭଲ ପ୍ରଭୃତି ପ୍ରଶଂସାସୂଚକ ବକ୍ତବ୍ୟ; well worth ନିଶ୍ଚିତଭାବେ ମୂଲ୍ୟବାନ୍।

**well²** 1. ବି. କୂଅ, କୂପ; ତୈଳକୂପ, ନଳକୂପ; ଆବଦ୍ଧ ଗର୍ତ୍ତ; ଗୃହ ବା ପ୍ରକୋଷ୍ଠର ଆବଦ୍ଧ ମଧ୍ୟଭାଗ (ପାହାଚ, ଲିଫ୍ଟ, ଆଲୋକ ବା ପବନ ପାଇଁ ବ୍ୟବହୃତ); (of ସହ) ଉତ୍ସ; ବ.ବ.ରେ ପ୍ରସ୍ରବଣ, ଝର; ପ୍ରା.ପ୍ର. ନିର୍ଝର, ଝରଣା; ଆମେ. ସ୍ୟାଣ୍ଡ୍‌ଉଇଚ୍; ଅଦାଲତର ରେଲିଙ୍ଗଘେରା ଆବଦ୍ଧସ୍ଥାନ; 2. କ୍ରି. ଉତ୍ସରିତ ହେବା, ଝରିବା, ନିଃସୃତ ହେବା।

**we'll** ସଂଶ. we will; we shall.

**well–adjusted** ବିଂ. (ମାନସିକ ବା ଆବେଗିକ ଦୃଷ୍ଟିରୁ) ସୁବ୍ୟବସ୍ଥିତ, ପରିସ୍ଥିତି ସହ ଉତ୍ତମଭାବେ ଖାପଖୁଆଇ ନେଉଥିବା।

**well–advised** ବିଂ. ଉତ୍ତମ ବିଚାର ସହ, ସୁବିଚାରିତ, ବିଜ୍ଞ, ପରିମାଣଦର୍ଶୀ।

**well–appointed** ବିଂ. ସୁସଜ୍ଜିତ; ସମସ୍ତ ଦରକାରୀ ସାଜସରଂଜାମସହ।

**well–attended** ବିଂ. (ଅତିଥି, ଜନସାଧାରଣ ପ୍ରଭୃତି) ବହୁସଂଖ୍ୟାରେ ଯୋଗ ଦେଇଥିବା।

**well–balanced** ବି. ଯୁକ୍ତିସଂଗତ।

**well–behaved** ବିଂ. ମାର୍ଜିତ, ଭଦ୍ର, ସୁଶୀଳ।

**well–being** ବି. ମଙ୍ଗଳ, ଶୁଭ; ସୁଖୀ ଏବଂ ସ୍ୱାସ୍ଥ୍ୟବାନ ଅବସ୍ଥା।

**well–born** ବିଂ. ଅଭିଜାତ; ଉତ୍ତମ ବା ସଂଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିବା।

**well–bred** ବିଂ. ଉତ୍ତମ ସ୍ୱଭାବଯୁକ୍ତ; ସୁସଭ୍ୟ; ଉତ୍ତମଭାବେ ପରିବର୍ଦ୍ଧିତ (ଶାଳୀନତା ପ୍ରଭୃତି ଦୃଷ୍ଟିରୁ)।

**well–built** ବିଂ. ସୁଗଠିତ; ବିରାଟକାୟ, ଶକ୍ତିଶାଳୀ ଏବଂ ସୁଗଠିତ ଶରୀର ବିଶିଷ୍ଟ।

**well–connected** ବିଂ. ସମାଜର ଉତ୍ତମ ବା ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ (ବିଶେ. ଜନ୍ମଗତ) ସମ୍ବନ୍ଧଥିବା।

**well–disposed** ବିଂ. (ସା. to ସହ) ବଂଧୁଭାବାପନ୍ନ; ସହାନୁଭୂତିପୂର୍ଣ୍ଣ।

**well–dressed** ବି. ସୁପରିହିତ; ଫେଶନ୍ ଦୃଷ୍ଟିରୁ ଉତ୍ତମ ଓ ଆଧୁନିକ ପୋଷାକ ପରିଧାନ କରିଥିବା।

**well–earned** ବିଂ. ସଂପୂର୍ଣ୍ଣଭାବେ ଉଚିତ ବା ନ୍ୟାୟସଂଗତ (ଅର୍ଥ, ଅବକାଶପ୍ରଭୃତି)।

**well–founded** ବିଂ. ବିଶ୍ୱାସଯୋଗ୍ୟ ପ୍ରମାଣଉପରେ ପ୍ରତିଷ୍ଠିତ (ସନ୍ଦେହ, ଆଶଙ୍କା ପ୍ରଭୃତି)।

**well–groomed** ବିଂ. ବେଶ, ବିନ୍ୟାସ, କେଶ ପରିପାଟୀପ୍ରଭୃତିରେ ସୁବିନ୍ୟସ୍ତ।

**well–head** ବି. ଉତ୍ସ, ସ୍ରୋତ।

**well–heeled** ବିଂ. କ.ଭା. ଧନୀ, ପଇସାବାଲା।

**wellies** ବି. ସଂଶ. ବ.ବ. wellingtons ୱେଲିଙ୍ଗ୍‌ଟନ୍‌ସ୍ ବା ଆଣ୍ଠୁପର୍ଯ୍ୟନ୍ତ ହେଉଥିବା ବର୍ଷାଜୋତା।

**well–informed** ବିଂ. କୌଣସି ବିଷୟରେ ଯଥେଷ୍ଟ ଜ୍ଞାନ ବା ତଥ୍ୟ ସଂଗ୍ରହ କରିଥିବା।

**wellington** ବି. wellington boot ଆଣ୍ଠୁପର୍ଯ୍ୟନ୍ତ ହେଉଥିବା ବର୍ଷାଜୋତା; ଜଳନିରୋଧକ ରବରଯୋତା; (ନେପୋଲିଅନ–ବିଜୟୀ Duke of Wellington ଙ୍କ ନାମାନୁସାରେ)।

**well–intentioned** ବିଂ ମହତ୍ ବା ଉତ୍ତମ ଉଦ୍ଦେଶ୍ୟ ପ୍ରଣୋଦିତ; ସଦୁଦ୍ଦେଶ୍ୟ ବିଶିଷ୍ଟ।

**well–judged** ବିଂ. ଠିକ୍ ସମୟ, ସୁଯୋଗ, ଢଂଗ ବା ଗୋପନୀୟତାସହ କରାଯାଇଥିବା।

**well–kept** ବିଂ. ଉତ୍ତମ ଅବସ୍ଥାରେ ସଂରକ୍ଷିତ ବା ସ୍ଥିତ।

**well–known** ବିଂ. ଜଣାଶୁଣା; ବହୁଲୋକ ଜାଣିଥିବା।

**well–made** ବିଂ. ଭଲଭାବରେ ବା ଶକ୍ତଭାବରେ ତିଆରି; ସୁଗଠିତ; ଉତ୍ତମ ଶରୀରସୌଷ୍ଠବ ବିଶିଷ୍ଟ।

**well–mannered** ବିଂ. ସୁସଭ୍ୟ; ସୁସଂସ୍କୃତ; ଉତ୍ତମ ଆଚରଣ ବିଶିଷ୍ଟ।

**well–meaning** ବିଂ. (well–meant ମଧ୍ୟ) ସଦୁଦ୍ଦେଶ୍ୟପୂର୍ଣ୍ଣ (କିନ୍ତୁ ନିଷ୍ଫଳ ବା ପ୍ରଭାବହୀନ)।

**wellnigh** କ୍ରି.ବିଂ ପ୍ରାୟ (wellnigh impossible).

Digitized by srujanika@gmail.com

**well off, well–off** ବି. ଥିଲାବାଲା, ସମୃଦ୍ଧ, ବିତ୍ତଶାଳୀ, ଧନବାନ; ଅବସ୍ଥାସଂପନ୍ନ।

**well–oiled** ବିଂ. କ.ଭା. ଭଲଭାବରେ ତେଲ ଦିଆଯାଇ କର୍ମକ୍ଷମ (ଯନ୍ତ୍ରପାତି); କଭା. ମାତାଲ୍।

**well–paid** ବିଂ. ଭଲ ଦରମାବାଲା (ଚାକିରୀ); କୌଣସି କାର୍ଯ୍ୟ ପାଇଁ ବିପୁଳଭାବେ ପୁରସ୍କୃତ ବା ଅର୍ଥପ୍ରାପ୍ତ (ବ୍ୟକ୍ତି)।

**well–preserved** ବି. ସୁସଂରକ୍ଷିତ; ଉତ୍ତମ ଅବସ୍ଥାରେ; ପ୍ରକୃତ ବୟସଠାରୁ କମ୍ ଦେଖାଯାଉଥିବା (ବ୍ୟକ୍ତି)।

**well–read** ବିଂ. ବହୁପଠିତ; ବହୁପୁସ୍ତକ ପାଠକରି ବିଜ୍ଞ (ବ୍ୟକ୍ତି)।

**well–received** ବିଂ. ସମାଦରପୂର୍ଣ୍ଣ ବ୍ୟବହାର ବା ଆତିଥ୍ୟ ପ୍ରାପ୍ତ; ସମାଦୃତ।

**well–rounded** ବିଂ. ସୁଠାମ; ସଂପୂର୍ଣ୍ଣ ଏବଂ ସୁବିନ୍ୟସ୍ତ; ସୌଷ୍ଠବପୂର୍ଣ୍ଣ।

**well–spoken** ବିଂ. ମିଷ୍ଟଭାଷୀ; କଥାବାର୍ତ୍ତାରେ ମାର୍ଜିତ, ଶାଳୀନ ଏବଂ ଅନର୍ଗଳ।

**well–spring** ବି. =well–head.

**well–to–do** ବିଂ. ସମୃଦ୍ଧ, ସମୃଦ୍ଧିଶାଳୀ; ଥିଲାବାଲା।

**well–tried** ବିଂ. ବହୁପରୀକ୍ଷିତ ଏବଂ ସଫଳ।

**well–trodden** ବିଂ. ବହୁବ୍ୟବହୃତ (ପଥ)।

**well–wisher** ବିଂ. ଶୁଭଚିନ୍ତକ, ଶୁଭାନୁଧ୍ୟାୟୀ।

**well–worn** ବିଂ. ବହୁଳଭାବେ ବ୍ୟବହୃତ; ବହୁ ବ୍ୟବହାରଯୋଗୁଁ ଜୀର୍ଣ୍ଣ; ବହୁଳଭାବେ ବ୍ୟବହୃତ ହୋଇ ପ୍ରଭାବହୀନ (ଶବ୍ଦ, ରଢ଼ିପ୍ରୟୋଗ ପ୍ରଭୃତି)।

**Welsh** 1. ବିଂ. ୱେଲ୍ସର; ଏହାର ଅଧିବାସୀ ବା ଭାଷାସମ୍ବନ୍ଧିତ; 2. ବି. କେଲ୍ଟିକ୍ (Celtic); ୱେଲ୍ସର ଅଧିବାସୀ।

**welsh** କ୍ରି. (welch ମଧ୍ୟ) ଦାୟିତ୍ୱ ଏଡାଇଯିବା; କୃତଜ୍ଞତା ଅସ୍ୱୀକାର କରିବା; (ବାଜି ହାରିଯାଇଥିବା ବ୍ୟକ୍ତି) ପଇସା ନ ଦେଇ ଚାଲିଯିବା; କବାବ୍‌ରେ ଖିଲାପ କରିବା; ସତ୍ୟଭଙ୍ଗ କରିବା; welsh on ପ୍ରତିଶ୍ରୁତି ପାଳନରେ ଅସମର୍ଥ ହେବା, କଥା ରକ୍ଷି ନ ପାରିବା।

**Welshman** ବି. ଜନ୍ମସୂତ୍ରରେ (ବା ମୂଳବଂଶୋଦ୍‌ଭବ) ୱେଲ୍‌ସ୍; ସ୍ତ୍ରୀ. Welsh woman.

**Welsh rabbit** ବି. (ଲୋକଭାଷାରେ welsh rarebit) ସେକା ପାଉରୁଟି ଓ ତରଳ ଛେନାର ବ୍ୟଞ୍ଜନ ବିଶେଷ।

**welt** 1. ବି. ଯୋତାର ସୁକତଲା; ପ୍ରହାରଜନିତ ନୋଳା; ପ୍ରଚଣ୍ଡ ପ୍ରହାର; ପୋଷାକର ଧାର; 2. କ୍ରି. ଜୋତାରେ ସୁକତଲା ଲଗାଇବା; ବେତମାଡ ବା ଚାବୁକ ପ୍ରହାର ଦ୍ୱାରା ନୋଳା ଫଳିଯିବା; ପ୍ରହାର କରିବା।

**welter**[1.] 1. କ୍ରି. ଗଡ଼ିବା; ପାଣି, କାଦୁଅ ବା ମଇଳାରେ ଲୋଟିବା; 2. ବି. ବିଶୃଙ୍ଖଳା; ଗଣ୍ଡଗୋଳିଆ ଅବସ୍ଥା; ବାରମିଶା ଅବସ୍ଥା।

**welter**[2.] ବି. ମୁଷ୍ଟି ବା ମଲ୍ଲଯୋଦ୍ଧା; ଅଶ୍ୱାରୋହୀ।

**welterweight** ବି. କ୍ରୀଡା ୬୩.୫–୬୭ କେ:ଜି ପର୍ଯ୍ୟନ୍ତ ଓଜନର ମଲ୍ଲ ବା ମୁଷ୍ଟିଯୋଦ୍ଧା; ଏହି ଓଜନର ପ୍ରତିଯୋଗିତା ବିଭାଗ; ୱେଲ୍‌ଟର୍‌ୱେଟ୍ (ଲାଇଟ୍‌ୱେଟ୍ ଏବଂ ମିଡିଲ୍‌ୱେଟ୍ ମଧ୍ୟବର୍ତ୍ତୀ)।

**wen** ବି. (ବିଶେ. ମୁଣ୍ଡର) ଆବୁ।

**wench** ବି. ପରି. ବାଳିକା ବା ଯୁବତୀ।

**wend** କ୍ରି. wend one's way ବାଟ କାଢିବା ଓ ଯିବା।

**Wendy house** ବି. (ପିଲାମାନଙ୍କର) ଛୋଟ ଘରଭଳି ତମ୍ବୁ; ଖେଳଘର (ବେରିଙ୍କ ପିଟର୍ ପେନ୍ ର ୱେଣ୍ଡି ନାମକ ଚରିତ୍ରର ନାମାନୁସାରେ)।

**went** କ୍ରି. goର ଅ.କା.।

**wept** କ୍ରି. weepର ଅ.କା. ଏବଂ ଅ.କ୍ରି.ଜ.ପ.।

**were** କ୍ରି. ଦ୍ର. be; wasର ବ.ବ. ବ୍ୟବହାର, areର ଅ.କା.।

**we're** ସଂଶ. we are.

**weren't** ସଂଶ. were not.

**werewolf** ବି. ମନୁଷ୍ୟରୁ ଗଧିଆରେ ପରିବର୍ତ୍ତିତ ହୁଏ ବୋଲି ବିଶ୍ୱାସ କରାଯାଉଥିବା କାଳ୍ପନିକ ପ୍ରାଣୀ।

**Wesleyan** 1. ବିଂ. ଜନ୍ ୱେସ୍‌ଲିଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରୋଟେଷ୍ଟାଣ୍ଟ ଧର୍ମଗୋଷ୍ଠୀ ସମ୍ବନ୍ଧିତ; 2. ବି. ଏହି ଗୋଷ୍ଠୀର ସଭ୍ୟ।

**west** 1. ବି. ପଶ୍ଚିମଦିଗ; ପୃଥିବୀ ବା ଦେଶର ଯେଉଁ ଅଂଶ ଏହି ଦିଗରେ ଥାଏ; ପାଶ୍ଚାତ୍ୟ, ବିଶେ. ୟୁରୋପୀୟ ସଭ୍ୟତା; ୟୁରୋପ ଓ ଉତ୍ତର ଆମେରିକାର ପଶ୍ଚିମରେ ଥିବା ଅଞ୍ଚଳ; 2. ବିଂ. ପଶ୍ଚିମଦିଗରେ, ପାଖରେ ବା ଠାରେ;

Digitized by srujanika@gmail.com

ପଶ୍ଚିମରୁ ଆସୁଥିବା (ପବନ); ପାଶ୍ଚାତ୍ୟ; 3. କ୍ରି.ବିଂ. ପଶ୍ଚିମଆଡକୁ, ଦିଗରେ ବା ପାଖରେ; go west *ସା.ପ୍ର.* ଧ୍ୱଂସ ପାଇବା ବା ନିହତ ହେବା; to the west (of) ପଶ୍ଚିମ ଦିଗରେ।

**westbound** ବିଂ. ପଶ୍ଚିମାଭିମୁଖୀ; ପଶ୍ଚିମମୁହାଁ।

**West Country** ବି. ଦକ୍ଷିଣପଶ୍ଚିମ ଇଂଲଣ୍ଡ।

**West End** ବି. ଲଣ୍ଡନ ସହରର ସୌଖୀନ ଅଞ୍ଚଳ ବିଶେଷ।

**westering** ବି. (ସୂର୍ଯ୍ୟର) ପଶ୍ଚିମାୟନ; ପଶ୍ଚିମଦିଗ ଅଭିମୁଖୀ ହେବା।

**westerly** 1. ବିଂ., କ୍ରି.ବିଂ. ପଶ୍ଚିମ ଦିଗରେ ବା ପଶ୍ଚିମ ଦିଗସ୍ଥିତ; (ପବନ ସମ୍ପର୍କରେ) ପଶ୍ଚିମରୁ ପ୍ରବାହିତ; 2. ବି. ପଶ୍ଚିମା ପବନ।

**western** 1. ବିଂ. ପାଶ୍ଚାତ୍ୟ; ପଶ୍ଚିମରେ ସ୍ଥିତ; 2. ବି. ଉତ୍ତରଆମେରିକାର ପଶ୍ଚିମାଂଶସ୍ଥ କାଉବ୍ୟ (cowboy) ମାନଙ୍କ ସମ୍ପର୍କିତ ଉପନ୍ୟାସ ବା ଚଳଚ୍ଚିତ୍ର; ବିଂ. westernmost.

**westerner** ବି. ପଶ୍ଚିମର ଅଧିବାସୀ, ପାଶ୍ଚାତ୍ୟଦେଶବାସୀ; ପଶ୍ଚିମା।

**westernize** କ୍ରି. ପାଶ୍ଚାତ୍ୟ ସଂସ୍କୃତି, ଶିକ୍ଷା, ଭାବଧାରା ପ୍ରଭୃତି ଦ୍ୱାରା ପ୍ରଭାବିତ କରିବା।

**West Indian** ବିଂ. ୱେଷ୍ଟ ଇଣ୍ଡିଜ୍‌ର ଅଧିବାସୀ, ନାଗରିକ ବା ମୂଳବଂଶୋଦ୍‌ଭୂତ।

**west–north–west** ବି. ପଶ୍ଚିମ ଏବଂ ଉତ୍ତରପଶ୍ଚିମ ମଧ୍ୟବର୍ତ୍ତୀ ଦିଗ।

**West Side** ବି. *ଆମେ.* ମାନ୍‌ହାଟାନ୍‌ର ପଶ୍ଚିମରେ ଥିବା ଅଞ୍ଚଳ।

**west–south–west** ବି. ପଶ୍ଚିମ ଓ ଦକ୍ଷିଣପଶ୍ଚିମ ମଧ୍ୟବର୍ତ୍ତୀ ଦିଗ।

**westward** 1. ବିଂ., କ୍ରି.ବିଂ. (westwards ମଧ) ପଶ୍ଚିମଆଡ଼େ, ଦିଗକୁ; 2. ବି. ପଶ୍ଚିମଦିଗ ବା ଅଞ୍ଚଳ।

**wet** 1. ବିଂ. ଭିଜା, ଓଦା, ସିକ୍ତ; (ପାଗ ସମ୍ପର୍କରେ) ବର୍ଷାଳିଆ, ମେଘୁଆ; (ରଙ୍ଗ ସମ୍ପର୍କରେ) ଶୁଖି ନ ଥିବା; *କ.ଭା.* ଦୁର୍ବଳ, ପ୍ରଭାବବିହୀନ; ପାଣି ସହିତ ବ୍ୟବହାର୍ଯ୍ୟ; 2. କ୍ରି. (*ଅ.କ୍ରି.କ.ପ.* wet, wetted) ଓଦା କରିବା; ପରିସ୍ରାକରି ଓଦା କରିଦେବା; ମୂତ୍ରର ବେଗ ଧାରଣ କରି ନ ପାରିବା; 3. ବି. ତରଳ ପଦାର୍ଥ, ମେଘୁଆପାଗ; *କ.ଭା.* ଦୁର୍ବଳ ବା ନିରୀହ ବ୍ୟକ୍ତି; *କ.ଭା.* ପାନୀୟ; wet behind the ears *କଭା.* ଅପରିଣତ, ଅନଭିଜ୍ଞ; wet through (to the skin) ଓଦାଲୁଗା ପିନ୍ଧିଥିବା ଅବସ୍ଥାରେ; ସଂପୂର୍ଣ୍ଣ ତିନ୍ତିଯାଇ; ଲୁଗାପଟା ସଂପୂର୍ଣ୍ଣ ଓଦା ହୋଇଥିବା।

**wet blanket** ବି. *କ.ଭା.* ଅନ୍ୟମାନଙ୍କ ମଉଜମଜଲିସ୍‌ରେ ବ୍ୟାଘାତ ସୃଷ୍ଟି କରୁଥିବା ବିଷଣ୍ଣ ବା ଗମ୍ଭୀର ପ୍ରକୃତିର ବ୍ୟକ୍ତି।

**wet dream** ବି. ସ୍ୱପ୍ନଦୋଷ ଘଟାଉଥିବା ସ୍ୱପ୍ନ; ଅନିଚ୍ଛାକୃତଭାବେ ବୀର୍ଯ୍ୟସ୍ଖଳନ କରାଉଥିବା ଯୌନୋତ୍ତେଜକ ସ୍ୱପ୍ନ।

**wether** ବି. ଖାସୁ ହୋଇଥିବା ମେଣ୍ଢା।

**wetland** ବି. *ସାଧା.* ବହୁ ରେ ସନ୍ତସନ୍ତିଆ ବା କର୍ଦ୍ଦମାକ୍ତ ସ୍ଥାନ।

**wet–nurse** 1. ବି. ସ୍ତନ୍ୟଦାୟିନୀ ଧାତ୍ରୀ; ଅନ୍ୟ କାହାରି ଶିଶୁକୁ ସ୍ତନ୍ୟପାନ କରାଇବାରେ ନିଯୁକ୍ତା ସ୍ତ୍ରୀ; 2. କ୍ରି. ଅନ୍ୟ କାହାରି ସନ୍ତାନକୁ ସ୍ତନ୍ୟଦାନ କରିବା; *କ.ଭା.* ଅସହାୟଭଳି ବ୍ୟବହାର କରିବା।

**wet suit** ବି. ଶରୀର ଉଷୁମ ରଖିବା ପାଇଁ ବୁଡାଳିମାନେ ପିନ୍ଧୁଥିବା ରବର ପୋଷାକ।

**we've** *ସଂଶ.* we have.

**Wg. Cdr.** *ସଂଶ.* Wing Commander (ବିମାନବାହିନୀର) ୱିଙ୍ଗ୍ କମାଣ୍ଡର୍।

**whack** *କ.ଭା.* 1. କ୍ରି. ପ୍ରବଳ ମାଡ଼ ମାରିବା; ପିଟିବା; 2. ବି. ସଶବ୍ଦ ଆଘାତ ବା ପ୍ରହାର; *ସା.ପ୍ର.* ଭାଗ; have a whack at *ସା.ପ୍ର.* ଉଦ୍ୟମ କରିବା; ଚେଷ୍ଟା କରିବା।

**whacked** ବିଂ. *କ.ଭା.* ଅବସନ୍ନ, କ୍ଳାନ୍ତ।

**whacking** *କ.ଭା.* 1. ବିଂ. ଖୁବ୍ ବଡ଼; 2. କ୍ରି.ବିଂ. ବହୁତ, ଅତ୍ୟନ୍ତ।

**whale** 1. ବି. ତିମି; 2. କ୍ରି. ତିମି ଶିକାର କରିବା; a whale *କ.ଭା.* ଅତ୍ୟନ୍ତ ଦକ୍ଷ ବା ସମର୍ଥ; a whale of a *କ.ଭା.* ଅତ୍ୟନ୍ତ ଭଲ; ଅତି ଉତ୍ତମ।

**whalebone** ବି. କେତେକ ତିମିର ଉପର ମାଡ଼ି ଉପରେ ଥିବା ଶିଙ୍ଗଭଳି ଅଂଶ।

**whale–oil** ବି. ତିମିର ଚର୍ବିରୁ ମିଳୁଥିବା ତେଲ।

**whaler** ବି. ତିମିଶିକାରୀ ଜାହାଜ ବା ବ୍ୟକ୍ତି।

**wham** *ଅବ.* *କ.ଭା.* ଗଭୀର ପ୍ରଭାବ ବା ଆଘାତସୂଚକ ଉଚ୍ଚାରଣ।

Digitized by srujanika@gmail.com

**wharf** 1. ବି. ବ.ବ. wharves ମାଲ ବୋଝେଇ ବା ଖଲାସ କରିବା ପାଇଁ ଜାହାଜର ମଞ୍ଚା; 2. କ୍ରି. ଜାହାଜକୁ କୂଳକୁ ନେବା ଓ ହ୍ୱାର୍ଫରେ ରଖିବା; ହ୍ୱାର୍ଫରେ ମାଲ ପ୍ରସ୍ତୁତ ରଖିବା।

**wharfage** ବି. ହ୍ୱାଫରେ ସ୍ଥାନ ସଂରକ୍ଷଣ; ସେଥିପାଇଁ ମାହାସୁଲ୍ ବା ଭଡ଼ା।

**wharfinger** ବି. ହ୍ୱାର୍ଫର ମାଲିକ ବା ତତ୍ତ୍ୱାବଧାରକ।

**what** 1. ବିଂ. (ପ୍ରଶ୍ନବାଚକ) କଣ; କେଉଁ, କି; (ବିସ୍ମୟସୂଚକ ଭାବେ) କଅଣ କି; *କ.ଭା.* କେଉଁ, କେଉଁ ଗୋଟିକ; 2. *ସ.* କେଉଁ ଜିନିଷ; କେତେ ପରିମାଣରେ; 3. *କ୍ରି.ବିଂ.* କେତେ ପରିମାଣରେ; what about ଖବର କ'ଣ; ମତ କ'ଣ; what-d'you-call-it- *କ.ଭା.* (ମନେ ପଡୁ ନ ଥିବା ନାମ ପାଇଁ) ତା–ନା–କଣ କି; what ever ଯାହା ହେଉଥାଉ; ସେ ଯାହା ହେଉ; what for *କ.ଭା.* କେଉଁଥିପାଇଁ; କାହିଁକି; (give a person what for) ତୀବ୍ର ଭର୍ତ୍ସନା; what have you *କ.ଭା.* ସେଭଳି ଅନ୍ୟ ପଦାର୍ଥ; what not ଅନ୍ୟ ସମାନ ପଦାର୍ଥ; what's-his (her, its) name = what-d'-you-call-it; what's what ଯାହା ଗୁରୁତ୍ୱପୂର୍ଣ୍ଣ, ଦରକାରୀ; what with *କ.ଭା.* କାରଣରୁ ( *ସା.* ଅନେକ ବସ୍ତୁ)।

**whatever** ବିଂ., *ସ.* (ଅନିଶ୍ଚିତ ଅର୍ଥରେ) ଯାହା କିଛି (give me whatever you can); ଯାହା ବି ହେଉ ପଛକେ, ଯାହା ବି ହେଉ ନା କାହିଁକି (we won't go whatever happens); (ନାସ୍ତିବାଚକ ବା ପ୍ରଶ୍ନବାଚକ) ମୋଟେ, ଯେ କୌଣସି ରକମର (there is no question whatever).

**whatnot** ବି. *କ.ଭା.* ଅନିର୍ଦ୍ଦିଷ୍ଟ ବା ଛୋଟମୋଟ ଜିନିଷଗୁଡ଼ିକ।

**whatsoever** ବିଂ., *ସ.* =whatever.

**wheat** ବି. ଗହମ, ଗହମ ଗଛ।

**wheatear** ବି. କ୍ଷୁଦ୍ର ସ୍ଥାନାନ୍ତରଗାମୀ ପକ୍ଷୀ ବିଶେଷ।

**wheaten** ବିଂ. ଗହମରୁ ପ୍ରସ୍ତୁତ।

**wheat germ** ବି. ଗହମର ଭ୍ରୂଣ (ଭିଟାମିନ୍‌ର ଉତ୍ସଭାବରେ ବ୍ୟବହୃତ)।

**wheatmeal** ବି. ଗହମରୁ ପ୍ରସ୍ତୁତ ଅଟା।

**wheedle** କ୍ରି. ମିଠାକଥା କହି ଫୁସୁଲାଇବା; ଚାଟୁବାକ୍ୟଦ୍ୱାରା ପ୍ରବର୍ତ୍ତାଇବା; ଫୁସୁଲାଇ (ଜିନିଷପତ୍ର ପ୍ରଭୃତି) ଠକିନେଇ ଯିବା।

**wheel** 1. ବି. ଚକ, ଚକ୍ର; ଗାଡ଼ିର ଚକ, ଚକ୍ରାକାର ବସ୍ତୁ; (ସୈନ୍ୟବାହିନୀର) ଚକ୍ରାକାର ଗତି; ବ.ବରେ *ସା.ପ୍ର.* କାର୍; ଷ୍ଟିଅରିଙ୍ଗ ହ୍ୱିଲ୍; 2. କ୍ରି. ଘୂରିବା, ଆବର୍ତ୍ତିତ ହେବା, ଚକ୍ରଗତିରେ ଯିବା; at the wheel ଗାଡ଼ି ଚଳାଇବା; କାହାକ ଚଳାଇବା, ଘଟଣା ନିୟନ୍ତ୍ରଣ କରିବା; on (oiled) wheels ସୁରୁଖୁରୁରେ; ଅନାୟାସରେ, wheel and deal *ଆମେ.* ରାଜନୈତିକ ବା ବ୍ୟାବସାୟିକ ଯୋଜନାରେ ବ୍ୟାପୃତ ହେବା; wheels within wheels ଜଟିଳ ଯନ୍ତ୍ରପାତି; *କଭା.* ଅପ୍ରତ୍ୟକ୍ଷ କାର୍ଯ୍ୟ; ଗୁପ୍ତଚର ସଂସ୍ଥା; ବିଂ. ସଂ. wheeled.

**wheelbarrow** ବି. ଏକଚକିଆ ଠେଲାଗାଡ଼ି।

**wheelbase** ବି. (ଯାନବାହାନର) ଅକ୍ଷଦଣ୍ଡ ବା ଅଖ ମଧ୍ୟସ୍ଥ ଦୂରତ୍ୱ।

**wheelchair** ବି. ଶାରୀରିକ ଅକ୍ଷମଙ୍କ ପାଇଁ ଚକଲଗା ଚଉକି।

**wheel–clamp** ବି. ଯାନବାହାନର ଚକକୁ ଅଚଳ କରିଦେବା ପାଇଁ ବ୍ୟବହୃତ ଖିଲ ବା ବନ୍ଧନୀ।

**–wheeler** ସଂ. ନିର୍ଦ୍ଦିଷ୍ଟ ସଂଖ୍ୟକ ଚକବିଶିଷ୍ଟ ଗାଡ଼ି (two–wheeler, three–wheeler).

**wheeler–dealer** ବି. ରାଜନୈତିକ ବା ବ୍ୟାବସାୟିକ ଯୋଜନାରେ ବ୍ୟାପୃତ ବ୍ୟକ୍ତି।

**wheel–house** ବି. ଜାହାଜର ମଂଗୁଆଳ କାର୍ଯ୍ୟ କରୁଥିବା ସ୍ଥାନ।

**wheelie** ବି. *ସା.ପ୍ର.* ଆଗ ଚକ ଟେକି ସାଇକଲ୍ ବା ମଟରସାଇକଲ ଚାଳନା।

**wheel–spin** ବି. ଯାନବାହାନର ଚକ ସ୍ୱଚ୍ଛନ୍ଦଭାବେ ଯେତେଦୂର ଘୂରିଥାଏ (ଠେଲିବା ବା ଟାଣିବାଦ୍ୱାରା ନୁହେଁ)।

**wheelwright** ବି. ଚକ କାରିଗର; ଚକ ତିଆରି ବା ମରାମତି କରୁଥିବା ବ୍ୟକ୍ତି।

**wheeze** 1. କ୍ରି. ସାଁ ସାଁ ହୋଇ କଥା କହିବା ବା ନିଃଶ୍ୱାସ ନେବା; 2. ବି. ସାଁ ସାଁ ନିଃଶ୍ୱାସର ଶବ୍ଦ; *କ.ଭା.* ସୁଚତୁର ଯୋଜନା; ବିଂ. wheezy; କ୍ରି.ବିଂ. wheezily; ବି. wheeziness.

Digitized by srujanika@gmail.com

**whelk** ବି. କୁଣ୍ଡଳାକୃତି ଖୋଳଥିବା ଶାମୁକାଜାତୀୟ ସାମୁଦ୍ରିକ ଜୀବ।

**whelm** କ୍ରି. *କାବ୍ୟ.* ନିମଜ୍ଜିତ କରିବା; ଓଜନ ଦ୍ୱାରା ଚୂର୍ଣ୍ଣୀଭୂତ କରିବା।

**whelp** 1. ବି. ଛୋଟ କୁକୁର; କୁକୁର ଛୁଆ; *ପ୍ରା.ପ୍ର.* ବାଘଛୁଆ; ଅଶିଷ୍ଟ ବାଳକ ବା ଯୁବକ; 2. କ୍ରି. (କୁକୁର ବା ବାଘଛୁଆ ପ୍ରଭୃତି) ଜନ୍ମ କରିବା; *ଅବ.* ସନ୍ତାନ ପ୍ରସବ କରିବା।

**when** 1. କ୍ରି.ବିଂ. କେତେବେଳେ ? କେଉଁ ସମୟରେ ? କେତେ ଶୀଘ୍ର?; 2. *ସଂଯୋ.* ଯେକୌଣସି ସମୟରେ, ଯେତେଶୀଘ୍ର ପାର (go when you like); ଯଦିଓ, ଯଦିଚ (why go when you can enjoy) ଯାହାପରେ, ତାହାପରେ, ଏବଂ ଠିକ୍ ସେତିକିବେଳେ (was nearly asleep when you come); 3. *ସ.* କେତେବେଳେ ? (till when can you sleep); 4. ବି. ସମୟ, କାରଣ (let me know the where and when).

**whence** 1. କ୍ରି.ବିଂ. କେଉଁଠାରୁ, କେଉଁ ସ୍ଥାନରୁ; 2. *ସଂଯୋ.* ଯେଉଁଠୁ ସେହିସ୍ଥାନକୁ; (go back whence you came); ଯେଉଁଠାରୁ କି (ସ୍ଥାନର ଉଲ୍ଲେଖ ସହ); ଏବଂ ସେଠାରୁ, ସେଇଠୁ (whence it follows that).

**whenever** *ସଂଯୋ.*, କ୍ରି.ବିଂ. ଯେତେବେଳେ ହେଉ; ଯେ କୌଣସି ସମୟରେ; ସବୁ ସମୟରେ, ସର୍ବଦା।

**whensoever** *ସଂଯୋ.*, କ୍ରି.ବିଂ. =whenever.

**where** 1. କ୍ରି.ବିଂ. କେଉଁଠି, କେଉଁଠାରେ; କେଉଁସ୍ଥାନରେ, କେଉଁ ଅବସ୍ଥାରେ; ଯେଉଁଠାରେ, ଯେଉଁସ୍ଥାନରେ (places where they see each other); 2. *ସଂଯୋ.* ଯେକୌଣସି ସ୍ଥାନରେ ବା ଅବସ୍ଥାରେ, ଯେକୌଣସି ସ୍ଥାନକୁ (sit where you like); ଏବଂ ସେଇଠି, ସେଠାରେ (reached Junagarh where the car broke down); 3. *ସ.* କେଉଁଠାରେ, କେଉଁ ସ୍ଥାନରେ (where do you come from); 4. ବି. ସ୍ଥାନ, ଜାଗା, ସ୍ଥଳ (tell me the where and when).

**whereabouts** 1. କ୍ରି.ବିଂ. ଆନୁମାନିକ କେଉଁଠାରେ ?; 2. ବି. ଏବ. ବ.ବ. ଠିକଣା, ପତ୍ତା; (ବ୍ୟକ୍ତି ବା ବସ୍ତୁର) ମିଳିବା ଜାଗା ବା ସ୍ଥାନ।

**whereas** *ସଂଯୋ.* ଯେହେତୁ, ପକ୍ଷାନ୍ତରେ।

**whereby** *ସଂଯୋ.* ଯାହାଦ୍ୱାରା, ଯାଦ୍ୱାରା, ଯଦ୍ଦ୍ୱାରା।

**wherefore** 1. କ୍ରି.ବିଂ. *ପ୍ରା.ପ୍ର.* କେଉଁ କାରଣରୁ ?; କେଉଁ ହେତୁରୁ ?; 2. ବି. କାରଣ।

**wherein** *ସଂଯୋ.* ଯହିଁରେ, ଯେଉଁଠି; କିପରି; କେଉଁ ବିଷୟରେ।

**whereof** *ସଂଯୋ.* କାହା ବିଷୟରେ, ଯାହାବିଷୟରେ; ଯେଉଁଥିର, ଯାହାର।

**whereupon** *ସଂଯୋ.* ଯାହାଉତ୍ତାରୁ ବା ପରେ, ଯେଉଁକାରଣରୁ।

**whereever** 1. କ୍ରି.ବିଂ. ଯେକୌଣସି ସ୍ଥାନରେ ବା ସ୍ଥାନକୁ; ଯେଉଁଠି ହେଉ; 2. *ସଂଯୋ.* ପ୍ରତ୍ୟେକ ସ୍ଥାନରେ; ସବୁଠି, ସର୍ବତ୍ର।

**wherewithal** ବି. *କ.ଭା.* କୌଣସି ଉଦ୍ଦେଶ୍ୟ ପାଇଁ ଆବଶ୍ୟକ ଅର୍ଥ ଆଦି।

**wherry** ବି. ଯାତ୍ରୀ ପାରି କରିବାପାଇଁ ହାଲୁକା ନୌକା, ଫେରିଡଂଗା; ବଡ଼ କିନ୍ତୁ ହାଲୁକା ନୌକା।

**whet** କ୍ରି. (ଅସ୍ତ୍ର, ହତିଆର ପ୍ରଭୃତି) ଶାଣଦେବା, ଧାର କରିବା; (କ୍ଷୁଧା, କାମନା ପ୍ରଭୃତି) ଉଦ୍ରେକ କରିବା, ଉଦ୍ଦୀପ୍ତ କରିବା।

**whether** *ସଂଯୋ.* ପ୍ରଥମଟି, ବା ଦୁଇଟି ମଧ୍ୟରୁ କେଉଁଟି; କି ନାହିଁ; whether or no ଏହିଭଳି କି ନୁହେଁ ?।

**whetstone** ବି. ଶାଣଦିଆ ପଥର।

**whew** *ଅନ୍ତ.* ବିସ୍ମୟ, ଭୟ ବା ବିରକ୍ତିସୂଚକ ଉଚ୍ଚାରଣ।

**whey** ବି. ଘୋଳଦହି, ମହି, ଚଲ୍ହା।

**which** 1. ବିଂ. କେଉଁଟି, କେଉଁଗୁଡ଼ିକ; କେଉଁଗୋଟିକ ବା ଜଣକ (which Ramesh do you mean); ଏବେ ଉଲ୍ଲେଖ କରାଯାଇଥିବା; ଏବଂ ଏଇଟା, ଏଇଗୁଡ଼ିକ (during which time); 2. *ସ.* (which of you is Rita); କେଉଁ ଜିନିଷ (say which you want).

**whichever** ବିଂ., *ସ.* ଯେକୌଣସିଟି (take whichever you want).

**whiff** ବି. ପାଟିରୁ ନିର୍ଗତ ବାୟୁ ବା ଧୂଆଁର ଦମକା; ହାବୁକା; ଗନ୍ଧ; ଛୋଟ ଚୁରୁଟ; ଗୁଜବ ବା ଅପବାଦର ସଂକେତ।

Digitized by srujanika@gmail.com

**Whig** ବି. ଇତି. ଉନବିଂଶ ଶତାବ୍ଦୀରେ ଲିବରାଲ ଦଳରେ ପରିଣତ ହୋଇଥିବା ବ୍ରିଟିଶ ସଂସ୍କାରବାଦୀ, ସମ୍ବିଧାନ ସମର୍ଥନକାରୀ ଦଳର ସଦସ୍ୟ; ବି. Whiggery; ବିଂ. Whiggish; ବି. Whiggism.

**while** 1. ବି. ସମୟ କାଳ (a short while ago); 2. *ସଂଯୋ.* ଯେଉଁସମୟ ମଧ୍ୟରେ, ଯେତେବେଳେ, ଯେଉଁସମୟରେ (while we were away); ସତ୍ତ୍ୱେ, ଯଦିଓ, ପରିବର୍ତ୍ତେ, (while I want to go there, I cannot); 3. କ୍ରି. (away ସହ) ସମୟ କଟାଇବା, ସମୟ ନଷ୍ଟ କରିବା; 4. କ୍ରି.ବିଂ. ଯେଉଁସମୟରେ, (the winter while I was away; between whiles ମଝି ମଝିରେ; for a while ମୁହୂର୍ତ୍ତକ ପାଇଁ, କିଛିସମୟ ପାଇଁ; in a while ଶୀଘ୍ର, once in a while କେତେବେଳେ କେମିତି; ମଝିରେ ମଝିରେ; the while ଇତି. ... ; worth (one's) while ଲାଭଜନକ ... ପୋଷାଇଲାଭଳି।

**whilom** *ପ୍ରା.* ... 1. କ୍ରି.ବିଂ. ଏକଦା, ପୂର୍ବେ ଥିବା; 2. ବିଂ. ପୂର୍ବତନ।

**whilst** କ୍ରିବିଂ. *ସଂଯୋ.* ଯେତେବେଳେ।

**whim** ବି. ... ଖିଆଲ; ଖାମଖିଆଲିଭାବ।

**whimper** 1. କ୍ରି.ଭୟଭୀତ, କ୍ଷୀଣ ବା କରୁଣସ୍ୱର ସୃଷ୍ଟି କରିବା 2. ବି. ଏଭଳି କ୍ରନ୍ଦନ ବା ଧ୍ୱନି।

**whimsical** ବିଂ. ଖାମ୍‌ଖିଆଲି; ଅଦ୍‌ଭୁତ; ବି. whimsicality; କ୍ରି.ବିଂ. whimsically.

**whimsy** ବି. whim.

**whin** ବି. ... ଦିଆଫୁଲଯୁକ୍ତ ଫର୍ଜଜାତୀୟ ଗଛ।

**whinchat** ବି. କ୍ଷୁଦ୍ର ଗାନକାରୀ ପକ୍ଷୀ ବିଶେଷ।

**whine** 1. ବି. କୁକୁର ବା ଶିଶୁର ଦୀର୍ଘକାଳୀନ କ୍ରନ୍ଦନ ବା ଚିତ୍କାର; କୁଁ କୁଁ ଧ୍ୱନି; ଏହିଭଳି ଦୀର୍ଘକାଳୀନ ଶବ୍ଦ; ଅଭିଯୋଗପୂର୍ଣ୍ଣ ବା ବିଳାପପୂର୍ଣ୍ଣ ସ୍ୱର; କୁହୁଁରା; 2. କ୍ରି. କୁଁ କୁଁ କରିବା; କୁହୁଁରିବା; କଇଁକଇଁ କାନ୍ଦିବା।

**whinge** କ୍ରି. *କ.ଭା.* ବିଳାପ କରିବା; କଇଁକଇଁ କାନ୍ଦିବା; ଗୁଁ ଗୁଁ ହେବା; ଗୁରୁଗୁରୁ ହେବା।

**whinny** 1. ବି. ଆନନ୍ଦପୂର୍ଣ୍ଣ ହ୍ରେଷାରବ; 2. କ୍ରି. ଏହିଭଳି (ଘୋଡା) ବୋବାଇବା; ହ୍ରେଷାଧ୍ୱନି କରିବା।

**whip** 1. ବି. ଚାବୁକ, କଶା, କୋରଡା; ରାଜନୈତିକ ଦଳର କାରପଟ୍ଟାଦାର ବା ଛାଟିଆ; ସଦସ୍ୟମାନଙ୍କର ଉପସ୍ଥାନ ନିମନ୍ତେ ଛାଟିଆଙ୍କ ଲିଖିତ (ଭୋଟଦାନ ପ୍ରଭୃତି ପାଇଁ) ବାଧ୍ୟତାମୂଳକ ଆଦେଶ; ହ୍ୱିପ୍‌ଜାରି; ଫେଣା ହୋଇଥିବା ସର (cream) ଦ୍ୱାରା ପ୍ରସ୍ତୁତ ଖାଦ୍ୟ; 2. କ୍ରି. ଚାବୁକ ମାରିବା; (ଅଣ୍ଡା, ସର ପ୍ରଭୃତି) ଫେଣ୍ଟିବା; ଶୀଘ୍ର, ଅପ୍ରତ୍ୟାଶିତ ଭାବରେ ବା ହଠାତ୍ ଚାଲିଆସିବା ବା ପରାସ୍ତ କରିବା; ଚପିଯିବା; ଅତିକ୍ରମ କରିବା; ଫେଣାଇବା; ଦଳକୁ ଏକାଠି ରଖିବା; ଗୁଡାଇ ବାନ୍ଧିବା; ଚପା ସିଲାଇ କରିବା; have the whip hand ନିୟନ୍ତ୍ରଣ ଥିବା, କର୍ତ୍ତୃତ୍ୱ ଥିବା; whip in ଶିକାରୀ କୁକୁରଦଳକୁ ଏକାଠି କରିବା; whip on କାର୍ଯ୍ୟ ନିମନ୍ତେ ପ୍ରେରିତ କରିବା; ଅନୁରୋଧ କରିବା; whip up ପ୍ରେରିତ କରିବା, ପ୍ରରୋଚିତ କରିବା, ଉତ୍ତେଜିତ କରିବା।

**whipcord** ବି. ଶକ୍ତଭାବରେ ବଳାଯାଇଥିବା ଦଉଡି।

**whip hand** ବି. ଚାବୁକ୍‌ଧରା ହାତ; କୌଣସି ପରିସ୍ଥିତିରେ ନିୟନ୍ତ୍ରଣ।

**whiplash** ବି. ଚାବୁକର ନହକା ଅଂଶ।

**whiplash injury** ବି. ମୁଣ୍ଡରେ ମାଡ ଯୋଗୁଁ ବେକରେ ଆଘାତ (ବିଶେ. ମଟର ଦୁର୍ଘଟଣାରେ)।

**whipper-in** ବି. ଶିକାରୀର ସହାୟକ ଯେ କୁକୁରଦଳର ଦାୟିତ୍ୱରେ ଥାଏ।

**whippersnapper** ବି. ଛୋଟ ପିଲା; ନିଜକୁ ବଡ଼ମନେ କରୁଥିବା ନଗଣ୍ୟ ବ୍ୟକ୍ତି।

**whippet** ବି. ଦୌଡ଼ପ୍ରତିଯୋଗିତାରେ ବ୍ୟବହୃତ ସଂକର କୁକୁର।

**whipping boy** ବି. ଅନ୍ୟକାହାରି ଦୋଷ ବା ଭୁଲପାଇଁ ଶାସ୍ତି ପାଉଥିବା ବ୍ୟକ୍ତି; ଇତି. ଯୁବରାଜଙ୍କ ସହିତ ଶିକ୍ଷା ପାଉଥିବା ଏବଂ ତାଙ୍କପାଇଁ ଦଣ୍ଡ ପାଉଥିବା ବାଳକ।

**whipping-top** ବି. ଦଉଡିସାହାଯ୍ୟରେ ଘୂରୁଥିବା ନଟୁ।

**whippoorwill** ବି. ଶ୍ରୁତିକଟୁ ରାବ ଦେଉଥିବା ଆମେରିକୀୟ ରାତ୍ରିର ପକ୍ଷୀବିଶେଷ।

**whippy** ବିଂ. ନହନହକା, ଲପଲପ ହେଉଥିବା; ବି. whippiness.

Digitized by srujanika@gmail.com

**whip–round** ବି. କଥା. କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଦଳର ଲୋକଙ୍କ ମଧ୍ୟରେ ଅନୌପଚାରିକ ଭାବେ ଅର୍ଥସଂଗ୍ରହ।

**whipstock** ବି. ଚାବୁକ୍ ବା କୋରଡାର ମୁଠି ବା ବେଣ୍ଟ।

**whirl** 1. କ୍ରି. ଘିରିଘିରି ଘୂରିବା; ଦ୍ରୁତ ଆବର୍ତ୍ତିତ ହେବା; ଘୂର୍ଣ୍ଣିତ ହେବା ବା କରାଇବା; ଦ୍ରୁତଗତିରେ ଚାଳିତ ହେବା; ଗାଡିପ୍ରଭୃତିରେ ଶୀଘ୍ର ଚାଲିଯିବା; (ମୁଣ୍ଡ) ଘୂରିବା; ଭ୍ରମିତ ହେବା; 2. ବି. ଘୂର୍ଣ୍ଣନ; ଆବର୍ତ୍ତନ, କାର୍ଯ୍ୟବ୍ୟସ୍ତ ଅବସ୍ଥା; ବିଶୃଙ୍ଖଳ ଅବସ୍ଥା (in a whirl) give it a whirl କ.ଭା. ଚେଷ୍ଟାକରିବା, ଉଦ୍ୟମ କରିବା।

**whirligig** ବି. ଘୂରୁଥିବା ଖେଳନା; ନାଗରଦୋଳ; ଚକ୍ରିଦୋଳ; ମେରିଗୋରାଉଣ୍ଡ; ରେଣ୍ଟିଦୋଳି।

**whirlpool** ବି. ଆବର୍ତ୍ତ, ଜଳଭଉଁରୀ, ଜଳାବର୍ତ୍ତ।

**whirlwind** ବି. ଝଣ୍ଡିଆକୃତ, ଘୂର୍ଣ୍ଣି, ଘୂର୍ଣ୍ଣିବାୟୁ।

**whirlybird** ବି. ସା.ପ୍ର. ହେଲିକପ୍ଟର।

**whirr** 1. ବି. ନିରବଚ୍ଛିନ୍ନ ତୀବ୍ର ଗୁଣୁଗୁଣୁ, ଟିକ୍‌ଟିକ୍ ବା ସୁସୁ ଶବ୍ଦ; 2. କ୍ରି. ଏହିପ୍ରକାର ଶବ୍ଦ କରିବା।

**whisk** 1. କ୍ରି. (away, off ସହ) ଘଷିହୋଇ ଚାଲିଯିବା; ଆଖିପିଛୁଳାକେ କାଢ଼ି ବାହାର କରିବା; ଝାଡ଼ିଦେବା, ଝାଡ଼ଣ ଦ୍ୱାରା ସଫାକରିବା; ଅଣ୍ଡାପ୍ରଭୃତି ଫେଣ୍ଟିବା; ଲଘୁ ପଦକ୍ଷେପରେ, କିନ୍ତୁ ଦ୍ରୁତଗତିରେ ଯିବା; ଏହି ଗତିରେ ପଠାଇବା; 2. ବି. ଅଣ୍ଡା ଫେଣ୍ଟିବା ପାତ୍ର; ଛାଞ୍ଚୁଣୀ, ବାଢ଼ୁନ, ଝାଡ଼ଣ; ଦ୍ରୁତଗତି ବା କାର୍ଯ୍ୟ।

**whisker** ବି. ସା. ବ.ବ. ରେ ନିଷ୍ଠ, ଦାଢ଼ି; ବିଶେ. ଗାଲମୁଛା ବା କଳି; ବିଂାଡ଼ି ବା ମୂଷାପ୍ରଭୃତିଙ୍କର ନିଷ; କ.ଭା. ଅଳ୍ପଦୂର (vithin a whisker off); ବିଂ. whiskered; whiskery.

**whiskey** ବି. ଦ୍ର. whisky.

**whisky** ବି. ବାର୍ଲି, ଯବ ପ୍ରଭୃତିରୁ ପ୍ରସ୍ତୁତ ସୁରାସାର ବା ମଦ; ହ୍ୱିସ୍କି।

**whisper** 1. କ୍ରି. ଚୁପ୍ ଚୁପ୍ ବା ଫୁସ୍‌ଫୁସ୍ କରି କହିବା; କାନରେ କହିବା; ନିମ୍ନସ୍ୱରରେ ବା ଗୋପନୀୟଭାବେ କହିବା; ଖସ୍‌ଖସ୍ ହେବ ସୁସୁ ହେବା; ମର୍ମର ଶବ୍ଦ ହେବା; 2. ବି. ଫୁସ୍‌ଫାସ୍; ମୃଦୁ ସ୍ୱର; ଗୋପନୀୟ କଥା; it is whispered ଲୋକୋପବାଦ ଯେ।

**whist** ବି. ଏକପ୍ରକାର ଚାରିଜଣିଆ (ଦୁଇଯୋଡି) ତାସ୍‌ଖେଳ।

**whist drive** ବି. ହ୍ୱିଷ୍ଟ (ତାସ)ଖେଳ ସହ ସାମାଜିକ ବନ୍ଧୁମିଳନ।

**whistle** 1. ବି. ସୁସୁରି, ହ୍ୱିସିଲ୍, ସିଟି, ଏହାର ଶବ୍ଦ; ପକ୍ଷୀ, ପବନ, କ୍ଷେପଣାସ୍ତ୍ର ପ୍ରଭୃତି କରୁଥିବା ସାଏଁ ସାଏଁ ଶବ୍ଦ; ଏଭଳି ସ୍ୱର ସୃଷ୍ଟି କରୁଥିବା ଯନ୍ତ୍ର; 2. କ୍ରି. ସୁସୁରି ବା ସିଟି ମାରିବା; ସିଟି ମାରି ଡାକିବା; ସୁସୁରିରେ ଗୀତର ସ୍ୱର ବାହାର କରିବା; whistle for କ.ଭା. ବୃଥା ଖୋଜିବା ବା କାମନା କରିବା।

**whistle–stop** ବି. *ଆମେ.* ରେଳପଥ ନିକଟବର୍ତ୍ତୀ କ୍ଷୁଦ୍ରସହର; ନିର୍ବାଚନପ୍ରଚାର କାଳରେ ରାଜନୀତିଜ୍ଞ ଜନତା ଅଳ୍ପସମୟ ପାଇଁ କୌଣସି ସ୍ଥାନରେ ରହିବା।

**Whit** ବି. ଖ୍ରୀ. ହ୍ୱିଟ୍ ରବିବାର (Whit Sunday) ବା ହ୍ୱିଟ୍ ସନ୍‌ଟାଇଡ୍ (Whitsuntide) ଇଷ୍ଟର ପରବର୍ତ୍ତୀ ସପ୍ତମ ରବିବାର।

**whit** ବି. ଅଣୁମାତ୍ର; ଟିକିଏ, ସାମାନ୍ୟତମ ପରିମାଣ, କଣାଏ (not a whit better).

**white** 1. ବିଂ. ଧଳା, ଶ୍ୱେତ, ଶୁଭ୍ର, ଧୋବଳା; ତୁଷାରବର୍ଣ୍ଣ, ଶେଥା; ଫିକା, ନିଷ୍କଳଙ୍କ; White ଗୋରା, ଶ୍ୱେତାଙ୍ଗ; (ବାଳ ସମ୍ପର୍କରେ) ପ୍ରାକୃତିକ ରଙ୍ଗ ହରାଇ ପାଚିଯାଇଥିବା; ଦୁଧ ବା କ୍ରିମ୍‌ଯୁକ୍ତ (କଫି); 2. ବି. ଧଳାରଙ୍ଗ, ଧଳାଲୁଗା ବା ବସ୍ତ୍ର; ଅଣ୍ଡାର ଧଳା ଅଂଶ; ଆଖିଗୋଲକର ଶ୍ୱେତାଂଶ; White ଗୋରା, ଶ୍ୱେତାଙ୍ଗ ବ୍ୟକ୍ତି; ବ.ବରେ କ୍ରିକେଟ ଖେଳାଳିମାନଙ୍କ ଧଳା ପରିଧାନ; bleed white ଟଙ୍କାର ସ୍ରୋତ ଛୁଟିବା; ବିଂ. whitish; ବି. whiteness.

**white ant** ବି. ଉଈ।

**whitebait** ବି. ସା. ବ.ବରେ କ୍ଷୁଦ୍ର ଧଳାରଙ୍ଗର ଖାଦ୍ୟୋପଯୋଗୀ ଲୁଣିମାଛ ବିଶେଷ।

**white cell** ବି. ଶ୍ୱେତ ରକ୍ତକଣିକା, ଲ୍ୟୁକୋସାଇଟ୍।

**white–collar** *ଗୁଣ.* ବିଂ. ଶାରୀରିକ ପରିଶ୍ରମହୀନ (କାର୍ଯ୍ୟ, କର୍ମଚାରୀ); ପେଶାଦାର ବ୍ୟକ୍ତି ବା କଲମଚାଷୀ।

**white corpuscle** ବି. white cell.

**white elephant** ବି. ଧଳା–ହାତୀ; ଅଦରକାରୀ କିନ୍ତୁ ଖର୍ଚ୍ଚସାପେକ୍ଷ ସଂପତ୍ତି।

Digitized by srujanika@gmail.com

**white feather** ବି. ଭୀରୁତାର ପ୍ରତୀକ।

**white flag** ବି. ଧଳାପତାକା, ଆତ୍ମସମର୍ପଣର ପ୍ରତୀକ।

**White Friar** ବି. *ଖ୍ରୀ.* କାର୍ମେଲାଇଟ୍; ଆୱାର୍ ଲେଡି ଅଫ୍ କାର୍‌ମେଲ୍ (Our Lady of Carmel) ନାମକ ଖ୍ରୀଷ୍ଟୀୟ ଧର୍ମଗୋଷ୍ଠୀର ଫ୍ରାଏର୍ ବା ନନ୍(ସନ୍ନ୍ୟାସୀ ବା ସନ୍ନ୍ୟାସିନୀ)।

**white goods** ବି. ବ.ବ. ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ବୃହତ୍‌କାୟ ବୈଦ୍ୟୁତିକ ଉପକରଣ।

**whitehead** ବି. ଧଳାରଙ୍ଗର ଭାତୁଡି ବା ଚମ୍‌କୁଳ।

**white–headed boy** ବି. ଅତ୍ୟନ୍ତ ପ୍ରିୟ ବ୍ୟକ୍ତି।

**white heat** ବି. ଯେଉଁ ପରିମାଣର ଉତ୍ତାପରେ ଧାତୁରୁ ଧଳା ଆଲୋକ ବାହାରେ; ତୀବ୍ର ଉତ୍ତେଜନା ବା କର୍ମବ୍ୟସ୍ତତାର ସମୟ ବା ସ୍ଥିତି; ବିଂ. white-hot.

**white hope** ବି. ଯେଉଁ ବ୍ୟକ୍ତିଠାରୁ ଅନେକକିଛି ଆଶା କରାଯାଏ।

**white horses** ବି. ବ.ବ. (ଶୁଭ୍ରରଙ୍ଗର) ସମୁଦ୍ରର ଢେଉ।

**white lead** ବି. ରଞ୍ଜକ ବା ରଙ୍ଗଭାବେ ବ୍ୟବହୃତ ଲିଡ୍ କାର୍ବୋନେଟ୍ ଏବଂ ହାଇଡ୍ରେଟେଡ୍ ଲିଡ୍ ଅକ୍‌ସାଇଡ୍‌ର ମିଶ୍ରଣ।

**white lie** ବି. ବିଶେଷ କ୍ଷତିକାରକ ହୋଇ ନ ଥିବା ମିଛ; ଛୋଟକାଟିଆ ମିଛକଥା।

**white light** ବି. ବର୍ଣ୍ଣହୀନ ଆଲୋକ (ଯଥା, ଦିବାଲୋକ)।

**white magic** ବି. ଧଳାଯାଦୁ; ମଙ୍ଗଳକର କାର୍ଯ୍ୟରେ ବ୍ୟବହୃତ ଯାଦୁମନ୍ତ୍ର।

**white matter** ବି. ମେରୁଦଣ୍ଡ ଏବଂ ମସ୍ତିଷ୍କର ତନ୍ତୁଳ ଅଂଶ, ଦହି।

**white meat** ବି. କୁକୁଡା, ଠେକୁଆ, ଘୁଷୁରି ଏବଂ ବାଛୁରୀ ମାଂସ।

**whiten** କ୍ରି. ଧଳା କରିଦେବା ବା ହେବା; ବି. whitener.

**white noise** ବି. ସମାନ ଶକ୍ତିବିଶିଷ୍ଟ ବିଭିନ୍ନ ଫ୍ରିକ୍ୱେନ୍‌ସି।

**white–out** ବି. ଭୟଙ୍କର ବରଫ ଝଡ ( ବିଶେ. ମେରୁ ଅଞ୍ଚଳରେ)।

**White Paper** ବି. ଶ୍ୱେତପତ୍ର, କୌଣସି ବିଷୟରେ ସବିଶେଷ ତଥ୍ୟ ବା ବକ୍ତବ୍ୟ ସଂକଳିତ ସରକାରୀ ରିପୋର୍ଟ୍।

**white pepper** ବି. ପାଚିଲା ବା ଶୁଖିଲା ବେରି (କୋଳି)ର ଖାଦ୍ୟୋପଯୋଗୀ ଗୁଣ୍ଡ।

**White Russian** ବି. ରୁଷିଆର ପଶ୍ଚିମାଞ୍ଚଳର ଅଧିବାସୀ, ବ୍ୟେଲୋରସିଆନ୍ (Byelo-russian).

**white sauce** ବି. ଅଟା, ତରଳ ଲହୁଣୀ ଏବଂ କ୍ଷୀର ବା ସରର ମିଶ୍ରଣରୁ ପ୍ରସ୍ତୁତ ସସ୍।

**White slave** ବି. ଠକାମି ଦ୍ୱାରା ବା ବଳପୂର୍ବକ ବେଶ୍ୟାବୃତ୍ତି ଗ୍ରହଣ କରିଥିବା ନାରୀ।

**white spirit** ବି. ଦ୍ରାବକଭାବରେ ବ୍ୟବହୃତ ହାଲୁକା ପେଟ୍ରୋଲିୟମ୍।

**white sugar** ବି. ବିଶୋଧିତ ଚିନି।

**white tie** ବି. ପୁରୁଷର ଔପଚାରିକ ସଂପୂର୍ଣ୍ଣ ସାଂଧ୍ୟ ପୋଷାକର ଅଂଶବିଶେଷ ଧଳାରଙ୍ଗର ବୋ–ଟାଇ।

**whitewash** 1. ବି. ଚୂନଧଉଳା; ସଫେଦି; ଦୋଷଦୁର୍ବଳତା ଘୋଡ଼ାଇବା ପାଇଁ ଉପାୟ; 2. *କ୍ରି.* ଚୂନ ଧଉଳାଇବା; ଦୋଷଦୁର୍ବଳତା ଘୋଡାଇଦେବା ପାଇଁ ଉଦ୍ୟମ କରିବା; ତଥ୍ୟପ୍ରମାଣପ୍ରଭୃତି ଲୁଚାଇ (ବ୍ୟକ୍ତି ପ୍ରଭୃତିର) ସମ୍ମାନରକ୍ଷା କରିବାପାଇଁ ଚେଷ୍ଟା କରିବା।

**white wedding** ବି. ଯେଉଁ ବିବାହ ଉତ୍ସବରେ ନବବଧୂ ଔପଚାରିକ ଧଳା ପରିଧାନ ପିନ୍ଧିଥାଏ।

**white whale** ବି. ବୟଃପ୍ରାପ୍ତିପରେ ଧଳାରଙ୍ଗ ଧାରଣ କରୁଥିବା ଉତ୍ତରସାଗରୀୟ ସ୍ତନ୍ୟପାୟୀ ପ୍ରାଣୀ ବିଶେଷ; ଧଳା ତିମି।

**whitewood** ବି. ହାଲୁକା ବା ଶେଥାରଙ୍ଗର କାଠ ବିଶେଷ।

**whither** *ପ୍ରା.ପ୍ର.* 1. *କ୍ରି.ବିଂ.* କେଉଁଠାକୁ; କେଉଁସ୍ଥାନ ବା ଅବସ୍ଥାକୁ; 2. *ସଂଯୋ.* ସେହିସ୍ଥାନକୁ, ଯେକୌଣସି ସ୍ଥାନକୁ (go whither you will).

**whiting**[1] ବି. ଧଳାମାଂସବିଶିଷ୍ଟ ଖାଦ୍ୟୋପ–ଯୋଗୀ ଛୋଟ ମାଛ ବିଶେଷ।

**whiting**[2] ବି. ଚୂନ ଧଉଳିବାପାଇଁ ବ୍ୟବହୃତ ଧଳା ଫୁଲଖଡି ଗୁଣ୍ଡ।

**whitlow** ବି. କଣନଖା।

**Whitsun** ବି. =Whitsuntide.

**Whit Sunday** ବି. *ଖ୍ରୀ.* ପେଣ୍ଟିକଷ୍ଟ୍ ସ୍ମୃତିସୂଚକ ଇଷ୍ଟର୍ ପରବର୍ତ୍ତୀ ସପ୍ତମ ରବିବାର।

Digitized by srujanika@gmail.com

**Whitsuntide** ବି. *ଖ୍ରୀ.* ଇଷ୍ଟର ପର୍ବର ପରବର୍ତ୍ତୀ ସପ୍ତମ ସପ୍ତାହର ଶନିବାର ଓ ରବିବାର ବା ରବିବାର।

**whittle** ବି. ଛୁରୀଦ୍ୱାରା କାଟିବା, ଚାଂଛିବା, ଛେଲିବା ବା ଖୋଦନ କରିବା; ବାରମ୍ବାର ବିଯୋଗ କରି କ୍ଷୁଦ୍ରତର କରିଦେବା।

**whiz** 1. ବି. ସୁ'ସୁ' ଶବ୍ଦ; ତୀବ୍ରଗତିରେ ଯାଉଥିବା ବସ୍ତୁ ସୃଷ୍ଟି କରୁଥିବା ଶବ୍ଦ; 2. *କ୍ରି.* ସୁ'ସୁ' ଶବ୍ଦ କରି ଯିବା।

**whiz–kid** ବି. *କ.ଭା.* ପ୍ରତିଭାବାନ୍ ବା ଅତିମାତ୍ରାରେ ସଫଳତାପ୍ରାପ୍ତ ଯୁବକ ବା ଯୁବତୀ।

**WHO** *ସଂଶ.* World Health Organization ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ।

**who** *ସ.* କିଏ; କେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ; କିଭଳି ଲୋକ; ସେହି (ବ୍ୟକ୍ତି), ଯେ କେହି (any one who wishes may stay); ଯେଉଁ (the girl who you saw); ଏବଂ ସେଇ; କିନ୍ତୁ ସେଇ ବା ସେମାନେ (gave it to Ms Panda, who sold it to Rajesh).

**whoa** *ଅବ୍ୟ.* ଘୋଡାପ୍ରଭୃତିକୁ ରୋକିବା ନିମନ୍ତେ ବ୍ୟବହୃତ ଶବ୍ଦ; ହ' ହ' କରିବା।

**who'd** *ସଂଶ.* who had, who would.

**whodunit** ବି. *କ.ଭା.* ଅପରାଧମୂଳକ ବା ରହସ୍ୟଧର୍ମୀ ଗଳ୍ପ, ନାଟକ, ଚଳଚ୍ଚିତ୍ର ପ୍ରଭୃତି।

**whoever** *ସ.* ଯେ କେହି, ଯେକୌଣସି ବ୍ୟକ୍ତି; ଯେକୌଣସି ବ୍ୟକ୍ତିକୁ; ଯଦି ବା କେହି (whoever comes is welcome); କେହି ମଧ (whoever else goes, I do not).

**whole** 1. *ବିଂ.* ସମଗ୍ର, ସମୁଦାୟ, ସମସ୍ତ; ପୂରା, ଗୋଟାସୁଦ୍ଧା, ଅବିଭକ୍ତ, ନିଖୁଣ; କୌଣସି ଅଂଶ ବାହାର କରା ନ ଯାଇ (whole blood, whole milk); 2. ବି. ସ୍ୱୟଂସମ୍ପୂର୍ଣ୍ଣ ବସ୍ତୁ, ସମସ୍ତ ବ୍ୟକ୍ତି ପ୍ରଭୃତି; as a whole ଏକାଠି, ସମଗ୍ରଭାବରେ; on the whole ମୋଟ ଉପରେ, ସବୁକଥା ବିଚାର କଲେ, whole food କୃତ୍ରିମ ଉପାୟରେ ପ୍ରସ୍ତୁତ ହୋଇ ନ ଥିବା ଖାଦ୍ୟ, whole lot *କ.ଭା.* ସମସ୍ତ; ବହୁପରିମାଣ।

**wholefood** ବି. ଅନାବଶ୍ୟକଭାବେ ବିଶୋଧିତ ବା ପ୍ରକ୍ରିୟାକୃତ ହୋଇ ନ ଥିବା ଖାଦ୍ୟ।

**wholegrain** *ଗୁଣ.* ବିଂ. ସଂପୂର୍ଣ୍ଣ ଦାନାରେ ପ୍ରସ୍ତୁତ; ଅକ୍ଷତ ବା ଅରୁଆ (wholegrain rice).

**wholehearted** ବିଂ. ପୂର୍ଣ୍ଣପ୍ରାଣରେ; ସଂପୂର୍ଣ୍ଣ ଉତ୍ସର୍ଗିତ; ସମସ୍ତ ନିଷ୍ଠା ଓ ସଦୁଦ୍ୟମ ସହ କୃତ; *କ୍ରି.ବିଂ.* wholeheartedly.

**wholemeal** ବି. ସଂପୂର୍ଣ୍ଣ ବୀଜଯୁକ୍ତ, ଅକ୍ଷତ ଶସ୍ୟରୁ ପ୍ରସ୍ତୁତ (ଚାଉଳ, ଅଟା, ବେସନ ପ୍ରଭୃତି) ଖାଦ୍ୟ।

**whole number** ବି. ପୂର୍ଣ୍ଣ ସଂଖ୍ୟା (ଭଗ୍ନାଂଶ ନୁହେଁ)।

**wholesale** 1. ବି. ପାଇକାରୀ ବା ଥୋକ ବିକ୍ରୀ; ମୋଟ ବିକ୍ରୀ; ମୋଟା ବେପାର; 2. ବିଂ., *କ୍ରି.ବିଂ.* ପାଇକାରୀ, ଥୋକ, ମୋଟା, ବହୁପରିମାଣ, ମୋଟଦରରେ; ବ୍ୟାପକ; 3. *କ୍ରି.* ଥୋକ ବା ପାଇକାରୀରେ ବିକ୍ରୀ କରିବା (wholesaling); ବି. wholesaler.

**wholesome** ବିଂ. ସ୍ୱାସ୍ଥ୍ୟକର; ମାନସିକ, ଶାରୀରିକ ବା ନୈତିକ ସ୍ୱାସ୍ଥ୍ୟପ୍ରତି ଅନୁକୂଳ; ହିତକର; ବିଜ୍ଞ ଓ ଦୂରଦର୍ଶୀ (wholesome respect).

**wholewheat** ବି. ଅକ୍ଷତ ବା ଅକାଣ୍ଡିଆ ଗହମବୀଜ।

**wholism** ବି. =holism.

**wholly** *କ୍ରି.ବିଂ.* ସମ୍ପୂର୍ଣ୍ଣରୂପେ; ସମ୍ପୂର୍ଣ୍ଣଭାବେ; ସମ୍ୟକ୍‌ରୂପେ, ପୂରାପୂରି।

**whom** *ସ.* କାହାକୁ।

**whomever** *ସ.* ଯେ କେହି, ଯେ ମଧ, ଯେ କେହି ହେଉ।

**whomsoever** *ସ.* ଯାହା ବା ଯେ ହେଉ ବା ହେଲେ ମଧ।

**whoop** 1. ବି. ଉତ୍ତେଜିତ ଚିତ୍କାର ଧ୍ୱନି; ହୋହୋ ଶବ୍ଦ; ଲଟା—କାଶର ଶବ୍ଦ; 2. *କ୍ରି.* ଧଇଁ ଉଠିବା, ସଁ ସଁ ହୋଇ କାଶିବା; whoop it up *କ.ଭା.* ଆମୋଦ ପ୍ରମୋଦରେ ମାତିବା; *ଆମେ.* ହଇଚଇ କରିବା, ହୋ'ହଲ୍ଲା କରିବା।

**whoopee** *ଅବ୍ୟ.* ବିପୁଳ ଆନନ୍ଦ ପ୍ରକାଶ ସୂଚକ ଉଚ୍ଚାରଣ; make whoopee *କ.ଭା.* ଆମୋଦପ୍ରମୋଦରେ ମଉଜେବା, ମଉଜ କରିବା।

**whooping cough** ବି. ପିଲାମାନଙ୍କର ଲଟାକାଶ।

Digitized by srujanika@gmail.com

**whoops** *ଅବ.* ଭାରସାମ୍ୟ ହରାଇବା ବା ସାଧାରଣ ଭୁଲ୍ କରିବା ସଙ୍ଗେସଙ୍ଗେ ଆପେ ଉଚ୍ଚାରିତ ଧ୍ୱନି; ଉପ୍, ଓପ୍ ଭଳି ଧ୍ୱନି।

**whop** *କ୍ରି. ସା.ପ୍ର.* ବାଡେଇବା; ପରାସ୍ତ କରିବା, ହରାଇବା।

**whopper** *ବି. ସା.ପ୍ର.* ବଡଟିଏ (ବସ୍ତୁ); କୌଣସି ବସ୍ତୁପ୍ରଭୃତିର ଏକ ଅପେକ୍ଷାକୃତ ବୃହଦାକାର ନମୁନା; ବଡ ମିଛ, ଡାହାମିଛ।

**whopping** *ବିଂ. କ.ଭା.* ଅତ୍ୟନ୍ତ ବୃହତ୍; ଖୁବ୍ ବଡ଼ (a whopping great lie, a whopping victory).

**whore** ବି. ବେଶ୍ୟା; *ଅବ.* ଯୌନଉଚ୍ଛୃଙ୍ଖଳ ନାରୀ।

**whore–house** ବି. ବେଶ୍ୟାଳୟ।

**whorl** ବି. କାଣ୍ଡ ଚତୁର୍ଦ୍ଦିଗସ୍ଥ ଚକ୍ରାକାର ପତ୍ର ବା ଫୁଲ; ଗୋଟିଏ ଆବର୍ତ୍ତନ; କୁଣ୍ଡଳାକୃତି ବସ୍ତୁର ଗୋଟିଏ କୁଣ୍ଡଳୀ।

**whortleberry** ବି. ବିଲ୍‌ବେରି (ଏକଜାତୀୟ କୋଳି)।

**whose** 1. *ସ.*କାହାର; କେଉଁମାନଙ୍କର (whose is this toy); ଯାହାର, ଯେଉଁଲୋକର ବା ଲୋକମାନଙ୍କର (the girl, whose name is Barsha); 2. ବିଂ. କାହାର, କେଉଁ ବ୍ୟକ୍ତିର, କେଉଁ ଲୋକମାନଙ୍କର (whose toy is this).

**whosoever** *ସ.*ଯେକୌଣସି ବ୍ୟକ୍ତି, ଯେ କେହି।

**who's who** ବି. କିଏ କଣ, କେଉଁ ବ୍ୟକ୍ତି କ'ଣ (know who's who); ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂପର୍କରେ ତଥ୍ୟ ସଂକଳିତ ତାଲିକା ବା ପୁସ୍ତିକା (A who's who of Indian writers).

**why** 1. *କ୍ରି.ବିଂ.* କାହିଁକି; କେଉଁ କାରଣରୁ; କେଉଥି ପାଇଁ; 2. *ଅବ.* ଆଶ୍ଚର୍ଯ୍ୟ, ଅଧୈର୍ଯ୍ୟ, ଚିନ୍ତନ, ଆପତ୍ତି ପ୍ରଭୃତି ପ୍ରକାଶ କରିବାପାଇଁ କଥିତ (why, it's my kid brother; why, of course I'm going away; why, yes, maybe you're right; why, what's wrong with this pen); whys and wherefores କାରଣସମୂହ; କୈଫିୟତ।

**WI** *ସଂଶ.* West Indies ୱେଷ୍ଟ ଇଣ୍ଡିଜ୍; Women's Institute ମହିଳା ଅନୁଷ୍ଠାନ।

**wick** ବି. ସଳିତା, ବତିର ଫିତା, ବଳିତା; get on a person's wick *କ.ଭା.* (ବ୍ୟକ୍ତିକୁ) ବିରକ୍ତ ବା ହଇରାଣହରକତ କରିବା।

**wicked** ବିଂ. ଦୁଷ୍ଟ, ପାପିଷ୍ଠ, ଅଧାର୍ମିକ, ଚରିତ୍ରହୀନ; ମନ୍ଦ, ଗର୍ହିତ; ଅନୈତିକ; *କଭା.* ଅତ୍ୟନ୍ତ ଖରାପ; *ସା.ପ୍ର.* ଚମତ୍କାର; *କ୍ରି.ବିଂ.* wickedly; ବି. wickedness.

**wicker** ବି. ବେତ, ବାଉଁଶପାତିଆ ପ୍ରଭୃତି; ଏଥିରେ ତିଆରି ଟୋକେଇ, ବାଉଁଶିଆ, ଚୌକି ପ୍ରଭୃତି।

**wicker work** ବି. ବେତ, ପାତିଆ ପ୍ରଭୃତି; ଏହି ଉପକରଣରେ ପ୍ରସ୍ତୁତ ଟୋକେଇ, ବାଉଁଶିଆ ପ୍ରଭୃତି।

**wicket** ବି. କ୍ରିକେଟ୍‌ବେଟ୍‌ଧାରୀ ବା ବେଟ୍‌ସ୍‌ମେନ୍ ରକ୍ଷା କରୁଥିବା ବେଲ୍‌ସହ ତିନିଟି ଖୁଣ୍ଟି; ଏଭଳି ଦୁଇପାଖର ଦୁଇଟି ୱିକେଟ୍; ଦୁଇଟି ୱିକେଟ୍ ମଧ୍ୟସ୍ଥ ଦୂରତ୍ୱ; ବେଟ୍‌ସ୍‌ମେନ୍ ଆଉଟ୍ ହେବାର ସ୍ଥିତି (Debashish took two wickets); wicketdoor, wicket–gate ବଡ଼ ଦ୍ୱାର ତଳେ ବା ପାର୍ଶ୍ୱରେ ଥିବା ଛୋଟ ଦ୍ୱାର।

**wicket–keeper** ବି. କ୍ରିକେଟୱିକେଟ୍ ପଛରେ ଥାଇ କ୍ଷେତ୍ରରକ୍ଷଣ କରୁଥିବା ଖେଳାଳି; ୱିକେଟ୍‌–କିପର୍; ୱିକେଟ–ରକ୍ଷକ।

**widdershins** *କ୍ରି.ବିଂ.* (withershins ମଧ୍ୟ) *ବିଶେ.* ସ୍କଟ ସୂର୍ଯ୍ୟଙ୍କ ଗତିପଥର ବିପରୀତ ଦିଗରେ (ଅଶୁଭ ମନେ କରାଯାଇଥାଏ); ଘଣ୍ଟାକଣ୍ଟାର ବିପରୀତ ଦିଗରେ।

**wide** 1. ବିଂ. ଓସାରିଆ; ପ୍ରଶସ୍ତ, ଚଉଡା, ଓସାର; ବିସ୍ତୀର୍ଣ୍ଣ; ବିଶାଳ, ଉଦାର (wide minded); ବ୍ୟାପକ (wide margin); ଖୋଲା; 2. *କ୍ରି.ବିଂ.* ଯଥେଷ୍ଟ ଦୂରଛଡ଼ାଭାବେ, ବ୍ୟାପକଭାବରେ; ପୂର୍ଣ୍ଣ ପରିମାଣରେ; 3. ବି. ଖୋଲା ସ୍ଥାନ; କ୍ରିକେଟ =wide ball; to the wide ସମ୍ପୂର୍ଣ୍ଣ ଭାବରେ; wide awake ପୂର୍ଣ୍ଣଜାଗ୍ରତ; wide of the mark ତ୍ରୁଟିପୂର୍ଣ୍ଣ, ଅବାସ୍ତବ, ବାଜେ; the wide world ବିସ୍ତୀର୍ଣ୍ଣ ପୃଥିବୀରେ, ବିରାଟ କ୍ଷେତ୍ରରେ।

**wide awake** ବିଂ. ସଂପୂର୍ଣ୍ଣ ସଚେତ; *କଭା.* ସତର୍କ, ସଚେତନ।

**wide ball** ବି. କ୍ରିକେଟ୍ ବେଟ୍‌ସ୍‌ମେନ୍‌ର ଅପହଞ୍ଚ ବଲ୍ (ଯେଉଁଥି ପାଇଁ ଗୋଟିଏ ରନ୍ ଏବଂ ଗୋଟିଏ ଅଧିକ ବଲ୍ ଖେଳିବାପାଇଁ ମିଳିଥାଏ)।

Digitized by srujanika@gmail.com

**wide–eyed** ବିଂ. ବିସ୍ତାରିତ–ଚକ୍ଷୁ; ବିସ୍ମୟାଭିଭୂତ; ନିର୍ବୋଧସୁଲଭ।

**widely** କ୍ରି.ବିଂ. ବିସ୍ତୃତଭାବରେ; ବହୁଦୂର ଛଡାଛଡି ହୋଇଥିବା; ବ୍ୟାପକ ଭାବରେ; ବହୁ ଲୋକଙ୍କ–ଦ୍ୱାରା (it is widely believed that); ଅନେକ ପରିମାଣରେ; ବହୁ ପରିମାଣରେ (holds a widely different view).

**widen** କ୍ରି. ପ୍ରଶସ୍ତ କରିବା ବା ହେବା; ଓସାରିଆ କରିବା।

**widespread** ବିଂ. ଚତୁର୍ଦ୍ଦିଗରେ ପ୍ରଚାରିତ ବା ବିସ୍ତୃତ, ବହୁଦୂର ବ୍ୟାପ୍ତ।

**widgeon** ବି. (wigeon ମଧ୍ୟ) ଏକପ୍ରକାର ବଣୁଆ ବତକ, ବନହଂସୀ ବିଶେଷ।

**widow** 1. ବି. ବିଧବା; ବହୁସମୟ ପାଇଁ କାର୍ଯ୍ୟବଶତଃ ବାହାରକୁ ଚାଲିଯାଉଥିବା ବ୍ୟକ୍ତିର ପତ୍ନୀ (a golf widow); 2. କ୍ରି. ବିଧବା ବା ବିପତ୍ନୀକ ହେବା; widowed ବିଂ. ପତ୍ନୀ ବା ପତିର ମୃତ୍ୟୁଯୋଗୁଁ ବିଧୁର; ବି. widowhood.

**widower** ବି. ବିପତ୍ନୀକ; ସ୍ତ୍ରୀର ମୃତ୍ୟୁପରେ ଯେଉଁ ପୁରୁଷ ପୁନର୍ବିବାହ କରି ନ ଥାଏ।

**widow's peak** ବି. କପାଳର ମଧ୍ୟସ୍ଥଳ ଆଡ଼କୁ V ଆକାରରେ ଉଠିଥିବା କେଶ।

**width** ବି. ପ୍ରଶସ୍ତତା, ଓସାର, ବିସ୍ତାର; ମୁକ୍ତ ବିଚାରଧାରା; ବହୁ ପରିମାଣ; କ୍ରି.ବିଂ. widthways.

**wield** କ୍ରି. ଚାଳନା କରିବା; ନିୟନ୍ତ୍ରଣ କରିବା, ଆଦେଶ ଦେବା; ହାତରେ ଧରି ବ୍ୟବହାର କରିବା; କର୍ତ୍ତୃତ୍ୱ ପ୍ରୟୋଗ କରିବା।

**Wiener schnitzel** ବି. ପାଉରୁଟିଯୁକ୍ତ ଭିଲ୍ କଟ୍‌ଲେଟ୍ ଭଜା।

**wife** ବି. ବ.ବ. wives ସ୍ତ୍ରୀ, ପତ୍ନୀ; *ପ୍ରା.ପ୍ର.* ନାରୀ; ବିଂ. wifely.

**wig**[1] ବି. ପରଚୂଳ, କୃତ୍ରିମକେଶ, ଉ୍ୱିଗ୍।

**wig**[2] କ୍ରି. *କ.ଭା.* ତୀବ୍ର ଭର୍ତ୍ସନା କରିବା (a wigging).

**wigeon** ବି. ବିକ. widgeon.

**wigging** ବି.ଦ୍ର. wig[2].

**wiggle** *କ.ଭା.* 1. କ୍ରି. ଏପାଖସେପାଖ ହେବା ବା କରିବା; 2. ବି. ଏଭଳି ଦୋଳନ; ବିଂ. wiggly.

**wight** ବି. *ପ୍ରାପ୍ର.* ବ୍ୟକ୍ତି; ଲୋକ।

**wigwam** ବି. ଉତ୍ତର ଆମେରିକାର ଲୋହିତ ଭାରତୀୟମାନଙ୍କର କୁଟୀର ବା ତମ୍ବୁ।

**wilco** *ଅବ.* *କ.ଭା.* ରାଜିହେବା ବା ସମର୍ଥନ କରିବା ସୂଚକ ଅବନିର୍କ୍ଷେପ (will complyର *ସଂଣ.*)।

**wild** 1. ବିଂ. ମୂଳ, ପ୍ରାକୃତିକ ଅବସ୍ଥାରେ ସ୍ଥିତ (ପୋଷା, ଚାଷ କରାଯାଇଥିବା ବା ସଭ୍ୟନୁହେଁ); ବନ୍ୟ, ଅଯତ୍ନବର୍ଦ୍ଧିତ; ଅଂସଯତ; ଅବିନ୍ୟସ୍ତ; ଅନିୟନ୍ତ୍ରିତ; ଅତ୍ୟନ୍ତ ବ୍ୟଗ୍ର ବା ଉତ୍ସୁକ; *କ.ଭା.* ଉତ୍ସାହ ସହକାରେ, ଉର୍ଣ୍ଣଗୀକୃତ; *କଭା.* କ୍ରୁଦ୍ଧ, ଅଧାପଚରିଆ; ଭ୍ରାନ୍ତ—ଲକ୍ଷ୍ୟ; ହୁଂକାପିଟା (wild venture); *କ.ଭା.* ଆନନ୍ଦପୂର୍ଣ୍ଣ; ଉତ୍ତେଜନାପୂର୍ଣ୍ଣ; 2. କ୍ରି.ବିଂ. ବନ୍ୟଭାବରେ, ଅଭଦ୍ରଭାବରେ; ପାଗଳ ଭାବରେ; ବ୍ୟଗ୍ରତାର ସହ; 3. ବି. ମରୁଭୂମି; ବଣୁଆ ବା ଅବ୍ୟବହୃତ ଜମି; in the wild ଚାଷ କରାଯାଇ ନ ଥିବା; in the wilds *କ.ଭା.* ସହର ପ୍ରଭୃତିଠାରୁ ବହୁଦୂରରେ; run wild ଅନିୟନ୍ତ୍ରିତ, ଅସଭ୍ୟ ଭାବରେ ବଢ଼ିବା; sow one's wild oats ବୟସ୍କ ହେବାପୂର୍ବରୁ ନାନା ଯୁବସୁଲଭ ଚପଳତାରେ ମାତିବା; wild about ଆଗ୍ରହୀ ବା ଉତ୍ସାହପୂର୍ଣ୍ଣ ଭାବରେ ଲାଗିବା; କ୍ରି.ବିଂ. wildly; ବି. wildness.

**wild card** ବି. ଖେଳାଳିର ଇଚ୍ଛାନୁସାରେ ନାମିତ ଯେକୌଣସି ତାସ; କଂପ୍ୟୁଟରେ ଅନ୍ୟ ଯେକୌଣସି ଅକ୍ଷରପ୍ରଭୃତି ସାଙ୍ଗରେ ମେଳ ଖାଇଯାଉଥିବା ଅକ୍ଷରପ୍ରଭୃତି; ବିଭିନ୍ନ କାର୍ଯ୍ୟରେ ଉପଯୋଗୀ ବ୍ୟକ୍ତି ବା ବସ୍ତୁ।

**wildcat** 1. ବି. ବଣଭୁଆ, କଟାଶ; ବଣବିରାଡ଼ି; ଅତ୍ୟନ୍ତ ରାଗୀ ବା ବଦ୍‌ମିଜାଜୀ ଲୋକ; ପରୀକ୍ଷା—ସାପେକ୍ଷ ତୈଳକୂପ; 2. ବିଂ. ଆର୍ଥିକ ଦୃଷ୍ଟିରୁ ଦୁର୍ବଳ; ବିଚାରହୀନ; ହଠାତ୍ କରାଯାଇଥିବା ତଥା ଔପଚାରିକ ଅନୁମତିବିହୀନ (ଧର୍ମଘଟ)।

**wildebeest** ବି.ନୁ, ବୃହଦ୍‌କାୟ ହରିଣ ବିଶେଷ।

**wilderness** ବି. ଅକର୍ଷିତ ଅଞ୍ଚଳ, ପରିତ୍ୟକ୍ତ ଉଦ୍ୟାନ; (of ସହ) ବିଶୃଙ୍ଖଳ ଜନସମାବେଶ; ମରୁଭୂମି, ଜନମାନବଶୂନ୍ୟ ଅଞ୍ଚଳ; voice in the wilderness ଯେଉଁ ସଂସ୍କାରବାଦୀର କଥା ବା କାର୍ଯ୍ୟକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ।

Digitized by srujanika@gmail.com

**wildfire** ବି. *ଇତି.* ଯୁଦ୍ଧ ପ୍ରଭୃତିରେ ବ୍ୟବହୃତ ତରଳଦାହ୍ୟ ପଦାର୍ଥ ବିଶେଷ; ଦାବାଗ୍ନି; spread like wild fire ଅତିଶୀଘ୍ର ପ୍ରଚାରିତ ହେବା, ବ୍ୟାପିଯିବା (ଗୁଜବ୍ ପ୍ରଭୃତି)।

**wildfowl** ବି. ବ.ବ. ଏବ. ଓ ବ.ବ. ବଣକୁକୁଡା ପ୍ରଭୃତି (ଶିକାର କରି ଖାଇବାଯୋଗ୍ୟ) ବନ୍ୟପକ୍ଷୀ।

**wild–goose chase** ବି. ନିର୍ବୋଧ ବା ଅର୍ଥହୀନ ଉଦ୍ୟମ; ମରୀଚିକା ପଛରେ ଧାଇଁବା।

**wild hyacinth** ବି. ବ୍ଲୁ ବେଲ୍ ଫୁଲ ବା ଗଛ।

**wildlife** ବି. ସାମୂହିକ ଭାବରେ ବନ୍ୟ ଜୀବଜନ୍ତୁ; ବନ୍ୟପ୍ରାଣୀ।

**Wild West** ବି. ଆଇନ ଶୃଙ୍ଖଳା ପ୍ରତିଷ୍ଠିତ ହେବା ପୂର୍ବ ସମୟର ପଶ୍ଚିମ ଆମେରିକା।

**wile** 1. ବି. *ସା.* ବ.ବ.ରେ ଛଳ, ଚାତୁରୀ, ଛଳନା, କୌଶଳ; 2. *କ୍ରି.* ଫୁସୁଲାଇ ନେବା, କୌଶଳରେ ଠକିନେବା।

**wilful** ବିଂ. *ଆମେ.* willful ଇଚ୍ଛାକୃତ, ଉଦ୍ଦେଶ୍ୟମୂଳକ; ଜିଦ୍‌ପୂର୍ଣ୍ଣ; ଉଦ୍ଦେଶ୍ୟପ୍ରଣୋଦିତ; *କ୍ରି.ବିଂ.* wilfully.

**will**[1.] 1. *କ୍ରି. ଅ.କା.* would ଭବିଷ୍ୟତକାଳର ସୂଚକ ସହାୟକ କ୍ରିୟାପଦ; ଉଦ୍ଦେଶ୍ୟ; ଇଚ୍ଛା, ପସନ୍ଦ ପ୍ରଭୃତିର ସୂଚକ; ପ୍ରଶ୍ନଛଳରେ ଅନୁରୋଧ କରିବା (will you please tell your name); ସକ୍ଷମ ହେବା (the bottle will contain a litre); ଅଭ୍ୟାସ ବା ସ୍ୱାଭାବିକତା ପ୍ରକାଶ କରିବା (accidents will happen; will come to this place for lunch); ସମ୍ଭାବନା ବା ଆଶା ପ୍ରକାଶ କରିବା (that will be my boss).

**will**[2.] 1. ବି. କରଣୀୟ–ଅକରଣୀୟ ଅବବୋଧ ଶକ୍ତି; ଦୃଢ଼ ଇଚ୍ଛା ବା ମନୋବଳ (will to survive); ଦୃଢ଼ଇଚ୍ଛା ବା ଇଚ୍ଛାଶକ୍ତି (has a strong will, will-power); ଉଇଲ୍ ବା ଇଚ୍ଛାପତ୍ର (ମୃତ୍ୟୁପରେ ସଂପତ୍ତିବାଢ଼ି ଆବଣ୍ଟନ ପାଇଁ); ଅନ୍ୟମାନଙ୍କ ପ୍ରତି ମନୋଭାବ (good will); *ପ୍ରା.ପ୍ର.* ଆକାଂକ୍ଷିତ ବା ଇଚ୍ଛିତ ବସ୍ତୁ ବା କାର୍ଯ୍ୟ; 2. *କ୍ରି.* ଇଚ୍ଛାଶକ୍ତି ଦ୍ୱାରା ମନେଇବା ବା ପ୍ରବର୍ତ୍ତାଇବା (willed him to succeed); ଇଚ୍ଛା କରିବା, ଉଦ୍ଦେଶ୍ୟ ପୋଷଣ କରିବା; ଉଇଲ୍ ବା ଦତ୍ତପତ୍ର ଦ୍ୱାରା ସଂପତ୍ତିବାଡି କରିଦେବା; at will ଇଚ୍ଛାନୁସାରେ; ଯେତେବେଳେ ଇଚ୍ଛା ସେତେବେଳେ; with a will ପ୍ରବଳ ଉତ୍ସାହରେ; ଦୃଢ଼ସଂକଳ୍ପ ସହ।

**willful** ବିଂ. *ଆମେ.* ଦ୍ର. wilful.

**willie** ବି. ଦ୍ର. willy.

**willies** ବି. ବ.ବ. *କ.ଭା.* ସ୍ନାୟବିକ ଅସୁସ୍ଥତା।

**willing** ବିଂ. ଇଚ୍ଛୁକ, ସମ୍ମତ, ସ୍ୱେଚ୍ଛା ବା ସମ୍ମତିସହ କୃତ ବା ପ୍ରଦତ୍ତ; *କ୍ରି.ବିଂ.* willingly; ବି. willingness.

**will–o'–the–wisp** ବି. ସନ୍ତସନ୍ତିଆ ସ୍ଥାନରେ ଦେଖାଯାଉଥିବା ଉଜ୍ଜଳ ଆଲୋକ, ଡାହାଣୀ ଆଲୁଅ; ବିଭ୍ରାନ୍ତିକର ପଦାର୍ଥ ବା ବ୍ୟକ୍ତି; ଧରା ଦେଉ ନ ଥିବା ବ୍ୟକ୍ତି।

**willow** ବି. *ସା.* ନଦୀକୂଳରେ ଜାତ, କୃଶ, ନମନୀୟ ଶାଖାବିଶିଷ୍ଟ ଗଛ; ଏହି ବୃକ୍ଷର କାଠ (ଏଥିରୁ କ୍ରିକେଟ୍ ବେଟ୍ ତିଆରି ହୁଏ)।

**willow–herb** ବି. ୱିଲୋଭଳି ପତ୍ରବିଶିଷ୍ଟ ଏକ ଉଦ୍‌ଭିଦ।

**willow–pattern** ବି. ଧଳା ଚୀନାମାଟିର ବାସନରେ ପାରଂପରିକ ନୀଳରଙ୍ଗର ଚିତ୍ରକାରୀ।

**willow–warbler** ବି. ଜଂଗଲିଆ ସ୍ଥାନରେ ରହୁଥିବା କ୍ଷୁଦ୍ର ଗାନକାରୀ ପକ୍ଷୀ ବିଶେଷ।

**willowy** ବିଂ. ୱିଲୋ କାଠ ବା ବୃକ୍ଷସଦୃଶ; ୱିଲୋ ଗଛରେ ପୂର୍ଣ୍ଣ; କମନୀୟ; ନନ୍ଦନନ୍ଦକା।

**will–power** ବି. ଇଚ୍ଛା–ଶକ୍ତି; ଦୃଢ଼ ନିଶ୍ଚୟର ସହ କାମନା, ଦୁର୍ବଳତା ପ୍ରଭୃତି ନିୟନ୍ତ୍ରଣ।

**willy** ବି. (willie ମଧ୍ୟ) *କ.ଭା.* ପୁରୁଷ ଯୌନାଙ୍ଗ, ଲିଙ୍ଗ।

**willy–nilly** *କ୍ରି.ବିଂ.* ଇଚ୍ଛା ଥାଉ ବା ନ ଥାଉ; ଅଗତ୍ୟା।

**wilt** 1. *କ୍ରି.* ଶୁଷ୍କ ବା ପଳିତ ହେବା; ନଇଁ ବା ଝାଉଁଳି ପଡିବା; 2. ବି. ଉଦ୍ଭିଦର ରୋଗ ବିଶେଷ, ଯାହା ଗଛକୁ ଝାଉଁଳାଇ ଦିଏ।

**wily** ବିଂ. କୌଶଳୀ, ଧୂର୍ତ୍ତ; *କ୍ରି.ବିଂ.* wilily; ବି. wiliness.

**wimp** ବି. *କ.ଭା.* ଦୁର୍ବଳ ବା ଶକ୍ତିହୀନ ବ୍ୟକ୍ତି; ବିଂ. wimpish.

**wimple** ବି. କେତେକ ନନ୍ ବା ସନ୍ୟାସିନୀ ମୁଣ୍ଡସହ ବେକ ତଥା ମୁହଁର ଦୁଇପାଖ ଆବୃତ କରିବାପାଇଁ ବ୍ୟବହାର କରୁଥିବା ଶିରୋ–ପରିଧାନ।

Digitized by srujanika@gmail.com

**win** 1 କ୍ରି. ଅ.କା. ଅ.କ୍ରି.ଜ.ପ. won ଜିଣିବା, ଜୟ କରିବା, ଜିତିବା, କୃତକାର୍ଯ୍ୟ ହେବା; ସଫଳ ହେବା; ବିଜୟଲାଭ କରିବା; ଅର୍ଜନ କରିବା, ଲାଭ କରିବା; 2. ବି. କ୍ରୀଡା ପ୍ରଭୃତିରେ ବିଜୟଲାଭ; win over ନିଜପକ୍ଷକୁ ଫୁସୁଲାଇ ନେବା, ପ୍ରଭାବିତ କରିବା; ପ୍ରବର୍ତ୍ତାଇବା; win one's spurs କ.ଭା. ଯଶ ବା କୃତିତ୍ୱ ଲାଭ କରିବା; win the day ଯୁଦ୍ଧରେ ବିଜୟୀ ହେବା; win through (out) ବାଧାବିପତ୍ତି ଅତିକ୍ରମ କରିବା; you can't win କ.ଭା. ପ୍ରୀତ କରିବାର ବା କୃତକାର୍ଯ୍ୟ ହେବାର ଉପାୟ ନାହିଁ; ବିଂ. winnable.

**wince** 1. କ୍ରି. (ଭୟ, ଯନ୍ତ୍ରଣା ବା ଆଘାତହେତୁ) ମୁହଁ ସଙ୍କୁଚିତ ହୋଇଯିବା, ହଠାତ୍ ପଛକୁ ହଟିଯିବା ବା ଚମକି ଯିବା; 2. ବି. (ଭୟ, ଯନ୍ତ୍ରଣା, ଆଘାତ ପ୍ରଭୃତି ଯୋଗୁଁ) ଚମକ ବା ମୁଖସଂକୋଚନ।

**wincey** ବି. ପଶମ ଓ ସୂତାର ହାଲୁକା କନା।

**winceyette** ବି. ହାଲୁକା ଫ୍ଲାନେଲର ଲୁଗା।

**winch** 1. ବି. କପିକଳ, ଚକ ବା ଅଖର ସଂଯୋଗକାରୀ ସମକୋଣୀୟ ଛଡ; 2. କ୍ରି. କପିକଳରେ ଉଠାଇବା।

**wind**[1] 1. ବି. ବାୟୁ, ପବନ, ନିଃଶ୍ୱାସ; ପବନବାହିତ ଗନ୍ଧ; ଅପାନବାୟୁ; ପେଟରେ ବାୟୁ ବୃଦ୍ଧି, ଫମ୍ପା କଥା; 2. କ୍ରି. ଗନ୍ଧ ପାଇ ଅନୁଧାବନ କରିବା; ଅଣନିଃଶ୍ୱାସୀ କରିଦେବା, ଦମ୍ ନେବା; ଗନ୍ଧ ବାରିବା; get wind of ସନ୍ଦେହ କରିବାକୁ ଆରମ୍ଭ କରିବା; (get (have) the wind up କ.ଭା. ଭୟଭୀତ ହେବା; in the wind ଘଟିବାକୁ ଯାଉଥିବା; like the wind ପବନ ବେଗରେ; କ୍ଷିପ୍ରଗତିରେ; put the wind up କ.ଭା. ଡରାଇବା; ଆତଙ୍କିତ କରିବା; take the wind out of person's sails ଆଗରୁ ସତର୍କ ହୋଇ କାହାର ଉଦ୍ଦେଶ୍ୟ ବିଫଳ କରିବା; ବିଂ. windless.

**wind**[2] 1. କ୍ରି. ଅ.କା. ଅ.କ୍ରି.ଜ.ପ. wound (ସା. winding ବିଂ.) ଅଙ୍କାବଙ୍କା ବାଟରେ ଯିବା, ଏହିଭଳି ବାଟ କରିବା; କୁଣ୍ଡଳୀ ପକାଇବା; ଭଲଭାବରେ ଗୁଡାଇବା, ତାରରେ ଗୁଡାଇବା; (ଘଣ୍ଟାରେ) ଚାବିଦେବା; 2. ବି. ବାଙ୍କ, ମୋଡ; wind down ମୋଡ଼ି ଓହ୍ଲାଇବା; ଖୋଲିବା, wind off ଖୋଲିଦେବା; wind up ତାରରେ ଗୁଡାଇବା; ଉପସଂହାର କରିବା, କ.ଭା. ଶେଷରେ ପହଞ୍ଚିବା; ଭାବାବେଗ ପ୍ରଭୃତି ନିବିଡ ହେବା; (ବ୍ୟକ୍ତିକୁ) ରଗାଇବା; (କଂପାନୀ ପ୍ରଭୃତି) ଭାଙ୍ଗିଦେବା; ବ୍ୟବସାୟ ବନ୍ଦ କରି ଦେବାଳିଆ ଘୋଷଣା କରିବା; କଭା. ଶେଷକୁ ପହଞ୍ଚିବା।

**wind–bag** ବି. ଭଡଭଡିଆ ଲୋକ; ପବନା; ମୂଲ୍ୟହୀନ କଥା ଗୁଡିଏ କହୁଥିବା ଲୋକ।

**wind–break** ବି. ପବନର ଗତି ବ୍ୟାହତ କରିବାପାଇଁ ବ୍ୟବହୃତ ବସ୍ତୁ।

**windburn** ବି. ପବନ ସଂସ୍ପର୍ଶ ଯୋଗୁଁ ହୋଇଥିବା ଘା'।

**windcheater** ବି. ପବନପ୍ରତିରୋଧକ ଜ୍ୟାକେଟ୍।

**wind–cone** ବି. =wind–sock.

**wind–down** ବି. କ.ଭା. ଉତ୍ତେଜନା, କର୍ମତତ୍ପରତା ପ୍ରଭୃତିର କ୍ରମ ହ୍ରାସ।

**winder** ବି. ଘଡି, ଘଣ୍ଟାପ୍ରଭୃତିର ଚାବିକଳ।

**windfall** ବି. ପବନରେ ଝଡ଼ିପଡ଼ିଥିବା ଫଳ; ଅପ୍ରତ୍ୟାଶିତ ସୌଭାଗ୍ୟ ବା ଧନଲାଭ।

**winding–sheet** ବି. କବର ଦେବାପୂର୍ବରୁ ଶବକୁ ଘୋଡାଯାଇଥିବା ଲୁଗା ବା ଚଦର।

**wind–instrument** ବି. ପବନ–ଚାଳିତ (ସଂଗୀତ) ବାଦ୍ୟଯନ୍ତ୍ର; ସୁଷୁର ବାଦ୍ୟ।

**wind–jammer** ବି. ପଣ୍ୟବାହୀ ଜଳଜାହାଜ।

**windlass** ବି. (ଭାରୀ ବସ୍ତୁକୁ) ଟେକିବା ବା ଉଠାଇବା ଯନ୍ତ୍ର; ଭାରଉତ୍ତୋଳକ ଯନ୍ତ୍ର।

**windmill** ବି. ପବନଚାଳିତ କଳ; ଚକ୍ରୀ ବା ଫିରିଫିରି (ଖେଳଣା); tilt at windmills କାଳ୍ପନିକ ଶତ୍ରୁକୁ ଆକ୍ରମଣ କରିବା।

**window** ବି. ଝରକା, ବାତାୟନ, ଜାଲ୍‌ନା; ନିରୀକ୍ଷଣ ମାଧ୍ୟମରେ ଶିକ୍ଷାଲାଭର ସୁଯୋଗ; (ଦୋକାନ ପ୍ରଭୃତିରେ ଜିନିଷ ପ୍ରଦର୍ଶନ କରାଯିବାପାଇଁ କାଚଲଗା ସ୍ଥାନ; ଚିଠିର ଠିକଣା ଦେଖାଯିବାପାଇଁ ଉଦ୍ଦିଷ୍ଟ (ଲଫାପାର) ପାରଦର୍ଶୀ ସ୍ଥାନ; ଡାଟା ବା ତଥ୍ୟର ନିର୍ଦ୍ଦିଷ୍ଟ ଅଂଶ ପାଇଁ ଭିଡିଓ (VDU) ପ୍ରଦର୍ଶନ; ବିଂ. windowless.

**window–box** ବି. ଫୁଲଗଛ, ଲତା ଇତ୍ୟାଦି ଲଗାଇବା ନିମନ୍ତେ ଝରକା ବାହାରେ ରଖାଯାଇଥିବା ବାକ୍ସ।

Digitized by srujanika@gmail.com

**window–dressing** ବି ଦୋକାନର ଝରକାକୁ ସଜାଇବାର କଳା; ତଥ୍ୟ ବା ଘଟଣାର ଛଳନାପୂର୍ଣ୍ଣ, କିନ୍ତୁ ସୁନ୍ଦର ଅବତାରଣା।

**window–pane** ବି. ଝରକାରେ ଲଗାଯାଇଥିବା କାଚ।

**window–seat** ବି. (ବସ୍, ଟ୍ରେନ୍ ପ୍ରଭୃତିରେ) ଝରକା ତଳେ ବା କଡ଼ରେ ଥିବା ସିଟ୍।

**window–shop** କ୍ରି. ଦୋକାନର ଝରକାରେ ପ୍ରଦର୍ଶନ କରାଯାଇଥିବା ଜିନିଷ ଦେଖି ଦେଖି, କିଛି କିଣାକିଣି ନ କରି, ବଜାରରେ ବୁଲିବା; ବି. window shopping.

**window–sill** ବି. ଝରକାତଳ ବନ୍ଧ।

**windpipe** ବି. ଶ୍ୱାସନଳୀ।

**windscreen** ବି. ମଟରଗାଡ଼ିର ସାମ୍ନାରେ ଥିବା ବାୟୁପ୍ରତିରୋଧକ କାଚ।

**windscreen wiper** ବି. ଗାଡିମଟରର ସମ୍ନାକାଚ ଉପରେ ଅର୍ଦ୍ଧବୃତ୍ତାକାର କ୍ଷେତ୍ରରେ ବୁଲି (ବର୍ଷାପାଣି ପ୍ରଭୃତି) ପୋଛିବାପାଇଁ ଉଦ୍ଦିଷ୍ଟ ସ୍ୱୟଂକ୍ରିୟ ଉପକରଣ; ୱାଇପର୍।

**windshield** ବି. *ଆମେ.* =windscreen.

**wind–sock** ବି. ଉଡାଜାହାଜ ପଡିଆ ପ୍ରଭୃତିରେ ପବନର ଦିଗ ନିର୍ଦ୍ଦେଶ କରିବାପାଇଁ ଗୋଟିଏ ଖୁମ୍ବଉପରେ ବନ୍ଧା ହୋଇଥିବା କେନ୍‌ଭାସ୍ ନିର୍ମିତ ସିଲିଣ୍ଡର ବା କୋନ୍।

**windsurfing** ବି. ଭାସମାନ ପଟାଉପରେ ଛିଡାହୋଇ ପାଣିଉପରେ ଗତି କରିବାର ଖେଳ; କ୍ରି. windsurf; ବି. windsurfer.

**windswept** ବିଂ. ସବୁବେଳେ ପବନ ବାଜୁଥିବା; ପବନଦ୍ୱାରା ବାହିତ।

**wind–tunnel** ବି. ଏରୋ–ଡାଇନାମିକ୍‌ସ୍‌ର ଅଧ୍ୟୟନ ଉଦ୍ଦେଶ୍ୟରେ ଉଡାଜାହାଜ ପ୍ରଭୃତିର ମଡେଲ୍ ଉପରଦେଇ ପବନ ସଞ୍ଚାଳିତ କରିବା ପାଇଁ ବ୍ୟବହୃତ ସୁଡଙ୍ଗସଦୃଶ ଉପକରଣ।

**wind–up** 1. ବି. ସମାପ୍ତି; ଶେଷ; *କଭା.* ଉସୁକାଣ; ଉତ୍ତେଜିତ ବା କ୍ରୁଦ୍ଧ କରିବାପାଇଁ ପ୍ରଚେଷ୍ଟା; 2. ବିଂ. ଗୁଣ ଚାବି, ସ୍ପ୍ରିଙ୍ଗ୍ ପ୍ରଭୃତି ମୋଡିବା ଦ୍ୱାରା ଚାଲୁଥିବା (କଳ ବା ଯନ୍ତ୍ରପାତି)।

**windward** 1. ବିଂ. କ୍ରି.ବିଂ. ବାୟୁ ଅଭିମୁଖୀ, ବାୟୁପ୍ରବାହର ଅନୁକୂଳରେ ସ୍ଥିତ; 2. ବି. ଯେଉଁଦିଗରୁ ପବନ ବହୁଥାଏ, ସେଇଦିଗ।

**windy** 1. ବିଂ. ପବନଦ୍ୱାରା ପ୍ରଭାବିତ; ତୋଫାନୀ; ଅପାନବାୟୁ ସଂବଂଧିତ; *କ.ଭା.* ଶବ୍ଦବହୁଳ; ପବନା, *କ.ଭା.* ଭୀତତ୍ରସ୍ତ; ବିଚଳିତ; ଦୁର୍ବଳଚିତ୍ତ; କ୍ରି.ବିଂ. windily; ବି. windiness.

**wine** 1. ବି. (ଯେକୌଣସି ଫଳ ବା ଅଙ୍ଗୁରରସରୁ ପ୍ରସ୍ତୁତ) ମଦ; ରେଡ୍‌ୱାଇନର ଗାଢ ଲାଲ ରଙ୍ଗ; 2. କ୍ରି. ବିଶେ. wine and dine ମଦ୍ୟପାନ କରିବା; ମଦ ପିଇବାକୁ ଦେଇ ଆତିଥ୍ୟ ପ୍ରଦର୍ଶନ କରିବା।

**wine bar** ବି. ମୁଖ୍ୟତଃ ମଦ୍ୟ ପରିବେଷଣ କରାଯାଉଥିବା ପାନଶାଳା ବା ଛୋଟ ରେସ୍ତୋରାଁ।

**winebibber** ବି. ମଦ୍ୟପ, ମଦୁଆ।

**wine cellar** ବି. ମଦ ସାଇତିବା କୋଠରୀ; ସେଥିରେ ଗଚ୍ଛିତ ମଦ୍ୟ।

**wineglass** ବି. ମଦ୍ୟପାନ ନିମନ୍ତେ ବ୍ୟବହୃତ ଗ୍ଲାସ।

**wine list** ବି. ହୋଟେଲ୍‌ପ୍ରଭୃତିରେ ଉପଲବ୍ଧ ମଦ୍ୟର ତାଲିକା।

**winepress** ବି. ମଦ୍ୟପ୍ରସ୍ତୁତି ନିମନ୍ତେ ଦ୍ରାକ୍ଷାପେଷଣ ଯନ୍ତ୍ର; ଅଙ୍ଗୁର–ପେଷିବା ଯନ୍ତ୍ର।

**winesap** ବି. ବଡ଼ ନାଲିରଙ୍ଗର ଆମେରିକୀୟ ଶୀତକାଳୀନ ସେଓ।

**wine skin** ବି. ଛେଳିପ୍ରଭୃତିର ସମ୍ପୂର୍ଣ୍ଣ ଛାଲ, ଯାହା ସିଲେଇ କରାଯାଇ ମଦରଖିବା ନିମନ୍ତେ ବ୍ୟବହାର କରାଯାଏ; ଚମଡା ନିର୍ମିତ ମଦମୁଣି।

**wine vinegar** ବି. ମଦ୍ୟରୁ ପ୍ରସ୍ତୁତ ଭିନେଗାର୍ ବା ଶିର୍କା।

**wing** 1. ବି. (ପକ୍ଷୀର)ଡେଣା, ପକ୍ଷ, ଉଡାଜାହାଜର ସେଇଭଳି ଡେଣା, ଗୃହର ପାର୍ଶ୍ୱାଂଶ; ବ.ବ.ରେ ରଙ୍ଗମଞ୍ଚର ପାର୍ଶ୍ୱାଂଶ; ଖେଳପଡ଼ିଆର ପାର୍ଶ୍ୱ; ରାଜନୈତିକଦଳର ବିଶେଷ ଶାଖା; ମୋଟରର ପଙ୍କ କାଦୁଅ ନିରୋଧକାରୀ ଅଂଶ; ରଣସଜ୍ଜାର ପାର୍ଶ୍ୱ; ବିମାନବାହିନୀର ଏକକ ବିଶେଷ; 2. କ୍ରି. ପକ୍ଷବିଶିଷ୍ଟ କରିବା, ଉଡିବାକୁ ସମର୍ଥ କରିବା, ଉଡାଇବା, ଗତିବଢାଇବା; on the wing ଉଡ୍‌ଡୀୟମାନ; ଉଡୁଥିବା; spread one's wings ପୂର୍ଣ୍ଣଭାବରେ ଶକ୍ତି ବଢାଇବା; take under one's wing ଆଶ୍ରୟ ଦେବା; take wing ଉଡି ବା ଧାଇଁ ପଳାଇବା; ବିଂ. winged; winglike.

Digitized by srujanika@gmail.com

**wing–case** ବି. ପତଙ୍ଗ–ଡେଣାର ଅଂଶବିଶେଷ ।

**wing–collar** ବି. ପୁରୁଷମାନଙ୍କର ଟାଣ–କୋଲାର୍, ଯାହାର କୋଣ ଭଙ୍ଗାଯାଇଥାଏ ।

**wing commander** ବି. ବିମାନ ବାହିନୀର ପଦସ୍ଥ କର୍ମଚାରୀ (ଗ୍ରୁପ୍ କେପଟେନ୍‌ଙ୍କ ଠିକ୍ ନିମ୍ନସ୍ଥ ପଦବୀ) ।

**winger** ବି. (ଫୁଟ୍‌ବଲ୍ ଖେଳରେ) ପୁରୋଭାଗ ଖେଳାଳି; ସଂ. ନିର୍ଦ୍ଦିଷ୍ଟ ରାଜନୈତିକ ଶାଖାର ସଦସ୍ୟ ।

**wing–nut** ବି. ଆଙ୍ଗୁଠିରେ ମୋଡ଼ିବାପାଇଁ ଉଦ୍ଦିଷ୍ଟ ଡେଣାଭଳି ଅଂଶଥିବା ନଟ୍ ବା ପେଚ ।

**wing–span** ବି. (wing–spread ମଧ୍ୟ) ଉଭୟ ଡେଣାର ସମୁଦାୟ ଦୈର୍ଘ୍ୟ ।

**wink** 1. କ୍ରି. (ବିଶେ. ଇଶାରା ଦେବାପାଇଁ) ଗୋଟିଏ ଆଖି ବନ୍ଦକରିବା ଓ ଖୋଲିବା, ଆଖି ମାରିବା; ଆଖିରେ ଇଶାରା ଦେବା ବା ଠାରିବା; ଆଖି ମିଟିମିଟି କରିବା; (ଆଲୋକ ସମ୍ପର୍କରେ) ଦପ୍‌ଦପ୍ ହେବା; 2. ବି. ଆଖିର ଇଶାରା; ଅଳ୍ପସମୟ ପାଇଁ ନିଦ; in a wink ପଲକ ମାତ୍ରକେ, ଅତି ଶୀଘ୍ର; tip person the wink ଗୋପନରେ କାହାକୁ ଖବର ଯୋଗାଇଦେବା; wink at ଦେଖି ନ ଦେଖିଲା ଭଳି ଛଳନା କରିବା, ଜାଣିଶୁଣି ଏଡାଇଯିବା ।

**winker** ବି. (ମୋଟରଗାଡ଼ିର) କେଉଁଦିଗରେ ଯିବ ତାହାର ସଂକେତ ଦେବାପାଇଁ ଦପ୍‌ଦପ୍ ଜଳୁଥିବା ବତୀ; ଇଣ୍ଡିକେଟର୍ ।

**winkle** 1. ବି. ଖାଦ୍ୟୋପଯୋଗୀ ଛୋଟ ସମୁଦ୍ରଗେଣ୍ଡା; 2. କ୍ରି. winkling out କଷ୍ଟସହକାରେ ଟାଣି ବାହାର କରିବା ।

**winkle–picker** ବି. *ସା.ପ୍ର.* ଲମ୍ବା, ମୁନିଆ ଜୋତା; ନଳୀ ଜୋତା ।

**winner** ବି. ବିଜେତା, କୃତକାର୍ଯ୍ୟ ବ୍ୟକ୍ତି; *କ.ଭା.* ସଫଳତାପୂର୍ଣ୍ଣ ବା ଅତି ଉତ୍ସାହଜନକ ପରିକଳ୍ପନା ।

**winning** 1. ବିଂ. ବିଜୟୀ; ବିଜୟପ୍ରାପ୍ତ; ଆକର୍ଷଣୀୟ (winning smile) 2. ବି. ବ.ବ.ରେ ଜିତିଥିବା ଟଙ୍କା; କ୍ରି.ବିଂ. winningly.

**winning–post** ବି. ଦୌଡ଼ ସମାପ୍ତିସୂଚକ ସ୍ତମ୍ଭ ।

**winnow** 1. କ୍ରି. ପବନରେ ଧାନପ୍ରଭୃତି ଉଡେଇବା; ଅଗାଡ଼ି ପାଛୁଡ଼ିବା; ପୃଥକ୍ କରିବା; ପରୀକ୍ଷା କରିବା; 2. ବି. କୁଲା ।

**wino** ବି. *ସା.ପ୍ର.* ମଦ୍ୟପ, ମଦୁଆ ।

**winsome** ବିଂ. ଆକର୍ଷଣୀୟ; ପ୍ରୀତିପ୍ରଦ; ମନଲୋଭା; ବାନ୍ଧିରଖିବାଭଳି; କ୍ରି.ବିଂ. winsomely; ବି. winsomeness.

**winter** 1. ବି. ଶୀତକାଳ, ଶୀତଋତୁ; 2. ବିଂ. ଶୀତକାଳୀନ, ଶୀତଋତୁସଦୃଶ; 3. କ୍ରି. ଶୀତଋତୁ କଟାଇବା ।

**winter garden** ବି. ଶୀତକାଳୀନ ଉଦ୍ଭିଦପୂର୍ଣ୍ଣ ବଗିଚା ।

**winter green** ବି. ଶୀତକାଳରେ ମଧ୍ୟ ସବୁଜ ରହୁଥିବା ଏକଧରଣର ଉଦ୍ଭିଦ ।

**winter jasmine** ବି. ହଳଦିଆଫୁଲବିଶିଷ୍ଟ ଶୀତଦିନିଆ ଜସ୍ମିନ୍ ।

**winter solstice** ବି. ଶୀତଋତୁର ଯେଉଁ ଦିନ ସୂର୍ଯ୍ୟଠାରୁ ବିଷୁବରେଖାର ଦୂରତ୍ୱ ଅଧିକତମ, *ସା.* ଡିସେମ୍ବର ୨୨ ।

**winter sports** ବି. ବରଫଉପରେ ଖେଳାଯାଉଥିବା ଖେଳ, *ଯଥା.* ସ୍କିଙ୍ଗ୍ ।

**wintertime** ବି. ଶୀତଦିନ, ଶୀତକାଳ ।

**wintry** ବିଂ. ଶୀତଋତୁସୁଲଭ; ଶୀତକାଳୀନ; ଉଷ୍ଣତାହୀନ; ବନ୍ଧୁଭାବହୀନ; ବି. wintriness.

**winy** ବିଂ. ମଦ୍ୟ–ସୁବାସଯୁକ୍ତ ।

**wipe** 1. କ୍ରି. ପୋଛିବା; ପୋଛି ବା ଘଷି ପରିଷ୍କାର କରିବା; ହାତ, ଲୁଗା ବା କାଗଜରେ ପୋଛି ଶୁଖାଇଦେବା; ତରଳପଦାର୍ଥ ବୋଳିବା; 2. ବି. ପୋଛା; wipe down ପୋଛି ସଫାକରିବା; wipe the floor with *କ.ଭା.* ଲଜ୍ଜାଜନକଭାବେ ପରାଜିତ କରିବା; wipe off ପୋଛି ଲିଭାଇଦେବା; (ଋଣ) ଅସ୍ୱୀକାର କରିବା; wipe out (ଅପମାନର) ପ୍ରତିଶୋଧ ନେବା, ଧ୍ୱଂସ କରିବା, ଲୋପ କରିଦେବା; ନିଶ୍ଚିହ୍ନ କରିବା; ଭିତରପଟ ସଫା କରିବା; wipe up ବାସନକୁସନ ପୋଛି ଶୁଖାଇବା; (ତରଳପଦାର୍ଥ) ପୋଛିଆଣିବା ।

**wiper** ବି. =windscreen wiper.

**wire** 1. ବି ତାର, ତାରନିର୍ମିତ ବସ୍ତୁ; *କ.ଭା.* ତାରବାର୍ତ୍ତା ବା ଟେଲିଗ୍ରାମ୍; ବିଦ୍ୟୁତ୍‌ବାହୀ ତାର; 2. କ୍ରି. ତାରରେ ବାନ୍ଧିବା, ଘେରାଇବା, ଯୋଗକରିବା ବା ଦୃଢ଼ କରିବା; *କ.ଭା.* ତାର ଦେବା; get one's wires crossed ଗଣ୍ଡଗୋଳିଆ ହୋଇ ଭୁଲ ବୁଝିବା ।

Digitized by srujanika@gmail.com

**wire–haired** ବିଂ. (କୁକୁର ବିଷୟରେ) ତାରଭଳି ସିଧା ବା ଟାଣକେଶଯୁକ୍ତ।
**wireless** ବି. ବେତାର, ବେତାରଯନ୍ତ୍ର, ରେଡିଓ।
**wire–netting** ବି. ତାରଜାଲିରେ ଘେରାଇବା।
**wire–tapping** ବି. ଟେଲିଫୋନ୍ ଟେପିଙ୍ଗ୍ ଦ୍ୱାରା ଅନ୍ୟମାନଙ୍କର କଥାବାର୍ତ୍ତା ଗୋପନରେ ଶୁଣିବା।
**wire–wool** ବି. ସଫାକରିବା ନିମନ୍ତେ ବ୍ୟବହୃତ ସରୁ ତାରର ବ୍ରଶ୍।
**wireworm** ବି. ଏକପ୍ରକାର ପୋକ (ବିଟ୍ଲ୍)ର କ୍ଷତିକାରକ ଲାର୍ଭା।
**wiring** ବି. ବିଦ୍ୟୁତ୍ ପ୍ରବାହ ନିମନ୍ତେ ତାର ସଂଯୋଗର ବ୍ୟବସ୍ଥା।
**wiry** ବିଂ. ତାରସଦୃଶ, ତାରନିର୍ମିତ; ପେଶୀବହୁଳ; ବଳିଷ୍ଠ, ଶ୍ରମ–ସହିଷ୍ଣୁ, ଅକ୍ଳାନ୍ତ; *କ୍ରି.ବିଂ.* wirily; *ବି.* wiriness.
**wisdom** ବି. ଅଭିଜ୍ଞତା ଏବଂ ଜ୍ଞାନସହ ତାକୁ ସଦୁପଯୋଗ କରିବାର ଶକ୍ତି; ବିଜ୍ଞତା, ପ୍ରାଜ୍ଞତା, ଉତ୍ତମ ବିଚାରଶକ୍ତି, ବୁଦ୍ଧି, ବିଦ୍ୟା, ପାଣ୍ଡିତ୍ୟ, ଜ୍ଞାନ; କାଣ୍ଡଜ୍ଞାନ; ସୂକ୍ତି।
**wisdom–tooth** ବି. କଳଦାନ୍ତର ସବା ପଛଦାନ୍ତ; ଜ୍ଞାନଦାନ୍ତ (*ସା.* କୋଡ଼ିଏ ବର୍ଷ ହେଲେ ଉଠେ)।
**wise**[1] ବିଂ. ଅଭିଜ୍ଞତା, ଜ୍ଞାନ ଏବଂ ବିଚାରଶକ୍ତି ସଂପନ୍ନ; ଜ୍ଞାନୀ, ବିଜ୍ଞ, ବହୁଦର୍ଶୀ, ବିଚାରବାନ୍; *ଆମେ. କ.ଭା.* ସତର୍କ, କୌଶଳୀ; be (get) wise to *କ.ଭା.* ସଚେତନ ହେବା; ଜ୍ଞାନଲାଭ କରିବା; none the wiser ପୂର୍ବଅପେକ୍ଷା ଅଧିକ ଜାଣି ନ ଥିବା; put wise (to) *କ.ଭା.* ଖବର ଦେବା ବା ରଖିବା; wise after the event (ବ୍ୟକ୍ତି ସମ୍ପର୍କରେ) ଯେ ବୁଝାଇପାରନ୍ତି କିନ୍ତୁ ଦୂରଦର୍ଶୀନୀ ନୁହନ୍ତି; wise up ବିଶେ. *ଆମେ. କ.ଭା.* ବୁଦ୍ଧି ଶିଖିବା; *କ୍ରି.ବିଂ.* wisely.
**wise**[2] ବି. ଢଂଗ, ବାଗ, ପରିମାଣ; in no wise କୌଣସି ପ୍ରକାରରେ ନୁହେଁ; ମୋଟେ ନୁହେଁ।
**–wise** *ପ.ପ୍ର.* ପଦ୍ଧତି ବା ବାଗ ସୂଚକ ବିଶେଷଣ ଏବଂ କ୍ରିୟାବିଶେଷଣ ପଦ ନିଷ୍ପନ୍ନକାରୀ ପ୍ରତ୍ୟୟ (crosswise, clockwise, lengthwise; ଦିଗରୁ (moneywise).
**wiseacre** ବି. ପଣ୍ଡିତମନ୍ୟ; ବିଜ୍ଞ ବା ଅଭିଜ୍ଞଭାବେ ଦେଖାଇ ହେଉଥିବା ବ୍ୟକ୍ତି।
**wisecrack** *କ.ଭା.* 1. ବିଂ. ସଂକ୍ଷିପ୍ତ କିନ୍ତୁ ପ୍ରତ୍ୟୁତ୍ପନ୍ନ ମନ୍ତବ୍ୟ; 2. *କ୍ରି.* ଏଭଳି ମନ୍ତବ୍ୟ ଦେବା।
**wise guy** ବି. *କ.ଭା.* ସବ୍ଜାନ୍ତା; ସବୁକଥାରେ ଉପରେ ପଡି ନିଜ ଜ୍ଞାନ ପ୍ରଦର୍ଶନ କରୁଥିବା ବ୍ୟକ୍ତି।
**wise man** ବି. ବିଜ୍ଞ ବା ପ୍ରବୀଣ ବ୍ୟକ୍ତି (ବିଶେ. ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦେଖିବାକୁ ଆସିଥିବା ତିନି ମେଜାଇ ମଧ୍ୟରୁ ଜଣେ)।
**wisent** ବି. ୟୁରୋପୀୟ ବଣମହିଷ ବା ବାଇସନ୍।
**wish** 1. *କ୍ରି.* ଇଚ୍ଛା କରିବା, କାମନା କରିବା, ଚାହିଁବା; ଆଶା ବା ଆକାଂକ୍ଷା କରିବା; ନିଜ ଇଚ୍ଛାକୁ (କାହାଉପରେ) ଲଦିଦେବା; 2. ବି. ଇଚ୍ଛା, ଅଭିଳାଷ, କାମନା, ଆକାଂକ୍ଷା, ଅନୁରୋଧ; ଏହାର ପରିପ୍ରକାଶ; ଇଚ୍ଛିତ ବା ଆକାଂକ୍ଷିତ ବସ୍ତୁ; best (good) wishes ଶୁଭକାମନା; ଶୁଭେଚ୍ଛା।
**wishbone** ବି. ପକ୍ଷୀର ବେକ ଓ ଛାତି ସଂଲଗ୍ନ ଫେଣାଳିଆ ଅସ୍ଥି (ଏହାକୁ ଦୁଇଜଣ ବ୍ୟକ୍ତି ଭାଙ୍ଗିଥାନ୍ତି; ଯାହାଭାଗରେ ବଡଖଣ୍ଡ ପଡେ ସେ ତା'ର ଗୋଟିଏ ଇଚ୍ଛା ପୂରଣର ଅଧିକାର ପାଇଥାଏ)।
**wishful** ବିଂ. ଅଭିଳଷିତ, କାମନାପୂର୍ଣ୍ଣ, ବ୍ୟଗ୍ର, ଆଗ୍ରହପୂର୍ଣ୍ଣ; *କ୍ରି.ବିଂ.* wishfully.
**wish–fulfilment** ବି. କଳ୍ପନାଜଗତରେ ବା ସ୍ୱପ୍ନରେ ଅବଚେତନ ମନର କାମନାର ସଂତୃପ୍ତି ବା ପରିପୂରଣ।
**wishful thinking** ବି. ବାସ୍ତବତା ବା ସତ୍ୟ ନୁହେଁ, କାମନା ବା ଇଚ୍ଛା ଉପରେ ପର୍ଯ୍ୟବସିତ ବିଶ୍ୱାସ; ସୁଖ–କଳ୍ପନା।
**wishing well** ବି. ମନୋବାଞ୍ଛା ପୂରଣ ପାଇଁ ଯେଉଁ କୂଅଭିତରକୁ ପଇସା ପକାଯାଇଥାଏ।
**wishy–washy** ବିଂ. *କ.ଭା.* ଦୁର୍ବଳ, ଦୁର୍ବଳଚରିତ୍ର; ଉତ୍ସାହହୀନ; ପାଣିଆ।
**wisp** ବି. (ନଡା, ଘାସ ପ୍ରଭୃତିର) ବିଡା; (କେଶର) ଗୁଚ୍ଛ ବା କେରା; ଧୂଆଁର କେରାଏ; ଛୋଟ, ପତଳା ଲୋକ; ବିଂ. wispy.
**wistaria** ବି. (wisteria ମଧ) ନୀଳ, ବାଇଗଣି କିମ୍ବା ଧଳାଫୁଲର ଝୁଲନ୍ତା ପେଚ୍ଛା ବିଶିଷ୍ଟ ଲତା।

Digitized by srujanika@gmail.com

**wistful** ବିଂ. ସତୃଷ୍ଣ, ଆଶାପୂର୍ଣ୍ଣ; ଶୋକବିହ୍ୱଳଭାବେ ବ୍ୟଗ୍ର ଓ ଉତ୍କଣ୍ଠାପୂର୍ଣ୍ଣ; କ୍ରି.ବିଂ. wistfully; ବି. wistfulness.

**wit** ବି. ବୁଦ୍ଧି, ବୋଧଶକ୍ତି, ମାନସିକ ଶକ୍ତି, ପ୍ରତ୍ୟୁତ୍ପନ୍ନମତିତା; ବୁଦ୍ଧିର ତୀକ୍ଷ୍ଣତା; ଚାତୁର୍ଯ୍ୟ, ବିଚକ୍ଷଣତା, ଉପସ୍ଥିତ ବୁଦ୍ଧିଦ୍ୱାରା ମୁଗ୍ଧ କରିପାରିବାର ସାମର୍ଥ୍ୟ; ଏଭଳି ଗୁଣଥିବା ବ୍ୟକ୍ତି; at one's wit's (wits') end କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ; ସମ୍ପୂର୍ଣ୍ଣ ହତାଶ; have (keep) one's wit about one ସତର୍କ ହେବା; live by one's wits କୌଣସି ନିର୍ଦ୍ଦିଷ୍ଟ ଜୀବିକା ବିନା ଠକିଭଣ୍ଡି ବା କୌଶଳ କରି ଜୀବିକା ନିର୍ବାହ କରିବା; out of one's wits ଉନ୍ମତ୍ତ, ପାଗଳ; to wit ଉଦାହରଣ ସ୍ୱରୂପ, ଯଥା।

**witch** ବି. ଯାଦୁକରୀ, ଡାହାଣୀ; କୁତ୍ସିତା ବୃଦ୍ଧା ସ୍ତ୍ରୀ; ମନୋହାରିଣୀ ସ୍ତ୍ରୀ।

**witchcraft** ବି. ଯାଦୁବିଦ୍ୟା, କୁହୁକ, ମନ୍ତ୍ରଯନ୍ତ୍ର, ଯାଦୁଟୋନା।

**witch–doctor** ବି. ଆଦିବାସୀମାନଙ୍କର ଗୁଣିଆ।

**witchery** ବି. =witchcraft.

**witches' sabbath** ବି. ଶୟତାନ (Devil) ଏବଂ ଡାହାଣୀ (witch) ମାନଙ୍କର ମଧ୍ୟରାତ୍ରି ଯୌନସଂସର୍ଗ ବା ମଉଜମଜଲିସ।

**witch–hazel** ବି. (wych–hazel ମଧ୍ୟ) ରକ୍ତକ୍ଷରଣ ବନ୍ଦ କରିବା ପାଇଁ ବ୍ୟବହୃତ ମଲମ ବିଶେଷ; ଆମେରିକୀୟ ଗଛ, ଯାହାର ଛାଲି ବା ବକଲରୁ ଏହି ମଲମ ପ୍ରସ୍ତୁତ କରାଯାଏ।

**witch–hunt** ବି. ଡାହାଣୀ ବିରୋଧରେ ଅଭିଯାନ; ସନ୍ଦିଗ୍ଧ ବ୍ୟକ୍ତି ବା ରାଜନୀତିରେ ପ୍ରଗତିବାଦୀ ଚିନ୍ତାଧାରାର ବ୍ୟକ୍ତି ବିରୋଧରେ ଅଭିଯାନ (ବିଶେ. କମ୍ୟୁନିଷ୍ଟ ବିରୋଧୀ)।

**with** ଅ. ସାଧନ, ଉପକରଣ ସୂଚକ (cut with a knife); ସଂସର୍ଗ, ସଂପର୍କ ସୂଚକ–ସହିତ (lives with his father; works with L & T ); ସଂପର୍କ ତ୍ୟାଗ ପ୍ରଭୃତି ସୂଚକ (dispense with); କାରଣ (trembled with fear); ଧାରଣ କରିବା ସୂଚକ (man with black hair; filled with oil); ପରିସ୍ଥିତି ସୂଚକ (sleeps with window closed); ଢଂଗ, ବାଗ ସୂଚକ (handle with care); ସହମତି, ସମ ଅବସ୍ଥା ସୂଚକ (sympathize with); ଅସହମତି, ଶତ୍ରୁତା ସୂଚକ (unhappy with, quarrel with); ବୁଝାମଣା (is he with us ?); ପ୍ରକାର, ଅବସ୍ଥା (be patient with her; how are things with them ?); away (in, out) with ଅନ୍ୟ ବସ୍ତୁ ବା ବ୍ୟକ୍ତିକୁ ନେଇଯାଅ, ଦୂରକର; ନେଇଆସ, ରଖ; with it କ.ଭା. ସଚେତନ, ଜାଣିବାଶୁଣିବା; ତଥ୍ୟ, ଜ୍ଞାନପ୍ରଭୃତିରେ ପୂର୍ଣ୍ଣପ୍ରସ୍ତୁତି ସହ; with that ସେଇଠୁ, ତାହାଫଳରେ, ଫଳସ୍ୱରୂପ।

**withal** ପ୍ରା.ପ୍ର. 1. କ୍ରି.ବିଂ. ଅଧିକନ୍ତୁ, ମଧ୍ୟ, ତତ୍‌ସହିତ; ତା'ସଙ୍ଗେସଙ୍ଗେ; 2. ଅ. ସହିତ (what shall we fill our belly withal ?).

**withdraw** କ୍ରି. (ଅ.କା. withdrew, ଅ.କ୍ରି.କ.ପ. withdrawn) ପଛକୁ ଟାଣିନେବା; ଉଠାଇନେବା; ପ୍ରତ୍ୟାହାର କରିନେବା; ଫେରାଇନେବା; (ବେଙ୍କରୁ ଟଙ୍କା) ଉଠାଇବା; ଅପସାରଣ କରିବା, ପ୍ରସ୍ଥାନ କରିବା, ଚାଲିଯିବା; ଘୁଞ୍ଚିଯିବା; withdrawn ବିଂ. ଅସ୍ୱାଭାବିକ ଭାବେ ଲାଜକୁଳା ଏବଂ ଅସାମାଜିକ; ମାନସିକଭାବେ ଅସଂପୃକ୍ତ।

**withdrawal** ବି. ପ୍ରତ୍ୟାହାର; (ବେଂକ୍‌ଜମାରୁ) ଟଙ୍କା ଉଠାଣ; ନିଶାଦ୍ରବ୍ୟ ପ୍ରଭୃତିରେ ଅଭ୍ୟସ୍ତ ବ୍ୟକ୍ତିର ନିଶାଔଷଧ, ମଦପ୍ରଭୃତି ଅଭ୍ୟାସ ଛାଡିବା ସମୟର (ବିଶେ. କଷ୍ଟକର ବା ଅପ୍ରୀତିକର) ଅବସ୍ଥା ବା ଲକ୍ଷଣ (withdrawal symptoms); ଯୌନକ୍ରିୟା ସମୟରେ (ଜନ୍ମନିୟନ୍ତ୍ରଣ ପ୍ରଭୃତି ନିମନ୍ତେ) ବୀର୍ଯ୍ୟପାତ ପୂର୍ବରୁ ଯୌନାଂଗ ଅପସାରଣ।

**withe** ବି. (withy ମଧ୍ୟ) ବ.ବ. withes, withies ବୁଣିବାପାଇଁ ବ୍ୟବହୃତ ବେତ, ଲଇ, ପଟ ପ୍ରଭୃତି।

**wither** କ୍ରି. (ସା. up ସହ) ଶୁଖାଇଦେବା, ଶୀର୍ଣ୍ଣକରିବା; ଲୋଳିତ କରିବା; ଶୁଖିଯିବା, ମଉଳିଯିବା; ସତେଜତା ବା ଜୀବନୀ ଶକ୍ତି ନଷ୍ଟ କରିବା; withering ବିଂ. କ୍ଷତିକାରକ (ହେବା); କ୍ରି.ବିଂ. witheringly.

**withers** ବି. ଅଶ୍ୱର କାନ୍ଧମଧ୍ୟସ୍ଥ ଉନ୍ନତ ଅଂଶ।

Digitized by srujanika@gmail.com

**withershins** କ୍ରି.ବିଂ. ଦ୍ର. widdershins.

**withhold** କ୍ରି. (ଅ.କା. ଅ.କ୍ରି.କ.ପ. withheld) ରୋକିବା, ବନ୍ଦ କରିବା; ଅଟକାଇବା, ନେବାକୁ ନାହିଁ କରିବା; ସ୍ଥଗିତ କରିବା ବା ରଖିବା, ଅନୁମତି ନ ଦେବା ।

**within** 1. ଅ., କ୍ରି.ବିଂ. ମଧ୍ୟରେ, ଭିତରେ; ଘରଭିତରେ; ବାହାରେ ବା ଦୂରବର୍ତ୍ତୀ ନ ହୋଇ; ଅଭ୍ୟନ୍ତରରେ; ଅତିକ୍ରମ ନ କରି; within one's grasp ହାତପାହାନ୍ତାରେ; ଅକ୍ତିଆରରେ; ମୁଠାଭିତରେ; within reach (sight) of ନିକଟରେ; ଦୃଷ୍ଟିପଥ ମଧ୍ୟରେ, ହାତପାହାନ୍ତାରେ ।

**without** 1. ଅ. ବାହାରେ, ବିନା; ଅଭାବ ବା ଅନୁପସ୍ଥିତିରେ; ଅବହେଳା ବା ପରିହାରସହ; ପ୍ରା.ପ୍ର. ବାହାରେ; 2. କ୍ରି.ବିଂ. ପ୍ରା.ପ୍ର. ସାହି. ବାହାରେ, ପଦାରେ; ବହିର୍ଭାଗରେ ।

**withstand** କ୍ରି. ଅ.କା. ଅ.କ୍ରି.କ.ପ. withstood ବାଧାଦେବା, ପ୍ରତିରୋଧ କରିବା ।

**withy** ବି. ଦ୍ର. withe.

**witless** ବିଂ. ବୋକା, ନିର୍ବୋଧ; ପାଗଳ ।

**witness** 1. ବି. ପ୍ରତ୍ୟକ୍ଷଦର୍ଶୀ; ସାକ୍ଷୀ, ଗୁହା; ଉପସ୍ଥିତ ବ୍ୟକ୍ତି, ସାକ୍ଷ୍ୟ; ପ୍ରମାଣ; 2. କ୍ରି. ନିଜ ଆଖିରେ ଦେଖିବା; ପ୍ରମାଣ କରିବା, ସାକ୍ଷ୍ୟଦେବା; bear witness to (of) ସାକ୍ଷୀ ରହିବା; ଆସ୍ଥା ପ୍ରକଟ କରିବା; ସତ୍ୟବୋଲି ସମର୍ଥନ କରିବା, call to witness ପକ୍ଷ ସମର୍ଥନ ପାଇଁ ନିବେଦନ କରିବା ।

**witness-box** ବି. (ଆମେ. witness-stand) କଚେରୀରେ ସାକ୍ଷୀର କାଠଗଡା ।

**witter** କ୍ରି. (ସା. on ସହ) କ.ଭା. ବକର ବକର ହେବା; ବିରକ୍ତିକରଭାବେ କଥା କହି ଚାଲିବା; ଦୀର୍ଘସମୟ ଧରି ମୂଲ୍ୟହୀନ କଥା ଗପିବା ।

**witticism** ବି. ବୁଦ୍ଧିଯୁକ୍ତ ମନ୍ତବ୍ୟ, ବୁଦ୍ଧିମତ୍ତା; ପ୍ରତ୍ୟୁତ୍ପନ୍ନମତିତା ।

**wittingly** କ୍ରି.ବିଂ. ଜ୍ଞାତସାରରେ କରାଯାଉଥିବା; ଉଦ୍ଦେଶ୍ୟମୂଳକ ଭାବରେ; ଜାଣିଶୁଣି ।

**witty** ବିଂ. ପରିହାସପ୍ରିୟ; ପ୍ରତ୍ୟୁତ୍ପନ୍ନମତି; କ୍ରି.ବିଂ. wittily; ବି. wittiness.

**wives** ବି. wifeର ବ.ବ. ।

**wizard** 1. ବି. ଯାଦୁକର; ଐନ୍ଦ୍ରଜାଲିକ, ବାଜିକର; ଅସାଧାରଣ ପ୍ରତିଭାଶାଳୀ ବା ଶକ୍ତିଶାଳୀ ବ୍ୟକ୍ତି; 2. ବିଂ. ସା.ପ୍ର. ଆଶ୍ଚର୍ଯ୍ୟଜନକ, ଚମତ୍କାର; ବି. wizardry.

**wizened** ବିଂ. ଶୁଷ୍କ, ଶୋଳିତ ବା ବିଶୀର୍ଣ୍ଣ; କୁଂଚିତ (ବ୍ୟକ୍ତି କିମ୍ୱା ତାର ମୁଖମଣ୍ଡଳର ରେଖା) ।

**WNW** ସଂଶ. west-north-west ପଶ୍ଚିମ–ଉତ୍ତର–ପଶ୍ଚିମ ।

**WO** ସଂଶ. Warrant Officer ୱାରଣ୍ଟ ଅଫିସର୍ ।

**woad** ବି. ନୀଳରଙ୍ଗ ଉତ୍ପନ୍ନ କରୁଥିବା ଗୁଳ୍ମ ବିଶେଷ; ନୀଳରଙ୍ଗ ।

**wobble** 1. କ୍ରି. ହଲିହଲି ଯିବା; ଟଳଟଳ ହୋଇ ଗତି କରିବା, ଦୋଦୁଲ୍ୟମାନ ହେବା, ଦୋହଲାଇବା, ଥାଥାମାମା ହେବା, ଅନିଶ୍ଚିତ ମତ ହେବା; 2. ବି. ଦୋଦୁଲ୍ୟମାନ ବା ଟଳଟଳ ଅବସ୍ଥା; ବିଂ. wobbly.

**wodge** ବି. କ.ଭା. ପୁଳାଏ; ବଡଖଣ୍ଡ, ପିଣ୍ଡୁଳା ।

**woe** ବି. ବେଦନା, ଗଭୀର ଦୁଃଖ ବା ଶୋକ, କଷ୍ଟ; ଦୁର୍ଗତି, ଦୁରବସ୍ଥା, ବିପର୍ଯ୍ୟୟ; woe-betide (a person) ସତର୍କବାଣୀ ଭାବରେ ବ୍ୟବହୃତ (woe betide us if we fail); woe is me ହାୟ !

**woebegone** ବିଂ. ବିଷଣ୍ଣ, ମଳିନ ବା ଦୁଃଖଜର୍ଜରିତ ଦେଖାଯାଉଥିବା ।

**woeful** ବିଂ. ଦୁଃଖ ବା ଶୋକପୂର୍ଣ୍ଣ; ଦୁଃଖଦାୟକ; ଶୋଚନୀୟ; ବେଦନାଦାୟକ; ଅତି ମନ୍ଦ; କ୍ରି.ବିଂ. woefully.

**wog** ବି. ସା.ପ୍ର. ଅବ. ବିଦେଶୀ; ବିଦେଶାଗତ ବ୍ୟକ୍ତି; ବିଶେ. ଅଣ–ଶ୍ୱେତାଙ୍ଗ ।

**woggle** ବି. ବାଳଚର ବା ସ୍କାଉଟ୍‌ମାନଙ୍କର ଗଳାବନ୍ଧ ରୁମାଲ ପାଇଁ ରିଙ୍ଗ୍ ।

**wok** ବି. (ବିଶେ. ଚାଇନିଜ୍ ଖାଦ୍ୟପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ) ଗାଡୁଆ ତାବା ।

**woke** କ୍ରି. wakeର ଅ.କା. ।

**woken** କ୍ରି. wakeର ଅ.କ୍ରି.କ.ପ. ।

**wold** ବି. ଉନ୍ମୁକ୍ତ, ବୃକ୍ଷହୀନ ଭୂଭାଗ, ପଡିଆ ଜମି ।

**wolf** ବ.ବ. wolves 1. ବି. ହେଟା, ଗଧିଆ; ନାରୀଲୋଲୁପୀ ପୁରୁଷ; 2. କ୍ରି. ଲୋଲୁପ ଭାବରେ ଶୀଘ୍ର ଖାଇଯିବା; cry wolf ମିଛଟାରେ ଆତଙ୍କ ସୃଷ୍ଟି କରିବା; keep the

Digitized by srujanika@gmail.com

wolf from the door ଦାରିଦ୍ର୍ୟ ବା ଅନାହାରକୁ ଏଡାଇଦେବା; wolf in sheep's clothing ବଂଧୁବେଶରେ ଶତ୍ରୁ; କପଟାଚାରୀ ।
**wolfhound** ବି. ଗଧିଆ ଶିକାରରେ ନିଯୁକ୍ତ ଏକ ଜାତୀୟ କୁକୁର ।
**wolfram** ବି. ଟଙ୍ଗଷ୍ଟେନ୍, ଟଙ୍ଗଷ୍ଟେନ୍ ଖଣିଜସାର ।
**wolfsbane** ବି. ଏକୋନାଇଟ୍ ନାମକ ବିଷାକ୍ତ ଗୁଳ୍ମ ବିଶେଷ ।
**wolf-whistle** ବି. ଯୌନାକର୍ଷକ ନାରୀପ୍ରତି ପୁରୁଷର ସୁସୁରି ବା ସିଟି ଧ୍ୱନି ।
**wolverine** ବି. ଉତ୍ତର ଆମେରିକୀୟ ନେଉଳଜାତୀୟ ପ୍ରାଣୀ ବିଶେଷ ।
**woman** ବି. ବ.ବ. women ସ୍ତ୍ରୀ, ନାରୀ, ନାରୀଜାତି; ସ୍ତ୍ରୀସୁଲଭ ଗୁଣ ବା ମନୋଭାବ; *ଗୁଣ* ମହିଳା, ନାରୀ (woman doctor); *କ.ଭା.* ପତ୍ନୀ, ବାନ୍ଧବୀ; *ସଂ.* ନିର୍ଦ୍ଦିଷ୍ଟ ବିଶେଷତ୍ୱ ସଂପନ୍ନା ବା ଜାତୀୟତାବିଶିଷ୍ଟା (English-woman; horsewoman); *କ.ଭା.* କୋଇଲାବାଲୀ ।
**womanhood** ବି. ନାରୀତ୍ୱ; ନାରୀସୁଲଭ ଗୁଣ; ନାରୀଜାତି; ନାରୀସୁଲଭ ବ୍ୟବହାର ।
**womanish** ବିଂ. *ଅବ.* ମାଇଚିଆ; ରଙ୍ଗ; ଅଣପୁରୁଷିଆ; ପୌରୁଷହୀନ ।
**womanize** *କ୍ରି.* ଲମ୍ପଟ ବା କାମୁକ ହେବା; ନାରୀ ପଛରେ ଗୋଡାଇବା; ବି. womanizer.
**womankind** ବି. (womenkind ମଧ) (ସାମୂହିକଭାବେ) ସ୍ତ୍ରୀଜାତି; ନାରୀଜାତି ।
**womanly** ବି. ସ୍ତ୍ରୀ–ଜନୋଚିତ; ନାରୀସୁଲଭ; ବି. womanliness.
**womb** ବି. ଗର୍ଭ, ଗର୍ଭାଶୟ, ଜରାୟୁ ।
**wombat** ବି. ତୃଣଭୋଜୀ ଅଷ୍ଟ୍ରେଲୀୟ କଂଗାରୁଜାତୀୟ ପ୍ରାଣୀ ବିଶେଷ ।
**women** ବି. womanର ବ.ବ ।
**womenfolk** ବି. ମହିଳା ବା ନାରୀଗଣ; ସ୍ତ୍ରୀଜାତି; ପରିବାରର ସ୍ତ୍ରୀଲୋକମାନେ ।
**womenkind** ବି. ଦ୍ରଷ୍ଟ. womankind.
**women's libber** ବି. ନାରୀ ସ୍ୱାଧୀନତା ଆନ୍ଦୋଳନର ସମର୍ଥକ ।
**women's liberation** ବି. (women's lib ମଧ) *କ.ଭା.* ସାଧାରଣ ଘରୋଇ ଦାୟିତ୍ୱରୁ ମୁକ୍ତି ପୁରୁଷସହ ସମାନ ଅଧିକାର ନିମନ୍ତେ ଆନ୍ଦୋଳନ; ନାରୀ–ସ୍ୱାଧୀନତା ଆନ୍ଦୋଳନ ।
**women's rights** ବି. ବ.ବ. ନାରୀ–ଅଧିକାର; ପୁରୁଷସହିତ ନାରୀର ସମାନ ଆଇନଗତ ଓ ସାମାଜିକ ଅଧିକାର ।
**won** *କ୍ରି.* winର *ଅ.କା. ଓ ଅ.କ୍ରି.ଜ.ପ ।*
**wonder** 1. ବି. ଆଶ୍ଚର୍ଯ୍ୟ, ବିସ୍ମୟ, ଆଶ୍ଚର୍ଯ୍ୟଜନକ ବା ଅସାଧାରଣ ବସ୍ତୁ ବା ଘଟଣା; ବିସ୍ମୟର କାରଣ; 2. *କ୍ରି.* ଆଶ୍ଚର୍ଯ୍ୟାନ୍ୱିତ ହେବା, ବିସ୍ମିତ ହେବା; ଜାଣିବାକୁ ଆଗ୍ରହୀ ବା ଉତ୍ସୁକ ହେବା (I wonder who he is); I shouldn't wonder *କ.ଭା.* ଏହା ସମ୍ଭବ ଯେ; ଏହିପରି ହୋଇପାରେ; ଏଭଳି ହେବ ବୋଲି ମୁଁ ଭାବୁଛି; no (small) wonder ଆଶ୍ଚର୍ଯ୍ୟ ବା ବିସ୍ମିତ ହେବାର କିଛି ନାହିଁ; ବଡ କଥା ନୁହେଁ; work (do) wonders ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିବା, ବିସ୍ମୟଜନକ ଭାବେ ସଫଳ ହେବା ।
**wonderful** ବିଂ. ଆଶ୍ଚର୍ଯ୍ୟଜନକ, ଅଦ୍ଭୁତ; ଚମତ୍କାର; *କ୍ରି.ବିଂ.* wonderfully.
**wonderland** ବି. ପରୀରାଇଜ; କୁହୁକଦେଶ, ଅଦ୍ଭୁତ ଦେଶ ।
**wonderment** ବି. ଆଶ୍ଚର୍ଯ୍ୟ, ବିସ୍ମୟ ।
**wondrous** *କାବ୍ୟ.* 1. ବିଂ. ଆଶ୍ଚର୍ଯ୍ୟଜନକ; ଚମତ୍କାର; 2. *କ୍ରି.ବିଂ.* ଆଶ୍ଚର୍ଯ୍ୟଜନକ ଭାବରେ; ଚମତ୍କାର ଭାବରେ ।
**wonky** ବିଂ. *ସା.ପ୍ର.* ବଙ୍କା; ତେଢ଼ା; ଟଳମଳିଆ; ଢିଲା; ଅବିଶ୍ୱସ୍ତ ।
**wont** *ପ୍ରା.ପ୍ର. ସାହି.* 1. ବିଂ. ଅଭ୍ୟସ୍ତ; 2. ବି. ପ୍ରଥାସମ୍ମତ ବା ଅଭ୍ୟାସଗତ କାର୍ଯ୍ୟ ।
**won't** *ସଂଶ.* will not.
**wonted** ବିଂ. *ଗୁଣ* ଅଭ୍ୟାସଗତ; ସ୍ୱଭାବଗତ ।
**woo** *କ୍ରି.* ପ୍ରେମ ବା ପ୍ରଣୟ ପ୍ରାର୍ଥନା କରିବା; ବିବାହ ନିମନ୍ତେ ପ୍ରସ୍ତାବ ଦେବା; (ଯଶ, ସଂପତ୍ତି) ଜିତିବାକୁ ଚେଷ୍ଟା କରିବା, କୃପାଲାଭ କରିବାକୁ ଚେଷ୍ଟା କରିବା; ଖୋସାମଦ୍ କରିବା; ସାହାଯ୍ୟ ଭିକ୍ଷା କରିବା; ବି. wooer.
**wood** ବି. କାଠ, କାଠଗଣ୍ଡି, ଜାଳେଣି କାଠ; ଏବ. ବ.ବ. ବଣ, ଜଙ୍ଗଲ, ଅରଣ୍ୟ, କାଠତିଆରି ମଦ୍ୟପାତ୍ର; cannot see the wood for the trees ବିସ୍ତୃତ ଭାବରେ ବୁଝିବାକୁ

Digitized by srujanika@gmail.com

ଚେଷ୍ଟା କରୁ କରୁ ମୂଳ କଥାଟିକୁ ଧରିବାକୁ ଅକ୍ଷମ ହେବା; out of the wood (woods) ବିପଦମୁକ୍ତ, ଦୁଃଖମୁକ୍ତ।

**wood anemone** ବି. ବସନ୍ତକାଳୀନ ବଣୁଆ ଫୁଲ ଗଛ ବିଶେଷ।

**woodbine** ବି. ହନି ସକଲ୍; ହଳଦିଆ ବା ନାଲିଫୁଲ ଫୁଟୁଥିବା ଲତା ବିଶେଷ।

**woodchuck** ବି. ଉତ୍ତର ଆମେରିକୀୟ ମୂଷାଜାତୀୟ ଜୀବ ବିଶେଷ।

**woodcock** ବି. ଲମ୍ବ ଥଣ୍ଟ ବିଶିଷ୍ଟ ଜଳଚର ପକ୍ଷୀ ବିଶେଷ।

**woodcraft** ବି. କାଠକାମ, କାଷ୍ଠକଳା; ବଣଜଙ୍ଗଲ ସଂପର୍କରେ, ବିଶେ. ସାମୟିକ ରହଣି ସଂପର୍କରେ ଜ୍ଞାନ ବା ଅଭିଜ୍ଞତା।

**woodcut** ବି. କାଠଖୋଦେଇ ଛବି, ଏହାର ଛାପା।

**woodcutter** ବି. କାଠୁରିଆ; କାଠ କାଟିବା ବ୍ୟକ୍ତି।

**wooded** ବିଂ. ଜଙ୍ଗଲିଆ; ବଣୁଆ; ଗଛଲତାପୂର୍ଣ୍ଣ।

**wooden** ବିଂ. କାଠତିଆରି; କାଷ୍ଠନିର୍ମିତ, କାଷ୍ଠଭଳି; ଅବାଗିଆ, କଠିନ; ଭାବଲେଶହୀନ, ପ୍ରତିକ୍ରିୟାହୀନ; କ୍ରି.ବିଂ. woodenly; ବି. woodenness.

**woodland** ବି. ବଣଭୂମି; ଜଙ୍ଗଲିଆ ଜାଗା; ବଣ।

**woodlouse** ବି. ବ.ବ. woodlice ବହୁପଦବିଶିଷ୍ଟ ଗେଣ୍ଡାଜାତୀୟ କୀଟ ବିଶେଷ।

**woodman** ବି. ବନବାସୀ; ବନରକ୍ଷକ।

**wood pecker** ବି. କାଠହଣା ଚଢେଇ।

**wood pigeon** ବି. ବଣକାପ୍ତା; ବେକ ଚାରିପଟେ ଧଳାଦାଗର ବଳୟ ଥିବା କପୋତଜାତୀୟ ପକ୍ଷୀ।

**woodpile** ବି. କାଠଗଦା; ଜାଳେଣିକାଠ ଗଦା।

**wood pulp** ବି. କାଗଜ ତିଆରିରେ ବ୍ୟବହୃତ କାଠମଣ୍ଡ।

**woodruff** ବି. ସୁଗନ୍ଧପତ୍ରଯୁକ୍ତ ଧଳାଫୁଲର ଗଛ।

**woodshed** ବି. କାଠଘର; ଜାଳେଣିକାଠ ସାଇତିବା (ଛାତଥିବା) ସ୍ଥାନ; something nasty in the woodshed କ.ଭା. ଗୋପନୀୟ ରଖାଯାଇଥିବା ଭୟାବହ ଘଟଣା ବା ବସ୍ତୁ।

**woodwind** ବି. କାଠତିଆରି ବଂଶୀପ୍ରଭୃତି ବାଦ୍ୟଯନ୍ତ୍ର; ଏଭଳି ଯେକୌଣସି ବାଦ୍ୟଯନ୍ତ୍ର।

**woodwork** ବି. କାଠକାମ; ବଢେଇ କାମ; କାଠତିଆରି କଳାକୃତି; କାଠତିଆରି ବସ୍ତୁ; crawl out of the woodwork କ.ଭା. (କୌଣସି ଅପ୍ରୀତିକର ବା ଘୃଣ୍ୟ ବସ୍ତୁପ୍ରଭୃତି) ହଠାତ୍ ଦେଖାଦେବା।

**woodworm** ବି. କାଠରେ କଣା କରୁଥିବା ପୋକ (ଘୁଣପୋକ ଭଳି); ଏହି ପୋକ ଦ୍ୱାରା ନଷ୍ଟ ହୋଇ ଯାଇଥିବା କାଠ।

**woody** ବିଂ. ବୃକ୍ଷ ପରିପୂର୍ଣ୍ଣ; କାଠଭଳି; କାଠତିଆରି; କାଠର; କାଷ୍ଠ ସମ୍ବନ୍ଧୀୟ; ବି. woodiness.

**woodyard** ବି. କାଠଗୋଦାମ; କାଠ ସାଇତିବା ସ୍ଥାନ; କାଠକାମ ହେଉଥିବା ସ୍ଥାନ।

**woody nightshade** ବି. ବିଷାକ୍ତକୋଳିଯୁକ୍ତ ଉଦ୍ଭିଦ ବିଶେଷ।

**woof**[1] 1. ବି. କୁକୁରର ଭୁକିବା ଶବ୍ଦ; 2. କ୍ରି. (କୁକୁରର) ଭୁକିବା।

**woof**[2] ବି. =weft.

**woofer** ବି. ଅଳ୍ପଶକ୍ତି ସଂପନ୍ନ ମାଇକ୍, ବାଜବାଜି ଯନ୍ତ୍ର।

**wool** ବି.ପଶମ, ଲୋମ; ପଶମବସ୍ତ୍ର, ପଶମକନା; ପଶମସଦୃଶ ଯେକୌଣସି ପଦାର୍ଥ; **pull the wool over a person's eyes** ଠକିବା, ପ୍ରତାରଣା କରିବା।

**wool-gathering** ବି. ଅନ୍ୟମନସ୍କତା।

**woollen** *ଆମେ.* woolen 1. ବିଂ. ଆଂଶିକ ବା ସଂପୂର୍ଣ୍ଣ ଭାବରେ ପଶମ ନିର୍ମିତ; 2. ବି. ପଶମବସ୍ତ୍ର ବା କନା; ବ.ବରେ ସାମୂହିକ ଭାବେ ପଶମ ଲୁଗାପଟା, ଗରମ ଲୁଗାପଟା।

**woolly** 1. ବିଂ. ଲୋମାବୃତ; ଲୋମଶ; ଲୋମସଦୃଶ, ପଶମଭଳି; ପଶମତିଆରି (a woolly pullover); ଅସ୍ପଷ୍ଟ (ଶବ୍ଦ, ସ୍ୱର); ଗୋଳମାଳିଆ ବା ଅସ୍ପଷ୍ଟ (ଚିନ୍ତା, ଭାବନା); 2. ବି. କ.ଭା. ପଶମବସ୍ତ୍ର, ବିଶେ. ପୁଲୋଭର୍ ବା ସ୍ୱେଟର୍; ବି. woolliness.

**Woolsack** ବି. ବିଲାତର ହାଉସ୍ ଅଫ ଲର୍ଡସ୍‌ରେ ଲର୍ଡ ଚାନ୍‌ସେଲରଙ୍କ ପଶମ–ଆଚ୍ଛାଦିତ ଆସନ, ତାଙ୍କ ଆସନ ବା ପଦବୀ।

Digitized by srujanika@gmail.com

**woozy** ବିଂ. କ.ଭା. ମୁଣ୍ଡ ବୁଲାଇ ହେଉଥିବା; ଟଳମଳ; ସାମାନ୍ୟ ନିଶାଗ୍ରସ୍ତ; କ୍ରି.ବିଂ. woozily; wooziness.

**wop** ବି. *ଗାଁ.ପ୍ର. ଅବ.* ଆମେରିକାରେ ଦକ୍ଷିଣ ୟୁରୋପୀୟ (ବିଶେଷକରି ଇଟାଲୀୟ) ପ୍ରବାସୀ।

**Worcester sauce** ବି. ଏକପ୍ରକାର ଚଟଣି ବା ସସ୍।

**word** 1. ବି. ଶବ୍ଦ, ପଦ, କଥା, ମନ୍ତବ୍ୟ, ଭାଷା, ପ୍ରତିଶ୍ରୁତି, ଜବାବ୍, ଆଦେଶ, ଅଭିନେତାଙ୍କ ସଂଳାପ, ବ.ବ.ରେ କ୍ରୁଦ୍ଧମନ୍ତବ୍ୟ, ଖବର; ସମ୍ବାଦ (send word); 2. କ୍ରି. ଶବ୍ଦବିନ୍ୟାସ କରିବା, ଭାଷାରେ ପ୍ରକାଶ କରିବା; the Word of God ବାଇବେଲ୍; in a(one) word ସଂକ୍ଷେପରେ; in other words ଅନ୍ୟଭାଷାରେ କହିବାକୁ ଗଲେ; in so many words ଠିକ୍ ସେହିଭାଷାରେ; ଖୋଲାଖୋଲି ବା ରୋକଠୋକ୍ ଭାବରେ; take a person's word for it ବିନାଦ୍ୱିଧାରେ ଜଣକର ବକ୍ତବ୍ୟକୁ ବିଶ୍ୱାସ କରିଯିବା; take person at his (her) word କାହାକଥାର ଶବ୍ଦଗତ ଅର୍ଥ କରିବା; (upon) my word ମୋ ରାଣ! ମୁଁ ଶପଥ କରି କରିପାରେ; ସତରେ; word for word ଶବ୍ଦାନୁସାରୀ (ଅନୁବାଦ); ବିଂ. wordless.

**word–blindness** ବି. (ବ୍ୟକ୍ତିର) ପଠନ ଏବଂ ବନାନର ଅସ୍ୱାଭାବିକ ଅସୁବିଧା।

**word game** ବି. ଶବ୍ଦଧନ୍ଦା, ଶବ୍ଦର ଖେଳ।

**wording** ବି. ଶବ୍ଦବିନ୍ୟାସ, ବାକ୍ୟବିନ୍ୟାସ ପ୍ରଣାଳୀ।

**word of honour** ବି. ସମ୍ମାନଜନକ ପ୍ରତିଶ୍ରୁତି. ଜବାବ।

**word of mouth** ବି. କେବଳ କଥାରେ।

**word–perfect** ବି. (ନାଟକ ପ୍ରଭୃତିରେ) ନିଜର ପାଠ୍ ବା ଅଂଶ ମୁଖସ୍ଥ କରିବା।

**wordplay** ବି. ଶବ୍ଦଗୁଡିକର ଚାତୁର୍ଯ୍ୟପୂର୍ଣ୍ଣ ବ୍ୟବହାର।

**word processor** ବି. କଂପ୍ୟୁଟର୍‌ରେ ସଂରକ୍ଷିତ ପାଠ, ଭ୍ରମସଂଶୋଧନ ଏବଂ ମୁଦ୍ରିତ ପାଠ ସମନ୍ୱିତ କଂପ୍ୟୁଟର୍ ବ୍ୟବସ୍ଥା; କ୍ରି. word process; ବି. word processing.

**wordy** ବିଂ. ଶବ୍ଦବହୁଳ, ବହୁଶବ୍ଦରେ ପ୍ରକାଶିତ; କ୍ରି.ବିଂ. wordily; ବି. wordiness.

**wore** କ୍ରି. wearର *ଅ.କା.*।

**work** 1. ବି. କାମ, କାର୍ଯ୍ୟ, ଶାରୀରିକ ବା ମାନସିକ ଶକ୍ତିର ପରିଚାଳନା; ପରିଶ୍ରମ; କାର୍ଯ୍ୟର ପରିଣାମ, ପେଶା, ବୃତ୍ତି, ବ୍ୟବସାୟ, ଚାକିରୀ; ସାହିତ୍ୟିକ ବା ସାଂଗୀତିକ ରଚନା; ନିର୍ଦ୍ଦିଷ୍ଟ ପ୍ରକାରର କାର୍ଯ୍ୟ ବା ଅନୁଭୂତି; ନିର୍ଦ୍ଦିଷ୍ଟ ଉପାଦାନ ବା ଯନ୍ତ୍ରରେ ପ୍ରସ୍ତୁତ ବସ୍ତୁ; ବ.ବ.ରେ ଯନ୍ତ୍ର ବା କଳର ଗତିଶୀଳ ଅଂଶ; ଗୃହ, ରାସ୍ତାବାଡ଼ ପ୍ରଭୃତିର ନିର୍ମାଣ କର୍ମ, ନିର୍ମାଣ ସ୍ଥାନ; ବନ୍ଧବାଡ ଇତ୍ୟାଦିର ନିର୍ମାଣ କାମ, ବ.ବ.ରେ କ.ଭା. ଯାହାସବୁ ଆବଶ୍ୟକ ବା ଉପଲବ୍ଧ; ବ.ବ.ରେ କାରଖାନା; *ଧର୍ମ*ପୁଣ୍ୟକାର୍ଯ୍ୟ; *ପଦାର୍ଥ*ପ୍ରତିରୋଧ ଅତିକ୍ରମ କରୁଥିବା ବା ଆଣବିକ ପରିବର୍ତ୍ତନ କରୁଥିବା ଶକ୍ତିର ପ୍ରୟୋଗ; 2. କ୍ରି. କାମ କରିବା; ଶାରୀରିକ ବା ମାନସିକ ପରିଶ୍ରମ କରିବା; ଖଟିବା, କୌଣସି କାମରେ ନିଯୁକ୍ତ ହେବା; ଉଦ୍ୟମ କରିବା; କାରବାର ହେବା; ଚଳାଇବା; କାମରେ ଲଗାଇବା; ଖଟାଇବା; ନିୟନ୍ତ୍ରଣ କରିବା; ଈପ୍ସିତ ଫଳ ଦେଖାଇବା; ଉତ୍ପାଦନ କରିବା; ନିର୍ଦ୍ଦିଷ୍ଟ ରୂପ ଦେବା, ସୂଚୀକାମ କରିବା, ବାଟ କରିନେବା, ସମାଧାନ କରିବା; (ଅଙ୍କ) କଷିବା; ଟଙ୍କା ବଦଳରେ ପରିଶ୍ରମ–ଦ୍ୱାରା ଖର୍ଚ୍ଚ କରିବା; ଉତ୍ତେଜିତ କରିବା; ପ୍ରଭାବିତ କରିବା; ଉଦ୍ଦୀପିତ ହେବା; at work କାର୍ଯ୍ୟବ୍ୟସ୍ତ, କର୍ମବ୍ୟରତ; get worked up ଉତ୍ତେଜିତ ବା କ୍ରୁଦ୍ଧହେବା; give person the works ସବୁକଥା ସ୍ପଷ୍ଟ, କରିଦେବା, ରୂକ୍ଷ ବ୍ୟବହାର କରିବା; have one's work cut out କଠିନକାର୍ଯ୍ୟ ବା ଦାୟିତ୍ୱର ସମ୍ମୁଖୀନ ହେବା; make short work of ଶୀଘ୍ର କାମ ଶେଷ କରିଦେବା; work in ରଚନାରେ ସ୍ଥାନ ପାଇବା; work off କର୍ମତତ୍ପରତା–ଦ୍ୱାରା ଦାୟିତ୍ୱମୁକ୍ତ ହେବା; work out ସମାଧାନ କରିବା, ଉଦ୍ୟମଦ୍ୱାରା ସମ୍ପାଦନ କରିବା, ଅଙ୍କ କଷିବା, ଫଳ ଲାଭ କରିବା (the scheme did not work out); ସମସ୍ତ ଟିକିନିଖି ଜିନିଷ ଯୋଗାଇ ଦେବା; କଷ୍ଟରେ ପ୍ରାପ୍ତହେବା, କର୍ମକ୍ଳାନ୍ତ ହେବା; ବ୍ୟାୟାମ କରିବା;

Digitized by srujanika@gmail.com

work over ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରିବା; *କ.ଭା.* ହିଂସ୍ର ବ୍ୟବହାର କରିବା; work through ସମାଧାନ ବା ବୁଝାମଣାରେ ଉପନୀତ ହେବା; work to rule ଆଇନ୍ ଅନୁଯାୟୀ କାର୍ଯ୍ୟ କରିବା (ପ୍ରତିବାଦ ସ୍ୱରୂପ); work up ଧୀରେ ଧୀରେ କର୍ମପ୍ରବଣ କରିବା, ଆସ୍ତେ ଆସ୍ତେ ଅଗ୍ରଗତି କରିବା, ଉଦ୍ଦୀପ୍ତ କରିବା, ବିଭିନ୍ନ ଉପାଦାନକୁ ମିଶାଇବା, ଅଧ୍ୟୟନ ଦ୍ୱାରା ଶିକ୍ଷା କରିବା; ଧୀରେ ଧୀରେ ଉତ୍ତେଜିତ କରିବା; work wonders ଅସାଧ ସାଧନ କରିବା; ଅବିଶ୍ୱାସ୍ୟ ସଫଳତା ହାସଲ କରିବା ।

**workable** ବିଂ. କାର୍ଯ୍ୟୋପଯୋଗୀ; କାର୍ଯ୍ୟକ୍ଷମ, କରଣୀୟ; କ୍ରି.ବିଂ. workably; ବି. workability.

**workaday** ବିଂ. ସାଧାରଣ, ମାମୁଲି; ଦୈନନ୍ଦିନ ଘଟୁଥିବା; ବ୍ୟାବହାରିକ ।

**workaholic** ବି. *କ.ଭା.* କର୍ମମତ୍ତ; ସବୁବେଳେ କାମ କରିବାପାଇଁ ଇଚ୍ଛୁକ ବ୍ୟକ୍ତି ।

**work–basket** ବି. ସିଲେଇ ସାମାନ ରଖିବା ଝୁଡ଼ି ।

**workbench** ବି. ବଢ଼େଇକାମ ପ୍ରଭୃତି ଶାରୀରିକ ପରିଶ୍ରମର କାର୍ଯ୍ୟପାଇଁ ଉଦ୍ଦିଷ୍ଟ ବେଞ୍ଚ୍ ।

**workbook** ବି. ପ୍ରଶ୍ନମାଳାପ୍ରଭୃତି ସହ ପାଠ୍ୟପୁସ୍ତକ ।

**workbox** ବି. ହାତହତିଆର ବା ସୂଚୀକର୍ମ ସଂପୃକ୍ତ ପଦାର୍ଥପ୍ରଭୃତି ରଖିବା ପାଇଁ କାରିଗରର ବାକ୍ସ ।

**work camp** ବି. କର୍ମଶିବିର; ସାମାଜିକ ସ୍ୱେଚ୍ଛାସେବୀ କାର୍ଯ୍ୟ ନିମନ୍ତେ ସଂଗଠିତ ଶିବିର (*ବିଶେ.* ଯୁବ–ସ୍ୱେଚ୍ଛାସେବୀମାନଙ୍କର) ।

**workday** ବି.କାର୍ଯ୍ୟଦିବସ; ରବିବାର ବା ଛୁଟିଦିନ ଛଡ଼ା ଅନ୍ୟଦିନ ।

**worker** ବି.ଶ୍ରମିକ; ମୂଲିଆ; କର୍ମୀ, କର୍ମୀମହୁମାଛି ବା ପିମ୍ପୁଡ଼ି; କାମିକା ବ୍ୟକ୍ତି ।

**work experience** ବି. ଯୁବକ ଯୁବତୀମାନଙ୍କୁ ସାମୟିକ କର୍ମନିଯୁକ୍ତିର ଅଭିଜ୍ଞତା ଦେବାର ଯୋଜନା ।

**workforce** ବି.ଶ୍ରମଶକ୍ତି; କାର୍ଯ୍ୟରେ ନିୟୋଜିତ ବା ଉପଲବ୍ଧ ସମୁଦାୟ ଶ୍ରମିକ ବା କର୍ମୀ ବା ସେମାନଙ୍କର ସଂଖ୍ୟା ।

**workhouse** ବି. ଇତି. ଦରିଦ୍ରମାନଙ୍କ ନିମନ୍ତେ ସାଧାରଣ ଆବାସ ସ୍ଥଳ ।

**working** 1. ବିଂ. କର୍ମଜୀବୀ ବା କାର୍ଯ୍ୟରେ ନିଯୁକ୍ତ (working women); କର୍ମମୟ (working life); କର୍ମନିଯୁକ୍ତ (working hours); କାମଚଳା (working model); 2. ବି. କର୍ମ; କାର୍ଯ୍ୟ; କାର୍ଯ୍ୟବିଧି; *ସା.* ବ.ବ.ରେ ଯନ୍ତ୍ରପାତି, ଯାନ୍ତ୍ରିକ କୌଶଳ ।

**working capital** ବି.ବ୍ୟବସାୟରେ ପ୍ରକୃତରେ ଖଟାଯାଇଥିବା ମୂଳଧନ ।

**working class** ବି. ଶ୍ରମିକଶ୍ରେଣୀ; ଖଟିଖିଆ ଶ୍ରେଣୀ; ବିଂ. working-class.

**working day** ବି. କାର୍ଯ୍ୟଦିବସ; କାର୍ଯ୍ୟନିମନ୍ତେ ଉଦ୍ଦିଷ୍ଟ ଦିନର ଅଂଶ ।

**working knowledge** ବି. କାମଚଳା ଜ୍ଞାନ; କାମଚଳାଇବା ଭଳି ଧାରଣା ବା ଦକ୍ଷତା ।

**working lunch** ବି. ବ୍ୟାବସାୟିକ ତଥା ଅନ୍ୟ କାର୍ଯ୍ୟ କରିବା ଅବସରରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ।

**working order** ବି. କର୍ମକ୍ଷମ, ଯେଉଁ ଅବସ୍ଥାରେ ଯନ୍ତ୍ର କାମ କରେ ।

**workload** ବି.କରିବାକୁ ଥିବା ସମୁଦାୟ କାର୍ଯ୍ୟର ପରିମାଣ ।

**workman** ବି. ଶ୍ରମିକ, ଶ୍ରମଜୀବୀ; (କୁଶଳୀ) କାରିଗର (a good workman).

**workmanlike** ବିଂ. ସୁଯୋଗ୍ୟ, କୁଶଳୀ, ଶିଳ୍ପ–ନିପୁଣ ।

**workmanship** ବି. କାରିଗରୀ, ଶିଳ୍ପକୌଶଳ, କାରିଗରୀ କୌଶଳ, ନିପୁଣତା ବା କଳାତ୍ମକତା ।

**workmate** ବି.କୌଣସି କାର୍ଯ୍ୟରେ ସହଯୋଗୀ; ସହକର୍ମୀ ।

**work of art** ବି. କଳାକୃତି; ଉତ୍ତମ କଳାର ନିଦର୍ଶନ (କାବ୍ୟକବିତା, ଚିତ୍ର, ଅଟ୍ଟାଳିକା ପ୍ରଭୃତି) ।

**workout** ବି. ଶାରୀରିକ ବ୍ୟାୟାମ ବା ତାଲିମ କାର୍ଯ୍ୟ ।

**workpeople** ବି. ବ.ବ. ମଜୁରିଆ, ଶ୍ରମିକ ।

**workpiece** ବି. ହାତହତିଆର ବା ଯନ୍ତ୍ରତିଆରି ବସ୍ତୁ ବା ନମୁନା ।

**workplace** ବି.କର୍ମସ୍ଥଳ; ବ୍ୟକ୍ତିର କାର୍ଯ୍ୟ କରିବା ସ୍ଥାନ ।

**workroom** ବି. ଯେଉଁ କୋଠରୀରେ କାର୍ଯ୍ୟ କରାଯାଏ ।

Digitized by srujanika@gmail.com

**worksheet** ବି. କର୍ମର ଅଗ୍ରଗତି ସୂଚକ ନଥି; ଛାତ୍ରମାନଙ୍କର କାର୍ଯ୍ୟସୂଚୀର ତାଲିକା ।
**workshop** ବି. କାରଖାନା, କର୍ମଶାଳା; ସାମୂହିକ ଆଲୋଚନା ବା କାର୍ଯ୍ୟ ପାଇଁ ମିଳନସ୍ଥଳ (theatre workshop).
**work-shy** ବିଂ. କର୍ମକୁଣ୍ଠ; କାମଚୋର; କାର୍ଯ୍ୟ କରିବାପାଇଁ ଅନିଚ୍ଛୁକ ।
**work_tation** ବି. ନିର୍ମାଣ ବା ପ୍ରସ୍ତୁତିର ନିର୍ଦ୍ଦିଷ୍ଟ ପର୍ଯ୍ୟାୟର ଅବସ୍ଥିତି; ଏହା ଅବସ୍ଥିତ ଥିବା କଂପ୍ୟୁଟର୍ ଟର୍ମିନାଲ୍, ଡେସ୍କ୍ ପ୍ରଭୃତି ।
**work study** ବି. କାର୍ଯ୍ୟପ୍ରଣାଳୀର ଅଧ୍ୟୟନ (ସର୍ବୋତ୍ତମ ଉତ୍ପାଦନ ବା ନିର୍ମାଣ କ୍ଷମତା ହାସଲ କରିବା ଉଦ୍ଦେଶ୍ୟରେ) ।
**work table** ବି. ଯେଉଁ ଟେବୁଲ୍ ଉପରେ (ବ୍ୟକ୍ତି) କାର୍ଯ୍ୟ କରିଥାଏ ।
**worktop** ବି. କାମ କରିବାପାଇଁ ଚଟକା ସ୍ଥାନ, ବିଶେ. ରୋଷେଇଘରେ ।
**work-to-rule** ବି. ନିୟମାନୁସାରେ କାର୍ଯ୍ୟ ।
**world** ବି. ପୃଥିବୀ, ବିଶ୍ୱ, ବିଶ୍ୱର ଦେଶ ଓ ଜନସମୂହ; ଜଗତ୍, ମାନବ ସମାଜ; ପୃଥିବୀସଦୃଶ ଯେକୌଣସି ଗ୍ରହ; ସଂସାର, ସାଂସାରିକ ଜୀବନ; ମରସଂସାର; ଲୌକିକ ଅବସ୍ଥା, ଇହଲୋକ; ମାନବ ବ୍ୟାପାର ବା କର୍ମଚଞ୍ଚଳତା, ପୃଥିବୀର ସୀମାବଦ୍ଧ ଅଂଶ; ନିର୍ଦ୍ଦିଷ୍ଟ କାର୍ଯ୍ୟର ପରିସର; **bring (come) into the world** ଜାତହେବା, ଜନ୍ମଦେବା; **for all the world** ସଂକ୍ଷେପରେ, ମୋଟାମୋଟି ଭାବରେ; **in the world** ମୋଟେଉପରେ **(what in the world is it)**; **man (woman) of the world** ଦୁନିଆ ଦେଖିଥିବା ଲୋକ; ମାନବିକ ପ୍ରକୃତି ସମ୍ପର୍କରେ ଅଭିଜ୍ଞ ବ୍ୟକ୍ତି; **out of this world** *କ.ଭା.* ଅତ୍ୟନ୍ତ ସୁନ୍ଦର ବା ଭଲ; **think the world of** ଅତ୍ୟନ୍ତ ଉଚ୍ଚମତ ପୋଷଣ କରିବା; **this world** ଇହଜଗତ ।
**world-beater** ବି. ଅନ୍ୟ ସମସ୍ତଙ୍କୁ ଅତିକ୍ରମ କରି ଯାଉଥିବା ବ୍ୟକ୍ତି ବା ବସ୍ତୁ ।
**world-class** ବିଂ. ବିଶ୍ୱଶ୍ରେଣୀୟ; ସମଗ୍ର ବିଶ୍ୱରେ ଉତ୍ତମ ଗୁଣମାନ ପାଇଁ ପ୍ରଶଂସିତ ।
**World Cup** ବି. (ଫୁଟ୍‌ବଲ୍, ହକି, କ୍ରିକେଟ୍ ପ୍ରଭୃତି ଖେଳର) ବିଶ୍ୱକପ୍ ପ୍ରତିଯୋଗିତା ।
**world-famous** ବି. ପୃଥିବୀ ପ୍ରସିଦ୍ଧ ।
**worldly** ବିଂ. ସାଂସାରିକ, ବିଷୟାସକ୍ତ, ପାର୍ଥିବ; ପ୍ରାୟୋଗିକ, ଉପଯୋଗୀ; ବି. worldliness.
**worldly-wise** ବି. ବିଷୟକର୍ମରେ ଚତୁର; ସଂସାର-ଅଭିଜ୍ଞ ।
**world music** ବି. ବିଭିନ୍ନ ଜନଜାତିର ସଂଗୀତ ବା ଲୋକସଂଗୀତ ଉପରେ ଆଧାରିତ ଜନପ୍ରିୟ ସଂଗୀତ ବା ପପ୍ ସଙ୍ଗୀତ; ବିକାଶଶୀଳ ଦେଶମାନଙ୍କର ସ୍ଥାନୀୟ ପପ୍ ସଂଗୀତ ।
**world war** ବି. ବିଶ୍ୱଯୁଦ୍ଧ; ପୃଥିବୀର ବହୁ ଦେଶ ବ୍ୟାପୃତ ଥିବା ଯୁଦ୍ଧ ।
**world-weary** ବି. ସଂସାରର ବା ମଣିଷମାନଙ୍କର କାରବାର ଦେଖି ବିରକ୍ତ; ସଂସାର-ବିରାଗୀ; ବି. world-weariness.
**worldwide** 1. ବିଂ. ବିଶ୍ୱବ୍ୟାପୀ, ସମଗ୍ରବିଶ୍ୱରେ ଜ୍ଞାତ ବା ଘଟୁଥିବା; 2. କ୍ରି.ବିଂ. ସମଗ୍ର ବିଶ୍ୱରେ ।
**worm** 1. ବି. କ୍ଷୁଦ୍ର କୀଟ, ପୋକ; ଜିଆ, କେଞ୍ଚୁଆ, କୃମି; ଘୃଣ୍ୟ ବା ନଗଣ୍ୟ ବ୍ୟକ୍ତି; ପେଚର ମଣ୍ଡଳାକୃତି ଅଂଶ; 2. କ୍ରି. କୀଟସଦୃଶ ଧୀରେଧୀରେ ବାଟକରି ପଶିବା, ଗୋପନରେ କାର୍ଯ୍ୟ ସାଧନ କରିବା; ଗୋପନୀୟ ତଥ୍ୟ ହାସଲ କରିବା; କୃମି ନିପାତ କରିବା ।
**wormcast** ବି. ଜିଆ ଗାଳିଥିବା ମାଟି ।
**wormeaten** ବିଂ. ପୋକଖିଆ, ଜୀର୍ଣ୍ଣ, ଘୁଣଧରା, ପୁରୁଣା ।
**worm-hole** ବି. ପୋକକୃତ ଗାତ; ପୋକକଟା ଛିଦ୍ର ।
**worm's-eye view** ବି. ନିମ୍ନରୁ ଦେଖାଯାଉଥିବା ଦୃଶ୍ୟ ।
**wormwood** ବି. ଏକପ୍ରକାର ତିକ୍ତ ଗନ୍ଧଯୁକ୍ତ ଉଦ୍ଭିଦ; ଅତିଶୟ ଲଜ୍ଜା ବା ଅପମାନ ବା ତା'ର କାରଣ ।
**wormy** ବିଂ. କୀଟପୂର୍ଣ୍ଣ, କୀଟଦଂଷ୍ଟ; ବି. worminess.
**worn** ବିଂ. wearର *ଅ.କ୍ରି.କ.ପ.* ବହୁ ବ୍ୟବହୃତ; ଅତି ପୁରୁଣା, ଜୀର୍ଣ୍ଣ; କ୍ଳାନ୍ତଶ୍ରାନ୍ତ ।
**worrisome** ବିଂ. ଦୁଶ୍ଚିନ୍ତା ସୃଷ୍ଟିକାରୀ ।
**worry** 1. କ୍ରି. ବିରକ୍ତ କରିବା, ହଇରାଣ ହେବା ବା କରିବା; ଚିନ୍ତିତ ହେବା; ଦୁଶ୍ଚିନ୍ତାଗ୍ରସ୍ତ ହେବା; ମାନସିକ ଅଶାନ୍ତି ଘଟାଇବା, ବ୍ୟତିବ୍ୟସ୍ତ କରିବା; (କୁକୁର) ଦାନ୍ତରେ ଟିକ୍‌ଟିକ୍ କରି ଛିଣ୍ଡାଇବା,

Digitized by srujanika@gmail.com

ଉଦବିଗ୍ନ ହେବା; ଚିନ୍ତାର କାରଣ ହେବା, ମନରେ କଷ୍ଟ ଅନୁଭବ କରିବା; worried ବିଂ. ବିବ୍ରତ; 2. ବି. ଉଦ୍‌ବେଗ, ଉତ୍କଣ୍ଠା, ଦୁଶ୍ଚିନ୍ତା, ଚିନ୍ତା, କ୍ଲେଶ ବା ଦୁଃଖର କାରଣ; ବି. worrier.

**worry beads** ବି. ବ.ବ. ନିଜକୁ ଶାନ୍ତ କରିବା ପାଇଁ ବା କାର୍ଯ୍ୟ–ନିୟୋଜିତ କରିବାପାଇଁ ଗଡାଇବା ମାଳା ।

**worse** 1. ବିଂ. ଅଧିକ ମନ୍ଦ; ବେଶୀ ଖରାପ; 2. କ୍ରି.ବିଂ. ଅଧିକତର ମନ୍ଦଭାବରେ; (ସ୍ୱାସ୍ଥ୍ୟ) ଅବନତିର ଅବସ୍ଥାରେ; ଅଧିକ ପରିମାଣରେ; 3. ବି. ଅଧିକତର ମନ୍ଦ ବସ୍ତୁ ବା ଘଟଣା (he might do worse than accept); ଆହୁରି ଖରାପ ଅବସ୍ଥା (a change for the worse); from bad to wrose ମନ୍ଦରୁ ମନ୍ଦତର ଅବସ୍ଥାକୁ; none the wrose ପ୍ରତିକୂଳ ବା ବେଶୀ ଖରାପ ଅବସ୍ଥାରେ ନୁହେଁ; the worse for wear ବ୍ୟବହାରଦ୍ୱାରା ନଷ୍ଟ, କ୍ଷୟପ୍ରାପ୍ତ; କ୍ଷତିଗ୍ରସ୍ତ; ଆଘାତପ୍ରାପ୍ତ; worse off ଆହୁରି ଖରାପ (ଆର୍ଥିକ) ଅବସ୍ଥାରେ ।

**worsen** କ୍ରି. ଅଧିକ ମନ୍ଦ ହେବା ବା କରିବା; ବେଶୀ ଖରାପ ହେବା ବା କରିବା ।

**worship** 1. ବି. ଉପାସନା, ପୂଜା, ପୂଜାବିଧି; ଆରାଧନା; ପ୍ରଶଂସା, ସମ୍ମାନ, ଭକ୍ତି, ପୂଜା; (His, Her, Your) worship ବିଚାରପତି ପ୍ରଭୃତିଙ୍କୁ ସମ୍ମାନସୂଚକ ସମ୍ବୋଧନ; 2. କ୍ରି. ଉପାସନା, ପୂଜା ବା ଆରାଧନା କରିବା; ଭକ୍ତି ବା ସମ୍ମାନ ଦେଖାଇବା; ବି. worshipper.

**worshipful** ବିଂ. *ପ୍ରା.ପ୍ର.* (ସମ୍ବୋଧନ ମୂଳକ) ମାନନୀୟ, ମହାମାନ୍ୟ, ସମ୍ମାନନୀୟ; କ୍ରି.ବିଂ. worshipfully.

**worst** 1. ବିଂ. ମନ୍ଦତମ; ଖରାପତମ; 2. କ୍ରି.ବିଂ. ସବୁଠାରୁ ମନ୍ଦଭାବରେ; 3. ବି. ସର୍ବାପେକ୍ଷା ଖରାପ ଅବସ୍ଥା, ବସ୍ତୁ, ସମ୍ଭାବନା ବା ଘଟଣା (prepare for the worst); 4. କ୍ରି. ଉନ୍ନତତର ହେବା; ପରାସ୍ତ କରିବା; at its worst ସବୁଠାରୁ ଖରାପ ଅବସ୍ଥାରେ; at (its) worst ସମ୍ଭାବ୍ୟ ମନ୍ଦତମ ଅବସ୍ଥାରେ; do your worst ଯାହା ପାରୁଛ କର (ଧମକ); get the wrost of it ପରାଜିତ ହେବା; if the worst comes to the worst ଯଦି ଅତ୍ୟନ୍ତ ଖରାପ କିଛି ଘଟିଯାଏ ।

**worsted** ବିଂ. ଅତି ସୂକ୍ଷ୍ମ ପଶମ ସୂତା; ଏଥିରେ ବୁଣା ହୋଇଥିବା ଲୁଗା ।

**wort** ବି. *ପ୍ରା.ପ୍ର.* (ନାମ ବ୍ୟତୀତ) ଉଦ୍ଭିଦ (liverwort); ବିଅରରେ ପରିବର୍ତ୍ତିତ ହେବାପୂର୍ବରୁ ମାଲ୍‌ଟ୍ (malt) ଭର୍ତ୍ତି କରିବା ।

**worth** 1. ବିଂ. (ଅବ୍ୟୟପଦ ଭଳି ବ୍ୟବହୃତ) ମୂଲ୍ୟବିଶିଷ୍ଟ; ଯୋଗ୍ୟ (worth doing); ନିର୍ଦ୍ଦିଷ୍ଟ ପରିମାଣର ସମ୍ପତ୍ତିର ଅଧିକାରୀ ହୋଇଥିବା; 2. ବି. ଗୁଣ, ମୂଲ୍ୟ, ଉତ୍କର୍ଷ, ଯୋଗ୍ୟତା; for all one is worth *କ.ଭା.* ସମସ୍ତ ଶକ୍ତି ପ୍ରୟୋଗ କରି; for what it is worth କାହାର ମୂଲ୍ୟ ବା ସତ୍ୟତା ବିଷୟରେ ନିଶ୍ଚିତ ନ ଥାଇ; worth it ଯୋଗ୍ୟ, ଉପଯୁକ୍ତ; worth one's salt ସୁଯୋଗ୍ୟ; ଯୋଗ୍ୟତା ସଂପନ୍ନ; worth one's weight in gold *ଦ୍ର.* weight; worth (one's) while *ଦ୍ର.* while.

**worthless** ବିଂ. ଅଯୋଗ୍ୟ, ମୂଲ୍ୟହୀନ, ଗୁଣହୀନ; ବି. worthlessness.

**worthwhile** ବିଂ. ଉପଯୋଗୀ; (ସମୟ, ପରିଶ୍ରମ ବା ମୂଲ୍ୟକୁ ଚାହିଁ) ଉପଯୁକ୍ତ, ଯଥାର୍ଥ ।

**worthy** 1. ବିଂ. ସୁଯୋଗ୍ୟ; ଉପଯୁକ୍ତ; 2. ବି. ଯୋଗ୍ୟ ବ୍ୟକ୍ତି; ସମ୍ମାନାସ୍ପଦ ବ୍ୟକ୍ତି; କ୍ରି.ବିଂ. worthily; ବି. worthiness.

**–worthy** ସଂ. ଯୋଗ୍ୟ, ଉପଯୋଗୀ ପ୍ରଭୃତି ଅର୍ଥବ୍ୟଂଜକ ବିଶେଷଣ ନିଷ୍ପନ୍ନକାରୀ ପଶ୍ଚାତ୍ ପ୍ରତ୍ୟୟ (seaworthy, noteworthy).

**would** କ୍ରି. willର *ଅ.କା.* ସହାୟକ କ୍ରିୟା: ପରୋକ୍ଷୋକ୍ତିରେ (she said that she would come back by evening); ନିର୍ଦ୍ଦିଷ୍ଟ ପରିସ୍ଥିତିରେ (he would have if you had invited); ଅଭ୍ୟାସଗତ ବା ସ୍ୱାଭାବିକ୍ କାର୍ଯ୍ୟସୂଚକ (she would sit here for hours); ପ୍ରଶ୍ନ ବା ଅନୁରୋଧରେ (would you sit down; would he like it); ସମ୍ଭାବନା ସୂଚକ (she would be a young lady by now); ସମ୍ମତିସୂଚକ (he wouldnot help).

**would–be** ବିଂ. ଗୁଣ ଇଚ୍ଛା, କାମନା ବା ଆକାଂକ୍ଷା କରୁଥିବା; ସମ୍ଭାବ୍ୟ ।

**wouldn't** ସଂଶ. *କ.ଭା.* would not.

Digitized by srujanika@gmail.com

**wound**[1] 1. ବି. କ୍ଷତ; ଆଘାତ, ଘା', ସୁନାମରେ, ଆଘାତ; ମନରେ ଆଘାତ; 2. କ୍ରି. ଆଘାତ କରିବା, ଆହତ କରିବା ।

**wound**[2] କ୍ରି. windର *ଅ.କା.* ଏବଂ *ଅ.କ୍ରି.ଜ.ପ.* ।

**wound up** ବିଂ. ଉତ୍ତ୍ୟକ୍ତ, ଉତ୍ତେଜିତ, କ୍ରୁଦ୍ଧ ।

**wove** କ୍ରି. weaveର *ଅ.କା.* ।

**woven** କ୍ରି. weaveର *ଅ.କ୍ରି.ଜ.ପ.* ।

**wow**[1] 1. *ଅବ୍ୟ.* ଆଶ୍ଚର୍ଯ୍ୟ ବା ପ୍ରଶଂସାସୂଚକ ଧ୍ୱନି; 2. ବି. *ସା.ପ୍ର.* ଚମତ୍କାର ସଫଳତା; 3. କ୍ରି. *ସା.ପ୍ର.* ଅତ୍ୟନ୍ତ ମୁଗ୍ଧ ବା ପ୍ରଭାବିତ କରିବା ।

**wow**[2] ବି. ପୁନଃ–ଉଚ୍ଚାରିତ ଶବ୍ଦର ମନ୍ଥର ସ୍ୱର, ବିଶେ. ଦୀର୍ଘମାତ୍ରା ଗୁଡ଼ିକରେ ।

**WP** *ସଂଶ.* word processor ୱାର୍ଡ୍ ପ୍ରସେସର୍ ।

**w.p.b** *ସଂଶ.* waste–paper basket ଅଳିଆକାଗଜ ଟୋକେଇ ।

**WPC** *ସଂଶ.* woman police constable ମହିଳା ପୁଲିସ୍ କନ୍‌ଷ୍ଟେବଲ୍ ବା ସିପାହୀ ।

**w.p.m** *ସଂଶ.* words per minute ଶବ୍ଦ–ପ୍ରତି–ମିନିଟ୍ ।

**WRAC** *ସଂଶ.* Women's Royal Army Corps ରୟେଲ୍ ମହିଳା ଆର୍ମି କୋର୍ ।

**wrack** ବି. ଧ୍ୱଂସ, ଧ୍ୱଂସସାଧନ; ଉପକୂଳରେ ଜାତ ବା କୂଳରେ ଭାସିଆସି ଲାଗିଥିବା ସାମୁଦ୍ରିକ ଉଦ୍‌ଭିଦ ।

**WRAF** *ସଂଶ.* Women's Royal Air Force ରୟେଲ୍ ମହିଳା ବିମାନ ବାହିନୀ ।

**wraith** ବି. ପ୍ରେତ, ଭୂତ; (ବ୍ୟକ୍ତିର) ମୃତ୍ୟୁର ଠିକ୍ ପୂର୍ବରୁ ବା ପରେପରେ ଅନ୍ୟସ୍ଥାନରେ ପରିଦୃଷ୍ଟ ତାହାର ଛାୟାମୂର୍ତ୍ତି ବା ଅଶରୀରୀ ଆକୃତି (ସେହି ବ୍ୟକ୍ତିର ମୃତ୍ୟୁସୂଚକ) ।

**wrangle** 1. ବି. ପାଟିତୁଣ୍ଡ, ବଡ ପାଟିରେ ଯୁକ୍ତିତର୍କ; କଳହ, କଳି; 2. କ୍ରି. ବଡ ପାଟିରେ କଳହ କରିବା; କଳି କରିବା ।

**wrap** 1. କ୍ରି. (*ସା.* up ସହ) ଗୁଡ଼ାଇବା, ଆବୃତ କରିବା; ବେଢ଼ାଇବା, ଢାଙ୍କିବା; *ସା.ପ୍ର.* କୌଣସି ସ୍ଥିର ବସ୍ତୁ ଉପରେ (ମଟରଗାଡ଼ି ପ୍ରଭୃତି) ଧକ୍କା ଲଗାଇବା; 2. ବି. ଶାଲ୍, ଚାଦର; ବିଶେ. *ଆମେ.* ଗୁଡ଼ାଇବା ପାଇଁ କାଗଜ ପ୍ରଭୃତି; take the wraps up ରହସ୍ୟ ଉନ୍ମୋଚନ କରିବା; ଅନାବୃତ କରିବା; under wraps ଗୋପନରେ; wrap over (ପୋଷାକ ସମ୍ପର୍କରେ) ପିନ୍ଧିବା ସମୟରେ କେହିଁ ସଂପୂର୍ଣ୍ଣ ଘୋଡ଼ାଇ ହୋଇଯିବା; wrapped up in ତଲ୍ଲୀନ ବା ନିବିଷ୍ଟ ହୋଇଯିବା; କୌଣସି ବିଷୟରେ ବୁଡ଼ିଯିବା; wrap up *କଥା.* ଶେଷ କରିବା, ସମାପ୍ତ କରିବା, ଘୋଡ଼ାଇ ଦେବା, ଢାଙ୍କିଦେବା; ଗରମ ପୋଷାକ ପିନ୍ଧିବା (wrap up well); *ସା.ପ୍ର.* ଚୁପ୍ କର ।

**wraparound** ବିଂ. (wrapround ମଧ୍ୟ) ସଂପୂର୍ଣ୍ଣ ଆବୃତ କରିବାପାଇଁ ଉଦ୍ଦିଷ୍ଟ (ପୋଷାକ); ଶରୀରର ଅଙ୍ଗପ୍ରତ୍ୟଙ୍ଗର ସୁଗୋଲତା, ବକ୍ରତା ପ୍ରଭୃତି ଅନୁସାରେ ପ୍ରସ୍ତୁତ (ପୋଷାକ) ।

**wrap–over** 1. ବିଂ. (ଗୁଣବାଚକ) ପିନ୍ଧିଲେ ଓହଳି ପଡୁଥିବା (ପୋଷାକ); 2. ବି. ଏଭଳି ପୋଷାକ ।

**wrapper** ବି. ବହି, ସମ୍ବାଦପତ୍ର, ମିଠାଇ ପ୍ରଭୃତିର ଆବରକ (କାଗଜ, କନା, ଜରିପ୍ରଭୃତି); ସଂପୂର୍ଣ୍ଣ ଆବୃତ କରୁଥିବା ଢିଲା ଗାଉନ୍ ବା କୁର୍ତ୍ତା ।

**wrapping** ବି. ବିଶେ. ବ.ବ. ଆବରକ; ଡବା, ପେକେଟ୍ ପ୍ରଭୃତି ଘୋଡ଼େଇବା ପାଇଁ ବ୍ୟବହୃତ କାଗଜ ପ୍ରଭୃତି ।

**wrapping paper** ବି. ପାର୍ସଲ ପ୍ରଭୃତି ଘୋଡେଇବା ନିମନ୍ତେ ବ୍ୟବହୃତ ସୁନ୍ଦର ବା ମଜବୁତ କାଗଜ ।

**wrapround** ବି. ଦ୍ରଷ୍ଟ. wraparound.

**wrasse** ବି. ଉଜ୍ଜ୍ୱଳବର୍ଣ୍ଣର ସାମୁଦ୍ରିକ ମତ୍ସ୍ୟ ବିଶେଷ ।

**wrath** ବି. *ସାହି.* କ୍ରୋଧ, ପ୍ରଚଣ୍ଡ ରାଗ ।

**wrathful** ବିଂ. ଅତ୍ୟନ୍ତ କ୍ରୋଧାନ୍ୱିତ, କ୍ରୁଦ୍ଧ; କ୍ରି.ବିଂ. wrathfully.

**wreak** କ୍ରି. (*ସା.* upon ସହ) କ୍ରୋଧ ବା ପ୍ରତିଶୋଧ ଚରିତାର୍ଥ କରିବା; (ଧ୍ୱଂସ ବା କ୍ଷତି) ଘଟାଇବା ।

**wreath** ବି. (ଫୁଲ, ପତ୍ର ପ୍ରଭୃତିର) ମାଳ, ହାର; ମାଳ ବା ମଣ୍ଡଳ ସଦୃଶ କୌଣସି ପଦାର୍ଥ; ଧୂଆଁ ବା ବାଦଲର କୁଣ୍ଡଳୀ ।

**wreathe** କ୍ରି. ମାଳ ଗୁନ୍ଥିବା; ମାଳଭଳି କରିବା ବା ହେବା; (round ସହ) କାହା ଦେହ ବା ଅଂଗକୁ (ବାହୁଦ୍ୱାରା) ଆବେଷ୍ଟନ କରିବା; (ଧୂଆଁ) କୁଣ୍ଡଳିତ ଗତିରେ ଯିବା ।

Digitized by srujanika@gmail.com

**wreck** 1. ବି. ଜାହାଜର ଦୁର୍ଘଟଣା; ଜାହାଜବୁଡ଼ି; ବୁଡ଼ିଯାଇଥିବା ବା ଧ୍ୱଂସପ୍ରାପ୍ତ ଜାହାଜ ବା ତାହାର ଭଗ୍ନାବଶେଷ; ଧ୍ୱଂସ ବା ବିନଷ୍ଟ ହୋଇଥିବା ଘର, ଗାଡ଼ି ପ୍ରଭୃତିର ଧ୍ୱଂସାବଶେଷ; 2. କ୍ରି. (ଜୀବନ, ଆଶାପ୍ରଭୃତି) ନଷ୍ଟ କରିବା; (ଜାହାଜ ପ୍ରଭୃତି) ଧ୍ୱଂସ କରିବା, ଜଳମଗ୍ନ ହେବା।

**wreckage** ବି. ଧ୍ୱଂସାବଶେଷ; ବିଧ୍ୱଂସ।

**wrecker** ବି. *ଇତି.* (ଲୁଣ୍ଠନ ନିମନ୍ତେ) ଜାହାଜ ଧ୍ୱଂସକାରୀ; ବିଧ୍ୱଂସକାରୀ; ଜାହାଜକୁ ଜଳନିମଗ୍ନ କରୁଥିବା (ବସ୍ତୁ); *ବିଶେ. ଆମେ.* କ୍ଷତିଗ୍ରସ୍ତ ଗାଡ଼ିମଟର ଭାଙ୍ଗିବା ବା ଖଣ୍ଡଖଣ୍ଡ କରିବାପାଇଁ ନିଯୁକ୍ତ ବ୍ୟକ୍ତି।

**Wren** ବି. WRNS ବା ରାଜକୀୟ ନାରୀ ନୌବାହିନୀର ସଦସ୍ୟା।

**wren** ବି. କ୍ଷୁଦ୍ରାକୃତି, ମାଛିଆରଙ୍ଗର ଗାୟକ ପକ୍ଷୀବିଶେଷ।

**wrench** 1. ବି. ମୋଡ଼ା, ମଚକା ବା ଟଣା; ନଟ୍ ପ୍ରଭୃତି ଖୋଲିବା ନିମନ୍ତେ ଯନ୍ତ୍ର, ରେଞ୍ଚ୍; ଆକସ୍ମିକ ଉଚ୍ଛେଦ ବା ବିଚ୍ଛେଦ ଜନିତ ଯନ୍ତ୍ରଣା ବା ଦୁଃଖ; 2. କ୍ରି. ହଠାତ୍ ମୋଡ଼ିବା ବା ଟାଣିବା, ଏପରି କରି ମଚକାଇଦେବା ବା ଜଖମ କରିବା; ମଚକି ଯିବା; ରେଞ୍ଚ୍‌ରେ ଖୋଲିବା; ହେରଫେର୍ କରି ପ୍ରମାଣସିଦ୍ଧ କରିବା ପାଇଁ ଚେଷ୍ଟା କରିବା।

**wrest** କ୍ରି. (ହାତମୁଠାରୁ ବା ଦଖଲରୁ) ବଳପୂର୍ବକ କାଢ଼ିନେବା ବା ଛଡ଼ାଇନେବା; ବହୁ ଉଦ୍ୟମରେ ଲାଭ କରିବା; ନିଜକୁ ସୁହାଇବା ଭଳି ଅର୍ଥ କରିବା।

**wrestle** 1. ବି. ମଲ୍ଲଯୁଦ୍ଧ, କୁସ୍ତି, ବଳ କଷାକଷି; 2. କ୍ରି. ମଲ୍ଲଯୁଦ୍ଧ କରିବା, କୁସ୍ତି କରିବା; (with ସହ) (ଅସୁବିଧା, ସମସ୍ୟାପ୍ରଭୃତି ବିରୁଦ୍ଧରେ) ପ୍ରବଳ ଉଦ୍ୟମ କରିବା; ପାରୁପର୍ଯ୍ୟନ୍ତ ପରିଶ୍ରମ କରିବା; ବି. wrestler; wrestling.

**wretch** ବି. ହତଭାଗ୍ୟ ବା ଦୟନୀୟ (ବ୍ୟକ୍ତି); ପରି ଗଣ୍ଡଗୋଳିଆ ବା ଅବିବେକୀ ଲୋକ।

**wretched** ବିଂ. ଦୁଃଖୀ; ଦୟନୀୟ; ଭାଗ୍ୟହୀନ; ତୁଚ୍ଛ ବା ଘୃଣ୍ୟ, ନିକୃଷ୍ଟ, ଘୃଣ୍ୟ, ଅସୁଖକର; *କ୍ରି.ବିଂ.* wretchedly; ବି. wretchedness.

**wrick** ବିକ. rick.

**wriggle** 1. କ୍ରି. (କୀଟ ପ୍ରଭୃତି) ଭିଡ଼ିମୋଡ଼ି ହେବା, ଏପାଖ ସେପାଖ ହେବା; ସର୍ପଗତିରେ ଅଙ୍କେଇ ବଙ୍କେଇ ଯିବା; ଧରା ନ ଦେବା; କୌଶଳରେ ଖସିଯିବା; 2. ବି. ଏଭଳି କାର୍ଯ୍ୟ; wriggle out of ବାହାନା କରି ଏଡ଼ାଇଯିବା; ବିଂ. wriggly.

**wright** ବି. (ବିଶେ. ସଂଯୁକ୍ତଭାବେ) କାରିଗର, ମିସ୍ତ୍ରୀ, ନିର୍ମାଣକାରୀ (playwright, cartwright, shipwright).

**wring** 1. *କ୍ରି. ଅ.କା. ଅ.କ୍ରି.ଜ.ପ.* wrung ଚିପୁଡ଼ିବା; ମୋଡ଼ିବା; ମୋଡ଼ି ଭାଙ୍ଗିଦେବା; ବଳପୂର୍ବକ ଆଦାୟ କରିବା, ବାଧବାଧକତାଦ୍ୱାରା ହାସଲ କରିବା; 2. ବି. ମୋଡ଼ା, ଚିପୁଡ଼ା; wring one's hand ହାତଧରି ପକାଇବା (ଦୁଃଖ ଜଣାଇବା ପାଇଁ); wring neck of (କୁକୁଡ଼ା ପ୍ରଭୃତି) ବେକ ମୋଡ଼ି ମାରିବା।

**wringer** ବି. ଯେ ମୋଡ଼େ ବା ଚିପୁଡ଼େ; ଓଦାଲୁଗା ଚିପୁଡ଼ିବାର କଳ।

**wringing** ବିଂ. wringing wet ଚିପୁଡ଼ିବା ଭଳି ଓଦା।

**wrinkle** 1. ବି. (ବାର୍ଦ୍ଧକ୍ୟଜନିତ), କୁଞ୍ଚିତରେଖା; ସେଭଳି ଦାଗ; *କ.ଭା.* ଦରକାରୀ ପରାମର୍ଶ; ଚାଲାକି; 2. କ୍ରି. କୁଞ୍ଚିତ କରିବା ବା ହେବା; *କ୍ରି.ବିଂ.* wrinkly.

**wrist** ବି. ହାତର କଚଟି ବା କବ୍‌ଜା, ମଣିବନ୍ଧ, ଏହିଅଂଶକୁ ଆବୃତ କରୁଥିବା ପୋଷାକର ଅଂଶ।

**wristband** ବି. (ବିଶେ. ଖେଳାଳିମାନେ ପିନ୍ଧୁଥିବା) ଯନ୍ତ୍ରଣା ହେଉଥିବା ମଣିବନ୍ଧ ପାଇଁ ଇଲାଷ୍ଟିକ୍ ଫିତା।

**wristlet** ବି. ମଣିବନ୍ଧରେ ପିନ୍ଧାଯାଉଥିବା ଫିତା, ବଳା ପ୍ରଭୃତି।

**wrist-watch** ବି. ହାତବନ୍ଧା ଘଣ୍ଟା।

**writ**[1] ବି. ଲିଖିତ ହୁକୁମନାମା, ନିର୍ଦ୍ଦେଶପତ୍ର ବା ଆଦେଶନାମା।

**writ**[2] କ୍ରି. *ପ୍ରା.ପ୍ର.* writeର *ଅ.କ୍ରି.ଜ.ପ.* writ large ବର୍ଦ୍ଧିତ ରୂପରେ; ସୁସ୍ପଷ୍ଟ ବା ଗୁରୁତ୍ୱପୂର୍ଣ୍ଣ ଭାବରେ।

**write** କ୍ରି. (*ଅ.କା.* wrote, *ଅ.କ୍ରି.ଜ.ପ.* written) ଲେଖିବା, ଲିପିବଦ୍ଧ କରିବା, ଲେଖି ଜଣାଇବା, ପୁସ୍ତକାଦି ରଚନା କରିବା;

Digitized by srujanika@gmail.com

ସମ୍ବାଦପତ୍ରକୁ ଲେଖା ପଠାଇବା; କଂପ୍ୟୁଟରରେ ତଥ୍ୟ ଗଚ୍ଛିତ କରିବା; ଚିଠି ଲେଖିବା ବା ଚିଠି ପଠାଇବା; write down ଲେଖି ପକାଇବା; write in ମତାମତ, ପ୍ରଶ୍ନ ପ୍ରଭୃତି ବେତାରକେନ୍ଦ୍ରକୁ ଲେଖି ପଠାଇବା; write off ଚିଠି ଲେଖି ପଠାଇବା; (ଋଣପ୍ରଭୃତି) ଛାଡଦେବା, (ଗାଡିପ୍ରଭୃତି) ସମ୍ପୂର୍ଣ୍ଣ ନଷ୍ଟ କରିଦେବା; (କ୍ଷତିପ୍ରଭୃତି) ସଂପୂର୍ଣ୍ଣ ସ୍ୱୀକାର କରିବା; ଅଦରକାରୀ ବା ନଗଣ୍ୟ ମନେକରିବା; write out ଭଲ ବା ସମ୍ପୂର୍ଣ୍ଣଭାବରେ ଲେଖିବା; write up ପୂର୍ଣ୍ଣ ବିବରଣୀ ଦେଇ ଲେଖିବା, ଲେଖାରେ ପ୍ରଶଂସା କରିବା ।

**write-off** ବି. (ମରାମତି ପାଇଁ ଅଯୋଗ୍ୟ ଗାଡିପ୍ରଭୃତିର) ସଂପୂର୍ଣ୍ଣ ପରିତ୍ୟାଗ ।

**writer** ବି. ଲେଖକ, ପୁସ୍ତକରଚୟିତା, ଲିପିକାର; ଗ୍ରନ୍ଥକାର ।

**writer's cramp** ବି. ଅତ୍ୟଧିକ ଲେଖାଲେଖି ଯୋଗୁଁ ମାଂସପେଶୀରେ ପୀଡା ।

**write-up** ବି. (ଲିଖିତ ବା ପ୍ରକାଶିତ) ବିବରଣୀ, ସମୀକ୍ଷା; ଲେଖା ।

**writhe** କ୍ରି. (ଯନ୍ତ୍ରଣାରେ) ଛଟପଟ ହେବା; ଭିଡିମୋଡି ହେବା; ମାନସିକ ଯନ୍ତ୍ରଣା ବା ପରାଭବ ଭୋଗିବା (writhed with shame).

**writing** ବି. ଲେଖା, ରଚନା; ହସ୍ତାକ୍ଷର; ଲିଖିତ ଦଲିଲ୍; *ସା.* ବ.ବ.ରେ (ଲେଖକର) ରଚନାବଳୀ; in writing ଲିଖିତ ଆକାରରେ; the writing on the wall ଅଶୁଭସୂଚକ ବା ମହତ୍ତ୍ୱପୂର୍ଣ୍ଣ ଘଟଣା ବା ସୂଚନା ।

**writing-desk** ବି. ଲେଖାଲେଖି ପାଇଁ (ଖୋପଥିବା) ଡେସ୍କ ।

**writing paper** ବି. ଲେଖାଲେଖି ପାଇଁ ବ୍ୟବହୃତ କାଗଜ ।

**written** କ୍ରି. writeର *ଅ.କ୍ରି.କ.ପ.;* ବିଂ. ଲିଖିତ ।

**WRNS** ସଂଖ. Women's Royal Naval Service (ବିଲାତର) ଓ୍ୱିମେନସ୍ ରୟେଲ୍ ନେଭାଲ ସର୍ଭିସ୍; ମହିଳା ନୌସେବା ବାହିନୀ ।

**wrong** 1. ବିଂ. ଭୁଲ, ଅସତ୍ୟ, ଅଶୁଦ୍ଧ, ଭ୍ରମପୂର୍ଣ୍ଣ, ଭ୍ରାନ୍ତ, ଅନୁପଯୁକ୍ତ, ଅକାମ୍ୟ, ଅନ୍ୟାୟ, ଆଇନବିରୁଦ୍ଧ; ନୀତିବିରୁଦ୍ଧ, ବିଗିଡି ଯାଇଥିବା, ଅକାମୀ ବା ଅସ୍ୱାଭାବିକ ଅବସ୍ଥାରେ; 2. କ୍ରି.ବିଂ. (ସବାଶେଷରେ ବ୍ୟବହୃତ) ଅଶୁଦ୍ଧଭାବରେ, ଅନ୍ୟାୟଭାବରେ, ଭୁଲକ୍ରମେ ବା ଭାବରେ, 3. ବି. *ପ୍ରା.ପ୍ର.* ଅନୀତି, ଅନ୍ୟାୟ, ଅନିଷ୍ଟ, 4. କ୍ରି. ଅନ୍ୟାୟ କରିବା; ମନ୍ଦ ଉଦ୍ଦେଶ୍ୟ ଆରୋପ କରିବା; do wrong to (ବ୍ୟକ୍ତିପ୍ରତି) ଦୁର୍ବ୍ୟବହାର ବା ଅବିଚାର କରିବା; get (hold of) the wrong end of the stick ସମ୍ପୂର୍ଣ୍ଣଭାବରେ ଭୁଲ୍ ବୁଝିବା; get person wrong ଭୁଲ୍ ବୁଝିବା; go wrong ଭୁଲବାଟରେ ଯିବା; ଠିକ୍‌ଭାବେ କାର୍ଯ୍ୟ ନ କରିବା; ପାପପୂର୍ଣ୍ଣ ପଥରେ ଯିବା; in the wrong ତ୍ରୁଟୀ, ଅପରାଧ ବା କଳହ ପାଇଁ ଦାୟୀ; on the wrong side of କାହାରି ଅନୁଗ୍ରହରୁ ବଂଚିତ; କହିଥିବାଠାରୁ ଅଧିକ (ବୟସ); wrong side out ଭିତରପଟ ବାହାରେ; wrong way round ସ୍ୱାଭାବିକ ବା କାମ୍ୟ ଅବସ୍ଥା ବା କ୍ରମର ବିପରୀତ ବା ଓଲଟା; କ୍ରି.ବିଂ. wrongly; ବି. wrongness.

**wrongdoer** ବି. ଅନୈତିକ ବା ବେଆଇନ କାର୍ଯ୍ୟକରୁଥିବା ବ୍ୟକ୍ତି; ଦୁରାଚାରୀ; କୁକର୍ମକାରୀ; ବି. wrongdoing.

**wrong-foot** କ୍ରି. *କ.ଭା.* (ଟେନିସ୍, ଫୁଟବଲ୍ ପ୍ରଭୃତି ଖେଳରେ) ପ୍ରତିଯୋଗୀକୁ ହତବଦ୍ଧେଇ ଦେବା; ଅପ୍ରସ୍ତୁତ କରିଦେବା ବା ବିବ୍ରତ କରିଦେବା ।

**wrongful** ବିଂ. ଅବୈଧ, ଅବାଂଛିତ, ବେଆଇନ୍; କ୍ରି.ବିଂ. wrongfully.

**wrong-headed** ବିଂ. ବିକୃତ-ମସ୍ତିଷ୍କ; ଜିଦ୍‌ଖୋର ।

**wrong side** ବି. ବେଶୀ ଖରାପ, ଅବାଂଛିତ ବା ବ୍ୟବହାର ପାଇଁ ଅନୁପଯୁକ୍ତ ପାର୍ଶ୍ୱ (ବିଶେ. ଲୁଗାପଟାର) ।

**wrong'un** ବି. *କ.ଭା.* ଦୁଶ୍ଚରିତ୍ର ବ୍ୟକ୍ତି; ବଦମାସ; କ୍ରିକେଟ୍ ଅପ୍ରତ୍ୟାଶିତ ଦିଗକୁ ମୋଡ ନେଉଥିବା ବଲ୍, ଗୁଗ୍‌ଲି ।

**wrote** କ୍ରି. *ପ୍ରା.ପ୍ର.* writeର *ଅ.କା.* ।

**wroth** ବିଂ. କ୍ରୁଦ୍ଧ, ରୁଷ୍ଟ ।

Digitized by srujanika@gmail.com

**wrought** 1. *କ୍ରି. ପ୍ରା.ପ୍ର.* workର *ଅ.କା.* *ଅ.କ୍ରି.କ.ପ.* 2. ବିଂ. (ଧାତୁ ସମ୍ପର୍କରେ) ହାତୁଡ଼ିରେ ପିଟାଯାଇ ନିର୍ଦ୍ଦିଷ୍ଟ ରୂପ ଦିଆଯାଇଥିବା ।

**wrought iron** ବି. ଢଳେଇ ନ ହୋଇଥିବା, ଶକ୍ତ କିନ୍ତୁ ନମନୀୟ ଲୁହା ।

**wrung** କ୍ରି. wringର *ଅ.କା.*, *ଅ.କ୍ରି.କ.ପ.* ।

**WRVS** *ସଂଖ.* Women's Royal Voluntary Service ଓ୍ୱିମେନ୍ସ୍ ରୟେଲ୍ ଭଲୁଣ୍ଟାରୀ ସର୍ଭିସ୍ ।

**wry** ବିଂ. (wryer, wryest ବା wrier, wriest) ବିରକ୍ତି, ହତାଶ ବା ପରିହାସଜନିତ (କୁଞ୍ଚିତ ବା ବିକୃତ ମୁଖମଣ୍ଡଳ ବା ହସ); ଶୁଷ୍କ ବା ଖତେଇ ହେଲାଭଳି (ପରିହାସ); *କ୍ରି.ବିଂ.* wryly; ବି. wryness.

**wryneck** ବି. ମୁଣ୍ଡକୁ କାନ୍ଧପଛକୁ ବୁଲାଇଦେଇ ପାରୁଥିବା କ୍ଷୁଦ୍ରାକୃତି କାଠହଣାଜାତୀୟ ପକ୍ଷୀ ।

**WSW** *ସଂଖ.* West-South-West ପଶ୍ଚିମ—ଦକ୍ଷିଣ—ପଶ୍ଚିମ ।

**wt** *ସଂଖ.* weight ଓଜନ ।

**–wych** ସଂ. ନମନୀୟ ଡାଳ ବିଶିଷ୍ଟ ବୃକ୍ଷର ନାମ ପୂର୍ବରୁ ବ୍ୟବହୃତ ଉପସର୍ଗ (wych-alder, wych-hazel).

**wych-hazel** ବି. ଦ୍ର. witch-hazel.

**Wykehamist** 1. ବିଂ. ଉଇନ୍‌ଚେଷ୍ଟର୍ କଲେଜ ସମ୍ବନ୍ଧୀୟ; 2. ବି. ଏହି କଲେଜ୍‌ର ପୂର୍ବତନ ବା ବର୍ତ୍ତମାନ ସଦସ୍ୟ (ପ୍ରତିଷ୍ଠାତା ଓ୍ୱାଇକ୍‌ହାମ୍‌ର ଓ୍ୱିଲିୟମଙ୍କ ନାମାନୁସାରେ) ।

**WYSIWYG** ବିଂ. (wysiwyg ମଧ୍ୟ) କମ୍ପ୍ୟୁଟର୍ ପରଦାରେ ଯେଉଁଭଳି ଦେଖାଯାଉଛି ଠିକ୍ ସେଇଭଳି ମୁଦ୍ରିତ—ପତ୍ର ବା ପ୍ରିଣ୍ଟ ଆଉଟ୍ (what you see is what you get ର *ସଂଖ.*) ।

Digitized by srujanika@gmail.com

# Xx

**X**[1.] ବି. (x ମଧ) (ବ.ବ. X's, xs, ) ଇଂରାଜୀ ବର୍ଣ୍ଣମାଳାର ଚତୁର୍ବିଂଶ ଅକ୍ଷର; (ରୋମୀୟ ସଂଖ୍ୟାଲିଖନ ପଦ୍ଧତି ଅନୁଯାୟୀ) ୧୦; (ବୀଜଗଣିତରେ) ଅଜ୍ଞାତ ରାଶିର ସାଙ୍କେତିକ ଚିହ୍ନ; ଅଜ୍ଞାତ ବା ଅନିର୍ଦ୍ଦିଷ୍ଟ ବ୍ୟକ୍ତି ବା ସଂଖ୍ୟା; ଭୁଲ ଚିହ୍ନାଇବା ନିମନ୍ତେ ବ୍ୟବହୃତ ଚିହ୍ନ; ଛକି ଚିହ୍ନ; ନିରକ୍ଷର ଲୋକର ଦସ୍ତଖତ ବା ଟିପ ଚିହ୍ନର ସ୍ଥାନ ସୂଚକ ପ୍ରତୀକ; ଚୁମ୍ବନ ବା ଭୋଟ୍‌ର ଚିହ୍ନ।

**X**[2.] *ପ୍ର.* କେବଳ ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ (ଚଳଚ୍ଚିତ୍ର ପ୍ରଭୃତି)।

**X chromosome** ବି. (ମନୁଷ୍ୟ ଏବଂ କେତେକ ସ୍ତନ୍ୟପାୟୀ ପ୍ରାଣୀଙ୍କ କ୍ଷେତ୍ରରେ) ଯୌନ କ୍ରୋମୋଜୋମ୍ (ସ୍ତ୍ରୀ-କୋଷ ପୁଂ-କୋଷର ଦୁଇଗୁଣ ସଂଖ୍ୟକ)।

**Xe** *ପ୍ର.* xenon ଜେନନ୍।

**xenon** ବି. ଜେନନ୍, ବାୟୁସ୍ଥିତ ଗୁରୁ, ନିଷ୍କ୍ରିୟ, ଗ୍ୟାସୀୟ ପଦାର୍ଥ ବିଶେଷ।

**xenophobia** (ଜେନୋଫୋବିଆ) ବି. ଅପରିଚିତ ବା ବିଦେଶୀ ଲୋକଙ୍କ ପ୍ରତି ଭୟ ବା ଘୃଣା; ବିଂ. xenophobic.

**xeric** ବିଂ. ଶୁଷ୍କ ଜଳବାୟୁ ସମ୍ବନ୍ଧିତ, ଶୁଷ୍କ ଜଳବାୟୁ ପାଇଁ ଉଦ୍ଦିଷ୍ଟ; *କ୍ରି.ବିଂ.* xerically.

**xerography** (ଜିରଗ୍ରାଫି) ବି. ଏକପ୍ରକାର ଆଲୋକଚିତ୍ର ବିଦ୍ୟା; ଜିରକ୍ସ୍-ବିଜ୍ଞାନ।

**xerox** 1. ବି. ଜିରକ୍ସ୍; ଜିରଗ୍ରାଫି ବା ଆଲୋକ ଚିତ୍ର ସାହାଯ୍ୟରେ ପ୍ରତିଲିପି ପ୍ରସ୍ତୁତି ପ୍ରଣାଳୀ; 2. *କ୍ରି.* ଏହି ପ୍ରକ୍ରିୟା ସାହାଯ୍ୟରେ ପ୍ରତିଲିପି ପ୍ରସ୍ତୁତ କରିବା; ଜିରକ୍ସ୍ କରିବା।

**xi** ବି. ଗ୍ରୀକ୍ ବର୍ଣ୍ଣମାଳାର ଏକାଦଶ ଅକ୍ଷର।

**-xion** *ଦ୍ର.* -ion.

**xiphoid** ବିଂ. ଖଣ୍ଡା ଭଳି, ଖଣ୍ଡା ଆକୃତି ବିଶିଷ୍ଟ; (ଶରୀର ବିଜ୍ଞାନ) ଜଫିଷ୍ଟେର୍ନମ୍ ସବଂଧିତ।

**Xmas** ବି. *କ.ଭା. ସଂଶ.* Christmas ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିବସ, ଡ଼ିସେମ୍ବର ୨୫ତାରିଖ; ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କର ପର୍ବ ବିଶେଷ।

**X-ray** 1. ବି. ରଂଜନ ରଶ୍ମି; ଏକ୍ସ୍—ରେ; 2. *କ୍ରି.* ଏହି ପ୍ରକ୍ରିୟାରେ ଫଟୋ ଉଠାଇବା; ଏକ୍ସ୍-ରେ କରିବା; ଏହି ପଦ୍ଧତିରେ ରୋଗ ନିଦାନ ବା ଚିକିତ୍ସା କରିବା।

**xylem** ବି. *ଉଦ୍‌ଭିଦ ବିଜ୍ଞାନ* କାଠର ଟିସୁ ବା ତନ୍ତୁ।

**xylograph** ବି. କାଷ୍ଠ ଖୋଦିତ ମୂର୍ତ୍ତି; କାଠଖୋଦେଇ ଚିତ୍ରର ପ୍ରତିଲିପି; ବି. xylographer; xylography; ବିଂ. xylographical; *କ୍ରି.ବିଂ.* xylographically.

**xylophone** (ଜାଇଲୋଫୋନ୍) ବି. ଧାତବ କାଠି ସମ୍ବଳିତ କାଷ୍ଠ ନିର୍ମିତ ବାଦ୍ୟଯନ୍ତ୍ର ବିଶେଷ; ବି. xylophonist.

Digitized by srujanika@gmail.com

# Yy

**Y**[1]**,y** ବ.ବ. Ys, Y's; ys, y's ଇଂରାଜୀ ବର୍ଣ୍ଣମାଳାର ପଞ୍ଚବିଂଶ ଅକ୍ଷର; Y ଆକାରର ବସ୍ତୁ।

**Y**[2] *ସ୍ତ.* *Ytrum* ଇଟ୍ରିଅମ୍।

**y** (ବୀଜଗଣିତରେ) ଦ୍ୱିତୀୟ ଅଜ୍ଞାତ ରାଶି।

**–y**[1] 1. *ପ.ପ୍ର.* ବିଶେଷ୍ୟରୁ ବିଶେଷଣ ପଦ ନିଷ୍ପନ୍ନକାରୀ ପଶ୍ଚାତ୍ ପ୍ରତ୍ୟୟ; ପୂର୍ଣ୍ଣ ଗୁଣବିଶିଷ୍ଟ ସୂଚକ (watery, starry); –ଅଭ୍ୟସ୍ତ, –ଗ୍ରସ୍ତ (boozy); 2. କ୍ରିୟାପଦରୁ –ଆକ୍ତ, –ଳିଆ ପ୍ରଭୃତି ନିଷ୍ପନ୍ନକାରୀ (sticky).

**–y**[2] *ପ.ପ୍ର.* (–ey, –ie ମଧ୍ୟ) ବିଶେଷ୍ୟ ପଦରୁ କ୍ଷୁଦ୍ର ବା ଖର୍ବ ଅର୍ଥ ସୂଚକ ବିଶେଷ୍ୟପଦ ନିଷ୍ପନ୍ନକାରୀ ପଶ୍ଚାତ୍ ପ୍ରତ୍ୟୟ (granny, aunty).

**–y**[3] *ପ.ପ୍ର.* ଅବସ୍ଥା, ସ୍ଥିତି, ପରିସ୍ଥିତି ବା ଗୁଣସୂଚକ ବିଶେଷ୍ୟପଦ ନିଷ୍ପନ୍ନକାରୀ ପଶ୍ଚାତ୍ ପ୍ରତ୍ୟୟ (emergency, orthodoxy).

**yacht** (ୟାଟ୍) 1. ବି. ପ୍ରମୋଦ ଭ୍ରମଣ ନିମନ୍ତେ ବ୍ୟବହୃତ ହାଲୁକା, କ୍ଷୁଦ୍ର ପୋତ; 2. କ୍ରି. ଉକ୍ତପୋତରେ ପ୍ରତିଯୋଗିତା ବା ପ୍ରମୋଦ ଭ୍ରମଣ କରିବା।

**yacht–club** ବି. ପ୍ରମୋଦତରୀ ପ୍ରତିଯୋଗିତା ଆୟୋଜକ ସଂସ୍ଥା।

**yachtsman** ବି. ପ୍ରମୋଦ–ପୋତଚାଳକ; *ସ୍ତ୍ରୀ* yachtsoman.

**yack** *ସା.ପ୍ର.* 1. ବି. ଗୁରୁତ୍ୱହୀନ ବା ଅବାଂଛିତ ଭାବେ କରାହେବା ଆଳାପ; 2. କ୍ରି. ଏଭଳି ଆଳାପ କରିବା; ବକରବକର ହେବା।

**yah** *ଅବ.* (yah boo ମଧ୍ୟ) ସତେ!, ଅବଜ୍ଞା ବା ହେୟ ମନୋଭାବ ସୂଚକ ଅନ୍ତର୍ନିକ୍ଷେପ।

**yahoo** ବି. କାଳ୍ପନିକ ମନୁଷ୍ୟାକୃତି ପଶୁ; ପଶୁପ୍ରକୃତିର ମନୁଷ୍ୟ (ଜନାଥନ୍ ସ୍ୱିଫ୍‌ଟ୍‌ଙ୍କ ଉପନ୍ୟାସ ଗଲିଭର୍ସ ଟ୍ରାଭେଲ୍ସରେ ବର୍ଣ୍ଣିତ ଜାତି ବିଶେଷ)।

**Yahweh** ବି. (Yal[illegible] ମଧ୍ୟ) =Jehovah.

**yak** ବି. ତିବ୍ବତଦେଶ[illegible] ଦୀ[illegible]ଲୋମ ଚମରୀ ବଳଦ ବା ଷଣ୍ଢ; ୟାକ୍।

**Yale** ବି. (Yale lock ମଧ୍ୟ) *ସ୍ତ.* ଘୂର୍ଣ୍ଣାୟମାନ ନଳୀଯୁକ୍ତ ଦରଜାର ତାଲା ବିଶେଷ (ଉଦ୍‌ଭାବକ ୟେଲ୍)।

**yam** ବି. (ବିଷୁବ ମଣ୍ଡଳୀୟ) ଦେଶୀ ଆଳୁ, ଖୟ ଆଳୁ; *ଆମେ.* ମିଠା ଆଳୁ।

**yammer** *କ.ଭା.* ବା *ଉ.ଭା.* 1. ବି. ବିଳାପ, ଶୋକ; ଅସନ୍ତୋଷ; ଅନର୍ଗଳ କଥା; 2. କ୍ରି. ବିଳାପ ବା ଶୋକ ପ୍ରକାଶ କରିବା; ଅସନ୍ତୋଷ ପ୍ରକାଶ କରିବା; କୁରୁବୁରେଇବା; ଅନର୍ଗଳ କହି ଚାଲିବା।

**yang** ବି. (ଚୀନା ଦର୍ଶନରେ) ପୃଥିବୀର ପୁରୁଷପ୍ରଧାନ ତତ୍ତ୍ୱ।

**yank** କ୍ରି. *କ.ଭା.* ହଠାତ୍ ଖୁବ୍ ଜୋରରେ ଟାଣିଦେବା।

**Yank** ବି. *କ.ଭା. ସା. ଅବ.*ଆମେରିକୀୟ ଲୋକ।

**Yankee** ବି. *କ.ଭା. ସା. ଅବ.* ଆମେରିକାର ଅଧିବାସୀ; *ବିଶେ.* ଉତ୍ତର ଆମେରିକାର ରାଜ୍ୟ ସମୂହର ବା ନ୍ୟୁ ଇଂଲଣ୍ଡର ଲୋକ।

**yap** 1. କ୍ରି. ଖୁବ୍ ଜୋରରେ ଅନବରତ ଭୁକିବା; *କ.ଭା.* (ନିର୍ବୋଧ ଭାବରେ ବା ଅସନ୍ତୋଷ ପ୍ରକାଶ କରି) ବଡ ପାଟିରେ କହି ଚାଲିବା; 2. ବି. କୁକୁରର ଭୁକିବା ଶବ୍ଦ; ବିଂ. yappy.

**yapp** ବି. ପଦାକୁ ବାହାରି ପଡିଥିବା ଚମଡା ମଲାଟ ସହ ବହି ବନ୍ଧେଇ କରିବା ପଦ୍ଧତି।

**yarborough** ବି. ହ୍ୱିଷ୍ଟ ବ୍ରି[illegible] (ତାସ୍ ଖେଳ)ରେ ହାତରେ ନ' ବା ନଇଲା[illegible] ବଡ ପତ୍ର ନଥିବା ଅବସ୍ଥା।

**yard**[1] ବି. ପ୍ରାଙ୍ଗଣ, ଚ[illegible], ଅଗଣା; *ଅଷ୍ଟ୍ରେ.* ଓ *ଆମେ.* ବାସଗୃହର ବଗିଚା।

**yard** ବି. (ସରଳରୈଖିକ ମାପ) ଏକ ଗଜ ବା ତିନିଫୁଟ (୦.୯୧୪୪ ମିଟର୍); ଏହିମାପର ଲୁଗା; ଜାହାଜର ମାସ୍ତୁଲ [illegible] ପାଲ ଦଣ୍ଡ; *କ.ଭା.* ବ.ବ.ରେ (of ସହ) [illegible]ୟା।

**yardage** ବି. ନିର୍ଦ୍ଦିଷ୍ଟ ସଂଖ୍ୟକ [illegible] (ଗଜ)ର ବସ୍ତୁ ପ୍ରଭୃତି।

**yard–arm** ବି. ଜାହାଜର [illegible]ଶ୍ରୟ ଘଣ୍ଟର ଦୁଇପଟରୁ ଯେକୌଣସି ଗୋଟିଏ

Digitized by srujanika@gmail.com

**yardie** ବି. *ଗା.ପ୍ର.* ସଂଗଠିତଭାବେ ଅପରାଧ କରୁଥିବା ( ବିଶେ. ନିଶାଦ୍ରବ୍ୟ ଚୋରା କାରବାର ) ଜାମାଇକା ବା ୱେଷ୍ଟ ଇଣ୍ଡିଜ୍‌ର ଏକ ଦଳ।
**yardstick** ବି. ଗଜକାଠି; ଗଜବାଡି; ମାନଦଣ୍ଡ, ମାପକାଠି।
**yarmulke** (ୟାମଲ୍‌କ୍) ବି. (yarmulka ମଧ୍ୟ) ଇହୁଦୀ ପୁରୁଷମାନଙ୍କଦ୍ୱାରା ବ୍ୟବହୃତ ଛୋଟ ଟୋପି ବିଶେଷ।
**yarn** 1. ବି. ବୁଣାସୂତା; *କ.ଭା.* ଗଳ୍ପ, ଭ୍ରମଣ କାହାଣୀ, ସ୍ମୃତିକଥା; 2. *କ୍ରି.* *କ.ଭା.* ଗଳ୍ପ କହିବା, ଅନୁଭୂତି ବର୍ଣ୍ଣନା କରିବା; ଗପିବା।
**yarrow** ବି. ଚିରହରିତ୍ ଉଦ୍‌ଭିଦ; *ବିଶେ.* ମିଲ୍‌ଫଏଲ୍।
**yashmak** ବି. କେତେକ ମୁସ୍‌ଲମାନ ନାରୀ ପରିଧାନ କରୁଥିବା (କେବଳ ଆଖି ବ୍ୟତୀତ) ମୁଖାବରଣ।
**yaw** 1. ବି. *କ୍ରି.* (ଜାହାଜ ବା ଉଡାଜାହାଜର) ଆକସ୍ମିକ ପଥ ବିଚ୍ୟୁତି; ସିଧାସଳଖ ବା ସ୍ଥିରଭାବରେ ଗତି କରି ନ ପାରିବା; 2. *କ୍ରି.* ହଠାତ୍ ପଥ ବିଚ୍ୟୁତ ହେବା; ଅସ୍ଥିର ବା ଦିଶାହୀନ ଭାବରେ ଗତି କରିବା।
**yawl** ବି. ଜାହାଜର କ୍ଷୁଦ୍ର ନୌକା; ମାଛଧରା ଡଙ୍ଗା।
**yawn** 1. *କ୍ରି.* ହାଇ ମାରିବା; ପାଟି ମେଲା କରିବା; 2. ବି. ହାଇ; *କ.ଭା.* ବିରକ୍ତିକର କାର୍ଯ୍ୟ, ଚିନ୍ତାଧାରା ପ୍ରଭୃତି।
**yaws** ବି. ବ.ବ. ( *ସା.* ଏବ.) ଗ୍ରୀଷ୍ମମଣ୍ଡଳୀୟ ସଂକ୍ରାମକ ଚର୍ମ ରୋଗ ବିଶେଷ (ନାଲି ରଙ୍ଗର ବଡ ଆକାରର ଫୁଲା ସହିତ)।
**Yb** *ପ୍ର.* ytterbium ଇଟାବିଅମ୍।
**Y chromosome** ବି. (ମଣିଷ ଏବଂ ଅନ୍ୟ କେତେକ ସ୍ତନ୍ୟପାୟୀ ପ୍ରାଣୀମାନଙ୍କର) କେବଳ ପୁଂ-କୋଷସ୍ଥିତ ଯୌନ କ୍ରୋମୋଜମ୍।
**yd** *ସଂଶ.* ( ବ.ବ. yds) yard ଗଜ।
**ye**[1] *ସ.* *ପ୍ରା.ପ୍ର.* thouର ବ.ବ. ତୁମେମାନେ।
**ye**[2] *ସ.* *ପ୍ରା.ପ୍ର.*ର ଅନୁକରଣ= the.
**yea** *ପ୍ରା.ପ୍ର.* 1. *କ୍ରି.ବିଂ.* ହଁ; ସତରେ; 2. ବି. yea ଉଚ୍ଚାରଣ; ସମ୍ମତି ବା ସମର୍ଥନ ସୂଚକ ଭୋଟ୍; yea and nay ଦ୍ୱନ୍ଦରେ ପଡିବା; ହଁ-ନାହିଁ କରିବା; yeas and nays ସମର୍ଥନମୂଳକ ଏବଂ ବିରୋଧମୂଳକ ଭୋଟ ସଂଖ୍ୟା।
**yeah** *କ୍ରି.ବିଂ.* *କ.ଭା.* ହଁ।
**yean** *କ୍ରି.* (ଛାଗୀ ବା ମେଣ୍ଢୀର) ପ୍ରସବ କରିବା; ଜନ୍ମ କରିବା।
**yeanling** ବି. ମେଷ ଶିଶୁ; ସଦ୍ୟଜାତ ବା ଅଳ୍ପବୟସ୍କ ଛେଳି, ମେଣ୍ଢା ପ୍ରଭୃତି।
**year** ବି. ବର୍ଷ, ବାରମାସ କାଳ, ପ୍ରାୟ ୩୬୫ ଦିନ; ଜାନୁୟାରୀ ୧ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୩୧ତାରିଖରେ ଶେଷ ହେଉଥିବା କେଲେଣ୍ଡର ବର୍ଷ; ବ.ବରେ ବୟସ, ବାର୍ଦ୍ଧକ୍ୟ; *କ.ଭା.* ଦୀର୍ଘସମୟ, ଚିରକାଳ; ଏକାବର୍ଷ କଲେଜରେ ପ୍ରବେଶ କରିଥିବା ଛାତ୍ରଛାତ୍ରୀ।
**yearbook** ବି. କୌଣସି ବିଷୟରେ ପୂର୍ବ ବର୍ଷର ଘଟଣା ପ୍ରଭୃତିର ବିବରଣୀ ଲିପିବଦ୍ଧ କରାଯାଇଥିବା ବାର୍ଷିକ-ପ୍ରକାଶନ।
**yearling** ବି. ବର୍ଷେରୁ ଦୁଇବର୍ଷର ପଶୁ।
**yearly** 1. ବିଂ. ବାର୍ଷିକ, ବର୍ଷବ୍ୟାପୀ; 2. *କ୍ରି.ବିଂ.* ବର୍ଷକେ ଥରେ।
**yearn** *କ୍ରି.* କାମନା, ସ୍ନେହ, ସହାନୁଭୂତି, କରୁଣା ପ୍ରଭୃତିରେ ବ୍ୟାକୁଳ ହେବା; ବିଶେଷଭାବେ ଇଚ୍ଛା କରିବା; ବି., ବିଂ. yearning.
**yeast** ବି. ସୁରାମଣ୍ଡ; ଖମିର; ମଦ ପ୍ରସ୍ତୁତି ପାଇଁ ବା ପାଉରୁଟି ଫୁଲାଇବା ପାଇଁ ବ୍ୟବହୃତ ଫିକା ହଳଦିଆ ରଙ୍ଗର ଛତୁଜାତୀୟ ଦ୍ରବ୍ୟ।
**yeasty** ବିଂ. ଖମିରଭଳି; ଫେଣବହୁଳ; ଫମ୍ପା, ଅସାର (କଥା); *କ୍ରି.ବିଂ.* yeastily; ବି. yeastiness.
**yell** 1. *କ୍ରି.* (କ୍ରୋଧ, ବେଦନା ବା ଆନନ୍ଦରେ) ଚିତ୍କାର କରିବା; ପାଟି କରିବା; 2. ବି. ତୀବ୍ର ଚିତ୍କାର, ପାଟି।
**yellow** 1. ବିଂ. ପୀତ, ହଳଦିଆ; ପୀତ ବା ହଳଦିଆ ରଙ୍ଗର (ଚର୍ମ, ବସ୍ତୁ ପ୍ରଭୃତି); *କ.ଭା.* ଭୀରୁ, ଡରକୁଳା; 2. ବି. ହଳଦିଆରଙ୍ଗ; ହଳଦିଆ ବସ୍ତ୍ର ବା ବସ୍ତୁ; 3. *କ୍ରି.* ହଳଦିଆ ରଙ୍ଗ କରିବା ବା ହେବା; ହଳଦିଆ ହୋଇଯିବା; ବିଂ. yellowish; ବି. yellowness; ବିଂ. yellowy.
**yellow-belly** ବିଂ. ଭୀରୁ, ଡରୁଆ, କାପୁରୁଷ।
**yellow card** ବି. ଖେଳରେ ଖେଳାଳିକୁ ସାବଧାନ କରିଦେବାପାଇଁ ରେଫରୀ ଦେଖାଉଥିବା ହଳଦିଆ ରଙ୍ଗର କାର୍ଡ୍।
**yellow fever** ବି. ଗ୍ରୀଷ୍ମମଣ୍ଡଳୀୟ ମାରାତ୍ମକ ପିତ୍ତ ଜ୍ୱର।

Digitized by srujanika@gmail.com

**yellow flag** ବି. ସଂକ୍ରାମକ ବ୍ୟାଧିଗ୍ରସ୍ତ ଅଞ୍ଚଳରେ ପ୍ରବେଶ ନିଷେଧ ସୂଚକ ପୀତରଙ୍ଗର ପତାକା (ଜାହାଜର)।

**yellowhammer** ବି. ବେକ, ମୁଣ୍ଡ ଓ ଛାତିରେ ହଳଦିଆରଙ୍ଗ ଥିବା ଅଣ୍ଡିରା ବ୍ଲଣ୍ଟିକ୍ (ଫ୍ଲିଞ୍ଚ୍ ଜାତୀୟ) ପକ୍ଷୀ।

**Yellow Pages** ବି. ସ୍ତ୍ରୀ. ଟେଲିଫୋନ୍ ନିର୍ଦ୍ଦେଶିକାର ହଳଦିଆ କାଗଜଯୁକ୍ତ ପୃଷ୍ଠା ଗୁଡ଼ିକ, ଯେଉଁଥିରେ ବ୍ୟବସାୟୀମାନଙ୍କର ଫୋନ୍ ନମ୍ବର ଛପା ଯାଇଥାଏ।

**yellow pepper** ବି. ପାଚି ହଳଦିଆ ହୋଇଯାଇଥିବା କେପ୍‌ସିକମ୍ (ଶିମଳା ଲଙ୍କା)।

**yellow streak** ବି. ଭୀରୁତାର ପରିଚାୟକ; ଭୀରୁତାର ନିଦର୍ଶନ।

**yelp** 1. ବି. କୁକୁରର କ୍ରୋଧ ବା ଯନ୍ତ୍ରଣାସୂଚକ ଚିତ୍କାର; 2. କ୍ରି. ଏହିଭଳି ଭାବରେ ଭୁକିବା।

**yen**[1] ବି. ଜାପାନରେ ପ୍ରଚଳିତ ମୁଦ୍ରା, ୟେନ୍।

**yen**[2] କ.ଭା. 1. ବି. ବ୍ୟାକୁଳତା; ତୀବ୍ର ଇଚ୍ଛା; 2. କ୍ରି. ଦେଖିବା ବା ପାଇବା ପାଇଁ ବ୍ୟଗ୍ର ଇଚ୍ଛା ବା କାମନା ଅନୁଭବ କରିବା।

**yeoman** ବି. ବିଶେ. ଇତି କ୍ଷୁଦ୍ର ଭୂମ୍ୟଧିକାରୀ; ସେମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ସେନାବାହିନୀ; ବିଂ. yeomanly.

**Yeoman of the Guard** ବି. ସମ୍ରାଟଙ୍କ ଶରୀରରକ୍ଷୀ ବାହିନୀର ସଭ୍ୟ।

**yeomanry** ବି. କ୍ଷୁଦ୍ର ଭୂମ୍ୟଧିକାରୀ ଗୋଷ୍ଠୀ; ଇତି (ବ୍ରିଟେନ୍‌ରେ) ଏହିଗୋଷ୍ଠୀରୁ ଗଠିତ ସ୍ୱେଚ୍ଛାସେବୀ ଅଶ୍ୱାରୋହୀ ବାହିନୀ।

**yeoman('s) service** ବି. ଦରକାରବେଳେ ଚମତ୍କାର ସାହାଯ୍ୟ ବା କାର୍ଯ୍ୟ।

**Yeoman Warder** ବି. ଲଣ୍ଡନ୍ ଟାୱାରର ପ୍ରହରୀ (ବିଫ୍ ଇଟର୍ ନାମରେ ଖ୍ୟାତ ଏହି ପ୍ରହରୀମାନଙ୍କର ଠିକ୍ ନାମ)।

**yep** କ୍ରି.ବିଂ. ବି. (yup ମଧ୍ୟ) *ଆମେ. କ.ଭା.* =yes.

**yes** 1. କ୍ରି.ବିଂ. ହଁ; ସତରେ? 2. ବି. 'ହଁ' ଶବ୍ଦ ବା ପଦ; ସ୍ୱୀକୃତି, ସମର୍ଥନ; ସମର୍ଥନସୂଚକ ଭୋଟ୍; say yes ରାଜିହେବା, ଅନୁରୋଧ ରକ୍ଷା କରିବା; ସତ ବୋଲି କହିବା।

**yes-man** ବି. କ.ଭା. ବୋଲକରା, ଖୁସାମତିଆ ବା ହାଁଜୀ କରିବା ଲୋକ।

**yester-** ପୂ.ପ୍ର. ଅତୀତକାଳ ସୂଚକ ଉପସର୍ଗ (yestermorn, yesteryear).

**yesterday** 1. କ୍ରି.ବିଂ. ଗତକାଲି; ନିକଟ ଅତୀତରେ; 2. ବି. ଗତକାଲି; ନିକଟ–ଅତୀତ।

**yesteryear** ବି. ପ୍ରା.ପ୍ର. ସାହି. ଗତବର୍ଷ, ପୂର୍ବବର୍ଷ, ନିକଟ ଅତୀତ।

**yet** 1. କ୍ରି. ବର୍ତ୍ତମାନ ସୁଦ୍ଧା, ଏ ପର୍ଯ୍ୟନ୍ତ; ସେପର୍ଯ୍ୟନ୍ତ; ସେତେବେଳ ସୁଦ୍ଧା, ସେତେବେଳକୁ, ପୁଣି; ତଥାପି (more and yet more); ଅବଶିଷ୍ଟ ବା ବାକୀ ସମୟରେ (I'll do it yet); ଆହୁରି ଅଧିକ (a yet more painful task); 2. ସଂଯୋ. କିନ୍ତୁ ସେହି ଏକାସମୟରେ; କିନ୍ତୁ ତଥାପି।

**yeti** ବି. ତୁଷାରମାନବ, ୟେତି।

**yew** ବି. ଏକଜାତୀୟ ଚିରହରିତ୍ ବୃକ୍ଷ; ଏହାର କାଠ।

**Y-fronts** ବି. ସ୍ତ୍ରୀ. Y ଆକାରର ସିଲାଇଥିବା (ପୁରୁଷ) ଜଂଘିଆ ବା ଚଡ଼ି।

**YHA** ସଂଖି. Youth Hostels Association ୟୁଥ୍ ହଷ୍ଟେଲ୍‌ସ୍ ଏସୋସିଏସନ୍।

**Yid** ବି. ଗ୍ରା.ପ୍ର. ଅବ. ଜୀଉ, ଇହୁଦୀ।

**Yiddish** 1. ବି. ୟୁରୋପ୍‌ର ଅଧିବାସୀ ଇହୁଦୀମାନଙ୍କର ହିବ୍ରୁ ମିଶ୍ରିତ ଜର୍ମାନ୍ ଭାଷା; 2. ବିଂ. ଏହି ଭାଷା ସମ୍ବନ୍ଧୀୟ।

**Yiddisher** 1. ବି. ଇଡ଼ିଶ୍ ଭାଷା କହୁଥିବା ବ୍ୟକ୍ତି; 2. ବିଂ. ଏହି ଭାଷାଭାଷୀ।

**yield** 1. କ୍ରି. ଉତ୍ପାଦନ କରିବା, ପ୍ରଦାନ କରିବା; ଫଳ ଦେବା; ଆତ୍ମସମର୍ପଣ କରିବା; ତ୍ୟାଗ କରିବା, ସ୍ଥାନ ଛାଡ଼ିଦେବା; ବଶ୍ୟତା ସ୍ୱୀକାର କରିବା; 2. ବି. ଉତ୍ପାଦିତ ପଦାର୍ଥର ପରିମାଣ; ଉତ୍ପାଦନ।

**yin** ବି. (ଚୀନା ଦର୍ଶନରେ) ୟାଙ୍ଗର ବିପରୀତ, ନାରୀର ନିଷ୍କ୍ରିୟ ଭୂମିକାରେ ବିଶ୍ୱାସୀ ସୃଷ୍ଟିଧର୍ମ ବା ବିଶ୍ୱାସ।

**yippee** ଅବ୍ୟ. ଆନନ୍ଦ ବା ଉତ୍ସାହ ସୂଚକ ଚିତ୍କାର।

**Y.M.C.A.** ସଂଖି. Young Men's Christian Association; ୟଙ୍ଗ୍ ମେନ୍‌ସ କ୍ରିଶ୍ଚିଆନ୍ ଏସୋସିଏସନ୍।

**yob** ବି. ଗ୍ରା.ପ୍ର. ବଦମାସ୍, ଗୁଣ୍ଡା; ବିଂ. yobbish.

**yobbo** ବି. ଗ୍ରା.ପ୍ର. yob.

Digitized by srujanika@gmail.com

**yodel** 1. *କ୍ରି.* ସୁଇଜରଲେଣ୍ଡର ପର୍ବତବାସୀଗଣ ଯେପରି ସ୍ୱରରେ ଗୀତ ଗାଆନ୍ତି ସେହିପରି ଗାଇବା; 2. ବି.ଉକ୍ତପ୍ରକାର ଗାୟକ; ବି.yodeller.

**yoga** ବି. *ଭା.* ଯୋଗ, ଯୋଗସାଧନା; ନିଃଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରଣ ଓ ଆସନାଦି ମାଧ୍ୟମରେ ନାନା ପ୍ରକାର ଶାରୀରିକ ପ୍ରକ୍ରିୟା।

**yoghurt** ବି. (yogurt ମଧ୍ୟ) ଦୁଗ୍ଧ ପ୍ରସ୍ତୁତ ବହଳିଆ ଖଟାଳିଆ (ଦହିଜାତୀୟ) ଖାଦ୍ୟପଦାର୍ଥ ବିଶେଷ।

**yogi** ବି. *ଭା.* ଯୋଗୀ, ଯୋଗସାଧକ।

**yoicks** *ଅବ୍ୟ.* କୁକୁରକୁ ଇଶାରା ଦେବାପାଇଁ କୋକିଶିଆଳି ଶିକାରୀମାନଙ୍କଦ୍ୱାରା ବ୍ୟବହୃତ ଚିତ୍କାର।

**yoke** 1. ବି. ଯୁଆଳି; ବାହୁଙ୍ଗୀ; ଭାର; ବ.ବ. ଯୋଡ଼ିବଳଦ; ଦାସତ୍ୱ, ଅଧୀନତା, ଆଧିପତ୍ୟ; ଯୋଡ, ବିବାହବନ୍ଧନ; 2. *କ୍ରି.* ଯୁଆଳି କାନ୍ଧରେ ଦେବା, ଯୋଚିବା; ଯୋଡିବା; ଦାସତ୍ୱ ଶୃଙ୍ଖଳରେ ଆବଦ୍ଧ କରିବା; ସଂଯୁକ୍ତ କରିବା, ଆବଦ୍ଧ କରିବା; ଯୋଡିହେବା, ଏକତ୍ର କାମ କରିବା; ବିବାହ ବନ୍ଧନରେ ବାନ୍ଧିବା।

**yokel** ବି. ଗାଉଁଲିଲୋକ, ମଫସଲିଆ।

**yolk** ବି. ଅଣ୍ଡାର କେଶର ବା ହଳଦିଆ ଅଂଶ।

**Yom Kippur** ବି. ଇହୁଦୀବର୍ଷର ଅତ୍ୟନ୍ତ ପବିତ୍ର ଉପବାସ ଦିବସ।

**yomp** *କ୍ରି. ସା.ପ୍ର.* ଦୁର୍ଗମ ଉପତ୍ୟକାରେ ଓଜନିଆ ବୋଝ (*ବିଶେ.* ଯୁଦ୍ଧସାମଗ୍ରୀ) ସହ ଯାତ୍ରା କରିବା।

**yon** ବିଂ., *କ୍ରି.ବିଂ. ସାହି. ଏବଂ ଉ.ଭା.* =yonder.

**yonder** 1. ବିଂ. ଅଦୂରବର୍ତ୍ତୀ, ନିର୍ଦ୍ଦେଶିତ ଦିଗସ୍ଥ; 2. *କ୍ରି.ବିଂ.* ହେଇଟି, ଅଦୂରରେ; ସେଇଠି ଥିବା।

**yonks** ବି. ବ.ବ. *ସା.ପ୍ର.* ଦୀର୍ଘକାଳ; ବହୁସମୟ (yonks ago).

**yoo–hoo** *ଅବ୍ୟ.* ଅନ୍ୟର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଉଚ୍ଚାରିତ ଧ୍ୱନି।

**yore** ବି. of yore ପୂର୍ବକାଳ, ପ୍ରାଚୀନକାଳ, ପ୍ରାଚୀନକାଳରେ।

**york** *କ୍ରି.* କ୍ରିକେଟ୍‌ୟର୍କର୍ ବଲ୍ ବୋଲିଙ୍ଗ୍ କରିବା।

**yorker** ବି. କ୍ରିକେଟ୍ ଯେଉଁବଲ୍ ଠିକ୍ ବେଟ୍ ତଳେ ପଡି ଗଳିଯାଏ।

**Yorkist** 1. ବି. *ଇତି.* ୟର୍କର ପ୍ରଥମ ଡ୍ୟୁକ୍‌ଙ୍କର ବଂଶଧର ମାନଙ୍କର ପରିବାର; ରୋଜ ଯୁଦ୍ଧରେ ଏହାଙ୍କ ସମର୍ଥନକାରୀ ଲୋକମାନେ; 2. ବିଂ. ହାଉସ୍ ଅଫ ୟର୍କ ସମ୍ବନ୍ଧୀୟ।

**yorkshire pudding** ବି. ଗୋମାଂସ ଭଜାସହ ସେକା ହୋଇଥିବା ଅଟା, ଅଣ୍ଡା, ଦୁଧ ପ୍ରଭୃତିର ଚକଟା।

**yorkshire terrier** ବି. କ୍ଷୁଦ୍ର ଦୀର୍ଘଲୋମ ବିଶିଷ୍ଟ କୁକୁର ବିଶେଷ।

**you** ସ. ତୁ, ତୁମେ, ଆପଣ, ତୁମେମାନେ; ଆପଣମାନେ; ଯେ କୌଣସି ବ୍ୟକ୍ତି (you will get used soon); you and yours ତୁମେ, ତୁମର ପରିବାର, ଧନସଂପତ୍ତି ପ୍ରଭୃତି।

**you'd** *ସଂଶ.* you had; you would.

**you'll** *ସଂଶ.* you will; you shall.

**young** 1. ବିଂ. ସାନ; ଛୋଟ (ପିଲା); ଅଳ୍ପ ବୟସ୍କ, ତରୁଣ; ଯୁବକ, ଯୁବସୁଲଭ; ଯୌବନସମ୍ପନ୍ନ; ଅନଭିଜ୍ଞ, ଅପରିପକ୍ୱ; ଯୁବଶକ୍ତି ସମ୍ପନ୍ନ; ପିତାଠାରୁ ପୁତ୍ରକୁ ଅଲଗା କରି ଚିହ୍ନାଇବା ପାଇଁ (young Edward); ସମାନ ନାମବିଶିଷ୍ଟ ଦୁହିଁଙ୍କ ମଧ୍ୟରେ ଛୋଟ (the younger Jones); ନବଭାବରେ ଅନୁପ୍ରାଣିତ; 2. ବି. ଛୋଟ ପ୍ରାଣୀ, ଶାବକ, ଛୁଆ (*ବିଶେ.* ଜୀବଜନ୍ତୁ); ବିଂ. youngish.

**youngster** ବି. ଛୋଟପିଲା; ଅଳ୍ପବୟସ୍କ ଯୁବକ।

**your** ସ. ତୋ'ର, ତୁମର, ତୁମ୍ଭର; ତୁମ୍ଭମାନଙ୍କର, ଆପଣଙ୍କର, ଆପଣମାନଙ୍କର; *କଥା ଅବ;* ବହୁ ଆଲୋଚିତ, ଜଣାଶୁଣା (your great leader).

**you're** *ସଂଶ.* you are.

**yours** ସ. ଆପଣଙ୍କର; ତୁମର; ତୋ'ର, ତୁମମାନଙ୍କର (it is mine; yours is there); ତୁମର ଚିଠି (yours of the 10th); ଚିଠିଶେଷରେ ଲେଖାଯାଉଥିବା "ତୁମର" ବା "ଆପଣଙ୍କର" (yours sincerely; yours faithfully); of yours ତୁମର (friend of yours).

**yourself** ସ. ବ.ବ. yourselves ତୁ, ତୁମେ, ଆପଣ, ନିଜେ; ତୁମେ ନିଜର ସ୍ୱାଭାବିକ ମାନସିକ ବା ଶାରୀରିକ ଅବସ୍ଥାରେ (are quite yourself again).

**youth** ବି. ଯୁବାବସ୍ଥା; ଯୌବନାବସ୍ଥା, ଯୌବନକାଳ; ତାରୁଣ୍ୟ, ଯୁବା, ଯୁବକ; ଉତ୍ସାହ, ଉଦ୍ଦୀପନା; ଅନଭିଜ୍ଞତା; ବ.ବ. ସାମଗ୍ରିକଭାବେ ଯୁବସଂପ୍ରଦାୟ (the youth of the community).

Digitized by srujanika@gmail.com

**youth club** ବି. ଯୁବସଂପ୍ରଦାୟର ଅବସରକାଳୀନ କାର୍ଯ୍ୟପାଇଁ ସ୍ଥାନ ବା ସଂଗଠନ।

**youthful** ବିଂ. ତରୁଣବୟସ୍କ; ଯୁବସୁଲଭ; କ୍ରି.ବିଂ. youthfully; ବି. youthfulness.

**youth hostel** ବି. ଯୁବ ଛାତ୍ରବାସ; ୟୁଥ୍ ହଷ୍ଟେଲ୍; ଯୁବ ଅଭିଯାତ୍ରୀ ବା ପରିବ୍ରାଜକମାନଙ୍କ ପାଇଁ ଉଦ୍ଦିଷ୍ଟ ଅପେକ୍ଷାକୃତ ଶସ୍ତା ବସାଘର।

**you've** *ସଂକ୍ଷି.* you have.

**yowl** 1. ବି. କୁକୁର ବା ବିରାଡ଼ିର ଭୟ ବା ଯନ୍ତ୍ରଣାସୂଚକ ଉଚ୍ଚ ଚିତ୍କାର; 2. *କ୍ରି.* ଏହିଭଳି ଭାବରେ ବୋବାଇବା।

**yo-yo** ବି. ଉଠ୍‌ପଡ୍ ହେଉଥିବା ଖେଳଣା ବିଶେଷ; ଏଭଳି ଉଠ୍‌ପଡ୍ ହେଉଥିବା ଅନ୍ୟ ଯେକୌଣସି ବସ୍ତୁ।

**yr.** *ସଂକ୍ଷି.* year(s) ବର୍ଷ; younger କନିଷ୍ଠତର; your ତୋର, ତୁମର, ତୁମମାନଙ୍କର; ଆପଣଙ୍କର; ଆପଣମାନଙ୍କର।

**yrs.** *ସଂକ୍ଷି.* year(s) ବର୍ଷ, ବର୍ଷଗୁଡ଼ିକର; yours ତୋର, ତୁମର, ତୁମମାନଙ୍କର, ଆପଣଙ୍କର, ଆପଣମାନଙ୍କର।

**YTS** *ସଂକ୍ଷି.* Youth Training Scheme ୟୁଥ୍ ଟ୍ରେନିଙ୍ଗ ସ୍କିମ୍, ଯୁବତାଲିମ ଯୋଜନା।

**ytterbium** ବି. ଲାନ୍ଥାନାଇଡ୍ ଶ୍ରେଣୀର ଧାତୁପଦାର୍ଥ ବିଶେଷ; ଇଟର୍ବିଅମ୍।

**yttrium** ବି. ଲାନ୍ଥାନାଇଡ୍ ସଦୃଶ ଧାତୁ ପଦାର୍ଥ ବିଶେଷ; ଇଟ୍ରିଅମ୍।

**yuan** ବି. ୟୁଆନ୍; ଚୀନଦେଶର ମୁଦ୍ରା।

**yucca** ବି. ବିଷୁବମଣ୍ଡଳୀୟ ଖଣ୍ଡା ଆକୃତିର ପତ୍ର ଏବଂ ଶ୍ୱେତପୁଷ୍ପଯୁକ୍ତ ଗୁଳ୍ମ ବିଶେଷ।

**yuck** *ଅବ୍ୟ.* (yuk ମଧ୍ୟ) *ସା.ପ୍ର.* ତୀବ୍ର ଘୃଣା ବା ବିରକ୍ତିସୂଚକ ଧ୍ୱନି।

**yucky** ବିଂ. (yukky ମଧ୍ୟ) *ସା.ପ୍ର.* ଗଣ୍ଡଗୋଳିଆ, ବିକର୍ଷକ; ରୋଗିଣା; ଭାବପ୍ରବଣ।

**Yugoslav** (Jugoslav ମଧ୍ୟ) 1. ବିଂ. ଯୁଗୋସ୍ଲୋଭିଆର; 2. ବି. ଯୁଗୋସ୍ଲୋଭିଆର ଅଧିବାସୀ; ବିଂ.ବି. Yugoslavian.

**yuk** *ଅବ୍ୟ.* ବିକ. yuck.

**yukky** ବିଂ. ବିକ. yucky.

**yule** ବି. yule-tide *ପ୍ରା.ପ୍ର.* ଯୀଶୁଖ୍ରୀଷ୍ଟଙ୍କର ଜନ୍ମୋତ୍ସବ, ବଡ଼ଦିନ ପର୍ବ।

**yule-log** ବି. ଖ୍ରୀଷ୍ଟଜନ୍ମୋତ୍ସବର ପୂର୍ବଦିନ ଅଗ୍ନିସଂଯୋଗ କରାଯାଉଥିବା ବଡ଼ କାଠଗଣ୍ଡି; ବଡ଼ଦିନ ଉତ୍ସବବେଳେ ଖିଆଯାଉଥିବା ଏଭଳି କାଠଗଣ୍ଡି ଆକୃତିର କେକ୍।

**yummy** (ୟାମି) ବିଂ. *କ.ଭା.* ସୁସ୍ୱାଦୁ; ସୁଆଦିଆ।

**yum-yum** *ଅବ୍ୟ.* ସୁସ୍ୱାଦୁଖାଦ୍ୟ ଖାଇବା ଆଶାରେ ବା ଖାଉଥିବା ସମୟର ତୃପ୍ତିସୂଚକ ଧ୍ୱନି।

**yup** କ୍ରି.ବିଂ. ବିକ. yep.

**yuppie, yuppy** ବି. *ସା. ଗୁଣ କ.ଭା. ସା. ଅବ.* କୌଣସି ନଗରୀରେ କାର୍ଯ୍ୟରତ ଉଚ୍ଚାଭିଳାଷୀ ପେଶାଦାର ଯୁବକ ବା ଯୁବତୀ।

**YWCA** *ସଂକ୍ଷି.* Young Women's Christian Association ୟଙ୍ଗ୍ ଉ୍ୱିମେନ୍‌ସ୍ ଖ୍ରୀଷ୍ଟିଆନ୍ ଏସୋସିଏସନ୍।

Digitized by srujanika@gmail.com

# Zz

**Z.z** (ବ.ବ. *Zs, zs; Z's, z's*) ଇଂରାଜୀ ବର୍ଣ୍ଣମାଳାର ଷଡ଼ବିଂଶ ଅକ୍ଷର; ବୀଜଗଣିତରେ ତୃତୀୟ ଅଜ୍ଞାତ ସଂଖ୍ୟା।

**zabaglione** ବି. ଇଟାଲୀୟ ମିଷ୍ଟାନ୍ନ ବିଶେଷ (ଅଣ୍ଡାର କେଶର, ଚିନି ଏବଂ ମଦଦ୍ୱାରା ପ୍ରସ୍ତୁତ)।

**zany** ବିଂ. ହାସ୍ୟକରଭାବେ ନିର୍ବୋଧ; ଅତ୍ୟନ୍ତ ହାସ୍ୟାସ୍ପଦ।

**zap** *ସା.ପ୍ର.* 1. *କ୍ରି.* ଧ୍ୱଂସ କରିବା; ଆକ୍ରମଣ ବା ଆଘାତ କରିବା; ହତ୍ୟା କରିବା; ଜୋର୍‌ରେ ବାଡେଇବା (zapped the ball over the net); ତୀବ୍ରଗତିରେ ଯିବା; ଆବେଗରେ ବିହ୍ୱଳିତ ହେବା; 2. *ଅବ୍ୟ.* ଗୁଳିର ଶବ୍ଦ ବା ଆଘାତ, ବା ଅନ୍ୟକୌଣସି ହଠାତ୍ ଆଘାତର ଶବ୍ଦଦ୍ୟୋତକ ଧ୍ୱନି।

**zappy** ବିଂ. *କ.ଭା.* ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ; ଉତ୍ସାହୀ; ସ୍ଫୁର୍ତ୍ତିବାନ୍।

**Zarahtustrian** ବିଂ. ବିଂ. ବିକ. zoro-astrian.

**zeal** ବି. ଆଗ୍ରହ, ଉତ୍ସାହ, ଉଦ୍‌ଯୋଗ; ଆନ୍ତରିକ ପ୍ରଚେଷ୍ଟା; ବିଂ. zealous; *କ୍ରି.ବିଂ.* zealously.

**zealot** ବି. ଅତ୍ୟନ୍ତ ପକ୍ଷପାତୀ ବା ମତାନ୍ଧ ବ୍ୟକ୍ତି; ବି. zealotry.

**zebra** ବି. ଜେବ୍ରା; ଆଫ୍ରିକୀୟ କଳା–ଧଳା ପଟାପଟା ଶରୀରର ଗଧ ଓ ଅଶ୍ୱଜାତୀୟ ପ୍ରାଣୀ।

**zebra–crossing** ବି. (ପଦଚାରୀ) ରାସ୍ତା ଅତିକ୍ରମ କରିବାର ଡୋରିକଟା (ନିରାପଦ) ସ୍ଥାନ।

**zebu** ବି. ଏସିଆ ଓ ଆଫ୍ରିକାର କୁଜବିଶିଷ୍ଟ ବଳଦ।

**zed** ବି. 'z' ବର୍ଣ୍ଣ ବା ଅକ୍ଷର (ଗ୍ରୀକ୍ zeta).

**zee** ବି. z ବର୍ଣ୍ଣ ବା ଅକ୍ଷର; zed ର ବିକ.।

***zeitgeist*** ବି. ନିର୍ଦ୍ଦିଷ୍ଟ ସମୟରେ ଜନପ୍ରିୟ ଭାବରେ ପ୍ରଚଳିତ ବିଶ୍ୱାସ, ଭାବନା, ମନୋଭାବ ପ୍ରଭୃତି। *(ଜ.)*

**Zen** ବି. ଅନ୍ତର୍ଜ୍ଞାନ ଏବଂ ଧ୍ୟାନଉପରେ ଗୁରୁତ୍ୱ ଆରୋପ କରୁଥିବା ବୌଦ୍ଧଧର୍ମର ଶାଖା।

**zenana** ବି. ଜନାନା ଅନ୍ତଃପୁର; ନାରୀମହଲ; ଅନ୍ଦରମହଲ; ମହିଳା।

**Zend** ବି. ଏଭେସ୍ତାର ବିଶ୍ଳେଷଣ ବା ଟୀକା।

**Zend–Avesta** ବି. ପାର୍ସିମାନଙ୍କର ଧର୍ମଗ୍ରନ୍ଥ; ଜୋରୋଷ୍ଟ୍ରିଆନ୍‌ମାନଙ୍କ ପବିତ୍ର ଧର୍ମଶାସ୍ତ୍ର ଏଭେସ୍ତାର ପାଠ୍ୟ ଏବଂ ଜେଣ୍ଡ ବା ଟୀକା।

**zenith** ବି. ବ୍ୟକ୍ତିର ଠିକ୍ ମୁଣ୍ଡଉପରର ଆକାଶର ଅଂଶ; (ଶକ୍ତି ବା ସମ୍ପନ୍ନତାର) ଶୀର୍ଷବିନ୍ଦୁ।

**zephyr** ବି. *ସାହି.* ମୃଦୁମନ୍ଦ ବାୟୁ; ସୂକ୍ଷ୍ମ କପାସୂତା; ଖେଳାଳିର ପୋଷାକ ବା ଜର୍ସି।

**Zeppelin** ବି. ବିଂଶଶତାବ୍ଦୀର ଆଦ୍ୟଭାଗରେ ନିର୍ମିତ ଜର୍ମାନ ଉଡ଼ାଜାହାଜ ବିଶେଷ।

**zero** ବି. ଶୂନ୍ୟ, ଶୂନ୍; ତାପମାନଯନ୍ତ୍ରରେ ଯେଉଁ ବିନ୍ଦୁରୁ ଗଣନା ଆରମ୍ଭ କରାଯାଏ; ନିମ୍ନତମ ବା ଆରମ୍ଭବିନ୍ଦୁ; କିଛି ହେଲେ ନ ଥିବା ଅବସ୍ଥା (zero growth); zero–hour (ସାମରିକ ଆକ୍ରମଣରେ) ଏକ ସୁପରିକଳ୍ପିତ ଆକ୍ରମଣ ବା ଅଭିଯାନର ସମୟ; zero in on ଲକ୍ଷ୍ୟ କରିବା, ଦୃଷ୍ଟି ନିବଦ୍ଧ କରିବା।

**zero option** ବି. ଉଭୟ ପ୍ରତିଯୋଗୀପକ୍ଷଙ୍କଦ୍ୱାରା ନିର୍ଦ୍ଦିଷ୍ଟଧରଣର ଅସ୍ତ୍ରଶସ୍ତ୍ର ପ୍ରତ୍ୟାହାର ବା ନିରସ୍ତ୍ରୀକରଣ ପ୍ରସ୍ତାବ।

**zero–rated** ବିଂ. *VAT* ଦାବି କରାଯାଇ ନ ଥିବା।

**zest** ବି. ଅଧିକା ସ୍ୱାଦ; ସୁଖକର ଆଘ୍ରାଣ ବା ବାସ୍ନା; ସ୍ୱାଦ; ଆଗ୍ରହ, ଉତ୍ସାହ; କମଳା ପାଖୁଡ଼ା କିମ୍ବା ଲେମ୍ବୁଖଣ୍ଡ; ବିଂ. zestful; *କ୍ରି.ବିଂ.* zestfully.

**zeta** ବି. ଗ୍ରୀକ୍‌ବର୍ଣ୍ଣମାଳାର ଷଷ୍ଠ ବର୍ଣ୍ଣ ବା ଅକ୍ଷର।

**zeugma** (ଜ୍ୟୁଗ୍‌ମା) ବି. ଦୁଇଟି ବିଶେଷ୍ୟ ପାଇଁ ଗୋଟିଏ କ୍ରିୟା ବା ଗୋଟିଏ ବିଶେଷଣ ପ୍ରୟୋଗର ବାକ୍–ଚାତୁରୀ (ଉଦା. She dropped her tears and handkerchief).

**Zeus** ବି. ଗ୍ରୀକ୍‌ପୁରାଣର ପ୍ରଧାନଦେବତା(ଇନ୍ଦ୍ର); ରୋମାନ୍‌ମାନଙ୍କର ଜୁପିଟର୍।

**ziggurat** ବି. ପ୍ରାଚୀନ ମେସୋପଟାମିଆର ଚତୁର୍ଭୁଜାକୃତି ଦୁର୍ଗ ଯାହାଉପରେ ମନ୍ଦିର ଥାଏ।

**zigzag** 1. ବିଂ. ବାମ–ଡାହାଣ–ବାମ କ୍ରମର ମୋଡ ବା କୋଣବିଶିଷ୍ଟ; ଅଙ୍କାବଙ୍କା (zigzag road); 2. *କ୍ରି.ବିଂ.* ବଙ୍କାଟଙ୍କା ହୋଇ;

Digitized by srujanika@gmail.com

3. କ୍ରି. ବଙ୍କାଟଙ୍କା ବା ବାମ–ଡାହାଣ–ବାମ–ଡାହାଣ କ୍ରମରେ ମୋଡ ବା କୋଣ ସୃଷ୍ଟି କରିଯିବା ।

**zilch** ବି. ବିଶେ. *ଆମେ.* କିଛି ନୁହେଁ ବା ନ ଥିବା ।

**zillion** ବି. *କ.ଭା. ଆମେ.* (ଅନିର୍ଦ୍ଦିଷ୍ଟ) ବହୁସଂଖ୍ୟକ (ଏକ ମିଲିଅନ୍ ବା ୧,୦୦୦,୦୦୦ରୁ ଅଧିକ) ।

**Zimmer frame** ବି. *ବ୍ଯୃ.*ଚାଲିବାପାଇଁ ସହାୟକ ଫ୍ରେମ୍ ବା ଛାଞ୍ଚ ବିଶେଷ (ଉଦ୍ଭାବକ ଜିମରଙ୍କ ନାମାନୁସାରେ) ।

**zinc** 1. ବି. ପାଉଁଶିଆ ଧଳା ରଙ୍ଗର ଧାତୁ ବିଶେଷ, ଦସ୍ତା; 2. କ୍ରି. ଦସ୍ତାଦ୍ୱାରା କଲେଇ କରିବା ।

**zing** *କ.ଭା. 1.* ବି. ଶକ୍ତି, ସାମର୍ଥ୍ୟ; 2. କ୍ରି. କ୍ଷିପ୍ରଗତିରେ ଯିବା (ବିଶେ. ତୀବ୍ର ଓ ଉଚ୍ଚ ଶବ୍ଦ ସହିତ) ।

**zinnia** ବି. ଆକର୍ଷଣୀୟ ଉଦ୍ୟାନ ପୁଷ୍ପବିଶେଷ, ଜିନିଆ (ଚିକିତ୍ସକ ଏବଂ ଉଦ୍‌ଭିଦବିଜ୍ଞାନୀ ଜିନ୍‌ଙ୍କ ନାମାନୁସାରେ) ।

**Zion** ବି. ପ୍ରାଚୀନ ଜେରୁଜେଲମ୍; ଏହାର ପବିତ୍ର ପର୍ବତ; ଇହୁଦୀ ସଂପ୍ରଦାୟ ବା ଇହୁଦୀମାନଙ୍କର ଧର୍ମ; ଖ୍ରୀଷ୍ଟିଆନ୍ ଗୀର୍ଜା; ସ୍ୱର୍ଗରାଜ୍ୟ ।

**Zionism** ବି.ଇହୁଦୀ (Jew)ମାନଙ୍କର ପୁନର୍ବସତି ଏବଂ ପ୍ରଗତି ନିମନ୍ତେ ଆନ୍ଦୋଳନ (ବର୍ତ୍ତମାନର ଇସ୍ରାଏଲ୍); ବି.ବିଂ. Zionist.

**zip** 1. ବି. ଲଘୁ, ଦ୍ରୁତ ଶବ୍ଦ; ସାମର୍ଥ୍ୟ; ଶକ୍ତି, ପରାକ୍ରମ; zip-fastener ପରସ୍ପର ଖୋପ ଏବଂ ଦାନ୍ତଦ୍ୱାରା ସଂପୃକ୍ତ ହୋଇ ବାନ୍ଧିହୋଇ ରହୁଥିବା ଫିତା; 2. କ୍ରି. ଏଭଳି ଜିପ୍‌ଦ୍ୱାରା ବାନ୍ଧିବା; ଉଚ୍ଚ ଧ୍ୱନି ସହ, କ୍ଷିପ୍ରଗତିରେ ଯିବା ।

**Zip code** ବି. *ଆମେ.* ଡ଼ାକବିଭାଗୀୟ ପ୍ରତୀକ ବା କୋଡ୍ ବିଶେଷ; (*ସଂଶ.* zone improvement plan).

**zipper** ବି. ଖୋପ ଓ ଦାନ୍ତ ଥିବା ହଳେ ଫିତା, ଯାହା ଦୃଢ଼ଭାବେ ସଂଯୁକ୍ତ ହୋଇ ବନ୍ଧନୀଭଳି କାର୍ଯ୍ୟ କରିଥାଏ; (ପେଣ୍ଟ, କମିଜ୍, ଯୋତା, ବେଗ୍ ପ୍ରଭୃତିରେ ବ୍ୟବହୃତ) ଜିପର୍ ।

**zippy** ବିଂ. *କ.ଭା.* ପ୍ରାଣପ୍ରାଚୁର୍ଯ୍ୟଭରା, ଜୀବନ୍ତ; ଦ୍ରୁତ, ବେଗବାନ୍ ।

**zircon** ବି. ଜିର୍କୋନିଅମ୍ ସିଲିକେଟ୍; ତାହାର ପାରଦର୍ଶୀ ବା ସ୍ୱଚ୍ଛ କିସମ ଯାହା ଗୋମେଦ ମଣି ଭାବରେ ପରିଚିତ ।

**zirconium** ବି. ଧୂସର ଧାତବପଦାର୍ଥ ବିଶେଷ ।

**zit** ବି. ବିଶେ. *ଆମେ.* ମୁଖବ୍ରଣ ।

**zither** ବି. ବହୁତାର ବିଶିଷ୍ଟ ବାଦ୍ୟଯନ୍ତ୍ର ବିଶେଷ (ଠିଆକରି ଅଙ୍ଗୁଳି ଏବଂ ଏକ ପ୍ଲେକ୍‌ଟ୍ରମ୍ ବା ପାତିଆ ସାହାଯ୍ୟରେ ବାଦନ କରାଯାଏ) ।

**zloty** ବି. ପୋଲାଣ୍ଡର ମୁଦ୍ରା ।

**Zn** *ସୂ.* zinc ଦସ୍ତା ।

**zodiac** ବି. ପ୍ରାଚୀନ ଜ୍ୟୋତିର୍ବିଜ୍ଞାନୀମାନଙ୍କ ଜ୍ଞାନାନୁସାରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରାଦିଙ୍କର ନଭୋମଣ୍ଡଳରେ ସ୍ଥିତି— ଯାହା ବାରଟି ସମାନ ଭାଗରେ ବିଭକ୍ତ ଏବଂ 'signs of the zodiac' ନାମରେ ପରିଚିତ; ଏହାର ଚିତ୍ର; ବିଂ. zodiacal.

**zombie** ବି. ଯନ୍ତ୍ରମନ୍ତ୍ର, ଗୁଣିଗାରେଡ଼ି ପ୍ରଭୃତି ଅଲୌକିକ ଉପାୟରେ ପୁନର୍ଜୀବିତ କରାଯାଇଥିବା ଶବ; *କ.ଭା.* ଯନ୍ତ୍ରଚାଳିତ ବା ନିଷ୍ପ୍ରାଣଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତି ।

**zone** 1. ବି. ଅଞ୍ଚଳ (northern zone); ମଣ୍ଡଳ, ମେଖଳା; ଦୁଇଟି ସମକେନ୍ଦ୍ରିକ ବୃତ୍ତର ମଧ୍ୟବର୍ତ୍ତୀ କ୍ଷେତ୍ର; *ପ୍ରା.ପ୍ର.* କଟୀମେଖଳା, କମରବନ୍ଧ; 2. କ୍ରି. ଅଞ୍ଚଳ ଚିହ୍ନିତ କରିବା, ମଣ୍ଡଳାକାରରେ ବେଷ୍ଟନ କରିବା; ବିଭିନ୍ନ ଅଞ୍ଚଳରେ ଭାଗ କରିବା; ବିଂ. zonal.

**zonked** ବିଂ. *ସା.ପ୍ର.* (*ସା.* out ସହ) କ୍ଳାନ୍ତଶ୍ରାନ୍ତ; ନିଶାଗ୍ରସ୍ତ ।

**zoo** ବି. ଚିଡ଼ିଆଖାନା; ପ୍ରାଣୀ–ଉଦ୍ୟାନ ।

**zoological** ବିଂ. ପ୍ରାଣୀବିଜ୍ଞାନ ସମ୍ବନ୍ଧୀୟ ।

**zoological garden(s)** ବି. ଚିଡ଼ିଆଖାନା, ସର୍ବସାଧାରଣଙ୍କ ପରିଦର୍ଶନ ନିମନ୍ତେ ବିଭିନ୍ନ ଜୀବଜନ୍ତୁ ସଂରକ୍ଷିତ ସ୍ଥାନ; ପ୍ରାଣୀ ଉଦ୍ୟାନ ।

**zoologist** ବି. ପ୍ରାଣୀତତ୍ତ୍ୱବିତ୍; ପ୍ରାଣୀବିଜ୍ଞାନୀ ।

**zoology** ବି. ପ୍ରାଣୀବିଜ୍ଞାନ ।

**zoom** 1. କ୍ରି. ତୀବ୍ରବେଗରେ, ଶବ୍ଦକରି ଗତି କରିବା; (ଉଡ଼ାଜାହାଜ ସମ୍ପର୍କରେ) ଅତିବେଗରେ ଉପରକୁ ଉଠିବା; ଦୂରବର୍ତ୍ତୀ ଦୃଶ୍ୟଗ୍ରହଣ ବା ଲଙ୍ଗସଟ୍‌ରୁ କ୍ଲୋଜ୍–ଅପ୍‌କୁ ଅବିଳମ୍ବେ ପରିବର୍ତ୍ତିତ

Digitized by srujanika@gmail.com

ହେଉପାରୁଥିବା (କେମେରା); (ଦରଦାମ) ହୁ'ହୁ' ହୋଇ ବଢ଼ିବା; 2. ବି. ଉଡାଜାହାଜର ଉପରକୁ ଉଠିବା; କେମେରାର ଜୁମ୍‌ଶଟ୍।

**zoom lens** ବି. ଭିନ୍ନଭିନ୍ନ ଦୂରବର୍ତ୍ତୀ ଦୃଶ୍ୟ ଗ୍ରହଣପାଇଁ ସମର୍ଥ କେମେରାର ଲେନ୍‌ସ ବା ଯବକାଚ।

**zoophyte** ବି. ଉଦ୍ଭିଦତୁଲ୍ୟ ପ୍ରାଣୀ, ଯଥା:– ପୋହଳା, ସ୍ପଞ୍ଜ୍।

**Zoroastrian** (Zarathrustian ମଧ) 1. ବିଂ. ଜରାଥୁଷ୍ଟ୍ରା ବା ଜୋରୋୟାଷ୍ଟର ବା ତାଙ୍କ ପ୍ରଚାରିତ ଧର୍ମ ସମ୍ବନ୍ଧୀୟ; 2. ବି. ଜୋରୋୟାଷ୍ଟାରଙ୍କ ଶିଷ୍ୟ ବା ଅନୁଗାମୀ; ବି. Zoroastrianism.

**Zr** ପ୍ର. zirconium ଜର୍କୋନିଅମ୍।

**zucchini** (ଜୁକିନି) ବି. ବିଶେ. *ଆମେ. ଅଷ୍ଟ୍ରେ.* କ୍ଷୁଦ୍ର ଲାଉଜାତୀୟ, ପରିବାଭାବେ ବ୍ୟବହୃତ ଫଳ ବିଶେଷ।

**Zulu** 1. ବି. ଆଫ୍ରିକାର ଆଦିମଜନଜାତି ବାଣ୍ଟୁ ସଂପ୍ରଦାୟର ଲୋକ; ସେମାନଙ୍କର ଭାଷା; 2. ବିଂ. ଜୁଲୁ ଜାତି ବା ଭାଷା ସମ୍ବନ୍ଧୀୟ।

**zygote** ବି. *ପ୍ରାଣୀ* ଦୁଇଟି ପ୍ରାପ୍ତବୟସ୍କ ଜୀବକୋଷର ଯୌନକ୍ରିୟାଜନିତ ପ୍ରଜନନ କ୍ଷମତା– ଦ୍ୱାରା ସୃଷ୍ଟି ହୋଇଥିବା ଜୀବକୋଷ।

**zymotic** ବିଂ. ଅମ୍ଳୀଭବନ (ଫର୍ମେଣ୍ଟେଶନ୍) ସମ୍ବନ୍ଧୀୟ।

Digitized by srujanika@gmail.com